ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ

ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ

ଲକ୍ଷ୍ୟ

ଭଗବାନ୍ ଏକ । ସୃଷ୍ଟି ଉଦ୍ଦେଶ୍ୟରେ ନିଜେ ବହୁରୂପେ ପ୍ରକାଶିତ ହୋଇଛନ୍ତି । ସେ ଅଖଣ୍ଡ ଜ୍ଞାନ, ଆନନ୍ଦ ତଥା ଶକ୍ତିସ୍ୱରୂପ । ନିଜ ଯୋଗମାୟା ଦ୍ୱାରା ନିଜକୁ ଆବୃତ କରି ଏକେବାରେ ଅନ୍ଧକାର ଜଡ଼ ଅଜ୍ଞାନରେ ଡୁବି ଯାଇଥିଲେ । କ୍ରମଶଃ ତରୁତୃଣ ଓ ପଶୁପକ୍ଷୀ ମଧ୍ୟଦେଇ ସେ ମନୁଷ୍ୟରେ ଉପନୀତ ହୋଇଅଛନ୍ତି । ଏହି ବହୁରୂପ ମଧ୍ୟରେ ନିଜକୁ ପ୍ରକାଶ କରିବା ତାଙ୍କ ସୃଷ୍ଟିର ଲୀଳା । କିନ୍ତୁ ନିଜକୁ ସେ ତରୁତୃଣ ଓ ପଶୁପକ୍ଷୀ ଆଦିରେ ପୂର୍ଣ୍ଣତଃ ପ୍ରକାଶ କରିବା ସମ୍ଭବ ନୁହେଁ । ଏହା ସମ୍ଭବ ହୁଏ କେବଳ ମନୁଷ୍ୟ ମଧ୍ୟରେ । ମନୁଷ୍ୟର ମାନସ ବିକାଶ ଶେଷ ହୋଇଛି । ବର୍ତ୍ତମାନ ଅତିମାନସ ଚେତନାରେ ଭଗବାନଙ୍କୁ ପ୍ରକାଶ କରିବାର ସମୟ ଆସିଛି । ଏଥିରେହିଁ ହେବ କର୍ମ ଏବଂ ଅଧ୍ୟାତ୍ମ ସତ୍ୟର ମିଳନ । ଜୀବନର ହେବ ସର୍ବାଙ୍ଗୀଣ ବିକାଶ ଏବଂ ପୂର୍ଣ୍ଣତା । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ବା କର୍ତ୍ତବ୍ୟ । ମନୁଷ୍ୟ ମଧ୍ୟରେ ଏହି ଲକ୍ଷ୍ୟ ସିଦ୍ଧ କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏଠାରେ ଉତାରି ଆଣିଅଛନ୍ତି । ବ୍ୟକ୍ତି ସଚେତ ହୋଇ ଏହି ଅତିମାନସ ଶକ୍ତିକୁ ଗ୍ରହଣ କଲେ ନିଜ ଜୀବନର ସର୍ବାଙ୍ଗୀଣ ବିକାଶର ଲକ୍ଷ୍ୟ ସିଦ୍ଧ କରିପାରିବ । ଏହାହିଁ ଭଗବାନଙ୍କର ସଂକଳ୍ପ ଏବଂ ସୃଷ୍ଟିର ଉଦ୍ଦେଶ୍ୟ ।

ପ୍ରଶ୍ନ : ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ କ'ଣ ?

ଉତ୍ତର : ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱରୁ ମୁକ୍ତି ତଥା ପରମସୁଖ ପ୍ରାପ୍ତି ଏବଂ ଜୀବନର ପୂର୍ଣ୍ଣତା । ଏହା ସିଦ୍ଧ ହୁଏ ବ୍ୟକ୍ତିର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ । ତେବେ ସେ ରୋଗ, ଜରା ଓ ମୃତ୍ୟୁରୁ ମୁକ୍ତ ହୋଇ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ କର୍ମ କରି ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିପାରେ ।

ଭଗବାନଙ୍କ ଅସ୍ତିତ୍ୱ

ପ୍ରଶ୍ନ : ଭଗବାନଙ୍କର କ'ଣ ପ୍ରକୃତରେ କୌଣସି ଅସ୍ତିତ୍ୱ ଅଛି ? ଯଦି ଥାଆନ୍ତା, ତେବେ ଆଜି ଆମ୍ଭେମାନେ ଦେଖି ପାରୁଥା'ନ୍ତୁ । ଯଦି ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କର, ତେବେ ତୁମେ କ'ଣ ତାଙ୍କୁ ଦେଖାଇ ଦେଇ ପାରିବ ? ଆଜିକାଲି ଏହି ବୁଦ୍ଧିପ୍ରଧାନ ଯୁଗରେ ତୁମ କହିବାରେ ଅନ୍ଧବିଶ୍ୱାସୀ ମୂର୍ଖଙ୍କ ପରି ଭଗବାନଙ୍କୁ ଆମେ ବିଶ୍ୱାସ କରିବୁ କିପରି ?

ଉତ୍ତର : କ'ଣ ନ ଦେଖିଲା ବସ୍ତୁକୁ ବିଶ୍ୱାସ କରନ୍ତି ନାହିଁ ? ଯେତେବେଳେ ପ୍ରଥମ ବିଶ୍ୱ-ଯୁଦ୍ଧରେ ୟୁରୋପରେ ବାୟୁଯାନ ଆବିଷ୍କାର ହୋଇଥିଲା ସେତେବେଳେ ନିଶ୍ଚୟ ତାହା ଦେଖି ନ ଥିବେ । ଖବର କାଗଜରେ ଯେତେବେଳେ ପଢ଼ିଲେ, ସେତେବେଳେ କ'ଣ ଏହାହିଁ କହିଥିଲେ – ''ଆମ୍ଭେ ଯେପର୍ଯ୍ୟନ୍ତ ବାୟୁଯାନ ନ ଦେଖିଛୁ ସେପର୍ଯ୍ୟନ୍ତ ବିଶ୍ୱାସ କରିବୁ ନାହିଁ, ବାୟୁଯାନ ଆଣି ଦେଖାଅ ।'' ପରମାଣୁ ବୋମା ଆଜି ପର୍ଯ୍ୟନ୍ତ ଆପଣ ଦେଖି ନ ଥିବେ । ଏହାକୁ ନ ଦେଖି ବିଶ୍ୱାସ କରୁଛନ୍ତି କି ନାହିଁ ?

ପ୍ରଶ୍ନ : ଆମେ ନ ଦେଖିଲେ ମଧ୍ୟ ପରମାଣୁ ବୋମା ଅନ୍ୟ ଲୋକ ଦେଖି ଅଛନ୍ତି । ସେହି ସକାଶେ ଆମେ ବିଶ୍ୱାସ କରୁଛୁ ।

ଉତ୍ତର : ତୁମରି କହିବା ଅନୁସାରେ ଭଗବାନଙ୍କୁ ତୁମେ ନ ଦେଖିଲେ ମଧ୍ୟ ଧ୍ରୁବ, ପ୍ରହ୍ଲାଦ, ସମର୍ଥ ରାମଦାସ, ତୁଳସୀ ଦାସ, ଭକ୍ତ ଜୟଦେବ, ଜଗନ୍ନାଥ ଦାସ, ବଳରାମ ଦାସ, ରାମକୃଷ୍ଣ ପରମହଂସ ଏବଂ ବିବେକାନନ୍ଦ ଆଦି ବହୁତ ଭକ୍ତ, ଋଷି, ମୁନି ଓ ମା' ଶ୍ରୀଅରବିନ୍ଦ ଦେଖିଛନ୍ତି ଏବଂ ସେହିମାନେ ଭଗବତ୍ ଅସ୍ତିତ୍ୱ ପ୍ରତିପାଦନ କରିଅଛନ୍ତି ।

ତୁମେ ଯେପରି ପରମାଣୁ ବୋମା ଓ ବାୟୁଯାନ ଆଦି ନ ଦେଖି ଏହାକୁ ଦେଖିଥିବା ଲୋକଙ୍କ କହିବା ଏବଂ ଖବର କାଗଜ ଲେଖାରେ ବିଶ୍ୱାସ କରିଛ, ସେହିପରି ଭଗବାନଙ୍କୁ ଯେଉଁମାନେ ଦେଖିଛନ୍ତି ସେମାନଙ୍କ କହିବା ଏବଂ ସେମାନଙ୍କ ଲେଖା ଶାସ୍ତ୍ରକୁ ବିଶ୍ୱାସ କରିବା ଉଚିତ । ତୁମେ ଯଦି ପରମାଣୁ ବୋମା ଓ ବାୟୁଯାନକୁ ଖବରକାଗଜରେ ପଢ଼ି ବିଶ୍ୱାସ ନ କରି ନିଜେ ଦେଖିବାକୁ ଚାହିଁଥାଆନ୍ତ, ତେବେ ବାୟୁଯାନ ଓ ପରମାଣୁ ବୋମା ଯେଉଁଠାରେ ଦେଖାଯିବ, ତାହାର ସନ୍ଧାନ ଯେଉଁମାନେ ଜାଣନ୍ତି, ସେମାନଙ୍କୁ ପଚାରି, ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସେ ସ୍ଥାନକୁ ଯାଇ ଦେଖିପାରିଥାଆନ୍ତ । ଦେଖିଥିବା ବ୍ୟକ୍ତି ତୁମ ଘରକୁ ଆଣି ବାୟୁଯାନ ଓ ପରମାଣୁ ବୋମା ଦେଖାଇ ନ ଥାନ୍ତେ । ସେହିପରି ତୁମେ ଯଦି ଭଗବାନଙ୍କୁ ଦେଖିବାକୁ ଚାହିଁବ ତେବେ ଯେଉଁମାନେ ଭଗବାନଙ୍କୁ ଦେଖିଛନ୍ତି ସେମାନଙ୍କ ନିର୍ଦ୍ଦେଶ ଅନୁସାରେ କର୍ମ ଆଚରଣ କଲେ ଦେଖିପାରିବ । ଏହା ନ କରି ଭଗବାନଙ୍କୁ କେଉଁ ସକାଶେ ଅବିଶ୍ୱାସ କରୁଛ ?

ଉଦରପୋଷଣ ଓ ପରିବାର ପାଳନ ସକାଶେ ବାଲ୍ୟ ଅବସ୍ଥାରୁ ପଚିଶ ବର୍ଷ ବୟସ ପର୍ଯ୍ୟନ୍ତ ଯେବେ କଠିନ ପରିଶ୍ରମ କରି ପଢ଼ ତେବେ ସେ କାର୍ଯ୍ୟ ସିଦ୍ଧ କରିପାର । କିନ୍ତୁ ଜୀବନର ଲକ୍ଷ୍ୟ ଯେଉଁ ଭଗବାନ୍, ଯାହାଙ୍କ ପ୍ରାପ୍ତିରେ ସମସ୍ତ ପ୍ରକାର ଦୁଃଖ ଓ ଦ୍ୱନ୍ଦ୍ୱର ନିବୃତ୍ତି ହୁଏ, ତାଙ୍କ ସକାଶେ କିଛି କରିବାକୁ ହେବ ନାହିଁ, ତୁମେ ବସି ବସି ଶୁଖିଲା କଥା କହିବ, ଅଥଚ ତୁମ ସମ୍ମୁଖରେ ଅନ୍ୟ ଲୋକ ଭଗବାନଙ୍କୁ ଆଣି ଛିଡ଼ା କରିଦେବେ ?

ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ ମନେ ହେଉଛି; କିନ୍ତୁ ସନ୍ଦେହ ଦୂର ହେଉ ନାହିଁ । ଭଗବାନଙ୍କର ଅସ୍ତିତ୍ୱ ଥିଲେ ସଂସାରରେ ଅଧିକ ସଂଖ୍ୟାରେ ଲୋକେ ବିଶ୍ୱାସ କରନ୍ତେ ନାହିଁ କାହିଁକି ?

ଉତ୍ତର : ଯେଉଁ ସତ୍ୟ ସମ୍ବନ୍ଧେ ଅଧିକ ସଂଖ୍ୟାରେ ବ୍ୟକ୍ତି ଅନଭିଜ୍ଞ ଥାଆନ୍ତି ସେମାନେ ସେହି ସତ୍ୟକୁ ବିଶ୍ୱାସ କରନ୍ତି ନାହିଁ । ଅଧିକ ଅନଭିଜ୍ଞ ବ୍ୟକ୍ତିଙ୍କ ଅବିଶ୍ୱାସରେ ସତ୍ୟ କେବେ ଅସତ୍ୟ ହୁଏ ନାହିଁ ।

ମାଦ୍ରାସ ପ୍ରାନ୍ତରେ କୁଳୀନ ତଥା ବିଦ୍ୱାନ୍ ବ୍ରାହ୍ମଣ ଘରେ ମାମୁ ସହ ଭାଣିଜୀର ବିବାହ ହୁଏ । କିନ୍ତୁ ଭାରତର ଅନ୍ୟ ସମସ୍ତ ପ୍ରାନ୍ତରେ ଭାଣିଜୀ ମାମୁର କନ୍ୟାତୁଲ୍ୟା ବିବେଚିତା ହୁଏ । ମାମୁ-ଭାଣିଜୀ ବିବାହ ଶୁଣିବା ମାତ୍ରେ ସେମାନେ କାନରେ ହାତ ଦେବେ ତଥା ନିଶ୍ଚିତରୂପେ ଅବିଶ୍ୱାସ କରିବେ । ଦକ୍ଷିଣ ଭାରତ ତୁଳନାରେ ଭାରତର ଅନ୍ୟାନ୍ୟ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ସତ୍ୟକୁ ବିଶ୍ୱାସ ନ କଲେ ମଧ୍ୟ ଏହି ସତ୍ୟ କେବେ ବି ଅସତ୍ୟ ହୋଇପାରେ ନାହିଁ । ଅତଏବ ଭଗବାନଙ୍କ ସମ୍ବନ୍ଧେ ଅଧିକ ସଂଖ୍ୟକ ଅଜ୍ଞ ବ୍ୟକ୍ତି ତାଙ୍କଠାରେ ବିଶ୍ୱାସ ନ କରିବା ଦ୍ୱାରା ଭଗବାନଙ୍କ ଅସ୍ତିତ୍ୱରେ କୌଣସି ତ୍ରୁଟି ହୁଏ ନାହିଁ ।

ପ୍ରଶ୍ନ : ତୁମ ଉତ୍ତର ଯୁକ୍ତିଯୁକ୍ତ ହେବା ସତ୍ତ୍ୱେ ମୁଁ ସନ୍ତୁଷ୍ଟ ହୋଇପାରୁ ନାହିଁ । ଯଦି ମୂର୍ଖ ଅଜ୍ଞାନୀ ବ୍ୟକ୍ତି ଭଗବାନଙ୍କୁ ଅବିଶ୍ୱାସ କରୁଥାଆନ୍ତେ ତେବେ ସେଥିରେ କିଛି ଭାବିବାର ନ ଥିଲା । କିନ୍ତୁ ଅଧିକାଂଶ ବଡ଼ ବଡ଼ ବିଦ୍ୱାନ୍, ବିଜ୍ଞାନବେତ୍ତା ତଥା ବଡ଼ ବଡ଼ ନେତାମାନେ ଭଗବାନଙ୍କୁ ବିଶ୍ୱାସ କରୁ ନାହାନ୍ତି । ଏମାନଙ୍କର ବୁଦ୍ଧି ଯଥେଷ୍ଟ ବିକାଶପ୍ରାପ୍ତ ହୋଇଛି । ଭଗବାନଙ୍କର ଅସ୍ତିତ୍ୱ ଥିଲେ ଏମାନେ ସ୍ୱୀକାର କରନ୍ତେ ନାହିଁ କାହିଁକି ?

ଉତ୍ତର : ତୁମ ଦୃଷ୍ଟିରେ ବଡ଼ ବଡ଼ ବିଦ୍ୱାନ୍, ବିଜ୍ଞାନବେତ୍ତା ଓ ନେତାମାନେ ସର୍ବଜ୍ଞ; କିନ୍ତୁ ବ୍ୟାସ, ବାଲ୍ମୀକି, ଭଗବାନ୍ ଶ୍ରୀରାମ, ଭଗବତ୍ ଗୀତାର ଉପଦେଷ୍ଟା ଭଗବାନ୍ ଶ୍ରୀକୃଷ୍ଣ, ସମର୍ଥ ରାମଦାସ, ପରମହଂସ ଶ୍ରୀରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀଅରବିନ୍ଦ ପ୍ରଭୃତିଙ୍କର କୌଣସି ଗୁରୁତ୍ୱ ନାହିଁ ? ତୁମେ ଯେଉଁ ବିଦ୍ୱାନ୍, ବିଜ୍ଞାନବେତ୍ତା ଏବଂ ନେତାମାନଙ୍କ ବିଷୟରେ କହିଲ, ସେମାନଙ୍କର ଭଗବାନଙ୍କ ସମ୍ବନ୍ଧେ କୌଣସି ଗବେଷଣା ନ ଥାଇ କେବଳ ଅବିଶ୍ୱାସ କରିବାଟା ତୁମ ପକ୍ଷରେ ବେଦର ବାକ୍ୟ ହେଲା । ଅଥଚ ଯେଉଁମାନେ ଭଗବାନଙ୍କୁ ବହୁ ତପସ୍ୟା କରି ଖୋଜିଛନ୍ତି, ଦେଖିଛନ୍ତି ଓ ପାଇଛନ୍ତି ସେମାନଙ୍କ କହିବା ଓ ଲେଖିବାର କୌଣସି ମୂଲ୍ୟ ରହିଲା ନାହିଁ ?

ତୁମେ ବେମାର ହେଲେ ଜଣେ ଡାକ୍ତରଙ୍କ ପାଖକୁ ଯାଅ ନା ଜଣେ ଓକିଲ ପାଖକୁ ଯାଅ ? ଜଣେ ଡାକ୍ତର ପରୀକ୍ଷା କରି ରୋଗ ଚିହ୍ନି ତାହାକୁ ଯକ୍ଷ୍ମା ରୋଗ ବୋଲି କହିଲେ ତାଙ୍କ କଥା ବିଶ୍ୱାସ କରିବ ନା କୋର୍ଟରେ ଜବାବସୁଆଲ କରୁଥିବା ଓକିଲ ରୋଗ ସମ୍ବନ୍ଧେ ନ ଜାଣି ଯକ୍ଷ୍ମାକୁ କ୍ୟାନ୍‌ସର ବୋଲି କହିଲେ ତାଙ୍କ ବାକ୍ୟ ଶିରୋଧାର୍ଯ୍ୟ କରିବ ?

ଯେଉଁ ବିଦ୍ୱାନ୍, ବିଜ୍ଞାନବେତ୍ତା ଓ ନେତାମାନଙ୍କ କଥା କହୁଛ, ସେମାନେ ନିଜ କାର୍ଯ୍ୟରେ ଏତେ ବ୍ୟସ୍ତ ଏବଂ ବ୍ୟାପୃତ ଥାଆନ୍ତି ଯେ ନିଜ ମଧ୍ୟରେ ଥିବା ମନ, ପ୍ରାଣ ତଥା ଆତ୍ମାର ଭିନ୍ନ ଭିନ୍ନ କ୍ରିୟାକୁ ବିଶ୍ଳେଷଣ କରିପାରନ୍ତି ନାହିଁ କିଂବା ନିଜେ ଯେଉଁ ସୁଖ ଚାହାନ୍ତି ଓ ଯେଉଁ ସକାଶେ ସମସ୍ତ କର୍ମ କରନ୍ତି, ସେହି ସୁଖର ସ୍ୱରୂପ କ'ଣ ଓ ପ୍ରାପ୍ତ ହେବାର ଉପାୟ କ'ଣ, ସେ ସମ୍ବନ୍ଧେ କେବେ ବି ବିଚାର କରନ୍ତି ନାହିଁ । ଏପରିକି ଜଣେ ବିଜ୍ଞାନବେତ୍ତାର ପେଟରେ ବ୍ୟଥା ହେଲେ ନିଜେ ବୁଝିପାରିବାର ଉପାୟ ନ ଥାଏ; ଡାକ୍ତରଙ୍କ ଆଶ୍ରୟ ନେବାକୁ ହୁଏ । ଏମାନେ ଯଦି ଗବେଷଣା କରିବା ବିଷୟ ଛଡ଼ା ଏହି ସଂସାରର ଅନ୍ୟ ବସ୍ତୁ ସମ୍ବନ୍ଧେ ଅନଭିଜ୍ଞ ରହନ୍ତି ତେବେ ଭଗବାନଙ୍କ ବିଷୟରେ ଯଥାର୍ଥ ଭାବରେ ଗବେଷଣା ନ କରି ତାଙ୍କର ଅସ୍ତିତ୍ୱ ନାହିଁ ବୋଲି ମନ୍ତବ୍ୟ ଦେବା କେତେଦୂର ଯୁକ୍ତିଯୁକ୍ତ ହେବ ? ତୁମେ ସେହିମାନଙ୍କର ଈଶ୍ୱରଙ୍କ ଅନସ୍ତିତ୍ୱବାଦକୁ ସ୍ୱୀକାର କରୁଛ କିପରି ?

ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧେ ଆମ୍ଭମାନଙ୍କର ଏଠାରେ ଆଉ ଅଧିକ ବିଚାର କରିବା ଆବଶ୍ୟକ ନାହିଁ । ''ଈଶ୍ୱର ମନୁଷ୍ୟର କେବଳ କଳ୍ପନା, ଈଶ୍ୱର କୌଣସି ସଦ୍‌ବସ୍ତୁ ନୁହନ୍ତି ।''– ଏହି ଧାରଣାହିଁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ । ବସ୍ତୁର ସତ୍ୟତା ନ ଥିଲେ ସେ ସମ୍ବନ୍ଧେ ମନୁଷ୍ୟ ଧାରଣା କରିପାରେ ନାହିଁ, କଳ୍ପନା କରିପାରେ ନାହିଁ କିଂବା ବିଶ୍ୱାସ କି ଅବିଶ୍ୱାସ କରିପାରେ ନାହିଁ । ଈଶ୍ୱରଙ୍କ ଅସ୍ତିତ୍ୱହୀନତା ପ୍ରତିପାଦନ କରିବାହିଁ ଈଶ୍ୱରଙ୍କ ଅସ୍ତିତ୍ୱର ଅକାଟ୍ୟ ପ୍ରମାଣ ।

ଆଣବିକ ଶକ୍ତି ଆବିଷ୍କାର ହେବାରୁ ଜଡ଼ବିଜ୍ଞାନବାଦୀଙ୍କର ''ଜଡ଼ହିଁ ସବୁକିଛି'', ଏହି ଯୁକ୍ତି ଆଉ ଅକାଟ୍ୟ ହୋଇ ରହିଲା ନାହିଁ । ''ଚେତନାସତ୍ତା ଛଡ଼ା କେବଳ ଜଡ଼ର ସୃଷ୍ଟି ହେଉଛି''– ସେମାନେ ଆନ୍ତରିକ ଦୃଢ଼ତା ସହିତ ଆଉ କହିପାରୁ ନାହାନ୍ତି । ଜଡ଼ତତ୍ତ୍ୱର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ସେମାନେ ନିଃସନ୍ଦିଗ୍ଧ ହୋଇପାରୁ ନାହାନ୍ତି । ଅତଏବ ଈଶ୍ୱର ସର୍ବକାଳ ଓ ସର୍ବାବସ୍ଥାରେ ସ୍ୱତଃ ପ୍ରମାଣିତ, ତାଙ୍କୁ ପ୍ରମାଣିତ କରିବାର ଆବଶ୍ୟକତା ନାହିଁ ।

ଏଠାରେ ଆମ ପ୍ରଧାନ ଆଲୋଚ୍ୟ ବିଷୟ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତିପାଦନ କରିବା ନୁହେଁ । ଏହାର ଆଲୋଚନା ହୋଇଛି ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ପୁସ୍ତକରେ । ଏଠାରେ ପ୍ରଧାନ ଆଲୋଚନାର ବିଷୟ ହେବ, ''ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖବିହୀନ ପରମ ସୁଖ ।'' ଏହି ପରମ ସୁଖପ୍ରାପ୍ତିରେ ଈଶ୍ୱରଙ୍କ ଆବଶ୍ୟକତା ଥିଲେ ତାଙ୍କୁ ଖୋଜିବା, ଅନ୍ୟଥା ତାଙ୍କୁ ବାଦ୍‌ଦେଲେ ଚଳିବ ।

ପ୍ରଶ୍ନ : ମୋ ବିଚାରରେ ଈଶ୍ୱରଙ୍କର ଆବଶ୍ୟକତା ହେବ ନାହିଁ । ମନୁଷ୍ୟ ଚାହେଁ ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ । ଏହାଛଡ଼ା ପରିବାର, ଗ୍ରାମ, ଜାତି ଓ ଦେଶ ଦେଶ ସହ ଉତ୍ତମ ବ୍ୟବହାର ଏବଂ ପରସ୍ପର ମଧ୍ୟରେ ଭ୍ରାତୃତ୍ୱ ସ୍ଥାପନ, ଏହାହିଁ ସୁଖମୟ ଜୀବନ । ଏତିକି ହେଲେ ଈଶ୍ୱରଙ୍କର ଆବଶ୍ୟକ କ'ଣ ? ଏହାଛଡ଼ା ଅନ୍ୟ କିଛି ସୁଖମୟ ଜୀବନ ଅଛି ବୋଲି ମୋର ମନେ ହୁଏ ନାହିଁ ।

ଉତ୍ତର : ତୁମେ ଯେଉଁ ଜୀବନ ଏବଂ ସମାଜ ଚାହୁଁଛ, ଆଜି ପର୍ଯ୍ୟନ୍ତ କ'ଣ ତାହା ପ୍ରାପ୍ତ ହୋଇଛି ? ଯେପର୍ଯ୍ୟନ୍ତ ଅନ୍ତରରେ ସୁଖଶାନ୍ତି ପ୍ରାପ୍ତ ନ ହେବ ସେପର୍ଯ୍ୟନ୍ତ ବାହ୍ୟ ବ୍ୟବସ୍ଥାରେ ବ୍ୟକ୍ତି ଏବଂ ସମାଜ ସୁଖୀ ଏବଂ ଶୃଙ୍ଖଳିତ ହୋଇପାରିବ ନାହିଁ । ସୁଖମୟ ଜୀବନର ଲକ୍ଷଣ ହେଉଛି ଅଭାବର ଅଭାବ । ଯେଉଁମାନଙ୍କୁ ଭୋଜନ, ବସ୍ତ୍ର, ଅୟସ, ଆରାମ ପ୍ରାପ୍ତ ହୋଇଛି ଓ ଭୌତିକ ପଦ ମର୍ଯ୍ୟାଦା ଓ ଅଧିକାର ଯଥେଷ୍ଟ, ସେମାନେ କ'ଣ ସୁଖଶାନ୍ତିରେ ଅଛନ୍ତି ?

ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ପରମ ସୁଖ । କୌଣସି ବ୍ୟକ୍ତି ରୋଗ, ବୃଦ୍ଧତ୍ୱ, ମୃତ୍ୟୁରୁ ଉତ୍‌ପନ୍ନ ଦୁଃଖ, ଅଶାନ୍ତି ଚାହେଁ ନାହିଁ । ମନୁଷ୍ୟ ଚାହୁଁଥିବା ଏହି ଦୁଃଖବିହୀନ ପରମସୁଖ କୌଣସି ସାଂସାରିକ ବସ୍ତୁରେ ପ୍ରାପ୍ତହୁଏ ନାହିଁ । ସାଂସାରିକ ସମସ୍ତବସ୍ତୁ ଏବଂ ସୁଖ ନାଶବାନ୍ ତଥା ଅସ୍ଥାୟୀ । ସ୍ଥାୟୀ ସୁଖଶାନ୍ତି ପ୍ରାପ୍ତ ହୁଏ ପରମାନନ୍ଦସ୍ୱରୂପ ଭଗବାନଙ୍କ ଉପଲବ୍ଧିରେ । ଏହି କାରଣରୁ ଭଗବାନ୍ ଆବଶ୍ୟକ । କିନ୍ତୁ ଏହି ଦୁଃଖବିହୀନ ପରମସୁଖ ଚାହିଁବାହିଁ ହେଲା ଅନ୍ତରାତ୍ମାର । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । କିନ୍ତୁ ଆତ୍ମାର ଏହି ଚାହିଁବା ପ୍ରକାଶ ହୁଏ ମନୁଷ୍ୟର ମନ-ପ୍ରାଣର ମଧ୍ୟ ଦେଇ । ଆତ୍ମାର ପ୍ରଭାବରେ ମନ-ପ୍ରାଣ ପ୍ରଭାବିତ ତଥା ଉଦ୍ଭାସିତ ହୋଇ ନ ଥିବାରୁ ସେମାନେ ଆତ୍ମାର ଚାହିଁବା ଜୀବନର ଲକ୍ଷ୍ୟକୁ ସ୍ପଷ୍ଟଭାବେ ବୁଝି ପାରନ୍ତି ନାହିଁ । ଆତ୍ମାର ଚାହିଁବା ପରମସୁଖକୁ ବ୍ୟକ୍ତି

ଭ୍ରମବଶତଃ ମାନ, ଯଶଃ, ପଦମର୍ଯ୍ୟାଦା, ଧନ, ପୁତ୍ର ତଥା ପରିବାରାଦି ସଂସାରର ନାଶବାନ୍ ବସ୍ତୁରେ ଖୋଜନ୍ତି ଏବଂ ସର୍ବଥା ନିରାଶ ହେଉଥାଆନ୍ତି ।

ଏହି ଭ୍ରମରେ ପଡ଼ିଥାଆନ୍ତି ବୁଦ୍ଧିପ୍ରଧାନ ବ୍ୟକ୍ତିମାନେ । ବୁଦ୍ଧିର ଜ୍ଞାନ ବହୁତ ସୀମିତ, ସଂସାରର ଦୃଶ୍ୟମାନ ବସ୍ତୁଛଡ଼ା ସୂକ୍ଷ୍ମ ବସ୍ତୁ ସମ୍ବନ୍ଧେ ସେ ଅଜ୍ଞାନ । ଅନ୍ତରାତ୍ମା ସଂସାର ବସ୍ତୁରୁ ଭିନ୍ନ, ଦିବ୍ୟ ଏବଂ ସୂକ୍ଷ୍ମାତିସୂକ୍ଷ୍ମ ଏବଂ ପରମାନନ୍ଦ ସ୍ୱରୂପ । ହାର୍ଦିକଭାବ ବିନା ବ୍ୟକ୍ତିର ବୁଦ୍ଧି ସେଠାରେ ପହଞ୍ଚିପାରେ ନାହିଁ । ବରଂ ଅନ୍ତରାତ୍ମା ଓ ମନ-ପ୍ରାଣ ମଧ୍ୟରେ ଗୋଟିଏ ଦୃଢ଼ ଆବରଣ ସୃଷ୍ଟି କରେ । ସେହି କାରଣରୁ ମହାନ୍ ବୁଦ୍ଧିପ୍ରଧାନ ବ୍ୟକ୍ତି ନିଜେ ଚାହୁଁଥିବା ଦୁଃଖରହିତ ପରମ ସୁଖର ସ୍ୱରୂପ ବୁଝିପାରନ୍ତି ନାହିଁ । ତା'ର ପ୍ରାପ୍ତିର ଯଥାର୍ଥ ପ୍ରଣାଳୀ ମଧ୍ୟ ଆଚରଣ କରିପାରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଏହି ପରମ ସୁଖ ଚାହିଁବା ମନ-ପ୍ରାଣରେ ସ୍ପଷ୍ଟଭାବେ ପ୍ରକାଶିତ ନ ହେବାରୁ ବୁଦ୍ଧିପ୍ରଧାନ ଓ ଶକ୍ତିସମ୍ପନ୍ନ ବ୍ୟକ୍ତିମାନେ ସୃଷ୍ଟି ଆରମ୍ଭରୁ ସାଂସାରିକ ବସ୍ତୁରେ ସୁଖଶାନ୍ତି ଖୋଜୁଛନ୍ତି; ଏବଂ ତାହା ବ୍ୟର୍ଥରେ ପରିଣତ ହେଉଥିବା ସତ୍ତ୍ୱେ ଅନ୍ୟ କୌଣସି ମାର୍ଗ ଦୃଷ୍ଟିଗୋଚର ନ ହେବାରୁ ତାହାକୁ ଭିନ୍ନ ଭିନ୍ନ ରୂପେ ପୁନରାବୃତ୍ତି କରୁଅଛନ୍ତି ।

ବିଫଳତାର କାରଣ

ବିଫଳତାର କାରଣ ହେଲା ମନୁଷ୍ୟର ସ୍ୱାର୍ଥ ଏବଂ ଅହଂ । ଏହି ଦୁଇଟି ଶତ୍ରୁ ଥିବା ପର୍ଯ୍ୟନ୍ତ ବ୍ୟକ୍ତି ନିଜେ ସୁଖଶାନ୍ତି ପାଇପାରେ ନାହିଁ କିଂବା ଅନ୍ୟକୁ ସୁଖଶାନ୍ତିରେ ରଖିପାରେ ନାହିଁ । ଏହି ଦୁଇଟି ଶତ୍ରୁ ବିନଷ୍ଟ ହୁଅନ୍ତି ଅଧ୍ୟାତ୍ମ ସାଧନା ଦ୍ୱାରା ତଥା ଅନ୍ତରସ୍ଥ ଆତ୍ମା ବିକାଶ ଲାଭ କରି ତା'ର ସତ୍ୟ ଜ୍ଞାନ, ଆନନ୍ଦ ପ୍ରଭାବରେ ମନ ପ୍ରାଣକୁ ପ୍ରଭାବିତ କରିବା ଦ୍ୱାରା । ଏହି ସତ୍ୟ ଭିତ୍ତିରେ କର୍ମ କଲେ କର୍ମର ପୂର୍ଣ୍ଣତା ହୁଏ, ବ୍ୟକ୍ତି ପରମ ଆନନ୍ଦରେ ନିବାସ କରେ ଓ ସଂସାରରେ ସୁଖଶାନ୍ତି ପ୍ରତିଷ୍ଠିତ ହୁଏ । ଏହି ଅଧ୍ୟାତ୍ମ ସତ୍ୟର ଭିତ୍ତି ଛଡ଼ା ଅସ୍ଥାୟୀଭାବେ ସଂସାର ଉନ୍ନତ ବା ସମୃଦ୍ଧିଶାଳୀ ହୋଇପାରେ ଓ ବ୍ୟକ୍ତି ସାଂସାରିକ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇପାରେ କିନ୍ତୁ ଯଥାର୍ଥ ସୁଖଶାନ୍ତି ନ ପାଇ ଦୁଃଖ ଅନୁଭବ କରୁଥାଏ । ଏହା ହୋଇଛି ସଂସାରର ସମସ୍ତ ନେତା ଏବଂ ସଂସାରବାସୀଙ୍କର ।

ସଂସାର ସର୍ଜନା ହେବା ଦିନଠାରୁ ଯେଉଁ ରାଜା ତଥା ଯେଉଁ ନେତାମାନେ ଆନ୍ତରିକତା ସହ ଦେଶର ସୁଖଶାନ୍ତି ପ୍ରତିଷ୍ଠା କରିବା ସକାଶେ ପ୍ରଯତ୍ନ କରି ଆସୁଛନ୍ତି ସେମାନଙ୍କ ଅହଂ, ସ୍ୱାର୍ଥ ଅଧ୍ୟାତ୍ମ ସତ୍ୟ ଦ୍ୱାରା ରୂପାନ୍ତରିତ ହୋଇ ନ ଥିବାରୁ ସେମାନେ ବି ସଫଳତା ପ୍ରାପ୍ତ ହୋଇ ନାହାନ୍ତି । ସେମାନେ ସଂସାରର ଅନ୍ୟାନ୍ୟ ବସ୍ତୁ ତ୍ୟାଗ କରି ଅଧିକାର ଏବଂ ନାମ ଯଶଃର କବଳରେ ପଡ଼ିଯାଇଅଛନ୍ତି । ସେହି ନେତାମାନଙ୍କର ଭୁଲ୍ ମାର୍ଗ ଅନୁସରଣ କରୁଛନ୍ତି ସଂସାରବାସୀ । ସେହି କାରଣରୁ ଆଜି ପର୍ଯ୍ୟନ୍ତ ବ୍ୟକ୍ତି ଚାହୁଁଥିବା ଦୁଃଖବିହୀନ ସୁଖଶାନ୍ତି ସଂସାରରେ ପ୍ରତିଷ୍ଠିତ ହୋଇ ନାହିଁ ।

ଯେଉଁ ଋଷି, ମୁନି ଓ ସାଧୁ ସଜ୍ଜନଙ୍କ ଆତ୍ମା ଜାଗ୍ରତ ହୋଇଥିଲା, ସେମାନେ ଜୀବନର ଲକ୍ଷ୍ୟ ପରମ ସୁଖର ସ୍ୱରୂପ ବୁଝିପାରିଥିଲେ, କିନ୍ତୁ କର୍ମ ସହିତ ତା'ର ସାମଞ୍ଜସ୍ୟ ନ ଦେଖି କର୍ମ ଏବଂ ସଂସାର ତ୍ୟାଗ କରି ପରମ ସୁଖ ପ୍ରାପ୍ତ ହେଲେ । ସଂସାର ଏବଂ ଅଧ୍ୟାତ୍ମ ସତ୍ୟ ପୃଥକ୍ ହୋଇଗଲା । ଏହି ପୃଥକ୍ତ୍ୱ ବିଶେଷରୂପେ ହେଲା ବୁଦ୍ଧଦେବଙ୍କ ସମୟରୁ । ତା'ଫଳରେ ସଂସାରୀ ବ୍ୟକ୍ତି ଆତ୍ମାର ପରମ ସୁଖର ସ୍ୱରୂପ ପୂର୍ଣ୍ଣରୂପେ ଭୁଲିଗଲେ ଓ ତାହାର ବିକୃତ ରୂପକୁ ଖୋଜିଲେ ସାଂସାରିକ ବସ୍ତୁରେ । ଏଥିରେ ଅଧିକ ସାହାଯ୍ୟ କଲା ଜଡ଼ବିଜ୍ଞାନ । ସେ ଆନ୍ତରିକ ପରମ ସୁଖ ଏବଂ ଅଦୃଶ୍ୟ ସୂକ୍ଷ୍ମ ଆତ୍ମାକୁ ଏକେବାରେ ବାଦ୍‌ଦେଇ କେବଳ ଭୌତିକ ବିକାଶ କରି ରେଳ, ମଟର, ବିଜୁଳି, ରେଡ଼ିଓ, ସିନେମା ଇତ୍ୟାଦି ସାଂସାରିକ ବସ୍ତୁ ଦ୍ୱାରା ବ୍ୟକ୍ତିକୁ ସୁଖରେ ରଖିବାକୁ ପ୍ରଯତ୍ନ କରି ଶେଷରେ ସୃଷ୍ଟିନାଶକାରୀ ଆଣବିକ ଅସ୍ତ୍ରରେ ପହଞ୍ଚିଗଲା । ସଂସାରରେ ସୁଖଶାନ୍ତି ପରିବର୍ତ୍ତେ ବଢ଼ିଲା ଦୁଃଖ, ଦ୍ୱନ୍ଦ୍ୱ, ଆତଙ୍କ । ଏହା ଫଳରେ ଆନ୍ତରିକ ସୂକ୍ଷ୍ମ ବସ୍ତୁ ତଥା ଈଶ୍ୱର ରହିଲେ ଆବରଣରେ, ସମ୍ମୁଖକୁ ଆସିଲା ଭୋଜନ, ବସ୍ତ୍ର । ଭୌତିକ ଜଡ଼ବାଦ ଦ୍ୱାରା ବ୍ୟକ୍ତିଚେତନା ଏପରି ଆବୃତ ହୋଇଗଲା ଯେ ବ୍ୟକ୍ତି ସତ୍ୟ ବସ୍ତୁ ଚିନ୍ତା କରିବା ପୂର୍ଣ୍ଣରୂପେ ଭୁଲିଗଲା । ନିଜ ସ୍ୱତନ୍ତ୍ରତା ତଥା ନିଜର

ଚାହିଁବା ଦୁଃଖରହିତ ପରମ ସୁଖର ଯଥାର୍ଥ ସ୍ୱରୂପ ପୂର୍ଣ୍ଣରୂପେ ବିକୃତ ହୋଇଗଲା । ବର୍ତ୍ତମାନ ବ୍ୟକ୍ତି ଭ୍ରମର ଚରମ ସୀମାରେ ପହଞ୍ଚି ଆତ୍ମାର ଯେଉଁ ପରମ ଧର୍ମ ସ୍ୱତନ୍ତ୍ରତା ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ହିଂସାରୁ ଉତ୍ପନ୍ନ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତି — ଏହାକୁ ଏକେବାରେ ଭୁଲିଗଲା । ଭୋଜନ ଓ ବସ୍ତ୍ରକୁ ସାମ୍ନାରେ ରଖି ନିଜ ଆନ୍ତରିକ ଭାବ ବ୍ୟକ୍ତ କରିବାର ଯେଉଁ ସ୍ୱାଭାବିକ ଜନ୍ମଗତ ସ୍ୱାଧୀନତା ତାହାକୁ ନତମସ୍ତକ ହୋଇ ବନ୍ଧୁକଗୁଳିର ଅଧୀନ କରିଦେଲା । ମନୁଷ୍ୟସମାଜ ଅଧ୍ୟାତ୍ମ ସତ୍ୟ ଛାଡ଼ି କେବଳ ଭୌତିକ ବସ୍ତୁରେ ସୁଖଶାନ୍ତି ପ୍ରାପ୍ତ ହେବାକୁ ଯେତେ ଅଧିକ ପ୍ରଯତ୍ନ କଲା ସେତେ ଅଧିକ ସ୍ୱତନ୍ତ୍ରତା ତଥା ସୁଖଶାନ୍ତିରୁ ଦୂରକୁ ହଟିଗଲା । ବର୍ତ୍ତମାନ ପରିବାର, ଗ୍ରାମ, ଦେଶ ତଥା ସମଗ୍ର ଜଗତରେ ପୂର୍ଣ୍ଣ ଅଶାନ୍ତି ଏବଂ ବିଶୃଙ୍ଖଳାର ଅବସ୍ଥା । ଯେଉଁ ନୈତିକତା ଦ୍ୱାରା ଶୃଙ୍ଖଳା ପ୍ରତିଷ୍ଠିତ ହୋଇଥିଲା ସେହି ନୈତିକତା ମୂଳରୁ ଭୁଶୁଡ଼ିପଡ଼ିଲା । ନୈତିକତାର ଅଭାବ ଯୋଗୁଁ ଅତି ଦରିଦ୍ରଠାରୁ ଆରମ୍ଭ କରି ମହାନ୍ ଧନୀ, ଐଶ୍ୱର୍ଯ୍ୟଶାଳୀ ତଥା ପଦମର୍ଯ୍ୟାଦାଶାଳୀ ପ୍ରଧାନ ନେତା ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଦୁଃଖ କଷ୍ଟ, ଅଭାବରେ ପୀଡ଼ିତ ହେଲେ । କେହି ନେତା ହେବା ଲାଗି, କେହି ଧନବୃଦ୍ଧି କରିବାରେ ନିରତ, କାହାର ଅଧିକାର ରକ୍ଷାରେ ଚିନ୍ତା, କେହି ଇଲେକ୍‌ସନରେ ଜିତିବା ସକାଶେ ବ୍ୟସ୍ତ, କାହାର ଚାକିରିରେ ବ୍ୟାଘାତ, ବ୍ୟବସାୟରେ ଅସଫଳତା, କାହାର ପୁତ୍ରକନ୍ୟା ସ୍ୱେଚ୍ଛାଚାରୀ, କାହାର ଗୃହକଳି, କାହାର ମୋକଦ୍ଦମାର ଚିନ୍ତା, କାହାର ଭୋଜନ-ବସ୍ତ୍ରର ଅଭାବ, କିଏ ପରୀକ୍ଷାରେ ଫେଲ୍, କେହି ଧର୍ମଘଟ କରିବାରେ ବ୍ୟସ୍ତ — ଏହିପରି ପ୍ରତ୍ୟେକ ବ୍ୟକ୍ତି ଯାହାର ଭୋଜନ, ବସ୍ତ୍ର ଅଭାବ ଏବଂ ଯାହାର ଭୋଜନ, ବସ୍ତ୍ର ଓ ଧନ ଐଶ୍ୱର୍ଯ୍ୟ ପର୍ଯ୍ୟାପ୍ତ, ଏ ସମସ୍ତ ବ୍ୟକ୍ତି ଦୁଃଖ-ଦ୍ୱନ୍ଦ୍ୱରେ ପୀଡ଼ିତ ହେଉଛନ୍ତି ।

ଯେଉଁ ଦେଶରେ ଭୋଜନ ଓ ବସ୍ତ୍ରର ଲକ୍ଷ୍ୟ ରଖାହୋଇଛି ଏବଂ ତା' ସକାଶେ ପ୍ରଯତ୍ନ କରାହୋଇଛି, ସେହି ଆଦର୍ଶରେ ପୃଥିବୀରେ ସୁଖଶାନ୍ତିର ପ୍ରତିଷ୍ଠା ହେବା ପାଇଁ ଯେଉଁ ଭ୍ରାନ୍ତଧାରଣା ଥିଲା ତାହା ଦୂର ହେଉଅଛି । ରହିଛି ଛଳେ ବଳେ କୌଶଳେ ନେତା ହେବା ଅଥବା ନିଜର ସ୍ୱାର୍ଥସିଦ୍ଧି କରିବାର ଉଦ୍ଦେଶ୍ୟ । ଏହି ଦୁଃଖ-ଦ୍ୱନ୍ଦ୍ୱର ପ୍ରଧାନ କାରଣ ହେଉଛି ବ୍ୟକ୍ତିର ଅହଂ ଏବଂ ସ୍ୱାର୍ଥ । ଏହା କିଛି ଅଂଶରେ ନୈତିକତା ଚାପରେ ଦବି ରହିଥିଲା । ନୈତିକତା ଭାଙ୍ଗିଯିବାରୁ ଏହି ସ୍ୱାର୍ଥ, ଅହଂ ପୂର୍ଣ୍ଣରୂପେ ମୁକ୍ତ ହୋଇ ବ୍ୟକ୍ତିକୁ ଅଧିକାର କରି ନିଜ ଉଦ୍ଦେଶ୍ୟ ସିଦ୍ଧି ସକାଶେ ତାକୁ ପରିଚାଳିତ କରୁଅଛି । ଏହି ସ୍ୱାର୍ଥ, ଅହଂ ଯୋଗୁଁ କୃଷକଠାରୁ ଦେଶର ନେତାମାନଙ୍କ ପର୍ଯ୍ୟନ୍ତ କେହି ହେଲେ ଦେଶରେ ସୁଖଶାନ୍ତି ଓ ସମୃଦ୍ଧି ପ୍ରତିଷ୍ଠା ଲାଗି ଆନ୍ତରିକତା ସହ କର୍ମ କରୁ ନାହାନ୍ତି । ନେତାମାନେ ନିଜ ନିଜ ଅଧିକାର ସକାଶେ ନିଜ ସଂଘ ବା ଦଳ ଦୃଢ଼ କରିବାରେ ଚିନ୍ତିତ । ଏହାର ମାନସିକ ପ୍ରଭାବ ପଡୁଛି ସମସ୍ତ ଦେଶରେ । ସରକାରୀ କର୍ମକର୍ତ୍ତା ଓ କର୍ମୀମାନେ କମ୍ କାମ କରି ଲାଞ୍ଚ ମିଛ ଆଶ୍ରୟରେ ପକେଟ ଉଚ୍ଚା କରିବାରେ ବ୍ୟସ୍ତ । କୃଷକଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ଉତ୍ତମ ବସ୍ତୁରେ ଭେଜାଳ ମିଶାଇ ଠକିବାରେ ପ୍ରବୃତ୍ତ । ଏହିସବୁ ଠକ ମନୋବୃତ୍ତି ଯୋଗୁଁ ଦେଶରେ ଅବନତି ଏବଂ ଭୋଜନ, ବସ୍ତ୍ରର ଅଭାବ ହେଉଛି ।

ସମାଧାନ

ଭାଙ୍ଗି ଯାଇଥିବା ନୈତିକତା ପୁନର୍ବାର ଫେରି ଆସିବ ନାହିଁ । କ୍ରମବିକାଶର ନିୟମ ଅନୁସାରେ ବିକାଶ ଆଉ ଏକ ପଦକ୍ଷେପ ନେବ । ତାହା ହେଉଛି ଅଧ୍ୟାତ୍ମ ସତ୍ୟଭିତ୍ତିରେ ସଂସାରର କର୍ମ । ଏହାରି ଦ୍ୱାରା ବ୍ୟକ୍ତି ଚିରକାଳ ଚାହୁଁଥିବା ଦୁଃଖରହିତ ପରମସୁଖ ପ୍ରାପ୍ତ ହେବ ଏବଂ ଦେଶରେ ତଥା ଜଗତରେ ସୁଖଶାନ୍ତି ଓ ଐକ୍ୟ ପ୍ରତିଷ୍ଠିତ ହେବ । ଏହା ହୋଇପାରିବ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ଅହଂ ଓ ସ୍ୱାର୍ଥ ରୂପାନ୍ତରିତ ହେଲେ । ଏହି କାର୍ଯ୍ୟ କରିବା ସକାଶେ ମା' ଶ୍ରୀଅରବିନ୍ଦ ଅତିମାନସ ରୂପାନ୍ତରକାରିଣୀ ମହାଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ସତ୍ୟ ଗ୍ରହଣ କରିବାର ସମୟ ଆସିଛି ।

ମନୁଷ୍ୟର ମନ, ପ୍ରାଣ, ଶରୀର ତଥା ଆତ୍ମାର ସଂଯୋଗରେ ବ୍ୟକ୍ତି ଜୀବିତ ହୋଇ କର୍ମ କରେ । ଏହି ଚାରି

ସତ୍ତା ଭଗବାନଙ୍କ ଦିବ୍ୟ ତତ୍ତ୍ୱରୁ ଆସିଅଛନ୍ତି । କିନ୍ତୁ ମନ, ପ୍ରାଣ, ଶରୀର ବିକୃତ ହୋଇ ଯାଇଛନ୍ତି । ଆତ୍ମା ରହିଛି ଅବିକୃତ ଏବଂ ଜ୍ଞାନ, ଆନନ୍ଦ ତଥା ପରମ ଶାନ୍ତିରେ ପୂର୍ଣ୍ଣ । ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଆତ୍ମାର ତତ୍ତ୍ୱରେ ରୂପାନ୍ତରିତ ହେଲେ ବ୍ୟକ୍ତିକୁ ପ୍ରାପ୍ତ ହେବ ପୂର୍ଣ୍ଣତା । କର୍ମ ତଥା ଅଧ୍ୟାତ୍ମ ସତ୍ୟର ହେବ ସଂଯୋଗ । ବ୍ୟକ୍ତିର ସମସ୍ତ ସତ୍ତା ଏକତ୍ୱ ପ୍ରାପ୍ତ ହେବ ଭଗବାନଙ୍କ ସହିତ । ସେ ହେବ ମୃତ୍ୟୁ, ରୋଗ, ଜରାରୁ ପୂର୍ଣ୍ଣ ମୁକ୍ତ, ସଂସାର ହେବ ସ୍ୱର୍ଗରେ ପରିଣତ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ।

ପ୍ରଶ୍ନ : ଆମ୍ଭମାନଙ୍କ ହୃଦୟ ଅଜ୍ଞାନରୁ ମୁକ୍ତ ନୁହେଁ । ସେହି ସକାଶେ ଆମ୍ଭେମାନେ ସତ୍ୟକୁ ଗ୍ରହଣ ତଥା ବିଶ୍ୱାସ କରିବାରେ ସମର୍ଥ ହେଉ ନାହୁଁ । ଏହାକୁ ଆମ୍ଭମାନଙ୍କର ବୁଦ୍ଧିଗ୍ରାହ୍ୟ ଯୁକ୍ତିରେ ବୁଝାଇ ଦିଅ । ଏହି ଆଶ୍ଚର୍ଯ୍ୟଜନକ ଦିବ୍ୟ ଆନନ୍ଦମୟ ଜୀବନ ପ୍ରାପ୍ତି ହେବାର ନିଃସନ୍ଦିଗ୍ଧ ଆଧାର କ'ଣ ?

ଉତ୍ତର : ନିଃସନ୍ଦିଗ୍ଧ ଆଧାର ହେଲା ବ୍ୟକ୍ତିର ଚାହିଁବା । ବସ୍ତୁର ସତ୍ୟତା ନ ଥିଲେ ବ୍ୟକ୍ତି ଚାହିଁପାରେ ନାହିଁ । ବ୍ୟକ୍ତି ଯେଉଁ ବସ୍ତୁକୁ ଚାହେଁ ତାହା ଅବଶ୍ୟ ପ୍ରାପ୍ତ ହୁଏ । ବ୍ୟକ୍ତିର ଚାହିଁବା ବହୁମୁଖୀ ହୋଇଥିବାରୁ କୌଣସି ଗୋଟିଏ ଚାହିଁବା ବସ୍ତୁରେ ସେ ଏକାଗ୍ର ହୋଇପାରେ ନାହିଁ । ସେହି ସକାଶେ ତା'ର ଚାହିଁବା ବସ୍ତୁ ପ୍ରାପ୍ତ ହୁଏ ନାହିଁ । ଅଧ୍ୟାତ୍ମସାଧକମାନେ ଭଗବତ୍‌ପ୍ରାପ୍ତି, ମୁକ୍ତି, ନିର୍ବାଣ ଚାହାନ୍ତି । ସାଧନା ଦ୍ୱାରା ଅନ୍ୟ ସମସ୍ତ ଚାହିଁବା ସମାପ୍ତ କରି ଶେଷ ଚାହିଁବାଟି ଯେତେବେଳେ ରହେ, ସେତେବେଳେ ସେମାନେ ଲକ୍ଷ୍ୟପ୍ରାପ୍ତ ହୁଅନ୍ତି ।

ବର୍ତ୍ତମାନ ସମୟ ଆସିଥିବାରୁ ମା', ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ମନୁଷ୍ୟ ଅଜ୍ଞାତ ଓ ଅସ୍ପଷ୍ଟରୂପେ ଚାହୁଁଥିବା ମୃତ୍ୟୁବିହୀନ ଅମରତ୍ୱ; ରୋଗ, ଜରାବିହୀନ ଦିବ୍ୟ ଜୀବନର ସନ୍ଧାନ ଦେଇଛନ୍ତି ଏବଂ ସ୍ୱୟଂ ସାଧନା କରି, ସତ୍ୟ ଉପଲବ୍ଧି କରି, ସେହି ମାର୍ଗର ସାଧକମାନଙ୍କୁ ସାହାଯ୍ୟ କରୁଅଛନ୍ତି । ଆମ୍ଭେମାନେ ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ରୂପାନ୍ତରକାରିଣୀ ଅତିମାନସ ମହାଶକ୍ତି ଆମ ମଧ୍ୟରେ ରୂପାନ୍ତର କାର୍ଯ୍ୟ କରିବ; ତେବେ ଆମ୍ଭମାନଙ୍କ ସମଗ୍ର ସତ୍ତା ଏକମୁଖୀ ହୋଇ ଭଗବତ୍ ଉପଲବ୍ଧି କରିବାକୁ ଚାହିଁବ । ମନ, ପ୍ରାଣ ତଥା ଜଡ଼ଶରୀର ଜଡ଼ତ୍ୱ ଦୂର କରି ସଚେତନ ହୋଇ ଲକ୍ଷ୍ୟସିଦ୍ଧି କରିବାକୁ ଚାହିଁଲେ ତାହା ଅବଶ୍ୟ ପ୍ରାପ୍ତ ହେବ । ଏହି ଚାହିଁବାହିଁ ହେଲା ଦିବ୍ୟ ଆନନ୍ଦମୟ ଜୀବନ ପ୍ରାପ୍ତ ହେବାର ନିଃସନ୍ଦିଗ୍ଧ ଆଧାର ।

ପ୍ରଶ୍ନ : ପୁରାତନ ଯୋଗୀମାନେ ଭଗବତ୍ ଦିବ୍ୟଧାମରେ ଭଗବତ୍ ପ୍ରାପ୍ତି କରି ଅଛନ୍ତି ଅଥବା ମୁକ୍ତି ନିର୍ବାଣକୁ ଯାଇଅଛନ୍ତି । ଏମାନଙ୍କ ଜୀବନ କ'ଣ ପୂର୍ଣ୍ଣ ହୋଇ ନାହିଁ ?

ଉତ୍ତର : ନା । ପୁରାତନ ଯୋଗୀମାନଙ୍କର ମନ-ପ୍ରାଣ ଶରୀର ଯେଉଁ ବିକୃତ ଅବସ୍ଥାରେ ରୋଗ-ଜରା-ମୃତ୍ୟୁ କବଳରେ କବଳିତ ଥିଲା ସେମାନେ ସେସବୁକୁ ସେହି ଅବସ୍ଥାରେ ଛାଡ଼ି ନିତ୍ୟମୁକ୍ତ ଆତ୍ମାକୁ ଭଗବତ୍ ପ୍ରାପ୍ତି କରାଇଲେ କିଂବା ନିର୍ବାଣ ମୁକ୍ତିକୁ ପହଞ୍ଚାଇ ଦେଲେ । ଶରୀରକୁ ତ୍ୟାଗ କରିବାରୁ ତାହା ପୂର୍ଣ୍ଣତା ପ୍ରାପ୍ତ ହେଲା ନାହିଁ କିଂବା ସଂସାର ତଥା ସଂସାର କର୍ମ ଉନ୍ନତ ହୋଇପାରିଲା ନାହିଁ ।

ପୁରାତନ ଯୋଗୀମାନେ ଯଦି ସେମାନଙ୍କ ଅଶୁଦ୍ଧ ମନ-ପ୍ରାଣ-ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିଥା'ନ୍ତେ, ସେଥିରେ ଭଗବାନଙ୍କର ପ୍ରକାଶ୍ୟ ନିବାସ ହୋଇଥା'ନ୍ତା । ରୂପାନ୍ତରିତ ମନ, ପ୍ରାଣ, ଶରୀର ରୋଗ, ମୃତ୍ୟୁ, ବୃଦ୍ଧତ୍ୱ ତଥା ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ ହୋଇଥା'ନ୍ତେ, ତେବେ ସେମାନଙ୍କ ଜୀବନ ପୂର୍ଣ୍ଣ ହୋଇଥାଆନ୍ତା । ସେମାନଙ୍କୁ ଶରୀର ତ୍ୟାଗ କରି ମୁକ୍ତି, ନିର୍ବାଣ ଅଥବା ଭଗବତ୍‌ପ୍ରାପ୍ତି ସକାଶେ ଦିବ୍ୟଧାମକୁ ଯିବାକୁ ହୋଇ ନ ଥା'ନ୍ତା । ମୁକ୍ତି, ନିର୍ବାଣ, ଭଗବତ୍‌ପ୍ରାପ୍ତି ହୋଇଥାଆନ୍ତା ଏହି ଶରୀରରେ । ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ ହୋଇଥିଲେ ସେଥିରେ ପ୍ରକାଶ ହୋଇଥାଆନ୍ତା ଭଗବାନଙ୍କ ଅଫୁରନ୍ତ ଶକ୍ତି । ତା'ଫଳରେ ଏହି ମୃତ୍ୟୁପୁରୀ ଉନ୍ନତ ହୋଇଥାଆନ୍ତା ଏବଂ ପରିଣତ ହୋଇଥା'ନ୍ତା ଭଗବତ୍ ଦିବ୍ୟ-ଧାମରେ । ତେବେ ଯାଇ ହୋଇଥା'ନ୍ତା ଜୀବନର ପୂର୍ଣ୍ଣତା ବା ପୂର୍ଣ୍ଣ ବିକାଶ । ଜୀବନ ସର୍ବଥା ଦାବି କରେ ଅମରତ୍ୱ, ନୀରୋଗତ୍ୱ ଏବଂ ଜରାବିହୀନ ପରମାନନ୍ଦ । ଜୀବନର ଏହି ଦାବି ପୁରାତନ ଯୋଗ ପୂର୍ଣ୍ଣ କରିପାରି ନାହିଁ । ଏହା ପୂର୍ଣ୍ଣ ହେବ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତିର ରୂପାନ୍ତର ଦ୍ୱାରା ।

ଗୁରୁନିଷ୍ଠା

ପ୍ରଶ୍ନ : ପୁରାତନ ଯୋଗୀମାନେ ଶରୀର ଓ ସଂସାର ତ୍ୟାଗ କରି ମୁକ୍ତି, ନିର୍ବାଣ ତଥା ଭଗବତ୍‌ପ୍ରାପ୍ତି କରିଛନ୍ତି । ସେମାନଙ୍କ ଦ୍ୱାରା ସଂସାରର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଦୂର ହେବ ନାହିଁ କିଂବା ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ହେବ ନାହିଁ ।

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେଉଛି ଶରୀର ଓ ସଂସାରକୁ ତ୍ୟାଗ ନ କରି ଏହାକୁ ରୂପାନ୍ତରିତ କରିବା ଯାହାଫଳରେ ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅନ୍ୟାୟ ତଥା ଦାରିଦ୍ର୍ୟ ଦୂର ହେବ । ମୃତ୍ୟୁପୁରୀ ଭଗବତ୍ ଦିବ୍ୟଧାମରେ ପରିଣତ ହେବ । ଏହାହିଁ ପୁରାତନ ଯୋଗ ତଥା ଶ୍ରୀଅରବିନ୍ଦଙ୍କ ଯୋଗରେ ପାର୍ଥକ୍ୟ । ଶ୍ରୀଅରବିନ୍ଦଙ୍କ ଯୋଗସିଦ୍ଧିହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଓ କାମ୍ୟ । କିନ୍ତୁ ଯେଉଁମାନେ ପୁରାତନ ଯୋଗର ସାଧକ, ଯେଉଁମାନଙ୍କର ଗୁରୁ ଅଛନ୍ତି, ସେମାନେ ନିଜର ସାଧନା ଓ ନିଜ ଗୁରୁଙ୍କୁ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବେ କିପରି ? ଶାସ୍ତ୍ରରେ ଗୁରୁନିଷ୍ଠାର ବହୁତ ମହତ୍ତ୍ୱ ଓ ଅନ୍ୟ ପକ୍ଷରେ ଗୁରୁତ୍ୟାଗ କରିବାର ବହୁତ ଅପରାଧ ବର୍ଣ୍ଣିତ ହୋଇଅଛି । ଏହାର ସମାଧାନ କ'ଣ ?

ଉତ୍ତର : ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଦ୍ୱାରା ପୁରାତନ ଯୋଗରେ ଗୁରୁଙ୍କ ଦ୍ୱାରା ଉପଦିଷ୍ଟ ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ, ଜ୍ଞାନ ତଥା ଭକ୍ତି ବ୍ୟାପକ, ବିଶାଳ ଓ ପୂର୍ଣ୍ଣ ହେଉଥିବାରୁ ତତ୍ତ୍ୱତଃ ପୁରାତନ ଯୋଗର ଗୁରୁଙ୍କ ଉପଦିଷ୍ଟ ଭଗବତ୍ ଲକ୍ଷ୍ୟ ତ୍ୟାଗ କରାହୁଏ ନାହିଁ । ଗୁରୁଙ୍କ ଉଦ୍ଦେଶ୍ୟ ହେଲା ଶିଷ୍ୟକୁ ଅଜ୍ଞାନ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଓ ଜନ୍ମମରଣରୁ ମୁକ୍ତ କରାଇ ଭଗବତ୍ ପ୍ରାପ୍ତି କରାଇବା । ଭଗବାନ୍ ଏକ । ସେହିଁ ସାକାର, ସେହିଁ ନିରାକାର ଓ ସେହିଁ ସାକାର-ନିରାକାରର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ । ପୁରାତନ ଯୋଗୀମାନେ ଭଗବାନଙ୍କର କେହି ସାକାର, କେହି ନିରାକାର ତତ୍ତ୍ୱ ଉପଲବ୍ଧି କରିଅଛନ୍ତି । ଏକସଙ୍ଗେ ସାକାର, ନିରାକାର ଓ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିପାରି ନାହାନ୍ତି । ସେହି ସକାଶେ ଭିନ୍ନ ଭିନ୍ନ ସଂପ୍ରଦାୟ ତଥା ଦର୍ଶନରେ ବିରୋଧ ମତବାଦ ସୃଷ୍ଟି ହୋଇଛି । ଭଗବାନଙ୍କ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧ ହୁଏ ଅତିମାନସ ଚେତନାରେ । ଭଗବାନ୍ ସର୍ବାବସ୍ଥାରେ ଚେତନାର ସର୍ବ ସ୍ତରରେ ପରିପୂର୍ଣ୍ଣ ଥାଆନ୍ତି । ସେ କୌଣସି ଅବସ୍ଥାରେ କମ୍ ବେଶୀ ହୁଅନ୍ତି ନାହିଁ । କିନ୍ତୁ ବ୍ୟକ୍ତି ଅତିମାନସ ଚେତନାର ନିମ୍ନସ୍ଥ କୌଣସି ଚେତନାସ୍ତରରେ ଭଗବାନଙ୍କ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି କରିପାରେ ନାହିଁ । ପୁରାତନ ଯୋଗୀମାନେ ସାକାର ଏବଂ ନିରାକାର ଏହି ଉଭୟ ପୁରୁଷୋତ୍ତମ ତତ୍ତ୍ୱକୁ ମନ, ପ୍ରାଣ ଏବଂ ଶରୀରରେ ପ୍ରାପ୍ତ ହୋଇ ନ ଥିବାର ପ୍ରତ୍ୟକ୍ଷ ପ୍ରମାଣ ହେଉଛି ସେମାନଙ୍କ ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୋଇ ନାହିଁ । ସେମାନଙ୍କ ଶରୀର ରୂପାନ୍ତରିତ ହୋଇଥିଲେ ଆଜି ଆମ୍ଭେମାନେ ଏହି ସଂସାରରେ ଆମ୍ଭମାନଙ୍କ ଏହି ଚର୍ମଚକ୍ଷୁରେ ସେମାନଙ୍କ ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇଥିବା ଦିବ୍ୟମାନବରୂପେ ଦେଖିଥାଆନ୍ତୁ ଏବଂ ଏହି ମୃତ୍ୟୁପୁରୀ ଦିବ୍ୟ ଭଗବତ୍‌ଧାମରେ ପରିଣତ ହୋଇଥାଆନ୍ତା । ମାନସ ଚେତନାର ବିକାଶ ସମାପ୍ତ ହୋଇ ନ ଥିବାରୁ ତା'ର ସମୟ ଆସି ନ ଥିଲା ।

ପୁରାତନ ଯୋଗରେ ଯେଉଁ ଗୁରୁମାନେ ଭଗବତ୍ ସନ୍ଧାନ ଆଂଶିକ ରୂପେ ଦେଇଥିଲେ ସେହି ଭଗବାନ୍ ପୂର୍ଣ୍ଣରୂପେ ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତ ହେଉଥିବାରୁ ପୁରାତନ ଯୋଗର ସାଧକମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ସେମାନଙ୍କୁ ଯଥାର୍ଥରେ ପୂର୍ବ ଗୁରୁ ଓ ପୂର୍ବ ଯୋଗ ତ୍ୟାଗ କରିବାକୁ ହୁଏ ନାହିଁ, ସ୍ପଷ୍ଟରୂପେ ତାହା ପୂର୍ଣ୍ଣ ହୁଏ । ଗୁରୁ ତ୍ୟାଗ କରି ଅନ୍ୟ ଗୁରୁ ଗ୍ରହଣ କରିବାରେ ଦୋଷ ହେବା ବିଷୟ ଶାସ୍ତ୍ରରେ ଯେତେବେଳେ ଲେଖାହୋଇଥିଲା ସେତେବେଳେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସଂସାରରେ ପ୍ରଚଳିତ ନ ଥିଲା । ଶାସ୍ତ୍ର ନିଷେଧ କରିଛି କେବଳ ପୁରାତନ ଯୋଗର କୌଣସି ମାର୍ଗ ତ୍ୟାଗ କରି ସେହି ପୁରାତନ ଯୋଗର ଅନ୍ୟ ମାର୍ଗ ଗ୍ରହଣ କରିବାକୁ । କାରଣ ପୁରାତନ କୌଣସି ଯୋଗରେ ଭଗବତ୍‌ପ୍ରାପ୍ତିର ମାର୍ଗ ଏକଠାରୁ ଅନ୍ୟଟି ଅତି ଭିନ୍ନ । ପୁରାତନ ଯୋଗରେ ଅତିମାନସ ସତ୍ୟ ପ୍ରାପ୍ତ ହୋଇ ନ ଥିବାରୁ ପୂର୍ଣ୍ଣ ସମନ୍ୱୟ କରା ହୋଇପାରି ନାହିଁ । ପୁରାତନ ସମସ୍ତ ଯୋଗ ଓ ସେସବୁର ଲକ୍ଷ୍ୟସିଦ୍ଧି ସତ୍ୟ ହୋଇଥିବା ସତ୍ତ୍ୱେ ପରସ୍ପର ମଧ୍ୟରେ ବିରୋଧ ମତବାଦ ଦୃଷ୍ଟିଗୋଚର ହେଉଅଛି । ଏହି ସମସ୍ତ ବିରୋଧ ସିଦ୍ଧାନ୍ତର ପୂର୍ଣ୍ଣରୂପେ ସମନ୍ୱୟ ହୋଇଛି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଗୁରୁତ୍ୟାଗ କରିବା ଉକ୍ତି

ପ୍ରଯୁଜ୍ୟ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି ହେବାରୁ ମୃତ୍ୟୁ, ରୋଗ, ଜରାରୁ ମୁକ୍ତ ଯେଉଁ ଦିବ୍ୟଜୀବନ ପ୍ରାପ୍ତ କରା ହୁଏ, ତାହା ବେଦ ଉପନିଷଦରେ ଲକ୍ଷିତ ହୋଇଅଛି । ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ଗ୍ରନ୍ଥରେ ବେଦର ବହୁ ମନ୍ତ୍ର ଉଦ୍ଧୃତ କରାହୋଇଅଛି । କିନ୍ତୁ ଏହି ସତ୍ୟ ପ୍ରକାଶ ହେବାର ସମୟ ଆସି ନ ଥିବାରୁ ପୁରାତନ ଯୋଗୀମାନେ ଏହି ସତ୍ୟ ନିହିତ ଥିବା ବେଦ ତଥା ଉପନିଷଦ ମନ୍ତ୍ରକୁ ଯଥାର୍ଥ ବ୍ୟାଖ୍ୟା କରି ନାହାନ୍ତି । ଗୀତାରେ ମଧ୍ୟ ଏହି ରୂପାନ୍ତର ଓ ଦିବ୍ୟଜୀବନର ସଙ୍କେତ ଶ୍ରୀକୃଷ୍ଣ କରିଅଛନ୍ତି ।

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ୟତନ୍ତି ୟେ ।
ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ ॥
(ଗୀତା, ଅ-୭, ଶ୍ଲୋକ-୨୯)

ଏହାର ସିଧା ଅର୍ଥ – ଜରା-ମରଣରୁ ମୁକ୍ତ ହେବା ସକାଶେ ଯିଏ ମୋ ଆଶ୍ରିତ ହୋଇ ସାଧନା କରନ୍ତି, ସେ ଅଧ୍ୟାତ୍ମ ତଥା ସଂପୂର୍ଣ୍ଣ କର୍ମ ସହିତ ସମଗ୍ର ବ୍ରହ୍ମକୁ ଜାଣି ନିଅନ୍ତି ।

ଏହି ଗୋଟିଏ ଶ୍ଲୋକରେ ଶ୍ରୀକୃଷ୍ଣ ନିଜର ପୁରୁଷୋତ୍ତମ ସ୍ୱରୂପ ତଥା ଜରାରୁ ମୋକ୍ଷପ୍ରାପ୍ତି ସମ୍ବନ୍ଧେ କହିଥିବାରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀରରୂପାନ୍ତର ତଥା ଶରୀରରେ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧିର ସ୍ପଷ୍ଟ ସଂକେତ ମିଳୁଅଛି ।

ଜରାରୁ ମୋକ୍ଷର ସ୍ପଷ୍ଟ ଏବଂ ସିଧା ଅର୍ଥ – ବୃଦ୍ଧତ୍ୱରୁ ମୁକ୍ତ ଦିବ୍ୟଜୀବନ । ଅନ୍ୟଥା ଶ୍ରୀକୃଷ୍ଣ କହିଥା'ନ୍ତେ, ''ଜନ୍ମମରଣମୋକ୍ଷାୟ ।'' କେହି କେହି ଯୁକ୍ତି ଦିଅନ୍ତି, ''ଶ୍ରୀକୃଷ୍ଣଙ୍କ ଅଭିପ୍ରାୟ ଜରା ଅର୍ଥାତ୍ ବୃଦ୍ଧତ୍ୱରୁ ମୋକ୍ଷ ନୁହେଁ, କିନ୍ତୁ ପ୍ରଚଳିତ ଭାଷା ଅନୁସାରେ ମରଣ ସହିତ ସନ୍ଧି ପ୍ରୟୋଗ କରାହୋଇଅଛି ।'' ଏହି ଯୁକ୍ତି ଏକେବାରେ ଅସଙ୍ଗତ । ଗୀତା, ବେଦ, ଉପନିଷଦସବୁ ଗଳ୍ପ କିଂବା କାହାଣୀ ନୁହେଁ, ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ଅକ୍ଷର ହେଉଛି ମନ୍ତ୍ର । ପ୍ରତ୍ୟେକ ଶବ୍ଦ ଓ ପ୍ରତ୍ୟେକ ଅକ୍ଷର ଗୂଢ଼ ଅର୍ଥକୁ ଧାରଣ କରିଅଛି । ଶ୍ରୀଅରବିନ୍ଦଙ୍କ ଯୋଗଛଡ଼ା ଅନ୍ୟ କୌଣସି ଯୋଗରେ ସାଧକର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ତଥା ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବା ଧାରଣା ନ ଥିଲା । ସେହି କାରଣରୁ ଗୀତା, ଉପନିଷଦ, ବେଦରେ ଯେଉଁ ମନ୍ତ୍ର ବା ଶ୍ଲୋକରେ ଦିବ୍ୟଜୀବନର ସଙ୍କେତ ଥିଲା, ତାହାର ବିକୃତ ଅର୍ଥ କରା ହୋଇଥିଲା ।

ଅନ୍ୟ ପକ୍ଷରେ ପୁରାତନ ସମସ୍ତ ଯୋଗରେ କେହି ପୁରୁଷୋତ୍ତମ ତତ୍ତ୍ୱଙ୍କ ସଗୁଣ ରୂପ, କେହି ନିର୍ଗୁଣରୂପ ଉପଲବ୍ଧି କରନ୍ତି । ଏକ ସଙ୍ଗେ ସଗୁଣ, ନିର୍ଗୁଣ ଏବଂ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି କରିପାରନ୍ତି ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ପ୍ରାପ୍ତ ହେବାରୁ ପୁରାତନ ଯୋଗୀମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଦୋଷ ବା ଅପରାଧ ହୋଇ ନ ପାରେ ବରଂ ଏଥିରେ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଏହାଛଡ଼ା ଗୀତା ପୁରୁଷୋତ୍ତମ ତତ୍ତ୍ୱ ପ୍ରତିପାଦନ କରି ଏହାକୁ ସମର୍ଥନ କରି କହିଛନ୍ତି –

ୟସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥
(ଅ. ୧୫, ଶ୍ଲୋକ-୧୮)

ଏହି ଶ୍ଲୋକରେ ସଗୁଣ ଏବଂ ନିର୍ଗୁଣ ତଥା ଏହି ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ ପ୍ରତିପାଦିତ ହୋଇଅଛି ।

କର୍ମ ଓ ଶିକ୍ଷାର ଭିତ୍ତି : ଯୋଗ

କର୍ମ ଏବଂ ଶିକ୍ଷା ହେଲା ମନୁଷ୍ୟର ଉନ୍ନତି ଲାଗି ପ୍ରଧାନ ଉପାୟ । ଏହାର ଭିତ୍ତି ଯେବେ ଯୋଗ ହୁଏ ତେବେ ଯଥାର୍ଥରେ ଏହା ପୂର୍ଣ୍ଣାଙ୍ଗ ଏବଂ ଫଳପ୍ରସୂ ହୁଏ । ବହୁତ ବ୍ୟକ୍ତିଙ୍କ ଭ୍ରମ ଧାରଣା ଯେ ଅଧ୍ୟାତ୍ମ ସାଧନା ଏବଂ ସାମାଜିକ ଜୀବନ, ଏହି ଦୁଇଟି ପରସ୍ପରର ବିରୋଧୀ । ଏହାର କାରଣ ହେଉଛି ମଧ୍ୟଯୁଗର ଅଧ୍ୟାତ୍ମ ପଥ-ପ୍ରଦର୍ଶକମାନେ ସଂସାର-କର୍ମକୁ ବାଦ୍‌ଦେଇ ମୁକ୍ତି ନିର୍ବାଣମାର୍ଗ ଗ୍ରହଣ କରିଥିଲେ । ସେ ସକାଶେ ଆଧ୍ୟାତ୍ମିକତାର ନାମ ଶୁଣିବାମାତ୍ରେ ସଂସାରରେ ରହୁଥିବାର ବ୍ୟକ୍ତିଙ୍କୁ ଗୋଟିଏ ସଂସାର ବିରାଗୀ ସନ୍ନ୍ୟାସୀ-ରୂପର ଧାରଣା ହେଉଥିଲା ଏବଂ ଏହି ଅଧ୍ୟାତ୍ମବାଦ ସଂସାର ଉନ୍ନତିରେ ଏକମାତ୍ର ବାଧକ ବୋଲି ଭାବି ନିଆ ହୋଇଥିଲା । ଅଳ୍ପ କେତେକଙ୍କୁ ବାଦ୍ ଦେଲେ ସଂସାରରେ ରହୁଥିବାର ବ୍ୟକ୍ତି ଅଧ୍ୟାତ୍ମ ସତ୍ୟରୁ ପୃଥକ୍ ରହି ସଂସାର ତଥା ପରିବାରର ଉନ୍ନତି କାର୍ଯ୍ୟରେ ଲିପ୍ତ ରହୁଥିଲେ । କିନ୍ତୁ ସେଥିରେ ସେମାନଙ୍କୁ ସ୍ଥାୟୀ ସୁଖଶାନ୍ତି ପ୍ରାପ୍ତ ହେଉ ନ ଥିଲା କିଂବା କର୍ମ ସର୍ବାଙ୍ଗସୁନ୍ଦର ହେଉ ନ ଥିଲା । ସମସ୍ତ ବ୍ୟକ୍ତିଙ୍କ ହିତସାଧନ ମଧ୍ୟ ପୂର୍ଣ୍ଣ ହେଉ ନ ଥିଲା । ଯଥାର୍ଥରେ କର୍ମ ସର୍ବାଙ୍ଗସୁନ୍ଦର ଓ ପୂର୍ଣ୍ଣ ହୁଏ ଏବଂ ସୁଖଶାନ୍ତି ପ୍ରାପ୍ତ ହୁଏ ଅଧ୍ୟାତ୍ମ ଅତିମାନସ ସତ୍ୟ ଆଧାରରେ ଏହାର ଆଚରଣ କରାହେଲେ ।

କାର୍ଯ୍ୟକାରୀ କ୍ଷମତା ପ୍ରାଣଶକ୍ତିର । ସେହି ଶକ୍ତି ଯଦି ଅତିମାନସ ଯୋଗ ଦ୍ୱାରା ନିୟନ୍ତ୍ରିତ ନ ହୁଏ, ତେବେ ମହତ୍ତ୍ୱପୂର୍ଣ୍ଣ ଉନ୍ନତ କାର୍ଯ୍ୟରେ ବି ବ୍ୟକ୍ତିଙ୍କୁ ଭୋଗ ବିଳାସ, ମହଦାକାଙ୍କ୍ଷା, ପ୍ରଲୋଭନ ଆଦି ପ୍ରେରଣା ନିମ୍ନଗାମୀ କରାଇପାରେ । ଶାରୀରିକ ବଳବିଶିଷ୍ଟ ବ୍ୟକ୍ତି ଯୋଗ ଦ୍ୱାରା ନିୟନ୍ତ୍ରିତ ନ ହେଲେ ପଶୁତୁଲ୍ୟ କାର୍ଯ୍ୟକରେ । ଯୋଗବିନା ମନୁଷ୍ୟ ଏପରି ଅଜ୍ଞାନ ରହେ ଯେ ନିଜ ମଧ୍ୟରେ କେତେବେଳେ କେଉଁ ଶକ୍ତି କ୍ରିୟାକରି ସୁପ୍ରବୃତ୍ତି ବା କୁପ୍ରବୃତ୍ତିର ପ୍ରେରଣା ଦେଇ ମନୁଷ୍ୟକୁ କପିତୁଲ୍ୟ ନଚାଉଥାଏ, ତାହା ସେ ଜାଣିପାରେ ନାହିଁ ।

ଅତିମାନସ ଯୋଗର ଆଶ୍ରୟ ଛଡ଼ା ବ୍ୟକ୍ତି ପରିବାର ସହିତ ଜୀବିକା ନିର୍ବାହ ସଂସ୍ଥାରେ, ସମାଜରେ, ଦେଶ-ବିଦେଶରେ ଠିକ୍ ଠିକ୍ ଭାବରେ ବ୍ୟବହାର କରିପାରେ ନାହିଁ । ନିଷ୍କପଟ ହୋଇ ସ୍ୱାର୍ଥ ତ୍ୟାଗ କରିପାରେ ନାହିଁ । କାରଣ ତା' ସମ୍ମୁଖରେ କୌଣସି ଉଚ୍ଚ ଆଦର୍ଶର ଲକ୍ଷ୍ୟ ନ ଥାଏ । ସେଥିପାଇଁ ସମସ୍ତ ସ୍ଥାନରେ ଆସେ ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ବୈର, ବିରୋଧ; ଯଥାର୍ଥ ଶାନ୍ତି ଓ ସୁଖ ମିଳେ ନାହିଁ । ଯେଉଁ ଯେଉଁ ସ୍ଥାନରେ ଶାନ୍ତି, ସମତାର କଥା କହେ, ତାହା ରହେ କେବଳ ବାକ୍ୟରେ, କାର୍ଯ୍ୟରେ ପରିଣତ ହୁଏ ନାହିଁ । ଅତିମାନସ ଯୋଗ ଦ୍ୱାରା ଲକ୍ଷ୍ୟସିଦ୍ଧି ହୁଏ ଏବଂ ସାଂସାରିକ ଜୀବନରେ ବି ସୁଖଶାନ୍ତି ମିଳେ । ସେହି କାରଣରୁ ପ୍ରତ୍ୟେକ ବ୍ୟକ୍ତି ଅତିମାନସ ଯୋଗ ଗ୍ରହଣ ତଥା ଆଚରଣ କରିବା ଆବଶ୍ୟକ ।

ମନୁଷ୍ୟର ଶରୀର, ପ୍ରାଣ, ମନର ବିକାଶ ଅନିବାର୍ଯ୍ୟ । ଏହାଛଡ଼ା ଜୀବନ ଅପୂର୍ଣ୍ଣ ରହେ ଏବଂ ତା' ମଧ୍ୟରେ ପଶୁତ୍ୱ ଦେଖାଯାଏ । ଏଥିରେ ପୂର୍ଣ୍ଣତାକୁ ପ୍ରାପ୍ତ ହେବା ନିର୍ଭର କରେ ଶିକ୍ଷା, ବାତାବରଣ ଏବଂ ଗ୍ରହଣଶୀଳତା ଉପରେ । କିନ୍ତୁ ଏହାର ବେଶୀ ପ୍ରଭାବ ପଡ଼େ ବାଲ୍ୟାବସ୍ଥାରେ । ବାଲ୍ୟ ଅବସ୍ଥା କଞ୍ଚାମାଟି ସଦୃଶ ନମନୀୟ ଥାଏ । ସେସମୟରେ ସେମାନଙ୍କୁ ଶିକ୍ଷା ଦ୍ୱାରା ନାନାରୂପେ ଗଢ଼ା ଯାଇପାରେ । କିନ୍ତୁ ଶିଶୁମାନଙ୍କୁ ସେହିପରି ବ୍ୟକ୍ତି ଶିକ୍ଷାଦେଇ ପାରନ୍ତି, ଯେକି ଯୋଗୀ ଏବଂ ଉତ୍ତମ ବାତାବରଣ ସୃଷ୍ଟି କରିପାରନ୍ତି । ସେଥିପାଇଁ ପୁରାତନ କାଳରେ ମୁନି ଋଷିଙ୍କ ଆଶ୍ରମରୁ ରାଜକୁମାର ଏବଂ ଅନ୍ୟାନ୍ୟ ବାଳକମାନେ ଶିକ୍ଷା ପ୍ରାପ୍ତ ହୋଇ ସୁଚାରୁରୂପେ ନାନାପ୍ରକାର କାର୍ଯ୍ୟ କରୁଥିଲେ । ସେସମୟରେ ସାମୂହିକରୂପେ ନୁହେଁ କିନ୍ତୁ ବ୍ୟକ୍ତିଗତରୂପେ କିଛି ଅଂଶରେ କର୍ମ ସହିତ ଆଧ୍ୟାତ୍ମିକତାର ସାମଞ୍ଜସ୍ୟ ଥିଲା । ପରବର୍ତ୍ତୀ ଯୁଗରେ ଅଧ୍ୟାତ୍ମବାଦୀମାନେ ବାହାରର ଯାବତୀୟ ବ୍ୟାବହାରିକ କର୍ମ ଛାଡ଼ିଦେବାରୁ ତାଙ୍କର ବାହ୍ୟ ସତ୍ତା ଯେପରି ସେହିପରି ଅଶୁଦ୍ଧ ରହିଗଲା; ମାତ୍ର ଆତ୍ମା ଯେ'କି ସଦାମୁକ୍ତ ସେ ମୁକ୍ତ ହୋଇଗଲା । ସେ ସକାଶେ ଏମାନେ ପୂର୍ଣ୍ଣତାଲାଭ କରିପାରିଲେ ନାହିଁ । ଏମାନେ ସ୍ୱୟଂ ବାହ୍ୟ ସତ୍ତାକୁ ଅଶୁଦ୍ଧ ଅବସ୍ଥାରେ ଛାଡ଼ିଦେବାରୁ ଏମାନଙ୍କ ଦ୍ୱାରା ମନୁଷ୍ୟଜାତିର ସେପରି କିଛି ଲାଭ ହେଲା ନାହିଁ, ଯେପରିକି ସଂସାରକୁ ଆବଶ୍ୟକ ଥିଲା । ସଂସାରୀ ଲୋକେ

ଆଧ୍ୟାତ୍ମିକତାକୁ ଭୁଲିଗଲେ । ସେମାନଙ୍କ ନିକଟରେ ଏହା ଗୋଟିଏ ଅନାବଶ୍ୟକ, ନିରର୍ଥକ ବସ୍ତୁ ହୋଇପଡ଼ିଲା । ଏହାର ପରିଣାମ ଯାହା ହେଲା ତାହା ଆଜି ପ୍ରତ୍ୟେକଙ୍କ ସମ୍ମୁଖରେ ବିଦ୍ୟମାନ । ଜଣେ ଖୁବ୍ ବିଦ୍ୱାନ୍, ଏକ ଦିଗରେ ବୁଦ୍ଧି ଖୁବ୍ ବିକଶିତ କିନ୍ତୁ ଅନ୍ୟ ଦିଗରେ ଶରୀର ମଧ୍ୟରେ ଥିବା ସୂକ୍ଷ୍ମ ସୁପ୍ତ ଶକ୍ତି ସମ୍ବନ୍ଧରେ ଏକେବାରେ ଅଜ୍ଞାନ; ସ୍ୱାର୍ଥ ଆଉ ଅହଂ ହେତୁ ପରସ୍ପର ବିରୋଧ, ଅନ୍ୟର ସର୍ବନାଶରେ ନିଜର ସୁବିଧା କାମନା ତଥା ଭୋଗବିଳାସ ପ୍ରତି ସର୍ବଦା ରୁଚି ରହିଛି ଓ ନିଜର ପ୍ରଭୁତ୍ୱ ସ୍ଥାପନ ସକାଶେ ଅନ୍ୟ ଉପରେ ଅତ୍ୟାଚାର କରୁଛି । ଏସବୁ ତ୍ରୁଟିର ଏକମାତ୍ର କାରଣ ହେଲା ଜୀବନରୁ ଯୋଗକୁ ବାଦ୍‌ଦେବା । ଏହିସବୁ ବେଶୀ ପରିମାଣରେ ନିର୍ଭର କରେ ଶିକ୍ଷା ଉପରେ । ପ୍ରଥମରେ ବାଳକ ଶିକ୍ଷା ପାଏ ପିତାମାତା ଏବଂ ଶିକ୍ଷକଙ୍କଠାରୁ । ସେମାନେ ଯଦି ସ୍ୱୟଂ ମିଥ୍ୟା କହି ବାଳକକୁ ସତ୍ୟ କହିବାକୁ ଶିକ୍ଷା ଦିଅନ୍ତି, ନିଜେ ସ୍ୱାର୍ଥ ସକାଶେ ସମସ୍ତ କର୍ମ କରି ପିଲାଙ୍କୁ ସ୍ୱାର୍ଥ ତ୍ୟାଗର ଉପଦେଶ ଦିଅନ୍ତି, ସ୍ୱୟଂ ହିଂସା କରି ସମତାର ଆଦେଶ ଦିଅନ୍ତି, ତେବେ ତାହାର ପରିଣାମ ତାହାହିଁ ହୁଏ, ଯାହାକି ଆମ୍ଭେମାନେ ଆଜି ଦେଖୁଅଛୁ ।

ଆଜି ଆମ୍ଭ ଦେଶରେ କେତେକ ଭାଇ ଗୋଟିଏ ସମତାର ଆଦର୍ଶ ସ୍ଥାପନ କରିବାକୁ ବ୍ୟଗ୍ର । ସେମାନେ ଚାହୁଁଛନ୍ତି ସମସ୍ତଙ୍କୁ ଭୋଜନ, ବସ୍ତ୍ର ଏବଂ ରହିବାକୁ ଘର ମିଳିଗଲେ, ସମତା ଆସିଗଲା । ଯଦ୍ୟପି ଏହାର ଆବଶ୍ୟକତା ଅଛି ତଥାପି ଏହା ଯଥେଷ୍ଟ ନୁହେଁ । କେବଳ ଏଥିରେହିଁ ଜୀବନ-ସମସ୍ୟାର ସମାଧାନ ହୁଏ ନାହିଁ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଅନ୍ତରରେ ଶାନ୍ତି ଓ ସମତା ପ୍ରତିଷ୍ଠିତ ନ ହୋଇଛି, ଯେପର୍ଯ୍ୟନ୍ତ ବ୍ୟକ୍ତିର ଅନ୍ତର ହିଂସା, ଦ୍ୱେଷ ଏବଂ ସ୍ୱାର୍ଥ ଦ୍ୱାରା ନିୟନ୍ତ୍ରିତ ହେଉଅଛି, ସେପର୍ଯ୍ୟନ୍ତ କେବଳ ବାହ୍ୟ ଭୋଜନ, ବସ୍ତ୍ର ଓ ବାସଗୃହ ମିଳିଗଲେ ମଧ୍ୟ ବ୍ୟକ୍ତି ସୁଖଶାନ୍ତି ପ୍ରାପ୍ତ ହୋଇପାରେ ନାହିଁ । ଆନ୍ତର ଶାନ୍ତି ଓ ସମତା ଅପରିହାର୍ଯ୍ୟ । ଏହି ଉଭୟରେହିଁ ଜୀବନର ପୂର୍ଣ୍ଣ ଓ ସର୍ବାଙ୍ଗୀଣ ବିକାଶ ହୁଏ । ଆନ୍ତର ଶାନ୍ତି ବ୍ୟତୀତ ବାହ୍ୟ ସୁଖସୁବିଧା ଲାଭ କଲେ ମଧ୍ୟ ଅନ୍ୟ ଅନେକ ଅଭାବ ଅସୁବିଧା ବ୍ୟକ୍ତିର ସମ୍ମୁଖକୁ ଆସେ । ଅନ୍ତରର ଅଶାନ୍ତି ବାହାରର କୌଣସି ଘଟଣାକୁ ଆଶ୍ରୟ କରି ଦ୍ୱନ୍ଦ୍ୱ ସୃଷ୍ଟି କରେ । ଅନ୍ତରରେ ଶାନ୍ତି ଓ ସମତା ଲାଭ କଲେ ବାହ୍ୟ ବିଷମତା ମଧ୍ୟରେ ବି ଦକ୍ଷତା ସହିତ ସଂସାରର କର୍ମ ସାଧିତ ହୁଏ ତଥା ସଂସାରରୁ ଅଭାବ, ଦରିଦ୍ରତା ଦୂର ହୁଏ ଏବଂ ଦେଶ ବି ଉନ୍ନତ ହୁଏ । ଆନ୍ତର ଶାନ୍ତି, ସମତା ଛଡ଼ା ବାହ୍ୟ ଜୀବନର କର୍ମ, ବ୍ୟବହାର ଏବଂ ସମାଜରେ କୌଣସି ପ୍ରକାର ସମତା ସ୍ଥାପନ କରାଯାଇପାରେ ନାହିଁ । ଏହା ପ୍ରକୃତିର ନିୟମ ।

ଗୋଟିଏ ଗଛରେ ଫଳ ଫଳେ । ତା' ମଧ୍ୟରେ ଛୋଟ ବଡ଼, ଭଲମନ୍ଦ ଫଳ ଥାଏ । ଜମିରେ ମଧ୍ୟ ଏକପ୍ରକାର ବିହନ ବୁଣା ହୁଏ, ପାଣି ଏବଂ ସାର ସମାନଭାବେ ଦିଆ ହୁଏ, ସେଥିରେ ବି ସମାନ ଗଛ ହୁଏ ନାହିଁ । ଏହି କାରଣରୁ ସଂସାରରେ ଓ ସମାଜରେ ବିଭିନ୍ନତା ଅନିବାର୍ଯ୍ୟ । ଯଦିଓ ଆଇନ ଦ୍ୱାରା ସମାନ ବିଧାନ କରାହୁଏ ତଥାପି ପ୍ରକୃତି ତାକୁ ଭାଙ୍ଗିଦିଏ ଏବଂ ବୈଷମ୍ୟ ନେଇଆସେ । ଅତଏବ ସମସ୍ୟାର ଯଥାର୍ଥ ସମାଧାନ ବାହ୍ୟ ବ୍ୟବସ୍ଥାରେ ନାହିଁ, ଆନ୍ତରିକ ପରିବର୍ତ୍ତନରେ ରହିଅଛି । ଅନ୍ତରର ସାମ୍ୟ ଅବସ୍ଥାରେ ବ୍ୟକ୍ତି ଅନ୍ୟର ଉନ୍ନତିରେ ବା ସୁଖ ସୁବିଧାରେ ଈର୍ଷା କରେ ନାହିଁ । ଏହାର ଉଦାହରଣ ହେଲା ଆମ୍ଭମାନଙ୍କ ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ । ପ୍ରତ୍ୟେକ ଅଙ୍ଗ ନିଜ ନିଜ ଯୋଗ୍ୟତା ଅନୁଯାୟୀ ଉଚ୍ଚନୀଚ, ଛୋଟବଡ଼ କାମ କରେ । ଏକ ଅନ୍ୟର ଆଜ୍ଞା ବିନା ଦ୍ୱିଧାରେ ପାଳନ କରେ । ମସ୍ତକ ଉପରେ ପ୍ରହାର ପଡ଼ିବା ପୂର୍ବରୁ ହସ୍ତ ଉପରକୁ ଉଠି ମସ୍ତକକୁ ରକ୍ଷା କରେ । ଦନ୍ତ ଦ୍ୱାରା ଜିହ୍ୱା କେବେ ଆଘାତ ପାଇଲେ ବି ତାହା ଦନ୍ତ ଉପରେ ବିରକ୍ତ ହୁଏ ନାହିଁ । ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଥାଏ ଗୋଟିଏ ଅଖଣ୍ଡ ଅଭିନ୍ନତା । ସେହି କାରଣରୁ ସେମାନଙ୍କ ମଧ୍ୟରେ କେବେ ବି ବିଷମତା ସୃଷ୍ଟି ହୁଏ ନାହିଁ । ଶରୀରର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଯେପରି ଏକତ୍ୱ ରହିଛି, ସେହିପରି ଏକତ୍ୱ ରହିଅଛି ପ୍ରତ୍ୟେକ ବ୍ୟକ୍ତିର ଅନ୍ତରାତ୍ମାରେ । ତାହା ବିକଶିତ ହୋଇ ନ ଥିବାରୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ନିଜକୁ ଭିନ୍ନ ମନେ କରେ । ସେହି ସକାଶେ ଦ୍ୱନ୍ଦ୍ୱ ହୁଏ । ଆନ୍ତର ସମତା ବିକଶିତ ହେବାର ସମୟ ଆସିଛି । ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଆତ୍ମତତ୍ତ୍ୱରେ ରୂପାନ୍ତରିତ ହେଲେ ପରସ୍ପର ମଧ୍ୟରେ ଯେଉଁ ଭିନ୍ନତା ବା ପାର୍ଥକ୍ୟବୋଧ ରହିଛି ତାହା ଦୂର ହେବ ଏବଂ ସାମଞ୍ଜସ୍ୟ ପ୍ରତିଷ୍ଠା ହେବ । ସମସ୍ତ ବ୍ୟକ୍ତିଙ୍କ ମନ, ପ୍ରାଣ, ଶରୀର ଏବଂ ଆତ୍ମା ଭଗବତ୍ ତତ୍ତ୍ୱରୁ ଆସିଛନ୍ତି । ଶରୀର, ମନ, ପ୍ରାଣ ବିକୃତ ହୋଇଥିବାରୁ ବ୍ୟକ୍ତିର ପୃଥକ୍‌ବୋଧ ହୋଇଅଛି । ଏହାସବୁ ଦିବ୍ୟ

ଆତ୍ମତତ୍ତ୍ୱରେ ରୂପାନ୍ତରିତ ହେଲେ ପୃଥକ୍‌ବୋଧ ପରିବର୍ତ୍ତେ ଏକତ୍ୱବୋଧ ସ୍ୱଭାବରେ ପରିଣତ ହେବ । ସେତେବେଳେ କୌଣସି ବ୍ୟକ୍ତି ଅନ୍ୟକୁ ହିଂସା କରିବ ନାହିଁ । ଅନ୍ୟର ସର୍ବନାଶ କରି ନିଜର ସୁଖ-ସୁବିଧା ପ୍ରାପ୍ତ ହେବା ସକାଶେ ପ୍ରଯତ୍ନ କରିବ ନାହିଁ । ଏହି ଲକ୍ଷ୍ୟ ସିଦ୍ଧ ହେବା ପୂର୍ବରୁ ଯଦି ବ୍ୟକ୍ତି ଯଥାର୍ଥ ଭାବେ ଏହି ଆଦର୍ଶ ଗ୍ରହଣ କରେ, ତେବେ ସେ ଲକ୍ଷ୍ୟସିଦ୍ଧି ମାର୍ଗରେ ଅଗ୍ରସର ହେବା ଅନୁପାତରେ କ୍ରମଶଃ ତା' ମଧ୍ୟରେ ସମତା ବୃଦ୍ଧି ହେଉଥାଏ, କାର୍ଯ୍ୟକାରୀ ଶକ୍ତିର ବିକାଶ ହୁଏ, ବହୁମୁଖୀ କର୍ମର ପ୍ରେରଣା ମିଳେ ।

ଏହି ଆଦର୍ଶକୁ ଆନ୍ତରିକତା ସହ ଅଧିକ ସଂଖ୍ୟାରେ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଆନ୍ତର ସମତା ଏବଂ କର୍ମକାରିଣୀ ଶକ୍ତିର ବିକାଶ ଅନୁସାରେ ଅନ୍ୟ ବ୍ୟକ୍ତିଙ୍କ ଉପରେ ତା'ର ପ୍ରଭାବ ପଡୁଥାଏ । ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ଲକ୍ଷ୍ୟ ସିଦ୍ଧ ହେଲେ ବହୁସଂଖ୍ୟକ ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ କରନ୍ତି ଏବଂ ସଂସାରରୁ ବୈଷମ୍ୟ, ଦାରିଦ୍ର୍ୟ ଦୂର ହୁଏ ।

ପ୍ରତ୍ୟେକ ଛୋଟ ଛୋଟ ବ୍ୟାବହାରିକ କାର୍ଯ୍ୟରୁ ବଡ଼ ବଡ଼ କାର୍ଯ୍ୟ ପର୍ଯ୍ୟନ୍ତ କିପରି ସାମ୍ୟ ସ୍ଥାପନ କରିବାକୁ ହୁଏ ଏହାର ଆଦର୍ଶ ଦେଖିବାକୁ ହେଲେ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଦେଖାଯାଇପାରେ । ଆଶ୍ରମରେ ସାଧକମାନେ ପ୍ରତ୍ୟେକ ଛୋଟବଡ଼ କାର୍ଯ୍ୟ କରନ୍ତି । ଆବଶ୍ୟକ ଅନୁସାରେ ଭିନ୍ନ ଭିନ୍ନ ସ୍ଥାନରେ ରହନ୍ତି, ଦରକାର ଅନୁଯାୟୀ ଭିନ୍ନ ଭିନ୍ନ ବସ୍ତ୍ର ବ୍ୟବହାର କରନ୍ତି, କିନ୍ତୁ ବାହ୍ୟ ଦୃଷ୍ଟିରେ ବୈଷମ୍ୟ ଦେଖାଯାଉଥିଲେ ସୁଦ୍ଧା ସେମାନଙ୍କର ପରସ୍ପର ସାମଞ୍ଜସ୍ୟ ଥାଏ । ଏହାର କାରଣ ହେଲା ଶ୍ରୀଅରବିନ୍ଦ ଏବଂ ଶ୍ରୀମା ସେମାନଙ୍କୁ ଯେଉଁ ଆଦର୍ଶ ଦେଇଛନ୍ତି, ତାହା ବହୁତ ବିଶାଳ, ତାହା ପାଖରେ ଏସବୁ ଛୋଟବଡ଼ କାମ ମୂଲ୍ୟହୀନ । ପ୍ରଧାନ ଲକ୍ଷ୍ୟକୁ ମାନିନେବା ପରେ ମନୁଷ୍ୟ ଯେଉଁ ଛୋଟ ଛୋଟ ବସ୍ତୁ ସକାଶେ ଦ୍ୱନ୍ଦ୍ୱ ସୃଷ୍ଟିକରେ ସେସବୁ ନିରର୍ଥକ ହୋଇପଡ଼େ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ପୁରାତନର କୌଣସି ଆଦର୍ଶ ଗ୍ରହଣ ଦ୍ୱାରା ପୃଥିବୀ ତଥା ମନୁଷ୍ୟ ମଧ୍ୟରେ ଥିବା ସମସ୍ୟାର ସମାଧାନ ହୋଇପାରିବ ନାହିଁ, ହେବ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିବା ଦ୍ୱାରା । ସେହି ଆଦର୍ଶ ହେଲା ସଂସାର ଏବଂ କର୍ମରୁ ପୃଥକ୍ ହୋଇ ମୁକ୍ତି, ନିର୍ବାଣ ବା ଦିବ୍ୟଧାମରେ ଭଗବତ୍ ପ୍ରାପ୍ତ କରିବା ନୁହେଁ, ଯୋଗ ଆଶ୍ରୟରେ ସଂସାରର ସମସ୍ତ କର୍ମ ସମ୍ପାଦନ କରିବା । ସେଥିରେ ସଂସାର ହେବ ଉନ୍ନତ, ଐଶ୍ୱର୍ଯ୍ୟଶାଳୀ, ସୁଖସମୃଦ୍ଧିସମ୍ପନ୍ନ । ଏହା ସଙ୍ଗେ ସଙ୍ଗେ ପ୍ରାପ୍ତ ହେବ ମନୁଷ୍ୟ ଚାହୁଁଥିବା ଚିର ଅଭିଳଷିତ ମୃତ୍ୟୁରୁ ମୁକ୍ତ ଅମରତ୍ୱ, ରୋଗରୁ ମୁକ୍ତ ନୀରୋଗତା, ଦୁଃଖ, ଦ୍ୱନ୍ଦ୍ୱ ବୃଦ୍ଧତ୍ୱରୁ ମୁକ୍ତ ପରମ ଆନନ୍ଦମୟ ଜୀବନ । ସେ ଆଉ ପ୍ରକୃତିର ଗୋଲାମ ହୋଇ ନିର୍ଜୀବ ମେସିନ୍ ସଦୃଶ ତାହାରି ଦ୍ୱାରା ପରିଚାଳିତ ହେବ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ତା'ର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ସେ ପୂର୍ଣ୍ଣରୂପେ ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା; ସଂପୂର୍ଣ୍ଣରୂପେ ମୁକ୍ତ ହେବ ଜାଗତିକ ପ୍ରକୃତିର ଅଧୀନରୁ । ଏହି ସଂସାର ପରିଣତ ହେବ ସ୍ୱର୍ଗରେ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ, ଏହି ଉଦ୍ଦେଶ୍ୟରେ ଭଗବାନଙ୍କ ସୃଷ୍ଟି । ଅଜ୍ଞାତରୂପେ ଏହାର ଅଭିମୁଖେ ଭୁଲ୍ ମାର୍ଗରେ ବ୍ୟକ୍ତି ସୃଷ୍ଟିସର୍ଜନା ଦିନରୁ ଧାବିତ ହେଉଅଛି । ମୂଳଜ୍ଞାନ ଏବଂ ମାର୍ଗ ଠିକ୍ ନ ଥିବାରୁ ଲକ୍ଷ୍ୟରେ ପହଞ୍ଚିପାରୁ ନାହିଁ । ଏହି ଭ୍ରମପୂର୍ଣ୍ଣ ମାର୍ଗ ସଂଶୋଧିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଅତଏବ ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଲକ୍ଷ୍ୟସିଦ୍ଧି କରିପାରିବା । ପୂର୍ବେ ଆଲୋଚିତ ହୋଇଛି, ମନୁଷ୍ୟ ଯେଉଁ ଅମରତ୍ୱ, ନୀରୋଗତା, ବୃଦ୍ଧତ୍ୱରୁ ମୁକ୍ତି, ଦୁଃଖବିହୀନ ପରମ ସୁଖ ଚାହେଁ, ତାହା ସେ ସାଂସାରିକ ବସ୍ତୁରେ ଖୋଜେ । ସାଂସାରିକ ବସ୍ତୁରେ ଏହିସବୁ ଖୋଜିବାହିଁ ମନୁଷ୍ୟ ପକ୍ଷରେ ଭ୍ରମପୂର୍ଣ୍ଣ ମାର୍ଗ । ଯଥାର୍ଥ ମାର୍ଗ ହେଉଛି ଶ୍ରୀଅରବିନ୍ଦଙ୍କ ଯୋଗ । ଏହାରି ଆଧାରରେ ବିଦ୍ୟାଶିକ୍ଷା ଏବଂ କର୍ମ କରାହେଲେ ମନୁଷ୍ୟ ମଧ୍ୟରେ ଥିବା ଅଫୁରନ୍ତ ଶକ୍ତିସମୂହ ଜାଗ୍ରତ ହୁଅନ୍ତି ଏବଂ ଜୀବନ ସମୃଦ୍ଧିଶାଳୀ ହୁଏ ।

ଯୁଗ-ଧର୍ମ ଓ ସ୍ୱଧର୍ମ

ପ୍ରଶ୍ନ : ଈଶ୍ୱର ଏକ, ସେହି ଈଶ୍ୱରଙ୍କୁ ପ୍ରାପ୍ତ ହେବା ସକାଶେ ଭିନ୍ନ ଭିନ୍ନ ମାର୍ଗ କାହିଁକି ?

ଉତ୍ତର : ମନୁଷ୍ୟର ସ୍ୱଭାବ ଭିନ୍ନ ତଥା ଯୁଗ-ଧର୍ମ ମଧ୍ୟ ବିଭିନ୍ନ, ସେହି ସକାଶେ ଈଶ୍ୱର ଏକ ହେବା ସତ୍ତ୍ୱେ ତାଙ୍କ ପ୍ରାପ୍ତିର ମାର୍ଗ ଭିନ୍ନ ଭିନ୍ନ ହୋଇଅଛି । ମନୁଷ୍ୟର ସ୍ୱଭାବ ଅନୁସାରେ ଅର୍ଥାତ୍ ''ସ୍ୱଧର୍ମ'' ଅନୁଯାୟୀ ସାଧନା ନ ହେଲେ ଯେପରି ପ୍ରତିକୂଳ ହୁଏ ସେହିପରି ଗୋଟିଏ ଯୁଗର ସାଧନା ଅନ୍ୟ ଯୁଗରେ ପ୍ରତିକୂଳ ହୁଏ । କ୍ରମବିକାଶ ଅନୁସାରେ ମନୁଷ୍ୟ ବରାବର ବିକାଶ କରି ଚାଲିଛି । ତାହାର ବିକାଶମାର୍ଗରେ ଯେଉଁ ସମୟରେ ଯେଉଁ ସାଧନାପ୍ରଣାଳୀର ଆବଶ୍ୟକ ହୁଏ, ସେତେବେଳେ ମହାପୁରୁଷ ଅଥବା ଭଗବାନ୍ ଅବତାର ନେଇ ସେହି ସମୟୋପଯୋଗୀ ଈଶ୍ୱରପ୍ରାପ୍ତିର ଗୋଟିଏ ମାର୍ଗ ଦର୍ଶାଇ ଦିଅନ୍ତି ଏବଂ ସ୍ୱୟଂ ଆଚରଣ କରି ମନୁଷ୍ୟ ସମ୍ମୁଖରେ ଆଦର୍ଶ ରଖନ୍ତି; ମନୁଷ୍ୟ ଜାତିକୁ ଗୋଟିଏ ଚେତନାରୁ ଆଉ ଗୋଟିଏ ଚେତନାକୁ ଉତ୍‌ଥିତ କରାଇ ଦିଅନ୍ତି । ପରେ ସେହି ପଦ୍ଧତି ଗୋଟିଏ ସଂପ୍ରଦାୟରେ ପରିଣତ ହୁଏ । ସେଥିପାଇଁ ଈଶ୍ୱର ଏକ ହେବା ସତ୍ତ୍ୱେ ତାଙ୍କ ପ୍ରାପ୍ତିର ମାର୍ଗ ଭିନ୍ନ ଭିନ୍ନ ହୋଇଥାଏ ।

ପ୍ରଶ୍ନ : ଯଦି ଏହି ଉକ୍ତି ଠିକ୍ ହୁଏ, ତେବେ ବୁଦ୍ଧଦେବଙ୍କ ପରେ ଶଙ୍କରଙ୍କ ସିଦ୍ଧାନ୍ତ ପ୍ରଚଳିତ ହେବା ସମୟରେ ବୌଦ୍ଧଧର୍ମ ଏକେବାରେ ଲୋପ ହୋଇଥା'ନ୍ତା; ଅଥବା ଶଙ୍କରଙ୍କ ପରେ ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବ, ବିଷ୍ଣୁସ୍ୱାମୀ, ବଲ୍ଲଭ, ଚୈତନ୍ୟ ମହାପ୍ରଭୁ ଆସି ବୈଷ୍ଣବ ଧର୍ମ ପ୍ରଚାର କରିବାରେ ଶଙ୍କରଙ୍କ ସନ୍ନ୍ୟାସ ସଂପ୍ରଦାୟ ଲୁପ୍ତ ହୋଇଯିବା ଉଚିତ ଥିଲା; କାରଣ କ୍ରମବିକାଶ ଅନୁସାରେ ଯୁଗ-ଧର୍ମ ନ୍ୟାୟରେ ସନ୍ନ୍ୟାସୋପଯୋଗୀ ସମୟ ସମାପ୍ତ ହୋଇ ସାରିଥିଲା । କିନ୍ତୁ ସେପରି ତ ହୋଇ ନାହିଁ । ପୁଣି ସମୟାନୁସାରେ ଭିନ୍ନ ଭିନ୍ନ ସାଧନାର ପ୍ରୟୋଜନ ବୋଲି ମାନିବୁ କିପରି ?

ଉତ୍ତର : ପୂର୍ବେ ବଳଦଗାଡ଼ିର ଯୁଗ ଥିଲା । ବର୍ତ୍ତମାନ ମୋଟରଗାଡ଼ି, ରେଳଗାଡ଼ି, ବାୟୁଯାନର ଯୁଗ ହେଲାଣି, ତଥାପି ବଳଦଗାଡ଼ି ଏବେ ଅଛି । କାରଣ କିଛି ଅଂଶରେ ବଳଦଗାଡ଼ି ଯୁଗର ମନୁଷ୍ୟ ବର୍ତ୍ତମାନ ବି ପରିବର୍ତ୍ତିତ ହୋଇ ନାହାନ୍ତି । ସେହିପରି ସତ୍ୟଯୁଗରେ କଳିଯୁଗର ମନୁଷ୍ୟ ଏବଂ କଳିଯୁଗରେ ସତ୍ୟଯୁଗର ମନୁଷ୍ୟ ଥାଆନ୍ତି । ସୁତରାଂ ଶଙ୍କରଙ୍କ ସମୟରେ ବୌଦ୍ଧଧର୍ମ ଯୁଗର ବ୍ୟକ୍ତି ଥିଲେ, ବର୍ତ୍ତମାନ ଶଙ୍କରଙ୍କ ଯୁଗର ବ୍ୟକ୍ତି ମଧ୍ୟ ଅଛନ୍ତି । ତଥାପି ଯୁଗ-ଧର୍ମର ପ୍ରାଧାନ୍ୟ ଓ ଅନ୍ୟ ଧର୍ମର ଗୌଣତ୍ୱ ବରାବର ରହିଥାଏ ।

ପ୍ରଶ୍ନ : ଯୁଗ-ଧର୍ମର ଚିହ୍ନ କ'ଣ ?

ଉତ୍ତର : ଯୁଗଧର୍ମର ଚିହ୍ନ ବା ଲକ୍ଷଣ ହେଲା ପୃଥିବୀରେ ପ୍ରଚଳିତ ଧର୍ମ ପରିବର୍ତ୍ତେ ଏକ ନୂତନ ଧର୍ମ ପ୍ରତିଷ୍ଠା । ଯେପରି ପଶୁଜଗତରେ ମନୁଷ୍ୟଜାତି ପ୍ରତିଷ୍ଠାହିଁ ସ୍ପଷ୍ଟରୂପେ ଯୁଗ-ଧର୍ମ । ଏହା ପଶୁଚେତନାରୁ ପୂର୍ଣ୍ଣ ପୃଥକ୍ । କିନ୍ତୁ ପଶୁ ପରେ ମନୁଷ୍ୟଜାତି ଏହି ପୃଥିବୀରେ ପ୍ରତିଷ୍ଠା ହେବା ସମୟରୁ ଆଜି ପର୍ଯ୍ୟନ୍ତ ତା'ର ବିକାଶ ମାର୍ଗରେ ସାହାଯ୍ୟ କରିବା ସକାଶେ ଭଗବାନ୍ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ପ୍ରଭୃତି ମହାପୁରୁଷ ଆସି ମାନବଚେତନାକୁ ବିକାଶ ମାର୍ଗରେ ଅଗ୍ରସର କରାଇ ଅଛନ୍ତି । ଏମାନେ ଯଦ୍ୟପି ମନଚେତନାରୁ ସଂପୂର୍ଣ୍ଣ ଭିନ୍ନ ଏକେବାରେ ନୂତନ ଚେତନା ପ୍ରତିଷ୍ଠା କରି ନାହାନ୍ତି ତଥାପି ସେହି ଚେତନା ସ୍ତରକୁ ଉନ୍ନତ କରିଥିବାରୁ ଏମାନଙ୍କ ଧର୍ମକୁ ମଧ୍ୟ ଯୁଗ-ଧର୍ମ ବୋଲି ମାନିବାକୁ ହେବ । ଏହି ସମୟ ମଧ୍ୟରେ ଯେଉଁ ଅବତାର ବା ମହାପୁରୁଷ ଆସି ଭିନ୍ନ ଭିନ୍ନ ଅଧ୍ୟାତ୍ମ ଧର୍ମ ସ୍ଥାପନ କରନ୍ତି ସେ ସମୟରେ ଗୋଟିଏ ସମୟର ଧର୍ମ ଅନ୍ୟ ସମୟରେ ବହୁତ ଦିନ ପର୍ଯ୍ୟନ୍ତ ପ୍ରଚଳିତ ହୋଇପାରେ, ଏପରିକି ଗୋଟିଏ ଧର୍ମର କାଳ ସମାପ୍ତି ପର୍ଯ୍ୟନ୍ତ ଅନ୍ୟ ଧର୍ମ ସଙ୍ଗେ ସଙ୍ଗେ ଚାଲେ, କିନ୍ତୁ ଯେତେବେଳେ ଚେତନା-ସ୍ତରର ପୂର୍ଣ୍ଣ ପରିବର୍ତ୍ତନ ହୁଏ, ସେତେବେଳେ ଏହା ଅଧିକ ସମ୍ଭବ ହୁଏ ନାହିଁ ।

ପ୍ରଶ୍ନ : ଉପରୋକ୍ତ ଯୁକ୍ତି ଅନୁସାରେ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ମନୁଷ୍ୟ ରୋଗ, ଜରା, ମୃତ୍ୟୁ ଅଧୀନରୁ ପୂର୍ଣ୍ଣ ମୁକ୍ତି, ମନର ଅତିମାନସରେ ପୂର୍ଣ୍ଣ ରୂପାନ୍ତର, ଦିବ୍ୟ ମାନବଜାତି

ସ୍ଥାପନ, ପୃଥିବୀ ସ୍ୱର୍ଗରେ ପରିଣତ ହୁଏ । ତେବେ ଏହାହିଁ ହେବ ଯୁଗ-ଧର୍ମ । ପୂର୍ବପରି ଏହି ଯୁଗରେ ସବୁପ୍ରକାର ସାଧନାର ଭିନ୍ନତା ରହିବ ନା ସମସ୍ତ ପୁରାତନ ସାଧନା ଲୁପ୍ତ ହେବ ? ଯଦି ଲୁପ୍ତ ନ ହୁଏ ତେବେ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ପ୍ରାଣୀ ସକାଶେ ବୋଲି କୁହାହେଉଛି କାହିଁକି ? ଯଦି ଏହାହିଁ ହୁଏ ତେବେ ମନୁଷ୍ୟର ଭିନ୍ନ ସ୍ୱଭାବ ଅନୁସାରେ ଯେଉଁ ଭିନ୍ନ ଭିନ୍ନ ସାଧନା ପ୍ରଣାଳୀ ଶାସ୍ତ୍ରରେ ବିଧାନ କରାହୋଇଛି ତାହା ବା ଉପଯୋଗୀ ହେବ କିପରି ?

ଉତ୍ତର : ସିଦ୍ଧାନ୍ତ ଅନୁସାରେ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ବ୍ୟକ୍ତି ସକାଶେ — ଏହା ଠିକ୍ । କର୍ମରେ ଏହା ହେବା ସମ୍ଭବ ନୁହେଁ । ପଶୁ ପରେ ମନୁଷ୍ୟର ସୃଷ୍ଟି ହୋଇଛି । କିନ୍ତୁ ପଶୁଜାତି ଲୋପ ପାଇ ନାହିଁ । ସେହିପରି ଅତିମାନବ ପୃଥିବୀରେ ପ୍ରତିଷ୍ଠିତ ହେଲେ ମାନବଜାତି ରହିବ ଏବଂ ପୁରାତନ ଯୋଗ ବି ରହିବ, କିନ୍ତୁ ଗୌଣଭାବେ । ଯେଉଁ ପୁରାତନ ଯୋଗୀମାନେ ରୂପାନ୍ତରିତ ହେବାକୁ ଚାହିଁବେ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପାରିବେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦିଓ ଗୋଟିଏ ବୈପ୍ଲବିକ ରୂପାନ୍ତର ଆଉ ପୁରାତନ ମାନସ ଚେତନାଠାରୁ ଏକେବାରେ ନୂତନ ଅତିମାନସ ଚେତନା ପ୍ରାପ୍ତ ହୁଏ, ନୂତନ ଯୁଗର ଧର୍ମସ୍ଥାପନା ହୁଏ, ତଥାପି ତାହା ପୁରାତନ ଯୋଗ ଓ ତା'ର ପ୍ରଣାଳୀକୁ ହତାଦର କରେ ନାହିଁ, ସେସବୁକୁ ପୂର୍ଣ୍ଣ କରି ତୋଳେ । ସମସ୍ତ ପୁରାତନ ଯୋଗ ମଧ୍ୟରେ ଯେଉଁ ବିରୋଧ ଥିଲା, ସେଥିରେ ସାମଞ୍ଜସ୍ୟ ସ୍ଥାପନ କରେ, ପୁରାତନ ଯୋଗପ୍ରଣାଳୀକୁ ନୂତନ ରୂପ ଦିଏ । ସାଧକର ସାଧନାର ସମସ୍ତ ଭାର ଭାଗବତୀ ଶକ୍ତିକୁ ସମର୍ପଣ କରାହେବା ଦ୍ୱାରା ଭାଗବତୀ ଶକ୍ତି ସାଧକକୁ ତା'ର ସ୍ୱଧର୍ମ ଅନୁସାରେ ଭିନ୍ନ ଭିନ୍ନ ପ୍ରଣାଳୀରେ ଲକ୍ଷ୍ୟ ସ୍ଥାନକୁ ନେଇଯା'ନ୍ତି । ଶେଷରେ ଏସବୁ ସାଧନାର ଭିନ୍ନ ଭିନ୍ନ ଧାରା ଏକ ଓ ପୂର୍ଣ୍ଣ ହୁଏ ଯେପରି ଭିନ୍ନ ଭିନ୍ନ ମାର୍ଗରେ ଭିନ୍ନ ଭିନ୍ନ ନଦୀ ଗତିକରି ସମୁଦ୍ରରେ ପହଞ୍ଚି ସମସ୍ତେ ମିଳି ଏକ ହୋଇଯା'ନ୍ତି ।

ପ୍ରଶ୍ନ : ଗୀତାରେ କୁହାହୋଇଛି, ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'' ସ୍ୱଧର୍ମ କ'ଣ ? ତାହା ଶ୍ରୀଅରବିନ୍ଦଙ୍କ ଯୋଗରେ ସ୍ୱାଭାବିକ ରୂପେ ଆଚରିତ ହେଉଛି କିପରି ? ପୁରାତନ ଯୋଗମାନଙ୍କରେ ଏହା ପ୍ରତ୍ୟେକ ସାଧକ ପକ୍ଷେ ଆଚରଣ କରିବା ସୁଲଭ ନ ଥିଲା କାହିଁକି ?

ଉତ୍ତର : ନିଜ ସତ୍ତା ଏବଂ ସ୍ୱଭାବ ଉପଯୋଗୀ ଧର୍ମ ପାଳନ କରିବାର ଅର୍ଥ 'ସ୍ୱଧର୍ମ' । ଗୀତା 'ସ୍ୱଧର୍ମ' ଉପରେ ଅତ୍ୟଧିକ ଜୋର୍ ଦେଇଛି । ସେହି ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବହୁତ ପ୍ରକାର ଯୋଗ ଏବଂ ଜ୍ଞାନ, କର୍ମ, ଭକ୍ତି — ଏହି ତ୍ରୟ ମାର୍ଗର ଉପଦେଶ ଭିନ୍ନ ଭିନ୍ନ ଭାବରେ ଦେଇଛନ୍ତି । ଶ୍ରୀକୃଷ୍ଣଙ୍କ ଭଗବାନତ୍ୱକୁ ଯଦି ବାଦ୍ ଦିଆହୁଏ ତେବେ ବି ଯୋଗୀ ହିସାବରେ ସେ ଏତେ ଉଚ୍ଚ କୋଟୀର ଥିଲେ ଯେ ଅର୍ଜୁନଙ୍କ ସ୍ୱଭାବ ଭଲଭାବେ ଜାଣିବା ତାଙ୍କ ପକ୍ଷେ ସ୍ୱାଭାବିକ ଥିଲା । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ ସ୍ୱଧର୍ମ ଅନୁସାରେ ସିଧା 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' — ଏହି ଉପଦେଶ ଦେଇଥାନ୍ତେ, ପୁଣି ଏତେ ସାଧନାମାର୍ଗ କାହିଁକି କହିଲେ ? ଏହାର କାରଣ ହେଉଛି ମନୁଷ୍ୟର ସ୍ୱଭାବ ଭିନ୍ନ ହେବାରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିମିତ୍ତ କରି ସଂସାରର ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଉପଦେଶ ଦେଇଛନ୍ତି । ବ୍ୟକ୍ତିର ଭିନ୍ନ ଭିନ୍ନ ରୁଚି, ସ୍ୱଭାବ ଅନୁସାରେ ତା'ର ନିଜର ଧର୍ମ ସ୍ୱତନ୍ତ୍ର ଏବଂ ଅନ୍ୟଠାରୁ ପୃଥକ୍ ।

ପ୍ରଶ୍ନ : ଗୀତାରେ ଈଶ୍ୱରଙ୍କର ବହୁ ରୂପ ବର୍ଣ୍ଣିତ ହୋଇଛି । ତେବେ ଈଶ୍ୱରଙ୍କର ରୂପ ଏକ ନା ଅନେକ ?

ଉତ୍ତର : ଈଶ୍ୱର ଏକ କିନ୍ତୁ ତାଙ୍କର ଭିନ୍ନ ଭିନ୍ନ ରୂପ । ବ୍ୟକ୍ତି ତାଙ୍କର ପୂର୍ଣ୍ଣ ସ୍ୱରୂପ ପ୍ରାପ୍ତ କଲେ ସେହି ପୂର୍ଣ୍ଣତ୍ୱରେ ସେ ଭିନ୍ନ ଭିନ୍ନ ରୂପ ଉପଲବ୍ଧି କରେ । ତାହା ହୁଏ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ହେବାରେ । ଗୀତା ଅଧ୍ୟାୟ ୧୫, ଶ୍ଲୋକ ୧୬, ୧୭ ଓ ୧୮ରେ ଭଗବାନଙ୍କର ପୂର୍ଣ୍ଣ ସ୍ୱରୂପର ବର୍ଣ୍ଣନା କରାହୋଇଛି ।

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥୧୬॥
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ॥୧୭॥

ୟସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥୧୮॥

ଯଥାର୍ଥ ସମୟ ଆସି ନ ଥିବାରୁ ଗୀତାରେ ଯଦ୍ୟପି ଜୀବନର ପୂର୍ଣ୍ଣତା ବିଷୟ ବହୁତ ସ୍ପଷ୍ଟଭାବେ ବର୍ଣ୍ଣନା କରାହୋଇ ନାହିଁ, ତଥାପି ଈଶ୍ୱରଙ୍କ ପୂର୍ଣ୍ଣସ୍ୱରୂପ ପ୍ରତିପାଦନ କରାଯାଇ ପୂର୍ଣ୍ଣତାର ସୂଚନା ଦିଆଯାଇଛି । ପୂର୍ଣ୍ଣତାର ଆଧାର ତୟାର କରାହୋଇଅଛି, ଯାହାକୁ ଭିତ୍ତି କରି ପୂର୍ଣ୍ଣତା ପ୍ରତିଷ୍ଠିତ ହୋଇପାରିବ । ପ୍ରସ୍ଥାନତ୍ରୟ ମଧ୍ୟରେ ଗୀତା ଗୋଟିଏ ଶାସ୍ତ୍ର ।

ଯେଉଁ ଆଚାର୍ଯ୍ୟମାନେ ଯେତେବେଳେ ପୃଥିବୀକୁ ଆସି ଗୋଟିଏ ନୂତନ ଅଧ୍ୟାତ୍ମ ଧର୍ମ ପ୍ରଚାର କରନ୍ତି, ସେମାନେ ନିଜ ସିଦ୍ଧାନ୍ତ ପ୍ରସ୍ଥାପିତ କରିବା ସକାଶେ ଗୀତା, ଉପନିଷଦ, ବେଦର ଭାଷ୍ୟ ଲେଖନ୍ତି । ଅର୍ଥାତ୍ ଏହି ଶାସ୍ତ୍ରକୁ ନିଜ ମତ ଅନୁସାରେ ଅର୍ଥ କରନ୍ତି । ଯେଉଁମାନେ ପ୍ରସ୍ଥାନତ୍ରୟ ନ ଲେଖନ୍ତି ସେମାନେ ଗୀତା-ବ୍ୟାଖ୍ୟା ଅବଶ୍ୟ କରନ୍ତି ।

ସମସ୍ତ ଗୀତା-ବ୍ୟାଖ୍ୟାକାର ନିଜ ସିଦ୍ଧାନ୍ତକୁ ସମର୍ଥନ କରିବାକୁ ଯାଇ କେହି କର୍ମକୁ ସ୍ୱଧର୍ମ ମାନି ତାହାକୁହିଁ ଗୀତାର ପ୍ରଧାନ ଶିକ୍ଷାର ସ୍ଥାନ ଦେଇ ଅନ୍ୟ ସବୁକୁ ଗୌଣ ମାନି ନେଇଅଛନ୍ତି । କେହି କେହି ଜ୍ଞାନ ଏବଂ ଭକ୍ତିକୁ ମଧ୍ୟ ସ୍ୱଧର୍ମ ମାନି ସେସବୁକୁ ପ୍ରଧାନ ସ୍ଥାନ ଦେଇଅଛନ୍ତି । କୌଣସି ଗୋଟିକୁ ପଢ଼ିଲେ ତାହାହିଁ ଠିକ୍ ଆଉ ଯୁକ୍ତିଯୁକ୍ତ ମନେ ହେଉଅଛି । କିନ୍ତୁ ଏକରୁ ଅଧିକ ଗୀତା-ଭାଷ୍ୟ ପଢ଼ିଲେହିଁ ମନରେ ଦ୍ୱନ୍ଦ୍ୱ ଉପୁଜୁଅଛି; ଏହା ଠିକ୍ ଅଥବା ତାହା ଠିକ୍, ଏହା ନିର୍ଣ୍ଣୟ କରିବା କଠିନ ହୋଇପଡୁଛି । ବିରୋଧର ସାମଞ୍ଜସ୍ୟ କେବଳ ଶ୍ରୀଅରବିନ୍ଦଙ୍କ ଗୀତା-ନିବନ୍ଧରେ ହୋଇଅଛି ।

ଯେଉଁମାନେ ଗୀତାର ପ୍ରଧାନ ଶିକ୍ଷା କର୍ମକୁ ସ୍ୱଧର୍ମ ମାନିଛନ୍ତି, ସେମାନେ କହନ୍ତି, ''ମନୁଷ୍ୟର ସ୍ୱତଃ ପ୍ରବୃତ୍ତି ଯେଉଁଥିରେ ହୁଏ ତାହାହିଁ ସ୍ୱଧର୍ମ ।'' ଅତଏବ ମନୁଷ୍ୟର ସ୍ୱତଃ ପ୍ରବୃତ୍ତି କର୍ମରେ, ଏଣୁ ତାହାର ସ୍ୱଧର୍ମ ପିତାମାତା ସେବା, ଜନସେବା ଇତ୍ୟାଦି କର୍ମ । ଜ୍ଞାନୀ, ଭକ୍ତ ଭାଷ୍ୟକାର ମଧ୍ୟ ଠିକ୍ ଏହିପରି ଯୁକ୍ତିତର୍କରେ ନିଜ ମତ ସିଦ୍ଧ କରିଛନ୍ତି । ଏହି ସ୍ୱଧର୍ମ ପ୍ରତିପାଦନରେ ପରସ୍ପର ବିରୋଧ ମତବାଦ ଦୃଷ୍ଟିଗୋଚର ହେଉଅଛି । ଜ୍ଞାନ, ଭକ୍ତି, କର୍ମ ମଧ୍ୟରୁ ଯଦି କୌଣସି ଗୋଟିକୁ ସମସ୍ତ ବ୍ୟକ୍ତିଙ୍କର ଧର୍ମ ମାନିବାକୁ ହୁଏ, ତାହା ଯୁକ୍ତିଯୁକ୍ତ ହେବ ନାହିଁ । କାରଣ ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ ଭିନ୍ନ, ସେହି ଅନୁସାରେ ସ୍ୱଧର୍ମ ମଧ୍ୟ ଭିନ୍ନ ହେବା ଯୁକ୍ତିଯୁକ୍ତ । ଯେତେବେଳେ ଭଗବାନ୍ ସ୍ୱୟଂ ଏକରୁ ବହୁ ହେଲେ, ସେତେବେଳେ ସେ ବୈଚିତ୍ର୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ରୂପେ ପ୍ରକଟ ହେଲେ । ଆମ୍ଭେମାନେ ଦେଖୁଥାଇ ପ୍ରତ୍ୟେକ ବ୍ୟକ୍ତିର ଶରୀର-ଗଠନ, ପ୍ରାଣ-କ୍ରିୟା, ମନର ବିଚାର ଏକର ଅନ୍ୟଠାରୁ ଏକେବାରେ ଭିନ୍ନ । ଏପରିକି ପ୍ରତ୍ୟେକ ଅଧ୍ୟାତ୍ମ ସାଧକର ଏକପ୍ରକାର ସାଧନା ହେବା ସତ୍ତ୍ୱେ ଅନୁଭୂତିରେ ରହିଛି ପାର୍ଥକ୍ୟ ।

ମନୁଷ୍ୟ ପରିଚାଳିତ ହେଉଛି ଆତ୍ମା, ମନ, ପ୍ରାଣ ଓ ଶରୀର ଦ୍ୱାରା । ଏହି ସମସ୍ତ ଏକତ୍ରିତ ହେବାରୁ ହୁଏ ବ୍ୟକ୍ତି । କେବଳ ଆତ୍ମା ଭଗବତ୍ ଶୁଦ୍ଧସ୍ୱରୂପ । ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱର ଏକେବାରେ ବିକୃତ ରୂପ । ମନୁଷ୍ୟ ମଧ୍ୟରେ କାହାର ମନ ଉନ୍ନତ, ଶୁଦ୍ଧ, ଅନ୍ୟ କାହାର ପ୍ରାଣ ଭାବମୟ, କାହାର କର୍ମରେ ନିଷ୍ଠା । ସାଧାରଣତଃ ମନପ୍ରଧାନ, ପ୍ରାଣପ୍ରଧାନ ଓ କର୍ମପ୍ରଧାନ ଏହି ତିନିପ୍ରକାର ବ୍ୟକ୍ତି ହୁଅନ୍ତି । ଏମାନଙ୍କ ମଧ୍ୟରେ ବି ବହୁପ୍ରକାର ପ୍ରଭେଦ ଅଛି । କାରଣ ମନୁଷ୍ୟ ବହୁତ ସତ୍ତା ଦ୍ୱାରା ଗଠିତ । ମନ-ପ୍ରାଣ-ଶରୀରଧାରୀ ପ୍ରାଣୀମାନଙ୍କ ମଧ୍ୟରେ ଯେପର୍ଯ୍ୟନ୍ତ ଆତ୍ମା ଜାଗ୍ରତ ନ ହୋଇ ଏସବୁର ପଶ୍ଚାତରେ ସୁପ୍ତ ଥାଏ ଅର୍ଥାତ୍ ତା'ର ପ୍ରଭାବ ଏମାନଙ୍କ ଉପରେ ନ ପଡ଼େ ସେପର୍ଯ୍ୟନ୍ତ ମନୁଷ୍ୟ ଯଥାର୍ଥ ସ୍ୱଧର୍ମ ଆଚରଣ କରିପାରେ ନାହିଁ । ତାହାର ସ୍ୱଧର୍ମର ବିରୋଧ କର୍ମ କରି ସୁଖ ଦୁଃଖ ଭୋଗେ, ଜନ୍ମ-ମରଣ ଚକ୍ରରେ ପଡ଼େ ।

ଆତ୍ମା ଜାଗ୍ରତ ହେବାର ଲକ୍ଷଣ

ଆତ୍ମା ଜାଗ୍ରତ ହେଲେ କୌଣସି ସୁଯୋଗ ପାଇ ବ୍ୟକ୍ତି ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେବାକୁ ଯତ୍ନବାନ୍ ହୁଏ । କିନ୍ତୁ ସେ ଯଦି ସ୍ୱଧର୍ମ ଉପଯୋଗୀ ଭଗବତ୍‌ପ୍ରାପ୍ତିର ମାର୍ଗ ପାଏ, ତେବେ ଶୀଘ୍ର ଅଗ୍ରସର ହୋଇପାରେ । ଅନ୍ୟଥା ପ୍ରତିକୂଳ ମାର୍ଗରେ ଯାତ୍ରା କଲେ ତାହାର ସ୍ୱଭାବକୁ ଅନୁକୂଳ କରିବାରେ ଯଥେଷ୍ଟ ସମୟ ଲାଗେ ।
ଉଦାହରଣ –

ଯେପରି ଜଣେ ହୃଦୟବାନ୍ ଭକ୍ତ, ସେ ଯଦି ଅଦ୍ୱୈତ ସଂପ୍ରଦାୟର ସନ୍ନ୍ୟାସୀଗୁରୁଙ୍କୁ ପ୍ରାପ୍ତ ହୁଏ, ତେବେ ସେ ତାକୁ ମସ୍ତିଷ୍କପ୍ରଧାନ ବିଚାର, ସାଧନ ଓ ଜ୍ଞାନମାର୍ଗର ଉପଦେଶ ଦିଅନ୍ତି । ଯଦି ମସ୍ତିଷ୍କପ୍ରଧାନ ବିଚାରପ୍ରିୟ ବ୍ୟକ୍ତି କୌଣସି ଭକ୍ତ-ଗୁରୁଙ୍କୁ ପ୍ରାପ୍ତ ହୁଅନ୍ତି ତେବେ ସେ ତାକୁ ଜପ, ଧ୍ୟାନ, ଉପାସନା ଓ ଭକ୍ତିର ଉପଦେଶ ଦିଅନ୍ତି । ଏହା ବ୍ୟକ୍ତିର ସ୍ୱଧର୍ମର ପ୍ରତିକୂଳ ହୁଏ, ସିଦ୍ଧିରେ ବହୁତ ବିଳମ୍ବ ହୁଏ । ଉପରୋକ୍ତ ବିଚାରରୁ ସ୍ପଷ୍ଟ ହେଉଛି, ଭଗବତ୍ ପ୍ରାପ୍ତିର ତ୍ରୟୀ ମାର୍ଗ – ଜ୍ଞାନ, ଭକ୍ତି, କର୍ମ – ମଧ୍ୟରୁ କୌଣସି ଗୋଟିଏ ମାର୍ଗ ସମସ୍ତଙ୍କର ଉପଯୋଗୀ ନୁହେଁ, ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ୱଭାବ ଅନୁସାରେ ଭିନ୍ନ ମାର୍ଗ ହେବା ଉଚିତ । ପୁରାତନ ଯୋଗରେ ଏ ବିଷୟରେ ବିଚାର ନ କରି କେବଳ ନିଜ ସିଦ୍ଧାନ୍ତ ପୋଷଣ କରିବା ସକାଶେ ତ୍ରୟୀମାର୍ଗ ମଧ୍ୟରୁ କୌଣସି ଗୋଟିଏକୁ 'ସ୍ୱଧର୍ମ' ମାନିନେଇଛନ୍ତି । ଯୁଗଧର୍ମ ଅନୁସାରେ କିଛି ଅଂଶରେ ତାହାର ମଧ୍ୟ ଉପଯୋଗିତା ବୋଧ ହେଉଥିଲା । ବର୍ତ୍ତମାନ କର୍ମ, ଜ୍ଞାନ ଓ ଭକ୍ତିର ସାମଞ୍ଜସ୍ୟ, ଏକତ୍ୱ ଏବଂ ପୂର୍ଣ୍ଣତ୍ୱର କାଳ । ଏ ସମୟରେ ସମନ୍ୱୟୋପଯୋଗୀ ମାର୍ଗରେ ଏବଂ ଯଥାର୍ଥ ସ୍ୱଧର୍ମ ଅନୁସାରେ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେବା ଉଚିତ । ଶ୍ରୀଅରବିନ୍ଦଙ୍କ ଯୋଗ କାଳ-ଉପଯୋଗୀ, ସାମଞ୍ଜସ୍ୟପୂର୍ଣ୍ଣ ଏବଂ 'ସ୍ୱଧର୍ମ'ର ଅନୁକୂଳ । ଏହିଥିରେହିଁ ସମସ୍ତ ପୁରାତନ ଯୋଗର ପୂର୍ଣ୍ଣତା ।

ପ୍ରଶ୍ନ : ପୁରାତନ ଯୋଗମାନଙ୍କରେ ଏକହିଁ ପ୍ରକାରର ନିର୍ଦ୍ଦିଷ୍ଟ ସାଧନା-ପ୍ରଣାଳୀ ପ୍ରତ୍ୟେକ ବ୍ୟକ୍ତି ସକାଶେ ଥିଲା । ଶ୍ରୀଅରବିନ୍ଦଙ୍କ ଯୋଗରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ସକାଶେ ନିର୍ଦ୍ଦିଷ୍ଟ ପ୍ରଣାଳୀ : ଅଭୀପ୍ସା, ସମର୍ପଣ, ତ୍ୟାଗ, ନାମଜପ, ହୃତ୍‌ପୁରୁଷ (Psychic being)ର ଜାଗରଣ, ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ କ୍ରିୟାପଦ୍ଧତି ଅଛି । ଯଦି ଏଥିରେ ଭିନ୍ନ ଭିନ୍ନ ବ୍ୟକ୍ତି ସକାଶେ ଭିନ୍ନ ଭିନ୍ନ ମାର୍ଗ ଥା'ନ୍ତା, ତେବେ ପ୍ରତ୍ୟେକ ବ୍ୟକ୍ତି ସ୍ୱଧର୍ମ ଅନୁସାରେ ସାଧନା କରୁଛନ୍ତି ବୋଲି କୁହାଯା'ନ୍ତା । ଭିନ୍ନ ଭିନ୍ନ ବ୍ୟକ୍ତି ସକାଶେ ଭିନ୍ନ ସାଧନା ନାହିଁ, ପୁଣି ଶ୍ରୀଅରବିନ୍ଦଙ୍କ ଯୋଗରେ 'ସ୍ୱଧର୍ମ' ଅନୁସାରେ ସାଧକ କିପରି ସାଧନା କରୁଛି ?

ଉତ୍ତର : ଶ୍ରୀଅରବିନ୍ଦଙ୍କ ଯୋଗରେ ଅଭୀପ୍ସା, ସମର୍ପଣ, ତ୍ୟାଗ, ନାମଜପ ନିର୍ଦ୍ଦିଷ୍ଟ ସାଧନ-ପ୍ରକ୍ରିୟା ଥିବା ସତ୍ତ୍ୱେ ପ୍ରତ୍ୟେକ ସାଧକଙ୍କର ନିଜର ସ୍ୱଭାବ ଅନୁସାରେ ସାଧନ ପ୍ରଣାଳୀ ଭିନ୍ନ । କାରଣ ସାଧକର ସାଧନା-ଭାର ସ୍ୱୟଂ ଭାଗବତୀ ଶକ୍ତି ନେଇ ସାଧକକୁ ତାହାର ସ୍ୱଭାବ ଅନୁସାରେ କର୍ମ, ଜ୍ଞାନ ଅଥବା ଭକ୍ତି ମଧ୍ୟଦେଇ ଯଥାର୍ଥ ମାର୍ଗରେ ପରିଚାଳିତ କରନ୍ତି । ସେଥିପାଇଁ ସାଧକ ତାହାର ସ୍ୱଭାବ-ଅନୁକୂଳ ଯଥାର୍ଥ ମାର୍ଗରେ ଅଗ୍ରସର ହୁଏ ।

ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା ହୃତ୍‌ପୁରୁଷ (Psychic being) ଜାଗ୍ରତ ହୁଏ । ସାଧକର ସ୍ୱଭାବ ଅନୁସାରେ ସ୍ୱତଃସ୍ଫୂର୍ତ୍ତଭାବେ ନିଜ ଆଧାର ତିଆରି କରିବା ସକାଶେ ଅଥବା ବିପରୀତ ଅବସ୍ଥା ସଂଶୋଧନ କରିବା ସକାଶେ କିଂବା ପ୍ରତିକୂଳ ଶକ୍ତିମାନଙ୍କ କ୍ରିୟାକୁ ବର୍ଜନ କରିବା ସକାଶେ ବା ଶାନ୍ତି, ଜ୍ଞାନ, ଭକ୍ତି, ଏକାଗ୍ରତା ସକାଶେ ଯେଉଁ ସମୟରେ ଯାହା ଆବଶ୍ୟକ ହୁଏ ତାହା ସକାଶେ ହୃତ୍‌ପୁରୁଷ (Psychic being) ଅଭୀପ୍ସା କରେ ଏବଂ ପ୍ରାପ୍ତ କରେ । ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରି ସାଧକର ସ୍ୱଭାବ ଓ ସମୟ ଅନୁସାରେ ଯେଉଁ ସତ୍ତାରେ ଯେଉଁ ଅବସ୍ଥା ପରିବର୍ତ୍ତନ ତଥା ଶୁଦ୍ଧ କରିବାକୁ ହେବା ଉଚିତ ତାହା କରେ, ଯାହା ତ୍ୟାଗ କରିବା ଉଚିତ ତାହା ତ୍ୟାଗ କରେ । ସାଧକ ସତର୍କ ହୋଇ ଭାଗବତୀ ଶକ୍ତିର କ୍ରିୟାକୁ ନିରୀକ୍ଷଣ କରେ, ସେଥିରେ ସମ୍ମତି ଦିଏ, ପ୍ରତିକୂଳ ଶକ୍ତିର କ୍ରିୟାକୁ ଭାଗବତୀ ଶକ୍ତି ସାହାଯ୍ୟରେ ବର୍ଜନ କରେ । ଏହି ଯୋଗରେ ସାଧକ ମଧ୍ୟରେ ସାଧନାକ୍ରିୟା ଭାଗବତୀ ଶକ୍ତି କରନ୍ତି, ଏବଂ

ସାଧକକୁ ତା'ର ଯଥାର୍ଥ ସ୍ୱଧର୍ମ-ମାର୍ଗରେ ଲକ୍ଷ୍ୟକୁ ନେଇଯାଆନ୍ତି । ଯଦ୍ୟପି ପ୍ରତ୍ୟେକ ସାଧକର ସମସ୍ତ ସତ୍ତାର ରୂପାନ୍ତର କ୍ରିୟା ହୁଏ, ତଥାପି ତାହା ହୁଏ ବ୍ୟକ୍ତିବିଶେଷରେ ଭିନ୍ନ ଭିନ୍ନ ଭାବେ, ଭିନ୍ନ ଭିନ୍ନ ପ୍ରଣାଳୀରେ, ଭିନ୍ନ ଭିନ୍ନ ସମୟରେ । କୌଣସି ସାଧକର ଯେଉଁ ଭାଗ ପ୍ରଥମରେ ରୂପାନ୍ତରିତ ହୁଏ ଅନ୍ୟ ସାଧକର ସେହି ଭାଗ ଶେଷରେ ହୋଇପାରେ ।

ପ୍ରଶ୍ନ : ଏହା ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିଥିବା ସାଧକମାନଙ୍କ ସକାଶେ ଉଚିତ; କିନ୍ତୁ ପୁରାତନ ଯୋଗମାର୍ଗର ସାଧକ ଗୋଟିଏ ମାର୍ଗକୁ ଗ୍ରହଣ କରି ନେଇଛନ୍ତି । ସେମାନଙ୍କର ତାହା ସ୍ୱଭାବରେ ପରିଣତ ହୋଇଛି । ସେମାନେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରନ୍ତି ତେବେ ତାହା ସେମାନଙ୍କର ସ୍ୱଭାବର ପ୍ରତିକୂଳ ହେବ ନାହିଁ କି ?

ଉତ୍ତର : ସେମାନଙ୍କର ସ୍ୱଭାବର ପ୍ରତିକୂଳ ହେବ ନାହିଁ; କାରଣ ପୁରାତନ ଯୋଗ-ସାଧକମାନେ କେବଳ ଭାଗବତୀ ଶକ୍ତିଙ୍କୁ ସମର୍ପଣ କଲେ ସେ ସାଧକର ସ୍ୱଭାବ ଅନୁକୂଳ ମାର୍ଗ ମଧ୍ୟଦେଇ ଲକ୍ଷ୍ୟକୁ ନେଇଯା'ନ୍ତି । ଭାଗବତୀ ଶକ୍ତି ସାଧକର ସମସ୍ତ ସତ୍ତା ଏବଂ ପ୍ରତିକୂଳ ଶକ୍ତିମାନଙ୍କ ଆକ୍ରମଣକୁ ଉତ୍ତମରୂପେ ଜାଣନ୍ତି, ଆଉ ସେସବୁର ଆକ୍ରମଣରୁ ରକ୍ଷା କରନ୍ତି, ସାଧକକୁ ଅଭ୍ରାନ୍ତ ମାର୍ଗରେ ନେଇଚାଲନ୍ତି । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ପୁରାତନ ଯୋଗର ବିରୋଧ ନୁହେଁ, ସମସ୍ତ ଯୋଗର ପରିପୂରକ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଭାଗବତୀ ଶକ୍ତି ସାଧକକୁ ପରିଚାଳିତ କରିବାରୁ ତାହାର ସ୍ୱଧର୍ମ ସ୍ୱତଃସ୍ଫୂର୍ତ୍ତଭାବେ ପାଳିତ ହୁଏ । କାରଣ ଭାଗବତୀ ଶକ୍ତି ନିଜ ଜ୍ଞାନଦୃଷ୍ଟିରେ ତାହାର 'ସ୍ୱଧର୍ମ' ଜାଣି ସେହି ମାର୍ଗରେ ତାକୁ ଲକ୍ଷ୍ୟକୁ ନେଇଯା'ନ୍ତି । କେତେକ ପୁରାତନ ଯୋଗରେ ସମର୍ପଣ ଯଦିଓ ଅଛି ତଥାପି ନିର୍ଦ୍ଦିଷ୍ଟ ଭାବେ ଭାଗବତୀ ଶକ୍ତି ଦ୍ୱାରା ସାଧନା ପରିଚାଳିତ ହେବାର ନାହିଁ । ସେ ସକାଶେ ସେମାନେ ଠିକ୍ ସ୍ୱଧର୍ମ ମାର୍ଗରେ ନିଶ୍ଚିତରୂପେ ପରିଚାଳିତ ହୋଇପାରନ୍ତି ବୋଲି କହିବା କଠିନ । ସାଧନାର ଅନୁକୂଳ ଯାହାର ସ୍ୱଭାବ ଥାଏ, ତାହା ତା'ର ସ୍ୱଧର୍ମ ହୋଇଥାଏ । ସାଧନାର ପ୍ରତିକୂଳ ଯାହାର ସ୍ୱଭାବ, ତାକୁ ସଂଘର୍ଷ କରିବାକୁ ପଡ଼େ । ଜ୍ଞାନମାର୍ଗରେ ଭାଗବତୀ ଶକ୍ତିର ପରିଚାଳନାର ପ୍ରଶ୍ନ ଉଠେ ନାହିଁ । ବୈଷ୍ଣବ ଓ ତାନ୍ତ୍ରିକମାନଙ୍କର ଯଦିଓ ସମର୍ପଣ ଅଛି ତାହା ଆଂଶିକ ଅର୍ଥାତ୍ ଶରୀରର ସମର୍ପଣ ହୁଏ ନାହିଁ ଏବଂ ଶରୀରର ରୂପାନ୍ତର ମଧ୍ୟ ସେମାନଙ୍କର ଲକ୍ଷ୍ୟ ନ ଥାଏ ।

ପ୍ରତ୍ୟେକ ବ୍ୟକ୍ତିର ଅବସ୍ଥା

ସଂସାରରେ ପ୍ରତ୍ୟେକ ବ୍ୟକ୍ତି ସୁଖରେ ରହିବାକୁ ଚାହେଁ । ସେହି ସୁଖ ପାଇଁ ବ୍ୟକ୍ତି ଚାଷ କରେ, ବେପାର କରେ, ଚାକିରି କରେ, ମିଛ କହେ, ଚୋରି କରେ ଓ ନାନାଦି ଜାଲଜୁଆଚୋରି ମଧ୍ୟ କରେ । ଯେଉଁମାନେ ସୁଖ ପାଇବା ଉଦ୍ଦେଶ୍ୟରେ ନାନାଦି କୁକର୍ମ ଓ ମିଥ୍ୟାଚାର କରନ୍ତି, ସେମାନେ ପ୍ରକୃତରେ ଅଧିକ ଦୁଃଖ ପାଆନ୍ତି । ସେମାନଙ୍କୁ ସୁଖ କେବେ ବି ମିଳେ ନାହିଁ । ଏହିପରି ଲୋକ ବର୍ତ୍ତମାନ ସଂସାରରେ ବହୁ ସଂଖ୍ୟାରେ ଅଛନ୍ତି । ସେ ନେଇ ସଂସାରରେ ଅତ୍ୟନ୍ତ ଦୁଃଖ । ପ୍ରକୃତରେ ସୁଖୀ ସେହିମାନେ, ଯେଉଁମାନେ ଭଗବାନଙ୍କୁ ମାନନ୍ତି, ସତ୍ୟ ଆଚରଣ କରନ୍ତି ଓ ଅନ୍ୟକୁ ହିଂସା କରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଭଗବାନ୍ ଅଛନ୍ତି । ତୁମେ ଯଦି କାହାକୁ ହିଂସା କରିବ କିଂବା କଷ୍ଟ ଦେବାକୁ ଚାହିଁବ ଅଥବା ଦେବ, ତେବେ ସେହି କଷ୍ଟର ପ୍ରତିକ୍ରିୟା ତୁମ ଉପରେ ଆସି ପଡ଼ିବ । ସେ କଷ୍ଟ ପାଇ ଦୁଃଖ ପାଇବ, ତୁମେ କଷ୍ଟଦେଇ ମଧ୍ୟ ଦୁଃଖ ପାଇବ ।

ଉଦାହରଣ —

ଯଦି କେହି ବ୍ୟକ୍ତି କାହା ସଙ୍ଗେ ଝଗଡ଼ା କରେ, ଗାଳି ଦିଏ, ଯେ ଗାଳି ଖାଏ ତା'ର ରାଗ ହୁଏ । ସେ ପ୍ରତିଶୋଧ ନେବାକୁ ବରାବର ଚେଷ୍ଟା କରେ ଓ ସେହି ବିଷୟରେ ବରାବର ଚିନ୍ତା କରେ । ତା'ର ସବୁ ପ୍ରକାର ଅଶାନ୍ତି ହୁଏ । ଦିନରାତି ସେହି କଥା ଭାବି ତା' ହୃଦୟ ଜଳୁଥାଏ । ସେହି ବ୍ୟକ୍ତିର ଯେପରି ହୁଏ, ଠିକ୍ ସେହିପରି ଗାଳି

ଦେଇଥିବା ବା ଝଗଡ଼ା କରିଥିବା ବ୍ୟକ୍ତିର ହୁଏ । ବ୍ୟକ୍ତି ଝଗଡ଼ା କରେ, ମାଲିମକଦ୍ଦମା କରେ, ଅନ୍ୟ ବ୍ୟକ୍ତିକୁ ଜବତ୍ କରିବା ପାଇଁ, କଷ୍ଟ ଦେବା ପାଇଁ, କିନ୍ତୁ ତାକୁ ଯେପରି କଷ୍ଟ ହୁଏ, ନିଜକୁ ମଧ୍ୟ ସେହିପରି କଷ୍ଟ ହୁଏ । ଦୁଇ ଜଣଙ୍କର ସମାନ ହାନି, ସମାନ କଷ୍ଟ, ସମାନ ଅଶାନ୍ତି ଓ ସମାନ ଦ୍ୱନ୍ଦ୍ୱ । ଏଣୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟକୁ ହିଂସା ନ କଲେ, ଅନ୍ୟକୁ କଷ୍ଟ ନ ଦେଲେ ସେ ନିଜେ ସୁଖଶାନ୍ତିରେ ରହିବ । ଅନ୍ୟମାନେ ମଧ୍ୟ ସୁଖଶାନ୍ତିରେ ରହିବେ ।

ପ୍ରଶ୍ନ : ବର୍ତ୍ତମାନ ପ୍ରାୟ ଅଧିକାଂଶ ବ୍ୟକ୍ତି ଅସତ୍ ଆଚରଣ କରୁଛନ୍ତି । ସେମାନଙ୍କ ସଙ୍ଗେ ରହି ସେମାନଙ୍କ ସହିତ ବ୍ୟବହାର କରି କିପରି ସତ୍ ଆଚରଣ କରିବା ସମ୍ଭବ ହେବ ?

ଉତ୍ତର : ଅସତ୍ ଆଚରଣ ନ କରିବାକୁ ଦୃଢ଼ ସଂକଳ୍ପ କରି ଭଗବାନଙ୍କ ଆଶ୍ରୟ ନେଲେ ବ୍ୟକ୍ତି ସତ୍ ଆଚରଣ କରିପାରେ । ଭଗବାନ୍ ତାକୁ ସାହାଯ୍ୟ କରନ୍ତି । ବର୍ତ୍ତମାନ ଘୋର କଳିକାଳ । କ'ଣ ଏସମୟରେ ବି ସତ୍ୟ ଆଚରଣ କରୁଥିବା ବ୍ୟକ୍ତିଙ୍କ ଅଭାବ ? ସତ୍ୟ ଆଚରଣ କରିବା ବ୍ୟକ୍ତି ନ ଥିଲେ ଏ ସଂସାର ରହନ୍ତା ନାହିଁ ।

ଯଦ୍ୟପି ସଂସାର ବର୍ତ୍ତମାନ ଘୋର ଅନ୍ଧକାରରେ ପୂର୍ଣ୍ଣ, ବ୍ୟକ୍ତିର ଚରିତ୍ର ନଷ୍ଟ, ସଂସାରରେ ଅନ୍ୟାୟର ତାଣ୍ଡବନୃତ୍ୟ, ତଥାପି ଏହି ସମୟ ପ୍ରକୃତରେ ମନୁଷ୍ୟ ସକାଶେ ବରଦାନ ତୁଲ୍ୟ ମହାନ୍ ସୁଯୋଗ । କାରଣ, ଯେତେବେଳେ ସଂସାରରେ ଅତ୍ୟନ୍ତ ଅନ୍ଧକାର ବୃଦ୍ଧି ହୁଏ, ସେତିକିବେଳେ କୌଣସି ମହାପୁରୁଷ ଅବତାର ନେଇ ଏହି ସଂସାରକୁ ଆସି ବ୍ୟକ୍ତିକୁ ସତ୍ୟମାର୍ଗରେ ପରିଚାଳିତ କରନ୍ତି, ସତ୍ୟମାର୍ଗ ଦେଖାନ୍ତି । ଅନ୍ୟ ସମୟରେ ବ୍ୟକ୍ତି ବହୁତ କଷ୍ଟପ୍ରଦ ସାଧନା କରି ବହୁତ ବର୍ଷରେ ଯାହା ପ୍ରାପ୍ତ କରି ନ ପାରେ, କୌଣସି ମହାପୁରୁଷ ଆସିବା ସମୟରେ ଅଳ୍ପ ପ୍ରୟାସରେ, ବହୁତ ଅଳ୍ପ ସମୟ ମଧ୍ୟରେ ବ୍ୟକ୍ତି ତାହା ଅପେକ୍ଷା ଅଧିକ ପ୍ରାପ୍ତ କରିପାରେ । ବୁଦ୍ଧଦେବ, ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ଯେତେବେଳେ ଆସିଥିଲେ ସେତେବେଳେ ଏହାହିଁ ହୋଇଥିଲା । ଭାଗବତକାର ଜଗନ୍ନାଥ ଦାସଙ୍କ ସମୟରେ ଗ୍ରାମେ ଗ୍ରାମେ ଭାଗବତ ଘର ହୋଇଥିଲା । ଲୋକେ ସନ୍ଧ୍ୟାବେଳକୁ ପୁରାଣ ଶାସ୍ତ୍ର ପଢୁଥିଲେ । ସେମାନଙ୍କ ବୁଦ୍ଧି ଶୁଦ୍ଧ ହେଉଥିଲା । ଚୈତନ୍ୟ ମହାପ୍ରଭୁଙ୍କ ସମୟରେ ପ୍ରତି ଗ୍ରାମରେ ନାମ-ସଂକୀର୍ତ୍ତନ ହେଉଥିଲା । ଲୋକଙ୍କ ମନ ଓ ହୃଦୟ ଶୁଦ୍ଧ ହେବା ସଙ୍ଗେ ସଙ୍ଗେ ଗ୍ରାମର ବାତାବରଣ ଶୁଦ୍ଧ ହୋଇଯାଉଥିଲା । ଲୋକେ ସତ୍ୟବାଦୀ, ସରଳ, ନିଷ୍କପଟ ହେଉଥିଲେ ଏବଂ ସୁଖରେ ଥିଲେ । ଅଧ୍ୟାତ୍ମ ପ୍ରଭାବ କ୍ରମଶଃ କମିବାରୁ ବର୍ବରତା ଅଧିକ ବଢ଼ିଲା । ଲୋକେ ଦମ୍ଭୀ, କପଟୀ, ପାଷଣ୍ଡ ହେଲେ । ଦେଶରେ ଦିନକୁ ଦିନ ଅଧିକ ଦୁର୍ଦଶା ବଢ଼ିଲା । ବର୍ତ୍ତମାନ ସଂସାର ଦୁର୍ଦଶାର ଶେଷ ସୀମାରେ ପହଞ୍ଚିଲାଣି । ଏହି ଅବସ୍ଥାରୁ ମନୁଷ୍ୟଜାତିକୁ ଉପରକୁ ଉଠାଇବାକୁ ଅନ୍ୟ କୌଣସି ମାର୍ଗ ନାହିଁ । ରାଜନୀତି, ସମାଜନୀତି, ଅନ୍ୟ କୌଣସି ପ୍ରକାର ନୀତି ମଧ୍ୟ ମନୁଷ୍ୟକୁ ସାହାଯ୍ୟ କରିପାରିବ ନାହିଁ । ପୂର୍ବେ ଯେପରି ସଂସାରର ସଂକଟ ସମୟରେ ଶ୍ରୀରାମ, ଶ୍ରୀକୃଷ୍ଣ, ଚୈତନ୍ୟ ମହାପ୍ରଭୁ ଓଗେର ମହାପୁରୁଷ ପୃଥିବୀକୁ ଆସି ମନୁଷ୍ୟଜାତିକୁ ରକ୍ଷା କରିଥିଲେ, ବର୍ତ୍ତମାନ ସେହିପରି ଏକ ସଂକଟ ସମୟରେ ରକ୍ଷା କରିବାକୁ ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜର ଆଦର୍ଶ ମନୁଷ୍ୟଜାତି ପାଖରେ ରଖିଅଛନ୍ତି । ଯେଉଁମାନେ ଏହି ଆଦର୍ଶକୁ ଗ୍ରହଣ କରିବେ ସେମାନେ ଏହି ସଂକଟରୁ ଉଦ୍ଧାର ପାଇବେ ଏବଂ କିଛି ବର୍ଷ ପରେ ପୁରାଣର କଥା ଅନୁସାରେ କଳିଯୁଗ ପରେ ସତ୍ୟଯୁଗର ଆବିର୍ଭାବ ହେବ ।

ସଂସାରରେ ଯେଉଁ ସମୟରେ ଯେପରି ଶିକ୍ଷା ଆବଶ୍ୟକ ଥାଏ, ସେହି ଶିକ୍ଷା ଦେବା ପାଇଁ ମହାପୁରୁଷମାନେ ପୃଥିବୀକୁ ଆସି ଶିକ୍ଷା ଦିଅନ୍ତି । ସେହି ଶିକ୍ଷା ହୁଏ ସମୟାନୁକୂଳ । ଶ୍ରୀରାମଚନ୍ଦ୍ର ଯେଉଁ ଶିକ୍ଷା ଦେଇ ଯାଇଥିଲେ ଶ୍ରୀକୃଷ୍ଣ ଆସିବାର ସମୟରେ ସେ ଶିକ୍ଷାର ପ୍ରୟୋଜନ ନ ଥିଲା । ସେ ଗୀତାର ଶିକ୍ଷା ଦେଲେ । ବୁଦ୍ଧଦେବ ଯେଉଁ ଶିକ୍ଷା ଦେଲେ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମୟରେ ତାହା ଚଳିଲା ନାହିଁ । ଚୈତନ୍ୟ ମହାପ୍ରଭୁ କୀର୍ତ୍ତନ ଶିକ୍ଷା ଦେଲେ । ସେହିପରି ବର୍ତ୍ତମାନ ସମୟରେ ଶ୍ରୀଅରବିନ୍ଦଙ୍କ ନୂତନ ଅଧ୍ୟାତ୍ମ ଶିକ୍ଷା ଆବଶ୍ୟକ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ପ୍ରଚଳିତ ଯୁଗର ଧର୍ମ ଓ ନୈତିକତା ସଂପୂର୍ଣ୍ଣରୂପେ ଭାଙ୍ଗି ଯାଇଛି । ଏହି କାରଣରୁ ବ୍ୟକ୍ତି, ପରିବାର, ସମାଜ ଓ ଶାସନରେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଚରମ ଅବସ୍ଥାରେ ପହଞ୍ଚି ଅଛି । ପୂର୍ବେ ଅଧର୍ମ ବୃଦ୍ଧି ହେଲେ ତାକୁ ହ୍ରାସ କରି ଧର୍ମର ଉତ୍‌ଥାନ ସକାଶେ ଯେପରି ଭଗବାନ୍ ମନୁଷ୍ୟଜାତିକୁ ଅଧର୍ମରୁ

ରକ୍ଷା କରୁଥିଲେ ସେହିପରି ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ ଆସି ନିଜ ଅଧ୍ୟାତ୍ମ ସାଧନାରେ ପରାର୍ଦ୍ଧର ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଉତାରି ଆଣି ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗପ୍ରଣାଳୀରେ ବ୍ୟକ୍ତି ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସମର୍ପଣ କଲେ, ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍ସା, ପ୍ରତିକୂଳ କର୍ମ ଆଚରଣ ଓ ବିଚାରକୁ ତ୍ୟାଗ କଲେ ଅତିମାନସ ଶକ୍ତି ବ୍ୟକ୍ତି ମଧ୍ୟରେ ରୂପାନ୍ତର କ୍ରିୟା କରି ପାରିବ । ସାଧକମାନେ ସାଧନାରେ ଅଗ୍ରସର ହେବା ଅନୁପାତରେ ସଂସାରରୁ ଦୁଃଖ, କଷ୍ଟ, ଅଭାବ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି, ହିଂସା ଆଉ ଦୁଷ୍କର୍ମ କମ୍ ହେଉଥିବ; ଏବଂ ଅହିଂସା, ଭ୍ରାତୃତ୍ୱ, ଶାନ୍ତି, ସମତା ଆସ୍ତେ ଆସ୍ତେ ବୃଦ୍ଧି ହେବାକୁ ଲାଗିବ । ଯେତେବେଳେ କିଛି ବ୍ୟକ୍ତିଙ୍କର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ପୂର୍ଣ୍ଣତଃ ରୂପାନ୍ତରିତ ହେବ ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ହେବେ । ସେହିମାନେ ହେବେ ଅତିମାନବ । ସେତେବେଳେ ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହା ହେବ ଅତିମାନସ ସତ୍ୟ ଯୁଗ । ଏହି ଅତିମାନସ ସତ୍ୟ ଯୁଗ ପରେ ପୂର୍ବ ପ୍ରଣାଳୀ ଅନୁସାରେ ପୁନରାୟ ତ୍ରେତା, ଦ୍ୱାପରାଦି ଯୁଗଚକ୍ର ରହିବ ନାହିଁ । ଅତିମାନସ ସତ୍ୟଯୁଗ ସ୍ଥାୟୀ ହୋଇ ରହିବ ଏବଂ ଆନନ୍ଦରୁ ଅନନ୍ତ ଆନନ୍ଦକୁ, ସତ୍ୟରୁ ଅନନ୍ତ ସତ୍ୟକୁ, ଶକ୍ତିରୁ ଅନନ୍ତ ଶକ୍ତିକୁ ବିକଶିତ ହୋଇ ଚାଲିଥିବ । ଭଗବତ୍ ପରାର୍ଦ୍ଧ – ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦଧାମ ଏବଂ ଏହି ମୃତ୍ୟୁପୁରୀ ମଧ୍ୟରେ କୌଣସି ବ୍ୟବଧାନ ରହିବ ନାହିଁ । ସବୁ ଏକ ହୋଇଯିବ । ଭଗବାନ୍ ଆଉ ଅପ୍ରତ୍ୟକ୍ଷ ରହିବେ ନାହିଁ । ସାକେତ, ଗୋଲୋକ, ବୈକୁଣ୍ଠ ସଦୃଶ ଏହି ଅତିମାନବଙ୍କ ସମ୍ମୁଖରେ ଭଗବାନ୍ ନିରାବରଣ ରହିବେ ।

ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ ଏବଂ ମନୁଷ୍ୟର ଲକ୍ଷ୍ୟ । ଏହି ଦୁରୂହ ଲକ୍ଷ୍ୟ ପ୍ରାପ୍ତିର ସାଧନା ଅତ୍ୟନ୍ତ ସରଳ ହୁଏ ଯଦି ବ୍ୟକ୍ତି ନିଜକୁ ଛୋଟ ଶିଶୁ ସଦୃଶ ଶ୍ରୀମା'ଙ୍କ ଚରଣରେ ନିଜକୁ ସମର୍ପଣ କରିଦିଏ । ଏହା ଆହୁରି ସହଜ ହୋଇପାରେ ଯଦି ସାଧକ 'ମା' – ଏହି ନାମ ନିରନ୍ତର, ସବୁ ସମୟରେ, ସକଳ କର୍ମରେ ଜପ କରେ । ଜପ ସଙ୍ଗେ ସଙ୍ଗେ ଏହି ଧାରଣା କରିବା ଦରକାର ଯେ, ''ମୁଁ ତୁମର'' । ସାଧନାର ଏକେବାରେ ଆରମ୍ଭରୁ ଶ୍ରୀମା ସାଧକକୁ ଛୋଟ ଶିଶୁ ସଦୃଶ ସକଳ ବାଧା ବିପତ୍ତି, ଦୁଃଖକଷ୍ଟରୁ ରକ୍ଷା କରନ୍ତି । ସାଧନା-ମାର୍ଗରେ ଛୋଟ ଶିଶୁର ହାତଧରି ମା' ଚଳାଇବା ସଦୃଶ ଶ୍ରୀମା ସାଧକକୁ ପରିଚାଳନା କରନ୍ତି; ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ସମୟରେ ଆସୁଥିବା ପ୍ରତିକୂଳ ଅବସ୍ଥାରୁ ରକ୍ଷା କରନ୍ତି । ବହୁତ ବର୍ଷର ସାଧନା ନାମଜପରେ ଅଳ୍ପ ବର୍ଷ ମଧ୍ୟରେ ସମ୍ପନ୍ନ ହୋଇପାରେ । ଜାଗତିକ ବାଧାବିପତ୍ତି ମଧ୍ୟ ନାମଜପରେ ଦୂର ହୁଏ । ନାମଜପ ବିଷୟରେ ମା'ଙ୍କର ବାଣୀସବୁ ''ରୂପାନ୍ତର ଯୋଗରେ ନାମଜପ'' ବହିରେ ସଂଗୃହୀତ କରାହୋଇଅଛି ।

ସଂସାରର ଉନ୍ନତିରେ ନାରୀମାନଙ୍କର କର୍ତ୍ତବ୍ୟ

ମାତାମାନଙ୍କର ଅତୀତର ଗୌରବ

ମା'ମାନେ ଗୃହଲକ୍ଷ୍ମୀ, ଦେବୀ; ଭାଗବତ ପ୍ରେମର ନିମ୍ନରେ ହେଉଛି ମାତୃସ୍ନେହ । ସଂସାରରେ ଯେତେ ସ୍ନେହ ପ୍ରେମ ଅଛି, ସବୁଠାରୁ ଶ୍ରେଷ୍ଠ, ଶୁଦ୍ଧ, ନିଃସ୍ୱାର୍ଥ ହେଲା ମାତୃସ୍ନେହ । କେବଳ ମା' ସନ୍ତାନକୁ ନିଃସ୍ୱାର୍ଥ ସ୍ନେହ କରେ, ନିଜ କଲିଜାରୁ ଅଧିକ ଯତ୍ନକରି ପାଳନ କରେ; ନିଜେ କ୍ଷୁଧାପ୍ରପୀଡ଼ିତା ହୋଇ ସନ୍ତାନକୁ ଭୋଜନ କରାଇ ସନ୍ତୁଷ୍ଟ ହୁଏ । ମା' ସନ୍ତାନର ପ୍ରଥମ ଗୁରୁ ଓ ଶିକ୍ଷାଦାତ୍ରୀ । ସନ୍ତାନର ଶିଶୁ ଅବସ୍ଥାରେ ମା'ର ଯେଉଁ ପ୍ରଭାବ ପଡ଼େ ତାହା ସଂସ୍କାରରେ ପରିଣତ ହୁଏ, ବିକାଶ ପାଏ, କୁଳ ଉଜ୍ଜ୍ୱଳ କରେ ଓ ସନ୍ତାନକୁ ଯୋଗ୍ୟ କରେ । ଦେଶର ଉନ୍ନତିରେ ଅଧିକ ଦାୟିତ୍ୱ ମା' ଉପରେ । ମା' ଯଦି ଆଦର୍ଶଚରିତ୍ରା ହୁଏ, ତେବେ ତା' ଗର୍ଭରେ ଆସନ୍ତି ମହାପୁରୁଷ । ସେହି ମା'ର ଗୋଟିଏ ସନ୍ତାନ ପୃଥିବୀକୁ ଉଦ୍ଧାର କରେ । ଆମ୍ଭେମାନେ ଅତୀତକୁ ସ୍ମରଣ କଲେ ଦେଖିବୁ କେବଳ ଗୋଟିଏ ଗୋଟିଏ ମାତା ନିଜ

ସଦ୍‌ଗୁଣରେ ପରମବ୍ରହ୍ମ ପରମାତ୍ମା ପୁରୁଷୋତ୍ତମ ତତ୍ତ୍ୱକୁ ଗର୍ଭରେ ଧାରଣ କଲେ, ଦୁଗ୍‌ଧପାନ କରାଇଲେ, କୋଳରେ ଖେଳାଇଲେ, ତପସ୍ୱୀ, ମୁନି, ଋଷିଙ୍କ ଦର୍ଶନ-ଦୁର୍ଲଭ ସେହି ଭଗବାନଙ୍କୁ ଅଙ୍ଗୁଳି ଧରି ଚାଲିବା ଶିଖାଇଲେ, ତାଳି ବଜେଇ ତାଙ୍କୁ ନଚାଇଲେ ଏବଂ ବାତ୍ସଲ୍ୟ-ଲୀଳାର ଆନନ୍ଦ-ସମୁଦ୍ରରେ ଦିବାନିଶି ନିମଗ୍ନ ରହିଲେ । ମାତାର ସ୍ଥାନ କେତେ ଶ୍ରେଷ୍ଠ ! ମୁନି, ଋଷିମାନେ ସମସ୍ତ ଜୀବନ ତପସ୍ୟା କରି ଥରେ ଯେଉଁ ଭଗବାନଙ୍କ ଦର୍ଶନ ପାଇପାରନ୍ତି ନାହିଁ, ଯାହାଙ୍କ ମାୟା ସମସ୍ତ ବ୍ରହ୍ମାଣ୍ଡକୁ ନଚାଏ, ସେହି ଭଗବାନ୍ ମା'ର ଇଙ୍ଗିତରେ ନାଚନ୍ତି । ଏପରି ଆଦର୍ଶ ମା' କେବଳ ଯେ କୌଶଲ୍ୟା, ଯଶୋଦା – ଏହି ଦୁଇଜଣ ତାହା ନୁହେଁ । ଭାରତରେ ବହୁତ ମାତା ନାରଦ, ବ୍ୟାସ, ବଶିଷ୍ଠ, ଶୁକ, ବୁଦ୍ଧ, ଗୌରାଙ୍ଗ, ତୁଳସୀ ଦାସ, ଜ୍ଞାନଦେବ, ତୁକାରାମ, ନାମଦେବ, ପିତାମହ ଭୀଷ୍ମ ଓ ଅର୍ଜୁନଙ୍କ ପରି ବହୁ ସୁପୁତ୍ର ଏବଂ ଭଗବତୀ ସୀତା, ଅନସୂୟା, ଗାର୍ଗୀ, ମୈତ୍ରେୟୀ ଇତ୍ୟାଦି ଅନେକ ଆଦର୍ଶ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି । ଆଜି ଆମ୍ଭେମାନେ ସେହିମାନଙ୍କ ଗୁଣଗାନ କରି ପବିତ୍ର ହେଉଅଛୁ ଓ ଉଦ୍ଧାର ହେଉଅଛୁ । ଏଠାରେ ମା' ମଦାଳସାର ଚରିତ୍ର ସଂକ୍ଷେପରେ ବିଚାରଣୀୟ । ସେଥିରୁ ଆମ୍ଭେ ବୁଝିପାରିବା ମା'ର ପ୍ରଭାବ ସନ୍ତାନ ଉପରେ କିପରି ପଡ଼େ ।

ମଦାଳସା

ଭାଗବତରେ ମଦାଳସାଙ୍କ ଚରିତ୍ର ପ୍ରସିଦ୍ଧ । ସେ ରାଜକନ୍ୟା ଥିଲେ । ସେ ଭାବିଥିଲେ ଯେଉଁ ସନ୍ତାନ ତାଙ୍କ ଗର୍ଭରେ ଆସିବ, ସେ ଅନ୍ୟ ମାତାର ଗର୍ଭକୁ ଯିବ ନାହିଁ । ସେହି ସକାଶେ ସେ ପ୍ରତିଜ୍ଞା କରିଥିଲେ, ''ଯେଉଁ ରାଜା ଏକପତ୍ନୀବ୍ରତ ଧର୍ମ ପାଳନ କରିବେ ଏବଂ ଏହି ସର୍ତ୍ତ ପାଳନ କରିବେ ଯେ ତାଙ୍କ ଗର୍ଭରୁ ଜାତ ସନ୍ତାନ ବାରବର୍ଷ ପର୍ଯ୍ୟନ୍ତ ତାଙ୍କରି ପାଖରେ ରହିବ, ପିତାଙ୍କ ପାଖକୁ ଯିବ ନାହିଁ,– ସେ ତାହାଙ୍କୁହିଁ ବିବାହ କରିବେ । ଏହି ସର୍ତ୍ତ ଜଣେ ରାଜା ସ୍ୱୀକାର କରିବାରୁ ମଦାଳସାଙ୍କର ତାଙ୍କ ସହିତ ବିବାହ ହେଲା ।

ମଦାଳସାଙ୍କର ପ୍ରତିଦିନ ନିୟମ ଥିଲା – ପତିଙ୍କୁ ଈଶ୍ୱର ଭାବରେ ସେବା କରିବା ଏବଂ ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବା ଭାବରେ କରିବା ସଙ୍ଗେ ସଙ୍ଗେ ଭଗବତ୍ ନାମ ତଥା ଭଗବାନଙ୍କର ଲଳିତ ଲୀଳା ଗାନ କରିବା ତଥା ସତ୍‌ଶାସ୍ତ୍ର ଅଧ୍ୟୟନ କରିବା । ସନ୍ତାନମାନେ ଗର୍ଭରେ ଆସିବା ସମୟରୁ ତାଙ୍କର ଏହି ନିୟମ ଚାଲିଥାଏ । ସନ୍ତାନମାନେ ଜନ୍ମ ହେବା ପରେ ସେ ସେମାନଙ୍କୁ କ୍ଷୀରପାନ କରାଇବା, ସ୍ନାନ କରାଇବା, ଝୁଲଣାରେ ଝୁଲାଇବା, ଖେଳାଇବା, ଭୋଜନ କରାଇଦେବା ସମୟରେ ଭଗବତ୍ ନାମ ଏବଂ ଗୁଣଗାନ କରନ୍ତି । ସନ୍ତାନର ଅତ୍ୟନ୍ତ ଶିଶୁ ଅବସ୍ଥାରୁ ସେମାନଙ୍କୁ ଗୀତା, ଭାଗବତାଦି ଗ୍ରନ୍ଥ ପଢ଼ାନ୍ତି ତଥା ସଂସାର ଦୁଃଖ-ଦ୍ୱନ୍ଦ୍ୱରେ ପୂର୍ଣ୍ଣ ଓ ଶରୀରର ନଶ୍ୱରତା ସମ୍ବନ୍ଧରେ ଉତ୍ତମରୂପେ ବୁଝାଉଥା'ନ୍ତି । ତାଙ୍କ ସନ୍ତାନମାନେ ମାତୃଗର୍ଭରେ ଆସିବା ସମୟରୁ ସତ୍‌ଶିକ୍ଷା ସେମାନଙ୍କ ରକ୍ତରେ ମିଶିଯାଏ ଏବଂ ସଂସ୍କାରରେ ପରିଣତ ହୁଏ । ସେମାନଙ୍କ ମନ-ପ୍ରାଣର ବାସନା କାମନାର ଆବରଣରେ ଆତ୍ମା ଆବୃତ ହୁଏ ନାହିଁ କିଂବା ସଂସାରର ଦୂଷିତ, କଳୁଷିତ ବାତାବରଣ ସେମାନଙ୍କୁ ସ୍ପର୍ଶ କରିପାରେ ନାହିଁ । ବାରବର୍ଷ ପୂରା ହେବା ପରେ ସେମାନେ କଷାୟ ବସ୍ତ୍ର ପରିଧାନ କରି କମଣ୍ଡଳୁ ନେଇ ପିତାଙ୍କ ନିକଟକୁ ଯାଆନ୍ତି ଏବଂ ପ୍ରଣାମ କରି ତପସ୍ୟା ସକାଶେ ବନଗମନ କରନ୍ତି । ଏହିରୂପେ ମଦାଳସାଙ୍କର ଛଅ ପୁଅ ବନକୁ ତପସ୍ୟା କରିବାକୁ ଚାଲିଗଲେ ।

ସପ୍ତମ ପୁତ୍ରକୁ ଯେତେବେଳେ ସାତ ବର୍ଷ ହେଲା ରାଜା ନିଜ ରାଣୀ ମଦାଳସାଙ୍କୁ କହିଲେ, ''ଆମ୍ଭମାନଙ୍କର ଯୌବନ ଅବସ୍ଥା ଶେଷ ହେଲାଣି, ଆମ୍ଭମାନଙ୍କର ଆତ୍ମକଲ୍ୟାଣ ସକାଶେ ତପସ୍ୟା କରିବା ଉଚିତ । ଏହି ଶେଷ ପୁତ୍ରକୁ ବର୍ତ୍ତମାନ ଯଦି ମୋତେ ଦେବ ଏହାକୁ ରାଜନୀତିବିଦ୍ୟା ଶିକ୍ଷା ଦେଇ, ଉପଯୁକ୍ତ ଅବସ୍ଥାରେ ରାଜ୍ୟର ଶାସନଭାର ଦେଇ ଆମେ ତପସ୍ୟା କରିବାକୁ ବନକୁ ଯିବା ।'' ଏଥର ମଦାଳସା ପତିଙ୍କ ପ୍ରସ୍ତାବ ସ୍ୱୀକାର କଲେ ଏବଂ ଶ୍ଲୋକଟିଏ ଲେଖି ଗୋଟିଏ ସୁବର୍ଣ୍ଣ ତାବିଜ ମଧ୍ୟରେ ରଖି ପୁତ୍ରର ହସ୍ତରେ ବାନ୍ଧିଦେଲେ । ସେ ଶ୍ଲୋକଟି ନିମ୍ନରେ ଦିଆଗଲା ।

ଶୁଦ୍ଧୋଽସି ବୁଦ୍ଧୋଽସି ନିରଞ୍ଜନୋଽସି
ସଂସାରମାୟା-ପରିବର୍ଜିତୋଽସି ।
ସଂସାର-ସ୍ୱପ୍ନଂ ତ୍ୟଜ ମୋହନିଦ୍ରାଂ
ମଦାଳସା ବାକ୍ୟମୁବାଚ ପୁତ୍ରମ୍ ॥

''ତୁମେ ଶୁଦ୍ଧ ଆତ୍ମା – କାମ-କ୍ରୋଧାଦି ଦୋଷଶୂନ୍ୟ, ତୁମେ ବୁଦ୍ଧ, ଜ୍ଞାନସ୍ୱରୂପ, ତୁମେ ନିରଞ୍ଜନ, ମାୟାରୁ ପୂର୍ଣ୍ଣ ମୁକ୍ତ; ଅର୍ଥାତ୍ ତୁମେ ମନ-ପ୍ରାଣ-ଶରୀର ବିଶିଷ୍ଟ ବ୍ୟକ୍ତି ନୁହଁ, ସ୍ୱୟଂ ବ୍ରହ୍ମ, ଚିନ୍ମୟ । ତୁମେ ସଂସାର-ମାୟାରୁ ପୃଥକ୍ । ଏହି ସଂସାର ସ୍ୱପ୍ନ, ଏହି ମୋହ-ନିଦ୍ରାରୁ ଜାଗ୍ରତ ହୁଅ, ହେ ପୁତ୍ର, ଏହା ମଦାଳସାର ବାକ୍ୟ ।'' ମଦାଳସା କହିଲେ, ''ଯେତେବେଳେ ଜୀବନର ମହାନ୍ ସଂକଟ ସମୟ ଆସିବ ସେତେବେଳେ ଏହି ତାବିଜକୁ ଖୋଲିବୁ ।''

ରାଜା ଶେଷ ପୁତ୍ରକୁ ନେଇ ନାନାପ୍ରକାର ରାଜନୀତି ଓ ଯୁଦ୍ଧବିଦ୍ୟା ଆଦି ଶିକ୍ଷା ଦେଲେ । ପୁତ୍ରର ଉପଯୁକ୍ତ ବୟସରେ ତାଙ୍କୁ ରାଜ୍ୟର ଶାସନଭାର ଦେଇ ନିଜେ ରାଣୀ ମଦାଳସାଙ୍କ ସହିତ ତପସ୍ୟା କରିବାକୁ ବନକୁ ଚାଲିଗଲେ । ପୂର୍ବରୁ ଯାଇଥିବା ଛଅଜଣ ସନ୍ନ୍ୟାସୀ ପୁତ୍ରଙ୍କ ସହ ବନରେ ଦେଖାହେଲା ।

କିଛି ବର୍ଷ ପରେ ମାତା ମଦାଳସାଙ୍କ ପ୍ରେରଣାରେ ଜଣେ ସନ୍ନ୍ୟାସୀ ପୁତ୍ର ତାଙ୍କ ମାମୁ କାଶୀରାଜଙ୍କ ପାଖରେ ପହଞ୍ଚି ନିଜ ପିତାଙ୍କ ରାଜ୍ୟ ଚାହିଁଲେ । ମାମୁ କାଶୀରାଜ ରାଜା ହୋଇଥିବା ଛୋଟ ଭଣଜାକୁ ରାଜଗାଦି ତାଙ୍କ ସନ୍ନ୍ୟାସୀ ବଡ଼ ଭାଇଙ୍କୁ ଦେଇଦେବା ଲାଗି ପ୍ରସ୍ତାବ ଦେଲେ । ସେ ସେହି ପ୍ରସ୍ତାବ ଅସ୍ୱୀକାର କରି ମାମୁଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ । ମାମୁ କାଶୀରାଜଙ୍କ ସହ ତାଙ୍କର ଯୁଦ୍ଧ ହେଲା । ଶେଷରେ ମାମୁଙ୍କ ପାଖରୁ ହାରି ରାଜ୍ୟ ଛାଡ଼ି ଜୀବନ ରକ୍ଷା କରିବା ସକାଶେ ଏକା ଜଙ୍ଗଲକୁ ପଳାଇଗଲେ । ଯେତେବେଳେ କ୍ଷୁଧାତୃଷାରେ ଅତ୍ୟନ୍ତ ବ୍ୟାକୁଳ ହେଲେ ସେତେବେଳେ ତାଙ୍କ ହାତ ତାବିଜ କଥା ମନେପଡ଼ିଲା ଏବଂ ସେ ତାକୁ ଦେଖିଲେ । ତାବିଜ ଭିତରେ ଥିବା ଶ୍ଲୋକଟି ପଢ଼ିବା ମାତ୍ରେ ତାଙ୍କ ବାଲ୍ୟ ଅବସ୍ଥାର ସୁପ୍ତ ସଂସ୍କାର ଏବଂ ଜ୍ଞାନ ଉଦୟ ହେଲା । ସେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ବନସ୍ତରେ ପ୍ରବେଶ କଲେ । ଯେଉଁ ସନ୍ନ୍ୟାସୀ ଭାଇ ରାଜ୍ୟ ଦାବି କରି ମାମୁଙ୍କ ପାଖକୁ ଯାଇଥିଲେ, ଯୁଦ୍ଧ ଶେଷରେ ମାମୁଙ୍କୁ ସତ୍ ଉପଦେଶ ତଥା ରାଜ୍ୟ ଶାସନଭାର ଦେଇ ସେ ପୁନର୍ବାର ଜଙ୍ଗଲକୁ ଫେରି ଆସିଲେ । ତାଙ୍କର ଉଦ୍ଦେଶ୍ୟ ରାଜ୍ୟ ପ୍ରାପ୍ତ କରିବା ନ ଥିଲା, ଥିଲା ଛୋଟ ଭାଇକୁ ସଂସାରବନ୍ଧନରୁ ମୁକ୍ତ କରିବା । ସେ ବନସ୍ତକୁ ଫେରି ଆସି ଛୋଟ ଭାଇକୁ ସନ୍ନ୍ୟାସୀ ରୂପରେ ଅନ୍ୟ ସନ୍ନ୍ୟାସୀ ଭାଇ ଏବଂ ପିତାମାତାଙ୍କ ସହ ଦେଖି ବିଶେଷ ଆନନ୍ଦିତ ହେଲେ । ସନ୍ନ୍ୟାସୀ ଛୋଟ ଭାଇ ମଧ୍ୟ ରାଜ୍ୟ ଦାବି କରିଥିବା ବଡ଼ ଭାଇଙ୍କୁ ଦେଖି ଗୁରୁ ଭାବରେ ତାଙ୍କୁ ଭକ୍ତିର ସହ ପ୍ରଣାମ କରି ବିଶେଷ ଆନନ୍ଦିତ ହେଲେ । ଯଦ୍ୟପି ସେମାନେ ଜଙ୍ଗଲରେ ଥିଲେ ତଥାପି ରହୁଥିଲେ ପୃଥକ୍ ପୃଥକ୍ ପର୍ଣ୍ଣ କୁଟୀରରେ ।

ସାଧାରଣତଃ ଜଣେ ମା'ର ଅସାଧାରଣ ଶକ୍ତି ଥାଏ । ସେ ନିଜ ଶକ୍ତିକୁ ଯଥାର୍ଥରେ ଯେକୌଣସି କାର୍ଯ୍ୟରେ ଲଗାଏ ସେଥିରେ ସେ ସଫଳ ହୁଏ । ସେ ନିଜ ସଦ୍‌ଗୁଣରେ ଘରକୁ ସ୍ୱର୍ଗରେ ପରିଣତ କରିପାରେ, ଅଥବା ଦୁର୍ଗୁଣରେ କୁଳର ମାନସମ୍ମାନ ବ୍ୟର୍ଥ କରେ, ସମ୍ପତ୍ତି ନଷ୍ଟ କରିପାରେ, ଘରେ ଝଗଡ଼ାର ମୂଳ କାରଣ ହୋଇ ଭାଇ ଭାଇ ମଧ୍ୟରେ, ପିତା ପୁତ୍ର ମଧ୍ୟରେ କଳହ ଲଗାଇ ଦରିଦ୍ର କରାଇପାରେ ।

କାହ ନ ପାବକୁ ଜାରି ସକେ କା' ନ ସମୁଦ୍ର ସମାଇ ।
କା' ନ କରେ ଅବଳା ପ୍ରବଳ କେହି ଜଗ କାଳ ନ ଖାଇ ॥
(ତୁଳସୀକୃତ ରାମାୟଣ)

''ଅଗ୍ନି କ'ଣ ଭସ୍ମ କରିପାରେ ନାହିଁ ? ସମୁଦ୍ର କ'ଣ ଧାରଣ କରିପାରେ ନାହିଁ ? ଅବଳା, କିନ୍ତୁ ଯଥାର୍ଥରେ

ସେ ପ୍ରବଳା, ସେ କ'ଣ କରିପାରେ ନାହିଁ ? ସଂସାରରେ ଏପରି କୌଣସି ବସ୍ତୁ ଅଛି ଯାହାକୁ କାଳ ଗ୍ରାସ କରିପାରେ ନାହିଁ ?''

ସ୍ୱଭାବତଃ ମହିଳାମାନଙ୍କ ଶାରୀରିକ ବଳ କମ୍, ବାହାରକୁ ଯିବା ଆସିବା ପୂର୍ବେ କମ୍ ଥିଲା, ଅଧିକାର ମଧ୍ୟ କମ୍ ଥିଲା । କିନ୍ତୁ ସେ କିପରି ଖେଳ ଖେଳିପାରେ, ଆମ୍ଭେମାନେ କୈକେୟୀଙ୍କ ଚରିତ୍ରରୁ ତାହା ଜାଣିପାରିବା ।

ଶ୍ରୀ ଦଶରଥ ଥିଲେ ଚକ୍ରବର୍ତ୍ତୀ ସମ୍ରାଟ । ତାଙ୍କର ସୈନ୍ୟବଳ ଅପାର, ଐଶ୍ୱର୍ଯ୍ୟ ଅପରିମିତ ଥିଲା । ରାଜାମାନେ ଆଜ୍ଞାକୁ ଅପେକ୍ଷା କରିଥିଲେ । ରାଜାଙ୍କର ଏପରି ପ୍ରଭୁତ୍ୱ ଥିଲା କିନ୍ତୁ କୈକେୟୀଙ୍କ ପାଖରେ ଏସବୁ ନ ଥିଲା, ଥିଲା ମୋହମାୟା କୌଶଳ । ସେହି କୌଶଳ ପାଖରେ ଦଶରଥଙ୍କର ସମସ୍ତ ଶକ୍ତି, ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ପ୍ରଭୁତ୍ୱ ବିଫଳ ହେଲା । ଶେଷରେ ନିଜର ଅନିଚ୍ଛା ସତ୍ତ୍ୱେ ପ୍ରାଣରୁ ଅଧିକ ପ୍ରିୟ ପୁତ୍ର ଶ୍ରୀରାମଙ୍କୁ ବନବାସ ଦେଇ ନିଜେ ଶରୀର ତ୍ୟାଗ କଲେ । ଅବଳା ଦୁର୍ବଳା ହେବା ସତ୍ତ୍ୱେ ସେ ପ୍ରକୃତରେ ସବଳା । ମା'ମାନେ ଶକ୍ତିସ୍ୱରୂପା । ଭଗବାନ୍ ସ୍ୱୟଂ ଶକ୍ତି ଦ୍ୱାରାହିଁ ସଂସାର ସର୍ଜନା କରନ୍ତି । କ୍ରମବିକାଶ ଓ ଯୁଗଧର୍ମ ଅନୁସାରେ ସଂସାର ଉତ୍‌ଥାନ ପତନ ମାର୍ଗରେ ନିଜ ଲକ୍ଷ୍ୟ ଆଡ଼କୁ ଗତି କରୁଅଛି । କାଳ ପ୍ରଭାବରେ ପତନ ସମୟରେ ବି ମା'ମାନେ ନିଜେ ଧର୍ମରକ୍ଷା କରିବା ସକାଶେ ପରଦାରେ ରହି ନିଜ ଧାର୍ମିକ ପ୍ରଭାବରେ ବୀର ତଥା ଭକ୍ତ ସନ୍ତାନମାନଙ୍କୁ ଉତ୍ପନ୍ନ କରି ସଂସାରକୁ ସାହାଯ୍ୟ କରିଛନ୍ତି । କିନ୍ତୁ କ୍ରମବିକାଶର ନିୟମ ହେଲା ପ୍ରଚଳିତ ନୀତି ନିୟମକୁ ଭାଙ୍ଗି ପୂର୍ଣ୍ଣ ସତ୍ୟ ଆଡ଼କୁ ଗତି କରିବା । ବର୍ତ୍ତମାନ ସେହି ସମୟ ଆସିଛି । ସମଗ୍ର ସଂସାରରୁ ନୈତିକ ସଦାଚାର ନଷ୍ଟ ହେବାରୁ ସର୍ବତ୍ର ଅନ୍ୟାୟ ଅତ୍ୟାଚାରର ପ୍ରସାର ହେବା ସଙ୍ଗେ ସଙ୍ଗେ ମହିଳାମାନଙ୍କ ଉପରେ ତାହାର ପ୍ରଭାବ ମଧ୍ୟ ପୂର୍ଣ୍ଣରୂପେ ପଡ଼ିଛି । ସମୟର ପ୍ରଭାବ ସମାନରୂପେ ପ୍ରତ୍ୟେକ ବ୍ୟକ୍ତି ଉପରେ ପଡ଼େ, ସେ ସ୍ତ୍ରୀ ହେଉ ବା ପୁରୁଷ ହେଉ ।

ନାରୀମାନଙ୍କର ବର୍ତ୍ତମାନ ଅବସ୍ଥା

ଯୁଗପ୍ରଭାବରୁ ମହିଳାମାନେ ଯେଉଁ ପବିତ୍ରତା ଓ ଧର୍ମକୁ ପ୍ରାଣ ଦେଇ ପାଳନ କରୁଥିଲେ, ଯେଉଁ ଧର୍ମ ସକାଶେ ସମ୍ମାନିତା ଆଉ ପୂଜ୍ୟା ହେଉଥିଲେ, ଯାହାକୁ ପାଳନ କରିବା ସକାଶେ ସ୍ୱେଚ୍ଛାରେ ପରଦା ସ୍ୱୀକାର କରିଥିଲେ, ଆଜି ତାକୁ ବନ୍ଧନ ବୋଲି ମନେ କରୁଅଛନ୍ତି । ଯେଉଁ ପରଦାକୁ ସେମାନେ ସ୍ୱୟଂ ସ୍ୱେଚ୍ଛାରେ ସ୍ୱୀକାର କରିଥିଲେ, ଆଜି ତାହା ସେମାନଙ୍କ ଉପରେ ବଳପୂର୍ବକ ଲଦି ଦିଆହୋଇ ସ୍ୱତନ୍ତ୍ରତା ଅପହରଣ କରାହୋଇଛି ବୋଲି ସେମାନେ ଅଭିଯୋଗ କରୁଛନ୍ତି । ସେମାନଙ୍କ ପୂର୍ବ ଶାଶ୍ୱତ କୀର୍ତ୍ତିସ୍ୱରୂପ ପାତିବ୍ରତ୍ୟ ଧର୍ମ ଦିବ୍ୟରତ୍ନକୁ ଭୁଲି ପାଶ୍ଚାତ୍ୟ ସଭ୍ୟତାର ଚାକଚକ୍ୟକୁ ପ୍ରାପ୍ତ କରିବାରେ ନିଜର ସୌଭାଗ୍ୟ ମନେ କରୁଛନ୍ତି । ମା'ମାନଙ୍କର ଯଦି ଏହି ଭ୍ରମାତ୍ମକ ଅଦୂରଦର୍ଶୀ ମନୋଭାବ ଦୂର ନ ହୁଏ ତେବେ ସଂସାର ଉନ୍ନତ ହେବାରେ ବିଳମ୍ବ ହେବ । କାରଣ ସନ୍ତାନ ଉତ୍ପତ୍ତି ହେବ ମା'ଠାରୁ । ସେ ଯଦି ସଚ୍ଚରିତ୍ରା, ଦିବ୍ୟଗୁଣସମ୍ପନ୍ନା, ଶୁଭଭାବାପନ୍ନା ନ ହୁଏ, ତେବେ ସନ୍ତାନ ମଧ୍ୟରେ ଦିବ୍ୟଗୁଣ ଆସିବ ନାହିଁ । ବ୍ୟକ୍ତିର ଦିବ୍ୟଗୁଣ ନ ହେଲେ ସଂସାରର ଉନ୍ନତି ସମ୍ଭବ ହେବ ନାହିଁ ।

ପ୍ରଶ୍ନ : କ'ଣ ମା'ମାନଙ୍କୁ ଦିବ୍ୟଗୁଣସମ୍ପନ୍ନା ହେବାକୁ ହେଲେ ସେହି ଅତୀତ ପରଦା ନିୟମକୁ ଫେରିବାକୁ ହେବ ? ଲେଖାପଢ଼ା ଛାଡ଼ି ଗୃହକାର୍ଯ୍ୟ ଦକ୍ଷତା ସହ ସମ୍ପନ୍ନ କରିବାକୁ ହେବ ବା ଅନ୍ୟ କୌଣସି ଉପାୟ ଅଛି ?

ଉତ୍ତର : ବର୍ତ୍ତମାନ ଉପାୟ ହେଲା ଭବିଷ୍ୟତ ଯୁଗଧର୍ମ ଅଧ୍ୟାତ୍ମ ସତ୍ୟକୁ ମା'ମାନେ ଗ୍ରହଣ କଲେ ପୂର୍ବାପେକ୍ଷା ଉତ୍କୃଷ୍ଟ ଦିବ୍ୟଗୁଣ ଗ୍ରହଣ କରିପାରିବେ, ଅତୀତକୁ ଫେରିଯିବେ ନାହିଁ । ଅତୀତକୁ ଫେରିଯିବା ଏକେବାରେ ଅସମ୍ଭବ ଏବଂ କ୍ରମବିକାଶ ନିୟମର ପୂର୍ଣ୍ଣ ବିରୋଧ ଯେପରିକି ଆଜି ବାୟୁଯାନ ଯୁଗରେ ବଳଦଗାଡ଼ିର ସ୍ଥାନ ।

ସଂସାରର ପତନ ଓ ମହିଳାମାନଙ୍କର ଯେଉଁ ସ୍ୱେଚ୍ଛାଚାରିତା ଆମ୍ଭେମାନେ ଦେଖୁଥାଇଁ, ତାହାର କାରଣ ହେଉଛି ପୁରାତନ ଯୁଗର ଶେଷ ଓ ନୂତନ ଯୁଗର ଆଗମନ । ଏହି ସନ୍ଧିକ୍ଷଣରେ ସମସ୍ତ ବିଶୃଙ୍ଖଳା ହୁଏ । ଯେପରିକି ଗୋଟିଏ

ସୁନ୍ଦର ଭବନ ତିଆରି କରିବାକୁ ହେଲେ ପୁରାତନ ଅଟ୍ଟାଳିକାକୁ ଭାଙ୍ଗି ଧରାଶାୟୀ କରି ତାହାରି ଉପରେ ସୁନ୍ଦର ଭବନ ତିଆରି କରାହୁଏ, ସେହି ଅବସ୍ଥା ଆଜି ସଂସାରରେ ।

ନୂତନ ଯୁଗର ତିଆରି ପାଇଁ ଯେଉଁ ଅତିମାନସ ଶକ୍ତି ଏହି ଧରାତଳକୁ ଆସିଛି, ତାହାରି କାର୍ଯ୍ୟରେ ପୁରୁଷଙ୍କୁ ଯେପରି ଅଂଶଗ୍ରହଣ କରିବାକୁ ହେବ, ସେହିପରି ମା'ମାନଙ୍କୁ ମଧ୍ୟ ଅଂଶଗ୍ରହଣ କରିବାକୁ ହେବ । ସ୍ୱେଚ୍ଛାରେ ଗ୍ରହଣ ନ କଲେ, ନାନା ପ୍ରକାର ଦୁଃଖକଷ୍ଟର ସମ୍ମୁଖୀନ ହୋଇ ଶେଷରେ ଅତିମାନସ ଶକ୍ତିର ଚାପରେ ବାଧ ହୋଇ ଗ୍ରହଣ କରିବାକୁ ହେବ । ବୁଦ୍ଧିମାନର କାର୍ଯ୍ୟ ହେବ ବାଧ ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସ୍ୱେଚ୍ଛାରେ ପ୍ରଥମରୁ ଗ୍ରହଣ କରିନେବା, ଯାହାଫଳରେ ସନ୍ଧି କାଳର ସମୟ କମ୍ ହୋଇଯିବ । ପୁରାତନ ଯୁଗରେ ଯେଉଁସବୁ ପରିବର୍ତ୍ତନ ସକାଶେ ବୁଦ୍ଧ, ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ ଆଦି ମହାପୁରୁଷ ଏବଂ ଅବତାରମାନେ ଆସିଥିଲେ ସେମାନେ ନିଜ କର୍ମର ଆଦର୍ଶ ରଖି କିଛି ଅଂଶରେ ଧର୍ମର ପରିବର୍ତ୍ତନ କରିଥିଲେ । ତାହା ସାମାନ୍ୟ ପରିବର୍ତ୍ତନ ଥିଲା । ସେତେବେଳେ ବର୍ତ୍ତମାନ ସଦୃଶ ପୂର୍ଣ୍ଣ ପରିବର୍ତ୍ତନର ସମୟ ଆସି ନ ଥିଲା । ସେଥିପାଇଁ ମା'ମାନଙ୍କୁ ଅଧିକ କିଛି ସେହି କାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ଆବଶ୍ୟକ ହୋଇ ନ ଥିଲା । ବର୍ତ୍ତମାନ କଳି ପରେ ସତ୍ୟଯୁଗର ଆଗମନର ସମୟ । ଏଥିରେ ମା'ମାନଙ୍କୁ ବିଶେଷରୂପେ ଅଂଶଗ୍ରହଣ କରିବାକୁ ହେବ । କାରଣ ପୃଥିବୀରେ ମଣିଷଠାରୁ ଗୋଟିଏ ଶ୍ରେଷ୍ଠ ଜାତି ସ୍ଥାପନା କରାହେବ । ସେହି ସକାଶେ ପୁରୁଷଙ୍କ ପ୍ରତିନିଧିରୂପେ ଶ୍ରୀଅରବିନ୍ଦ ଓ ସ୍ତ୍ରୀମାନଙ୍କ ପ୍ରତିନିଧିରୂପେ ଶ୍ରୀମା ଏହି ପୃଥିବୀକୁ ଆସି କର୍ମ କରୁଛନ୍ତି ଏବଂ ସଂସାର ସମ୍ମୁଖରେ ଆଦର୍ଶରୂପେ ଆଶ୍ରମ ନିର୍ମାଣ କରି ସ୍ତ୍ରୀପୁରୁଷଙ୍କୁ ସମାନ ଜୀବନ-ଧର୍ମର ଦୀକ୍ଷା ଦେଇଛନ୍ତି । ସଂସାରର ଅର୍ଦ୍ଧଶକ୍ତି ହେଉଛି ନାରୀ । ନୂତନ ଯୁଗ ସକାଶେ ନାରୀଙ୍କ ଅଂଶଗ୍ରହଣ ବିନା ନୂତନ ଯୁଗ ପୂର୍ଣ୍ଣ ହୋଇପାରିବ ନାହିଁ । ସେହି ସକାଶେ ନାରୀଙ୍କର ପୂର୍ଣ୍ଣ ସ୍ୱତନ୍ତ୍ରତା ହେବା ଆବଶ୍ୟକ । ମହିଳାମାନେ ଅତିମାନସ ସତ୍ୟ ଆଶ୍ରୟରେ କିପରି ଉଜ୍ଜ୍ୱଳ ଚରିତ୍ର ରଖି ଭବିଷ୍ୟତ ଯୁଗର ନିର୍ମାତା ହୋଇପାରିବେ ତାହାର ଉଦାହରଣ ଦେବାକୁ ଆଶ୍ରମର ପ୍ରୟାସ ।

କେତେକ ଲୋକ ଆଶ୍ରମ ପରିଦର୍ଶନ କରିବାକୁ ଆସି ବ୍ୟାୟାମସ୍ଥଳରେ ସ୍ୱଚ୍ଛନ୍ଦରେ ଝିଅମାନଙ୍କୁ ବ୍ୟାୟାମ କରିବାର ଦେଖି ବିସ୍ମିତ ଭାବେ ପ୍ରଶ୍ନ କରନ୍ତି ।

ପ୍ରଶ୍ନ : ଅଗ୍ନି ଓ କୁଟା ଏକ ସଙ୍ଗେ ରହି ଜଳି ନ ଯିବ କିପରି ? ଏଠାରେ ଝିଅପିଲା ଏତେ ସ୍ୱତନ୍ତ୍ରରେ ରହୁଛନ୍ତି କିପରି ? ଆମ୍ଭେମାନେ କେତେକ ସଂସ୍ଥାରେ କେତେ ପ୍ରକାର ବ୍ୟବସ୍ଥା କରୁଛୁ, ତାହା ସଫଳ ହେଉ ନାହିଁ । ଆଶ୍ରମ ବାହାର ଜଗତରେ ସ୍ୱତନ୍ତ୍ରତାର କୁପରିଣାମ ବରାବର ଦୃଷ୍ଟିଗୋଚର ହେଉଅଛି । ଏଠାରେ ଏହା ସମ୍ଭବ ହେଉଛି କିପରି ? ପିଲାମାନଙ୍କ ଚେହେରା ସେମାନଙ୍କର ପବିତ୍ରତା ପ୍ରମାଣ କରି ଦେଉଅଛି । ଏହାର କାରଣ କ'ଣ ?

ଉତ୍ତର : ଏଠାରେ ପବିତ୍ରତାରେ ରହିବାର କାରଣ ହେଲା ଅତିମାନସ ଶକ୍ତିର ପ୍ରଭାବ । ଏପର୍ଯ୍ୟନ୍ତ ଏହି ପୃଥିବୀପୃଷ୍ଠରେ ଅତିମାନସ ଶକ୍ତି ଅବତରଣ କରି ନ ଥିଲା । ସେ ନେଇ ଝିଅପିଲା, ପୁଅପିଲା ଏକ ସଙ୍ଗେ ସ୍ୱତନ୍ତ୍ରତାରେ ରହି ପବିତ୍ର ରହିପାରୁ ନ ଥିଲେ । ବର୍ତ୍ତମାନ ନୂତନ ଯୁଗର ପ୍ରସ୍ତୁତି ଲାଗି ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଛନ୍ତି । ସେଥିପାଇଁ ଅତିମାନସ ଶକ୍ତିର ପ୍ରଭାବରେ ଅଗ୍ନି ଓ କୁଟା ତୁଲ୍ୟ ଝିଅପିଲା ଓ ପୁଅପିଲା ଏକ ସଙ୍ଗରେ ନିବାସ କରି ପବିତ୍ରତାରେ ରହିବା ସମ୍ଭବ ହୋଇଅଛି । ଯେଉଁମାନେ ଏହି ଅଧ୍ୟାତ୍ମ ଶକ୍ତିକୁ ପୂର୍ଣ୍ଣରୂପେ ଗ୍ରହଣ କରିବେ, ସେମାନେ ମଧ୍ୟ ଏହିପରି ପଢ଼ିବା, ଖେଳିବା ସତ୍ତ୍ୱେ ପବିତ୍ର ରହିପାରିବେ ।

ବାହାରେ ଆଶ୍ରମ ଅପେକ୍ଷା କମ୍ ସ୍ୱତନ୍ତ୍ରତା ପାଇ ଝିଅପିଲା, ପୁଅପିଲାମାନେ ପବିତ୍ରତାରେ ରହି ନ ପାରିବାର କାରଣ ହେଉଛି ପୂର୍ବେ ନାରୀମାନେ ପରଦାରେ ଥିଲେ, ନୈତିକ ଧର୍ମ ପ୍ରତି ଭୟ ଏବଂ ଶ୍ରଦ୍ଧା ଥିଲା । ଯୁଗ-ପ୍ରଭାବରୁ ଏହା ନଷ୍ଟ ହୋଇଅଛି । ଆଉ ଏହାଠାରୁ ଅତ୍ୟନ୍ତ ଉତ୍କୃଷ୍ଟ ଅଧ୍ୟାତ୍ମ ଅତିମାନସ ସତ୍ୟ ପୃଥିବୀରେ ପ୍ରସାର ହୋଇ ନାହିଁ । ପୁରାତନ ପରଦା ଆଉ ନୈତିକ ଧର୍ମଭାବ ଫେରିଆସିବ ନାହିଁ । ଯେଉଁ ଅଟ୍ଟାଳିକାର ନିଅଁ ଭୁଶୁଡ଼ି ପଡ଼ିଲାଣି ତାକୁ ବାଉଁଶଠେଲା ଦେଇ ରଖିହେବ ନାହିଁ, ବରଂ ପରଦାର ବିନାଶ ଆଉ ଉଚ୍ଛୃଙ୍ଖଳା କ୍ରମଶଃ ବଢ଼ିବ । ଏହାକୁ କୌଣସି

ପୁରାତନ ନୀତି ଆଉ ଧର୍ମ ଆୟତ୍ତ କରିପାରିବ ନାହିଁ । ଏହାର ଏକମାତ୍ର ପ୍ରତିକାର ହେଉଛି ନୂତନ ଯୁଗର ଯେଉଁ ସତ୍ୟ ପ୍ରସ୍ଥାପିତ ହେବାକୁ ଯାଉଛି, ତାକୁ ଗ୍ରହଣ କରିବା । ପିତାମାତାଙ୍କର ନିଜ କନ୍ୟାମାନଙ୍କ ପ୍ରତି, ଭାଇମାନଙ୍କର ନିଜ ଭଉଣୀମାନଙ୍କ ପ୍ରତି, ସ୍ୱାମୀମାନଙ୍କର ନିଜ ସ୍ତ୍ରୀମାନଙ୍କ ପ୍ରତି ଏକମାତ୍ର କର୍ତ୍ତବ୍ୟ ହେଉଛି ଅଧ୍ୟାତ୍ମ ସତ୍ୟ ଗ୍ରହଣ କରିବାରେ ସେମାନଙ୍କୁ ଉତ୍ସାହିତ କରିବା ଏବଂ କନ୍ୟାର ହିତ, ଭଉଣୀର ହିତ, ନିଜର ହିତ, ଆଉ ସଂସାରର ହିତ ସକାଶେ ନିଜେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରିବା । ସ୍ତ୍ରୀପୁରୁଷ ଉଭୟେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କଲେ ଘରେ କଳିକଜିଆ ହେବ ନାହିଁ, ପୃଥକ୍ ହେବାକୁ ପଡ଼ିବ ନାହିଁ, ପରସ୍ପର କଳିରେ ହୃଦୟ ଜଳିବ ନାହିଁ, ଅଧ୍ୟାତ୍ମଭାବାପନ୍ନ ହେଲେ ବାଳକବାଳିକାମାନେ ଘରେ ଦିବ୍ୟ ବାତାବରଣରେ ପାଳିତ ପୋଷିତ ହେବେ । ସେମାନଙ୍କ ସ୍ୱଭାବ ସତ୍ୟରେ ପ୍ରତିଷ୍ଠିତ ହେବ । ସେମାନେ ବଡ଼ ହୋଇ ସଂସାରର କାର୍ଯ୍ୟ କଲେ ସେମାନଙ୍କ ଦ୍ୱାରା ଚୋରି, ଲାଞ୍ଚ, ଧପ୍‌ପାବାଜି, ଠକାମି ଆଦି ମିଥ୍ୟାଚାର ହେବ ନାହିଁ । ଏହିସବୁ ଦୁର୍ଗୁଣ ଅଭାବରେ ବ୍ୟକ୍ତି ସତ୍ୟ, ଶାନ୍ତି, ଦୟା, କ୍ଷମା, ଆନନ୍ଦ, ପ୍ରେମ, ଭକ୍ତି ଇତ୍ୟାଦି ଦିବ୍ୟ ଗୁଣରେ ଭୂଷିତ ହେବ । ମଣିଷ ବର୍ତ୍ତମାନ ଯେତେ ସମୟରେ ଯାହା ପଢୁଛି, ଯେତେ ସମୟରେ ଯେଉଁ କର୍ମ କରିପାରୁଛି, ଯେତେ ସମୟରେ ଯେଉଁ ସମସ୍ୟାର ସମାଧାନ କରିପାରୁଛି, ସେସବୁକୁ ତାହାର ଏକ ଦଶାଂଶ ସମୟରେ ପୂର୍ବଠାରୁ ଉତ୍ତମରୂପେ କରିପାରିବ । ଏହାଦ୍ୱାରା ଘର, ଦେଶ ସମ୍ପଦରେ ପୂର୍ଣ୍ଣ ରହିବ । ଅର୍ଥାତ୍ ବ୍ୟକ୍ତି ଅଧ୍ୟାତ୍ମ ସତ୍ୟରେ ବାସ କରି ସମୃଦ୍ଧିଲାଭ କରିବ । ଜୀବନ ସଙ୍ଗେ ଅଧ୍ୟାତ୍ମ ସତ୍ୟର ସମ୍ମିଶ୍ରଣ ହେଲେ ସଂସାର ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ମନୁଷ୍ୟ ସକାଶେ । ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା ହେଲା ସମର୍ପଣ, ଅଭୀପ୍‌ସା ଏବଂ ପ୍ରତିକୂଳ ଗତିବୃତ୍ତି ତଥା ପ୍ରତିକୂଳ ବିଚାରର ତ୍ୟାଗ । ଚିତ୍ତର ଏକାଗ୍ରତା ସକାଶେ ଧ୍ୟାନ ଆବଶ୍ୟକ । ଏଠାରେ ଧ୍ୟାନର ପ୍ରଣାଳୀ ଆଲୋଚନା କରିବା ।

ଧ୍ୟାନ

ଚିତ୍ତ ଏକାଗ୍ର କରିବା ସକାଶେ ହୃଦୟରେ ଅଥବା ମସ୍ତକ କିଂବା ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରାହୁଏ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋକୁ ଧ୍ୟାନ କରାଯାଇପାରେ । ସମର୍ପଣ ସକାଶେ ଅଭୀପ୍‌ସାରେ ଚେତନାକୁ ଏକାଗ୍ର କରାଯାଇପାରେ । ଅଥବା ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତିକୁ ଶାନ୍ତି, ଜ୍ୟୋତିଃ, ଶକ୍ତିରୂପେ ଅବତରଣ କରିବା ସକାଶେ ପ୍ରତୀକ୍ଷା କରାଯାଇପାରେ । ଏହି ଧ୍ୟାନର ସାଧନା ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ବହିରେ ଆଲୋଚନା କରାଯାଇଛି । ଏହି ଧ୍ୟାନ ଆଉ ଅଭୀପ୍‌ସା ଯେଉଁମାନେ କରିପାରନ୍ତି ଭଲ, ଯେଉଁମାନେ ନ କରିପାରନ୍ତି ସେମାନଙ୍କ ସକାଶେ ଆଉ ଗୋଟିଏ ଅତ୍ୟନ୍ତ ସରଳ, ପ୍ରତ୍ୟେକ ବ୍ୟକ୍ତି କରିବାର ଯୋଗ୍ୟ ସାଧନା ଅଛି । ତା'ହେଲା ମା'ଙ୍କ ଉପରେ ଶ୍ରଦ୍ଧା ବିଶ୍ୱାସ ରଖି 'ମା' ଏହି ନାମ ନିରନ୍ତର ଜପପୂର୍ବକ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରିବା ।

ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା

ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା-ପ୍ରଣାଳୀ ଦୁଇପ୍ରକାର । ଗୋଟିଏ ଧ୍ୟାନ, ଅଭୀପ୍‌ସା, ସମର୍ପଣ ଏବଂ ତ୍ୟାଗ । ଅନ୍ୟଟି ବହୁତ ସହଜ ଓ ସରଳ । ସ୍ତ୍ରୀ, ପୁରୁଷ, ଶିଶୁ, ମୂର୍ଖ, ପଣ୍ଡିତ, ଜ୍ଞାନୀ, ଅଜ୍ଞାନୀ ସମସ୍ତେ ତାହା କରିପାରିବେ । ଏହା ବହୁତ ସରଳ ହେବା ସତ୍ତ୍ୱେ ମହତ୍ତ୍ୱରେ ମହାନ୍ । ମହତ୍ତ୍ୱ ପଦ୍ଧତି ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ସରଳତା, ବିଶ୍ୱାସ ଏବଂ ନିଷ୍ଠା ଉପରେ । କରମାବାଇଙ୍କ ନିଷ୍କପଟ ଶ୍ରଦ୍ଧା-ଭକ୍ତିବଶ ହୋଇ ଶ୍ରୀଜଗନ୍ନାଥ ତାଙ୍କ ଖେଚେଡ଼ି ଖାଇଥିଲେ । ସେହି ସରଳ ମାର୍ଗଟି ଏହିଠାରେ ଆଲୋଚନା କରିବା ।

ସରଳ ମାର୍ଗ

ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ପ୍ରତିଦିନ ସଫା ରୁମାଲ୍‌ରେ ଫଟୋ ପରିଷ୍କାର କର ଓ ପୁଷ୍ପ ଅର୍ପଣ କର । ସକାଳେ ଓ ସଂଧ୍ୟାରେ ପ୍ରଣାମ କର । ଘରର ମାଲିକ ରୂପେ ତାଙ୍କୁ ମାନିନିଅ । ଘର, ପରିବାର, ସମ୍ପତ୍ତି, ଗୋରୁଗାଈ ସବୁ ତାଙ୍କରି, ଆମ୍ଭେମାନେ ତାଙ୍କରି ସେବକ । ଆମ୍ଭେ ଯେଉଁ କାର୍ଯ୍ୟ କରୁଛୁ ସେହି କାର୍ଯ୍ୟରେ ଆମ୍ଭଙ୍କୁ ନିଯୁକ୍ତ କରାହୋଇଛି । ସମସ୍ତ କାର୍ଯ୍ୟ ତାଙ୍କରି ସେବା । ରୋଷେଇ କରିବା, ବାସନ ମାଜିବା, ଘର ଲିପିବା, ଲୁଗା ଧୋଇବା – ସମସ୍ତ କାର୍ଯ୍ୟ ତାଙ୍କର; କାରଣ ସେ ଘରର ମାଲିକ । ପିଲାଙ୍କୁ ସ୍ନାନ କରାଇଦେବା, ଭୋଜନ କରାଇଦେବା, ଗାଈଗୋରୁଙ୍କ କାର୍ଯ୍ୟ କରିବା, ବାଡ଼ିରେ କାର୍ଯ୍ୟ କରିବା, କୃଷି କରିବା, ବାଣିଜ୍ୟ କରିବା, ଦେଶସେବା ଇତ୍ୟାଦି ସମସ୍ତ କାର୍ଯ୍ୟ ତାଙ୍କରି । କାରଣ ପ୍ରକୃତରେ ସେ ଘରର ମାଲିକ । ଆମ୍ଭେମାନେ ଘରର ଯେଉଁସବୁ କାର୍ଯ୍ୟ କରୁ, ଚାକର ମଧ୍ୟ ସେହି ସମସ୍ତ କାର୍ଯ୍ୟ କରେ । କାର୍ଯ୍ୟର କୌଣସି ପ୍ରଭେଦ ନ ଥାଏ, ଏକହିଁ କର୍ମ । କିନ୍ତୁ ଆମ୍ଭେମାନେ କରୁ ନିଜ ସକାଶେ, ପରିବାର ସକାଶେ, ଚାକର କରେ ତା'ର ବେତନ ସକାଶେ । ସେହିପରି ଯଦି ଆମ୍ଭେମାନେ ଘରର ମାଲିକ ରୂପେ ମା'ଙ୍କୁ ମାନିନେବା ତେବେ ପରିବାର ସକାଶେ କରୁଥିବା ସମସ୍ତ କାର୍ଯ୍ୟ ହେବ ତାଙ୍କରି ସକାଶେ । ମନୁଷ୍ୟ ଯେଉଁ ପରିବାର, ଘର, ସମ୍ପତ୍ତିକୁ ନିଜର କହେ, ପ୍ରକୃତରେ ତାହା ତା'ର ନୁହେଁ, ସମସ୍ତ ଭଗବାନଙ୍କର । ଆଗରୁ ଭଗବାନଙ୍କର ଥିଲା, ବର୍ତ୍ତମାନ ଅଛି, ଭବିଷ୍ୟତରେ ରହିବ । ମନୁଷ୍ୟ କେବଳ ମୋହଗ୍ରସ୍ତ ହୋଇ ସବୁ କହେ 'ମୋର' । ବିବାହ ପରେ କନ୍ୟା ପତିଗୃହକୁ ଚାଲିଯାଏ । ପିତାଗୃହର ସମ୍ପତ୍ତିରେ ତା'ର ସମ୍ପର୍କ ରହେ ନାହିଁ । ପିତୃଗୃହରେ ଯାହାସବୁ ନିଜର ଥାଏ ତାହାସବୁ ପରର ହୋଇଯାଏ । ପତିଗୃହରେ ଯାହାସବୁ ପରର ଥାଏ ତାହାସବୁ ନିଜର ହୋଇଯାଏ । ଯଥାର୍ଥରେ ବସ୍ତୁ ନିଜର ନୁହେଁ, ଭଗବାନଙ୍କର । ମରିଯିବା ପରେ ଘର, ପରିବାର, ଧନ ସମ୍ପତ୍ତି, ବନ୍ଧୁବାନ୍ଧବଙ୍କ ସଙ୍ଗେ କୌଣସି ସମ୍ପର୍କ ରହେ ନାହିଁ । ଭଗବାନଙ୍କ ସଙ୍ଗେ ଆତ୍ମାର ବରାବର ନିତ୍ୟ ସମ୍ବନ୍ଧ । ଆତ୍ମା, ମନ, ପ୍ରାଣ, ଶରୀର, ସଂସାର, ଧନ ସମସ୍ତ ଭଗବାନଙ୍କର । ଭଗବାନଙ୍କ ବସ୍ତୁକୁ ବ୍ୟକ୍ତି ମୋହବଶ ହୋଇ ନିଜର ବୋଲି କହେ । ସେହି ସକାଶେ ଜନ୍ମମରଣର ଦଣ୍ଡ ପାଉଥାଏ । ଭଗବାନଙ୍କ ବସ୍ତୁ ଭଗବାନଙ୍କର ମାନିନେଲେ ଅର୍ଥାତ୍ ମା'ଙ୍କର ବୋଲି ମାନିନେଲେ ମା' ସ୍ୱୀକାର କରିନିଅନ୍ତି ଏବଂ ଘରର ତଥା ନିଜର ଦାୟିତ୍ୱ ସେ ଗ୍ରହଣ କରି ଆମ୍ଭମାନଙ୍କୁ ସମସ୍ତ ବାଧାବିପତ୍ତିରୁ ରକ୍ଷା କରି ଯଥାର୍ଥ ମାର୍ଗରେ ପରିଚାଳିତ କରନ୍ତି ଏବଂ ଛାୟାସଦୃଶ ସଙ୍ଗେ ସଙ୍ଗେ ରହିଥାଆନ୍ତି ।

''ଶ୍ରୀଅରବିନ୍ଦଃ ଶରଣଂ ମମ, ଶ୍ରୀମାତା ଶରଣଂ ମମ'', ଅଥବା କେବଳ 'ମା' ଏହି ନାମ କାର୍ଯ୍ୟ କରିବା ସମୟରେ, ଭୋଜନ ସମୟରେ, ଚାଲିବା ସମୟରେ, ସବୁ ସମୟରେ ଜପ କରିବେ । ଶୋଇବା ସମୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋକୁ ସ୍ମରଣ କରି ପ୍ରାର୍ଥନା କରିବେ – ''ମୁଁ, ମୋର ଯାହାକିଛି, ଘର, ପରିବାର, ସମସ୍ତ ତୁମର; ମୁଁ ତୁମର ସେବକ, ସମସ୍ତ କାର୍ଯ୍ୟ ତୁମରି ସେବା, ଏହି ଭାବ ମୋର ଦୃଢ଼ ହେଉ, ତୁମ ପ୍ରତି ପ୍ରେମ, ଶ୍ରଦ୍ଧା ଭକ୍ତି ହେଉ, ତୁମ ନାମ ନିରନ୍ତର ଜପ କରିପାରେ – ଏହି କୃପା କର ।'' ନାମ ସ୍ମରଣ କରି ଶୋଇଯିବେ । ଉଠିବା ସଙ୍ଗେ ସଙ୍ଗେ ଏହିପରି ପ୍ରାର୍ଥନା କରିବେ ଏବଂ ନାମଜପ ସହିତ କିଛି ସମୟ ଧ୍ୟାନ କରିବେ । ଯାହା ଭୋଜନ କରିବେ ତାହା ମା'ଙ୍କୁ ସମର୍ପଣ କରି କରିବେ । ସ୍ନାନ କରିବା ପରେ ଫଟୋ ସାମନାରେ ପାଞ୍ଚ, ଦଶ, ପନ୍ଦର ମିନିଟ ବସି ସେଥିରେ ମନ ଏକାଗ୍ର କରିବାକୁ ଚେଷ୍ଟା କରିବେ । ଯଦି ମନ ସେଥିରେ ଏକାଗ୍ର ହୁଏ ତେବେ ଆଖି ବନ୍ଦ କରି ହୃଦୟ ଭିତରେ ସେହି ଫଟୋର ସ୍ମୃତିକୁ ଧ୍ୟାନ କରିବେ । ଯେଉଁମାନେ ଧ୍ୟାନ କରି ନ ପାରନ୍ତି, ସେମାନେ ନାମଜପ ସହିତ ମା'ଙ୍କ ସେବାରୂପେ ଘରକାର୍ଯ୍ୟ କରିପାରିବେ । ଯାହା ସକାଶେ ଯାହା ସରଳ ହେବ; ଯାହା ସେ କରିପାରିବେ, ସେଥିରେହିଁ ସେ ଆରମ୍ଭ କରିବେ । କୌଣସି ଗୋଟିଏ ଭାବନା ଦ୍ୱାରା ଆରମ୍ଭ କଲେ, ସେହି ପ୍ରାରମ୍ଭିକ ଭାବ ସ୍ୱୟଂ ନିଜ ମାର୍ଗ ତିଆରି କରିଦେବ । ଯେପରି ବହୁତ ବଡ଼ ମଜଭୁତ ବନ୍ଧରେ ଛୋଟ ଛିଦ୍ରଟିଏ ହେଲେ ଜଳ ସ୍ୱୟଂ ଛିଦ୍ରଟିକୁ ବଡ଼ କରି ବନ୍ଧକୁ ଭାଙ୍ଗିଦିଏ, ସେହିପରି ଅଧ୍ୟାତ୍ମ ମାର୍ଗ । ଭାଗବତ ଶକ୍ତିକୁ ପ୍ରବେଶ କରିବାକୁ ଟିକିଏ ରାସ୍ତା ମିଳିଗଲେ ସେ ନିଜେ ନିଜେ ନିଜ ରାସ୍ତାକୁ

ବିସ୍ତାର କରିଦେବ । ତୁମେ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେବା ଅନୁପାତରେ ତୁମର କାର୍ଯ୍ୟ କରିବା ଶକ୍ତି, କର୍ମର କୌଶଳ ବିକାଶ ହେବ ଏବଂ ଅଧ୍ୟାତ୍ମ ଉନ୍ନତି ସଙ୍ଗେ ସଙ୍ଗେ ସଂସାର-କର୍ମର ବି ଉନ୍ନତି ହେବ । ସେତେବେଳେ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବେ, ପ୍ରେରଣା ଦେବେ ମାତୃଶକ୍ତି ।

ଏହିପରି ଆଚରଣ ସନ୍ତାନମାନେ ଦେଖିବେ, ଶିଖିବେ ଏବଂ କରିବେ । ଉପରି ଲିଖିତ ସାଧନା ଓ ଭାବ ମଧ୍ୟରୁ ଯାହାକୁ ଯାହା ସୁଗମ ହେବ ତାହା ସେ ଆରମ୍ଭ କରିପାରନ୍ତି । ଯାହାକୁ ଯାହା ସରଳ ହେବ, ତା' ସକାଶେ ସେ ହେବ ଶ୍ରେଷ୍ଠ ସାଧନା । ସେହି ପ୍ରାରମ୍ଭିକ ସାଧାରଣ ସାଧନା ବିଶାଳତାରେ ପରିଣତ ହେବ, ଆଉ ଭଗବାନଙ୍କ ପାଖରେ ପହଞ୍ଚାଇଦେବ ।

''ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।'' ॥ ଗୀତା ॥

ଅର୍ଥାତ୍ ''ସ୍ୱଳ୍ପ ଏହି ଧର୍ମ ଜନ୍ମ-ମୃତ୍ୟୁରୂପକ ମହତ୍ ଭୟରୁ ତ୍ରାଣ କରିବ ।'' ଏହାଦ୍ୱାରା ଗୃହର ବାତାବରଣ ଶୁଦ୍ଧ ହେବ : କିନ୍ତୁ ଏହା ସଙ୍ଗେ ସଙ୍ଗେ ଗ୍ରାମର ବାତାବରଣ ଶୁଦ୍ଧ ହେଲେ ତାହାଦ୍ୱାରା ବ୍ୟକ୍ତିକୁ ବହୁତ ସାହାଯ୍ୟ ମିଳିପାରିବ ।

ଶ୍ରୀଅରବିନ୍ଦ କେନ୍ଦ୍ର

ଗ୍ରାମ ବାତାବରଣ ଶୁଦ୍ଧିର ଆବଶ୍ୟକତା ହୁଏ ନିଜର ତଥା ଅନ୍ୟ ବ୍ୟକ୍ତିଙ୍କର ଲାଭ ସକାଶେ । ଗୋଟିଏ ଗୋଟିଏ ଶ୍ରୀଅରବିନ୍ଦ କେନ୍ଦ୍ର ଏବଂ ମହିଳା କେନ୍ଦ୍ର ପ୍ରତିଗ୍ରାମରେ ସ୍ଥାପିତ ହେବା ଉଚିତ । ଯେଉଁମାନେ ସାଧନା କରିବାକୁ ଚାହାନ୍ତି, ସେମାନେ ଗ୍ରାମର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ଦିନରେ ସପ୍ତାହରେ ଦୁଇ ଦିନ କିଂବା ଦିନେ ସମସ୍ତେ ଏକତ୍ରିତ ହେବେ, ସେମାନଙ୍କ ମଧ୍ୟରୁ ଯେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ସମ୍ବନ୍ଧେ କିଛି ଜାଣିଥିବେ ସେ ଶ୍ରୀମାଶ୍ରୀଅରବିନ୍ଦଙ୍କ ବହି ବା ପତ୍ରପତ୍ରିକା, ଲୋକ-ସାହିତ୍ୟ ପ୍ରାୟ ଏକ ଘଣ୍ଟା ପଢ଼ିବେ । କିଛି ସମୟ ସମସ୍ତେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ଫଟୋକୁ ଧ୍ୟାନ କରିବେ । ସେଠାରେ କେହି ଘରର ବା ପଡ଼ୋଶୀ ଘରର ଗପ କରିବେ ନାହିଁ । ସେଠାରେ ଯେତେ ସମୟ ରହିବେ, ମୌନ ରହିବେ ଅଥବା ବହି ପଢ଼ିବେ । ଆଧ୍ୟାତ୍ମିକତା ସମ୍ବନ୍ଧୀୟ କିଛି ପ୍ରଶ୍ନ ପଚାରି ପାରିବେ । ସେ ସ୍ଥାନରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରହିବା ଦରକାର । ଏହିରୂପେ ଗ୍ରାମେ ଗ୍ରାମେ ଯେତେ ଆଧ୍ୟାତ୍ମିକତା ପ୍ରସାର ହେବ ସେତେ ଅଧିକ ପରିମାଣରେ ବାତାବରଣ ଶୁଦ୍ଧ ହେବ । ମଣିଷର କଳୁଷିତ ଭାବ ଦୂର ହେବ । ପାଠଚକ୍ରର ପ୍ରତ୍ୟେକ ସଭ୍ୟ ସବୁସମୟରେ 'ମା' ଏହି ନାମ ସ୍ମରଣ କରିବା ଉଚିତ ।

ଜଗତରେ ଅନ୍ନ, ବସ୍ତ୍ର, ଔଷଧ ଦାନ, ରାସ୍ତାଘାଟ ନିର୍ମାଣ ଆଦି ଯେତେ ପ୍ରକାର ଧର୍ମ ଅଥବା ଲୋକସେବା ଅଛି, ସବୁଠାରୁ ଶ୍ରେଷ୍ଠ ହେଲା ଅଧ୍ୟାତ୍ମ ସାଧନ ଓ ଅଧ୍ୟାତ୍ମ ପ୍ରସାର । ଅନ୍ନ, ବସ୍ତ୍ର, ଔଷଧାଦିରେ ମନୁଷ୍ୟକୁ ଅଳ୍ପ ସମୟ ସୁଖ ପ୍ରାପ୍ତ ହୁଏ, ପରେ ଦୁଃଖ ଆସେ; କିନ୍ତୁ ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିରେ ସାଂସାରିକ ସୁଖଠାରୁ ବହୁଗୁଣରେ ଶ୍ରେଷ୍ଠ ଆନନ୍ଦ ପ୍ରାପ୍ତ ହୁଏ । ତାହା ନଷ୍ଟ ନ ହୋଇ ବରାବର ବୃଦ୍ଧିପାଏ ଏବଂ ଜନ୍ମ-ମରଣଜନିତ ଦାରୁଣ ଦୁଃଖରୁ ମୁକ୍ତ କରେ । ସେ-ନେଇ ଅଧ୍ୟାତ୍ମ ସେବା ସବୁଠାରୁ ଉତ୍କୃଷ୍ଟ ।

ଏହା ଏକେବାରେ ସ୍ପଷ୍ଟ ଯେ ସମ୍ପତ୍ତି, ପରିବାର ସବୁ ରହିବ ଏହିଠାରେ । ଯେଉଁମାନେ ଧନ ଉପାର୍ଜ୍ଜନ କରି ରଖିଛନ୍ତି, ସେଥିରୁ ଗୋଟିଏ ପଇସା ସଙ୍ଗରେ ଯିବ ନାହିଁ । ଯିବ କେବଳ ଭଲ ମନ୍ଦ କର୍ମଫଳ । ଏହା ଜାଣି, ଆଜିଠାରୁ ସାବଧାନ ହୋଇ, ଯେଉଁ ଶୁଭ କର୍ମ ସାଙ୍ଗରେ ଯିବ ତାହାକୁ ସଙ୍ଗରେ ନିଅନ୍ତୁ । ମନୁଷ୍ୟର ଏହାହିଁ ବଡ଼ ଭୁଲ୍ ହୁଏ, ଯେଉଁ ଧନ ସମ୍ପଦ ସଙ୍ଗରେ ଯିବ ନାହିଁ ତା' ସକାଶେ ପ୍ରାଣପଣେ ଚେଷ୍ଟା କରେ । ଯାହା ସହାୟକ ତାକୁ ଏକେବାରେ ଭୁଲିଯାଏ । ଭଗବାନ୍ ଚିର ସାଥୀ । ମନୁଷ୍ୟ ଆସିବା ସମୟରେ ଭଗବାନଙ୍କୁ ପ୍ରାପ୍ତ ହେବାକୁ ପ୍ରତିଜ୍ଞା କରି ଆସିଥାଏ । ଏଠାକୁ ଆସି ଭୁଲିଯାଏ । ଧନ ସମ୍ପତ୍ତି ଉପାର୍ଜ୍ଜନ ପାଇଁ କର୍ମ କରେ । କିନ୍ତୁ ମା' ଏହି ନାମ ଜପ ସହିତ ମା'ଙ୍କ ସେବା

ଭାବରେ କର୍ମ କରି ମା'ଙ୍କୁ ସମର୍ପଣ କର । ଏପରି କଲେ ଦକ୍ଷତା ସହିତ ଉତ୍ତମ ରୂପେ କର୍ମ କରି ପାରିବ । ମା'ଙ୍କ ଶକ୍ତି ନିଜ ମଧ୍ୟରେ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ପାଇବା ସଙ୍ଗେ ସଙ୍ଗେ (ଭଗବତ୍) ଲକ୍ଷ୍ୟପ୍ରାପ୍ତି ମାର୍ଗରେ ମଧ୍ୟ ଅଗ୍ରସର ହୋଇ ପାରିବେ ।

ପ୍ରଶ୍ନ : କେହି କେହି କହିପାରନ୍ତି ଭଗବାନଙ୍କୁ ପୂଜା ନ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋକୁ ପୂଜା କରିବାକୁ କାହିଁକି କୁହାଯାଉଛି ?

ଉତ୍ତର : ଭଗବାନ୍ ହେଉଛନ୍ତି ଶାଶ୍ୱତ ସତ୍ୟ, ତାଙ୍କର ନାମରୂପ ଅନନ୍ତ । ତାଙ୍କୁ ଯେଉଁ ନାମରେ, ଯେଉଁ ରୂପରେ ବ୍ୟକ୍ତି ଆରାଧନା କରିବ, ଯଦି ତା'ର ଆରାଧନା ସତ୍ୟ ଓ ଯଥାର୍ଥ ଥାଏ ତେବେ ଭଗବାନଙ୍କୁ ପ୍ରାପ୍ତ କରିବ । ଯେଉଁ ବ୍ୟକ୍ତି ଯେଉଁ ରୂପରେ ଭଗବାନଙ୍କୁ ମାନେ, ସେ ତାଙ୍କୁ ପୂଜା କରିପାରେ, ସେଥିରେ କିଛି ବିରୋଧ ନାହିଁ ।

ଯେତେବେଳେ କୌଣସି ମହାପୁରୁଷ ସଂସାରକୁ ଆସନ୍ତି, ତାଙ୍କ ମଧ୍ୟରେ ଭଗବତ୍ ଶକ୍ତି ପ୍ରକାଶ ହୋଇଥାଏ । ସେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଥାଆନ୍ତି । ତାଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପନ କଲେ ଭଗବାନଙ୍କ ସଙ୍ଗେ ସହଜରେ ସମ୍ବନ୍ଧ ସ୍ଥାପିତ ହୁଏ । ମା'ଙ୍କ ମଧ୍ୟରେ ଅତିମାନସ ଦିବ୍ୟ ଭାଗବତୀ ଆଦ୍ୟାଶକ୍ତିଙ୍କର ଏବଂ ଭଗବାନଙ୍କର ହୋଇଛି ପୂର୍ଣ୍ଣ ପ୍ରକାଶ । ତା'ଛଡ଼ା ମା' ଓ ଭଗବାନ୍ ଏକ ତତ୍ତ୍ୱ । ମା'ଙ୍କୁ ପୂଜା କରିବା ଦ୍ୱାରା ସେହି ପୂଜା ଭଗବାନଙ୍କ ପାଖେ ସିଧା ପହଞ୍ଚେ ଏବଂ ଅତିମାନସ ଶକ୍ତିର ସଂସ୍ପର୍ଶ ସହଜରେ ମିଳେ ଏହାହିଁ ବିଶେଷତ୍ୱ । ତା'ଛଡ଼ା ଭଗବାନ୍ ସ୍ୱୟଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ରୂପେ ଅବତାର ନେଇ ପୃଥିବୀରେ ଅତିମାନସ ଜାତି ପ୍ରତିଷ୍ଠା, ପୃଥିବୀକୁ ଦିବ୍ୟ ସ୍ୱର୍ଗରେ ପରିଣତ କରିବା ସକାଶେ ଏହି ପୃଥିବୀକୁ ଆସି ରୂପାନ୍ତରକାରିଣୀ ଅତିମାନସ ମହାଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା କରି ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଛନ୍ତି । 'The Mother' ବହିରେ ଶ୍ରୀଅରବିନ୍ଦ ମାତୃଶକ୍ତିକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରିବା ସକାଶେ ସ୍ପଷ୍ଟଭାବେ ବାରଂବାର କହିଅଛନ୍ତି । ରୂପାନ୍ତର କରିବେ ଅତିମାନସ ଶକ୍ତି । ଶ୍ରୀମା ଏବଂ ଅତିମାନସ ଶକ୍ତି ଏକତତ୍ତ୍ୱ ହୋଇଥିବାରୁ 'ମା' ଏହି ନାମ ଜପ କରି ମା'ଙ୍କୁ ସମର୍ପଣ କରିବା ଉଚିତ ।

ସୁବର୍ଣ୍ଣ ଯୁଗ

ସଂସାରରେ ଯେତେବେଳେ କୌଣସି ସଂକଟ କାଳ ଆସେ, ଅନ୍ୟାୟ, ଅତ୍ୟାଚାର ବୃଦ୍ଧି ହୁଏ, ସେତେବେଳେ ଭଗବାନ୍ ସ୍ୱୟଂ ଅଥବା ତାଙ୍କ ବିଭୂତି ଅବତାର ନେଇ ଏହି ସଂସାରକୁ ଆସି ସମୟ-ଅନୁକୂଳ କୌଣସି ଅଧ୍ୟାତ୍ମ ମାର୍ଗ ଲୋକଙ୍କ ସମ୍ମୁଖରେ ରଖନ୍ତି ଏବଂ ମନୁଷ୍ୟର ଅଳ୍ପ ପ୍ରୟାସରେ ତାଙ୍କ ନିଜ ଶକ୍ତି ଦ୍ୱାରା ତାଙ୍କୁ ବହୁତ ଦୂର ଅଗ୍ରସର କରାଇ ଦିଅନ୍ତି, ଅର୍ଥାତ୍ ଗୋଟିଏ ଚେତନାରୁ ଆଉ ଗୋଟିଏ ନୂତନ ଚେତନାରେ ପହଞ୍ଚାଇ ଦିଅନ୍ତି । ଏହି ସମୟକୁ ସୁବର୍ଣ୍ଣ ସୁଯୋଗ କୁହାଯାଏ । ଅନ୍ୟ ସମୟରେ ବ୍ୟକ୍ତି ବହୁତ ବର୍ଷ ସାଧନାରେ ଯାହା କରି ପାରିଥାନ୍ତା, ଏ ସମୟରେ ବହୁତ ଅଳ୍ପ କାଳ ମଧ୍ୟରେ ତାହା କରିନିଏ । ଯେତେବେଳେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ଆଦି ଆସିଥିଲେ ସେତେବେଳେ ସେହି ସୁବର୍ଣ୍ଣ ସୁଯୋଗ ଥିଲା । ସେ ସମୟରେ ହଜାର ହଜାର ନରନାରୀ ଅଳ୍ପ ପ୍ରୟାସରେ ତରି ଯାଇଥିଲେ । ସେମାନଙ୍କ ଶିକ୍ଷା ବର୍ତ୍ତମାନ ଅଛି । କିନ୍ତୁ ସେ ସମୟ ଚାଲିଯାଇଥିବାରୁ ସେମାନଙ୍କ ଶିକ୍ଷାରୁ ବ୍ୟକ୍ତି ସେ ସମୟ ସଦୃଶ ଲାଭବାନ୍ ହୋଇପାରୁ ନାହାନ୍ତି ।

ବର୍ତ୍ତମାନ ସଂକଟପୂର୍ଣ୍ଣ ପ୍ରାଣଘାତକ କାଳ ମନୁଷ୍ୟର ସମ୍ମୁଖରେ ଉପସ୍ଥିତ । ଅନ୍ୟାୟ ଅତ୍ୟାଚାରର ତାଣ୍ଡବ ନୃତ୍ୟ । ଏହି ମାରାତ୍ମକ ସମୟରୁ ଉଦ୍ଧାର ହେବାର ଏକମାତ୍ର ଉପାୟ ଭଗବତ୍ ଶକ୍ତିର ସାହାଯ୍ୟ । ସେହି ଭଗବତ୍ ଶକ୍ତିର ସାହାଯ୍ୟ ବ୍ୟକ୍ତିକୁ ସୁଲଭରେ ପ୍ରାପ୍ତ କରାଇବା ସକାଶେ ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ସେହି ଆଦ୍ୟା ସୃଜନୀ ଅତିମାନସ ଶକ୍ତିକୁ ପୃଥିବୀକୁ ଉତାରି ଆଣି କାର୍ଯ୍ୟ କରୁଅଛନ୍ତି ଯାହା ସାହାଯ୍ୟରେ ମନୁଷ୍ୟ ଜାତିକୁ ଏହି ବିପଦରୁ ରକ୍ଷା କରି ତାକୁ ବର୍ତ୍ତମାନ ଚେତନାରୁ ଗୋଟିଏ ଉଚ୍ଚତର ଚେତନାରେ ପହଞ୍ଚାଇ ଦେବେ । ଏ

ସମ୍ବନ୍ଧରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ବହୁତ ବିସ୍ତୃତ ଭାବେ ଆଲୋଚିତ ହୋଇଅଛି । ଏହି ବିଷୟ ସାଧାରଣ ବ୍ୟକ୍ତିଙ୍କ ବୋଧଗମ୍ୟ ସକାଶେ ବିଭିନ୍ନ ପତ୍ରପତ୍ରିକା ଏବଂ 'ଲୋକ-ସାହିତ୍ୟ' ପ୍ରକାଶିତ ହେଉଅଛି ଏବଂ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ପ୍ରଥମ ଭାଗ, ଦ୍ୱିତୀୟ ଭାଗ ବହିରେ ସରଳ ଭାଷାରେ ଆଲୋଚନା କରାହୋଇଛି ।

ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟଜାତିକୁ ଉନ୍ନତ ସ୍ତରକୁ ନେଇଯିବା ପାଇଁ ଯେଉଁ ପ୍ରଯତ୍ନ କରୁଛନ୍ତି, ସେଥିରେ ବ୍ୟକ୍ତିକୁ ମଧ୍ୟ କିଛି କାର୍ଯ୍ୟ କରିବାକୁ ହେବ । ବ୍ୟକ୍ତିର କାର୍ଯ୍ୟ ହେବ ଯେଉଁ ଅତିମାନସ ସୂର୍ଯ୍ୟ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ ଉତାରି ଆଣି ଅଛନ୍ତି ତାହାର ପ୍ରକାଶକୁ ପ୍ରାପ୍ତ ହେବାକୁ ନିଜ ଦ୍ୱାର ଖୋଲି ରଖିବାକୁ ହେବ । ଯଦି ଦ୍ୱାର ବନ୍ଦ ରହେ ତେବେ ଅତିମାନସ ସୂର୍ଯ୍ୟ ବିଦ୍ୟମାନ ଥିବା ସତ୍ତ୍ୱେ ବି ନିଜ କୋଠରି ମଧ୍ୟରେ ତାହା ଅଧିକ ପ୍ରକାଶ ପାଇବ ନାହିଁ ଏବଂ ତାହା ଦ୍ୱାର ଭେଦକରି ଘର ଭିତରେ ପ୍ରବେଶ କରିବାକୁ ବହୁତ ସମୟ ଲାଗିଯିବ । କାରଣ ଅତିମାନସ ଶକ୍ତି ଅମୋଘ, ସେ ବ୍ୟର୍ଥ ହେବ ନାହିଁ । କିନ୍ତୁ ସମୟ ବହୁତ ଲାଗିବ । ଏହି ସମୟ କମ୍ କରିବା ସକାଶେ ଶ୍ରୀକୃଷ୍ଣଙ୍କ ଗୋବର୍ଦ୍ଧନ ଧାରଣ କରିବା ସମୟରେ ବୃନ୍ଦାବନବାସୀଙ୍କୁ ନିଜ ଲାଠି ଲଗାଇଦେବା ପରି ବ୍ୟକ୍ତିକୁ କିଛି ସାଧନା କରିବାକୁ ପଡ଼ିବ ।

ବର୍ତ୍ତମାନ ମନୁଷ୍ୟର କର୍ତ୍ତବ୍ୟ ହେଲା ନିଜକୁ ପ୍ରସ୍ତୁତ କରିବା, ଯେପରି ସେ ଶକ୍ତି ଆମ ଦ୍ୱାରକୁ ଆସି ପ୍ରବେଶ କରିବାକୁ ଅଧିକ ସମୟ ଅପେକ୍ଷା ନ କରେ । ପ୍ରସ୍ତୁତ କରିବାର ଦୁଇଟି ପ୍ରଣାଳୀ । ଗୋଟିଏ ହେଲା ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିବା । ଅନ୍ୟଟି ହେଲା ଧ୍ୟାନ, ଅଭୀପ୍ସା ଓ ସମର୍ପଣ । ଏହି ଉଭୟ ପ୍ରଣାଳୀରେ ମା' ଏହି ନାମ ଜପ ଏକାନ୍ତ ଆବଶ୍ୟକ । ନାମଜପ ସହିତ ଏହି ଉଭୟ ପ୍ରଣାଳୀ ବହୁତ ସହଜ ହୁଏ ।

ଏ ଦୁଇଟି ପରସ୍ପର ସମ୍ବନ୍ଧିତ । ଗୋଟିଏ ଆସିଲେ ଅନ୍ୟଟି ନ ଆସି ରହି ପାରିବ ନାହିଁ । ଏହି ଦୁଇଟି ମଧ୍ୟରୁ ଯାହା ପକ୍ଷେ ଯାହା ଆରମ୍ଭରୁ ସୁଲଭ ହୋଇ ପାରେ ସେ ତାହାହିଁ କରିବେ । ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିବାର ଉଦ୍ଦେଶ୍ୟ ହେଲା – ମା' ଅତିମାନସ ଚେତନାକୁ ଧାରଣ କରି ମନ, ପ୍ରାଣ, ଶରୀରାଦି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ କରିଅଛନ୍ତି । ଆମ୍ଭମାନଙ୍କର ମା'ଙ୍କ ପ୍ରତି ଶ୍ରଦ୍ଧା ଭକ୍ତି ହେଲେ, ତାଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପିତ ହେଲେ ଏହା ଭଗବାନଙ୍କ ସଙ୍ଗେ ହେବ, କାରଣ ଭଗବାନ୍ ଏବଂ ଶ୍ରୀମା ଏକ ତତ୍ତ୍ୱ । କିନ୍ତୁ ଭଗବାନଙ୍କୁ ଆମ୍ଭେମାନେ ଦେଖିପାରୁ ନାହିଁ, ମା'ଙ୍କୁ ଆମେ ଆମ ମଧ୍ୟରେ ପାଇଛୁ । ଏହି କାରଣରୁ ତାଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ ସହଜ ହୋଇଛି ।

ଏହି ସାଧନା ବ୍ୟକ୍ତିଗତରୂପେ ତଥା ସାମୂହିକରୂପେ ହେବା ଆବଶ୍ୟକ ଏବଂ ଉଭୟ ପ୍ରୟୋଜନୀୟ । ଏହାର ଉଦାହରଣ ଆଶ୍ରମ । ଆଶ୍ରମ ହେଉଛି ପ୍ରଧାନ କେନ୍ଦ୍ର । ଏହାରି ଅନୁରୂପ ପ୍ରତ୍ୟେକ ସହର, ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ଘର ଯଦି ହୁଏ, ତେବେ ସଂସାରରୁ ଦୁଃଖ ଦୁର୍ଦଶା ଅଳ୍ପ ସମୟରେ ଲୋପ ହେବ ଏବଂ ଭଗବାନ୍ ନିଜକୁ ସଂସାରରେ ପ୍ରକାଶ କରିବେ । ଅପେକ୍ଷା କରି ରହିଲେ ଚଳିବ ନାହିଁ । ନିଜେ ତତ୍ପରତା ସହ ସାଧନା ଆରମ୍ଭ କଲେ ପ୍ରତି ଗ୍ରାମରେ, ପ୍ରତି ଘରେ ସାଧନାଳୟ ହେବାର ସମୟ ଶୀଘ୍ର ଆସିବ ଏବଂ ସଂସାର ଆନନ୍ଦମୟ ହେବ ।

କେନ୍ଦ୍ର ସ୍ଥାପନା

କେହି କେହି କହନ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଆମ୍ଭେ ନିଜେ ଭଲଭାବେ ଜାଣି ନାହୁଁ, ଗ୍ରାମରେ କେନ୍ଦ୍ର ପ୍ରତିଷ୍ଠା କରିବୁ କିପରି ?

ତୁମ୍ଭେ ଶିକ୍ଷା ଦେବାକୁ ଯାଉ ନାହଁ କିଂବା ଗୁରୁ ହେଉ ନାହଁ । ତୁମ୍ଭର ଜାଣିବା ନ ଜାଣିବା, ଯୋଗ୍ୟତା ଅଯୋଗ୍ୟତାରେ କିଛି ଯାଏ ଆସେ ନାହିଁ । ସମସ୍ତେ ମିଶି ସେହି ସତ୍ୟ ପ୍ରାପ୍ତ ହେବାକୁ ପ୍ରଯତ୍ନ କରିବା । ଯେଉଁ ସତ୍ୟ ଆସିଛି ତା'ର କେନ୍ଦ୍ର ମା' । ପରୋକ୍ଷ ଭାବେ ମା' ପ୍ରତ୍ୟେକ ବ୍ୟକ୍ତିକୁ ପରିଚାଳନା କରୁଛନ୍ତି । କେହି ଯଦି ମନେ କରେ, ''ମୁଁ ଜାଣିବା ପରେ, କିଛି ଯୋଗ୍ୟତା ପ୍ରାପ୍ତ ହେବା ପରେ କିଛି କରିବି ବା କହିବି'' ତେବେ ଏହା କେବଳ ନିଜର

ଅହଂକାର ଛଡ଼ା ଅନ୍ୟକିଛି ନୁହେଁ । ଏହିପରି ଧାରଣାରେ କେବଳ ପ୍ରତୀକ୍ଷା କରି ରହିବାରେ ସମୟ ବ୍ୟୟିତ ହୋଇଯିବ । ଆମେ କିଛି କରିପାରିବା ନାହିଁ । ନିଜକୁ ଯୋଗ୍ୟ ମନେ କରିବା ଓ ଅଯୋଗ୍ୟ ମନେ କରିବା – ଏହି ଉଭୟ ଭାବ ଏକେବାରେ ଅହଂପ୍ରସୂତ । ଉଭୟର ମୂଳ ହେଉଛି ''ମୁଁ'', ''ମୁଁ'' ଯୋଗ୍ୟ, ''ମୁଁ'' ଅଯୋଗ୍ୟ । ଆରମ୍ଭରୁ ଏହି ଉଭୟ ଭାବର ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ''ଆମ୍ଭେ ଯେପରି ହେଉ ତୋ'ର । ଆମ ଭିତରେ ତୋ ଶକ୍ତି କାର୍ଯ୍ୟ କରୁ । ତୋ ସଂକଳ୍ପ ଏହି ଶରୀରରେ କାର୍ଯ୍ୟକାରୀ ହେଉ ।'' ଏହିପରି ଭାବ ରଖିବା ଦ୍ୱାରା ମା'ଙ୍କ ଶକ୍ତି ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରିବ ଏବଂ ଯେଉଁ କାର୍ଯ୍ୟ ସକାଶେ ଯାହା ଆବଶ୍ୟକ ହେବ ମା' ତାହା ଅବଶ୍ୟ ଦେବେ । ''ମୋ ଦ୍ୱାରା କିଛି ହେବ ନାହିଁ, ମୁଁ ଜାଣେ ନାହିଁ, ମୁଁ କ'ଣ ଅନ୍ୟକୁ କହିବି ?'' – ଏହି ଭାବ ତାମସିକ ଅହଂକାର । ଏହାକୁ ଅବଶ୍ୟ ବର୍ଜ୍ଜନ କରିବାକୁ ହେବ । ଏହା ସଙ୍ଗେ ସଙ୍ଗେ ''କିଛି କହି ଲୋକଙ୍କର କଲ୍ୟାଣ କରିବୁ'' – ଏ ଭାବ ମଧ୍ୟ ମା'ଙ୍କ ଚରଣରେ ପୂର୍ଣ୍ଣତଃ ସମର୍ପଣ କରିବାକୁ ହେବ ।

ଯେଉଁମାନେ ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ କିଛି ପରିଚିତ ଅଥବା ସାଧନା କରିବାକୁ ଚାହାନ୍ତି, ସେମାନେ ନିଜ ଗ୍ରାମରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ର ହୋଇ ପ୍ରଥମରେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ସମ୍ବନ୍ଧୀୟ ପୁସ୍ତକ ଘଣ୍ଟାଏ ପଢ଼ନ୍ତୁ, ପରେ ଧ୍ୟାନ କରନ୍ତୁ । ଯେଉଁ ଗ୍ରାମରେ ଦୁଇଜଣ ସଦସ୍ୟ ହେବେ, ସେଠାରେ ଗୋଟିଏ କେନ୍ଦ୍ର ଆରମ୍ଭ କରାଯାଇପାରେ । ପରେ କ୍ରମଶଃ ବଢ଼ିବେ । କେନ୍ଦ୍ରର ସଦସ୍ୟମାନେ ନିୟମିତରୂପେ ନିଜ ନିଜ ଘରେ କିଛି ସମୟ ଧ୍ୟାନ କରିବେ, ନିରନ୍ତର ନାମଜପ କରିବାକୁ ଚେଷ୍ଟା କରିବେ ଏବଂ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପାଠ କରିବେ । ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧରେ କିଛି ଜାଣନ୍ତି, ସେମାନଙ୍କୁ ନିଜ ସନ୍ଦେହ ସମ୍ବନ୍ଧେ ପଚାରିପାରନ୍ତି ଅଥବା ଏଠାକୁ ସିଧା ପତ୍ର ଦେଇପାରନ୍ତି ।

କେନ୍ଦ୍ର ହେବା ଦ୍ୱାରା ଗ୍ରାମରେ ଗୋଟିଏ ଭଲ ବାତାବରଣ ସୃଷ୍ଟି ହୁଏ । ବ୍ୟକ୍ତି ଉପରେ ତାହାର ପ୍ରଭାବ ପଡ଼େ, ଘରେ ମଧ୍ୟ ତାହାର ପ୍ରଭାବ ପଡ଼େ । ଛୋଟ ଅବସ୍ଥାରୁ ବାଳକ ବାଳିକାମାନଙ୍କ ଚେତନା ପରିବର୍ତ୍ତନ ହେବାକୁ ଆରମ୍ଭ କରେ । ନିଜେ ବ୍ୟକ୍ତିଗତଭାବେ ସାଧନା କରିବା ଅପେକ୍ଷା ସାମୂହିକଭାବେ କେନ୍ଦ୍ରସ୍ଥାପନ କରି ସାଧନା କଲେ ଅନ୍ୟର କେବଳ କଲ୍ୟାଣ ହୁଏ ନାହିଁ, ବରଂ ସମସ୍ତଙ୍କ ଚେତନାର ଶୀଘ୍ର ପରିବର୍ତ୍ତନ ହୁଏ । ଏହା ଓଡ଼ିଶାରେ ନୂଆ ନୁହେଁ । ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମୟରେ ପ୍ରତି ଗ୍ରାମରେ କୀର୍ତ୍ତନ ହେଉଥିଲା । ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗିରେ ପୁରାଣଚର୍ଚ୍ଚା ହେଉଥିଲା । ବର୍ତ୍ତମାନ ସେହିପରି ନୂତନ ଧରଣର ହେବ । ବର୍ତ୍ତମାନ ସମୟରେ ଏହାହିଁ ଆବଶ୍ୟକ ।

କେନ୍ଦ୍ରର ସାଧାରଣ ନିୟମ

(୧) ଗ୍ରାମ ମଧ୍ୟରେ କୌଣସି ସ୍ୱତନ୍ତ୍ର ଘରେ ମା' ଓ ଶ୍ରୀଅରବିନ୍ଦଙ୍କର ଫଟୋ ସ୍ଥାପନ କରି ପ୍ରତିଦିନ ପୁଷ୍ପ ଅର୍ପଣ କରିବେ ଓ ଧୂପ ଦେବେ ।

(୨) ଯେଉଁମାନେ ସଦସ୍ୟ ହେବେ, ସେମାନେ ନିୟମିତ ଭାବେ ରାତିରେ ଶୋଇବା ସମୟରେ ନିଜ ବିଛଣାରେ ଏବଂ ଉଠିବା ସମୟରେ ସେହି ବିଛଣାରେ ବସି କିଛି ସମୟ ନାମଜପ ସହିତ ଧ୍ୟାନ କରି ପ୍ରାର୍ଥନା ଓ ସମର୍ପଣ କରି ଉଠି ନିଜ ନିଜ କାର୍ଯ୍ୟରେ ଯିବେ । ସ୍ନାନ କରିବା ପରେ ୧୫-୨୦ ମିନିଟ୍ ଧ୍ୟାନ କରିବେ । ଅନ୍ୟ କୌଣସି ସମୟରେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରିବେ । ସ୍ନାନ ଇତ୍ୟାଦି ସମସ୍ତ କର୍ମ କରିବା ସମୟରେ ନାମଜପ କରୁଥିବେ ।

(୩) ଘରର ପ୍ରତ୍ୟେକ କାର୍ଯ୍ୟ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ନାମଜପ ସହିତ ମା'ଙ୍କ ସେବାରୂପେ କରିବେ । କାରଣ ପ୍ରକୃତରେ ଘର, ପରିବାର, ଧନ, ସବୁ ମା'ଙ୍କର । ମନୁଷ୍ୟ କେବଳ ଅହଂଭାବାପନ୍ନ ହୋଇ କହେ ମୋର ।

(୪) ଯେଉଁମାନେ ଧ୍ୟାନ କରି ନ ପାରନ୍ତି, ସେମାନେ କେବଳ ମା'ଙ୍କ ନାମଜପ କରି ତାଙ୍କ ପ୍ରତି ଶ୍ରଦ୍ଧାଭକ୍ତି ରଖି ଘରର କାର୍ଯ୍ୟ ଭଗବାନଙ୍କ ସେବା ଭାବରେ କଲେ ଆବଶ୍ୟକ ସାଧନାପ୍ରଣାଳୀ ଆସିଯିବ ।

(୫) ଫେବ୍ରୁଆରି ୨୧ ତାରିଖ ମା'ଙ୍କ ଜନ୍ମଦିନ, ଅପ୍ରେଲ୍ ୨୪ ତାରିଖ ମା'ଙ୍କର ସ୍ଥାୟୀଭାବେ ଆଶ୍ରମରେ ରହିବାର ଦିନ, ଅଗଷ୍ଟ ୧୫ ତାରିଖ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ, ନଭେମ୍ବର ୨୪ ତାରିଖ ମା' ଏବଂ ଶ୍ରୀଅରବିନ୍ଦଙ୍କର ସିଦ୍ଧି ଦିବସ । ଏହି ଦିନମାନଙ୍କରେ ମା' ଦର୍ଶନ ଦେଉଥିଲେ । ଏହି ଦିନମାନଙ୍କରେ ଆଶ୍ରମରେ ସକାଳ ଘ୬ଣ୍ଟା ସମୟରେ ସାମୂହିକ ଧ୍ୟାନ ହୁଏ । ଏହି ସମୟରେ କେନ୍ଦ୍ରରେ ସମସ୍ତେ ଏକତ୍ର ଧ୍ୟାନ କରିବେ । ଆଉ ସନ୍ଧ୍ୟା ସମୟରେ ଏକତ୍ର ହୋଇ ଶ୍ରୀଅରବିନ୍ଦ ସାହିତ୍ୟ ଆଲୋଚନା କରିବେ । ଏହିସବୁ ଦିନରେ ସାଧାରଣ ଦିନ ଅପେକ୍ଷା କିଛି ଅଧିକଭାବେ ଉତ୍ସବ କରିବା ଉଚିତ ।

(୬) ଛାତ୍ରଛାତ୍ରୀମାନେ ଏହି ଉପରିଲିଖିତ ନିୟମ ଅନୁସାରେ ଛାତ୍ରସମାଜ ପ୍ରତିଷ୍ଠା କରିବେ ।

*

ସାଂସାରିକ ଜୀବନରେ ସୁଖ ପାଇବାର କେବଳ ଗୋଟିଏ ମାତ୍ର ଉପାୟ ଅଛି, ତାହା ହେଲା ଜୀବନ ଏବଂ ଜୀବନର କର୍ମସକଳକୁ ଅନ୍ତରସ୍ଥ ଭଗବାନଙ୍କୁ, ସର୍ବୋତ୍ତମ ଈଶ୍ୱରଙ୍କୁ ବା ପରାଜନନୀଙ୍କୁ ନିବେଦନ କରିବା ।

— ଶ୍ରୀଅରବିନ୍ଦ

ସଂସାର-ଜୀବନ ସ୍ୱଭାବତଃ ବିକ୍ଷୋଭର କ୍ଷେତ୍ର । ତାହା ମଧ୍ୟରେ ଯଥାଯଥ ଭାବରେ ଚାଲିବାକୁ ହେଲେ ମନୁଷ୍ୟକୁ ନିଜ ଜୀବନ ଓ କର୍ମାବଳୀକୁ ଭଗବାନଙ୍କ ଚରଣରେ ଅର୍ପଣ କରିବାକୁ ହେବ ଏବଂ ଅନ୍ତରରେ ଭଗବାନଙ୍କର ସ୍ଥିର ଶାନ୍ତି ସକାଶେ ପ୍ରାର୍ଥନା କରିବାକୁ ହେବ ।

— ଶ୍ରୀଅରବିନ୍ଦ

ମୋର ପ୍ରେମ ସବୁବେଳେ ତୋ ସହ ରହିଛି, ତା' ସତ୍ତ୍ୱେ ତୁ ଯଦି ଏହାକୁ ଅନୁଭବ କରିପାରୁ ନ ଥାଉ, ତେବେ ତା'ର କାରଣ ହେଉଛି ତୁ ଏହାକୁ ଗ୍ରହଣ କରିବା ନିମନ୍ତେ ସକ୍ଷମ ଅବସ୍ଥାରେ ନାହୁଁ । ତୋ ମଧ୍ୟରେ ଯେଉଁ କଥାର ଅଭାବ ରହିଛି ତା' ହେଉଛି ତୋର ଗ୍ରହଣଶୀଳତା, ଆଉ ଏହି ଗ୍ରହଣଶୀଳତାକୁ ତୁ ବୃଦ୍ଧି କରିବା ଉଚିତ । ଏଥିପାଇଁ ତୋତେ ନିଜକୁ ଖୋଲି ଧରିବାକୁ ବା ଉନ୍ମୀଳିତ କରିବାକୁ ହେବ । ଏହି ଉନ୍ମୀଳନ ଆସିଥାଏ କେବଳ ଯଦି ଆମେ **ଆମ ନିଜକୁ** ଦେଇ ଦେଉ । ଏକଥା ନିଶ୍ଚିତ ଯେ କମ୍ ହେଉ ବା ବେଶୀ ହେଉ ସଚେତନଭାବେ ତୁ ସେହି ଶକ୍ତି ତଥା ଦିବ୍ୟପ୍ରେମକୁ ନିଜ ଆଡ଼କୁ ଆକର୍ଷଣ କରିବା ଲାଗି ଚେଷ୍ଟା କରୁଛୁ । ଏହା ଏକ ଖରାପ ପ୍ରଣାଳୀ । କୌଣସି କିଛି ହିସାବ ନ କରି ଓ ପ୍ରତିଦାନରେ କିଛି ଆଶା ନ କରି ନିଜକୁ ଦେଇଦିଅ, ତା'ହେଲେ ତୁମେ ଗ୍ରହଣ କରିବା ଲାଗି ସକ୍ଷମ ହେବ ।

— ଶ୍ରୀମା

ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା

(ପ୍ରଥମ ଭାଗ)

ସୂଚନା

ଆଜିକାଲି ସର୍ବତ୍ର ଜନସାଧାରଣଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା ସମ୍ବନ୍ଧେ ଜାଣିବା ପାଇଁ ଆଗ୍ରହ ପ୍ରକାଶ ପାଇଛି । କିନ୍ତୁ ଅନେକେ ମନେକରନ୍ତି ଯେ ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ଓ ସାହିତ୍ୟ ଅତି କଠିନ, ଜଟିଳ ଓ ଅଗମ୍ୟ । ପ୍ରାଚୀନ ଯୋଗ-ପ୍ରଣାଳୀ ଓ ସାଧନା ସମ୍ପର୍କରେ ପରମ୍ପରା ଓ ଐତିହ୍ୟ ଅନୁକ୍ରମେ ଜନସାଧାରଣ କେତେକ ପରିମାଣରେ ପରିଚିତ, କିନ୍ତୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସମ୍ବନ୍ଧରେ କୌଣସି ବିଶେଷ ଜ୍ଞାନ ନ ଥିବାରୁ ତାଙ୍କର ସାହିତ୍ୟ ଓ ଦର୍ଶନ କଠିନ ବୋଧହୁଏ । ଲେଖକ ବହୁ ଶ୍ରମସ୍ୱୀକାର କରି ଭଗବାନଙ୍କ ଅସ୍ତିତ୍ୱ ଏବଂ ଜୀବନରେ ଯୋଗର ଆବଶ୍ୟକତା, ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଲକ୍ଷ୍ୟ, ସାଧନା-ପ୍ରଣାଳୀ ଓ ତ୍ରିବିଧ ରୂପାନ୍ତର ବିଷୟ ଏହି ପୁସ୍ତକରେ ଅତି ସ୍ପଷ୍ଟ, ସରଳ ଓ ସୁନ୍ଦର ଭାଷାରେ ପ୍ରକାଶ କରିଛନ୍ତି ।

ଏଥିରେ ସନ୍ନିବେଶିତ ବିଷୟଗୁଡ଼ିକ 'ନବଜ୍ୟୋତି'ର ପ୍ରଥମ ବର୍ଷର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସଂଖ୍ୟା ଏବଂ ଦ୍ୱିତୀୟ ବର୍ଷର ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ଏବଂ ସେଗୁଡ଼ିକୁ ସଂଶୋଧିତ ଓ ପରିବର୍ଦ୍ଧିତ କରି ଏହାର ପ୍ରଥମ ସଂସ୍କରଣ କରାଯାଇଥିଲା । ବର୍ତ୍ତମାନ ଏହି ଦ୍ୱିତୀୟ ସଂସ୍କରଣରେ ବିଷୟଗୁଡ଼ିକୁ ଅଧିକ ସରଳ ଓ ହୃଦୟଙ୍ଗମ କରିବା ନିମିତ୍ତ ବିଶେଷ ସଂଶୋଧନ ଓ ପରିବର୍ଦ୍ଧନ କରାଯାଇଛି ଏବଂ ଫଳରେ ପୁସ୍ତକର କଳେବର ବୃଦ୍ଧିପାଇଛି ।

ସମଗ୍ର ପୁସ୍ତକଟି ପ୍ରଶ୍ନୋତ୍ତର ଭାବେ ଲିଖିତ ହୋଇଥିବାରୁ ପାଠକମାନଙ୍କ ପକ୍ଷେ ଏହା ଶୁଷ୍କ ଓ ନୀରସ ବୋଧହେବ ନାହିଁ । ଛାତ୍ର, ଶିକ୍ଷକ, ସାଧାରଣ ଶିକ୍ଷିତ ବ୍ୟକ୍ତି ଏବଂ ବିଶେଷଭାବେ ନୂତନ ସାଧକମାନଙ୍କ ନିମିତ୍ତ ଏହା ବିଶେଷ ଉପାଦେୟ ହେବ, କାରଣ ସାଧନା-ମାର୍ଗରେ ଅଗ୍ରସର ହେବା ନିମିତ୍ତ ଏଥିରେ ଅତି ମୂଲ୍ୟବାନ୍ ଓ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ଆମ୍ଭର ବିଶ୍ୱାସ, ପୁସ୍ତକଟି ଜନସାଧାରଣ ବିଶେଷତଃ ସାଧକମାନଙ୍କ ଦ୍ୱାରା ନିଶ୍ଚୟ ଆଦୃତ ହେବ ।

— ପ୍ରକାଶକ

ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା

(୧)

ଭଗବାନଙ୍କ ଅସ୍ତିତ୍ୱ

ସନ୍ଧ୍ୟା ସମୟରେ ନିମାଇ ପ୍ରତିଦିନ ସହର ବାହାରେ ବୁଲିବାକୁ ଯାଏ । ଦିନେ ବୁଲି ବୁଲି ଗୋଟିଏ ବଗିଚାରେ ପହଞ୍ଚିଲା । ଚତୁର୍ଦିଗରେ ଶାନ୍ତ ବାତାବରଣ । ଗଛରେ ପକ୍ଷୀମାନେ ଚେଁ ଚେଁ ଶବ୍ଦ କରୁଥା'ନ୍ତି । ମନ୍ଦ ବାୟୁରେ ପୁଷ୍ପସମୂହ ଦୋଳାୟମାନ ହେଉଥା'ନ୍ତି । ପ୍ରସ୍ଫୁଟିତ କୁସୁମର ସୁଗନ୍ଧିରେ କଳା ଭ୍ରମର ଉନ୍ମତ୍ତ ହୋଇ ଗୁଣୁଗୁଣୁ ଶବ୍ଦ କରି ଉଡୁଥାଆନ୍ତି । ନିମାଇ ଫୁଲ ବଗିଚାକୁ ଖୁବ୍ ଭଲପାଏ । ଏହି ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖି ସେ ବଗିଚାସ୍ଥ ଗୋଟିଏ ବେଞ୍ଚ ଉପରେ ବସିଲା । ବସିବାମାତ୍ରକେ ତା ମନ କୌଣସି ଏକ ଶାନ୍ତ, ଆନନ୍ଦମୟ, ଅପାର୍ଥିବ ନନ୍ଦନ-କାନନରେ ବିଚରଣ କରିବାକୁ ଲାଗିଲା । ତା ଚକ୍ଷୁ ବାହ୍ୟବସ୍ତୁବିସ୍ମୃତ ହୋଇ ଆନ୍ତର ଶାନ୍ତି, ନିସ୍ପନ୍ଦ ଆନନ୍ଦସାଗରରେ ଡୁବିଗଲା । ନିମାଇର ଶରୀର ଗୌରବର୍ଣ୍ଣ, ଲୁଗା ଓ କମିଜ ପରିଷ୍କାର ପରିଚ୍ଛନ୍ନ । ଏକାଗ୍ର ଅବସ୍ଥାରେ ଶୀତଳ ସୂର୍ଯ୍ୟକିରଣ ତାହାର ସୁନ୍ଦର ମୁଖମଣ୍ଡଳକୁ ଦେଦୀପ୍ୟମାନ କରୁଥିଲା ।

ସେ ଜଣେ ଅପରିଚିତ ଆଗନ୍ତୁକ । ତାଙ୍କ ଚେହେରାରୁ ଜଣାପଡୁଥିଲା ଯେ ସେ ଜଣେ ଉଚ୍ଚଶିକ୍ଷିତ ବଡ଼ ଅଫିସର । ବୋଧହୁଏ ଅଫିସ କାର୍ଯ୍ୟରେ ପରିଶ୍ରାନ୍ତ ମସ୍ତିଷ୍କକୁ ଶାନ୍ତ କରିବା ପାଇଁ ସେ ବାୟୁ ସେବନ କରୁଥାଆନ୍ତି । ବଗିଚା ପାଖରେ କିଛିକ୍ଷଣ ଠିଆ ହୋଇ ଗଛ, ଫୁଲ ଓ ପକ୍ଷୀମାନଙ୍କୁ ଦେଖି କ'ଣ ଭାବି ଧୀରେ ଧୀରେ ବଗିଚା ମଧ୍ୟରେ ପ୍ରବେଶ କଲେ । ତାଙ୍କ ଦୃଷ୍ଟି ନିମାଇ ଉପରେ ପଡ଼ିଲା । ବୋଧହୁଏ ସେ ଅଜ୍ଞାତ ଭାବେ ଆକର୍ଷିତ ହୋଇ ତା ଆଡ଼କୁ ଆସିଲେ । ବେଞ୍ଚରେ ନିମାଇ ପାଖରେ ବସି ତାକୁ ଏକାଗ୍ର ଦୃଷ୍ଟିରେ ଦେଖିବାକୁ ଲାଗିଲେ ।

ମଣିଷ ଯଦି ରାଗଦ୍ୱେଷାଦି ଦୁର୍ଗୁଣରୁ ମୁକ୍ତ ହୋଇ ସେହି ପରମାନନ୍ଦ ଚେତନାରେ ନିଜକୁ ଯୁକ୍ତ କରିଦିଏ, ତେବେ ଜଗତରେ ସମସ୍ତେ ତା'ର ବନ୍ଧୁ ହୋଇଯାଆନ୍ତି । ସେ ମୌନ ଅବସ୍ଥାରେ ମଧ୍ୟ ସମସ୍ତଙ୍କର ପ୍ରିୟର ପାତ୍ର ହୋଇଥାଏ । ଆଗନ୍ତୁକ ନିମାଇକୁ ଦେଖି ମୁଗ୍ଧ ହୋଇ ତା'ର ଏକାଗ୍ର ଅବସ୍ଥାକୁ ଭଙ୍ଗ କରିବା ଉଦ୍ଦେଶ୍ୟରେ କୌଣସି ପ୍ରସଙ୍ଗ ଆଶ୍ରୟ କରି କଥାବାର୍ତ୍ତା କରିବାକୁ ଆରମ୍ଭ କଲେ । ନିମାଇର କଥା ମଧୁର, ସ୍ୱାଭାବିକ ରୂପେ କୋମଳ ଏବଂ ହୃଦୟସ୍ପର୍ଶୀ । କିଛି କଥାବାର୍ତ୍ତା କରିବା ପରେ ସେ ଜଣେ ସାଧକ ଜାଣି କୌତୂହଳରେ ନୁହେଁ, ବରଂ ନିମାଇର ଅଧ୍ୟାତ୍ମପ୍ରଭାବ ଓ ନିଜ ଅଜ୍ଞାତ ଅନ୍ତରାତ୍ମାର ଅସ୍ପଷ୍ଟ ପ୍ରେରଣାରେ ପ୍ରେରିତ ହୋଇ ସେ ପ୍ରଶ୍ନ କଲେ –

ପ୍ରଶ୍ନ : ସାଧନାର ଉଦ୍ଦେଶ୍ୟ ?

ଉତ୍ତର : ଭଗବାନଙ୍କୁ ପ୍ରାପ୍ତ କରିବା ଅର୍ଥାତ୍ ଭଗବାନଙ୍କ ସଙ୍ଗେ ମନ-ପ୍ରାଣ-ଶରୀର ସହ ଏକ ହୋଇଯିବା, ଭଗବତ୍ ସଂକଳ୍ପରେ ପରିଚାଳିତ ହେବା ।

ପ୍ରଶ୍ନ : ପ୍ରକୃତରେ କ'ଣ ଭଗବାନ୍ ବୋଲି କୌଣସି ସତ୍ତା ଅଛି ?

ଉତ୍ତର : ନିଶ୍ଚୟ ଅଛି । ଯେଉଁସବୁ ଦୃଶ୍ୟମାନ ବସ୍ତୁ ଦେଖୁଛନ୍ତି ତଥା ଯେଉଁସବୁ ଅଦୃଶ୍ୟ ସୂକ୍ଷ୍ମଶକ୍ତି ଏବଂ ତତ୍ତ୍ୱ ଅଛି ସେସବୁକୁ ଯେଉଁ ସତ୍ତା ପରିଚାଳନ ଓ ନିୟନ୍ତ୍ରଣ କରନ୍ତି, କିନ୍ତୁ ନିଜେ କୌଣସି ଶକ୍ତି ଦ୍ୱାରା ପରିଚାଳିତ ବା ନିୟନ୍ତ୍ରିତ ହୁଅନ୍ତି ନାହିଁ, ସେହିଁ ହେଉଛନ୍ତି ପରମ ମଙ୍ଗଳମୟ ଭଗବାନ୍ ।

ପ୍ରଶ୍ନ : ସମସ୍ତ ଦୃଶ୍ୟମାନ ବସ୍ତୁ ଏବଂ ସମସ୍ତ ଜୀବଜନ୍ତୁ, ମନୁଷ୍ୟ ପରିଚାଳିତ ହେଉଛନ୍ତି ପ୍ରକୃତି ଦ୍ୱାରା । ସମସ୍ତ ବସ୍ତୁ ଜାତ ହୋଇଅଛି ପ୍ରକୃତିର ଘାତପ୍ରତିଘାତରୁ । ଭଗବାନ୍ ବୋଲି ପ୍ରକୃତରେ କୌଣସି ସତ୍ତା ନାହିଁ । ବ୍ୟକ୍ତି ଅସତ୍

କାର୍ଯ୍ୟରୁ ନିବୃତ୍ତ ହୋଇ ସଦାଚାର ଜୀବନ ଯାପନ କରିବା ନିମିତ୍ତ ଭଗବାନଙ୍କ କଳ୍ପନା କରାହୋଇଅଛି ଯାହାଙ୍କୁ ଭୟକରି ବ୍ୟକ୍ତି ଅସତ୍ ମାର୍ଗ ତ୍ୟାଗ କରି ସନ୍ମାର୍ଗରେ ଅଗ୍ରସର ହେବ । ଫଳରେ ସଂସାରରେ ସୁଖଶାନ୍ତି ସ୍ଥାପନା ହୋଇପାରିବ ।

ଉତ୍ତର : ଯେଉଁ ପ୍ରକୃତି ଦ୍ୱାରା ସମସ୍ତ ଜୀବଜନ୍ତୁ ପରିଚାଳିତ ବୋଲି କହୁଛନ୍ତି ସେହି ପ୍ରକୃତିର ନିୟନ୍ତା ହେଉଛନ୍ତି ଭଗବାନ୍ । ପ୍ରକୃତିରେ ଯଦି ଚୈତନ୍ୟ ନ ଥାଏ ସେ ଅନ୍ୟ ବସ୍ତୁକୁ ପରିଚାଳନା ବା ନିୟନ୍ତ୍ରଣ କରିବ କିପରି ? କୌଣସି ପଦାର୍ଥ ଅଥବା ଜୀବଜନ୍ତୁ ଉତ୍ପନ୍ନ ହେବେ କିପରି ? ଆଉ ମଧ୍ୟ ଘାତ ପ୍ରତିଘାତ ବା ହେବ କିପରି ? ସମସ୍ତ ସୃଷ୍ଟି ତଥା ସମସ୍ତ ବସ୍ତୁର ଯେଉଁ ଆଦିକାରଣ ଚୈତନ୍ୟ ସତ୍ତା ତାହାକୁ ଭଗବାନ୍ ବୋଲି କୁହାଯାଏ । ସେହି ଚୈତନ୍ୟ ସତ୍ତା ଭିନ୍ନ ଭିନ୍ନ ରୂପେ ସମସ୍ତ ବିଶ୍ୱରେ ବିଦ୍ୟମାନ ଥିବା ସତ୍ତ୍ୱେ ବିଶ୍ୱାତୀତ ରୂପେ ଅବସ୍ଥିତ ହୋଇଅଛନ୍ତି ।

ପ୍ରଶ୍ନ : ଭଗବାନ୍ ଯଦି ସବୁକିଛିର ନିୟନ୍ତା, ତେବେ ତାଙ୍କୁ ଆମ୍ଭେମାନେ କାହିଁକି ଦେଖିପାରୁ ନାହୁଁ ?

ଉତ୍ତର : ତୁମେ ଜଗତର ସବୁକିଛିକୁ ଦେଖି ସାରିଛ, କେବଳ ଭଗବାନଙ୍କୁ ଦେଖିବାଟା ବାକୀ ରହିଯାଇଛି ? ତୁମକୁ ଆଘାତ କରିବା ସକାଶେ କୌଣସି ବ୍ୟକ୍ତି ପକେଟରେ ପିସ୍ତଲ ରଖି ତୁମ ସହିତ ମିତ୍ର ରୂପେ କଥାବାର୍ତ୍ତା କରିବା ସମୟରେ ତୁମେ କ'ଣ ତା ପକେଟସ୍ଥ ପିସ୍ତଲ ଦେଖିପାର ? କାହାକୁ ମାରିବା ଉଦ୍ଦେଶ୍ୟରେ ମିଷ୍ଟାନ୍ନରେ ବିଷ ଦେଲେ ସେ ସେହି ମୃତ୍ୟୁକାରୀ ଗ୍ରାସକୁ ଆନନ୍ଦରେ ଭକ୍ଷଣ କରେ ନାହିଁ ? ବିଷ ଓ ପିସ୍ତଲ ଏକେବାରେ ସ୍ଥୂଳ ବସ୍ତୁ । ପିସ୍ତଲଟା କେବଳ ଲୁଗା ଦ୍ୱାରା ଲୁକ୍କାୟିତ ହୋଇଥାଏ; ବିଷ ସୁସ୍ୱାଦୁ ମିଷ୍ଟାନ୍ନ ସହିତ ମିଶ୍ରିତ ହୋଇଥାଏ; ଲୁଗାର ଆବରଣ ଦୂର କରି ଦେଲେ ପିସ୍ତଲ ଦେଖାଯାଇ ପାରେ, ଡାକ୍ତରମାନେ ଯନ୍ତ୍ର ଦ୍ୱାରା ମିଷ୍ଟାନ୍ନରେ ମିଶ୍ରିତ ଥିବା ବିଷକୁ ପରୀକ୍ଷା କରି ଜାଣିପାରନ୍ତି । ଏହି ପ୍ରକାରର ସ୍ଥୂଳ ବସ୍ତୁକୁ ଏହି ସ୍ଥୂଳ ଦୃଷ୍ଟିରେ ଯଦି ଦେଖିପାର ନାହିଁ, ତେବେ ଭଗବାନଙ୍କୁ ଏହି ସ୍ଥୂଳ ଦୃଷ୍ଟିରେ ଦେଖିବାକୁ ଦାବି କରିବା କେତେଦୂର ଯୁକ୍ତିଯୁକ୍ତ ?

ବ୍ୟକ୍ତି କେବେ ରାଗେ, କେବେ ଆନନ୍ଦ ଅନୁଭବ କରେ, କେବେ କୌଣସି ବ୍ୟକ୍ତି ପ୍ରତି ଆକସ୍ମିକ ଭାବେ ସ୍ନେହଶ୍ରଦ୍ଧାବଶରେ ଆକୃଷ୍ଟ ଓ ଆସକ୍ତ ହୁଏ; ପୁଣି କେବେ ବୈରଭାବ, ବିରୋଧ, ହିଂସାଦ୍ୱେଷ ଇତ୍ୟାଦି ଉତ୍ପନ୍ନ ହୋଇ ବ୍ୟକ୍ତିର ହୃଦୟକୁ ଦଗ୍ଧ କରେ । କେବେ ତା'ର ଆବେଗ ଦେଖା ଦିଏ, କେବେ ଈର୍ଷା-ବିରୋଧ ଭାବର ଆକ୍ରମଣ ତାକୁ ବ୍ୟତିବ୍ୟସ୍ତ କରିପକାଏ । ଏହିସବୁ ପ୍ରତିକୂଳ ଗତିବୃତ୍ତିଗୁଡ଼ିକୁ ବରଦାସ୍ତ କରି ନ ପାରି ସେ ଆତ୍ମହତ୍ୟା ମଧ୍ୟ କରିବାକୁ ପଶ୍ଚାତ୍‌ପଦ ହୁଏ ନାହିଁ । କିଂବା କରୁଣା, ଶାନ୍ତି, ଆନନ୍ଦରେ ତା' ହୃଦୟ ପ୍ରଫୁଲ୍ଲିତ ହୋଇଯାଏ । ବହୁତ ସମୟରେ ବ୍ୟକ୍ତି ନ ଚାହିଁବା ସତ୍ତ୍ୱେ ଅବିହିତ କାର୍ଯ୍ୟ କରି ପରେ ପଶ୍ଚାତ୍ତାପ କରେ । ଏହିସବୁ ବାଞ୍ଛିତ ଓ ଅବାଞ୍ଛିତ ଗତିବୃତ୍ତିର ପରିଣାମ ବ୍ୟକ୍ତି ଯଦିଓ ଅନୁଭବ କରେ ତଥାପି ଏହିସବୁର ପ୍ରେରଣାକାରୀ ଶକ୍ତି ବା ପ୍ରବୃତ୍ତି ସମୂହର ସ୍ୱରୂପ ସେ ଦେଖିପାରେ ନାହିଁ କିଂବା ବୁଝିପାରେ ନାହିଁ । ନିଜ ମଧ୍ୟରେ ଅହରହ କାର୍ଯ୍ୟ କରୁଥିବା ଶକ୍ତିସମୂହକୁ ବ୍ୟକ୍ତି ଯଦି ଦେଖିପାରେ ନାହିଁ, ତେବେ ସେହି ଅବସ୍ଥାରେ ସେ ସେହି ବିରାଟପୁରୁଷ ଭଗବାନଙ୍କର ସ୍ୱରୂପକୁ ଦେଖିବ କିପରି ?

ପ୍ରଶ୍ନ : ଏହି ଦୃଷ୍ଟିରେ ନ ହେଉ, ବୈଜ୍ଞାନିକମାନେ ଯନ୍ତ୍ର ସାହାଯ୍ୟରେ ବହୁତ ବସ୍ତୁ ଦେଖିପାରନ୍ତି । ଭଗବାନ୍ ଯଦି ସୂକ୍ଷ୍ମବସ୍ତୁ ତେବେ ସେହିପରି କୌଣସି ସୂକ୍ଷ୍ମଯନ୍ତ୍ରରେ ଦେଖା ଯିବା ଉଚିତ । ଏହା କ'ଣ ଅଯୌକ୍ତିକ ?

ଉତ୍ତର : ଭଗବାନଙ୍କୁ ଦେଖିବାର ସୂକ୍ଷ୍ମଯନ୍ତ୍ର ହେଉଛି ଅନ୍ତର୍ଦୃଷ୍ଟି, ସେହି ଆନ୍ତର ଦୃଷ୍ଟି ଅଧ୍ୟାତ୍ମ ସାଧନାରେ ପ୍ରାପ୍ତ ହୁଏ । ପ୍ରତ୍ୟେକ ବସ୍ତୁକୁ ଗୋଟିଏ ପ୍ରଣାଳୀରେ ଦେଖିହୁଏ ନାହିଁ କିଂବା ବୁଝି ହୁଏ ନାହିଁ । ଭିନ୍ନ ଭିନ୍ନ ବସ୍ତୁ ଭିନ୍ନ ଭିନ୍ନ ପ୍ରଣାଳୀରେ ଏବଂ ଭିନ୍ନ ଭିନ୍ନ ଯନ୍ତ୍ରରେ ଦେଖାଯାଏ । ବାୟୁ ଏବଂ ଜଳରେ ଥିବା କୀଟାଣୁ ଯେଉଁ ଯନ୍ତ୍ରରେ ଦେଖାଯାଏ, ସେହି ଯନ୍ତ୍ରରେ ମସ୍ତକ ବା ଉଦରରେ ହୋଇଥିବା କ୍ୟାନ୍‌ସର ରୋଗ ଦେଖାଯାଏ ନାହିଁ, ଦେଖାଯାଏ 'ଏକ୍‌ସ-ରେ' (X-Ray) ଯନ୍ତ୍ର ସାହାଯ୍ୟରେ । ସେହିପରି ବୃକ୍ଷ ଭୂ-ପୃଷ୍ଠରୁ ରସ ଓ ଜଳ ଗ୍ରହଣ କରିବା, ମନୁଷ୍ୟର ଖାଦ୍ୟରୁ ରକ୍ତ ଉତ୍ପନ୍ନ ହେବା ଇତ୍ୟାଦି ଆମେ ଏହି ଦୃଷ୍ଟିରେ ଦେଖିପାରୁ ନାହିଁ, ଏହା ଦେଖୁ ଅନ୍ୟ ଯନ୍ତ୍ର ସାହାଯ୍ୟରେ । କାରଣ ସ୍ଥୂଳ ଦୃଷ୍ଟି ବହୁତ ସୀମିତ । ଏପରି ସୀମିତ ଯେ ସ୍ଥୂଳ ଆବରଣରେ ଥିବା ଜାଗତିକ ବସ୍ତୁକୁ ସେ ଦେଖିପାରେ ନାହିଁ, ପୁଣି ସୂକ୍ଷ୍ମାତିସୂକ୍ଷ୍ମ, ସର୍ବବ୍ୟାପକ, ଦିବ୍ୟ-ଚିନ୍ମୟ ତତ୍ତ୍ୱକୁ ଦେଖିବ କିପରି ?

ଅର୍ଜୁନଙ୍କ ସମ୍ମୁଖରେ ଶ୍ରୀକୃଷ୍ଣ ବିଦ୍ୟମାନ ଥିଲେ ରଥର ସାରଥି ରୂପେ । କିନ୍ତୁ ତାଙ୍କର ବିରାଟ ବିଶ୍ୱରୂପ ଅର୍ଜୁନ ତାଙ୍କ ସ୍ଥୂଳଦୃଷ୍ଟିରେ ଦେଖିପାରି ନ ଥିଲେ । ଶ୍ରୀକୃଷ୍ଣ ତାଙ୍କୁ ଦିବ୍ୟ-ଦୃଷ୍ଟି ପ୍ରଦାନ କଲେ, ତେବେ ଅର୍ଜୁନ ତାଙ୍କର ସ୍ୱରୂପ ଦେଖିବାକୁ ସମର୍ଥ ହୋଇପାରିଥିଲେ । ଭଗବାନ୍ ହେଲେ ଦିବ୍ୟ । ଦିବ୍ୟ ବସ୍ତୁ ଦିବ୍ୟଦୃଷ୍ଟିରେ ଦେଖାଯାଇ ପାରେ । ସେଥି ନିମିତ୍ତ ଅଧ୍ୟାତ୍ମ-ସାଧକମାନେ ସାଧନା ଦ୍ୱାରା ମନ-ପ୍ରାଣକୁ ଶୁଦ୍ଧ କରନ୍ତି ଏବଂ ସେଥିରେ ଦିବ୍ୟଦୃଷ୍ଟି ଲାଭ ହୁଏ; ସେମାନେ ଭଗବାନଙ୍କୁ ଦେଖିବାକୁ ସକ୍ଷମ ହୁଅନ୍ତି । ଭଗବାନଙ୍କୁ ଦର୍ଶନ କରିବାକୁ ହେଲେ ଅଧ୍ୟାତ୍ମ-ସାଧନା କରିବାକୁ ହେବ ।

ପ୍ରଶ୍ନ : ତୁମ ଉତ୍ତର ଯଦିଓ ଯୁକ୍ତିଯୁକ୍ତ ତଥାପି ସନ୍ତୋଷଜନକ ନୁହେଁ । କାରଣ ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ପଦାର୍ଥମାନ ଆବିଷ୍କାର ଓ ଉଦ୍‌ଭାବନ କରୁଛନ୍ତି, ଚିକିତ୍ସକମାନେ ମୃତ୍ୟୁ ମୁଖରୁ ବ୍ୟକ୍ତିକୁ ଉଦ୍ଧାର କରିପାରନ୍ତି ବୋଲି ମନେ ହୁଏ । ଆଇନଜ୍ଞମାନେ ବୁଦ୍ଧି ଓ ଯୁକ୍ତି ବଳରେ ଦିନକୁ ରାତି ଓ ଧଳାକୁ କଳା କରି ମିଥ୍ୟା ମୋକଦ୍ଦମାରେ ଅନ୍ୟାୟ ପକ୍ଷଙ୍କୁ ବିଜୟୀ କରାଇ ପାରୁଅଛନ୍ତି, ଗରିବ ଲୋକ ଇଚ୍ଛା କଲେ ନିଜର କୌଶଳ ତଥା ବୁଦ୍ଧି ବଳରେ ବ୍ୟବସାୟ କରି କୋଟିପତି ହୋଇ ବ୍ୟୋମଯାନ ବ୍ୟତୀତ ଟ୍ରେନ୍‌ରେ ଯାତ୍ରା କରୁ ନାହାନ୍ତି । ଗୋଟିଏ ଗୋଟିଏ ନେତା କୋଟି କୋଟି ଲୋକଙ୍କୁ ନିଜ କୌଶଳ ଦ୍ୱାରା ନିଜ ମତାବଲମ୍ବୀ କରାଇ ସେମାନଙ୍କୁ ନିଜ ଇଚ୍ଛାନୁସାରେ ପରିଚାଳନା କରୁଅଛନ୍ତି । ଏମାନଙ୍କ ବୁଦ୍ଧି ଉତ୍କୃଷ୍ଟ ଓ ବିଶେଷ ବିକାଶଶୀଳ, ଏଥିରେ ସନ୍ଦେହ ନାହିଁ; ଭଗବାନଙ୍କର ଯଦି ଅସ୍ତିତ୍ୱ ଥା'ନ୍ତା, ତେବେ ଏମାନେ ସମସ୍ତେ ଅବଶ୍ୟ ସ୍ୱୀକାର କରୁଥାଆନ୍ତେ । ଏମାନଙ୍କ ମଧ୍ୟରୁ ଯଦି କେହି ଆସ୍ତିକ ଥାଆନ୍ତି ତଥାପି ସେମାନେ ଦୃଢ଼ତା ସହ ଭଗବାନଙ୍କ ଉପରେ ଆସ୍ଥା ରଖିପାରନ୍ତି ନାହିଁ । ଏପରିକି ବହୁତ ଦେଶରେ ଭଗବାନଙ୍କୁ ନିର୍ବାସିତ କରାଯାଇଅଛି । ଏ ପ୍ରକାର ବୁଦ୍ଧିମାନ୍ ବ୍ୟକ୍ତି ଯଦି ଈଶ୍ୱରଙ୍କୁ ସ୍ୱୀକାର କରିବାକୁ ନାରାଜ, ତେବେ ଆମେ କିପରି ତାଙ୍କର ଅସ୍ତିତ୍ୱକୁ ସ୍ୱୀକାର କରିବୁ ?

ଉତ୍ତର : ଯେଉଁମାନଙ୍କୁ ବୁଦ୍ଧିମାନ୍ ବୋଲି କହୁଅଛ ସେମାନଙ୍କ ବୁଦ୍ଧି ଈଶ୍ୱରଙ୍କ ଅଗାଧ, ଅନନ୍ତ, ଅସୀମ, ଅଚିନ୍ତନୀୟ, ଅକଳ୍ପନୀୟ ଜ୍ଞାନ ଏବଂ ବୁଦ୍ଧି ସାଗରର ଗୋଟିଏ ଗୋଟିଏ ଜଳକଣା ମାତ୍ର । ଈଶ୍ୱରଙ୍କ ଅସୀମ ଜ୍ଞାନାକାଶର ଗୋଟିଏ କ୍ଷୁଦ୍ର କକ୍ଷ ସଦୃଶ ସୀମିତ ଜ୍ଞାନ ସେମାନଙ୍କୁ ପ୍ରାପ୍ତ ହୋଇଅଛି । ସେହି ବୁଦ୍ଧିର ସୀମାକୁ ଅତିକ୍ରମ କରିବାକୁ ସେମାନେ ଏକେବାରେ ଅକ୍ଷମ ।

ତୁମେ କହୁଅଛ ଯେ ବିଜ୍ଞାନବେତ୍ତାମାନେ ଚଳଚ୍ଚିତ୍ରରେ ଜୀବନ୍ତ ପରି ପ୍ରତୀୟମାନ ହେଉଥିବା ଅଲୌକିକ ଦୃଶ୍ୟ ପରିବେଷଣ କରାଉଛନ୍ତି ଏବଂ ଟେଲିଭିଜିନ, ଟେଲିଫୋନ ସାହାଯ୍ୟରେ ଦୂରବାର୍ତ୍ତା ଶ୍ରବଣ ତଥା ଦୂରଦୃଶ୍ୟ ଦର୍ଶନରେ ବୈଜ୍ଞାନିକମାନଙ୍କର ବିଚକ୍ଷଣତାର ପରିଚୟ ମିଳୁଅଛି । କିନ୍ତୁ ଯେଉଁ ବିଜ୍ଞାନବେତ୍ତାଗଣ ଏପ୍ରକାର ଅସାଧାରଣ ବୁଦ୍ଧିମତ୍ତାର ପରିଚୟ ଦେଉଛନ୍ତି ବୋଲି ତୁମେ କହୁଅଛ, ସେହି ବିଜ୍ଞାନବେତ୍ତାଙ୍କ ଉଦରରେ କୌଣସି ପ୍ରକାର ରୋଗ ଜନ୍ମିଲେ ସେମାନେ ତା'ର ତଥ୍ୟ ଆବିଷ୍କାର କରି ପାରନ୍ତି ନାହିଁ ଏବଂ ଡାକ୍ତରଙ୍କର ସାହାଯ୍ୟ ଲୋଡ଼ନ୍ତି । ଆଉ ମଧ୍ୟ ସେମାନଙ୍କ ବିରୋଧରେ ଯଦି କୌଣସି ପ୍ରକାର ଅଭିଯୋଗ ଥାଏ, ତେବେ ସେମାନେ ଆଇନଜ୍ଞଙ୍କ ଆଶ୍ରୟପ୍ରାର୍ଥୀ ହୋଇଥା'ନ୍ତି । ଗୃହନିର୍ମାଣ ପାଇଁ ଇଞ୍ଜିନିୟରଙ୍କର ସାହାଯ୍ୟ ଦରକାର ହୁଏ । କାରଣ ଏହିସବୁ ବିଷୟ ସେମାନଙ୍କର ବୁଦ୍ଧିର ଅଗମ୍ୟ ତଥା ସେମାନେ ଏ ବିଷୟରେ ଗବେଷଣା କରି ନାହାନ୍ତି । ଏହିପରି ସମସ୍ତ ବୁଦ୍ଧିପ୍ରଧାନ ବ୍ୟକ୍ତି ସେହି ଅନନ୍ତ ବୁଦ୍ଧିର ପରମାଣୁ ସଦୃଶ ବୁଦ୍ଧି ଧାରଣ କରି ତାହାର ବିକାଶ କରିଛନ୍ତି; ଯେପରି ଈଶ୍ୱରଙ୍କ ଜଟାରେ ଗଙ୍ଗାନଦୀ ଭ୍ରମଣ କରେ ସେହିପରି ସେହି ବୁଦ୍ଧି ସୀମାରେ ଆବଦ୍ଧ ହୋଇ ଭ୍ରମଣ କରୁଅଛି । ଏମାନଙ୍କର ବୁଦ୍ଧି ତଥା ଭୌତିକ ଜ୍ଞାନ ଏପରି ସୀମିତ ଯେ ଜଣେ ଦାନ୍ତ ଡାକ୍ତର (Dentist) ଯକ୍ଷ୍ମାରୋଗ ସମ୍ବନ୍ଧେ ଅଜ୍ଞ; ଜଣେ ଚକ୍ଷୁ ଡାକ୍ତର (Eye-specialist) ଚକ୍ଷୂରୋଗ ଭିନ୍ନ ଅନ୍ୟାନ୍ୟ ରୋଗ ସମ୍ବନ୍ଧରେ ପ୍ରାୟ ଅଜ୍ଞ; ସେହିପରି ଜଣେ ବିଜ୍ଞାନ-ପ୍ରଫେସର କଳା ସମ୍ବନ୍ଧେ ଅନଭିଜ୍ଞ । ଜଣେ ଆଇନଜ୍ଞଙ୍କ ପକ୍ଷରେ ଇଞ୍ଜିନିୟରିଂ ବିଦ୍ୟା ମଧ୍ୟ ତାଦୃଶ । ଏହି ଯେଉଁ ବୁଦ୍ଧିମାନ୍ ବ୍ୟକ୍ତିଙ୍କ ସୀମିତ ଭୌତିକ ଜ୍ଞାନ ଯଥାର୍ଥରେ ଅସୀମ ଜ୍ଞାନ ସମ୍ମୁଖରେ ବାଳସୁଲଭ ଜ୍ଞାନ ସଦୃଶ୍ୟ । ଶିଶୁ ଅବସ୍ଥାରେ ବାଳକ ବାଳିକା ଯେଉଁ ସାଧାରଣ ଜ୍ଞାନକୁ ଅଭ୍ରାନ୍ତ ମନେ କରିଥାନ୍ତି ଓ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବୁଦ୍ଧିର ବିକାଶ ହେଲେ ସେମାନେ ସେହି ଜ୍ଞାନକୁ ଅତି ନଗଣ୍ୟ ଓ ଭ୍ରାନ୍ତ ବୋଲି ଅନୁଭବ କରନ୍ତି, ଠିକ୍ ସେହିପରି ଭୌତିକ-ବୁଦ୍ଧି-ବିକାଶଶୀଳ ବ୍ୟକ୍ତି । ପଚାଶ ବର୍ଷ ପୂର୍ବେ ଭେଷଜ ବିଦ୍ୟା

(Medical Science) ଯେଉଁ ବିଷୟକୁ ଅଭ୍ରାନ୍ତ ବୋଲି ଘୋଷଣା କରିଥିଲା, ଆଜି ତାକୁ ଭ୍ରାନ୍ତ ବୋଲି କହି ନୂତନ ତଥ୍ୟ ପ୍ରତିପାଦନ କରୁଅଛି । ଠିକ୍ ଏହିପରି ଭୌତିକ ବିଜ୍ଞାନବେତ୍ତାଗଣ । ବୁଦ୍ଧିପ୍ରଧାନ ଆଇନଜ୍ଞ, ବୈଜ୍ଞାନିକମାନଙ୍କ ଅନୈଶ୍ୱରବାଦକୁ ଯଦି ବିଶ୍ୱାସ କରନ୍ତି, ତେବେ ଯିଶୁଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ ପ୍ରଭୃତିଙ୍କ ପୃଥିବୀବ୍ୟାପୀ ଆଧ୍ୟାତ୍ମ ସତ୍ୟର ଅବିଶ୍ୱାସ କିପରି କରିବେ ? ଏ ବିଷୟକୁ ଦୂରଦୃଷ୍ଟି ସହ ବିଚାର କରିବାକୁ ହେବ । ଆଧ୍ୟାତ୍ମ-ସାଧକ ତଥା ମହାପୁରୁଷଗଣ କ'ଣ ଆଧୁନିକ ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କଠାରୁ ନ୍ୟୂନ ? ଅଧ୍ୟାତ୍ମ ସତ୍ୟ ଉପରେ ଏହିପରି ନାସ୍ତିକମାନେ ଆକ୍ରମଣ କରନ୍ତି । ଏହି ଆକ୍ରମଣ ଆରମ୍ଭରୁ ହୋଇ ଆସୁଅଛି, କିନ୍ତୁ ଈଶ୍ୱର ଏକମାତ୍ର ପରମ ସତ୍ୟ-ସତ୍ତା ହୋଇଥିବାରୁ ଅନୀଶ୍ୱରବାଦୀମାନଙ୍କର ଆକ୍ରମଣ ବରାବର ବ୍ୟର୍ଥ ହେଉଅଛି ଏବଂ ସର୍ବଥା ବ୍ୟର୍ଥ ହେଉଥିବ ମଧ୍ୟ; ପରମ ସତ୍ୟ ଈଶ୍ୱରବାଦ ସର୍ବଦା ବିଦ୍ୟମାନ ହୋଇ ରହିବ । ଯେଉଁ ଭୌତିକ ସୀମିତ ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କୁ ତୁମେ ସର୍ବଜ୍ଞର ଉଚ୍ଚ ଆସନ ଦେଉଅଛ, ଯଥାର୍ଥରେ ସେମାନେ ସର୍ବଜ୍ଞ ନୁହନ୍ତି । ସେମାନେ ଯେଉଁ ବିଷୟରେ ଅଧ୍ୟୟନ କରିଥା'ନ୍ତି ବା ଗବେଷଣା କରିଥା'ନ୍ତି ସେ ବିଷୟଟି ପୂର୍ଣ୍ଣ ରୂପେ ନୁହେଁ, କିଛି ଅଂଶରେ ଜାଣିଥା'ନ୍ତି । ଅନ୍ୟ ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥା'ନ୍ତି । ଏପରିକି ସେମାନେ ସ୍ୱୟଂ କ'ଣ ଚାହାନ୍ତି ବା ସେମାନଙ୍କ ଜୀବନର ଲକ୍ଷ୍ୟ କ'ଣ, ସେହି ଲକ୍ଷ୍ୟପ୍ରାପ୍ତିର ଉପାୟ କ'ଣ, ଏହା ବି ସେମାନେ ଜାଣନ୍ତି ନାହିଁ ।

ପ୍ରଶ୍ନ : ଏପରି ବୁଦ୍ଧିମାନ୍ ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତନ ନୁହନ୍ତି କାହିଁକି ? ସେମାନେ ଯେଉଁ କାର୍ଯ୍ୟ କରୁଅଛନ୍ତି ତାହା କ'ଣ ସେମାନଙ୍କର ଜୀବନର ଲକ୍ଷ୍ୟ ନୁହେଁ ?

ଉତ୍ତର : ନା, ତାହା ସେମାନଙ୍କର ଲକ୍ଷ୍ୟ ନୁହେଁ । ତାହା ଯଦି ଲକ୍ଷ୍ୟ ହୋଇଥାଆନ୍ତା, ତେବେ ସେମାନେ ତାହା ପାଇ ସାରିବା ପରେ ସେମାନଙ୍କର ଆଉ କିଛି ଅଭାବ ରହୁ ନ ଥା'ନ୍ତା । କୌଣସି ପ୍ରକାର ଅଭାବବୋଧ, ଲକ୍ଷ୍ୟପ୍ରାପ୍ତି ନ ହେବାର ସୂଚନା । ଅବଶ୍ୟ କୌଣସି ବୁଦ୍ଧିପ୍ରଧାନ ବ୍ୟକ୍ତି କହିପାରନ୍ତି ଯେ ତାଙ୍କର କୌଣସି ଅଭାବ ନାହିଁ, ପୂର୍ଣ୍ଣତଃ ସେ ସନ୍ତୁଷ୍ଟ । କିନ୍ତୁ ଏହା ଯଥାର୍ଥରେ ତାହା ନୁହେଁ । ପାର୍ଥିବ ଜଗତର କୌଣସି ବସ୍ତୁ ଦ୍ୱାରା ମନୁଷ୍ୟର ଅଭାବ ଦୂର ହୁଏ ନାହିଁ, କେବଳ ଦୂର ହୁଏ ସର୍ବବସ୍ତୁର ସ୍ରଷ୍ଟା ଭଗବାନଙ୍କ ସହିତ ପୂର୍ଣ୍ଣ ମିଳନରେ । ବ୍ୟକ୍ତି ଯେଉଁ ବସ୍ତୁ ଆବିଷ୍କାର କରେ ବା ପାଇବା ସକାଶେ ଚେଷ୍ଟା କରେ ତାହା ପ୍ରାପ୍ତ ହେବା ପରେ ଅନ୍ୟ ବସ୍ତୁ ଲକ୍ଷ୍ୟ ରୂପେ ସମ୍ମୁଖକୁ ଆସି ଗୋଟିଏ ନୂତନ ଅଭାବ ସୃଷ୍ଟିକରେ । ଏତଦ୍‌ଭିନ୍ନ କାହାର ସ୍ତ୍ରୀ ବେମାର, ପୁତ୍ର ଅଯୋଗ୍ୟ, ନିଜର ଶରୀର ଅସୁସ୍ଥ, ଧନର ଅଭାବ ଅଥବା ଅଧିକ ଧନର ଆବଶ୍ୟକ, ବିରୋଧୀ ଦଳର ନେତା ଦ୍ୱାରା ପରାସ୍ତ, ଭାବୀ ନିର୍ବାଚନ ପାଇଁ ଚିନ୍ତା; ଏହିପରି ଅଭାବବୋଧ ପ୍ରତ୍ୟେକଙ୍କର ରହିଛି । କୌଣସି ବୁଦ୍ଧି ପ୍ରଧାନ ଆଇନଜ୍ଞ, ନେତା, ଡାକ୍ତର, ଇଞ୍ଜିନିୟର, ଅଫିସର୍ ବା ବୈଜ୍ଞାନିକ ପୂର୍ଣ୍ଣ ରୂପେ ଆନନ୍ଦରେ ନାହାନ୍ତି । ସେମାନଙ୍କର ଅଭାବ ତଥା ଦୁଃଖ-ଦ୍ୱନ୍ଦ୍ୱ, ଈର୍ଷା-ଅସୂୟା, ରୋଗ-ଜରା, ମୃତ୍ୟୁର ଭୟ ଦୂର ହୋଇ ନ ଥାଏ । ଏହିସବୁ ପ୍ରତିକୂଳ ବସ୍ତୁ କୌଣସି ବ୍ୟକ୍ତି କେବେ ବି ଚାହେଁ ନାହିଁ । ପ୍ରତ୍ୟେକେ ଚାହାନ୍ତି — ଶାନ୍ତି, ଆନନ୍ଦ, ଐଶ୍ୱର୍ଯ୍ୟ, ସମୃଦ୍ଧି ଏବଂ ରୋଗ-ଜରାମୃତ୍ୟୁ ରହିତ ଜୀବନ । ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ଦୁଃଖଅବିମିଶ୍ର ପରମାନନ୍ଦ । ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ । ପ୍ରତ୍ୟେକ ବ୍ୟକ୍ତି ଜ୍ଞାତସାରରେ ଅଥବା ଅଜ୍ଞାତସାରରେ ଏହି ଲକ୍ଷ୍ୟପ୍ରାପ୍ତି ଦିଗରେ ଧାବମାନ ହେଉଅଛି ।

ପ୍ରଶ୍ନ : ମୁଁ ବୁଝିପାରିଲି ନାହିଁ । ପ୍ରତ୍ୟେକ ବ୍ୟକ୍ତି କେବଳ ପରମ ଆନନ୍ଦ ଚାହାନ୍ତି, ଏପରି ଦେଖାଯାଏ ନାହିଁ । ଦେଶସେବକ ନିଜ ସକାଶେ କିଛି ବି ଚାହେଁ ନାହିଁ, କେବଳ ଚାହେଁ ଦେଶର ଉନ୍ନତି । ବୈଜ୍ଞାନିକ ଚାହେଁ ଅଭିଷଳିତ ବସ୍ତୁ ଆବିଷ୍କାର କରିବାକୁ, ସନ୍ତାନବତ୍ସଳା ମା' କେବେ ନିଜର ସୁଖସୁବିଧା ଚାହେଁ ନାହିଁ, ଚାହେଁ ସନ୍ତାନର ସୁଖ । ଏହିପରି ବହୁତ ଶ୍ରେଷ୍ଠ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ସୁଖସୁବିଧାକୁ ଜଳାଞ୍ଜଳି ଦେଇ ଅନ୍ୟର ସୁଖସୁବିଧା ଚାହାନ୍ତି । ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଯଦି ସୁଖପ୍ରାପ୍ତି ହୁଏ, ତେବେ ପ୍ରତ୍ୟେକେ ହେବେ ସ୍ୱାର୍ଥାନ୍ୱେଷୀ, ଫଳରେ ସଂସାରରେ ଦେଖାଦେବ ସଂଘର୍ଷ । ତା'ହେଲେ ସୁଖପ୍ରାପ୍ତି ଲକ୍ଷ୍ୟ ହେବାର ମୂଲ୍ୟ କ'ଣ ? ଏପରି ଲକ୍ଷ୍ୟ ପ୍ରତ୍ୟେକଙ୍କର ହେବ ବା କିପରି ?

ଉତ୍ତର : ଏହା ଏକେବାରେ ବିପରୀତ କଥା । ପରମ ସୁଖପ୍ରାପ୍ତିର ଅର୍ଥ ସ୍ୱାର୍ଥର ସମାପ୍ତି । ସ୍ୱାର୍ଥର କାରଣ

ହେଉଛି ଅଭାବ । ଅଭାବ ନ ଥିଲେ ସ୍ୱାର୍ଥ ଆସିବ କେଉଁଠୁ ? ପରସ୍ପର ମଧ୍ୟରେ ସଂଘର୍ଷ ବା ହେବ କିପରି ? ପୂର୍ବରୁ କୁହାଯାଇଅଛି ଯେ ମନୁଷ୍ୟ ତାହାର ବାସ୍ତବ ଲକ୍ଷ୍ୟ ସମ୍ବନ୍ଧେ ଅଜ୍ଞ । ସେଥିପାଇଁ ଜୀବନ ତଥା ସଂସାର ଦ୍ୱନ୍ଦ୍ୱମୟ ହୋଇଉଠେ । ମନୁଷ୍ୟର ଲକ୍ଷ୍ୟପ୍ରାପ୍ତି ହେଲେ ନିଜର ତଥା ସଂସାରର ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଯୁଦ୍ଧ ଇତ୍ୟାଦିର ସମାପ୍ତି ଘଟେ । ମନୁଷ୍ୟ ସୁଖରେ ରହିଲେ ଦୁଃଖ, ଅଭାବଅନଟନ ନ ଥାଏ, ପୁଣି ସେ ଅନ୍ୟକୁ ଈର୍ଷା କରିବ ବା କାହିଁକି ? ସୁଖର ଅଭାବ ନେଇ ବ୍ୟକ୍ତି ଅଶାନ୍ତ, ଉଦ୍‌ବିଗ୍ନ ହୋଇ ଭ୍ରମବଶତଃ ସୁଖପ୍ରାପ୍ତି ଆଶାରେ ଭୁଲ୍ ପ୍ରଣାଳୀରେ କର୍ମ କରେ, ଫଳରେ ସୁଖ ପରିବର୍ତ୍ତେ ଦୁଃଖ ଭୋଗୁଥାଏ । ଅଶାନ୍ତ ଅବସ୍ଥାରେ ବ୍ୟକ୍ତି ଅନ୍ୟକୁ ହିଂସା କରେ, ଅନ୍ୟର ଅସୁବିଧା କରି ନିଜର ସୁବିଧା ଚାହେଁ ସେଥିପାଇଁ ହୁଏ ସଂଘର୍ଷ ।

ଦେଶସେବକ ଦେଶର କାମ କରେ । ସେଥିରେ କୃତକାର୍ଯ୍ୟ ହେଲେ ତାକୁ ଆନନ୍ଦ ମିଳେ, ଅନ୍ୟଥା ସେଥିରେ ଅକୃତକାର୍ଯ୍ୟ ହେଲେ ତା' ମନରେ ଦୁଃଖଜାତ ହୁଏ । ଦେଶସେବା ପଶ୍ଚାତରେ ଥାଏ ତା'ର ସୁଖପ୍ରାପ୍ତିର ଆକାଙ୍କ୍ଷା । ସନ୍ତାନବତ୍ସଳା ମା' ସନ୍ତାନମାନଙ୍କ ସୁଖଶାନ୍ତି ଚାହେଁ, ସେମାନଙ୍କ ସୁଖଶାନ୍ତିରେ ତାକୁ ଆନନ୍ଦ ମିଳେ । କିନ୍ତୁ ସନ୍ତାନମାନଙ୍କ ରୋଗ ଏବଂ ଦୁଃଖରେ ସେ ଦୁଃଖ ଅନୁଭବ କରେ । ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ଆଇନଜ୍ଞ, କୃଷକ ଇତ୍ୟାଦି ପ୍ରତ୍ୟେକ ବ୍ୟକ୍ତିର ସମସ୍ତ କର୍ମ ପଶ୍ଚାତରେ ଥାଏ ସୁଖ-ଆଶା । ଏପରିକି ଚୋରି, ଡକାୟତି ଆଦି ଅସତ୍ କାର୍ଯ୍ୟ କରିବା ବ୍ୟକ୍ତି ମଧ୍ୟ ଚାହେଁ ସେହି ଆନନ୍ଦ ଯାହା ଦୁଃଖଅବିମିଶ୍ର, ଅଖଣ୍ଡ ଓ ନିରବଚ୍ଛିନ୍ନ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ସ୍ୱତଃସିଦ୍ଧ, ଅସନ୍ଦିଗ୍‌ଧ, ଅପ୍ରତିଦ୍ୱନ୍ଦ୍ୱୀ ଲକ୍ଷ୍ୟ । ଆନନ୍ଦର ଜୀବନ୍ତ ମୂର୍ତ୍ତିମାନ୍ ବିଗ୍ରହ ହେଲେ ଭଗବାନ୍ । ଭଗବାନଙ୍କ ଛଡ଼ା ଅନ୍ୟାନ୍ୟ କୌଣସି କର୍ମରେ ବ୍ୟକ୍ତି ସ୍ଥାୟୀ, ଅଖଣ୍ଡ ସୁଖ ପାଇପାରେ ନାହିଁ କିଂବା ସ୍ୱାର୍ଥ ତ୍ୟାଗ କରିପାରେ ନାହିଁ । ସୁତରାଂ ପ୍ରତ୍ୟେକେ ଦିବ୍ୟାନନ୍ଦ ଚାହାନ୍ତି, ଆଉ ଦିବ୍ୟାନନ୍ଦର ସ୍ୱରୂପ ଭଗବାନ୍ । ଅତଏବ ଜ୍ଞାତ ବା ଅଜ୍ଞାତରେ ପ୍ରତ୍ୟେକେ ଚାହାନ୍ତି ଭଗବାନଙ୍କୁ । ମନୁଷ୍ୟର ମୋହ-ଅଜ୍ଞାନ-ଆବରଣ ଥିବାରୁ ଏହି ଲକ୍ଷ୍ୟ ଅଧିକାଂଶ ବ୍ୟକ୍ତିଙ୍କୁ, ଏପରିକି ଅଳ୍ପ କେତେକ ଅଧ୍ୟାତ୍ମ-ସାଧକଙ୍କୁ ଛାଡ଼ିଦେଲେ, ବାକି ସମସ୍ତଙ୍କ ସକାଶେ ଅସ୍ପଷ୍ଟ ରହିଥାଏ । ମୋହ, ଅଜ୍ଞାନ ଦୂର ହୁଏ ମନୁଷ୍ୟର ଅନ୍ତରାତ୍ମା(Psychic being) ଜାଗ୍ରତ୍ ହେଲେ । ତାହାର ଜ୍ଞାନଦୀପ୍ତି ପଡ଼େ ମନୁଷ୍ୟର ମନ ଓ ବୁଦ୍ଧି ଉପରେ । ମନ-ବୁଦ୍ଧି ଜ୍ଞାନଦୀପ୍ତ ହେଲେ ଆନନ୍ଦର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ସେ ସଚେତ ହୁଏ ତଥା ତାହା ପ୍ରାପ୍ତ କରିବାକୁ ପ୍ରଯତ୍ନ କରେ । ମନୁଷ୍ୟର ବୁଦ୍ଧି ଅତ୍ୟନ୍ତ ବିକଶିତ ହୋଇଥିବା ସତ୍ତ୍ୱେ ଅନ୍ତରାତ୍ମା(Psychic being) ଜାଗ୍ରତ୍ ନ ହେଲେ ସେ ଯଥାର୍ଥ ଜ୍ଞାନ ଲାଭ କରିପାରେ ନାହିଁ କିଂବା ନିଜ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇପାରେ ନାହିଁ ।

ତୁମେ ଯେଉଁ ବ୍ୟକ୍ତିଙ୍କୁ ମହାନ୍ କହୁଅଛ, ସେମାନେ ଯେଉଁ ବିଷୟକୁ ଗବେଷଣା କରିଥାଆନ୍ତି ତା' ଛଡ଼ା ଅନ୍ୟ ବସ୍ତୁ ସମ୍ବନ୍ଧେ ଜାଣିପାରନ୍ତି ନାହିଁ । ଆଉ ସେମାନେ କେବେ ବି ସେମାନଙ୍କ ଜୀବନର ଲକ୍ଷ୍ୟ ଓ ଭଗବାନଙ୍କ ସମ୍ବନ୍ଧରେ ଗବେଷଣା କରି ନ ଥାଆନ୍ତି, ସେମାନେ ତାହା ଜାଣିବେ କିପରି ? ଜୀବନର ଲକ୍ଷ୍ୟ ଓ ଶାଶ୍ୱତ ସତ୍ୟ, ଶାଶ୍ୱତ ଆନନ୍ଦ ସ୍ୱରୂପ ଭଗବାନଙ୍କ ସମ୍ବନ୍ଧେ ଗବେଷଣା କରିଛନ୍ତି ମୁନିଋଷି, ମହାପୁରୁଷ, ଆଚାର୍ଯ୍ୟ ତଥା ଅଧ୍ୟାତ୍ମସାଧକଗଣ । ଭଗବାନଙ୍କ ବିଷୟରେ ଜାଣିବାକୁ ହେଲେ, ଭଗବତ୍ ପ୍ରାପ୍ତିର ଉପାୟ ଆଚରଣ କରିବାକୁ ହେଲେ ସାଧୁ-ସଜ୍ଜ, ମୁନିଋଷିମାନଙ୍କୁ ପଚାରି ସେମାନଙ୍କ ନିର୍ଦ୍ଦେଶରେ ପ୍ରଯତ୍ନ କଲେ ବୁଝିପାରିବେ ଏବଂ ଜାଣିପାରିବେ । ଯେଉଁ ବ୍ୟକ୍ତି ସେ ବିଷୟରେ ଅନଭିଜ୍ଞ ତାଙ୍କ ଆଦର୍ଶ ଗ୍ରହଣ କରିବା ବା ତାଙ୍କ ନିର୍ଦ୍ଦେଶକୁ ସ୍ୱୀକାର କରିବାର ଅର୍ଥ – ମୃତ୍ୟୁଶଯ୍ୟାଶାୟୀ ରୋଗୀର ଚିକିତ୍ସା ପାଇଁ ଜଣେ ଓକିଲର ପରାମର୍ଶ ଲୋଡ଼ିବା ।

ପ୍ରଶ୍ନ : ତୁମ ଯୁକ୍ତି ସମ୍ମୁଖରେ ଯଦିଓ ନୀରବ ହେବାକୁ ପଡୁଅଛି, ତଥାପି ଏହି ବୈଜ୍ଞାନିକ ଯୁଗରେ ପ୍ରତ୍ୟକ୍ଷ ଭାବେ ନ ଦେଖି କୌଣସି ବସ୍ତୁକୁ ବୁଦ୍ଧି ସ୍ୱୀକାର କରିପାରେ ନାହିଁ । ଆଚ୍ଛା, ଏପରି କୌଣସି ମହାପୁରୁଷ କୌଣସି ବ୍ୟକ୍ତିକୁ ଭଗବାନଙ୍କୁ ଦର୍ଶନ କରାଇ ଦେଇଅଛନ୍ତି ?

ଉତ୍ତର : ହଁ, ବହୁତ ଦିନର ଘଟଣା ନୁହେଁ, ଶ୍ରୀରାମକୃଷ୍ଣ ପରମହଂସ ସ୍ୱାମୀ ବିବେକାନନ୍ଦଙ୍କୁ ଭଗବାନଙ୍କ ଦର୍ଶନ କରାଇଦେଇ ଅଛନ୍ତି । ଆଚାର୍ଯ୍ୟ ରାମାନନ୍ଦଙ୍କ ଶିଷ୍ୟ ଧନା ଜାଠ ତାଙ୍କୁ ଶାଳଗ୍ରାମ ମୂର୍ତ୍ତି ଦେଇଥିବା ମହାତ୍ମାଙ୍କୁ ଭଗବତ୍

ଦର୍ଶନ କରାଇ ଦେଇଥିଲେ । ମୋହନ ତାଙ୍କ ବିଦ୍ୟାଗୁରୁଙ୍କୁ ଭଗବତ୍ ଦର୍ଶନ କରାଇ ପାରିଥିଲେ । ଏହିପରି ବହୁ ମହାତ୍ମା ବହୁ ବ୍ୟକ୍ତିଙ୍କୁ ଭଗବତ୍ ଦର୍ଶନ କରାଇ ଦେଇଅଛନ୍ତି ।

ପ୍ରଶ୍ନ : ତେବେ ଏପରି କୌଣସି ମହାପୁରୁଷଙ୍କ ନାମ କୁହନ୍ତୁ ଯେ କି ରାମକୃଷ୍ଣ ପରମହଂସ ବିବେକାନନ୍ଦଙ୍କୁ ଭଗବତ୍ ଦର୍ଶନ କରାଇ ଦେବା ଭଳି ଆମ୍ଭଙ୍କୁ ଭଗବତ୍ ଦର୍ଶନ କରାଇଦେବେ । ଫଳରେ ଆମ ବିବାଦର ସମାଧାନ ହୋଇଯିବ ଓ ଆମେ ଭଗବାନଙ୍କର ଅସ୍ତିତ୍ୱକୁ ବିନା ଦ୍ୱିଧାରେ ସ୍ୱୀକାର କରି ନେବୁ । ଏହା କ'ଣ ଯୁକ୍ତିଯୁକ୍ତ ନୁହେଁ ?

ଉତ୍ତର : ଯଥାର୍ଥତାକୁ ଏଡ଼ାଇବା ପାଇଁ ତଥା ସତ୍ୟକୁ ଆବରଣରେ ରଖିବା ପାଇଁ ଏହା ଏକ ତାର୍କିକ ବୁଦ୍ଧିର ଯୁକ୍ତି ଓ କୌଶଳ । କିନ୍ତୁ ଯଥାର୍ଥରେ ଯୁକ୍ତିଯୁକ୍ତ ନୁହେଁ । ଶ୍ରୀରାମକୃଷ୍ଣ ପରମହଂସଙ୍କର କେବଳ ବିବେକାନନ୍ଦ ଏକମାତ୍ର ଶିଷ୍ୟ ନ ଥିଲେ, ଆଉ ଅନେକ ଶିଷ୍ୟ ମଧ୍ୟ ଥିଲେ, କିନ୍ତୁ ସେ ଅନ୍ୟ କାହାକୁ ଭଗବତ୍ ଦର୍ଶନ ନ କରାଇ କେବଳ ବିବେକାନନ୍ଦଙ୍କୁ କାହିଁକି ଭଗବତ୍ ଦର୍ଶନ କରାଇଦେଲେ ? ଭଗବତ୍ ଦର୍ଶନ ସକାଶେ କେବଳ ବିବେକାନନ୍ଦଙ୍କ ସହିତ ନିଜକୁ ତୁଳନା କଲେ ହେବ ନାହିଁ, ତାଙ୍କର ଯେଉଁ ତୀବ୍ର ବୈରାଗ୍ୟ, ଭଗବତ୍ ପ୍ରାପ୍ତି ନିମିତ୍ତ ଯେଉଁ ଜ୍ୱଳନ୍ତ ଅଭୀପ୍ସା ଥିଲା ସେସବୁ ଆଡ଼କୁ ଦୃଷ୍ଟିପାତ କରିବାକୁ ହେବ । ଶଙ୍କରାଚାର୍ଯ୍ୟଙ୍କ ହୀନଦଣ୍ଡ ଶିଷ୍ୟଙ୍କ ଭଳି ଅପବିତ୍ର ଖାଦ୍ୟକୁ ଆନନ୍ଦରେ ଗ୍ରହଣ କରି ଆଉଟା ହେଉଥିବା ଗରମ ସୀସା ପାନ କରିବାକୁ ପଡ଼ିବ ବୋଲି ମୃତ୍ୟୁଭୟରେ ପଳାୟନ କଲେ ଚଳିବ ନାହିଁ । ବିବେକାନନ୍ଦଙ୍କ ପରି ଭଗବତ୍ ପ୍ରାପ୍ତି ସକାଶେ ଦୁର୍ଜ୍ଜେୟ ଅଭୀପ୍ସା ଆବଶ୍ୟକ । ଧନଅର୍ଜ୍ଜନର ଲାଳସା, ଆମୋଦପ୍ରମୋଦ, ବାଦବିବାଦ ଇତ୍ୟାଦି ସକଳ ଦୁର୍ଗୁଣକୁ ପରିତ୍ୟାଗ କରିବାକୁ କୁଣ୍ଠା, ଅଥଚ ଭଗବାନଙ୍କୁ ଦର୍ଶନ କରି ବିନା ପରିଶ୍ରମରେ ସିଧା ସିଧା ବୈକୁଣ୍ଠର ଐଶ୍ୱର୍ଯ୍ୟ ଲାଭ କରାଯାଇ ପାରିବ ! ସାଧାରଣ ଭୌତିକ ଜ୍ଞାନର ଗୋଟାଏ ସାର୍ଟିଫିକେଟ୍ ହାସଲ କରିବାକୁ ଦିନରାତି କଠିନ ପରିଶ୍ରମ କରି ପଢ଼ିବାକୁ ପଡ଼ିବ, ଧନପ୍ରାପ୍ତି ନିମିତ୍ତ ନାନା ପ୍ରକାର କୌଶଳରେ ବ୍ୟବସାୟ-ବାଣିଜ୍ୟ କରିବା ପାଇଁ ରାତ୍ରିରେ ଶାନ୍ତିପୂର୍ଣ୍ଣ ନିଦ୍ରା (Sound sleep)ର ଅଧିକାରରୁ ବଞ୍ଚିତ ହେବାକୁ ହେବ, ଅସ୍ଥାୟୀ, ବିକୃତ ସୁଖଶାନ୍ତି ଲାଭ କରିବା ପାଇଁ ସକଳ ପ୍ରକାର ଦୁଃଖକଷ୍ଟ ସହି ସକଳ ପ୍ରକାର ଶକ୍ତି ପ୍ରୟୋଗ କରି କଠିନ ପରିଶ୍ରମ କରିବାକୁ ହେବ, କିନ୍ତୁ ଜୀବନର ଯଥାର୍ଥ ଉଦ୍ଦେଶ୍ୟ, ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି, ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ କରିବାରେ କୌଣସି ପ୍ରକାର ପରିଶ୍ରମ କରିବାକୁ ହେବ ନାହିଁ, ଘରେ ବସିଥିବା ଅବସ୍ଥାରେ ଏହା ଆପେ ଆପେ ଲାଭ ହେବ ଅଥବା ଅନ୍ୟଲୋକ ନିଜ ଗରଜରେ ଭଗବାନଙ୍କୁ ଆଣି ସମ୍ମୁଖରେ ଛିଡ଼ା କରି ଦେବ । ଏପରି ପରିଶ୍ରମବିମୁଖ ବ୍ୟକ୍ତି କୌଣସି ପ୍ରକାର ଭୌତିକ ବସ୍ତୁ ପ୍ରାପ୍ତ କରିପାରନ୍ତି ନାହିଁ, ପୁଣି ଭଗବତ୍ ଦର୍ଶନ ... ?

ପ୍ରଶ୍ନ : ବୈଜ୍ଞାନିକଗଣ ଅଧିକାରୀ ଅନଧିକାରୀ ଦେଖନ୍ତି ନାହିଁ, କେବଳ ଯନ୍ତ୍ର ସାହାଯ୍ୟରେ ସୂକ୍ଷ୍ମ ବସ୍ତୁ ଅନ୍ୟକୁ ଦେଖାଇ ଦିଅନ୍ତି । ସେହିପରି କୌଣସି ଉପାୟରେ ଅନ୍ୟକୁ ଭଗବତ୍ ଦର୍ଶନ କରାଯାଇପାରେ, ତା' ସକାଶେ ସର୍ତ୍ତ ରଖାଯାଉଛି କାହିଁକି ?

ଉତ୍ତର : ବିଜ୍ଞାନବେତ୍ତାଗଣ ଅନ୍ଧକୁ ଯନ୍ତ୍ର ସାହାଯ୍ୟରେ ସୂକ୍ଷ୍ମ ବସ୍ତୁ ଦେଖାଇ ପାରନ୍ତି କି ? ଯେପରି ଚକ୍ଷୁହୀନ ବ୍ୟକ୍ତି ଯନ୍ତ୍ର ଦ୍ୱାରା ସୂକ୍ଷ୍ମବସ୍ତୁ ଦେଖିପାରେ ନାହିଁ, ସେହିପରି ଯାହାର ମନ ଅଶୁଦ୍ଧ, ପ୍ରାଣ ଅଶୁଦ୍ଧ, ଯେ ଅନ୍ୟାୟୀ, ଅତ୍ୟାଚାରୀ, ସେ ମହାପୁରୁଷମାନଙ୍କ କୃପା ଗ୍ରହଣ କରିପାରନ୍ତି ନାହିଁ କିଂବା ତାଙ୍କ କୃପା ଦ୍ୱାରା ଭଗବତ୍ ଦର୍ଶନ କରିପାରନ୍ତି ନାହିଁ ।

ପ୍ରଶ୍ନ : ଯଦି ଆମ୍ଭେମାନେ ଭଗବାନଙ୍କୁ ସ୍ୱୀକାର କରି ନେଉ, ତେବେ ଭଗବାନ୍ କ'ଣ ଆମ ଜୀବନର ଉନ୍ନତି ପାଇଁ ଆମକୁ ସାହାଯ୍ୟ କରିବେ ? ଆମ୍ଭମାନଙ୍କୁ ନିଜ ତଥା ପରିବାରବର୍ଗଙ୍କ ପାଳନପୋଷଣର ଦାୟିତ୍ୱ ବହନ କରିବାକୁ ହେବ, ପିଲାମାନଙ୍କୁ ଯଥୋଚିତ ଶିକ୍ଷାଦାନପୂର୍ବକ ଶିକ୍ଷିତ କରାଇବାକୁ ହେବ, ଦେଶର ଉନ୍ନତି କରି ତାହାକୁ ସମୃଦ୍ଧିଶାଳୀ କରିବାକୁ ହେବ, ଆମ ଦେଶରେ ଅନେକେ ଅନାହାରରେ, ଦୁଃଖକଷ୍ଟରେ ଜୀବନ କଟାଉଛନ୍ତି, ଆଶ୍ରୟହୀନ ହୋଇ ବାର ଦୁଆର ଶୁଣ୍ଠିପିଣ୍ଡା ହେଉଅଛନ୍ତି, ରୋଗରେ ଛଟପଟ ହୋଇ ମରଣକୁ ସାର ମନେ କରୁଛନ୍ତି । ଉପରୋକ୍ତ ଦୁର୍ଦଶାଗ୍ରସ୍ତ ବ୍ୟକ୍ତି ଔଷଧ ବା ପାଇବେ କେଉଁଠୁ ? ବିଶେଷତଃ ସ୍ତ୍ରୀଲୋକମାନେ ଯେଉଁମାନେ କି ଏହିପ୍ରକାର ଦୁର୍ଦଶାଗ୍ରସ୍ତା ସେମାନେ

ସେମାନଙ୍କର ଅବୟବ ଆଚ୍ଛାଦନ କରିବା ପାଇଁ ବସ୍ତ୍ର ଖଣ୍ଡିଏ ପାଉ ନାହାନ୍ତି, ଏହିସବୁ ଅଭାବ ଦୂର କରିବା ହେଉଛି ବ୍ୟକ୍ତିର ପ୍ରଥମ କାର୍ଯ୍ୟ । ବର୍ତ୍ତମାନ ଦେଶ ଦେଶ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବାଦବିବାଦ, ଏ ସକଳ ସମସ୍ୟାର ଏକ ସମାଧାନ କରି ସୁସଙ୍ଗତି ସ୍ଥାପନା କରିବାକୁ ହେବ ତଥା ସମାଜରୁ ଅସତ୍ୟ, ଦୁର୍ନୀତି, ଛଳକପଟ ଦୂର କରିବାକୁ ହେବ । ଖାଲି ଆଖି ବୁଜି ଭଗବାନଙ୍କୁ ଜପିଲେ ଏସବୁ ସମସ୍ୟାର ସମାଧାନ କିଏ କରିବ ?

ଉତ୍ତର : କେବଳ ଯୁକ୍ତି କଲେ ଏସବୁ ସମସ୍ୟାର ସମାଧାନ ହେବ ନାହିଁ ? ଏହାର କେବଳ ସମାଧାନ ହୋଇପାରେ ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ନିଃସ୍ୱାର୍ଥ ନିରହଂକାର କର୍ମସାଧନରେ । ଯେପର୍ଯ୍ୟନ୍ତ ଏପରି କାର୍ଯ୍ୟ ନ କରାଯାଇଛି ସେପର୍ଯ୍ୟନ୍ତ ଦେଶର ଉନ୍ନତି ସାଧନ ଅସମ୍ଭବ । ଏହି ସକଳ ପ୍ରକାର ଅଭାବବୋଧ ସୃଷ୍ଟିର ପ୍ରାରମ୍ଭରୁ ଅଳ୍ପାଧିକ ଭାବେ ଲାଗି ରହିଛି, ଆଉ ଏହି ଅଭାବର ଦୂରୀକରଣ ନିମିତ୍ତ କେତେ ବିଶିଷ୍ଟ ବ୍ୟକ୍ତି ବରାବର ପ୍ରଯତ୍ନ କରିଆସିଛନ୍ତି । କିନ୍ତୁ ଏହାର ସମାଧାନ ହୋଇପାରି ନାହିଁ । ଏହାର ଏକମାତ୍ର କାରଣ ହେଉଛି, ଏହି ଦ୍ୱନ୍ଦ୍ୱ, ପ୍ରତିକୂଳ ଅବସ୍ଥାର ମୂଳ ଉଦ୍‌ଗମ ସ୍ଥାନର ସନ୍ଧାନ କରାହୋଇ ନାହିଁ, ତା'ର ମୂଳ ସଂଶୋଧିତ ହୋଇ ନାହିଁ, କେବଳ ମୁଥାଘାସ ସଦୃଶ ମାନସିକ ବିଚାର ଓ ସାମାଜିକ ନିୟମ ପ୍ରସାରରେ ବାହ୍ୟ ଅଂଶକୁ ଚାଞ୍ଚି ଦିଆଯାଇଅଛି । ଯେପର୍ଯ୍ୟନ୍ତ ମନୁଷ୍ୟ ହୃଦୟରୁ ହିଂସାଦ୍ୱେଷ, ଈର୍ଷା, ବିରୋଧ ଇତ୍ୟାଦିର ରୂପାନ୍ତର ହୋଇ ସେସବୁ ଅହିଂସା, ମୈତ୍ରୀ, ଶାନ୍ତିରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ମାନସିକ ତଥା ସାମାଜିକ ନୀତିନିୟମ ଦ୍ୱାରା ମନୁଷ୍ୟ ସୁଖଶାନ୍ତିରେ ରହିପାରିବ ନାହିଁ; ସମାଜରେ ଶାନ୍ତି, ମୈତ୍ରୀ ସ୍ଥାପନା ହୋଇ ପାରିବ ନାହିଁ, ବ୍ୟକ୍ତି ସ୍ୱାର୍ଥତ୍ୟାଗ କରି ନ୍ୟାୟରେ କାର୍ଯ୍ୟ କରିପାରିବ ନାହିଁ, ସଂସାରରୁ ଯୁଦ୍ଧ ଓ ବିବାଦ ଦୂର ହେବ ନାହିଁ, ସଂସାରରେ କଦାପି ଶାନ୍ତି ସ୍ଥାପନା ହୋଇପାରିବ ନାହିଁ, ଏହା କେବଳ ହେବ ଭଗବତ୍ ପ୍ରାପ୍ତିରେ । କାରଣ ଏହି ସକଳ ଗୁଣର ମୂର୍ତ୍ତିମାନ୍ ବିଗ୍ରହ ହେଉଛନ୍ତି ଭଗବାନ୍ ।

ପ୍ରଶ୍ନ : ତୁମେ କହୁଅଛ ଯେ ସଂସାର ଆରମ୍ଭରୁ ନୈତିକ, ସାମାଜିକ ବିଧାନ ଦ୍ୱାରା ସଂସାରରେ ଶାନ୍ତି ସ୍ଥାପନା କରିବା ସକାଶେ ପ୍ରଯତ୍ନ ହେଉଛି, କିନ୍ତୁ ତାହା ସଫଳ ହୋଇ ନାହିଁ । ପୁଣି କହୁଅଛ ଯେ ଅଧ୍ୟାତ୍ମ-ସାଧନା ଦ୍ୱାରା ହୃଦୟ ରୂପାନ୍ତର ହେଲେ ଅର୍ଥାତ୍ ଭଗବତ୍ ପ୍ରାପ୍ତି ହେଲେ ସଂସାରରେ ସ୍ଥାୟୀ ସୁଖ-ଶାନ୍ତି ସ୍ଥାପନା ହୋଇପାରିବ । ଏ ବିରୋଧାତ୍ମକ ଉକ୍ତି । ବୈଦିକ ଯୁଗର ଋଷିଗଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ, ଯୀଶୁ, ମହମ୍ମଦ – ଏମାନେ ଅଧ୍ୟାତ୍ମ-ସତ୍ୟ ପ୍ରସାର କରି ନ ଥିଲେ ? ଏମାନେ ଭଗବତ୍ ପ୍ରାପ୍ତି କରି ନ ଥିଲେ ? ଏମାନଙ୍କ ହୃଦୟର କ'ଣ ପରିବର୍ତ୍ତନ ହୋଇ ନ ଥିଲା ? ଯଦି ହୋଇଥିଲା ତେବେ ଏମାନଙ୍କ ଦ୍ୱାରା ସଂସାରରୁ କେତେ ପରିମାଣରେ ଦୁଃଖଦ୍ୱନ୍ଦ୍ୱ ସ୍ଥାୟୀ ରୂପେ ନିବୃତ୍ତ ହୋଇଛି ? ଯଦି ଏମାନଙ୍କ ଦ୍ୱାରା ହୋଇ ନାହିଁ, ତେବେ ଆଜି ସେହି ଅଧ୍ୟାତ୍ମ-ସତ୍ୟ ଦ୍ୱାରା ସଂସାରରୁ ଦୁଃଖଦ୍ୱନ୍ଦ୍ୱର ନିବୃତ୍ତି ହେବ ବୋଲି କିପରି ଆଶା କରୁଛନ୍ତି ? କ'ଣ ତୁମ ମତ ସଂସାରର ପ୍ରତ୍ୟେକ ବ୍ୟକ୍ତି ଘରସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବେ ? ଯଦି ଏହା ହୁଏ, ତେବେ ଅସମୟରେ ସଂସାରର ପ୍ରଳୟ ହେବ ।

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିଙ୍କୁ ସନ୍ନ୍ୟାସ ଗ୍ରହଣ କରିବାକୁ ହେବ ନାହିଁ କିଂବା ଅକାଳରେ ପ୍ରଳୟର ସମ୍ମୁଖୀନ ହେବାକୁ ହେବ ନାହିଁ । ସଂସାରରେ ତଥା ସମସ୍ତ କର୍ମରେ ଅଧ୍ୟାତ୍ମ-ସତ୍ୟକୁ ପ୍ରତିଷ୍ଠା କରିବାକୁ ହେବ । ଏହା ହେବ ଅତିମାନସ ଶକ୍ତି ଦ୍ୱାରା ଜାଗତିକ ଅଜ୍ଞାନାନ୍ଧକାର ଶକ୍ତିର ରୂପାନ୍ତର ସାଧନରେ ଯେଉଁ ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ପୂର୍ବେ ଭଗବାନଙ୍କ ଅବତାର ରୂପେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଚୈତନ୍ୟ ମହାପ୍ରଭୁ ଏବଂ ଶଙ୍କର, ରାମାନୁଜ, ରାମାନନ୍ଦ ଆଚାର୍ଯ୍ୟ ରୂପେ ତଥା ଅନ୍ୟାନ୍ୟ ଅବତାର ଏବଂ ମହାପୁରୁଷମାନେ ଏହି ପୃଥିବୀକୁ ଆସି ଅଧ୍ୟାତ୍ମସତ୍ୟ ପ୍ରଦାନ କରିଥିଲେ । ସେମାନେ ପରମାନନ୍ଦ, ପରମ ଶାନ୍ତିରେ ବାସ କରି ସେମାନଙ୍କ ଅନୁଗାମୀମାନଙ୍କୁ ସେହି ପରମାନନ୍ଦ (Supreme Felicity) ପ୍ରଦାନ କରିଥିଲେ । ସେ ସମୟରେ ସେମାନେ ପୃଥିବୀରେ ସତ୍ୟକୁ ଆଂଶିକ ଭାବେ ଓ ଅସ୍ଥାୟୀ ରୂପେ ପ୍ରତିଷ୍ଠା କରିଥିଲେ । କିନ୍ତୁ ମନର ବିକାଶ ପୂର୍ଣ୍ଣ ହୋଇ ନ ଥିଲା, ତେଣୁ ମନର ଊର୍ଦ୍ଧ୍ୱସ୍ଥ ସତ୍ୟ ଅତିମାନସ, ପୃଥିବୀରେ ପ୍ରତିଷ୍ଠିତ ହେବାର ସମୟ ଆସି ନ ଥିଲା । ଅତଏବ ମନଃ ସ୍ତରରେ ଅଜ୍ଞାନ ଏବଂ ଅନ୍ଧକାର ଶକ୍ତି ଏବଂ ତା'ର କ୍ରିୟା ଦୁଃଖକଷ୍ଟ ଅନିବାର୍ଯ୍ୟ ଥିଲା । ସେଥିନେଇ ସେମାନେ ଅନ୍ଧକାର ଶକ୍ତିକୁ

ରୂପାନ୍ତର କରି ପୃଥିବୀରୁ ଦୁଃଖ ଦ୍ୱନ୍ଦ୍ୱ ପୂର୍ଣ୍ଣତଃ ଦୂର କରି ସ୍ୱର୍ଗରାଜ୍ୟ ସ୍ଥାପନାର ପ୍ରୟାସ କରି ନ ଥିଲେ । ସମୟୋପଯୋଗୀ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ସଂସାରରେ କେତେକ ବ୍ୟକ୍ତିଙ୍କ ମଧ୍ୟରେ ପରମ ଜ୍ଞାନ, ପରମାନନ୍ଦ ପ୍ରାପ୍ତ କରାଇ ସେମାନଙ୍କୁ ମୁକ୍ତି ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରାଇ ଦେଇଥିଲେ ।

ତୁମ ପ୍ରଶ୍ନର ଉତ୍ତରରେ କୁହାଯାଇଅଛି – ''ବୁଦ୍ଧିଗତ ସାମାଜିକ ନୀତିନିୟମ ଦ୍ୱାରା ମନୁଷ୍ୟ ହୃଦୟର ପରିବର୍ତ୍ତନ କେବେ ବି ହୋଇ ନାହିଁ ଅଥବା ସଂସାରରେ ସୁଖଶାନ୍ତି ସ୍ଥାପନା ହୋଇପାରି ନାହିଁ । ଏହାର ପ୍ରଯତ୍ନ ସୃଷ୍ଟିର ଆରମ୍ଭରୁ ହୋଇ ଆସୁଥିଲେ ମଧ୍ୟ କେବେ ସଫଳ ହୋଇ ନାହିଁ । ସୁତରାଂ ବ୍ୟକ୍ତିଗତ ରୂପେ ବ୍ୟକ୍ତି ମଧ୍ୟରେ ପରମ ଜ୍ଞାନ, ପରମାନନ୍ଦ ପ୍ରତିଷ୍ଠିତ ହୋଇଛି ଅବତାର ଓ ଆଚାର୍ଯ୍ୟମାନଙ୍କ ଅଧ୍ୟାତ୍ମ-ସତ୍ୟ ଦ୍ୱାରା । କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ଦ୍ୱାରା ଅଦିବ୍ୟ (Anti-divine) ଶକ୍ତିର ରୂପାନ୍ତର (Transformation) ହେଲେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ପୂର୍ଣ୍ଣତଃ ଦୂରହେବ, ପୃଥିବୀରେ ଗୋଟିଏ ଅତିମାନବ (Superman) ଜାତି ସ୍ଥାପନା ହେବ ।'' ଏଥିରେ ବିରୁଦ୍ଧଭାବ ଆସିଲା କୁଆଡୁ ? ତୁମେ ନୈତିକତା ଓ ପୁରାତନ ଯୋଗର ଅଧ୍ୟାତ୍ମ-ସତ୍ୟ ତଥା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ (Integral Yoga)ର ଅତିମାନସ ରୂପାନ୍ତରକୁ ପୃଥକ୍ ପୃଥକ୍ ନ କରି ଏକ ସଙ୍ଗେ ମିଶ୍ରିତ କରି ଦେଇଥିବାରୁ ତୁମ୍ଭଙ୍କୁ ବିରୋଧ ମତ ପରି ବୋଧ ହେଉଅଛି । ଯଥାର୍ଥରେ ଏହା ଏପରି ନୁହେଁ । ସାଧୁ, ସନ୍ଥ, ମହାତ୍ମାମାନେ ପୁରାତନ ଯୋଗରେ ବ୍ୟକ୍ତିଗତ ରୂପେ ପରମାନନ୍ଦ ଲାଭ କରିଥିଲେ । ତାହାର ପ୍ରମାଣ ହେଉଛି, ସାଧାରଣ ମନୁଷ୍ୟ ଯେଉଁ ନାମଯଶଃ, ଧନସମ୍ପଦ ସକାଶେ ସମସ୍ତ ପ୍ରକାର କଳକୌଶଳ କରିଥାଏ, ସେମାନେ ଅନାୟାସରେ ସେସବୁକୁ ତ୍ୟାଗ କରିପାରନ୍ତି । କାରଣ ସେମାନେ ଭଗବଦାନନ୍ଦ ତଥା ଅନ୍ତରରେ ପରମ ଶାନ୍ତିକୁ ପ୍ରାପ୍ତ କରିଥାଆନ୍ତି । ଏହା ପ୍ରାପ୍ତ ହେବା ପରେ ମନୁଷ୍ୟର ଅଭାବବୋଧ ରହେ ନାହିଁ । ସାଧାରଣ ବ୍ୟକ୍ତିଙ୍କୁ ଏହା ପ୍ରାପ୍ତ ହୋଇ ନ ଥାଏ, ଏହି ବସ୍ତୁକୁ ସେମାନେ ପାର୍ଥିବ ବସ୍ତୁରେ ଖୋଜନ୍ତି ଆଉ କେବେ ବି ପାଆନ୍ତି ନାହିଁ । ସେମାନଙ୍କର ଅଭିଳାଷ କେବେ ବି ପୂର୍ଣ୍ଣ ହୁଏ ନାହିଁ । ମହାତ୍ମା ଓ ଆଚାର୍ଯ୍ୟଗଣ କିପରି କାମନା-ବାସନା ଏବଂ ନାମଯଶଃରୁ ମୁକ୍ତ ଥାଆନ୍ତି ଆଜି ଜଣେ ଦୁଇଜଣ ମହାପୁରୁଷଙ୍କ ଜୀବନର ଗୋଟିଏ ଦୁଇଟି ଦୃଷ୍ଟାନ୍ତରୁ ସ୍ପଷ୍ଟ ବୁଝିପାରିବା ।

ମହାତ୍ମା ସନାତନଜୀ

ମହାତ୍ମା ସନାତନଜୀଙ୍କର ତ୍ୟାଗ ଓ ବୈରାଗ୍ୟ ଓଡ଼ିଶାର ସମସ୍ତ ଧାର୍ମିକ ବ୍ୟକ୍ତିଙ୍କ ପାଖରେ ବିଦିତ । ସେ ମୁସଲମାନ ବାଦଶାହଙ୍କ ଦରବାରରେ ଉଚ୍ଚପଦସ୍ଥ ଅଧିକାରୀ ଥିଲେ । ଭଗବତ୍ ପ୍ରାପ୍ତିର ତୀବ୍ର ଆକାଙ୍କ୍ଷା ଯୋଗୁଁ ସେ ଜାଗତିକ ସମସ୍ତ ଐଶ୍ୱର୍ଯ୍ୟ ତ୍ୟାଗ କରି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଗୁରୁ ରୂପେ ଗ୍ରହଣ କଲେ । ତାଙ୍କ ସନ୍ନ୍ୟାସ ଜୀବନର ତ୍ୟାଗ ଥିଲା ଅସାଧାରଣ । ତାଙ୍କର ସମ୍ବଳ ଥିଲା ଖଣ୍ଡିଏ କୌପୀନ ଓ ମାଟିରେ ତିଆରି ଗୋଟିଏ କରୁଆ (ଅର୍ଥାତ୍ ମାଟିର କମଣ୍ଡଳୁ) । ସେ ଗୋଟିଏ ଗଛ ମୂଳରେ ଗୋଟିଏ ରାତ୍ରି ବିଶ୍ରାମ କରୁଥିଲେ ।

ଦିନେ ଜଣେ ବ୍ରାହ୍ମଣ ନିଜ କନ୍ୟାର ବିବାହ ସକାଶେ ଧନପ୍ରାପ୍ତି ଉଦ୍ଦେଶ୍ୟରେ ଆସିଲେ ତ୍ୟାଗୀ ସନାତନଙ୍କ ପାଖକୁ । ତାଙ୍କରି ଆଶୀର୍ବାଦରେ କିଛି ଧନ ପ୍ରାପ୍ତି କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ସନାତନଜୀ ଗଲେ ସ୍ନାନକୁ । ଫେରିଆସି ବ୍ରାହ୍ମଣଙ୍କୁ କହିଲେ, ''ଅମୁକ ସ୍ଥାନରେ ମୁଣ୍ଡାଏ ସୁନା ମୁଁ ଦେଖିଲି । ସେଠାରେ ପଡ଼ିଛି । ତୁମେ ଯାଇ ଘେନିଆସ ।'' ଶୁଣିବା ମାତ୍ରେ ବ୍ରାହ୍ମଣ ଏକା ନିଃଶ୍ୱାସରେ ଦୌଡ଼ି ସେଠାରେ ପହଞ୍ଚିଲେ । ସୁନା ମୁଣ୍ଡାଟା ଦେଖି ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସନାତନଜୀଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ଆସି କହିଲେ, ''ପ୍ରଭୁ, ଏତେ ବଡ଼ ମୂଲ୍ୟବାନ୍ ସୁବର୍ଣ୍ଣ ଦେଖି ଆପଣ ଛାଡ଼ି ଚାଲିଆସିଲେ କିପରି ? ଉଠେଇ ଆଣି ପାରିଥା'ନ୍ତେ'' ଉତ୍ତରରେ ସନାତନଜୀ ଯାହା କହିଥିଲେ ତାହାର ଯଥାର୍ଥ ଅର୍ଥ ହେଉଛି ଏହି,– ''ସଂସାରରେ ସମସ୍ତ କୃପଣ ଓ ଲୋଭୀ ବ୍ୟକ୍ତିଙ୍କ ଲୋଭ, ସ୍ୱାର୍ଥ, ହିଂସା, ଅନ୍ୟାୟର ପ୍ରବୃତ୍ତି ଏହି ଧନ ଉପରେ କେନ୍ଦ୍ରିତ ହୋଇ ଏହାକୁ ଅଶୁଦ୍ଧ କରି ଦେଇଛି ।

ଅତଏବ ଅଶୁଦ୍ଧ ବସ୍ତୁ ସର୍ବଥା ଅସ୍ପୃଶ୍ୟ ଏବଂ ତ୍ୟାଜ୍ୟ ।'' ଯେଉଁ ଧନ ଲାଳସାରେ ସଂସାର ପାଗଳ ସେହି ଧନ ଜଣେ ଭଗବତ୍ ପ୍ରାପ୍ତ ପୁରୁଷ ପକ୍ଷେ ଘୃଣ୍ୟ । ପ୍ରକୃତରେ ସମସ୍ତ କୁପ୍ରବୃତ୍ତି କାମ ଏବଂ ଅର୍ଥରେ କେନ୍ଦ୍ରିତ ଥାଏ । ସେଇଥିପାଇଁ କେତେକ ଅଧ୍ୟାତ୍ମ ସାଧକ କାମିନୀକାଞ୍ଚନକୁ ତ୍ୟାଗ କରନ୍ତି, ଆଉ କେତେକେ ସେଥିରେ ଅନାସକ୍ତ ରହନ୍ତି । କାମିନୀକାଞ୍ଚନଠାରୁ ଅଧିକ ଆକର୍ଷଣକାରୀ ବସ୍ତୁ ନାମ, ଯଶ । ବ୍ୟକ୍ତି କାମିନୀ, କାଞ୍ଚନ ତ୍ୟାଗ କରିବା ପରେ ନାମ, ଯଶର ଫାନ୍ଦରେ ପଡ଼ିଯାଏ । ଏଥିରୁ ଉଦ୍ଧାର ହୁଅନ୍ତି ବାସନା କାମନା ଶୂନ୍ୟ ଭଗବତ୍-ଆଶ୍ରିତ ବ୍ୟକ୍ତି ।* ବ୍ୟକ୍ତି ଯେତେବେଳେ ଜୀବନର ପ୍ରଧାନ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାନି, ଭଗବତ୍ ଆଶ୍ରୟରେ ଭଗବାନଙ୍କ ସାହାଯ୍ୟରେ, ଭଗବତ୍ ଶକ୍ତିକୁ ଏକମାତ୍ର ଅବଲମ୍ବନ ରଖି ସାଧନା ମାର୍ଗରେ ଅଗ୍ରସର ହୁଏ, ସେତେବେଳେ ସାଧନା ପଥରେ ବାଧା ରୂପେ ନାମ, ଯଶ ଆସିଲେ, ତା' ମଧ୍ୟରେ ଥିବା ଆତ୍ମା ବାଧାର ସ୍ୱରୂପକୁ ଚିହ୍ନେଇ ଦିଏ । ଚିହ୍ନିବା ପରେ ଯଦି ସେ ସ୍ୱୟଂ ପ୍ରଯତ୍ନ କରି ସେ ବାଧାକୁ ଦୂର କରି ନ ପାରେ ତେବେ ଭଗବାନ୍ ସ୍ୱୟଂ ସେ ବାଧାକୁ ଦୂର କରିବାର ଉପାୟ କରନ୍ତି । ଏପରି ଘଟେ ଅଧିକାଂଶ ସାଧକମାନଙ୍କ ଜୀବନରେ । ଉଦାହରଣସ୍ୱରୂପ ଚୈତନ୍ୟ ମହାପ୍ରଭୁଙ୍କ ଚରିତ୍ରରୁ ନାମ, ଯଶ ମହାନ୍ ତ୍ୟାଗର ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରିବା । ଭଗବାନଙ୍କ ଆଶ୍ରୟ ବ୍ୟତୀତ ବ୍ୟକ୍ତି ଏଥିରୁ ମାନସିକ ବିଚାର, ନୈତିକ ଆଦର୍ଶ ଦ୍ୱାରା କଦାପି ମୁକ୍ତ ହୋଇପାରେ ନାହିଁ ।

ଚୈତନ୍ୟ ମହାପ୍ରଭୁ

ଚୈତନ୍ୟ ମହାପ୍ରଭୁ ନଦୀୟାରେ ବିଦ୍ୟାଧ୍ୟୟନ କରିବା ସମୟରେ ତାଙ୍କର ସହପାଠୀ ଥିଲେ ରଘୁନାଥ ଦାସ । ସେ ଯେପରି ମେଧାବୀ, ସେହିପରି ମନନଶୀଳ ଏବଂ କଠୋର ପରିଶ୍ରମୀ ଥିଲେ । ଦିନେ ସଂସ୍କୃତ ବିଦ୍ୟାଳୟରୁ ଫେରି ଗଙ୍ଗା ପାରିହେବା ସମୟରେ ନୌକାରେ ଚୈତନ୍ୟ ମହାପ୍ରଭୁ ସଂସ୍କୃତ ବ୍ୟାକରଣର ଲେଖିଥିବା ଗୋଟିଏ ଟୀକା ରଘୁନାଥ ଦାସଙ୍କୁ ଦେଖିବାକୁ ଦେଲେ । ସେ ସେହି ଟୀକାଟି ପଢ଼ିବା ସମୟରେ ତାଙ୍କ ଆଖିରୁ ଲୁହ ବହିପଡ଼ିଲା । ଚୈତନ୍ୟ ମହାପ୍ରଭୁ ଚକିତ ହୋଇ କାରଣ ପଚାରିଲେ । ସେ ଉତ୍ତରରେ କହିଲେ, ''ଏହି ଟୀକା ପଢ଼ିଲେ ମୋ ଲେଖିଥିବା ଟୀକାଟିକୁ କେହି ପଚାରିବେ ନାହିଁ ।'' ଏକଥା ଶୁଣିବା ମାତ୍ରେ ଚୈତନ୍ୟ ମହାପ୍ରଭୁ ନିଜେ ଲେଖିଥିବା ବ୍ୟାକରଣ ଟୀକାଟି ଚିରି ତାଙ୍କ ସାମନାରେ ଅତ୍ୟନ୍ତ ହର୍ଷର ସହିତ ଗଙ୍ଗା ସ୍ରୋତରେ ଭସାଇଦେଲେ । ଫେର୍ ସେ କେବେ ବ୍ୟାକରଣ ଟୀକା ଲେଖି ନ ଥିଲେ । ସାଧାରଣ ଲେଖକ ପକ୍ଷେ ନାମଯଶଃର ଏପରି ତ୍ୟାଗ ଅସାଧାରଣ । ଭଗବାନଙ୍କ କୃପାରୁ ଭକ୍ତ ପକ୍ଷେ ଏହା ସମ୍ଭବ । ଚୈତନ୍ୟ ମହାପ୍ରଭୁ ଥିଲେ ଆଚାର୍ଯ୍ୟ ତଥା ତାଙ୍କୁ ଭକ୍ତଲୋକ ଭଗବାନଙ୍କ ଅବତାର ବୋଲି ମାନନ୍ତି । ତାଙ୍କ ସକାଶେ ଏ ଘଟଣାର କୌଣସି ମହତ୍ତ୍ୱ ନାହିଁ । କିନ୍ତୁ ଲୋକ ଦୃଷ୍ଟିରେ ଯେଉଁମାନେ ସାଧାରଣ ଭକ୍ତ ସେମାନଙ୍କ ଜୀବନରେ ଏହିପରି ଘଟଣା ବରାବର ଘଟିଥାଏ ।

ବ୍ୟକ୍ତି ଶାନ୍ତି, ସନ୍ତୋଷ, ଆନନ୍ଦରେ ରହିପାରେ ଯେବେ ଅଧ୍ୟାତ୍ମ ସାଧନା ଦ୍ୱାରା ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରିପାରେ । ଏହା ଦେଖାଯାଏ ଅଧ୍ୟାତ୍ମ ସାଧକମାନଙ୍କ ଜୀବନରେ ।

ପ୍ରଶ୍ନ : ତୁମ ଉତ୍ତରଗୁଡ଼ିକ ଶୁଣିବା ପରେ ଯଦ୍ୟପି ଅନ୍ୟ ପ୍ରଶ୍ନ କରିବାର ଅବକାଶ ନାହିଁ, ତଥାପି ବହୁତ ବ୍ୟକ୍ତି କହନ୍ତି, ''ଈଶ୍ୱର ବୋଲି ପ୍ରକୃତରେ କିଛି ନାହିଁ । ଯେଉଁ ବ୍ୟକ୍ତିଙ୍କର ମସ୍ତିଷ୍କ ବିକୃତ ହୁଏ, ସେହି ବ୍ୟକ୍ତି ଭୁଲବଶତଃ କୌଣସି ବସ୍ତୁ ଦେଖି ତାକୁ ଈଶ୍ୱର ଧାରଣା କରିନିଅନ୍ତି ।'' ଏପରି କହୁଥିବା ବ୍ୟକ୍ତିଙ୍କର ଧାରଣାରେ କ'ଣ ସତ୍ୟତା ନାହିଁ ?

ଉତ୍ତର : ଏକେବାରେ ନାହିଁ । ଈଶ୍ୱରଙ୍କୁ ଦେଖିଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଭ୍ରମ ନୁହେଁ, ଏହିପରି କହିବା ବ୍ୟକ୍ତିଙ୍କ ମସ୍ତିଷ୍କ ନିର୍ବିବାଦ ରୂପେ ଭ୍ରମ । ଋଷି ମୁନିମାନେ ଭଗବତ୍ ପ୍ରାପ୍ତ କରି ଉପନିଷଦ୍, ଗୀତା, ଭାଗବତ୍, ରାମାୟଣାଦି

* ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଏବଂ କାମିନୀକାଞ୍ଚନ ଓ ନାମଯଶଃ ଇତ୍ୟାଦି ଦୁର୍ଗୁଣର ରୂପାନ୍ତର ସାଧିତ ହୁଏ ।

ପୁରାଣ ଶାସ୍ତ୍ର ଲେଖିଛନ୍ତି । ସେହି ଶାସ୍ତ୍ର ଅନୁସରଣ ଏବଂ ଗବେଷଣା ଦ୍ୱାରା ଆଜି ଅଲୌକିକ ବସ୍ତୁ ଆବିଷ୍କାର ହେଉଅଛି । ଲୋକେ ତାଙ୍କୁ ଈଶ୍ୱର ତୁଲ୍ୟ ପୂଜା କରୁଅଛନ୍ତି । ବୁଦ୍ଧ, ଖ୍ରୀଷ୍ଟ, ଶଙ୍କର, ରାମାନୁଜ, ରାମାନନ୍ଦ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ,— ଏମାନେ ଭଗବାନଙ୍କୁ ପ୍ରାପ୍ତ କରିଥିବାରୁ ରାଜା, ମହାରାଜା, ବିଦ୍ୱାନ, ଧନୀ, ଶ୍ରେଷ୍ଠ ବ୍ୟକ୍ତିମାନେ ତାଙ୍କ ଚରଣରେ ମସ୍ତକ ନତ କରି ନିଜକୁ ସୌଭାଗ୍ୟଶାଳୀ ଓ ଧନ୍ୟ ମନେ କରୁଛନ୍ତି । ଆଜି ବି ସେମାନଙ୍କ ନାମ ଅମର ହୋଇଅଛି । ସେମାନଙ୍କ ଦିବ୍ୟଗୁଣ ଆଜି ମଧ୍ୟ ବ୍ୟକ୍ତିର ହୃଦୟକୁ ଅଧିକାର କରିଅଛି । ବର୍ତ୍ତମାନ ସମୟରେ ଯେଉଁ ସାଧୁ ଓ ମହାତ୍ମାମାନେ ଭଗବତ୍ ପ୍ରାପ୍ତି କରିଅଛନ୍ତି ସେମାନଙ୍କ ଚରଣ ଆଶ୍ରୟରେ ହଜାର ହଜାର ନରନାରୀ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରୁଅଛନ୍ତି । ଏପରି ପୂଜିତ ବ୍ୟକ୍ତିଙ୍କ ମସ୍ତିଷ୍କ ବିକୃତ କହିବା ବ୍ୟକ୍ତିଙ୍କ ମସ୍ତିଷ୍କ କେତେଦୂର ଠିକ୍ ସ୍ୱୟଂ ବିଚାର କରନ୍ତୁ ।

ଯେଉଁମାନେ ଜନ୍ମରୁ ଅନ୍ଧ, କେବେ ବି ବୃକ୍ଷ, ଲତା, ମନୋମୁଗ୍ଧକାରୀ ସୌନ୍ଦର୍ଯ୍ୟ, ଲାବଣ୍ୟ, ପୁଷ୍ପ, ପ୍ରାକୃତିକ ସୌନ୍ଦର୍ଯ୍ୟ, ବନ, ଉପବନ, ପାହାଡ଼, ପର୍ବତ, ନଦ, ନଦୀ, ନୃତ୍ୟ, ଚିତ୍ରକଳା, ସୁନ୍ଦର ପଶୁ, ସୁନ୍ଦର ବାଳକ ଦେଖି ନାହାନ୍ତି,— ସେମାନେ ଏହି ବର୍ଣ୍ଣନା ଶୁଣି ଯଦି ମିଥ୍ୟା ବା ଭ୍ରମ ବୋଲି କହନ୍ତି ତେବେ ସେହିମାନଙ୍କ ସ୍ୱଜାତି ଜନ୍ମାନ୍ଧମାନେ ତାହାକୁ ସତ୍ୟ ବୋଲି ମାନିପାରନ୍ତି । କିନ୍ତୁ ଯେଉଁମାନଙ୍କର ଦୃଷ୍ଟିଶକ୍ତି ଅଛି, ଯେଉଁମାନେ ପ୍ରତ୍ୟକ୍ଷ ଦେଖୁଛନ୍ତି ସେମାନେ କଦାପି ବିଶ୍ୱାସ କରିପାରିବେ ନାହିଁ । ଠିକ୍ ସେହିପରି ଈଶ୍ୱର । ଯେଉଁମାନେ ଈଶ୍ୱର ଦର୍ଶନ କରିଛନ୍ତି, ସେମାନେ ଈଶ୍ୱର ଦର୍ଶନ ନ କରିଥିବା ବ୍ୟକ୍ତିଙ୍କ ଭ୍ରମାତ୍ମକ ଅନୈଶ୍ୱରବାଦ ଉକ୍ତିରେ କେବେ ବି ବିଶ୍ୱାସ କରିପାରିବେ ନାହିଁ ।

ପ୍ରଶ୍ନ : ଆମ୍ଭେମାନେ ଆଧୁନିକ ଶିକ୍ଷିତ ବ୍ୟକ୍ତି । ବସ୍ତୁବାଦ ଆମ୍ଭମାନଙ୍କ ରକ୍ତ ସହିତ ମିଶ୍ରିତ ହୋଇଯାଇଛି ଏବଂ ଆମ୍ଭମାନଙ୍କ ବୁଦ୍ଧିକୁ ପ୍ରଭାବିତ କରିଛି । ଆମ୍ଭମାନଙ୍କ ସତ୍ୟଗ୍ରାହୀ ହୃଦୟରେ ଆବରଣ ପଡ଼ିଅଛି । ସେହି କାରଣରୁ ଯୁକ୍ତିଯୁକ୍ତ ଉତ୍ତର ପାଇବା ସତ୍ତ୍ୱେ ମଧ୍ୟ ସମସ୍ୟାର ସମାଧାନ ହେଉ ନାହିଁ, କିଂବା ଅଦୃଶ୍ୟ ଭଗବତ୍ ଅସ୍ତିତ୍ୱରେ ବିଶ୍ୱାସ କରିବାକୁ ସମର୍ଥ ହେଉ ନାହିଁ; ଏପରି କିଛି ଉପାୟ କୁହନ୍ତୁ ଯେଉଁଥିରେ ଆମ୍ଭ ମନ ନମନୀୟ ହୋଇ ସତ୍ୟକୁ ଗ୍ରହଣ କରିପାରେ ।

ଉତ୍ତର : ଏହା ଏକେବାରେ ସତ୍ୟ ଯେ ହୃଦୟର ଗଭୀରରେ ଭଗବତ୍ ସ୍ୱରୂପ ଆତ୍ମାର ନିବାସ । ଯଦିଓ ସେ ସର୍ବବ୍ୟାପୀ, ତଥାପି ତାଙ୍କ ନିବାସ ହୃଦୟରେ । ଅବଶ୍ୟ ଏହି ସ୍ଥୂଳ ଅସ୍ଥିମାଂସ ମଧ୍ୟରେ ନୁହେଁ, ସୂକ୍ଷ୍ମଶରୀରର ହୃଦୟଦେଶରେ । ଏହି ଅନ୍ତରାତ୍ମା ଯେପର୍ଯ୍ୟନ୍ତ ମନପ୍ରାଣ ଆବରଣର ପଶ୍ଚାତରେ ଥାଏ ସେପର୍ଯ୍ୟନ୍ତ ବ୍ୟକ୍ତି ସୀମିତ, ଶୁଷ୍କ ବୁଦ୍ଧି, ଯୁକ୍ତିତର୍କରେ ଭଗବତ୍ ବିଶ୍ୱାସ କରିପାରେ ନାହିଁ । କେବଳ ନିରର୍ଥକ ଯୁକ୍ତିରେ ନିଜର ଅଦୂରଦର୍ଶିତାକୁ ପ୍ରୋତ୍ସାହିତ କରୁଥାଏ । ମନୁଷ୍ୟ ଯୁକ୍ତି ଦିଏ ଯେ ସେ ନ ଦେଖି କୌଣସି ବସ୍ତୁକୁ ବିଶ୍ୱାସ କରେ ନାହିଁ; ଯଥାର୍ଥରେ ତାହା ନୁହେଁ । ବହୁତ ବସ୍ତୁ ସେ ନ ଦେଖି ବିଶ୍ୱାସ କରେ । କିନ୍ତୁ ବୁଦ୍ଧିର ଅତୀତ ଭଗବାନଙ୍କୁ ବୁଝି ନ ପାରି ନିଜ ସିଦ୍ଧାନ୍ତକୁ ସମର୍ଥନ କରିବା ସକାଶେ ଯୁକ୍ତିତର୍କର ଆଶ୍ରୟ ନେଉଥାଏ ।

ମନୁଷ୍ୟ ବହୁତ ଦେଶ ଦେଖି ନ ଥାଏ, ବହୁତ ବସ୍ତୁର ଜ୍ଞାନ ସେ ପ୍ରାପ୍ତ କରି ନ ଥାଏ, ବହି ପଢ଼ି ବିଶ୍ୱାସ କରେ । ବୈଜ୍ଞାନିକମାନେ ବସ୍ତୁ ଆଲୋଚନା କରିବା ପୂର୍ବରୁ ବିଶ୍ୱାସରେ ଏକ୍‌ସ୍‌ପେରିମେଣ୍ଟ ବା ପରୀକ୍ଷା କରିଚାଲନ୍ତି ଏବଂ ବସ୍ତୁ ବା ତଥ୍ୟ ଆବିଷ୍କାର କରିଥା'ନ୍ତି; ଆମେରିକା, ଆଫ୍ରିକା ସମ୍ବନ୍ଧରେ ବହିରେ ପଢ଼ି ସେଠାକୁ ଗଲେ ବହିରେ ଲେଖାଥିବାର ସତ୍ୟାସତ୍ୟ ଜାଣନ୍ତି । ଘରେ ବସି ବହି ପଢ଼ି ଆମେରିକା, ଆଫ୍ରିକା ଦେଶ ନାହିଁ ବା ସେହି ଲେଖା ଭୁଲ୍ ବୋଲି କହିପାରନ୍ତି ନାହିଁ । ଫେର୍ ଭଗବତ୍-ପ୍ରାପ୍ତି ମାର୍ଗରେ ଯାତ୍ରା ନ କରି ଭଗବାନ୍ କେବଳ କଳ୍ପନାର ବସ୍ତୁ ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ ?

ଭଗବାନ୍ ମନ, ବୁଦ୍ଧି, ଚେତନାର ପରେ ଦିବ୍ୟାତିଦିବ୍ୟ ଅଣୋରଣୀୟାନ୍ ମହତୋ ମହୀୟାନ୍ । ତାଙ୍କୁ ସ୍ଥୂଳ ଦୃଷ୍ଟିରେ ଦେଖାଯାଏ ନାହିଁ । ତାଙ୍କୁ ଦେଖିବାକୁ ହେଲେ ହୃଦୟ ଶୁଦ୍ଧ କରିବାକୁ ହୁଏ ଓ ଦିବ୍ୟ ଦୃଷ୍ଟି ପ୍ରାପ୍ତ କରିବାକୁ ହୁଏ । ତେବେ ଭଗବାନଙ୍କୁ ଦେଖିହୁଏ ।

ଋଷି, ମୁନି, ସନ୍ଥ, ମହାତ୍ମା ଭଗବାନଙ୍କୁ ଦେଖିଛନ୍ତି, ତାଙ୍କୁ ପ୍ରାପ୍ତ କରିଛନ୍ତି । ସେହି ସକାଶେ ଆଜି ସେମାନେ ଆମର ପୂଜ୍ୟ ହୋଇଛନ୍ତି । ତାଙ୍କରି ଲେଖିବା ଶାସ୍ତ୍ର ଅନୁସାରେ ନୈତିକତା ଓ ଧର୍ମ ଆମେ ପାଳନ କରି ଆସୁ ଅଛୁ ।

ସେମାନେ ଭଗବତ୍ ପ୍ରାପ୍ତି କରି ଯେଉଁ ମାର୍ଗ ନିର୍ଦ୍ଦେଶ କରିଛନ୍ତି ବା ଆମ୍ଭ ସମ୍ମୁଖରେ ଯେଉଁ ଆଦର୍ଶ ସ୍ଥାପନା କରିଛନ୍ତି, ତାହାରି ଆଚରଣ କରି ଯଦି ଆମେ ଭଗବାନଙ୍କୁ ନ ପାଉ ତେବେ ଭଗବାନଙ୍କ ଅସ୍ତିତ୍ୱରେ ଅବିଶ୍ୱାସ କରିପାରୁ, ଏହା ପୂର୍ବରୁ ନୁହେଁ ।

ଯଥାର୍ଥରେ କେବଳ ଯୁକ୍ତିବାଦୀ, ବୁଦ୍ଧିବିଳାସୀ ବ୍ୟକ୍ତିଙ୍କ ସକାଶେ ଭଗବାନ୍ ବହୁଦୂର । ଯେଉଁମାନେ ସୀମିତ ବୁଦ୍ଧି-ପ୍ରଧାନ, ଯେଉଁମାନେ ସୁଖ ଏବଂ ଦୁଃଖ ଉଭୟକୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ବରଦାସ୍ତ କରି ଆସୁଛନ୍ତି, ସେମାନଙ୍କ ସକାଶେ ଭଗବାନ୍ ମାୟାମରୀଚିକା, କଳ୍ପନାର ବିଗ୍ରହ ହୋଇପାରନ୍ତି, ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ଯେଉଁମାନେ ସଂସାରର ଦୁଃଖତାପରେ ତପ୍ତ; ଯେଉଁମାନଙ୍କ ହୃଦୟରେ ଭଗବତ୍ ପ୍ରାପ୍ତିର ଆକାଂକ୍ଷା ଅଛି, ସେହିମାନେ ଜୀବନର ସମସ୍ତ ମୂଲ୍ୟ ଦେଇ ଭଗବାନଙ୍କୁ ଖୋଜୁଛନ୍ତି ଏବଂ ପାଉଛନ୍ତି । ଯୁକ୍ତିବାଦୀଙ୍କ ଯୁକ୍ତିରେ ଭଗବାନ୍ ମିଥ୍ୟା ହୁଅନ୍ତୁ ବା ସତ୍ୟ ହୁଅନ୍ତୁ ତାହାର କୌଣସି ମୂଲ୍ୟ ନାହିଁ । ସତ୍ୟ ସ୍ୱତଃସିଦ୍ଧ ସତ୍ୟ । କାହାରି ଅସତ୍ୟ କହିବା ବା ସତ୍ୟ କହିବାକୁ ସେ ଅପେକ୍ଷା କରେ ନାହିଁ ।

ବୁଦ୍ଧିକୁ ନମନୀୟ କରିବାର ଉପାୟ ହେଲା ତାକୁ ପ୍ରାଧାନ୍ୟ ନ ଦେବା । ତେବେ ତୁମେ ଏହି ବୁଦ୍ଧିରେହିଁ ଭଗବାନଙ୍କୁ ବିଶ୍ୱାସ କରିପାରିବ ଏବଂ ଯଥାର୍ଥ ପ୍ରଣାଳୀରେ ସାଧନା କରି ଭଗବତ୍ ପ୍ରାପ୍ତି କରି ଚିର ଅଭିଳଷିତ ପରମାନନ୍ଦ ପ୍ରାପ୍ତ କରି ଜୀବନକୁ କୃତାର୍ଥ କରିପାରିବ ।

ବୁଦ୍ଧିକୁ ଶାନ୍ତ ନୀରବ କରି ବିଚାର କଲେ ବୁଝିପାରିବେ ଯେ ଜୀବନ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ କରିଆସିଛନ୍ତି ସେହି ସମସ୍ତ କାର୍ଯ୍ୟର ପଶ୍ଚାତ୍‌ରେ ଜ୍ଞାତ ବା ଅଜ୍ଞାତରେ ଅଛି ଦୁଃଖବିହୀନ ସୁଖ ପାଇବାର କାମନା । ଏହି ବିଷୟ ପୂର୍ବରୁ ଆଲୋଚନା ହୋଇଛି । କୌଣସି ବ୍ୟକ୍ତି ଭଗବାନଙ୍କ ପ୍ରାପ୍ତି ଛଡ଼ା ଏପର୍ଯ୍ୟନ୍ତ ଜୀବନରେ କଦାପି ପରମ ସୁଖ ପାଇ ନାହିଁ ବା ଜୀବନରେ ଦୁଃଖରହିତ ସୁଖ ପାଇ ନାହିଁ — ଏହା ଏକେବାରେ ନିରାଟ ସତ୍ୟ । ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ପ୍ରଶ୍ନ : ଯଦି ଦୁଃଖ ନ ରହେ ତେବେ ସୁଖର ମୂଲ୍ୟ ରହିବ ନାହିଁ । ରାତ୍ରି ନ ଥିଲେ ଦିବସର ମୂଲ୍ୟ କ'ଣ ? ସଂସାର ଦୁଃଖ ଏବଂ ସୁଖରେ ଜଡ଼ିତ । ପୂର୍ଣ୍ଣଭାବରେ ଦୁଃଖର ନିବୃତ୍ତି ହେବ କିପରି ? ମନୁଷ୍ୟ ଦୁଃଖଛଡ଼ା ସୁଖରେ ରହିବ ବା କିପରି ?

ଉତ୍ତର : ଯେଉଁ ଜ୍ଞାନୀ, ଭକ୍ତମାନଙ୍କୁ ଦୁଃଖ ସ୍ପର୍ଶ କରେ ନାହିଁ, ସେମାନେ କେବଳ ସୁଖରେ ରହୁଛନ୍ତି କିପରି ? କଙ୍କଡ଼ାବିଛା କାମୁଡ଼ିଲେ, ଶରୀରରେ ବଥ ହେଲେ କିଂବା କୌଣସି ହିଂସ୍ର ଜନ୍ତୁ ଦ୍ୱାରା ଆଘାତପ୍ରାପ୍ତ ହେଲେ ପୀଡ଼ା ହୁଏ । ସେଥିରୁ ମୁକ୍ତ ହେଲେ ବ୍ୟକ୍ତି ସୁଖ ଅନୁଭବ କରେ କିନ୍ତୁ ସୁଖ ରକ୍ଷା କରିବା ସକାଶେ କଙ୍କଡ଼ାବିଛା କାମୁଡ଼ିବା, ହିଂସ୍ରଜନ୍ତୁର ଆକ୍ରମଣ ବା ବଥ ହେବା କ'ଣ ବ୍ୟକ୍ତି ଚାହେଁ ? ଏହି ପୀଡ଼ା ଛଡ଼ା ସୁଖର କ'ଣ କୌଣସି ମୂଲ୍ୟ ନାହିଁ, ଏହା କ'ଣ ଯୁକ୍ତିଯୁକ୍ତ ?

ଯେଉଁମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସୁଖ ସହିତ ପାରିବାରିକ, ସାମାଜିକ ଦୁଃଖ, ଦୁର୍ଦ୍ଦଶା ଭୋଗୁଛନ୍ତି, ସେଥିରୁ ଉଦ୍ଧାର ହେବାର କୌଣସି ଉପାୟ ପାଉ ନାହାନ୍ତି ବା ପ୍ରଯତ୍ନ କରୁ ନାହାନ୍ତି ସେହିମାନେ ଏ ସିଦ୍ଧାନ୍ତକୁ ଆବିଷ୍କାର କରିଛନ୍ତି । କୌଣସି ବ୍ୟକ୍ତି ଦୁଃଖ ଚାହେଁ ନାହିଁ, ସମସ୍ତେ ଚାହାନ୍ତି ଦୁଃଖ-ଅମିଶ୍ରିତ ସୁଖ । ଯଦି ସୁଖଭୋଗ ସକାଶେ ଦୁଃଖର ଆବଶ୍ୟକ ହୁଅନ୍ତା ତେବେ ବ୍ୟକ୍ତି ସୁଖକୁ ଯେପରି ଚାହୁଁଛନ୍ତି ଦୁଃଖକୁ ମଧ୍ୟ ସେହିପରି ଚାହୁଁ ଥାଆନ୍ତେ; ଏପରି ତ ନୁହେଁ । ଫେର୍ ସାକେତ, ବୈକୁଣ୍ଠ, ଗୋଲୋକାଦି ଭଗବତ୍ ଦିବ୍ୟଲୋକରେ ଦୁଃଖ ନ ଥାଏ । ସେମାନେ କେବଳ ପରମସୁଖରେ ଥାଆନ୍ତି । ଦୁଃଖ ଛଡ଼ା ମନୁଷ୍ୟ ରହି ପାରିବ ନାହିଁ ଯଦି ଏହି ସିଦ୍ଧାନ୍ତ ମାନି ନିଆହୁଏ ତେବେ ସେମାନଙ୍କ ଜୀବନ ସଙ୍କଟପୂର୍ଣ୍ଣ ହୁଅନ୍ତା । ଘର ପରିବାରର ବିକୃତ ସୁଖଭୋଗ ତ୍ୟାଗ କରି, ସନ୍ନ୍ୟାସ ଗ୍ରହଣ କରି, ପରମ ସୁଖ ପ୍ରାପ୍ତ କରିବା ବ୍ୟକ୍ତି, ବହୁତ ଭୁଲ୍ କରିଥା'ନ୍ତେ । ଶୁକଦେବ, ଶଙ୍କରାଚାର୍ଯ୍ୟ, ଚୈତନ୍ୟ ମହାପ୍ରଭୁଙ୍କୁ ଆମ୍ଭେମାନେ ଆଜି ପୂଜା ନ କରି ଦୁଃଖ ଏବଂ ସୁଖ ଉଭୟ ଭୋଗ କରୁଥିବା ଚୋର, ଡକାୟତ, ଦୁରାଚାରୀ ବ୍ୟକ୍ତିଙ୍କ ପୂଜା କରନ୍ତୁ, ସମାଜରେ ସେହିମାନଙ୍କର ସମ୍ମାନ ହୁଅନ୍ତା । ଏହା ଏକେବାରେ ଭ୍ରମାତ୍ମକ ଯୁକ୍ତି ।

ପ୍ରଶ୍ନ : ତୁମ ଯୁକ୍ତି ଏକେବାରେ ଯଥାର୍ଥ ବୋଧ ହେଉଛି । ମୋର ନିଜ ଅଭିଜ୍ଞତାରେ ମଧ୍ୟ ବାଲ୍ୟାବସ୍ଥାରୁ ଆଜି

ପର୍ଯ୍ୟନ୍ତ ପଢ଼ିବା, ଚାକିରି କରିବା, ଦେଶସେବା କରିବା ଇତ୍ୟାଦି କର୍ମରେ ଶାନ୍ତି-ସନ୍ତୋଷ ପ୍ରାପ୍ତ କରି ନାହିଁ କିଂବା କୌଣସି ବ୍ୟକ୍ତିଙ୍କୁ ସଂସାର କାର୍ଯ୍ୟରେ ସୁଖ ପ୍ରାପ୍ତ କରିବା ଦେଖିନାହିଁ । କିନ୍ତୁ ପରମ ସୁଖ, ପରମ ଶାନ୍ତି କେବଳ ଅଧ୍ୟାତ୍ମ ସାଧକ, ସାଧୁ, ମହାପୁରୁଷଙ୍କ ଜୀବନରେ ଦେଖାଯାଉଅଛି । ସୁତରାଂ ସେହି ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରିବାର ଉପାୟ କ'ଣ ?

ଉତ୍ତର : ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ କରିବାର ଏକମାତ୍ର ଉପାୟ ହେଲା ଭଗବାନଙ୍କ ସହିତ ନିଜ ଚେତନାକୁ ଏକ କରିଦେବା । କାରଣ ଭଗବାନ୍ ହେଉଛନ୍ତି ଶାଶ୍ୱତ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ, ଅକଳ୍ପନୀୟ ଶକ୍ତିର ପୁଞ୍ଜୀଭୂତ ବିଗ୍ରହ । ସଂସାରରେ ଯେଉଁ ଆନନ୍ଦ, ଯେଉଁ ଜ୍ଞାନ, ଯେଉଁ ଶାନ୍ତି ଯେଉଁ ଶକ୍ତି ପ୍ରକାଶିତ ହୋଇଅଛି, ତାହା ହେଉଛି ସେହି ଭଗବାନଙ୍କ ଜ୍ଞାନ, ଆନନ୍ଦ, ଶାନ୍ତି, ଶକ୍ତି ସମୁଦ୍ର ମଧ୍ୟରୁ ଜଳକଣା ସଦୃଶ । ସେହି ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କଲେ, ଭଗବାନଙ୍କର ସେହି ଦିବ୍ୟଗୁଣ କ୍ରମଶଃ ବ୍ୟକ୍ତି ମଧ୍ୟରେ ପ୍ରକାଶିତ ହୁଏ । ବ୍ୟକ୍ତି ଜୀବନ ସାର୍ଥକ ହୁଏ । ସେ ଦୁଃଖତାପରୁ ମୁକ୍ତ ହୋଇ ପରମାନନ୍ଦରେ ନିବାସ କରେ ।

ଯେପରି ଜ୍ୟେଷ୍ଠମାସ ରୌଦ୍ରତାପରେ ସମସ୍ତ କୃଷିକ୍ଷେତ୍ରସ୍ଥ ଶସ୍ୟ ଭସ୍ମୀଭୂତ ହୋଇଯାଏ । କିନ୍ତୁ ସେହି କୃଷିକ୍ଷେତ୍ରର ସମ୍ବନ୍ଧ ଯଦି କୌଣସି ସ୍ଥାୟୀ ଜଳସ୍ରୋତ ସହିତ ସ୍ଥାପନ କରାଯାଏ ତେବେ ତାହା ରୌଦ୍ରତାପ ଦ୍ୱାରା ଭସ୍ମୀଭୂତ ନ ହୋଇ ଶସ୍ୟ ଉତ୍ପାଦନ କରେ । ଠିକ୍ ସେହିପରି ଜ୍ଞାନ, ଆନନ୍ଦ, ଶାନ୍ତି ଓ ସୁଖର ସ୍ଥାୟିସ୍ରୋତ ଭଗବାନ୍; ତାଙ୍କ ସଙ୍ଗେ ଜୀବନକୁ ଅର୍ଥାତ୍ ମନ, ପ୍ରାଣ, ଶରୀରକୁ ଯେପର୍ଯ୍ୟନ୍ତ ଏକ କରିଦିଆ ନ ହୁଏ ଅଥବା ତାଙ୍କ ସଙ୍ଗେ ଏକ ସ୍ଥାୟୀ ସମ୍ବନ୍ଧ ସ୍ଥାପନ କରା ନ ଯାଏ, ସେପର୍ଯ୍ୟନ୍ତ ଜ୍ୟେଷ୍ଠ ମାସର କୃଷିତୁଲ୍ୟ ଜୀବନକୁ ସଂସାର ବିଷୟର ଘୋର ରୌଦ୍ରତାପରୁ ରକ୍ଷା କରି ଜ୍ଞାନ, ଆନନ୍ଦ ରୂପକ ଜଳରେ ପ୍ଲାବିତ କରାଯାଇପାରେ ନାହିଁ । ନିଜକୁ ଭଗବାନଙ୍କ ସଙ୍ଗେ ଏକ କରିଦେଲେ, ସଂସାର ହୋଇଯାଏ ସ୍ୱର୍ଗ, ଜୀବନ ହୋଇଯାଏ ଆନନ୍ଦର ସମୁଦ୍ର । ବହୁତ ସାଧୁ, ସନ୍ଥ, ଋଷି, ମୁନି ଓ ଭକ୍ତଙ୍କ କଥା ଶୁଣିଥିବେ । ଲୋକଙ୍କ ଦୃଷ୍ଟିରେ ସେମାନେ ଦରିଦ୍ର ହୁଅନ୍ତୁ ବା ଧନୀ ହୁଅନ୍ତୁ, କିନ୍ତୁ ସେମାନେ ଆନନ୍ଦରେ ବିଭୋର ରହନ୍ତି । ସାଧାରଣ ଲୋକଙ୍କ ଦୃଷ୍ଟିରେ ଯାହା ସୁଖ, ଦୁଃଖ, ଆନନ୍ଦ, ନିରାନନ୍ଦ ସେମାନଙ୍କ ସକାଶେ ଉଭୟହିଁ ସମାନ ଥାଏ । ଉଭୟ ମଧ୍ୟରେ ସେ ସେହି ପରମାନନ୍ଦଙ୍କୁ ପ୍ରାପ୍ତ କରନ୍ତି । ସେମାନଙ୍କ ଚେତନାକୁ ଏହିସବୁ ଦୁଃଖ, ଦ୍ୱନ୍ଦ୍ୱ ସ୍ପର୍ଶ କରେ ନାହିଁ । ଭାଗବତରେ ପ୍ରହ୍ଲାଦ କଥା ଶୁଣିଥିବେ । ହିରଣ୍ୟକଶିପୁ ରାକ୍ଷସରାଜାର ଭୟରେ ଇନ୍ଦ୍ରାଦି ଦେବତା ତ୍ରସ୍ତ । କିନ୍ତୁ ବାଳକ ପ୍ରହ୍ଲାଦ ନିର୍ଭୀକ ଭାବରେ ତା ସମ୍ମୁଖରେ ଛିଡ଼ା ହୋଇ କହୁଥିଲେ, ''ପିତା, ଏକମାତ୍ର ଭଗବାନହିଁ ପ୍ରତ୍ୟେକ ପ୍ରାଣୀର ବନ୍ଧୁ ଓ ରକ୍ଷକ, ତୁମେ ତାଙ୍କୁହିଁ ଆରାଧନା କର ।'' ପ୍ରହ୍ଲାଦ ଭଗବତ୍ ଆଶ୍ରୟରୁ ଏପରି ନିର୍ଭୟତା ପ୍ରାପ୍ତ ହୋଇଥିଲେ ଯେ ସେ ମହାକାଳସ୍ୱରୂପ ଦୈତ୍ୟରାଜର ପ୍ରଚଣ୍ଡ ମୂର୍ତ୍ତି ସମ୍ମୁଖରେ ପରମ ହିତକାରକ ମିତ୍ରର ସାମିପ୍ୟ ପ୍ରାପ୍ତ ହେବା ସଦୃଶ ଅବିକମ୍ପିତଭାବେ ଛିଡ଼ା ହୋଇଥିଲେ । କାରଣ ତାଙ୍କ ଚେତନା ଭଗବତ୍‌ମୟ ହୋଇଯାଇଥିଲା । ସେ ପ୍ରତ୍ୟେକ ବସ୍ତୁରେ ଭଗବାନଙ୍କୁ ଦେଖୁଥିଲେ । ତେଣୁ ଭଗବାନଙ୍କ ନିର୍ଭୟାଦି ଗୁଣ ତାଙ୍କ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା । ବହୁତ ଦିନର କଥା ନୁହେଁ, ଏ ଯୁଗର କଥା । ମୀରାବାଈଙ୍କୁ ଅଧିକାଂଶ ଲୋକ ଜାଣନ୍ତି । ମହାପ୍ରତାପୀ ରାଣା* ବିକ୍ରମାଦିତ୍ୟ ତାଙ୍କ ନିଷ୍ଠାରୁ ତାଙ୍କୁ ତିଳେମାତ୍ର ବିଚଳିତ କରିପାରିଲେ ନାହିଁ । ଶେଷରେ ତାଙ୍କୁ ବିଷ ଦେଲେ, ମାତ୍ର ସେହି ବିଷ ମୀରାବାଈଙ୍କ ସକାଶେ ହୋଇଗଲା ଅମୃତ । ଭଗବାନ୍ ହାର୍ଦିକ ବିଶ୍ୱାସ ତଥା ଶୁଦ୍ଧ ଭାବରେ ପ୍ରାପ୍ତ ହୁଅନ୍ତି । ଯେଉଁମାନେ କେବଳ ନିରର୍ଥକ ଯୁକ୍ତିତର୍କ କରି ଭଗବାନଙ୍କୁ ଜାଣିବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ ହତାଶ ହେବାକୁ ପଡ଼େ, କାରଣ ଭଗବାନ୍ ତର୍କର ବହୁ ଊର୍ଦ୍ଧ୍ୱରେ । ସେଠାରେ ମନ-ବୁଦ୍ଧି ପହଞ୍ଚି ପାରେ ନାହିଁ, ଫେର୍ ଯୁକ୍ତିତର୍କ ପହଞ୍ଚିବ କିପରି ? କେତେ ଲୋକ ଭଗବାନଙ୍କୁ ସର୍ବବ୍ୟାପୀ, ସର୍ବଦ୍ରଷ୍ଟା, ସର୍ବଶକ୍ତିମାନ୍, ସର୍ବଜ୍ଞ ବୋଲି ଯୁକ୍ତିରେ ପ୍ରମାଣ କରିଦିଅନ୍ତି, କିନ୍ତୁ କୌଣସି ଅସତ୍ କାର୍ଯ୍ୟ କରିବା ସମୟରେ ଭଗବାନଙ୍କ ପ୍ରତି ଟିକିଏ ବି ଭ୍ରୁକ୍ଷେପ କରନ୍ତି ନାହିଁ, ଅଳ୍ପଶକ୍ତି ପ୍ରାପ୍ତ ବ୍ୟକ୍ତିଙ୍କୁ ଭୟ କରି ସେମାନଙ୍କ ଦୃଷ୍ଟିର ପଶ୍ଚାତରେ ସେହି କାର୍ଯ୍ୟ କରନ୍ତି । ଏପରି ବ୍ୟକ୍ତିଙ୍କ ଦ୍ୱାରା ଭଗବାନଙ୍କ ଅସ୍ତିତ୍ୱ କିଂବା ଅସ୍ତିତ୍ୱହୀନତା ପ୍ରମାଣିତ ହେବାରେ କୌଣସି ମୂଲ୍ୟ ନ ଥାଏ । ଏସବୁ ବିଚାରରେ ନ ପଡ଼ି ଯେ ଯଥାର୍ଥ ନିଷ୍ଠାର ସହିତ (sincerely) ଭଗବାନଙ୍କୁ

* ମୀରାବାଈଙ୍କର ପତିଙ୍କ ଛୋଟଭାଇଙ୍କ ନାମ ଥିଲା ବିକ୍ରମାଦିତ୍ୟ । ନାଭାଜିଙ୍କ ଭକ୍ତମାଳାର ପ୍ରସିଦ୍ଧ ଟୀକାରେ ଏହା ବର୍ଣ୍ଣିତ ହୋଇଅଛି ।

ଜାଣିବାକୁ ଚାହେଁ ଏବଂ ପ୍ରଯତ୍ନ କରେ, ସେ ନିଶ୍ଚୟ ତାଙ୍କୁ ଜାଣେ ଏବଂ ତାହାର ଜାଣିବାରେ ଭଗବାନ୍ ମଧ୍ୟ ସାହାଯ୍ୟ କରନ୍ତି । ସଦାଚାରୀ ସତ୍ୟବାଦୀ ବ୍ୟକ୍ତିଙ୍କୁ ଭଗବାନ୍ କିପରି ପ୍ରାପ୍ତ ହୁଅନ୍ତି, ଆଜି ତାହା ଆର୍ଯ୍ୟସମାଜୀ ବାବାଙ୍କ ଚରିତ୍ରରୁ ହୃଦୟଙ୍ଗମ କରିପାରିବା । କାରଣ ସମସ୍ତ ଦିବ୍ୟଗୁଣର ମୂର୍ତ୍ତିମାନ ବିଗ୍ରହ ହେଉଛନ୍ତି ଭଗବାନ୍ । ସତ୍ୟ ଭାବରେ ବ୍ୟକ୍ତି ଦିବ୍ୟଗୁଣ ଗ୍ରହଣ କଲେ ଭଗବାନଙ୍କ ସହିତ ତାହାର ସମ୍ବନ୍ଧ ସ୍ଥାପିତ ହୁଏ । ସେ ଦିନେ ନା ଦିନେ ଭଗବାନଙ୍କୁ ପ୍ରାପ୍ତ କରିପାରେ ।

ଆର୍ଯ୍ୟସମାଜୀ ବାବା

ଥରେ ଆର୍ଯ୍ୟସମାଜୀ ବାବାଙ୍କର ପ୍ରସିଦ୍ଧ ଓଡ଼ିଆବାବାଙ୍କ ସହିତ ଦେଖାହେଲା ।

ଉତ୍ତର ଭାରତରେ ଓଡ଼ିଆବାବା ନାମରେ ଜଣେ ପ୍ରସିଦ୍ଧ ମହାତ୍ମା ଥିଲେ । ସେ ଥିଲେ ବଡ଼ ତ୍ୟାଗୀ । ତାଙ୍କ ସକାଶେ ବୃନ୍ଦାବନରେ ଗୋଟିଏ ମଠ ତିଆରି କରି ଦିଆଯାଇଥିଲା । ସେଠାରେ ସେ ଶେଷ ଜୀବନ ବିତାଇଥିଲେ । ତା' ପୂର୍ବରୁ ସେ ବିଶେଷ ରୂପେ କନଖଳ ପାଖାପାଖି ଗଙ୍ଗାକୂଳରେ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବିଚରଣ କରୁଥିଲେ । ସେ ବଡ଼ ଏକାନ୍ତପ୍ରିୟ ମହାତ୍ମା; କିନ୍ତୁ ସେ ଯେଉଁଠି ପହଞ୍ଚନ୍ତି, ସେଠାରେ ବହୁତ ଲୋକ ଏକତ୍ର ହୋଇଯା'ନ୍ତି ଏବଂ ପ୍ରଶ୍ନ କରନ୍ତି । ତାଙ୍କଠାରୁ ଯେଉଁ ଉତ୍ତର ମିଳେ ସେସବୁ ଗୀତାପ୍ରେସରୁ ପ୍ରକାଶିତ ''କଲ୍ୟାଣ''ରେ ପ୍ରକାଶିତ ହୁଏ । ଦିନେ ସେ ସନ୍ଧ୍ୟା ସମୟରେ ଗୋଟିଏ ଗ୍ରାମରେ ପହଞ୍ଚିବା ମାତ୍ରେ ବହୁତ ଲୋକ ଏକତ୍ର ହୋଇଗଲେ । ସେହି ସମୟରେ ଜଣେ ତେଜସ୍ୱୀ ବ୍ୟକ୍ତି ଆସିଲେ, ତାଙ୍କ ହାତରେ ଥିଲା ଜପମାଳା, ମୁଖରେ ''ରାଧେଶ୍ୟାମ'' ନାମ ଜପ । ଦୂରରୁ ଦେଖି ତାଙ୍କ ଆଡ଼କୁ ଜଣେ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''ଆର୍ଯ୍ୟସମାଜୀ ବାବା ଆସୁଛନ୍ତି ।'' ସେ ଆସି ମହାତ୍ମାଜିଙ୍କୁ ସଭକ୍ତି ପ୍ରଣାମ କରି ତାଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ ପାଖରେ ବସିଲେ । ଓଡ଼ିଆବାବା ପଚାରିଲେ, ''ତୁମକୁ ଆର୍ଯ୍ୟସମାଜୀ ବାବା ବୋଲି କାହିଁକି କହନ୍ତି ?'' ସେ କହିଲେ – ''ପ୍ରଥମେ ମୁଁ ଥିଲି ଆର୍ଯ୍ୟସମାଜୀ । ମୋର ଜନ୍ମ ହୋଇଥିଲା ଏକ ଆର୍ଯ୍ୟସମାଜ ପରିବାରରେ । ସଙ୍ଗ ପ୍ରଭାବରେ ଭଗବାନଙ୍କ ଅବତାର, ମନ୍ଦିର ଆଉ ପୂଜାରେ ମୋର ବିଶ୍ୱାସ ନ ଥିଲା । ମୋର କାମ ଥିଲା କସରତ କରିବା, କୁସ୍ତି ଲଢ଼ିବା । ପିଲାଦିନୁ ପିତାମାତାଙ୍କ ନିର୍ଦ୍ଦେଶରେ ସତ କହେ ଓ ବ୍ରହ୍ମଚର୍ଯ୍ୟ ପାଳନ କରେ । ଅସତ୍ କର୍ମରେ ମୋର ପ୍ରବୃତ୍ତି ନ ଥାଏ । ପିତାଙ୍କ ମୃତ୍ୟୁ ପରେ ପରିବାରର ଆବଶ୍ୟକତା ଯୋଗୁଁ ବନାରସରେ ଜଣେ ଶେଠଙ୍କ ଘରେ ଚାକିରି କଲି । ଶେଠଜି ଥିଲେ ଭକ୍ତ । ଘରେ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପନା କରି ପୂଜା କରନ୍ତି, ସାଧୁସନ୍ଥ ଆସିଲେ ସେବା କରନ୍ତି । ମୋ ସ୍ୱଭାବର ପରିଚୟ ପାଇବା ପରେ ସେ ମୋତେ ଚାକର ମନେ ନ କରି ତାଙ୍କ ପରିବାରର ଜଣେ ବ୍ୟକ୍ତି ପରି ବ୍ୟବହାର କରିବାକୁ ଲାଗିଲେ । କେତେକ ବର୍ଷ ପରେ କିଛି ପରିମାଣରେ ଘରର ଭାର ମୋ ଉପରେ ଛାଡ଼ିଦେଲେ । ଏପରିକି ତାଙ୍କ ନିଜ ପିଲାଙ୍କୁ ମୁଁ ଶାସନ କରେ, ଧମକାଏ, କେବେ କେବେ ଅନ୍ୟାୟ ଦେଖି ମାଡ଼ଦିଏ । କିନ୍ତୁ ସେଥିରେ ସେ କେବେ ବି ହସ୍ତକ୍ଷେପ କରନ୍ତି ନାହିଁ । ଘରେ ଶ୍ରୀକୃଷ୍ଣଙ୍କ ପୂଜାହୁଏ, କିନ୍ତୁ ମୁଁ କେବେ ବି ମନ୍ଦିରକୁ ଯାଏ ନାହିଁ, ପ୍ରଣାମ କରେ ନାହିଁ, ପ୍ରସାଦ ଦୃଷ୍ଟିରେ ପ୍ରସାଦ ସେବନ କରେ ନାହିଁ । ଦିନେ ଶେଠଜି ଘରେ ନ ଥିଲେ । ତାଙ୍କ ପରିବାରର ଲୋକେ ବି ଜଣେ ବନ୍ଧୁଙ୍କ ଘରକୁ ନିମନ୍ତ୍ରଣରେ ଯାଇଥିଲେ । ଛୋଟ ପୁଅ ସ୍କୁଲକୁ ଯାଇଥିଲା । ମୁଁ ଥିଲି ଘରେ ଏକା । ମିଥ୍ୟା କଥା ଶୁଣିଲେ ମୋର ରାଗହୁଏ । ହଠାତ୍ ଦେଖିଲି ଶେଠଜିଙ୍କ ଛୋଟ ପୁଅ ହାତରେ ବହି ଧରି ସ୍କୁଲରୁ ଆସି ମୋ ଆଗରେ ଛିଡ଼ା ହୋଇଛି । ମୁଁ ପଚାରିଲି, ''ତୁ ସ୍କୁଲରୁ କାହିଁକି ଆସିଲୁ ?'' ସେ ମୋ ଆଡ଼କୁ ଚାହିଁ ହସି ହସି କହିଲା, ''ନା, ମୁଁ ସ୍କୁଲରୁ ଆସି ନାହିଁ ।'' ଏ ମିଥ୍ୟା କଥା ଶୁଣିବା ମାତ୍ରେ ମୋର ରାଗ ହେଲା । ତାକୁ ମାରିବାକୁ ତା' ଆଡ଼କୁ ଦୌଡ଼ିଲି । ମୁଁ ପଛରେ, ସେ ମୋ ଆଗରେ, ଦୌଡ଼ି ଦୌଡ଼ି ଗୋଟିଏ ଘରେ ପଶେ, ମୁଁ ସେ ଘରକୁ ଯିବା ମାତ୍ରେ, ସେ ଘରୁ ବାହାରି ଅନ୍ୟ ଘରକୁ ଦୌଡ଼େ, ମଝିରେ ମଝିରେ ମୋ ଆଡ଼କୁ ଚାହିଁ ହସିଦିଏ, ଫେର୍ ଦୌଡ଼େ । ମୁଁ ଦୌଡ଼ି ଦୌଡ଼ି ହଇରାଣ ହୋଇଯାଏ । ସେ ମିଥ୍ୟା କହିଲା ଓ ମୋତେ ଅତ୍ୟଧିକ ବିରକ୍ତ କଲା । ସେଥିପାଇଁ ମୁଁ ତା' ଉପରେ ଭୀଷଣଭାବେ ରାଗିଗଲି । କିନ୍ତୁ ସେ ଯେତେବେଳେ ବିଜୟ ଗର୍ବରେ ମୋ ଆଡ଼କୁ

ଚାହିଁ ହସି ଦେଉଥିଲା, ସେତେବେଳେ ରାଗରେ ମୋ ହୃଦୟ ଜଳି ଯାଉଥିଲା । ଏହିପରି ଅଧଘଣ୍ଟାଏ କାଳ ଚାଲିଲା । ମୁଁ ଏକେବାରେ ବିବଶ ହୋଇଗଲିଣି । ଶରୀରରୁ ସମସ୍ତ ବଳ ନଷ୍ଟ ହୋଇଗଲା । କି ଦୁଃଖ ! ଜଣେ ପିଲା ପାଖରେ ମୋ ପରି ଜଣେ ପହିଲ୍‌ମାନ୍ ଏକେବାରେ ପରାସ୍ତ ! ମୋର ସମସ୍ତ ଉଦ୍ୟମ ବ୍ୟର୍ଥ ହେବା ପରେ ଶେଷରେ ସେ ମୋ ଆଡ଼କୁ ଚାହିଁ ହସି ହସି ପଛେଇ ଚାଲି ମନ୍ଦିର ଭିତରେ ପ୍ରବେଶ କଲା । ମୋର ଏ ପ୍ରଥମ ଦିନ, ତାକୁ ଧରିବା ପାଇଁ ମୁଁ ମଧ୍ୟ ସେହି ମନ୍ଦିର ଭିତରେ ପ୍ରବେଶ କଲି । କି ଆଶ୍ଚର୍ଯ୍ୟ ! ମୁଁ ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ଭାବରେ ଦେଖିଲି ସେ ମୃଦୁହାସ୍ୟରେ ତିର୍ଯ୍ୟକ୍ ଦୃଷ୍ଟିରେ ଚାହିଁ ମନ୍ଦିରରେ ଥିବା ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସଙ୍ଗେ ମିଶିଗଲା । ମୁଁ ଅବାକ୍, ମୋର ମନ-ପ୍ରାଣ-ଶରୀର ନିସ୍ତବ୍ଧ, ବିଚାର ନାହିଁ, କଳ୍ପନା ନାହିଁ, ଦୁଇ ଚକ୍ଷୁରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଶରୀରରେ ରୋମାଞ୍ଚ ଜାତ ହେଲା । ପରେ କେତେ ସମୟ ପର୍ଯ୍ୟନ୍ତ ସେ ମନ୍ଦିରରେ ପଡ଼ି ରହିଥିଲି ତାହା ମୁଁ ଜାଣେ ନାହିଁ । ଆଖି ଖୋଲି ଦେଖେ ତ ଶେଠଜି ମୋ ପାଖରେ ବସି ପଙ୍ଖା କରୁଛନ୍ତି । ତାଙ୍କ ଆଖିରୁ ଝର ଝର ହୋଇ ଲୋତକ ପଡୁଅଛି । ତାଙ୍କ ପାଖରେ ତାଙ୍କର ସେହି ସାନପୁଅ ସ୍କୁଲରୁ ଆସି କାଠପରି ଛିଡ଼ାହୋଇ ଆମ୍ଭମାନଙ୍କୁ ଟକ୍‌ଟକ୍ କରି ଦେଖୁଅଛି । ମୋର ଏପରି ଅବସ୍ଥାରେ ମନ୍ଦିରରେ ପଡ଼ିରହିବା ତା' ସକାଶେ ଏକେବାରେ ନୂତନ ଏବଂ ବିସ୍ମୟକର ଘଟଣା ଥିଲା । ସେତେବେଳେ ମନ୍ଦିରର ଘଣ୍ଟାରେ ଠନ୍ ଠନ୍ ହୋଇ ଚାରିଟା ବାଜିଲା । ସେତେବେଳକୁ ମୋର ଦୃଷ୍ଟି କେହି ବଦଳାଇ ଦେଇଥିଲା । ଯାହା ଉପରେ ମୋର ଏତେ ରାଗ ଥିଲା, ଯେ ମୋତେ ଏତେ ବିରକ୍ତ କରୁଥିଲା ବୋଲି ମନେ କରିଥିଲି, ତାଙ୍କୁହିଁ ଦେଖୁଛି ଶ୍ରୀକୃଷ୍ଣ ରୂପରେ । ସେ ମୋ ଆଡ଼କୁ କୃପାଦୃଷ୍ଟିରେ ଚାହିଁ ଆନନ୍ଦ ବୃଷ୍ଟି କରୁଛନ୍ତି । କି ସୁନ୍ଦର ସେହି ତ୍ରିଭଙ୍ଗୀ-ମୂର୍ତ୍ତି ! ସେହିଁ ମୋ ହୃଦୟକୁ ଅଧିକାର କରି ନେଇଛନ୍ତି । ସେହିଦିନଠାରୁ ମୋର ଜୀବନର ଧାରା ବଦଳିଯାଇଛି ।''

ପ୍ରଶ୍ନ : ଏହିସବୁ ପ୍ରଶ୍ନର ଉତ୍ତର ଦ୍ୱାରା ଭଗବାନଙ୍କ ଅସ୍ତିତ୍ୱକୁ ମନ ଓ ବୁଦ୍ଧି ସ୍ୱୀକାର କରି ନେଇଛି । ଅଧ୍ୟାତ୍ମ ସାଧନା ଦ୍ୱାରା ବ୍ୟକ୍ତି ଭଗବତ୍ ପ୍ରାପ୍ତି କରି ଶାନ୍ତି, ସନ୍ତୋଷ, ଆନନ୍ଦ ପ୍ରାପ୍ତ କରିପାରିବ ବୋଲି ବିଶ୍ୱାସ ହେଉଅଛି । ଅଧ୍ୟାତ୍ମ-ସତ୍ୟକୁ ଭିତ୍ତି କରି କର୍ମ କରିବା ଦ୍ୱାରା ନିଜ ଜୀବନର ଉନ୍ନତି ମଧ୍ୟ ହୋଇପାରିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗରେ ସଂସାରରୁ କିପରି ହିଂସା, ଦ୍ୱେଷ, ଯୁଦ୍ଧ ଇତ୍ୟାଦି ଦୂର ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ ? ଏ ବିଷୟ ସ୍ପଷ୍ଟ ରୂପେ ବୁଝିପାରି ନାହିଁ । ପୂର୍ବେ ଅଧ୍ୟାତ୍ମ ଧର୍ମର ପ୍ରବର୍ତ୍ତକ ଆଚାର୍ଯ୍ୟ ତଥା ଅବତାରମାନେ ଆସି ପୃଥିବୀରେ ସ୍ଥାୟିରୂପେ ଅହିଂସା, ଶାନ୍ତି, ଆନନ୍ଦ କାହିଁକି ପ୍ରତିଷ୍ଠା କଲେ ନାହିଁ ? ଏହାର ଉତ୍ତର ଯଦିଓ ଦିଆଯାଇଅଛି ତଥାପି ପୂର୍ଣ୍ଣ ରୂପେ ସନ୍ଦେହ ଦୂର ହୋଇ ନାହିଁ ।

ଉତ୍ତର : ଭଗବାନଙ୍କ ଅବତାର ତଥା ଆଚାର୍ଯ୍ୟମାନେ ପୃଥିବୀକୁ ଆସି ଯେଉଁ ଅଧ୍ୟାତ୍ମ ସତ୍ୟକୁ ପ୍ରତିଷ୍ଠା କଲେ ତାହାଦ୍ୱାରା ସଂସାରରୁ ପୂର୍ଣ୍ଣ ରୂପେ ଦୁଃଖଦ୍ୱନ୍ଦ୍ୱ ନିବୃତ୍ତ ହୋଇ ପାରିଲା ନାହିଁ । କାରଣ ସମସ୍ତ ଦୁର୍ଗୁଣ ଏବଂ ଅନ୍ଧକାର ଅଜ୍ଞାନ ଶକ୍ତିର ଆଶ୍ରୟ ବା ନିବାସ ଅବଚେତନାରେ । ମନର ବିକାଶ ପୂର୍ଣ୍ଣ ରୂପେ ହୋଇ ନ ଥିବାରୁ ଅବତାର ଏବଂ ଆଚାର୍ଯ୍ୟମାନେ ମନର ଊର୍ଦ୍ଧ୍ୱରୁ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ନ ଥିଲେ କିଂବା ତାହାଦ୍ୱାରା ଅବଚେତନାକୁ ରୂପାନ୍ତର କରିବାକୁ ଚେଷ୍ଟା କରି ନ ଥିଲେ । ତା'ର ସମୟ ମଧ୍ୟ ଆସି ନ ଥିଲା । ସେମାନଙ୍କ ଉପସ୍ଥିତି ସମୟରେ ସେମାନଙ୍କ ଅଧ୍ୟାତ୍ମ-ଶକ୍ତି ପ୍ରଭାବରେ ଅଜ୍ଞାନ ଶକ୍ତି କିଛି ପରିମାଣରେ ମଥାନତ କରି ରହିଥିଲା । ସମୟ ପାଇ କ୍ରମଶଃ ଉପରକୁ ଉଠି ପ୍ରତିଷ୍ଠିତ ଅଧ୍ୟାତ୍ମ-ସତ୍ୟକୁ ସ୍ଥାନଚ୍ୟୁତ କଲା । ବରାବର ଆଜି ସୁଦ୍ଧା ଏହିପରି ହୋଇ ଆସୁଅଛି ।

ବର୍ତ୍ତମାନ ଅବଚେତନା ରୂପାନ୍ତରର ସମୟ ଆସିଛି । ମନ ବିକାଶର ଶେଷ ସୀମାରେ ପହଞ୍ଚିଥିବାରୁ ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରିଛି । ତାହାଦ୍ୱାରା ମା' ଅବଚେତନାର ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତି ଏହି ଅତିମାନସ ଶକ୍ତି ପ୍ରତି ନିଜକୁ ସମର୍ପଣ କଲେ ତଦ୍ଦ୍ୱାରା ତା'ର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବ । ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବ ଏବଂ ଭଗବାନଙ୍କ ସଂକଳ୍ପରେ ପରିଚାଳିତ ହେବ । ଭଗବାନଙ୍କ ଦିବ୍ୟଗୁଣ – ଜ୍ଞାନ, ଆନନ୍ଦ, ଭକ୍ତି, ପରମ ଶାନ୍ତି, ସମତା ମଧ୍ୟରେ ସେ ପ୍ରତିଷ୍ଠିତ ହେବ । ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ସମ୍ପାଦନ ହେବା ଅନୁପାତରେ କ୍ରମଶଃ ସଂସାରରୁ ଅନ୍ୟାୟ, ଅସତ୍ୟ,

ହିଂସାଦ୍ୱେଷ ଦୂର ହେବ; ଦେଶସେବା, ସମାଜ-ଗଠନ କର୍ମ ହେବ ଯଥାର୍ଥ ନିଃସ୍ୱାର୍ଥ ଭଗବତ୍ ସେବା ରୂପେ । କାରଣ ସେତେବେଳେ ସଂସାରର ପ୍ରଧାନ କର୍ମୀମାନେ ସୀମିତ ମନ ଦ୍ୱାରା ପରିଚାଳିତ ନ ହୋଇ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବେ । ତେବେ ଜୀବନ ହୋଇଉଠିବ ଆନନ୍ଦମୟ ଏବଂ ସଂସାର ହୋଇଉଠିବ ସ୍ୱର୍ଗ । ଏହା ସାଧିତ ହେବ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସାଧନା ଦ୍ୱାରା ।

ଜୀବିକାନିର୍ବାହ ତଥା ଜୀବନର ଉନ୍ନତି ପାଇଁ ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ବସ୍ତ୍ର, ଶିକ୍ଷା ଇତ୍ୟାଦି ଯେପରି ଆବଶ୍ୟକ ସେହିପରି ଅଥବା ତା'ଠାରୁ ଅଧିକ ଆବଶ୍ୟକ ଯୋଗ । ଯୋଗବିହୀନ ଜୀବନ ଅପୂର୍ଣ୍ଣ ତଥା ଦୁଃଖଦ୍ୱନ୍ଦ୍ୱ ଓ ଅଜ୍ଞାନ ଦ୍ୱାରା ପ୍ରପୀଡ଼ିତ ।

ପ୍ରଶ୍ନ : ଯଦି ସବୁକିଛି ଭଗବାନଙ୍କୁ ଅର୍ପଣ କରିଦିଆଯାଏ, ତେବେ ତାହା କ'ଣ ଗୋଟାଏ ପ୍ରକାର ପରତନ୍ତ୍ରତା ନୁହେଁ ?

ଉତ୍ତର : ସ୍ୱତନ୍ତ୍ର ଯଦି କେହି ଥାଏ, ତେବେ ସେ ପରତନ୍ତ୍ରତା କଥା କହିପାରେ । ଆମ୍ଭେମାନେ ସମସ୍ତେ ଅନ୍ୟଶକ୍ତିର ଯନ୍ତ୍ର, ଆତ୍ମ ଇଚ୍ଛା ବିରୋଧରେ ଅଧିକାଂଶ କାର୍ଯ୍ୟ ହୁଏ ଯାହାକୁ ଆମେ ନ ଚାହୁଁ । ଆମେ ଚାହୁଁ ଆନନ୍ଦ, ସୁଖ, ଶାନ୍ତି, ସ୍ୱାସ୍ଥ୍ୟ, ଯୌବନ ଓ ଜୀବନ; କିନ୍ତୁ ମିଳେ ରୋଗ, ଦୁଃଖ, ଅଶାନ୍ତି, ବାର୍ଦ୍ଧକ୍ୟ ଓ ମୃତ୍ୟୁ । ଅନେକ ସମୟରେ ବ୍ୟକ୍ତି କ୍ରୋଧଯୁକ୍ତ ହୋଇ କହେ, ''ମୁଁ ସ୍ୱଭାବତଃ ସ୍ୱତନ୍ତ୍ର, ଅନ୍ୟର ଅଧୀନତା ମୁଁ ବରଦାସ୍ତ କରିପାରିବି ନାହିଁ ।'' କିନ୍ତୁ ସେ ସେହି ସମୟରେ କ୍ରୋଧର କବଳରେ କବଳିତ ହୋଇ ଏହା କହୁଛି ବୋଲି ବୁଝି ପାରେ ନାହିଁ । ଆମ୍ଭେମାନେ କାମକ୍ରୋଧ, ହିଂସାଦ୍ୱେଷ, ସ୍ୱାର୍ଥଅହଂର ଅଧୀନ ହୋଇ ନିଜର ଯଥାର୍ଥ ସ୍ୱରୂପ – ସତ୍-ଚିତ୍-ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ଅଂଶ ବୋଲି ଭୁଲିଯାଇଅଛୁ । ମାୟାରେ ମୋହିତ ହୋଇ ଅହଂକାରକୁ ମନେକରୁ ନିଜର ବ୍ୟକ୍ତିତ୍ୱ । ସେଥିପାଇଁ ନିଜକୁ ଭୁଲ୍ ବୁଝୁ ଆଉ ପରାଧୀନତାକୁ କହୁ ସ୍ୱାଧୀନତା । ଏହି ଭ୍ରମ ଧାରଣା ଦୂର ହୁଏ ଭଗବତ୍ ଭକ୍ତି ଅଥବା ଜ୍ଞାନ ପ୍ରାପ୍ତିରେ । ପ୍ରକୃତରେ ନିଜକୁ ଭଗବାନଙ୍କୁ ଦେଇଦେବାର ଅର୍ଥ ନିଜକୁ ପାଇବା । ସମର୍ପଣର ଅର୍ଥ ଅଧୀନ ହେବା ନୁହେଁ, ଅହଂକାର, କାମ, କ୍ରୋଧ, ମୋହ, ମଦ, ମତ୍ସର, ହିଂସା ଆଦି ବିଦେଶୀ ଶକ୍ତିମାନଙ୍କ ଅଧୀନରୁ ମୁକ୍ତି ପାଇବା । ଭଗବାନ୍ ବିଦେଶୀ ନୁହନ୍ତି, ଆମର ଶୁଦ୍ଧ ସତ୍ତା । ଭଗବାନହିଁ ଏସବୁ ଆବରଣକୁ ସ୍ୱୀକାର କରି ବହୁରୂପେ ଶରୀର ଧାରଣ କରିଅଛନ୍ତି । ଯଥାର୍ଥ ସ୍ୱତନ୍ତ୍ରତା ମିଳେ ଯୋଗସାଧନାରେ । ଏହା ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକ ।

ପ୍ରଶ୍ନ : ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ବୁଝିଥିଲୁ ଯେ ଯୋଗ କେବଳ ସନ୍ନ୍ୟାସୀମାନଙ୍କ ସକାଶେ, କିନ୍ତୁ ତାହା ନୁହେଁ, ପ୍ରତ୍ୟେକ ବ୍ୟକ୍ତି ପାଇଁ ଯୋଗ ଅନିବାର୍ଯ୍ୟ । ଯୋଗ ଦ୍ୱାରା ଜୀବନ ପୂର୍ଣ୍ଣ ହୁଏ । ତେବେ ତା'ର ସାଧନ ପ୍ରଣାଳୀ କ'ଣ ? ସ୍ପଷ୍ଟଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : ତାହାର ପ୍ରଣାଳୀ ହେଲା – ଭଗବାନଙ୍କ ଚରଣରେ ନିଜେ ଓ ନିଜର ସମଗ୍ର ସତ୍ତା, ମନ, ପ୍ରାଣ, ଶରୀରର ପୂର୍ଣ୍ଣ ସମର୍ପଣ, ଅଭୀପ୍ସା ଏବଂ ପ୍ରତିକୂଳ ବସ୍ତୁର ତ୍ୟାଗ । କିନ୍ତୁ ଏହା ସଙ୍ଗେ ସଙ୍ଗେ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣିବା ଆବଶ୍ୟକ । କାରଣ ମନୁଷ୍ୟ ଜୀବନର ଏକ ମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି; କିନ୍ତୁ ପୁରାତନ ଯୋଗସମୂହ ଏବଂ ବ୍ୟକ୍ତିର ସ୍ୱଭାବ ଓ ସମୟ ଅନୁଯାୟୀ ଜୀବନର ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ପ୍ରଣାଳୀ ଭିନ୍ନ ଭିନ୍ନ ରୂପେ ନିରୂପିତ ହୋଇଅଛି । ସୁତରାଂ ବର୍ତ୍ତମାନ ମନୁଷ୍ୟର ଯେଉଁ ବିକାଶ ହୋଇଅଛି ସେଥିସକାଶେ ଯଥାର୍ଥ ଲକ୍ଷ୍ୟ କ'ଣ ?

(୨)

ଲକ୍ଷ୍ୟ

ପ୍ରଶ୍ନ : ପୁରାତନ ଯୋଗର ଲକ୍ଷ୍ୟ, ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମଧ୍ୟରେ ପ୍ରଭେଦ କ'ଣ ?

ଉତ୍ତର : ପୁରାତନ ସମସ୍ତ ଯୋଗର ଲକ୍ଷ୍ୟ ଥିଲା, ସଂସାର, ଶରୀର, କର୍ମ, ସମସ୍ତ ତ୍ୟାଗ, ମୁକ୍ତି ବା ନିର୍ବାଣ

ଅଥବା ଭଗବତ୍ ପ୍ରାପ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମନ-ପ୍ରାଣ-ଶରୀରକୁ ତା'ର ମୂଳ ଦିବ୍ୟ-ତତ୍ତ୍ୱରେ ରୂପାନ୍ତର । ରୂପାନ୍ତରିତ ବ୍ୟକ୍ତି ମୃତ୍ୟୁ, ଜରା, ରୋଗ ଅଧୀନରୁ ପୂର୍ଣ୍ଣତଃ ମୁକ୍ତ; ଏବଂ ସମଗ୍ର ସତ୍ତାରେ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ ହେବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ।

ପୁରାତନ ଯୋଗିଗଣ ଜୀବନ ତଥା ସଂସାର ତ୍ୟାଗ କରି ମୃତ୍ୟୁ ପରେ ନିର୍ବାଣ କୈବଲ୍ୟ ମୁକ୍ତି ପ୍ରାପ୍ତି ଅଥବା ଦିବ୍ୟ ସ୍ୱରୂପରେ ଗୋଲୋକ, ସାକେତ, ବୈକୁଣ୍ଠ, କୈଳାସରେ ଭଗବତ୍ ପ୍ରାପ୍ତି କରୁଥିଲେ । କିନ୍ତୁ ସଂସାରରେ ଥିବା ବ୍ୟକ୍ତି ଦୁଃଖକଷ୍ଟ ତଥା ଦ୍ୱନ୍ଦ୍ୱ ଭୋଗ କରୁଥିଲେ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ସାଧକର ଏହି ଭୌତିକ, ନଶ୍ୱର, ଜଡ଼-ଶରୀର, ମନ ଓ ପ୍ରାଣ ତା'ର ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ ଏବଂ ସେ ଜରା-ରୋଗ-ମୃତ୍ୟୁରୁ ମୁକ୍ତ ହେବ । ସେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ପୂର୍ଣ୍ଣତଃ ଭଗବାନଙ୍କ ସଂକଳ୍ପ ଦ୍ୱାରା ପରିଚାଳିତ ହେବ । ସେ ହେବ ଭଗବାନଙ୍କ ଯନ୍ତ୍ର । ଯେଉଁମାନେ ସାଧନା କରିବେ ସେମାନେ ବର୍ତ୍ତମାନର ସଂକୁଚିତ ସୀମିତ ଅବସ୍ଥାକୁ ଅତିକ୍ରମ କରି ଉନ୍ନତତର ଅବସ୍ଥାକୁ ପ୍ରାପ୍ତ ହେବେ । ସଂସାର ହେବ ସ୍ୱର୍ଗ ।

ପୁରାତନ ଯୋଗରେ ଶରୀର ଓ ସଂସାରକୁ ତ୍ୟାଗ କରି ବ୍ୟକ୍ତିଗତ ମୁକ୍ତି ଲାଭ କରାଯାଉଥିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ତ୍ୟାଗ ନ କରି ଶରୀରକୁ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରାହେବ, ଏହି ସଂସାରରେ ଭଗବାନଙ୍କୁ ପ୍ରକଟ କରାହେବ, ସଂସାର ହେବ ସ୍ୱର୍ଗ – ଏହାହିଁ ପୁରାତନ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ପାର୍ଥକ୍ୟ ।

ପ୍ରଶ୍ନ : ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଯେଉଁ ପାର୍ଥକ୍ୟ କହିଲେ ତାହା କ୍ରିୟାତ୍ମକ ରୂପେ ଦୃଷ୍ଟିଗୋଚର ହେଉ ନାହିଁ । ପୁରାତନ ଯୋଗର ସାଧକମାନେ ଘରସଂସାର, ଭୋଗବିଳାସ, ସବୁ ତ୍ୟାଗ କରି ଜଙ୍ଗଲରେ ଏକାନ୍ତରେ ସାଧନା କରୁଥିଲେ କିଂବା ସଂସାରରୁ ପୃଥକ୍ ରହି ସାମୂହିକ ଭାବେ କେତେକ ବ୍ୟକ୍ତି କୌଣସି ଆଶ୍ରମରେ ରହି ସାଧନା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ବ୍ୟକ୍ତି ଘର ପରିବାର ଛାଡ଼ି ସେମାନଙ୍କଠାରୁ ସମ୍ବନ୍ଧ ତୁଟାଇ ଆଶ୍ରମରେ ରହି ସାଧନା କରୁଅଛନ୍ତି । ଯେଉଁମାନେ ଘର ପରିବାର ତ୍ୟାଗ କରି ପାରୁ ନାହାନ୍ତି ସେମାନେ ସମାଜରେ ରହି ଯଦିଓ ସାଧନା କରୁଛନ୍ତି, ତଥାପି ଲକ୍ଷ୍ୟପ୍ରାପ୍ତିର ତତ୍ତ୍ୱ ଉଭୟଙ୍କ ପାଇଁ ସମାନ । ସଂସାର ସମ୍ବନ୍ଧ ସ୍ଥୂଳ ରୂପେ ତ୍ୟାଗ ନ କଲେ ମଧ୍ୟ ଅନ୍ତରରେ ନିର୍ଲିପ୍ତ ରହିବା ଅନିବାର୍ଯ୍ୟ । ଅନ୍ୟଥା ଲକ୍ଷ୍ୟପ୍ରାପ୍ତି ଅସମ୍ଭବ ।

ପୁରାତନ ଯୋଗରେ ଭିନ୍ନ ଭିନ୍ନ ସ୍ଥାନରେ ମଠ ଥିଲା, ଭାଗବତ ଟୁଙ୍ଗି ଥିଲା, କୀର୍ତ୍ତନମଣ୍ଡଳୀ ଥିଲା । ସେଠାରେ ସନ୍ଧ୍ୟା ସମୟରେ ବ୍ୟକ୍ତି ଏକତ୍ର ହୋଇ ଭଗବତ୍ ଚର୍ଚ୍ଚା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ପାଠଚକ୍ର ହେଉଅଛି, ଏହା ନୂତନ ନାମରେ ପୁରାତନ ସଂସ୍ଥା । ପୁଣି ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ କେଉଁଠି ?

ପୁରାତନ ଯୋଗରେ ମହାତ୍ମାଗଣ ଭ୍ରମଣ କରି ବ୍ୟକ୍ତିକୁ ସଦୁପଦେଶ ଦେଉଥିଲେ କିଂବା ବ୍ୟକ୍ତି ମହାତ୍ମାମାନଙ୍କ ଆଶ୍ରମକୁ ଯାଇ ସେମାନଙ୍କୁ ଦର୍ଶନ କରୁଥିଲେ ଓ ସଦୁପଦେଶ ଗ୍ରହଣ କରୁଥିଲେ । ଠିକ୍ ଏହିପରି ଶ୍ରୀଅରବିନ୍ଦଙ୍କ ଯୋଗରେ ମଧ୍ୟ ଦେଖାଯାଏ । ଏଥିରେ ପାର୍ଥକ୍ୟ କେଉଁଠି ?

ଉତ୍ତର : ଲୁହାରେ ସୁନେଲି ରଙ୍ଗ ଦେଇ ଚକ୍‌ଚକ୍ କରିବାକୁ ହେବ ଅଥବା ପରଶମଣି ସ୍ପର୍ଶରେ ସୁବର୍ଣ୍ଣରେ ପରିଣତ କରିବାକୁ ହେଉ, ଏହି ଉଭୟ କାର୍ଯ୍ୟରେ କଳଙ୍କ ଛଡ଼ାଇବାକୁ ହୁଏ; କଳଙ୍କି ଯେପରି ସୁନେଲି ରଙ୍ଗ ଧରେ ନାହିଁ, ସେହିପରି ପରଶମଣିର ସ୍ପର୍ଶ ଦ୍ୱାରା ସୁବର୍ଣ୍ଣରେ ପରିଣତ ହୁଏ ନାହିଁ । ସେହିପରି ମଣିଷ ଅଜ୍ଞାନତା ତ୍ୟାଗ ନ କଲେ ସେ ଶରୀର ତ୍ୟାଗ କରି ମୁକ୍ତି ଲାଭ କରିପାରେ ନାହିଁ, କିଂବା ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ତା'ର ମନ-ପ୍ରାଣ-ଶରୀର ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ ନାହିଁ । ଆସକ୍ତି, ଅଜ୍ଞାନତା, ବାସନା-କାମନା, ଭୋଗ-ବିଳାସ ସହିତ ଦିବ୍ୟଜ୍ଞାନ, ଦିବ୍ୟଜ୍ୟୋତିଃ, ଦିବ୍ୟାନନ୍ଦ ପ୍ରଭୃତି କୌଣସି ଯୋଗରେ କେବେ ବି ଏକ ସଙ୍ଗରେ ରହେ ନାହିଁ । ଅନ୍ଧକାର ଓ ଆଲୋକ ଯେପରି ଏକ ସଙ୍ଗେ ରହିପାରେ ନାହିଁ, ସେହିପରି ପିତାମାତା, ଭାଇବନ୍ଧୁ, ସ୍ତ୍ରୀପୁତ୍ର ପ୍ରତି ମୋହ, ଆସକ୍ତି ତଥା ଜାଗତିକ ସମ୍ବନ୍ଧ ଏବଂ ଜ୍ଞାନ, ଆନନ୍ଦ ଓ ପ୍ରେମର ମୂର୍ତ୍ତିମାନ୍ ବିଗ୍ରହ ଭଗବତ୍ ପ୍ରାପ୍ତି, ଏହା ଏକସଙ୍ଗେ ହୋଇପାରେ ନାହିଁ । ପୁରାତନ ଯୋଗର ମୁକ୍ତିମାର୍ଗ ହେଉ ଅଥବା ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର ସାଧନ

ହେଉ, ଉଭୟରେ ଅଜ୍ଞାନତା ତଥା ସକଳ ପ୍ରକାର ଅଜ୍ଞାନପ୍ରସୂତ ଗତିବୃତ୍ତିକୁ ତ୍ୟାଗ କରିବା ଅପରିହାର୍ଯ୍ୟ । ବ୍ୟକ୍ତି ଗୃହରେ ରହି ସାଧନା କରୁ, ଅଥବା ଗୃହତ୍ୟାଗ କରି ସାଧନା କରୁ, ଉଭୟ ଅବସ୍ଥାରେ କାମନାବାସନା, ମୋହ, ଆସକ୍ତି ପ୍ରଭୃତିକୁ ତ୍ୟାଗ କରିବାକୁ ହୁଏ । ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଅଜ୍ଞାନତା ଓ ପ୍ରତିକୂଳ ବସ୍ତୁର ତ୍ୟାଗ ବହୁ ଅଂଶରେ ସମାନ ଥିବା ସତ୍ତ୍ୱେ ଏହି ତ୍ୟାଗର ଉପଯୋଗିତା ଦୃଷ୍ଟିରୁ ଏକଠାରୁ ଅନ୍ୟଟି ସମ୍ପୂର୍ଣ୍ଣ ବିପରୀତ । ଯେପରି ଜଣେ ବ୍ୟକ୍ତି ନଦୀରେ ପ୍ରାଣ ବିସର୍ଜନ କରିବାକୁ ଅଗାଧ ଜଳରେ ଡେଇଁପଡ଼େ; ଆଉ ଜଣେ ବ୍ୟକ୍ତି ବୁଡ଼ି ଯାଉଥିବା ବ୍ୟକ୍ତିକୁ ଉଦ୍ଧାର କରିବାକୁ ସେହି ଜଳରେ ଡେଇଁପଡ଼େ; ଏହି ଦୁଇଜଣଙ୍କ କ୍ରିୟା ବା କର୍ମ ଏକ ପ୍ରକାର ପ୍ରତୀତ ହେଲେ ମଧ୍ୟ ପରିଣାମ ଏକେବାରେ ବିପରୀତ; ଠିକ୍ ସେହିପରି ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗରେ ତ୍ୟାଗ ସମାନ ଥିବା ସତ୍ତ୍ୱେ ପରିଣାମ ପୂର୍ଣ୍ଣତଃ ଭିନ୍ନ । ପୁରାତନ ସକଳ ଯୋଗୀ ଅଜ୍ଞାନର ତ୍ୟାଗ ସହିତ ତା'ର ପଶ୍ଚାତରେ ବା ତା'ର ମୂଳରେ ଥିବା ଜ୍ଞାନକୁ ତ୍ୟାଗ କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ଅଜ୍ଞାନକୁ ତ୍ୟାଗ କରି ତା ପଶ୍ଚାତରେ ଥିବା ଜ୍ଞାନକୁ ଆବିଷ୍କାର କରିଅଛନ୍ତି । ଆଚାର୍ଯ୍ୟ ଶଙ୍କର ଜଗତକୁ ଓ ଶରୀରକୁ ମାୟା କହି ତ୍ୟାଗ କରିଅଛନ୍ତି; ଅନ୍ୟାନ୍ୟ ଆଚାର୍ଯ୍ୟମାନେ ଜଗତକୁ ସତ୍ୟ କହି ମଧ୍ୟ ଜଗତ ଓ ଶରୀରକୁ ତ୍ୟାଗ କରିଅଛନ୍ତି । ସମସ୍ତ ପୁରାତନ ଯୋଗର ସିଦ୍ଧାନ୍ତ ମଧ୍ୟରେ ପରସ୍ପର ଅସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲେ ବି ସଂସାର ଓ ଶରୀର ତ୍ୟାଗ ଦୃଷ୍ଟିରୁ ସକଳ ସମାନ । ସେମାନେ ଅଜ୍ଞାନ ସ୍ୱରୂପ ଏହି ଦୃଶ୍ୟମାନ ସଂସାର ଓ ଶରୀରର ତ୍ୟାଗ ସହିତ ତା'ର ପଶ୍ଚାତରେ ଥିବା ପରମ ସତ୍ୟ, ସୃଷ୍ଟିର ରହସ୍ୟ, ଶରୀରର ଦିବ୍ୟ-ତତ୍ତ୍ୱରେ ରୂପାନ୍ତର, ପୃଥିବୀର ସ୍ୱର୍ଗରେ ପରିଣତ, ଭଗବାନଙ୍କର ଏହି ସ୍ଥୂଳ ଜଗତରେ ଅଭିବ୍ୟକ୍ତି – ଏହି ସତ୍ୟକୁ ସେମାନେ ତ୍ୟାଗ କରିଅଛନ୍ତି ଅର୍ଥାତ୍ ଆବିଷ୍କାର କରି ନାହାନ୍ତି । ଏହା ଶ୍ରୀଅରବିନ୍ଦଙ୍କ ଦ୍ୱାରା ଆବିଷ୍କୃତ ହୋଇଅଛି । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗ, ଶ୍ରୀଅରବିନ୍ଦ ଆଶ୍ରମ ତଥା ବାହାରର ଶ୍ରୀଅରବିନ୍ଦ ପାଠଚକ୍ର ପୁରାତନ ସଂସ୍କାର ନୂତନ ନାମ ନୁହେଁ, ଏକେବାରେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ନୂତନ ଏବଂ ମନୁଷ୍ୟ ଜୀବନର ପୂର୍ତ୍ତୋପଯୋଗୀ ।

ପ୍ରଶ୍ନ : ଅଦ୍ୱୈତବାଦର ଆଚାର୍ଯ୍ୟ ଶଙ୍କର ଜଗତକୁ ଏକେବାରେ ମିଥ୍ୟା, ମାୟା କହି ନାହାନ୍ତି, ସେ କହିଛନ୍ତି, ଦୃଶ୍ୟମାନ ବୈଚିତ୍ର୍ୟ,– ବିଭିନ୍ନ ବ୍ୟକ୍ତି, ମନୁଷ୍ୟ, ପଶୁ ଇତ୍ୟାଦି ଏହି ଯେଉଁ ପୃଥକ୍ ରୂପ – ଏହିସବୁ ମିଥ୍ୟା । ଏହାର ପଶ୍ଚାତ୍‌ରେ ରହିଅଛି ଏକ ଅଖଣ୍ଡ ସତ୍ୟସତ୍ତା । ଆଚାର୍ଯ୍ୟ ଶଙ୍କର ବିଭିନ୍ନ ସ୍ଥାନରେ ଜଗତକୁ 'ମାୟା' ବୋଲି ଯେଉଁ ଶବ୍ଦ ପ୍ରୟୋଗ କରିଛନ୍ତି ତାହା ତାଙ୍କର ସିଦ୍ଧାନ୍ତ ନୁହେଁ । 'ମାୟା' ପ୍ରସଙ୍ଗ ଅନୁରୂପ ଶବ୍ଦ, ଦୃଶ୍ୟମାନ ବସ୍ତୁ 'ମାୟା' ଅର୍ଥରେ ପ୍ରୟୋଗ କରିଅଛନ୍ତି । ଯେପରି ସେ ଗଙ୍ଗା, କାଶୀ, ଶ୍ରୀରାମଙ୍କୁ ବନ୍ଦନା କରିଅଛନ୍ତି । ବନ୍ଦନା ବା ଭକ୍ତି ଅନ୍ୟକୁ କରାହୁଏ । ଦୁଇ ବ୍ୟକ୍ତି ହେଲେ ସିଦ୍ଧାନ୍ତ ହେଲା ଦ୍ୱୈତ । ଏହା ଶ୍ରୀଶଙ୍କରଙ୍କ ସିଦ୍ଧାନ୍ତ ନୁହେଁ । ସେହି ବନ୍ଦନାକୁ ନେଇ ଯେପରି ତାଙ୍କ ସିଦ୍ଧାନ୍ତକୁ 'ଦ୍ୱୈତ' ସିଦ୍ଧ କରାଯାଏ ନାହିଁ ସେହିପରି ତାଙ୍କ 'ମାୟା' ଶବ୍ଦର ଅର୍ଥରେ ଜଗତକୁ ଏକେବାରେ ମାୟା କୁହାଯାଇପାରେ ନାହିଁ ।

ଉତ୍ତର : ଆଚାର୍ଯ୍ୟ ଶଙ୍କରଙ୍କ କେତେକ ଅନୁଗାମୀମାନେ 'ମାୟା' ଶବ୍ଦର ଅର୍ଥ ସଂସାର ଏକେବାରେ ମିଥ୍ୟାମାୟା, ସ୍ୱପ୍ନ, ତ୍ରିକାଳରେ ଅସତ୍ୟ ବୋଲି କହନ୍ତି । ସେମାନେ କହନ୍ତି ସଂସାର ତ୍ରିକାଳରେ ଅସତ୍ୟ; ପୂର୍ବେ ନ ଥିଲା, ବର୍ତ୍ତମାନ ନାହିଁ, ଭବିଷ୍ୟତରେ ରହିବ ନାହିଁ । ଏହି ବ୍ୟାଖ୍ୟାର ଭିତ୍ତି, ଶଙ୍କର-ଭାଷ୍ୟର ଆଧାର ହେଉଛି, ''ରଜ୍ଜୁ ସର୍ପବତ୍, ମୃଗତୃଷ୍ଣା ଜଳବତ୍, ଶୁକ୍ତିକା ରଜତବତ୍ ।'' ଅର୍ଥାତ୍, ଦୌଡ଼ି ସର୍ପ ନୁହେଁ, ରାତ୍ରିରେ ସର୍ପର ଭ୍ରମ ହୁଏ; ମୃଗତୃଷ୍ଣାରେ କସ୍ମିନ୍‌କାଳେ ଜଳ ନ ଥାଏ, କିନ୍ତୁ ଭ୍ରମରେ ଜଳ ପ୍ରତୀତ ହୁଏ; ସିପି ବା ଶାମୁକା ରୁପା ନୁହେଁ, ସେଥିରେ ଶିଶିରବିନ୍ଦୁ ରୁପା ସଦୃଶ ମିଥ୍ୟା ପ୍ରତୀତ ହୁଏ । ଅତଏବ ଏହି ଯେଉଁ ସଂସାର,– ମନୁଷ୍ୟ, ପଶୁ, ପକ୍ଷୀ, ଗଛ, ଲତା ଆଦି ଦୃଷ୍ଟିଗୋଚର ହେଉଛି ତାହାସବୁ ମିଥ୍ୟା, ମାୟା ଭ୍ରମ ।

ଶଙ୍କରଙ୍କର ଆଉ କେତେକ ଅନୁଗାମୀ କୁହନ୍ତି, ଦୃଶ୍ୟମାନ ବସ୍ତୁ ଆପାତତଃ ପ୍ରତୀୟମାନ, ବ୍ୟାବହାରିକ ସତ୍ୟ, କିନ୍ତୁ ଯଥାର୍ଥରେ ଏହା ମିଥ୍ୟା । ଏହା ପଶ୍ଚାତରେ ଏକ ଅଖଣ୍ଡ, ଅଦ୍ୱିତୀୟ ସତ୍ୟ, ନିରାକାର, ନିର୍ଲିପ୍ତ ସତ୍ତା

ବିଦ୍ୟମାନ । ଏହି ଦୁଇ ଉକ୍ତିରେ ପ୍ରଭେଦ ଅଛି କି ନାହିଁ ? ଯଦି ଥାଏ ତାହାର ସୂକ୍ଷ୍ମତା କ'ଣ ? ଏଠାରେ ତାହା ଆଲୋଚ୍ୟ ବିଷୟ ନୁହେଁ, ତା'ର ପ୍ରୟୋଜନ ମଧ୍ୟ ନାହିଁ । କାରଣ ଶଙ୍କରଙ୍କ ସିଦ୍ଧାନ୍ତ ଯାହା ହେଉନା କାହିଁକି, ସେ ପ୍ରତ୍ୟକ୍ଷ ଭାବେ ଶରୀର ତ୍ୟାଗ କରିଛନ୍ତି, ସଂସାର ତ୍ୟାଗ କରିଛନ୍ତି, ସଂସାର ଯେପରି ଦ୍ୱନ୍ଦ୍ୱରେ ଥିଲା ଆଜି ମଧ୍ୟ ସେହିପରି ରହିଛି; ଏହା ଏକେବାରେ ସ୍ପଷ୍ଟ । ଏହାର ବିପରୀତ ହେଲା ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକର ମନ-ପ୍ରାଣ-ଶରୀର ତା'ର ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଏ, ସେ ମୃତ୍ୟୁ, ଜରା, ବ୍ୟାଧି ଇତ୍ୟାଦିରୁ ମୁକ୍ତ ହୁଏ । ସେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଏକସଙ୍ଗେ ସାକାର ଓ ନିରାକାର ଏବଂ ଏହାପରେ ପୁରୁଷୋତ୍ତମ ପରଂବ୍ରହ୍ମଙ୍କୁ ସମସ୍ତ ସତ୍ତାରେ ଉପଲବ୍ଧି କରେ । ସମ୍ପୂର୍ଣ୍ଣ ସତ୍ତାରେ ସେ ଭଗବାନ୍ ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରିବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ରୂପେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ବ୍ରହ୍ମ ସହିତ ଜୀବ ଏକ ହୋଇଯିବାରେ ଯେଉଁ ଅନିର୍ବଚନୀୟ ଜ୍ଞାନ, ଆନନ୍ଦ, ଭଗବତ୍ ଉପାସନାରେ ଯେଉଁ ପରାଭକ୍ତି, ପରମାନନ୍ଦ ତାହା ଏକହିଁ ସମୟରେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଉପଲବ୍ଧି ହୁଏ । ଏହି ଅବସ୍ଥାର ଅର୍ଥ ଦିବ୍ୟମାନବ । ପୂର୍ଣ୍ଣଯୋଗର ସାଧକ ଏହି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ଅନୁପାତରେ ସଂସାରରୁ କ୍ରମଶଃ ଦୁଃଖଦ୍ୱନ୍ଦ୍ୱ ଦୂର ହେଉଥାଏ । ପୃଥିବୀରେ ଦିବ୍ୟମାନବ ଜାତି ପ୍ରତିଷ୍ଠିତ ହେଲେ ସଂସାରରୁ ପୂର୍ଣ୍ଣ ରୂପେ ହିଂସାଦ୍ୱେଷ, ବୈରବିରୋଧ, ଯୁଦ୍ଧବିଗ୍ରହ ଆଦି ଲୁପ୍ତ ହୁଏ । ସଂସାର ସ୍ୱର୍ଗରେ ପରିଣତ ହୁଏ । ପୁରାତନ ଯୋଗରେ ସଂସାର ତଥା ଶରୀର ତ୍ୟାଗ କରିବାରେ ଯେଉଁ ମୁକ୍ତି ଓ ଭଗବତ୍ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାସବୁ ରୂପାନ୍ତରିତ ଶରୀର (transformed body) ସେ ପ୍ରାପ୍ତ ହୁଏ । ପୁରାତନ ଯୋଗରେ ବ୍ୟକ୍ତି ସାଧନା କରି ସ୍ୱୟଂ ମୁକ୍ତ ହୋଇ ଯାଆନ୍ତି; ସଂସାର ଯେଉଁ ଦୁଃଖକଷ୍ଟରେ ଥାଏ ତାହା ସେହିପରି ରହିଥାଏ । ପୁରାତନ ଯୋଗରେ ବ୍ୟକ୍ତିଗତ ମୁକ୍ତି; ଶରୀର ତଥା ସଂସାର ତ୍ୟାଗ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ରୂପାନ୍ତର, ପୃଥିବୀ ସ୍ୱର୍ଗରେ ପରିଣତ । ଅନ୍ୟ ଭାଷାରେ କହିଲେ ପୁରାତନ ଯୋଗରେ ବ୍ୟକ୍ତିଗତ ମୁକ୍ତି, ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିର ଶରୀର ରୂପାନ୍ତରରେ ସଂସାର ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତି । ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଏହାହିଁ ପାର୍ଥକ୍ୟ ।

ପ୍ରଶ୍ନ : ପ୍ରାଣୀମାନଙ୍କ ଦୁଃଖକଷ୍ଟର ଧାରଣାହିଁ ଦ୍ୱୈତତା । ବ୍ୟକ୍ତିର ପ୍ରାଣରେ ପୃଥକ୍‌ବୋଧ ଆସିଲେ ତା'ର ଦୁଃଖକଷ୍ଟର ଧାରଣା ହୋଇପାରେ । ବ୍ୟକ୍ତି ଅନିର୍ବଚନୀୟ ନିର୍ବିଶେଷ ସତ୍ତାରେ ଏକ ହୋଇଗଲେ ଦ୍ୱୈତତା ରହେ ନାହିଁ । ସେ ଅବସ୍ଥା କେବଳ ପରମ ଆନନ୍ଦ ଓ ଶାନ୍ତିରେ ପ୍ରତିଷ୍ଠିତ । ସେହି ପରମାନନ୍ଦ ହେଉଛି ଅନିର୍ବଚନୀୟ, ମୂକ ସୁସ୍ୱାଦୁ ଖାଦ୍ୟ ଭକ୍ଷଣ କରି ତା'ର ସ୍ୱାଦ ପ୍ରକାଶ କରି ନ ପାରିବା ସଦୃଶ; ସେହି ଅନିର୍ବଚନୀୟ ପରମାନନ୍ଦ କେବଳ ଅନୁଭବଗମ୍ୟ । ସେ ଅବସ୍ଥାର ବୈଚିତ୍ର୍ୟ ଏବଂ ଦୁଃଖକଷ୍ଟସବୁ ମିଥ୍ୟା, ମାୟା ଓ ସ୍ୱପ୍ନବତ୍ । ପୃଥକ୍‌ବୋଧ ନ ଥିଲେ ଦୁଃଖ କଷ୍ଟ ଆସିବ କେଉଁଠୁ ? ଦୁଃଖକଷ୍ଟର ଧାରଣାହିଁ ଭ୍ରମ ତଥା ଅଜ୍ଞାନତା । ମାୟାମୟ, ଭ୍ରମାତ୍ମକ ଶରୀର-ମନ-ପ୍ରାଣର ରୂପାନ୍ତର ଧାରଣା କରିବାହିଁ ଅଜ୍ଞାନତା ।

ଉତ୍ତର : କହିବାରେ ଯେତେ ସହଜ, କାର୍ଯ୍ୟରେ ତେତେ ସହଜ ଦେଖାଯାଏ ନାହିଁ । କଙ୍କଡ଼ା ବିଛା କାମୁଡ଼ିଲେ, ଉଦରରେ ହୋଇଥିବା କ୍ୟାନ୍‌ସର ଅପରେସନ ସମୟରେ ଶରୀରକୁ ମାୟା ଓ ଭ୍ରମ କହୁଥିବା ଜ୍ଞାନୀ ମହାତ୍ମାମାନଙ୍କୁ ସମାଧି ବ୍ୟତୀତ ଜାଗ୍ରତ୍ ଅବସ୍ଥାରେ କଷ୍ଟ ହୁଏ ନାହିଁ କି ? ଏପରି ଋଷିମୁନିଙ୍କ ଜୀବନରେ ତଥା ଉପସ୍ଥିତ ଜ୍ଞାନୀ ମହାତ୍ମାମାନଙ୍କ ଜୀବନରେ ଦେଖାଯାଉ ନାହିଁ କିଂବା ସାଧାରଣତଃ ଶୁଣାଯାଉ ନାହିଁ । ଯଦି କେବେ କୌଣସି ମହାତ୍ମାଙ୍କର ଜାଗ୍ରତ୍ ଅବସ୍ଥାରେ ଏପରି ସମ୍ଭବ ହୋଇଥାଏ, ତେବେ ତାହା କେବଳ ସେହି ମହାତ୍ମାଙ୍କ ସକାଶେ, ପ୍ରତ୍ୟେକ ଜ୍ଞାନିମହାତ୍ମାଙ୍କ ସକାଶେ ସମ୍ଭବ ନୁହେଁ । କାରଣ ଜାଗ୍ରତ୍ ଅବସ୍ଥାରେ ଶରୀରରୁ ଆତ୍ମାକୁ ପୃଥକ୍ ଧାରଣା କଲେ ମଧ୍ୟ ଶରୀରରୁ ପୂର୍ଣ୍ଣତଃ ସମ୍ବନ୍ଧ ବିଚ୍ଛିନ୍ନ ହୁଏ ନାହିଁ । ପୂର୍ଣ୍ଣତଃ ସମ୍ବନ୍ଧ ବିଚ୍ଛିନ୍ନ ନ ହେଲେ ଶାରୀରିକ ଯନ୍ତ୍ରଣା ବୋଧ ହେବା ସ୍ୱାଭାବିକ । ସମ୍ବନ୍ଧ ବିଚ୍ଛିନ୍ନ ହୁଏ ସମାଧି ଅବସ୍ଥାରେ । ସେତେବେଳେ ଶାରୀରିକ କ୍ରିୟା ବନ୍ଦ ହୋଇଯାଇଥାଏ । ଅଥବା ମୃତ୍ୟୁ ସମୟରେ ଶରୀରରୁ ସମ୍ବନ୍ଧ ବିଚ୍ଛିନ୍ନ ହେଲେ ବ୍ୟକ୍ତିକୁ ଆଉ ଉଠିବାକୁ ପଡ଼େ ନାହିଁ । କଦାଚିତ୍ ଜାଗ୍ରତ୍ ଅବସ୍ଥାରେ

ଜ୍ଞାନିଯୋଗୀ ଯଦି କୁହନ୍ତି ଯେ ସେମାନଙ୍କୁ ଶାରୀରିକ ଯନ୍ତ୍ରଣା ବା ଦୁଃଖକଷ୍ଟ ସ୍ପର୍ଶ କରେ ନାହିଁ, ତେବେ ହୋଇପାରେ କେବଳ ସେହିମାନଙ୍କ ସକାଶେ; କିନ୍ତୁ ସାଧନା ନ କରୁଥିବା ବ୍ୟକ୍ତିଙ୍କ ସକାଶେ ଦୁଃଖକଷ୍ଟକୁ ଭ୍ରମ ଓ ମାୟା କହିବାର କୌଣସି ଅର୍ଥ ନ ଥାଏ । ସେମାନେ ରାତିଦିନ ସେହି ଦ୍ୱନ୍ଦ୍ୱରେ ପଡ଼ି ଦୁଃଖକଷ୍ଟ ଭୋଗ କରୁଥା'ନ୍ତି । ଜ୍ଞାନୀ ଓ ଯୋଗୀମାନେ ଶରୀର ସଂସାରକୁ ମାୟା ଭ୍ରମ କହି ଜୀବନରୁ ପଳାୟନ କରିବାରେ ସଂସାର ଉତ୍ପନ୍ନ ହେବାର ସମସ୍ୟା ସମାଧାନ ହୁଏ ନାହିଁ । ସଂସାର ଓ ଶରୀର ଦୁଃଖର କାରଣ । ଏହି ଦୁଃଖରୁ ନିବୃତ୍ତ ହୋଇ ବ୍ରହ୍ମରେ ମିଶିଯିବାର ଯଦି ଥିଲା, ତେବେ ସଂସାରକୁ ଆସିବାର ଆବଶ୍ୟକତା କ'ଣ ? ବ୍ରହ୍ମ ତ ଏକ, ତୁମେ ଆସିଲ କେଉଁଠୁ ଏବଂ କାହିଁକି ? ଏହି ହେଉଛି ସମସ୍ୟା । ଏହି ସମସ୍ୟାର ସମାଧାନ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତର ହେବାରେ । ଏଥିରେ ସଂସାରର ଦୁଃଖ ଦୂରୀକରଣର ଉପାୟ ନ ଦେଖି ପଳାୟନ ହୋଇ ନାହିଁ ।

ବ୍ରହ୍ମରେ ଲୀନ ହେବାର ଅର୍ଥ — ମୂକ ଗୁଡ଼ ଖାଇ ସ୍ୱାଦ ପ୍ରକାଶ ନ କରିବା ସଦୃଶ । ଯେଉଁ ଅନିର୍ବଚନୀୟ ପରମାନନ୍ଦ କଥା କହୁଛନ୍ତି ତାହା ଶରୀର ରୂପାନ୍ତର ହେଲେ ପ୍ରାପ୍ତ ହୁଏ । ମନ-ପ୍ରାଣ-ଶରୀର ରୂପାନ୍ତରିତ ନ ହେଲେ ଏହାକୁ ଅନୁଭବ କରିପାରେ ନାହିଁ କିଂବା ପ୍ରକାଶ କରିପାରେ ନାହିଁ । ଏସବୁରୁ ସମ୍ବନ୍ଧ ତୁଟାଇ ଆତ୍ମାକୁ ନିରାକାର ବ୍ରହ୍ମରେ ଲୀନ କରି ଦିଆଯାଇଥାଏ । ନିରାକାର ବ୍ରହ୍ମ ଓ ଶରୀର ମଧ୍ୟରେ ବ୍ୟବଧାନ ସୃଷ୍ଟି ହୁଏ । ଏହି ବ୍ୟବଧାନ ଯୋଗୁଁ ଉଚ୍ଚତର ଆନନ୍ଦ ମନ-ପ୍ରାଣ-ଶରୀରରେ ଅଭିବ୍ୟକ୍ତି ହୁଏ ନାହିଁ; ସଂସାରର ରୂପ ହେଉଛି ଶରୀର, ଶରୀରକୁ ଏହି ଆନନ୍ଦ ପ୍ରାପ୍ତ ନ ହେବାରୁ ସଂସାର ଏଥିରୁ ବଞ୍ଚିତ ହେବା ସ୍ୱାଭାବିକ ।

ଭଗବାନ୍ ଯେଉଁ ତତ୍ତ୍ୱ, ବ୍ୟକ୍ତିର ମନ-ପ୍ରାଣ-ଶରୀର ସେହି ତତ୍ତ୍ୱରେ ରୂପାନ୍ତର ହୁଏ । ସେତେବେଳେ ଭଗବାନଙ୍କୁ ବ୍ୟକ୍ତି ସମସ୍ତ ସତ୍ତାରେ ପୂର୍ଣ୍ଣ ରୂପେ ଉପଲବ୍ଧି କରେ । ଆଉ ମଧ୍ୟ ସେ ଏହି ଶରୀରରେ ଓ ଏହି ସଂସାରରେ ଉତାରି ଆଣେ — ନିରାକାର, ସାକାର, ଉଭୟ ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱକୁ । ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବା ସତ୍ତ୍ୱେ ସେ ପରମ ଜ୍ଞାନ, ଶକ୍ତି ଓ ଆନନ୍ଦ ଅନୁଭବ କରେ ଏହି ଶରୀରରେ । ଶରୀର ଓ ସଂସାର ତତ୍ତ୍ୱତଃ ଏକ ହୋଇଥିବାରୁ ସେହି ପରମାନନ୍ଦର ପ୍ରଭାବରେ ସଂସାରରୁ ଦୁଃଖକଷ୍ଟ ମୋଚନ ହୁଏ । ଅର୍ଥାତ୍, ଯେଉଁମାନେ ସାଧନା ନ କରନ୍ତି ସେମାନଙ୍କ ଶରୀରର ଯଦିଓ ରୂପାନ୍ତର ନ ହୁଏ, ସେମାନେ ଯଦ୍ୟପି ରୂପାନ୍ତରିତ ଯୋଗୀ ସଦୃଶ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ପରମଜ୍ଞାନ, ପରମାନନ୍ଦ ପ୍ରାପ୍ତ କରନ୍ତି ନାହିଁ ତଥାପି ସେମାନଙ୍କର ଈର୍ଷା, ଦ୍ୱେଷ, ବିରୋଧ, ସ୍ୱାର୍ଥ ମୋହାଦି ଦୂର ହୋଇଯାଏ; ସକଳ ପ୍ରକାର ଆସୁରୀ ଶକ୍ତିର ପରାଜୟ ଘଟେ ଏବଂ ସଂସାର ସ୍ୱର୍ଗରେ ପରିଣତ ହୁଏ । ପୁରାତନ ଯୋଗୀ ସଦୃଶ ନିରାକାର ବ୍ରହ୍ମରେ ଲୀନ ହୋଇଗଲେ ସଂସାରର କିଛି ପରିବର୍ତ୍ତନ ଘଟେ ନାହିଁ । କେବଳ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତରରେ ଏହା ସମ୍ଭବ ହୋଇଥାଏ, ଆଉ ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ।

ପ୍ରଶ୍ନ : ତୁମେ କହୁଛ ଯେ ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନଙ୍କର ଶରୀର ରୂପାନ୍ତର ହେଲେ ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂର ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ କେବଳ ନିଜ ସକାଶେ ନୁହେଁ, ସଂସାରର କଲ୍ୟାଣ ସକାଶେ । ବ୍ୟକ୍ତିର ଜ୍ଞାନ-ଦୃଷ୍ଟିରେ ସବୁକିଛି ମାୟା-ଭ୍ରମ । ଯେଉଁ ଦୁଃଖକଷ୍ଟର ଅସ୍ତିତ୍ୱ ନାହିଁ, ତାକୁ ଦୂର କରିବା କ'ଣ ଅଜ୍ଞାନତା ନୁହେଁ ?

ଉତ୍ତର : ତୁମର ଏପରି ଯୁକ୍ତିକୁ ଦୂରରୁ ଜୁହାର । ବ୍ୟକ୍ତି ଖାଇବାକୁ ନ ପାଇ ଛଟପଟ ହୋଇ ମରୁଥିବ, କ୍ଷୁଧାରେ ପେଟ ଜଳୁଥିବ, କିନ୍ତୁ ପାଟିରେ ଘା' ହୋଇଥିବା ଯୋଗୁଁ ଖାଇପାରୁ ନ ଥିବ, ଯୁଦ୍ଧରେ ଗୁଳି ଦ୍ୱାରା ଆହତ ହୋଇ ଦାରୁଣ ଯନ୍ତ୍ରଣା ଭୋଗ କରୁଥିବ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ଲାଗି ଅଶାନ୍ତି ସୃଷ୍ଟି ହେଉଥିବ, କନ୍ୟାର ମିଥ୍ୟା କଳଙ୍କ ରଟନାରେ ପିତାମାତା ମର୍ମାହତ ହେବେ, ନିରପରାଧ ଦେଶ ଉପରେ ଅନ୍ୟ ଦୁଷ୍ଟ ଦେଶ ଆକ୍ରମଣ କରିବ, ନାରୀମାନଙ୍କ ଉପରେ ଅତ୍ୟାଚାର ହେବ, ହୁଏତ ତୁମେ ଏହିସବୁକୁ ମିଥ୍ୟାମାୟା କହି ଏହାକୁ ଦୂର କରିବା ପ୍ରଯତ୍ନରୁ କ୍ଷାନ୍ତ ହେବ । ପୁଣି ଯଦି କେହି ଏହାର ଦୂରୀକରଣ ପାଇଁ ପ୍ରଯତ୍ନ କରେ, ତେବେ ତାହା ଅଜ୍ଞାନତା ବୋଲି ତୁମେ ମନ୍ତବ୍ୟ ପ୍ରକାଶ କରିବ; ଏହା ତୁମ ବ୍ୟକ୍ତିଗତ ମତ ନା ଆଚାର୍ଯ୍ୟ ତଥା ଶାସ୍ତ୍ରସମ୍ମତ ? ତୁମର ଏହି ସିଦ୍ଧାନ୍ତ ଯଦି ଗ୍ରହଣୀୟ ହୁଏ, ତେବେ ଅଦ୍ୱୈତ

ସିଦ୍ଧାନ୍ତର ପ୍ରବର୍ତ୍ତକ ଆଚାର୍ଯ୍ୟ ଶଙ୍କରଙ୍କୁ ବ୍ରହ୍ମସୂତ୍ରର ଭାଷ୍ୟ ତଥା ଅନ୍ୟାନ୍ୟ ମୂଲ୍ୟବାନ୍ ଗ୍ରନ୍ଥ ଲେଖିବାର କୌଣସି ଆବଶ୍ୟକତା ନ ଥିଲା; ସେ ସ୍ୱୟଂ ପଦଯାତ୍ରାରେ କୁମାରିକାଠାରୁ ହିମାଳୟ ପର୍ଯ୍ୟନ୍ତ ଭ୍ରମଣ କରି ମଠସ୍ଥାପନା ଓ ନିଜ ସିଦ୍ଧାନ୍ତ-ପ୍ରତିଷ୍ଠା କରିବାର ପ୍ରୟାସୀ ହୋଇ ନ ଥାନ୍ତେ, ଉପଦେଶ ଦ୍ୱାରା ହଜାର ହଜାର ନରନାରୀଙ୍କୁ ମୁକ୍ତିପଥ ଦର୍ଶାଇ ନ ଥାନ୍ତେ । ବୁଦ୍ଧଦେବ ଓ ଅନ୍ୟାନ୍ୟ ସମସ୍ତ ଆଚର୍ଯ୍ୟ ତଥା ଋଷିମୁନି ଏବଂ ଅବତାରଙ୍କୁ ସଂସାରର କଲ୍ୟାଣ ସାଧନ କରିବାର ଆବଶ୍ୟକ ହୋଇ ନ ଥା'ନ୍ତା; ତେବେ ତୁମ ଯୁକ୍ତି ସାର୍ଥକ ହୋଇଥା'ନ୍ତା ସେମାନେ କ'ଣ ଅଜ୍ଞାନୀ ଥିଲେ ଯେ ଏପରି କରୁଥିଲେ ?

ପ୍ରଶ୍ନ : ନା, ସେମାନେ ଥିଲେ ଜ୍ଞାନୀ । ସେମାନଙ୍କ ଦୃଷ୍ଟିରେ ଦୁଃଖକଷ୍ଟ ଇତ୍ୟାଦି ମାୟା ଥିଲା । କିନ୍ତୁ ଅନ୍ୟମାନଙ୍କର ଦୁଃଖଦୂରୀକରଣ ପାଇଁ ସେମାନେ କର୍ମ କରୁଥିଲେ ।

ଉତ୍ତର : ଋଷିମୁନି, ମହାପୁରୁଷ, ଆଚାର୍ଯ୍ୟ ଓ ଅବତାରଗଣ ସ୍ୱୟଂ ଜ୍ଞାନସ୍ୱରୂପ । ସେମାନେ ଅଜ୍ଞାନ, ମୋହମାୟାରୁ ପୂର୍ଣ୍ଣତଃ ମୁକ୍ତ ହୋଇ କେବଳ ଅନ୍ୟମାନଙ୍କର ଦୁଃଖ ଦୂର କରିବା ପାଇଁ ଓ ସେମାନଙ୍କୁ ସତ୍‌ପଥରେ ପରିଚାଳିତ କରିବା ପାଇଁ ଯଦି କର୍ମ କରିଛନ୍ତି ତେବେ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତର (transformation) ଓ ସଂସାରର ଦୁଃଖକଷ୍ଟର ନିବାରଣ କିପରି ଅଜ୍ଞାନତା ହେବ ?

ମନୁଷ୍ୟ ନିଜେ ମୁକ୍ତ ହେଲେ ଅନ୍ୟକୁ ମୁକ୍ତ କରିବ; ସେ ନିଜେ ଜ୍ଞାନୀ ହେଲେ ଅନ୍ୟକୁ ଜ୍ଞାନ ପ୍ରଦାନ କରିପାରିବ, ଏହା ଏକବାରେ ସତ୍ୟ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦି ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂର ହୁଏ ତେବେ ସେ ଯୋଗର ସାଧକ କିପରି ଅନ୍ଧକାରରେ ରହିବେ ? ଦୁଃଖଦ୍ୱନ୍ଦ୍ୱର ଅର୍ଥହିଁ ଅଜ୍ଞାନ । ଜ୍ଞାନ ବିନା ଦୁଃଖଦ୍ୱନ୍ଦ୍ୱ ଦୂରହୁଏ ନାହିଁ ।

ଶଙ୍କରାଚାର୍ଯ୍ୟ, ବୁଦ୍ଧଦେବ, ରାମାନୁଜ ପ୍ରଭୃତି ମହାପୁରୁଷଗଣ ସ୍ୱୟଂ ଶୁଦ୍ଧ, ବୁଦ୍ଧ ମୁକ୍ତ ଥିଲେ । ସେମାନଙ୍କର ନିଜ ପାଇଁ କୌଣସି କର୍ମର ପ୍ରୟୋଜନ ନ ଥିଲା । ସେମାନେ ସଂସାରକୁ ଆସି କର୍ମ କରିଥିଲେ ସଂସାରର ହିତ ସକାଶେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା ମୁକ୍ତି ବା ଭଗବତ୍‌ପ୍ରାପ୍ତି ନିମିତ୍ତ ଅଭୀପ୍ସୁ ବ୍ୟକ୍ତିମାନଙ୍କୁ ସତ୍‌ମାର୍ଗ, ସତ୍-ପ୍ରେରଣା ଦେଇ ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ଉଦ୍ଧାର କରିବା । ଆଉ ତାହାହିଁ ସେମାନେ କରିଥିଲେ । ସମୟ ଆସି ନ ଥିବାରୁ ଏହା ହୋଇଥିଲା ଆଂଶିକ ଏବଂ ଅସ୍ଥାୟୀ । ଯେପର୍ଯ୍ୟନ୍ତ ଆସୁରୀ ଶକ୍ତିର ରୂପାନ୍ତର ନ ହୁଏ, ସେପର୍ଯ୍ୟନ୍ତ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ସ୍ଥାପନା ହୋଇପାରେ ନାହିଁ । ସଂସାର ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା ତଥା ଅବିଦ୍ୟା ଆସୁରୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର କ୍ରିୟା ହେଲା – ଶାନ୍ତି, ଜ୍ଞାନ, ଆନନ୍ଦ, ପ୍ରେମ, ସତ୍ୟ, ନ୍ୟାୟ, ଦୟା, କରୁଣା, ମୈତ୍ରୀ, ଭ୍ରାତୃତ୍ୱ ଇତ୍ୟାଦି । ଆସୁରୀ ଶକ୍ତିର କ୍ରିୟା ହେଲା – ବୈର-ବିରୋଧ, ଚୋରି-ଡକାୟତି, ମିଥ୍ୟାଚାର, ହିଂସା-ଦ୍ୱେଷ, ସ୍ୱାର୍ଥ, ଅନ୍ୟାୟ, ଅତ୍ୟାଚାର ଇତ୍ୟାଦି । ଆସୁରୀ ଶକ୍ତିର ରୂପାନ୍ତର ନ ହେଲେ ଏହି ଅଜ୍ଞାନପ୍ରସୂତ ଅନ୍ୟାୟ, ଅତ୍ୟାଚାରାଦି ସ୍ଥାୟିଭାବେ ଦୂରହୁଏ ନାହିଁ । ଅନ୍ୟାୟ, ଅତ୍ୟାଚାରାଦି ବୃଦ୍ଧି ହେଲେ ଆଚାର୍ଯ୍ୟ ତଥା ଅବତାର ଆସି ଧର୍ମ ପ୍ରସାର ଦ୍ୱାରା କିଛିଦିନ ପାଇଁ ଅଧର୍ମକୁ ଚାପି ରଖନ୍ତି । କିଛିଦିନ ପରେ ମୁଥାଘାସ ପରି ଅଜ୍ଞାନ ଓ ଅଧର୍ମ ପୁଣି ମୁଣ୍ଡ ଟେକି ଛିଡ଼ାହୁଏ । ଏହିସବୁର ପୂର୍ଣ୍ଣ ରୂପାନ୍ତର ହୁଏ ଆଦ୍ୟା ଅତିମାନସ ଭାଗବତୀ ଶକ୍ତି ଦ୍ୱାରା, ଯେଉଁ ଶକ୍ତିକୁ ମା'ଶ୍ରୀଅରବିନ୍ଦ ଏହି ପୃଥିବୀ ପୃଷ୍ଠକୁ ଉତାରି ଆଣିଛନ୍ତି ଏବଂ ସେହି ଶକ୍ତି ଦ୍ୱାରା ମା' ରୂପାନ୍ତର କାର୍ଯ୍ୟ କରାଉଅଛନ୍ତି । ପୂର୍ବେ ଅବତାର ତଥା ଆଚାର୍ଯ୍ୟଗଣ ଯେଉଁ କାର୍ଯ୍ୟ କରି ଆସୁଥିଲେ ତାହା ପୂର୍ଣ୍ଣ ହୋଇ ନ ଥିଲା; ତାହା ପୂର୍ଣ୍ଣ ହେବ ଶ୍ରୀଅରବିନ୍ଦଙ୍କ ଯୋଗରେ । ପୂର୍ବ ଅବତାର ତଥା ଆଚାର୍ଯ୍ୟମାନଙ୍କ କାର୍ଯ୍ୟର ପୂର୍ଣ୍ଣ ରୂପାୟନ ହେବ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତରରେ ।

ପ୍ରଶ୍ନ : ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂରକରି ମୃତ୍ୟୁପୁରୀକୁ ସ୍ୱର୍ଗରେ ପରିଣତ କରିବା ଠିକ୍ । ଏହା ଅଜ୍ଞାନତା (Ignorance) ନୁହେଁ । କିନ୍ତୁ ଜୀବ ବ୍ରହ୍ମରେ ଏକ ହୋଇଗଲେ ନଦୀଜଳ ସମୁଦ୍ରଜଳ ସହିତ ଏକ ହେବା ସଦୃଶ କୌଣସି ପୃଥକତ୍ୱ ରହେ ନାହିଁ, ଥାଏ କେବଳ ଅନିର୍ବଚନୀୟ ଆନନ୍ଦ । ସେ ଅବସ୍ଥାରେ କିଏ କାହାକୁ ରୂପାନ୍ତର କରିବ ?

ଉତ୍ତର : ଏହା ବିରୋଧାତ୍ମକ ଉକ୍ତି । ତୁମ କହିବାନୁସାରେ ନଦୀଜଳ ସମୁଦ୍ରଜଳ ସହିତ ମିଶି ଏକ ହୋଇଯିବା ସଦୃଶ ଜୀବ ନିରାକାର ତତ୍ତ୍ୱରେ ମିଶି ଏକ ହୋଇଯାଏ । ତତ୍ତ୍ୱ ନିରାକାର, ପୁଣି ଅନିର୍ବଚନୀୟ ଆନନ୍ଦ ଅନୁଭବ କରେ କିଏ ଓ କିପରି ? ଏହା ବିରୋଧାତ୍ମକ ଉକ୍ତି । ଅନୁଭୂତି (Realisation) ଶବ୍ଦରେ ପ୍ରକାଶ ନ ହେଲେ ମଧ୍ୟ ତାହାର କ୍ରିୟାହିଁ ଦ୍ୱୈତ, ଅର୍ଥାତ୍ ଅନୁଭବ ହେବା ଏକ ବସ୍ତୁ, ଅନୁଭବ ଯେ କରେ ସେ ଭିନ୍ନ ବ୍ୟକ୍ତି । ଅଦ୍ୱୈତବାଦକୁ ରକ୍ଷା କରିବାକୁ ଯାଇ ଯଦି କୁହାଯାଏ ସେଠାରେ କୌଣସି ଅନୁଭୂତି ନାହିଁ, ତେବେ ତ ଗୋଟାଏ ମସ୍ତବଡ଼ ବିରୋଧ ହେବ – ଜଡ଼ତା । ବ୍ରହ୍ମ ଚୈତନ୍ୟ ତଥା ଜ୍ଞାନସ୍ୱରୂପ; ସୁତରାଂ ତାକୁ ଜଡ଼ କହିବା ଏକେବାରେ ଅଯୌକ୍ତିକ । ଯେକୌଣସିମତେ ସ୍ୱୀକାର କରିବାକୁ ହେବ ଆନନ୍ଦ ଅନୁଭୂତି । ମୂକ ଗୁଡ଼ଖାଇ ତା'ର ସ୍ୱାଦ ପ୍ରକାଶ କରିପାରେ ନାହିଁ, ଏହି ଉଦାହରଣକୁ ଦେଇ ଅଦ୍ୱୈତ ସିଦ୍ଧାନ୍ତକୁ ରକ୍ଷା କରାଯାଇଛି । ମୂକ ସ୍ୱାଦ ପ୍ରକାଶ କରି ନ ପାରିଲେ ବି ଅନୁଭବ କରିପାରେ; ଅନୁଭବହିଁ ଦ୍ୱୈତତା । ଅଦ୍ୱୈତବାଦୀମାନେ ବ୍ରହ୍ମଙ୍କ ନିରାକାର ସ୍ୱରୂପକୁ ଯେପରି ଭାବେ ବ୍ୟାଖ୍ୟା କରିଛନ୍ତି ସେଥିରେ ଯଥାର୍ଥରେ ଅଦ୍ୱୈତ ରକ୍ଷା ହୋଇ ନାହିଁ । ଆନନ୍ଦ ପ୍ରକାଶ ହେଉ ବା ନ ହେଉ, ଅନୁଭବ ମାତ୍ରେହିଁ ଦ୍ୱୈତତା । ଏହାର ଯଥାର୍ଥ କାରଣ ହେଉଛି ଅଦ୍ୱୈତବାଦୀମାନେ ମନ-ପ୍ରାଣ-ଶରୀରକୁ ମାୟା, ମିଥ୍ୟା, ଭ୍ରମ କହି ସେଥିରୁ ସମ୍ବନ୍ଧ ତୁଟାଇ ନିତ୍ୟମୁକ୍ତ ଜୀବକୁ ବ୍ରହ୍ମରେ ବିଲୀନ କରି ଏକ ହୋଇଯା'ନ୍ତି । ଏହି ମୁକ୍ତି ଅନୁଭୂତିରୁ ମନ-ପ୍ରାଣ-ଶରୀର ପୂର୍ଣ୍ଣତଃ ବଞ୍ଚିତ ରହନ୍ତି । ମନ-ପ୍ରାଣ-ଶରୀର ଏବଂ ବ୍ରହ୍ମ ମଧ୍ୟରେ ମସ୍ତବଡ଼ ବ୍ୟବଧାନ ହୋଇ ଯାଇଥାଏ । ଏହି ବ୍ୟବଧାନଯୁକ୍ତ ଅସମ୍ବନ୍ଧିତ ମନ ଦ୍ୱାରା ବ୍ରହ୍ମରେ ଲୀନ ହୋଇଯିବା ଅନୁଭୂତି ଯଥାର୍ଥ ଭାବେ ବ୍ୟକ୍ତ ହୋଇପାରେ ନାହିଁ । ଯଦି ମନ ଏବଂ ବ୍ରହ୍ମ ମଧ୍ୟରେ ସମ୍ବନ୍ଧ ସ୍ଥାପନ ହୋଇଥା'ନ୍ତା ଏବଂ ବ୍ରହ୍ମ ଯେପରି ଅସୀମ ସେହିପରି ମନ ଯଦି ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହୋଇ ଅସୀମ ହୋଇଥା'ନ୍ତା, ତେବେ ମନ ବ୍ରହ୍ମର ଯଥାର୍ଥ ସ୍ୱରୂପ ପ୍ରକାଶ କରିପାରିଥା'ନ୍ତା । ସମୟ ଆସି ନ ଥିବାରୁ ସେହି ଅତିମାନସ ଶକ୍ତି ଏହି ପୃଥିବୀକୁ ଆସି ନ ଥିଲା । ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀରକୁ ତ୍ୟାଗକରି ଯେଉଁ ଉଚ୍ଚତର ଚେତନାରେ ବ୍ରହ୍ମ ଉପଲବ୍ଧି କଲେ, ସେହି ଚେତନା ସ୍ତର ଏହି ମାନସ ଚେତନା ସ୍ତରକୁ ଆଣିପାରିଲେ ନାହିଁ । ମାନସ ଚେତନା ଯେପରି ସୀମିତ, ସଂକୁଚିତ ଥିଲା ସେହିପରି ରହିଗଲା । ଉଚ୍ଚତର ସତ୍ୟ ସ୍ଥୂଳ ଜଗତରେ ପ୍ରକାଶ ହୁଏ ମନ ମାଧ୍ୟମରେ; ମନ ସସୀମ ଥିବାରୁ ଅସୀମ ସତ୍ୟ ମନର ସସୀମ ଛାଞ୍ଚରେ ପ୍ରକାଶ ହେବାରେ ସସୀମ ହୋଇଗଲା । ବ୍ରହ୍ମର ସ୍ୱରୂପ କେବେ ବି ସସୀମ ହୁଏ ନାହିଁ । ସେ ସର୍ବକାଳରେ ଥାଏ ଅସୀମ । କେବଳ ମନ-ଭାଷାରେ ହୁଏ ସସୀମ । ବ୍ରହ୍ମର ଯଥାର୍ଥ ସ୍ୱରୂପ ମନ-ଭାଷାରେ ସସୀମ ହୋଇ ଥିବାରୁ ଦାର୍ଶନିକ ମତଭେଦ ସୃଷ୍ଟି ହୁଏ ଏବଂ ପରସ୍ପର ବିରୋଧ ମଧ୍ୟ ହୁଏ । ବ୍ରହ୍ମର ସ୍ୱରୂପ ସାକାର ଓ ନିରାକାର, ଏକ ସଙ୍ଗେ ପୁରୁଷୋତ୍ତମ ତତ୍ତ୍ୱ । ବେଦ, ଉପନିଷଦ୍, ଗୀତାଦି ଶାସ୍ତ୍ରରେ ବ୍ରହ୍ମର ସ୍ୱରୂପ ନିରାକାର କୁହାଯାଇଛି, ସାକାର କୁହାଯାଇଛି, ପୁରୁଷୋତ୍ତମ ତତ୍ତ୍ୱ ମଧ୍ୟ କୁହାଯାଇଛି । ସେହି ଏକ ତତ୍ତ୍ୱ ନିଷ୍କ୍ରିୟ ନିରାକାର ହେବା ସତ୍ତ୍ୱେ ସକ୍ରିୟ ସୃଷ୍ଟିକର୍ତ୍ତା । ଜଡ଼ବସ୍ତୁ, ମନୁଷ୍ୟ ତଥା ପଶୁ ପରି ବ୍ରହ୍ମ ସୀମିତ ନୁହେଁ । ସେ ଅନନ୍ତ, ଅସୀମ, ଅଚିନ୍ତ୍ୟ, ସର୍ବସମର୍ଥ । ସାକାରରୂପେ ସୃଷ୍ଟି ପରିଚାଳନା କରନ୍ତି ଓ ସେହି ସମୟରେ ସେ ନିରାକାର ନିଷ୍କ୍ରିୟ ମଧ୍ୟ ରହିଥା'ନ୍ତି । ଏହା ସୀମିତ ମନ ପକ୍ଷେ ବୁଝିବା ଅସମ୍ଭବ । ଏହି ଉପଲବ୍ଧି ହୁଏ, ବୁଝାଯାଏ ଯଦି ମନକୁ ଅତିମାନସ ଅଧିକାର କରେ । ଯେପର୍ଯ୍ୟନ୍ତ ବ୍ୟକ୍ତି ଅସୀମ ଅତିମାନସ ଚେତନାକୁ ପ୍ରାପ୍ତ ନ କରେ ସେପର୍ଯ୍ୟନ୍ତ ବ୍ରହ୍ମର ଯଥାର୍ଥ ସ୍ୱରୂପକୁ ଉପଲବ୍ଧି କରିପାରେ ନାହିଁ, କିଂବା ପ୍ରକାଶ କରିପାରେ ନାହିଁ । ପୂର୍ବେ ଅତିମାନସ ଚେତନା ପୃଥିବୀପୃଷ୍ଠକୁ ଆସିବାର ସମୟ ହୋଇ ନ ଥିଲା; ଆଚାର୍ଯ୍ୟମାନେ ପୃଥିବୀକୁ ଆସି ସେହି ସମୟୋପଯୋଗୀ ଅଧ୍ୟାତ୍ମସତ୍ୟ ପୃଥିବୀରେ ପ୍ରତିଷ୍ଠା କରିଥିଲେ । ପ୍ରତ୍ୟେକ ଆଚାର୍ଯ୍ୟ ସତ୍ୟ ଉପଲବ୍ଧି କରିଛନ୍ତି ଏବଂ ସଂସାରରେ ଭଗବାନଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି କାର୍ଯ୍ୟରେ ସହାୟତା କରିଛନ୍ତି । ଭଗବାନଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି ପୃଥିବୀରେ ପ୍ରକାଶ ହୋଇ ନ ଥିବାରୁ ଭିନ୍ନ ଭିନ୍ନ ଆଚାର୍ଯ୍ୟ ଅଧ୍ୟାତ୍ମ ସତ୍ୟକୁ ଉପଲବ୍ଧି କରିବା ସତ୍ତ୍ୱେ, ପରସ୍ପର ସିଦ୍ଧାନ୍ତରେ ବିରୋଧ ଦେଖାଦେଇଅଛି । ଏହାର ସମାଧାନ ହୋଇଛି ଶ୍ରୀଅରବିନ୍ଦଙ୍କ ଯୋଗରେ – ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୋଇ ସତ୍-ଚିତ୍-ଆନନ୍ଦ, ସାକାର, ନିରାକାର ଏବଂ ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱଙ୍କୁ ଉପଲବ୍ଧି

କରିବାରେ । ଏହା ପୂର୍ବରୁ ଅଦ୍ୱୈତବାଦୀମାନେ ମନର ଭାଷାରେ ବାଖ୍ୟା କଲେ, ବ୍ରହ୍ମ ନିଷ୍ତ୍ରିୟ ନିରାକାର । ନିଷ୍ତ୍ରିୟ ନିରାକାର ସଗୁଣ ସକ୍ରିୟ ହୋଇପାରେ ନାହିଁ । ଅତଏବ ସଗୁଣ ସକ୍ରିୟ ସବୁ ମାୟା । ମନର ସୀମିତ ଭାଷାରେ ସେମାନେ କହନ୍ତି, ''ମନକୁ ଅତିକ୍ରମ କରି ମନର ଊର୍ଦ୍ଧ୍ୱ ଚେତନାରେ ନିରାକାର ନିଷ୍ତ୍ରିୟ ସତ୍ତାରେ ଆତ୍ମା ବିଲୀନ ହୋଇଯାଏ । ସେଥିରେ ବ୍ୟକ୍ତିତ୍ୱବୋଧ ରହେ ନାହିଁ । ବ୍ୟକ୍ତିତ୍ୱ ନ ଥିଲେ ବିଭେଦ ଆସିବ କେଉଁଠୁ ? କେବଳ ଏକ ନିଷ୍ତ୍ରିୟ ସତ୍ତା । 'ଘଟାକାଶ' 'ମଠାକାଶ'ରେ ଲୟ ହୋଇଯାଏ । ସଂସାରର ବସ୍ତୁସକଳ ହୁଏ ମାୟା-ମରୀଚିକା । କାରଣ ସେମାନେ ଉପଲବ୍ଧି କରନ୍ତି ଏକମାତ୍ର ଶାନ୍ତ ବ୍ରହ୍ମଙ୍କୁ । ସେଠାରେ ବିଭେଦ, ବ୍ୟକ୍ତିତ୍ୱ ନ ଥାଏ; ସଂସାର ସହିତ ଶାନ୍ତ, ନିଷ୍ତ୍ରିୟ ବ୍ରହ୍ମର କୌଣସି ସାମଞ୍ଜସ୍ୟ ନ ଥାଏ, ପୁଣି ଏ ସଂସାର, ଶରୀର, ନାନାପ୍ରକାର ପ୍ରାଣୀ, ବୃକ୍ଷଲତା ଆଦି ଆସିଲେ କେଉଁଠୁ ? ଏସବୁ ଭ୍ରମ, ମାୟା, ମରୀଚିକା ।'' ସେହି ସକାଶେ ଆଚାର୍ଯ୍ୟ ଶଙ୍କର କହିଅଛନ୍ତି, ''ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା, ଜୀବୋବ୍ରହ୍ମୈବ ନାପରଃ ।'' ଏହି ଦୃଶ୍ୟମାନ ଜଗତ୍ ସ୍ୱପ୍ନବତ୍, ଅର୍ଥାତ୍ ଅସତ୍ୟ । ସେମାନେ ଦେଖନ୍ତି, ଆକାଶ, ପାତାଳ, ଦିଶା ବିଦିଶା, ଭିତରେ-ବାହାରେ ଏକମାତ୍ର ସେହି ଶାନ୍ତ ନିଷ୍ତ୍ରିୟ ସତ୍ତା । ଏହି ଅବସ୍ଥାରେ ଶରୀର ବା ଜୀବନ ପ୍ରତି କୌଣସି ଚିନ୍ତା ନ ଥାଏ । ମୃତ୍ୟୁ, ସୁଖ, ଦୁଃଖ ଅନୁଭବ କରିବ କିଏ ? ଦୁଃଖ ବା ସୁଖ ହେବ କାହାକୁ ? ଯଦି କେହି ପୃଥକ୍ ବ୍ୟକ୍ତି ଥିବ ତେବେ ନା ? ସବୁ ଅଖଣ୍ଡ ଏକ ନିଷ୍ତ୍ରିୟ ସତ୍ତା । କିନ୍ତୁ ଏହି ଅବସ୍ଥାରେ ମନ-ପ୍ରାଣ-ଶରୀର କିଛି ଅଂଶରେ ଯଦ୍ୟପି ଶୁଦ୍ଧ ହୁଅନ୍ତି ତଥାପି ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଅନ୍ତି ନାହିଁ । ତଥାପି ସେସବୁ କ୍ରିୟାଶୀଳ ହେବାକୁ ଅବସର ପାଆନ୍ତି ନାହିଁ; ଅନାହାରରେ ଦୁର୍ବଳ ହୋଇ ନିର୍ଜୀବ ପରି ପଡ଼ିଥାଆନ୍ତି । ଏହି ଅବସ୍ଥାକୁ ଗୀତାରେ କୁହାଯାଇଛି :—

''ଇହୈବ ତୈର୍ଜିତଃ ସ୍ୱର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ।।''

ଏହି ଅବସ୍ଥାରେ ଯୋଗୀର ଶରୀର ତ୍ୟାଗ ହେବାମାତ୍ରେ ବ୍ରହ୍ମରେ ଲୀନ ହୋଇଯାଆନ୍ତି । କିନ୍ତୁ ଏହି ଅନୁଭୂତି ହେଲା ବ୍ରହ୍ମର ଗୋଟିଏ ମାତ୍ର ନିଷ୍ତ୍ରିୟ ଦିଗ ।

ଭକ୍ତି-ମାର୍ଗରେ ବି ମନକୁ ଅତିକ୍ରମ କରି କୌଣସି ଉଚ୍ଚତର ସ୍ତରରେ ଭକ୍ତ-ଯୋଗୀମାନେ ଜ୍ଞାନ-ଯୋଗୀଙ୍କ ପରି ବ୍ରହ୍ମର ନିଷ୍ତ୍ରିୟ, କେବଳ ଶାନ୍ତ ସ୍ୱରୂପକୁ ଅନୁଭବ କରନ୍ତି ନାହିଁ, ସେମାନେ ଅନୁଭବ କରନ୍ତି ବ୍ରହ୍ମଙ୍କୁ ସୃଷ୍ଟି-ସ୍ଥିତି-ଲୟର କାରଣ ଭଗବାନ୍ ରୂପେ । ନିଜେ ତାଙ୍କଠାରୁ ପୃଥକ୍, ତାଙ୍କର ଅଂଶ ଏବଂ ସେବକ । ତାଙ୍କୁ ପୂଜା କରନ୍ତି, ନିଜକୁ ତାଙ୍କ ଚରଣରେ ଅର୍ପଣ କରନ୍ତି, ଭକ୍ତି କରନ୍ତି, ପ୍ରେମ କରନ୍ତି, ତାଙ୍କୁ ସର୍ବସ୍ୱ ଦେଇ ତାଙ୍କ ସକାଶେ ଜୀବନ ଧାରଣ କରନ୍ତି ଓ ମୃତ୍ୟୁକୁ ବରଣ କରନ୍ତି । ସକଳ ପ୍ରକାର ଜାଗତିକ ସମ୍ବନ୍ଧ ଭଗବାନଙ୍କ ଚରଣରେ ସ୍ୱାହା କରି ତାଙ୍କୁ ପିତା, ପ୍ରଭୁ, ପୁତ୍ର ଓ ସଖାରୂପେ ସେବା କରନ୍ତି । ସେମାନେ ଚାହାନ୍ତି କେବଳ ତାଙ୍କ ପ୍ରେମାସ୍ୱଦଙ୍କ ଭକ୍ତି । ତାଙ୍କ ପ୍ରସନ୍ନତା ସକାଶେ ମାନ, ଯଶଃ, କୁଳ, ଧର୍ମ, ମର୍ଯ୍ୟାଦା, ଲଜ୍ଜା, କୈବଲ୍ୟ ମୋକ୍ଷକୁ ମଧ୍ୟ ଜଳଞ୍ଜଳି ଦେଇଦିଅନ୍ତି । ମନର ଊର୍ଦ୍ଧ୍ୱରେ କୌଣସି ସ୍ତରରେ ସର୍ବବସ୍ତୁରେ କେବଳ ନିଜ ଇଷ୍ଟଦେବଙ୍କୁ ଦେଖନ୍ତି ।

ବୃନ୍ଦାବନରେ ଗୋପୀମାନେ ଯନ୍ତ୍ରବତ୍ ଗୃହକାର୍ଯ୍ୟ କରି ସ୍ମରଣ କରୁଥିଲେ ଶ୍ରୀକୃଷ୍ଣଙ୍କୁ । ତାଙ୍କ ଦୃଷ୍ଟିରେ ଗାଈବାଛୁରୀ, ପତିପୁତ୍ର, ଗଛପତ୍ର, ନଦୀପର୍ବତ ସବୁକିଛିହିଁ ଥିଲା ଶ୍ରୀକୃଷ୍ଣମୟ । ଅର୍ଥାତ୍ ସେମାନେ ସର୍ବତ୍ର ତଥା ସର୍ବଭୂତରେ କେବଳ ସେହି ଘନଶ୍ୟାମ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ । ଏହି ଅବସ୍ଥାକୁ ଗୀତାରେ କୁହା ହୋଇଅଛି, ''ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭ ।'' ଏହି ଅନୁଭୂତି ବ୍ରହ୍ମର ଅନ୍ୟ ଏକ ଦିଗ । ଏଥିରେ ଶରୀର-ମନ-ପ୍ରାଣ କିଛି ଅଂଶରେ ଶୁଦ୍ଧ ହୋଇଥାଏ, କିନ୍ତୁ ରୂପାନ୍ତରିତ ହୋଇ ନ ଥାଏ ।

ଆଉ କେତେକ ଯୋଗୀ ଊର୍ଦ୍ଧ୍ୱତର ଚେତନାରେ ବ୍ରହ୍ମଙ୍କର ସକ୍ରିୟ, ନିଷ୍ତ୍ରିୟ, ଉଭୟର ଧର୍ତ୍ତା ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦ ସ୍ୱରୂପକୁ ଉପଲବ୍ଧି କରିଥିଲେ । କିନ୍ତୁ ଏହି ସ୍ଥୂଳ ପୃଥିବୀରେ ଓ କର୍ମରେ ତାହାକୁ କିପରି ଅନୁଭବ କରିହେବ ତାହାର ଉଦ୍ୟମ କରି ନ ଥିଲେ । ସେଥିପାଇଁ ଜ୍ଞାନ-ମାର୍ଗରେ ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମ ନିଷ୍ତ୍ରିୟ, ନିରାକାର ଅନୁଭୂତି ଆଉ ଆଚାର୍ଯ୍ୟ ରାମାନୁଜଙ୍କ ବ୍ରହ୍ମ ସର୍ବନିୟନ୍ତା, କର୍ତ୍ତା ଓ ଧର୍ତ୍ତା ଭଗବାନଙ୍କ ଅନୁଭୂତି — ଏହି ଉଭୟ ଅନୁଭୂତି ପରସ୍ପର

ବିରୋଧୀ । ଏପରିକି ଗୋଟିକୁ ଗ୍ରହଣ କଲେ ଅନ୍ୟଟି ଅସତ୍ୟ ହେବା ଅନିବାର୍ଯ୍ୟ ବୋଲି ପ୍ରତୀତ ହୁଏ । ଯଥାର୍ଥରେ ଏହା ଅସତ୍ୟ ନୁହେଁ । ଶଙ୍କର ରାମାନୁଜ ଉଭୟଙ୍କ ଅନୁଭୂତି ପରସ୍ପର ବିରୋଧୀ ହେଲେହେଁ ସତ୍ୟ ଉପରେ ପ୍ରତିଷ୍ଠିତ । ଏହାର ପ୍ରମାଣ ସ୍ୱରୂପ ହଜାର ହଜାର ସଚ୍ଚମହାତ୍ମା ସେମାନଙ୍କ ମାର୍ଗ ଅବଲମ୍ବନ କରି ନିଜ ଲକ୍ଷ୍ୟରେ ପହଞ୍ଚି ଅଛନ୍ତି ଏବଂ ଅସଂଖ୍ୟ ନରନାରୀଙ୍କୁ ମଧ୍ୟ ସେହି ଲକ୍ଷ୍ୟରେ ପହୁଞ୍ଚାଇ ଦେଇଅଛନ୍ତି । ସେମାନଙ୍କ ସିଦ୍ଧାନ୍ତ ସତ୍ୟ ଉପରେ ପ୍ରତିଷ୍ଠିତ ଥିବାରୁ କେତେ ବିଧର୍ମୀଙ୍କ ଆକ୍ରମଣ ସତ୍ତ୍ୱେ ତାହା ବିଦ୍ୟମାନ ରହିଅଛି । କିନ୍ତୁ ଏହାର ସମନ୍ୱୟ ହେଉଛି ପୁରୁଷୋତ୍ତମ ତତ୍ତ୍ୱର ଅନୁଭୂତିରେ ।

ପୁରୁଷୋତ୍ତମ ତତ୍ତ୍ୱ ଏହି ପାର୍ଥିବ ସ୍ଥୂଳ ଚେତନାରେ ତେବେ ପୂର୍ଣ୍ଣରୂପେ ପ୍ରକାଶିତ ହେବେ, ଯେବେ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟ-ତତ୍ତ୍ୱରେ ରୂପାନ୍ତର ହେବ ଏବଂ ଅତିମାନବ ଜାତି ଏହି ପୃଥିବୀରେ ସ୍ଥାପନା ହେବ ତଥା ମନୋମୟ ଚେତନାକୁ ଅତିମାନସ ଚେତନା ଅଧିକାର କରିବ । କାରଣ ପୁରୁଷୋତ୍ତମ ତତ୍ତ୍ୱ ପୂର୍ଣ୍ଣରୂପେ ପ୍ରକାଶିତ ହୋଇପାରେ ଅତିମାନସ ଚେତନାରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ ।

ପ୍ରଶ୍ନ : ପୁରାତନ ସମସ୍ତ ଯୋଗ ଅପେକ୍ଷା କ'ଣ ଅତିମାନସ ଯୋଗ ସର୍ବଶ୍ରେଷ୍ଠ ?

ଉତ୍ତର : ଛୋଟବଡ଼, ଉଚ୍ଚନୀଚ ଧାରଣା ଓ ଭାବ ଅତି ସଂକୁଚିତ ଓ ସୀମିତ ମନର । ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ବସ୍ତୁର ଯଥାର୍ଥ ସ୍ଥାନ ରହିଛି ଏବଂ ସକଳଙ୍କୁ ନେଇ ପୂର୍ଣ୍ଣତା ହୁଏ । ଯଦି ପାଦକୁ ନୀଚ ଓ ଶିରକୁ ଉଚ୍ଚ ବୋଲି କୁହ, ତେବେ ପାଦର ଅଭାବରେ ଶିର କ'ଣ ତା'ର ସ୍ଥାନ ପୂରଣ କରିପାରିବ ? ମନର ବିଚାରରେ ନିମ୍ନ ପ୍ରାଇମେରୀ ଅପେକ୍ଷା ଏମ୍.ଏ. ବହୁତ ଉଚ୍ଚ, କିନ୍ତୁ ପ୍ରଥମଟିକୁ ବାଦ୍ ଦେଲେ ଦ୍ୱିତୀୟଟିର ଭିତ୍ତି ସ୍ଥାପନ ହୋଇପାରେ କି ? ଅଜ୍ଞାନ ଆଉ ଅନ୍ଧକାର ଅବସ୍ଥାରେ ଛୋଟବଡ଼, ଉଚ୍ଚନୀଚ ଭାବ ଉତ୍ପନ୍ନ ହୁଏ । ଜ୍ଞାନ ଓ ଜ୍ୟୋତିଃ ସମ୍ମୁଖକୁ ଏସବୁ ସୀମିତ ଭାବ ସୂର୍ଯ୍ୟ ସମ୍ମୁଖରେ ଅନ୍ଧକାର ସଦୃଶ ଆସିପାରେ ନାହିଁ । ସତ୍ୟରେ ଅସାମଞ୍ଜସ୍ୟ ନ ଥାଏ, କିନ୍ତୁ ଅସୀମ ସତ୍ୟକୁ ସୀମିତ ମନ ବୁଝି ନ ପାରି ସେଥିରେ ବିରୋଧ ଆରୋପ କରେ । ମାନବଜାତି ଯେତେବେଳେ ଯେତିକି ସତ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ହୁଏ ସେତେବେଳେ ଭଗବାନ୍ ତଥା ଆଚାର୍ଯ୍ୟମାନେ ଅବତାର ଗ୍ରହଣ କରି ସେତିକି ସତ୍ୟ ସ୍ଥାପନା କରନ୍ତି । ସୃଷ୍ଟି ଏକ ଭଗବାନଙ୍କର, ଆଉ ସେହି ଏକ ଭଗବାନଙ୍କ ଦ୍ୱାରା ବ୍ୟବସ୍ଥିତ ଓ ଚାଳିତ ହୁଏ; ସେଥିରେ ବିରୋଧ ହେବ କିପରି ? ମନୁଷ୍ୟ ଭଗବାନଙ୍କ ବ୍ୟବସ୍ଥାକୁ ମନ ଦ୍ୱାରା ବୁଝି ନ ପାରି ବିରୋଧ ସୃଷ୍ଟି କରେ, ବାସ୍ତବରେ କୌଣସି ବିରୋଧ ନ ଥାଏ । ଯେପରି ଶଙ୍କର ନିର୍ବିଶେଷ, ଗତିହୀନ, ନିଷ୍କ୍ରିୟ ବ୍ରହ୍ମଙ୍କୁ ଦୃଶ୍ୟମାନ ବସ୍ତୁରୁ ପୃଥକ୍ ବୋଲି ଘୋଷଣା କଲେ । ରାମାନୁଜ କହିଲେ – ''ବ୍ରହ୍ମ ଦୃଶ୍ୟମାନ ବସ୍ତୁରୁ ପୃଥକ୍ ହୋଇ ନ ପାରେ । ବ୍ରହ୍ମ ଦୃଶ୍ୟମାନ ବସ୍ତୁରୂପେ ପ୍ରକଟ ହୋଇ ଅଛନ୍ତି ।'' ''ଏକୋଽହଂ ବହୁସ୍ୟାମ୍'', ଯଦି ବ୍ରହ୍ମ ସତ୍ୟ, ତେବେ ଜଗତ୍ ମିଥ୍ୟା ହୋଇ ନ ପାରେ; ସୁତରାଂ ବ୍ରହ୍ମହିଁ ବହୁରୂପେ ପ୍ରକଟ ହୋଇଅଛନ୍ତି । ରାମାନୁଜଙ୍କର ଏହି ଅନୁଭୂତି ଓ ସିଦ୍ଧାନ୍ତ ସତ୍ୟ ତଥା ଶଙ୍କରଙ୍କର ବିରୋଧୀ, କିନ୍ତୁ ଏଥିରେ ମଧ୍ୟ ପୂର୍ଣ୍ଣ ସମାଧାନ ନୁହେଁ । ଯଦି ସଂସାର ବହ୍ମରୂପ, ତେବେ ଏଠାରେ ଦୁଃଖକଷ୍ଟ କାହିଁକି ? ଯେଉଁ ସାଧାରଣ ମନୁଷ୍ୟ ସଂସାର ଓ ଭଗବାନଙ୍କ ସମ୍ବନ୍ଧେ ଅଜ୍ଞାନ, ସେମାନେ ଦୁଃଖକଷ୍ଟ ଭୋଗନ୍ତି ଓ ସଂସାର ତ୍ୟାଗ କରି ତଥା ଶରୀର ତ୍ୟାଗ କରି ଚାଲିଯାଆନ୍ତି । କିନ୍ତୁ ଯେଉଁମାନେ ମହାତ୍ମା ଆଉ ଭଗବାନଙ୍କର ଦର୍ଶନ ଲାଭ କରିଛନ୍ତି, ସେମାନେ କାହିଁକି ବ୍ରହ୍ମରୂପ ଶରୀରକୁ ତ୍ୟାଗ କରନ୍ତି ? ଯଦି ଭଗବାନ୍ ସର୍ବତ୍ର ବିଦ୍ୟମାନ, ତେବେ ଏ ସଂସାରରେ ବି ବିଦ୍ୟମାନ ଅଛନ୍ତି, ତେବେ ଏହି ସଂସାରକୁ ଛାଡ଼ି ସାକେତ, ବୈକୁଣ୍ଠ, ଗୋଲୋକ ଯିବାର ପ୍ରୟୋଜନ କ'ଣ ?

ଏସବୁର ଯଥାର୍ଥ ସମାଧାନ ଶ୍ରୀଅରବିନ୍ଦଙ୍କ ଯୋଗରେ ମିଳେ । ନିଷ୍କ୍ରିୟ ଆଉ ସକ୍ରିୟ ଏବଂ ଉଭୟଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱହିଁ ଅତିମାନସ ଚେତନାରେ ନିରାବରଣରୂପେ ଅନୁଭୂତ ହୁଏ । ସେହି ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ ଓ ଶରୀର ତାହାର ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ବ୍ୟକ୍ତି ଅନୁଭବ କରିପାରେ ସକ୍ରିୟ, ନିଷ୍କ୍ରିୟ ଏବଂ ଏହି ଉଭୟଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱକୁ । ସେତେବେଳେ ଶରୀର ଛାଡ଼ି ଅନ୍ୟ ଦିବ୍ୟ ଲୋକକୁ ଯିବାକୁ ହୁଏ ନାହିଁ । ସକଳ ଦିବ୍ୟ ଲୋକ ଓ ଏହି ମୃତ୍ୟୁଲୋକ ମଧ୍ୟରେ ବ୍ୟବଧାନ ଆଉ ରହେ ନାହିଁ । ସମସ୍ତ ଦିବ୍ୟଲୋକ ଉତରି ଆସେ

ମର୍ତ୍ତ୍ୟରେ, ଏହି ମୃତ୍ୟୁପୁରୀ ପରିଣତ ହୁଏ ଦିବ୍ୟ ଲୋକ ସାକେତ, ବୈକୁଣ୍ଠ ଓ ଗୋଲୋକରେ । ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ଯୋଗର ବିରୋଧୀ ନୁହେଁ, କିନ୍ତୁ ସକଳ ପୁରାତନ ଯୋଗକୁ ତାହାର ଯଥାର୍ଥ ସ୍ଥାନ ପ୍ରଦାନ କରି ସମସ୍ତଙ୍କୁ ଏକ ଏବଂ ବିଶାଳ କରି ତୋଳେ । ଆଉ ପୂର୍ବ ଯୋଗରେ ଭକ୍ତି ଓ ଜ୍ଞାନ ମଧ୍ୟରେ ଯେଉଁ ବିରୋଧ ଥିଲା ତାହାର ଏକ ବିରାଟ ସମନ୍ୱୟ ସମ୍ପାଦନ କରେ । ଆଉ ମଧ୍ୟ ପୂର୍ବେ ଯୋଗୀମାନେ ଯେଉଁ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିଥିଲେ ତାହାକୁ ଶ୍ରୀଅରବିନ୍ଦଙ୍କ ଯୋଗ ଏହି ସ୍ଥୂଳ ଜଗତରେ ପୂର୍ଣ୍ଣରୂପେ ପ୍ରକାଶ କରେ । ସୁତରାଂ ଶ୍ରୀଅରବିନ୍ଦଙ୍କ ଯୋଗ ବେଦ, ଉପନିଷଦ୍ ଆଉ ପୂର୍ବ ଯୋଗୀମାନଙ୍କର ଅନୁଭୂତି ଉପରେ ପ୍ରତିଷ୍ଠିତ । କ୍ରମବିକାଶ ଧାରା ଅନୁସାରେ ଯଦି ପୁରାତନ ଯୋଗ ପ୍ରତିଷ୍ଠିତ ହୋଇ ନ ଥା'ନ୍ତା, ତେବେ ଆଜି ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତିଷ୍ଠିତ ହେବାକୁ ଆଧାର ପାଇ ନ ଥା'ନ୍ତା । ତେଣୁ କୌଣସି ଯୋଗ ଅନ୍ୟ କୌଣସି ଯୋଗର ବିରୋଧୀ ନୁହେଁ । ପୂର୍ଣ୍ଣ ସତ୍ୟ ଦୃଷ୍ଟିରେ ଏକ ଅନ୍ୟର ପରିପୂରକ ଏବଂ ପୂର୍ଣ୍ଣତାର ପଥରେ ସହାୟକ ।

ପ୍ରଶ୍ନ : କହୁଛନ୍ତି : ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ଯୋଗର ବିରୋଧୀ ନୁହେଁ, ଅର୍ଥାତ୍ ସକଳ ପୁରାତନ ଯୋଗକୁ ବିଶାଳ କରି ତୋଳେ ଏବଂ ପୂର୍ଣ୍ଣତା ଆଣିଦିଏ, ତେବେ ପୁରାତନ ଯୋଗୀମାନଙ୍କୁ କ'ଣ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାକୁ ହେବ ?

ଉତ୍ତର : ପୁରାତନ ଯୋଗର ସାଧକମାନେ ଯଦି ପୂର୍ଣ୍ଣତା ପ୍ରାପ୍ତ କରିବାକୁ ଚାହାନ୍ତି, ତେବେ ସେମାନଙ୍କର ପକ୍ଷେ ଶ୍ରୀଅରବିନ୍ଦଙ୍କ ଯୋଗ ଆବଶ୍ୟକ ନୁହେଁ ଅନିବାର୍ଯ୍ୟ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସାଧନା କରିବାର ଅର୍ଥ କ'ଣ ପୁରାତନ ଯୋଗ-ସାଧନା-ପ୍ରଣାଳୀସବୁକୁ ଛାଡ଼ି ନୂତନ ରୂପେ ଏହାକୁ ଗ୍ରହଣ କରିବାକୁ ହେବ ?

ଉତ୍ତର : ଏହାର ଅର୍ଥ : ଲକ୍ଷ୍ୟକୁ ବ୍ୟାପକ, ବିଶାଳ ଓ ପୂର୍ଣ୍ଣ କରିବାକୁ ହେବ । ପୁରାତନ ଯୋଗର ଲକ୍ଷ୍ୟ ଥିଲା ଶରୀରକୁ ତ୍ୟାଗ କରି ନିର୍ବିଶେଷ ସତ୍ତାରେ ଏକ ହୋଇଯିବା ଅଥବା ସାକେତ, ବୈକୁଣ୍ଠ କିଂବା ଗୋଲୋକରେ ଭଗବାନଙ୍କ ଲୀଳାସହଚର ହେବା । ଏହି ଲକ୍ଷ୍ୟ ପରିବର୍ତ୍ତେ, ଏହା ସ୍ଥାନରେ ରଖିବାକୁ ହେବ — ଏହି ଶରୀରକୁ ତ୍ୟାଗ ନ କରି ଏହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରୀକରଣ । ରୂପାନ୍ତରିତ ଶରୀର ରୋଗ-ଜରା-ମୃତ୍ୟୁରୁ ମୁକ୍ତ ହେବା । ଅର୍ଥାତ୍ ଶରୀର ତ୍ୟାଗ ପରେ ଗୋଲୋକ, ସାକେତ ଓ ବୈକୁଣ୍ଠରେ ଯେଉଁ ନିତ୍ୟମୁକ୍ତ ଶରୀର ପ୍ରାପ୍ତ ହେଉଥିଲା ଶରୀର ରୂପାନ୍ତରରେ ସେହି ଗୁଣ ଧର୍ମ ପ୍ରତିଷ୍ଠିତ ହେବ ତଥା ପୁରାତନ ଯୋଗର ନିର୍ବିଶେଷ, ନିରାକାର ସତ୍ତାରେ ଏକତ୍ୱ ଅଭିବ୍ୟକ୍ତି ଏବଂ ଭଗବତ୍ ପ୍ରାପ୍ତି — ଏହି ଉଭୟ ସିଦ୍ଧି ଶ୍ରୀଅରବିନ୍ଦଙ୍କ ଯୋଗରେ ଲକ୍ଷ୍ୟ ସିଦ୍ଧିର ପୂର୍ବରୁ ପ୍ରାପ୍ତ ହେବ । ଅର୍ଥାତ୍ ଏହି ସମସ୍ତ ସିଦ୍ଧିର ପ୍ରାପ୍ତି ପରେ ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି ଲାଭ ହେବ । ଏହି ଯୋଗରେ ପୁରାତନ ଯୋଗସିଦ୍ଧି ତ ପ୍ରାପ୍ତ ହୁଏ, ତା' ଛଡ଼ା ବ୍ୟକ୍ତି ସଚ୍ଚିଦାନନ୍ଦ ତତ୍ତ୍ୱ ସହ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବା ସତ୍ତ୍ୱେ ପୃଥକ୍ ରହି ତାଙ୍କ ସଂକଳ୍ପ ଦ୍ୱାରା ପରିଚାଳିତ ହୁଏ । ଏହା ପୁରାତନ ଯୋଗରେ ଲାଭ କରାଯାଇ ନାହିଁ । ତେଣୁ ଶ୍ରୀଅରବିନ୍ଦଙ୍କ ଯୋଗ ପୁରାତନ ଯୋଗର ଲକ୍ଷ୍ୟକୁ ପରିପୁଷ୍ଟି ଓ ପୂର୍ଣ୍ଣତା ପ୍ରଦାନ କରେ । ପୁରାତନ ଯୋଗରେ ଶରୀର ତ୍ୟାଗ ପରେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ, ସେହି ସମସ୍ତ ଅବସ୍ଥା ଏହି ଶରୀର-ରୂପାନ୍ତରର ପ୍ରଥମ ସିଦ୍ଧିରୂପେ ପ୍ରାପ୍ତ ହୁଏ ।

ପ୍ରଶ୍ନ : ପୁରାତନ ଯୋଗରେ ଶରୀର ତ୍ୟାଗ ପରେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ, ସେହି ଅବସ୍ଥା ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ତ୍ୟାଗ କରା ନ ଯାଇ ପ୍ରାପ୍ତ କରା ହୁଏ । ଏହାର ବିଶେଷତ୍ୱ କ'ଣ ? ସରଳ ଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : କେବଳ ମୁକ୍ତ ଅବସ୍ଥାର ଦିବ୍ୟ ଶରୀର ଓ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତରିତ ଶରୀର ମଧ୍ୟରେ ସାଦୃଶ୍ୟ ଥିବା ସତ୍ତ୍ୱେ ଅଭିବ୍ୟକ୍ତିରେ ପାର୍ଥକ୍ୟ ରହିଛି । ପୁରାତନ ଯୋଗରେ ସାକେତ, ଗୋଲୋକ, ବୈକୁଣ୍ଠାଦି ନିତ୍ୟ ଧାମରେ ସଚ୍ଚିଦାନନ୍ଦତତ୍ତ୍ୱର ସାକାର ସଗୁଣ ବ୍ରହ୍ମଙ୍କ ସେବାପ୍ରାପ୍ତ ହୁଏ; କିନ୍ତୁ ସଚ୍ଚିଦାନନ୍ଦ ତତ୍ତ୍ୱ ସାକାର, ନିରାକାର ଓ ଏକହି ସଙ୍ଗେ ଉଭୟ ଅବସ୍ଥାକୁ ଧାରଣ କରିଥିବା ପୁରୁଷୋତ୍ତମ ତତ୍ତ୍ୱର ଉପଲବ୍ଧି ହୁଏ ନାହିଁ ଏବଂ ସଂସାର ହେବାର ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ସକଳ ଯୋଗର ଲକ୍ଷ୍ୟ ସିଦ୍ଧ ହୁଏ ଏବଂ ପୁରାତନ ସମସ୍ତ

ଯୋଗର ପରସ୍ପର ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ହୁଏ । ତା' ଛଡ଼ା ଶରୀର, ମନ ଓ ପ୍ରାଣ ରୂପାନ୍ତରିତ ହେବା ପରେ ନିମ୍ନ ପ୍ରକୃତି ସେଥିରେ କ୍ରିୟା କରିପାରେ ନାହିଁ; କାରଣ ସେସବୁ ରୂପାନ୍ତରିତ ହୋଇଯାଇଥା'ନ୍ତି । ପୁରାତନ ଯୋଗରେ ସାଧକର ଶରୀର, ମନ ଓ ପ୍ରାଣର ରୂପାନ୍ତର ହୋଇ ନ ଥାଏ । ସେହି ମୁକ୍ତାତ୍ମାମାନେ ଯଦି ଭଗବାନଙ୍କର କର୍ମ ସାଧନ ପାଇଁ ପୁଣି ଏହି ପୃଥିବୀକୁ ଆସନ୍ତି, ତେବେ ପୂର୍ବ ଅଜ୍ଞାନ, ଅନ୍ଧକାର ଆସି ସେମାନଙ୍କ ମନ-ପ୍ରାଣ-ଶରୀରକୁ ଆଚ୍ଛନ୍ନ କରି ପକାଏ । ସେଥିପାଇଁ ସେମାନଙ୍କୁ ସାଧନା ଦ୍ୱାରା ଦୁଃଖ କଷ୍ଟ ମଧ୍ୟଦେଇ ସେହିସବୁ ନିମ୍ନ ପ୍ରକୃତିର କବଳରୁ ମୁକ୍ତ ହେବାକୁ ହୁଏ । ମୁକ୍ତାତ୍ମା ତୁଳସୀ ଦାସ, ସୁରଦାସ, ସମର୍ଥ ରାମଦାସ, ଜ୍ଞାନଦେବ, ତୁକାରାମ, ନାମଦେବ ଓଗେର ସାଧୁ ମହାତ୍ମାଙ୍କ ଜୀବନରେ ଏହା ଦେଖିବାକୁ ମିଳେ ।

ଏହି ଯୋଗର ଅନ୍ୟ ଏକ ବିଶେଷତ୍ୱ ହେଲା – ବ୍ୟକ୍ତିର ଶରୀରର ରୂପାନ୍ତର ହେବା ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିର ଲାଭ ହୁଏ ଓ ସଂସାରରୁ ଅନ୍ଧକାର ଶକ୍ତିର କ୍ରିୟା – ହିଂସାଦ୍ୱେଷ, ଈର୍ଷ୍ୟାବିରୋଧ ଆଦି ଦୁର୍ଗୁଣ ଦୂର ହୋଇଯାଏ ଏବଂ ଅନ୍ୟ ସକାଶେ ରୂପାନ୍ତରର ଗୋଟାଏ ସରଳ ଓ ସହଜ ବାଟ ଖୋଲିଯାଏ । ଯଥାର୍ଥରେ କହିବାକୁ ଗଲେ ଶରୀରର ରୂପାନ୍ତର ଯୋଗ କେବଳ ବ୍ୟକ୍ତିଗତ ନୁହେଁ, ସମଷ୍ଟିଗତ ତଥା ସମଗ୍ର ସଂସାର ନିମିତ୍ତ ।

ପ୍ରଶ୍ନ : ବୈଷ୍ଣବ, ତାନ୍ତ୍ରିକ ଆଦି ଯେକୌଣସି ଦ୍ୱୈତ ଉପାସକ ଭକ୍ତ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଗ୍ରହଣ ସକାଶେ କୌଣସି ବିରୋଧ ନାହିଁ । କିନ୍ତୁ ଯେଉଁମାନେ ନିର୍ବିଶେଷ ବ୍ରହ୍ମବାଦୀ ସେମାନଙ୍କ ଲକ୍ଷ୍ୟ ଏହାଠାରୁ ଏକେବାରେ ଭିନ୍ନ । ସେମାନଙ୍କ ସିଦ୍ଧାନ୍ତ ହେଲା ଶରୀର ଓ ସଂସାର ମାୟା ମରୀଚିକା । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ସିଦ୍ଧାନ୍ତ ଅନୁସାରେ ଶରୀର ଓ ସଂସାର ସତ୍ୟ । ଏହି ଉଭୟ ବିରୋଧୀ ସିଦ୍ଧାନ୍ତର ଲକ୍ଷ୍ୟରେ ସାମଞ୍ଜସ୍ୟ କେଉଁଠି ?

ଉତ୍ତର : ବାହ୍ୟତଃ ଉଭୟ ଲକ୍ଷ୍ୟ ବିରୋଧୀ ପ୍ରତୀତ ହେଉଥିଲେ ବି ଯଥାର୍ଥରେ ପରସ୍ପର ବିରୋଧୀ ନୁହନ୍ତି । ଜନ୍ମ-ମୃତ୍ୟୁରୂପ ତୀବ୍ର ଯାତନା ଏବଂ ଅସହ୍ୟ ସାଂସାରିକ ଦୁଃଖକଷ୍ଟରୁ ମୁକ୍ତ ହେବା ଉଦ୍ଦେଶ୍ୟରେ ବ୍ରହ୍ମରେ ମିଳିଯିବା ଅଦ୍ୱୈତବାଦୀଙ୍କର ଲକ୍ଷ୍ୟ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଶରୀର, ମନ ଓ ପ୍ରାଣର ରୂପାନ୍ତର ସହିତ ଅଦ୍ୱୈତ ମୁକ୍ତି ମଧ୍ୟ ମିଳେ, ଅର୍ଥାତ୍ ନିରାକାର ତତ୍ତ୍ୱର ଉପଲବ୍ଧି ହୁଏ ଏବଂ ସାଧକ ଜନ୍ମ ମୃତ୍ୟୁ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ, ତାକୁ ଅବିଦ୍ୟାମାୟା ସ୍ପର୍ଶ କରିପାରେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ହେଉଛି ପ୍ରଥମ ସିଦ୍ଧି । ଏହା ଶ୍ରୀଅରବିନ୍ଦଙ୍କ ଯୋଗରେ ଉପଲବ୍ଧ ହେଉଥିବାରୁ ଶଙ୍କରଙ୍କ ସିଦ୍ଧାନ୍ତ ଓ ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତରେ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହେଉଛି । ଏତଦ୍‌ଭିନ୍ନ ପୂର୍ଣ୍ଣଯୋଗ ମନ-ପ୍ରାଣ-ଶରୀରର ଆଧାରରେ ଦିବ୍ୟାନନ୍ଦ, ଦିବ୍ୟପ୍ରେମ, ପରମଶାନ୍ତି ଓ ପରାଶକ୍ତି ଅବତରଣ କରାଇ ଶରୀରକୁ ଉନ୍ନତ ଓ ସମୃଦ୍ଧିଶାଳୀ କରି ଦିବ୍ୟ ମାନବରେ ପରିଣତ କରାଏ । ଅତଏବ ପୂର୍ଣ୍ଣଯୋଗର ଏହି ନୂତନତ୍ୱ ସକଳ ପୁରାତନ ଯୋଗକୁ ପୂର୍ଣ୍ଣତା ପ୍ରଦାନ କରେ ତଥା ଅଧ୍ୟାତ୍ମ-ଜଗତରେ ଏକ ଅଭିନବ ରୂପ ଗଢ଼ିତୋଳେ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ ସକାଶେ ଏହା ପୂର୍ଣ୍ଣ ହୋଇପାରେ, କିନ୍ତୁ ଅଦ୍ୱୈତବାଦୀମାନଙ୍କ ବ୍ରହ୍ମ ନିଷ୍କ୍ରିୟ, ସତ୍ୟ ସତ୍ତା, ବାକି ସବୁ ମାୟା । ମାୟାରେ ପୂର୍ଣ୍ଣତା କ'ଣ ?

ଉତ୍ତର : ବ୍ରହ୍ମ ଯଦି ନିଷ୍କ୍ରିୟ, ତେବେ ତାକୁ ସର୍ବଶ୍ରେଷ୍ଠ ବୋଲି ମାନିନିଆ ହେବ କାହିଁକି ? ତାହାଦ୍ୱାରା ପ୍ରାଣୀର ଲାଭ ହେବ ବା କ'ଣ ? ସମଗ୍ର ଜଗତରେ ଯେତେ ଯାହା ସବୁ ମହାନ୍ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଓ ଶକ୍ତିର ଖେଳସବୁ ବ୍ରହ୍ମରୁ ଏକେବାରେ ପୃଥକ୍ ! ଜଗତ୍ କେବଳ ପ୍ରକୃତି ଦ୍ୱାରା ପରିଚାଳିତ ଆଉ ତାହାର ପ୍ରେରକ ଈଶ୍ୱର ନୁହନ୍ତି ! ଯଦି ଏହା ସତ୍ୟ ହୁଏ, ତେବେ ତ ନିଷ୍କ୍ରିୟ ବ୍ରହ୍ମଠାରୁ ପ୍ରକୃତି ଶ୍ରେଷ୍ଠ ଏବଂ ମହାନ୍ । ଅଧ୍ୟାତ୍ମ ଜ୍ଞାନକୁ ଛାଡ଼, ଏହାକୁ ସ୍ଥୂଳ ବୁଦ୍ଧି ଦ୍ୱାରା ବିଚାର କଲେ ସନ୍ତୋଷ ମିଳେ ନାହିଁ କିଂବା ସମାଧାନ ହୁଏ ନାହିଁ ।

ପ୍ରଶ୍ନ : ସ୍ଥୂଳବୁଦ୍ଧିକୁ ସନ୍ତୋଷ ମିଳୁ ବା ନ ମିଳୁ, ଅଦ୍ୱୈତବାଦୀ ଆଚାର୍ଯ୍ୟଗଣ ଶାସ୍ତ୍ରର ସତ୍ୟକୁ ଆବିଷ୍କାର କରିଛନ୍ତି ଏବଂ ନିଜ ଅନୁଭୂତିରେ ଉପଲବ୍ଧି କରିଛନ୍ତି – ବ୍ରହ୍ମ ନିଷ୍କ୍ରିୟ, ଜଗତ ମାୟା ।

ଉତ୍ତର : ସେହି ଏକ ଶାସ୍ତ୍ରରୁ ଦ୍ୱୈତବାଦୀମାନେ ଆବିଷ୍କାର କରିଛନ୍ତି ଓ ଅନୁଭୂତିରେ ପ୍ରାପ୍ତ କରିଛନ୍ତି – ବ୍ରହ୍ମ ସକ୍ରିୟ, ଜଗତର ସ୍ରଷ୍ଟା, ଧର୍ତ୍ତା ଓ ଚାଳକ । ପୁଣି ସେହି ଶାସ୍ତ୍ରରୁ ଶ୍ରୀଅରବିନ୍ଦ ସତ୍ୟକୁ ପାଇଛନ୍ତି – ବ୍ରହ୍ମ ସକ୍ରିୟ ଓ

ନିଷ୍କ୍ରିୟ, ଏକ ସଙ୍ଗେ ପୁରୁଷୋତ୍ତମ, ସଚ୍ଚିଦାନନ୍ଦ ସ୍ୱରୂପ । ତାଙ୍କର ଗୋଟିଏ ଦିଗ ସକ୍ରିୟ ଓ ଅନ୍ୟଟି ନିଷ୍କ୍ରିୟ । ଏଥିରେ ଉପରୋକ୍ତ ଦୁଇ ମତବାଦର ସମାଧାନ ହୋଇଛି ।

ଶ୍ରୀଅରବିନ୍ଦଙ୍କ ମତରେ ସଂସାରର ଆବଶ୍ୟକତାନୁଯାୟୀ ଭଗବାନଙ୍କ ପ୍ରେରଣାରେ ବ୍ରହ୍ମର ନିଷ୍କ୍ରିୟ ଓ ସକ୍ରିୟ ସ୍ୱରୂପ ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ହୋଇଅଛି । ଏକ ଅନ୍ୟର ବିରୋଧି ନୁହନ୍ତି । ସଚ୍ଚିଦାନନ୍ଦଙ୍କର ପୂର୍ଣ୍ଣ ସ୍ୱରୂପ ପ୍ରକଟ ହେବାର ସମୟ ବର୍ତ୍ତମାନ ଆସିଛି । ବ୍ରହ୍ମର ଏହି ପୂର୍ଣ୍ଣ ସ୍ୱରୂପରେ ପୁରାତନ ଯୋଗର ସକଳ ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ହେଉଛି । ବ୍ରହ୍ମର ଏହି ପୂର୍ଣ୍ଣ ସ୍ୱରୂପ ଉପଲବ୍ଧି କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଆବଶ୍ୟକ । କାରଣ ଅରୂପାନ୍ତରିତ ଶରୀରରେ ପୂର୍ଣ୍ଣବ୍ରହ୍ମ ଉପଲବ୍ଧି ହୁଅନ୍ତି ନାହିଁ ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଅର୍ଥ କ'ଣ ପ୍ରତ୍ୟେକ ଗୃହସ୍ଥ ବ୍ୟକ୍ତିଙ୍କୁ ଯୋଗ କରିବାକୁ ହେବ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ଚାହେଁ ପୂର୍ଣ୍ଣତା, ସେ ସନ୍ନ୍ୟାସୀ ହେଉ ଅଥବା ଗୃହୀ ହେଉ । ସେ ଚାହେଁ ଅଖଣ୍ଡ ଆନନ୍ଦ, ନୀରୋଗ ଶରୀର, ଅମରତ୍ୱ, ଚିର ଯୌବନ ଓ ପ୍ରକୃତି ଅଧୀନରୁ ପୂର୍ଣ୍ଣ ମୁକ୍ତି । ଏହା ଯେଉଁମାନେ ଚାହାନ୍ତି ସେମାନଙ୍କୁ ଯୋଗ କରିବାକୁ ହେବ । ଏହା ଯେପର୍ଯ୍ୟନ୍ତ ପ୍ରାପ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ଜୀବନ ଅପୂର୍ଣ୍ଣ । ଏହି ସକଳ ଚାହିବା ପୂର୍ଣ୍ଣ ହୁଏ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତରରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧିତ ହୁଏ । ଅତଏବ ସମଗ୍ର ଜୀବନହିଁ ଯୋଗ, ଅର୍ଥାତ୍ ପ୍ରତ୍ୟେକଙ୍କ ପାଇଁ ଯୋଗ ଅପରିହାର୍ଯ୍ୟ ।

ପ୍ରଶ୍ନ : ଅଦ୍ୱୈତବାଦୀ ସନ୍ନ୍ୟାସୀ ଓ ଦ୍ୱୈତବାଦୀ ଭକ୍ତମାନେ ନିଜ ଲକ୍ଷ୍ୟ ସିଦ୍ଧି ପରେ ସେମାନଙ୍କର କୌଣସି କାମ୍ୟବସ୍ତୁ ନ ଥାଏ । ଭଗବାନ୍ ପୂର୍ଣ୍ଣ କାମ, ତାଙ୍କୁ ପ୍ରାପ୍ତ ହେଲା ପରେ ବାକି କିଛି ରହେ ନାହିଁ । ପୁଣି ଅପୂର୍ଣ୍ଣତା କ'ଣ ?

ଉତ୍ତର : ଭଗ୍‌ବାନ୍ ପୂର୍ଣ୍ଣକାମ, ତାଙ୍କୁ ପ୍ରାପ୍ତ ହେଲାପରେ କୌଣସି କାମ୍ୟ ବସ୍ତୁ ରହେ ନାହିଁ, ଏହା ଠିକ୍ । କିନ୍ତୁ ମନୁଷ୍ୟର କେଉଁ ସତ୍ତା ଭଗବାନ୍‌ଙ୍କୁ ପ୍ରାପ୍ତ ହୁଏ ? ମନ-ପ୍ରାଣ-ଶରୀର ତଥା ଆତ୍ମାର ସଂଯୋଗରେ ବ୍ୟକ୍ତି ସୃଷ୍ଟି ହୁଏ । ଆତ୍ମା ତା' ସ୍ୱରୂପରେ ସର୍ବଦା ସ୍ଥିତ, ମନ-ପ୍ରାଣ-ଶରୀର ବିକୃତି ହୋଇଯାଆନ୍ତି । ଫଳରେ ମନ-ପ୍ରାଣ-ଶରୀରରେ କାମନା-ବାସନା ଜାଗ୍ରତ୍ ହୁଏ । ଆତ୍ମା ଅବିକୃତ ଥିବାରୁ ତା' ମଧ୍ୟରେ କୌଣସି କାମନା ନ ଥାଏ ।

ସମସ୍ତ ପୁରାତନ ଯୋଗୀ ମନ-ପ୍ରାଣ-ଶରୀରର ସାହାଯ୍ୟରେ ସାଧନା କରନ୍ତି ଏବଂ ସେସବୁ ବାଦ୍ ଦେଇ ଓ ସେସବୁର ସମ୍ବନ୍ଧ ତୁଟାଇ ନିତ୍ୟ ମୁକ୍ତ ଆତ୍ମାକୁ ନିର୍ବିଶେଷ ସତ୍ତାରେ ଏକ କରିଦିଅନ୍ତି ଅଥବା ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବତ୍ ସେବା ପ୍ରାପ୍ତ ହୁଅନ୍ତି । ମନ, ପ୍ରାଣ ଓ ଶରୀର ବିକୃତ, କାମନା-ବାସନାଯୁକ୍ତ ହୋଇ ରହିଥାଆନ୍ତି । ଆତ୍ମା ସର୍ବଦା ମୁକ୍ତ ଓ ଆପ୍ତକାମ, ଆତ୍ମାର ଯଦି କେବେ କାମନା ଥାଆନ୍ତା, ତେବେ ତାକୁ ଆପ୍ତକାମୀ ହେବା ଯୁକ୍ତିସଙ୍ଗତ ହୋଇ ନ ଥାଆନ୍ତା । ମନ, ପ୍ରାଣ ଓ ଶରୀର କାମନା ଯୁକ୍ତ । ଏସବୁ ଯଦି ଭଗବତ୍ ପ୍ରାପ୍ତି କରିଥାଆନ୍ତେ, ତେବେ ତାଙ୍କର ସମସ୍ତ କାମନା ପୂର୍ଣ୍ଣ ହୋଇଥାଆନ୍ତା । ଆଉ ସେମାନଙ୍କୁ ଆପ୍ତକାମୀ ବୋଲି କୁହାଯାଇ ଥାଆନ୍ତା ।

ପ୍ରଶ୍ନ : କହୁଛନ୍ତି — ପୁରାତନ ଯୋଗରେ ମନ-ପ୍ରାଣ-ଶରୀରର କାମନା-ବାସନା ଯେପରି ଥାଏ ସେହିପରି ରହିଯାଏ; ତେବେ କ'ଣ କାମନା-ବାସନା ଥିବା ସତ୍ତ୍ୱେ ବ୍ୟକ୍ତି ନିର୍ବିଶେଷ ସତ୍ତାରେ ଏକ ହୋଇପାରେ କିଂବା ଭଗବତ୍ ପ୍ରାପ୍ତି କରିପାରେ ?

ଉତ୍ତର : ଯେପର୍ଯ୍ୟନ୍ତ କାମନାବାସନା କ୍ରିୟାଶୀଳ ଥାଏ ସେପର୍ଯ୍ୟନ୍ତ ମୁକ୍ତି ବା ଭଗବତ୍ ପ୍ରାପ୍ତି ବ୍ୟକ୍ତି କରିପାରେ ନାହିଁ । ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀର ଓ କାମନା-ବାସନାକୁ ରୂପାନ୍ତର କରନ୍ତି ନାହିଁ କିଂବା ସେସବୁକୁ କ୍ରିୟା କରିବାକୁ ଦିଅନ୍ତି ନାହିଁ । ମନ-ପ୍ରାଣ-ଶରୀର ସଙ୍ଗେ ଆତ୍ମାର ଯେଉଁ ଏକାତ୍ମତା ଥାଏ, ଯେଉଁ ଏକାତ୍ମତାର କାରଣରୁ, ସେସବୁ ସହିତ ଆତ୍ମାକୁ ବାରଂବାର ଜନ୍ମ ଗ୍ରହଣ କରିବାକୁ ହୁଏ, ସେସବୁର ସମ୍ବନ୍ଧରୁ ଆତ୍ମାକୁ ପୃଥକ୍ କରିନିଅନ୍ତି । ମନ-ପ୍ରାଣ-ଶରୀର ହୋଇଯାଏ ନିସ୍ତବ୍ଧ, ସେସବୁକୁ କ୍ରିୟା କରିବାକୁ ଅବସର ନ ଥାଏ । ଏହି ଅବସ୍ଥାରେ ଯୋଗୀ ମୁକ୍ତି ବା ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୁଅନ୍ତି । ଏଥିରେ ଦ୍ୱନ୍ଦ୍ୱର ନିବୃତ୍ତି ହୁଏ, କିନ୍ତୁ ଭଗବାନଙ୍କ ସଂକଳ୍ପ ସିଦ୍ଧ ହୁଏ ନାହିଁ କିଂବା ପୃଥିବୀରେ ଶରୀର ଧାରଣ କରିବାର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ ନାହିଁ । ତା' ଛଡ଼ା ସେହି ମୁକ୍ତ

ଆତ୍ମାଙ୍କୁ ଭଗବାନଙ୍କ କାର୍ଯ୍ୟ ସକାଶେ ଯଦି ଭଗବାନଙ୍କ ନିର୍ଦ୍ଦେଶରେ କେବେ ପୃଥିବୀକୁ ଆସିବାକୁ ହୁଏ, ତେବେ ତାଙ୍କୁ ସେହି ଅଶୁଦ୍ଧ ମନ, ପ୍ରାଣ ଓ ଶରୀରକୁ ଗ୍ରହଣ କରିବାକୁ ହୁଏ । ଆତ୍ମାକୁ ମନ, ପ୍ରାଣ ଓ ଶରୀରରୁ ପୃଥକ୍ କରନ୍ତି ଜ୍ଞାନ-ଯୋଗୀମାନେ ଏହି ରୂପେ :— ସେମାନେ ଭାବନ୍ତି, ସେମାନେ ମନ ନୁହନ୍ତି, ପ୍ରାଣ ନୁହନ୍ତି, ଶରୀର ନୁହନ୍ତି; ସେମାନେ ଶୁଦ୍ଧ, ବୁଦ୍ଧ, ନିତ୍ୟ, ଶାଶ୍ୱତ, ନିର୍ବିଶେଷ, ନିଷ୍ତ୍ରିୟ ସତ୍ତା । ଏହି ଅଭ୍ୟାସ ସେମାନଙ୍କ ଚେତନାରେ ପରିଣତ ହୋଇଯାଏ । ସେମାନେ ସେଥିରେ ଡୁବି ରହନ୍ତି । ମୃତ୍ୟୁ ପରେ ଆତ୍ମା ନିର୍ବିଶେଷ ସତ୍ତାରେ ଏକ ହୋଇଯାଏ ।

ଭକ୍ତ-ଯୋଗୀମାନେ ନିବାସ କରନ୍ତି ମୃତ୍ୟୁପୁରୀରେ, ଧାରଣ କରିଥାଆନ୍ତି ରୋଗ-ଜରା-ମୃତ୍ୟୁ ଗ୍ରସ୍ତ ନଶ୍ୱର ଶରୀର । କିନ୍ତୁ ଭାବନ୍ତି ସେମାନଙ୍କ ଶରୀର ତାଙ୍କ ଇଷ୍ଟଦେବଙ୍କ ଶରୀର ସଦୃଶ ଦିବ୍ୟ, ରୋଗ-ଜରା-ମୃତ୍ୟୁ ରହିତ । ଭାବନା ଦ୍ୱାରା ସେମାନେ ସେହି ଦିବ୍ୟ ଶରୀରରେ ନିଜ ଇଷ୍ଟଦେବଙ୍କ ସାକେତ, ଗୋଲୋକ, ବୈକୁଣ୍ଠାଦି ଦିବ୍ୟ ଧାମରେ ରହି ନିଜ ଇଷ୍ଟଦେବଙ୍କ ନିତ୍ୟ ସେବାରେ ନିଯୁକ୍ତ ଥାଆନ୍ତି । ଇଷ୍ଟଦେବଙ୍କ ସେବା କରିବା ସତ୍ତ୍ୱେ ତାଙ୍କ ସହିତ ପୂର୍ଣ୍ଣତଃ ଏକ ହୋଇ ଥାଆନ୍ତି । ତତ୍ତ୍ୱତଃ ନିଜ ଇଷ୍ଟ ଦେବଙ୍କ ସହିତ କୌଣସି ପାର୍ଥକ୍ୟ ନ ଥାଏ । ଚେତନାର ବିକାଶ ଅନୁସାରେ ଏହି ଭାବନା ଗଭୀରରୁ ଗଭୀରତର ହୁଏ ଏବଂ ଚେତନାରେ ମିଳିମିଶି ଏକ ହୋଇଯାଏ । ଜୀବିତାବସ୍ଥାରେ ସେମାନେ ଏହି ଚେତନାରେ ଡୁବି ରହନ୍ତି ଏବଂ ମୃତ୍ୟୁ ପରେ ଦିବ୍ୟ ଶରୀରରେ ନିଜ ଇଷ୍ଟଦେବଙ୍କ ସେବାରେ ନିତ୍ୟଧାମକୁ ପ୍ରାପ୍ତ ହୁଅନ୍ତି । କିନ୍ତୁ ସେମାନେ ଯଦିଓ ନିବାସ କରନ୍ତି ଏହି ପାର୍ଥିବ ମନ, ପ୍ରାଣ ଓ ଶରୀରରେ, ତଥାପି ସେମାନଙ୍କର ଚେତନା ଯୁକ୍ତ ହୁଏ ଭଗବାନଙ୍କ ସେବାରେ, ମନ-ପ୍ରାଣ-ଶରୀରକୁ ନିଜ ନିଜ କ୍ରିୟା କରିବାକୁ ଅବକାଶ ମିଳେ ନାହିଁ । ସେଥିପାଇଁ ସେସବୁ ନିର୍ଜୀବ ହୋଇ ଆହାର ନ ପାଇ ମୃତବତ୍ ପଡ଼ି ରହନ୍ତି । ସୁତରାଂ ସେସବୁର ରୂପାନ୍ତର ହୁଏ ନାହିଁ । ଆତ୍ମା ଭଗବତ୍ ସେବା ପ୍ରାପ୍ତ ହୁଏ; ମନ, ପ୍ରାଣ ଓ ଶରୀର ସେହିପରି ଅଶୁଦ୍ଧ ଅବସ୍ଥାରେ ପୃଥିବୀରେ ରହନ୍ତି । ଏହି ମୁକ୍ତ ଆତ୍ମାଙ୍କୁ ଯଦି ପୁନର୍ବାର ଏହି ସଂସାରକୁ ମନୁଷ୍ୟ ଶରୀରରେ ଆସିବାକୁ ହୁଏ, ତେବେ ଛାଡ଼ି ଦେଇ ଯାଇଥିବା ମନ-ପ୍ରାଣ-ଶରୀର ତତ୍ତ୍ୱକୁ ପୁନର୍ବାର ଗ୍ରହଣ କରନ୍ତି । ଏହି କାରଣରୁ ବଡ଼ ବଡ଼ ମହାତ୍ମା ତଥା ମହାପୁରୁଷମାନଙ୍କ ଜୀବନରେ ମହାନ୍ ତ୍ରୁଟି ଦେଖାଯାଏ । ଏହି ସଂସାରକୁ ଆସି ମୁକ୍ତି ବା ଭଗବତ୍ ପ୍ରାପ୍ତି କରି ଏହି ସଂସାରରୁ ଫେରିଯିବା ଦ୍ୱାରା ସୃଷ୍ଟି କରିବାରେ ଭଗବାନଙ୍କର ସଂକଳ୍ପ ତଥା ବ୍ୟକ୍ତିର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ ନାହିଁ ।

ପ୍ରଶ୍ନ : ସୃଷ୍ଟି କରିବାରେ ଭଗବାନଙ୍କ ସଂକଳ୍ପ କ'ଣ ଏବଂ ବ୍ୟକ୍ତିର ଉଦ୍ଦେଶ୍ୟ କ'ଣ ?

ଉତ୍ତର : ଭଗବାନଙ୍କର ସଂକଳ୍ପ ହେଲା : ଭଗବାନ୍ ଏକରୁ ବହୁରୂପେ ପ୍ରକାଶ ହେବା । ବ୍ୟକ୍ତିର ଉଦ୍ଦେଶ୍ୟ ହେଲା : ଭଗବାନଙ୍କ ସଂକଳ୍ପକୁ ଚରିତାର୍ଥ କରିବା । ଅର୍ଥାତ୍ ସତ୍-ଚିତ୍-ଆନନ୍ଦ ସ୍ୱରୂପ ଭଗବାନଙ୍କୁ ମନ-ପ୍ରାଣ-ଶରୀରରେ ନିରାବରଣ ରୂପେ ପ୍ରକାଶ କରିବା । ଭଗବାନଙ୍କ ସହିତ ପୂର୍ଣ୍ଣତଃ ଏକତ୍ୱ ପ୍ରାପ୍ତ କରି ତାଙ୍କରି ଯନ୍ତ୍ର ରୂପେ ତାଙ୍କରି ସଂକଳ୍ପରେ ପରିଚାଳିତ ହେବା ।

ପ୍ରଶ୍ନ : ଭଗବାନ୍ ନିଷ୍ତ୍ରିୟ, ନିର୍ବିକାର, ନିରଞ୍ଜନ, ନିରାକାର । ତାଙ୍କର ସଂକଳ୍ପ ହେବ କିପରି ? ସଂକଳ୍ପ ହୁଏ ସକ୍ରିୟ ତଥା ଅଜ୍ଞାନ ଅବସ୍ଥାରେ । ବ୍ରହ୍ମ ନିଷ୍ତ୍ରିୟ, ଶାଶ୍ୱତ ଏବଂ ଆପ୍ତକାମ, ତାଙ୍କର କୌଣସି ଅଭାବ ନ ଥାଏ । ବ୍ରହ୍ମର ସଂକଳ୍ପ ହେବାର ଅର୍ଥ ହେବ ବ୍ରହ୍ମ ଉପରେ ଅଜ୍ଞାନ ଆରୋପ କରିବା ।

ଉତ୍ତର : ବ୍ରହ୍ମ ଅନନ୍ତ, ସର୍ବଶକ୍ତିମାନ୍, ସେ ମନର କୌଣସି ସୀମାରେ ଆବଦ୍ଧ ନୁହନ୍ତି । ବ୍ରହ୍ମର ରୂପ କଳ୍ପନା କରିବାରେ ମନ ସର୍ବଦା ଅସମର୍ଥ । ସେହି କାରଣରୁ ବେଦ ବ୍ରହ୍ମର ସ୍ୱରୂପ ବର୍ଣ୍ଣନ କରିବାରେ ଅସମର୍ଥ ହୋଇ ''ସହସ୍ର ଶିର, ସହସ୍ର ପାଦ...'' କହି ଅବର୍ଣ୍ଣନୀୟ, ଅଚିନ୍ତ୍ୟ ଅକଳ୍ପନୀୟ ସୂଚିତ କଲା । ମାନବ ଯେଉଁ ସୀମାରେ ଆବଦ୍ଧ, ବ୍ରହ୍ମ ସେହି ସୀମାରୁ ମୁକ୍ତ । ଭ୍ରମବଶତଃ ମନୁଷ୍ୟ ତା'ର ସୀମିତ ନିୟମକୁ ବ୍ରହ୍ମ ଉପରେ ଆରୋପ କରି ତାଙ୍କର ଅସୀମ ଅନନ୍ତ ରୂପ ତଥା ସର୍ବସମର୍ଥତାର ରହସ୍ୟ ଅନୁଭବ କରିପାରେ ନାହିଁ । ମନୁଷ୍ୟ ସୀମାବଦ୍ଧ, ସେ ନିଷ୍ତ୍ରିୟ ହେଲେ ସକ୍ରିୟ ହୋଇପାରେ ନାହିଁ; ବ୍ରହ୍ମ ଅନନ୍ତ, ସେ ଏକ ସମୟରେ ନିଷ୍ତ୍ରିୟ ରହି ସକ୍ରିୟ ହୋଇପାରନ୍ତି । ମନୁଷ୍ୟ ଅଜ୍ଞାନ, ଅଭାବାବସ୍ଥାରେ ସଂକଳ୍ପ କରେ, କିନ୍ତୁ ଭଗବାନ୍ ସର୍ବସମର୍ଥ, ସେ ଆପ୍ତକାମ ଥାଇ ସଂକଳ୍ପ କରିପାରନ୍ତି । ସେ ତ ସର୍ବ

ନିୟନ୍ତା, ତାଙ୍କ ଛଡ଼ା ଅନ୍ୟ କେହି ନାହିଁ, ତାଙ୍କୁ ଶାସନ କରିବ କିଏ, ତାଙ୍କୁ ନିୟମରେ ବାନ୍ଧିବ କିଏ ? ତାଙ୍କ ପାଇଁ କୌଣସି ନିୟମ ରହି ନ ପାରେ, କୌଣସି ବନ୍ଧନ ରହି ନ ପାରେ ।

ଯଦି ତୁମର ଏହି ଉକ୍ତିକୁ ମାନି ନିଆଯାଏ କିଛି କ୍ଷଣ ପାଇଁ, ତେବେ ପ୍ରଶ୍ନ ହେବ, ''ଭଗବାନ୍ ନିଷ୍ପ୍ରିୟ, ସଂକଳ୍ପ ଶୂନ୍ୟ, ସୃଷ୍ଟି ହେଲା କିପରି ?'' ଏହାର ଉତ୍ତରରେ ସୃଷ୍ଟିକୁ ମିଥ୍ୟା ମାନିଥିବା ବ୍ୟକ୍ତି କହିଛନ୍ତି – ''ସୃଷ୍ଟି ହୋଇ ନାହିଁ, ଏହାସବୁ ମାୟା ।'' ମାୟା ଆସିଲା କେଉଁଠୁ ? ଯଦି ଭଗବାନଙ୍କ ସଂକଳ୍ପରେ ମାୟା ଉତ୍ପନ୍ନ ହୋଇ ନ ଥାଏ, ତେବେ ତାକୁ ଶାଶ୍ୱତ ମାନିବାକୁ ହେବ । ତାକୁ ଯଦି ଶାଶ୍ୱତ ନ ମାନି ମିଥ୍ୟା ମାନ, ତେବେ ମିଥ୍ୟା ଆସିଲା କେଉଁଠୁ ? ବ୍ରହ୍ମ ସତ୍ୟ, ଜ୍ଞାନ ସ୍ୱରୂପ । ସୂର୍ଯ୍ୟ ପାଖରେ ଅନ୍ଧକାର ଯେପରି ରହିପାରେ ନାହିଁ ସେହିପରି ଜ୍ଞାନ ପାଖରେ ମିଥ୍ୟାମାୟା ରହିପାରେ ନାହିଁ । ସଂସାରକୁ ମିଥ୍ୟା ବୋଲି ପ୍ରମାଣ କରିବା ସକାଶେ କୁହାଯାଇଛି, ''ସଂସାର ପୂର୍ବେ ନ ଥିଲା, ପରେ ବି ରହିବ ନାହିଁ, ବର୍ତ୍ତମାନ ଯେଉଁ ଦୃଶ୍ୟମାନ ଜଗତ୍ ତାହା ଭ୍ରମ ମାତ୍ର ।''

ଯଦି ଭଗବାନ୍ 'ସତ୍ୟ' ଏବଂ 'ଏକ' ତେବେ ଭ୍ରମ ଆସିଲା କିପରି ? ଭଗବାନଙ୍କୁ ନିରାକାର ନିଷ୍ପ୍ରିୟ, ସୃଷ୍ଟିକୁ ମିଥ୍ୟାମାୟା ମାନିବା ସକାଶେ ଯେତେ ପ୍ରକାର ଯୁକ୍ତି ଦିଆଯାଇଛି ତାହା ଯଥାର୍ଥରେ ଯୁକ୍ତିଯୁକ୍ତ ନୁହେଁ । ଏତେ ବଡ଼ ସୃଷ୍ଟି, ଚନ୍ଦ୍ର, ସୂର୍ଯ୍ୟ, ନକ୍ଷତ୍ର, ନଦ-ନଦୀ, ପାହାଡ଼-ପର୍ବତ, ଜୀବଜନ୍ତୁ, ମଣିଷ, ଦେବତା, ଦାନବ, ଯୁଦ୍ଧ, ଦୁଃଖକଷ୍ଟ, ସଂଘର୍ଷ, ଭଗବାନଙ୍କର ବିଭୂତି ଓ ଅବତାର, ଶାସ୍ତ୍ର-ପୁରାଣ, ବେଦୋପନିଷଦ୍ – ଏହିସବୁ କ'ଣ ମାୟା ? ଏହିସବୁ ଯଦି ଭଗବାନଙ୍କ ସୃଷ୍ଟି ନୁହେଁ, ତେବେ ଶୂନ୍ୟରୁ କ'ଣ ଗଳିପଡ଼ିଛି ? ଯଦି ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କରିବାକୁ ହୁଏ, ତେବେ ତାଙ୍କରି ଦ୍ୱାରା ସୃଷ୍ଟି ଉତ୍ପନ୍ନ ହୋଇଛି, ଏହି ସିଦ୍ଧାନ୍ତ ଯୁକ୍ତିଯୁକ୍ତ, ଅନ୍ୟଥା ଜଡ଼ବାଦର ଆଶ୍ରୟରେ ଭଗବାନଙ୍କ ଅସ୍ତିତ୍ୱକୁ ଏକେବାରେ ଅସ୍ୱୀକାର କରିବାକୁ ପଡ଼ିବ । ଈଶ୍ୱରଙ୍କ ଅସ୍ତିତ୍ୱକୁ ନିରାକାର ମାନି ତାଙ୍କୁ ସୃଷ୍ଟିରୁ ପୃଥକ୍ ରଖିବା ସକାଶେ ଯେତେ ଯୁକ୍ତି ଦିଆହେବ ତାହା ଯୁକ୍ତିସଙ୍ଗତ ହେବ ନାହିଁ, କାରଣ ଈଶ୍ୱର ହେଉଛନ୍ତି ସଚ୍ଚିଦାନନ୍ଦ, ସାକାର ଏବଂ ନିରାକାର ତଥା ଏକସଙ୍ଗେ ସାକାର ଓ ନିରାକାର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମତତ୍ତ୍ୱ । ସେ ଅନନ୍ତ ଏବଂ ସର୍ବସମର୍ଥ, ନିଷ୍ପ୍ରିୟ ଥିବା ସତ୍ତ୍ୱେ ସେ ସମସ୍ତ ବ୍ରହ୍ମାଣ୍ଡର କର୍ତ୍ତା, ଧର୍ତ୍ତା । ଭଗବାନଙ୍କର ଏହି ସ୍ୱରୂପକୁ ଗୀତା, ଉପନିଷଦ୍, ବେଦ ଘୋଷଣା କରିଛନ୍ତି । ପୁରାତନ ଦ୍ୱୈତବାଦୀମାନେ ଅର୍ଥାତ୍ ଭକ୍ତମାନେ ବ୍ରହ୍ମଙ୍କର ଏହି ସଚ୍ଚିଦାନନ୍ଦ ସ୍ୱରୂପକୁ ସ୍ୱୀକାର କରିଛନ୍ତି ଏବଂ ପୂର୍ଣ୍ଣଯୋଗରେ ଶ୍ରୀଅରବିନ୍ଦ ଏହି ସ୍ୱରୂପକୁ ଉପଲବ୍ଧି କରିଛନ୍ତି । ଏହା ବ୍ରହ୍ମଙ୍କର ଯଥାର୍ଥ ସ୍ୱରୂପ । ଏଥିରେହିଁ ସୃଷ୍ଟିର ଉତ୍ପତ୍ତି ହେବାର ସମସ୍ୟା ସମାଧାନ ହୋଇଅଛି ତଥା ପୁରାତନ ଯୋଗରେ ବିରୋଧୀ ମତବାଦର ସମନ୍ୱୟ ସମ୍ପାଦିତ ହୋଇଅଛି ।

''ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ୟୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ॥
ୟସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥''

(ଗୀତା ଅ. ୧୫, ଶ୍ଲୋଃ ୧୭/୧୮)

ତୁଳସୀକୃତ ରାମାୟଣରେ ଏହି ପୁରୁଷୋତ୍ତମତତ୍ତ୍ୱର ବର୍ଣ୍ଣନା ସ୍ପଷ୍ଟଭାବେ କରାହୋଇଛି :

''ବିନୁ ପଦ ଚଲୈ ସୁନୈ ବିନୁ କାନା ।
କର ବିନୁ କରମ କରୈ ବିଧି ନାନା ।
ଆନନରହିତ ସକଳ ରସଭୋଗୀ ।
ବିନୁ ବାନୀ ବକତା ବଡ଼ ଯୋଗୀ ॥

ତନ ବିନୁ ପରଶ ନୟନ ବିନୁ ଦେଖା ।
ଗ୍ରହେ ଘ୍ରାଣ, ବିନୁ ବାସ ଅଶେଖା ।
ଅସ ସବ ଭାତି ଅଲୌକିକ କରଣି ।
ମହିମା ତାସୁ ଯାଇ ନହିଁ ବରଣି ।।''

''ପଦ ବିନା ସେ ଚାଲନ୍ତି, କର୍ଣ୍ଣ ବିନା ଶୁଣନ୍ତି, ହସ୍ତ ବିନା ସକଳ ପ୍ରକାର କାର୍ଯ୍ୟ ସଂପାଦନ କରନ୍ତି, ମୁଖ ବିନା ସମସ୍ତ ପ୍ରକାର ରସର ଭୋକ୍ତା, ଜିହ୍ୱା ବିନା ମହାନ୍ ବକ୍ତା ଏବଂ ମହାଯୋଗୀ, ଶରୀର ବିନା ସେ ସ୍ପର୍ଶ କରନ୍ତି, ନୟନ ବିନା ଦେଖନ୍ତି, ନାସିକା ବିନା ସମସ୍ତ ଗନ୍ଧ ଗ୍ରହଣ କରନ୍ତି । ଏହିପରି ତାଙ୍କର ଯେଉଁସବୁ ଅଲୌକିକ କର୍ମ ତାହା ଅବର୍ଣ୍ଣନୀୟ ।''

ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ସ୍ୱରୂପ ଏବଂ କର୍ମ କଳ୍ପନାତୀତ । ମନୁଷ୍ୟର ବୁଦ୍ଧି କଳ୍ପନା କରିପାରେ ନାହିଁ । ସେ ନିରାକାର ଏବଂ ଏକ ସଙ୍ଗେ ସାକାର, ସେହି ସମୟରେ ସାକାର ଏବଂ ନିରାକାର ଥିବା ସତ୍ତ୍ୱେ ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱ । ତାଙ୍କ ସ୍ୱରୂପ ଓ କର୍ମ ଅବ୍ୟକ୍ତ । ତାହା କେବଳ ଉଚ୍ଚତର ଅତିମାନସ ଚେତନାରେ ଅନୁଭବ କରାଯାଇପାରେ ଏବଂ ତାଙ୍କ ସହିତ ଏକତ୍ୱ ସ୍ଥାପନ କରାଯାଇପାରେ । ବ୍ରହ୍ମର ଏହି ଅଲୌକିକ ସ୍ୱରୂପକୁ ସାକାର ଅଥବା ନିରାକାରର ସୀମାରେ ଆବଦ୍ଧ କରିଦେବାରୁ ସୃଷ୍ଟିର ରହସ୍ୟ, ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ ପ୍ରତିପାଦିତ ହୁଏ ନାହିଁ ଏବଂ ଭିନ୍ନ ଭିନ୍ନ ସାମ୍ପ୍ରଦାୟିକ ଭେଦ ଓ ସିଦ୍ଧାନ୍ତ ସୃଷ୍ଟ ହୁଏ । ଏହି ପୁରୁଷୋତ୍ତମ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଚେତନା (Supramental Consciousness) ରେ ଉପଲବ୍ଧି କରାଯାଏ । ସୁତରାଂ ଏଥିରେ ପୁରାତନ ସକଳ ଯୋଗର ସୈଦ୍ଧାନ୍ତିକ ବିରୋଧର ସମନ୍ୱୟ ତଥା ସୃଷ୍ଟିର ରହସ୍ୟ ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ।

ପ୍ରଶ୍ନ : ବ୍ରହ୍ମଙ୍କ ସ୍ୱରୂପ ସାକାର ଏବଂ ନିରାକାର ତଥା ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱ, ଅର୍ଥାତ୍ ବ୍ରହ୍ମ ନିଷ୍କ୍ରିୟ ଅବସ୍ଥାରେ କ୍ରିୟାଶୀଳ, କାରଣ ସେ ସର୍ବସମର୍ଥ । ସର୍ବସମର୍ଥର ଅର୍ଥ ଯାହା ସାଧାରଣ ବୁଦ୍ଧିରେ କଳ୍ପନା କରାଯାଇପାରେ ନାହିଁ, ସେ ତାହା କରନ୍ତି । ଏହା ଏକେବାରେ ଯୁକ୍ତିଯୁକ୍ତ । କିନ୍ତୁ ପୁରାତନ ଯୋଗୀମାନେ ବ୍ରହ୍ମଙ୍କ ଏହି ସ୍ୱରୂପ ପ୍ରତିପାଦନ ନ କରି କାହିଁକି ସାକାର ଏବଂ ନିରାକାର ପୃଥକ୍ ପୃଥକ୍ ପ୍ରତିପାଦନ କଲେ, ଯାହାଫଳରେ ବିରୋଧ ସୃଷ୍ଟି ହେଲା ?

ଉତ୍ତର : ମାନବ-ଚେତନା ବିକାଶର ଉପଯୁକ୍ତ ଅବସ୍ଥାରେ ପହଞ୍ଚି ନ ଥିଲା । ସେ ସମୟରେ ମନୁଷ୍ୟର ଚେତନା ବିକାଶର ଯେଉଁ ସ୍ତରରେ ପହଞ୍ଚିଥିଲା ସେହି ସ୍ତରରେ ଶରୀର ତ୍ୟାଗ ପରେ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତିର ଆବଶ୍ୟକ ଥିଲା । ପୁରାତନ ଯୋଗରେ ସମଯୋପଯୋଗୀ ମୁକ୍ତି, ନିର୍ବାଣ ଏବଂ ଭଗବତ୍‌ପ୍ରାପ୍ତିର ସନ୍ମାର୍ଗ ଯଦ୍ୟପି ଆବିଷ୍କୃତ ହୋଇଅଛି, ତଥାପି ସେଥିରେ ପୂର୍ଣ୍ଣତା ହୋଇ ନାହିଁ । ଶରୀରର କୌଣସି ଭାଗ କ୍ଷତ ହୋଇଥିଲେ ଆରୋଗ୍ୟ ହେବାର ଉପାୟ ନ ଦେଖି ତାକୁ କାଟି ପକାଇ ଶରୀରର ପୂର୍ଣ୍ଣତା ନଷ୍ଟ କରିବା ସଦୃଶ ପୁରାତନ ଯୋଗୀମାନେ ମନ, ପ୍ରାଣ ଓ ଶରୀରକୁ ତ୍ୟାଗ କରିବା ସଙ୍ଗେ ସଙ୍ଗେ ତଦ୍ଦ୍ୱାରା ହେଉଥିବା କର୍ମକୁ ତ୍ୟାଗ କରିଛନ୍ତି । ଯାହାଫଳରେ ଜୀବନରୁ ଯୋଗ ପୃଥକ୍ ହୋଇଅଛି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତରିତ ମନ-ପ୍ରାଣ-ଶରୀର ପ୍ରାପ୍ତ କରେ ସତ୍-ଚିତ୍-ଆନନ୍ଦ ଚତୁଷ୍ପାଦ ବିଭୂତିଯୁକ୍ତ ବ୍ରହ୍ମଙ୍କୁ । ତେବେ ଯାଇ ଜୀବନ ହୁଏ ପୂର୍ଣ୍ଣ, ବିଶାଳ, ସମୃଦ୍ଧ; ସଂସାର ଓ ଆଧ୍ୟାତ୍ମିକତାରେ ଆସେ ସାମଞ୍ଜସ୍ୟ; ସମସ୍ତ କର୍ମ ହୁଏ ଭାଗବତ କର୍ମ । ଶରୀର ଓ ପ୍ରାଣ ସ୍ୱୟଂ ଦିବ୍ୟ ହେଲେ ସେମାନଙ୍କର କର୍ମ ମଧ୍ୟ ଦିବ୍ୟ ହୁଏ । ଦିବ୍ୟ କର୍ମ ବନ୍ଧନର କାରଣ ହୁଏ ନାହିଁ । ଏଥିରେହିଁ ଜନ୍ମର ଆଉ ଜଗତର ହୁଏ ସାର୍ଥକତା । ଜୀବନର ପୂର୍ଣ୍ଣତା ସକାଶେ ସନ୍ନ୍ୟାସୀ ବା ଗୃହସ୍ଥ ଯେକୌଣସି ବ୍ୟକ୍ତି ପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ଆବଶ୍ୟକ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଯୋଗର ଲକ୍ଷ୍ୟ ଗ୍ରହଣରେ ବିରୋଧ ନାହିଁ, କିନ୍ତୁ ଇଷ୍ଟ ଉପାସନା ଓ ସାଧନା-ପ୍ରଣାଳୀରେ ବିରୋଧ ହୋଇପାରେ ।

ଉତ୍ତର : ବିରୋଧ କେବଳ ଭେଦଯୁକ୍ତ ସୀମିତ ମନର । ଭଗବାନ୍ ଏକ, ସେହି ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନିଅନ୍ତି । ପୂର୍ବେ ଅନ୍ୟ ରୂପରେ ପ୍ରାପ୍ତ ଥିଲେ, ବର୍ତ୍ତମାନ ମା'ଶ୍ରୀଅରବିନ୍ଦଙ୍କ ରୂପେ ପ୍ରାପ୍ତ ହୋଇଅଛନ୍ତି । ଏଥିରେ ବିରୋଧ ହେବ କାହିଁକି ? ତା' ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗର ସାଧନ ପ୍ରଣାଳୀ ହେଲା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁ ଓ ଗତିବୃତ୍ତିର ତ୍ୟାଗ, ଅନ୍ତରାତ୍ମାର ଜାଗରଣ ଏବଂ ଭାଗବତୀ ଶକ୍ତିର ଅବତରଣ । ଏଥିରେ ବିରୋଧର କାରଣ ନାହିଁ । ଅଭୀପ୍ସା ପ୍ରତ୍ୟେକ ଯୋଗ-ପ୍ରଣାଳୀ ପାଇଁ ଆବଶ୍ୟକ । ପ୍ରତ୍ୟେକ ସମ୍ପ୍ରଦାୟରେ ସମର୍ପଣ କରାହୁଏ । ପ୍ରତ୍ୟେକ ସାଧକ ପକ୍ଷେ ପ୍ରତିକୂଳ ବସ୍ତୁ ବା ଗତିବୃତ୍ତିକୁ ତ୍ୟାଗ ଅପରିହାର୍ଯ୍ୟ । ସାଧକର ଅନ୍ତରାତ୍ମା ଜାଗ୍ରତ୍ ନ ହେଲେ ସେ ଭଗବତ୍‌ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କରେ ନାହିଁ । ପ୍ରତ୍ୟେକ ସାଧକ ଭିନ୍ନ ଭିନ୍ନ ରୂପେ ନିଜ ଇଷ୍ଟଦେବଙ୍କ ଶକ୍ତିକୁ ଆବାହନ କରନ୍ତି । ଏହିସବୁ କ୍ରିୟା ସକଳ ସମ୍ପ୍ରଦାୟର ସାଧକମାନେ କରନ୍ତି, ଏଥିରେ ବିରୋଧର କାରଣ ନାହିଁ । କିନ୍ତୁ ଏହାକୁ ଯଥାର୍ଥ ରୂପ ଦିଆଯାଏ ନାହିଁ, ଅର୍ଥାତ୍ ଏହିସବୁ ଠିକ୍ ଠିକ୍ କ୍ରିୟାଶୀଳ ହୁଏ ନାହିଁ । ଠିକ୍ ଠିକ୍ କ୍ରିୟାଶୀଳ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ପ୍ରତ୍ୟେକ ଭକ୍ତ ନିଜ ଇଷ୍ଟଦେବଙ୍କୁ ସର୍ବସମର୍ଥ, ସୃଷ୍ଟିକର୍ତ୍ତା, ସୃଷ୍ଟିପାଳକ ତଥା ସଂହାରକ ଓ ସର୍ବଶ୍ରେଷ୍ଠ ବୋଲି ମାନନ୍ତି । ସର୍ବଶ୍ରେଷ୍ଠ କେବଳ ଈଶ୍ୱର । ସେ ଅଦ୍ୱିତୀୟ, ପୁରୁଷୋତ୍ତମ ତତ୍ତ୍ୱ, ସତ୍-ଚିତ୍-ଆନନ୍ଦ ସ୍ୱରୂପ । ସେହି ଏକ ସଚ୍ଚିଦାନନ୍ଦ ବ୍ରହ୍ମଙ୍କୁ ଭକ୍ତ ଭିନ୍ନ ଭିନ୍ନ ରୂପରେ ଉପାସନା କରେ । କେବଳ ନାମ ଓ ରୂପରେ ଭିନ୍ନ, କିନ୍ତୁ ତତ୍ତ୍ୱତଃ ଏକ । ସେହି ଏକ ଈଶ୍ୱର ମାନବଜାତିର ଆବଶ୍ୟକତାନୁସାରେ ତାକୁ ସାହାଯ୍ୟ କରି ଉଚ୍ଚତର ଚେତନାରେ ପହଞ୍ଚାଇ ଦେବା ସକାଶେ ପୃଥିବୀକୁ ଆସନ୍ତି । ସେ ପୃଥିବୀରେ ଥିବା ସମୟରେ ହଜାର ହଜାର ନରନାରୀ ତାଙ୍କ ଆଶ୍ରୟ ନିଅନ୍ତି ଏବଂ ସେ ସାଧନାର ସମସ୍ତ ଭାର ଗ୍ରହଣ କରି ସେମାନଙ୍କୁ ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ମା' ବର୍ତ୍ତମାନ ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠକୁ ଉତାରି ଆଣି ରୂପାନ୍ତରସାଧନ କରାଉଅଛନ୍ତି । କେବଳ ଅତିମାନସ ଶକ୍ତିଦ୍ୱାରାହିଁ ରୂପାନ୍ତରସାଧନ (transformation) ହୋଇପାରେ । କେବଳ ଏହି ଅତିମାନସ ଶକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିବାକୁ ସମର୍ଥ । ଅତଏବ ଯେଉଁମାନେ ରୂପାନ୍ତର ସିଦ୍ଧି ଚାହାନ୍ତି ସେମାନେ ମା-ଶ୍ରୀଅରବିନ୍ଦଙ୍କୁ ପଥପ୍ରଦର୍ଶକ ଏବଂ ଇଷ୍ଟଦେବ ରୂପେ ଗ୍ରହଣ କରିବାରେ କୌଣସି ବିରୋଧ ନାହିଁ ।

ପ୍ରଶ୍ନ : ପ୍ରତ୍ୟେକ ସାଧକଙ୍କ ଉପାସ୍ୟ ଶକ୍ତି ଏବଂ ଅତିମାନସ ଶକ୍ତି କ'ଣ ଏକ ? ଯଦି ଏକ ହୁଏ, ତେବେ ଅନନ୍ତ କାଳରୁ ସାଧକମାନେ ଉପାସନା କରି ଆସୁ ଅଛନ୍ତି, ଏପର୍ଯ୍ୟନ୍ତ କାହାରି ସ୍ଥୂଳ ଶରୀରର ରୂପାନ୍ତର ହୋଇ ନାହିଁ କାହିଁକି ? ଆଉ ମଧ୍ୟ ତାହାକୁ ଶ୍ରୀମା ଶ୍ରୀଅରବିନ୍ଦ ଊର୍ଦ୍ଧ୍ୱରୁ ଉତାରି ଆଣିଲେ କିପରି ? କାରଣ ଭଗବତ୍ ଶକ୍ତି ସର୍ବତ୍ର ପରିପୂର୍ଣ୍ଣ ।

ଉତ୍ତର : ଭଗବାନଙ୍କ ଶକ୍ତି ଏକ । ତାହା ମଧ୍ୟରେ ସକଳ ସାମର୍ଥ୍ୟ ବିଦ୍ୟମାନ । କିନ୍ତୁ ସଂସାରର ଆବଶ୍ୟକତା ଅନୁସାରେ ସମୟ ସମୟରେ ସେହି ଏକ ଶକ୍ତିର ଭିନ୍ନ ଭିନ୍ନ ସାମର୍ଥ୍ୟ ପ୍ରକାଶିତ ହୁଏ ଏବଂ ତାହାଦ୍ୱାରା କାର୍ଯ୍ୟ ସମ୍ପାଦିତ ହୁଏ ।

ଭକ୍ତମାନେ ଯେଉଁ ଭଗବତ୍ ଶକ୍ତିକୁ ଉପାସନା କରୁଅଛନ୍ତି ସେହି ଶକ୍ତିରୁ ଅତିମାନସ ଶକ୍ତି ତତ୍ତ୍ୱତଃ ଭିନ୍ନ ନୁହେଁ, କିନ୍ତୁ କାର୍ଯ୍ୟତଃ ଭିନ୍ନ; ଏହି ଅତିମାନସ ଶକ୍ତି ସବୁ ସମୟରେ ବିଦ୍ୟମାନ ଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ କାର୍ଯ୍ୟକାରୀ ହୋଇ ନ ଥିଲା ।

ଭଗବତ୍ ଶକ୍ତି ଓ ଭଗବାନ୍ ସମସ୍ତ ସ୍ଥାନରେ ବିଦ୍ୟମାନ । ତଥାପି ସଂସାରରେ ପ୍ରକଟ ହେବାକୁ ହେଲେ ଊର୍ଦ୍ଧ୍ୱରୁ ଅବତରଣ କରନ୍ତି । ତାଙ୍କୁ ଆମେ ଅବତାର (Incarnation) କହୁ । ଠିକ୍ ସେହିପରି ତାଙ୍କ ଶକ୍ତି । ସେ ଏଠାରେ ବିଦ୍ୟମାନ ଥିଲେ ସୁଦ୍ଧା ତାଙ୍କର ରୂପାନ୍ତରକାରୀ ଶକ୍ତି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିଲା । ତାହା ପ୍ରକାଶିତ ହୋଇ କାର୍ଯ୍ୟକାରୀ ହେବା ନିମିତ୍ତ ଶ୍ରୀମା ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ତାହାକୁ ଊର୍ଦ୍ଧ୍ୱରୁ ଉତାରି ଆଣିଛନ୍ତି । ଅତିମାନସ ଶକ୍ତି ଏହି ପୃଥିବୀରେ ପ୍ରକଟ ହୋଇ ନ ଥିବାରୁ କୌଣସି ଯୋଗୀଙ୍କ ମନରେ ଶରୀର ରୂପାନ୍ତରର ଭାବନା ଉଠି ନାହିଁ କିଂବା ସେମାନେ ଏହାକୁ ଲକ୍ଷ୍ୟରୂପେ ଗ୍ରହଣ କରି ନାହାନ୍ତି ।

ପ୍ରଶ୍ନ : ମନ-ପ୍ରାଣ-ଶରୀର ବ୍ରହ୍ମକୁ ଅଭିବ୍ୟକ୍ତ କରିବାର ଅର୍ଥ କ'ଣ ? ମନ, ପ୍ରାଣ ଓ ଶରୀରର ରୂପାନ୍ତର ହେଲେ ତାହାର ଧର୍ମ ହେବ କିପରି ?

ଉତ୍ତର : ମନୁଷ୍ୟର ମନ ସୀମିତ, ଅଜ୍ଞାନ ଏବଂ ଅଧିକାଂଶ ସମୟରେ ପ୍ରାଣ ଦ୍ୱାରା ଶାସିତ । ମନ ରୂପାନ୍ତରିତ ହେଲେ ମନ ସ୍ଥାନକୁ ଅଧିକାର କରିବ ଅତିମାନସ । ଅତିମାନସରେ ସର୍ବଶକ୍ତି, ସର୍ବଆନନ୍ଦ ଓ ସର୍ବଜ୍ଞାନ ବିଦ୍ୟମାନ ଥାଏ । ଅତିମାନସ ପୂର୍ଣ୍ଣତଃ ଅଜ୍ଞାନରୁ ମୁକ୍ତ, ପୂର୍ଣ୍ଣ ଜ୍ଞାନରେ ଭଗବାନଙ୍କ ସଙ୍ଗେ ଯୁକ୍ତ ଏବଂ ଭଗବାନଙ୍କ ସଂକଳ୍ପରେ ପରିଚାଳିତ ହୁଏ । ଭଗବାନଙ୍କ ସଙ୍ଗେ ଯୁକ୍ତ ଅବସ୍ଥା ମନ ଦ୍ୱାରା ଅବର୍ଣ୍ଣନୀୟ । କେବଳ ଅତିମାନସ ଦ୍ୱାରା ବ୍ୟକ୍ତ ହୁଏ ।

ବର୍ତ୍ତମାନ ଅଶୁଦ୍ଧ ପ୍ରାଣଶକ୍ତି ନିମ୍ନଗାମୀ । ତାହା ଦୁଇ ଭାଗରେ ବିଭକ୍ତ – ଉଚ୍ଚତର ପ୍ରାଣ (Higher vital) ନିମ୍ନତର ପ୍ରାଣ (Lower vital) । ଉଚ୍ଚତର ପ୍ରାଣର ଧର୍ମ ହେଉଛି ମହଦାକାଂକ୍ଷା, ମାନ, ଯଶଃ, ଅନ୍ୟ ଉପରେ ପ୍ରଭୁତ୍ୱସ୍ଥାପନ ସକାଶେ ସର୍ବସ୍ୱ ତ୍ୟାଗ । ଏପରିକି ନିଜ ସୁଖ, ଭୋଗ ବିଳାସକୁ ଅବାଧରେ ଜଳାଞ୍ଜଳି ଦେଇ ନାମ ଯଶଃ ସକାଶେ ଭିନ୍ନ ଭିନ୍ନ ଭୂମିକାରେ ଭିନ୍ନ ଭିନ୍ନ ରୂପ ନିଏ । ସୁବିଧା ଦେଖି ସର୍ବସ୍ୱ ତ୍ୟାଗ କରି ଦୀନହୀନ ସେବକ ହୋଇ ନିଜ ଅଭିମତ ପୂରଣ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ । ସମୟ ପାଇ ଧର୍ମ ଓ ଲୋକସେବାରେ ବି ନିଜ ଲକ୍ଷ୍ୟ ହାସଲ କରିନିଏ । ଏପରି ଭାବରେ ଧର୍ମ ଆଉ ସେବାରେ ଆଶ୍ରୟ ନିଏ, ଯାହାକୁ ଅନ୍ୟ କେହି ତ ବୁଝିପାରନ୍ତି ନାହିଁ, ନିଜ ମନ ମଧ୍ୟ ବୁଝିବାକୁ ସମର୍ଥ ହୁଏ ନାହିଁ । ନିମ୍ନପ୍ରାଣର ଧର୍ମ ହେଲା – ଈର୍ଷା-ଦ୍ୱେଷ, ମଦ-ମତ୍ସର, ଭୋଗ-ବିଳାସ, କାମ-କ୍ରୋଧ, ଲୋଭ-ମୋହର ଦାସତା । ଯେତେ ପ୍ରକାର କୁପ୍ରବୃତ୍ତି ଅଛି, ତାହା ଏହି ନିମ୍ନପ୍ରାଣଶକ୍ତିର ପ୍ରକାଶ । ଏହାର ଧର୍ମକୁ ପ୍ରାୟ ସମସ୍ତେ ଜାଣନ୍ତି । କିନ୍ତୁ ଉଚ୍ଚତର ପ୍ରାଣଶକ୍ତିର କ୍ରିୟା ମଧ୍ୟରେ ଅହଂକାର ଏପରି ସୂକ୍ଷ୍ମ ଆଉ ଅଦୃଶ୍ୟଭାବେ ଲୁକ୍‌କାୟିତ ଥାଏ ଯେ ତାହାକୁ ବୁଝିବା ଅଧିକାଂଶ ଲୋକଙ୍କ ପକ୍ଷେ ଦୁରୂହ ହୋଇପଡ଼େ ।

ପ୍ରାଣଶକ୍ତି ତାହାର ମୂଳ ସ୍ୱରୂପରେ ଦିବ୍ୟ; ଚିତ୍ ଶକ୍ତିର ବିକୃତ ରୂପ । କେବଳ ପ୍ରାଣଶକ୍ତିହିଁ ସବୁକିଛି କରିବାକୁ ସମର୍ଥ । ପ୍ରାଣଶକ୍ତି ଛଡ଼ା ସବୁକିଛି ଜଡ଼; ନିର୍ଜୀବ ଓ ତାମସ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରାଣଶକ୍ତିକୁ ତ୍ୟାଗ କରିବାକୁ ହୁଏ ନାହିଁ, ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ତାକୁ ରୂପାନ୍ତର କରିବାକୁ ହୁଏ । ରୂପାନ୍ତରିତ ପ୍ରାଣଶକ୍ତିର ଅଦମ୍ୟ କ୍ରିୟାଶୀଳତା ଥିବା ସତ୍ତ୍ୱେ କୌଣସି ବିକୃତି ନ ଥାଏ । କାରଣ ସେ ପୂର୍ଣ୍ଣରୂପେ ସଚ୍ଚିଦାନନ୍ଦଙ୍କୁ ଉପଲବ୍‌ଧି କରିଥାଏ । ଅହଂକାର ସ୍ୱୟଂ ରୂପାନ୍ତରିତ ହୋଇଯାଇ ଥାଏ, ତେବେ କର୍ମକୁ ବିକୃତ କରିବ କିଏ ? ଛୋଟ ବଡ଼ ସମସ୍ତ କର୍ମରେ ସେ ଦେଖେ ଓ ଅନୁଭବ କରେ ପରମ ଆନନ୍ଦମୟଙ୍କୁ । ସମସ୍ତ କ୍ରିୟାରେ ସେ ଉପଲବ୍‌ଧି କରେ ଭଗବାନଙ୍କୁ ଓ ଚାଳିତ ହୁଏ ତାଙ୍କରି ସଂକଳ୍ପରେ । ରୂପାନ୍ତରିତ ପ୍ରାଣଶକ୍ତି ଦ୍ୱାରା ଭାଗବତକର୍ମ ସମ୍ପାଦିତ ହୁଏ । ଏଠାରେ କର୍ମବନ୍ଧନର ପ୍ରଶ୍ନ ଉଠେ ନାହିଁ । କର୍ତ୍ତା ଓ କର୍ମ ଉଭୟେ ହୋଇଯାଆନ୍ତି ସଚ୍ଚିଦାନନ୍ଦ ସ୍ୱରୂପ । ଶ୍ରୀଅରବିନ୍ଦଙ୍କ ଯୋଗରେ ନୂତନତ୍ୱ ଏହି : ପ୍ରାଣଶକ୍ତି ଆଉ କର୍ମକୁ ତ୍ୟାଗ କରିବାକୁ ହୁଏ ନାହିଁ, ତାକୁ ନୂତନ ଦିବ୍ୟରୂପ ଦେବାକୁ ହୁଏ ।

ବର୍ତ୍ତମାନ ଶରୀର ଜଡ଼, ଏକେବାରେ ପଥରତୁଲ୍ୟ । ତା'ର ଅଧିକାର ନିଜ ଉପରେ ଲେଶମାତ୍ର ନାହିଁ । ସେ ମନ-ପ୍ରାଣ ଓ ପ୍ରକୃତିର ଦାସ । ତାହା ଉପରେ ମନ-ପ୍ରାଣ ଇଚ୍ଛାନୁସାରେ ଅତ୍ୟାଚାର କରିଥା'ନ୍ତି । ତା' ଛଡ଼ା ତାହା ଉପରେ ପ୍ରକୃତିର ଅଲଗା ପ୍ରଭୁତ୍ୱ, ସେ ରୋଗ ଓ ଜରାର କ୍ରୀତଦାସ । ଆଜି ବାଳକ କାଲି ଯୁବକ, କିଛି ଦିନ ପରେ ବୃଦ୍ଧ, ଜରା-ଜର୍ଜରିତ, ଶକ୍ତିହୀନ, ଚାଲିବାରେ ଅସମର୍ଥ । ପୁରାତନ ଯୋଗରେ ସାଧକ ଶରୀର ପ୍ରତି ଆଦୌ ଦୃଷ୍ଟି ଦିଏ ନାହିଁ, ଯେହେତୁ ଶରୀର ତ୍ୟାଗ କରି ଲକ୍ଷ୍ୟରେ ପହଞ୍ଚିବା ପୁରାତନ ଯୋଗୀର ଉଦ୍ଦେଶ୍ୟ । ଶରୀରକୁ କେବଳ ଅବହେଳା କରିବା ବ୍ରତ ଗ୍ରହଣ କରି ସେତିକିମାତ୍ର ପଡ଼ି ରହିବାକୁ ଦିଅନ୍ତି, ଯେଉଁଥିରେ ତାକୁ ଆଶ୍ରୟ କରି ମନର ଊର୍ଦ୍ଧ୍ୱରେ ନିର୍ବିଶେଷ ବ୍ରହ୍ମଙ୍କୁ ବା ଭଗବାନଙ୍କୁ ଉପଲବ୍ଧି କରିପାରିବେ; କାରଣ ଶରୀର ବିନା ଭଗବତ୍ ପ୍ରାପ୍ତି ହୁଏ ନାହିଁ ।

ଶରୀରର ମୂଳତତ୍ତ୍ୱ ଜଡ଼ ନୁହେଁ, ସତ୍, ନିତ୍ୟ; ତାହା ମୂଳ ତତ୍ତ୍ୱର ବିକୃତ ରୂପ । ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀରକୁ ଅବହେଳା ବା ତ୍ୟାଗ କରାହୁଏ ନାହିଁ; ରୂପାନ୍ତର କରିବାକୁ ହୁଏ ତା'ର ମୂଳ ତତ୍ତ୍ୱରେ । ରୂପାନ୍ତରିତ ଶରୀର

ହେବ ପୂର୍ଣ୍ଣ ଚୈତନ୍ୟ । ସେ ଏପରି ସମର୍ଥ ହେବ ଯାହା ଫଳରେ ମନ-ପ୍ରାଣର ବିନା ହସ୍ତକ୍ଷେପରେ ସ୍ୱୟଂ ସବୁକିଛି କରିପାରିବ । ସେ ରୋଗ, ଜରା, ମୃତ୍ୟୁର ଅଧୀନରୁ ହେବ ମୁକ୍ତ । ପ୍ରତି ଅଣୁ ପରମାଣୁରେ ଅବିକୃତଭାବେ ଉପଲବ୍ଧି କରିପାରିବ ବ୍ରହ୍ମଙ୍କୁ ।

ପ୍ରଶ୍ନ : ବ୍ରହ୍ମଙ୍କୁ ପୂର୍ଣ୍ଣରୂପେ ସଂସାରରେ ପ୍ରଘଟ କରିବାର ଅର୍ଥ କ'ଣ ?

ଉତ୍ତର : ମନ-ପ୍ରାଣ-ଶରୀର ପୂର୍ଣ୍ଣ ରୂପେ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରିବେ ଏବଂ ଏକେବାରେ ଶୁଦ୍ଧଭାବେ ଭଗବାନଙ୍କ ସଂକଳ୍ପ (Will)ରେ ପରିଚାଳିତ ହେବେ । ଭଗବାନ୍ ହେବେ କେନ୍ଦ୍ର (Centre) ଓ ଏସବୁ ହେବେ ତାହାର ଶାଖା । ଭଗବାନଙ୍କ ସଂକଳ୍ପ ହେବା ମାତ୍ରେ ମନ-ପ୍ରାଣ-ଶରୀର ସ୍ୱତଃସ୍ଫୂର୍ତ୍ତଭାବେ କ୍ରିୟାଶୀଳ ହେବେ, ଯେପରି ସହରର ବିଜୁଳି ବତିର କେନ୍ଦ୍ରରେ ଗୋଟିଏ ସୁଇଚ୍ ଟିପିଦେଲେ ସମଗ୍ର ସହରରେ ଆଲୁଅ ଜଳିଉଠେ ।

ପ୍ରଶ୍ନ : ପୁରାତନ ଯୋଗରେ କ'ଣ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରି ଭଗବାନଙ୍କ ଇଚ୍ଛାନୁସାରେ ସାଧକମାନେ ଚାଳିତ ହେଉ ନ ଥିଲେ ?

ଉତ୍ତର : ପୁରାତନ ଯୋଗସାଧକମାନେ ମନ-ପ୍ରାଣ-ଶରୀରକୁ ବାଦ୍‌ଦେଇ କେବଳ ଅନ୍ତରାତ୍ମାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରୁଥିଲେ ଏବଂ ଅଂଶତଃ ଭଗବାନଙ୍କ ନିର୍ଦ୍ଦେଶ ପାଉଥିଲେ ଏବଂ ଅନୁଭବ କରୁଥିଲେ ମନର ଊର୍ଦ୍ଧ୍ୱରେ; କିନ୍ତୁ ସ୍ଥୂଳ ମନ-ପ୍ରାଣରେ ଆଉ ଶରୀରରେ ନୁହେଁ । ଭଗବାନ୍ ପୂର୍ଣ୍ଣରୂପେ ଆବରଣ ଦୂର କରି ନିଜ ଶୁଦ୍ଧ ରୂପରେ ଏପର୍ଯ୍ୟନ୍ତ ପ୍ରଘଟ ହୋଇ ନାହାନ୍ତି । କାରଣ ମନ-ପ୍ରାଣ-ଶରୀର ପୂର୍ଣ୍ଣରୂପେ ଅର୍ଥାତ୍ ତାହାର ମୂଳ ଦିବ୍ୟ ତତ୍ତ୍ୱରେ ଯେପର୍ଯ୍ୟନ୍ତ ରୂପାନ୍ତରିତ ନ ହୁଏ ସେପର୍ଯ୍ୟନ୍ତ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତି କରାଯାଇ ପାରେ ନାହିଁ । ଭଗବାନଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି ଅତିମାନସ ଦ୍ୱାରା ହେଲେ ତାହା କେବଳ ଜଣକ ସକାଶେ ହୋଇ ଲୁପ୍ତ ହୋଇଯାଏ ନାହିଁ । ତାହା ଏହି ପୃଥିବୀରେ ସ୍ଥାପିତ ହୁଏ ଏବଂ କ୍ରମଶଃ ବୃଦ୍ଧି ହୋଇ ଗୋଟିଏ ଜାତିରେ ପରିଣତ ହୁଏ । ଯେପରିକି ଆଜି ମନଯୁକ୍ତ ମଣିଷ ଜାତିକୁ ଆମେ ପୃଥିବୀ ପୃଷ୍ଠରେ ଦେଖିବାକୁ ପାଉଛୁ ।

ପ୍ରଶ୍ନ : ସାକେତ, ଗୋଲୋକ ଓ ବୈକୁଣ୍ଠ ଏହି ମୃତ୍ୟୁପୁରୀକୁ ଉତରି ଆସିବ – ଏହାର ଅର୍ଥ କ'ଣ ?

ଉତ୍ତର : ସାକେତ, ଗୋଲୋକ ଓ ବୈକୁଣ୍ଠରେ ଅଜ୍ଞାନାନ୍ଧକାର ଦୁଃଖ କଷ୍ଟ ଜରାମୃତ୍ୟୁ ଆଦି ନ ଥାଏ । ମୁକ୍ତ ଆତ୍ମାମାନେ ଦିବ୍ୟଜ୍ଞାନ ଦିବ୍ୟାନନ୍ଦରେ ବାସ କରନ୍ତି । ସେମାନେ ପ୍ରତ୍ୟେକ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିଥାଆନ୍ତି; ଆଉ ମଧ୍ୟ ଭଗବାନଙ୍କ ସଂକଳ୍ପ (Will) ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହୁଏ । ସେହି ଦିବ୍ୟଲୋକରେ ବୃକ୍ଷଲତା ପଶୁପକ୍ଷୀ ସମସ୍ତ ଦୃଶ୍ୟମାନ ବସ୍ତୁରେ ଭଗବାନଙ୍କର ପ୍ରକାଶ ଥାଏ । ଅର୍ଥାତ୍ ସେହି ଏକ ଭଗବାନ୍ ଭିନ୍ନ ଭିନ୍ନ ରୂପେ ପ୍ରକାଶିତ ହୋଇଥିବାର ସ୍ପଷ୍ଟ ପ୍ରତୀୟମାନ ହୁଏ । ସେହି କାରଣରୁ ସେହି ଦିବ୍ୟଲୋକମାନଙ୍କରେ ଈର୍ଷା, ଦ୍ୱେଷ, ଅନ୍ୟାୟ, ଅତ୍ୟାଚାରାଦି କୁପ୍ରବୃତ୍ତିର ଖେଳ ନ ଥାଏ । ଏହି ମୃତ୍ୟୁପୁରୀ ଠିକ୍ ତାହାର ବିପରୀତ, ଅଜ୍ଞାନାନ୍ଧକାରରେ ପୂର୍ଣ୍ଣ । ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ, ସେହିସବୁ ଦିବ୍ୟଲୋକର ଅବସ୍ଥା ଏହି ମୃତ୍ୟୁପୁରୀରେ ପ୍ରତିଷ୍ଠିତ ହେବ । ଏହାରି ଅର୍ଥ ସେହିସବୁ ଦିବ୍ୟଲୋକ ଏହି ମୃତ୍ୟୁପୁରୀକୁ ଉତରି ଆସିବ । ପରେ ଉତ୍ତମ କାର୍ଯ୍ୟ ଅସାଧ୍ୟ ଆଉ ଅସମ୍ଭବ ରହିବ ନାହିଁ । ସାଧନା ମଧ୍ୟ ସହଜ ହୋଇଯିବ । ଏହିପରି ଅତିମାନବ ବୃଦ୍ଧି ହୋଇ ଗୋଟିଏ ଜାତିରେ ପରିଣତ ହେବ । ସାଧାରଣ ମନୁଷ୍ୟରୁ ଅତିମାନବ ଜାତି ମଧ୍ୟରେ କ୍ରମଶଃ ବହୁ ସ୍ତର ସୃଷ୍ଟି ହେବ ଏବଂ ସେହି ସ୍ତର ସମୂହ ଦ୍ୱାରା ଅତିମାନବ ଓ ସାଧାରଣ ମାନବ ମଧ୍ୟରେ ଗୋଟାଏ ସ୍ଥାୟୀ ସମ୍ବନ୍ଧ ସ୍ଥାପିତ ହେବ, ଯେଥିରେ ମଣିଷ ସାଧନା କରି ମଧ୍ୟବର୍ତ୍ତୀ ସ୍ତରସମୂହକୁ ଅତିକ୍ରମ କରି ଅତିମାନବ ଅବସ୍ଥାରେ ପହଞ୍ଚି ପାରିବ । ଏହି ପଥ ଚିରଦିନ ସକାଶେ ନିର୍ମାଣ ହେବ । ଏହା ହେବ ସାଧକମାନଙ୍କ ସକାଶେ । ସାଧାରଣ ସଂସାରରେ ହିଂସା, ଦ୍ୱେଷ, ଛଳ, କପଟ, ଯୁଦ୍ଧ-ବିଗ୍ରହ ଆଉ ରହିବ ନାହିଁ; କ୍ରମଶଃ ପ୍ରତ୍ୟେକ ବ୍ୟକ୍ତିର ଉନ୍ନତି ହେବ । ଏଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି;– ''ଏହି ଯୋଗ ଆତ୍ମମାନଙ୍କ ସକାଶେ ନୁହେଁ, ଭଗବାନଙ୍କ ସକାଶେ ।''

ପ୍ରଶ୍ନ : ପୁରାତନ ଯୋଗୀମାନେ ଯେଉଁ ପୁରୁଷୋତ୍ତମ ତତ୍ତ୍ୱର ସନ୍ଧାନ ପାଇଥିଲେ, ତାହାକୁହିଁ ଶ୍ରୀଅରବିନ୍ଦଙ୍କ

ଯୋଗରେ ଅଭିବ୍ୟକ୍ତ କରାହୁଏ । କିନ୍ତୁ ମନ-ପ୍ରାଣ-ଶରୀରର ରୂପାନ୍ତର ସମ୍ବନ୍ଧେ କୌଣସି ପୁରାତନ ଯୋଗରେ ନିର୍ଦ୍ଦେଶ ନାହିଁ । ଏହା କ'ଣ ସମ୍ପୂର୍ଣ୍ଣ ନୂତନ ନୁହେଁ ?

ଉତ୍ତର : ଏହା ନୂତନ ହେଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ନୁହେଁ । କାରଣ ଅତିମାନସ ଶକ୍ତିରେହିଁ ପୂର୍ଣ୍ଣବ୍ରହ୍ମ ଚତୁଷ୍ପାଦ ବିଭୂତି ସହିତ ପ୍ରଘଟ ହୁଅନ୍ତି । କିନ୍ତୁ ଅତିମାନସରେ ପ୍ରବେଶ କରିବାମାତ୍ରେ ରୂପାନ୍ତରର ସମସ୍ତ ରହସ୍ୟ ମିଳେ । ଶ୍ରୀମା-ଶ୍ରୀଅରବିନ୍ଦ ଅତିମାନସରେ ପହଞ୍ଚି ତାର ରହସ୍ୟ ପାଇ ସେହି ଶକ୍ତିକୁ ପୃଥିବୀ ଉପରେ ଉତାରି ଆଣି ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ନୂତନ ହେଲେ ମଧ୍ୟ ପୁରାତନ ସମ୍ବନ୍ଧରୁ ବିଚ୍ଛିନ୍ନ ନୁହେଁ । ପୁରାତନ ଯୋଗୀ ଏହା କରି ନ ଥିଲେ, କାରଣ ତା'ର ସମୟ ଆସି ନ ଥିଲା । ଏହା ସତ୍ୟଯୁଗର ଅଭିବ୍ୟକ୍ତିର ବସ୍ତୁ, ଏହା କେବଳ ସତ୍ୟଯୁଗର ପ୍ରାରମ୍ଭରେ ପ୍ରକାଶ ହେବାର କଥା, ପୂର୍ବରୁ ହେବାର ଆବଶ୍ୟକତା ନ ଥିଲା । ଶହେ ବର୍ଷ ପୂର୍ବେ ଅଣୁପରମାଣୁର ଶକ୍ତି ସମ୍ବନ୍ଧେ କୌଣସି ସନ୍ଧାନ ମିଳି ନ ଥିବା ସତ୍ତ୍ୱେ ଆଜି ତାହାର ଶକ୍ତି ଦୃଷ୍ଟିଗୋଚର ହେଉଛି । ପୂର୍ବେ ଯାହା ନ ଥିଲା ତାହା ଆଜି ହେବା ଅସମ୍ଭବ ନୁହେଁ ।

ପ୍ରଶ୍ନ : ଦିବ୍ୟ ରୂପାନ୍ତର ଓ ଅତିମାନବଜାତି ପୃଥିବୀରେ ସ୍ଥାପନା ହେବା କଥା କହୁଛନ୍ତି, କିନ୍ତୁ ବର୍ତ୍ତମାନ ସଂସାରରେ ଅନ୍ଧକାର ଓ ଅଜ୍ଞାନର ରାଜ୍ୟ; ଲୋକ ପୂର୍ଣ୍ଣରୂପେ ସ୍ୱାର୍ଥପର । ସଂସାରରେ ଆଜି ଆମେ ଯେଉଁମାନଙ୍କୁ ଶ୍ରେଷ୍ଠ ବୋଲି ମାନୁଛୁ, ଯାହାଙ୍କଠାରୁ ଆଦର୍ଶ ଆଶା କରୁଛୁ ସେମାନେ ଯାହା କହୁଛନ୍ତି, କରୁଛନ୍ତି ତାହାର ଠିକ୍ ବିପରୀତ । ମୁଖରେ ବ୍ୟକ୍ତ କରୁଛନ୍ତି ଯାହା ଅନ୍ତରରେ ଭାବୁଛନ୍ତି ତା'ର ଓଲଟା । ବର୍ତ୍ତମାନ ଜଗତର ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ କେବଳ ଅନ୍ଧ, ଅଜ୍ଞାନ, ଅଦିବ୍ୟ ଶକ୍ତିଙ୍କର ରାଜତ୍ୱ । ଏପରି ଅବସ୍ଥାରେ ଏତେବଡ଼ ଅତିମାନବ ଜାତିର ଆଶା କିପରି କରାଯିବ ?

ଉତ୍ତର : ପୁରାତନ ଜିନିଷ ଯେତେବେଳେ କାର୍ଯ୍ୟର ଅଯୋଗ୍ୟ ହୁଏ, ସେତେବେଳେ ତାହା ପରିବର୍ତ୍ତେ ଅଣାହୁଏ ଏକ ସୁନ୍ଦର ନୂତନ ଜିନିଷ । କୃଷ୍ଣପକ୍ଷ ଏକାଦଶୀରେ ଶୁକ୍ଳପକ୍ଷ ଚନ୍ଦ୍ରମାର ଉଦୟ ହୁଏ ନାହିଁ, ହୁଏ ଅମାବାସ୍ୟାର ପୂର୍ଣ୍ଣ ଅନ୍ଧକାର ପରେ । ତ୍ରେତୟା ଓ ଦ୍ୱାପର ଯୁଗପରେ ସତ୍ୟଯୁଗ ଆସେ ନାହିଁ, ଆସେ କଳିଯୁଗ ପରେ, ଅର୍ଥାତ୍ ଘୋର ଅନ୍ୟାୟ ପରେ । ଯେତେବେଳେ ଅଜ୍ଞାନାନ୍ଧକାର ପ୍ରବଳ ବେଗରେ ପୃଥିବୀକୁ ଘେରିଯାଏ ସେତେବେଳେ ଭଗବାନ୍ ଅବତାର ନିଅନ୍ତି । ବର୍ତ୍ତମାନ ଠିକ୍ ସେହି ସମୟ । ମାନବଜାତି ବର୍ତ୍ତମାନ ଏପରି ଏକ ସୀମାରେ ପହଞ୍ଚିଛି ଯେ ସେ ସେଠାରେ ଆଉ ରହିପାରିବ ନାହିଁ । ଊର୍ଦ୍ଧ୍ୱକୁ ଯିବ କିଂବା ଅଧଃପତିତ ହେବ । କିନ୍ତୁ ଭଗବାନ୍ ଚାହାନ୍ତି ନାହିଁ ଅଧଃପତନ ହେବାକୁ । ତାହାର ପ୍ରମାଣ ସ୍ୱରୂପ ଅତିମାନସ ଶକ୍ତି ଏହି ପୃଥିବୀ ଉପରକୁ ଉତରି ଆସି କାର୍ଯ୍ୟ କରୁଅଛି । ସେଥିପାଇଁ ମନୁଷ୍ୟ ଜାତିର ଊର୍ଦ୍ଧ୍ୱଗମନ ଅବଶ୍ୟମ୍ଭାବୀ । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ଦିବ୍ୟଶକ୍ତିର କ୍ରିୟାକୁ ବ୍ୟର୍ଥ କରିବା ପାଇଁ ଅଜ୍ଞାନ ଶକ୍ତି ଆପ୍ରାଣ ଚେଷ୍ଟା କରୁଅଛି । ଏହା ହେଉଛି ଦିବ୍ୟଶକ୍ତି ସହିତ ଅଦିବ୍ୟ ଶକ୍ତିର ଶେଷ ଯୁଦ୍ଧ ।

(୩)

ସାଧନାର ପ୍ରଣାଳୀ

ପ୍ରଶ୍ନ : ଚେତନାକୁ ଏକାଗ୍ର କରିବାର ପ୍ରଣାଳୀ କ'ଣ ?

ଉତ୍ତର : ଏକାଗ୍ର କରିବାର ବହୁ ପ୍ରଣାଳୀ ଅଛି, ତନ୍ମଧ୍ୟରୁ ଧ୍ୟାନ ଅନ୍ୟତମ ।

ପ୍ରଶ୍ନ : ଧ୍ୟାନ କିପରି କରିବାକୁ ହୁଏ ?

ଉତ୍ତର : ଧ୍ୟାନ ପ୍ରଣାଳୀ ମା' 'ମାତୃବାଣୀ' ପୁସ୍ତକରେ କହି ଅଛନ୍ତି, ହୃଦୟର କେନ୍ଦ୍ରରେ ଏକାଗ୍ର ହୁଅ ଓ ତା' ମଧ୍ୟରେ ପ୍ରବେଶ କର ଓ ଗଭୀରରେ ଉତରି, ଦୂର, ବହୁଦୂର ପର୍ଯ୍ୟନ୍ତ ଯାଅ, ଯେତେଦୂର ପର୍ଯ୍ୟନ୍ତ ତୁମେ ଯାଇପାର ।

ବାହ୍ୟ ପ୍ରସାରିତ ତୁମ ଚେତନାର ସମସ୍ତ ଖିଅକୁ ଏକତ୍ର କର, ଦୃଢ଼ଭାବେ କେନ୍ଦ୍ରିତ କର ଏବଂ ହୃଦୟର ନିଭୃତରେ ଡୁବିଯାଅ, ଏକେବାରେ ତଳକୁ ଚାଲିଯାଅ ।

''ହୃଦୟର ଗଭୀର ନୀରବତା ମଧ୍ୟରେ ଏକ ଅଗ୍ନିଶିଖା ଜଳୁଅଛି – ଏହାହିଁ ହେଲା ତୁମ ଅନ୍ତରର ଦେବତା – ତୁମର ଯଥାର୍ଥ ସତ୍ୟ-ସତ୍ତା (ହୃଦପୁରୁଷ) । ଏହାଙ୍କ ବାଣୀ ଶୁଣ ଏବଂ ଆଦେଶ ପାଳନ କର ।

''ଏକାଗ୍ରତା ସକାଶେ ଅନ୍ୟାନ୍ୟ କେନ୍ଦ୍ର ମଧ୍ୟ ଅଛି : ଉଦାହରଣସ୍ୱରୂପ ଗୋଟିଏ କେନ୍ଦ୍ର ମସ୍ତିଷ୍କର ଊର୍ଦ୍ଧ୍ୱରେ ଆଉ ଗୋଟିଏ ଭ୍ରୂ-ଯୁଗଳ ମଧ୍ୟରେ । ଏସବୁ ପ୍ରତ୍ୟେକଟିର ନିଜର ପ୍ରଭାବ ରହିଛି ଆଉ ଏହିସବୁ ତୁମକୁ ଏକ ଏକ ବିଶିଷ୍ଟ ଫଳ ଦିଅନ୍ତି । କିନ୍ତୁ ହୃତ୍‌ପୁରୁଷଙ୍କର ସ୍ଥାନହିଁ ହୃଦୟ ଏବଂ ଏହିଠାରେହିଁ ସମସ୍ତ କେନ୍ଦ୍ରୀୟ ଗତିବୃତ୍ତି, ରୂପାନ୍ତର ସକାଶେ ସମସ୍ତ ବେଗବତୀ ଗତିଶୀଳତା ଏବଂ ଅନୁଭୂତିର ଶକ୍ତି ପ୍ରସୂତ ହୁଏ ।''

ପ୍ରଶ୍ନ : ସମ୍ଭବତଃ ଧ୍ୟାନରେ କିଛିଦୂର ଅଗ୍ରସର ହେବା ପରେ ଏପରି ହୋଇପାରେ, କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ କିପରି ଧ୍ୟାନ କରିବାକୁ ହେବ ?

ଉତ୍ତର : ପ୍ରତିଦିନ ନିୟମିତ, କୌଣସି ନିର୍ଦିଷ୍ଟ ସମୟରେ, ନିଜର ସୁବିଧା ଅନୁସାରେ କୌଣସି ପବିତ୍ର ସ୍ଥାନରେ ଏକାନ୍ତରେ, ମୃଗଛାଲ, କୁଶ ବା କମ୍ବଳ ଆସନ ଉପରେ ଅଥବା ଚୌକି ବା ନିଜ ବିଛଣା ଉପରେ ବସି ସହଜଭାବେ (ବିରୋଧୀ ବିଚାର ସଙ୍ଗେ ସଂଘର୍ଷ ନ କରି) ନିଜର ରୁଚି ଅନୁଯାୟୀ ଶ୍ରୀମା ଶ୍ରୀଅରବିନ୍ଦଙ୍କର କୌଣସି ଫଟୋ ଉପରେ ଚେତନାକୁ ଏକାଗ୍ର କରିପାର କିଂବା ଏକାଗ୍ରତା ସକାଶେ ଊର୍ଦ୍ଧ୍ୱସ୍ଥ ମାତୃଶକ୍ତି, ଶାନ୍ତି ଓ ସ୍ଥିରତା ଅବତରଣ ସକାଶେ ଅଭୀପ୍ସା ସହ ପ୍ରତୀକ୍ଷା କରିପାର । ଏହିସବୁ ଉପାୟରେ ଏକାଗ୍ର ହେଲେ ଚେତନା ସ୍ୱାଭାବିକ ଭାବେ ଭିତରେ ପ୍ରବେଶ କରିବ ଓ ଉପରକୁ ଗତି କରିବ, କିନ୍ତୁ କ୍ରିୟାତ୍ମକରୂପେ ନ କଲେ ଏ ବିଷୟ ବୁଝି ହେବ ନାହିଁ ।

ପ୍ରଶ୍ନ : ମୋର ମନେ ହୁଏ କେବଳ ଭଗବାନଙ୍କୁ ଧ୍ୟାନ କରିବା ଉଚିତ; ମା'ଙ୍କୁ ଧ୍ୟାନ କରିବାକୁ କାହିଁକି କହୁଛନ୍ତି ?

ଉତ୍ତର : ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି ଏହି ମୃତ୍ୟୁପୁରୀରେ ଅତିମାନବ ଜାତି ସ୍ଥାପନା କରିବା ପାଇଁ । ଏହି ଆଦର୍ଶର ସାଧକମାନଙ୍କୁ ବିଶେଷରୂପେ ସାଧନା ମାର୍ଗରେ ସାହାଯ୍ୟ କରୁଅଛନ୍ତି । ଯେଉଁ କାର୍ଯ୍ୟ କରିବାକୁ ଭଗବାନଙ୍କର ଯେଉଁ ଅବତାର ପୃଥିବୀକୁ ଆସନ୍ତି ତାଙ୍କୁ ଅନନ୍ୟ ନିଷ୍ଠାସହ ଉପାସନା କଲେ ବ୍ୟକ୍ତି ସହଜରେ ଲକ୍ଷ୍ୟରେ ପହୁଞ୍ଚିପାରେ । ଏହି କାରଣରୁ ଅନନ୍ୟ ନିଷ୍ଠାସହ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପ ଧ୍ୟାନ ଏବଂ ତାଙ୍କୁ ସମସ୍ତ ସତ୍ତା ସମର୍ପଣ କରିବା ଉଚିତ । ଅନନ୍ୟ ନିଷ୍ଠା ଦ୍ୱାରା ଭଗବାନ୍ ସହଜରେ କିପରି ପ୍ରାପ୍ତ ହୁଅନ୍ତି ଭକ୍ତ ଧନା ଜାଠଙ୍କ ଜୀବନର ଗୋଟିଏ ଘଟଣାରୁ ଜାଣିପାରିବା ।

ଭକ୍ତ ଧନା ଜାଠ

ଧନା ଥିଲେ ଜାତିରେ ଜାଠ । ତାଙ୍କର ଜନ୍ମ ହୋଇଥିଲା ଏକ ସାଧାରଣ ପରିବାରରେ । କିନ୍ତୁ ପିତାମାତା ଥିଲେ ଭକ୍ତ, ସାଧୁସେବୀ । ତାଙ୍କ ମାତା ପଢ଼ାଶୁଣା କରି ନ ଥିଲେ, ଥିଲେ ସରଳା ଓ ପତିବ୍ରତା । ସେ ପତିଙ୍କ ଆଜ୍ଞା ପାଳନ କରି ତାଙ୍କୁ ସନ୍ତୁଷ୍ଟ ରଖିବାକୁ ବରାବର ଚେଷ୍ଟା କରନ୍ତି । ସେଥିପାଇଁ ତାଙ୍କ ସ୍ୱାମୀଙ୍କୁ ସାଧୁସେବା କାର୍ଯ୍ୟରେ ବହୁତ ସାହାଯ୍ୟ ମିଳେ । ଯେଉଁଠି ସାଧୁସେବାର ଆଦର ଥାଏ, ସେଠାକୁ ସାଧୁମାନେ ପ୍ରାୟ ଆସନ୍ତି । ଦିନେ ଜଣେ ସାଧୁ ତାଙ୍କ ଘରକୁ ଆସିଲେ । ତାଙ୍କ ପିତା ତାଙ୍କୁ ଯଥାର୍ଥ ଆଦର ସତ୍କାରପୂର୍ବକ ରହିବାକୁ ସ୍ଥାନ ଦେଲେ ଏବଂ ଭଗବାନଙ୍କ ପୂଜା ନିମିତ୍ତ ସମସ୍ତ ସାମଗ୍ରୀ ଯୋଗାଡ଼ କରିଦେଲେ ।

ସେତେବେଳେ ଧନା ଆଠ ନଅ ବର୍ଷର ହୋଇଥାଆନ୍ତି । ସାଧୁସନ୍ଥଙ୍କ ପ୍ରତି ତାଙ୍କର ଥିଲା ସ୍ୱାଭାବିକ ଶ୍ରଦ୍ଧା । ସେ ଦିନ ସେ ମହାତ୍ମାଜିଙ୍କ ସମସ୍ତ କାର୍ଯ୍ୟକଳାପକୁ ଏକାଗ୍ର ଦୃଷ୍ଟିରେ ନିରୀକ୍ଷଣ କରୁଥାଆନ୍ତି । ମହାତ୍ମାଜି ଭଲଭାବରେ ଆସନରେ ବସିବା ପରେ ଗୋଟିଏ ବଡ଼ ଝୋଲି ସାମନାରେ ରଖି ତା' ଭିତରୁ ରୁପାର ଗୋଟିଏ ଅତ୍ୟନ୍ତ ସୁନ୍ଦର ଛୋଟ

ସିଂହାସନ ବାହାର କଲେ । ତାହା ମଧ୍ୟରୁ ଖୁବ୍ ଚିକ୍‌କଣ କଳା ଗୋଲ ଗୋଲ ପଥର ଗୋଟାଳି ପରି ଶାଳଗ୍ରାମ ମୂର୍ତ୍ତି ଚାରି, ପାଞ୍ଚୋଟି ବାହାର କରି ଶ୍ରଦ୍ଧା ଓ ପ୍ରେମ ସହିତ ସ୍ନାନ କରାଇ ଫୁଲଚନ୍ଦନ ଦେଇ ବିଧିବତ୍ ପୂଜା କଲେ । ଠାକୁରଙ୍କ ପୂଜା ପ୍ରତି ଧନାଙ୍କର ମନ ବିଶେଷ ଆକୃଷ୍ଟ ହୋଇଗଲା । ସେ ଦିନ ତାଙ୍କର ଇଚ୍ଛା ଥିଲା ଯେ ସେ ବରାବର ମହାତ୍ମାଜିଙ୍କ ପାଖରେ ବସି ଠାକୁରଙ୍କ ସମସ୍ତ ପୂଜା ଦେଖି ଥାଆନ୍ତେ । ପରନ୍ତୁ ତାଙ୍କର ନିତ୍ୟକାର୍ଯ୍ୟ ଥିଲା ଅନ୍ୟ ପିଲାମାନଙ୍କ ସଙ୍ଗେ ଯାଇ ଗାଈ ଚରାଇବା । ଅନ୍ୟ ପିଲାମାନେ ଗାଈନେଇ ଦାଣ୍ଡରେ ପହଞ୍ଚିଗଲେ, ଅନିଚ୍ଛା ସତ୍ତ୍ୱେ ବାଧ୍ୟ ହୋଇ ତାଙ୍କୁ ଗାଈ ନେଇ ପିଲାମାନଙ୍କ ସଙ୍ଗେ ଯିବାକୁ ହେଲା । ପିଲାମାନଙ୍କ ସଙ୍ଗେ ଗଲା ତାଙ୍କର ଶରୀର, ମନ ରହିଲା ମହାତ୍ମାଜିଙ୍କ ପାଖରେ । ସେ କ୍ଷଣ କ୍ଷଣ ଗଣୁଥାଆନ୍ତି । ତାଙ୍କୁ ଗୋଟିଏ କ୍ଷଣ ଗୋଟିଏ ଯୁଗପରି ବୋଧ ହେଉଥାଏ । ଅତି କଷ୍ଟରେ ଗାଈଚରାଇବା କାମ ଶେଷ କରି ଘରକୁ ଫେରି ଗାଈକୁ ଗୁହାଳରେ ବାନ୍ଧି ତତ୍‌କ୍ଷଣାତ୍ ମହାତ୍ମାଜିଙ୍କ ପାଖକୁ ଗଲେ । ଅତି ବିନୀତ ଭାବରେ ପ୍ରାର୍ଥନା କଲେ, ''ମହାତ୍ମାଜି ତୁମ ପୂଜା ଗୋଟାଳିରୁ ମୋତେ ଗୋଟିଏ ଦିଅ ।'' ମହାତ୍ମାଜି କହିଲେ, ''ତୁ ପିଲା, ଜାଣୁ ନାହୁଁ, ସେ ପଥର ଗୋଟାଳି ନୁହେଁ, ଶାଳଗ୍ରାମ ଶିଳା, ଭଗବାନଙ୍କ ମୂର୍ତ୍ତି, ମୁଁ ଦେବି ନାହିଁ ।'' ଧନା ଶୁଣିବାମାତ୍ରକେ ବ୍ୟାକୁଳ ହୋଇ ମହାତ୍ମାଜିଙ୍କ ଚରଣ ଧରି ଜୋର୍‌ରେ କାନ୍ଦି କହିଲେ, ''ମୋତେ ଦେବାକୁ ହେବ, ମୁଁ ପୂଜା କରିବି ।'' ତାଙ୍କ ବିନୟ ପ୍ରାର୍ଥନା ଦେଖି ମହାତ୍ମାଙ୍କର ଦୟା ହେଲା । ସେ ଗୋଟିଏ ଶାଳଗ୍ରାମ ମୂର୍ତ୍ତି ଦେଇ ପୂଜାବିଧି ବତାଇ ଦେଲେ; ଆଉ କହିଲେ, ''ପ୍ରତିଦିନ ଠାକୁରଙ୍କୁ ଅର୍ପଣ କରି ପ୍ରସାଦ ନେବୁ, ଭୋଗ ନ ଲଗାଇ କିଛି ଖାଇବୁ ନାହିଁ ।'' ଧନାଙ୍କୁ ଶାଳଗ୍ରାମ ମୂର୍ତ୍ତି ମିଳିଯିବାରୁ ତାଙ୍କର ଆନନ୍ଦର ଆଉ ସୀମା ରହିଲା ନାହିଁ । ମନେହେଲା ତାଙ୍କୁ ଯେପରି ସମସ୍ତ ଲୋକର ଐଶ୍ୱର୍ଯ୍ୟ ଏକସଙ୍ଗେ ମିଳିଗଲା । ପରଦିନ ସକାଳୁ ମହାତ୍ମାଜି ରାସ୍ତା ଧରିଲେ । ଧନା ପ୍ରତିଦିନର ନିୟମାନୁସାରେ ମା'ଙ୍କଠାରୁ ରୋଟି ନେଇ ଲୁଗାରେ ବାନ୍ଧି ଶାଳଗ୍ରାମ ମୂର୍ତ୍ତିକୁ ଧରି ପିଲାମାନଙ୍କ ଆସିବା ପୂର୍ବରୁ ଗାଈ ନେଇ ଏକାକୀ ଗୋଟିଏ ନୂତନ ସ୍ଥାନକୁ ଚାଲିଗଲେ ।

ଆଜି ଧନା ପୂର୍ବ ଧନାଙ୍କଠାରୁ ଭିନ୍ନ । ସେ ତାଙ୍କ ଠାକୁରଜିଙ୍କୁ ପାଇ ଅଛନ୍ତି । ଏପରି ଆନନ୍ଦରେ ମସ୍ତ ଯେ ଚାଲିଲେ ଯେପରି ମୁଣ୍ଡ ଲାଗୁଛି ସ୍ୱର୍ଗରେ । ଆଜି ତାଙ୍କ ଆନନ୍ଦ ପାଖରେ ଇନ୍ଦ୍ରପଦ ବି ତୁଚ୍ଛ । ସେ ତାଙ୍କ ଠାକୁରଜିଙ୍କୁ ପୂଜା କରିବେ, ଭୋଗ ଲଗାଇବେ । ଗୋଟିଏ ଦୂର ଜଙ୍ଗଲରେ ଗାଈ ନେଇ ଛାଡ଼ିଦେଇ ସେ ବସିଲେ ଗୋଟିଏ ଗଛ ମୂଳରେ । ଗୋଟିଏ କନାରେ ବାନ୍ଧିଥିବା ଠାକୁରଜିଙ୍କୁ ଫିଟାଇ ଦେଖି ହୃଦୟରେ ଲଗାଇ ଆନନ୍ଦରେ ନାଚିବାକୁ ଲାଗିଲେ । ସୁନ୍ଦର କୋମଳ ପତ୍ର ଉପରେ ଶାଳଗ୍ରାମକୁ ରଖି ଆଞ୍ଜୁଳିରେ ଜଳ ଆଣି ସ୍ନାନ କରାଇ ଅରଣ୍ୟର ପତ୍ରଫୁଲ ଅର୍ପଣ କଲେ । ପରେ ରୋଟି ଖୋଲି ଠାକୁରଙ୍କ ସାମନାରେ ରଖି କେତେ କ'ଣ ଗେହ୍ଲେଇ କହି ଖୁଆଇବାକୁ ଆଗ୍ରହ କଲେ । ଅଧଘଣ୍ଟାଏ ହୋଇଗଲା, ଠାକୁର ଖାଇଲେ ନାହିଁ; ସେ ମନେ କଲେ, ''ମୁଁ ନୂଆ, ସେଥିନେଇ ଠାକୁର ଲଜ୍ଜା କରି ଖାଉ ନାହାନ୍ତି, ମୁଁ ଆଖି ବନ୍ଦ କରେ ।'' ମଝିରେ ମଝିରେ ଆଖି ଖୋଲି ଦେଖନ୍ତି ଠାକୁର ଖାଉଛନ୍ତି କି ନାହିଁ । ଏହିପରି ତିନି ଚାରି ଘଣ୍ଟା ବିତିଗଲା, ଶେଷରେ ନିରାଶ ହୋଇ ଭାବିଲେ, ''ମୋ ପୂଜାରେ ତ୍ରୁଟି ହେଲା, ସେଥିପାଇଁ ଠାକୁର ଖାଇଲେ ନାହିଁ ।'' ରୋଟିକୁ ଉଠାଇ ଆଣି ପାଣିରେ ପକାଇ ଦେଲେ; ଠାକୁରଙ୍କୁ କନାରେ ବାନ୍ଧି ଗୋରୁ ନେଇ ଘରକୁ ଫେରିଲେ । ଠାକୁର ଉପବାସ ରହିଲେ ଏହି ଦୁଃଖାଗ୍ନିରେ ତାଙ୍କ ହୃଦୟ ଦଗ୍‌ଧ ହେବାକୁ ଲାଗିଲା । ଆଉ ନେତ୍ରରୁ ଅବିରାମ ଅଶ୍ରୁଧାରା ପ୍ରବାହିତ ହେଲା । ଏହିପରି ଚାଲିଲା ସାତ ଦିନ ପର୍ଯ୍ୟନ୍ତ । ଉପବାସ ଆଉ ବ୍ୟାକୁଳତା ଯୋଗୁଁ ଶରୀର ଶୀର୍ଣ୍ଣ ହୋଇ କେବଳ ଅସ୍ଥି ଚର୍ମାବୃତ ହୋଇରହିଲା । ଏପରି ଅବସ୍ଥା ଦେଖି ତାଙ୍କ ମା' ବ୍ୟାକୁଳ ହୋଇପଡ଼ିଲେ ଏବଂ କାରଣ ପଚାରିବାରୁ ଧନା ଚୁପ୍ ହୋଇ ରହିଲେ । ଆଉ ମା'ଙ୍କ ଆଗ୍ରହ ସତ୍ତ୍ୱେ ଘରେ ନ ରହି ସେହି ଦୁର୍ବଳ ଅବସ୍ଥାରେ ଗୋରୁ ନେଇ ଜଙ୍ଗଲକୁ ବାହାରିଲେ ।

ଆଜି ଉପବାସର ସପ୍ତମ ଦିନ, ଶରୀର ଦୁର୍ବଳ ହେବାରୁ ପାଦ ପକାଇଲେ ଟଳମଳ ହୋଇ ପଡ଼ିଯିବା ପରି ହେଉଅଛି । କିନ୍ତୁ ଶରୀରର ଚିନ୍ତା ଲେଶମାତ୍ର ନାହିଁ । ଏକମାତ୍ର ଚିନ୍ତା ତାଙ୍କ ହୃଦୟକୁ ବ୍ୟଥିତ କରୁଛି ଯେ ସାତ ଦିନ ହେଲା ଠାକୁର ଉପବାସ । କୌଣସିମତେ ଗୋରୁ ଜଙ୍ଗଲରେ ଛାଡ଼ିଦେଇ ଠାକୁରଙ୍କୁ ପୂଜା କରି ରୋଟି ସାମନାରେ

ରଖିଦେଇ କହିଲେ, ''ଆଜି ଶେଷ ଦିନ ମୁଁ ଆଉ ଚାଲିପାରୁ ନାହିଁ । ଘରକୁ ଫେରିଯିବି ନାହିଁ । ଯଦି ଦୟାକରି ତୁ ରୋଟି ଖାଉ, ତେବେ ତ ଭଲ ନ ହେଲେ ଆଜି ପ୍ରାଣ ତୋ ଚରଣରେ ବିସର୍ଜନ ।'' ବ୍ୟାକୁଳତା ଯୋଗୁଁ ହୃଦୟ ଏକେବାରେ ସ୍ୱଚ୍ଛ ହୋଇଯାଇଥିଲା । ସେ ମୂର୍ଖ ଥିଲେ ସୁଦ୍ଧା ତାଙ୍କ ଆତ୍ମା ଜାଗ୍ରତ୍ ହୋଇ ଯାଇଥିଲା, ସେ ପ୍ରାର୍ଥନା କଲେ, ''ହେ ଭଗବାନ୍, ମୁଁ ବାଳକ, ଅବୋଧ, ମୂର୍ଖ, ତୋ ପୂଜାବିଧି କିଛି ଜାଣେ ନାହିଁ, ହେ ଦୟାମୟ, ତୁ କ'ଣ ମୋର ଅପରାଧ ସକାଶେ ଭୋଗ ସ୍ୱୀକାର କରିବୁ ନାହିଁ ! ବୃନ୍ଦାବନରେ ଗୋପାଳ ବାଳକ କେଉଁ ପଣ୍ଡିତ ଥିଲେ, କେଉଁ ବେଦ ପଢ଼ିଥିଲେ, ତୁ ତାଙ୍କ ହାତରୁ ଭୋଜନ ଛଡ଼ାଇ ଖାଉଥିଲୁ । ନା, ନା, ତୁ ଦୟାମୟ; ତୁ ବିଦ୍ୟା, ଗୁଣ ଦେଖୁ ନାହିଁ, ତୁ କେବଳ ନିଜ ଦୟାପରବଶ ହୋଇ ଭକ୍ତ ଇଚ୍ଛା ପୂର୍ଣ୍ଣ କରୁ । ମୁଁ ଏକ ଅନାଥ ବାଳକ, କୃପାକରି ଏ ଭୋଗ ସ୍ୱୀକାର କର ।'' ଏହିପରି କହୁ କହୁ ଗଳାରୁଦ୍ଧ ହୋଇ ଅନବରତ ଆଖିରୁ ଅଶ୍ରୁଧାରା ବହିବାକୁ ଲାଗିଲା । ଶରୀର ଏକେବାରେ ଦୁର୍ବଳ ଥିବାରୁ ସେ ଆଉ ବସି ରହିପାରିଲେ ନାହିଁ, ମୂର୍ଚ୍ଛିତ ହୋଇ ଭୂମିରେ ପଡ଼ିଗଲେ । ତାହା ମୂର୍ଚ୍ଛା ନୁହେଁ, ବିରହ ସମାଧି ଅବସ୍ଥା । ଶରୀରରେ ସମସ୍ତ ଅଷ୍ଟସାତ୍ତ୍ୱିକ ଭାବ ପ୍ରକାଶିତ ହେଲା । ଏହି ଅବସ୍ଥାରେ ସେ କେତେ ସମୟ ପଡ଼ି ରହିଥିଲେ । ହଠାତ୍ ତାଙ୍କ ଶରୀରରେ ବିଜୁଳି ପରି କୌଣସି ବସ୍ତୁ ପ୍ରବେଶ କରିଯିବାରୁ ସ୍ୱତଃ ଆଖି ଖୋଲିଗଲା । ସେ ଦେଖିଲେ ଅତି ସୁନ୍ଦର ଶ୍ୟାମବର୍ଣ୍ଣ ବାଳକ ତାଙ୍କ ସାମନାରେ ବସି ତାଙ୍କ ମସ୍ତକ ଉପରେ ହସ୍ତ ରଖି ମନ୍ଦହାସ୍ୟରେ କୃପାଦୃଷ୍ଟି ଦ୍ୱାରା ତାଙ୍କ ଉପରେ ଅମୃତ ବର୍ଷା କରୁଅଛନ୍ତି । ସେତେବେଳେ ଧନାଙ୍କ ଜୀବନର ଯେଉଁ ଅବସ୍ଥା, ଯେଉଁ ଆନନ୍ଦ, ତାହା ଅବର୍ଣ୍ଣନୀୟ । ଏପରି କୌଣସି ଲେଖକ ନାହିଁ ଯେକି ସେହି ଦିବ୍ୟ ଅଲୌକିକ ଭାବକୁ ଲେଖନୀ ମୁନରେ ରୂପ ଦେଇପାରିବ, ଏପରି କୌଣସି ବ୍ୟକ୍ତି ନାହିଁ ଯେକି ତାହାକୁ ଭାଷାରେ ବର୍ଣ୍ଣନା କରିପାରିବ । ଧନାଜିଙ୍କ ଜୀବନ ସାର୍ଥକ ହେଲା । ତାଙ୍କ ନେତ୍ର ସୌନ୍ଦର୍ଯ୍ୟରୂପ ସମୁଦ୍ରରେ ଭାସିବାକୁ ଲାଗିଲା । ହୃଦୟ ଆନନ୍ଦ ସାଗରରେ ନିମଜ୍ଜିତ ହୋଇଗଲା । ସେ ହୋଇଗଲେ ମୂକ, କୌଣସି ବାକ୍ୟ ସ୍ଫୁରିଲା ନାହିଁ ତୁଣ୍ଡରୁ । ତାଙ୍କର ଅଙ୍ଗ-ପ୍ରତ୍ୟଙ୍ଗ ବିବଶ । ସେ କେବଳ ନିସ୍ତେଜ ହୋଇପଡ଼ି ନିଜ ପ୍ରଭୁଙ୍କ ଆଡ଼କୁ ଦେଖୁଥାଆନ୍ତି । ପ୍ରଭୁ ତାଙ୍କ କରକମଳରେ ତାଙ୍କ ଅଙ୍ଗକୁ ସ୍ପର୍ଶ କରି ମନ୍ଦହାସ୍ୟରେ ମେଘଗମ୍ଭୀର ବାଣୀରେ କହିଲେ, ''ମୋ ପ୍ରିୟ ଧନା, ଉଠ, ତୁ ବଡ଼ କଷ୍ଟ ପାଇଲୁଣି, ସାତ ଦିନ ହେଲା ତୁ କିଛି ଖାଇ ନାହୁଁ ।'' ଭଗବାନଙ୍କ ସ୍ପର୍ଶ ଲାଭ କରି ଧନାଜିଙ୍କ ଶରୀରରେ ପୂର୍ବାପେକ୍ଷା ଶତଗୁଣ ଅଧିକ ବଳ ଓ ତେଜଃ ଆସିଗଲା । ଅନ୍ତରର ସକଳ ବନ୍ଦ ଦ୍ୱାର ଖୋଲିଗଲା । ସେ ଉଠି ବ୍ୟାକୁଳ ହୋଇ ପ୍ରଭୁଙ୍କ ଚରଣ ଧରି କହିଲେ, ''ହେ ପ୍ରଭୁ, ହେ ଦୟାମୟ, ତୁମକୁ ତୁମ ଭକ୍ତ କହନ୍ତି ଦୟାମୟ, ଅଶରଣ-ଶରଣ, ଅଧମ-ଉଦ୍ଧାରଣ, ପତିତପାବନ – ଏହିସବୁ ଗୁଣ ଆଜି ମୋ ସାମନାରେ ପ୍ରତ୍ୟକ୍ଷ ।'' ପ୍ରଭୁ କହିଲେ, ''ତୁ ସୁସ୍ଥ ହୁଅ ଦେଖ, ମୁଁ ରୋଟି ଖାଉଅଛି ।'' ଏହା କହି ଖାଇବାକୁ ଆରମ୍ଭ କଲେ । ଧନାଜି ପତ୍ରରେ ପଙ୍ଖା କଲେ । ପ୍ରଭୁ ଶ୍ରୀହସ୍ତରେ ରୋଟି ଦେଇ ଧନାଙ୍କୁ ଖାଇବାକୁ କହିଲେ । ଧନାଜି ପ୍ରଭୁଙ୍କ ଦର୍ଶନରେ ପରମ ତୃପ୍ତି ଲାଭ କରିସାରିଥିଲେ, କିନ୍ତୁ ପ୍ରଭୁଙ୍କ ଶ୍ରୀହସ୍ତରୁ ପ୍ରସାଦ ପାଇ ସହର୍ଷେ ଗ୍ରହଣ କଲେ । ଭଗବାନ୍ କହିଲେ, ''ଯେ ମୋତେ ସର୍ବସ୍ୱ ଅର୍ପଣ କରିଦିଏ, ତା ସକାଶେ ମୋର ଅଦେୟ କିଛି ନ ଥାଏ, ତୋର ଯାହା ଆବଶ୍ୟକ ତାହା ମାଗି ନେ ।'' ଧନା ରୁଦ୍ଧ କଣ୍ଠରେ କହିଲେ, ''ହେ ଦୟାମୟ, ତୁମ୍ଭଙ୍କୁ ପାଇବା ପରେ ଏପରି କୌଣସି ବସ୍ତୁ ଅଛି, ଯାହାକୁ ମାଗିବାକୁ ହେବ । ପରନ୍ତୁ ହେ ମୋ ପ୍ରଭୁ, ମୋ ହୃଦୟେଶ୍ୱର, ତୁମ୍ଭ ବିୟୋଗରେ ଏକକ୍ଷଣ ମୁଁ ରହିପାରିବି ନାହିଁ ।'' ପ୍ରଭୁ କହିଲେ, ''ଆରେ ଏଇ କଥା, ସେଥିରେ କ'ଣ ଅଛି; ମୁଁ ତୋ ସଙ୍ଗରେ ରହିବି, ଦୁଇ ଜଣ ଗାଈ ଚରାଇବା, ଖେଳିବା । ମୁଁ ମଧ୍ୟ ବହୁଦିନ ପରେ ଜଣେ ଖେଳସାଥୀ ପାଇଲି ।'' ଏକଥା ଶୁଣି ଧନାଙ୍କର ଆନନ୍ଦର ସୀମା ରହିଲା ନାହିଁ ।

ଧନାଜିଙ୍କ ସଙ୍ଗେ ଭଗବାନ୍ ଗାଈ ଚରାନ୍ତି, ଦୁଧ ଦୁହନ୍ତି, ଖେଳନ୍ତି । ଏହିପରି ବାରବର୍ଷ ବ୍ୟତୀତ ହୋଇଗଲା । ଧନାଙ୍କ ପ୍ରାର୍ଥନାରେ ତାଙ୍କୁ ଶାଳଗ୍ରାମ ଦେଇଥିବା ପୂର୍ବୋକ୍ତ ସାଧୁଙ୍କୁ ଭଗବାନ୍ ଦର୍ଶନ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ଆକାଶବାଣୀରେ ଧନାଜିଙ୍କୁ ଆଦେଶ ଦେଲେ ଆଚାର୍ଯ୍ୟ ରାମାନନ୍ଦଜିଙ୍କ ଶିଷ୍ୟ ହେବାକୁ । ଧନାଜି ଶ୍ରୀସମ୍ପ୍ରଦାୟ ଅନ୍ତର୍ଗତ ଅନ୍ୟତମ ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ସ୍ୱାମୀଙ୍କ ଶିଷ୍ୟ ହୋଇ ତାଙ୍କ ପ୍ରଧାନ ଦ୍ୱାଦଶ ଶିଷ୍ୟଙ୍କ ମଧ୍ୟରେ ସ୍ଥାନ

ପାଇଲେ । ଧନାଙ୍କ ଜୀବନର ବହୁତ ଅଲୌକିକ ଓ ଚମତ୍କାର ଘଟଣା ଅଛି; ତନ୍ମଧ୍ୟରୁ ଏଠାରେ ଏହି ଘଟଣାଟି ଉଲ୍ଲେଖ କରାହେଲା । ନାଭାଜି ତାଙ୍କ 'ଭକ୍ତମାଳା' ଗ୍ରନ୍ଥରେ ଧନାଜିଙ୍କ ବିସ୍ତୃତ ଜୀବନ ଚରିତ ବର୍ଣ୍ଣନା କରିଅଛନ୍ତି ।

ଏହିପରି ବହୁତ ଭକ୍ତଙ୍କ ଜୀବନରେ ଘଟିଛି । ଭକ୍ତର ନିଷ୍ଠା ଆଉ ବିଶ୍ୱାସ ଯେଉଁଠି ହେଲା ସେଇଠି ଭଗବାନ୍ ପ୍ରଗଟ ହେଲେ । ଫେର୍ ଗୁରୁଙ୍କୁ ଧ୍ୟାନ କରିବା ଯୁକ୍ତିଯୁକ୍ତ ଓ ଶାସ୍ତ୍ରସମ୍ମତ । ଏ ଯୋଗରେ ଗୁରୁ ଏବଂ ଇଷ୍ଟ ମା' ଶ୍ରୀଅରବିନ୍ଦ । ସେ ଏହି ଯୋଗ-ମାର୍ଗ ଆବିଷ୍କାର କରିଅଛନ୍ତି । ଶାସ୍ତ୍ର ଘୋଷଣା କରିଛି, ''ଗୁରୁ ର୍ବ୍ରହ୍ମା ଗୁରୁ ର୍ବିଷ୍ଣୁ, ଗୁରୁର୍ଦେବୋ ମହେଶ୍ୱରଃ । ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।।'' ପ୍ରତ୍ୟେକ ଆଧ୍ୟାତ୍ମିକ ସମ୍ପ୍ରଦାୟରେ ଭଗବାନ୍ ଓ ଭଗବାନଙ୍କ ସ୍ୱରୂପ ଗୁରୁଙ୍କୁ ଉପାସନା କରାହୁଏ ।

ପ୍ରଶ୍ନ : ମା' ଶ୍ରୀଅରବିନ୍ଦଙ୍କ ସ୍ୱରୂପ କ'ଣ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିର ଚେତନା ଓ ବୁଦ୍ଧିରୂପ ଦର୍ପଣ ଉପରେ ମହାପୁରୁଷ ଓ ଅବତାରମାନଙ୍କ ସ୍ୱରୂପ ଭିନ୍ନ ଭିନ୍ନ ରୂପେ ପ୍ରତିବିମ୍ବିତ ହୁଏ, କିନ୍ତୁ ଦର୍ପଣର ସ୍ୱଚ୍ଛତାନୁସାରେ ବ୍ୟକ୍ତି ସେମାନଙ୍କ ଦୋଷଗୁଣ ନିର୍ଣ୍ଣୟ କରି ପ୍ରଶଂସା ବା ନିନ୍ଦା ଅଥବା ସମାଲୋଚନା କରେ, ଯଥାର୍ଥ ସ୍ୱରୂପକୁ ବୁଝିପାରେ ନାହିଁ । କିନ୍ତୁ ଯଥାର୍ଥରେ ବୁଝିବାକୁ ହେଲେ ସ୍ଥୂଳମନର ସୀମାକୁ ଅତିକ୍ରମ କରି ତାକୁ ବିସ୍ତୃତ କରିବାକୁ ହେବ ଏବଂ ଆନ୍ତର ଚେତନାର ଗଭୀରରେ ପ୍ରବେଶ କରି ସେହି ଚେତନାରେ ଠିକ୍ ଠିକ୍ ଭାବେ ବୁଝିବାକୁ ହେବ । ଏହିରୂପେ ଜାଣିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ସମ୍ଭବ ନୁହେଁ; ଆଉ ମନୁଷ୍ୟ ପ୍ରତୀକ୍ଷା କରିବାକୁ ଧୈର୍ଯ୍ୟ ବି ରଖେ ନାହିଁ, ପ୍ରତ୍ୟେକ ବସ୍ତୁକୁ ଜାଣିବାକୁ ଚାହେଁ ତତ୍‌କ୍ଷଣାତ୍, ତାହାର ଯେଉଁ ଚେତନା ଓ ମନ ଅଛି ତାହାରି ଦ୍ୱାରା । ଯଦି ଏହିପରି ବୁଝିବାକୁ ହୁଏ, ତେବେ ମହାପୁରୁଷ ଓ ଅବତାରମାନଙ୍କ ଜୀବନର ପ୍ରଧାନ ଉଦ୍ଦେଶ୍ୟ ଓ ପ୍ରଧାନ କର୍ମକୁ ଦେଖି ତାଙ୍କ ସମ୍ବନ୍ଧେ ବିଚାର କରାଯାଇପାରେ । ଉଦାହରଣସ୍ୱରୂପ : ବିଷ୍ଣୁଙ୍କ ଆୟୁଧ ସୁଦର୍ଶନ, ଏପରି ତେଜସ୍ୱୀ, ବଳଶାଳୀ, ସ୍ୱତଃଚୈତନ୍ୟ ଆୟୁଧ ବିଷ୍ଣୁଙ୍କ ଛଡ଼ା ଆଉ କାହାର ଧାରଣ କରିବାର ସାମର୍ଥ୍ୟ ନାହିଁ । ଅତଏବ ସେହି ଆୟୁଧ ଦ୍ୱାରା ଆମ୍ଭେ ତାଙ୍କ ସ୍ୱରୂପ ବିଚାର କରିପାରୁ । ସେହିପରି ମା' ଶ୍ରୀଅରବିନ୍ଦଙ୍କ କର୍ମ ଦ୍ୱାରା ଆମ୍ଭେମାନେ ତାଙ୍କ ସ୍ୱରୂପ ବିଚାର କରିବାକୁ ଚେଷ୍ଟା କରିବା । ତାଙ୍କ ଜୀବନର ପ୍ରଧାନ କର୍ମ ହେଉଛି ପରାପୂରା ଆଦ୍ୟା-ସୃଜନୀ ଅତିମାନସ ରୂପାନ୍ତରକାରିଣୀ ଦିବ୍ୟଶକ୍ତିଙ୍କୁ ଏହି ପୃଥିବୀପୃଷ୍ଠକୁ ଉତାରି ଆଣି ତାହାଦ୍ୱାରା ସକଳ ଜାଗତିକ ନିମ୍ନଶକ୍ତିକୁ ସେମାନଙ୍କ ମୂଳ ସତ୍ ସ୍ୱରୂପରେ ଏବଂ ମରଧର୍ମୀ ମନୁଷ୍ୟକୁ ଅମରତ୍ୱରେ, ମୃତ୍ୟୁ ପୁରୀକୁ ସ୍ୱର୍ଗରେ ରୂପାନ୍ତରିତ କରିବା ଏବଂ ଏହି ପୃଥିବୀରେ ଗୋଟିଏ ଅତିମାନବ ଜାତି ସ୍ଥାପନା କରିବା । ପୂର୍ବେ ଆଲୋଚିତ ହୋଇଛି ଏହି କାର୍ଯ୍ୟ ସ୍ୱୟଂ ଭଗବାନଙ୍କ ଛଡ଼ା ଅନ୍ୟ କେହି ମହାପୁରୁଷ ବା ଋଷିମୁନି କରିବାରେ ସମର୍ଥ ନୁହନ୍ତି ।

ପ୍ରଶ୍ନ : ସମର୍ପଣ, ତ୍ୟାଗ କିପରି କରିବାକୁ ହୁଏ, ଅଭୀପ୍ସା କାହାକୁ କୁହାଯାଏ ଏବଂ ତା'ର କ୍ରିୟାତ୍ମକ ରୂପ କିପରି ?

ଉତ୍ତର : ଭଗବତ୍ କୃପା, ସମର୍ପଣ, ଶାନ୍ତି, ଏକାଗ୍ରତା, ମାତୃଶକ୍ତିଙ୍କ ଆବାହନ ଆଦି ଦିବ୍ୟ ବସ୍ତୁ ପ୍ରାପ୍ତି ସକାଶେ କାମନାହୀନ ତୀବ୍ର ଶୁଦ୍ଧ ଇଚ୍ଛାର ନାମ ଶ୍ରୀଅରବିନ୍ଦ ରଖିଛନ୍ତି ଅଭୀପ୍ସା (Aspiration) । ସେହି ଅଭୀପ୍ସାକୁ ସତତ ଜାଗ୍ରତ୍ ରଖିବା ହେଲା ସାଧନାର ଗୋଟିଏ ପ୍ରଧାନ ଅଙ୍ଗ ।

ତ୍ୟାଗର ଦୁଇଟି ଦିଗ ଅଛି । ଗୋଟିଏ ନେତି, ଅନ୍ୟଟି ଇତି । ନେତି ଦିଗରେ ସାଧକ ସବୁସମୟରେ ସତର୍କ, ଜାଗ୍ରତ୍ ହୋଇ ନିରନ୍ତର ନିରୀକ୍ଷଣ କରିବ, ଏବଂ ଅନୁକୂଳ ବସ୍ତୁକୁ ନିଜ ଭିତରେ ପ୍ରବେଶ କରିବାକୁ ଦେବ, ପ୍ରତିକୂଳ ବସ୍ତୁକୁ ତ୍ୟାଗ କରିବ । ଏ ପଦ୍ଧତି କଷ୍ଟସାଧ୍ୟ ଓ ଦୀର୍ଘ ସମୟସାପେକ୍ଷ । ଏଥିରେ ବହୁ ସମୟରେ ପ୍ରତିକ୍ରିୟା ଆସିପାରେ ଏବଂ ତ୍ୟାଜ୍ୟ ବସ୍ତୁ ଅନ୍ତର୍ହିତ ହେବା ପରିବର୍ତ୍ତେ ଅଭିଭୂତ ବି କରିପାରେ ।

ଇତି ଦିଗରେ ସାଧକ ଜାଗ୍ରତ୍ ରହି ସକଳ ପ୍ରତିକୂଳ ବସ୍ତୁ ଉପରେ ଏକାଗ୍ର ହୋଇ ତାକୁ ବର୍ଜନ କରେ ନାହିଁ, ସମଗ୍ର ଶକ୍ତି ପ୍ରୟୋଗ କରେ ସମର୍ପଣ, ଅଭୀପ୍ସା ଏବଂ ଦିବ୍ୟଶକ୍ତିକୁ ଆବାହନ ଆଉ ପ୍ରାର୍ଥନା ଉପରେ । ଅଭୀପ୍ସା ଆଉ ସମର୍ପଣର କ୍ରିୟା ଆରମ୍ଭ ହେଲେ ତ୍ୟାଗ ସ୍ୱତଃ ହୋଇଯାଏ । ତା' ସକାଶେ ପୃଥକ୍ ଚେଷ୍ଟା କରିବାକୁ ହୁଏ ନାହିଁ ।

ଅଭୀପ୍ସା, ତ୍ୟାଗ, ସମର୍ପଣ ଚାଲେ ଏକ ସଙ୍ଗରେ, ଏକକୁ ଛାଡ଼ି ଅନ୍ୟ ରହିପାରେ ନାହିଁ । ଯେତେବେଳେ ଅଭୀପ୍ସା ଶିଥିଳ ହୋଇଯାଏ ସେତେବେଳେ ଅବାଞ୍ଛିତ ଶକ୍ତିର ଆକ୍ରମଣ ହୁଏ । ସେତେବେଳେ ବି ଅଭୀପ୍ସାର ଅଗ୍ନିକୁ ପ୍ରଥମେ ପ୍ରଜ୍ୱଳିତ କରିବାକୁ ହେବ ଏବଂ ମାତୃଶକ୍ତିଙ୍କ ଆବାହନରେ ଚେତନାକୁ ଏକାଗ୍ର କରିବାକୁ ହେବ ତଥା ଅବାଞ୍ଛିତ ଶକ୍ତିକୁ ବର୍ଜନ କରିବାକୁ ହେବ; କିନ୍ତୁ ସେଥିରେ ଚେତନାକୁ ଏକାଗ୍ର ନ କରି ।

ସମର୍ପଣର ଅର୍ଥ – ଭଗବାନ୍, ହୃଦୟସ୍ଥ ଚୈତ୍ୟପୁରୁଷ, ପରାପୂରା ପରମା ଭାଗବତୀ ଜନନୀ ଅଥବା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣରେ ନିଜେ ଓ ନିଜର ଯାହାକିଛି ଅଛି, ସମ୍ପୂର୍ଣ୍ଣରୂପେ, କିଛି ବାକି ନ ରଖି ନିବେଦନ କରିବା, ତାଙ୍କର ଯନ୍ତ୍ର ହୋଇ ତାଙ୍କ ନିର୍ଦେଶାନୁସାରେ ଗୋଟିଏ ଇଞ୍ଜିନ ଯେପରି ନିଜକୁ ଡ୍ରାଇଭର୍ ହାତରେ ଛାଡ଼ିଦେଇ ତାହା ଦ୍ୱାରା ପରିଚାଳିତ ହୁଏ ସେହିପରି ପରିଚାଳିତ ହେବା ।

ଏ ଯୋଗର ସାଧକକୁ ଯାହାକିଛି କରିବାକୁ ହୁଏ ତାହା କେବଳ ସମର୍ପଣ । ସମର୍ପଣ କରିବାକୁ ହୁଏ ମନର ପ୍ରତ୍ୟେକ ବିଚାର, ପ୍ରତ୍ୟେକ ଧାରଣା ଓ ଚିନ୍ତା ଏବଂ ପ୍ରାଣର ପ୍ରତ୍ୟେକ ଗତିବୃତ୍ତି, ଆବେଗ, କାମନା ବାସନା, ଶରୀରର ପ୍ରତ୍ୟେକ କ୍ରିୟା, ପ୍ରତ୍ୟେକ ପଦକ୍ଷେପ ।

ଏ ଯୋଗରେ ସାଧନା ଆରମ୍ଭ ହୁଏ ସମର୍ପଣରେ, ଶେଷ ବି ହୁଏ ସମର୍ପଣରେ । ଯେତେବେଳେ ସମର୍ପଣ ଶେଷ ହୁଏ, ସେତେବେଳେ ସାଧକକୁ ଆଉ କିଛି କରିବାକୁ ହୁଏ ନାହିଁ, ସାଧକ ଭିତରେ ପରାପୂରା ଦିବ୍ୟ ଭାଗବତୀ ଶକ୍ତି କ୍ରିୟା କରନ୍ତି ଏବଂ ଯୋଗର ସମସ୍ତ ଭାର ଗ୍ରହଣ କରନ୍ତି । ସେତେବେଳେ ସାଧକକୁ କେବଳ ତାଙ୍କ କ୍ରିୟାରେ ସମ୍ମତି ଦେବାକୁ ହୁଏ ।

ପ୍ରଶ୍ନ : ଏକେବାରେ ପ୍ରାରମ୍ଭିକ ଅବସ୍ଥାରେ ପ୍ରତ୍ୟେକ କର୍ମ କିପରି ସମର୍ପଣ କରିବାକୁ ହେବ ? ଏହା ସରଳ ଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ଯଥାର୍ଥ ସମର୍ପଣ ହୁଏ ହୃଦ୍‌ପୁରୁଷଙ୍କ ଦ୍ୱାରା, ଯାହାକୁ ସାଧାରଣ ଭାଷାରେ କୁହାଯାଏ ହାର୍ଦିକ ସମର୍ପଣ । ପ୍ରଥମ ଅବସ୍ଥାରେ ପ୍ରତ୍ୟେକ ସାଧକଙ୍କର ହାର୍ଦିକ ବା ଆନ୍ତରିକ ସମର୍ପଣ ହୁଏ ନାହିଁ, କାରଣ ଅନ୍ତରାତ୍ମା ଅଧିକାଂଶ ସମୟରେ ମନ ପ୍ରାଣର ପଶ୍ଚାତରେ ଆବୃତ ଥାଏ । ସେଥିପାଇଁ ମନ ଓ ବଚନ ଦ୍ୱାରା ପ୍ରତ୍ୟେକ କର୍ମକୁ ଅର୍ପଣ କରିବାକୁ ହୁଏ । ଲକ୍ଷ୍ୟ ପ୍ରତି ଦୃଢ଼ ସଂକଳ୍ପ ରଖିଲେ, ମାନସିକ ଓ ବାଚିକ ସମର୍ପଣ ଆନ୍ତରିକତାରେ ପରିଣତ ହୁଏ । ଅର୍ଥାତ୍ ଏହି ବାଚିକ ସମର୍ପଣ ଫଳରେ କ୍ରମଶଃ ଅନ୍ତରାତ୍ମା ଜାଗ୍ରତ୍ ହୁଏ ଏବଂ ସେ ଯଥାର୍ଥ ସମର୍ପଣ କରେ ।

ରାତ୍ରିରେ ଶୋଇବା ପୂର୍ବର ବିଛଣାରେ ବସି ଯେତେଦୂର ସମ୍ଭବ ହୁଏ ଚେତନାକୁ ଏକାଗ୍ର କରି ମା'ଙ୍କୁ ପ୍ରାର୍ଥନା କରିବେ, ''ଆଜି ଯାହାକିଛି କର୍ମ ଏ ଶରୀରରେ ହୋଇଛି ତାହାସବୁ ତୁମ ଚରଣରେ ସମର୍ପଣ କରୁଅଛି । ମୋ ଅନ୍ତରରେ ପ୍ରଘଟ ହୋଇ ମୋର ସମସ୍ତ କର୍ମକୁ ପରିଚାଳନା କର । ମୋତେ ଯଥାର୍ଥ କର୍ମ କରିବାକୁ ନିର୍ଦେଶ ଦିଅ । ମୋ ମନରେ, ବୁଦ୍ଧିରେ ପ୍ରକାଶ ହୁଅ, ଯେପରି ତୁମ ନିର୍ଦେଶକୁ ମୁଁ ବୁଝିପାରେ ଓ ଶକ୍ତି ଦିଅ ଯେପରି ସେହି ନିର୍ଦେଶକୁ ପାଳନ କରିପାରେ । ପ୍ରତିକୂଳ ପ୍ରେରଣା ଓ କ୍ରିୟାକୁ ବର୍ଜନ କରି ଅନୁକୂଳ ପ୍ରେରଣା ଓ କ୍ରିୟାକୁ ଗ୍ରହଣ କରିବା ପାଇଁ ସାମର୍ଥ୍ୟ ଦିଅ । ଏହି ଶରୀରକୁ ଯନ୍ତ୍ରରୂପେ ଗ୍ରହଣ କର ଆଉ ଏପରି କୃପା କର ଯେପରି ମୋର ସମଗ୍ର ସତ୍ତା ତୁମ ଚରଣରେ ସହର୍ଷରେ ନିଜକୁ ସମର୍ପଣ କରିବାକୁ ପ୍ରବୃତ୍ତ ହେଉ ।'' ଏହିପରି ପ୍ରାର୍ଥନା କରି ନିଦ୍ରା ନ ଆସିବା ପର୍ଯ୍ୟନ୍ତ ମା'ଙ୍କୁ ଓ ଶ୍ରୀଅରବିନ୍ଦଙ୍କୁ କିଂବା କେବଳ ମା'ଙ୍କୁ ଧ୍ୟାନ କରିବେ । ଶୋଇବା ସମୟରେ ସଂକଳ୍ପ କରିଥିଲେ ନିଦ୍ରାଭଙ୍ଗ ହେବା ସଙ୍ଗେ ସଙ୍ଗେ ମା'ଙ୍କୁ ସ୍ମରଣ ହେବ । ନିଦ୍ରାଭଙ୍ଗ ପରେ ଉଠି ସେହି ବିଛଣାରେ ବସି ପୂର୍ବପରି ପ୍ରାର୍ଥନା କରିବେ, ତାହାପରେ ନିଜ କର୍ମରେ ପ୍ରବୃତ୍ତ ହେବେ । ଏହିଭାବେ ପ୍ରତ୍ୟେକ କାର୍ଯ୍ୟ – ସ୍ନାନ, ଭୋଜନାଦି ନିତ୍ୟନୈମିତ୍ତିକ ଯେକୌଣସି କାର୍ଯ୍ୟ କରିବା ସମୟରେ ସଚେତ ହୋଇ ସେହି କର୍ମକୁ ଅର୍ପଣ କରିବେ । ଭୋଜନ ମା'ଙ୍କୁ ଅଥବା ଅନ୍ତରସ୍ଥ ସତ୍ତାଙ୍କୁ ଅର୍ପଣ କରିବେ ଏବଂ ଭାବିବେ ଯେ ପ୍ରତ୍ୟେକ ଗ୍ରାସକୁ ନିଜ ମଧ୍ୟରେ ମା' ଗ୍ରହଣ କରୁଅଛନ୍ତି । ଏହିପରି କରିବା ଦ୍ୱାରା କ୍ରମେ ଯଥାର୍ଥ ସମର୍ପଣ ଆସେ ।

ପ୍ରଶ୍ନ : ଏହିପରି ସାଧାରଣ ସମର୍ପଣ କ୍ରିୟା ଦ୍ୱାରା କ'ଣ ଏତେ ବଡ଼ ସିଦ୍ଧି – ଶରୀର, ମନ ଓ ପ୍ରାଣର ପୂର୍ଣ୍ଣ ରୂପାନ୍ତର ହୋଇପାରିବ ଏବଂ ପୂର୍ଣ୍ଣବ୍ରହ୍ମ ସଚ୍ଚିଦାନନ୍ଦଙ୍କୁ ପ୍ରାପ୍ତ କରିହେବ ?

ଉତ୍ତର : ପୂର୍ବେ କୁହାଯାଇଅଛି ଯେ ଏହି ସମର୍ପଣ କ୍ରିୟା ସଙ୍ଗେ ଅଭୀପ୍ସା, ତ୍ୟାଗ, ଅନ୍ତରାତ୍ମାଙ୍କର ଜାଗୃତି ଓ ଭାଗବତୀ ଶକ୍ତିଙ୍କର ଅବତରଣ ହୁଏ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ସେ ମନ-ପ୍ରାଣର ସ୍ଥାନ ଅଧିକାର କରନ୍ତି ଏବଂ ଭାଗବତୀ ଶକ୍ତି ସାଧନାର ଭାର ଗ୍ରହଣ କରି ସ୍ୱୟଂ କ୍ରିୟା କରନ୍ତି । ଅନ୍ତରାତ୍ମାର ସାହାଯ୍ୟରେ ସାଧକକୁ କେବଳ କରିବାକୁ ହୁଏ ସମର୍ପଣ ଓ ଭାଗବତୀ ଶକ୍ତି କରନ୍ତି ସାଧନା । କେବଳ ସମର୍ପଣରେ ସାଧନା ସମ୍ପନ୍ନ ହୁଏ ନାହିଁ, ସମର୍ପିତ ଅଂଶକୁ ଭାଗବତୀ ଶକ୍ତି ଅଧିକାର କରି ସେଥିରୁ ନିମ୍ନପ୍ରକୃତିର ଅଧିକାରକୁ ବିଚ୍ଛିନ୍ନ କରି ତାକୁ ରୂପାନ୍ତର କରନ୍ତି । କୌଣସି ଯୋଗର ବଡ଼ ବଡ଼ କ୍ରିୟା ଦ୍ୱାରା ଏ ଯୋଗ ସିଦ୍ଧ ହୋଇପାରେ ନାହିଁ, କେବଳ ଭାଗବତୀ ଶକ୍ତିଙ୍କ ଦ୍ୱାରାହିଁ ଏହି ରୂପାନ୍ତର-ଯୋଗ ସମ୍ପନ୍ନ ହୁଏ ।

ଚୈତ୍ୟ ପୁରୁଷ

ପ୍ରଶ୍ନ : ଚୈତ୍ୟପୁରୁଷ କାହାକୁ କହନ୍ତି ?

ଉତ୍ତର : ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଦୁଇଟି ସତ୍ତା ବାସ କରନ୍ତି – ଚୈତ୍ୟପୁରୁଷ ଓ ଆତ୍ମା । ଚୈତ୍ୟପୁରୁଷ ଭଗବାନଙ୍କ ଅଂଶ, ସେ ହୃଦୟ ଗୁହାର ବହୁତ ଗଭୀରରେ ଅବସ୍ଥିତ । ଅନ୍ୟ ସତ୍ତା ହେଲେ ଆତ୍ମା, ସେ ଶରୀରର ଊର୍ଦ୍ଧ୍ୱରେ ଦ୍ରଷ୍ଟା ରୂପେ ସ୍ଥିତ, ଭଗବାନଙ୍କ ପ୍ରତିଭୂ, କିନ୍ତୁ ଅପରିବର୍ତ୍ତନୀୟ । ଚୈତ୍ୟପୁରୁଷ କ୍ରମବିବର୍ତ୍ତନାନୁସାରେ ବିକାଶଶୀଳ । ସେ ଊର୍ଦ୍ଧ୍ୱସ୍ଥ ଆତ୍ମା ପରି ନିଷ୍କ୍ରିୟ, ଅପରିବର୍ତ୍ତନୀୟ ନୁହନ୍ତି, ସେ ମନ-ପ୍ରାଣ ପଶ୍ଚାତରେ ରହି ସମସ୍ତ ସତ୍ତା ଉପରେ ପ୍ରଭାବ ନିକ୍ଷେପ କରନ୍ତି । ତାଙ୍କର ସ୍ୱାଭାବିକ ଗତି ଭଗବାନଙ୍କ ଆଡ଼କୁ । ତାଙ୍କର ସମସ୍ତ କ୍ରିୟା ଯଥାର୍ଥ, ଅଭ୍ରାନ୍ତ ଏବଂ ସତ୍ୟ ଉପରେ ପ୍ରତିଷ୍ଠିତ । ଏହି ସତ୍ତା ଜାଗ୍ରତ୍ ହେଲେ ମନୁଷ୍ୟ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହୋଇ ଭଗବାନଙ୍କୁ ପ୍ରାପ୍ତ ହୁଏ । ଏହାର ଜାଗରଣ ବିନା କେହି ବି ଭଗବାନଙ୍କ ସମ୍ବନ୍ଧରେ ସଚେତ ହୁଏ ନାହିଁ । ଯେଉଁମାନଙ୍କର ଚୈତ୍ୟପୁରୁଷ ସୁପ୍ତ ଅର୍ଥାତ୍ ନିଷ୍କ୍ରିୟ, ସେମାନଙ୍କ ମନ-ବୁଦ୍ଧି ଅତ୍ୟନ୍ତ ବିକଶିତ ହେଲେ ମଧ୍ୟ ଶୁଦ୍ଧ ନୁହନ୍ତି । ସେଥିପାଇଁ ସେମାନେ ମନ-ବୁଦ୍ଧିକୁ କୁପ୍ରବୃତ୍ତିରେ ଲଗାନ୍ତି, ନିଜେ ଭୁଲ୍ ମାର୍ଗରେ ଚାଲନ୍ତି ଏବଂ ଅନେକ ସମୟରେ ଏମାନଙ୍କ ଦ୍ୱାରା ଦେଶ, ଜାତି ଓ ସମାଜର ବହୁତ କ୍ଷତି ଘଟେ । ଏମାନଙ୍କ ମଧ୍ୟରୁ ଯଦି କେହି କେହି ଯଥାର୍ଥରେ ଦେଶ ଓ ଜାତିର ମଙ୍ଗଳ ନିମିତ୍ତ ବହୁତ କାମ କରନ୍ତି, ତଥାପି ଭୁଲ୍‌ବଶତଃ, ଅଜ୍ଞାତରେ ଏମାନଙ୍କ ଦ୍ୱାରା କେତେକ ବିପରୀତ, ଅହିତକର କାର୍ଯ୍ୟ ବି ହୋଇଯାଏ । କାରଣ ମନ, ବୁଦ୍ଧି ଯେତେ ବିକଶିତ ହେଲେ ମଧ୍ୟ ସେସବୁର ସତ୍ୟଦୃଷ୍ଟି ନ ଥାଏ । ଚୈତ୍ୟପୁରୁଷ ସତ୍ୟ ଓ ଜ୍ୟୋତିଃ ସ୍ୱରୂପ । ତାଙ୍କ ପାଖକୁ ଅଜ୍ଞାନ ଅନ୍ଧକାର ଆସିପାରେ ନାହିଁ । ଯେପରି ଦିନ ଓ ରାତି ମଧ୍ୟରେ ପ୍ରଭେଦ, ସେହିପରି ତାଙ୍କ ଦୃଷ୍ଟିରେ ସତ୍ୟ ଓ ଅସତ୍ୟର ପ୍ରଭେଦ । ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ମନ-ବୁଦ୍ଧିକୁ ଆଙ୍ଗୁଳି ନିର୍ଦ୍ଦେଶରେ ସତ୍ୟ ଏବଂ ଅସତ୍ୟକୁ ଚିହ୍ନାଇ ଦିଅନ୍ତି । ଏହି ସତ୍ତାହିଁ ଯଥାର୍ଥରେ ବ୍ୟକ୍ତି । କିନ୍ତୁ ଅଜ୍ଞାନବଶରେ ମନୁଷ୍ୟ ଶରୀର-ମନ-ପ୍ରାଣକୁ କହେ 'ବ୍ୟକ୍ତି' ବା 'ମୁଁ' । ପ୍ରଥମରେ ଏହି ସତ୍ତା ସ୍ୱରୂପ ଥାଏ ଅଗ୍ନିସ୍ଫୁଲିଙ୍ଗ ପରି, ପରନ୍ତୁ ପ୍ରକୃତିର କ୍ରମବିବର୍ତ୍ତନ ଓ ସାଧନା ଦ୍ୱାରା ଜାଗ୍ରତ୍ ଓ ବିକଶିତ ହୋଇ ତାହା ଅଗ୍ନିଶିଖାରେ ପରିଣତ ହୋଇଯାଏ, ମନ ଓ ପ୍ରାଣର ସ୍ଥାନକୁ ଅଧିକାର କରି ନିଜର ପ୍ରଭାବ ସମସ୍ତ ସତ୍ତା ଉପରେ ସ୍ଥାପନ କରେ । ଏହି ସତ୍ତା ଯାହାର ହୃଦୟରେ ଜାଗ୍ରତ୍ ହୁଏ, ସେ ମୂର୍ଖ ବା ପଣ୍ଡିତ ହେଉ, ବୁଦ୍ଧିମାନ୍ ବା ବୁଦ୍ଧିହୀନ ହେଉ, ତାହାର କୌଣସି ସଂଶୟ ରହେ ନାହିଁ; ସେ ସ୍ୱାଭାବିକ ରୂପେ ସନ୍ମାର୍ଗରେ ଚାଲେ । ତାହାକୁ ସନ୍ଦେହ ବା ଭ୍ରମ ସ୍ପର୍ଶ କରେ ନାହିଁ । ବଡ଼ ବଡ଼ ଶାସ୍ତ୍ରଜ୍ଞ, ତାର୍କିକ ପଣ୍ଡିତ ବି ଯୁକ୍ତି ଦ୍ୱାରା ତାକୁ ସତ୍ୟମାର୍ଗରୁ ବିଚଳିତ କରିପାରନ୍ତି ନାହିଁ । ମନୁଷ୍ୟ ମଧ୍ୟରେ ମନ-ପ୍ରାଣ-ବୁଦ୍ଧି ବରାବର ନେତୃତ୍ୱ କରୁଥା'ନ୍ତି, ସେଥିପାଇଁ ଚୈତ୍ୟପୁରୁଷ ଏସବୁର ପଶ୍ଚାତରେ ରହି ସମୟକୁ ଅପେକ୍ଷା କରି ରହିଥାଆନ୍ତି ।

ଭଗବାନଙ୍କ କୃପାକୁ କୁହାଯାଏ ଅହେତୁକୀ । ତାହା ମନୁଷ୍ୟର ପ୍ରତିଦାନ ଚାହେଁ ନାହିଁ । ଜୀବକୁ ଦୁଃଖକଷ୍ଟ ରୂପ ଜନ୍ମ-ମରଣ ବିପଦରୁ ଉଦ୍ଧାର କରି ତାକୁ ଅମରତ୍ୱ ଦେବା ତା'ର ସଂକଳ୍ପ । କିନ୍ତୁ ମନୁଷ୍ୟ ସର୍ବଦା ମନ-ପ୍ରାଣ-ଶରୀରର ଅଧୀନ ଥିବାରୁ ସେହି କୃପାକୁ ଭୁଲିଯାଇଥିଲେ ସୁଦ୍ଧା ସେହି କୃପା ବସ୍ତୁତଃ କେବେ ବି ଭୁଲେ ନାହିଁ । ସେଥିପାଇଁ ଭଗବାନ୍ ମନୁଷ୍ୟ ଜୀବନରେ କେବେ କେବେ ବିପଦ ଆସିବାକୁ ଦିଅନ୍ତି । ସେହି ବିପଦ ସମୟରେ ମନ ପ୍ରାଣ ବ୍ୟାକୁଳ ହୋଇପଡ଼ିବାରୁ ସେମାନଙ୍କ କ୍ରିୟା ବନ୍ଦ ହୋଇଯାଏ, ସେହି ଅବସରରେ ଚୈତ୍ୟସତ୍ତା ଯାହାର ଅନ୍ୟ ନାମ ହୃଦ୍‌ପୁରୁଷ, ସେ ଜାଗ୍ରତ୍ ହୋଇ ଭଗବାନଙ୍କୁ ଡାକେ ଏବଂ ତତ୍‌କ୍ଷଣାତ୍ ଉତ୍ତର ପାଏ । ଏହାହିଁ ହେଲା ଭଗବାନଙ୍କର ଅହେତୁକୀ କୃପା । ଏହିପରି ପ୍ରତ୍ୟେକ ମନୁଷ୍ୟର ଜୀବନରେ ବାରଂବାର ଘଟେ । ଏହିସବୁ ଘଟଣା ଦ୍ୱାରା ହୃଦୟର ଅନ୍ଧକାର କ୍ରମଶଃ ପତଳା ହୋଇଯାଏ ଏବଂ ଚୈତ୍ୟସତ୍ତା ଭଗବତ୍ ଅଭିମୁଖୀ ହେବାକୁ ସୁଯୋଗ ପାଏ । ଯଦି ଏହି ସତ୍ତା ଥରେ ଭଗବାନଙ୍କୁ ଡାକେ, ''ମୁଁ ତୋର'', ଆଉ ଭଗବାନ୍ ସ୍ୱୀକାର କରନ୍ତି, ତେବେ ମହାନ୍ ଅସାଧ୍ୟ ତଥା ଅକଳ୍ପନୀୟ ପ୍ରତିବନ୍ଧକ ଦୂର ହୋଇଯାଏ ଓ ସାଧନା ଆରମ୍ଭ ହୁଏ । ସେହିଦିନଠାରୁ ତାହାର ଲକ୍ଷ୍ୟରେ ପହଞ୍ଚିବାର ନିର୍ଦ୍ଦିଷ୍ଟ ଦଲିଲ ଉପରେ ଭଗବାନଙ୍କର ସିଲମୋହର ମରା ହୋଇଯାଏ । ବାକି ରହେ ସମୟର କଥା; ଉତ୍‌ଥାନ-ପତନ, ଦୁଃଖକଷ୍ଟ ରୂପ ସାଧନା ମାର୍ଗରେ ଅଗ୍ରସର ହୋଇ ତାହାର ଅଭୀପ୍ସା, ସମର୍ପଣ, ତ୍ୟାଗର ତୀବ୍ରତା ଓ ଶିଥିଳତା ଅନୁପାତରେ କମ୍ ବା ବେଶୀ ସମୟରେ ସେ ଅବଶ୍ୟ ଲକ୍ଷ୍ୟରେ ପହୁଞ୍ଚିଯାଏ । ହୃଦ୍‌ପୁରୁଷ ଜାଗ୍ରତ୍ ହେଲେ ସେହି କେବଳ ଭଗବାନଙ୍କୁ ସମର୍ପଣ କରେ । ମନ-ପ୍ରାଣ-ଶରୀର ଓ ଆଉ ସମସ୍ତ ଭାଗ ସମର୍ପଣର ବିରୋଧୀ । ସମର୍ପଣ ଯେତେ ପରିମାଣରେ ହୁଏ, ଚୈତ୍ୟସତ୍ତା ତେତେ ଅଧିକ ଜାଗ୍ରତ୍ ହୁଏ ।

ଭାଗବତୀ ଶକ୍ତି

ସାଧନାର ଅନ୍ୟ ଗୋଟିଏ ଦିଗ ହେଲା ମସ୍ତକ ଊର୍ଦ୍ଧ୍ୱସ୍ଥ ଭାଗବତୀ ଦିବ୍ୟ ଶକ୍ତିଙ୍କ ଅବତରଣ । ସେଠାରେ ସେ ସର୍ବଦା ଜାଗ୍ରତ୍ ଏବଂ ନିଜ ସ୍ୱରୂପରେ ଦିବ୍ୟ, ଜ୍ୟୋତିର୍ମୟ ଓ ବିସ୍ତୃତ । ଏହି ଭାଗବତୀ ଶକ୍ତିଙ୍କ ଅନ୍ୟରୂପ ମୂଳାଧାର-ଚକ୍ରରେ ସର୍ପାକାରରେ କୁଣ୍ଡଳୀକୃତ ଓ ନିଦ୍ରିତ । ତନ୍ତ୍ରରେ ଏହି ଶକ୍ତି କୁଣ୍ଡଳିନୀ ନାମରେ ପ୍ରସିଦ୍ଧ । କେତେକ ଯୋଗମାର୍ଗରେ ପ୍ରଧାନତଃ ତନ୍ତ୍ରରେ, ମୂଳାଧାର ଚକ୍ରରେ ଅଭିନିବେଶ କରି ଭିନ୍ନ ଭିନ୍ନ ପ୍ରଣାଳୀରେ ଏହି ଶକ୍ତିକୁ ଜାଗ୍ରତ୍ କରାଯାଏ । ସେ ଜାଗ୍ରତ୍ ହୋଇ ସମସ୍ତ ଚକ୍ରକୁ ଭେଦ କରି ସହସ୍ରାରରେ ପହଞ୍ଚେ । ଏହାର ଜାଗୃତି ସମୟରେ ଯଦି ମନ-ପ୍ରାଣ ଆବଶ୍ୟକ ଅନୁସାରେ ଶୁଦ୍ଧ ହୋଇ ନ ଥାଏ, କିଂବା ଭୁଲ ପ୍ରଣାଳୀରେ ଏହାକୁ ଜାଗ୍ରତ୍ କରାହୁଏ, ତେବେ ସାଧକର ଅନିଷ୍ଟ ହୋଇପାରେ । ଏହି ଶକ୍ତି ଯେପର୍ଯ୍ୟନ୍ତ ଜାଗ୍ରତ୍ ହୋଇ ନ ଥାଏ, ସେପର୍ଯ୍ୟନ୍ତ ସାଧକ ସାଧନାରେ ଅଗ୍ରସର ହୋଇପାରେ ନାହିଁ । ସେହି ସକାଶେ ଏହାକୁ ଶାସ୍ତ୍ରରେ କୁହାଯାଇଛି 'ଯୋଗଶକ୍ତି' । ଏହି ଶକ୍ତି ସମ୍ବନ୍ଧରେ 'ଯୋଗ-ପ୍ରଦୀପ' ଗ୍ରନ୍ଥରୁ ଶ୍ରୀଅରବିନ୍ଦଙ୍କର ଗୋଟିଏ ପତ୍ର ଏଠାରେ ଉଦ୍ଧାର କରାଗଲା —

'ମୂଳାଧାର' ନିୟନ୍ତ୍ରଣ କରେ ଜଡ଼ସ୍ତରରୁ ଅବଚେତନ ପର୍ଯ୍ୟନ୍ତ; ଉଦର-କେନ୍ଦ୍ର 'ସ୍ୱାଧିଷ୍ଠାନ' ନିୟନ୍ତ୍ରଣ କରେ ଅଧସ୍ତନ ପ୍ରାଣକୁ; ନାଭିକେନ୍ଦ୍ର 'ନାଭିପଦ୍ମ' ବା 'ମଣିପୁର' ନିୟନ୍ତ୍ରଣ କରେ ବୃହତ୍ତର ପ୍ରାଣକୁ; 'ହୃତ୍‌କେନ୍ଦ୍ର' ବା 'ଅନାହତ' ନିୟନ୍ତ୍ରଣ କରେ ଆବେଗମୟ ସତ୍ତାକୁ; କଣ୍ଠକେନ୍ଦ୍ର 'ବିଶୁଦ୍ଧ' ନିୟନ୍ତ୍ରଣ କରେ ବାହ୍ୟ ପ୍ରକାଶ ଓ ବାହ୍ୟ ରୂପଦାତା ମନକୁ; ଭ୍ରୁଯୁଗଳ ମଧ୍ୟସ୍ଥିତ କେନ୍ଦ୍ର 'ଆଜ୍ଞାଚକ୍ର' ନିୟନ୍ତ୍ରଣ କରେ କ୍ରିୟାଶୀଳ ମନ, ଇଚ୍ଛାଶକ୍ତି, ଦୃଷ୍ଟିଶକ୍ତି ଓ ମାନସ ରୂପାୟନକୁ; 'ସହସ୍ରଦଳ ପଦ୍ମ' ଊର୍ଦ୍ଧ୍ୱରେ ଅବସ୍ଥିତ ହୋଇ ଉଚ୍ଚତର ଚିନ୍ତାଶୀଳ ମନକୁ ଚାଳିତ କରେ, ଉଚ୍ଚତର ଜ୍ୟୋତିର୍ମୟ ମାନସକୁ ଆଧାର ରୂପେ ଧାରଣ କରେ ଏବଂ ଉଚ୍ଚତମ ଭାବେ ସମ୍ବୋଧି ପ୍ରତି ନିଜେ ଉନ୍ମୁକ୍ତ ହୁଏ । ଏହାରି ମଧ୍ୟଦେଇ ଅଥବା ଗୋଟାଏ ସାକ୍ଷାତ୍ ପରିପ୍ଲାବନ ଦ୍ୱାରା ଅଧିମାନସ ଅନ୍ୟାନ୍ୟ ନିମ୍ନ ମାନସ ସ୍ତର ସହିତ ଗୋଟିଏ ସମ୍ପର୍କ ସ୍ଥାପନ କରିପାରେ ଅଥବା ଆଦାନ ପ୍ରଦାନର ସମ୍ବନ୍ଧ ରଖିପାରେ ।''

ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗରେ ନିଦ୍ରିତ କୁଣ୍ଡଳିନୀ ଶକ୍ତିକୁ ନିମ୍ନରୁ ଜାଗ୍ରତ୍ କରାହୁଏ ନାହିଁ । ଏହାର ଅନ୍ୟରୂପ ଅନିଦ୍ରିତ, ଯେକି ମସ୍ତକ ଊର୍ଦ୍ଧ୍ୱରେ ଭାଗବତୀ ଶକ୍ତିରୂପେ ଅବସ୍ଥିତ ହୋଇ ନିଜର ଅଭିବ୍ୟକ୍ତି ସକାଶେ ସର୍ବଦା ଅନୁକୂଳ ଅବସ୍ଥାକୁ ପ୍ରତୀକ୍ଷା କରି ରହିଅଛନ୍ତି । ସାଧକର ଅଭୀପ୍ସା ଓ ସମର୍ପଣର ଉତ୍ତର ସ୍ୱରୂପ ସେ କ୍ରମଶଃ ପ୍ରତ୍ୟେକ କେନ୍ଦ୍ରରେ ଅବତରଣ କରନ୍ତି, ମୂଳାଧାରରେ ଅନ୍ୟତମ ନିଦ୍ରିତ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ୍ କରି ନିଜ ସଙ୍ଗରେ ନେଇ ସମସ୍ତ ଚକ୍ରକୁ ଭେଦ କରି ସହସ୍ରାରରେ ପ୍ରବେଶ କରି ଊର୍ଦ୍ଧ୍ୱକୁ ଆରୋହଣ କରନ୍ତି । ସେ ଜାଣନ୍ତି କେଉଁ ଅବସ୍ଥାରେ କିପରି କ୍ରିୟା କରିବାକୁ ହୁଏ । ସେଥିପାଇଁ ଏହି ଦିବ୍ୟ-ଶକ୍ତିଙ୍କ ଜାଗରଣରେ ସାଧକର କୌଣସି ବିପଦର ଆଶଙ୍କା ନ ଥାଏ । ଏହି ଶକ୍ତି ଦ୍ୱାରା ସାଧନାରେ ବହୁତ ସାହାଯ୍ୟ ମିଳେ ଏବଂ ନାନାବିଧ ଓ ଅପର୍ଯ୍ୟାପ୍ତ ଅନୁଭୂତି ମଧ୍ୟ ପ୍ରାପ୍ତ ହୁଏ । ସମର୍ପଣ, ଅଭୀପ୍ସା ଓ ତ୍ୟାଗ ଦ୍ୱାରା ହୃଦ୍‌ପୁରୁଷ ଜାଗ୍ରତ୍ ହୁଅନ୍ତି ଏବଂ ଦିବ୍ୟ ଯୋଗଶକ୍ତିଙ୍କ ଅବତରଣ ହୁଏ । ନିମ୍ନରୁ ଚୈତ୍ୟପୁରୁଷ ଆବାହନ କରନ୍ତି, ଊର୍ଦ୍ଧ୍ୱରୁ ଦିବ୍ୟ ଯୋଗଶକ୍ତି ଉତ୍ତର ଦିଅନ୍ତି ଓ ଅବତରଣ କରନ୍ତି । ଏହି ଉଭୟ କ୍ରିୟା ଦ୍ୱାରା ସାଧକ ମଧ୍ୟରେ ସାଧନା ସମ୍ଭବପର ହୁଏ ଏବଂ ଦ୍ରୁତଗତିରେ ଚାଲେ । ଯେତେବେଳେ ଏହି ଯୋଗଶକ୍ତି କ୍ରିୟା କରନ୍ତି ସେତେବେଳେ ମନପ୍ରାଣର କ୍ରିୟା ସ୍ଥଗିତ ହୋଇଯାଏ । ଏହି ଯୋଗଶକ୍ତି ନିଜ ଦିବ୍ୟଦୃଷ୍ଟି ଦ୍ୱାରା ଦେଖି ସମର୍ପିତ ଅଙ୍ଗମାନଙ୍କର ସେତିକି ଭାବରେ କ୍ରିୟା କରନ୍ତି, ରୂପାନ୍ତର କରନ୍ତି ଯେତିକି ସାଧକ ସହ୍ୟ କରିପାରେ ଏବଂ ତା' ଭିତରେ କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ । ଶୁଦ୍ଧି ବା ପରିବର୍ତ୍ତନ ସକାଶେ ଯେତେବେଳେ ଦିବ୍ୟଶକ୍ତି କ୍ରିୟା କରନ୍ତି, ସେତେବେଳେ ଯେଉଁ ଅଂଶରେ କ୍ରିୟା ହୁଏ ସେ ନିଜେ ବା ତା' ସହିତ ସମ୍ପର୍କ ରଖିଥିବା ଅନ୍ୟ ଅଂଶ ବିଦ୍ରୋହ କରନ୍ତି । ତାହାର ଫଳସ୍ୱରୂପ ସାଧକର ମନ-ପ୍ରାଣ-ଶରୀରରେ ନାନାପ୍ରକାର ବାଧାବିପତ୍ତି ଆସେ ଏବଂ ସାଧାରଣ ଜୀବନ ଅପେକ୍ଷା ବେଶୀ ଖରାପ ପ୍ରବୃତ୍ତି ଦେଖା ଦେଇପାରେ । ପୁନଶ୍ଚ, ଅନାଦିକାଳରୁ ଥିବା ଅଦିବ୍ୟ ଶକ୍ତି – କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ହିଂସା-ଦ୍ୱେଷ, ଜଡ଼ତା, ତାମସିକତା, ମୃତ୍ୟୁ, ଜରା, ରୋଗ, ଭୟ ଇତ୍ୟାଦି ପ୍ରତ୍ୟେକଙ୍କ ମୂଳରେ ପ୍ରବଳ ଓ ଅଜେୟ ସତ୍ତା ଅଛି । ଭୂତ, ଭବିଷ୍ୟ, ବର୍ତ୍ତମାନ ତିନି କାଳର ଜ୍ଞାନ ଏମାନଙ୍କର ଥାଏ । ଏମାନେ ମହାକୌଶଳୀ ଓ ଧୂର୍ତ୍ତ । ସାଧକର ଯେଉଁ ସ୍ଥାନରେ, ଯେଉଁ ଭାଗରେ ଦୁର୍ବଳତା ଥାଏ ତାହା ସେମାନେ ଭଲଭାବେ ଜାଣିଥାଆନ୍ତି ଏବଂ ଆକ୍ରମଣ କରି ସେହି ଦୁର୍ବଳ ମାର୍ଗରେ ପ୍ରବେଶ କରନ୍ତି । ଏମାନେ ବହୁତ ପ୍ରକାର ମାୟା ରଚନା କରି ସାଧକକୁ ଛଳନା କରନ୍ତି, ମିତ୍ରରୂପ ଧାରଣକରି କପଟ ମନ୍ତ୍ରଣା ଦେଇ ସାଧକକୁ କୁମାର୍ଗଗାମୀ କରାଇବା ଏମାନଙ୍କ ବ୍ରତ । କେଉଁ ସ୍ଥିତିରେ କିପରି ମନ୍ତ୍ରଣା ଦେଲେ ସାଧକର ମନ ସାଗ୍ରହେ ସ୍ୱୀକାର କରିପାରେ, ଏ ଜ୍ଞାନ ଏମାନଙ୍କର ଥାଏ । ଏପରିକି ଯେତେବେଳେ ଯୋଗୀର ସିଦ୍ଧି ସମୟ ହୋଇଯାଇଥାଏ, ହୃଦୟରେ ଜ୍ଞାନ-ପ୍ରଦୀପ ପ୍ରଜ୍ୱଳିତ ହୋଇଥାଏ, ସେତେବେଳେ ବି ମାୟା – ଏହି ବିରୋଧୀ ଶକ୍ତିସବୁ – କୌଶଳରେ ଯୋଗୀ ଭିତରେ ପ୍ରବେଶ କରି ତା'ର ପତନ ଘଟାଇପାରନ୍ତି । ଗୋସ୍ୱାମୀ ତୁଳସୀଦାସ ରାମାୟଣରେ ଲେଖିଛନ୍ତି –

''ରିଦ୍ଧି ସିଦ୍ଧି ପ୍ରେରଇ ବହୁ ଭାଇ ।
ବୁଦ୍ଧି ହି ଲୋଭ ଦେଖାବହି ଆଇ ॥
କଳ ବଳ ଛଳ କରି ଜାହି ସମୀପା
ଅଞ୍ଜଳ ବାତ ନୁଝାବହି ଦୀପା ॥
ଯୋଗ ସିଦ୍ଧି ଫଳ ସମୟ ଜିମି ଯତିହି ଅବିଦ୍ୟା ନାଶ ।''

ଅର୍ଥାତ୍ ''ମାୟା ରିଦ୍ଧି-ସିଦ୍ଧି ଦ୍ୱାରା ବୁଦ୍ଧିକୁ ପ୍ରଲୋଭିତ କରି କଳକୌଶଳେ ଆଉ ଛଦ୍ମବେଶରେ ଯୋଗୀ-ହୃଦୟରେ ପ୍ରବେଶ କରି ନିଜ ଅଞ୍ଚଳବାୟୁ ଦ୍ୱାରା ଜ୍ଞାନ ଦୀପକୁ ପ୍ରଥମେ ଲିଭାଇଦିଏ । ଜ୍ଞାନଦୀପ ଲିଭିଯିବାରୁ ଯୋଗୀର ସତ୍ୟାସତ୍ୟର ବିବେକ ନଷ୍ଟ ହୋଇଯାଏ । ଏହିରୂପେ ଠିକ୍ ଯୋଗ-ସିଦ୍ଧିର ଫଳପ୍ରାପ୍ତି ସମୟରେ ଯତିକୁ ଅବିଦ୍ୟା ନାଶ କରିଦିଏ ।'' ଏହିପରି ବହୁତ ସାଧକ ଆଉ ଯୋଗୀଙ୍କ ଜୀବନରେ ଘଟିଥାଏ । ସାଧକର ସୀମିତ ଶକ୍ତି ଓ ସୀମିତ ଜ୍ଞାନଠାରୁ ଏମାନଙ୍କର ଶକ୍ତି ଓ ଜ୍ଞାନ ଅନନ୍ତ ଗୁଣେ ଅଧିକ । ଏମାନଙ୍କୁ ସାଧକ ନିଜ ଶକ୍ତି ଦ୍ୱାରା ନିଜ ବଶ ବା ପରିବର୍ତ୍ତନ

କରିବା ଦୂରେଥାଉ ଏମାନଙ୍କର ସମ୍ମୁଖୀନ ହେବା ଅସମ୍ଭବ । ଏମାନେ କେବେ ବି ପରିବର୍ତ୍ତିତ ହେବାକୁ ଚାହାନ୍ତି ନାହିଁ, କାରଣ ଅନାଦିକାଳରୁ ଏମାନେ ମାଲିକ ଓ ପ୍ରଭୁ ହୋଇ ପ୍ରାଣୀକୁ ଶାସନ କରି ଆସୁଅଛନ୍ତି, ଆଜି ପରିବର୍ତ୍ତିତ ହୋଇ ନିଜ ଯନ୍ତ୍ରର ଅଧୀନତା ସ୍ୱୀକାର କରିବା ଏମାନଙ୍କର କେବେ ବି ପସନ୍ଦ ନୁହେଁ । ଏମାନଙ୍କୁ ରୂପାନ୍ତର କରିବାକୁ ହେଲେ ଏମାନଙ୍କ ଅପେକ୍ଷା ଅଧିକ ଶକ୍ତିଶାଳୀ ଓ ଅଧିକ ଜ୍ଞାନମୟୀ ଶକ୍ତିଙ୍କର ଆଶ୍ରୟ ନେବାକୁ ହୁଏ । ସେଥିପାଇଁ ଏ ଯୋଗରେ ସାଧକକୁ ଦିବ୍ୟ-ଭାଗବତୀ ଶକ୍ତିଙ୍କ ପାଖରେ ସମର୍ପଣ କରିବାକୁ ହୁଏ ଏବଂ ସାଧନାର ଭାର ଅର୍ପଣ କରି ତାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହେବାକୁ ହୁଏ । ଦିବ୍ୟଶକ୍ତି ଏହି ନିମ୍ନ ଶକ୍ତିଚୟ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କରନ୍ତି ଏବଂ ରୂପାନ୍ତର ହେବାକୁ ବାଧ କରନ୍ତି, ଯେଉଁମାନେ ଚାହାନ୍ତି ସେମାନଙ୍କୁ ରୂପାନ୍ତର କରନ୍ତି, ଆଉ ଯେଉଁମାନେ ରୂପାନ୍ତର ହେବା ପାଇଁ ଅନିଚ୍ଛୁକ ହୁଅନ୍ତି, ସେମାନଙ୍କୁ ବର୍ଜନ କରିଦିଅନ୍ତି । ଯଦିଓ ସାଧକକୁ ଏପରି ରୂପାନ୍ତର କ୍ରିୟା କରିବାକୁ ହୁଏ ନାହିଁ ତଥାପି ସବୁ ସମୟରେ ଜାଗ୍ରତ୍ ଓ ସତର୍କ ହୋଇ ଦିବ୍ୟଶକ୍ତିଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ରଖି ଅଖଣ୍ଡ ବିଶ୍ୱାସ ରଖିବାକୁ ହୁଏ । ପ୍ରତି ମୁହୂର୍ତ୍ତରେ ଦିବ୍ୟଶକ୍ତିଙ୍କ ସାନ୍ନିଧ୍ୟ ଏବଂ ତାଙ୍କ କ୍ରିୟା ସମ୍ବନ୍ଧରେ ସଚେତନ ରହି ଛୋଟରୁ ବଡ଼ ପର୍ଯ୍ୟନ୍ତ ମାନସିକ ତଥା ଶାରୀରିକ ସମସ୍ତ କ୍ରିୟାକୁ ଅର୍ପଣ କରିବାକୁ ହୁଏ । ଯେପରି ଶୋଇବା ପୂର୍ବରୁ ଦିବ୍ୟଜନନୀଙ୍କୁ ସ୍ମରଣ କରି ଶୋଇଯିବାକୁ ହୁଏ, ଉଠିବା ସଙ୍ଗେ ସଙ୍ଗେ ତାଙ୍କୁ ସ୍ମରଣ କରି ତାଙ୍କ ଉପସ୍ଥିତିକୁ ଅନୁଭବ କରିବାକୁ ହୁଏ । ଧ୍ୟାନ ସମୟରେ କେବଳ ସମର୍ପଣ ବା ସ୍ମରଣ କଲେ ଏ ଯୋଗରେ ଚଳିବ ନାହିଁ, ପ୍ରତ୍ୟେକ କ୍ରିୟାରେ – ସ୍ନାନ, ଭୋଜନ, କଥାବାର୍ତ୍ତା, ପ୍ରତ୍ୟେକ ବିଚାର ଏବଂ ଶାରୀରିକ, ପ୍ରାଣିକ, ମାନସିକ, ପ୍ରତ୍ୟେକ ଗତିବୃତ୍ତିକୁ ସେହି ଦିବ୍ୟଶକ୍ତିଙ୍କୁ ସମର୍ପଣ କରିବାକୁ ହୁଏ । ସମର୍ପିତ ଅଂଶକୁ ଦିବ୍ୟଶକ୍ତି ଅଧିକାର କରନ୍ତି ଓ ସେଥିରେ କ୍ରିୟା କରନ୍ତି । ଯଦି ସାଧକ ସଚେତ ଥାଏ, ତେବେ ପ୍ରତ୍ୟେକ ମୁହୂର୍ତ୍ତରେ ଦିବ୍ୟଶକ୍ତିଙ୍କ କ୍ରିୟାକୁ ଦେଖିପାରେ ଓ ଅନୁଭବ କରିପାରେ ଏବଂ ଚୈତ୍ୟପୁରୁଷଙ୍କ ନିର୍ଦ୍ଦେଶ ଓ ଇଙ୍ଗିତ ବୁଝି ସେହି ଅନୁସାରେ କାର୍ଯ୍ୟ କରେ । ଦିବ୍ୟଶକ୍ତି ଚାହାନ୍ତି ସାଧକର ପ୍ରତ୍ୟେକ ସତ୍ତାରେ ନିଜର ଅଧିକାର, କିନ୍ତୁ ସାଧକର ଇଚ୍ଛା ବିରୋଧରେ ସେ ବଳପୂର୍ବକ ସ୍ଥାନ ଗ୍ରହଣ କରନ୍ତି ନାହିଁ । ସେହି ସକାଶେ ସାଧକକୁ ସମର୍ପଣ କରିବାକୁ ହୁଏ ଏବଂ ଦିବ୍ୟଶକ୍ତିଙ୍କ କ୍ରିୟାରେ ନିଜର ସ୍ୱୀକୃତି ଦେବାକୁ ହୁଏ ।

କେବଳ ଏହି କ୍ରିୟା ଦ୍ୱାରା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ଏବଂ ପୂର୍ଣ୍ଣଯୋଗର ପୂର୍ଣ୍ଣ ସିଦ୍ଧି ହୁଏ ନାହିଁ । ଏହା ଦ୍ୱାରା ଆଧାର ପ୍ରସ୍ତୁତ ହୁଏ, ଯେଉଁ ଅତିମାନସ ମହା ଦିବ୍ୟ-ସୃଜନୀ ଶକ୍ତିଙ୍କୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅବତରଣ କରାଇଅଛନ୍ତି ସେହି ଅତିମାନସ ମହାଶକ୍ତିଙ୍କ ଅବତରଣର ପଥ ପରିଷ୍କାର ହୁଏ । ଯେପର୍ଯ୍ୟନ୍ତ ମନ-ପ୍ରାଣରେ କିଛିମାତ୍ର ଦୋଷତ୍ରୁଟି ରହିଥାଏ ସେପର୍ଯ୍ୟନ୍ତ ଅତିମାନସ ଶକ୍ତି ପ୍ରତ୍ୟକ୍ଷଭାବରେ ସାଧକ ମଧ୍ୟରେ କ୍ରିୟା କରନ୍ତି ନାହିଁ, ଏହି କ୍ରିୟାରେ କେବଳ ତାଙ୍କର ପ୍ରଭାବ ପଡୁଥାଏ । ସେହି ପ୍ରଭାବ ଫଳରେ ଯେତେବେଳେ ଅତିମାନସ ଶକ୍ତିକୁ ଧାରଣ କରିବାକୁ ସାଧକର ଆଧାର ଉପଯୁକ୍ତ ହୁଏ ସେତେବେଳେ ସେହି ଶକ୍ତି ନିଜ ସ୍ୱରୂପରେ ଅବତରଣ କରି ରୂପାନ୍ତରକାର୍ଯ୍ୟ ଆରମ୍ଭ କରନ୍ତି । କିନ୍ତୁ ଏହା ପୂର୍ବରୁ ଯେଉଁସବୁ ସାଧନା ହୁଏ, ତାହା କେବଳ ସେହି ଶକ୍ତିଙ୍କ ଅବତରଣ ପଥର ନିର୍ମାଣ ମାତ୍ର । ଏହି ନିର୍ମାଣ କାର୍ଯ୍ୟ ମଧ୍ୟ ପୂର୍ଣ୍ଣ ହୁଏ ସେହି ଅତିମାନସ ଶକ୍ତି ପ୍ରଭାବରେ, ତାଙ୍କ ସ୍ୱର୍ଶରେ ।

ପ୍ରଶ୍ନ : ଏ ଯୋଗ ବହୁତ କଠିନ ତଥା ଦୁଃସାଧ୍ୟ । ନାନା ପ୍ରକାର ଦୈହିକ କଠିନ ତପସ୍ୟା ଏବଂ ଆସନ, ପ୍ରାଣାୟାମ ଇତ୍ୟାଦି କ୍ରିୟା ଓ ସଂଯମ ନିୟମଠାରୁ ଏହି ସାଧନା ଯେପରି କଠିନ, ସେହିପରି ଦୁରୂହ । ସାଧାରଣ ବ୍ୟକ୍ତିଙ୍କ କଥା ଛାଡ଼, ବଡ଼ ବଡ଼ ସାଧକଙ୍କ ପକ୍ଷେ ବି ଏହା ଅସମ୍ଭବ । ଫେର୍ ବାରଂବାର କିପରି କୁହାଯାଉଅଛି, ଏ ଯୋଗ ସମସ୍ତ ମାନବଜାତି ପାଇଁ ?

ଉତ୍ତର : ସାଧକର ସମର୍ପଣ ଦ୍ୱାରା ସାଧନାର ସଂପୂର୍ଣ୍ଣ ଭାର ମା' ଗ୍ରହଣ କରନ୍ତି । ସେହି ସକାଶେ ଏହି ଯୋଗ ସହଜ ଏବଂ ବ୍ୟକ୍ତି ପକ୍ଷେ ସମ୍ଭବ ହୁଏ । କାରଣ ମା' ସ୍ୱୟଂ ଏଠାରେ ଅଛନ୍ତି । ସେ ପ୍ରତ୍ୟେକ ସାଧକକୁ ସାଧନାରେ ସାହାଯ୍ୟ କରୁଥିବାରୁ ଏହି ଯୋଗସାଧନା ସମ୍ଭବପର ହୋଇଅଛି । ଯେପର୍ଯ୍ୟନ୍ତ ଅତିମାନସ ଜାତି ଏ ପୃଥିବୀ ଉପରେ ସ୍ଥାପିତ ନ ହୋଇଛି, ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ଏ ଯୋଗ ମା'ଙ୍କ ସାହାଯ୍ୟ ଛଡ଼ା

ଦୁରୂହ ଏବଂ କଠିନ। ସେହି ସକାଶେ ପୁରାତନ ଯୋଗରେ ଏହି ରୂପାନ୍ତର ପ୍ରୟାସ ଛାଡ଼ି ଶରୀରର ଧର୍ମ – ଜରା, ମୃତ୍ୟୁ, ରୋଗ ଇତ୍ୟାଦିରେ ହସ୍ତକ୍ଷେପ ନ କରି, ଅଶୁଦ୍ଧ ପ୍ରାଣ ଓ ଜଡ଼ାଶ୍ରିତ ଶରୀର ଯେପରି ଥିଲା ସେହିପର ରଖି, ଯେଉଁ ଆତ୍ମା ନିତ୍ୟମୁକ୍ତ ତାହାକୁ ମୁକ୍ତି, ନିର୍ବାଣ ଅଥବା ଦିବ୍ୟଧାମକୁ ନେଇଯିବାକୁ ପ୍ରଯତ୍ନ କରନ୍ତି। ଆଉ ସଂସାର ଯେପରି ଦୁଃଖକଷ୍ଟରେ ଥିଲା, ତାହାକୁ ସେହିପରି ଛାଡ଼ିଦିଅନ୍ତି।

କିନ୍ତୁ ଏହି ଯୋଗ-ସାଧନାର ଯେଉଁ ଗୋଟିଏ ସହଜ ଉପାୟ କୁହାହେଲା ତାହା ଛୋଟ ଶିଶୁର ଉଦାହରଣ ଦ୍ୱାରା ସ୍ପଷ୍ଟରୂପେ ବୁଝି ପାରିବା। ଶିଶୁ ଛିଡ଼ା ହୋଇ ଚାଲିବାକୁ ସକ୍ଷମ ହେବା ପୂର୍ବରୁ କାଦୁଅ ପାଣି ରାସ୍ତାରେ ଯିବା ତା' ପକ୍ଷେ ଅସମ୍ଭବ କିନ୍ତୁ ତା' ମା' ତାକୁ କୋଳ କରି ଅନାୟାସରେ ସେହି ମାର୍ଗ ପାର କରାଇଦିଏ ଯେହେତୁ ଶିଶୁ ମା' ହାତରେ ନିଜକୁ ଛାଡ଼ି ଦେଇଥାଏ। ସେଥିପାଇଁ ଏହି ଯୋଗର ମୂଳମନ୍ତ୍ର ହେଉଛି ସମର୍ପଣ (Surrender)। ଯଦି ସାଧକ ଶିଶୁତୁଲ୍ୟ ଗୋଟିଏ ସରଳ ମନୋଭାବ ସହ ନିଜକୁ ସମର୍ପଣ କରିଦିଏ, ତେବେ ତା'ର ସମସ୍ତ ସାଧନାର ଭାର ମା' ଗ୍ରହଣ କରି ତାକୁ ଶିଶୁପରି କୋଳରେ ନେଇ ସକଳ ବାଧାବିଘ୍ନରୁ ରକ୍ଷା କରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି। କୌଣସି ବ୍ୟକ୍ତି ନିଜ ତପସ୍ୟା ଦ୍ୱାରା ସିଦ୍ଧି ଲାଭ କରିପାରିବେ ନାହିଁ ବୋଲି ମା-ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଏହି ଦୁରୂହ ସାଧନାକୁ ସହଜ କରିବା ସକାଶେ ନିଜେ ଅସାଧାରଣ ତପସ୍ୟାବଳରେ ଅତିମାନସ ମହାଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି। ମା' ସେହି ଶକ୍ତିକୁ ସ୍ୱୟଂ ଧାରଣ କରି ଦିବ୍ୟଲୋକ ଏବଂ ଏହି ମର୍ତ୍ତ୍ୟଲୋକ ମଧ୍ୟରେ ଯେଉଁ ବ୍ୟବଧାନ ରହିଛି ତାହାକୁ ଏକ କରିଦେବା ପାଇଁ ସେତୁ ରୂପେ ଛିଡ଼ା ହୋଇଅଛନ୍ତି। ସେ ଅତିମାନସ ଚେତନାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିଛନ୍ତି ଏବଂ ଏହି ଲୋକରେ ଆତ୍ମମାନଙ୍କ ସଦୃଶ ମାନବ ଶରୀରରେ ଆତ୍ମମାନଙ୍କ ଗୁରୁ ଏବଂ ଇଷ୍ଟରୂପେ ନିବାସ କରୁ ଅଛନ୍ତି।

ସେ ଭଗବାନଙ୍କ ସହିତ ଏବଂ ଆତ୍ମମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିଥିବାରୁ ଆତ୍ମମାନଙ୍କ ସମ୍ବନ୍ଧ ଭଗବାନଙ୍କ ସହିତ ସ୍ୱତଃସ୍ଫୂର୍ତ୍ତଭାବେ ସ୍ଥାପିତ ହେଉଅଛି। ମା'ଙ୍କୁ ସମର୍ପଣ କଲେ ଅତିମାନସ ମହାଶକ୍ତି ସାଧକର ସକଳ ଭାର ଗ୍ରହଣ କରି ସାଧକକୁ ଅତିମାନସ ଦିବ୍ୟ ସିଦ୍ଧିରେ ପହଞ୍ଚାଇ ଦେବେ।

ଏହି କ୍ରିୟାର ଫଳ ସ୍ୱରୂପ ଏ ଯୋଗରେ ତିନି ପ୍ରକାର ସିଦ୍ଧି ବା ରୂପାନ୍ତର ଆସେ – ଚୈତ୍ୟ-ସିଦ୍ଧି, ଆଧ୍ୟାତ୍ମିକ-ସିଦ୍ଧି, ଅତିମାନସ-ସିଦ୍ଧି।

(୪)

ତ୍ରିବିଧ ରୂପାନ୍ତର

ପ୍ରଶ୍ନ : ଚୈତ୍ୟ, ଅଧ୍ୟାତ୍ମ ଓ ଅତିମାନସ ରୂପାନ୍ତରର ସ୍ୱରୂପ କ'ଣ ?

ଚୈତ୍ୟ ରୂପାନ୍ତର

ଉତ୍ତର : ମନ, ପ୍ରାଣ ଏବଂ ଶରୀରର ଚେତନା ନିଜର ସୀମାକୁ ଭାଙ୍ଗି ନିଜର ନିମ୍ନ ଧର୍ମକୁ ତ୍ୟାଗ କରନ୍ତି ଏବଂ ସେସବୁର ମଧ୍ୟରେ ହେଉଥିବା ନିମ୍ନ ଶକ୍ତିର କ୍ରିୟା – କାମନା-ବାସନା, ଈର୍ଷା-ଦ୍ୱେଷ, କାମ-କ୍ରୋଧାଦିକୁ ବର୍ଜ୍ଜନ କରନ୍ତି ଓ ବିସ୍ତୃତ ହୋଇ ଅଖଣ୍ଡ ଚୈତ୍ୟସତ୍ତା ସଙ୍ଗେ ଏକ ହୋଇଯାଆନ୍ତି। ଏସବୁର ଧର୍ମ ହୋଇଯାଏ ଚୈତ୍ୟସତ୍ତାର ଧର୍ମ। ଚୈତ୍ୟସତ୍ତା ତାଙ୍କ ନିଜ ସ୍ୱଭାବରେ ଭଗବାନଙ୍କ ପ୍ରତି, ଅତିମାନସ ଦିବ୍ୟଶକ୍ତିଙ୍କ ପ୍ରତି ଅଭିମୁଖୀ ହୋଇଥାଆନ୍ତି। ତାଙ୍କ ଅଭୀପ୍ସାବହ୍ନି ନିରନ୍ତର ଭଗବାନଙ୍କ ଆଡ଼କୁ ପ୍ରଜ୍ୱଳିତ ଥାଏ। ଏହି ଅବସ୍ଥାରେ 'ମୁଁ' କହିଲେ, ସାଧାରଣ ଲୋକଙ୍କ ପରି

ଶରୀର-ମନ-ପ୍ରାଣବିଶିଷ୍ଟ ଜଣେ ବ୍ୟକ୍ତି ବୋଲି ସାଧକ ମନେ କରେ ନାହିଁ, ସେ ଅନୁଭବ କରେ, 'ମୁଁ' ଭଗବାନଙ୍କର ଅଂଶ, ପ୍ରତିଭୂ, ଅନ୍ତରାତ୍ମା । ସେ ପରମ ଶାନ୍ତିରେ ନିବାସ କରେ, ଆନନ୍ଦରେ ମଗ୍ନ ରହେ । ଏହା ବ୍ୟକ୍ତିର ଯଥାର୍ଥ ସ୍ୱରୂପ । ଏହି ଅବସ୍ଥାକୁ ସାଧକର ନୂତନ ଜନ୍ମ କୁହାଯାଏ । କାରଣ ତାହାର ସମସ୍ତ ପୁରାତନ ଧର୍ମ ପରିବର୍ତ୍ତିତ ହୋଇ ନୂତନ ଧର୍ମରେ ପରିଣତ ହୁଏ । ସାଧକ ପୂର୍ବ ଜୀବନର ଠିକ୍ ବିପରୀତ ଅବସ୍ଥା ପ୍ରାପ୍ତ ହୁଏ । ତାହାର ପ୍ରତି କର୍ମ ନିୟନ୍ତ୍ରିତ ହୁଏ ଅନ୍ତରସ୍ଥ ଚୈତ୍ୟପୁରୁଷଙ୍କ ଦ୍ୱାରା । ଏହି ସମୟରେ ସେ ଭଗବାନଙ୍କ ଯନ୍ତ୍ର ହୋଇ ଭାଗବତ କର୍ମ ସମ୍ପାଦନ କରେ । ଏହିପରି ଅବସ୍ଥାରେ ମନ ବିସ୍ତୃତ ହେଲେ ମଧ୍ୟ ମନ ହୋଇ ରହେ; ପ୍ରାଣର ଧର୍ମ ଊର୍ଦ୍ଧ୍ୱଗାମୀ ହେଲେ ବି ରୂପାନ୍ତରିତ ହୁଏ ନାହିଁ । ଶରୀର-ଚେତନାର ତ ପରିବର୍ତ୍ତନ ହୁଏ, ଆଉ ସ୍ଥୂଳ ଜଡ଼ ଶରୀରରେ ବି କିଛି ନମନୀୟତା ଆସେ, କିନ୍ତୁ ତାହାର ତତ୍ତ୍ୱ ଯେପରି ଜଡ଼ ଥିଲା ସେହିପରି ଅପରିବର୍ତ୍ତିତ ରହିଯାଏ । ଏହି ଅବସ୍ଥାକୁ କୁହାଯାଏ ଚୈତ୍ୟ ରୂପାନ୍ତର । ଏହି ରୂପାନ୍ତର ଘଟିଲେ ସାଧକର ମନ, ପ୍ରାଣ ଓ ଶରୀରର ଚେତନା ସଂସାରର କୌଣସି ନିମ୍ନ କ୍ରିୟାରେ ଆସକ୍ତ ନ ହୋଇ ସ୍ୱଭାବତଃ ଯାଏ ଭଗବାନଙ୍କ ଆଡ଼କୁ, ହୁଏ ଭଗବତ୍ ଅଭିମୁଖୀ । ସମସ୍ତ ସତ୍ତା ବ୍ୟାକୁଳ ହୋଇଉଠେ ଭଗବାନଙ୍କ ସଙ୍ଗେ ଏକ ହୋଇଯିବାକୁ ।

ଅଧ୍ୟାତ୍ମ ରୂପାନ୍ତର

ଦ୍ୱିତୀୟଟି ହେଲା ଆଧ୍ୟାତ୍ମିକ ରୂପାନ୍ତର; ଏହା ଠିକ୍ ଏହିପରି କ୍ରମବଦ୍ଧ ନୁହେଁ ଯେ ପ୍ରଥମ ରୂପାନ୍ତର ସଂପୂର୍ଣ୍ଣ ହେଲେ ଦ୍ୱିତୀୟ ରୂପାନ୍ତର ଆରମ୍ଭ ହେବ । ଏହା ମଧ୍ୟ ହୋଇପାରେ ଯେ ଚୈତ୍ୟ ରୂପାନ୍ତର କିଛି ଅଗ୍ରସର ହେବାପରେ ଆଧ୍ୟାତ୍ମିକ ରୂପାନ୍ତର ଆରମ୍ଭ ହୋଇପାରେ । ଏହା ମଧ୍ୟ ସମ୍ଭବ ଯେ ଚୈତ୍ୟ ରୂପାନ୍ତର ପୂର୍ଣ୍ଣ ହେଉ ହେଉ ସେ ସମୟରେ ଆଧ୍ୟାତ୍ମିକ ରୂପାନ୍ତର ଅନେକଦୂର ଅଗ୍ରସର ହୋଇଥାଏ ।

ଚୈତ୍ୟ ରୂପାନ୍ତର ପରେ ଅଥବା ସେହି ସମୟ ମଧ୍ୟରେ ଆସିପାରେ ଶଙ୍କରଙ୍କ ଅଦ୍ୱୈତ ନିର୍ବିଶେଷ ବ୍ରହ୍ମଙ୍କର ଅନୁଭୂତି । ସାଧକ ଏକ ଶାନ୍ତି, ନିଷ୍କ୍ରିୟ, ଗତିହୀନ, ଅଚଳ ନିର୍ବିଶେଷ ସତ୍ତାରେ ଡୁବିଯାଇ ସେଥିରେ ନିଜ ବ୍ୟକ୍ତିତ୍ୱକୁ ବିଲୀନ କରି ତାହା ସହିତ ଏକ ହୋଇପାରେ, କେବଳ ରହିଯାଏ ଏକମାତ୍ର ସତ୍ତା । ସମସ୍ତ ବୈଚିତ୍ର୍ୟ ମାୟା, ଭ୍ରମ ଓ ସ୍ୱପ୍ନବତ୍ ପ୍ରତୀତ ହୁଏ । ସାଧକ ଯଦି ଏହି ଅନୁଭୂତିରେ ଅଟକି ଯାଏ, ତେବେ ଶଙ୍କରଙ୍କ ସିଦ୍ଧାନ୍ତ ଅନୁସାରେ ଶରୀର ତ୍ୟାଗ ପରେ ନିରାକାର ସତ୍ତାରେ ଏକେବାରେ ଲୀନ ହୋଇଯାଏ । ଏହାର ନାମ କୈବଲ୍ୟ ମୁକ୍ତି ।

କିନ୍ତୁ ସାଧକର ଯଦି ସଂକଳ୍ପ ଥାଏ, ଚତୁଷ୍ପାଦ ବିଭୂତିଯୁକ୍ତ ବ୍ରହ୍ମଙ୍କ ସକ୍ରିୟ, ନିଷ୍କ୍ରିୟ ଓ ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱର ସିଦ୍ଧି ପ୍ରାପ୍ତ ହେବାକୁ ଏବଂ ପରା ଜନନୀ ଆଉ ସୃଷ୍ଟିର ରହସ୍ୟ ଜାଣିବାକୁ ଏବଂ ଏଥି ସକାଶେ ଯଦି ଥାଏ କେନ୍ଦ୍ରୀୟ ସଂକଳ୍ପ ଓ ପରାଜନନୀଙ୍କ ପାଖରେ ଆତ୍ମ-ସମର୍ପଣ, ତେବେ ସାଧକ ଏହି ଅଦ୍ୱୈତ ଅନୁଭୂତିରେ ଅଟକି ନ ଯାଇ ଆଧ୍ୟାତ୍ମିକ ରୂପାନ୍ତର-ସିଦ୍ଧି ଆଡ଼କୁ ଅଗ୍ରସର ହୁଏ ।

ଚୈତ୍ୟ-ରୂପାନ୍ତରରେ ସାଧକର ସମସ୍ତ ସତ୍ତା ଭଗବାନ୍ ତଥା ପରାଜନନୀଙ୍କ ଆଡ଼କୁ ଉନ୍ମୁକ୍ତ ହୋଇ ଯାଇଥାଏ । ଏହି ଉନ୍ମୁକ୍ତ ମନ-ପ୍ରାଣ-ଶରୀରରେ ଓ ଏସବୁର ପ୍ରତ୍ୟେକ ସ୍ତରରେ ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ସତ୍ୟ, ଜ୍ଞାନ, ଭକ୍ତି, ସମତା ଓ ଏକାଗ୍ରତା କ୍ରମଶଃ ଅଧିକ ପରିମାଣରେ ଅବତରଣ କରେ ଏବଂ ଏହି ଅବତୀର୍ଣ୍ଣ ବସ୍ତୁକୁ ଧାରଣ କରି ରଖିବା ସକାଶେ ଏହା ସାଧକର ଆଧାରକୁ ପ୍ରସ୍ତୁତ କରେ । ଏହି କ୍ରିୟା ଦ୍ୱାରା ସାଧକର ଆଧାର ଦୃଢ଼ ହେଲେ ଏହି ଅବତୀର୍ଣ୍ଣ ବସ୍ତୁ ସ୍ଥାୟିରୂପେ ପ୍ରତିଷ୍ଠିତ ହୁଏ । ଏହି କ୍ରିୟା ସଙ୍ଗେ ସଙ୍ଗେ ବିସ୍ତୃତ ମନ, ପ୍ରାଣ ଓ ଶରୀରର ଚେତନା ବିଶାଳ ହୋଇ ଊର୍ଦ୍ଧ୍ୱକୁ ଆରୋହଣ କରି ଊର୍ଦ୍ଧ୍ୱସ୍ଥ ମାନସ କ୍ଷେତ୍ରମାନଙ୍କରେ ପ୍ରବେଶ କରି ସେହି ଲୋକର ସତ୍ୟ, ଜ୍ୟୋତିଃ, ଶକ୍ତି, ଜ୍ଞାନ, ସମତା ଓ ବିଶାଳତାକୁ ନେଇ ପୁନର୍ବାର ଅବତରଣ କରନ୍ତି ଏବଂ ସେହିସବୁକୁ ସ୍ଥାପନ କରନ୍ତି ନିଜ ମାନସ ସ୍ତରରେ ଏବଂ ଅବଚେତନା ଓ ଅଚେତନାଦି ନିମ୍ନସ୍ତରମାନଙ୍କରେ । ଏହି ଉତ୍ତରଣ, ଅବତରଣ ଆଦି କ୍ରିୟାରେ ଅତିମାନସ ଶକ୍ତିର

ପ୍ରଭାବ ପଡ଼ିବା ଦ୍ୱାରା ଏହି ସ୍ଥୂଳ ମନ ଊର୍ଦ୍ଧ୍ୱସ୍ଥ ସହଜାତ ମନ ଏବଂ ଉଚ୍ଚତର ମନ ଆଦି ଅତିମାନସ ସହିତ ସମ୍ବନ୍ଧ ସ୍ଥାପନ କରେ ଏବଂ ପାର୍ଥିବ ପ୍ରାଣ ଓ ଶରୀର-ଚେତନା ମଧ୍ୟ ଏହି ସ୍ତରର ପ୍ରାଣ ଓ ଶରୀର-ଚେତନା ସହିତ ସମ୍ପର୍କ ସ୍ଥାପନ କରେ । ଏହି ସମ୍ପର୍କ ସ୍ଥାପନରେ ଏହି ଉଚ୍ଚତର ମନ-ପ୍ରାଣ-ଶରୀରର ଚେତନା ବି ଉତରି ପାର୍ଥିବ ମନ-ପ୍ରାଣର ଚେତନାକୁ ଅଧିକାର କରେ । ଏହାଫଳରେ ଏହି ସ୍ଥୂଳ ମନ-ପ୍ରାଣ-ଶରୀର ଯେପରି ବିସ୍ତୃତ ସେହିପରି ବିଶାଳ ମଧ୍ୟ ହୋଇଯାଏ । ସେହି ଅବସ୍ଥାରେ ଅଧିମାନସ ସ୍ତର ପର୍ଯ୍ୟନ୍ତ ସାଧକର ଦୃଷ୍ଟିରେ ଉନ୍ମୁକ୍ତ ଓ ନିରାବରଣ ହୋଇଯାଏ । ସାଧକ ନିବାସ କରେ ସତ୍ୟରେ, ପରିଚାଳିତ ହୁଏ ସତ୍ୟ ଦ୍ୱାରା, ତାହାର ସମସ୍ତ କର୍ମ ହୁଏ ଭାଗବତ କର୍ମ । ସେ ହୁଏ ପରାଶକ୍ତିଙ୍କ ଯନ୍ତ୍ର । ତା' ମଧ୍ୟରେ ଅହଂକାର, କାମ, କ୍ରୋଧାଦି ନିମ୍ନ ପ୍ରକୃତିର କ୍ରିୟାର ସ୍ଥାନ ନ ଥାଏ । ସେ ସର୍ବତ୍ର ଦେଖେ ଭଗବାନଙ୍କୁ, ସକଳ କର୍ମରେ ଅନୁଭବ କରେ ପରାଶକ୍ତିଙ୍କ ପରିଚାଳନାକୁ । କେବଳ ଏତିକି ନୁହେଁ, ସ୍ଥୂଳ ଶରୀରରେ ବି ବହୁତ ପ୍ରଭାବ ପଡ଼େ । ସେଥିରେ ଅଧିକ ତାମସିକତା ରହେ ନାହିଁ । ତାହା ହୁଏ ଅଧିକ ଚେତନ ଓ ନମନୀୟ । ଏହି ପାର୍ଥିବ, ନଶ୍ୱର, ଜଡ଼ ଶରୀର ସେତେବେଳେ ଏପରି ଚୈତନ୍ୟମୟ ହୋଇଯାଏ ଯେ ତାହାର ପ୍ରତ୍ୟେକ ଅଣୁ ପରମାଣୁ ବି ଅନୁଭବ କରନ୍ତି ଭଗବାନଙ୍କୁ, ପରାଜନନୀଙ୍କ କ୍ରିୟାକୁ । ସେତେବେଳେ ସାଧକର କେହି ଶତ୍ରୁ ମିତ୍ର ରହେ ନାହିଁ, ସବୁକିଛିକୁ ସେ ଦେଖେ ଭଗବାନମୟ । ଏହି ଅବସ୍ଥାକୁ ଶ୍ରୀଅରବିନ୍ଦଙ୍କ ଯୋଗରେ କୁହାଯାଏ ଅଧ୍ୟାତ୍ମ-ରୂପାନ୍ତର । ଏହା ବି କୁହାଯାଇପାରେ ଯେ ଏହି ଅବସ୍ଥା ହେଲା ଅତିମାନସ ସ୍ତରର ସୀମାରେ ପହଞ୍ଚିବା । ଏହା ବହୁତ ଲୋଭନୀୟ, ଉଚ୍ଚତର, କଳ୍ପନାତୀତ ଅବସ୍ଥା ଏବଂ ମନ ପକ୍ଷେ ଅସମ୍ଭବ, କିନ୍ତୁ ଏ ଅବସ୍ଥା ଏତେ ଉତ୍କୃଷ୍ଟ ହେଲେ ସୁଦ୍ଧା ଅତିମାନସ ସିଦ୍ଧିର ଆରମ୍ଭ ମାତ୍ର ।

ଏହି ଅବସ୍ଥାରେ ସାଧକ ଭଗବାନଙ୍କୁ ସର୍ବଦା ଦେଖେ, କିନ୍ତୁ ଯେଉଁ ଭଗବାନ୍ ବସ୍ତୁରୂପ ଏବଂ ସେହି ଭଗବାନ୍ ବସ୍ତୁରୁ ପୃଥକ, ଏହି ଉଭୟ ସ୍ୱରୂପକୁ ଏକ ସଙ୍ଗେ ଦେଖିପାରେ ନାହିଁ । ଶରୀର ଚେତନା, ମନ ଓ ପ୍ରାଣ ବିସ୍ତୃତ ଓ ବିଶାଳ ହୋଇଯାଏ; କିନ୍ତୁ ଏହିସବୁର ମୂଳତତ୍ତ୍ୱ ଯେପରି ଥିଲା ସେପରି ରହିଯାଏ, ରୂପାନ୍ତରିତ ହୁଏ ନାହିଁ । ଅହଂକାର, କାମ, କ୍ରୋଧ ଇତ୍ୟାଦିର କ୍ରିୟା ହୁଏ ନାହିଁ, କିନ୍ତୁ ସେସବୁ ଅପରିବର୍ତ୍ତିତ ରୂପେ ଅବଚେତନାରେ ନିଜ ମୂଳସ୍ୱରୂପରେ ପଡ଼ି ରହନ୍ତି । ମନ-ପ୍ରାଣ-ଶରୀର ଏବଂ ତାହାର ମୂଳତତ୍ତ୍ୱ ଆଉ ନିମ୍ନ ପ୍ରକୃତିସବୁ ପୂର୍ଣ୍ଣରୂପେ ରୂପାନ୍ତରିତ ହୁଅନ୍ତି ଅତିମାନସ ଶକ୍ତିର କ୍ରିୟା ଦ୍ୱାରା । ଅଧିମାନସ ସିଦ୍ଧି ପର୍ଯ୍ୟନ୍ତ ଅତିମାନସ କ୍ରିୟା କରେ ଅଧିମାନସ ଦ୍ୱାରା, ସିଧା ସିଧା ନୁହେଁ । ଅଧିମାନସର ସିଦ୍ଧି ହେଲେ ଅତିମାନସ ଶକ୍ତିର କ୍ରିୟା ସକାଶେ ଭୂମି ତିଆରି ହୁଏ ଯାହାକୁ ଆଧାର କରି ଅତିମାନସ ପ୍ରତ୍ୟକ୍ଷଭାବେ କ୍ରିୟା କରିପାରେ ।

ଅତିମାନସ ରୂପାନ୍ତର

ଅତିମାନସ କ୍ରିୟା ସିଧା ସିଧା ଆରମ୍ଭ ହେଲେ ପ୍ରାୟ ସମର୍ପଣ ଶେଷ ହୋଇଯାଇଥାଏ । ଏହି ଶକ୍ତିର କ୍ରିୟା ଫଳରେ ସମସ୍ତ ସତ୍ତା ରୂପାନ୍ତରିତ ହୁଏ ତାହାର ଦିବ୍ୟ ମୂଳ ତତ୍ତ୍ୱରେ । ସାଧକକୁ ସେତେବେଳେ କେବଳ ଅତିମାନସ କ୍ରିୟାରେ ସମ୍ମତି ଦେବାକୁ ହୁଏ । ଅତିମାନସରେ ଦେଖାଯାଏ ଏକସଙ୍ଗେ ଏକ ଓ ବହୁ, ଏକତ୍ୱ ଓ ବୈଚିତ୍ର୍ୟ । ମନ-ପ୍ରାଣ-ଶରୀରର ତତ୍ତ୍ୱସକଳ ଏବଂ ସ୍ଥୂଳ ଜଡ଼ ଅବଚେତନା ପର୍ଯ୍ୟନ୍ତ ତାହାର ଦିବ୍ୟ ସଚ୍ଚିଦାନନ୍ଦ ତତ୍ତ୍ୱରେ ରୂପାନ୍ତରିତ ହୁଏ । ମନର ସ୍ଥାନକୁ ଅଧିକାର କରେ ଅତିମାନସ, ପ୍ରାଣର ସ୍ଥାନକୁ ଅଧିକାର କରେ ଚିତ୍‌ଶକ୍ତି । ଆଉ ରୂପାନ୍ତରିତ ଶରୀର ହୁଏ ନମନୀୟ, ଚିନ୍ମୟ, ଜ୍ୟୋତିର୍ମୟ । ଏହା ଆଉ ସୀମିତ ରହେ ନାହିଁ, ହୁଏ ପୂର୍ଣ୍ଣ ଚୈତନ୍ୟ, ବ୍ୟାପକ ଏବଂ ରୋଗ, ଜରା, ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ସେତେବେଳେ ଶରୀର ହୁଏ ସ୍ୱତଃସ୍ଫୂର୍ତ୍ତ । କୌଣସି ପାର୍ଥିବ ସୀମା ତା' ମାର୍ଗରେ ବାଧା ଦେଇପାରେ ନାହିଁ । ସେ ରହେ ମୃତ ଆଉ ଅମୃତର ଊର୍ଦ୍ଧ୍ୱରେ । ଅର୍ଥାତ୍ ସେ ଯେପରି ମୃତ୍ୟୁର ଅଧୀନ ନୁହେଁ, ସେହିପରି ଅମୃତର ମଧ୍ୟ ଅଧୀନ ନୁହେଁ । ସେ କଳ୍ପନା କରିବାମାତ୍ରେ ନିଜ ଶରୀରକୁ ପରିତ୍ୟାଗ କରି ଇଚ୍ଛାନୁସାରେ

ଶରୀର ଧାରଣ କରିପାରେ । ସଂକଳ୍ପ କରିବାମାତ୍ରେ ଯେକୌଣସି ସ୍ଥାନରେ ପହଞ୍ଚିପାରେ । କୌଣସି ଅସ୍ତ୍ର ଦ୍ୱାରା ତା'ର ଶରୀର ନଷ୍ଟ ହୁଏ ନାହିଁ, କାରଣ ତା'ର ତତ୍ତ୍ୱ ଅବିନାଶୀ ।

ସେହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦଙ୍କ ସହିତ ରୂପାନ୍ତରିତ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ଏକତ୍ୱ ହୁଏ । କେବଳ ଭଗବାନ୍ ହୁଅନ୍ତି କେନ୍ଦ୍ର । ସଂକଳ୍ପ ହୁଏ ତାଙ୍କଠାରୁ, ସେହି ସଂକଳ୍ପ କ୍ରିୟାଶୀଳ ହୁଏ ଅତିମାନସରେ ରୂପାନ୍ତରିତ ମନ-ପ୍ରାଣ-ଶରୀର ମଧ୍ୟଦେଇ । ଭଗବାନଙ୍କ ସଂକଳ୍ପରେ କେବଳ ମନ-ପ୍ରାଣ କ୍ରିୟାଶୀଳ ହୁଅନ୍ତି ନାହିଁ, ଶରୀର-ଚେତନା ଓ ଶରୀରର ଅଣୁପରମାଣୁ ବି ଭଗବାନଙ୍କ ସଂକଳ୍ପକୁ ଜାଣନ୍ତି ଓ ସେହି ଅନୁସାରେ କ୍ରିୟା କରନ୍ତି । ଶରୀର-ମନ-ପ୍ରାଣରେ କୌଣସି ଗୋଟିଏ ତତ୍ତ୍ୱ ବା କୌଣସି ଗୋଟିଏ ଭାଗ ଜଡ଼ ବା ଅଚେତନ ରହେ ନାହିଁ, ସବୁ ହୁଏ ଚୈତନ୍ୟ ଓ ସତ୍ୟ ସ୍ୱରୂପ । ଭଗବାନଙ୍କ ସମସ୍ତ ସତ୍ତା ସଙ୍ଗେ ଅତିମାନବର ସମସ୍ତ ସତ୍ତା ଏକ ହୋଇଯାଏ ଏବଂ ଭଗବାନଙ୍କ ସଙ୍ଗେ ଐକ୍ୟବୋଧ ହେବା ସଙ୍ଗେ ସଙ୍ଗେ ବି ପୃଥକବୋଧ ହୁଏ । ସାଧକର ପ୍ରତ୍ୟେକ କର୍ମ, ସ୍ନାନ, ଭୋଜନାଦି ନିତ୍ୟନୈମିତ୍ତିକ କର୍ମ କେବଳ ବାହ୍ୟ କର୍ମ ହୋଇ ରହେ ନାହିଁ, କର୍ମର ମୂଳସ୍ରୋତ ହୁଏ ପରମାନନ୍ଦ । ପ୍ରତ୍ୟେକ ବସ୍ତୁ – ଗୁଳ୍ମ, ଲତା, ବୃକ୍ଷ, ପଶୁ, ପକ୍ଷୀ, ବଣ, ପାହାଡ଼, ମନୁଷ୍ୟ ମଧ୍ୟରେ ସେ ଦେଖନ୍ତି ସେହି ପୁରୁଷୋତ୍ତମ, ପରମ ଆନନ୍ଦମୟ ସତ୍ୟସତ୍ତାଙ୍କୁ; ସମସ୍ତ ସଙ୍ଗେ ଏକତ୍ୱ, ସବୁ ନିଜେ, ଆଉ ନିଜେ ସବୁ । ଏହି ଅବସ୍ଥାରେ କାହାକୁ ଘୃଣା କରିବାର କୌଣସି ପ୍ରଶ୍ନ ରହେ ନାହିଁ । ସଂସାର ଓ ଜୀବନସବୁ ଆନନ୍ଦମୟ ହୁଏ,– ଆନନ୍ଦରୁ ଉତ୍ପନ୍ନ, ଆନନ୍ଦରେ ସ୍ଥିତି, ଆନନ୍ଦରେ ବିଶ୍ରାମ । ସକଳ ନୃତ୍ୟ, ଗୀତ, କଳା ସେହି ଆନନ୍ଦମୟଙ୍କୁ ପ୍ରକାଶ କରେ ଏବଂ ତାହାର ବାହ୍ୟରୂପ ବି ଦିବ୍ୟ ହୋଇଯାଏ । ଏହି ଅବସ୍ଥାରେ ହୁଏ ଯଥାର୍ଥ ଏକତ୍ୱ, ଏହାହିଁ ପରମ ମୋକ୍ଷ । ଏହି ସଂସାର ହୁଏ ପରମଧାମ, ବୈକୁଣ୍ଠ, ଗୋଲୋକ, ସାକେତ, କୈଳାସ ଇତ୍ୟାଦି । ଏହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ପୂର୍ଣ୍ଣ ନିରାବରଣ । ଅତିମାନବର ହୁଏ ଅବ୍ୟାହତ ଗତି ।

ପ୍ରଶ୍ନ : ଯେଉଁମାନେ ସାଧନା ନ କରିବେ, ରୂପାନ୍ତରିତ ହେବାକୁ ନ ଚାହିଁବେ, ସେମାନଙ୍କ ଅର୍ଥାତ୍ ସମଗ୍ର ସଂସାର ଓ ମନୁଷ୍ୟଜାତିର ଲାଭ କ'ଣ ହେବ ?

ଉତ୍ତର : ସଂସାରରୁ ହିଂସାଦ୍ୱେଷ, ଅଜ୍ଞାନ-ମୋହ ଦୂର ହୋଇଯିବ । ସଙ୍କୁଚିତ ସୀମାସବୁ କ୍ରମଶଃ ଭାଙ୍ଗିଯିବ, ଆଉ ଅନ୍ଧକାରର ପରଦା ଦୂର ହୋଇଯିବ । ବର୍ତ୍ତମାନ ବିଶ୍ୱ ଜଡ଼-ଶକ୍ତି ଦ୍ୱାରା ଯନ୍ତ୍ରବତ୍ ପରିଚାଳିତ ହେଉଛି, ସେତେବେଳେ ଅତିମାନସ ଶକ୍ତି ଦ୍ୱାରା ଶାସିତ ହେବ । ବର୍ତ୍ତମାନ ସଂସାରରେ ବହୁ ଜିନିଷ ଗୁପ୍ତଭାବେ ଲୁକ୍‌କାୟିତ ରହିଛି, ସେତେବେଳେ ବସ୍ତୁସକଳ ନିଜକୁ ପ୍ରକାଶ କରିବେ । ବର୍ତ୍ତମାନ ମନୁଷ୍ୟର ସକଳ କାର୍ଯ୍ୟ ହେଉଛି ଏକ ସୀମିତ ମନ ଦ୍ୱାରା, ଅନ୍ଧକାର ପରଦାର ପଶ୍ଚାତରେ । ସେତେବେଳେ ଅତିମାନସର ପ୍ରଭାବ ମନ ଉପରେ ପଡ଼ି ଅନ୍ଧକାର ପରଦାକୁ ନଷ୍ଟ କରି ସ୍ୱୟଂ ପ୍ରକାଶିତ ହେବ ।

ଏହି ରୂପାନ୍ତର ବିଷୟ ବିସ୍ତୃତଭାବେ ଜାଣିବାକୁ ହେଲେ ଶ୍ରୀଅରବିନ୍ଦଙ୍କ ''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' (The Supramental Manifestation upon Earth) ଗ୍ରନ୍ଥର ଶେଷ ଅଧ୍ୟାୟ ପାଠ କରନ୍ତୁ । ଯୋଗ-ସିଦ୍ଧାନ୍ତ ବିଶେଷରୂପେ ଜାଣିବାକୁ ହେଲେ ''ଯୋଗ ସମନ୍ୱୟ'' ପୁସ୍ତକ ଏବଂ ସାଧନାର ଅଭ୍ୟାସ ଜାଣିବାକୁ ହେଲେ ''ଯୋଗାଧାର'', ''ଯୋଗ-ପ୍ରଦୀପ'', ''ମା'', ''ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ,'' ''ଶିକ୍ଷା'' ଓ ''ମାତୃବାଣୀ''ଇତ୍ୟାଦି ବହି ପଢ଼ନ୍ତୁ ।

ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା

(ଦ୍ୱିତୀୟ ଭାଗ)

(୧)

ଅଯୋଧ୍ୟା ଯାତ୍ରା

ସୂଚନା

କୌଣସି ଅଦୃଶ୍ୟ ପ୍ରେରଣାରେ ଦିନେ ହଠାତ୍ ମନରେ ଗୋଟିଏ ବିଚାରର ଉତ୍‌ଥାନ ହେଲା,– ''ଅଯୋଧ୍ୟାରେ ଶ୍ରୀଅରବିନ୍ଦ ସାଧନାଳୟ ସ୍ଥାପିତ ହେଲେ ଭଲ ହୁଅନ୍ତା ।'' ବିଚାରହିଁ ସାଧନାରେ ଅନ୍ତରାୟ ଜାଣି ତାହା ବର୍ଜନ କରିବାକୁ ହେଲା । କିନ୍ତୁ ଏହି ବିଚାର ଏତିକିରେ ସମାପ୍ତ ହେଲା ନାହିଁ ବରଂ ବାରଂବାର ଆସିବାକୁ ଲାଗିଲା । ତେବେ ସତର୍କତାରେ ତାହା ପ୍ରତି ଦୃଷ୍ଟି ଦେବାକୁ ପଡ଼ିଲା, ଏହା ଆସୁଛି କେଉଁଠୁ ? ପ୍ରାଣରୁ ଅଥବା ଭଗବାନଙ୍କଠାରୁ ? ପ୍ରାଣର କାମନା, ବାସନା ସାଧନାର ଅନ୍ତରାୟ ଏବଂ ଅବଶ୍ୟ ବର୍ଜନୀୟ । ସନ୍ଦେହ ହେଲେ ତାହାର ସମାଧାନ ହୁଏ । ପରିଶେଷରେ ମନେ ପଡ଼ିଲା ପ୍ରାୟ ୨୦ ବର୍ଷ ପୂର୍ବର କଥା ଅଯୋଧ୍ୟାରେ ଥିବା ସମୟରେ ଅମାମା ଟେକାରୀର ରାଣୀ ସାହେବା ଚାହିଁଥିଲେ ଅଯୋଧ୍ୟାରେ କିଛି ଜମିରେ ମିନ୍ଦିର ତିଆରି କରିଦେବାକୁ । ସେତେବେଳେ ତାହା ଆବଶ୍ୟକ ନ ଥିଲା । ତାଙ୍କୁ ଗୋଟିଏ ପତ୍ର ପଠାଇଲି । ପତ୍ର ଅନୁସାରେ ଅଯୋଧ୍ୟାରେ ମା'ଙ୍କ ନାମରେ ପ୍ରାୟ ଦୁଇ ଏକର ଜମି ପ୍ରଦାନ କରିବାକୁ ପ୍ରତିଶ୍ରୁତି ସହ ସେ ଉତ୍ତର ଦେଲେ । ଦୀର୍ଘ ୧୫ ବର୍ଷ କାଳରୁ ଶ୍ରୀଅଯୋଧ୍ୟାରୁ ଆସି ଏହା ମଧ୍ୟରେ ଥରେ ହେଲେ ସେଠାକୁ ଯାଇ ନାହିଁ । ସେନେଇ ସେଠିକାର ବର୍ତ୍ତମାନ ପରିସ୍ଥିତି ସମ୍ବନ୍ଧେ ଏକେବାରେ ଅନଭିଜ୍ଞ । ସେଠାରେ ଶ୍ରୀଅରବିନ୍ଦଙ୍କ ସାଧନାଳୟ ଆରମ୍ଭ କରିବାକୁ ହେଲେ ଘର ତିଆରି କରିବା ନିତାନ୍ତ ଦରକାର । ଏହିସବୁ କାରଣରୁ ସେଠାକୁ ଯିବା ପ୍ରୟୋଜନ ମନେ କରି ମା'ଙ୍କ ପାଖରେ ସମସ୍ତ ପରିସ୍ଥିତି ନିବେଦନ କଲି । ମା'ଙ୍କର ଆଜ୍ଞାରେ ୧୯୫୯ ସାଲ ଅଗଷ୍ଟ ପନ୍ଦର ଦର୍ଶନ ପରେ ତା ୧୭ରିଖ ଦିନ ପଣ୍ଡିଚେରୀରୁ ଅଯୋଧ୍ୟାକୁ ଯାତ୍ରା କଲି ।

ଓଡ଼ିଶା ମଧ୍ୟଦେଇ ଶ୍ରୀଅଯୋଧ୍ୟାକୁ ଯିବାକୁ ହୁଏ । ତୀର୍ଥରୂପା ମାତୃଭୂମି ଓଡ଼ିଶାକୁ ଦର୍ଶନ ନ କରି ଯିବା ଉଚିତ ନୁହେଁ । ଫେରେ ଓଡ଼ିଶାର ଗୌରବ ଓ ଆଧ୍ୟାତ୍ମିକତାର ପ୍ରେରକ ଇଷ୍ଟଦେବ ଭୁବନେଶ୍ୱର, ପୁରୀର ଶ୍ରୀଜଗନ୍ନାଥଙ୍କ ଦର୍ଶନ କିପରି ବା ବାଦ୍ ଦେବାକୁ ହେବ ? ତା'ଛଡ଼ା କଟକ ଓ ଭୁବନେଶ୍ୱରର ପରିଚିତ ବନ୍ଧୁମାନଙ୍କୁ ଦେଖା ନ କରି ଯାଇ ହେବ ନାହିଁ । ଏହିସବୁ କାରଣରୁ ଓଡ଼ିଶାରେ ଦୁଇତିନି ଦିନ ବିଶ୍ରାମ କରି ଯିବା ନିଶ୍ଚିତ ହେଲା ।

ମାଦ୍ରାସରୁ ଗାଡ଼ି ଯାତ୍ରା କରିବା ସଙ୍ଗେ ପୂର୍ବେ ଗାଡ଼ିରେ ପଣ୍ଡିଚେରୀ ଆସିବା ସ୍ମୃତି ମାନସ-ପଟରେ ଗୋଟିକ ପରେ ଗୋଟିଏ ଆସିବାକୁ ଲାଗିଲା । ଏହିପରି କେତେକ ଘଣ୍ଟା ବ୍ୟତୀତ ହେବା ପରେ ଗାଡ଼ି ଓଡ଼ିଶାରେ ପ୍ରବେଶ କଲା । ଓଡ଼ିଶାଭୂମି ସ୍ପର୍ଶ କଲା ମାତ୍ରେ ହୃଦୟରେ ଏକ ଆନନ୍ଦସ୍ରୋତ ପ୍ରବାହିତ ହେଲା । ଶୀଘ୍ର ପହଞ୍ଚିବା ସକାଶେ ସମୟ ଭାର ରୂପ ହୋଇପଡ଼ିଲା । କେତେକ ସମୟ ପରେ ଧବଳ ଆକାଶଚୁମ୍ବୀ ଭୁବନେଶ୍ୱର ମନ୍ଦିର ଚୂଡ଼ାକୁ ଦର୍ଶନ କରି ହୃଦୟ ଆନନ୍ଦରେ ନାଚି ଉଠିଲା । ଷ୍ଟେସନରେ ଗାଡ଼ିରୁ ଓହ୍ଲାଇବା ପରେ ଷ୍ଟେସନକୁ ଆସି ଥିବା ବନ୍ଧୁମାନଙ୍କୁ ଦେଖି ହୃଦୟ ଆନନ୍ଦରେ ଉଛୁଳି ପଡ଼ିଲା ।

ବନ୍ଧୁମାନଙ୍କ ସଙ୍ଗେ ଭୁବନେଶ୍ୱରରୁ କଟକ ଷ୍ଟେସନକୁ ଗଲି । ସେଠାରୁ କଟକର ବନ୍ଧୁମାନଙ୍କ ସଙ୍ଗେ ଶ୍ରୀଅରବିନ୍ଦ ପାଠଚକ୍ରର ଅଧ୍ୟକ୍ଷ ଓ ପରିଚିତ ବନ୍ଧୁ ଶ୍ରୀ ଲଳିତ ବାବୁଙ୍କ ଘରକୁ ଗଲି । ଦୀର୍ଘ ବହୁ ବର୍ଷ ପୂର୍ବେ ବାଲ୍ୟାବସ୍ଥାରେ କଟକରେ ଚାଲିଥିବା ରାସ୍ତା ଏବଂ ରହିଥିବା ଓ କାର୍ଯ୍ୟ କରିଥିବା ଘରସବୁ ଦେଖି ଯେତେ ଆନନ୍ଦ ହେଲା ତାହା ବିସ୍ତୃତଭାବେ ଏଠାରେ ଲେଖିବାର ଅବକାଶ ନାହିଁ, କିନ୍ତୁ ମନେ ହେଉଥିଲା ଯେପରି ସେସବୁ ମୂର୍ତ୍ତିମନ୍ତ ପ୍ରିୟବନ୍ଧୁଙ୍କ ପରି ମୋତେ ଅଭ୍ୟର୍ଥନା କରୁଅଛନ୍ତି ।

ବନ୍ଧୁମାନଙ୍କ ସଙ୍ଗେ ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରି ଓ ପୁରୀକୁ ଦର୍ଶନ କରିବା ସକାଶେ ଗଲୁ । ଖଣ୍ଡଗିରି ଓ ଉଦୟଗିରିର ପ୍ରାକୃତିକ ବନ-ଶୋଭା ବଳଜ୍ଞାରରେ ମନକୁ ଆକର୍ଷଣ କରି ନେଉଥିଲା । ସେଠାର ଗୁମ୍ଫାମାନଙ୍କରେ ପୂର୍ବେ କେବେ ମହାତ୍ମାମାନେ ତପସ୍ୟା କରିଥିଲେ ତାହା କିଏ ବା କହିବ ? କିନ୍ତୁ ଆଜି ପର୍ଯ୍ୟନ୍ତ ସେଠିକାର ବାତାବରଣ ଏତେ ଶୁଦ୍ଧ ଓ ପବିତ୍ର ରହିଛି ଯେ ସେଠାରେ ପହଞ୍ଚିବା ମାତ୍ରେ ମନ ଏକେବାରେ ଶାନ୍ତ ହୋଇ ଏକ ଅପାର୍ଥିବ ଆନନ୍ଦରେ ଡୁବିଯାଏ । ପ୍ରଖର ରୌଦ୍ର ଯୋଗୁଁ ପର୍ବତ ଆରୋହଣରେ ପ୍ରତ୍ୟେକ ବ୍ୟକ୍ତି କ୍ଲାନ୍ତ ହୋଇଥିଲେ ସୁଦ୍ଧା ମନ ପ୍ରଫୁଲ୍ଲ ଓ ଆନନ୍ଦିତ ଥାଏ । ସମସ୍ତେ ଚାହୁଁଥା'ନ୍ତି ସେ ପାହାଡ଼ରେ ବୁଲି ଆନନ୍ଦରେ ସମୟ ବ୍ୟତୀତ କରିବାକୁ । ସୁତରାଂ ସମୟ ବାରଂବାର ତାଗିଦା କରି ମନକୁ ବ୍ୟଥିତ କରୁଥାଏ ଫେରିବାକୁ । ଶେଷରେ ସମୟର ବିଜୟ ହେଲା । ଇଚ୍ଛା ନ ଥିବା ସତ୍ତ୍ୱେ ସମସ୍ତେ ବାଧ୍ୟହୋଇ ଭୁବନେଶ୍ୱର ଅଭିମୁଖେ ଫେରିଲୁ ।

ଭୁବନେଶ୍ୱରଙ୍କର ଏହି ଦର୍ଶନ ପ୍ରଥମ ନ ଥିଲା । ପୂର୍ବରୁ କେତେଥର ବା ସେଠାକୁ ଆସି ନ ଥିବି ! କିନ୍ତୁ ଏଥର ଦର୍ଶନ ଅନ୍ୟ ପ୍ରକାର ଥିଲା । ଆହା, ଓଡ଼ିଶାର କିପରି ଗୌରବ, କିପରି କୀର୍ତ୍ତି ! ପୁରୀ ଓ ଭୁବନେଶ୍ୱର ତୀର୍ଥ ଓଡ଼ିଶାର ହୃଦୟରେ ବିରାଜି ଆଜି ପୂର୍ବ ଗୌରବ ସ୍ମରଣ କରାଉଅଛି । ସେଠାରେ ମନ୍ଦିରର ସଂଖ୍ୟା ନାହିଁ । ଯେଉଁ ଦିଗେ ଦୃଷ୍ଟି ଯିବ ସେହି ଦିଗେ ମନ୍ଦିର । ପୁଣି ମନ୍ଦିର କ'ଣ ସାଧାରଣ ? ସେଥିରେ କାରୁକାର୍ଯ୍ୟ କି ଆଶ୍ଚର୍ଯ୍ୟଜନକ ! କି ହୃଦୟାକର୍ଷକ ! ତାହା କୌଣସି ସରସ ହୃଦୟ କଳାକାର ଛଡ଼ା ସାଧାରଣ ବ୍ୟକ୍ତିପକ୍ଷେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । କଳାର ପଶ୍ଚାତରେ ଯେଉଁ ସୌନ୍ଦର୍ଯ୍ୟ ରହିଛି, ସାଧାରଣ ବ୍ୟକ୍ତି ସେଥିରେ ପ୍ରବେଶ ନ କରି ମଧ୍ୟ ବାହ୍ୟରୂପରେ ଏତେ ମୁଗ୍ଧ ହୋଇଯାଏ ଯେ ତାହା ବର୍ଣ୍ଣନା କରିବାକୁ ଅସମର୍ଥ ହୁଏ । ଦର୍ଶନାର୍ଥୀ କରିବ କ'ଣ ? ତାହା ଦୃଷ୍ଟିରେ ପ୍ରତ୍ୟେକ କଳା ଆଶ୍ଚର୍ଯ୍ୟଜନକ, ଯାହାକୁ ଦେଖେ ତାହାକୁହିଁ ବରାବର ଦେଖିବାକୁ ଚାହେଁ; ଦେଖିବାରେ ସନ୍ତୁଷ୍ଟ ହୁଏ ନାହିଁ । ଗୃହର କାର୍ଯ୍ୟ ଜଞ୍ଜାଳ ଏହି ପିପାସା ସନ୍ତୋଷ ହେବାରେ ଅବକାଶ ବି ଦିଏ ନାହିଁ ।

ସମୟ କମ୍ । ଦିନ ଗୋଟିକରେ ଭୁବନେଶ୍ୱର ଓ ପୁରୀ ଦର୍ଶନ କରି ଫେରି ଆସିବାକୁ ହେବ । ତା' ମଧ୍ୟରେ ସ୍ନାନ, ଭୋଜନ ଓ ନିତ୍ୟ ନୈମିତ୍ତିକ କର୍ମ ମଧ୍ୟ ରହିଛି । ତା' ଛଡ଼ା ଯେ କେହି ଆସନ୍ତି ତାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ବି ହୁଏ । ଏହି କାରଣରୁ ପୁରୀ ଯାତ୍ରା କରିବାରେ ବିଳମ୍ବ ହୋଇଗଲା । ଅଳ୍ପ ସମୟରେ ଦେଉଳରେ ଦିଅଁଦର୍ଶନ କରି, ଅନ୍ୟ ସ୍ଥାନ ନ ଦେଖି ଫେରିଲୁ । ପୁରୀ ଯେପରି ମହତ୍ ତୀର୍ଥ ତାହା ସମ୍ବନ୍ଧେ କିଛି ନ କହିବାକୁହିଁ ତାହାର ଯଥାର୍ଥ ସମ୍ମାନ । କାରଣ ତା' ସମ୍ବନ୍ଧେ ଯେତେ ବେଶୀ କୁହାଯାଉ ନା କାହିଁକି, ତାହା ହେବ ସମୁଦ୍ରର ଗୋଟିଏ ଜଳକଣାର ସମାନ । ପୁରୀରୁ କିଛି ଦୂର ଆସିବା ପରେ ହେଲା ପ୍ରବଳ ବର୍ଷା । ଯେଉଁ ସମୟ ପ୍ରତିବାଦ କରି ଆମକୁ ପୁରୀରୁ ଫେରାଇ ଆଣିଲା, ସେ ପରାସ୍ତ ହେଲା ବର୍ଷା ପାଖରେ । ବର୍ଷା ଯୋଗୁଁ ରାସ୍ତା ଅନ୍ଧକାର, ଦୁର୍ଘଟନା ଘଟିବାର ଆଶଙ୍କାରେ ବାଧ୍ୟ ହୋଇ ଡ୍ରାଇଭର ବଜାରର ଗୋଟିଏ ଦୋକାନ ପାଖରେ ମୋଟର ଛିଡ଼ା କଲା । ବର୍ଷା କମିଯିବାରୁ କଟକ ଫେରିଲୁ । ସେ ତିନିଦିନ ମଧ୍ୟରେ ଓଡ଼ିଶାର ବହୁବ୍ୟକ୍ତିଙ୍କ ସଙ୍ଗେ ଭିନ୍ନ ଭିନ୍ନ ବିଷୟରେ କଥାବାର୍ତ୍ତା କରିବାକୁ ହେଲା । ଏତେ ଅଳ୍ପଦିନ ରହିବାରେ ଓଡ଼ିଶାର ବନ୍ଧୁମାନେ ସନ୍ତୁଷ୍ଟ ନ ଥିଲେ, ସେମାନେ ଆଗ୍ରହ କରୁଥିଲେ ଆଉ କିଛି ଦିନ ରହିବାକୁ । କିନ୍ତୁ ମୋର ବିବଶତା ଦେଖି ସେମାନଙ୍କର ଇଚ୍ଛା ନ ଥିବା ସତ୍ତ୍ୱେ କଟକ ଷ୍ଟେସନକୁ ଆସି ମୋତେ ବିଦାୟ ଦେଲେ ।

ଏହି ଯାତ୍ରାରେ କଟକ, କଲିକତା, ପାଟନା, ଜାହାନାବାଦ, ଧାନବାଦ, ବାଲିଆ, ଅଯୋଧ୍ୟା, କାନପୁର, ଦିଲ୍ଲୀ ଓ ଭିବାନୀ (ପଞ୍ଜାବ) ଆଦି ନାନା ସ୍ଥାନରେ ନାନା ପ୍ରକାର ବ୍ୟକ୍ତିଙ୍କ ସଙ୍ଗେ ଦେଖା କରିବାରେ ଯେଉଁ ଅଭିଜ୍ଞତା ହେଲା, ସେମାନଙ୍କ ସଙ୍ଗେ ଯେଉଁ ବିଷୟରେ କଥାବାର୍ତ୍ତା ହୋଇଥିଲା, ତାହା କ୍ରମଶଃ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଚେଷ୍ଟା କରିବି ।

(୨)

ଆଧ୍ୟାତ୍ମିକତାର ଉପଯୋଗିତା

ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଜୀବନ ଓ ପରିସ୍ଥିତିରେ ଅସନ୍ତୋଷ, ପୂର୍ବ ସାମାଜିକତା ଓ ନୈତିକତା ଉପରେ ଅବିଶ୍ୱାସ, ଅନ୍ୟର କର୍ତ୍ତବ୍ୟ ଓ ନିଜର କର୍ତ୍ତବ୍ୟ ଉପରେ ଘୃଣା, କର୍ତ୍ତବ୍ୟ ସଂଶୋଧନର ମାର୍ଗ ଅସ୍ପଷ୍ଟ ଓ ଅନ୍ଧକାର । ପୁରାତନ ସକଳ ରୀତିନୀତିର ମାର୍ଗ ବିଲୁପ୍ତ, ନୂତନ ସତ୍ୟର ମାର୍ଗ ଅନ୍ଧକାରାଚ୍ଛନ୍ନ । ବର୍ତ୍ତମାନ ସମାଜ ପୂର୍ବ ନୈତିକ ଅବଲମ୍ବନକୁ ହରାଇ, ଆଗାମୀ ସତ୍ୟକୁ ନ ପାଇ, ଅନ୍ଧକାରରେ କେବେ ଏପାଖ କେବେ ସେପାଖ ଅଣ୍ଡାଳି ହେଉଅଛି । ଅଣ୍ଡାଳିବା ଲୋକ ଯେପରି ଭୁଲ୍ ମାର୍ଗରେ ପଡ଼ି ଆଶୁଗଣ୍ଠି ଭାଙ୍ଗେ ଏବଂ ଯଥାର୍ଥ ମାର୍ଗରେ ସନ୍ଦେହ କରେ, ଠିକ୍ ସେହିପରି ବର୍ତ୍ତମାନ ସମାଜର ଅବସ୍ଥା । ଯଥାର୍ଥ ସତ୍ୟକୁ ବିଶ୍ୱାସ କରିବାରେ ସେ ଅକ୍ଷମ । ପ୍ରତ୍ୟେକ ଶ୍ରେଣୀ ଲୋକଙ୍କର ଏହି ଅବସ୍ଥା । ଯେଉଁମାନେ ସତ୍ୟ ମାର୍ଗରେ ଚାଲୁଛନ୍ତି ସେମାନଙ୍କର ବୁଦ୍ଧି ଏପରି ସଙ୍କୁଚିତ ଓ ସୀମିତ ଯେ ସେମାନଙ୍କ ଧାରଣା – ''ଆମ୍ଭ ମାର୍ଗ ଏକମାତ୍ର ସତ୍ୟ, ଅନ୍ୟମାନଙ୍କର ମାର୍ଗ ଭ୍ରମ ଅଥବା ଅର୍ଦ୍ଧ-ସତ୍ୟ ।''

ବିଭିନ୍ନ ସ୍ଥାନରେ କଲେଜ ବିଦ୍ୟାର୍ଥୀ, ଭୂଦାନ-କର୍ମୀ ଓ ନିଜକୁ ଦେଶ-ସେବକ ମନେ କରୁଥିବା ଲୋକମାନଙ୍କର ପ୍ରାୟ ଏହି ଏକହିଁ ପ୍ରକାର ପ୍ରଶ୍ନ ।

ପ୍ରଶ୍ନ : ଅଧ୍ୟାତ୍ମିକ ସାଧକମାନେ ସଂସାରର କୌଣସି କାର୍ଯ୍ୟ କରୁ ନାହାନ୍ତି । ଯଦି ସେମାନଙ୍କୁ ମୁକ୍ତି ବା ଆନନ୍ଦ ମିଳେ, ତାହା ସେମାନଙ୍କ ନିଜ ପାଇଁ । ନିଜ ତୃପ୍ତି ସକାଶେ ପ୍ରଯତ୍ନ କରିବା ବ୍ୟକ୍ତିପକ୍ଷେ ଅନ୍ୟର ଭାଗ ଆତ୍ମସାତ୍ ନ କରି ଅନ୍ତତଃ ନିଜ ଭୋଜନ ନିମିତ୍ତ ଉପାର୍ଜନ କରିନେବା ଉଚିତ । ନିଜ ଭୋଜନର ଭାର ଅନ୍ୟ ଉପରେ ଲଦନ୍ତୁ ନାହିଁ । ଏହିପରି ଅଧ୍ୟାତ୍ମ-ସାଧକମାନଙ୍କ ସଂଖ୍ୟା ବୃଦ୍ଧି ହେଲେ ସଂସାର ଦରିଦ୍ର ହୋଇଯିବ, ଆଉ ଯେଉଁମାନେ ପରିଶ୍ରମ କରୁଛନ୍ତି ସେମାନଙ୍କ ଭାଗ ଏମାନେ ଆତ୍ମସାତ୍ କରିବେ, ସେମାନଙ୍କୁ ବି କ୍ଷୁଧା ସହ୍ୟ କରିବାକୁ ପଡ଼ିବ ।

ଉତ୍ତର : ଅଧ୍ୟାତ୍ମ-ସାଧକମାନଙ୍କ ଉପରେ ଏହି ଅଭିଯୋଗରୁ ସ୍ପଷ୍ଟ ବୁଝାଯାଉଛି ଯେ ସେମାନଙ୍କର ସମାଜକୁ କିଛିମାତ୍ର ଦେୟ ନାହିଁ । ସେମାନେ ପୃଥିବୀର ଭାରରୂପ ହୋଇ ବସି ଖାଉଛନ୍ତି । ଯଦି ଏହାହିଁ ସତ୍ୟ ହୁଏ ତେବେ ସଂସାରରେ ଏମାନଙ୍କ ସ୍ଥାନ କେବେ ବି ନ ଥା'ନ୍ତା । ଏପରି ତ ନୁହେଁ ! ବୈଦିକଯୁଗରୁ ଆଜି ପର୍ଯ୍ୟନ୍ତ ଠିକ୍ ଏହାର ବିପରୀତ ଦେଖାଯାଉଛି । ଦରିଦ୍ର, ବୀତରାଗୀ, ତ୍ୟାଗୀ, ସନ୍ଥ, ମହାତ୍ମାଙ୍କ ଚରଣରେ ଦେଶଶାସକ ଶକ୍ତିଶାଳୀ ରାଜା, ଧନୀ ଓ ମାନୀ ବ୍ୟକ୍ତି ମସ୍ତକ ନୁଆଁଇ ଦେଇଅଛନ୍ତି । ଏପରିକି ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବା ବ୍ୟକ୍ତି ଅନ୍ୟର ଅଜ୍ଞାତରେ ମୃତ୍ୟୁଶଯ୍ୟାଗ୍ରସ୍ତ ଏକମାତ୍ର ପୁତ୍ରର କଲ୍ୟାଣଭିକ୍ଷା ସେମାନଙ୍କ ପାଖରେ କରୁଛନ୍ତି । ଏଣୁ ସଂସାରରେ ଅଧ୍ୟାତ୍ମ-ସାଧକର ମଧ୍ୟ ଉପଯୋଗିତା ଅଛି । କେବଳ ଭୋଜନ ମିଳିଲେ ମନୁଷ୍ୟ ସୁଖରେ ରହିପାରେ ନାହିଁ, ସଂସାର ସୁଚାରୁରୂପେ ଚଳେ ନାହିଁ । ସଂସାର ଭଲଭାବେ ଚଳିବା ପାଇଁ ବହୁତ ଜିନିଷର ଆବଶ୍ୟକ । ଯଦି ପ୍ରସ୍ରାବ ବନ୍ଦହୋଇ ପେଟ ଫୁଲେ, ସେତେବେଳେ ଭୋଜନ କାମରେ ଆସେ ନାହିଁ, ସେତେବେଳେ ଜୀବନର ସର୍ବଶ୍ରେଷ୍ଠ ବସ୍ତୁବୋଲି ମନେହୁଏ ସେହି ପୀଡ଼ାରୁ ମୁକ୍ତିଦାତା ଡାକ୍ତର ବା ଔଷଧ ।

ଏତେବଡ଼ ଏହି ଯେଉଁ ସଂସାର ପ୍ରସାରିତ ହୋଇଛି, କେବଳ ଜୀବନ ସକାଶେ – ସହର, ବଜାର, ବାଣିଜ୍ୟ, ଡାକ୍ତର, ଇଞ୍ଜିନିୟର, ପୋଲିସ, ଅଦାଲତ, ଗଭର୍ଣ୍ଣମେଣ୍ଟ, ନଦୀ, ନାଳ, ବଣ, ଜଙ୍ଗଲ ଓ ପାହାଡ଼ ଇତ୍ୟାଦି, ଏହିସବୁ ଜୀବନ ସକାଶେ ଆବଶ୍ୟକ । ସଂସାରରେ ଯେତେ ବସ୍ତୁ ଅଛି କୌଣସି ଗୋଟିକୁ ବାଦ୍ ଦେଲେ ଚଳିବ ନାହିଁ । ଯଦି ସେସବୁର କୌଣସି ଆବଶ୍ୟକତା ନ ଥା'ନ୍ତା, ତେବେ ଏ ସବୁକୁ ଭଗବାନ୍ ସର୍ଜନା କରି ନ ଥାନ୍ତେ । କେବଳ ସୃଷ୍ଟି କରିଥା'ନ୍ତେ ଧାନ, ଗହମ ଆଦି ଫସଲ ଉତ୍ପନ୍ନ କରିବା ବ୍ୟକ୍ତିଙ୍କୁ । ଭଗବାନ୍ ଏପରି ଚତୁର ଶିରୋମଣି ଶିଳ୍ପୀ ଯେ ତାଙ୍କର ପ୍ରତ୍ୟେକ ଉତ୍ପନ୍ନ ବସ୍ତୁର ଆବଶ୍ୟକତା ରହିଛି, କିଛି ବି ନିରର୍ଥକ ନୁହେଁ । ସୁତରାଂ ଆଧ୍ୟାତ୍ମିକତା ନିରର୍ଥକ ବସ୍ତୁ ନୁହେଁ ସଂସାର ନିମିତ୍ତ ଓ ଜୀବନଧାରଣ କରିବା ନିମିତ୍ତ ବିଶେଷ ଆବଶ୍ୟକ ବସ୍ତୁ ।

ଫେରେ ଜୀବନର ସମସ୍ତ ବାହ୍ୟ ଆବଶ୍ୟକତା, ଆରାମ ଓ ସୁଖର ବସ୍ତୁ ଥିବା ସତ୍ତ୍ୱେ ଯଦି ଅନ୍ତରରେ ହିଂସା, ଦ୍ୱେଷ, ଅସୂୟା, କାମ ଓ କ୍ରୋଧରେ ହୃଦୟ ଜଳେ, ତେବେ ବାହ୍ୟ ଆରାମ-ବସ୍ତୁ ସୁଖ ଦେଇ ପାରିବ କି ?

ଅଥବା ଯଦି ଘର ସମସ୍ତ ସୁଖ ଓ ଧନ-ସମ୍ପତ୍ତିରେ ପରିପୂର୍ଣ୍ଣ ଥିବା ସତ୍ତ୍ୱେ ଶତ୍ରୁ ଆସି କିରୋସିନ୍ ତେଲ ଢାଳି ଘରେ ଅଗ୍ନି ଲଗାଇ ଘରୁ ବାହାରିବା ଦ୍ୱାର ବନ୍ଦକରି ଦିଅନ୍ତି, ତେବେ ସେତେବେଳେ କ'ଣ ହେବ ? ବଳାତ୍କାରେ ହୃଦୟରୁ ଡାକ ଆସିବ – ''ହାୟ, ଭଗବାନ୍ ! ରକ୍ଷାକର ।'' ସେତେବେଳେ ପୋଲିସ, ମାଜିଷ୍ଟ୍ରେଟ ଅଥବା ମିନିଷ୍ଟରଙ୍କ ସ୍ମରଣ ହେବ ନାହିଁ ! ଅଥବା ଏକ ଦେଶ ଅନ୍ୟ ଦେଶ ଉପରେ ଆକ୍ରମଣ କରି ନିର୍ଦ୍ଦୟଭାବରେ ଗୋଳା ବାରୁଦରେ ଘର, ପଶୁ, ମନୁଷ୍ୟଙ୍କୁ ଜଳାଇଦେବା ସମୟରେ ଭୋଜନ ମନେ ପଡ଼ିବ ନାହିଁ, ମନେ ପଡ଼ିବ, ଡାକ ଆସିବ ଭଗବାନ୍ ।

ପ୍ରଶ୍ନ : ବିପଦରୁ ରକ୍ଷା କରିବା ସକାଶେ ଦେଶର ଗଭର୍ଣ୍ଣମେଣ୍ଟ ଅଛି । ଏକ ଦେଶକୁ ଅନ୍ୟ ଦେଶର ଆକ୍ରମଣରୁ ରକ୍ଷା କରିବା ପାଇଁ ମଧ୍ୟ ଜାତିସଂଘ ଅଛି । ଜୀବନ ସୁଚାରୁରୂପେ ଚଳାଇବା ସକାଶେ ଆଧ୍ୟାତ୍ମିକତା ବା ଭଗବାନଙ୍କର ଆବଶ୍ୟକତା କ'ଣ ?

ଉତ୍ତର : ଜାତିସଂଘ ଅଥବା ଗଭର୍ଣ୍ଣମେଣ୍ଟରେ କାର୍ଯ୍ୟ କରିବା ବ୍ୟକ୍ତି ଏବଂ ସେନା ବା ପୋଲିସ ନୈତିକ ନିୟମ ମାନୁଛନ୍ତି ବୋଲି ଶାସନ ବା ନ୍ୟାୟ ଚାଲୁଛି । ଯଦି ନୈତିକତାକୁ କେହି ନ ମାନନ୍ତେ, ତେବେ ସମସ୍ତ ବ୍ୟବସ୍ଥା ହୁଅନ୍ତା ବିଶୃଙ୍ଖଳ ।

ପ୍ରଶ୍ନ : ନୈତିକ-ବିଧାନର ନିର୍ମାତା ହେଉଛି ବୁଦ୍ଧି । ବୁଦ୍ଧିର କୌଶଳରେ ସମସ୍ତ ନୈତିକ ନିୟମକୁ ମନୁଷ୍ୟ ମାନିବାକୁ ବାଧ ହେଉଛି, ସଂସାର ସୁଚାରୁରୂପେ ନ ଚଳିବାର କୌଣସି କାରଣ ନାହିଁ ।

ଉତ୍ତର : ଯଦି ନୈତିକ ନିୟମକୁ ବୁଦ୍ଧି ଶାସନ କରେ, ତେବେ ପ୍ରତ୍ୟେକ ବ୍ୟକ୍ତି ନୈତିକ ନିୟମ ପାଳନ କରୁଥା'ନ୍ତେ, ଅନୀତି ଅତ୍ୟାଚାରର ସ୍ଥାନହିଁ ନ ଥାନ୍ତା । ଏପରି ତ ଦେଖାଯାଉ ନାହିଁ : ନୀତି-ଅନୀତି, ସତ୍ୟ-ଅସତ୍ୟ, ସମତା-ବିଷମତା ଓ ହିଂସା-ଅହିଂସାରେ ବ୍ୟକ୍ତି ପରିଚାଳିତ ହେଉଛନ୍ତି ।

ପ୍ରଶ୍ନ : ବିକାଶଶୀଳ ବୁଦ୍ଧି ମନୁଷ୍ୟକୁ ନୀତିର ପ୍ରେରଣା ଦିଏ । ଅବିକଶିତ ବୁଦ୍ଧିର ନୀତି-ଅନୀତିର ବିବେକ ନ ଥାଏ, ସେନେଇ ବ୍ୟକ୍ତି ଅନୀତି ଆଚରଣ କରେ ।

ଉତ୍ତର : ଚୋର, ଡକାୟତ, ଖୁଣୀ ଓ ଅନ୍ୟର ସମ୍ପତ୍ତିକୁ କଳ-କୌଶଳରେ ଆତ୍ମସାତ୍ କରିବା ବ୍ୟକ୍ତିଙ୍କ ବୁଦ୍ଧି କ'ଣ ଅବିକଶିତ ? ଯଦି ବିକଶିତ ବୁଦ୍ଧି, ନୀତି-ଅନୀତିର ପ୍ରେରକ ହୁଅନ୍ତା, ତେବେ ଏମାନଙ୍କୁ ନୀତି-ପ୍ରେରଣା ଦେଇ ଅସତ୍, ହିଂସା, ଦ୍ୱେଷାଦି ସମସ୍ତ ଦୁର୍ଗୁଣରୁ ରକ୍ଷାକରି ସତ୍ୟ ଆଚରଣ କରିବାକୁ ବାଧ କରାଯାଇ ପାରନ୍ତା । ଫେରେ ତ ଅନ୍ତର୍ରାଷ୍ଟ୍ରୀୟ ସଭା, ଗଭର୍ଣ୍ଣମେଣ୍ଟ ଓ ପୋଲିସର ଆବଶ୍ୟକତା ରହନ୍ତା ନାହିଁ । ସଂସାର ହୋଇଯା'ନ୍ତା ସ୍ୱର୍ଗ । ଫେରେ କେତେକ ଆଧ୍ୟାତ୍ମିକ ସାଧକଙ୍କୁ ଦେଖାଯାଏ ସେମାନଙ୍କର ବୁଦ୍ଧି ବିକଶିତ ହୋଇଥାଉ ବା ନ ହୋଇଥାଉ ସେମାନେ ସର୍ବଦା ସତ୍ୟ ଆଚରଣ କରନ୍ତି, ଅସତ୍ୟ ଓ ଅନୀତିକୁ ବର୍ଜନ କରନ୍ତି ।

ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ନୀତି, ଅନୀତି, ସତ୍, ଅସତ୍ ଏହି ଦୁଇଟି ସ୍ୱତନ୍ତ୍ର ଶକ୍ତି । ଏସବୁ କୌଣସି ଅବସ୍ଥାରେ କିଛି ଦୂର ପର୍ଯ୍ୟନ୍ତ ବୁଦ୍ଧିର ପରାମର୍ଶକୁ କେବେ କେବେ ସ୍ୱୀକାର କରନ୍ତି କିନ୍ତୁ ପ୍ରଧାନତଃ ନିଜ ମତ ଅନୁସାରେ ପରିଚାଳିତ ହେବା ସକାଶେ ବୁଦ୍ଧିକୁ ବାଧ କରନ୍ତି । ଏହାର ପ୍ରମାଣ ସ୍ୱରୂପ କେହି କେହି ଉତ୍କୃଷ୍ଟ ବୁଦ୍ଧି-ସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପୂର୍ଣ୍ଣ ଅନୀତି ଓ ଅସତ୍ କାର୍ଯ୍ୟ ହେଉଥିବାର ବରାବର ଦେଖାଯାଏ ।

ସଂସାର ଚାଳିତ ହୁଏ ଦୁଇଟି ଶକ୍ତି ଦ୍ୱାରା : ଗୋଟିଏ ଭଗବାନଙ୍କର ଭାଗବତୀ ଶକ୍ତି, ଅନ୍ୟଟି ସେହି ଭଗବାନଙ୍କର ବିକୃତ ଆସୁରୀ ଶକ୍ତି । ଭାଗବତୀ ଶକ୍ତି ସଂସାର ପରିଚାଳନା ନିମିତ୍ତ ନୀତି ରୂପରେ ନିଜକୁ ପ୍ରଘଟ କରେ । ଭାଗବତ ଶକ୍ତିର ଠିକ୍ ବିପରୀତ କ୍ରିୟା ଆସୁରୀ ଶକ୍ତିର । ଏହି ଦୁଇ ଶକ୍ତି ବରାବର ଚାହାନ୍ତି ବ୍ୟକ୍ତି ଉପରେ ଆଧିପତ୍ୟ ବିସ୍ତାର କରି ନିଜ ଇଚ୍ଛା ଅନୁସାରେ ବ୍ୟକ୍ତିକୁ ପରିଚାଳିତ କରିବାକୁ । ଆସୁରୀ ଶକ୍ତି ବଳପୂର୍ବକ ବ୍ୟକ୍ତିକୁ ଅର୍ଥାତ୍ ତା'ର ବୁଦ୍ଧିକୁ ଅଧିକାର କରି ଯନ୍ତ୍ର କରି ନିଏ, କିନ୍ତୁ ଭାଗବତୀ ଶକ୍ତି ଜବରଦସ୍ତି କରେ ନାହିଁ, ପ୍ରତୀକ୍ଷା କରେ ବ୍ୟକ୍ତିର ସମ୍ମତିକୁ ।

ବ୍ୟକ୍ତିର ବୁଦ୍ଧିରେ ଭାଗବତୀ ଶକ୍ତିର ସ୍ଥାନ ତେବେ ହୁଏ, ଯେବେ ସଂସାର ବାତାବରଣରେ ତା'ର ପ୍ରଭାବ ଥାଏ ଏବଂ ସେହି ପ୍ରଭାବ ବ୍ୟକ୍ତିର ବୁଦ୍ଧିରେ ପଡ଼େ, ବ୍ୟକ୍ତି ଭାଗବତୀ ଶକ୍ତିକୁ ଚାହେଁ ଏବଂ ଭାଗବତୀ ଶକ୍ତିର ଅହିଂସା, ସତ୍ୟ, ନ୍ୟାୟ ପ୍ରଭୃତି ଗୁଣ ବ୍ୟକ୍ତି ମଧ୍ୟରେ ପ୍ରବେଶ କରେ, ତା'ର ବୁଦ୍ଧିକୁ ପ୍ରେରଣା ଦିଏ । ସଂସାରର ବାତାବରଣରେ ଭାଗବତୀ ଶକ୍ତିର ପ୍ରଭାବ ଆସିବାର ଏକମାତ୍ର ଉପାୟ ହେଉଛି ଅଧ୍ୟାତ୍ମ-ସାଧନା । ଯେଉଁ ଅଧ୍ୟାତ୍ମ-ସାଧକମାନେ ଆସୁରୀ ଶକ୍ତିର କାମ, କ୍ରୋଧ, ମଦ ଓ ମତ୍ସରାଦି ସମସ୍ତ କ୍ରିୟାକୁ ତ୍ୟାଗ କରି ଭାଗବତୀ ଶକ୍ତିକୁ ଧାରଣ କରିଅଛନ୍ତି ଏବଂ ତାଙ୍କରି ଦ୍ୱାରା ପରିଚାଳିତ ହେଉଅଛନ୍ତି, ସେମାନଙ୍କର ବାତାବରଣ ସଂସାରରେ ପ୍ରସାରିତ ହୋଇ ଅନ୍ୟ ବ୍ୟକ୍ତିଙ୍କ ବୁଦ୍ଧିକୁ ପ୍ରଭାବିତ କରେ । ଏହିପରି ଯେତେ ବେଶୀ ଯଥାର୍ଥ ଅଧ୍ୟାତ୍ମ-ସାଧକ ହୁଅନ୍ତି, ସେହିମାନଙ୍କ ଦ୍ୱାରା ତେତେ ବେଶୀ ସତ୍ୟ ଆଚରିତ ହୁଏ ଓ ସଂସାରରେ ସତ୍ୟ ବାତାବରଣର ବିସ୍ତାର ହୁଏ । ସତ୍ୟ ଆଚରଣର ପ୍ରଭାବ ବେଶୀ ହେଲେ ଅସତ୍ୟ ହ୍ରାସ ହେବାକୁ ଲାଗେ । ସତ୍ୟର ଉଦ୍‌ଗମ ସ୍ଥାନ ଭଗବାନ୍ । ଅଧ୍ୟାତ୍ମ-ସାଧକ ଭଗବାନଙ୍କ ଚେତନା ସଙ୍ଗେ ନିଜ ଚେତନାକୁ ଏକ କରିଦେବାରୁ ସେମାନେ ଭଗବାନଙ୍କ ସଂକଳ୍ପ ଓ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୁଅନ୍ତି; ସେମାନଙ୍କ ମଧ୍ୟରେ ଆସୁରୀ ଶକ୍ତି ପ୍ରବେଶ କରିପାରେ ନାହିଁ । ଯେତେବେଳେ ଯଥାର୍ଥ ଅଧ୍ୟାତ୍ମ-ସାଧକମାନଙ୍କ ସଂଖ୍ୟା ଅଧିକ ହୁଏ, ସେତେବେଳେ ପବିତ୍ର ବାତାବରଣ ସଂସାରରେ ପ୍ରସାରିତ ହୋଇଯାଏ ଏବଂ ତାହା ଲୋକମାନଙ୍କ ହୃଦୟକୁ ଶୁଦ୍ଧ କରିଦିଏ; ସେମାନଙ୍କ ବୁଦ୍ଧିରେ ନୈତିକ ସଦ୍‌ଗୁଣ ପ୍ରେରଣା ଦିଏ । ସଂସାରରେ ସାଧାରଣ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁ ସଦ୍‌ଗୁଣ ଦେଖାଯାଏ ତାହାର କାରଣ ହେଉଛି ଅଧ୍ୟାତ୍ମ-ବାତାବରଣ । ସଦ୍‌ଗୁଣର ଆଧିକ୍ୟରେ ଦୁର୍ଗୁଣ ହ୍ରାସ ହୋଇଗଲେ ଆସୁରୀ ଶକ୍ତିର ପ୍ରଭାବ କମ୍ ହୋଇଯାଏ । ଯେତେବେଳେ ଅଧ୍ୟାତ୍ମ-ସାଧକମାନଙ୍କର ସଂଖ୍ୟା କମ୍ ହୋଇଯାଏ ସେତେବେଳେ ଦୁର୍ଗୁଣ ବଢ଼େ ଓ ଆସୁରୀ ଶକ୍ତିର ପ୍ରଭାବ ବୃଦ୍ଧି ହୁଏ । ସଂସାରର ଏହି ସଂକଟ ସମୟରେ ଭଗବାନ୍ ଅବତାର ନେଇ ପୁନରାୟ ସତ୍ୟ-ରାଜ୍ୟ ସ୍ଥାପନ କରନ୍ତି । ସତ୍-ସ୍ୱରୂପ ଭଗବାନ୍ ଓ ଦିବ୍ୟଗୁଣ ଧାରଣ କରିବା ବ୍ୟକ୍ତି ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରାହିଁ ସଂସାରରେ ସତ୍ୟଗୁଣର ପ୍ରସାର ହୁଏ ଏବଂ ସଂସାର ସୁଚାରୁରୂପେ ପରିଚାଳିତ ହୁଏ । ସଂସାରରୁ ସତ୍ୟ ପୂର୍ଣ୍ଣରୂପେ ନାଶ ହେଲେ ମହାପ୍ରଳୟ ହୋଇଯାଏ, ଏଣୁ ଅଧ୍ୟାତ୍ମ-ସାଧକ ସଂସାରରେ ଅନୁପଯୋଗୀ ନୁହନ୍ତି । ସଂସାରକୁ ସତ୍ୟ ପଥରେ ପରିଚାଳନା କରିବା ନିମିତ୍ତ ସେମାନେ ଅତ୍ୟନ୍ତ ଆବଶ୍ୟକ । ସେହି ସକାଶେ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ସାଧାରଣ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ରାଜା ମହାରାଜା ଏବଂ ମୂର୍ଖରୁ ପଣ୍ଡିତ ପର୍ଯ୍ୟନ୍ତ ସେମାନଙ୍କୁ ସେବା କରୁଛନ୍ତି, ସମ୍ମାନ କରୁଛନ୍ତି, ସେମାନଙ୍କ ଦର୍ଶନରେ ନିଜକୁ କୃତାର୍ଥ ମଣୁଛନ୍ତି ।

ପ୍ରଶ୍ନ : ସଂସାରରେ ସତ୍ୟ, ଧର୍ମ, ନ୍ୟାୟର ପ୍ରସାର ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରା ହୁଏ । ଏହିସବୁ ସଦ୍‌ଗୁଣ ଯୋଗୁଁ ସଂସାରରେ ସାମଞ୍ଜସ୍ୟ ରହେ ଏବଂ ସଂସାର ସୁସଂଗତିରେ ପରିଚାଳିତ ହୁଏ । ଏହା ସତ୍ୟ, କିନ୍ତୁ ଅଧ୍ୟାତ୍ମ-ସାଧକମାନେ କର୍ମକୁ ତ୍ୟାଗ କରନ୍ତି । ଏହି କର୍ମ ତ୍ୟାଗର ପ୍ରଭାବ ସାଧାରଣ ଜନତା ଉପରେ ପଡ଼େ, ସେମାନଙ୍କର କର୍ମରୁ ରୁଚି କମ୍ ହୋଇଯାଏ । ବର୍ତ୍ତମାନ ବୈଜ୍ଞାନିକ ଯୁଗରେ ଯଦି ମନୁଷ୍ୟ କର୍ମତତ୍ପର ନ ହେବ ତେବେ ଦେଶର ଉନ୍ନତି ହେବ ନାହିଁ ଏବଂ ଅନ୍ୟ ଦେଶ ସଙ୍ଗେ ପାଦ ମିଳାଇ ଚାଲିପାରିବ ନାହିଁ । ଏହି କାରଣରୁ ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରା ଏକ ଦିଗରେ ଯେପରି ସଂସାରର ହିତ ହୁଏ ଅନ୍ୟ ଦିଗରେ ମଧ୍ୟ ସେହିପରି ସଂସାରର ଉନ୍ନତିରେ ବାଧାପଡ଼େ । ଏହା କ'ଣ ଯଥାର୍ଥ ନୁହେଁ ?

ଉତ୍ତର : ଏହି ପ୍ରଶ୍ନ ପୂର୍ଣ୍ଣତଃ ଯୁକ୍ତିଯୁକ୍ତ ନୁହେଁ । ଅଧ୍ୟାତ୍ମ ଧର୍ମ ଦ୍ୱାରା ସଂସାରକୁ କେବେ ବି କ୍ଷତି ହୋଇ ନାହିଁ । ସଂସାରର ସମୟୋପଯୋଗୀ ଆବଶ୍ୟକତା ଅନୁସାରେ ଭଗବାନ୍ ସ୍ୱୟଂ ଆସନ୍ତି ଅଥବା ନିଜ ବିଭୂତି ସ୍ୱରୂପ ମହାପୁରୁଷମାନଙ୍କୁ ପଠାଇ ଧର୍ମ ପ୍ରଚାର କରନ୍ତି । ସଂସାରୀ ବ୍ୟକ୍ତି ରଜୋଗୁଣରେ ଏପରି ଲିପ୍ତ ହୋଇ କର୍ମ କରୁଥିଲେ ଯେ ସେତେବେଳେ ଯଦି କର୍ମ ନିବୃତ୍ତି ମାର୍ଗରେ ଆଦର୍ଶ ଶିକ୍ଷା ଦିଆ ନ ହୋଇଥା'ନ୍ତା ତେବେ ଲୋକେ ଭଗବାନଙ୍କୁ ଏକେବାରେ ବିସ୍ମରଣ କରି ହିଂସାତ୍ମକ ରାଜସିକ କର୍ମ-ସ୍ରୋତରେ ବୁଡ଼ିଯାଇଥାନ୍ତେ । ସେନେଇ ସେହି ସମୟ ସକାଶେ ପୁରାତନ ଯୋଗରେ କର୍ମନିବୃତ୍ତି ଶିକ୍ଷା ଉଚିତ ଥିଲା ।

ବର୍ତ୍ତମାନ ଏହି ଆଣବିକ ଯୁଗରେ ପୂର୍ବ ଅଧ୍ୟାତ୍ମ-ଧର୍ମ ପରି କର୍ମ ତ୍ୟାଗ କଲେ ଚଳିବ ନାହିଁ, ଆଧ୍ୟାତ୍ମିକ ଶକ୍ତି ଦ୍ୱାରା କର୍ମକୁ ନିୟନ୍ତ୍ରଣ କରିବାକୁ ହେବ ଏବଂ ହିଂସା, ଦ୍ୱେଷ, ଈର୍ଷା, ଘୃଣାକୁ ରୂପାନ୍ତର କରି, ସମତା, ଶାନ୍ତି, ଅହିଂସା, ଭ୍ରାତୃତ୍ୱାଦି ଦିବ୍ୟଗୁଣ ସଂସାରରେ ସ୍ଥାପନ କରିବାକୁ ହେବ । ତେବେ ଯାଇ ସଂସାରରେ ସାମଞ୍ଜସ୍ୟ ସ୍ଥାପିତ ହେବ ।

ଏହି କାର୍ଯ୍ୟ କରିବା ସକାଶେ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଥିଲେ ।

ନିଜ ଜ୍ଞାନ-ଦୃଷ୍ଟିରେ ଦେଖିଲେ ଯେ ଉଚ୍ଚତର ଅତିମାନସ ଶକ୍ତି ଏହି ପୃଥିବୀରେ ଆସି ଶରୀର, ପ୍ରାଣ ଓ ମନକୁ ପୂର୍ଣ୍ଣ ରୂପାନ୍ତର ନ କଲେ କର୍ମ ଅଧ୍ୟାତ୍ମ-କ୍ରିୟାରେ ପରିଣତ ହୋଇପାରିବ ନାହିଁ କିଂବା ଆଧ୍ୟାତ୍ମିକତା ପୂର୍ବପରି ବରାବର ହ୍ରାସ ନ ହୋଇ ସ୍ଥାୟୀ ରୂପେ ରହିପାରିବ ନାହିଁ । ଶ୍ରୀଅରବିନ୍ଦ ଭଗବାନଙ୍କ ବିଧାନାନୁସାରେ ନିଜ ତପସ୍ୟା ବଳରେ ଅତିମାନସ ମହାଶକ୍ତିକୁ ୧୯୫୦ ମସିହାରେ ଉତାରି ଆଣିଥିଲେ । ସେହି ଶକ୍ତି ୧୯୫୬ ମସିହାରେ ପୃଥିବୀରେ ଆବିର୍ଭୂତ ହୋଇ ମା'ଙ୍କ ଦ୍ୱାରା ରୂପାନ୍ତର କ୍ରିୟା କରୁଅଛି । ସେହି ଅତିମାନସ ଶକ୍ତିହିଁ କେବଳ ମନ, ପ୍ରାଣ, ଶରୀର ଓ କର୍ମକୁ ରୂପାନ୍ତରିତ କରିପାରେ ଏବଂ ଏହି ମର୍ତ୍ତ୍ୟଲୋକରେ ସ୍ୱର୍ଗ ସ୍ଥାପନ କରି ତାକୁ ସ୍ଥାୟୀ ରୂପେ ରଖିପାରେ ।

(୩)

ନୈତିକତା ଓ ଆଧ୍ୟାତ୍ମିକତା

ପ୍ରଶ୍ନ : ନୈତିକତା ଓ ଆଧ୍ୟାତ୍ମିକତା ମଧ୍ୟରେ ପ୍ରଭେଦ କ'ଣ ? ଅଧ୍ୟାତ୍ମ-ସାଧକ କ'ଣ ନୈତିକ ନିୟମ ପାଳନ କରନ୍ତି ନାହିଁ ?

ଉତ୍ତର : ନୈତିକ ନିୟମ ମନ, ବୁଦ୍ଧି, ବିଚାର ଦ୍ୱାରା ପାଳିତ ହୁଏ, ଆଧ୍ୟାତ୍ମିକତା ଅନ୍ତରାତ୍ମା ଅର୍ଥାତ୍ ଭଗବାନଙ୍କ ଦ୍ୱାରା ନିର୍ଦ୍ଦେଶିତ ହୁଏ । ଅଧ୍ୟାତ୍ମ-ସାଧକ ସତ୍ୟରେ ନିବାସ କରନ୍ତି, ସତ୍ୟରେ ପରିଚାଳିତ ହୁଅନ୍ତି, ସତ୍ୟଦୃଷ୍ଟିରେ କାର୍ଯ୍ୟ କରନ୍ତି ।

ଅଧ୍ୟାତ୍ମ-ସାଧକ ନୀତିବାଦୀଙ୍କ ପରି ନୈତିକତାକୁ ତାହାର ସୀମାରେ ଆବଦ୍ଧ ରଖି କଠୋରଭାବେ ପାଳନ କରନ୍ତି ନାହିଁ, ସେ ପାଳନ କରନ୍ତି ତା' ମଧ୍ୟଦେଇ ଆଧ୍ୟାତ୍ମିକତାରେ ପ୍ରବେଶ କରିବା ସକାଶେ । ନୈତିକତାର ଅଧିକାଂଶ ନିୟମ ମନ-ନିର୍ମିତ; ଦେଶ, କାଳ, ପାତ୍ର ଓ ସମାଜ ଅନୁସାରେ ନିର୍ଦ୍ଧାରିତ ଓ ପରିବର୍ତ୍ତିତ ହୁଏ । ସତ୍ୟ, ଅହିଂସାଦି ଧର୍ମ ଯଦ୍ୟପି ନୈତିକତାର ଅନ୍ତର୍ଗତ ତଥାପି ତାହା ମନ, ବୁଦ୍ଧି, ବିଚାର ଏବଂ କର୍ତ୍ତବ୍ୟ ବୁଦ୍ଧି ଦ୍ୱାରା କଠୋରଭାବେ ପାଳିତ ହେଉଥିବାରୁ ବହୁତ ସମୟରେ ଯଥାର୍ଥ ସତ୍ୟଦୃଷ୍ଟିରେ ତାହାର ପରଣାମ ହୁଏ ବିପରୀତ । ନୀତିବାଦୀ ଆତ୍ମା ଅଥବା ଭଗବାନଙ୍କ ମଧ୍ୟରେ ବାସ କରୁ ନ ଥିବାରୁ ସେ ସତ୍ୟ-ଦୃଷ୍ଟି ପ୍ରାପ୍ତ କରିପାରେ ନାହିଁ; ସେନେଇ ଯଥାର୍ଥ ସତ୍ୟ, ଯଥାର୍ଥ ଅହିଂସା ନିର୍ଣ୍ଣୟ ଓ ପାଳନ କରିବାରେ ଅସମର୍ଥ ହୁଏ ।

ଆଧ୍ୟାତ୍ମିକତା ଭାଗବତ ଧର୍ମ – ସ୍ୱତଃପ୍ରକାଶିତ ଓ ପରମ ସତ୍ୟ; ନୈତିକତା ନିୟମଠାରୁ ଏକେବାରେ ପୃଥକ୍ । ନୀତିବାଦୀ ପରିଚାଳିତ ହୁଏ ଅପ୍ରକାଶିତ ସୀମିତ ବୁଦ୍ଧି ଦ୍ୱାରା ହାତ ଅଣ୍ଡାଳି । ଅଧ୍ୟାତ୍ମବାଦୀ ପରିଚାଳିତ ହୁଏ ପରମ ସତ୍ୟ, ସ୍ୱତଃପ୍ରକାଶ ଭଗବାନଙ୍କ ଦ୍ୱାରା ଅଥବା ଭଗବତ୍ ସ୍ୱରୂପ ଆତ୍ମା ଦ୍ୱାରା । ନୈତିକତାର ଶେଷ ସୀମାରେ ଆଧ୍ୟାତ୍ମିକତାର ଆରମ୍ଭ ହୁଏ । ଆଧ୍ୟାତ୍ମିକ ପ୍ରଦେଶରେ ପ୍ରବେଶ କରିବା ପୂର୍ବରୁ ନୈତିକତାକୁ ତ୍ୟାଗ କରିବା ଉଚିତ ନୁହେଁ । ନୈତିକତାରେ କେତେକ ନିୟମ ଦେଶଗତ । ଅର୍ଥାତ୍ ଗୋଟିଏ ଦେଶରେ ଯେଉଁ ନିୟମ ମହାନ୍ ଧର୍ମ, ଅନ୍ୟ ଦେଶରେ ତାହାହିଁ ମହାନ୍ ପାପ । ଯେପରି ଉତ୍ତର ଭାରତରେ ଭଉଣୀର କନ୍ୟା ଭାଣିଜୀ ନିଜ କନ୍ୟା ତୁଲ୍ୟା; ତା' ପ୍ରତି କୁଦୃଷ୍ଟି ଦେବାର ଅର୍ଥ ନିଜ କନ୍ୟା ପ୍ରତି କୁଦୃଷ୍ଟି ଦେବା । କିନ୍ତୁ ଦକ୍ଷିଣ ଭାରତରେ ସାଧାରଣ ଲୋକଙ୍କ ଘରେ ନୁହେଁ, ଶ୍ରୋତ୍ରୀୟ ବ୍ରାହ୍ମଣ ପଣ୍ଡିତ ଘରେ ମାମୁ ସହିତ ଭାଣିଜୀର ବିବାହ ସମ୍ବନ୍ଧ ଅତି ପବିତ୍ର । ଆଜି ପର୍ଯ୍ୟନ୍ତ ବି ଏହା ଚାଲୁଅଛି ।

ଉତ୍ତର ଭାରତରେ ଏହି ସମ୍ବନ୍ଧ ଏତେ କଳୁଷିତ ଯେ ସେମାନେ ଶୁଣିଲେ କାନରେ ହାତ ଦେବେ । ଏହିପରି ନୈତିକତାରେ ବହୁତ ନିୟମ ଅଛି, ଯାହା ସମୟାନୁସାରେ ପରିବର୍ତ୍ତିତ ହୁଏ, ଯେପରି ବର୍ଣ୍ଣଧର୍ମ ପାଳନ କରିବା ଏବଂ ଶିଖା ଧାରଣ କରିବା ଇତ୍ୟାଦି । ଏହା ପୂର୍ବେ ଏକେବାରେ କଠୋର ନିୟମ ଥିଲା, କାଳକ୍ରମେ ଆଜି ଏପରି ପରିବର୍ତ୍ତିତ ହୋଇଛି ଯେ ଶିକ୍ଷିତ ବ୍ୟକ୍ତି ଜାତିଭେଦରେ ଘୃଣା କରୁଛନ୍ତି । ଓଡ଼ିଶା ଓ ବଙ୍ଗଦେଶରେ ଶିଖା (ଚୁଟି) ଦେଖିବାକୁ ମିଳେ ନାହିଁ, କଠୋର ନୀତିବାଦୀ ଉତ୍ତର ପ୍ରଦେଶରେ ମଧ୍ୟ ଏହି ପ୍ରଭାବ ପଡ଼ିବାକୁ ଆରମ୍ଭ କଲାଣି ।

ଆଧ୍ୟାତ୍ମିକ ନିୟମ : ଶାନ୍ତି, ଆନନ୍ଦ, ଭାଗବତ ପ୍ରେମ, ଭକ୍ତି, ଜ୍ଞାନ ଏହିସବୁ ପ୍ରତ୍ୟେକ ଦେଶରେ ସବୁ କାଳରେ, ସବୁ ବ୍ୟକ୍ତିଙ୍କ ସକାଶେ ଏକହି ପ୍ରକାରର । ଏହା ଭଗବାନଙ୍କ ଦିବ୍ୟଗୁଣ; ସର୍ବଦା ସର୍ବସ୍ଥାନରେ ଅପରିବର୍ତ୍ତନୀୟ । ସତ୍ୟ, ସନ୍ତୋଷ, ଦୟା, କ୍ଷମାବ୍ରତ ପାଳନ କରିବା, ଅହିଂସା ଆଚରଣ କରିବା, ପରୋପକାର କରିବା, ଶ୍ରେଷ୍ଠଙ୍କୁ ସମ୍ମାନ କରିବା, ଲଘୁଙ୍କୁ ସ୍ନେହ କରିବା, ସତ୍‌ଶାସ୍ତ୍ର ଅନୁସାରେ ସତ୍ୟ କହିବା ଇତ୍ୟାଦି ହେଲା ନୈତିକତା । ଯଦି ନୀତିବାଦୀ କଠୋରଭାବେ ଏହି ନିୟମକୁ ପାଳନ କରି ଏହି ସୀମାରେ ଆବଦ୍ଧ ନ ହୋଇ ପ୍ରତ୍ୟେକ କର୍ମକୁ ଭଗବାନଙ୍କୁ ଅର୍ପଣ କରେ, ତେବେ ଏହା ଦ୍ୱାରା ହୃଦୟ ଶୁଦ୍ଧ ହୁଏ ଏବଂ ସେ କ୍ରମଶଃ ଶାସ୍ତ୍ରର ରହସ୍ୟ, ଶରୀର ଧାରଣ କରିବାର ଉଦ୍ଦେଶ୍ୟ ବୁଝିପାରେ । ଭଗବାନଙ୍କୁ ପ୍ରାପ୍ତ କରିବା ପ୍ରତ୍ୟେକ ଜୀବନର ଲକ୍ଷ୍ୟ ବୋଲି ତାକୁ କ୍ରମଶଃ ସ୍ପଷ୍ଟ ହେବାକୁ ଲାଗେ ଏବଂ ସେହି ମାର୍ଗରେ ସେ ଆରୂଢ଼ ହୁଏ । ଭଗବତ୍ ପ୍ରାପ୍ତି ଅର୍ଥାତ୍ ଅଧ୍ୟାତ୍ମ-ମାର୍ଗରେ ଆରୂଢ଼ ହେବା ମାତ୍ରେ, ନୈତିକତାକୁ ସଂପୂର୍ଣ୍ଣରୂପେ ବର୍ଜନ କରାହୁଏ ନାହିଁ । ଏହା ହୁଏ ସ୍ୱତଃ ଓ କ୍ରମଶଃ । ଯେପରି କୌଣସି ଜଳପୂର୍ଣ୍ଣ ପାତ୍ରରେ ଅନ୍ୟ କିଛି ବସ୍ତୁ ରଖିବାକୁ ଆରମ୍ଭ କଲେ ଯେତେ ପରିମାଣରେ ବସ୍ତୁ ପ୍ରବେଶ କରେ, ତେତେ ପରିମାଣରେ ଜଳ ସ୍ୱତଃ ବାହାରିପଡ଼େ, ଠିକ୍ ସେହିପରି ଆଧ୍ୟାତ୍ମିକତା । ଆଧ୍ୟାତ୍ମିକ ସାଧକର ମନ-ପ୍ରାଣ-ଶରୀର ଭଗବାନଙ୍କ ସଙ୍ଗେ ପୂର୍ଣ୍ଣରୂପେ ଏକ ହୋଇଗଲେ, ସେ ପ୍ରତ୍ୟେକ ପ୍ରେରଣା ପାଏ ଭଗବାନଙ୍କଠାରୁ । ଏହା ହଠାତ୍ ବା ଗୋଟିଏ ଦିନରେ ପୂର୍ଣ୍ଣ ହୁଏ ନାହିଁ । କିନ୍ତୁ ଯେତେ ପରିମାଣରେ ଅଧ୍ୟାତ୍ମ-ପ୍ରେରଣା ଆସେ, ତେତେ ପରିମାଣରେ ନୈତିକ ନିୟମ ତ୍ୟାଗ ହୋଇଯାଏ । ମନୁଷ୍ୟ ସକାଶେ ନୈତିକତା ଅପରିହାର୍ଯ୍ୟ, ନୈତିକତା ଛଡ଼ା ବ୍ୟକ୍ତି ସ୍ଥୂଳରୂପରେ ମନୁଷ୍ୟ, କିନ୍ତୁ ଆଚରଣରେ ପଶୁ । ସୁତରାଂ ମନୁଷ୍ୟର ନୈତିକତା ପ୍ରଥମ ଅବସ୍ଥା । ତାହାର ଶେଷ ଅବସ୍ଥା ଆଧ୍ୟାତ୍ମିକତା ।

ପ୍ରଶ୍ନ : ସାଧକ ଆଧ୍ୟାତ୍ମିକତାକୁ ପୂର୍ଣ୍ଣରୂପେ ପ୍ରାପ୍ତ ହେଲେ, ଅର୍ଥାତ୍ ଆତ୍ମାରେ ବାସ କଲେ କିଂବା ଭଗବାନଙ୍କ ସଙ୍ଗେ ଏକ ହୋଇଗଲେ, ଉପରେ କୁହା ହୋଇଥିବା ନୈତିକ ନିୟମ ଓ ତ୍ରିଗୁଣ ସ୍ୱତଃ ତ୍ୟାଗ ହେବା ପରେ, ସେ କେଉଁ ଗୁଣରେ ବିଭୂଷିତ ହୁଅନ୍ତି ?

ଉତ୍ତର : ସେ ହୁଅନ୍ତି ଗୁଣାତୀତ; ଭଗବାନଙ୍କ ସଙ୍ଗେ ଏକ, ଭଗବାନଙ୍କ ଦ୍ୱାରା ଚାଳିତ; ସତ୍ୟ, ସନ୍ତୋଷ, ଦୟା, କ୍ଷମା ଆଦି ସମସ୍ତ ଦିବ୍ୟଗୁଣର ଭଣ୍ଡାର । ଅଧ୍ୟାତ୍ମ-ସାଧକର ନୈତିକତାର ତ୍ୟାଗ ହୁଏ, କିନ୍ତୁ ସତ୍ୟ, ସନ୍ତୋଷ, ଅହିଂସାଦି ତ୍ୟାଗ ହୁଏ ନାହିଁ । ସେ ଭଗବାନଙ୍କ ମଧ୍ୟରେ ବାସ କରିବାରୁ ଭଗବାନଙ୍କର ଏହିସବୁ ଦିବ୍ୟଗୁଣ ତାଙ୍କ ମଧ୍ୟରେ ସ୍ୱତଃ ପ୍ରତିଷ୍ଠିତ ହୁଏ ଏବଂ ତାଙ୍କର ସ୍ୱଭାବରେ ପରିଣତ ହୁଏ । ସ୍ୱାଭାବିକ ରୂପେ ସେ ଗୁଣରେ ଆସକ୍ତ ହୁଅନ୍ତି ନାହିଁ କିଂବା ଏହାକୁ ଜୀବନର ଚରମ ଲକ୍ଷ୍ୟ ବୋଲି ମାନନ୍ତି ନାହିଁ । ତାଙ୍କର ଚରମ ଲକ୍ଷ୍ୟ ଭଗବାନ୍ । ତାଙ୍କର ଏହି ସତ୍ୟାଦି ଗୁଣରେ ଆସକ୍ତି ନ ହେବାରୁ ସେ ହୁଅନ୍ତି ଗୁଣାତୀତ । ସେ ପ୍ରାପ୍ତ କରନ୍ତି ପୂର୍ଣ୍ଣ ପ୍ରକାଶ ଓ ପୂର୍ଣ୍ଣ ସତ୍ୟଦୃଷ୍ଟି । ତାଙ୍କ ପାଖରେ ସତ୍ୟର ଯଥାର୍ଥ ସ୍ୱରୂପ ପ୍ରକାଶ ପାଏ । ନୈତିକ ଦୃଷ୍ଟିରେ ଯାହା ଅସତ୍ୟ ଅଧର୍ମ ବୋଲି ଭ୍ରମବଶତଃ ପ୍ରତୀତ ହୁଏ, ତାହା ସତ୍ୟ ଦୃଷ୍ଟିରେ ଠିକ୍ ତାହାର ବିପରୀତ ହୋଇପାରେ ।

ଅଧ୍ୟାତ୍ମ-ସାଧକ ତୁଲ୍ୟ ସତ୍ୟାଦି ଦିବ୍ୟଗୁଣ ଓ ସତ୍ୟଦୃଷ୍ଟି ନୈତିକବାଦୀ ମଧ୍ୟରେ ସ୍ୱତଃ ପ୍ରତିଷ୍ଠିତ ହୋଇ ନ ଥାଏ । ସ୍ୱଭାବ-ପ୍ରେରଣାରେ ତାହାଦ୍ୱାରା ଯଥାର୍ଥ ସତ୍ୟ ଆଚରଣ ହୁଏ ନାହିଁ । କାରଣ ସତ୍ୟର ଉଦ୍‌ଗମ ସ୍ଥାନ ଭଗବାନ୍, ସେ ତାଙ୍କ ମଧ୍ୟରେ ବାସ କରେ ନାହିଁ । ସୀମିତ ଅପ୍ରକାଶ ମନ, ନିର୍ଦ୍ଧାରିତ ନୀତି ନିୟମ ଅନୁସାରେ ଅନ୍ଧପରି ହାତ ଅଣ୍ଡାଳି ସତ୍ୟକୁ ଖୋଜେ । ଅନିର୍ଦ୍ଦିଷ୍ଟ ଭାବରେ ଏହି ନିୟମରେ ଯଦି ଯଥାର୍ଥରେ ସତ୍ୟ ପଡ଼ିଯାଏ ତେବେ ତାହା ପାଳିତ

ହୁଏ, ନଚେତ୍ ବହୁତ ସମୟରେ ସତ୍ୟ ଭ୍ରମରେ ଅସତ୍ୟକୁହିଁ ଆଚରଣ କରାହୁଏ । ନୈତିକ ଆଉ ଆଧ୍ୟାତ୍ମିକ କ୍ରିୟା ବାହ୍ୟ ଆଚରଣରେ ସ୍ୱରୂପତଃ ଏକ ପ୍ରତୀତ ହେବାରୁ ଉଭୟ ମଧ୍ୟରେ ପ୍ରଭେଦ ବୁଝିବା ଅଧିକାଂଶ ବ୍ୟକ୍ତିଙ୍କ ପକ୍ଷେ ଦୁରୂହ ହୋଇପଡ଼େ ।

ଯେପରି ପିତା, ମାତା, ପତି ଓ ଦରିଦ୍ର, ରୋଗୀ ଆଉ ବ୍ୟକ୍ତି, ସମାଜ ଓ ଦେଶ,— ଏମାନଙ୍କ ସେବା ଇତ୍ୟାଦି ସମସ୍ତ ଗୁଣ ଦିବ୍ୟ । ନୀତିବାଦୀ ଓ ଅଧ୍ୟାତ୍ମବାଦୀ ଉଭୟେ ଆଚରଣ କରିପାରନ୍ତି । ବାହ୍ୟତଃ ଏହି ଗୁଣ ଏହିସବୁ କର୍ମ ଉଭୟଙ୍କର ପ୍ରକାରରେ ଏକ । କିନ୍ତୁ ଭାବରେ ଭିନ୍ନତା ହେବାରୁ, ଏକ ବ୍ୟକ୍ତି ସକାଶେ ଏହା ହୁଏ ନୀତି ଏବଂ ତ୍ରିଗୁଣ, ସୁବର୍ଣ୍ଣ ଜଞ୍ଜିରରୂପେ ବନ୍ଧନ; ଅନ୍ୟ ବ୍ୟକ୍ତି ସକାଶେ ହୁଏ ଗୁଣାତୀତ । ପ୍ରଥମ ବ୍ୟକ୍ତିର ଭାବ ଥାଏ କର୍ତ୍ତବ୍ୟବୋଧ, ଧର୍ମବୋଧ । ସେ ସେଥିରେ ପ୍ରେରିତ ହୋଇ ଏହି ନୀତି ଆଚରଣ କରେ । ଏହା ଆଚରଣ ନ କଲେ ସେ ଅଧର୍ମୀ ହେବ ଏବଂ ପତିତ ହେବ । ଅନ୍ୟ ବ୍ୟକ୍ତି ଧର୍ମ-ଅଧର୍ମର ଧାରଣାର ଊର୍ଦ୍ଧ୍ୱରେ, ସେ ଆତ୍ମା ଅଥବା ଭଗବାନଙ୍କ ମଧ୍ୟରେ ବାସ କରେ । ପୂର୍ଣ୍ଣ ପ୍ରକାଶରେ ଭଗବାନଙ୍କ ଦ୍ୱାରା ଚାଳିତ ହୋଇ ଭଗବାନଙ୍କ ନିର୍ଦ୍ଦେଶରେ ଯନ୍ତ୍ରବତ୍ କାର୍ଯ୍ୟ କରେ । ସେହି କାର୍ଯ୍ୟ ଧର୍ମ ହେଉ ବା ଅଧର୍ମ ହେଉ, ତାହା ପ୍ରତି ଲେଶମାତ୍ର ଭ୍ରୂକ୍ଷେପ କରେ ନାହିଁ । କାରଣ ସେ ଆତ୍ମାରେ ବାସ କରେ ଏବଂ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ନିଜକୁ ଦେଖେ । ସେନେଇ ତାହାର କୌଣସି ପ୍ରାଣୀ ପ୍ରତି ଶତ୍ରୁତା ବା ମିତ୍ରତା ନ ଥାଏ । ସେ କୌଣସି ସ୍ୱାର୍ଥରେ ବଶୀଭୂତ ହୋଇ କାର୍ଯ୍ୟ କରେ ନାହିଁ । ସେହି ସକାଶେ ତାହାର କୌଣସି କର୍ମରେ ଆସକ୍ତି ନ ଥାଏ । ସେ ଭଗବାନଙ୍କ ପ୍ରେରଣାରେ ଗୁରୁଜନ, ସ୍ତ୍ରୀ, ମାତା, ପିତା, ଭ୍ରାତୃ-ବଧ ଆଦି ଜଘନ୍ୟ କାର୍ଯ୍ୟ କରିପାରେ । ନୈତିକ ଦୃଷ୍ଟିରେ ଏହା ଦୁର୍ନିବାର ପାପ-କର୍ମ ବୋଲି ପ୍ରତୀତ ହେଲେ ସୁଦ୍ଧା ସେ ଏହାକୁ ଲେଶମାତ୍ର ଭୟ ବା ଚିନ୍ତା କରେ ନାହିଁ । ଏହି ପାପ ମଧ୍ୟ ତାକୁ ସ୍ପର୍ଶ କରିପାରେ ନାହିଁ । କାରଣ ସେ ବାସ କରେ ଭଗବାନଙ୍କ ମଧ୍ୟରେ, ଭଗବାନଙ୍କ ପାଖରେ ପାପ ପହଞ୍ଚି ପାରେ ନାହିଁ । ଅନ୍ୟ ଭାଷାରେ କହିଲେ ତାହାର ଏହି ହିଂସା, ଦ୍ୱେଷ, କର୍ତ୍ତବ୍ୟ-ବୁଦ୍ଧି ନ ଥାଏ । ସେ ମନରେ ଚାଳିତ ହୁଏ ନାହିଁ । ସେହି କାରଣରୁ ଏହି ହତ୍ୟା କାର୍ଯ୍ୟରେ ପାପର ଉତ୍ପତ୍ତି ହୁଏ ନାହିଁ ।

ଯେପରି ପରଶୁରାମ ମାତା ଆଉ ଭ୍ରାତାଙ୍କୁ ବଧ କଲେ, ଅର୍ଜୁନ ଗୁରୁଜନଙ୍କୁ ବଧ କଲେ, ହନୁମାନ ଲଙ୍କା-ଦହନ ସମୟରେ ସ୍ତ୍ରୀ, ବାଳକ, ପଳାୟିତ, ନିଦ୍ରିତ ବ୍ୟକ୍ତିଙ୍କୁ ପୋଡ଼ି ମାରିଥିଲେ । ଏହିସବୁ ନୈତିକତା ଦୃଷ୍ଟିରେ ପାପ ହୋଇପାରେ, କିନ୍ତୁ ଏହି କର୍ମ ଭଗବତ୍ ପ୍ରେରଣାରେ ସମ୍ପାଦିତ ହୋଇଥିବାରୁ ଏହା ପରମ ଧର୍ମରେ ପରିଣତ ହୋଇଥିଲା । କର୍ତ୍ତୃତ୍ୱାଭିମାନ ନ ଥିଲେ କର୍ମ ହୁଏ ନିଷ୍କର୍ମ । ଯେବେ ପ୍ରେରକ ଭଗବାନ୍, କରିବା ବ୍ୟକ୍ତି ଯଦି ଆତ୍ମସ୍ଥ ଏବଂ ଯନ୍ତ୍ର ତେବେ ଯନ୍ତ୍ରକୁ କର୍ମର ଦୋଷଗୁଣ ସ୍ପର୍ଶ ବା କରିବ କିପରି ? ଯେପର୍ଯ୍ୟନ୍ତ ମନୁଷ୍ୟ ଅଧ୍ୟାତ୍ମ-ଚେତନା ପ୍ରାପ୍ତ କରି ଆତ୍ମାରେ ବାସ ନ କରିଛି, ଭଗବାନଙ୍କ ଦ୍ୱାରା ଚାଳିତ ହୋଇ ଯଥାର୍ଥ ଦୃଷ୍ଟି ପ୍ରାପ୍ତ ନ କରିଛି, ସେପର୍ଯ୍ୟନ୍ତ ସେ କେତେ ବଡ଼ ନୈତିକ ଆଦର୍ଶର କାମ କରୁ ନା କାହିଁକି, ତାହା ଭଗବାନଙ୍କ ସଂକଳ୍ପର ବିରୋଧ ହୋଇପାରେ । ସେହି ସତ୍-କର୍ମ ଦ୍ୱାରା ଅଧର୍ମ ମଧ୍ୟ ହୋଇପାରେ ।

କାରଣ ନୀତିବାଦୀର ଅନ୍ତରରେ କାମ, କ୍ରୋଧ, ଲୋଭ, ମୋହ, ମତ୍ସର, ହିଂସା, ଦ୍ୱେଷ ବିଦ୍ୟମାନ ଥାଏ । ସେ ମାନସିକ ଧର୍ମ-ବିଚାର ଦ୍ୱାରା ଏହି ସବୁର ପ୍ରେରଣା, କାମନା, ବାସନା, ହିଂସା, ଦ୍ୱେଷ ଓ ସ୍ୱାର୍ଥକୁ ଚାପିଦେଇ ବାହ୍ୟକର୍ମ ଓ ବଚନରେ ଅହିଂସା, ସତ୍ୟ ଆଚରଣ କରେ । ଅନ୍ତରରେ ଅସତ୍‌ରେ ବାସ କରି କେବଳ ଶବ୍ଦରେ ସତ୍ୟ କହେ । ବହୁତ ସମୟରେ ଭିତରେ ଚାପ ପଡ଼ିଥିବା ହିଂସା, ସ୍ୱାର୍ଥ, କାମାଦି ପ୍ରବଳ ବେଗରେ ନୈତିକତାକୁ ନିଜ ସ୍ରୋତରେ ଭସାଇ ନେଇଯାଏ । ସେହି ନୀତିବାଦୀ ଦ୍ୱାରା ହୁଏ ପ୍ରବଳ ଅନୀତି । ଯେପର୍ଯ୍ୟନ୍ତ ନୀତିବାଦୀ ଆଧ୍ୟାତ୍ମିକତାରେ ପ୍ରବେଶ ନ କରିଛି, ସେପର୍ଯ୍ୟନ୍ତ ତାହାଦ୍ୱାରା ସ୍ଥାୟୀ ଭାବେ କୌଣସି ସତ୍‌କର୍ମ ସମ୍ପାଦିତ ହେବା ସମ୍ଭବପର ନୁହେଁ । ଆଜି ମଧ୍ୟ ଆମ୍ଭେମାନେ ନୀତିବାଦୀମାନଙ୍କୁ ନିଜ ଚକ୍ଷୁରେ ଦେଖୁଥାଇ । ନୀତିବାଦୀର ବାହ୍ୟକର୍ମ ହୁଏ ତାହାର ଆନ୍ତର ସ୍ଥିତିର ବିପରୀତ; ଯେପରି ଗୋବରରେ ଗଠିତ କଣ୍ଢେଇ ଉପରେ ନାନା ପ୍ରକାର ରଙ୍ଗରେ ରୂପ ଅଙ୍କନ କରି ସୁନ୍ଦର କରି ଦିଆହୋଇଥାଏ ।

କିନ୍ତୁ ଅଧ୍ୟାତ୍ମବାଦୀ ସତ୍ୟ ଓ ଆତ୍ମାରେ ବାସ କରେ । ସର୍ବ ସ୍ଥାନରେ ଆତ୍ମ-ସ୍ୱରୂପ ଭଗବାନଙ୍କୁ ଦେଖେ । ନିଜେ

ଆତ୍ମ-ସ୍ୱରୂପ ହୋଇଥିବାରୁ ସମସ୍ତ ପ୍ରାଣୀ ମଧ୍ୟରେ ସେ ନିଜକୁ ଦେଖେ ଏବଂ ନିଜ ମଧ୍ୟରେ ସମସ୍ତ ଜଗତକୁ ଦେଖେ । ସୁତରାଂ ତାହାର ଶତ୍ରୁ-ମିତ୍ର ଆସିବେ କେଉଁଠୁ ? ରାଗ ଦ୍ୱେଷାଦି ହେବ କାହା ପ୍ରତି ? ସ୍ୱାର୍ଥସିଦ୍ଧି ହେବ କାହା ସକାଶେ ? ତାହାଠାରୁ ଭିନ୍ନ ଯଦି କେହି ଥିବ ତେବେ ନା ? ସେ ତ' ଆତ୍ମ-ଜ୍ଞାନରେ ପ୍ରାଣୀ ସହିତ ଏକ ଓ ଅଭିନ୍ନ । ତାହାର ପ୍ରତ୍ୟେକ କାର୍ଯ୍ୟ ହୁଏ ଭଗବାନଙ୍କ ସଂକଳ୍ପ ଓ ତାଙ୍କ ନିର୍ଦ୍ଦେଶରେ । ବାହ୍ୟ ଦୃଷ୍ଟିରେ ତାହାଦ୍ୱାରା ଯଦି ନୈତିକ ବିରୋଧୀ ହିଂସା ଆଦି କାର୍ଯ୍ୟ ଦେଖାଯାଏ ସେଥିରେ ତାହାର ବ୍ୟକ୍ତିଗତ ଅଭିପ୍ରାୟ ନ ଥାଏ । କାରଣ ସେ ଅହଂଯୁକ୍ତ ପୃଥକ୍ ବ୍ୟକ୍ତି ନ ଥାଏ । ଆତ୍ମ-ଜ୍ଞାନରେ ସଙ୍ଗେ ସଙ୍ଗେ ଅହଂଯୁକ୍ତ ବ୍ୟକ୍ତିତ୍ୱ ନଷ୍ଟ ହୋଇଯାଇଥାଏ । ବ୍ରଜ-ବ୍ରାହ୍ମଣୀ ଗୋପୀଗଣ ଏବଂ ବ୍ରଜ-ଯାଜ୍ଞିକ ବିପ୍ରମାନଙ୍କ ଚରିତ୍ରରୁ ଆଧ୍ୟାତ୍ମିକତା ଓ ନୈତିକତାରେ ପାର୍ଥକ୍ୟ ଆସ୍ତେମାନେ ଦେଖିପାରିବା ।

ଶ୍ରୀମଦ୍ଭାଗବତରେ ବର୍ଣ୍ଣିତ ବ୍ରଜର ଯାଜ୍ଞିକ ବ୍ରାହ୍ମଣମାନେ ଥିଲେ ସଦାଚାରୀ, କର୍ମନିଷ୍ଠ ଓ ବେଦପାଠୀ; ଯଜ୍ଞ ଓ ହୋମ କାର୍ଯ୍ୟରେ ନିପୁଣ । କିନ୍ତୁ ସେମାନଙ୍କର ସମସ୍ତ କର୍ମ ଆଡ଼ମ୍ବରଶୂନ୍ୟ କଠୋର ନୈତିକ ବିଧାନାନୁସାରେ ପାଳିତ ହେଉଥିଲା ।

ଶ୍ରୀକୃଷ୍ଣ ଭଗବାନ୍ ମନୁଷ୍ୟରୂପେ ଅବତାର ନେଇ କଂସ ଭୟରେ ମଥୁରାରୁ ଆସି ନନ୍ଦ ଓ ଯଶୋଦାଙ୍କୁ ପିତାମାତା ରୂପେ ସ୍ୱୀକାର କରି ତାଙ୍କ ଦ୍ୱାରା ଲାଳିତ-ପାଳିତ ହୋଇଥିଲେ । ନନ୍ଦ ଥିଲେ ଗୋପାଳ । ତାଙ୍କ କୁଳ-ଧର୍ମ ଅନୁସାରେ ପରଂବ୍ରହ୍ମ ପରମାତ୍ମା ଭକ୍ତ ଭାବରେ ବଶୀଭୂତ ହୋଇ ଭକ୍ତମାନଙ୍କୁ ଉଦ୍ଧାର ଓ ପ୍ରେମ ପ୍ରଦାନ କରିବା ସକାଶେ ଗୋ-ଚାରଣ ଲୀଳା ଆରମ୍ଭ କଲେ । ଦିନେ ନିଜ ସଖା ଗୋପ ବାଳକମାନଙ୍କ ସଙ୍ଗେ ଗୋରୁ ଚରାଇ ବହୁଦୂରକୁ ଚାଲିଗଲେ । ସଖାମାନଙ୍କ ସହ ନିଜେ କ୍ଷୁଧାରେ ପ୍ରପୀଡ଼ିତ ହୋଇ ସଖାମାନଙ୍କୁ କହିଲେ, ''ଆସ୍ତେମାନେ ବହୁତ ଦୂର ଚାଲି ଆସିଛୁ; ଘରୁ ଭୋଜନ ଆଣିବା ସମ୍ଭବ ନୁହେଁ । ତୁସ୍ତେମାନେ ଏହି ଯଜ୍ଞ-ଧୂମକୁ ଲକ୍ଷ୍ୟ କରି ସେଠାକୁ ଯାଅ । ସେଠାରେ ବେଦଜ୍ଞ ବ୍ରାହ୍ମଣମାନେ ଯଜ୍ଞ କରୁଛନ୍ତି; ସେମାନଙ୍କଠାରୁ ଆସ୍ତମାନଙ୍କ ସକାଶେ ଅନ୍ନଭିକ୍ଷା କରି ଆଣ ।''

ଶ୍ରୀକୃଷ୍ଣଙ୍କ ଆଜ୍ଞାନୁସାରେ ଗୋପ ବାଳକମାନେ ଯାଇ ବ୍ରାହ୍ମଣମାନଙ୍କୁ ଅଭିବାଦନ କରି ଶ୍ରୀକୃଷ୍ଣଙ୍କ କ୍ଷୁଧା-ପ୍ରପୀଡ଼ିତ ଅବସ୍ଥା ବର୍ଣ୍ଣନା କରି ତାଙ୍କ ସକାଶେ ଭୋଜନ ପ୍ରାର୍ଥନା କଲେ । ବ୍ରାହ୍ମଣମାନେ କର୍ମରେ ତତ୍ପର । କର୍ମର କଠୋର ବିଧି-ବିଧାନରେ ସେମାନଙ୍କ ମନ ଆବଦ୍ଧ ଏବଂ ଅନ୍ତର୍ଦୃଷ୍ଟି ଓ ଅନ୍ତର-ପ୍ରେରଣାର ଅଭାବ । ଫେରେ କର୍ମର ଆରାଧ୍ୟ, ପରମ ଫଳ, ଆତ୍ମାର ଆତ୍ମା ଭଗବାନଙ୍କୁ ଚିହ୍ନିବ କିଏ ! କର୍ମନିଷ୍ଠ ବ୍ୟକ୍ତିଙ୍କର ବାହ୍ୟ-କର୍ମ ଓ ବାହ୍ୟ-ଦୃଷ୍ଟି ଛଡ଼ା ଅନ୍ୟ କ'ଣ ? ଯଦ୍ୟପି ଭଗବାନଙ୍କ ଶ୍ରୀମୁଖର ପରାବାଣୀ, ତାଙ୍କ ସଖା ପରମ ଭାଗବତ ଗୋପ ବାଳକମାନଙ୍କ ଦ୍ୱାରା ସେମାନେ ଶୁଣିଲେ ଏବଂ ସେହି ନିତ୍ୟ ମୁକ୍ତ ଗୋଲୋକବାସୀଙ୍କ ଦର୍ଶନ ପାଇଲେ, ତଥାପି ତାହା ସେମାନଙ୍କ ନୈତିକ କର୍ମକାଣ୍ଡ ରୂପକ କଠୋର ପ୍ରାଚୀରକୁ ଭେଦକରି ତତ୍କ୍ଷଣାତ୍ କାର୍ଯ୍ୟ କରିପାରିଲା ନାହିଁ । ସେମାନଙ୍କ ହୃଦୟର ଆବରଣ ତତ୍କ୍ଷଣାତ୍ ଦୂରୀଭୂତ ହେଲା ନାହିଁ । ଆବରଣ ଯୋଗୁଁ ଆନ୍ତର ଦୃଷ୍ଟିର ଉନ୍ମୋଚନ ସକାଶେ ଭଗବାନଙ୍କ ବିଶେଷ କୃପାର ପ୍ରୟୋଜନ ହେଲା । ସେମାନଙ୍କର ଯଜ୍ଞ କାର୍ଯ୍ୟ ସମାପ୍ତ ହୋଇ ନ ଥିଲା । ବ୍ରାହ୍ମଣମାନେ ଭୋଜନ କରି ନ ଥିଲେ, ଫେରେ ଗୋପ ବାଳକଙ୍କୁ ଅନ୍ନ ଦେବେ କିପରି ? ଯଦି ଦିଅନ୍ତି ତେବେ ଶାସ୍ତ୍ର-ନିୟମ ଅନୁସାରେ ଯଜ୍ଞକର୍ମ ଅଶୁଦ୍ଧ ହେବ । ସେମାନେ ଗୋପ ବାଳକଙ୍କ ପ୍ରାର୍ଥନା ଶୁଣି ନ ଶୁଣିଲା ପରି ନିଜ କର୍ମରେ ତତ୍ପର ରହିଲେ । ଗୋପ ବାଳକମାନେ ନିରାଶ ହୋଇ କିଛି ସମୟ ପରେ ଦୁଃଖରେ ଫେରି ଆସିଲେ । ସେମାନଙ୍କର ନିଜ ସକାଶେ ଚିନ୍ତା ନ ଥିଲା କିନ୍ତୁ ହୃଦୟ-ବିଦାରକ ଚିନ୍ତା ଥିଲା କ୍ଷୁଧା-ପୀଡ଼ିତ ଶ୍ରୀକୃଷ୍ଣ ଓ ବଳରାମଙ୍କ ସକାଶେ, ସେମାନଙ୍କ ପ୍ରାଣର ଆରାଧ୍ୟ ଦେବତା, ପରମ ପ୍ରିୟ, ଯେ କି ବ୍ରାହ୍ମଣଙ୍କ ଅନ୍ନକୁ ପ୍ରତୀକ୍ଷା କରି ବସି ଅଛନ୍ତି ।

ଶ୍ରୀକୃଷ୍ଣଙ୍କ ଚରଣରେ ସମସ୍ତ ଘଟନା ନିବେଦନ କଲେ । ଶ୍ରୀକୃଷ୍ଣ ଭକ୍ତ-ବଶ ହୋଇ ଜୀବକୁ ଉଦ୍ଧାର କରିବା ସକାଶେ ମନୁଷ୍ୟ ଶରୀର ଧାରଣ କରି ପୃଥିବୀକୁ ଆସିଛନ୍ତି । ଜୀବ ନାନା ପ୍ରକାର ମୋହଗ୍ରସ୍ତ ହୋଇ ଭଗବାନଙ୍କୁ ଭୁଲି ଯାଏ କିନ୍ତୁ ଭଗବାନ୍ ଜୀବର ଦୁର୍ବଳତା ପ୍ରତି ଦୃଷ୍ଟି ନ ଦେଇ ନିଜ କରୁଣାରେ ବଶୀଭୂତ ହୋଇ ତାକୁ ବାରଂବାର ଜାଗ୍ରତ କରାନ୍ତି । ନାନା ରୂପେ ତା' ଦ୍ୱାରରେ ପହଞ୍ଚି ତା' ଘର ମଧ୍ୟରେ ପ୍ରବେଶ କରିବାକୁ ଚାହାନ୍ତି । କିନ୍ତୁ ଜୀବ ତ ସାଧାରଣ

ନୁହେଁ, ସେ ବି ନିଜ ମଧ୍ୟରେ ପ୍ରବେଶ କରାଇ ନ ଦେବା ଉଦ୍ଦେଶ୍ୟରେ କାମ, କ୍ରୋଧ, ଲୋଭ, ମୋହ, ପରିବାର-ଆସକ୍ତି ଓ କର୍ମ-କଠୋରତା ରୂପ କବାଟକୁ ଦୃଢ଼ପୂର୍ବକ କିଳି ରଖିଥାଏ । ଭଗବାନଙ୍କ କୃପା ପ୍ରବେଶ କରିବା ପାଇଁ ତିଳେ ହେଲେ ମାର୍ଗ ନ ଥାଏ । ଭଗବାନ୍ ଚାହାନ୍ତି, କୌଣସିମତେ ନିଜ କୃପାବାରି ଦ୍ୱାରା ଜାଗତିକ ତ୍ରିତାପ-ପୀଡ଼ିତ ଜୀବ-ହୃଦୟକୁ ଶୀତଳ କରିବେ । ସୁତରାଂ ସେ ନିଜେ ମନୁଷ୍ୟ ରୂପେ ଅବତାର ନେଇ ପିତା, ମାତା, ବନ୍ଧୁ, ସଖା, ଗୁରୁ ଏବଂ କେବେ କେବେ ଚାକରରୂପେ ପ୍ରାପ୍ତ ହୁଅନ୍ତି । ଜୀବ ଯେଉଁ ଅଜ୍ଞାନ ସ୍ତରରେ ଅଛି, ତାକୁ ତହିଁରୁ ଉଦ୍ଧାର କରିବା ସକାଶେ ଭଗବାନ୍ ସ୍ୱୟଂ ସେହି ସ୍ତରକୁ ନିଜ ଦୟା ପରବଶରେ ଉତରି ଆସନ୍ତି । ମନୁଷ୍ୟର ଦୁର୍ବଳତା, ଅଜ୍ଞାନ ଆବରଣକୁ ସ୍ୱୀକାର କରନ୍ତି । ଅଜ୍ଞାନ ମନୁଷ୍ୟ ଅପ୍ରକାଶିତ ମନରେ ଚାଳିତ ହୋଇ ମୋହରେ ଯେପରି କର୍ମ କରେ ପରମ ଜ୍ଞାନ-ସ୍ୱରୂପ ଭଗବାନ୍ ସେହି ପରମ ଜ୍ଞାନରେ ବାସ କରି ଅଜ୍ଞାନ-ପରଦାର ପଶ୍ଚାତରେ ବାହ୍ୟତଃ ଅଜ୍ଞାନ ମନୁଷ୍ୟ ପରି ମଧ୍ୟ କର୍ମ କରନ୍ତି । ତାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ମନୁଷ୍ୟର ସାଧର୍ମ ସ୍ୱୀକାର କରନ୍ତି । ଅଜ୍ଞାନୀ ମନୁଷ୍ୟ ଯେଉଁ ଭାଷା ବୁଝିପାରେ ପରାବାଣୀର ସ୍ୱାମୀ ଭଗବାନ୍ ମଧ୍ୟ ସେହି ଭାଷା ପ୍ରୟୋଗ କରନ୍ତି । ମୋହଗ୍ରସ୍ତ ଜୀବ ଭଗବାନଙ୍କୁ ନିନ୍ଦା କରେ, ଶାସ୍ତ୍ରକୁ ଅବିଶ୍ୱାସ କରେ । ଭଗବାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରେ ଓ ପାଖଣ୍ଡମାର୍ଗ ପ୍ରସାର କରେ । କିନ୍ତୁ ଭଗବାନ୍ ନିଜ କରୁଣା ଗୁଣରେ ଦ୍ରବିତ ହୋଇ ଜୀବର ଦୋଷ ନ ଦେଖି ନିଜେ ଏବଂ ନିଜ ଭକ୍ତଙ୍କ ଦ୍ୱାରା ମୋହ-ଗ୍ରସ୍ତ ଜୀବକୁ ଉଦ୍ଧାର କରିବାର ପ୍ରୟାସ କେବେ ବି ଛାଡ଼ନ୍ତି ନାହିଁ । ଫେରେ କର୍ମକାଣ୍ଡୀ ବ୍ରାହ୍ମଣଙ୍କୁ ଉଦ୍ଧାର ନ କରି ଛାଡ଼ନ୍ତେ କିପରି ? ସେଥିପାଇଁ ଅନ୍ୟ ଉପାୟ ରଚନା କଲେ ।

ଭଗବାନ୍ ଜୀବକୁ ବାରଂବାର କୃପା କରନ୍ତି । ତାହାଫଳରେ ଜୀବର ମୋହ ଆବରଣ କ୍ରମଶଃ ପତଳା ହୁଏ । ଶେଷରେ ଏକେବାରେ ପତଳା ହେବା ପରେ ଅଥବା ପୂର୍ଣ୍ଣରୂପେ ଦୂର ହେବା ପରେ ସେ ଭଗବାନଙ୍କୁ ଉପଲବ୍ଧି କରିପାରେ । ତାଙ୍କ କୃପା କେବେ ବି ବ୍ୟର୍ଥ ହୁଏ ନାହିଁ । ବ୍ରାହ୍ମଣଙ୍କ ପ୍ରତି ଗୋପ ବାଳକମାନଙ୍କ ଦ୍ୱାରା ଭଗବାନଙ୍କ ପ୍ରଥମ କୃପା ପ୍ରେରିତ ହୋଇଥିଲା ଏବଂ ତାହା ସେମାନଙ୍କ ଅଜ୍ଞାତରେ ମୋହ-ଆବରଣକୁ କେତେକ ପରିମାଣରେ ପତଳା କରି ଦେଇଥିଲା । ବାକି ଥିବା ଆବରଣ ସକାଶେ ଗୋପବାଳକମାନଙ୍କ ଦ୍ୱାରା ସେମାନଙ୍କ ପତ୍ନୀମାନଙ୍କ ପାଖକୁ ନିଜ କୃପାଶକ୍ତି ପୁନର୍ବାର ପ୍ରେରଣ କଲେ ।

ଶ୍ରୀକୃଷ୍ଣ ତାଙ୍କ ସଖାମାନଙ୍କୁ କହିଲେ,''ଏଥର ତୁମ୍ଭମାନଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ । ତୁମ୍ଭେମାନେ ସେହି ଯାଜ୍ଞିକ ବିପ୍ରପତ୍ନୀମାନଙ୍କଠାରୁ ମୋ ସକାଶେ ଭୋଜନ ନେଇ ଆସ ।'' ଗୋପବାଳକମାନେ ଯାଇ ବିପ୍ର-ପତ୍ନୀମାନଙ୍କୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ସନ୍ଦେଶ କହିବା ମାତ୍ରେ ସେମାନେ ଶ୍ରୀକୃଷ୍ଣଙ୍କ ପ୍ରେମରେ ଉନ୍ମତ୍ତ-ପ୍ରାୟ ହୋଇଗଲେ । ହୃଦୟର ପ୍ରେମ-ସ୍ରୋତରେ ପୁରାତନ ସଂସ୍କାର-ନୀତିର କଠୋରତା ଅନାୟାସରେ ଦୂର ହୋଇଗଲା ଏବଂ ସାମାଜିକ ଶୃଙ୍ଖଳା ମଧ୍ୟ ଛିନ୍ନ ଭିନ୍ନ ହୋଇଗଲା । ସେମାନେ ଏହି ଜନ୍ମର ଓ ଜନ୍ମଜନ୍ମାନ୍ତରର ପୁଣ୍ୟକର୍ମର ପରମ ଫଳ ପାଇଗଲେ । ନାନା ପ୍ରକାର ବ୍ୟଞ୍ଜନ ସହ ଭୋଜନ-ସାମଗ୍ରୀ ନେଇ ଗୋପ ବାଳକମାନଙ୍କ ସଙ୍ଗେ ଶ୍ରୀକୃଷ୍ଣଙ୍କ ଦର୍ଶନକୁ ବାହାରିଲେ । ନୀତିର ଖିଲାପ ହେବା ଦେଖି ବ୍ରାହ୍ମଣମାନେ ସେମାନଙ୍କୁ ଯିବାକୁ ନିଷେଧ କଲେ । ସେମାନଙ୍କ ଆଜ୍ଞା ଲଂଘନ କରି ପରମ ଆନନ୍ଦ ସହ ପରମ ପ୍ରେମରେ ଆକର୍ଷିତ ହୋଇ ଜୀବନର ଶ୍ରେଷ୍ଠନିଧି ଶ୍ରୀକୃଷ୍ଣ ଦର୍ଶନ ଉଦ୍ଦେଶ୍ୟରେ ସେମାନେ ଅଗ୍ରସର ହେଲେ । ପତିବ୍ରତା କୁଳାଙ୍ଗନାମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଉଛି ପତିଆଜ୍ଞା ପାଳନ କରିବା । ପତି-ଆଜ୍ଞା-ଭଙ୍ଗର ପରିଣାମ ପାପ ଏବଂ ତାହାର ଫଳ ନରକ । ପତିବ୍ରତା ଧର୍ମ ପାଳନ, ପତି-ଆଜ୍ଞା ପାଳନ କରିବା ଅର୍ଥ ଏପରି ନୁହେଁ ଯେ ପତ୍ନୀ ଜଡ଼ ମେସିନ୍ ପରି ତାହାର ଜୀବନର ପରମ ଫଳ ଭଗବତ୍ ପ୍ରାପ୍ତିର ବିରୋଧୀ ଆଜ୍ଞା ଶିରୋଧାର୍ଯ୍ୟ କରୁଥିବ । ପତିବ୍ରତା ଧର୍ମର ଅର୍ଥ ଭଗବତ୍ ପ୍ରାପ୍ତ କରିବା ସକାଶେ ସେ ପତିବ୍ରତା ଧର୍ମ ପାଳନ କରେ । ପରମ ପତି ଭଗବାନଙ୍କୁ ପ୍ରାପ୍ତ କରିବାରେ ପୂର୍ବ ଆଚରିତ କର୍ମ ଯଦି ବିରୋଧୀ ନ ହୁଏ, ତେବେ ତାକୁ ସେ ତ୍ୟାଗ ନ କରି ପରମ ସହାୟକରୂପେ ରଖେ । ଉଦାହରଣ ସ୍ୱରୂପ ପତି ବିଦେଶରେ ଥିବା ସମୟରେ ତାଙ୍କ ପ୍ରତିନିଧିରୂପେ ତାଙ୍କ ଫଟୋକୁ ପତ୍ନୀ ପୂଜା କରେ । ଅସଲ ପତି ଆସିବା ପରେ ତାଙ୍କ ପୂଜାରେ ଫଟୋ ଯଦି କିଛି ବାଧା ନ ଦିଏ ତେବେ ପତିଙ୍କ ଫଟୋ ବୋଲି ତାହାକୁ

ସମ୍ମାନ-ପୂର୍ବକ ରଖେ । କିନ୍ତୁ ଅସଲ ପତିଙ୍କ ପୂଜା ଫଟୋରେ ସୀମିତ ହେଲେ ପତିବ୍ରତା ସ୍ତ୍ରୀର କର୍ତ୍ତବ୍ୟ କ'ଣ ହେବ ? କ'ଣ ସେ ଫଟୋର ଆଜ୍ଞା ପାଳନ କରି ଯଥାର୍ଥ ପତିସେବାରୁ ବଞ୍ଚିତ ହୋଇ ତାଙ୍କୁ ଅପମାନିତ କରିବ ନା ଫଟୋର ଆଜ୍ଞା ଅବମାନନା କରିବ ? ଯଥାର୍ଥରେ ପତିର ପତି ପରମପତି ଭଗବାନ୍ । ସେ ଅବିନାଶୀ, ଜନ୍ମ ଜନ୍ମାନ୍ତରର ସାଥୀ । ତାଙ୍କୁ ପ୍ରାପ୍ତ କରିବା ସକାଶେ ତାଙ୍କ ପ୍ରତିନିଧି ସ୍ୱରୂପ ଅସ୍ଥାୟୀ ଫଟୋକୁ ମନୁଷ୍ୟ ପୂଜା କରେ ଏବଂ ତାଙ୍କୁ ପ୍ରାପ୍ତ କରିବା ସକାଶେ ମନୁଷ୍ୟ ନାନା ପ୍ରକାର କର୍ମ କରେ । ପ୍ରତ୍ୟେକ ପ୍ରାଣୀ ତାହାର ମୂଳ ସ୍ୱରୂପରେ ଭଗବାନଙ୍କ ସଙ୍ଗେ ଏକ । ଏହି ସଂସାରକୁ ଆସି ମନ, ପ୍ରାଣ, ଶରୀର ସଙ୍ଗେ ଏକାତ୍ମ ହୋଇଯିବାରୁ ସେ ନିଜ ନିତ୍ୟ ସ୍ୱରୂପ ଭଗବାନଙ୍କୁ ଭୁଲି ଯାଇ ମୋହ-ବଶରେ ନାନା ପ୍ରକାର ଶୁଭ-ଅଶୁଭ କର୍ମ କରୁଅଛି । ସୁତରାଂ ତାହାର ଯଥାର୍ଥ ଲକ୍ଷ୍ୟ ନୈତିକାଦି ଧର୍ମକୁ ଅବଲମ୍ବନ କରି ଭାଗବତ ଧର୍ମରେ ପହୁଞ୍ଚିବା ଅର୍ଥାତ୍ ଭଗବାନଙ୍କୁ ପ୍ରାପ୍ତ ହେବା । ଯେତେବେଳେ ସେ ଆଧ୍ୟାତ୍ମିକତାରେ ପହୁଞ୍ଚେ, ଭଗବାନଙ୍କୁ ପ୍ରାପ୍ତ ହୁଏ, ସେତେବେଳେ ଏହି ନୈତିକ କର୍ମ ଯଦି ବାଧକ ନ ହୁଏ, ତେବେ ଆଧ୍ୟାତ୍ମିକ ସାଧକ ତାକୁ ସ୍ୱୀକାର କରେ, ବାଧକ ହେଲେ ଅବିଳମ୍ବେ ତ୍ୟାଗ କରେ ।

ଭଗବତ୍ ବିରୋଧ ଜାଣି ରାଜା ବଳି ନିଜ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଆଜ୍ଞା ଲଂଘନ କଲେ । ପ୍ରହ୍ଲାଦ ପିତାଙ୍କ ଆଜ୍ଞାର ବିରୁଦ୍ଧାଚରଣ କଲେ । ଗୋପୀମାନେ ନିଜ ପତି-ଆଜ୍ଞାକୁ ଅବଜ୍ଞା କରି ଭଗବାନଙ୍କୁ ପ୍ରାପ୍ତ କଲେ । ଭଗବାନଙ୍କୁ ପ୍ରାପ୍ତ ହେବାର ବାଧା ସ୍ୱରୂପ ନୈତିକାଦି ଧର୍ମକୁ ସେମାନେ ତ୍ୟାଗ କରିଥିବା ସତ୍ତ୍ୱେ ସେମାନେ ଆଜି ଜଗତରେ ପୂଜ୍ୟ । ଯଦି ଭଗବତ୍ ପ୍ରାପ୍ତି ସକାଶେ ନୈତିକତାକୁ ତ୍ୟାଗ କଲେ ପାପ ହୁଅନ୍ତା ତେବେ ଆଜି ଏମାନଙ୍କ ନାମ ପର୍ଯ୍ୟନ୍ତ କେହି ସ୍ମରଣ କରନ୍ତା ନାହିଁ ।

ଭକ୍ତ ଦୁଇ ପ୍ରକାରର । ଏକ ପ୍ରବୃତ୍ତି ମାର୍ଗର, ଅନ୍ୟ ନିବୃତ୍ତି ମାର୍ଗର । ପ୍ରବୃତ୍ତି ମାର୍ଗର ସାଧକ ଭଗବତ୍ ଉଦ୍ଦେଶ୍ୟରେ ନୀତି ଧର୍ମ ଅନୁସାରେ ପିତାମାତା, ଗୋ-ବ୍ରାହ୍ମଣ, ଦେବତା, ପିତର ସେବା କର୍ମ ଦ୍ୱାରା ଭଗବାନଙ୍କୁ ଆରାଧନା କରେ ଏବଂ ଭଗବତ୍ ପ୍ରାପ୍ତି କରିବା ପରେ ମଧ୍ୟ ଏହିସବୁ କର୍ମ ବାଧକ ନ ହେଲେ ଏହାକୁ ତ୍ୟାଗ କରେ ନାହିଁ । ଏହିସବୁ କର୍ମ ଭଗବତ୍ ଭକ୍ତିରେ ଯେତେବେଳେ ବାଧକ ହୁଏ ତତ୍କ୍ଷଣାତ୍ ସେ ସବୁକୁ ତ୍ୟାଗ କରିଦିଏ । ପ୍ରବୃତ୍ତି ମାର୍ଗର ଭକ୍ତ — ବିଭୀଷଣ, ରାଜା ବଳି, ପ୍ରହ୍ଲାଦ, ମୀରାବାଈ, ରାଣୀ ରତ୍ନାବତୀ ଇତ୍ୟାଦି । ନିବୃତ୍ତି ମାର୍ଗର ସାଧକର ଭଗବତ୍ ପ୍ରାପ୍ତି ସକାଶେ ତୀବ୍ର ବୈରାଗ୍ୟ ହେବା ମାତ୍ରେ ସେ ଗୃହ, ସଂସାର, ସମାଜ, ପିତା, ମାତା, ଦେବତା, ପିତର ସେବାଦି ତ୍ୟାଗକରି ଭଗବତ୍ ଆରାଧନା ଉଦ୍ଦେଶ୍ୟରେ ସନ୍ନ୍ୟାସ ଗ୍ରହଣ କରେ । ସମାଜର ଧର୍ମାନୁସାରେ ପିତାମାତାଙ୍କର ଶ୍ରାଦ୍ଧାଦି, ଯେଉଁ କର୍ମ ନ କଲେ ବ୍ୟକ୍ତି ପତିତ ହୁଏ, ନିବୃତ୍ତି ମାର୍ଗର ସାଧକ ସନ୍ନ୍ୟାସ ଗ୍ରହଣ କରିବା ପରେ ସେହି କର୍ମ କଲେ ପତିତ ହୁଏ । ଅଧ୍ୟାତ୍ମ-ସାଧକ ସକାଶେ ନୈତିକ ନିୟମ ପାଳନ କରିବା ଅନିବାର୍ଯ୍ୟ ନୁହେଁ ।

ଜଣେ ବ୍ରାହ୍ମଣ ବଳପୂର୍ବକ ତା' ସ୍ତ୍ରୀକୁ ଘରେ ରଖି ଦ୍ୱାରା ବନ୍ଦ କରିଦେଲା । ସେ ଦୁଃଖରେ ବନ୍ଦୀହୋଇ ଭଗବାନଙ୍କୁ ଆର୍ତ୍ତ ହୃଦୟରେ ପ୍ରାର୍ଥନା କଲା । ତାହାର ସମସ୍ତ ଇନ୍ଦ୍ରିୟ ଶିଥିଳ ହୋଇଗଲା । ତାହାର ଚେତନା ଭଗବାନଙ୍କ ରୂପ-ମାଧୁରୀରେ ରମଣ କରିବାକୁ ଲାଗିଲା । ସେ ତାହାର ଭୌତିକ ଶରୀର ତ୍ୟାଗକରି ଅନ୍ୟ ବିପ୍ରପତ୍ନୀମାନଙ୍କ ପହୁଞ୍ଚିବା ପୂର୍ବରୁ ଭଗବାନଙ୍କ ସାନ୍ନିଧକୁ ପ୍ରାପ୍ତହୋଇ ଚିର ଅଭିଳଷିତ ଆଶା ପୂର୍ଣ୍ଣ କଲା ।

ସମସ୍ତ ବିପ୍ର-ପତ୍ନୀ ଭଗବାନଙ୍କ ରୂପ-ମାଧୁରୀ ସୁଧା-ସମୁଦ୍ରରୁ ସେମାନଙ୍କ ଜନ୍ମ-ଜନ୍ମାନ୍ତରର ତୃଷିତ ନେତ୍ର ପାନକରି ତୃପ୍ତ ହେଲେ ନାହିଁ । ସେମାନେ ଚାହୁଁଥିଲେ ସେମାନଙ୍କ ନେତ୍ର ଏହି ରୂପ-ସୁଧା ନିରନ୍ତର ପାନ କରୁଥାଉ । କିନ୍ତୁ ଭଗବାନଙ୍କ ବିଧାନ ଥିଲା ଭିନ୍ନ । ଭକ୍ତ-ବତ୍ସଳ ଭଗବାନ୍ ସେମାନଙ୍କ ପ୍ରେମକୁ ସମ୍ମାନ କରି ଗୃହକୁ ଫେରିଯିବାକୁ ଆଜ୍ଞା ଦେଲେ । ସେମାନେ ଗୃହ, ପରିବାର, ପତି ଓ ପୁତ୍ର ତ୍ୟାଗ କରି, ପ୍ରେମରେ ବିଭୋର ହୋଇ ଭଗବାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ତଥାପି ଭଗବାନ ସେମାନଙ୍କ ପତିମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ, ସେମାନଙ୍କ ଇଚ୍ଛା ନ ଥିବା ସତ୍ତ୍ୱେ ସେମାନଙ୍କୁ ଘରକୁ ଫେରିଯିବାକୁ ଆଜ୍ଞା ଦେଲେ । ପ୍ରଥମେ କୃପା କରିଥିଲେ ନିତ୍ୟମୁକ୍ତ ଗୋଲୋକବାସୀ ଚିରସଖା ଗୋପବାଳକମାନଙ୍କ ଦ୍ୱାରା । ସେ ସମୟରେ ଏମାନଙ୍କ ଚେତନା ଓ ବ୍ରାହ୍ମଣମାନଙ୍କ ଚେତନା

ମଧ୍ୟରେ ବିଶେଷ ଅନ୍ତର ଥିଲା, ସେନେଇ ଏମାନଙ୍କ ଦ୍ୱାରା ବ୍ରାହ୍ମଣମାନେ ଭଗବତ୍ କୃପା ପୂର୍ଣ୍ଣରୂପେ ଗ୍ରହଣ କରିବାରେ ଅସମର୍ଥ ହେଲେ । ବ୍ରାହ୍ମଣୀମାନେ ବିପ୍ରଙ୍କ ଚେତନା ସ୍ତରର ନିକଟସ୍ଥ ଲୋକ । ସେନେଇ ଏମାନଙ୍କ ଦ୍ୱାରା ବ୍ରାହ୍ମଣମାନଙ୍କୁ ନିଜ କୃପା ପ୍ରଦାନ କରି ସେମାନଙ୍କ ମୋହ-ନିଦ୍ରାକୁ ଭଙ୍ଗ କଲେ ଏବଂ ସେମାନଙ୍କ କଠୋର କର୍ମ-ଶୃଙ୍ଖଳାକୁ ଛିନ୍ନ ଭିନ୍ନ କରି ସେମାନଙ୍କ ହୃଦୟରେ ଭଗବତ୍ ପ୍ରେମର ସ୍ରୋତ ପ୍ରବାହିତ କଲେ । ଏହି କାରଣରୁ ବହୁତ ସମୟରେ ଉଚ୍ଚକୋଟୀର ମହାପୁରୁଷମାନେ ନିଜ କୃପାପାତ୍ରଙ୍କୁ ଅନ୍ୟ ପାଖରେ ଦୀକ୍ଷା ନେବାକୁ ଆଜ୍ଞା ଦିଅନ୍ତି ।

ବ୍ରାହ୍ମଣମାନେ ନିଜ ନିଜ ସ୍ତ୍ରୀଙ୍କୁ ଦର୍ଶନ କରିବା ମାତ୍ରେ ଭଗବାନଙ୍କ କୃପାରୁ ସେମାନଙ୍କ ହୃଦୟରୁ ଅନ୍ଧକାର ଦୂର ହୋଇଗଲା । ସେମାନେ ନିଜ ସ୍ତ୍ରୀମାନଙ୍କର ନୈତିକ-ନିୟମ-ଭଙ୍ଗ ବିରୋଧରେ କୌଣସି ଅଭିଯୋଗ ନ କରି ସେମାନଙ୍କୁ ବିଶେଷ କୃତଜ୍ଞତା-ସୂଚକ ବାକ୍ୟରେ ସମ୍ବୋଧନ କରି ସମ୍ମାନ କଲେ ଏବଂ ନିଜକୁ ଭଗବତ୍ ବିମୁଖ ଜାଣି ବହୁତ ଧିକ୍କାର କରି କହିଲେ :

ଧିଗ୍ ଜନ୍ମ ନସ୍ତ୍ରିବୃଦ୍‌ବିଦ୍ୟାଂ ଧିକ୍ ବ୍ରତଂ ଧିଗ୍ ବହୁଜ୍ଞତାମ୍ ।
ଧିକ୍ କୁଲଂ ଧିକ୍ କ୍ରିୟାଦାକ୍ଷ୍ୟଂ ବିମୁଖା ଯେ ତ୍ୱଧୋକ୍ଷଜେ । ୩୯ ।
ନୂନଂ ଭଗବତୋ ମାୟା ଯୋଗିନାମପି ମୋହିନୀ ।
ୟଦ୍‌ବୟଂ ଗୁରବୋ ନ୍ତୃଣାଂ ସ୍ୱାର୍ଥେ ମୁହ୍ୟାମହେ ଦ୍ୱିଜାଃ । ୪୦ ।
ଅହୋ ପଶ୍ୟତ ନାରୀଣାମପି କୃଷ୍ଣେ ଜଗଦ୍‌ଗୁରୌ ।
ଦୁରନ୍ତଭାବଂ ଯୋଽବିଧନ୍‌ମୃତ୍ୟୁପାଶାନ୍ ଗୃହାଭିଧାନ୍ । ୪୧ ।

ଶ୍ରୀମଦ୍ଭାଗବତ – ଦଶମ ସ୍କନ୍ଧ, ୨୩ଶ ଅଧ୍ୟାୟ

ଅର୍ଥାତ୍, ''ଆମ୍ଭମାନଙ୍କ ଜନ୍ମ ବଡ଼ ଉଚ୍ଚ କୁଳରେ ହେବା, ଗାୟତ୍ରୀ ଗ୍ରହଣ କରି ଦ୍ୱିଜାତି ହେବା, ବେଦାଧ୍ୟୟନ କରିବା, ବଡ଼ ବଡ଼ ଯଜ୍ଞ କରିବା, ଏସବୁକୁ ଧିକ୍କାର । ଆମ୍ଭେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଚିହ୍ନି ନ ପାରି, ତାଙ୍କୁ ଭକ୍ତି ନ କରି, ତାଙ୍କ ବିମୁଖ ହେଲୁ; ତେବେ ଏସବୁ କେଉଁ କାର୍ଯ୍ୟରେ ଲାଗିଲା ? ଆମ୍ଭମାନଙ୍କ ବିଦ୍ୟା ବ୍ୟର୍ଥ ହେଲା, ଆମ୍ଭମାନଙ୍କ ବ୍ରତ ନିରର୍ଥକ ହେଲା, ଆମ୍ଭମାନଙ୍କ ବହୁ ଜ୍ଞାନ ଅଜ୍ଞାନରେ ପରିଣତ ହେଲା । ଉଚ୍ଚ ବଂଶରେ ଜନ୍ମହେବା, କର୍ମକାଣ୍ଡରେ ନିପୁଣ ହେବାରେ କୌଣସି ଲାଭ ହେଲା ନାହିଁ ।

''ନିଶ୍ଚୟହିଁ ଭଗବାନଙ୍କ ମାୟା ବଡ଼ ବଡ଼ ଯୋଗୀମାନଙ୍କୁ ମୋହିତ କରିଦିଏ । ଆମ୍ଭେମାନେ ମନୁଷ୍ୟମାନଙ୍କ ଗୁରୁ-ବ୍ରାହ୍ମଣ ହୋଇ ମଧ୍ୟ ଯଥାର୍ଥ ସ୍ୱାର୍ଥ ଏବଂ ପରମାର୍ଥ ସମ୍ବନ୍ଧେ ଏକେବାରେ ଭ୍ରମରେ ପଡ଼ିଗଲୁ । କେତେ ଆଶ୍ଚର୍ଯ୍ୟର ବିଷୟ ! ଏହି ସ୍ତ୍ରୀମାନଙ୍କର ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କ ପ୍ରତି ଅଖଣ୍ଡ ପ୍ରେମ ଓ ଅନୁରାଗ ! ତାହାଦ୍ୱାରା ଏମାନେ ଗୃହ ସଂସାରର ବହୁତ ବଡ଼ ଫାଶ କାଟି ପକାଇଲେ, ଯାହା ମୃତ୍ୟୁ ସଙ୍ଗେ ସଙ୍ଗେ ବି ଦୂର ହୁଏ ନାହିଁ ।'' ଏହାର ପର ଶ୍ଲୋକରେ କହିଛନ୍ତି, ''ଏମାନଙ୍କୁ ପତ୍ନୀରୂପେ ପାଇ ଆମ୍ଭେମାନେ ମଧ୍ୟ ଆଜି ଧନ୍ୟ ହୋଇଗଲୁ ।''

ବ୍ରାହ୍ମଣମାନେ ପଣ୍ଡିତ, ଶାସ୍ତ୍ରଜ୍ଞ ଓ କର୍ମନିଷ୍ଠ ଥିଲେ । ସେମାନେ ସ୍ୱୟଂ ସ୍ୱୀକାର କରନ୍ତି ଯେ, ''ଏହାଦ୍ୱାରା ଆମ୍ଭେମାନେ ଶାସ୍ତ୍ରର ଯଥାର୍ଥ ରହସ୍ୟ ବୁଝି ନାହୁଁ ।'' ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ସମର୍ପଣ ଛଡ଼ା କେବଳ ନୈତିକତା, କର୍ମନିଷ୍ଠା, ଶାସ୍ତ୍ର ଜ୍ଞାନ ଦ୍ୱାରା ପରମଜ୍ଞାନ, ଭକ୍ତି ଏବଂ ଅନ୍ତର ସତ୍ୟ-ଦୃଷ୍ଟି ପ୍ରାପ୍ତ ହୁଏ ନାହିଁ । ମନୁଷ୍ୟ ନିଜର ଯଥାର୍ଥ କଲ୍ୟାଣ-ମାର୍ଗ ମଧ୍ୟ ନିର୍ବାଚନ କରିପାରେ ନାହିଁ, କିନ୍ତୁ ନୈତିକତା ଏହାର ସହାୟକ ହୋଇପାରେ ।

ବ୍ରାହ୍ମଣମାନଙ୍କୁ ଭଗବତ୍ କୃପା ପ୍ରାପ୍ତ ହେବାର ଦୁଇଟି କାରଣ ଥିଲା । ସେମାନଙ୍କ କର୍ମରେ କୃତ୍ରିମତା ନ ଥିଲା । ଆଉ ସେମାନଙ୍କ ସ୍ତ୍ରୀମାନେ ଭଗବତ୍ ଭକ୍ତା ଥିଲେ । ଭଗବତ୍ ପ୍ରାପ୍ତି ସକାଶେ ସେମାନେ ସଚ୍ଚା ପତିବ୍ରତା ଧର୍ମ ପାଳନ କରୁଥିଲେ । ସେମାନଙ୍କ ସଙ୍ଗ ପ୍ରଭାବରେ ବ୍ରାହ୍ମଣମାନେ ଭଗବତ୍ ଭକ୍ତି ଲାଭକରି ପାରିଥିଲେ ।

ପ୍ରଶ୍ନ ହେବ, ଯେକୌଣସି ବ୍ୟକ୍ତି ଭକ୍ତର ସମ୍ପର୍କରେ ଭଗବାନଙ୍କ କୃପା ପ୍ରାପ୍ତି କରିପାରେ ଏପରି ତ ଦେଖାଯାଇ ନାହିଁ ?

ପେଟ ଭିତରେ ବହୁତ ମଳ ଜମାଥିଲେ ଔଷଧ ବିଶେଷ କାମ କରିପାରେ ନାହିଁ । ଘରର ଦ୍ୱାରକୁ କଳା ମୋଟା ପରଦାରେ ବନ୍ଦ ରଖିଲେ ଆଲୋକ ବିଶେଷ ପ୍ରବେଶ କରିପାରେ ନାହିଁ । ସେହପରି ଚୋରି, ହିଂସାଦି ଅସତ୍ ଆଚରଣ କରି ଭକ୍ତ-ସଙ୍ଗ ପ୍ରାପ୍ତ କଲେ ହଠାତ୍ ବିଶେଷ ଲାଭ ହୁଏ ନାହିଁ । କିନ୍ତୁ ବ୍ରାହ୍ମଣମାନେ ସେପରି ନ ଥିଲେ । ସେମାନେ ନୈତିକ ନିୟମ ଅନୁସାରେ ସଚ୍ଚାଭାବରେ କର୍ମ ସମ୍ପାଦନ କରୁଥିଲେ । କେବଳ ଥିଲା କର୍ମର ଆବରଣ । ପତ୍ନୀମାନଙ୍କ ଦ୍ୱାରା ଭଗବତ୍ କୃପା ପାଇ ତାହା ଦୂରୀଭୂତ ହେଲା । ଯେଉଁମାନେ ନୈତିକତା ନାମରେ ମିଛ କହି ଦଗାବାଜିରେ ଅନ୍ୟକୁ ଠକୁଛନ୍ତି, ସେମାନଙ୍କୁ ନୀତିବାଦୀ କୁହାଯାଏ ନାହିଁ ।

ମନର ବିଚାରରେ ପ୍ରେରିତ ହୋଇ ବିହିତ କର୍ମ କରିବା ନୈତିକତା । ଅନ୍ତର ପ୍ରେରଣାରେ ସତ୍ୟ-ଦୃଷ୍ଟିରେ ଭଗବତ୍ ଯନ୍ତ୍ର ହୋଇ କର୍ମ କରିବା ହେଲା ଆଧ୍ୟାତ୍ମିକତା । ଏହାହିଁ ନୈତିକତା ଏବଂ ଆଧ୍ୟାତ୍ମିକତା ମଧ୍ୟରେ ପ୍ରଭେଦ ।

(୪)

ଶ୍ରୀ ଅଯୋଧ୍ୟା ଧାମ
(ଆଶ୍ରମ ଓ ବର୍ଣ୍ଣ-ଧର୍ମ)

ଯେଉଁ ଅଯୋଧ୍ୟାପୁରୀର ମହତ୍ତ୍ୱ ଶିବ, ବ୍ରହ୍ମାଦି ଦେବତା ଗାନ କରୁଅଛନ୍ତି; ବେଦ, ପୁରାଣ ଯାହାର ଭୂରି ଭୂରି ମହିମା ବର୍ଣ୍ଣନା କରୁଅଛନ୍ତି; ଯେଉଁ ଅବଧପୁରୀ ଶ୍ରୀରାମଙ୍କର ଅତ୍ୟନ୍ତ ପ୍ରିୟ; ତୁଳସୀକୃତ ରାମାୟଣରେ ଯାହାକୁ ଶ୍ରୀରାମଚନ୍ଦ୍ର ନିଜ ମୁଖରେ ପ୍ରଶଂସା କରିଅଛନ୍ତି; ସେହି ଅଯୋଧ୍ୟାପୁରୀର ବର୍ଣ୍ଣନା ଏଠାରେ ଯତ୍‌କିଞ୍ଚିତ୍ କରିବାକୁ ଚେଷ୍ଟା କରିବି । ତୁଳସୀ ରାମାୟଣରେ ବର୍ଣ୍ଣିତ ଅଛି :

''ଯଦ୍ୟପି ସବ ବୈକୁଣ୍ଠ ବଖାନା ।
ବେଦ ବିଦିତ ସକଳ ଜଗ ଜାନା ॥
ଅବଧ ସରିସ ପ୍ରିୟ ମୋହି ନ ସୋଉ ।
ୟହ ପ୍ରସଙ୍ଗ ଜାନଇ କୋଉ କୋଉ ॥''

''ଯଦ୍ୟପି ସମସ୍ତ ବୈକୁଣ୍ଠ (ସାକେତ, ଗୋଲୋକ ଇତ୍ୟାଦି) ଶାସ୍ତ୍ରପୁରାଣରେ ବର୍ଣ୍ଣିତ ହୋଇଅଛି, ବେଦରେ ମଧ୍ୟ ପ୍ରସିଦ୍ଧ, ଏହା ସମସ୍ତ ଜଗତ ଜାଣେ ତଥାପି ଅବଧ ତୁଲ୍ୟ ସେ ବୈକୁଣ୍ଠ ସବୁ ମୋ ପ୍ରିୟ ନୁହେଁ । ଏହି ରହସ୍ୟ କେହି କେହି ଜାଣନ୍ତି ।'' ବୈକୁଣ୍ଠଠାରୁ ଶ୍ରୀ ଅବଧ ବିଶେଷ ପ୍ରିୟ ହେବାର କାରଣ, ଏଠାରେ ତାଙ୍କ ଭକ୍ତଙ୍କ ସଙ୍ଗେ ସେ ପିତା, ମାତା, ସଖା ଇତ୍ୟାଦି ଭାବରେ ମାଧୁର୍ଯ୍ୟ ଲୀଳା କରନ୍ତି । ବୈକୁଣ୍ଠରେ କେବଳ ଐଶ୍ୱର୍ଯ୍ୟ । ସେହି ଅବଧପୁରୀ ସମ୍ବନ୍ଧେ ଏହି ଛୋଟ ଲେଖାରେ କିଛି ବର୍ଣ୍ଣନା କରିବା ଏକେବାରେ ବାଳ-ସୁଲଭ ଧୃଷ୍ଟତା ଛଡ଼ା ଆଉ କିଛି ନୁହେଁ । ତଥାପି ମନୁଷ୍ୟ ସ୍ୱଭାବରେ ଏପରି କିଛି ତତ୍ତ୍ୱ ଅଛି, ଯେଉଁ ସକାଶେ ସେ ମଶକର ଆକାଶ ଭ୍ରମଣ ସଦୃଶ ପ୍ରଯତ୍ନ କରିବାରୁ ବିରତ ହୁଏ ନାହିଁ ।

ଭଗବାନ୍ ଯେପରି ଦିବ୍ୟ, ନିତ୍ୟ, ଶାଶ୍ୱତ ସେହିପରି ତାଙ୍କର ଲୀଳାଧାମ ଓ ନାମ ଦିବ୍ୟ, ନିତ୍ୟ ଏବଂ ଶାଶ୍ୱତ । ତାଙ୍କ ଧାମରେ ଦିବ୍ୟ ଲୀଳା ସର୍ବଦା ବର୍ତ୍ତମାନ ଥାଏ । କେବଳ ମନୁଷ୍ୟର ବାହ୍ୟ ଚର୍ମ ଚକ୍ଷୁରେ ତାହା ଦୃଷ୍ଟିଗୋଚର ହୁଏ ନାହିଁ ।

ଯେଉଁ ଅଚିନ୍ତ୍ୟ, ଅଗୋଚର, ମନସାବାଚାତୀତ ପରମବ୍ରହ୍ମ ପରମାତ୍ମାଙ୍କୁ ଯୋଗୀମାନେ ଧ୍ୟାନରେ ପାଆନ୍ତି

ନାହିଁ, ସେହି ବ୍ରହ୍ମ ତ୍ରେତାଯୁଗରେ ଭକ୍ତମାନଙ୍କ ପ୍ରେମ-ପାଶରେ ଆବଦ୍ଧ ହୋଇ ଚକ୍ରବର୍ତ୍ତୀ ମହାରାଜା ଶ୍ରୀ ଦଶରଥଙ୍କ ପଟ୍ଟମହିଷୀ କୌଶଲ୍ୟାଙ୍କ ଗର୍ଭରେ ଅବତାର ନେଇ ତାଙ୍କ କୋଳରେ ଦୁଗ୍ଧପାନ କରିଥିଲେ । ନିଜ ଭାଇ, ସଖା ଓ ଭକ୍ତମାନଙ୍କ ସଙ୍ଗରେ ମୁନି-ମନୋହାରୀ, ମହତ୍, ନର-ଲୀଳା ଯେଉଁ ଅବଧରେ କରିଥିଲେ, ସେହି ମୁନି-ମନୋହାରୀ ଲୀଳାର ଆନନ୍ଦ ଭାଗ୍ୟବାନ୍ ଅବଧବାସୀ ନର-ନାରୀ, ବାଳକ, ବୃଦ୍ଧମାନଙ୍କୁ ପ୍ରାପ୍ତ ହୋଇଥିଲା । ସେ ବାଲ୍ୟ ଅବସ୍ଥାରେ ଭ୍ରାତା, ସଖା ସହିତ ଅବଧ ଗଳିରେ ବିଚରଣ କରିଥିଲେ,ସରଯୁତଟରେ କ୍ରୀଡ଼ା କରିଥିଲେ । ସେହି ପାବନ ପଦରେଣୁ ଆଜି ବି ଶ୍ରୀ ଅବଧରେ ବିଦ୍ୟମାନ । ସେହି ପାବନପୁରୀ ଆଜି ବି ହଜାର ହଜାର ଦୁଃଖ-ତାପ-ପୀଡ଼ିତ ନରନାରୀଙ୍କୁ ନିତ୍ୟ, ଶାଶ୍ୱତ, ଶ୍ରୀସାକେତ, ଦିବ୍ୟଧାମ ପ୍ରଦାନ କରୁଅଛି । ଯଦ୍ୟପି ତ୍ରେତାଯୁଗରେ ଶ୍ରୀରାମଚନ୍ଦ୍ର ଅବତାର ଗ୍ରହଣ କରି ଲୋକଙ୍କ ବାହ୍ୟ-ଦୃଷ୍ଟିରୁ ସେହି ଅବତାର-ଲୀଳା ସମ୍ବରଣ କରିଅଛନ୍ତି, ତଥାପି ଭକ୍ତମାନଙ୍କ ପ୍ରେମରେ ଆବଦ୍ଧ ହୋଇ ସେମାନଙ୍କ ସକାଶେ ଶ୍ରୀ ଅବଧରେ ନିତ୍ୟ-ଲୀଳା ଆଜି ବି କରୁଅଛନ୍ତି । ନିଷ୍ଠାବାନ୍ ଭକ୍ତଙ୍କ ଦୃଷ୍ଟିରେ ସେହି ଦିବ୍ୟଧାମ, ଆଉ ଦିବ୍ୟ-ଲୀଳା ଆଜି ବି ଶାଶ୍ୱତରୂପେ ବିଦ୍ୟମାନ ।

ଶ୍ରୀ ଅବଧରେ ଲୋକମୁଖରେ ପରମ୍ପରାଗତ ସତ୍ୟ ଏବଂ ବହୁ ପ୍ରସିଦ୍ଧ ଘଟଣାବଳୀ ମହାତ୍ମାମାନଙ୍କ ମୁଖାରବିନ୍ଦରୁ ଯେପରି ଶୁଣିଥିଲି ତାହା ମଧ୍ୟରୁ ଗୋଟିଏ ଘଟନା ନିମ୍ନରେ ବର୍ଣ୍ଣନା କରୁଅଛି ।

ଜଣେ ସନ୍ଥ ଶ୍ରୀ ଅବଧରେ ବାସ କରୁଥିଲେ । ଅର୍ଦ୍ଧରାତ୍ରିରେ ପ୍ରତ୍ୟେକ ଦିନ ପ୍ରାୟ ଅଢ଼େଇ ମାଇଲ ଶ୍ରୀ ଅବଧର ମଧ୍ୟସ୍ଥ* ରାମକୋଟାର ପରିକ୍ରମା କରୁଥିଲେ । ପରିକ୍ରମାର ମାର୍ଗ ପକ୍କା ନ ଥିଲା । ଗଳି ଚଲା ରାସ୍ତା; କେଉଁଠି ଦୁଇକଡ଼ରେ କିଆବାଡ଼ ତ' କେଉଁଠି କଣ୍ଟାବୁଦା । ବର୍ଷା ସମୟରେ ବିଶେଷତଃ ସରଯୁ ନଦୀରେ ବଢ଼ିହେଲେ ରାସ୍ତା ଜଳପୂର୍ଣ୍ଣ ହୋଇଯାଏ । ସ୍ନାନ ବିଶେଷରେ ଅଣ୍ଟାକରୁ ଅଧିକ ଜଳ ହୁଏ । ବର୍ଷା ସମୟରେ କଡ୍‌କଡ୍ ଘଡ୍‌ଘଡି ଓ ବିଜୁଳି ଚମକ, ଦୁର୍ବଳ, ଭୀରୁ ହୃଦୟକୁ ବ୍ୟାକୁଳ କରିଦିଏ । ଆଜିକାଲି ପରି ସେତେବେଳେ ବିଜୁଳି ଆଲୁଅ ନ ଥିଲା । ଥିଲା ଅନ୍ଧକାର । ସେଠାରେ ବଡ଼ ବଡ଼ ମାଟିର ପାହାଡ଼ ଥିବାରୁ ଗ୍ରୀଷ୍ମ ସମୟରେ ବହୁ ବିଷଧର ସର୍ପ ଆହାର ନିମିତ୍ତ ରାସ୍ତାରେ ମଧ୍ୟ ବୁଲନ୍ତି । ଏପରି ଦୁରୂହ ପରିସ୍ଥିତିରେ ଗ୍ରୀଷ୍ମ, ବର୍ଷା, ଝଡ, ବତାସ ଭିତରେ ତାଙ୍କ ନିତ୍ୟ ପରିକ୍ରମା ନିୟମ କେବେ ବି ଖଣ୍ଡନ ହୋଇ ନ ଥିଲା । ଏହିପରି ନିର୍ବିଘ୍ନରେ ବାରବର୍ଷ ପୂର୍ଣ୍ଣ ହେଲା । ଏପରି ନିୟମ ଯେ କିପରି କଠିନ ତାହା ବିଚାରଣୀୟ । ମନୁଷ୍ୟ କୌଣସି ଉଦ୍ଦେଶ୍ୟରେ କୌଣସି ଅନୁଷ୍ଠାନ କରି ସଫଳ ନ ହେଲେ ସ୍ୱାଭାବିକରୂପେ ହତାଶ ହୋଇପଡ଼େ ।

ସେହି ଦିନ ବାରବର୍ଷ ପୂର୍ଣ୍ଣ ହେବାର ଶେଷଦିନ । ମହାତ୍ମାଜିଙ୍କ ହୃଦୟାକାଶ ଅନ୍ଧକାରରେ ପୂର୍ଣ୍ଣ । ଚିଦାକାଶକୁ ନାନା ପ୍ରକାର ସନ୍ଦେହ ଅଧିକାର କରିଅଛି । ଉତ୍ସାହଶୂନ୍ୟ ହୋଇ ନିରାଶାରେ ପରିକ୍ରମା ସମାପ୍ତ କରିବାକୁ ନିଜ କୁଡ଼ିଆରୁ ଯାତ୍ରା କଲେ । ପ୍ରତିଦିନ ତୁଲ୍ୟ ପରିକ୍ରମା ସମୟରେ ଉତ୍ସାହରେ ସୀତାରାମ ନାମ ଜପ ହେଉ ନ ଥିଲା । ବିକ୍ଷୋଭ ଆସି ହୃଦୟକୁ ମନ୍ଥନ କରୁଥିବାରୁ ମନ ଏକେବାରେ ଚଞ୍ଚଳ ହେଉଥିଲା । ଏଥିରେ ଧ୍ୟାନ ହେବ କିପରି ? ଏପରି ସ୍ଥିତିରେ ବିଶ୍ୱାସ ଓ ନିର୍ଭରତାର ସ୍ଥାନ କେଉଁଠି ? ଅନ୍ଧକାରାଚ୍ଛନ୍ନ, କୁଜ୍ଝଟିକା ଦ୍ୱାରା ସ୍ୱଚ୍ଛ ଜ୍ୟୋତିର୍ମୟ ହୃଦୟାକାଶ ଆବୃତ, ନିର୍ଭରତା ସ୍ଥାନରେ ଭୟ ଓ ବ୍ୟାକୁଳତାର ରାଜ୍ୟ । ହତାଶା, ନିରାଶା ତାଙ୍କୁ ଅଭିଭୂତ କରି ନେଇଛି, ସେ ଭାବୁଅଛନ୍ତି, ''ଗୋସ୍ୱାମୀ ତୁଳସୀଦାସ ରାମାୟଣରେ ଯେଉଁ ଦିବ୍ୟ ଅଯୋଧ୍ୟା ଓ ଭଗବତ୍ ନିତ୍ୟ-ଲୀଳାର ବିଷୟ ବର୍ଣ୍ଣନା କରିଅଛନ୍ତି, ତାହା କ'ଣ ସବୁ କଳ୍ପନା ? ଭଗବାନ୍ କ'ଣ ପ୍ରକୃତରେ ନାହାନ୍ତି ? ନା, ଏହାସବୁ କବିକଳ୍ପନା ଛଡ଼ା ଆଉ କିଛି ନୁହେଁ ? ଏହା କେବେ ହୋଇପାରେ କି ? ଯଦି ଏହା ସବୁ କଳ୍ପନା ହୁଅନ୍ତା, ଭଗବାନ୍ ଯଦି ନ ଥାଆନ୍ତେ, ତେବେ ଏହି ବିଗତ ବାରବର୍ଷ ଅଖଣ୍ଡଭାବେ ପରିକ୍ରମା ନିଷ୍ଠା କାହା ସାହାଯ୍ୟରେ ପୂର୍ଣ୍ଣ ହେଲା ? ଏତେ ଅନ୍ଧକାର ବର୍ଷା ରାତିରେ ଥରେ ହେଲେ ମୋ ଗୋଡ଼ ସାପ, ବିଛା ଉପରେ ପଡ଼ି ନାହିଁ, କିଂବା କଣ୍ଟାଟିଏ ମଧ୍ୟ ମାଡ଼ି ନାହିଁ । କ'ଣ ଏହା ସ୍ପଷ୍ଟରୂପେ

* ଶ୍ରୀ ଅବଧରେ କେତେକ ପରିକ୍ରମାର ସୀମା ଅଛି । ସବୁଠାରୁ ଛୋଟ ଅଢ଼େଇ ମାଇଲ ପରିକ୍ରମା ଶ୍ରୀ ଅବଧ ମଧ୍ୟସ୍ଥ ''ରାମକୋଟା''କୁ କୁହାଯାଏ ।

ତାଙ୍କର 'ରକ୍ଷା' ନୁହେଁ ? ଫେରେ ଏହା ମଧ୍ୟରେ କେତେ ବେମାର ହୋଇ ନାହିଁ, କିନ୍ତୁ ସେ ଅବସ୍ଥାରେ ଯେ ଅଢ଼େଇ ମାଇଲ ପରିକ୍ରମା କରିବାର ଶକ୍ତି ମିଳେ, ସେ ଶକ୍ତି କାହାର ? ନା, ଗୋସ୍ୱାମିଜିଙ୍କ ଲେଖା ସତ୍ୟ । ଭଗବାନ୍ ମଧ୍ୟ ପରମ ସତ୍ୟ !'' ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଅନ୍ଧକାର, ଆସୁରୀ ଶକ୍ତି ଏବଂ ଭାଗବତ ଦିବ୍ୟଶକ୍ତି ନିବାସ କରନ୍ତି । ମନୁଷ୍ୟ ଯେଉଁ ଶକ୍ତି ଆଡ଼କୁ ଯେତେବେଳେ ଖୋଲିଯାଏ, ସେତେବେଳେ ସେହି ଶକ୍ତି ତାକୁ ଯନ୍ତ୍ର କରି ନିଜ ବୃତ୍ତିଚୟ ପ୍ରକାଶ କରେ । ଯେଉଁମାନେ ଭକ୍ତ, ଜ୍ଞାନୀ ସେମାନେ ସବୁ ସମୟରେ ଅନ୍ଧକାର ଶକ୍ତି କ୍ରିୟା ସମୂହକୁ ବର୍ଜନ କରନ୍ତି । ସେମାନଙ୍କ ମଧ୍ୟରେ ଭାଗବତୀ ଶକ୍ତିର କ୍ରିୟା – ସମତା, ଶାନ୍ତି, ଏକାଗ୍ରତା, ଭକ୍ତି ସମର୍ପଣ ଇତ୍ୟାଦି ପ୍ରକାଶିତ ହୁଏ । ଯେଉଁମାନେ ଅସତ୍ ପ୍ରକୃତିର ବ୍ୟକ୍ତି, ସେମାନଙ୍କ ମଧ୍ୟରେ ସ୍ୱାଭାବିକ ରୂପେ ଆସୁରୀ ଶକ୍ତିର କ୍ରିୟା – ମିଥ୍ୟାଚାର, ଦମ୍ଭ, ହିଂସା, ସନ୍ଦେହ ଇତ୍ୟାଦି ଦୁର୍ଗୁଣ ପ୍ରକାଶିତ ହୁଏ । ଏମାନଙ୍କ ମଧ୍ୟରେ କେତେକ ବ୍ୟକ୍ତି ଏହାକୁ ଦୁର୍ଗୁଣ ବୋଲି ଧାରଣା କରିପାରନ୍ତି ନାହିଁ । ପୁଣି, ଯେଉଁମାନେ ଏହାକୁ ଦୁର୍ଗୁଣ ବୋଲି ଭାବନ୍ତି ସେମାନଙ୍କ ପକ୍ଷରେ ଏହା ବର୍ଜନ କରିବା ବି ସମ୍ଭବ ହୁଏ ନାହିଁ । ଏହି ଆସୁରୀ-ଶକ୍ତି ବରାବର ଛିଦ୍ର ଅନ୍ୱେଷଣରେ ରହିଥାଆନ୍ତି । ସୁଯୋଗ ପାଇବା ମାତ୍ରେ, କୌଣସି ଭକ୍ତ ବା ଜ୍ଞାନୀ ମଧ୍ୟରେ ପ୍ରବେଶ କରି, ତା' ହୃଦୟ-ଜ୍ୟୋତିଃକୁ ଅନ୍ଧକାରରେ ଆଚ୍ଛନ୍ନ କରି ଦିଅନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ଭଗବତୀ-ଶକ୍ତିର ରାଜ୍ୟ ଥିବାରୁ ଏହି ଦସ୍ୟୁମାନଙ୍କୁ ସେ ତତ୍‌କ୍ଷଣାତ୍ ବିତାଡ଼ିତ କରି ଦିଅନ୍ତି । ଏହି ମହାତ୍ମାଙ୍କ ହୃଦୟରେ ଠିକ୍ ଏହିପରି ଘଟିଲା । ତାଙ୍କର ବାରବର୍ଷ କଠୋର ଅନୁଷ୍ଠାନର ଫଳ ନ ମିଳିବାରୁ ତାଙ୍କ ମନରେ ସନ୍ଦେହ ଉତ୍ପନ୍ନ ହେଲା । ସେହି ସନ୍ଦେହର ମାର୍ଗ ପାଇ ଅନ୍ଧକାର ଶକ୍ତିଚୟ ପ୍ରବେଶ କରି କିଛି ସମୟ ସକାଶେ ତାଙ୍କ ହୃଦୟରେ ପ୍ରଜ୍ୱଳିତ ଜ୍ଞାନ ଜ୍ୟୋତିଃକୁ ଆଚ୍ଛନ୍ନ କରିଦେଲେ । କିନ୍ତୁ ତାଙ୍କ ଭିତରେ ଭାଗବତୀ ଶକ୍ତିଙ୍କର ଶାସନ ଥିବାରୁ ସେ ନିଜ ଜ୍ୟୋତିଃର ପ୍ରକାଶରେ ଅନ୍ଧକାରକୁ ଦୂର କରିଦେଲେ । ଅନ୍ଧକାର ଆବରଣ ଦୂର ହୋଇଯିବାରୁ ଜ୍ଞାନ-ଦର୍ପଣରେ ଯଥାର୍ଥ ବସ୍ତୁ ସେ ଦେଖିପାରିଲେ । ନିଜ ସନ୍ଦେହ ଯୋଗୁଁ ତାଙ୍କ ମଧ୍ୟରେ ପଶ୍ଚାତ୍ତାପଅଗ୍ନି ଜଳିବାକୁ ଆରମ୍ଭ କଲା ।

''ହାୟ, ଯେଉଁ ଭଗବାନ୍ ନିଜ ଶକ୍ତିରେ ମାତୃଗର୍ଭରୁ ରକ୍ଷା କରି ଆସୁଅଛନ୍ତି, ତାଙ୍କ ପ୍ରତି ସନ୍ଦେହ ! ଆଜି ମୋ ହୃଦୟରେ ବଜ୍ରପାତ ହେଲା । ମୁଁ ମୋ ପ୍ରିୟତମ ପ୍ରଭୁଙ୍କଠାରୁ ଦୂର ହୋଇଗଲି । ପ୍ରଭୁଙ୍କ ବିଧାନ ଛଡ଼ା ଗଛପତ୍ର ପର୍ଯ୍ୟନ୍ତ ହଲେ ନାହିଁ । ଏ ଶରୀର ପରିଚାଳିତ ହୁଏ କିପରି ? ଶାରୀରିକ କ୍ରିୟା ହୁଏ କାହା ସାହାଯ୍ୟରେ ? ଏ ଶରୀରରେ ଏହି ପରିକ୍ରମା ତୁଲ୍ୟ କଠୋର ଅନୁଷ୍ଠାନ ହେଲା କାହା ଶକ୍ତିରେ ? ଯଦି ସମସ୍ତ କାର୍ଯ୍ୟର ପଶ୍ଚାତରେ ଭାଗବତ-ଶକ୍ତି ରହି ପରିଚାଳନା କରୁ ନ ଥାଆନ୍ତେ, ତେବେ ମନୁଷ୍ୟ ବାଲ୍ୟ, ଯୁବା, ବୃଦ୍ଧ ହୋଇ ମୃତ୍ୟୁ କବଳରେ ପଡୁ ନ ଥାଆନ୍ତା । ମନୁଷ୍ୟ ଭୌତିକ ଯନ୍ତ୍ର ସାହାଯ୍ୟରେ ଏହାକୁ ଅତିକ୍ରମ କରିପାରି ଥାଆନ୍ତା ଅଥବା ସଂସାରରେ ଯେଉଁ ବୈଚିତ୍ର ସବୁ ଅଛି, ତାହାକୁ ଏକରୂପତାରେ ପରିଣତ କରି ଥାଆନ୍ତା । ମୁଁ ନିଃସନ୍ଦେହରେ ସ୍ପଷ୍ଟରୂପେ ଦେଖି ଜାଣି ଅନୁଭବ କରିଛି ଭଗବତ୍-ଶକ୍ତି ଦ୍ୱାରା ସମସ୍ତ କିଛି ପରିଚାଳିତ ହୁଏ । ମନୁଷ୍ୟ ଏହାହିଁ ଅନୁଭବ ନ କରି ପାରିବାରୁ, କର୍ମର କର୍ତ୍ତା ନିଜେ ହୁଏ, ନିଜ କର୍ମର ବନ୍ଧନରେ ପଡ଼ି ତାହାର ଫଳ ଦୁଃଖ ସୁଖ ଭୋଗ କରେ । ଏହି କାରଣରୁ ଜନ୍ମ-ମୃତ୍ୟୁ ଚକ୍ରରେ ଘୂରୁଥାଏ ।

''ହେ ପ୍ରଭୁ, ମୋର ଏହି ଅପରାଧ କ୍ଷମା କର । କର୍ମର ଫଳ ସ୍ୱରୂପ ତୁ ପ୍ରାପ୍ତ ହେଉ ନାହିଁ । ତୁ ପ୍ରାପ୍ତ ହେଉ ନିଜ କୃପାରେ । ସାଧକ ଭିତରେ ତୁ ସ୍ୱୟଂ କର୍ମ କରୁ ।'' ଏହିପରି ପଶ୍ଚାତ୍ତାପ-ଅଗ୍ନିରେ ତପ୍ତ ହୋଇ ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ପ୍ରାର୍ଥନା କରୁ କରୁ ତାଙ୍କର କଣ୍ଠରୁଦ୍ଧ ହୋଇଗଲା । ସେ ରାମକୋଟାର ମଧ୍ୟ ସ୍ଥାନରେ, କନକ ଭବନର ପଶ୍ଚାତରେ ଅଯୋଧ୍ୟା ମଧ୍ୟସ୍ଥ ପରିକ୍ରମା ମାର୍ଗରେ ଗଛ କାଟିଲା ପରି ଛିଡ଼ା ଛିଡ଼ା ପଡ଼ିଗଲେ । ସମସ୍ତ ଶରୀର ଶିଥିଳ । ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଉଅଛି । ନେତ୍ର ବନ୍ଦ । ମନରେ ବିଚାର ନାହିଁ, ମୁଖରେ ପ୍ରାର୍ଥନା ନାହିଁ । ସମସ୍ତ ବାହ୍ୟକ୍ରିୟା ଏକେବାରେ ବନ୍ଦ ହେଲେ ଅନ୍ତରର ବହୁତ ଗଭୀରରେ କ୍ରିୟା ଯଥାର୍ଥ ଭାବେ ହୁଏ । ହଠାତ୍ ଏକ ପ୍ରବଳ ଜ୍ୟୋତିଃ ପ୍ରକାଶିତ ହେବାରୁ ତାଙ୍କ ଚକ୍ଷୁ ସ୍ୱତଃ ଖୋଲିଗଲା । ସେହି ଜ୍ୟୋତିଃ ମଧ୍ୟରେ ସରଯୁ-ତଟରେ ଅବସ୍ଥିତ ଦିବ୍ୟ

ବିଶାଳ ଅଯୋଧ୍ୟାପୁରୀକୁ ସେ ଦର୍ଶନ କଲେ । ସୁବର୍ଣ୍ଣ ମଣିମାଣିକ୍ୟରେ ନିର୍ମିତ ପୁରୀର ସମସ୍ତ ଭବନଠାରୁ ବିଶାଳ ଓ ଆକାଶଚୁମ୍ବୀ ପ୍ରାସାଦ ହେଲା ଶ୍ରୀରାମଚନ୍ଦ୍ରଙ୍କ ରାଜଭବନ । ତା'ର କାରୁକାର୍ଯ୍ୟ ଏବଂ ସୌନ୍ଦର୍ଯ୍ୟ ମନୁଷ୍ୟର ଏହି ପ୍ରାକୃତ ଭାଷାରେ ଅବର୍ଣ୍ଣନୀୟ । ତାହାର ଚାରିଦିଗରେ ସାତ ପ୍ରକୋଟା । ଅର୍ଥାତ୍ ରାଜଭବନରେ ସପ୍ତ ଆବୃତରେ ଭବନ ସମୂହ ନିର୍ମିତ ହୋଇଅଛି । ପ୍ରତ୍ୟେକ ଆବୃତରେ ସୁନ୍ଦର ସୁନ୍ଦର ରାସ୍ତା, ସୁବର୍ଣ୍ଣରେ ନିର୍ମିତ । ଏହି ସପ୍ତକୋଟା ମଧ୍ୟରେ ରାଜଭବନ ଏପରି ଶୋଭା ପାଉଅଛି, ଯାହାର ଉପମା ବୁଦ୍ଧିର ଅଗମ୍ୟ । ସମସ୍ତ ପୁରବାସୀ ସୁନ୍ଦର ଓ ଦିବ୍ୟ ଭୂଷଣରେ ସୁସଜ୍ଜିତ । ପୁରୀର ପ୍ରତ୍ୟେକ ବସ୍ତୁ ଦିବ୍ୟ । କିନ୍ତୁ ଏହା ପ୍ରାକୃତ ବସ୍ତୁଠାରୁ ପୃଥକ୍ । ରାଜମହଲ ମଧ୍ୟରେ, ରତ୍ନସିଂହାସନରେ ଶ୍ରୀରାମ, ରାଜଦୁଲାଳୀ ଜନକ-ନନ୍ଦିନୀ ଶ୍ରୀ ମୈଥିଳୀ ସହିତ ବିରାଜମାନ । ତାଙ୍କ ମସ୍ତକରେ ଲକ୍ଷ୍ମଣ ଛତ୍ର ଧାରଣ କରିଅଛନ୍ତି । ଭରତ, ଶତ୍ରୁଘ୍ନ ବି ଚାମର କରୁଅଛନ୍ତି । ହନୁମାନଜି ହସ୍ତଯୋଡ଼ି ମସ୍ତକ ନତକରି ଶ୍ରୀସୀତାରାମଙ୍କ ଚରଣରେ ସମସ୍ତ ଚେତନା ଏକାଗ୍ର କରି ଛିଡ଼ା ହୋଇଅଛନ୍ତି । ଏମାନଙ୍କ ଚତୁର୍ଦିଗରେ ଦେବତାବୃନ୍ଦ । ଏହି ଅଲୌକିକ ଆନନ୍ଦରେ ସମସ୍ତ ରାତ୍ରି ଏକକ୍ଷଣ ତୁଲ୍ୟ ସମାପ୍ତ ହୋଇଗଲା । ପ୍ରାତଃକାଳରେ ସନ୍ଥ ମହାତ୍ମାମାନେ ସରଯୁରେ ସ୍ନାନ କରି ଫେରିବା ସମୟରେ ଏହି ମହାତ୍ମାଙ୍କୁ ରାସ୍ତାରେ ପଡ଼ିଥିବାର ଦେଖିଲେ । ସେମାନେ ସଚେତ କରି ପଚାରିବାରୁ, ସେ ରାତ୍ରିରେ ଦିବ୍ୟ ଅଯୋଧ୍ୟାପୁରୀ ଦର୍ଶନର ସମସ୍ତ ବିଷୟ ବର୍ଣ୍ଣନା କଲେ । ତାଙ୍କର ସମସ୍ତ ଚେତନା ସେହି ଦିବ୍ୟ ଆନନ୍ଦ ସହିତ ଏପରି ଏକ ହୋଇ ଯାଇଥିଲା ଯେ ସେ ପୁନର୍ବାର ସେଥିରୁ ଫେରି ଆସିବାକୁ ଚାହୁଁ ନ ଥିଲେ । ସେହି ମୁନି-ଦୁର୍ଲଭ ଭଗବଦାନନ୍ଦରେ ପରମ-ଭାଗ୍ୟବାନ୍ ମହାତ୍ମା ଏହି ପଞ୍ଚଭୌତିକ ନଶ୍ୱର ଶରୀରକୁ ପୁରାତନ ବସ୍ତ୍ରତୁଲ୍ୟ ତ୍ୟାଗ କରି ସାକେତରେ ଶ୍ରୀସୀତାରାମ ନିତ୍ୟ ସେବାରେ ଉପନୀତ ହେଲେ ।

ସେହି ଅବଧ ପାବନଭୂମିର ରେଣୁକୁ ମସ୍ତକରେ ଭୂଷିତ କରିବା ପାଇଁ ଏବଂ ପରମ-ପାବନ ପାପ-ତାପହାରୀ ମାନସ-ନନ୍ଦିନୀ ଶ୍ରୀ ସରଯୁରେ ନିମଜ୍ଜନ କରିବା ପାଇଁ ସୁଦୂର ଦେଶ ବିଦେଶରୁ ଓ ବିଭିନ୍ନ ପ୍ରାନ୍ତରୁ ଅସଂଖ୍ୟ ନରନାରୀ ପବିତ୍ର ମନୋଭାବ ସହ ଆସି କୃତାର୍ଥ ହେଉଅଛନ୍ତି । ବହୁତ ବୀତରାଗୀ, ତପସ୍ୱୀ, ଭକ୍ତ, ଜ୍ଞାନୀ, ସନ୍ଥ, ମହାତ୍ମାମାନେ ବିଭିନ୍ନ ସ୍ଥାନମାନଙ୍କରୁ ଆସି ସେଠାରେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କରି ସିଦ୍ଧି ପ୍ରାପ୍ତ କରୁଅଛନ୍ତି; ସ୍ୱୟଂ ଉଦ୍ଧାର ହେଉଅଛନ୍ତି ଏବଂ ନିଜର ତପସ୍ୟା, ଶୁଦ୍ଧ-ହୃଦୟ, ସଦ୍‌ଗୁଣାଦି ଦ୍ୱାରା ଅନ୍ୟାନ୍ୟ ଶ୍ରଦ୍ଧାଳୁ ନର-ନାରୀମାନଙ୍କୁ ଉଦ୍ଧାର କରୁଅଛନ୍ତି । ଶ୍ରୀ ଅବଧଧାମରେ ପରମାତ୍ମା ପୁରୁଷୋତ୍ତମ ତତ୍ତ୍ୱ ଅବତାର ନେଇ ଲୀଳା କରିଥିବାରୁ ତାହା ସ୍ୱତଃ ପରମ ପବିତ୍ର ଏବଂ ଦିବ୍ୟ ଥିଲା । କିନ୍ତୁ ସନ୍ଥ, ମହାତ୍ମା, ଭକ୍ତମାନଙ୍କର ସାଧନା-ପୀଠରେ ପରିଣତ ହେବାରୁ ସୁବର୍ଣ୍ଣରେ ସୁଗନ୍ଧ ସଦୃଶ ହୋଇଗଲା । ସାମୂହିକରୂପେ ଯେଉଁଠାରେ ସତ୍-ଆଚରଣ କରାହୁଏ, ସେ ସ୍ଥାନରେ ଶୁଦ୍ଧ ବାତାବରଣ ସୃଷ୍ଟି ହୁଏ ଏବଂ ଅନ୍ୟକୁ ଏହା ପବିତ୍ର କରିବାରେ ସାହାଯ୍ୟ କରେ । ସେହି କାରଣରୁ ସାଧନା କରିବା ସକାଶେ ସାଧକ ପବିତ୍ର ତୀର୍ଥସ୍ଥାନ ଅଥବା ସାମୂହିକ ସାଧନ-ପୀଠର ଆଶ୍ରୟ ନିଏ ।

ଅଯୋଧ୍ୟାପୁରୀ ଫଏଜବାଦଠାରୁ ଚାରି ମାଇଲ ଦୂର ସରଯୁ ନଦୀକୂଳରେ ସ୍ଥିତ ଗୋଟିଏ ସୁରମ୍ୟ ନଗରୀ । ଅଯୋଧ୍ୟାର ତିନି ଦିଗ ସରଯୁ ଦ୍ୱାରା ଆବୃତ । ତାହାର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସରଯୁ କୂଳରେ ସୀତାରାମଙ୍କ ମନ୍ଦିର ଏବଂ ସେଥିରେ ସନ୍ଥ, ମହାତ୍ମାମାନଙ୍କ ନିବାସ ସ୍ଥାନ । ଅଯୋଧ୍ୟାପୁରୀର ସର୍ବତ୍ର, ଆଦ୍ୟ, ପ୍ରାନ୍ତ ଏବଂ ମଧ୍ୟ ମଠ, ମନ୍ଦିରରେ ପୂର୍ଣ୍ଣ । ଏଠାରେ ଜନସଂଖ୍ୟାର ତିନିଭାଗ ତ୍ୟାଗୀ, ବୈଷ୍ଣବ, ସନ୍ଥ । ଅନ୍ୟାନ୍ୟ ଅବଧବାସୀଙ୍କ ମଧ୍ୟରୁ କେତେକ ବ୍ୟକ୍ତି ତୀର୍ଥସେବକ, ଆଉ କେତେକ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କରିବା ନିମିତ୍ତ ବାସ କରୁଅଛନ୍ତି । ସେଠିକାର ସମସ୍ତ ନର-ନାରୀ ବୈଷ୍ଣବ ସମ୍ପ୍ରଦାୟରେ ଦୀକ୍ଷା ଗ୍ରହଣ କରି ଭଗବାନ୍ ରାମଙ୍କୁ ଉପାସନା କରନ୍ତି । ଘରେ ଶ୍ରୀସୀତାରାମ ମୂର୍ତ୍ତି ସ୍ଥାପନ କରି ପୂଜା କରନ୍ତି । ସେ ପୁରୀର ପ୍ରଭାବରୁ ସମସ୍ତ ଅବଧବାସୀଙ୍କୁ ସନ୍ଥ, ଭକ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାତି ଦୁଇଟାଠାରୁ ଆରଦିନ ରାତି ବାରଟା ପର୍ଯ୍ୟନ୍ତ ଅଯୋଧ୍ୟାର ଯେଉଁ ଗଳିରେ, ଯେଉଁ ସଡ଼କରେ ହେଉ ସୀତାରାମ ଧ୍ୱନି, ରାମାୟଣ-ପାଠ, ପୂଜା ଓ ଆଳତିର ବାଦ୍ୟ, ସ୍ତୁତି ଶୁଣିବାକୁ ମିଳେ । ଅବଧପୁରୀର ବହୁତ ସ୍ଥାନରେ ପ୍ରତିଦିନ ସତ୍‌ସଙ୍ଗ ହରିକଥା, କୀର୍ତ୍ତନ ବରାବର ହେଉଥାଏ । କେତେକ ସ୍ଥାନରେ ରାତ୍ରିଦିନ ଅଖଣ୍ଡ କୀର୍ତ୍ତନ ବରାବର

ହୁଏ । ଶୁଭଦିନମାନଙ୍କରେ ପ୍ରତ୍ୟେକ ମନ୍ଦିରରେ ଉତ୍ସବ ହୁଏ । ଅଯୋଧ୍ୟାର ପ୍ରତ୍ୟେକ ଗଳିରେ, ସରଯୂ ତଟରେ ଊର୍ଦ୍ଧ୍ୱ-ପୁଣ୍ଡ୍ର ତିଳକଧାରୀ ଜଟା-ବିଭୂଷିତ ତେଜୋପୂର୍ଣ୍ଣ ମହାତ୍ମାମାନଙ୍କର ଦର୍ଶନ ମନୁଷ୍ୟ ମନରେ ସ୍ୱତଃ ସାତ୍ତ୍ୱିକ ଭାବ ଏବଂ ଭଗବତ୍ ପ୍ରେମର ପ୍ରେରଣା ଦିଏ । ସେହି ଦିବ୍ୟ ପବିତ୍ର ଭୂମିରେ କେତେକ ବର୍ଷ ନିବାସ କରିବାର ସୌଭାଗ୍ୟ ମୋତେ ପ୍ରାପ୍ତ ହୋଇଥିଲା ।

ଏପରି ପବିତ୍ର ପୂର୍ବ-ନିବାସ ଭୂମିର ଦୀର୍ଘ ପନ୍ଦର ବର୍ଷ ପରେ ଦର୍ଶନ କରିବାରେ କିପରି ଆନନ୍ଦ ପ୍ରାପ୍ତ ହୁଏ, ତାହା ଯେକୌଣସି ଭୁକ୍ତଭୋଗୀ ଅନୁଭବ କରିପାରିବେ । ସେଠାରେ ପହୁଞ୍ଚିବା ପରେ ମନେ ହେଉଥିଲା ଯେପରି ଏକହିଁ ସମୟରେ ସମସ୍ତ ସ୍ଥାନ, ସମସ୍ତ ମନ୍ଦିର, ଶ୍ରୀସରଯୂ ଓ ମହାତ୍ମାଙ୍କ ଦର୍ଶନ କରି ନିଅନ୍ତି । ଶରୀର ଜଡ଼ ଆଉ ସୀମାବଦ୍ଧ ଥିବାରୁ ହୃଦୟର ସେ ଆକାଙ୍କ୍ଷା ସଫଳ ହୋଇପାରିଲା ନାହିଁ । ମନ୍ଦିର ଓ ମହାତ୍ମାମାନଙ୍କୁ କ୍ରମଶଃ ଦର୍ଶନ କରିବାକୁ ହେଲା । ଯେଉଁଠାକୁ ଗଲେ ସେଠାରେ ବିଳମ୍ବ ହୁଏ । ରାସ୍ତାରେ ଯେଉଁ ପରିଚିତ ମହାତ୍ମାଙ୍କ ସଙ୍ଗେ ଦେଖା ହୁଏ, ତାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ହୁଏ, ସେଥିପାଇଁ ପାଞ୍ଚ ମିନିଟ୍ ରାସ୍ତା ସମାପ୍ତ କରିବାରେ ପ୍ରାୟ ଅଧଘଣ୍ଟାଏ ଯାଏ । ସମସ୍ତ ପରିଚିତ ମହାତ୍ମାଙ୍କୁ ଶୀଘ୍ର ଦର୍ଶନ କରିବା ଉତ୍କଣ୍ଠାରେ ଏହି ପରିସ୍ଥିତି ଅନ୍ତରାୟ ହେଲା । ଶେଷରେ ପୂର୍ବେ ଦୀର୍ଘକାଳ ବାସ କରିଥିବା ଶ୍ରୀଗୁରୁଦେବଙ୍କ ପୁଷ୍ପ-ବାଟିକାରେ ପ୍ରଥମରେ ପହୁଞ୍ଚି ତା'ପରେ ଆଶ୍ରମ ଦର୍ଶନ କରିବାକୁ ଗଲି ।

ମୋର ଜ୍ୟେଷ୍ଠ ଗୁରୁଭ୍ରାତା ଶ୍ରୀଗୁରୁ ମହାରାଜଙ୍କ ଗାଦିରେ ବର୍ତ୍ତମାନ ମହନ୍ତ । ପ୍ରାୟ ୩୦ ବର୍ଷ ପୂର୍ବେ ଶ୍ରୀଗୁରୁଦେବଙ୍କଠାରୁ ବୈଷ୍ଣବ ଧର୍ମର ଦୀକ୍ଷା ଗ୍ରହଣ କରିବା ସମୟରେ ଏହି ମହନ୍ତଙ୍କଠାରୁ ବୈଷ୍ଣବ ଧର୍ମର ବହୁତ ବିଷୟ ଶିକ୍ଷା କରିଥିଲି । ଏହି ମହାତ୍ମା ବଡ଼ ଉଦାର, ଶାନ୍ତ, ଦୟାଳୁ ସ୍ୱଭାବର ବ୍ୟକ୍ତି । ମୋ ପ୍ରତି ତାଙ୍କର ପୂର୍ବରୁ ସ୍ୱାଭାବିକ ସ୍ନେହ ଥିଲା । ବହୁଦିନ ପରେ ଦେଖା ହେବାରୁ ସେ ବଡ଼ ଆନନ୍ଦିତ ହେଲେ । ଫେର୍ କ'ଣ ଥିଲା ? କଥାବାର୍ତ୍ତାର ଝଡ଼ି ଲାଗିଗଲା । ସେହି କଥାବାର୍ତ୍ତା ପ୍ରସଙ୍ଗରେ ଆଶ୍ରମର ବହୁତ ବିଷୟ ଆଲୋଚିତ ହେଲା । ଶେଷରେ, ''ଆଶ୍ରମରେ ବର୍ଣ୍ଣ-ଧର୍ମ ପାଳିତ ହୁଏ ନାହିଁ କାହିଁକି ?'' ସେ ଏହି ପ୍ରଶ୍ନଟି କଲେ । ତାଙ୍କର ସ୍ନେହପୂର୍ଣ୍ଣ ଆଗ୍ରହ ଦେଖି ଓ ଆଜ୍ଞା ପାଇ ସେହି ପ୍ରଶ୍ନର ଉତ୍ତର ନିବେଦନ କଲି ।

ଆଶ୍ରମ ଓ ବର୍ଣ୍ଣ-ଧର୍ମ

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ବର୍ଣ୍ଣଧର୍ମ ପାଳନ କରାଯାଏ ନାହିଁ କାହିଁକି ?

ଉତ୍ତର : ଆଶ୍ରମରେ ବର୍ଣ୍ଣଧର୍ମ ପାଳନ କରିବାର ଆବଶ୍ୟକତା କ'ଣ ? ସେ ତ ଗୋଟାଏ ଆଧ୍ୟାତ୍ମିକ ସଂସ୍ଥା । କୌଣସି ଆଧ୍ୟାତ୍ମିକ ସଂସ୍ଥାରେ ବର୍ଣ୍ଣଧର୍ମକୁ ତାହାର ଅଙ୍ଗରୂପେ ପାଳନ କରାହୁଏ ନାହିଁ ।

ପ୍ରଶ୍ନ : ତୁମେ ଜଣେ ବୈଷ୍ଣବ, ତୁମ ପକ୍ଷରେ ଏପରି ଉତ୍ତର ଦେବା ଉଚିତ ନୁହେଁ, ସମସ୍ତ ଆଧ୍ୟାତ୍ମିକ ସମ୍ପ୍ରଦାୟ ଶାସ୍ତ୍ରାନୁସାରେ ପରିଚାଳିତ ହୁଏ; ଶାସ୍ତ୍ର ଆଜ୍ଞାକୁ ମାନେ ଓ ପାଳନ କରେ । ଆଧ୍ୟାତ୍ମିକ ବ୍ୟକ୍ତି ସମାଜର ଧର୍ମମାର୍ଗ-ପ୍ରଦର୍ଶକ । ସେମାନେ ଯଦି ଧର୍ମ ଯଥାବିଧି ପାଳନ ନ କରନ୍ତି, ତେବେ ସେମାନେ ସମାଜ ବିପଥଗାମୀ ହେବାର କାରଣ ହେବେ । ବର୍ଣ୍ଣ-ଧର୍ମ ଶାସ୍ତ୍ରପ୍ରତିପାଦିତ, ସମାଜର ଏକ ସ୍ତମ୍ଭ; ତାକୁ ଭାଙ୍ଗି ଦେଲେ ସମସ୍ତ ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳାରେ ପରିଣତ ହେବ । ଏହା କ'ଣ ଶାସ୍ତ୍ରର ବିରୋଧ ନୁହେଁ ?

ଉତ୍ତର : ପ୍ରଥମରେ ବିଚାର କରିବାକୁ ହେବ, ଆଧ୍ୟାତ୍ମିକ ଧର୍ମରେ ବର୍ଣ୍ଣ-ବ୍ୟବସ୍ଥାର ସ୍ଥାନ ଅଛି କି ନାହିଁ । ଯଦି ଥାଏ, ତେବେ ଏହିସବୁ ଅଭିଯୋଗ ଯୁକ୍ତିଯୁକ୍ତ ହୋଇପାରେ । ଶାସ୍ତ୍ରରେ ବହୁତ ପ୍ରକାର ଧର୍ମର ବ୍ୟବସ୍ଥା କରାହୋଇଅଛି । ଏପରି କି ଏକ ଧର୍ମାଚରଣ ଅନ୍ୟ ଧର୍ମରେ ବିପରୀତ ଫଳ ଦେବାର ଦେଖାଯାଉଛି । ଆଧ୍ୟାତ୍ମିକ ଓ ସମାଜ-ଧର୍ମ ଠିକ୍ ସେହିପରି । ସମାଜରେ ଯେଉଁ ଧର୍ମ ଆଚରଣ କରାହୁଏ, ଯାହା ଦ୍ୱାରା ମନୁଷ୍ୟ ଉନ୍ନତି-ମାର୍ଗରେ ଅଗ୍ରସର ହୁଏ, ଠିକ୍ ସେହି ଧର୍ମର ଆଚରଣରେ ଆଧ୍ୟାତ୍ମିକ ସାଧକର ପତନ ହୁଏ ।

ଆଧ୍ୟାତ୍ମିକ ଧର୍ମ ପରମ ସତ୍ୟ, ଅନ୍ତରାତ୍ମା ଦ୍ୱାରା ନିର୍ଣ୍ଣୀତ; ସମସ୍ତ ଦେଶ, କାଳ, ସମସ୍ତ ବ୍ୟକ୍ତି ସକାଶେ ଶାଶ୍ୱତ ଓ ଅପରିବର୍ତ୍ତନୀୟ । ସମାଜର ବର୍ଣ୍ଣ-ଧର୍ମାଦି ଦେଶ-କାଳ-ଗତ, ପରିବର୍ତ୍ତନଶୀଳ ।

ଆଧ୍ୟାତ୍ମିକ ଧର୍ମ ଆତ୍ମା ଦ୍ୱାରା ନିର୍ଦ୍ଦେଶିତ ହୁଏ । ଆଧ୍ୟାତ୍ମିକ ସାଧକ ଆତ୍ମାରେ ନିବାସ କରେ, ଆତ୍ମାର ସତ୍ୟ ଦ୍ୱାରା ପରିଚାଳିତ ହୁଏ । ପ୍ରତ୍ୟେକ ବସ୍ତୁରେ ଆତ୍ମାକୁ ଓ ଆତ୍ମାର ଆତ୍ମା ପରମାତ୍ମାଙ୍କୁ ଦେଖେ । ପ୍ରତ୍ୟେକ ପ୍ରାଣୀରେ ତାହାର ସ୍ୱାଭାବିକ ଆତ୍ମ-ବୁଦ୍ଧି ହୁଏ । ସେ ଆତ୍ମାରେ ବାସ କରୁଥିବାରୁ ତାହାର ଅହଂଗତ ପୃଥକ୍‌ତ୍ୱ ନଷ୍ଟ ହୋଇଯାଏ । ପୃଥକ୍‌ତ୍ୱରେ ସେ ଏକତ୍ୱ ଅନୁଭବ କରେ । ତାହାର ହୃଦୟ ଶୁଦ୍ଧ ହୋଇ ଆତ୍ମ-ଜ୍ଞାନ ପ୍ରାପ୍ତ ହେବାରୁ ସମତା ଗୁଣ ସ୍ୱାଭାବିକରୂପେ ଲାଭ ହୁଏ । ସତ୍ୟ ଓ ସମତାରେ ହିଂସା, ରାଗ, ଦ୍ୱେଷ, ସ୍ୱାର୍ଥପରତା ପ୍ରବେଶ କରିବାର ମାର୍ଗ ରୁଦ୍ଧ ହୋଇଯାଏ । ସେନେଇ ତାକୁ ସଂକୁଚିତ ଭେଦତ୍ୱ, ଅହଂଗତ ବର୍ଣ୍ଣାଦି ଧର୍ମକୁ ପାଳନ କରିବା ଆବଶ୍ୟକ ହୁଏ ନାହିଁ, ଏପରି କି ତାହା ଆଧ୍ୟାତ୍ମିକ ଧର୍ମର ଅନ୍ତରାୟ ହୁଏ । ଏହି ଆଧ୍ୟାତ୍ମିକ ଧର୍ମ ପ୍ରତ୍ୟେକ ପ୍ରାଣୀ, ପ୍ରତ୍ୟେକ ଜାତି, ପ୍ରତ୍ୟେକ ଦେଶ, ପ୍ରତ୍ୟେକ ସମୟରେ ଅପରିବର୍ତ୍ତନୀୟ, ଏକ ଏବଂ ଶାସ୍ତ୍ର-ସମ୍ମତ ।

ବର୍ଣ୍ଣାଦି ସମାଜ-ଧର୍ମ ଠିକ୍ ଏହାର ବିପରୀତ । ସମାଜବାଦୀ ଅର୍ଥାତ୍ ନୈତିକବାଦୀ ଆତ୍ମ-ଜ୍ଞାନ ପ୍ରାପ୍ତ କରେ ନାହିଁ । ଜାତି, ଦେଶ, କାଳାନୁସାରେ ମନ-ନିର୍ମିତ ଧର୍ମକୁ ଭିନ୍ନ ଭିନ୍ନ ରୂପେ ଆଚରଣ କରେ । ଅଧ୍ୟାତ୍ମ-ଧର୍ମତୁଲ୍ୟ ଏହା ଶାଶ୍ୱତ, ସତ୍ୟ, ଅପରିବର୍ତ୍ତନୀୟ ନୁହେଁ । ଯେଉଁ ବସ୍ତୁ ପରିବର୍ତ୍ତନଶୀଳ ତାହା ଅସତ୍ୟ । ଅଧ୍ୟାତ୍ମ ସାଧକ ସତ୍ୟର ସନ୍ଧାନୀ, ସେଥିପାଇଁ ସେ ଅସତ୍ୟର ଆଶ୍ରୟ ନେଇପାରେ ନାହିଁ । ନୈତିକ ଧର୍ମରେ ବର୍ଣ୍ଣ-ଧର୍ମର ମହତ୍ତ୍ୱ କେବଳ ଭାରତରେ । ଏହାଛଡ଼ା ଏସିୟା ଏବଂ ୟୁରୋପ ଆଦି ଅନ୍ୟ କୌଣସି ଦେଶରେ ନାହିଁ । ଏହା କ'ଣ କୁହାଯାଇପାରେ ଯେ ଭାରତ ଛଡ଼ା ଅନ୍ୟ କୌଣସି ଦେଶରେ ଆଧ୍ୟାତ୍ମିକ ସାଧକ ହେଉ ନାହାନ୍ତି ? ଯଦି ହେଉଅଛନ୍ତି ତେବେ ଅଧ୍ୟାତ୍ମ-ଧର୍ମରେ ବର୍ଣ୍ଣ-ଧର୍ମକୁ ସ୍ଥାନ ଦେବାର କୌଣସି ଆବଶ୍ୟକତା ନାହିଁ । କାରଣ ଏହା ଅସତ୍ୟ ଏବଂ ଅସ୍ଥାୟୀ । କ'ଣ ଏହା କେହି କହିପାରେ ଯେ ସମତା, ସତ୍ୟ, ଆତ୍ମ-ଜ୍ଞାନ ଅନ୍ୟାନ୍ୟ ଦେଶ, ଅନ୍ୟାନ୍ୟ ସମ୍ପ୍ରଦାୟର ଆଧ୍ୟାତ୍ମିକ ସାଧକ ନିମିତ୍ତ ପୃଥକ୍ ? କ'ଣ ଏହାଛଡ଼ା ଅଧ୍ୟାତ୍ମ-ଧର୍ମ ରହିପାରେ ? କଦାପି ନୁହେଁ । ଅନ୍ୟାନ୍ୟ ଦେଶର ଅଧ୍ୟାତ୍ମ-ଧର୍ମ, ସମାଜ-ଧର୍ମ, ଏବଂ ବର୍ଣ୍ଣ-ଧର୍ମର ଆବଶ୍ୟକତା ନ ରଖୁଥିବା ସତ୍ତ୍ୱେ ସେଥିରେ କିଛି ତ୍ରୁଟି ଦେଖାଯାଉ ନାହିଁ । ସେଥିପାଇଁ ଏହା ଅଧ୍ୟାତ୍ମ-ଧର୍ମରେ ରହିବା ଅନିବାର୍ଯ୍ୟ ନୁହେଁ । ଏହା କେବଳ ଭାରତବର୍ଷରେ ସମାଜ-ନୀତି ଅନୁସାରେ ସମାଜରେ ପାଳନୀୟ ଏବଂ ଶାସ୍ତ୍ର-ସମ୍ମତ । ଅଧ୍ୟାତ୍ମ-ଧର୍ମରେ ବର୍ଣ୍ଣ-ଧର୍ମ ପାଳନ କରିବା ଶାସ୍ତ୍ରର ଆଜ୍ଞା ନୁହେଁ । ଅଧ୍ୟାତ୍ମଧର୍ମ ଓ ସମାଜ-ଧର୍ମ ମଧ୍ୟରେ ପ୍ରଭେଦ ନ ବୁଝି ସମାଜ-ଧର୍ମକୁ ଅଧ୍ୟାତ୍ମ-ଧର୍ମର ଏକ ଅଙ୍ଗ ବୋଲି କେହି କେହି ମାନି ନେଇଛନ୍ତି ।

ପ୍ରଶ୍ନ : ଅଧ୍ୟାତ୍ମ-ଧର୍ମରେ ଯଦି ବର୍ଣ୍ଣ-ଧର୍ମର ଆବଶ୍ୟକତା ନ ଥାଏ ତଥାପି ସମାଜକୁ ଦୃଢ଼ ରଖିବା ସକାଶେ ତାହା ଅବଶ୍ୟ ପାଳନୀୟ । ଶ୍ରେଷ୍ଠ ଲୋକେ ଯାହା ଆଚରଣ କରନ୍ତି ଅନ୍ୟ ସମସ୍ତେ ତାହା ଅନୁକରଣ କରନ୍ତି ।

ଉତ୍ତର : ଏକ ଧର୍ମର ଅନୁକରଣ ଅନ୍ୟ ଧର୍ମ ପୂର୍ଣ୍ଣରୂପେ କରେ ନାହିଁ । ଏକ ଧର୍ମର ବ୍ୟକ୍ତି ଅନ୍ୟ ଧର୍ମର ଆଦର୍ଶ ହୋଇପାରେ ନାହିଁ । ଗୀତା କହିଛି, ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'' କୌଣସି ଅଧ୍ୟାତ୍ମ-ଧର୍ମ ସମାଜ-ଧର୍ମର ପୂର୍ଣ୍ଣରୂପେ ଅନୁକରଣୀୟ ନୁହେଁ । ଏପରିକି ଏକ ଅନ୍ୟର ବିପରୀତ । ମନୁଷ୍ୟର ବୈରାଗ୍ୟ ହେବା ମାତ୍ରେ, ସେ ତାହାର ପିତାମାତାଙ୍କ ସେବା, ଗୃହ, ପିଣ୍ଡ-ଦାନ, ଅତିଥି-ସତ୍କାର, ବଂଶରକ୍ଷା ଏବଂ ଧର୍ମାଚରଣ ସକାଶେ ଶୁଭ ବିବାହ ଓ ପୁତ୍ର-ଉତ୍ପନ୍ନ ଇତ୍ୟାଦି ସମାଜର ସମସ୍ତ ମହତ୍ତ୍ୱପୂର୍ଣ୍ଣ ଧର୍ମ ତ୍ୟାଗକରେ ଏବଂ ଭଗବାନଙ୍କୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ପୂର୍ବ ନାମ, ଜାତି, ଗୋତ୍ର ପରିତ୍ୟାଗ କରି ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଆଧ୍ୟାତ୍ମିକ ଧର୍ମରେ ଦୀକ୍ଷା ଗ୍ରହଣ କରେ । କ'ଣ ସମାଜବାଦୀ ଏହି ଆଧ୍ୟାତ୍ମିକ ସାଧକର ତ୍ୟାଗର ଆଦର୍ଶ ଗ୍ରହଣ କରେ ? ନା ଏଥିରେ ପ୍ରଭାବିତ ହୁଏ ? ଯଦି ନୁହେଁ, ତେବେ ଅଧ୍ୟାତ୍ମବାଦୀଙ୍କ ବର୍ଣ୍ଣ-ଧର୍ମ ତ୍ୟାଗକୁ ସମାଜବାଦୀ ଆଦର୍ଶରୂପେ ଗ୍ରହଣ କରିବ କାହିଁକି ?

ପ୍ରଶ୍ନ : ଅଧ୍ୟାତ୍ମ-ଧର୍ମରେ ଆତ୍ମ-ଜ୍ଞାନ, ଭଗବତ୍-ଜ୍ଞାନ ପ୍ରାପ୍ତ କରାହୁଏ । ଏହା ପ୍ରାପ୍ତ ହେବା ପରେ ବର୍ଣ୍ଣ-ଧର୍ମର ଅର୍ଥାତ୍ ନୈତିକ-ଧର୍ମର ଆବଶ୍ୟକତା ନ ହୋଇପାରେ, କିନ୍ତୁ ଏହାକୁ ପ୍ରାପ୍ତ କରିବାର ସାଧନା ଅବସ୍ଥାରେ ପୂର୍ବ ଧର୍ମକୁ

ତ୍ୟାଗ କଲେ ଚିତ୍ତ-ଶୁଦ୍ଧି ହୁଏ ନାହିଁ । ଅଶୁଦ୍ଧ ଚିତ୍ତରେ ଭଗବତ୍ ପ୍ରାପ୍ତି ସମ୍ଭବ ନୁହେଁ । ଅତଏବ ପ୍ରଥମାବସ୍ଥାରେ ବର୍ଣ୍ଣ-ଧର୍ମ ଆଚରଣ କରିବା ବାଞ୍ଛନୀୟ ।

ଉତ୍ତର : କେତେକ ଆଧ୍ୟାତ୍ମିକ ସଂପ୍ରଦାୟର ବ୍ୟକ୍ତି ଏପରି କହନ୍ତି ସତ, କିନ୍ତୁ କାର୍ଯ୍ୟରେ କରନ୍ତି ନାହିଁ । ଯଦି ଏହାହିଁ ଯୁକ୍ତିଯୁକ୍ତ ହୁଅନ୍ତା ତେବେ କେବେ ବି ସମାଜ-ଧର୍ମକୁ ତ୍ୟାଗ କରିବାକୁ ପଡ଼ନ୍ତା ନାହିଁ । ଅଧ୍ୟାତ୍ମ-ଧର୍ମର ଉଦ୍ଦେଶ୍ୟ ଭଗବାନଙ୍କୁ ପ୍ରାପ୍ତ କରିବା । ଯଦି ଭଗବତ୍-ପ୍ରାପ୍ତି ହେବା ପର୍ଯ୍ୟନ୍ତ ସମାଜ-ଧର୍ମକୁ ପାଳନ କରିବାକୁ ହୁଏ, ତେବେ ଭଗବତ୍-ପ୍ରାପ୍ତି ପରେ ତାକୁ ତ୍ୟାଗ କରିବା ଆବଶ୍ୟକ କ'ଣ ? ଫେର ଏହାର ନାମ ''ଅଧ୍ୟାତ୍ମଧର୍ମ'' ବୋଲି କାହିଁକି ହୁଅନ୍ତା ? ଏହା ହୁଅନ୍ତା ସମାଜ-ଧର୍ମର ଏକ ପୂର୍ଣ୍ଣ ଅବସ୍ଥା । ଗୃହତ୍ୟାଗୀ, ବୀତରାଗୀ ସଚ୍ଚ ମହାତ୍ମାଙ୍କର ବି ଦର୍ଶନ ହୁଅନ୍ତା ନାହିଁ କିଂବା ଅଧ୍ୟାତ୍ମ-ସଂପ୍ରଦାୟର ସୃଷ୍ଟି ହୁଅନ୍ତା ନାହିଁ ।

ଆପଣଙ୍କ କହିବାନୁସାରେ ଅଧ୍ୟାତ୍ମ ସାଧକକୁ ଭଗବତ୍-ପ୍ରାପ୍ତି ଉଦ୍ଦେଶ୍ୟରେ ଚିତ୍ତ-ଶୁଦ୍ଧି ନିମିତ୍ତ ବର୍ଣ୍ଣାଦି ସମାଜ-ଧର୍ମକୁ ପାଳନ କରିବା ଆବଶ୍ୟକ ଏବଂ ଏହା ଯଦି ଯୁକ୍ତିଯୁକ୍ତ ହୁଏ, ତେବେ ସମାଜ-ଧର୍ମର ଅଙ୍ଗୀଭୂତ ପିତା, ମାତା, କୁଟୁମ୍ବ ଓ ପିତର ସେବାକୁ ତ୍ୟାଗ କରିଥିବା ଅଧ୍ୟାତ୍ମ ସାଧକର ଚିତ୍ତ-ଶୁଦ୍ଧି ହୁଅନ୍ତା ନାହିଁ, ସେମାନେ ଲକ୍ଷ୍ୟଭ୍ରଷ୍ଟ ହୋଇ ପତିତ ହୋଇ ଯାଇଥା'ନ୍ତେ । ଏପରି ତ ଦେଖାଯାଉ ନାହିଁ ? ସୁତରାଂ ଏହାର ବିପରୀତ ଦୃଷ୍ଟିଗୋଚର ହେଉଅଛି । ସେମାନେ ଭଗବାନଙ୍କୁ ପ୍ରାପ୍ତ କରୁଅଛନ୍ତି ଏବଂ ସମାଜ ଦ୍ୱାରା ଚିରକାଳରୁ ସମ୍ମାନିତ ହୋଇ ଆସୁଛନ୍ତି ।

ପ୍ରଶ୍ନ : ଚିତ୍ତ-ଶୁଦ୍ଧି ସକାଶେ ବର୍ଣ୍ଣ-ଧର୍ମ ପାଳନ କରା ନ ହେଉ, କିନ୍ତୁ ପୂର୍ବାଚାର୍ଯ୍ୟମାନେ ଏହି ବର୍ଣ୍ଣ-ଧର୍ମକୁ ମାନି ଆସିଅଛନ୍ତି, ସେଥିପାଇଁ ଏହା ପାଳନୀୟ ।

ଉତ୍ତର : ପୂର୍ବାଚାର୍ଯ୍ୟ ଅର୍ଥାତ୍ ପୂର୍ବେ ଯେଉଁମାନେ ଆଚାର୍ଯ୍ୟମାନେ ହୋଇ ଯାଇଅଛନ୍ତି ସେମାନେ ବର୍ଣ୍ଣ-ଧର୍ମକୁ କେତେ ପରିମାଣରେ ମାନିଛନ୍ତି ତାହା କହିବା କଠିନ । କାରଣ ବୈଷ୍ଣବ ସମ୍ପ୍ରଦାୟରେ, ବ୍ୟକ୍ତି ଗୃହସ୍ଥାଶ୍ରମ ତ୍ୟାଗ କରି ବୈଷ୍ଣବ ଦୀକ୍ଷା ଗ୍ରହଣ କରିବା ସମୟରେ ତାହାର ପୂର୍ବ ନାମ, ଗୋତ୍ର, ଜାତିସବୁ ପରିବର୍ତ୍ତନ କରାହୁଏ । ତାହାର ଗୋତ୍ର ହୁଏ 'ଅଚ୍ୟୁତ', ବର୍ଣ୍ଣ 'ହରିଦାସ' । ''ଜାତିପାତି ପୁଛେ ନହି କୋଇ, ହରିକା ଭଜେ, ସୋ ହରି କା ହୋଇ ।'' ଏପରି କି କୌଣସି ବୈଷ୍ଣବଙ୍କୁ ଜାତି ପଚାରିବା ଶାସ୍ତ୍ରରେ ମହାନ୍ ପାପ ବୋଲି କୁହାଯାଇଅଛି । ବୈଷ୍ଣବ ସମ୍ପ୍ରଦାୟରେ ଆଚାର୍ଯ୍ୟ ଶ୍ରୀ ରାମାନୁଜ ସ୍ୱାମୀଙ୍କ ଶିଷ୍ୟ ଧନୁର୍ଦାଶ ଅନ୍ତ୍ୟଜ ଥିଲେ । ସ୍ନାନ କରି ଆସିବା ସମୟରେ ଶ୍ରୀ ରାମାନୁଜ ସ୍ୱାମୀ ବୃଦ୍ଧ ଅବସ୍ଥାରେ ଧନୁର୍ଦାଶଙ୍କ କାନ୍ଧରେ ହାତ ଦେଇ ଆସୁଥିଲେ । ଏହା ବହୁତ ପ୍ରସିଦ୍ଧ ଘଟନା । ଆଚାର୍ଯ୍ୟ ଶ୍ରୀ ରାମାନନ୍ଦଙ୍କ ଶିଷ୍ୟ କବୀର ଓ ରଇଦାସ ଥିଲେ । ଆଚାର୍ଯ୍ୟ ଶଙ୍କରଙ୍କ ସଂପ୍ରଦାୟରେ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରିବା ସମୟରେ, ସମାଜ-ଧର୍ମର ଚିହ୍ନ ଶିଖା, ସୂତ୍ରକୁ ପରିତ୍ୟାଗ କରନ୍ତି, ବସ୍ତ୍ର ପରିବର୍ତ୍ତନ କରନ୍ତି । ସମାଜ-ଜୀବନରେ ତାଙ୍କର ମୃତ୍ୟୁ ହୋଇଯିବା ଧାରଣାକୁ ପରିପୁଷ୍ଟ କରିବା ସକାଶେ ସେ ନିଜର ଶ୍ରାଦ୍ଧ ନିଜେ କରନ୍ତି । ଏପରି ସ୍ଥଳେ ଏମାନେ ବର୍ଣ୍ଣ-ଧର୍ମକୁ କେତେଦୂର ମାନନ୍ତି ଏହା ସେମାନଙ୍କ କର୍ମରୁ ଅନୁମାନ କରାଯାଇପାରେ । ଏହିସବୁ ବିଷୟ ବିଚାର କରିବାରୁ ବୁଝାଯାଉଛି ଆଧ୍ୟାତ୍ମିକତାରେ ବର୍ଣ୍ଣବ୍ୟବସ୍ଥା ଶାସ୍ତ୍ରର ନିୟମ ନୁହେଁ କିଂବା ପୂର୍ବାଚାର୍ଯ୍ୟମାନେ ଏହାକୁ ସ୍ୱୀକାର କରି ନାହାନ୍ତି । କେବଳ ମଧ୍ୟବର୍ତ୍ତୀ ଯୁଗରେ ସମାଜରେ ବର୍ଣ୍ଣଧର୍ମ କଠୋର ଅଲଂଘନୀୟ ନିୟମରୂପେ ପାଳନ କରାହେଉଥିବାରୁ ତାହାର ପ୍ରଭାବ ଆଧ୍ୟାତ୍ମିକ ସଂପ୍ରଦାୟ ଉପରେ ବିଶେଷଭାବେ ପଡ଼ିଥିଲା । ଏହା ଆଧ୍ୟାତ୍ମିକ ଧର୍ମର ମୌଳିକ ସିଦ୍ଧାନ୍ତ ନୁହେଁ । ବର୍ତ୍ତମାନ ସମାଜରୁ ବର୍ଣ୍ଣ-ବ୍ୟବସ୍ଥାର କଠୋରତା ଏକେବାରେ ଲୋପ ହୋଇଯାଇ ଏକ ନିର୍ଜୀବ ଆକୃତିକୁ ପ୍ରାପ୍ତ ହୋଇଅଛି । ଏପରିକି ବର୍ଣ୍ଣ-ଧର୍ମ କେବଳ ମୁଖରେ କହିବା ଛଡ଼ା କର୍ତ୍ତବ୍ୟରେ ଏକେବାରେ ନାହିଁ । ତଥାପି କେତେକ ଧର୍ମ-ସଂପ୍ରଦାୟ ଏହି ନିର୍ଜୀବ ଆକୃତିକୁ ଜୋର୍ କରି ଧରିଅଛନ୍ତି ।

ଯଦି କୁହାଯାଏ, ପରିସ୍ଥିତି ଯେପରି ହେଉ ନା କାହିଁକି ଯେଉଁ ବର୍ଣ୍ଣ-ବ୍ୟବସ୍ଥା ପୂର୍ବରୁ ଚାଲି ଆସୁଅଛି, ତାହା ତ୍ୟାଗ କରିବା ଉଚିତ ନୁହେଁ । ତେବେ ହଁ, ଏହା କୌଣସି ପ୍ରକାରେ ବୈଷ୍ଣବ-ସଂପ୍ରଦାୟରେ ଚଳିପାରେ, କିନ୍ତୁ ଶ୍ରୀଅରବିନ୍ଦ ଆଶ୍ରମରେ ଏହାକୁ ସ୍ଥାନ ଦେବା ସମ୍ଭବ ନୁହେଁ ।

ଶ୍ରୀଅରବିନ୍ଦଙ୍କ ଯୋଗ ସମସ୍ତ ଦେଶ ଓ ସମଗ୍ର ମାନବ-ଜାତି ସକାଶେ । ତାହାର ଉଦ୍ଦେଶ୍ୟ ମନ-ପ୍ରାଣ-ଶରୀରର ଦିବ୍ୟ-ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର; ସଂସାରରେ ନୂତନ ଅତିମାନବ ଜାତି ସ୍ଥାପନ । ଯଦି ଶରୀରର ତତ୍ତ୍ୱକୁ ରୂପାନ୍ତରିତ କରିବା ଏହି ଯୋଗର ଉଦ୍ଦେଶ୍ୟ ହୁଏ, ତେବେ ଶରୀରରେ ଆରୋପିତ ବର୍ଣ୍ଣ-ବ୍ୟବସ୍ଥାକୁ ସ୍ଥାନ ଦିଆଯିବ କିପରି ? ବର୍ଣ୍ଣବ୍ୟବସ୍ଥା ଶରୀର, ପ୍ରାଣ, ମନର ମୂଳଗତ ଧର୍ମ ନୁହେଁ । ଯେପରି ପିତା, ମାତା, ପରିବାର ସମ୍ବନ୍ଧ ଜୀବର ମୂଳଗତ ଧର୍ମ ନୁହେଁ । ଜୀବ ଯେଉଁ ପରିବାରରେ ଜନ୍ମଗ୍ରହଣ କରେ ତାହାର ସମ୍ବନ୍ଧ ସେହିଠାରେ ସ୍ୱାଭାବିକ ରୂପେ ହୋଇଯାଏ । ଯଦି ସେ ସେହି ପରିବାରରେ ଆଜୀବନ ରହେ, ତେବେ ସେହି ସଂସ୍କାର ବରାବର ବୃଦ୍ଧି ହେଉଥାଏ । ମୃତ୍ୟୁ ପରେ ଅନ୍ୟ ପରିବାରରେ ଜନ୍ମ ନେବା ସଙ୍ଗେ ସଙ୍ଗେ ନୂତନ ପରିବାର ସମ୍ବନ୍ଧ ଆରୋପିତ ହୁଏ । ଏହା ଜୀବର ମୌଳିକ ଧର୍ମ ନୁହେଁ । ମନୁଷ୍ୟ ଯେତେବେଳେ ନିଜ ସତ୍ୟ-ସ୍ୱରୂପକୁ ପ୍ରାପ୍ତ କରିବା ନିମିତ୍ତ ସମାଜକୁ ପରିତ୍ୟାଗ କରେ, ସେତେବେଳେ ଏହି ପାରିବାରିକ ସମ୍ବନ୍ଧ ମଧ୍ୟ ଦୂର ହୁଏ । କାରଣ ଏହି ପାରିବାରିକ ସମ୍ବନ୍ଧ ଅସ୍ଥାୟୀ ଓ ଆରୋପିତ । ଏହା କେବଳ ସମାଜ ସକାଶେ କିଛି କାଳ ପାଇଁ ସତ୍ୟ ବୋଲି ପ୍ରତୀତ ହୋଇଥାଏ । ସତ୍ୟ-ସନ୍ଧାନୀ ବ୍ୟକ୍ତି ସତ୍ୟର ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ପ୍ରଥମେ ସମାଜ ଏବଂ ତଦ୍ଦ୍ୱାରା ବ୍ୟବସ୍ଥିତ ପାରିବାରିକ ସମ୍ବନ୍ଧକୁ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରେ । ଏହା ଯଦି ଶାସ୍ତ୍ର-ସମ୍ମତ ହୁଏ ତେବେ ପାରିବାରିକ ସମ୍ପର୍କରେ ଯେଉଁ ବର୍ଣ୍ଣ-ଧର୍ମ, ତାହାକୁ ତ୍ୟାଗ କଲେ ଶାସ୍ତ୍ର-ବିରୋଧ ହେବ କିପରି ? ଅତଏବ ଆଶ୍ରମ ଆଧ୍ୟାତ୍ମିକ ସଂସ୍ଥା ହୋଇଥିବାରୁ ସେଥିରେ ବର୍ଣ୍ଣ-ଧର୍ମ ବ୍ୟବସ୍ଥା ନ ରହିବା ଶାସ୍ତ୍ର-ବିରୋଧ ନୁହେଁ, ବରଂ ଶାସ୍ତ୍ର-ସମ୍ମତ ।

ପ୍ରଶ୍ନ : ଅନ୍ୟାନ୍ୟ ଅଧ୍ୟାତ୍ମବାଦୀ ଯେପରି ସଂସାର ଓ ସମାଜ ତ୍ୟାଗ କରି ନିଜ ମୁକ୍ତିର ପ୍ରୟାସ କରିଛନ୍ତି, ଆଶ୍ରମରେ ମଧ୍ୟ ସେହିପରି କରା ହୁଏ । ଫେର୍ ବାରଂବାର କାହିଁକି କୁହାହୁଏ, ଆଶ୍ରମର ସାଧକ ସନ୍ନ୍ୟାସୀ ନୁହନ୍ତି, ସଂସାର ଓ ସମାଜ ତ୍ୟାଗ କରନ୍ତି ନାହିଁ ?

ଉତ୍ତର : ଆଶ୍ରମର ସାଧକ ସମାଜର ସେହି ଅଂଶକୁ ପରିତ୍ୟାଗ କରନ୍ତି ଯାହା ସତ୍ୟ-ସନ୍ଧାନରେ ଅନ୍ତରାୟ ହୁଏ । କିନ୍ତୁ ସେ ଯେଉଁ ସତ୍ୟ ଉପଲବ୍ଧି କରିବେ, ତାହା ବ୍ୟକ୍ତିର ନିଜ ସକାଶେ ହେବ ନାହିଁ, ସମାଜ ଏବଂ ମନୁଷ୍ୟ ଜାତି ସକାଶେ ହେବ, ଅର୍ଥାତ୍, ସାଧକର ମନ, ପ୍ରାଣ, ଶରୀରର ରୂପାନ୍ତର ସଙ୍ଗେ ସଙ୍ଗେ ସମାଜ, ସଂସାରରୁ ଅସତ୍ୟ, ଅନ୍ୟାୟ, ସ୍ୱାର୍ଥ, ହିଂସା, ଦ୍ୱେଷାଦି ଦୁର୍ଗୁଣ ବହୁତ ପରିମାଣରେ କମ୍ ହୋଇଯିବ ଏବଂ ସମାଜ କ୍ରମଶଃ ଅସତ୍ୟକୁ ତ୍ୟାଗ କରି ସତ୍ୟ ଆଡ଼କୁ ଗତି କରିବ । ଅତଏବ ଆଶ୍ରମର ସାଧକମାନେ କର୍ମତ୍ୟାଗୀ ସନ୍ନ୍ୟାସୀ ନୁହନ୍ତି, ବରଂ ପୃଥିବୀରେ ନୂତନ ମାନବ-ଜାତି ସ୍ଥାପନ କରିବା କାର୍ଯ୍ୟରେ ଅଂଶଗ୍ରହଣ କରି ସାଧନା କରୁଅଛନ୍ତି ।

(୫)

ଶ୍ରୀଅରବିନ୍ଦଙ୍କ ଯୋଗ ଓ ବିଭିନ୍ନ ସମ୍ପ୍ରଦାୟ

ଶ୍ରୀଅଯୋଧ୍ୟାରେ ଶ୍ରୀଅରବିନ୍ଦ ଆଶ୍ରମର ଶାଖା-ଆଶ୍ରମ ଯେଉଁଠାରେ ସ୍ଥାପିତ ହେବାର ପ୍ରସ୍ତାବ ହୋଇଥିଲା, ଯେଉଁ ଜମିକୁ ଅମାମା ଟେକାରୀ ଷ୍ଟେଟ୍ (ବିହାର)ର ରାଣୀସାହେବା ମା'ଙ୍କୁ ଅର୍ପଣ କରିଥିଲେ ସେ ଜମିକୁ ଦେଖିଲି ଏବଂ ତାହାର ସମୟୋପଯୋଗୀ ବ୍ୟବସ୍ଥା କରି, ସେ ସମୟରେ ସେଠାରେ ଯେଉଁ ପୂର୍ବ ପରିଚିତ ମହାତ୍ମାମାନେ ଥିଲେ ତାଙ୍କୁ ଦର୍ଶନ କରି ଭିବାନୀକୁ ଯାତ୍ରା କଲି । ଭିବାନୀର ପରିଚୟ ଏବଂ ସେଠାକୁ ଯିବାର ଉଦ୍ଦେଶ୍ୟ ଏଠାରେ କହିଦେବା ଉଚିତ ।

ଭିବାନୀ ଖାକିବାବା ମନ୍ଦିରରେ ମୋର ଗୁରୁଭ୍ରାତା ବେଣୀମାଧବ ଦାସ ବର୍ତ୍ତମାନ ଆଶ୍ରମର ସଂଚାଳକ ସ୍ଥାନ ଅଳଂକୃତ କରିଅଛନ୍ତି* । ପୂର୍ବେ ଅଯୋଧ୍ୟାରେ ଏବଂ ପରେ ଶ୍ରୀଅରବିନ୍ଦ ଆଶ୍ରମରେ ଆମ୍ଭେ ଦୁଇଜଣ ଏକ ସଙ୍ଗେ ଥିଲୁ ।

* ବେଣୀମାଧବ ଦାସଜି ତା୧୭/୧୦/୨୦୦୪ରିଖରେ ଶରୀର ତ୍ୟାଗ କରିଛନ୍ତି ।

ସେ ମଧ୍ୟ କେବେ କେବେ ଆଶ୍ରମ ଆସନ୍ତି । ତାଙ୍କୁ ପ୍ରତିଶ୍ରୁତି ଦେଇଥିଲି ଯେ ଯଦି କେବେ ଆଶ୍ରମର ବାହାରକୁ ଯାଏ ତେବେ ଭିବାନୀ ଆସିବି । ଭିବାନୀ ପଞ୍ଜାବପ୍ରାନ୍ତଭୁକ୍ତ ହିସାର ଜିଲା ଅନ୍ତର୍ଗତ ଗୋଟିଏ ଅତି-ପ୍ରାଚୀନ ସହର । ସେଠାରେ ବହୁ ମନ୍ଦିର ବିଦ୍ୟମାନ । ସେଠିକାରଲୋକେ ଭିବାନୀକୁ କାଶୀ ଏବଂ ଧର୍ମପୀଠରୂପେ ମାନନ୍ତି । ସହରବାସୀଙ୍କ ମଧ୍ୟରୁ ଅଧିକାଂଶ ଭକ୍ତ ଏବଂ ଧର୍ମ-ପରାୟଣ ବ୍ୟକ୍ତି । ବେଣୀମାଧବ ଦାସଙ୍କ ସରଳ, ନିଷ୍କପଟ ସ୍ୱଭାବ, ସାଧନା-ପରାୟଣତା, ସତ୍ୟ ଆଚରଣର ପ୍ରଭାବରେ ସହର ଲୋକଙ୍କର ପ୍ରବୃତ୍ତି ପୂର୍ବାପେକ୍ଷା ଅଧିକଭାବେ ଧାର୍ମିକତା ଓ ଭଗବତ୍ ଭକ୍ତି ଦିଗରେ ଆକୃଷ୍ଟ ହୋଇଅଛି । ବହୁବ୍ୟକ୍ତି ନିଜ ନିଜ କାର୍ଯ୍ୟରୁ ଅବସର ପାଇବା ମାତ୍ରକେ ମନ୍ଦିରକୁ ଆସି ଦର୍ଶନ କରନ୍ତି, କୀର୍ତ୍ତନ କରନ୍ତି, ମନ୍ଦିରରେ ଝାଡୁ ଲଗାନ୍ତି, ବାସନ ମାଜନ୍ତି ଓ ବଗିଚାରେ କାମ କରନ୍ତି । ଅର୍ଥାତ୍ ମନ୍ଦିର ସେବା ଯେ ଯେତେ କରିପାରେ ସେଥିରେ ସେ ନିଜକୁ କୃତାର୍ଥ ମାନେ । ସେମାନଙ୍କ ମଧ୍ୟରୁ ମନ୍ଦିରର ନିର୍ଦିଷ୍ଟ ସେବାକାର୍ଯ୍ୟ କେତେଜଣ କରନ୍ତି; ଘୋର ବର୍ଷା, ପ୍ରଚଣ୍ଡ ଶୀତରେ ମଧ୍ୟ ଠିକ୍ ସମୟରେ ଆସି ନିଜ ସେବା ସମାପ୍ତ କରି ଯାଆନ୍ତି । ବେଣୀମାଧବଜି ସନ୍ଧ୍ୟା ସମୟରେ ତୁଳସୀକୃତ ରାମାୟଣ ପାଠ କରନ୍ତି, ସକାଳେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢ଼ି ଲୋକଙ୍କୁ ବୁଝାଇ ଦିଅନ୍ତି । ସେଥିରେ ବହୁସଂଖ୍ୟକ ଲୋକ ଯୋଗ ଦିଅନ୍ତି । ଏହିପରି ସେମାନଙ୍କ ଶ୍ରଦ୍ଧା, ଭକ୍ତି ଏବଂ ମହାତ୍ମାଙ୍କ ସାଧନ ପ୍ରଭାବରେ ସେହି ବହୁ ପ୍ରାଚୀନ ଖାକିବାବା ମନ୍ଦିରର ପବିତ୍ର ବାତାବରଣ ସୃଷ୍ଟି ହୋଇଅଛି ।

ସେହି ମନ୍ଦିରରେ ମୋତେ ଦେଖି ମହାତ୍ମାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଅବକାଶ ପାଇବା ମାତ୍ରେ ମୋ ପାଖକୁ ଆସି ଯାଆନ୍ତି ଏବଂ ବହୁତ ପ୍ରକାର କଥାବାର୍ତ୍ତା ହୁଏ । ସେଠାରେ ମୁଁ ଦୁଇ ଚାରିଦିନ ରହିବାକୁ ପୂର୍ବରୁ ଠିକ୍ କରିଥିଲି କିନ୍ତୁ ତାଙ୍କର ବହୁତ ଆଗ୍ରହ ଯୋଗୁଁ ପନ୍ଦର ଦିନରୁ ଅଧିକ ରହିବାକୁ ହେଲା । ସେହି ସମୟରେ ସେଠାରେ ବିଶେଷ ସମାରୋହରେ ଗୋଟିଏ ଉତ୍ସବର ଆୟୋଜନ ହୋଇଥିଲା । ଅଖଣ୍ଡ ସୀତାରାମ ନାମ ଯଜ୍ଞ ନଅ ଦିନ ପର୍ଯ୍ୟନ୍ତ ଚାଲିଥିଲା । ସେହି ଉତ୍ସବ ଉପଲକ୍ଷେ ଶ୍ରୀ ଅବଧରୁ କେତେକ ଉଚ୍ଚକୋଟୀର ମହାତ୍ମା ଆଉ ବିଦ୍ୱାନ୍ ମହାତ୍ମାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । 'କଥା', 'ସତ୍-ସଙ୍ଗ' ଆଉ ମହାତ୍ମାମାନଙ୍କ ଦର୍ଶନ ଲାଭ କରିବା ଉଦ୍ଦେଶ୍ୟରେ ଦୂରଦୂରାନ୍ତରୁ ବହୁ ସଂଖ୍ୟକ ନରନାରୀ ପ୍ରତିଦିନ ସେଠାକୁ ଆସୁଥିଲେ । ଅଯୋଧ୍ୟାରେ ସମସ୍ତ ମହାତ୍ମାଙ୍କୁ ଦର୍ଶନ କରିବାର ସୁଯୋଗ ମୁଁ ମଧ୍ୟ ପାଇ ନ ଥିଲି । ଅଯୋଧ୍ୟାରେ ଯେଉଁମାନଙ୍କୁ ଦର୍ଶନ କରିଥିଲି କେବଳ ଅଳ୍ପ ସମୟ ସକାଶେ, ସେମାନଙ୍କ ସଙ୍ଗେ ବିଶେଷ ଆଲୋଚନା ହୋଇପାରି ନ ଥିଲା । ଭିବାନୀରେ ଏକ ସଙ୍ଗେ ବହୁଦିନ ରହିବାରୁ ପରସ୍ପର ଅଧ୍ୟାତ୍ମ-ଚର୍ଚ୍ଚା କରିବାକୁ ଅବକାଶ ମିଳିଲା । ସେହି ମହାତ୍ମାମାନଙ୍କ ମଧ୍ୟରୁ କେତେକ ମହାତ୍ମାଙ୍କର ମୋ ପ୍ରତି ପୂର୍ବରୁ ବହୁତ କୃପା ଥିଲା, ସେମାନେ ମୋତେ ବହୁତ ସ୍ନେହ କରୁଥିଲେ । ଦେଖାହେବାମାତ୍ରେ ଆଶ୍ରମର ଦିନ-ଚର୍ଯ୍ୟା, ସାଧନା, ସିଦ୍ଧାନ୍ତ ଜାଣିବାକୁ କୌତୂହଳ-ବଶରେ ନାନା ପ୍ରକାର ପ୍ରଶ୍ନ କଲେ । ମହାତ୍ମାମାନେ ଜ୍ଞାନବୃଦ୍ଧ, ମୋର ପୂଜ୍ୟ, ଆଦରଣୀୟ ଓ ବୟୋଜ୍ୟେଷ୍ଠ । ଅନ୍ୟ କେତେକ ମହାତ୍ମା ଖୁବ୍ ବିଦ୍ୱାନ୍, ଅନର୍ଗଳ ବକ୍ତା ଏବଂ ପ୍ରତିଭା-ସମ୍ପନ୍ନ ସଜ୍ଜ । ସେମାନଙ୍କ ସଙ୍ଗେ ଆଧ୍ୟାତ୍ମିକ ଚର୍ଚ୍ଚା କରିବା ଯଦ୍ୟପି ମୋ ପକ୍ଷରେ ଅନଧିକାର ଚେଷ୍ଟା ଥିଲା, ତଥାପି ତାଙ୍କ ଆଗ୍ରହ ଏବଂ ଆଜ୍ଞାକୁ ଶିରୋଧାର୍ଯ୍ୟ କଲି । ମା'ଙ୍କ କୃପାରୁ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧରେ ଯତ୍‌କିଞ୍ଚିତ ଜାଣିଥିଲି ତାହା ମହାତ୍ମାମାନଙ୍କ ସେବାରେ ନିବେଦନ କଲି ।

ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଚର୍ଚ୍ଚା ହେବା ସମୟରେ ଅନ୍ୟାନ୍ୟ ମହାତ୍ମା ଏବଂ ସହରର ବ୍ୟକ୍ତିମାନେ ମଧ୍ୟ ବସି ଶୁଣୁଥିଲେ ।

ପ୍ରଶ୍ନ : ଆଶ୍ରମରେ କେତେକ ସମ୍ପ୍ରଦାୟର ବ୍ୟକ୍ତି ନିଜ ଗୁରୁ ଏବଂ ସମ୍ପ୍ରଦାୟ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରୁଅଛନ୍ତି, ତାହା କ'ଣ ଶାସ୍ତ୍ର-ସମ୍ମତ ଅଥବା ଶାସ୍ତ୍ର-ବିରୋଧ ?

ଉତ୍ତର : ବ୍ୟକ୍ତିର ଲକ୍ଷ୍ୟ ଯଦି ଭଗବତ୍ ପ୍ରାପ୍ତି ହୋଇଥାଏ, ସେହି ଲକ୍ଷ୍ୟ ପ୍ରାପ୍ତ କରିବା ଉପାୟ ସ୍ୱରୂପ ଯଦି ସେ ଗୁରୁଙ୍କ ଶରଣାପନ୍ନ ହୋଇ ସମ୍ପ୍ରଦାୟଭୁକ୍ତ ହୋଇଥାଏ, ତେବେ ସେହି ବ୍ୟକ୍ତି ପକ୍ଷେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଶାସ୍ତ୍ର-ସମ୍ମତ । କାରଣ ସେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ନିଜ ଲକ୍ଷ୍ୟର ପୂର୍ଣ୍ଣତା ଦିଗରେ ଗତି କରେ ।

ଲକ୍ଷ୍ୟ ପ୍ରାପ୍ତିରେ ଅନ୍ୟଠାରୁ ସାହାଯ୍ୟ ଗ୍ରହଣ କରିବା ସାଧକ ପକ୍ଷେ ଅବାଞ୍ଛନୀୟ ନୁହେଁ । ଏପରି ସ୍ଥିତିରେ ସମ୍ପ୍ରଦାୟ ଅଥବା ଗୁରୁଙ୍କୁ ତ୍ୟାଗ କରାହୁଏ ନାହିଁ । ସୁତାରାଂ ଭଗବତ୍ ପ୍ରାପ୍ତି ନିମିତ୍ତ ଗୁରୁ ଯେଉଁ ଉପଦେଶ ଦେଇ ଥାଆନ୍ତି, ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାହିଁ ପରିପୁଷ୍ଟ ଓ ପରିପୂର୍ଣ୍ଣ ହୁଏ । ଯଦି ସାଧକ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ତ୍ୟାଗ କରି ଭୂତ, ପ୍ରେତ ବା ଅନ୍ୟାନ୍ୟ ସ୍ୱାର୍ଥ-ସିଦ୍ଧି କରିବାକୁ ସାଧନା କରି ଥାଆନ୍ତେ, ତେବେ ସମ୍ପ୍ରଦାୟ ଓ ଗୁରୁଙ୍କୁ ସ୍ୱାଭାବିକରୂପେ ତ୍ୟାଗ କରା ହୋଇଥାଆନ୍ତା ଏବଂ ଏହାହିଁ ଶାସ୍ତ୍ରବିରୁଦ୍ଧ ହୁଅନ୍ତା । କିନ୍ତୁ ସେମାନେ ନିଜ ଲକ୍ଷ୍ୟକୁ ତ୍ୟାଗ ନ କରି ତାହାରି ପୂର୍ଣ୍ଣତା ଦିଗରେ ଗତି କରୁଅଛନ୍ତି; ସେଥିପାଇଁ ତାହା ଶାସ୍ତ୍ର-ସମ୍ମତ ।

ପ୍ରଶ୍ନ : ପ୍ରତ୍ୟେକ ସମ୍ପ୍ରଦାୟରେ ଭିନ୍ନ ଭିନ୍ନରୂପେ ଭଗବତ୍ ପ୍ରାପ୍ତି ହୁଏ । ପ୍ରାପ୍ତିର ଅନ୍ୟ ନାମ ସିଦ୍ଧି ବା ଲକ୍ଷ୍ୟପ୍ରାପ୍ତି । ଏପରିକି ପ୍ରତ୍ୟେକ ସମ୍ପ୍ରଦାୟର ଲକ୍ଷ୍ୟ ପରସ୍ପର-ବିରୋଧୀ । ତେବେ ସମସ୍ତ ସମ୍ପ୍ରଦାୟର ଲକ୍ଷ୍ୟ ସହିତ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟସହ ସାମଞ୍ଜସ୍ୟ ରହିବ କିପରି ?

ଉତ୍ତର : ଭଗବାନ୍ ଏକ । ସେହି ଏକହିଁ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଯଦି ପ୍ରତ୍ୟେକ ସମ୍ପ୍ରଦାୟରେ ସାଧକ ପ୍ରଯତ୍ନ କରନ୍ତି ତେବେ ସେହି ପ୍ରାପ୍ତିର ବିରୋଧ ହୁଏ କାହିଁକି ? ବିରୋଧର କାରଣ ହେଲା ପ୍ରତ୍ୟେକ ସମ୍ପ୍ରଦାୟର ସାଧକ ଭଗବାନଙ୍କୁ ଆଂଶିକ ରୂପେ ଲାଭ କରନ୍ତି । ଅର୍ଥାତ୍ ତାଙ୍କର ଜ୍ଞାନ, ଭକ୍ତି, ସାମର୍ଥ୍ୟ, କର୍ମ ମଧ୍ୟରୁ କୌଣସି ଗୋଟିକର କିଛି ଅଂଶ ନେଇ ଅନ୍ୟକୁ ବାଦ୍ ଦିଅନ୍ତି । ସେନେଇ ପ୍ରତ୍ୟେକ ସମ୍ପ୍ରଦାୟରେ ଭଗବତ୍ ପ୍ରାପ୍ତି ହୁଏ ଏକଠାରୁ ଅନ୍ୟର ପୃଥକ୍ ଏବଂ ପରସ୍ପର ବିରୋଧୀ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଭଗବାନଙ୍କୁ ପୂର୍ଣ୍ଣରୂପେ ପ୍ରାପ୍ତ କରାଯାଏ । ତାହାର ଅନ୍ତର୍ଗତ ଥାଏ ଜ୍ଞାନ, ଭକ୍ତି, କର୍ମ ଏବଂ ସମସ୍ତ ଆଧ୍ୟାତ୍ମିକ ସମ୍ପ୍ରଦାୟର ସିଦ୍ଧି । ଏହି କାରଣରୁ ପ୍ରତ୍ୟେକ ସମ୍ପ୍ରଦାୟର ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟବିରୋଧୀ ନୁହେଁ ବରଂ ସାମଞ୍ଜସ୍ୟ ରକ୍ଷା କରେ ।

ପୁରାତନ ଯୋଗତୁଲ୍ୟ ସାଧାରଣ ଭୌତିକ ଚେତନାକୁ ଉଚ୍ଚତର ଚେତନାରେ କେବଳ ଆରୋହଣ କରିବା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ନୁହେଁ । ସାଧାରଣ ଭୌତିକ-ଚେତନାରୁ ଆରୋହଣ କରି ଉଚ୍ଚତର ଅତିମାନସ ଚେତନାରେ ପହଞ୍ଚିବା — ସେହି ଅତିମାନସ ଚେତନାକୁ ଏହି ଜଡ଼ ଭୌତିକ ଶରୀର, ମନ, ପ୍ରାଣରେ ଉତାରି ଆଣିବା ଏବଂ ସେହି ଅତିମାନସ ଚେତନା ଶକ୍ତି ଦ୍ୱାରା ଏହି ମନ, ପ୍ରାଣ, ଶରୀରକୁ ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରିବା, ମନୁଷ୍ୟକୁ ଅତିମାନବତ୍ୱରେ ଓ ଏହି ମୃତ୍ୟୁ-ପୁରୀକୁ ସ୍ୱର୍ଗରେ ପରିଣତ କରିବା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ସଗୁଣ, ନିର୍ଗୁଣ, ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଅବାଧରେ, ଅବିଚ୍ଛିନ୍ନରୂପେ ପ୍ରକଟ କରିବା; ତାଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ହେବା ସତ୍ତ୍ୱେ, ତାଙ୍କଠାରୁ ପୃଥକ୍ ରହି, ତାଙ୍କ ଯନ୍ତ୍ର ହୋଇ, ତାଙ୍କ ସଂକଳ୍ପରେ ତାଙ୍କ ଅତିମାନସ ଶକ୍ତି ଦ୍ୱାରା ଚାଳିତ ହେବାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି । ଏହିରୂପେ କେତେକ ବ୍ୟକ୍ତିଙ୍କ ରୂପାନ୍ତର ସାଧନ ହେବା ଦ୍ୱାରା — ସମସ୍ତ ଜଗତରୁ ହିଂସା, ଦ୍ୱେଷ, ସ୍ୱାର୍ଥପରତା, ଯୁଦ୍ଧ-ବିଗ୍ରହ ଦୂର ହେବ ଏବଂ କ୍ରମଶଃ ଶାନ୍ତି, ସମତା, ଅହିଂସା, ପରସ୍ପର ମିତ୍ରତା ଇତ୍ୟାଦି ଦିବ୍ୟଗୁଣ ସ୍ଥାପିତ ହେବ । ଏହି ଜଗତ ସହିତ ବୈକୁଣ୍ଠ, ସାକେତାଦି ଦିବ୍ୟ-ଲୋକର ଯେଉଁ ବ୍ୟବଧାନ ଅଛି ତାହା ଦୂର ହେବ, ସେହି ଦିବ୍ୟ-ଲୋକ ଏହି ମୃତ୍ୟୁ-ପୁରୀରେ ଉତରି ଆସିବ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର, ମନ, ପ୍ରାଣକୁ ତ୍ୟାଗ ନ କରି ତାକୁ ରୂପାନ୍ତରିତ କରାହୁଏ । ରୂପାନ୍ତରିତ ଶରୀର ରୋଗ, ମୃତ୍ୟୁ, ଜରା କବଳରୁ ମୁକ୍ତ ହୁଏ ଏବଂ ସୀମିତତା ଅସୀମତାରେ ପରିଣତ ହୋଇ ପରମ-ବ୍ରହ୍ମ ପୁରୁଷୋତ୍ତମ-ତତ୍ତ୍ୱ ସଙ୍ଗେ ପୂର୍ଣ୍ଣରୂପେ ଏକତ୍ୱ ପ୍ରାପ୍ତ ହୁଏ; ତା' ମଧ୍ୟରେ ସମସ୍ତ ଭଗବତ୍ ଗୁଣ, ଜ୍ୟୋତିଃ, ଶକ୍ତି, ପରମ-ପ୍ରେମ, ପରା ଶକ୍ତି, ଅଖଣ୍ଡ-ଜ୍ଞାନ ପ୍ରବାହିତ ହୁଏ । ଏହି ଅବସ୍ଥାହିଁ ଜୀବନକୁ ପୂର୍ଣ୍ଣତା ପ୍ରଦାନ କରେ । ପ୍ରତ୍ୟେକ ପ୍ରାଣୀର ଏହାହିଁ କାମ୍ୟ ।

ସାଧାରଣ ମନୁଷ୍ୟ ସୀମାରେ ବନ୍ଦୀ ହୋଇ ଅଜ୍ଞାନ-ଅନ୍ଧକାରରେ ବିମୋହିତ ହୋଇ ତାହାର ଚିର ଅଭିଳଷିତ ସୁଖ, ଶାନ୍ତି, ଆନନ୍ଦ, ଶକ୍ତି ସମୃଦ୍ଧିକୁ ଭ୍ରମବଶରେ ସ୍ତ୍ରୀ, ପୁତ୍ର, ଧନରେ ଖୋଜେ; ଅଧିକାର, ଶାସନ ଓ ସାମ୍ରାଜ୍ୟ ପ୍ରାପ୍ତି କରିବାକୁ ଚେଷ୍ଟା କରେ, ଅଥବା ଅସ୍ତ୍ର-ଶସ୍ତ୍ରବଳ ବୃଦ୍ଧି କରି, ଅନ୍ୟ ରାଜ୍ୟକୁ ଅଧିକାର କରିବା କିଂବା ନିଜ ମତ ପ୍ରଚାର

ଦ୍ୱାରା ପୃଥିବୀକୁ ଗ୍ରାସ କରିବାକୁ ନାନା ପ୍ରକାର ଉପାୟ କରେ । ମନୁଷ୍ୟ ମୋହ-ଗ୍ରସ୍ତ ହୋଇ ଭାବେ, ''ମୋ ମତ ଜଗତରେ ସ୍ଥାପିତ ହେଲେ ମନୁଷ୍ୟ-ଜାତି ସୁଖ, ଶାନ୍ତି ଓ ଆନନ୍ଦ ଶକ୍ତିକୁ ଅବଶ୍ୟ ପ୍ରାପ୍ତ କରିବ ।'' ଏହିପରି ବହୁ ପ୍ରଯତ୍ନ ହଜାର ହଜାର ବର୍ଷ ପୂର୍ବରୁ ହୋଇ ଆସୁଛି, ଆଉ ସବୁ ବ୍ୟର୍ଥତାରେ ପରିଣତ ହୋଇଛି । ଯେପରି କୌଣସି ବ୍ୟକ୍ତିର ଶରୀରରେ ବିଷ ପ୍ରବେଶ କରି ଘା'ରୂପେ ପ୍ରଘଟ ହୁଏ, କିନ୍ତୁ ଘା'ର ଉତ୍ପତ୍ତିର କାରଣ ନ ଜାଣି, ଘା' ଉପରେ କୌଣସି ଔଷଧ ଲଗାଇ ତାକୁ ନୀରୋଗ କରିବାକୁ ଚେଷ୍ଟା କରାହୁଏ; ପରିଣାମରେ ଅନ୍ୟାନ୍ୟ ସ୍ଥାନରେ ନୂତନ ନୂତନ ଘା' ଏବଂ ଅନ୍ୟାନ୍ୟ ରୋଗ ବି ଉତ୍ପନ୍ନ ହୁଏ; ଠିକ୍ ଏହିପରି ହୋଇଛି ମନୁଷ୍ୟର ବ୍ୟାଧି ଓ ତାହାର ଉପାୟରୂପକ ଔଷଧ । ଯେପର୍ଯ୍ୟନ୍ତ ମନୁଷ୍ୟ ଭିତରୁ ହିଂସା, ଦ୍ୱେଷ, ସ୍ୱାର୍ଥ, ରୋଗ, ଜରା, ମୃତ୍ୟୁ ରୂପାନ୍ତରିତ ନ ହୋଇଛି, ସେପର୍ଯ୍ୟନ୍ତ କୌଣସି ବାହ୍ୟ ଉପାୟ ଦ୍ୱାରା ତାକୁ ସ୍ଥାୟୀ ସୁଖ, ଶାନ୍ତି ପ୍ରାପ୍ତ ହେବ ନାହିଁ କିଂବା ସଂସାରରୁ ହିଂସା, ଦ୍ୱେଷ ଓ ଯୁଦ୍ଧ ଦୂର ହେବ ନାହିଁ । ଏହି ରୂପାନ୍ତର ସାଧିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା । ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ଦେହଧାରୀ ମନୁଷ୍ୟ ଜୀବନକୁ ଉନ୍ନତ କରେ ଏବଂ ତାକୁ ପୂର୍ଣ୍ଣତା ପ୍ରଦାନ କରେ ।

ପ୍ରଶ୍ନ : ସାଧାରଣ ମନୁଷ୍ୟମାନେ ସାଂସାରିକ ବ୍ୟାପାରର ମୋହରେ ପଡ଼ି ଦୁଃଖକଷ୍ଟ ଭୋଗ କରୁଅଛନ୍ତି, ସେମାନଙ୍କ ଦୁଃଖକଷ୍ଟ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ-ଯୋଗ ଦ୍ୱାରା ଦୂର ହୋଇପାରେ, କିନ୍ତୁ ପ୍ରତ୍ୟେକ ଆଧ୍ୟାତ୍ମିକ ସାଧକ ଦୁଃଖକଷ୍ଟରେ ନାହାନ୍ତି, ସେମାନେ ଭକ୍ତି, ଜ୍ଞାନ ଦ୍ୱାରା ସୁଖ ଶାନ୍ତି ପ୍ରାପ୍ତ କରିଅଛନ୍ତି, ତେବେ ସେମାନଙ୍କ ନିମିତ୍ତ ଶ୍ରୀଅରବିନ୍ଦଙ୍କ ଯୋଗର ଆବଶ୍ୟକତା କ'ଣ ?

ଉତ୍ତର : ସମସ୍ତ ଆଧ୍ୟାତ୍ମିକ ସାଧକ ସୁଖ, ଶାନ୍ତି, ଆନନ୍ଦ ଜ୍ଞାନ ପ୍ରାପ୍ତି କରିଅଛନ୍ତି ସତ୍ୟ କିନ୍ତୁ ତାହା ପୂର୍ଣ୍ଣ ନୁହେଁ, ଆଂଶିକ; ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ତାହା ପୂର୍ଣ୍ଣ ହୁଏ । ସାଧନା ହୁଏ ମନ, ପ୍ରାଣ, ଶରୀରରେ । ଶରୀର ଛାଡ଼ି ଆତ୍ମା ପୃଥକ୍ ହୋଇଗଲେ ସାଧନା ହୁଏ ନାହିଁ । ଏପରିକି ଦେବତାମାନଙ୍କୁ ସାଧନା କରି ଭଗବତ୍ ପ୍ରାପ୍ତି କରିବାକୁ ହେଲେ ସେମାନଙ୍କୁ ମଧ୍ୟ ମନୁଷ୍ୟ ଶରୀର ଗ୍ରହଣ କରିବାକୁ ପଡ଼େ । ଶରୀର, ମନ, ପ୍ରାଣର ଧର୍ମ ଭାଗବତ ଧର୍ମର ଠିକ୍ ବିପରୀତ । ମନ, ପ୍ରାଣ, ଶରୀରକୁ ଯେତେ ପରିମାଣରେ ଶୁଦ୍ଧ କରାଯାଏ, ତେତେ ପରିମାଣରେ ସେ ଭଗବତ୍ ଅନୁଭୂତି ପ୍ରାପ୍ତ କରିବାରେ, ଭଗବତ୍ ଦିବ୍ୟଗୁଣ ଧାରଣ କରିବାରେ ସମର୍ଥ ହୁଏ । କିନ୍ତୁ ସମଗ୍ରରୂପେ ଯେପର୍ଯ୍ୟନ୍ତ ସେ ଭଗବତ୍ ଚିନ୍ମୟ-ତତ୍ତ୍ୱରେ ପୂର୍ଣ୍ଣତଃ ରୂପାନ୍ତରିତ ନ ହୁଏ ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିପାରେ ନାହିଁ । କିଂବା ଭଗବତ୍ ଦିବ୍ୟଗୁଣକୁ ଧାରଣ କରିବାରେ ସମର୍ଥ ହୁଏ ନାହିଁ । ପ୍ରତ୍ୟେକ ସମ୍ପ୍ରଦାୟର ସାଧକକୁ ଭଗବତ୍ ଜ୍ଞାନ, ଆନନ୍ଦାଦି ଦିବ୍ୟଗୁଣ ପୂର୍ଣ୍ଣରୂପେ ପ୍ରାପ୍ତ କରିବାକୁ ହେଲେ ସେମାନଙ୍କ ମନ, ପ୍ରାଣ, ଶରୀରର ରୂପାନ୍ତର କରିବାକୁ ହେବ । ଏପର୍ଯ୍ୟନ୍ତ କୌଣସି ଆଧ୍ୟାତ୍ମିକ ସମ୍ପ୍ରଦାୟରେ ଅଥବା ଏହି ଜଗତରେ ଭୌତିକ ଶରୀରର ରୂପାନ୍ତର ହୋଇ ନାହିଁ । ଏହି ଅପୂର୍ଣ୍ଣତା ଶ୍ରୀଅରବିନ୍ଦଙ୍କ ଯୋଗରେ ପୂର୍ଣ୍ଣ ହୁଏ । ଏହି ସକାଶେ ପ୍ରତ୍ୟେକ ସାଧକ ନିମିତ୍ତ ଶ୍ରୀଅରବିନ୍ଦଙ୍କ ଯୋଗର ଆବଶ୍ୟକତା ରହିଛି ।

ପ୍ରଶ୍ନ : ଗୋପୀମାନଙ୍କ ଶରୀର ଭଗବତ୍ ଚିନ୍ମୟ-ତତ୍ତ୍ୱରେ ରୂପାନ୍ତରିତ ହୋଇ ନ ଥିଲା । ତେବେ ସେମାନେ କ'ଣ ଭଗବାନଙ୍କୁ ପୂର୍ଣ୍ଣରୂପେ ଉପଲବ୍ଧି କରି ନ ଥିଲେ ? ସେମାନଙ୍କର ଭଗବତ୍ ପ୍ରେମ କ'ଣ ଅପୂର୍ଣ୍ଣ ଥିଲା ? ଯେଉଁ ଗୋପୀମାନଙ୍କ ପ୍ରେମ ସମ୍ମୁଖରେ ଜ୍ଞାନ ନିରାଦରଣୀୟ, ଯେଉଁ ଗୋପୀମାନଙ୍କୁ ଜ୍ଞାନ ଉପଦେଶ ଦେବାକୁ ଉଦ୍ଧବ ଆସି ସେମାନଙ୍କ ପ୍ରେମଗୁଣ କୀର୍ତ୍ତନ କରି ଦ୍ୱାରିକା ଫେରିଯାଇଥିଲେ, ସେମାନେ ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥିଲେ ବୋଲି କହିବା କ'ଣ ଯୁକ୍ତିଯୁକ୍ତ ?

ଉତ୍ତର : ଯେପର୍ଯ୍ୟନ୍ତ ବ୍ୟକ୍ତିର ମନ, ପ୍ରାଣ, ଶରୀର ଆଦି ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ନ ହୋଇ ତାଙ୍କ ଦ୍ୱାରା ଗୋଟିଏ ନିଷ୍କ୍ରିୟ ଯନ୍ତ୍ରରୂପେ ପରିଚାଳିତ ନ ହୁଏ, ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିପାରେ ନାହିଁ । ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ ଏବଂ ତାଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତି କରାଯାଇପାରେ, ଯେବେ ମନ, ପ୍ରାଣ, ଶରୀର ତାଙ୍କର ଦିବ୍ୟ ଭାଗବତ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । କାରଣ ସ୍ୱଜାତୀୟ ବସ୍ତୁରେହିଁ

ଏକତ୍ୱ ପ୍ରାପ୍ତ ହୁଏ, ବିଜାତୀୟ ବସ୍ତୁରେ ନୁହେଁ । ଗୋପୀମାନେ ନିତ୍ୟମୁକ୍ତ, ଶ୍ରୀକୃଷ୍ଣଙ୍କ ଶାଶ୍ୱତ ସାଥୀ, ଗୋଲୋକବାସୀ । ସେମାନଙ୍କର ଗୋଲୋକରେ ନିତ୍ୟ ଚିନ୍ମୟ ଶରୀର ବିଦ୍ୟମାନ । ସେମାନେ ସେସମୟରେ ଭଗବତ୍‌ଚିନ୍ମୟ ତତ୍ତ୍ୱରେ ଶରୀର ରୂପାନ୍ତର କରି ଭଗବାନଙ୍କୁ ପୂର୍ଣ୍ଣରୂପେ ପ୍ରକଟ କରିବା ସକାଶେ ପୃଥିବୀକୁ ଆସି ନ ଥିଲେ । କାରଣ ସେସମୟରେ ଏହି ରୂପାନ୍ତରର କାଳ ଆସି ନ ଥିଲା । ସେସମୟରେ ଶ୍ରୀକୃଷ୍ଣ ସମୟୋଚିତ ଯେଉଁ ଯୁଗଧର୍ମ ପୃଥିବୀରେ ସ୍ଥାପନ କଲେ, ସେଥିରେ ସେମାନେ ପ୍ରେମ-ବିକାଶ କରିବାକୁ ଆସିଥିଲେ । କିନ୍ତୁ ସେହି ଗୋପୀମାନେ ଯଦି ପୃଥିବୀରେ ଭଗବାନଙ୍କର ଏହି ବର୍ତ୍ତମାନ ଯୁଗଧର୍ମର ରୂପାନ୍ତର କାର୍ଯ୍ୟରେ ସହଯୋଗ କରିବାକୁ ଆସିଥା'ନ୍ତେ, ତେବେ ସେମାନେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିବାକୁ, ତାଙ୍କର ସମସ୍ତ ଗୁଣ ନିଜ ମଧ୍ୟରେ ପ୍ରକାଶ କରିବାକୁ, ତାଙ୍କର ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀର ରୂପାନ୍ତର କରିବାକୁ କାର୍ଯ୍ୟ କରିଥା'ନ୍ତେ । ଭଗବାନଙ୍କ ନିତ୍ୟ ପାର୍ଶ୍ୱଦମାନଙ୍କର ପୂର୍ଣ୍ଣତା କିଂବା ଅପୂର୍ଣ୍ଣତାରେ କିଛି ଯାଏ ଆସେ ନାହିଁ । ଭଗବାନଙ୍କ ଦ୍ୱାରା ପୃଥିବୀରେ ଯେଉଁ ସମୟରେ ଯେଉଁ ଯୁଗଧର୍ମର ସ୍ଥାପନ କାର୍ଯ୍ୟ ହୁଏ, ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ ସେଥିରେ ଅଂଶ ଗ୍ରହଣ କରନ୍ତି ।

ଗୋପୀମାନେ ଶ୍ରୀକୃଷ୍ଣଙ୍କ ପ୍ରେମରେ ଏକେବାରେ ଡୁବି ଯାଇଥିଲେ । ଉଦ୍ଧବ ସେମାନଙ୍କୁ ସେ ଅବସ୍ଥାରେ ଜ୍ଞାନ ଉପଦେଶ ଦେଲେ, ଯାହା ଭଗବାନଙ୍କ ପ୍ରେମର ଅନ୍ୟ ଗୋଟିଏ ବିପରୀତ ଦିଗ । ସେଥିପାଇଁ ସେମାନେ ସେହି ଜ୍ଞାନକୁ ପ୍ରତ୍ୟାଖ୍ୟାନ କଲେ । ଉଦ୍ଧବଙ୍କ ଜ୍ଞାନର ଲକ୍ଷ୍ୟ ଥିଲା – ଗୋପୀମାନଙ୍କର ପ୍ରାଣପ୍ରିୟ, ହୃଦୟ-ଦେବତା, ନୟନ-ପ୍ୟାରା, ପ୍ରେମମୂର୍ତ୍ତି ଶ୍ରୀକୃଷ୍ଣଙ୍କ ପରିବର୍ତ୍ତେ ମନସା ବାଚାତୀତ ନିରାକାର ନିର୍ବିଶେଷ ନିଷ୍କ୍ରିୟ ସତ୍ତା । ଯଦ୍ୟପି ଏହି ଦୁଇଟି ଦିଗ ସେହି ଏକହିଁ ଭଗବାନଙ୍କର ତଥାପି ଏହି ଦୁଇଟି ଦିଗ ଏକେବାରେ ପରସ୍ପର ବିରୋଧୀ । ଏହାର ସାମଞ୍ଜସ୍ୟ ହୁଏ ତାଙ୍କର ସକ୍ରିୟ ଓ ନିଷ୍କ୍ରିୟ ସତ୍ତାର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ-ତତ୍ତ୍ୱରେ, ଯାହା ଏକ ସଙ୍ଗରେ ସକ୍ରିୟ, ନିଷ୍କ୍ରିୟ, ପୁରୁଷୋତ୍ତମ-ତତ୍ତ୍ୱ, ପ୍ରେମ ଏବଂ ଜ୍ଞାନ ସ୍ୱରୂପ । ଭଗବାନଙ୍କର ଏହି ପୂର୍ଣ୍ଣ ସ୍ୱରୂପ ମନର କୌଣସି ଉଚ୍ଚତର ଅବସ୍ଥାରେ ପ୍ରାପ୍ତ ହୁଏ ନାହିଁ, ପ୍ରାପ୍ତ ହୁଏ ଅତିମାନସ ଶକ୍ତି ଦ୍ୱାରା, ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ।

ପ୍ରଶ୍ନ : ବର୍ତ୍ତମାନ ଯୁଗଧର୍ମର କାର୍ଯ୍ୟ – ଶରୀରର ପୂର୍ଣ୍ଣ ରୂପାନ୍ତର କରିବା, ଭଗବାନଙ୍କୁ ପୂର୍ଣ୍ଣ ପ୍ରକାଶ କରିବା; କିନ୍ତୁ ସେ ସମୟରେ ଗୋପୀମାନଙ୍କ ସକାଶେ ଏହାର ଆବଶ୍ୟକତା ନ ଥିଲା । କିନ୍ତୁ ବର୍ତ୍ତମାନ ସମୟରେ ଯେଉଁ ଭକ୍ତମାନେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ଭକ୍ତି-ଯୋଗ ଦ୍ୱାରା ଉପାସନା କରୁଛନ୍ତି ଏବଂ ତାଙ୍କ ଦିବ୍ୟ ଲୀଳାମୃତ ଆସ୍ୱାଦନରେ ସମସ୍ତ ଶାରୀରିକ ବ୍ୟାପାରରୁ ବିସ୍ମୃତ ହୋଇ ସେହି ଆନନ୍ଦରେ ନିମଗ୍ନ ରହୁଛନ୍ତି, ସେମାନଙ୍କ ପ୍ରାଣର ପ୍ରାଣ, ଜୀବନର ଜୀବନ, ଆତ୍ମାର ଆତ୍ମା, ଦଶରଥନନ୍ଦନ, କୌଶଳ-କିଶୋର ଅଥବା ଯଶୋଦା-ନନ୍ଦନ, ନନ୍ଦକିଶୋର ଯାହାଙ୍କ ରୂପାମୃତ ସମୁଦ୍ରକୁ ସେମାନଙ୍କର ନେତ୍ର ନିରନ୍ତର ପାନକରି ତୃପ୍ତ ହୁଏ ନାହିଁ, ସେମାନଙ୍କ ସର୍ବସ୍ୱ ଶ୍ରୀରାମ ଓ ଶ୍ରୀକୃଷ୍ଣ; ସେମାନଙ୍କ ମନୋବୁଦ୍ଧିର ବିଷୟ ଏପରି ହୋଇଛି ଯେ ତାଙ୍କୁ ଛାଡ଼ି ଅନ୍ୟତ୍ର ଯିବାର ଉପାୟ ନାହିଁ । ଏପରି ଅବସ୍ଥାରେ ସେମାନଙ୍କର ପୂର୍ଣ୍ଣତା ପ୍ରାପ୍ତି, ଶରୀରର ରୂପାନ୍ତର ଏବଂ ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ଅଭିବ୍ୟକ୍ତିର ଆବଶ୍ୟକତା କ'ଣ ? ଏହା କେବଳ ଐଶ୍ୱର୍ଯ୍ୟ-କାମୀ ଯୋଗୀମାନଙ୍କ ସକାଶେ ପ୍ରୟୋଜନ ହୋଇପାରେ, ପ୍ରେମୀ-ଭକ୍ତମାନଙ୍କ ସକାଶେ ନୁହେଁ ।

ଉତ୍ତର : ଭକ୍ତ ଯେଉଁ ଭଗବତ୍ ପ୍ରେମରେ ନିମଗ୍ନ ରହେ, ତାହା ଭଗବାନଙ୍କ ଗୋଟିଏ ଗୁଣର କିଛିମାତ୍ର ଅଂଶର ପ୍ରକାଶ । କିନ୍ତୁ ସେହି ବିନ୍ଦୁମାତ୍ର ପ୍ରେମ-ଭକ୍ତି ସୀମିତ ଆଧାରରେ ଏପରି ପରିପୂର୍ଣ୍ଣ ହୋଇଯାଏ ଯେ ଶଙ୍ଖରେ ସମୁଦ୍ରର ଜଳତୁଲ୍ୟ ଉଛୁଳି ପଡ଼େ । ସେ ଆଉ ଅଭାବ ବୋଧ କରେ ନାହିଁ । କିନ୍ତୁ ଏହା ଭଗବାନଙ୍କ ପୂର୍ଣ୍ଣ ପ୍ରକାଶ ନୁହେଁ । ଭଗବାନ୍ ପୂର୍ଣ୍ଣରୂପେ ଭକ୍ତକୁ ପ୍ରାପ୍ତ ହେଲେ ଜ୍ଞାନ, ଭକ୍ତି, ପ୍ରେମ, ଆନନ୍ଦ, ଶାନ୍ତି, ସମତାଦି ତାଙ୍କର ସମସ୍ତ ଦିବ୍ୟଗୁଣ ଏକହିଁ ସମୟରେ ଭକ୍ତ ମଧ୍ୟରେ ପ୍ରକାଶିତ ହୁଅନ୍ତା; ଜ୍ଞାନ, ଭକ୍ତି ଆଦି ଗୁଣ ମଧ୍ୟରେ ପରସ୍ପର ବିରୋଧ ଭାବ ରହନ୍ତା ନାହିଁ, କାରଣ ଏକହିଁ ଭଗବାନ୍ ସମସ୍ତ ଦିବ୍ୟଗୁଣର ଆଧାର । ଆଧାରରୁ ଆଧାରିତ ବସ୍ତୁ ପୃଥକ୍ ରହିପାରେ ନାହିଁ । ଏହି ସମସ୍ତ ଗୁଣ ଭକ୍ତ ମଧ୍ୟରେ ଦେଖାଯାଏ ନାହିଁ । ଦେଖାଯାଏ କେବଳ ଗୋଟିଏ ଗୁଣ, ପ୍ରେମ-ଭକ୍ତି । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଭକ୍ତର ଅରୂପାନ୍ତରିତ ଶରୀରରେ ଭଗବାନଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି ଘଟେ ନାହିଁ । ଭଗବାନଙ୍କୁ ପୂର୍ଣ୍ଣରୂପେ

ପ୍ରାପ୍ତ କରିବାକୁ ହେଲେ, ଭଗବାନ୍ ଯେପରି ବ୍ୟାପକ, ବିଶାଳ, ଦିବ୍ୟ, ଭକ୍ତକୁ ମଧ୍ୟ ସେହିପରି ହେବାକୁ ହେବ; ତେବେ ତାଙ୍କର ସମସ୍ତ ଗୁଣ ପ୍ରକାଶ ହୋଇପାରିବ । ତାହା ହୋଇପାରେ କେବଳ ତାଙ୍କର ଅତିମାନସ ଶକ୍ତି ଦ୍ୱାରା, ଏହି ଜଡ଼ ଶରୀର ତାଙ୍କର ଚିନ୍ମୟ-ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତରିତ ହେଲେ । ଯେଉଁମାନେ ଭଗବାନଙ୍କ ଆଂଶିକ ପ୍ରେମ ଓ ଆଂଶିକ ଜ୍ଞାନରେ ବିଭୋର ସେମାନଙ୍କ ସକାଶେ ମନ, ପ୍ରାଣ, ଶରୀରର ରୂପାନ୍ତରର ଆବଶ୍ୟକତା ନାହିଁ । ଯେଉଁମାନେ ପୂର୍ଣ୍ଣତା ଚାହାନ୍ତି, ପୂର୍ଣ୍ଣରୂପେ ଭଗବାନଙ୍କୁ ଅଭିବ୍ୟକ୍ତ କରିବା ଯେଉଁମାନଙ୍କର ବ୍ରତ, ସେହିମାନଙ୍କ ସକାଶେ ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ଆବଶ୍ୟକ ।

ପ୍ରଶ୍ନ : ଭଗବାନ୍ ଏବଂ ତାଙ୍କ ପ୍ରେମ, ଜ୍ଞାନ, ଆନନ୍ଦାଦି ଦିବ୍ୟଗୁଣ ସର୍ବ ଅବସ୍ଥାରେ ପୂର୍ଣ୍ଣ । ତାଙ୍କୁ କୌଣସି ପ୍ରକାରେ ପ୍ରାପ୍ତ କଲେ ତାହା ପୂର୍ଣ୍ଣ ହୁଏ । ତେବେ ଭଗବାନ୍ ଏବଂ ଜ୍ଞାନ, ପ୍ରେମାଦି ପ୍ରାପ୍ତି ଆଂଶିକ ହୋଇପାରେ କିପରି ?

ଉତ୍ତର : ଯଦି ଏହାହିଁ ହୁଏ ତେବେ ସମସ୍ତ ଭକ୍ତ ସମାନ କୋଟୀର ମାନ୍ୟ ହୁଅନ୍ତେ, କାରଣ ପ୍ରତ୍ୟେକ ଭକ୍ତ ଭଗବାନଙ୍କୁ ଓ ତାଙ୍କ ଦିବ୍ୟ ଗୁଣକୁ କିଛି ଅଂଶରେ ପ୍ରାପ୍ତ କରନ୍ତି । ଫେରେ ଭଗବତ୍ ଅବତାର ଚୈତନ୍ୟ ମହାପ୍ରଭୁ, ନିତ୍ୟମୁକ୍ତ ଗୋପୀ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ମହାପୁରୁଷ ସମର୍ଥ ରାମଦାସ, ଗୋସ୍ୱାମୀ ତୁଳସୀ ଦାସ, ସୁରଦାସ, ମୀରାବାଈ ଏବଂ ବର୍ତ୍ତମାନର ଭକ୍ତମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ରହନ୍ତା ନାହିଁ । କିନ୍ତୁ ଯଥାର୍ଥରେ ଏପରି ନୁହେଁ । ଭଗବାନ୍ ଏବଂ ତାଙ୍କ ଦିବ୍ୟଗୁଣ, ଜ୍ଞାନ, ଭକ୍ତି ଇତ୍ୟାଦି ସର୍ବ-ଅବସ୍ଥାରେ ପୂର୍ଣ୍ଣ ହେବା ସତ୍ତ୍ୱେ ଭକ୍ତର ଆଧାରବିଶେଷରେ କମ୍ ବେଶୀ ପ୍ରକାଶିତ ହୁଏ । ଅର୍ଥାତ୍ ଭକ୍ତର ମନ, ପ୍ରାଣ, ଶରୀର ଯେତେ ପ୍ରକାଶ କରିବାରେ ସମର୍ଥ ହୁଏ, ତାହା ତେତେ ପ୍ରକାଶିତ ହୁଏ ।

ଉଦାହରଣସ୍ୱରୂପ ଏକ ବ୍ୟକ୍ତି ତାହାର ଦୃଷ୍ଟିଶକ୍ତି ଅନୁସାରେ ଏକ ବିଶାଳ ପାହାଡ଼ର ଏକ ଦିଗରୁ କିଛି ଅଂଶ ଦେଖେ, କିନ୍ତୁ ତାହାର ଦୃଷ୍ଟି ପାହାଡ଼ର ସମସ୍ତ ଦିଗ ଓ ଶିଖର ଦେଖିପାରେ ନାହିଁ । କାରଣ ମନୁଷ୍ୟର ଦୃଷ୍ଟି ସୀମାଠାରୁ ପାହାଡ଼ ବହୁତ ବଡ଼ ଥାଏ । ସେନେଇ ସେ ପାହାଡ଼ର ପୂର୍ଣ୍ଣ ସ୍ୱରୂପ ସମ୍ବନ୍ଧରେ ଅଜ୍ଞାନ ରହେ । ଏପରି ଅବସ୍ଥାରେ ବ୍ୟକ୍ତିର ଦୃଷ୍ଟିଗୋଚର ହେଉଥିବା ପାହାଡ଼ର ଅଂଶବିଶେଷକୁ କ'ଣ ପୂର୍ଣ୍ଣତା ବୋଲି କୁହାଯାଇପାରେ ? କିଂବା ବ୍ୟକ୍ତିର ଦୃଷ୍ଟିରେ ପାହାଡ଼ଟି ପୂର୍ଣ୍ଣରୂପେ ପ୍ରକାଶିତ ନ ହେବାରୁ କ'ଣ ପାହାଡ଼ର ଅପୂର୍ଣ୍ଣତା ଆସେ ? ପାହାଡ଼ର ପୂର୍ଣ୍ଣତା ବ୍ୟକ୍ତିର ଦୃଷ୍ଟି ଉପରେ ନିର୍ଭର କରେ ନାହିଁ । ଦୃଷ୍ଟିଗୋଚର ହେଉଥିବା ପାହାଡ଼ର ଅଂଶବିଶେଷରେ ଥିବା ଲତା, ପୁଷ୍ପ, ପଶୁ, ପକ୍ଷୀ ଇତ୍ୟାଦିର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତହିଁରେ ସେ ସନ୍ତୁଷ୍ଟ ହୋଇଯାଇପାରେ, କିନ୍ତୁ ସେ ପାହାଡ଼ଟିକୁ ପୂର୍ଣ୍ଣ ରୂପେ ଦେଖିପାରେ ନାହିଁ । ଯଦି ବ୍ୟକ୍ତି ଏପରି କୌଣସି ଉପାୟ ଆବିଷ୍କାର କରି ପାହାଡ଼ଟିକୁ ପୂର୍ଣ୍ଣ ରୂପେ ଦେଖିପାରିଥା'ନ୍ତା, ତେବେ ତାହା ଦୃଷ୍ଟିଗୋଚର ହେଉଥିବା ତୃପ୍ତିକର ବିଷୟ ଛଡ଼ା ପାହାଡ଼ର ଅନ୍ୟାନ୍ୟ ଦିଗର ଆନନ୍ଦଦାୟକ ଦୃଶ୍ୟଗୁଡ଼ିକୁ ମଧ୍ୟ ଦେଖିପାରିଥା'ନ୍ତା ଏବଂ ଏହି ରୂପ-ଦର୍ଶନକୁ ପୂର୍ଣ୍ଣତା କୁହାଯାଇଥା'ନ୍ତା ।

ଭକ୍ତ ଭଗବତ୍ ପ୍ରେମାନନ୍ଦରେ ନିମଗ୍ନ ରହେ, ସେନେଇ ତାହାର ମନ ଓ ପ୍ରାଣର ରୂପାନ୍ତର ଆବଶ୍ୟକ ନୁହେଁ, ଏପରି କହିବା ଯଥାର୍ଥରେ ଠିକ୍ କିଂବା ଏହି ରୂପାନ୍ତରର କୌଣସି ବାସ୍ତବ ଉପଯୋଗିତା ଅଛି – ଏବିଷୟରେ ବିଚାର କରିବା ।

ବୈଷ୍ଣବ ସମ୍ପ୍ରଦାୟର ଭକ୍ତିମାର୍ଗରେ ଶାସ୍ତ୍ରବିଧି ଅନୁସାରେ ଗୁରୁ ପରମ୍ପରାଗତ, ଗୁରୁଙ୍କଠାରୁ ଉପଦେଶ ଗ୍ରହଣ କରିବା ସମୟରେ ଗୁରୁ ଶିଷ୍ୟର ନିଜ ସ୍ୱରୂପ ଓ ଭଗବତ୍ ସ୍ୱରୂପର ଜ୍ଞାନ ପ୍ରାପ୍ତ କରାଇ ଦିଅନ୍ତି; ଉପାସନା, ଭକ୍ତି, ପ୍ରେମ ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରିବାର ମାର୍ଗ ଦର୍ଶାଇ ଦିଅନ୍ତି ଏବଂ ଭଗବାନଙ୍କ ସଙ୍ଗେ ଜୀବର କିପରି ସତ୍ୟସମ୍ବନ୍ଧ ସେ ସମ୍ବନ୍ଧରେ ଉପଦେଶ ଦିଅନ୍ତି ।

ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଶିଷ୍ୟ ନିଜ ସ୍ୱରୂପ ଅର୍ଥାତ୍ ନିଜ ଶରୀର ସମ୍ବନ୍ଧରେ କଳ୍ପନା କରେ – ''ସେ ଏହି ହାଡ଼ମାଂସଯୁକ୍ତ ନିଜ ଶରୀରରୁ ଭିନ୍ନ, ନିତ୍ୟ-ଶାଶ୍ୱତ-ଚିନ୍ମୟ, ସଦା-କିଶୋର ଏକ-ରସ; ରୋଗ, ବ୍ୟାଧି, ଜରା, ଜନ୍ମ,

ମୃତ୍ୟୁରୁ ମୁକ୍ତ ଭଗବାନଙ୍କ ସଦୃଶ । ସେ ଜ୍ଞାନ, ଭକ୍ତି, ପ୍ରେମ, ଆନନ୍ଦାଦି ସମସ୍ତ ଭଗବତ୍ ଗୁଣଯୁକ୍ତ, କିନ୍ତୁ ଭଗବାନଙ୍କ ଚରଣରେ ଥିବା ଅଙ୍କୁଶ କମଳ ଆଦି ଚବିଶ ଅବା ଅଠଚାଳିଶ ଚିହ୍ନରୁ ରହିତ ।'' ଭକ୍ତ ଏବଂ ଭଗବାନଙ୍କ ସାଦୃଶ୍ୟ ମଧ୍ୟରେ ଏହାହିଁ ପ୍ରଭେଦ । ଭଗବାନଙ୍କ ସମସ୍ତ ଗୁଣ ଭକ୍ତ ମଧ୍ୟରେ ଥିବା ସତ୍ତ୍ୱେ ଭଗବାନ୍ ସ୍ୱାମୀ ଓ ସେ ସେବକ । ଭକ୍ତକୁ ସମସ୍ତ ଶକ୍ତି ପ୍ରାପ୍ତ ହେବା ଅବସ୍ଥାରେ ମଧ୍ୟ ସେ ଭଗବାନଙ୍କ ସଂକଳ୍ପରେ ଚାଳିତ । ଭକ୍ତ ଥାଏ ଜରା, ବ୍ୟାଧି ଓ ମୃତ୍ୟୁଗ୍ରସ୍ତ ଜଡ଼ ଶରୀରରେ । କିନ୍ତୁ ସେ କଳ୍ପନା କରେ ଯେ ତା' ଶରୀର ଜରା, ମୃତ୍ୟୁ, ରୋଗ କବଳରୁ ମୁକ୍ତ, ଦିବ୍ୟ ଏକରସ ତଥା ଭଗବତ୍ ସଦୃଶ । ସେ ନିବାସ କରେ ମୃତ୍ୟୁ ପୁରୀରେ କିନ୍ତୁ କଳ୍ପନା କରେ ସେ ଶାଶ୍ୱତବାସୀ, ସାକେତ, ଗୋଲୋକ, ବୈକୁଣ୍ଠ ଦିବ୍ୟ ଧାମରେ; ଏଠାରେ ମନ, ପ୍ରାଣ, ଶରୀର ସୀମାରେ ବନ୍ଦୀ ଥାଇ କଳ୍ପନା କରେ ସେ ଦିବ୍ୟ ଶରୀରରେ ସର୍ବବ୍ୟାପୀ, ଦେଶ କାଳ ସୀମା ପରେ ଅବାଧ ଗତି ପ୍ରାପ୍ତ ଚିନ୍ମୟ ସତ୍ତା । ଭକ୍ତ କଳ୍ପନା କରେ ସବୁ ସମୟରେ ସେ ସାକେତ, ବୈକୁଣ୍ଠ, ଗୋଲୋକରେ ଭଗବାନଙ୍କ ସମୀପରେ ନିରନ୍ତର ତାଙ୍କ ସେବା ପ୍ରାପ୍ତ । ସେ ସବୁସମୟରେ ଭଗବତ୍ ସେବାରେ ମାନସ କଳ୍ପନା ଦ୍ୱାରା ତନ୍ମୟ ରହେ । କିନ୍ତୁ ଏହି ଚର୍ମଚକ୍ଷୁରେ ଏହି ଭଗବାନଙ୍କ ଦର୍ଶନ ଥରେ ପାଏ କି ନାହିଁ ସନ୍ଦେହ । ଶାରୀରିକ ବ୍ୟାପାର ଯୋଗୁଁ ମାନସିକ ଚିନ୍ତନରେ ବ୍ୟାଘାତ ଆସିଲେ ତାହାର ସର୍ବସ୍ୱ ନଷ୍ଟ ହେଲା ପରି ସେ ମନେ କରେ । ସେ ଚାହେଁ ନିରନ୍ତର ସେହି ଆନନ୍ଦ-ସମୁଦ୍ରରେ ନିମଗ୍ନ ରହିବାକୁ । ଆରମ୍ଭରୁ ଶରୀରକୁ ପ୍ରତିବନ୍ଧକ ଜାଣି ତାକୁ ସେ ମାନସିକ କଳ୍ପନା ଦ୍ୱାରା ତ୍ୟାଗ କରିଥାଏ । ଆଉ ତାହାର ମାନସ କଳ୍ପନା ଦ୍ୱାରା ଭଗବତ୍ ଆରାଧନାରେ ଯେଉଁ ଦିବ୍ୟ ଚିନ୍ମୟ ଶରୀର ଅନୁକୂଳ ହୁଏ, ତାହାକୁହିଁ କଳ୍ପନା ଦ୍ୱାରା ଗ୍ରହଣ କରିଥାଏ । ଭଗବତ୍ ସେବାରେ ଯାହା ଅଧିକ ସହାୟକ ତାହା ପ୍ରାଣରୁ ଅଧିକ ପ୍ରିୟ; ଯାହା ବାଧକ ତାହା ଶତ୍ରୁବତ୍ ତ୍ୟାଜ୍ୟ । କିନ୍ତୁ ତାହାର ଲକ୍ଷ୍ୟ ଭଗବାନଙ୍କୁ ପୂର୍ଣ୍ଣରୂପେ ନିରନ୍ତର ସମସ୍ତ ସତ୍ତାରେ ପ୍ରାପ୍ତ କରିବା ସକାଶେ ଚିନ୍ମୟ ଶରୀର ପ୍ରୟୋଜନ । ସେହି ଅଭିଳଷିତ ଚିନ୍ମୟ ଶରୀର ଏହି ଜୀବନରେ ପ୍ରାପ୍ତ ହୁଏ ନାହିଁ କିଂବା ସେ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିପାରେ ନାହିଁ । ସେ ଏହି ଭୌତିକ ଶରୀରକୁ ତ୍ୟାଗ କରି କଳ୍ପନା କରିଥିବା ଚିନ୍ମୟ ଶରୀରକୁ ପ୍ରାପ୍ତ ହୋଇ ଭଗବାନଙ୍କ ନିତ୍ୟ ସାମୀପ୍ୟ ଲାଭ କରେ । ଭକ୍ତ ଯେଉଁ ଚିନ୍ମୟ ଶରୀରକୁ ନିରନ୍ତର ଅଭିଳାଷ କରେ, ଯାହା ତାହାର ଜୀବନର ଜୀବନ, ପ୍ରାଣରୁ ଅଧିକ ପ୍ରିୟ, ଜୀବନର ଲକ୍ଷ୍ୟ, ସେହି ଲକ୍ଷ୍ୟ ବସ୍ତୁ ଯଦି ଏହି ଜୀବନରେ ପ୍ରାପ୍ତ ହୋଇପାରେ ତେବେ ତାହା ଆବଶ୍ୟକ ନୁହେଁ ବୋଲି କହିବା କ'ଣ ଯୁକ୍ତିଯୁକ୍ତ ?

ପ୍ରଶ୍ନ : ଶରୀରର ରୂପାନ୍ତରରେ ଭଗବାନଙ୍କ ସହିତ ଭକ୍ତର ଅଖଣ୍ଡ ମିଳନ ହୁଏ । କିନ୍ତୁ ଭକ୍ତ ବିଚ୍ଛେଦ ବ୍ୟାକୁଳତାରେ ମିଳନ ପ୍ରତୀକ୍ଷା କରି ପ୍ରେମବୃଦ୍ଧି ଚାହେଁ । ସେ ମିଳନ ଚାହେଁ ନାହିଁ, ତାହାର ପ୍ରେମାସ୍ପଦଙ୍କ ବିୟୋଗାଗ୍ନିରେ ଦଗ୍ଧ ହେବାହିଁ ତାହାର ପରମ କାମ୍ୟ । ବିୟୋଗ ପରେ ମିଳନର ଯେଉଁ ଆନନ୍ଦ, ତାହା ଚିରମିଳନରେ ନ ଥାଏ । ଭକ୍ତର ଶରୀର ସେନେଇ ରୂପାନ୍ତର କାମ୍ୟ ନୁହେଁ, ଆଉ ତାହାର ଫଳସ୍ୱରୂପ ଭଗବତ୍ ଅଖଣ୍ଡ ପ୍ରାପ୍ତି ମଧ୍ୟ ବାଞ୍ଛନୀୟ ନୁହେଁ । ବୈଷ୍ଣବ ସାହିତ୍ୟରେ ଅନୁଭୂତି ପ୍ରାପ୍ତ ସିଦ୍ଧ ମହାତ୍ମାଙ୍କ ଦ୍ୱାରା ମିଳନ ପ୍ରେମଠାରୁ ବିରହ ପ୍ରେମ ଶ୍ରେଷ୍ଠତର ବୋଲି ତାହାର ମହିମା ବିଶେଷ ରୂପେ ବର୍ଣ୍ଣନା କରାଯାଇଅଛି । କିନ୍ତୁ ଯେଉଁମାନଙ୍କୁ ଅନୁଭୂତି ପ୍ରାପ୍ତ ହୋଇ ନାହିଁ ସେହିମାନେହିଁ ମିଳନ ପ୍ରେମକୁ ଚାହାନ୍ତି । ଏହା କ'ଣ ଯୁକ୍ତିସଙ୍ଗତ ନୁହେଁ ?

ଉତ୍ତର : ଏହା ଏକେବାରେ ବିରୋଧାତ୍ମକ ଯୁକ୍ତି । ବିୟୋଗ ବ୍ୟାକୁଳତାର ଏକମାତ୍ର ଲକ୍ଷ୍ୟ ମିଳନ । ମିଳନ ଛଡ଼ା ବିୟୋଗର ଅସ୍ତିତ୍ୱ ରହିପାରେ ନାହିଁ ।

ଯଦି ଭକ୍ତର ବିୟୋଗ ପ୍ରେମ ଏକମାତ୍ର କାମ୍ୟ, ମିଳନ ପ୍ରେମ ଆବଶ୍ୟକ ନୁହେଁ, ତେବେ ସେ ସର୍ବଦା ବିୟୋଗ ପ୍ରେମର ଆସ୍ୱାଦନ କରି ଆନନ୍ଦରେ ରହନ୍ତା । ମହାରାଣୀ ଶ୍ରୀସୀତାଜୀ ମଧ୍ୟ ରାବଣର ମୃତ୍ୟୁ ପରେ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରାପ୍ତ କରିବା ସକାଶେ ହନୁମାନଜିଙ୍କୁ ଅନୁରୋଧ କରି ନ ଥା'ନ୍ତେ । ଯଥାର୍ଥରେ ଏପରି ନୁହେଁ । ବିରହ ମିଳନପ୍ରେମକୁ ବୃଦ୍ଧି କରେ, ମିଳନର ମହତ୍ତ୍ୱକୁ ଶ୍ରେଷ୍ଠତ୍ୱ ପ୍ରଦାନ କରେ, କିନ୍ତୁ ଭକ୍ତର ପ୍ରାପ୍ୟ ବସ୍ତୁ ବିରହ ନୁହେଁ, ମିଳନ । ବିରହକୁ ଲକ୍ଷ୍ୟସିଦ୍ଧି କୁହାଯାଏ ନାହିଁ, କୁହାଯାଏ ମିଳନକୁ । ବିରହ ଉପାୟ, ମିଳନ ଉପେୟ । ଉପାୟ ଦ୍ୱାରା ଉପେୟ ପ୍ରାପ୍ତ ହୁଏ;

ସେନେଇ ଉପାୟ ଅତ୍ୟନ୍ତ ପ୍ରିୟ । ଉପାୟକୁ ଶ୍ରେଷ୍ଠତା ଦେଲେ ତାହାର ଲକ୍ଷ୍ୟର ପରମ ଶ୍ରେଷ୍ଠତା ସୂଚିତ ହୁଏ । ଭଗବତ୍ ପ୍ରାପ୍ତିର ଉପାୟ ଗୁରୁ ବୋଲି ତାଙ୍କୁ ଭଗବାନଙ୍କ ଅପେକ୍ଷା ଶ୍ରେଷ୍ଠତର ସ୍ଥାନ ଦିଆଯାଏ । କିନ୍ତୁ ସେହି ଗୁରୁ ଯଦି ଭଗବତ୍ ପ୍ରାପ୍ତି ପରିବର୍ତ୍ତେ ଭଗବତ୍ ବିରୁଦ୍ଧାଚରଣ ଶିକ୍ଷା ଦିଅନ୍ତି, ତେବେ ତାଙ୍କୁ ପରିତ୍ୟାଗ କରାହୁଏ । ଏହି ନ୍ୟାୟରେ ସିଦ୍ଧ ମହାତ୍ମାମାନେ ସେମାନଙ୍କ ଜୀବନର ସର୍ବସ୍ୱ, ପ୍ରାଣରୁ ପ୍ରିୟ ଭଗବତ୍ ମିଳନର ଉପାୟ ରୂପକ ବିରହକୁ ଶ୍ରେଷ୍ଠ ସ୍ଥାନ ଦେଇ ଅଛନ୍ତି । ଏହା ସେମାନଙ୍କର କୃତଜ୍ଞତାର ପରିଚୟ ।

ପ୍ରେମୀ ଭକ୍ତଙ୍କ ଜୀବନ ବହୁତ ହେଲେ ଏକଶହ ବର୍ଷ ହୋଇପାରେ । ସେ ସାଧନା ଆରମ୍ଭଠାରୁ ଜୀବନ ଶେଷ ପର୍ଯ୍ୟନ୍ତ ବିରହ ପ୍ରେମରସ ଆସ୍ୱାଦନ କରେ, ଶରୀର ତ୍ୟାଗ କରି ଦିବ୍ୟଧାମରେ ପ୍ରଭୁଙ୍କ ସହିତ ଚିରମିଳନ ପ୍ରାପ୍ତ କରେ । କିନ୍ତୁ ମନ, ପ୍ରାଣ, ଶରୀରର ରୂପାନ୍ତର ହେବା ଏକ ଶହରୁ ଅଧିକ ବର୍ଷ ଲାଗିପାରେ । ଯେପର୍ଯ୍ୟନ୍ତ ପୂର୍ଣ୍ଣ ରୂପାନ୍ତର ନ ହୁଏ, ସେପର୍ଯ୍ୟନ୍ତ ସମସ୍ତ ସତ୍ତାରେ ପ୍ରଭୁଙ୍କ ସହିତ ପୂର୍ଣ୍ଣରୂପେ ଚିରମିଳନ ହୁଏ ନାହିଁ । ଚିରମିଳନ ହେବା ପୂର୍ବରୁ ବିରହ ମିଳନ ବରାବର ଥାଏ । ପ୍ରେମୀ ଭକ୍ତର ବିରହ କାଳଠାରୁ ଶରୀର ରୂପାନ୍ତରପ୍ରାର୍ଥୀ ଯୋଗୀର ବିରହ କାଳ ବହୁତ ବେଶୀ । ଯଦି ଭକ୍ତଦୃଷ୍ଟିରେ ଯଥାର୍ଥରେ ବିରହ ଶ୍ରେଷ୍ଠ ବୋଲି ମାନି ନିଆହୁଏ ତେବେ ଶରୀର ରୂପାନ୍ତରକାରୀ ସାଧନାରେ ସାଧକକୁ ବିରହ କାଳ ବିଶେଷ ମିଳିପାରେ । ଏହି ନ୍ୟାୟରେ ମଧ୍ୟ ଭକ୍ତକୁ ରୂପାନ୍ତର ଯୋଗ ସାହାଯ୍ୟ କରେ । ଅତଏବ ପ୍ରତ୍ୟେକ ଦିଗରୁ ଦୃଷ୍ଟିଦେଇ ଦେଖିଲେ ଭକ୍ତର ଶରୀରର ରୂପାନ୍ତର ଏକାନ୍ତକାମ୍ୟ, ତ୍ୟାଜ୍ୟ ନୁହେଁ ।

ପ୍ରଶ୍ନ : ଯେଉଁ ଭକ୍ତମାନେ ଐଶ୍ୱର୍ଯ୍ୟଯୁକ୍ତ ପରମବ୍ରହ୍ମ ପୁରୁଷୋତ୍ତମଙ୍କୁ ଉପାସନା କରନ୍ତି ସେମାନଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଆବଶ୍ୟକ ହୋଇପାରେ; କିନ୍ତୁ ଯେଉଁମାନେ ମାଧୁର୍ଯ୍ୟର ଉପାସକ ଭକ୍ତ; ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଅବଧବିହାରୀ, ଦଶରଥ ରାଜକିଶୋର, ବୃନ୍ଦାବନ ବିହାରୀ ନନ୍ଦକିଶୋର ମାନି ଅବଧ, ମିଥିଳା, ବୃନ୍ଦାବନ ଅଥବା ଗୋକୁଳବାସୀ ସଖା, ଦାସ, ଦାସୀରୂପେ ଜାଗତିକ ସମସ୍ତ ସମ୍ବନ୍ଧ ତାଙ୍କଠାରେ ସ୍ଥାପନ କରି ଦାସ୍ୟ, ବାତ୍ସଲ୍ୟ, ସଖ୍ୟ, କାନ୍ତାଦି ଭାବରେ ପ୍ରେମରସାସ୍ୱାଦନ କରନ୍ତି; ସେହିଁ ସେମାନଙ୍କର ଜୀବନ-ଦେବତା, ହୃଦୟର ଈଶ୍ୱର, ପ୍ରାଣର ଆଧାର । ସେମାନେ ସେମାନଙ୍କର ପ୍ରେମାସ୍ପଦଙ୍କ ମାଧୁର୍ଯ୍ୟରସରେ ଏପରି ବିଭୋର ହୋଇଯାଆନ୍ତି ଯେ ଐଶ୍ୱର୍ଯ୍ୟକୁ ପ୍ରବେଶ କରିବାର ମାର୍ଗ ନ ଥାଏ । ଏପରି ଅବସ୍ଥାରେ ପ୍ରେମୀ ଆଉ ପ୍ରେମାସ୍ପଦ ମଧ୍ୟରେ ଐଶ୍ୱର୍ଯ୍ୟ ଏକାତ୍ମୀୟ ଅନ୍ତରଙ୍ଗତା ମଧ୍ୟରେ କ'ଣ ଅନ୍ତରାୟ ହୁଏ ନାହିଁ ?

ଉତ୍ତର : ଭଗବତ୍ ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟରସରେ ଅନ୍ତରାୟ ହେବା ଦୂରେ ଥାଉ ଐଶ୍ୱର୍ଯ୍ୟ ବିନା ଅଧ୍ୟାତ୍ମ ମାର୍ଗରେ ମାଧୁର୍ଯ୍ୟ ଉପାସନା ସିଦ୍ଧ ହୋଇପାରେ ନାହିଁ । କାରଣ ଭଗବାନ୍ ପ୍ରେମ, ଆନନ୍ଦ, ସମତା ଓ ଜ୍ଞାନର ଉତ୍ସ । ସେ ଶାଶ୍ୱତ, ଅବିନାଶୀ । ଭଗବାନଙ୍କ ଛଡ଼ା ଅନ୍ୟ ଯାହାକିଛି – ସବୁ ଅସ୍ଥାୟୀ ଓ ନାଶବାନ୍ । ଉପାସନା ଦ୍ୱାରା ଉପାସ୍ୟ ଦେବତାଙ୍କୁ ପ୍ରାପ୍ତ କରାହୁଏ । ଭଗବାନଙ୍କୁ ଉପାସନା କଲେ ଭଗବାନ୍ ପ୍ରାପ୍ତ ହୁଅନ୍ତି, ଏକହିଁ ସଙ୍ଗେ ଶାଶ୍ୱତପ୍ରେମ, ଦିବ୍ୟ ଆନନ୍ଦାଦି ତାଙ୍କର ସମସ୍ତ ଦିବ୍ୟଗୁଣ ପ୍ରାପ୍ତ ହୁଏ । ଭଗବାନଙ୍କ ବ୍ୟତୀତ ଅନ୍ୟକୁ ଉପାସନା କଲେ ଉପାସ୍ୟ ବସ୍ତୁ ପ୍ରାପ୍ତ ହୁଏ, କିନ୍ତୁ ସେ ହୁଏ ଅସ୍ଥାୟୀ ଓ ନାଶବାନ୍ । ତାହାର ସାଂସାରିକ ପ୍ରେମ କଳୁଷିତ, ଜନ୍ମ-ମରଣ, ଦୁଃଖ-କଷ୍ଟର କାରଣ । ଏହା ନିଃସନ୍ଦେହ ଯେ ଶାଶ୍ୱତ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରିବା ସକାଶେ ଏକମାତ୍ର ଉପାସ୍ୟ ହେଲେ ଭଗବାନ୍ । ତୁମେ କହୁଛ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଉପାସନାରେ ଐଶ୍ୱର୍ଯ୍ୟ ନ ଥାଏ । ତେବେ କ'ଣ ଶ୍ରୀରାମ ବା ଶ୍ରୀକୃଷ୍ଣଙ୍କୁ ମାଧୁର୍ଯ୍ୟ ଉପାସକ ଭକ୍ତମାନେ ମନୁଷ୍ୟ ବୋଲି ମାନନ୍ତି ? ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ଯଦି ମନୁଷ୍ୟ ବୋଲି କୁହାଯାଏ ତେବେ ତାଙ୍କ ଭକ୍ତମାନେ ଶୁଣିବା ମାତ୍ରେ ସାଧୁ ସ୍ୱଭାବବଶତଃ ଯଦି ନ ମାରନ୍ତି, ତେବେ କୋଡ଼ିଏଟି ଗାଳି ଅବଶ୍ୟ ଦିଅନ୍ତି । ବେଦ, ଉପନିଷଦ, ପୁରାଣ-ଶାସ୍ତ୍ରାଦି ପ୍ରମାଣରେ ଅକ୍ଷରେ ଅକ୍ଷରେ ବୈଷ୍ଣବ ଶାସ୍ତ୍ରରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ପରମବ୍ରହ୍ମ, ପୁରୁଷୋତ୍ତମ, ସଚ୍ଚିଦାନନ୍ଦ ତତ୍ତ୍ୱ ବୋଲି ସିଦ୍ଧ କରାଯାଇଛି ।

ପ୍ରଶ୍ନ : ବୈଷ୍ଣବ ଶାସ୍ତ୍ରରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣ ଐଶ୍ୱର୍ଯ୍ୟ ବର୍ଣ୍ଣନା କରାହୋଇଛି ସତ୍ୟ, କିନ୍ତୁ ପ୍ରେମୀ ଭକ୍ତମାନେ ଅବଧ, ମିଥିଳା, ବୃନ୍ଦାବନ, ଗୋକୁଳବାସୀରୂପେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ଉପାସନା କରନ୍ତି, ସେମାନଙ୍କର

ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ସହିତ କେବଳ ପିତା, ପୁତ୍ର, ସ୍ୱାମୀ, ସଖା, ଦାସ-ଦାସୀଭାବରେ ଜାଗତିକ ସମ୍ବନ୍ଧ ଥିଲା, ଐଶ୍ୱର୍ଯ୍ୟ ଲେଶମାତ୍ର ନ ଥିଲା । ଏପରି ମାଧୁର୍ଯ୍ୟ କ'ଣ ଉପାସନା-ଶାସ୍ତ୍ରସମ୍ମତ ନୁହେଁ ? ଏହା ଦ୍ୱାରା କ'ଣ ପ୍ରେମ, ସମତାଦି ଦିବ୍ୟଗୁଣ ଭକ୍ତକୁ ପ୍ରାପ୍ତ ହୁଏ ନାହିଁ ?

ଉତ୍ତର : ମାଧୁର୍ଯ୍ୟ ରସର ଉପାସକମାନଙ୍କୁ ଭଗବତ୍ ଦିବ୍ୟ-ପ୍ରେମ ପ୍ରାପ୍ତ ହୁଏ, କାରଣ ଏହାର ଉତ୍ପତ୍ତିସ୍ୱରୂପ ଭଗବତ୍ ଐଶ୍ୱର୍ଯ୍ୟ ଥାଏ ବୋଲି । ଭଗବତ୍ ଦିବ୍ୟ-ପ୍ରେମ-ସୂର୍ଯ୍ୟ ପ୍ରକାଶିତ ହେଲେ ତାହାର ବିରୋଧୀ ମନ-ପ୍ରାଣର ବାସନା, କାମନା, ଲାଳସାଦି ଅନ୍ଧକାର, ନିମ୍ନ ପ୍ରକୃତିର କ୍ରିୟାର ପରଦା ଦୂର ହୁଏ । ତେବେ ସେମାନେ ଅନ୍ଧକାରରେ ଆବୃତ ହୋଇଥିବା ଭଗବତ୍ ଜ୍ଞାନ ପ୍ରାପ୍ତ କରନ୍ତି । ଯେପରି ସୂର୍ଯ୍ୟ ପ୍ରକାଶିତ ହେଲେ ଅନ୍ଧକାର ରହି ନ ପାରେ ସେହିପରି ଦିବ୍ୟ-ପ୍ରେମ ପ୍ରାପ୍ତ ହେଲେ ଭଗବତ୍ ଐଶ୍ୱର୍ଯ୍ୟ ଗୁପ୍ତ ହୋଇ ରହିପାରେ ନାହିଁ ।

ପ୍ରଶ୍ନ ଅନୁସାରେ ଯଦି ଅବଧ, ମିଥିଳା, ବୃନ୍ଦାବନ ଓ ଗୋକୁଳବାସୀମାନଙ୍କର ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ପ୍ରତି ଐଶ୍ୱର୍ଯ୍ୟଭାବ ନ ଥାଏ, ତେବେ ସେଥିରେ କିଛି ଯାଏ ଆସେ ନାହିଁ । କାରଣ ସେମାନେ ଆମ୍ଭମାନଙ୍କ ପରି ବଦ୍ଧ ଜୀବ ନୁହନ୍ତି, ସେମାନେ ଭଗବାନଙ୍କ ନିତ୍ୟ ପାର୍ଶ୍ୱଦ, ଶାଶ୍ୱତ ସହଚର । ଭଗବାନ୍ ଯେବେ ପୃଥିବୀରେ ଅବତାର ନିଅନ୍ତି ସେମାନେ ମଧ୍ୟ ତାଙ୍କ ସଙ୍ଗେ ତାଙ୍କର ଲୀଳା-ସହଚର ହୋଇ ଜନ୍ମ ଗ୍ରହଣ କରନ୍ତି ଏବଂ ଭଗବାନଙ୍କ ସଙ୍ଗେ ପୁନରାୟ ସାକେତ, ଗୋଲୋକକୁ ଫେରି ଯାଆନ୍ତି । ସେମାନଙ୍କର ଉଦ୍ଦେଶ୍ୟ ନୁହେଁ ଯେ ଭଗବାନଙ୍କୁ ଉପାସନା କରି ଜନ୍ମ-ମରଣରୁ ନିବୃତ୍ତ ହୋଇ ତାଙ୍କ ସାନ୍ନିଧ୍ୟ ପ୍ରାପ୍ତ କରିବା । ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଭଗବାନଙ୍କ କାର୍ଯ୍ୟରେ ସହଯୋଗ କରିବା, ସେ କାର୍ଯ୍ୟରେ ଭଗବାନଙ୍କ ଐଶ୍ୱର୍ଯ୍ୟ ହେଉ ବା ମାଧୁର୍ଯ୍ୟ ହେଉ ସେଥିରେ ସେମାନଙ୍କର କିଛି ଯାଏ ଆସେ ନାହିଁ ।

ମାଧୁର୍ଯ୍ୟ ଉପାସକ ଭକ୍ତମାନେ ଅଯୋଧ୍ୟା, ବୃନ୍ଦାବନକୁ ନିତ୍ୟ, ଶାଶ୍ୱତ, ଦିବ୍ୟ, ଭଗବତ୍ ଧାମ, ସାକେତ, ଗୋଲୋକରୁ ଅଭିନ୍ନ ବୋଲି ମାନନ୍ତି । ସେହି ପୁରବାସୀଙ୍କୁ ଶାଶ୍ୱତ, ଦିବ୍ୟ, ଅପରିବର୍ତ୍ତନୀୟ ଜନ୍ମ-ମୃତ୍ୟୁ, ଜରା ଓ ରୋଗରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀରଧାରୀ ବୋଲି କଳ୍ପନା କରନ୍ତି । ସେ ପୁରୀର ସମସ୍ତ ପଶୁପକ୍ଷୀ ଦିବ୍ୟ ଚିନ୍ମୟ ବିଗ୍ରହ । ସେଠାରେ ପ୍ରାକୃତିକ କୌଣସି ଶକ୍ତିର ପ୍ରବେଶ ନିଷେଧ । ସମସ୍ତ କିଛି ଦିବ୍ୟା ପରାପୂରା ଶକ୍ତି ଦ୍ୱାରା ଚାଳିତ । ଯଦି ପୁରୀର ସମସ୍ତ କିଛି ଦିବ୍ୟ ତେବେ ସେହି ପୁରୀର ଉପାସ୍ୟ ଦେବ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଭଗବତ୍ ଐଶ୍ୱର୍ଯ୍ୟ ସ୍ୱତଃସିଦ୍ଧ । ମାଧୁର୍ଯ୍ୟ-ଉପାସକ ଭକ୍ତମାନେ ନିଜକୁ ଦଶରଥ, କୌଶଲ୍ୟା, ନନ୍ଦ, ଯଶୋଦା ବା ଗୋପଗୋପୀ ବୋଲି ମାନନ୍ତି ଏବଂ ନିଜ ଶରୀର ଏହି ହାଡ଼-ମାଂସରୁ ପୃଥକ୍ ଦିବ୍ୟ ଚିନ୍ମୟ ବିଗ୍ରହ ବୋଲି ଧାରଣା କରନ୍ତି । ଏହିରୂପେ ଉପାସନା କରି ମୃତ୍ୟୁପରେ ନିତ୍ୟ ଶାଶ୍ୱତ, ସାକେତ, ଗୋଲୋକରେ ସେମାନଙ୍କ ଉପାସ୍ୟ ଦେବଙ୍କ ସେବାକୁ ଲାଭ କରନ୍ତି । ଉପାସ୍ୟ ଦେବ, ତାଙ୍କର ପୁରୀ ଏବଂ ଭାବଯୁକ୍ତ ନିଜ ଶରୀରର ଦିବ୍ୟତ୍ୱ କଳ୍ପନା କ'ଣ ଐଶ୍ୱର୍ଯ୍ୟ ନୁହେଁ ? ଏହି ଐଶ୍ୱର୍ଯ୍ୟ କ'ଣ ମାଧୁର୍ଯ୍ୟ-ଉପାସନାର ଭିତ୍ତି ନୁହେଁ ? ପଥରରେ ପରମ ବ୍ରହ୍ମଙ୍କୁ କଳ୍ପନାକରି ପୂଜା କରାହୁଏ, ସେହି କଳ୍ପନା ସିଦ୍ଧ ହେଲେ ପଥର ବିଗ୍ରହରୁ ପରମବ୍ରହ୍ମ ପ୍ରକଟ ହୁଅନ୍ତି । ଉପାସନାରେହିଁ କଳ୍ପନା ପ୍ରତ୍ୟକ୍ଷ ହୁଏ । ମାଧୁର୍ଯ୍ୟ ରସର ଉପାସକ ଭକ୍ତ ସାଧନାର ସିଦ୍ଧିରୂପେ ଶରୀରତ୍ୟାଗ ପରେ ଯେଉଁ ଚିନ୍ମୟ ଶରୀର, ଭଗବାନଙ୍କ ପୂର୍ଣ୍ଣ ପ୍ରାପ୍ତି ଏବଂ ଅବିଚ୍ଛିନ୍ନ ସାନ୍ନିଧ୍ୟ ପ୍ରାପ୍ତ କରେ, ତାହା ସବୁ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ ଏବଂ ଏହି ଶରୀରର ପୂର୍ଣ୍ଣ ରୂପାନ୍ତର ହେବାରେ । ସାଧକ ଅତିମାନସ ଚେତନାରେ ବାସ କରେ । ଏହି ଅବସ୍ଥାପ୍ରାପ୍ତ ସାଧକର ନାମ ଶ୍ରୀଅରବିନ୍ଦଙ୍କ ଯୋଗରେ ରଖାଯାଇଛି — 'ଅତିମାନବ' ଅଥବା 'ଦିବ୍ୟମାନବ' । ଏହା କ'ଣ ପ୍ରକୃତରେ ମାଧୁର୍ଯ୍ୟ ଉପାସକ ଭକ୍ତର ଅନାବଶ୍ୟକ ?

ପ୍ରଶ୍ନ : ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ଭକ୍ତମାନଙ୍କ ସକାଶେ ଆବଶ୍ୟକ ହୋଇପାରେ, କିନ୍ତୁ ନିର୍ବାଣ ଓ ମୁକ୍ତିକାମୀ ଜ୍ଞାନୀମାନଙ୍କ ପାଇଁ ଏହାର ଆବଶ୍ୟକତା କ'ଣ ?

ଉତ୍ତର : ନିର୍ବାଣ, ମୁକ୍ତିକାମୀ, ଜ୍ଞାନୀ ଅଥବା ଅନ୍ୟ ଯେକୌଣସି ଅଧ୍ୟାତ୍ମ-ସାଧକକୁ ପୂର୍ଣ୍ଣତା ପ୍ରାପ୍ତ କରିବାକୁ ହେଲେ ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ଏକାନ୍ତ ଆବଶ୍ୟକ । ଅରୂପାନ୍ତରିତ ଶରୀରରେ ଜ୍ଞାନ, ଭକ୍ତି, ଶକ୍ତି

ସମତାଦି ପୂର୍ଣ୍ଣ ଦିବ୍ୟ ଗୁଣଯୁକ୍ତ ପରମବ୍ରହ୍ମ ପରମାତ୍ମା, ସଚ୍ଚିଦାନନ୍ଦ ପ୍ରକଟ ହୁଅନ୍ତି ନାହିଁ । ପୂର୍ବେ ଦିଆ ହୋଇଥିବା ପାହାଡ଼ର ଉଦାହରଣ ପ୍ରତ୍ୟେକ ସମ୍ପ୍ରଦାୟର ସାଧକଙ୍କ ସକାଶେ ପ୍ରଯୁଜ୍ୟ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଭଗବାନଙ୍କୁ ପୂର୍ଣ୍ଣ ସ୍ୱରୂପରେ ପ୍ରାପ୍ତ କରାହେଉଥିବାରୁ ତାଙ୍କ ଦର୍ଶନରେ ସମସ୍ତ ପୁରାତନ ଯୋଗର ବିରୋଧ ଓ ବୈଷମ୍ୟର ସାମଞ୍ଜସ୍ୟ ହୁଏ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସମସ୍ତ ଆଧ୍ୟାତ୍ମିକ ସାଧକମାନଙ୍କୁ ପୂର୍ଣ୍ଣତା ପ୍ରାପ୍ତ କରିବାରେ ସାହାଯ୍ୟ କରୁଥିବାରୁ ଏହାକୁ ଗ୍ରହଣ କରିବା ଶାସ୍ତ୍ର-ସମ୍ମତ, ଶାସ୍ତ୍ରର ବିରୋଧୀ ନୁହେଁ ।

ପ୍ରଶ୍ନ : ମନ, ପ୍ରାଣ, ଶରୀରର ପୂର୍ଣ୍ଣ-ରୂପାନ୍ତର ସମସ୍ତ ଅଧ୍ୟାତ୍ମ-ସାଧକମାନଙ୍କର କାମ୍ୟ ହୋଇପାରେ, ସେଥିରେ ସେମାନେ ପୂର୍ଣ୍ଣତା ପ୍ରାପ୍ତ ହୋଇପାରନ୍ତି କିନ୍ତୁ ଏଥିରେ ସଂସାରର କ'ଣ ଲାଭ ହୁଏ ?

ଉତ୍ତର : ମନ, ପ୍ରାଣ, ଶରୀରର ପୂର୍ଣ୍ଣ-ରୂପାନ୍ତର ହେବା ସାଧକର ସିଦ୍ଧି, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଯଥାର୍ଥରେ ତାହାର ସିଦ୍ଧି ସଂସାର ନିମିତ୍ତ, ତାହାର ବ୍ୟକ୍ତିଗତ ସିଦ୍ଧିରେ ଜଗତର ଲାଭ ।

ଅତିମାନସ ଶକ୍ତି ସାଧକମାନଙ୍କୁ ସିଦ୍ଧି ପ୍ରଦାନ କରେ କିନ୍ତୁ ସଙ୍ଗେ ସଙ୍ଗେ ଜାଗତିକ ଶକ୍ତିମାନଙ୍କ ଉପରେ ବିଜୟ ପ୍ରାପ୍ତି କରେ । ପୂର୍ଣ୍ଣ-ଯୋଗର ସାଧକ ପୁରାତନ ଯୋଗର ସାଧକ ତୁଲ୍ୟ ବ୍ୟକ୍ତିଗତ ଭାବେ ନିଜର ସୀମିତ କିଛି ସତ୍ତା ଅଥବା ସ୍ୱଭାବର କିଛି ଭାଗ ରୂପାନ୍ତର କଲେ ତାହାର ଯୋଗ ସିଦ୍ଧି ହେବ ନାହିଁ । କାରଣ ଜାଗତିକ ସମସ୍ତ ଶକ୍ତି ଯେପର୍ଯ୍ୟନ୍ତ ସେମାନଙ୍କର ମୂଳ ସ୍ୱରୂପରେ ରୂପାନ୍ତରିତ ନ ହେବେ, ସେପର୍ଯ୍ୟନ୍ତ ବ୍ୟକ୍ତିଗତରୂପେ କରିଥିବା କିଛି ପରିବର୍ତ୍ତନକୁ ପୁନରାୟ ସେମାନେ ନଷ୍ଟ କରିଦେବେ, ତାହା ହେବ ଅସ୍ଥାୟୀ, ସାମୟିକ ପରିବର୍ତ୍ତନ । ସେନେଇ ପୂର୍ଣ୍ଣ-ଯୋଗ ସାଧକର କାର୍ଯ୍ୟଅତିମାନସ ଶକ୍ତି ଦ୍ୱାରା ଜାଗତିକ ଶକ୍ତିର ମୂଳ ସ୍ୱରୂପ ରୂପାନ୍ତର କରିବା । ଏହା ହେଲେ ତାହାର ବ୍ୟକ୍ତିଗତ ରୂପାନ୍ତର ସମ୍ଭବ ହେବ । ଯଥାର୍ଥରେ ଏହି ରୂପାନ୍ତର ସାଧକ ଦ୍ୱାରା ହୁଏ ନାହିଁ, ହୁଏ ମା'ଙ୍କ ବିଧାନରେ ଅତିମାନସ ଶକ୍ତି ଦ୍ୱାରା । ସାଧକ କେବଳ ସେହି ଶକ୍ତି କ୍ରିୟାର ଆଧାର ମାତ୍ର ।

ଅତିମାନସ ଶକ୍ତି ଦ୍ୱାରା ଜାଗତିକ ଶକ୍ତି ରୂପାନ୍ତରିତ ହେଲେ, ଅତିମାନସ ଶକ୍ତିର ବିଧାନ ଅନୁସାରେ ସଂସାର ପରିଚାଳିତ ହେବ । ଅତିବୃଷ୍ଟି, ଅନାବୃଷ୍ଟି, ଝଡ଼, ତୋଫାନ, ବନ୍ୟା, ମହାମାରୀ, ଯୁଦ୍ଧ, ହିଂସା, ସ୍ୱାର୍ଥପରତା, ଚୋରି, ଡକାୟତି ଇତ୍ୟାଦି ଅଜ୍ଞାନ ଅନ୍ଧକାର ଶକ୍ତିର କ୍ରିୟା ଜଗତରୁ ଏକେବାରେ ଲୋପ ହୋଇଯିବ । ମନୁଷ୍ୟ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି ତାହା ଅପେକ୍ଷା ଏକ ଉତ୍କୃଷ୍ଟତର ଅବସ୍ଥାକୁ ପ୍ରାପ୍ତ ହେବ । ସାଧାରଣ ଏକ ଧାରଣା କରିବା ସକାଶେ, କହିବାକୁ ଗଲେ, ରାମରାଜ୍ୟ ଯେପରି ଥିଲା ତାହା ଅପେକ୍ଷା ମହାନ୍ ଉନ୍ନତ ଅବସ୍ଥାକୁ ପ୍ରାପ୍ତ ହେବ । କିନ୍ତୁ ସମସ୍ତ ମନୁଷ୍ୟଜାତି ଅତିମାନବ ଜାତିରେ ପରିଣତ ହେବ ନାହିଁ । ସେ ସମୟରେ ବି ସାଧନା ଦ୍ୱାରା ଅତିମାନବତ୍ୱକୁ ମନୁଷ୍ୟ ପ୍ରାପ୍ତ ହେବ । ଲତା, ଗୁଳ୍ମ, ପଶୁପକ୍ଷୀଠାରୁ ଆରମ୍ଭ କରି ମନୁଷ୍ୟଜାତି ପର୍ଯ୍ୟନ୍ତ ନିଜ ସ୍ତର ଓ ସ୍ଥିତି ଅପେକ୍ଷା ଏକ ଉଚ୍ଚତର ସ୍ତର ଓ ସ୍ଥିତିକୁ ପ୍ରାପ୍ତ ହେବେ । କିନ୍ତୁ ଏହି ଅବସ୍ଥା ଗୋଟିଏ ସୀମାରେ ରୋକିଯିବ ନାହିଁ, ବରାବର ଉନ୍ନତତର ଅବସ୍ଥାକୁ ଗତି କରୁଥିବ । ଏହାକୁହିଁ କୁହାହୋଇଛି – ସ୍ୱର୍ଗରାଜ୍ୟ, ଯାହା ଏହି ମୃତ୍ୟୁଲୋକରେ ଉତରି ଆସିବ । ଦିବ୍ୟ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଆଉ ଏହି ମର୍ତ୍ତ୍ୟଲୋକରେ ଯେଉଁ ବ୍ୟବଧାନ ଅଛି, ସେଥିରେ ଏକ ସେତୁ ନିର୍ମାଣ ହୋଇଯିବ ।

ପ୍ରଶ୍ନ : ଶାସ୍ତ୍ରରେ ଏକ-ଗୁରୁନିଷ୍ଠାର ବିଶେଷ ମହତ୍ତ୍ୱ ବର୍ଣ୍ଣନା କରାହୋଇଛି । କିନ୍ତୁ ପ୍ରତ୍ୟେକ ଆଧ୍ୟାତ୍ମିକ ସାଧକକୁ ନିଜ ଲକ୍ଷ୍ୟରେ ପୂର୍ଣ୍ଣତା ପ୍ରାପ୍ତି ସକାଶେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଆବଶ୍ୟକ ଏବଂ ଶାସ୍ତ୍ରସମ୍ମତ, ତେବେ ସେଥିରେ ଗୁରୁନିଷ୍ଠା ରହେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାର ଅର୍ଥ – ଅନ୍ୟ ଗୁରୁଠାରୁ ଦୀକ୍ଷା ଗ୍ରହଣ କରିବା । ଏହାର ସମାଧାନ କ'ଣ ?

ଉତ୍ତର : ବାହ୍ୟବେଶ ତ୍ୟାଗ କରି ନିଜ ସାଧନା ଆଉ ଲକ୍ଷ୍ୟର ବିପରୀତ ସାଧନା ଓ ଲକ୍ଷ୍ୟ ଗ୍ରହଣ କଲେ ଗୁରୁନିଷ୍ଠା ଖଣ୍ଡିତ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ ସକାଶେ ଏହା ପ୍ରଯୁଜ୍ୟ ନୁହେଁ ।

ବ୍ୟକ୍ତି ସମାଜ ତ୍ୟାଗ କରି କୌଣସି ଅଧ୍ୟାତ୍ମ ସମ୍ପ୍ରଦାୟର ଗୁରୁଙ୍କ ଶରଣାପନ୍ନ ହେଲେ, ସେହି ସମ୍ପ୍ରଦାୟର ନିର୍ଦ୍ଦିଷ୍ଟ

ନିୟମ ଅନୁସାରେ କ୍ଷୌର ହୋଇ ଗୁରୁଙ୍କ ବିଧାନ ଅନୁସାରେ ଶିଖା, ସୂତ୍ର, ମାଳା, ତିଳକ, କୌପୀନ, କଟିବନ୍ଧ ଧାରଣ କରେ ଅଥବା ଶିଖା, ସୂତ୍ରାଦି ସମସ୍ତ ସାମାଜିକ ଚିହ୍ନ ପରିତ୍ୟାଗ କରି ଦଣ୍ଡ, କମଣ୍ଡଳୁ, ଗୈରିକବସ୍ତ୍ର, ରୁଦ୍ରାକ୍ଷ କିଂବା ଶଙ୍ଖମାଳା, ତ୍ରିଶୂଳାଦି ଗ୍ରହଣ କରି ଲାଲବସ୍ତ୍ର ପରିଧାନ କରେ । ଏହା ସଙ୍ଗେ ସଙ୍ଗେ ସେ ସମ୍ପ୍ରଦାୟର ସିଦ୍ଧାନ୍ତ ଅନୁସାରେ ଲକ୍ଷ୍ୟ ଏବଂ ସାଧନାର କ୍ରିୟା ନିମିତ୍ତ ଗୁରୁଙ୍କଠାରୁ ଉପଦେଶ ନିଏ । ଏହାକୁହିଁ ଦୀକ୍ଷା କୁହାଯାଏ । ଏହି ଦୀକ୍ଷାକୁ ବର୍ଜନ କରି ନୂତନ ଭାବେ ଅନ୍ୟ ଦୀକ୍ଷା ଗ୍ରହଣ କରିବାକୁ ଗୁରୁତ୍ୟାଗ କୁହାଯାଏ । ଲୋକେ ଏହାକୁହିଁ ନିନ୍ଦା କରନ୍ତି । ଏହି ବାହ୍ୟଚିହ୍ନହିଁ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ସିଦ୍ଧାନ୍ତ, ଲକ୍ଷ୍ୟ ସାଧନର ପରିଚାୟକ । ଏହିସବୁ ସାମ୍ପ୍ରଦାୟିକ ଚିହ୍ନ ପ୍ରତି ଶ୍ରଦ୍ଧା, ବିଶ୍ୱାସ ନ ରଖିଲେ ସମ୍ପ୍ରଦାୟକୁ ଅମାନ୍ୟ କରାଯାଏ ବୋଲି ସାମ୍ପ୍ରଦାୟିକ ବ୍ୟକ୍ତିମାନଙ୍କର ଧାରଣା । କିନ୍ତୁ ସମ୍ପ୍ରଦାୟର ଚିହ୍ନକୁ ବଜାୟ ରଖି ଆଧ୍ୟାତ୍ମିକ ମାର୍ଗରେ ଅନ୍ୟଠାରୁ ସାହାଯ୍ୟ ନେଲେ ସେମାନେ ପ୍ରାୟ ବିରୋଧ କରନ୍ତି ନାହିଁ ।

ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ କୌଣସି ସାମ୍ପ୍ରଦାୟିକ ଚିହ୍ନ ତ୍ୟାଗ କରିବାକୁ ହୁଏ ନାହିଁ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ନିର୍ଦ୍ଦିଷ୍ଟ ସାମ୍ପ୍ରଦାୟିକ ଚିହ୍ନରେ ବିଭୂଷିତ ନୁହେଁ । ଏହି ଯୋଗ ସମସ୍ତ ମାନବଜାତି, ସମସ୍ତ ଆଧ୍ୟାତ୍ମିକ ସମ୍ପ୍ରଦାୟକୁ ଆଲିଙ୍ଗନ କରି ଏକ କରେ । ସମସ୍ତ ସମ୍ପ୍ରଦାୟର ଲକ୍ଷ୍ୟକୁ ପୂର୍ଣ୍ଣତା ପ୍ରଦାନ କରେ, ସାଧନାରେ ନୂତନ ଉତ୍ସାହ ସଞ୍ଚାର କରେ ଏବଂ ଲକ୍ଷ୍ୟପ୍ରାପ୍ତିରେ ପୂର୍ଣ୍ଣରୂପେ ସାହାଯ୍ୟ କରେ । ସେନେଇ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଦୀକ୍ଷା ବା ଗୁରୁବାଦର ପ୍ରଶ୍ନ ଉଠେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ନିଜ ରୁଚି, ଅଭ୍ୟାସ, ସ୍ୱଭାବ ଅନୁସାରେ ବସ୍ତ୍ରାଦି ଧାରଣ କରନ୍ତି ।

ପୂର୍ବେ ଏକଗୁରୁନିଷ୍ଠା ପ୍ରତି ଅଧିକ ଜୋର୍ ଦେବାର କାରଣ ଥିଲା – ପ୍ରତ୍ୟେକ ଆଧ୍ୟାତ୍ମିକ ସାଧକ ଭଗବାନଙ୍କର ଗୋଟିଏ ଗୋଟିଏ ଦିଗ ପ୍ରାପ୍ତ କରିଥିଲେ, ଯାହାକି ପରସ୍ପର ବିରୋଧୀ ଥିଲା । ଯଦି କୌଣସି ଆଧ୍ୟାତ୍ମିକ ସାଧକ ଗୁରୁ ଏବଂ ଲକ୍ଷ୍ୟ ତ୍ୟାଗ କରି ଅନ୍ୟ ଗୁରୁ ଏବଂ ଲକ୍ଷ୍ୟ ଗ୍ରହଣ କରେ ତେବେ ସେ ପ୍ରଥମରେ କରିଥିବା ସମସ୍ତ ସାଧନା ବ୍ୟର୍ଥ ହୁଏ ଆଉ ଅନ୍ୟ ସମ୍ପ୍ରଦାୟ ଅନୁସାରେ ଏକେବାରେ ନୂତନ ସାଧକ ସଦୃଶ ମୂଳରୁ ସାଧନା ଆରମ୍ଭ କରେ । ଏପରି ଅନିଷ୍ଠାବାନ୍ ସାଧକର ସିଦ୍ଧି ପ୍ରାପ୍ତ ହୁଏ ନାହିଁ । ଯେପରି ଅଦ୍ୱୈତ ଆଉ ଦ୍ୱୈତ ସମ୍ପ୍ରଦାୟ । ଏ ଦୁଇ ସମ୍ପ୍ରଦାୟରେ ଲକ୍ଷ୍ୟ ଓ ସାଧନା ପରସ୍ପରର ଏକେବାରେ ବିପରୀତ । ଅଦ୍ୱୈତ ସାଧକର ଲକ୍ଷ୍ୟ ନିର୍ବିଶେଷ, ନିଷ୍କ୍ରିୟ, ନିରାକାର ସତ୍ତାରେ ମିଳିଯିବା । ଲକ୍ଷ୍ୟ ଅନୁସାରେ ସାଧନା ହୁଏ । ସେମାନେ ବୁଦ୍ଧିରେ ବିଚାର କରନ୍ତି : ଦୃଶ୍ୟମାନ ବସ୍ତୁ – ମାୟା, ସ୍ୱପ୍ନ, ମିଥ୍ୟା । ନିରାକାର ନିର୍ଗୁଣ ନିର୍ବିଶେଷ ସତ୍ତା ଏକମାତ୍ର ସତ୍ୟ ।

ଦ୍ୱୈତ ସାଧକମାନଙ୍କର ଇଷ୍ଟଦେବ ଆନନ୍ଦ, ସୌନ୍ଦର୍ଯ୍ୟ, ଲାବଣ୍ୟାଦି ସମସ୍ତ ଦିବ୍ୟଗୁଣର ଆକାର, ପ୍ରେମମୟ, ସମସ୍ତ ଜଗତର ଆଧାର, ସୃଷ୍ଟି, ସଂହାର, ପାଳନକର୍ତ୍ତା ନାରାୟଣ, ରାମ, କୃଷ୍ଣ, ଶିବ, ଦୁର୍ଗା । ଏମାନେ ଇଷ୍ଟଦେବଙ୍କୁ ପ୍ରେମ କରନ୍ତି, ଭକ୍ତି କରନ୍ତି, ପୂଜା କରନ୍ତି, ତାଙ୍କୁ ସମସ୍ତ ଅର୍ପଣ କରି, ଶରୀର ତ୍ୟାଗ କରି ଇଷ୍ଟଦେବଙ୍କ ଦିବ୍ୟ-ଧାମମାନଙ୍କରେ ତାଙ୍କ ସେବାକୁ ପ୍ରାପ୍ତ ହୁଅନ୍ତି । ଏହି ଉଭୟ (ଅଦ୍ୱୈତ ଓ ଦ୍ୱୈତ) ଲକ୍ଷ୍ୟ ଆଉ ସାଧନା ପରସ୍ପର ଏପରି ବିରୋଧୀ ଯେ ଏକ ଲକ୍ଷ୍ୟ ଓ ସାଧନା ତ୍ୟାଗ କରି ଅନ୍ୟକୁ ଗ୍ରହଣ କଲେ ପ୍ରଥମ ସାଧନା ତ' ବ୍ୟର୍ଥ ହୁଏ, କିନ୍ତୁ ତାହାର ମନୋଭାବ ଆଉ ସ୍ୱଭାବକୁ ପରିବର୍ତ୍ତନ କରି ନୂତନ ସାଧନାର ଅନୁକୂଳ ଅବସ୍ଥା ତିଆରି କରିବାରେ ବହୁତ ବର୍ଷ କିଂବା ଗୋଟିଏ ଜନ୍ମ ଲାଗି ଯାଇପାରେ । ସେନେଇ ଶାସ୍ତ୍ରରେ ଏକଗୁରୁନିଷ୍ଠା ପ୍ରତି ବହୁତ ଆଗ୍ରହ କରାହୋଇଛି । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଓ ସାଧନା କୌଣସି ଯୋଗର ବିପରୀତ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ସିଦ୍ଧି ପ୍ରାପ୍ତ ହୁଏ । ସେନେଇ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଶାସ୍ତ୍ର କୌଣସି ବିରୋଧ କରେ ନାହିଁ କିଂବା ଗୁରୁନିଷ୍ଠା ଖଣ୍ଡିତ ହୁଏ ନାହିଁ ।

ଶ୍ରୀଅରବିନ୍ଦଙ୍କ ଯୋଗର ସାଧନ-ପ୍ରକିୟା ହେଲା – ଅଭୀପ୍ସା, ସମର୍ପଣ ଓ ତ୍ୟାଗ । ଏହି ସାଧନ-ପ୍ରକ୍ରିୟା ଛଡ଼ା କୌଣସି ସାଧକ କୌଣସି ସମ୍ପ୍ରଦାୟର ସାଧନା-ପଥରେ ଅଗ୍ରସର ହୋଇପାରେ ନାହିଁ । ଏହା ପ୍ରତ୍ୟେକ ସାଧକମାନଙ୍କର ବିଶେଷତଃ ଦ୍ୱୈତ ସାଧକମାନଙ୍କର ଗ୍ରହଣୀୟ । ଏହାଛଡ଼ା ସବୁଠାରୁ ଯାହା ମହତ୍ତ୍ୱପୂର୍ଣ୍ଣ ବସ୍ତୁ ତାହା ହେଲା – ଲକ୍ଷ୍ୟପ୍ରାପ୍ତିରେ

ପୂର୍ଣ୍ଣ ସାହାଯ୍ୟ ପ୍ରାପ୍ତି; ତାହା ମା'ଙ୍କଠାରୁ ପୂର୍ଣ୍ଣରୂପେ ସାଧକର ଗ୍ରହଣ-ସାମର୍ଥ୍ୟ ଅନୁସାରେ ସେ ପ୍ରାପ୍ତି କରେ। ଶ୍ରୀଅରବିନ୍ଦଙ୍କ ଯୋଗ ପୂର୍ବ ସାଧନାକୁ ତ୍ୟାଗ ନ କରାଇ ସାଧନାର କଳ୍ପନା ସ୍ଥାନରେ ବାସ୍ତବିକତାରେ ରୂପ ଦିଏ। ପୂର୍ଣ୍ଣ ଲକ୍ଷ୍ୟରେ ପହଞ୍ଚିବା ସକାଶେ ଆଧ୍ୟାତ୍ମିକ ସାଧକର ଯାହା ଆବଶ୍ୟକ ଶ୍ରୀଅରବିନ୍ଦଙ୍କ ଯୋଗରେ ସେ ସମସ୍ତ ମିଳେ।

ପ୍ରଶ୍ନ : ଦ୍ୱୈତ ସାଧକମାନଙ୍କର କଳ୍ପନା ସ୍ଥାନରେ ଶ୍ରୀଅରବିନ୍ଦଙ୍କ ଯୋଗ ବାସ୍ତବିକତାର ରୂପ ଦିଏ – ଏହାର ଅର୍ଥ କ'ଣ ?

ଉତ୍ତର : ଦ୍ୱୈତ ସମ୍ପ୍ରଦାୟର ଭକ୍ତ-ସାଧକମାନେ ଭଗବାନଙ୍କ ଉପରେ ନିର୍ଭର କରନ୍ତି, ତାଙ୍କୁ ସମର୍ପଣ କରନ୍ତି, ତାଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି ବୋଲି ବିଶ୍ୱାସ ଏବଂ ଧାରଣା କରନ୍ତି। ଭକ୍ତର ଭାବ ଅନୁସାରେ ଭଗବାନ୍ ନିଶ୍ଚୟହିଁ ସାହାଯ୍ୟ କରନ୍ତି ଏବଂ ପରିଚାଳନା କରନ୍ତି। କିନ୍ତୁ ଭକ୍ତମାନେ ଭଗବାନଙ୍କ ପ୍ରେମରେ ଏପରି ବିଭୋର ରହନ୍ତି ଯେ ଭଗବାନଙ୍କ ପରିଚାଳନା ପ୍ରତି ସଚେତ ହୁଅନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଯଦି କେହି ଉତ୍କୃଷ୍ଟ ଭକ୍ତ ସାଧକ ସଚେତ ହୁଅନ୍ତି, ତେବେ ତାହା ହୁଏ ଆଂଶିକ। କାରଣ ଶରୀର ଓ ପ୍ରାଣକୁ ରୂପାନ୍ତରିତ କରିବା ସେମାନଙ୍କର ଉଦ୍ଦେଶ୍ୟ ନୁହେଁ। ସେନେଇ ସେମାନଙ୍କୁ ଭଗବାନଙ୍କ ପରିଚାଳନା ସମ୍ବନ୍ଧେ ସଚେତ ହେବା ଆବଶ୍ୟକ ହୁଏ ନାହିଁ। କିନ୍ତୁ ପୂର୍ଣ୍ଣଯୋଗ ସାଧକର ସାଧନା ଏହା ବିନା ଅଗ୍ରସର ହୁଏ ନାହିଁ। କାରଣ ତାହାର ସମସ୍ତ ପ୍ରକୃତିକୁ ଆମୂଳଚୂଳ ରୂପାନ୍ତର କରିବାକୁ ହୁଏ। ସେନେଇ ସାଧନା ଆରମ୍ଭରୁ ପୂର୍ଣ୍ଣତଃ ସାଧନାର ଭାର ଭାଗବତୀ ଶକ୍ତି ଉପରେ ଛାଡ଼ି କେବଳ ତାଙ୍କରି ଦ୍ୱାରା ପରିଚାଳିତ ହେବାକୁ ପଡ଼େ।

ଶ୍ରୀଅରବିନ୍ଦଙ୍କ ଯୋଗ ଆରମ୍ଭ ହୁଏ ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା। ଅଭୀପ୍ସାର ଅର୍ଥ : ଅନ୍ତରାତ୍ମାର ତୀବ୍ର ଇଚ୍ଛା। ଅନ୍ତରାତ୍ମା ଭାଗବତ ଅଂଶ, ତାହାର ନିବାସ ସ୍ଥାନ ହୃଦୟର ବହୁତ ଗଭୀରରେ। ସେ ଭାଗବତ ଅଂଶ ଅଥବା ପ୍ରତିଭୂ ହେବାରୁ, ତାହାଠାରେ ସମସ୍ତ ଭଗବତ୍ ଗୁଣ ବିଦ୍ୟମାନ ଥାଏ, ସେ ଜ୍ଞାନରେ ବାସ କରେ। ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରିବା ତାହାର ସ୍ୱଭାବ। ସମର୍ପଣ ଆଉ ହୃଦୟର ଗଭୀରରେ ଧ୍ୟାନ କରିବା ଦ୍ୱାରା ସେ ଜାଗ୍ରତ ହୁଏ। ଅନ୍ୟ ଭାଷାରେ କହିଲେ – ସେ ଜାଗ୍ରତ ହେଲେ ହୃଦୟର ଗଭୀରରେ ଧ୍ୟାନ ଏବଂ ଭଗବାନଙ୍କୁ ସମର୍ପଣ ହୁଏ।

ମସ୍ତକ ଊର୍ଦ୍ଧ୍ୱସ୍ଥିତ ଭାଗବତୀ ଶକ୍ତି ନିମ୍ନକୁ ଅବତରଣ କରି ଆସି ସାଧନାର ସମସ୍ତ ଭାର ଗ୍ରହଣ କରିବା ସକାଶେ ଅନ୍ତରାତ୍ମା ଅଭୀପ୍ସା କରେ, ସମର୍ପଣ କରେ ଏବଂ ତାଙ୍କୁ ଆବାହନ କରେ। ଅନ୍ତରାତ୍ମାର ଆବାହନର ଉତ୍ତର ସ୍ୱରୂପ ମସ୍ତକ ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତି ମସ୍ତକ ମଧ୍ୟସ୍ଥ ସହସ୍ରାର ଚକ୍ରଦେଇ ଅବତରଣ କରନ୍ତି ଏବଂ କ୍ରମଶଃ ଆଜ୍ଞା, ବିଶୁଦ୍ଧ, ହୃଦୟ (ଅନାହତ) ମଣିପୁର, ସ୍ୱାଧିଷ୍ଠାନ, ମୂଳାଧାର ଚକ୍ରରେ ଯାଇ ତାଙ୍କ ନିଜର ଅନ୍ୟତମାରୂପା ସୁପ୍ତ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ତାଙ୍କୁ ସଙ୍ଗେ ନେଇ ପୁନରାୟ ଊର୍ଦ୍ଧ୍ୱାରୋହଣ କରନ୍ତି।

ଅନ୍ତରାତ୍ମା ସଚେତନ ସତ୍ତା ଜ୍ଞାନସ୍ୱରୂପ ହେବାରୁ ସେ ସାଧକକୁ ସାଧନା-ମାର୍ଗରେ ପରିଚାଳିତ କରନ୍ତି ଏବଂ ସାଧକର ମସ୍ତକ ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତି ସାଧକ ମଧ୍ୟରେ ସାଧନା କରନ୍ତି। ରୂପାନ୍ତରିତ ହେବାର ଯୋଗ୍ୟ ଅଂଶକୁ ରୂପାନ୍ତରିତ କରନ୍ତି। ତ୍ୟାଜ୍ୟ ହେବା ଅଂଶକୁ ପରିତ୍ୟାଗ କରନ୍ତି। ସାଧକର କ୍ରମଶଃ ଯେତେ ଭାଗ ସମର୍ପିତ ହୁଏ ସେ ସେହି ସମର୍ପିତ ଭାଗରେ କ୍ରିୟା କରନ୍ତି। ଯେତେବେଳେ ସାଧକର ସମର୍ପଣର ପୂର୍ଣ୍ଣ ହୁଏ, ସେତେବେଳେ ଭାଗବତୀ ଶକ୍ତି ସଂପୂର୍ଣ୍ଣରୂପେ ସାଧକର ସମସ୍ତ ସତ୍ତାକୁ ଅଧିକାର କରି ତାହାର ପୂର୍ଣ୍ଣ ରୂପାନ୍ତର କରନ୍ତି। ସାଧକ ମଧ୍ୟରେ ସାଧନାର ପରିଚାଳନାର ଭାର ନିଅନ୍ତି ଅନ୍ତରାତ୍ମା, ରୂପାନ୍ତର କ୍ରିୟା କରନ୍ତି ଭାଗବତୀ ଶକ୍ତି। ସାଧକ କେବଳ ଭାଗବତୀ ଶକ୍ତିଙ୍କ କ୍ରିୟାରେ ସମ୍ମତି ଦିଏ ଏବଂ ପ୍ରତିକୂଳ ଶକ୍ତି ଏବଂ ସେସବୁର କ୍ରିୟାକୁ ବର୍ଜନ କରେ। ଏ ଯୋଗରେ ଭାଗବତୀ ଶକ୍ତି ସ୍ୱୟଂ ସାଧନାଭାର ଗ୍ରହଣ ନ କଲେ କେବଳ ସାଧକ ନିଜ ଚେଷ୍ଟା ଦ୍ୱାରା ରୂପାନ୍ତରିତ ହେବା ସମ୍ଭବ ନୁହେଁ। କାରଣ ମନୁଷ୍ୟର ସ୍ୱଭାବ କାମ, କ୍ରୋଧାଦି ପ୍ରତିକୂଳ ରିପୁ, ରୋଗ, ଜରା ଇତ୍ୟାଦି; ଏମାନେ ମନୁଷ୍ୟର ସୀମିତ ବୁଦ୍ଧି, ଜ୍ଞାନ ଏବଂ ସାମର୍ଥ୍ୟଠାରୁ ମହାନ୍ ଶକ୍ତିଶାଳୀ, ଅଗମ୍ୟ କୌଶଳୀ ଏବଂ ମାୟାବୀ। ଏମାନଙ୍କୁ କେବଳ ସେହି ଭାଗବତୀ ଶକ୍ତି ରୂପାନ୍ତରିତ କରିପାରନ୍ତି ଯେ ଏମାନଙ୍କର ଶୁଦ୍ଧ ଉତ୍ସ, ଏମାନେ ଯାହାର ବିକୃତ ସ୍ୱରୂପ। ଏସବୁଙ୍କୁ ଦୁର୍ଦ୍ଧର୍ଷ ଜାଣି ଏସବୁର

ରୂପାନ୍ତର କରିବା ପ୍ରଶ୍ନ ନ ଉଠାଇ ସମସ୍ତ ପୁରାତନ ଯୋଗୀ ନିଜ ବ୍ୟକ୍ତିଗତ ମୁକ୍ତିର ମାର୍ଗ ନେଲେ; କହିଲେ, ''ସ୍ୱଭାବ କୁକୁର ଲାଙ୍ଗୁଳ; ସେ କେବେ ସିଧା ହେବ ନାହିଁ।'' କିନ୍ତୁ ଏହା ପୂର୍ଣ୍ଣଯୋଗରେ ଚଳିବ ନାହିଁ, ପୂର୍ଣ୍ଣଯୋଗରେ ଏସବୁକୁ ସଂପୂର୍ଣ୍ଣରୂପେ ରୂପାନ୍ତର କରିବାକୁ ହେବ।

ଏହି କାରଣରୁ ପୂର୍ଣ୍ଣଯୋଗର ସାଧନା ଆରମ୍ଭ ହୁଏ ସମର୍ପଣରେ। ପୂର୍ଣ୍ଣଯୋଗର ସାଧକ ସାଧନାର ପ୍ରଥମରୁ ସମସ୍ତ ଭାର ଭାଗବତୀ ଶକ୍ତି ଉପରେ ନ୍ୟସ୍ତ କରେ ଏବଂ ତାଙ୍କ ଦ୍ୱାରା ପରିଚାଳିତ ହୁଏ। ଭକ୍ତ ଯୋଗୀମାନେ ଯେଉଁ ସମର୍ପଣ ଏବଂ ଭାଗବତ ପରିଚାଳନାକୁ କଳ୍ପନା କରନ୍ତି ତାହା ପୂର୍ଣ୍ଣଯୋଗରେ ସାଧନା ଆରମ୍ଭରୁ ବାସ୍ତବ ଏବଂ କ୍ରିୟାତ୍ମକରୂପେ ହୁଏ।

ପ୍ରଶ୍ନ : ଉତ୍ତର ଯୁକ୍ତିଯୁକ୍ତ ହେଲେ ସୁଦ୍ଧା ସେଥିରେ ହୃଦୟକୁ ସନ୍ତୋଷ ଆସୁ ନାହିଁ। ଅଧ୍ୟାତ୍ମ-ସାଧକ ଯଦି ଭଗବତ୍ ପ୍ରାପ୍ତିରେ ଅନ୍ୟଠାରୁ ସାହାଯ୍ୟ ନିଏ ତେବେ ସେଥିରେ କ'ଣ ଏକ-ଗୁରୁନିଷ୍ଠା ଖଣ୍ଡିତ ହୁଏ ନାହିଁ ?

ଉତ୍ତର : ଏଥିରେ ଯଦି ଗୁରୁନିଷ୍ଠା ଖଣ୍ଡିତ ହୁଏ ତେବେ କୌଣସି ଆଧ୍ୟାତ୍ମିକ ସାଧକର ଗୁରୁନିଷ୍ଠା ପାଳିତ ହୁଏ ନାହିଁ। ଯଦି ଗୁରୁ କରିବା ଲକ୍ଷ୍ୟ ଛଡ଼ା ଭଗବତ୍ ପ୍ରାପ୍ତି କରିବା ଲକ୍ଷ୍ୟ ବ୍ୟକ୍ତିର ନ ରହେ ତେବେ ତ ପ୍ରଶ୍ନଟି ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଗୁରୁଙ୍କର ଶରଣାପନ୍ନ ହେଲେ ପ୍ରଶ୍ନଟିର ବିଶେଷ ସତ୍ୟତା ରହେ ନାହିଁ। କାରଣ ବ୍ୟକ୍ତିର ଯଦି କେବଳ ଗୁରୁପ୍ରାପ୍ତି କରିବା ଲକ୍ଷ୍ୟ ହୁଏ, ତେବେ ଗୁରୁ ପ୍ରାପ୍ତି କରିନେଲା ପରେ ତା'ର ଲକ୍ଷ୍ୟସିଦ୍ଧି ହେଲା। ଯଦି ଭଗବାନଙ୍କୁ ପ୍ରାପ୍ତ କରିବା ଲକ୍ଷ୍ୟ ହୁଏ ତେବେ ଯେପର୍ଯ୍ୟନ୍ତ ଭଗବତ୍ ପ୍ରାପ୍ତି ନ ହୋଇଛି, ସେପର୍ଯ୍ୟନ୍ତ ମାର୍ଗରେ ସାଧକକୁ ବହୁ ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନେବା ଆବଶ୍ୟକ ହୁଏ।

ବ୍ୟକ୍ତି ଯେଉଁ ସମୟରେ ଗୁରୁଙ୍କ ଶରଣାପନ୍ନ ହୁଏ ସେତେବେଳେ ତାହାର ଜ୍ଞାନର ବିକାଶ ହୋଇ ନ ଥାଏ, କେବଳ ହୃଦସ୍ଥ ଚୈତ୍ୟ-ପୁରୁଷର ପ୍ରେରଣାରେ ସେ ଭଗବତ୍ ଅଭିମୁଖୀ ହୁଏ। ଗୁରୁଙ୍କ ଉପଦେଶ ପ୍ରାପ୍ତି ପରେ ସାଧନା କରିବା ଦ୍ୱାରା ତାହାର ଜ୍ଞାନ, ଭକ୍ତି, କ୍ରମଶଃ ବିକଶିତ ହୁଏ। ତେବେ ସେ ଭଗବତ୍ ରହସ୍ୟ ଜାଣିବାର ଅଧିକାରୀ ହୁଏ। ବାଲ୍ୟାବସ୍ଥାରୁ ମୃତ୍ୟୁ ପର୍ଯ୍ୟନ୍ତ, ବୁଦ୍ଧିର ବିକାଶରେ ନାନା ସ୍ତର ବା ଅବସ୍ଥାର ଉପଯୋଗୀ ଭିନ୍ନ ଭିନ୍ନ ଶିକ୍ଷା ବ୍ୟକ୍ତିକୁ ଦିଆଯାଏ। ଗୋଟିଏ ବାଳକକୁ ଏମ୍. ଏ. କ୍ଲାସର ବିଷୟ ଶିକ୍ଷା ଦିଆ ହୁଏ ନାହିଁ, ସେ ବହୁତ ଶିକ୍ଷା ସ୍ତର ଅତିକ୍ରମ କରିବା ପରେ ବହୁ ପ୍ରକାର ଜ୍ଞାନ ପ୍ରାପ୍ତ କରିବା ପରେ ଏମ୍. ଏ. କ୍ଲାସର ବିଷୟ ଜାଣିବାର ଅଧିକାରୀ ହୁଏ। ସେହିପରି ଅଧ୍ୟାତ୍ମ-ମାର୍ଗରେ ଏହା ଅପେକ୍ଷା ବହୁତଗୁଡ଼ିଏ ଶିକ୍ଷା ସ୍ତର ରହିଛି। ଏପରିକି ସାଧନାର ଆରମ୍ଭରୁ ପୂର୍ଣ୍ଣ-ସିଦ୍ଧି ପର୍ଯ୍ୟନ୍ତ ପ୍ରତ୍ୟେକ ଅବସ୍ଥାରେ ସାଧକକୁ ଅନ୍ୟ ମହାପୁରୁଷଙ୍କଠାରୁ ସାହାଯ୍ୟ ଏବଂ ଶିକ୍ଷାଗ୍ରହଣ କରିବାକୁ ପଡ଼େ। ଏହାଛଡ଼ା ସିଦ୍ଧି ସମ୍ଭବ ନୁହେଁ।

ଅଧ୍ୟାତ୍ମ-ମାର୍ଗରେ ଶିକ୍ଷାକୁ 'ସତ୍‌ସଙ୍ଗ' ନାମ ଦିଆହୋଇଛି। ଅନୁଭବ-ପ୍ରାପ୍ତ ମହାତ୍ମାଙ୍କ ନିକଟରେ ନିଜ ସାଧନା ବିଷୟରେ ପ୍ରଶ୍ନ କରି ଜାଣିବା ମଧ୍ୟ ଶିକ୍ଷା। ଏହାଛଡ଼ା ପ୍ରତ୍ୟେକ ଅଧ୍ୟାତ୍ମ-ସମ୍ପ୍ରଦାୟରେ ଅଧିକାଂଶ ସାଧକ ଏକରୁ ଅଧିକ ଗୁରୁ କରନ୍ତି। ଶିଷ୍ୟ ଗୁରୁଙ୍କ ଶରଣାପନ୍ନ ହେବା ପରେ ଭଗବତ୍ ପ୍ରାପ୍ତିର ଉପଦେଶ ପାଏ। ସେ ସାଧନା ଆରମ୍ଭ କରେ। କିଛି ଦୂର ଅଧ୍ୟାତ୍ମ-ମାର୍ଗରେ ଅଗ୍ରସର ହେବା ପରେ ପ୍ରତ୍ୟେକ ସାଧକକୁ ଆଗେ ମାର୍ଗ ଜାଣିବା ଆବଶ୍ୟକ ହୁଏ ଯେପରି ବୈଷ୍ଣବ ସମ୍ପ୍ରଦାୟରେ ଗୁରୁ ଶିଷ୍ୟକୁ ପଞ୍ଚସଂସ୍କାର ସହ ମନ୍ତ୍ର ଉପଦେଶ ଦେଇ ଦୀକ୍ଷା ଦିଅନ୍ତି। ସେହି ସମୟରୁ ତାହାର ନାମ ଜାତି, ଗୋତ୍ର ପରିବର୍ତ୍ତନ ହୁଏ। ସେ ବୈଷ୍ଣବ, ଶ୍ରୀରାମ ବା ଶ୍ରୀକୃଷ୍ଣଙ୍କ ଦାସ ନାମରେ ସମ୍ବୋଧିତ ହୁଏ। ସାଧନା ଦ୍ୱାରା ହୃଦୟ, ମନ ଶୁଦ୍ଧ ହେଲେ ସେ ଭଗବାନଙ୍କ ସଙ୍ଗେ ଆନ୍ତରିକ ସତ୍ୟ-ସମ୍ବନ୍ଧ ସ୍ଥାପନ କରିବାର ଅଧିକାରୀ ହୁଏ। ସେତେବେଳେ ସେ ମନ୍ତ୍ର ଉପଦେଶ ଦେଇଥିବା ଦୀକ୍ଷାଗୁରୁଙ୍କଠାରୁ ଅଥବା ଅନ୍ୟ ମହାପୁରୁଷଙ୍କଠାରୁ ଏହି ସମ୍ବନ୍ଧ ପ୍ରାପ୍ତ କରେ। ସମ୍ବନ୍ଧର ଅର୍ଥ : ସାଧକ ଭଗବାନଙ୍କ ସଙ୍ଗେ ଯେଉଁ ସମ୍ବନ୍ଧ ସ୍ଥାପନ କରେ ସାଧନା ଦ୍ୱାରା ତାହାରହିଁ ସିଦ୍ଧି ହୁଏ। ମୃତ୍ୟୁ ପରେ ସେହି ଅନୁସାରେ ଭଗବାନଙ୍କୁ ପ୍ରାପ୍ତ କରେ। ତାହାକୁହିଁ ନିତ୍ୟ ସମ୍ବନ୍ଧ କୁହାଯାଏ।

ଭଗବାନଙ୍କ ସହିତ ଭକ୍ତ ଶାନ୍ତ, ଦାସ୍ୟ, ସଖ୍ୟ,ବାତ୍ସଲ୍ୟ, ଶୃଙ୍ଗାର – ଏହି ପଞ୍ଚ ସମ୍ବନ୍ଧ ମଧ୍ୟରୁ କୌଣସି

ଗୋଟିଏ ସମ୍ବନ୍ଧ ସାଧକ ଗ୍ରହଣ କରେ । ସେହି ଭାବ ଅନୁସାରେ ଭକ୍ତ ଭଗବାନଙ୍କ ଉପାସନା କରେ । ଉଦାହରଣସ୍ୱରୂପ – ଶ୍ରୀରାମଚନ୍ଦ୍ରଙ୍କ ବା ଶ୍ରୀକୃଷ୍ଣଙ୍କ ସହିତ ''ସଖ୍ୟଭାବ'' ସମ୍ବନ୍ଧ ହେଲେ ସାଧକର ନାମ ଅଯୋଧ୍ୟାବାସୀ, ସଖା ରସରଙ୍ଗମଣି ଅଥବା ବୃନ୍ଦବନବାସୀ ସଖା ସୁବଳ ନାମ ହୁଏ । ସାଧକର ଏହି ସମ୍ବନ୍ଧର ନାମକୁ ସମ୍ବନ୍ଧଦାତା ଗୁରୁ ଏବଂ ସେହି ରସର ଅନ୍ତରଙ୍ଗ କେତେକ ସାଧକଙ୍କ ଛଡ଼ା ଅନ୍ୟ କେହି ଜାଣନ୍ତି ନାହିଁ । ସାଧକକୁ ସଦ୍‌ଗୁରୁ ଉପଦେଶ ଦିଅନ୍ତି,– ''ବୃନ୍ଦାବନ ଏହି ମୃତ୍ୟୁପୁରୀରୁ ଭିନ୍ନ, ଦିବ୍ୟ, ଚିନ୍ମୟ, ଶାଶ୍ୱତ, ଗୋଲୋକ । ସେଠାରେ ସମସ୍ତ କିଛି ଦିବ୍ୟ, ପ୍ରାକୃତିକ ଶକ୍ତିର ଅଗମ୍ୟ; ଶ୍ରୀବୃନ୍ଦାବନବିହାରୀ ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାରାଣୀଙ୍କ ବିହାର ସ୍ଥଳ । ସେଠାରେ ଶ୍ରୀ ରାସେଶ୍ୱରୀ ରାଧା କୃଷ୍ଣଙ୍କ ସହିତ, ଭିନ୍ନ ଭିନ୍ନ ସଖା ଓ ସହଚରୀମାନଙ୍କ ସହିତ ଭିନ୍ନ ଭିନ୍ନ ଲୀଳା ନିତ୍ୟ କରୁଅଛନ୍ତି । ସେହି ନିତ୍ୟ-ଲୀଳାର ଶ୍ରୀକୃଷ୍ଣଙ୍କ ସଖା 'ସୁବଳ' ବୋଲି ତୁ ନିଜକୁ ମନେ କର । ତୋର ଶରୀର ବର୍ତ୍ତମାନ ଶରୀରରୁ ଭିନ୍ନ, ଚିନ୍ମୟ, ଦିବ୍ୟ, ଶ୍ରୀକୃଷ୍ଣଙ୍କ ସଦୃଶ ଶରୀର'' । ଏହାପରେ ସଦ୍‌ଗୁରୁ ବିସ୍ତାର ସହିତ ଦିବ୍ୟ ବୃନ୍ଦାବନ ଏବଂ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ବର୍ଣ୍ଣନା କରନ୍ତି । ଭଗବାନଙ୍କ ସହିତ କେଉଁ ସମୟରେ, କେଉଁ ଲୀଳାରେ ନିଜକୁ କିପରି ସହଯୋଗ କରିବାକୁ ହେବ ତାହା ବିଶଦଭାବେ ବୁଝାଇ ଦିଅନ୍ତି – ''କେବେ ମାଖନ ଚୋରିରେ ମାଖନ ଖାଇ ସମସ୍ତେ ପଳାଇ ଆସନ୍ତି, ଧରା ପଡ଼ନ୍ତି ଏକା ଶ୍ରୀକୃଷ୍ଣ; କେବେ କେବେ ସମସ୍ତ ସଖା ପଳାଇ ଆସନ୍ତି, ଗୋପୀଙ୍କ ହାତରେ ବନ୍ଦି ପଡ଼ି ପିଟା ଖାଆନ୍ତି ସୁବଳ ।'' ଏହିପରି ସମସ୍ତ ସମୟ ସେହି ଲୀଳା ସ୍ମରଣରେ ସାଧକ ଏକେବାରେ ତନ୍ମୟ ହୋଇଯାଏ । ଶରୀର ଏହି ସଂସାରରେ ଥାଇ ମନ ରମଣ କରୁଥାଏ ନିତ୍ୟ ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ଦିବ୍ୟ-ଲୀଳାରେ । ସେ ଜାଗତିକ ସମ୍ବନ୍ଧ ସବୁ ଭୁଲିଯାଏ, ମନେକରେ ସେ ଶ୍ରୀକୃଷ୍ଣଙ୍କ ନିତ୍ୟ-ଲୀଳା ସହଚର 'ସୁବଳ' । ଏହିପରି ତନ୍ମୟ ଅବସ୍ଥାରେ ଶରୀର ତ୍ୟାଗ କରି ସାଧକ ଶ୍ରୀକୃଷ୍ଣଙ୍କୁ ଗୋଲୋକରେ ପ୍ରାପ୍ତ କରେ ।

ଅନ୍ତକାଳେ ଚ ମାମେବ ସ୍ମରନ୍‌ମୁକ୍ତ୍ୱା କଲେବରମ୍ ।
ୟଃ ପ୍ରୟାତି ସ ମଦ୍ଭାବଂ ୟାତି ନାସ୍ତ୍ୟତ୍ର ସଂଶୟଃ ।।

ଗୀତା, ୮ମ ଅଧ୍ୟାୟ, ଶ୍ଲୋ – ୫

ଅର୍ଥାତ୍ ଯେଉଁ ବ୍ୟକ୍ତି ଅନ୍ତକାଳରେ ମୋତେ ସ୍ମରଣ କରି ଶରୀର ତ୍ୟାଗ କରେ, ସେ ସାକ୍ଷାତ୍ ମୋ ଶରୀରକୁ ପ୍ରାପ୍ତ ହୁଏ, ଏଥିରେ କୌଣସି ସନ୍ଦେହ ନାହିଁ ।

ଏହିପରି ସମ୍ବନ୍ଧ ଦୀକ୍ଷାଗୁରୁଙ୍କ ଛଡ଼ା ଅନ୍ୟ ଗୁରୁ ଦେଲେ ତାଙ୍କୁ ସିଦ୍ଧଗୁରୁ ବା ସଦ୍‌ଗୁରୁ ଶବ୍ଦରେ ସମ୍ବୋଧନ କରାହୁଏ । ସଦ୍‌ଗୁରୁଙ୍କୁ ଠିକ୍ ଦୀକ୍ଷାଗୁରୁଙ୍କ ତୁଲ୍ୟ ସମ୍ମାନ ଓ ଭକ୍ତି କରାଯାଏ । ଏହା ବହୁତ ହୁଏ ବୈଷ୍ଣବ ସମ୍ପ୍ରଦାୟରେ । ଅଦ୍ୱୈତ ସମ୍ପ୍ରଦାୟରେ ସନ୍ନ୍ୟାସୀମାନେ ବରାବର ମହାପୁରୁଷମାନଙ୍କୁ ବ୍ରହ୍ମଜିଜ୍ଞାସା କରୁଥା'ନ୍ତି ଯେପର୍ଯ୍ୟନ୍ତ ତାଙ୍କୁ ସିଦ୍ଧି ପ୍ରାପ୍ତ ନ ହୁଏ । ଏହାଛଡ଼ା ବହୁତ ସାଧକ କେବଳ ବାହ୍ୟ ବେଶ ବଜାୟ ରଖି ହଠଯୋଗ କ୍ରିୟା ଅନ୍ୟ ଗୁରୁଙ୍କଠାରୁ ଶିକ୍ଷା କରନ୍ତି, ଅନ୍ୟାନ୍ୟ ବହୁତ ପ୍ରକାରର ସାଧନା ଅଭ୍ୟାସ କରନ୍ତି । କାହାର ଦୀକ୍ଷାଗୁରୁ କେବଳ ନାମ ଜାପକ, ଶିଷ୍ୟ ସୁରତୀ ଶବ୍ଦ ଯୋଗୀ । ଏହିପରି ସାଧାରଣ କୋଟୀର ମହାତ୍ମାମାନଙ୍କ ମଧ୍ୟରେ ନୁହେଁ, ଆଚାର୍ଯ୍ୟମାନଙ୍କ ଜୀବନରେ ମଧ୍ୟ ଦେଖାଯାଏ । ଏହାର ସାକ୍ଷ୍ୟ ଇତିହାସ ଦେଉଅଛି । ଅଧ୍ୟାତ୍ମମାର୍ଗରେ ପୂର୍ଣ୍ଣତା ପ୍ରାପ୍ତ କରିବା ସକାଶେ ଅନ୍ୟଠାରୁ ବରାବର ସାହାଯ୍ୟ ନିଆ ଯାଉଅଛି । ଏହି ନ୍ୟାୟରୁ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଶାସ୍ତ୍ରସମ୍ମତ, ଏଥିରେ ଏକ-ଗୁରୁନିଷ୍ଠାରେ ବାଧା ହୁଏ ନାହିଁ ।

ଏକଗୁରୁନିଷ୍ଠା ବ୍ୟକ୍ତିଗତ ହୋଇପାରେ, କିନ୍ତୁ ସିଦ୍ଧାନ୍ତ ହୋଇପାରେ ନାହିଁ । ଯେତେସବୁ ନିଷ୍ଠା ତାହା ବ୍ୟକ୍ତିଗତ । ତାହା ବ୍ୟକ୍ତିର ବିଶ୍ୱାସ ଆଉ ଶ୍ରଦ୍ଧା ଉପରେ ନିର୍ଭର କରେ । ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ପ୍ରଯୁଜ୍ୟ ହୁଏ ନାହିଁ । ଯେପରି କେନ୍ଦ୍ରାପଡ଼ାର ରାଧାନାଥ ନରେନ୍ଦ୍ରଙ୍କ ନିଷ୍ଠା – ଯେକୌଣସି ସାଧୁବେଶଧାରୀ ବ୍ୟକ୍ତି ତାଙ୍କ ଘରକୁ ଆସିଲେ ସେ

ତାଙ୍କ ଚରଣ ଧୋଇ ଚରଣାମୃତ ନେଉଥିଲେ । ଦିନେ ଜଣେ ଗଳିତ କୁଷ୍ଠରୋଗୀ ବୈଷ୍ଣବଙ୍କୁ ଦେଖି ତାଙ୍କ ଚରଣ ଧୋଇ ସେହି ଜଳ ପାନ କଲେ – ଏହା ନିଷ୍ଠା, ସିଦ୍ଧାନ୍ତ ନୁହେଁ । ଆଜି ଯଦି କେହି ସାଧକ ବା ଭକ୍ତ ହେବ, ସେ ଯେ ଏହାର ଅନୁସରଣ କରିବ – ଏପରି ନୁହେଁ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ-ଯୋଗ ଗ୍ରହଣ କଲେ ଗୁରୁ ନିଷ୍ଠାରେ ବାଧା ହେବ ନାହିଁ, କିନ୍ତୁ ମା'ଙ୍କୁ ସ୍ୱୀକାର କରିବାକୁ ହେବ । ଯେଉଁମାନେ ତାଙ୍କୁ ସ୍ୱୀକାର କରିବାକୁ ନ ଚାହିଁବେ, ସେମାନେ କ'ଣ ଶ୍ରୀଅରବିନ୍ଦଙ୍କ ଯୋଗର ପୂର୍ଣ୍ଣସିଦ୍ଧି ପ୍ରାପ୍ତି କରିପାରିବେ ନାହିଁ ?

ଉତ୍ତର : ଯେଉଁମାନେ ମା'ଙ୍କୁ ସ୍ୱୀକାର କରିବାକୁ ନ ଚାହାନ୍ତି ଏବଂ ଅତିମାନସ ଶକ୍ତିକୁ ସମର୍ପଣ କରିପାରନ୍ତି, ତେବେ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗରେ ପୂର୍ଣ୍ଣସିଦ୍ଧି ପ୍ରାପ୍ତ କରିପାରିବେ । ଏହିସବୁ ପ୍ରଶ୍ନ ଏବଂ ଧାରଣା ସଙ୍କୁଚିତ ସୀମିତ ମନର । ସାଧନାର ଆରମ୍ଭରେ ଏପରି ସୀମିତ ମନୋଭାବ ରହିପାରେ କିନ୍ତୁ ସାଧନାର ବିକାଶ ସଙ୍ଗେ ସଙ୍ଗେ ଜ୍ଞାନ, ଭକ୍ତି, ସମର୍ପଣ ବିକଶିତ ହେଲେ ସାଧକ ମନଃ-ସୀମାକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଚାଲିଯାଏ, ସେତେବେଳେ ଏହିସବୁ ମନୋଭାବ ରହେ ନାହିଁ ।

ମା'ଙ୍କୁ ସାଧକ ସମର୍ପଣ କରେ ନିଜ ସାଧନାରେ ବିଶେଷ ସାହାଯ୍ୟ ପ୍ରାପ୍ତି କରିବା ସକାଶେ । କାରଣ ଯେଉଁ ସମୟରେ ଯେଉଁ ମହାପୁରୁଷ ପୃଥିବୀକୁ ଆସନ୍ତି, ସେମାନେ ନିଜ ସଙ୍ଗେ ବିଶେଷ ଶକ୍ତି ନେଇ ଆସିଥା'ନ୍ତି । ଅନ୍ୟ ସମୟରେ ବହୁତ ବର୍ଷ ସାଧନା କରି ସାଧକ ଯାହା ପ୍ରାପ୍ତ କରିପାରେ, ସେସମୟରେ ଅଳ୍ପ କେତେ ମାସ ସାଧନାରେ ସାଧକ ତାହାହିଁ ପ୍ରାପ୍ତ କରିପାରେ । ବର୍ତ୍ତମାନ ମା' ଅତିମାନସ ଶକ୍ତିକୁ ଧାରଣ କରି ପ୍ରତ୍ୟେକ ସାଧକଙ୍କୁ ପୂର୍ଣ୍ଣ ସାହାଯ୍ୟ କରୁଅଛନ୍ତି । ଯେଉଁ ବ୍ୟକ୍ତି ମା'ଙ୍କଠାରୁ ଏହି ଲାଭ ପ୍ରାପ୍ତ କରିବାକୁ ଚାହିଁବେ ସେ ତାହା ପ୍ରାପ୍ତ କରିବେ, ଏହା କେବଳ ସାଧକର ଲାଭ ।

ପ୍ରଶ୍ନ : ଯେଉଁମାନେ ନିଜ ନିଜ ଇଷ୍ଟଦେବଙ୍କର ଅନନ୍ୟ-ଉପାସକ, ସେମାନେ କ'ଣ ତାଙ୍କର ଇଷ୍ଟଦେବଙ୍କୁ ଉପାସନା କରି ଅତିମାନସ ସିଦ୍ଧିକୁ ପ୍ରାପ୍ତ ହୋଇପାରିବେ ?

ଉତ୍ତର : ସେମାନେ ବି ଅତିମାନସ ସିଦ୍ଧିକୁ ପ୍ରାପ୍ତ ହୋଇପାରିବେ ଯଦି ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର କରିବାକୁ ଏବଂ ଏହି ରୂପାନ୍ତରିତ ଶରୀରରେ ସତ୍-ଚିତ୍-ଆନନ୍ଦ ପୂର୍ଣ୍ଣବ୍ରହ୍ମଙ୍କୁ ସଂପୂର୍ଣ୍ଣ ରୂପେ ପ୍ରକଟ କରିବାକୁ ସଂକଳ୍ପ କରିବେ; ନିଜ ଇଷ୍ଟଦେବ ଏବଂ ଅତିମାନସ ଶକ୍ତିରେ ପ୍ରଭେଦ ନ ରଖି ସେହି ଶକ୍ତିକୁ ସର୍ବସ୍ୱ ସମର୍ପଣ କରି ତାଙ୍କରି ଦ୍ୱାରା ପରିଚାଳିତ ହେବେ । ଅର୍ଥାତ୍ ନିଜ ନିଜ ଇଷ୍ଟଦେବୀ ଦୁର୍ଗା, ସୀତା, ରାଧା, ଲକ୍ଷ୍ମୀ, କାଳୀ ଏବଂ ଅତିମାନସ ଶକ୍ତିକୁ ଏକ ବୋଲି ମନେ କରିବେ । ଯେଉଁମାନଙ୍କର ଇଷ୍ଟଦେବୀ ସୀତା, ଲକ୍ଷ୍ମୀ କିଂବା ରାଧା ସେମାନେ ତାଙ୍କୁହିଁ ପୂର୍ଣ୍ଣ-ରୂପାନ୍ତରକାରିଣୀର ଅତିମାନସ ଶକ୍ତି ବୋଲି ମନେ କରିବେ, କାରଣ ଭଗବାନଙ୍କ ଆଦ୍ୟା ଶକ୍ତି ଏକ । ସେହି ଏକ ଶକ୍ତି ଭିନ୍ନ ଭିନ୍ନ ରୂପରେ ବିଭିନ୍ନ ସମୟରେ ବିଶେଷ କାର୍ଯ୍ୟ କରିବାକୁ ପ୍ରକଟିତ ହୁଅନ୍ତି । ଏପର୍ଯ୍ୟନ୍ତ ଏହି ପୃଥିବୀରେ ସଂପୂର୍ଣ୍ଣ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ପ୍ରକଟିତ ହୋଇ ନ ଥିଲେ, ଏହାକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି ।

ପ୍ରଶ୍ନ : ଯେଉଁମାନେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗକୁ ସ୍ୱୀକାର ନ କରିବେ, ସେମାନଙ୍କୁ ଅତିମାନସ ଶକ୍ତି ଦ୍ୱାରା କ'ଣ କିଛି ଲାଭ ହେବ ନାହିଁ ?

ଉତ୍ତର : ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଉତାରି ଆଣିଅଛନ୍ତି ଏହି ଜଗତର ପ୍ରତ୍ୟେକ ପ୍ରାଣୀଙ୍କୁ ସାହାଯ୍ୟ ପ୍ରଦାନ କରିବାକୁ । ଯେ ଯେଉଁ ଲକ୍ଷ୍ୟ ରଖି ସାଧନା କରନ୍ତୁ ନା କାହିଁକି, ସେମାନେ ନିଜ ନିଜ ସାଧନାରେ ପର୍ଯ୍ୟାପ୍ତ ସାହାଯ୍ୟ ପାଇବେ । ଯେଉଁମାନେ ଅଧ୍ୟାତ୍ମ-ସାଧକ ନୁହନ୍ତି, ସେମାନେ ଯେଉଁ ସ୍ତରରେ ଅଛନ୍ତି ସେମାନଙ୍କ ନିଜ ସ୍ଥିତି ଅନୁସାରେ ସେମାନଙ୍କୁ ବି ଲାଭ ହେବ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା ଦ୍ୱୈତବାଦୀ ଭକ୍ତ-ଯୋଗୀ ସାଧକମାନଙ୍କ ସକାଶେ ବିଶେଷ ଅନୁକୂଳ

କିନ୍ତୁ ଅଦ୍ୱୈତବାଦୀ ସାଧକମାନଙ୍କର ସାଧନାରେ ଏକେବାରେ ପ୍ରତିକୂଳ ବୋଲି ପ୍ରତୀତ ହୁଏ । ସେମାନେ ଯଦି ପୂର୍ଣ୍ଣତା ପ୍ରାପ୍ତି କରିବା ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରନ୍ତି, ତେବେ ସେମାନଙ୍କ ସାଧନାରେ ବିରୋଧ ହୋଇପାରେ କି ?

ଉତ୍ତର : ଲକ୍ଷ୍ୟ ଅନୁସାରେ ସାଧନା ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ-ଲକ୍ଷ୍ୟରେ ଅନ୍ତର୍ଗତ ସମସ୍ତ ଯୋଗର ଲକ୍ଷ୍ୟ; ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ପ୍ରାପ୍ତି ପୂର୍ବରୁ ଅନ୍ୟ ସମସ୍ତ ଯୋଗର ଲକ୍ଷ୍ୟ ସିଦ୍ଧି ହୁଏ । ସେନେଇ କୌଣସି ଯୋଗର ଲକ୍ଷ୍ୟ ଏବଂ ସାଧନା ଶ୍ରୀଅରବିନ୍ଦଙ୍କ ଯୋଗର ବିରୋଧୀ ହୋଇପାରେ ନାହିଁ । କେବଳ ପୂର୍ଣ୍ଣରୂପାନ୍ତର ଏବଂ ପରମବ୍ରହ୍ମ ପୁରୁଷୋତ୍ତମଙ୍କୁ ମନ, ପ୍ରାଣ, ଶରୀରରେ ପୂର୍ଣ୍ଣ ଉପଲବ୍ଧି କରିବା – ଏହି ଲକ୍ଷ୍ୟକୁ ଗ୍ରହଣ କଲେ ସାଧକ ଯେକୌଣସି ସାଧନକୁ ଅବଲମ୍ବନ କରି ଅଗ୍ରସର ହୋଇପାରେ ।

ଅଦ୍ୱୈତବାଦୀ ସାଧକମାନଙ୍କର ''ସମସ୍ତ ଦୃଶ୍ୟମାନ ବସ୍ତୁ ମାୟା, ମିଥ୍ୟା'' – ଏହି ବିଚାରର ଅର୍ଥ, ଏସମସ୍ତ ତ୍ୟାଗ । ଆଉ ''ନିରାକାର ନିର୍ବିଶେଷ ସତ୍ତା ଏକମାତ୍ର ସତ୍ୟ, ଅପୃଥକ୍'' – ଏହି ବିଚାରକୁ ଅଭିବ୍ୟକ୍ତ କରିବାର ଅର୍ଥ ସିଦ୍ଧି । ଏହାକୁ ପ୍ରାପ୍ତ କରିବାର ବିଚାରହିଁ ''ଅଭୀପ୍ସା'' । ''ଅଭୀପ୍ସା''ର ଅର୍ଥ ପ୍ରାପ୍ତ କରିବା ବସ୍ତୁ ସକାଶେ ଇଚ୍ଛା ରଖିବା, ପ୍ରଯତ୍ନ କରିବା । ଏଠାରେ ଏହି ସନ୍ଦେହ ହେବ – ''ଅଭୀପ୍ସା ଆଉ ତ୍ୟାଗ ଦ୍ୱୈତ ଅବସ୍ଥାରେ ହୁଏ । ଏଠାରେ ଏକତ୍ୱ ସିଦ୍ଧି, ଫେର୍ ଅଭୀପ୍ସା ଆଉ ତ୍ୟାଗ କିପରି ହେବ ?'' ବିଚାର ବି ଦ୍ୱୈତ ଅବସ୍ଥାରେ ହୁଏ, ଅଦ୍ୱୈତ ଅବସ୍ଥାରେ କୌଣସି ବିଚାର ହୁଏ ନାହିଁ । ସାଧନା ଆରମ୍ଭରୁ ଏକତ୍ୱ ନ ଥାଏ, ଥାଏ ଦ୍ୱୈତ । ଏହି ଦ୍ୱୈତତାକୁ ଏକତ୍ୱରେ ପରିଣତ କରିବା ସକାଶେ ସାଧନା ହୁଏ । ଦ୍ୱୈତ ଅବସ୍ଥାର ସାଧନାରେ ଅଭୀପ୍ସା, ତ୍ୟାଗ ଥାଏ । ଯେତେବେଳେ ସିଦ୍ଧି ପ୍ରାପ୍ତ ହୁଏ ସେତେବେଳେ ସାଧକ, ସାଧ୍ୟ, ସାଧନା ସବୁ ଏକ ହୋଇଯାଏ ।

ଯଦି ଅଦ୍ୱୈତ ସାଧକ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରେ ତେବେ ତାକୁ ହଠାତ୍ ନିଜ ସାଧନା ତ୍ୟାଗ କରି ନୂତନ କିଛି ଗ୍ରହଣ କରିବାକୁ ହୁଏ ନାହିଁ । କେବଳ ଲକ୍ଷ୍ୟ ଗ୍ରହଣ କଲେ ନିଜ ପୁରାତନ ସାଧନାରେ ସ୍ୱାଭାବିକ ରୂପେ ଆଉ କିଛି କ୍ରିୟା ପ୍ରବେଶ କରେ ଏବଂ ସାଧନାକୁ ଲକ୍ଷ୍ୟ ଅନୁରୂପ ତିଆରି କରିନିଏ । ପୁରାତନ ସାଧନାକୁ ପରିତ୍ୟାଗ କରି ଏକେବାରେ ନୂତନ କିଛି ସାଧନା ଗ୍ରହଣ କଲେ ସାଧକର ସାଧନାରେ ବାଧା ପଡ଼େ ଏବଂ ତାହାର ସ୍ୱଭାବ ପ୍ରତିକୂଳରେ ଚାଲିବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏପରି ହୁଏ ନାହିଁ ।

ଅଦ୍ୱୈତବାଦୀଙ୍କ ସାଧନା ଶ୍ରୀଅରବିନ୍ଦଙ୍କ ଯୋଗସାଧନାର ଅଭୀପ୍ସା ଓ ତ୍ୟାଗ ସହିତ ସାମଞ୍ଜସ୍ୟ ରଖେ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ପୂର୍ଣ୍ଣସିଦ୍ଧି ମଧ୍ୟରେ ଅଦ୍ୱୈତ-ସିଦ୍ଧି ମଧ୍ୟ ପ୍ରାପ୍ତ ହୁଏ । ସେନେଇ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଅଦ୍ୱୈତ ସାଧକର ସାଧନାରେ କୌଣସି ବାଧା ପଡ଼େ ନାହିଁ ।

ଏହା ବି ହୋଇପାରେ ଯେ ଅଦ୍ୱୈତବାଦୀ ସାଧକଙ୍କର ଯଦି ପୂର୍ଣ୍ଣଲକ୍ଷ୍ୟ ଦୃଢ଼ଥାଏ, ତେବେ ପୂର୍ଣ୍ଣଲକ୍ଷ୍ୟ – ଅଦ୍ୱୈତ-ସିଦ୍ଧି ପ୍ରାପ୍ତି ପରେ ସେ ସେଠାରେ ରୋକି ନ ଯାଇ ପୂର୍ଣ୍ଣ ରୂପାନ୍ତର ସିଦ୍ଧି ଦିଗରେ ଅଗ୍ରସର ହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ଲକ୍ଷ୍ୟ ଏବଂ ସାଧନାରେ ବିରୋଧ ନ ଥିବାରୁ ସମସ୍ତ ପୁରାତନ ଯୋଗର ସାଧକମାନଙ୍କ ମଧ୍ୟରୁ ବହୁତ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ଏକତ୍ରିତ ହୋଇ ସାଧନା କରୁଅଛନ୍ତି । ଏହା ଶାସ୍ତ୍ରସମ୍ମତ, ଏଥିରେ ଗୁରୁନିଷ୍ଠା ଖଣ୍ଡିତ ହୁଏ ନାହିଁ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ଯୋଗରେ କ'ଣ ସତ୍ୟତା ଅଛି ?

ଉତ୍ତର : ଯେଉଁମାନେ ସାଧନା କରୁଅଛନ୍ତି, ଆନ୍ତର ଅନୁଭୂତିରେ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ରୂପାନ୍ତର ଉପଲବ୍ଧି କରୁଅଛନ୍ତି, ସେମାନଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସତ୍ୟ ବୋଲି ପ୍ରତୀତ ହେଉଅଛି । ଯେଉଁମାନେ ସାଧନା ନ କରି କେବଳ ଶବ୍ଦରେ ଆଲୋଚନା କରୁଅଛନ୍ତି ସେମାନଙ୍କ ସକାଶେ କଳ୍ପନା ଆଉ ସତ୍ୟତା ଉଭୟହିଁ ସମାନ । କାରଣ ସେମାନେ ମନ ଦ୍ୱାରା ଅନୁମାନ କରି କୌଣସି ବସ୍ତୁକୁ କଳ୍ପନା-ପ୍ରସୂତ ବା ସତ୍ୟ-ପ୍ରସୂତ ବୋଲି କହିଥା'ନ୍ତି । ସେମାନଙ୍କର ଏଭଳି କହିବାର କିଛିହିଁ ମୂଲ୍ୟ ନାହିଁ ।

ସଂସାରରେ ଯାହାକିଛି ନୂତନ ଘଟେ ପ୍ରଥମରେ ତାହା କଳ୍ପନା ଆକାରରେ ଥାଏ । ପରେ ସେହି କଳ୍ପନା

ସତ୍ୟତାରେ ପରିଣତ ହୁଏ । ଜଡ଼ବିଜ୍ଞାନ ଯେଉଁସବୁ ଆଶ୍ଚର୍ଯ୍ୟଜନକ ବସ୍ତୁ ଏବଂ ଯନ୍ତ୍ର ଆବିଷ୍କାର କରିଅଛି ତାହା କ'ଣ ଆବିଷ୍କାର ହେବା ପୂର୍ବରୁ କଳ୍ପନା ଆକାରରେ ନ ଥିଲା ? ସେସବୁକୁ ଅସତ୍ୟ ବୋଲି ଲୋକେ କ'ଣ ଉଡ଼ାଇ ଦେଉ ନ ଥିଲେ ? କିନ୍ତୁ ଯେତେବେଳେ ତାହାର ସ୍ଥୂଳରୂପ ଦୃଷ୍ଟିଗୋଚର ହେଲା ସେତେବେଳେ ତାହାର ସତ୍ୟତାକୁ ସମସ୍ତେ ସ୍ୱୀକାର କରି ନେଲେ । ସୁତରାଂ ଆବିଷ୍କାର କରିବାର ପ୍ରାରମ୍ଭିକ ପ୍ରଯତ୍ନ କରିବା ସମୟରେ କେବଳ କେତେକ ବିଶେଷଜ୍ଞ ବିଜ୍ଞାନବେତ୍ତା ତାହାକୁ ବିଶ୍ୱାସ କରୁଥିଲେ । ସେହିପରି ଏହି ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ସଂଘଟିତ ହେବା ଶ୍ରୀଅରବିନ୍ଦ ଓ ଶ୍ରୀମାତାଜି ଦିବ୍ୟ ଅମୋଘ ଯୋଗଦୃଷ୍ଟିରେ ଦେଖିଲେ, ପ୍ରାପ୍ତ କଲେ ଏବଂ ସେହି ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଲେ । ସେହି ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଏହି ଜଗତରେ ହେଉଅଛି । ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି ସେମାନେ ଏହାର ଯନ୍ତ୍ର ହୋଇ ଏହି ରୂପାନ୍ତର ସାଧନାର ଅନୁସରଣ କରୁଅଛନ୍ତି । ବର୍ତ୍ତମାନ ସେହି ରୂପାନ୍ତର କାର୍ଯ୍ୟ ହେଉଛି ସ୍ଥୂଳ ଦୃଷ୍ଟି ଓ ମନର ଅନ୍ତରାଳରେ । ଯେତେବେଳେ ରୂପାନ୍ତର କାର୍ଯ୍ୟ ସ୍ଥୂଳ ଜଡ଼ ଶରୀରରେ ହେବ ସେତେବେଳେ ଏହି ସ୍ଥୂଳ ଦୃଷ୍ଟିରେ ସାଧାରଣ ମନୁଷ୍ୟ ମଧ୍ୟ ତାହା ଦେଖିପାରିବେ । ଏପର୍ଯ୍ୟନ୍ତ ପୁରାତନ ସମସ୍ତ ଯୌଗିକ କ୍ରିୟା ଏବଂ ତାହାର ସିଦ୍ଧି ଥିଲା ସୂକ୍ଷ୍ମ ଏବଂ ଆନ୍ତରିକ । ଆଧ୍ୟାତ୍ମିକ ସାଧକମାନେ ସାଧାରଣ ମନୁଷ୍ୟ ପରି ଭୋଜନ କରନ୍ତି, ଶୟନ କରନ୍ତି, କଥା କହନ୍ତି, ଚାଲନ୍ତି, ବୁଲନ୍ତି । କିନ୍ତୁ ତାଙ୍କର ଆନ୍ତର ସାଧନା ଏବଂ ଲକ୍ଷ୍ୟପ୍ରାପ୍ତି ଓ ସିଦ୍ଧି ଥାଏ ଏମାନଙ୍କଠାରୁ ଏକେବାରେ ପୃଥକ୍, ଏପରିକି ବିପରୀତ । କିନ୍ତୁ ତାଙ୍କର ଆନ୍ତର ସାଧନା ଏବଂ ଆନ୍ତର ସିଦ୍ଧି କାହାରି ସ୍ଥୂଳରୂପେ ଦୃଷ୍ଟିଗୋଚର ହୁଏ ନାହିଁ, ତଥାପି ସେହି ଆନ୍ତର ସାଧନାର ପ୍ରଭାବ କେତେକ ବ୍ୟକ୍ତିଙ୍କ ଉପରେ ପଡ଼େ । ସେମାନେ ବିଶ୍ୱାସ କରନ୍ତି ଓ ସେଥିରୁ ଲାଭ ପ୍ରାପ୍ତି କରନ୍ତି । ଏପରିକି ସେମାନଙ୍କ ମାର୍ଗକୁ ଅନୁସରଣ କରି ସେମାନେ ଯେଉଁ ଆନନ୍ଦ, ଶାନ୍ତି, ସମତା, ଜ୍ଞାନ, ଭକ୍ତି, ମୁକ୍ତି ଲାଭ କରିଥା'ନ୍ତି ଏମାନେ ବି ତାହା ଲାଭ କରନ୍ତି । ଅନ୍ୟମାନେ ସେଥିରେ ବିଶ୍ୱାସ କରନ୍ତି ନାହିଁ କିଂବା ତହିଁରୁ କିଛି ଲାଭ ପ୍ରାପ୍ତି କରନ୍ତି ନାହିଁ । କିନ୍ତୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଏପରି ହେବ ନାହିଁ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ପୁରାତନ ଯୋଗ ତୁଲ୍ୟ କେବଳ ଆନ୍ତର ଅନୁଭୂତି ପ୍ରାପ୍ତ କରି ସ୍ଥୂଳ ଦୃଷ୍ଟିର ପରଦା ପଶ୍ଚାତ୍‌ରେ ରହିବ ନାହିଁ । ତାହା ସ୍ଥୂଳ ଜଡ଼ ଶରୀରକୁ ଦିବ୍ୟ ଭାଗବତ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରି, ସେହି ରୂପାନ୍ତରିତ ଜଡ଼ ଶରୀରରେ ପରମବ୍ରହ୍ମ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱକୁ ପ୍ରଘଟ କରିବ । ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖିପାରିବେ ଏବଂ ବିଶ୍ୱାସ କରିବାକୁ ବାଧ ହେବେ । ଯେପର୍ଯ୍ୟନ୍ତ ସ୍ଥୂଳ ଶରୀର ରୂପାନ୍ତରିତ ନ ହୋଇଛି, ସେପର୍ଯ୍ୟନ୍ତ ତାହାର ସତ୍ୟତା ଜାଣିବା ନିମିତ୍ତ ପ୍ରତୀକ୍ଷା କରିବାକୁ ପଡ଼ିବ । ଏହି ଅତିମାନସ ଅବତରଣ ଏବଂ ତାହାର କ୍ରିୟାର ପରିଣାମ ସମ୍ବନ୍ଧେ ଶ୍ରୀମା ସ୍ୱୟଂ କହୁଅଛନ୍ତି –

''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ ଗୋଟାଏ ସମ୍ଭାବନା ହୋଇ ନାହିଁ, ଏହା ଗୋଟିଏ ଜୀବନ୍ତ ଏବଂ ବାସ୍ତବ ସତ୍ୟ । ଆଜି ଏଠାରେ ଏହା କାର୍ଯ୍ୟ କରୁଅଛି ଏବଂ ଦିନ ଆସିବ ଯେତେବେଳେ ଅତି ଅନ୍ଧ, ଅତି ଅଜ୍ଞାନ ଏବଂ ଅତି ମୂର୍ଖ ମଧ୍ୟ ଏହାକୁ ସ୍ୱୀକାର କରିନେବାକୁ ବାଧ ହେବେ ।''(୨୪-୪-୧୯୫୬)

''ଆଜି ସଂଧ୍ୟାରେ ଭଗବାନଙ୍କ ସାନ୍ନିଧ ତୁମ୍ଭମାନଙ୍କ ମଧ୍ୟରେ ସଶରୀର ଓ ବାସ୍ତବ ହୋଇ ଦେଖାଦେଇଅଛି । ମୋର ଶରୀର ହୋଇଥିଲା ଏକ ଜୀବନ୍ତ ସ୍ୱର୍ଣ୍ଣର ରୂପ – ବିଶ୍ୱଠାରୁ ବୃହତ୍ତର । ଦେଖିଲି ଏକ ବିଶାଳ, ବିପୁଳ ସ୍ୱର୍ଣ୍ଣଦ୍ୱାର ସମ୍ମୁଖରେ ମୁଁ ଛିଡ଼ା ହୋଇଅଛି, ଯାହା ଜଗତକୁ ଭଗବାନଙ୍କଠାରୁ ପୃଥକ୍ କରି ରଖିଥିଲା ।

''ସେହି ଦ୍ୱାର ଆଡ଼କୁ ମୁଁ ଦୃଷ୍ଟି ଦେଇ ଜାଣିପାରିଲି ଏବଂ ସଂକଳ୍ପ କଲି – ଯାହା ଏକହିଁ ଚେତନାର ଯୁଗପତ୍ କ୍ରିୟା – 'ସମୟ ଆସିଛି ଏଥର' – ଏବଂ ଗୋଟିଏ ସୁବୃହତ୍ ସ୍ୱର୍ଣ୍ଣ ହାତୁଡ଼ି ହାତରେ ଧରି ସେହି ଦ୍ୱାର ଉପରେ ଏକ ଆଘାତ କଲି – ଗୋଟିଏ ମାତ୍ର ଆଘାତ ଯେଉଁଥିରେ ଦ୍ୱାରଟି ସଂପୂର୍ଣ୍ଣ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

''ସେତିକିବେଳୁ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା । (୧୯୫୬ ସାଲ, ୨୯ ଫେବ୍ରୁଆରି, ବୁଧବାର ସମବେତ ଧ୍ୟାନରେ) ।''

(୬)

ତ୍ରିବିଧ-କର୍ମ

ପ୍ରଶ୍ନ : ତ୍ରିବିଧ-କର୍ମର ସ୍ୱରୂପ କ'ଣ ?

ଉତ୍ତର : ଭଗବତ୍ ଅର୍ପଣ ବିନା ଶୁଭ କର୍ମର ଫଳ ସୁଖ ଓ ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବା ସକାଶେ ମନୁଷ୍ୟକୁ ବାରଂବାର ଘୋର ଦୁଃଖରୂପ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରିବାକୁ ପଡ଼େ । ସେହି ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ, ଭଗବତ୍ ଅର୍ପିତ ଭାବରେ ସମ୍ପାଦିତ ହେଲେ କର୍ତ୍ତାକୁ ତାହାର ଫଳ ଭୋଗ କରିବାକୁ ପଡ଼େ ନାହିଁ କିନ୍ତୁ ସେଥିରେ କର୍ମର କର୍ତ୍ତା ବିଦ୍ୟମାନ ରହେ । ସେହି କର୍ମ ଭାଗବତୀ ଶକ୍ତିର ପ୍ରେରଣାରେ ହେଲେ ତାହା ଭାଗବତ କର୍ମ ହୁଏ । କର୍ମର କର୍ତ୍ତା ବ୍ୟକ୍ତି ନ ଥିବାରୁ ତାହାର ଫଳାଫଳ ବ୍ୟକ୍ତିଠାରେ ଉତ୍ପନ୍ନ ହୁଏ ନାହିଁ ।

ଏହି ପୃଥିବୀ କର୍ମକ୍ଷେତ୍ର । କର୍ମ ଦ୍ୱାରାହିଁ ମନୁଷ୍ୟ ନିଜକୁ ଦେବତ୍ୱରେ ଓ ପୃଥିବୀକୁ ସ୍ୱର୍ଗରେ ପରିଣତ କରିବାକୁ ଜନ୍ମଗ୍ରହଣ କରିଛି । ଅଗ୍ନିରୁ ଦାହିକା ଶକ୍ତି ଯେପରି ଅଭିନ୍ନ, ସେହିପରି ମନୁଷ୍ୟ ଶରୀର ଆଉ କର୍ମ ପରସ୍ପର ଓତପ୍ରୋତ । ଯଦି କୌଣସି ପ୍ରକାରେ ମନୁଷ୍ୟ ମଧ୍ୟରୁ କର୍ମକୁ ପୃଥକ୍ କରି ଦିଆଯାଏ ତେବେ ମନୁଷ୍ୟର ପୂର୍ଣ୍ଣତ୍ୱ ରହେ ନାହିଁ । ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ସେ ହୁଏ ଗୋଟିଏ ଅଙ୍ଗହୀନ ଖଣ୍ଡିତ ପ୍ରତିମା ।

''ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ।।'' (ଗୀତା)

ମନୁଷ୍ୟର ବ୍ୟକ୍ତିତ୍ୱ ଅହଂ ଦ୍ୱାରା ନିର୍ମିତ ହୋଇଥିବାରୁ ତା' ମଧ୍ୟରେ କର୍ମ-ପ୍ରେରଣା ସ୍ୱାଭାବିକ । କର୍ମର ସାର୍ଥକତା ବି ଅଛି । ଭଗବାନ୍ ସ୍ୱୟଂ ନିଜ ସଂକଳ୍ପରେ (ଏକୋଽହଂ ବହୁ ସ୍ୟାମ୍) ଜଗତ ଆଉ ଜୀବରୂପେ ପ୍ରକଟ ହୋଇଅଛନ୍ତି । ଏହି ସକାଶେ ଜୀବ ପକ୍ଷରେ କର୍ମ ଅନିବାର୍ଯ୍ୟ । କିନ୍ତୁ ଜୀବ ମୋହଗ୍ରସ୍ତ ହୋଇ ମନ-ପ୍ରାଣ-ଅହଂଯୁକ୍ତ ଶରୀରକୁ ନିଜର ମାନିନେଇ, ଏହି ଜଗତକୁ ଦିବ୍ୟ-ଲୋକରେ ତଥା ଏହି ଶରୀରକୁ ଦେବତ୍ୱରେ ପରିଣତ କରିବା କର୍ମରୂପ ଉଦ୍ଦେଶ୍ୟ ବି ଭୁଲି ଯାଇଛି ।

କର୍ମରୁ ସ୍ୱରୂପତଃ ନିବୃତ୍ତ ହେବାର କୌଣସି ଉପାୟ ନାହିଁ । ମନୁଷ୍ୟ କର୍ମରୁ ନିବୃତ୍ତ ହେବା ଉଦ୍ଦେଶ୍ୟରେ ବସି ରହିଲେ ତାହାର ସ୍ଥୂଳ-ଇନ୍ଦ୍ରିୟ ନେତ୍ର, ଶ୍ରବଣ, ହସ୍ତାଦିରେ ଦେଖିବା, ଶୁଣିବା, ପରିଚାଳିତ ହେବା ଏବଂ ସୂକ୍ଷ୍ମ ଇନ୍ଦ୍ରିୟ ମନ-ଚିତ୍ତ-ଅହଂ ଆଦିରେ ବିଚାର, ଭାବ ଇତ୍ୟାଦି ସୂକ୍ଷ୍ମକ୍ରିୟା ବରାବର ହେଉଥାଏ । ଏପରିକି ନିଦ୍ରାବସ୍ଥାରେ ମନୁଷ୍ୟ ଶ୍ୱାସ-ପ୍ରଶ୍ୱାସ, ହୃଦୟ-ଗତି, ପ୍ରାଣ-ଲୋକରେ ସ୍ୱପ୍ନ ଦେଖିବା— ଏହିସବୁ କ୍ରିୟା ବନ୍ଦ ହୁଏ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟର ଶ୍ୱାସ ଚାଲୁଛି, ଆତ୍ମା ଶରୀରକୁ ପରିତ୍ୟାଗ ନ କରିଛି ଅର୍ଥାତ୍ ମୃତ୍ୟୁ ନ ହୋଇଛି, ସେପର୍ଯ୍ୟନ୍ତ ମନୁଷ୍ୟ ବିବଶ ହୋଇ କର୍ମ କରିବାକୁ ବାଧ ହୁଏ । ମନୁଷ୍ୟ ଏକକ୍ଷଣ କର୍ମ ଛଡ଼ା ରହିପାରେ ନାହିଁ । ଅତଏବ ''ଜୀବନହିଁ କର୍ମ'' କହିବା ଅତ୍ୟୁକ୍ତି ନୁହେଁ । ଯଦି କର୍ମ ଅନିବାର୍ଯ୍ୟ ଆଉ କର୍ମ ବନ୍ଧନର କାରଣ, ତେବେ କ'ଣ ମନୁଷ୍ୟର ଉଦ୍ଧାର ନାହିଁ ?

ମନୁଷ୍ୟର ଉଦ୍ଧାର ଅଛି ସେହି କର୍ମ ଦ୍ୱାରା । ଯେଉଁ କର୍ମ ବାନ୍ଧେ, ସେହି କର୍ମ କୌଶଳରେ ସମ୍ପାଦିତ ହେଲେ ମନୁଷ୍ୟକୁ ମୁକ୍ତି-ମାର୍ଗରେ ନେଇଯାଏ, ଭଗବତ୍ ପ୍ରାପ୍ତି କରାଏ ଏବଂ ଭଗବାନଙ୍କ ସଙ୍ଗେ ସମସ୍ତ ସତ୍ତାରେ ଏକ ହୋଇ ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଇପାରେ । କର୍ମରେ ଗୋଟିଏ ଦୋଷ ଅଛି, ସେ ସ୍ୱାବଲମ୍ବୀ ନୁହେଁ, ମନୁଷ୍ୟର ମନୋଭାବ ଉପରେ ନିର୍ଭର କରେ ।

କର୍ମରେ ଭ୍ରମ ଧାରଣା

ସାଧାରଣତଃ ଅବିକଶିତ ଚେତନା ଏବଂ ଅଶୁଦ୍ଧ ବୁଦ୍ଧିରେ ମନୁଷ୍ୟ ନିଜର ସ୍ୱାର୍ଥ-ସିଦ୍ଧି, କୁଟମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ ଉଦାର-ହୃଦୟ ବ୍ୟକ୍ତି ଦେଶସେବା, ପ୍ରାଣୀମାତ୍ରର ସେବା, ସଦାଚାର ଆଦି ଶୁଭକର୍ମ କରେ । ବହୁତ ବ୍ୟକ୍ତି ନିଷ୍କାମ କର୍ମର ସ୍ୱରୂପ ନ ଜାଣି ଏହି ଶୁଭ କର୍ମକୁହିଁ ନିଷ୍କାମ କର୍ମର ନାମ ଦିଅନ୍ତି । ଇଞ୍ଜିନିୟର୍, ମାଷ୍ଟର୍, ପ୍ରଫେସର୍, ଡକ୍‌ଟର୍, ଦେଶ-ସେବକ, ଦେଶନେତା ଏବଂ ଦେଶର ହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, ''ଆମ୍ଭମାନଙ୍କ କର୍ମ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ, ସେଥିରେ ଆମ୍ଭର କୌଣସି ସ୍ୱାର୍ଥ ନାହିଁ । ସ୍ୱାର୍ଥ ଛଡ଼ା କର୍ମ ନିଷ୍କାମ । ଆମ୍ଭେ ଯେ ବେତନ ପାଉ ତାହା ଉଦରପୋଷଣ ସକାଶେ, ଉଦରପୋଷଣ ପ୍ରତ୍ୟେକ ବ୍ୟକ୍ତିକୁ କରିବାକୁ ହୁଏ । ଏଥିରୁ ବଡ଼ ବଡ଼ ସନ୍ଥ ମହାତ୍ମା ମଧ୍ୟ ବାଦ୍ ଯା'ନ୍ତି ନାହିଁ । ସେଥିପାଇଁ ଆମ୍ଭମାନଙ୍କ ବେତନ ନିଷ୍କାମତାର ବାଧକ ନୁହେଁ ।'' ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନଙ୍କ ବିଚାରରେ ତାଙ୍କ କାର୍ଯ୍ୟ ବିବାଦ-ଶୂନ୍ୟ ନିଷ୍କାମ । କାରଣ ସେମାନଙ୍କ କର୍ମରେ ସ୍ୱାର୍ଥପରତାର ଏକେବାରେ ଅଭାବ । ନିଷ୍କାମ କର୍ମ ବେତନ ଅଥବା ବିନା ବେତନ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ଭାବ ଓ କର୍ମ-ପ୍ରେରଣା ଉପରେ । ଝାଡୁ ଲଗାଇବା, ରୋଷେଇ କରିବା, ନିଜେ ପିଲାଙ୍କୁ ପାଳନ ପୋଷଣ କରିବା, ଚାଷ, ବ୍ୟାପାର, ଚାକିରି ଇତ୍ୟାଦି କର୍ମ ଯଦି ଭଗବତ୍ ଉଦ୍ଦେଶ୍ୟରେ କରାହୁଏ, ଭଗବାନଙ୍କୁ ଅର୍ପଣ କରାହୁଏ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ ସମ୍ପାଦନ କରାହୁଏ, ତେବେ ସେହି ସାଧାରଣ କର୍ମ ନିଷ୍କାମ ହୁଏ, ଭଗବତ୍ ପ୍ରାପ୍ତି କରାଏ, ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଏ, ଭଗବାନଙ୍କ ଯନ୍ତ୍ର ହୁଏ । ଭଗବତ୍ ଅର୍ପଣ ନ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ନ ହୋଇ ଯେଉଁ ଦେଶସେବା, ମନୁଷ୍ୟଜାତିର ସେବା, ଯଜ୍ଞ, ତପଃ, ଧ୍ୟାନ, ଜପାଦି ଉତ୍କୃଷ୍ଟ କର୍ମ କରାହୁଏ, ତାହା ସକାମ କର୍ମ ହୁଏ, ତାହାର ଫଳ ଭୋଗ କରିବା ସକାଶେ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ପଡ଼ିବାକୁ ହୁଏ ।

କର୍ମର କୌଶଳ

ରାଜା ଅମ୍ବରୀଶ ଝାଡୁ ଲଗାଇବା, ଚୌକା ଲଗାଇବା ଇତ୍ୟାଦି ସାଧାରଣ କର୍ମ କରି ଭଗବତ୍ ଅର୍ପଣ କରିବାରୁ ସେ ଭଗବତ୍ ପ୍ରାପ୍ତି କଲେ । ଅର୍ଜୁନ, ହନୁମାନ୍, ଭାଗବତୀ-ଶକ୍ତି ଦ୍ୱାରା ଚାଳିତ ହୋଇ ଯୁଦ୍ଧରେ ଜୀବହତ୍ୟା, ଲଙ୍କା-ଦହନରେ ନୃଶଂସ ତୁଲ୍ୟ ପ୍ରାଣୀ ବିନାଶ କରି ଭଗବାନଙ୍କ ଯନ୍ତ୍ର ହେଲେ । ତ୍ରିଶଙ୍କୁ ଯଜ୍ଞ ଦାନ କରି ଅର୍ଦ୍ଧସ୍ୱର୍ଗରେ ଟାଙ୍ଗି ହୋଇ ରହିଲେ ।

ପୂର୍ବେ କୁହାଯାଇଛି କର୍ମ ସ୍ୱାବଲମ୍ବୀ ନୁହେଁ, ଭାବ ଏବଂ ପ୍ରେରଣା ଉପରେ ନିର୍ଭର କରେ । ମନୁଷ୍ୟର ବ୍ୟକ୍ତିତ୍ୱ ନିର୍ମାଣ ହୋଇଛି ଅହଂ-ଭାବରେ । ମନୁଷ୍ୟର ଅହଂ-ଭାବ, 'ମୁଁ', 'ମୋର' – ଏହି ଭାବହିଁ ହେଲା ବ୍ୟକ୍ତିତ୍ୱ । କର୍ମର ପ୍ରେରଣା ମିଳେ ଅହଂବୋଧରୁ । ଅର୍ଥାତ୍ କର୍ମ କରିବା ବ୍ୟକ୍ତିର କର୍ମ ମୂଳରେ ଥାଏ ଅହଂବୋଧ ବା ''ମୁଁ କର୍ମ କରୁଅଛି'' ଭାବ । ସାଧାରଣ ମନୁଷ୍ୟ ଏହି ଅହଂବୋଧ ତ୍ୟାଗ କଲେ ସେ ତାମସିକତାରେ ଡୁବି ଯିବ, ତାହାଦ୍ୱାରା କୌଣସି କର୍ମ ହେବ ନାହିଁ । ଯେପର୍ଯ୍ୟନ୍ତ ଅହଂବୋଧ ବିଦ୍ୟମାନ, ସେପର୍ଯ୍ୟନ୍ତ ଯେକୌଣସି ଉତ୍କୃଷ୍ଟ କାର୍ଯ୍ୟ କଦାପି ନିଷ୍କାମ ହୋଇପାରିବ ନାହିଁ ।

ଜ୍ଞାନ-କର୍ମ

କେତେକ ଜ୍ଞାନିଜନ ''ଅହଂବୋଧ-କର୍ମ'' ବନ୍ଧନର ମୂଳ କାରଣ ଜାଣି ମନ-ପ୍ରାଣ-ଶରୀରରୁ ଅହଂର ସମ୍ବନ୍ଧ ବିଚ୍ଛେଦ କରି ଚେତନାକୁ ବ୍ରହ୍ମ ସଙ୍ଗେ ଏକତ୍ୱ କରିଦେଲେ । ଶରୀରରେ ରହି ଶରୀରକୁ ମାୟା ବୋଲି ଜ୍ଞାନ କରି ବ୍ରହ୍ମରେ

ସ୍ଥିତ ହେଲେ । ସେମାନଙ୍କୁ କର୍ମର ଆବଶ୍ୟକତା ରହିଲା କେବଳ ଶରୀରଧାରଣାର୍ଥେ । ସେହି କର୍ମ ତାଙ୍କୁ ସ୍ପର୍ଶ କରିପାରିଲା ନାହିଁ । କାରଣ କର୍ମ ହେଲା ଶରୀରରେ, ସେମାନେ ଶରୀରରୁ ପୃଥକ୍ ହୋଇଗଲେ । ଏହି ଜ୍ଞାନୀ ପୁରୁଷମାନେ ମୁକ୍ତିକୁ ପ୍ରାପ୍ତ ହେଲେ । ପୃଥିବୀକୁ ଆସି ପୃଥିବୀରେ ଭାଗବତ ଜୀବନ ସ୍ଥାପନ ଏବଂ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରକଟ କରିବା ନିମିତ୍ତ ଭଗବାନଙ୍କର ଯେଉଁ ସଂକଳ୍ପ ଥିଲା, ତାହା ଏମାନଙ୍କ ଦ୍ୱାରା ପୂର୍ଣ୍ଣ ହେଲା ନାହିଁ । ଏମାନଙ୍କ ଦ୍ୱାରା ବିଶେଷ ଲାଭ ହେବା ପରିବର୍ତ୍ତେ ସଂସାରରେ ଗୋଟାଏ ନିଷ୍କ୍ରିୟ ଭାବ ଉତ୍ପନ୍ନ ହେଲା । ଏମାନେ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରାପ୍ତ କଲେ ନାହିଁ, ସେସବୁକୁ ତ୍ୟାଗ କଲେ । ସେଥିପାଇଁ ଏମାନଙ୍କ ଜୀବନ ଏବଂ ଭଗବତ୍ ପ୍ରାପ୍ତି ହେଲା ଅପୂର୍ଣ୍ଣ ।

କର୍ମରେ ପ୍ରବଞ୍ଚନା

କେତେକ ବ୍ୟକ୍ତି ଅହଂ-ପ୍ରେରଣାରେ କୌଣସି ଶୁଭ କର୍ମ କରି ଭାବନ୍ତି, ''ଆମ୍ଭେ ଆମ୍ଭ କର୍ମ ଭଗବାନଙ୍କୁ ଅର୍ପଣ କରୁଛୁ । କାରଣ ସଂସାର ଭଗବାନଙ୍କର, ଆମ୍ଭେ ଭଗବାନଙ୍କଠାରୁ ଆସିଛୁ, ଅତଏବ ଆମ୍ଭେ ମଧ୍ୟ ଭଗବାନଙ୍କର । ଆମ ଦ୍ୱାରା ଯେଉଁ କାର୍ଯ୍ୟ ହେଉଛି ତାହା ହେଉଛି ତାଙ୍କରି ଶକ୍ତିର ପ୍ରେରଣାରେ । ସେ ବିଶ୍ୱମୟ, ବିଶ୍ୱରୂପ । ତାଙ୍କ ଛଡ଼ା କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । ସେହିଁ କର୍ମ, ସେହିଁ କର୍ତ୍ତା, ସେହିଁ ଭୋକ୍ତା, ସେ ବିଶ୍ୱରେ ଓତପ୍ରୋତ । ସୁତରାଂ ଆମ୍ଭେ ଯଦି ଭଗବାନଙ୍କଠାରୁ ପୃଥକ୍ ନୋହୁଁ, ଆମ୍ଭର କର୍ମ ଆଉ ତା'ର ଫଳ ଉତ୍ପନ୍ନ ହେବ କିପରି ଆଉ ତାକୁ ଭୋଗ କରିବ କିଏ ?''

ଏପରି ଧାରଣା ଆତ୍ମ-ପ୍ରବଞ୍ଚନା, ନିଜକୁ ଠକିବା ଛଡ଼ା ଆଉ କିଛି ନୁହେଁ । କେବଳ ବାକ୍ୟରେ କହିଲେ ଚଳିବ ନାହିଁ, ଅନୁଭୂତିରେ ପ୍ରାପ୍ତ କରିବାକୁ ହେବ । ଏହାର ଲକ୍ଷ୍ୟସିଦ୍ଧି ହେବା ପୂର୍ବରୁ, ବହୁତ ଆରମ୍ଭରୁ ହେବ କେନ୍ଦ୍ରୀୟ ସଂକଳ୍ପ, ଏହି ଲକ୍ଷ୍ୟ ହେବ ଜୀବନର ପ୍ରଧାନ କାର୍ଯ୍ୟ । ଏହି ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ କ୍ରମଶଃ ନିଜ ମଧ୍ୟରେ ଶାନ୍ତି, ସନ୍ତୋଷ, ପ୍ରେମ, ଭକ୍ତି, ଜ୍ଞାନ, ସମର୍ପଣ ଭାବ ବୃଦ୍ଧି ହେଉଥିବ ଏବଂ ଏହାର ବିପରୀତ ଭାବ ହ୍ରାସ ହେଉଥିବ । ଏହାହିଁ ଆଧ୍ୟାତ୍ମିକ ସାଧନା । କିଛି ନ କରି କଥାରେ କହିଦେଲେ ହେବ ନାହିଁ । ଯେପରି ବ୍ୟକ୍ତି ରୋଷେଇ କରିବାର ବସ୍ତୁକୁ ଚୁଲା ଉପରେ ରଖି ଚୁଲାରେ କାଠ ରଖି ଅଗ୍ନି ସଂସ୍ପର୍ଶ ନ କରି ଭାବେ, ''କାଠ ଭିତରେ ଅଗ୍ନି ବିଦ୍ୟମାନ, କାଠରେ ଅଗ୍ନି ଲଗାଇବାର ଆବଶ୍ୟକତା କ'ଣ ? ଏହି ଭାବରେ ମନୁଷ୍ୟର ରୋଷେଇ ଯେପରି ବ୍ୟର୍ଥ ହୁଏ, ସେହପରି ବ୍ୟକ୍ତି 'ସମସ୍ତ କର୍ମ ଭଗବାନଙ୍କର' – ଏହା କେବଳ କଥାରେ କହି ନିଜକୁ ଠକେ ।

ଭଗବତ୍ ଅର୍ପଣରୂପ ନିଷ୍କାମ କର୍ମ

ଭକ୍ତମାନେ ମନ-ପ୍ରାଣ-ଶରୀରକୁ ଜ୍ଞାନୀଙ୍କ ପରି ମାୟା କହି ଏକେବାରେ ଉଡ଼ାଇ ଦେଲେ ନାହିଁ । ସେମାନେ କର୍ମ-ବହୁଳତାରୁ ନିଜକୁ ଅପସାରିତ କରି ଯଥାର୍ଥଭାବେ ଭାଗବତାର୍ଥେ ଭଗବାନଙ୍କ ସେବା-ପୂଜା ସକାଶେ ଯେତିକି ଆବଶ୍ୟକ କର୍ମ ସେତିକି କଲେ । କର୍ମ ଭଗବତ୍ ଉଦ୍ଦେଶ୍ୟରେ ହେବାରୁ, ଭଗବାନଙ୍କୁ ଅର୍ପିତ ହେବାରୁ ସେଥିରେ ଫଳ ଉତ୍ପନ୍ନ ହେଲା ନାହିଁ, ସେମାନେ ମୃତ୍ୟୁ ପରେ ଭଗବାନଙ୍କୁ ଅନ୍ୟ ସ୍ତରରେ ଅନ୍ୟ ଲୋକରେ ପ୍ରାପ୍ତ କଲେ ।

ଏମାନଙ୍କର ଯଦ୍ୟପି କର୍ମ ବନ୍ଧନ ହେଲା ନାହିଁ ତଥାପି ଏମାନଙ୍କର କର୍ମ-ପ୍ରେରକ 'ଅହଂ' ଅର୍ଥାତ୍ କର୍ମ-ପ୍ରେରକ କର୍ତ୍ତା 'ମୁଁ' ବିଦ୍ୟମାନ ରହିଲା । ଏମାନଙ୍କ ଭଗବତ୍ ପ୍ରାପ୍ତି ଆଂଶିକ, ଜୀବନ ଅପୂର୍ଣ୍ଣ ହେଲା । ମନ-ପ୍ରାଣ-ଶରୀରରେ ଆତ୍ମା ନିବାସ କରୁଥିବାରୁ ଏସବୁ ଏକତ୍ର ହୋଇ ହେଲା ଶରୀର । ଏସବୁ ଆସିଛନ୍ତି ସେହି ଏକହିଁ ସଚ୍ଚିଦାନନ୍ଦରୁ । ମନ, ପ୍ରାଣ, ଶରୀର ତା'ର ମୂଳ ତତ୍ତ୍ୱରୁ ବିକୃତ ହୋଇଗଲା । ଆତ୍ମା ବିକୃତ ନ ହୋଇ ନିଜ ମୂଳତତ୍ତ୍ୱରେ ପ୍ରତିଷ୍ଠିତ ରହିଲା । ଯେ ଶୁଦ୍ଧ ଆତ୍ମା ସେ ତ' ନିଜର ଶୁଦ୍ଧ ତତ୍ତ୍ୱ ଭାଗବତ ତତ୍ତ୍ୱ ସଙ୍ଗରୁ କେବେ ବି ବିଚ୍ଛିନ୍ନ ନୁହେଁ । ସେହି ଶୁଦ୍ଧ ଆତ୍ମା

ଯଦି ଫେରିଯାଇ ଭଗବତ୍ ପ୍ରାପ୍ତି କଲା ତେବେ ବିକୃତ ମନ-ପ୍ରାଣ-ଶରୀର ସଙ୍ଗେ ଏହି ସଂସାରକୁ ଆସିବାର ସାର୍ଥକତା କ'ଣ ହେଲା ? ଯଦି ମନ-ପ୍ରାଣ-ଶରୀରକୁ ତ୍ୟାଗ କରିବା ଥିଲା ତେବେ ଏହାକୁ ଗ୍ରହଣ କରାହେଲା କାହିଁକି ? ଏହାର ସନ୍ତୋଷଜନକ ଉତ୍ତର କୌଣସି ପୁରାତନ ଯୋଗରେ ନାହିଁ ! ଏହି ଜୀବନ ସମସ୍ୟାର ସମାଧାନ ହୋଇଛି ଆଉ ମନ, ପ୍ରାଣ, ଶରୀରର ସାର୍ଥକତା ସିଦ୍ଧ ହୋଇଛି ଶ୍ରୀଅରବିନ୍ଦଙ୍କ ଯୋଗରେ ଭାଗବତ କର୍ମ ଦ୍ୱାରା ।

ଭାଗବତ କର୍ମ

ଜୀବନ-ସମସ୍ୟାର ସମାଧାନ ''ଏକୋଽହଂ ବହୁସ୍ୟାମ୍'' – ଉପନିଷଦର ଏହି ମନ୍ତ୍ରର ଯଥାର୍ଥ ଅର୍ଥ ପ୍ରକାଶିତ ହୁଏ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଭାଗବତ କର୍ମ ଦ୍ୱାରା । ଭଗବାନ୍ ଏକରୁ ବହୁ ହୋଇ ଏହି ଜଗତରେ ନିଜକୁ ପୂର୍ଣ୍ଣ ପ୍ରକାଶ କରିବା ସକାଶେ ସଂସାର କରିଛନ୍ତି । ପୁରାତନ ସମସ୍ତ ଯୋଗ ଅନୁସାରେ ମୁକ୍ତି ବା ଶରୀର ତ୍ୟାଗ ପରେ ଭଗବତ୍ ପ୍ରାପ୍ତି କରିବା ଭାଗବତ ପୂର୍ଣ୍ଣ ସଂକଳ୍ପ ନୁହେଁ, ଜୀବନର ପୂର୍ଣ୍ଣତା ମଧ୍ୟ ନୁହେଁ । ଏହା ଜୀବନ-ପୂର୍ଣ୍ଣତାର ଆପେକ୍ଷିକ ଅବସ୍ଥା ଅଥବା ମାର୍ଗର ଗୋଟିଏ ଗୋଟିଏ ବିଶ୍ରାମ ସ୍ଥାନ ।

ଯେପର୍ଯ୍ୟନ୍ତ ଅହଂ ବିଦ୍ୟମାନ ଥାଏ, ତାହା ଦ୍ୱାରା ସମ୍ପାଦିତ କର୍ମ ଭାଗବତ ଉଦ୍ଦେଶ୍ୟରେ ହେଲେ ତାହା ନିଷ୍କାମ କର୍ମ ହୁଏ । କିନ୍ତୁ ଅହଂ ସ୍ଥାନକୁ ଭାଗବତ ଶକ୍ତି ଅଧିକାର କରି ମନ-ପ୍ରାଣ-ଶରୀରକୁ ପରିଚାଳିତ କରିବାରେ ଯେଉଁ କର୍ମ ସମ୍ପାଦିତ ହୁଏ, ତାହା ହୁଏ ଭାଗବତ କର୍ମ । ମନୁଷ୍ୟ ହୁଏ ଭାଗବତୀ-ଶକ୍ତିର ଯନ୍ତ୍ର । ତା' ମଧ୍ୟରେ ଭାଗବତୀ ଶକ୍ତି କର୍ମ କରି ମନ-ପ୍ରାଣ-ଶରୀରକୁ ତାହାର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରନ୍ତି । ବ୍ୟକ୍ତିର ସମସ୍ତ ସତ୍ତା ଦିବ୍ୟତାରେ ରୂପାନ୍ତରିତ ହେବାରୁ ବ୍ୟକ୍ତି ଭଗବତ୍ ଧର୍ମ ଲାଭ କରେ । ଭଗବାନଙ୍କ ସଙ୍ଗେ ପୂର୍ଣ୍ଣତଃ ଏକତ୍ୱ ପ୍ରାପ୍ତ ହୁଏ । ତାହାର ସମସ୍ତ ସତ୍ତାରେ ଭଗବାନ୍ ପୂର୍ଣ୍ଣତଃ ନିରାବରଣ ରୂପେ ପ୍ରକଟ ହୁଅନ୍ତି । ଏହି ଅବସ୍ଥାରେ ମନୁଷ୍ୟ ରୋଗ, ଜରା, ମୃତ୍ୟୁକୁ ଅତିକ୍ରମ କରି ଦିବ୍ୟମାନବରେ ପରିଣତ ହୁଏ । ଜଗତ ହୁଏ ସ୍ୱର୍ଗ । ଏଥିରେହିଁ ମନୁଷ୍ୟ-ଜୀବନର ପୂର୍ଣ୍ଣତା । ଏହାହିଁ ଭଗବାନଙ୍କ ସଂକଳ୍ପ-ସିଦ୍ଧି । ଏହି ସକାଶେ ମନୁଷ୍ୟ ଏହି ସଂସାରକୁ ଆସିଅଛି । ଏହି ପୂର୍ଣ୍ଣ ଜୀବନରେ ସାକାର, ନିରାକାର ଏକସଙ୍ଗେ ସତ୍-ଚିତ୍-ଆନନ୍ଦପୂର୍ଣ୍ଣ ବ୍ରହ୍ମଙ୍କ ଅଭିବ୍ୟକ୍ତି । ଏଥିରେହିଁ ସମସ୍ତ ପୁରାତନ ଯୋଗର ସମନ୍ୱୟ ।

ମା'ଙ୍କ ଆଶୀର୍ବାଦ

ସୂଚନା

ନିଜର ଅହଂକାର, ଅଜ୍ଞାନତା ଓ ଶକ୍ତିହୀନତାକୁ ହୃଦୟଙ୍ଗମ କରି ମନୁଷ୍ୟ ଯେତେବେଳେ ସର୍ବଶକ୍ତିମୟୀ ଦିବ୍ୟ ଜନନୀଙ୍କ ପାଖରେ ନିଜକୁ ନିଃଶେଷରେ ସମର୍ପଣ କରେ ସେତେବେଳେ ସେ ଦିବ୍ୟଜନନୀଙ୍କର ଅସୀମ କରୁଣା ଓ ଆଶୀର୍ବାଦ ଗ୍ରହଣ କରିବାକୁ ସକ୍ଷମ ହୁଏ ଏବଂ ପୃଥିବୀପୃଷ୍ଠରେ ଦିବ୍ୟ ଜୀବନ ଯାପନ ଦିଗରେ ଅଗ୍ରସର ହୋଇପାରେ । ଦିବ୍ୟଜନନୀ ତାଙ୍କର ଅପାର କରୁଣା ଦ୍ୱାରା ଏହି ଦୁଃଖ-ତାପପୂର୍ଣ୍ଣ ଜଗତକୁ ଉଦ୍ଧାର କରିବା ନିମିତ୍ତ ଶ୍ରୀମା'ଙ୍କ ରୂପେ କିପରି ଏହି ପୃଥିବୀରେ ଅବତୀର୍ଣ୍ଣ ହୋଇ ଆଶୀର୍ବାଦବାରି ଢାଳି ଚାଲିଛନ୍ତି ସେ ସମ୍ବନ୍ଧରେ ଲେଖକ ଏହି ପୁସ୍ତିକାରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନଙ୍କ ସକାଶେ ପୁସ୍ତକଟି ବିଶେଷ ସହାୟକ ହେବ ବୋଲି ଆଶା କରୁ ।

– ପ୍ରକାଶକ

ମା'ଙ୍କ ଆଶୀର୍ବାଦ

ଭଗବାନଙ୍କ ଆଶୀର୍ବାଦ ଅମୋଘ ଓ ଅବ୍ୟର୍ଥ । ବ୍ୟକ୍ତି ସକାଶେ ଅତୁଳନୀୟ, ଅମୂଲ୍ୟ ମଣି । ଏହି ଆଶୀର୍ବାଦ ଅହରହ ଦିବାନିଶି ବର୍ଷା ହେଉଥାଏ, କିନ୍ତୁ ଶୋଇଥିବା ବ୍ୟକ୍ତି ଏଥିରୁ ବଞ୍ଚିତ ରହେ । ବହୁତ ଅଳ୍ପ ବ୍ୟକ୍ତି କେବେ କେବେ ଜାଗ୍ରତ୍ ହୁଅନ୍ତି ଏବଂ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । ଭଗବାନ୍ କରୁଣାମୟ, ଦୀନବନ୍ଧୁ । ତାଙ୍କ କୃପା ବରାବର ଜୀବ ଉପରେ ଥାଏ । ତାଙ୍କ ଆଶୀର୍ବାଦକୁ ଜୀବ ଗ୍ରହଣ କରିବାରେ ସମର୍ଥ ନ ହେବାରୁ ସେ ନିଜ ଅନୁକମ୍ପାରେ ଜୀବ ଉପରେ ଦୟାକରି ଏହି ପୃଥିବୀରେ ମନୁଷ୍ୟଶରୀରରେ ଅବତୀର୍ଣ୍ଣ ହୁଅନ୍ତି । ମନୁଷ୍ୟର ଅପୂର୍ଣ୍ଣତାକୁ ଗ୍ରହଣ କରନ୍ତି । ମନୁଷ୍ୟ ସଦୃଶ କର୍ମ କରନ୍ତି । ଆମ୍ଭମାନଙ୍କ ମଧ୍ୟରେ ପିତା, ମାତା, ଗୁରୁରୂପେ ଲୀଳା କରନ୍ତି । ଆମ୍ଭମାନଙ୍କ ସହିତ କଥା କହନ୍ତି, କାର୍ଯ୍ୟ କରନ୍ତି, ବ୍ୟବହାର କରନ୍ତି, ଆମ୍ଭମାନଙ୍କୁ ନିଜ କରୁଣା ପ୍ରଦାନ କରିବା ସକାଶେ ଆମ୍ଭମାନଙ୍କର ଅଜ୍ଞାନ ସ୍ତରକୁ ଉତରି ଆସନ୍ତି । ଅନ୍ତରରେ ନିବାସ କରନ୍ତି ଭଗବତ୍ ଚେତନାରେ । ଅପୂର୍ଣ୍ଣତାର ବସନ ପିନ୍ଧି କର୍ମ କରନ୍ତି ଆମ୍ଭମାନଙ୍କ ସଙ୍ଗରେ ।

ଠିକ୍ ସେହିପରି ପୃଥିବୀରେ ଜୀବ ଉପରେ କରୁଣା କରି ପରମା ଆଦ୍ୟା-ଭାଗବତୀ ଶକ୍ତି ମା'ଙ୍କ ରୂପେ ଏହି ପୃଥିବୀରେ ଆମ୍ଭମାନଙ୍କ ମଝିରେ ଅବତୀର୍ଣ୍ଣ ହୋଇ ଆମ୍ଭମାନଙ୍କ ସଦୃଶ ଶରୀର ଧାରଣ କରିଅଛନ୍ତି । ଆମ୍ଭମାନଙ୍କୁ ମାର୍ଗ ଦର୍ଶାଇବା ସକାଶେ ଆମ୍ଭମାନଙ୍କ ଅପୂର୍ଣ୍ଣତା ଏବଂ ଦୋଷତ୍ରୁଟିକୁ ଗ୍ରହଣ କରିଅଛନ୍ତି । ଆମ୍ଭମାନଙ୍କୁ ଉଦ୍ଧାର କରିବା ସକାଶେ ବଦ୍ଧ ଜୀବ ସଦୃଶ ସାଧନା କରୁଅଛନ୍ତି । ପୃଥିବୀର ଚେତନା ସହିତ ଏକତ୍ୱ ପ୍ରାପ୍ତ ହୋଇ ନିଜକୁ ଏହି ପୃଥିବୀରେ ଅଭିବ୍ୟକ୍ତ କରିବା ସକାଶେ ସେ ନିଜର ପରାପର ସତ୍ତାକୁ ପ୍ରାର୍ଥନା କରୁଅଛନ୍ତି । ନିଜର ପରାପରତତ୍ତ୍ୱ ଆମ୍ଭମାନଙ୍କୁ ପ୍ରାପ୍ତହେବା ସକାଶେ ନିଜ ଯୋଗମାୟାର ଆବରଣରେ ଆବୃତ ହୋଇ ଆମ୍ଭମାନଙ୍କ ସହିତ ମାତା, ଅଭିଭାବକ ଓ ଗୁରୁ ରୂପେ ମାନୁଷୀ ସମ୍ବନ୍ଧ ସ୍ଥାପନ କରିଅଛନ୍ତି ଯେଉଁ ସମ୍ବନ୍ଧ ଦ୍ୱାରା ଆମ୍ଭେମାନେ ତାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ଜନ୍ମ-ମରଣ ମହାଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମାନନ୍ଦ, ପରମ ଜ୍ଞାନ ଲାଭ କରିପାରୁ । ଆମ୍ଭମାନଙ୍କୁ ଆଶୀର୍ବାଦ ଦେବା ସକାଶେ ସେ ଦିବ୍ୟଧାମରୁ ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ଏହି ମୃତ୍ୟୁପୁରୀକୁ ଉତରି ଆସିଅଛନ୍ତି । ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଆମ୍ଭମାନଙ୍କ ଉପରେ ତାଙ୍କର ଅସୀମ କୃପା, କରୁଣା, ଅନୁକମ୍ପା ଆଶୀର୍ବାଦ ନିରନ୍ତର ଢାଳୁଅଛନ୍ତି । କିନ୍ତୁ ତାହା ଆମ୍ଭମାନଙ୍କୁ ପ୍ରାପ୍ତ ହୋଇପାରୁ ନାହିଁ । କାରଣ ଆମ୍ଭେମାନେ ଅହଂ, ଅଜ୍ଞାନ, ଲୋଭ, ମୋହ, ମାୟା, କାମ, କ୍ରୋଧ, ଈର୍ଷା ଆଦି ଦସ୍ୟୁଙ୍କୁ ଆମ୍ଭମାନଙ୍କର ସମସ୍ତ ସତ୍ତା ସମର୍ପଣ କରି ଦେଇଅଛୁ । ସେମାନେ ଆମ୍ଭମାନଙ୍କ ଚତୁଃପାର୍ଶ୍ୱର ସମସ୍ତ ମାର୍ଗ ଦୃଢ଼ରୂପେ ବନ୍ଦ କରି ଆମ୍ଭମାନଙ୍କୁ ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ଅଭାବ, କାମନା, ବାସନାର ପ୍ରବଳ ଅଗ୍ନିରେ ଦିବାନିଶି ଦହନ କରୁଛନ୍ତି । ମା'ଙ୍କ ଆଶୀର୍ବାଦସ୍ୱରୂପ ଅମୃତମୟ, ସୁଶୀତଳ ଜଳସ୍ରୋତ ଆମ୍ଭ ନିକଟରେ ପ୍ରବାହିତ ହେଉଥିବା ସତ୍ତ୍ୱେ ଆମ୍ଭେମାନେ ତହିଁରୁ ବଞ୍ଚିତ ହୋଇଅଛୁ । ଗଙ୍ଗାକୂଳରେ ବନ୍ଧା ହୋଇଥିବା ପଶୁର ତୃଷାରେ ପ୍ରାଣପକ୍ଷୀ ଉଡ଼ିଯାଉଥିବା ସଦୃଶ ଆମ୍ଭମାନଙ୍କ ଅବସ୍ଥା ହୋଇଅଛି । ମା'ଙ୍କ କୃପା ଆମ୍ଭମାନଙ୍କ ଅନ୍ତରତମ ପ୍ରଦେଶରେ ପ୍ରବେଶ କରିବା ସକାଶେ ବରାବର ଚେଷ୍ଟା କରୁଅଛି । କିନ୍ତୁ ଏହାକୁ ବ୍ୟର୍ଥ କରିବା ସକାଶେ ଆମ୍ଭମାନଙ୍କ ସତ୍ତାକୁ ଅଧିକାର କରିଥିବା ଅବିଦ୍ୟା ମାୟାର ଅନୁଚର ଅଜ୍ଞାନ, କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ଅହଂ ଆଦି ଦସ୍ୟୁ ଅତ୍ୟନ୍ତ ସାବଧାନତାସହ ପହରା ଦେଉଛନ୍ତି । ମା'ଙ୍କ କୃପାର ଛାୟା ପଡ଼ିବା ମାତ୍ରେ ଏହିସବୁ କାମ, କ୍ରୋଧ, ଅହଂ ଆଦି ଦସ୍ୟୁଗଣ ବାଧାବିଘ୍ନର ହିମାଳୟ ପାହାଡ଼ ଆଣି ମା'ଙ୍କ କୃପାପଥକୁ ରୋଧ କରି ଦେଉଛନ୍ତି । ଏହି ଦ୍ୱନ୍ଦ୍ୱ ଚାଲୁଅଛି ଭାଗବତୀ ଶକ୍ତିଙ୍କ କରୁଣା ଏବଂ ଅଦିବ୍ୟ ଶକ୍ତିର ଅଜ୍ଞାନ-ମୋହ ସହିତ । ବ୍ୟକ୍ତି ଯେଉଁ ଶକ୍ତିକୁ ସ୍ୱୀକାର କରେ, ଯେଉଁ ଶକ୍ତିକୁ ସମର୍ପଣ କରେ, ସେହି ଶକ୍ତି ହୁଏ ଅଧିକ ପ୍ରବଳ । ଅଦିବ୍ୟ ଶକ୍ତିର ଅଧିକାର ପୂର୍ବରୁ ରହିଆସିଅଛି । ସେହି ସକାଶେ ଭାଗବତୀ ଶକ୍ତି ଅର୍ଥାତ୍ ମା'ଙ୍କ କରୁଣା ଜବରଦସ୍ତି କ୍ରିୟା ନ କରି ବ୍ୟକ୍ତିର ଆବାହନକୁ ଅପେକ୍ଷା

କରୁଅଛି । କେବେ କେବେ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହୋଇ ପଡ଼ିବାରୁ କାମ-କ୍ରୋଧାଦି ଦସ୍ୟୁଙ୍କର ପହରା ଢିଲା ହୋଇଯାଉଅଛି । ସେହି ସମୟରେ ବ୍ୟକ୍ତି-ଆତ୍ମାର ଆବରଣ ଦୂର ହେବାମାତ୍ରେ ମା' ନିଜ ଆଶୀର୍ବାଦର ସ୍ପର୍ଶ ଆତ୍ମାକୁ ଦେଉଅଛନ୍ତି । ଆତ୍ମା ସଚେତ ହୋଇ ବ୍ୟକ୍ତିର ଯଥାର୍ଥ ହିତ ଏବଂ ଅହିତର ଜ୍ଞାନ ପ୍ରକାଶ କରି ବ୍ୟକ୍ତିକୁ ବୁଝାଇ ଦେଉଅଛି । ସେହି ସମୟରେ ବ୍ୟକ୍ତି ସଜାଗ ହୋଇ ମା'ଙ୍କ ଆଶୀର୍ବାଦ ଚାହିଁବାମାତ୍ରେ ମା' ଆଶୀର୍ବାଦ ତା' ଉପରେ ବର୍ଷା କରୁଅଛନ୍ତି । ଏହାହିଁ ବ୍ୟକ୍ତି ସକାଶେ ଦେବମୁହୂର୍ତ୍ତ । ଏହି ସମୟରେ ବ୍ୟକ୍ତି ଅଜ୍ଞାନ, ଦୁଃଖ, ଦ୍ୱନ୍ଦ୍ୱ, ଜନ୍ମମରଣ-ବାଡ଼ବାନଳରୁ ମୁକ୍ତ ହେବା ସକାଶେ ଭଗବତ୍ ଅଭିମୁଖୀ ହେଉଛି ଏବଂ ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିବା ସକାଶେ ଦୃଢ଼ ସଂକଳ୍ପ କରୁଛି ତଥା ସେହି ସଂକଳ୍ପକୁ କ୍ରିୟାରେ ପରିଣତ କରିବାକୁ ଚେଷ୍ଟା କରୁଛି ।

ବିଶ୍ୱାସ

ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାର ଦୁଇଟି ପ୍ରଣାଳୀ । ଗୋଟିଏ ବିଶ୍ୱାସ, ଅନ୍ୟଟି ସମର୍ପଣ, ଅଭୀପ୍ସା, ପ୍ରତିକୂଳ ବସ୍ତୁର ତ୍ୟାଗ ଆଦି ସାଧନା । ଏହି ଦୁଇଟି : ବିଶ୍ୱାସ ଏବଂ ସାଧନା ଏକ ଅନ୍ୟକୁ ଛାଡ଼ି ରହିପାରେ ନାହିଁ; ତଥାପି ସାଧନାର ପ୍ରଥମ ଅବସ୍ଥାରେ କାହାର ବିଶ୍ୱାସ ପ୍ରଧାନ, ସାଧନା ଗୌଣ ଥାଏ; କାହାର ସାଧନା ପ୍ରଧାନ, ବିଶ୍ୱାସ ଗୌଣ ଥାଏ । ସାଧନାରେ କିଛିଦୂର ଅଗ୍ରସର ହେବା ପରେ ଏହି ଦୁଇଟି ମିଶି ଏକ ହୋଇଯାଏ । ଆଉ ବିଶେଷତ୍ୱ ବା ଗୌଣତ୍ୱ ନ ଥାଏ । ବିଶ୍ୱାସ ବିନା ସମର୍ପଣ ହୋଇପାରେ ନାହିଁ କିଂବା ଅଭୀପ୍ସା ଉତ୍ପନ୍ନ ହୁଏ ନାହିଁ; ନିଜକୁ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ସଂକଳ୍ପ ଏବଂ ଅଭୀପ୍ସା କଲେ ବିଶ୍ୱାସ ନ ଆସି ରହିପାରେ ନାହିଁ । ଯଥାର୍ଥରେ ବିଶ୍ୱାସ, ଅଭୀପ୍ସା, ସମର୍ପଣ ନାମରେ ପୃଥକ୍, ତତ୍ତ୍ୱତଃ ଏକ । ମା'ଙ୍କ ଆଶୀର୍ବାଦପ୍ରାପ୍ତ ହେବାର ମାର୍ଗହିଁ ବିଶ୍ୱାସ, ସମର୍ପଣ ତଥା ଅଭୀପ୍ସା । ଏହାଛଡ଼ା ଅନ୍ୟ କୌଣସି ସାଧନା ଦ୍ୱାରା ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇପାରେ ନାହିଁ । ବିଶ୍ୱାସ ବିନା ସମସ୍ତ ଶକ୍ତିଶାଳୀ ତପସ୍ୟା, ପ୍ରବଳ ସାଧନାର କୌଣସି ଫଳ ନ ହୋଇ ବ୍ୟର୍ଥରେ ପରିଣତ ହୁଏ । ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ବ୍ୟକ୍ତିର ଚେତନାରେ ଭଗବତ୍ ଆଶ୍ରିତ ହେବାର ମୋହର ଛାପ ଲାଗିଯାଏ । ସେ ହୁଏ ଭଗବତ୍ ଜନ ବା ଭଗବତ୍ ଆଶ୍ରିତ ଅଥବା ଭଗବତ୍ ଶରଣାପନ୍ନ । ବ୍ୟକ୍ତି ଯଦି ମା'ଙ୍କର ଏହି ଆଶୀର୍ବାଦକୁ ବିଶ୍ୱାସର ସହ ଧାରଣ କରି ମା'ଙ୍କୁ ନିରନ୍ତର ସ୍ମରଣ ତଥା ସମର୍ପଣ କରେ, ତେବେ ମା' ତାକୁ ସମସ୍ତ ବିପଦ-ଆପଦରୁ ରକ୍ଷାକରି ଲକ୍ଷ୍ୟରେ ପହୁଞ୍ଚାଇ ଦିଅନ୍ତି । ସାଧନାର ପ୍ରଥମ ଅବସ୍ଥାରେ ମା'ଙ୍କ ଆଶୀର୍ବାଦ ବା କରୁଣାର ସ୍ପର୍ଶ ପାଏ ବ୍ୟକ୍ତିର ଉଚ୍ଚତର ସତ୍ତା । ବ୍ୟକ୍ତିର ଭୌତିକ ମନ ଏବଂ ପ୍ରାଣ; ଭୋଗ-ବାସନାରେ ଲାଳାୟିତ ଥାଏ । ମା'ଙ୍କ କୃପାକୁ ଚାହେଁ ନାହିଁ, ଗ୍ରହଣ କରେ ନାହିଁ; ଶରୀର ତ ଜଡ଼, ତା'ର ନିଜସ୍ୱ ବୋଲି କିଛି ନ ଥାଏ, ମନପ୍ରାଣ ଦ୍ୱାରା ଚାଳିତ ହେଉଥାଏ । ଏହିସବୁ ଅଶୁଦ୍ଧ ଅସଂସ୍କୃତ ମନ-ପ୍ରାଣ ଥାଏ ଅବିଦ୍ୟାମାୟା ବା ଭଗବତ୍‌ବିରୋଧୀ ଶକ୍ତିର ଅଧିକାରରେ । ସେ ଏହିସବୁକୁ ଯନ୍ତ୍ର କରି ସନ୍ଦେହ, ଅବିଶ୍ୱାସ, କାମ, କ୍ରୋଧ, ଲୋଭ, ମୋହକୁ ଆଣି ମା'ଙ୍କ କୃପାର ମାର୍ଗକୁ ରୋଧ କରି ବ୍ୟକ୍ତିକୁ ଭଗବତ୍‌ମାର୍ଗରୁ ଟାଣି ଆଣିବାକୁ ବରାବର ଚେଷ୍ଟା କରୁଥାଆନ୍ତି; ନାନା ପ୍ରକାର ବାଧାବିଘ୍ନ ଉପସ୍ଥାପନ କରୁଥାଆନ୍ତି । ବ୍ୟକ୍ତିସତ୍ତାର କୌଣସି ନଗଣ୍ୟ ଭାଗରେ ବିରୋଧିଶକ୍ତିର ଯେପର୍ଯ୍ୟନ୍ତ ଅଧିକାର ଥାଏ ସେପର୍ଯ୍ୟନ୍ତ ସେ ମା'ଙ୍କ କୃପାର ମାର୍ଗ ରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥାଆନ୍ତି । ପୂର୍ଣ୍ଣରୂପେ ସମସ୍ତ ସତ୍ତା, କିଛିମାତ୍ର ବାକି ନ ରହି, ମା'ଙ୍କୁ ସମର୍ପିତ ହୋଇଗଲେ ସେଥିରେ ଅଧିକାର ହୁଏ ମା'ଙ୍କ କୃପାଶକ୍ତିର । ସେ ପରିଚାଳିତ ହୁଏ ପୂର୍ଣ୍ଣରୂପେ ସତ୍ୟ ଦ୍ୱାରା । ସେ ନିବାସ କରେ ସତ୍ୟ, ଆନନ୍ଦ ଓ ପରମ ଶାନ୍ତିର ମଧ୍ୟରେ । ଭୌତିକ ଏବଂ ଅତିଭୌତିକ କୌଣସି ପ୍ରକାର ଦୁଃଖକଷ୍ଟ ତା'ର ନିବାସ ସ୍ଥାନର ବାତାବରଣରେ ପ୍ରବେଶ କରିବାମାତ୍ରେ ଭସ୍ମ ହୋଇଯାଏ । ତା'ର ସମର୍ପିତ ମନ-ପ୍ରାଣ-ଶରୀର ମା'ଙ୍କ ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ-ଜରା-ମୃତ୍ୟୁ ଏବଂ ଅବିଦ୍ୟା ମାୟାର ଅଧୀନରୁ ପୂର୍ଣ୍ଣରୂପେ ମୁକ୍ତ ହୁଏ । ଏହାହିଁ ବ୍ୟକ୍ତିର ଯଥାର୍ଥ ସ୍ୱରୂପ ।

ପ୍ରଶ୍ନ : ତୁମେ କହିଲ – ''ମା'ଙ୍କ କୃପାପ୍ରାପ୍ତ ବ୍ୟକ୍ତିର ଚେତନାରେ ଭଗବତ୍ ଆଶ୍ରିତ ହେବାର ମୋହର ଛାପ ଲାଗିଯାଏ, ସେ ଯଦି ଏହାକୁ ବିଶ୍ୱାସ ସହ ଧାରଣ କରି ରଖିପାରେ ତେବେ ମା' ସମସ୍ତ ଦୁଃଖ-କଷ୍ଟରୁ ରକ୍ଷାକରି ତାକୁ ଲକ୍ଷ୍ୟରେ ପହୁଞ୍ଚାଇ ଦିଅନ୍ତି ।'' ତା'ପରେ କହିଲ– ''ଯେପର୍ଯ୍ୟନ୍ତ ବ୍ୟକ୍ତିର ସମସ୍ତ ସତ୍ତା ପୂର୍ଣ୍ଣରୂପେ ଭାଗବତୀ ଶକ୍ତିକୁ ସମର୍ପିତ ହୋଇ ନ ଥାଏ, କୌଣସି ନଗଣ୍ୟ ଭାଗରେ ଯଦି ଟିକିଏ ବାକି ଥାଏ, ତାହାକୁ ଆଶ୍ରୟ କରି ବିରୋଧୀ ଶକ୍ତି ବ୍ୟକ୍ତିକୁ ସନ୍ମାର୍ଗରୁ ଟାଣି ନେଇ ଯିବାକୁ ଚେଷ୍ଟା କରେ, ସାଧକ ସଜାଗ ନ ହୋଇ ମା'ଙ୍କ ଆଶ୍ରୟ ତ୍ୟାଗ କରି ବିରୋଧୀ ଶକ୍ତିର କପଟ ଜାଲରେ ପଡ଼ିଗଲେ ସେ ସତ୍ୟ ପଥରୁ ଖସି ଯାଇପାରେ ।'' ଯଦି ମା'ଙ୍କ ଆଶ୍ରିତ ହେବାର ମୋହର-ଛାପ। ଲାଗିଯାଇଥାଏ, ତେବେ ତା'ର ପତନ ହୁଏ କିପରି ? ଏହା ପରିଷ୍କାର ଭାବେ ବୁଝାଇ ଦିଅ ।

ଉତ୍ତର : ବ୍ୟକ୍ତି ମା'ଙ୍କ କୃପା ପ୍ରତି ନିଷ୍କପଟ ତଥା ବିରୋଧୀ ଶକ୍ତିର ଆକ୍ରମଣ ପ୍ରତି ସଜାଗ ନ ରହି ତା' ପ୍ରଲୋଭନକୁ ସ୍ୱୀକାର କଲେ ତା'ର ସାମୟିକ ପତନ ହୋଇପାରେ, କିନ୍ତୁ ସେ ମା'ଙ୍କ କୃପାରୁ ପୁନରାୟ ସଚେତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ ଏବଂ ଶେଷରେ ଅବଶ୍ୟ ଭଗବତ୍ ପ୍ରାପ୍ତି କରେ, ଏଥିରେ କୌଣସି ସନ୍ଦେହ ନାହିଁ । ଯଦି ଆରମ୍ଭରୁ ସେ ମା'ଙ୍କ ପ୍ରତି ବିଶ୍ୱାସ ରଖେ ତେବେ ସେ ସହଜରେ ସମସ୍ତ ବାଧାବିପତ୍ତିକୁ ଅତିକ୍ରମ କରି ଯାଇପାରେ । କିନ୍ତୁ ଯେପର୍ଯ୍ୟନ୍ତ ବ୍ୟକ୍ତିର କୌଣସି ସାମାନ୍ୟ ଭାଗ ଅସମର୍ପିତ ଥାଏ, ସେପର୍ଯ୍ୟନ୍ତ ବିରୋଧୀ ଶକ୍ତି ବ୍ୟକ୍ତିକୁ ବିପରୀତ ମାର୍ଗକୁ ଟାଣି ନେବାର ସମ୍ଭାବନା ଥାଏ । ସେହିପର୍ଯ୍ୟନ୍ତ ବ୍ୟକ୍ତିକୁ ସଜାଗ ଏବଂ ସାବଧାନ ରହିବାକୁ ହୁଏ । ମା'ଙ୍କ କୃପାର ମୋହର ଲାଗିବାର ଅର୍ଥ ବ୍ୟକ୍ତି ସରଳ ମାର୍ଗରେ, ବିନା ଦୁଃଖଦ୍ୱନ୍ଦ୍ୱରେ, ଅବିଳମ୍ବେ ଅଥବା ଜଟିଳ, ଦୁର୍ଭେଦ୍ୟ ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ଉତ୍‌ଥାନ-ପତନ ମାର୍ଗରେ ମହାନ୍ ବାଧା-ବିପତ୍ତିର ସମ୍ମୁଖୀନ ହୋଇ ବହୁତ ବିଳମ୍ବରେ ଭଗବାନଙ୍କୁ ଅବଶ୍ୟ ପ୍ରାପ୍ତ ହୁଏ । ଥରେ ମା'ଙ୍କ ଆଶୀର୍ବାଦ ପାଇବା ପରେ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱ, ମହାନ୍ ବିପତ୍ତିରେ ପଡ଼ି ମାଙ୍କୁ ପୂର୍ଣ୍ଣରୂପେ ଭୁଲିଗଲେ ମଧ୍ୟ ମା' ତାକୁ ତ୍ୟାଗ କରନ୍ତି ନାହିଁ, ପୁନରାୟ ତାକୁ ସତ୍ୟ-ମାର୍ଗକୁ ନେଇ ଆସିବାକୁ ପ୍ରତୀକ୍ଷା କରିଥାଆନ୍ତି; ଏବଂ ସୁଯୋଗ ପାଇବାମାତ୍ରେ ତାକୁ ଭଗବତ୍‌ସମ୍ମୁଖ କରିଦିଅନ୍ତି । ପ୍ରଥମରେ ମା'ଙ୍କ ଆଶୀର୍ବାଦ ପାଇ ସମସ୍ତ ପ୍ରତିକୂଳ ଅବସ୍ଥାରେ ମା'ଙ୍କ ପ୍ରତି ବିଶ୍ୱାସ ରଖି ସମର୍ପଣ କରି ଚାଲିବା ହେଲା ସିଧାମାର୍ଗ । ମା'ଙ୍କ ଆଶୀର୍ବାଦ ପାଇବା ପରେ ବିରୋଧିଶକ୍ତିର ଆକ୍ରମଣରେ ମୋହିତ ହୋଇ ମା'ଙ୍କ କୃପାକୁ ଭୁଲି ଇନ୍ଦ୍ରିୟର ବିଷୟରେ ଧାବିତ ହେବା ହେଲା ପତନ ଏବଂ ଦୁର୍ଭେଦ୍ୟ ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ମାର୍ଗ ।

ବ୍ୟକ୍ତିର ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଜ୍ଞାନ ନ ଥାଏ । ତା'ର ସମସ୍ତ ସତ୍ତା ଦିବ୍ୟତତ୍ତ୍ୱର ବିକୃତ ରୂପ ବୋଲି ସେ ଭୁଲି ଯାଇଥାଏ । ମୋହମାୟା ଓ ଅଜ୍ଞାନତାର ବଶ ହୋଇ ବର୍ତ୍ତମାନ ଆରୋପିତ ମିଥ୍ୟା, ପାରିବାରିକ ମୋହମମତା, ଇନ୍ଦ୍ରିୟର ବିଷୟକୁ ସତ୍ୟ ମାନି ନେଇଥାଏ । ଜନ୍ମ-ମରଣର ମହାନ୍ ଦୁଃଖକଷ୍ଟରେ ଜର୍ଜରିତ ହେଉଥିବା ସତ୍ତ୍ୱେ ସେଥିରୁ ମୁକ୍ତ ହେବାର ସମ୍ଭାବନାର ଧାରଣା ତା' ପାଖରେ ନ ଥାଏ । ଏହି ମୋହଗ୍ରସ୍ତ ଅଜ୍ଞାନ-ଅନ୍ଧକାରପୂର୍ଣ୍ଣ ଅବସ୍ଥାରେ ଭଗବାନ୍ ଦୟାକରି ବ୍ୟକ୍ତିର ଅନ୍ତରତମ ପ୍ରଦେଶର ଜ୍ଞାନ-ଜ୍ୟୋତିଃ ପ୍ରକାଶ କରିଦିଅନ୍ତି, ତା'ର ଅନ୍ତରାତ୍ମା ଜାଗ୍ରତ୍ ହୁଏ ଏବଂ ସେ ସଚେତ ହୋଇ ନିଜ ଜୀବନର ଲକ୍ଷ୍ୟ ଜାଣି ଭଗବାନଙ୍କୁ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ପ୍ରଯତ୍ନ କରେ । ଏହାହିଁ ଭଗବାନଙ୍କର ନିର୍ହେତୁକ କୃପା । ଏହି କୃପାର ଅର୍ଥ ଭଗବାନଙ୍କ ମୋହର-ଛାପ ।

ଏହି ଅବସ୍ଥାରେ ବ୍ୟକ୍ତିର ମନ-ପ୍ରାଣ ଅଶୁଦ୍ଧ ଥାଏ । ଅଶୁଦ୍ଧ ମନ-ପ୍ରାଣର ବିଷୟ-ଭୋଗର ନରକଦ୍ୱାର ଯେପରି ଉନ୍ମୁକ୍ତ ଥାଏ, ସେହିପରି ଭଗବତ୍ ପ୍ରାପ୍ତି ମାର୍ଗ ମଧ୍ୟ ଉନ୍ମୁକ୍ତ ଥାଏ । ବ୍ୟକ୍ତି ଭଗବତ୍ ମାର୍ଗରେ ଅଗ୍ରସର ହେବାକୁ ତତ୍ପର ହେଲେ ସେଥିରେ ମା'ଙ୍କର ସାହାଯ୍ୟ ଅଧିକାଧିକ ପାଉଥାଏ ଏବଂ କ୍ରମଶଃ ବିପରୀତ ମାର୍ଗ ରୁଦ୍ଧ ହେବାକୁ ଆରମ୍ଭ କରେ । ବ୍ୟକ୍ତି ଯଦି ବିରୋଧୀ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇ ନିଜର ଇନ୍ଦ୍ରିୟ-ବିଷୟକୁ ଗ୍ରହଣ କରେ, ତେବେ ତା'ର ଅଧାମ୍ ମାର୍ଗରୁ ପତନ ହେବା ସ୍ୱାଭାବିକ ହୁଏ । ସେ ଅସହାୟ ରୂପେ ବିରୋଧୀ ଶକ୍ତିର କବଳରେ ପଡ଼ିଯାଏ । ସେତେବେଳେ ମଧ୍ୟ ମା'ଙ୍କ କୃପା ତାକୁ ପରିତ୍ୟାଗ କରେ ନାହିଁ । ତାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଅନୁକୂଳ ସମୟକୁ ଅପେକ୍ଷା କରିଥାଏ । ସେହି ଜନ୍ମରେ ହେଉ ବା ପରଜନ୍ମରେ ହେଉ ବ୍ୟକ୍ତିର ଦୁଃଖକଷ୍ଟ ମଧ୍ୟଦେଇ ମା'ଙ୍କ କୃପା ପୁନରାୟ ବ୍ୟକ୍ତିକୁ

ସଚେତ କରାଏ । ବ୍ୟକ୍ତି ଦୃଢ଼ ସଂକଳ୍ପ ସହ ପୂର୍ବ ଦୁର୍ଗୁଣକୁ ତ୍ୟାଗ କରିବା ସକାଶେ ମା'ଙ୍କୁ ଡାକିଲେ ମା' ତାକୁ ସାହାଯ୍ୟ କରନ୍ତି । ସେ ପୁନରାୟ ଭଗବତ୍ ମାର୍ଗରେ ଯାତ୍ରା କରେ । ଭଗବତ୍ କୃପାପ୍ରାପ୍ତ-ବ୍ୟକ୍ତିର ସ୍ଖାୟୀ ପତନ ହୁଏ ନାହିଁ ।

କିନ୍ତୁ ବ୍ୟକ୍ତିର ସାଧନା ଆରମ୍ଭରୁ ଭଗବତ୍-ସମ୍ମୁଖ ହେବା ସଙ୍ଗେ ସଙ୍ଗେ ମା'ଙ୍କ ପ୍ରତି ବିଶ୍ୱାସ ରଖି ଦୃଢ଼ ସଂକଳ୍ପ ସହ ମା'ଙ୍କ ଆଶୀର୍ବାଦକୁ ଧରି ରଖିପାରିଲେ କ୍ରମଶଃ ସେ ଅନ୍ୟାନ୍ୟ ଭାଗକୁ ସମର୍ପଣ କରିଚାଲେ ଏବଂ ମା'ଙ୍କ କୃପା ଅଧିକରୁ ଅଧିକ ପାଏ । ବିରୋଧିଶକ୍ତିଙ୍କ ଦ୍ୱାରା ତା'ର ଆଉ ପତନ ହୁଏ ନାହିଁ, ସେ ସିଧାସଳଖ ମାର୍ଗରେ ଅଗ୍ରସର ହୁଏ । ସେ ଏକ ପାଦ ଆଗେ ବଢ଼ିଲେ ମା' ତାକୁ ସତ୍ୟ-ମାର୍ଗରେ ହଜାର ପାଦ ଚଳାଇ ନିଅନ୍ତି । ଛୋଟ ଶିଶୁ ସଦୃଶ ସକଳ ବିପଦାପଦରୁ ରକ୍ଷା କରି ଲକ୍ଷ୍ୟରେ ପହୁଞ୍ଚାଇ ଦିଅନ୍ତି । ବ୍ୟକ୍ତି ଯେତେ ଅଧିକ ସମର୍ପଣ କରେ, ଯେତେ ଅଧିକ ବିଶ୍ୱାସ ରଖେ, ମା'ଙ୍କ ଶକ୍ତି ତେତେ ଅଧିକ ସାଧକ ମଧ୍ୟରେ କ୍ରିୟା କରେ ଏବଂ ତାକୁ ରକ୍ଷା କରେ । ସାଧନାର ପ୍ରଥମ ଅବସ୍ଥାରେ ଯଦ୍ୟପି ନିଜର ନିମ୍ନସତ୍ତା, କାମ, କ୍ରୋଧ, ମୋହ, ଅଜ୍ଞାନ ଏବଂ ବାହ୍ୟ ଓ ଅନ୍ତର ପ୍ରତିକୂଳ ଶକ୍ତି ସର୍ବଦା ପ୍ରବଳ ଥାଆନ୍ତି, ତଥାପି କେବଳ ମା'ଙ୍କ ଉପରେ ବିଶ୍ୱାସ ରଖିପାରିଲେ ମା'ଙ୍କ ସାହାଯ୍ୟରେ ବ୍ୟକ୍ତି ଅନାୟାସରେ ଏହିସବୁ ପ୍ରତିକୂଳ ଅବସ୍ଥାକୁ ଅତିକ୍ରମ କରିଯାଏ । ଶ୍ରୀଅରବିନ୍ଦ ''The Mother'' (ମା) ବହିରେ ଲେଖିଛନ୍ତି : ''The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the divine Mother is the sanction of the Supreme and now or tomorrow its effect is sure, a thing decreed, inevitable and irresistible.''

ଅର୍ଥାତ୍– ''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଏବଂ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ତେତେହିଁ ଘେରି ରହିବ । ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଅଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ୱର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା, ବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉନା କାହିଁକି, ତୁମକୁ ସ୍ୱର୍ଶ କରିପାରିବ ନାହିଁ । କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ୱର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

ପ୍ରଶ୍ନ : ସାଧନାର ପ୍ରଥମ ଅବସ୍ଥାରେ କାମ, କ୍ରୋଧ, ମୋହ, ଅଜ୍ଞାନ ଆଦି ପ୍ରତିକୂଳ ଶକ୍ତି ପ୍ରବଳ ଥାଆନ୍ତି; ଏସବୁ ସନ୍ଦେହ, ଅବିଶ୍ୱାସ ନେଇଆସନ୍ତି, ପ୍ରତ୍ୟେକ ଇନ୍ଦ୍ରିୟ ନିଜ ନିଜ ବିଷୟ-ଭୋଗ ଆଡ଼କୁ ଟାଣୁଥାଆନ୍ତି, ସେ ଅବସ୍ଥାରେ ମା'ଙ୍କ ପ୍ରତି ବିଶ୍ୱାସ କି ଉପାୟରେ ରଖାଯାଇପାରେ ?

ଉତ୍ତର : ଏହାର ଅତ୍ୟନ୍ତ ସରଳ ଉପାୟ ହେଲା : ମା'ଙ୍କୁ ନିଜର, ଅତ୍ୟନ୍ତ ନିଜର, ନିଜ ମା' ବୋଲି ମାନି

ନିଅ । ନିଜ ପାଖରେ ସର୍ବଦା ଅଛନ୍ତି, ସବୁ ଦେଖୁଛନ୍ତି, ସମସ୍ତ ଜାଣୁଛନ୍ତି, ସମସ୍ତ ଦୁଃଖକଷ୍ଟ, ବିପଦ-ଆପଦରେ ରକ୍ଷା କରୁଅଛନ୍ତି ବୋଲି ଦୃଢ଼ଭାବେ ବିଶ୍ୱାସ କର । ତାଙ୍କ ପାଖରେ ଏକେବାରେ ନିଷ୍କପଟ ହୋଇଯାଅ, ଯେପରିକି ନିଜ ଅନ୍ତଃକରଣ ପାଖରେ । ଯାହା ଭଲ, ମନ୍ଦ, ସୁଖ, ଦୁଃଖ, ବିପଦ-ଆପଦ ସବୁ ତାଙ୍କ ପାଖରେ ମନେ ମନେ ଅଥବା ବାକ୍ୟରେ କୁହ । ମା' ଯେପରି ପ୍ରତ୍ୟକ୍ଷଭାବେ ତୁମ ପାଖରେ ଛିଡ଼ା ହୋଇ ତୁମର ସମସ୍ତ କଥା ଆଗ୍ରହ ସହିତ ଶୁଣୁଛନ୍ତି, ଏହିପରି ଧାରଣା କର । ପ୍ରତିକୂଳ ଅବସ୍ଥା ଯଦି ପ୍ରବଳ ପ୍ରତୀତ ହୁଏ, ସେଥିରୁ ଉଦ୍ଧାର ହେବାର କୌଣସି ଉପାୟ ନ ଥାଏ, ଚତୁଃପାର୍ଶ୍ୱରେ ଅନ୍ଧକାର ଘୋଟି ଆସିଥାଏ, ସେତେବେଳେ ବି ନିରାଶ, ହତାଶ ହୁଅ ନାହିଁ । ବିଶ୍ୱାସ ରଖ, ଭରସା ରଖ । ମା' ତାଙ୍କର ଅସୀମ, ଅଲୌକିକ, ଅବ୍ୟର୍ଥ ଶକ୍ତିରେ ତୁମକୁ ରକ୍ଷା କରିବେ । ଏଥିରେ ଦୃଢ଼ ରହ । ଘୋର ଅନ୍ଧକାରରେ ତାଙ୍କର ଜ୍ୟୋତିଃର ପ୍ରକାଶ ହେବ, ଏଥିରେ ନିଃସନ୍ଦେହ ହୁଅ । ଯଦି କାନ୍ଦିବାକୁ ହୁଏ, ମା'ଙ୍କ ପାଖରେ କାନ୍ଦ । ଅପରାଧ ନ କରିବା ସକାଶେ ମା'ଙ୍କ କୃପା ଏବଂ ଶକ୍ତିର ଆଶ୍ରୟରେ ଦୃଢ଼ ପ୍ରତିଜ୍ଞା କର । ମା'ଙ୍କ ପ୍ରତି ଅବିଶ୍ୱାସ, ସନ୍ଦେହ ଆସିଲେ; ସେଥିରେ ବି ହତାଶ ବା ନିରାଶ ହୁଅ ନାହିଁ । ବ୍ୟାକୁଳ ହୋଇ ମା'ଙ୍କୁ କୁହ, ପ୍ରାର୍ଥନା କର, ସନ୍ଦେହ-ଅବିଶ୍ୱାସକୁ ତାଙ୍କରି ଚରଣରେ ନିବେଦନ କରିଦିଅ ।

ପ୍ରାର୍ଥନା

ନିଜର ଇନ୍ଦ୍ରିୟସବୁ ପୂର୍ବ ଅଭ୍ୟାସବଶତଃ ସ୍ୱାଭାବିକରୂପେ ବିଷୟରେ ଧାବିତ ହୁଅନ୍ତି, ମନରେ ସେହିସବୁ ବିଷୟରେ ବିଚାର ଆସେ । ଦୀପଶିଖାରେ ପତଙ୍ଗ ଝାସ ଦେବା ସଦୃଶ ପ୍ରାଣ ବିଷୟରେ ଡେଇଁ ପଡ଼ିବାକୁ ଚାହେଁ । ସେହି ପ୍ରତିକୂଳ ସମୟରେ ଇନ୍ଦ୍ରିୟର ପ୍ରଲୋଭନକାରୀ ବାହ୍ୟ ବସ୍ତୁର ଆକ୍ରମଣ ମଧ୍ୟ ହୁଏ । ଏହି ସମୟ ବହୁତ ବିପଜ୍ଜନକ । ସେତେବେଳେ ସାଧକ ନିଜକୁ ଏକେବାରେ ଅସହାୟ ଓ ଅସମର୍ଥ ମନେକରେ । ମା'ଙ୍କ ପ୍ରତି ଥିବା ଶ୍ରଦ୍ଧା-ଭକ୍ତି ଆବୃତ ହୋଇ ଯାଇଥାଏ, ସମର୍ପଣ ଭାବ ଆସେ ନାହିଁ । ମା'ଙ୍କ ନାମ ସ୍ମରଣରେ ରୁଚି ନ ଥାଏ, ଥାଏ କେବଳ ବିଷୟର ବିଚାର । ଏହି ସମୟରେ ସାବଧାନ ହୁଅ । କେବଳ ବୁଦ୍ଧିକୁ ସମ୍ମୁଖରେ ରଖ । ବିଶ୍ୱାସ, ଭକ୍ତି, ଶ୍ରଦ୍ଧା, ସମର୍ପଣଭାବ ବିଷୟରୂପୀ ଘୋର ଅନ୍ଧକାରରେ ଆବୃତ ହୋଇଯାଇଥିବା ସତ୍ତ୍ୱେ ମା'ଙ୍କୁ କେବଳ ଶବ୍ଦରେ ପ୍ରାର୍ଥନା କର । କୁହ – ''ମୁଁ ଏକେବାରେ ନିଃସହାୟ । ବିରୋଧୀ ଶକ୍ତିମାନେ ନିଜ ମାୟା ଜାଲରେ ମୋ ହାତଗୋଡ଼ ବାନ୍ଧି ମୋତେ ପଙ୍ଗୁ କରି ଦେଇଛନ୍ତି । ଏହି ସମୟରେ ତୁମେ ତୁମର ଅହେତୁକୀ କୃପାରେ ମୋତେ ରକ୍ଷା କର । ତୁମେ ଅଶରଣର ଶରଣ, ଦରିଦ୍ରର ବନ୍ଧୁ, ତୁମେ ନିଜ କରୁଣାରେ ଦୁର୍ଦାନ୍ତ ରାକ୍ଷସରାଜ ହିରଣ୍ୟକଶିପୁ ହାତରୁ ପ୍ରହ୍ଲାଦକୁ ମୃତ୍ୟୁମୁଖରୁ ରକ୍ଷା କରିଥିଲ । ରାବଣ ତ୍ରାସରେ ତ୍ରାସିତ ବିଭୀଷଣକୁ ଶରଣ ଦେଇଥିଲ, ତୁମ ଆଶ୍ରିତ ଜନ ବିପଦରେ ପଡ଼ି ତୁମକୁ ଡାକିଲେ ନିଜ ଐଶ୍ୱର୍ଯ୍ୟକୁ ଭୁଲି ଆଶ୍ରିତକୁ ରକ୍ଷା କରିବାକୁ ଧାଇଁଯାଅ । ଅଶ୍ୱତ୍ଥାମାର ବ୍ରହ୍ମାସ୍ତ୍ରରୁ ପରୀକ୍ଷିତଙ୍କୁ ଉତ୍ତରାଗର୍ଭରେ ଚକ୍ର ଉଡ଼ାଳି ରକ୍ଷା କରିଥିଲ । ଗଜକୁ କୁମ୍ଭୀର ବୁଡ଼ାଇ ଦେଉଥିବା ସମୟରେ ତା'ର ଆର୍ତ୍ତ ଡାକ ଶୁଣି ଗରୁଡ଼ପିଠିରୁ ଉତରି ଦୌଡ଼ିଥିଲ, କୁମ୍ଭୀରକୁ ବିନାଶ କରି ଗଜକୁ ରକ୍ଷା କରିଥିଲ । ରାଜସଭାରେ ଦ୍ରୋଣ-ଭୀଷ୍ମାଦି ଗୁରୁଜନଙ୍କ ସମ୍ମୁଖରେ ପାଣ୍ଡବ-କୁଳବଧୂ ଦ୍ରୌପଦୀକୁ ବିବସ୍ତ୍ର କରିବା ସମୟରେ ତା'ର ଆର୍ତ୍ତ ଡାକ ଶୁଣି ଭୋଜନ ଛାଡ଼ି ତାକୁ ରକ୍ଷା କରିଥିଲ । ଦ୍ରୌପଦୀ ଖଣ୍ଡିଏ ମାତ୍ର ବସ୍ତ୍ର ପରିଧାନ କରିଥିଲେ । ସେହି ବସ୍ତ୍ର ସହିତ ତୁମେ ଏକ ହୋଇଯିବାରୁ ତାହା ହୋଇଗଲା ଅନନ୍ତ । ସେହି ଦ୍ରୌପଦୀଙ୍କର ବସ୍ତ୍ର ଟାଣି ଦୁଃଶାସନ ପାହାଡ଼ ସଦୃଶ ଜମା କରିଦେଲା । ଶହେ ହାତୀର ବଳ ଧାରଣ କରିଥିବା ଦୁଃଶାସନର ବଳ ହ୍ରାସ ହୋଇଗଲା । କିନ୍ତୁ ବସ୍ତ୍ର ସମାପ୍ତ ହେଲା ନାହିଁ । ଶେଷରେ ସେ ଦୁର୍ବଳ ହୋଇ ଦ୍ରୌପଦୀଙ୍କ ଅଙ୍ଗରୁ ବସ୍ତ୍ର ଆଉ ଟାଣି ନ ପାରି ଲଜ୍ଜାରେ ମୁଖ ପୋତି ବସିପଡ଼ିଲା । ପାଣ୍ଡବଙ୍କ ଭକ୍ତିବଶ ହୋଇ ସେମାନଙ୍କ ହିତକାମନାରେ ଦୂତ ହୋଇ ଦୁର୍ଯ୍ୟୋଧନ ପାଖକୁ ଗଲ; ସେଠାରେ ଷଡ଼ରସ ଭୋଜନ ତ୍ୟାଗ କରି ବିଦୁର ଘରେ ଶାଗ ଖାଇ ସନ୍ତୁଷ୍ଟ ହେଲ । ତ୍ରେତାରେ ଗୃଧ୍ରରାଜର ମୃତ୍ୟୁ ସମୟରେ ତାକୁ ନିଜ କୋଳରେ ଧାରଣ କଲ, ନିଜ

ହସ୍ତରେ ତା'ର ଶବଦାହ ତଥା ଅନ୍ତ୍ୟେଷ୍ଟି-କ୍ରିୟା ସମ୍ପନ୍ନ କଲ । ତୁମ କରୁଣାର ସୀମା ନାହିଁ, ବ୍ୟକ୍ତି ତାହା କଳ୍ପନା କରିବାକୁ ଅସମର୍ଥ । ସେହି ଅନନ୍ତ ଅଫୁରନ୍ତ କରୁଣାରେ ମନୁଷ୍ୟର ସୀମିତ ମନ-ବୁଦ୍ଧି ପହଞ୍ଚି ପାରେ ନାହିଁ । ଏପରି କରୁଣା ବିଦ୍ୟମାନ ଥିବା ସତ୍ତ୍ୱେ ଅଭାଗା ଜୀବ ଦୁଃଖ ପାଉଅଛି । ପ୍ରପୀଡ଼ିତ ଜୀବଙ୍କୁ ଉଦ୍ଧାର କରିବା ସକାଶେ ଏହି ପୃଥିବୀରେ କେତେ ପିତା, ମାତା, ଗୁରୁ ରୂପେ ଅବତାର ନେଇଛ । ଏହି ପୃଥିବୀରେ ସ୍ୱର୍ଗରାଜ୍ୟ ସ୍ଥାପନ କରିବା ସକାଶେ ବର୍ତ୍ତମାନ ତୁମେ ମା' ରୂପେ ପ୍ରାପ୍ତ ହୋଇଅଛ । ମୁଁ ନିଃସହାୟ । ମୋର କେହି ମାତ୍ର ଆଶ୍ରୟ ନାହିଁ । ତୁମ କୃପାପ୍ରାପ୍ତିର ଉପାୟ ଭକ୍ତି, ସମର୍ପଣ, ଅଭୀପ୍ସା ମୋର ନାହିଁ । ମାତ୍ର ମୋର ଏକମାତ୍ର ଆଶ୍ରୟ ତୁମେ; ତୁମେ ନିଜ କରୁଣା, ନିଜ କୃପା ଗୁଣରେ ମୋତେ ରକ୍ଷାକର, ସାହାଯ୍ୟ କର; ଜ୍ଞାନ, ଭକ୍ତି, ଶକ୍ତି, ଧୈର୍ଯ୍ୟ ଓ ସାହସ ଦିଅ । ମୋର ସମସ୍ତ ସତ୍ତାକୁ ମୁଁ ଯେପରି ତୁମ ଚରଣରେ ନିଃଶେଷରେ ନିବେଦନ କରିପାରେ । ତୁମରି ଆଶ୍ରୟରେ, ତୁମରି ଶକ୍ତିରେ ପ୍ରତିକୂଳ ଶକ୍ତିର ଆକ୍ରମଣକୁ ଅତିକ୍ରମ କରିପାରେ, ସମସ୍ତ ବାଧାବିପତ୍ତିରେ ତୁମରି ଆଶ୍ରୟରେ ଅବିଚଳିତ ରହି ପ୍ରତିକୂଳ ଆକ୍ରମଣକୁ ଉତ୍ତର ଦେଉଥିବା ସତ୍ତାକୁ ଯେପରି ତୁମ ଚରଣରେ ସମର୍ପଣ କରିପାରେ ।''

ସେହି ପ୍ରତିକୂଳ ତଥା ବିଚଳିତ ଅବସ୍ଥାରେ ଏହି ପ୍ରକାର ପ୍ରାର୍ଥନା କଲେ ମନ ଏକାଗ୍ର ହୁଏ ମା'ଙ୍କ ଶକ୍ତି ବ୍ୟକ୍ତି-ସତ୍ତାରେ ପ୍ରବେଶ କରିବାର ମାର୍ଗ ଉନ୍ମୁକ୍ତ ହୋଇଯାଏ । ମା'ଙ୍କ ଶକ୍ତି ବ୍ୟକ୍ତି-ସତ୍ତାରେ ପ୍ରବେଶ କରି ବିରୋଧୀ ଶକ୍ତିକୁ ବିତାଡ଼ିତ କରିଦିଏ । ତାହାର ସ୍ଥାନରେ ଆଣିଦିଏ ଶାନ୍ତି, ଶକ୍ତି, ସମର୍ପଣର ଭାବ, ମା'ଙ୍କ ପ୍ରତି କୃତଜ୍ଞତା ଏବଂ ଦିବ୍ୟାନନ୍ଦ । ବିରୋଧିଶକ୍ତିର ଆକ୍ରମଣ ବ୍ୟର୍ଥ ହେବାରେ ସାଧକର ହୁଏ ଗୋଟିଏ ଦୃଢ଼ ପଦକ୍ଷେପ । ଏହାରି ଦ୍ୱାରା କ୍ରମଶଃ ବଢ଼େ ସାହସ, ଧୈର୍ଯ୍ୟ ଏବଂ ବିଶ୍ୱାସ । ସବୁଠାରୁ ଶକ୍ତିଶାଳୀ, ସରଳ ଓ ନିରାପଦ ମାର୍ଗ ହେଲା ମା'ଙ୍କ ପ୍ରତି ବିଶ୍ୱାସ । ବିଶ୍ୱାସ ନିରପେକ୍ଷ । ତାହା କୌଣସି ସାଧନା ଉପରେ ନିର୍ଭର କରେ ନାହିଁ, ପ୍ରାପ୍ତ ହୁଏ ଅଭୀପ୍ସାରେ । ତାହାକୁ ଧରି ରଖିଲେ ତାହା କ୍ରମଶଃ ବଢ଼େ ।

ଧ୍ୟାନ

ଧ୍ୟାନର ଏକେବାରେ ପ୍ରାରମ୍ଭିକ ଅବସ୍ଥାରେ ସରଳ ଉପାୟ ହେଲା ମା'ଙ୍କ ଫଟୋ ସାମନାରେ ରଖି ଆଖି ଖୋଲି ଦେଖ । ପରେ ଆଖି ବନ୍ଦ କରି ସେହି ଫଟୋକୁ ଦେଖି ପାରିଲେ ହୃଦୟର ଗଭୀରକୁ ନେଇଯିବାକୁ ଚେଷ୍ଟା ବା ସଂକଳ୍ପ କର । ନିୟମିତରୂପେ ପ୍ରତିଦିନ ଠିକ୍ ସମୟରେ ଧ୍ୟାନ ଅଭ୍ୟାସ କରି ହୃଦୟର ଗଭୀରରେ ମା'ଙ୍କ ମୂର୍ତ୍ତିକୁ ନେଇଯିବାର ଚେଷ୍ଟା ଜାରି ରଖିଲେ ବ୍ୟକ୍ତିର ଅଭୀପ୍ସା ତୀବ୍ର ବା ଶିଥିଳ ହେବା ଅନୁସାରେ କମ୍ ଅଥବା ଅଧିକ ଦିନରେ ହୃଦୟ ଗଭୀରରେ ସେ ପ୍ରବେଶ କରିପାରେ । ଯେତେ ଗଭୀରକୁ ଯାଇପାର ଯାଅ । ମା'ଙ୍କ ଫଟୋରେ ଚେତନା ଏକାଗ୍ର ହେବା ସଙ୍ଗେ ସଙ୍ଗେ କିଂବା ହୃଦୟରେ ପ୍ରବେଶ କରିବା ପରେ ଅଥବା ବହୁତ ଗଭୀରକୁ ଯିବା ପରେ ମା'ଙ୍କ ମୂର୍ତ୍ତି ଅନ୍ତର୍ହିତ ହୋଇ କେବଳ ଚେତନା ଏକାଗ୍ର ହୋଇପାରେ । କେବେ କେବେ ସେହି ଚେତନା ହୃଦୟ ଗଭୀରରୁ ବାହାରି ଆସି ଭିନ୍ନ ଭିନ୍ନ କେନ୍ଦ୍ରରେ କ୍ରିୟା କରିପାରେ । ସେତେବେଳେ ବ୍ୟକ୍ତି ନିଜ ଚେତନାର କ୍ରିୟାର ପ୍ରତିକୂଳ ଇଚ୍ଛା ବା ସଂକଳ୍ପ ନ କରି ଚେତନାର ଗତିରେ ନିଜ ସଂକଳ୍ପକୁ ଏକ କରିଦେବ । କେବଳ ଅନ୍ୟ ବିଚାରକୁ ପ୍ରବେଶ କରିବାକୁ ଦେବ ନାହିଁ ।

ପ୍ରଶ୍ନ : ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାର ପ୍ରଣାଳୀ କ'ଣ ?

ଉତ୍ତର : ଭକ୍ତି, ସମର୍ପଣ, ବିଶ୍ୱାସ ଏବଂ ଆନ୍ତରିକ ନିଷ୍ଠା ।

ପ୍ରଶ୍ନ : ବହୁତ ବ୍ୟକ୍ତି ନିଜ ନିଜ ଦୁଃଖ କଷ୍ଟରୁ ନିବୃତ୍ତ ହେବା ସକାଶେ ମା'ଙ୍କ କୃପା ବା ଆଶୀର୍ବାଦ ଚାହାନ୍ତି । ସେମାନଙ୍କ ମଧ୍ୟରୁ କାହାରି ସଫଳ ହୁଏ କାହାରି ବିଫଳ ହୁଏ । ଏହାର କାରଣ କ'ଣ ?

ଉତ୍ତର : ସାଧାରଣତଃ ସଫଳତା ବା ବିଫଳତା ନିର୍ଭର କରେ ବ୍ୟକ୍ତିର ବିଶ୍ୱାସ ଏବଂ ନିଷ୍ଠା ଉପରେ । ବ୍ୟକ୍ତିର

ବିଶ୍ୱାସ ଓ ନିଷ୍ଠା ନ ଥିଲେ ମା'ଙ୍କ ଆଶୀର୍ବାଦର ପ୍ରବେଶ ମାର୍ଗ ତା ଆଧାରରେ ରୁଦ୍ଧ ଥାଏ, ସେଥିପାଇଁ ସଫଳତା ଆସିପାରେ ନାହିଁ । ଏହା ସାଧାରଣ ନିୟମ ।

ତା' ଛଡ଼ା ଅନ୍ୟ କାରଣ ହେଉଛି – ଯେଉଁ ବ୍ୟକ୍ତି ମା'ଙ୍କୁ ସମର୍ପଣ କରିଥାଏ, ବିଶ୍ୱାସ ଓ ନିଷ୍ଠା ରଖିଥାଏ, କିନ୍ତୁ ଅଜ୍ଞାନ, ମୋହବଶରେ ନିଜର ଅନିଷ୍ଟ କରିବା ବସ୍ତୁ ଚାହେଁ । ଏପରିସ୍ଥଳେ ମା' ତା'ର ଅଭୀଷ୍ଟ ବସ୍ତୁ ଦିଅନ୍ତି ନାହିଁ । ରୋଗୀ କୁପଥ୍ୟ ଚାହିଁଲେ ଯେପରି ବୈଦ୍ୟ ଦିଏ ନାହିଁ, ସେହିପରି ଭକ୍ତର ଅନିଷ୍ଟକାରୀ ବସ୍ତୁ ମା' ଦିଅନ୍ତି ନାହିଁ, ବରଂ ସନ୍ତାନ ଶରୀରରେ ହୋଇଥିବା ବଥକୁ ମା' ଯେପରି ସନ୍ତାନର ପୀଡ଼ାକୁ ଭ୍ରୁକ୍ଷେପ ନ କରି ଚିପି ପୂଯ ବାହାର କରିପକାଏ, ସେହିପରି ମା' ଆଶ୍ରିତର ବିପଜ୍ଜନକ ଦୋଷକୁ ନିର୍ମମ ଭାବେ ଦୂର କରନ୍ତି, ସେଥିରେ ସାଧକର ଦୁଃଖ ବା ପୀଡ଼ାକୁ ଭ୍ରୁକ୍ଷେପ କରନ୍ତି ନାହିଁ ।

ବ୍ୟକ୍ତି ଶ୍ରଦ୍ଧା, ଭକ୍ତି ଓ ନିର୍ଭରତା ସହିତ ମା'ଙ୍କ ଆଶୀର୍ବାଦ ଚାହିଁଲେ ଭଗବତ୍ ଶକ୍ତି ତା' ଆଧାରରେ ପ୍ରବେଶ କରି କାର୍ଯ୍ୟ କରେ । କିନ୍ତୁ ତାହାର ଚାହିଁବା ବସ୍ତୁ ସିଦ୍ଧିରେ ଯଦି ତା'ର ଆତ୍ମାର ବିକାଶ ହୁଏ, ତେବେ ମା' ସେଥିରେ ସାହାଯ୍ୟ କରନ୍ତି, ଅନ୍ୟଥା ତା'ର କେବଳ ପ୍ରାଣର ବାସନା କାମନାର ତୁଷ୍ଟି ଏବଂ ଅହଂ ଓ ସ୍ୱାର୍ଥର ବୃଦ୍ଧି ସକାଶେ ମା' ଶକ୍ତି ପ୍ରୟୋଗ କରନ୍ତି ନାହିଁ । ବ୍ୟକ୍ତି ଭଗବତ୍ କୃପା ଲାଭ କରିବା ପରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା ସକାଶେ ଏବଂ ପୂର୍ବ ଦୁର୍ଗୁଣସବୁକୁ ତ୍ୟାଗ କରିବା ସକାଶେ ସଂକଳ୍ପ କରିବା ଉଚିତ; ଏବଂ କ୍ରମଶଃ ତାକୁ ଯଥାସମ୍ଭବ କାର୍ଯ୍ୟରେ ପରିଣତ କରିବାକୁ ପ୍ରଚେଷ୍ଟା କରିବା ଉଚିତ । ଏହା ନ ହେଲେ ଭଗବତ୍ କୃପା ବ୍ୟକ୍ତିଠାରୁ ଦୂରେଇ ଯାଏ । ମା'ଙ୍କ କୃପା ସମସ୍ତଙ୍କ ସକାଶେ ସମାନ । ପ୍ରତ୍ୟେକ ବ୍ୟକ୍ତି ତାଙ୍କର ସନ୍ତାନ । ତାଙ୍କର କେହି ପ୍ରିୟ ବା ଅପ୍ରିୟ ନାହିଁ । ସେ ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ସକାଶେ ଏହି ଧରାତଳକୁ ଆସିଛନ୍ତି । କାହାର ଅଭିପ୍ରେତ କାର୍ଯ୍ୟ ସିଦ୍ଧି ନ ହେଲେ ଯଦିଓ ବାହ୍ୟତଃ ତା'ର ଅନିଷ୍ଟ ଦୃଷ୍ଟିଗୋଚର ହୁଏ ତଥାପି ସେଥିରେ ତାହାର ପ୍ରକୃତରେ କଲ୍ୟାଣ ହୁଏ । ଆମାଶୟ ରୋଗୀ, କ୍ଷୁଧାର୍ତ୍ତ ଛୋଟ ଶିଶୁ, ମଇଁଷି ଦୁଧର ଖିରି ଖାଇବାକୁ ଲାଳାୟିତ ହୋଇ କ୍ରନ୍ଦନ କଲେ ମା' ତାକୁ ତାହା ଦିଏ ନାହିଁ, ତାହାର କରୁଣ କ୍ରନ୍ଦନ ନିଷ୍ଠୁର ହୃଦୟବତ୍ ସହନ କରେ । କାରଣ ସେ ଭୋଜନର କୁପରିଣାମ ସମ୍ବନ୍ଧେ ସଚେତ ଥାଏ ।

ମନୁଷ୍ୟକୁ ଯେଉଁ ଦୁଃଖ, ଦାରିଦ୍ର୍ୟ, ରୋଗ, ଶୋକ ଆଦି ଭୋଗିବାକୁ ପଡ଼େ ତାହା ତା'ର ଉନ୍ନତିରେ ସହାୟକ ହୁଏ । ମନୁଷ୍ୟକୁ ପ୍ରାରବ୍ଧ ଓ କ୍ରିୟମାଣ କର୍ମ ଭୋଗ କରିବାକୁ ହୁଏ । ପ୍ରାରବ୍ଧ ନିର୍ଦ୍ଧାରିତ ହୁଏ ସଞ୍ଚିତ କର୍ମରୁ । ପ୍ରାରବ୍ଧକୁ ସରଳ ଆଉ ଦୁର୍ବଳ କରେ କ୍ରିୟମାଣ କର୍ମ । ସଞ୍ଚିତ କର୍ମର ଅର୍ଥ ବହୁ ଜନ୍ମର ଜମା ସଞ୍ଚିତ ଥିବା କର୍ମ ଯାହା ଭୋଗ କରା ହୋଇ ନାହିଁ । ମନୁଷ୍ୟ ମୃତ୍ୟୁ ପରେ ପୃଥିବୀରେ ଜନ୍ମ ହେବା ପୂର୍ବରୁ ତା'ର ଆତ୍ମା ବା ଚୈତ୍ୟ ପୁରୁଷ ନିଜର ବିକାଶୋପଯୋଗୀ ଦୁଃଖ, ସୁଖ, ମାନ, ଅପମାନ, ରୋଗ, ନୀରୋଗ, ଦରିଦ୍ରତା, ସମୃଦ୍ଧିଶାଳିତା ଇତ୍ୟାଦି ଭୋଗ କରି ସେହି ଭୋଗ ମଧ୍ୟ ଦେଇ ନିଜର କ୍ରମବିକାଶ ମାର୍ଗରେ ଅଗ୍ରସର ହେବା ନିମିତ୍ତ ଯାହା ନିର୍ଦ୍ଧାରିତ କରେ ତାହାହିଁ ହୁଏ ଭାଗ୍ୟ – ପ୍ରାରବ୍ଧ । ଗ୍ରାମ୍ୟ ଭାଷାରେ କୁହାଯାଏ – ''କପାଳ ଲିଖନ, କେ କରିବ ଆନ ।'' ଭାଗ୍ୟର ଭୋଗ ଅନିବାର୍ଯ୍ୟ । ବଡ଼ ବଡ଼ ମହାତ୍ମା, ସଜ୍ଜନମାନଙ୍କୁ ବି ଏହା ଭୋଗ କରିବାକୁ ହୁଏ ।

ଏହି ଭାଗ୍ୟ ଗୋଟିଏ ଗଛ ସଦୃଶ । ବର୍ତ୍ତମାନ କର୍ମ ରୂପକ ଜଳ, ସାର ଓ ଯତ୍ନ ଦ୍ୱାରା ଭାଗ୍ୟ-ବୃକ୍ଷକୁ ସବଳ ଓ ଏହାର ଅଭାବରେ ଦୁର୍ବଳ କରାଯାଇପାରେ । ତଥାପି କିଛି ମାତ୍ରାରେ ଅବଶ୍ୟ ଭୋଗ କରିବାକୁ ପଡ଼େ । ଯେପରି ପ୍ରାରବ୍ଧ ଅନୁସାରେ ଆଜନ୍ମ ଉଦର ରୋଗୀ ଯଦି ଭଗବତ୍ ଉପାସନା କରେ, ନିୟମିତରୂପେ ଭୋଜନ କରେ, ନିୟମିତ ନିଦ୍ରା ଯାଏ, ନିୟମିତ ବ୍ୟାୟାମ କରେ, ତେବେ ତାହାର ଉଦର ରୋଗ ପୂରାପୂରି ଚାଲି ନ ଗଲେ ସୁଦ୍ଧା ବହୁତ କମ୍ ହୋଇଯାଏ, ଶରୀରର କାର୍ଯ୍ୟରେ କୌଣସି ବାଧା ଆସେ ନାହିଁ । ସେହି ବ୍ୟକ୍ତି କୌଣସି ଉପାୟ ନ କରି ଅଳସୁଆ ହୋଇ ପଡ଼ି ରହିଲେ ଉଦର ରୋଗ ଭୀଷଣରୁ ଭୀଷଣତର ହୋଇ ଅନ୍ୟାନ୍ୟ ବହୁ ରୋଗ ଉତ୍ପନ୍ନ କରାଏ ଏବଂ ରୋଗୀ ଶଯ୍ୟାଶାୟୀ ହୁଏ । ଏପରିକି ଆୟୁ ସମାପ୍ତ ହେବା ପୂର୍ବରୁ ମୃତ୍ୟୁ ଆସିଯାଏ । ପ୍ରାରବ୍ଧ ଅନିବାର୍ଯ୍ୟ ହେବା ସତ୍ତ୍ୱେ କ୍ରିୟମାଣ କର୍ମ ଦ୍ୱାରା ମନୁଷ୍ୟ ସେଥିରୁ ବହୁ ପରିମାଣରେ ମୁକ୍ତ ହୋଇପାରେ, କିନ୍ତୁ ପୂର୍ଣ୍ଣରୂପେ ସେଥିରୁ

ମୁକ୍ତ ହୋଇ ତାକୁ ପରିବର୍ତ୍ତନ କରିପାରେ ନାହିଁ । କେବଳ ଅତିମାନସ ଶକ୍ତି ପ୍ରାରବ୍ଧକୁ ପରିବର୍ତ୍ତନ କରିପାରେ ଏବଂ ସେଥିରୁ ପୂର୍ଣ୍ଣ ମୁକ୍ତି ଦେଇପାରେ ।

ପ୍ରଶ୍ନ : ପ୍ରାରବ୍ଧ ଭୋଗ ଅନୁସାରେ ଉଦର ରୋଗରୁ ବ୍ୟାୟାମ, ନିୟମିତ ଭୋଜନ ଇତ୍ୟାଦି ଦ୍ୱାରା ମନୁଷ୍ୟ ବହୁ ପରିମାଣରେ ମୁକ୍ତ ହୋଇପାରେ, ଏଥିରେ ଭଗବତ୍ ଉପାସନାର ଆବଶ୍ୟକତା କ'ଣ ?

ଉତ୍ତର : ଭଗବତ୍ ଉପାସନାରେ ଭଗବତ୍ କୃପାଶକ୍ତି ମନୁଷ୍ୟର କ୍ରିୟମାଣ କର୍ମରେ ସାହାଯ୍ୟ କରେ, ପ୍ରାରବ୍ଧ ଶକ୍ତିକୁ କ୍ଷୀଣ କରେ । ମନ, ପ୍ରାଣର ବହୁତ ପ୍ରଭାବ ପଡ଼େ ଶରୀରର ସୁସ୍ଥତା ଉପରେ । ମନୁଷ୍ୟର ହତାଶା, ଉଦାସୀନତା, ହତୋତ୍ସାହତା, ଚିନ୍ତା ଓ ରୋଗର ପ୍ରଭାବ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ଅସୁସ୍ଥ କରିଦିଏ, ଅସୁସ୍ଥତାକୁ ଅଧିକ ବୃଦ୍ଧି କରେ । ଏହାର ବିପରୀତ ପ୍ରସନ୍ନଚିତ୍ତତା, ଉତ୍ସାହ, ପ୍ରଫୁଲ୍ଲତା, ଦୟା, କରୁଣା ଆଦି ସ୍ୱାସ୍ଥ୍ୟର ଉନ୍ନତି କରେ । ଏହିସବୁ ଦିବ୍ୟଗୁଣ, ଦିବ୍ୟଭାବ ଆସେ ଭଗବାନଙ୍କ ଉପାସନାରେ । ସ୍ୱାସ୍ଥ୍ୟବାନ୍ ହେବା ସକାଶେ ଭଗବତ୍ ଉପାସନା ଅତ୍ୟନ୍ତ ଆବଶ୍ୟକ । ଏହାଛଡ଼ା ଭଗବାନଙ୍କୁ ଉପାସନା କଲେ ତାଙ୍କ ଶକ୍ତି ସାହାଯ୍ୟ କରେ । ଯଦି ଭଗବାନଙ୍କୁ ଶରୀର ସମର୍ପଣ କରିବାକୁ ସଂକଳ୍ପ କରାହୁଏ, ଭଗବତ୍ ଶକ୍ତିକୁ ଆବାହନ କରାହୁଏ, ତେବେ ଭଗବତ୍ ଶକ୍ତି ଅବତରଣ କରି ରୋଗ ଦୂର କରେ ।

ପ୍ରଶ୍ନ : ଯେଉଁମାନେ ଅଧ୍ୟାତ୍ମ ସାଧକ ନୁହନ୍ତି, ସେମାନଙ୍କର ସ୍ୱାସ୍ଥ୍ୟ କ'ଣ ଖରାପ ?

ଉତ୍ତର : ଯେଉଁମାନଙ୍କର ସ୍ୱାସ୍ଥ୍ୟ ଠିକ୍ ଅଛି, ସେମାନଙ୍କ ସମ୍ବନ୍ଧରେ ଏଠାରେ ଆଲୋଚନା ହେଉ ନାହିଁ, ଆଲୋଚନା ହେଉଛି ପ୍ରାରବ୍ଧ ଅନୁସାରେ ଯେଉଁମାନେ ରୋଗଗ୍ରସ୍ତ ହୋଇଛନ୍ତି ଅଥବା କୌଣସି ବିପଦ୍‌ଗ୍ରସ୍ତ ହୋଇଛନ୍ତି । ସେମାନେ କର୍ମ କରି ଆଉ ଅଧ୍ୟାତ୍ମ ସାଧନା କରି ସେଥିରୁ ବହୁତ ପରିମାଣରେ ମୁକ୍ତ ହୋଇ ପାରନ୍ତି ।

ଉନ୍ମୀଳନ

ପ୍ରଶ୍ନ : ଉନ୍ମୀଳନ (Opening)ର ଅର୍ଥ କ'ଣ ?

ଉତ୍ତର : ମା'ଙ୍କ ପ୍ରତି ବିଶ୍ୱାସ, ଭରସା, ଶ୍ରଦ୍ଧା ରଖିବାର ଅର୍ଥ ହେଲା ଉନ୍ମୀଳିତ ହେବା । ଏହି ଅବସ୍ଥାରେ ମା'ଙ୍କ ଶକ୍ତି କାମ କରିପାରେ । ଅବିଶ୍ୱାସ, ସନ୍ଦେହ, ଭୟ, କାତରତା ଇତ୍ୟାଦି ମା'ଙ୍କ ଶକ୍ତି ପ୍ରତି ଖୋଲି ରଖିବାର ବିପରୀତ । ଏହା ମା'ଙ୍କ ଶକ୍ତିର ମାର୍ଗ ରୁଦ୍ଧ କରେ ।

ପ୍ରଶ୍ନ : ମା'ଙ୍କ ଶକ୍ତି କ'ଣ ବ୍ୟକ୍ତି-ସତ୍ତାକୁ ଉନ୍ମୀଳିତ କରେ କିଂବା ଖୋଲିପାରେ ନାହିଁ ?

ଉତ୍ତର : କରିପାରେ । ମା'ଙ୍କୁ ପ୍ରାର୍ଥନା କଲେ, ଉନ୍ମୀଳନ ସକାଶେ ଅଭୀପ୍ସା କଲେ, ବ୍ୟକ୍ତିର ଆଧାର ଉନ୍ମୀଳିତ ହୁଏ; ଶ୍ରଦ୍ଧା ଭକ୍ତି ଜନ୍ମେ ।

ପ୍ରଶ୍ନ : ସ୍ପଷ୍ଟଭାବେ କହନ୍ତୁ – ଦୁଃଖକଷ୍ଟ, ବିପଦ ଆପଦରୁ ରକ୍ଷା ହେବା ସକାଶେ ମା'ଙ୍କ ଶକ୍ତି ପ୍ରତି ଉନ୍ମୀଳନର ଆବଶ୍ୟକତା କ'ଣ ?

ଉତ୍ତର : ଅନ୍ୟ ଉପାୟରେ ବ୍ୟକ୍ତିର ଦୁଃଖ, କଷ୍ଟ, ବିପଦ, ଆପଦ, ରୋଗ, ଶୋକ କିଛି ପରିମାଣରେ ଦୂର ହୋଇପାରେ କିନ୍ତୁ ସ୍ଥାୟିଭାବେ ବ୍ୟକ୍ତି ସେଥିରୁ ମୁକ୍ତ ହୋଇ ପାରେ ନାହିଁ । ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୁଏ ବ୍ୟକ୍ତିର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବାରେ । ଏହା ହୁଏ ଉନ୍ମୀଳନ ଦ୍ୱାରା । ଏହି କାରଣରୁ ଉନ୍ମୀଳନ ଆବଶ୍ୟକ ।

ଦୁଃଖ, କଷ୍ଟ, ବିପଦ, ଆପଦ, ରୋଗ-ଶୋକ ଯଦ୍ୟପି ମନୁଷ୍ୟର କର୍ମଫଳ ଭୋଗ ଏବଂ ଅପ୍ରିୟ ଓ ଦୁଃଖଦାୟକ, ତଥାପି ଏହା କେବଳ ମନୁଷ୍ୟକୁ ଦଣ୍ଡଦେବାକୁ ଆସେ ନାହିଁ । ଏହି ଦୁଃଖ, କଷ୍ଟ ମଧ୍ୟରେ ମନୁଷ୍ୟର ଆଧାର କିଛି ପରିମାଣରେ ଶୁଦ୍ଧ ହୁଏ, ଚେତନାର କିଛି ଅଂଶ ବିକଶିତ ହୁଏ । ମନୁଷ୍ୟର କ୍ରମବିକାଶ ମାର୍ଗରେ ବାଧା-ବିପତ୍ତି ମନୁଷ୍ୟକୁ ଅଗ୍ରସର କରାଏ । ଅହଂ, ସ୍ୱାର୍ଥାଦି ଦୋଷ କିଛି ପରିମାଣରେ କମ୍ କରେ । କ୍ରମବିକାଶରେ ବାଧା-

ବିପତ୍ତି ସାହାଯ୍ୟ କରେ । ମା'ଙ୍କ ପ୍ରତି ନିଜକୁ ଖୋଲି ଧରି ଶ୍ରଦ୍ଧା, ବିଶ୍ୱାସ ରଖିଲେ ମା'ଙ୍କ ଶକ୍ତି ବାଧା-ବିପତ୍ତି, ରୋଗ-କଷ୍ଟ ଦୂର କରେ ଏବଂ ବାଧା-ବିପତ୍ତି ଦ୍ୱାରା ମନୁଷ୍ୟର ଯେଉଁ ଉନ୍ନତି ହୋଇଥାଆନ୍ତା ତାହା ମଧ୍ୟ କରିଦିଏ ।

ପ୍ରତ୍ୟେକ ମନୁଷ୍ୟ ଏହି ବିକାଶ-ମାର୍ଗରେ ଦୁଃଖକଷ୍ଟ ଓ ସୁଖ ମଧ୍ୟ ଦେଇ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଗତି କରୁଅଛନ୍ତି । ଏଥିରେ ବହୁ ଅସାଧାରଣ ଦୁଃଖ-ଯନ୍ତ୍ରଣା ଭୋଗ କରିବାକୁ ପଡୁଅଛି ଏବଂ ଅକଳନ, ଆଶାତୀତ ସମୟ ଲାଗୁଅଛି । ଯୋଗ-ସାଧନାରେ ଭାଗବତୀ ଶକ୍ତି କାର୍ଯ୍ୟ କରନ୍ତି । ସାଧକ କୋଟି କୋଟି ଜନ୍ମର ବିକାଶକୁ ଗୋଟିଏ ଜନ୍ମରେ ପୂର୍ଣ୍ଣ କରି ଲକ୍ଷ୍ୟରେ ପହୁଞ୍ଚେ । ଏହି କାରଣରୁ ପ୍ରତ୍ୟେକ ବ୍ୟକ୍ତି ସକାଶେ ଭଗବାନଙ୍କ ପ୍ରତି ଉନ୍ମୀଳନ ବା ଯୋଗ କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ ।

ଯେଉଁମାନେ ସାଧନା ନ କରି ବିବର୍ତ୍ତନ ମାର୍ଗରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଅଛନ୍ତି, ସେମାନେ ବହୁତ ଜନ୍ମ ସୁଖ, ଦୁଃଖ ଭୋଗ କରନ୍ତି । ତାଙ୍କ ହୃଦୟ କ୍ରମଶଃ ଶୁଦ୍ଧ ହେବାପରେ ସେମାନେ ଏହି ରହସ୍ୟ ବୁଝି ପାରନ୍ତି ଏବଂ ଦିନେ ସଚେତ ହୋଇ ସାଧନାରେ ପ୍ରବୃତ୍ତ ହୁଅନ୍ତି । ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ଯେଉଁ ବିକାଶ ହୋଇଛି ତାହା ପ୍ରକୃତି ଦ୍ୱାରା ଚାଳିତ ହୋଇଛି । ବର୍ତ୍ତମାନ ମନୁଷ୍ୟର ମନ ଓ ବୁଦ୍ଧି ଅଛି; ସେହି କାରଣରୁ ଦୁଃଖକଷ୍ଟ ଭୋଗରେ ପ୍ରକୃତି ତାକୁ ସଚେତ କରାଇବ ଏବଂ ଯଥାର୍ଥ ମାର୍ଗରେ ଗତି କରିବାକୁ ବାଧ କରିବ ।

ପ୍ରଶ୍ନ : ରୋଗ, ଦୁଃଖ, କଷ୍ଟ ଦୂର କରିବାକୁ ଗୋଟିଏ ସର୍ତ୍ତ – ଉନ୍ମୀଳନ(Opening) ରଖୁଛନ୍ତି; ଆପଣଙ୍କ କଥାର ତାତ୍ପର୍ଯ୍ୟ ଏହି ଯେ ଉନ୍ମୀଳନ ନ ହେଲେ ଦୁଃଖ ଏବଂ କଷ୍ଟ ଦ୍ୱାରା ମନୁଷ୍ୟର ଯେଉଁ ବିକାଶ ହେବାର କଥା, ସେ କାର୍ଯ୍ୟ ମା'ଙ୍କ ଶକ୍ତି କରିପାରେ ନାହିଁ । କିନ୍ତୁ କେତେକ ସନ୍ଥ, ମହାତ୍ମା ତ' ଏପରି ସର୍ତ୍ତ ରଖନ୍ତି ନାହିଁ । କେତେ ଲୋକଙ୍କ ରୋଗ ଦୂର କରି ଦିଅନ୍ତି, ମୋକଦ୍ଦମାରେ ଜିତେଇ ଦିଅନ୍ତି, ଏହାର କାରଣ କ'ଣ ?

ଉତ୍ତର : ବ୍ୟକ୍ତିଗତ ରୂପେ କେଉଁ ମହାତ୍ମା କିପରି କରନ୍ତି, ତାହାର ବିଚାର ଏଠାରେ କରାହେଉ ନାହିଁ । ଏଠାରେ ବିଚାର କରାହେଉଛି ସିଦ୍ଧାନ୍ତର ବିଷୟ । ଅଧ୍ୟାତ୍ମ ମାର୍ଗରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତି ଏବଂ ଲକ୍ଷ୍ୟରେ ପହଞ୍ଚିବାର ବହୁ ପୂର୍ବରୁ ସାଧକକୁ ଶକ୍ତି ପ୍ରାପ୍ତ ହୁଏ । ସେ ଯଦି ଭଗବତ୍ ପ୍ରେରଣାରୁ ବଞ୍ଚିତ ଥାଏ, ସମର୍ପଣର ଆଶ୍ରୟ ନ ନେଇଥାଏ, ଅଧ୍ୟାତ୍ମ ରହସ୍ୟ ସମ୍ବନ୍ଧରେ ଅନଭିଜ୍ଞ ଥାଏ, ତେବେ ସେ ଭଗବତ୍ ପ୍ରାପ୍ତ ଶକ୍ତିକୁ ଦୁରୁପଯୋଗ କରିପାରେ । ନିଜର ସ୍ୱାର୍ଥ, ନାମ, ଯଶଃ ଅଥବା ବ୍ୟକ୍ତିର କରୁଣକାତର ପ୍ରାର୍ଥନାରେ ଭଗବତ୍-ଦତ୍ତ ଶକ୍ତି ପ୍ରୟୋଗ କରି ତା'ର ରୋଗ ଦୂର କରେ, ବିପଦରୁ ରକ୍ଷାକରେ କିଂବା ଅନ୍ୟ କୌଣସି ପ୍ରକାର ସାହାଯ୍ୟ କରିପାରେ । କିନ୍ତୁ ଏହି ଦୁଃଖକଷ୍ଟ, ରୋଗ, ବିପଦ ଦ୍ୱାରା ତାହାର ସତ୍ତାର ଯେଉଁ ଶୁଦ୍ଧି ହୋଇଥାଆନ୍ତା ତାହା କରିପାରେ ନାହିଁ । ଅହଂ, ସ୍ୱାର୍ଥ, ଈର୍ଷା ଇତ୍ୟାଦି ଦୁର୍ଗୁଣର କିଛିମାତ୍ର ପରିବର୍ତ୍ତନ ହୁଏ ନାହିଁ, ବରଂ ବୃଦ୍ଧି ପାଏ । ଶକ୍ତି ପ୍ରୟୋଗ କରିବା ବ୍ୟକ୍ତିର ଏବଂ ଦୁଃଖ, କଷ୍ଟରୁ ମୁକ୍ତ ହେବା ବ୍ୟକ୍ତିର – ଏହି ଉଭୟଙ୍କର ବହୁତ ଅନିଷ୍ଟ ହୁଏ । ଯେପରି ଅଭିଜ୍ଞ ବୈଦ୍ୟ ଜ୍ୱରର କାରଣ ଉଦରର ମଳ ବୃଦ୍ଧି ବୋଲି ନ ଜାଣି ଔଷଧ ଦ୍ୱାରା ଜ୍ୱର ଦୂର କଲେ ପରିଣାମରେ ବ୍ୟକ୍ତିର ସମସ୍ତ ଶରୀରରେ କାଛୁକୁଣ୍ଡିଆ ଇତ୍ୟାଦି ଭୀଷଣ ଚର୍ମ ରୋଗ ଉତ୍ପନ୍ନ ହୁଏ । ଠିକ୍ ସେହିପରି ଏହିସବୁ ରୋଗ, ଦୁଃଖ ଦୂର କରିବା ବା ମୋକଦ୍ଦମାରେ ଜିତେଇ ଦେବା ଇତ୍ୟାଦି ।

ପ୍ରଶ୍ନ : ଯଦି କେହି ମା'ଙ୍କ ପ୍ରତି ଉନ୍ମୀଳିତ ହୁଏ, ସେ କ'ଣ ଯାହା ଚାହେଁ ତାହା ପାଇପାରେ ?

ଉତ୍ତର : ନା, ଏପରି ହୁଏ ନାହିଁ । ଯଦି ବ୍ୟକ୍ତିର ଇଚ୍ଛା ଅର୍ଥାତ୍ ଚାହିଁବା ବରାବର ପୂର୍ଣ୍ଣ ହୋଇ ଚାଲେ, ତେବେ ସେ ମନୁଷ୍ୟ ନ ରହି ଦୈତ୍ୟରେ ପରିଣତ ହୁଏ । ତା'ର ଅହଂ ଆଉ ନୂତନ କାମନା-ବାସନା ବୃଦ୍ଧି ପାଉଥାଏ । ଏହି କାରଣରୁ ଚାହିଁବା ସର୍ବଦା ପୂର୍ଣ୍ଣ ହୁଏ ନାହିଁ ।

ଯଥାର୍ଥରେ ମନୁଷ୍ୟର ସମସ୍ତ ସତ୍ତା ମା'ଙ୍କ ତରଫକୁ ଖୋଲିଗଲେ ତାହା ମଧ୍ୟରୁ କାମନା-ବାସନାର ଉତ୍ପତ୍ତି ହୁଏ ନାହିଁ, ସେ ଚାହେଁ କେବଳ ତା' ମଧ୍ୟରେ ଭଗବତ୍ ସଂକଳ୍ପ କାର୍ଯ୍ୟକରୁ, ପୂର୍ଣ୍ଣ ହେଉ । ପ୍ରଥମରେ ମନୁଷ୍ୟ ମଧ୍ୟରୁ କୌଣସି ଗୋଟିଏ ଅଂଶ ଖୋଲେ ଏବଂ ତାହାରି ମଧ୍ୟଦେଇ ଭାଗବତୀ ଶକ୍ତି କାର୍ଯ୍ୟ କରେ । ଅନ୍ୟ ଅଂଶମାନ ଦୋଷଦୁଃଟି

ଏବଂ କାମନା-ବାସନାରେ ପୂର୍ଣ୍ଣ ଥାଏ । ନିୟମିତରୂପେ ସାଧନା କରିବାରେ କ୍ରମଶଃ ଅନ୍ୟାନ୍ୟ ଅଂଶ ଉଦ୍‌ଘାଟିତ ହୁଏ, ଭାଗବତୀ ଶକ୍ତି ଦ୍ୱାରା ଶୁଦ୍ଧ ହୁଏ । ଯେପର୍ଯ୍ୟନ୍ତ ମନୁଷ୍ୟର କାମନା-ବାସନାରୁ ବସ୍ତୁ-ପ୍ରାପ୍ତିର ଚାହିଦା ହୁଏ, ସେପର୍ଯ୍ୟନ୍ତ ମା' ସେହି ଚାହିଦା ପୂର୍ଣ୍ଣ କରନ୍ତି ନାହିଁ, ତାହାର ଆତ୍ମା-ବିକାଶ ସକାଶେ ଯାହା ଆବଶ୍ୟକ, ଯାହା ସହାୟକ, ତାହାହିଁ ଦିଅନ୍ତି ।

ବ୍ୟକ୍ତିଗତ ଦୋଷତ୍ରୁଟି ଓ ଭଗବତ୍ କୃପା

ପ୍ରଶ୍ନ : ଦେଖାଯାଏ, ଯାହାର ସମସ୍ତ ପ୍ରକାର ଉପାୟ ବ୍ୟର୍ଥତାରେ ପରିଣତ ହୋଇଛି, ସେ ନିରୁପାୟ ହୋଇ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାରୁ ତାଙ୍କର ବ୍ୟବସାୟ ଭଲଭାବେ ଚଳୁଅଛି । କୌଣସି ବ୍ୟକ୍ତିଙ୍କର ଚାକିରିରେ ଗୋଳମାଳ ହେଲେ ସେ ମା'ଙ୍କ ଆଶୀର୍ବାଦ ଚାହୁଁଛନ୍ତି, କୌଣସି ରାଜନୀତିଜ୍ଞ ବ୍ୟକ୍ତି ଉଚ୍ଚପଦ ପ୍ରାପ୍ତ କରିବାକୁ ମା'ଙ୍କ ଆଶୀର୍ବାଦ କାମନା କରୁଛନ୍ତି । ବିଦ୍ୟାର୍ଥୀମାନେ ପରୀକ୍ଷାରେ ପାସ୍ କରିବାକୁ ମା'ଙ୍କ ପାଖକୁ ପତ୍ର ଲେଖୁଛନ୍ତି । ରୋଗୀମାନେ ରୋଗମୁକ୍ତ ହେବାକୁ ପ୍ରାର୍ଥନା କରୁଛନ୍ତି । ଏହିପରି କାମନା ପୂର୍ଣ୍ଣ ହେବାରେ ତାହା ଅଧିକରୁ ଅଧିକ ବଢ଼ିବ, ଲୋକେ ଆଧ୍ୟାତ୍ମିକତା ଭୁଲିଯିବେ । ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେବା ପରିବର୍ତ୍ତେ କାମନା, ବାସନା ଉତ୍ପନ୍ନ ହେବ, ଅନ୍ୟାୟ ବଢ଼ିବ ବୋଲି କେତେକ ବ୍ୟକ୍ତି ଅନୁମାନ କରୁଅଛନ୍ତି । ଏହାର ଯଥାର୍ଥ ରହସ୍ୟ କ'ଣ ?

ଉତ୍ତର : ଏହାର ଯଥାର୍ଥ ରହସ୍ୟ ହେଲା, ପୃଥିବୀରେ ଅସତ୍ୟ, ଅନ୍ୟାୟ ବୃଦ୍ଧି ହେବା ପରିବର୍ତ୍ତେ ବ୍ୟକ୍ତି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବାର ଗୋଟିଏ ସହଜ ସୁଯୋଗ ପାଇବ ।

ସାଧାରଣତଃ ବ୍ୟକ୍ତି ଅଜ୍ଞାନ ଏବଂ ମୋହଗ୍ରସ୍ତ ହୋଇ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଭୁଲି କାମନା, ବାସନା ପୂର୍ଣ୍ଣ କରିବାରେ ବ୍ୟସ୍ତ ଥାଏ । ଏହି କାମନା, ବାସନାର ଦୃଢ଼ ଆବରଣ ଯୋଗୁଁ ବ୍ୟକ୍ତି ଆଧାରରେ ଭଗବତ୍ କୃପା ପ୍ରବେଶର ମାର୍ଗ ରୁଦ୍ଧ ହୋଇଥାଏ । ଏହି କାରଣରୁ ବ୍ୟକ୍ତି ସଂସାର ବିଷୟ ଛଡ଼ା ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସମ୍ବନ୍ଧେ ବିଚାର ବା ଧାରଣା କରିପାରେ ନାହିଁ । ଭଗବାନଙ୍କ ଅହେତୁକୀ କୃପାରୁ ଯଦି ସେ କାମନା-ବାସନା ପୂର୍ଣ୍ଣ କରିବା ସକାଶେ ଭଗବାନଙ୍କ ଆଶ୍ରୟ ନିଏ, ତେବେ ତା ଆଧାରରେ ଭଗବତ୍ ବିଶ୍ୱାସ, ଭଗବତ୍ କୃପା ପ୍ରବେଶ ସକାଶେ ଗୋଟିଏ ଦ୍ୱାର ଉନ୍ମୁକ୍ତ ହୋଇଯାଏ । ସେହି ଦ୍ୱାର ମଧ୍ୟ ଦେଇ ଭଗବତ୍ ବିଶ୍ୱାସ ଏବଂ କୃପା ପ୍ରବେଶ କରି ତା' ଆଧାରରେ ପ୍ରକାଶ କରି ଦିଅନ୍ତି । ସେହି ପ୍ରକାଶରେ ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୁଏ ଏବଂ କ୍ରମଶଃ ମୋହ, ମାୟା, ଅଜ୍ଞାନ, କାମନା, ବାସନାରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ । କେହି ଶୀଘ୍ର ସଚେତ ହୁଏ, କାହାର ସଚେତ ହେବାରେ ବହୁତ ବିଳମ୍ବ ହୋଇପାରେ । ଏହା ନିର୍ଭର କରେ ବ୍ୟକ୍ତିର ନିଷ୍କପଟ ନିଷ୍ଠା ଉପରେ । ଏହି ସୁଯୋଗ ଅଧିକରୁ ଅଧିକ ପ୍ରାପ୍ତ ହୁଏ ଭଗବାନ୍ ସତ୍ୟ-ପ୍ରତିଷ୍ଠା କରିବା ସକାଶେ ଏହି ପୃଥିବୀକୁ ଆସିଲେ । ଏହି ସୁଯୋଗ ପାଇ ଯେଉଁମାନେ କେବଳ ବାସନା, କାମନା ପୂର୍ଣ୍ଣ କରିବାରେ ଲାଗିପଡ଼ି ଭଗବାନଙ୍କୁ ଭୁଲି ଯାଆନ୍ତି, ସେମାନେ ଅମୂଲ୍ୟ ସୁଯୋଗ ହରାଇ ମହାନ୍ ଦୁଃଖ-କଷ୍ଟକୁ ବରଣ କରନ୍ତି ।

ସଂସାରରେ ଅଧ୍ୟାତ୍ମ ଅତିମାନସ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା' ଏହି ସଂସାରକୁ ଆସିଅଛନ୍ତି । ଏହି ସତ୍ୟ ପ୍ରତିଷ୍ଠିତ ହେବ ବ୍ୟକ୍ତି ମଧ୍ୟରେ । ସଂସାରରେ ଯେପର୍ଯ୍ୟନ୍ତ ମନ, ପ୍ରାଣ, ଶରୀର ଦିବ୍ୟତ୍ୱରେ ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇ ନ ଥାଏ, ସେପର୍ଯ୍ୟନ୍ତ ସାଧାରଣ ସମସ୍ତ ବ୍ୟକ୍ତି ତଥା ସଜ୍ଜ ମହାତ୍ମାଙ୍କ ମଧ୍ୟରେ ବି ଦୋଷ ତ୍ରୁଟି ରହିଥାଏ । କାରଣ ଦୋଷତ୍ରୁଟିର ଉତ୍ସ ଅବଚେତନା । ଲୋମଶ ଚିରଜୀବୀ ମହାନ୍ ଋଷି ଯେ କି ଗୋଟିଏ ଇନ୍ଦ୍ରର ନାଶ ହେବାପରେ ଗୋଟିଏ ଲୋମ ଉପାଡ଼ନ୍ତି, ସେ ବି କାକଭୁଶୁଣ୍ଡୀଙ୍କ ଉତ୍ତର-ପ୍ରତ୍ୟୁତ୍ତରରେ କ୍ରୋଧର ଅଧୀନ ହୋଇ କାକଭୁଶୁଣ୍ଡୀଙ୍କୁ ଶାପ ଦେଇଥିଲେ । ଦୁର୍ବାସାଙ୍କ କୋପ ତ' ପ୍ରସିଦ୍ଧ, ବିଶ୍ୱାମିତ୍ରଙ୍କ ଚରିତ ପ୍ରାୟ ବହୁ ବ୍ୟକ୍ତି ଜାଣନ୍ତି । ଯଦି ସକାମ, ଦୋଷତ୍ରୁଟିଯୁକ୍ତ ବ୍ୟକ୍ତିଙ୍କୁ ମା' ଅତିମାନସ ଯୋଗର ଅନୁପଯୁକ୍ତ ମନେକରି କେବଳ ନିର୍ଦୋଷ, ଶୁଦ୍ଧ ବ୍ୟକ୍ତିଙ୍କୁ ଖୋଜନ୍ତି

ତେବେ ତାଙ୍କୁ ଏପରି ବ୍ୟକ୍ତି ଗୋଟିଏ ମଧ୍ୟ ମିଳିବେ ନାହିଁ କି ତାଙ୍କର ଅତିମାନସ ସତ୍ୟ-ସ୍ଥାପନ କାର୍ଯ୍ୟ ପୃଥିବୀରେ ହୋଇ ପାରିବ ନାହିଁ । ପ୍ରଶ୍ନ-କର୍ତ୍ତା କ'ଣ ନିଜ ମଧ୍ୟରେ କେବେ ଦୃଷ୍ଟିପାତ କରିଛନ୍ତି ? ନିଜ ସମ୍ବନ୍ଧେ କେବେ ବିଚାର କରିଛନ୍ତି ? ନିଜ ସମ୍ବନ୍ଧେ ବିଚାର କରିଥିଲେ ଏହି ପ୍ରଶ୍ନର ସମାଧାନ କରି ପାରିଥାଆନ୍ତେ ।

ଭଗବାନ୍ କେବେ ମନୁଷ୍ୟର ଦୋଷଟୁଟିକୁ ଦେଖି ତାକୁ ତ୍ୟାଗ କରନ୍ତି ନାହିଁ । ଯଦି ଭଗବାନ୍ ମନୁଷ୍ୟର ଦୋଷଟୁଟି ଦେଖନ୍ତେ, ତେବେ ମନୁଷ୍ୟ କେବେ ବି ଉଦ୍ଧାର ହୋଇ ପାରନ୍ତା ନାହିଁ । ଭଗବାନ୍ ଚାହାନ୍ତି କେବଳ ଭାବ, ସେହି ଭାବ ଦ୍ୱାରା ତା' ମଧ୍ୟରେ ପ୍ରବେଶ କରି ତାହାର ସମସ୍ତ ଦୋଷ, ପାପକୁ ଦୂର କରି ଦିଅନ୍ତି । ଭଗବାନଙ୍କ ଆଗମନର ରାସ୍ତା ଖୋଲିବା ସକାଶେ ଯଦି ମନୁଷ୍ୟର ସାମର୍ଥ୍ୟ ନ ଥାଏ, ତେବେ ବି ଭଗବାନ୍ ଅପେକ୍ଷା କରି ତା' ଦ୍ୱାରରେ ଛିଡ଼ା ହୋଇ ରହନ୍ତି । ରାସ୍ତା ଖୋଲିବାରେ ସାହାଯ୍ୟ ପାଇଁ ଯଦି ସେ ଡାକେ, ତେବେ ଭଗବାନ୍ ଅବିଳମ୍ବେ ଦୌଡ଼ି ଯାଇ ସାହାଯ୍ୟ କରନ୍ତି । ମନୁଷ୍ୟ ଯଦି ନ ଚାହେଁ ତେବେ ସେ ବର୍ଷ ବର୍ଷ ଧରି ତା' ଦ୍ୱାରରେ ଅପେକ୍ଷା କରି ଛିଡ଼ା ହୋଇ ରହନ୍ତି ।

ଅଜାମିଳ ବାଲ୍ୟାବସ୍ଥାରେ ଭଗବାନଙ୍କୁ ଉପାସନା କରିଥିଲା । ପରେ ତାହାର ଏପରି ପତନ ହେଲା ଯାହା ମନୁଷ୍ୟ ମନରେ କଳ୍ପନା କରିବା ସମ୍ଭବ ନୁହେଁ । ଦୁରାଚାରୀର ଚୂଡ଼ାନ୍ତ ଆଦର୍ଶ । ଏପରି ଅବସ୍ଥାରେ ଭଗବାନ୍ ତାକୁ ଛାଡ଼ି ନ ଥିଲେ । ତା' ଡାକକୁ ଅପେକ୍ଷା କରି ବସିଥିଲେ । ସେ କେବେ ବି ସଚେତ ହେଲା ନାହିଁ । କେବଳ ମୃତ୍ୟୁଭୟରେ ପୁତ୍ରନାମ ବାହାନାରେ ନାରାୟଣ ଶବ୍ଦ କହିବାରୁ ଭଗବାନଙ୍କ ସକାଶେ ଦ୍ୱାର ଉନ୍ମୁକ୍ତ ହୋଇଗଲା, ସେ ତାକୁ ରକ୍ଷା କଲେ, ମୃତ୍ୟୁମୁଖରୁ ବଞ୍ଚାଇ ଦେଲେ । ପରେ ସେ ତପସ୍ୟା କରି ଭଗବାନଙ୍କୁ ପ୍ରାପ୍ତ ହେଲା । ଜଗାଇ ଓ ମାଧାଇଙ୍କ ଚରିତ୍ର ପ୍ରାୟ ସମସ୍ତେ ଜାଣନ୍ତି, କିନ୍ତୁ ଏହାର ଅର୍ଥ ଏପରି ନୁହେଁ ଯେ ମନୁଷ୍ୟ ଇଚ୍ଛା ଅନୁସାରେ ଅନ୍ୟାୟ କରିବ, ଆଉ ଆଶା ରଖିବ – ''ଅଜାମିଳ ପରି ମୋତେ ବି ଭଗବାନ୍ ଉଦ୍ଧାର କରିବେ ।''

ମନୁଷ୍ୟ କେତେ ବଡ଼ ପାପୀ, ଅପରାଧୀ ହୋଇଥାଉ, ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ସେ ଯଦି ଭଗବାନଙ୍କ ପ୍ରତି ଉନ୍ମୁକ୍ତ ହୁଏ, ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହେଁ, ତେବେ ଭଗବାନ୍ ତା'ର ଦୋଷଟୁଟିକୁ ନ ଦେଖି ତାକୁ ଶରଣରେ ନେଇ ନିଅନ୍ତି ଆଉ ତାକୁ ସାହାଯ୍ୟ କରନ୍ତି । ସେ ଭଗବାନଙ୍କ କୃପାଶକ୍ତି ଆଶ୍ରୟରେ କ୍ରମଶଃ ଦୋଷଟୁଟିରୁ ମୁକ୍ତ ହୋଇ ଭକ୍ତ ହୋଇଯାଏ ।

ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ॥
କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ॥
ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ୟେଽପି ସ୍ୟୁଃ ପାପୟୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ୟାନ୍ତି ପରାଂ ଗତିମ୍ ॥

(ଗୀତା - ୯/୩୦-୩୨)

ଜୌଂ ନର ହୋଇ ଚରାଚର ଦ୍ରୋହୀ
ଆବୈ ସଭୟ ସରନ ତକି ମୋହୀ
ତଜି ମଦ ମୋହ କପଟ ଛଳ ନାନା
କରାଉଁ ସଦ୍ୟ ତେହି ସାଧୁ ସମାନା ॥

(ତୁଳସୀକୃତ ରାମାୟଣ, ସୁନ୍ଦର କାଣ୍ଡ)

ଉପରୋକ୍ତ ଗୀତା, ରାମାୟଣର ଭାବାର୍ଥ : ଅତିଶୟ ପାପୀ, ସ୍ତ୍ରୀ, ଶୂଦ୍ର ଅତ୍ୟନ୍ତ ଦୁରାଚାରୀ ମୋର ଶରଣାଗତ ହୋଇ ଅନନ୍ୟ ଭାବରେ ମୋତେ ଭଜନ କଲେ ମୁଁ ତାକୁ ସମସ୍ତ ପାପରୁ ମୁକ୍ତ କରି ସାଧୁ ତୁଲ୍ୟ ସ୍ୱୀକାର କରିନିଏ । ଗୀତାରେ 'ଅନନ୍ୟ' ଶବ୍ଦ ଓ ରାମାୟଣରେ ''ତଜି ମଦ ମୋହ, କପଟ, ଛଳ ନାନାର ଅର୍ଥ ହେଲା – ତାକୁ ନାନା ପ୍ରକାରର ମଦ, ମୋହ, କପଟ, ଛଳ, ତ୍ୟାଗ କରିବାକୁ ହୁଏ । ଏହିସବୁ ତ୍ୟାଗ କଲେ ସେ ଅନନ୍ୟ ଭକ୍ତି କରିପାରେ । ସାଧାରଣତଃ ମନୁଷ୍ୟର ଜୀବନ ଯଦି ସୁଖ ସ୍ୱଚ୍ଛନ୍ଦରେ ଚାଲୁଥା'ନ୍ତା ତେବେ କେହି ବି ଭଗବାନଙ୍କ ଶରଣ ଚାହୁଁ ନ ଥା'ନ୍ତେ । କିନ୍ତୁ ସୃଷ୍ଟିର ବିଧାନ ସୁଖ-ଦୁଃଖ ମିଶ୍ରିତ । ମନୁଷ୍ୟ ଉପରେ ବିପଦ ଆସିଲେ ସେ ସେଥିରୁ ମୁକ୍ତ ହେବାକୁ ନିଜ ଶକ୍ତି ସାମର୍ଥ୍ୟ ପ୍ରୟୋଗ କରେ । ସେଥିରେ ବିଫଳ ହେଲେ କେବେ କେବେ କେହି ଭଗବାନଙ୍କ ଆଶ୍ରୟ ନିଏ ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥
(ଗୀତା – ୭/୧୬)

ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ, ଜ୍ଞାନୀ – ଏହି ଚାରି ଶ୍ରେଣୀର ଭକ୍ତ ହୁଅନ୍ତି ।

ଜାନା ଚହିଁହିଁ ଗୂଢ଼ଗତି ଜେଉ । ନାମ ଜୀହଁ ଜପି ଜାନହିଁ ଡେଉ ॥
ସାଧକ ନାମ ଜପହିଁ ଲୟ ଲାଏଁ । ହୋହିଁ ସିଦ୍ଧ ଅନିମାଦିକ ପାଏଁ ॥
ଜପହିଁ ନାମ ଜନ ଆରତ ଭାରୀ । ମିଟହିଁ କୁସଂକଟ ହୋହିଁ ସୁଖାରୀ ॥
ରାମ ଭଗତ ଜଗ ଚାରି ପ୍ରକାରା । ସୁକୃତି ଚାରିଓ ଅନଘ ଉଦାରା ॥
ଚହୂ ଚତୁର କହୁଁ ନାମ ଅଧାର । ଜ୍ଞାନୀ ପ୍ରଭୁହିଁ ବିଶେଷ ପିୟାରା ॥
(ତୁଳସୀ ରାମାୟଣ)

ମନୁଷ୍ୟ ବିପଦରୁ ଉଦ୍ଧାର ପାଇବା ଓ ତା'ର ଆବଶ୍ୟକ କାମନାବାସନା ତୁଷ୍ଟି କରିବା ସକାଶେ ଭଗବତ୍ ଶରଣ ନେବା ଅଥବା ଭଗବତ୍ ଆଶୀର୍ବାଦ ଚାହିଁବା – ଗୀତା ଓ ରାମାୟଣରେ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ – ଏହି ସକାମୀ ଭକ୍ତମାନଙ୍କୁ ସୁକୃତବାନ୍, ନିଷ୍ପାପ ଆଉ ଉଦାର ବୋଲି କୁହାଯାଉଛି, ତଥାପି ଜ୍ଞାନୀକୁ ଅଧିକ ପ୍ରିୟ ବୋଲି ବର୍ଣ୍ଣନା କରାହୋଇଛି । କାରଣ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ – ଏମାନେ ଯଦ୍ୟପି ନିଜ କାମନା-ବାସନା ସିଦ୍ଧ କରିବାକୁ ଭଗବତ୍ ଶରଣାଗତ ହୋଇଥା'ନ୍ତି ସେଥିପାଇଁ ସେମାନେ ସୁକୃତ, ନିଷ୍ପାପ, ଉଦାର । କାମନାଶୂନ୍ୟ ଭକ୍ତ ଅଥବା ଜ୍ଞାନୀଙ୍କର କିଛି ଅଭାବ ନ ଥାଏ, ସେମାନେ କେବଳ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହାନ୍ତି, ସେହି କାରଣରୁ ପ୍ରଭୁଙ୍କର ସେମାନେ ଅଧିକ ପ୍ରିୟ ।

ଭୌତିକ ଦୁଃଖ-ଦ୍ୱନ୍ଦ୍ୱ ଭଗବଦାଭିମୁଖୀ କରିବାରେ ନିମିତ୍ତ ହୁଏ । କାରଣ ଯାହା ବି ହେଉ, ସେଥିରେ କିଛି ଯାଏ ଆସେ ନାହିଁ, ଭଗବଦମୁଖୀ ହେବା ହେଲା ପ୍ରଧାନ କଥା । ଭଗବତ୍ ଶରଣ ହେବା ପରେ, ତା'ର କାମନା-ବାସନା ନଷ୍ଟ ହୋଇଯାଏ, ସେ ନିଷ୍କାମ ଓ ଅନନ୍ୟ ଭକ୍ତ ହୁଏ । ଗୋଟିଏ ବ୍ୟକ୍ତି ରୋଗରୁ ମୁକ୍ତ ହେବା ପାଇଁ ବ୍ୟାୟାମ କରି ସୁଗଠିତ ଶରୀର ପ୍ରାପ୍ତ କରିଅଛି, ଅନ୍ୟ ବ୍ୟକ୍ତିର ରୋଗ ନ ଥାଇ କେବଳ ଶରୀର-ଗଠନ ଓ ପୁଷ୍ଟି ସକାଶେ ବ୍ୟାୟାମ କରିଛି । ପରିଣାମରେ ଦୁଇଜଣ ସମାନ, ପରିଣାମରହିଁ ମହତ୍ତ୍ୱ । ଆରମ୍ଭ ଅବସ୍ଥାର ମୂଲ୍ୟ ନ ଥାଏ । ପ୍ରତିଯୋଗିତାରେ କେତେଜଣ ଦୌଡ଼ନ୍ତି, ପ୍ରାରମ୍ଭିକ ସମୟରେ, କେହି ଶୀଘ୍ର ଦୌଡୁ ବା କେହି ଆସ୍ତେ ଦୌଡୁ, ତା'ର କୌଣସି ହିସାବ ନ ଥାଏ, ହିସାବ ହୁଏ ଶେଷରେ । ଭଗବାନ୍ କହିଛନ୍ତି, ''ଜ୍ଞାନୀ ମୋର ପ୍ରିୟ''– ଏହା ଭକ୍ତିର ପ୍ରାରମ୍ଭିକ ଅବସ୍ଥା ତୁଳନାରେ ହୋଇପାରେ, କିନ୍ତୁ ସିଦ୍ଧି ଅବସ୍ଥାରେ ନୁହେଁ । ସେତେବେଳେ ତ' ସମସ୍ତେ ଏସବୁ ଅବସ୍ଥାକୁ ପାର ହୋଇ ଯାଇଥା'ନ୍ତି । କୌଣସି ପ୍ରକାର ଘୋର ପାପୀ, ଦୁରାଚାରୀ ହେଉ ନା କାହିଁକି, ସେ ଯଦି

ଭଗବାନଙ୍କ ଶରଣାପନ୍ନ ହେବାକୁ ଚାହେଁ, ତେବେ ଭଗବାନ୍ ତାକୁ ସ୍ୱୀକାର କରି ନିଅନ୍ତି । ଏହା ଭଗବାନଙ୍କର ସ୍ୱାଭାବିକ ଗୁଣ । ସେଥିରେ ଏତିକି ମାତ୍ର ସର୍ତ୍ତ ଅଛି – *ଭଗବତ୍ ଶରଣାଗତ ହେବା ପରେ ପୂର୍ବ ଅଭ୍ୟାସ, ଦୁଷ୍କର୍ମକୁ ତ୍ୟାଗ କରିବାକୁ ହେବ, ପୂର୍ଣ୍ଣରୂପେ ତ୍ୟାଗ କରିବାକୁ ସଂକଳ୍ପ କରିବାକୁ ହେବ ।*

ଯେଉଁମାନେ ଭଗବାନଙ୍କ ସହିତ ପୂର୍ଣ୍ଣରୂପେ ସମସ୍ତ ସତ୍ତାରେ ଏକ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଭାଗବତୀ ଶକ୍ତି କାର୍ଯ୍ୟ କରେ ଏବଂ ଭାଗବତ ଗୁଣ ତାଙ୍କ ମଧ୍ୟରେ ପ୍ରକାଶିତ ହୁଏ ।

ଏହା ସ୍ପଷ୍ଟ ଯେ ମା'ଙ୍କ ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ହେବାରୁ ଭଗବତ୍ ଆଦ୍ୟା ସୃଜନୀ ଅତିମାନସ ଶକ୍ତିକୁ ମା' ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଭଗବତ୍ କୃପା ମା'ଙ୍କ ମଧ୍ୟ ଦେଇ କାର୍ଯ୍ୟ କରୁଥିବାରୁ ଭଗବତ୍ କୃପା ଓ ମା'ଙ୍କ କୃପାକୁ ଆମ୍ଭେମାନେ ଏକହିଁ ଅର୍ଥରେ ବ୍ୟବହାର କରୁ । ମା'ଙ୍କ ଦ୍ୱାରା ଯେଉଁ କାର୍ଯ୍ୟ ହେଉଛି ତାହା ଭଗବତ୍ ଶକ୍ତିର କାର୍ଯ୍ୟ । ସେହି କାରଣରୁ କୌଣସି ପ୍ରକାର ବ୍ୟକ୍ତିଙ୍କ ସକାଶେ ମା'ଙ୍କ ଦ୍ୱାର ବନ୍ଦ ନ ଥାଏ । କେବଳ ଆବଶ୍ୟକ, ତାଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ନିର୍ଭରତା ରଖି ନିଜକୁ ଉଦ୍‌ଘାଟନ (Open) କଲେ ତାଙ୍କ ଦିବ୍ୟ ଶକ୍ତି ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରେ ।

ପ୍ରଶ୍ନ : କ୍ରିୟାତ୍ମକ ରୂପେ କ'ଣ କରିବାକୁ ହେବ, କ'ଣ ତ୍ୟାଗ କରିବାକୁ ହେବ, କିପରି ଅବସ୍ଥାରେ ମା'ଙ୍କ କୃପା ପ୍ରାପ୍ତ କରିବାକୁ ହେବ, ସହଜ ଭାଷାରେ କହନ୍ତୁ ?

ଉତ୍ତର : କେହି ରୋଗମୁକ୍ତ ହେବା, କେହି ବିପଦରୁ ଉଦ୍ଧାର ହେବା, କେହି କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବା, କେହି ପରୀକ୍ଷାରେ ପାସ୍ କରିବା, କେହି ବ୍ୟବସାୟରେ ସଫଳତା ପ୍ରାପ୍ତ କରିବାକୁ ମା'ଙ୍କ ସାହାଯ୍ୟ ଚାହାନ୍ତି ଏବଂ ବହୁତ ସ୍ଥଳରେ ମଧ୍ୟ ତାହା ପା'ନ୍ତି । ଏମାନେ ପୁଣ୍ୟାତ୍ମା ହୁଅନ୍ତୁ ଅଥବା ପାପୀ, ଦୁଷ୍ଟ ହୁଅନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । କେବଳ ଆବଶ୍ୟକ ଶ୍ରଦ୍ଧା, ବିଶ୍ୱାସ ଓ ନିର୍ଭରତା । ଏଥିରେ ସାହାଯ୍ୟ-ପ୍ରାର୍ଥୀ ବ୍ୟକ୍ତିର ସତ୍ତା ଉଦ୍‌ଘାଟିତ(Open) ହୁଏ । ସେହି ମାର୍ଗ ଦେଇ ଭାଗବତୀ ଶକ୍ତି ତା' ଅନ୍ତରରେ ପ୍ରବେଶ କରି ତାହାର ଦୁଃଖ-ଦ୍ୱନ୍ଦ୍ୱକୁ ଦୂର କରେ ଏବଂ ସେହି ଦୁଃଖ-ଦ୍ୱନ୍ଦ୍ୱ ଦ୍ୱାରା ତାହାର ସତ୍ତାରେ ଯାହା ଶୁଦ୍ଧି ବା ବିକାଶ ହୋଇଥା'ନ୍ତା ତାହା ମଧ୍ୟ କରେ । ଭାଗବତୀ ଶକ୍ତିର ଏହି କାର୍ଯ୍ୟ ସକାଶେ ଗୀତା ଓ ରାମାୟଣରେ ସର୍ତ୍ତ ଦିଆଯାଇଛି – ''ତଜି ମଦ, ମୋହ, କପଟ, ଛଳ ନାନା ।'' ମଦ, ମୋହ, କପଟ, ଛଳ ଇତ୍ୟାଦିକୁ ତ୍ୟାଗ କରିବାକୁ ହେବ । ଏହିସବୁ ଦୁର୍ଗୁଣର ସ୍ୱରୂପ ହେଲା :– ''ଏହି ରୋଗରୁ ମୁକ୍ତ ହେଲେ, ଏହି ଦ୍ୱନ୍ଦ୍ୱରୁ ଉଦ୍ଧାର ହେଲେ, ଏହି ବ୍ୟବସାୟରେ ସଫଳ ହେଲେ, ଏହି ପରୀକ୍ଷାରେ ପାସ୍ କଲେ, ଅମୁକ ବ୍ୟକ୍ତିକୁ ଜବତ୍ କରିବି; ସମ୍ପତ୍ତି କରି, ମାନ-ସମ୍ମାନ ପ୍ରାପ୍ତ ହୋଇ, ଲୋକଙ୍କ ମଧ୍ୟରେ ଜଣେ ପ୍ରଧାନ ବ୍ୟକ୍ତି ହେବି; ଏହି ଇଲେକ୍‌ସନ୍‌ରେ ଜିତିଗଲେ ବିରୋଧୀ ପାର୍ଟିର ଏହିପରି ସର୍ବନାଶ କରିବି ଯେ ସେ ଆଉ ଭବିଷ୍ୟତ୍‌ରେ ଇଲେକ୍‌ସନ୍‌ରେ ଛିଡ଼ା ହୋଇପାରିବ ନାହିଁ, ଆଉ ଅମୁକ ଲୋକକୁ ସାବାଡ୍ କରିଦେବି । ବ୍ୟବସାୟରେ ଘିଅରେ ବାଦାମ ତେଲ ମିଶାଇ ଟଙ୍କା କମାଇବି ।'' ଏହିସବୁ ମିଥ୍ୟା, ମୋହ, ମଦ, କପଟ ଛଳ ଅଥବା ଅନ୍ୟାନ୍ୟ ଯେତେ ପ୍ରକାର ଉପାୟ ଅଛି, ସେ ସବୁ ବି ଚାଲିଛି ଏବଂ ଏହା ସଙ୍ଗେ ଗୋଟାଏ ଚିଠି ମା'ଙ୍କ ପାଖକୁ ଲେଖାଯାଉ, ପନ୍ଦର ପଇସା ଖର୍ଚ୍ଚ ହେବ, ଯୋଗ ପଡ଼ିଲେ ବାଜି ଯାଇପାରେ । ଏହାସବୁ କପଟ ବା ଛଳନାର ଅନ୍ତର୍ଗତ । ଅନ୍ୟ ଉପାୟ (ଚେଷ୍ଟା ଓ ବ୍ୟକ୍ତିଗତ ଉଦ୍ୟମ) କରିବାରେ କିଛି କ୍ଷତି ନାହିଁ, କରିବା ଉଚିତ; କିନ୍ତୁ ବିଶ୍ୱାସ ଏବଂ ଭରସା ରଖିବାକୁ ହେବ ମା'ଙ୍କ ଉପରେ, ଅନ୍ୟାନ୍ୟ ଉପାୟ ଉପରେ ନୁହେଁ । ବହୁ ସମୟରେ ଅନ୍ୟାନ୍ୟ ଉପାୟ ମଧ୍ୟଦେଇ ମା'ଙ୍କ ଶକ୍ତି ମଧ୍ୟ କାର୍ଯ୍ୟ କରେ ।

ବହୁ ସମୟରେ ବ୍ୟକ୍ତି ବିପଦରେ ପଡ଼ିଥିବା ବେଳେ ପ୍ରାୟ ଉପରୋକ୍ତ ଛଳକପଟରୁ ଦୂର ହୋଇ ଯାଇଥାଏ । ତା'ର ଯଦି ଦୃଢ଼ ବିଶ୍ୱାସ ଆସେ, ଆତ୍ମାର ଡାକ ହୁଏ, ତେବେ ମା'ଙ୍କର ଭାଗବତୀ ଶକ୍ତି ବ୍ୟକ୍ତିକୁ ସାହାଯ୍ୟ କରେ, ତାକୁ ବିପଦରୁ ରକ୍ଷା କରେ । ଏହା ମନୁଷ୍ୟର ଗୋଟାଏ ଅତ୍ୟନ୍ତ ସୌଭାଗ୍ୟ, ବିପଦର ଗୋଟାଏ ସୁନ୍ଦର ପରିଣାମ । ଏହି ସୁଯୋଗ, ଭଗବାନଙ୍କର ଏହି କୃପାକୁ ଯଦି ବ୍ୟକ୍ତି ସଦୁପଯୋଗ କରେ, ତେବେ ତା'ର ଜନ୍ମ ସାର୍ଥକ ହୁଏ । ସେ

ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ କରେ । କିନ୍ତୁ ଦୁର୍ଭାଗ୍ୟବଶତଃ କେତେକ ସ୍ଥଳରେ ବ୍ୟକ୍ତି ମା'ଙ୍କ ଆଶୀର୍ବାଦ ଭୁଲିଯାଇ ମନେକରେ, ''ଅମୁକ କାରଣରୁ, ଅମୁକ ଉପାୟରେ ମୁଁ ଏହି ବିପଦରୁ ରକ୍ଷା ପାଇଲି ।'' ଅଥବା ବହୁ ତାର୍କିକ ସ୍ଥୂଳ ବୁଦ୍ଧିବାଦୀ ବ୍ୟକ୍ତି ହୋଇଥିଲେ ଭାବେ, ''ଏଥିରେ ଭଗବତ୍ ଶକ୍ତି କାର୍ଯ୍ୟ କରିଛି, ଏହାର ପ୍ରମାଣ କ'ଣ ? ଏହା ତ' ଗୋଟିଏ କଳ୍ପନା, ଅମୁକ ଲୋକର କାର୍ଯ୍ୟସିଦ୍ଧି ହେଲା ନାହିଁ, ଯଦି ମା'ଙ୍କର ଶକ୍ତି ପ୍ରଭାବରୁ ହେଲା ତେବେ ସମସ୍ତ ବ୍ୟକ୍ତିଙ୍କର କାର୍ଯ୍ୟ ସଫଳ ହେବା ଉଚିତ ଥିଲା ।'' ସନ୍ଦେହ, ଅବିଶ୍ୱାସ ହଳାହଳ ବିଷ ସଦୃଶ । ବ୍ୟକ୍ତିକୁ ମୃତ୍ୟୁମୁଖରେ ପକାଇ ଦିଏ । ଏଥିରେ ମା'ଙ୍କ ଶକ୍ତି କାର୍ଯ୍ୟ କରିପାରେ ନାହିଁ । ଭାଗବତୀ ଶକ୍ତି ଅପସରି ଯାଇ ଦୂରରେ ଅପେକ୍ଷା କରି ଛିଡ଼ା ହୁଏ । ବ୍ୟକ୍ତି ପୂର୍ବ ପରି ପୁନରାୟ ଅନ୍ୟାୟ କାର୍ଯ୍ୟରେ ପ୍ରବୃତ୍ତ ହୁଏ; ଅସତ୍ କାର୍ଯ୍ୟର ପରିଣାମ ସ୍ୱରୂପ ବିପଦରେ ପଡ଼େ । ମା'ଙ୍କ କୃପାପ୍ରାପ୍ତିର ସୁଯୋଗ ପ୍ରାପ୍ତ ହେବାକୁ ବହୁତ ବର୍ଷ ଲାଗିପାରେ କିଂବା କେତେ ଜନ୍ମ ପରେ ଆସେ । ଫେର୍ କେବେ ବିପଦରେ ପଡ଼ି ସେହି ବ୍ୟକ୍ତି ମା'ଙ୍କୁ ଡାକିଲେ ପୁନରାୟ ଭାଗବତୀ ଶକ୍ତିଙ୍କର ସାହାଯ୍ୟ ପାଏ । ମା' ତାଙ୍କୁ ରକ୍ଷା କରନ୍ତି । ଥରେ ଭାଗବତୀ ଶକ୍ତି ବ୍ୟକ୍ତିକୁ ସ୍ୱୀକାର କଲେ ଫେର୍ ତ୍ୟାଗ କରେ ନାହିଁ । ସେ ଚିରକାଳ ସକାଶେ ପତିତ ହୁଏ ନାହିଁ । ଭଗବାନଙ୍କୁ ଭୁଲିଗଲେ ସେ ନାନାପ୍ରକାର ଦୁଃଖ ଭୋଗେ ଆଉ ଶୀଘ୍ର ବା ବିଳମ୍ବରେ ବହୁ ଦୁଃଖ-କଷ୍ଟ ଭୋଗିବା ପରେ କେବେ ନା କେବେ ଫେର୍ ଭଗବତ୍ ଶରଣାଗତ ହୁଏ ।

''ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ୟାଚତେ ।
ଅଭୟଂ ସର୍ବେଭୂତେଭ୍ୟୋ ଦଦାମ୍ୟେତଦ୍ ବ୍ରତଂ ମମ ॥'' (ବାଲ୍ମୀକି ରାମାୟଣ)

''ଅନ୍ତରରେ 'ମୁଁ ତୋର' କହି ଯେ ଶରଣାପନ୍ନ ହୁଏ, ମୁଁ ତାକୁ ସମସ୍ତ ପ୍ରାଣୀରୁ ନିର୍ଭୟ କରିଦିଏ ।'' ଅର୍ଥାତ୍ କୌଣସି ପ୍ରକାର ବିପଦ-ଆପଦରେ ପଡ଼ି ଭଗବାନଙ୍କର ଶରଣାପନ୍ନ ହେଲେ ଭଗବାନ୍ ସ୍ୱୀକାର କରିନିଅନ୍ତି । ପ୍ରଥମ ଥରରୁ ସେ ଭଗବଦଭିମୁଖୀ ହୋଇ ସାଧନାରେ ତତ୍ପର ହେଲେ କ୍ରମଶଃ ଦୋଷରୁ ମୁକ୍ତ ହୁଏ ଏବଂ ଭଗବତ୍ ପ୍ରାପ୍ତି କରେ । ପୂର୍ବାଭ୍ୟାସରୁ ଯଦି ସେ ଭଗବାନଙ୍କ କୃପା ପରିତ୍ୟାଗ କରି ଦୁଷ୍ପ୍ରବୃତ୍ତିର ବଶ ହୁଏ, ତେବେ ଭଗବାନ୍ ଅମଣିଆ ଘୋଡ଼ାର ଲଗାମ ଧରିଲା ପରି ବ୍ୟକ୍ତିକୁ ଛାଡ଼ି ଦିଅନ୍ତି । ସେ ଶୁଭାଶୁଭ କର୍ମ କରି ମହାନ୍ ଦୁଃଖ-କଷ୍ଟ ଭୋଗି ଜର୍ଜରିତ ହୋଇଥାଏ । ଭଗବାନ୍ ତାକୁ ସମୟ ସମୟରେ ଚେତାବନୀ ଦେଉଥା'ନ୍ତି । ଫେର୍ ଗୋଟିଏ ସମୟ ଆସେ, ଯେତେବେଳେ ସେ ପୂର୍ଣ୍ଣରୂପେ ସଚେତ ହୋଇ ଦୁର୍ଗୁଣ ତ୍ୟାଗ କରି ଭଗବତ୍ ଶରଣାପନ୍ନ ହୁଏ ।

ପ୍ରଶ୍ନ : ମା'ଙ୍କ କୃପାକୁ ବ୍ୟକ୍ତି କେଉଁ ଉପାୟରେ ସଦୁପଯୋଗ କରିପାରେ ? ଛଳ, କପଟ, ଦମ୍ଭ, ଅଭିମାନ ଏକାବେଳେକେ ତ୍ୟାଗ କରିବା କ'ଣ ବ୍ୟକ୍ତିପକ୍ଷେ ସମ୍ଭବ ?

ଉତ୍ତର : ମା'ଙ୍କ ଦ୍ୱାରା ଭଗବତ୍ କୃପା ପ୍ରାପ୍ତ ହୋଇ ତାହାର ସଦୁପଯୋଗ କରିବାର ଅର୍ଥ ହେଲା ପୂର୍ବ ଦୁର୍ଗୁଣକୁ ତ୍ୟାଗ କରି ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେବା ଏବଂ ମା'ଙ୍କ ଶକ୍ତି ଉପରେ ନିର୍ଭରତା ଓ ଭରସା ରଖିବା । ଏହାରି ଅର୍ଥ ମା'ଙ୍କ କୃପାର ସଦୁପଯୋଗ କରିବା ।

ମନୁଷ୍ୟ ମଧ୍ୟରେ ଯେଉଁ ଛଳ, କପଟ, ଦମ୍ଭ ଇତ୍ୟାଦି ଦୁର୍ଗୁଣ ଥାଏ, ତାହା ମନୁଷ୍ୟର ସ୍ୱଭାବରେ ପରିଣତ ହୋଇ ଯାଇଥାଏ । ତାହାକୁ ଗୋଟିଏ ଦିନରେ କେହି ବି ତ୍ୟାଗ କରିପାରେ ନାହିଁ । କିନ୍ତୁ ଭଗବାନଙ୍କ ଉପରେ ଭରସା, ବିଶ୍ୱାସ ରଖି ତାଙ୍କୁ ପ୍ରାପ୍ତ ହେବା ଆଉ ଦୁର୍ଗୁଣକୁ ତ୍ୟାଗ କରିବାର ସଂକଳ୍ପ କରି ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତ ହେଲେ ବ୍ୟକ୍ତିର କ୍ରମଶଃ ସତ୍ୟ, ଶାନ୍ତି, ଦୟା, ଭକ୍ତି ଆଦି ସଦ୍‌ଗୁଣ ଆସେ; ଛଳ, କପଟ, ଦମ୍ଭ, ଅହଂକାର ପ୍ରଭୃତି ଦୂର ହୁଏ । ପ୍ରଥମରେ ଏହି ସଂକଳ୍ପ ଓ ପ୍ରଯତ୍ନ ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ଯେଉଁ କାର୍ଯ୍ୟକରେ ସେ ସେହି କାର୍ଯ୍ୟ ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ ହୋଇପାରେ । ସମସ୍ତ କାର୍ଯ୍ୟ ନିର୍ଭର କରେ ଭାବ ଉପରେ ।

ଧରନ୍ତୁ ଯଦି ଜଣେ ବିଦ୍ୟାର୍ଥୀ ମା'ଙ୍କ କୃପାରୁ ପାସ୍ କଲା, ଜଣେ ରୋଗୀ ରୋଗମୁକ୍ତ ହେଲା, ଜଣେ ବେପାରୀର

ବେପାର ଭଲଭାବେ ଚାଲିଲା, ଜଣେ ନେତା ନିଜ ଈପ୍ସିତ କାର୍ଯ୍ୟରେ ସଫଳ ହେଲେ; ତେବେ ସେମାନେ ନିମ୍ନଲିଖିତ ଭାବ ରଖିଲେ ମା'ଙ୍କ ଶକ୍ତି ବରାବର ସେମାନଙ୍କ ମଧ୍ୟରେ କାର୍ଯ୍ୟ କରି ସମସ୍ତ ଦୋଷତ୍ରୁଟିକୁ ଶୁଦ୍ଧ କରି ଲକ୍ଷ୍ୟରେ ପହୁଞ୍ଚାଇ ଦେବ ।

ଭାବ

ମୁଁ, ମୋର ଯାହାକିଛି ଅଛି – ଘର, ପରିବାର, ସମ୍ପତ୍ତି, ମାନ-ସମ୍ମାନସବୁ ଭଗବାନଙ୍କର । ମୁଁ ଭଗବାନଙ୍କର ସେବକ । ଭଗବାନଙ୍କୁ ମାଲିକ ବୋଲି ମାନି ସେ ବେପାର କରିବ, ପଢ଼ିବ, ଚାକିରି କରିବ, ରାଜନୀତି ଅଥବା ଦେଶ-ଶାସନ କାର୍ଯ୍ୟ କରିବ । କିନ୍ତୁ ସମସ୍ତ କାର୍ଯ୍ୟକୁ ଭଗବାନଙ୍କ ସେବା ବୋଲି ମନେ କରିବ । ଭଗବାନ୍ ତା'ର ସମସ୍ତ କାର୍ଯ୍ୟ ଦେଖୁଛନ୍ତି ଏବଂ ସେ ଭଗବତ୍ ଶକ୍ତିରେ କାର୍ଯ୍ୟ କରୁଅଛି ବୋଲି ଧାରଣା ରଖିବ । ଏହି ଭାବ ରଖିଲେ ଅନ୍ୟର ଅନିଷ୍ଟ କରିବାରେ ପ୍ରବୃତ୍ତି ହେବ ନାହିଁ, କଳାବଜାର କରିବାରେ ମନ ବଳିବ ନାହିଁ, ଚାକିରିରେ ଲାଞ୍ଚ ଆଉ ଫାଙ୍କି ଚଳିବ ନାହିଁ, ରାଜନୀତିରେ ଛଳ, କପଟ, 'ପେଞ୍ଚ-ପାଞ୍ଚ'ର ସ୍ଥାନ ରହିବ ନାହିଁ । ଏହି ସମସ୍ତ କାର୍ଯ୍ୟ ହଠାତ୍ ହେବ ନାହିଁ । ଏସବୁକୁ ତ୍ୟାଗ କରିବାକୁ ସଂକଳ୍ପ କରି ଧୀରେ ଧୀରେ ତ୍ୟାଗ କରିବାକୁ ହେବ । ଭଗବତ୍ ଭାବ ବଢ଼ାଇବାକୁ ହେବ । ଯେତେ ଭଗବତ୍ ଭାବ, ଭଗବତ୍ ବିଶ୍ୱାସ, ନିର୍ଭରତା ବଢ଼ିବ, ତେତେ ପରିମାଣରେ ଦୁର୍ଗୁଣ କମ୍ ହେବାକୁ ଲାଗିବ । କିନ୍ତୁ ସଂସ୍କାରବଶତଃ ଏହିସବୁ ଦୁର୍ଗୁଣ, ଲୋଭ, ସୁବିଧା ପାଇ ମଧ୍ୟେ ମଧ୍ୟେ ଆସିପାରେ ମାତ୍ର ସତର୍କ ହୋଇ ତାହା ଦୂର କରିବାକୁ ହେବ ।

ଯେଉଁମାନେ ମା'ଙ୍କ କୃପା ପ୍ରାପ୍ତ କରି ଏହିସବୁ ଦୁର୍ଗୁଣକୁ ପ୍ରଶ୍ରୟ ଦେବେ, ସେମାନେ ସେହି କୃପାରୁ ଦୂରକୁ ଚାଲିଯିବେ, ଯେଉଁମାନେ ଏସବୁକୁ ତ୍ୟାଗ କରିବାକୁ ଚେଷ୍ଟା କରିବେ ସେମାନେ ମା'ଙ୍କ କୃପାର ନିକଟବର୍ତ୍ତୀ ହେବେ ।

ଭଗବତ୍ ମାର୍ଗରେ ଅଗ୍ରସର ହେବାର ସବୁଠାରୁ ସରଳ, ସୁଗମ ମାର୍ଗ ହେଲା ମା'ଙ୍କ ଉପରେ ବିଶ୍ୱାସ, ଭରସା ରଖିବା । ଏତିକି ହେଲେ ବାକି ଆବଶ୍ୟକ ସାଧନା ଉଚିତ ସମୟରେ ଆସିବ । ପ୍ରତ୍ୟେକ ବ୍ୟକ୍ତିକୁ ଭଗବତ୍ କୃପା ପ୍ରାପ୍ତ କରିବାକୁ ଭଗବତ୍ ଶରଣାପନ୍ନ ହୋଇ ଦୁର୍ଗୁଣ ତ୍ୟାଗ କରିବାକୁହିଁ ହେବ । ଏହିସବୁ ପ୍ରଯତ୍ନ ଦ୍ୱାରା ଭଗବତ୍ କୃପା ପ୍ରାପ୍ତ ହୁଏ । ତଥାପି ଭଗବତ୍ କୃପା ଏହିସବୁ ନିୟମର ମଧ୍ୟରେ ଏବଂ ନିୟମର ବହୁ ଉପରେ । ଭଗବତ୍ କୃପା କୌଣସି ବିଧି-ବିଧାନର ସୀମାରେ ବନ୍ଦୀ ହୁଏ ନାହିଁ, ତାହା ସର୍ବଦା ସ୍ୱାଧୀନ । ସୁତରାଂ ବ୍ୟକ୍ତିର କର୍ତ୍ତବ୍ୟ ହେଲା, ଉପରଲିଖିତ ଯେଉଁ କର୍ମ ଦ୍ୱାରା ଭଗବତ୍ କୃପାପ୍ରାପ୍ତ ହୁଏ, ତାହାହିଁ ଆଚରଣ କରିବା ।

ଆଉ ଗୋଟିଏ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି – ଭଗବାନ୍ ଅଥବା ମହାପୁରୁଷମାନେ ଏହି ପୃଥିବୀରେ ଅବତାର ନେଇ କାଳ ଅନୁସାରେ ଅଧ୍ୟାତ୍ମ-ଶିକ୍ଷା ଦିଅନ୍ତି । ସେହି ସମୟ ସକାଶେ ସେହି ଶିକ୍ଷା ଉପଯୋଗୀ ।

ବୁଦ୍ଧଦେବଙ୍କ ଶିକ୍ଷା, ଶଙ୍କରଙ୍କ ସମୟରେ ଅଧିକ ଉପଯୋଗୀ ନ ଥିଲା । ଚୈତନ୍ୟ, ରାମାନୁଜ, ରାମାନନ୍ଦଙ୍କ ସମୟରେ ଶଙ୍କରଙ୍କ ଶିକ୍ଷାର ସମୟ ଅତୀତ ହୋଇଥିଲା । ବର୍ତ୍ତମାନ ଯୁଗରେ ମା' ଶ୍ରୀଅରବିନ୍ଦଙ୍କ ଶିକ୍ଷାହିଁ ଆବଶ୍ୟକ । ଏହା କାଳର ଉପଯୋଗୀ ହେବା ସତ୍ତ୍ୱେ ପୁରାତନ ଅଧ୍ୟାତ୍ମଶିକ୍ଷାର ବିରୋଧୀ ନୁହେଁ । ସମସ୍ତ ପୁରାତନ ଅଧ୍ୟାତ୍ମ-ମାର୍ଗରେ ଏହା ସାମଞ୍ଜସ୍ୟ ସ୍ଥାପନ କରେ ଏବଂ ପୂର୍ଣ୍ଣ କରି ତୋଳେ । ତା' ଛଡ଼ା ଯେତେବେଳେ ଯେଉଁ ମହାପୁରୁଷ ନୂତନ ଶିକ୍ଷା ଦେବାକୁ ଆସନ୍ତି, ସେତେବେଳେ ସେ ଗୋଟିଏ ଶକ୍ତି ନିଜ ସଙ୍ଗେ ନେଇ ଆସିଥା'ନ୍ତି, ହଜାର ହଜାର ନରନାରୀଙ୍କୁ ଅଳ୍ପ ପ୍ରୟାସରେ ଉଦ୍ଧାର କରନ୍ତି । ବର୍ତ୍ତମାନ ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଏହା ପ୍ରତ୍ୟେକଙ୍କ ନିମିତ୍ତ ଗୋଟିଏ ସୁବର୍ଣ୍ଣ ସୁଯୋଗ ।

ପ୍ରଶ୍ନ : ଭଗବାନଙ୍କୁ ଯେଉଁ ବ୍ୟକ୍ତି ଯେଉଁ ସମୟରେ ସ୍ମରଣ କରେ ତାଙ୍କ କୃପା ପ୍ରାପ୍ତ କରିପାରେ, ପୁଣି ଅବତାର ନେବାର ବିଶେଷତ୍ୱ କ'ଣ ?

ଉତ୍ତର : ବ୍ୟକ୍ତି ଭଗବାନଙ୍କୁ ସ୍ମରଣ କରି ଭଗବତ୍ କୃପା ପ୍ରାପ୍ତ କରିପାରେ, କିନ୍ତୁ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନ ନେଇ ଆତ୍ମମାନଙ୍କ ମନୁଷ୍ୟ ସମାଜରେ ଉତରି ନ ଆସିଲେ ତାଙ୍କ ଆଚରିତ ଆଦର୍ଶ ଆତ୍ମେ ଗ୍ରହଣ କରିପାରୁ ନାହିଁ କିଂବା ପୃଥିବୀରେ ଗୋଟିଏ ନୂତନ ଚେତନା ଏବଂ ନୂତନ ଆଦର୍ଶ ସ୍ଥାପନ ହୋଇପାରେ ନାହିଁ । ଆତ୍ମମାନଙ୍କ ପରି ମନୁଷ୍ୟ ଶରୀର ଭଗବାନ୍ ଧାରଣ ନ କଲେ ଆତ୍ମେମାନେ ତାଙ୍କ ସହିତ ଆତ୍ମର ସ୍ୱାଭାବିକ ସଂସାର-ସମ୍ବନ୍ଧ ସ୍ଥାପନ କରିପାରୁ ନାହିଁ ।

ପ୍ରଶ୍ନ : ଭଗବାନ୍ ସର୍ବସମର୍ଥ, ସେ ସଂକଳ୍ପ କରିବା ମାତ୍ରେ ପୃଥିବୀ ଚେତନା ପରିବର୍ତ୍ତନ ହୋଇପାରେ, ସେଥିସକାଶେ ଏତେ କଷ୍ଟ ସ୍ୱୀକାର କରି ସେ ଅବତାର ନିଅନ୍ତି କାହିଁକି ?

ଉତ୍ତର : ଭଗବାନ୍ ସର୍ବସମର୍ଥ, ସେ ସବୁ କରିପାରନ୍ତି, ଅବତାର ମଧ୍ୟ ନେଇପାରନ୍ତି । ସେ କୌଣସି ନିୟମର ଅଧୀନ ନୁହନ୍ତି । ସେ ଯାହା କରନ୍ତି ତାହାହିଁ ନିୟମ । ଭଗବାନ୍ ଦୀନବନ୍ଧୁ ଏବଂ କରୁଣାସିନ୍ଧୁ । ତାଙ୍କ ହୃଦୟ କରୁଣାରେ ପୂର୍ଣ୍ଣ ଥାଏ । ସେ ନିଜ ଆଶ୍ରିତମାନଙ୍କ ଦୁଃଖ ଦେଖି ସହ୍ୟ କରିପାରନ୍ତି ନାହିଁ । ସେମାନେ ଯେଉଁଠାରେ ଯେଉଁ ଦୁଃଖକଷ୍ଟରେ ଥାଆନ୍ତି, ସେହି ସ୍ଥାନକୁ ସେମାନଙ୍କ ଶରୀର ଅନୁରୂପ ଶରୀର ଧାରଣ କରି ସେମାନଙ୍କୁ ଉଦ୍ଧାର କରିବା ସକାଶେ ସେମାନଙ୍କ ମଧ୍ୟରେ ଅବତାର ନିଅନ୍ତି । ଭଗବାନ୍ କିଛି ବିଚାର ନ କରି ପୁତ୍ରବତ୍ସଳା ଜନନୀ ବୁଡ଼ିଯାଉଥିବା ସନ୍ତାନକୁ ରକ୍ଷା କରିବା ସକାଶେ ଅଗାଧ ଜଳରେ ଡେଇଁ ପଡ଼ିବା ସଦୃଶ ଆଶ୍ରିତମାନଙ୍କୁ ରକ୍ଷା କରିବା ସକାଶେ ସେ ତାଙ୍କରି ମଝିରେ ଅବତରି ଆସନ୍ତି । ଏହାହିଁ ତାଙ୍କର ଭକ୍ତବତ୍ସଳତା ।

ଅନ୍ୟ କାରଣ ହେଉଛି ଭଗବାନଙ୍କ ସୃଷ୍ଟି ବିବର୍ତ୍ତନଶୀଳ ଅର୍ଥାତ୍ ବିକାଶଶୀଳ । ଜଡ଼ରୁ କ୍ରମଶଃ ମନୋମୟ ମାନବ ପର୍ଯ୍ୟନ୍ତ ସୃଷ୍ଟିର ବିକାଶ ଘଟିଛି । ଏହି କ୍ରମ-ବିକାଶ ବରାବର ଚାଲିଥିବ । ଭଗବାନ୍ ତାଙ୍କ ଶକ୍ତିରେ ଯଦି ସବୁ କରିଦିଅନ୍ତି, ତେବେ ତାଙ୍କ ସୃଷ୍ଟି କରିବା ଏବଂ କ୍ରମବିକାଶରେ ତାତ୍ପର୍ଯ୍ୟ ରହିବ ନାହିଁ, ସେହି ସକାଶେ ଭଗବାନ୍ ଆଶ୍ଚର୍ଯ୍ୟଚକିତ ପରିବର୍ତ୍ତନ ନ କରି ନିଜେ ମନୁଷ୍ୟ ଶରୀରରେ ଅବତାର ନେଇ ମନୁଷ୍ୟଜାତି ସମ୍ମୁଖରେ ଆଦର୍ଶ ରଖି ତାକୁ ବିକାଶ-ମାର୍ଗରେ ନେଇଯାଆନ୍ତି । ଏହାହିଁ ଭଗବାନଙ୍କର ଅବତାରର ଉଦ୍ଦେଶ୍ୟ ।

ସୃଷ୍ଟି ପୂର୍ବରୁ ଭଗବାନ୍ 'ଏକ' ଥିଲେ । ସୃଷ୍ଟି ଉଦ୍ଦେଶ୍ୟରେହିଁ 'ବହୁ' ହେଲେ । ସୃଷ୍ଟିର ନିୟମ ହେଉଛି ଜ୍ଞାନ, ଅଜ୍ଞାନ, ସୁଖ, ଦୁଃଖ ଏବଂ ତାହାରି ମଧ୍ୟ ଦେଇ ବିକାଶ । ଏହି ନିୟମ ନିର୍ଦ୍ଧାରିତ କରିଛନ୍ତି ସ୍ୱୟଂ ଭଗବାନ୍ । ସେ ସର୍ବସମର୍ଥ ହେବା ସତ୍ତ୍ୱେ ସଂସାରର ଉଦ୍ଦେଶ୍ୟ କାଏମ ରଖିବା ସକାଶେ ନିଜ ଐଶ୍ୱର୍ଯ୍ୟ ପ୍ରୟୋଗ ନ କରି ସ୍ୱୟଂ ଅବତାର ନିଅନ୍ତି ।

ପ୍ରଶ୍ନ : ଦୁଃଖତାପପୀଡ଼ିତ ମାନବଙ୍କୁ ଉଦ୍ଧାର କରିବା ସକାଶେ ମା' ପୃଥିବୀରେ ଅବତୀର୍ଣ୍ଣା ହୋଇଅଛନ୍ତି । ତାଙ୍କ ଆଶୀର୍ବାଦ ପୃଥିବୀରେ ବର୍ଷା ହେଉଅଛି । କିନ୍ତୁ ଜନ୍ମଦିନରେ ଅଥବା ଫଟୋରେ ଆଶୀର୍ବାଦ ନେବାକୁ ହେଲେ କିଂବା ଅନ୍ୟ କୌଣସି କାରଣରୁ ମା'ଙ୍କ ଆଶୀର୍ବାଦ ଚାହିଁଲେ କିଂବା ମା'ଙ୍କ ଦର୍ଶନକୁ ଗଲେ ପ୍ରଣାମୀ (ଅର୍ଥ) କାହିଁକି ମା'ଙ୍କ ଚରଣରେ ନିବେଦନ କରାହୁଏ ?

ଉତ୍ତର : ବ୍ୟକ୍ତିର ସମସ୍ତ ଦ୍ୱାର ସ୍ୱାର୍ଥ, କାମ, କ୍ରୋଧ, ହିଂସା ଦ୍ୱାରା ବନ୍ଦ ଥାଏ । ଭଗବାନଙ୍କ କୃପା-ପ୍ରବେଶର ପଥ ନ ଥାଏ । ମନ ଅଥବା ଅର୍ଥ (ଧନ) ମା'ଙ୍କ ଚରଣରେ ନିବେଦନ କଲେ ତା' ସତ୍ତାର ଆବରଣରେ ଟିକିଏ ମାର୍ଗ ଉନ୍ମୁକ୍ତ ହୁଏ । ସେହି ମାର୍ଗରେ ମା'ଙ୍କ କୃପା ପ୍ରବେଶ କରେ । ବ୍ୟକ୍ତି କିଛି ନ ଦେଲେ କିଛି ପାଇପାରେ ନାହିଁ । ସେ ଦିଏ ନିଜେ ପାଇବା ସକାଶେ, ଭଗବାନଙ୍କର ଉପକାର ସକାଶେ ନୁହେଁ । ବ୍ୟକ୍ତି ପକ୍ଷେ ମନ ଦେବା ସମ୍ଭବ ନୁହେଁ; ମନ ସ୍ୱେଚ୍ଛାଚାରୀ, ତା' ଉପରେ ବ୍ୟକ୍ତିର ଅଧିକାର ନ ଥାଏ । ଅର୍ଥ ଦେବା ସହଜ ଥିବାରୁ ବ୍ୟକ୍ତି ତାହା ନିବେଦନ କରେ । ବ୍ୟକ୍ତିର ଅଧିକ ମୋହ ଥାଏ ଧନ (ଅର୍ଥ) ଏବଂ ମନରେ । ସେ ଧନ ଏବଂ ମନ ଅନ୍ୟ କାହାକୁ ଦେବାକୁ ଚାହେଁ ନାହିଁ । ତା'ର ପ୍ରାଣଜ ବାସନା-କାମନା ଏବଂ ସ୍ୱାର୍ଥସିଦ୍ଧି ଯେଉଁଠି ହୁଏ ସେଇଠି ସେ ଉଦାର ହୃଦୟରେ ମନ ଢାଳି ଦିଏ, ଧନ ଅଜାଡ଼ି ଦିଏ । ଯେଉଁଠାରେ ପ୍ରାଣର ତୁଷ୍ଟି ସାଧନ ନ ଥାଏ, ସେଠାରେ ଗୋଟାଏ ପଇସା ଖର୍ଚ୍ଚ କରିବାକୁ ଚାହେଁ ନାହିଁ ।

ବ୍ୟକ୍ତିର ଯେପର୍ଯ୍ୟନ୍ତ ଭଗବାନଙ୍କ ପ୍ରତି ଭକ୍ତି ନ ଥାଏ, ନିଜକୁ ତାଙ୍କ ଚରଣରେ ସମର୍ପଣ କରି ନ ଥାଏ, ସେହି ପର୍ଯ୍ୟନ୍ତ ଏହି ପ୍ରଶ୍ନ ତା' ମନରେ ଉଠୁଥାଏ ଏବଂ ଭଗବାନଙ୍କଠାରୁ ସବୁ ନେବାକୁ ଚାହେଁ, କିଛି ଦେବାକୁ ଚାହେଁ ନାହିଁ । କହିଦିଏ, ''ଭଗବାନଙ୍କର ତ ସବୁ, ତାଙ୍କୁ ଦେବା କ'ଣ ?'' ଯେଉଁଠାରେ ତା'ର ପ୍ରାଣଜ ବାସନା-କାମନା ତୁଷ୍ଟ ହୁଏ ସେଠାରେ ସେ ପିନ୍ଧିବା ଲୁଗା ବିକ୍ରି କରି ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଥାଏ । ଏହିପରି ମୋହଗ୍ରସ୍ତ ଲୋଭୀ ବ୍ୟକ୍ତିଙ୍କର ଯଦି ଭଗବାନଙ୍କର କୃପାରୁ ସଦ୍‌ବୁଦ୍ଧି ଉତ୍ପନ୍ନ ହୁଏ, ତେବେ ତା'ର ଉପାର୍ଜିତ ଧନର ଶତଭାଗରୁ ଏକ ଭାଗ ଭଗବତ୍ ସେବାରେ ଖର୍ଚ୍ଚ କରେ; ଅନେଶତ ଭାଗ ନିଜେ ଏବଂ ନିଜ ପରିବାର ସକାଶେ ରଖେ । ଭଗବାନଙ୍କର ଏହି ସମସ୍ତ ଧନ ମଧ୍ୟରୁ ଏକଭାଗ ଭଗବାନଙ୍କୁ ଦେଇ ଭଗବାନଙ୍କ ଉପରେ କରଜ ଲଦିଲା ପରି ମନେ କରେ । ଏହିପରି ବ୍ୟକ୍ତି ଯଦି ଘରେ କୌଣସି ମନ୍ଦିର ତିଆରି କରେ ସେଥିରେ ଦଶ ହଜାର ଟଙ୍କା ଖର୍ଚ୍ଚ କରେ କିନ୍ତୁ ନିଜ ରହିବା ଘର ତିଆରି ସକାଶେ ଖର୍ଚ୍ଚ କରେ ଦଶ ଲକ୍ଷ । ସ୍ତ୍ରୀର ଅଳଙ୍କାରରେ ଯେତେ ଟଙ୍କା ଖର୍ଚ୍ଚ କରେ ତା'ର ଶହେ ଭାଗରୁ ଏକଭାଗ କରେ ଠାକୁରଙ୍କ ଅଳଙ୍କାରରେ । ଏହାର ଯଥାର୍ଥ କାରଣ ହେଲା ବ୍ୟକ୍ତିର ଅତି ସାମାନ୍ୟ ଭାଗ ଭଗବାନଙ୍କ ପ୍ରତି ଉନ୍ମୁକ୍ତ ଥାଏ ସେହି ସକାଶେ ସେ ଭଗବାନଙ୍କଠାରୁ ରୋଗରୁ ମୁକ୍ତି, ବ୍ୟବସାୟରେ ଲାଭ, ମାନ-ଯଶୋପ୍ରାପ୍ତି, ପରୀକ୍ଷାରେ ପାସ୍ ନିଜ ସ୍ୱାର୍ଥସିଦ୍ଧି ଚାହେଁ; କିନ୍ତୁ ଧନ ପ୍ରତି ପ୍ରାଣର ଅତ୍ୟନ୍ତ ଆସକ୍ତି ଥିବାରୁ ଭଗବାନଙ୍କୁ କିଛିମାତ୍ର ଦେବାକୁ ଚାହେଁ ନାହିଁ । ବ୍ୟକ୍ତି ନିଜ ପ୍ରାଣର ଆସକ୍ତିକୁ ସମର୍ଥନ ତଥା ନିଜ ଆତ୍ମାକୁ ପ୍ରବଞ୍ଚନା କରିବା ସକାଶେ ଯୁକ୍ତି ଦିଏ, ''ଭଗବାନଙ୍କର ତ ସବୁ, ଭଗବତ୍ କୃପା ପ୍ରାପ୍ତ କରିବା ସକାଶେ ତାଙ୍କୁ ଧନ ଅର୍ପଣ କରିବାର ଆବଶ୍ୟକତା କ'ଣ ? ଏହି ଭାବର ମୂଳରେ ଥାଏ ଧନ ପ୍ରତି ଆସକ୍ତି ବା ମନପ୍ରାଣର କାମନା ସିଦ୍ଧି ପ୍ରଧାନ, ଭଗବାନ୍ ଅତ୍ୟନ୍ତ ଗୌଣ । ସେ ସାଂସାରିକ ବସ୍ତୁପ୍ରାପ୍ତିର ସାଧନ ରୂପେ ଗ୍ରହଣ କରେ ଭଗବାନଙ୍କୁ । ଅର୍ଥାତ୍ ଭଗବାନ୍ ତା'ର କରଣ(means) ଏବଂ ସାଂସାରିକ ବସ୍ତୁ ତା'ର ସିଦ୍ଧି । ଠିକ୍ ଏହାର ବିପରୀତ ଭଗବାନଙ୍କର ଆଶ୍ରିତ ଭକ୍ତ । ସେ ଭଗବତ୍ ପ୍ରାପ୍ତି ସକାଶେ ଧନ, ଐଶ୍ୱର୍ଯ୍ୟ, ସଂସାର, ସଂସାରର ସମସ୍ତ ବସ୍ତୁ, ନିଜେ ତଥା ନିଜର ମନ-ପ୍ରାଣ-ଶରୀରକୁ ଭଗବାନଙ୍କ ଚରଣରେ ସମର୍ପଣ କରିବାରେ ମହାନ୍ ଆନନ୍ଦ ପ୍ରାପ୍ତ ହୁଏ । ସେ ଚାହେଁ ସମସ୍ତ କିଛି ଭଗବାନଙ୍କୁ ଦେଇ ଦେବାକୁ, କିଛି ପ୍ରତିଦାନ ନ ଚାହିଁ । ସ୍ୱାର୍ଥପର ମୋହଗ୍ରସ୍ତ ବ୍ୟକ୍ତି କିଛି ବି ନ ଦେଇ ଭଗବାନଙ୍କଠାରୁ ସମସ୍ତ ଆଦାୟ କରିବାକୁ ଚାହେଁ । ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ନ ହେଲେ ତା'ର ପ୍ରଭାବ ମନ-ପ୍ରାଣରେ ପଡ଼େ ନାହିଁ କିଂବା ମନପ୍ରାଣ ବିଶୁଦ୍ଧ ହୁଏ ନାହିଁ । ଅଶୁଦ୍ଧ ମନ-ପ୍ରାଣକୁ ଯଥାର୍ଥ ଜ୍ଞାନ ଅଧିକାର ନ କଲେ ଯଥାର୍ଥ ଅଯଥାର୍ଥ ସେ ବୁଝିପାରେ ନାହିଁ । ସେହି କାରଣରୁ ବ୍ୟକ୍ତି ଜ୍ଞାନ, ଆନନ୍ଦ, ଐଶ୍ୱର୍ଯ୍ୟର ମୂର୍ତ୍ତିମାନ ସ୍ୱରୂପ ଭଗବାନଙ୍କୁ ଛାଡ଼ି ତୁଚ୍ଛ ସାଂସାରିକ ବସ୍ତୁ ଚାହେଁ । ଭଗବାନ୍ ସର୍ବ ବସ୍ତୁରେ ଓତପ୍ରୋତ ହୋଇ ଆମ୍ଭ ସମ୍ମୁଖରେ ସବୁ ସମୟରେ ବିଦ୍ୟମାନ ଥାଆନ୍ତି । ଆମ୍ଭେମାନେ ବସ୍ତୁ ଅଭ୍ୟନ୍ତରସ୍ଥିତ ଭଗବାନଙ୍କୁ ଦେଖିପାରୁ ନାହିଁ; ବସ୍ତୁର ବାହ୍ୟରୂପ ଦେଖୁ ଏବଂ ତାହାହିଁ ଚାହୁଁ । ଆମ୍ଭମାନଙ୍କର ବାହ୍ୟବସ୍ତୁରେ ଆସକ୍ତି ଥାଏ, ସେହି ବାହ୍ୟ ବସ୍ତୁ ସମର୍ପିତ ହେଲେ ଅନ୍ତରସ୍ଥିତ ଭଗବାନଙ୍କୁ ଆମ୍ଭେ ପାଇପାରୁ । ଯଥାର୍ଥରେ ପାଇବା ସକାଶେ ଆମେ ଭଗବାନଙ୍କୁ ସମର୍ପଣ କରୁ । ଏହାର ପ୍ରମାଣ ହେଉଛି ସୁଦାମାଙ୍କ ତଣ୍ଡୁଳ ।

ସୁଦାମାଙ୍କ ତଣ୍ଡୁଳ ଭାଗବତରେ ପ୍ରସିଦ୍ଧ । ସ୍ତ୍ରୀର ଅତ୍ୟନ୍ତ ଆଗ୍ରହରେ କିଛି ଧନ ଶ୍ରୀକୃଷ୍ଣଙ୍କଠାରୁ ପାଇବା ସକାଶେ ସୁଦାମା ଯାଇଥିଲେ ଦ୍ୱାରକାକୁ । କିନ୍ତୁ ତାଙ୍କର ଧନପ୍ରାପ୍ତି ଅପେକ୍ଷା ବହୁତ ଆଗ୍ରହ ଥିଲା ଶ୍ରୀକୃଷ୍ଣଙ୍କ ଦର୍ଶନ । ଯିବା ସମୟରେ ଦରିଦ୍ର ସୁଦାମାଙ୍କ ସ୍ତ୍ରୀ ଶ୍ରୀକୃଷ୍ଣଙ୍କ ସକାଶେ ଉପହାର ବା ଭେଟି ରୂପେ ଦେଇଥିଲେ କିଛି ତଣ୍ଡୁଳ । ତଣ୍ଡୁଳର ଅର୍ଥ ଚୁଡ଼ା ମଧ୍ୟ ହୋଇପାରେ । ଶ୍ରୀକୃଷ୍ଣ ଅତି ଆଗ୍ରହରେ ମୁଠିଏ ତଣ୍ଡୁଳ ମୁଖରେ ଦେଇ ଅନ୍ୟ ମୁଠାଟି ଉଠାଇବା ସମୟରେ ରୁକ୍ମିଣୀ ଆସି ଶ୍ରୀକୃଷ୍ଣଙ୍କ ହସ୍ତ ଧରି ପକାଇଲେ ଓ କହିଲେ, ''ମୁଠିକରେ ଅପର୍ଯ୍ୟାପ୍ତ ସମ୍ପତ୍ତି ଦେଇ ସାରିଛ, ଅନ୍ୟ ମୁଠାଟି ଗ୍ରହଣ କଲେ ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ ରୂପେ ମୋତେ ସୁଦାମାପୁରୀରେ ରହିବାକୁ ପଡ଼ିବ ।'' ଭକ୍ତ ଯେତେ ଅଧିକ ଶ୍ରଦ୍ଧାରେ ଭଗବାନଙ୍କୁ ବସ୍ତୁ ଅର୍ପଣ କରନ୍ତି ପାଆନ୍ତି ତାହାଠାରୁ ବହୁତ ବେଶୀ । ଯେ ନିଜକୁ ପୂର୍ଣ୍ଣରୂପେ ଦିଅନ୍ତି ସେ ଭଗବାନଙ୍କୁ ପାଆନ୍ତି ପୂର୍ଣ୍ଣରୂପେ । ଭଗବାନଙ୍କୁ ପାଇବାର ଏକମାତ୍ର ଉପାୟ ହେଲା ନିଜକୁ ଦେଇ ଦେବା ।

ନିଜକୁ ଦେଇଦେବାର ଉପାୟ ହେଉଛି ଭକ୍ତି, ଜ୍ଞାନ ଏବଂ ସମର୍ପଣ ଆଦି ସାଧନା । ସେହି ସକାଶେ ଦେବ ମନ୍ଦିରରେ ଭୋଗ ଦେବାର ବିଧାନ ପ୍ରଚଳିତ । ଶ୍ରୀକୃଷ୍ଣ ଗୀତାରେ କହି ଅଛନ୍ତି ଯେ ଭଗବାନଙ୍କୁ ଶ୍ରଦ୍ଧାରେ ପୁଷ୍ପ, ପତ୍ର, ଫଳ, ଜଳ ଦେଲେ ଭଗବାନ୍ ଆନନ୍ଦରେ ତାହା ଗ୍ରହଣ କରନ୍ତି । ସମସ୍ତ ଜଳର ପତି ବରୁଣ । ତାଙ୍କରି ଜଳ ମଧ୍ୟରୁ ଆଞ୍ଜୁଳିଏ ଜଳ ସମର୍ପଣ କରି ତାଙ୍କରି କୃପା ବ୍ୟକ୍ତି ପାଏ । ଯଥାର୍ଥରେ ସଂସାର ଏବଂ ସଂସାରର ସମସ୍ତ ବସ୍ତୁ ଭଗବାନଙ୍କର । ଭଗବାନଙ୍କ ବସ୍ତୁ ଭଗବାନଙ୍କୁ ଅର୍ପଣ କରି ବ୍ୟକ୍ତି ଭଗବତ୍ କୃପା ଲାଭ କରେ । ମୋହ, ସ୍ୱାର୍ଥ, ଅଜ୍ଞାନ ଓ ଆସକ୍ତିର ବଶ ହୋଇ ବ୍ୟକ୍ତି ଭଗବାନଙ୍କ ବସ୍ତୁକୁ ନିଜର ବୋଲି ମନେକରେ । ଭଗବାନଙ୍କଠାରୁ କିଛି ପାଇବାକୁ ହେଲେ ଧନରେ ଥିବା ନିଜ ମୋହ-ଆସକ୍ତି ମଧ୍ୟରୁ ସେହି ଧନ ଦ୍ୱାରା କିଛି ମୋହ ଆସକ୍ତି ଭଗବାନଙ୍କ ଚରଣରେ ଅର୍ପଣ କରେ । ସେହି ଅର୍ପଣର ପ୍ରତିଦାନରେ ଭଗବାନଙ୍କଠାରୁ ଅଧିକ ପ୍ରାପ୍ତ ହେବାର ମାର୍ଗ ଉନ୍ମୁକ୍ତ ହୁଏ । ଏହି ସକାଶେ ବ୍ୟକ୍ତି ମା'ଙ୍କ କୃପା ପାଇବା ଉଦ୍ଦେଶ୍ୟରେ କିଛି ପ୍ରଣାମୀ ଟଙ୍କା ଦିଏ । ଏହା ମା'ଙ୍କ ଉପକାର ସକାଶେ ନୁହେଁ, ନିଜ ସ୍ୱାର୍ଥସିଦ୍ଧି କରିବା ସକାଶେ ।

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝା ଯାଉଛି ଯେ ନିଜେ ଏବଂ ନିଜର ଯାହାକିଛି ଅଛି ସମସ୍ତ ମା'ଙ୍କ ଚରଣରେ ନିବେଦନ କରିଦେବା, କିଛି ଚାହିଁବା ନାହିଁ । ତେବେ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ହୋଇପାରେ । କିନ୍ତୁ ଏହା ଛାଡ଼ି ବ୍ୟକ୍ତି ସାଂସାରିକ ବସ୍ତୁ ଚାହେଁ କାହିଁକି ?

ଉତ୍ତର : ଏହା ନିର୍ଭର କରେ ବ୍ୟକ୍ତି-ଚେତନାର ବିକାଶ ଉପରେ । ବ୍ୟକ୍ତିର ଚେତନା ପର୍ଯ୍ୟାପ୍ତ ବିକଶିତ ହୋଇ ନ ଥିବାରୁ ତା' ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ସେ ବୁଝିପାରେ ନାହିଁ ।

ସାଂସାରିକ ବସ୍ତୁରେ ତା'ର ଥାଏ ଆସକ୍ତି । ସେଥିନେଇ ଭଗବାନଙ୍କଠାରୁ ସେ ତାହାହିଁ ଚାହେଁ । ବହୁତ ବ୍ୟକ୍ତି ଏହି ସାଂସାରିକ ବସ୍ତୁ ପ୍ରାପ୍ତ ହେବାପରେ ଭଗବତ୍ କରୁଣାର ସ୍ପର୍ଶ ସେମାନଙ୍କ ଅନ୍ତରାତ୍ମା ଲାଭ କରେ । ଏହାଦ୍ୱାରା ସେମାନଙ୍କର ବାସନା-କାମନା ଦୂର ହୋଇଥାଏ । ସେମାନେ ସାଧାରଣ ବସ୍ତୁ ଭଗବାନଙ୍କଠାରୁ ନ ଚାହିଁ ଭଗବାନଙ୍କର ଚରଣରେ ନିଜକୁ ସମର୍ପଣ କରିଦିଅନ୍ତି ।

ପ୍ରଶ୍ନ : ମା' ପୃଥିବୀକୁ ଆସିଛନ୍ତି ମୃତ୍ୟୁପୁରୀରେ ସ୍ୱର୍ଗରାଜ୍ୟ ଏବଂ ରୋଗ-ଜରା-ମୃତ୍ୟୁ ଓ ଦୁଃଖ ତାପ ପ୍ରପୀଡ଼ିତ ମନୁଷ୍ୟ-ସମାଜରେ ରୋଗ-ଜରା-ମୃତ୍ୟୁମୁକ୍ତ, ଜ୍ଞାନ-ଆନନ୍ଦଯୁକ୍ତ ଅତିମାନବଜାତି ସ୍ଥାପନ କରିବା ସକାଶେ । କିନ୍ତୁ ମା'ଙ୍କ କୃପା ପ୍ରାପ୍ତ କରୁଛନ୍ତି କଳାବଜାରୀ ବ୍ୟାପାରୀ, ଅନ୍ୟାୟ, ଅସତ୍ୟ, ମିଥ୍ୟା, ଛଳ-କପଟ ଆଚରଣ କରୁଥିବା ରାଜନୈତିକ ଧୂର୍ତ୍ତ, ସ୍ୱାର୍ଥପର ନେତା, ଏବଂ ଦସ୍ୟୁ ରତ୍ନାକର ସଦୃଶ ଅତ୍ୟାଚାରୀ ବ୍ୟକ୍ତି । ଏହାଦ୍ୱାରା ଅନ୍ୟାୟକୁ ପ୍ରଶ୍ରୟ ମିଳୁଅଛି । ପତନୋନ୍ମୁଖୀ ବ୍ୟକ୍ତି ଏହି ସୁଯୋଗ ପାଇ ମା'ଙ୍କ ନାମରେ ଅଧିକ ଅନ୍ୟାୟ କରୁଅଛନ୍ତି । ଏହାଦ୍ୱାରା ସର୍ପକୁ ଦୁଗ୍ଧପାନ କରାଇବା ସଦୃଶ ବ୍ୟକ୍ତିର ଅନ୍ୟାୟ ଆଚରଣ ବୃଦ୍ଧି ପାଉଅଛି, ସମାଜ ସୁଧାର ହେବା ପରିବର୍ତ୍ତେ ପତନ ହେବା ଦିଗରେ ଗତି କରୁଥିବା ପରି ଅନୁମାନ ହେଉଅଛି । ମୁଁ ମନେକରେ ଯେ ଏହିପରି ଅସତ୍ୟ ପରାୟଣ ବ୍ୟକ୍ତିଙ୍କୁ ଆଶ୍ରମରେ ଏକେବାରେ ପ୍ରବେଶ-ନିଷେଧ କରା ହେଲେ ସେମାନେ ନିଜର ଭୁଲ୍ ବୁଝିପାରନ୍ତେ ଏବଂ ତାହା ତ୍ୟାଗ କରିବାକୁ ଚେଷ୍ଟା କରନ୍ତେ ।

ଉତ୍ତର : ଭଗବତ୍ ଆଶୀର୍ବାଦ ଦ୍ୱାରା ସର୍ପକୁ ଦୁଗ୍ଧ ପାନ କରାଇବା ସଦୃଶ ବ୍ୟକ୍ତିର ଅନ୍ୟାୟ, ଅସତ୍ୟ ବୃଦ୍ଧି ହୁଏ ନାହିଁ, ଏହା ଦୂର ହୋଇ ସତ୍ୟ, ନ୍ୟାୟ ପ୍ରତିଷ୍ଠିତ ହୁଏ । ତୁମ୍ଭ କହିବା ଅନୁସାରେ ଯଦି ଅସତ୍ୟପରାୟଣ ବ୍ୟକ୍ତିଙ୍କ ସକାଶେ ଆଶ୍ରମ ଦ୍ୱାର ବନ୍ଦ କରାଯାଇ ଧର୍ମ ପରାୟଣ ବ୍ୟକ୍ତିଙ୍କ ସକାଶେ ଦ୍ୱାର ଉନ୍ମୁକ୍ତ ରହନ୍ତା ତେବେ ସଂସାରରେ ଜଣେ ବ୍ୟକ୍ତି ବି ଆଶ୍ରମକୁ ଆସି ପାରନ୍ତେ ନାହିଁ । ପୃଥିବୀରେ ଯେଉଁ ଅତିମାନସ ସତ୍ୟ-ଚେତନା ପ୍ରତିଷ୍ଠା କରିବା ସକାଶେ ଶ୍ରୀମା ଏହି ପୃଥିବୀକୁ ଆସିଛନ୍ତି, ତାହା ହୋଇ ପାରନ୍ତା ନାହିଁ । ସଂସାରରେ ସମସ୍ତ ବ୍ୟକ୍ତି ମଧ୍ୟରେ ଦୋଷ, ତ୍ରୁଟି, ଅସତ୍ୟ, ଅନ୍ୟାୟ କମ୍ ବେଶୀ ପରିମାଣରେ ବିଦ୍ୟମାନ ଅଛି । ସମ୍ପୂର୍ଣ୍ଣ ରୂପେ ଜଣେ ବ୍ୟକ୍ତି ବି ସେଥିରୁ ମୁକ୍ତ ନାହିଁ । ଭଗବାନଙ୍କ ଦ୍ୱାର ସର୍ବଦା ପାପୀ ପୁଣ୍ୟାତ୍ମା ସମସ୍ତଙ୍କ ସକାଶେ ସବୁ ସମୟରେ ଉନ୍ମୁକ୍ତ ଥାଏ । ଯିଏ ଭଗବାନଙ୍କ

ପାଖକୁ ଆନ୍ତରିକତା ସହ ଆସେ ଭଗବାନ୍ ତା'ର ଅସତ୍ୟ, ଅନ୍ୟାୟ, ପାପ, ଦୂରକରି ତାକୁ ସାଧୁ କରି ନିଅନ୍ତି । ଭଗବତ୍ କୃପା ସମସ୍ତଙ୍କ ସକାଶେ ସମାନ କିନ୍ତୁ ଯେଉଁମାନଙ୍କର ଆନ୍ତରିକତା ନ ଥାଏ, ଛଳ, କପଟ ପୂର୍ଣ୍ଣଥାଏ, ସେମାନେ ଭଗବତ୍ କୃପା ପାଇ ପାରନ୍ତି ନାହିଁ ।

ଅନ୍ୟ ପକ୍ଷରେ ମା' ଏହି ପୃଥିବୀକୁ ଆସିଛନ୍ତି ଅନ୍ୟାୟ, ଅସତ୍ୟ ଦୂର କରିବାକୁ । ଅନ୍ୟାୟ-ଅସତ୍ୟ ଆକାଶରୁ ଦୂର କରାହୁଏ ନାହିଁ, ଦୂର କରାହୁଏ ମନୁଷ୍ୟ ମଧ୍ୟରୁ । ଯଦି ଅସତ୍ୟ ପରାୟଣ ବ୍ୟକ୍ତିକୁ ଆଶ୍ରମ ନିଷେଧ କରାହୁଏ, ତେବେ ମା', ସତ୍ୟ, ନ୍ୟାୟ ପୃଥିବୀରେ ସ୍ଥାପନ କରିବେ କିପରି ? ବ୍ୟକ୍ତି କେତେ ଦୁରାଚାରୀ ହୋଇଥାଉ, ତା' ମଧ୍ୟରେ ଗୋଟିଏ ଭାଗ ଯଦି କୌଣସି ପ୍ରକାରେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୁଏ, ତେବେ ତା ମଧ୍ୟରେ ମା'ଙ୍କ ଶକ୍ତି କାର୍ଯ୍ୟ କରେ । କିନ୍ତୁ ବ୍ୟକ୍ତି ଯଦି ମା'ଙ୍କ ଶକ୍ତି ଗ୍ରହଣ କରି ଅନ୍ୟାନ୍ୟ ଭାଗକୁ ଶୁଦ୍ଧ କରିବା ସକାଶେ ଅଭୀପ୍ସା କରେ ଏବଂ ପ୍ରତିକୂଳ ବସ୍ତୁକୁ ତ୍ୟାଗ କରେ, ତେବେ ମା'ଙ୍କ ଶକ୍ତି ତା' ମଧ୍ୟରେ ଅଧିକାଧିକ କ୍ରିୟାକରି ତାକୁ ଶୁଦ୍ଧ କରିଦିଅନ୍ତି । ସେ ଭଗବତ୍ ଅଭିମୁଖୀ ହୁଏ । ତା' ଦ୍ୱାରା ଆଉ ଅନ୍ୟାୟ ଅସତ୍ୟ କର୍ମ ହୁଏ ନାହିଁ । ସେ ନିଜର ଏବଂ ଜଗତର ଯଥାର୍ଥ ହିତ ସାଧନ କରେ । ଯେଉଁ ବ୍ୟକ୍ତି ମା'ଙ୍କ କୃପା ପ୍ରାପ୍ତ କରିବା ପରେ ପୂର୍ବ ଅଭ୍ୟାସର ବଶ ହୋଇ ଅସତ୍ କର୍ମରେ ପ୍ରବୃତ୍ତ ହୁଏ, ସେ ମା'ଙ୍କ ଶକ୍ତିକୁ ହରାଏ । ଶ୍ରୀଅରବିନ୍ଦ ସ୍ପଷ୍ଟଭାବେ ଲେଖିଛନ୍ତି, ମା'ଙ୍କ ଆଶୀର୍ବାଦ ଅନ୍ୟାୟ, ଅସତ୍ୟ ବା ଅନ୍ଧକାର ମଧ୍ୟରେ କ୍ରିୟା କରେ ନାହିଁ ।''

ଶ୍ରୀଅରବିନ୍ଦ ତାଙ୍କର ''The Mother'' ଗ୍ରନ୍ଥରେ ଏକଥା ସ୍ପଷ୍ଟ କହିଛନ୍ତି :

''But the supreme Grace will act only in the conditions of the Light and the Truth; it will not act in conditions laid upon it by the Falsehood and the Ignorance. For if it were to yield to the demands of the Falsehood, it would defeat its own purpose.''

''କିନ୍ତୁ ସେହି ପରମ ଭାଗବତ କୃପା କାର୍ଯ୍ୟ କରିପାରେ କେବଳ ଜ୍ୟୋତିଃ ଓ ସତ୍ୟର ବିଧାନକୁ ଆଶ୍ରୟ କରି; ଅସତ୍ୟ ଓ ଅଜ୍ଞାନ ଯଦି ଭାଗବତ କୃପା ଉପରେ ଆରୋପ କରାଯାଏ, ତେବେ ସେ କାର୍ଯ୍ୟ କରିବାକୁ ଅସ୍ୱୀକାର କରେ । କାରଣ ମିଥ୍ୟାଦାବି ଯଦି ସେ ସ୍ୱୀକାର କରିନିଏ, ସେ ନିଜେ ନିଜର ବ୍ୟର୍ଥତାର କାରଣ ହୁଏ ।''

ଫେର୍ ତୁମେ କହୁଛ – ''ଦୋଷଯୁକ୍ତ ବ୍ୟକ୍ତିଙ୍କୁ ଆଶ୍ରମ ଏକେବାରେ ନିଷେଧ କରାହେଲେ ସେମାନେ ନିଜ ଦୋଷ ବୁଝିପାରିବେ ଏବଂ ତାହା ତ୍ୟାଗ କରିବେ ।'' ଆଶ୍ରମ ଯେତେବେଳେ ନ ଥିଲା ସେତେବେଳେ ତ ଦୋଷଯୁକ୍ତ ବ୍ୟକ୍ତି ଥିଲେ, ସେତେବେଳେ ସେମାନେ ଯଦି ନିଜ ଦୋଷ ଦୂର କରି ନାହାନ୍ତି, ବର୍ତ୍ତମାନ କିପରି ଏହି ପ୍ରଣାଳୀରେ ଦୋଷ ଦୂର କରିବେ ବୋଲି ଆଶା କରୁଛନ୍ତି ? ସିଗାରେଟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ତଥା ଚେତନାର କ୍ଷତିକାରକ ଜାଣିବା ସତ୍ତ୍ୱେ ତୁମେ ତ୍ୟାଗ କରିପାରୁ ନାହଁ, ବ୍ୟକ୍ତି ଭଗବାନଙ୍କ ସାହାଯ୍ୟ ବିନା ନିଜ ଦୋଷ ତ୍ୟାଗ କରିବ ବୋଲି ଭାବୁଛ କିପରି ?

ସଂସାରରେ ନୂତନ ଚେତନା-ସ୍ଥାପନ କିଂବା ଧର୍ମର ଉତ୍‌ଥାନ ସକାଶେ ଭଗବାନ୍ ପୃଥିବୀକୁ ଆସି ସାଧୁପୁରୁଷଙ୍କୁ ରକ୍ଷା କରନ୍ତି ଏବଂ ଦୁଷ୍କୃତକୁ ବିନାଶ କରନ୍ତି ।

''ପରିତ୍ରାଣାୟ ସାଧୂନାଂ
ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ
ସମ୍ଭବାମି ଯୁଗେ ଯୁଗେ ॥''

(ଗୀତା, ଅଧ୍ୟାୟ : ୪-୮)

ଭଗବାନ୍ ଯୁଗେ ଯୁଗେ ଅବତାର ନିଅନ୍ତି ଦୁଷ୍କୃତକୁ ବିନାଶ କରି ସାଧୁମାନଙ୍କୁ ପରିତ୍ରାଣ କରିବା ସକାଶେ ।

ଦୋଷଯୁକ୍ତ ବ୍ୟକ୍ତି ଭଗବତ୍ ଅଭିମୁଖୀ ହେବା ଦ୍ୱାରା ଭଗବତ୍ କୃପାରୁ ସେମାନଙ୍କର ଦୋଷ କ୍ରମଶଃ ଦୂର ହୁଏ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ଅଧର୍ମ ଦୂର, ଧର୍ମ ଆଚରିତ ହେଲେ ସଂସାରରେ ଧର୍ମ-ସ୍ଥାପନ ହୁଏ, ସାଧୁସଜ୍ଜନମାନେ ସୁରକ୍ଷିତ ହୁଅନ୍ତି । ଯେଉଁମାନେ ନିଜ ଦୋଷକୁ ତ୍ୟାଗ କରିବାକୁ ଚାହାନ୍ତି ନାହିଁ ନିଜ ସ୍ୱାର୍ଥ ସକାଶେ ଅନ୍ୟକୁ ପୀଡ଼ା ଦିଅନ୍ତି ସେହିମାନେ ଅସୁର । ସେମାନଙ୍କୁ ଭଗବାନ୍ ବିନାଶ କରନ୍ତି ।

ସଂସାରରେ ପୂର୍ଣ୍ଣ ନିର୍ଦୋଷ କେହି ବି ନୁହନ୍ତି, ଦୋଷ ଥାଏ ସକଳଙ୍କ ମଧ୍ୟରେ; ମାତ୍ର ପରିମାଣ କମ୍ ବା ବେଶୀ ହୋଇପାରେ । ଭଗବାନଙ୍କୁ ଲାଭ କରିବା ପରେ ବ୍ୟକ୍ତି ହୁଏ ନିର୍ଦୋଷ । ଯଦି ଦୋଷଯୁକ୍ତ ବ୍ୟକ୍ତିଙ୍କୁ ସଂସାରରୁ ବାହାର କରି ଦିଆହୁଏ, ତେବେ ଭଗବାନଙ୍କୁ ସଂସାର ନାଶ କରି ନୂତନ ସଂସାର ରଚିବାକୁ ପଡ଼ିବ ।

ସବୁଠାରୁ ଉତ୍ତମ କଥା ହେଲା ମନ-ପ୍ରାଣ-ଶରୀରର ରୂପାନ୍ତର, ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି । ଏହି ଲକ୍ଷ୍ୟକୁ ଗ୍ରହଣ କରି ଅନ୍ୟାୟ, ଅସତ୍ୟକୁ ଦୂର କରିବା । ଏଥିରେ ହେବ ନିଜର ଏବଂ ଜଗତର ହିତ । ଏହାହିଁ ଭଗବାନଙ୍କର ସଂକଳ୍ପ । ଏହି ଲକ୍ଷ୍ୟସିଦ୍ଧି ସକାଶେ ବ୍ୟକ୍ତି ଏହି ସଂସାରକୁ ଆସିଅଛି । ଏଥିରେହିଁ ବ୍ୟକ୍ତିର ଜୀବନ ହୁଏ ସାର୍ଥକ । ଏହି ଲକ୍ଷ୍ୟସିଦ୍ଧି ସକାଶେହିଁ ମା'ଙ୍କର ଆଶୀର୍ବାଦ ଏକାନ୍ତ ପ୍ରୟୋଜନ ।

ସମର୍ପଣ ଓ ବାଧାବିଘ୍ନ

ସୂଚନା

ପୂର୍ଣ୍ଣଯୋଗର ମୂଳଭିତ୍ତି ହେଲା ସମର୍ପଣ । ସମର୍ପଣ ବ୍ୟତୀତ ଯୋଗସାଧନାର କୌଣସି ଅର୍ଥ ନାହିଁ । 'ସମର୍ପଣ' ଅତି ସାଧାରଣ ଶବ୍ଦଟିଏ ହେଲେ ମଧ୍ୟ ଏହାର ଗଭୀର ଅର୍ଥ ଓ ରହସ୍ୟ ଉପଲବ୍ଧି କରିବା ଅତ୍ୟନ୍ତ କଠିନ । ସାଧନାପଥରେ ବହୁ ବାଧାବିଘ୍ନ ଦ୍ୱାରା ସାଧକ ବ୍ୟତିବ୍ୟସ୍ତ ହୋଇପଡ଼େ । ଏହିସବୁ ବାଧାବିଘ୍ନର ଯଥାର୍ଥ ସ୍ୱରୂପ ଉପଲବ୍ଧି କରିବା ମଧ୍ୟ ସାଧକ ପକ୍ଷରେ ସମୟ ସମୟରେ ଅତ୍ୟନ୍ତ ଦୁରୂହ ବ୍ୟାପାର ହୁଏ । ଲେଖକ ଏହି ଦୀର୍ଘ ପ୍ରବନ୍ଧରେ ସ୍ୱୀୟ ଅଭିଜ୍ଞତାରୁ 'ସମର୍ପଣ'ର ଅର୍ଥ ସ୍ୱରୂପ ଓ ପଦ୍ଧତି ଏବଂ ସାଧନାପଥରେ ବାଧାବିଘ୍ନ ସମ୍ବନ୍ଧରେ ଅତି ଉପାଦେୟ ଓ ମୌଳିକ ଆଲୋଚନା କରିଛନ୍ତି । ସମସ୍ତ ଆଲୋଚନାର ଧାରା ଅତି ନିର୍ମଳ ଓ ସରଳ ହୋଇଥିବାରୁ ସାଧକମାନଙ୍କ ପକ୍ଷରେ ଏହାର ଭାବ ଗ୍ରହଣ କରିବା ସହଜ ହେବ । ପରିଶେଷରେ ରହିଛି ପୁରାଣୋକ୍ତ 'ନାରଦଙ୍କ ମୋହ' ଉପାଖ୍ୟାନ ଯାହା ଏହି ଦୀର୍ଘ ପ୍ରବନ୍ଧକୁ ସୁପାଠ୍ୟ ଏବଂ ସମୁଜ୍ଜ୍ୱଳ କରିପାରିଛି । ଆଶାକରୁ ଏହି ପୁସ୍ତିକାଟି ପାଠକମାନଙ୍କ ପାଖରେ ବିଶେଷଭାବେ ଆଦୃତ ହେବ ।

— ପ୍ରକାଶକ

ସମର୍ପଣ ଓ ବାଧାବିଘ୍ନ

ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ସମର୍ପଣ ଏକାନ୍ତ ଆବଶ୍ୟକ । ପୂର୍ଣ୍ଣ ଆତ୍ମସମର୍ପଣ ଦ୍ୱାରା ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅବତରଣ କରାଇଥିବା ଆଦ୍ୟା ସୃଜନକାରୀ ଅତିମାନସ ମହାଶକ୍ତି ସାଧକ ମଧ୍ୟରେ କ୍ରିୟା କରି ସାଧକକୁ ରୋଗ, ଜରା, ମୃତ୍ୟୁରୁ ମୁକ୍ତ କରେ ଏବଂ ତାହାର ମନ, ପ୍ରାଣ ଶରୀରକୁ ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରେ; ଏହା ସଙ୍ଗେ ସଙ୍ଗେ ଜଗତରୁ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଯୁଦ୍ଧାଦି ଦୁର୍ଗୁଣକୁ ଦୂର କରି ସଂସାରରେ ସ୍ୱର୍ଗରାଜ୍ୟ ସ୍ଥାପନ କରେ । ପୁରାତନ ଯୋଗର ଅତ୍ୟନ୍ତ ଶକ୍ତିଶାଳୀ ସମସ୍ତ ସାଧନା, ଉତ୍କଟ ତପସ୍ୟା ଦ୍ୱାରା ଏହି ଲକ୍ଷ୍ୟ କଦାପି ସାଧିତ ହୋଇପାରେ ନାହିଁ, ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ସାଧକର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ ।

ଆଦିପୁରୁଷ ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମ ନିଜ ସଂକଳ୍ପରେ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜ ମାୟାକୁ ଆଶ୍ରୟ କରି ଭିନ୍ନ ଭିନ୍ନ ପ୍ରାଣୀରୂପେ ପ୍ରକଟ ହୋଇ ଅଛନ୍ତି । କାରଣ ସେ ନିଜକୁ ଏହି ସଂସାରରେ ପରିପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ କରିବାକୁ ଚାହାନ୍ତି । ମନୁଷ୍ୟ ଅଜ୍ଞାନରେ ମୋହିତ ହୋଇ ତାହାର ଯେଉଁ ସ୍ୱାଭାବିକ ଚାହିଁବା ବା ଲକ୍ଷ୍ୟ ପରମାନନ୍ଦ ପରମ ଶାନ୍ତି, ରୋଗ, ଜରା, ମୃତ୍ୟୁରୁ ମୁକ୍ତି, ପ୍ରକୃତି ଉପରେ ଅଧିକାରପ୍ରାପ୍ତି – ଏହିସବୁକୁ ଭୁଲି ଅଜ୍ଞାତରୂପେ ଏହି ଲକ୍ଷ୍ୟର ବିକୃତ ରୂପ ସାଂସାରିକ ସୁଖକୁ ଖୋଜୁଛି ସ୍ତ୍ରୀ, ପୁତ୍ର, ଧନ, ମାନ ଓ ଯଶାଦିରେ । ଏହିସବୁ ବସ୍ତୁ ଅସ୍ଥାୟୀ ହେବାରୁ ସୁଖ ସଙ୍ଗେ ସଙ୍ଗେ ପାଉଛି ଦୁଃଖ, ଆଶାରେ ହେଉଛି ନିରାଶ ଏବଂ ହତାଶ । ଶେଷରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଏହି ଦ୍ୱନ୍ଦ୍ୱରୁ ମୁକ୍ତ ହେବାର ମାର୍ଗ ନ ଦେଖି, ଉପାୟ ନ କରି ବାରଂବାର ଜନ୍ମମରଣ-ଆବର୍ତ୍ତନରେ ପଡ଼ି ଅନନ୍ତ କାଳରୁ ଦୁଃଖ, ଦ୍ୱନ୍ଦ୍ୱ ଭୋଗ କରି ଚାଲିଆସୁଛି । ଏହି ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବାର ମାର୍ଗ ଯଦ୍ୟପି ପୁରାତନ ଯୋଗସମୂହ ମନୁଷ୍ୟ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ତଥାପି ସେଥିରେ ସାଂସାରିକ ସମସ୍ୟାର ସମାଧାନ ହୋଇ ନାହିଁ କିଂବା ଜୀବନ ପୂର୍ଣ୍ଣତାକୁ ପ୍ରାପ୍ତ ହୋଇ ନାହିଁ ।

ମନୁଷ୍ୟ ଜ୍ଞାତ ବା ଅଜ୍ଞାତରେ ଚାହେଁ – ରୋଗ, ଜରା, ମୃତ୍ୟୁ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥ, ଅହଂ ଆଦିରୁ ମୁକ୍ତି; ସୁଖ, ନୀରୋଗତା, ଯୌବନ, ଆନନ୍ଦମୟ ଜୀବନ; ସାଂସାରିକ ହିଂସା, କଳହ, ଯୁଦ୍ଧ, ଦ୍ୱନ୍ଦ୍ୱବିରୋଧରୁ ମୁକ୍ତ ସ୍ୱର୍ଗରାଜ୍ୟ । ଏହା କୌଣସି ପୁରାତନ ଯୋଗରେ ସାଧିତ ହୋଇ ନାହିଁ । ସଂସାର ଓ ମନୁଷ୍ୟଜୀବନର ଦୁଃଖ-ଦ୍ୱନ୍ଦ୍ୱଗୁଡ଼ିକ ପୂର୍ବେ ଯେପରି ଥିଲା ବର୍ତ୍ତମାନ ଆତ୍ମମାନଙ୍କ ସମ୍ମୁଖରେ ସେହିପରି ରହିଛି । ଏହା ସାମୂହିକ ଭାବରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧିତ ହୁଏ । କେତେକ ସଂଖ୍ୟାରେ ସାଧକମାନଙ୍କର ମନ, ପ୍ରାଣ, ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ଆରମ୍ଭ ହେବା ସଙ୍ଗେ ସଙ୍ଗେ କ୍ରମଶଃ ସଂସାରରୁ ହିଂସା, ଦ୍ୱେଷ, ଯୁଦ୍ଧ, ବିଦ୍ରୋହ କମ୍ ହୁଏ, ଶାନ୍ତି, ନ୍ୟାୟ, ପ୍ରେମ ବୃଦ୍ଧି ଲାଭ କରେ । ଯେତେବେଳେ ଏହି ଯୋଗର ସାଧକମାନଙ୍କର ମନ, ପ୍ରାଣ, ଶରୀର ଚିନ୍ମୟ ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର ହୁଏ, ସେତେବେଳେ ସେମାନଙ୍କୁ କୁହାଯାଏ ଅତିମାନବ । ଏହି ପୃଥିବୀରେ ଅତିମାନବଜାତି ସ୍ଥାପିତ ହେଲେ ସଂସାର ପୂର୍ଣ୍ଣରୂପେ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସ୍ୱର୍ଗରେ ପରିଣତ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ଯେଉଁ ଅତିମାନବ ସୃଷ୍ଟି, ଏହା କୌଣସି ପୁରାତନ ଯୌଗିକ କ୍ରିୟା ଦ୍ୱାରା ସାଧିତ ହୁଏ ନାହିଁ, ସାଧିତ ହୁଏ ଯଦି ଅତିମାନସ ଶକ୍ତିକୁ ସାଧକ ନିଜ ମଧ୍ୟରେ ଆବାହନ କରେ; ତାକୁ ସାଧନାର ସମସ୍ତ ଭାର ଦେଇ ତା' ଚରଣରେ ସଂପୂର୍ଣ୍ଣରୂପେ ନିଜେ ଓ ନିଜର ଯାହାକିଛି ସମସ୍ତ ଅର୍ପଣ କରେ; ତେବେ ସେ ସାଧକ ମଧ୍ୟରେ ଅବତରଣ କରି ସାଧନାର ପୂର୍ଣ୍ଣଭାର ଗ୍ରହଣ କରି ରୂପାନ୍ତର କ୍ରିୟା କରିପାରେ । ସେହି ସକାଶେ ଏହି ଯୋଗରେ ସମର୍ପଣ ହେଲା ଅପରିହାର୍ଯ୍ୟ ସାଧନା ଏବଂ ପ୍ରତ୍ୟେକ ବ୍ୟକ୍ତି ସକାଶେ ସୁଲଭ । ବ୍ୟକ୍ତି ସଂସାର, ପରିବାରରେ ରହି ଏହି ସାଧନା ସହଜରେ କରିପାରେ ।

ସମର୍ପଣ

ଭଗବାନଙ୍କର ବିଧାନ ମନୁଷ୍ୟ-ବୁଦ୍ଧିର ଅଗୋଚର ଓ ଅକଳ୍ପନୀୟ । ସୀମିତ ମନ-ବୁଦ୍ଧି ଦ୍ୱାରା ଭଗବାନଙ୍କ ବିଧାନ ଜାଣିବା କେବଳ ଦୁଃସାଧ୍ୟ ନୁହେଁ, ଅସମ୍ଭବ । ଜଳ ପ୍ରତ୍ୟେକ ଦେହଧାରୀ ପ୍ରାଣବନ୍ତ ଜୀବର ଆବଶ୍ୟକ ଅତଏବ ଏହା ସର୍ବତ୍ର ସୁଲଭ ଓ ପ୍ରାପ୍ୟ । ସୁବର୍ଣ୍ଣ, ମଣି, ମୁକ୍ତା ଇତ୍ୟାଦି ମନୁଷ୍ୟ, ପଶୁ ଓ ଇତର ପ୍ରାଣୀମାନଙ୍କ ଜୀବନ ଧାରଣରେ ଅନାବଶ୍ୟକ, କିନ୍ତୁ ତାହା ଦୁର୍ମୂଲ୍ୟ ଏବଂ ଦୁଷ୍ପ୍ରାପ୍ୟ । ସେହିପରି ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ସିଦ୍ଧି ପ୍ରତ୍ୟେକ ପ୍ରାଣୀର ଆବଶ୍ୟକ, ସେହି ସକାଶେ ତାହାର ସାଧନ 'ସମର୍ପଣ' ଅତ୍ୟନ୍ତ ସହଜ । ପୂର୍ଣ୍ଣଯୋଗର ସାଧନା ଅତ୍ୟନ୍ତ ସହଜ ନ ହୋଇ ଥିଲେ ତାହା ପ୍ରତ୍ୟେକ ପ୍ରାଣୀଙ୍କ ସକାଶେ ନ ହୋଇ ପୁରାତନ ଯୋଗର ଅନ୍ୟାନ୍ୟ ସାଧନା ସଦୃଶ ସୀମିତ ହୋଇଥା'ନ୍ତା । ସମର୍ପଣ କରାହୁଏ କେବଳ ଈଶ୍ୱରଙ୍କୁ । ସେହି ଈଶ୍ୱର ଶ୍ରୀମା ଶ୍ରୀଅରବିନ୍ଦଙ୍କ ରୂପେ ଅବତାର ନେଇ ଅଛନ୍ତି । ସାଧକ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଆତ୍ମସମର୍ପଣ କରିପାରେ । ଏହା ପୂର୍ଣ୍ଣତଃ ନିର୍ଭର କରେ ସାଧକର ଶ୍ରଦ୍ଧା, ବିଶ୍ୱାସ ଉପରେ । ଈଶ୍ୱର ସର୍ବବ୍ୟାପକ । ସାଧକ କାଠ ଓ ପାଷାଣ ମୂର୍ତ୍ତିରେ ଈଶ୍ୱର ଭାବ ରଖି ପୂଜା କରେ, ଆତ୍ମସମର୍ପଣ କରେ ଏବଂ ତା'ର ହୃଦୟର ଭାବ ଓ ନିଷ୍ଠା ଅନୁସାରେ ସେ ଫଳ ପାଏ । ଏପରିକି ମା'ମାନେ କାନ୍ଥରେ ଚିତା ଲେଖି ପୂଜା କରନ୍ତି ଏବଂ ଫଳ ପାଆନ୍ତି । ଶ୍ରୀମା ଶ୍ରୀଅରବିନ୍ଦ ଏହି ରୂପାନ୍ତର କାର୍ଯ୍ୟ କରିବାକୁ ସଂସାରକୁ ଆସିଛନ୍ତି । ତାଙ୍କ ମଧ୍ୟ ଦେଇ ଅତିମାନସ ଶକ୍ତି କ୍ରିୟା କରୁଛି । ସେ ସମସ୍ତ ଚେତନାରେ ଭଗବାନଙ୍କ ସହିତ ଏକ ଓ ଅଭିନ୍ନ ହୋଇଛନ୍ତି । ତାଙ୍କୁ ସମର୍ପଣ କରିବା ଦ୍ୱାରା ଅତିମାନସ ଶକ୍ତିକୁ ସ୍ୱତଃ ସମର୍ପଣ କରାହୁଏ । ତଦ୍ଦ୍ୱାରା ଅତିମାନସ ଶକ୍ତି ସହଜରେ ସାଧକ ମଧ୍ୟରେ କ୍ରିୟା କରିପାରେ । ଏଣୁ ପୂର୍ଣ୍ଣଯୋଗର ସାଧକମାନେ ମା'ଙ୍କୁ ସମର୍ପଣ କରନ୍ତି ।

ପୂର୍ବେ କୁହା ହୋଇଛି ଜଣକୁ ବାଦ୍ ନ ଦେଇ ସଂସାରର ସମସ୍ତ ବ୍ୟକ୍ତି ରୋଗ, ବୃଦ୍ଧତ୍ୱ ଓ ମୃତ୍ୟୁ, ଦୁଃଖ-କଷ୍ଟ ଚାହାନ୍ତି ନାହିଁ, ଚାହାନ୍ତି ଦୁଃଖ ବିହୀନ ପରମ ସୁଖ, ରୋଗରୁ ମୁକ୍ତ ନୀରୋଗତା, ବାର୍ଦ୍ଧକ୍ୟରୁ ମୁକ୍ତ ଚିରଯୌବନ, ମୃତ୍ୟୁରୁ ମୁକ୍ତ ଅମରତ୍ୱ । ଏହା ପୁରାତନ ଯୋଗର କୌଣସି କଠୋର ସାଧନା ଦ୍ୱାରା ପ୍ରାପ୍ତ ହୁଏ ନାହିଁ । ଏହାର ପ୍ରମାଣ ହେଲା ଆଜି ପର୍ଯ୍ୟନ୍ତ କୌଣସି ପୁରାତନ ଯୋଗୀଙ୍କୁ ଏହି ସିଦ୍ଧି ପ୍ରାପ୍ତ ହୋଇ ନାହିଁ । ଏହା ପ୍ରାପ୍ତ ହୁଏ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ରୂପାନ୍ତର ହେବାରେ । ସାଧକମାନଙ୍କୁ ଏହି ରୂପାନ୍ତର ସିଦ୍ଧି ସହଜରେ ପ୍ରାପ୍ତ କରାଇବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣିଛନ୍ତି । ବ୍ୟକ୍ତି କେବଳ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସମର୍ପଣ କଲେ ସେହି ଶକ୍ତି ବ୍ୟକ୍ତି ମଧ୍ୟରେ ସାଧନା କରି ଲକ୍ଷ୍ୟସିଦ୍ଧି ଆଣିଦେବ । ଏହି ସମର୍ପଣ ପୁରାତନ ବହୁତ ଯୋଗରେ ଯଦ୍ୟପି ପ୍ରଚଳିତ ହୋଇଛି ତଥାପି ଶରୀରର ସମର୍ପଣ କୌଣସି ଯୋଗରେ ହୋଇ ନାହିଁ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ସମର୍ପଣ : ସହଜ ପ୍ରକ୍ରିୟା

ଭଗବାନ ସ୍ୱୟଂ 'ଏକୋଽହଂ ବହୁସ୍ୟାମ୍', ଜଗତ୍ ଏବଂ ସମସ୍ତ ପ୍ରାଣିରୂପେ ପ୍ରକଟ ହୋଇଅଛନ୍ତି । ଅତଏବ ସମସ୍ତ ସଂସାର ତାଙ୍କର ସ୍ୱରୂପ ଓ ବିକାଶର କ୍ଷେତ୍ର । ଏହି କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅଂଶ ଗ୍ରହଣ କରିବା ସକାଶେ ଏହି ପୃଥିବୀକୁ ଆସିଛନ୍ତି । ମନୁଷ୍ୟ ମୋହରେ ପଡ଼ି ଏହି ରହସ୍ୟକୁ ଭୁଲି, ଆସକ୍ତି ଓ ଅହଂର ପ୍ରଭାବରେ ସମସ୍ତ ବସ୍ତୁକୁ 'ମୋର' ବୋଲି ମନେକରି କର୍ମ ବନ୍ଧନ ଓ ଜନ୍ମ-ମରଣ-ଦ୍ୱନ୍ଦ୍ୱରେ ପଡୁଅଛି । ଏହି 'ମୁଁ' ଏବଂ 'ମୋର' ଭ୍ରମାତ୍ମକ ବୋଧ ଅପସାରିତ ହେଲେ ମନୁଷ୍ୟ ଆଉ ଭଗବାନଙ୍କ ମଧ୍ୟରେ ବ୍ୟବଧାନ ଦୂର ହୋଇଯାଏ ଏବଂ ଅତିମାନସ ଶକ୍ତି ବ୍ୟକ୍ତି ମଧ୍ୟରେ ରୂପାନ୍ତରକାର୍ଯ୍ୟ କରିପାରେ । ବହୁ କାଳରୁ ଏହି ଯେଉଁ ଅହଂଭାବ 'ମୁଁ' ଏବଂ 'ମୋର' ଅଭ୍ୟାସ ହୋଇଛି, ଏହି ଭ୍ରମକୁ ଦୂର କରିବା ସକାଶେ ଅଭ୍ୟାସ କରିବାକୁ ହୁଏ, ସେ ଅଭ୍ୟାସ ହେଲା ଏହି –

ମନୁଷ୍ୟର ଆସକ୍ତି ଥାଏ ଘର, ପରିବାର, ସମ୍ପତ୍ତି ତଥା ନିଜ ଶରୀରରେ । ଏଣୁ ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ମନେକର ଘରର ମାଲିକ ଶ୍ରୀମା । ପରିବାର ଓ ସମ୍ପତ୍ତି ତାଙ୍କରି । ତୁମେ ଯେଉଁ କାର୍ଯ୍ୟ କରୁଛ ତାହା ଭଗବାନଙ୍କ ସେବା । ଏହି ସେବା ସକାଶେ ଭଗବାନ୍ ତୁମକୁ ଏହି ସଂସାରକୁ ପଠାଇଅଛନ୍ତି । କୁଟୁମ୍ବପାଳନ କରିବା, ପରିବାରରେ ବ୍ୟକ୍ତି ବେମାର ହେଲେ ସେମାନଙ୍କ ସକାଶେ ଔଷଧର ବ୍ୟବସ୍ଥା କରିବା, ପିଲାଙ୍କୁ ଶିକ୍ଷା ଦେବା, ବୃଦ୍ଧ ପିତାମାତାଙ୍କୁ ଆବଶ୍ୟକ ଅନୁସାରେ ସେବା କରିବା, ପଡ଼ୋଶୀମାନଙ୍କ ସହିତ ଯଥାଯୋଗ୍ୟ ବ୍ୟବହାର କରିବା; କୃଷି, ବାଣିଜ୍ୟ, ବେତନଭୋଗୀ ସେବା, ଦେଶ ସେବା, ଦେଶ-ଶାସନ ଇତ୍ୟାଦି ସମସ୍ତ କାର୍ଯ୍ୟକୁ ଭଗବାନଙ୍କ ସେବା ଭାବରେ କରି ତାଙ୍କ ଚରଣରେ ସମର୍ପଣ କର । ଏହା କେବଳ ତୁମର କଳ୍ପନା ନୁହେଁ, ଯଥାର୍ଥରେହିଁ ସଂସାର ଓ ସଂସାରର ସମସ୍ତ ପ୍ରାଣୀ ଭଗବାନଙ୍କର; ସମସ୍ତ ବ୍ୟବସ୍ଥା ଭଗବାନଙ୍କ ଦ୍ୱାରା ହୋଇଅଛି । ଭଗବାନଙ୍କ ସୃଷ୍ଟି କାର୍ଯ୍ୟକୁ ବ୍ୟକ୍ତି ନିଜର ବୋଲି ମନେକରେ । ମାଲିକର ସମ୍ପତ୍ତିକୁ ଚାକର ଆତ୍ମସାତ୍ କଲେ ସେ ଯେପରି ଦଣ୍ଡପାଏ; ବ୍ୟକ୍ତି ସେହିପରି ଜନ୍ମ-ମରଣ ଚକ୍ରରେ ଭ୍ରମି ନାନାପ୍ରକାର ଦୁଃଖ-ଯନ୍ତ୍ରଣା ଭୋଗେ । ସଂସାର, ପରିବାର, ଧନ-ସମ୍ପତ୍ତି ସବୁ ପ୍ରକୃତରେ ବ୍ୟକ୍ତିର ନୁହେଁ । ମନୁଷ୍ୟର ବିକାଶମାର୍ଗରେ ଘର ଓ ପରିବାର ପଥଯାତ୍ରୀଙ୍କର ଗୋଟିଏ ବିଶ୍ରାମସ୍ଥାନ ସଦୃଶ । କେତେକ ଯାତ୍ରୀ ଭିନ୍ନ ଭିନ୍ନ ମାର୍ଗରେ ଆସି ରାତ୍ରିରେ ଗୋଟିଏ ବିଶ୍ରାମଶାଳାରେ ଏକତ୍ର ହୁଅନ୍ତି, ରୋଷାଇ କରି ଭୋଜନ କରନ୍ତି, ସେମାନଙ୍କ ମଧ୍ୟରୁ କେହି ବେମାର ହେଲେ ତା'ର ଉପଚାର ମଧ୍ୟ କରନ୍ତି, ପରସ୍ପର ମଧ୍ୟରେ ବେଶ୍ ମିତ୍ରତା ହୁଏ, ସକାଳୁ ଉଠି ନିଜ ନିଜ ମାର୍ଗରେ ସମସ୍ତେ ଚାଲି ଯାଆନ୍ତି, ପୁଣି କାହାରି ସଙ୍ଗରେ କାହାରି ସମ୍ପର୍କ ରହେ ନାହିଁ । ଏହି ସଂସାର, ପରିବାର ଠିକ୍ ଏହିପରି । ମନୁଷ୍ୟ ଯେଉଁ ମୋହ ଆସକ୍ତିରେ ସ୍ତ୍ରୀ, ପୁତ୍ର, ଧନସମ୍ପତ୍ତିକୁ ମୋର ବୋଲି କହେ, ବାସ୍ତବିକ ପୂର୍ବେ ତା'ର ନ ଥିଲା, ଭବିଷ୍ୟତରେ ତା'ର ରହିବ ନାହିଁ, ବର୍ତ୍ତମାନ 'ମୋର' ବୋଲି କହିବା କେବଳ ମୋହର କାରଣ । ପ୍ରତ୍ୟେକ ବ୍ୟକ୍ତି ନିଜ ବିକାଶମାର୍ଗରେ କର୍ମ କରିବାକୁ ଆସିଛନ୍ତି, ନିଜ ନିଜ କର୍ମ କରି ନିଜ ନିଜ ମାର୍ଗରେ ଚାଲିଯିବେ । ଏହା ଭୁଲିଯିବାରୁ ମନୁଷ୍ୟକୁ ବନ୍ଧନରେ ପଡ଼ିବାକୁ ହେଉଛି । ସୁତରାଂ ସମସ୍ତ ବସ୍ତୁ ଭଗବାନଙ୍କର ଜାଣି, ଭଗବାନଙ୍କର ସେବା ଭାବରେ କର୍ମ କରି ତାକୁ ଅର୍ପଣ କରିବା କେବଳ କଳ୍ପନା ନୁହେଁ, ଯଥାର୍ଥ ସତ୍ୟ ।

ପ୍ରାରମ୍ଭିକ ସମର୍ପଣ କ୍ରିୟାତ୍ମକରୂପେ ଆରମ୍ଭ ହୁଏ ମନ ଦ୍ୱାରା । ଏହି ସମର୍ପଣ କ୍ରମଶଃ ପରିଣତ ହେବାକୁ ଲାଗେ ଚେତନାରେ, ଅର୍ଥାତ୍ ସାଧକର ସମର୍ପଣ ଭାବ ଜାଗ୍ରତ୍ ହୁଏ ଚେତନାରେ । ଏହା ହେଲା ସମର୍ପଣର ପ୍ରଥମାବସ୍ଥା । ଦ୍ୱିତୀୟରେ ସାଧକ ଅନୁଭବ କରେ ତା' ମଧ୍ୟରେ ଭଗବାନଙ୍କ ଶକ୍ତି କାର୍ଯ୍ୟ କରି ଭଗବାନଙ୍କୁ ସମର୍ପଣ କରୁଛି, ସେ କେବଳ ଗୋଟିଏ ଯନ୍ତ୍ର । ତୃତୀୟ ଅବସ୍ଥାରେ ସେ ନିଜକୁ ଯନ୍ତ୍ର ବୋଲି ଅନୁଭବ କରେ ନାହିଁ, ସେ ସମସ୍ତ ସତ୍ତାରେ ଭଗବାନଙ୍କ ଚେତନା ସଙ୍ଗେ ଯୁକ୍ତ ରହେ, କିନ୍ତୁ କର୍ମ ସ୍ୱତଃ ହୋଇ ଚାଲିଥାଏ । ସମର୍ପଣର ଏହି ତିନୋଟି ଅବସ୍ଥା, ଠିକ୍ ଗୋଟିଏ ପୂର୍ଣ୍ଣ ହେଲେ ଅନ୍ୟଟି ଆସେ ଏପରି ନୁହେଁ । ପ୍ରଥମ ଅବସ୍ଥାରେ ଦ୍ୱିତୀୟ ଓ ତୃତୀୟ ଅବସ୍ଥା କେବେ କେବେ ଅନୁଭୂତ ହୁଏ । ପ୍ରଥମ ଅବସ୍ଥା ପୂର୍ଣ୍ଣ ହେବା ପୂର୍ବରୁ ସାଧକ ଦ୍ୱିତୀୟ ଓ ତୃତୀୟ ଅବସ୍ଥାରେ ବହୁତ ସମୟ ରହିପାରେ । ଫେର୍ ସାଧକ ଯେତେବେଳେ ଦ୍ୱିତୀୟ ଅଥବା ତୃତୀୟ ଅବସ୍ଥାରେ ଅଧିକ ସମୟ ରହିଥାଏ ସେତେବେଳେ କେବେ କେବେ ପ୍ରଥମ ଅବସ୍ଥାକୁ ବ୍ୟବହାର ମଧ୍ୟ କରେ । ପରିପୂର୍ଣ୍ଣ ସମର୍ପଣ ହେବା ପର୍ଯ୍ୟନ୍ତ କମ୍ ବା ବେଶୀ ପରିମାଣରେ ଏହି ତିନି ପ୍ରକାର ସମର୍ପଣ କ୍ରିୟା ଚାଲେ । ସମର୍ପଣ ସତ୍ତାର ଯେଉଁ ଭାଗରେ ଯେତେ ପରିମାଣରେ ହୁଏ, ଭାଗବତୀ ଶକ୍ତି ସେହି ଭାଗରେ ସେହି ଅନୁପାତରେ ସାଧକ ମଧ୍ୟରେ କ୍ରିୟା କରନ୍ତି, ସାଧନାର ଭାର ଗ୍ରହଣ କରନ୍ତି । ଯେତେବେଳେ ପରିପୂର୍ଣ୍ଣ ସମର୍ପଣ ହୋଇଯାଏ, ଲେଶମାତ୍ର ଅସମର୍ପିତ ହୋଇ କିଛି ରହେ ନାହିଁ, ସେତେବେଳେ ଭାଗବତୀ ଶକ୍ତି ସାଧକର ସମସ୍ତ ସାଧନାର ଭାର ଗ୍ରହଣ କରି ସାଧକ ମଧ୍ୟରେ ରୂପାନ୍ତରକ୍ରିୟା କରନ୍ତି । ସେତେବେଳେ ସାଧକ କେବଳ ଦ୍ରଷ୍ଟା ହୋଇ ରୂପାନ୍ତରକ୍ରିୟା ଦେଖେ ଏବଂ ଭାଗବତୀ ଅତିମାନସ ଶକ୍ତିଙ୍କ କ୍ରିୟାରେ ସମ୍ମତି ଦେଉଥାଏ । ମନ, ପ୍ରାଣ, ଶରୀରର ଯେଉଁ ପୂର୍ଣ୍ଣ ରୂପାନ୍ତର, ଏହା ସାଧାରଣ ବସ୍ତୁ ନୁହେଁ । ଏହାଦ୍ୱାରା ମନୁଷ୍ୟ ଦେବତ୍ୱରେ, ସଂସାର

ସ୍ୱର୍ଗରେ ପରିଣତ ହୁଏ । ଏହା ସାଧିତ ହୁଏ କେବଳ ଅତିମାନସ ଶକ୍ତି ଦ୍ୱାରା ସାଧକର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ । ଏହି ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଅବତରଣ କରାଇ ଆଣିଛନ୍ତି । ଏହି ଲକ୍ଷ୍ୟସିଦ୍ଧି ନିମିତ୍ତ ଭାଗବତୀ ଶକ୍ତିଙ୍କ ସାହାଯ୍ୟରେ ସାଧକକୁ ବ୍ୟକ୍ତିଗତ ପ୍ରଚେଷ୍ଟାରେ କରିବାକୁ ହୁଏ ସମର୍ପଣ, ଅଭୀପ୍ସା ଏବଂ ଏହାର ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ବୃତ୍ତିର ତ୍ୟାଗ । ଏହାର ସହାୟକ ଧ୍ୟାନ, ଏହିସବୁ ପ୍ରଯତ୍ନ ଦ୍ୱାରା ହୃଦସ୍ଥ ଅନ୍ତରାତ୍ମା (Psychic being)ର ଜାଗୃତି ଓ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ ହୁଏ । ଅନ୍ତରାତ୍ମା ସାଧକକୁ ଯଥାର୍ଥ ମାର୍ଗରେ ଲକ୍ଷ୍ୟ ଆଡ଼କୁ ପରିଚାଳିତ କରେ, ଭାଗବତୀ ଅତିମାନସ ଶକ୍ତି ରୂପାନ୍ତରକାର୍ଯ୍ୟ ସାଧନ କରେ । ଯଥାର୍ଥରେ ସାଧକ ମଧ୍ୟରେ ସାଧନା କରନ୍ତି ଅନ୍ତରାତ୍ମା ଏବଂ ଭାଗବତୀ ଅତିମାନସ ଶକ୍ତି । ସାଧକକୁ ବ୍ୟକ୍ତିଗତ ଭାବରେ ଯେଉଁ ପ୍ରାରମ୍ଭିକ ସମର୍ପଣ, ତ୍ୟାଗ, ଅଭୀପ୍ସା କରିବାକୁ ହୁଏ ତାହା କେବଳ ଭାଗବତୀ ଶକ୍ତିଙ୍କ କ୍ରିୟା ସକାଶେ ଭୂମିକା ତିଆରି, ଏହାଦ୍ୱାରା ତାଙ୍କ ଆଗମନର ମାର୍ଗ ନିର୍ମାଣ କରାହୁଏ । ଯଥାର୍ଥ ସମର୍ପଣ ଆଉ ଅଭୀପ୍ସା ହୁଏ ଅନ୍ତରାତ୍ମା ଜାଗ୍ରତ୍ ହେଲେ । ଏହିସବୁ ବିଷୟ ଶ୍ରୀଅରବିନ୍ଦଙ୍କ 'ଯୋଗ ଓ ସାଧନା' ବହିରେ ବିସ୍ତୃତଭାବେ ଆଲୋଚନା କରାହୋଇଛି ଏବଂ ଅନ୍ୟାନ୍ୟ 'ଲୋକ-ସାହିତ୍ୟ'ରେ ଆଲୋଚନା କରାହେବ । ଏଠାରେ କେବଳ ଆତ୍ମସମର୍ପଣ ଓ ସାଧନାରେ ବାଧାବିଘ୍ନ କାହିଁକି ଆସେ, ତାହାର ପରିହାର କିପରି କରିବାକୁ ହେବ, ଏହାହିଁ ଆଲୋଚ୍ୟ ବିଷୟ ।

ବାଧାବିଘ୍ନ

ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ଭାଗବତୀ ଶକ୍ତିକୁ ସାଧନାର ଭାର ଦେଇଦେଲେ ସାଧକ ଏକେବାରେ ନିଶ୍ଚିନ୍ତ ହୋଇଯାଏ ନାହିଁ, ବାଧାବିପତ୍ତିର ସମ୍ମୁଖୀନ ନ ହୋଇ ସିଧାସଳଖ ସାଧନାର ରାଜମାର୍ଗରେ ଅବାଧରେ ଆଖି ବନ୍ଦ କରି ଚାଲେ ନାହିଁ; ଅଧ୍ୟାତ୍ମ ସତ୍ୟର ନିତ୍ୟ ନୂତନ ସୁସ୍ୱାଦୁ ରସାଳ ଫଳ ଆସ୍ୱାଦନ କରି ଆନନ୍ଦମଗ୍ନ ହୋଇ ଉନ୍ନତିର ଶିଖରରୁ ଉଚ୍ଚତର ଶିଖରରେ ଯାତ୍ରା କରେ ନାହିଁ । ପଥରେ ତାକୁ ପଦେ ପଦେ ବାଧାବିପତ୍ତି ସଙ୍ଗେ ଯୁଦ୍ଧ କରିବାକୁ ହୁଏ, ବିରୋଧୀ ଶକ୍ତିର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ, କେବେ ସଫଳତାର ପୁଣି କେବେ ବିଫଳତାର ସମ୍ମୁଖୀନ ହୋଇ ଗତି କରିବାକୁ ହୁଏ ।

ହୃଦୟରେ ଧ୍ୟାନ ଅର୍ଥାତ୍ ଚେତନାକୁ ଏକାଗ୍ର କଲେ ଅଭୀପ୍ସା ଓ ସମର୍ପଣର ସାହାଯ୍ୟରେ ଅନ୍ତରାତ୍ମା ଜାଗ୍ରତ୍ ହୁଏ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ସେ ଯଥାର୍ଥ ଅଭୀପ୍ସା ଓ ଯଥାର୍ଥ ସମର୍ପଣ କରେ । ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି, ଭାଗବତୀ ଶକ୍ତିଙ୍କର ସ୍ୱରୂପ ଶାନ୍ତି, ଜ୍ୟୋତିଃ, ଆନନ୍ଦ, ଏକାଗ୍ରତା, ଜ୍ଞାନ, ଭକ୍ତିର ଅବତରଣ ସକାଶେ ହୃଦୟସ୍ଥ ଅନ୍ତରାତ୍ମା ଅଭୀପ୍ସା କରେ । ତାହାର ଉତ୍ତର ସ୍ୱରୂପ ଭାଗବତୀ ଶକ୍ତି ସାଧକର ଆଧାରରେ ଅବତରଣ କରେ । ସମର୍ପିତ ଅଙ୍ଗମାନଙ୍କରେ ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା ଆରମ୍ଭ ହେଲେ ମନୁଷ୍ୟର ଅନାଦି କାଳର ସ୍ୱଭାବ, ମନ-ପ୍ରାଣ-ଶରୀରର ବିଭିନ୍ନ ଭାଗ, କାମ, କ୍ରୋଧ, ମୋହ, ମଦ, ମତ୍ସର, ଈର୍ଷା, ବିରୋଧ, ହିଂସା, ଦ୍ୱେଷ, ସ୍ୱାର୍ଥ, ଅହଂ, ରୋଗ, ଜରା, ମୃତ୍ୟୁ ଆଦି ବିଦ୍ରୋହ କରନ୍ତି । ସେସବୁ ଅନ୍ଧକାର ଅଭାଗବତୀ ଶକ୍ତିର ଭୃତ୍ୟ । ସେମାନେ ବରାବର ମନୁଷ୍ୟର ପ୍ରଭୁ ହୋଇ ଇଚ୍ଛାନୁସାରେ ନିଜ ନିଜ ଭୋଗ-ବାସନା ପୂର୍ଣ୍ଣ କରିବାକୁ ମନୁଷ୍ୟକୁ ପ୍ରେରଣା ଦେଇ ତାକୁ ନିଜ ଯନ୍ତ୍ରରୂପେ ବ୍ୟବହାର କରି ଆସିଛନ୍ତି । ମନୁଷ୍ୟର ବଶ ହେବା ଏବଂ ଜ୍ଞାନ, ଜ୍ୟୋତିଃକୁ ସ୍ୱୀକାର କରିବା ସେମାନଙ୍କର ଅଭିପ୍ରାୟ ନୁହେଁ । ଏହି କାରଣରୁ ଏହିସବୁ ରୂପାନ୍ତରବିରୋଧୀ କାମକ୍ରୋଧାଦି କେବେ କେବେ ନିଜର ଅନୁକୂଳ ସମୟରେ ସାଧକକୁ ପ୍ରକାଶ୍ୟ ଭାବରେ ଆକ୍ରମଣ କରି ସାଧନାମାର୍ଗରୁ ବିଚଳିତ କରିବାକୁ ଚେଷ୍ଟା କରନ୍ତି, ଅଥବା ଅପ୍ରକାଶ୍ୟ ଛଦ୍ମରୂପରେ ମିତ୍ରରୂପ ଧାରଣ କରି ନାନାପ୍ରକାର ଯୁକ୍ତିଯୁକ୍ତ ପରାମର୍ଶ ଦେଇ ସାଧକକୁ ବିଚଳିତ କରିବାକୁ ପ୍ରଯତ୍ନ କରୁଥାଆନ୍ତି । ସାଧକର ଯଦି କେନ୍ଦ୍ରୀୟ ସଂକଳ୍ପରେ ତ୍ରୁଟି ଥାଏ, ସେ ଯଦି ସଜାଗ ହୋଇ ମା'ଙ୍କ ଉପରେ ନିର୍ଭର କରିପାରେ ନାହିଁ, ତେବେ ଏମାନେ ସାଧକର ସାଧନାରେ ବାଧାବିଘ୍ନ ଉପସ୍ଥାପିତ କରି ତା'ର ମାର୍ଗକୁ ଜଟିଳ

କଷ୍ଟପ୍ରଦ ଆଉ ସୁଦୀର୍ଘ କରିପାରନ୍ତି, ଅର୍ଥାତ୍ ଲକ୍ଷ୍ୟପ୍ରାପ୍ତିରେ ବିଳମ୍ବ ଘଟାନ୍ତି । ସାଧକ ମଧ୍ୟରେ କପଟତା ଥିଲେ ଓ ନିଜର ଅହଂକାର, କାମନା-ବାସନା ପୂର୍ଣ୍ଣ କରିବାକୁ ଯୋଗ ସାଧନାରେ ପ୍ରବୃତ୍ତ ହୋଇଥିଲେ, ତାକୁ ଏହି ବିରୋଧୀ ଶକ୍ତିମାନେ ସାଧନାମାର୍ଗରୁ ଦୂରକୁ ଟାଣିନେଇ ପାରନ୍ତି ।

କିନ୍ତୁ ଯେଉଁମାନେ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ନିର୍ଭରଶୀଳ ରହନ୍ତି, ଯେଉଁମାନଙ୍କର କେନ୍ଦ୍ରୀୟ ସଂକଳ୍ପ ଥାଏ ନିଷ୍କପଟ, ସେମାନଙ୍କୁ ମଧ୍ୟ ଏମାନେ ଆକ୍ରମଣ କରନ୍ତି । ସୁତରାଂ ଏମାନଙ୍କ ଆକ୍ରମଣରେ ସାଧକ ବହୁତ ଶୀଘ୍ର ସାଧନା ମାର୍ଗରେ ଅଗ୍ରସର ହୁଏ, ଏମାନଙ୍କ ସମ୍ମୁଖୀନ ହେବାର ଶକ୍ତି, ଏମାନଙ୍କ ଛଦ୍ମରୂପ, କପଟ ଯୁକ୍ତି ବୁଝିପାରିବାକୁ ଜ୍ଞାନ, ଏମାନଙ୍କ ପ୍ରହାର ସହ୍ୟ କରିବାକୁ ଧୈର୍ଯ୍ୟ ମା'ଙ୍କଠାରୁ ପାଏ । ପୁରାତନ ଯୋଗ ସଦୃଶ କାମକ୍ରୋଧାଦି ଶତ୍ରୁଙ୍କଠାରୁ ପୃଥକ୍ ହୋଇ ସାଧନା କରି ବ୍ୟକ୍ତିଗତ ମୁକ୍ତି ପ୍ରାପ୍ତ କରିବା ଏ ଯୋଗର ଉଦ୍ଦେଶ୍ୟ ନୁହେଁ; ସମସ୍ତ ପ୍ରତିକୂଳ ଶକ୍ତିର ରୂପାନ୍ତର କରି ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବା ଏହାର ଲକ୍ଷ୍ୟ । ଏହିସବୁ ପ୍ରତିକୂଳ ଶକ୍ତିକୁ ରୂପାନ୍ତର କରିବା ଦୂରେଥାଉ ଏମାନଙ୍କର ସମ୍ମୁଖୀନ ହେବା, ସାଧକର ଶକ୍ତି, ସାଧକର କୌଣସି ଯୌଗିକ କ୍ରିୟାର ସାମର୍ଥ୍ୟର ବାହାରେ । ସେଥିପାଇଁ ଏ ଯୋଗର ରକ୍ଷାକବଚ, ରହସ୍ୟର ଚାବି ହେଉଛି ମା'ଙ୍କ ଉପରେ ଛୋଟ ଶିଶୁ ସଦୃଶ ପୂର୍ଣ୍ଣ ନିର୍ଭରତା ଏବଂ ତାଙ୍କ ଉପରେ ବିଶ୍ୱାସ ରଖିବା । ସାଧକ ଏତିକି କଲେ ମାତୃଶକ୍ତି ସାଧକକୁ ଶିଶୁ ସଦୃଶ ନିଜ କୋଳରେ ନେଇ ସମସ୍ତ ବାଧାବିପତ୍ତିରୁ ପାର କରି ଲକ୍ଷ୍ୟରେ ପହଞ୍ଚାଇ ଦେବେ । ମା'ଙ୍କ ଛଡ଼ା କୌଣସି ଯୌଗିକ କ୍ରିୟା ଦ୍ୱାରା ପୂର୍ଣ୍ଣ ରୂପାନ୍ତର ସମ୍ଭବ ନୁହେଁ, ଯଦି ସମ୍ଭବ ହୋଇଥା'ନ୍ତା ତେବେ ଆଜି ଆମ୍ଭେମାନେ ଏହି ପୃଥିବୀରେ ଅତିମାନବ ଜାତି ଦେଖୁଥାନ୍ତୁ । ଏହି କାରଣରୁ ଏହି ଯୋଗରେ ସମର୍ପଣ କେବଳ ଆବଶ୍ୟକ ନୁହେଁ ଅପରିହାର୍ଯ୍ୟ । ସାଧକ ଯେକୌଣସିମତେ ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କଲେ ତା'ର ଅନ୍ତିମ କଲ୍ୟାଣ ସୁନିଶ୍ଚିତ । ତା'ର ଯଦି ପତନ ହୁଏ ତେବେ ସେଥିରୁ ଉତ୍‌ଥାନ ହୋଇ ପୁନରାୟ ସତ୍ୟମାର୍ଗରେ ଆରୋହଣ କରେ । ପୁଣ୍ୟ, ପାପ ଦ୍ୱାରା ନଷ୍ଟ ହୁଏ କିନ୍ତୁ ଅଧ୍ୟାତ୍ମ ସତ୍ୟ କୌଣସି ପ୍ରକାରେ ପାପ ଦ୍ୱାରା ନଷ୍ଟ ହୁଏ ନାହିଁ । ଅଧ୍ୟାତ୍ମ ସାଧକ ଦ୍ୱାରା ଅନୁଚିତ କାର୍ଯ୍ୟ ହେଲେ, ପାପ କର୍ମ ହେଲେ ସେ ସାଧାରଣ ବ୍ୟକ୍ତିଠାରୁ ବହୁତ ଗୁଣରେ ଦଣ୍ଡ ପାଏ । ସାଧକକୁ ସାଧାରଣ ବ୍ୟକ୍ତିଙ୍କ ପରି ଦୁଷ୍କର୍ମର ଫଳ ପରେ ଭୋଗ କରିବା ସକାଶେ ଅପେକ୍ଷା କରିବାକୁ ହୁଏ ନାହିଁ । ଯେ ଯେତେ ଉନ୍ନତ ସାଧକ ସେ ସେତେ ଶୀଘ୍ର ଦୁଷ୍କର୍ମର ସଦ୍ୟ କୁଫଳ ସାଧାରଣ ବ୍ୟକ୍ତି ଅପେକ୍ଷା ଅଧିକ ପରିମାଣରେ ଭୋଗ କରେ । କାରଣ ସାଧାରଣ ବ୍ୟକ୍ତିର ଦୁଷ୍କର୍ମର ଫଳ ଦୁଃଖ, ଦ୍ୱନ୍ଦ୍ୱ ଭୋଗିବା ସ୍ୱଭାବରେ ପରିଣତ ହୋଇ ଯାଇଥାଏ, ସେ ତାକୁ ଜୀବନର ଗୋଟିଏ ଅପରିହାର୍ଯ୍ୟ ଅବସ୍ଥା ବୋଲି ମାନି ନେଇଥାଏ, ସେଥିଯୋଗୁଁ ସେ ସେଥିରେ ଅଧିକ କଷ୍ଟ ପାଏ ନାହିଁ । ସାଧକର ହୃଦୟ ଶୁଦ୍ଧ ଥାଏ, କର୍ମ ଏବଂ କର୍ମର କୁପରିଣାମର ଜ୍ଞାନ ଥାଏ, ସେ ଅଧିକ ସମୟ ଭାଗବତ ଆନନ୍ଦ, ଶାନ୍ତି, ସମତାରେ ବାସ କରୁଥାଏ; ଏଣୁ ସେ ସେହି ଅବସ୍ଥାରୁ ପତିତ ହୋଇ ପ୍ରତିକୂଳ ଅବସ୍ଥାରେ ପଡ଼ି ଦୁଃଖ କଷ୍ଟ ଭୋଗିବାରେ ତାକୁ ସାଧାରଣ ବ୍ୟକ୍ତିଠାରୁ ଅଧିକ କଷ୍ଟ ହୁଏ । ଯେପରି କୃଷକ ଜ୍ୟେଷ୍ଠମାସ ଖରାରେ କଠୋର ପରିଶ୍ରମ କରି ପରିଶ୍ରାନ୍ତ ହୁଏ ନାହିଁ, କିନ୍ତୁ ଛାଇତଳର ଲୋକ, ମୋଟରରେ ଭ୍ରମଣ କରିବା ବାବୁମାନଙ୍କୁ ଯଦି ଜ୍ୟେଷ୍ଠମାସ ଖରାରେ ଦିନେ କାମ କରିବାକୁ ପଡ଼େ ତେବେ ତାଙ୍କର ଊର୍ଦ୍ଧ୍ୱଶ୍ୱାସ ବହେ, ଠିକ୍ ସେହିପରି ଅଧ୍ୟାତ୍ମ ସାଧକ ।

ଚୈତ୍ୟସତ୍ତା, ମନ, ପ୍ରାଣ ଓ ଶରୀରର କ୍ରିୟା

ମନୁଷ୍ୟ ମଧ୍ୟରେ ପ୍ରଧାନତଃ ଚାରିଟି ସତ୍ତା, ଯଥା – ମନ, ପ୍ରାଣ, ଶରୀର ଏବଂ ଅନ୍ତରାତ୍ମା । ଏହି ସମସ୍ତ ଆସିଛନ୍ତି ଭଗବାନଙ୍କ ଚିନ୍ମୟ ତତ୍ତ୍ୱରୁ । ଏଠାକୁ ଆସି ମନ, ପ୍ରାଣ, ଶରୀର ବିକୃତ ହୋଇ ଯାଇଛନ୍ତି । ଅନ୍ତରାତ୍ମା ବିକୃତ ନ ହୋଇ ନିଜର ମୂଳ ଚିନ୍ମୟ ତତ୍ତ୍ୱରେ ବିଦ୍ୟମାନ ରହି ମନ, ପ୍ରାଣ ଓ ଶରୀରକୁ ଧାରଣ କରିଛି । ଏହି ଅନ୍ତରାତ୍ମା ଶରୀରତ୍ୟାଗ କଲେ ବ୍ୟକ୍ତିର ମୃତ୍ୟୁ ହୁଏ । ମନ, ପ୍ରାଣ, ଶରୀରର ମୂଳ ତତ୍ତ୍ୱ ଚିନ୍ମୟ ହେଲେ ମଧ୍ୟ ସେହିସବୁ ବିକୃତ

ହୋଇ ଅଜ୍ଞାନ, ଅନ୍ଧକାର, ମୋହ-ଆସକ୍ତିରେ ପଡ଼ି ନିଜର ସ୍ୱରୂପକୁ ଭୁଲି ଯାଇଛନ୍ତି । ଅନ୍ତରାତ୍ମା ବିକୃତ ହୋଇ ନ ଥିବାରୁ ତାହାର ଜ୍ଞାନ ଜାଗ୍ରତ୍ ଥାଏ । ଏହି ପୃଥିବୀରେ ଭଗବାନଙ୍କୁ ପ୍ରକଟ କରିବା ଉଦ୍ଦେଶ୍ୟ ଭୁଲି ନ ଥିବାରୁ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରିବାକୁ ସେ ବରାବର ଅଭୀପ୍ସା କରୁଥାଏ । ଏହି ଅଭୀପ୍ସା ତା'ର ସ୍ୱତଃ କ୍ରିୟାଶୀଳ ହୁଏ ନାହିଁ, ହୁଏ କେବଳ ମନ, ପ୍ରାଣ, ଶରୀର ଦ୍ୱାରା । ଅନ୍ତରାତ୍ମାର ଯେଉଁ ଭଗବତ୍ ରୂପ, 'ପରମାନନ୍ଦ' ପ୍ରାପ୍ତିର ଅଭୀପ୍ସା ତାହା ମନ, ପ୍ରାଣ, ଶରୀରରେ ପ୍ରାପ୍ତ ହେବା ମାତ୍ରେ, ସ୍ୱଚ୍ଛ ଜ୍ୟୋତିଃ କାଚର ରଙ୍ଗ ଅନୁସାରେ ଓ ସ୍ୱଚ୍ଛ ଜଳ ସ୍ଥାନ ଅନୁସାରେ ଯେପରି ବିକୃତ ହୁଅନ୍ତି ସେ ମଧ୍ୟ ସେହିପରି ବିକୃତ ହୋଇଯାଏ । ସେହି କାରଣରୁ ସେହି ଶୁଦ୍ଧ ଆନନ୍ଦଙ୍କୁ ମନ, ପ୍ରାଣ, ଶରୀର ଖୋଜନ୍ତି ସଂସାର ବିଷୟରେ, ସ୍ତ୍ରୀ, ପୁତ୍ର, ସ୍ୱାର୍ଥସିଦ୍ଧି, ଯଶଃ, ପଦମର୍ଯ୍ୟାଦାରେ । ଅଜ୍ଞାନ ଅବସ୍ଥାରେ ଶରୀରର ନେତା ହୁଅନ୍ତି ମନ ଓ ପ୍ରାଣ । ଆତ୍ମା ଏସବୁର ପଶ୍ଚାତରେ ଥାଏ । କେବେ କେବେ ଭଗବାନ୍ ଦୟାକରି ଅହେତୁକୀ କୃପାର ବଶବର୍ତ୍ତୀ ହୋଇ ଅନ୍ତରାତ୍ମାକୁ ବ୍ୟକ୍ତିର ମନ, ପ୍ରାଣ ପଶ୍ଚାତ୍‌ରୁ ସମ୍ମୁଖକୁ ଘେନି ଆସନ୍ତି । ସେ ସମ୍ମୁଖକୁ ଆସିବା ମାତ୍ରେ ପରମାନନ୍ଦସ୍ୱରୂପ ଭଗବତ୍ ପ୍ରାପ୍ତିର ଦୃଢ଼ସଂକଳ୍ପ କରେ । ମନ ଓ ପ୍ରାଣ ବିଷୟରେ ଆସକ୍ତ ଥିବା ସତ୍ତ୍ୱେ ସେସବୁ ବାଧ ହୋଇ ଅନ୍ତରାତ୍ମାର କେନ୍ଦ୍ରୀୟ ସଂକଳ୍ପ ମାନିନିଅନ୍ତି । ବ୍ୟକ୍ତି ଭଗବତ୍ ମାର୍ଗରେ ଯାତ୍ରା କରିବାକୁ ତତ୍ପର ହୋଇଯାଏ, କିନ୍ତୁ ସେତେବେଳେ ଅନ୍ତରାତ୍ମା ଶରୀରର ନେତା ନ ଥାଏ । କେବଳ ବ୍ୟକ୍ତିକୁ ଭଗବଦଭିମୁଖୀ କରାଇବା ସକାଶେ ତାକୁ ଭଗବାନ୍ ସମ୍ମୁଖକୁ ଆଣିଥା'ନ୍ତି । ତା' କାମ ଶେଷ ହୋଇଯିବା ମାତ୍ରେ ସେ ପୁନରାୟ ପଶ୍ଚାତକୁ ଚାଲିଯାଏ; ମନ, ପ୍ରାଣ ପୁନର୍ବାର ନେତୃସ୍ଥାନ ଅଧିକାର କରନ୍ତି ।

ବ୍ୟକ୍ତିର ଅନ୍ତରାତ୍ମା (Psychic being) ଜାଗ୍ରତ୍ ହୋଇ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେବା ହେଲା କେନ୍ଦ୍ରୀୟ ସଂକଳ୍ପ । ଏହି ସଂକଳ୍ପରେ ଯଦି ମାନସିକ, ପ୍ରାଣିକ କୌଣସି ସାଂସାରିକ କାମନା, ବାସନା ମିଶ୍ରିତ ନ ଥାଏ ତେବେ ଏହାକୁ ନିଷ୍କପଟ କେନ୍ଦ୍ରୀୟ ସଂକଳ୍ପ ଅଥବା ନିଷ୍କପଟ କେନ୍ଦ୍ରୀୟ ସମର୍ପଣ କୁହାଯାଏ । ଏହି ପ୍ରାଥମିକ ନିଷ୍କପଟ କେନ୍ଦ୍ରୀୟ ସଂକଳ୍ପ ସଙ୍ଗେ ସଙ୍ଗେ ପ୍ରାଣିକ, ମାନସିକ ଅବସ୍ଥିତ ସ୍ଥୂଳ କାମନାବାସନାର ଭୋଗ ତ୍ୟାଗ ହୋଇଯାଏ, ଭୋଗର ଲାଳସା ମଧ୍ୟ ସମର୍ପଣର ଉନ୍ନତିର ଅନୁପାତରେ ଦୂର ହୁଏ । କିନ୍ତୁ ଅବାଞ୍ଛିତ ବସ୍ତୁରେ ଆସକ୍ତି ବହୁଦିନ ପର୍ଯ୍ୟନ୍ତ ରହେ । ଭୋଗ୍ୟବସ୍ତୁ ଅବାଞ୍ଛିତ ଜାଣି ତା'ର ସ୍ଥୂଳ କ୍ରିୟା ତ୍ୟାଗ କରା ହେବା ପରେ ସୂକ୍ଷ୍ମରୂପେ ଚାହିଁବାର ଲାଳସା ବାକି ରହେ । ଏହି ସୂକ୍ଷ୍ମରୂପେ ଚାହିଁବା ତ୍ୟାଗ ହେବା ପରେ ସେହି ବସ୍ତୁ ପ୍ରତି ସ୍ନେହ ରହିବାର ଅର୍ଥ ଆସକ୍ତି, ଏହା ବହୁତ ଦିନ ପର୍ଯ୍ୟନ୍ତ ରହେ । ଲାଳସା ଓ ଆସକ୍ତି ମଧ୍ୟରେ ପ୍ରଭେଦ ହେଲା – ଲାଳସାରେ ଭୋଗବାସନା ଥାଏ, ଆସକ୍ତିରେ ତାହା ନ ଥାଏ । ଲାଳସା ଅବସ୍ଥାରେ ଭୋଗ୍ୟବସ୍ତୁ ପ୍ରାପ୍ତ ହେଲେ ବ୍ୟକ୍ତି ଗ୍ରହଣ କରିପାରେ କିନ୍ତୁ ଆସକ୍ତି ଅବସ୍ଥାରେ ଭୋଗ୍ୟବସ୍ତୁ ପ୍ରାପ୍ତ ହେଲେ ସେ ଗ୍ରହଣ କରେ ନାହିଁ । ଯେପରି ୫୦ ବର୍ଷ ପୂର୍ବର ଶ୍ରୋତ୍ରୀୟ ଧର୍ମନିଷ୍ଠ ସଦାଚାରୀ କ୍ଷୁଧାର୍ତ୍ତ ବ୍ରାହ୍ମଣ ଅଥବା କର୍ମକାଣ୍ଡନିଷ୍ଠ କ୍ଷୁଧାର୍ତ୍ତ ବୈଷ୍ଣବମାନଙ୍କୁ ଅନ୍ତ୍ୟଜ-ସ୍ପୃଶ୍ୟ ନାନାବିଧ ମିଷ୍ଟାନ୍ନ ପ୍ରାପ୍ତ ହେଲେ, ସେମାନଙ୍କ ଭୋଜନ ପ୍ରତି ଆସକ୍ତି ଥିବାସତ୍ତ୍ୱେ ଅସ୍ପୃଶ୍ୟ ବ୍ୟକ୍ତିର ହସ୍ତ ଲାଗିଥିବାରୁ ତାହା ସେମାନେ ଗ୍ରହଣ କରନ୍ତି ନାହିଁ, ଠିକ୍ ସେହିପରି ଆସକ୍ତି । କିନ୍ତୁ ଆସକ୍ତି ଯେପର୍ଯ୍ୟନ୍ତ ରୂପାନ୍ତର ନ ହୋଇଥାଏ ସେପର୍ଯ୍ୟନ୍ତ ଆସକ୍ତି ଦ୍ୱାରା ବିରୋଧୀ ଶକ୍ତି ଆକ୍ରମଣ କରି ସାଧକର ପତନ କରାଇ ପାରନ୍ତି ।

ଚାରି ପ୍ରକାର ଭକ୍ତ

ଅନ୍ତରାତ୍ମା ଜାଗ୍ରତ୍ ହୋଇ ମନ-ପ୍ରାଣର କ୍ରିୟାକୁ ସ୍ଥଗିତ କରି ଯେତେବେଳେ ସାମନାକୁ ଆସେ ସେତେବେଳେହିଁ ସେ ଭଗବତ୍ ଚରଣରେ ନିଜକୁ ନିବେଦନ କରିଦିଏ, ଆଉ ଭଗବାନ୍ ତା'ର ସମର୍ପଣକୁ ସ୍ୱୀକାର କରିନିଅନ୍ତି । ଏହି ଅନ୍ତରାତ୍ମା ଦ୍ୱାରା ଭଗବତ୍ ଚରଣରେ ଯେଉଁ ସମର୍ପଣ, ତାହାର ଅର୍ଥ ଜୀବ ଭଗବତ୍ ଅଭିମୁଖୀ ହେବା ଅର୍ଥାତ୍ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା ଆରମ୍ଭ କରିବା । ଏହାକୁ କେନ୍ଦ୍ରୀୟ ସମର୍ପଣ ବା କେନ୍ଦ୍ରୀୟ ସଂକଳ୍ପ କୁହାଯାଇପାରେ । ଏହା ହୁଏ

ଭଗବାନଙ୍କର ଅହେତୁକୀ କୃପାରେ ଅନ୍ତରାତ୍ମା ଜାଗ୍ରତ୍ ହେଲେ । ଏହି ଜାଗରଣ ଚାରୋଟି ଅବସ୍ଥାରେ ହୁଏ । କୌଣସି ବ୍ୟକ୍ତି ବିପଦରୁ ଉଦ୍ଧାର ହେବାକୁ, କେହି ରୋଗରୁ ମୁକ୍ତ ହେବାକୁ, କେହି ଶାସ୍ତ୍ର ରହସ୍ୟ, ଭଗବତ୍ ରହସ୍ୟ ଜାଣିବାକୁ, କେହି ସ୍ୱାର୍ଥସିଦ୍ଧି, ଧନ, ମାନ, ଯଶଃ ପ୍ରାପ୍ତି କରିବାକୁ ଏବଂ କେହି ଜୀବନର ଉଦ୍ଦେଶ୍ୟ କେବଳ ଭଗବତ୍ ପ୍ରାପ୍ତି ଜାଣି ବ୍ୟାକୁଳ ହୋଇ ପଡ଼ିଲେ ସେମାନଙ୍କର ମନ, ପ୍ରାଣର କ୍ରିୟା ସ୍ଥଗିତ ହୋଇଯାଏ । ଏହି ଅବସ୍ଥାରେ ଭଗବାନ୍ ଦୟାକରି ସେମାନଙ୍କର ଅନ୍ତରାତ୍ମାକୁ ଜାଗ୍ରତ୍ କରିଦିଅନ୍ତି, ତେବେ ସେମାନେ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରନ୍ତି । ଏହି ଚାରି ପ୍ରକାର ଅବସ୍ଥାକୁ ଶ୍ରୀମଦ୍ଭଗବତ୍ ଗୀତାରେ କୁହାହୋଇଛି –

'ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ'

(୧) **ଆର୍ତ୍ତ ଭକ୍ତ** : ବ୍ୟକ୍ତିର ଧନ ନଷ୍ଟ ହେଲେ, ସେ ଅସମ୍ମାନିତ ହେଲେ, ରୋଗରେ ପୀଡ଼ିତ ହେଲେ, ଶତ୍ରୁ ପ୍ରବଳ ହେଲେ ସେ ବ୍ୟାକୁଳ ହୋଇ ପଡ଼େ । କୌଣସି ଆଶା ଭରସା ନ ଦେଖି ଅସହାୟ ମନେକରେ । ଏହି ଅବସ୍ଥାରେ ଏମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିକୁ ଭଗବାନ୍ ଅହେତୁକୀ କୃପା କରି ତା'ର ଅନ୍ତରାତ୍ମାକୁ ସମ୍ମୁଖକୁ ଆଣନ୍ତି । ଅନ୍ତରାତ୍ମାର ଜ୍ଞାନ ଥାଏ ଅବିକୃତ; ସେ ଲକ୍ଷ୍ୟ ସମ୍ବନ୍ଧରେ ସର୍ବଦା ସଚେତ ଥାଏ । ସେ ନିଜକୁ ଭଗବତ୍ ଚରଣରେ ସମର୍ପଣ କରିଦିଏ । ଭଗବାନ୍ ତାକୁ ସ୍ୱୀକାର କରି ନିଅନ୍ତି । ଏହି ହେଲା ଅନ୍ତରାତ୍ମାର କେନ୍ଦ୍ରୀୟ ସମର୍ପଣ । ବ୍ୟକ୍ତିର ଦୁଃଖ ଦୂର ହେଉ ବା ନ ହେଉ ସେ ଭଗବଦଭିମୁଖୀ ହୋଇ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଯାତ୍ରା କରେ । କିନ୍ତୁ ବ୍ୟକ୍ତିସତ୍ତା ସେତେବେଳେ ପର୍ଯ୍ୟାପ୍ତ ଶୁଦ୍ଧ ହୋଇ ନ ଥାଏ । ତେଣୁ ଅନ୍ତରାତ୍ମା ଜାଗ୍ରତ୍ ହୋଇ ସମ୍ମୁଖରେ ରହି ସାଧକକୁ ପରିଚାଳିତ କରିପାରେ ନାହିଁ, ପୂର୍ବପରି ପଶ୍ଚାତକୁ ଚାଲିଯାଏ, ପୁନରାୟ ମନ, ପ୍ରାଣ ସମ୍ମୁଖକୁ ଆସି ନିଜ ନିଜ ନେତୃସ୍ଥାନ ଅଧିକାର କରି ବ୍ୟକ୍ତିକୁ ପରିଚାଳିତ କରନ୍ତି ।

ବ୍ୟକ୍ତି ମଧ୍ୟରେ ଯେଉଁ ଅନ୍ଧକାର ଅଜ୍ଞାନ ଶକ୍ତିର ଯନ୍ତ୍ର ଅଶୁଦ୍ଧ ମନ, ପ୍ରାଣ ଯାହାର ସାଂସାରିକ ଭୋଗ, କାମନା, ବାସନା ତୃପ୍ତି ପ୍ରତି ଆସକ୍ତି, ସେହି ମନ, ପ୍ରାଣ ବ୍ୟକ୍ତି ସମ୍ମୁଖରେ ବହୁତ ପ୍ରକାର ଯୁକ୍ତିଯୁକ୍ତ ପରାମର୍ଶ ଦେଇ ଭଗବତ୍ ମାର୍ଗରୁ ବିରତ କରିବାକୁ ଚେଷ୍ଟା କରନ୍ତି । ସେସବୁ କହନ୍ତି – ଏହି ଯେଉଁ ବିପଦରୁ ରକ୍ଷା, ଦୁଃଖ, ଦ୍ୱନ୍ଦ୍ୱରୁ ମୁକ୍ତି, ଏଥିରେ ଭଗବାନଙ୍କର କୃପା କାହିଁକି ହେବ, ଅମୁକ କାରଣରୁ ଏହା ହେଲା । ବ୍ୟକ୍ତି ଯଦି ଅଧିକ ସଚେତ ଓ ସାବଧାନ ନ ଥାଏ, ପାରିପାର୍ଶ୍ୱିକ ଅବସ୍ଥା, ସାଙ୍ଗସାଥୀ ବିପରୀତ ଥାଆନ୍ତି ଏବଂ ଭଗବତ୍ କୃପାର ପ୍ରତିକୂଳ ପରାମର୍ଶ ସେମାନେ ଦେଇଥାଆନ୍ତି ତେବେ ସେ କିଛିଦିନ ପାଇଁ ଥରେ ଭଗବଦଭିମୁଖୀ ହୋଇପାରେ ଅଥବା କେତେଥର ଭଗବତ୍ ମାର୍ଗରୁ ବିଚଳିତ ହୋଇପାରେ । କିନ୍ତୁ ଭଗବାନ୍ ବ୍ୟକ୍ତିକୁ ଥରେ ସ୍ୱୀକାର କରିନେବା ପରେ ବ୍ୟକ୍ତି ଭଗବାନଙ୍କୁ ତ୍ୟାଗ କଲେ ମଧ୍ୟ ଭଗବାନ୍ ତାକୁ କେବେ ବି ତ୍ୟାଗ କରନ୍ତି ନାହିଁ । ବ୍ୟକ୍ତିର ବୁଦ୍ଧି ମୋହଗ୍ରସ୍ତ ହେଲେ ସେ ଭଗବତ୍‌ବିମୁଖ ହୋଇ ଅସତ୍ ମାର୍ଗରେ ଯାଏ । ତା'ର ପରିଣାମ ସ୍ୱରୂପ ପୁନରାୟ ପୂର୍ବାପେକ୍ଷା ଅଧିକ ପରିମାଣରେ ତା' ଉପରେ ବିପଦ ଆସେ । ଏହି ବିପଦରେ ଭଗବାନ୍ ପୁନଃ ଅନ୍ତରାତ୍ମାକୁ ଜାଗ୍ରତ୍ କରାଇ ଦିଅନ୍ତି । ବ୍ୟକ୍ତି ସଚେତ ହୋଇ ନିଜ କୃତକର୍ମ ସକାଶେ ପଶ୍ଚାତ୍ତାପ କରେ ଏବଂ ଭଗବତ୍ ସାହାଯ୍ୟରେ ଚାଲେ । ଆର୍ତ୍ତଭକ୍ତ ସଚେତ ଥିଲେ ପ୍ରଥମ ସମର୍ପଣରୁ ସିଧା ସିଧା ଭଗବତ୍ ମାର୍ଗରେ ଯାତ୍ରା କରେ, ମାର୍ଗଭ୍ରଷ୍ଟ ହୁଏ ନାହିଁ । ଅସାବଧାନତା ଯୋଗୁଁ ପ୍ରତିକୂଳ ଅବସ୍ଥା ଗ୍ରହଣ କଲେ ବ୍ୟକ୍ତି ବାରଂବାର ବିପଦର ସମ୍ମୁଖୀନ ହୁଏ ଏବଂ ସେଥିରୁ ଉଦ୍ଧାର ପାଇବାରେ ଭଗବତ୍ ଅନୁକମ୍ପା ଅନୁଭବ କରେ । ଏହିପରି ଘଟନାରେ ତା'ର ଚିତ୍ତଶୁଦ୍ଧି ହେଲେ ଶେଷରେ ସେ ସାବଧାନ ହୋଇ ଭଗବତ୍ ମାର୍ଗରେ ଦୃଢ଼ତାପୂର୍ବକ ଯାତ୍ରା କରେ, ଆଉ ବିମୁଖ ହୁଏ ନାହିଁ । ଭଗବାନ୍ ଯାହାକୁ ଥରେ ସ୍ୱୀକାର କରି ନିଅନ୍ତି, ତା'ର ସାମୟିକ ଅପରାଧ ଯୋଗୁଁ ତାକୁ ତ୍ୟାଗ କରନ୍ତି ନାହିଁ । ତା'ର ଅପରାଧ ହେଲେ ସେ ଦଣ୍ଡ ପାଏ, ପୁନରାୟ ଭଗବାନ୍ ସ୍ୱୀକାର କରି ନିଅନ୍ତି । ଯେଉଁମାନେ ଭଗବାନଙ୍କ କୃପା ପ୍ରାପ୍ତ କରି ନ ଥା'ନ୍ତି, ଯେଉଁମାନଙ୍କ ଅନ୍ତରାତ୍ମା ଜାଗ୍ରତ୍ ହୋଇ ନ ଥାଏ,

ସେମାନେ ବିପଦରେ ପଡ଼ି କାହାରି ପରାମର୍ଶରେ ଅଥବା କୌଣସି ଭକ୍ତର ପ୍ରଭାବରେ ଭଗବାନଙ୍କୁ ଡାକନ୍ତି, ମା'ଙ୍କ ପାଖରୁ ଆଶୀର୍ବାଦ ନିଅନ୍ତି, ବିପଦ ଦୂର ହୋଇଗଲେ ସେମାନେ ଭଗବାନଙ୍କୁ ଭୁଲି ଯାଆନ୍ତି । ତଥାପି ସେମାନଙ୍କର କେବେ ନା କେବେ କଲ୍ୟାଣ ହୁଏ । ଭଗବତ୍ କୃପା ଅମୋଘ, ବ୍ୟର୍ଥ ହୁଏ ନାହିଁ ।

(୨) **ଜିଜ୍ଞାସୁ ଭକ୍ତ** : କୌଣସି ବ୍ୟକ୍ତି ଉପରେ ଭଗବାନଙ୍କ କୃପା ଦ୍ୱାରା ତା'ର ଅନ୍ତରାତ୍ମା ଜାଗ୍ରତ୍ ହେଲେ, ସେ ଜାଣିବାକୁ ଚାହେଁ ଓ ପ୍ରଶ୍ନ କରେ, ଏହି ସଂସାର କିଏ ନିର୍ମାଣ କରିଛି ? ମନୁଷ୍ୟ ଏହି ସଂସାରକୁ ଆସିଲା କିପରି ଓ କାହିଁକି ? ମନୁଷ୍ୟର ସାର୍ଥକତା କ'ଣ ? ଯଦି କେବଳ ଜନ୍ମ ହୋଇ ମରି ଯିବାର ଥିଲା ତେବେ ଏତେ ଦୁଃଖ-ଦ୍ୱନ୍ଦ୍ୱକୁ ସେ ଗ୍ରହଣ କଲା କାହିଁକି ? ଜଣେ ମୂଲିଆ ମଜୁରି ଲାଗି ଉଦର ପୂର୍ଣ୍ଣ କରୁଛି, ଜଣେ ପ୍ରଫେସର, ଜଣେ ବିଚାରପତି, ଜଣେ ଆଇନଜ୍ଞ, ଜଣେ ଶାସକ ନିଜ ନିଜ କାର୍ଯ୍ୟ କରି ଉଦର ପୂର୍ଣ୍ଣ କରୁଛନ୍ତି । ମୂଲିଆ କୁଡ଼ିଆରେ କତରାରେ ଶୁଏ, ଏମାନେ ପକ୍କା କୋଠାଘରମାନଙ୍କରେ ମୋଟାମୋଟା ବିଛଣାରେ ବିଜୁଳିପଙ୍ଖା ତଳେ ଶୁଅନ୍ତି । ମୂଲିଆ ଚାଲିକରି ଯାଏ, ଏମାନେ ମୋଟରରେ ଯାଆନ୍ତି । ଏହି ବାହ୍ୟକ୍ରିୟାରେ ଏତେ ପ୍ରଭେଦ ରହିଲେ ମଧ୍ୟ ତତ୍ତ୍ୱତଃ ସମସ୍ତ ବ୍ୟକ୍ତି ଗୋଟିଏ ଅଜ୍ଞାନ ଶ୍ରେଣୀର । ଶାରୀରିକ, ମାନସିକ ଭୋଗ, କାମନା, ବାସନା, ଆହାର ନିଦ୍ରାର ଆବଶ୍ୟକତା ଏବଂ ଏହି ଆବଶ୍ୟକତାର ପୂରଣ ସମସ୍ତଙ୍କର ସମାନ । ଏହି ସମସ୍ତ ବ୍ୟକ୍ତି ନିଜ ଜୀବନର ପରିଣାମକୁ ଭୁଲି ଅନ୍ୟ ବ୍ୟକ୍ତିର ଅନ୍ୟ ଦେଶର ସର୍ବନାଶ କରନ୍ତି । ଧୀବରର ଜାଲ ମଧ୍ୟରେ ମତ୍ସ୍ୟ ଏକତ୍ର ହୋଇ ମୃତ୍ୟୁଅଭିମୁଖରେ ଗମନ କରିବା ସମୟରେ ଏକକୁ ଆରେକ ଭକ୍ଷଣ କରିବା ସଦୃଶ ଏମାନେ ନିଜ ସ୍ୱାର୍ଥ, ଅହଂ, କାମନା, ବାସନା ତୁଷ୍ଟି କରିବାରେ ଲାଗି ପଡ଼ିଛନ୍ତି । ଏମାନେ ସମସ୍ତେ କାମନା ବାସନାର କ୍ରୀତଦାସ । ଏହାହିଁ କ'ଣ ଜୀବନ ?

ଯେଉଁମାନେ ଦେଶ ସେବକ, ମନୁଷ୍ୟଜାତିର ହିତ ସାଧନର ବ୍ରତ ନେଇଛନ୍ତି, ସେମାନେ ବହୁସଂଖ୍ୟାରେ ଗୋଟିଏ ଗୋଟିଏ ସଂଘ ନିର୍ମାଣ କରି ଭିନ୍ନ ଭିନ୍ନ ଆଦର୍ଶ ଗ୍ରହଣ କରିଛନ୍ତି । ଲକ୍ଷ୍ୟସିଦ୍ଧି ପୂର୍ବରୁ ସେମାନଙ୍କର ଅହଂ, ସ୍ୱାର୍ଥ, ହିଂସା, ବ୍ୟକ୍ତିଗତ ସୁଖସୁବିଧାସବୁ ଲକ୍ଷ୍ୟପ୍ରାପ୍ତି ଦିଗରେ ଏକମୁଖୀ ହୋଇ ଧାବିତ ହେଉଥା'ନ୍ତି । ଲକ୍ଷ୍ୟସିଦ୍ଧି ପରେ ଏସବୁଙ୍କ ସମ୍ମୁଖରେ ଅନ୍ୟ କୌଣସି ଆଦର୍ଶ ନ ଥାଏ, ଫେର ଏମାନେ କ'ଣ କରିବେ ? ଅନ୍ୟାନ୍ୟ କେତେକ ସାଧାରଣ ବ୍ୟକ୍ତି ଯେପରି ନିଜ ସ୍ୱାର୍ଥ, ଅହଂ, କାମନାବାସନା ପୂର୍ଣ୍ଣକରିବା ସକାଶେ ନିଜ ମିତ୍ର, ସାଥୀ ସହକର୍ମୀଙ୍କୁ ଗୁଳିରେ ହତ୍ୟା କରିବାକୁ ପଛାଇ ନାହାନ୍ତି, ଏମାନେ ମଧ୍ୟ ସେହିପରି କରିବେ । ବାନର ନିଜ ସନ୍ତାନ ମୁଖରୁ ଆହାର ଛଡ଼ାଇ ନିଜେ ଉଦରସ୍ଥ କରିବା ସଦୃଶ ଏମାନେ ମଧ୍ୟ ନିଜ ମତ ସାବ୍ୟସ୍ତ କରିବା ପାଇଁ, ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଅନ୍ୟର ଗଳା କାଟିବେ, ଅଥବା ଯେଉଁମାନଙ୍କର ଆଦର୍ଶ ସିଦ୍ଧ ହୋଇଯାଇଛି, ସେମାନେ ଯେପରି ନିଜ ସ୍ୱାର୍ଥସିଦ୍ଧିରେ ଲାଗିଛନ୍ତି, ଏମାନେ ମଧ୍ୟ ସେହିପରି କରିବେ, ଏହାହିଁ କ'ଣ ଜୀବନର ଆଦର୍ଶ ? ସଂସାରର ଦୁଃଖଦ୍ୱନ୍ଦ୍ୱର ଅବସାନ ହେବା ପାଇଁ କ'ଣ ଅନ୍ୟ କୌଣସି ଉପାୟ ନାହିଁ ? ଏହାର ଉତ୍ତର ନିଜ ଆତ୍ମାରୁ ଅଥବା ଅନ୍ୟ ବ୍ୟକ୍ତିଠାରୁ ପ୍ରାପ୍ତ ହେଲେ ସେ ଭଗବଦଭିମୁଖୀ ହୁଏ ।

ଭଗବାନ୍ ସ୍ୱୟଂ ନିଜକୁ ପୂର୍ଣ୍ଣରୂପେ ଏହି ସଂସାରରେ ପ୍ରକାଶ କରିବାକୁ ବହୁବିଧ ପ୍ରାଣିରୂପେ ପ୍ରକଟ ହୋଇଛନ୍ତି । ଏହି ସଂସାର ଅକସ୍ମାତ ହୋଇ ନାହିଁ । ଭଗବାନ୍ ସ୍ୱୟଂ ସଂସାର ରୂପରେ ବ୍ୟକ୍ତ ହୋଇଛନ୍ତି । ସଂସାର ଚିରଦିନ ଏହି ଦୁଃଖଦ୍ୱନ୍ଦ୍ୱରେ ଗତି କରିବ ନାହିଁ, ମନୁଷ୍ୟ ଚିରଦିନ ଜନ୍ମ-ମରଣ-ଆବର୍ତ୍ତନରେ ଭ୍ରମଣ କରି ଦୁଃଖ, ତାପ, ପୀଡ଼ା ଭୋଗ କରିବାକୁ ଏହି ସଂସାରକୁ ଆସି ନାହିଁ; ଆସିଛି ଅବିମିଶ୍ର ସୁଖ ଓ ପରମାନନ୍ଦ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ । ସେଥି ସକାଶେ ସମସ୍ତ ମନୁଷ୍ୟ ଅସ୍ପଷ୍ଟ ଭାବରେ ଏକମତ ହୋଇ ଦୁଃଖ ରହିତ ସୁଖ, ନୀରୋଗତା, ଅମରତ୍ୱ ଓ ଶାନ୍ତି ଚାହୁଁଛନ୍ତି । ମନୁଷ୍ୟର ଏହି ଚାହିଁବାହିଁ ପ୍ରମାଣ କରୁଛି ଯେ ଏସବୁ ସତ୍ୟ ବସ୍ତୁ ; ଦିନେ ମନୁଷ୍ୟକୁ ଏହା ଅବଶ୍ୟ ମିଳିବ । ଏହାହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ମନୁଷ୍ୟ ମଧ୍ୟରେ କାମ, କ୍ରୋଧ, ହିଂସା, ଦ୍ୱେଷ, ସ୍ୱାର୍ଥ, ଈର୍ଷା, ବିରୋଧାଦି ଦୁର୍ଗୁଣ ଥିବାରୁ ମନୁଷ୍ୟ ତା'ର ଚିରାଭିଳଷିତ ପରମସୁଖ, ପରମ ଶାନ୍ତିର ଲକ୍ଷ୍ୟ ଭୁଲି, ଏହି ଲକ୍ଷ୍ୟକୁ ଭ୍ରମବଶତଃ ସାଂସାରିକ ବସ୍ତୁରେ ଖୋଜୁଛି, ଏହାହିଁ ଅଜ୍ଞାନତା । ଏହି ଅଜ୍ଞାନତା ଦୂର ହୁଏ ମନୁଷ୍ୟର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ

ତତ୍ତ୍ୱରେ ରୂପାନ୍ତର ହୋଇ ତା'ର ସମସ୍ତ ସତ୍ତାରେ ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶିତ ହେଲେ । ଏହାହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ସେ ଏହାକୁ ଅବଶ୍ୟ ଦିନେ ପ୍ରାପ୍ତ କରିବ । ମନୁଷ୍ୟ ଯେପର୍ଯ୍ୟନ୍ତ ଏହି ଲକ୍ଷ୍ୟର ଜ୍ଞାନପ୍ରାପ୍ତ ନ କରି, ଲକ୍ଷ୍ୟସିଦ୍ଧିର ଯଥାର୍ଥ ମାର୍ଗରେ ଯାତ୍ରା ନ କରିଛି, ଲକ୍ଷ୍ୟସିଦ୍ଧି ନ କରିଛି, ସେପର୍ଯ୍ୟନ୍ତ ଏହି ଦୁଃଖ-ଯାତନା ଭୋଗ କରି ଜନ୍ମ-ମୃତ୍ୟୁର ସମ୍ମୁଖୀନ ହୋଇ ଚାଲିଥିବ । ବ୍ୟକ୍ତିର ଅନ୍ତରରୁ ବା ଅନ୍ୟଠାରୁ ଏହିପରି ଉତ୍ତର ପାଇଲେ ସେ ଭଗବତ୍ ପ୍ରାପ୍ତିମାର୍ଗରେ ଗତି କରିବ ।

(୩) **ଅର୍ଥାର୍ଥୀ ଭକ୍ତ** : ଯେଉଁ ବ୍ୟକ୍ତିମାନଙ୍କର ଅର୍ଥପ୍ରାପ୍ତି ଅର୍ଥାତ୍ ମାନ, ଯଶଃ, ଧନ, ପଦମର୍ଯ୍ୟାଦା ପ୍ରାପ୍ତିର ଅଭିଳାଷ ଥାଏ, ସେମାନଙ୍କ ମଧ୍ୟରୁ କାହାରି କାହାରି ପ୍ରତି ଭଗବାନ୍ ଅହେତୁକୀ କୃପା କରି ତା'ର ଅନ୍ତରାତ୍ମାକୁ ଜାଗ୍ରତ୍ କରିଦେଲେ ସେ ଉପରୋକ୍ତ ସ୍ୱାର୍ଥଲାଭ ଆଶାରେ ଭଗବତ୍ ଶରଣାପନ୍ନ ହୁଏ । ଏହି ଅର୍ଥାର୍ଥୀ ଭକ୍ତର ଆର୍ତ୍ତ ଭକ୍ତଙ୍କ ପରି କାର୍ଯ୍ୟସିଦ୍ଧି ହେବାପରେ ବାରଂବାର ସଂଦେହ ଆସି ଏମାନଙ୍କୁ ଅଧାତ୍ମ ମାର୍ଗରୁ ବିଚଳିତ କରିପାରେ; ପୁନରାୟ ଏମାନେ ଦୁଃଖ-ଦ୍ୱନ୍ଦ୍ୱରେ ପଡ଼ି ଭଗବାନଙ୍କୁ ଡାକନ୍ତି । ଶେଷରେ ଦୃଢ଼ ସଂକଳ୍ପବାନ୍ ହୋଇ ସିଧା ସିଧା ଭଗବତ୍ ମାର୍ଗରେ ଯାତ୍ରା କରନ୍ତି । ଯେଉଁ ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ହୋଇ ନ ଥାଏ, କେବଳ ଅର୍ଥପ୍ରାପ୍ତି କରିବା ଉଦ୍ଦେଶ୍ୟରେ ଭଗବତ୍-ଚରଣରେ ମନ ଦ୍ୱାରା ନିଜକୁ ସମର୍ପଣ କରିଥାଏ, ତା'ର କାର୍ଯ୍ୟସିଦ୍ଧି ହେବା ପରେ ବହୁତ ବର୍ଷ ଏପରି କି କେତେ ଜନ୍ମ ବି ଭଗବାନଙ୍କୁ ଏକେବାରେ ଭୁଲି ଯାଇପାରେ କିଂବା ସେହି ଘଟନାରେ ଭଗବତ୍-କୃପା ସଂସ୍ପର୍ଶରେ ଅନ୍ତରାତ୍ମା ଜାଗ୍ରତ୍ ହୋଇ ନିଶ୍ଚିତରୂପେ ଭଗବତ୍-ମାର୍ଗ ଅବଲମ୍ବନ କରିପାରେ ।

(୪) **ଜ୍ଞାନୀ ଭକ୍ତ** : କେହି କେହି ଜ୍ଞାନୀ ଭକ୍ତ ପୂର୍ବଜନ୍ମ ସଂସ୍କାରରୁ ତାଙ୍କ ବାଲ୍ୟାବସ୍ଥାରୁ ସଚେତ ଥାଆନ୍ତି । ତାଙ୍କ ଜୀବନରେ କେବେ କ'ଣ ଘଟିବ, ନିଜକୁ କ'ଣ କରିବାକୁ ହେବ ତାହା ସେ ସ୍ପଷ୍ଟ ଅଥବା ଅସ୍ପଷ୍ଟରୂପେ ବାଲ୍ୟାବସ୍ଥାରୁ ଜାଣି ଥାଆନ୍ତି । ପାରିପାର୍ଶ୍ୱିକ ଅବସ୍ଥା-ଚକ୍ରରୁ ଯଦି ସାଧାରଣ ମୋହାବରଣ କେବେ ଆସେ ତେବେ ତାଙ୍କ ଅନ୍ତରାତ୍ମା ସେହି ସାମାନ୍ୟ ଘଟନାକୁ ଆଶ୍ରୟ କରି ତାଙ୍କୁ ଭଗବଦଭିମୁଖୀ କରିନିଏ । କୌଣସି କୌଣସି ଜ୍ଞାନୀ ଭକ୍ତଙ୍କର ଆତ୍ମା ଏହି ସଂସ୍କାରରେ କିଛି ଅଭିଜ୍ଞତା ପ୍ରାପ୍ତ କରିବାର ସଂକଳ୍ପ ଯଦି କରିନେଇଥାଏ, ତେବେ ସେହି ଅଭିଜ୍ଞତା ପ୍ରାପ୍ତ ହେବା ପରେ ହଠାତ୍ କୌଣସି କାରଣରୁ ସେ ଭଗବତ୍ ମାର୍ଗରେ ଯାତ୍ରା କରେ । ଆର୍ତ୍ତ ଓ ଅର୍ଥାର୍ଥୀ ଭକ୍ତଙ୍କ ସଦୃଶ ଜ୍ଞାନୀ ଭକ୍ତ କୌଣସି କାମନା, ବାସନା ପୂର୍ଣ୍ଣ କରିବାକୁ ଭଗବଦଭିମୁଖୀ ହୁଏ ନାହିଁ । କୌଣସି ଘଟନା ଯୋଗୁଁ ସଚେତ ହେବାମାତ୍ରେ କେବଳ ଲକ୍ଷ୍ୟସିଦ୍ଧି ସକାଶେ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା କରେ ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥
(ଗୀତା, ଅ ୭, ଶ୍ଲୋକ-୧୬)

ଅର୍ଥ – ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଏହି ଚାରି ପ୍ରକାର ସୁକୃତ ବ୍ୟକ୍ତି ମୋତେ ଭଜନ କରନ୍ତି ।
ଗୋସ୍ୱାମୀ ତୁଳସୀ ଦାସ ଠିକ୍ ଏହାହିଁ ରାମାୟଣରେ କହିଅଛନ୍ତି –

ରାମ ଭଗତ ଜଗ ଚାରି ପ୍ରକାରା,
ଚାରିଇ ସୁକୃତି ଅନଘ ଉଦାରା ।

ଏହି ଚାରିପ୍ରକାର ଭକ୍ତଙ୍କର ଭଗବତ୍ ସମ୍ମୁଖ ହେବାରେ ଭିନ୍ନ ଭିନ୍ନ କାରଣ ଥିବାରୁ ଏମାନଙ୍କୁ ଚାରି ଶ୍ରେଣୀରେ ବିଭକ୍ତ କରାହୋଇଛି କିନ୍ତୁ କୌଣସି ପ୍ରକାରେ ଭଗବତ୍ ଚରଣରେ ବ୍ୟକ୍ତି ନିଜକୁ ସମର୍ପଣ କରିଦେଲେ ଭଗବାନ୍

ସ୍ୱୀକାର କରିନିଅନ୍ତି । ଭଗବତ୍ ମାର୍ଗରେ କିଛିଦୂର ଅଗ୍ରସର ହେବା ପରେ ଭକ୍ତଙ୍କର ସମସ୍ତ ପ୍ରକାର କାମନାବାସନା ଦୂର ହୋଇଯାଏ । ସେ ନିଷ୍କାମ ଜ୍ଞାନୀ ଭକ୍ତ ହୋଇ ଯାଆନ୍ତି ।

ସମର୍ପଣ ଆରମ୍ଭରୁ ଭଗବାନଙ୍କ ରକ୍ଷା

ବ୍ୟକ୍ତି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ଭଗବାନ୍ ତାକୁ ସ୍ୱୀକାର କରିନିଅନ୍ତି ।

ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ୟାଚତେ ।
ଅଭୟଂ ସର୍ବେଭୂତେଭ୍ୟୋ ଦଦାମ୍ୟେତଦ୍ ବ୍ରତଂ ମମ ॥

(ବାଲ୍ମୀକି ରାମାୟଣ)

ଏହା ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କର ଶ୍ରୀମୁଖବଚନ— ''ଯେଉଁ ବ୍ୟକ୍ତି 'ମୁଁ ତୁମ୍ଭର' କହି ନିଜକୁ ସମର୍ପଣ କରିଦିଏ ତାକୁ ମୁଁ ସମସ୍ତ ପ୍ରାଣୀଙ୍କଠାରୁ ନିର୍ଭୟ କରିଦିଏ, ଏହା ମୋର ବ୍ରତ ।'' ଏହା ଏକେବାରେ ଠିକ୍ ଏବଂ ପ୍ରତ୍ୟେକ ଭକ୍ତ ଏହା ଅନୁଭବ ମଧ୍ୟ କରନ୍ତି । ବ୍ୟକ୍ତି କୌଣସି ପ୍ରକାରରେ ଭଗବତ୍ ଶରଣ ହେଲେ ଭଗବାନ୍ ପ୍ରତିକ୍ଷଣରେ ଭକ୍ତର ଡାକକୁ କାନ ଡେରି ରହିଥା'ନ୍ତି; ଡାକିବା ମାତ୍ରେ ବିପଦରୁ ରକ୍ଷା କରନ୍ତି । ଭଗବାନ୍ ରକ୍ଷା କରନ୍ତି, ଏହା ନିରାଟ ସତ୍ୟ । କିନ୍ତୁ ବ୍ୟକ୍ତି ସମର୍ପଣ କରିବା ମାତ୍ରେ ସମସ୍ତ ଦୋଷରୁ ମୁକ୍ତ ହୁଏ ନାହିଁ କିଂବା ତାହାର ମନ, ପ୍ରାଣ, ଶରୀର ପୂର୍ଣ୍ଣତଃ ସମର୍ପିତ ହୁଏ ନାହିଁ । ସମର୍ପଣ କରିଥାଏ କେବଳ ଅନ୍ତରାତ୍ମା । ତାହାରି ପ୍ରଭାବ ମନର କୌଣସି ଗୋଟିଏ ଭାଗରେ କିଛି ପଡ଼େ । ବାକୀ ସମସ୍ତ ସତ୍ତାକୁ ସମର୍ପଣ କରିବା ସକାଶେ ବ୍ୟକ୍ତିକୁ ବହୁତ ବର୍ଷ ସାଧନା କରିବାକୁ ପଡ଼େ । ସମଗ୍ର ସତ୍ତା ସମର୍ପିତ ହେବା ପୂର୍ବରୁ ପୂର୍ବ ସ୍ୱଭାବ ଅନୁସାରେ ସେମାନେ ନିଜ ନିଜ ମାର୍ଗରେ ଚାଲିଥା'ନ୍ତି । ସମର୍ପଣର ଅର୍ଥ, ଯେଉଁ ବ୍ୟକ୍ତିର ଯେଉଁ ଭାଗ ସମର୍ପିତ ହୁଏ, ସେଥିରେ ଭଗବାନଙ୍କର ଅଧିକାର ହୋଇଯାଏ, ସେହି ଭାଗ ଭଗବାନଙ୍କୁ ଚାହେଁ । ମନ, ପ୍ରାଣ ସମର୍ପିତ ହେଲେ ସେଥିରେ ଅନ୍ୟ କୌଣସି ପ୍ରକାର ବିଚାର, କାମନା, ଭୋଗଲିପ୍ସା, ସ୍ତ୍ରୀ, ପୁତ୍ର, ପରିବାର ଓ ଧନ ପ୍ରତି ମୋହ ଆସକ୍ତି ରହେ ନାହିଁ, ନାମ, ଯଶଃ, ପଦମର୍ଯ୍ୟାଦାର ଅଧିକାର ତାକୁ ଅଭିଭୂତ କରେ ନାହିଁ । ତା' ମଧ୍ୟରୁ କାମ, କ୍ରୋଧ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥ, ଅହଂ ଦୂର ହୋଇଯାଏ । ସେ ନିରନ୍ତର ଭଗବତ୍ ପ୍ରେମ, ଆନନ୍ଦ, ଜ୍ଞାନସମୁଦ୍ରରେ ନିମଗ୍ନ ରହେ । ସେ ଚରାଚର ପ୍ରାଣୀରେ ଈଶ୍ୱରଙ୍କୁ ସାକ୍ଷାତ୍ ଦର୍ଶନ କରେ । ତା'ର ମନ, ପ୍ରାଣ ଭଗବତ୍ ଚେତନାରେ ଏକ ହୋଇଯାଇଥାଏ । ମନରେ ସେ କିଛି ଭାବେ ନାହିଁ, କିଛି ବିଚାର କରେ ନାହିଁ, ପୂର୍ଣ୍ଣତଃ ପରିଚାଳିତ ହୁଏ ଭଗବତ୍ ଶକ୍ତି ଦ୍ୱାରା । ତା'ର ଶରୀରର ନେତା ଓ ଚାଳକ ହୁଏ ଅନ୍ତରାତ୍ମା; ତା' ମଧ୍ୟରେ ସାଧନା କରନ୍ତି ଭାଗବତୀ ଶକ୍ତି । ସାଧକର ଯେପର୍ଯ୍ୟନ୍ତ ଏହି ଅବସ୍ଥା ସ୍ଥାୟୀ ହୋଇ ନ ରହିଛି, ଏକ କ୍ଷଣକ ସକାଶେ ଯଦି ଅନ୍ୟ ବୃତ୍ତି ତା' ମଧ୍ୟରେ ଦେଖାଦେଉଛି ତେବେ ଜାଣିବାକୁ ହେବ ସେପର୍ଯ୍ୟନ୍ତ ସମର୍ପଣ ବାକି ଅଛି, ସେପର୍ଯ୍ୟନ୍ତ ସମର୍ପଣରେ ସାଧକ ପୂର୍ଣ୍ଣତା ଲାଭ କରି ନାହିଁ । ସମର୍ପଣ ଆରମ୍ଭରୁ ସାଧକର ଆଧାରରେ ଭାଗବତୀ ଶକ୍ତି ଏବଂ ଅଜ୍ଞାନ ଶକ୍ତିର ଯୁଦ୍ଧ ଆରମ୍ଭ ହୁଏ । ସାଧକର ଏକମାତ୍ର କାମ ହୁଏ ସବୁ ସମୟରେ ସଚେତ ରହି ନିଜର କର୍ମ, ବିଚାର, ଆସକ୍ତି, ଲୋଭ, ମୋହାଦି ଯେଉଁ ଦୁର୍ଗୁଣ ସମ୍ମୁଖକୁ ଆସେ ଅଥବା କ୍ରିୟାଶୀଳ ହୁଏ, ତତ୍‌କ୍ଷଣାତ୍ ଭାଗବତୀ ଶକ୍ତିକୁ ଆବାହନ କରି ସେହି ବୃତ୍ତି ବା ଦୁର୍ଗୁଣଚୟକୁ ତାଙ୍କ ଚରଣରେ ସମର୍ପଣ କରିଦେବା । ସମର୍ପିତ ଅଂଶକୁ ଭାଗବତୀ ଶକ୍ତି ଅଧିକାର କରି ତାଙ୍କର ସ୍ୱରୂପୀଭୂତ ଶାନ୍ତି, ସନ୍ତୋଷ, ଆନନ୍ଦ, ଭକ୍ତି, ଜ୍ଞାନ, ସମତା ଇତ୍ୟାଦି ସଦ୍‌ଗୁଣ ସ୍ଥାପନ କରନ୍ତି । ଅନ୍ଧକାର ଅଜ୍ଞାନ ଶକ୍ତି ନିଜ ଅଂଶୀଭୂତ କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ମାନ, ଯଶାଦି ବିରୋଧୀ ଦୁର୍ଗୁଣ ଦ୍ୱାରା ଆକ୍ରମଣ କରି ସଦ୍‌ଗୁଣକୁ ସ୍ଥାନଚ୍ୟୁତ କରି ନିଜ ଅଙ୍ଗୀଭୂତ ଦୁର୍ଗୁଣମାନଙ୍କ ଅଧିକାର ପୂର୍ବବତ୍ ସ୍ଥାୟୀ ରଖିବାକୁ ପ୍ରଯତ୍ନ କରେ । ଏହିପରି ଯୁଦ୍ଧ ସମର୍ପଣର ଶେଷପର୍ଯ୍ୟନ୍ତ ଚାଲିଥାଏ । ଯେତେବେଳେ ସାଧକର

ଆଧାରରେ ଭାଗବତୀ ଶକ୍ତିଙ୍କର ପୂର୍ଣ୍ଣ ଅଧିକାର ହୋଇ ସାରିଥାଏ, କେବଳ କୌଣସି କୋଣରେ କିଛି ଅସମର୍ପିତ ଶେଷାଂଶ ରହି ଯାଇଥାଏ, ସେତେବେଳେ ବି ଅନ୍ଧକାର ଶକ୍ତି ସେହି ଅସମର୍ପିତ ଅଂଶକୁ ଆଶ୍ରୟ କରି ଆକ୍ରମଣ କରେ । ଏପରିକି ଯେତେବେଳେ ସାଧକର ମନ, ପ୍ରାଣ ଏକେବାରେ ଶୁଦ୍ଧ ହୋଇଥାଏ, ତା'ର କାମନା, ବାସନା ଆଦି କିଛି ଦୁର୍ଗୁଣ ନ ଥିଲା ପରି ସେ ବୋଧକରେ, ସେତେବେଳେ ବି ହଠାତ୍ ସମୟ ସମୟରେ ଦୂର ଆକାଶରେ ପକ୍ଷୀ ଉଡ଼ିଲା ପରି ତା'ର ଚିଦାକାଶରେ ପ୍ରତିକୂଳ ଶକ୍ତି ଉଙ୍କି ମାରନ୍ତି । ଏହାର ହେଲା ଦୁଇଟି କାରଣ : ସାଧକର ସମସ୍ତ ସତ୍ତା ଭାଗବତୀ ଶକ୍ତି ଅଧିକାର କରି ଦିବ୍ୟଗୁଣକୁ ସ୍ଥାପନ କରିବାରୁ ଅଦିବ୍ୟ ଗୁଣ ନିଜ ସ୍ଥାନ ଛାଡ଼ି, ପରାଜିତ ଶତ୍ରୁ ଜଙ୍ଗଲରେ ଲୁଚି ରହିଲା ପରି ସାଧକର ଅବଚେତନାରେ ଆଶ୍ରୟ ନେଇ ନିଜ ସୁଯୋଗର ଅପେକ୍ଷାରେ ରହିଥା'ନ୍ତି, ସୁବିଧା ପାଇ କେବେକେବେ ଯାତ୍ରା କରିଦିଅନ୍ତି, ଅଥବା ବିଶ୍ୱ ବାତାବରଣରୁ ଅସଦ୍‌ଗୁଣ କେବେକେବେ ଆକ୍ରମଣ କରନ୍ତି ।

ବିରୋଧୀ ଶକ୍ତିର ଛଦ୍ମ ଆକ୍ରମଣ ଓ ଭଗବତ୍ କୃପା

ବ୍ୟକ୍ତି ଅଧ୍ୟାତ୍ମ-ସାଧନ ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ତା'ର ନିଜର ସ୍ୱଭାବ, ସଂସ୍କାର, ମନର ବିଚାର, ପ୍ରାଣର କାମନା-ବାସନା ଆସି ମାର୍ଗ ରୁଦ୍ଧ କରି ସାଧକକୁ ବିପଥଗାମୀ କରିବାକୁ ପ୍ରଯତ୍ନ କରନ୍ତି । ସାଧକକୁ ନୈତିକ ଧର୍ମାନୁଯାୟୀ ପିତା, ମାତା, କୁଟୁମ୍ବ, ଦେଶସେବା, ଆଚାର-ବ୍ୟବହାର, ନିଜ କର୍ତ୍ତବ୍ୟର ଶିକ୍ଷା ଦିଅନ୍ତି । ବିରୋଧୀ ଶକ୍ତିସମୂହ ସାଂସାରିକ ଭୋଗ-ବାସନାର ପ୍ରଲୋଭନ ଆଣି ସାଧକ ସାମନାରେ ରଖି ତାକୁ ବିମୋହିତ କରିପକାନ୍ତି । ସାଧକର ସଂକଳ୍ପ ଦୃଢ଼, ବୁଦ୍ଧି ଶୁଦ୍ଧ ଓ ତୀବ୍ର ଥିଲେ ସେ ସବୁ ବିରୋଧୀ ପରାମର୍ଶକୁ ପ୍ରଶ୍ରୟ ନ ଦେଇ, ବିରୋଧୀ ସଂସ୍କାର ସ୍ୱଭାବକୁ ଭଗବତ୍ ସାହାଯ୍ୟରେ ନିଜ ସଂକଳ୍ପ ଦ୍ୱାରା ବର୍ଜନ କରି ନିଜ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ, ଅଥବା ବିରୋଧୀ ଶକ୍ତିଙ୍କ କପଟ ପରାମର୍ଶ ପ୍ରଭାବର ଅଧୀନ ହୋଇ ସତ୍ୟ ମାର୍ଗରୁ ବିମୁଖ ହୋଇ ସାଧାରଣ ଜୀବନକୁ ଫେରିଯାଇପାରେ ।

ସାଧକ ମଧ୍ୟରେ ଯେତେ ପ୍ରକାର ଦୁର୍ଗୁଣ ଥାଏ, ସବୁଠାରୁ ପ୍ରବଳ ଏବଂ ଶକ୍ତିଶାଳୀ ହେଉଛି କାମ-ବାସନା ଆଉ ଯଶୋଲିପ୍ସା । ସାଧକ ଅନ୍ୟାନ୍ୟ ଦୁର୍ଗୁଣରୁ ମୁକ୍ତ ହେବା ପରେ ଏହି ଦୁଇ ଶତ୍ରୁ ବହୁତ ପ୍ରକାରେ, ଛଳେ ବଳେ, କୌଶଳେ, ଛଦ୍ମବେଶ ଧାରଣ କରି ସାଧକକୁ ବିମୋହିତ କରିବାକୁ ଚେଷ୍ଟା କରନ୍ତି । ଏହିସବୁର କୌଶଳ ସମ୍ମୁଖରେ ସାଧକର ବୁଦ୍ଧି, ଯୋଗଶକ୍ତି କିଛିମାତ୍ର କାମ କରିପାରେ ନାହିଁ । କେବଳ ରକ୍ଷା କରେ ଭଗବାନଙ୍କ ଶକ୍ତି । ସାଧକ ଯଦି ସାଧନା ଆରମ୍ଭରୁ ଛୋଟ ଶିଶୁଟିଭଳି ନିଜକୁ ଭଗବତ୍ ଚରଣରେ ଅର୍ପଣ କରି, ତାଙ୍କରି ଦ୍ୱାରା ପରିଚାଳିତ ହେବାକୁ ପ୍ରାର୍ଥନା କରେ, ପଦେ ପଦେ ତାଙ୍କରି ସାହାଯ୍ୟ ଚାହେଁ, ତେବେ ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହେବାର ଶକ୍ତି ଭଗବାନ୍ ସାଧକକୁ ଦେଇ, ସମସ୍ତ ବାଧାବିଘ୍ନ ଅତିକ୍ରମ କରାଇ, ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ଅନ୍ୟଥା ସାଧକ ନିଜର ବ୍ୟକ୍ତିଗତ ତପସ୍ୟା ଦ୍ୱାରା ଏହିସବୁ ଶତ୍ରୁଙ୍କୁ ବିତାଡ଼ିତ କରିବାକୁ ଚେଷ୍ଟା କଲେ ତା' ଚେଷ୍ଟା ବାରଂବାର ବ୍ୟର୍ଥ ହୁଏ ଏବଂ ସେ ଶତ୍ରୁଙ୍କ ଶିକାର ହୋଇପାରେ । ଏହି କାମ-ବାସନା ଓ ଯଶୋଲିପ୍ସା, କେବଳ ଭଗବାନଙ୍କ ସଙ୍ଗେ ଯୁକ୍ତଥିବା ତାଙ୍କର ଅନନ୍ୟ ଭକ୍ତଙ୍କ ଛଡ଼ା, ସଂସାରର ସମସ୍ତ ବ୍ୟକ୍ତିଙ୍କୁ ବିପଥଗାମୀ କରି କ୍ରୀତଦାସରୂପେ ରଖିଛି । ଏହିସବୁର ପ୍ରେରଣାରେ ମନୁଷ୍ୟ ସମସ୍ତ ନୈତିକ, ସାମାଜିକ, ଆଧ୍ୟାତ୍ମିକ ନିୟମର ବିରୋଧାଚରଣ କରୁଛି । ଏହାର ବଶବର୍ତ୍ତୀ ହେବାରେ ଦୁଃଖ, ଅପମାନ, ନିନ୍ଦା ମଧ୍ୟ ସମୟ ବିଶେଷରେ ପାଉଛି । ଏହା ପ୍ରତ୍ୟେକ ମନୁଷ୍ୟ ଜାଣନ୍ତି, ତଥାପି ସାଧାରଣ ବ୍ୟକ୍ତିଙ୍କ କଥା କ'ଣ କହିବା, ବଡ଼ବଡ଼ ଅଧ୍ୟାତ୍ମ ସାଧକ ଏହିସବୁ ଦୁର୍ଗୁଣର ପ୍ରଲୋଭନରେ ପତିତ ହୋଇ ସର୍ବନାଶ ଘଟାନ୍ତି । ଏହାର ପ୍ରମାଣ ପୁରାଣରେ ବଡ଼ ବଡ଼ ମୁନି, ଋଷିଙ୍କ ଜୀବନରେ ମିଳେ ଏବଂ ବର୍ତ୍ତମାନ ଯୁଗରେ ମଧ୍ୟ ବହୁତ ସାଧକଙ୍କ ମଧ୍ୟରେ ଦେଖାଯାଏ । ଏହି ଦୁଇଟି ଶତ୍ରୁଙ୍କ ଆକ୍ରମଣରୁ ବିଶ୍ୱାମିତ୍ରଙ୍କ ପରି ମହର୍ଷି ଓ ଶଙ୍କରଙ୍କ ପରି ଯୋଗେଶ୍ୱର

ମଧ୍ୟ ବାଦ୍ ଯାଇ ନାହାନ୍ତି । ଏହିସବୁ ଦୁର୍ଜ୍ଜେୟ ଶତ୍ରୁର କବଳରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ ହେଲା ଭଗବାନଙ୍କ ଚରଣରେ ପୂର୍ଣ୍ଣ ଆତ୍ମସମର୍ପଣ ।

ଭଗବାନଙ୍କ ଚରଣରେ ବ୍ୟକ୍ତିର ଅନ୍ତରାତ୍ମା ନିଷ୍କପଟ କେନ୍ଦ୍ରୀୟ ସମର୍ପଣ କରି ଶିଶୁ ସଦୃଶ ମା'ଙ୍କ ଶକ୍ତି ଆଶ୍ରୟରେ ରହିଲେ କେବଳ ମା' ଏହିସବୁ ବିପଦରୁ ରକ୍ଷା କରନ୍ତି । ଏହିସବୁ ବିରୋଧୀ ଶକ୍ତି ବଡ଼ କୌଶଳୀ ଅଟନ୍ତି । ସାଧକର ଜ୍ଞାନ ଓ ଶକ୍ତିଠାରୁ ଏମାନଙ୍କର ଜ୍ଞାନ ଓ ଶକ୍ତି ବହୁତ ଅଧିକ । ସାଧକର ଆଧାରସ୍ଥ ଦୁର୍ବଳତାକୁ ଏମାନେ ବେଶ୍ ବୁଝି ପାରନ୍ତି; କିପରି କୌଶଳରେ ସାଧକ ମୋହଗ୍ରସ୍ତ ହୋଇପାରେ ସେ ଜ୍ଞାନ ଏମାନଙ୍କର ପର୍ଯ୍ୟାପ୍ତ ଥାଏ । କିନ୍ତୁ ଏସବୁ ପରାସ୍ତ ହୁଅନ୍ତି ଭାଗବତୀ ଶକ୍ତି ପାଖରେ । ସେଠାରେ ଏମାନଙ୍କ ସମସ୍ତ କୌଶଳ ବ୍ୟର୍ଥ ହୁଏ । ମା'ଙ୍କ ପାଖରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦେଇ ତାଙ୍କ ପ୍ରତି ବିଶ୍ୱାସ, ଭରସା ରଖି ସମସ୍ତ ବିପଦ-ଆପଦରେ ତାଙ୍କୁ ଡାକିବା ହେଲା ଏହି ଦୁର୍ଜ୍ଜେୟ ଶତ୍ରୁଙ୍କ କବଳରୁ ମୁକ୍ତି ପାଇବାର ରହସ୍ୟ ଆଉ ଚାବିକାଠି । ଏହାଛଡ଼ା ସାଧନା-ପଥ ବିପତ୍‌ସଂକୁଳ ଓ ପତନର ଆଶଙ୍କାରେ ପୂର୍ଣ୍ଣ ।

କୌଣସି କୌଣସି ସାଧକଙ୍କୁ ସାଧନା ଆରମ୍ଭରୁ ଏହିସବୁ ଶତ୍ରୁଙ୍କ ଛଦ୍ମବେଶ, କୁଟିଳ ପରାମର୍ଶ ଭଗବତ୍ କୃପାରୁ ସ୍ପଷ୍ଟ ଅନୁଭୂତ ହୁଏ । ସାଧକ ଭଗବାନଙ୍କ ଆଶ୍ରୟ ନେଲେ ସେହିସବୁ ବିରୋଧୀ ଶକ୍ତିଙ୍କର ଆକ୍ରମଣରୁ ଭଗବାନ୍ ରକ୍ଷା କରି ଚାଲିଥା'ନ୍ତି । ମାର୍ଗରେ ବାଧା-ବିପତ୍ତି ବରାବର ଆସେ । ଏପରିକି ଯେଉଁ ସାଧକର ସାଧନା ତୀବ୍ରତା ସହ ଚାଲେ, ତା' ମାର୍ଗରେ ସାଧନାର ଉନ୍ନତି ଅନୁପାତରେ ବାଧା-ବିପତ୍ତି ମଧ୍ୟ ଅଧିକ ଆସେ । କାରଣ ମନୁଷ୍ୟର ପୂର୍ବ ସ୍ୱଭାବ, ସଂସ୍କାର ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ । ସେସବୁ ବାଧାରୂପ ଧାରଣ କରି ମାର୍ଗ ରୋଧ କରନ୍ତି । ଏହାଛଡ଼ା ଅଜ୍ଞାନ ଅନ୍ଧକାର ଶକ୍ତି ବାଧା ସୃଷ୍ଟି କରି ଆକ୍ରମଣ କରନ୍ତି । ଯେଉଁ ସାଧକର ସାଧନା ବହୁତ ମନ୍ଥର ଗତିରେ ଚାଲେ ତା' ଉପରେ ବାଧା-ବିପତ୍ତି କମ୍ ଆସେ ।

ଯଥାର୍ଥରେ ସାଧକର ସାଧନା ତୀବ୍ର, ଅନୁଭୂତି ଗଭୀର, ବାଧା-ବିପତ୍ତି ସମ୍ମୁଖୀନ ହେବାର ଶକ୍ତିବୃଦ୍ଧି, ଜ୍ଞାନ ବିକାଶ, ଭଗବତ୍ ଆନନ୍ଦ, ଶାନ୍ତି, ସମତା ଇତ୍ୟାଦି ପ୍ରାପ୍ତି, ମାତୃଶକ୍ତି ଉପରେ ବିଶ୍ୱାସ, ଭରସା ଦୃଢ଼ରୁ ଦୃଢ଼ତର କରାଇବାକୁ ବାଧା-ବିପତ୍ତି ଆସନ୍ତି । ଏହି କାରଣରୁହିଁ ବାଧା-ବିପତ୍ତିକୁ ଆସିବାକୁ ଭଗବାନଙ୍କର ମଞ୍ଜୁରି ଥାଏ । ସାଧକର ଦୃଢ଼ ଏବଂ ଦୁର୍ବଳ ଆଧାର ଅନୁପାତରେ କମ୍ ବା ବେଶୀ ପରିମାଣରେ ବାଧା-ବିଘ୍ନ ଆସେ । ଏହି ବାଧା-ବିଘ୍ନ ଜୟ କରିବାରେ ସାଧକର ଆଧାର ଦୃଢ଼ ହୁଏ ।

ସାଧାରଣତଃ ଦୁଇପ୍ରକାର ଭକ୍ତ ହୁଅନ୍ତି । ଗୋଟିଏ ଶ୍ରେଣୀର ଭକ୍ତ : ବାଧା-ବିଘ୍ନ ଯେତେ ଛଦ୍ମବେଶ ଧାରଣ କରିଆସୁ, ବୁଦ୍ଧିମତ୍ତାର ସହ ଯେତେ ଯୁକ୍ତିଯୁକ୍ତ ପ୍ରେରଣା ଦେଉ, ସେ ତାହାର ଛଦ୍ମବେଶ ଓ କପଟତାକୁ ଚିହ୍ନିପାରନ୍ତି ଓ ତାହାର ପ୍ରତିକାର ସକାଶେ ସତ୍ତାର ଯେଉଁ ଭାଗରେ ଛଦ୍ମବେଶୀମାନେ କ୍ରିୟା କରନ୍ତି ସେହି ଭାଗକୁ ମାତୃଶକ୍ତିଙ୍କ ନିକଟରେ ସମର୍ପଣ କରିଦିଅନ୍ତି ଓ ମାତୃଶକ୍ତିକୁ ଆବାହନ କରନ୍ତି । ଏହି ଶ୍ରେଣୀର ସାଧକମାନଙ୍କର ଅନ୍ତରାତ୍ମା (Psychic Being) ଅଧିକ ଜାଗ୍ରତ୍ ଥାଏ, ଅର୍ଥାତ୍ ସେମାନେ ପୂର୍ବଜନ୍ମରୁ ସାଧନା କରିଆସିଥା'ନ୍ତି; ଏଣୁ ସେ ଏମାନଙ୍କୁ ଚିହ୍ନି ପାରନ୍ତି । ଏହିପରି କରିବାରେ ବିରୋଧୀ ଶକ୍ତିର ଆକ୍ରମଣ କାଳ କମ୍ ହୋଇଯାଏ ଏବଂ ଆକ୍ରମଣର ତୀବ୍ରତା କ୍ରମଶଃ ହ୍ରାସ ହୁଏ ।

ଅନ୍ୟ ଶ୍ରେଣୀର ସାଧକଙ୍କ ଅନ୍ତରାତ୍ମା ଅଧିକ ଜାଗ୍ରତ୍ ହୋଇ ନ ଥାଏ ଅଥବା ସେମାନେ ମନ ଓ ବୁଦ୍ଧିର ଯୁକ୍ତିକୁ ବରାବର ପ୍ରାଧାନ୍ୟ ଦେଇ ଆସୁଥା'ନ୍ତି କିଂବା ଅନ୍ତରାତ୍ମା ଜାଗ୍ରତ୍ ହୋଇ ପରିଚାଳନା କରିବା ସକାଶେ ଅଭୀପ୍ସା କରନ୍ତି ନାହିଁ । ସେଥିପାଇଁ ସେମାନେ ବିରୋଧୀ ଶକ୍ତିର ଆକ୍ରମଣକୁ ଠିକ୍ ଭାବରେ ବୁଝି ନ ପାରି ବିପରୀତ ଭାବରେ ମନ, ବୁଦ୍ଧି ଦ୍ୱାରା ସମର୍ଥନ କରନ୍ତି । ଏଥିରେ ଆକ୍ରମଣକାରୀ ଶତ୍ରୁର ବଳ ବୃଦ୍ଧି ହୁଏ । ଏହି ସଂଘର୍ଷ ଅଧିକ କାଳ ସ୍ଥାୟୀ ହୋଇପାରେ ଅଥବା କୌଣସି କୌଣସି ସ୍ଥଳରେ ଏହି ବିରୋଧୀ ଆକ୍ରମଣର ଅନୁଭବ ପ୍ରାପ୍ତ ହେବା ଆବଶ୍ୟକ ଥିଲେ ସାଧକ ଯଥାର୍ଥ ସାଧନା ମାର୍ଗରୁ କିଛିଦିନ ପାଇଁ ବିଚଳିତ ଏବଂ ବିପଥଗାମୀ ମଧ୍ୟ ହୋଇପାରେ । କିନ୍ତୁ ଥରେ ଯେ

ଭଗବତ୍ ଚରଣାଶ୍ରୟ ନିଏ, ନିଜକୁ ସମର୍ପଣ କରିଦେଇ ଥାଏ, ତା'ର ସ୍ଥାୟୀ ପତନ ହୁଏ ନାହିଁ, ତା' ସଙ୍ଗରେ ଭଗବତ୍ ଅନୁକମ୍ପା ବରାବର ଥାଏ । ଏପରି ଅସ୍ଥାୟୀ ପତନ ଦ୍ୱାରା ଆକ୍ରମଣକାରୀ ବିରୋଧୀ ଶକ୍ତିଙ୍କର ଛଦ୍ମବେଶକୁ ଚିହ୍ନିବାର ଜ୍ଞାନ ସାଧକକୁ ପ୍ରାପ୍ତି ହୁଏ । ଏହି ଜ୍ଞାନପ୍ରାପ୍ତ ନ ହେଲେ ସାଧକ ଲକ୍ଷ୍ୟରେ ପହଞ୍ଚିବା ମାର୍ଗରେ ଭାଗବତୀ ଶକ୍ତି ସାହାଯ୍ୟରେ ସେମାନଙ୍କର ବାରଂବାର ଆକ୍ରମଣକୁ ବ୍ୟର୍ଥ କରିପାରେ ନାହିଁ ।

ବିରୋଧୀ ଶକ୍ତିର କପଟ ପରାମର୍ଶ

ଗୃହୀ ସାଧକ ପ୍ରଥମେ ଅନ୍ତରାତ୍ମାକୁ ଜାଗ୍ରତ୍ କରି, ତୀବ୍ର ଭାବରେ ସାଧନା କରିବାର ସଂକଳ୍ପ ନେଇ ଯେତେବେଳେ ସାଧନାର ପ୍ରତିକୂଳ ବସ୍ତୁକୁ ତ୍ୟାଗ କରେ ସେତେବେଳେ ବିରୋଧୀ ବୃତ୍ତିଚୟ ସାଧକକୁ ଏହିରୂପେ ପ୍ରେରଣା ଏବଂ ପରାମର୍ଶ ଦିଅନ୍ତି, ଯଥା :— 'ବର୍ତ୍ତମାନ ଜଗତ୍‌ରେ ଅନ୍ୟାୟ ଏବଂ ମିଥ୍ୟାର ରାଜ୍ୟ, ତୁ ଯଦି ସତ୍ୟରେ ବ୍ୟବସାୟ କରୁ, ଚାକିରି କରୁ, ତୋତେ ଅଧିକ ସଂଘର୍ଷ ଆଉ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିବ । ସେଥିପାଇଁ ସମସ୍ତଙ୍କ ସଙ୍ଗେ ଖାପ ଖୁଆଇ ଚାଲିବା ଭଳି ସତ୍ୟକୁ ପାଳନ କଲେ ସୁବିଧା ହେବ । ଉପର ଅଫିସର ଓ ତଳ ଅଫିସର ରିସ୍‌ପତ୍ ନେଉଛନ୍ତି, ତୁ ମଝିରେ ରହି ବିରୋଧ କରିପାରିବୁ ନାହିଁ । ଅତଏବ ସାମଞ୍ଜସ୍ୟ ରକ୍ଷା କରିବା ନିମିତ୍ତ ବିଷଣ୍ଣହୋଇ ମିଥ୍ୟା ଲେଖ ବା କିଛି ତୁ ବି ନେଇନେ । ବିବଶତାରେ ଅସତ୍ୟ ଆଚରଣ ସତ୍ୟର ସମାନ । ଫେର କୁଟୁମ୍ବ ପାଳନ ତୋର ଧର୍ମ । ସେମାନଙ୍କ ପାଳନ ସକାଶେ ଏପରି କରାଯାଇପାରେ ।' ବ୍ୟବସାୟ ଆଉ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଏହିପରି ପରିସ୍ଥିତିରେ ବହୁତ ଭିନ୍ନ ଭିନ୍ନ ରୂପ ସମୟୋପଯୋଗୀ ପରାମର୍ଶ ଦିଅନ୍ତି । ଯେଉଁମାନଙ୍କ ଅନ୍ତରାତ୍ମା ଅଧିକ ଜାଗ୍ରତ୍ ନ ଥାଏ ସେମାନେ ଏହି ପରାମର୍ଶକୁ ମାନିନିଅନ୍ତି, କାର୍ଯ୍ୟରେ ପରିଣତ କରନ୍ତି । ରିସ୍ୱତ୍, ମିଥ୍ୟା ବ୍ୟବହାର ଅଥବା କାମ ପ୍ରଭୃତି ଦ୍ୱାରା ବିପଦ ଆସେ । ଏହି ବିପଦରେ ସାଧକ ସଚେତ ହୁଏ । ଭବିଷ୍ୟତ୍ ଆକ୍ରମଣର ସମ୍ମୁଖୀନ ହେବାର ଶିକ୍ଷା ଏବଂ ଅନୁଭବ ଏହି ବାଧାବିଘ୍ନରୁ ପ୍ରାପ୍ତ ହୁଏ; ଅନ୍ତରାତ୍ମାର ପ୍ରେରଣା ପାଇବାକୁ ଅଭୀପ୍ସା କରେ । ଯେପର୍ଯ୍ୟନ୍ତ ଅନ୍ତରାତ୍ମା ଜାଗ୍ରତ୍ ହୋଇ ସାଧକକୁ ପରିଚାଳନା ନ କରେ ସେପର୍ଯ୍ୟନ୍ତ ଏହିପରି ବିପଦ ଆସୁଥାଏ । ଯାହାର ଅନ୍ତରାତ୍ମା ଜାଗ୍ରତ୍ ହୋଇଥାଏ, ସେ ଏହି ପରାମର୍ଶର ଛଦ୍ମବେଶ ବୁଝିପାରେ । ବୁଦ୍ଧି ଦ୍ୱାରା ହୋଇ ନ ପାରୁଥିବା ସମସ୍ୟାର ସମାଧାନ ସକାଶେ ଅନ୍ତରାତ୍ମାର ପ୍ରେରଣା ଚାହେଁ ଏବଂ ପ୍ରେରଣା ପାଏ ।

କୌଣସି କୌଣସି ସାଧକର ଅନ୍ତରାତ୍ମା ଜାଗ୍ରତ୍ ହୋଇ ତୀବ୍ର ଭାବରେ ସାଧନାରେ ପ୍ରବୃତ୍ତ ହେବା ସକାଶେ ସାଧକକୁ ପ୍ରେରଣା ଦିଏ । ସାଧକ ଘର, ପରିବାର ଇତ୍ୟାଦି ତ୍ୟାଗ କରି କୌଣସି ଅଧ୍ୟାତ୍ମ ସଂସ୍ଥାରେ ସମ୍ମିଳିତ ହୋଇ ଗୁରୁଙ୍କ ନିକଟରେ ରହି ସାଧନା ଆରମ୍ଭ କରେ । ଯଦି ତାହାର ଅନ୍ତରାତ୍ମା ପର୍ଯ୍ୟାପ୍ତ ଜାଗ୍ରତ୍ ନ ହୋଇ, ନିଜ ପ୍ରଭାବ ମନ, ପ୍ରାଣ ଉପରେ ଯଥେଷ୍ଟ ମାତ୍ରାରେ ନିକ୍ଷେପ ନ କରିଥାଏ ତେବେ ମନ, ପ୍ରାଣ ନିଜ ନିଜ ଯୁକ୍ତି ଏବଂ ଉଦ୍ଦେଶ୍ୟ ସାଧକର ସମ୍ମୁଖକୁ ଆଣନ୍ତି ଏବଂ କହନ୍ତି, 'ଭଗବତ୍ ପ୍ରାପ୍ତି କରିବା ମନୁଷ୍ୟର ଏକମାତ୍ର ଲକ୍ଷ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ । ଫେର୍ ପିତା, ମାତା, ପରିବାରକୁ ତ୍ୟାଗ କରିବା ଆବଶ୍ୟକ କ'ଣ ? ଏଠାରେ ଯେପରି ଭୋଜନ, ନିଦ୍ରା ଆଉ ସାଧନା, ସେଠାରେ ମଧ୍ୟ ସେହିପରି ସମସ୍ତ କାର୍ଯ୍ୟ ହେବ । ଶାରୀରିକ କ୍ରିୟା ଦୃଷ୍ଟିରୁ ଉଭୟ ସ୍ଥାନ ସମାନ । ଏଠାରେ ରହିବା ଦ୍ୱାରା ପରିବାରର ବ୍ୟାକୁଳତା ପିତାମାତାଙ୍କ ସେବାରେ ବିମୁଖତା ଏବଂ ଅକୃତଜ୍ଞତାଦି ଦୋଷସବୁ ସାଧନାମାର୍ଗରେ ବାଧାଦିଏ । ଏଠାରୁ ଯାଇ ଘରେ ରହି ସାଧନା କଲେ ଏହିସବୁ ଦୋଷରୁ ତୁ ସହଜରେ ମୁକ୍ତ ହେବୁ ।' ଏହି ପ୍ରେରଣାକୁ ସାଧକର ବୁଦ୍ଧି ଯଦି ବାରଂବାର ସମର୍ଥନ କରେ ତେବେ ସାଧକ ସ୍ୱୟଂ ତୀବ୍ର ସାଧନାରୁ ବିରତ ହୋଇ ଫେରିଯାଏ । ଏହା ସାଧନାରେ ପତନାବସ୍ଥା । ଏହି ଅବସ୍ଥା ଏବଂ ବିରୋଧୀ ଶକ୍ତିଙ୍କ ଛଦ୍ମ ପ୍ରେରଣା ସାଧକ ସ୍ୱୟଂ ଅନୁଭବ କରି ଭବିଷ୍ୟତ୍ ଆକ୍ରମଣ ସକାଶେ ସାବଧାନ ହେବ ବୋଲି ବିରୋଧୀ ଆକ୍ରମଣରେ ଭଗବାନ୍ ହସ୍ତକ୍ଷେପ କରନ୍ତି ନାହିଁ, କିଛି ଦୂର ପଛକୁ ହଟି ଛିଡ଼ା ହୁଅନ୍ତି, ଭବିଷ୍ୟତ୍ ଉତ୍‌ଥାନକୁ ଅପେକ୍ଷା କରନ୍ତି । ସାଧକ ଗୃହାଶ୍ରମକୁ

ଫେରିଯିବା ସଙ୍ଗେ ସଙ୍ଗେ ବହୁତ ପ୍ରକାର ବାଧା ବିପତ୍ତି ଆସେ । ତା'ର ପୂର୍ବାପେକ୍ଷା ଖରାପ ଅବସ୍ଥା ହୁଏ । ସେ ଗୃହକାର୍ଯ୍ୟରେ ଶାନ୍ତି, ସନ୍ତୋଷ ପ୍ରାପ୍ତ ହୋଇପାରେ ନାହିଁ କିଂବା ତାହାସବୁ ତ୍ୟାଗ କରି ପୁନରାୟ ଗୁରୁଙ୍କ ସମୀପକୁ ଫେରି ଆସିପାରେ ନାହିଁ । ମନ, ପ୍ରାଣ, ପାର୍ଥିବ ଇନ୍ଦ୍ରିୟସକଳ ଟାଣନ୍ତି ସଂସାର ଭିତରକୁ; ଅନ୍ତରାତ୍ମା ଟାଣେ ଅଧ୍ୟାତ୍ମ ମାର୍ଗକୁ । ଏପରି ଅବସ୍ଥାରେ ସାଧକ ସଂସାର କାର୍ଯ୍ୟରେ ଅଶାନ୍ତ, ଉଦ୍‌ବିଗ୍ନ ରହେ । ନିଜର ଦୃଢ଼ତା ନ ଥିବାରୁ ସଂସାର ତ୍ୟାଗ କରି ପୂର୍ଣ୍ଣରୂପେ ଅଧ୍ୟାତ୍ମ ମାର୍ଗରେ ଚାଲିପାରେ ନାହିଁ । ସେ ଏ କୂଳ ହୁଏ ନାହିଁ କି ସେ କୂଳ ହୁଏ ନାହିଁ । ଏପରି ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ହେବା ପରେ ସେ ଯେପର୍ଯ୍ୟନ୍ତ ପୂର୍ଣ୍ଣରୂପେ ଅଧ୍ୟାତ୍ମ ମାର୍ଗକୁ ସ୍ୱୀକାର କରି ସଂସାରକୁ ତ୍ୟାଗ ନ କରିଛି ସେପର୍ଯ୍ୟନ୍ତ ସେ ଯଥାର୍ଥ ଶାନ୍ତି, ସୁଖ ପ୍ରାପ୍ତ ହୋଇପାରେ ନାହିଁ । ଏହି ଅଭିଜ୍ଞତା ଅଳ୍ପ ଦିନରେ ପ୍ରାପ୍ତ ହୋଇପାରେ କିଂବା ଗୋଟିଏ ଜନ୍ମ ବି ବ୍ୟତୀତ ହୋଇପାରେ । ଅଧ୍ୟାତ୍ମ ମାର୍ଗରେ ଥରେ ଭୁଲ୍ କଲେ ତା'ର ପରିଣାମ ଭୟଙ୍କର ହୁଏ । ଏପରି ଅବସ୍ଥାରେ ମଧ୍ୟ ଭଗବାନ୍ ସାଧକଠାରୁ ଉଦାସୀନ ହୋଇ ବସି ରହନ୍ତି ନାହିଁ, ବାରଂବାର ସଚେତ କରୁଥା'ନ୍ତି । ସମସ୍ତ ବାଧାବିପତ୍ତିରେ ତାଙ୍କରି ହାତ ଥାଏ । ଯେତେବେଳେ ସାଧକର ଅଭିଜ୍ଞତା ପ୍ରାପ୍ତ ହୁଏ, ସେତେବେଳେ ପୁନରାୟ ତାକୁ ନିଜ ଆଡ଼କୁ ଟାଣି ଆଣନ୍ତି । ବ୍ୟକ୍ତି ଥରେ ଭଗବତ୍ ଆଶ୍ରୟ ନେଲେ ଭଗବାନ୍ ତାକୁ ତ୍ୟାଗ କରନ୍ତି ନାହିଁ । ବ୍ୟକ୍ତିର ଅସାବଧାନତା ଯୋଗୁଁ ଲକ୍ଷ୍ୟପ୍ରାପ୍ତି ମାର୍ଗରେ ବିଳମ୍ବ ହୋଇପାରେ । ଅଧିକ ବାଧାବିପତ୍ତି ଆସିପାରେ, ସ୍ଥାୟୀ ପତନ କଦାପି ହୁଏ ନାହିଁ । ଏହିସବୁ ବିପଦରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଲା ସର୍ବତୋଭାବରେ ମା'ଙ୍କ ଆଶ୍ରୟ ନେବା ।

ଏହି ଉପରୋକ୍ତ ଅବସ୍ଥାରେ ସାଧକର କର୍ତ୍ତବ୍ୟ ହେଲା, ଏହିସବୁ ବିଚାର ପ୍ରେରଣା ଆସିବା ମାତ୍ରେ ତାକୁ ଦୃଢ଼ତାପୂର୍ବକ ବନ୍ଦ କରିଦେଇ ସେହିସବୁ ବିଚାର ଓ ପ୍ରେରଣାରେ ମାତୃଶକ୍ତିକୁ ଆବାହନ କରି ତାଙ୍କ ଚରଣରେ ସେହିସବୁକୁ ନିବେଦନ କରିଦେବା । ଏଥିରେ ଅଳ୍ପ ସମୟ ମଧ୍ୟରେ ଶାନ୍ତି, ସମାଧାନ ନ ଆସିଲେ, ନୀରବ ହୋଇ ମା'ଙ୍କୁ ଡାକିବ, ପ୍ରାର୍ଥନା କରିବ, ନାମ ସ୍ମରଣ କରିବ । ବିରୋଧୀ ପ୍ରେରଣାକୁ ସମର୍ଥନ କରିବା ସାଧକର ପ୍ରଥମ ଦୋଷ, 'ଭଗବାନ୍ ଏହିପରି କରୁଛନ୍ତି, ଏହି ମାର୍ଗ ଦେଇ ଭଗବାନ୍ ମୋତେ ନେଇ ଯିବାକୁ ଚାହୁଁଛନ୍ତି', ଏହି ବିଚାର ସବୁଠାରୁ ମାରାତ୍ମକ ଓ ବିରୋଧୀ ଶକ୍ତିର ସହାୟକ । ଯେଉଁ ସାଧକର ମା'ଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ଥାଏ, ଯାହାଙ୍କ ଅନ୍ତରାତ୍ମା ଜାଗ୍ରତ୍ ହୋଇଥାଏ, ଏପରି ବିଚାର ଆସିବା ସଙ୍ଗେ ସଙ୍ଗେ ତା' ଅନ୍ତରାତ୍ମା ଉତ୍ତର ଦେଇଦିଏ, ଯଥା – 'ପ୍ରତ୍ୟେକ ବ୍ୟକ୍ତି ବିକାଶ ମାର୍ଗରେ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା କରି ଚାଲିଛନ୍ତି; ପିତା, ମାତା, ସ୍ତ୍ରୀ, ପୁତ୍ର, ପରିବାର ନିଜ ନିଜ କର୍ମ ଓ ସଂସ୍କାରବଶରୁ କିଛିଦିନ ପାଇଁ ଗୋଟିଏ ପରିବାରରେ ଏକତ୍ର ହୋଇଛନ୍ତି । ପ୍ରତ୍ୟେକ ବ୍ୟକ୍ତିର କର୍ମପଥରେ ଏହି ପାରିବାରିକ ମୋହ ବାଧା ଛଡ଼ା ଆଉ କିଛି ନୁହେଁ । ପ୍ରତ୍ୟେକ ଜନ୍ମ ଏହିପରି ବାରଂବାର ପରିବାର ଭିତର ଦେଇ ଆସୁଛି, ଆଉ ମୃତ୍ୟୁ ପରେ ସ୍ୱଭାବତଃ ପରିବାର ତ୍ୟାଗ କରିବାକୁ ହେଉଛି । ଯାହା ସ୍ୱଭାବତଃ ତ୍ୟାଜ୍ୟ ବସ୍ତୁ ସେ ସକାଶେ ଚିନ୍ତା କରିବା ବ୍ୟର୍ଥ ।' ପିତାମାତାଙ୍କ ସେବା, କୁଳାଚାର ଧର୍ମ ହେଲା ନୈତିକ ଓ ସାମାଜିକ ନିୟମର ଅନ୍ତର୍ଗତ । ଗୃହତ୍ୟାଗୀ ଅଧ୍ୟାତ୍ମ ମାର୍ଗର ସାଧକ ସକାଶେ ଏହି ବିଧାନ ପାଳନର ଆବଶ୍ୟକତା ନାହିଁ । ଏହାର ଉଦାହରଣ ହେଲେ ବୈଦିକ ଯୁଗର ଋଷି ଶୁକଦେବ, ସୁତୀକ୍ଷ୍ଣ, କଳିଯୁଗର ଆଚାର୍ଯ୍ୟ ଶଙ୍କର, ଶ୍ରୀଚୈତନ୍ୟ ମହାପ୍ରଭୁ, ଗୋସ୍ୱାମୀ ତୁଳସୀ ଦାସ, ସମର୍ଥ ରାମଦାସ ପ୍ରଭୃତି ବହୁତ ମହାପୁରୁଷ, ସାଧୁ, ସନ୍ଥ ।

ବିରୋଧୀ ଆକ୍ରମଣକୁ ବ୍ୟର୍ଥ କରିବାର ଉପାୟ

ଗୃହତ୍ୟାଗୀ ସାଧକ ସାଧନାରେ କିଛି ଦୂର ଅଗ୍ରସର ହେବା ପରେ ସାଧନାପଥରେ ବିମୁଖକାରୀ ବିରୋଧୀ ଶକ୍ତି କାମ, କ୍ରୋଧ, ଲୋଭ, ମୋହ, ମାନ, ଯଶଃ ଚରିତାର୍ଥ କରିବାର ପ୍ରଲୋଭନକାରୀ ବସ୍ତୁସକଳକୁ ସ୍ଥୂଳ, ସୂକ୍ଷ୍ମ ଏବଂ ଛଦ୍ମ ଭାବରେ ସାଧକ ସାମନାରେ ଉପସ୍ଥାପିତ କରେ । ନାନାପ୍ରକାର କପଟ ପରାମର୍ଶରେ ସାଧକକୁ ବିପଥଗାମୀ

କରିବାରେ ଲାଗିପଡ଼େ । ଯେଉଁ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ କାମନା, ବାସନା, ଭୋଗଲିପ୍ସା ପୂର୍ଣ୍ଣମାତ୍ରାରେ ଥାଏ, ସେ ଯେବେ ତାହାର କାମନା, ବାସନା ପୂର୍ଣ୍ଣ କରିବାକୁ ଚାହେଁ ତେବେ ବହୁତ ସ୍ଥଳରେ ତାହା ତାକୁ ପ୍ରାପ୍ତ ହୁଏ ନାହିଁ । କିନ୍ତୁ ଅଧ୍ୟାତ୍ମ ସାଧକ ଏହିସବୁକୁ ତ୍ୟାଗ କରି ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେଲେ ଏସବୁ ସ୍ୱତଃ ଉପସ୍ଥିତ ହୁଅନ୍ତି । ମନୁଷ୍ୟର ନିଜ ଛାଇ ତୁଲ୍ୟ ବ୍ୟକ୍ତି ତାକୁ ଧରିବାକୁ ଗଲେ ତାହା ଦୂରକୁ ହଟିଯାଏ, ବ୍ୟକ୍ତି ତ୍ୟାଗ କରିଦେଲେ ତାହା ପଛରେ ଗୋଡ଼ାଏ ।

ଅଧ୍ୟାତ୍ମ ସିଦ୍ଧି ଆଡ଼କୁ ବ୍ୟକ୍ତି ଗତିକଲେ କେବଳ ଆସୁରୀ ଅଜ୍ଞାନ ଶକ୍ତି ଯେ ବାଧା ଦିଅନ୍ତି ତାହା ନୁହେଁ, ଦେବତାମାନେ ମଧ୍ୟ ଈର୍ଷାବଶରେ ବାଧା ସୃଷ୍ଟି କରନ୍ତି । ସେମାନେ ଚାହାନ୍ତି ନାହିଁ ଯେ, ସେମାନଙ୍କ ସେବକ, ମର୍ତ୍ତ୍ୟର ମନୁଷ୍ୟ ସେମାନଙ୍କୁ ଅତିକ୍ରମ କରି ସେମାନଙ୍କ ସକାଶେ ଅଗମ୍ୟ ପରମପଦକୁ ପ୍ରାପ୍ତ କରୁ । ସେହି ସକାଶେ ପୂଜ୍ୟ ଜଗନ୍ନାଥ ଦାସ ଲେଖିଛନ୍ତି –

‘ଯେ କେହି ତପ ଆଚରନ୍ତି
ଦେବେ ତାହାକୁ ବିଘ୍ନ ଚିନ୍ତି ।’

ପୁରାଣରେ ବରାବର ଦେଖାଯାଏ କେତେକ ଋଷି-ମୁନିଙ୍କର ତପସ୍ୟା ଇନ୍ଦ୍ରାଦି ଦେବତା ନଷ୍ଟ କରିଛନ୍ତି । ଧ୍ରୁବଙ୍କ ତପସ୍ୟାରେ ଯେଉଁ ବାଧାବିଘ୍ନ ବର୍ଣ୍ଣନା ହୋଇଛି ସେସବୁ ବାଧାବିଘ୍ନ ଆଜି ମଧ୍ୟ ଆସୁଛି ।

ସାଧକ ପର୍ଯ୍ୟାପ୍ତ ଭାବରେ ସଚେତନ ନ ହେଲେ ବିରୋଧୀ ଆକ୍ରମଣକୁ ବୁଝିପାରେ ନାହିଁ କିଂବା ତାହାକୁ ପରିହାର କରିପାରେ ନାହିଁ । ଏହାର ବିପରୀତ ବିରୋଧୀ ଶକ୍ତିର କ୍ରିୟାକୁ ନିଜେ ଗ୍ରହଣ କରି ତାହାର ଅଧୀନ ହୋଇଯାଏ । ଉଦାହରଣସ୍ୱରୂପ – ବିରୋଧୀ ଶକ୍ତି କ୍ରୋଧରୂପେ ଯେଉଁ ସାଧକକୁ ଆକ୍ରମଣ କରିବାକୁ ଚାହେଁ ପ୍ରଥମରେ ତାକୁ ସ୍ପର୍ଶ କରେ ନାହିଁ, ଆକ୍ରମଣ କରେ କୌଣସି ବିଷୟକୁ ଆଶ୍ରୟ କରି ସାଧକର କୌଣସି ସମ୍ପର୍କୀୟ ବ୍ୟକ୍ତିକୁ, ଆକ୍ରମଣ ସଙ୍ଗେ ସଙ୍ଗେ ସେ ବ୍ୟକ୍ତିର ଯଥାର୍ଥ ବିବେକ ବିଚାର ନଷ୍ଟ ହୋଇଯାଏ, ସେ କ୍ରୋଧ ଆବେଗରେ ଭ୍ରମବଶତଃ ଅଥବା ବିବେକ ଅଭାବ ଯୋଗୁଁ ବିନା କାରଣରେ କିଂବା କୌଣସି ମିଥ୍ୟା ସନ୍ଦେହ କରି ସାଧକକୁ ମିଥ୍ୟା ଦୋଷ ଦେଇ ତିରସ୍କାର କରେ । ସାଧକ ଯଦି ସଚେତ ଥାଏ ତେବେ ବ୍ୟକ୍ତିର ଅପରାଧକୁ ଭ୍ରୁକ୍ଷେପ ନ କରି, ବ୍ୟକ୍ତି ଦ୍ୱାରା ବିରୋଧୀ ଶକ୍ତିକର୍ତ୍ତୃକ ଆକ୍ରମଣକୁ ବୁଝିପାରେ ଓ ଚିହ୍ନିପାରେ । ସେହି ସମୟରେ ସାଧକ ନିଜେ ପ୍ରଶାନ୍ତ ଧୀର ସ୍ଥିର ହୋଇ ଅନ୍ତରାତ୍ମା ସହିତ ନିଜକୁ ଏକକରି ଭାଗବତୀ ଶକ୍ତିକୁ ଆବାହନ କରିବା ଉଚିତ । ଏହି ଅବସ୍ଥାରୁ ବିଚଳିତ ନ ହୋଇ ସାଧକ ଯଦି ଶାନ୍ତିରେ ପ୍ରତିଷ୍ଠିତ ହୋଇପାରେ ତେବେ ଆକ୍ରମଣକାରୀ ଶକ୍ତିର ଯନ୍ତ୍ରରୂପେ ବ୍ୟବହୃତ ବ୍ୟକ୍ତି ସହିତ କଥାବାର୍ତ୍ତା କରି ତାକୁ ବୁଝାଇ ଦେଇପାରେ । ଯଦି ଶାନ୍ତ ଅବସ୍ଥାରୁ ବିଚଳିତ ହେବାର ସମ୍ଭାବନା ଥାଏ ତେବେ ସେତେବେଳେ ସାଧକର ଚୁପ୍ ରହିବା ଆବଶ୍ୟକ । ସାଧକ ଶାନ୍ତ ଅବସ୍ଥାରେ ଅଟଳ ରହିଲେ ବିରୋଧୀ ଶକ୍ତିର ଆକ୍ରମଣ ବ୍ୟର୍ଥ ହୁଏ । ଏହିପରି ବ୍ୟର୍ଥ ହେବା ଦ୍ୱାରା ବିରୋଧୀ ଶକ୍ତିର ଆକ୍ରମଣ କ୍ରମଶଃ ହ୍ରାସ ପାଇ ଶେଷରେ ସାଧକ ସେହି ଦୁର୍ଗୁଣରୁ ମୁକ୍ତ ହୁଏ ଅର୍ଥାତ୍ ସେହି ଦୁର୍ଗୁଣର ରୂପାନ୍ତର ହୁଏ । କ୍ରୋଧ ଅବସ୍ଥାରେ ମନୁଷ୍ୟ ଯେଉଁ କଥାବାର୍ତ୍ତା କରେ ସେଥିରେ ସମସ୍ୟାର ସମାଧାନ ନ ହୋଇ ଝଗଡ଼ା ବଢ଼େ । ପ୍ରଶାନ୍ତ ଅବସ୍ଥାରେ ଶବ୍ଦର ମୂଲ୍ୟ ଏବଂ ପ୍ରଭାବ ଥାଏ, ଏଣୁ ସମସ୍ୟାର ସମାଧାନ ସହଜରେ ହୋଇପାରେ । ଯଦି ସାଧକ ବିଚାର କରେ, ‘ମୋର ଏଥିରେ କୌଣସି ଦୋଷ ନାହିଁ, ଅମୁକ ବ୍ୟକ୍ତି ନିର୍ଦୋଷରେ ବିନା କାରଣରେ ବ୍ୟର୍ଥରେ ମୋତେ ଅପମାନିତ କରୁଅଛି ।’ ଏହି ବିଚାର ସଙ୍ଗେ ସଙ୍ଗେ ସାଧକ ମଧ୍ୟରେ କ୍ରୋଧ ଦେଖାଦିଏ । କ୍ରୋଧର ପ୍ରକାଶରେ ବିବେକ, ସଦ୍‌ବୁଦ୍ଧି ନଷ୍ଟ ହୁଏ । ସାଧକ ବିରୋଧୀ ଆକ୍ରମଣର ଅଧୀନ ହୋଇଯାଏ । ପରିସ୍ଥିତି ଅନୁସାରେ ସାଧକକୁ ପ୍ରେରଣା ଦେଇ ଅନୁଚିତ କାର୍ଯ୍ୟ କରାଇନିଏ । ଏହାହିଁ ବିରୋଧୀ ଶକ୍ତିର ବିଜୟ, ଉଦ୍ଦେଶ୍ୟ-ସିଦ୍ଧି । ଏଠାରେ କାହାର ଦୋଷ, କିଏ ନିର୍ଦୋଷ ଏହାର ମୂଲ୍ୟ ନାହିଁ; ମୂଲ୍ୟ କେବଳ କ୍ରୋଧର ବଶ ହେବା ଅଥବା

ନ ହେବା । ଠିକ୍ କ୍ରୋଧ ସଦୃଶ ବିରୋଧୀ ଶକ୍ତି କାମ-ଶକ୍ତି ରୂପେ ନାନାପ୍ରକାର କଳ କୌଶଳ କରି, ସାଧକ ପୁରୁଷ ହେଲେ ସ୍ତ୍ରୀ ଦ୍ୱାରା, ସ୍ତ୍ରୀ ହେଲେ ପୁରୁଷ ଦ୍ୱାରା କାମକେନ୍ଦ୍ରକୁ ଆକ୍ରମଣ କରେ । ପରିସ୍ଥିତି ଅନୁସାରେ ବ୍ୟକ୍ତିଗତ ଭାବରେ ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ ଦ୍ୱାରା ଅଥବା ସାମାଜିକ ବିଧିବିଧାନ, ଅର୍ଥପ୍ରଲୋଭନ ସହିତ ପିତାମାତାଙ୍କ ଦ୍ୱାରା ପ୍ରସ୍ତାବ ଉପସ୍ଥାପିତ କରେ । ପ୍ରଥମରେ ସାଧକକୁ ସିଧାସିଧା ଦୂଷିତ ଭାବରେ ଆକ୍ରମଣ କରେ ନାହିଁ, ଆକର୍ଷଣ କରେ ଶାନ୍ତ ସୁଶୀଳ ଭଗବତ୍ ଭକ୍ତି, ବିଦ୍ୟାବୁଦ୍ଧି ଓ ଗୁଣାଦି ଦ୍ୱାରା । ଯେଉଁ ସାଧକର ଭଗବାନଙ୍କ କୃପାରୁ ଅନ୍ତରାତ୍ମା ଜାଗ୍ରତ୍ ଥାଏ, ସେ ମୋହିତ ନ ହୋଇ ଏହି ଆକ୍ରମଣର ଆରମ୍ଭରୁ ବିରୋଧୀ ଶକ୍ତିର କୌଶଳକୁ ବୁଝିପାରେ ଏବଂ ତା'ର ପ୍ରତିକାର କରେ । ଯଦି ସାଧକ ବୁଝି ନ ପାରେ ତେବେ ବିରୋଧୀ ଶକ୍ତିର କ୍ରିୟା କ୍ରମଶଃ ବଢ଼େ । ଏ ଅବସ୍ଥାରେ ସାଧକ ସଚେତ ନ ହେଲେ ଭଗବାନ୍ ସାଧକକୁ ସଚେତ କରାଇ ଦିଅନ୍ତି । କୌଣସି ସାଧକ ସଚେତ ହୋଇ, ଆସକ୍ତିବଶତଃ ଏହାକୁ ବର୍ଜନ କରିପାରେ ନାହିଁ ଅଥବା ଆକ୍ରମଣକାରୀ ତରଫରୁ ଅତ୍ୟଧିକ ଆସକ୍ତି ଓ ମୋହର ପ୍ରଭାବ ସାମନାରେ ସାଧକର ବୁଦ୍ଧି, ବିବେକ, ଦୃଢ଼ ସଂକଳ୍ପ ଦୁର୍ବଳ ହୋଇପଡ଼େ । ଏହି ଅବସ୍ଥାରେ ସାଧକ ନିଜ ରକ୍ଷା ସକାଶେ ଭଗବାନଙ୍କୁ ନ ଡାକିଲେ ସୁଦ୍ଧା ଭଗବାନ୍ ସ୍ୱୟଂ ହସ୍ତକ୍ଷେପ କରନ୍ତି, ପାରିପାର୍ଶ୍ୱିକ ଅବସ୍ଥାରେ ଚାପଦେଇ ସେହି ଅବସ୍ଥାରୁ ସାଧକକୁ ମୁକ୍ତ କରିଦିଅନ୍ତି । ବିରୋଧୀ ଶକ୍ତି ଏତେ କୌଶଳରେ ଆକ୍ରମଣ କରେ, ଏପରି ଛଦ୍ମବେଶ ଧାରଣ କରି ପରାମର୍ଶ ଦିଏ ଯେ ସାଧକ ଅଧିକ ସଚେତ ନ ଥିଲେ କୌଣସିମତେ ବିରୋଧୀ ଶକ୍ତିର ଛଳନାକୁ ବୁଝିପାରେ ନାହିଁ । କିନ୍ତୁ ଭଗବାନ୍ ଦୟାମୟ । ସାଧକର ଆତ୍ମସମର୍ପଣ ଆରମ୍ଭରୁ ଏପରିକି ତା'ର ଆତ୍ମସମର୍ପଣର ପୂର୍ବ ଅଜ୍ଞାତ ଅବସ୍ଥାରୁ, ଛୋଟ ଶିଶୁ ଅବସ୍ଥାରୁ ଭଗବାନ୍ ତାକୁ ପ୍ରତି ମୁହୂର୍ତ୍ତରେ ସମସ୍ତ ବିପଦ ଆପଦ, ବିରୋଧୀ ଶକ୍ତିର ଆକ୍ରମଣରୁ ରକ୍ଷା କରି ଆସୁଥାଆନ୍ତି ।

କାମର ଆକ୍ରମଣ ସାଧକ ପକ୍ଷରେ ବହୁତ ବିପଜ୍ଜନକ । ଏଥିରେ ଥରେ ପତନ ହେଲେ ତାହାର ସର୍ବନାଶ ହୁଏ, ଜୀବନ ବ୍ୟର୍ଥ ହୁଏ । ସେଥିରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ ଭଗବତ୍ ଆଶ୍ରୟ ଓ ଭଗବତ୍ କୃପା । ଭଗବତ୍ କୃପାର ଆଶ୍ରୟରେ ସାଧକ ଜଗତର ସମସ୍ତ ମହିଳାମାନଙ୍କୁ ଆଦ୍ୟାଶକ୍ତି ଜଗଜ୍ଜନନୀଙ୍କ ପ୍ରତିମୂର୍ତ୍ତି ମା' ରୂପେ ମାନିବା ଉଚିତ । ମହିଳାମାନେ ଆଦ୍ୟାଶକ୍ତିର ଅଂଶସ୍ୱରୂପା, ମହାମାୟା । ସାଧକ ବ୍ୟକ୍ତିଗତ ପ୍ରଯତ୍ନ, ବିବେକ, ଜ୍ଞାନ, ବିଚାର, ନିଜ ଯୋଗଶକ୍ତି ବଳରେ ମହାମାୟାଙ୍କ ମାୟାରୁ ଉଦ୍ଧାର ହେବା ବହୁତ କଠିନ । ଏପରି ବହୁତ ବଡ଼ ବଡ଼ ତପସ୍ୱୀ, ଋଷିମାନେ ମହାମାୟାଙ୍କ କବଳରେ ପଡ଼ି ପତିତ ହୋଇଛନ୍ତି । କିନ୍ତୁ ଏହି ମହାମାୟାଙ୍କ ମାୟାରୁ ରକ୍ଷା ପାଇବାକୁ ହେଲେ ଭଗବତ୍ କୃପା ଆଶ୍ରୟରେ ସେମାନଙ୍କ ଶିଶୁସନ୍ତାନ ହୋଇଯିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ସେମାନେ ନିଜ ଶକ୍ତି ଭୁଲି ଯାଆନ୍ତି ନିଜ ଶିଶୁ ସାମନାରେ । ସେମାନଙ୍କ ମାତୃସ୍ନେହ ଓ ବାତ୍ସଲ୍ୟର ପ୍ରବାହରେ ସମସ୍ତ ଶକ୍ତି, କଳକୌଶଳ, ମାୟା ପ୍ରବାହିତ ହୋଇଯାଏ । ମା' ନିଜ ସନ୍ତାନ ସକାଶେ ନିଜର ସ୍ୱାର୍ଥ, ଭୋଗ, ସୁଖ, ଅୟସ, ଆରାମକୁ ବଳିଦିଏ । ମା' ଶବ୍ଦ କେତେ ମଧୁର, କେତେ ପବିତ୍ର, କେତେ ଆନନ୍ଦଦାୟକ, ଏହା ଶିଶୁବତ୍ସଳା ମା' ଅନୁଭବ କରିପାରେ । କୌଣସି ମହିଳା ଯେତେ ଅପ୍ରସନ୍ନା ହୋଇଥାଉ ନା କାହିଁକି, ମା' ଶବ୍ଦ ଶୁଣିବାମାତ୍ରେ ସେ ସବୁ ଭୁଲି ମୁଗ୍ଧ ହୋଇଯାଏ । ସେଥିପାଇଁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସଂସାରର ସମସ୍ତ ମହିଳାମାନଙ୍କୁ ଆଦ୍ୟାଶକ୍ତି ଜଗଜ୍ଜନନୀରୂପେ ଦେଖିବା ହେଲା ସାଧକର ରକ୍ଷାକବଚ । ପରିସ୍ଥିତି, ସ୍ଥଳବିଶେଷରେ ବ୍ୟକ୍ତିଗତ ସମ୍ପର୍କ, ପରିଚିତ ଓ ଅପରିଚିତ ଅବସ୍ଥାରେ ସାଧକ ଭିନ୍ନ ଭିନ୍ନ ରୂପେ ବାହ୍ୟ ବ୍ୟବହାର କରିପାରେ, କିନ୍ତୁ ଅନ୍ତରରେ ସମାନ ଭାବରେ ପ୍ରତ୍ୟେକ ମହିଳାମାନଙ୍କ ପ୍ରତି ମାତୃଭାବ ରଖିବା ଉଚିତ । ସାଧକ ଯେପରି ସମସ୍ତ ନାରୀମାନଙ୍କୁ ଜଗଜ୍ଜନନୀ ଅଂଶୀଭୂତା ମା'ରୂପେ ମାନିବା ଉଚିତ, ସେହିପରି ସାଧନାଯୁକ୍ତା ମା'ମାନଙ୍କ ପକ୍ଷରେ ବ୍ୟକ୍ତିଙ୍କୁ ଜଗତ୍‌ପିତା ଈଶ୍ୱରଙ୍କ ଅଂଶ, ଈଶ୍ୱରଙ୍କ ପ୍ରତିମୂର୍ତ୍ତି ବୋଲି ଧାରଣା କରିବା ଉଚିତ । ସାଧକର ପତନର କାରଣ ଯେପରି ସ୍ତ୍ରୀ, ସେହିପରି ସାଧନଯୁକ୍ତା ମା'ର ପତନର କାରଣ ପୁରୁଷ । ଉଭୟଙ୍କ ସକାଶେ ଏହି ପତନରୁ ମୁକ୍ତ ହେବା ଆବଶ୍ୟକ । ଏହି ନିୟମ ଗୃହତ୍ୟାଗୀ ସାଧକ-ସାଧିକାମାନଙ୍କ ସକାଶେ । ଯେଉଁମାନେ ଗୃହସ୍ଥାଶ୍ରମରେ ରହି ସାଧନା କରୁଅଛନ୍ତି, ସେମାନେ ଯଦି ବ୍ରହ୍ମଚର୍ଯ୍ୟ

ପାଳନରେ ନିଜକୁ ଅସମର୍ଥ ମନେ କରନ୍ତି, ତେବେ ସେମାନେ ଶାସ୍ତ୍ରବିଧାନାନୁସାରେ ସନ୍ତାନ ଉତ୍ପତ୍ତି କରିପାରନ୍ତି, କିନ୍ତୁ ଏହା ସୀମିତ ହେବା ଉଚିତ । ଗୃହସ୍ଥାଶ୍ରମୀ ସାଧକମାନଙ୍କର ଲକ୍ଷ୍ୟପ୍ରାପ୍ତି ନିମିତ୍ତ ଦୃଢ଼ ସଂକଳ୍ପ ଥିଲେ ସାଧନାର ଏପରି ଅବସ୍ଥା ଆସେ ଯେଉଁଥିରେ ସାଧକ ପରିବାର ସହିତ ରହି ମଧ୍ୟ ଭଗବାନଙ୍କ କୃପାରୁ ସହଜରେ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ । ବ୍ରହ୍ମଚର୍ଯ୍ୟ ପାଳନ ବ୍ୟତିରେକେ ଲକ୍ଷ୍ୟସିଦ୍ଧି ଅସମ୍ଭବ ।

ଭକ୍ତ ଗୃହସ୍ଥାଶ୍ରମରେ ରହୁ ବା ସନ୍ନ୍ୟାସୀ ହେଉ, ଅଧ୍ୟାତ୍ମ ନିୟମ ଉଭୟଙ୍କ ସକାଶେ ସମାନ । ଗୃହସ୍ଥାଶ୍ରମର ଭକ୍ତଙ୍କ ସକାଶେ ଅଧ୍ୟାତ୍ମ ନିୟମ କିଛି ଅପେକ୍ଷାକୃତ ସହଜ ହୁଏ ବା ବାଧାବିପତ୍ତି କମ୍ ଆସେ ତାହା ନୁହେଁ । ଉଭୟ ଭକ୍ତଙ୍କୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟରେ ରହିବାକୁ ହୁଏ । ସମସ୍ତ ପ୍ରକାର ସାଂସାରିକ ଆସକ୍ତି, ମାନ, ପ୍ରତିଷ୍ଠାରୁ ଉଦାସୀନ ହେବାକୁ ପଡ଼େ । ପାରିବାରିକ ସ୍ନେହ, ଆସକ୍ତିରୁ ନିର୍ଲିପ୍ତ ରହିବାକୁ ହୁଏ । ଏହା ବୋଲି ଗୃହସ୍ଥାଶ୍ରମ ଭକ୍ତମାନଙ୍କର ଭୟ କରିବାର କାରଣ ନାହିଁ । ଏହା ତ' ସାଧନାର ଅନ୍ତିମ ଅବସ୍ଥାର ବିଷୟ । ଗୃହସ୍ଥାଶ୍ରମର ପ୍ରାଥମିକ ସାଧକର ଓ ଗୃହତ୍ୟାଗୀ ସନ୍ନ୍ୟାସୀର ପ୍ରଥମ ଅବସ୍ଥାରେ; ସମାନଭାବେ କାମନା-ବାସନା ଥାଏ । ସାଧନା ଦ୍ୱାରା ସାଧକ ମଧ୍ୟରେ ଶାନ୍ତି, ସନ୍ତୋଷ, ଆନନ୍ଦ, ବୈରାଗ୍ୟ, ଜ୍ଞାନ, ଭକ୍ତି ବୃଦ୍ଧି ହେବା ଅନୁପାତରେ କାମନା-ବାସନାଦି ଦୁର୍ଗୁଣ କମ୍ ହେବାକୁ ଲାଗେ । ଦୁର୍ଗୁଣ ଦୂର ହେବା ପରେ ସାଧନା ଆରମ୍ଭ କରିବାକୁ ଯଦି କେହି ଅପେକ୍ଷା କରେ, ତା'ହେଲେ ଦୁର୍ଗୁଣ ତା'ର ଯାଏ ନାହିଁ କି ସେ ସାଧନା ଆରମ୍ଭ କରିପାରେ ନାହିଁ । ସାଧନା ଦ୍ୱାରା ବ୍ୟକ୍ତି ମଧ୍ୟରେ ଭକ୍ତି, ଆନନ୍ଦ, ଜ୍ଞାନ, ଶାନ୍ତି, ସନ୍ତୋଷାଦି ଗୁଣ ପ୍ରତିଷ୍ଠିତ ହେଲେ ସେହି ଅନୁପାତରେ ଦୁର୍ଗୁଣ କମ୍ ହୁଏ ।

ବାଧାବିପତ୍ତି ଦ୍ୱାରା ସାଧନାରେ ଉନ୍ନତି

ପୂର୍ବେ ଆଲୋଚିତ ହୋଇଛି ଯେ ସାଧକ ସାଧନା ଆରମ୍ଭ କରିବା ସମୟରେ ତା'ର ଅନ୍ତରାତ୍ମା (Psychic being) ପର୍ଯ୍ୟାପ୍ତ ଭାବେ ଜାଗ୍ରତ୍ ହୋଇ ମନ-ପ୍ରାଣକୁ ନିଜ ପ୍ରଭାବରେ ପ୍ରଭାବିତ ନ କରିଥିଲେ ବିରୋଧୀ ଶକ୍ତିଙ୍କ ପରାମର୍ଶ, ପ୍ରେରଣା ଓ ଛଦ୍ମବେଶକୁ ସାଧକ ଚିହ୍ନି ନ ପାରି ସମର୍ଥନ କରେ ଏବଂ ସେଥିଯୋଗୁଁହିଁ ସାଧନାମାର୍ଗରେ ବାଧା ଆସେ । ସେହି ବାଧା ମଧ୍ୟ ଦେଇ ବିରୋଧୀ ତତ୍ତ୍ୱଙ୍କୁ ଚିହ୍ନି ପାରିବାର ଜ୍ଞାନ, ସେସବୁଙ୍କୁ ଅତିକ୍ରମ କରିବାର ଶକ୍ତି ସାଧକ ମା'ଙ୍କଠାରୁ ପ୍ରାପ୍ତ କରେ ।

ଅନ୍ତରାତ୍ମା ଜାଗ୍ରତ୍ ହୋଇ ସାଧକକୁ ପରିଚାଳିତ କରିବା ଅବସ୍ଥାରେ ବିରୋଧୀ ଭାବ ଏବଂ ବିରୋଧୀ ଶକ୍ତିଙ୍କ ଛଦ୍ମବେଶ ଏବଂ କ୍ରିୟାକୁ ଜାଣିବାରେ ସାଧକର ଅସୁବିଧା ହୁଏ ନାହିଁ । ସେସବୁଙ୍କ କବଳରୁ ମୁକ୍ତ ହେବାର ପ୍ରଣାଳୀ ସେ ଅନ୍ତରାତ୍ମାର ପ୍ରେରଣାରୁ ପାଏ । କିନ୍ତୁ ଗୋଟାଏ ବଡ଼ ଅନୁଭୂତି ଆସିବା ପୂର୍ବରୁ ତା'ର ପ୍ରତିଷ୍ଠା ସକାଶେ ଆଧାର ତିଆରି କରିବା ପାଇଁ ବିରୋଧୀ ଶକ୍ତିର ବାଧାକୁ ସାଧକ ମଧ୍ୟରେ କାର୍ଯ୍ୟ କରିବାକୁ ଭଗବାନ୍ ନିଷେଧ କରନ୍ତି ନାହିଁ, କାରଣ ବାଧାରୁ ମୁକ୍ତ ହେବା ସକାଶେ ସାଧକ ମଧ୍ୟରେ ତୀବ୍ର ଅଭୀପ୍ସା ଉତ୍ପନ୍ନ ହୁଏ ଏବଂ ସେ ଶାନ୍ତି, ଜ୍ୟୋତିଃ, ଶକ୍ତି, ଭକ୍ତି, ଜ୍ଞାନାଦିକୁ ଆବାହନ କରେ । ସାଧାରଣ ଅବସ୍ଥାରେ ଯେଉଁ ଅଧ୍ୟାତ୍ମ ଉନ୍ନତି ସାଧକ ଛଅ ମାସରେ କରିପାରି ଥାଆନ୍ତା, ବାଧା ଯୋଗୁଁ ସେହି ଉନ୍ନତି ଛଅ ଦିନରେ କିଂବା ଛଅ ଘଣ୍ଟାରେ କରିପାରେ । ଯେପର୍ଯ୍ୟନ୍ତ ସାଧକ ବାଧାର ସ୍ୱରୂପ ନ ଜାଣେ, ତାକୁ ଅତିକ୍ରମ କରିବାର ପ୍ରେରଣା ନ ପାଏ ସେପର୍ଯ୍ୟନ୍ତ ବାଧା ପ୍ରକୃତରେହିଁ ବାଧା ରୂପରେ ରହିଥାଏ, କିନ୍ତୁ ସାଧକ ଏସବୁକୁ ଜାଣିବା ପରେ ବାଧା ଯଥାର୍ଥରେ ସାଧନାରେ ସହାୟକ ହୁଏ । ସାଧକର କେବେବି ବାଧା ଚାହିଁବା ଉଚିତ ନୁହେଁ । ଯଦି ସାଧକ ବାଧା ଚାହେଁ ତେବେ ତାହା ସାଧନାରେ ସହାୟକ ନ ହୋଇ ପ୍ରକୃତ ବାଧାରେ ପରିଣତ ହୁଏ ।

ବାଧା ଆସେ ସାଧକ ଯେତେବେଳେ ଗୋଟିଏ ଚେତନାସ୍ତରରୁ ଉଚ୍ଚତର ଚେତନାସ୍ତରକୁ ଆରୋହଣ କରେ । କାରଣ ସାଧକର ମନ-ପ୍ରାଣର ଏପରି ସ୍ୱଭାବ ଯେ ସେସବୁ ପୁରାତନ ଅଭ୍ୟାସ ଛାଡ଼ିବାକୁ ଚାହାନ୍ତି ନାହିଁ । ମନ,

ପ୍ରାଣର ଯେଉଁ ଭାଗ ପରିବର୍ତ୍ତନ ହେବା ଆବଶ୍ୟକ, ମନ, ପ୍ରାଣ ସ୍ୱୟଂ ଯେପର୍ଯ୍ୟନ୍ତ ସେହି ଭାଗକୁ ଭାଗବତୀ ଶକ୍ତି ପାଖରେ ସ୍ୱ-ଇଚ୍ଛାରେ ସମର୍ପଣ କରନ୍ତି ନାହିଁ, ସେପର୍ଯ୍ୟନ୍ତ ସେହିସବୁ ଭାଗରେ ଭାଗବତୀ ଶକ୍ତି ବଳପୂର୍ବକ କ୍ରିୟା କରନ୍ତି ନାହିଁ । ବିରୋଧୀ ଶକ୍ତି ଏପରି ବାଧା ସୃଷ୍ଟି କରନ୍ତି ଯେ ସେହି ଭାଗ ବାଧ ହୋଇ ଭାଗବତୀ ଶକ୍ତିଙ୍କ ଚରଣରେ ସମର୍ପଣ କରିବାକୁ ଅଭୀପ୍ସା କରେ । ପ୍ରକୃତରେ ବାଧାବିଘ୍ନ ସାଧକର ମିତ୍ର ହୁଅନ୍ତି ଯେବେ ସାଧକ ଭାଗବତୀ ଶକ୍ତିଙ୍କ ପ୍ରତି ବିଶ୍ୱାସ ଓ ଭରସା ରଖି ନିଜ ସାଧନାର ଭାର ତାଙ୍କୁ ଦେଇଦିଏ ଓ ସେ ସାଧନାର ଭାର ଗ୍ରହଣ କରନ୍ତି ।

ବାଧାର ଅନ୍ୟ କାରଣ ହେଲା ସାଧକର ଅହଂ । ଯେତେବେଳେ ସାଧକ ଗୋଟାଏ ବଡ଼ ଆକ୍ରମଣ ଉପରେ ଭଗବତ୍ କୃପାରୁ ବିଜୟ ପ୍ରାପ୍ତ କରେ ଆଉ ନିଜ ମଧ୍ୟରେ ରହିଥିବା ଆସକ୍ତି, ଯଶୋଲିପ୍ସା, ଅହଂଭାବକୁ ପୋଷଣ କରେ, ଅର୍ଥାତ୍ ଭାବେ, ମୁଁ ବହୁତ ବଡ଼ ବିଜୟ ପ୍ରାପ୍ତ ହେଲି, ମୁଁ ବହୁତ ବଡ଼ ସିଦ୍ଧଯୋଗୀ – ଏହିପରି ଭାବଯୋଗୁଁ ବାଧା ଆସେ । ଯେଉଁ ବ୍ୟକ୍ତି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦିଏ ଭଗବାନ୍ ତା' ଦାୟିତ୍ୱ ବହନ କରନ୍ତି 'ୟୋଗକ୍ଷେମଂ ବହାମ୍ୟହମ୍' । ତା' ମଧ୍ୟରେ ଲୁଚି ରହିଥିବା ଲେଶମାତ୍ର ଯଶୋଲିପ୍ସା, କାମାସକ୍ତି, ଅହଂ ଆଦି ଦୋଷର ପ୍ରଭାବ ପର୍ଯ୍ୟନ୍ତ ଭଗବାନ୍ ନିର୍ମମ ଭାବରେ ମୂଳୋତ୍ପାଟନ କରନ୍ତି, ଯେପରି ଶିଶୁର ଶରୀରରେ ହୋଇଥିବା ବଥକୁ ମା' ନିର୍ଦ୍ଦୟ ଭାବରେ ଚିରେ, ନୀରୋଗ କରେ ଏବଂ ଶିଶୁର କଷ୍ଟ, ବ୍ୟାକୁଳ କ୍ରନ୍ଦନକୁ ପାଷାଣବତ୍ ହୃଦୟରେ ସହେ ସେହିପରି ଭଗବାନ୍ କରନ୍ତି ।

ସାଧକକୁ ଆକ୍ରମଣ କରି ଧରାଶାୟୀ କରିବା ପାଇଁ ବିରୋଧୀ ଶକ୍ତି ସବୁ ସମୟରେ ତିଆରି ହୋଇ ବସିଥାଆନ୍ତି । କିନ୍ତୁ ଭଗବାନଙ୍କର ରକ୍ଷାକବଚ ଏପରି ଦୃଢ଼ ଥାଏ ଯେ ସେମାନେ ପ୍ରବେଶ କରି କିଛି କରିପାରନ୍ତି ନାହିଁ । ଯେତେବେଳେ ଭକ୍ତ ମଧ୍ୟରୁ କୌଣସି ଦୁର୍ଗୁଣ ଦୂର କରିବାକୁ ହୁଏ ସେତେବେଳେ ଭଗବାନ୍ ନିଜ ରକ୍ଷାକବଚ ସେତିକିମାତ୍ର ଢିଲା କରନ୍ତି ଯେତିକି ବାଧାରେ ସାଧକର ଦୋଷ ସଂଶୋଧନ ହେବ ଅଥଚ ତାହାର ପତନ ହେବ ନାହିଁ । ଭଗବାନଙ୍କ ଅଭିପ୍ରାୟ ଦେଖି ତତ୍କ୍ଷଣାତ୍ ବିରୋଧୀ ଶକ୍ତି ବାଧା ସୃଷ୍ଟି କରନ୍ତି । ସେମାନଙ୍କ ପାଖରେ ବାଧା ସୃଷ୍ଟି କରିବାର ବସ୍ତୁ ତ' ଅଭାବ ନ ଥାଏ, କ୍ଷଣକରେ ସମସ୍ତ ପ୍ରସ୍ତୁତ କରିଦିଅନ୍ତି । ସାଧକର ଯେଉଁ ବସ୍ତୁରେ ଆସକ୍ତି ଥାଏ ସେଥିରେ ଗୋଟିଏ ମିଥ୍ୟା ସୃଷ୍ଟି କରି, ମିଥ୍ୟା କଳଙ୍କ, ମିଥ୍ୟା ଅପଯଶଃ ଆରୋପ କରିଦିଅନ୍ତି । ଏଥିରେ ସାଧକର ଯଥାର୍ଥରେ ପତନ ହୁଏ ନାହିଁ, କିନ୍ତୁ ପତନ ହେବାପରି ବେଦନା ହୁଏ । ସେହି ବେଦନା ଯୋଗୁଁ ବାଧା ଆସୁଥିବା ଆସକ୍ତିରେ ସାଧକର ବୈରାଗ୍ୟ ଜାତ ହୁଏ, ସେ ଅଭୀପ୍ସା କରେ ସେଥିରୁ ଉଦ୍ଧାର ପାଇବାକୁ, ବ୍ୟାକୁଳ ହୋଇ ଭଗବାନଙ୍କ ଶକ୍ତିକୁ ଆବାହନ କରେ । ଏହି ବାଧା ଦ୍ୱାରା ସାଧକ ଦୋଷରୁ ନିବୃତ୍ତ ହୁଏ ଅଥଚ ଅଧାମ୍ ମାର୍ଗରେ କୌଣସି କ୍ଷତି ହୁଏ ନାହିଁ ।

ନାରଦଙ୍କ ମୋହ

ଋଷିଶ୍ରେଷ୍ଠ ନାରଦଙ୍କ ଗତି ସର୍ବତ୍ର । ସେ ମନେ କରିବା ମାତ୍ରେ ସର୍ବତ୍ର ପହଞ୍ଚି ଯାଆନ୍ତି । ସେଥିପାଇଁ ତାଙ୍କୁ କୁହାଯାଏ ମନଯାନୀ । ଦିନେ ଭଗବତ୍ ଧ୍ୟାନ, ଭଗବତ୍ ଗୁଣଗାନରେ ନିମଗ୍ନ ରହି ବୀଣା ବାଦନପୂର୍ବକ ହିମାଳୟରେ ଶ୍ରୀପତିତପାବନୀ ଗଙ୍ଗାତଟରେ ସେ ପହଞ୍ଚିଲେ । ସେ ସ୍ଥାନର ପବିତ୍ର ବାତାବରଣ, ପ୍ରାକୃତିକ ଶୋଭା ଦେଖି ତାଙ୍କ ମନ, ପ୍ରାଣାଦି ସମସ୍ତ ଇନ୍ଦ୍ରିୟ ଭଗବତ୍ ଦିବ୍ୟାନନ୍ଦରେ ନିମଗ୍ନ ହୋଇଗଲା । ସେହି ଗଙ୍ଗାତଟରେ ଗୋଟିଏ ଗୁମ୍ଫା ମଧ୍ୟରେ ବସିବା ମାତ୍ରେ ସେ ସମାଧିସ୍ଥ ହୋଇଗଲେ । ସେ ଗୋଟିଏ ସ୍ଥାନରେ ଅଧିକ ସମୟ ରହି ପାରିବେ ନାହିଁ ବୋଲି ଦକ୍ଷପ୍ରଜାପତିଙ୍କର ଯେଉଁ ଅଭିଶାପ ଥିଲା, ସେ ସମୟରେ ସେହି ଅଭିଶାପ ବନ୍ଧନରୁ ସେ ମୁକ୍ତ ହୋଇଗଲେ । କାରଣ ଅଭିଶାପକୁ ପାଳନ କରିବାର ସତ୍ତା ମନ, ପ୍ରାଣର କ୍ରିୟା ସେତେବେଳେ ନ ଥିଲା, ଅଭିଶାପର ନିୟମକୁ ସ୍ମରଣ କରନ୍ତା କିଏ ?

ସ୍ୱାର୍ଥୀ ଦେବତାମାନେ ତପସ୍ୟାକୁ ସଦୈବ ଭୟ କରନ୍ତି । ଅସୁରମାନେ ତପସ୍ୟା କରି ବାରଂବାର ସ୍ୱର୍ଗ

ଅଧିକାର କରି ସେମାନଙ୍କର ଭୋଗ ବିଳାସ ବସ୍ତୁକୁ ଅପହରଣ କରି ନିଅନ୍ତି । ସେମାନଙ୍କୁ ଜୀବନ-ରକ୍ଷା କରିବା ସକାଶେ ସ୍ୱର୍ଗ ଛାଡ଼ି ଜଙ୍ଗଲ, ପାହାଡ଼ରେ ଆଶ୍ରୟ ନେବାକୁ ହୁଏ । ସେହି କାରଣରୁ କୌଣସି ଋଷି, ମୁନି ତପସ୍ୟା କଲେ, ନିଜର ସ୍ୱର୍ଗ-ଅଧିକାର ଚାଲିଯିବା ଆଶଙ୍କାରେ ଦେବତାମାନେ ତପସ୍ୟା ନଷ୍ଟ କରିବାକୁ ବାରଂବାର ଚେଷ୍ଟା କରନ୍ତି ।

ନିଯୁକ୍ତ ହୋଇଥିବା ଅନୁଚରଙ୍କଠାରୁ ସୁନାସୀର ନାରଦଙ୍କ ତପସ୍ୟା ସମ୍ବାଦ ପାଇ ତପସ୍ୟାବିଜେତା ମଦନ ଓ ତାଙ୍କ ପତ୍ନୀ ରତିଦେବୀ, ତାଙ୍କ ସହକାରିଣୀଗଣ ବସନ୍ତ ଏବଂ ଉର୍ବଶୀ, ମେନକାଦି ଅପ୍ସରାମାନଙ୍କୁ ଡାକି ଭଗବତ୍ ପରମ ଭକ୍ତ ଋଷି ନାରଦଙ୍କ ତପସ୍ୟା ଭଙ୍ଗ କରିବାକୁ ଆଦେଶ ଦେଲେ । କାମଦେବ ଯଦ୍ୟପି ତପସ୍ୟା ଭଙ୍ଗ କଳାରେ ପ୍ରବୀଣ ତଥାପି ନାରଦଙ୍କ କଥା ଶୁଣି ତାଙ୍କର ଏହି କାର୍ଯ୍ୟରେ ବିଶେଷ ଉତ୍ସାହ ହେଲା ନାହିଁ । ତେବେ ବି ରାଜାଜ୍ଞା ମାନିବା ଉଚିତ । ତା'ଛଡ଼ା ଅର୍ଦ୍ଧଗୋଲାର୍ଦ୍ଧ ଅନ୍ତର୍ଗତ ସମସ୍ତ ଭୂମଣ୍ଡଳର ଏକଚ୍ଛତ୍ର ଅଧୀଶ୍ୱର, ସେ ଯୁଦ୍ଧରେ ପଶ୍ଚାତ୍‌ପଦ ହେବେ କିପରି ?

କାମଦେବ ନାରଦଙ୍କ ତପସ୍ୟା ସ୍ଥଳରେ ପହଞ୍ଚିବା ମାତ୍ରେ ପୁଷ୍ପ ସୁଗନ୍ଧଯୁକ୍ତ ମଳୟ ପବନ ବହିଲା । ତାଙ୍କ ପ୍ରଭାବରେ କଥା କଥାରେ ଦିବ୍ୟ ଉପବନ ନିର୍ମାଣ ହୋଇଗଲା । ଉର୍ବଶୀ, ମେନକାଦି ଅପ୍ସରାବୃନ୍ଦ ନାନା ତାନତରଙ୍ଗରେ ଗୀତ, ବାଦ୍ୟ ସହିତ ବିବିଧ ପ୍ରକାର ଅଙ୍ଗଭଙ୍ଗୀରେ ନୃତ୍ୟ କରିବାକୁ ଲାଗିଲେ । କିନ୍ତୁ ନାରଦଙ୍କ ସମାଧିରେ କିଛି ମାତ୍ର ବିକ୍ଷୋଭ ହେଲା ନାହିଁ । ବ୍ରହ୍ମାଣ୍ଡର ଈଶ୍ୱର ଶଙ୍କରଙ୍କ ବିଜେତା କାମଦେବ ନିଜ ପରାସ୍ତର ଅପମାନ ବରଦାସ୍ତ କରି ପାରିଲେ ନାହିଁ; ରୋଷପୂର୍ବକ ମକରଧନୁରେ ଆମ୍ରବକୁଳ ଶର ସଂଧାନ କରି, ଆକର୍ଣ୍ଣ ଆମଞ୍ଚନ କରି ନାରଦଙ୍କ କାମକେନ୍ଦ୍ରକୁ ଲକ୍ଷ୍ୟ କରି ନିକ୍ଷେପ କଲେ । ସବୁ ବ୍ୟର୍ଥ ! ନାରଦ ଭାଗବତ ଦିବ୍ୟାନନ୍ଦ ସମାଧିରେ ନିମଗ୍ନ ।

କାମଦେବ ଦେଖି ପାରିଲେ ଭଗବାନଙ୍କ କୃପାକବଚ ନାରଦଙ୍କ ଚତୁଃପାର୍ଶ୍ୱରେ ଦୃଢ଼ଭାବରେ ଆବୃତ ହୋଇ ରହିଅଛି । ମଦନର ସମସ୍ତ ପ୍ରଯତ୍ନ ଭାଗବତ କୃପାକବଚକୁ ଭେଦ କରିବାରେ ଅସମର୍ଥ ହେଲା । ସେ ଭଗବାନ୍ ଶଙ୍କରଙ୍କ ଅଭିଶାପକୁ ସ୍ମରଣ କରି ଭୟରେ କମ୍ପିତ ହେଲେ । ନିଜ ରକ୍ଷାର ଅନ୍ୟ ଉପାୟ ନ ଦେଖି ନାରଦଙ୍କ ଚରଣରେ ପତିତ ହୋଇ ନିଜ ଅପରାଧ ପାଇଁ କ୍ଷମା ପ୍ରାର୍ଥନା କଲେ । ନାରଦଙ୍କଠାରୁ ଆଶ୍ୱାସନା ପାଇ ସ୍ୱର୍ଗକୁ ଫେରିଆସି ଦେବରାଜ ଇନ୍ଦ୍ରଙ୍କୁ ସମସ୍ତ ସମାଚାର କହିଲେ । ନାରଦ ସ୍ୱର୍ଗରାଜ୍ୟ ଚାହୁଁ ନ ଥିବା କଥା ଶୁଣିବାରୁ ଇନ୍ଦ୍ରଙ୍କର ସନ୍ତୋଷ ହେଲା । ସେ ନିଶ୍ଚିତ ହୋଇ ନିଜ ରାଜକାର୍ଯ୍ୟରେ ରତ ହେଲେ ।

ଗୋଟାଏ ବଡ଼ ବାଧାବିପତ୍ତି ଉପରେ ସାଧକ ବିଜୟ ପ୍ରାପ୍ତ କରିବା ପରେ ମନରେ ଗର୍ବ ଆସିଲେ ତାହାର ପରିଣାମ କିପରି ଭୋଗ କରିବାକୁ ହୁଏ, ଏହି ଶିକ୍ଷା ସାଧକମାନଙ୍କୁ ଦେବା ସକାଶେ ସମର୍ପଣ ପ୍ରଧାନ, ଭକ୍ତିର ଆଚାର୍ଯ୍ୟ, ପରମ ଋଷି ନାରଦଙ୍କୁ ଭଗବାନ୍ ଯନ୍ତ୍ର କରିବାକୁ ଚାହିଁଲେ । ନାରଦଙ୍କୁ ଭଗବାନଙ୍କ ମନର ଅବତାର କୁହାଯାଏ । ଭଗବାନଙ୍କ ଚେତନା ସହିତ ତାଙ୍କ ଚେତନା ଏକ । ଭଗବାନଙ୍କ ଇଚ୍ଛା ଅନୁସାରେ ନାରଦ ବୈଷ୍ଣବୀ ମାୟାକୁ ସ୍ୱୀକାର କରିନେଲେ । ତେଣୁ କାମଦେବଙ୍କ ଉପରେ ବିଜୟ ପ୍ରାପ୍ତ କରିବାର ଗର୍ବ ତାଙ୍କ ମନରେ ଆସିଲା । ଯେଉଁ ଭକ୍ତ ନିଜକୁ ପୂର୍ଣ୍ଣତଃ ଭଗବାନଙ୍କୁ ସମର୍ପଣ କରିଦିଏ, ଭଗବାନ୍ ଯାହା ଚାହାନ୍ତି ସେ ତାହାହିଁ ହୁଏ, ସେଥିରେ ଭକ୍ତର ପରମ ଆନନ୍ଦ । ନାରଦ ସମାଧିରୁ ଉପରାମ ହୋଇ ବୀଣାବାଦନପୂର୍ବକ ଶଙ୍କରଙ୍କ ଦର୍ଶନ ଉଦ୍ଦେଶ୍ୟରେ କୈଳାସକୁ ଗଲେ ଏବଂ କଥାପ୍ରସଙ୍ଗରେ ମଦନ ଉପରେ ବିଜୟର ଘଟନାଟି କହିଦେଲେ, ଯେଉଁ ମଦନ ଶଙ୍କରଙ୍କ ତପସ୍ୟାରେ କ୍ଷୋଭ ଉତ୍ପନ୍ନ କରିଥିଲା । ନାରଦଙ୍କ ଅଭିମାନ ଶଙ୍କର ବୁଝି ପାରିଲେ; ସେ ଦୟାପରବଶ ହୋଇ ଏହି ଘଟନା ବିଷ୍ଣୁଙ୍କୁ କହିବାକୁ ନିଷେଧ କଲେ । ନାରଦ ମନେ କଲେ, 'ଶଙ୍କର ନିଜେ କାମଦେବଙ୍କ ଆକ୍ରମଣରେ କ୍ଷୋଭ ପ୍ରାପ୍ତ ହୋଇଥିଲେ, ମାତ୍ର ମୁଁ କାମଦେବଙ୍କ ଏହି ଆକ୍ରମଣରେ ବିଜୟୀ ହେବାରୁ ମୋର ଏହି ଗୌରବକୁ ସେ ଈର୍ଷା କରି ବିଷ୍ଣୁଙ୍କ ପାଖରେ ପ୍ରକାଶ କରିବାକୁ ମନା କରୁଛନ୍ତି ।' ଏତେ ବଡ଼ ପ୍ରଶଂସାର ଖବର ବିଷ୍ଣୁଙ୍କୁ ନ କହି ସେ ରହିବେ କିପରି ? ତତ୍‌କ୍ଷଣାତ୍ ବୈକୁଣ୍ଠକୁ ଯାଇ କଥାପ୍ରସଙ୍ଗରେ କାମଦେବଙ୍କର ସମସ୍ତ ଘଟନା ପ୍ରକାଶ କଲେ ।

କରୁଣାନିଧି ମନବିଖ ବିଚାରି । ଉର ଅକୁରେଉ ଗର୍ବତରୁ ଭାରୀ ॥
ବେଗି ସୋ ମୈ ଡାରିହୌ ଉଖାରୀ । ପନ ହମାରା ସେବକ-ହିତକାରୀ ॥
(ରାମଚରିତ ମାନସ – ବାଲ୍ୟକାଣ୍ଡ)

ଅର୍ଥାତ୍ – ''କରୁଣାର ସମୁଦ୍ର ଭଗବାନ୍ ବିଚାର କଲେ, 'ବହୁତ ବଡ଼ ଗର୍ବତରୁ ନାରଦଙ୍କ ହୃଦୟରେ ଅଙ୍କୁରିତ ହେଲାଣି ।' ସେବକର ହିତ କରିବା – ମୋର ଏହି ପ୍ରତିଜ୍ଞା ଅନୁସାରେ ମୁଁ ଏହି ଗର୍ବତରୁକୁ ଶୀଘ୍ର ଉପାଡ଼ି ପକାଇବି ।''

ଭଗବାନ୍ ଭକ୍ତର ହିତ ସାଧନ କାର୍ଯ୍ୟରେ ବିଳମ୍ବ କରନ୍ତି ନାହିଁ । ଭଗବାନ୍ ସଂକଳ୍ପ କରିବା ମାତ୍ରେ, ସମସ୍ତ ତିଆରି ହୋଇଗଲା । ନାରଦ ପ୍ରଣାମ କରି ଫେରିବା ମାର୍ଗରେ ଦେଖିଲେ ଗୋଟିଏ ଆଶ୍ଚର୍ଯ୍ୟଜନକ ନଗରୀ । ବୈକୁଣ୍ଠ, ଗୋଲୋକଠାରୁ ଅଧିକ ଶୋଭାସମ୍ପନ୍ନ ସେ ପୁରୀ । ସେଥିରେ ବାସକରୁଥିବା ନରନାରୀଙ୍କର ରୂପଲାବଣ୍ୟ କାମଦେବ ଓ ରତିଦେବୀଙ୍କ ସୌନ୍ଦର୍ଯ୍ୟକୁ ନିନ୍ଦା କରୁଅଛି । ସେହି ରାଜ୍ୟର ରାଜା ଶୀଳନିଧିଙ୍କର କନ୍ୟା ବିଶ୍ୱମୋହିନୀର ସ୍ୱୟଂବର ଉପଲକ୍ଷେ ସମଗ୍ର ରାଜ୍ୟରେ ଉତ୍ସବ ପାଳନ କରା ହେଉଛି । ନାରଦ ଏହା ଜାଣି କୌତୂହଳବଶତଃ ରାଜମହଲରେ ପହଞ୍ଚିଲେ । ତାଙ୍କର ତ' ଅବାଧ ଗତି । ବଡ଼ ବଡ଼ ଅସୁର ରାଜଙ୍କ ରାଜମହଲରେ ତାଙ୍କର ପୂଜା ହୁଏ । ତାଙ୍କୁ କେଉଁଠାରେ ରୋକାରୋକି ନାହିଁ । ସେ ବିନା କ୍ଲେଶରେ ରାଜଭବନରେ ଉପନୀତ ହେଲେ । ରାଜା ନାରଦଙ୍କୁ ସ୍ୱାଗତ କରି ପାଦ ଅର୍ଘ୍ୟ ଦେଇ ନିଜ ସିଂହାସନରେ ବସାଇଲେ ଏବଂ ନିଜ କନ୍ୟାକୁ ଡକାଇ ପ୍ରଣାମ କରାଇଲେ । ରାଜା କହିଲେ, 'ଏହି ମୋର କନ୍ୟାଟିର ସ୍ୱୟଂବର ହେବ, ଏହାର ଦୋଷଗୁଣ ବିଚାର କରି କହନ୍ତୁ ।' ନାରଦ କନ୍ୟାଟିକୁ ଦେଖି ଏକେବାରେ ଚକିତ ହୋଇଗଲେ ।

ଦେଖି ରୂପ ମୁନି ବିରତି ବିସାରୀ । ବଡ଼ିବାର ଲାଗି ରହେ ନିହାରି ॥
ଲକ୍ଷଣ ତାସୁ ବିଲୋକି ଭୁଲାନେ । ହୃଦୟ ହରଷ ନାହିଁ ପ୍ରଗଟ ବଖାନେ ॥
ଯୋ ଏହି ବରୈ ଅମର ସୋଇ ହୋଇ । ସମର ଭୂମି ତେହି ଜିତ ନକୋଇ ॥
ସେ ବହି ସକଳ ଚରାଚର ତାହି । ବରୈ ଶିଳନିଧି କନ୍ୟା ଜାହି ॥
(ରାମଚରିତ ମାନସ)

ଅର୍ଥାତ୍ – ''ନାରଦ ବହୁତ ସମୟ ପର୍ଯ୍ୟନ୍ତ କନ୍ୟାଟିକୁ ଅପଲକ ଦୃଷ୍ଟିରେ ଅନାଇ ରହିଲେ । କନ୍ୟାଟି ଥିଲା ସୌନ୍ଦର୍ଯ୍ୟାଦି ସମସ୍ତ ଦିବ୍ୟଗୁଣର ସାକ୍ଷାତ୍ ମୂର୍ତ୍ତି । ତା'ର ସୁଲକ୍ଷଣ ଦେଖି ନିଜକୁ ଭୁଲି ଯାଇ ହୃଦୟରେ ଅତ୍ୟନ୍ତ ଆହ୍ଲାଦିତ ହେଲେ, କିନ୍ତୁ ତାହା ପ୍ରକଟ କଲେ ନାହିଁ । ଭାବିଲେ ରାଜକନ୍ୟାର ଏପରି ଲକ୍ଷଣ ଅଛି ଯେ, ଯାହାକୁ ଇଏ ପତିରୂପରେ ବରମାଲ୍ୟ ଦେବ ସେ ଅମର ହେବ; ତାକୁ ସମର ଭୂମିରେ ଚର, ଅଚର, ମନୁଷ୍ୟ, ଦେବତା କେହି ଜିତି ପାରିବେ ନାହିଁ; ତାକୁ ସମସ୍ତ ଚରାଚର, ପୃଥିବୀ ଲୋକ ଓ ସ୍ୱର୍ଗ ଲୋକର ଦେବତା ସକଳ ପୂଜା କରିବେ ।''

ଏହିସବୁ ଦେଖି ମନ ମଧ୍ୟରେ ଏହାକୁ ଗୁପ୍ତ ରଖି ରାଜାଙ୍କୁ କେବଳ, 'ତୋ କନ୍ୟା ସୁଲକ୍ଷଣୀ' କହି ବିଦାହୋଇ ବିଚାର କରିବାକୁ ଲାଗିଲେ – ରାଜକନ୍ୟା ନିଜ ରୂପଗୁଣରେ ଜଗତକୁ ମୋହିତ କରିପାରେ । ତା'ର ସୌନ୍ଦର୍ଯ୍ୟ ସହିତ ଲକ୍ଷ୍ମୀ, ଉମାଙ୍କୁ ତୁଳନା କରାଯାଇ ପାରେ ନାହିଁ । କଠୋର ତପସ୍ୟାର ଫଳସ୍ୱରୂପ ଯାହା ପ୍ରାପ୍ତ ହୁଏ, ଏହି ଅଲୌକିକ ରୂପଗୁଣସମ୍ପନ୍ନା ରାଜକୁମାରୀର ପାଣିଗ୍ରହଣରେ ତାହାସବୁ ମିଳେ । ଫେର୍ ସୁଖପ୍ରଦ ସୁଲଭ ମାର୍ଗ ଛାଡ଼ି କଠୋର ତପସ୍ୟାର ଆବଶ୍ୟକତା କ'ଣ ? କିନ୍ତୁ ରାଜକନ୍ୟାଙ୍କୁ ପ୍ରାପ୍ତ ହେବାର ଉପାୟ କେବଳ ସୌନ୍ଦର୍ଯ୍ୟ ରୂପ । ଯେ ଅଧିକ ଶୋଭାଯୁକ୍ତ ହେବ, ରାଜକନ୍ୟା ତାକୁହିଁ ବରମାଲ୍ୟ ଦେବ । ତପସ୍ୟା ଦ୍ୱାରା ଶୋଭା ମଧ୍ୟ ପ୍ରାପ୍ତ ହୁଏ । ବର୍ତ୍ତମାନ ଉଦ୍‌ବେଗରେ କ'ଣ ଜପତପ ହେବ ? ଫେର ରାଜକନ୍ୟାଙ୍କୁ ପ୍ରାପ୍ତ ହେବାର ଆଉ ଉପାୟ କ'ଣ ? ମୋର ପରମ

ହିତୈଷୀ ଏକମାତ୍ର ଭଗବାନ୍, ତାଙ୍କୁ ମାଗିଲେ ସେ ଅବଶ୍ୟ ତାଙ୍କର ସୁନ୍ଦର ରୂପ ମୋତେ ଦେବେ । ଭଗବାନଙ୍କୁ ସ୍ମରଣ କରିବା ମାତ୍ରେ ସେ ପ୍ରକଟ ହୋଇଗଲେ । ଭଗବାନଙ୍କ ଦର୍ଶନରେ ନାରଦଙ୍କୁ ବଡ଼ ଆନନ୍ଦ ଲାଗିଲା, ତାଙ୍କ କାର୍ଯ୍ୟ ଅବଶ୍ୟ ସିଦ୍ଧ ହେବ ବୋଲି ସେ ମନେକଲେ । ନାରଦ କହିଲେ, ବର୍ତ୍ତମାନ କହିବା ଶୁଣିବାର ସମୟ ନାହିଁ, ଦୟାକରି କେବଳ ନିଜ ରୂପ ମୋତେ ପ୍ରଦାନ କରନ୍ତୁ, ଏହାଛଡ଼ା ରାଜକୁମାରୀକୁ ପ୍ରାପ୍ତ କରିବାର ଅନ୍ୟ ଉପାୟ ନାହିଁ –

ଯେହି ବିଧି ନାଥ ହୋଇ ହିତ ମୋରା ।
କରହୁଁ ସୋ ବେଗୀ ଦାସ ମୈଁ ତୋରା ॥

ଅର୍ଥାତ୍ – ହେ ପ୍ରଭୁ, ମୁଁ ତୁମ୍ଭର ଦାସ । ଯେଉଁ ପ୍ରକାରରେ ମୋର ହିତ ହେବ ତାହା ତୁମେ ଶୀଘ୍ର କର । ଭଗବାନ୍ କହିଲେ :

ଯେହି ବିଧି ହୋଇ ହି ପରମ ହିତ, ନାରଦ ଶୁନହୁ ତୁମ୍ହାର ।
ସୋହି ହମ କରବ ନ ଆନ କଛୁ, ବଚନ ନ ମୃଖା ହମାର ॥
କୁପଥ ମାଗ ରୁଜ ବ୍ୟାକୁଳ ରୋଗୀ, ବୈଦ୍ୟ ନ ଦେହି ସୁନହୁ ମୁନି ଯୋଗୀ ।
ଏହି ବିଧି ହିତ ତୁମ୍ହାର ମୈଁ ଠଏଉ... ॥

ଅର୍ଥାତ୍ : ହେ ନାରଦ, ତୁମେ ତୁମର ହିତ ଚାହିଁଛ । ତୁମର ଯେଉଁଥିରେ ପରମ ହିତ ହେବ ତାହାହିଁ ମୁଁ କରିବି, ମୋ ବଚନ କେବେହେଲେ ମିଥ୍ୟା ନୁହେଁ । ରୋଗୀ ବ୍ୟାକୁଳ ହୋଇ କୁପଥ୍ୟ ମାଗିଲେ ବୈଦ୍ୟ ଦିଏ ନାହିଁ, ସେହି ପ୍ରକାର ମୁଁ ତୁମର ହିତ କରିବି । ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ନାରଦ ମାୟାବଶରେ ଥିବାରୁ ଭଗବାନଙ୍କର ରହସ୍ୟମୟ ଉକ୍ତି ବୁଝି ପାରିଲେ ନାହିଁ । ରାଜକୁମାରୀ ନିଶ୍ଚୟ ତାଙ୍କୁହିଁ ବରମାଲ୍ୟ ଦେବେ, ଏପରି ମନେକରି ସ୍ୱୟଂବର ସ୍ଥାନରେ ସମୟ ପୂର୍ବରୁ ଅତି ଉତ୍ସାହରେ ଯାଇ ବସି ରହିଲେ । ତାଙ୍କୁ ସମୟ ଭାରସ୍ୱରୂପ ପ୍ରତୀତ ହେଉଥିଲା । ସେ ରାଜକନ୍ୟାର ଆଗମନକୁ ପ୍ରତୀକ୍ଷା କରି ଛଟପଟ ହେଉଥିଲେ । ସ୍ୱୟଂବର ସମୟ ହେଲା । ମର୍ତ୍ତ୍ୟର ରାଜା ଓ ସ୍ୱର୍ଗର ଦେବତାମାନେ ସୁନ୍ଦର ସୁନ୍ଦର ପୋଷାକରେ ସଜ୍ଜିତ ହୋଇ ନିଜ ନିଜ ସ୍ଥାନରେ ଉପନୀତ ହେଲେ । ରାଜା ଶୀଳନିଧିଙ୍କ ନିର୍ଦ୍ଦେଶ ଅନୁସାରେ ସଖୀମାନଙ୍କ ସହିତ ରାଜକନ୍ୟା ସ୍ୱୟଂବର ସ୍ଥାନକୁ ଆସି ପ୍ରଥମରେ ସେଠାରେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଥରେ ଅବଲୋକନ କଲେ । ସେହି ସଭାରେ ଥିଲେ ଭଗବାନ୍ ବିଷ୍ଣୁ । ରାଜକୁମାରୀ ବିଷ୍ଣୁଙ୍କ ଗଳାରେ ବରମାଲ୍ୟ ଦେଲେ, ବିଷ୍ଣୁ ରାଜକୁମାରୀଙ୍କୁ ସାଙ୍ଗରେ ନେଇ ଚାଲିଗଲେ । ଭଗବାନ୍ ବିଷ୍ଣୁଙ୍କର ଏପରି ଠକାମି ନାରଦଙ୍କୁ ଅସହ୍ୟ ହେଲା । କିନ୍ତୁ ଜଳରେ ନିଜର ପ୍ରତିବିମ୍ବ ମର୍କଟାକାର ଦେଖି ତାଙ୍କର ରାଗର ସୀମା ରହିଲା ନାହିଁ । ସେ କ୍ରୋଧାଗ୍ନିରେ ପ୍ରଜ୍ୱଳିତ ହୋଇ ବିଷ୍ଣୁଙ୍କୁ ଅଭିଶାପ ଦେବାକୁ ଜ୍ଞାନ ହରାଇ ମାର୍ଗହୀନ ଭାବରେ ବ୍ୟାକୁଳ ହୋଇ ଦୌଡ଼ିବାକୁ ଲାଗିଲେ । ଭାବିଲେ ବିଷ୍ଣୁ ସ୍ୱତନ୍ତ୍ର, ଯଦି ସେ ମୋ ଅଭିଶାପକୁ ଗ୍ରହଣ ନ କରିବେ ତେବେ ମୁଁ ଆତ୍ମହତ୍ୟା କରିବି ।

ଭଗବାନ୍ ଭକ୍ତବତ୍ସଳ । ଭଗବାନ୍ କହିଛନ୍ତି ତାଙ୍କ ଅର୍ଦ୍ଧାଙ୍ଗିନୀ ଲକ୍ଷ୍ମୀଙ୍କଠାରୁ ଭକ୍ତ ଅଧିକ ପ୍ରିୟ । ସ୍ୱର୍ଣ୍ଣକାର ସୁବର୍ଣ୍ଣକୁ ଅଗ୍ନିରେ ବାରଂବାର ତପ୍ତ କରି ଯେପରି ତା'ର ଯଥାର୍ଥ ସ୍ୱରୂପ ପ୍ରକଟ କରେ, ସେହିପରି ଭଗବାନ୍ ଭକ୍ତର ଦୋଷ ଦୂର କରି ଶୁଦ୍ଧ, ସ୍ୱଚ୍ଛ, ନିଷ୍କଳଙ୍କ କରି ତାଙ୍କ ସୁଯଶଃ ବିସ୍ତାର କରିବାକୁ ପରୀକ୍ଷାଗ୍ନିରେ ବାରଂବାର ତପ୍ତ କରନ୍ତି । ସେହି ପରୀକ୍ଷାରେ ବି ଭକ୍ତକୁ ନିଜ କୃପାକଟାକ୍ଷରେ ରକ୍ଷା କରନ୍ତି । ଏହା ତାଙ୍କର ଭକ୍ତ ପ୍ରତି ପରମ ଦୟାର ନିଦର୍ଶନ । ନାରଦଙ୍କର କଷ୍ଟ ଭଗବାନ୍ ଆଉ ସହ୍ୟ କରି ପାରିଲେ ନାହିଁ । ନାରଦ ଯେଉଁ ମାର୍ଗରେ ବ୍ୟାକୁଳ ହୋଇ ଦୌଡୁଥିଲେ

ସେହି ମାର୍ଗରେ ସ୍ୱୟଂବର ପ୍ରାପ୍ତ ରାଜକୁମାରୀ ଏବଂ ଲକ୍ଷ୍ମୀଙ୍କ ସହିତ ନାରଦଙ୍କ ସାମନାରେ ଭଗବାନ୍ ପ୍ରକଟ ହେଲେ । ଭଗବାନଙ୍କ ସହିତ ରାଜକୁମାରୀଙ୍କୁ ଦେଖି ଋଷିଙ୍କର ଆହୁରି କ୍ରୋଧ ବଢ଼ିଗଲା । ସେହି ଅବସ୍ଥାରେ ବିଷ୍ଣୁ କହିଲେ : —

ବୋଲେ ମଧୁର ବଚନ ସୁରସାଇଁ ।
ମୁନି କହ ଚଲେ ବିକଳ କିପାଇଁ ॥

ଅର୍ଥାତ୍ : ହେ ନାରଦ, ତୁମେ ବିକଳ ହୋଇ କୁଆଡ଼କୁ ଯାଉଅଛ ? ନାରଦ ଆଉ କ୍ରୋଧ ସମ୍ଭାଳି ନ ପାରି ବିଷ୍ଣୁଙ୍କ କଥା ଶୁଣିବା ମାତ୍ରେ ନିଜ କ୍ରୋଧକୁ ଶବ୍ଦ ରୂପେ ଉଦ୍‌ଗାର କଲେ :—

ପର ସମ୍ପଦା ସକହୁ ନହିଁ ଦେଖି,
ତୁମ୍ଭରେ ଇରିଷା କପଟ ବିସେଖି ।
ମନ୍ଥତ ସିନ୍ଧୁ ରୁଦ୍ରହି ବୌରାଏହୁ,
ସୁରହ୍ନ ପ୍ରେରି ବିଷପାନ କରାଏହୁ ॥
ଅସୁର ସୁରା ବିଷ ଶଙ୍କରହି,
ଆପୁ ରମା ମନି ଚାରୁ ।
ସ୍ୱାରଥ ସାଧକ କୁଟିଳ ତୁମ୍ଭ,
ସଦା କପଟ ବ୍ୟବହାରୁ ॥

ଅର୍ଥାତ୍ — 'ହେ ଭଗବାନ୍, ତୁମ୍ଭର ଈର୍ଷା ଓ କପଟତା ହେତୁ ତୁମ୍ଭେ ଅନ୍ୟର ଐଶ୍ୱର୍ଯ୍ୟ ଦେଖି ପାର ନାହିଁ । ସିନ୍ଧୁମନ୍ଥନ ସମୟରେ ଶଙ୍କରଙ୍କ ମତିଭ୍ରମ କରିଦେଲ, ଦେବତାଙ୍କୁ ପ୍ରେରଣା ଦେଇ ତାଙ୍କୁ ବିଷ ଓ ଅସୁରଙ୍କୁ ସୁରାପାନ କରାଇଲ । କପଟ ବ୍ୟବହାରରେ ରମା ଏବଂ ମଣିକୁ ଗ୍ରହଣ କରି ନିଜ ସ୍ୱାର୍ଥ ସାଧନ କଲ ।' ଏହିପରି କେତେ ଭର୍ତ୍ସନା କରି ଭଗବାନଙ୍କୁ ନର ଶରୀର ଧାରଣ ଏବଂ ପତ୍ନୀବିୟୋଗର ଅଭିଶାପ ଦେଇଦେଲେ । ଭଗବାନ୍ ନାରଦଙ୍କ ଅଭିଶାପ ସ୍ୱୀକାର କରିନେଇ ତାଙ୍କ ବୈଷ୍ଣବୀମାୟାକୁ ଦୂର କରିନେଲେ । ଶୀଳନିଧି ରାଜା, ତାଙ୍କର ରାଜ୍ୟ, ରାଜକୁମାରୀ, ସ୍ୱୟଂବର, ନାରଦଙ୍କ କପି ଶରୀର ସମସ୍ତହିଁ ଥିଲା ମାୟା । ମାୟା ଅପସାରଣ ହେବା ମାତ୍ରେ ଆଉ କିଛି ରହିଲା ନାହିଁ; ସେଠାରେ କେବଳ ରହିଲେ ଭଗବାନ୍ ଏବଂ ନାରଦ । ନାରଦ ମାୟାର ବଶ ହୋଇ ଭଗବାନଙ୍କୁ ଅଭିଶାପ ଦେଇଥିଲେ । ମାୟା ଦୂର ହେବାରୁ ସେ ଭଗବାନଙ୍କ ଚରଣରେ ପଡ଼ିଗଲେ ଓ କହିଲେ, 'ମୃଷା ହେଉ ମମ ଶାପ କୃପାଲା' ଅର୍ଥାତ୍, 'ମୋ ଅଭିଶାପ ବୃଥା ହେଉ' । ଭଗବାନ୍ କହିଲେ, 'ମମ ଇଚ୍ଛା କହ ଦିନ ଦୟାଲା' ଅର୍ଥାତ୍ — ମୋ ଇଚ୍ଛାରେ ତୁମେ ଅଭିଶାପ ଦେଇଛ; ତାହା ମୋର ଦରକାର ଥିଲା । ନାରଦ ବହୁତ ପ୍ରକାର ବିନୀତ ପ୍ରାର୍ଥନା କରି ଭଗବାନଙ୍କଠାରୁ ଆଶ୍ୱାସନା ପାଇ ଚାଲିଗଲେ ।

ନାରଦ ଭଗବାନଙ୍କର ଅନନ୍ୟ ଭକ୍ତ ଆଉ ଭକ୍ତିର ଆଚାର୍ଯ୍ୟ ଥିଲେ । ଆଚାର୍ଯ୍ୟମାନେ ଆଦର୍ଶସ୍ଥାନୀୟ ହୁଅନ୍ତି ଏବଂ ତାଙ୍କଠାରୁ ଅନ୍ୟାନ୍ୟ ସାଧାରଣ ବ୍ୟକ୍ତି ଶିକ୍ଷାଲାଭ କରନ୍ତି । ଭଗବାନ୍ ନାରଦଙ୍କ ଦ୍ୱାରା ଭକ୍ତଙ୍କୁ ଉପଦେଶ ଦେବା ସକାଶେ ତାଙ୍କୁ ବୈଷ୍ଣବୀ ମାୟାରେ ମୋହିତ କରି ତାଙ୍କ ଅହଂକୁ ପ୍ରକାଶ କରାଇଥିଲେ କିଂବା ନାରଦଙ୍କ ଅବଚେତନାରେ ବହୁତ ସୂକ୍ଷ୍ମରୂପେ ସୁପ୍ତଥିବା ଅହଂ ସମୟ ପାଇ କ୍ରିୟାଶୀଳ ହେଲା । ଏହି ବିଷୟରେ ଆମ୍ଭମାନଙ୍କର ଅଧିକ ବିଚାର ଅନାବଶ୍ୟକ । ଆବଶ୍ୟକ କେବଳ ଏତିକି, ନାରଦଙ୍କ ଏହି ଘଟଣାରୁ ଆମ୍ଭେମାନେ ଦେଖିବା ସମର୍ପିତ ଭକ୍ତକୁ ଭଗବାନ୍ କିପରି ସବୁସମୟରେ ରକ୍ଷା କରନ୍ତି, ଆଉ କୌଣସି ଅନିଷ୍ଟ ଘଟିବାକୁ ନ ଦେଇ ତା'ର ଦୋଷ ଦୂର କରି ଦିଅନ୍ତି ।

ମନୁଷ୍ୟ ମଧ୍ୟରେ ଯେଉଁସବୁ ଦୁର୍ଗୁଣ ଥାଏ, ସବୁଠାରୁ ପ୍ରବଳ ହେଲା କାମବାସନା ଏବଂ ଅହଂ । ଏହି ଦୁଇ ଶତ୍ରୁ କବଳରୁ ମୁକ୍ତ ହେବା ବହୁତ କଠିନ । କିନ୍ତୁ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ଭଗବାନ୍ ତାକୁ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ରକ୍ଷାକରନ୍ତି । ଭକ୍ତ ବିରୋଧରେ ସମସ୍ତ ଦେବତା, ସମସ୍ତ ଅସୁରଙ୍କ ଆକ୍ରମଣ ଭଗବତ୍ କୃପାରୁ ବ୍ୟର୍ଥ ହୁଏ । ଭଗବାନ୍ ଭକ୍ତ ମଧ୍ୟରୁ କୌଣସି ଦୋଷ ଦୂର କରିବାରେ ଯଥାର୍ଥରେ ତା'ର ଚେତନା ଅଥବା ସାଧନାରେ କୌଣସି କ୍ଷତି ହୁଏ ନାହିଁ । ବାହ୍ୟ ମିଥ୍ୟା ଅପଯଶଃ ଅଥବା ଅସମ୍ମାନ ଦ୍ୱାରା ତାହା ଦୂର କରନ୍ତି । ଯେପରି ନାରଦଙ୍କ ଚରିତ୍ରରେ ହେଲା । ନାରଦଙ୍କୁ ଯେଉଁ ମୋହ ହେଲା ତାହା ଥିଲା ବହୁତ କମ୍ ସମୟ ପାଇଁ । କେବେ କେବେ ବ୍ୟକ୍ତି ଦିନରେ ଶୋଇବା ସମୟରେ କେତେ ମାସ ମଧ୍ୟରେ ଯେପରି କେତେ ସ୍ଥାନ ଭ୍ରମଣ କରିଆସେ, କେତେ କାର୍ଯ୍ୟ କରିଆସେ, କିନ୍ତୁ ଆଖି ଖୋଲି ଦେଖିବାରେ ଘଡ଼ିରେ ମାତ୍ର ପାଞ୍ଚ ମିନିଟ ହୋଇଥାଏ । ନାରଦ ରାସ୍ତାରେ ଦେଖିଲେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାୟା । ଯେଉଁ ଶୋଭାଯୁକ୍ତା ରାଜକୁମାରୀ ପ୍ରତି ନାରଦଙ୍କର ମୋହ ହେଲା ସେ ରାଜକୁମାରୀ ଥିଲା ମିଥ୍ୟା; ନାରଦଙ୍କ ମୋହ ମଧ୍ୟ ଥିଲା ମିଥ୍ୟା । ନାରଦ ଏତେ ବଡ଼ ଋଷି ହୋଇ କନ୍ୟା ପ୍ରତି ଏପରି ବ୍ୟାକୁଳ ହେବା, ଏହା ବି ଥିଲା ମିଥ୍ୟା । ଏଥିପାଇଁ ତାଙ୍କୁ ଲୋକମୁଖରେ ଯେଉଁ ଉପହାସ, ଅପଯଶଃ ହେଲା ସେ ବି ଥିଲା ମିଥ୍ୟା । ନାରଦଙ୍କ କପି ଆକୃତି ମଧ୍ୟ ଥିଲା ମିଥ୍ୟା । ଧର୍ମଗ୍ଲାନି ହେଲେ ଭଗବାନଙ୍କୁ ଅବତାର ନେଇ ଲୀଳା କରିବାକୁ ହୁଏ, ଏଣୁ ତାଙ୍କୁ ଅଭିଶାପ ମଧ୍ୟ ଥିଲା ମିଥ୍ୟା ଅର୍ଥାତ୍, ନାରଦଙ୍କର କିଛି ବି ହୋଇ ନ ଥିଲା ଏବଂ ଦୂର ହୋଇଥିଲା କେବଳ ତାଙ୍କ ଭିତରେ ଥିବା ଅହଂକାର ।

ଭକ୍ତାଧୀନ ଭଗବାନ୍

ଭଗବାନ୍ ସର୍ବ-ସ୍ୱତନ୍ତ୍ର କିନ୍ତୁ ଭକ୍ତର ଅଧୀନ । 'ଅହଂ ଭକ୍ତ-ପରାଧୀନଃ ।' ଚକ୍ର ଭୟରେ ଦୁର୍ବାସା ଋଷି ଯେତେବେଳେ ଭଗବାନଙ୍କ ଶରଣପ୍ରାପ୍ତ ହେଲେ, ଭଗବାନ୍ ସ୍ପଷ୍ଟ କହିଲେ, 'ଋଷି, ମୋର ପ୍ରତିଜ୍ଞା ହେଲା ଶରଣାଗତର ଭୟ ଦୂର କରିବା କିନ୍ତୁ ତୁମେ ଭକ୍ତାପରାଧୀ, ମୁଁ ତୁମ ଭୟ ଦୂର କରିବାରେ ଅସମର୍ଥ । ମୁଁ ଭକ୍ତର ଅଧୀନ । ତୁମେ ମୋ ଭକ୍ତ ଅମ୍ବରୀଶ ପାଖକୁ ଯାଅ, ସେ ନିଶ୍ଚୟ ତୁମ୍ଭ ଦୋଷ କ୍ଷମା କରିଦେବେ ।'

ଭଗବାନ୍ ଭକ୍ତ ପାଖରେ ନିଜ ଷଡ଼ ଐଶ୍ୱର୍ଯ୍ୟ ଏକେବାରେ ଭୁଲି ପୁତ୍ରରୂପେ ଯଶୋଦାଙ୍କ ହାତରେ ବନ୍ଧା ହୁଅନ୍ତି, ଦହି ମାଖନ ଖାଇବାକୁ ଗୋପୀମାନଙ୍କ ଡାଳିରେ ନାଚନ୍ତି, ନାପିତ ସେନା ଭକ୍ତ ସ୍ଥାନରେ ସେବା କରନ୍ତି, ଆଚାର୍ଯ୍ୟ ରାମାନନ୍ଦଙ୍କ ଭକ୍ତ ଶିଷ୍ୟ ଘରେ ବାର ବର୍ଷ ପର୍ଯ୍ୟନ୍ତ ସେବା କରନ୍ତି । ଭକ୍ତ ଡାକକୁ କାନ ଡେରି ରହି ଶୁଣୁଥାଆନ୍ତି । ମନୁ, ଶତରୂପାଙ୍କ ତପସ୍ୟାରେ ଭଗବାନ୍ ପ୍ରକଟ ହୋଇ କହିଲେ, 'ମୋର ଭକ୍ତକୁ ଅଦେୟ କିଛି ନାହିଁ, ତୁମେ ଯାହା ଇଚ୍ଛାକରୁଛ ନିଃସଂକୋଚରେ ମାଗ ।' ଭଗବାନଙ୍କୁ ପ୍ରାପ୍ତ ହେବା ପରେ ଭକ୍ତର ମାଗିବାର ବସ୍ତୁ କିଛି ନ ଥାଏ । ସେ ତ' ଭଗବାନଙ୍କୁ ପାଇ କୃତକୃତ୍ୟ ହୋଇଯାଆନ୍ତି, ତାଙ୍କ ପାଖରେ ସମସ୍ତ ଯୌଗିକ ସିଦ୍ଧି, ତ୍ରୈଲୋକ୍ୟର ଐଶ୍ୱର୍ଯ୍ୟ ତୁଚ୍ଛ ଜଣାପଡ଼େ । ସେ ଚାହାନ୍ତି କେବଳ ଭଗବାନଙ୍କ ଦର୍ଶନ ଓ ସାମୀପ୍ୟ । ମନୁ, ଶତରୂପା ନିଜ ଇଚ୍ଛା ପ୍ରକାଶ କରିବାକୁ ସଂକୋଚବୋଧ କରୁଥିବା ଦେଖି ଭଗବାନ୍ କହିଲେ, 'ତୁମକୁ ମୋର ଅଦେୟ କିଛି ନାହିଁ ।' ରାଜା ଓ ରାଣୀ ଚାହୁଁଥିଲେ ଭଗବାନଙ୍କୁ ସବୁ ସମୟରେ ପାଖରେ ରଖିବାକୁ ।

ଐଶ୍ୱର୍ଯ୍ୟ ରୂପରେ ନୁହେଁ, ଐଶ୍ୱର୍ଯ୍ୟରେ ସଂକୋଚ ରହେ, ବିନା ସଂକୋଚ ହୁଏ ନିଜର ସନ୍ତାନଠାରେ । ସେ ଚାହୁଁଥିଲେ ଭଗବାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବାକୁ କିନ୍ତୁ ପ୍ରଭୁଙ୍କୁ ଏପରି କହିବା ଉଚିତ ନୁହେଁ, ସେଥିପାଇଁ କହିପାରୁ ନ ଥିଲେ । ଭଗବାନଙ୍କଠାରୁ ଯେତେବେଳେ ଶୁଣିଲେ, ତାଙ୍କର 'ଅଦେୟ କିଛି ନାହିଁ', ତେବେ ସାହସ ହେଲା ମାଗିବାକୁ । ତଥାପି ପୂର୍ଣ୍ଣ ସଂକୋଚ ଦୂର ହେଲା ନାହିଁ । ଖାଲି କହିଲେ, ତୁମେ ତ ଅନ୍ତର୍ଯାମୀ, ଆମ୍ଭମାନଙ୍କ ମନକଥା ଜାଣ, ଆମ୍ଭେ ଚାହୁଁଛୁ, 'ତୁମରି ସମାନ ପୁତ୍ର', ସିଧା ସିଧା କହିଲେ ନାହିଁ ସେମାନେ ଭଗବାନଙ୍କୁ ପୁତ୍ରରୂପେ ପାଇବାକୁ କାମନା

କରୁଛନ୍ତି ବୋଲି । କିନ୍ତୁ ଭଗବାନ୍ ଭକ୍ତ-ବାଞ୍ଛା-କଳ୍ପତରୁ । ଭକ୍ତର ମନ ଜାଣି ବର ଦିଅନ୍ତି । ସେଥିନେଇ କହିଲେ – ମୋ ସମାନ ସଂସାରରେ ଆଉ କେହି ନାହିଁ, ମୁଁ କେଉଁଠି ଯାଇ ଖୋଜିବି – ମୁଁ ନିଜେ ତୁମମାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବି । ସେହି ମନୁ ଓ ଶତରୂପା, ଦଶରଥ ଓ କୌଶଲ୍ୟାରୂପେ ଜନ୍ମନେଲେ; ତାଙ୍କରି ପୁତ୍ରରୂପେ ଭଗବାନ୍ ଶ୍ରୀରାମ ଅବତାର ନେଲେ । ରାମାୟଣରେ ଭଗବାନଙ୍କର ଭକ୍ତ-ବତ୍ସଳତା ଗୁଣ ବ୍ୟକ୍ତିର ହୃଦୟକୁ କୃତଜ୍ଞତାରେ ବିଦୀର୍ଣ୍ଣ କରିଦିଏ । ଶ୍ରୀରାମଙ୍କ ପିତୃମାତୃଭକ୍ତି ମନୁଷ୍ୟ-ବୁଦ୍ଧିର ଅକଳ୍ପନୀୟ ।

ଭଗବାନ୍ ଜପ, ତପଃ, ଯୌଗିକ କ୍ରିୟାରେ ଯୋଗୀର ଅଧୀନ ହୋଇ ଛାୟାତୁଲ୍ୟ ଯୋଗୀ ସଙ୍ଗେ ସଙ୍ଗେ ରହି ଯୋଗୀର ମନ ଯୋଗାନ୍ତି ନାହିଁ । ଜପ, ତପଃ, ଯୌଗିକ କ୍ରିୟାର ଫଳ ଦେଇଦିଅନ୍ତି । କିନ୍ତୁ ଭକ୍ତିରେ ଭଗବାନ୍ ଭକ୍ତର ବଶ ହୋଇ ନିଜକୁ ଭକ୍ତ ହାତରେ ଦେଇଦିଅନ୍ତି । ଭକ୍ତିର ପ୍ରଧାନ ଅଙ୍ଗ ସମର୍ପଣ । ସମର୍ପଣର ଅର୍ଥ ନିଜକୁ ଦେଇଦେବା । ଭକ୍ତ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦେଲେ, ତାକୁ ଅନ୍ୟ କିଛି ଦେବାରେ ଭଗବାନଙ୍କର ସନ୍ତୋଷ ହୁଏ ନାହିଁ, ସେ ନିଜକୁ ଭକ୍ତ ହାତରେ ଦେଇ ଦିଅନ୍ତି । ଭଗବାନଙ୍କଠାରୁ ସମସ୍ତ ବସ୍ତୁର ଉତ୍ପତ୍ତି, ଏଣୁ ଭକ୍ତ ଭଗବାନଙ୍କୁ ପାଇଲେ ତା'ର ଆଉ କିଛି ପାଇବାର ବାକି ରହେ ନାହିଁ ।

ଏହି କାରଣରୁ ସମର୍ପଣ ସର୍ବଶ୍ରେଷ୍ଠ ସାଧନ ଓ ନିରାପଦ । ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେଲେ ଭଗବାନ୍ ସମସ୍ତ ବାଧାବିଘ୍ନରୁ ରକ୍ଷା କରି ସ୍ୱୟଂ ସାଧକର ସମସ୍ତ ସତ୍ତାରେ ପ୍ରାପ୍ତ ହୁଅନ୍ତି । ଅନ୍ୟାନ୍ୟ ଯୋଗରେ ସମର୍ପଣ ବ୍ୟତୀତ ସାଧନା ଚାଲିପାରେ କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ ଛଡ଼ା ଯୋଗସିଦ୍ଧି କେବଳ ଦୁରୂହ ନୁହେଁ, ଅସମ୍ଭବ । ସୁତରାଂ ସାଧନାର ଆରମ୍ଭରୁ ମାତୃଶକ୍ତିଙ୍କ ନିକଟରେ ସାଧକ ନିଜକୁ ସମର୍ପଣ କଲେ ଭାଗବତୀ ଶକ୍ତି ସାଧକ ମଧ୍ୟରେ ଅବତରଣ କରି ସାଧନା କରନ୍ତି ଏବଂ ଅନ୍ୟାନ୍ୟ କଠୋର ଯୌଗିକ କ୍ରିୟା ଦ୍ୱାରା ଯେଉଁ ଅନ୍ତିମ ଲକ୍ଷ୍ୟସିଦ୍ଧି, ମୁକ୍ତି ବା ଭଗବତ୍ ପ୍ରାପ୍ତି, ତାହା ଶ୍ରୀଅରବିନ୍ଦଙ୍କ ଯୋଗର ପ୍ରଥମ ସୋପାନରୂପେ ସାଧକକୁ ପ୍ରାପ୍ତ କରାଇ ଦିଅନ୍ତି । ଏହାପରେ ସାଧକକୁ ରୋଗ, ଜରା, ମୃତ୍ୟୁ କବଳରୁ ମୁକ୍ତ କରିଦିଅନ୍ତି ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା କରନ୍ତି । ଏହି ଅବସ୍ଥାରେ ସାଧକର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ, ତାହାର ସମସ୍ତ ଚେତନା ଭଗବାନଙ୍କ ଚେତନା ସଙ୍ଗରେ ଏକ ହୋଇଯାଏ । ସାଧକର ସମସ୍ତ ସତ୍ତାରେ ଭଗବାନ୍ ପ୍ରକାଶିତ ହୁଅନ୍ତି । ସେ ଭାଗବତୀ ଶକ୍ତି ଦ୍ୱାରା ପୂର୍ଣ୍ଣରୂପେ ପରିଚାଳିତ ହୁଏ । ଏହାହିଁ ମନୁଷ୍ୟର ଏକମାତ୍ର ଲକ୍ଷ୍ୟ । ଏହି ଲକ୍ଷ୍ୟସିଦ୍ଧି ସକାଶେ ଭଗବାନ୍ ସ୍ୱୟଂ ବହୁ ପ୍ରାଣୀରୂପେ ପ୍ରକଟ ହୋଇଅଛନ୍ତି ।

ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର

ସୂଚନା

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଆଦର୍ଶ ଜଗତରେ ପ୍ରଚାରିତ ହେଲେ ଜନସମାଜର ଅଶେଷ କଲ୍ୟାଣ ସାଧିତ ହେବ । ଶ୍ରୀଅରବିନ୍ଦ ଯେଉଁ ନୂତନ ମାନବଜାତି ଓ ନୂତନ ମାନବସମାଜର ଲକ୍ଷ୍ୟ ଆମ୍ଭମାନଙ୍କ ସମ୍ମୁଖରେ ରଖିଛନ୍ତି, ତାହାର ଯଥାର୍ଥ ରୂପାୟନର ସମୟ ଆଜି ଉପସ୍ଥିତ । ଏହି କ୍ଷୁଦ୍ର ଲେଖାରେ ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ କିପରି ପ୍ରଚାରିତ ହେବ, ତାହାର ଆଲୋଚନା କରାଯାଇଛି ।

— ପ୍ରକାଶକ

ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର

ଶ୍ରୀଅରବିନ୍ଦ ବହୁବର୍ଷ ପୂର୍ବେ କହିଥିଲେ, ''ପ୍ରଚାର କରିବା ଆମର କାର୍ଯ୍ୟ ନୁହେଁ, ସତ୍ୟ ସ୍ୱୟଂ ପ୍ରଚାରିତ ହେବ । ଅଥବା ସତ୍ୟ କାହାରି ଘରେ ପହଞ୍ଚାଇ ଦେଇ ହୁଏ ନାହିଁ । ସତ୍ୟ-ସନ୍ଧାନୀ ସ୍ୱୟଂ ସନ୍ଧାନ କରେ ।'' ଏହା ଶ୍ରୀଅରବିନ୍ଦଙ୍କ ଠିକ୍ ଶବ୍ଦ ନୁହେଁ । କିନ୍ତୁ ତାଙ୍କ ବକ୍ତବ୍ୟର ଅଭିପ୍ରାୟ ଏହିପରି ହୋଇପାରେ ।

ଶ୍ରୀଅରବିନ୍ଦ ଯେତେବେଳେ ଏହା କହିଥିଲେ ସେତେବେଳେ ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରି ନ ଥିଲା । ସେତେବେଳେ ଏହି ନୂତନ ସତ୍ୟକୁ ବ୍ୟକ୍ତି ଗ୍ରହଣ କରିବାକୁ, ବିଶ୍ୱାସ କରିବାକୁ ଅସମର୍ଥ ଥିଲା । ସେତେବେଳେ ଏହି ସତ୍ୟ ପ୍ରସାର ହୋଇ ପାରିବା ସମ୍ଭବ ନ ଥିଲା ।

ଶ୍ରୀଅରବିନ୍ଦ କହିବା ବାକ୍ୟର ଯଦି ଅର୍ଥ କରାହୁଏ, ''ଶ୍ରୀଅରବିନ୍ଦ ଚାହାନ୍ତି ନାହିଁ ଅତିମାନସ ସତ୍ୟର ପ୍ରଚାର ହେଉ ବା ପ୍ରସାର ହେଉ'' ତେବେ ଏହା ତାଙ୍କ ଉଦ୍ଦେଶ୍ୟର ବିରୋଧୀ ହେବ । କାରଣ ତାଙ୍କ ସିଦ୍ଧାନ୍ତର ମୂଳନୀତି ହେଉଛି ଅତିମାନସ ସତ୍ୟ ଦ୍ୱାରା ମନୁଷ୍ୟର ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ଜଗତରୁ ଦୁଃଖ, ଦ୍ୱନ୍ଦ୍ୱ, ମିଥ୍ୟାର ନାଶ, ସ୍ୱର୍ଗରାଜ୍ୟ ପ୍ରତିଷ୍ଠା । ଏହା ତେବେ ହେବ, ଯେବେ ଜଗତର ବ୍ୟକ୍ତି ଏହି ସତ୍ୟକୁ ଜାଣିବେ ଏବଂ ଗ୍ରହଣ କରିବେ । ପ୍ରତ୍ୟେକ ବ୍ୟକ୍ତିର ଆତ୍ମା ଏପରି ସ୍ପଷ୍ଟଭାବେ ଜାଗ୍ରତ ନ ଥାଏ ଯେ ସୂକ୍ଷ୍ମଭାବେ କାର୍ଯ୍ୟ କରୁଥିବା ଅତିମାନସ କ୍ରିୟାକୁ ସେ ଅନ୍ତରରେ ବୁଝିପାରିବ ବା ପ୍ରେରଣା ପାଇ ସ୍ୱୟଂ ସାଧନାରେ ପ୍ରବୃତ୍ତ ହେବ । ସେମାନଙ୍କ ସକାଶେ ପ୍ରଚାର ଆବଶ୍ୟକ ।

ଶ୍ରୀଅରବିନ୍ଦ ଯେତେବେଳେ ଥିଲେ ସେତେବେଳେ 'The Advent', 'Mother India', 'Bulletin of Physical Education' (ବର୍ତ୍ତମାନ ଏହାର ନାମ 'Bulletin of Sri Aurobindo International Centre of Education' ରଖା ଯାଇଛି), ଅଦିତି, ବର୍ତ୍ତିକା ଇତ୍ୟାଦି ପତ୍ରିକା ବିଭିନ୍ନ ଭାଷାରେ ପ୍ରକାଶ ପାଉଥିଲା । କଲିକତାରେ ପାଠମନ୍ଦିର, ଦିଲ୍ଲୀରେ ଜୌହରଙ୍କ ଶ୍ରୀଅରବିନ୍ଦ ଆଶ୍ରମ, ଚୌଥାବଳରେ ଆଚାର୍ଯ୍ୟ ଅଭୟ ଦେବଙ୍କ ଦ୍ୱାରା ଶ୍ରୀଅରବିନ୍ଦ ନିକେତନ, ପନ୍ନାରେ ଶ୍ରୀଅରବିନ୍ଦ ସାଧନାଳୟ ସ୍ଥାପିତ ହୋଇଥିଲା । ଏସବୁ ପାଇଁ ଶ୍ରୀଅରବିନ୍ଦ ସ୍ୱୟଂ Blessings (ଆଶୀର୍ବାଦ) ଦେଇଥିଲେ । ଏହା ବ୍ୟତୀତ ଅନ୍ୟ ସ୍ଥାନରେ ମଧ୍ୟ କେତେକ ପାଠଚକ୍ର ଖୋଲା ଯାଇଥିଲା । ଶ୍ରୀଅରବିନ୍ଦ ସ୍ୱୟଂ ''ଆର୍ଯ୍ୟ'' ପତ୍ରିକା ପ୍ରକାଶ କରିଥିଲେ ଏବଂ ଏତେ ବହି ଲେଖିଥିଲେ ଯେ ଜଣେ ବ୍ୟକ୍ତି ତା'ର ଜୀବନରେ ସବୁ ପଢ଼ି ପାରିବ କି ନାହିଁ ସନ୍ଦେହ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଶ୍ରୀଅରବିନ୍ଦଙ୍କ କହିବାର ତାତ୍ପର୍ଯ୍ୟ ଅନ୍ୟ କିଛି ଅଛି । ତାହା ପରେ ଆଲୋଚନା କରିବା ।

ପୃଥିବୀରେ ଯେଉଁ ସମୟରେ କିଛି ପରିବର୍ତ୍ତନ ହୁଏ, ମହାପୁରୁଷମାନେ ଆସି ନିଜ ସିଦ୍ଧାନ୍ତ ପ୍ରଚାର କରିବା ସକାଶେ ସ୍ୱୟଂ ଭ୍ରମଣ କରନ୍ତି; ଶାସ୍ତ୍ରଚର୍ଚ୍ଚା ଦ୍ୱାରା ଅନ୍ୟ ମତ ଖଣ୍ଡନ କରି ସ୍ୱୀୟ ମତ ପ୍ରତିଷ୍ଠା କରନ୍ତି । ବୁଦ୍ଧଦେବ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ ଇତ୍ୟାଦି ଏହିପରି କରିଥିଲେ । ଶଙ୍କର କର୍ମତ୍ୟାଗୀ ଅଦ୍ୱୈତ୍ୟବାଦୀ ଥିବା ସତ୍ତ୍ୱେ କନ୍ୟାକୁମାରୀଠାରୁ ହିମାଳୟ ପର୍ଯ୍ୟନ୍ତ ସ୍ଥାନକୁ ଚାଲିକରି ଯାଇ ବିଭିନ୍ନ ମଠ ସ୍ଥାପନ କଲେ ଓ ନିଜ ସିଦ୍ଧାନ୍ତ ପ୍ରଚାର କଲେ । ସେ ଏହି ଯେଉଁ କଠିନ କର୍ମ ମାତ୍ର ତାଙ୍କର ବତିଶ ବର୍ଷ ଆୟୁ ମଧ୍ୟରେ କଲେ, ଏହିପରି କର୍ମ କୌଣସି ତୀବ୍ରସାହସୀ କର୍ମୀ ପକ୍ଷେ ବି ଅସମ୍ଭବ ଥିଲା । ରାମାନୁଜ, ରାମାନନ୍ଦ, ମାଧବ, ବିଷ୍ଣୁସ୍ୱାମୀ, ନିମ୍ବାର୍କ, ବଲ୍ଲଭାଚାର୍ଯ୍ୟ ମଧ୍ୟ ସେହିପରି କରିଛନ୍ତି । ଚୈତନ୍ୟ ମହାପ୍ରଭୁ ନଦୀୟାରେ ସ୍ୱୟଂ କୀର୍ତ୍ତନ ପ୍ରଚାର କଲେ । ଶ୍ରୀନିତ୍ୟାନନ୍ଦ ମହାପ୍ରଭୁ, ହରିଦାସଙ୍କର ବି ଏହି କାର୍ଯ୍ୟ ଥିଲା । ଏ କୀର୍ତ୍ତନ ପ୍ରଚାରରେ ଜଗାଇ, ମାଧାଇ ବିଦ୍ରୋହ କଲେ ଏବଂ ଉଦ୍ଧାର ହେଲେ । କାଶୀରେ ଚୈତନ୍ୟ ମହାପ୍ରଭୁ ଦୁଇମାସ ରହିବା ସମୟରେ ସେଠିକାର କେହି ବ୍ୟକ୍ତି ମହାପ୍ରଭୁଙ୍କ ପାଖକୁ ନ ଆସିବାରୁ ତାଙ୍କ ଭକ୍ତମାନେ କହିଲେ, ''ଏଠିକାର କେହି ବ୍ୟକ୍ତି ଭଗବତ୍ ପ୍ରେମ ଗ୍ରହଣ କରିବାର ପାତ୍ର

ନୁହନ୍ତି । ଆପଣ ଏଠାରେ କାହିଁକି ଅଛନ୍ତି ?'' ମହାପ୍ରଭୁ କହିଲେ, ଭଗବତ୍ ପ୍ରେମ ମୁଁ କାଶୀର ପ୍ରତି ଗଳିରେ ବୁଣି ଦେଇଯିବି । ବର୍ତ୍ତମାନ ନ ହେଉ ଭବିଷ୍ୟତରେ କେହି ଉଠେଇ ନେବେ ।'' ମହାପ୍ରଭୁ ପୁରୀରୁ ବୃନ୍ଦାବନ ପଦଯାତ୍ରାରେ ଯିବା ସମୟରେ କୀର୍ତ୍ତନ ପ୍ରଚାର କରି ଯାଇଥିଲେ । ପୂର୍ବାଚାର୍ଯ୍ୟମାନଙ୍କ କର୍ମରୁ ବରାବର ଦେଖାଯାଇଛି ଯେ ନୂତନ ସତ୍ୟର ପ୍ରଚାର ଆବଶ୍ୟକ । ପ୍ରଚାର ନ ହେଲେ ଲୋକେ ଜାଣିବେ କିପରି ? ନ ଜାଣିଲେ ଗ୍ରହଣ କରିବା ଆଉ ଆଚରଣ କରିବା ସମ୍ଭବ ନୁହେଁ ।

ଶ୍ରୀଅରବିନ୍ଦଙ୍କ କହିବାର ତାତ୍ପର୍ଯ୍ୟ ହୋଇପାରେ, ସେ ପୂର୍ବାଚାର୍ଯ୍ୟଙ୍କ ପରି ଅଧ୍ୟାତ୍ମ-ସତ୍ୟ ସ୍ୱୟଂ ପ୍ରଚାର କରିବେ ନାହିଁ କିଂବା କରାଇବେ ନାହିଁ । ସେ ଯେଉଁ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି, ତାହାରି ପ୍ରେରଣାରେ ପ୍ରଚାର ହେବ । ଏହି ଅଭିପ୍ରାୟ ଆମ୍ଭେମାନେ ତାଙ୍କ କାର୍ଯ୍ୟରୁ ଅନୁମାନ କରିବା । ଶ୍ରୀଅରବିନ୍ଦଙ୍କ ଚେତନା ଭଗବାନଙ୍କ ଚେତନା ସଙ୍ଗେ ଏକ ହୋଇ ଯାଇଥିଲା । ଭଗବାନଙ୍କ ସଂକଳ୍ପ ଶ୍ରୀଅରବିନ୍ଦଙ୍କ ଦ୍ୱାରା କର୍ମ ସମ୍ପାଦନ କରୁଥିଲା । ଭଗବାନ ଯାହା କହୁଥିଲେ ଶ୍ରୀଅରବିନ୍ଦ ତାହାହିଁ କରୁଥିଲେ । ସେ ରାଜନୈତିକ କ୍ଷେତ୍ରରେ କାର୍ଯ୍ୟ କରିବା ସମୟରେ ତାଙ୍କ ଧର୍ମପତ୍ନୀଙ୍କ ପାଖକୁ ପଠାଇଥିବା ପତ୍ରରେ ଏହା ଏକବାରେ ସ୍ପଷ୍ଟ ହୋଇଛି । ଆଉ ବହୁତ ସମୟରେ ସେ କେତେକ ପତ୍ରରେ ଲେଖିଥିଲେ, ''ତାଙ୍କ ଅନ୍ତରରୁ ଯାହା ପ୍ରେରଣା ହେଉଥିଲା ସେ ତାହାହିଁ କରୁଥିଲେ ।'' ଭଗବତ୍ ପ୍ରେରଣାରେ ସେ ସାଧନା କରି ଅତିମାନସ ଶକ୍ତିକୁ ପୃଥିବୀ ଉପରେ ଅବତରଣ କରାଇଲେ । ପୂର୍ବାଚାର୍ଯ୍ୟମାନଙ୍କ ପରି ତାଙ୍କୁ ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ନିଜ ସିଦ୍ଧାନ୍ତ ସ୍ଥାପନ କରିବାକୁ ହେଲା ନାହିଁ । ସେହି ଅତିମାନସ ଶକ୍ତିର ପ୍ରେରଣାରେ ତାଙ୍କ ଉଦ୍ଦେଶ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଚାରିତ ହେଉଛି ।

ସ୍ମରଣ କରନ୍ତୁ ଯେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ସମଗ୍ର ବିଶ୍ୱରେ ପ୍ରସାରିତ ହେବ । ଏହାର ପ୍ରସାର ଦ୍ୱାରା ଜଗତ୍ ପରିବର୍ତ୍ତିତ ହେବ । ଏହି ପ୍ରସାରକାର୍ଯ୍ୟ ବଢ଼ିଚାଲୁଛି । କିନ୍ତୁ ଆଶ୍ରମ ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ତାହା ପ୍ରସାରିତ ହୋଇଚାଲିଛି; ଶ୍ରୀମାଶ୍ରୀଅରବିନ୍ଦ ସ୍ୱୟଂ ସ୍ଥୂଳରୂପେ କିଛି କରିନାହାନ୍ତି । ଆଶ୍ରମରେ ଯେତେ କାର୍ଯ୍ୟକ୍ଷେତ୍ର, ଯେତେ କାରଖାନା, ଜମି, ବଗିଚା, ପ୍ରେସ୍, ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟର ବିଭିନ୍ନ ଭାଷାରେ ରୂପାନ୍ତର ବିଭିନ୍ନ ଭାଷାରେ ପତ୍ରିକା ପ୍ରକାଶ, ବିଭିନ୍ନ ସ୍ଥାନରେ ପାଠଚକ୍ରମାନ ସ୍ଥାପନ – ଏହା ସବୁହୋଇଛି ସ୍ୱତଃସ୍ଫୂର୍ତ୍ତଭାବେ ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା, ଅଦୃଶ୍ୟ ଶକ୍ତିର ପ୍ରେରଣାରେ ।

ଅତିମାନସ ଶକ୍ତିର କାର୍ଯ୍ୟ

ଯେତେବେଳେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରି ନ ଥିଲା ସେତେବେଳେ କେତେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । କିଛି ବ୍ୟକ୍ତିଙ୍କ ଦ୍ୱାରା କେତେକ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ମଧ୍ୟ ପ୍ରଚାର ହୋଇଥିଲା । ମା' ଥରେ ତାଙ୍କ କ୍ଲାସରେ କହିଥିଲେ, ''ଏହି କାର୍ଯ୍ୟରେ ଅଂଶଗ୍ରହଣ କରିବା ସକାଶେ ତିନି ଶ୍ରେଣୀର ସତ୍ତା (being) ଏଠାକୁ ଆସିଛନ୍ତି । କେତେକ ବ୍ୟକ୍ତି ଏହି କାର୍ଯ୍ୟରେ ଭାଗନେବାକୁ, କେତେକ ସତ୍ତାଙ୍କୁ ମା' ଡାକିଛନ୍ତି, କେତେକ ନିଜେ ଜ୍ୟୋତିପ୍ରାପ୍ତ କରିବା ସକାଶେ ଆସିଛନ୍ତି ।'' ଅତିମାନସ ଶକ୍ତିର ଅବତରଣ ପୂର୍ବରୁ ଯେଉଁମାନଙ୍କ ଆତ୍ମା ଜାଗ୍ରତ୍ ହୋଇଥିଲା ସେମାନେ ଜ୍ଞାତ ବା ଅଜ୍ଞାତରୂପେ ଅତିମାନସ ଶକ୍ତିର ଦୂର ସ୍ୱର୍ଶରେ କୌଣସି ଅଦୃଶ୍ୟ ଶକ୍ତିର ପ୍ରେରଣାରେ ଏହି କାର୍ଯ୍ୟରେ ଯୋଗ ଦେଇଥିଲେ । ସେତେବେଳେ ଏହି ସତ୍ୟକୁ ସାଧାରଣ ବ୍ୟକ୍ତି ଗ୍ରହଣ କରିବାରେ ଅସମର୍ଥ ଥିଲେ । ଅତିମାନସ ଶକ୍ତି ୧୯୫୦ ମସିହାରେ ସ୍ଥାୟୀ ଭାବରେ ଅବତରଣ କରିଥିଲା ଶ୍ରୀଅରବିନ୍ଦଙ୍କ ଶରୀରରେ । ବର୍ତ୍ତମାନ ଏହି ଶକ୍ତି ମା'ଙ୍କ ମାଧ୍ୟମ ଦେଇ ସାରା ଜଗତରେ କାର୍ଯ୍ୟ କରୁଅଛି । ଯେଉଁମାନଙ୍କ ମନ-ପ୍ରାଣର ପରଦା ପତଳା ହୋଇଯାଇଛି ସେହିମାନେ ଅଜ୍ଞାତଭାବେ ଏହି ଅଦୃଶ୍ୟଶକ୍ତିର ଆବାହନର ଉତ୍ତର ଦେଉଛନ୍ତି, ସାଧନାରେ ପ୍ରବୃତ୍ତ ହେଉଛନ୍ତି ଏବଂ ଏହି ସତ୍ୟର ସନ୍ଧାନ ଅନ୍ୟ ପାଖରେ ପହଞ୍ଚାଉଛନ୍ତି । ଏହି ଯେଉଁ ଅତିମାନସ

ସତ୍ୟର ପ୍ରଚାର କାର୍ଯ୍ୟ ହେଉଛି ଏହି କାର୍ଯ୍ୟ ଯଥାର୍ଥରେ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ପ୍ରେରଣା ନୁହେଁ, ପ୍ରେରଣା କେବଳ ଅତିମାନସ ଶକ୍ତିର । ନିଜ ସତ୍ତା ଯେ ଯେତେ ଉଦ୍‌ଘାଟନ କରି ପାରିଛି ସେ ସେତେ ଗ୍ରହଣ କରି ପାରୁଛି । ଏହି ସମୟ ବ୍ୟକ୍ତି ପକ୍ଷେ ଗୋଟିଏ ସୁବର୍ଣ୍ଣ ସୁଯୋଗ । ଯେଉଁ ବ୍ୟକ୍ତି ଏହି ଶକ୍ତିର ଯନ୍ତ୍ର ହେବାକୁ ଚାହିଁବ ସେ ଆବଶ୍ୟକ ଜ୍ଞାନ, ଶକ୍ତି, ଜ୍ୟୋତିଃ, ସାମର୍ଥ୍ୟ, ସାହସ, ଧୈର୍ଯ୍ୟ, କାର୍ଯ୍ୟକରିବାର କ୍ଷମତା ପ୍ରାପ୍ତ କରିପାରିବ ଏବଂ ତାମସିକତା, ନିରୁତ୍ସାହତା, ହିଂସା, ଦ୍ୱେଷ, ଈର୍ଷା ବିରୋଧାଦି ଦୁର୍ଗୁଣରୁ କ୍ରମଶଃ ମୁକ୍ତ ହେବ ।

ସତ୍ୟ-ପ୍ରଚାରର ଆବଶ୍ୟକତା

ଶ୍ରୀଅରବିନ୍ଦଙ୍କ ଯେଉଁ ଉଦ୍ଦେଶ୍ୟ ଥିଲା, ''ସେ ପ୍ରଚାର କରିବେ ନାହିଁ'' ତାହା ବର୍ତ୍ତମାନ ଏକବାରେ ପ୍ରମାଣିତ ହେଉଅଛି । ଶ୍ରୀମାଶ୍ରୀଅରବିନ୍ଦ ପୂର୍ବାଚାର୍ଯ୍ୟଙ୍କ ପରି ସ୍ଥାନ ସ୍ଥାନ ଭ୍ରମଣ କରି ପ୍ରଚାର କରିବାକୁ ପଣ୍ଡିଚେରୀ ଛାଡ଼ି କେଉଁଠିକି ଯାଇନାହାନ୍ତି ଅଥବା କୌଣସି ବ୍ୟକ୍ତିକୁ ବାହାରେ ଯାଇ ପ୍ରଚାର କରିବାକୁ ସ୍ୱୟଂ ପଠାଇ ନାହାନ୍ତି । ଯାହା ହୋଇଛି, ଯାହା ହେଉଛି ସ୍ୱାଭାବିକରୂପେ । ଭଗବାନଙ୍କର ସଂକଳ୍ପ ହେଉଛି ଜଗତରେ ସତ୍ୟ ପ୍ରତିଷ୍ଠା ହେବ । ଯେଉଁମାନେ ଅଳ୍ପ ସଚେତ ହୋଇଛନ୍ତି ସେମାନେ ସେହି ସଂକଳ୍ପକୁ ଗ୍ରହଣକରି ତାହାରି ଅଜ୍ଞାତ ପ୍ରେରଣାରେ କାର୍ଯ୍ୟ କରୁଅଛନ୍ତି । ଅତିମାନସ ଶକ୍ତିର କ୍ରିୟା ହେଉଛି ଅନ୍ତରରେ, ସେହି ଆନ୍ତର କ୍ରିୟା ଜାଣିବା, ଗ୍ରହଣ କରିବା ସକାଶେ ମନୁଷ୍ୟକୁ ପର୍ଯ୍ୟାପ୍ତ ସଚେତ ହେବାକୁ ହେବ । ତେବେ ଯାଇ ସେ ଗ୍ରହଣ କରିପାରିବ । ସାଧାରଣ ମନୁଷ୍ୟପକ୍ଷେ ବର୍ତ୍ତମାନ ସମୟରେ ଅନ୍ତରରେ ଏତେମାତ୍ରାରେ ସଚେତ ହେବା ସମ୍ଭବ ନୁହେଁ । ମନୁଷ୍ୟର ଅନ୍ତର ଯେତିକି ଅତିମାନସ ସତ୍ୟର ସ୍ପର୍ଶ ପାଇଛି ସେତିକିରେ କାମ ଚଳିବ ନାହିଁ । ତାହାକୁ ଆଉ ଅଧିକଭାବେ ଅନ୍ତରରେ ସଚେତ ହେବାକୁ ହେବ । ଯଦି ବାହ୍ୟ ପ୍ରଚାର ନ ହୁଏ ତେବେ ଏହା ସକାଶେ ଅଧିକ ସମୟ ଲାଗିବ ଏବଂ ସଂସାରରୁ ବାଧାବିପତ୍ତି ଦୂରହେବାରେ ବିଳମ୍ବ ହେବ । ଯଦି କୌଣସି ସ୍ଥାନରେ କେତେଜଣ ମିଳି ପାଟିକରି ଘୋ ଘୋ ହେଉଥା'ନ୍ତି ସେ ସମୟରେ କେହି ସେମାନଙ୍କୁ କିଛି କହିବାକୁ ଡାକିଲେ ସେମାନେ ଶୁଣି ପାରନ୍ତି ନାହିଁ । କେହି ବ୍ୟକ୍ତି ସେମାନଙ୍କୁ ସାବଧାନ କରାଇଦେଲେ ସେମାନେ ଚୁପ୍‌ହୋଇ ଯାଆନ୍ତି ଏବଂ ଅନ୍ୟର ଡାକ ଶୁଣିପାରନ୍ତି । ବର୍ତ୍ତମାନ ସେହିପରି ଅତିମାନସର ଡାକକୁ ମନୁଷ୍ୟ ଶୁଣି ପାରୁ ନାହିଁ । ତା' ମଧ୍ୟରେ ସନ୍ଦେହ, ସ୍ୱାର୍ଥ, ଅହଂ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ ମିଳି ଘୋ ଘୋ ହେଉଛନ୍ତି । କୌଣସି ବ୍ୟକ୍ତି ଦ୍ୱାରା ସତ୍ୟର ଆଗମନ ଶୁଣିଲେ ସେମାନେ ସାବଧାନ ହୋଇ ତାହାର ଆବାହନକୁ ଶୁଣିବେ ଆଉ ଉତ୍ତର ଦେବେ । ଏଣୁ ପ୍ରଚାର ଆବଶ୍ୟକ । ସତ୍ୟ-ପ୍ରଚାର କୌଣସି ଖରାପ ବସ୍ତୁ ନୁହେଁ । ଏହା ମନୁଷ୍ୟକୁ ସତ୍ୟ ମାର୍ଗରେ ପରିଚାଳିତ କରେ, ମନୁଷ୍ୟର ଚିର-ଅଭିଳଷିତ ଯଥାର୍ଥ ଆନନ୍ଦ ପ୍ରଦାନ କରେ । ''ଅଧ୍ୟାତ୍ମ-ସତ୍ୟର ପ୍ରଚାର ଅନାବଶ୍ୟକ'', ଏହି ଧାରଣା ମନୁଷ୍ୟର ସଂସ୍କାରରେ ପରିଣତ ହୋଇଛି ଦୁଇଟି କାରଣରୁ । ଗୋଟିଏ ହେଲା ପ୍ରଚାରକାର୍ଯ୍ୟ ଖରାପ ବସ୍ତୁ ସଂସ୍ପର୍ଶରେ ଦୂଷିତ ହୋଇଯିବାରୁ ସେହି ''ପ୍ରଚାର'' ଶବ୍ଦକୁ ଲୋକେ ଘୃଣା କରନ୍ତି । ଯେପରି ଭଗବାନଙ୍କ ନାମ ରାମ, ହରି, କୃଷ୍ଣ, ବିଷ୍ଣୁ, ନାରାୟଣ ଇତ୍ୟାଦି । ଏହି ସବୁ ନାମ ଅତ୍ୟନ୍ତ ପବିତ୍ର । ମନୁଷ୍ୟକୁ ସମସ୍ତ ପାପ-ତାପରୁ ଉଦ୍ଧାର କରେ, ଶେଷ କାଳରେ ସ୍ମରଣ ହେଲେ ମନୁଷ୍ୟକୁ ଜନ୍ମ-ମୃତ୍ୟୁରୁ ପାର କରିଦିଏ । କିନ୍ତୁ କୌଣସି ପାପୀ, ଦୁରାଚାରୀ, କୃପଣ, ଚୋର, ହିଂସ୍ର ବ୍ୟକ୍ତିର ଯଦି ଏହିସବୁ ନାମ ଥାଏ, ଆଉ ସକାଳୁ କେହି ବ୍ୟକ୍ତି ଏହି ନାମ ଉଚ୍ଚାରଣ କରେ ତେବେ ଲୋକେ କହନ୍ତି ''ଆଜି ଦିନଟା ତୋର ଭଲ ହେବ ନାହିଁ, ଅମୁକ ପାପୀ ବ୍ୟକ୍ତିର ନାମ ତୁ ଉଚ୍ଚାରଣ କଲୁ ।'' ପ୍ରକୃତରେ ସେ ନାମ ପାବନ, ଅମୁକ ଦୁରାଚାରୀ ବ୍ୟକ୍ତିର ସଂସ୍ପର୍ଶରେ ଆସିବାରୁ ଲୋକଙ୍କର ଭୁଲ୍ ଧାରଣା ସେହି ନାମ ପ୍ରତି ହୁଏ । ସେହିପରି ଅସତ୍ୟର ପ୍ରଚାର ଦ୍ୱାରା ''ପ୍ରଚାର'' ଶବ୍ଦଟା ଦୂଷିତ ହୋଇଯାଇଛି । ଯଥାର୍ଥରେ 'ସତ୍ୟ'ର ପ୍ରଚାର ଖରାପ ନୁହେଁ ।

ଅନ୍ୟଟି ହେଲା : ପୁରାତନ ଯୋଗର ସଂସ୍କାର । ସଂସାରର ବ୍ୟକ୍ତି ମଧ୍ୟରୁ ଯେଉଁ ଅଳ୍ପ କେତେଜଣଙ୍କର ବୈରାଗ୍ୟ,

ସଂସାର ନିରାସକ୍ତତା ଥାଏ ସେହି ଅଳ୍ପ କେତେଜଣ କେବଳ ଅଧ୍ୟାତ୍ମସତ୍ୟର ଅଧିକାରୀ ହୁଅନ୍ତି । ସେହି ସକାଶେ ଅଧ୍ୟାତ୍ମ ସତ୍ୟ ଗୁପ୍ତ ରଖାଯାଏ, ଯେ ଉତ୍ତମ ଅଧିକାରୀ ହୁଏ ତାକୁହିଁ ଅଧ୍ୟାତ୍ମ ସତ୍ୟ ଉପଦେଶ ଦିଆହୁଏ । ପୁରାତନ ଯୁଗରେ ଶିଷ୍ୟମାନଙ୍କୁ କିପରି କଠୋର ପରୀକ୍ଷା ପରେ ଅଧ୍ୟାତ୍ମସତ୍ୟ ଉପଦେଶ ଦିଆଯାଉଥିଲା ଆସ୍ତେମାନେ ଉପମନ୍ୟୁ, ଉଦ୍ଦାଳକ ଓଗେର ସାଧକମାନଙ୍କ ଚରିତ୍ରରୁ ଅନୁମାନ କରିପାରିବା ।

ଉପମନ୍ୟୁ ଧୌମ୍ୟ ଋଷିଙ୍କଠାରୁ ଅଧ୍ୟାତ୍ମବିଦ୍ୟା ପ୍ରାପ୍ତହେବାକୁ ଯାଇଥିଲେ । ଗୁରୁଦେବ ତାଙ୍କୁ ଗାଈ ଚରେଇବା କାମ ଦେଲେ । କିଛି ଦିନ ପରେ ଗୁରୁଦେବ ପଚାରିଲେ –

ମୁଁ ଭୋଜନ ଦେଉ ନାହିଁ, ତୋର ଶରୀର ହୃଷ୍ଟପୁଷ୍ଟ ରହିଛି କିପରି ?

ଉପମନ୍ୟୁ – ମୁଁ ଭିକ୍ଷାକରି ଭୋଜନ କରୁଛି ।

ଗୁରୁ – ଶାସ୍ତ୍ରର ନିୟମାନୁସାରେ ସମସ୍ତ ଭିକ୍ଷା ମୋତେ ଦେବା ଉଚିତ ।

କିଛିଦିନ ପରେ ଫେର୍ ଗୁରୁ ପଚାରିଲେ –

ଭିକ୍ଷା ମୋତେ ଦେଇଦେଉଛୁ, ତୁ କ'ଣ ଭୋଜନ କରୁଛୁ ?

ଉପମନ୍ୟୁ – ପୁନରାୟ ଭିକ୍ଷାକରି ଭୋଜନ କରୁଛି ।

ଗୁରୁ – ଏହା ଶାସ୍ତ୍ର-ବିରୁଦ୍ଧ ।

କିଛିଦିନ ପରେ ଗୁରୁ ପୁନରାୟ ପଚାରିଲେ –

ତୁ କ'ଣ ଖାଉଛୁ ?

ଉପମନ୍ୟୁ – ଦୁଗ୍ଧ ।

ଗୁରୁ – ଦୁଗ୍ଧ ବାଛୁରୀର, ଅନ୍ୟର ଭାଗ ଅପହରଣ କରିବା ପାପ ।

କିଛିଦିନ ପରେ –

ଗୁରୁ – ତୁ କ'ଣ ଖାଉଛୁ ?

ଉପମନ୍ୟୁ – ବାଛୁରୀ ଦୁଗ୍ଧ ପାନ କରୁଥିବା ସମୟରେ ତା ମୁହଁରୁ ପଡୁଥିବା ଫେଣ ପାନ କରୁଛି । ବହୁତ ଗାଈ ଅଛନ୍ତି; ସେଥିରେ ମୋର ଉଦର ପୂରଣ ହୋଇ ଯାଉଛି ।

ଗୁରୁ – ମୋ ବିନା ଆଜ୍ଞାରେ ଏପରି କରିବା ଉଚିତ ନୁହେଁ ।

ସେହିଦିନଠାରୁ ଉପମନ୍ୟୁ ଫେଣ ପାନକରିବା ବନ୍ଦ କରିଦେଲେ । ଉଦର-ଜ୍ୱାଳା ସହ୍ୟ କରି ନ ପାରି ଜଙ୍ଗଲରୁ ପତ୍ର ଖାଇବାକୁ ଲାଗିଲେ । ପତ୍ର ଖାଇବା ସମୟରେ ଅଜଣାରେ ଅର୍କ ପତ୍ର ଖାଇଦେଲେ । ପରିଣାମରେ ଦୃଷ୍ଟିଶକ୍ତି ନଷ୍ଟ ହୋଇଗଲା । ସେ ଅନ୍ଧ ଅବସ୍ଥାରେ ଗାଈମାନଙ୍କ ଖୁରା ଶବ୍ଦ ଅନୁସରଣ କରି ଗାଈ ଚରାଇବା କାମକଲେ । ଏହିପରି କେତେଦିନ ପରେ ଯିବା ସମୟରେ ଗୋଟିଏ ଲଣ୍ଡା କୂଅରେ ପଡ଼ିଗଲେ । ସନ୍ଧ୍ୟା ସମୟରେ ଗାଈମାନଙ୍କ ସହିତ ଉପମନ୍ୟୁଙ୍କୁ ନ ଦେଖି ଗୁରୁ ଖୋଜିବାକୁ ଯାଇ ଜୋର୍‌ରେ ଡାକିଲେ, କୂପ ମଧ୍ୟରେ ଉପମନ୍ୟୁ ଶୁଣି ଉତ୍ତର ଦେଲେ । ଗୁରୁଙ୍କ ଆଦେଶାନୁସାରେ ଉପମନ୍ୟୁ ଅଶ୍ୱିନୀକୁମାରଙ୍କୁ ସ୍ମରଣ କରି ତାଙ୍କ କୃପାରୁ ପୁନରାୟ ଦୃଷ୍ଟିଶକ୍ତି ଲାଭ କଲେ ଏବଂ ଅଧ୍ୟାତ୍ମଜ୍ଞାନ ପ୍ରାପ୍ତ ହେଲେ ।

ଏହା ଗୁରୁଙ୍କର ଶିକ୍ଷାପ୍ରତି ଅନ୍ୟାୟ ନ ଥିଲା । ସେ କଠୋର ତପସ୍ୟା ଦ୍ୱାରା ଶିଷ୍ୟର ଆଧାରକୁ ପ୍ରସ୍ତୁତ କରାଉଥିଲେ ଯହିଁରେ ସେ ଅଧ୍ୟାତ୍ମସତ୍ୟକୁ ଧାରଣ କରିପାରିବେ । ସେସମୟରେ ଅଧ୍ୟାତ୍ମସତ୍ୟର ଅଧିକାରୀ ବହୁତ କମ୍ ଲୋକ ହେଉଥିଲେ । ସେହି କାରଣରୁ ଗୁରୁ ଅଧ୍ୟାତ୍ମସତ୍ୟ ପ୍ରଚାର ନ କରି ଅଧିକାରୀ ଶିଷ୍ୟକୁ ପ୍ରଦାନ କରୁଥିଲେ । ଅଧ୍ୟାତ୍ମସତ୍ୟ ସଂସାରୀବ୍ୟକ୍ତିଙ୍କ ସକାଶେ ନ ଥିଲା । ସେହି ସମୟରୁ ଲୋକଙ୍କ ସଂସ୍କାରଗତ ଧାରଣା ହୋଇଛି ଯେ ଅଧ୍ୟାତ୍ମସତ୍ୟ ପ୍ରଚାର କରିବା ଉଚିତ ନୁହେଁ, ପ୍ରଚାର କରିବା ଅର୍ଥ ତା ମହତ୍ତ୍ୱ କମ୍ କରିବା । ଏହା ସେ ଯୁଗ ସକାଶେ ସତ୍ୟ ଥିଲା; ବର୍ତ୍ତମାନ ସମୟ ସକାଶେ ଏକବାରେ ନୁହେଁ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ଅତିମାନସ ଶକ୍ତି ପୃଥିବୀକୁ ଆସି କ୍ରିୟା କରୁଛି । ସମସ୍ତ ସଂସାରରେ ଗୋଟାଏ ବୈପ୍ଳବିକ ପରିବର୍ତ୍ତନ ଆସିବ । ଅଧ୍ୟାତ୍ମସତ୍ୟ ପୂର୍ବପରି ସୀମିତ ହୋଇ ରହିବ ନାହିଁ । ମନୁଷ୍ୟର ସ୍ୱାଭାବିକ ଧର୍ମରେ ପରିଣତ ହେବ ।

ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ସୁଖପ୍ରାପ୍ତ କରିବା; ସେ ସୁଖ-ଶାନ୍ତି ପ୍ରାପ୍ତ କରିବା ସକାଶେ ନାନା ପ୍ରକାର ଉପାୟ କରୁଛି । ମନୁଷ୍ୟକୁ ସୁଖପ୍ରାପ୍ତି ପାଇଁ ଅନ୍ନ, ବସ୍ତ୍ର, ଔଷଧ ଦାନ ଦିଆ ହୁଏ ବା ମନୁଷ୍ୟକୁ ସୁଖ, ଆରାମରେ ରଖିବାକୁ ବହୁତ ପ୍ରକାର ସେବା କରାହୁଏ । କିନ୍ତୁ କୌଣସି ଭୌତିକ ବସ୍ତୁରେ ତାକୁ ସ୍ଥାୟୀ ସୁଖ-ଶାନ୍ତି ମିଳେ ନାହିଁ । ସ୍ଥାୟୀ ସୁଖ-ଶାନ୍ତି ମିଳେ କେବଳ ଅନ୍ତରରେ ସନ୍ତୋଷ ଆଉ ଆନନ୍ଦ ପାପ୍ତହେଲେ । ଏହି ଆନନ୍ଦ, ଜ୍ଞାନ, ଶାନ୍ତି, ସନ୍ତୋଷର ଉତ୍ସ ହେଉଛନ୍ତି ଭଗବାନ । ମନୁଷ୍ୟ ଭଗବାନଙ୍କୁ ପ୍ରାପ୍ତ ହେଲେ ଯଥାର୍ଥ ଆନନ୍ଦ ଲାଭ କରେ, ଜୀବନ ପରମ ସୁଖମୟ ହୁଏ, ଜଗତ୍ ସ୍ୱର୍ଗରେ ପରିଣତ ହୁଏ ।

ପୂର୍ବେ କ'ଣ ଅଳ୍ପ କେତେକ ଗୃହକର୍ମ-ତ୍ୟାଗୀ ବ୍ୟକ୍ତିଙ୍କର ସୁଖପ୍ରାପ୍ତି ଉଦ୍ଦେଶ୍ୟ ଥିଲା ? ସେଥିପାଇଁ ସେହିମାନେ ଅଧ୍ୟାତ୍ମସତ୍ୟ ଗ୍ରହଣ କରିବାର ଅଧିକାରୀ ଥିଲେ, ବାକୀ ସଂସାରରେ ଥିବା ବ୍ୟକ୍ତିମାନେ ସୁଖ ଚାହୁ ନ ଥିଲେ ବୋଲି କ'ଣ ସେମାନେ ଅଧ୍ୟାତ୍ମସତ୍ୟର ଅନଧିକାରୀ ହେଲେ ଏବଂ ତାଙ୍କ ଜୀବନ ଜନ୍ମ-ମରଣ ନାନାଦି ଦୁଃଖ-ଦ୍ୱନ୍ଦ୍ୱରେ ଗତି କରିଆସିଥିଲା ? ଏପରି ତ ନୁହେଁ, ସମସ୍ତେ ଚାହୁଁଥିଲେ ସୁଖ, କିନ୍ତୁ ସଂସାର-କର୍ମରେ ରହି ଅଧ୍ୟାତ୍ମସତ୍ୟ, ପରମାନନ୍ଦ ପ୍ରାପ୍ତ ହେବାର ସମୟ ଆସି ନ ଥିଲା । ଆଉ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସଂସାର ତ୍ୟାଗ କରିବା ମଧ୍ୟ ସମ୍ଭବ ନ ଥିଲା । ବର୍ତ୍ତମାନ ତାହା ସମ୍ଭବ ହୋଇଛି ଅତିମାନସ ଶକ୍ତି ପୃଥିବୀକୁ ଆସିବାରୁ । ବ୍ୟକ୍ତି ନିଜ ସୀମିତ ଚେତନାର ଊର୍ଦ୍ଧ୍ୱକୁ ଗଲେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଏହି ମହାନ୍ ଦାନକୁ ବୁଝିପାରିବ ।

ମନୁଷ୍ୟର ଯେଉଁ ସୁଖମୟ ଜୀବନ ଲକ୍ଷ୍ୟ ତାହା ବ୍ୟକ୍ତି ପ୍ରତ୍ୟେକ ସ୍ଥିତିରେ, ପ୍ରତ୍ୟେକ ଅବସ୍ଥାରେ ପ୍ରାପ୍ତ ହେବ । କୃଷକ ନିଜର ସମସ୍ତ କର୍ମକୁ ଈଶ୍ୱରଙ୍କର ମାନି ତାଙ୍କ ଯନ୍ତ୍ରରୂପେ କାର୍ଯ୍ୟ କରି ପରମସୁଖସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହେବ । ବ୍ୟବସ୍ଥାୟୀ ବ୍ୟବସାୟକୁ ଭଗବାନଙ୍କର ଜାଣି ସେବକରୂପେ, ଅଫିସ କର୍ମଚାରୀ କାର୍ଯ୍ୟକୁ ଭଗବତ ଆରାଧନା ରୂପେ, ବିଦ୍ୟାର୍ଥୀ ବିଦ୍ୟାଧ୍ୟୟନକୁ ଆତ୍ମାର ବିକାଶ ସକାଶେ, ଗୃହର ଗୃହିଣୀ, ମା', ଭଉଣୀମାନେ ଗୃହର ସମସ୍ତ କର୍ମକୁ ଭଗବତ୍ ମନ୍ଦିରର ଅର୍ଚ୍ଚନା ରୂପେ କରି ଭଗବାନଙ୍କୁ ପ୍ରାପ୍ତ ହୋଇପାରିବେ । ଜୀବନର ପରମ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାଭାବିକ କର୍ମରେ ପ୍ରାପ୍ତହେବ । ଏହି ଅବସ୍ଥା ସଂସାରରେ ପ୍ରତିଷ୍ଠା ହେବାର ସମୟ ଆସିଛି । ସେଥିପାଇଁ ଅଧ୍ୟାତ୍ମ-ସତ୍ୟ ପୂର୍ବ ଯୁଗପରି ସୀମିତ ନ ରହି ସମସ୍ତ ସଂସାରରେ ପ୍ରଚାରିତ ହେବା ଆବଶ୍ୟକ । ଏହାହିଁ ଭଗବତ୍ ସଂକଳ୍ପ, ଭଗବତ୍ ସେବା । ଏଥିରେ ନିଜର ଆଉ ଜଗତର ଯଥାର୍ଥ ଉନ୍ନତି । ମନୁଷ୍ୟକୁ ସୁଖପ୍ରାପ୍ତି ସକାଶେ ଅନ୍ନ, ବସ୍ତ୍ର, ଔଷଧାଦି ଯେତେପ୍ରକାର ଦାନ ବା ସେବା ଅଛି ଅଧ୍ୟାତ୍ମଧର୍ମ ପ୍ରଚାର କରିବା ସବୁଠାରୁ ଶ୍ରେଷ୍ଠ ଦାନ ଆଉ ଉତ୍କୃଷ୍ଟ ସେବା ।

ପ୍ରଶ୍ନ : ପୂର୍ବେ ଜନକାଦି କର୍ମୀ ଋଷି ଅଧ୍ୟାତ୍ମଧର୍ମ ପ୍ରାପ୍ତ ହୋଇଥିଲେ । ସେ ଥିଲେ ଗୃହସ୍ଥ, କେବଳ ଗୃହତ୍ୟାଗୀ ବ୍ୟକ୍ତି ଅଧ୍ୟାତ୍ମଧର୍ମର ଅଧିକାରୀ ଥିଲେ ବୋଲି କିପରି କୁହା ହୋଇଛି ?

ଉତ୍ତର : ଜନକାଦି ଯେଉଁ କେତେଜଣ ସଂସାରରେ ରହି ଭଗବତ୍ ପ୍ରାପ୍ତି କରି ଥିଲେ, ସେମାନଙ୍କ ସଂଖ୍ୟା କେତେ ? ସଂସାରର କୋଟି କୋଟି, ଖର୍ବ ଖର୍ବ ବ୍ୟକ୍ତି ମଧ୍ୟରୁ ଦୁଇ ଚାରିଜଣ ମାତ୍ର ଗୃହରେ ରହି ଭଗବତ୍ ପ୍ରାପ୍ତି କରିଥିଲେ, ବାକୀ ସମସ୍ତ ବ୍ୟକ୍ତି ଆଜିପର୍ଯ୍ୟନ୍ତ ସେହି ସଂସାର କର୍ମରେ ଭ୍ରମଣ କରୁଛନ୍ତି । ବିଶେଷ କାରଣରୁ ପଣସ ଗଛରେ ଯଦି କେବେ ଗୋଟିଏ ଆମ୍ବ ଫଳେ ତେବେ ତାହା ସିଦ୍ଧାନ୍ତ ହୁଏ ନାହିଁ, ତାହା ଅପବାଦ ସ୍ୱରୂପ । ଜନକ ସେହିପରି ଜଗତର ଅପବାଦ । ସେହି ସମୟ ପରି ବର୍ତ୍ତମାନ ଯୁଗରେ ଜଣେ ଦୁଇଜଣ ଗୃହୀବ୍ୟକ୍ତି ଭଗବତ୍ ପ୍ରାପ୍ତିର ଅଧିକାରୀ ହେବେ ନାହିଁ, ହେବେ ଅଧିକ ସଂଖ୍ୟାରେ । ଏପରିକି ଆରମ୍ଭ ଅବସ୍ଥାରେ ସଂଖ୍ୟା କ୍ରମଶଃ ଅଧିକ ହେଉଥିବ । ପରେ ସଂସାରରେ ଗୋଟିଏ ଅଧ୍ୟାତ୍ମଧର୍ମପୂର୍ଣ୍ଣ ଅତିମାନବଜାତି ସ୍ଥାପିତ ହେବେ । ସଂସାରରୁ ଅନ୍ୟାୟ ଦୂର ହୋଇଯିବ ।

ବର୍ତ୍ତମାନ ସଂସାର କଳିର ରାଜ୍ୟ, ଅସତ୍ୟ ଶକ୍ତି ଦ୍ୱାରା ପରିଚାଳିତ ହେଉଛି । ଅସତ୍ୟହିଁ କଳିର ଧର୍ମ । ଏହି କଳିଯୁଗରେ ସତ୍ୟର ସ୍ଥାନ ଗୌଣ । ସତ୍ୟର ଆଧିପତ୍ୟ ବହୁତ କମ୍ ।

ଆଗାମୀ ନୂତନ ଭବିଷ୍ୟତ୍ ଯୁଗର ସ୍ୱାଭାବିକ ଧର୍ମ ହେବ ସତ୍ୟ, ନ୍ୟାୟ, ଅହିଂସା, ପରୋପକାର; ଅସତ୍ୟ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଚୋରି ଇତ୍ୟାଦି ଅନ୍ୟାୟ ଏକବାରେ ସଂସାରରୁ ଦୂର ହେବ । ଏହି ସଂସାର ଦିବ୍ୟ ଅତିମାନସ ସତ୍ୟଯୁଗରେ ପରିଣତ ହେବ । ଯେଉଁମାନେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରି ସତ୍ୟ ଆଚରଣ କରିବେ ସେହିମାନେ ହେବେ ନୂତନ ଯୁଗର ଅଗ୍ରଦୂତ । ଏମାନଙ୍କୁ ସତ୍ୟ ଗ୍ରହଣ କରିବାକୁ ହେବ ଏବଂ ଅସତ୍ୟକୁ ବର୍ଜନ କରିବାକୁ ହେବ । ବ୍ୟକ୍ତି ଏହି ସତ୍ୟ ଗ୍ରହଣ, ଅସତ୍ୟର ତ୍ୟାଗ ବହୁତ ସହଜରେ କରିପାରିବ, ଯେବେ ସେ ଅତିମାନସ ଶକ୍ତିର ଆଶ୍ରୟ ନେବ । ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିବାର ଅର୍ଥହିଁ ଆଶ୍ରୟ ।

ଶ୍ରୀଅରବିନ୍ଦ କେନ୍ଦ୍ର ସ୍ଥାପନ

ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ନୂତନ ଅଧ୍ୟାତ୍ମ-ସତ୍ୟର ପ୍ରସାର ନିମିତ୍ତ ଏକ ପ୍ରଧାନ ଉପାୟ ହେଲା ବିଭିନ୍ନ ସ୍ଥାନରେ ଶାଖା-କେନ୍ଦ୍ର ସ୍ଥାପନ କରିବା । ଏହି କେନ୍ଦ୍ରଗୁଡ଼ିକର ଉଦ୍ଦେଶ୍ୟ ହେବ ଯେଉଁମାନେ ଏହି ଦିଗରେ ଆଗ୍ରହୀ ସେମାନଙ୍କୁ ସହାୟତା କରିବା ଓ ଯେଉଁମାନେ ଏ ଦିଗରେ ଅଜ୍ଞ ବା ଅଚେତନ ସେମାନଙ୍କୁ ବୁଝାଇଦେବା ।

ତେବେ କେନ୍ଦ୍ର-ସ୍ଥାପନ କିପରି କରାଯିବ ? ଅନେକେ ଭାବନ୍ତି ଯେ ଆମ୍ଭେ ନିଜେ ଏ ସମ୍ବନ୍ଧରେ ଭଲଭାବେ ଜାଣି ନାହୁଁ, କେନ୍ଦ୍ର-ସ୍ଥାପନ କରି ଲୋକ ସାଧାରଣଙ୍କୁ କ'ଣ ବୁଝାଇବୁ ବା କିପରି କେନ୍ଦ୍ର ପରିଚାଳନା କରିବୁ ? ଏ ସମ୍ବନ୍ଧରେ ମନେ ରଖିବାକୁ ହେବ ଯେ ଆମ୍ଭମାନଙ୍କର ଏପରି କୌଣସି ନିଜସ୍ୱ ଶକ୍ତି ନାହିଁ ଯାହାଫଳରେ ଆମ୍ଭେମାନେ କିଛି କରିପାରିବା । ସବୁ ଭଗବାନଙ୍କ କାର୍ଯ୍ୟ ଏବଂ ତାଙ୍କରି ନିର୍ଦ୍ଦେଶ ଓ ସହାୟତାରେହିଁ ସବୁ ପରିଚାଳିତ । ବିଶେଷତଃ ଏହି କେନ୍ଦ୍ର-ସ୍ଥାପନ ବା ଅଧ୍ୟାତ୍ମସତ୍ୟର ପ୍ରଚାର କାର୍ଯ୍ୟ ଯାହା ଜଗତ୍‌ର ଏହି ଦୁରବସ୍ଥା ସମୟରେ ବିଶେଷ ପ୍ରୟୋଜନ, ସେଥି ନିମିତ୍ତ ଯେଉଁମାନେ କୌଣସି ପ୍ରକାର ପ୍ରେରଣା ପାଇ ବ୍ରତୀ ହେବେ ସେମାନଙ୍କ ପାଇଁ ଭଗବାନଙ୍କ ସାହାଯ୍ୟ ବିଶେଷଭାବେ ରହିଛି । ଏହି କାର୍ଯ୍ୟ ଆରମ୍ଭ କଲେ ତାହା ସ୍ୱତଃ ଭଗବତ୍ ସାହାଯ୍ୟ ପାଇ ଅଗ୍ରସର ହୋଇ ଚାଲିବ ।

ଅନ୍ୟ ଗୋଟିଏ ଅସୁବିଧା ଉତ୍‌ଥାପନ କରାଯାଇ ପାରେ ଯେ ଆମ୍ଭମାନଙ୍କ ସାଧାରଣ ଚେତନାରେ ଆମ୍ଭେମାନେ ଭଗବାନଙ୍କ ସାନ୍ନିଧ ବା ସହାୟତା କିପରି ଉପଲବ୍ଧ କରିପାରିବୁ ? ମାତ୍ର ଏହି ଅସୁବିଧା ଦୂର କରିବାର ସୁବର୍ଣ୍ଣ-ସୁଯୋଗ ବର୍ତ୍ତମାନ ଜଗତ୍‌ରେ ଉପସ୍ଥିତ । ଶ୍ରୀମା, ଯାହାଙ୍କ ଚେତନା ଭଗବାନଙ୍କ ସହିତ ଏକ ଏବଂ ସାଧାରଣ ମନୁଷ୍ୟ-ଚେତନା ଏବଂ ଦିବ୍ୟ-ଚେତନା ମଧ୍ୟରେ ସଂଯୋଗ ସ୍ଥାପନ କରିବାକୁ ଯେ ବର୍ତ୍ତମାନ ଆମ୍ଭମାନଙ୍କ ନିକଟରେ ଆବିର୍ଭୂତା, ତାହାଙ୍କଠାରେ ଆମ୍ଭମାନଙ୍କ ଅସୁବିଧା ଓ ଆମ୍ଭର ଦାୟିତ୍ୱ ପୂର୍ଣ୍ଣମାତ୍ରାରେ, ପୂର୍ଣ୍ଣ ପ୍ରାଣରେ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ସହ ଛାଡ଼ି ଦେଲେ ସେ ସକଳ ଅସୁବିଧା ଦୂର କରିଦେବେ । ଆମ୍ଭମାନଙ୍କ ହାତଧରି ନାନା ବାଧା-ବିଘ୍ନକୁ ଅତିକ୍ରମ କରାଇ ଚରମ ଲକ୍ଷ୍ୟରେ ପହଞ୍ଚାଇ ଦେବେ । ଏହି ଭାବ ଧାରଣାକରି ଅଗ୍ରସର ହେଲେ କେନ୍ଦ୍ର-ସ୍ଥାପନର ସମସ୍ତ ଅସୁବିଧା ଓ ବାଧା-ବିଘ୍ନ ନିଶ୍ଚୟ ଦୂର ହେବ ଏବଂ ସ୍ୱତଃ ଏହି କାର୍ଯ୍ୟ ପ୍ରସାରିତ ହେବ ।

ତେବେ ଯେଉଁମାନେ ଏ ଦିଗରେ ଆଗ୍ରହୀ ଓ ଉତ୍ସାହୀ ସେମାନଙ୍କୁ ମା'ଙ୍କଠାରେ ପୂର୍ଣ୍ଣ ଭକ୍ତି, ବିଶ୍ୱାସ ଓ ସମର୍ପଣ ସହ କାର୍ଯ୍ୟତଃ କ'ଣ କରିବାକୁ ହେବ, ତାହାର ଏକ ସଂକ୍ଷିପ୍ତ ସୂଚନା ଏଠାରେ ଦିଆଯାଉଛି :—

ଯେଉଁଠାରେ ଅନ୍ତତଃ ଦୁଇଜଣ ବ୍ୟକ୍ତି ପୂର୍ଣ୍ଣ ପ୍ରାଣରେ ଏହି ଦିଗରେ ଉତ୍ସାହୀ ସେମାନେ ନିଜ ଗ୍ରାମରେ ବା ଯେଉଁ ସ୍ଥାନରେ ବାସକରନ୍ତି, ସେଠାରେ ଏକ କେନ୍ଦ୍ର ଖୋଲି ପାରନ୍ତି । ବେଶୀ ଲୋକ ହେଲେ ଭଲ ଆଉ ଏହି କାର୍ଯ୍ୟ ଆରମ୍ଭ ହେଲେ କେନ୍ଦ୍ରର ସଭ୍ୟ ସଂଖ୍ୟା ନିଶ୍ଚୟ ବଢ଼ି ଚାଲିବ ।

୧) ଗ୍ରାମ ମଧ୍ୟରେ କୌଣସି ସ୍ୱତନ୍ତ୍ର ଘର, ଭାଗବତ ଟୁଙ୍ଗି ବା ଗ୍ରାମ ଦେବତୀଙ୍କ ଘରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋ ସ୍ଥାପନ କରି ପ୍ରତିଦିନ ପୁଷ୍ପ ଓ ଧୂପ ଅର୍ପଣ କରିବାକୁ ହେବ ।

୨) ଯେଉଁମାନେ କେନ୍ଦ୍ରର ସଦସ୍ୟ ହେବେ ସେମାନେ ବ୍ୟକ୍ତିଗତଭାବେ ସକାଳେ ଶଯ୍ୟାତ୍ୟାଗ ଓ ରାତ୍ରିରେ ଶଯ୍ୟାଗ୍ରହଣ ସମୟରେ କିଛି ସମୟ ଧ୍ୟାନ, ନାମଜପ ତଥା ପ୍ରାର୍ଥନା ଓ ସମର୍ପଣ କରିବେ । ଏଥିସଙ୍ଗେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପ୍ରତ୍ୟହ ନିଜର ସୁବିଧା ଅନୁଯାୟୀ କିଛି ସମୟ ଅଧ୍ୟୟନ କରିବେ ।

୩) ନିଜର ପରିବାର, ଘର, ଧନସମ୍ପତ୍ତି ଓ ସକଳ ଦୈନନ୍ଦିନ କାର୍ଯ୍ୟକୁ ଭଗବାନଙ୍କ ଭାବି – ଭଗବାନ ସବୁକିଛିର କର୍ତ୍ତା ଏବଂ ନିଜେ ତାଙ୍କର ଆଦେଶ ପାଳନକାରୀ ସେବକ ବୋଲି ଭାବି ସବୁକିଛି କରିବାକୁ ହେବ ।

୪) ଯେଉଁମାନେ ପ୍ରଥମେ ଭଗବାନଙ୍କୁ ଧାରଣା କରି ନ ପାରିବେ ବା ତାଙ୍କୁ ଧ୍ୟାନ କରି ନ ପାରିବେ ସେମାନେ ନିଜକୁ ଓ ନିଜର ସବୁକିଛିକୁ ମା'ଙ୍କୁ ସମର୍ପଣ କରି ସବୁ ମା'ଙ୍କ ସେବାରୂପେ କରିବେ ଓ ମା'ଙ୍କ ନାମଜପ ସହିତ ଧ୍ୟାନ ମଧ୍ୟ କରିପାରନ୍ତି । ପ୍ରାଥମିକ ଅବସ୍ଥାରେ ଏହାହିଁ ସହଜ ହେବ ।

୫) ଏହିସବୁ ବ୍ୟକ୍ତିଗତ ସାଧନା ବ୍ୟତୀତ କେନ୍ଦ୍ରରେ ସମସ୍ତେ ପ୍ରତି ସପ୍ତାହରେ ଦିନେ ବା ଦୁଇଦିନ ଏକତ୍ରିତ ହୋଇ ସାମୂହିକଭାବେ କିଛି ସମୟ ଧ୍ୟାନ ଓ ଗ୍ରନ୍ଥ ଅଧ୍ୟୟନ କରିବେ । ବ୍ୟକ୍ତିଗତ ସାଧନା ଅପେକ୍ଷା ସାମୂହିକ ସାଧନାର ବିଶେଷତ୍ୱ ସମ୍ବନ୍ଧେ ପୂର୍ବରୁ କୁହାଯାଇଛି । କେନ୍ଦ୍ରରେ ସାମୂହିକରୂପେ ସମସ୍ତେ ଧ୍ୟାନ, ପ୍ରାର୍ଥନାଦି କରିବା ପରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନରେ ଯେଉଁମାନେ ଅପେକ୍ଷାକୃତ ଅଗ୍ରସର ହୋଇଛନ୍ତି ସେମାନେ ଅନ୍ୟମାନଙ୍କୁ ଆଲୋଚନା ଛଳରେ ତାହା ବୁଝାଇବାକୁ ଚେଷ୍ଟା କରିବେ । ଫଳରେ ଆବାଳବୃଦ୍ଧ ସମସ୍ତେ ଏହାଦ୍ୱାରା ପ୍ରଭାବିତ ଓ ଉପକୃତ ହେବେ । ଏସବୁକୁ ରୀତିମତ କରିବା ସଙ୍ଗେ ସଙ୍ଗେ ଆଶ୍ରମରେ ଯେଉଁ ଦର୍ଶନଦିବସ ଓ ଅନ୍ୟାନ୍ୟ ଦିବସଗୁଡ଼ିକରେ ଶ୍ରୀମା ଆଶୀର୍ବାଦ ଦିଅନ୍ତି ସେହି ଦିବସଗୁଡ଼ିକୁ ଉତ୍ସବରୂପେ କେନ୍ଦ୍ର-ସ୍ଥାନରେ ସମସ୍ତେ ଉପସ୍ଥିତ ହୋଇ ବିଶେଷଭାବେ ପାଳନ କରିବା ଉଚିତ ।

ଶ୍ରୀଅରବିନ୍ଦ ପାଠଚକ୍ର :

ଅତିମାନସ ଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ

ସୂଚନା

ଏହି ପୁସ୍ତିକାରେ ଶ୍ରୀଅରବିନ୍ଦ ପାଠଚକ୍ର-ସ୍ଥାପନାର ଉଦ୍ଦେଶ୍ୟ ଏବଂ ଏହାକୁ ଯଥାର୍ଥଭାବେ ପରିଚାଳିତ କରିବାର ପନ୍ଥା ସମ୍ବନ୍ଧେ ଲେଖକ ଗଭୀର ଆଲୋଚନା କରିଛନ୍ତି । ଇତି ମଧ୍ୟରେ ଓଡ଼ିଶାର ବିଭିନ୍ନ ସହର ଓ ପୁରପଲ୍ଲୀରେ ବହୁ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ଏବଂ ଛାତ୍ର ତଥା ଯୁବସମାଜ ପ୍ରତିଷ୍ଠିତ ହୋଇଛି । ଏଗୁଡ଼ିକ କିପରି ଦିବ୍ୟଶକ୍ତିର ସ୍ୱତଃସ୍ଫୂର୍ତ୍ତ କ୍ରିୟା, ଏହି ପୁସ୍ତିକାରେ ତାହା ସ୍ପଷ୍ଟତଃ ପ୍ରତିପାଦିତ ହୋଇଛି ।

— ପ୍ରକାଶକ

ଶ୍ରୀଅରବିନ୍ଦ ପାଠଚକ୍ର :

ଅତିମାନସ ଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ

ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ, ଶ୍ରୀଅରବିନ୍ଦ ଯୁବ ସମାଜ, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସ୍ଥାପନର ଉଦ୍ଦେଶ୍ୟ, ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର ନୁହେଁ, ଏହା ହେଉଛି ଅତିମାନସ ଶକ୍ତିର ସକ୍ରିୟ ବାହ୍ୟ ରୂପ । କିନ୍ତୁ ଆମ୍ଭେମାନେ ଏହି କ୍ରିୟାକୁ ବୁଝି ନ ପାରି, ଦେଖି ନ ପାରି ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରକୁ ନିଜ ଦୃଷ୍ଟି, ପରମ୍ପରାଗତ ସଂସ୍କାର ଅନୁସାରେ ପ୍ରଚାର ବୋଲି ମନେ କରୁଅଛୁ ।

ଆମ୍ଭେମାନେ ପୂର୍ବସଂସ୍କାର, ପୁରାତନ ଯୋଗର ଆଦର୍ଶକୁ ନିଜ ଧାରଣାରୁ ଦୂର କରିଦେଲେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଏବଂ ଅତିମାନସ ଶକ୍ତିର କ୍ରିୟାକୁ ବୁଝି ପାରିବା । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ମାନବଜାତିର କଲ୍ୟାଣ ନିହିତ ଅଛି, ସେଥିସକାଶେ ସମସ୍ତ ସଂସାରରେ ଏହି ଆଦର୍ଶ ପ୍ରସାରିତ ହେବା କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ ।

ଏହାର ଦୁଇଟି ଦିଗ : ଗୋଟିଏ ଦିଗ ହେଲା କର୍ମ ଆଚରଣ କରିବା, ଅନ୍ୟଟି ଆଚରିତ କର୍ମଧାରାର ଯଥାର୍ଥ ଉଦ୍ଦେଶ୍ୟକୁ ସାହିତ୍ୟ ମାଧ୍ୟମରେ ବୁଝାଇବା । ସେଥିପାଇଁ ଆଶ୍ରମରେ କର୍ମାନୁଷ୍ଠାନ କରାହେଉଛି ଏବଂ ପ୍ରେସ୍ ସ୍ଥାପିତ ହୋଇ ସାହିତ୍ୟର ପ୍ରକାଶନ ଏବଂ ବିକ୍ରିର ବ୍ୟବସ୍ଥା କରା ହୋଇଛି; ଯେଉଁ ସାହିତ୍ୟ ଦ୍ୱାରା ବ୍ୟକ୍ତି ଶ୍ରୀଅରବିନ୍ଦ ଆଶ୍ରମରେ ଆଚରିତ କର୍ମର ଉଦ୍ଦେଶ୍ୟ ବୁଝିପାରିବେ ଏବଂ ଆଚରଣ କରି ପାରିବେ । ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଆଶ୍ରମକୁ ଆସିବା ସମ୍ଭବ ନୁହେଁ । ଏଣୁ ବିଭିନ୍ନ ସ୍ଥାନରେ ପାଠଚକ୍ର ସ୍ଥାପିତ ହୋଇ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧୀୟ ସାହିତ୍ୟ ପ୍ରଚାରିତ ହେଲେ ସାଧାରଣ ବ୍ୟକ୍ତିଙ୍କର ଶ୍ରୀଅରବିନ୍ଦଙ୍କ ଆଦର୍ଶ ବୁଝିବା ସହଜ ହେବ ।

ପ୍ରଶ୍ନ : ଏପରି ପ୍ରଚାର ପୂର୍ବେ ବହୁତ ହୋଇଛି, ତାହାର କୌଣସି ସ୍ଥାୟୀ ପରିଣାମ ହୋଇ ନାହିଁ, ଏଥିରେ ସ୍ଥାୟୀ ପରିଣାମ ହେବ ବୋଲି ଆମେ କିପରି ବିଶ୍ୱାସ କରିବା ?

ଉତ୍ତର : ଏହି ପ୍ରଚାରକୁ ସକ୍ରିୟ ଅତିମାନସ ଶକ୍ତି ଧାରଣ କରି ରହିଅଛି । ସେହି ସକାଶେ ଏହାର ପରିଣାମ ସ୍ଥାୟୀହୋଇ ରହିବ । ବର୍ତ୍ତମାନ ସଂସାରରେ ମନବିଶିଷ୍ଟ ମାନବ ଯେପରି ପ୍ରତିଷ୍ଠା ଲାଭକରିଛି ସେହିପରି ଅତିମାନସ ଚେତନାଯୁକ୍ତ ଅତିମାନବ ଜାତି ପୃଥିବୀରେ ପ୍ରତିଷ୍ଠିତ ହେବ । ପ୍ରକୃତରେ ଏହା ବାହ୍ୟ ପ୍ରଚାର ନୁହେଁ, ବରଂ ଏହା ଅନ୍ତରରେ ଅତିମାନସ-ଶକ୍ତିର କାର୍ଯ୍ୟକାରୀ ବାହ୍ୟ ରୂପ । ଶ୍ରୀଅରବିନ୍ଦଙ୍କ ଆଦର୍ଶ ଯେପରି ପ୍ରସାର ଲାଭ କରୁଛି ତାହା ମୂଳରେ ବ୍ୟକ୍ତିର ମନ ବୁଦ୍ଧି ନିର୍ମିତ ବ୍ୟବସ୍ଥା ନାହିଁ, ବ୍ୟବସ୍ଥା ଅଛି କେବଳ ଭଗବାନଙ୍କ ଅତିମାନସ-ଶକ୍ତିର । ସେହି ଶକ୍ତି ଯେଉଁମାନଙ୍କ ମଧ୍ୟରେ କିଛି ଅଂଶରେ ପ୍ରକାଶିତ ହୋଇ ପ୍ରେରଣା ଦେଉଅଛି ତାହା ବ୍ୟକ୍ତିର ଜ୍ଞାତ ଅଥବା ଅଜ୍ଞାତରେ ସ୍ୱତଃସ୍ଫୂର୍ତ୍ତ ଭାବରେ କ୍ରିୟାରେ ପରିଣତ ହେଉଅଛି । ବହୁତ ସମୟରେ କେତେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ କାର୍ଯ୍ୟ କରନ୍ତି, ଏପରିକି ସେମାନେ ଜାଣନ୍ତି ନାହିଁ, ସେମାନେ କାହିଁକି ଏ କାର୍ଯ୍ୟ କରୁଅଛନ୍ତି । ଆମ୍ଭେମାନେ ଯେଉଁ କର୍ମକୁ ଦେଖି ପ୍ରଚାର ବୋଲି କହୁଛୁ ତାହା କେବଳ ଅତିମାନସ-ଶକ୍ତିର କାର୍ଯ୍ୟକାରୀ ପ୍ରକାଶ ମାତ୍ର । ତାହାର ମୂଳରେ ବା କର୍ମର ପଶ୍ଚାତରେ ଯେଉଁ ଶକ୍ତି କାର୍ଯ୍ୟ କରୁଅଛି ଆମ୍ଭେମାନେ ତାକୁ ନ ଦେଖି କେବଳ ବାହ୍ୟ କର୍ମକୁ ଦେଖୁଅଛୁ, ସେଥିପାଇଁ କର୍ମର ରହସ୍ୟ ବୁଝିବାରେ ଅସମର୍ଥ ହେଉଅଛୁ ।

ଏହାକୁ ପ୍ରଚାର କୁହା ହୁଅନ୍ତା ଯଦି ଏହି କାର୍ଯ୍ୟର ମୂଳରେ ବ୍ୟବସ୍ଥାପକ ବ୍ୟକ୍ତି କେହି ରହି ବ୍ୟବସ୍ଥା କରୁଥାଆନ୍ତା, କିନ୍ତୁ ଆଶ୍ରମରେ ଏହାର ପୂର୍ଣ୍ଣ ବିପରୀତ । ଶ୍ରୀମା ଶ୍ରୀଅରବିନ୍ଦ କେବେ ବି ପ୍ରଚାର କରିବାର ବ୍ୟବସ୍ଥା କରି ନାହାନ୍ତି; କିଂବା ସ୍ୱୟଂ କୌଣସି ସଂସ୍ଥା ସ୍ଥାପନ କରି ନାହାନ୍ତି, କୌଣସି ବ୍ୟକ୍ତିକୁ କେବେ ବି ପ୍ରଚାର ସକାଶେ ନିର୍ଦ୍ଦେଶ ଦେଇ ନାହାନ୍ତି ଅଥବା ନିଯୁକ୍ତ କରି ନାହାନ୍ତି । ସେ ସ୍ୱୟଂ କିଛି ନ କରିବା ସତ୍ତ୍ୱେ ବି କୌଣସି ବ୍ୟକ୍ତିର ଉତ୍ତରରେ କହିଥିଲେ,

''ସମୟ ଆସୁଛି ପାଠଚକ୍ର ପ୍ରତ୍ୟେକ ସହରରେ ନୁହେଁ, ପ୍ରତ୍ୟେକ ଗ୍ରାମରେ ଓ ଘରେ ଘରେ ହେବ ।'' ଆଶ୍ରମ ଆରମ୍ଭରୁ ଦେଖିଲେ ବୁଝିପାରିବା ଆଶ୍ରମର ଏହି ଯେଉଁ କର୍ମ କ୍ଷେତ୍ରର ପ୍ରସାର ଆଜି ଆମ୍ଭେମାନେ ଦେଖୁଥାଇଁ ସେସବୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଗଢ଼ି ଉଠିଛି ।

ଆଶ୍ରମକୁ ପ୍ରଥମେ କିଛି ପିଲା ଆସିବାରୁ ଜଣେ ବ୍ୟକ୍ତି ମା'ଙ୍କ ଅନୁମତି ନେଇ ଆଶ୍ରମ ନାମରେ ଘର ଖର୍ଦ୍ଦି କରି ସ୍କୁଲ ଆରମ୍ଭ କରିବା ସକାଶେ ମା'ଙ୍କୁ ପ୍ରାର୍ଥନା କଲେ । ମା'ଙ୍କ ନିର୍ଦ୍ଦେଶରେ ସ୍କୁଲ ଆରମ୍ଭ ହେଲା । ଆଜି ସେହି ସ୍କୁଲ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପରିଣତ ହୋଇଅଛି । ଏହିପରି ଜଣେ ଅବସର ପ୍ରାପ୍ତ ପ୍ରେସ୍ ମ୍ୟାନେଜର ଆସି ଆଶ୍ରମରେ ରହିଲେ; ପରେ ମା'ଙ୍କଠାରୁ ଅନୁମତି ନେଇ ପ୍ରେସ୍ ସ୍ଥାପନା କରାଇ ଦେଲେ । ସେହି ପ୍ରେସ୍ ଆଜି ଭାରତର ବଡ଼ ବଡ଼ ପ୍ରେସ୍ ମଧ୍ୟରେ ଗୋଟିଏ ବୋଲି କୁହାଯାଇପାରେ । ଏହା ଛଡ଼ା ପ୍ରାନ୍ତୀୟ ଭାଷାରେ ଯେଉଁସବୁ ପତ୍ରିକା ଏବଂ ମା' ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟର ଯେଉଁ ଅନୁବାଦ-ସାହିତ୍ୟ ପ୍ରକାଶିତ ହେଉଅଛି, ଏସବୁ ସ୍ୱତଃସ୍ଫୂର୍ତ୍ତ ଓ ଆଶ୍ଚର୍ଯ୍ୟଜନକ ଭାବରେ ହୋଇଅଛି, ଯାହା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର ସକାଶେ ଅନିବାର୍ଯ୍ୟ ଥିଲା । ଓଡ଼ିଆ ସାହିତ୍ୟ ଆଉ 'ନବଜ୍ୟୋତି' ପ୍ରକାଶନର ଆରମ୍ଭ ଅବସ୍ଥା ଦେଖିଲେ ବିସ୍ମିତ ହୋଇ ଯିବାକୁ ହୁଏ । ଏହି କାର୍ଯ୍ୟକୁ ଯେପରି କୌଣସି ଅଦୃଶ୍ୟ ଶକ୍ତି ବଳପୂର୍ବକ କରାଇ ନେଉଅଛି ବୋଲି ପ୍ରତୀତ ହୁଏ । ଭାରତର ବିଭିନ୍ନ ପ୍ରାନ୍ତରେ ଏବଂ ବିଦେଶରେ ଯେଉଁସବୁ ପାଠଚକ୍ର ସ୍ଥାପିତ ହୋଇଅଛି, ଏଥିରେ କେବଳ ସେହି ଅଦୃଶ୍ୟ ଅତିମାନସ ଶକ୍ତିର ପ୍ରେରଣା ରହିଛି, ଏଥିରେ ସନ୍ଦେହ ନାହିଁ ।

ସଂସାରରେ ଯେତେବେଳେ କୌଣସି ଅଧ୍ୟାତ୍ମ-ସତ୍ୟର ପ୍ରସାର ହେବାର ସମୟ ଆସେ, ସେତେବେଳେ ଭଗବାନଙ୍କ ସଙ୍କଳ୍ପରେ ଆଚାର୍ଯ୍ୟମାନେ ପୃଥିବୀକୁ ଆସି ସ୍ୱୟଂ ପଦଯାତ୍ରାରେ ଭ୍ରମଣ କରି ନିଜ ମତ ପ୍ରଚାର ସକାଶେ ବିଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କରନ୍ତି, ଅନ୍ୟାନ୍ୟ ଧର୍ମାନୁଷ୍ଠାନରେ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରାର୍ଥ କରି ତାଙ୍କୁ ପ୍ରରାସ୍ତ କରି ନିଜ ମତ ସ୍ଥାପନା କରନ୍ତି । ଆଚାର୍ଯ୍ୟମାନଙ୍କ ମତ ପ୍ରଚାର ସେମାନଙ୍କ ବ୍ୟକ୍ତିଗତ କାର୍ଯ୍ୟ ନୁହେଁ, ଏହା ଭାଗବତ ସଙ୍କଳ୍ପ; କିନ୍ତୁ ସେସମୟରେ ସେମାନଙ୍କୁ ସ୍ୱୟଂ ଯାଇ କ୍ରିୟାତ୍ମକରୂପେ କରିବାକୁ ହେଉଥିଲା, କାରଣ ସେହି ନିର୍ଦ୍ଦିଷ୍ଟ ସମୟରେ ସେହି ପ୍ରକାର କ୍ରିୟାର ଆବଶ୍ୟକତା ଥିଲା । ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କ ଯୋଗ ସଂସାରର କଲ୍ୟାଣ ସକାଶେ, ଏଣୁ ସମଗ୍ର ସଂସାରରେ ତାହା ପ୍ରଚାରିତ ହେବା ଆବଶ୍ୟକ । କିନ୍ତୁ ଏହି କାର୍ଯ୍ୟ ସକାଶେ ଯାହା ଭଗବାନଙ୍କ ସଙ୍କଳ୍ପ ତାହା ମା' ଓ ଶ୍ରୀଅରବିନ୍ଦଙ୍କ ମଧ୍ୟଦେଇ ଅତିମାନସ ଶକ୍ତି ଦ୍ୱାରା କାର୍ଯ୍ୟରେ ପରିଣତ ହେଉଅଛି । ସେଥିପାଇଁ ମା' ଓ ଶ୍ରୀଅରବିନ୍ଦଙ୍କୁ କ୍ରିୟାତ୍ମକରୂପେ କର୍ମ-ସମ୍ପାଦନ କରିବାକୁ ହେଉ ନାହିଁ କିଂବା କୌଣସି ସଂସ୍ଥା ନିର୍ମାଣ କରିବାକୁ କୌଣସି ବ୍ୟକ୍ତିକୁ ନିର୍ଦ୍ଦେଶ ଦେବାକୁ ପଡୁ ନାହିଁ । ସେମାନେ ଅତିମାନସ ଶକ୍ତିର ଅବତରଣ ମାର୍ଗରୁ ବାଧାଦାନକାରୀ ବିରୋଧୀ ଶକ୍ତିକୁ ବିତାଡ଼ିତ କରି ଅଧିକାଧିକ ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣୁଅଛନ୍ତି । ସେହି ଅତିମାନସ ଶକ୍ତି ମା'ଙ୍କ ମଧ୍ୟଦେଇ ଜଗତରେ କ୍ରିୟା କରୁଅଛି । ଯେଉଁ ବ୍ୟକ୍ତି ତାହା ପ୍ରତି ଯେତେ ପରିମାଣରେ ଉନ୍ମୁକ୍ତ ରହି ପାରୁଛି ସେ ସେତେ ପରିମାଣରେ ଅତିମାନସ ଶକ୍ତିର ପ୍ରଭାବ ଗ୍ରହଣ କରିପାରୁଛି ଏବଂ ତାହାରି ପ୍ରେରଣାରେ ବ୍ୟକ୍ତି କାର୍ଯ୍ୟରେ ତତ୍ପର ହେଉଅଛି ।

ପ୍ରଶ୍ନ : ମା'ଙ୍କ ଦ୍ୱାରା ଅତିମାନସ ଶକ୍ତି ସଂସାରରେ କ୍ରିୟା କରୁଅଛି, ଶ୍ରୀଅରବିନ୍ଦଙ୍କ ଆଦର୍ଶ ସିଦ୍ଧ ହେବ ସ୍ୱତଃସ୍ଫୂର୍ତ୍ତ ଭାବରେ, ପୁଣି ଆମ୍ଭମାନଙ୍କର ପ୍ରଯତ୍ନ କରିବା ବା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର କରିବାର ଆବଶ୍ୟକତା କ'ଣ ?

ଉତ୍ତର : ବ୍ୟକ୍ତିର ଆବଶ୍ୟକତା ନାହିଁ, ତାହା ହେଉଛି ଏବଂ ହେବ ସ୍ୱତଃସ୍ଫୂର୍ତ୍ତ ଭାବରେ । କିନ୍ତୁ ତୁମ୍ଭମାନଙ୍କ ଦ୍ୱାରା ଯଦି ଶ୍ରୀଅରବିନ୍ଦଙ୍କ ଆଦର୍ଶର ପ୍ରଚାର ହୁଏ, ତାହା ଆବଶ୍ୟକତା ଯୋଗୁଁ ତୁମ୍ଭେମାନେ କର ନାହିଁ, ତୁମ୍ଭେମାନେ ତାହା କର ସହଜଭାବେ ସେହି ଶକ୍ତିର ଅଜ୍ଞାତ ପ୍ରେରଣାରେ । ତୁମ୍ଭେମାନେ ଦେଖିପାର, ଯେପରି କେହି ବରାବର ଏହି କାର୍ଯ୍ୟ ତୁମ୍ଭମାନଙ୍କ ଦ୍ୱାରା କରାଇ ନେଇ ଯାଉଅଛି ।

ପ୍ରଶ୍ନ : ଯଦି ଅତିମାନସ ଶକ୍ତିର ପ୍ରେରଣାରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରର ସମସ୍ତ କାର୍ଯ୍ୟ ହେଉଛି, ତେବେ

ପାଠଚକ୍ରରେ କୌଣସି ନିୟମ ବା ପ୍ରଣାଳୀ ଅନୁସରଣ କରିବାର ଆବଶ୍ୟକତା କ'ଣ ? ଯଦି କୌଣସି ବ୍ୟକ୍ତି କିଛି ଅଂଶରେ ଅତିମାନସ ଶକ୍ତିର ପ୍ରଭାବ ସ୍ୱୀକାର କରେ, ସେ ସ୍ୱତଃ ନିୟମ ପାଳନ କରିବ, ପୁନଶ୍ଚ ସଙ୍ଗଠନ ଓ ବ୍ୟବସ୍ଥାର ଆବଶ୍ୟକତା କ'ଣ ?

ଉତ୍ତର : ବ୍ୟବସ୍ଥା, ନିୟମକୁ ଅତିମାନସ ଶକ୍ତିର କ୍ରିୟାରୁ ବାଦ୍ ଦେଉଛନ୍ତି କାହିଁକି ? କ'ଣ ମନେ କରିଛନ୍ତି ଅତିମାନସ ଶକ୍ତିର କ୍ରିୟା ଅବ୍ୟବସ୍ଥିତ ? ସେପରି ନୁହେଁ, ସେଥିରେ ସମସ୍ତ ଶୃଙ୍ଖଳା ବିଧିବଦ୍ଧ ଭାବରେ ରହିଅଛି । ବାହ୍ୟ ନିୟମ ଓ ଅତିମାନସ ନିୟମରେ ପାର୍ଥକ୍ୟ ହେଉଛି ଏହି ଯେ ବାହ୍ୟ ନିୟମ ବ୍ୟକ୍ତି ଉପରେ ଲଦି ଦିଆହୁଏ, ସେ ତାକୁ ବାଧ ହୋଇ ପାଳନ କରେ; ଅତିମାନସ ଶକ୍ତି ଦ୍ୱାରା ନିର୍ଦ୍ଧାରିତ ନିୟମ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ଆନନ୍ଦ ଓ ଉତ୍ସାହରେ ପାଳନ କରେ । ବାହ୍ୟ ନିୟମ ଆଉ ଅତିମାନସ ନିର୍ଦ୍ଧାରିତ ନିୟମ, ଏହି ଉଭୟ ବ୍ୟବସ୍ଥିତ ହୁଏ କୌଣସି ସଂସ୍ଥା ମଧ୍ୟ ଦେଇ କୌଣସି ବ୍ୟକ୍ତି ଦ୍ୱାରା । ବାହ୍ୟ କର୍ମର ବ୍ୟବସ୍ଥିତ ସଂସ୍ଥା ପ୍ରତିଷ୍ଠିତ ହୁଏ ମନୁଷ୍ୟର ବାହ୍ୟ ପ୍ରଯତ୍ନ ଦ୍ୱାରା; ଅତିମାନସିକ ଭାଗବତ ସଂକଳ୍ପିତ ସଂସ୍ଥା ମନୁଷ୍ୟର ବାହ୍ୟ ପ୍ରଯତ୍ନରେ ସ୍ଥାପିତ ହୁଏ ନାହିଁ, ହୁଏ ଭାଗବତ ସଂକଳ୍ପ ଅନୁସାରେ ଅତିମାନସ ଶକ୍ତିର ଅନ୍ତର ପ୍ରେରଣା ଦ୍ୱାରା । ଏହାର ଉଦାହରଣ ଆଶ୍ରମ । ଆଶ୍ରମର ନିର୍ମାଣ, ଆଶ୍ରମର କର୍ମ-ପ୍ରସାର ସ୍ୱତଃ ହୋଇଅଛି । ଏ ବିଷୟରେ ପୂର୍ବେ ଆଲୋଚନା କରା ହୋଇଅଛି । ଆଶ୍ରମ ସାଧକଙ୍କୁ କୌଣସି ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆହୁଏ ନାହିଁ, ସେ ସ୍ୱତନ୍ତ୍ର, ତଥାପି ସ୍ୱେଚ୍ଛାରେ ସେ ସମସ୍ତ ନିୟମ ପାଳନ କରନ୍ତି । ଆଶ୍ରମରେ ଯଥାର୍ଥରେ ନିୟମ ପାଳନର ବ୍ୟବସ୍ଥା ନାହିଁ, ସବୁ ହେଉଛି ସ୍ୱତଃସ୍ଫୂର୍ତ୍ତ ଭାବରେ । ଏହାହିଁ ଅତିମାନସ ଜଗତର ପୂର୍ବ ସୂଚନା । ଅତିମାନସ ଜଗତରେ ସମସ୍ତ ନିୟମ ପାଳିତ ହେବ ସ୍ୱେଚ୍ଛାରେ ।

ପ୍ରଶ୍ନ : ଅତିମାନସ ଶକ୍ତିର କ୍ରିୟା ଦ୍ୱାରା ପାଠଚକ୍ର ସ୍ଥାପିତ ହେଲା ଅଥବା ବ୍ୟକ୍ତିମାନେ ସାଧନାରେ ପ୍ରବୃତ୍ତ ହେଲେ ଏହା ତ' ଠିକ୍, କିନ୍ତୁ ବହି ବିକ୍ରୟ ବ୍ୟବସ୍ଥା, ସଭାରେ ଭାଷଣ ଦେଇ ଶ୍ରୀଅରବିନ୍ଦଙ୍କ ଯୋଗ ବୁଝାଇବା, ଏହି ସବୁ ପ୍ରଚାରର ଲକ୍ଷଣ; ଏପରି କରିବାର ଆବଶ୍ୟକତା କ'ଣ ?

ଉତ୍ତର : ବହି ବିକ୍ରି, ସଭାରେ ଭାଷଣ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଯୋଗ ବୁଝାଇବା — ଏସବୁକୁ ଅତିମାନସ ଶକ୍ତିର ପ୍ରେରଣାରୁ ବାଦ୍ ଦେଉଛନ୍ତି କାହିଁକି ? ଅତିମାନସ ଶକ୍ତିର କ୍ରିୟା ଦ୍ୱାରା ଯେଉଁ ପରିବର୍ତ୍ତନ ଆସୁଛି ତାହା ହଠାତ୍ ଆଶ୍ଚର୍ଯ୍ୟଜନକ ଭାବରେ କିଛି ସ୍ୱର୍ଗରୁ ଉତରି ଆସିବ ନାହିଁ, ତାହା ହେବ ମନୁଷ୍ୟ ମଧ୍ୟଦେଇ । ସଂସାରର ସମସ୍ତ ବ୍ୟକ୍ତିଙ୍କ ଚେତନା ସମାନ ଭାବରେ ବିକଶିତ ହୋଇ ନାହିଁ । ଯେଉଁମାନଙ୍କ ଚେତନା ଅଧିକ ବିକଶିତ ହୋଇଛି ସେହିମାନେ ଅତିମାନସ କ୍ରିୟାର ପ୍ରଭାବକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଯେଉଁମାନଙ୍କ ଚେତନା ବିକଶିତ ହୋଇ ନାହିଁ ଓ ଏହି ଶକ୍ତିର ସାଧିତ ଜଗତ କଲ୍ୟାଣକାରୀ ଉଦ୍ଦେଶ୍ୟକୁ ବୁଝି ନାହାନ୍ତି, ସେମାନଙ୍କୁ ବୁଝାଇ ଦେବେ । ଏହି କାର୍ଯ୍ୟ ହୋଇପାରେ ସାହିତ୍ୟ ଏବଂ ଭାଷଣ ଦ୍ୱାରା ବୁଝାଇ ଦେବାରେ । ଯେଉଁମାନେ ଏକାର୍ଯ୍ୟ କରୁଛନ୍ତି ସେମାନେ ଯଦି ଅଧିକ ସଚେତ ହେବାକୁ ଇଚ୍ଛା କରିବେ ତେବେ ବୁଝିପାରିବେ, କୌଣସି ଅଜ୍ଞାତ ଶକ୍ତିର ପ୍ରେରଣାରେ ସେମାନେ ଯନ୍ତ୍ରବତ୍ କାର୍ଯ୍ୟ କରି ଯାଉଅଛନ୍ତି ।

ଶ୍ରୀଅରବିନ୍ଦଙ୍କ ଆଦର୍ଶ ଦ୍ୱାରା ଜଗତର କଲ୍ୟାଣ ସାଧିତ ହେଉଅଛି ଭଗବାନଙ୍କ ସଙ୍କଳ୍ପରୁ । ଯଥାର୍ଥରେ ଭଗବାନଙ୍କ ସଙ୍କଳ୍ପ କ୍ରିୟାଶୀଳ ହେଉଥିବାରୁ ଶ୍ରୀଅରବିନ୍ଦଙ୍କ ଯୋଗ ଭଗବାନଙ୍କ ସକାଶେ, ସାଧକର ନିଜ ସକାଶେ ନୁହେଁ ବୋଲି କୁହାଯାଏ । ଏହି କାରଣରୁ ଏହି ଯୋଗର ଅନିବାର୍ଯ୍ୟ ସିଦ୍ଧାନ୍ତ ହେଉଛି — ସାଧକ ଦ୍ୱାରା ବାସନ ମାଜିବା, ଝାଡୁ ଲଗାଇବାଠାରୁ ଆରମ୍ଭ କରି ଲୋକ ଦୃଷ୍ଟିରେ ବଡ଼ରୁ ଆହୁରି ବଡ଼ କାର୍ଯ୍ୟ ପର୍ଯ୍ୟନ୍ତ ସମସ୍ତ ଭଗବାନଙ୍କର ସେବା । ସାଧାରଣ ବ୍ୟକ୍ତି ଯାହାକୁ ପ୍ରଚାର କାର୍ଯ୍ୟ କୁହନ୍ତି, ସାଧକ ସେହି କାର୍ଯ୍ୟକୁ ଯଦି ପ୍ରଚାର ବୋଲି ଧାରଣା କରେ ତେବେ ସେ ସାଧନାରୁ ଦୂରକୁ ହଟିଯାଏ; ସେହି କାର୍ଯ୍ୟକୁ ଭଗବାନଙ୍କ ସେବା, ଅତିମାନସ ଶକ୍ତିର ଯନ୍ତ୍ର ଭାବରେ କଲେ ସେହି କର୍ମ ଦ୍ୱାରା ସେ ସାଧନା ମାର୍ଗରେ ଅତି ତୀବ୍ରତାର ସହ ଅଗ୍ରସର ହୋଇ ଲକ୍ଷ୍ୟ ପ୍ରାପ୍ତ ହୁଏ । ଏହି ଯୋଗରେ ସମସ୍ତ ବିହିତ କର୍ମ ସାଧିତ ହୋଇପାରେ, ଯେବେ ସାଧକ ଏହିପରି ସଚେତ ହୋଇ କର୍ମ କରେ । ଏହାର ଉଦାହରଣ ଆଶ୍ରମ । ଆମ୍ଭେମାନେ ଆଶ୍ରମର କର୍ମରୁ ପାଠଚକ୍ରର ଉଦ୍ଦେଶ୍ୟ ବୁଝିପାରିବା ।

ଆଶ୍ରମର ଉଦ୍ଦେଶ୍ୟ :

ଶ୍ରୀଅରବିନ୍ଦ ଆଶ୍ରମର ଲକ୍ଷ୍ୟ ସଂସାରକୁ ମାୟା, ମିଥ୍ୟା, କର୍ମକୁ ବନ୍ଧନ ଘୋଷଣା କରି, ଏ ସବୁକୁ ତ୍ୟାଗ କରି, ଏହି ମୃତ୍ୟୁପୁରୀରୁ ଭିନ୍ନ ନିଷ୍କ୍ରିୟ ନିର୍ବିଶେଷ ସତ୍ତାରେ, ନଦୀ ସମୁଦ୍ରରେ ମିଶିଯିବା ସଦୃଶ ବିଲୀନ ହେବା ନୁହେଁ କିଂବା ମୃତ୍ୟୁ ପରେ ଭଗବତ୍ ଦିବ୍ୟ ଲୋକରେ, ସାମୀପ୍ୟ, ସାଲୋକ୍ୟ, ସାଯୁଜ୍ୟ, ସାରୂପ୍ୟାଦି ମୁକ୍ତି ପ୍ରାପ୍ତ କରିବା ନୁହେଁ । ଶ୍ରୀଅରବିନ୍ଦ ଆଶ୍ରମ ଶିକ୍ଷାର ଉଦ୍ଦେଶ୍ୟ,— ଏହି ଶରୀରକୁ ତ୍ୟାଗ କରିବାକୁ ହେବ ନାହିଁ; ଏହି ମନ, ପ୍ରାଣ ବିଶିଷ୍ଟ ପାର୍ଥିବ ଶରୀରକୁ ତା'ର ମୂଳ ଚିନ୍ମୟ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିବାକୁ ହେବ, ଯାହାର ପରିଣାମ ହେବ ରୋଗ, ଜରା, ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତି ଅଜ୍ଞାନ ଅନ୍ଧକାର ଶକ୍ତିର କ୍ରିୟା — କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, ସ୍ୱାର୍ଥ, ଅହଂର ପୂର୍ଣ୍ଣ ରୂପାନ୍ତର । ଏହିରୂପ ଦିବ୍ୟମାନବ ଜାତି ଏହି ପୃଥିବୀରେ ସ୍ଥାପିତ ହେବ । ସାଧକମାନେ ସାଧନାରେ କ୍ରମଶଃ ଅଗ୍ରସର ହୋଇ ପୂର୍ଣ୍ଣ ରୂପାନ୍ତର ଲକ୍ଷ୍ୟରେ ପହୁଞ୍ଚିଲେ ସଂସାରର ସାଧାରଣ ବ୍ୟକ୍ତି, ଯେଉଁମାନେ କି ସାଧନା କରୁ ନ ଥିବେ ସେମାନଙ୍କ ମଧ୍ୟରୁ ହିଂସା, ସ୍ୱାର୍ଥାଦି ଦୁର୍ଗୁଣ ଦୂର ହେବ ଏବଂ ଏହି ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଶ୍ରୀଅରବିନ୍ଦଙ୍କ ଶିକ୍ଷାର ଉଦ୍ଦେଶ୍ୟ ସଂସାର ଓ କର୍ମମୟ-ଜୀବନର ତ୍ୟାଗ ନୁହେଁ, ସଂସାର ଓ କର୍ମମୟ-ଜୀବନକୁ ଦିବ୍ୟତା ପ୍ରଦାନ କରିବା । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ । ଏହାକୁ କ୍ରିୟାରେ ପରିଣତ କରିବା ସକାଶେ ମା' ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ସ୍ଥାପନ କରି ସାଧକମାନଙ୍କ ଶିକ୍ଷାର ବ୍ୟବସ୍ଥା କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଆଦର୍ଶ ପୁରାତନ ଯୋଗ ସଦୃଶ କେତେକ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ସକାଶେ ନୁହେଁ, ସମଗ୍ର ମାନବଜାତି ସକାଶେ । ପାଠକ ଏହି ବିଷୟକୁ ସ୍ମରଣ ରଖି 'ଶ୍ରୀଅରବିନ୍ଦ ପାଠଚକ୍ର'ର ଉଦ୍ଦେଶ୍ୟକୁ ବିଚାର କରିବେ, ଅନ୍ୟଥା ପୁରାତନ ଯୋଗର ତ୍ୟାଗ ଭାବକୁ ଏଥିରେ ମିଶ୍ରିତ କଲେ ବୁଝିପାରିବେ ନାହିଁ ।

ଆଶ୍ରମରେ ସାଧିତ କର୍ମର ଦୁଇଟି ରୂପ :

ଆଶ୍ରମରେ ସାଧିତ କର୍ମର ଦୁଇଟି ଧାରା : ଗୋଟିଏ ହେଲା ଶ୍ରୀଅରବିନ୍ଦଙ୍କ ଶିକ୍ଷାନୁସାରେ କର୍ମ ସମ୍ପାଦନ କରିବା ଏବଂ ଅନ୍ୟଟି ଆଦର୍ଶ-ଶିକ୍ଷାର ଉଦ୍ଦେଶ୍ୟ କ'ଣ,— ଏହା ଲେଖି ଲୋକଙ୍କୁ ବୁଝାଇ ଦେବା । ଏହି ଦୁଇଟି ବସ୍ତୁ ପରସ୍ପର ସମ୍ବନ୍ଧିତ । ଗୋଟିଏ ଛଡ଼ା ଅନ୍ୟଟି ଅପୂର୍ଣ୍ଣ ରହେ ଏବଂ ଡିଷ୍ଟିପାରେ ନାହିଁ ବା ବିକୃତ ହୋଇ ଯିବାର ଆଶଙ୍କା ବରାବର ଥାଏ । ପରବର୍ତ୍ତୀ କାଳରେ ତାହା ଏକେବାରେ ବିକୃତ ହୋଇ ମହାଦେବ ଗଡୁଗଡୁ ବାନର ଆକାର ଧାରଣ କରେ । ସଂସାରରେ ଗୋଟିଏ ନୂତନ ଉଦ୍ଦେଶ୍ୟ ସ୍ଥାପନ କରିବାକୁ ହେଲେ କର୍ମ ଏବଂ ଦର୍ଶନ-ସାହିତ୍ୟ ଆବଶ୍ୟକ । ଏହି କାରଣରୁ ଯେତେବେଳେ ସଂସାରରେ କୌଣସି ଅଧ୍ୟାତ୍ମ ପରିବର୍ତ୍ତନ ଆସେ ସେତେବେଳେ କର୍ମ ଆଚରଣ ଏବଂ ଦର୍ଶନର ଆବଶ୍ୟକ ହୋଇଥାଏ । ଏହି କାରଣରୁ ଶ୍ରୀମା ଏବଂ ଶ୍ରୀଅରବିନ୍ଦ ଆଶ୍ରମ ନିର୍ମାଣ କରି ଯୋଗ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଦର୍ଶନ ଶାସ୍ତ୍ର ଲେଖିଛନ୍ତି ଏବଂ ତା'ର ପ୍ରସାର ସକାଶେ ପ୍ରେସ୍ ମଧ୍ୟ ପ୍ରତିଷ୍ଠିତ ହୋଇଅଛି ।

ଆଶ୍ରମର ଶିକ୍ଷା-ପଦ୍ଧତି :

ଶ୍ରୀଅରବିନ୍ଦଙ୍କ ଆଦର୍ଶର ଉଦ୍ଦେଶ୍ୟ ସମସ୍ତ ମାନବଜାତିର ଉନ୍ନତି ଏବଂ ଅଜ୍ଞାନତାରୁ ମୁକ୍ତ ପରମ ସୁଖମୟ ଜୀବନ । ଏହା ଯଦି ସାଧିତ ହୋଇପାରେ ଯଦି ମନୁଷ୍ୟ-ଜୀବନ ଧାରଣ କରି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବା ସକାଶେ ଯେଉଁ ସବୁ କର୍ମ ଅନିବାର୍ଯ୍ୟ ସେସବୁକୁ ତ୍ୟାଗ କରା ନ ହୁଏ । କର୍ମ ହେଉଛି ବନ୍ଧନର କାରଣ, ସେହି ସକାଶେ ପୁରାତନ ଯୋଗ କର୍ମକୁ ତ୍ୟାଗ କରିଥିଲେ । ପୁରାତନ ଯୋଗ ସମସ୍ତ ମାନବଜାତିକୁ ସମୃଦ୍ଧିଶାଳୀ କରିବାକୁ ଚାହିଁ ନ ଥିଲେ,

ସେଥିପାଇଁ ମୁକ୍ତିକାମୀ କେତେକ ବ୍ୟକ୍ତି କର୍ମ ତ୍ୟାଗ କରି ମୁକ୍ତିକୁ ଚାଲିଗଲେ, ଜଗତ କର୍ମ-ବନ୍ଧନରେ ଯେପରି ଦୁଃଖକଷ୍ଟରେ ଥିଲା, ସେହିପରି ରହିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ଆଦର୍ଶର ଲକ୍ଷ୍ୟ ସଂସାର ମଧ୍ୟରୁ କେତେକ ବ୍ୟକ୍ତିଙ୍କୁ ମୁକ୍ତିକୁ ପଠାଇଦେବା ନୁହେଁ ବରଂ ଗୋଟିଏ ଦିବ୍ୟ ମାନବଜାତି ପୃଥିବୀରେ ସ୍ଥାପନ କରିବା, ଯାହାଫଳରେ ସମସ୍ତ ସଂସାର ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିପାରିବ । ଏଥିରେ କର୍ମକୁ ତ୍ୟାଗ କଲେ ଚଳିବ ନାହିଁ । କର୍ମ କି କୌଶଳରେ ସମ୍ପାଦନ କଲେ କର୍ମବନ୍ଧନରୁ ମନୁଷ୍ୟ ମୁକ୍ତ ହୋଇ ସେହି କର୍ମାନୁଷ୍ଠାନରେ ଭଗବାନଙ୍କୁ ପ୍ରକାଶ କରିପାରିବ, ତାହାର ଆଲୋଚନା ହୋଇଛି ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ ''ତ୍ରିବିଧ କର୍ମ'' ପୁସ୍ତିକାରେ । ଯେଉଁ କର୍ମ ସଂସାର ବନ୍ଧନର କାରଣ, ପୁଣି ସେହି କର୍ମ କିପରି ଆଧାତ୍ମିକତାରେ ସାହାଯ୍ୟକାରୀ ହୋଇ ଭଗବତ୍ ପ୍ରାପ୍ତି କରାଏ, ତାହାର ଆଦର୍ଶ ମନୁଷ୍ୟ ସମ୍ମୁଖରେ ରଖିବା ସକାଶେ ଆଶ୍ରମରେ ନାନା ପ୍ରକାର କର୍ମ ଆଚରିତ ହେଉଅଛି ।

ବାଳକ-ବାଳିକାମାନଙ୍କର ଶିକ୍ଷା :

ବାଲ୍ୟାବସ୍ଥାରୁ ବାଳକ ବାଳିକାମାନଙ୍କ ସକାଶେ ବିଦ୍ୟାଶିକ୍ଷା ଏବଂ ଶରୀର ଗଠନ ସକାଶେ ଖେଳ କସରତର ଆବଶ୍ୟକ । ଆଶ୍ରମରେ ଶିଶୁମାନଙ୍କୁ ନୂତନ ଧରଣରେ ଶିକ୍ଷା ଦିଆହୁଏ ଏବଂ ବାଲ୍ୟାବସ୍ଥାରୁ ସ୍ୱାଚ୍ଛନ୍ଦ୍ୟରେ ବିଦ୍ୟାଶିକ୍ଷା ସଙ୍ଗେ ସଙ୍ଗେ ଶରୀର ଗଠନ ଏବଂ ତାକୁ ସୁନ୍ଦର, ମଜ୍ଜଭୁତ କରିବା ସକାଶେ ନାନା ପ୍ରକାର ଖେଳ ମାଧ୍ୟମରେ ବ୍ୟାୟାମର ଶିକ୍ଷା ଦିଆହୁଏ । ଏପରି ବାତାବରଣର ସୃଷ୍ଟି କରାହୁଏ ଯେ ଶିଶୁ ଅବସ୍ଥାରୁ ପିଲାମାନେ ନିଜ ରୁଚିରେ ଅନ୍ୟର ବିନା ଚାପାରେ ସହର୍ଷରେ ପଢ଼ନ୍ତି ଏବଂ ଆଗ୍ରହର ସହିତ ଖେଳ କସରତ କରନ୍ତି । ଆଶ୍ରମର ଶୁଦ୍ଧ ବାତାବରଣରେ ରହିବା ହେତୁ ସ୍ୱାଭାବିକ ରୂପେ ଶୁଦ୍ଧ ଓ ପବିତ୍ର ଚରିତ୍ର ଗଠିତ ହୁଏ । ଶିଶୁ ଏବଂ ବୟସ୍କ ବାଳକ ବାଳିକାମାନଙ୍କ ପାଇଁ ଭିନ୍ନ ଭିନ୍ନ ଖେଳ ପଡ଼ିଆ ଓ ସନ୍ତରଣ ପୁଷ୍କରିଣୀ ନିର୍ମାଣ କରା ହୋଇଅଛି ।

ରୋଷାଇ କରିବା, ପରିବେଷଣ କରିବା, ବାସନ ଧୋଇବା, ରୁଟି ତିଆରି କରିବା, ଲୁଗା ସଫା କରିବା, ଝାଡୁ ଲଗାଇବା, ପୁଷ୍ପ ବାଟିକା ନିର୍ମାଣ, ଗୋଶାଳା ଓ ଗୃହ ନିର୍ମାଣ, ବସ୍ତ୍ର ତିଆରି, ଗୃହର ଆବଶ୍ୟକ ଆସବାବ ତିଆରି, ଲୁଗା, ଗଞ୍ଜି, ମୋଜା, ଜୋତା ତିଆରି, ଧାନ ଫସଲ, ପନିପରିବା ଉତ୍ପାଦନ, କଳକାରଖାନାରେ ବିଭିନ୍ନ ପ୍ରକାର ବସ୍ତୁ ତିଆରି କରିବା ସକାଶେ ୱାର୍କସପ୍, ମୋଟର ମରାମତି ଓଗେର ବହୁତ କାର୍ଯ୍ୟ ଆଶ୍ରମରେ କରାହୁଏ । ବ୍ୟବସାୟ ମଧ୍ୟ ଅଛି । ଆଶ୍ରମର ଏହି ପ୍ରକାର କର୍ମ ହେଲା ଗୋଟିଏ ଦିଗ । ଏହି କର୍ମର ଉଦ୍ଦେଶ୍ୟ କ'ଣ ? ଏହି କର୍ମ କିପରି ଭାବରେ କରିବା ଉଚିତ ? ଏହି କର୍ମ ଲକ୍ଷ୍ୟ ପ୍ରାପ୍ତିରେ ସହାୟକ କିପରି ହୁଏ ? ଏହିସବୁ ବସ୍ତୁକୁ ବୁଝାଇବା ସକାଶେ ଦର୍ଶନ-ସାହିତ୍ୟର ଆବଶ୍ୟକତା । ସେଥିପାଇଁ ଶ୍ରୀଅରବିନ୍ଦ ସ୍ୱୟଂ ୧୯୧୪ ମସିହାରୁ ୧୯୨୦ ମସିହା ପର୍ଯ୍ୟନ୍ତ 'ଆର୍ଯ୍ୟ' ପତ୍ରିକାରେ ଏତେ ଲେଖିଥିଲେ ଯେ ତାହା ଗୋଟିଏ ବ୍ୟକ୍ତି ପକ୍ଷରେ ସମସ୍ତ ଜୀବନରେ ପଢ଼ି ଠିକ୍ ଠିକ୍ ବୁଝି ଆଚରଣ କରିବା ସହଜ ନୁହେଁ । ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ସାହିତ୍ୟ ପ୍ରସାରିତ ହେବା ସକାଶେ ଆଶ୍ରମର ଗୋଟିଏ ବଡ଼ ଧରଣର ପ୍ରେସ୍ ଅଛି । ସେଥିରେ ଦେଶ ଓ ବିଦେଶର ବିଭିନ୍ନ ଭାଷାରେ ମୁଦ୍ରଣ କାର୍ଯ୍ୟ ହୁଏ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ସାଧାରଣ ଜନତାକୁ ସହଜରେ ବୁଝାଇ ଦେବା ସକାଶେ କେତେକ ପ୍ରାନ୍ତୀୟ ଭାଷାରେ ପତ୍ରିକା ପ୍ରକାଶିତ ହୁଏ ଏବଂ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଦୃଷ୍ଟିକୋଣ ପ୍ରକାଶ କରିବା ସକାଶେ ସାଧକମାନେ ପ୍ରାନ୍ତୀୟ ଭାଷା ଏବଂ ବିଦେଶୀ ଭାଷାରେ ସରଳ ପ୍ରଣାଳୀରେ ସାହିତ୍ୟ ମଧ୍ୟ ରଚନା କରନ୍ତି । ଆଶ୍ରମ ମଧ୍ୟରେ ପୁସ୍ତକ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଫଟୋ ବିକ୍ରି ହୁଏ । ଯେଉଁ ଦର୍ଶନାର୍ଥୀମାନେ ଆଶ୍ରମର କର୍ମକ୍ଷେତ୍ର ଦେଖିବାକୁ ଚାହାନ୍ତି ସେମାନଙ୍କୁ ଦେଖାଇବା ସକାଶେ କାର୍ ବା ବସ୍ ସର୍ଭିସ୍‌ର ବ୍ୟବସ୍ଥା ଅଛି । ଆଶ୍ରମର ଜଣେ ବ୍ୟକ୍ତି ସେମାନଙ୍କ ସଙ୍ଗେ ରହି ସମସ୍ତ କର୍ମ ବୁଝାଇ ଦିଅନ୍ତି । ଆଶ୍ରମ ସଂସାରର ସମସ୍ତ କର୍ମ କ୍ଷେତ୍ରର ଗୋଟିଏ ଛୋଟ ରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ । ବାହାରର ଦର୍ଶନାର୍ଥୀମାନେ ଗୋଟିଏ ଅଧ୍ୟାତ୍ମ-ଯୋଗାଶ୍ରମରେ ଏପରି କର୍ମ କୋଳାହଳ ପରିବେଶ ଦେଖି, ଏହି ବହୁଳ

କର୍ମ ମଧ୍ୟରେ ଆଶ୍ରମର ପ୍ରତ୍ୟେକ କର୍ମକ୍ଷେତ୍ରରେ ଗୋଟିଏ ଅଭୂତପୂର୍ବ ଶାନ୍ତି ଅନୁଭବ କରି ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି । ସେମାନେ ପ୍ରଶ୍ନ କରନ୍ତି, ''ଏଠାରେ ଅଧ୍ୟାତ୍ମ-ସାଧନାରେ କର୍ମବହୁଳତା କାହିଁକି ? ପୁନଶ୍ଚ ଚାଞ୍ଚଲ୍ୟ ସୃଷ୍ଟିକାରୀ କର୍ମ ସ୍ଥଳରେ ଶାନ୍ତି ଅନୁଭୂତ ହେବାର କାରଣ କ'ଣ ?'' ପୁରାତନ ଯୋଗ-ପଦ୍ଧତିରେ କର୍ମତ୍ୟାଗ, ସନ୍ନ୍ୟାସ ଆଚରଣର ସଂସ୍କାରରୁ ଏହି ପ୍ରଶ୍ନ ସ୍ୱାଭାବିକରୂପେ ବ୍ୟକ୍ତିର ମନରେ ଉଦ୍‌ଥିତ ହୁଏ । ସନ୍ନ୍ୟାସ-ଭାବ ପରମ୍ପରାଗତରେ ବ୍ୟକ୍ତିର ରକ୍ତ ସହିତ ମିଶି ଯାଇଅଛି । ଅଧ୍ୟାତ୍ମ-ଆଶ୍ରମ ବା ଅଧ୍ୟାତ୍ମ ସାଧକ ନାମ ଶୁଣିବା ମାତ୍ରେ ତା' ମାନସ ପଟରେ ଗୋଟିଏ କୁଡ଼ିଆ ଓ ଲୁଗାପଟା ବିହୀନ କୌପୀନଧାରୀ ଅକିଞ୍ଚନ ସଂସାର-ବିରାଗୀ ସନ୍ନ୍ୟାସୀର ମୂର୍ତ୍ତି ଅଙ୍କିତ ହୋଇଯାଏ । ସେଥିପାଇଁ ବ୍ୟକ୍ତି ଆଶ୍ରମର କର୍ମ-କୋଳାହଳକୁ ଦେଖି ଏହାର ରହସ୍ୟ ବୁଝିପାରେ ନାହିଁ । ଯଦ୍ୟପି ବହୁତ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଦର୍ଶନ ପଢ଼ିଛନ୍ତି, ଆଶ୍ରମ ଦେଖିଛନ୍ତି, ତଥାପି ପୂର୍ବ ସଂସ୍କାର ଦୂର ହୋଇ ଏହି ନୂତନ ସଂସ୍କାର ସ୍ଥାନ ଗ୍ରହଣ କରିପାରି ନ ଥିବାରୁ କର୍ମ ଆଚରଣ କରିବା ପ୍ରଶ୍ନ ଆସିବା ସଙ୍ଗେ ସଙ୍ଗେ ପୂର୍ବ ସନ୍ନ୍ୟାସ-ସଂସ୍କାର ସାମନାକୁ ଆସି ଯାଉଛି । ବହୁ ପୂର୍ବେ ଆଶ୍ରମବାସୀଙ୍କୁ ସମ୍ବୋଧନ କରି ଶ୍ରୀଅରବିନ୍ଦ କହିଥିଲେ, ''ଆଶ୍ରମର କେତେକ ବ୍ୟକ୍ତି 'ଶ୍ରୀଅରବିନ୍ଦ ମଠ' କରିବାକୁ ଚାହୁଁଛନ୍ତି, ସେମାନଙ୍କ ସନ୍ନ୍ୟାସ-ସଂସ୍କାର ଏପର୍ଯ୍ୟନ୍ତ ଦୂର ହୋଇ ନାହିଁ ।''

ବର୍ତ୍ତମାନ ପୂର୍ବ ସଂସ୍କାର ଭୁଲିଯାଇ ଭଲଭାବରେ ଆମକୁ ମନେରଖିବାକୁ ହେବ ଯେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, କଳହ ଦୂର କରି ସଂସାରକୁ ସ୍ୱର୍ଗରେ, କର୍ମକୁ ସମୃଦ୍ଧିଶାଳୀ ଉନ୍ନତ କରି ଭାଗବତ କର୍ମରେ ପରିଣତ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଅଛନ୍ତି । ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ, ସେହି ଶକ୍ତିକୁ ମା' ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଏହି କାରଣରୁ ଆଶ୍ରମର କର୍ମବହୁଳତା ମଧ୍ୟରେ ବ୍ୟକ୍ତି ଶାନ୍ତି ଅନୁଭବ କରୁଅଛନ୍ତି । ବ୍ୟକ୍ତି ସଂସାରରେ ରହି କର୍ମକୁ କିପରି ଉନ୍ନତ କରି ପାରିବ ଏବଂ ସେହି କର୍ମ ମାଧ୍ୟମରେ ସେ କିପରି ମନ, ପ୍ରାଣ, ଶରୀରକୁ ଦିବ୍ୟତାରେ ରୂପାନ୍ତରିତ କରି ପାରିବ, ଏହାର ଉଦାହରଣ ସ୍ୱରୂପ ଆଶ୍ରମ ସମସ୍ତ ଜାଗତିକ କର୍ମକୁ ଆଚରଣ କରୁଅଛି, ଯାହାଦ୍ୱାରା ସମସ୍ତ ସଂସାର ପରିବର୍ତ୍ତିତ ହେବ । ଏଥିରେହିଁ ସମସ୍ତ ଜଗତର ହେବ କଲ୍ୟାଣ ।

ପାଠଚକ୍ର ତଥା ଶ୍ରୀଅରବିନ୍ଦଙ୍କ ଆଦର୍ଶାନୁଗାମୀ ବିଭିନ୍ନ କେନ୍ଦ୍ରର କର୍ମ :

ପୂର୍ବ ଆଲୋଚନାରୁ ସ୍ପଷ୍ଟ ହେଲା ଯେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଯୁବ ସମାଜ, , ଶ୍ରୀଅରବିନ୍ଦ ଛାତ୍ର-ସମାଜ, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ପ୍ରଭୃତି ହେଉଛି ଆଶ୍ରମର ଅନୁରୂପ ଛୋଟ ଆକାରରେ ଗୋଟିଏ ଗୋଟିଏ ଅନୁଷ୍ଠାନ, ଆଶ୍ରମର ଅନୁକରଣରେ ଆଶ୍ରମର ଶାଖା ସ୍ୱରୂପ । ଏହି ଅନୁଷ୍ଠାନମାନଙ୍କରେ ଆଶ୍ରମ ସଦୃଶ ସମସ୍ତ କାର୍ଯ୍ୟକ୍ରମ ଆଚରିତ ହୋଇପାରେ । ଯଥା : ଆଶ୍ରମର ଶିକ୍ଷାପଦ୍ଧତି ଅନୁଯାୟୀ ସ୍କୁଲ, ବ୍ୟାୟାମଶାଳା ଏବଂ ଶିକ୍ଷାର ବ୍ୟବସ୍ଥା, ଗୋଶାଳା, ନାନାପ୍ରକାର କାରୁକାର୍ଯ୍ୟ, କଳା, ଶିଳ୍ପ-ଶିକ୍ଷା ଇତ୍ୟାଦିର ବ୍ୟବସ୍ଥା । କିନ୍ତୁ ଆଶ୍ରମରେ ରାଜନୀତିର ସ୍ଥାନ ଏକେବାରେ ନାହିଁ । ସେଥିପାଇଁ ଆଶ୍ରମର ପ୍ରତ୍ୟେକ କେନ୍ଦ୍ର, ପାଠଚକ୍ର ଓ ଶାଖା ଅନୁଷ୍ଠାନ ରାଜନୀତିରୁ ସର୍ବଦା ଦୂରରେ ରହିବା ଉଚିତ । ଏହାର ଅର୍ଥ ଏପରି ନୁହେଁ ଯେ ପାଠଚକ୍ରର ମେମ୍ବର ବ୍ୟକ୍ତିଗତ ଭାବରେ ରାଜନୀତିରେ ଭାଗ ନେବେ ନାହିଁ କିଂବା ରାଜନୀତିଜ୍ଞ ଲୋକ ପାଠଚକ୍ରର ମେମ୍ବର ହୋଇପାରିବେ ନାହିଁ । ସଦସ୍ୟ ବ୍ୟକ୍ତିଗତ ଭାବରେ ରାଜନୀତି କରିପାରିବେ ଏବଂ ରାଜନୀତିଜ୍ଞ ବ୍ୟକ୍ତି ସଦସ୍ୟ ହୋଇ ପାରିବେ, କିନ୍ତୁ ପାଠଚକ୍ର ମଧ୍ୟରେ ରାଜନୀତି କାର୍ଯ୍ୟ ହୋଇପାରିବ ନାହିଁ, ଅର୍ଥାତ୍ ପାଠଚକ୍ର ସ୍ୱୟଂ ସେଥିରେ ଭାଗ ନେବ ନାହିଁ । ଯେପରି ଆଶ୍ରମର ବାହାରେ ଥିବା ବହୁତ ଭକ୍ତ ରାଜନୀତିଜ୍ଞ, ବହୁତ ବ୍ୟକ୍ତି ରାଜନୀତିରେ କାମ କରନ୍ତି, ବହୁତ ବ୍ୟକ୍ତି ଇଲେକ୍‌ସନ୍‌ରେ ଛିଡ଼ା ହୁଅନ୍ତି; କିନ୍ତୁ ସେ କାର୍ଯ୍ୟ ସେମାନଙ୍କର ବ୍ୟକ୍ତିଗତ, ଆଶ୍ରମ ସଙ୍ଗେ ତାହାର କୌଣସି ସମ୍ପର୍କ ନ ଥାଏ ।

ପ୍ରଶ୍ନ : ଆଶ୍ରମରେ ଯେଉଁ ସବୁ କର୍ମ ଅନୁଷ୍ଠିତ ହେଉଅଛି, ସେହିପରି କ'ଣ ପ୍ରତ୍ୟେକ କେନ୍ଦ୍ର, ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ, ତଥା ମହିଳା ପାଠଚକ୍ରମାନଙ୍କରେ ଅନୁଷ୍ଠିତ ହେବା ଆବଶ୍ୟକ ?

ଉତ୍ତର : ତାହା ନିର୍ଭର କରେ ପରିସ୍ଥିତି ଉପରେ । ବର୍ତ୍ତମାନ ପରିସ୍ଥିତିରେ ପାଠଚକ୍ରମାନଙ୍କରେ ଆଶ୍ରମ ଅନୁରୂପ କର୍ମାନୁଷ୍ଠାନ ଗଢ଼ିବା ସମ୍ଭବ ନୁହେଁ । ଆଶ୍ରମ ହେଉଛି ଗୋଟିଏ ବଡ଼ ଧରଣର ଅନୁଷ୍ଠାନ, ସେଥିରେ ବହୁତ ପ୍ରକାର କର୍ମର ସମାବେଶ ହେବାର ସୁଯୋଗ ରହିଛି । କିନ୍ତୁ ପାଠଚକ୍ରମାନଙ୍କରେ ସେହିପରି ଅନୁକୂଳତା ନାହିଁ, ସେଥିପାଇଁ ପାଠଚକ୍ରର ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ଯେଉଁ କର୍ମ ସୁବିଧା ତାହା ପାଠଚକ୍ରରେ ଅନୁଷ୍ଠିତ ହେବା ଉଚିତ ।

ଶ୍ରୀଅରବିନ୍ଦଙ୍କ ଯୋଗ, ଆଶ୍ରମ, ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ, ଯୁବ ସମାଜ, ମହିଳା ପାଠଚକ୍ର ଇତ୍ୟାଦିର ଉଦ୍ଦେଶ୍ୟ ହେଉଛି ମନୁଷ୍ୟ ଯେଉଁ ଅବସ୍ଥାରେ ଅଛି, ଯେଉଁ କର୍ମ କରୁଛି ସେହି କର୍ମମାଧ୍ୟମରେ ସେ ଲକ୍ଷ୍ୟ ସିଦ୍ଧି କରିପାରିବ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ସଂସାରର ସର୍ବାଙ୍ଗୀନ ଉନ୍ନତି । ତେଣୁ ବିଦ୍ୟାର୍ଥୀମାନେ ଶିକ୍ଷା ମାଧ୍ୟମରେ ଶ୍ରୀଅରବିନ୍ଦ ଯୋଗ ଦ୍ୱାରା ଲକ୍ଷ୍ୟରେ ପହଞ୍ଚି ପାରନ୍ତି । ସେମାନେ ସ୍କୁଲ ଅଥବା ଅନ୍ୟ ସ୍ଥାନରେ ପାଠଚକ୍ର ସ୍ଥାପନ କରି ପାରନ୍ତି; କିନ୍ତୁ ସେମାନଙ୍କ ସକାଶେ ଆଶ୍ରମ ସଦୃଶ କୃଷି, ଗୋଶାଳା ଇତ୍ୟାଦିର ଆବଶ୍ୟକତା ନାହିଁ କି ସମ୍ଭବ ବି ନୁହେଁ । ରାଜନୀତିଜ୍ଞ, ବ୍ୟବସାୟୀ, କର୍ମଚାରୀ, ସରକାରୀ ଅଫିସର, କୃଷକ, ଶ୍ରମିକ, ଶିଳ୍ପୀ ଇତ୍ୟାଦି ନିଜ ନିଜ ଅନୁଷ୍ଠାନର ବ୍ୟକ୍ତିମାନଙ୍କୁ ନେଇ, ଅର୍ଥାତ୍ ଯେ ଯେଉଁ ସ୍ଥିତିରେ ଅଛନ୍ତି ସେମାନେ ସେହି ସ୍ଥିତିରେ ସେହି ଅନୁଷ୍ଠାନରେ କିଂବା ଅନୁଷ୍ଠାନର ବାହାରେ ପାଠଚକ୍ର ସ୍ଥାପନ କରିପାରନ୍ତି କିଂବା ବ୍ୟକ୍ତିଗତ ଭାବରେ ସାଧନା କରି ନିଜ କର୍ମ ମାଧ୍ୟମରେ ଲକ୍ଷ୍ୟରେ ପହଞ୍ଚି ପାରନ୍ତି ।

ପ୍ରଶ୍ନ : କର୍ମତ୍ୟାଗ କରି ପୁରାତନ ଯୋଗର ସାଧକମାନେ ସାଧନାରେ ବାଧା ପାଉଥିଲେ, ପୁନଶ୍ଚ କର୍ମ କରି ଏପରି ଉତ୍କୃଷ୍ଟ ଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ହେବ କିପରି ?

ଉତ୍ତର : ଏହା ମନୁଷ୍ୟ ପ୍ରୟାସରେ ଅସମ୍ଭବ । ଏହି ଅସମ୍ଭବକୁ ସମ୍ଭବ କରିବା ସକାଶେ ମା' ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରକୁ ଉତାରି ଆଣି ଅଛନ୍ତି, ସେହି ଶକ୍ତିକୁ ମା' ସ୍ୱୟଂ ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତି କେବଳ ମା'ଙ୍କୁ ସମର୍ପଣ କରି ତାଙ୍କ ଉପରେ ବିଶ୍ୱାସ ଭରସା ରଖିଲେ ମା'ଙ୍କ ଅତିମାନସ ଶକ୍ତି ଉଚିତ ସମୟରେ ସାଧକ ମଧ୍ୟରେ ସାଧନା କରି ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଏ । ଏ ସାଧନାକୁ ଅତ୍ୟନ୍ତ ସହଜ କରି ତୋଳେ । ପୁରାତନ ଯୌଗିକ କ୍ରିୟା ସଂସାରର ସମସ୍ତ ବ୍ୟକ୍ତିଙ୍କ ସକାଶେ ସମ୍ଭବ ନ ଥିଲା, ସେଥିପାଇଁ ତାହା ଥିଲା ବ୍ୟକ୍ତିଗତ ବା ଗୋଷ୍ଠୀଗତ । ସମୁଦାୟ ମାନବସମାଜ ପ୍ରତି ସୁଲଭ ହେବ ବୋଲି ମା' ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି ।

ପାଠଚକ୍ରର ନିୟମାବଳୀ :

୧. ପୃଥକ୍ ଘରେ ଅଥବା ଘର ମଧ୍ୟସ୍ଥ ଗୋଟିଏ ପୃଥକ୍ କୋଠରିରେ ଶ୍ରୀଅରବିନ୍ଦ ପାଠଚକ୍ର କିଂବା ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସ୍ଥାପନ କରାଯାଇପାରେ । ସେଠାରେ ଶ୍ରୀମା, ଶ୍ରୀଅରବିନ୍ଦଙ୍କର ଫଟୋ ରଖିବେ । ପ୍ରତ୍ୟେକ ଦିନ ଧୂପ, ପୁଷ୍ପ ଅର୍ପଣ କରିବେ, ଘରଟିର ପରିଷ୍କାର-ପରିଚ୍ଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେବେ ।

୨. ଯଦି ସୁବିଧା ହୁଏ ପ୍ରତିଦିନ ସଂଧ୍ୟାରେ ଅଥବା ସପ୍ତାହରେ କୌଣସି ନିର୍ଦ୍ଦିଷ୍ଟ ସମୟରେ ଥରେ କିଂବା ଦୁଇଥର ପାଠଚକ୍ରର ସମସ୍ତ ସଦସ୍ୟ ଏକତ୍ରିତ ହେବେ । ପ୍ରଥମରେ ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ସାଧନା ସମ୍ବନ୍ଧୀୟ ବହି କେହି ଜଣେ ପଢ଼ି ଅନ୍ୟମାନଙ୍କୁ ବୁଝାଇ ଦେବେ । ସଦସ୍ୟମାନଙ୍କ ମଧ୍ୟରେ ଯଦି କେହି ଭଲ ଭାବରେ ବୁଝାଇ ନ ପାରନ୍ତି ତେବେ କେବଳ ଅଧଘଣ୍ଟାଏ ପଢ଼ିବେ । ତା'ପରେ ସମସ୍ତେ ନୀରବ ହୋଇ ହୃଦୟରେ କିଂବା ମସ୍ତକରେ ଧ୍ୟାନ କରିବେ । ଧ୍ୟାନର ପ୍ରଣାଳୀ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା', 'ମାତୃବାଣୀ', 'ଯୋଗ-ପ୍ରଦୀପ', ପ୍ରଭୃତି ବହିରେ ଉଲ୍ଲେଖ କରାହୋଇଛି । ଧ୍ୟାନ କରିବା ପରେ ସାଧନା ସମ୍ବନ୍ଧରେ ଯାହାର କିଛି ପଚାରିବାର ଥାଏ ସେ ପଚାରିବେ । ଯଦି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ନ ମିଳେ ତେବେ ଆଶ୍ରମକୁ ଲେଖିପାରିବେ ।

କିନ୍ତୁ ପାଠ-ଚକ୍ର ଗୃହରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ମୌନ ରହିବା ଉଚିତ, କେବଳ ଧ୍ୟାନ ପରେ କୌଣସି ପ୍ରଶ୍ନୋତ୍ତର ହୋଇପାରେ ।

୩. କେନ୍ଦ୍ରରେ କୌଣସି ପ୍ରକାର ଗଳ୍ପ କିଂବା ରାଜନୈତିକ ଚର୍ଚ୍ଚା ନ ହେବା ପ୍ରତି ଦୃଷ୍ଟି ରଖିବେ, ସେଥିରେ ବାତାବରଣ ଦୂଷିତ ହୋଇଯାଏ ।

୪. ଫେବ୍ରୁଆରି ୨୧ ତାରିଖ (ଶ୍ରୀମା'ଙ୍କ ଜନ୍ମ-ଦିବସ), ଅପ୍ରେଲ ୨୪ ତାରିଖ (ଶ୍ରୀମା'ଙ୍କର ପଣ୍ଡିଚେରୀକୁ ଶେଷ ଆଗମନ ଦିବସ), ଅଗଷ୍ଟ ୧୫ ତାରିଖ (ଶ୍ରୀଅରବିନ୍ଦଙ୍କ ଜନ୍ମ-ଦିବସ) ଓ ନଭେମ୍ବର ୨୪ ତାରିଖ (ଶ୍ରୀମା, ଶ୍ରୀଅରବିନ୍ଦଙ୍କ ସିଦ୍ଧି-ଦିବସ),– ଏହି ଚାରୋଟି ଦିନକୁ 'ଦର୍ଶନ-ଦିବସ' କୁହାଯାଏ ଏବଂ ଏହି ଦିନଗୁଡ଼ିକରେ ଆଶ୍ରମରେ ଶ୍ରୀମା ଆଶୀର୍ବାଦ (Blessings) ଦେଉଥିଲେ । ଏହାଛଡ଼ା ଜାନୁଆରି ୧ ତାରିଖ (ନୂତନ ବର୍ଷ ଆରମ୍ଭ), ମାର୍ଚ୍ଚ ୨୯ ତାରିଖ (ଶ୍ରୀମା'ଙ୍କର ପ୍ରଥମ ଥର ପଣ୍ଡିଚେରୀ ଆଗମନ), ଅପ୍ରେଲ ୪ ତାରିଖ (ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନ ଦିବସ), ଦୁର୍ଗା ପୂଜା (ମହାଷ୍ଟମୀ), ବିଜୟା ଦଶମୀ, ଲକ୍ଷ୍ମୀ ପୂଜା, କାଳୀ ପୂଜା, ସରସ୍ୱତୀ ପୂଜା, ଡିସେମ୍ବର ୫ ତାରିଖ (ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ) ଓ ୯ ତାରିଖ (ମହାସମାଧି ଦିବସ) ପ୍ରଭୃତି ଦିବସମାନଙ୍କରେ ମା' ଆଶୀର୍ବାଦ (Blessings) ଦେଉଥିଲେ, ନଭେମ୍ବର ୧୭ ତାରିଖ ଶ୍ରୀମାଙ୍କ ମହାପ୍ରୟାଣ ଦିବସ ଏବଂ ନଭେମ୍ବର ୨୦ ତାରିଖ ଶ୍ରୀମାଙ୍କ ମହାସମାଧି ଦିବସ । ଏହିସବୁ ଦିନମାନଙ୍କରେ ପ୍ରତ୍ୟେକ ପାଠଚକ୍ରରେ ବିଶେଷ କିଛି କାର୍ଯ୍ୟକ୍ରମ ରଖିବା ଉଚିତ । ଦିନ ୧୦ ଘଣ୍ଟା ସମୟରେ ଅଧଘଣ୍ଟାଏ ସମବେତ ଧ୍ୟାନ, ସନ୍ଧ୍ୟା ସମୟରେ ପରିସ୍ଥିତି ଅନୁସାରେ ଛୋଟ ଅଥବା ବଡ଼ ଧରଣର ସଭା କରିବେ । ଯଦି କେହି ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ସମ୍ବନ୍ଧରେ କିଛି କହି ପାରନ୍ତି ତେବେ ଭଲ, ନଚେତ୍ ଶ୍ରୀମା ଶ୍ରୀଅରବିନ୍ଦଙ୍କ ବହି ଅଥବା ଯୋଗ-ଦର୍ଶନ ସମ୍ବନ୍ଧୀୟ ଲେଖା ପଢ଼ିବେ । ସେଦିନ ଅନ୍ୟାନ୍ୟ ଦିବସ ଅପେକ୍ଷା ବିଶେଷ ଭାବରେ ପାଠଚକ୍ର ଗୃହ ଫୁଲରେ ସଜାଇବେ, ଧୂପ ମଧ୍ୟ ଦେବେ । ଯେଉଁମାନେ ପାଠଚକ୍ରର ସଦସ୍ୟ ହେବେ ସେମାନେ ପ୍ରତିଦିନ ନିୟମିତ ରୂପେ କିଛି ସମୟ ଧ୍ୟାନ କରିବେ । ସମର୍ପଣ, ଧ୍ୟାନ, ସାଧନା ପ୍ରଣାଳୀ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ଜାଣିବାକୁ ହେଲେ ପ୍ରଥମେ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ' ପଢ଼ିଲେ ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ ପ୍ରବେଶ କରିବା ସୁଗମ ହୁଏ ।

ପ୍ରତ୍ୟେକ ପାଠଚକ୍ରରେ ପରିସ୍ଥିତି ଅନୁସାରେ ପାଠଚକ୍ର ମାଧ୍ୟମରେ ହେଉ ଅଥବା ବ୍ୟକ୍ତିଗତଭାବରେ ହେଉ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ, ନବଜ୍ୟୋତି, ନବପ୍ରକାଶ, ଶ୍ରୀଅରବିନ୍ଦ-ଆକ୍‌ସନ୍ ତଥା ଲୋକ-ସାହିତ୍ୟ ବିକ୍ରିର ବ୍ୟବସ୍ଥା କରିବାକୁ ହେବ ଏବଂ ପ୍ରତ୍ୟେକ ମାସ ଶେଷରେ ପାଠଚକ୍ର କାର୍ଯ୍ୟକ୍ରମର ବିବରଣୀ ଆଶ୍ରମକୁ ପଠାଇବାକୁ ହେବ । ଏଥିରେ ଆଶ୍ରମ ସହିତ ବିଶେଷ ସମ୍ପର୍କ ରହିବ ଏବଂ ଆଶ୍ରମର ନିର୍ଦ୍ଦେଶ ବରାବର ପାଠଚକ୍ରମାନଙ୍କୁ ମିଳି ପାରିବ । ଏଯୋଗର ପ୍ରଧାନ ରହସ୍ୟ ହେଉଛି ମା'ଙ୍କ ଉପରେ ନିର୍ଭରତା ଓ ଭରସା ରଖିବା । ଏହାକୁ ଯେତେ ବୃଦ୍ଧି କରାହେବ ସାଧକ ନିଜ ସାଧନାରେ ସେତେ ଅଧିକ ସୁଗମତା ପ୍ରାପ୍ତ କରିବ । ଏଣୁ ପାଠଚକ୍ର ତଥା ସାଧକମାନେ ମା'ଙ୍କ ସହିତ ସମ୍ବନ୍ଧକୁ ଉତ୍ତରୋତ୍ତର ବୃଦ୍ଧି କରି ଦୃଢ଼ କରିବା ଉଚିତ ।

ମନୁଷ୍ୟର ଭାବ ହେଉଛି ପ୍ରଧାନ । ଯଦି ସେ ଶୁଦ୍ଧ ନିଷ୍କପଟ ଭାବ ରଖିପାରେ ତେବେ ସେ ପଥରରେ ଭଗବାନଙ୍କୁ ପ୍ରକଟ କରିପାରେ । ଭାବ ବିନା ଭଗବାନ୍ ସ୍ୱୟଂ ଦ୍ୱାରକୁ ଆସି ଫେରି ଯା'ନ୍ତି । ଶ୍ରୀକୃଷ୍ଣ, ଦୁର୍ଯ୍ୟୋଧନ ଓ ପାଣ୍ଡବମାନଙ୍କର ବନ୍ଧୁ ଥିଲେ । ପାଣ୍ଡବମାନଙ୍କର ଭାବ ଓ ଭକ୍ତି ଥିଲା ବୋଲି ସେମାନେ ଶ୍ରୀକୃଷ୍ଣଙ୍କୁ ଯେଉଁଠି ଡାକୁଥିଲେ ଶ୍ରୀକୃଷ୍ଣ ହଜାର କ୍ରୋଶରୁ ସେମାନଙ୍କ ଡାକ ଶୁଣି ସେମାନଙ୍କ ବିପଦରେ ସାହା ହେଉଥିଲେ । କିନ୍ତୁ ଦୁର୍ଯ୍ୟୋଧନର ଭାବ ବା ଭକ୍ତି ନ ଥିବାରୁ ତା ଘରକୁ ଯାଇ ଭୋଜନ ନ କରି ଫେରିଆସି ବିଦୁର ଘରେ କଦଳୀ ଚୋପା ପ୍ରେମରେ ଖାଇଥିଲେ । ଶ୍ରୀକୃଷ୍ଣଙ୍କୁ ଦୁର୍ଯ୍ୟୋଧନ ଭଗବାନ୍ ବୋଲି ଚିହ୍ନି ବି ପାରିଲା ନାହିଁ । ଭଗବାନ୍ ଆମ ସଙ୍ଗେ ସଙ୍ଗେ ରହିଥିବେ, ଆମର ଭକ୍ତିଭାବ ନ ଥିଲେ ଆମେ ତାଙ୍କୁ ଚିହ୍ନି ପାରିବା ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟର ଭାବ ନ ଥିବ, ଯୁକ୍ତି-ତର୍କ, ତଥା ବୁଦ୍ଧି-ପ୍ରଧାନ ମନୋବୃତ୍ତି ଥିବ ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ କିଂବା ଭଗବାନଙ୍କ କାର୍ଯ୍ୟକୁ ବୁଝିପାରିବ ନାହିଁ । ଯେଉଁ ବ୍ୟକ୍ତିମାନେ

ପାଠଚକ୍ରର ସଦସ୍ୟ, ସାଧନା କରିବାକୁ ଚାହାନ୍ତି, ସାଧନା କରୁଅଛନ୍ତି, ସେମାନେ ଶୁଷ୍କ ତର୍କକୁ ଦୂରରେ ରଖି ହୃଦୟରେ ଭାବକୁ ବୃଦ୍ଧି କରିବାକୁ ଚେଷ୍ଟା କରିଅଛନ୍ତି । ଭକ୍ତମାନେ ପାଠଚକ୍ରର ଗୃହକୁ ମା' ଶ୍ରୀଅରବିନ୍ଦଙ୍କ ନିବାସ ସ୍ଥଳ, ଫଟୋରେ ସାକ୍ଷାତ ମା' ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ବୋଲି ବିଶ୍ୱାସ କରି ଦର୍ଶନ ଅଥବା ଆଶୀର୍ବାଦ (Blessings) ଦିନ ଆଶ୍ରମର ନିୟମ ଅନୁସାରେ ଶ୍ରେଣୀବଦ୍ଧଭାବେ (in a queue) ଯାଇ ଫଟୋ ପାଖରେ ପୁଷ୍ପ ଅର୍ପଣ କରି ତାଙ୍କର ଉପସ୍ଥିତି ଅନୁଭବ କରି ପାରନ୍ତି । ଏହି ସକାଶେ ବାହ୍ୟ ନିୟମ କାର୍ଯ୍ୟକାରୀ ହୁଏ ନାହିଁ, ହୁଏ ଭାବ ।

ପ୍ରଶ୍ନ : ପାଠଚକ୍ରରେ ଉତ୍ସବ ପାଳନ କରିବା, ସଭା କରିବା, ପୁସ୍ତକ ବିକ୍ରି କରିବାକୁ ହେଲେ କେତେକ ଲୋକଙ୍କର ଧାରଣା ହେବ ଯେ ଏହିସବୁ କାର୍ଯ୍ୟ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରଚାର କରା ହେଉଅଛି, ଅତଏବ ଆମ୍ଭମାନଙ୍କର କ'ଣ କରିବା ଉଚିତ ?

ଉତ୍ତର : ଆମ୍ଭମାନଙ୍କର ଏକମାତ୍ର କର୍ତ୍ତବ୍ୟ ଭଗବାନଙ୍କ ସଙ୍କଳ୍ପରେ ଅଂଶ ଗ୍ରହଣ କରିବା । ଲୋକଙ୍କୁ ସନ୍ତୁଷ୍ଟ କରିବା ସକାଶେ ସାଧକର ସାଧନା ନୁହେଁ । ସାଧକର ସାଧନା ଭଗବାନଙ୍କ ସକାଶେ । ସେଥିରେ ଲୋକେ ଭଲ କୁହନ୍ତୁ ବା ମନ୍ଦ କୁହନ୍ତୁ କିଛି ଯାଏ ଆସେ ନାହିଁ । ଲୋକେ ଆଲୋଚନା କରିବାରେ କାହାକୁ ବାଦ୍ ଦିଅନ୍ତି ? ପରମା ସତୀ, ପତିପରାୟଣା, ସାଧ୍ୱୀ 'ସୀତା'ଙ୍କଠାରେ ଲୋକେ କଳଙ୍କ ଆରୋପ କରିଅଛନ୍ତି । ସେଥି ସକାଶେ ଲୋକଙ୍କ ଆଲୋଚନାର କୌଣସି ମୂଲ୍ୟ ନାହିଁ । କେବଳ ମୂଲ୍ୟ ଅଛି ଆମ୍ଭମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ । ଅଧ୍ୟାତ୍ମ ପ୍ରଚାର ଦ୍ୱାରା ଲୋକକଲ୍ୟାଣ ହେବ, ସେଥିରେ ଦୋଷ କ'ଣ ?

ପ୍ରଶ୍ନ : ଆମ୍ଭମାନଙ୍କର ଏହିସବୁ ପାଠଚକ୍ରର କାର୍ଯ୍ୟକ୍ରମ ଭଗବାନଙ୍କ ସଙ୍କଳ୍ପର ଅନୁକୂଳ ବୋଲି ଆମ୍ଭେମାନେ କିପରି ଜାଣିବୁ ?

ଉତ୍ତର : ଯଦି ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଭଗବାନଙ୍କ ସଙ୍କଳ୍ପ ଅନୁସାରେ ହୁଏ, ତେବେ ଆମ୍ଭ କାମ ଭଗବାନଙ୍କ ସଙ୍କଳ୍ପ ଅନ୍ତର୍ଗତ ହେବ, କାରଣ ପାଠଚକ୍ର ଆଶ୍ରମର ଶାଖା । ଶ୍ରୀଅରବିନ୍ଦ ଅନ୍ତରରେ ଭଗବାନଙ୍କ ଆଦେଶ ପାଇ ରାଜନୈତିକ କାର୍ଯ୍ୟ ଛାଡ଼ି ପଣ୍ଡିଚେରୀରେ ଆସି ସାଧନାରେ ରତ ହେବାହିଁ ସୂଚିତ କରୁଛି ଯେ ଶ୍ରୀଅରବିନ୍ଦ ଭଗବାନଙ୍କ ସଙ୍କଳ୍ପକୁ କାର୍ଯ୍ୟରେ ପରିଣତ କରୁଅଛନ୍ତି । ଏହାଛଡ଼ା ଭଗବାନ୍ ଏକ, ତାଙ୍କରି ଦ୍ୱାରା ସୃଷ୍ଟି ଆରମ୍ଭ ହୋଇ ବିକାଶ ମାର୍ଗରେ ଚାଲୁଅଛି । ଯେତେବେଳେ ଅଧର୍ମର ବୃଦ୍ଧି ହେତୁ ତାଙ୍କ ସଂସାରର ବିକାଶ କାର୍ଯ୍ୟରେ ବାଧାପଡ଼େ ସେତେବେଳେ ଭଗବାନ୍ ଅବତାର ନେଇ ଧର୍ମ ସଂସ୍ଥାପନା କରନ୍ତି । ଭଗବାନ୍ ସ୍ୱୟଂ ଗୀତାରେ କହିଛନ୍ତି –

ୟଦା ୟଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥

(ଅଧ୍ୟାୟ ୪ ଶ୍ଲୋ, ୭)

ଯେତେବେଳେ ଧର୍ମର ହାନି ଓ ଅଧର୍ମର ବୃଦ୍ଧି ହୁଏ ଭଗବାନ୍ ସ୍ୱୟଂ ଅଥବା ତାଙ୍କ ସଙ୍କଳ୍ପରେ ତାଙ୍କ ବିଭୂତି ଅବତାର ନିଅନ୍ତି । ସଂସାରର ବର୍ତ୍ତମାନ ଅବସ୍ଥାରୁ ନିଃସନ୍ଦିଗ୍ଧଭାବେ ସ୍ପଷ୍ଟ ହେଉଛି ଯେ ବର୍ତ୍ତମାନ ଏହି ଧର୍ମ-ଗ୍ଲାନି ସମୟରେ ନୂତନ ଅତିମାନସ ଧର୍ମ ଜଗତରେ ସ୍ଥାପନା କରିବା ସକାଶେ ଶ୍ରୀଅରବିନ୍ଦ ଆସି ଅଛନ୍ତି । ଏଣୁ ତାଙ୍କର ସମସ୍ତ କାର୍ଯ୍ୟ ହେଉଛି ଭଗବାନଙ୍କ ସଂକଳ୍ପ ଅନୁସାରେ । ପାଠକମାନଙ୍କୁ ମନେ ରଖିବାକୁ ହେବ ଶ୍ରୀଅରବିନ୍ଦଙ୍କ ଯୋଗ ପୃଥିବୀରେ ଗୋଟିଏ ଏକେବାରେ ନୂତନ ବସ୍ତୁସ୍ଥାପନା କରିବାରେ ପ୍ରୟାସୀ । ସେଥିପାଇଁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍, ଅଗଷ୍ଟ ୧୯୬୨ (ପୃ. ୨୩ ରୁ ୨୯) ମା' ସ୍ପଷ୍ଟ ଭାବରେ କହିଛନ୍ତି, ''ଆମେ ପୁରାତନ ପଦ୍ଧତିର ନକଲ କରୁ ନାହୁଁ, ଗୋଟିଏ ପୂର୍ଣ୍ଣ ନୂତନ ବସ୍ତୁ ସଂସାରରେ ସ୍ଥାପନ କରିବାକୁ କର୍ମ କରୁଅଛୁ ।'' ପାଠକମାନଙ୍କୁ ସର୍ବଦା ମନେ ରଖିବାକୁ ହେବ ଯେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ବ୍ୟକ୍ତିଗତ ନୁହେଁ, ଏହା ସମସ୍ତ ମାନବଜାତି ସକାଶେ । ଏହା ସାମ୍ପ୍ରଦାୟିକ

ସୀମାରୁ ସର୍ବଦା ମୁକ୍ତ । ସକଳ ସମ୍ପ୍ରଦାୟ, ସକଳ ଧର୍ମ, ସମଗ୍ର ମାନବସମାଜ, ସମସ୍ତେ ଚାହାନ୍ତି ଜୀବନ ଓ ଜଗତର ଉନ୍ନତି । ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାହିଁ ସାଧିତ ହୁଏ । ଅତଏବ ଶ୍ରୀଅରବିନ୍ଦଙ୍କ ଆଦର୍ଶର ଦ୍ୱାର ପ୍ରତ୍ୟେକ ମାନବ ସକାଶେ ସର୍ବଦା ଉନ୍ମୁକ୍ତ ।

ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

ସୂଚନା

ବହୁଦିନ ଧରି ସମାଜ କେବଳ ଭୋଗ-ବିଳାସ, ସୁଖ-ସ୍ୱାଚ୍ଛନ୍ଦ୍ୟ ଦିଗରେହିଁ ଯେ ପୁରୁଷମାନଙ୍କ ପ୍ରତି ପକ୍ଷପାତିତ୍ୱ କରି ନାରୀମାନଙ୍କୁ ଅବହେଳା କରିଆସିଛି, ତାହା ନୁହେଁ, ଆଧ୍ୟାତ୍ମିକ ମାର୍ଗରେ ମଧ୍ୟ ନାରୀମାନଙ୍କ ପ୍ରତି ଅତି ଅବହେଳା ପ୍ରଦର୍ଶନ କରିବା ଏକ ସାମାଜିକ ସଂସ୍କାରରେ ପରିଣତ ହୋଇଯାଇଛି । ଆଧ୍ୟାତ୍ମିକତା ଓ ସତ୍ୟ ପ୍ରତି ପୂର୍ଣ୍ଣାଙ୍ଗ ଦୃଷ୍ଟିକୋଣର ଅଭାବରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି । ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗ ଯେହେତୁ ସମଗ୍ର ମାନବତାର ରୂପାନ୍ତର ସାଧନ କରି ଏକ ଦିବ୍ୟଯୁଗ ପ୍ରତିଷ୍ଠା କରିବାକୁ ଉଦ୍ଦିଷ୍ଟ, ଏ ଯୋଗରେ ମାନବତାର ଅର୍ଦ୍ଧଶକ୍ତି ନାରୀର ଭୂମିକା ପୁରୁଷର ସମତୁଲ୍ୟ । ବରଂ ସଂସ୍କାରଗତ ଅବହେଳା ଦୃଷ୍ଟିରୁ ଏବେ ସେମାନଙ୍କ ପ୍ରତି ନିର୍ଦ୍ଦିଷ୍ଟ ଭାବରେ ଗୁରୁତ୍ୱ ଦେବାର ସମୟ ଆସିଛି ।

ଏହି ପୁସ୍ତିକାରେ ଦୁଇଟି ଭାଗ ଏକତ୍ର ରହିଛି । ପ୍ରଥମ ଭାଗରେ ନାରୀର ଅତୀତ ଅବସ୍ଥା, ବର୍ତ୍ତମାନ ଅବସ୍ଥା ଓ ଭବିଷ୍ୟତ୍ ପାଇଁ ସେମାନଙ୍କର ମହତୀ ଭୂମିକା କଥା ଆଲୋଚନା କରାଯାଇଛି । ସେହି ମହତୀ ଭୂମିକା ଯଥାଯଥ ଭାବରେ ତୁଲାଇବା ସକାଶେ ବାଲ୍ୟାବସ୍ଥାରୁ କିପରି ମାର୍ଗରେ ନିଜକୁ ପରିଚାଳିତ କରିବାକୁ ହେବ, ସେସମ୍ପର୍କରେ ବାସ୍ତବ ନିର୍ଦ୍ଦେଶ ଦ୍ୱିତୀୟ ଭାଗରେ ଦିଆଯାଇଛି ।

ଓଡ଼ିଶାର ନାରୀସମାଜ ଏହି ପୁସ୍ତିକାଟି ଦ୍ୱାରା ବିଶେଷ ଭାବରେ ଉପକୃତ ହେବେ ବୋଲି ଆଶା କରାଯାଏ ।

— ପ୍ରକାଶକ

ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

ପ୍ରଥମ ଭାଗ

ନାରୀମାନଙ୍କ ତପଃଶକ୍ତିରେ ସଂସାରର ଉନ୍ନତି

*

ଅତୀତର ନାରୀ

*

ନାରୀମାନଙ୍କ ତପଃଶକ୍ତିର କ୍ଷୀଣତା

*

ତପଃ ହ୍ରାସ ହେବାର କାରଣ

*

ନାରୀମାନେ କ'ଣ ପୂର୍ବାବସ୍ଥାକୁ ଫେରିବେ ?

*

ପାତିବ୍ରତ୍ୟ ଧର୍ମର ଆଦର୍ଶ : ସୀତା

*

ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ

*

ଭାରତର ଧର୍ମ-ଭିତ୍ତି : ନାରୀ

*

ନାରୀମାନଙ୍କୁ କ'ଣ କରିବାକୁ ହେବ ?

ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

ନାରୀମାନଙ୍କ ତପଃଶକ୍ତିରେ ସଂସାରର ଉନ୍ନତି

ଶକ୍ତିସ୍ୱରୂପା ନାରୀ, ଆଦ୍ୟାଶକ୍ତିଙ୍କ ଅଂଶଭୂତା, ମା' । ନାରୀ ବିନା ନର ଶକ୍ତିହୀନ । ପୁରୁଷ ଓ ପ୍ରକୃତିର ସଂଯୋଗରେ ହୁଏ ସୃଷ୍ଟି ସର୍ଜନା; ନର-ନାରୀଙ୍କ ସମନ୍ୱୟରେ ହୁଏ ସଂସାରର ବିକାଶ । ପୁରୁଷ ଓ ପ୍ରକୃତିର ଅଂଶ ନର ଏବଂ ନାରୀ । ନାରୀମାନଙ୍କ ତପଃଶକ୍ତି — ସଚ୍ଚରିତ୍ର, ସଦ୍‌ଗୁଣହିଁ ସଂସାରର ଉନ୍ନତିର କାରଣ । ମା'ମାନଙ୍କ ସଚ୍ଚରିତ୍ର, ସଦ୍‌ଗୁଣହିଁ ସନ୍ତାନ ମଧ୍ୟରେ ସଞ୍ଚାରିତ ହୁଏ ଓ ସଂସ୍କାରରେ ପରିଣତ ହୁଏ । ମା'ର ତପଃଶକ୍ତି କ୍ଷୀଣ ହେଲେ ସନ୍ତାନ କୁସଂସ୍କାରଗ୍ରସ୍ତ ହୁଏ; ସେମାନଙ୍କ ଦ୍ୱାରା ସଂସାରର ଅବନତି ହୁଏ । ସଂସାରରେ ବିଶେଷ ପରିବର୍ତ୍ତନ ଆଣିବାକୁ ହେଲେ ଆଦ୍ୟାଶକ୍ତି ସ୍ୱୟଂ ନାରୀମାନଙ୍କ ପ୍ରତିନିଧି ହୋଇ ସଂସାରରେ ଦୁର୍ଗାରୂପେ ପ୍ରକଟ ହୋଇ ଅସୁର-ମର୍ଦନ କରନ୍ତି; କିନ୍ତୁ ସଂସାରରେ ଆଦର୍ଶ ଓ ପ୍ରେମ ସ୍ଥାପନ କରିବାକୁ ହେଲେ ପାର୍ଥିବ ଶରୀରରେ ସୀତା, ରାଧା ଆଦି ରୂପେ ଅବତାର ନେଇ ପତି-ଭକ୍ତି, ପତିବ୍ରତା ଧର୍ମ ତଥା ଭଗବତ୍ ପ୍ରେମ ସ୍ଥାପନ କରନ୍ତି । ଯଥାର୍ଥରେ ସଂସାରର ଉନ୍ନତି ଏବଂ ବିକାଶରେ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଦାନ ଅଧିକ । ସଂସାରରେ ସତ୍ୟ ପ୍ରତିଷ୍ଠା ହୁଏ ନାରୀମାନଙ୍କ ତପଃଶକ୍ତି ଦ୍ୱାରା ।

ଅତୀତର ନାରୀ

ପୂର୍ବେ ମା'ଭଉଣୀମାନେ ଯଦ୍ୟପି ପଢ଼ାଶୁଣା କରି ନ ଥିଲେ, ତଥାପି ପରମ୍ପରାରୁ ପ୍ରାପ୍ତ କେତେଗୁଡ଼ିଏ ଶିକ୍ଷାପ୍ରଦ ଗୀତ ମୁଖସ୍ଥ କରି ନେଇଥିଲେ, କେତେଗୁଡ଼ିଏ କାହାଣୀ ଜାଣିଥିଲେ ଏବଂ ସେହି ଆଦର୍ଶରେ ଜୀବନ ଗଢୁଥିଲେ । ମା'ମାନେ ପତି, ପୁତ୍ର, କନ୍ୟାମାନଙ୍କ କଲ୍ୟାଣ ପାଇଁ ଲକ୍ଷ୍ମୀପୂଜା, ମାଣବସାବ୍ରତ, ସୁଦଶାବ୍ରତ, ବଡ଼ଓଷା ଇତ୍ୟାଦି ବାର ମାସରେ ଚବିଶ ବ୍ରତ ଉପବାସ କରୁଥିଲେ । ଉପାସ୍ୟ ଦେବତାଙ୍କୁ ପୂଜା କରିବା ସମୟରେ ବ୍ରତର ମାହାତ୍ମ୍ୟ ପଢ଼ା ହେଉଥିଲା । ମା'ମାନଙ୍କ ସଙ୍ଗେ ଛୋଟ ଛୋଟ ଝିଅମାନେ ସେସବୁ ଶୁଣୁଥିଲେ । ମା'ମାନଙ୍କର ବୁଦ୍ଧି ବିକଶିତ ହୋଇ ନ ଥିଲା, କିନ୍ତୁ ହୃଦୟ ସରଳ ଥିଲା । ସେମାନେ ବ୍ରତ ପାଳନ ଓ ଦେବ-ଦେବୀ ପୂଜନର ମହତ୍ତ୍ୱକୁ ବିଶ୍ୱାସ କରୁଥିଲେ ଏବଂ ତଦନୁରୂପ ଫଳ ପାଉଥିଲେ । ମନୁଷ୍ୟର ବିଶ୍ୱାସ ହେଉଛି କଳ୍ପତରୁ; ବିଶ୍ୱାସରେ ଯାହା ଚାହିଁବ ତାହା ପାଇବ । ଆଜି ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ବିଶ୍ୱାସ ଓ ଭାବ ଦୁଇଟି ଲୋପ ପାଇଛି । ଆଜିକାଲିର ବୁଦ୍ଧିପ୍ରଧାନ ବ୍ୟକ୍ତି ପୂର୍ବ ବିଶ୍ୱାସ ଓ ଭାବକୁ କୁସଂସ୍କାର ବୋଲି କହୁଅଛନ୍ତି । ମା'ମାନଙ୍କର ବିଶ୍ୱାସ, ନିଷ୍ଠା ଓ ଭାବର ପ୍ରଭାବ ସରଳ, ସ୍ୱଚ୍ଛ, ନିଷ୍କପଟ, ପବିତ୍ରହୃଦୟା ବାଳିକାମାନଙ୍କ ରକ୍ତ ସହିତ ମିଶି ସଂସ୍କାରରେ ପରିଣତ ହୋଇଯାଉଥିଲା । ମା'ମାନେ ଝିଅମାନଙ୍କୁ ପାତିବ୍ରତ୍ୟ ଶିକ୍ଷା ଦେଉଥିଲେ, ସେମାନଙ୍କ ସମ୍ମୁଖରେ ଉଦାହରଣରୂପେ ନିଜର ଆଚରଣ ରଖୁଥିଲେ । ମା'ମାନଙ୍କ ପ୍ରଭାବରୁ ଝିଅମାନେ ସ୍ୱଭାବତଃ ଧର୍ମପରାୟଣା ହେଉଥିଲେ । ସେସମୟରେ ସତୀତ୍ୱର ଗୌରବ ଥିଲା, ଚରିତ୍ରର ସମ୍ମାନ ଥିଲା, ମାତୃତ୍ୱର ଆଦର ଥିଲା । ମା'ମାନେ ଇଂରାଜୀ ପଢ଼ି ଡିଗ୍ରୀ ପ୍ରାପ୍ତ କରି ନ ଥିଲେ, ସଭାରେ ଭାଷଣ ଦେବାରେ ଅସମର୍ଥା ଥିଲେ, ରାଜନୀତି ଜାଣି ନ ଥିଲେ, ତଥାପି ସେମାନଙ୍କର ଥିଲା ମାତୃତ୍ୱ, ଚରିତ୍ର, ସତୀତ୍ୱ — ସେମାନେ ଯଥାର୍ଥରେ ଥିଲେ ଗୃହଲକ୍ଷ୍ମୀ, ଦେବୀ, ମା' । ସେମାନଙ୍କର ଧର୍ମରେ ବିଶ୍ୱାସ ଥିଲା । ସେହିମାନଙ୍କ ଧର୍ମର ପ୍ରଭାବରୁ ସମସ୍ତ ପରିବାର ସୁଖରେ ରହୁଥିଲେ । ସଚ୍ଚରିତ୍ରା ଗୋଟିଏ ଝିଅ ଯେଉଁ ପରିବାରକୁ ଯାଉଥିଲା, ସେ ଘରର ସମଗ୍ର ପରିସ୍ଥିତି ବଦଳି ଯାଉଥିଲା । ସେହି ସମୟର ମା'ମାନେ ରାଜା ବିକ୍ରମାଦିତ୍ୟ, ଭୋଜ, ଶିବାଜି, ମହାପୁରୁଷ

ଜ୍ଞାନଦେବ, ନାମଦେବ, ସମର୍ଥ ରାମଦାସ, ତୁଳସୀ ଦାସ, ସୁରଦାସ, ଚୈତନ୍ୟ ମହାପ୍ରଭୁ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ମାଧବ ଦାସ ପ୍ରଭୃତି କେତେ ବୀର, ଯୋଦ୍ଧା, ସନ୍ଥ, ମହାତ୍ମାମାନଙ୍କୁ ଜନ୍ମ ଦେଇଥିଲେ । ମା'ମାନଙ୍କ ଧାର୍ମିକ ଆଚରଣରୁ କେତେ ପୁରୁଷ ପର୍ଯ୍ୟନ୍ତ ଭାଇମାନେ ଏକାନ୍ନରେ ରହୁଥିଲେ । ଗ୍ରାମରେ ଉଚ୍ଚ, ନୀଚ ସବୁ ଶ୍ରେଣୀର ଲୋକେ ବାସ କରୁଥିଲେ, କିନ୍ତୁ ପରସ୍ପର ମଧ୍ୟରେ ସହଯୋଗ, ଧର୍ମଭାବ ଥିଲା । ସଭିଏଁ ଅନ୍ୟ ଜାତିର ସମବୟସ୍କ ବ୍ୟକ୍ତିର କନ୍ୟା ପ୍ରତି ନିଜର କନ୍ୟା, ଅନ୍ୟର ମା' ପ୍ରତି ନିଜର ମା' ଭାବ ରଖୁଥିଲେ । ସେତେବେଳେ ଧର୍ମର ଏପରି ବିଶ୍ୱାସ ଥିଲା ଯେ ମହାପ୍ରସାଦ ଦ୍ୱାରା ସ୍ଥାପିତ ସମ୍ବନ୍ଧକୁ ନିଜର ମା, ସହୋଦର, ଭଉଣୀ ଭାବରେ ପାଳନ କରାହେଉଥିଲା । ଏହି ଧର୍ମଭାବ ନୈତିକତା ଏବଂ ଶ୍ରେଷ୍ଠ ବ୍ୟକ୍ତିଙ୍କ ଆଚରଣ ଉପରେ ପ୍ରତିଷ୍ଠିତ ଥିଲା । ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଏହି ଦୁର୍ବଳ ଭିତ୍ତି ଭୁଶୁଡ଼ି ପଡ଼ିଲା । ଏହି ସବୁର ଦୃଢ଼ ଭିତ୍ତି ହେଉଛି ଅନ୍ତରାତ୍ମା । ସେ ଯଦି ଜାଗ୍ରତ ହୋଇଥାଆନ୍ତା, ତେବେ ବିକଶିତ ମନ-ବୁଦ୍ଧିକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିଥାଆନ୍ତା । ଅନ୍ତରାତ୍ମାର ନେତୃତ୍ୱ ବିନା ବୁଦ୍ଧିର ବିକାଶ ଯୋଗୁଁ ସମାଜରୁ ଧର୍ମ-ବିଶ୍ୱାସ ତୁଟିଗଲା ।

ସେସମୟରେ ଲୋକମାନଙ୍କ ମଧ୍ୟରେ ଧର୍ମଭାବ ଯୋଗୁଁ ସଂସାର ସୁଖରେ ଥିଲା । ଏହା ଥିଲା କେବଳ ମା'ମାନଙ୍କ ତପସ୍ୟା ଓ ସ୍ୱାର୍ଥତ୍ୟାଗର ଫଳ । ସେମାନେ ପତିଙ୍କୁ ଈଶ୍ୱରଙ୍କ ପ୍ରତିନିଧି ମାନି ସେବା କରୁଥିଲେ । ଏହିରୂପ ଈଶ୍ୱରୋପାସନା, ତପସ୍ୟା ଦ୍ୱାରା ସେମାନଙ୍କ ହୃଦୟ ଶୁଦ୍ଧ ହେଉଥିଲା । ସେମାନଙ୍କ ତପସ୍ୟାର ପ୍ରଭାବରୁ ପତି ଏବଂ ସନ୍ତାନମାନଙ୍କ ହୃଦୟ ଦୋଷରୁ ମୁକ୍ତ ହେଉଥିଲା । ଶାସ୍ତ୍ର ସେସମୟରେ ରମଣୀକୁ ଅବଳା ଆଖ୍ୟା ଦେଇଥିଲା । କାରଣ ସେମାନେ ପତି, ପୁତ୍ର ଆଶ୍ରୟରେ ରହୁଥିଲେ । ପତି, ପୁତ୍ର ଆଶ୍ରୟରେ ରହି ଏପରି ତପଃଶକ୍ତି ପ୍ରାପ୍ତ କରୁଥିଲେ ଯେ ନିଜ ତପୋବଳରେ ପତି, ପୁତ୍ର, କନ୍ୟାମାନଙ୍କୁ ସବଳ କରି ତୋଳୁଥିଲେ । ନାରୀମାନେ ଯେପର୍ଯ୍ୟନ୍ତ ନିଜ ଧର୍ମରେ ଦୃଢ଼ ଥାଆନ୍ତି, ସେପର୍ଯ୍ୟନ୍ତ ସଂସାର ସୁଖ-ସମୃଦ୍ଧିରେ ଥାଏ । ସେମାନଙ୍କର ତପଃଶକ୍ତି କ୍ଷୀଣ ହେଲେ ସଂସାର ରସାତଳଗାମୀ ହୁଏ । ବର୍ତ୍ତମାନ ସଂସାରର ଅବନତିର ପ୍ରଧାନ କାରଣ ହେଉଛି ନାରୀମାନଙ୍କର ତପଃଶକ୍ତିର ହ୍ରାସ । ଯେତେବେଳେ ସେମାନଙ୍କ ତପଃଶକ୍ତି ବୃଦ୍ଧି ହେବ, ସେତେବେଳେ ପୁନର୍ବାର ଜଗତ୍ ନିଜ ଉଚ୍ଚାସନରେ ଆସୀନ ହେବ । ଜଗତର ଉନ୍ନତି ଅଧିକ ପରିମାଣରେ ନିର୍ଭର କରୁଛି ମା'ମାନଙ୍କ ଉପରେ । ବର୍ତ୍ତମାନ ସମୟ ଆସିଛି, ସେମାନଙ୍କୁ ଏହି ଜଗତର ଉନ୍ନତିରେ ପୁରୁଷମାନଙ୍କ ସହିତ ଅଂଶ ଗ୍ରହଣ କରିବାକୁ ହେବ ।

ନାରୀମାନଙ୍କ ତପଃଶକ୍ତିର କ୍ଷୀଣତା

ଯାତ୍ରୀ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଅହରହ ଯାତ୍ରା କରୁଥାଏ । ମାର୍ଗର ବିଶ୍ରାମ ସ୍ଥାନ ସୁନ୍ଦର ବା ଅସୁନ୍ଦର ହେଉ, ସୁଖପ୍ରଦ ବା ଦୁଃଖପ୍ରଦ ହେଉ, ସେଥିପ୍ରତି ସେ ଦୃଷ୍ଟି ଦିଏ ନାହିଁ । ବିଶ୍ରାମ ପରେ ପୁନରାୟ ନିଜ ମାର୍ଗରେ ଯାତ୍ରାକରେ । ସେହିପରି ମନୁଷ୍ୟର କ୍ରମବିକାଶ ଧାରାରେ ପ୍ରକୃତି ନିରନ୍ତର ମନୁଷ୍ୟକୁ ଆଗେଇ ନେଇ ଚାଲିଅଛି, ଏହିପରି ବରାବର ଚାଲିଥିବ । ବିକାଶର ଦୁଇଟି ପର୍ଯ୍ୟାୟ : ପ୍ରଥମଟି ଦୁଃଖଦ୍ୱନ୍ଦ୍ୱରୁ ପରମ ଆନନ୍ଦକୁ ଏବଂ ଶେଷଟି ପରମାନନ୍ଦରୁ ଅନନ୍ତ ପରମାନନ୍ଦ ଆଡ଼କୁ ଯାତ୍ରା । ବର୍ତ୍ତମାନର ଯାତ୍ରା ଦୁଃଖରୁ ପରମ ସୁଖ ଆଡ଼କୁ ହେଉଅଛି । ସେହି ଲକ୍ଷ୍ୟମାର୍ଗରେ ପ୍ରାପ୍ତ ସୁଖ-ଦୁଃଖ ଅବସ୍ଥାରେ ମନୁଷ୍ୟ ସ୍ଥାୟୀ ହୋଇ ରହି ପାରୁ ନାହିଁ । ପୂର୍ବେ ସାମୟିକ ରୂପେ ଯଦ୍ୟପି କିଛି ଅଂଶରେ ମନୁଷ୍ୟକୁ ସୁଖ ପ୍ରାପ୍ତି ହେଉଥିଲା ସେଥିରେ ପ୍ରକୃତି ମନୁଷ୍ୟକୁ ଚିରସ୍ଥାୟୀ ହେବାକୁ ଦେଲା ନାହିଁ । ଭାରତରେ ବିଦେଶୀ ଶାସନ ସଙ୍ଗେ ସଙ୍ଗେ ବିଦେଶୀ ସଭ୍ୟତା ପ୍ରବେଶ କଲା । ଏହି ସଭ୍ୟତାରେ ମନୁଷ୍ୟର ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ହାର୍ଦିକ ଧର୍ମନାଶ ହେଲା ଏବଂ ଅଧର୍ମର ବୃଦ୍ଧି ହେବାକୁ ଲାଗିଲା । ଏହି ପ୍ରଭାବ ମଧ୍ୟ ନାରୀମାନଙ୍କ ଉପରେ ପଡ଼ିଲା । ସେମାନଙ୍କ ତପଃଶକ୍ତିର ଅଭାବରୁ ଭାରତ ତଥା ଜଗତର ପତନ ହେଲା । ପୂର୍ବେ ନାରୀମାନେ ନିରକ୍ଷରା ଥିଲେ । ଅନ୍ୟ ଦେଶର ସଭ୍ୟତା ସେମାନେ ଜାଣି ନ ଥିଲେ, ସେମାନଙ୍କ ଉପରେ ଅନ୍ୟ ସଭ୍ୟତାର ପ୍ରଭାବ

ପଡୁ ନ ଥିଲା । ଯଦ୍ୟପି ସେମାନଙ୍କର ଧର୍ମଭାବ, ତପଃଶକ୍ତି ଥିଲା, ତଥାପି ସେମାନଙ୍କ ମନ, ବିଚାର, ଧର୍ମଭାବ ଥିଲା ବହୁତ ସୀମିତ । ସେମାନଙ୍କୁ ଚିରଦିନ ସେହି ସୀମିତତାରେ ରହିବାକୁ ହେଉ, ଏକଥା ପ୍ରକୃତି ଚାହୁଁ ନ ଥିଲା । ପ୍ରକୃତି ଚାହୁଁଥିଲା, ସେମାନଙ୍କ ଧର୍ମର ଭିତ୍ତି ଏପରି ଦୃଢ଼ ହେଉ ଯଦ୍ଦ୍ୱାରା ବାହାରର କୌଣସି ପ୍ରଭାବ ତାକୁ ବିଚଳିତ କରି ପାରିବ ନାହିଁ । ସେଥିସକାଶେ ଭବିଷ୍ୟତର ବିଶେଷ ବିକାଶରେ ସେମାନଙ୍କର ଅଂଶଗ୍ରହଣ ଅନିବାର୍ଯ୍ୟ ଥିଲା । କାରଣ ଗୋଟିଏ ଦୃଢ଼ଭିତ୍ତି ତିଆରି କରିବା ସକାଶେ ପୁରାତନ ଦୁର୍ବଳ ଭିତ୍ତିକୁ ଭାଙ୍ଗିଦେବା ଉଚିତ । ତେଣୁ ପ୍ରକୃତିର ବିଧାନାନୁସାରେ ବିଦେଶୀ ଶାସନ ସଙ୍ଗେ ସଙ୍ଗେ ବିଦେଶୀ ସଭ୍ୟତାର ପ୍ରଭାବରୁ ସ୍କୁଲ ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା । ଝିଅମାନେ ସ୍କୁଲରେ ବିଦ୍ୟା ଶିକ୍ଷା କଲେ । ଶିକ୍ଷା ମଧ୍ୟଦେଇ ସେମାନଙ୍କ ଉପରେ ବିଦେଶୀ ସଭ୍ୟତାର ପ୍ରଭାବ ପଡ଼ିବାରୁ ସେମାନେ ସେହି ସଭ୍ୟତାରେ ଅନୁପ୍ରାଣିତ ହେଲେ । ପାତ୍ରରେ ଏକ ସମୟରେ ଗୋଟିଏ ବସ୍ତୁ ରହିପାରେ; ନୂତନ ବସ୍ତୁ ଯେତେ ପରିମାଣରେ ପ୍ରବେଶ କରେ ପୁରାତନ ବସ୍ତୁ ତେତେ ପରିମାଣରେ ବାହାରିଯାଏ । ଏହାହିଁ ହେଲା ଭାରତୀୟ ନାରୀମାନଙ୍କର ଅବସ୍ଥା । ସେମାନଙ୍କର ଧର୍ମଭାବ କ୍ରମଶଃ ହ୍ରାସ ହେଲା, ସ୍ୱଚ୍ଛନ୍ଦତା ପ୍ରତି ଅନୁରାଗ ବୃଦ୍ଧି ହେଲା ।

ତପଃ ହ୍ରାସ ହେବାର କାରଣ

ମନୁଷ୍ୟ ମଧ୍ୟରେ ତିନୋଟି ସତ୍ତା ଅଛି : ଅନ୍ତରାତ୍ମା, ମନ ଓ ପ୍ରାଣ । ଅନ୍ତରାତ୍ମା ଭାଗବତ ପ୍ରତିଭୂ, ଜ୍ଞାନର ସ୍ୱରୂପ, ଦିବ୍ୟଦୃଷ୍ଟିଯୁକ୍ତ । ଏହି ଅନ୍ତରାତ୍ମା ମନ, ପ୍ରାଣ, ଶରୀରକୁ ଧାରଣ କରିଥାଏ, ଚୈତନ୍ୟମୟ କରିଥାଏ । ଏହି ଆତ୍ମା ପୂର୍ଣ୍ଣତଃ ଜାଗ୍ରତ ହେଲେ ମନ, ପ୍ରାଣକୁ ଶାସନ କରେ, ସେସବୁକୁ ଯଥାର୍ଥ ସତ୍ୟ ଓ ଅଭ୍ରାନ୍ତ ମାର୍ଗରେ ପରିଚାଳିତ କରେ । ଏହି ସତ୍ତା ଜାଗ୍ରତ ହେବା ପୂର୍ବରୁ ମନ, ପ୍ରାଣ ଅନ୍ଧକାରରେ, ଅଜ୍ଞାନ ମାର୍ଗରେ ଦୌଡ଼ିଲା ପରି ଖାଲରେ ପଡ଼ି ଆଣ୍ଠୁ ଗଣ୍ଠି ଭାଙ୍ଗି ପକାନ୍ତି । ପୂର୍ବ କାଳରେ ନାରୀମାନଙ୍କର ଅନ୍ତରାତ୍ମା ଜାଗ୍ରତ ନ ଥିଲା ଏବଂ ମନ, ପ୍ରାଣ ମଧ୍ୟ ଅଧିକ ବିକଶିତ ହୋଇ ନ ଥିଲା । ସେମାନଙ୍କର ଧାର୍ମିକତା ପ୍ରତିଷ୍ଠିତ ଥିଲା ଶ୍ରେଷ୍ଠ ବ୍ୟକ୍ତିଙ୍କ ଆଚରଣର ଅନୁକରଣ ଓ ନୈତିକତା ଉପରେ । ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଯୁକ୍ତିତର୍କର ବତାସରେ ଦୁର୍ବଳ ଭିତ୍ତି ଉପରେ ପ୍ରତିଷ୍ଠିତ ଧର୍ମ ଧରାଶାୟୀ ହେଲା ।

ଏହାହିଁ ପ୍ରକୃତିର ନିୟମ । ପ୍ରକୃତି ଯେଉଁ ଅବସ୍ଥାର ବୃଦ୍ଧି କରିବାକୁ ଚାହେଁ ସେହିପରି ବାତାବରଣ ସୃଷ୍ଟି କରେ । ଯେତେବେଳେ ନାରୀମାନଙ୍କର ଧର୍ମଭାବ ବିକଶିତ ହେବାର ସମୟ ଥିଲା, ସେତେବେଳେ ସେହିପରି ଅନୁକୂଳ ବାତାବରଣ, ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ସୃଷ୍ଟି କରାଯାଇଥିଲା । ଆଜିକାଲି ଧର୍ମଭାବ ବିରୋଧରେ ବାତାବରଣ ସୃଷ୍ଟିକରା ହୋଇଛି । ଝିଅମାନେ ପଢ଼ିଲେଖି ବିଦୁଷୀ ହେଲେ, ସେମାନଙ୍କ ବୁଦ୍ଧି ମା'ମାନଙ୍କ ବୁଦ୍ଧିଠାରୁ ଅଧିକ ବିକଶିତ ହେଲା । ସେମାନେ ମା'ମାନଙ୍କ ଧର୍ମୋପଦେଶ ଗ୍ରହଣ କଲେ ନାହିଁ । ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବରୁ ହୃଦୟ ଅଧିକ ଆବୃତ ହୋଇଗଲା, ସେଥିସକାଶେ ମା'ମାନଙ୍କ ଧର୍ମାଚରଣ ଗ୍ରହଣ କରିବାକୁ ସେମାନେ ଅସମର୍ଥ। ହେଲେ । ମା'ମାନଙ୍କ ଧର୍ମଭାବ ସେମାନଙ୍କ ଦୃଷ୍ଟିରେ କୁସଂସ୍କାର ରୂପେ ପ୍ରତୀତ ହେଲା । କଲେଜରେ ପଢ଼ି, ଡିଗ୍ରୀ ପାଇ, ନାମ ସହିତ କେତେଗୁଡ଼ିଏ ବିଶେଷଣ ଯୋଗ କରିଥିବା ଶିକ୍ଷିତା ନାରୀମାନେ ପୂର୍ବ ଧର୍ମପରାୟଣା, ପତିବ୍ରତା ମା'ମାନଙ୍କ ଆଚରଣ, ଧର୍ମୋପାସନାକୁ ସମାଲୋଚନାତ୍ମକ ଘୃଣା ଦୃଷ୍ଟିରେ ଦେଖିଲେ । ସେମାନଙ୍କ ଦୃଷ୍ଟିରେ ମା'ମାନଙ୍କର ସେହି ଧର୍ମଭାବ ଥିଲା କୁସଂସ୍କାର ଏବଂ ପୁରୁଷର ଅଧୀନତା । ନାରୀ-ପରତନ୍ତ୍ରତାର କାରଣ ପୁରୁଷ । ପୁରୁଷ ଏବଂ ଧର୍ମଶାସ୍ତ୍ର ନାରୀ ଜାତି ପ୍ରତି ଘୋର ଅନ୍ୟାୟ କରିଥିବାର ସେମାନେ ଅଭିଯୋଗ କରୁଅଛନ୍ତି ଏବଂ ତାହାର ପ୍ରତିଶୋଧ ନେବାକୁ ସେମାନେ ବଦ୍ଧପରିକର ହୋଇ ଅଛନ୍ତି । ସେମାନେ ତୀବ୍ରଭାବେ ଶାସ୍ତ୍ର ଏବଂ ପୁରୁଷର ବଶତାସ୍ୱରୂପ ପତିବ୍ରତା-ଧର୍ମର ପ୍ରତିବାଦ କରୁଅଛନ୍ତି । ସେମାନେ ଯୁକ୍ତି ଦେଉଛନ୍ତି : ଶାସ୍ତ୍ର ପତିବ୍ରତା ଧର୍ମାନୁସାରେ ସ୍ତ୍ରୀମାନଙ୍କୁ ପତି ସହିତ ଅଗ୍ନିରେ ଜଳି ପ୍ରାଣତ୍ୟାଗ କରିବାକୁ ବ୍ୟବସ୍ଥା କରିଅଛି; କିନ୍ତୁ ସ୍ତ୍ରୀମାନଙ୍କ ସହିତ ପୁରୁଷମାନଙ୍କୁ ସ୍ତ୍ରୀ-ଚିତାରେ ଜଳି ପ୍ରାଣତ୍ୟାଗ କରିବାର ବ୍ୟବସ୍ଥା କରି ନାହିଁ । ଏହା ଶାସ୍ତ୍ରର ପକ୍ଷପାତିତା । ସ୍ତ୍ରୀମାନେ ଏକପତିନିଷ୍ଠ ହୋଇ ପାତିବ୍ରତ୍ୟ ଧର୍ମପାଳନ କରିବେ, ପୁରୁଷମାନେ

ଇଚ୍ଛାନୁସାରେ ଏକାଧିକ ଦାର ପରିଗ୍ରହଣ କରିପାରିବେ; ପୁରୁଷମାନେ ଦେଶ-ବିଦେଶ ଯିବେ, ନାନା ପ୍ରକାର ବସ୍ତୁ ଦେଖିବେ, ଜାଣିବେ; ସ୍ୱଚ୍ଛନ୍ଦରେ ସ୍ୱତନ୍ତ୍ରତା ପୂର୍ବକ ବୁଲିବେ; ଯାହା ମନରେ ଆସିବ ତାହା କରିବେ; ସ୍ତ୍ରୀମାନଙ୍କୁ ଘରେ ରୋଷାଇ କରିବା, ପିଲାମାନଙ୍କୁ ପାଳନ-ପୋଷଣ କରିବା, ଗୁହାଳ ପୋଛିବା, ବାସନ ମାଜିବା, ଘର ପରିଷ୍କାର କରିବା ଆଦି କାର୍ଯ୍ୟରେ ନିଯୁକ୍ତ ରଖି ଚାକର ସଦୃଶ କୂପମଣ୍ଡୂକ କରି ରଖିବେ । ନାରୀମାନଙ୍କ ପ୍ରତି ଏହି ଅନ୍ୟାୟ-ଅତ୍ୟାଚାରର କାରଣ ସମାଜ । ସ୍ୱାର୍ଥପରାୟଣ ପୁରୁଷମାନେ ନିଜର ସୁବିଧା ଓ ସ୍ୱାର୍ଥସାଧନ ସକାଶେ ସରଳ, ନିଷ୍କପଟ ନାରୀମାନଙ୍କ ପ୍ରତି ଅନ୍ୟାୟ କରି ଏହି ଅବସ୍ଥା ସେମାନଙ୍କ ଉପରେ ଲଦି ଦେଇ ଅଛନ୍ତି ।

ଏହି ଯୁକ୍ତି ଯୋଗୁଁ ନାରୀମାନେ ଆକ୍ରୋଶରେ ଏହି ବିଧାନର ଠିକ୍ ବିପରୀତ ଆଚରଣ କରୁ ଅଛନ୍ତି । ନାରୀମାନେ ପ୍ରତି କ୍ଷେତ୍ରରେ, ଯଥା : ଶିକ୍ଷାବିଭାଗ, ସରକାରୀ ଶାସନବିଭାଗ, ରାଜନୀତି ଇତ୍ୟାଦିରେ ପୁରୁଷମାନଙ୍କ ସହିତ ପ୍ରତିଯୋଗିତାରେ ବେଶ୍ ଉନ୍ନତି କରୁଛନ୍ତି । ବୁଦ୍ଧିର ବିକାଶ ହେବାରୁ ସେମାନେ ସଂସାର କାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି । ନାରୀମାନଙ୍କର ବୁଦ୍ଧିର ବିକାଶ ଏବଂ ଜାଗରଣର ଆବଶ୍ୟକତା ଥିଲା । ଏଥିରେ ଜଗତର ଭୌତିକ ଉନ୍ନତି ମଧ୍ୟ ହୋଇଅଛି । କିନ୍ତୁ ନାରୀମାନଙ୍କର ଧର୍ମଭାବ ହ୍ରାସ ହୋଇଥିବାରୁ ଭୌତିକ ଉନ୍ନତି ହେବା ସତ୍ତ୍ୱେ ମନୁଷ୍ୟକୁ ସୁଖ ଶାନ୍ତି ପ୍ରାପ୍ତ ହେଉ ନାହିଁ, ଦୁଃଖ-ଦୈନ୍ୟ ଦିନକୁ ଦିନ ବଢୁଛି । ସଂସାରରେ ଭୌତିକ ବିଜ୍ଞାନ ଆଶ୍ଚର୍ଯ୍ୟଜନକ ନୂତନ ବସ୍ତୁ ଆବିଷ୍କାର କରୁଅଛି, ବ୍ୟକ୍ତିକୁ ସୁଖ-ସୁବିଧା ଦେଇ ଆରାମରେ ରଖିବାକୁ ବହୁତ ପ୍ରକାର ପ୍ରଯତ୍ନ କରୁଅଛି, କିନ୍ତୁ ମନୁଷ୍ୟ ମଧ୍ୟରେ ଧର୍ମଭାବ, ନିଃସ୍ୱାର୍ଥତା, ସମତା ନ ଥିବାରୁ ଏହି ବୈଜ୍ଞାନିକ ଭୌତିକ ବସ୍ତୁରେ ମନୁଷ୍ୟ ସୁଖୀ ହୋଇପାରୁ ନାହିଁ । କ୍ରମଶଃ ଅଧିକାଧିକ ଦୁଃଖ, ଅଶାନ୍ତି, ଭୟ, ଅବିଶ୍ୱାସ, ଅସତ୍ୟ, ଅତ୍ୟାଚାର, ହିଂସା, ଦ୍ୱେଷ ବଢ଼ି ଚାଲିଛି । ବର୍ତ୍ତମାନ ମନୁଷ୍ୟକୁ ପୁରାତନ, ସୁଖମୟ ଜୀବନ ସ୍ୱପ୍ନବତ୍ ପ୍ରତୀତ ହେଉଅଛି ।

ପୂର୍ବେ ସଂସାରରେ ଯଦ୍ୟପି ବୁଦ୍ଧିର ଅଧିକ ବିକାଶ ହୋଇ ନ ଥିଲା, ତଥାପି ଥିଲା ମା'ମାନଙ୍କର ସ୍ୱାର୍ଥତ୍ୟାଗ । ମନୁଷ୍ୟ ସ୍ୱାର୍ଥତ୍ୟାଗ କଲେ ଯଥାର୍ଥରେ ଅନ୍ୟର ଏବଂ ସଂସାରର ହିତ ସାଧନ କରିପାରେ । ସ୍ୱାର୍ଥପରାୟଣ ବ୍ୟକ୍ତି ନିଜର ଏବଂ ଅନ୍ୟର ହିତ ସାଧନ କରିପାରେ ନାହିଁ । ଉପରେ ନାରୀମାନେ ପୁରୁଷମାନଙ୍କ ଉପରେ ଯେଉଁ ଅଭିଯୋଗ କରିଛନ୍ତି, ସେ ଅଭିଯୋଗ ଯୁକ୍ତିଯୁକ୍ତ ନୁହେଁ । ଧର୍ମ ଓ ଶାସ୍ତ୍ର ସମସ୍ତଙ୍କ ପାଇଁ ସମାନ । ସେମାନଙ୍କ ଉପରେ ଅନ୍ୟାୟ କରି ଧର୍ମଭାବ ଲଦି ଦିଆ ହୋଇ ନ ଥିଲା । ସେମାନେ ଥିଲେ ମା', ଆଦ୍ୟାଶକ୍ତିର ଅଂଶଭୂତା, ସନ୍ତାନବତ୍ସଳା । ମା'ର ହୃଦୟ କୋମଳ, ଦୟାରେ ପରିପୂର୍ଣ୍ଣ । ସେମାନେ ସନ୍ତାନ ତଥା ସମାଜର ହିତ ସକାଶେ ସ୍ୱେଚ୍ଛାରେ ନିଜର ସ୍ୱାର୍ଥତ୍ୟାଗ କରି ତପସ୍ୟାକୁ ବରଣ କରିଥିଲେ । ସଂସାରରେ ବୁଦ୍ଧିର ବିକାଶ, ବିଜ୍ଞାନର ଚମତ୍କାରିତା ନ ଥିବା ସମୟରେ ସେହିମାନଙ୍କ ତପସ୍ୟା ଏବଂ ସ୍ୱାର୍ଥତ୍ୟାଗ ଫଳରେ ସଂସାର ସୁଖରେ ଥିଲା । ସେମାନଙ୍କ ତପଃ ପ୍ରଭାବରୁ ସୁସନ୍ତାନ ଜନ୍ମ ଗ୍ରହଣ କରି ସମାଜରେ ନ୍ୟାୟ ପୂର୍ବକ ସେବା-କାର୍ଯ୍ୟ କରୁଥିଲେ । ସେମାନଙ୍କ ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ସ୍ୱାର୍ଥ ଆସିବାରୁ ତପଃ ଶକ୍ତି ହ୍ରାସ ହେଲା, ଫଳତଃ ସେମାନଙ୍କ ହୃଦୟରେ ଆବରଣ ଆସିଗଲା । ସେମାନଙ୍କର ଅନ୍ତରାତ୍ମା ଜାଗ୍ରତ ହୋଇ ଯଥାର୍ଥ ପ୍ରେରଣା ଦେଇ ନ ଥିବାରୁ ସେମାନେ ଯୁକ୍ତି-ବୁଦ୍ଧିର ପ୍ରବାହରେ ଭାସି ଗଲେ । ସେମାନେ ଯେ ଦେବୀ, ଗୃହଲକ୍ଷ୍ମୀ, ମାତା – ଏକଥା ଭୁଲିଗଲେ । ସେମାନଙ୍କ ତପସ୍ୟା ହ୍ରାସ ହେବାରୁ ସଂସାରରେ ଦୁଃଖ-ଦ୍ୱନ୍ଦ୍ୱ ବୃଦ୍ଧି ହେଲା । ପୁନରାୟ ସେହିମାନଙ୍କ ତପଃଶକ୍ତିର ପ୍ରଭାବରେ ସଂସାର ସ୍ୱର୍ଗରେ ପରିଣତ ହେବ ।

ନାରୀମାନେ କ'ଣ ପୂର୍ବ ଅବସ୍ଥାକୁ ଫେରିବେ ?

ସଂସାରର ଉନ୍ନତି ସକାଶେ ନାରୀମାନଙ୍କୁ ପୁନରାୟ ପୂର୍ବାବସ୍ଥାକୁ ଫେରି ଯିବାକୁ ହେବ ନାହିଁ, କିନ୍ତୁ ବର୍ତ୍ତମାନର ଅବସ୍ଥାକୁ ଅତିକ୍ରମ କରି ଉଚ୍ଚତର ଅବସ୍ଥାରେ ପହଞ୍ଚିବାକୁ ହେବ । ବୃକ୍ଷଟିଏ ବଡ଼ ହେଲା ପରେ ଯେପରି ତା'ର ପୂର୍ବାବସ୍ଥାକୁ ଫେରି ଛୋଟ ହୋଇପାରେ ନାହିଁ, ସେହିପରି କ୍ରମବିକାଶର ନିୟମ ଅନୁସାରେ ମନୁଷ୍ୟ ଅତୀତ ଅବସ୍ଥାକୁ ଫେରିଯାଇ

ପାରେ ନାହିଁ । ଏହା ପ୍ରକୃତିର ନିୟମବିରୋଧ, ଏହା ସମ୍ଭବ ବି ନୁହେଁ । କ୍ରମବିକାଶର ନିୟମାନୁସାରେ ପ୍ରକୃତି ମନୁଷ୍ୟକୁ ଯେଉଁସବୁ ପରିସ୍ଥିତି ମଧ୍ୟ ଦେଇ ଅଗ୍ରସର କରାଇ ଆଣି ଅଛି, ସେହିସବୁ ପରିସ୍ଥିତିର ଆବଶ୍ୟକତା ବି ଥିଲା । ନାରୀମାନଙ୍କର ପୂର୍ଣ୍ଣ ବିକାଶ ସକାଶେ ସଚ୍ଚରିତ୍ର, ପାତିବ୍ରତ୍ୟ ଯେପରି ଆବଶ୍ୟକ ସେହିପରି ବିଦ୍ୟାବୁଦ୍ଧିର ବିକାଶ, ସଂସାର କାର୍ଯ୍ୟରେ ପୁରୁଷମାନଙ୍କ ସହିତ ଅଂଶ ଗ୍ରହଣ ମଧ୍ୟ ଆବଶ୍ୟକ । କିନ୍ତୁ ନାରୀମାନଙ୍କର ଏକ ଗଭୀରତର ଭିତ୍ତି ନ ହେଲେ ପୁରୁଷମାନଙ୍କ ସହ ସବୁ କ୍ଷେତ୍ରରେ ଅଂଶ ଗ୍ରହଣ କରି ନିଜର ସ୍ୱଧର୍ମ ତଥା ଚାରିତ୍ରିକ ଗୌରବର ସୁରକ୍ଷା ଅବଶ୍ୟ କଷ୍ଟକର ହେବ । ଏହି ପରିସ୍ଥିତିରେ କେବଳ ଅଧ୍ୟାତ୍ମ ସତ୍ୟହିଁ ସେମାନଙ୍କୁ ସଂଯମରେ ରଖି ସତ୍ୟର ମାର୍ଗରେ ପରିଚାଳିତ କରିପାରେ । କିନ୍ତୁ ପ୍ରକୃତିର ନିୟମ ହେଲା, ବିକାଶ ସକାଶେ ଉଚ୍ଚତର ସତ୍ୟ ପ୍ରତିଷ୍ଠା କରିବାକୁ ହେଲେ ସେ ଦୁର୍ବଳ ଭିତ୍ତିକୁ ଭାଙ୍ଗିଦିଏ । ନାରୀମାନଙ୍କର ଦୃଢ଼ଭିତ୍ତିହୀନ ନୈତିକତା ଆଧାରିତ ଧର୍ମଭାବ ବିଦେଶୀ ଶିକ୍ଷା ଫଳରେ ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଭାଙ୍ଗିଗଲା । ଏଥିରେ କାହାର ଦୋଷ ନାହିଁ । ଏହା ତ କ୍ରମବିବର୍ତ୍ତନରେ ବିକାଶର ନିୟମ । ଇତିହାସକୁ ଦେଖିଲେ ସ୍ପଷ୍ଟ ବୁଝିପାରିବା ଯେ ପୂର୍ବରୁ କୌଣସି ଅବସ୍ଥାରେ ସ୍ଥାୟୀହୋଇ ମନୁଷ୍ୟ ରହିପାରି ନାହିଁ । ବିକାଶ ସକାଶେ ତାହାର ଯେଉଁ ଅବସ୍ଥା ଯେତେଦିନ ପର୍ଯ୍ୟନ୍ତ ଆବଶ୍ୟକ ତାହା ସେତେଦିନ ରହେ, ତାହାରି ଆବଶ୍ୟକତା ପୂର୍ଣ୍ଣ ହେଲେ ଘାତ-ପ୍ରତିଘାତ ଆସେ, ସେ ଅବସ୍ଥାକୁ ଭାଙ୍ଗିଦିଏ । କାରଣ ମନୁଷ୍ୟ ସ୍ୱଭାବର ଧର୍ମ ହେଲା : ସେ ଯେଉଁ ଅବସ୍ଥାରେ ରହେ, ତାହା ପ୍ରତିକୂଳ ହେଉ ବା ଅନୁକୂଳ ହେଉ ସେ ତାହା ଛାଡ଼ିବାକୁ ଚାହେଁ ନାହିଁ । ନାନା ପ୍ରକାର ରୋଗ, ଶୋକ, ଦୁଃଖ ଭୋଗକରେ, କିନ୍ତୁ ମରିବାକୁ ଚାହେଁ ନାହିଁ । ଭଗବାନଙ୍କ ବିଧାନରେ ପ୍ରକୃତି ମନୁଷ୍ୟକୁ ତା'ର ଲକ୍ଷ୍ୟ ଆଡ଼କୁ ନେଇ ଚାଲୁଅଛି; ସେଥିପାଇଁ ସେ ତାକୁ କୌଣସି ଅବସ୍ଥାରେ ସ୍ଥାୟୀ ରୂପେ ରହିବାକୁ ଦେଉ ନାହିଁ । ପୂର୍ବେ ଯେପରି ନାରୀମାନେ କୌଣସି ଅବସ୍ଥାରେ ସ୍ଥାୟୀ ରୂପେ ରହି ନାହାନ୍ତି, ସେହିପରି ଏହି ଉଚ୍ଛୃଙ୍ଖଳ ଅବସ୍ଥାରେ ମଧ୍ୟ ସ୍ଥାୟୀ ହୋଇ ରହିବେ ନାହିଁ । ନାରୀମାନେ ପୂର୍ବାବସ୍ଥାକୁ ଫେରି ନ ଯାଇ ଉଚ୍ଚତର ସତ୍ୟ ଆଡ଼କୁ ଗତି କରିବେ ।

ଏଇଠି ପ୍ରଶ୍ନ ଉଠିବ, ଯଦି ପ୍ରକୃତି କୌଣସି ଅବସ୍ଥାରେ ସ୍ଥାୟୀ ହୋଇ ରହିବାକୁ ଦିଏ ନାହିଁ, ଘାତ-ପ୍ରତିଘାତ ସୃଷ୍ଟି କରି ଆଗେଇ ନେଇଯାଏ, ତେବେ ମନୁଷ୍ୟର ପ୍ରଯତ୍ନ କରିବାର ଆବଶ୍ୟକତା କ'ଣ ?

ଏହାର ଉତ୍ତରରେ ଏତିକି ମାତ୍ର କୁହାଯାଇପାରେ ଯେ ଯଦି ପ୍ରକୃତି ହାତରେ ମନୁଷ୍ୟର ବିକାଶକୁ ନିଃସହାୟରୂପେ ଛାଡ଼ିଦିଆ ହୁଏ, ତେବେ ସେ ଗୋଟିଏ ଅବସ୍ଥାରୁ ଅନ୍ୟ ଗୋଟିଏ ଅବସ୍ଥାକୁ ନେଇଯିବା ସମୟରେ ପୂର୍ବ ଅବସ୍ଥାକୁ ଏକେବାରେ ଧ୍ୱଂସ, ନଷ୍ଟଭ୍ରଷ୍ଟ କରି ନୂତନ ଅବସ୍ଥାକୁ ନେଇ ଯାଇପାରେ, ପୂର୍ବାବସ୍ଥାର ଚିହ୍ନବର୍ତ୍ତ ରହିବାକୁ ଦିଏ ନାହିଁ । ଏଥିରେ ମନୁଷ୍ୟକୁ ଅତ୍ୟନ୍ତ ଦୁଃଖ-ଯାତନା ଭୋଗିବାକୁ ପଡ଼େ ଆଉ ସମୟ ଅତି ଅଧିକ ଲାଗେ । ବୁଦ୍ଧିପ୍ରାପ୍ତ ମନୁଷ୍ୟକୁ ଅସହାୟ ରୂପେ ଗଚ୍ଛଲତା, ପଶୁପକ୍ଷୀ ସଦୃଶ ପ୍ରକୃତି ହାତରେ ଛାଡ଼ିଦେବା ଭଗବାନଙ୍କର ଅଭିପ୍ରାୟ ନୁହେଁ । ସେଇଥିପାଇଁ ଯେତେବେଳେ ମନୁଷ୍ୟର ଅବସ୍ଥା ପରିବର୍ତ୍ତନ ସମୟ ଆସେ, ସେତେବେଳେ ଭଗବାନ୍ ସ୍ୱୟଂ ଅବତାର ଗ୍ରହଣ କରନ୍ତି, ଅଥବା ନିଜର ବିଭୂତିସ୍ୱରୂପ ମହାପୁରୁଷମାନଙ୍କୁ ଏହି ସଂସାରକୁ ପଠାଇ ମାନବଜାତି ସମ୍ମୁଖରେ ଗୋଟିଏ ନୂତନ ଆଦର୍ଶ ରଖନ୍ତି, ଗୋଟିଏ ନୂତନ ମାର୍ଗ ନିର୍ମାଣ କରନ୍ତି : ସ୍ୱୟଂ ଆଚରଣ କରି ତାହାର ଉଦାହରଣ ମନୁଷ୍ୟ ପାଖରେ ଉପସ୍ଥାପନ କରନ୍ତି, ଯାହା ଆଚରଣ କରି ମନୁଷ୍ୟ ଗୋଟିଏ ଅବସ୍ଥାରୁ ଅନ୍ୟ ଏକ ଉନ୍ନତ ଅବସ୍ଥାରେ ପହଞ୍ଚିବା ସନ୍ଧିକ୍ଷଣରେ ଅଧିକ ଦୁଃଖକଷ୍ଟରେ ପୀଡ଼ିତ ନ ହୋଇ ସହଜରେ ପାର ହୋଇପାରେ । ଏହାହିଁ ଭଗବାନଙ୍କର ଅହେତୁକୀ କୃପା । ବର୍ତ୍ତମାନ ସନ୍ଧିକ୍ଷଣର ଶେଷ ଅବସ୍ଥା । ଏଥିରେ ନାରୀମାନଙ୍କର ପୂର୍ଣ୍ଣଭାବେ ଅଂଶଗ୍ରହଣ କରିବା ଏକାନ୍ତ ଆବଶ୍ୟକ । ଅତୀତରେ ଯେଉଁସବୁ ପରିବର୍ତ୍ତନ ହୋଇଥିଲା, ସେଥିରେ ନାରୀମାନଙ୍କର ଅଧିକ ଆବଶ୍ୟକତା ନ ଥିଲା । ସେ ଅବସ୍ଥା ସବୁ ଥିଲା ସାଧାରଣ ପରିବର୍ତ୍ତନ । ବର୍ତ୍ତମାନ ମାନବରୁ ଦେବମାନବ ଅବସ୍ଥାକୁ ଯିବାର ସମୟ । ଭବିଷ୍ୟତ ଦେବମାନବଜାତିର ବିକାଶ ଯଦ୍ୟପି ବର୍ତ୍ତମାନର ପାଶବିକ ପ୍ରଣାଳୀରେ ହେବ ନାହିଁ, ତଥାପି ନାରୀ ବ୍ୟତୀତ କେବଳ ପୁରୁଷ ଦ୍ୱାରା ଜାତି ପ୍ରତିଷ୍ଠା ହୁଏ ନାହିଁ । ସେଥିପାଇଁ ଏହି କାର୍ଯ୍ୟରେ ପୁରୁଷମାନଙ୍କ ସହିତ ନାରୀମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ।

ପାତିବ୍ରତ୍ୟ ଧର୍ମର ଆଦର୍ଶ : ସୀତା

ଅତୀତରେ ଯେତେବେଳେ ସାଧାରଣ ମନୁଷ୍ୟ ସମାଜରେ ଗାର୍ହସ୍ଥ୍ୟ ଧର୍ମର ପୂର୍ଣ୍ଣ ଆଦର୍ଶ ସ୍ଥାପିତ ହେଲା, ଭଗବାନ୍ ରାମ ପୁରୁଷମାନଙ୍କ ପ୍ରତିନିଧି ରୂପେ ଓ ଆଦ୍ୟାଶକ୍ତି ସୀତା ନାରୀମାନଙ୍କ ପ୍ରତିନିଧିରୂପେ ମନୁଷ୍ୟ-ଶରୀରରେ ଅବତାର ନେଲେ । ପାତିବ୍ରତ୍ୟ ଧର୍ମ କିପରି ପାଳନ କରିବାକୁ ହୁଏ, ସେହି ଧର୍ମ ପାଳନ ସକାଶେ କିପରି ବିପତ୍ତି ସହ୍ୟ କରି ଧର୍ମରକ୍ଷା କରିବାକୁ ହୁଏ, ପତି-ଆଜ୍ଞା ପାଳନ ସକାଶେ ପତିବ୍ରତା ପତ୍ନୀକୁ କିପରି ସ୍ୱାର୍ଥତ୍ୟାଗ କରିବାକୁ ହୁଏ, ପାତିବ୍ରତ୍ୟ ଧର୍ମର ମହତ୍ତ୍ୱ ଓ ଶକ୍ତି କ'ଣ, ବ୍ରତରେ ନିଷ୍ଠା କିପରି ରଖିବାକୁ ହୁଏ – ଏହିସବୁ ଜଗଜ୍ଜନନୀ ଆଦ୍ୟାଶକ୍ତି ସୀତା ନିଜ ଜୀବନରେ ଆଚରଣ କରି ଯେଉଁ ଆଦର୍ଶ ରଖିଗଲେ ତାହା ଆଜି ପର୍ଯ୍ୟନ୍ତ ନାରୀମାନଙ୍କୁ ଅନୁପ୍ରାଣିତ କରି ଆସୁଥିଲା । ସୀତା ଆଦ୍ୟାଶକ୍ତି ହେବା ସତ୍ତ୍ୱେ ବି ନାରୀମାନଙ୍କୁ ସମ୍ମାନିତ କରିବା ସକାଶେ, ସେମାନଙ୍କ ମହତ୍ତ୍ୱ, କୀର୍ତ୍ତି ଉଜ୍ଜ୍ୱଳ କରିବା ସକାଶେ, ସେମାନଙ୍କ ତପଃଶକ୍ତି ବିସ୍ତାର କରିବା ସକାଶେ ମହାନ୍ ଦୁଃଖ-ଯାତନା ସ୍ୱେଚ୍ଛାରେ ସ୍ୱୀକାର କରିଥିଲେ । ଏହି ଚରିତ୍ର ରାମାୟଣରେ ପଢ଼ିବା ସମୟରେ ବ୍ୟକ୍ତିର ହୃଦୟ ବିଦୀର୍ଣ୍ଣ ହୋଇଯାଏ । ଜନକତନୟା, ଚକ୍ରବର୍ତ୍ତୀ ଦଶରଥ ମହାରାଜଙ୍କ ପୁତ୍ରବଧୂ, ସୃଷ୍ଟିକର୍ତ୍ତା ଭଗବାନ୍, ବୀରଶିରୋମଣି ଅଦ୍ୱିତୀୟ ଧନୁର୍ଦ୍ଧର ରାମଚନ୍ଦ୍ରଙ୍କ ପତ୍ନୀ, ଦିବ୍ୟଗୁଣସମ୍ପନ୍ନା ମା' ସୀତାଙ୍କ ସମ୍ମୁଖରେ ନିଷ୍ଠୁର କୈକେୟୀ ଯେତେବେଳେ ବଲ୍‌କଳ ବସନ ରଖିଦେଲେ, ବଶିଷ୍ଠଙ୍କ ପରି ଜ୍ଞାନୀ, ସମଦର୍ଶୀ ଋଷି କ୍ରୋଧକୁ ସ୍ୱୀକାର କରି କୈକେୟୀଙ୍କୁ ନାନା ପ୍ରକାର ଭର୍ତ୍ସନା ନ କରି ରହି ପାରିଲେ ନାହିଁ । କୋମଳାଙ୍ଗୀ ରାଜବଧୂ ସୀତା କଣ୍ଟକାକୀର୍ଣ୍ଣ ବନପଥରେ ପତିଙ୍କ ସହିତ ପଦଯାତ୍ରାରେ ଅସହ୍ୟ ଦୁଃଖକଷ୍ଟ ସ୍ୱୀକାର କଲେ, କିନ୍ତୁ ପତିଙ୍କ ସେବାରୁ ବଞ୍ଚିତ ହେଲେ ନାହିଁ । ଶେଷରେ ଦୁର୍ଦାନ୍ତ ରାକ୍ଷସ ରାବଣ ଦ୍ୱାରା ଲଙ୍କାରେ ବନ୍ଦିନୀ ହୋଇ ମଧ୍ୟ ନିର୍ଭୀକଭାବେ ନିଜର ପାତିବ୍ରତ୍ୟ ତପଃଶକ୍ତି ବଳରେ ରାବଣର ନାନା ପ୍ରକାର ପ୍ରଲୋଭନ ଓ ଭୟର ସମ୍ମୁଖୀନ ହୋଇ ମଧ୍ୟ ନିଜ ବ୍ରତ ଉଜ୍ଜ୍ୱଳ ରଖିଥିଲେ । ଏପରି କଠୋର ବ୍ରତ ପାଳନ କରିଥିବା ସତ୍ତ୍ୱେ ପତିଦେବଙ୍କ ପରୀକ୍ଷା-ମନୋଭାବ ଜାଣି ଦେବ, ଦାନବ, କପିସେନାଙ୍କ ସମ୍ମୁଖରେ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏପରି ନିଷ୍କଳଙ୍କ ଉଜ୍ଜ୍ୱଳ କୀର୍ତ୍ତି, ପତିବ୍ରତା ଶିରୋମଣି ଜଗଜ୍ଜନନୀ ମା' ସୀତାଙ୍କ ବ୍ରତନିଷ୍ଠା ନିଃସନ୍ଦିଗ୍ଧ ଭାବେ ରାମଚନ୍ଦ୍ର ଜାଣିଥିଲେ ମଧ୍ୟ ବିନା ଅପରାଧରେ ଜଣେ ରଜକର ସନ୍ଦେହ-ମୋଚନ ପାଇଁ ତାଙ୍କୁ ପରିତ୍ୟାଗ କଲେ । ଏପରି ବ୍ରତନିଷ୍ଠ କଠୋର ତପସ୍ୱିନୀଙ୍କୁ ମିଥ୍ୟା ଲାଞ୍ଛନାରେ ଗୁରୁତର ଦଣ୍ଡ ଦିଆଗଲା । ଏପରି କଠୋର ଦଣ୍ଡ ସାଧାରଣମାନଙ୍କ ପକ୍ଷେ ବରଦାସ୍ତ କରି ଧୈର୍ଯ୍ୟ ଧରି ରହିବା ସମ୍ଭବ ନ ଥିଲା । ପ୍ରକୃତ ଦୁଶ୍ଚରିତ୍ରା ସ୍ତ୍ରୀକୁ ଚରିତ୍ରହୀନା କହିଲେ ସେ ବରଦାସ୍ତ କରିପାରେ ନାହିଁ । ଏପରି ପତିପରାୟଣା ପରମା ସତୀଙ୍କ ସତୀତ୍ୱରେ ମିଥ୍ୟା କଳଙ୍କ ଆରୋପ କରି ପତି ଦ୍ୱାରା ପରିତ୍ୟକ୍ତା ହେବା କେତେଦୂର ଅସହ୍ୟ ବେଦନା, ଏହା କଳ୍ପନାର ଅତୀତ । ଏପରି ଅବସ୍ଥାରେ ମା' ସୀତା ପତିଙ୍କ ଦୁର୍ବ୍ୟବହାର ପ୍ରତି ତିଳେମାତ୍ର ଭ୍ରୁକ୍ଷେପ ନ କରି ପତିଭକ୍ତି ପୂର୍ବବତ୍ ଅଥବା ପୂର୍ବାପେକ୍ଷା ଅଧିକ ଭାବରେ ଶେଷ ଜୀବନ ପର୍ଯ୍ୟନ୍ତ ପାଳନ କରିଥିଲେ । ସେହି ତପସ୍ୱିନୀ ମା' ସୀତାଙ୍କ ତପସ୍ୟା ପ୍ରଭାବରେ, ତାଙ୍କ ପାତିବ୍ରତ୍ୟ ଧର୍ମାଚରଣରୁ ମା'ମାନେ ନିଜ ଜୀବନରେ ପାତିବ୍ରତ୍ୟ ଆଚରଣ କରି ଜଗତ-ପୂଜନୀୟା ହୋଇଛନ୍ତି । ଭାରତର ପ୍ରତ୍ୟେକ ପ୍ରାନ୍ତରେ ବିଶେଷ କରି ରାଜପୁତାନା, ରାଜସ୍ଥାନରେ ପତିବ୍ରତା ମା'ମାନଙ୍କ କୀର୍ତ୍ତି ଏବଂ ତପଃଶକ୍ତି ସଂସାର ସମ୍ମୁଖରେ ଆଜି ପର୍ଯ୍ୟନ୍ତ ଉଜ୍ଜ୍ୱଳ ହୋଇ ରହିଅଛି ।

ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ

ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣଙ୍କ ଅବତାର ଗ୍ରହଣ ସମୟଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ – ଏହି ମଧ୍ୟଯୁଗରେ ମାନବସମାଜର ଯେଉଁ ଅବସ୍ଥା ପରିବର୍ତ୍ତନ ବା ଅନ୍ୟ କଥାରେ ଧର୍ମଗ୍ଲାନି ହୋଇଥିଲା, ଧର୍ମର ଉତ୍‌ଥାନ ସକାଶେ ସେତେବେଳେ ସାମାନ୍ୟରୂପେ ସଂସାରର ପରିବର୍ତ୍ତନ ଆବଶ୍ୟକ ଥିଲା । ସେଥିସକାଶେ ଆଦ୍ୟାଶକ୍ତିଙ୍କୁ ମାତାରୂପେ ଅବତାର ନେଇ

ଯୋଗ-ପଥ-ପ୍ରଦର୍ଶନକାରିଣୀରୂପେ କାର୍ଯ୍ୟ କରିବାର ଆବଶ୍ୟକ ହୋଇ ନ ଥିଲା । ସେତେବେଳେ ବୁଦ୍ଧ, ଯିଶୁଖ୍ରୀଷ୍ଟ, ଆଚାର୍ଯ୍ୟ ଶଙ୍କର, ମହମ୍ମଦ, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଆଦି ଏହି ପୃଥିବୀକୁ ଆସି ସମୟୋଚିତ ଆଦର୍ଶ ମନୁଷ୍ୟ ସାମନାରେ ରଖି ଶିକ୍ଷା ପ୍ରଦାନ କରିଥିଲେ । ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ ଆସିଛି । ମନୁଷ୍ୟର ମନ, ପ୍ରାଣ, ଶରୀର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ । ମନୁଷ୍ୟ ଦେବତାରେ ଓ ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ପୃଥିବୀରେ ଦେବମାନବ ଜାତି ସ୍ଥାପିତ ହେବ । ଏହି ମହାନ୍ ରୂପାନ୍ତର କାର୍ଯ୍ୟରେ ପୁରୁଷମାନଙ୍କ ପରି ଅଥବା ତଦପେକ୍ଷା ଅଧିକ ଭାବେ ମା'ମାନଙ୍କୁ ଅଂଶ ଗ୍ରହଣ କରିବାକୁ ହେବ । ସୃଷ୍ଟିର ସର୍ଜନା ଓ ଉନ୍ନତି ମା'ମାନଙ୍କ ବିନା କେବେ ହୋଇପାରେ ନାହିଁ । ପୂର୍ବେ ଜଗଜ୍ଜନନୀ ମା' ସୀତାଙ୍କ ପାତିବ୍ରତ୍ୟ ଧର୍ମ ଦ୍ୱାରା ଆଦର୍ଶ ଗାର୍ହସ୍ଥ୍ୟ ଜୀବନର ଯେଉଁ ପାତିବ୍ରତ୍ୟ ଧର୍ମ ସ୍ଥାପନା ହୋଇଥିଲା, ସେତେବେଳେ ସେହି ସମୟର ବିକାଶ ସକାଶେ ତାହାର ଆବଶ୍ୟକତା ଥିଲା । ବର୍ତ୍ତମାନ ପୃଥିବୀରେ ଦିବ୍ୟ ମାନବ ଜାତି ସ୍ଥାପନ ସକାଶେ ଅଧ୍ୟାତ୍ମ-ସାଧନା ଆବଶ୍ୟକ । ଏହି କାର୍ଯ୍ୟ କରିବା ପାଇଁ ପୁରୁଷଙ୍କ ପ୍ରତିନିଧି ରୂପେ ଶ୍ରୀଅରବିନ୍ଦ ଓ ନାରୀମାନଙ୍କ ପ୍ରତିନିଧି ରୂପେ ଶ୍ରୀମା ଅବତାର ନେଇ ଏହି ପୃଥିବୀକୁ ଆସି ଅଛନ୍ତି । ନିଜର କଠୋର ତପସ୍ୟା, ସ୍ୱାର୍ଥତ୍ୟାଗ, ଅସାଧାରଣ ଦୁଃଖଦ୍ୱନ୍ଦ୍ୱକୁ ସ୍ୱୀକାର କରି ନିଜ ସାଧନାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଛନ୍ତି । ଯେଉଁମାନଙ୍କର ମନ, ପ୍ରାଣ, ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ, ସେମାନେ ରୋଗ, ଜରା, ମୃତ୍ୟୁର କବଳରୁ ମୁକ୍ତ ହେବେ; ବର୍ତ୍ତମାନର ମନୁଷ୍ୟ ସଦୃଶ ଅର୍ଦ୍ଧ-ପ୍ରକାଶିତ ମନ ଦ୍ୱାରା ପରିଚାଳିତ ହେବେ ନାହିଁ; ସେମାନଙ୍କର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ । ସେମାନଙ୍କ ମଧ୍ୟରେ ଭାଗବତ ସଂକଳ୍ପ କାର୍ଯ୍ୟକାରୀ ହେବ; ସେମାନେ ଭଗବତ ଶକ୍ତିର ଯନ୍ତ୍ର ହୋଇ ପୂର୍ଣ୍ଣରୂପେ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବେ । ଏହିରୂପ ବ୍ୟକ୍ତିଙ୍କୁ ଶ୍ରୀଅରବିନ୍ଦ ଅତିମାନବ ବା ଦିବ୍ୟମାନବ ନାମ ଦେଇ ଅଛନ୍ତି । ଏହି ବ୍ୟକ୍ତିମାନଙ୍କର ରୂପାନ୍ତର ସଙ୍ଗେ ସଙ୍ଗେ ପୃଥିବୀରୁ କ୍ରମଶଃ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଅନ୍ୟାୟ, ଅତ୍ୟାଚାର ଦୂର ହେଉଥିବ । ଅତିମାନବ ଜାତିର ପୂର୍ଣ୍ଣ ଅବସ୍ଥା ପ୍ରାପ୍ତ ହେଲେ ପୃଥିବୀରୁ ପୂର୍ଣ୍ଣରୂପେ ଅନ୍ୟାୟ ଦୂର ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ସକାଶେ ମା' ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ନିର୍ମାଣ କରି ପୁରୁଷ ଏବଂ ସ୍ତ୍ରୀମାନଙ୍କ ପାଇଁ ସମାନ ଅଧିକାରରେ ସ୍ୱତନ୍ତ୍ରତା ସହ ଯୋଗ-ସାଧନାର ବ୍ୟବସ୍ଥା କରି ଅଛନ୍ତି । ଏହି ଶିକ୍ଷା ସଂସାରରେ ଆଦର୍ଶ ହୋଇ ମନୁଷ୍ୟକୁ ପଥପ୍ରଦର୍ଶନ କରାଇ ପାରିବ ।

ଭାରତର ଧର୍ମ-ଭିତ୍ତି : ନାରୀ

ସଂସାରର ନୂତନ ଦିବ୍ୟ ମାନବଜାତି ସ୍ଥାପନ କରିବାରେ ମା'ମାନଙ୍କ ପାତିବ୍ରତ୍ୟାଦି ଧର୍ମାଚରଣ କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ । କିନ୍ତୁ ଏହି ଧର୍ମର ଭିତ୍ତି ଦୃଢ଼ ହେବା ଉଚିତ, ଅନ୍ୟଥା ଦୁର୍ବଳ ଭିତ୍ତି ଉପରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ କଲା ସଦୃଶ ହେବ । ପୂର୍ବେ ମା'ମାନଙ୍କର ଯେଉଁ ଧର୍ମ-ଭିତ୍ତି ଥିଲା, ତାହା ଥିଲା ଦୁର୍ବଳ ନୈତିକତା । ନୈତିକ ବିଚାର, ଧର୍ମକୁ ଧାରଣ କରିବାରେ ଅସମର୍ଥ ଥିଲା ବୋଲି ମା'ମାନେ ସଂସାରର ଉନ୍ନତି କାର୍ଯ୍ୟରୁ ପୃଥକ୍ ହୋଇ ଗୃହ ଭିତରେ, ପରଦାର ଅନ୍ତରାଳରେ ରହି ନିଜ ଧର୍ମ ରକ୍ଷା କରୁଥିଲେ । କିନ୍ତୁ ସେମାନେ ସଂସାରର ଭୌତିକ ଉନ୍ନତି — ସରକାରୀ ବିଭାଗ, ଶିକ୍ଷା, ରାଜନୀତି ଇତ୍ୟାଦିରେ ଅଂଶଗ୍ରହଣ କରୁ ନ ଥିଲେ । ନାରୀମାନେ ସଂସାରରେ ଅର୍ଦ୍ଧ-ଶକ୍ତି । ଦେଶରେ ଅର୍ଦ୍ଧେକ ଶକ୍ତି କାର୍ଯ୍ୟକାରୀ ନ ହେବାରୁ ଭୌତିକ ଅବନତି ଘଟିଲା । ବର୍ତ୍ତମାନ ଏହି ବିକାଶୋନ୍ମୁଖୀ ଯୁଗରେ ଯଦି ନାରୀମାନେ ପୂର୍ବବତ୍ ଘରକୋଣରେ ପରଦାରେ ରହନ୍ତି, ତେବେ ଭାରତ ଅନ୍ୟାନ୍ୟ ପ୍ରଗତିଶୀଳ ଦେଶମାନଙ୍କ ସଙ୍ଗେ ଆଗେଇ ପାରିବ ନାହିଁ । ସେଥିସକାଶେ ପ୍ରକୃତିର ଚାପ ଓ ଅନ୍ୟାନ୍ୟ ଦେଶର ପ୍ରଭାବରେ ନାରୀମାନଙ୍କୁ ସଂସାରର କାର୍ଯ୍ୟରେ ଭାଗ ନେବାକୁ ହେଉଅଛି । କିନ୍ତୁ ଧର୍ମବିହୀନ ସାଂସାରିକ ଉନ୍ନତିରେ ମନୁଷ୍ୟକୁ

ସୁଖ-ଶାନ୍ତି ମିଳୁ ନାହିଁ, ବରଂ ଦ୍ୱନ୍ଦ୍ୱ, ହିଂସା, ଅନ୍ୟାୟ ଅଧିକ ବଢ଼ିଛି । ବର୍ତ୍ତମାନ ଭାରତର ଏହି ଅବସ୍ଥାକୁ ୟୁରୋପର ନକଲ କହିଲେ ଚଳେ । କିନ୍ତୁ ଏହା ଭାରତର ମୂଳଧର୍ମ ନୁହେଁ । ଭାରତର ମୂଳଧର୍ମ ହେଉଛି ଅଧ୍ୟାତ୍ମ ଧର୍ମ ଯାହାର ପ୍ରଭାବରୁ ବୈଦିକ ଯୁଗ, ରାମାୟଣ ଯୁଗ, ମହାଭାରତ ଯୁଗରୁ ଆଜି ପର୍ଯ୍ୟନ୍ତ ନିଜର ସଂସ୍କୃତିକୁ ଜୀବିତ ରଖି ସେ ବଞ୍ଚିଅଛି; ବିଧର୍ମୀମାନଙ୍କ ଆକ୍ରମଣ ପାଖରେ ଆତ୍ମ-ସମର୍ପଣ କରି ନାହିଁ । ଅନ୍ୟାନ୍ୟ ଦେଶର ଧର୍ମସବୁ ଜୁଆର ପରି ମାଡ଼ି ଆସେ, କିନ୍ତୁ କିଛି ସମୟ ପରେ ଛାଡ଼ି ଯାଏ । ଭାରତର ଧର୍ମ ଏପରି ନୁହେଁ । ଭାରତର ଧର୍ମ ହେଉଛି ଭାରତର ପ୍ରାଣ । ଭାରତ-ଧର୍ମର ନିବାସ ହେଉଛି ନାରୀମାନଙ୍କ ହୃଦୟରେ । ଏବେ ନାରୀମାନଙ୍କ ହୃଦୟକୁ ପବିତ୍ର ମନ୍ଦିର କରି ତୋଳିଲେ ସେଥିରେ ଧର୍ମ ଦେବତା ପ୍ରତିଷ୍ଠିତ ହେବେ ଏବଂ ସେମାନେ ନିଜର ଧର୍ମ-ଜ୍ୟୋତିଃରେ କେବଳ ଭାରତ ନୁହେଁ, ସମଗ୍ର ସଂସାରର ଅନ୍ଧକାର ଦୂର କରିଦେଇ ପାରିବେ । କିନ୍ତୁ ଏହା ହେବ କିପରି ?

ନାରୀମାନଙ୍କୁ କ'ଣ କରିବାକୁ ହେବ ?

ଧର୍ମରେ ପ୍ରତିଷ୍ଠିତ ହେବା ସକାଶେ ନାରୀମାନଙ୍କୁ ଆସନ, ପ୍ରାଣାୟାମ, ଯମ, ନିୟମ, ସଂଯମ-ସାଧନା କରିବାକୁ ହେବ ନାହିଁ; ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ : ସ୍ନାନ, ଭୋଜନ, ରନ୍ଧନ, ପିଲାଙ୍କୁ ସ୍ନାନ, ଭୋଜନ କରାଇବା ଇତ୍ୟାଦି ଘରର ଯାବତୀୟ କାର୍ଯ୍ୟ ଜଗଦ୍ଧାତ୍ରୀ ଶ୍ରୀମାଙ୍କୁ ଅର୍ପଣ କରିବାକୁ ହେବ । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ମା'ଙ୍କୁ ସମର୍ପଣ କରିବା ଦ୍ୱାରା ଅତିମାନସ ଶକ୍ତି ସେମାନଙ୍କ ମଧ୍ୟରେ ସାଧନା କରିବ । ସ୍ୱାର୍ଥ, ହିଂସା, ଦ୍ୱେଷ, ବୈର, ବିରୋଧ ଇତ୍ୟାଦି ଦୁର୍ଗୁଣର ରୂପାନ୍ତର କରିବ; ଶାନ୍ତି, ସନ୍ତୋଷ, ଦୟା, ଆନନ୍ଦାଦି ଦିବ୍ୟଗୁଣ ସ୍ଥାପନ କରିବ । ତେବେ ସେମାନଙ୍କ ହୃଦୟ-ମନ୍ଦିରରେ ମାତୃ ଶକ୍ତି ପ୍ରତିଷ୍ଠିତ ହେବ । ଏହି ସମର୍ପଣ ଦ୍ୱାରା ଅନ୍ତରାତ୍ମା (Psychic being) ଜାଗ୍ରତ ହୋଇ ଯଥାର୍ଥ ମାର୍ଗରେ ବ୍ୟକ୍ତିଙ୍କୁ ପରିଚାଳନା କରିବ । ଅନ୍ତରାତ୍ମାର ନିର୍ଦ୍ଦେଶ ଓ ଅତିମାନସ ଶକ୍ତିର କ୍ରିୟା ହେଲେ ଅସତ୍ କର୍ମ ଆଚରଣ କରିବାକୁ ଅନ୍ଧକାର ଶକ୍ତି ପ୍ରେରଣା ଦେଇ ପାରିବେ ନାହିଁ । ତେବେ ଯାଇ ସେମାନେ ଯଥାର୍ଥ ଧର୍ମ ଆଚରଣ କରିବେ । ସେମାନଙ୍କର ଦୃଢ଼, ଅବିକମ୍ପିତ ଧର୍ମର ଭିତ୍ତି ପ୍ରତିଷ୍ଠିତ ହେବ ଅଧ୍ୟାତ୍ମ ସତ୍ୟ ଉପରେ । ସେହି ଅଧ୍ୟାତ୍ମ ଭିତ୍ତି ଉପରେ ପ୍ରତିଷ୍ଠିତ ଧର୍ମର ପ୍ରଭାବରେ ପରିବାର, ଗ୍ରାମ, ଦେଶ, ସଂସାର ହେବ ସୁଖମୟ ଏବଂ ଉନ୍ନତ । ଯେଉଁମାନେ ପୂର୍ଣ୍ଣରୂପେ ସାଧନା କରିବାକୁ ଚାହିଁବେ ସେମାନଙ୍କୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ହେବ, ଯେଉଁମାନେ ଗୃହରେ ପରିବାର ସହିତ ରହିବେ ସେମାନେ ଏକପାତିବ୍ରତ୍ୟ ଧର୍ମ ପାଳନ ପୂର୍ବକ ସାଧନା କରିପାରିବେ ।

ଏହି ସମର୍ପଣ କ୍ରିୟାତ୍ମକ ରୂପେ କରିବାକୁ ହେଲେ ଘରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ । ତାଙ୍କୁ ଘରର ମାଲିକ ବୋଲି ଜାଣି ଛୋଟରୁ ବଡ଼ – ସ୍ନାନ, ଭୋଜନାଦି ସମସ୍ତ କର୍ମ ତାଙ୍କରି ସେବାରୂପେ କରନ୍ତୁ । ଭୋଜନ ଦ୍ରବ୍ୟାଦି ତାଙ୍କୁ ଅର୍ପଣ କରି ସେବନ କରନ୍ତୁ । କିଛି ସମୟ ମା'ଙ୍କ ଫଟୋକୁ ହୃଦୟରେ ଧ୍ୟାନ କରନ୍ତୁ ।

ପ୍ରତ୍ୟେକ ଗ୍ରାମରେ ମହିଳା-କେନ୍ଦ୍ର ସ୍ଥାପନ ହେବା ଉଚିତ । ଏଥିରେହିଁ ଗ୍ରାମର ଯଥାର୍ଥ ସୁଧାର ହେବ, ନିଜ ନିଜ ଚରିତ୍ର-ଗଠନ ସଙ୍ଗେ ସଙ୍ଗେ ବାଳକ-ବାଳିକାଙ୍କ ଉପରେ ଏବଂ ଘର ତଥା ଗ୍ରାମର ବ୍ୟକ୍ତିଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼ିବ । ବର୍ତ୍ତମାନ ଏହି ଛୋଟ ଆକାରରେ ଆଚରିତ ପ୍ରକ୍ରିୟା ସମସ୍ତ ସଂସାରରେ ଗୋଟାଏ ବଡ଼ ପରିବର୍ତ୍ତନ ଆଣିବ । ଏହା ନିଜ ପ୍ରଯତ୍ନରେ ହେବ ନାହିଁ, ହେବ ମା'ଙ୍କର ଅତିମାନସ ଶକ୍ତି ଦ୍ୱାରା । ନାରୀମାନଙ୍କର କର୍ତ୍ତବ୍ୟ ହେଉଛି କେବଳ ନିଜର ଆଧାର ତିଆରି କରି ସେହି ଶକ୍ତିକୁ କାର୍ଯ୍ୟ କରିବାକୁ ଦେବା ।

ଉପରଲିଖିତ ସମର୍ପଣ ଓ ଧ୍ୟାନ ଦ୍ୱାରା ଆଧାରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟାକରି ଭଗବାନଙ୍କୁ ସମସ୍ତ ସତ୍ତାରେ ପ୍ରକାଶ କରିବ । ମାନବ ହେବ ଅତିମାନବ, ଜଗତ ହେବ ସ୍ୱର୍ଗ । ଏହାହିଁ ପ୍ରତ୍ୟେକ ନରନାରୀର ଲକ୍ଷ୍ୟ । ଏହି ଲକ୍ଷ୍ୟର ସିଦ୍ଧି ସକାଶେ ସେମାନେ ଏହି ସଂସାରକୁ ଆସିଅଛନ୍ତି । ବର୍ତ୍ତମାନ ତାହାର ସମୟ ଆସିଛି । ଏହି ଲକ୍ଷ୍ୟସିଦ୍ଧି

କାର୍ଯ୍ୟରେ ମନୁଷ୍ୟଜାତିକୁ ସାହାଯ୍ୟ କରିବା ସକାଶେ ମା' ମନୁଷ୍ୟ ଶରୀରରେ ଏହି ପୃଥିବୀକୁ ଆସି ମନୁଷ୍ୟର ଅପୂର୍ଣ୍ଣତାକୁ ସ୍ୱୀକାର କରି ଆମ୍ଭମାନଙ୍କ ସଙ୍ଗରେ ରହି ସାଧନା କରୁଅଛନ୍ତି ଆମ୍ଭମାନଙ୍କୁ ଆମ୍ଭର ଲକ୍ଷ୍ୟ ଆଡ଼କୁ ନେଇଯିବା ସକାଶେ । ମନୁଷ୍ୟଜାତି ସମ୍ମୁଖରେ ଏହି ଗୋଟିଏ ଦିବ୍ୟ ମୁହୂର୍ତ୍ତ ଉପସ୍ଥିତ ହୋଇଅଛି । ପ୍ରତ୍ୟେକ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବା ଉଚିତ ।

ଆମ୍ଭେମାନେ ପୂର୍ବରୁ ବରାବର ଏହି ଏକହିଁ ଭୁଲ୍ କରିଚାଲିଛୁ । ଯେତେବେଳେ ଭଗବାନ୍ ରାମ, ଭଗବାନ୍ କୃଷ୍ଣ, ମା' ସୀତା, ମା' ରାଧା ଏବଂ ଆଚାର୍ଯ୍ୟ ବୁଦ୍ଧ, ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ, ବିବେକାନନ୍ଦ ଆଦି ମହାପୁରୁଷ ମନୁଷ୍ୟରୂପେ ଅବତାର ନିଅନ୍ତି, ମନୁଷ୍ୟଜାତିର କଲ୍ୟାଣ ସକାଶେ ନିଜେ ଅସାଧାରଣ ଦୁଃଖକଷ୍ଟକୁ ସ୍ୱୀକାର କରନ୍ତି ଏବଂ ଆମ୍ଭମାନଙ୍କ ସତ୍ୟମାର୍ଗରେ ଉନ୍ନତ ଅବସ୍ଥାରେ ପହଞ୍ଚାଇ ଦେବା ସକାଶେ ଆମ୍ଭମାନଙ୍କ ମଧ୍ୟରେ ପିତା, ମାତା, ସଖା ଓ ବନ୍ଧୁରୂପେ ଆବିର୍ଭୂତ ହୁଅନ୍ତି; ସେତେବେଳେ ଆମ୍ଭେମାନେ ତାଙ୍କୁ ଚିହ୍ନି ପାରୁ ନାହିଁ, ଅବହେଳା କରୁ, ନିନ୍ଦା କରୁ, ତାଙ୍କ ବିଷୟରେ ସମାଲୋଚନା କରୁ, ତାଙ୍କ ବିରୋଧରେ ପ୍ରଚାର କରୁ । ସେମାନେ ନିଜ ଆଚରିତ ଆଦର୍ଶ ପୃଥିବୀରେ ରଖି ନିଜ ପାର୍ଥିବ ଶରୀର ତ୍ୟାଗ କଲା ପରେ ଆମ୍ଭେମାନେ ପଶ୍ଚାତ୍ତାପ କରୁ, ତାଙ୍କ ଫଟୋ ଏବଂ ପଥରରେ ତାଙ୍କର ମୂର୍ତ୍ତି ତିଆରି କରି ମନ୍ଦିରରେ ରଖି ପୂଜା କରୁ ।

ଖ୍ରୀଷ୍ଟଙ୍କୁ କ୍ରୁଶ ବିଦ୍ଧ, ବୁଦ୍ଧଦେବଙ୍କୁ ବିଷ ଦିଆ ହୋଇଛି । ପଣ୍ଡିତମାନଙ୍କ ବିରୋଧ ଯୋଗୁଁ ଚୈତନ୍ୟଦେବଙ୍କୁ ନଦିଆ ଛାଡ଼ି ଆସିବାକୁ ପଡ଼ିଛି । ସମସ୍ତ ପଣ୍ଡିତ ମିଳି ଶଙ୍କରଙ୍କ ସତ୍ୟ ପ୍ରଚାରକୁ ବ୍ୟର୍ଥ କରିଦେବାକୁ ଚେଷ୍ଟା କରିଛନ୍ତି । ରାମାନୁଜଙ୍କ ଚକ୍ଷୁ ବାହାର କରିନେଇ ଅନ୍ଧ କରିଦେବାକୁ ପ୍ରଯତ୍ନ ହୋଇଛି । ବିବେକାନନ୍ଦ ୟୁରୋପ ଯିବାରୁ ଧାର୍ମିକସମାଜ ତାଙ୍କୁ ଗ୍ରହଣ କରିବାକୁ ଅସ୍ୱୀକାର କରିଛି । ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ସେ ସମୟରେ ଖୁବ୍ କମ୍ ଲୋକଙ୍କ ବ୍ୟତୀତ ଈଶ୍ୱରଙ୍କ ଅବତାର ବୋଲି କେହି ସ୍ୱୀକାର କରୁ ନ ଥିଲେ । ଜୀବିତାବସ୍ଥାରେ ତାଙ୍କୁ ହେଳା କରି ତାଙ୍କ ସାହାଯ୍ୟରୁ ବଞ୍ଚିତ ହୋଇ ପରେ ତାଙ୍କୁ ପୂଜା କରାହୋଇଛି । ଏଥର ଆମ୍ଭେମାନେ ଯଦି ସେହି ଭୁଲ୍ କରୁ, ତେବେ ପୂର୍ବେ ଯେପରି ବ୍ୟକ୍ତିମାନେ ପଶ୍ଚାତ୍ତାପ କରିଥିଲେ, ଆମ୍ଭେମାନେ ମଧ୍ୟ ସେହିପରି ଅଥବା ତାହା ଅପେକ୍ଷା ଅଧିକ ପଶ୍ଚାତ୍ତାପ କରିବା । ସଂସାର ସକାଶେ ମା' ଶ୍ରୀଅରବିନ୍ଦ ସଂସାରର ସମସ୍ତ ଦୁଃଖ-କଷ୍ଟ ନିଜ ଉପରେ ନେଇ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଆଣିଅଛନ୍ତି ଯାହାଦ୍ୱାରା ଆମ୍ଭମାନଙ୍କର କଲ୍ୟାଣ ହେବ ଏବଂ ଆମ୍ଭେମାନେ ସୁଖ-ଶାନ୍ତିରେ ରହିପାରିବୁ । ଆମ୍ଭମାନଙ୍କ ସୁଖ-ସୁବିଧା ସକାଶେ ସେ ଏତେ କରୁ ଅଛନ୍ତି । କିନ୍ତୁ ଆମ୍ଭେମାନେ ନିଜ ସକାଶେ କିଛି କରିବାକୁ ଚାହୁଁ ନାହିଁ । ଏପରି କଲେ ଚଳିବ ନାହିଁ । ଦୁଃଖ-ଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ପରମାନନ୍ଦଙ୍କୁ ପ୍ରାପ୍ତ କରିବା ସକାଶେ ଅତିମାନସ ଶକ୍ତିକୁ ଗ୍ରହଣ କରିବା ପାଇଁ ନିଜ ନିଜ ଆଧାର ତିଆରି କରିବାକୁ ହେବ ।

ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

ଦ୍ୱିତୀୟ ଭାଗ

ବାଳିକାମାନଙ୍କ ଜୀବନର ପୂର୍ଣ୍ଣତା ଲାଭର ଉପାୟ

ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ

*

ବାଳିକାମାନଙ୍କ ସ୍ୱଭାବ

*

ସମୟୋପଯୋଗୀ କର୍ତ୍ତବ୍ୟ

*

ବ୍ୟାୟାମର ଆବଶ୍ୟକତା

*

ବାଳିକାମାନଙ୍କର ବ୍ୟାୟାମର ନିୟମାବଳୀ

*

ଭୌତିକ ତଥା ଆଧାତ୍ମିକ ଶିକ୍ଷାର ଆବଶ୍ୟକତା

*

ପ୍ରଶ୍ନୋତ୍ତର

*

ବାଳିକାମାନଙ୍କର ଦୈନିକ କର୍ମ

*

ବ୍ରହ୍ମଚର୍ଯ୍ୟ

*

ଆବଶ୍ୟକ ନିୟମ

ବାଳିକାମାନଙ୍କ ଜୀବନରେ ପୂର୍ଣ୍ଣତାଲାଭର ଉପାୟ

ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ

ବାଳିକାମାନଙ୍କ ଜୀବନରେ ପୂର୍ଣ୍ଣତାଲାଭର ଉପାୟ ହେଲା – ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ । ବାଳିକାମାନଙ୍କ ଜୀବନରେ ପୂର୍ଣ୍ଣତାପ୍ରାପ୍ତ ହୁଏ ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । ଏଥିରେହିଁ ହୁଏ ସଂସାରରେ ସୁଖ-ଶାନ୍ତିର ସ୍ଥାପନା । ଭବିଷ୍ୟତରେ ବାଳିକାମାନେହିଁ ହୁଅନ୍ତି ଗୃହ-ସଞ୍ଚାଳିକା, ଗୃହକର୍ତ୍ତ୍ରୀ, ଗୃହଲକ୍ଷ୍ମୀ, ମା' । ସେମାନଙ୍କ ସଦ୍‌ଗୁଣ ଓ ଦୁର୍ଗୁଣର ପ୍ରଭାବ ପଡ଼େ ସମସ୍ତ ପରିବାର ଉପରେ । ସେମାନେ ଜଗତର ଅର୍ଦ୍ଧଶକ୍ତି କିନ୍ତୁ ଶିଶୁର ଜୀବନ ଗଠନର ଦାୟିତ୍ୱ ସେମାନଙ୍କ ଉପରେ । ଶିଶୁମାନେହିଁ ଭବିଷ୍ୟତରେ ସଂସାରରେ କାର୍ଯ୍ୟ କରନ୍ତି । ସେହି ସକାଶେ ସଂସାର ସୁଧାରିବାର ଭାର ପୁରୁଷମାନଙ୍କଠାରୁ ବହୁ ପରିମାଣରେ ନାରୀମାନଙ୍କ ଉପରେ ନ୍ୟସ୍ତ । ବାଲ୍ୟାବସ୍ଥାରୁ ବାଳିକାମାନେ ସ୍ୱାସ୍ଥ୍ୟର ଉନ୍ନତି, କାର୍ଯ୍ୟରେ ତତ୍ପର, ଶିକ୍ଷାରେ ସାବଧାନ, ବ୍ରହ୍ମଚର୍ଯ୍ୟ ପାଳନରେ ବିଶେଷ ରୂପେ ସଚେତ ଓ ସଜାଗ ରହିବା ଉଚିତ ।

ବାଳିକାମାନଙ୍କ ସ୍ୱଭାବ

ବାଳିକାମାନଙ୍କର ଶରୀର, ବଚନ, ବ୍ୟବହାର, ହୃଦୟ, ସ୍ୱଭାବ ଅଧିକ କୋମଳ, ନମନୀୟ, ଉଦାର, ସରଳ ଓ ନିଷ୍କପଟ । ସେହି ସକାଶେ ସେମାନଙ୍କ ପ୍ରବୃତ୍ତି ସହଜରେ ଭଲ ଆଡ଼କୁ ଯେପରି ପ୍ରଧାବିତ ହୁଏ, ଖରାପ ଆଡ଼କୁ ମଧ୍ୟ ସେହିପରି ହୁଏ । ସେମାନେ ଉତ୍ତମ ସମ୍ପର୍କରେ ପତିପରାୟଣା, ପତିବ୍ରତା – ସତୀ ଶିରୋମଣି ସୀତା, ଭଗବାନ୍ ରାମଙ୍କ ମାତା କୌଶଲ୍ୟା ଓ ଭଗବାନ୍ ଶ୍ରୀକୃଷ୍ଣଙ୍କ ମାତା ଯଶୋଦାଙ୍କ ସଦୃଶ ହୋଇପାରନ୍ତି ଅଥବା ମନ୍ଦ ସମ୍ପର୍କରେ କୈକେୟୀଙ୍କ ସଦୃଶ ଭୀଷଣ, ଭୟାନକ, ଉଗ୍ର ରୂପ ଧାରଣ କରି ପତିର ମୃତ୍ୟୁ, ପୁତ୍ରର ଦୁଃଖ-ଦ୍ୱନ୍ଦ୍ୱର କାରଣ ହୋଇପାରନ୍ତି । ସେମାନଙ୍କ ହୃଦୟ କୁସୁମଠାରୁ ଯେପରି କୋମଳ, ପାଷାଣଠାରୁ ମଧ୍ୟ ସେହିପରି କଠୋର । ସ୍ତ୍ରୀମାନେ ଶକ୍ତିସମ୍ପନ୍ନା । ସେମାନେ ଖରାପ କାର୍ଯ୍ୟରେ ହେଉ ବା ଭଲ କାର୍ଯ୍ୟରେ ହେଉ, ଯେଉଁ କାର୍ଯ୍ୟରେ ତତ୍ପର ହୁଅନ୍ତି, ତାହା ପୂର୍ଣ୍ଣ କରିହିଁ ଶାନ୍ତ ହୁଅନ୍ତି ।

ସଂସାର ସର୍ଜନାଠାରୁ ଆଜିପର୍ଯ୍ୟନ୍ତ ନାରୀମାନେ ନିଜ ସୁପ୍ତ ଶକ୍ତି ବିକାଶ ସମ୍ପର୍କରେ ସଚେତ ହୋଇ ନାହାନ୍ତି କିଂବା ସଂସାର-ଉନ୍ନତି କାର୍ଯ୍ୟରେ ପୂର୍ଣ୍ଣଭାବେ ଅଂଶ ଗ୍ରହଣ କରି ନାହାନ୍ତି । ସେମାନଙ୍କ ସ୍ୱଭାବ ହେଉଛି ଧର୍ମପ୍ରବଣତା । ସେମାନଙ୍କର ଧର୍ମହିଁ ପ୍ରାଣ । ସେମାନେ ଧର୍ମରକ୍ଷା କରିବା ସକାଶେ ସୁଖ, ଭୋଗ, ବିଳାସ, ଆରାମ, ସ୍ୱାର୍ଥ, ମାନ, ପ୍ରତିଷ୍ଠା ତ୍ୟାଗ କରନ୍ତି । ଏପରିକି ପ୍ରାଣ ଦେଇ ଧର୍ମରକ୍ଷା କରନ୍ତି । ପିତାମାନେ ପୁତ୍ର ଅପେକ୍ଷା କନ୍ୟାଠାରୁ ଅଧିକ ଧର୍ମ ଆଶା କରନ୍ତି; ପୁତ୍ରମାନେ ପିତା ଅପେକ୍ଷା ମାତା ଉପରେ ଧର୍ମ ନିମିତ୍ତ ଅଧିକ ନିର୍ଭର କରନ୍ତି । ପୁତ୍ର ଧର୍ମଭ୍ରଷ୍ଟ ହେଲେ ପିତାର ଅଧିକ କଷ୍ଟ ହୁଏ ନାହିଁ, କିନ୍ତୁ କନ୍ୟା ଧର୍ମଭ୍ରଷ୍ଟା ହେଲେ ପିତାର ପ୍ରାଣାନ୍ତକ ଦୁଃଖ ହୁଏ । ପୁତ୍ର ପିତାର ଅଧର୍ମ ଆଚରଣକୁ ଗ୍ରାହ୍ୟ କରେ ନାହିଁ, କିନ୍ତୁ ମାତାର ପତନରେ ପ୍ରାଣତ୍ୟାଗ କରେ । ଧର୍ମର ନିବାସସ୍ଥଳ ନାରୀମାନଙ୍କ ହୃଦୟ । ସେହି କାରଣରୁ ଶାସ୍ତ୍ର ସେମାନଙ୍କୁ ଧର୍ମଭୀରୁ ଅର୍ଥାତ୍ ଧର୍ମପରାୟଣା ବୋଲି ଘୋଷଣା କରିଅଛି । ସେମାନେ ନିଜ ଧର୍ମରକ୍ଷା କରିବା ଉଦ୍ଦେଶ୍ୟରେ ସମସ୍ତ ସ୍ୱାର୍ଥତ୍ୟାଗ କରି ଗୃହକୋଣରେ ରହି ଗୃହ-ପରିଚାଳନା କାର୍ଯ୍ୟ କରି ଆସୁଅଛନ୍ତି । ସେହି କାରଣରୁ ସେମାନଙ୍କର ବିକାଶ ହୋଇ ନାହିଁ କିଂବା ସଂସାରର ଉନ୍ନତି ସାଧନ ଆଶାନୁରୂପ ହୋଇପାରୁ ନାହିଁ । ନାରୀମାନଙ୍କର ଏହି ସ୍ୱାର୍ଥତ୍ୟାଗର ଦୁରୁପଯୋଗ ପୁରୁଷମାନେ ଅଧିକାଂଶ ସ୍ଥଳରେ କରି ଅଛନ୍ତି । ସେମାନଙ୍କ ସ୍ୱାଧୀନତା ଅପହରଣ କରି ସେମାନଙ୍କୁ ଅଧୀନସ୍ଥ କରି ରଖି ଅଛନ୍ତି ।

ନାରୀମାନେ ନିଜଶକ୍ତିକୁ ବିକାଶ ନ କରି କେବଳ ମାତ୍ର ଘରକୋଣରେ ବସି ରୋଷାଇ କରି ପିଲାଙ୍କୁ ଖେଳାନ୍ତୁ, ପୁରୁଷମାନଙ୍କର ଅନୁଚିତ ଆଜ୍ଞାନୁବର୍ତ୍ତୀ ହୋଇ ରହନ୍ତୁ, ତାହା ଭଗବାନଙ୍କର ବିଧାନ ନୁହେଁ । ଏହାର ପ୍ରତିକ୍ରିୟା ଏବଂ କ୍ରମବିକାଶ-ପରିସ୍ଥିତି ନାରୀମାନଙ୍କ ଧାର୍ମିକ ମନୋଭାବ ଉପରେ କୁଠାରାଘାତ କରିଅଛି । ସେମାନେ ନିଜର କର୍ତ୍ତବ୍ୟ, ନିଜର ଦାୟିତ୍ୱ, ଧର୍ମଭାବ ଭୁଲି ସ୍ୱାର୍ଥ ଆଉ ଭୋଗଲିପ୍ସା ପୂର୍ଣ୍ଣ କରିବା ପାଇଁ ପୁରୁଷଙ୍କ ସଙ୍ଗେ ପ୍ରତିଯୋଗିତା କରିବାକୁ କଟିବଦ୍ଧ ହୋଇ ସଂସାର ସାମନାରେ ଉପସ୍ଥିତ ହୋଇ ଅଛନ୍ତି । ସେମାନଙ୍କ ଧର୍ମଚ୍ୟୁତି ଯୋଗୁଁ, ସଂସାର ଅନ୍ୟାୟ, ଅସତ୍ୟର କବଳରେ ପଡ଼ି ଯାଇଛି । ମନୁଷ୍ୟ ଭୌତିକ ବସ୍ତୁ ଦ୍ୱାରା ସୁଖ-ଶାନ୍ତିରେ ରହିବାକୁ ଯେତେ ଚେଷ୍ଟା କରୁଛି, ତାହାର ବିପରୀତ ଅଧିକାଧିକ ଦୁଃଖ, ଅଶାନ୍ତି ଭୋଗୁଅଛି । ଯଦ୍ୟପି ସଂସାରର ଉନ୍ନତି ଏବଂ ସଂସାରରେ ସୁଖ-ଶାନ୍ତି ସ୍ଥାପନା ହେବାରେ ଭୌତିକ ବସ୍ତୁ ଆବଶ୍ୟକ, ତଥାପି ଏହାର ଭିତ୍ତି ସତ୍ୟ ଓ ନ୍ୟାୟ ହେବା ଅନିବାର୍ଯ୍ୟ । ଏହି ଭିତ୍ତି ଛଡ଼ା କେବଳ ଭୌତିକ ବସ୍ତୁ ଦ୍ୱାରା ସଂସାରରେ ସୁଖ-ଶାନ୍ତି ସ୍ଥାପନା ଏକେବାରେ ଅସମ୍ଭବ । ଏହାର ସାକ୍ଷାତ୍ ପ୍ରମାଣ ୟୁରୋପ, ଆମେରିକା, ରୁଷିଆ । ସଂସାରର ସମସ୍ତ କର୍ମ ନ୍ୟାୟ ଓ ସତ୍ୟ ଉପରେ ତେବେ ପ୍ରତିଷ୍ଠିତ ହୋଇପାରିବ ଯେବେ ନାରୀମାନଙ୍କ ହୃଦୟରେ ନ୍ୟାୟ, ସତ୍ୟ ନିବାସ କରିବ ଏବଂ ସେମାନେ ଏହାରି ଆଧାରରେ ଜାଗତିକ କର୍ମରେ ପୂର୍ଣ୍ଣଭାବେ ଅଂଶଗ୍ରହଣ କରିବେ ।

ସମୟୋପଯୋଗୀ କର୍ତ୍ତବ୍ୟ

ବର୍ତ୍ତମାନ ସତ୍ୟ, ନ୍ୟାୟ ପ୍ରତିଷ୍ଠିତ ନୂତନ ଯୁଗର ସମୟ ଆସିଛି । ଏହି ନୂତନ ଯୁଗର ପ୍ରତିଷ୍ଠା କାର୍ଯ୍ୟରେ ପୁରୁଷ ଓ ନାରୀମାନଙ୍କୁ ସମାନ ଭାବରେ ଅଂଶଗ୍ରହଣ କରିବାକୁ ହେବ । ନାରୀ କେବଳ ପିଲାମାନଙ୍କୁ ଖେଳାଇବାକୁ କବାଟ କୋଣରେ ରହିଲେ କିଂବା ଧର୍ମକୁ ତ୍ୟାଗ କରି ସ୍ୱେଚ୍ଛାଚାରିଣୀ ହୋଇ ସମାଜରେ ପୁରୁଷମାନଙ୍କ ସଙ୍ଗରେ ଅଧିକାର ସକାଶେ ପ୍ରତିଯୋଗିତା କଲେ ଚଳିବ ନାହିଁ । ସେମାନଙ୍କୁ ଅଧ୍ୟାତ୍ମ ସତ୍ୟର ଆଶ୍ରୟରେ ଶରୀରକୁ ପୁଷ୍ଟ, ବଳବାନ୍, ନୀରୋଗ ରଖିବା ସକାଶେ ନିୟମିତ ବ୍ୟାୟାମ କରିବାକୁ ହେବ । ଭୌତିକ ଓ ଆଧ୍ୟାତ୍ମିକ ବିଦ୍ୟାଶିକ୍ଷା ଦ୍ୱାରା ହୃଦୟ-ମନ୍ଦିର ସ୍ୱଚ୍ଛ, ପବିତ୍ର, ଶୁଦ୍ଧ କରି ସେଥିରେ ଧର୍ମ, ନ୍ୟାୟ, ଆନନ୍ଦ, ଶକ୍ତି, ଶାନ୍ତି, ସତ୍ୟକୁ ସ୍ଥାପନା କରିବାକୁ ହେବ ଏବଂ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରି ଅଥବା ପତିବ୍ରତା ଧର୍ମରେ ନିଷ୍ଠାବତୀ ହୋଇ ପୁରୁଷମାନଙ୍କ ସଙ୍ଗେ ପିତା, ଭ୍ରାତା, ପୁତ୍ର ଭାବ ରଖି ସଂସାରର କାର୍ଯ୍ୟ କରିବାକୁ ହେବ । ତେବେ ନାରୀମାନେ ହେବେ ଜଗତ୍‌ଜନନୀ ଆଦ୍ୟାଶକ୍ତିସ୍ୱରୂପା ମା' — ସଂସାର ହେବ ସ୍ୱର୍ଗ ।

ବ୍ୟାୟାମର ଆବଶ୍ୟକତା

ବାଳକମାନଙ୍କ ଅପେକ୍ଷା ବାଳିକାମାନଙ୍କ ଶରୀର ସ୍ୱାଭାବିକ କୋମଳ ଓ ଶାରୀରିକ ବଳ କମ୍ । ଏହା ହେଉଛି କେବଳ ପୂର୍ବ ସଂସ୍କାରରୁ । 'ସ୍ତ୍ରୀ ଦୁର୍ବଳା' — ଏହି ସଂସ୍କାର ସେମାନଙ୍କ ଚେତନା ସଙ୍ଗେ ଏକ ହୋଇଯାଇଛି । ଯେଉଁ ବନବାସିନୀ ବାଳିକାମାନେ ବାଲ୍ୟକାଳରୁ ପରିଶ୍ରମ କରୁଅଛନ୍ତି କିଂବା ସହରରେ ରହି ନିୟମିତ ବ୍ୟାୟାମ କରୁଅଛନ୍ତି ସେମାନଙ୍କ ଶାରୀରିକ ବଳ ବାଳକମାନଙ୍କ ଅପେକ୍ଷା କମ୍ ନୁହେଁ । ଆଶ୍ରମରେ ସଂଖ୍ୟା ବହୁତ ଅଧିକ ନ ହେଲେ ମଧ୍ୟ ଅଳ୍ପ କେତେଜଣ ଝିଅ ଶାରୀରିକ ବ୍ୟାୟାମ ପ୍ରତିଯୋଗିତାରେ କେତେକ ପିଲାଙ୍କୁ ପରାସ୍ତ କରି ଦିଅନ୍ତି । ବ୍ୟାୟାମ ଦ୍ୱାରା ଶରୀର ବିକଶିତ ହୁଏ, ବଳ ବୃଦ୍ଧି ହୁଏ, ଅସଳଖ ଅଙ୍ଗ ପ୍ରତ୍ୟଙ୍ଗ ସିଧା ଓ ସଳଖ ହୁଏ, ଯୋଡ଼ା ଗ୍ରନ୍ଥିମାନ ପୁଷ୍ଟ ହୁଏ । ଅସମୟରେ ବାର୍ଦ୍ଧକ୍ୟ ଆସେ ନାହିଁ । କୈଶୋର କାଳରୁ ଚଷମା ବ୍ୟବହାର କରିବାକୁ ପଡ଼େ ନାହିଁ । ଝିଅମାନେ ବହୁ ପ୍ରକାର ରୋଗର ଆକ୍ରମଣରୁ ବିଶେଷତଃ ଉଦରାମୟ ରୋଗରୁ ମୁକ୍ତ ହୁଅନ୍ତି । ସେମାନଙ୍କର ପ୍ରସବ-ବେଦନା କମ୍

ହୁଏ । ଶରୀର ବଳଶାଳୀ ହେଲେ ସ୍ୱାୟବିକ ଦୃଢ଼ତା ପ୍ରାପ୍ତ ହୁଏ । ଫଳରେ ସେମାନେ ପ୍ରତି କଥାରେ ଚିଡ଼ି କଜିଆ କରନ୍ତି ନାହିଁ; ଘରେ ପରସ୍ପର ମଧ୍ୟରେ ଝଗଡ଼ା କରି ପୃଥକ୍ ହୋଇ ଦରିଦ୍ର ହୁଅନ୍ତି ନାହିଁ । ଏହା ହୁଏ ଅଧ୍ୟାତ୍ମ ଭିତ୍ତିରେ ବାଳିକାମାନେ ବ୍ୟାୟାମ କରିବା ଦ୍ୱାରା । କର୍ତ୍ତୃପକ୍ଷମାନେ ପ୍ରତ୍ୟେକ ବାଳିକା ସ୍କୁଲ, ମହିଳା କଲେଜରେ ବ୍ୟାୟାମଶାଳା ସ୍ଥାପନ କରିବା ଉଚିତ । ଯେଉଁଠାରେ ବ୍ୟାୟାମଶାଳା ନାହିଁ, ସେଠାରେ ପ୍ରତ୍ୟେକ ବାଳିକା ନିଜ ନିଜ ଘରେ ନିୟମିତ ରୂପେ ବ୍ୟାୟାମ କରିବା ଉଚିତ । ବ୍ୟାୟାମ ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ ଲାଭ ସଙ୍ଗେ ସଙ୍ଗେ ଡାକ୍ତରକୁ ଦେଉଥିବା ଅର୍ଥ ଓ ରୋଗଶଯ୍ୟାରେ ଶୋଉଥିବା ସମୟ ସୁରକ୍ଷିତ ହୋଇ ରହିବ । ପରବର୍ତ୍ତୀ ପରିଚ୍ଛେଦରେ ବ୍ୟାୟାମର ନିୟମାବଳୀ ଦିଆଗଲା ।

ବାଳିକାମାନଙ୍କର ବ୍ୟାୟାମର ନିୟମାବଳୀ

୧. ଜୀବନର ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତ କରିବା ସକାଶେ ଉତ୍ତମ ସ୍ୱାସ୍ଥ୍ୟ, ଭୌତିକ ତଥା ଆଧ୍ୟାତ୍ମିକ ଶିକ୍ଷା ଏବଂ ନୈଷ୍ଠିକ ପାତିବ୍ରତ୍ୟ ଧର୍ମ ଅଥବା ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । ଏହାହିଁ ବାଳିକାମାନଙ୍କର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବାର ଉପାୟ ବ୍ୟାୟାମ, ଶିକ୍ଷା, ବ୍ରହ୍ମଚର୍ଯ୍ୟ ଓ ଆବଶ୍ୟକ ଉଚିତ କର୍ମ ।

୨. ଯେଉଁ ବାଳିକାମାନେ କୌଣସି ବ୍ୟାୟାମ-ସଂସ୍ଥାର ନିର୍ଦ୍ଦେଶ ଅନୁସାରେ ବ୍ୟାୟାମ କରନ୍ତି ସେମାନେ ସେହି ନିର୍ଦ୍ଦେଶରେ କରିବେ । ଯେଉଁମାନଙ୍କର ସେ ସୁବିଧା ନାହିଁ, ସେମାନେ ପ୍ରତ୍ୟେକ ଗ୍ରାମ ଅଥବା ସହରର କୌଣସି ସ୍ଥାନରେ ଗୋଟିଏ ବାଳିକା ବ୍ୟାୟାମଶାଳା ନିର୍ମାଣ କରିବେ । ଯଦି ଏହାର ସୁବିଧା ନ ହୁଏ, ତେବେ ବାଳିକାମାନେ ନିଜ ଘରେ ନିମ୍ନଲିଖିତ ନିୟମରେ ବ୍ୟାୟାମ କରିବେ ।

୩. ଏଗାର ବର୍ଷରୁ କମ୍ ବୟସ୍କ ବାଳିକାମାନେ ପରସ୍ପର ଖେଳ ମଧ୍ୟଦେଇ ଦୌଡ଼ାଦୌଡ଼ି କରିବେ । ୧୧ରୁ ୧୫ ବର୍ଷ ପର୍ଯ୍ୟନ୍ତ ବୟସର ବାଳିକାମାନେ ୯ଟା ବା ୧୦ଟା ରାତ୍ରିରେ ଶୋଇ ୫ଟା କିଂବା ୬ଟା ସମୟରେ ଶଯ୍ୟାତ୍ୟାଗ କରିବେ, ମଳତ୍ୟାଗ କରି ଦନ୍ତମୁଖ ଧୋଇବେ । ଅଭ୍ୟାସ ଥିଲେ ସ୍ନାନ କରିବେ ଅଥବା ସ୍ନାନ କରିବା ପୂର୍ବରୁ ବ୍ୟାୟାମ ଆରମ୍ଭ କରିବେ । ହାଫ୍‌ପ୍ୟାଣ୍ଟ ଓ ହାଫ୍‌ଶାର୍ଟ ପିନ୍ଧିକରି ବ୍ୟାୟାମ କରିବାରେ ସୁବିଧା ହୁଏ ।

ବୈଠକ : ଦୁଇ ପାଦ ସମାନଭାବେ ଯୋଡ଼ି ସିଧା ସଳଖ ଭାବେ ଛିଡ଼ା ହୁଅ । ନଇଁ ନ ପଡ଼ି ହାତ ସିଧା ସିଧା ରଖି ବସିପଡ଼ ଏବଂ ବସିବା ସଙ୍ଗେ ସଙ୍ଗେ ସିଧା ସଳଖ ଭାବେ ଛିଡ଼ା ହୁଅ । ଥରେ ବସି ଉଠିବାର ସଂଖ୍ୟା ହେଲା ଏକ । ଆରମ୍ଭରେ ଏହିପରି ୫ଥର କର । ପ୍ରତି ସପ୍ତାହରେ ଏକ ଏକ ବୃଦ୍ଧି କରି ଏହିପରି ୨୦ ଥର ପର୍ଯ୍ୟନ୍ତ କର ।

ହସ୍ତ ଦଣ୍ଡ : ଦୁଇହାତ କାଖ ସଳଖରେ ଭୂମିରେ ସମାନଭାବେ ରଖ । ଶରୀରକୁ ସଳଖଭାବେ ଲମ୍ବା କରି ଦୁଇହାତ ପଞ୍ଜା ଏବଂ ଦୁଇ ଗୋଡ଼ ଅଙ୍ଗୁଳି ଉପରେ ସମସ୍ତ ଶରୀରକୁ ରଖ । ଶରୀରକୁ ଟିକିଏ ହେଲେ ବଙ୍କା ନ କରି ଲାଠିପରି ଆସ୍ତେ ଆସ୍ତେ ଭୂମିରେ ଲାଗିବାକୁ ଚାରି ଆଙ୍ଗୁଳି ଦୂର ପର୍ଯ୍ୟନ୍ତ ନେଇ ଆସ ଏବଂ ବିଶ୍ରାମ ନ କରି ପୁନରାୟ ପୂର୍ବ ସ୍ଥିତିକୁ ଶରୀରକୁ ଉଠେଇ ନିଅ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରଥମରେ ଥରେ କର । ପ୍ରତି ପନ୍ଦର ଦିନ ଅନ୍ତରରେ ଏକ ଏକ ବୃଦ୍ଧି କରି ପାଞ୍ଚ ଥର ପର୍ଯ୍ୟନ୍ତ ନିଅ । ଏହା କେବଳ ହାତର ବ୍ୟାୟାମ । ଅନ୍ୟ ପ୍ରକାର ହେଲା : —

ଶାରୀରିକ ଦଣ୍ଡ : ପୂର୍ବ ପରି ହାତ ପଞ୍ଜା ଓ ପାଦର ଅଙ୍ଗୁଳି ଉପରେ ଶରୀରକୁ ଲାଠି ସଦୃଶ ସିଧା ରଖ । ଛାତି ଭୂମିରୁ ଚାରି ଆଙ୍ଗୁଳି ଛାଡ଼ି ଶରୀରର ମସ୍ତକ ଭାଗକୁ ପଛ ଆଡ଼କୁ ଟାଣି ଅଣ୍ଡାରୁ ଉଚ୍ଚା କରି ନିଅ । ପୁନରାୟ ମସ୍ତକ ଭାଗ ଭୂମିରୁ ଦୁଇ ତିନି ଆଙ୍ଗୁଳି ଛାଡ଼ି ସର୍ପ ମଥା ଉଠାଇଲା ପରି କ୍ରମଶଃ ଆଗ ଆଡ଼କୁ ନେଇ ଆସି ଆକାଶକୁ ଚାହଁ । ଅଣ୍ଡାରୁ ଗୋଡ଼ ଆଡ଼ ଭାଗ ଭୂମିର କିଛି ଉଚ୍ଚରେ ଜଂଘ ପର୍ଯ୍ୟନ୍ତ ସମାନ ରହିବ; ଜଂଘରୁ ମସ୍ତକ ପର୍ଯ୍ୟନ୍ତ କ୍ରମଶଃ ସିଧା ଉଚ୍ଚାକରି

ଆକାଶକୁ ଦେଖିବ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରତି ପନ୍ଦର ଦିନରେ ଏକ ଏକ କରି ବଢ଼ାଇ ଚାରିରେ ସମାପ୍ତ କର ।

ପେଟର ବ୍ୟାୟାମ : ଗୋଟିଏ ଶପରେ ଚିତ୍ ହୋଇ ଶୋଇପଡ଼ । ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ ଉପରକୁ ଉଠାଇ ସିଧା କରିଦିଅ । ସମସ୍ତ ଶରୀର ଭୂମିରେ, କେବଳ ଦୁଇଟି ଗୋଡ଼ ସଳଖଭାବେ ରହିବ ଉପରକୁ । ଶରୀର ଟିକିଏ ବି ଉଠିବ ନାହିଁ । ଦୁଇ ପାଦକୁ ଖୁବ୍ ଆସ୍ତେ ଆସ୍ତେ ତଳକୁ ନେଇ ଭୂମିରେ ରଖ । ଦୁଇ ଗୋଡ଼ ଭୂମିରୁ ହାତେ ଉଚ୍ଚ ରହିବା ସମୟରେ ବହୁତ ସାବଧାନ ହୋଇ ଆସ୍ତେ ଆସ୍ତେ ତଳକୁ ଆଣ । ଗୋଡ଼କୁ ଆସ୍ତେ ଆସ୍ତେ ତଳକୁ ଆଣିବା ଦ୍ୱାରା ପେଟର ବ୍ୟାୟାମ ହୁଏ । ତରବରରେ ଗୋଡ଼ ତଳକୁ ଆଣିଲେ ବ୍ୟାୟାମ ହୁଏ ନାହିଁ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରଥମରେ ଦୁଇ ଥର କର । ପ୍ରତ୍ୟେକ ପନ୍ଦର ଦିନ ଅନ୍ତରରେ ଏକ ଏକ ବଢ଼ାଇ ପାଞ୍ଚ ଥରରେ ସମାପ୍ତ କର ।

ଦୁଇ ଗୋଡ଼କୁ ଅଣ୍ଟା ପର୍ଯ୍ୟନ୍ତ ଭୂମିରେ ଲଗାଇ ରଖ । ଦୁଇ ହାତ ଆଗକୁ ଲମ୍ବାକରି କମରରୁ ମସ୍ତକ ଭାଗଟିକୁ ସିଧାସଳଖ ଭାବେ ଉପରକୁ ଉଠେଇ ବସିପଡ଼ । ଉଠିବା ସମୟରେ ଗୋଡ଼ ଉଠିବ ନାହିଁ, ଭୂମିରେ ଲାଗି ରହିବ । ପୁନରାୟ ଦୁଇ ଗୋଡ଼କୁ ସେହି ସ୍ଥିତିରେ ରଖି ମସ୍ତକକୁ ଆସ୍ତେ ଆସ୍ତେ ଭୂମିକୁ ନେଇ ଆସ । ଏହି ବ୍ୟାୟାମ କିଛି ଦିନ ଅଭ୍ୟାସ ହୋଇଯିବା ପରେ ପ୍ରଥମରେ ହାତ ଦୁଇଟିକୁ ଆଗେ କରି ଶରୀରକୁ ଉଠାଇ ପରେ ହାତ ଦୁଇ କଡ଼ରେ ରଖି କେବଳ ଅଣ୍ଟା ଜୋର୍‌ରେ ଶରୀରକୁ ଆସ୍ତେ ଆସ୍ତେ ଉଠାଇ ନିଅ ।

ଏହି ବ୍ୟାୟାମ ଅଭ୍ୟାସ ହୋଇଯିବା ପରେ କମରକୁ ଭୂମିରେ ରଖି ଗୋଡ଼ ଏବଂ ମଥା ଏକ ସଙ୍ଗେ କ୍ରମଶଃ ଉପରକୁ ଉଠେଇ ନେଇ ସିଧାଭାବେ ରଖି ଗୋଡ଼ ଅଙ୍ଗୁଳିକୁ ହାତ ଆଙ୍ଗୁଳିରେ ଧରି ଏହି ସ୍ଥିତିରେ ଦୁଇ ଚାରି ସେକେଣ୍ଡ ରହି ପୁନରାୟ ଆସ୍ତେ ଆସ୍ତେ ଦୁଇ ଗୋଡ଼ ଏବଂ ମସ୍ତକ ସମାନଭାବେ ଏକ ସଙ୍ଗେ ଭୂମିକୁ ନେଇଆସ । ମଥା ଅଥବା ଗୋଡ଼ ଆଗେ ପଛେ ହେଲେ ଚଳିବ ନାହିଁ, ଏକସଙ୍ଗେ ହେବା ବିଧେୟ । କିଛିଦିନ ଅଭ୍ୟାସ କରିବା ପରେ ଏହି ବ୍ୟାୟାମ ଠିକ୍ ହୁଏ । ଏହାକୁ ଥରେ କିଂବା ଦୁଇଥର କର ।

ସର୍ବାଙ୍ଗାସନ : ଚିତ୍ ହୋଇ ଶୋଇପଡ଼ । ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ ଉପରକୁ ଉଠାଅ । ଦୁଇ ଗୋଡ଼ ସିଧା ହୋଇଗଲେ ଦୁଇ ହାତକୁ କହୁଣିପର୍ଯ୍ୟନ୍ତ ଭୂମିରେ ରଖି ଦୁଇ ହାତ ଦ୍ୱାରା କମରଠାରୁ ଶରୀରକୁ ବେକ ପର୍ଯ୍ୟନ୍ତ ଉଠାଅ । ବେକ ଓ ମସ୍ତକ ରହିବ ଭୂମିରେ । ଦୁଇ ହାତ ସାହାଯ୍ୟରେ ସମସ୍ତ ଶରୀର ସିଧାସଳଖଭାବେ ବେକ ଉପରେ ଉପରକୁ ରହିବ ଏବଂ ଥୋମଣିକୁ ଛାତିର ଉପର ଭାଗରେ ଲଗେଇ ଦିଅ । ଏହାର ମହତ୍ତ୍ୱପୂର୍ଣ୍ଣ କ୍ରିୟା ହେଲା ଶରୀର ସିଧା ଏବଂ ଥୋମଣି ଛାତିର ଉପରି ଭାଗରେ ଲାଗି ରହିବା । ଏହି ସ୍ଥିତିରେ ପ୍ରଥମରେ ଏକ ମିନିଟ୍ ରହ । କ୍ରମଶଃ ଆସ୍ତେ ଆସ୍ତେ, ଖୁବ୍ ଆସ୍ତେ ଶରୀରକୁ ଭୂମିରେ ରଖିଦିଅ । ଏହି ବ୍ୟାୟାମ ପ୍ରଥମରେ ଏକ ମିନିଟ୍ କର, ତପ୍‌ରେ ପ୍ରତି ଏକ ମାସରେ ଏକ ଏକ ମିନିଟ୍ ଲେଖାଏଁ ବଢ଼ାଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ନିଅ ।

ପନ୍ଦର ବର୍ଷରୁ ପଚିଶ ବର୍ଷ ବୟସ୍କ ମହିଳାମାନଙ୍କୁ ଏହି ବ୍ୟାୟାମଗୁଡ଼ିକର ସଂଖ୍ୟା ଓ ସମୟ ଦୁଇଗୁଣ କରିବାକୁ ହେବ । ବିବାହିତା ମହିଳାମାନେ ଗର୍ଭଧାରଣ କରିବା ସମୟରେ ଏହିସବୁ ବ୍ୟାୟାମ ବନ୍ଦ ରଖିବେ ।

୪. ଭୋଜନର ସମୟ, ଶୋଇବା ଓ ଉଠିବାର ସମୟ ନିର୍ଦ୍ଦିଷ୍ଟ ହେବା ଉଚିତ । ଭୋର ସାଢ଼େ ପାଞ୍ଚଟା ପୂର୍ବରୁ ଉଠିବା ବହୁତ ଆବଶ୍ୟକ । ଝିଅ ବୋହୂମାନେ ଛ'ଟା ପର୍ଯ୍ୟନ୍ତ କିଂବା ଛ'ଟାରୁ ଅଧିକ ସମୟ ଶୋଇଲେ ମା'ମାନେ ବା ଶାଶୂମାନେ ସେମାନଙ୍କୁ କହନ୍ତି 'ଅଲକ୍ଷଣୀ' । ଯଥାର୍ଥରେ ବ୍ୟାୟାମ ଏବଂ ସଚ୍ଚିନ୍ତା କରିବା ସକାଶେ ସେହି ସମୟ ଉତ୍ତମ ।

ଆବଶ୍ୟକରୁ ଅଧିକ ଭୋଜନ କରିବ ନାହିଁ । ଭୋଜନ ଦ୍ରବ୍ୟ ସାମନାରେ ରଖି ଆଖି ବନ୍ଦ କରି ମା'ଙ୍କୁ ଧ୍ୟାନ କର ଏବଂ ଅର୍ପଣ କର । ମନେକର ଜଠରାଗ୍ନିରୂପେ ମା' ତୁମ ମଧ୍ୟରେ ଭୋଜନ କରୁଅଛନ୍ତି । ମା'ଙ୍କୁ ସ୍ମରଣ କରି

କଥାବାର୍ତ୍ତା ନ କରି, ଗପ ନ କରି ମୌନ ହୋଇ ଭୋଜନ କର । ଭୋଜନ ଦ୍ୱାରା ସମସ୍ତ ଇନ୍ଦ୍ରିୟର ରସ ପ୍ରାପ୍ତି ହୁଏ । ଭୋଜନ ସମୟରେ ସାତ୍ତ୍ୱିକ ବୃତ୍ତି ହେଲେ ମନୁଷ୍ୟର ସଚ୍ଚରିତ୍ର ଗଠନରେ ସାହାଯ୍ୟ ମିଳେ ।

୫. ବ୍ୟାୟାମ ସମୟ ପ୍ରାତଃକାଳ କିଂବା ସନ୍ଧ୍ୟା କାଳ ହେବା ଉଚିତ । ଭୋଜନ ଦ୍ରବ୍ୟ ହଜମ ହେବା ପୂର୍ବରୁ ଏବଂ ବିଶେଷ କ୍ଷୁଧା ଲାଗୁଥିବା ସମୟରେ ବ୍ୟାୟାମ କରିବା ନିଷେଧ । ଭୋଜନର ତିନି ଚାରି ଘଣ୍ଟା ପରେ ବ୍ୟାୟାମ କରିପାର । ବ୍ୟାୟାମ କରିବାର ଅଧଘଣ୍ଟା ପରେ ଆବଶ୍ୟକ ହେଲେ ଦୁଧ ବା ଲଘୁପାକ ଜଳଖିଆ ଖାଇପାର; କିନ୍ତୁ ବ୍ୟାୟାମର ଦେଢ଼ ଘଣ୍ଟା ମଧ୍ୟରେ ଉଦରପୂର୍ତ୍ତି ଭୋଜନ କରିବ ନାହିଁ । ବ୍ୟାୟାମର ଏକ ଘଣ୍ଟା ପରେ ସ୍ନାନ କରିପାର ।

୬. ଯେଉଁ ବାଳିକାମାନଙ୍କର ଶରୀର ବହୁତ ମଜଭୁତ ମାସିକ ଧର୍ମ ହେବା ସମୟରେ ଶରୀର ଦୁର୍ବଳ ହୁଏ ନାହିଁ, ପେଟରେ ବ୍ୟଥା ହୁଏ ନାହିଁ, ସେମାନେ ସେ ସମୟରେ କମ୍ ମାତ୍ରାରେ ବ୍ୟାୟାମ କରିପାରନ୍ତି । ଅନ୍ୟଥା ଦୁଇ ତିନି ଦିନ ବ୍ୟାୟାମ ବନ୍ଦ ରଖିବା ଉଚିତ ।

୭. ବ୍ୟାୟାମ ପୂର୍ବରୁ ଦୁଇ ତିନି ମିନିଟ୍ ନୀରବ ହୋଇ ମା'ଙ୍କୁ ଧ୍ୟାନ କର ଏବଂ ଧାରଣା କର ଯେ ମା'ଙ୍କ ଶକ୍ତି ତୁମ ମଧ୍ୟରେ କାର୍ଯ୍ୟ କରୁଅଛି ।

୮. ବ୍ୟାୟାମ ଶେଷ ହେବା ପରେ ଶପ ମସିଣାରେ ଚିତ୍ ହୋଇ ଶୋଇଯାଅ । ହାତ ଗୋଡ଼ ଶରୀରକୁ ଏକେବାରେ ଶିଥିଳ କରିଦିଅ । ଅପରେସନ୍ ସମୟରେ ଡାକ୍ତରମାନେ ଇଞ୍ଜେକ୍‌ସନ୍ ଦେଇ ଶରୀରକୁ ଅବଶ କରିଦେଲା ପରି ଶରୀରକୁ ଢିଲା କରିଦିଅ । ଯଦି ଅଧଘଣ୍ଟାଏ ବ୍ୟାୟାମ କରିଥାଅ ତାହାହେଲେ ଏହିପରି ଅବସ୍ଥାରେ ଦଶ ମିନିଟ୍ ରହ । ପରେ ଉଠି କିଛି ସମୟ ଧ୍ୟାନକର ଅଥବା ପଢ଼ାପଢ଼ି କର ।

ଭୌତିକ ତଥା ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା

ବ୍ୟାୟାମ କଲେ ବାଳିକାମାନଙ୍କର କେବଳ ଶରୀର ହୃଷ୍ଟପୁଷ୍ଟ ହୁଏ, ଶରୀରର ବଳ ବଢ଼େ; କିନ୍ତୁ ବୁଦ୍ଧିର ବିକାଶ ହୁଏ ନାହିଁ । ଅବିକଶିତ ବୁଦ୍ଧି, ବିଚାର ଅଭାବରୁ ସେମାନେ ଉତ୍ତମ କାର୍ଯ୍ୟ କରି ପାରନ୍ତି ନାହିଁ । ଏଣୁ ଶରୀରର ବିକାଶ ସଙ୍ଗେ ସଙ୍ଗେ ବୁଦ୍ଧିର ବିକାଶ ସକାଶେ ଶିକ୍ଷାର ପ୍ରୟୋଜନ । ସ୍ତ୍ରୀମାନଙ୍କ ଶିକ୍ଷାରେହିଁ ହେବ ଜଗତର ଉନ୍ନତି, ସଂସାରରେ ସୁଖ ଶାନ୍ତି ସ୍ଥାପନ ।

ପୂର୍ବେ ଝିଅମାନଙ୍କୁ ଶିକ୍ଷାଦେବା ପିତାମାତା ଆବଶ୍ୟକ ମନେ କରୁ ନ ଥିଲେ । ଝିଅମାନେ ରୋଷାଇ କରିବେ, ପିଲାଙ୍କୁ ଲାଳନ ପାଳନ କରିବେ, ପୁଅମାନେ ପଢ଼ି ଚାକିରି ବା ବ୍ୟବସାୟ କରି ଟଙ୍କା କମେଇ କୁଟୁମ୍ବ ପାଳନ-ପୋଷଣ କରିବେ — ଏହାହିଁ ସେମାନଙ୍କର ଧାରଣା ଥିଲା । ସେମାନେ ସ୍ୱୟଂ ମନେ କରୁଥିଲେ ବିଦ୍ୟା-ଶିକ୍ଷାରେ ସେମାନଙ୍କର ଦରକାର କ'ଣ ? ସେମାନେ ତ' ଚାକିରି କରିବେ ନାହିଁ, କେବଳ ରୋଷାଇ କରିବେ ଓ ସନ୍ତାନ ଉତ୍ପାଦନ କରିବେ । ଏହି ଧାରଣା ସମ୍ପୂର୍ତ୍ତ ଭ୍ରମାତ୍ମକ । ନାରୀ ଓ ପୁରୁଷ ଉଭୟଙ୍କ ପ୍ରଯତ୍ନରେ ହେବ ସଂସାରର ଉନ୍ନତି । ନାରୀ ହେଉଛନ୍ତି ସଂସାରର ଅର୍ଦ୍ଧଶକ୍ତି । ସେମାନଙ୍କ ଅବନତିରୁ ହୋଇଛି ସଂସାରର ଅଧଃପତନ । ନାରୀମାନଙ୍କ ଉନ୍ନତିରେ ସଂସାର ହେବ ସ୍ୱର୍ଗତୁଲ୍ୟ । ବାଲ୍ୟାବସ୍ଥାରୁ ବାଳକ ଏବଂ ବାଳିକାମାନଙ୍କୁ ସମାନ ଭାବେ ଶିକ୍ଷା ଦେବା ଉଚିତ । ଏହା ଯଦ୍ୟପି ଆବଶ୍ୟକ, ତଥାପି ବାଳିକାମାନଙ୍କର ଶିକ୍ଷାର ବ୍ୟବସ୍ଥା ଆଦୌ ସନ୍ତୋଷଜନକ ନୁହେଁ । ବାଳିକା ସ୍କୁଲ, ମହିଳା କଲେଜ, ବାଳକମାନଙ୍କ ସ୍କୁଲ କଲେଜ ତୁଳନାରେ ବହୁତ କମ୍ । ବର୍ତ୍ତମାନ ମଧ୍ୟ ଅଧିକାଂଶ ପିତାମାତା ବାଳିକାମାନଙ୍କର ଶିକ୍ଷା ଆବଶ୍ୟକ ବୋଲି ଅନୁଭବ କରିପାରି ନାହାନ୍ତି ।

ବାଳିକାମାନଙ୍କର ବିଦ୍ୟା-ଶିକ୍ଷା ଅନିବାର୍ଯ୍ୟ ହେଲେ ମଧ୍ୟ ସେଥିରେ ଯେପରି ଗୁଣ ଅଛି ସେହିପରି ବା ତାହାଠାରୁ ଅଧିକ ପରିମାଣରେ ଦୋଷ ଦୃଷ୍ଟିଗୋଚର ହେଉଅଛି । ବିଦ୍ୟାଶିକ୍ଷା କଲେ ବୁଦ୍ଧିର ବିକାଶ ହୁଏ । ସେହି ବୁଦ୍ଧି ଅଧ୍ୟାତ୍ମ

ସତ୍ୟରେ ଉଦ୍‌ଭାସିତ ନ ହେଲେ ପ୍ରାଣର ବାସନା, କାମନା, ଭୋଗଲିପ୍‌ସା ପୂର୍ଣ୍ଣ କରିବାରେ ବ୍ୟଗ୍ର ହୁଏ । ବର୍ତ୍ତମାନ ହୋଇଛି ଠିକ୍ ଏହି ଅବସ୍ଥା । ବାଳିକାମାନଙ୍କୁ ଯେଉଁ ଶିକ୍ଷା ଦିଆହେଉଛି, ତାହାଦ୍ୱାରା କେବଳ ବୁଦ୍ଧିର ବିକାଶ ହେଉଛି । ବୁଦ୍ଧି ସ୍ୱୟଂ ଅପ୍ରକାଶିତ ରହିଥିବାରୁ ପ୍ରାଣକୁ ସଂଯତ କରିବା ପରିବର୍ତ୍ତେ ତା'ର ବାସନା-କାମନା ପୂର୍ଣ୍ଣ କରିବାର ଯନ୍ତ୍ର ହୋଇଅଛି, ଯୁକ୍ତିତର୍କ ଦ୍ୱାରା ତାହାକୁ ସମର୍ଥନ ମଧ୍ୟ କରୁଅଛି । ଏହି ବିଦ୍ୟାଶିକ୍ଷା ଦ୍ୱାରା ବୁଦ୍ଧି ବିକାଶ ହେବାରେ ଯେଉଁ ଲାଭ ହୋଇଅଛି, ତାହାଠାରୁ ଅଧିକ କ୍ଷତି ହୋଇଅଛି ଚେତନା ଅଧୋମୁଖୀ ହେବାଯୋଗୁଁ । ମନୁଷ୍ୟ ମଧ୍ୟରେ ପ୍ରାଣ, ବୁଦ୍ଧି, ଆତ୍ମା, ଏହି ତିନି ସତ୍ତା ନିହିତ ଅଛି ସତ୍ୟ, କିନ୍ତୁ ତାହା ଅବିକଶିତ ଅବସ୍ଥାରେ ରହିଛି । ଏହି ତିନି ସତ୍ତାର ବିକାଶରେ ହୁଏ ମନୁଷ୍ୟର ପୂର୍ଣ୍ଣତା ପ୍ରାପ୍ତି । ପୂର୍ଣ୍ଣବିକଶିତ ବ୍ୟକ୍ତି ସ୍ୱୟଂ ଉନ୍ନତ ହୁଏ, ସଂସାରର ମଧ୍ୟ ଉନ୍ନତି ସାଧନ କରେ । ଭୌତିକ ବିଦ୍ୟାଶିକ୍ଷା ହେଉଛି ୟୁରୋପର ନକଲ । ଏହାଦ୍ୱାରା କେବଳ ଭୌତିକ ବୁଦ୍ଧି ବିକାଶ ହୁଏ । ଏହି ବୁଦ୍ଧି ଆତ୍ମା ଦ୍ୱାରା ପରିଚାଳିତ ନ ହେଲେ ପ୍ରାଣକୁ ଶାସନ ସଂଯମ କରିବାରେ ସମର୍ଥ ହୁଏ ନାହିଁ । ପ୍ରାଣ ସ୍ୱୀୟଶକ୍ତି-ସଂପନ୍ନ । କିନ୍ତୁ ତା'ର କାର୍ଯ୍ୟ ସମ୍ପାଦନ କରିବାର କୌଶଳ ଅଭାବ । ଅବିକଶିତ ବୁଦ୍ଧିଯୁକ୍ତ ପ୍ରାଣବନ୍ତ ବ୍ୟକ୍ତି ଭଲ ଅଥବା ଖରାପ କାର୍ଯ୍ୟ କରିବାରେ ଅସମର୍ଥ ହୁଏ । ପଶୁମାନଙ୍କର ପ୍ରଚୁର ଶକ୍ତି ଥିବା ସତ୍ତ୍ୱେ ମନୁଷ୍ୟର ବୁଦ୍ଧିର ଆୟତ୍ତ ହୋଇଯାଆନ୍ତି । ପ୍ରାଣକୁ ପରିଚାଳନା କରେ ବୁଦ୍ଧି, ସୁତରାଂ ବୁଦ୍ଧି ସ୍ୱୟଂ ଅଦୀପ୍ତ । ଉନ୍ନତ ବୁଦ୍ଧି, ଶୁଦ୍ଧ ପ୍ରକାଶବାନ୍ ନ ହେଲେ ସେ ପ୍ରାଣର ସାହାଯ୍ୟରେ ଅଥବା ପ୍ରାଣର ବଳାତ୍କାରରେ ବହୁ ଅବିହିତ କାର୍ଯ୍ୟ କରେ । ବୁଦ୍ଧି ଭୌତିକ ବିଦ୍ୟାଶିକ୍ଷା ଦ୍ୱାରା ତୀକ୍ଷ୍ଣ ହୁଏ; ଶୁଦ୍ଧ, ସ୍ୱଚ୍ଛ, ପ୍ରକାଶବାନ୍ ହୁଏ ନାହିଁ । ଶୁଦ୍ଧ, ସ୍ୱଚ୍ଛ ପ୍ରକାଶବାନ୍ ହୁଏ ଆତ୍ମାର ପ୍ରଭାବରେ । ଆତ୍ମାର ବିକାଶ ହୁଏ ଅଧ୍ୟାତ୍ମ ସାଧନା ଦ୍ୱାରା । ପ୍ରାଣବନ୍ତ ବ୍ୟକ୍ତିର ଭୌତିକ ବୁଦ୍ଧି ବିକାଶ ହେଲେ ତାକୁ କର୍ମର କୌଶଳ ଜ୍ଞାତ ହୁଏ । ସୁତରାଂ ଅଧ୍ୟାତ୍ମ ଶିକ୍ଷା ଦ୍ୱାରା ବୁଦ୍ଧି ପରିମାର୍ଜିତ, ଶୁଦ୍ଧ, ସୂକ୍ଷ୍ମ ନ ହେଲେ ବୁଦ୍ଧିବାଦୀ ମନୁଷ୍ୟ ନିଜର ଯଥାର୍ଥ ହିତ ବୁଝିପାରେ ନାହିଁ । ଜୀବନର ଲକ୍ଷ୍ୟ ତା'ପାଖରେ ଅଜ୍ଞାତ ରହେ । ସେ ଯଥାର୍ଥ ମାର୍ଗରୁ ଭ୍ରଷ୍ଟହୋଇ ନିଜ ସ୍ୱାର୍ଥ ସାଧନାରେ ସମସ୍ତ ଶକ୍ତି ପ୍ରୟୋଗ କରେ । ଚୋରମାନେ ସମସ୍ତ ଶକ୍ତି ପ୍ରୟୋଗ କରି ଅନ୍ୟର ଧନ ଅପହରଣ କରନ୍ତି ଅଥବା ପ୍ରାଣ ନାଶକରି ଧନ ଚୋରି କରନ୍ତି । ଓକିଲମାନେ ମିଥ୍ୟା ମୋକଦ୍ଦମା ଜାଣିବା ସତ୍ତ୍ୱେ ଟଙ୍କା ଲୋଭରେ ମିଥ୍ୟା ଉପାୟ ମହକିଲକୁ ବତାଇ ଯୁକ୍ତିତର୍କ ଦ୍ୱାରା ଦିନକୁ ରାତି ସାବ୍ୟସ୍ତ କରିଦିଅନ୍ତି । ନେତାମାନେ ଅନ୍ୟ ଦେଶ ଉପରେ ଆକ୍ରମଣ କରି ଜାଲ, ଫିସାଦ, ପ୍ରଚାର ଦ୍ୱାରା ନିର୍ଦୋଷ ଦେଶକୁ ଦୋଷୀ ସାବ୍ୟସ୍ତ କରିବାରେ ସମସ୍ତ ବୁଦ୍ଧି ପ୍ରୟୋଗ କରନ୍ତି । ଅନ୍ୟ ଦେଶକୁ ଗ୍ରାସ କରିବା ସକାଶେ ଦିନ ରାତି ଚିନ୍ତା, କଳକୌଶଳ, ଫନ୍ଦିଫିକର କରୁଥା'ନ୍ତି । ଯେଉଁମାନଙ୍କର ଅଧିକ ଅଧିକାର ଥାଏ ସେମାନେ ଅଧିକ ମାତ୍ରାରେ ସ୍ୱାର୍ଥ ସାଧନରେ ପ୍ରାଣ ଓ ବୁଦ୍ଧିକୁ ପ୍ରୟୋଗ କରନ୍ତି । ଯେଉଁମାନଙ୍କର ଅଧିକାର କମ୍ ଥାଏ, ସେମାନେ କମ୍ ମାତ୍ରାରେ ପ୍ରାଣ ଓ ବୁଦ୍ଧିକୁ ସ୍ୱାର୍ଥ-ସାଧନରେ ଲଗାନ୍ତି । ଅଧ୍ୟାତ୍ମ ସତ୍ୟର ଆଶ୍ରୟ ଛଡ଼ା କେବଳ ବିକଶିତ ବୁଦ୍ଧିଯୁକ୍ତ ବ୍ୟକ୍ତି କେବେ ମଧ୍ୟ ନିଜର ଓ ସଂସାରର ଯଥାର୍ଥ ହିତସାଧନ କରିପାରେ ନାହିଁ ।

ବର୍ତ୍ତମାନ ଠିକ୍ ଏହିପରି ହୋଇଛି ନାରୀମାନଙ୍କର । ଭୌତିକ ଶିକ୍ଷା ଦ୍ୱାରା ଧର୍ମଭାବ ନଷ୍ଟ ହୋଇଅଛି । ସେମାନଙ୍କଠାରୁ ଯେଉଁ ଉନ୍ନତ କାର୍ଯ୍ୟ ଆଶା କରାଯାଇ ପାରନ୍ତା, ଅଧ୍ୟାତ୍ମ ବିଦ୍ୟା ଅଭାବରୁ ତାହାର ବିପରୀତ ଅବସ୍ଥା ଦୃଷ୍ଟିଗୋଚର ହେଉଅଛି । ଶକ୍ତି ଜଳ ସଦୃଶ ଅନ୍ଧ । ଜଳକୁ ନିୟନ୍ତ୍ରଣ କଲେ ତାହା ପ୍ରାଣୀମାନଙ୍କ ଜୀବନ ରକ୍ଷାର ବହୁତ କାର୍ଯ୍ୟରେ ଉପଯୋଗ ହୁଏ । ତହିଁରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇ ବହୁ ହିତ ସାଧନ କରେ । କିନ୍ତୁ ସେହି ଜଳକୁ ନିୟନ୍ତ୍ରଣ ନ କଲେ ତାହା ଦେଶ ଓ ଗ୍ରାମମାନଙ୍କୁ ଭସାଇ ନେଇ ସମୁଦ୍ରରେ ପକାଇ ଦିଏ । ସେହିପରି ପ୍ରାଣ ଓ ଭୌତିକ ବୁଦ୍ଧି । ଏହା ଅଧ୍ୟାତ୍ମ ସତ୍ୟ ଦ୍ୱାରା ସଂଯତ ଏବଂ ନିୟନ୍ତ୍ରିତ ନ ହେଲେ ଅନ୍ୟର ହିତ ପରିବର୍ତ୍ତେ ଅହିତ ସାଧନ କରେ । ଏହି ଅବସ୍ଥା ହୋଇଛି ସଂସାରର ସମସ୍ତ ନର-ନାରୀଙ୍କର । ପୂର୍ବେ ଆଲୋଚନା କରାଯାଇଛି ଯେ ନାରୀମାନଙ୍କ ଧର୍ମାଚରଣରେ ସଂସାରରେ ସୁଖ-ଶାନ୍ତି ସ୍ଥାପନ ହୁଏ । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଧର୍ମଭାବ ଅଧିକ । ଅତଏବ ଏହି ଆଧୁନିକ ଶିକ୍ଷା ଦ୍ୱାରା ନାରୀମାନଙ୍କର ଧର୍ମଭାବ ନଷ୍ଟ ହେବାରୁ ସଂସାରରେ ଅଧିକ ଅସତ୍ୟ, ଅନ୍ୟାୟ, ଦୁଃଖକଷ୍ଟ ବୃଦ୍ଧି ହୋଇଅଛି । ତଥାପି ବର୍ତ୍ତମାନ ଆଧୁନିକ ବିଦ୍ୟାଶିକ୍ଷା ଛାଡ଼ିଦେଲେ ଚଳିବ ନାହିଁ । ତାହା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଆଧୁନିକ ଶିକ୍ଷାକୁ

ଆଧ୍ୟାତ୍ମିକ ସତ୍ୟ ଉପରେ ପ୍ରତିଷ୍ଠିତ କରିବାକୁ ହେବ । ତେବେ ସେମାନେ ଯଥାର୍ଥରୂପେ ଧର୍ମ ପାଳନ କରିପାରିବେ । ସେମାନଙ୍କର ହେବ ପୂର୍ଣ୍ଣ ବିକାଶ । ସେମାନଙ୍କ ଦ୍ୱାରା ହେବ ନିଜର, ପରିବାରର, ଗ୍ରାମର, ଦେଶର, ସଂସାରର ଉନ୍ନତି । ସେହି ସକାଶେ ବାଳିକାମାନଙ୍କ ନିମିତ୍ତ ଆଧ୍ୟାତ୍ମିକ ଶିକ୍ଷାର ଏକାନ୍ତ ପ୍ରୟୋଜନ । ଏହାଦ୍ୱାରା ହେବ ସେମାନଙ୍କର ଯଥାର୍ଥ ଚରିତ୍ର-ଗଠନ ।

ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଇତ୍ୟାଦି ସୌନ୍ଦର୍ଯ୍ୟମୟ କଳା ପ୍ରାଣର ଅତି ପ୍ରିୟ । ଗଳ୍ପ, କାହାଣୀ ପ୍ରତି ଆକୃଷ୍ଟ ହେବା ତଥା ସିନେମା ଦେଖିବା ଆଦି ତା'ରି ପ୍ରବୃତ୍ତି । ଭୋଗ ବାସନାର ତୃପ୍ତି ପ୍ରତି ଆକର୍ଷଣ ଏବଂ କାର୍ଯ୍ୟକାରୀ ସାହସ ଓ ଶକ୍ତି ପ୍ରାଣର । ପ୍ରାଣ ଚାହେଁ ମାନ, ସମ୍ମାନ, ପ୍ରଶଂସା, ପ୍ରତିଷ୍ଠା, ଅଧିକାର । ପ୍ରାଣର ଅଦମ୍ୟ ଶକ୍ତି, କିନ୍ତୁ କାର୍ଯ୍ୟରେ ପରିଣତ କରିବା କୌଶଳର ଅଭାବ । ପ୍ରାଣର ସ୍ୱାଭାବିକ ଗୁଣ ଉଦ୍ଦଣ୍ଡତା, କିନ୍ତୁ ସେ ବିଚାର ବୁଦ୍ଧିରେ ଶୂନ୍ୟ । ଭବିଷ୍ୟତ ଦୃଷ୍ଟିରେ ସେ ଅନ୍ଧ । ପ୍ରଚଣ୍ଡ ବଳଯୁକ୍ତ ଅନ୍ଧ ବ୍ୟକ୍ତି ସଦୃଶ ପ୍ରାଣ । ସେ ଦୌଡ଼ି ଦୌଡ଼ି ଖାଲରେ ପଡ଼ି ଆଣ୍ଠୁ ଗଣ୍ଡି ଭାଙ୍ଗେ ।

ବୁଦ୍ଧିର ବିଚାର ଶକ୍ତି ଅଛି । ସେ କାର୍ଯ୍ୟ ସମ୍ପନ୍ନ କରିବାର କୌଶଳ ଜାଣେ । ଯଦି ସେ ଅଧ୍ୟାତ୍ମ ଜ୍ୟୋତିଃରେ ପ୍ରକାଶିତ ହୁଏ, ତେବେ ସେ ପ୍ରାଣକୁ ଶାସନ କରିପାରେ । ପୋଷା ହାତୀ ସଦୃଶ – ତାହା ଦ୍ୱାରା ଉତ୍ତମ କାର୍ଯ୍ୟ କରାଇପାରେ । ଅନ୍ୟଥା ପ୍ରାଣର ଚାପରେ ତା'ର ବାସନା, କାମନା, ସ୍ୱାର୍ଥସିଦ୍ଧିର ଯନ୍ତ୍ର ହୁଏ । ବର୍ତ୍ତମାନ ଏହାହିଁ ହେଉଅଛି ସମଗ୍ର ସଂସାରରେ । ବ୍ୟକ୍ତି ନିଜ ସ୍ୱାର୍ଥ ସାଧନା କରିବାରେ ସମସ୍ତ ବୁଦ୍ଧିକୁ ଅନ୍ୟାୟ ଅବିହିତ କାର୍ଯ୍ୟରେ ଲଗାଉ ଅଛି । ସେଥିରୁ ନାରୀମାନେ ମଧ୍ୟ ବାଦ୍ ଯାଉ ନାହାନ୍ତି । ଯେଉଁ ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଇତ୍ୟାଦି ଚାରୁଶିଳ୍ପ ଏବଂ ବିଦ୍ୟା ଶିକ୍ଷା ସାହାଯ୍ୟରେ ସେମାନଙ୍କ ଚେତନା ଉଚ୍ଚସ୍ତରକୁ ଉନ୍ନୀତ ହୋଇ ଥାଆନ୍ତା, ସେମାନେ ସମାଜ ଉନ୍ନତିକର କାର୍ଯ୍ୟ କରିପାରି ଥାଆନ୍ତେ, ତାହା ନ ହୋଇ ଅଧ୍ୟାତ୍ମ ସତ୍ୟର ନିୟନ୍ତ୍ରଣ ଅଭାବରୁ ସେମାନଙ୍କ ଚେତନା ନିମ୍ନସ୍ତରକୁ ଖସି ଆସିଅଛି । ଏତଏବ ନାରୀମାନଙ୍କୁ ଉନ୍ନତ ଓ ପବିତ୍ର ଅବସ୍ଥା ପ୍ରାପ୍ତ କରିବାକୁ ହେଲେ ବାଲ୍ୟାବସ୍ଥାରୁ ଅଧ୍ୟାତ୍ମ ବିଦ୍ୟାର ଆଶ୍ରୟ ନେବା ବିଧେୟ ।

ପ୍ରଶ୍ନୋତ୍ତର

ପ୍ରଶ୍ନ : ଆଧ୍ୟାତ୍ମିକତାର ଅର୍ଥ – ଯୋଗ, ଭକ୍ତି, ଜ୍ଞାନ । ଏହାର ସାଧନା ଜପ, ତପ, ଯମ, ନିୟମ, ସଂଯମାଦି କଠିନ ସାଧନା । ଛୋଟ ଛୋଟ ବାଳିକାମାନେ କ'ଣ ଏହା କରିପାରିବେ ?

ଉତ୍ତର : ବାଳିକାମାନେ ଛୋଟ ଅବସ୍ଥାରୁ ବହୁତ ସରଳ ନିୟମ ଗ୍ରହଣ କଲେ ଭବିଷ୍ୟତରେ ସେମାନେ ଏହି ସବୁ ସାଧନା ସହଜରେ କରିପାରିବେ । ଯୋଗ, ଭକ୍ତି, ଜ୍ଞାନର ସାଧନାଦି ଏକେବାରେ କଠିନ ନୁହେଁ । ଏହାର ଖୁବ୍ ସରଳ ମାର୍ଗ ଅଛି । ଏମ୍.ଏ., ଡାକ୍ତରୀ, ଇଞ୍ଜିନିୟରିଂ ଇତ୍ୟାଦି ବିଦ୍ୟା ଜଣେ ଶିଶୁପକ୍ଷେ କେବଳ କଠିନ ନୁହେଁ, ଅସମ୍ଭବ; କିନ୍ତୁ ଶିଶୁ ଅବସ୍ଥାରେ 'କ', 'ଖ' ସହଜ । କିନ୍ତୁ ଏହାକୁ କ୍ରମଶଃ ଅଭ୍ୟାସ କଲେ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା'ପକ୍ଷେ ଏମ୍.ଏ., ଇଞ୍ଜିନିୟରିଂ, ଡାକ୍ତରୀ ଇତ୍ୟାଦି ବିଦ୍ୟା ପଢ଼ିବା ସୁବିଧା ହୁଏ । ସେହିପରି ଅଧ୍ୟାତ୍ମ ସାଧନା । ବାଳିକାମାନେ ବାଲ୍ୟାବସ୍ଥାରେ ଅଧ୍ୟାତ୍ମ ସାଧନା ଆରମ୍ଭ କଲେ ତାହା ସେମାନଙ୍କ ସ୍ୱଭାବରେ ଏପରିଭାବେ ପରିଣତ ହୋଇଯାଏ ଯେ ସେମାନେ ଆଗ୍ରହ ସହିତ ଧ୍ୟାନ, ଧାରଣା କରିପାରନ୍ତି ଏବଂ ଯୌବନ ଅବସ୍ଥାରେ ମନ-ପ୍ରାଣ ଦେଇ ଅବିହିତ ଅନ୍ୟାୟ କର୍ମରୁ ବିନା ପ୍ରୟାସରେ ମୁକ୍ତ ରହନ୍ତି ଓ ସଂସାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରନ୍ତି ।

ପ୍ରଶ୍ନ : ବାଳିକାମାନଙ୍କ ସକାଶେ ସହଜ ପ୍ରଣାଳୀ କ'ଣ ?

ଉତ୍ତର : ସତ୍ୟ କହିବା, ପ୍ରାର୍ଥନା କରିବା ।

ବାଳକ-ବାଳିକାମାନଙ୍କୁ ଶିଶୁ ଅବସ୍ଥାରୁ ବିଦ୍ୟାଶିକ୍ଷା ସଙ୍ଗେ ସଙ୍ଗେ ସତ୍ୟ କହିବା ସକାଶେ ଦୃଢ଼ସଂକଳ୍ପ କରାଇବାକୁ ହେବ ଏବଂ ପୂର୍ବେ ଲେଖା ହୋଇଥିବା ଅନୁସାରେ ଭୋର ୫ଟାରୁ ୬ଟା ମଧ୍ୟରେ ଉଠିବାକୁ ହେବ । ନିର୍ଦ୍ଦିଷ୍ଟ ସମୟରେ ଭୋଜନ, ବିଶ୍ରାମ, ବ୍ୟାୟାମ କରିବାକୁ ହେବ ଏବଂ ମା' ଶ୍ରୀଅରବିନ୍ଦଙ୍କ ଫଟୋ ଅଥବା ଭଗବାନଙ୍କ କୌଣସି ଛବିକୁ ପ୍ରତ୍ୟହ ସକାଳେ ଉଠିବା ପରେ ତଥା ସ୍ନାନ ପରେ ପ୍ରଣାମ କରିବାକୁ ହେବ । ନିୟମିତରୂପେ କିଛି ସମୟ 'ବିଚିତ୍ର ବିଭୂତି' ଗ୍ରନ୍ଥଟି ପଢ଼ିଲେ ଭଲ ହେବ । ସେଥିରେ ଭକ୍ତମାନଙ୍କର ଚରିତ ବର୍ଣ୍ଣିତ ହୋଇଛି । ପଢ଼ିବାକୁ ଭଲ ଲାଗିବ ଏବଂ ତଦ୍ଦ୍ୱାରା ଉନ୍ନତ ଜୀବନ ଗଠନରେ ବିଶେଷ ସହାୟତା ମିଳିବ । ଏହା ସହ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ମଧ୍ୟ ପଢ଼ା ଯାଇପାରେ । ଯେତେବେଳେ କୌଣସି ବିପଦ ଆସିବ, ସେତେବେଳେ ଭଗବାନଙ୍କର ଯେଉଁ ଛବି ରଖିଥିବ, ତାହାଙ୍କ ନାମ ସ୍ମରଣ କରି ତାଙ୍କୁ ଡାକିବ ।

ପ୍ରତ୍ୟେକ ବାଳକ-ବାଳିକା ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟେକ କାର୍ଯ୍ୟ ନିୟମିତ ଭାବେ କରିବେ । ସତ୍ୟ କହିବା ସାଧାରଣ ଜୀବନରେ ଅତ୍ୟନ୍ତ ଆବଶ୍ୟକ । ଏହା ବିନା ଜୀବନ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ହୁଏ । ଏହି ବିଶୃଙ୍ଖଳାକୁ ସଂଶୋଧନ କରି ଶୃଙ୍ଖଳାରେ ପରିଣତ କରିବାରେ ବହୁତ ଶକ୍ତି ବ୍ୟୟ ହୁଏ । ବ୍ୟବସ୍ଥିତ ବାହ୍ୟ କର୍ମ ଦ୍ୱାରା କେବଳ ଜୀବନ ସୁଧାର ହୁଏ ନାହିଁ, ବରଂ ଅଧ୍ୟାତ୍ମ ମାର୍ଗରେ ବହୁତ ସାହାଯ୍ୟ ମିଳେ ।

ଜୀବନରେ ନିଶ୍ଚୟ ବିପଦ ଆସେ । ବିପଦରୁ ରକ୍ଷା ପାଇବା ପ୍ରତ୍ୟେକ ବ୍ୟକ୍ତିର କାମ୍ୟ । ମନୁଷ୍ୟ ଶରୀର ଏବଂ ସଂସାରର ଯେଉଁସବୁ ସ୍ଥୂଳ ଦୃଶ୍ୟମାନ ତଥା ଅଦୃଶ୍ୟ ବସ୍ତୁ ଅଛି, ଏହିସବୁକୁ ଗୋଟିଏ ଶକ୍ତି ବ୍ୟବସ୍ଥିତ କରୁଅଛି, ଏଥିରେ ସନ୍ଦେହ ନାହିଁ । ଭୌତିକ ବିଜ୍ଞାନ ଏହାକୁ ସ୍ୱୀକାର କରିବାକୁ ବାଧ ହୋଇଅଛି । ସେହି ଶକ୍ତିକୁ ଭିନ୍ନ ଭିନ୍ନ ନାମ ଦେଇପାରନ୍ତି । ସେହି ଶକ୍ତିକୁ ଆମେ ଭଗବାନ୍ ବୋଲି କହୁ ।

ଏଥିରେ କେହି ବିଶ୍ୱାସ କରୁ ବା ନ କରୁ, ଯୁକ୍ତି-ତର୍କର ଆବଶ୍ୟକ ନାହିଁ । ବିପଦ ଆସିଛି, ବିପଦରୁ ରକ୍ଷା ପାଇବାର କଥା । ବିପଦ ଦୂର ହୁଏ ଏକାଗ୍ରତା ସହ ସଂକଳ୍ପ ଦ୍ୱାରା । ସଂକଳ୍ପ ଓ ଏକାଗ୍ରତା ସ୍ୱାଭାବିକରୂପେ ହେବା ସମ୍ଭବ ନୁହେଁ । ତା'ର ଗୋଟିଏ ଆଶ୍ରୟ ଆବଶ୍ୟକ । ଭଗବାନ୍ ଗୋଟିଏ ଶକ୍ତି । ତାଙ୍କରି ଆଶ୍ରୟରେ ଆମେ ଯଦି ବିପଦରୁ ରକ୍ଷାପାଉ, ତେବେ ଭଗବାନ୍ କ'ଣ, ସେ ସତ୍ୟ କି ମିଥ୍ୟା,— ଏହିସବୁ ଦ୍ୱନ୍ଦ୍ୱରେ ନ ପଡ଼ି, କାର୍ଯ୍ୟ ସିଦ୍ଧି କରିନେବା ଭଲ । କୌଣସି ବିପଦ ଆସିଲେ ମା' ଅଥବା ଭଗବାନଙ୍କୁ ଡାକିଲେ, ବିପଦରୁ ରକ୍ଷା ହେବ । ଥରେ ବିପଦରୁ ରକ୍ଷାପ୍ରାପ୍ତ ହେଲେ ସ୍ୱାଭାବିକରୂପେ ଭଗବାନଙ୍କ ପ୍ରତି କ୍ରମଶଃ ଶ୍ରଦ୍ଧା, ବିଶ୍ୱାସ, ଭକ୍ତି ବୃଦ୍ଧି ହେବ । ଏହା ସଙ୍ଗେ ସଙ୍ଗେ ଅସତ୍ୟ, ଅନ୍ୟାୟ କର୍ମରୁ ନିବୃତ୍ତି ହେବ । ସେଥିରୁ ହେବ ମନ, ପ୍ରାଣ ପବିତ୍ର । ଭୌତିକ ବିଦ୍ୟା ଦ୍ୱାରା ମନର ହେବ ବିକାଶ । ଶୁଦ୍ଧ, ବିକଶିତ ବୁଦ୍ଧିଯୁକ୍ତ ବ୍ୟକ୍ତିର ସମସ୍ତ କର୍ମ ହେବ ଉନ୍ନତ ଓ ଯଥାର୍ଥ । ପବିତ୍ର ବୁଦ୍ଧିଯୁକ୍ତ ବ୍ୟକ୍ତି ଅନାୟାସରେ ଜ୍ଞାନ, ଭକ୍ତି ପ୍ରାପ୍ତ ହୋଇପାରେ ଏବଂ ସମସ୍ତ କଠିନ ଅଧ୍ୟାତ୍ମ ସାଧନା ତା'ପକ୍ଷେ ସହଜ ହୋଇଯାଏ । ଏପରି ବାଳିକା ଓ ମହିଳାମାନେ ସୀମିତ ଅଶୁଦ୍ଧ ବୁଦ୍ଧି ଦ୍ୱାରା ଚାଳିତ ନ ହୋଇ ଆତ୍ମସତ୍ୟ ଦ୍ୱାରା ଚାଳିତ ହୁଅନ୍ତି । ସେମାନଙ୍କ ଚେତନା ନିମ୍ନ ପ୍ରାଣୀଙ୍କ କଳୁଷିତ ଭୋଗ-ବାସନାରୁ ମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ । ସେମାନେ ପୁରୁଷଙ୍କ ସହିତ ସଂସାର କାର୍ଯ୍ୟ କରି ପବିତ୍ର ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରନ୍ତି ଅଥବା ଏକପତିନିଷ୍ଠ ହୋଇ ପାତିବ୍ରତ୍ୟ ଧର୍ମ ପାଳନପୂର୍ବକ ପିତୃ ଓ ପତି ଉଭୟ କୁଳକୁ ଉଜ୍ଜ୍ୱଳ କରିପାରନ୍ତି । 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' ଅଳ୍ପ ଧର୍ମ ଜନ୍ମମରଣ ଭୟଙ୍କର ଭୟରୁ ଉଦ୍ଧାର କରେ । ବାଲ୍ୟ ଅବସ୍ଥାରେ ଅଳ୍ପ ଧର୍ମ ଆଚରଣ କଲେ ତାହା ବୃଦ୍ଧିହୋଇ ମହାନ୍ ଧର୍ମରେ ପରିଣତ ହୁଏ । ପ୍ରାର୍ଥନା କରିବା ବାଳିକାମାନଙ୍କ ପକ୍ଷେ ସହଜ । ଏହା ପ୍ରତ୍ୟେକ ବାଳିକା ଅକ୍ଲେଶରେ କରିପାରନ୍ତି । ବାଲ୍ୟ ଅବସ୍ଥାରେ ଏହି ସହଜ ପ୍ରଣାଳୀ ଗ୍ରହଣ କରିବା ଦ୍ୱାରା ତାହା ବୃଦ୍ଧି ହୋଇ ସ୍ୱଭାବରେ ପରିଣତ ହୁଏ, ଜୀବନ ସୁଧାର ହୁଏ । ସେମାନେ ହୁଅନ୍ତି ଜଗତ୍‌ପୂଜିତା ଦେବୀ, ଜଗଜ୍ଜନନୀ ଅପରୂପା ମା' । ଏହିପରି ମା'ମାନେ

ନିଜ ଜୀବନର ପରମାନନ୍ଦ, ପରମ-ଶାନ୍ତି, ସତ୍-ଚିତ୍-ଆନନ୍ଦ, ପରମ-ବ୍ରହ୍ମ ଦ୍ୱାରା ପରମାତ୍ମାକୁ ପ୍ରାପ୍ତହୋଇ ନିଜେ ଉଦ୍ଧାର ହୁଅନ୍ତି; ଦୁଃଖପୀଡ଼ିତ ବହୁ ନରନାରୀଙ୍କୁ ଉଦ୍ଧାର ହେବାରେ ସାହାଯ୍ୟ କରନ୍ତି ।

ବାଳିକାମାନଙ୍କ ହୃଦୟ ସ୍ୱଚ୍ଛ, ଶୁଦ୍ଧ ଓ କୋମଳ । ସେଥିରେ ଯୁକ୍ତି-ତର୍କର କାଳିମା ଲାଗି ନ ଥାଏ । ସ୍ଫଟିକମଣି ସଦୃଶ ସେମାନେ ସତ୍ୟସ୍ୱରୂପ ସୂର୍ଯ୍ୟକିରଣକୁ ଅବିକୃତ ଭାବରେ ଗ୍ରହଣ କରିପାରନ୍ତି । ଶିଶୁ ଅବସ୍ଥାରେ ଭଲ ଅଥବା ଖରାପ ଶିକ୍ଷା ଜୀବନର ସ୍ୱଭାବରେ ପରିଣତ ହୁଏ । ଏହା ନିର୍ବିବାଦ, ସର୍ବସମ୍ମତ, ସର୍ବମାନ୍ୟ ସିଦ୍ଧାନ୍ତ ଯେ ଉତ୍କୃଷ୍ଟ ଜୀବନର ସଦ୍‌ଗୁଣ ହେଲା – ନ୍ୟାୟ, ସତ୍ୟ, ପରୋପକାର, ଦୟା, କରୁଣା, ଶାନ୍ତି, ସନ୍ତୋଷ, ଆନନ୍ଦ ତଥା ପାତିବ୍ରତ୍ୟ ଧର୍ମ । ଏହା 'କୁଳବଧୂ' ମହିଳାମାନଙ୍କର ଭୂଷଣ । ଏହି ଶବ୍ଦଟିରେ ସ୍ନେହ, ସମ୍ମାନ, ମହତ୍ତ୍ୱ, ମର୍ଯ୍ୟାଦା ଇତ୍ୟାଦି ଗୁଣ ପରିପୂର୍ଣ୍ଣ । ଏହା ପ୍ରାପ୍ତହୁଏ ଭଗବାନଙ୍କ ଆଶ୍ରୟରେ । ଶିଶୁ ଅବସ୍ଥାରେ ସାଧାରଣ କର୍ମ ଦ୍ୱାରା ଯେଉଁ ଭଗବତ୍ ଭକ୍ତି ପ୍ରାପ୍ତହୁଏ, ପ୍ରାପ୍ତବୟସ୍କ ଅବସ୍ଥାରେ ବହୁତ ପ୍ରୟାସ, କଷ୍ଟସାଧ୍ୟ ସାଧନାରେ ମଧ୍ୟ ତାହା ପ୍ରାପ୍ତହେବା କଠିନ ହୁଏ । ପିଲାମାନଙ୍କୁ କିପରି ସରଳରେ ଭଗବତ୍ ଭକ୍ତି, ଦିବ୍ୟଗୁଣ ପାପ୍ତ ହୁଏ, ତାହାର ଗୋଟିଏ ସରଳ ଉଦାହରଣ ହେଉଛି ବାଳକ 'ମୋହନ' ।

ମୋହନ ଥିଲା ଗୋଟିଏ ଗରିବ ବିଧବା ବ୍ରାହ୍ମଣୀର ସନ୍ତାନ । ଶିଶୁ ଅବସ୍ଥାରେ ତା'ର ପିତୃବିୟୋଗ ଘଟିଥିଲା । ନିରାଶ୍ରୟା ବ୍ରାହ୍ମଣୀ କେବଳ ମୋହନ ପ୍ରତି ଅପତ୍ୟସ୍ନେହରେ ବଶ ହୋଇ ପତି-ବିୟୋଗର ଦାରୁଣ ଦୁଃଖକୁ ସହ୍ୟକରି ଜୀବନ ଧାରଣ କଲା । ଘର ବୋଲି ଗୋଟିଏ ମାଟିକାନ୍ଥର କୁଡ଼ିଆ ମାତ୍ର । ବ୍ରାହ୍ମଣୀର ଜମିବାଡ଼ି, ଧନ ସମ୍ପତ୍ତି ସବୁକିଛି କେବଳ ମୋହନ । ମୋହନ ବ୍ୟତିରେକେ ତାହାର ଆଉ କିଛି ନ ଥିଲା । ଦୁଃଖ-କଷ୍ଟରେ ପରିଶ୍ରମ କରି ନିଜେ ନ ଖାଇ ନ ପିଇ ସେ ମୋହନକୁ ପାଳନ-ପୋଷଣ କଲା । ମୋହନ ତ' ଶିଶୁ । ସେ କ'ଣ ଜାଣେ ଯେ ତା'ର ମା'ର କିଛି ନାହିଁ । ଅନ୍ୟ ପିଲାଙ୍କ ଭଲ ପିନ୍ଧିବା, ଭଲ ଖାଇବା ଦେଖି ମା' ପାଖରେ ସେହିସବୁ ବସ୍ତୁ ପାଇଁ ଅଳିକରେ । ମା' ତାକୁ ନିଜ ଛାତିରେ ଲଗେଇ ନିଜ ଆଖିରୁ କୋଳିପରି ଲୁହ ଝାଡ଼ିଦିଏ । ପଣତ କାନିରେ ଆଖି ପୋଛି ମୋହନକୁ କୌଣସି ପ୍ରକାରେ ବୁଝାଇ ଶାନ୍ତ କରେ । ମୋହନର ବୟସ ସେତେବେଳକୁ ସାତ ଆଠ ବର୍ଷ । ବ୍ରାହ୍ମଣ ପିଲା, କିଛି ଅଧ୍ୟୟନ କରିବାକୁ ହେବ । ସେତେବେଳେ ତ ସ୍କୁଲ ନ ଥିଲା । ପିଲାମାନେ ଗୁରୁଗୃହକୁ ପଢ଼ିବାକୁ ଯାଆନ୍ତି । ସେମାନଙ୍କର ଗୁରୁଗୃହରେ ରହିବା ବାବଦ ସମସ୍ତ ଖର୍ଚ୍ଚ ପିତାମାତା ବହନ କରନ୍ତି । ଯେଉଁ ବାଳକମାନେ ନିକଟରେ ରହନ୍ତି ସେମାନେ ଗୁରୁଙ୍କ ପାଖରେ ପଢ଼ି ଘରକୁ ଫେରି ଯାଆନ୍ତି ।

ଦରିଦ୍ର ବ୍ୟକ୍ତିର ସମାଜରେ ନ ଥାଏ ଆଦର ନା ଥାଏ ସମ୍ମାନ । ତାକୁ ଦେଖିଲେ ଲୋକେ ମୁହଁ ବୁଲେଇ ଚାଲି ଯାଆନ୍ତି । ବିଧବା ବ୍ରାହ୍ମଣୀ ମୋହନକୁ ସଙ୍ଗରେ ନେଇ ଗୁରୁଙ୍କ ପାଖକୁ ଯାଇ ନିଜର ଦାରିଦ୍ର୍ୟ ଅବସ୍ଥା ଜଣାଇ ମୋହନର ଶିକ୍ଷା ପାଇଁ ପ୍ରାର୍ଥନା କଲା । ସେହି ସଦାଚାରୀ ବ୍ରାହ୍ମଣ ଗୁରୁ ଯଦ୍ୟପି ଧନୀ ନ ଥିଲେ, ତଥାପି ଥିଲେ ମହତ୍ ଆଉ ଉଦାର । ସେ ମୋହନକୁ ଶିକ୍ଷା ଦେବା ନିମିତ୍ତ ସହର୍ଷେ ସ୍ୱୀକାର କଲେ । ଗ୍ରାମର ଅନ୍ୟ ପିଲାମାନେ ପଢ଼ିବାକୁ ଯାଆନ୍ତି । ମୋହନର ମା' କହିବୋଲି ମୋହନକୁ ସେହି ପିଲାମାନଙ୍କ ସଙ୍ଗେ ପଢ଼ିବାକୁ ପଠାନ୍ତି । ଗୁରୁଙ୍କ ଘର ମୋହନର ଘରଠାରୁ ଦୂରରେ ଅନ୍ୟ ଏକ ଗ୍ରାମରେ । ଅନ୍ୟ ପିଲାମାନଙ୍କୁ ଆଣିବାକୁ ସେମାନଙ୍କର ପିତା, ଭାଇ ଅଥବା ଚାକର ଯାଆନ୍ତି । କିନ୍ତୁ ବିଚରା ମୋହନର କିଏ ଅଛି ଯେ ତାକୁ ଆଣିବାକୁ ଯିବ ! ମୋହନ ଦିନେ ତା'ର ମା'କୁ କହିଲା, ''ମା', ମୁଁ ଏକା ଆସିବା ସମୟରେ ସନ୍ଧ୍ୟା ହୋଇ ଯାଇଥିଲା, ମୋତେ ଡର ମାଡ଼ିଲା । ତୁ ଅଧବାଟକୁ ନ ଯାଇଥିଲେ ମୁଁ କ'ଣ କରିଥା'ନ୍ତି ? ସବୁ ପିଲାଙ୍କୁ ଆଣିବାକୁ ତାଙ୍କ ପିତା, ଭାଇ କିଂବା ଚାକର ଯାଆନ୍ତି; ଆମର କ'ଣ କେହି ନାହାନ୍ତି ମା' ?'' ଏକଥା ଶୁଣିବା ମାତ୍ରେ ମା'ର ହୃଦୟ ବିଦୀର୍ଣ୍ଣ ହୋଇଗଲା । ତା'ର ଆଉ କିଏ ଅଛି ଏଇ ମୋହନ ଛଡ଼ା ?

ମୋହନ ମା'ର ବାଲ୍ୟାବସ୍ଥାରୁ ଶ୍ରୀକୃଷ୍ଣଭକ୍ତି ତା' ହୃଦୟରେ ଅଙ୍କୁରିତ ହୋଇଥିଲା । ସେହି ଶ୍ରୀକୃଷ୍ଣଙ୍କ ଆଶ୍ରୟରେ ସେ ପତିବିୟୋଗ ଓ ଦାରିଦ୍ର୍ୟ ଅବସ୍ଥାରେ ମଧ୍ୟ ବିଚଳିତ ହୋଇ ନ ଥିଲା । ସେ କହିଲା, ''ମୋହନ, ତୋର ଗୋଟିଏ ଭାଇ ଅଛି ।'' ମୋହନ କୌତୂହଳ ଓ ଆଗ୍ରହରେ ପଚାରିଲା, ''ମୋ ଭାଇର ନାମ କ'ଣ, ସେ କେଉଁଠାରେ ଥାଏ; ଆମ ଘରକୁ ଆସେ ନାହିଁ କାହିଁକି ?'' ମା' କହିଲା, ''ତା'ର ବହୁତ କାମ; ସେ ବଡ଼ ଉଦାର; ଯେ ବିପଦରେ ପଡ଼ି

ତାକୁ ଡାକେ, ସେ ତା' ଘରକୁ ଯାଏ; ତାଙ୍କୁ ବିପଦରୁ ରକ୍ଷା କରେ । ଆମେ କେବେ ଡାକି ନାହୁଁ, ତେଣୁ ସେ ଆସି ନାହିଁ ।'' ମୋହନ ପୁଣି ପଚାରିଲା, ''ମା', ତୁ କାହିଁକି ଡାକୁ ନାହୁଁ ? ତା' ପ୍ରତି ତୋର କ'ଣ ସ୍ନେହ ନାହିଁ ? ମୁଁ ତ' ମୋ ଭାଇକି ନ ଦେଖି ରହିପାରୁ ନାହିଁ ? ମା', ତୁ କହ ସେ କେଉଁଠି ଅଛି । ମୁଁ ତା ପାଖକୁ ଯିବି ।'' ''ତୁ ଯେଉଁ ବାଟେ ଆସୁ, ସେ ସେହି ଜଙ୍ଗଲରେ ଥାଏ । ଯେବେ ସନ୍ଧ୍ୟା ହୋଇଯିବ, ତୁ ତାକୁ ଡାକିଲେ ସେ ଆସିବ । ତା'ର ନା ହେଉଛି କହ୍ନେଇ ।'' ଏହା ତା'ର ମା' କହିଲେ ।

ମୋହନର ମନ ବଡ଼ ବ୍ୟଗ୍ର ହେଲା ତା'ର ଭାଇକୁ ଦେଖିବାକୁ । ଦୈବାତ୍ ସେଦିନ ଗ୍ରାମର ପିଲା କେହି ଯାଇ ନ ଥିଲେ । ମୋହନ ଆସିଲା ବେଳକୁ ମାଛି ଅନ୍ଧାର ହୋଇଯାଇଛି । ଶୂନ୍‌ଶାନ୍ ଛୋଟ ଝାଡ଼ ଜଙ୍ଗଲରେ ବିଲୁଆ, କୋକିଶିଆଳି ବୋବାଉ ଥିଲେ । ମୋହନକୁ ଡର ମାଡ଼ିଲା । ସେ ଉଚ୍ଚସ୍ୱରରେ ଡାକିଲା, ''ଭାଇ, ଭାଇ, କହ୍ନେଇ ଭାଇ; ଜଲଦି ଆ', ମୋତେ ଡର ମାଡୁଛି । ଆଜି ମୁଁ ଏକା ।'' କିନ୍ତୁ କୌଣସି ଉତ୍ତର ନାହିଁ । ମୋହନ ଭୟଭୀତ ହୋଇ କାନ୍ଦି କାନ୍ଦି ଡାକିଲା, ''ଭାଇ, ଜଲ୍‌ଦି ଆସ, ମୋତେ ଭାରି ଡର ମାଡୁଛି ।'' ଦୂରରୁ ମଧୁର ତଥା ଗମ୍ଭୀର ଉତ୍ତର ମିଳିଲା, ''ମୋହନ, ମୁଁ ଆସୁଛି ।''

ଗୋଟାଏ ପ୍ରକାଶପୁଞ୍ଜ ମଧ୍ୟରେ କହ୍ନେଇ ଭାଇକୁ ଦେଖି ମୋହନ ମୁଗ୍ଧ ହୋଇଗଲା ଓ ତା'ର ରୂପଲାବଣ୍ୟମୟ ମୂର୍ତ୍ତିକୁ ଦେଖି ସେ ନିର୍ନିମେଷ ନୟନରେ ଚାହିଁ ରହିଲା । ସେ ଆନନ୍ଦ ବିଭୋରରେ ଦୌଡ଼ିଯାଇ କୁଣ୍ଢେଇ ପକାଇ ଆନନ୍ଦାଶ୍ରୁ ସହ କହିଲା, ''ଭାଇ, ତୁ ଏଇଠି ଅଛୁ, ମୁଁ ପ୍ରତିଦିନ ଏଇବାଟେ ଯାଉଛି, ତୁ ଦିନେ ହେଲେ ମୋତେ ଦେଖା ଦେଉ ନାହୁଁ ।'' କହ୍ନେଇ ଭାଇ ମୋହନକୁ କୋଳକୁ ନେଇ ହୃଦୟରେ ଲଗାଇ କହିଲେ, ''ତୁ କ'ଣ ମୋତେ କେବେ ଡାକିଥିଲୁ ? ଆଜି ଡାକିଲୁ ତ' ମୁଁ ଆସିଲି । ତୋତେ ଯେତେବେଳେ ଡର ମାଡ଼ିବ, ମୋତେ ଡାକିଲେ ମୁଁ ଆସିବି । ଚାଲ, ତୋତେ ଘରେ ଛାଡ଼ିଦେଇ ଆସିବି ।'' ''ଭାଇ, ତୁ କାହିଁକି ଆମ ଘରେ ରହୁ ନାହୁଁ ? ତୁ ଆମ ଘରେ ରହ, ତୋତେ ଛାଡ଼ି ମୁଁ ରହିପାରିବି ନାହିଁ; ତୋ ଛଡ଼ା ମୋତେ ଆଉ କିଛି ଭଲ ଲାଗୁ ନାହିଁ ।'' ମୋହନ କହିଲା ।

ତା'ର କହ୍ନେଇ ଭାଇ ତାକୁ ଘରକୁ ନେଇଗଲା । ମୋହନର ମା'ର ଡାକ ଶୁଣି ସେ କହିଲା, ''ଯା ମୋହନ ଘରକୁ, ମା' ଡାକୁଛନ୍ତି ।''

ମୋହନ ମା'କୁ କହିଲା, ''ମାଆ ଆଜି ବାଟରେ ମୋତେ ବଡ଼ ଡର ଲାଗିଲା । ମୁଁ କହ୍ନେଇ ଭାଇକୁ ଡାକିଲି; ପ୍ରଥମରେ ତ' ସେ ଶୁଣିଲା ନାହିଁ, କିନ୍ତୁ ମୁଁ କାନ୍ଦିବାରୁ ଆସି ଛାଡ଼ିଦେଇ ଗଲା । ମା' କହ୍ନେଇ ଭାଇ ଏତେ ସୁନ୍ଦର ! ତୁ ତାକୁ ଛାଡ଼ି ରହିଛୁ କିପରି ?'' ମୋହନର ସତ୍ୟ-ସୁନ୍ଦର ବାକ୍ୟରେ ମା'ଙ୍କର ବିଶ୍ୱାସ ହେଲା । ସେ ଆନନ୍ଦରେ ପ୍ଲାବିତ ହୋଇ ମୋହନକୁ ହୃଦୟରେ ଲଗାଇ କହିଲେ, ''ମୋ କୋଳ ଆଜି ପବିତ୍ର ହୋଇଗଲା; ମୁଁ ଧନ୍ୟହେଲି । କହ୍ନେଇ, ପ୍ରକୃତରେ ଅନାଥର ନାଥ, ଦରିଦ୍ର ସଙ୍ଗାଳି । କହ୍ନେଇ, ଏ ଦୁଃଖିନୀକୁ ଥରେ ମାତ୍ର ଦେଖାଦେବୁ ନାହିଁ ? ମୁଁ ତ' ଧ୍ୟାନ, ଧାରଣା, ଜପ, ତପ, ବ୍ରତ କିଛି ଜାଣେ ନାହିଁ । ଏକ ଦରିଦ୍ରା ଅନାଥା, ତୁ କ'ଣ କେବଳ ଋଷି ମୁନିଙ୍କୁ ଦେଖା ଦେଉ ? ଯଶୋଦା କେଉଁ ତପସ୍ୟା କରିଥିଲେ, ତାଙ୍କ ହାତରୁ ଲହୁଣି ଖାଇବାକୁ ଅଳିକରି କାନ୍ଦୁଥିଲୁ, ତା' ହାତରେ ଦଉଡ଼ିରେ ବନ୍ଧା ହେଉଥିଲୁ; ସେ ପିଟିବାକୁ ଛାଟ ଉଠାଇବା ସମୟରେ ଭୟରେ କାନ୍ଦି କାନ୍ଦି ଲୁହ ବୁହାଉଥିଲୁ । ବାପା ! ଥରେ ମୋ କୋଳକୁ ଆ', ମୁଁ ତୋର ମୁଖଚନ୍ଦ୍ରମାକୁ ପେଟ ପୂରାଇ ଦେଖିନିଏ । ଏଇ ଦୁଃଖିନୀଟାକୁ ଦୟାକର । ମୁଁ ଦରିଦ୍ରା, ମୁଁ ତୋତେ ଧନ ମାଗୁ ନାହିଁ, ମାଗୁଛି ତୋର ଦର୍ଶନ ମାତ୍ର ।'' ବ୍ରାହ୍ମଣୀ ବ୍ୟାକୁଳ ହୋଇ ଅଶ୍ରୁପାତ କରି ମୂର୍ଚ୍ଛିତା ହୋଇଗଲା । କହ୍ନେଇ ଆସି ତା'ର କୋମଳ, ଶୀତଳ ହସ୍ତରେ ମା' ଶିରକୁ ସ୍ପର୍ଶ କରି କହିଲା, ''ମା' ମୁଁ ଆସିଛି, ଉଠ ।'' ମା' ଆଖିଖୋଲି କହ୍ନେଇକୁ ଦେଖି ହୃଦୟରେ ଲଗାଇ ନେଲା ।

ମୋହନର ବିଦ୍ୟାଗୁରୁଙ୍କ ପିତାଙ୍କ ବାର୍ଷିକ ଶ୍ରାଦ୍ଧ ଦିନ ଆସିଲା । ଶ୍ରାଦ୍ଧରେ ଯୋଗଦେବା ସକାଶେ ସବୁ ବିଦ୍ୟାର୍ଥୀଙ୍କୁ ସେ ନିମନ୍ତ୍ରଣ କଲେ; ମୋହନକୁ ମଧ୍ୟ କହିଲେ । ମୋହନ ମା'ର ଦାରିଦ୍ର୍ୟ ତାଙ୍କୁ ଅଗୋଚର ନ ଥିଲା, ସେଥିପାଇଁ ସେ ମୋହନକୁ କହିଲେ, ''ତୋତେ କିଛି ଆଣିବାକୁ ପଡ଼ିବ ନାହିଁ, ତୁ କେବଳ ଶ୍ରାଦ୍ଧରେ ଯୋଗଦେବୁ ।'' ମୋହନ କିନ୍ତୁ

ବହୁତ ଆଗ୍ରହରେ କହିଲା, ''ନା, ମୁଁ ଖାଲି ହାତରେ ଆସିବି ନାହିଁ, କ'ଣ ଆଣିବି କୁହନ୍ତୁ ।'' ମୋହନର ଏତେ ଆଗ୍ରହ ଭାଙ୍ଗି ନ ପାରି ଗୁରୁ କହିଲେ, ''ଗୋଟିଏ ଛୋଟ ଲୋଟାରେ ଏକ ଲୋଟା ଦୁଧ ଆଣିବୁ ।'' ସେ ଭାବିଥିଲେ ଯେ ଦୁଧ ମିଳିବାରେ କିଛି ଅସୁବିଧା ହେବ ନାହିଁ । ମୋହନ ଘରକୁ ଯାଇ ମା'କୁ କହିଲା, ''କାଲି ଗୁରୁଙ୍କ ପିତୃଶ୍ରାଦ୍ଧ, ମୁଁ ଲୋଟାଏ ଦୁଧ ନେଇକରି ଯିବି ।'' ''ତୋ କହ୍ନେଇ ଭାଇଠାରୁ ନେଇଯିବୁ ।'' ମା' କହିଲେ ।

ମୋହନ ତହିଁ ଆରଦିନ ସକାଳୁ ଖୁବ୍ ଶୀଘ୍ର ସ୍ନାନ ଶୌଚ ଶେଷକରି ଲୁଗା ପିନ୍ଧି ଗୁରୁଙ୍କ ଘରକୁ ବାହାରିଲା । ସେ ଡାକିବା ମାତ୍ରେ କହ୍ନେଇ ଭାଇ ଦୁଧ ଲୋଟାଏ ଦେଇଦେଲେ । ମୋହନ ଆନନ୍ଦରେ ଦୁଧ ନେଇ ଚାଲିଲା । ଆଜି ଯେପରି ତାକୁ କୋଟିନିଧି ପ୍ରାପ୍ତ ହୋଇଛି । ମୋହନ ଜୀବନରେ କେବେ ଦୁଧ ଦେଖିଥିଲା କି ନାହିଁ ସନ୍ଦେହ । ଆଜି ତା'ର କହ୍ନେଇ ଭାଇ ହାତରୁ ଦୁଧ ପାଇଥିବାରୁ ଆନନ୍ଦରେ ହୃଦୟ ଉଛୁଳି ପଡୁଛି । ଏହି ଆନନ୍ଦ ଅବସ୍ଥାରେ ଗୁରୁଗୃହରେ ଉପସ୍ଥିତ ହେଲା । ସେ ସମୟରେ ବହୁ ଶିଷ୍ୟ ଘିଅ, ଚିନି, ଲୁଗା ଆଦି ବହୁ ମୂଲ୍ୟବାନ୍ ବସ୍ତୁ ଗୁରୁଜିଙ୍କ ଚରଣରେ ଅର୍ପଣ କରୁଥା'ନ୍ତି । ସେହି ସବୁ ବସ୍ତୁ ପ୍ରସନ୍ନତା ସହ ଦେଖିବାରେ ଗୁରୁଜି ବ୍ୟସ୍ତ ଥାଆନ୍ତି । ମୋହନ ଦୁଧ ଲୋଟାଟି ହାତରେ ଧରି ଗୁରୁଙ୍କୁ ଘେରି ରହିଥିବା ଶିଷ୍ୟମାନଙ୍କୁ ଆଡ଼େଇ ଅତ୍ୟନ୍ତ ଆନନ୍ଦରେ ଗୁରୁଙ୍କ ଚରଣରେ ପ୍ରଣାମ କରି ସଙ୍କେତରେ ଦୁଧ ଲୋଟାଟି ଦେଖାଇ ଦେଲା । ଗୁରୁଜି ମୋହନ ତଥା ଦୁଧ ଲୋଟାଟିକୁ ଦେଖିଲେ; କିନ୍ତୁ ବହୁମୂଲ୍ୟ ଭେଟି ଦେଖି ବ୍ୟସ୍ତ ଥିବାରୁ ସ୍ନେହରେ ଆଦର କଲେ ନାହିଁ କିଂବା ଦୁଧ ଲୋଟାଟି ନିଜ ହାତରେ ନେଲେ ନାହିଁ । ଅନ୍ୟାନ୍ୟ ଶିଷ୍ୟମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ ।

ମୋହନର ଅନ୍ତର ପ୍ରଦେଶରେ ଯଦିଓ ପରମାନନ୍ଦ ପୂର୍ଣ୍ଣ ଥିଲା, ତଥାପି ବାହାର ପ୍ରକୃତିରେ ଥିଲା ବାଲ୍ୟଚପଳତା । ସେହି କାରଣରୁ ଦରିଦ୍ର ମୋହନ ଦୃଷ୍ଟିରେ ଅନ୍ୟାନ୍ୟ ଭେଟି ଅପେକ୍ଷା ଛୋଟ ଦୁଧ ଲୋଟାଟିର ମୂଲ୍ୟ କମ୍ ନ ଥିଲା । ସେ ଗୁରୁଙ୍କୁ ବାରଂବାର ଡାକି ଦୁଧ ଲୋଟାଟି ବଢ଼ାଇ ଦେଲା । ମୋହନର ବାରଂବାର ଅନୁରୋଧରେ ଗୁରୁଜି ସାମାନ୍ୟ ବିରକ୍ତ ହୋଇ ଜଣକୁ କହିଲେ, ''ଏ ପିଲାର ଦୁଧ ଢାଳି ଲୋଟାଟିକୁ ଦେଇଦେ ।'' ଲୋଟାଟି ଥିଲା ଛୋଟ । ତେଣୁ ସେ ବ୍ୟକ୍ତି ଗୋଟିଏ ଛୋଟିଆ ପାତ୍ରରେ ଦୁଧତକ ଢାଳିଲା । କିନ୍ତୁ ଦୁଧ ନ ସରିବାରୁ କଂସାରେ ଢାଳିଲା, ତେବେ ବି ନ ସରିବାରୁ ଗୋଟିଏ ଗରାରେ ଢାଳିଲା । ଏହିପରି କେତେ ପାତ୍ର ପୂର୍ଣ୍ଣ ହେବା ପରେ ବି ଆହୁରି ଦୁଧ ଲୋଟାରେ ରହିଲା । ଏଥିରେ ସେ ପିଲା ଆଶ୍ଚର୍ଯ୍ୟ ହୋଇ ଗୁରୁଙ୍କୁ ଦେଖାଇଲା । ଗୁରୁ ନିଜ ସାମ୍ନାରେ ଗୋଟିଏ ବହୁତ ବଡ଼ ପାତ୍ରରେ ଦୁଧ ଢାଳିବାକୁ କହିଲେ । ଏତେ ବଡ଼ ପାତ୍ର ପୂର୍ଣ୍ଣ ହୋଇଗଲା; କିନ୍ତୁ ମୋହନର ଛୋଟ ଲୋଟାଟିରୁ ଦୁଧ ଶେଷ ହେଲା ନାହିଁ । ସ୍ୱଚକ୍ଷୁରେ ଗୁରୁଜି ଏହି ଘଟନା ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କିଛି ସମୟ ସ୍ତମ୍ଭୀଭୂତ ହେବାପରେ ମୋହନ ଆଡ଼କୁ ଚାହିଁ ପଚାରିଲେ; ''ଏ ଦୁଧ କିଏ ଦେଇଥିଲା ?''

''ମୋ ଭାଇ ।''

''ତୋ ଭାଇ କେଉଁଠି ଥାଏ ?''

''ମୋ ଯିବା ବଣ-ବାଟରେ । ଯେଉଁ ଦିନ ଅନ୍ଧାର ହୋଇଥାଏ, ସେଦିନ ସେ ମୋତେ ନେଇ ଆମ ଘରେ ଛାଡ଼ି ଦେଇ ଆସେ ।''

ଗୁରୁ କିଛି ସମୟ ଭାବି ନୀରବରେ ଛିଡ଼ା ହେବା ପରେ ମୋହନକୁ ନିଜ କୋଳକୁ ଉଠାଇ ନେଇ ଏକାନ୍ତରେ ଯାଇ କହିଲେ, ''ଆଜି ତୁ ଏକା ଯିବୁ ନାହିଁ, ଶ୍ରାଦ୍ଧ କାର୍ଯ୍ୟ ଶେଷ କରି ସନ୍ଧ୍ୟାବେଳେ ମୁଁ ତୋ ସହିତ ଯିବି । ତୋ ଭାଇକୁ ମୋତେ ଦେଖାଇ ଦେବୁ କି ?''

''ମୋ ଭାଇକୁ ମୁଁ ଯେବେ ଡାକେ ସେ' ତ ମୋ ପାଖକୁ ଆସେ, ଆଉ ଦେଖାଇ ଦେବାର କ'ଣ ଅଛି ? ଆଜି ଆପଣ ମୋ ସଙ୍ଗେ ଚାଲନ୍ତୁ, ନିଶ୍ଚୟ ଦେଖି ପାରିବେ ।''

ମୋହନ ଆଣିଥିବା ଦୁଧରେ ହେଲା ଖିରି । ଯଦ୍ୟପି ବହୁ ପ୍ରକାର ମିଷ୍ଟାନ୍ନ ପରଶା ହୋଇଥିଲା, ତଥାପି ସମସ୍ତେ ଖାଉଥିଲେ କେବଳ ସେହି ଖିରିକୁ । ତାହାର ଥିଲା ଅସରନ୍ତି ଭଣ୍ଡାର; ଅଲୌକିକ ସ୍ୱାଦ । ଭୋଜନାର୍ଥୀମାନେ ପଶ୍ଚାତ୍ତାପ

କରୁଥା'ନ୍ତି, ''ତାଙ୍କ ପେଟ ଯଦି ଗୋଟିଏ ପୋଖରୀ ହୋଇଥାଆନ୍ତା ତେବେ ସେମାନଙ୍କୁ ସନ୍ତୋଷ ହୋଇଥା'ନ୍ତା ।'' ସେମାନଙ୍କୁ ଏପରି ସ୍ୱାଦ ପ୍ରାପ୍ତ ହେବାର ସୌଭାଗ୍ୟ କେବେ ଜୀବନରେ ମିଳି ନ ଥିଲା । ସେମାନେ ଭୋଜନ କରି କେବଳ କ୍ଷୁଧା ତୃପ୍ତି କଲେ ନାହିଁ, କିନ୍ତୁ ଜନ୍ମ-ମରଣ ଦ୍ୱନ୍ଦ୍ୱ, ବାସନା-କାମନା ତୃଷାରୁ ଚିରଦିନ ପାଇଁ ମୁକ୍ତ ହୋଇଗଲେ ।

ସନ୍ଧ୍ୟା ହୋଇଗଲା । ଗୁରୁ ସମସ୍ତ କାର୍ଯ୍ୟ ଶେଷ କରି ମୋହନକୁ କାନ୍ଧରେ ବସାଇ ତା' ଘର ଅଭିମୁଖେ ଚାଲିଲେ । ଜଙ୍ଗଲ ଆସିଲା । ''ମୋ କହ୍ନେଇ ଭାଇ ଏହି ଜଙ୍ଗଲରେ ରହେ'' କହି ମୋହନ ଉତ୍ସାହର ସହିତ ଗୁରୁଙ୍କ କାନ୍ଧରୁ ଓହ୍ଲେଇ ପଡ଼ି ଭାଇକୁ ଡାକିଲା, ପ୍ରତ୍ୟୁତ୍ତର ନାହିଁ । ମୋହନ ବ୍ୟାକୁଳ ହୋଇ ଟିକିଏ ବିରକ୍ତ ସ୍ୱରରେ କହିଲା, ''ମୋ ଗୁରୁ ତୋତେ ଦେଖିବାକୁ ଏତେ ପରିଶ୍ରମ କରି ଆସିଛନ୍ତି, ଆଜି ତୋର କ'ଣ ହୋଇଗଲା କି ତୁ ଆସୁ ନାହୁଁ ?''

''ତୋ ଗୁରୁ ତୋ ସଙ୍ଗେ ଅଛନ୍ତି, ଆଜି ତୁ ଏକା ନୋହୁଁ ।''

''ନାହିଁ, ନାହିଁ, କହ୍ନେଇ ଭାଇ, ଏପରି କହ ନାହିଁ । ମୋ ଗୁରୁଙ୍କୁ ଥରେ ଦେଖାଦେଇ ଯା' ।''

ଗୁରୁ : ମୋହନ, ତୋ କହ୍ନେଇ ଭାଇ କାହିଁ ?

''ତୁମେ ଶୁଣୁ ନାହଁ ? ସେ ପରା କହୁଛି; ତୋ ଗୁରୁ ତୋ ସଙ୍ଗେ ଅଛନ୍ତି, ମୋ ଆସିବାର ପ୍ରୟୋଜନ ନାହିଁ ।''

''ମୁଁ ତ କିଛି ଶୁଣିପାରୁ ନାହିଁ ।''

''କହ୍ନେଇ ଭାଇ, ତୁ ବଡ଼ ମାୟାବୀ । ମୋ ସଙ୍ଗେ କଥାବାର୍ତ୍ତା କରୁଛୁ, ମୋ ଗୁରୁ କିଛି ଶୁଣିପାରୁ ନାହାନ୍ତି । ଗୁରୁ ମୋତେ କହିବେ ମିଛୁଆଟାଏ । ନା, ନା, ଥରେ ହେଲେ ଦେଖା ଦେ' ।''

''ମୋହନ, ତୋ ଗୁରୁ ପଣ୍ଡିତ, କିନ୍ତୁ ତୋ ପରି ତାଙ୍କର ହୃଦୟ ସରଳ, ନିଷ୍କପଟ, ପବିତ୍ର ନୁହେଁ । ସେ ମୋ ଦର୍ଶନର ଅଧିକାରୀ ନୁହନ୍ତି; କେବଳ ତୋ ସମ୍ପର୍କରୁ ମୋ ପ୍ରକାଶପୁଞ୍ଜ ସେ ଦର୍ଶନ କରି ପାରିବେ ।''

ଗୁରୁ ପ୍ରକାଶପୁଞ୍ଜ ଦର୍ଶନ କରି ଆନନ୍ଦ ସମାଧିରେ ବାହ୍ୟଜ୍ଞାନ ଶୂନ୍ୟ ହୋଇ ପଡ଼ିଲେ ।

ମୋହନର ଥିଲା କ'ଣ ? ଥିଲା ସରଳ ନିଷ୍କପଟ ବିଶ୍ୱାସ । ସରଳତାରେ ଭଗବାନ୍ ପ୍ରାପ୍ତ ହୁଅନ୍ତି, ତର୍କରେ ନୁହେଁ । ବାଳିକାମାନଙ୍କ ହୃଦୟ ପ୍ରକୃତରେ ସରଳ ଓ ପବିତ୍ର । ସେମାନେ ବିଶ୍ୱାସ କଲେ ଅକ୍ଲେଶରେ ଭଗବତ୍ ପ୍ରାପ୍ତି କରିପାରନ୍ତି । ପ୍ରତ୍ୟେକ ବାଳିକାର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି କରିବା ଉଚିତ । ସବୁଠାରୁ ସରଳ ଉପାୟ ହେଲା ଭକ୍ତମାନଙ୍କର ଚରିତ୍ର ଅଧ୍ୟୟନ କରିବା । ତଦ୍ଦ୍ୱାରା ସେମାନଙ୍କ ହୃଦୟରେ ସ୍ୱତଃସ୍ଫୂର୍ତ୍ତଭାବେ ଭଗବତ୍ ପ୍ରେମ ଜାଗ୍ରତ ହୁଏ । କାରଣ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ପ୍ରେମ-ତତ୍ତ୍ୱ ଥାଏ । କେବଳ ସମ୍ପର୍କ ଏବଂ ପ୍ରବୃତ୍ତି ଅନୁସାରେ ତାହା ଭଗବଦଭିମୁଖୀ ହୋଇପାରେ ଅଥବା ମାନୁଷୀ ପ୍ରେମରେ କଳୁଷିତ ହୋଇପାରେ ।

ବାଳିକାମାନଙ୍କର ଦୈନିକ କର୍ମ

୧. କୌଣସି ବିପଦ ଆସିଲେ ଭଗବାନଙ୍କୁ ଅଥବା ମା'ଙ୍କୁ ପ୍ରାର୍ଥନା କର; ତୁମ ପ୍ରାର୍ଥନା ହୃଦୟର ଗଭୀରରୁ ଆସିଲେ ତତ୍‌କ୍ଷଣାତ୍ ତା'ର ଉତ୍ତର ପାଇବ ।

୨. ସତ୍ୟ କହିବ । ଯେଉଁ କାର୍ଯ୍ୟରେ ମିଥ୍ୟା କହିବାକୁ ହୁଏ ତାହା ବର୍ଜନ କରିବ ।

୩. ଶୋଇବା ସମୟରେ ଏବଂ ଉଠିବା ସମୟରେ ମା'ଙ୍କୁ ପ୍ରାର୍ଥନା କରିବ, ''ମା', ମୋତେ ସଦ୍‌ବୁଦ୍ଧି, ଜ୍ଞାନ, ସାହସ, ଧୈର୍ଯ୍ୟ ଦିଅ । ମୋତେ ସନ୍ମାର୍ଗରେ ପରିଚାଳିତ କର । ଅସତ୍ୟର ପ୍ରତିରୋଧ ସକାଶେ ଶକ୍ତି ଦିଅ । ସଂସାରରେ ସତ୍ୟ-ସ୍ଥାପନ କାର୍ଯ୍ୟରେ ମୋତେ ଯନ୍ତ୍ର କରିନିଅ । ନିଦ୍ରାବସ୍ଥାରେ ଅଚେତନା ଗହ୍ୱରରେ ପତିତ ନ ହୋଇ ଯେପରି ତୁମ ପ୍ରଭାବରେ ରହିପାରେ, ସେ ସକାଶେ କୃପାକର ।''

୪. ପଢ଼ିବା ପୂର୍ବରୁ ଦୁଇ ତିନି ମିନିଟ୍ ନୀରବରେ ରହି ପ୍ରାର୍ଥନା କର, ''ମୋତେ ଏକାଗ୍ରତା, ସ୍ମରଣ ଶକ୍ତି ଦିଅ, ଯେପରି ବିଦ୍ୟାଧ୍ୟୟନ ଉତ୍ତମ ରୂପେ କରି ତା'ର ସଦୁପଯୋଗ କରିପାରେ ।'' ପଢ଼ିବା ଶେଷରେ ଦୁଇ ତିନି ମିନିଟ୍

ନୀରବ ହୋଇ ପଢ଼ିଥିବା ବିଷୟକୁ ମା'ଙ୍କ ପାଖରେ ଅର୍ପଣ କରିବ । ଅର୍ଥାତ୍ କହିବ, ''ମୁଁ, ମୋର ଯାହାକିଛି ତଥା ଯାହା ପଢ଼ିଲି, ତା' ତୁମ ଚରଣରେ ସମର୍ପଣ କରୁଅଛି ।''

୫. ଭୋଜନ ଦ୍ରବ୍ୟସବୁ ମା'ଙ୍କୁ ସମର୍ପଣ କରିବ । ମନେ କରିବ ମା' ମୋ ମଧ୍ୟରେ ରହି ଏହି ଭୋଜନ କରୁ ଅଛନ୍ତି । ମନୁଷ୍ୟ ଯେପରି ବସ୍ତୁ ଭୋଜନ କରେ, ଭୋଜନ କରିବା ସମୟରେ ତା'ର ଯେପରି ମନୋଭାବ ଥାଏ, ସେହିପରି ଭାବ ତା'ର ସ୍ୱଭାବରେ ପରିଣତ ହୁଏ । କାରଣ ଭୋଜନର ସତ୍ତ୍ୱ ଅର୍ଥାତ୍ ରସ ମନୁଷ୍ୟର ସମସ୍ତ ଅବୟବକୁ ଶକ୍ତିରୂପେ ପ୍ରାପ୍ତ ହୁଏ; ତାହାଦ୍ୱାରା ସେ ଜୀବିତ ରହେ ।

ଧ୍ୟାନ ଓ ସମର୍ପଣ

୬. ଯେଉଁ ବାଳିକାମାନଙ୍କର ଅଧିକ ଉତ୍ସାହ, ଯେଉଁମାନେ ଧ୍ୟାନ କରିବାକୁ ଚାହାନ୍ତି, ସେମାନେ ଶୋଇବା ସମୟରେ ପାଞ୍ଚ ମିନିଟ୍, ଉଠିବା ସମୟରେ ପାଞ୍ଚ ମିନିଟ୍, ସ୍ନାନ କରିବା ପରେ ପନ୍ଦର ଅଥବା କୋଡ଼ିଏ ମିନିଟ୍ ଧ୍ୟାନ କରି ପାରନ୍ତି ।

ଧ୍ୟାନର ବିଧି

ଭଗବାନ୍ ଅଥବା ମା'ଙ୍କ ଫଟୋ ସାମନାରେ ରଖ । ଫଟୋକୁ ଭଲ କରି ଦେଖ । ଆଖି ବନ୍ଦ କରି ସେହି ଫଟୋକୁ ଦେଖ । ଯଦି ଦେଖିପାର ତେବେ ହୃଦୟ (ଛାତି) ଭିତରେ ଦେଖ । ସେହି ଫଟୋରେ ମନ ଏକାଗ୍ର କର । ମନ ଏକାଗ୍ର ହୋଇଗଲେ ମସ୍ତକ ଉପରୁ ଶାନ୍ତି ଆସି ନିଜ ମନ-ପ୍ରାଣ-ଶରୀରରେ ପ୍ରବେଶ କରିବା ସକାଶେ ଅପେକ୍ଷା କର । 'ଯୋଗ ଓ ସାଧନା', 'ଲୋକ ସାହିତ୍ୟ', 'ମା' (The Mother) ପୁସ୍ତିକା ନିୟମିତ ରୂପେ ପଢ଼ । ଧ୍ୟାନ ଦ୍ୱାରା ମନ ଏକାଗ୍ର ହୁଏ । ଧ୍ୟାନ ଅଧ୍ୟାତ୍ମ-ସାଧନାରେ ଅପରିହାର୍ଯ୍ୟ ଅଙ୍ଗ ଏବଂ ସଂସାର କାର୍ଯ୍ୟ ଶୁଦ୍ଧ ଓ ନିଖୁଣ ଭାବେ ସମ୍ପାଦନ କରିବାରେ ସହାୟକ ।

୭. ପ୍ରତ୍ୟେକ କର୍ମକୁ, ଘରର ପ୍ରତ୍ୟେକ କାର୍ଯ୍ୟକୁ ମା'ଙ୍କର ଜାଣି ମା'ଙ୍କ ସେବାରୂପେ – ଏପରିକି ସ୍ନାନ, ଭୋଜନ, ଅଧ୍ୟୟନ, ବ୍ୟାୟାମ ଆଦି ସମସ୍ତ କର୍ମକୁ ମା'ଙ୍କ ସେବା ଭାବରେ କର । ସମର୍ପଣ ବିଷୟ ଲୋକ ସାହିତ୍ୟ (ସମର୍ପଣ ଓ ବାଧାବିଘ୍ନ ଏବଂ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ) ଏହି ଦୁଇଟି ପୁସ୍ତକରେ ଆଲୋଚନା କରାଯାଇଛି । ତାହାସବୁ ଭଲ ଭାବେ ପଢ଼ ।

ବ୍ରହ୍ମଚର୍ଯ୍ୟ

ବାଳିକାମାନଙ୍କର ଜୀବନର ଉନ୍ନତି ଏବଂ ପୂର୍ଣ୍ଣତା ସକାଶେ ଆବଶ୍ୟକ ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ । ଏହି ତିନି ବସ୍ତୁ ପରସ୍ପର ସହାୟକ । ଏଥିରୁ ଗୋଟିକୁ ବାଦ୍ ଦେଲେ ଜୀବନର ବିକାଶ ଓ ପୂର୍ଣ୍ଣତା ପ୍ରାପ୍ତି ହୁଏ ନାହିଁ । ପୂର୍ବେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଆଲୋଚନା ହୋଇଅଛି । ବର୍ତ୍ତମାନ ଜୀବନର ଉନ୍ନତିରେ ବ୍ରହ୍ମଚର୍ଯ୍ୟର ଉପଯୋଗିତା କ'ଣ ଏବିଷୟରେ ଆଲୋଚନା କରିବା । ବ୍ରହ୍ମଚର୍ଯ୍ୟ ହେଉଛି ମନୁଷ୍ୟର ସାରାତିସାର ଅମୂଲ୍ୟ ବସ୍ତୁ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମନୁଷ୍ୟ ସମସ୍ତ କିଛି କରିବାରେ ସମର୍ଥ ହୋଇପାରେ । ମନୁଷ୍ୟର ଯଥାର୍ଥ ଜୀବନ ହେଉଛି ବ୍ରହ୍ମଚର୍ଯ୍ୟ । ସଂସାରର ଯେ କେହି ଶ୍ରେଷ୍ଠ ବ୍ୟକ୍ତି, ବଡ଼ ବଡ଼ ଋଷି, ମହାତ୍ମା, ମହାପୁରୁଷ, ଆଚାର୍ଯ୍ୟ ହୋଇଛନ୍ତି, ସେମାନେ ସମସ୍ତେ ବ୍ରହ୍ମଚର୍ଯ୍ୟକୁ ପ୍ରାଣରୁ ଅଧିକ ପ୍ରିୟ ରୂପେ ପାଳନ କରି ଅଛନ୍ତି । ସ୍ତ୍ରୀ ହେଉ ବା ପୁରୁଷ ହେଉ ଉନ୍ନତ ଜୀବନ ସକାଶେ ବ୍ରହ୍ମଚର୍ଯ୍ୟ ପାଳନ

ଅପରିହାର୍ଯ୍ୟ । ଆଜି ପର୍ଯ୍ୟନ୍ତ ନାରୀମାନଙ୍କୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ସକାଶେ ଶାସ୍ତ୍ର ଅଧିକ ଜୋର୍ ନ ଦେଇ କେବଳ ପାତିବ୍ରତ୍ୟ ଧର୍ମର ମହତ୍ତ୍ୱ ବର୍ଣ୍ଣନା କରିଥିଲା । କାରଣ ଏପର୍ଯ୍ୟନ୍ତ ସଂସାରରେ ଗୋଟିଏ ନୂତନ ଅତିମାନବ ଜାତିର ସ୍ଥାପନାର ସମୟ ଆସି ନ ଥିଲା । କେବଳ ଧର୍ମର ସୁଧାର ଏବଂ ବୃଦ୍ଧି ସକାଶେ ଅବତାର ତଥା ମହାପୁରୁଷ, ଆଚାର୍ଯ୍ୟମାନେ ପୃଥିବୀକୁ ଆସୁଥିଲେ । ସେହି କାର୍ଯ୍ୟରେ କେତେକ ପୁରୁଷଙ୍କୁ ଅଂଶ ଗ୍ରହଣ କରିବାକୁ ହେଉଥିଲା । ସେଥିରେ ନାରୀମାନଙ୍କର ପାତିବ୍ରତ୍ୟ ଧର୍ମ କେବଳ ସାହାଯ୍ୟ ପ୍ରାପ୍ତ ହେଉଥିଲା । ବର୍ତ୍ତମାନ କିନ୍ତୁ ପୃଥିବୀରେ ଅତିମାନବ ଜାତି ସ୍ଥାପନାର ସମୟ ଆସିଅଛି । ଏଥିରେ ସ୍ତ୍ରୀ ଓ ପୁରୁଷମାନଙ୍କୁ ଅଂଶ ଗ୍ରହଣ କରିବାକୁ ହେବ । ସେହି ସକାଶେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ବ୍ରହ୍ମଚର୍ଯ୍ୟ ପାଳନ କରିବା ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ପାଳନ ବିନା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ସମ୍ଭବ ନୁହେଁ । ଏପର୍ଯ୍ୟନ୍ତ ମନ, ପ୍ରାଣ, ଶରୀର ସେମାନଙ୍କ ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ହେବାର ସମୟ ଆସି ନ ଥିଲା । ବର୍ତ୍ତମାନ ସେ ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ଶ୍ରୀମା' ସେହି ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି । ନର-ନାରୀମାନଙ୍କର ଶରୀର ରୂପାନ୍ତର ହେଲେ ସେମାନେ ରୋଗ, ଜରା, ମୃତ୍ୟୁର କବଳରୁ ମୁକ୍ତ ହେବେ । ସେମାନଙ୍କ ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ ହେବ । ସେମାନେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ହେବେ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା । ସେମାନେ ହେବେ ଭଗବାନଙ୍କ ଯନ୍ତ୍ର ।

ମନୁଷ୍ୟର ଯେତେ ପ୍ରକାର ସଦ୍‌ଗୁଣ ଅଛି, ସବୁଠାରୁ ଶ୍ରେଷ୍ଠ ହେଉଛି ବ୍ରହ୍ମଚର୍ଯ୍ୟ ପାଳନ । କୌଣସି ଆଧ୍ୟାତ୍ମିକ ସାଧକ, ଯେତେ ଅଲୌକିକ ସିଦ୍ଧିପ୍ରାପ୍ତ କରିଥାଉ; ଯେତେ ଆଶ୍ଚର୍ଯ୍ୟଜନକ କର୍ମ କରୁ, ତାହାର ଥରେ ବ୍ରହ୍ମଚର୍ଯ୍ୟ ନଷ୍ଟ ହେଲେ, ଚରିତ୍ର ଭ୍ରଷ୍ଟ ହେଲେ, ଅନ୍ୟ ସମସ୍ତ ସଦ୍‌ଗୁଣ ଏହି ଦୁର୍ଗୁଣର କଳା ପରଦା ଦ୍ୱାରା ଆଚ୍ଛାଦିତ ହୋଇଯାଏ; ଲୋକମାନେ ଆଦର ନ କରି ଘୃଣା କରନ୍ତି । ମହିଳାମାନଙ୍କର ଏକମାତ୍ର ଭୂଷଣ ହେଉଛି ସଚ୍ଚରିତ୍ରତା । ସଚ୍ଚରିତ୍ରା ସ୍ତ୍ରୀମାନଙ୍କର ସର୍ବାବସ୍ଥାରେ ଆଦର । ସେମାନେ ବଡ଼ ବଡ଼ ଋଷି, ମୁନି, ସାଧୁ, ମହାତ୍ମାଙ୍କର ମାତା ରୂପେ ବନ୍ଦନୀୟା । କିନ୍ତୁ ସ୍ତ୍ରୀ ସମସ୍ତ ସଦ୍‌ଗୁଣର ମୂର୍ତ୍ତିମାନ୍ ବିଗ୍ରହ ହେବା ସତ୍ତ୍ୱେ ଚରିତ୍ରରେ କଳଙ୍କ ଥିଲେ ଦ୍ୱିତୀୟା ଚନ୍ଦ୍ର ସଦୃଶ ତ୍ୟାଜ୍ୟା, ଘୃଣାର ପାତ୍ରୀ ହୁଏ । ଏପରିକି ଯେଉଁ କାମୁକ ପୁରୁଷ ଅନ୍ୟ ସ୍ତ୍ରୀ ସଙ୍ଗେ ଅସତ୍ ସମ୍ପର୍କରେ ରତ ଥାଏ, ଅତ୍ୟନ୍ତ ଆସକ୍ତି ବଶତଃ ସେ ନିଜର ମାନ-ସମ୍ମାନ, ଧନ-ସମ୍ପଦ, ଏପରିକି ନିଜ ଜୀବନ ପର୍ଯ୍ୟନ୍ତ ଅର୍ପଣ କରିଦେଇ ସେହି ଦୁଶ୍ଚରିତ୍ରା ସ୍ତ୍ରୀର ଦାସ ହୋଇଥାଏ, ସେହି ବ୍ୟକ୍ତି ସେହି ସ୍ତ୍ରୀର ଚରିତ୍ରକୁ ଘୃଣା କରେ । ଏପରିକି କାମୁକ ପୁରୁଷ ମଧ୍ୟ ପତିବ୍ରତା ସ୍ତ୍ରୀକୁ ହାର୍ଦିକ ସମ୍ମାନ କରେ । ଦୁର୍ଭାଗ୍ୟବଶତଃ ବିଦେଶୀ ଶିକ୍ଷା ଦୋଷରୁ ବାଳିକାମାନେ ନିଜ ଚରିତ୍ରର ଏପରି ଗୌରବକୁ ହୃଦୟଙ୍ଗମ କରି ପାରୁ ନାହାନ୍ତି କିଂବା ନିଷ୍ଠାର ସହିତ ପାଳନ କରିପାରୁ ନାହାନ୍ତି । ଏଥିନିମିତ୍ତ କେବଳ ବାଳିକାମାନେ ଦାୟୀ ନୁହନ୍ତି, ସେମାନଙ୍କ ମା'ମାନେ ମଧ୍ୟ ଦାୟୀ । ମା'ମାନଙ୍କର ଆଚରଣ ଓ ପ୍ରଭାବ ପଡ଼େ ଯଥେଷ୍ଟଭାବେ ଶିଶୁମାନଙ୍କ ଉପରେ । ସୁତରାଂ ମା'ମାନଙ୍କର ସତ୍ୟ ଧର୍ମ ଆଚରଣ କରିବା ଆବଶ୍ୟକ । ବାଳିକାମାନଙ୍କର ଦଶବର୍ଷ ବୟସରେ କାମ ସଞ୍ଚାର ହୁଏ । ଯୌବନ ଆରମ୍ଭର ପ୍ରଥମ ଅବସ୍ଥାରେ ପତନ ହେବାର ଅଧିକ ସମ୍ଭାବନା ଥାଏ । ଏହି ସମୟରେ ସଂଯତ ରହି, ଏହି ଅବସ୍ଥାକୁ ଅତିକ୍ରମ କରିବାର ଉପାୟ ହେଲା ଭଗବତ୍ ଆଶ୍ରୟ ଓ ସଦ୍‌ଗ୍ରନ୍ଥ ଅଧ୍ୟୟନ । ଏହି ଅଭ୍ୟାସ ବାଳିକାମାନେ ଶିଶୁ ଅବସ୍ଥାରୁ କରିବା ଉଚିତ ।

ପତନର କାରଣ ଅଶ୍ଳୀଳ ସିନେମା ଦେଖିବା, ଅଶ୍ଳୀଳ ଗଳ୍ପ, ଉପନ୍ୟାସ ଆଦି ପଢ଼ିବା, ଦୁଶ୍ଚରିତ୍ରା ବାଳିକା ବା ଦୁଶ୍ଚରିତ୍ରା ପ୍ରୌଢ଼ାଙ୍କ ସଙ୍ଗେ ସାଙ୍ଗ ହେବା । ଯଥାର୍ଥରେ ସଂଯମ ରକ୍ଷା ହୁଏ ହାର୍ଦିକ ଇଚ୍ଛାରେ ନିଜ ପ୍ରଯତ୍ନ ଦ୍ୱାରା, ନିଜ ଚରିତ୍ରର ମହତ୍ତ୍ୱ ଜାଣି ତାହାକୁ ପ୍ରାଣରୁ ପ୍ରିୟ ଭାବେ ପାଳନ କରିବା ଦ୍ୱାରା । ଭଗବତ ଆଶ୍ରୟରେ ଦୃଢ଼ ସଂକଳ୍ପ ହେଲେ, ତାହା ପାଳିତ ହୁଏ । ଗୁରୁଜନଙ୍କ ଭୟ, ସଂସାରର ନିନ୍ଦା, ସଂଯମ ରକ୍ଷା କରିବାରେ ସହାୟକ ହୁଏ ନାହିଁ । ଅତୀତରେ ଯେଉଁମାନେ ପତିବ୍ରତା ହୋଇଛନ୍ତି, ସେମାନେ ଭଗବାନଙ୍କର ଅନନ୍ୟା ଭକ୍ତା ଥିଲେ । ଭଗବତ୍ ଭକ୍ତି ଛଡ଼ା କୌଣସି ମହତ୍ କାର୍ଯ୍ୟ ନିଖୁଣ ଭାବେ ସମ୍ପାଦିତ ହୁଏ ନାହିଁ ।

ଏଣୁ ପ୍ରତ୍ୟେକ ମା' ନିଜ ନିଜ ଗ୍ରାମ ବା ସହରରେ ଶ୍ରୀଅରବିନ୍ଦଙ୍କ ମହିଳା-କେନ୍ଦ୍ର ସ୍ଥାପନ କରି, ଶ୍ରୀଅରବିନ୍ଦ ଯୋଗ ଓ ସାଧନା, ନବଜ୍ୟୋତି, ଲୋକ ସାହିତ୍ୟ, ଭକ୍ତ-ଚରିତ ଓ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ଅଧ୍ୟୟନ କରନ୍ତୁ । ମା'ମାନେ ଏପରି ଆଚରଣ କଲେ ନିଜ ଜୀବନ ସୁଧାର ହେବ ଏବଂ ଏହାର ପ୍ରଭାବ ଶିଶୁ ଅବସ୍ଥାରୁ ସନ୍ତାନମାନଙ୍କ ଉପରେ ପଡ଼ିବ । ତେବେ ସେମାନେ ମଧ୍ୟ ଏହିପରି ଆଚରଣ କରିବାକୁ ପ୍ରବୃତ୍ତ ହେବେ । ସୁତରାଂ ସେମାନଙ୍କର ସଚ୍ଚରିତ୍ର ଗଠନ ହେଲେ ସେମାନେ ପାତିବ୍ରତ୍ୟ ଧର୍ମ ଅଥବା ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ ।

ବର୍ତ୍ତମାନ ସଂସାରରେ ଯେଉଁ ଦୁର୍ନୀତି ଦେଖାଯାଉଛି, ଏହା ନୂତନ ଯୁଗର ଆଗମନ ଓ ପୁରାତନ ଯୁଗର ଶେଷ ସମୟ । ପ୍ରତ୍ୟେକ ସମୟରେ ନୂତନ ସତ୍ୟ ଆସିବା ପୂର୍ବରୁ ପୁରାତନ ରୀତିନୀତି, ସମାଜ-ଧର୍ମ ନଷ୍ଟ ହୁଏ । ବର୍ତ୍ତମାନ ଠିକ୍ ନୂତନ ସତ୍ୟର ଆଗମନର ସମୟ । ଏହି ନୂତନ ଅଧ୍ୟାତ୍ମ ଅତିମାନସ ଶକ୍ତିହିଁ ସଂସାରର ପରିବର୍ତ୍ତନ କରିବାରେ ସମର୍ଥ । ନର-ନାରୀ, ବାଳକ-ବାଳିକାମାନେ ଏହି ସତ୍ୟକୁ ଗ୍ରହଣ କରିବାକୁ ଯେତେ ସଂଖ୍ୟାରେ, ଯେତେ ପରିମାଣରେ ତିଆରି ହେବେ, ସେତେ ଶୀଘ୍ର ସଂସାରରୁ ଅସତ୍ୟ, ଅନ୍ୟାୟ ଦୂର ହେବ, ଜଗତରେ ନୂତନ ସତ୍ୟ ପ୍ରତିଷ୍ଠିତ ହେବ । ଏହି ଆଧ୍ୟାତ୍ମିକ ସତ୍ୟକୁ ଉପଲବ୍ଧି କରିବା କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅଂଶ ଗ୍ରହଣ କରିବା ଉଚିତ ।

ଆବଶ୍ୟକ ନିୟମ

୧. ପ୍ରତ୍ୟେକ ବାଳିକାର ଅଠର ବର୍ଷ ବୟସ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ଯେଉଁମାନେ ତୀବ୍ର ସାଧନା ଦ୍ୱାରା ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରକଟ କରିବାକୁ ଚାହାନ୍ତି, ସେମାନଙ୍କର ସାରା ଜୀବନ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଯେଉଁମାନେ ତୀବ୍ର ସାଧନା କରିବାରେ ଅସମର୍ଥ, ସେମାନଙ୍କୁ ୧୮ ବର୍ଷ ବୟସ ପରେ ବିବାହିତ ଜୀବନରେ ପାତିବ୍ରତ୍ୟ ଧର୍ମ ପାଳନ କରିବାକୁ ହେବ । ଯଥାର୍ଥରେ ପାତିବ୍ରତ୍ୟ ଧର୍ମ ପାଳନ ହୁଏ ଭଗବତ୍ ଭକ୍ତି ଦ୍ୱାରା । ସୁତରାଂ ପ୍ରତ୍ୟେକ ବାଳିକା ବାଲ୍ୟ ଅବସ୍ଥାରୁ ଭଗବତ୍ ଭକ୍ତି ଅଭ୍ୟାସ କରିବା ଉଚିତ ।

୨. ବାଳିକାମାନେ ଅଶ୍ଳୀଳ ସିନେମା ନ ଦେଖିବା ଏବଂ ଅଶ୍ଳୀଳ ଗଳ୍ପ, ଉପନ୍ୟାସ ନ ପଢ଼ିବା ଉଚିତ । ଯଦି ପାଠ୍ୟପୁସ୍ତକରେ ଅଶ୍ଳୀଳ ଗଳ୍ପ ପଢ଼ିବାକୁ ହୁଏ, କୌଣସି କାରଣବଶତଃ ଅଶ୍ଳୀଳ ସିନେମା ଦେଖିବାକୁ ହୁଏ, ତେବେ ସେତେବେଳେ ନିଜ ଆଦର୍ଶକୁ ଭୁଲିବା ଉଚିତ ନୁହେଁ । ନିୟମିତ ରୂପେ ନବଜ୍ୟୋତି, ଲୋକସାହିତ୍ୟ, ବିଚିତ୍ର-ବିଭୂତି, ଭକ୍ତ-ଚରିତ, ଗୀତା, ଭାଗବତ ଇତ୍ୟାଦି ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ଆବଶ୍ୟକ । ଦୁଶ୍ଚରିତ୍ରା ବାଳିକା ସହ ସାଙ୍ଗ ହେବା ଉଚିତ ନୁହେଁ । ଦୁଶ୍ଚରିତ୍ର ବାଳକର ସଙ୍ଗ ସର୍ବଥା ତ୍ୟାଜ୍ୟ ।

୩. ବହୁତ ଗରମ, ଅଧିକ ରାଗ, ଖଟା, ବାସି ଖାଦ୍ୟ ଇତ୍ୟାଦି ଖାଇବ ନାହିଁ । ପିଆଜ, ମାଛ, ମାଂସ ଇତ୍ୟାଦି ଉତ୍ତେଜକ ବସ୍ତୁ, ଯଦି ଏହିସବୁ ବର୍ଜନ କରିବାରେ ଅସୁବିଧା ହୁଏ, ତେବେ କମ୍ ପରିମାଣରେ ଖାଇବ । ଦୁର୍ଭାଗ୍ୟବଶତଃ ଆଜିକାଲି କେହି କେହି ମହିଳା ମଦ, ସିଗାରେଟ୍ ଆଦି ବ୍ୟବହାର କରୁଛନ୍ତି । ଏହା ସର୍ବଥା ବର୍ଜନୀୟ । ଭଗବତ୍ ଆଶ୍ରୟ ଦ୍ୱାରାହିଁ ଏହିସବୁ ସଂଯମ ଏବଂ ବ୍ରହ୍ମଚର୍ଯ୍ୟ ତଥା ପାତିବ୍ରତ୍ୟ ଧର୍ମ ପାଳନ ହୋଇପାରେ । ''ନାରୀମାନଙ୍କର ଆଧ୍ୟାତ୍ମିକ ସାଧନାର ପ୍ରୟୋଜନ ନାହିଁ'' – ଏହି ପୂର୍ବ ସଂସ୍କାରକୁ ପୂର୍ଣ୍ଣରୂପେ ବର୍ଜନ କରିବାକୁ ହେବ । ସଂସାରରେ ନୂତନ ଦିବ୍ୟ ମାନବ ଜାତି ସ୍ଥାପନ କରିବା କାର୍ଯ୍ୟରେ ନାରୀ ଏବଂ ପୁରୁଷ ଉଭୟଙ୍କୁ ଅଂଶ ଗ୍ରହଣ କରିବାକୁ ହେବ । ନାରୀମାନଙ୍କ ସହଯୋଗ ବିନା ଏହି କାର୍ଯ୍ୟ ସମ୍ପନ୍ନ ହୋଇପାରିବ ନାହିଁ । ସେହି କାରଣରୁ ଆଶ୍ରମରେ ଅଧ୍ୟାତ୍ମ ସାଧନାରେ ବାଳକ, ବାଳିକା, ସ୍ତ୍ରୀ, ପୁରୁଷ – ସମସ୍ତଙ୍କୁ ସମାନ ସୁବିଧା ଦିଆଯାଇଛି ।

ଏହି ମହତ୍ତ୍ୱପୂର୍ଣ୍ଣ, ସୀମାହୀନ ବହୁବ୍ୟାପ୍ତ କାର୍ଯ୍ୟରେ ନାରୀଜାତିର ଭୂମିକା କ'ଣ ? ଏ କଥା ସତ୍ୟ ଯେ ଯେତେବେଳେ କୌଣସି ମହନୀୟ ଘଟନା ବା କାର୍ଯ୍ୟର ପ୍ରଶ୍ନ ଉଠେ ସେତେବେଳେ – 'ତୁମ ଭଳି ଅବଳା, ନିରିମାଖି, ଅକାମୀ ଜୀବଙ୍କର କାମ ଏ ନୁହେଁ, ଏଇ କଥା କର୍ତ୍ତାସୁଲଭ ଦୟାସୂଚକ ସ୍ମିତହାସ୍ୟ ସହକାରେ କହି ନାରୀଜାତିକୁ ଏକ-କଣିକିଆ କରି ରଖିବା ଗୋଟାଏ ପ୍ରଥାରେ ପରିଣତ ହୋଇ ଯାଇଛି । ସମର୍ପଣଶୀଳ, ପିଲାଳିଆ ତଥା ବୋଧହୁଏ ଅଳସ ପ୍ରକୃତିର ନାରୀଜାତି ମଧ୍ୟ ଏଇଭଳି ଦୁଃଖଦାୟକ ଅବସ୍ଥାକୁ ବହୁ ଦେଶରେ ମାନି ନେଇଛନ୍ତି । ମୁଁ ଏକଥା ଜୋର ଦେଇ କହୁଛି ଯେ ସେମାନେ ଭୁଲ୍ କରିଛନ୍ତି, ଭାବୀକାଳର ଜୀବନରେ ନର ଓ ନାରୀ ମଧ୍ୟରେ ଏଭଳି ବିଭେଦର, ଏଭଳି ଅସମତାର କୌଣସି ଅବକାଶହିଁ ରହି ପାରିବ ନାହିଁ ।

– ଶ୍ରୀମା

ସିଦ୍ଧାନ୍ତ-ସମନ୍ୱୟ

ସୂଚନା

ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ସମସ୍ତ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମାଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା-ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ, ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ ।

— ପ୍ରକାଶକ

ସିଦ୍ଧାନ୍ତ-ସମନ୍ୱୟ

ମନୁଷ୍ୟ ଜୀବନର ବିକାଶରେ ସହାୟକ ଅଧ୍ୟାତ୍ମ-ଦର୍ଶନ

ଅଧ୍ୟାତ୍ମ-ଦର୍ଶନ ମନୁଷ୍ୟର ବିକାଶରେ ସାହାଯ୍ୟ କରେ, ବିକାଶ ପାଇଁ ଆବଶ୍ୟକ ସମୟର ପରିମାଣକୁ ସଂକ୍ଷିପ୍ତ କରେ, ମାର୍ଗର ଦୁଃଖକଷ୍ଟ ଲାଘବ କରେ, ଦୁର୍ଗମ ମାର୍ଗକୁ ସୁଗମ କରେ, ମନୁଷ୍ୟକୁ ଜ୍ଞାନ-ଜ୍ୟୋତିଃ ପ୍ରଦାନ କରି ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଭଗବାନ୍ ଅବତାର ନେଇ ମନୁଷ୍ୟ ଶରୀର ଧାରଣ କରି ଆଦର୍ଶ କର୍ମ କରି ମନୁଷ୍ୟକୁ ତା'ର ବିକାଶ-ମାର୍ଗରେ ସାହାଯ୍ୟ କରନ୍ତି । ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ବିଷ୍ଣୁସ୍ୱାମୀ, ମାଧବ ଓଗେର ଆଚାର୍ଯ୍ୟମାନେ ପୃଥିବୀକୁ ଆସି ମନୁଷ୍ୟର ସମୟୋପଯୋଗୀ ଶିକ୍ଷା ଦେଇ ତାକୁ ପୂର୍ଣ୍ଣତା ଦିଗରେ ଅଗ୍ରସର କରାଇ ନିଅନ୍ତି । କିନ୍ତୁ ସେମାନଙ୍କ ସିଦ୍ଧାନ୍ତରେ ଯେଉଁ ପରସ୍ପର ବିରୋଧ ଥାଏ, ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତରେ ସେସବୁର ସମନ୍ୱୟ ହୁଏ, ଯେଉଁ ସିଦ୍ଧାନ୍ତରେ ମନୁଷ୍ୟର ମନ-ପ୍ରାଣ-ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର, ସମସ୍ତ ସତ୍ତାରେ ଭଗବାନଙ୍କ ସଙ୍ଗେ ଏକ ଏବଂ ଭଗବାନଙ୍କୁ ସମସ୍ତ ସତ୍ତାରେ ପ୍ରକାଶ କରାହୁଏ । ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ସେ ଏହି ପୃଥିବୀକୁ ଆସିଅଛି ।

କ୍ରମ-ବିବର୍ତ୍ତନ

ମନୁଷ୍ୟ ବିକାଶଶୀଳ । ସେ ଅଜ୍ଞାତ ତଥା ଜ୍ଞାତରେ ଅହରହ ନଦୀ ସ୍ରୋତ ସଦୃଶ ଲକ୍ଷ୍ୟ ଆଡ଼କୁ ଧାବିତ ହେଉଅଛି । ତା'ର ଲକ୍ଷ୍ୟ ଦୁଃଖ, ଦ୍ୱନ୍ଦ୍ୱ ଅମିଶ୍ରିତ ପରମାନନ୍ଦ ପ୍ରାପ୍ତି – ରୋଗ, ଜରା, ମୃତ୍ୟୁରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀର, ପରସ୍ପର ପ୍ରେମ ମୈତ୍ରୀ ସତ୍ୟ ଆଚରିତ ସ୍ୱର୍ଗରାଜ୍ୟ । କିନ୍ତୁ ସେ ମୋହ ମାୟା ଅଜ୍ଞାନଗ୍ରସ୍ତ । ତା'ର ଏହି ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ଧାରଣା ଅସ୍ପଷ୍ଟ । ଯଥାର୍ଥରେ ସେ କିଏ ? କାହିଁକି ଏହି ପୃଥିବୀକୁ ଆସିଛି ? କ'ଣ କରିବା ଉଚିତ ? – ଏସବୁ ସେ ଜାଣେ ନାହିଁ । ସେ ବ୍ରହ୍ମ ସ୍ୱରୂପ, ଭଗବାନଙ୍କୁ ପ୍ରକାଶ କରିବାକୁ ଆସିଛି, ଏହି ଲକ୍ଷ୍ୟ ପ୍ରାପ୍ତିର ପ୍ରଯତ୍ନ କରିବା ଉଚିତ । ଯଥାର୍ଥରେ ସେ ସଚ୍ଚିଦାନନ୍ଦ ପରଂବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱର ଅଂଶ, ପ୍ରତିଭୂ ଅଥବା ସ୍ୱରୂପ । ବ୍ରହ୍ମ ନିଜ ସଂକଳ୍ପରେ 'ଏକୋଽହଂ ବହୁସ୍ୟାମି', ବହୁ ମଧ୍ୟରେ ନିଜକୁ ପ୍ରକାଶ କରିବା ସକାଶେ ସ୍ୱେଚ୍ଛାରେ ନିଜ ମାୟାକୁ ଆଶ୍ରୟ କରି ଅଜ୍ଞାନ ଅନ୍ଧକାରକୁ ସ୍ୱୀକାର କରି ଏକବାରେ ଜଡ଼, ଅନ୍ଧକାର, ଅଜ୍ଞାନ ମଧ୍ୟରେ ନିମଜ୍ଜନ କରି ଆତ୍ମଗୋପନ କଲେ । କ୍ରମବିକାଶର ଧାରା ଅନୁସାରେ ପୁଣି ପ୍ରକୃତିର ପରିଚାଳନାରେ ଜଡ଼ରୁ ତରୁତୃଣ ପଶୁ-ପକ୍ଷୀ ମଧ୍ୟ ଦେଇ ବର୍ତ୍ତମାନ ମନୁଷ୍ୟ ସ୍ତରରେ ଉପନୀତ ହୋଇଅଛନ୍ତି । ବିକାଶର ନିୟମ ଅନୁସାରେ ଏଠାରେ ସ୍ଥଗିତ ନ ହୋଇ ନିଜ ଲକ୍ଷ୍ୟ ଜ୍ଞାନଯୁକ୍ତ ଦିବ୍ୟ ଶରୀର ଦେବମାନବ ସ୍ତରକୁ ଗତି କରିବେ । ମନୁଷ୍ୟଜାତିର ପରେ ପ୍ରତିଷ୍ଠିତ ହେବ ଦିବ୍ୟମାନବଜାତି, ସଂସାର ହେବ ସ୍ୱର୍ଗ । ଏହା ମନୁଷ୍ୟର ଅବଶ୍ୟମ୍ଭାବୀ ଲକ୍ଷ୍ୟ ।

ଜଡ଼ରୁ ପଶୁ ପର୍ଯ୍ୟନ୍ତ ଯେଉଁ ବିକାଶ ଚାଲିଥିଲା, ତାହା ଥିଲା ପ୍ରକୃତିର ଆଶ୍ରିତ ଏବଂ ପ୍ରକୃତି ଦ୍ୱାରା ଚାଳିତ । ମନୁଷ୍ୟକୁ ମନ, ବୁଦ୍ଧି ପ୍ରାପ୍ତ ହେବାରୁ, ବିକାଶ କେବଳ ପ୍ରକୃତି ଉପରେ ନିର୍ଭରଶୀଳ ନ ହୋଇ ମନୁଷ୍ୟର କର୍ମର ଆବଶ୍ୟକ ହେଲା । କେବଳ ପ୍ରକୃତି ଦ୍ୱାରା ହଜାର ହଜାର ବର୍ଷରେ ଯେଉଁ ବିକାଶ ହେଉଥିଲା, ପ୍ରକୃତି ସହିତ ମନୁଷ୍ୟର ସହଯୋଗରେ ତାହା ବହୁ ଅଳ୍ପ ସମୟରେ ସମ୍ପନ୍ନ ହୋଇପାରିଲା । କିନ୍ତୁ ମନୁଷ୍ୟ ଅନ୍ଧକାରରୁ ବିକାଶ ଦିଗରେ ଆସିବାରୁ ତାକୁ ମନ, ବୁଦ୍ଧି ପ୍ରାପ୍ତ ହେବା ସତ୍ତ୍ୱେ ଜଡ଼ତା, ଅଜ୍ଞାନତା ତା' ମଧ୍ୟରେ ବିଦ୍ୟମାନ ରହିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ତଥା ଆତ୍ମାର ସମାବେଶରେ ହୁଏ ବ୍ୟକ୍ତିତ୍ୱ । ଏହି ସମସ୍ତ ଆସିଛି ସଚ୍ଚିଦାନନ୍ଦ

ଦିବ୍ୟ ତତ୍ତ୍ୱରୁ । କେବଳ ଆତ୍ମା ତା'ର ନିଜ ସ୍ୱରୂପରେ ସ୍ଥିତ ଥିବାରୁ ତା'ର ଜ୍ଞାନ ବିଦ୍ୟମାନ । କିନ୍ତୁ ମନ, ପ୍ରାଣ, ଶରୀର ବିକୃତ ହେବାରୁ ସେସବୁ ଅନ୍ଧକାରାଚ୍ଛନ୍ନ, ଅଜ୍ଞାନରେ ବ୍ୟାମୋହ । ଆତ୍ମାର ଜ୍ଞାନ ଅବିକୃତ ଥିବାରୁ ତା'ର ନିଜ ସ୍ୱରୂପ, ଲକ୍ଷ୍ୟ ତଥା ଲକ୍ଷ୍ୟପ୍ରାପ୍ତି ସମ୍ବନ୍ଧେ ସେ ସଚେତ । କିନ୍ତୁ ଆତ୍ମା ମନ-ପ୍ରାଣର ଆଶ୍ରିତ । ଆତ୍ମାର ସଂକଳ୍ପ ପ୍ରକାଶ ହୁଏ ମନ-ପ୍ରାଣ ମଧ୍ୟଦେଇ । ସୁତରାଂ ଶୁଦ୍ଧ ଆଲୋକ ବିଭିନ୍ନ ରଙ୍ଗିନ କାଚ ଭିତରେ ପ୍ରବେଶ ହୋଇ ବିକୃତ ହେବାପରି ଆତ୍ମାର ସଂକଳ୍ପ ଅନ୍ଧକାରାଚ୍ଛନ୍ନ ମନ, ପ୍ରାଣରେ ବିକୃତ ହୋଇଯାଏ । ସେହି କାରଣରୁ ମନୁଷ୍ୟ ମନ-ପ୍ରାଣଯୁକ୍ତ ସ୍ଥୂଳ ଶରୀରକୁ 'ମୁଁ' ବ୍ୟକ୍ତି ବୋଲି ମାନେ । ସେ ସଚ୍ଚିଦାନନ୍ଦଙ୍କ ଅଂଶ ବା ପ୍ରତିଭୂ ବୋଲି ଭୁଲିଯାଏ । ନିଜ ମନ, ପ୍ରାଣ, ଶରୀରରେ ପରମବ୍ରହ୍ମ ପରମାନନ୍ଦଙ୍କୁ ପ୍ରକାଶ କରିବା ଆତ୍ମ ସଂକଳ୍ପ ପରିବର୍ତ୍ତେ ଭ୍ରମବଶତଃ ସ୍ତ୍ରୀ, ପୁତ୍ର, ମାନ, ଯଶଃ, ଅୟସ ଆରାମରେ ସୁଖ ଖୋଜେ, ପରିଣାମରେ ଦୁଃଖ ପାଏ । ତଥାପି ତା'ର ପରମାନନ୍ଦ ପ୍ରାପ୍ତିର ପରମ ଲକ୍ଷ୍ୟ ସୂକ୍ଷ୍ମରୂପେ ତା'ର ତତ୍ତ୍ୱ ମଧ୍ୟରେ ନିହିତ ଥାଏ, ସେ ଅଜ୍ଞାନ ଅବସ୍ଥାରେ ମଧ୍ୟ ପୂର୍ଣ୍ଣତଃ ବିସ୍ମୃତ ହୁଏ ନାହିଁ । ସଂସାରରେ ଦୁଃଖ ଥାଏ, ମୃତ୍ୟୁ ଥାଏ, ରୋଗ ଥାଏ, ଜରା ଥାଏ, ସେ କେବେ ବି ଏସବୁକୁ ଚାହେଁ ନାହିଁ । ସେ ଚାହେଁ ଦୁଃଖ ଅମିଶ୍ରିତ ସୁଖ । ଏହି ଅଜ୍ଞାତ ଲକ୍ଷ୍ୟ ସାଧାରଣ ମନୁଷ୍ୟଠାରୁ ଶ୍ରେଷ୍ଠ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ କ୍ଷେତ୍ରରେ ଏକ । ସଂସାରରେ ମନୁଷ୍ୟ ସୁଖ ପ୍ରାପ୍ତିର ଉପାୟରୂପେ ସମସ୍ତ କର୍ମ କରେ । ନିଜ ସମ୍ବନ୍ଧେ, ଲକ୍ଷ୍ୟ ସମ୍ବନ୍ଧେ, ଉପାୟ ସମ୍ବନ୍ଧେ ଅଜ୍ଞାନ ଥିବାରୁ ସେ ଲକ୍ଷ୍ୟ ପ୍ରାପ୍ତି କରି ନ ପାରି ଦୁଃଖଦ୍ୱନ୍ଦ୍ୱମୟ ବିପତ୍‌ପୂର୍ଣ୍ଣ ଜନ୍ମ, ମରଣ ସଂସାର କର୍ମରେ ଭ୍ରମୁଥାଏ । ମନୁଷ୍ୟର ଅଜ୍ଞାନତା ବୃଦ୍ଧି ହେଲେ ସେ ଅନ୍ୟାୟରେ ପ୍ରବୃତ୍ତ ହୁଏ ଏବଂ ଅଧିକ କଷ୍ଟ ଭୋଗେ, ଅଶାନ୍ତ ହୁଏ । ଏହି ଅବସ୍ଥାର ଅନ୍ୟ ନାମ ଧର୍ମ-ଗ୍ଲାନି ବା ଧର୍ମ-ହାନି, ଏହାହିଁ ମନୁଷ୍ୟର ସାଧାରଣ ବିକାଶ ମାର୍ଗର ଅବସ୍ଥା ।

ମନୁଷ୍ୟର ବିକାଶରେ ସାହାଯ୍ୟ

ଏହି ଅବସ୍ଥାରେ ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଅବତାର ନେଇ ଏହି ପୃଥିବୀରେ କର୍ମ କରନ୍ତି । ମନୁଷ୍ୟ ତାଙ୍କରି ଆଦର୍ଶ ଅନୁସରଣ କରି ନିଜର ବିକାଶ ମାର୍ଗରେ ଗୋଟିଏ ଚେତନାସ୍ତର ଅତିକ୍ରମ କରେ । ଆଚାର୍ଯ୍ୟମାନେ ମଧ୍ୟ ଭଗବାନଙ୍କ ସଂକଳ୍ପରେ ପୃଥିବୀକୁ ଆସି ସମୟୋଚିତ ଶିକ୍ଷା ଦେଇ ମନୁଷ୍ୟକୁ ନୂତନ ଚେତନା ସ୍ତରରେ ଉପନୀତ ହେବାରେ ସାହାଯ୍ୟ କରନ୍ତି । ତାହା ହୁଏ ବେଦ, ଉପନିଷଦ୍ ଇତ୍ୟାଦି ଶାସ୍ତ୍ର ପ୍ରତିପାଦ୍ୟ ଆଦର୍ଶ । ଏହି ଆଦର୍ଶକୁ ଶିକ୍ଷା ଦେବାର ଦୁଇଟି ଅନିବାର୍ଯ୍ୟ ପ୍ରଣାଳୀ : ଗୋଟିଏ, ସ୍ୱୟଂ ଆଚରଣ କରି ଆଦର୍ଶ ରୂପେ ମନୁଷ୍ୟ ସାମନାରେ ରଖିବା, ଅନ୍ୟଟି ଏହା ମନୁଷ୍ୟର ଆବଶ୍ୟକ ଏବଂ ବେଦ, ଉପନିଷଦ୍ ଇତ୍ୟାଦି ଶାସ୍ତ୍ରର ପ୍ରତିପାଦ୍ୟ ବୋଲି ମନୁଷ୍ୟର ବୁଦ୍ଧିଗ୍ରାହ୍ୟ ଯୁକ୍ତିରେ ଲିଖିତ ଗ୍ରନ୍ଥ ଦ୍ୱାରା ବୁଝାଇ ଦେବା । ଏହାର ନାମ ଦର୍ଶନ ଶାସ୍ତ୍ର ବା ସିଦ୍ଧାନ୍ତ । ଆଚରଣ ତଥା ଦର୍ଶନ ଶାସ୍ତ୍ର ଏହି ଦୁଇଟିଯାକ ମନୁଷ୍ୟର ଶିକ୍ଷା ସକାଶେ ଆବଶ୍ୟକ । ଏହି ଦୁଇଟିରୁ ଗୋଟିକର ଅଭାବରେ ମନୁଷ୍ୟ ଶିକ୍ଷା ଗ୍ରହଣ କରିବାରେ ଅସମର୍ଥ ହୁଏ । ସ୍ୱୟଂ ଆଚରଣ ନ କରି କେବଳ ଦର୍ଶନ ଶାସ୍ତ୍ର ଲେଖିଲେ ଲୋକେ ତାହା ବିଶ୍ୱାସ କରନ୍ତି ନାହିଁ । ସ୍ୱୟଂ କର୍ମ ଆଚରଣ କରି ଦର୍ଶନଶାସ୍ତ୍ର ଦ୍ୱାରା ତାହା ପ୍ରତିପାଦନ ନ କଲେ କିଛିଦିନ ପରେ ତାହା ବିକୃତ ହୁଏ ଏବଂ ମନୁଷ୍ୟ ଜୀବନରେ ତାହାର ଆବଶ୍ୟକତା, ନିଜ ଲକ୍ଷ୍ୟ, ଲକ୍ଷ୍ୟ ପ୍ରାପ୍ତିର ଉପାୟ ବୋଲି ସେ ବୁଝିପାରେ ନାହିଁ । ଏହି କାରଣରୁ ଆଚରଣ ତଥା ଦର୍ଶନ – ଶାସ୍ତ୍ର ଉଭୟର ଆବଶ୍ୟକ ।

ଏହିରୂପେ ମନୁଷ୍ୟର ବିକାଶରେ ସାହାଯ୍ୟ କରିବା ବ୍ୟକ୍ତିଙ୍କୁ ଆଚାର୍ଯ୍ୟ କୁହାଯାଏ, ଯେଉଁମାନେ କି ବେଦ, ଉପନିଷଦରେ ନିହିତ ଥିବା ସତ୍ୟକୁ ଆବିଷ୍କାର କରନ୍ତି ଏବଂ ତଦନୁସାରେ ଆଚରଣ କରନ୍ତି ତଥା ତାହାର ବିସ୍ତାର କରନ୍ତି, ଯାହାଦ୍ୱାରା ମନୁଷ୍ୟ ଜାତି ଗୋଟାଏ ନୂତନ ଆଲୋକ ପାଇପାରେ । ସେହିମାନେ ହେଉଛନ୍ତି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବ, ବିଷ୍ଣୁସ୍ୱାମୀ ଓଗେର ମହାପୁରୁଷ । ଆଚାର୍ଯ୍ୟମାନେ ଯଥାର୍ଥରେ ମନୁଷ୍ୟ ଜାତିର ପଥ-ପ୍ରଦର୍ଶକ ।

ବୁଦ୍ଧଦେବ

ଏହି ଆଚାର୍ଯ୍ୟମାନଙ୍କ ମଧ୍ୟରୁ ଉଦାହରଣ ରୂପେ କେତେକ ଆଚାର୍ଯ୍ୟଙ୍କ ସିଦ୍ଧାନ୍ତ ସମ୍ବନ୍ଧେ ଆଲୋଚନା କରିବା । ବୁଦ୍ଧଦେବ ଥିଲେ ଭଗବାନଙ୍କ ଅବତାର । ସେ ପୃଥିବୀକୁ ଆସି ସ୍ୱୟଂ ସାଧନା କରି ସତ୍ୟ ଉପଲବ୍ଧି କଲେ । ସେସମୟର ବ୍ୟକ୍ତି କାମନା ବାସନା ତୃପ୍ତ କରିବା ସକାଶେ ଯାଗ ଯଜ୍ଞ କରି ରାଜସିକ ଭୋଗରେ ଲିପ୍ତ ଥିଲେ । ଜୀବନର ପରମ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଏକାବେଳେକେ ଭୁଲି ଯାଇଥିଲେ । ସେମାନଙ୍କର ରାଜସିକତା ପ୍ରବଳ ମାତ୍ରାରେ ବୃଦ୍ଧି ହୋଇଥିବାରୁ ସେମାନେ ବେଦରୁ କେବଳ ମାତ୍ର ରାଜସିକ କର୍ମକୁ ପ୍ରତିପାଦନ କରୁଥିଲେ । ସେମାନଙ୍କୁ ରାଜସିକ କର୍ମରୁ ନିବୃତ୍ତ କରିବା ସକାଶେ ବୁଦ୍ଧଦେବ ବେଦ ପ୍ରତିପାଦିକ କର୍ମକାଣ୍ଡକୁ ଖଣ୍ଡନ କଲେ । ନିର୍ବାଣ ଶିକ୍ଷା ଦେଇ ହଜାର ହଜାର ନରନାରୀଙ୍କୁ ନିର୍ବାଣ ମୁକ୍ତିପ୍ରାପ୍ତ କରାଇ ଦେଲେ । ନିର୍ବାଣ ଅନୁଭୂତିର ସ୍ୱରୂପ, ଅବସ୍ଥା ଜାଣିବା ମନ ପକ୍ଷେ ଅସମ୍ଭବ । ସେଥିପାଇଁ ତାହା ନାମ ଅପ୍ରକାଶ୍ୟ ଅଥବା ଶୂନ୍ୟ ରଖିଥିଲେ । ଯଥାର୍ଥରେ ତାହା ଅଲୌକିକ ପରମାନନ୍ଦ ଅବସ୍ଥା ।

ଆଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତ ମନୁଷ୍ୟର ଶେଷ ଲକ୍ଷ୍ୟ ନୁହେଁ :

ପୂର୍ବାବସ୍ଥା ଛାଡ଼ି ମନୁଷ୍ୟଜାତି ନିଜ ବିକାଶ ମାର୍ଗରେ କ୍ରମାଗତ ଅଗ୍ରସର ହୋଇଚାଲିଲା । ବୁଦ୍ଧଦେବଙ୍କ ନିର୍ବାଣ ଶିକ୍ଷା ଥିବା ସତ୍ତ୍ୱେ ସମୟୋପଯୋଗୀ ନୂତନ ଶିକ୍ଷାର ଆବଶ୍ୟକ ହେଲା । ଶିବଙ୍କ ଅଂଶଭୂତ ବା ବିଭୂତି ଆଚାର୍ଯ୍ୟ ଶଙ୍କର ଆସି ଅଦ୍ୱୈତ ସିଦ୍ଧାନ୍ତ ସ୍ଥାପନ କଲେ । ସେ ଘୋଷଣା କଲେ 'ବ୍ରହ୍ମ ସତ୍ୟଂ, ଜଗନ୍ମିଥ୍ୟା ଜୀବୋବ୍ରହ୍ମୈବ ନାପରଃ' । ଏକମାତ୍ର ବ୍ରହ୍ମ ସତ୍ୟ; ଗୋରୁ, ମନୁଷ୍ୟ, ପଶୁପକ୍ଷୀ, ବହୁନାମରୂପ ଦୃଶ୍ୟମାନ ବସ୍ତୁ ସବୁ ମାୟା, ମିଥ୍ୟା, ସ୍ୱପ୍ନବତ୍ । ''ରଜ୍ଜୁ ସର୍ପବତ୍, ଶୁକ୍ତିକା ରଜତବତ୍, ମୃଗତୃଷ୍ଣା ଜଳବତ୍'' ଏହି ଉଦାହରଣ ଦେଇ ସଂସାରକୁ ଅସତ୍ୟ ମାନି ଶଙ୍କର ବୁଦ୍ଧଦେବଙ୍କ ସିଦ୍ଧାନ୍ତ ଖଣ୍ଡନ କଲେ । ବେଦ ସ୍ୱତଃସିଦ୍ଧ ସତ୍ୟ, ତାକୁ ବୁଦ୍ଧଦେବ ଖଣ୍ଡନ କରିଥିଲେ । ସେହି କାରଣରୁ ବୁଦ୍ଧଦେବଙ୍କ ସିଦ୍ଧାନ୍ତ ଖଣ୍ଡନ କରିବା ଆବଶ୍ୟକ ଥିଲା । ବୁଦ୍ଧଦେବ ବେଦ ପ୍ରତିପାଦିତ କର୍ମକାଣ୍ଡ ଖଣ୍ଡନ କରି ରାଜସିକ କର୍ମରୁ ଲୋକଙ୍କୁ ନିବୃତ୍ତ କରାଇ ଦେଇଥିଲେ । ତଥାପି ମନୁଷ୍ୟର କର୍ମରେ ଆସକ୍ତି ପ୍ରବଳ ଥିଲା । କର୍ମତ୍ୟାଗ ସକାଶେ ସେହି ସମୟରେ ଜଗତ୍ ମିଥ୍ୟ, ମାୟା କହିବା ଆବଶ୍ୟକ ଥିଲା । ଏହାର ପରିଣାମରେ ସଂସାର-କର୍ମ ତଥା ଅଧ୍ୟାତ୍ମ ମୁକ୍ତି ଏକାବେଳେକେ ପୃଥକ୍ ହୋଇଗଲା । ପୂର୍ବେ କୁହାହୋଇଛି, ଶରୀର, ମନ, ପ୍ରାଣ ଓ ଆତ୍ମାର ମିଳନରେ ହୁଏ ବ୍ୟକ୍ତିତ୍ୱ । ଆତ୍ମା କେବଳ ସଚେତ ଏବଂ ଜ୍ଞାନ, ଦିବ୍ୟ ଦୃଷ୍ଟିଯୁକ୍ତ । ମନ, ପ୍ରାଣ ଅଜ୍ଞାନାଚ୍ଛନ୍ନ, ଆତ୍ମା ଦ୍ୱାରା ଏମାନେ ପରିଚାଳିତ ହେଲେ ଯଥାର୍ଥ କର୍ମ କରନ୍ତି ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ ହୁଅନ୍ତି । ଆତ୍ମଜ୍ଞାନ ପ୍ରାପ୍ତ ହୁଏ ଅଧ୍ୟାତ୍ମ ଶିକ୍ଷା ଦ୍ୱାରା । ଜଗତ୍ ମିଥ୍ୟା, ମାୟା, ଏଭଳି ସିଦ୍ଧାନ୍ତ ଦ୍ୱାରା ଅଧ୍ୟାତ୍ମ ତଥା ସଂସାରକର୍ମ ଏକାବେଳେକେ ପୃଥକ୍ ହୋଇଗଲା । ଦୁଇ ମଧ୍ୟରେ ଗୋଟିଏ ବ୍ୟବଧାନ ସୃଷ୍ଟି ହେଲା, ସଂସାରୀ ଲୋକେ ଅଜ୍ଞାନବଶତଃ ନିଜ ଲକ୍ଷ୍ୟକୁ ଭୁଲି କର୍ମରେ ପ୍ରବୃତ୍ତ ହୋଇ ଅନ୍ୟାୟ ଆଚରଣରୁ ଦୁଃଖକଷ୍ଟ ଜନ୍ମ-ମରଣ ଯନ୍ତ୍ରଣା ଭୋଗି କିଂକର୍ତ୍ତବ୍ୟବିମୂଢ଼ ହୋଇ ସଂସାରଚକ୍ରରେ ଭ୍ରମିଲେ । ଅଧ୍ୟାତ୍ମବାଦୀ, କର୍ମତ୍ୟାଗୀ ସାଧକ କୈବଲ୍ୟ-ମୁକ୍ତିରେ ଅନିର୍ବଚନୀୟ ଆନନ୍ଦରେ ବୁଡ଼ି ରହିଲେ । ସଂସାରୀ ବ୍ୟକ୍ତି ଦୁଃଖକଷ୍ଟରେ ପଡ଼ି ଶଢ଼ିଲେ । ଅଦ୍ୱୈତବାଦୀ ସାଧକ ମୁକ୍ତ ଅନିର୍ବଚନୀୟ ଆନନ୍ଦରେ ପହଞ୍ଚି କହିଲେ ଯେ ସଂସାର ମିଥ୍ୟା, ମାୟା, ଅଳୀକ । ଯେବେ ନାମ ରୂପ ବସ୍ତୁ ମିଥ୍ୟା, ତେବେ ଦୁଃଖକଷ୍ଟ ଆସିବ କେଉଁଠୁ ? କାରଣ ମିଥ୍ୟା ହେଲେ କାର୍ଯ୍ୟ ସତ୍ୟ ହେବ କିପରି ? ସେହି ସମୟରେ ବ୍ୟକ୍ତି ସଂସାରରେ ଏପରି ଆସକ୍ତ ଥିଲେ ଯେ ସଂସାର ମାୟା ପ୍ରତିପାଦିତ ନ ହୋଇଥିଲେ ଅଧ୍ୟାତ୍ମ-ମୁକ୍ତି ପ୍ରତିଷ୍ଠିତ ହୋଇ ପାରି ନ ଥା'ନ୍ତା । କିନ୍ତୁ ମନୁଷ୍ୟ ଜୀବନର ପୂର୍ଣ୍ଣତାର ଏହା ଗୋଟିଏ ଅଙ୍ଗ । ଏହି ମୁକ୍ତ ଅବସ୍ଥା ମନୁଷ୍ୟର ଉପଲବ୍ଧି ନ ହେଲେ ତା'ର ଜୀବନର ପୂର୍ଣ୍ଣତାରେ ଯେଉଁ

ଅନ୍ୟ ଦିଗ ଦିବ୍ୟ-କର୍ମ ତାହା ସମ୍ପାଦିତ ହୁଏ ନାହିଁ । ଦିବ୍ୟ-କର୍ମ ଛଡ଼ା ମନୁଷ୍ୟର ପରମ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତି ହୋଇପାରେ ନାହିଁ । ମନୁଷ୍ୟର ପୂର୍ଣ୍ଣତା ପ୍ରାପ୍ତିରେ ଆଚାର୍ଯ୍ୟଙ୍କ ମୁକ୍ତ ଅବସ୍ଥା ଅନିବାର୍ଯ୍ୟ ଥିଲା । କିନ୍ତୁ ତାହା ଥିଲା ମନୁଷ୍ୟ ଜୀବନର ପୂର୍ଣ୍ଣତାର ଗୋଟିଏ ଅଙ୍ଗ । ଦର୍ଶନ ଶାସ୍ତ୍ରରେ ଏହିପରି ବ୍ୟାଖ୍ୟା କରା ନ ହୋଇ ମୁକ୍ତ ଅବସ୍ଥାକୁ ଜୀବନର ଶେଷ ଲକ୍ଷ୍ୟ ବୋଲି ମାନି ନିଆ ହୋଇଥିଲା । ଜୀବନର ଯଥାର୍ଥ ରହସ୍ୟ ଶଙ୍କରଙ୍କ ଦର୍ଶନ ଶାସ୍ତ୍ରରେ ପ୍ରକାଶ ନ ହୋଇ ଥିବାରୁ ତାହା ଆଚାର୍ଯ୍ୟ ରାମାନୁଜଙ୍କ ଦ୍ୱାରା ଖଣ୍ଡିତ ହେଲା । କିନ୍ତୁ ଅନୁଭୂତି ସତ୍ୟ ଥିବାରୁ ତାହା ଜୀବନ ବିକାଶ ସଙ୍ଗେ ସ୍ଥାୟୀ ହୋଇ ରହିଲା । ଭବିଷ୍ୟତରେ ମଧ୍ୟ ରହିବ । ସତ୍ୟର ନାଶ କେବେ ବି ହୁଏ ନାହିଁ । ଆଚାର୍ଯ୍ୟ ଶଙ୍କର ଯେତେବେଳେ ନିଜ ସିଦ୍ଧାନ୍ତକୁ ଜୀବନର ଶେଷ ଲକ୍ଷ୍ୟ ବୋଲି କହିଥିଲେ ସେହି ସମୟ ସକାଶେ ତାହା ଆବଶ୍ୟକ ଏବଂ ସତ୍ୟ ଥିଲା । ଯଥାର୍ଥରେ ଆଚାର୍ଯ୍ୟ ଶଙ୍କରଙ୍କ ଏହି ସିଦ୍ଧାନ୍ତ ଜୀବନର ଶେଷ ଲକ୍ଷ୍ୟ ନୁହେଁ । ଯଦି ଏହାକୁ ଜୀବନର ଚରମ ଲକ୍ଷ୍ୟ ମାନି ନିଆହୁଏ ତେବେ କେତେଗୁଡ଼ିଏ ବିରୋଧାତ୍ମକ ପ୍ରଶ୍ନ ଉପସ୍ଥିତ ହୁଏ, ଯାହାର ସମାଧାନ ଏକାବେଳେକେ ନାହିଁ । ପ୍ରଶ୍ନ ହୁଏ ସଂସାର ହେଲା କିପରି ? ଜୀବ ସଚ୍ଚିଦାନନ୍ଦ ସ୍ୱରୂପ, ତାକୁ ଯଦି ବସ୍ତୁ ଜଗତ୍ ପରିତ୍ୟାଗ କରି ନିଜ ସ୍ୱରୂପକୁ ଫେରି ଯିବାର ଥିଲା, ସେ ଏହି ସଂସାରକୁ ଆସିଲା କାହିଁକି ? ଯଦି କୁହାଯାଏ, ମାୟାରେ ମୋହିତ ହୋଇ ଜୀବ ଅଜ୍ଞାନ ବନ୍ଧନରେ ପଡ଼ି ଏହି ସଂସାରକୁ ଆସିଲା, ତେବେ ମାୟା ଆସିଲା କେଉଁଠୁ : ଯଦି କୁହାଯାଏ କୌଣସି ମଧ୍ୟବର୍ତ୍ତୀ ଆକସ୍ମିକ ଘଟନା ଦ୍ୱାରା ଜଗତ୍ ଉତ୍ପନ୍ନ ହେଲା, ତେବେ ଆକସ୍ମିକ ଘଟନା, ମଧ୍ୟବର୍ତ୍ତୀ ଅବସ୍ଥା ସବୁ ତ' ମାୟା, ଅସତ୍ୟ, ଭ୍ରମ । ବ୍ରହ୍ମ ଏକ ଏବଂ ଜ୍ଞାନ ସ୍ୱରୂପ । ବ୍ରହ୍ମ ଛଡ଼ା ଅନ୍ୟ ବସ୍ତୁ ଆସିବ କିପରି ? ଏହାର କୌଣସି ଉତ୍ତର ନାହିଁ କିଂବା ସମାଧାନ ନାହିଁ । ସମାଧାନ ଅଛି ଉପନିଷଦରେ । ବ୍ରହ୍ମ ସ୍ୱୀୟ ସଂକଳ୍ପରେ ''ଏକୋଽହଂ ବହୁସ୍ୟାମି''– ଏକରୁ ବହୁ ହେଲେ, ବହୁ ମଧ୍ୟରେ ନିଜକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ । ଏହି ସିଦ୍ଧାନ୍ତ ଯଥାର୍ଥ ତଥା ଯୁକ୍ତିଯୁକ୍ତ । ଏଥିରେ କୌଣସି ସିଦ୍ଧାନ୍ତର ବିରୋଧ ନାହିଁ । ବେଦ, ଉପନିଷଦ୍, ଗୀତାଦି ଶାସ୍ତ୍ରର ସମନ୍ୱୟ, ଜୀବନ, ଜଗତ୍, ସମସ୍ୟାର ସମାଧାନ, ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧାନ୍ତ ।

ଆଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତ ବିରୋଧରେ ସ୍ୱାଭାବିକ ରୂପେ ଏହି ପ୍ରଶ୍ନ ଉତ୍‌ଥାପିତ ହୁଏ ଏବଂ ଶଙ୍କରବାଦୀ ସେସବୁର ନିମ୍ନୋକ୍ତ ପ୍ରକାରରେ ଉତ୍ତର ଦିଅନ୍ତି :

ପ୍ରଶ୍ନ : ଅଦ୍ୱୈତ ସିଦ୍ଧାନ୍ତରେ 'ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।' ଜଗତ୍ ମିଥ୍ୟା, ତେବେ ମିଥ୍ୟା ସଂସାର ଆସିଲା କେଉଁଠୁ ? ବ୍ରହ୍ମ ମାୟାଗ୍ରସ୍ତ ଜୀବ ହେଲା କାହିଁକି ?

ଉତ୍ତର : ଯେ ମିଥ୍ୟା, ତା'ର ଆସିବାର ପ୍ରଶ୍ନ ନାହିଁ । ଜୀବ ମାୟାଗ୍ରସ୍ତ ହୋଇ ଭ୍ରମବଶତଃ ମିଥ୍ୟାକୁ ସତ୍ୟ ମାନିନିଏ । ଅଜ୍ଞାନ ଦୂର ହେଲେ ମିଥ୍ୟାର ଅପସାରଣ ହୁଏ ।

ପ୍ରଶ୍ନ : ବ୍ରହ୍ମ ଏକ ଅଦ୍ୱିତୀୟ, ଶୁଦ୍ଧ ସତ୍ୟ, ଜ୍ଞାନସ୍ୱରୂପ, ସେ ମାୟାଗ୍ରସ୍ତ ହୋଇ ନାମ-ରୂପ-ବିଶିଷ୍ଟ ବହୁ ହେଲେ କିପରି ? କ'ଣ ମାୟା ବ୍ରହ୍ମ ସଦୃଶ ସତ୍ୟ ? କ'ଣ ମାୟା ବ୍ରହ୍ମ ପରି ?

ଉତ୍ତର : କଦାପି ନୁହେଁ । ମାୟାର ଅର୍ଥ କେବଳ ଗୋଟାଏ ଭ୍ରମାତ୍ମକ ଧାରଣା ।

ପ୍ରଶ୍ନ : ଅଜ୍ଞାନରେ ମୋହିତ ପ୍ରାଣୀର ଭ୍ରମ ଧାରଣା ହୋଇପାରେ । ବ୍ରହ୍ମର ଯଦି ଭ୍ରମ ଧାରଣା ହୁଏ, ତେବେ ସେ ଶାଶ୍ୱତ ସତ୍ୟ ହେବେ କିପରି ?

ଉତ୍ତର : ବ୍ରହ୍ମର ଭ୍ରମ ଧାରଣା ହୁଏ ନାହିଁ । ସେ ସବୁସମୟରେ ଅଖଣ୍ଡ ଏକରସ ଅପରିବର୍ତ୍ତନୀୟ । ବହୁ ନାମ-ରୂପ ପ୍ରାଣୀର ଅବସ୍ଥା ସ୍ୱପ୍ନବତ୍ । ବ୍ୟକ୍ତି ଜାଗ୍ରତରେ ଯେଉଁ ପରିସ୍ଥିତିରେ ଥାଏ ସେ ନିଦ୍ରା ଅବସ୍ଥାରେ ମଧ୍ୟ ସେହିପରି ଥାଏ, ତା' ବ୍ୟକ୍ତିତ୍ୱରେ ଲେଶମାତ୍ର ପରିବର୍ତ୍ତନ ନ ଥାଏ, କିନ୍ତୁ ସେ ସ୍ୱପ୍ନରେ କେବେ ରାଜା ହୁଏ, କେବେ ରୋଗୀ ହୁଏ, କେବେ ଯୁଦ୍ଧ କରି ସର୍ବସ୍ୱ ନାଶ କରେ, ବିୟୋଗ ମିଳନରେ ସୁଖ ଦୁଃଖ ଅନୁଭବ କରେ । ସ୍ୱପ୍ନ ଅବସ୍ଥାର କୌଣସି ଅସ୍ତିତ୍ୱ ନ ଥାଏ, ସେ ତିନି କାଳରେ ମିଥ୍ୟା ଭ୍ରମ ମାତ୍ର । ସେହିପରି ବହୁ ନାମରୂପ ସ୍ୱପ୍ନ ସଦୃଶ ଗୋଟିଏ ମଧ୍ୟବର୍ତ୍ତୀ ଅବସ୍ଥା ।

ପ୍ରଶ୍ନ : ସ୍ୱପ୍ନ ଏବଂ ଭ୍ରମର କାରଣ ଅଜ୍ଞାନ । ଶାଶ୍ୱତ ସତ୍ୟ ବ୍ରହ୍ମ ପାଖକୁ ଅଜ୍ଞାନ ଆସିଲା କେଉଁଠୁ ?

ଉତ୍ତର : ଆସିବାର ପ୍ରଶ୍ନ ନାହିଁ । ଏହା ଗୋଟାଏ ମଧ୍ୟବର୍ତ୍ତୀ ଅବସ୍ଥାର ଭ୍ରାନ୍ତି ମାତ୍ର । ଯେପରି ସୁନା ଏବଂ କଣ୍ଠି । ସୁନା ତଥା କଣ୍ଠି ଉଭୟ ଏକ ବସ୍ତୁ । କେବଳ ଆକାର, ଆଉ ନାମ 'କଣ୍ଠି' । ଏହା ଗୋଟିଏ ମଧ୍ୟବର୍ତ୍ତୀ ଅବସ୍ଥା । ଏହାର କୌଣସି ଅସ୍ତିତ୍ୱ ନାହିଁ ।

ପ୍ରଶ୍ନ : ଏହି ମଧ୍ୟବର୍ତ୍ତୀ ଅବସ୍ଥାର ନାମରୂପ : ଏହାକୁ ଭ୍ରମ କହନ୍ତୁ, ମାୟା, ମିଥ୍ୟା କହନ୍ତୁ, ଏହାର ଉତ୍ପତ୍ତି ହେଲା କିପରି ? ଭ୍ରମର କାରଣ ମାୟା, ଅଜ୍ଞାନ । ଜ୍ଞାନ ସ୍ୱରୂପ ବ୍ରହ୍ମର ଅଜ୍ଞାନ ହେଲା କିପରି ? ଯଦି ଭ୍ରମ ଏବଂ ଅଜ୍ଞାନର ଅସ୍ତିତ୍ୱ ମାନି ନିଆ ହୁଏ ତେବେ ଅଦ୍ୱୈତ ସିଦ୍ଧାନ୍ତ ସିଦ୍ଧ ହୋଇ ପାରିବ ନାହିଁ ।

ଏହି ଯେଉଁ ଏତେ ବଡ଼ ବିସ୍ତୃତ ସଂସାର, ଦୁଃଖକଷ୍ଟରେ ପୂର୍ଣ୍ଣ, ଯୁଦ୍ଧ ବିଗ୍ରହରେ ମନୁଷ୍ୟ ଜୀବନ ବିପତ୍‌ସଙ୍କୁଳ, ରାଗ, ଦ୍ୱେଷ, ଘାତ ପ୍ରତିଘାତରେ ମନୁଷ୍ୟ ମ୍ରିୟମାଣ, ପାରିବାରିକ ମୋହ ଆସକ୍ତିରେ ବ୍ୟକ୍ତିର ହୃଦୟ ବ୍ୟଥିତ, ସଂସାରର ଏହି ଦୁଃଖ ଦାରିଦ୍ର୍ୟ, ମାନ ଅପମାନ, ମିତ୍ର ଶତ୍ରୁ, ମିଳନ ବିୟୋଗ, ଜନ୍ମ ମରଣ ଦ୍ୱନ୍ଦ୍ୱ – ସବୁ ତେବେ ଭ୍ରମ ? ସୁବର୍ଣ୍ଣ ମଣି ରୂପେ ପ୍ରତୀତ ହେବାର ଭ୍ରାନ୍ତ ଅବସ୍ଥା ? ଏତେବଡ଼ ଦୁଃଖ-ସୁଖପୂର୍ଣ୍ଣ ପ୍ରତ୍ୟକ୍ଷ ସଂସାରକୁ କେବଳ ଭ୍ରାନ୍ତି କହି ଉଡ଼ାଇ ଦିଆଯାଇ ପାରେ ? ଆନୁଷଙ୍ଗିକ ଅବସ୍ଥାର ସ୍ୱରୂପ ଯେପରି ହେଉ, ତାହା ଅଜ୍ଞାନ, ବ୍ରହ୍ମର ବିନା ସଂକଳ୍ପରେ ଅଜ୍ଞାନ ଭ୍ରମ ଆସିବା ବ୍ରହ୍ମର ସତ୍ୟତାର ମହାନ୍ ବିରୋଧ । ଏହି ଯେଉଁ ନାମରୂପ ଜଗତ୍ ଏହାର ସ୍ରଷ୍ଟା କେହି ନାହିଁ । ଏହି ପ୍ରଶ୍ନ ଆରମ୍ଭରୁ ଚାଲିଛି । ଶେଷପର୍ଯ୍ୟନ୍ତ ଏହାର କୌଣସି ଯୁକ୍ତିଯୁକ୍ତ ଉତ୍ତର ନାହିଁ ? କେବଳ ଗୋଟିଏ ବସ୍ତୁକୁ ଭିନ୍ନ ଭିନ୍ନ ନାମରେ ଉତ୍ତର ଦିଆହେଉଛି । ଯଥାର୍ଥ ସମାଧାନ ନାହିଁ । କେବଳ ଉତ୍ତର ଦେଇ ପ୍ରଶ୍ନଟିକୁ ଟାଳି ଦିଆହେଉଛି ।

ଉତ୍ତର : ଯେତେବେଳେ ଉଚ୍ଚତର ଚେତନାରେ ନିରାକାର, ନିର୍ବିଶେଷ ସତ୍ତାରେ ଜୀବ ବ୍ରହ୍ମ ଏକ ହୋଇଯାଏ ତାହା ଅନିର୍ବଚନୀୟ ଆନନ୍ଦ । ସେହି ଜ୍ଞାନରେ ଏହିସବୁ ଦୃଶ୍ୟମାନ ବସ୍ତୁ ନାମରୂପସବୁ ମିଥ୍ୟାମାୟା । ଯେ କେହି ବ୍ୟକ୍ତି ଏହି ଅନୁଭୂତି ପ୍ରାପ୍ତ କରେ ସେ ଏହାର ସତ୍ୟତା ବୁଝିପାରେ । ଏହା ଅନୁଭବଗମ୍ୟ ସତ୍ୟ ।

ପ୍ରଶ୍ନ : ଏହି ଅନୁଭୂତି ସତ୍ୟ, ସେ ଅବସ୍ଥାରେ ନାମରୂପ ସବୁ ମିଥ୍ୟା ମାୟା । ଏଥିରେ ପ୍ରଥମ ବିରୋଧ ହେଲା : ମିଥ୍ୟା ମାୟା ବ୍ରହ୍ମ ଉପରେ ଆରୋପ ହେଲା କିପରି ? ଦ୍ୱିତୀୟ ବିରୋଧ ହେଲା ଯଦି ଫେରିଯାଇ ବ୍ରହ୍ମରେ ଲୀନ ହେବାର ଥିଲା, ତେବେ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ କ'ଣ ? ଏହି ବିରୋଧିତାର ଉତ୍ତର ଆଚାର୍ଯ୍ୟ ଶଙ୍କରଙ୍କ ଦର୍ଶନ ଶାସ୍ତ୍ରରେ ନାହିଁ । ଏହାର ଉତ୍ତର ଅଛି ଉପନିଷଦର ବାକ୍ୟ : 'ଏକୋଽହଂ ବହୁସ୍ୟାମି' ଅନୁସାରେ, ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ମନ, ପ୍ରାଣରେ ସଚ୍ଚିଦାନନ୍ଦ ପୁରୁଷୋତ୍ତମଙ୍କୁ ଉପଲବ୍ଧି କରିବାରେ । ବ୍ରହ୍ମ ଉପରେ ମାୟା ଲଦି ଦିଆ ହୋଇ ନାହିଁ । ସେ ଜ୍ଞାନ ସ୍ୱରୂପ ମାୟା, ଭ୍ରମ, ସ୍ୱପ୍ନ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ସେ ସ୍ୱେଚ୍ଛାରେ ନିଜକୁ ବହୁରୂପେ ପ୍ରକାଶ କରିବା ସକାଶେ, 'ଏକୋଽହଂ ବହୁସ୍ୟାମି' ସଂକଳ୍ପ କରି ନିଜ ମାୟା ଆଶ୍ରୟରେ ଏକାବେଳେକେ ଜଡ଼ ମଧ୍ୟରେ ନିମଜ୍ଜନ ହୋଇଗଲେ । କ୍ରମବିକାଶର ନିୟମ ଅନୁସାରେ ଜଡ଼ରୁ ତରୁତୃଣ ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟରେ ଉପନୀତ ହୋଇଛନ୍ତି । ମନୁଷ୍ୟ ଅବସ୍ଥାକୁ ଅତିକ୍ରମ କରି ଅତିମାନବତ୍ୱରେ ପହଞ୍ଚିବେ । ଏହି ସିଦ୍ଧାନ୍ତ ଶ୍ରୀଅରବିନ୍ଦଙ୍କ ଯୋଗର । ଏଥିରେହିଁ ସମସ୍ତ ପୁରାତନ ଦାର୍ଶନିକ ମତଭେଦ, ବିରୋଧର ସମନ୍ୱୟ ଏବଂ ଜଗତ୍, ଜୀବନ ସୃଷ୍ଟି ହେବା ପ୍ରଶ୍ନର ଯଥାର୍ଥ ଉତ୍ତର । ଅର୍ଥାତ୍ ଏହି ଯେଉଁ ପ୍ରଶ୍ନ :

ପ୍ରଶ୍ନ : ଜଗତ୍ କାହିଁକି ହେଲା, କିଏ କଲା ?

(ଏହାର ଯଥାର୍ଥ ଉତ୍ତର ଶ୍ରୀଅରବିନ୍ଦ ଦେଇଛନ୍ତି)

ଉତ୍ତର : ଜଗତରେ ସ୍ୱୟଂ ବ୍ରହ୍ମ ନିଜକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ ନିଜ ସଂକଳ୍ପରେ ନିଜେ ବହୁରୂପେ ପ୍ରକଟ ହେଲେ ।

ଅଦ୍ୱୈତବାଦୀ ସାଧକ ପ୍ରଶ୍ନ କରିପାରନ୍ତି :

ପ୍ରଶ୍ନ : ବ୍ରହ୍ମ ଶାଶ୍ୱତ ସତ୍ୟ ଏବଂ ଅଦ୍ୱୈତ । ବ୍ରହ୍ମର ସଂକଳ୍ପ ହେବା ଦ୍ୱୈତତା ତଥା ଅଜ୍ଞାନତା । ଏହାର ସମାଧାନ କ'ଣ ?

ଉତ୍ତର : ବ୍ରହ୍ମ ଏକ ଶାଶ୍ୱତ ସତ୍ୟ । ସେ ସର୍ବଶକ୍ତିମାନ୍ । ସେ କୌଣସି ମାନସିକ ସୀମିତତାରେ ଆବଦ୍ଧ ନୁହନ୍ତି । ସେ ମାନସ ଚେତନାର ବହୁ ଉର୍ଦ୍ଧ୍ୱରେ । ସେ ବହୁ ହୋଇ ଏକ, ସଂକଳ୍ପ କରି ଅଦ୍ୱୈତ ରହି ପାରନ୍ତି, ଜଗତ୍ ସର୍ଜନା ଇତ୍ୟାଦି ମହାନ୍ କାର୍ଯ୍ୟ କରି ମଧ୍ୟ ନିଷ୍କ୍ରିୟ, ନିରାକାର, ନିର୍ବିଶେଷ ସତ୍ତାରୂପେ ରହିପାରନ୍ତି । ସେହି ସକାଶେ ତାଙ୍କ ନାମ ଅନନ୍ତ ଏବଂ ସେ ସର୍ବଶକ୍ତିମାନ୍ । ଅନନ୍ତର ଅର୍ଥ ମନର କଳ୍ପନାତୀତ । ତାଙ୍କ ସ୍ୱରୂପ ବେଦ ବର୍ଣ୍ଣନା କରିବାରେ ଅସମର୍ଥ । ଏପରି ଅବାଙ୍‌ମାନସଗୋଚର ବ୍ରହ୍ମଙ୍କୁ ନିଷ୍କ୍ରିୟ, ନିରାକାର, ସ୍ଥାଣୁ, ଅଚଳ ସଂଜ୍ଞାରେ ବାନ୍ଧି ଦିଆଯାଇ ପାରେ ନାହିଁ । ବେଦ, ଉପନିଷଦରେ ବ୍ରହ୍ମର ଯେଉଁ ସ୍ୱରୂପ ପ୍ରତିପାଦିତ ହୋଇଛି, ତାହାହିଁ ବର୍ଣ୍ଣିତ ହୋଇଛି ଗୀତା, ରାମାୟଣରେ ।

ଗୀତା

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ॥
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ।
ଯସ୍ମାତ୍‌କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥

ଗୀତା, ଅଧ୍ୟାୟ ୧୫, ଶ୍ଲୋକ ୧୬/୧୭/୧୮

ଗୀତାରେ ସାକାର ନିରାକାର ପରେ ପରମବ୍ରହ୍ମ ପୁରୁଷୋତ୍ତମଙ୍କ ଯେଉଁ ସ୍ୱରୂପ ବର୍ଣ୍ଣନ କରାହୋଇଛି ତାହା ବେଦ, ଉପନିଷଦର ବ୍ୟାଖ୍ୟା । ଏହାକୁ ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ ଲେଖିଅଛନ୍ତି । ରାମଚରିତ ମାନସର ଉଦାହରଣ ନିମ୍ନରେ ଦିଆଗଲା :

ଜୋ ସ୍ୱରୂପ ବସ ଶିବ ମନମାହୀ ।
ଜେହି କାରଣ ମୁନି ଜତନ କରାହୀ ॥
ଜୋ ଭୁଶୁଣ୍ଡି ମନ ମାନସ-ହଂସା ।
ସଗୁନ ଆଗୁନ ଜେହି ନିଗମ ପ୍ରଶଂସା ॥
ବିନୁ ପଦ ଚଲୈ ସୁନୈ ବିନୁ କାନା
କରବିନୁ କରମ କରତ ବିଧି ନାନା ॥
ଆନନ ରହିତ ସକଳ ରସ ଭୋଗୀ ।
ବିନୁ ବାନି ବକତା ବଡ଼ ଯୋଗୀ ॥
ତନ ବିନୁ ପରଶ ନୟନ ବିନୁ ଦେଖା ।
ଗ୍ରହୈ ଘ୍ରାଣ ବିନୁ ବାସ ଅଶେଷା ॥
ଅସ ସବ ଭାନ୍ତି ଅଲୌକିକ କରନି ।
ମହିମା ଅମିତ ଯାଇ ନହି ବରଣୀ ॥

ଭଗବାନ୍ ଶିବ ବ୍ରହ୍ମ ସ୍ୱରୂପ, ପରମ ଜ୍ଞାନୀ । ସେ ବ୍ରହ୍ମ ସ୍ୱରୂପ ଠିକ୍ ଠିକ୍ ଜାଣନ୍ତି । ଯେଉଁ ପରାତ୍ପର ବ୍ରହ୍ମ ଶଙ୍କରଙ୍କ ମାନସରେ ପ୍ରତିଷ୍ଠିତ, ଯେଉଁ ପରମ ବ୍ରହ୍ମକୁ ପ୍ରାପ୍ତ କରିବାକୁ ମନନଶୀଳ ମୁନିମାନେ ଯତ୍ନ କରନ୍ତି, ଯେଉଁ ବ୍ରହ୍ମ କାକଭୁଷଣ୍ଡିଙ୍କର ମାନସ-ହଂସ, ଯାହାକୁ ସଗୁଣ ଏବଂ ନିର୍ଗୁଣ ରୂପେ ନିଗମ ବେଦ ପ୍ରଶଂସା କରେ, ସେହି ବ୍ରହ୍ମ ବିନା ପାଦରେ ଚାଲେ, ବିନା ଶ୍ରବଣରେ ଶୁଣେ, ହସ୍ତ ବିନା ସମସ୍ତ କର୍ମ କରେ, ମୁଖ ନ ଥାଇ ସକଳ ରସ ଆସ୍ୱାଦନ କରେ, ବାଣୀ ବିନା ସମସ୍ତ କିଛି କହିପାରେ, ଶରୀର ବିନା ସ୍ପର୍ଶ କରେ, ନୟନ ବିନା ଦେଖେ, ନାସିକା ବିନା ସମସ୍ତ ଗନ୍ଧ ଗ୍ରହଣ କରେ । ସେହି ବ୍ରହ୍ମର ସମସ୍ତ ପ୍ରକାର ଅଲୌକିକ କ୍ରିୟା, ତା'ର ଯେଉଁ ଅନନ୍ତ ମହିମା, କୌଣସି ବ୍ୟକ୍ତି ବା କୌଣସି ଶାସ୍ତ୍ର ଦ୍ୱାରା ତାହା ବର୍ଣ୍ଣିତ ହୋଇପାରେ ନାହିଁ ।

ଗୀତା, ରାମାୟଣ ବେଦ ଓ ଉପନିଷଦ୍ ସ୍ପଷ୍ଟଭାବେ ଘୋଷଣା କରିଛି, କ୍ଷର ଅକ୍ଷର ଅର୍ଥାତ୍ ସଗୁଣ ଓ ନିର୍ଗୁଣ ଉଭୟର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ତତ୍ତ୍ୱ ।

ବ୍ରହ୍ମ ଚତୁଷ୍ପାଦ ବିଭୂତିଯୁକ୍ତ ସାକାର, ନିରାକାର, ଏକସଙ୍ଗେ ପୁରୁଷୋତ୍ତମ ସତ୍, ଚିତ୍, ଆନନ୍ଦ ସ୍ୱରୂପ । ସେହି ଏକହି ବ୍ରହ୍ମ ସାକାର ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ । ବ୍ରହ୍ମ ଅବାଙ୍‌ମାନସଗୋଚର । ଅର୍ଥାତ୍ ମନ ଚେତନାର ସେ ବହୁ ଊର୍ଦ୍ଧ୍ୱରେ । ବ୍ରହ୍ମ ସର୍ବଶକ୍ତିମାନ୍ । ସେ ନିରାକାର ନିର୍ବିଶେଷ ସତ୍ତା ରୂପେ ନିଷ୍କ୍ରିୟ ରହି ଜଗତ୍ ପାଳନ, ସୃଜନ ସଂହାର କରନ୍ତି । ସେହି ବ୍ରହ୍ମ ନିଜ ସଂକଳ୍ପରେ ନିଜ ମାୟା ଆଶ୍ରୟରେ ଏକରୁ ବହୁ ହେବା ସଂକଳ୍ପ କରି ଏକାବେଳେକେ ଜଡ଼ରେ ନିମଜ୍ଜନ କରିଯାଆନ୍ତି । କ୍ରମ-ବିକାଶ ଅନୁସାରେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ମନୁଷ୍ୟରେ ଉପନୀତ ହୋଇ ଅଛନ୍ତି, ମନ ଊର୍ଦ୍ଧ୍ୱସ୍ଥ ଅତିମାନସ ଚେତନା ପ୍ରାପ୍ତ କରି ଏହି ପୃଥିବୀରେ ଦିବ୍ୟମାନବର ରୂପାନ୍ତରିତ ଶରୀରରେ ନିଜକୁ ପୂର୍ଣ୍ଣ ପ୍ରକାଶ କରିବା ସକାଶେ । ବ୍ରହ୍ମର ଏହି ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ଅତ୍ୟନ୍ତ ସ୍ପଷ୍ଟରୂପେ ବେଦ, ଉପନିଷଦ୍, ଗୀତା, ରାମାୟଣ ଭାଗବତରେ ପ୍ରତିପାଦିତ ହୋଇଥିବା ସତ୍ତ୍ୱେ ଏହାର ପୂର୍ଣ୍ଣ ପ୍ରକାଶର ସମୟ ଆସି ନ ଥିଲା । ଏହାର ମଧ୍ୟବର୍ତ୍ତୀ ଅବସ୍ଥାରେ ଆଚାର୍ଯ୍ୟମାନେ ଏହି ବ୍ରହ୍ମର ଗୋଟିଏ ଗୋଟିଏ ସତ୍ୟ, ଶାଶ୍ୱତ ଅବସ୍ଥା ଅନୁଭବ କଲେ । କିନ୍ତୁ ନିଜ ସତ୍ୟ ଅନୁଭୂତିକୁ ଯୁକ୍ତି ଦ୍ୱାରା ଦାର୍ଶନିକ ରୂପ ଦେବାକୁ ଯାଇ ଗୀତା ଉପନିଷଦର ସ୍ପଷ୍ଟ ବାକ୍ୟକୁ ମାନିବା ସତ୍ତ୍ୱେ ସେସବୁକୁ ନିଜ ସିଦ୍ଧାନ୍ତ ଅନୁସାରେ ବ୍ୟାଖ୍ୟା କଲେ । ଆଚାର୍ଯ୍ୟ ଶଙ୍କର ଯେଉଁ ସମୟରେ ଆସିଥିଲେ, ସେତେବେଳେ ବ୍ୟକ୍ତିର ପୂର୍ଣ୍ଣ ବିକାଶ ଅବସ୍ଥାରେ ମୁକ୍ତ ଅବସ୍ଥାର ଆବଶ୍ୟକ ଥିଲା । ସେ ନିଜ ଅନୁଭୂତିରେ ସେହି ଅବସ୍ଥା ଦେଖି ସେହି ଅନୁସାରେ ନିଜ ସିଦ୍ଧାନ୍ତକୁ ପ୍ରତିଷ୍ଠା କରିବା ସକାଶେ ଜଗତକୁ ମିଥ୍ୟା ମାୟା ବୋଲି ଘୋଷଣା କଲେ । ପ୍ରକୃତରେ ସେହି ଅବସ୍ଥାରେ ସଂସାର ମିଥ୍ୟା ମାୟା ପ୍ରତୀତ ହୁଏ । କିନ୍ତୁ ମନୁଷ୍ୟର ପୂର୍ଣ୍ଣତା ପ୍ରାପ୍ତିର ମଧ୍ୟବର୍ତ୍ତୀ ମୁକ୍ତ ଅବସ୍ଥାକୁ ମନୁଷ୍ୟର ଚରମ ଅବସ୍ଥା ବୋଲି ସିଦ୍ଧାନ୍ତ କରିବାରୁ ସେହି ସିଦ୍ଧାନ୍ତ ଅକାଟ୍ୟ ହୋଇ ପାରିଲା ନାହିଁ । ସୁତରାଂ ତାଙ୍କ ଅନୁଭୂତି ସତ୍ୟ ଥିବାରୁ ତାହା ଚିରଦିନ ସକାଶେ ମାନବିକ ପୂର୍ଣ୍ଣତାର ଅଙ୍ଗ ରୂପେ ଶାଶ୍ୱତ ସତ୍ୟ ହୋଇ ରହିବ ।

ପ୍ରଶ୍ନ : ଆଚାର୍ଯ୍ୟ ଶଙ୍କର ମନୁଷ୍ୟର ମଧ୍ୟବର୍ତ୍ତୀ ଅବସ୍ଥାକୁ ଚରମ ଅବସ୍ଥା କହିବା କ'ଣ ମିଥ୍ୟା ଥିଲା ?

ଉତ୍ତର : ମିଥ୍ୟା ନ ଥିଲା । ସେହି ସମୟରେ ମନୁଷ୍ୟର ତାହାହିଁ ଆବଶ୍ୟକ ଥିଲା ।

ପ୍ରଶ୍ନ : ସେ କ'ଣ ମନୁଷ୍ୟର ପୂର୍ଣ୍ଣ ଅବସ୍ଥା ସମ୍ବନ୍ଧେ ଅନଭିଜ୍ଞ ଥିଲେ ? ଯଦି ଅନଭିଜ୍ଞ ନ ଥିଲେ ତେବେ ସେତେବେଳେ ମନୁଷ୍ୟ ଜୀବନର ଲକ୍ଷ୍ୟ ଦିବ୍ୟ ଜୀବନ ତଥା ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପୁରୁଷୋତ୍ତମ ବ୍ରହ୍ମଙ୍କୁ ପ୍ରକାଶ — ଏହି ଲକ୍ଷ୍ୟର ଘୋଷଣା କଲେ ନାହିଁ କାହିଁକି ?

ଉତ୍ତର : ଏହା ଅପ୍ରାସଙ୍ଗିକ ପ୍ରଶ୍ନ । ଆଚାର୍ଯ୍ୟ ଶଙ୍କର ଥିଲେ ଭଗବାନ୍ ଶିବଙ୍କର ବିଶେଷ ବିଭୂତି, ଅଂଶାବତାର । ମନୁଷ୍ୟର ବିକାଶ ମାର୍ଗରେ ସେ କେବଳ ନିର୍ବିଶେଷ, ନିଷ୍କ୍ରିୟ, ନିରାକାର ସତ୍ତାରେ ଏକ ହୋଇଯିବା — ଏହି ମୁକ୍ତ ଅବସ୍ଥା ଶିକ୍ଷା ଦେବାକୁ ଭଗବାନଙ୍କ ବିଧାନ ଅନୁସାରେ ଏହି ସଂସାରକୁ ଆସିଥିଲେ । ସମୟ ପୂର୍ବରୁ ସେ କାହିଁକି ମନୁଷ୍ୟ ଜୀବନ ବିକାଶର ସମସ୍ତ ଘଟଣା ଜାଣିବେ ଏବଂ ପ୍ରକାଶ କରିବେ ? ଏହା ଭଗବାନଙ୍କ ବିଧାନ ନୁହେଁ ।

ସଂସାରର ରହସ୍ୟ ହେଉଛି ଯେଉଁ ସମୟରେ ଯେତିକି ଆବଶ୍ୟକ, ସେତିକି ଜ୍ଞାନର ଶିକ୍ଷା ଦିଆହୁଏ । ଏପରି ଯଦି ନ କରାହୁଏ, ସମୟ ପୂର୍ବରୁ ଯଦି ସମସ୍ତ ଭବିଷ୍ୟତ୍ ପ୍ରକାଶ କରିଦିଆ ହୁଏ ତେବେ ବିକାଶର କୌଣସି ମୂଲ୍ୟ ରହେ ନାହିଁ । ଭଗବାନ୍ ଜ୍ଞାନ ସ୍ୱରୂପ ହୋଇ ଅଜ୍ଞାନ ସ୍ୱୀକାର କରି ଜଡ଼ରେ ନିମଜ୍ଜିତ ହେବାର ପ୍ରୟୋଜନ ସାର୍ଥକ ହୁଏ ନାହିଁ । ଭଗବାନ୍ ଅଜ୍ଞାନକୁ ସ୍ୱୀକାର କରି ଜଡ଼ ସଂସାରରେ ଆସିବାର ଅର୍ଥ ଅଜ୍ଞାନ ଅନ୍ଧକାର ମଧ୍ୟଦେଇ ଜ୍ଞାନ ଆଡ଼କୁ ଗତି କରିବା । ସେହି ସକାଶେ ଏହି ବିକାଶ ମାର୍ଗରେ ମନୁଷ୍ୟର ସମୟୋପଯୋଗୀ ଶିକ୍ଷା ଦେବା ସକାଶେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅବତାର ତଥା ଆଚାର୍ଯ୍ୟମାନେ ଆସନ୍ତି । ଶ୍ରୀରାମଚନ୍ଦ୍ରଙ୍କ ଅବତାର ସମୟରେ ଯଦି ଶ୍ରୀରାମଙ୍କ ଜନ୍ମରୁ ବିଶ୍ୱାମିତ୍ର ଯଜ୍ଞ, ରାମ ବନବାସ, ସୀତା ହରଣ, ରାବଣ ବଧ, ସୀତାଙ୍କ ତ୍ୟାଗ ଖବରକାଗଜରେ ଛପା ହୋଇ ଥାଆନ୍ତା, ତେବେ ଭଗବାନ୍ ମନୁଷ୍ୟ ଅବତାର ନେଇ ଗାର୍ହସ୍ଥ୍ୟ ଧର୍ମର ଯେଉଁ ଆଦର୍ଶ ସ୍ଥାପନ କଲେ, ତାହା ହୋଇ ନ ଥା'ନ୍ତା । ମନୁଷ୍ୟ ସାମନାରେ ଥାଆନ୍ତା ଗୋଟାଏ ନାଟକ । ମନୁଷ୍ୟ ତାକୁ ଆଦର୍ଶ ରୂପେ କଦାପି ଗ୍ରହଣ କରି ନ ଥା'ନ୍ତା । ଠିକ୍ ସେହିପରି ସଂସାର ତଥା କ୍ରମବିକାଶ । ବିକାଶ ମାର୍ଗରେ ଯେଉଁ ସମୟରେ ମନୁଷ୍ୟକୁ ଯେଉଁ ଶିକ୍ଷା ଦିଆହୁଏ, ତାହା ଚରମ ସତ୍ୟ ରୂପେ ତା'ପାଖରେ ରଖା ହୁଏ, ସେ ମଧ୍ୟ ତାହାକୁ ଚରମ ସତ୍ୟ ରୂପେ ଗ୍ରହଣ କରେ ।

ଏହାର ଅନ୍ୟଗୋଟାଏ କାରଣ ହେଲା – ମନୁଷ୍ୟଜାତିର ବିକାଶରେ ସମସ୍ତ ମନୁଷ୍ୟ ଏକସଙ୍ଗେ ଅଗ୍ରସର ହୁଅନ୍ତି ନାହିଁ । ମନୁଷ୍ୟଜାତିର ବିକାଶ ପଶ୍ଚାତରେ ବିକାଶର ବହୁତ ଶ୍ରେଣୀ ଥାଏ । ବର୍ତ୍ତମାନ ମନ ବିକାଶର ଶେଷ ସୀମାରେ ପହଞ୍ଚିଅଛି । ଏହାହିଁ ମନୁଷ୍ୟଜାତିର ବର୍ତ୍ତମାନ ଚରମ ବିକାଶ । କିନ୍ତୁ ଏହି ମନ ସ୍ତରରେ ବହୁତ ବ୍ୟକ୍ତି ଅଛନ୍ତି, ସେମାନଙ୍କ ମନ ଏତେ ଅବିକଶିତ ଅବସ୍ଥାରେ ଅଛି ଯେ ସେମାନଙ୍କ ଶରୀର କେବଳ ମନୁଷ୍ୟର, ଚେତନା ପଶୁତୁଲ୍ୟ । ସେ କେବଳ ନିଜର, ପରିବାରର ଉଦର ପାଳନ ଛଡ଼ା କିଛି ଜାଣେ ନାହିଁ । ମନୁଷ୍ୟଜାତି ବିକାଶର ଶେଷରୁ ଆରମ୍ଭ ପର୍ଯ୍ୟନ୍ତ ମନୁଷ୍ୟ ଚେତନା ଶ୍ରେଣୀବଦ୍ଧ ଭାବେ ପାବଚ୍ଛରୂପେ ଲାଗିଥାଏ । ସେହି କାରଣରୁ ଆଚାର୍ଯ୍ୟମାନେ ବିକାଶ ଅନୁସାରେ ଯେଉଁ ଶିକ୍ଷା ଦିଅନ୍ତି ତାହା ସେହି ସମୟର ଚେତନା-ଶ୍ରେଣୀର ବ୍ୟକ୍ତିଙ୍କ ସକାଶେ ଚରମ ସତ୍ୟ ରୂପେ ଥାଏ । ମନୁଷ୍ୟ ବିକାଶ ମାର୍ଗରେ ଅଗ୍ରସର ହେଲେ ତା'ସକାଶେ ନୂତନ ଶିକ୍ଷାର ଆବଶ୍ୟକ ହୁଏ ଏବଂ ଅନ୍ୟ ଅଚାର୍ଯ୍ୟମାନେ ଆସି ନୂତନ ଶିକ୍ଷା ଦିଅନ୍ତି । କିନ୍ତୁ ସେହି ପୁରାତନ ଶିକ୍ଷା ଲୋପ ହୁଏ ନାହିଁ । କାରଣ ପଶ୍ଚାତ୍‌ବର୍ତ୍ତୀ ଚେତନା-ଶ୍ରେଣୀର ବ୍ୟକ୍ତି ସେହି ସମୟର ଚେତନାରେ ଉପନୀତ ହୁଅନ୍ତି । ଏହି ପ୍ରକାର କ୍ରମବିବର୍ତ୍ତନ ଶ୍ରେଣୀ ବରାବର ଚାଲିଥାଏ । ସେଥିପାଇଁ ସେସ୍ତରରେ ପହଞ୍ଚିବା ବ୍ୟକ୍ତି ସକାଶେ ତାହା ଜୀବନର ଚରମ ଲକ୍ଷ୍ୟ ପ୍ରତୀତ ହୁଏ, ସେ ତାହା ଗ୍ରହଣ କରେ । ପୁରାତନ ଯୋଗରେ ଯେତେ ସିଦ୍ଧାନ୍ତ ହୋଇଛି, ସେହି ସମୟର ଚେତନା-ସ୍ତରର ବ୍ୟକ୍ତିସବୁ ଏହି ସମୟରେ ରହିଅଛନ୍ତି, ସେହି କାରଣରୁ ପୁରାତନ ସମସ୍ତ ସିଦ୍ଧାନ୍ତ ବିଦ୍ୟମାନ । ସରଳ ଭାଷାରେ କହିଲେ ମନୁଷ୍ୟର ସ୍ୱଭାବ ଭିନ୍ନ ଭିନ୍ନ, ସେହି ସକାଶେ ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ସିଦ୍ଧାନ୍ତ ତଥା ସାଧନା ମାର୍ଗ ଗ୍ରହଣ କରେ । ସ୍ୱଭାବର ଯଥାର୍ଥ ଅର୍ଥ ତା'ର ନିଜ ଚେତନାର ବିକାଶ ଅନୁସାରେ ଶିକ୍ଷା । ଏପରିକି ଏହି ପୃଥିବୀରେ ଦିବ୍ୟମାନବଜାତି ସ୍ଥାପିତ ହେବା ପରେ ବି ଏହି ବିଭିନ୍ନ ସିଦ୍ଧାନ୍ତ ରହିପାରିବ ।

ପ୍ରଶ୍ନ : ଏହିସବୁ ଉକ୍ତିରୁ ପ୍ରତୀତ ହେଉଛି ମନୁଷ୍ୟର ଚେତନାସ୍ତର ବହୁତ । ସେହି ସକାଶେ ଅଧ୍ୟାତ୍ମ-ଶିକ୍ଷା ମଧ୍ୟ ବହୁତ । ବ୍ୟକ୍ତି ନିଜ ଚେତନାର ବିକାଶ ଅନୁସାରେ ତା'ର ଚେତନାର ଉପଯୋଗୀ ସିଦ୍ଧାନ୍ତ ଗ୍ରହଣ କରି ଚାଲିଥିବ । ଫେରେ ନୂତନ କୌଣସି ସିଦ୍ଧାନ୍ତ ପ୍ରତିଷ୍ଠା ହେଲେ ତା' ସକାଶେ ଏତେ ଲେଖାପଢ଼ି, ମଠ, ଆଶ୍ରମ, ପାଠଚକ୍ର ସ୍ଥାପନ, ସଭାରେ ଭାଷଣର ଆବଶ୍ୟକତା କ'ଣ ?

ଉତ୍ତର : ମନୁଷ୍ୟ ଜଡ଼ ମେସିନ୍ ନୁହେଁ ଯେ ସେ ବରାବର ଯାନ୍ତ୍ରିକ ନିୟମ ଅନୁସାରେ ଚାଲିଥିବ । ତା'ର ବୁଦ୍ଧି ବିବେକ ଅଛି, କର୍ମ କରିବାର ସ୍ୱତନ୍ତ୍ରତା ଅଛି । ସେ କର୍ମ କରି ଭାଗ୍ୟକୁ ପରିବର୍ତ୍ତନ କରିପାରେ, ଦେବତାଙ୍କଠାରୁ ଶ୍ରେଷ୍ଠ ଶାଶ୍ୱତ ପଦ ପ୍ରାପ୍ତ କରିପାରେ । ତା'ର କୋଟି କୋଟି ଜନ୍ମର ବିକାଶକୁ ଗୋଟିଏ ଜନ୍ମରେ ଆୟତ୍ତ କରିପାରେ । ମନୁଷ୍ୟର ବହୁକାଳ ବିକାଶକୁ ଅଳ୍ପ ସମୟ ମଧ୍ୟରେ ପ୍ରାପ୍ତ କରିବାରେ ସାହାଯ୍ୟ କରିବା ସକାଶେ ଆଚାର୍ଯ୍ୟମାନେ ଏହି

ପୃଥିବୀକୁ ଆସନ୍ତି । ମନୁଷ୍ୟକୁ ଶିକ୍ଷା ତଥା ସାହାଯ୍ୟ ଦେଇ ତା'ର ଦୁଃଖପୂର୍ଣ୍ଣ ବିପତ୍‌ସଙ୍କୁଳ ଜନ୍ମ ମରଣ ମଧ୍ୟସ୍ଥ ବିକାଶର ଦୀର୍ଘ ସମୟକୁ ସଂକ୍ଷିପ୍ତ କରିଦିଅନ୍ତି । ସେହି ସକାଶେ ଆଚାର୍ଯ୍ୟମାନେ ସ୍ୱୟଂ ଆଦର୍ଶ ଆଚରଣ କରି, ଦର୍ଶନ ଶାସ୍ତ୍ର ଲେଖି ମନୁଷ୍ୟର ପଥପ୍ରଦର୍ଶକ ହୁଅନ୍ତି । ମଠ, ମନ୍ଦିର, ଆଶ୍ରମ ସ୍ଥାପନ କରନ୍ତି, ନିଜ ସିଦ୍ଧାନ୍ତକୁ ପ୍ରଚାର କରି ଅଜ୍ଞାନ ମୋହଗ୍ରସ୍ତ ପ୍ରାଣୀଙ୍କୁ ସଚେତ କରନ୍ତି । ତାଙ୍କରି ଆଦର୍ଶକୁ ତାଙ୍କରି ଅନୁଗାମୀମାନେ ସରଳ ଭାଷାରେ ବ୍ୟକ୍ତ କରନ୍ତି । ଜନକଲ୍ୟାଣାର୍ଥେ ଏହି ପ୍ରଚାରକୁ କେତେକ ଲୋକ ନିନ୍ଦା କରନ୍ତି । ସମାଲୋଚନା କରନ୍ତି । କିନ୍ତୁ ଆଚାର୍ଯ୍ୟମାନଙ୍କ ନୂତନ ଆଦର୍ଶର ପ୍ରଚାର, ବ୍ୟକ୍ତିଙ୍କ ସମାଲୋଚନା, ଏହି ଉଭୟ ବରାବର ଚାଲିଥାଏ । ଭଗବାନ୍ ରାମ, ଜଗଜ୍ଜନନୀ ସୀତାଙ୍କୁ ସମାଲୋଚନା କରିବାରେ ଲୋକେ ବାଦ୍ ଦେଇ ନାହାନ୍ତି । ଆଚାର୍ଯ୍ୟମାନଙ୍କୁ ସମାଲୋଚନା ନ କରି ଛାଡ଼ିବେ କାହିଁକି ? ଆଚାର୍ଯ୍ୟମାନେ ମହାପୁରୁଷ । ସେମାନଙ୍କର ସ୍ୱାର୍ଥ ନ ଥାଏ । ମନୁଷ୍ୟର ବିକାଶୋପଯୋଗୀ ଶିକ୍ଷା ଦେଇ ନୂତନ ସିଦ୍ଧାନ୍ତ ସ୍ଥାପନ କରିବାରେ ପୁରାତନ ସିଦ୍ଧାନ୍ତକୁ ଖଣ୍ଡନ କରିବାକୁ ହୁଏ ।

ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ପ୍ରଚଳିତ ଥିବା ସତ୍ତ୍ୱେ ବହୁତ କାଳ ବ୍ୟତୀତ ହୋଇଯିବାରୁ ମନୁଷ୍ୟ ଚେତନା ଅଗ୍ରସର ହୋଇଗଲା । ନୂତନ ଶିକ୍ଷା ଦେବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ ଶେଷ ଆଚାର୍ଯ୍ୟ ରାମାନୁଜ ରୂପେ ଅବତାର ନେଲେ । ସେ ସାଧନା କରି ଉପଲବ୍ଧି କଲେ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ସୃଷ୍ଟିକର୍ତ୍ତା ଓ ଧର୍ତ୍ତା ଭଗବାନଙ୍କୁ । ଆଚାର୍ଯ୍ୟ ଶଙ୍କର ପରାପୂର ବ୍ରହ୍ମଙ୍କୁ ଉପଲବ୍ଧି କରିଥିଲେ । ସଂସାରରୁ ପୃଥକ୍ ନିଷ୍ପ୍ରିୟ, ନିରାକାର, ନିର୍ବିଶେଷ ସତ୍ତା ରୂପେ । ଏହି ଦୁଇ ଆଚାର୍ଯ୍ୟ ଏକହିଁ ବ୍ରହ୍ମର ଦୁଇ ଭିନ୍ନ ଭିନ୍ନ ଅବସ୍ଥା ଉପଲବ୍ଧି କରିବାରୁ ଦୁହିଙ୍କ ସିଦ୍ଧାନ୍ତ ପରସ୍ପର ବିରୋଧୀ ପ୍ରତୀତ ହେଲା । ଗୋଟିଏ ସିଦ୍ଧାନ୍ତ ପ୍ରତିପାଦନ କଲେ ଅନ୍ୟଟି ସ୍ୱଭାବତଃ ଖଣ୍ଡନ ହେଲା ।

ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମ ନିରାକାର । ଆଚାର୍ଯ୍ୟ ରାମାନୁଜଙ୍କ ବ୍ରହ୍ମ ସାକାର । ତାଙ୍କର ଜଗତ୍, ନାମ ରୂପ ସବୁ ମିଥ୍ୟା ମାୟା । ରାମାନୁଜଙ୍କର ଜଗତ୍ ଭଗବାନଙ୍କ ସ୍ୱରୂପ, ସତ୍ୟ । ବିଭିନ୍ନ ନାମ, ରୂପ, ଜୀବ ଭଗବାନଙ୍କ ଅଂଶ । ଭଗବାନ୍ ଯେପରି ଶାଶ୍ୱତ ସତ୍ୟ, ଜୀବ ମଧ୍ୟ ଶାଶ୍ୱତ ସତ୍ୟ । ସଂସାରରେ ଯେତେ ଅଧ୍ୟାତ୍ମ-ସାଧନା ଏବଂ ସିଦ୍ଧାନ୍ତ, ସମସ୍ତ ଏହି ଦୁଇ ସିଦ୍ଧାନ୍ତର ଅଳ୍ପ ବିସ୍ତାର ରୂପେ ଅନ୍ତର୍ଭୁକ୍ତ । ଏହି ସିଦ୍ଧାନ୍ତ ଦାର୍ଶନିକ ଦୃଷ୍ଟିରେ ପରସ୍ପର ବିରୋଧୀ ହେଲେ ମଧ୍ୟ ଅନୁଭୂତିରେ ସତ୍ୟ । ଏହି ବିରୋଧର ସାମଞ୍ଜସ୍ୟ ହୁଏ ପୁରୁଷୋତ୍ତମଙ୍କ ସାକାର ନିରାକାର ଉଭୟ ସ୍ୱରୂପକୁ ଏକସଙ୍ଗେ ଉପଲବ୍ଧି କଲେ ।

ଆଚାର୍ଯ୍ୟ ରାମାନୁଜ ନିଜ ଦ୍ୱୈତ ସିଦ୍ଧାନ୍ତ ପ୍ରତିଷ୍ଠା କରିବାରେ ଅଦ୍ୱୈତ ସିଦ୍ଧାନ୍ତ ଖଣ୍ଡନ ହେଲା । କିନ୍ତୁ ଅଦ୍ୱୈତ ସିଦ୍ଧାନ୍ତର ଉପଲବ୍ଧି ସତ୍ୟ ଥିବାରୁ ତାହା ଲୋପ ହେଲା ନାହିଁ । ବର୍ତ୍ତମାନ ଅଛି, ଭବିଷ୍ୟତରେ ବି ରହିବ ।

କ୍ରମବିକାଶ ମାର୍ଗରେ ଜୀବ ପଶୁଠାରୁ ମନୁଷ୍ୟରେ ଉପନୀତ ହୋଇଥିଲା । କିନ୍ତୁ ତା'ର ପଶୁ ସ୍ୱଭାବ ବିଦ୍ୟମାନ ଥିବାରୁ ମାୟା, ମିଥ୍ୟା ସିଦ୍ଧାନ୍ତରେ କର୍ମ-ଜୀବନ ତଥା ସଂସାର ତ୍ୟାଗର ଆବଶ୍ୟକତା ଥିଲା । ଏହାର ଆବଶ୍ୟକତା ଥିଲା ଆଚାର୍ଯ୍ୟ ରାମାନୁଜଙ୍କ ଆସିବା ପୂର୍ବ ପର୍ଯ୍ୟନ୍ତ । ରାମାନୁଜ ଆସିବା ସମୟରେ ବିକାଶ-ଧାରା ପରିବର୍ତ୍ତିତ ହେବାକୁ ଆରମ୍ଭ କଲା । ଭଗବାନ୍ ମନୁଷ୍ୟର ମନରେ, ପ୍ରାଣରେ, ଶରୀରରେ, କର୍ମରେ, ସଂସାରରେ ପ୍ରକଟ ହେବା ସକାଶେ ଏକରୁ ବହୁ ହୋଇ ଥିଲେ । ମନୁଷ୍ୟର ଏହାହିଁ ଲକ୍ଷ୍ୟ । ସେହି ସକାଶେ ସେ ଅଜ୍ଞାତରେ ଚାହେଁ ପରମାନନ୍ଦ, ଶରୀରର ଅମରତ୍ୱ, ରୋଗ ଜରା ମୁକ୍ତ ସୁନ୍ଦର ଦିବ୍ୟ ଶରୀର । ସେ ସଂସାର ଛାଡ଼ିବାକୁ ଚାହେଁ ନାହିଁ । ସଂସାରର ସମସ୍ତ ପ୍ରାଣୀଙ୍କ ସହିତ ମୈତ୍ରୀ ଭାବରେ ଶାନ୍ତି ଚାହେଁ । ମନୁଷ୍ୟ ମୋହ, ମାୟା, ଅଜ୍ଞାନ, ଆସକ୍ତି ଆବଦ୍ଧରୁ ମୁକ୍ତ ହେଲେ ସେ ତା'ର ଚିର ଅଭିଳଷିତ ଲକ୍ଷ୍ୟ ଦିବ୍ୟ ଜୀବନ, ଦିବ୍ୟ କର୍ମ ପ୍ରାପ୍ତ କରିପାରେ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଦ୍ୱାରା ମନୁଷ୍ୟର ବିଶ୍ୱ ଚେତନା ସ୍ତରରେ ମୁକ୍ତ ଚେତନା ପ୍ରତିଷ୍ଠିତ ହୋଇ ଯିବାରୁ

ସାଂସାରିକ, ପ୍ରାଣିକ ଆସକ୍ତି – ପିତା, ମାତା, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ଏବଂ ଶରୀର ଆସକ୍ତିକୁ ଭାଗବତ ଭାବରେ ଦିବ୍ୟ ପ୍ରେମରେ ପରିବର୍ତ୍ତନ କରିବା, ସଂସାର ସ୍ୱର୍ଗରେ ପରିଣତ କରିବା ସମ୍ଭବପର ହେଲା । ସେହି ସକାଶେ ଆଚାର୍ଯ୍ୟ ରାମାନୁଜ ଏହି ଭାବରେ ପ୍ରାରମ୍ଭିକ ଶିକ୍ଷା ଦେଲେ ଯାହାର ବିକାଶରେ ମନୁଷ୍ୟର ଶାଶ୍ୱତ ଲକ୍ଷ୍ୟ ଦିବ୍ୟ ଜୀବନରେ ସେ ଉପନୀତ ହୋଇପାରେ ।

ରାମାନୁଜଙ୍କ ସିଦ୍ଧାନ୍ତରେ ଏହି ଜାଗତିକ ଜୀବ ଭଗବାନ୍ ପୁରୁଷୋତ୍ତମଙ୍କ ଅଂଶ । ଏହି ସଂସାର ଭଗବାନଙ୍କ ଦିବ୍ୟଧାମ ଗୋଲୋକ, ବୈକୁଣ୍ଠ, ସାକେତ, କୈଳାସର ସ୍ୱରୂପ ବା ପ୍ରତିନିଧି । ଅର୍ଥାତ୍ ଜୀବ ଏବଂ ସଂସାର ଶାଶ୍ୱତ ସତ୍ୟ, ମିଥ୍ୟା, ମାୟା ନୁହେଁ । ଏହି ସଂସାରରେ ରହି ଭଗବାନଙ୍କ ସହିତ ପିତା, ପୁତ୍ର, ସଖା, ସ୍ୱାମୀ ସମ୍ବନ୍ଧ ସ୍ଥାପନ କଲେ ମନୁଷ୍ୟ ଏହି ପଞ୍ଚଭୌତିକ ଶରୀର ତ୍ୟାଗ କରି ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଭଗବାନଙ୍କ ଦିବ୍ୟ ଧାମରେ ରୋଗ-ଜରା-ମୃତ୍ୟୁ ଅଧୀନରୁ ମୁକ୍ତ ଅପରିବର୍ତ୍ତନୀୟ ଏକରସ ଦିବ୍ୟ ଚିନ୍ମୟ ଶରୀରରେ ସୌନ୍ଦର୍ଯ୍ୟ, ଲାବଣ୍ୟ, ଜ୍ଞାନ, ଆନନ୍ଦାଦି ସମସ୍ତ ଦିବ୍ୟଗୁଣ ଭୂଷିତ ଷଡ଼ ଐଶ୍ୱର୍ଯ୍ୟଯୁକ୍ତ ସର୍ବଶକ୍ତିମାନ୍ ଭଗବାନଙ୍କ ସେବାରେ ଦାସ୍ୟ, ସଖ୍ୟ, ପୁତ୍ର, ପିତା, ସଖା, ସେବିକା ରୂପେ ପ୍ରାପ୍ତ ହେବେ । ସେଠାରେ ଏହି ଜାଗତିକ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥ, ଅଜ୍ଞାନ ଅନ୍ଧକାର ନ ଥାଏ । ସେଠାରେ ପ୍ରତ୍ୟେକ ପ୍ରାଣୀ ଜ୍ଞାନ, ଆନନ୍ଦ, ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଦିବ୍ୟଗୁଣଯୁକ୍ତ ଏବଂ ଭଗବାନଙ୍କ ସଦୃଶ ।

ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ ଓ ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ମଧ୍ୟରେ ଏତିକି ମାତ୍ର ପାର୍ଥକ୍ୟ ହେଉଛି, ତାଙ୍କ ସିଦ୍ଧାନ୍ତରେ ଶରୀର ତ୍ୟାଗ ପରେ ସାକେତ, ଗୋଲୋକ, ବୈକୁଣ୍ଠରେ କୈଳାସରେ ମୁକ୍ତ ଜୀବଙ୍କୁ ଭଗବତ ସେବାରେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ରୂପାନ୍ତରିତ ଶରୀରରେ ସେହି ଅବସ୍ଥା ମିଳେ । ପ୍ରତ୍ୟେକ ପୁରାତନ ଯୋଗର ସିଦ୍ଧାନ୍ତ ମନୁଷ୍ୟର ବିକାଶର ସେହି ଏକହିଁ ଲକ୍ଷ୍ୟକୁ ଅସ୍ପଷ୍ଟ ଭାବେ ସାହାଯ୍ୟ କରି ଆସୁଅଛି, କିନ୍ତୁ ଗଭୀର ଚିନ୍ତା ନ କରି କେବଳ ବାହ୍ୟ ରୂପକୁ ଦେଖିଲେ ବିରୋଧର ଭ୍ରମ ହୋଇପାରେ । କିନ୍ତୁ ରାମାନୁଜଙ୍କ ସିଦ୍ଧାନ୍ତରେ ଏପରି ନାହିଁ । ସେ ମନୁଷ୍ୟର ପରମ ଲକ୍ଷ୍ୟର ବିଶେଷ ନିକଟରେ ପହଞ୍ଚି ଥିବାରୁ ବିରୋଧିତା ପରିବର୍ତ୍ତେ ସାମଞ୍ଜସ୍ୟ ସ୍ପଷ୍ଟଭାବେ ପରିଲକ୍ଷିତ ହେଉଅଛି ।

ପୂର୍ବ ସିଦ୍ଧାନ୍ତ ସଦୃଶ ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତରେ ଜୀବ ନିର୍ବାଣ ବା ନିର୍ବିଶେଷ ସତ୍ତାରେ ଏକ ହୋଇଯିବା, କୈବଲ୍ୟ ମୁକ୍ତି ପ୍ରାପ୍ତ ହେବା ଲକ୍ଷ୍ୟ ନୁହେଁ । ସଂସାରରେ ମନୁଷ୍ୟର ପିତା, ପୁତ୍ର, ସେବକ, ସଖା, ସ୍ୱାମୀ ଇତ୍ୟାଦି ଯେଉଁସବୁ ସାଂସାରିକ ସମ୍ବନ୍ଧ ଅଛି, ସେସବୁକୁ ମନୁଷ୍ୟ ପରିବର୍ତ୍ତେ ଭଗବାନଙ୍କ ସହିତ ସ୍ଥାପନ କରିବା ଅର୍ଥାତ୍ ଭଗବାନଙ୍କୁ ପିତା, ପୁତ୍ର, ସ୍ୱାମୀ, ସଖାରୂପେ ଉପାସନା କରି ସେହି ଉପାସନା ଭାବ ଅନୁସାରେ ବ୍ୟକ୍ତି ଏହି ପଞ୍ଚଭୌତିକ ନଶ୍ୱର ଶରୀର ତ୍ୟାଗ କରି ଦିବ୍ୟ ଧାମରେ ଭଗବତ ପ୍ରାପ୍ତି ହେବା ।

ଦ୍ୱୈତ ସିଦ୍ଧାନ୍ତର ସାଧନା ପଦ୍ଧତି

ବୈଷ୍ଣବମାନଙ୍କ ଚାରି ସଂପ୍ରଦାୟ ମଧ୍ୟରେ ସୈଦ୍ଧାନ୍ତିକ ମତଭେଦ ସାମାନ୍ୟ ଥିଲେ ମଧ୍ୟ ଭଗବାନ୍ ଉପାସ୍ୟ, ଜୀବ ଉପାସକ, ଏହି ଦ୍ୱୈତବାଦ ସିଦ୍ଧାନ୍ତରେ ସବୁ ଏକମତ । ସେମାନଙ୍କ ସାଧନା ପ୍ରଣାଳୀ ବହୁ ପ୍ରକାର ଥିବା ସତ୍ତ୍ୱେ ଉପାସନା ପଦ୍ଧତିରେ ସମସ୍ତେ ଏକ । ଦ୍ୱୈତ ସାଧକମାନେ ଭଗବାନ୍ ସ୍ୱାମୀ, ନିଜକୁ ସେବକ, ଭଗବାନ୍ ସଖା, ନିଜକୁ ତାଙ୍କ ସଖା, ଭଗବାନ୍ ପିତା, ନିଜକୁ ପୁତ୍ର, ଭଗବାନ୍ ପୁତ୍ର, ନିଜକୁ ପିତା, ଭଗବାନ୍ ସ୍ୱାମୀ, ନିଜକୁ ସେବିକା ରୂପେ ଉପାସନା କରନ୍ତି । ଉପାସନା ପୂର୍ବରୁ ନିଜର ସ୍ୱରୂପ ଅର୍ଥାତ୍ ନିଜର ଶରୀର କଳ୍ପନା କରନ୍ତି । ଘରେ ଭଗବାନଙ୍କ ସ୍ୱରୂପ ଚିନ୍ତନ କରି ଧ୍ୟାନ ଅବସ୍ଥାରେ ଭିନ୍ନ ଭିନ୍ନ ରୂପେ ମାନସିକ ସେବା କରନ୍ତି ଅଥବା କୌଣସି କେନ୍ଦ୍ରରେ ଧ୍ୟାନ କରନ୍ତି । ସେମାନେ ନିଜ ଶରୀରକୁ କଳ୍ପନା କରନ୍ତି ଭଗବାନଙ୍କ ଶରୀର ସଦୃଶ ରୋଗ, ଜରା, ମୃତ୍ୟୁ, ହିଂସା ଦ୍ୱେଷ, ସ୍ୱାର୍ଥାଦି

ଅଜ୍ଞାନରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀର ରୂପେ । ଭଗବାନଙ୍କ ଶରୀର ଆଉ ସେମାନଙ୍କ ଶରୀରରେ ଏତିକି ମାତ୍ର ପ୍ରଭେଦ ଥାଏ ଯେ ଭଗବାନଙ୍କ ଚରଣରେ ଓ ହସ୍ତରେ ଥିବା ଅଙ୍କୁଶ, କୁଳିଶାଦି ଚବିଶ କିଂବା ଅଠଚାଳିଶ ଚିହ୍ନ ସେମାନଙ୍କ ନ ଥାଏ । ଭଗବାନଙ୍କର ଯାହା ସଂକଳ୍ପ ହୁଏ ତାହାହିଁ ସେମାନଙ୍କ ଦ୍ୱାରା କ୍ରିୟାରେ ପରିଣତ ହୁଏ । ସେମାନଙ୍କ ସଙ୍କଳ୍ପ ଭଗବାନଙ୍କ ସଙ୍କଳ୍ପର ବିରୁଦ୍ଧ ହୁଏ ନାହିଁ । ଏହା ଛଡ଼ା ସେମାନଙ୍କ ଶରୀର ଓ ଭଗବାନଙ୍କ ଶରୀରରେ କୌଣସି ପ୍ରଭେଦ ନ ଥାଏ । ସେମାନଙ୍କ ମନ, ପ୍ରାଣ, ଶରୀର ଦିବ୍ୟ ଥିବାରୁ ସେମାନେ ଭଗବାନଙ୍କ ସମସ୍ତ ତତ୍ତ୍ୱ ସଙ୍ଗେ ଏକ ହୋଇଥାଆନ୍ତି । ଭଗବାନଙ୍କ ସଙ୍ଗେ ପୂର୍ଣ୍ଣତଃ ଅଖଣ୍ଡ ଏକ ହେବା ସତ୍ତ୍ୱେ ସେମାନେ ଭଗବାନଙ୍କଠାରୁ ପୃଥକ୍ ଏବଂ ଭଗବାନଙ୍କ ଯନ୍ତ୍ର । ଏକହିଁ ସମୟରେ ଅଦ୍ୱୈତ ତଥା ଦ୍ୱୈତ ଭାବ ସାଧକମାନେ ମାନସ ଚେତନାର ଊର୍ଦ୍ଧ୍ୱ ଚେତନାରେ ଅନୁଭବ କରନ୍ତି । ଶରୀର ତ୍ୟାଗ କରିବା ପରେ ସେମାନେ ନିଜ ନିଜ ଉପାସନା ଅନୁସାରେ ଭଗବାନଙ୍କ ସେବା ପ୍ରାପ୍ତ ହୁଅନ୍ତି । ଦ୍ୱୈତବାଦର ଦିବ୍ୟଧାମର ମୁକ୍ତ ଅବସ୍ଥା ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତରିତ ଶରୀର ଏକ । ମନୁଷ୍ୟ ନିଜ ଲକ୍ଷ୍ୟରେ ପହଞ୍ଚିବାର ସମୟ ଆସି ନ ଥିବାରୁ ସେହି ସମୟୋଚିତ ଶିକ୍ଷା ଦେବାକୁ ଆଚାର୍ଯ୍ୟ ରାମାନୁଜ ଅସିଥିଲେ । କିନ୍ତୁ ତାଙ୍କ ସିଦ୍ଧାନ୍ତ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସିଦ୍ଧାନ୍ତର ବହୁତ ନିକଟତମ ଥିଲା ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ସିଦ୍ଧାନ୍ତ

ମନୁଷ୍ୟର ବିକାଶ-ମାର୍ଗରେ ଆଚାର୍ଯ୍ୟମାନେ ଆସି ତାକୁ ନିର୍ବାଣ, ମୁକ୍ତି, ଭକ୍ତିର ଶିକ୍ଷା ପୃଥକ୍ ପୃଥକ୍ ସମୟରେ ଦେଇଥିଲେ । ବର୍ତ୍ତମାନ ଏହିସବୁ ସିଦ୍ଧି ଏକ ସଙ୍ଗେ ପ୍ରାପ୍ତ ହେବାର ସମୟ ଆସିଛି । ତା'ର ମନ, ପ୍ରାଣ ଶରୀର ରୂପାନ୍ତରିତ ହେବ, ସେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହୋଇ ଦିବ୍ୟ ଚିନ୍ମୟ ଶରୀର ପ୍ରାପ୍ତ କରିବ; ସେ ଏକହିଁ ସଙ୍ଗେ ନିର୍ଗୁଣ, ସଗୁଣ ଉଭୟର ଧର୍ତ୍ତା ସଚ୍ଚିଦାନନ୍ଦ ତତ୍ତ୍ୱକୁ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପ୍ରକାଶ କରିବ ଏବଂ ଭକ୍ତି ଜ୍ଞାନକୁ ଏକହିଁ ସଙ୍ଗେ ଉପଲବ୍ଧ କରିବ । ଏହାର ପରିଣାମରେ ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ, ବୈର, ବିରୋଧ, ହିଂସା, ଦ୍ୱେଷ ଦୂର ହେବ । ଏହି ସଂସାର ସ୍ୱର୍ଗରେ ପରିଣତ ହେବ । ପୌରାଣିକ ଭାଷାରେ କଳି ପରେ ସତ୍ୟଯୁଗ ଆସିବ । ଏହା ହେବ ଅତିମାନସ ଶକ୍ତି ଦ୍ୱାରା । ପୂର୍ବେ ଭିନ୍ନ ଭିନ୍ନ ସମୟରେ ମନୁଷ୍ୟଜାତିର ବିକାଶ-ମାର୍ଗରେ ସାହାଯ୍ୟ କରିବା । ସକାଶେ ଆଚାର୍ଯ୍ୟମାନେ ଯେପରି ଏହି ପୃଥିବୀକୁ ଆସିଥିଲେ, ଠିକ୍ ସେହିପରି ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଂକଳ୍ପ ଅନୁସାରେ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । କେତେକ ବ୍ୟକ୍ତିଙ୍କର ମନ, ପ୍ରାଣ ସହିତ ସ୍ଥୂଳ ଶରୀର ରୂପାନ୍ତରିତ ହେବାକୁ ଆରମ୍ଭ କଲେ ପ୍ରଥମରେ ବ୍ୟକ୍ତି ରୋଗରୁ ମୁକ୍ତ ହେବ ଏବଂ ନିୟମିତ ସମୟରେ ଜରା ଦେଖାଦେବ ନାହିଁ । ଶରୀରର ପୂର୍ଣ୍ଣ ରୂପାନ୍ତର ହେଲେ ସେ ପୂର୍ଣ୍ଣତଃ ଜରା ତଥା ମୃତ୍ୟୁ ଅଧୀନରୁ ମୁକ୍ତ ହେବ । ଭକ୍ତିଯୋଗ ଦ୍ୱାରା ପରାଭକ୍ତି ପ୍ରାପ୍ତିରେ ବ୍ୟକ୍ତି ଯେଉଁ ପରମାନନ୍ଦ ଉଚ୍ଚତର ସ୍ତରରେ ଉପଲବ୍ଧ କରୁଥିଲା, ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଆତ୍ମା ପରମାତ୍ମା ସହିତ ଲୀନ ହେବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ ସତ୍ୟସତ୍ତା ଉପଲବ୍ଧ କରୁଥିଲା, ଏହି ଉଭୟ ଅଭିବ୍ୟକ୍ତି ରୂପାନ୍ତରିତ ଶରୀର, ରୂପାନ୍ତରିତ ପ୍ରାଣ, ରୂପାନ୍ତରିତ ମନରେ ଉପଲବ୍ଧ ହେବ । ଅର୍ଥାତ୍ ଶରୀର ସ୍ୱୟଂ ସଚେତ ହୋଇ ଭଗବାନଙ୍କ ସାକାର ରୂପ, ନିରାକାର ରୂପ, ଜ୍ଞାନ ଭକ୍ତି, ଏକହିଁ ସଙ୍ଗେ ଉପଲବ୍ଧି କରି ପାରିବ । ଯେଉଁ ସଚ୍ଚିଦାନନ୍ଦ ବ୍ରହ୍ମଜ୍ଞାନ-ସ୍ୱରୂପ, ପରମାନନ୍ଦ ସ୍ୱରୂପ, ଶକ୍ତି ସ୍ୱରୂପ; ସେ ଏହି ସ୍ଥୂଳ ଶରୀରରେ ପ୍ରକାଶିତ ହେବେ । ଏହାହିଁ ମନୁଷ୍ୟର ଲକ୍ଷ୍ୟ, ଏଥି ସକାଶେ ଭଗବାନ୍ ବହୁରୂପେ ପ୍ରକଟ ହୋଇ ଅଛନ୍ତି ନିଜକୁ ପ୍ରକାଶ କରିବା ସକାଶେ । ମନୁଷ୍ୟର ସ୍ଥୂଳ ଶରୀରରେ ଭଗବାନଙ୍କର ପୂର୍ଣ୍ଣ ପ୍ରକାଶ ହେଲେ ସଂସାରରୁ ପୂର୍ଣ୍ଣତଃ ଅନ୍ୟାୟ, ଅତ୍ୟାଚାର ଦୂର ହୋଇଯିବ । ପୂର୍ବେ ଯୋଗସିଦ୍ଧି ଦ୍ୱାରା ବ୍ୟକ୍ତିଗତ ରୂପେ ବହୁତ କମ୍ ଯୋଗୀ ଶରୀର ଉପରେ କେତେକ ପରିମାଣରେ ଅଧିକାର ପ୍ରାପ୍ତ କରିଥିଲେ । ରୋଗରୁ କେତେକ ପରିମାଣରେ ମୁକ୍ତ ଥିଲେ, ମୃତ୍ୟୁର ନିୟମିତ ସମୟ ଅତିକ୍ରମ କରି ଆୟୁ ବୃଦ୍ଧି କରିଥିଲେ । ସଂକଳ୍ପ

ମାତ୍ରେ ଅନ୍ୟ ସ୍ଥାନରେ ପହଞ୍ଚି ପାରୁଥିଲେ । କିନ୍ତୁ ସେମାନଙ୍କ ସ୍ଥୂଳ ଶରୀର ରୂପାନ୍ତର ହୋଇ ନ ଥିଲା । କେବଳ ଅରୂପାନ୍ତରିତ ପଞ୍ଚତତ୍ତ୍ୱ ଉପରେ ସେମାନଙ୍କର ଅଧିକାର ପ୍ରାପ୍ତ ଥିଲା । ସେମାନଙ୍କ ସଂକଳ୍ପ ଦ୍ୱାରା ତତ୍ତ୍ୱସବୁ ପୃଥକ୍ ଏବଂ ଏକତ୍ର ହୋଇପାରୁ ଥିଲା । ସେମାନଙ୍କ ସ୍ଥୂଳ ଶରୀରରେ ଭଗବାନଙ୍କର ପ୍ରକାଶ ହୋଇ ନ ଥିଲା । କାରଣ ମନ-ପ୍ରାଣ-ଶରୀର-ତତ୍ତ୍ୱ ବିଶ୍ୱ-ମନ, ବିଶ୍ୱ-ପ୍ରାଣ, ବିଶ୍ୱ ଜଡ଼-ତତ୍ତ୍ୱ ସଙ୍ଗେ ଏକ । ଏକ ବ୍ୟକ୍ତିର ଜଡ଼-ଶରୀର-ତତ୍ତ୍ୱ ରୂପାନ୍ତରିତ ହେଲେ ବିଶ୍ୱ-ଜଡ଼-ତତ୍ତ୍ୱରେ ରୂପାନ୍ତରିତ ହେବ । ଅନ୍ୟ ଯେ କେହି ବ୍ୟକ୍ତି ଚାହିଁବ ଅନାୟାସରେ ନିଜକୁ ରୂପାନ୍ତରିତ କରିପାରିବ । ଜଣଙ୍କର ରୂପାନ୍ତର ହୋଇ ସେହି କାର୍ଯ୍ୟ ବନ୍ଦ ହୋଇଯିବ ନାହିଁ । ପୁରାତନ ଯୋଗୀମାନଙ୍କର ଶରୀର ରୂପାନ୍ତରିତ ହୋଇଥିଲେ ବିଶ୍ୱରୁ ଅନ୍ୟାୟ, ଅତ୍ୟାଚାର, ହିଂସା, ଦ୍ୱେଷ ଦୂର ହୋଇ ଥାଆନ୍ତା । କାରଣ ବିଶ୍ୱର ଜଡ଼-ତତ୍ତ୍ୱ ହେଉଛି ନିଶ୍ଚେତନ । ସେହି ନିଶ୍ଚେତନା ସମସ୍ତ ଅଜ୍ଞାନ, ଅନ୍ଧକାରର ଉଦ୍‌ଗମ ସ୍ଥାନ । ଜଡ଼ ଚେତନାର ରୂପାନ୍ତରର ଅର୍ଥ ଅଜ୍ଞାନ-ଅନ୍ଧକାରର ରୂପାନ୍ତର । ତାହା ରୂପାନ୍ତରିତ ହୋଇଥିଲେ ଆଜି ସଂସାରରେ ଗୋଟିଏ ନୂତନ ରୂପାନ୍ତରିତ ମନୁଷ୍ୟଜାତି ଆମ୍ଭେମାନେ ଦେଖୁଥାଆନ୍ତୁ । କିନ୍ତୁ ତାହା ହୋଇ ନାହିଁ । ସଂସାରରେ ଯେତେ ଜନସଂଖ୍ୟା ତା' ମଧ୍ୟରୁ ଦୁଇ, ଚାରି ଜଣ ବ୍ୟକ୍ତି ଯୋଗ ଦ୍ୱାରା ରୋଗ, ଜରାରୁ ମୁକ୍ତ ହୋଇ ପରମାୟୁ ବଢ଼ାଇ ନେଲେ ତାହାଦ୍ୱାରା ସଂସାରର ଚେତନା-ସ୍ତରରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତାହା ବ୍ୟକ୍ତିଗତ ସିଦ୍ଧି । ଏପରି ଯୋଗୀଙ୍କ ନାମ ପୁସ୍ତକରେ ପଢ଼ିବା, ଲୋକମୁଖରୁ ଶୁଣିବା ଛଡ଼ା ବହୁତ କମ୍ ଲୋକ ଦେଖିଥିବେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ଯେଉଁ ରୂପାନ୍ତର ହେବ, ତାହା ଏହାଠାରୁ ସଂପୂର୍ଣ୍ଣ ପୃଥକ୍ । ଥରେ ବହୁତ କମ୍ ବ୍ୟକ୍ତିଙ୍କର ରୂପାନ୍ତର ହୋଇଗଲେ ତାହା ଏହି ସଂସାରରେ ପ୍ରତିଷ୍ଠା ହୋଇଯିବ । ଆଉ ଲୁପ୍ତ ହେବ ନାହିଁ, ବୃଦ୍ଧି ହେଉଥିବ । ପୁରାତନ ଯୋଗ ସିଦ୍ଧି ପ୍ରାପ୍ତ ଶରୀର ସମ୍ବନ୍ଧେ ପଢ଼ିବା ଶୁଣିବା ଛଡ଼ା ଯେପରି ଦେଖିବାକୁ ମିଳୁ ନାହିଁ, ସେପରି ହେବ ନାହିଁ । ଗୋଟିଏ ଅତିମାନବଜାତି ଏହି ପୃଥିବୀରେ ସ୍ଥାପିତ ହେବ । ଯେପରି ପଶୁ ଜଗତରେ ମନୁଷ୍ୟଜାତି ହୋଇଛି, ସେହିପରି ମନୁଷ୍ୟ ଜଗତରେ ଅତିମାନବ ଜାତି ସ୍ଥାପିତ ହେବ । ଯେଉଁ ବିକାଶ ଅନୁସାରେ ବ୍ରହ୍ମ ଜଡ଼ରୁ ବହୁ ଅବସ୍ଥା ଅତିକ୍ରମ କରି ବର୍ତ୍ତମାନ ମନୁଷ୍ୟରେ ପହଞ୍ଚିଅଛି, ସେହି ବିକାଶ ନିୟମରେ ବ୍ରହ୍ମ ମନୁଷ୍ୟକୁ ଅତିକ୍ରମ କରି ଅତିମାନବରେ ଅବଶ୍ୟ ପହଞ୍ଚିବ । ଏହାର ସମୟ ହୋଇଛି । ମନୁଷ୍ୟର ମନ ବିକାଶର ଶେଷ ସୀମାରେ ପହଞ୍ଚି ସାରିଲାଣି ।

ଏହି କାର୍ଯ୍ୟ କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ସଂସାରକୁ ଆସି ଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ ଏହି ବିକାଶ ମାର୍ଗରେ ସହାୟକ ମାତ୍ର । ପ୍ରତ୍ୟେକ ମନୁଷ୍ୟର ଏହା ଅନିବାର୍ଯ୍ୟ ଲକ୍ଷ୍ୟ । ବର୍ତ୍ତମାନ ବିକାଶ ଏକାବେଳେକେ ମନରୁ ଭିନ୍ନ ଅତିମାନସ ଚେତନାର ଗୋଟିଏ ନୂତନ ସ୍ତରରେ ହେଉଅଛି । ସେଠାରେ ସର୍ବସମନ୍ୱୟ । ସମସ୍ତ ସାଂପ୍ରଦାୟିକ, ଧାର୍ମିକ, ଗୁରୁବାଦର ବ୍ୟକ୍ତି ଏହି ଲକ୍ଷ୍ୟ ଗ୍ରହଣ କରିବାରେ ସେମାନଙ୍କ ପୁରାତନ ସାଧନା, ସିଦ୍ଧାନ୍ତ, ଗୁରୁନିଷ୍ଠା, କିଛି ବି ତ୍ୟାଗ କରିବାକୁ ହୁଏ ନାହିଁ । ବରଂ ଶରୀର ତ୍ୟାଗ କରିବା ପରେ ଯେଉଁ ଲକ୍ଷ୍ୟ ପ୍ରାପ୍ତି କରିବା ଉଦ୍ଦେଶ୍ୟ ଥାଏ, ତାହା ଏହି ରୂପାନ୍ତରିତ ଶରୀରରେ ପ୍ରାପ୍ତି ହୁଏ ।

ଯେପରି ଅଦ୍ୱୈତ ସିଦ୍ଧାନ୍ତର ଲକ୍ଷ୍ୟ — ନିର୍ବିଶେଷ ସତ୍ତାରେ ଆତ୍ମଚେତନା ଏକ ହୋଇଯିବା । ତାହା ଅନିର୍ବଚନୀୟ ଆନନ୍ଦ । ଆନନ୍ଦ ଅନିର୍ବଚନୀୟର ଅର୍ଥ ସେଠାରେ ଅନୁଭୂତ ହୁଏ । ସେସ୍ତରରେ ଅନୁଭୂତ ହେବା ସତ୍ତ୍ୱେ ଦ୍ୱୈତତା ନ ଥାଏ । କିନ୍ତୁ ମନ ସ୍ତରରେ ଭୌତିକ ଶବ୍ଦ ଦ୍ୱାରା ତାହା ପ୍ରକାଶିତ ହୋଇ ପାରେ ନାହିଁ । କାରଣ ମାନସ ସ୍ତର ଏବଂ ସଚ୍ଚିଦାନନ୍ଦ ମଧ୍ୟରେ କୌଣସି ସେତୁ ନ ଥାଏ, ଏହାଠାରୁ ତାହା ସଂପୂର୍ଣ୍ଣ ବିଜାତୀୟ; ସେନେଇ ସେହି ଅନୁଭୂତିରୁ ଭୌତିକ ଚେତନା ବଞ୍ଚିତ ରହେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଆତ୍ମା ପରମାତ୍ମା ସଙ୍ଗେ ମିଳନ ଯେଉଁ ସ୍ତରରେ ହୁଏ, ସେହି ସ୍ତରର ଚେତନା ଏହି ମନ-ପ୍ରାଣ-ଶରୀର ସ୍ତରକୁ ଆଣି ଏସବୁକୁ ସେହି ଚେତନାରେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରି ଦିଆହୁଏ । ସେଥିପାଇଁ ରୂପାନ୍ତରିତ ଶରୀରର ମନ-ପ୍ରାଣରେ ସେହି ଅନିର୍ବଚନୀୟ ଆନନ୍ଦ ଅନୁଭବ ହେବା ସତ୍ତ୍ୱେ ଅଦ୍ୱୈତତା ଥାଏ । ସେହି ଏକହିଁ ସଙ୍ଗେ ଏକତ୍ୱ ତଥା ପୃଥକତ୍ୱ ଥାଏ । ଏହା ହୁଏ ମନ ସ୍ତରର ଚେତନା ଅତିମାନସ ଚେତନାରେ ରୂପାନ୍ତର ହେଲେ । ସେହି ଏକହିଁ ସଙ୍ଗେ ସଂସାରରୁ ଅନ୍ଧକାର ଶକ୍ତି ଅପସାରିତ ହୁଏ ଏବଂ

ସଂସାର ସ୍ୱର୍ଗରେ ପରିଣତ ହୁଏ – ଏହା ଏକାବେଳେକେ ନୂତନ ହେବା ସତ୍ତ୍ୱେ କୌଣସି ପୁରାତନ ଯୋଗର ଲକ୍ଷ୍ୟର ବିରୋଧୀ ନୁହେଁ, ବରଂ ପରିପୂରକ ତଥା ଯୁକ୍ତିଯୁକ୍ତ । ଏହାର ପ୍ରମାଣ ସ୍ୱରୂପ ଶ୍ରୀଅରବିନ୍ଦ ଆଶ୍ରମରେ ବୌଦ୍ଧ, ଜୈନ, ଶଙ୍କରପନ୍ଥୀ, ଅଦ୍ୱୈତବାଦୀ ସନ୍ନ୍ୟାସୀ, ଚାରି ସମ୍ପ୍ରଦାୟର ବୈଷ୍ଣବ, ଆର୍ଯ୍ୟସମାଜୀ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଆମେରିକାନ୍, ଇଂରେଜ, ଜର୍ମାନ୍, ଚୀନା ଓଗେର ସମସ୍ତ ଜାତି, ସମସ୍ତ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ଏକତ୍ର ହୋଇ ସାଧନା କରୁଅଛନ୍ତି । ଏଠାରେ ରୁଚିଗତ ଗୁରୁବାଦର ପ୍ରଶ୍ନ ନାହିଁ । କାହାରିକୁ ଦୀକ୍ଷା ଦିଆହୁଏ ନାହିଁ । ମା' ସାଧକମାନଙ୍କୁ ସେମାନଙ୍କ ସାଧନାରେ ସାହାଯ୍ୟ କରନ୍ତି । ସାଧକମାନେ ନିଜ ଆନ୍ତରିକତାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମା'ଙ୍କ ପ୍ରତି ଭିନ୍ନ ଭିନ୍ନ ଭାବ ରଖନ୍ତି ଏବଂ ନିଜ ନିଜର ଗ୍ରହଣଶୀଳତା ଅନୁସାରେ ତାଙ୍କ ସାହାଯ୍ୟ ପାଆନ୍ତି । ଶ୍ରୀଅରବିନ୍ଦ ସ୍ୱୟଂ କହିଛନ୍ତି :

"And it shall also be a sign of the teacher of the integral Yoga that he does not arrogate to himself Guruhood in a vain and self-exalting spirit. His work, if he has one, is a trust from above, he himself a channel, a vessel or a representative. He is a man helping his brothers, a child leading children, a light kindling other lights, an awakened soul awakening souls, at highest a power or presence of the Divine calling to him other powers of the Divine."

''ପୂର୍ଣ୍ଣଯୋଗର ଶିକ୍ଷକଙ୍କର ଆହୁରି ଗୋଟିଏ ଲକ୍ଷଣ ଏହାହିଁ ହେବ ଯେ ସେ ମାନବସୁଲଭ ଅହଂକାର ଓ ଆତ୍ମପ୍ରଶସ୍ତିର ଭାବ ନେଇ ଗୁରୁଙ୍କ ଆସନ ଗ୍ରହଣ କରିବେ ନାହିଁ । ତାଙ୍କର ଯାହାକିଛି କରଣୀୟ କାର୍ଯ୍ୟ, ତାହା ହେଲା ଊର୍ଦ୍ଧ୍ୱରୁ ନ୍ୟସ୍ତ କାର୍ଯ୍ୟଭାର; ସେହି କାର୍ଯ୍ୟଭାରର ସେ ହେଲେ ପ୍ରଣାଳୀ ବା ଆଧାର ବା ପ୍ରତୀକ । ସେ ମାନବ, ସେ ନିଜର ମାନବ ଭ୍ରାତାମାନଙ୍କୁ ସାହାଯ୍ୟ କରୁଅଛନ୍ତି – ସେ ଶିଶୁ, ସେ ଅପର ଶିଶୁମାନଙ୍କୁ ପଥ ଦେଖାଇ ନେଇ ଯାଉଅଛନ୍ତି – ସେ ଦୀପ, ଯେ ଅନ୍ୟ ଦୀପମାନଙ୍କୁ ପ୍ରଦୀପ୍ତ କରୁଅଛନ୍ତି – ସେ ଜାଗ୍ରତ୍ ଆତ୍ମା, ଯେ ଅପର ଆତ୍ମାଚୟଙ୍କୁ ଜାଗ୍ରତ୍ କରାଉଅଛନ୍ତି – ଅଥବା ସବୁଠାରୁ ବେଶୀ କହିବାକୁ ହେଲେ, ସେ ଭାଗବତ ଶକ୍ତିର ବା ଭାଗବତ ସାନ୍ନିଧ୍ୟର ପ୍ରତୀକ, ଯେ ଅନ୍ୟାନ୍ୟ ଦିବ୍ୟଶକ୍ତିରାଜିଙ୍କୁ ନିଜ ଆଡ଼କୁ ଡାକୁଅଛନ୍ତି ।''

ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗସାଧକମାନଙ୍କର ସମନ୍ୱୟ ହେବାର ଅନ୍ୟ ଦିଗ ହେଲା– ସେମାନଙ୍କୁ ପ୍ରଥମ ସାଧନା ଏବଂ ଲକ୍ଷ୍ୟ ବର୍ଜନ କରି ଅନ୍ୟ ନୂତନ ସାଧନ ପ୍ରଣାଳୀ ଏବଂ ଲକ୍ଷ୍ୟ ଗ୍ରହଣ କରିବାକୁ ହୁଏ ନାହିଁ । ଏହି ଯୋଗର ଲକ୍ଷ୍ୟ ସିଦ୍ଧି ପୂର୍ବରୁ ଯେପରି ଅଦ୍ୱୈତ ସିଦ୍ଧି, ଭଗବତ୍ ସିଦ୍ଧି ପ୍ରାପ୍ତ ହୁଏ, ସେହିପରି ପୁରାତନ ସାଧନ ପ୍ରଣାଳୀ, ସମର୍ପଣ, ତ୍ୟାଗ, ଅଭୀପ୍ସା, କୁଣ୍ଡଳିନୀ ଶକ୍ତିର ଜାଗୃତି, ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ ପଦ୍ଧତିର ମଧ୍ୟ ସମାବେଶ ଥାଏ । ଏହି କ୍ରିୟା ମଧ୍ୟରେ ନୂତନତ୍ୱ କେବଳ ରୂପାନ୍ତରକାରିଣୀ ଅତିମାନସ ଶକ୍ତି । ଯଥାର୍ଥରେ ଭାଗବତୀ ଶକ୍ତିଠାରୁ ଅତିମାନସ ଶକ୍ତି ପୃଥକ୍ ନୁହେଁ, ତା'ର ଅନ୍ୟ ରୂପ । ତାହାର ପ୍ରକାଶ ହୋଇ ନ ଥିଲା । ପୁରାତନ ଯୋଗ ସାଧନା ତଥା ସିଦ୍ଧି, ସମସ୍ତ ଶ୍ରୀଅରବିନ୍ଦଙ୍କ ଯୋଗରେ ସମାବିଷ୍ଟ ଥିବାରୁ ଏହା ସମସ୍ତ ଯୋଗକୁ ଆଲିଙ୍ଗନ କରି ପୂର୍ଣ୍ଣ ରୂପ ଦିଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ସଂକୀର୍ଣ୍ଣତା, ସୀମିତତାର ସ୍ଥାନ ଏକାବେଳେକେ ନାହିଁ । ଏହା ସମଗ୍ର ମାନବଜାତି ସକାଶେ ।

ପୁରାତନ ଯୋଗର ସନ୍ନ୍ୟାସ, ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର

ପୁରାତନ ସମସ୍ତ ଯୋଗର ଲକ୍ଷ୍ୟ ଥିଲା ତ୍ୟାଗ (ସନ୍ନ୍ୟାସ) । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମନ, ପ୍ରାଣ, ଶରୀରର ରୂପାନ୍ତର । ଏହି ସିଦ୍ଧାନ୍ତ ଏତେ ସ୍ପଷ୍ଟହେବା ସତ୍ତ୍ୱେ ପୁରାତନ ସଂସ୍କାରବଶତଃ ଏହାର ପାର୍ଥକ୍ୟକୁ ବ୍ୟକ୍ତି ବୁଝିପାରୁ ନାହାନ୍ତି କିଂବା ସ୍ପଷ୍ଟରୂପେ ବ୍ୟକ୍ତ କରିପାରୁ ନାହାନ୍ତି । ପୁରାତନ ସମସ୍ତ ଯୋଗରେ ଜୀବନ ତଥା ସଂସାର

ତ୍ୟାଗ, ମୃତ୍ୟୁପରେ ନିର୍ବାଣ, କୈବଲ୍ୟ ମୁକ୍ତି ପ୍ରାପ୍ତି ଅଥବା ଦିବ୍ୟ ଚିନ୍ମୟ ସ୍ୱରୂପରେ ଗୋଲୋକ, ସାକେତ, ବୈକୁଣ୍ଠ, କୈଳାସରେ ଭଗବତ ପ୍ରାପ୍ତି, ଏହାହିଁ ଥିଲା ଲକ୍ଷ୍ୟ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ଭୌତିକ, ନାଶବାନ୍ ଜଡ଼ ଶରୀରର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର; ରୋଗ, ଜରା, ମୃତ୍ୟୁରୁ ମୁକ୍ତି; ସଂସାରର ଦିବ୍ୟ ସ୍ୱରୂପରେ ପରିଣତି — ଏହା ହେଲା ଲକ୍ଷ୍ୟ । ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗରେ ଏହାହିଁ ପାର୍ଥକ୍ୟ ।

ପ୍ରଶ୍ନ : ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ ସୈଦ୍ଧାନ୍ତିକ ରୂପେ କହିଦେଲେ । କିନ୍ତୁ କ୍ରିୟାତ୍ମକ ରୂପେ ଆମେ ଦେଖୁଛୁ, ପୁରାତନ ଯୋଗର ସାଧକ ଘର, ପରିବାର, ବିଷୟ ଭୋଗବିଳାସସବୁ ତ୍ୟାଗ କରି ସଂସାରରୁ ପୃଥକ୍ ହୋଇ ଜଙ୍ଗଲରେ ଏକାକୀ ନିବାସ କରି ସାଧନା କରୁଥିଲେ କିଂବା ସଂସାରରୁ ପୃଥକ୍ ହୋଇ ସାମୂହିକ ରୂପେ କେତେକ ବ୍ୟକ୍ତି ସହିତ ଗୋଟିଏ ଆଶ୍ରମରେ ରହି ସାଧନା କରି ସିଦ୍ଧି ପ୍ରାପ୍ତ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ବ୍ୟକ୍ତି ଘର, ପରିବାର ତ୍ୟାଗ କରି — ସେମାନଙ୍କଠାରୁ ସମ୍ବନ୍ଧ ବିଚ୍ଛିନ୍ନ କରି ଆଶ୍ରମରେ ରହି ସାଧନା କରୁଛନ୍ତି । ଯେଉଁମାନେ ଘର, ପରିବାର ତ୍ୟାଗ କରିବାରେ ଅସମର୍ଥ ଥିଲେ ସେମାନେ ପରିବାର ସହିତ ରହି, ଗୃହ-ସଂସାର କରି ସାଧନା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ଏହିପରି ହେଉଛି । ପୂର୍ବ ଯୋଗରେ ଭିନ୍ନଭିନ୍ନ ସ୍ଥାନରେ ମଠ ଥିଲା, ଭାଗବତ ଟୁଙ୍ଗି ଥିଲା, କୀର୍ତ୍ତନମଣ୍ଡଳୀ ଥିଲା; ସଂଧ୍ୟା ସମୟରେ ସେଠାରେ ବ୍ୟକ୍ତି ଏକତ୍ରିତ ହୋଇ ଭାଗବତ ଚର୍ଚ୍ଚା ଓ କୀର୍ତ୍ତନ ଇତ୍ୟାଦି କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ହେଉଛି । କେବଳ ନାମ ରଖାହୋଇଛି ପାଠଚକ୍ର । ପୁରାତନ ଯୋଗରେ ଉଚ୍ଚକୋଟୀର ସାଧକମାନେ ଭ୍ରମଣ କରୁଥିଲେ, ଗ୍ରାମରେ ଯାଇ ଉପଦେଶ ଦେଉଥିଲେ କିଂବା ଗ୍ରାମର ଲୋକେ ସଚ୍ଚମାନଙ୍କ ଆଶ୍ରମକୁ ଯାଇ ମହାତ୍ମାମାନଙ୍କୁ ଦର୍ଶନ କରୁଥିଲେ ଏବଂ ଅଧ୍ୟାତ୍ମ-ପ୍ରେରଣା ପାଉଥିଲେ । ଠିକ୍ ଏହି ଏକହିଁ ପ୍ରକାର ଶ୍ରୀଅରବିନ୍ଦଙ୍କ ଯୋଗରେ । ଏଥିରେ କୌଣସି ପ୍ରକାର ପାର୍ଥକ୍ୟ ଦେଖାଯାଉ ନାହିଁ ।

ଉତ୍ତର : ଅଜ୍ଞାନ, ଆସକ୍ତି, ବାସନା, କାମନାର ଭୋଗବିଳାସ ଏବଂ ପରମ ଜ୍ଞାନ ପରମାନନ୍ଦ ସ୍ୱରୂପ ଭଗବତ୍ ପ୍ରାପ୍ତି, କୌଣସି ଯୋଗରେ ଏହି ଉଭୟ ବିରୋଧୀ ବସ୍ତୁ ଏକସଙ୍ଗେ ରହିବା ସମ୍ଭବ ନୁହେଁ । ଅନ୍ଧକାର ଓ ଆଲୋକ ଯେପରି ଏକସଙ୍ଗେ ରହିପାରେ ନାହିଁ, ସେହିପରି ପିତା, ମାତା, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ପ୍ରତି ଅଜ୍ଞାନପ୍ରସୂତ ମୋହ, ଆସକ୍ତି, ଜାଗତିକ ସମ୍ବନ୍ଧ ଏବଂ ଜ୍ଞାନ, ଆନନ୍ଦ, ପ୍ରେମ ସ୍ୱରୂପ ଭଗବତ୍ ପ୍ରାପ୍ତି ଏକସଙ୍ଗେ ରହିପାରେ ନାହିଁ । ପୁରାତନ ଯୋଗର ସନ୍ନ୍ୟାସ ତ୍ୟାଗ ମାର୍ଗ ହେଉ କିଂବା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସାଧନ ହେଉ, ଉଭୟ ଯୋଗରେ ଅଜ୍ଞାନ ଆସକ୍ତି ତ୍ୟାଗ ଅପରିହାର୍ଯ୍ୟ । ବ୍ୟକ୍ତି ଗୃହରେ ରହି ସାଧନା କରନ୍ତୁ ଅଥବା ଗୃହ ତ୍ୟାଗ କରି ସାଧନା କରନ୍ତୁ, ଉଭୟ ଅବସ୍ଥାରେ ଆସକ୍ତି, କାମନା, ବାସନା ତ୍ୟାଗ କରିବାକୁହିଁ ହୁଏ । ଉଭୟ ପ୍ରକାର ଯୋଗରେ କେବଳ ଅଜ୍ଞାନର ଯୋଗ ସମାନ ହେବା ସତ୍ତ୍ୱେ ଏହି ତ୍ୟାଗର ଉପଯୋଗିତାରେ ଏକଠାରୁ ଅନ୍ୟଟି ସଂପୂର୍ଣ୍ଣ ବିପରୀତ । ଯେପରି ଜଣେ ନଦୀରେ ପ୍ରାଣ ବିସର୍ଜନ ସକାଶେ ଅଗାଧ ଜଳକୁ ଡେଇଁ ପଡ଼େ, ଅନ୍ୟଜଣେ କୌଣସି ବ୍ୟକ୍ତିକୁ ଉଦ୍ଧାର କରିବା ସକାଶେ ମଧ୍ୟ ଜଳକୁ ଡେଇଁ ପଡ଼େ । ଏହି ଦୁଇଜଣଙ୍କର କ୍ରିୟା ଏକ ପ୍ରକାର ପ୍ରତୀତ ହେଲେ ମଧ୍ୟ ପରିଣାମ ଏକାବେଳେକେ ବିପରୀତ ।

ପୁରାତନ ସମସ୍ତ ଯୋଗୀ ଅଜ୍ଞାନର ତ୍ୟାଗ ସହିତ ଅଜ୍ଞାନ ପଶ୍ଚାତରେ ଥିବା ଜ୍ଞାନକୁ ମଧ୍ୟ ତ୍ୟାଗ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ଅଜ୍ଞାନକୁ ତ୍ୟାଗ କରି ଅଜ୍ଞାନ ପଶ୍ଚାତରେ ଥିବା ଜ୍ଞାନ ଆବିଷ୍କାର କରନ୍ତି । ଆଚାର୍ଯ୍ୟ ଶଙ୍କର ମାୟା କହି ଯେପରି ସଂସାର ତ୍ୟାଗ କରିଛନ୍ତି, ଅନ୍ୟାନ୍ୟ ଆଚାର୍ଯ୍ୟମାନେ ସଂସାରକୁ ସତ୍ୟ କହି ମଧ୍ୟ ତ୍ୟାଗ କରିଛନ୍ତି । ସମସ୍ତ ପୁରାତନ ଯୋଗର ସିଦ୍ଧାନ୍ତ ଭିନ୍ନ ଭିନ୍ନ ଥିବା ସତ୍ତ୍ୱେ ସଂସାର ତ୍ୟାଗ ଦୃଷ୍ଟିରୁ ସମସ୍ତେ ଏକ । ସମସ୍ତ ପୁରାତନ ଯୋଗୀ ଦୃଶ୍ୟମାନ ସଂସାରର ମଧ୍ୟରେ ଥିବା ଅଖଣ୍ଡ ସତ୍ୟର ଆବିଷ୍କାର କରିପାରି ନାହାନ୍ତି ।

ପ୍ରଶ୍ନ : ଆଚାର୍ଯ୍ୟ ଶଙ୍କର ଜଗତକୁ ଏକାବେଳେକେ ମାୟା କହି ନାହାନ୍ତି । ସେ କହିଛନ୍ତି ଦୃଶ୍ୟମାନ ବୈଚିତ୍ର୍ୟ — ବିଭିନ୍ନ ବ୍ୟକ୍ତି, ମନୁଷ୍ୟ, ପଶୁ ଇତ୍ୟାଦି ଏହି ଯେଉଁ ପୃଥକତ୍ୱ ଏହିସବୁ ମିଥ୍ୟା । ଏହାର ପଶ୍ଚାତରେ ରହିଅଛି ଏକ ଅଖଣ୍ଡ ସତ୍ୟ ସତ୍ତା । ଆଚାର୍ଯ୍ୟ ଶଙ୍କର ବିଭିନ୍ନ ସ୍ଥାନରେ ଜଗତକୁ ମାୟା ବୋଲି ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି ତାହା

ତାଙ୍କର ସିଦ୍ଧାନ୍ତ ନୁହେଁ । ତାହା ସବୁ ପ୍ରସଙ୍ଗର ଅନୁରୂପ ଶବ୍ଦ, ଭିନ୍ନ ଅର୍ଥରେ ବ୍ୟବହାର କରାହୋଇଛି । ଯେପରି ସେ ଗଙ୍ଗା, କାଶୀ, ଶ୍ରୀରାମଙ୍କୁ ବନ୍ଦନା କରିଛନ୍ତି । ବନ୍ଦନା ଅଥବା ଭକ୍ତି କରିବା ଦ୍ୱୈତତା । ସେହି ବନ୍ଦନାକୁ ନେଇ ଯେପରି ତାଙ୍କ ସିଦ୍ଧାନ୍ତ ସିଦ୍ଧ କରାଯାଏ ନାହିଁ, ସେହିପରି ତାଙ୍କ ମାୟା ଶବ୍ଦର ଅର୍ଥ ଜଗତକୁ ଏକାବେଳେକେ ମାୟା କୁହାଯାଇ ପାରେ ନାହିଁ ।

ଉତ୍ତର : ପୂଜ୍ୟ ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମସୂତ୍ରର ଶଙ୍କର-ଭାଷ୍ୟ ରଚନା ହେବା ଦିନଠାରୁ ଆଜିକୁ ଦେଢ଼ଶହ ଦୁଇଶହ ବର୍ଷ ପୂର୍ବ ପର୍ଯ୍ୟନ୍ତ ଶଙ୍କରଙ୍କର ମାୟାବାଦ ବରାବର ପ୍ରଚଳିତ ଥିଲା । ଆଜି ପର୍ଯ୍ୟନ୍ତ ବି ଶଙ୍କରଙ୍କ ସଂପ୍ରଦାୟର ସଂସ୍କୃତ ମୂଳ ଭାଷ୍ୟ ଛାଡା ବିରାଗୀ ବିଦ୍ୱାନ୍ ମହାତ୍ମା ସନ୍ନ୍ୟାସୀମାନେ ସଂସାରକୁ ମିଥ୍ୟା ମାନି ଆସୁଛନ୍ତି । ସେମାନେ କହନ୍ତି, ''ସଂସାର ତ୍ରିକାଳରେ ମିଥ୍ୟା, କେବେ ବି ସତ୍ୟ ନୁହେଁ ।'' 'ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ'— ଏହି ସୂତ୍ର ମାୟାବାଦର ଭିତ୍ତି । ଆଚାର୍ଯ୍ୟ ଶଙ୍କର ସ୍ୱୟଂ ସଂସାରକୁ ମାୟା ବ୍ୟାଖ୍ୟା କରିବାକୁ ଯାଇ 'ରଜ୍ଜୁ ସର୍ପବତ୍, ମୃଗତୃଷ୍ଣା ଜଲବତ୍, ଶୁକ୍ତିକା ରଜତବତ୍' ଉପମା ଦେଇଛନ୍ତି । ଦଉଡ଼ିରେ ସର୍ପ ଭ୍ରମ, ମୃଗତୃଷ୍ଣାରେ ଜଳ ଭ୍ରମ, ଶାମୁକାରେ ରୁପାର ଭ୍ରମ, ଶଙ୍କରଙ୍କର ଏହି ଉପମାସବୁକୁ ନେଇ ଶ୍ରୀ ରାମାନୁଜାଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତକୁ ଖଣ୍ଡନ କରିଅଛନ୍ତି । ସେ ଯୁକ୍ତି ଦେଇଛନ୍ତି ଯଦି ସର୍ପ, ଜଳ, ରୁପା ନ ଥା'ନ୍ତା ତେବେ ଦଉଡ଼ି, ଶାମୁକା, ମୃଗତୃଷ୍ଣାରେ ସେସବୁ ବସ୍ତୁର ଭ୍ରମ କିପରି ହୁଅନ୍ତା ? ବସ୍ତୁତଃ ଭ୍ରମହିଁ ମିଥ୍ୟା, ଜଗତ୍ ମିଥ୍ୟା ନୁହେଁ । ଅଦ୍ୱୈତ ସିଦ୍ଧାନ୍ତର ବ୍ୟାଖ୍ୟାରେ ସଂସାର ଏକାବେଳେକେ ମାୟା, ମିଥ୍ୟା ହେଉ ବା ବ୍ୟାବହାରିକ ସତ୍ୟ ହେଉ କିଂବା ଦୃଶ୍ୟମାନ ବସ୍ତୁର ପଶ୍ଚାତରେ ସତ୍ୟସତ୍ତା ନିହିତ ଥାଉ, କେବଳ ଶବ୍ଦ ପୃଥକ୍ କହିପାରନ୍ତି କିନ୍ତୁ ତତ୍ତ୍ୱତଃ ଏକ ବସ୍ତୁ – ସଂସାର ଅସତ୍, ନା ରୂପବିଶିଷ୍ଟ ପୃଥକତ୍ୱ ମାୟା, ସ୍ୱପ୍ନବତ୍, ଭ୍ରମ । ପୁରାତନ ଯୋଗୀମାନେ ସଂସାର ଓ ଶରୀର ତ୍ୟାଗକରି ମୁକ୍ତି ଅଥବା ଭଗବତ୍ ପ୍ରାପ୍ତି କରିଅଛନ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ଏହି ସିଦ୍ଧାନ୍ତର ପୂର୍ଣ୍ଣ ରୂପେ ବିପରୀତ – ସଂସାର ସତ୍ୟ; ମନ, ପ୍ରାଣ, ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଏକ ସଙ୍ଗେ ସାକାର, ନିରାକାର ଏବଂ ଏହାର ପରେ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧ କରେ । ସଂପୂର୍ଣ୍ଣ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବା ସତ୍ତ୍ୱେ ସେ ଭଗବାନଙ୍କ ଯନ୍ତ୍ରରୂପେ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୁଏ । ଅଦ୍ୱୈତ ସିଦ୍ଧାନ୍ତରେ ବ୍ରହ୍ମ ସହିତ ଜୀବ ଏକ ହୋଇ ଯିବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ, ଭଗବତ୍ ଉପାସନାରେ ଯେଉଁ ପରାଭକ୍ତି ପରମାନନ୍ଦ ତାହା ଏକହିଁ ସମୟରେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଉପଲବ୍ଧ ହୁଏ । ଏହିପରି ଦିବ୍ୟମାନବ ଏହି ପୃଥିବୀରେ ପ୍ରତିଷ୍ଠିତ ହେଲେ ସଂସାରରୁ ହିଂସା, ଦ୍ୱେଷ, ବୈର, ବିରୋଧାଦି ଦ୍ୱନ୍ଦ୍ୱ ଲୁପ୍ତ ହୁଏ, ସଂସାର ସ୍ୱର୍ଗରେ ପରିଣତ ହୁଏ । ପୁରାତନ ଯୋଗରେ ସଂସାର ଓ ଶରୀର ତ୍ୟାଗ କରିବା ପରେ ଯେଉଁ ମୁକ୍ତି, ଭଗବତ୍ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ତାହା ରୂପାନ୍ତରିତ ଶରୀରରେ ପ୍ରାପ୍ତ ହୁଏ । ପୁରାତନ ଯୋଗରେ ବ୍ୟକ୍ତି ମୁକ୍ତ ହୁଅନ୍ତି, ସଂସାର ଯେଉଁ ଦୁଃଖ କଷ୍ଟରେ ଥାଏ ତାହା ସେହିପରି ରହିଯାଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିର ରୂପାନ୍ତର ସଙ୍ଗେ ଜଗତରୁ ଦୁଃଖକଷ୍ଟ ଦୂର ହୁଏ । ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଏହାହିଁ ପାର୍ଥକ୍ୟ ।

ପ୍ରଶ୍ନ : ପ୍ରାଣୀମାନଙ୍କ ଦୁଃଖ-କଷ୍ଟର ଧାରଣାହିଁ ଦ୍ୱୈତତା । ପୃଥକ୍ ପ୍ରାଣୀ ଭାବନା ହେଲେ ସେମାନଙ୍କର ଦୁଃଖକଷ୍ଟର ଧାରଣା ହୋଇପାରେ । ବ୍ୟକ୍ତି ଅନିର୍ବଚନୀୟ ଅଦ୍ୱୈତ ସତ୍ତାରେ ଏକ ହେବା ଅର୍ଥ ପରମାନନ୍ଦ, ପରମ ସତ୍ୟ ସଙ୍ଗେ ଏକ ହୋଇଯିବା । ସେ ଅବସ୍ଥା କେବଳ ଆନନ୍ଦହିଁ ଆନନ୍ଦ । କେବଳ ଅନୁଭୂତି ଯୋଗ୍ୟ । ସେହି ଆନନ୍ଦକୁ ବ୍ୟକ୍ତି ବ୍ୟକ୍ତ କରିବାରେ ଅସମର୍ଥ । ସେ ଅବସ୍ଥାରେ ବୈଚିତ୍ର୍ୟ ଏବଂ ଦୁଃଖ-କଷ୍ଟସବୁ ମିଥ୍ୟା, ମାୟା, ସ୍ୱପ୍ନ । ପୃଥକତ୍ୱର ଯଦି ଅସ୍ତିତ୍ୱହିଁ ନାହିଁ, ତେବେ ଦୁଃଖ-କଷ୍ଟ ଆସିବ କେଉଁଠୁ ? ଦୁଃଖ-କଷ୍ଟର ଧାରଣାହିଁ ଭ୍ରମ, ଅଜ୍ଞାନ । ମାୟା ଭ୍ରମାତ୍ମକ ଶରୀର-ମନ-ପ୍ରାଣକୁ ରୂପାନ୍ତର କରିବାହିଁ ମାୟା, ଅଜ୍ଞାନ ।

ଉତ୍ତର : ଅନୁଭବପ୍ରାପ୍ତ ଯୋଗୀର ଏହା ହୋଇପାରେ, କିନ୍ତୁ କ୍ୟାନସର ରୋଗୀର ଗଳା, ପେଟ ଅପରେସନ ହୋଇଥିବା ଅବସ୍ଥାରେ ତାହାର ଯେଉଁ ଯନ୍ତ୍ରଣା ହୁଏ ତା'ର ଏହି ଅନୁଭୂତି ଦ୍ୱାରା କିଛି ଲାଭ ହୁଏ କି ? ତା' ସମ୍ମୁଖରେ ଜ୍ଞାନୀ ଯୋଗୀ ଯଦି କହିବେ, ''ମୁଁ ନିର୍ବିଶେଷ ସତ୍ତାରେ ଏକ ହୋଇ ଅନୁଭବ କରିଛି – ସଂସାର ପୃଥକତ୍ୱ, ଦୁଃଖ-କଷ୍ଟ ସବୁ ମିଥ୍ୟା-ମାୟା ତୁମର ଯନ୍ତ୍ରଣା କେବଳ ଭ୍ରମ ମାତ୍ର'', ତେବେ ଏହି ଉକ୍ତି ସେହି ରୋଗୀ ସକାଶେ ଯେପରି ନିରର୍ଥକ, ସେହିପରି ସଂସାର ମିଥ୍ୟା, ବ୍ୟକ୍ତିତ୍ୱ, ଦୁଃଖ-କଷ୍ଟ ମିଥ୍ୟା ସିଦ୍ଧାନ୍ତ, ସଂସାରରେ ଦୁଃଖ-କଷ୍ଟ ଭୋଗୁଥିବା ବ୍ୟକ୍ତିଙ୍କ ସକାଶେ ମୂଲ୍ୟହୀନ ।

ବ୍ୟକ୍ତି ଖାଇବାକୁ ନ ପାଇ ଛଟପଟ ହୋଇ ତା'ର ଜୀବନ ଯାଉଥାଏ, କ୍ଷୁଧାରେ ଉଦର ଜଳୁଥିବା ସତ୍ତ୍ୱେ ବ୍ୟକ୍ତିର କଣ୍ଠରେ ଘା'ର ଯନ୍ତ୍ରଣା ଯୋଗୁଁ ଭୋଜନ କରି ପାରୁ ନ ଥାଏ, ଯୁଦ୍ଧରେ ହସ୍ତ ପଦରେ ଗୁଳି ଲାଗି ଦାରୁଣ ବ୍ୟଥାରେ ଜଳ ଅଭାବରେ ତା'ର କଣ୍ଠ ଶୁଖି ସେ ଯନ୍ତ୍ରଣା ଭୋଗକରେ । ପତି-ସ୍ତ୍ରୀ ମଧ୍ୟରେ ବୈମନସ୍ୟ, ପିତା ପୁତ୍ର ମଧ୍ୟରେ ବିବାଦ, ମିଥ୍ୟା କଳଙ୍କର ଅପବାଦ, ନିର୍ଦୋଷ ଦେଶ ଉପରେ ଦୁଷ୍ଟଦେଶର ଆକ୍ରମଣ ତଥା ଯୁବତୀ ସ୍ତ୍ରୀ, ଯୁବତୀ କନ୍ୟା, ମା'ମାନଙ୍କର ଅପମାନ ହୁଏ । ଏହିସବୁ ଦୁଃଖଦ୍ୱନ୍ଦ୍ୱକୁ ଅଦ୍ୱୈତ ମୁକ୍ତବାଦୀ ଯୋଗୀ ମିଥ୍ୟା, ମାୟା କହି, ଏ ଦ୍ୱନ୍ଦ୍ୱପୂର୍ଣ୍ଣ ସଂସାରରୁ ଉଦାସୀନ ହୋଇ ଯେଉଁ ଅନିର୍ବଚନୀୟ ଆନନ୍ଦରେ ବିଭୋର ରହନ୍ତି, ସେହି ଅନିର୍ବଚନୀୟ ଆନନ୍ଦକୁ ଦୂରରୁ ପ୍ରଣାମ କରିବା ଭଲ । ଏହିରୂପ ମୁକ୍ତି ଏକ ପ୍ରକାର ସ୍ୱାର୍ଥପରତା । ଅନ୍ୟ ଲୋକର ଦୁଃଖକଷ୍ଟ ଧାରଣା କରିବା, ତାହା ଦୂର କରିବାକୁ ପ୍ରଯତ୍ନ କରିବା ମାୟା, ଅଜ୍ଞାନ – ଏ ସିଦ୍ଧାନ୍ତ କୌଣସି ଶାସ୍ତ୍ରୀୟ ନା ଆପଣଙ୍କ ନିଜର ? ଯଦି ଏହି ସିଦ୍ଧାନ୍ତ ମାନ୍ୟ ହୁଏ ତେବେ ଅଦ୍ୱୈତ ସିଦ୍ଧାନ୍ତର ପ୍ରବର୍ତ୍ତକ ଆଚାର୍ଯ୍ୟ ଶଙ୍କର 'ଶଙ୍କର ଭାଷ୍ୟ' ତଥା ଅନ୍ୟାନ୍ୟ ବହୁତ ଗ୍ରନ୍ଥ ଲେଖିବା, ସ୍ୱୟଂ ପଦଯାତ୍ରାରେ ଭ୍ରମଣ କରି, ମଠ ସ୍ଥାପନ କରି ନିଜ ସିଦ୍ଧାନ୍ତ ପ୍ରତିଷ୍ଠା କରିବା, ହଜାର ହଜାର ନରନାରୀଙ୍କୁ ଉପଦେଶ ଦେଇ ମୁକ୍ତି ମାର୍ଗ ଦର୍ଶାଇବାର ଆବଶ୍ୟକତା ନ ଥା'ନ୍ତା । ବୁଦ୍ଧଦେବ ଓ ଅନ୍ୟାନ୍ୟ ସମସ୍ତ ଆଚାର୍ଯ୍ୟ, ଋଷି, ମୁନି, ଅବତାରମାନଙ୍କୁ ସଂସାରର ହିତ ସାଧନ କରିବା ଆବଶ୍ୟକ ହୋଇ ନ ଥା'ନ୍ତା । ସେମାନେ କ'ଣ ସମସ୍ତେ ଅଜ୍ଞାନୀ ?

ପ୍ରଶ୍ନ : ନା, ସେମାନେ ଥିଲେ ଜ୍ଞାନୀ । ସେମାନଙ୍କ ଦୃଷ୍ଟିରେ ଦୁଃଖ, କଷ୍ଟ ସମସ୍ତ ମାୟା ଥିଲା । କିନ୍ତୁ ଅନ୍ୟ ଲୋକର କଷ୍ଟ ଦୂର କରିବାକୁ ସେ କର୍ମ କରିଥିଲେ ।

ଉତ୍ତର : ଋଷି, ମୁନି, ମହାପୁରୁଷ, ଆଚାର୍ଯ୍ୟ, ଅବତାରମାନେ ସ୍ୱୟଂ ଜ୍ଞାନ ସ୍ୱରୂପ, ପୂର୍ଣ୍ଣ ମୁକ୍ତ ଥାଇ କେବଳ ଅନ୍ୟର ଦୁଃଖ ଦୂର କରି ଅନ୍ୟକୁ ସନ୍ମାର୍ଗରେ ପରିଚାଳିତ କରିବା ସକାଶେ ଯଦି କର୍ମ କରି ଆସିଛନ୍ତି, ତେବେ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର, ସଂସାରରୁ ଦୁଃଖ-କଷ୍ଟ ଦୂର କରିବା କିପରି ଅଜ୍ଞାନତା ହେବ ?

ମନୁଷ୍ୟ ସ୍ୱୟଂ ମୁକ୍ତ ହେଲେ ଅନ୍ୟକୁ ମୁକ୍ତ କରିପାରେ, ସେ ସ୍ୱୟଂ ଜ୍ଞାନୀ ହେଲେ ଅନ୍ୟକୁ ଜ୍ଞାନ ପ୍ରଦାନ କରିପାରେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦି ଅନ୍ୟର ଦୁଃଖ-କଷ୍ଟ ଦୂର ହୁଏ, ତେବେ ସେ ଯୋଗର ସାଧକମାନେ ସ୍ୱୟଂ ଅନ୍ଧକାରରେ ରହିବେ କିପରି ? ଦୁଃଖ-କଷ୍ଟର ଅର୍ଥହିଁ ଅଜ୍ଞାନ । ଜ୍ଞାନ ବିନା ଦୁଃଖ କଷ୍ଟ କୌଣସି ଉପାୟରେ ଦୂର ହୁଏ ନାହିଁ ।

ଶଙ୍କରାଚାର୍ଯ୍ୟ, ବୁଦ୍ଧଦେବ, ରାମାନୁଜ ପ୍ରଭୃତି ମହାପୁରୁଷମାନେ ସ୍ୱୟଂ ଶୁଦ୍ଧ, ବୁଦ୍ଧ, ମୁକ୍ତ ଥିଲେ । ସେମାନଙ୍କ ନିଜ ସକାଶେ କୌଣସି କର୍ମର ଆବଶ୍ୟକତା ନ ଥିଲା । ସେମାନେ ସଂସାରକୁ ଆସି କର୍ମ କରିଥିଲେ କେବଳ ଅନ୍ୟ ଲୋକଙ୍କ ଦୁଃଖ, କଷ୍ଟ ଦୂର କରିବାକୁ । ସେମାନଙ୍କର ଏକମାତ୍ର କାମ ଥିଲା ସଂସାରରୁ ଅଜ୍ଞାନ-ପ୍ରସୂତ ହିଂସା, ଦ୍ୱେଷ, ବୈର, ବିରୋଧ ଦୂର କରି ଭ୍ରାତୃତ୍ୱ, ଅହିଂସା, ଶାନ୍ତି, ସୁଖ ସ୍ଥାପନ କରିବା । ସମୟ ଆସି ନ ଥିବାରୁ ସେମାନଙ୍କ ପ୍ରଯତ୍ନ ପୂର୍ଣ୍ଣ ହୋଇ ନାହିଁ କିଂବା ସ୍ଥାୟୀ ହୋଇ ରହିପାରି ନାହିଁ । କାରଣ ସଂସାର ପରିଚାଳିତ ହୁଏ ଭାଗବତୀ ଶକ୍ତି ତଥା ଅଦିବ୍ୟ ଆସୁରୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର କ୍ରିୟା – ଶାନ୍ତି, ସନ୍ତୋଷ, ଆନନ୍ଦ, ଅହିଂସା, ଏକତ୍ୱ, ଭ୍ରାତୃତ୍ୱ,

ସତ୍ୟ, ନ୍ୟାୟ, ଦୟା, କରୁଣା, ମୈତ୍ରୀ ଇତ୍ୟାଦି ସଦ୍‌ଗୁଣ । ଆସୁରୀ ଅନ୍ଧକାର ଶକ୍ତିର କ୍ରିୟା – ହିଂସା, ଦ୍ୱେଷ, ସ୍ୱାର୍ଥ, ଅନ୍ୟାୟ, ଅତ୍ୟାଚାର, ବୈର, ବିରୋଧ, ଚୋରି, ଡକାୟତି, ମିଥ୍ୟାଚାର, ପରପୀଡ଼ା ଇତ୍ୟାଦି ଅସଦ୍‌ଗୁଣ । ଏସବୁର ମୂଳ ଉତ୍ସ ଅନ୍ଧକାର ଶକ୍ତି । ତାହାର ରୂପାନ୍ତର ନ ହେଲେ ତାହାର କ୍ରିୟା ଅନ୍ୟାୟ ନ୍ୟାୟ ଦ୍ୱାରା କିଛିଦିନ ସକାଶେ ଦବିଯାଏ, ପୁନରାୟ ମୁଥା ମୂଳରୁ ଘାସ ଉଠିଲା ପରି ବାହାରେ । ଏପର୍ଯ୍ୟନ୍ତ ପୁରାତନ ଯୋଗରେ ଆସୁରୀ ଶକ୍ତିକୁ ରୂପାନ୍ତର କରାହୋଇ ନ ଥିଲା, କେବଳ ତା'ର ଅନ୍ୟାୟ କ୍ରିୟା ଯେବେ ସଂସାରରେ ବୃଦ୍ଧି ହେଉଥିଲା ସେତେବେଳେ ଭଗବାନ୍ ଅବତାର ନେଇ ଅଥବା ଆଚାର୍ଯ୍ୟମାନେ ଆସି ଧର୍ମପ୍ରଚାର ଦ୍ୱାରା ଅନ୍ୟାୟକୁ ଦବେଇ ଦେଉଥିଲେ । ଅନ୍ଧକାର ଶକ୍ତିର ପୂର୍ଣ୍ଣ ରୂପାନ୍ତର ହୁଏ ଆଦ୍ୟା ଭାଗବତୀ ଅତିମାନସ ଶକ୍ତି ଦ୍ୱାରା, ଯେଉଁ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି ଏବଂ ମା' ଯେଉଁ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଏହି ଦୃଷ୍ଟିରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତର ଅଜ୍ଞାନତା, ଭ୍ରମ ନୁହେଁ, ସଂସାର ସୃଜନଠାରୁ ମନୁଷ୍ୟ ଯେଉଁ ପରମାନନ୍ଦଙ୍କୁ ଅଜ୍ଞାନରୂପେ ପ୍ରତୀକ୍ଷା କରି ରହିଅଛି, ଯେଉଁ ସୁଖ, ଶାନ୍ତି ସଂସାରରେ ସ୍ଥାପନ କରିବା ସକାଶେ ଆଚାର୍ଯ୍ୟ ତଥା ମହାପୁରୁଷ, ଭଗବତ ଅବତାରମାନେ ଏହି ସଂସାରକୁ ବାରଂବାର ଆସି କାର୍ଯ୍ୟ କରୁଛନ୍ତି, ସେହି ସ୍ଥାୟୀ ସୁଖ, ଶାନ୍ତି ଏହି ସଂସାରରେ ସ୍ଥାପିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା । ଏହାରି ଅର୍ଥ ସଂସାର ସ୍ୱର୍ଗରେ, ମନୁଷ୍ୟ ଅତିମାନବରେ ପରିଣତ ହେବ । ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର ଅଜ୍ଞାନ ଭ୍ରମ ନୁହେଁ, ପୂର୍ବାଚାର୍ଯ୍ୟମାନଙ୍କର ପ୍ରଯତ୍ନର ପୂର୍ଣ୍ଣତା ।

ପ୍ରଶ୍ନ : ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ ଦୂର ହେବା ଠିକ୍ କିନ୍ତୁ ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଜୀବ ବ୍ରହ୍ମରେ ଏକ ହୋଇଗଲେ ଜଳ ସମୁଦ୍ରରେ ଏକ ହେବା ସଦୃଶ କୌଣସି ପୃଥକତ୍ୱ ନ ଥାଏ, ଥାଏ କେବଳ ଅନିର୍ବଚନୀୟ ଅଦ୍ୱୈତ ଆନନ୍ଦ । ସେ ଅବସ୍ଥାରେ ରୂପାନ୍ତର କିଏ କାହାକୁ କରିବ ?

ଉତ୍ତର : ଏହା ବିରୋଧାତ୍ମକ ଉକ୍ତି । କହୁଛନ୍ତି ଆନନ୍ଦ ସମୁଦ୍ରରେ ଜଳ ମିଶି ଏକ ହୋଇଯିବା ସଦୃଶ ଜୀବ, ବ୍ରହ୍ମରେ ମିଶି ଏକ ହୋଇଯାଏ । ଫେରେ କହୁଛନ୍ତି ଅନିର୍ବଚନୀୟ ଆନନ୍ଦ । ଏଥିରୁ ସ୍ପଷ୍ଟ ହେଉଛି ଯେଉଁ ଆନନ୍ଦ ଅନୁଭବ କରାହୁଏ ତାହା ଶବ୍ଦରେ ପ୍ରକାଶ କରାଯାଇ ପାରେ ନାହିଁ । ଶବ୍ଦରେ ପ୍ରକାଶ ନ ହେଲେ ମଧ୍ୟ ଅନୁଭବର ଅର୍ଥହିଁ ଦ୍ୱୈତ, ଅର୍ଥାତ୍ ଅନୁଭବ ହେବା ଏକ ବସ୍ତୁ, ଅନୁଭବ ଯେ କରେ ସେ ଅନ୍ୟ ବସ୍ତୁ । ଅଦ୍ୱୈତ ରକ୍ଷା କରିବାକୁ ଯଦି କୁହାଯାଏ ସେଠାରେ କୌଣସି ଅନୁଭୂତି ନାହିଁ, ତେବେ ଗୋଟିଏ ମସ୍ତବଡ଼ ବିରୋଧ ଉପସ୍ଥିତ ହେବ – ଜଡ଼ତା । ବ୍ରହ୍ମ ଚୈତନ୍ୟ ତଥା ଜ୍ଞାନ ସ୍ୱରୂପ; ସୁତରାଂ ତାକୁ ଜଡ଼ କହି ହେବ ନାହିଁ । ଯେକୌଣସିମତେ ସ୍ୱୀକାର କରିବାକୁ ହେବ ଆନନ୍ଦ ଅନୁଭୂତି । ଆନନ୍ଦ ଅନୁଭୂତିରେ ଅଦ୍ୱୈତ ରକ୍ଷା କରିବାକୁ ଯାଇ ଘୁଙ୍ଗା ଗୁଡ଼ ଖାଇବାର ଉଦାହରଣ ଦିଆହୋଇଛି । ଏହି ଉଦାହରଣ ଯୁକ୍ତିଯୁକ୍ତ ନୁହେଁ । ଘୁଙ୍ଗା ଗୁଡ଼ର ସ୍ୱାଦ କହିପାରେ ନାହିଁ, କିନ୍ତୁ ଅନୁଭବ କରେ । ଏହିସବୁ ଯୁକ୍ତି ଦ୍ୱାରା ଅଦ୍ୱୈତ ସିଦ୍ଧ ନ ହେବାର ପ୍ରଧାନ କାରଣ ହେଉଛି, ବ୍ରହ୍ମ ଯେ ଅଦ୍ୱୈତ ଅବସ୍ଥାରେ ଦ୍ୱୈତ, ଦ୍ୱୈତ ଅବସ୍ଥାରେ ଅଦ୍ୱୈତ, ବ୍ରହ୍ମର ପୁରୁଷୋତ୍ତମ ସ୍ୱରୂପ, ଏହାକୁ ସ୍ୱୀକାର ନ କରି ଅଦ୍ୱୈତବାଦୀ ବ୍ରହ୍ମକୁ କେବଳ ନିଷ୍କ୍ରିୟ ନିରାକାର ମାନନ୍ତି, ସଗୁଣ, ସାକାର ସର୍ବଶକ୍ତିମତ୍ତାକୁ ମାୟା କହନ୍ତି ଏବଂ ସଚ୍ଚିଦାନନ୍ଦ ସ୍ତରରେ ଯେଉଁ ବ୍ରହ୍ମର ଅନୁଭୂତି ହୁଏ ତାହା ମନଃସ୍ତରର ଧର୍ମ ଅନୁସାରେ ବ୍ୟାଖ୍ୟା କରନ୍ତି । ସେହି ସକାଶେ ସୈଦ୍ଧାନ୍ତିକ ବିରୋଧ ହୁଏ । ସଚ୍ଚିଦାନନ୍ଦ ଚେତନାର ଧର୍ମ ଏହି ମନ ଚେତନାର ଧର୍ମଠାରୁ ଏକାବେଳେକେ ପୃଥକ୍ । ମନ ଚେତନାରେ ପୃଥକତ୍ୱ ଆଉ ଏକତ୍ୱ ଏକସଙ୍ଗେ ହୋଇପାରେ ନାହିଁ । ସଚ୍ଚିଦାନନ୍ଦ ଚେତନାରେ ଅଦ୍ୱୈତ ଦ୍ୱୈତ ଏକସଙ୍ଗେ ରହେ । ସଚ୍ଚିଦାନନ୍ଦ ଚେତନା, ମାନସ ଚେତନା ମଧ୍ୟରେ ଦୁର୍ଭେଦ୍ୟ ଖାଇ ଥିବାରୁ ସେ ଚେତନା ସମ୍ବନ୍ଧେ ମନ ଏକାବେଳେକେ ଅନଭିଜ୍ଞ ଥାଏ ଏବଂ କିଛି ବୁଝି ପାରେ ନାହିଁ । ସେହି କାରଣରୁ ସଚ୍ଚିଦାନନ୍ଦ ସ୍ତରର ଯଥାର୍ଥ ଅବସ୍ଥା ମନରେ ପ୍ରକାଶିତ ହୋଇପାରେ ନାହିଁ । ଏହି ଦୁର୍ଭେଦ୍ୟ ଖାଇ ଦୂର ହୁଏ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ସେହି ସଚ୍ଚିଦାନନ୍ଦ ତତ୍ତ୍ୱରେ ରୂପାନ୍ତର ହେଲେ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରକାଶ ହୁଅନ୍ତି । ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ, ଶରୀରର ସୀମିତତା ରହେ ନାହିଁ, ସଚ୍ଚିଦାନନ୍ଦ ଅନନ୍ତ ଚେତନାରେ ରୂପାନ୍ତରିତ ହୁଏ ।

ବ୍ରହ୍ମକୁ ନିର୍ଗୁଣ, ନିରାକାର, ଜଗତକୁ ମିଥ୍ୟା, ମାୟା ପ୍ରତିପାଦନ କରିବା ସକାଶେ ଯେତେପ୍ରକାର ଯୁକ୍ତି ଦେଉଛନ୍ତି, ତାହା ପ୍ରଶ୍ନର ଯଥାର୍ଥ ଉତ୍ତର ହେଉ ନାହିଁ, କାରଣ ମନୁଷ୍ୟର ପୂର୍ଣ୍ଣତାରେ ପହଞ୍ଚିବାର ମଧ୍ୟବର୍ତ୍ତୀ ଗୋଟିଏ ଅବସ୍ଥା ହେଉଛି ଅଦ୍ୱୈତ ସିଦ୍ଧିର ମୁକ୍ତ ଅବସ୍ଥା । ସେହି ମଧ୍ୟବର୍ତ୍ତୀ ଅବସ୍ଥାକୁ ଅଦ୍ୱୈତ ଦର୍ଶନରେ ମନୁଷ୍ୟର ଶେଷ ଲକ୍ଷ୍ୟ ବୋଲି ମାନି ନିଆ ହୋଇଅଛି । ଏହି ସକାଶେ ବ୍ରହ୍ମର ସ୍ୱରୂପ ସଗୁଣ-ନିର୍ଗୁଣ ପୁରୁଷୋତ୍ତମ ତତ୍ତ୍ୱ, ଯେ କି ନିଷ୍କ୍ରିୟ ରହି କର୍ମଶୀଳ, ନିରାକାର ହେବା ଅବସ୍ଥାରେ ସାକାର । ଏପରି ବ୍ରହ୍ମ ସ୍ୱରୂପକୁ କେବଳ ନିରାକାର, ନିଷ୍କ୍ରିୟ ପ୍ରତିପାଦନ କରାହୋଇ ତାଙ୍କର ସର୍ବଶକ୍ତିମତ୍ତାକୁ ବାଦ୍ ଦିଆ ହୋଇଛି । ପ୍ରତ୍ୟକ୍ଷ ଦୁଃଖ-ସୁଖ-ଦ୍ୱନ୍ଦ୍ୱଯୁକ୍ତ ସଂସାରକୁ ମିଥ୍ୟା ମାୟା କହି ସମସ୍ୟାର ସମାଧାନ ନ କରି ତାକୁ ଏଡ଼ାଇ ଦିଆ ହୋଇଅଛି । ସେହି ସକାଶେ ଦାର୍ଶନିକ ବିରୋଧ, ମତଭେଦ ହୋଇଅଛି ।

କିନ୍ତୁ ମନୁଷ୍ୟର କ୍ରମବିବର୍ତ୍ତନରେ ଅଦ୍ୱୈତ ମୁକ୍ତିକୁ ମଧ୍ୟବର୍ତ୍ତୀ ଅନୁଭୂତି ମାନିଲେ ସମସ୍ତ ମତଭେଦ ଦୂର ହୁଏ, ସମସ୍ୟାର ସମାଧାନ ହୁଏ । ବେଦ, ଉପନିଷଦ୍, ଗୀତା, ଭାଗବତ, ରାମାୟଣରେ ବ୍ରହ୍ମର ଯେଉଁ ସାକାର ନିରାକାର ଚତୁଷ୍ପାଦ ବିଭୂତିଯୁକ୍ତ ପୁରୁଷୋତ୍ତମ ପରମବ୍ରହ୍ମ ସ୍ୱରୂପକୁ ପ୍ରତିପାଦନ କରା ହୋଇଛି, ତାକୁ ନିଜ ସିଦ୍ଧାନ୍ତ ଅନୁସାରେ ଭାଙ୍ଗି ଚୂରି ଅର୍ଥ କରିବାକୁ ହୁଏ ନାହିଁ ।

କ୍ରମବିବର୍ତ୍ତନ ଅନୁସାରେ ମନୁଷ୍ୟର ପୂର୍ଣ୍ଣତା ହେଉଛି ମନ, ପ୍ରାଣ, ଶରୀର ତା'ର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପୁରୁଷୋତ୍ତମ ପରମବ୍ରହ୍ମଙ୍କୁ ପ୍ରକାଶ କରାହୁଏ ଏବଂ ତାହା ସହିତ ଏକତ୍ୱ ପ୍ରାପ୍ତ କରାହୁଏ । ସେହି ଏକହିଁ ସଙ୍ଗେ ବ୍ୟକ୍ତି ଏକ ଏବଂ ପୃଥକ୍ ରହି, ତାଙ୍କର ଯନ୍ତ୍ର ହୁଏ ତଥା ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ମନୁଷ୍ୟକୁ ଏହି ପୂର୍ଣ୍ଣତା ପ୍ରାପ୍ତି ସଙ୍ଗେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହୁଏ, ସଂସାର ସ୍ୱର୍ଗରେ ପରିଣତ ହୁଏ । ଏହା ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧାନ୍ତ । ଏଥିରେ ସମସ୍ତ ପୁରାତନ ଯୋଗ-ସିଦ୍ଧାନ୍ତର ସମନ୍ୱୟ ହୁଏ ଏବଂ ସମସ୍ତ ପୁରାତନ ଯୋଗର ଅନୁଭୂତି ପ୍ରାପ୍ତ ହୁଏ ।

ଆଚାର୍ଯ୍ୟ ଶଙ୍କର ଯେଉଁ ସମୟରେ ଅଦ୍ୱୈତ ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ ସେହି ସମୟ ସକାଶେ ତାହାହିଁ ମନୁଷ୍ୟର ଶେଷ ଲକ୍ଷ୍ୟ ଥିଲା କାରଣ ସେ ସମୟରେ ବ୍ୟକ୍ତିକୁ ତା'ର ପୂର୍ଣ୍ଣତ୍ୱ ଜାଣିବାର ସମୟ ଆସି ନ ଥିଲା । ମନୁଷ୍ୟ ବିକାଶଶୀଳ, ନିଜ ବିକାଶ ମାର୍ଗରେ ବରାବର ଗତିକରି ଚାଲୁଅଛି । ତା'ର ବିକାଶ ଅନନ୍ତ । ବିକାଶର ଶେଷ ନାହିଁ । ବିକାଶ ମାର୍ଗରେ ସମୟୋପଯୋଗୀ ସାହାଯ୍ୟ ଆଚାର୍ଯ୍ୟମାନେ ଦିଅନ୍ତି । ଏହି ବିଷୟ ''ସିଦ୍ଧାନ୍ତ-ସମନ୍ୱୟ''ରେ ଅଲୋଚିତ ହୋଇଅଛି ।

ବର୍ତ୍ତମାନ ତା'ର ପୂର୍ଣ୍ଣତାର ସମୟ ଆସିଛି । ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରି ରୂପାନ୍ତର କ୍ରିୟା କରୁଅଛି । ମନୁଷ୍ୟର ବିକାଶ ହେଉଥିଲା ଅଜ୍ଞାନ, ଅନ୍ଧକାର, ଦୁଃଖ ଦ୍ୱନ୍ଦ୍ୱରୁ ଜ୍ଞାନ, ଆନନ୍ଦ ଆଡ଼କୁ । ଅନ୍ଧକାର ଅଜ୍ଞାନ, ଦୁଃଖ-କଷ୍ଟ ମନଃସ୍ତରର ବସ୍ତୁ । ମନୁଷ୍ୟ ମନଃସ୍ତର ଅତିକ୍ରମ କରି ଅତିମାନସ ସ୍ତରରେ ଉପନୀତ ହେଲେ ଅର୍ଥାତ୍ ତା'ର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ ତା'ର ବିକାଶ ଚାଲିବ ଜ୍ଞାନରୁ ଜ୍ଞାନ ଆଡ଼କୁ, ଆନନ୍ଦରୁ ଆନନ୍ଦ ଆଡ଼କୁ । ଏହି ରୂପାନ୍ତର ବିକାଶର ଶେଷ ନୁହେଁ । ବିକାଶ ଅନନ୍ତ, ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଥିବ । ଏହି ବିକାଶର ଯଦି ସୀମା ଥାଆନ୍ତା ତେବେ ଆଚାର୍ଯ୍ୟମାନେ ଆସି ନୂତନ ଶିକ୍ଷା ଦେବାର ପ୍ରୟୋଜନ ହୁଅନ୍ତା ନାହିଁ । ଆଚାର୍ଯ୍ୟମାନଙ୍କର ସମସ୍ତ ଅନୁଭୂତି, ସମସ୍ତ ସିଦ୍ଧାନ୍ତ ସତ୍ୟ; ମନୁଷ୍ୟର ପୂର୍ଣ୍ଣତା ସକାଶେ ଅଙ୍ଗରୂପେ ଆବଶ୍ୟକ ଏବଂ ମାନବିକ ପୂର୍ଣ୍ଣତାର ଅଙ୍ଗରୂପେ ଚିରଦିନ ସକାଶେ ରହିବ । କିନ୍ତୁ ପୂର୍ଣ୍ଣତାର ମଧ୍ୟବର୍ତ୍ତୀ ଅବସ୍ଥାରେ ପ୍ରାପ୍ତ ମୁକ୍ତି ଭଗବତ୍ ପ୍ରାପ୍ତିକୁ ଜୀବନର ପୂର୍ଣ୍ଣତା ମାନି ନେବାରୁ ସୈଦ୍ଧାନ୍ତିକ ବିରୋଧ ହେଉଅଛି । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ଯୋଗର ସମସ୍ତ ସତ୍ୟ ଉପଲବ୍ଧ ହୁଏ ଏବଂ ଜୀବନର ପୂର୍ଣ୍ଣତା ବ୍ୟାଖ୍ୟାନରେ ସମସ୍ତ ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ମଧ୍ୟ ହୁଏ ।

ପରିଶିଷ୍ଟ

ତିନୋଟି ସିଦ୍ଧାନ୍ତ

ଶ୍ରୀମା

''ଏହି ଜଗତ୍ ସମ୍ବନ୍ଧରେ ମୁଖ୍ୟତଃ ତିନୋଟି ସିଦ୍ଧାନ୍ତ ଅଛି :

୧. ବୌଦ୍ଧ ଓ ଶଙ୍କରଙ୍କର ସିଦ୍ଧାନ୍ତ :

ଏ ଜଗତ୍ ମାୟା ଓ ଅଜ୍ଞାନର ଭୂମି ଏବଂ ଏହି କାରଣରୁ ଏହା ଦୁଃଖ-ଯନ୍ତ୍ରଣାର କ୍ଷେତ୍ର । ଏକମାତ୍ର କର୍ତ୍ତବ୍ୟ ହେଲା, ଯେତେ ଶୀଘ୍ର ସମ୍ଭବ ଏଠାରୁ ପଳାୟନ କରିବା ଏବଂ ସେହି ଅନାଦି, ମହାଶୂନ୍ୟ ବା ଅବ୍ୟକ୍ତଙ୍କ ମଧ୍ୟରେ ଅନ୍ତର୍ହିତ ହେବା ।

୨. ବେଦାନ୍ତ ଦର୍ଶନର ସିଦ୍ଧାନ୍ତ :

(ସାଧାରଣ ଭାବରେ ବେଦାନ୍ତକୁ ଏହିପରି ବୁଝାଯାଏ) ଏହି ଜଗତ୍ ମୂଳ-ସ୍ୱରୂପରେ ଦିବ୍ୟ, କାରଣ ଏଠାରେ ଭଗବାନ୍ ସର୍ବତ୍ର ବିଦ୍ୟମାନ । କିନ୍ତୁ ଏହାର ବାହ୍ୟ ଅଭିବ୍ୟକ୍ତି ବିକୃତ, ଅସ୍ପଷ୍ଟ, ଅନ୍ଧକାରାଚ୍ଛନ୍ନ ଏବଂ କଦାକାର ହୋଇଅଛି । ସୁତରାଂ ଏକମାତ୍ର କର୍ତ୍ତବ୍ୟ ହେଲା ଅନ୍ତରସ୍ଥ ଆତ୍ମାଙ୍କ ସମ୍ବନ୍ଧରେ ସଚେତନ ହେବା ଏବଂ ଏ ଜଗତ୍ ସମ୍ବନ୍ଧେ କୌଣସି ଅନୁଶୋଚନା ନ କରି ସେହି ଚେତନାରେ ପ୍ରତିଷ୍ଠିତ ହେବା – କାରଣ ଏହି ବାହ୍ୟ ଜଗତ୍ କେବେ ବି ପରିବର୍ତ୍ତିତ ହୋଇ ପାରିବ ନାହିଁ ବରଂ ସର୍ବଦା ଏହା ନିଜ ସ୍ୱାଭାବିକ ଅଚେତନା ଓ ଅଜ୍ଞାନତା ମଧ୍ୟରେ ପଡ଼ି ରହିବ ।

୩. ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ :

ବର୍ତ୍ତମାନ ପୃଥିବୀ ଯେପରି ବିଦ୍ୟମାନ ତାହା ଭଗବତ ସୃଷ୍ଟିରେ ଯେପରି ହେବାର କଥା ସେପରି ହୋଇପାରି ନାହିଁ, ବରଂ ଯଥାର୍ଥ ସୃଷ୍ଟିର ଏହା ଏକ ବିକୃତ ଓ ଅନ୍ଧକାରମୟ ଅଭିବ୍ୟକ୍ତି, କିନ୍ତୁ ବାସ୍ତବରେ ଏହି ଭଗବତ ସଂକଳ୍ପ ଓ ଚେତନାରେ ପରିଣତ ହେବାହିଁ ଏହାର ଉଦ୍ଦେଶ୍ୟ । ଏହି ସୃଷ୍ଟିର ଲକ୍ଷ୍ୟ ହେଲା ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିବା – ସକଳରୂପେ ଓ ସକଳ ଭାବରେ – ଜ୍ୟୋତିଃ, ଜ୍ଞାନ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ମଧ୍ୟରେ ।

ଏହାହିଁ ଆମ୍ଭମାନଙ୍କର ଏ ଜଗତ୍ ସମ୍ବନ୍ଧେ ସିଦ୍ଧାନ୍ତ ଏବଂ ଏହି ଲକ୍ଷ୍ୟର ଆମ୍ଭେମାନେ ଅନୁସରଣ କରୁ ।''

ରୂପାନ୍ତର-ଯୋଗ

ଶ୍ରୀଅରବିନ୍ଦ

ରୂପାନ୍ତର କହିଲେ ମୁଁ ପ୍ରକୃତିର ଆଂଶିକ ପରିବର୍ତ୍ତନ ବୁଝେ ନାହିଁ, ଏହାଦ୍ୱାରା ମୁଁ ବୁଝେ ନାହିଁ ସାଧୁ-ସନ୍ଥ ଜୀବନ ବା ନୈତିକ ଉତ୍କର୍ଷ ସାଧନ ଅଥବା ଯୌଗିକ ସିଦ୍ଧି (ତାନ୍ତ୍ରିକମାନଙ୍କ ପରି) ଅଥବା ଊର୍ଦ୍ଧ୍ୱତନ ଚିନ୍ମୟ ଦେହପ୍ରାପ୍ତି । ଏହି ଶବ୍ଦଟି ମୁଁ ପ୍ରୟୋଗ କରେ ଗୋଟାଏ ବିଶେଷ ଅର୍ଥରେ – ଚେତନାର ଆମୂଳ ଓ ସର୍ବାଙ୍ଗୀଣ ପରିବର୍ତ୍ତନ – ଏପରି

ଗୋଟାଏ ବିଶିଷ୍ଟ ପରିବର୍ତ୍ତନ ଯାହାଫଳରେ ସତ୍ତା ଆଧ୍ୟାତ୍ମିକ କ୍ରମ-ବିକାଶ ପଥରେ ସୁଦୃଢ଼ ଓ ସମର୍ଥ ଭାବରେ ଏକ ପାଦ ଅଗ୍ରସର ହେବ,— ପ୍ରାଚୀନ କାଳରେ ଜଡ଼ ପ୍ରାଣମୟ ଜୀବ ଜଗତରେ ମନୋମୟ ସତ୍ତାର ପ୍ରଥମ ଆବିର୍ଭାବ ଅପେକ୍ଷା ଏହି ଅଗ୍ରଗତି ହେବ ଏକ ବୃହତ୍ତର, ଉଚ୍ଚତର, ମହତ୍ତର, ପୂର୍ଣ୍ଣତର ପରିବର୍ତ୍ତନ । ଯଦି ଏହା ଅପେକ୍ଷା କିଛି କମ୍ ଘଟେ ଅଥବା ଅନ୍ତତଃ ଯଦି ଏହି ଭିତ୍ତିରେ ଗୋଟାଏ ଯାତ୍ରାରମ୍ଭ ନ ହୁଏ, ତାହା ହେଲେ ଆମ୍ଭର ଉଦ୍ଦେଶ୍ୟ ସିଦ୍ଧି ହେଲା ନାହିଁ । ମୁଁ ଜୀବନ ଓ ଯୋଗ ପାଖରେ ଯେଉଁ ଦାବି କରିଛି, ତାହା ଗୋଟାଏ ଆଂଶିକ, ମିଶ୍ରିତ ଅଥବା ଅନିର୍ଦିଷ୍ଟ ସିଦ୍ଧି ଦ୍ୱାରା ପୂର୍ଣ୍ଣ ହୋଇପାରିବ ନାହିଁ ।

ଉପଲବ୍ଧିର ଆଲୋକ ଓ ଉପଲବ୍ଧିର ଅବତରଣ ଏକହିଁ ବସ୍ତୁ ନୁହେଁ । କେବଳ ଉପଲବ୍ଧି ସମଗ୍ର ସତ୍ତାକୁ ରୂପାନ୍ତରିତ କରିବ, ଏପରି ନୁହେଁ, ଏହା କେବଳ ଗୋଟାଏ ଉନ୍ମୀଳନ ଅଥବା ଚେତନାର ଶିଖର ଦେଶରେ, ଅଳ୍ପ ଊର୍ଦ୍ଧ୍ୱାୟନ ଗତି, ଅଳ୍ପ ପ୍ରସାର ଆଣିପାରେ ଯାହା ଫଳରେ ଆଧାରର ପ୍ରକୃତି-ଅଂଶରେ କୌଣସି ଆମୂଳ ପରିବର୍ତ୍ତନ ନ ହୋଇ ବି ପୁରୁଷ-ଅଂଶରେ କିଛି ଉପଲବ୍ଧି ଆସିପାରେ । ଚେତନାର ଆଧ୍ୟାତ୍ମିକ ଶିଖରରେ ଉପଲବ୍ଧିରେ କିଛି ଜ୍ୟୋତିଃ ସାଧକ ପ୍ରାପ୍ତ କରିପାରେ, କିନ୍ତୁ ସତ୍ତାର ନିମ୍ନ ଭାଗଗୁଡ଼ିକ ପୂର୍ବେ ଯେପରି ଥିଲା ସେହିପରି ରହେ । ଏପରି ଦୃଷ୍ଟାନ୍ତ ମୁଁ ବହୁତ ଦେଖିଛି । ଯଥାର୍ଥ ରୂପାନ୍ତର ସକାଶେ କେବଳ ମନରେ ବା ମନର କୌଣସି ଅଂଶରେ ନୁହେଁ, ଦେହ-ସ୍ତରରେ ଏବଂ ତାହାର ନିମ୍ନରେ ଓ ସମଗ୍ର ସତ୍ତାର ସକଳ ଅଂଶରେ ଊର୍ଦ୍ଧ୍ୱତନ ଦୀପ୍ତି ଅବତୀର୍ଣ୍ଣ ହେବା ଆବଶ୍ୟକ । ଊର୍ଦ୍ଧ୍ୱର ଦୀପ୍ତି ମନ ମଧ୍ୟରେ ଅବତୀର୍ଣ୍ଣ ହୋଇ ମନକୁ ଅଧ୍ୟାତ୍ମ-ଭାବମୟ (Spiritualise) କରି ଦେଇପାରେ, ଅଥବା ତାହାକୁ ପୂର୍ଣ୍ଣତଃ ବା ଅଂଶତଃ ଅନ୍ୟ ପ୍ରକାରେ ପରିବର୍ତ୍ତିତ କରିପାରେ, କିନ୍ତୁ ଏହାଦ୍ୱାରା ପ୍ରାଣମୟ (vital) ପ୍ରକୃତିରେ କୌଣସି ପରିବର୍ତ୍ତନ ବି ନ ଆସି ପାରେ, ପୁଣି ପ୍ରାଣ ମଧ୍ୟରେ ଜ୍ୟୋତିଃ ଉତରିଲେ ପ୍ରାଣର ଗତିବୃତ୍ତିକୁ ଶୋଧିତ ଓ ପ୍ରସାରିତ କରିପାରେ ଅଥବା ପ୍ରାଣପୁରୁଷଙ୍କୁ ନୀରବ ଓ ଅଚଳ କରି ଦେଇପାରେ, କିନ୍ତୁ ଶାରୀର ଚେତନା ପୂର୍ବବତ୍‌ହିଁ ରହେ; ହୁଏତ ପୂର୍ବାପେକ୍ଷା ଅଧିକ ଜଡ଼ାବସ୍ଥା ପ୍ରାପ୍ତ ହୁଏ, ଅଥବା ସମତା ହରାଏ । ପୁନଶ୍ଚ କେବଳ ଜ୍ୟୋତିଃର ଅବତରଣ ଘଟିଲେ ଚଳିବ ନାହିଁ, ବରଂ ସମଗ୍ର ଊର୍ଦ୍ଧ୍ୱତନ ଚେତନାର ଅବତରଣ— ଜ୍ଞାନ, ପ୍ରେମ ଓ ଆନନ୍ଦର ଅବତରଣ ବି ଆବଶ୍ୟକ । ଆଉ ବି ଏହି ଅବତରଣ ମୁକ୍ତି ଆଣି ଦେଇପାରେ, କିନ୍ତୁ ପୂର୍ଣ୍ଣତା ଆଣେ ନାହିଁ, ଅଥବା ଏହା ଆନ୍ତର ସତ୍ତାକୁ ବହୁତ କିଛି ପରିବର୍ତ୍ତିତ କରିପାରେ, କିନ୍ତୁ ବାହ୍ୟ ସତ୍ତା ଗୋଟାଏ ଅପୂର୍ଣ୍ଣ ଯନ୍ତ୍ର ରୂପେ ରହିଯାଏ, ସ୍ଥୂଳ ବ୍ୟାଧିଗ୍ରସ୍ତ, ଆତ୍ମ-ପ୍ରକାଶ-ଅକ୍ଷମ (ଅବିକଶିତ) । ପରିଶେଷରେ ସାଧନାକୃତ ରୂପାନ୍ତର ପରିପୂର୍ଣ୍ଣ ହୋଇପାରେ ନାହିଁ, ଯଦି ସତ୍ତା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ନ ହୋଇଛି । ଚୈତ୍ୟ-ରୂପାନ୍ତର ପର୍ଯ୍ୟାପ୍ତ ନୁହେଁ, ଏହା ଗୋଟାଏ ଆରମ୍ଭ ମାତ୍ର, ଅଧ୍ୟାତ୍ମ-ରୂପାନ୍ତର ଏବଂ ଉଚ୍ଚତର ଚେତନାର ଅବତରଣ ବି ପର୍ଯ୍ୟାପ୍ତ ନୁହେଁ, ଏହା ଗୋଟାଏ ମଧ୍ୟବର୍ତ୍ତୀ ସ୍ତର ମାତ୍ର; ଚରମ ସିଦ୍ଧି ସକାଶେ ଆବଶ୍ୟକ ଅତିମାନସ ଚେତନା ଓ ଅତିମାନସ ଶକ୍ତିର କ୍ରିୟା । ବ୍ୟକ୍ତି ଅର୍ଥାତ୍ ସାଧକବିଶେଷ ଏହା ଅପେକ୍ଷା କିଛି କମ୍ ପ୍ରାପ୍ତ କରି ମଧ୍ୟ ସନ୍ତୁଷ୍ଟ ହୋଇ ପାରନ୍ତି, କିନ୍ତୁ ପାର୍ଥିବ ଚେତନାର ନିର୍ଦିଷ୍ଟ ଅଗ୍ରଗତି ସକାଶେ ଏହିସବୁ ଅପୂର୍ଣ୍ଣ ସିଦ୍ଧି ଯଥେଷ୍ଟ ନୁହେଁ ।

ମୁଁ କେବେ ବି କହି ନାହିଁ ଆମ୍ଭର ଯୋଗ ଏକାବେଳେକେ ଗୋଟାଏ ନୂତନ ବସ୍ତୁ । ଏହାକୁ ମୁଁ ପୂର୍ଣ୍ଣଯୋଗ ନାମ ଦେଇଛି ଏବଂ ତାହାର ଅର୍ଥ ହେଲା ଏହି ଯେ ଏହା ନାନା ପ୍ରାଚୀନ ଯୋଗର ସାରତତ୍ତ୍ୱ ଗ୍ରହଣ କରିଅଛି ଏବଂ ସେହିସବୁ ଯୋଗପଦ୍ଧତିର ସମନ୍ୱୟ କରିଅଛି— ଏହାର ନୂତନତ୍ୱ ହେଲା ଏହାର ଲକ୍ଷ୍ୟ, ଦୃଷ୍ଟିଭଙ୍ଗୀ ଓ ସମନ୍ୱୟମୂଳକ ପ୍ରଣାଳୀ । 'ବିଶ୍ୱପ୍ରହେଳିକା', 'ଯୋଗ-ପ୍ରଦୀପ' କିଂବା 'ଯୋଗାଧାର' ପ୍ରଭୃତି ପୁସ୍ତକରେ ମୁଁ ମୋ ଯୋଗର ପ୍ରାଥମିକ ଅବସ୍ଥା ବିଷୟରେ ଉଲ୍ଲେଖ କରିଛି । ସେଥିରେ ଏପରି କିଛି ନାହିଁ ଯାହାକୁ ପ୍ରାଚୀନ ଯୋଗ-ପଦ୍ଧତି ତୁଳନାରେ ଆମ୍ଭଯୋଗର ନୂତନତ୍ୱ ବୋଲି କୁହାଯିବ, ଅବଶ୍ୟ ଗୋଟିଏ ଦୁଇଟି କଥାକୁ ଛାଡ଼ି ଦେଲେ । ପ୍ରଥମତଃ ଏହି ଯୋଗର ସାର୍ବଭୌମ ସ୍ୱରୂପର ପଶ୍ଚାତରେ ଗୋଟାଏ ନିର୍ଦିଷ୍ଟ ଲକ୍ଷ୍ୟ ନିହିତ ଅଛି; ଦ୍ୱିତୀୟତଃ, ଏହାର ଗତିବୃତ୍ତିରେ ଗୋଟାଏ ନିଜସ୍ୱ ଭାବ ଅଛି ଏବଂ ଗୋଟାଏ ଚରମ ଅର୍ଥ ଏହା ସମ୍ମୁଖରେ ସର୍ବଦା ରହିଛି; ପରିଶେଷରେ ଏହାର ଗୋଟାଏ ସ୍ୱତନ୍ତ୍ର ମନସ୍ତତ୍ତ୍ୱ

ଅଛି ଏବଂ ଏହାର କ୍ରିୟାବଳୀର ନିଜସ୍ୱ ଧାରା ବି ଅଛି । କିନ୍ତୁ ଏହି ସମସ୍ତ କଥା ପୂର୍ବୋକ୍ତ ପତ୍ରାବଳୀରେ ଯଥାବିଧି ବିକଶିତ କରାହୋଇ ନାହିଁ, ବିକଶିତ କରିବା ବି ସମ୍ଭବ ନ ଥିଲା, ସେହି ସକାଶେ ତାହା ସାଧାରଣ ପାଠକଙ୍କର ବୋଧଗମ୍ୟ ହୋଇ ନାହିଁ ଏବଂ ଏହାକୁ କେବଳ ସେହିମାନେ ବୁଝୁଥିଲେ ଯେଉଁମାନେ ଭାବନାରେ ବା ଅଭ୍ୟାସରେ ଏହିସବୁ ବିଷୟ ସହିତ ପୂର୍ବରୁ ପରିଚିତ ଥିଲେ । ସାଧନାର ପରବର୍ତ୍ତୀ ସ୍ତରସମୂହର କଥା ଏବଂ ନାନା ଖୁଣ୍ଟିନାଣ୍ଟି ବିଷୟ ଯାହା ଗୋଟାଏ ଅଜ୍ଞାତ ବା ସଂପୂର୍ଣ୍ଣ ଅପରିଜ୍ଞାତ ରାଜ୍ୟର କଥା, ସେହିସବୁ ବିଷୟ ମୁଁ ସର୍ବସାଧାରଣଙ୍କୁ କିଛି ବି କହି ନାହିଁ, ଆଉ ବର୍ତ୍ତମାନ ଏ ସମ୍ବନ୍ଧରେ କିଛି କହିବାର ଇଚ୍ଛା ବି ନାହିଁ ।

ମୁଁ ଜାଣେ ମୋ ଆଦର୍ଶ, ମୋ ଭବିଷ୍ୟତ୍ ସୂଚନାବଳୀର (ବାହ୍ୟତଃ) ଅନୁରୂପ ଆଦର୍ଶ ଓ ସୂଚନାବଳୀ ବହୁ ପୂର୍ବରୁ ହୋଇଯାଇଛି,— ଯଥା : ମାନବଜାତିର ପୂର୍ଣ୍ଣ ଉତ୍କର୍ଷ-ସାଧନ ଯେକୌଣସି ତାନ୍ତ୍ରିକ ସାଧନା-ମାର୍ଗର ଲକ୍ଷ୍ୟ ଥିଲା, କୌଣସି କୌଣସି ଯୋଗ-ମାର୍ଗରେ କାୟାସିଦ୍ଧି ଇତ୍ୟାଦି ବି ଥିଲା । ଏହିସବୁ ବିଷୟରେ ମୁଁ ଇତି ପୂର୍ବରୁ ଉଲ୍ଲେଖ କରିଛି ଏବଂ ମୁଁ ଏହି ଅଭିମତ ପ୍ରକାଶ କରିଛି ଯେ ମାନବର ପ୍ରାଚୀନ ଇତିହାସ ହେଲା ଗୋଟାଏ ପ୍ରସ୍ତୁତି, ଗୋଟାଏ ଆୟୋଜନ, ଭଗବାନଙ୍କୁ କେବଳ ଊର୍ଦ୍ଧ୍ୱଲୋକରେ ପ୍ରାପ୍ତି ନୁହେଁ, ପାର୍ଥିବ-ଚେତନାର ଅବଶ୍ୟମ୍ଭାବୀ ଅଗ୍ରଗତି ନିମିତ୍ତ । ଅତଏବ ଆମ୍ଭ ଯୋଗକୁ ଏବଂ ସେହି ଯୋଗର ଲକ୍ଷ୍ୟ ଓ ପ୍ରଣାଳୀକୁ କେହି ନୂତନ ବୋଲି ଗ୍ରହଣ କରୁ ବା ନ କରୁ, ସେଥିରେ କିଛି ଯାଏଆସେ ନାହିଁ, ଏହା ଅତି ସାମାନ୍ୟ କଥା, ଆଉ ଏହି ସମସ୍ତ ପ୍ରାଚୀନ ଆଦର୍ଶାବଳୀ ଓ ଆମ୍ଭ ଆଦର୍ଶ ଅଭିନ୍ନ ଓ ଏକ ନ ହେଲେ ସୁଦ୍ଧା ସେମାନଙ୍କ ମଧ୍ୟରେ କେତେକ ସାଦୃଶ୍ୟ ରହିଛି । ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ଆମ୍ଭ ଯୋଗକୁ ସ୍ୱୀକାର କରନ୍ତି, ଅଭ୍ୟାସ କରନ୍ତି ଅଥବା ଏହାକୁ ସାଧନାରେ ସିଦ୍ଧି କରିବାକୁ ଚାହାନ୍ତି, ସେମାନେ ଏହାକୁ ସତ୍ୟ ବୋଲି ଚିହ୍ନି ପାରିଛନ୍ତି କି ନାହିଁ । ଏହି ଯୋଗକୁ ଯଦି ନୂତନ କୁହାଯାଏ କିଂବା ପ୍ରାଚୀନ ଯୋଗର ପୁନରାବୃତ୍ତି ବୋଲି କୁହାଯାଏ, କିଂବା ବିସ୍ମୃତ ପୁରାତନ ପନ୍ଥାର ପୁନରୁଦ୍ଧାର ବୋଲି କୁହାଯାଏ, ଏଥିରେ କିଛି ଲାଭ କ୍ଷତି ନାହିଁ । କେତେକ ସାଧକଙ୍କୁ ପୂର୍ବରୁ ଲିଖିତ ଏକ ପତ୍ରରେ ମୁଁ ଏହି ଯୋଗକୁ ନୂତନ ବୋଲି ସ୍ପଷ୍ଟତଃ ଉଲ୍ଲେଖ କରିଥିଲି, କାରଣ ମୁଁ ସେମାନଙ୍କୁ ବୁଝାଇବାକୁ ଚାହିଁଥିଲି ଯେ ମୋ ଦୃଷ୍ଟିରେ ପ୍ରାଚୀନ ଯୋଗପନ୍ଥାର ଆଦର୍ଶ ବା ଲକ୍ଷ୍ୟର ପୁନରାବୃତ୍ତି ଯଥେଷ୍ଟ ନୁହେଁ, ମୁଁ ଏପରି ଏକ ବସ୍ତୁକୁ ଉପସ୍ଥାପିତ କରିବାକୁ ଚାହୁଁଛି ଯାହାକୁ ଆଜି ପର୍ଯ୍ୟନ୍ତ କେହି ବି ସିଦ୍ଧ କରି ନାହାନ୍ତି, ସ୍ପଷ୍ଟରୂପେ ଦେଖି ବି ନାହାନ୍ତି — ଅଥଚ ଆମ୍ଭମାନଙ୍କର ସକଳ ପୂର୍ବତନ ସାଧନାଧାରାର ଏହାହିଁ ଏକମାତ୍ର ସ୍ୱାଭାବିକ ପରିଣାମ, କିନ୍ତୁ ଆଜି ବି ତାହା ପ୍ରଚ୍ଛନ୍ନ ।

ଆମ୍ଭ ଯୋଗ ପ୍ରାଚୀନ ଯୋଗ-ପନ୍ଥାସମୂହର ତୁଳନାରେ ନୂତନ :

୧. କାରଣ ଏହି ଯୋଗର ଲକ୍ଷ୍ୟ ଜଗତ୍ ଓ ଜୀବନକୁ ବର୍ଜନ କରି ନିର୍ବାଣ ବା ସ୍ୱର୍ଗରେ ପ୍ରୟାଣ ନୁହେଁ, ଏହାର ଲକ୍ଷ୍ୟ ସତ୍ତା ଓ ଜୀବନର ପରିବର୍ତ୍ତନ ଗୌଣଭାବେ ନୁହେଁ, ବରଂ ସ୍ପଷ୍ଟ ଓ ମୁଖ୍ୟ ଭାବେ । ଅନ୍ୟାନ୍ୟ ଯୋଗ-ମାର୍ଗରେ ଅବତରଣ (descent) କଥା କଳ୍ପିତ ହୋଇଥାଏ, କିନ୍ତୁ ତାହା ପଥ ମଧ୍ୟସ୍ଥ ଗୋଟାଏ ସାମାନ୍ୟ ଘଟନା ମାତ୍ର, ଅଥବା ଉତ୍ତରଣ (ascent)ର ପରିଣାମ ରୂପେ — ଏହିସବୁ ମାର୍ଗରେ ଉତ୍ତରଣହିଁ ମୁଖ୍ୟବସ୍ତୁ । ଆମ୍ଭ ଯୋଗରେ ଉତ୍ତରଣର ପ୍ରଥମ କ୍ରିୟା ସତ, ତାହା ଅବତରଣର ଉପାୟ ସ୍ୱରୂପ । ଉତ୍ତରଣ ଦ୍ୱାରା ନୂତନ ଚେତନାର ଅବତରଣହିଁ ହେଲା ଏହି ସାଧନାରେ ନିଜସ୍ୱ ସିଲ୍ । ଏପରିକି ତନ୍ତ୍ର ଏବଂ ବୈଷ୍ଣବ ଧର୍ମରେ ଚରମ କାମ୍ୟ ହେଲା ମୁକ୍ତି; କିନ୍ତୁ ଜୀବନରେ ଦିବ୍ୟସାର୍ଥକତା ହେଲା ଆମ୍ଭ ଯୋଗର କାମ୍ୟ ।

୨. କାରଣ ଆମ୍ଭମାନଙ୍କ ଯୋଗର ଉଦ୍ଦେଶ୍ୟ ବ୍ୟକ୍ତିଗତ ଦିବ୍ୟସିଦ୍ଧିଲାଭ ନୁହେଁ ବରଂ ସମଗ୍ର ପାର୍ଥିବ ଚେତନା ସକାଶେ ଦିବ୍ୟ ସିଦ୍ଧି ଲାଭ; ବିଶ୍ୱଗତ ସିଦ୍ଧି, କେବଳ ବିଶ୍ୱାତୀତ ସିଦ୍ଧି ନୁହେଁ । ଆଉ ଗୋଟିଏ ବସ୍ତୁ ଯାହା ଆମ୍ଭମାନଙ୍କର ସାଧନୀୟ ତାହା ହେଲା ଏକ ପରମ ଚୈତନ୍ୟ (ଅତିମାନସ) ଶକ୍ତିକୁ ଉତାରି ଆଣିବା, ଯାହା ଆଜି ପର୍ଯ୍ୟନ୍ତ ପାର୍ଥିବ ପ୍ରକୃତିରେ ବ୍ୟବସ୍ଥିତ ବା ସାକ୍ଷାତରୂପେ କାର୍ଯ୍ୟକାରୀ ହୋଇ ନାହିଁ— ଏପରିକି ଆଧାତ୍ମିକ ଜୀବନରେ ବି ନୁହେଁ— ଏବଂ ଏଠାରେ ବି ତାହାକୁ ବ୍ୟବସ୍ଥିତ ଏବଂ ସକ୍ରିୟ କରିବାକୁ ହେବ ।

୩. କାରଣ, ଆମ୍ଭ ଯୋଗ ପ୍ରଣାଳୀ ନିର୍ଦ୍ଧାରିତ ହୋଇଅଛି ଏହି ସିଦ୍ଧି ନିମିତ୍ତ ଯାହା ଆମ୍ଭମାନଙ୍କ ଲକ୍ଷ୍ୟ ତୁଲ୍ୟ ସଂପୂର୍ଣ୍ଣ, ସାର୍ବଭୌମ, ଅର୍ଥାତ୍ ଚେତନା ଓ ପ୍ରକୃତିର ପୂର୍ଣ୍ଣ ସମଗ୍ର ରୂପାନ୍ତର । ପ୍ରାଚୀନ ପ୍ରଣାଳୀସମୂହର ଉପଯୋଗ ଏହି ଯୋଗର ଏକ ବିଶିଷ୍ଟ ପ୍ରଣାଳୀର ସହାୟରୂପେ ଗ୍ରହଣ କରାଯାଇଥାଏ । ପୂର୍ବବର୍ତ୍ତୀ କୌଣସି ଯୋଗରେ ମୁଁ ଏହି ପଦ୍ଧତିକୁ ପୂର୍ଣ୍ଣତଃ ବା ଅଂଶତଃ ଉପଲବ୍ଧ ବା ସ୍ୱୀକୃତ ହେବାର ଦେଖି ନାହିଁ । ଯଦି ମୁଁ ଏହି ପଥ ଦେଖିଥା'ନ୍ତି, ତେବେ ଏତେ କଷ୍ଟକରି ନୂତନ ପଥ ଆବିଷ୍କାର କରିବାରେ ସମୟ ନଷ୍ଟ କରି ନ ଥା'ନ୍ତି, ତିରିଶବର୍ଷକାଳ ଅନୁସନ୍ଧାନ ଓ ଆନ୍ତର ସୃଷ୍ଟି କାର୍ଯ୍ୟରେ ବ୍ୟାପୃତ ହୋଇ ନ ଥାନ୍ତି, ମୁଁ ପୂର୍ବ-ନିର୍ମିତ ରାସ୍ତା ଉପରେ ନିରାପଦରେ ସହଜରେ ଦୌଡ଼ିଯାଇ ନିଜ ଗମ୍ୟସ୍ଥାନରେ ପହଞ୍ଚି ପାରିଥାନ୍ତି— ଏପରି ରାସ୍ତା ଯାହା ନକ୍ସା ଦ୍ୱାରା ଯଥାବିଧି ପକ୍କା ପୋଖତ ରୂପେ ବନ୍ଧା ହୋଇଅଛି— ଯାହା ପିଚ୍‌ରେ ଢଳେଇ ହୋଇଛି ଏବଂ ସର୍ବଦା ନିରାପଦ ଓ ସାଧାରଣଙ୍କ ଯାତାୟାତ ନିମିତ୍ତ ଉନ୍ମୁକ୍ତ । ଆମ୍ଭମାନଙ୍କ ଯୋଗ ପୁରୁଣା ବନ୍ଧା ରାସ୍ତା ଉପରେ ଚାଲିବା ନୁହେଁ, ବରଂ ଏହା ଏକ ଅଜଣା ଦିବ୍ୟ-ତତ୍ତ୍ୱର ସାହସିକ ଅନୁସନ୍ଧାନ ।

(ପତ୍ରାବଳୀ, ପ୍ରଥମ ଖଣ୍ଡ) ୫-୧୦-୧୯୩୫

ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ

ଶ୍ରୀଅରବିନ୍ଦ

ପୂର୍ଣ୍ଣ ଓ ସର୍ବାଙ୍ଗୀଣ ଯୋଗ ବିଶେଷତଃ ଲିଖିତ ବା ପରମ୍ପରାଗତ କୌଣସି ଶାସ୍ତ୍ରର ସୀମା ମଧ୍ୟରେ ଆବଦ୍ଧ ରହିବା ଉଚିତ ନୁହେଁ । କାରଣ ଏହି ଯୋଗ ଅତୀତର ଜ୍ଞାନକୁ ସାଦରେ ଗ୍ରହଣ କଲେ ସୁଦ୍ଧା ତାହାକୁ ବର୍ତ୍ତମାନ ଓ ଭବିଷ୍ୟତ୍ ନିମିତ୍ତ ନୂତନ ଧାରାରେ ସଂଗଠିତ କରିବାକୁ ଚାହେଁ । ଅନୁଭୂତିର ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ, ପ୍ରାଚୀନ ଜ୍ଞାନର ପୁନଃବର୍ଣ୍ଣନ ନବ ଭାଷାରେ ଓ ନୂତନ ଯୋଜନାରେ, ଏହି ହେଲା ପୂର୍ଣ୍ଣଯୋଗର ଆତ୍ମଗଠନର ବିଧାନ । ଏହି ଯୋଗର ଲକ୍ଷ୍ୟ ସମଗ୍ର ଜୀବନକୁ ଆଲିଙ୍ଗନ କରିବା ଓ ନିଜ ମଧ୍ୟରେ ଗ୍ରହଣ କରିବା, ଏଣୁ ଏହାର ସାଧକ ତୀର୍ଥଯାତ୍ରୀ ତୁଲ୍ୟ ରାଜପଥ ଧରି ଲକ୍ଷ୍ୟ ପଥରେ ଯେ ଅଗ୍ରସର ହୁଏ, ଏପରି ନୁହେଁ ବରଂ କୁହାଯାଇପାରେ ଯେ ଦୁର୍ଭେଦ୍ୟ ଜଙ୍ଗଲ କାଟି ତାହାର ନିଜ ପଥ ନିଜକୁ ପ୍ରସ୍ତୁତ କରିବାକୁ ହୁଏ ।

ଏହି ଯୋଗ (ପୂର୍ଣ୍ଣଯୋଗ) ଦ୍ୱାରା ଆମ୍ଭେମାନେ କେବଳ ଯେ ଶାଶ୍ୱତର ସନ୍ଧାନ କରୁଅଛୁ ତାହା ନୁହେଁ, ଆମ୍ଭେମାନେ ଶାଶ୍ୱତଙ୍କୁ ମାନବଜୀବନରେ ପ୍ରଘଟ ହେବାକୁ ଆହ୍ୱାନ କରୁଅଛୁ । ସେହି କାରଣରୁ ଆମ୍ଭମାନଙ୍କ ଯୋଗର ଶାସ୍ତ୍ର ଏପରି ହେବାକୁହିଁ ହେବ ଯେ ସେଥିରେ ବିକାଶୋନ୍ମୁଖ ମାନବାତ୍ମାକୁ ଅସୀମ ସ୍ୱାଧୀନତା ଦେବାର ବ୍ୟବସ୍ଥା ରହିବ । ବିଶ୍ୱଗତ ଏବଂ ବିଶ୍ୱାତୀତ ସତ୍ତାକୁ ନିଜ ମଧ୍ୟରେ ଗ୍ରହଣ କରିବା କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତିର ଅବାଧ ସ୍ୱାଧୀନତା ରହିବ, ତାହାର ନିଜ ପ୍ରକାରରେ, ତାହାର ନିଜ ପ୍ରଣାଳୀରେ, ଏହି ତ ହେଲା ମାନବର ପରିପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନର ଯଥାର୍ଥ ଭିତ୍ତି ।

ଜ୍ଞାନ, ଭକ୍ତି ଓ କର୍ମ— ଏହି ତ୍ରିମାର୍ଗ ମଧ୍ୟରୁ ପ୍ରତ୍ୟେକ ମାର୍ଗରେହିଁ ପୁଣି ବହୁ ଶାଖା-ପ୍ରଶାଖା ଅଛି, ତେବେ ସବୁଯାଇ ମିଶିଅଛି ଏକ ଚରମ ଗମ୍ୟ ସ୍ଥଳରେ । ସାଧାରଣ ଜ୍ଞାନ, ଯାହା ଉପରେ ଯୋଗ ନିର୍ଭର କରେ, ତାହା ନିର୍ଦ୍ଧାରିତ; କିନ୍ତୁ ତାହାର ଅବସ୍ଥା, ଅନୁକ୍ରମ, ପ୍ରଣାଳୀ, ସ୍ୱରୂପ,— ଏହାର କିଛି ଅଦଳ-ବଦଳକରି ଦେଖିବାକୁହିଁ ହୁଏ, କାରଣ ମୂଳ ସତ୍ୟକୁ ଅଚଳ, ଅଟଳ ରଖି ବି ବ୍ୟକ୍ତିଗତ ପ୍ରକୃତିର ଅଭାବ-ଆକାଙ୍କ୍ଷା ପୂରଣ କରିବା ଏକାନ୍ତ ଆବଶ୍ୟକ ।

ଯୋଗର ପ୍ରଣାଳୀସମୂହ ଏକାବେଳେକେ ନିର୍ଦ୍ଦିଷ୍ଟ, ଆଉ ଗୁରୁ ଯେ ଐତିହ୍ୟ ଅନୁସାରେ ଶାସ୍ତ୍ରରେ ଅଧିକାର ଲାଭ କରିଅଛନ୍ତି ଏବଂ ସ୍ୱୀୟ ସାଧନାର ଆଲୋକରେ ତାହାର ଉପଦେଶ ଉପଲବ୍ଧି କରିଅଛନ୍ତି, ସେହି କେବଳ

ଶିଷ୍ୟକୁ ଚିରନ୍ତନ ପଥ ଧରି ଚଳାଇ ନେଇଯାଆନ୍ତି । ସେହି ସକାଶେ ଯୋଗସାଧନାରେ ନୂତନ ପଦ୍ଧତି, ନୂତନ ଉପଦେଶ, ନୂତନମନ୍ତ୍ର ବିରୋଧରେ ଏହି ଆପତ୍ତି ପ୍ରାୟହିଁ ଶୁଣାଯାଏ, ''ଏହିସବୁ ଶାସ୍ତ୍ରାନୁମୋଦିତ ନୁହେଁ'' । କିନ୍ତୁ ବସ୍ତୁତଃ କିଂବା କାର୍ଯ୍ୟତଃ ଯୋଗୀ କୌଣସି ନବୀନ ତତ୍ତ୍ୱ, ସତ୍ୟର କୌଣସି ନବୀନ ପ୍ରକାଶ କିଂବା ବିଶାଳତର ଅନୁଭୂତିକୁ ଭିତରେ ଆସିବାକୁ ଦେବେ ନାହିଁ ବୋଲି ତାଙ୍କର ଲୌହ କବାଟକୁ ବନ୍ଦ କରି ରଖିବେ ନାହିଁ ।

ବହୁତ କାଳ ହେଲା ଯୋଗ ବାସ୍ତବ ଜୀବନରୁ ଭ୍ରଷ୍ଟ ହୋଇ ପଡ଼ିଅଛି ଆଉ ଯେଉଁସବୁ ପ୍ରାଚୀନ ଯୋଗ-ପ୍ରଣାଳୀ ଜୀବନକୁ ଆଲିଙ୍ଗନ କରିବାକୁ ଚାହିଁଥିଲା, ଯେପରି ଆମ୍ଭମାନଙ୍କର ବୈଦିକ ପୂର୍ବଜମାନଙ୍କର ସାଧନା, ସେଥିରୁ ଆମ୍ଭେମାନେ ବହୁ ଦୂରକୁ ଚାଲିଯାଇଛୁ, ତାହାର ଭାଷା ଅବଧି ଆମ୍ଭେମାନେ ଆଉ ବୁଝିପାରୁ ନାହୁଁ, ତାହାର ପଦ୍ଧତିସମୂହ ଆମ୍ଭମାନଙ୍କର ବର୍ତ୍ତମାନ ଜୀବନରେ ଅଚଳ । ଯେବେ ମନୁଷ୍ୟ ଅନନ୍ତ କାଳ-ସ୍ରୋତରେ ଏତେଦୂର ଆଗେଇ ଆସିଛି, ତେବେ ଆଜି ସାଧନାସମସ୍ୟାର ଚେଷ୍ଟା ଆମ୍ଭମାନଙ୍କୁ ନୂତନ ଦିଗରୁ ଆରମ୍ଭ କରିବାକୁ ହେବ ।

ଏହି ଯୋଗ-ସାଧନା କୌଣସି ଧାରାବଦ୍ଧ ମାନସିକ ଶିକ୍ଷା ଅଥବା ନିର୍ଦ୍ଧାରିତ ଧ୍ୟାନ-ଧାରଣା, ମନ୍ତ୍ରର ପ୍ରଣାଳୀ ଦ୍ୱାରା ଅଥବା ଅନ୍ୟ କିଛି ଧରି ଚାଲେ ନାହିଁ; କିନ୍ତୁ ଚାଲେ ଆକାଙ୍କ୍ଷା ଦ୍ୱାରା, ଅନ୍ତର୍ମୁଖୀ ବା ଊର୍ଦ୍ଧ୍ୱମୁଖୀ ଅଭିନିବେଶ ଦ୍ୱାରା, ଆମର ଉପରିସ୍ଥ କୌଣସି ଏକ ଦିବ୍ୟ ଶକ୍ତି ଓ ତାହାଙ୍କର କ୍ରିୟାବଳି ପାଖରେ, ହୃଦୟର ଅଧିଷ୍ଠିତ ଭଗବାନଙ୍କ ପାଖରେ ଆମ୍ଭୋନ୍ମୀଳନ ଦ୍ୱାରା ଏବଂ ଏହି ସମସ୍ତ ସହିତ ଯେଉଁ ଯେଉଁ ଅସାମଞ୍ଜସ୍ୟ ରହିଅଛି, ତାହାକୁ ବର୍ଜନ କରିବା ଦ୍ୱାରା । କେବଳ ଶ୍ରଦ୍ଧା, ଅଭୀପ୍ସା ଓ ସମର୍ପଣ ଦ୍ୱାରା ଏହି ଆମ୍ଭୋନ୍ମୀଳନ ଆସିପାରେ ।

ଗାର୍ହସ୍ଥ୍ୟ ଧର୍ମ ଓ ଶ୍ରୀଅରବିନ୍ଦଙ୍କ ଯୋଗ

ସୂଚନା

ମାନବଜୀବନର ସାର୍ଥକତା ଉପଲବ୍ଧି ନିମିତ୍ତ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଯୋଗ ଅପରିହାର୍ଯ୍ୟ । କିନ୍ତୁ ଗାର୍ହସ୍ଥ୍ୟ ଧର୍ମକୁ ଆଶ୍ରୟ କରିଥିବା ମାନବସମାଜର ଅଧିକାଂଶ ବ୍ୟକ୍ତି ପ୍ରତିବାଦ କରନ୍ତି ଯେ ଗୃହସ୍ଥମାନଙ୍କ ପକ୍ଷେ ଜୀବନର ଅସଂଖ୍ୟ ଜଞ୍ଜାଳ ମଧ୍ୟରେ ରହି ଯୋଗ ବା ଅଧ୍ୟାତ୍ମ ସାଧନା ଅସମ୍ଭବ, କେବଳ ସେହି ସଂସାରତ୍ୟାଗୀ ସନ୍ନ୍ୟାସୀମାନେହିଁ ଯୋଗର ସାଧକ । ଏହା ଏକ ଭ୍ରମାତ୍ମକ ଧାରଣା । ଏହି ଭ୍ରମ ଧାରଣା ଦୂର କରିବା ନିମିତ୍ତ ଶ୍ରୀମା ଶ୍ରୀଅରବିନ୍ଦ ମାନବସମାଜ ସମ୍ମୁଖରେ ଆଜି ଏକ ଅଭୂତପୂର୍ବ ଯୁଗୋପଯୋଗୀ ସର୍ବଜନଗ୍ରହଣୀୟ ପୂର୍ଣ୍ଣଯୋଗର ବାସ୍ତବ ଆଦର୍ଶ ଉପସ୍ଥାପନ କରିଛନ୍ତି । ଗାର୍ହସ୍ଥ୍ୟ ଧର୍ମାଶ୍ରୟୀ ପ୍ରତ୍ୟେକ ଶ୍ରେଣୀ – କୃଷକ, ବ୍ୟବସାୟୀ, ବିଭିନ୍ନ କର୍ମଚାରୀ ତଥା ରାଜନୈତିକ ନେତାମାନେ କିପରି ଭାବରେ ନିଜ ନିଜର ପରିସର ମଧ୍ୟରେ ଜୀବନର ଯଥାର୍ଥ ଲକ୍ଷ୍ୟ ପୂରଣ କରିପାରିବେ, ତାହାର ଏକ ସରଳ ସୁନ୍ଦର ଚିତ୍ର ଏହି ପୁସ୍ତିକା ମାଧ୍ୟମରେ ଅଭିଜ୍ଞ ଲେଖକ ଦର୍ଶାଇଛନ୍ତି । କହିବା ଅନାବଶ୍ୟକ, ଗୃହସ୍ଥ ମାତ୍ରେ ଏହି ପୁସ୍ତିକା-ପଠନ ଦ୍ୱାରା ବିଶେଷ ଉପକୃତ ହେବେ ।

– ପ୍ରକାଶକ

ପ୍ରଥମ ଭାଗ

ଗାର୍ହସ୍ଥ୍ୟ ଧର୍ମର ମହତ୍ତ୍ୱ

ଗାର୍ହସ୍ଥ୍ୟ ଧର୍ମ ସମସ୍ତ ଧର୍ମର ଭିତ୍ତି, ମୂଳ ଉତ୍ସ, ସୃଷ୍ଟି-ସର୍ଜନା ତଥା ପ୍ରସାରର କାରଣ । ଗାର୍ହସ୍ଥ୍ୟ ଧର୍ମହିଁ ସମସ୍ତ ଧର୍ମକୁ ସମୃଦ୍ଧିଶାଳୀ କରି ତୋଳେ । ଗାର୍ହସ୍ଥ୍ୟ ଧର୍ମର ଉନ୍ନତି ଉପରେହିଁ ସଂସାରର ଉନ୍ନତି ନିର୍ଭର କରେ । ଗୃହସ୍ଥାଶ୍ରମରୁହିଁ ସନ୍ତାନ ଉତ୍ପତ୍ତି ହୁଏ । ଗାର୍ହସ୍ଥ୍ୟ ଧର୍ମ ଶୁଦ୍ଧ, ପବିତ୍ର, ଅବିକୃତ ହେଲେ ସନ୍ତାନର ସୁଚରିତ୍ର, ଉନ୍ନତ ସ୍ୱଭାବ ଗଠିତ ହୁଏ । ସେହି ସନ୍ତାନମାନେ ସମାଜର ଭିନ୍ନ ଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରନ୍ତି । ତାଙ୍କରି ଦ୍ୱାରା ସମାଜ, ଦେଶ ଉନ୍ନତ ତଥା ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ହୁଏ । ଗୃହସ୍ଥାଶ୍ରମରୁହିଁ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ସନ୍ନ୍ୟାସାଶ୍ରମ ଉଦ୍ଭବ ହୁଏ ।

ଗୃହସ୍ଥାଶ୍ରମହିଁ ଅନ୍ୟାନ୍ୟ ସମସ୍ତ ଆଶ୍ରମକୁ ପାଳନ ପୋଷଣ କରେ । ଗୃହସ୍ଥାଶ୍ରମର ବ୍ୟକ୍ତି ମୁଣ୍ଡଝାଳ ତୁଣ୍ଡରେ ମାରି ପରିଶ୍ରମ କରେ । ସେହିମାନେ ଶସ୍ୟ ଉତ୍ପାଦନ କରି ଭୋଜନ ଯୋଗାନ୍ତି, କପାଚାଷ କରି ଲୁଗା ବୁଣି ପିନ୍ଧିବାକୁ ଦିଅନ୍ତି, ଧୋବାରୂପେ ଲୁଗା ସଫା କରନ୍ତି, ବାରିକରୂପେ କ୍ଷୌର କରନ୍ତି, କମାର ଓ ବଢ଼େଇରୂପେ ନାନା ବସ୍ତୁ ତିଆରି କରିବାର ଆବଶ୍ୟକ ଦ୍ରବ୍ୟମାନ ଯୋଗାନ୍ତି । ତାଙ୍କରି ପରିଶ୍ରମଯୋଗୁଁ ଆମ୍ଭେମାନେ ସୁନ୍ଦର ରାସ୍ତାରେ ଚାଲୁ, ଦ୍ରୁତଗାମୀ ଯାନରେ ଯାତ୍ରା କରୁ, ଆକାଶରେ ଉଡ଼ିପାରୁ, ଦୂର ଦେଶର ବାର୍ତ୍ତା ଶୁଣିପାରୁ, ଦୂରର ଦୃଶ୍ୟ ଦେଖିପାରୁ । ସଂସାରରେ ଯାହାକିଛି ଉତ୍ତମ, ସୁନ୍ଦର, ବ୍ୟବସ୍ଥିତ, ଶୃଙ୍ଖଳିତ, ସମୃଦ୍ଧିଶାଳୀ, ଐଶ୍ୱର୍ଯ୍ୟଶାଳୀ, ସତ୍ୟ, ନ୍ୟାୟ, ନିଃସ୍ୱାର୍ଥତା ଇତ୍ୟାଦି ଦେଖୁ, ତାହାସବୁ ଗୃହସ୍ଥାଶ୍ରମର ଫଳ । ସଂସାରରେ ଦୁର୍ନୀତି, ଅସତ୍ୟ, ହିଂସା, ସ୍ୱାର୍ଥପରତା, ଦରିଦ୍ରତା ଇତ୍ୟାଦି ଗାର୍ହସ୍ଥ୍ୟ ଧର୍ମର ପତନର କାରଣ ।

ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି କୃଷି, ବାଣିଜ୍ୟ କରନ୍ତି । ଶିକ୍ଷାବିଭାଗରେ ଅଧ୍ୟାପକ ହୁଅନ୍ତି । ବସ୍ତୁ ଉତ୍ପାଦନ ତଥା ନିର୍ମାଣକ୍ଷେତ୍ରରେ କାର୍ଯ୍ୟ କରନ୍ତି । ପୋଲିସ ବିଭାଗରେ ସେହିମାନଙ୍କ କାର୍ଯ୍ୟ । ଅମଲା, ଅଫିସର, ଆଇନଜ୍ଞ, ବୈଜ୍ଞାନିକ, ଶାସକ ଆଦି କର୍ମ ମଧ୍ୟ ତାଙ୍କରି ଦ୍ୱାରା ହୁଏ । ଗାର୍ହସ୍ୟାଶ୍ରମହିଁ କର୍ମର କ୍ଷେତ୍ର । ଗାର୍ହସ୍ଥ୍ୟ ଧର୍ମହିଁ ସମସ୍ତ ଧର୍ମର ମୂଳ । ଗଛମୂଳରେ ଜଳ ଦେବା ଦ୍ୱାରା ଯେପରି ସମସ୍ତ ଗଛଟିକୁ ଖାଦ୍ୟ ମିଳେ, ସେହିପରି ଗାର୍ହସ୍ଥ୍ୟ ଧର୍ମ ଯଥାର୍ଥରୂପେ ଆଚରିତ ହେବା ଦ୍ୱାରା ଅନ୍ୟାନ୍ୟ ସମସ୍ତ ଧର୍ମ ସମୃଦ୍ଧିଶାଳୀ ହୁଏ । ଗାର୍ହସ୍ଥ୍ୟ ଧର୍ମ ତେବେ ଠିକ୍ ଠିକ୍ ପାଳିତ ହୋଇପାରେ ଯେବେ ତା'ର ଆଧାର, ଆଶ୍ରୟ ଅଧ୍ୟାତ୍ମ ସତ୍ୟ ହୁଏ ।

ପିତା ମାତା, ଭାଇ ଭଉଣୀ, ସ୍ତ୍ରୀ, ପୁତ୍ର ସହିତ ସମ୍ବନ୍ଧ ରଖି ବାସ କରିବାର ଅର୍ଥ ଗାର୍ହସ୍ଥ୍ୟ ଜୀବନ । ସମାଜବିହିତ ନିୟମର ଅର୍ଥ ଗାର୍ହସ୍ଥ୍ୟ ଧର୍ମ । ଗାର୍ହସ୍ଥ୍ୟ ଧର୍ମର ପାଳନ ଦ୍ୱାରା ମନୁଷ୍ୟ ନିଜ ଜୀବନର ଲକ୍ଷ୍ୟ ତଥା ଜୀବନର ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଏ । ଧର୍ମ ଜୀବନର ମାନଦଣ୍ଡ, ନିୟାମକ; ଧର୍ମ ପାଳନ ଦ୍ୱାରା ଜୀବନ ଠିକ୍ ମାର୍ଗରେ ଚାଲେ; ଧର୍ମତ୍ୟାଗ, ଅବହେଳା ଅଥବା ପାଳନରେ ତ୍ରୁଟି କରିବା ଦ୍ୱାରା ଜୀବନ ଅବ୍ୟବସ୍ଥିତ, ବିଶୃଙ୍ଖଳିତ ହୁଏ । ବ୍ୟକ୍ତିକୁ ଦୁଃଖ, ଦ୍ୱନ୍ଦ୍ୱ, ଯାତନା, ଅଶାନ୍ତି ଭୋଗ କରିବାକୁ ପଡ଼େ; ସେ ସମାଜରେ ଅସମ୍ମାନିତ ହୁଏ । ଏପରିକି ଅଧିକ ମାତ୍ରାରେ ବ୍ୟକ୍ତି ଧର୍ମତ୍ୟାଗ କଲେ କେବେ କେବେ ଅସାଧାରଣ ମାନସିକ ବ୍ୟଥାଯୋଗୁଁ ଆତ୍ମହତ୍ୟାତୁଲ୍ୟ ଘୋର ପାପରେ ପ୍ରବୃତ୍ତ ହୁଏ । ଯେପରି ମୋଟର ବା ରେଲର ଇଞ୍ଜିନ : ତାକୁ ଯଥାସ୍ଥାନରେ ରଖି ଯଥାବିଧି ବ୍ୟବହାର କରିବା ଦ୍ୱାରା ମନୁଷ୍ୟ ତଥା ବସ୍ତୁକୁ ବିନା ପରିଶ୍ରମରେ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇ ଦିଏ । କିନ୍ତୁ ବ୍ୟବହାର କରିବାର ଯେଉଁ ନିୟମ ଅର୍ଥାତ୍ ଯେଉଁ ଧର୍ମ, ସେଥିରୁ ବ୍ୟତିକ୍ରମ ହେବା ମାତ୍ରେ ସେହି ରେଲଗାଡ଼ି ମାର୍ଗଭ୍ରଷ୍ଟ ହୋଇ ପଡ଼ିଯାଏ, ହଜାର ହଜାର ବ୍ୟକ୍ତିଙ୍କ ପ୍ରାଣ ଏବଂ ବସ୍ତୁ ନଷ୍ଟ କରେ ।

ଶରୀର-ଧର୍ମ ସମ୍ବନ୍ଧେ ପ୍ରତ୍ୟେକ ବ୍ୟକ୍ତିର ଅଭିଜ୍ଞତା ଥାଏ । ଶରୀର-ଧର୍ମ ହେଉଛି ଜଠରାଗ୍ନିର ଅନୁକୂଳ ତଥା

ନିୟମିତ ଭୋଜନ, ଆବଶ୍ୟକ ଏବଂ ନିୟମିତ ବିଶ୍ରାମ, ବିହିତ ଶାରୀରିକ ପରିଶ୍ରମ ଅଥବା ବ୍ୟାୟାମ । ଏହିସବୁ ଆବଶ୍ୟକ ନିୟମର ଅର୍ଥ ଧର୍ମ । ଉଦରର ଆବଶ୍ୟକତାରୁ ଲାଳସାରେ ଅଧିକ ଭୋଜନ କଲେ ଏବଂ ଆବଶ୍ୟକତାରୁ କମ୍ କିଂବା ବେଶୀ ବିଶ୍ରାମ କଲେ ଅଥବା ଶାରୀରିକ ବଳ ଏକେବାରେ ପ୍ରୟୋଗ ନ କଲେ କିଂବା ଅଧିକ ମାତ୍ରାରେ ପ୍ରୟୋଗ କଲେ ମନୁଷ୍ୟ ବେମାର ପଡ଼େ । ଏପରିକି ଜ୍ୱର ଅବସ୍ଥାରେ ଦହି ଖାଇ ସ୍ନାନ କଲେ ଓ ଆମାଶୟ ରୋଗରେ ଲଙ୍କାମରିଚ, ମିଷ୍ଟାନ୍ନ, ମାଂସ ଭୋଜନ କଲେ ମନୁଷ୍ୟ ମୃତ୍ୟୁକୁ ପ୍ରାପ୍ତ ହୁଏ । ଏହା ହୁଏ ଶାରୀର ଧର୍ମ ନିୟମିତ ରୂପେ ପାଳନ ନ କରି ଅନିୟମିତ ବ୍ୟବହାର କରିବା ଯୋଗୁଁ । ଠିକ୍ ଏହିପରି ମନୁଷ୍ୟଜୀବନର ଧର୍ମ । ମନୁଷ୍ୟ ଧର୍ମଭ୍ରଷ୍ଟ ହେଲେ ନିଜ ଲକ୍ଷ୍ୟରେ ପହଞ୍ଚିପାରେ ନାହିଁ, ଜୀବନକୁ ଯାତନାମୟ କରି ତୋଳେ । ଧର୍ମ ମନୁଷ୍ୟର ପ୍ରାଣର ପ୍ରିୟ, ଉତ୍ତମ ଗୁରୁ, ପଥପ୍ରଦର୍ଶକ, ହିତ କରିବାରେ ପିତାମାତା, ସାହାଯ୍ୟ କରିବାରେ ନିଃସ୍ୱାର୍ଥପର ମିତ୍ର ସଦୃଶ । ଧର୍ମଭ୍ରଷ୍ଟ ବ୍ୟକ୍ତିର ଜୀବନ ବ୍ୟର୍ଥ, ପଶୁସଦୃଶ ଦୁଃଖଯାତନାମୟ ହୁଏ ।

ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ଗାର୍ହସ୍ଥ୍ୟ ଧର୍ମ

ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣିବା ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ କରିବା ହେଲା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ । ଏ-ବିଷୟ ଶାସ୍ତ୍ରପ୍ରମାଣ, ଯୁକ୍ତିତର୍କ ମାର୍ଗରେ ନ ଯାଇ ସରଳ ତଥା ସ୍ୱାଭାବିକରୂପେ ଦୃଷ୍ଟିଦେଲେ ଦେଖିବା ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖବିହୀନ ପରମାନନ୍ଦ, ପରମ ସୁଖ, ପରମ ଶାନ୍ତି ସ୍ୱରୂପ ଭଗବାନ୍ । ଏହାକୁ ପ୍ରାପ୍ତ କରିବାକୁ ସେ ଏହି ସଂସାରକୁ ଆସିଅଛି । କିନ୍ତୁ ଏହାର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ସଚେତନ ନ ହୋଇ ଅଜ୍ଞାନତାରେ ପରମ ସୁଖରୂପ ଲକ୍ଷ୍ୟର ବିକୃତ ରୂପ ସାଂସାରିକ ସୁଖ, ପରିବାର, ଧନ, ମାନ, ଯଶରେ ଚାହୁଁଅଛି । ଯଥାର୍ଥ ଉପାୟ ଏବଂ ଲକ୍ଷ୍ୟ-ଜ୍ଞାନ ନ ଥିଲେ ମଧ୍ୟ ମନୁଷ୍ୟ ଅଜ୍ଞାତରୂପେ ଚାହୁଁଅଛି ସେହି ପରମ ସୁଖକୁ । ଅଜ୍ଞାନ ଶିଶୁ ଯେପରି କ୍ଷୁଧାନିବୃତ୍ତି ଚାହେଁ, କିନ୍ତୁ ତା'ର ଉପାୟ ଭୋଜନ ସମ୍ବନ୍ଧେ ସେ ସଜ୍ଞାନ ନ ଥାଏ, ତଥାପି ଅଜ୍ଞାନରୂପେ ଭୋଜନ ଚାହୁଁଥାଏ । ଠିକ୍ ଅଜ୍ଞାନଶିଶୁ ସଦୃଶ ମନୁଷ୍ୟ ତା'ର ନିଜର ଠିକ୍ ଠିକ୍ ଜ୍ଞାନ ନ ଥାଏ । ସେ ଲକ୍ଷ୍ୟପ୍ରାପ୍ତିର ଉପାୟ ଭଗବତ୍ ସେବା ଭାବରେ କର୍ମ କରେ ନାହିଁ, ପରିଣାମରେ ଦୁଃଖ ପାଏ । ଅତଏବ ସେ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ଲକ୍ଷ୍ୟପ୍ରାପ୍ତିର ଉପାୟ ଭଗବତ୍ ଉଦ୍ଦେଶ୍ୟରେ କର୍ମ କରିବା ଉଚିତ । ଯଦ୍ୟପି ମନୁଷ୍ୟର ଆଂଶିକ ଲକ୍ଷ୍ୟପ୍ରାପ୍ତିର ଉପାୟ ବହୁ ପ୍ରକାର ସନ୍ନ୍ୟାସ ଧର୍ମ ଅଛି, ତାହା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସୁଲଭ ନୁହେଁ କିଂବା ସେଥିରେ ମନୁଷ୍ୟର ସ୍ୱାଭାବିକ ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ ନାହିଁ । ସେଥିରେ ସମସ୍ୟାର ସମାଧାନ କିଂବା ସଂସାର ଉନ୍ନତି ମଧ୍ୟ ହୁଏ ନାହିଁ । କାରଣ ମନୁଷ୍ୟ ଚାହେଁ ସମୃଦ୍ଧିଶାଳୀ ସଂସାର, ଉନ୍ନତ କର୍ମ, ଧନସମ୍ପଦପୂର୍ଣ୍ଣ ସୁଖମୟ ପାରିବାରିକ ଜୀବନ । ଏହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ଗାର୍ହସ୍ଥ୍ୟ ଧର୍ମ ଠିକ୍ ଠିକ୍ ପାଳନ କରିବାରେ । ଗାର୍ହସ୍ଥ୍ୟ ଧର୍ମ ପାଳନ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିପକ୍ଷେ ସୁଲଭ । ଗାର୍ହସ୍ଥ୍ୟ ଧର୍ମ ଅନ୍ତର୍ଗତ କୃଷକଜୀବନ ବିଷୟରେ ଆଲୋଚନା କରିବା ।

କୃଷକ

କୃଷକ ସରଳ, ନିଷ୍ପଟ, ପରୋପକାରରେ ରତ, ପରିଶ୍ରମୀ, ସ୍ୱାସ୍ଥ୍ୟବାନ୍ । ସେ ସକାଳୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପରିଶ୍ରମ କରେ; ଖରା, ବର୍ଷା ସହେ, ପରିଶ୍ରମ ପରେ ପଖାଳଭାତ, ଶାଗରୁ ଅମୃତର ସ୍ୱାଦ ପାଏ । ସନ୍ଧ୍ୟାରେ ଭାଗବତ ଟୁଙ୍ଗିରେ ପରମାର୍ଥିକ ପୁରାଣ ଶୁଣେ । ବିଛଣାରେ ପଡ଼ିଯିବା ସଙ୍ଗେ ସଙ୍ଗେ ପ୍ରଗାଢ଼ ନିଦ୍ରାରେ ସ୍ୱପ୍ନରାଜ୍ୟରେ ବିଚରଣ କରେ । ଗୋଟିଏ ନିଦରେ ଭୋରରୁ ଉଠେ । ପରିଶ୍ରମଯୋଗୁଁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ କ୍ରିୟାଶୀଳ ହୁଏ; ଅଗ୍ନିମାନ୍ଦ୍ୟ ରୋଗର ଶିକାର ହେବାକୁ ତାକୁ ପଡ଼େ ନାହିଁ । କ୍ଷୁଧା ଅବସ୍ଥାରେ ଭୋଜନ କରିବା ଯୋଗୁଁ ଖାଦ୍ୟବସ୍ତୁ ଠିକ୍ ପରିପାକ

ହୁଏ । ପରିପାକ ଠିକ୍ ହେଲେ କୌଣସି ରୋଗର ଉପଦ୍ରବ ହୁଏ ନାହିଁ । ସମୟ ଅଭାବରୁ ପର ନିନ୍ଦା, ପର ଚର୍ଚ୍ଚାର ଅବକାଶ ମିଳେ ନାହିଁ । ତାହାର ଜୀବନ ଅପେକ୍ଷାକୃତ ପ୍ରସନ୍ନ ଥାଏ । କୃଷକର ଘରୁ ଯୋଗୀ ଭିକାରିଙ୍କୁ ମୁଠିଏ ଭିକ ମିଳେ । ଭୋକୀ, ଶୋଷୀ ତୋରାଣି ଢୋକେ ପାଏ । ଅତିଥି ଅଭ୍ୟାଗତର ସେବା ହୁଏ । ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ, ସନ୍ନ୍ୟାସ – ଏହି ତିନି ଆଶ୍ରମର ବ୍ୟକ୍ତିମାନଙ୍କର ଉଦରପାଳନ କେବଳ କୃଷକର ପରିଶ୍ରମରେ ହୁଏ । ସଂସାରରେ ଯାହାକିଛି ଚମତ୍କାର ଆଶ୍ଚର୍ଯ୍ୟଜନକ ବସ୍ତୁ ଦେଖାଯାଏ, ଯେଉଁ ବସ୍ତୁସବୁ ମନୁଷ୍ୟକୁ ସୁଖସୁବିଧା ଆଣିଦିଏ, ତାହାର ମୂଳ କାରଣ ହେଉଛି କୃଷକ । ବ୍ୟବସାୟୀ, ଅଫିସର, ଶାସକ, ସୈନିକ, ବିଜ୍ଞାନବେତ୍ତା ତଥା ଅଧ୍ୟାତ୍ମ ସାଧକମାନେ ବହୁତ ବଡ଼ ବଡ଼ କାର୍ଯ୍ୟ କରନ୍ତି ସତ୍ୟ, କିନ୍ତୁ ଏହାର ମୂଳରେ ଥାଏ ଭୋଜନ । ଭୋଜନ ବିନା ସଂସାର ଚଳେ ନାହିଁ । ବାୟୁଯାନ, ରେଡ଼ିଓ, ରେଳ, ଭଲ ଘର, ବିଜୁଳିପଙ୍ଖା ବିନା ମନୁଷ୍ୟ ଜୀବିତ ରହିପାରେ, କିନ୍ତୁ ଭୋଜନ ବିନା କିଛି ଦିନ ବିଛଣାରେ ବିଶ୍ରାମ ନେବା ପରେ ଚିରଦିନ ସକାଶେ ଚକ୍ଷୁ ବନ୍ଦ କରିଦେବାକୁ ପଡ଼େ । ସଂସାରରେ ଯେତେ ପ୍ରକାର ଜୀବନ ଅଛି, ସବୁଠାରୁ ସରଳ, ପରମାର୍ଥିକ ଜୀବନ ହେଉଛି କୃଷକର । ତାହାର ପରିଶ୍ରମ ନିଜ ତଥା ଅଧିକ ପରିମାଣରେ ଅନ୍ୟ ସକାଶେ ।

କୃଷକମାନଙ୍କ ବାସସ୍ଥାନ ଗ୍ରାମରେ । ସେମାନେ ଶସ୍ୟ ଉତ୍ପାଦନ କରନ୍ତି । ବିରି, ମୁଗ, ହରଡ଼ ଇତ୍ୟାଦି ଡାଲି ଓ ନାନା ପ୍ରକାର ପନିପରିବା ସେମାନଙ୍କ ଜମି ତଥା ବଗିଚାରେ ହୁଏ । ସୋରିଷ କରି ତେଲ ତିଆରି କରନ୍ତି, ଗାଈ ରଖି ବିଶୁଦ୍ଧ ଦୁଧ, ଘିଅ ପାଆନ୍ତି । ବାଡ଼ିରେ ପୋଖରୀ, କୂଅ । ସହରବାସୀଙ୍କଠାରୁ ସେମାନଙ୍କ ଜୀବନ ସ୍ୱତନ୍ତ୍ର । ସେମାନେ ସହରବାସୀଙ୍କ ପରି ବଜାରରୁ ବାସି ଶୁଖିଲା ପରିବା କିଣନ୍ତି ନାହିଁ । ମିଶା ତେଲ, ଘିଅ ଓ ପଚା ଶଢ଼ା ଜିନିଷ ସେମାନେ ଖାଆନ୍ତି ନାହିଁ । ଗାଧୋଇବା, ପିଇବା ଜଳ ପାଇଁ ମ୍ୟୁନିସ୍‌ପାଲଟିର ଦୟା ଉପରେ ସେମାନେ ନିର୍ଭରଶୀଳ ନୁହନ୍ତି । ସେମାନେ ସ୍ୱଚ୍ଛ ଖୋଲା ବାୟୁରେ ରହନ୍ତି – ତାଜା, ଶୁଦ୍ଧ ବସ୍ତୁ ଭୋଜନ କରନ୍ତି । ସେମାନଙ୍କର ମାଲିମକଦମା, ଜାଲ ଫିସାଦ, ଜୁଆଚୋରି ନ ଥାଏ । ଗ୍ରାମରେ ଝଗଡ଼ା ହେଲେ ପଞ୍ଚାୟତ ନିଷ୍ପତ୍ତି କରିଦିଅନ୍ତି । ଏହା ଥିଲା ପୂର୍ବ କାଳରେ ।

ବର୍ତ୍ତମାନ ଗାର୍ହସ୍ଥ୍ୟ କୃଷକର ଜୀବନ ସହରର ଦୂଷିତ ବାତାବରଣରୁ ମୁକ୍ତ ନୁହେଁ । ଗ୍ରାମରେ ଦଳ ବାନ୍ଧି ଖଚ ମିଛ, ଜୁଆଚୋରି କରିବା ସହରଠାରୁ ବଳିପଡ଼ିଲାଣି । ଜଣେ ଗଣ୍ଡାଏ ଭଲରେ ଖାଇଲେ ଅନ୍ୟମାନେ ତାକୁ ଶେଷ କରିବାକୁ କଟିବଦ୍ଧ । ଯେଉଁ ବ୍ୟକ୍ତି ସ୍ୱାର୍ଥ ହାସଲ କରିବାରେ କୌଶଳତାପୂର୍ବକ ଛଦ୍ମନ୍ୟାୟର ଆଶ୍ରୟ ନେଇପାରେ, ସମାଜରେ ତା'ର ଶ୍ରେଷ୍ଠ ସ୍ଥାନ ଅଧିକାର ଏବଂ ଆଦର । ଗ୍ରାମବାସୀଙ୍କ ସୁବିଧା ସକାଶେ କୂପ, ପୁଷ୍କରିଣୀ, ବନ୍ଧ କିଂବା ଅନ୍ୟାନ୍ୟ ଗ୍ରାମର ଉନ୍ନତି ଉଦ୍ଦେଶ୍ୟରେ ଉପର ମହଲରୁ ଯେଉଁ ଅର୍ଥ ଆସେ, ତା' ମଧ୍ୟରୁ ଯେ ଯେତେ ଆତ୍ମସାତ୍ କରିପାରେ ସେ ସେତିକି ବୁଦ୍ଧିମାନ୍ ବୋଲି ଗଣ୍ୟ ହୁଏ । ଯେଉଁ ବ୍ୟକ୍ତି ଉପର ବ୍ୟକ୍ତିଙ୍କୁ ଲାଞ୍ଚ ଦେଇ ବଶ କରି ରଖି ଗରିବ ବ୍ୟକ୍ତିଙ୍କ ପେଟ କାଟି ନିଜ ପେଟ ମୋଟା କରେ, ଅୟସ ଆରାମରେ ରହେ ସେହିହିଁ ବଡ଼ଲୋକ ।

ମନୁଷ୍ୟର ଏହି ଅନ୍ୟାୟ ଆଚରଣରୁ ବାତାବରଣ ଦୂଷିତ ହୁଏ, କୁସଂସ୍କାର ଉତ୍ପନ୍ନ ହୁଏ । ଏହାର କୁପ୍ରଭାବ ମାତାଗର୍ଭରେ ଥିବା ଶିଶୁଠାରୁ ଆରମ୍ଭ କରି ସମସ୍ତ ପରିବାର ତଥା ଗ୍ରାମବାସୀଙ୍କ ଉପରେ ପଡ଼େ । ସେମାନେ ମଧ୍ୟ ସେହିପରି ଅନ୍ୟାୟ କାର୍ଯ୍ୟ ଆଚରଣ କରନ୍ତି । ଏହି ସ୍ୱାର୍ଥ ଯୋଗୁଁ ଉତ୍ପନ୍ନ ହୁଏ ବିରୋଧ । ପରିଣାମରେ ନିଜର ତଥା ଅନ୍ୟର ଜୀବନ ହୁଏ ଅଶାନ୍ତ, ଦ୍ୱନ୍ଦ୍ୱମୟ । ଶିଶୁମାନେ ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କର କୁପ୍ରକୃତି ବଢ଼େ, ପିତାମାତାଙ୍କ ଆଜ୍ଞା ପାଳନ କରନ୍ତି ନାହିଁ । ମିଥ୍ୟା କହି ପିତାମାତାଙ୍କୁ ଠକାନ୍ତି । ଶେଷରେ ପୁତ୍ର କନ୍ୟାମାନଙ୍କର କୁପ୍ରବୃତ୍ତି ପିତାମାତାଙ୍କୁ ଅତିକ୍ରମ କରିଯାଏ । ନିଜର ଅଧର୍ମ, ଅନ୍ୟାୟ ଆଚରଣରୁ ଅଶାନ୍ତି, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ ଜୀବନକୁ ଦୁଃଖମୟ କରି ତୋଳେ । ଅଶାନ୍ତ ଜୀବନରେ ଗ୍ରାମବାସୀ, ପଡ଼ୋଶୀ, ଅନ୍ୟାନ୍ୟ ବ୍ୟକ୍ତିଙ୍କ ସହିତ ଦୁର୍ବ୍ୟବହାର ସ୍ୱାଭାବିକ ହୁଏ; ନିଜ ପୁତ୍ର କନ୍ୟାଙ୍କ ପ୍ରତିକୂଳ ଆଚରଣ ଅଗ୍ନିରେ ଆହୁତିସଦୃଶ ହୋଇ ଜୀବନକୁ ଦୁଃଖରେ ଜର୍ଜରିତ କରିଦିଏ । ଯଥାର୍ଥରେ ଗ୍ରାମବାସୀ, ପଡ଼ୋଶୀ, ପରିବାର, ପୁତ୍ର କନ୍ୟା ଦ୍ୱାରା ମନୁଷ୍ୟଜୀବନ ଦୁଃଖମୟ ହୁଏ ନାହିଁ, ହୁଏ ନିଜେ ଅଧର୍ମ

ଅନ୍ୟାୟ ଆଚରଣ କରିବା ଦ୍ୱାରା । ସେ ସ୍ୱୟଂ ଧର୍ମ, ନ୍ୟାୟ, ନିଃସ୍ୱାର୍ଥ ଆଚରଣରେ ଅନ୍ୟର ହିତ କରିଥିଲେ ତାହାର ପ୍ରଭାବରୁ ନିଜ ଶିଶୁଠାରୁ ଆରମ୍ଭ କରି ପଡ଼ୋଶୀ, ଗ୍ରାମବାସୀମାନଙ୍କର ପ୍ରବୃତ୍ତି ସୁଧାର ହୋଇଥା'ନ୍ତା । ସେମାନଙ୍କର ଭଲ ଆଚରଣ ହୋଇଥିଲେ ସେମାନଙ୍କ ଦ୍ୱାରା ତୁମ୍ଭ ପ୍ରତି ଅନ୍ୟାୟ, ମିଥ୍ୟା ବ୍ୟବହାର ହୋଇ ନ ଥା'ନ୍ତା । ତେବେ ତୁମେ ଯେଉଁ ଶାନ୍ତି, ସୁଖ; ଗ୍ରାମ, ପରିବାର ତଥା ପୁତ୍ରକନ୍ୟାଙ୍କଠାରୁ ଆଶା କରିଥିଲ ତାହା ପ୍ରାପ୍ତ କରିଥାଆନ୍ତ ଏବଂ ଯଥାର୍ଥରେ ତୁମ୍ଭ ଜୀବନ ସୁଖମୟ ହୋଇଥାଆନ୍ତା । ଅତଏବ ନିଜ ଜୀବନର ଦୁଃଖର କାରଣ ଅନ୍ୟ କେହି ନୁହେଁ, ନିଜର ଅଧର୍ମ ଆଚରଣ । ଧର୍ମ ପ୍ରକୃତରେ ବ୍ୟକ୍ତିକୁ ଯଥାର୍ଥ ସୁଖ ଦିଏ,— ଅଧର୍ମ, ଅନ୍ୟାୟ ନିଶ୍ଚିତରୂପେ ଦୁଃଖ ଦ୍ୱନ୍ଦ୍ୱରେ ପକାଏ ।

ଦୁଃଖ ବା ସୁଖ ସାମୟିକ

ମନୁଷ୍ୟ ବର୍ତ୍ତମାନ ଯେଉଁ ଦୁଃଖ ବା ସୁଖ ଭୋଗ କରୁଅଛି, ଏହା ତାହାର ସ୍ଥାୟୀ ଦୁଃଖ ବା ସୁଖ ନୁହେଁ, ଏହା ସାମୟିକ; ଲକ୍ଷ୍ୟରେ ପହଞ୍ଚିବା ମାର୍ଗର ଅବସ୍ଥା । ମନୁଷ୍ୟ ସଂସାରକୁ ଆସିଛି ନିଜ ଲକ୍ଷ୍ୟରେ ପହଞ୍ଚିବା ସକାଶେ । ଭଗବାନଙ୍କୁ ମନୁଷ୍ୟର ଅପୂର୍ଣ୍ଣତା ପସନ୍ଦ ହୁଏ ନାହିଁ । ସେଥିପାଇଁ ସେ ଦୁଃଖ କଷ୍ଟକୁ ଅନୁମତି ଦେଇଛନ୍ତି । ମନୁଷ୍ୟ ସେହି ଦୁଃଖକଷ୍ଟ ଯୋଗୁଁ ଗୋଟାଏ ସ୍ଥିତିରେ ସ୍ଥାୟୀ ହୋଇ ରହି ନ ପାରି ଆଗେ ବଢ଼ିବାକୁ ଚାହୁଁଅଛି । ଭଗବାନ୍ ସଂସାରରେ ନିଜକୁ ପୂର୍ଣ୍ଣତଃ ପ୍ରକାଶ କରିବା ସକାଶେ ସ୍ୱୟଂ ବିଭିନ୍ନ ରୂପରେ ପ୍ରଘଟ ହୋଇଅଛନ୍ତି ଏବଂ କ୍ରମବିକାଶ ଦ୍ୱାରା ସେହି ପୂର୍ଣ୍ଣତା ଆଡ଼କୁ ଗତି କରୁଅଛନ୍ତି । ଶୀଘ୍ର ଲକ୍ଷ୍ୟରେ ପହଞ୍ଚିବାର ସରଳ ଏବଂ ସୁଖପ୍ରଦ ଉପାୟ ହେଉଛି ଅଧ୍ୟାତ୍ମ ଧର୍ମ । ମନୁଷ୍ୟ ପ୍ରମାଦବଶତଃ ଧର୍ମତ୍ୟାଗ କଲେ ତା'ର ଲକ୍ଷ୍ୟଯାତ୍ରା ଅଧିକ ବିଳମ୍ବ ହୁଏ ଏବଂ ତାକୁ ନାନା ପ୍ରକାର ଦୁଃଖଦ୍ୱନ୍ଦ୍ୱ ଭୋଗ କରିବାକୁ ପଡ଼େ । ପୂର୍ବକାଳରେ ମନୁଷ୍ୟର ମନ ଅଧିକ ବିକଶିତ ହୋଇ ନ ଥିବାରୁ ତା'ର ଧର୍ମ ପ୍ରତି ବିଶ୍ୱାସ, ଶ୍ରଦ୍ଧା ଥିଲା । ସେଥିପାଇଁ ସେ କେତେକ ପରିମାଣରେ ସୁଖରେ ରହୁଥିଲା, କିନ୍ତୁ ତାହା ତା'ର ପୂର୍ଣ୍ଣତା ନ ଥିଲା । ପୂର୍ଣ୍ଣତା ସକାଶେ ମନ-ବୁଦ୍ଧିର ବିକାଶ ଆବଶ୍ୟକ ଥିଲା । ମନ-ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଆତ୍ମା ଅଧିକ ଘନ ଆବରଣରେ ରହିଗଲା । ଆତ୍ମାର ପ୍ରଭାବ ବା ଜ୍ୟୋତି ମନ-ପ୍ରାଣ ନ ପାଇବାରୁ ସେ ଅନ୍ଧକାର ମାର୍ଗରେ ଗତିକଲା । ତାହାର ପରିଣାମରେ ମନୁଷ୍ୟ ଧର୍ମଭ୍ରଷ୍ଟ ହୋଇ ଦୁଃଖ ଭୋଗିଲା ।

ମନୁଷ୍ୟର ପୂର୍ଣ୍ଣତା ସକାଶେ ମନ, ପ୍ରାଣ, ଶରୀର ଓ ଆତ୍ମାର ବିକାଶ ଆବଶ୍ୟକ । ବର୍ତ୍ତମାନ ଏହି ଚାରି ସତ୍ତାର ବିକାଶର ସମୟ ଆସିଛି । ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ଆଣିଛନ୍ତି । ମନୁଷ୍ୟ କୋଟି କୋଟି ଜନ୍ମରେ ଦୁଃଖଦ୍ୱନ୍ଦ୍ୱ ମଧ୍ୟଦେଇ ନିଜର ଯେଉଁ ଲକ୍ଷ୍ୟରେ ପହଞ୍ଚି ପାରିଥା'ନ୍ତା, ଅତିମାନସର କ୍ରିୟା ଦ୍ୱାରା ବହୁତ ଅଳ୍ପ ସମୟ ମଧ୍ୟରେ ସେହି ଲକ୍ଷ୍ୟରେ ପହଞ୍ଚିବାର ସୁଯୋଗ ମିଳିଛି । ବ୍ୟକ୍ତି ସେହି ଶକ୍ତି ପାଖରେ ନିଜକୁ ସମର୍ପଣ କଲେ ତାହା ମନୁଷ୍ୟର ସମସ୍ତ ଭାର ଗ୍ରହଣ କରି, ସ୍ୱୟଂ ମନୁଷ୍ୟ ମଧ୍ୟରେ କ୍ରିୟା କରି ତାକୁ ଲକ୍ଷ୍ୟରେ ପହଞ୍ଚାଇ ଦେବ । ଏହି ସକାଶେ ଯେଉଁ ବ୍ୟକ୍ତି ଯେଉଁ ଅବସ୍ଥାରେ ଅଛି, ଯେ ଯେଉଁ କାର୍ଯ୍ୟ କରୁଅଛି, ସେ ସେହି ଅବସ୍ଥାରେ ସେହି କାର୍ଯ୍ୟକୁ ସମର୍ପଣ କରିପାରିବ ।

ସମର୍ପଣର ସରଳ ଉପାୟ

ପୂର୍ବେ ମନୁଷ୍ୟର ଲକ୍ଷ୍ୟ ସମ୍ବନ୍ଧେ ଆଲୋଚନା କରାଯାଇଛି । ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ହେଲା ନିଜର ଲକ୍ଷ୍ୟ ଜାଣିବା । ସତ୍, ଚିତ୍ ପରମାନନ୍ଦଙ୍କୁ ସମସ୍ତ ସତ୍ତାରେ ଉପଲବ୍ଧି ତଥା ପ୍ରକାଶ କରିବାହିଁ ମନୁଷ୍ୟର ଲକ୍ଷ୍ୟ । ଏହା ସିଦ୍ଧ ହୁଏ ମନୁଷ୍ୟର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବା ଦ୍ୱାରା । ରୂପାନ୍ତରିତ ଶରୀର

ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହୁଏ; ଶରୀର ଚୈତନ୍ୟମୟ ହୁଏ । ରୂପାନ୍ତରିତ ମନ-ପ୍ରାଣ ସଦୃଶ ଶରୀର ମଧ୍ୟ ଭଗବତ୍ ଉପଲବ୍ଧି କରିପାରେ । ଏହାର ସାଧନା ହେଉଛି – ଅଭୀପ୍ସା, ତ୍ୟାଗ ଓ ସମର୍ପଣ । ଏ-ବିଷୟ 'ଲୋକ-ସାହିତ୍ୟ' ଓ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ପୁସ୍ତକରେ ଆଲୋଚନା କରାହୋଇଛି । ଏଠାରେ ସମର୍ପଣ ବିଷୟ ସରଳ ଉପାୟରେ କ୍ରିୟାତ୍ମକରୂପେ ଆଲୋଚନା କରିବା ।

ସମଗ୍ର ସଂସାର, ସମସ୍ତ ପ୍ରାଣୀ, ଜୀବଜନ୍ତୁ, ଘର, ପରିବାର ଇତ୍ୟାଦି ଭଗବାନଙ୍କର । ସେହି ଏକହିଁ ଭଗବାନ୍ ଭିନ୍ନ ଭିନ୍ନ ରୂପରେ ପ୍ରକାଶିତ ହୋଇଅଛନ୍ତି । ସଂସାର ଏକ ରଙ୍ଗମଞ୍ଚ । ଭଗବାନ୍ ତା'ର ସୂତ୍ରଧାର । ରଙ୍ଗମଞ୍ଚରେ ନିଜ ନିଜର କର୍ତ୍ତବ୍ୟ ପାଳନ କରିବା ସକାଶେ, ପ୍ରତ୍ୟେକ ବ୍ୟକ୍ତିକୁ ଭଗବାନ୍ ନିଯୁକ୍ତ କରିଅଛନ୍ତି । ମନୁଷ୍ୟ ଏହା ହୃଦୟଙ୍ଗମ କରି କର୍ମ କଲେ ସୁଖରେ ରହେ । ସୂତ୍ରଧାର ଏବଂ ରଙ୍ଗମଞ୍ଚର ଜ୍ଞାନ ବିସ୍ମୃତ ହୋଇ ନିଜ କର୍ତ୍ତବ୍ୟରୁ ଚ୍ୟୁତ ହେଲେ ବ୍ୟକ୍ତି ଦଣ୍ଡ ପାଏ । ବ୍ୟକ୍ତିର ଘର, ପରିବାର, ଜମିବାଡ଼ି ସବୁ ଭଗବାନଙ୍କର । ଗୃହରେ ଏହି ସେବା କରିବା ସକାଶେ ଭଗବାନ୍ ତାକୁ ଏହି କର୍ତ୍ତବ୍ୟ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିକୁ କେଉଁ ଧାରଣା ନେଇ କାର୍ଯ୍ୟ କରିବାକୁ ହେବ ନିମ୍ନରେ ତାହାର ସୂଚନା ଦିଆଗଲା :

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ଘରେ ରଖି ତାଙ୍କୁହିଁ ଘରର ମାଲିକ ଏବଂ ଇଷ୍ଟଦେବରୂପେ ମାନିନେବ । ଉଠିବା ସଙ୍ଗେ ସଙ୍ଗେ ସେହି ଇଷ୍ଟଦେବଙ୍କ ମୂର୍ତ୍ତିକୁ ହୃଦୟ ମଧ୍ୟରେ, ହୃଦୟର ଗଭୀରରେ ଧ୍ୟାନ କରିବ । ନିଜେ, ନିଜର ଯାହା କିଛି, ସମସ୍ତ ସମର୍ପଣ କରିବ । ପ୍ରାର୍ଥନା କରିବ – ''ହେ ପ୍ରଭୁ, ଏହି ସଂସାର, ଘର, ପରିବାର, ଧନସମ୍ପତ୍ତି ସମସ୍ତ ତୁମ୍ଭରି । ମୁଁ ମଧ୍ୟ ତୁମ୍ଭରି । ତୁମ୍ଭେ ସର୍ବତ୍ର, ସର୍ବ ବସ୍ତୁରେ ଓତପ୍ରୋତ ହୋଇ ରହିଅଛ । ତୁମ୍ଭଛଡ଼ା ଆଉ କିଛି ନାହିଁ । ଏହି ସଂସାର, ଘର ସର୍ବାବସ୍ଥାରେ ତୁମ୍ଭରି ହୋଇ ରହିଛି, କିନ୍ତୁ ଆମ୍ଭେମାନେ ନିଜ ଅଜ୍ଞାନବଶତଃ ତୁମ୍ଭଙ୍କୁ ଭୁଲି, ତୁମ୍ଭ ଦ୍ୱାରା ନିଯୁକ୍ତ ହୋଇଥିବା ସେବାକୁ ଭୁଲି ସବୁକିଛିକୁ ନିଜର ବୋଲି ମାନିନେଇଛୁ । ଯେଉଁ ଘରେ ଆମ୍ଭମାନଙ୍କର ମମତା, ଯାହାକୁ 'ମୋର' ବା 'ଆମ୍ଭର' ବୋଲି କହୁ ତାହା ପଚାଶ ବର୍ଷ ପୂର୍ବେ ଅନ୍ୟର ଥିଲା, ତା' ପୂର୍ବରୁ ଅନ୍ୟର ଥିଲା, ଭବିଷ୍ୟତରେ ବି ଅନ୍ୟର ହେବ; ଅତଏବ ଯଥାର୍ଥରେ ଏହା କାହାର ନୁହେଁ, ନିଜର ବୋଲି କହିବା କେବଳ ଅଜ୍ଞାନତା ଓ ଭ୍ରମ । 'ମୋର' କହିବା ବ୍ୟକ୍ତି ମୃତ୍ୟୁ ପରେ ଅନ୍ୟ ସ୍ଥାନରେ ଜନ୍ମ ହୋଇ ପୂର୍ବଜନ୍ମରେ ନିଜେ ତିଆରି କରିଥିବା ଘରକୁ ଆସିଲେ ତା'ର ନିଜର ପୁତ୍ର, ନିଜର ସ୍ତ୍ରୀ ସେ ଘରେ ତାକୁ ପ୍ରବେଶ କରିବାକୁ ଦିଅନ୍ତି ନାହିଁ । ସେ ନିଜର ଯେଉଁ ସ୍ତ୍ରୀକୁ ପ୍ରାଣଠାରୁ ଅଧିକ ସ୍ନେହ କରୁଥାଏ, ଯାହାର ମୋହବନ୍ଧନରେ ପଡ଼ି ନିଜର ଚିର ଶାଶ୍ୱତ ସାଥୀ ଭଗବାନଙ୍କୁ ନିଜ ଚେତନାରୁ ନିର୍ବାସିତ କରିଦେଇଥାଏ, ସେହି ପ୍ରାଣବଲ୍ଲଭୀ ତାକୁ ମୁଠିଏ ଖାଇବାକୁ ଦିଏ ନାହିଁ । ମଜୁରି କରି ଖାଇବାକୁ ଶିକ୍ଷାଦିଏ । ନିଜେ ଅନ୍ୟାୟ ଅଧର୍ମରେ ମିଥ୍ୟା କହି, ଅନ୍ୟ ଗଳା କାଟି ପଇସା ରୋଜଗାର କରି ଯେଉଁ ପୁଅକୁ ପଢ଼ାଇ ଲେଖାଇ ମଣିଷ କରିଥାଏ, ଯାହାର ସୁଖ ଦୁଃଖରେ ନିଜ ପ୍ରାଣକୁ ବଳି ଦେଇଥାଏ, ସେହି ପୁତ୍ର ମୋକଦ୍ଦମାରେ ଅତୀତର ପିତାଙ୍କୁ ଜେଲ ଦିଏ । ନିଜେ କମେଇ ରଖିଥିବା ସଂପତ୍ତିର ଗୋଟିଏ ପଇସା ଭିକ୍ଷାରୂପେ ପାଇବାର ଅଧିକାରୀ ସେ ହୋଇପାରେ ନାହିଁ । ପ୍ରଭୁ ! ମନୁଷ୍ୟ ଏହା ଦେଖି ଜାଣିବା ସତ୍ତ୍ୱେ ତୁମ ମାୟାରେ ଏପରି ମୋହିତ ହୋଇଯାଏ ଯେ ଏହି ମିଥ୍ୟାକୁ ସତ୍ୟ ବୋଲି ମାନିନିଏ । ତା'ର ପୂର୍ବପୁରୁଷମାନେ ଭ୍ରମବଶତଃ ଏହାହିଁ କରି ଶେଷରେ ଚକ୍ଷୁବୁଜି ଖାଲିହାତରେ ଚାଲିଯାଇଛନ୍ତି । ଏହା ଦେଖିବା ସତ୍ତ୍ୱେ ତା'ର ଚେତା ଆସେ ନାହିଁ । ସ୍ତ୍ରୀ, ପୁତ୍ର, କନ୍ୟା, ଭାଇ ବନ୍ଧୁ ସବୁ ଧର୍ମଶାଳାରେ ରାତ୍ରି-ବିଶ୍ରାମର ସାଥୀ ସଦୃଶ; ଆଜି ଏହି ପରିବାରରେ ତ କାଲି ଅନ୍ୟ ଗ୍ରାମ, ଅନ୍ୟ ଦେଶ, ଅନ୍ୟ ପରିବାରରେ ଅନ୍ୟ ଲୋକର ପିତା ମାତା ହୁଅନ୍ତି । ଯେଉଁଠାରେ ମନୁଷ୍ୟ ଜନ୍ମ ନିଏ ସେ ସବୁକୁ ନିଜର ବୋଲି ମାନିନିଏ । କିନ୍ତୁ ମୃତ୍ୟୁ ପରେ ସମସ୍ତେ ପର ହୁଅନ୍ତି । ଏହା ଆଖି ଆଗରେ ଘଟୁଥିବା ସତ୍ତ୍ୱେ ମନୁଷ୍ୟର ଭ୍ରମ ଦୂର ହୁଏ ନାହିଁ ।

''ପ୍ରଭୁ, ଦୟା କର । ଏହି ମାୟାମୋହରୁ ଉଦ୍ଧାର କର । ସଂସାର, ଦେଶ, ଗ୍ରାମ, ପରିବାର ତୁମରି ଜାଣି, ତୁମରି ଦ୍ୱାରା ନିର୍ଦ୍ଧାରିତ ଏହି ସେବାକୁ ତୁମରି ପୂଜାରୂପେ ସମ୍ପାଦନ କରି ତୁମ୍ଭଙ୍କୁ ସମର୍ପଣ କରିପାରେ । ପୁତ୍ର, ପରିବାର ରୂପେ ତୁମ୍ଭେ ସ୍ୱୟଂ ସଂସାରରେ ଛଦ୍ମାକାର ଧାରଣ କରିଅଛ ନିଜକୁ ଯଥାର୍ଥ ସ୍ୱରୂପରେ ପ୍ରକଟ କରିବା ସକାଶେ ।

ମନୁଷ୍ୟର ଯେଉଁ ଆବଶ୍ୟକ କର୍ମ ଦେଶ, ଜାତି, ସମାଜ, ପରିବାର ପ୍ରତି କରଣୀୟ ତାହା ସବୁ ତୁମରି ସେବା । ଏହା ତୁମ୍ଭରି କୃପାରୁ ମୁଁ ଯେପରି ଠିକ୍‌ରୂପେ ହୃଦୟଙ୍ଗମ କରିପାରେ ।''

ପ୍ରତ୍ୟେକ ବ୍ୟକ୍ତି ନିମ୍ନଲିଖିତ ମତେ ନିଜର ଦୈନନ୍ଦିନ କର୍ମ କରିବା ବିଧେୟ ।

(୧) ଉପରୋକ୍ତ ପ୍ରାର୍ଥନା ଯଦି ପ୍ରତିଦିନ କରିବା ସମ୍ଭବ ନ ହୁଏ, ତେବେ ଏହି ବିଷୟକୁ ହୃଦୟରେ ଧାରଣ କରିବେ । ବିଛଣାରେ କିଛି ସମୟ ଧ୍ୟାନ କରିବା ପରେ ଉଠି ଫଟୋ ପାଖରେ ପ୍ରଣାମ କରି ମାନିନେବେ ଘରର ପ୍ରଭୁ ଏହି, ମୁଁ ସେବକ ।

(୨) ଯେକୌଣସି କାର୍ଯ୍ୟ କର, କିନ୍ତୁ ଧାରଣା କର ପ୍ରଭୁ ତୁମ୍ଭ ସାମନାରେ ରହି ତୁମ୍ଭର ସମସ୍ତ କର୍ମ ଦେଖୁଅଛନ୍ତି । ତୁମ୍ଭେ ସେହି କର୍ମ ତାଙ୍କ ସମ୍ମୁଖରେ କରି ତାଙ୍କ ଚରଣରେ ଅର୍ପଣ କରୁଅଛ ।

(୩) ଅତିଥି ଅଭ୍ୟାଗତ ଆସିଲେ ତାଙ୍କୁ ଭଗବତ୍‌ସ୍ୱରୂପ ଜାଣି ପରିସ୍ଥିତି ତଥା ଶକ୍ତି ଅନୁସାରେ ସତ୍କାର କରିବ । କାରଣ ସମସ୍ତ ପ୍ରାଣୀ ଭଗବତ୍-ସ୍ୱରୂପ । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଘରକୁ ବାଘ କିଂବା ଚୋର ଆସିଲେ ତାକୁ ପୂଜା କରିବ । ବାଘ ଆସିଲେ ବାଘ-ରୂପ ନାରାୟଣଙ୍କ ସେବା ହେବ ତାକୁ ଗୁଳି ମାରିବା । ଚୋରକୁ ଧରି ଜେଲ ଦେବା, ପୁଅକୁ ଶାସନ କରିବା, ସ୍ତ୍ରୀ ପ୍ରତି ଉଚିତ ବ୍ୟବହାର କରିବାହିଁ ଭଗବାନଙ୍କ ସେବା । ଏହି ଭାବରେ ସାଧନା ଆରମ୍ଭ କଲେ ସାଧନାର ଭାର ଭାଗବତୀ ଶକ୍ତି ଗ୍ରହଣ କରି ବ୍ୟକ୍ତିକୁ ପରିଚାଳନା କରନ୍ତି । ତେବେ ବ୍ୟକ୍ତି ଅନ୍ତରର ନିର୍ଦ୍ଦେଶ ଅନୁସାରେ ସମସ୍ତ କର୍ମ କରେ ।

(୪) ସତ୍ୟ-ବ୍ୟବହାର, ସତ୍ୟ-ଭାଷଣ, ସତ୍ୟ-ଆଚରଣ ଧର୍ମର ପ୍ରଧାନ ଅଙ୍ଗ । ଏହା ପାଳନ କରିବା ଅନ୍ୟାନ୍ୟ ବ୍ୟକ୍ତି ଅପେକ୍ଷା କୃଷକପକ୍ଷେ ସହଜ ହୋଇପାରେ । ମନୁଷ୍ୟ ଯଦି ସତ୍ୟ କହିବା ନିଷ୍ଠାସହ ପାଳନ କରେ ତେବେ ତା'ର ଅନ୍ୟ ଦୂଷିତ କର୍ମ ହୁଏ ନାହିଁ । ସତ୍ୟ କହିବାରେ ଯଦ୍ୟପି ବହୁତ ଅସୁବିଧା ଆସେ ତଥାପି ଦୃଢ଼ ସଙ୍କଳ୍ପ କଲେ ସେଥିରେ ଭଗବାନ୍ ସାହାଯ୍ୟ କରନ୍ତି ।

(୫) ଗ୍ରାମର ଅନ୍ୟଲୋକଙ୍କୁ ହିଂସା କର ନାହିଁ, ତା'ର ଅମଙ୍ଗଳ ଚାହଁ ନାହିଁ, ପରନିନ୍ଦା ଚର୍ଚ୍ଚା କର ନାହିଁ । ଏହାଦ୍ୱାରା ନିଜର ଅନ୍ତର ଅପବିତ୍ର ହୁଏ, ଆତ୍ମା ଆବରିତ ହୋଇଯାଏ; ଏହି ଭାବର ପ୍ରତିକ୍ରିୟା ନିଜ ମଧ୍ୟରେ ହୁଏ ।

(୬) ତୁମେ ଏହିପରି ସତ୍ୟ ଆଚରଣ କରିବା ଦ୍ୱାରା ତୁମେ ନିଜେ ସୁଖୀ ହେବ । ତୁମ ସତ୍ୟ ଆଚରଣର ପ୍ରଭାବ ତୁମ ବାଳକବାଳିକାମାନଙ୍କ ମଧ୍ୟରେ ସୁସଂସ୍କାର ପ୍ରତିଷ୍ଠା କରିବ । ସେମାନେ ସତ୍ୟ ଆଚରଣ କରିବେ । ଏହାଦ୍ୱାରା ତୁମଙ୍କୁ ତୁମ ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ସାହାଯ୍ୟ ମିଳିବ ।

ଏକତ୍ୱ ନଷ୍ଟ ହେବାର କାରଣ

ଏକତ୍ୱ, ସାମଞ୍ଜସ୍ୟ ନଷ୍ଟହେବାର କାରଣ ସ୍ୱାର୍ଥ ଏବଂ ଅହଂ । ଅହଂ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ଅହଂ ରହେ ମନୁଷ୍ୟଚେତନା ଭଗବାନଙ୍କ ସହିତ ଏକ ହେବା ପର୍ଯ୍ୟନ୍ତ । ଅଧ୍ୟାତ୍ମସାଧକମାନଙ୍କର ସମର୍ପଣ ତଥା ତପସ୍ୟା ଦ୍ୱାରା ମନ ବୁଦ୍ଧି ବହୁପରିମାଣରେ ଶୁଦ୍ଧ ହୋଇଯାଏ । ସେମାନେ ବହୁ ଅଂଶରେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି; ସୁତରାଂ ସେମାନେ ଅହଂ ତଥା ଅହଂ-ପ୍ରସୂତ ସ୍ୱାର୍ଥ, ହିଂସା, ଈର୍ଷା, ବିରୋଧର ସ୍ୱରୂପ ଜାଣିପାରନ୍ତି ଏବଂ ସେସବୁକୁ କ୍ରିୟା କରିବାକୁ ନ ଦେଇ ସଂସାର ବ୍ୟବହାର କାର୍ଯ୍ୟରେ ସାମଞ୍ଜସ୍ୟ ରଖିପାରନ୍ତି । କିନ୍ତୁ ସାଧାରଣ ବ୍ୟକ୍ତି ଏମାନଙ୍କୁ ଚିହ୍ନିପାରନ୍ତି ନାହିଁ । ସେହି ସକାଶେ ଶାଶୂ ବୋହୂ ମଧ୍ୟରେ କଳି ହୁଏ, ଭାଇ ଭାଇ ଭିନ୍ନ ହୁଅନ୍ତି, ମୋକଦ୍ଦମାରେ ସମ୍ପତ୍ତି ନଷ୍ଟ କରନ୍ତି, ମିତ୍ରମାନଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦିଏ, କର୍ମଚାରୀ ଅଫିସରମାନଙ୍କ ବାଦ-ବିବାଦ ଯୋଗୁଁ ଏକର ଅନ୍ୟ ଅନିଷ୍ଟ କରେ । ନେତାମାନଙ୍କର କଥା କହିବାର ନୁହେଁ, ସେମାନେ ତ ସବୁକିଛି କରିପାରନ୍ତି !

ଏହି ଅହଂ, ସ୍ୱାର୍ଥଯୋଗୁଁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହୁଏ । ଜନକ୍ଷୟ, ଧନ ସମ୍ପତ୍ତି ନଷ୍ଟ ହୁଏ, ସଂସାରରେ

ଅଶାନ୍ତି ହୁଏ, ମନୁଷ୍ୟକୁ ପୀଡ଼ା ପ୍ରାପ୍ତ ହୁଏ । ଏହି ଅହଂ ଏବଂ ସ୍ୱାର୍ଥ ବହୁତ ଛଦ୍ମ ରୂପ ଧାରଣ କରନ୍ତି । ଏସବୁକୁ ଶାସ୍ତ୍ରଜ୍ଞ ପଣ୍ଡିତ ତଥା ବୁଦ୍ଧି ଯୁକ୍ତିବାଦୀ ବ୍ୟକ୍ତି ଜାଣିପାରନ୍ତି ନାହିଁ କିଂବା ସଂଯମ କରିପାରନ୍ତି ନାହିଁ । ଅହଂ, ସ୍ୱାର୍ଥର ବଶ ହୋଇ ପରିବାର ମଧ୍ୟରେ ପରସ୍ପର କିପରି ଝଗଡ଼ା କରି ଅଶାନ୍ତି ସୃଷ୍ଟି କରନ୍ତି ତାହା କ୍ରମଶଃ ଆଲୋଚନା କରିବା ।

ସଦ୍‌ଗୃହିଣୀ

ଭଗବାନଙ୍କ ସୃଷ୍ଟି ବୈଚିତ୍ର୍ୟପୂର୍ଣ୍ଣ । କୌଣସି ଦୁଇଟି ବସ୍ତୁ ମଧ୍ୟରେ ସାମଞ୍ଜସ୍ୟ ନାହିଁ । ଗଛରେ କୋଟି କୋଟି ପତ୍ର, ସଂସାରରେ କୋଟି କୋଟି ବ୍ୟକ୍ତି,— ଦୁଇଟି ପତ୍ର, ଦୁଇଟି ବ୍ୟକ୍ତି ଠିକ୍ ଏକ ରୂପର ନୁହନ୍ତି । ସେମାନଙ୍କର ଆକାର ଯେପରି ପୃଥକ୍, ସ୍ୱଭାବ ମଧ୍ୟ ସେହିପରି ଭିନ୍ନ । ପ୍ରତ୍ୟେକ ମନୁଷ୍ୟର ଧାରଣା — ତା' ନିଜର ସମସ୍ତ ସ୍ୱଭାବ ଠିକ୍ ଅଥବା ବହୁତ ଅଂଶରେ ଠିକ୍, ଅନ୍ୟର ଭୁଲ୍ । ମନୁଷ୍ୟର ବୁଦ୍ଧି ଅଶୁଦ୍ଧ ଓ ଅବିକଶିତ ଅବସ୍ଥାରେ ଏହି ଧାରଣା ଅଧିକ ଦୃଢ଼ ଥାଏ । ଘରକୁ ନୂଆ ବୋହୂଟିଏ ଆସିଲେ ଶାଶୂ ତା'ଠାରୁ ନିଜ ସ୍ୱଭାବ, ନିଜ ରୁଚି, ନିଜ ନିର୍ଦ୍ଦେଶାନୁସାରେ କାର୍ଯ୍ୟ ତଥା ବ୍ୟବହାର ଆଶାକରେ । ଶାଶୂ ବୋହୂଠାରୁ ବୟସରେ ଅଧିକ ଥିବାରୁ ତା'ଠାରୁ ଗୃହକାର୍ଯ୍ୟ ଏବଂ ବ୍ୟବହାର ଉତ୍ତମରୂପେ ଜାଣିଥିବାର ଧାରଣା କରେ । ନିଜର ଆଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ବୋହୂକୁ ପ୍ରବର୍ତ୍ତାଏ । ଯଦି ଶାଶୂବୋହୂଙ୍କ ସ୍ୱଭାବରେ ଅଧିକ ସାମଞ୍ଜସ୍ୟ ଥାଏ କିଂବା ଦୁଇଜଣଙ୍କ ମଧ୍ୟରୁ ଜଣେ ଅନ୍ୟର ସ୍ୱଭାବ ବୁଝିପାରି ତା' ସହିତ ସାମଞ୍ଜସ୍ୟ ରଖିପାରେ ତେବେ କୌଣସିମତେ ସବୁ ଠିକ୍‌ରୂପେ ଚାଲେ । ଅନ୍ୟଥା ଉଭୟଙ୍କ ସ୍ୱଭାବରେ ଅଧିକ ପ୍ରଭେଦ ଥିଲେ କଳହ ସୃଷ୍ଟି ହୁଏ । ତା'ଛଡ଼ା ଶାଶୂର ସ୍ୱଭାବ ଗଠିତ ହୋଇଥାଏ ବୋହୂର ତିରିଶ ଚାଳିଶ ବର୍ଷ ପୂର୍ବର ପରିସ୍ଥିତି ଅନୁସାରେ । ସେହି ପରିସ୍ଥିତି ଚାଲିଯାଇ ନୂତନ ପରିସ୍ଥିତିର ସୃଷ୍ଟି ହୋଇଥାଏ । ଏହି ନୂତନ ପରିସ୍ଥିତି ଅନୁସାରେ ବୋହୂର ସ୍ୱଭାବ ଗଠନ ହୁଏ । ଏହି କାରଣରୁ ଶାଶୂ ବୋହୂର ସ୍ୱଭାବରେ ବହୁତ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ । ଶାଶୂର ଦୃଷ୍ଟିରେ ବୋହୂର ସ୍ୱଭାବ ଅନିୟନ୍ତ୍ରିତ ବୋଧହୁଏ । ବୋହୂର ଦୃଷ୍ଟିରେ ଶାଶୂର ସ୍ୱଭାବ ଅଜ୍ଞାନପୂର୍ଣ୍ଣ; ବୋହୂର ସ୍ୱଭାବକୁ ଶାଶୂ ପସନ୍ଦ କରେ ନାହିଁ, ଶାଶୂର ସ୍ୱଭାବକୁ ବୋହୂ ସମ୍ମାନ କରେ ନାହିଁ । ଏହି ସକାଶେ ଦୁଇଜଣଙ୍କ ମଧ୍ୟରେ ଭିନ୍ନତା ପରିଲକ୍ଷିତ ହୁଏ । ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଯଦି ବୁଦ୍ଧିମତୀ, ଶାନ୍ତସ୍ୱଭାବ, ବ୍ୟବହାରରେ କୁଶଳୀ, ସ୍ୱାର୍ଥଭାବନା କମ୍, ସରଳ, ନିଷ୍କପଟହୃଦୟା, ସତ୍‌ଚରିତ୍ରା, ତାମସିକତାବିହୀନ, ଗୃହକାର୍ଯ୍ୟକ୍ଷମ, ଅତ୍ୟଧିକ ପରିମାଣରେ ଗୃହ ବ୍ୟକ୍ତିଙ୍କ ପ୍ରତି ସମଭାବ ରଖେ, ନିଜେ ଶୁଦ୍ଧ, ପବିତ୍ର ରହେ, ତେବେ ପରିବାରରେ ସାମଞ୍ଜସ୍ୟ ନ ଥିଲେ ସୁଦ୍ଧା ତା'ର ଏହି ସଦ୍‌ଗୁଣାବଳୀର ପ୍ରଭାବରେ ଅନ୍ୟମାନେ ପ୍ରଭାବିତ ହୁଅନ୍ତି ଏବଂ ଏହିପରି ସଦ୍‌ଗୁଣାଳଂକୃତା ମହିଳା ସମସ୍ତ ପରିବାରକୁ ସୁଧାର କରିପାରେ । ଏପରି ନାରୀମାନେ ସୁସନ୍ତାନର ମାତା ହୁଅନ୍ତି । ଯଥାର୍ଥରେ ଏହିପରି ସଦ୍‌ଗୁଣଯୁକ୍ତା ନାରୀ ଗୃହଲକ୍ଷ୍ମୀ, ଦେବୀ । ଅନ୍ୟଥା କର୍କଶା, ଦୁଷ୍ଟା, ସ୍ୱାର୍ଥ, ହିଂସା, ଦ୍ୱେଷପୂର୍ଣ୍ଣ ଗୋଟିଏ ନାରୀ କୌଣସି ଗୃହରେ ଥିଲେ ଗୃହର ସର୍ବନାଶ କରିଦିଅନ୍ତି । ଯଥାର୍ଥରେ ପରିବାରରେ ଧାର୍ମିକ, ଆର୍ଥିକ ଉନ୍ନତି ତଥା ମାନମର୍ଯ୍ୟାଦା ନାରୀମାନଙ୍କ ଉପରେ ନିର୍ଭର କରେ । ନାରୀମାନେ ସଦ୍‌ଗୁଣବତୀ ହେଲେ ଗୃହ ସ୍ୱର୍ଗ ହୁଏ, ଅନ୍ୟଥା ଗୃହ ନରକରେ ପରିଣତ ହୁଏ । ନାରୀମାନେ ଯଦି ନିଜ ପୁତ୍ରକନ୍ୟାମାନଙ୍କୁ ବାଲ୍ୟାବସ୍ଥାରୁ ସତ୍‌ଶିକ୍ଷା ଦିଅନ୍ତି ତେବେ ସେମାନେ ଭବିଷ୍ୟତରେ ଉତ୍ତମ ମହିଳା ତଥା ଉତ୍ତମ ପୁରୁଷ ହୋଇପାରନ୍ତି । ଉପଦେଶକୁ ସନ୍ତାନସନ୍ତତିମାନେ ଅଧିକ ଗ୍ରହଣ କରିପାରନ୍ତି ନାହିଁ, ଅଧିକ ପରିମାଣରେ ଗ୍ରହଣ କରନ୍ତି ପିତାମାତାଙ୍କ ଆଚରଣକୁ । ନିଜ ସନ୍ତାନସନ୍ତତିଙ୍କ ଜୀବନକୁ ସରସ ସୁନ୍ଦର କରି ଗଢ଼ିବା ସକାଶେ ପିତାମାତା ସତ୍-ଆଚରଣ କରିବା ଉଚିତ । ଅଧ୍ୟାତ୍ମ ସାଧନା ଦ୍ୱାରା ସତ୍‌ସ୍ୱରୂପ ଭଗବାନଙ୍କୁ ଉପାସନା କଲେ ବ୍ୟକ୍ତି ସଦ୍‌ଗୁଣ ପ୍ରାପ୍ତ କରିପାରେ ।

ଦ୍ୱିତୀୟ ଭାଗ

ବ୍ୟବସାୟ

ଜୀବନରେ କର୍ମ ହେଉଛି ଅପରିହାର୍ଯ୍ୟ । ମନୁଷ୍ୟ କର୍ମଛଡ଼ା ଏକ କ୍ଷଣ ରହିପାରେ ନାହିଁ । ଗାର୍ହସ୍ଥ୍ୟ ଧର୍ମରେ କର୍ମ ବ୍ୟତୀତ ଜୀବନ ନିରର୍ଥକ, ଗୋଟିଏ ନିର୍ଜୀବ କାଠର ମୂର୍ତ୍ତି ସଦୃଶ । କର୍ମର ଦୁଇଟି ଧାରା ଅଛି । ସତ୍ୟଭାବଯୁକ୍ତ ଯଥାର୍ଥ ବିଧାନରେ ଆଚରଣ କଲେ କର୍ମ ନିଜ ଜୀବନକୁ ସମୃଦ୍ଧିଶାଳୀ, ସୁଖମୟ କରି ତୋଳେ ଏବଂ ଜୀବନର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରାଇ ଜନ୍ମ-ମରଣ ମହାନ୍ ଦ୍ୱନ୍ଦ୍ୱରୁ ମୁକ୍ତ କରିଦିଏ । ସେହି କର୍ମ ଅସତ୍ୟ, ଅନ୍ୟାୟ ସ୍ୱାର୍ଥସିଦ୍ଧି ସକାଶେ ଅବିଧିପୂର୍ବକ ଆଚରଣ କଲେ ତାହା ଜୀବନକୁ ଶୋକଯୁକ୍ତ, ଦ୍ୱନ୍ଦ୍ୱମୟ ଓ ଦୁଃଖ-ଯାତନାପୂର୍ଣ୍ଣ କରେ, ପରିଣାମରେ ଜନ୍ମ-ମରଣ ଚକ୍ରରେ ଘୂରାଉଥାଏ । ଗାର୍ହସ୍ଥ୍ୟାଶ୍ରମର କର୍ମମାନଙ୍କ ମଧ୍ୟରୁ ବ୍ୟବସାୟ ହେଉଛି ଅନ୍ୟତମ ।

ବ୍ୟବସାୟୀମାନଙ୍କୁ ଅତୀତର ପୌରାଣିକ ଯୁଗରେ 'ସାଧୁ' ବା 'ସାଧବ' ନାମରେ ସମ୍ବୋଧନ କରାହୋଇଛି । କାରଣ ବ୍ୟବସାୟର ଉଦ୍ଦେଶ୍ୟ ହେଉଛି ଅନ୍ୟକୁ ସୁଖସୁବିଧା ଦେବା, ଅନ୍ୟର ହିତସାଧନ କରିବା । ଯେଉଁ ବସ୍ତୁର ଅଭାବ ଥାଏ, ଅନ୍ୟ ସ୍ଥାନରୁ ସେହି ବସ୍ତୁକୁ ଆଣି ସେଠିକାର ଲୋକଙ୍କୁ ଯୋଗାଇଦେବା ଏବଂ ସେଠିକାର ଉତ୍ପନ୍ନ ଦ୍ରବ୍ୟକୁ ଅନ୍ୟ ସ୍ଥାନରେ ପହଞ୍ଚାଇଦେବା । ବ୍ୟବସାୟୀର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଅନ୍ୟର ହିତସାଧନ । ଅନ୍ୟର ହିତସାଧନ ନିହିତ ଥିବା କର୍ମର ନାମ ଯଥାର୍ଥରେ କର୍ମ, ଅନ୍ୟଥା ପୁରାଣରେ କର୍ମକୁ କୁକର୍ମ ସଂଜ୍ଞା ଦିଆହୋଇଛି । କର୍ମ ସ୍ୱୟଂ ଦୂଷିତ ନୁହେଁ, ତାହା କର୍ତ୍ତାର ଭାବ ଅନୁସାରେ ଦୋଷଯୁକ୍ତ ବା ପବିତ୍ର ହୁଏ । ଭଗବତ୍ ପ୍ରାପ୍ତିକାମୀ ଅଧାମ୍ ସାଧକମାନେ ରହିବାକୁ ଗୃହ ନିର୍ମାଣ, ଭୋଜନ ସକାଶେ କୃଷି, ବାଣିଜ୍ୟ ଇତ୍ୟାଦି କର୍ମ କରନ୍ତି ଏବଂ ସେହି କର୍ମ ଦ୍ୱାରା ସଂସାରର ମୋହ, ଆସକ୍ତି, ଦୁଃଖ, ଦ୍ୱନ୍ଦ୍ୱ, ଜନ୍ମ, ମରଣ ଯନ୍ତ୍ରଣାରୁ ମୁକ୍ତ ହୋଇ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ ପ୍ରାପ୍ତ କରନ୍ତି । ଠିକ୍ ସେହି କର୍ମ ସଂସାରୀ ବ୍ୟକ୍ତି ଆଚରଣ କରି ଫଳଭୋଗ କରିବା ସକାଶେ ଜନ୍ମମରଣ ଦୁଃଖଦ୍ୱନ୍ଦ୍ୱରେ ଭ୍ରମୁଥାଆନ୍ତି । ସେହି ଏକହି କର୍ମ ଅଧାମ୍ ସାଧକମାନଙ୍କର ମୁକ୍ତିର ସାଧନ ହୁଏ, ସଂସାରୀ ଲୋକଙ୍କର ବନ୍ଧନର କାରଣ ହୁଏ । ଯଥାର୍ଥରେ କର୍ମ ସ୍ୱୟଂ ବନ୍ଧନ କିଂବା ମୁକ୍ତିର କାରଣ ନୁହେଁ, କାରଣ ହେଉଛି ମନୁଷ୍ୟର ଭାବ । ବ୍ୟକ୍ତି ଭଗବତ୍ ସେବା ଓ ସମର୍ପଣରୂପେ କର୍ମ କଲେ କିଂବା ଭଗବାନଙ୍କ ଯନ୍ତ୍ର ହୋଇ ଅହଂ ସ୍ୱାର୍ଥ ତ୍ୟାଗ କରି ଭାଗବତୀ ଶକ୍ତିର ପ୍ରେରଣାରେ କର୍ମ କଲେ ସେ ସମସ୍ତ ପ୍ରକାର କର୍ମବନ୍ଧନରୁ ମୁକ୍ତ ହୋଇ ଭଗବତ୍‌ପ୍ରାପ୍ତି କରେ । ଏପରିକି ହନୁମାନ ଓ ଅର୍ଜୁନଙ୍କ ତୁଲ୍ୟ କ୍ରୂର ସଂହାର କର୍ମ କରି ମଧ୍ୟ ବ୍ୟକ୍ତି କର୍ମଫଳରୁ ସର୍ବଦା ମୁକ୍ତ ରହେ । କିନ୍ତୁ ବ୍ୟବସାୟ ଯୁଦ୍ଧସଦୃଶ କ୍ରୂର କର୍ମ ନୁହେଁ, ତାହା ପରୋପକାର ସକାଶେ ଆଚରିତ ହୁଏ । ତେଣୁ ତାହା ସ୍ୱତଃ ପବିତ୍ର । ସେହି ସକାଶେ ପୁରାଣରେ ବ୍ୟବସାୟୀକୁ 'ସାଧୁ' ଅଥବା 'ସାଧବ' କୁହାଯାଇଛି ।

ଧନରୁ ପାପ

ଏହିପରି ପୁଣ୍ୟ, ସାତ୍ତ୍ୱିକ, ପରହିତ ସାଧନଯୁକ୍ତ କର୍ମ ଆଜି ପରର ରକ୍ତଶୋଷଣ କାର୍ଯ୍ୟରେ ପରିଣତ ହୋଇଛି । ଏପରିକି ଖାଦ୍ୟଦ୍ରବ୍ୟ, ଯଥା – ଗହମ ଅଟାରେ ମାଣ୍ଡିଆ, ଯବ ଓ ବାଜରା ଅଟା; ଘିଅରେ ପଶୁଚର୍ବି, ମାଛତେଲ, ସାପଚର୍ବି; ଚାଉଳରେ ଗୋଡ଼ି, ଔଷଧରେ ପାଣି ମିଶା ହେଉଛି । ବାଲିରେ ଯଥାର୍ଥ ପରିମାଣରେ ସିମେଣ୍ଟ୍ ଦିଆ ନ ହେବାରୁ କଲେଜ ଘରର ଛାତ ଭାଙ୍ଗି ପ୍ରଫେସର୍ ତଥା ଛାତ୍ରମାନଙ୍କ ଜୀବନ ନଷ୍ଟ ହେଉଛି । ଦେଶହିତ ସାଧନ ସକାଶେ

ସରକାରଙ୍କଠାରୁ ଠିକା ନେଇ ଯେଉଁ କାର୍ଯ୍ୟ କରାହେଉଛି, ଠିକାଦାର ବିଲ୍ ପାଇବା ପରେ ପରେ ସେ କାର୍ଯ୍ୟ ନଷ୍ଟ ହେଉଛି; ଫଳରେ ସରକାରଙ୍କୁ ପୁନରାୟ ଦୁଇଗୁଣ ଖର୍ଚ୍ଚ କରିବାକୁ ହେଉଛି । ମନୁଷ୍ୟ ମଧ୍ୟରେ ଅସତ୍ ପ୍ରକୃତି ହେତୁ ସେ ଅସଦୁପାୟରେ ଧନ ଉପାର୍ଜନ କରୁଛି । ଅସତ୍ ମାର୍ଗରେ ଉପାର୍ଜିତ ଧନ ଆରାମ-ଅୟସ, ନାମ-ଯଶଃ ପ୍ରାପ୍ତି ମାର୍ଗରେ ଅପବ୍ୟୟ ହେବାରୁ ବ୍ୟକ୍ତିର ପ୍ରାଣ ଅଧିକ ମଳିନ ହେଉଛି । ''ଆତ୍ମା ସଂଜାୟତେ ପୁତ୍ରଃ'' ଅର୍ଥାତ୍ ପୁତ୍ର ନିଜର ଆତ୍ମାରୂପ, ପିତାର ଗୁଣ ପୁତ୍ର କନ୍ୟାଙ୍କୁ ପ୍ରାପ୍ତ ହେବା ସ୍ୱାଭାବିକ । ପିତାର ଦୁର୍ଗୁଣକୁ ପୁତ୍ର ପୈତୃକ ସମ୍ପତ୍ତିରୂପେ ପାଏ; ବାତାବରଣର ସହାୟତାରେ ବୃଦ୍ଧି ହୋଇ ପିତାଠାରୁ ପୁତ୍ର ବଳିପଡ଼େ । ପିତାର ପ୍ରାଣ ମଳିନ ଯୋଗୁଁ ସେ ଧନ ଅପବ୍ୟୟ କଲେ ମଧ୍ୟ ନିଜେ ପରିଶ୍ରମ କରିଥାଏ ବୋଲି ଧନ ପ୍ରତି ଆସକ୍ତି ଥାଏ, ସେଥିପାଇଁ ସେ ଖର୍ଚ୍ଚରେ କେତେକ ପରିମାଣରେ ସଂଯମ ରକ୍ଷାକରେ । କିନ୍ତୁ ସନ୍ତାନମାନେ ବିନା ପରିଶ୍ରମରେ ଧନର ଅଧିକାରୀ ହୋଇ ନିଜ ସାଂସାରିକ ଭୋଗ-ବିଳାସରେ ମୁକ୍ତହସ୍ତରେ ବ୍ୟୟ କରନ୍ତି । ପରେ ଏହି ଭୋଗ ବିଳାସପୂର୍ଣ୍ଣ ଜୀବନଯାପନ ପ୍ରଣାଳୀ ଏପରି ଅଭ୍ୟାସରେ ପରିଣତ ହୁଏ ଯେ ସେଥିସକାଶେ ସେମାନେ ସତ୍, ଅସତ୍, ଚୋରି ଆଦି କୁକର୍ମ ଦ୍ୱାରା କୌଣସି ଉପାୟରେ ଧନପ୍ରାପ୍ତି କରିବାକୁ ବାଧ ହୁଅନ୍ତି । ମନୁଷ୍ୟ ଧନର ମଦାନ୍ଧ ହୋଇ ନାନା ପ୍ରକାର ଅବିହିତ କର୍ମ କରି ନିଜେ ମାନସିକ ଅଶାନ୍ତି, ଦ୍ୱନ୍ଦ୍ୱ, ଦୁଃଖାଦି ଯନ୍ତ୍ରଣା ଭୋଗେ ଏବଂ ନିଜ ଦୋଷରୁ ସନ୍ତାନମାନଙ୍କ ଦୁର୍ଗୁଣ ବୃଦ୍ଧି ହୁଏ । ଏହି ସକାଶେ ଶାସ୍ତ୍ର ଧନକୁ ପାପର ମୂଳ କାରଣ ବୋଲି କହିଅଛି ।

ଧନରେ ଧର୍ମ

ଧନ ଯଥାର୍ଥରେ ପାପର ମୂଳ କାରଣ ନୁହେଁ । ଧନ ଦ୍ୱାରାହିଁ ଧର୍ମ କରାଯାଏ ଯଦି ଧନ ସନ୍ମାର୍ଗରେ ଉପାର୍ଜନ କରାଯାଇ ପାରେ । ସତ୍‌ମାର୍ଗରେ ଉପାର୍ଜିତ ଧନ ଯଥାର୍ଥ ଏବଂ ସତ୍ୟ ପରମାର୍ଥିକ କାର୍ଯ୍ୟରେ ଖର୍ଚ୍ଚ ହୁଏ । ମନୁଷ୍ୟର ସତ୍‌ମାର୍ଗରେ ଧନ ଉପାର୍ଜନ କରିବାର ପ୍ରବୃତ୍ତି ତେବେ ହୁଏ ଯେବେ ତାହାର ହୃଦୟ, ମନ ପବିତ୍ର ଏବଂ ବିବେକଯୁକ୍ତ ଥାଏ । ଏହା ହୁଏ ଅଧ୍ୟାତ୍ମ ମାର୍ଗରେ ସମସ୍ତ ଭଗବତ୍ ସେବାରୂପେ କରି ଭଗବାନଙ୍କୁ ସମର୍ପଣ କରିବାରେ ।

ଯଥାର୍ଥରେ ସଂସାର ଏବଂ ସଂସାରର ସମସ୍ତ କର୍ମ ଭଗବାନଙ୍କର । ମନୁଷ୍ୟ ଏହି ସଂସାରକୁ ଆସିଛି ଏହି ଜ୍ଞାନ ପ୍ରାପ୍ତ କରି ସମସ୍ତ କର୍ମ ଭଗବତ୍ ପୂଜାରୂପେ କରି ନିଜ ଲକ୍ଷ୍ୟ ପରମାନନ୍ଦ ପରମେଶ୍ୱରଙ୍କୁ ପ୍ରାପ୍ତ କରିବା ସକାଶେ । ସେ ନିଜକୁ ଧନର ମାଲିକ ଏବଂ ବ୍ୟବସାୟର କର୍ତ୍ତା ବୋଲି ନ ମାନି ଭଗବାନଙ୍କୁ ସକଳର ମାଲିକ ବୋଲି ମାନିବ । ନିଜେ ସେବକରୂପେ ଭଗବତ୍ ସେବା ଉଦ୍ଦେଶ୍ୟରେ କର୍ମ କରି ଭଗବାନଙ୍କୁ ସମର୍ପଣ କରିବ । ଭାବିବ ଯେ ଭଗବାନ୍ ତାକୁ ଏହି ସେବା ଦେଇଅଛନ୍ତି । ଏହାର ସରଳ ସାଧନ ନିମ୍ନରେ ଆଲୋଚନା କରାହେଲା ।

ସରଳ ପ୍ରଣାଳୀ

(୧) ବ୍ୟବସାୟ, ଅଫିସ୍ ଅଥବା ବ୍ୟବସାୟ କେନ୍ଦ୍ରରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖିବ । ପ୍ରତିଦିନ ଉଠିବା ସଙ୍ଗେ ସଙ୍ଗେ କିଛି ସମୟ ଧ୍ୟାନ କରି ପ୍ରାର୍ଥନା କରିବ, ''ଏହି ସମସ୍ତ ସମ୍ପତ୍ତି, ସମସ୍ତ କାର୍ଯ୍ୟ ତୁମର; ମୁଁ ତୁମର ସେବକ । କୃପାକରି ଏହି ଭାବନା ମୋ ଚେତନାରେ ପ୍ରତିଷ୍ଠା କର, ଯେପରି ତୁମ ପ୍ରେରଣାରେ ସତ୍ୟମାର୍ଗରେ ସମସ୍ତ କାର୍ଯ୍ୟ ତୁମ ସେବାରୂପେ ମୁଁ କରିପାରେ ।''

(୨) ଭଗବାନ୍ ସବୁ ସମୟରେ ତୁମ ସଙ୍ଗେ ରହିଅଛନ୍ତି, ତୁମର ସମସ୍ତ କାର୍ଯ୍ୟ ଦେଖୁଅଛନ୍ତି,– ଏ-ବିଷୟରେ ସଚେତନ ହୁଅ । କୌଣସି ବ୍ୟକ୍ତିକୁ ବସ୍ତୁ ଦେବା-ଆଣିବା ସମୟରେ ଉଚିତ ଦାମ୍ ତଥା ଉତ୍ତମ ବସ୍ତୁ ଦିଅ ଓ ନିଅ । ନିଜ ସକାଶେ ଅଥବା ପରିବାର ସକାଶେ ଖର୍ଚ୍ଚ କରିବା ସମୟରେ ତାହାକୁ ଭଗବାନଙ୍କ ଧନ ଜାଣି ଉଚିତ ମାତ୍ରାରେ

ଉଚିତ କାର୍ଯ୍ୟରେ ଖର୍ଚ୍ଚ କର । ଯାହା ଉପାର୍ଜନ କର ତହିଁରୁ କିଛି ଅଂଶ ଭଗବାନଙ୍କ କାର୍ଯ୍ୟରେ ଖର୍ଚ୍ଚ କର । ଶାସ୍ତ୍ର କହିଛି, ''ଯେଉଁ ଗୃହସ୍ଥ ଭଗବାନଙ୍କୁ ନ ଦେଇ ନିଜେ ଭୋଜନ କରେ, ସେ ଅନ୍ନ ସଙ୍ଗେ ପାପ ଭକ୍ଷଣ କରେ ।''

(୩) ଆଚରଣରେ ତଥା କଥାବାର୍ତ୍ତାରେ ସତ୍‌ପରାୟଣ ହେବା ଆବଶ୍ୟକ । ପ୍ରାରମ୍ଭିକ ଅବସ୍ଥାରେ ଏହା ବିଶେଷ ଅସୁବିଧା ସୃଷ୍ଟି କରିପାରେ; କିନ୍ତୁ ଦୃଢ଼ ସଙ୍କଳ୍ପ, ଦୃଢ଼ ନିଷ୍ଠା ରଖିଲେ ଏଥିରେ ଭଗବାନ୍ ସାହାଯ୍ୟ କରନ୍ତି । ଏହାକୁ ପାଳନ କଲେ ଜୀବନ ପବିତ୍ର ହୁଏ ଏବଂ ବ୍ୟବସାୟ ଉନ୍ନତ ହୁଏ । ଏହିପରି ଦୁଇଟି ସତ୍ୟ ଘଟଣା ଲକ୍ଷ୍ନୌ ଓ ବାରବଙ୍କିରେ ଘଟିଥିଲା ।

ପ୍ରାୟ ଅଶୀ ବର୍ଷ ପୂର୍ବର ଘଟଣା । ଜଣେ ସତ୍ୟବାଦୀ, ସଦାଚାରୀ ବ୍ୟକ୍ତି ଲକ୍ଷ୍ନୌରେ ବ୍ୟବସାୟ ଆରମ୍ଭ କଲେ । ସେ ସତ୍ୟ କହନ୍ତି ତଥା ଶୁଦ୍ଧ ବସ୍ତୁ ରଖନ୍ତି । ତାଙ୍କର ସମସ୍ତ ବସ୍ତୁର ନିର୍ଦ୍ଦିଷ୍ଟ ଦାମ୍ ଥାଏ । ଗ୍ରାହକମାନେ ଆସି ତାଙ୍କୁ ଦାମ୍ ପଚାରିଲେ ସେ ଠିକ୍ ଦାମ୍ କହିବା ପରେ ସେମାନେ ତାହାଠାରୁ କମ୍ ଦାମ୍‌ରେ ନେବାକୁ ଚାହାନ୍ତି । ନିର୍ଦ୍ଦିଷ୍ଟ ଦାମ୍ ଠିକ୍ ହୋଇଥିବ ବୋଲି ଖରଦି କରିବା ବ୍ୟକ୍ତି କଳ୍ପନା କରିପାରନ୍ତି ନାହିଁ । କୌଣସି ବସ୍ତୁ ଶୁଦ୍ଧ ହେବାରୁ ପାଖ ଦୋକାନରେ ତାହାର ଯାହା ଦାମ୍ ଥାଏ ତାହା ଅପେକ୍ଷା ଏହାଙ୍କ ଦୋକାନରେ ବେଶୀ ହୁଏ । ସେହି ଏକହିଁ ବସ୍ତୁକୁ ଗ୍ରାହକମାନେ ତାଙ୍କରି ପାଖ ଦୋକାନରୁ କମ୍ ଦାମରେ ନିଅନ୍ତି । ତାଙ୍କର ପଡ଼ୋଶୀ ଦୋକାନୀମାନେ ଏହାଙ୍କ ସତ୍ୟ ଆଚରିତ ବ୍ୟବସାୟକୁ ଅସଫଳ କରିବା ସକାଶେ ମିଥ୍ୟାରେ ଖରିଦଦାରକୁ କହନ୍ତି, ''ଆମ୍ଭେ କମ୍ ଦାମ୍‌ରେ ତୁମ୍ଭମାନଙ୍କୁ ଯେଉଁ ବସ୍ତୁ ଦେଉଛୁ, ସେହି ବସ୍ତୁ ଆମ୍ଭ ପାଖରୁ ନେଇ ସେ ଶୁଦ୍ଧ ବସ୍ତୁ କହି ତୁମ୍ଭମାନଙ୍କୁ ଠକି ଅଧିକ ପଇସା ନେଉଛି ।'' ଏ-କଥାକୁ ମଧ୍ୟ ଲୋକେ ବିଶ୍ୱାସ କରନ୍ତି ଏବଂ ସେହି ସାଧୁ ବ୍ୟବସାୟୀଙ୍କ ଦୋକାନରୁ କେହି କିଛି ଖର୍ଦ୍ଦି କରନ୍ତି ନାହିଁ । କିନ୍ତୁ ସେ ଥିଲେ ସତ୍ୟପ୍ରତିଜ୍ଞାରେ ଦୃଢ଼ । ନିଜର ସତ୍ୟ ଆଚରଣ ବିପତ୍ତିରେ ମଧ୍ୟ ଛାଡ଼ିଲେ ନାହିଁ । ବସ୍ତୁ ବିକ୍ରି ହେଉ ନ ଥାଏ, ଚାକର ରଖି ନ ଥା'ନ୍ତି, ନିଜେ ଦୋକାନରେ ସମସ୍ତ କର୍ମ କରନ୍ତି, କୌଣସି ବସ୍ତୁ ବିକ୍ରି ନ ହେବାରୁ ପଇସାର ଅଭାବ ଯୋଗୁଁ ଚାରି ପଇସାର ମୁଢ଼ି ଖାଇ ଦିନ କଟାନ୍ତି । କିଛିଦିନ ପରେ ତାଙ୍କ ସଙ୍ଗେ ଲୋକଙ୍କର ବ୍ୟବହାର ହେବାରୁ ଲୋକମାନେ ତାଙ୍କର ସତ୍ୟତା କ୍ରମଶଃ ବୁଝିପାରିଲେ ଏବଂ ଶେଷରେ ତାଙ୍କ ଦୋକାନରେ ଏପରି ବିକ୍ରି ହେଲା ଯେ ଅଳ୍ପଦିନ ଭିତରେ ଦୋକାନକୁ କେତେଗୁଣା ବଢ଼ାଇଦେବାକୁ ପଡ଼ିଲା ।

ଅନ୍ୟ ଗୋଟିଏ ଘଟଣା । ମୋର ଗୁରୁଦେବଙ୍କର ଜଣେ ଶିଷ୍ୟଙ୍କ ନାମ ଥିଲା ରାମଲାଲ । ସେ ବାରବଙ୍କିରେ ରହନ୍ତି । ତାଙ୍କର ବ୍ୟବସାୟ ମଧ୍ୟ ବାରବଙ୍କିରେ । ସେ ଠିକ୍ ଦାମ୍ କହନ୍ତି ଏବଂ ବସ୍ତୁ ଭଲ କି ମନ୍ଦ ତାହା ମଧ୍ୟ କହିଦିଅନ୍ତି । ସେ ଅତି ସାଧୁ ସ୍ୱଭାବର ବ୍ୟକ୍ତି । ବହୁତ ସମୟରେ ଦୋକାନ ବନ୍ଦ କରି ତୀର୍ଥମାନଙ୍କରେ ସାଧୁ ମହାତ୍ମାଙ୍କ ଦର୍ଶନ କରିବାକୁ ଚାଲିଯା'ନ୍ତି । ତାଙ୍କ ଦୋକାନ ବନ୍ଦ ଥିବା ସମୟରେ ତାଙ୍କ ଆସିବାକୁ ଲୋକେ ଅପେକ୍ଷା କରି ଅନ୍ୟ ଦୋକାନରୁ କାମ ଚଳିବା ଅନୁସାରେ କମ୍ ଖରିଦ କରୁଥା'ନ୍ତି । ସେ ଆସିଲେ ତାଙ୍କ ଦୋକାନରେ ଭିଡ଼ ଲାଗିଯାଏ ।

୧୯୬୨ ସାଲରେ ମୁଁ ଅଯୋଧ୍ୟା ଯିବା ସମୟରେ ତାଙ୍କ ସହିତ ମୋର ଦେଖା ହୋଇଥିଲା । ତାଙ୍କର ଅତ୍ୟନ୍ତ ଆଗ୍ରହ ଯୋଗୁଁ ତାଙ୍କ ରହିବା ସ୍ଥାନ ବାରବଙ୍କିକୁ ମୋତେ ଯିବାକୁ ହୋଇଥିଲା । ସେ ତାଙ୍କ ଘଟଣା କହୁଥିଲେ । ଇନ୍‌କମ୍ ଟାକ୍ସ ଅଧିକ ହୋଇଯିବାରୁ ବ୍ୟବସାୟୀମାନେ ଦୁଇଟି ହିସାବ ବହି ରଖିଲେ । ଯାହା ଯଥାର୍ଥରେ ବିକ୍ରି ହୁଏ ତାହା ନିଜେ ଜାଣିବା ସକାଶେ ଗୋଟିଏ ହିସାବ ବହି ଏବଂ ଅନ୍ୟଟି ଇନ୍‌କମ୍ ଟାକ୍ସ ଅଫିସରଙ୍କୁ ଦେଖାଇବା ସକାଶେ । ରାମଲାଲଙ୍କୁ କେତେଜଣ ବ୍ୟବସାୟୀ ସେହିପରି କରିବାକୁ ପରାମର୍ଶ ଦେଲେ । କିନ୍ତୁ ସେ କାହାରି ପରାମର୍ଶ ନ ଶୁଣି ଯାହା ବିକ୍ରି ହୁଏ ତାହା ସତ୍ୟ ସତ୍ୟ ଲେଖିଲେ । ବାରବଙ୍କି ବ୍ୟବସାୟୀମାନଙ୍କର ଇନ୍‌କମ୍ ଟାକ୍ସର କେସ୍ ହେଲା । ସମସ୍ତେ ନିଜ ନିଜ ମୋକଦ୍ଦମାରେ ବିକ୍ରିର ହିସାବ ଦାଖଲ କଲେ ଏବଂ ସପକ୍ଷରେ ଲଢ଼ିବାକୁ ଓକିଲ ଦେଲେ । ଅଫିସର ସେମାନଙ୍କ ବକ୍ତବ୍ୟ ତଥା ଓକିଲଙ୍କ ଯୁକ୍ତି ଶୁଣିବା ପରେ ସେମାନଙ୍କ ହିସାବର ଦୁଇଗୁଣା, ତିନିଗୁଣା ହିସାବରେ ଇନ୍‌କମ୍ ଟାକ୍ସ ନିର୍ଦ୍ଧାରିତ କରିଦେଲେ । ସର୍ବଶେଷରେ ରାମଲାଲଙ୍କୁ ଡାକରା ହେଲା । ଅଫିସର ପଚାରିଲେ, ''ତୁମର କେହି ଓକିଲ ଅଛନ୍ତି କି ?'' ସେ କହିଲେ, ''ନାହିଁ ହଜୁର ।'' ଅଫିସର ପଚାରିଲେ ''ତୁମ ବିକ୍ରୀ ହିସାବର କେତୋଟି ଖାତା

କର ?'' ରାମଲାଲ କହିଲେ, ''ମୁଁ ବିଶେଷ ଲେଖାପଢ଼ା ଜାଣେ ନାହିଁ, ହଜୁରଙ୍କ ହାତରେ ଯେଉଁ ଖାତା, ମୋର ସେହି ଏକମାତ୍ର ଖାତା ।'' ''ତୁମେ ଯାହା ଲେଖିଛ, ତାହାର ଦୁଇଗୁଣ ହିସାବରେ ଇନ୍‌କମ୍ ଟାକ୍‌ସ ନିର୍ଦ୍ଧାରିତ କରୁଛି ।''– ଏହା ମୁଖରେ କହି ନ ଲେଖି ଅଫିସର ଗମ୍ଭୀରଭାବେ କିଛି ବିଚାର କରିବାକୁ ଲାଗିଲେ । ବୋଧହୁଏ ରାମଲାଲଙ୍କ କଥାରେ ତାଙ୍କର ଅବିଶ୍ୱାସ ହେଉ ନ ଥିଲା । ଜଣେ ଓକିଲ ତାଙ୍କର ଗୋଟିଏ ଫାଇଲ୍ ଅଫିସରଙ୍କ ଟେବୁଲ ଉପରେ ଭୁଲ୍‌ରେ ଛାଡ଼ି ଯାଇଥିଲେ, ତାକୁ ନେବାକୁ ସେହି ସମୟରେ ଆସିଗଲେ । ଅଫିସର ଇଂରାଜୀରେ ଅନତି ସ୍ୱରରେ ଓକିଲଙ୍କୁ କିଛି ପଚାରିଲେ । ଓକିଲ ମଧ୍ୟ ଉତ୍ତର ଦେଲେ । ପରେ ଜଣାଗଲା ଯେ ଅଫିସର ତାଙ୍କୁ ପଚାରିଥିଲେ, ''ଏହି ବ୍ୟକ୍ତି କ'ଣ ସତ୍ୟବାଦୀ ?'' ଓକିଲ କହିଥିଲେ, ''ବାରବଙ୍କି ସହରରେ ଏହି ଏକହିଁ ବ୍ୟକ୍ତି ସତ୍ୟରେ ବ୍ୟବସାୟ କରନ୍ତି ।'' ଓକିଲ ଚାଲିଯିବା ପରେ ଅଫିସର ରାମଲାଲଙ୍କୁ ପଚାରିଲେ, ''ତେଲ ସାବୁନ୍ ବିକ୍ରିର ହିସାବ ଏହି ଖାତାରେ ଲେଖାଅଛି କି ?'' ରାମଲାଲ ଉତ୍ତର ଦେଲେ, ''ହଁ ହଜୁର, ଏଥିରେ ଲେଖା ଅଛି ।'' ରାମଲାଲ ଲେଖିଥିବା ହିସାବରୁ ତେଲ, ସାବୁନ୍‌ର ଦାମ୍ ଅନୁମାନରେ ବାଦ୍ ଦେଇ ବାକି ବିକ୍ରି ଉପରେ ଟାକ୍‌ସ ନିର୍ଦ୍ଧାରିତ କରିଦେଲେ । ଉତ୍ତର ପ୍ରଦେଶରେ ତେଲ ସାବୁନ୍‌ରେ ଟାକ୍‌ସ ପଡ଼େ ନାହିଁ ।

ଯଥାର୍ଥରେ ବ୍ୟକ୍ତି ସତ୍ୟ ବ୍ୟବହାର କଲେ ତାକୁ ସତ୍ୟ ବରାବର ସାହାଯ୍ୟ କରେ । ମନୁଷ୍ୟ ଯଥାର୍ଥ ସତ୍ୟ ବରାବର ବ୍ୟବହାର ନ କରି ସତ୍ୟର ଅଭିନୟ କରେ, ସେ ସକାଶେ ସଫଳ ହୋଇପାରେ ନାହିଁ । କେବଳ ବ୍ୟବସାୟ ନୁହେଁ, ଯେକୌଣସି କର୍ମ ସତ୍ୟ, ନ୍ୟାୟ, ଭଗବତ୍ ସେବା ଭାବରେ କଲେ ମନୁଷ୍ୟ ସେହି କର୍ମ ଦ୍ୱାରା ସୁଖ, ଶାନ୍ତି ପରମାନନ୍ଦସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ କରି ଜନ୍ମ-ମରଣ, ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ମନୁଷ୍ୟ ଏହା କରିପାରେ ଭଗବାନଙ୍କ ପ୍ରତି ବିଶ୍ୱାସ ଭରସା ରଖି ଭଗବାନଙ୍କୁ ଭକ୍ତି କଲେ । ଭଗବତ୍ ଭକ୍ତି ଦ୍ୱାରା ମନୁଷ୍ୟର ବୁଦ୍ଧି ଶୁଦ୍ଧ ହୁଏ, ଉଚିତ ଅନୁଚିତ କର୍ମ ଜାଣିବାର ବିବେକ ଉତ୍ପନ୍ନ ହୁଏ ।

ନେତା, ଅଫିସର୍ ଓ ସାଧାରଣ କର୍ମଚାରୀ

ଦେଶ ଭଗବାନଙ୍କ ସ୍ୱରୂପ । ଏହି ମନୋଭାବରେ ବ୍ୟକ୍ତି ଦେଶସେବା କଲେ ସେ ଜୀବନର ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି, ପରମାତ୍ମାଙ୍କୁ ପ୍ରାପ୍ତ କରି ଜାଗତିକ ଦୁଃଖକଷ୍ଟ, ଜନ୍ମ-ମରଣ ମହାନ୍ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ । କିନ୍ତୁ ବ୍ୟକ୍ତିର ନିଜ କର୍ତ୍ତବ୍ୟ ଯେଉଁ ଦେଶସେବା, ଯାହା ଭଗବତ୍‌ପ୍ରାପ୍ତିର ଉପାୟ, ତାହା ସକାଶେ ସେ ସଚେତନ ନ ହୋଇ ଏହି ପବିତ୍ର ଦେଶସେବାର ଭାବକୁ ବିକୃତ କରି ନିଜ ଏବଂ ପରିବାରର ସୁଖ-ସୁବିଧା, ଆରାମ-ଅୟସରେ ପ୍ରୟୋଗ କରେ । ତାହାଦ୍ୱାରା ନିଜର ମଙ୍ଗଳ କିଂବା ପରିବାରର ଯଥାର୍ଥ କଲ୍ୟାଣ ସାଧିତ ହୁଏ ନାହିଁ; ଦେଶର ଉନ୍ନତିରେ ମଧ୍ୟ ବାଧାପଡ଼େ । ଯେଉଁ ଦେଶସେବା କର୍ମ ଦ୍ୱାରା ବ୍ୟକ୍ତି ପରମ ସୁଖ ପ୍ରାପ୍ତ କରିପାରି ଥାଆନ୍ତା, ଯଥାର୍ଥ ପ୍ରଣାଳୀରେ ଆଚରିତ ନ ହେବାରୁ ତାହା ବନ୍ଧନ ତଥା ଦୁଃଖର କାରଣ ହୁଏ ।

ଅଧିକାଂଶ ଦେଶନେତା, ଦେଶସେବକମାନେ ନିଜ ଅଧିକାର ପ୍ରାପ୍ତ କରିବା ଉଦ୍ଦେଶ୍ୟରେ, ନିଜ ଦଳ ନିଜ ପକ୍ଷରେ ରଖିବା ସକାଶେ ନିଃସ୍ୱାର୍ଥ ଦେଶସେବା ଭାବ ଛାଡ଼ି ନ୍ୟାୟ ଅନ୍ୟାୟରେ, କଳ କୌଶଳରେ ବ୍ୟବସାୟୀମାନଙ୍କଠାରୁ ଅର୍ଥ ଗ୍ରହଣ କରି ନିଜ ଦଳକୁ ମଜଭୁତ୍ କରନ୍ତି; ଏବଂ ନିଜ ପରିବାରକୁ ତଥା ନିଜକୁ ଆରାମ ଅୟସରେ ରଖନ୍ତି ତଥା ନିଜର ମାନ ପ୍ରତିଷ୍ଠା ବୃଦ୍ଧି ହେବା କାର୍ଯ୍ୟରେ ଲଗାନ୍ତି । ଯେଉଁ ବେପାରୀମାନେ ଅର୍ଥ ଦିଅନ୍ତି, ସେମାନେ କଳାବଜାରରେ, ଦେଇଥିବା ଅର୍ଥର କେତେଗୁଣ ଆଦାୟ କରିନିଅନ୍ତି । ବେପାରୀ ତଥା ନେତାମାନଙ୍କ ସୁଖସୁବିଧା ପାଇଁ ଯେଉଁ ଦେଶବାସୀଙ୍କୁ ଜନତା-ଜନାର୍ଦନରୂପେ ସେବା କରାହୋଇ ଥା'ନ୍ତା, ତା' ପରିବର୍ତ୍ତେ ସେମାନଙ୍କ ରକ୍ତ ଶୋଷଣ କରା ହେଉଅଛି । ସାଧାରଣ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଧିକାଂଶ ବଡ଼ ବଡ଼ ଅଫିସରମାନଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରକାଶ୍ୟରେ କିଂବା ଅପ୍ରକାଶ୍ୟରେ ରିସ୍‌ପତ୍ ନିଅନ୍ତି । ସେମାନେ ଯୁକ୍ତି କରନ୍ତି, ''ଆମ୍ଭେମାନେ ଯେଉଁ ସମାଜରେ ଅଛୁ ସେଠାରେ

ଏତେ ଅଳ୍ପ ଟଙ୍କାରେ ଚଳିବୁ କିପରି ? ଆମ୍ଭମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା ରିସ୍‌ପତ୍ ନେବାକୁ ଆମ୍ଭମାନଙ୍କୁ ବାଧ କରେ।'' ଅଫିସରମାନେ କହନ୍ତି, ''ଆମ୍ଭର ଏତୋଟି ସନ୍ତାନ ପଢୁଅଛନ୍ତି, ଆମ୍ଭର ମିତ୍ର ଓ ବନ୍ଧୁବାନ୍ଧବଙ୍କ ସମାନ ସ୍ତରରେ ରହିବା ସକାଶେ ଭଲ ଘର, ସବାରି ଆବଶ୍ୟକ । ସେହି ଅନୁସାରେ ବ୍ୟବହାର, ଭୋଜନ ତଥା ପୋଷାକ ମଧ୍ୟ ଆବଶ୍ୟକ । ଘରର ଆସବାବ, ସ୍ତ୍ରୀର ଶାଢ଼ି, ତେଲ, ପାଉଡ଼ର ନ ହେଲେ କାମ ଚଳେ ନାହିଁ । ଆମ୍ଭେ ଯେତେ ବେତନ ପାଉ ତାହା ଅପେକ୍ଷା ଅଧିକ ଖର୍ଚ୍ଚ ହୁଏ । ଏହାଛଡ଼ା ଝିଅମାନଙ୍କର ବିବାହ ଗୋଟିଏ ଆପଦ । ପୁଅମାନେ ନିଜକୁ ନିଲାମ ଡାକନ୍ତି । ଏପରି ଅବସ୍ଥାରେ ରିସ୍‌ପତ୍ ନ ନେଲେ କାମ କିପରି ଚଳିବ ?'' ଛୋଟରୁ ବଡ଼ ଅଧିକାଂଶ ଅଫିସରଙ୍କର ଏହି ଯୁକ୍ତି । ସେମାନେ ପ୍ରକାଶ୍ୟରେ ନ କହିଲେ ମଧ୍ୟ ସେମାନଙ୍କ ମନୋଭାବ ଏହିପରି ।

ଏହି ଯୁକ୍ତି ଠିକ୍ ନୁହେଁ । ଯେଉଁ ଇମାନଦାର କିରାଣିମାନେ ଦେଢ଼ଶହ ଟଙ୍କା ବେତନ ପାଆନ୍ତି, ସେମାନେ କିପରି ଚଳନ୍ତି ? ଇମାନଦାର ମାଷ୍ଟରମାନଙ୍କର ରିସ୍‌ପତ୍ ନେବାର କୌଣସି ବାଟ ନ ଥାଏ, ସେମାନେ ତ' ଅଚଳ ରହନ୍ତି ନାହିଁ ? ବଡ଼ ବଡ଼ ବ୍ୟବସାୟୀମାନଙ୍କର ବହୁତ ଧନ ଅଛି । ତୁମର ଉପର ପାହ୍ୟାର ଅଫିସରମାନେ ଦୁଇ ତିନି ହଜାର ଟଙ୍କାର ବେତନ ପାଇ ତୁମ ଅପେକ୍ଷା ଅଧିକ ଜାକଜମକରେ ରହନ୍ତି । କେତେକ ବ୍ୟକ୍ତି ପ୍ରକାଶ୍ୟରେ ରିସ୍‌ପତ୍ ନ ନେଲେ ମଧ୍ୟ ଭେଟିରୂପେ ନାନାପ୍ରକାର ବସ୍ତୁ ଗ୍ରହଣ କରନ୍ତି । ସେମାନଙ୍କ ଅବସ୍ଥା, ଆରାମ ଅୟସକୁ ତୁମେ କେତେଦୂର ପସନ୍ଦ କର ତଥା ସମ୍ମାନ କର ? ଯଥାର୍ଥରେ ମନୁଷ୍ୟର ବାହ୍ୟ ଆଡ଼ମ୍ବର, ଭଲ ଘର, ଭଲ ସବାରି, ଭଲ ଆସବାବ, ଭଲ ପୋଷାକର କୌଣସି ସମ୍ମାନ ହୁଏ ନାହିଁ, ସମ୍ମାନ ହୁଏ ସଚ୍ଚରିତ୍ର, ସଦ୍‌ଗୁଣର । କୌଣସି ବ୍ୟକ୍ତିର ବାହ୍ୟ ଜାକଜମକ ନ ଥାଇ ସେ ଯଦି ନ୍ୟାୟପରାୟଣ ଓ ସଦାଚାରୀ ହୋଇଥା'ନ୍ତି, ତେବେ ତାଙ୍କ ପ୍ରତି ସ୍ୱତଃ ସମ୍ମାନ, ଆଦର, ଭକ୍ତିଭାବରେ ମସ୍ତକ ନତ ହୁଏ । ତାଙ୍କୁ ଦେଖିବା ମାତ୍ରେ ତାଙ୍କ ପ୍ରତି ଶ୍ରଦ୍ଧା ଉତ୍ପନ୍ନ ହୁଏ ଏବଂ ହୃଦୟ ପ୍ରସନ୍ନ ହୁଏ । ସଦ୍‌ଗୁଣରହିତ ବଡ଼ ଅଫିସର କିଂବା ସମାଜରେ ବଡ଼ଲୋକ ବୋଲାଉଥିବା ବ୍ୟକ୍ତିଙ୍କୁ ଦେଖି ସାମାଜିକ ନିୟମ ଅନୁସାରେ ବାହାରେ ଶୁଖିଲା ହସରେ ହାତ ଯୋଡ଼ିଦିଅ, କିନ୍ତୁ ଅନ୍ତରରେ ଘୃଣା କର କିଂବା ମନେ ମନେ ଚାରୋଟି ଗାଳିଦିଅ । ଯଥାର୍ଥରେ ମନୁଷ୍ୟର ଆଦର ସମ୍ମାନ ହୁଏ ସଦ୍‌ଗୁଣରେ, ବାହ୍ୟ ଜାକଜମକରେ ନୁହେଁ । ସଦ୍‌ଗୁଣରେହିଁ ମନୁଷ୍ୟ ସୁଖଶାନ୍ତିରେ ରହିପାରେ ।

ଅଳ୍ପ ଖର୍ଚ୍ଚରେ ସୁଖଶାନ୍ତିରେ ରହିବାର ଉପାୟ

(୧) ଘରେ ରୋଷେଇ ନିମିତ୍ତ ଚାକର ରଖ ନାହିଁ । ସ୍ତ୍ରୀ ରୋଷେଇ କରିବେ ଏବଂ ଘରକାର୍ଯ୍ୟ କରିବେ । ଯେଉଁ ଚାକରାଣୀ ତୁମ ଘରେ କାର୍ଯ୍ୟ କରେ, ତୁମ ଘରକାର୍ଯ୍ୟ ଶେଷ କରିବା ପରେ ତା' ନିଜ ଘରେ ରୋଷେଇ କରେ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରେ । ଚାକରାଣୀ ଯଦି ଏତେ କାର୍ଯ୍ୟ କରିପାରେ, ତୁମ ସ୍ତ୍ରୀ କରିପାରିବେ ନାହିଁ କାହିଁକି ? ନିଜ ସ୍ତ୍ରୀ ଘରକାର୍ଯ୍ୟ କଲେ ତାଙ୍କ ନିଜର ଶାରୀରିକ ପରିଶ୍ରମ ଯୋଗୁଁ ଶରୀର ସୁସ୍ଥ ରହିବ, ରୋଗ ହେବ ନାହିଁ, ଔଷଧ ଖର୍ଚ୍ଚ ବଞ୍ଚିଯିବ । କାର୍ଯ୍ୟରେ ଲାଗି ରହିଲେ ଦୁଶ୍ଚିନ୍ତା ଆସିବ ନାହିଁ, ମନ ପ୍ରସନ୍ନ ରହିବ । ଭଗବତ୍ ସେବା ଭାବରେ ଘରକାମ ଏବଂ ରୋଷେଇ କରିବା ଦ୍ୱାରା ଘରର ବାତାବରଣ ଶୁଦ୍ଧ ରହିବ । ପିଲାମାନେ ସ୍କୁଲକୁ ଚାଲିକରି ଗଲେ ସେମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ । ତୁମେ ଅଫିସକୁ ଚାଲିକରି ଯିବା ଆସିବା କରିବା ଫଳରେ ଷାଠିଏ ବର୍ଷ ବୟସରେ ବାଡ଼ି ଧରି ଚାଲିବାକୁ ହେବ ନାହିଁ । ତୁମେ ସ୍ୱୟଂ ବଜାର କଲେ ଶୁଦ୍ଧ ବସ୍ତୁ ଆଣିବ ଏବଂ ଚାକର ସଙ୍ଗେ ଝଗଡ଼ା କରିବାକୁ ହେବ ନାହିଁ ।

(୨) ଅନ୍ୟଠାରୁ ରିସ୍‌ପତ୍ ନ ନେଇ ଶୁଦ୍ଧ ଅର୍ଜ୍ଜନରେ ଭୋଜନ କଲେ ମନ-ହୃଦୟ ଶୁଦ୍ଧ ରହିବ ଏବଂ ନ୍ୟାୟ, ସତ୍ୟ, ସଦାଚାର କର୍ମରେ ପ୍ରବୃତ୍ତ ହେବ । ଏହି ସଦାଚରଣ ଦ୍ୱାରା ମନ-ପ୍ରାଣରୁ ମଳିନତା ଦୂର ହେଲେ ଭଗବତ୍ ଭକ୍ତି ଉତ୍ପନ୍ନ ହେବ । ସେଥିରୁ ଉତ୍ପନ୍ନ ହେବ ବିବେକ । ତେବେ ତୁମେ ଯଥାର୍ଥ ଅଯଥାର୍ଥ ବୁଝିପାରି ସତ୍ୟକୁ ଗ୍ରହଣ କରି ଅସତ୍ୟକୁ ତ୍ୟାଗ କରିବାକୁ ସମର୍ଥ ହେବ । ତୁମ ଘରର କାର୍ଯ୍ୟ, ଅଫିସ୍‌ର କାର୍ଯ୍ୟ, ଅର୍ଥାତ୍ ତୁମ ଦ୍ୱାରା ଯେଉଁସବୁ କାର୍ଯ୍ୟ

ହେବ ତାହାସବୁ ହେବ ଭଗବତ୍ ସେବା; ତୁମେ ସମସ୍ତ କର୍ମ ଭଗବାନଙ୍କୁ ସମର୍ପଣ କରି ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତି କରିବ । ତୁମେ ସତ୍ୟ ଭାବରେ ସମସ୍ତଙ୍କର ପ୍ରିୟ ହେବ, ପ୍ରତ୍ୟେକ ପ୍ରାଣୀ ତୁମକୁ ପ୍ରିୟ ଲାଗିବେ । ତୁମର ଜୀବନ ହେବ ଆନନ୍ଦମୟ । ତୁମେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ । ମନୁଷ୍ୟ ଏହି ଜୀବନ ଚାହେଁ । ଏହାହିଁ ମନୁଷ୍ୟଜୀବନର ଲକ୍ଷ୍ୟ । ଏହି ଜୀବନ ପ୍ରାପ୍ତ ହେବାର ଉପାୟ ସତ୍ୟ, ନ୍ୟାୟ ଆଚରଣ, ସଦାଚାର ପାଳନ ସହିତ ସମସ୍ତ କର୍ମ ଭଗବାନଙ୍କ ଚରଣରେ ସମର୍ପଣ । ଏହି ଜୀବନ ପ୍ରାପ୍ତ ହେଲେ ବାହ୍ୟ ଆଡ଼ମ୍ବର ଜାକଜମକ ସବୁକିଛି ତୁଚ୍ଛ । ଏହି ସୁଖମୟ ଜୀବନ ବଡ଼ ଅଫିସର ହେବାରେ, ବଡ଼ ଧନୀ, ବଡ଼ ନେତା ହେବାରେ ମିଳେ ନାହିଁ; ମିଳେ ନିଜକୁ ଓ ନିଜର ସମସ୍ତ କିଛିକୁ ଭଗବାନଙ୍କଠାରେ ସମର୍ପଣ କରି ଭଗବାନଙ୍କୁ ଭକ୍ତି କରିବାରେ ।

(୩) ତୁମେ ବର୍ତ୍ତମାନ ଯେଉଁ ବାତାବରଣରେ ରହୁଅଛ, ଯେଉଁ ସମାଜରେ, ଯେଉଁ ଅନୁସାରେ କାର୍ଯ୍ୟ କରୁଛ, ସେଥିରେ ରହି ସତ୍, ନ୍ୟାୟ କାର୍ଯ୍ୟ କରିବା ଅସମ୍ଭବ ବୋଲି ଭାବିପାର । କିନ୍ତୁ ଏହା ସତ୍ୟ ନୁହେଁ । ଏହାର ଗୋଟିଏ ସରଳ ଉପାୟ ଅଛି । ତାହା ହେଉଛି ସତ୍ୟଭାବରେ ଆନ୍ତରିକତା ସହ ଭଗବତ୍ ଭକ୍ତି । ତୁମେ ଯେଉଁ ପରିସ୍ଥିତିରେ ଅଛ, ସେହି ପରସ୍ଥିତିରେ ଭଗବାନଙ୍କୁ ଭକ୍ତି କରିବା ଆରମ୍ଭ କର, ତାଙ୍କର ଆଶ୍ରୟ ନିଅ, ଦୃଢ଼ ସଂକଳ୍ପ କର ସତ୍ୟ ଓ ନ୍ୟାୟ ଆଚରଣ କରିବାକୁ । ପ୍ରଥମରେ ବାଧା ବିପତ୍ତି ଆସିବ କିନ୍ତୁ ପରେ ତୁମ୍ଭ ସତ୍ୟ, ନ୍ୟାୟ କର୍ମ ସକାଶେ ଆସ୍ତେ ଆସ୍ତେ ଅନୁକୂଳ ପରିସ୍ଥିତି ତିଆରି ହୋଇଯିବ ।

ମନୁଷ୍ୟ ଭଗବାନଙ୍କ ଆଶ୍ରୟ ନେଲେ ଭଗବାନ୍ ତାକୁ ପ୍ରତି ପଦରେ ରକ୍ଷା କରନ୍ତି । କିନ୍ତୁ ଛୋଟ ଶିଶୁ ସଦୃଶ ଭଗବାନଙ୍କ ହାତରେ ନିଜକୁ ଛାଡ଼ିଦେବା ଉଚିତ । ପ୍ରଥମରେ ଭଗବାନଙ୍କ ହାତରେ ପୂରାପୂରି ନିଜକୁ ଛାଡ଼ି ଦେଇ ହୁଏ ନାହିଁ । ସୁତରାଂ ତୁମେ ଯେତିକି ନିଜକୁ ଦେଇପାର ସେତିକି ଦିଅ । ଇଚ୍ଛା ରଖ ପୂର୍ଣ୍ଣତଃ ତାଙ୍କ ହାତରେ ଛାଡ଼ିଦେବାକୁ । ତୁମର ଏହି ଇଚ୍ଛା ଯେତେ ପ୍ରବଳ ହେବ ଭଗବାନ୍ ତୁମର ଭାର ସେତେ ଗ୍ରହଣ କରିବେ । ବାସ୍ତବରେ ସତ୍ୟ, ନ୍ୟାୟର ପୂର୍ଣ୍ଣ ବାଧକ ସମାଜ ନୁହେଁ, ତୁମ ନିଜର ପ୍ରବୃତ୍ତି । ତୁମେ ନିଜେ ସତ୍ୟ ଆଚରଣ କରିବାକୁ ଚାହଁ ନାହିଁ, ସେଥିପାଇଁ ନିଜକୁ ପ୍ରବଞ୍ଚନା କରିବା ସକାଶେ ସମାଜ ମୁଣ୍ଡରେ ଦୋଷ ଲଦିଦିଅ । ଆଜି କ'ଣ ଜଗତରେ ସତ୍, ନ୍ୟାୟପରାୟଣ ଲୋକର ଅଭାବ ? ଯଥାର୍ଥରେ କ'ଣ ସତ୍ୟବାଦୀ ଲୋକର ସମାଜରେ ସ୍ଥାନ ନାହିଁ ? ଏହା କଦାପି ନୁହେଁ । ଆଜି ବି ସତ୍ୟର ଆଦର, ବିଶେଷ ଆଦର ରହିଛି । ଯେଉଁମାନେ ସତ୍ୟ ବାହାନାରେ ଅସତ୍ୟ ଆଚରଣ କରି ସମାଜକୁ ଠକାନ୍ତି, ସେମାନଙ୍କ ଅନାଦର ସବୁସମୟରେ ହୁଏ ।

ଭକ୍ତ ରାମାଜି

ବିହାରର ଛାପ୍ରା ଜିଲ୍ଲାରେ ଜଣେ ସତ୍ୟନିଷ୍ଠ ନ୍ୟାୟପରାୟଣ ଭଗବତ୍ ଭକ୍ତ ଥିଲେ । ତାଙ୍କ ନାମ ଥିଲା 'ରାମାଜି' । ତାଙ୍କର ଝିଆରୀ ବିବାହରେ କେତେ ହଜାର ଟଙ୍କା ତିଳକ ନେବା ପାଇଁ ବରପିତା ଦାବି କଲେ । କନ୍ୟାପିତାଙ୍କ ପାଖରେ ଟଙ୍କା ନ ଥିବା ସତ୍ତ୍ୱେ ସେ ବିବଶ ହୋଇ ସ୍ୱୀକାର କରିନେଲେ । ଓଡ଼ିଶାରେ ମହାପ୍ରସାଦ ନିର୍ବନ୍ଧକୁ ବିହାର ତଥା ଅବଧ ପ୍ରାନ୍ତରେ ତିଳକ କହନ୍ତି । ଆଜିକାଲି ବରପିତା ପୁତ୍ରର ବିବାହ ସମୟରେ ପ୍ରକାରାନ୍ତରେ ପୁଅକୁ ନିଲାମ ଡକାଏ । ଯେଉଁ କନ୍ୟାର ପିତା ଅଧିକ ଟଙ୍କା ଦେଇପାରେ ସେ ନିଲାମ ଧରେ । ଆଜିକାଲି ବିବାହରେ ଧାର୍ମିକ ମନୋଭାବ ନାହିଁ କିଂବା ସୁଲକ୍ଷଣା କନ୍ୟାର ଆଦର ନାହିଁ; ଆଦର ବାହ୍ୟ ଆକୃତି, ରୂପ ଏବଂ ଟଙ୍କାର । କନ୍ୟାପିତା ଟଙ୍କା ଯୋଗାଡ଼ କରି ନ ପାରି ତାଙ୍କ ବଡ଼ ଭାଇ ରାମାଜିଙ୍କୁ କହିଲେ । ସେ ତିଳକର ନିର୍ଦ୍ଧାରିତ ଦିନ କେତେଗୁଡ଼ିଏ ତୁଳସୀଦଳ ବାନ୍ଧି ତିଳକର ଅନ୍ୟାନ୍ୟ ସାମଗ୍ରୀ ସହିତ ଭାଇକୁ ସଙ୍ଗରେ ନେଇ ତିଳକର ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲେ । ତିଳକର ଅନ୍ୟାନ୍ୟ କର୍ମ ସମାପ୍ତ ହେବା ପରେ ଟଙ୍କା ଦେବା ସମୟ ଆସିଲା । ସେତେବେଳେ ରାମାଜି ଲୁଗାଗଣ୍ଠି ଖୋଲି ତିଳକରେ ଚୁକ୍ତି ହୋଇଥିବା ଟଙ୍କାର ସଂଖ୍ୟାରେ ତୁଳସୀ ଦଳ ଗଣିଦେଲେ । ସେଥିରେହିଁ ବରପିତା ଏବଂ ସେ ପକ୍ଷର ଲୋକମାନେ

ବହୁତ ସନ୍ତୁଷ୍ଟ ହେଲେ ଏବଂ ରାମାଜିଙ୍କ କହିବା ଅନୁସାରେ ବିନା ଆଡ଼ମ୍ବରରେ ବିବାହକର୍ମ ସମାପ୍ତ କଲେ । ଏହା ହେଲା ରାମାଜିଙ୍କ ସତ୍ୟନ୍ୟାୟର ପ୍ରଭାବରୁ । ତାଙ୍କର ବାହ୍ୟ ଆଡ଼ମ୍ବର ନ ଥିଲା, ତାଙ୍କର ନ୍ୟାୟ ତଥା ସଦାଚାରକୁ ଲୋକେ ସମ୍ମାନ କରୁଥିଲେ ।

ପାଟଣା ହାଇକୋର୍ଟର ଜଜ୍ ଶ୍ରୀ ବଶିଷ୍ଠନାରାୟଣ ରାୟଙ୍କୁ ଓଡ଼ିଶାର ବହୁ ବ୍ୟକ୍ତି ଜାଣିଥିବେ । ସେ ସର୍ବଦା ତୃତୀୟ ଶ୍ରେଣୀ ରେଳଡ଼ବାରେ ଯାତ୍ରା କରୁଥିଲେ । ପଚାଶଟଙ୍କା ବେତନ ପାଉଥିବା କିରାଣି ସଦୃଶ ସେ ପୋଷାକ ପିନ୍ଧୁଥିଲେ । ଆଶ୍ରମକୁ ଆସି ଅଇଁଠା ବାସନ ଧୋଇବା କାମ କରୁଥିଲେ । ତାଙ୍କର ସମ୍ମାନ କ'ଣ କମ୍ ଥିଲା ? ଯଥାର୍ଥରେ ମନୁଷ୍ୟ ସମ୍ମାନିତ ହୁଏ ସଦାଚାରରେ । ମନୁଷ୍ୟ ସଦାଚାର ଛାଡ଼ି ବାହ୍ୟ ଆଡ଼ମ୍ବରରେ ସମ୍ମାନ ଚାହେଁ, ସେ ନେଇ ସେ ଅସମ୍ମାନିତ ହୁଏ ।

ଧର୍ମର ଯଥାର୍ଥ ଅର୍ଥ ମନୁଷ୍ୟର ପରମ ସୁଖ, ପରମ ଶାନ୍ତି ପ୍ରାପ୍ତିର ଉପାୟ । ମନୁଷ୍ୟ ଗୃହ, ପରିବାରରେ ରହି କୃଷି, ବାଣିଜ୍ୟ କରି, ବେତନଭୋଗୀ ଦେଶସେବା ଅଥବା ନିଃସ୍ୱାର୍ଥ ଦେଶସେବା ନ୍ୟାୟ, ସତ୍ୟ ଭାବରେ ଆଚରଣ କଲେ ଅନାୟାସରେ ପରମ ସୁଖ, ପରମ ଶାନ୍ତିସ୍ୱରୂପ ଭଗବତ୍‌ପ୍ରାପ୍ତି କରିପାରେ ଏବଂ ସମାଜରେ ସକଳ ବ୍ୟକ୍ତିଙ୍କ ଆଦରର ପାତ୍ର ହୋଇପାରେ ।

ତୃତୀୟ ଭାଗ

ପାତିବ୍ରତ୍ୟ

ଗୃହସ୍ଥାଶ୍ରମହିଁ ଧର୍ମର ଉତ୍ସ । ସମସ୍ତ ପ୍ରକାର ଧର୍ମାଚରଣ ହୋଇପାରେ ଗୃହସ୍ଥାଶ୍ରମରେ । ଗାର୍ହସ୍ଥ୍ୟ ଧର୍ମରୂପକ ବୃକ୍ଷରେ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ, ସନ୍ନ୍ୟାସଧର୍ମରୂପକ ପୁଷ୍ପଫଳ ଶୋଭିତ ହୋଇଥାଏ । ଶାସ୍ତ୍ରରେ ଯଦ୍ୟପି ଅଧାମ୍ ଧର୍ମ ସର୍ବଶ୍ରେଷ୍ଠ ବୋଲି ମାନି ନିଆହୋଇଛି ତଥାପି ତା'ର ମୂଳ ହେଉଛି ଗାର୍ହସ୍ଥ୍ୟ ଧର୍ମ । ଏପରି ପବିତ୍ର ଗାର୍ହସ୍ଥ୍ୟ ଧର୍ମ ଆଜିକାଲି ବିକୃତ ହୋଇ ବ୍ୟକ୍ତିର ଭୋଗ-ବାସନା ତୃପ୍ତି, ଅନ୍ୟାୟ, ଅସତ୍ୟରେ ଉଦର ପାଳନରେ ଅଥବା ଜାକଜମକ ଅୟସ-ଆରାମରେ ପରିଣତ ହୋଇଛି । ଏହି ଗାର୍ହସ୍ଥ୍ୟ ଧର୍ମ ହ୍ରାସ ହେବାରୁ ସମସ୍ତ ସଂସାରରେ ଅସତ୍ୟ, ଅନ୍ୟାୟର ରାଜ୍ୟ ବ୍ୟାପିଛି; ବ୍ୟକ୍ତି ସୁଖପ୍ରାପ୍ତି କରିବା ସକାଶେ କେତେ ପ୍ରଯତ୍ନ କରିବା ସତ୍ତ୍ୱେ ଦୁଃଖତାପ ଭୋଗ କରୁଅଛି । ଏହି ଗାର୍ହସ୍ଥ୍ୟ ଧର୍ମ ମଧ୍ୟରେ ପାତିବ୍ରତ୍ୟ ଧର୍ମର ମହତ୍ତ୍ୱ ଅତୁଳନୀୟ ।

ପତିବ୍ରତା ତପଃଶକ୍ତିର ଅସୀମ ପ୍ରଭାବ । ସେ ତ୍ରିକାଳ – ଭୂତ, ଭବିଷ୍ୟ, ବର୍ତ୍ତମାନର ଜ୍ଞାନ ପ୍ରାପ୍ତ କରିପାରେ । ତା'ର ସୃଷ୍ଟି କରିବାର ଶକ୍ତି ହୋଇପାରେ । ସେ ନିଜ ତପଃଶକ୍ତିରେ ବିଧିର ବିଧାନକୁ ପରିବର୍ତ୍ତନ କରିପାରେ । ପତିବ୍ରତା ନାରୀ ଗୃହଲକ୍ଷ୍ମୀ, ଦେବୀ । ସେ ପତିପରାୟଣା, ପରିବାରର ହିତାକାଙ୍କ୍ଷୀ, ପ୍ରାଣୀମାତ୍ରର ପ୍ରିୟ । ତା'ର ହୃଦୟ ସରଳ, ନିଷ୍କପଟ, ଭକ୍ତିଯୁକ୍ତ, ଦୟାର୍ଦ୍ର; ବୁଦ୍ଧି ଶୁଦ୍ଧ, ନମନୀୟ, ସେ ପ୍ରାଣୀହିତେ ରତ । ତା' ଦୃଷ୍ଟିରେ ବୟୋବୃଦ୍ଧ ପୁରୁଷ ପିତା, ସମାନ ବୟସ୍କ ପୁରୁଷ ଭ୍ରାତା, କମ୍ ବୟସ୍କ ପୁରୁଷ ପୁତ୍ରବତ୍ । ସେ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଭଗବାନଙ୍କୁ ଦେଖେ, କିନ୍ତୁ ଭଗବତ୍ ପ୍ରତିନିଧିରୂପେ ନିଷ୍ଠାସହ ପତିଙ୍କୁ ଭକ୍ତି କରେ । ଅହଂ, ସ୍ୱାର୍ଥ ମନୁଷ୍ୟର ପରମ ଶତ୍ରୁ । ଏହାର ବଶ ହୋଇ ମନୁଷ୍ୟ ଅନ୍ୟାୟ, ଅତ୍ୟାଚାର, ବୈର-ବିରୋଧ କରେ । ଏହାରି କବଳରୁ ନାରୀ ମଧ୍ୟ ମୁକ୍ତ ନୁହେଁ । ସେ ପତିବ୍ରତା ଧର୍ମର ପ୍ରଭାବ ନ ବୁଝି ନିମ୍ନପ୍ରାଣର ତୁଷ୍ଟି ସକାଶେ କପଟ ଆଚରଣ କରି ପିତାମାତା, ଭାଇଭଉଣୀ, ପତିଙ୍କୁ ପ୍ରବଞ୍ଚନା କରେ । ପରିଣାମରେ ପରିବାର ମଧ୍ୟରେ ବୈର-ବିରୋଧ ସୃଷ୍ଟି ହୁଏ, ଗୃହ ଦୁଃଖଦ୍ୱନ୍ଦ୍ୱରେ ପରିଣତ ହୁଏ; ଜୀବନ ଯାତନାମୟ ହୋଇଉଠେ ।

ପାତିବ୍ରତ୍ୟ ଧର୍ମ ପ୍ରଭାବରେ ନାରୀ ଏହି ଅହଂ, ସ୍ୱାର୍ଥ କବଳରୁ ମୁକ୍ତ ହୁଏ । କପଟ ଛଳନାର ଆବଶ୍ୟକତା ରହେ ନାହିଁ । ସେ ହୁଏ ପତିର ପ୍ରାଣପ୍ରିୟା, ହୃଦୟେଶ୍ୱରୀ, ସମ୍ମାନୀୟା ଦେବୀ; ଶାଶୂ ଶଶୁରଙ୍କର ଆଦରଣୀୟା, ଶ୍ରଦ୍ଧେୟା, ସ୍ନେହମୟୀ କନ୍ୟା; ପୁତ୍ରର ଇଷ୍ଟଦେବୀ, ଆଦ୍ୟାଶକ୍ତି, ଜଗଜ୍ଜନନୀ, ପରମ ପୂଜନୀୟା, ଜଗଦ୍ଧାତ୍ରୀ ମା' । ପରିବାର ତଥା ଅନ୍ୟ ବ୍ୟକ୍ତିଙ୍କର ସେ ଗୃହଲକ୍ଷ୍ମୀ, ସ୍ନେହ, ଆଦର, ଭକ୍ତିର ପାତ୍ରୀ । ତା'ର ଦର୍ଶନ ମାତ୍ରେ ବ୍ୟକ୍ତିର ହୃଦୟରେ ପବିତ୍ର ସାତ୍ତ୍ୱିକ ଭାବ ଉତ୍ପନ୍ନ ହୁଏ । ମାତୃଭାବରେ ତା'ର ଚରଣରେ ମସ୍ତକ ନତ ହୁଏ । ପତିବ୍ରତା ମାତାହିଁ ପରିବାର, ଗ୍ରାମ, ଦେଶକୁ ସୁଧାର କରିପାରେ । ତା'ଠାରୁ ଉତ୍ପନ୍ନ ହୁଅନ୍ତି ସୁସନ୍ତାନ, ବୀର, ଯୋଦ୍ଧା, ଚରିତ୍ରବାନ୍, ତେଜସ୍ୱୀ ପୁତ୍ର, ସଚ୍ଚରିତ୍ରା କନ୍ୟା । ସେମାନଙ୍କ ଚରିତ୍ର ଗଠନ ହୁଏ ମାତାର ପ୍ରଭାବରୁ ଶିଶୁ ଅବସ୍ଥାରୁ ମା'ର କ୍ଷୀରପାନ ସହିତ । ସେମାନଙ୍କ ସଦ୍‌ଗୁଣ ବିକଶିତ ହୋଇ ଜୀବନକୁ ମହାନ୍ ଏବଂ ପବିତ୍ର କରି ତୋଳେ । ଏହିପରି ସଦ୍‌ଗୁଣଯୁକ୍ତ ପୁରୁଷ ଏବଂ ମହିଳାମାନଙ୍କ ଦ୍ୱାରା ସମାଜର ମହାନ୍ ହିତ ସାଧନ ହୁଏ ।

ପାତିବ୍ରତ୍ୟତପଃଶକ୍ତି ପ୍ରଭାବରେ ପତିବ୍ରତା ଦେବୀ ଅସାଧାରଣ କାର୍ଯ୍ୟ ସାଧନ କରିପାରେ । ଶୁକ୍ଳାର ତପଃ ପ୍ରଭାବରେ ଇନ୍ଦ୍ର ପରାସ୍ତ ହୋଇଛନ୍ତି; ସାବିତ୍ରୀ ନିଜ ପତି ସତ୍ୟବାନଙ୍କୁ ଯମପୁରରୁ ଫେରାଇ ଆଣି ପାରିଛନ୍ତି । ଦେବୀ ଅନସୂୟା ବ୍ରହ୍ମା, ବିଷ୍ଣୁ, ଶଙ୍କରଙ୍କୁ ଶିଶୁ ସନ୍ତାନରୂପେ କୋଳରେ ଧାରଣ କରିଅଛନ୍ତି । କାଳ ପ୍ରଭାବରେ ଯୁଗ ପରିବର୍ତ୍ତନ ଅବସ୍ଥାରେ ଅନ୍ୟ ଧର୍ମ ହ୍ରାସ ହେବା ସଙ୍ଗେ ସଙ୍ଗେ ଏହି ପାତିବ୍ରତ୍ୟ ଧର୍ମର ମଧ୍ୟ ହ୍ରାସ ହୋଇଅଛି । ବର୍ତ୍ତମାନ ପାଶ୍ଚାତ୍ୟ

ସଭ୍ୟତାରେ ପ୍ରଭାବିତ କନ୍ୟାମାନେ ଏପରି ମହାନ୍ ଧର୍ମର ପ୍ରଭାବ ବୁଝି ନ ପାରି ତାହାକୁ କୁସଂସ୍କାର ବୋଲି କହି ଅସାଧାରଣ ତପଃଶକ୍ତିରୁ ବଞ୍ଚିତ ରହୁଅଛନ୍ତି । ପାତିବ୍ରତ୍ୟ ଧର୍ମର ପ୍ରଭାବ ସମ୍ବନ୍ଧୀୟ ଗୋଟିଏ ଦୁଇଟି ପୌରାଣିକ ଘଟଣା ଉଦାହରଣସ୍ୱରୂପ ଏଠାରେ ଆଲୋଚନା କରିବା ।

ପତିବ୍ରତା ନାରୀ

ନରୋତ୍ତମ ନାମରେ ଜଣେ ବ୍ରାହ୍ମଣ କଠୋର ତପସ୍ୟାରତ ଥିଲେ । ତାଙ୍କ ତପଃଶକ୍ତିର ପ୍ରଭାବରେ ତାଙ୍କ ଲୁଗା ଆଧାର ବିନା ଆକାଶରେ ଶୁଖେ । ଦିନେ ତାଙ୍କ ଉପରେ ଗୋଟିଏ ବଗପକ୍ଷୀ ମଳତ୍ୟାଗ କରିଦେଲା । ସେ ରାଗାନ୍ୱିତ ହୋଇ କୋପଦୃଷ୍ଟିରେ ସେହି ବଗପକ୍ଷୀକୁ ଚାହିଁବାରୁ ତାଙ୍କ କୋପାଗ୍ନିରେ ସେ ଭସ୍ମ ହୋଇଗଲା । ଏହା ଥିଲା ତାଙ୍କ ବିଚାରରେ ତପସ୍ୟାର ସିଦ୍ଧି । ଏହିପରି କୁଚ୍ଛ ତପଃସିଦ୍ଧିରେ ଗର୍ବ ହେବା ସ୍ୱାଭାବିକ । ସେ ନିଜକୁ ମହାନ୍ ତପସ୍ୱୀ ବୋଲି ଧାରଣା କରିବା ଗର୍ବ ଏବଂ ବଗପକ୍ଷୀକୁ ବିନାଶ କରିବା ପାପ ହେତୁ ତାଙ୍କ ତପଃଶକ୍ତି ନଷ୍ଟ ହୋଇଗଲା; ଆଉ ତାଙ୍କ ଲୁଗା ଆକାଶରେ ଶୁଖିଲା ନାହିଁ । ଏଥିରେ ତାଙ୍କୁ ବଡ଼ ଦୁଃଖ ଏବଂ ଗ୍ଲାନି ହେଲା । ଏହାର କାରଣ ତଥା ପ୍ରତିକାର ସକାଶେ ସେ ବ୍ୟାକୁଳ ହୋଇପଡ଼ିଲେ । ମନୁଷ୍ୟ ଭୁଲ୍ କରିବା ପରେ ଭୁଲ୍ ସଂଶୋଧନ ସକାଶେ ବ୍ୟାକୁଳ ହୋଇପଡ଼ିଲେ ଭଗବାନ୍ ତାକୁ ସାହାଯ୍ୟ କରନ୍ତି । ତପସ୍ୱୀକୁ ଆକାଶବାଣୀରେ ପତିବ୍ରତା ପାଖକୁ ଯିବାକୁ ଭଗବାନ୍ ଆଦେଶ ଦେଲେ ଏବଂ ବ୍ରାହ୍ମଣରୂପରେ ନରୋତ୍ତମଙ୍କୁ ପତିବ୍ରତାଙ୍କ ଘରେ ପହଞ୍ଚାଇ ଦେଲେ । ନରୋତ୍ତମ ତାଙ୍କ ଦ୍ୱାରରେ ଉପସ୍ଥିତ ହୋଇ ଆସିବାର ଖବର ଜଣାଇଦେଲେ । ସେ ସମୟରେ ପତିବ୍ରତା ନିଜ ପତିଙ୍କ ସେବାରେ ନିଯୁକ୍ତ ଥିବାରୁ ନରୋତ୍ତମଙ୍କ ପାଖକୁ ଆସିବାରେ ବିଳମ୍ବ ହେଲା । ନରୋତ୍ତମ ରାଗିଯାଇ କହିଲେ, ''ମୁଁ ଅତିଥି, ତୁମ ଦ୍ୱାରରେ ଉପସ୍ଥିତ ହୋଇଛି, ଅତିଥିସତ୍କାରରେ ଅବହେଳା କରିବା ଗାର୍ହସ୍ଥ୍ୟ ଧର୍ମର ବିରୋଧ ।'' ଏକଥା ଶୁଣି ପତିବ୍ରତା ଶାନ୍ତ, କୋମଳ, ମଧୁର ବାଣୀରେ ଉତ୍ତର ଦେଲେ, ''ବିପ୍ରବର, ବ୍ୟର୍ଥ କ୍ରୋଧ ଶାନ୍ତ କରନ୍ତୁ, ମୁଁ ବଗପକ୍ଷୀ ନୁହେଁ ଯେ ଆପଣଙ୍କ ରାଗରେ ଭସ୍ମ ହୋଇଯିବି । ମୁଁ ପତିଙ୍କ ସେବାରେ ନିଯୁକ୍ତ ଥିବାରୁ ଆପଣଙ୍କ ପାଖକୁ ଆସିପାରି ନ ଥିଲି ।'' ପତିବ୍ରତାର ଦର୍ଶନ ଓ ଏକଥା ଶୁଣିବା ମାତ୍ରେ ନରୋତ୍ତମଙ୍କ କ୍ରୋଧ ଶାନ୍ତ ହୋଇଗଲା । ସେ ଆଶ୍ଚର୍ଯ୍ୟ ହୋଇ ଆଗ୍ରହରେ ପ୍ରଶ୍ନ କଲେ ''ମାତଃ, ତୁମେ କେଉଁ କଠୋର ତପସ୍ୟା ଓ ସାଧନାବଳରେ ଏତେ ଦୂରର ଘଟଣା ଜାଣିପାରିଲ ?'' ପତିବ୍ରତା ଉତ୍ତର ଦେଲେ, ''ବିପ୍ରବର, ପତିସେବା, ପାତିବ୍ରତ୍ୟ ଧର୍ମ ଛଡ଼ା ମୁଁ ଆଉ ଅନ୍ୟ କିଛି ସାଧନା ବା ତପସ୍ୟା ଜାଣେ ନାହିଁ ।''

ଏହା ପାତିବ୍ରତ୍ୟ ଧର୍ମର ପ୍ରଭାବ । ପତିବ୍ରତା ନାରୀର ଶକ୍ତି ମହାନ୍ । ସତୀ ଅନସୂୟାଙ୍କ ଚରିତ୍ର ପୁରାଣରେ ପ୍ରସିଦ୍ଧ । ପତିବ୍ରତା ଅନସୂୟା ମହାମୁନି ଅତ୍ରିଙ୍କର ଧର୍ମପତ୍ନୀ ଥିଲେ । ସେ ଥିଲେ ମହାସତୀ । ତାଙ୍କ ଜୀବନରୁ ଗୋଟିଏ ଘଟଣା ଏଠାରେ ଆଲୋଚନା କରିବା ।

ସତୀ ଅନସୂୟା

ସମସ୍ତ ଧର୍ମର ଯଥାର୍ଥ ତାତ୍ପର୍ଯ୍ୟ ଭଗବାନଙ୍କ ପ୍ରତି ଭକ୍ତି । ଭଗବାନଙ୍କ ଛଡ଼ା ସମସ୍ତ ଧର୍ମ ଅର୍ଥହୀନ, ନୀରସ, ନିର୍ଜୀବ । ପାତିବ୍ରତ୍ୟ ଧର୍ମର ଅର୍ଥ ପତି ରୂପେ ଭଗବାନଙ୍କ ପ୍ରତି ଭକ୍ତି । ଅର୍ଥାତ୍ ପତିଙ୍କୁ ଭଗବାନଙ୍କ ପ୍ରତିନିଧିରୂପେ ମାନି ପତିସେବା, ପତିଭକ୍ତି କରାଯାଏ । ଯେ ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରେ, ତା' ପାଖରେ ସ୍ଥୂଳରେ ତଥା ସୂକ୍ଷ୍ମରୂପେ ସେ ସବୁ ସମୟରେ ନ ରହି ରହିପାରନ୍ତି ନାହିଁ । ସେ ଭକ୍ତକୁ ସମସ୍ତ କିଛି ଦେଇ ଶେଷରେ ନିଜକୁ ଦେଇଦିଅନ୍ତି । ସେ ଭକ୍ତକୁ ସବୁ ସମୟରେ ରକ୍ଷା କରନ୍ତି । କିନ୍ତୁ ଭକ୍ତର ସୁଯଶଃରେ ତାଙ୍କୁ ଆନନ୍ଦ ମିଳେ ବୋଲି ପରୀକ୍ଷା ଦ୍ୱାରା ତା'ର ସୁଯଶଃ ପ୍ରସାର କରି ନିଜେ ତାହାର ଅଧୀନ ହୋଇଯା'ନ୍ତି । ସମସ୍ତ ବିଶ୍ୱର ସ୍ରଷ୍ଟା, ମାଲିକ ବଳିଠାରୁ ସାମାନ୍ୟ ପାର୍ଥିବ

ବସ୍ତ୍ର ଦାନ ନେଇ ନିଜକୁ ଦେଇଦେଲେ । ସେହିପରି ଦେବୀ ଅନସୂୟାଙ୍କ ପତିଭକ୍ତିରେ ସନ୍ତୁଷ୍ଟ ହୋଇ ତାଙ୍କ ଶିଶୁ ହେବା ସକାଶେ ତ୍ରିଦେବ – ବ୍ରହ୍ମା, ବିଷ୍ଣୁ, ଶଙ୍କର – ସନ୍ନ୍ୟାସୀରୂପେ ପରୀକ୍ଷା ନେବା ଉଦ୍ଦେଶ୍ୟରେ ଅତ୍ରିଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଅତିଥିସତ୍କାର ଗୃହସ୍ଥର ଧର୍ମ । ମହାମୁନି ଅତ୍ରିଙ୍କ ଆଦେଶାନୁସାରେ ସନ୍ନ୍ୟାସୀମାନଙ୍କର ଭୋଜନର ବ୍ୟବସ୍ଥା ହେଲା । ସନ୍ନ୍ୟାସୀମାନେ କହିଲେ, ''ଅନସୂୟା ବିବସ୍ତ୍ରା ହୋଇ ଭୋଜନ ପରଶିଲେ ଆମ୍ଭେମାନେ ଆତିଥ୍ୟ ସ୍ୱୀକାର କରିବୁ, ଅନ୍ୟଥା ଭୋଜନ ନ କରି ଫେରିଯିବୁ ।'' ପତିବ୍ରତା ନାରୀ ଅନ୍ୟ ପୁରୁଷର ସମ୍ମୁଖରେ ବିବସ୍ତ୍ରା ହେବା ପାତିବ୍ରତ୍ୟ ଧର୍ମର ଯେପରି ଦୋଷ, ସେହିପରି ଅତିଥି ଭୋଜନ ନ କରି ଫେରିଯିବା ମଧ୍ୟ ଗାର୍ହସ୍ଥ୍ୟ ଧର୍ମର ବିରୁଦ୍ଧ । ଏହି ଜଟିଳ ସମସ୍ୟାର ସମାଧାନ ଅନସୂୟା ପାତିବ୍ରତ୍ୟ ଧର୍ମର ପ୍ରଭାବରେ କରି ପାରିଥିଲେ । ଅତିଥିଙ୍କୁ ଭୋଜନ ଦେବା ସ୍ୱୀକର କରି ଭଗବାନଙ୍କୁ ସ୍ମରଣ କରି ଅଭିମନ୍ତ୍ରିତ ଜଳ ସନ୍ନ୍ୟାସୀମାନଙ୍କ ଉପରେ ସିଞ୍ଚିଦେଲେ । ମନ୍ତ୍ରିତ ଜଳ ପ୍ରଭାବରେ ସେମାନେ ହୋଇଗଲେ ଶିଶୁ । ସତୀ ଅନସୂୟା ବିବସ୍ତ୍ରା ହୋଇ ସେମାନଙ୍କୁ ଭୋଜନ ପରଶିଦେଲେ । ସେହି ସନ୍ନ୍ୟାସିରୂପଧାରୀ ତ୍ରିଦେବ ଶିଶୁସନ୍ତାନ ହୋଇ ଅନସୂୟାଙ୍କ କୋଳକୁ ସୁଶୋଭିତ କଲେ । ବ୍ରହ୍ମାଙ୍କ ଅଂଶରୁ ହେଲେ ଚନ୍ଦ୍ରମାମୁନି, ବିଷ୍ଣୁଙ୍କ ଅଂଶରୁ ଦତ୍ତାତ୍ରେୟ, ଶଙ୍କରଙ୍କ ଅଂଶରୁ ପ୍ରସିଦ୍ଧ ମୁନି ଦୁର୍ବାସା ।

ଏହା ଯଥାର୍ଥରେ ପରୀକ୍ଷା ନୁହେଁ । ଭଗବାନ୍ ସର୍ବଶକ୍ତିମାନ୍, ତାଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବ କିଏ ? ଅନସୂୟାଙ୍କ ପାତିବ୍ରତ୍ୟରେ ତ୍ରିଦେବ ସନ୍ତୁଷ୍ଟ ହୋଇ ପତିବ୍ରତାର ମହତ୍ତ୍ୱ ବୃଦ୍ଧି କଲେ ଏବଂ ଅନସୂୟାଙ୍କୁ ମାତା ରୂପେ ସ୍ୱୀକାର କରି ପୁତ୍ରରୂପେ ତାଙ୍କୁ ପରମାନନ୍ଦ ପ୍ରଦାନ କଲେ । ଏହା ଭଗବାନଙ୍କର ଭକ୍ତବାତ୍ସଲ୍ୟ ଗୁଣ । ଯେ ଭଗବାନଙ୍କୁ ସ୍ମରଣ କରେ, ଭଗବାନ୍ ତାକୁ ଆବଶ୍ୟକ ସମସ୍ତ ବସ୍ତୁ ଦେଇ ପରିଶେଷରେ ନିଜକୁ ଦେଇଦିଅନ୍ତି ।*

ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି । ସଂସାରର ସମସ୍ତ ଆସକ୍ତି ତ୍ୟାଗ କରି ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ଧାରଣ କରି ଅଧ୍ୟାତ୍ମ ମାର୍ଗରେ ଭଗବତ୍ ପ୍ରାପ୍ତି କରିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ଭଗବତ୍‌ପ୍ରାପ୍ତି କରିବା ପ୍ରତ୍ୟେକ ବ୍ୟକ୍ତି ସକାଶେ ଅନିବାର୍ଯ୍ୟ । ସେହି କାରଣରୁ ଗାର୍ହସ୍ଥ୍ୟ ଧର୍ମର ବ୍ୟବସ୍ଥା ହୋଇଅଛି । ବ୍ୟକ୍ତି ଗୃହରେ ରହି ଧର୍ମାଚରଣ କଲେ ଭଗବତ୍ ପ୍ରାପ୍ତିର ଅଧିକାରୀ ହୋଇପାରେ । ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ନାରୀ ଗୃହରେ ରହି ଏକପତିନିଷ୍ଠ ହୋଇ ପତିଙ୍କୁ ଭଗବତ୍ ପ୍ରତିନିଧିରୂପେ ମାନି ପତିଭକ୍ତି କରିବାହିଁ ପାତିବ୍ରତ୍ୟ ଧର୍ମ । କିନ୍ତୁ ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ସଂକଳ୍ପ କରିବେ, ସେମାନଙ୍କର ବିବାହ କରି ପାତିବ୍ରତ୍ୟ ଧର୍ମ ସ୍ୱୀକାର କରିବାର ପ୍ରୟୋଜନ ନାହିଁ । ପାତିବ୍ରତ୍ୟ ଧର୍ମ ଅନୁସାରେ ପତିସେବା ଦ୍ୱାରା ନାରୀ ଭଗବତ୍‌ପ୍ରାପ୍ତିର ଅଧିକାରୀ ହୁଏ । କିନ୍ତୁ ବ୍ରହ୍ମଚର୍ଯ୍ୟ ପାଳନ ଛଡ଼ା ଶରୀରର ରୂପାନ୍ତର ହୁଏ ନାହିଁ । ପୂର୍ବେ ନାରୀମାନଙ୍କୁ ବ୍ରହ୍ମଚର୍ଯ୍ୟ ପାଳନ କରିବା ସକାଶେ ଶାସ୍ତ୍ର ଉତ୍ସାହିତ ନ କରି ପାତିବ୍ରତ୍ୟ ଧର୍ମ ପାଳନରେ ଜୋର ଦେଇଥିଲା । କାରଣ ସେ ସମୟରେ ପୃଥିବୀରେ ଦିବ୍ୟ ମାନବଜାତି ସ୍ଥାପନ ସକାଶେ ଶରୀର-ରୂପାନ୍ତରର ସୁଯୋଗ ଆସି ନ ଥିଲା । ବର୍ତ୍ତମାନ ତାହାର ସମୟ ଆସିଛି । ଯେଉଁ ନାରୀମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରଖିପାରନ୍ତି, ସେମାନେ ଅବିବାହିତ ରହି ଅଧ୍ୟାତ୍ମ ସାଧନା କରି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିପାରନ୍ତି । ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରକ୍ଷା କରିବା ସକାଶେ ସମର୍ଥ ନୁହନ୍ତି, ସେମାନେ ଗାର୍ହସ୍ଥ୍ୟ ଧର୍ମ ସ୍ୱୀକାର କରି ପାତିବ୍ରତ୍ୟ ଧର୍ମ ପାଳନ କରିବା ଉଚିତ । ଯେଉଁ ନାରୀ ପାତିବ୍ରତ୍ୟ ଧର୍ମ ପାଳନ ନ କରି ପତିକୁ ପ୍ରବଞ୍ଚନା କରି ଅନ୍ୟ ପୁରୁଷ ସହିତ ଦୂଷିତ ସଂପର୍କ ରଖେ, ତା'ର ବୁଦ୍ଧି ଯେତେ ବିକଶିତ ହେଲେହେଁ ଚେତନା ପଶୁର । ଏହିପରି ନାରୀ ଇହଲୋକ ତଥା ପରଲୋକରେ ଯଥାର୍ଥ ସୁଖ ପାଇପାରେ ନାହିଁ ।

ପାତିବ୍ରତ୍ୟ ଧର୍ମ ପାଳନର ପ୍ରଣାଳୀ

ପାତିବ୍ରତ୍ୟ ଧର୍ମ ପାଳନ ହୁଏ ଭଗବାନ୍ ତଥା ଭଗବାନଙ୍କ ଆଦ୍ୟାଶକ୍ତିର ଆଶ୍ରୟରେ । ମନୁଷ୍ୟକୁ ବିପଥଗାମୀ

* ବର୍ତ୍ତମାନ ଯୁଗରେ କୌଣସି ଗୃହସ୍ଥ ଏପରି କୌଣସି ସର୍ତ୍ତ ସ୍ୱୀକାର କରି ଅତିଥି ସତ୍କାର କରିବା ଉଚିତ ନୁହେଁ ।

କରୁଥିବା କାମ, କ୍ରୋଧ, ଲୋଭ, ମୋହାଦି ରିପୁ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ସେସବୁ ଅତିଶୟ ଧୂର୍ତ୍ତ ଏବଂ ଶକ୍ତିଶାଳୀ; ମନୁଷ୍ୟଙ୍କୁ ବିପଥରେ ନେବାକୁ ସୁଯୋଗ ଖୋଜୁଥା'ନ୍ତି । ସୁବିଧା ପାଇବା ମାତ୍ରେ କଳେବଳେ କୌଶଳେ ଆକ୍ରମଣ କରି ମନୁଷ୍ୟର ସର୍ବନାଶ କରନ୍ତି । ବ୍ୟକ୍ତି ଭଗବାନଙ୍କ ଆଶ୍ରୟ ନେଲେ ଭଗବାନଙ୍କ ଶକ୍ତି ତାହା ସହିତ ନିରନ୍ତର ରହି ଦୁଷ୍ଟଶକ୍ତିଙ୍କ କବଳରୁ ରକ୍ଷା କରୁଥା'ନ୍ତି । ଏହି କାରଣରୁ ଭଗବାନଙ୍କ ଆଶ୍ରୟରେ ବ୍ୟକ୍ତିର ବ୍ରତ, ନିୟମ, ସଂଯମ ସିଦ୍ଧ ହୁଏ ।

ବାଳିକାମାନେ ବାଲ୍ୟକାଳରୁ ଧାର୍ମିକ, ଅଧ୍ୟାତ୍ମ ଭକ୍ତ, ସାଧୁ-ସଜ୍ଜ, ବ୍ରହ୍ମଚାରୀ, ବୀର, ଯୋଦ୍ଧା, ସାହସୀ, ଚରିତ୍ରବାନ୍ ପୁରୁଷ ତଥା ପତିବ୍ରତା ନାରୀମାନଙ୍କ ଜୀବନ-ଚରିତ ଗ୍ରନ୍ଥ ପଢ଼ିଲେ ସେମାନଙ୍କ କୋମଳ ହୃଦୟ ଶୁଦ୍ଧ ଉଜ୍ଜ୍ୱଳ ହୋଇଉଠେ, ବୁଦ୍ଧି ନିର୍ମଳ ହୁଏ । ଭଗବତ୍ ଆରାଧନାରେ ସେମାନେ ଭଗବାନଙ୍କ କୃପା ଅନୁଭବ କରନ୍ତି । ବାଲ୍ୟାବସ୍ଥାର ଏହି ଉତ୍ତମ ସଂସ୍କାର ବୟସବୃଦ୍ଧି ସଙ୍ଗେ ସଙ୍ଗେ ବିକଶିତ ହେଉଥାଏ । ଏହିପରି ବାଳିକାମାନେ ଯଥାର୍ଥରେ ପାତିବ୍ରତ୍ୟ ଧର୍ମ ପାଳନ କରିବାରେ ସମର୍ଥ ହୁଅନ୍ତି । ଏହା ଅଧିକ ମାତ୍ରାରେ ନିର୍ଭର କରେ ଜନ୍ମଦାତ୍ରୀ ମା'ର ଚରିତ୍ର ତଥା ବ୍ୟବହାର ଉପରେ । ମା'ମାନଙ୍କ ଦୋଷରୁ ଝିଅମାନେ ବାଲ୍ୟାବସ୍ଥାରୁ ଉପନ୍ୟାସ ପଢ଼ନ୍ତି, ଅଶ୍ଳୀଳ ସିନେମା ଦେଖନ୍ତି, ପତିବ୍ରତାର ବିପରୀତ ଆଦର୍ଶ, ସମାଜ, ସାଙ୍ଗସାଥୀର ପ୍ରଭାବ ଗ୍ରହଣ କରନ୍ତି । ଫଳରେ ପାତିବ୍ରତ୍ୟ ଧର୍ମକୁ କୁସଂସ୍କାର ମନେ କରି ସ୍ୱେଚ୍ଛାଚାର ଆଚରଣ କରନ୍ତି । ପିତାମାତାମାନେ କନ୍ୟାକୁ ବାଲ୍ୟାବସ୍ଥାରୁ ଉତ୍ତମ ଶିକ୍ଷା ନ ଦେଇ କନ୍ୟାର ସ୍ୱେଚ୍ଛାଚାରିତାରେ ଦାରୁଣ ବେଦନା ଅନୁଭବ କରି କିଂକର୍ତ୍ତବ୍ୟବିମୂଢ଼ ହୋଇ ନୀରବରେ ହୃଦୟ ଜ୍ୱାଳା ସହ୍ୟ କରନ୍ତି । ଯଥାର୍ଥ ସୁଖ ପାଶବିକ ଭୋଗରେ ନୁହେଁ, ସଂଯମରେ ।

ବାଲ୍ୟାବସ୍ଥା କୋମଳ ଲତା ସଦୃଶ ନମନୀୟ । ବାଲ୍ୟାବସ୍ଥାର ଅଭ୍ୟାସ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଦୃଢ଼ ହେଉଥାଏ । ସେହି କାରଣରୁ ବାଲ୍ୟାବସ୍ଥାର କୁ-ଅଭ୍ୟାସ ପରେ ପରିବର୍ତ୍ତନ ହେବା ଖୁବ୍ କଠିନ ହୁଏ ।

ବାଳିକାମାନଙ୍କର ଦୈନିକ କାର୍ଯ୍ୟ

(୧) ଲୋକସାହିତ୍ୟ 'ଦିବ୍ୟ ଯୁଗ ସ୍ଥାପନାରେ ନାରୀ'ରେ ଆଲୋଚନା ହୋଇଥିବା ଅନୁସାରେ ପ୍ରତ୍ୟେକ ବାଳିକା କିଛି ସମୟ ବ୍ୟାୟାମ କରିବେ ଏବଂ ନିର୍ଦ୍ଧାରିତ ସମୟରେ ଶୋଇବେ ଓ ଉଠିବେ । ଭୋଜନ ସମୟାନୁଯାୟୀ ହେବା ଆବଶ୍ୟକ ।

(୨) କିଛି ସମୟ (ପ୍ରତିଦିନ ଅନ୍ତତଃ ଅଧ ଘଣ୍ଟାଏ) ''ବିଚିତ୍ର ବିଭୂତି'', ''ଲୋକସାହିତ୍ୟ'', ''ରାମାୟଣ'', ''ଭାଗବତ'' ଅଥବା ଅନ୍ୟାନ୍ୟ ଧର୍ମ ସମ୍ବନ୍ଧୀୟ ଅଧ୍ୟାତ୍ମ ଗ୍ରନ୍ଥ ଅଧ୍ୟୟନ କରିବେ । ଶୋଇବା ପୂର୍ବରୁ, ଉଠିବା ପରେ, ସ୍ନାନ କରିବା ପରେ କିଛି ସମୟ (ଅନ୍ତତଃ ପାଞ୍ଚ ମିନିଟ କରି) ଭଗବାନଙ୍କ ଧାରଣାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ଧ୍ୟାନ କରିବେ ।

(୩) ଅଶ୍ଳୀଳ ସିନେମା ଦେଖିବା, ଅଶ୍ଳୀଳ ଉପନ୍ୟାସ ପଢ଼ିବା, ଅସତ୍ ଚରିତ୍ର ବାଳକବାଳିକାମାନଙ୍କ ସଙ୍ଗ ସର୍ବଥା ତ୍ୟାଜ୍ୟ ।

(୪) ସ୍କୁଲପଢ଼ା ଶେଷ କରିବା ପରେ କ୍ରମଶଃ ଗୃହକାର୍ଯ୍ୟ ଅଥବା ସଂସାରକାର୍ଯ୍ୟ ଭଗବାନଙ୍କ ସେବାରୂପେ କରିବେ ଏବଂ ଧ୍ୟାନ ତଥା ଧର୍ମଗ୍ରନ୍ଥ ଅଧ୍ୟୟନରେ ସମୟ ଅଧିକ ଲଗାଇବେ ।

(୫) ବାଲ୍ୟାବସ୍ଥାରୁ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରିବା ଉଚିତ । ବିବାହ ପରେ ପତିଙ୍କୁ ଭଗବାନଙ୍କ ପ୍ରତିନିଧି ଅଥବା ଭଗବାନଙ୍କ ସ୍ୱରୂପ ଧାରଣାରେ ଏକପତିନିଷ୍ଠ ହେବା ଉଚିତ । ଘରକୁ ଭଗବାନଙ୍କ ମନ୍ଦିର ତଥା ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କଲେ ସେହି କର୍ମ ବନ୍ଧନର କାରଣ ନ ହୋଇ ଭଗବତ୍‌ପ୍ରାପ୍ତି ତଥା ମନପ୍ରାଣ ଶୁଦ୍ଧ ହେବାରେ ସାହାଯ୍ୟ କରେ । ଯଥାର୍ଥରେ ସମସ୍ତ କର୍ମ ଭଗବାନଙ୍କର – ଏହିପରି ମନୋଭାବରେ କର୍ମ କଲେ ଅହଂ, ସ୍ୱାର୍ଥ ଦୂର ହୁଏ । ଏହିପରି ନାରୀ ହୁଏ ସମସ୍ତଙ୍କର ପ୍ରିୟ । ଗୃହ ହୁଏ ସ୍ୱର୍ଗ ।

(୬) ପତିବ୍ରତା ନାରୀ ସବୁ ସମୟରେ ଭଗବାନଙ୍କ ଉପସ୍ଥିତି କଳ୍ପନା କଲେ ଶେଷରେ ସେହି କଳ୍ପନା ତା'ର ଅନୁଭୂତିରେ ପରିଣତ ହୁଏ ।

(୭) ପତିବ୍ରତା ନାରୀ ବୟୋଜ୍ୟେଷ୍ଠ ପୁରୁଷଙ୍କୁ ପିତା, ସମାନ ବୟସ୍କ ପୁରୁଷଙ୍କୁ ଭ୍ରାତା, କନିଷ୍ଠ ପୁରୁଷଙ୍କୁ ପୁତ୍ରବତ୍ ଭାବନା କରିବେ । ଅନ୍ୟ ପୁରୁଷ ଅଥବା ନାରୀମାନଙ୍କ ସହିତ କଥାବାର୍ତ୍ତା, କାର୍ଯ୍ୟ କରିବା ସମୟରେ ଭଗବାନଙ୍କୁ କଳ୍ପନା କରିବେ । ଅର୍ଥାତ୍ କଥାବାର୍ତ୍ତା କରୁଥିବା ବ୍ୟକ୍ତି ଏବଂ ନିଜ ମଧ୍ୟରେ ଭଗବାନ୍ ଛିଡ଼ା ହୋଇଛନ୍ତି ବୋଲି ଧାରଣା କରିବେ ।

(୮) ପତିବ୍ରତା ନାରୀର ସତ୍ୟ କହିବା, ସତ୍ୟ ଆଚରଣ କରିବା ଉଚିତ । ଭାଷା ସତ୍ୟ ହୋଇ ତା'ର ଅର୍ଥ ମିଥ୍ୟା ହେଲେ ସେ ଭାଷା ସତ୍ୟ ହୁଏ ନାହିଁ । ''ଅଶ୍ୱତ୍ଥମା ହତ ନରେ ବା ଗୁଞ୍ଜରେ'' ଏହା କୃତ୍ରିମ ସତ୍ୟ । ଏପରି ଭାଷା ମିଥ୍ୟାର ସମାନ ।

(୯) ପତିପରାୟଣା ନାରୀ ପତି ସହିତ ପୂର୍ଣ୍ଣତଃ ନିଷ୍କପଟ ରହିବା ଏକାନ୍ତ ପ୍ରୟୋଜନ । ଅନ୍ତରରେ ଯାହା, ବାହ୍ୟ ଶବ୍ଦରେ ତାହାହିଁ । ଏପରି କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ ଯାହା ପତିଙ୍କୁ ଲୁଚାଇବାକୁ ହୁଏ । ଯଥାର୍ଥରେ ପାତିବ୍ରତ୍ୟ ପାଳନ ହୁଏ ଭଗବାନଙ୍କୁ ଭକ୍ତି କରିବାରେ । ଭଗବାନଙ୍କୁ ଭକ୍ତି କରିବାର ପ୍ରଣାଳୀ ବହୁତ । ଗୃହସ୍ଥାଶ୍ରମରେ ସ୍ତ୍ରୀର ସ୍ୱାଭାବିକ ପ୍ରେମ ପତି ପ୍ରତି । ପତିଙ୍କୁ ଭଗବାନଙ୍କ ପ୍ରତିନିଧିରୂପେ ମାନିଲେ ପତିପ୍ରେମକୁ ପରିବର୍ତ୍ତନ କରିବାକୁ ହୁଏ ନାହିଁ, କେବଳ ଦୃଢ଼ ନିଷ୍ଠା କରିବାକୁ ହୁଏ । ଅତଏବ ସ୍ତ୍ରୀ ସକାଶେ ଭଗବତ୍‌ପ୍ରାପ୍ତିର ସରଳ ପ୍ରଣାଳୀ ପାତିବ୍ରତ୍ୟ ଧର୍ମ । ଏହା ପ୍ରତ୍ୟେକ ସ୍ତ୍ରୀ ସକାଶେ ସୁଲଭ । କୌଣସି ପରିବାରକୁ ଗୋଟିଏ ପତିବ୍ରତା ନାରୀ ଆସିଲେ ସେ ସେହି ଘରକୁ ସ୍ୱର୍ଗରେ ପରିଣତ କରେ, ଦୋଷଯୁକ୍ତ ନରନାରୀଙ୍କ ସ୍ୱଭାବକୁ ନିଜ ତପଃଶକ୍ତିରେ ପରିବର୍ତ୍ତନ କରିବାକୁ ସମର୍ଥ ହୁଏ ।

ପତିବ୍ରତା ନାରୀକୁ ବହୁତ ଦିବ୍ୟଗୁଣ ପ୍ରାପ୍ତ କରିବାକୁ ହୁଏ । ତାହାର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି । ଏହା ହୁଏ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । ବ୍ରହ୍ମଚର୍ଯ୍ୟ ଛଡ଼ା ଭଗବତ୍ ଦିବ୍ୟ ଗୁଣ ପ୍ରତିଷ୍ଠିତ ହୋଇପାରେ ନାହିଁ । ଏକପତିନିଷ୍ଠା ପ୍ରତ୍ୟେକ ନାରୀର ଅପରିହାର୍ଯ୍ୟ କର୍ତ୍ତବ୍ୟ । ଏହା ପାତିବ୍ରତ୍ୟ ଧର୍ମର ପ୍ରଥମ ପାବଚ୍ଛ । ପାତିବ୍ରତ୍ୟ ଧର୍ମର ଆଧାର ଭଗବତ୍ ଭକ୍ତି । ନାରୀର ଭଗବତ୍ ଭକ୍ତି, ଏକପତିନିଷ୍ଠା ବ୍ରତ ଦ୍ୱାରା ତା' ହୃଦୟ କ୍ରମଶଃ ଶୁଦ୍ଧ ହୁଏ । କାମଶକ୍ତି, କାମବାସନା କ୍ରମଶଃ ହ୍ରାସ ହୁଏ । ନିଜ ପାତିବ୍ରତ୍ୟ, ଭଗବତ୍ ଭକ୍ତି ପ୍ରଭାବରେ ନାରୀ ସ୍ୱୟଂ ପବିତ୍ର ହୁଏ ଏବଂ ତାହାରି ପ୍ରଭାବରେ ପତିର କଳୁଷ ମଧ୍ୟ ଦୂର ହୁଏ । ଶେଷରେ ଉଭୟ ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ସମର୍ଥ ହୁଅନ୍ତି । ଦଶ ବର୍ଷରେ ଆଠ ସନ୍ତାନ ଉତ୍ପାଦନ କରିବା ପତିବ୍ରତାର ଲକ୍ଷ୍ୟ ନୁହେଁ । ପତିବ୍ରତାର ଲକ୍ଷ୍ୟ ସଂଯମ । ପାଶବିକ କ୍ରିୟା ସର୍ବଥା ସଦ୍‌ଗୁଣ ପ୍ରାପ୍ତିରେ ଘୋର ବାଧକ । ବ୍ରହ୍ମଚର୍ଯ୍ୟ ଏପରି ଶକ୍ତିଶାଳୀ ବସ୍ତୁ ଯାହାର ସଂଯମରେ ମନୁଷ୍ୟ ସବୁକିଛି ଉତ୍ତମ କାର୍ଯ୍ୟ କରିବାରେ ସମର୍ଥ ହୁଏ । ଇତିହାସରୁ ଜଣାଯାଏ ଯେ ପତିବ୍ରତା ସ୍ତ୍ରୀମାନଙ୍କର ସନ୍ତାନ ବହୁତ କମ୍ । ଏପରିକି କେହି କେହି ଆରମ୍ଭରୁ ବ୍ରହ୍ମଚର୍ଯ୍ୟ ରଖନ୍ତି । ନାରୀ ପକ୍ଷେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରଖିବା ଏକେବାରେ କଠିନ ନୁହେଁ । ଆରମ୍ଭରେ ଏକପତିନିଷ୍ଠାରେ ପତିସେବା କଲେ ଭଗବତ୍ ଭକ୍ତି ପ୍ରଭାବରେ ସ୍ୱତଃସ୍ଫୂର୍ତ୍ତଭାବେ ସଂଯମ ଆସେ । ଯେଉଁମାନେ ବାଲ୍ୟାବସ୍ଥାରୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରଖିବାକୁ ଚାହାନ୍ତି, ସେମାନଙ୍କର ବିବାହ କରିବା ଅନାବଶ୍ୟକ । କେବଳ ଏକପତିନିଷ୍ଠ ହେବାରେ ପାତିବ୍ରତ୍ୟ ଧର୍ମ ପୂର୍ଣ୍ଣ ହୁଏ ନାହିଁ । ପତିବ୍ରତା ନାରୀକୁ ନିଷ୍କପଟ, ଦୟା, କରୁଣା, ମୈତ୍ରୀ, ଶାନ୍ତି, ସନ୍ତୋଷ, ସହନଶୀଳତା, କର୍ମରେ ତତ୍‌ପରତା ଇତ୍ୟାଦି ଗୁଣ ଏବଂ ଭଗବତ୍ ଭକ୍ତି ପ୍ରାପ୍ତ କରିବାକୁ ହୁଏ । କିନ୍ତୁ ଏହିସବୁ ଗୁଣ ଥିବା ସତ୍ତ୍ୱେ ନାରୀ ଯଦି ଏକପତିନିଷ୍ଠ ନ ହୁଏ, ତେବେ ସେ ପତିବ୍ରତା ହୋଇପାରେ ନାହିଁ । ପାତିବ୍ରତ୍ୟ ଧର୍ମର ଅନିବାର୍ଯ୍ୟ, ଅପରିହାର୍ଯ୍ୟ, ପ୍ରଧାନ ଅଙ୍ଗ ହେଉଛି ଏକପତିନିଷ୍ଠା । ଏହାଛଡ଼ା ସ୍ତ୍ରୀ ଧର୍ମପତ୍ନୀ ହେବାର ଅଧିକାରିଣୀ ନୁହେଁ । ଭଗବାନଙ୍କ ଆଶ୍ରୟରେ ପତିନିଷ୍ଠ ହେଲେ ନାରୀ ଅନ୍ୟାନ୍ୟ ସଦ୍‌ଗୁଣ ସହଜରେ ଆୟତ୍ତ କରିପାରେ । ''ରାମଚରିତମାନସ''ରେ ଜଗଜ୍ଜନନୀ ମହାରାଣୀ ସୀତାଙ୍କୁ ଅନସୂୟା ପାତିବ୍ରତ୍ୟ ଧର୍ମର ଲକ୍ଷଣ କହିଥିଲେ :

ଧୀରଜ ଧର୍ମ ମିତ୍ର ଅରୁ ନାରୀ ।
ଆପଦ କାଳ ପରଖିଅହି ଚାରୀ ॥
ବୃଦ୍ଧ ରୋଗବଶ ଜଡ଼ ଧନହୀନା ।
ଅନ୍ଧ ବଧିର କ୍ରୋଧୀ ଅତି ଦୀନା ॥
ଏ ସେହୁ ପତି ପର କିଏ ଅପମାନା ।
ନାରୀ ପାବ ଯମପୁର ଦୁଃଖ ନାନା ॥
ଏକୈ ଧର୍ମ ଏକବ୍ରତ ନେମା ।
କାୟ ବଚନ ମନ ପତି ପଦ ପ୍ରେମା ॥
ଜଗ ପତିବ୍ରତା ଚାରି ବିଧି ଅହହୀ ।
ବେଦ ପୁରାନ ସଜ୍ଜ ସବ କହହୀ ॥
ଉତ୍ତମ କେ ଆସ ବସ ମନମାହୀ ।
ସପନେହୁଁ ଆନ ପୁରୁଷ ଜଗମହୀ ॥
ମଧ୍ୟମ ପରପତି ଦେଖୈ କୈସେ ।
ଭ୍ରାତା, ପିତା, ପୁତ୍ର ନିଜ ଜୈସେ ॥
ଧର୍ମ ବିଚାରୀ ସମୁଝି କୁଳ ରହଇ ।
ସୋ ନିକୃଷ୍ଟ କ୍ରିୟ ସ୍ରୁତି ଅସ କହଇ ॥
ବିନୁ ଅବସର ଭୟତେ ରହ ଜୋଇ ।
ଜାନେହୁ ଅଧମ ନାରୀ ଜଗସୋଇ ॥
ପତି ବଞ୍ଚକ ପରପତିରତି କରଇ ।
ରୌରବ ନରକ କଳପସତ ପରଇ ॥
ଛନ ସୁଖ ଲାଗି ଜନମ ସତ କୋଟି ।
ଦୁଃଖ ନ ସମୁଝ ତେହି ସମକୋ ଖୋଟୀ ॥

(ରାମଚରିତମାନସ, ଅରଣ୍ୟ କାଣ୍ଡ)

ଅର୍ଥାତ୍, ହେ ରାଜକୁମାରି, ବିପତ୍ତି ସମୟରେ ଧୈର୍ଯ୍ୟ, ଧର୍ମ, ମିତ୍ର, ନାରୀର ପରୀକ୍ଷା ମିଳିପାରେ । ବୃଦ୍ଧ, ରୋଗୀ, ମୂର୍ଖ, ନିର୍ଦ୍ଧନ, ଅନ୍ଧ, ବଧିର, କ୍ରୋଧୀ, ଅତ୍ୟନ୍ତ ଦୀନ ପତିକୁ ନାରୀ ଅପମାନ କଲେ ଯମପୁରୀରେ ନାନା ପ୍ରକାର ଦୁଃଖ ପାଏ । ନାରୀର ଏକମାତ୍ର ଧର୍ମ, ଏକମାତ୍ର ବ୍ରତ, ଏକମାତ୍ର ନିୟମ ହେଉଛି – ମନ, ବଚନ, ଶରୀରରେ ପତିକୁ ପ୍ରେମ କରିବା । ବେଦ, ପୁରାଣ, ସଜ୍ଜସବୁ କହନ୍ତି ପତିବ୍ରତା ଚାରି ପ୍ରକାର ହୁଅନ୍ତି । ଯଥା :

୧. ଉତ୍ତମ ପତିବ୍ରତାର ଲକ୍ଷଣ : ଉତ୍ତମ ପତିବ୍ରତାର ଦୃଷ୍ଟିରେ ସ୍ୱପ୍ନରେ ବି ଅନ୍ୟ ପୁରୁଷ ଜଗତରେ କେହି ନ ଥାଏ । ଅର୍ଥାତ୍ ନିଜ ପତି ଛଡ଼ା ଅନ୍ୟ ପୁରୁଷକୁ ପୁରୁଷରୂପେ ସେ ଦେଖେ ନାହିଁ, ସେ ସମସ୍ତ ପ୍ରାଣୀରେ ଭଗବାନଙ୍କୁ ଦେଖେ । ପ୍ରତ୍ୟେକ ପୁରୁଷରେ ପରମାତ୍ମାଭାବ ହେଲେ କୌଣସି ପ୍ରକାର ବିକାର ମନରେ ନ ଥାଏ । ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ଏକ ହୋଇ ଯାଇଥାଏ । ଏହାହିଁ ପତିବ୍ରତାର ଚରମ ଅବସ୍ଥା ।

୨. ମଧ୍ୟମ ପତିବ୍ରତାର ଲକ୍ଷଣ : ମଧ୍ୟମ ଶ୍ରେଣୀର ପତିବ୍ରତା ପତି ଛଡ଼ା ବୟୋବୃଦ୍ଧ ଅନ୍ୟ ପରୁଷଙ୍କୁ ନିଜ ପିତା, ସମବୟସ୍କ ପୁରୁଷଙ୍କୁ ନିଜ ଭ୍ରାତା, କମ୍ ବୟସ୍କ ପୁରୁଷମାନଙ୍କୁ ନିଜ ପୁତ୍ରତୁଲ୍ୟ ଦେଖେ ।

୩. ନିକୃଷ୍ଟ ପତିବ୍ରତାର ଲକ୍ଷଣ : ଧର୍ମ ବିଚାରରେ ଯେଉଁ ସ୍ତ୍ରୀ ପତିନିଷ୍ଠ ହୁଏ, ତାକୁ ନିକୃଷ୍ଟ ପତିବ୍ରତା

କୁହାଯାଏ । ଅର୍ଥାତ୍ ତା' ମନ-ପ୍ରାଣ ପୂର୍ଣ୍ଣତଃ ଶୁଦ୍ଧ ହୋଇ ନ ଥିବାରୁ ସେ ଅନ୍ୟ ପୁରୁଷମାନଙ୍କ ପ୍ରତି ମାନସିକ ଶୁଦ୍ଧ ଭାବ ରଖିପାରେ ନାହିଁ । କିନ୍ତୁ ଧାର୍ମିକ ଧାରଣାରେ ଶରୀର ସଂଯମରେ ରଖେ ଏବଂ ପାତିବ୍ରତ୍ୟ ନିଷ୍ଠା ସହ ପାଳନ କରେ ।

୪. ଅଧମ ପତିବ୍ରତାର ଲକ୍ଷଣ : ଯେଉଁ ନାରୀ ସାମାଜିକ ଲଜ୍ଜା, ଭୟ ତଥା ଅନୁକୂଳ ସମୟ ନ ପାଇ ପତିନିଷ୍ଠା ରଖେ, ସେ ଅଧମ ପତିବ୍ରତା । ତଥାପି ସେ ପତିବ୍ରତା ଶ୍ରେଣୀଭୁକ୍ତା । କାରଣ ଏହା ପାତିବ୍ରତ୍ୟ ସାଧନାର ପ୍ରଥମ ଅବସ୍ଥା ।

ସ୍ତ୍ରୀ ପୁରୁଷ ଆସିଛନ୍ତି ପଶୁ ଅବସ୍ଥାରୁ । ସେମାନଙ୍କ ମଧ୍ୟରେ ପ୍ରାଣିକ ପାଶବିକ ପ୍ରବୃତ୍ତି ବିଦ୍ୟମାନ ଥାଏ । କାମପ୍ରବୃତ୍ତି ଅଶୁଦ୍ଧ ନିମ୍ନପ୍ରାଣର ପାଶବିକ ପ୍ରବୃତ୍ତି । ଏହି କାମ, କ୍ରୋଧ, ଲୋଭ, ମୋହାଦି ଶତ୍ରୁ ଅତିଶୟ ପ୍ରବଳ ଏବଂ ଶକ୍ତିଶାଳୀ ତଥା ଛଳ କପଟରେ ପୂର୍ଣ୍ଣ । କେବଳ ଭାଗବତୀ ଶକ୍ତି ପାଖରେ ସେସବୁ ପରାସ୍ତ ହୁଅନ୍ତି । ଏହି କାରଣରୁ ପ୍ରତ୍ୟେକ ନାରୀ ଭଗବତ୍‌ପ୍ରାପ୍ତିକୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରି ଶ୍ରୀମା'ଙ୍କ ଚରଣରେ ନିଜକୁ ସମର୍ପଣ କଲେ ମା'ଙ୍କ ସାହାଯ୍ୟ ପାଇପାରିବେ । କୌଣସି ପ୍ରତିକୂଳ ଅବସ୍ଥା, କୌଣସି ବିପଦରେ ମା'ଙ୍କୁ ଡାକିଲେ ମା' ରକ୍ଷା କରିବେ । କେବଳ ମା'ଙ୍କ ଆଶ୍ରୟରେ ନାରୀମାନେ ଆଲୋଚିତ ହୋଇଥିବା ଚାରିପ୍ରକାର ପାତିବ୍ରତ୍ୟ ଅବସ୍ଥାକୁ ଅତିକ୍ରମ କରି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିପାରିବେ ।

ମନୁଷ୍ୟର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି । ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ଅନୁସାରେ ଭଗବତ୍‌ପ୍ରାପ୍ତିର ମାର୍ଗ ଭିନ୍ନ ଭିନ୍ନରୂପେ ବ୍ୟବସ୍ଥା କରା ହୋଇଅଛି । ନାରୀମାନଙ୍କ ସକାଶେ ସରଳ ତଥା ସୁଖପ୍ରଦ ମାର୍ଗ ପାତିବ୍ରତ୍ୟ ।

ଯେଉଁ ସ୍ତ୍ରୀମାନେ ପତିକୁ ପ୍ରବଞ୍ଚନା କରି ପରପୁରୁଷ ସହିତ ପ୍ରୀତି କରନ୍ତି, ସେମାନଙ୍କୁ ସମାଜରେ ନିନ୍ଦା କରାହୁଏ; ମୃତ୍ୟୁପରେ ରୌରବ ନରକରେ ପଡ଼ି ମହାଦୁଃଖ ଭୋଗ କରିବାକୁ ପଡ଼େ । ଧର୍ମମାର୍ଗ ତ୍ୟାଗ କଲେ ଅବଶ୍ୟ ଦୁଃଖ ଯାତନା ମିଳେ, ସେଥିରେ କୌଣସି ସନ୍ଦେହ ନାହିଁ । କ୍ଷଣିକ କୃତ୍ରିମ ସୁଖ ସକାଶେ ଯେଉଁ ସ୍ତ୍ରୀମାନେ ପାତିବ୍ରତ୍ୟ ତ୍ୟାଗ କରନ୍ତି, ସେମାନେ ଅନେକ ଜନ୍ମ ପର୍ଯ୍ୟନ୍ତ ଦୁଃଖଭୋଗ କରନ୍ତି । ସେମାନେ ଯଥାର୍ଥରେ ମୂର୍ଖ ତଥା ଦୁଷ୍ଟ । ନିଜର ହିତ ଅହିତ ବୁଝିବାରେ ଅସମର୍ଥ ।

ପତିବ୍ରତା ନାରୀ ନିଜ ସଦ୍‌ଗୁଣରେ ସମସ୍ତ ଦୁଃଖକଷ୍ଟ ଆନନ୍ଦରେ ବରଦାସ୍ତ କରି ଦୁଷ୍ଟ ପ୍ରକୃତିର ବ୍ୟକ୍ତିକୁ କିପରି ପରିବର୍ତ୍ତନ କରିପାରନ୍ତି, ଭଗବତ୍ ଭକ୍ତା, ପତିବ୍ରତା ହରଦେବୀଙ୍କ ଜୀବନଚରିତରୁ ତାହା ଆମ୍ଭେମାନେ ଜାଣିପାରିବା ।

ପତିବ୍ରତା ଭଗବତ୍ ଭକ୍ତିପରାୟଣା ହରଦେବୀ

ହରଦେବୀ ଗଜଦେବୀଙ୍କ କନ୍ୟା ଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଶେଠ ସ୍ଥାନକଦେବ । ହରଦେବୀଙ୍କ ମା' ଗଜଦେବୀ ଥିଲେ ପତିବ୍ରତା ତଥା ଭଗବତ୍ ଭକ୍ତିପରାୟଣା ସଦାଚାରିଣୀ ମହିଳା । ସେ ପ୍ରତିଦିନ ନିୟମିତରୂପେ ଗୃହରେ ଭଗବାନଙ୍କ ବିଗ୍ରହ ରଖି ପୂଜା କରନ୍ତି, ପତିଙ୍କୁ ଭଗବାନଙ୍କ ପ୍ରତିନିଧିରୂପେ ଭକ୍ତି କରନ୍ତି । ତାଙ୍କର ଏକମାତ୍ର କନ୍ୟା ହରଦେବୀ । ସେ ବାଲ୍ୟାବସ୍ଥାରୁ ମା'ଙ୍କ ସଙ୍ଗେ ରହି ଭଗବାନଙ୍କ ପୂଜା ଦେଖେ, ମା' ହାତଯୋଡ଼ି ପ୍ରଣାମ କରୁଥିବା ଦେଖି ପ୍ରଣାମ କରେ । ଶିଶୁ ଅବସ୍ଥାରୁ ମା'ର ସଦାଚାର, ସଦ୍‌ଗୁଣ, ଭଗବତ୍ ଭକ୍ତିର ପ୍ରଭାବ ହରଦେବୀଙ୍କ ଅନ୍ତଃକରଣରେ ପ୍ରତିଷ୍ଠିତ ହୋଇ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବିକଶିତ ହେବାକୁ ଲାଗିଲା । ଉପଯୁକ୍ତ ସମୟରେ ଚମ୍ପକପୁର ନିବାସୀ ଗୁଣଦେବଙ୍କ ପୁତ୍ର ହର୍ଷଦେବଙ୍କ ସହିତ ବହୁ ସମାରୋହରେ ହରଦେବୀଙ୍କର ବିବାହ ହୋଇଗଲା । ବିବାହ ପରେ କନ୍ୟା-ବିଦା ବା ବର-ବାହୁଡ଼ା ଦିନ ଗଜଦେବୀଙ୍କୁ ଭୟଙ୍କର ଜ୍ୱର ହେଲା । ପିତା ସ୍ଥାନକଦେବ ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବମାନେ କନ୍ୟାବିଦାୟ କାର୍ଯ୍ୟରେ ଲାଗିପଡ଼ିଥାଆନ୍ତି । ଗଜଦେବୀ କାର୍ଯ୍ୟ କରିବାରେ ଅସମର୍ଥ ହୋଇ ସମସ୍ତ କାର୍ଯ୍ୟ ଛାଡ଼ି ପୂଜାଗୃହରେ ଠାକୁରଙ୍କ ଚରଣରେ ପଡ଼ିଗଲେ । ଏପରି ଭୟଙ୍କର ଜ୍ୱର ଅବସ୍ଥାରେ ଦୁଃଖ ନ ଥିଲା, ଥିଲା

ହୃଦୟରେ ପ୍ରଫୁଲ୍ଲତା, ନେତ୍ରରେ ପ୍ରେମ ଭକ୍ତିର ଅଶ୍ରୁ । ସେ ଗଦଗଦ ହୋଇ ପ୍ରେମବିଭୋର ଅସ୍ପଷ୍ଟ ସ୍ୱରରେ କହିଲେ, ''ହେ ନାଥ, ହେ ମୋ ପ୍ରାଣନାଥ ପ୍ରଭୁ, ମନେହେଉଛି ତୁ ମୋତେ ନିତ୍ୟ ଶାଶ୍ୱତ ସେବାରେ ସ୍ୱୀକାର କରିବାକୁ ଚାହୁଁଛୁ । ମୋର ମନ, ପ୍ରାଣ ତୋରି କୃପାରେ ତୋ ଚରଣରେ ସମର୍ପିତ ହୋଇସାରିଛି । ମୁଁ, ମୋର ଯାହାକିଛି, ସବୁ ତୋର । ତୁ ମୋ ହୃଦୟରେ ବିରାଜମାନ ହୋଇ ମୋ ମନ, ପ୍ରାଣକୁ ପରିଚାଳନା କରୁଅଛୁ । ଯେଉଁ ହୃଦୟରେ ତୋର ନିବାସ, ସେଠାରେ କାମନା ବାସନା ଆସିବ କେଉଁଠୁ ? ବର୍ତ୍ତମାନ ମୋ ମନରେ ଯେଉଁ କାମନା ଉତ୍ପନ୍ନ ହେଉଛି, ମନେହେଉଛି ତାହା ତୋରିହିଁ ପ୍ରେରଣା । ପ୍ରଭୁ ! ସେ କାମନା ତୋତେ ଅଗୋଚର ନୁହେଁ । ତଥାପି ମୁଁ ନିବେଦନ କରୁଅଛି । ହେ ଦୟାମୟ, ମୋ ସ୍ୱାମୀ ଓ ଏହି ବାଳିକା ହରଦେବୀକୁ ତୁ ସ୍ୱୀକାର କରି ନେ । ହେ କରୁଣାମୟ ପ୍ରଭୁ, ଯଦ୍ୟପି ଆଜି ସେ ସଂସାରବନ୍ଧନରେ ବାନ୍ଧି ହୋଇଯାଉଛି ତଥାପି ତୁ ସ୍ୱୀକାର କରିନେଲେ ସବୁ ବନ୍ଧନ ମୁକ୍ତିରେ ପରିଣତ ହୋଇଯିବ । ମୁଁ ଏତିକି ପ୍ରାର୍ଥନା କରୁଅଛି, ତୋର କୃପାଦୃଷ୍ଟି ତା' ଉପରେ ରହୁ, ଶେଷରେ ତୋରି ସେବା ପ୍ରାପ୍ତ କରୁ । ତୁ ତ' ସବୁକିଛି ଜାଣୁ, ତୋର ପ୍ରତିନିଧିରୂପେ ମୋ ପତି ସମ୍ବନ୍ଧେ କ'ଣ କହିବି ?'' ଏତିକି କହିବା ପରେ ପ୍ରେମାବେଗରେ ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । ଆଉ ସେ କିଛି କହିପାରିଲେ ନାହିଁ ।

ଭଗବାନ୍ ସବୁସମୟରେ ଭକ୍ତ ସଙ୍ଗେ ସଙ୍ଗେ ଥାଆନ୍ତି । ବ୍ୟାକୁଳ ପ୍ରାର୍ଥନାରେ ସେ ପ୍ରଘଟ ନ ହୋଇ ରହିପାରନ୍ତି ନାହିଁ । ଯେଉଁଠି ନିଷ୍କପଟ ପ୍ରାର୍ଥନା ସେଇଠି ଭଗବାନ୍ । ଗଜଦେବୀଙ୍କ ପ୍ରତିମାରୁ ସକଳ ସୌନ୍ଦର୍ଯ୍ୟ, ଲାବଣ୍ୟ, ଆନନ୍ଦାଦି ଦିବ୍ୟଗୁଣଯୁକ୍ତ ଭଗବାନ୍ ପ୍ରକଟ ହୋଇ କହିଲେ, ''ଦେବି, ତୁ ମୋର ଭକ୍ତ । ତୋ ସଂକଳ୍ପ ସର୍ବଥା ସତ୍ୟ । ହରଦେବୀ ତୋ ପ୍ରଭାବରୁ ବାଲ୍ୟାବସ୍ଥାରୁ ମୋତେ ଭକ୍ତି କରୁଅଛି । ମୋତେ ଯିଏ ଭକ୍ତି କରେ, ମୁଁ ତା' ସଙ୍ଗେ ସଙ୍ଗେ ଥାଏ । ତା'ର ବିପଦ କେଉଁଠି ? ତଥାପି ହରଦେବୀ ସକାଶେ ଚାହିଁବା ବର ମୁଁ ଦେଉଅଛି । ସେ ଭକ୍ତିପରାୟଣା ହୋଇ ଶେଷରେ ତୋ ସହିତ ମୋ ନିତ୍ୟଧାମରେ ବାସ କରିବ । ତୋ ପତି ମଧ୍ୟ ନଶ୍ୱର ଶରୀର ତ୍ୟାଗ କରି ମୋତେ ପ୍ରାପ୍ତ କରିବ ।'' ଏତିକି କହିବା ପରେ ଗୋଟାଏ ପ୍ରକାଶ ହୋଇଗଲା । ସେହି ପ୍ରକାଶରେ ଭଗବାନଙ୍କର ଦିବ୍ୟ ବିଗ୍ରହ ଅଦୃଶ୍ୟ ହୋଇଗଲେ । ଭଗବାନଙ୍କ ଦର୍ଶନାନନ୍ଦରେ ଗଜଦେବୀ ବିଭୋର ହୋଇଗଲେ । ତାଙ୍କ ନେତ୍ରରୁ ଅଶ୍ରୁଧାରା ବହିବାକୁ ଲାଗିଲା । ଶରୀରରେ କମ୍ପନ, ପୁଲକାଦି ଅଷ୍ଟ ସାତ୍ତ୍ୱିକ ଭାବ ସ୍ପଷ୍ଟରୂପେ ଦେଖାଗଲା । ସେ ବାହ୍ୟଜ୍ଞାନ ଶୂନ୍ୟ ହୋଇ ପ୍ରେମ-ସମାଧିସ୍ଥ ହୋଇଗଲେ ।

କିଛି ସମୟ ପରେ ପତି ସ୍ନାନକଦେବ ଆସି ଗଜଦେବୀଙ୍କ ଅବସ୍ଥା ଦେଖି ବିସ୍ମିତ ହୋଇ ଶରୀର ସ୍ପର୍ଶ କରି ସଚେତ କଲେ । ଗଜଦେବୀ ବାହ୍ୟଜ୍ଞାନ ପ୍ରାପ୍ତ ହୋଇ କହିଲେ, ''ପତିଦେବ, ମୁଁ ଏବେ ପରମ ପତି ପରମାତ୍ମାଙ୍କ ନିଜ ଧାମକୁ ଯାତ୍ରା କରୁଅଛି । ଭଗବାନଙ୍କୁ ପ୍ରାପ୍ତ କରିବାହିଁ ମନୁଷ୍ୟଜୀବନର ପରମ ଫଳ । ଏହି ସକାଶେ ମନୁଷ୍ୟ ଏହି ସଂସାରକୁ ଆସିଥାଏ । ଏଥିରେ ଶୋକ କରିବାର କିଛି ନାହିଁ । ଆନନ୍ଦପୂର୍ବକ ହରଦେବୀକୁ ବିଦା କରିଦିଅ । ତା'ପରେ ମୁଁ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଧାମକୁ ଚାଲିଯିବି । ହରଦେବୀକୁ ମୋ ପାଖକୁ ପଠାଇଦିଅ ।'' ସ୍ନାନକଦେବ ଭକ୍ତ ଥିଲେ । ଭଗବାନଙ୍କ କୃପାରୁ ଗଜଦେବୀ ଭଗବାନଙ୍କ ନିତ୍ୟସେବାକୁ ପ୍ରାପ୍ତ ହେବା ଜାଣି ଦୁଃଖ, ବେଦନାକୁ ସଂଯମ କରି ହରଦେବୀକୁ ମା' ପାଖକୁ ପଠାଇଦେଇ ତା'ର ବିଦାୟ କାର୍ଯ୍ୟରେ ଲାଗିପଡ଼ିଲେ । କିନ୍ତୁ ତାଙ୍କ ମନ ଗଜଦେବୀଙ୍କ ସେହି ବାକ୍ୟ ସ୍ମରଣ କରୁଥିଲା । ମା' ହରଦେବୀକୁ ହୃଦୟରେ ଲଗାଇନେଇ କହିଲେ, ''ମା, ମୁଁ ଯାଉଛି । ତୋତେ ଏକା ଛାଡ଼ି ଯାଉ ନାହିଁ । ତୋତେ ମୋ ପରମ ଆରାଧ୍ୟ ଦେବ, ପ୍ରାଣପ୍ରିୟ, ପରମ ପତି, ପରମେଶ୍ୱରଙ୍କ ଚରଣରେ ସମର୍ପଣ କରିଯାଉଛି । ସେ ତୋ ସଙ୍ଗେ ରହିବେ । ତୋର ଯୋଗକ୍ଷେମ ବହନ କରିବେ । କିନ୍ତୁ ସଂସାରଜୀବନରେ ମହାନ୍ ପରୀକ୍ଷାସବୁ ଆସିବ । ସେଥିରେ ତୁ ବିଚଳିତ ନ ହୋଇ ଭଗବତ୍ ବିଶ୍ୱାସ ନ ହରେଇ ଭଗବାନଙ୍କୁ ଡାକିବୁ । ସେହି ତୋତେ ଧୈର୍ଯ୍ୟ, ସାହସ, ବଳ, ବୁଦ୍ଧି ଦେଇ ସମସ୍ତ ବିପଦ-ଆପଦରୁ ରକ୍ଷା କରିବେ । ତୁ ତୋର ମନ, ବୁଦ୍ଧି, ତୋର ଯାହାକିଛି ତାଙ୍କୁ ସମସ୍ତ ସମର୍ପଣ କରିଦେ ! ସଂସାରର ସମସ୍ତ ପ୍ରକାର ସୁଖ ତଥା ଦୁଃଖକୁ କୌଣସି ମହତ୍ତ୍ୱ ଦେବୁ ନାହିଁ । ସମସ୍ତ ସୁଖଦୁଃଖରେ ଭଗବାନଙ୍କ ବିଧାନ ଅନୁଭବ କରିବୁ । ଏଥିରେହିଁ ସମସ୍ତ ଦୁଃଖ

ପରମ ସୁଖରେ ପରିଣତ ହେବ ।'' ଏକଥା ଶୁଣିବା ମାତ୍ରେ ହରଦେବୀ ନିଜକୁ ସମ୍ଭାଳି ନ ପାରି ଉଚ୍ଚ ସ୍ୱରରେ ମା'ଙ୍କୁ ଧରି କାନ୍ଦିବାକୁ ଲାଗିଲେ । ସେ ମା'ର ଏକମାତ୍ର କନ୍ୟା, ବାଲ୍ୟାବସ୍ଥାରୁ ପିତାମାତାଙ୍କ ସ୍ନେହରେ ପାଳିତ ହୋଇଥିଲେ, ଦୁଃଖ କ'ଣ ଜାଣି ନ ଥିଲେ । ପିତାମାତାଙ୍କୁ ଛାଡ଼ି ଅଜଣା ଅଚିହ୍ନା ଗ୍ରାମ, ଅଜଣା ଅଚିହ୍ନା ପତିଗୃହକୁ ଯାଉଥିବାରୁ ଦାରୁଣ ବେଦନା ଥିଲା । ତା' ସଙ୍ଗେ ମା'ଠାରୁ ଚିର ବିୟୋଗ ଆଶଙ୍କାରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । କନ୍ୟା ହରଦେବୀର ଶୋକ ଦୂର ହେବା ସକାଶେ ଗଜଦେବୀ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରି ହରଦେବୀଙ୍କୁ କହିଲେ, ''ହର, ତୁ ମୋ ଗର୍ଭରୁ ଜାତ ହୋଇଅଛୁ । ବାଲ୍ୟକାଳରୁ ଭଗବାନଙ୍କୁ ଭକ୍ତି କରି ଆସିଅଛୁ । ମୁଁ ତୋତେ ଭଗବାନଙ୍କୁ ସମର୍ପଣ କରିଦେଇଛି; ଭଗବାନ୍ ମଧ୍ୟ ସ୍ୱୀକାର କରିଅଛନ୍ତି । ଭଗବାନ୍ ତୋ ସଙ୍ଗେ ସର୍ବଦା ରହିବେ । ଯଥାର୍ଥରେ ସେହିଁ ଚିରସାଥୀ । ନୂତନ ପିତାମାତା ପ୍ରତ୍ୟେକ ଜନ୍ମରେ ହୁଅନ୍ତି, ମୃତ୍ୟୁ ପରେ ଭୁଲିଯାଆନ୍ତି । ଭଗବାନ୍ ଜୀବକୁ କେବେ ବି ଭୁଲନ୍ତି ନାହିଁ । ମୋ ଠାକୁରଙ୍କୁ ସଙ୍ଗରେ ନେ, ଭକ୍ତିଭାବରେ ସେବା କରିବୁ । ଭଗବାନଙ୍କ ଆଶ୍ରୟରେ ସଂସାରର ଦୁଃଖକଷ୍ଟରେ ବିଚଳିତ ହେବୁ ନାହିଁ ।'' ଗଜଦେବୀଙ୍କ ଏହି କଥା ସମାପ୍ତ ହେବା ସଙ୍ଗେ ସଙ୍ଗେ ଠାକୁରଙ୍କ ସହିତ ସିଂହାସନ ସ୍ୱତଃ ହରଦେବୀଙ୍କ କୋଳକୁ ଆସିଗଲା । ଗଜଦେବୀ ଆନନ୍ଦରେ କହିଲେ, ''ଭଗବାନ୍ ଯେ ତୋ ସଙ୍ଗେ ରହିବେ ଏହାର ପ୍ରମାଣସ୍ୱରୂପ ସେ ସ୍ୱୟଂ ତୋ କୋଳକୁ ଆସିଗଲେ । ତୁ ଆଉ ଶୋକ କର ନାହିଁ ।'' ହରଦେବୀଙ୍କ ଶୋକ ଦୂର ହୋଇଗଲା । ସେ ମା'ଙ୍କୁ ଧରି କହିଲେ, ''ମା, ଭଗବାନଙ୍କ କୃପାରୁ ତୋ ଗର୍ଭରୁ ଜନ୍ମ ଗ୍ରହଣ କରି ମାତାରୂପେ ତୋତେ ପାଇଛି । ଏହା ମୋର ଅତ୍ୟନ୍ତ ସୌଭାଗ୍ୟ । ଏପରି ମା' ସଂସାରରେ କେତେ ଜଣ ଅଛନ୍ତି ଯେ ସନ୍ତାନକୁ ଭଗବତ୍ ଭକ୍ତି ଶିକ୍ଷାଦିଅନ୍ତି ? ମା', ତୋର ଆଶୀର୍ବାଦ ତଥା ଭଗବାନଙ୍କ କୃପାରୁ ତୋର ଶିକ୍ଷା ଅକ୍ଷରେ ଅକ୍ଷରେ ପାଳନ କରିବି । ତୁ ଆନନ୍ଦରେ ଯାଇ ଭଗବତ୍ ଧାମରେ ନିବାସ କର ।'' ଏହା କହି ହରଦେବୀ ମା'କୁ ଦୁଇ ହାତରେ ଆଲିଙ୍ଗନ କରି ମା' ହୃଦୟରେ ମସ୍ତକ ରଖି ମାତୃସ୍ନେହ, ଭଗବାନଙ୍କ ପ୍ରତି କୃତଜ୍ଞତାରେ ପ୍ରେମାଶ୍ରୁରେ ମା' ହୃଦୟକୁ ତିନ୍ତେଇଦେଲେ । ମା' ହରଦେବୀର ମସ୍ତକ ଆଉଁସି ସାନ୍ତ୍ୱନା ଦେଇ ବିଦାକଲେ । ହରଦେବୀ ଠାକୁରଙ୍କୁ ସୁରକ୍ଷିତ ସ୍ଥାନରେ ରଖି ମା'ର ସେବା ସକାଶେ ବିଶ୍ୱାସୀ ସେବିକାକୁ ପଠାଇଦେଲେ ।

ହରଦେବୀ ତଥା ସ୍ଥାନକଦେବଙ୍କ ହୃଦୟ ଭଗବତ୍ ଭକ୍ତି ଭାବରେ ପୂର୍ଣ୍ଣ ଥିଲା । ମନ-ଭ୍ରମର ଭଗବତ୍ କୃପା, ଦୟା, କରୁଣା ପ୍ରସ୍ଫୁଟିତ ପୁଷ୍ପରେ ବିଚରଣ କରୁଥିଲା । ଶରୀର କେବଳ ଯନ୍ତ୍ରବତ୍ ପରିଚାଳିତ ହେଉଥିଲା । ସ୍ଥାନକଦେବ କନ୍ୟା-ବିଦାୟ କାର୍ଯ୍ୟ ଶେଷ କଲେ । ହରଦେବୀ ପୁନର୍ବାର ଆସି ମା'ଙ୍କ ଚରଣରେ ପ୍ରଣାମ କଲେ । ମା' ହୃଦୟରେ ଲଗାଇନେଇ ମଥା ଆଉଁସି ଦେଇ ଆଶୀର୍ବାଦ ଦେଲେ । ହରଦେବୀ ମା'ଙ୍କଠାରୁ ବିଦାୟ ନେଇ ଠାକୁରଙ୍କୁ ସଙ୍ଗରେ ନେଇ ଶବାରି ଆରୋହଣ କଲେ ।

ସ୍ଥାନକଦେବ କନ୍ୟା ବିଦାକରି ଗଜଦେବୀ ଥିବା ଠାକୁର ମନ୍ଦିରରେ ଉପସ୍ଥିତ ହେଲେ । କିଛି ସମୟ ପରେ ଗଜଦେବୀ ଆନନ୍ଦ ଉତ୍ସାହରେ ହାସ୍ୟ ମୁଖରେ ଭଗବାନଙ୍କ ନାମ ଉଚ୍ଚାରଣ କରି ପତିଦେବଙ୍କ କୋଳରେ ନଶ୍ୱର ଶରୀର ତ୍ୟାଗ କଲେ । ସ୍ଥାନକଦେବ ଗଜଦେବୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶ୍ରଦ୍ଧା ସହ ବିଧିବିଧାନରେ ସମାପ୍ତ କଲେ ।

ହରଦେବୀଙ୍କ ଶଶୁର ଗୁଣଦେବ ଯଥାର୍ଥରେ ଗୁଣବାନ୍ ପୁରୁଷ ଥିଲେ । ପିତାଙ୍କ ସଦୃଶ ପୁତ୍ର ହର୍ଷଦେବ ମଧ୍ୟ ସଦ୍‌ଗୁଣଯୁକ୍ତ, ଉତ୍ତମ ସ୍ୱଭାବର ବ୍ୟକ୍ତି ଥିଲେ । କିନ୍ତୁ ଗୋଲାପ ଗଛରେ କଣ୍ଟା ଥିବା ସଦୃଶ ହର୍ଷଦେବଙ୍କ ମା' ଶ୍ୟାମଳା କର୍କଶା, ଦୁଷ୍ଟା, ଅସହିଷ୍ଣୁ, କ୍ରୂର ସ୍ୱଭାବର ସ୍ତ୍ରୀ ଥିଲା । ସେ ଅବସର ପାଇବା ମାତ୍ରେ ହରଦେବୀ ପ୍ରତି ଯଦ୍ୟପି ନିର୍ଦ୍ଦୟ ବ୍ୟବହାର କରୁଥିଲା ତଥାପି ନିଜ ପତି ଗୁଣଦେବଙ୍କ ଭୟରେ ହରଦେବୀଙ୍କ ପ୍ରତି ପ୍ରକାଶ୍ୟରେ ଦୁର୍ବ୍ୟବହାର କରିବାକୁ ସାହସ କରୁ ନ ଥିଲା ।

ଜୀବନର ଗତି ବିଚିତ୍ର । ଜୀବନ କେବେ ସୁଖଭୋଗରେ ବସନ୍ତ ଋତୁର ବୃକ୍ଷ ପରି ପଲ୍ଲବିତ, ପୁଷ୍ପିତ ହୁଏ ତ କେବେ ଦୁଃଖ ଶୋକରେ ଜର୍ଜରିତ ହୁଏ । ହରଦେବୀଙ୍କ ଜୀବନର ବିପରୀତ ନୂତନ ଅଧ୍ୟାୟ ଆରମ୍ଭ ହେଲା । ପିତୃଗୃହରେ ଅଲିଅଳ ଜେମା ହୋଇ ପିତାମାତାଙ୍କ ସ୍ନେହରେ ପାଳିତ ହୋଇଥିଲେ । ତାହାର ବିପରୀତ ଦୁଃଖ, କଷ୍ଟ, ତ୍ରାସ,

ପରୀକ୍ଷାରେ ଯାତ୍ରା କରିବାର ସମୟ ଆସିଲା । ହରଦେବୀ ପତିଗୃହକୁ ଆସିବାର ଏକ ବର୍ଷ ପରେ ତାଙ୍କ ଶଶୁର ଗୁଣଦେବ ନଶ୍ୱର ଶରୀର ପରିତ୍ୟାଗ କରି ପରମଧାମ ଯାତ୍ରା କଲେ । ଶ୍ୟାମଳା ହେଲା ସ୍ୱାଧୀନ । ପୁତ୍ର ହର୍ଷଦେବଙ୍କର ବହୁତ ସଙ୍କୋଚ ସ୍ୱଭାବ । ସେ ମା'ଙ୍କୁ ବହୁତ ସମ୍ମାନ କରନ୍ତି । ଏହି ସୁଯୋଗରେ ଶ୍ୟାମଳା ହରଦେବୀଙ୍କ ଉପରେ ଅତ୍ୟାଚାର କରିବାକୁ ଆରମ୍ଭ କଲା । ଘରର ରୋଷେଇଆ, ଘର କାମ କରୁଥିବା ଚାକରାଣୀକୁ ବାହାର କରିଦେଲା । ରୋଷେଇ ତଥା ଘରର ସମସ୍ତ କାର୍ଯ୍ୟ କରିବାକୁ ହେଲା ହରଦେବୀଙ୍କୁ । ସେ ଭୋର ଚାରିଟାରୁ ଉଠି ସ୍ନାନ କରି ଭଗବାନଙ୍କ ବିଗ୍ରହକୁ ସେବା-ପୂଜା କରନ୍ତି, କିଛି ସମୟ ଧ୍ୟାନ ପରେ କାମରେ ଲାଗିପଡ଼ନ୍ତି । ଘର ଝାଡୁ ଦିଅନ୍ତି, ଚଉକା ଲଗାନ୍ତି, ବାସନ ଧୁଅନ୍ତି, ଗୁହାଳ ପୋଛନ୍ତି, ଗହମ ଚୂରନ୍ତି, ରୋଷେଇ କରନ୍ତି । ଶ୍ୟାମଳା କେବଳ ପୁଅକୁ ପରଷେ, ନିଜେ ପରଷି ନେଇ ହରଦେବୀଙ୍କ ପାଇଁ କେବେ ଟିକିଏ ତରକାରି ରଖିଲେ ରଖେ ଅଥବା ସମସ୍ତ ତରକାରି ସମାପ୍ତ କରି କେବଳ ଶୁଖିଲା ରୋଟି ରଖିଦିଏ । ଘରର ଜିନିଷପତ୍ର ସବୁ ଶ୍ୟାମଳା ପାଖରେ । ସେ ଯାହା ଦେବ ତାହାହିଁ ରୋଷେଇ ହେବ । ସେ ଏତିକି ପରିମାଣରେ ପରିବା ଦିଏ ଯେପରି ହରଦେବୀଙ୍କ ସକାଶେ ନ ରହେ ।

ହରଦେବୀଙ୍କ ହୃଦୟରେ ଭଗବତ୍ ଭକ୍ତି-ଭାଗୀରଥୀ ସ୍ରୋତ ପ୍ରବାହିତ ହେଉଥାଏ । ତାଙ୍କ ମନ-ଭ୍ରମର ଭଗବାନଙ୍କ ଚରଣକମଳରେ ନିରନ୍ତର ବିଚରଣ କରୁଥାଏ । ଭଗବତ୍ ଭକ୍ତି ପ୍ରଭାବରୁ ତାଙ୍କ ହୃଦୟରେ ଥାଏ ଶାନ୍ତି, ସନ୍ତୋଷ, ଆନନ୍ଦ, ପ୍ରସନ୍ନତା । ସେ ସମସ୍ତ ପ୍ରାଣୀ ମଧ୍ୟରେ ଭଗବତ୍ ଦର୍ଶନ କରୁଥା'ନ୍ତି । ପ୍ରତ୍ୟେକ କାର୍ଯ୍ୟରେ ଭଗବତ୍ ପ୍ରେରଣା ପାଉଥାଆନ୍ତି । ତାଙ୍କର କେହି ଶତ୍ରୁ ମିତ୍ର ନ ଥା'ନ୍ତି । ସେ ଦେଖନ୍ତି ପ୍ରତ୍ୟେକ ପ୍ରାଣୀ ଅନ୍ୟ ଶକ୍ତି ଦ୍ୱାରା ପୁତ୍ତଳିକା ସଦୃଶ ନାଚୁଛନ୍ତି । ସେଥିପାଇଁ ଶାଶୂର ଦୁର୍ବ୍ୟବହାର, ତାଙ୍କ ପ୍ରତି ଅତ୍ୟାଚାରକୁ ସେ ଭ୍ରୁକ୍ଷେପ କରନ୍ତି ନାହିଁ । ଶାଶୂର ଦୁର୍ବ୍ୟବହାରର ପ୍ରଭାବ ତାଙ୍କୁ ସ୍ପର୍ଶ କରିପାରେ ନାହିଁ ।

ଯେ କେହି ବ୍ୟକ୍ତି ଅନ୍ୟକୁ ହିଂସା କରେ, ଦ୍ୱେଷ ରଖେ, ରାଗ କରେ, ସେହି ହିଂସା, ଦ୍ୱେଷ, ରାଗକୁ ସେ ବ୍ୟକ୍ତି ଯଦି ଗ୍ରହଣ ନ କରେ ଅର୍ଥାତ୍ ରାଗ କରିବା ବ୍ୟକ୍ତି ପ୍ରତି ରାଗ ନ କରେ, ଦ୍ୱେଷ ରଖିବା ବ୍ୟକ୍ତି ପ୍ରତି ଦ୍ୱେଷ ନ ରଖି ଶାନ୍ତ ରହେ, ହିଂସା କରିବା ବ୍ୟକ୍ତି ପ୍ରତି ସହାନୁଭୂତି ପ୍ରକାଶ କରେ, ତେବେ ତାହାର ପ୍ରତିକ୍ରିୟା ଭୀଷଣ ଭାବେ ରାଗ କରିବା ବ୍ୟକ୍ତିର ମଧ୍ୟରେ ହୁଏ । ଯେଉଁସବୁ ଦୁର୍ଗୁଣ ପ୍ରକାଶ ହୁଏ, ତାହା ବ୍ୟର୍ଥ ହୁଏ ନାହିଁ । ତାକୁ ଅନ୍ୟ ସ୍ଥାନ ନ ମିଳିଲେ ପ୍ରକାଶ ହୋଇଥିବା ସ୍ଥାନରେ କ୍ରିୟା କରେ । ସବୁଠାରୁ ଉତ୍ତମ ପ୍ରକ୍ରିୟା ହେଲା ଦ୍ୱେଷ କରୁଥିବା ବ୍ୟକ୍ତିର କର୍ମକୁ ନିଜ ମଧ୍ୟରେ କ୍ରିୟା କରିବାକୁ ନ ଦେଇ ଶାନ୍ତ ରହିବା । ଏହା ହୁଏ କେବଳ ଭଗବତ୍ ଭକ୍ତିରେ । ଅନ୍ୟ କୌଣସି ବାହ୍ୟ ସାମାଜିକ ନୈତିକ ବିଚାର ଦ୍ୱାରା ହୁଏ ନାହିଁ । ସେହି ସକାଶେ ବୀରବାଉଟି ଯନ୍ତ୍ର ମନ୍ତ୍ର ଭଗବତ୍ ଭକ୍ତ ଉପରେ କ୍ରିୟାଶୀଳ ହୁଏ ନାହିଁ, ପ୍ରୟୋଗ କରିଥିବା ବ୍ୟକ୍ତି ଉପରେ ପ୍ରତିକ୍ରିୟା କରେ ।

ହରଦେବୀ ଭଗବତ୍ ଭକ୍ତିର ପରମାନନ୍ଦରେ ବିଭୋର ଥିଲେ । ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ ପ୍ରସନ୍ନତାପୂର୍ବକ କରୁଥିଲେ । ସେଥିରେ ତାଙ୍କୁ ବଡ଼ ଆନନ୍ଦ ମିଳୁଥିଲା । ଯଦ୍ୟପି ତାଙ୍କର ବାଲ୍ୟାବସ୍ଥାରୁ ଶାରୀରିକ ପରିଶ୍ରମ କରିବାର ଅଭ୍ୟାସ ନ ଥିଲା ତଥାପି ଭଗବତ୍ ପ୍ରେମରେ ନିମଗ୍ନ ରହିବାରୁ ତାଙ୍କୁ ଭଗବତ୍ ଶକ୍ତି ପ୍ରାପ୍ତ ହୋଇଥିଲା । ସେ ସମସ୍ତ କାର୍ଯ୍ୟ ଉତ୍ତମରୂପେ କରିବା ସତ୍ତ୍ୱେ କ୍ଲାନ୍ତ ହେଉ ନ ଥିଲେ । ଭକ୍ତମାନେ ଯେପରି ସମସ୍ତ ଦୁଃଖକଷ୍ଟ ସହ୍ୟ କରନ୍ତି, ଦୁଷ୍ଟମାନେ ମଧ୍ୟ ତାହାର ବିପରୀତ ଦୁର୍ବ୍ୟବହାର କରନ୍ତି । ହରଦେବୀ ସମସ୍ତ କାର୍ଯ୍ୟ କରି ଶୁଖିଲା ରୁଟି ଖାଇ ସନ୍ତୋଷ ରହିବା ସତ୍ତ୍ୱେ ଶାଶୂ ବିନା କାରଣରେ ହରଦେବୀଙ୍କ କାମରେ ଦୋଷ ବାହାର କରି ତାଙ୍କ ପିତାମାତା ତଥା ତାଙ୍କୁ ବହୁତ ଖରାପ ଗାଳି ଦେଉଥିଲା । ହରଦେବୀଙ୍କର ଭଗବତ୍ ଭକ୍ତି ଏପରିଭାବେ ବୃଦ୍ଧି ହେଲା ଯେ ସେ ଶାଶୂର ଗାଳିକୁ କାନ ଦେଇପାରିଲେ ନାହିଁ । ମନ ତ ଗୋଟାଏ, ତାହା ଭଗବାନଙ୍କ ଚରଣରେ ଲାଗିଥାଏ; ଶାଶୂର ଗାଳି ଶୁଣିବ କିଏ ? ଗାଳିରେ ଶାଶୂ ଅସଫଳ ହୋଇ କେବେ ହାତ ଉଠାଇବାକୁ ଆରମ୍ଭ କଲା ।

ହରଦେବୀଙ୍କ ବିନା ଦୋଷରେ ତାଙ୍କ ପ୍ରତି ମା'ର ଏପରି ଅତ୍ୟାଚାର ହର୍ଷଦେବ ଆଉ ବରଦାସ୍ତ କରିପାରିଲେ ନାହିଁ । ଦିନେ ହରଦେବୀଙ୍କୁ ଏକାନ୍ତରେ କହିଲେ, ''ପ୍ରିୟେ, ତୁମେ ମାନବୀ ନା ସ୍ୱର୍ଗର ଦେବୀ ? ତୁମର ବିନା ଦୋଷରେ

ତୁମ ପ୍ରତି ମୋ ମା' ଅସାଧାରଣ ଅସହ୍ୟରୂପେ ଦୁର୍ବ୍ୟବହାର କରୁଅଛି, କଷ୍ଟ ଦେଉଅଛି । କିନ୍ତୁ ତୁମେ ଦିନେ ଗୋଟିଏ ଶବ୍ଦ ଏ ବିଷୟରେ ମୋତେ କହିଲ ନାହିଁ କିଂବା ତୁମ ଚେହେରାରେ ତା'ର ପ୍ରତିକ୍ରିୟାର ପ୍ରଭାବ ଦେଖାଗଲା ନାହିଁ । ମା'ର କ୍ରୂରତା ସୀମା ଲଙ୍ଘି ଗଲାଣି, ମୁଁ ଆଉ ବରଦାସ୍ତ କରିପାରିବି ନାହିଁ । ମା'ଠାରୁ ପୃଥକ୍ ହୋଇଯିବା ଅଥବା ଏ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ରହିବା ।'' ଏକଥା ଶୁଣି ହରଦେବୀ ବିନୀତ, କୋମଳ ଓ ନିଷ୍କପଟ ଭାବରେ ପତିଦେବଙ୍କୁ କହିଲେ, ''ନାଥ, ମୁଁ ଯେତେବେଳେ ହୃଦୟର ଆରାଧ୍ୟ ଦେବ ଭଗବାନଙ୍କ ପୂଜା କରେ, ତୁମର ସେବା କରେ, ସେତେବେଳେ ଏପରି ଆନନ୍ଦ ମୋ ହୃଦୟରେ ଉଛୁଳିପଡ଼େ ଯେ ମା'ର ଦୁର୍ବ୍ୟବହାରରେ ମୋତେ ଟିକିଏ ମାତ୍ର କଷ୍ଟ ହୁଏ ନାହିଁ । ସେହି ଆନନ୍ଦ ସବୁ ସମୟରେ ପୂରି ରହିଥାଏ । ଫେର୍ ବୃଦ୍ଧାବସ୍ଥାରେ ମା'ଙ୍କୁ ପୃଥକ୍ କରିଦେଲେ କିଂବା ଏଠାରୁ ଅନ୍ୟତ୍ର ଚାଲିଗଲେ, ତାଙ୍କ ସେବା କିଏ କରିବ ? ସନ୍ତାନମାନଙ୍କର କର୍ତ୍ତବ୍ୟ ପିତାମାତାଙ୍କ ସେବା କରିବା । ମା' ସନ୍ତାନକୁ ଗର୍ଭରେ ଧାରଣ କରି କେତେ କଷ୍ଟ ସହେ, ବାଲ୍ୟାବସ୍ଥାରେ କେତେ ସେବା କରେ, ମା' ସନ୍ତାନ ପ୍ରତି ଯାହା କରେ ତା' ବିନିମୟରେ ସନ୍ତାନ ତାକୁ କିଛି ଦେଇପାରେ ନାହିଁ । ତେବେ ବୃଦ୍ଧାବସ୍ଥାରେ ସେବା ନ କଲେ ସନ୍ତାନ ମହାନ୍ ପାପରେ ଭାଗୀ ହୁଏ । ମା'କୁ ଭଗବତ୍ ଭାବନାରେ ସେବା କରିବା ଦ୍ୱାରା ସନ୍ତାନ ଯଥାର୍ଥ ସୁଖ ଶାନ୍ତି ପ୍ରାପ୍ତ ହୋଇପାରେ । ଫେର୍ ମା'ଙ୍କ ଦୁର୍ବ୍ୟବହାରକୁ ମୁଁ ଗ୍ରହଣ ନ କରିବାରୁ ମୋତେ କୌଣସି କଷ୍ଟ ହୁଏ ନାହିଁ । ପ୍ରତିକ୍ରିୟା ବିନା ଦୁର୍ବ୍ୟହାରର କୌଣସି ଗୁରୁତ୍ୱ ନାହିଁ । ନାଥ, ଏପରି ବିଚାର ମନରୁ ଦୂର କରିଦିଅ ।'' ପତିଦେବତାଙ୍କୁ ସାନ୍ତ୍ୱନା ଦେଇ ହରଦେବୀ ନିଜ କାର୍ଯ୍ୟରେ ଲାଗିଗଲେ । ଶାଶୂର ଅତ୍ୟାଚାରରେ ହରଦେବୀ ଦୁଃଖିତ ନ ହେଉଥିବାରୁ ତା'ର ରାଗ, ହିଂସା ଆହୁରି ବଢ଼ିବାକୁ ଲାଗିଲା । ପୁଅର ପ୍ରତିବାଦ, ବୋହୂର ବିରୋଧ ନ ଥିବାରୁ ତାହାର ସାହସ ଆହୁରି ବଢ଼ିଚାଲିଲା । ସେ ଦିନେ କଳଙ୍କି ଲାଗିଥିବା ବାସନଗୁଡ଼ାଏ ମାଜିବାକୁ ଦେଲା । ସେଥିରେ ଅଧିକ ସମୟ ଲାଗିଥିବାରୁ ରୋଷେଇରେ ଟିକିଏ ବିଳମ୍ବ ହୋଇଗଲା । ଏଥିପାଇଁ ଶ୍ୟାମଳା ହରଦେବୀଙ୍କ ପିତାମାତାଙ୍କଠାରୁ ଆରମ୍ଭ କରି ଚଉଦପୁରୁଷ ପର୍ଯ୍ୟନ୍ତ ଗାଳିଦେଇ ଶେଷରେ ହରଦେବୀଙ୍କ ହାତ ଧରି ଘରୁ ବାହାର କରିଦେବାକୁ ଉଦ୍ୟତ ହେଲା । ପୁତ୍ର ହର୍ଷଦେବ ଆଉ ସହ୍ୟ କରି ନ ପାରି ଉତ୍ତେଜିତ ହୋଇ କହିଲେ, ''ହରଦେବୀର କେଉଁ ଅପରାଧରେ ତା' ପ୍ରତି ଏତେ ଦୁର୍ବ୍ୟବହାର କରୁଛୁ ଏବଂ ତାକୁ ଘରୁ ବାହାର କରିଦେଉଛୁ ? ଯଦି ଆମ୍ଭମାନଙ୍କ ରହିବା ତୋର ପସନ୍ଦ ନୁହେଁ, ତେବେ ଆମ୍ଭେମାନେ ଯାଉଛୁ, ତୁ ଆନନ୍ଦରେ ରହ ।'' ଏତିକି ଶୁଣିବା ମାତ୍ରେ ଶ୍ୟାମଳା ହୃଦୟରେ ଅଗ୍ନି ଲାଗିଗଲା । ସେ କ୍ରୋଧରେ ଅଜ୍ଞାନ ହୋଇ ପୁଅକୁ ଯାହା ତାହା କହିବାକୁ ଲାଗିଲା । ହର୍ଷଦେବ ରାଗରେ ବାହାରି ଚାଲିଗଲେ । ମା' ବହୁତ ସମୟ ପର୍ଯ୍ୟନ୍ତ ବକ୍‌ବକ୍ କରି ଶାନ୍ତ ହୋଇଗଲା । ହରଦେବୀ ସମସ୍ତ କାର୍ଯ୍ୟ ସମାପ୍ତ କରି ଠାକୁରଙ୍କ ମନ୍ଦିରରେ ପ୍ରବେଶ କଲେ । ସେ ହାତଯୋଡ଼ି ଠାକୁରଙ୍କ ସାମନାରେ ଛିଡ଼ାହୋଇ ପ୍ରାର୍ଥନା କଲେ, ''ହେ ପ୍ରାଣନାଥ, ହେ ଜଗତ୍‌ନାଥ ! ଏହି ଅନାଥା ବାଳିକାର ପ୍ରାର୍ଥନା ଶୁଣ । ପ୍ରଭୁ, ମୁଁ ତୋର ଯଥାର୍ଥ ସ୍ୱରୂପ ଜାଣେ ନାହିଁ, ଏତିକି ଜାଣେ ତୁ ଦୟାମୟ । ତୋର ଆଶ୍ରିତକୁ ତୁ ସଦା ରକ୍ଷାକରୁ । ଦ୍ରୌପଦୀ ରାଜସଭାରେ ଅପମାନିତା ହେବା ସମୟରେ ଡାକିବାମାତ୍ରେ ତୁ ଦୌଡ଼ି ଆସି ରକ୍ଷାକଲୁ । ଉତ୍ତରାର ଗର୍ଭସ୍ଥ ଶିଶୁ ପରୀକ୍ଷିତକୁ ତୋଛଡ଼ା ଆଉ କିଏ ରକ୍ଷା କରନ୍ତା । ତୁ କିପରି କୃପାଳୁ, ଏହା ଭାବିବା ମାତ୍ରେ ହୃଦୟ ଆନନ୍ଦାବେଗରେ ଭରିଉଠେ । ତୋର ସ୍ୱରୂପ, ଐଶ୍ୱର୍ଯ୍ୟ ବଡ଼ ବଡ଼ ଋଷି, ମୁନି, ଦେବତା ଜାଣିପାରନ୍ତି ନାହିଁ, କିନ୍ତୁ ଭକ୍ତ ସଖୁବାଈ ସକାଶେ ତା' ଘରେ ବୋହୂ ହୋଇ ରୋଷେଇ କରି ପରଷିଲୁ, ଶାଶୂ, ଶଶୁର, ପତିଙ୍କର ସେବା କଲୁ; ଧନ ଜାଠ ସଙ୍ଗେ ଗୋରୁ ଚରାଇଲୁ; ବୃନ୍ଦାବନ ଗୋପୀଙ୍କ ପ୍ରେମରେ ବଶ ହୋଇ ଲହୁଣି ଖାଇବାକୁ ତାଙ୍କ ତାଳିରେ ନାଚିଲୁ । ତୋ ମାୟାରେ ସମସ୍ତ ସଂସାର ନାଚେ, ତୁ ଭକ୍ତର ପ୍ରେମରେ ନାଚୁ । ଭକ୍ତ ପାଖରେ ତୋର ମାନ, ସମ୍ମାନ, ଐଶ୍ୱର୍ଯ୍ୟ ସବୁ ଭୁଲିଯାଉ । ଭକ୍ତର ବଶ ହୋଇ ଛାଇ ପରି ତା' ସଙ୍ଗେ ରହୁ । ହେ ପ୍ରଭୁ, ମନୁଷ୍ୟ ଏପରି ଅଜ୍ଞାନ ଯେ ତୋ ପରି ଭକ୍ତବତ୍ସଳ ପ୍ରଭୁକୁ ଛାଡ଼ି ସଂସାରର କ୍ଷଣିକ ସୁଖରେ ଭ୍ରମୁଥାଏ ।

''ନାଥ, ମୋର ଭକ୍ତି ନାହିଁ, ଜ୍ଞାନ ନାହିଁ, ତୋତେ ସେବା କରିବା ଜାଣେ ନାହିଁ । କିନ୍ତୁ ମୁଁ ଏତିକି ଜାଣେ ମୁଁ ତୋର, ତୋ ଛଡ଼ା ମୋର ଅନ୍ୟ ଗତି ନାହିଁ । ତୁ ମୋ ପ୍ରାଣର ନାଥ, ସର୍ବସ୍ୱ । ପ୍ରଭୁ, ତୋ କୃପାରୁ ତୋ ଶରଣରେ

ଏପରି ଆନନ୍ଦ ମିଳେ ଯେ କେବେ କିଛି ତୋତେ ମାଗିବାକୁ ଇଚ୍ଛା ହୁଏ ନାହିଁ । ଆଜି ତୋ ପ୍ରତିନିଧିରୂପେ ପତିଙ୍କ ଉଦ୍‌ବେଗ ଦେଖି ପତି ତଥା ଶାଶୂର ସ୍ୱଭାବ ଏବଂ ଆଚରଣ ଶୁଦ୍ଧ ହେବା ସକାଶେ ପ୍ରାର୍ଥନା କରିବାକୁ ଆସିଥିଲି । କିନ୍ତୁ ବର୍ତ୍ତମାନ ତାହାସବୁ ମନରୁ ଦୂର ହୋଇ କେବଳ ତୋର ଦିବ୍ୟ ବିଗ୍ରହ ଦର୍ଶନର ଇଚ୍ଛା ତୀବ୍ର ହୋଇଉଠିଛି । ପ୍ରଭୁ, ଯେଉଁ ସୁନ୍ଦର ଲାବଣ୍ୟ ରୂପ ଦେଖି କ୍ରୂର, ତାମସିକ ସ୍ୱଭାବ ରାକ୍ଷସମାନେ ମୁଗ୍ଧ ହୋଇଯାଆନ୍ତି, ସେହି ସ୍ୱରୂପରେ ଥରେ ଦର୍ଶନ ଦେ, ପ୍ରଭୁ ।''

ଏତିକି କହୁ କହୁ ହରଦେବୀଙ୍କ ଗଳା ରୁଦ୍ଧ ହୋଇଗଲା, ଶବ୍ଦ ବନ୍ଦ ହୋଇଗଲା, ନେତ୍ରରୁ ଅଶ୍ରୁଧାରା ବହିବାକୁ ଲାଗିଲା, ଶରୀରରେ କମ୍ପନ, ରୋମାଞ୍ଚ ସୃଷ୍ଟି ହେଲା, ମୁଖ ବିବର୍ଣ୍ଣ ହୋଇଗଲା । ଭଗବାନ୍ ଭକ୍ତର ବ୍ୟାକୁଳତା ସହିପାରନ୍ତି ନାହିଁ । ପ୍ରହ୍ଲାଦ ସକାଶେ ଖମ୍ଭରୁ ବାହାରିବାକୁ ପଡ଼ିଥିଲା; ଭଗବାନ୍ ଦିବ୍ୟ ସ୍ୱରୂପରେ ଠାକୁର ପ୍ରତିମାରୁ ପ୍ରଘଟ ହୋଇ ହରଦେବୀଙ୍କ ମସ୍ତକରେ ହସ୍ତ ରଖିବା ସଙ୍ଗେ ସଙ୍ଗେ ସେ ସଚେତ ହୋଇ ପରମାନନ୍ଦରେ ନିମଗ୍ନ ହୋଇ ପ୍ରଭୁଙ୍କ ଦର୍ଶନରେ ବିଭୋର ହୋଇଗଲେ । ପ୍ରଭୁ ମେଘଗମ୍ଭୀର କୋମଳ ବାଣୀରେ କହିଲେ, ''ହରଦେବୀ, ତୋ ପରି ପତିବ୍ରତା, ଭକ୍ତିପରାୟଣା ଭକ୍ତ ପାଖରେ ମୁଁ ବରାବର ଥାଏ । ତୁ ଯେଉଁ ଦିନରୁ ଏ ଘରକୁ ଆସିଛୁ, ସେହି ଦିନରୁ ତୋ ପତି ତଥା ତୋ ଶାଶୂର ଉଦ୍ଧାର ହୋଇସାରିଛି, ତୁ ଆନନ୍ଦରେ ପତିସେବା କର । ଶରୀରତ୍ୟାଗ ପରେ ଶାଶୂ ଓ ପତି ସହିତ ମୋ ପରମ ଧାମକୁ ଆସିବୁ । ତୋ ଭକ୍ତିର ପ୍ରଭାବରେ ତୋ ଶଶୁରର ଉଦ୍ଧାର ପୂର୍ବରୁ ହୋଇସାରିଛି ।'' ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ହରଦେବୀ ଭଗବତ୍ ଆନନ୍ଦରେ ବିଭୋର ହୋଇ ବାହ୍ୟଜ୍ଞାନ ଶୂନ୍ୟ ହୋଇ ଚିତ୍ରବତ୍ ଛିଡ଼ା ହୋଇଥାଆନ୍ତି । ନେତ୍ରରୁ ଅଶ୍ରୁଧାର ବହୁଥାଏ । ଏହିପରି ଅବସ୍ଥାରେ କେତେକ ସମୟ ବ୍ୟତୀତ ହେବା ପରେ ବାହ୍ୟଜ୍ଞାନ ପ୍ରାପ୍ତ ହେବାରୁ ହରଦେବୀ ଦେଖିଲେ ଶାଶୂ ତାଙ୍କ ପାଖରେ ଛିଡ଼ାହୋଇ ନେତ୍ରରୁ ଅଶ୍ରୁ ବର୍ଷଣ କରୁଅଛନ୍ତି । ହରଦେବୀ ତାଙ୍କ ଆଡ଼କୁ ଚାହିଁବାମାତ୍ରେ ସେ ହରଦେବୀଙ୍କୁ ହୃଦୟରେ ଲଗେଇ ତାଙ୍କ ପ୍ରତି କରିଥିବା ଦୁର୍ବ୍ୟବହାର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ କହି ନିଜ ଦୋଷ ସକାଶେ କ୍ଷମା ଚାହିଁଲେ । କହିଲେ, ''ମୋ ମା, ତୁ ଯଥାର୍ଥରେ ସ୍ୱର୍ଗର ଦେବୀ, ନିଜ ଭକ୍ତି ଗୁଣରେ ମୋ ପରି କର୍କଶା, ଦୁଷ୍ଟା, କଳହପ୍ରିୟା ମୂଢ଼ାକୁ ଉଦ୍ଧାର କରିବାକୁ ତୁ ପୁତ୍ରବଧୂରୂପେ ଆସିଅଛୁ । ମୋ ମା, ତୁ ଦେବୀ, ତୋ ନିଜ ସଦ୍‌ଗୁଣରେ ମୋତେ କ୍ଷମା ଦେ ।'' ଏକଥା ଶୁଣି ଭଗବାନଙ୍କ କୃପାରେ ଶାଶୂର ହଠାତ୍ ମହାନ୍ ପରିବର୍ତ୍ତନ ଦେଖି ସେ ଭଗବାନଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ ହୋଇ ଲଜ୍ଜାରେ କହିଲେ, ''ମା, ତୁମେ ଏପରି କାହାକୁ କହୁଅଛ । ମୁଁ ତୁମ୍ଭର କନ୍ୟା, ମୋତେ ଏପରି କହି ଲଜ୍ଜା ଦିଅ ନାହିଁ । ତୁମ ଉପରେ ଭଗବାନ୍ କୃପା କଲେ, ମୋର ଏଥିରେ କିଛି ନାହିଁ । ଏହି ସମୟରେ ପୁତ୍ର ଆସି ଶାଶୂ ବୋହୂଙ୍କର ଏପରି ଅବସ୍ଥା ଦେଖି ଆନନ୍ଦମଗ୍ନ ହୋଇଗଲେ । ତିନି ପ୍ରାଣୀ ଆନନ୍ଦରେ ଭଗବାନଙ୍କୁ ଭକ୍ତି କରି ସଂସାରକାର୍ଯ୍ୟ କରି ଯଥାସମୟରେ ନିଜ ନିଜ ଶରୀର ତ୍ୟାଗ କରି ଭଗବତ୍ ପରମଧାମ ପ୍ରାପ୍ତ ହେଲେ ।

ଏହା ପାତିବ୍ରତ୍ୟ ଧର୍ମ ତଥା ଭଗବତ୍ ଭକ୍ତିର ପ୍ରଭାବ ।*

ଯୋଗରେହିଁ ଜୀବନର ପୂର୍ଣ୍ଣତା

ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । ବ୍ୟକ୍ତି ଗୃହସ୍ଥାଶ୍ରମରେ ହେଉ ଅଥବା ଗୃହସ୍ଥାଶ୍ରମତ୍ୟାଗୀ ସନ୍ନ୍ୟାସୀ ହେଉ, ସଂସାରର ଗୋଟିଏ ବ୍ୟକ୍ତିକୁ ବାଦ୍ ନ ଦେଇ ଈଶ୍ୱରବାଦୀ, ଅନୀଶ୍ୱରବାଦୀ, ଚୋର, ସାଧୁ, ପାପୀ, ପୁଣ୍ୟାତ୍ମା, ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତି ପ୍ରଧାନତଃ ଚାହାନ୍ତି ଦୁଃଖବିହୀନ ପରମ ସୁଖ, ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ତଥା ଅଜ୍ଞାନରୁ ସମ୍ପୂର୍ଣ୍ଣ ମୁକ୍ତ ପରମାନନ୍ଦମୟ ଜୀବନ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହାରି ପ୍ରାପ୍ତିରେ ଜୀବନର ପୂର୍ଣ୍ଣତା । ଏହାକୁହିଁ ସମସ୍ତ ବ୍ୟକ୍ତି ଅଜ୍ଞାତ ଅସ୍ପଷ୍ଟରୂପେ ଚାହୁଁଅଛନ୍ତି ତଥା ଭ୍ରାନ୍ତ, ଭ୍ରମାତ୍ମକ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି

* ମହିଳା ରତ୍ନର ଆଧାରରେ ଲିଖିତ ।

କରୁଅଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଅସ୍ପଷ୍ଟରୂପେ ପ୍ରଧାନତଃ ସେହି ଗୋଟିଏ ଚାହିଁବା ହେବାରୁ ତଥା ଭ୍ରାନ୍ତ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବାରୁ ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ କିନ୍ତୁ ଏହି ଅସ୍ପଷ୍ଟ ଲକ୍ଷ୍ୟ ସ୍ପଷ୍ଟ ହୁଏ, ଭ୍ରାନ୍ତ ମାର୍ଗର ସଂଶୋଧନ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଅତଏବ ସମସ୍ତ ପ୍ରକାର ଧର୍ମସମ୍ପ୍ରଦାୟ, ଧାର୍ମିକ, ଅଧାର୍ମିକ, ଗୃହସ୍ଥ, ସନ୍ନ୍ୟାସୀ ବ୍ୟକ୍ତିଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଅନିବାର୍ଯ୍ୟ । ସମୟ ଆସି ନ ଥିବାରୁ ଏହି ଚାହିଁବା ଅଥବା ଲକ୍ଷ୍ୟ ବ୍ୟକ୍ତିଚେତନାରେ ସ୍ପଷ୍ଟ ହୋଇ ନାହିଁ । ଏହି ଅସ୍ପଷ୍ଟତା ଯୋଗୁଁ ବ୍ୟକ୍ତି ଅତ୍ୟନ୍ତ ଆଗ୍ରହରେ ସ୍ୱଭାବ ଏବଂ ଯୋଗ୍ୟତା ଅନୁସାରେ ସମସ୍ତ ଶକ୍ତି ପ୍ରୟୋଗ କରି ବିଦ୍ୟା, ଧନ, ଐଶ୍ୱର୍ଯ୍ୟ, ସନ୍ମାନ, ଅଧିକାରପ୍ରାପ୍ତି କର୍ମରେ ଶାନ୍ତି ସୁଖ ଆଶା ପୋଷଣ କରୁଅଛି । କିନ୍ତୁ ମୃଗତୃଷ୍ଣାରେ ଜଳର ଧାରଣା କରିବା ସଦୃଶ ଆଶା ନିରାଶାରେ ସର୍ବଥା ପରିଣତ ହେଉଅଛି ।

ଅନ୍ୟ ପକ୍ଷରେ ପୁରାତନ ସମସ୍ତ ଯୋଗ ସଦୃଶ ଏହିସବୁ କର୍ମକୁ ତ୍ୟାଗ କଲେ ଚଳିବ ନାହିଁ । ଏଥିରେହିଁ ହେବ ଜୀବନର ପୂର୍ଣ୍ଣତା । ଦେଶ ତଥା ସଂସାରର ହେବ ମହାନ୍ ଉନ୍ନତି । କିନ୍ତୁ କର୍ମ କରିବା ମନୋଭାବ ପରିବର୍ତ୍ତନ କରିବାକୁ ହେବ । ଅର୍ଥାତ୍ ଏହିସବୁ କର୍ମକୁ ଲକ୍ଷ୍ୟ ନ ମାନି ପରମାନନ୍ଦ ସ୍ୱରୂପ ଭଗବତ୍‌ପ୍ରାପ୍ତିକୁ ଜୀବନର ଲକ୍ଷ୍ୟ ମାନିବାକୁ ହେବ । ଏବଂ ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ ଆଚରଣ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ । ତେବେ ଏହିସବୁ କର୍ମ ଜନ୍ମମରଣର ବନ୍ଧନ ନ ହୋଇ ଲକ୍ଷ୍ୟ ପ୍ରାପ୍ତି କରାଇଦେବ ।

ଆଜିପର୍ଯ୍ୟନ୍ତ ଆତ୍ମମାନଙ୍କ ଜୀବନର ଯଥାର୍ଥ ଲକ୍ଷ୍ୟର ଜ୍ଞାନ ନ ଥିବାରୁ ଆତ୍ମେମାନେ ଭ୍ରମବଶ ଏହିସବୁ କର୍ମକୁ ଲକ୍ଷ୍ୟ ମାନି ନେଇଅଛୁ । ସେହି କାରଣରୁ ଆତ୍ମମାନଙ୍କ ଜୀବନ ପୂର୍ଣ୍ଣ ହୋଇପାରୁ ନାହିଁ କିଂବା ଦେଶର ଉନ୍ନତି ହେଉ ନାହିଁ । ବରଂ ଏହିସବୁ କର୍ମ ଆଶ୍ରୟରେ ଅସତ୍ୟ, ଅନ୍ୟାୟ, ଚୋରି, ଦ୍ୱାଚୋରି, ସ୍ୱାର୍ଥ, ହିଂସା ବୃଦ୍ଧି ହେଉଅଛି ଏବଂ ଦରିଦ୍ରତା ମଧ୍ୟ ବଢୁଅଛି ।

ଜୀବନର ଏହି ଲକ୍ଷ୍ୟ ଜାଣିବା ତଥା ପ୍ରାପ୍ତ ହେବାର ସମୟ ଆସିଯାଇଅଛି । ସେହି ସକାଶେ 'ଶ୍ରୀମା ଶ୍ରୀଅରବିନ୍ଦ' ଏହି ପୃଥିବୀକୁ ଆସି ସ୍ୱୟଂ ଆଚରଣ କରି ଆତ୍ମମାନଙ୍କ ସମ୍ମୁଖରେ ଆଦର୍ଶ ରଖିଅଛନ୍ତି । ଆତ୍ମେମାନେ ସେହି ଆଦର୍ଶ ଗ୍ରହଣ କଲେ ଜୀବନର ଲକ୍ଷ୍ୟ ସ୍ପଷ୍ଟଭାବେ ବୁଝିପାରିବା ଏବଂ ଏହି ସାଂସାରିକ ସମସ୍ତ କର୍ମକୁ ଲକ୍ଷ୍ୟ ନ ମାନି ସେହି ଲକ୍ଷ୍ୟପ୍ରାପ୍ତିର ଉପାୟରୂପେ ଆଚରଣ କରିବା । ଏହି ପ୍ରଣାଳୀରେ କର୍ମ କଲେ ଆତ୍ମେମାନେ ଅନ୍ୟାୟ, ଅସତ୍ୟ, ସ୍ୱାର୍ଥ, ମିଥ୍ୟାଚାର, ଦରିଦ୍ରତା, ଅଜ୍ଞାନ କବଳରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରିବା । ଏହି ଯାତ୍ରାର ଅନୁପାତରେ ଆତ୍ମମାନଙ୍କ ଅନ୍ତରରେ କ୍ରମଶଃ ପରମ ଶାନ୍ତି, ପରମାନନ୍ଦ, ପରମଜ୍ଞାନ ବୃଦ୍ଧି ହେବାକୁ ଲାଗିବ । ଏହିସବୁର ବିକାଶରେ ଜୀବନର ହେବ ପୂର୍ଣ୍ଣତା ।

କ୍ରମବିକାଶ ପ୍ରଣାଳୀ ଅନୁସାରେ ଜଡ଼ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା ପଶୁପକ୍ଷୀ ଅବସ୍ଥାକୁ ଅତିକ୍ରମ କରି ମନୁଷ୍ୟରେ ଉପନୀତ ହୋଇଅଛି । ମନୁଷ୍ୟ ମନର ବିକାଶ ଶେଷ ସୀମାରେ ପହଞ୍ଚିଅଛି । କ୍ରମବିକାଶ ମନ ସ୍ତରକୁ ଅତିକ୍ରମ କରି ବିଜ୍ଞାନ ଏବଂ ଆନନ୍ଦ ଚେତନାସ୍ତରରେ ପଦାର୍ପଣ କରିବାର ସମୟ ଆସିଯାଇଛି । ଜଡ଼ରୁ ମନଃଚେତନା ସ୍ତର ପର୍ଯ୍ୟନ୍ତ ଅଜ୍ଞାନ । ତା'ର ଧର୍ମ ସୁଖ, ଦୁଃଖ, କଷ୍ଟ, ସ୍ୱାର୍ଥ, ହିଂସା, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ । ଏହାପରେ ହେଉଛି ବିଜ୍ଞାନ ଏବଂ ଆନନ୍ଦ ଚେତନାସ୍ତର । ତା'ର ଧର୍ମ ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ । ସେଠାରେ ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଦୁଃଖକଷ୍ଟର ସର୍ବଥା ଅଭାବ । ଅଜ୍ଞାନ ଏବଂ ବିଜ୍ଞାନ ଏହି ଦୁଇ ସ୍ତରକୁ ଉପନିଷଦରେ କୁହାହୋଇଛି ଅପରାର୍ଦ୍ଧ ତଥା ପରାର୍ଦ୍ଧ । ଏହି ଉଭୟ ସ୍ତରମଧ୍ୟରେ ରହିଛି ଅକଳ୍ପନୀୟ ବ୍ୟବଧାନ । ମନୁଷ୍ୟର ଜୀବନ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ଯଦି ଏହି ବ୍ୟବଧାନ ଦୂର ହୋଇ ପରାର୍ଦ୍ଧର ବିଜ୍ଞାନ ଏବଂ ଆନନ୍ଦ ଅପରାର୍ଦ୍ଧ ଚେତନା ସ୍ତରରେ ପ୍ରକାଶ ପାଏ । ଏହା ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟତ୍ୱରେ ରୂପାନ୍ତରିତ ହେଲେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ପୂର୍ଣ୍ଣବିକାଶ ସକାଶେ ଆବଶ୍ୟକ । ଏହି ସକାଶେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଙ୍କଳ୍ପ । କିନ୍ତୁ ପ୍ରକୃତି କ୍ରମବିକାଶ ପ୍ରଣାଳୀରେ ମାନସ ଏବଂ ଅତିମାନସ ବିଜ୍ଞାନ ଆନନ୍ଦ ଚେତନାସ୍ତର ମଧ୍ୟରେ ଥିବା ବ୍ୟବଧାନରେ ସେତୁ ହୋଇ ମନୁଷ୍ୟଜୀବନର ପୂର୍ଣ୍ଣତା, ଭଗବାନଙ୍କ ସଙ୍କଳ୍ପ ପୂର୍ଣ୍ଣ କରିବାରେ ଅସମର୍ଥ । ଅତଏବ ଏହି

କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଙ୍କଳ୍ପରେ 'ଶ୍ରୀମା ଶ୍ରୀଅରବିନ୍ଦ' ଏହି ପୃଥିବୀପୃଷ୍ଠରେ ଅତିମାନସ ବିଜ୍ଞାନ ଚେତନାକୁ ଅବତରଣ କରାଇଅଛନ୍ତି । ବ୍ୟକ୍ତି 'ଶ୍ରୀମା ଶ୍ରୀଅରବିନ୍ଦ'ଙ୍କ ଆଚରିତ ଆଦର୍ଶକୁ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ତା'ର କ୍ରମଶଃ ମନ ପ୍ରାଣ ଶରୀର ଦିବ୍ୟତ୍ୱରେ ରୂପାନ୍ତରିତ ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନତାରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହେବ । ବ୍ୟକ୍ତିଗତ ଉନ୍ନତି ସଙ୍ଗେ ସଙ୍ଗେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଦରିଦ୍ରତା ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ଅତିମାନସ ସତ୍ୟ ପୃଥିବୀପୃଷ୍ଠରେ ଅବତରଣ କରିସାରିଛି । ଯେଉଁମାନେ ଜ୍ଞାତରେ ବା ଅଜ୍ଞାତରେ ସେହି ସତ୍ୟ ପ୍ରତି ଉନ୍ମୁକ୍ତ ଅଛନ୍ତି, ସେମାନଙ୍କ ମଧ୍ୟରେ ତଥା ସଂସାର ବାତାବରଣରେ ସେହି ଶକ୍ତି କ୍ରିୟା କରୁଅଛି । ଯେଉଁମାନେ ସଚେତ ଅଛନ୍ତି, ସେମାନେ ସେହି ରୂପାନ୍ତରକୁ ବୁଝିପାରୁ ଅଛନ୍ତି । ମାନସବିକାଶ ଶେଷ ହେବାରୁ ବ୍ୟକ୍ତି ପରିବାର, ସମାଜ, ଶାସନ, ପରିଚାଳିତ ହେଉଥିବା ନୈତିକତା ଅର୍ଥାତ୍ ନୀତିନିୟମ ବ୍ୟବସ୍ଥାସବୁ ଭାଙ୍ଗି ଚୂରମାର ହୋଇ ଯାଇଅଛି । ଏହି କାରଣରୁ ବ୍ୟକ୍ତି, ପରିବାର, ଛାତ୍ରସମାଜ ତଥା ରାଜନୀତିରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ବିଶୃଙ୍ଖଳା, ସ୍ୱାର୍ଥ ସ୍ପଷ୍ଟଭାବେ କ୍ରିୟାଶୀଳ ହୋଇଅଛି । ଆମ୍ଭେମାନେ ଉପସ୍ଥିତ ଅଛୁ ଆଗମନୀ ଅତିମାନସ ବିଜ୍ଞାନ ଯୁଗ ଓ ସମାପ୍ତପ୍ରାପ୍ତ ଅଜ୍ଞାନଶୀଳ ମାନସଯୁଗର ମଧ୍ୟ ଅବସ୍ଥାରେ । ଆମ୍ଭେ ଆଗମନୀ ସତ୍ୟକୁ ଗ୍ରହଣ କଲେ ଭବିଷ୍ୟତ ଯୁଗର ଅତିମାନବଜାତିର ଅଗ୍ରଦୂତ ହୋଇପାରିବା ଅଥବା ପୁରାତନ ଅଜ୍ଞାନ-ଆଶ୍ରିତ ସ୍ୱଭାବ, ବିଧିବିଧାନ ଏବଂ ଗତାନୁଗତିକ ସ୍ୱାର୍ଥପୂର୍ଣ୍ଣ କର୍ମକୁ ଜାବୁଡ଼ି ଧରି ରହିଲେ ରସାତଳକୁ ଯିବା । ସେହି ସକାଶେ ଶ୍ରୀମା କହିଛନ୍ତି,— ''ମନୁଷ୍ୟ, ଦେଶ, ମହାଦେଶ ସକଳ ! ବାଛିନିଅ — ସତ୍ୟ ଅଥବା ରସାତଳ ।''

ଯେଉଁ ସତ୍ୟକୁ ବାଛିନେବା ସକାଶେ ଶ୍ରୀମା କହିଛନ୍ତି, ସେହି ଅତିମାନସ ସତ୍ୟକୁ ଶ୍ରୀମା ପୃଥିବୀପୃଷ୍ଠରେ ଅବତରଣ କରାଇଅଛନ୍ତି ଏବଂ ତାହାରି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଅଛନ୍ତି । ଆମ୍ଭେମାନେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇ ପାରିଲେ ଅର୍ଥାତ୍ ତାଙ୍କ ପ୍ରତି ଦୃଢ଼ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ନିଜକୁ ସମର୍ପଣ କରିପାରିଲେ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୋଇପାରିବା ଏବଂ ସମ୍ପୂର୍ଣ୍ଣରୂପେ ରୂପାନ୍ତରିତ ମନ-ପ୍ରାଣ-ଶରୀର ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇପାରିବା । ଆମେ ପରିଚାଳିତ ହେବା ଭାଗବତ ଶକ୍ତି ଦ୍ୱାରା, ନିବାସ କରିବା ପରମାନନ୍ଦ, ପରମ ଜ୍ଞାନରେ । ଏହାର ସହଜ ସାଧନା ହେଲା ନିଜ ନିଜର ଘର ପରିବାର ସମ୍ପତ୍ତିସବୁକୁ ମା'ଙ୍କର ମାନି ମା'ଙ୍କ ସେବାରୂପେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରିବା । ଏଥିରେ ଅଧିକ ସାହାଯ୍ୟ କରେ 'ମା' ଏହି ନାମ ସ୍ମରଣ । ଆମ୍ଭେମାନେ ଏହି ଆଦର୍ଶ ଆନ୍ତରିକତା ସହ ଗ୍ରହଣ କରିବା ସଙ୍ଗେ ସଙ୍ଗେ କ୍ରମଶଃ ଆମ୍ଭମାନଙ୍କର ସୁପ୍ତ ଜ୍ଞାନ, ବିବେକ, ଭକ୍ତି, ବିଶ୍ୱାସ, କାର୍ଯ୍ୟକାରୀ ଶକ୍ତି ଜାଗ୍ରତ ହେବ; ବୁଦ୍ଧି ଶୁଦ୍ଧ ଏବଂ ବିକଶିତ ହେବ । ଆମ୍ଭେମାନେ ଗୂଢ଼ ବିଷୟ ବୁଝିପାରିବା, ଜଟିଳ ସମସ୍ୟା ସମାଧାନ କରିପାରିବା । ବିଦ୍ୟାଶିକ୍ଷା, ଗୃହକାର୍ଯ୍ୟ, କୃଷି, ବାଣିଜ୍ୟ, ଦେଶସେବା, ଶାସନ ବିଭାଗାଦି ସମସ୍ତ କ୍ଷେତ୍ରରେ ଉନ୍ନତି କରିପାରିବା ।

ଆମ୍ଭମାନଙ୍କ ମଧ୍ୟରୁ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଠକାମି, କର୍ମରେ ଫାଙ୍କିଦେବା ଦୁର୍ଗୁଣ ଦୂର ହେବ । ଲାଞ୍ଚନେବା ବନ୍ଦ ହେବ । ଦେଶର ଉନ୍ନତିମୂଳକ କାର୍ଯ୍ୟ ଉତ୍ତମରୂପେ ହୋଇପାରିବ । ଦେଶ ଏବଂ ସଂସାରର ଉନ୍ନତି ସକାଶେ ସୃଷ୍ଟି ଆରମ୍ଭରୁ ଯେଉଁସବୁ ପ୍ରଯତ୍ନ ହୋଇ ବ୍ୟର୍ଥରେ ପରିଣତ ହୋଇଥିଲା, ସେସବୁ ନିଃସନ୍ଦେହରୂପେ ସଫଳ ହୋଇ ପାରିବ । ଆମ୍ଭମାନଙ୍କ ଲକ୍ଷ୍ୟସିଦ୍ଧିରେ ପୃଥିବୀରେ ପ୍ରତିଷ୍ଠା ହେବ ଦିବ୍ୟମାନବ, ସଂସାର ପରିଣତ ହେବ ସ୍ୱର୍ଗରେ ।

ପୂର୍ଣ୍ଣାଙ୍ଗ ଜୀବନର ପଥ

ସୂଚନା

ଜୀବନକୁ ସର୍ବାଙ୍ଗୀନ, ସୌଷ୍ଠବମୟ, ଶକ୍ତିଶାଳୀ ଓ ସମୃଦ୍ଧ କରି ଗଢ଼ିତୋଳିବାକୁ ହେଲେ ଆମ୍ଭମାନଙ୍କୁ ଯେଉଁ ପଥ ବା ମୂଳନୀତିର ଅନୁସରଣ କରିବାକୁ ହେବ, ତାହା ମଧ୍ୟ ସର୍ବାଙ୍ଗୀନ ହେବା ଉଚିତ । ପୂର୍ଣ୍ଣାଙ୍ଗ ପଥର ଅନୁସରଣ ବିନା ପୂର୍ଣ୍ଣାଙ୍ଗ ଜୀବନର ଉପଲବ୍ଧି ଅସମ୍ଭବ । ମାନବ-ଜୀବନର ସକଳ ସତ୍ତାର – ଶରୀର, ପ୍ରାଣ, ମନ ଓ ଆତ୍ମାର – ପୂର୍ଣ୍ଣ ବିକାଶ ବା ପୂର୍ଣ୍ଣ ଚେତନା ଲାଭ ନ କରି କୌଣସି ଆଂଶିକ ବା ଏକମୁଖୀ ବିକାଶ ଫଳରେ କିପରି ପୂର୍ଣ୍ଣାଙ୍ଗ ଜୀବନ ଲାଭ କରିବା ଅସମ୍ଭବ ତାହା ଏହି ପୁସ୍ତିକାର ପ୍ରଥମାଂଶରେ ଆଲୋଚିତ ହୋଇଛି । କର୍ମହିଁ ଆମ୍ଭମାନଙ୍କ ଚେତନାର ପରିଚାୟକ । ଆମ୍ଭେମାନେ ଯେଉଁ ଚେତନାରେ ବାସ କରୁ, ଆମ୍ଭମାନଙ୍କ କର୍ମହିଁ ତଦନୁରୂପ ହୋଇଉଠେ । ପୁସ୍ତିକାଟିର ଶେଷାଂଶରେ ଚେତନା ଭେଦରେ ତ୍ରିବିଧ କର୍ମ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

ସଂକ୍ଷେପରେ, ପୂର୍ଣ୍ଣାଙ୍ଗ ଜୀବନର ସାଧକମାନଙ୍କୁ ଚେତନା ଓ କର୍ମର ବିକାଶସାଧନ ସକାଶେ କେଉଁ ପଥରେ ଅଗ୍ରସର ହେବାକୁ ହେବ – ତାହାହିଁ ଏହି 'ପୂର୍ଣ୍ଣାଙ୍ଗ ଜୀବନର ପଥ' ପୁସ୍ତିକାର ସାରବସ୍ତୁ ।

– ପ୍ରକାଶକ

ପୂର୍ଣ୍ଣାଙ୍ଗ ଜୀବନର ପଥ

ପରମାନନ୍ଦ ପ୍ରାପ୍ତିରେହିଁ ବ୍ୟଷ୍ଟି ତଥା ସମଷ୍ଟିର ହିତ :

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର କୌଣସି ନା କୌଣସି ଅଭାବ ଥାଏ । ସେ ରୋଗ-ଶୋକ, ଦୁଃଖ-ଦ୍ୱନ୍ଦ୍ୱ, ହତାଶା, ହିଂସା-ଦ୍ୱେଷାଦିରେ ପୀଡ଼ିତ । ମନୁଷ୍ୟକୁ ସୁଖଶାନ୍ତିରେ ରଖିବା ସକାଶେ ଦେଶନେତା, ଶାସକ ତଥା ବୈଜ୍ଞାନିକମାନେ ବହୁରୂପେ ପ୍ରଯତ୍ନ କରୁଛନ୍ତି, କିନ୍ତୁ ଯେତେ ନୂତନ ପ୍ରଯତ୍ନ କରାହେଉଛି, ଦୁଃଖ-ଦୁର୍ଦ୍ଦଶା ତେତେହିଁ ବୃଦ୍ଧି ହେଉଛି । ଏହାହିଁ ମନୁଷ୍ୟଜୀବନର ମହାନ୍ ସମସ୍ୟା, ଏହି ସମସ୍ୟାର ସମାଧାନ-ପନ୍ଥା କ'ଣ ?

ଉତ୍ତର : ଏହି ସମସ୍ୟାର ସମାଧାନ ରହିଛି ବ୍ୟକ୍ତି-ଜୀବନର ପୂର୍ଣ୍ଣତା ପ୍ରାପ୍ତିରେ । ଏହା ପ୍ରାପ୍ତ ହୁଏ ଚାହିବା ଦ୍ୱାରା ଏବଂ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ଜାଣି ତାହା ପ୍ରାପ୍ତ ହେବା ନିମିତ୍ତ ଯଥାର୍ଥ ପ୍ରଯତ୍ନ କରିବା ଦ୍ୱାରା ।

ପ୍ରଶ୍ନ : ବ୍ୟକ୍ତିର ପୂର୍ଣ୍ଣାଙ୍ଗ ଜୀବନ କିପରି ? ସେ କ'ଣ ଚାହେଁ ? ଏହି ପୃଥିବୀକୁ ସେ ଆସିବାର ଉଦ୍ଦେଶ୍ୟ କ'ଣ ?

ଉତ୍ତର : ବ୍ୟକ୍ତିର ଜୀବନରେ ସର୍ବାଙ୍ଗୀନ ବିକାଶ ବା ପୂର୍ଣ୍ଣତା ପ୍ରାପ୍ତ ହୁଏ ମନ, ପ୍ରାଣ ତଥା ଶରୀର ଉପରେ ଅନ୍ତରାତ୍ମାର ପୂର୍ଣ୍ଣ କର୍ତ୍ତୃତ୍ୱ ପ୍ରତିଷ୍ଠା ହେବା ଦ୍ୱାରା । ତେବେ ତାହାର ଅନ୍ତରରେ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନର ପ୍ରତିଷ୍ଠା ହୁଏ, ସେ ହୁଏ ଅହଂମୂଳକ ହିଂସା, ଦ୍ୱେଷ, ସ୍ୱାର୍ଥ, ମୋହ, ଅଜ୍ଞାନରୁ ମୁକ୍ତ; ତାହାର ବିକାଶ ହୁଏ ସମସ୍ତ ସୁପ୍ତ କର୍ମଶକ୍ତି । ସେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ପରିଚାଳିତ ହୁଏ ଅନ୍ତରାତ୍ମା ଦ୍ୱାରା, ତାହାର ସମସ୍ତ ଜାଗତିକ କର୍ମ ହୁଏ ସ୍ୱାର୍ଥ ଓ ମୋହରୁ ମୁକ୍ତ ଭଗବତ୍ ସେବାରୂପେ । ତାହାର ସ୍ୱାର୍ଥ ନ ଥିବାରୁ ସେ ଅନ୍ୟର ଅନିଷ୍ଟ କରି ନିଜର ହିତସାଧନ କରେ ନାହିଁ । ଏହାହିଁ ଜୀବନର ପୂର୍ଣ୍ଣତା, ଏହି ସକାଶେ ବ୍ୟକ୍ତି ଏହି ପୃଥିବୀକୁ ଆସିଅଛି । ଏହି ପୂର୍ଣ୍ଣତାକୁହିଁ ପ୍ରତ୍ୟେକ ବ୍ୟକ୍ତି ଜ୍ଞାତ ବା ଅଜ୍ଞାତସାରରେ ଚାହୁଁଅଛନ୍ତି ।

ପ୍ରଶ୍ନ : ଜୀବନର ପୂର୍ଣ୍ଣତା, ବ୍ୟକ୍ତିର ଚାହିଁବା, ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ଏତେ ସଂକ୍ଷେପରେ କହିବା ଦ୍ୱାରା ପରିଷ୍କାର ବୁଝି ହେଲା ନାହିଁ; ସରଳଭାବେ ବିସ୍ତାରପୂର୍ବକ ବୁଝାଇଦିଅନ୍ତୁ ।

ଉତ୍ତର : ବ୍ୟକ୍ତିର ଯଥାର୍ଥ ଚାହିଁବା ତାହାର ବୁଦ୍ଧିରେ ସ୍ପଷ୍ଟ ହେଲେ ଜୀବନରେ ପୂର୍ଣ୍ଣତାର ଜ୍ଞାନ ସ୍ୱତଃସ୍ଫୂର୍ତ୍ତଭାବେ ହୁଏ । ଆବାଳବୃଦ୍ଧବନିତା ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମ ଶାନ୍ତି, ବହୁମୁଖୀ କର୍ମ, ରୋଗମୁକ୍ତ ନୀରୋଗତ୍ୱ, ବାର୍ଦ୍ଧକ୍ୟମୁକ୍ତ ଚିରଯୌବନ, ମୃତ୍ୟୁମୁକ୍ତ ଅମରତ୍ୱ । ଏସବୁ ଭଗବାନଙ୍କ ଦିବ୍ୟଗୁଣ । ଏହା ପ୍ରାପ୍ତ ହୁଏ ସମସ୍ତ ସତ୍ତାରେ ବ୍ୟକ୍ତି ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବାରେ । ମନୁଷ୍ୟ-ଶରୀର ମହାନ୍ ଅମୂଲ୍ୟ, ସମସ୍ତ ସମ୍ଭାବନା ତଥା ଅସାଧାରଣ ଅଫୁରନ୍ତ ଶକ୍ତିରେ ପୂର୍ଣ୍ଣ । ମନୁଷ୍ୟ-ଶରୀରରେହିଁ ବ୍ୟକ୍ତି ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରି ଜାଗତିକ ସମସ୍ତ ସମ୍ପଦ ତଥା ମୋକ୍ଷ, କୈବଲ୍ୟ ପରମପଦ ପାଇପାରେ; ଜନ୍ମମରଣରୁ ମୁକ୍ତ ହୋଇ ଭଗବାନଙ୍କ ସହ ପୂର୍ଣ୍ଣ ଏକତ୍ୱ ସ୍ଥାପନ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ମନୁଷ୍ୟ-ଶରୀର ଦେବତାଙ୍କଠାରୁ ମହାନ୍ ଉତ୍କୃଷ୍ଟ । ଦେବତାମାନଙ୍କ ମଧ୍ୟରେ ଅନ୍ତରାତ୍ମା ନ ଥାଏ, ସେହେତୁ ସେମାନଙ୍କର ଉନ୍ନତି ହୁଏ ନାହିଁ କିଂବା ସେମାନେ ଭାଗବତ ପରମପଦ, ଭାଗବତ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇ ପାରନ୍ତି ନାହିଁ । ସେମାନେ ଏହିସବୁ ଐଶ୍ୱର୍ଯ୍ୟ ତଥା ଭଗବତ୍ ପ୍ରାପ୍ତି ଚାହିଁଲେ ସେମାନଙ୍କୁ ଏହି ମୃତ୍ୟୁପୁରୀକୁ ଆସି ମନୁଷ୍ୟ ଶରୀର ଗ୍ରହଣ କରିବାକୁ ହୁଏ । କିନ୍ତୁ ସେମାନେ ସୁଖପୂର୍ଣ୍ଣ ବିଳାସମୟ ଜୀବନ ଯାପନ କରୁଥିବାରୁ ମନୁଷ୍ୟ-ଶରୀରରେ ଦୁଃଖକଷ୍ଟ ଭୋଗିବା ସେମାନଙ୍କର ପସନ୍ଦ ହୁଏ ନାହିଁ ଏବଂ ସେହିହେତୁରୁ ସେମାନେ ପରମ ଐଶ୍ୱର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ବିକାଶ ହୁଏ କେବଳ ଏହି ପୃଥିବୀରେ ମନୁଷ୍ୟ-ଶରୀରରେ ।

ମନୁଷ୍ୟ ଦେବ-ଦୁର୍ଲଭ ପରମପଦ ପ୍ରାପ୍ତ ହେବା ସକାଶେ ଏହି ପୃଥିବୀକୁ ଆସିଅଛି । କିନ୍ତୁ ମୃତ୍ୟୁପୁରୀରେ ଅଜ୍ଞାନ, ମୋହର ପ୍ରାବଲ୍ୟ ତଥା ଅନ୍ଧକାର ଶକ୍ତିର ଶାସନରେ ଶାସିତ ହେଉଥିବାରୁ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ତା' ପାଖରେ ଅସ୍ପଷ୍ଟ ହୋଇ ରହିଛି । ତା'ର ଯେଉଁ ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ ହେବା କାମ୍ୟ, ତାହା ମୋହମାୟାଗ୍ରସ୍ତ ମନ-ପ୍ରାଣ ମଧ୍ୟଦେଇ ପ୍ରକାଶ ହେବାରୁ ବିକୃତ ହୋଇଯାଇଛି । ପରମ ସୁଖ, ପରମ ଶାନ୍ତିର ସ୍ୱରୂପ ତାହାର ଚେତନାରେ ଅସ୍ପଷ୍ଟ ହେବା ସତ୍ତ୍ୱେ ସେ ଅଜ୍ଞାନରେ ତାହାକୁହିଁ ଚାହୁଁଅଛି । ସମସ୍ତ ପ୍ରାଣୀ ଦୁଃଖ ଭୋଗୁଥିବା ସେ ଦେଖି, ଦୁଃଖ ନ ଚାହିଁ ଦୁଃଖହୀନ ପରମ ସୁଖ ଚାହୁଁଅଛି ଏବଂ ସୁଖ ପାଇବା ଆଶାରେ ସମସ୍ତ କର୍ମ କରୁଅଛି । ରୋଗ, ଜରା, ମୃତ୍ୟୁ କବଳରେ ସମସ୍ତ ପ୍ରାଣୀ କବଳିତ ହେଉଥିବା ସେ ଜାଣୁଅଛି, ସେଥିରୁ ମୁକ୍ତ ହେବାର ଉପାୟ ନ ଥିବା ସେ ହୃଦୟଙ୍ଗମ କରୁଅଛି । କିନ୍ତୁ ତା' ଅନ୍ତରର ଗଭୀରରେ ମୃତ୍ୟୁ ଉପରେ ବିଜୟ ହାସଲ କରିବାର ସମ୍ଭାବନା ଥିବାରୁ ସେ ଅମର ରହିବା ସଦୃଶ ସମସ୍ତ ଜାଗତିକ କର୍ମ କରୁଅଛି, ଅର୍ଥାତ୍ ସେ ମୃତ୍ୟୁ ଚାହୁଁ ନାହିଁ । ଯଥାର୍ଥରେ ବ୍ୟକ୍ତି ଚାହୁଁଥିବା ଏହି ଅଖଣ୍ଡ ପରମ ସୁଖ, ପରମ ଶାନ୍ତି ଥାଏ ତାହାର ଅନ୍ତରାତ୍ମାରେ । ବ୍ୟକ୍ତି ତାହା ଅଶୁଦ୍ଧ ମନ-ପ୍ରାଣରେ ଠିକ୍‌ଭାବେ ବୁଝିପାରେ ନାହିଁ । ସେହି ସକାଶେ ତାହା ପ୍ରାପ୍ତ ହେବାର ଉପାୟ ଭୁଲ୍ ହୁଏ । ପ୍ରତ୍ୟେକ ବ୍ୟକ୍ତି ଭ୍ରମବଶରେ ସେହି ଅଖଣ୍ଡ ସୁଖ ଅବିମିଶ୍ର ଶାନ୍ତିକୁ ଖୋଜନ୍ତି ନିଜ ଶରୀର, ସ୍ତ୍ରୀ, ପୁତ୍ର, ଧନ, ମାନ ଓ ଯଶଃରେ । କିନ୍ତୁ ଏସବୁ ଅସ୍ଥାୟୀ, ନାଶବାନ୍ ହୋଇଥିବାରୁ ବ୍ୟକ୍ତି ଏଥିରେ ଅଭିଳଷିତ ଅଖଣ୍ଡ ସୁଖଶାନ୍ତି ପାଏ ନାହିଁ, ପାଏ ନ ଚାହୁଁଥିବା ଏହାର ବିପରୀତ ଦୁଃଖକଷ୍ଟ ଓ ଅଶାନ୍ତି । ସୃଷ୍ଟି ଆରମ୍ଭରୁ ଏହି ଭୁଲ୍ ପ୍ରଣାଳୀରେ ବ୍ୟକ୍ତିର ମନୋରଥ ବ୍ୟର୍ଥ ହେଉଥିବା ସତ୍ତ୍ୱେ ସେ ଏହି ଭୁଲ୍‌କୁ ଭିନ୍ନ ଭିନ୍ନ ରୂପେ ପୁନରାବୃତ୍ତି କରିଆସୁଛି ।

ପ୍ରଶ୍ନ : ଏପରି ପୂର୍ଣ୍ଣାଙ୍ଗ ଜୀବନ କ'ଣ ସମ୍ଭବ ? ଅତୀତରେ କୌଣସି ବ୍ୟକ୍ତି ଏହାକୁ ପ୍ରାପ୍ତ ହୋଇଛନ୍ତି କି ?

ଉତ୍ତର : ଏହି ପୂର୍ଣ୍ଣାଙ୍ଗ ଜୀବନ କେବଳ ସମ୍ଭବ ନୁହେଁ, ଅନିବାର୍ଯ୍ୟ । ଏହି ଉଦ୍ଦେଶ୍ୟରେହିଁ ଭଗବାନଙ୍କ ସୃଷ୍ଟି । ଏପର୍ଯ୍ୟନ୍ତ ଏହି ପୂର୍ଣ୍ଣାଙ୍ଗ ଜୀବନ ପୃଥିବୀରେ ପ୍ରତିଷ୍ଠିତ ହୋଇ ନାହିଁ, ଏହା ପ୍ରାପ୍ତ ହେବା ଲକ୍ଷ୍ୟରେ ମନୁଷ୍ୟ-ଜାତି ଗତି କରୁଅଛି । ଯେପର୍ଯ୍ୟନ୍ତ ମନୁଷ୍ୟର ମନ-ପ୍ରାଣ-ଶରୀରର ଚେତନା ଓ ଆତ୍ମାର ପୂର୍ଣ୍ଣ ବିକାଶ ନ ହୋଇଛି, ସେପର୍ଯ୍ୟନ୍ତ ଜୀବନ ପୂର୍ଣ୍ଣ ନୁହେଁ କିଂବା ସମସ୍ୟାର ସମାଧାନ ହୁଏ ନାହିଁ । ଅତୀତରେ ଏହି ପୂର୍ଣ୍ଣଜୀବନ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲା । ଋଷି, ମୁନି, ସାଧୁ-ସନ୍ଥ ଅଧ୍ୟାତ୍ମସାଧନା ଦ୍ୱାରା ଅନ୍ତରାତ୍ମା ଚାହୁଁଥିବା ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତ ହୋଇଥିଲେ, କିନ୍ତୁ ତାହା ମନ-ପ୍ରାଣରେ ଉପଲବ୍ଧି କରିପାରି ନ ଥିଲେ । ସେହି କାରଣରୁ ସେମାନେ ଜାଗତିକ କର୍ମକୁ ବାଦ୍ ଦେଇଥିଲେ । ସଂସାରୀ ବ୍ୟକ୍ତିମାନେ ଅନ୍ତରାତ୍ମାର ସଙ୍କଳ୍ପ ସମ୍ବନ୍ଧେ ସଚେତନ ନ ହୋଇ ମୋହମାୟା, ଅଜ୍ଞାନତାବଶରେ ସଂସାରକର୍ମ କରି ଦୁଃଖକଷ୍ଟ ଭୋଗୁଥିଲେ । ଅଧ୍ୟାତ୍ମ ସତ୍ୟ-ଦ୍ରଷ୍ଟା ମହାପୁରୁଷମାନେ କର୍ମକୁ ତ୍ୟାଗ କରିବାରୁ ସେମାନଙ୍କ ଜୀବନ ଯେପରି ଅପୂର୍ଣ୍ଣ ରହିଲା, ସଂସାର କର୍ମନିଷ୍ଠ ବ୍ୟକ୍ତିମାନେ ଅଧ୍ୟାତ୍ମସତ୍ୟ ଗ୍ରହଣ ନ କରିବାରୁ ସେମାନଙ୍କ ଜୀବନ ମଧ୍ୟ ସେହିପରି ଅପୂର୍ଣ୍ଣ ରହିଲା । କିନ୍ତୁ ଅଧ୍ୟାତ୍ମ-ସତ୍ୟନିଷ୍ଠ ମହାପୁରୁଷମାନେ ସତ୍ୟ ଉପଲବ୍ଧି କରିବାରୁ ସେମାନଙ୍କ ଜୀବନ ହେଲା ଆନନ୍ଦମୟ । ସଂସାରୀ ବ୍ୟକ୍ତିମାନେ ପରମାନନ୍ଦଙ୍କ ସମ୍ବନ୍ଧେ ଅଚେତନ ହୋଇ କର୍ମ କରିବାରୁ ସେମାନଙ୍କ ଜୀବନ ହେଲା ଦୁଃଖକଷ୍ଟମୟ । ଏପର୍ଯ୍ୟନ୍ତ ସଂସାରରେ ସାମୂହିକରୂପେ ପୂର୍ଣ୍ଣଜୀବନର ପ୍ରତିଷ୍ଠା ହୋଇ ନାହିଁ । ତାହାର ସମୟ ଏପର୍ଯ୍ୟନ୍ତ ଆସି ନ ଥିଲା, କିନ୍ତୁ ଏହି ପୂର୍ଣ୍ଣଜୀବନ ପୃଥିବୀରେ ପ୍ରତିଷ୍ଠିତ ହେବା ଅନିବାର୍ଯ୍ୟ । ବ୍ୟକ୍ତିଗତରୂପେ ଜୀବନ ପୂର୍ଣ୍ଣ ହୋଇଥିଲା ହନୁମାନଙ୍କର । ସେ ପରମାନନ୍ଦ, ପରମ ଶାନ୍ତିରେ ନିବାସ କରି ଜାଗତିକ ସମସ୍ତ କର୍ମ କରିଥିଲେ ଭାଗବତ ସେବାରୂପେ । କେତେକାଂଶରେ ଜ୍ଞାନାନନ୍ଦରେ ନିବାସ କରି କର୍ମ କରିଥିଲେ ଭୀଷ୍ମ ପିତାମହ, ଅର୍ଜୁନ ଏବଂ ଅନ୍ୟ କେତେକ ଅଧ୍ୟାତ୍ମସତ୍ୟ-ଦ୍ରଷ୍ଟା ଭକ୍ତ-ସନ୍ଥ ।

ପ୍ରଶ୍ନ : ମୋର ପ୍ରଶ୍ନ ଥିଲା, ଏହିପରି ପୂର୍ଣ୍ଣଜୀବନ କ'ଣ ସମ୍ଭବ ? ଆପଣ ଉତ୍ତର ଦେଲେ ଯେ ଏହା ସମ୍ଭବ । କିନ୍ତୁ କିପରି ସମ୍ଭବ ? କାହିଁକି ସମ୍ଭବ ? — ଏସବୁର ଉତ୍ତର ସ୍ପଷ୍ଟ ହେଲା ନାହିଁ ।

ଉତ୍ତର : ସଂସାରରେ ଶରୀର, ପ୍ରାଣ, ମନ ଓ ଆତ୍ମା — ଏହି ଚାରି ସତ୍ତା ବୀଜରୂପେ ନିହିତ ଥିଲେ । ଶରୀର,

ମନ, ପ୍ରାଣ, ପ୍ରକାଶ ହୋଇଅଛନ୍ତି, ଆତ୍ମା ପ୍ରକାଶ ହୋଇ ନାହିଁ । ପ୍ରଥମ ତିନିସତ୍ତା ପ୍ରକାଶିତ ହେବା ପରେ ଆତ୍ମାର ପ୍ରକାଶ ଅନିବାର୍ଯ୍ୟ । ଏହି ଚାରିସତ୍ତାର ବିକାଶରେହିଁ ମନୁଷ୍ୟ-ଜୀବନର ପୂର୍ଣ୍ଣତା । ଉପନିଷଦ୍‌ର ଭାଷାରେ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ, ଆନନ୍ଦମୟ କୋଷ – ଏହି ପଞ୍ଚକୋଷ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ଏହି ପଞ୍ଚକୋଷର ବିକାଶରେ ହୁଏ ମନୁଷ୍ୟର ସର୍ବାଙ୍ଗୀଣ ପୂର୍ଣ୍ଣତା । ଅନ୍ନମୟ କୋଷ ହେଲା ଶରୀର, ପ୍ରାଣମୟ କୋଷ ହେଲା ପ୍ରାଣ ଯାହା କର୍ମକାରୀ ଶକ୍ତି; ମନୋମୟ କୋଷ ହେଲା ମନ ଯାହା ବୁଦ୍ଧି ଓ ବିଚାରର ଆଧାର । ଏହି ତିନିକୋଷ ପ୍ରକାଶିତ ହୋଇଥିବାରୁ ବିଜ୍ଞାନ ଓ ଆନନ୍ଦମୟ କୋଷର ବିକାଶ ହେବା ଅନିବାର୍ଯ୍ୟ । ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶିତ ହୁଏ ଅନ୍ତରାତ୍ମା ପୂର୍ଣ୍ଣରୂପେ ମନ-ପ୍ରାଣକୁ ପରିଚାଳିତ କଲେ ।

ପ୍ରଶ୍ନ : ଆପଣ ଯେଉଁ ଆତ୍ମା କଥା କହିଲେ, ତାକୁ କ'ଣ ଆମେ ଦେଖିପାରିବା ? ଯାହାକୁ ଦେଖି ନ ପାରିବା ତାକୁ ବିଶ୍ୱାସ କରିବା କିପରି ?

ଉତ୍ତର : ଆପଣଙ୍କ ବିଶ୍ୱାସ ଉପରେ ସତ୍ୟ ପ୍ରତିଷ୍ଠିତ ହୁଏ ନାହିଁ, ତାହା ସ୍ୱତଃପ୍ରତିଷ୍ଠିତ ।

ଉତ୍ତରଦାତାଙ୍କ ପ୍ରଶ୍ନ : ଆପଣ ମନ-ପ୍ରାଣକୁ ବିଶ୍ୱାସ କରନ୍ତି କି ?

ପ୍ରଶ୍ନକର୍ତ୍ତାଙ୍କ ଉତ୍ତର : ହଁ, ମନ-ପ୍ରାଣକୁ ବିଶ୍ୱାସ କରୁ ।

ଉତ୍ତରଦାତାଙ୍କ ପ୍ରଶ୍ନ : ମନ-ପ୍ରାଣକୁ ଦେଖିଛନ୍ତି କି ?

ପ୍ରଶ୍ନକର୍ତ୍ତାଙ୍କ ଉତ୍ତର : ନା, ମନ-ପ୍ରାଣକୁ ଦେଖି ନାହୁଁ ।

ଉତ୍ତରଦାତା : ଆପଣଙ୍କର ଯଦି ଏହି ଦୃଢ଼ନିଷ୍ଠା ହୁଏ ଯେ ନ ଦେଖିଥିବା ବସ୍ତୁକୁ ବିଶ୍ୱାସ କରିବେ ନାହିଁ, ତେବେ ମନ-ପ୍ରାଣକୁ ନ ଦେଖି ବିଶ୍ୱାସ କଲେ କିପରି ?

ପ୍ରଶ୍ନକର୍ତ୍ତା : ମନପ୍ରାଣର କ୍ରିୟା ପ୍ରକାଶ ହୋଇଥିବାରୁ ତା'ର ରୂପ ନ ଦେଖି ସେଥିରେ ବିଶ୍ୱାସ କରୁଛୁ ।

ଉତ୍ତରଦାତା : ତେବେ ତାହାକୁ ନ ଦେଖି ବିଶ୍ୱାସ କରିବା ଯୁକ୍ତିଯୁକ୍ତ ହୋଇ ନାହିଁ । ଯଦି ମନପ୍ରାଣକୁ ନ ଦେଖି ଆପଣ ତା'ର କ୍ରିୟାରେ ବିଶ୍ୱାସ କରନ୍ତି ତେବେ ଆତ୍ମାକୁ ନ ଦେଖି ତା'ର କ୍ରିୟାରେ ବିଶ୍ୱାସ କରିବା ଉଚିତ । ସଂସାରରେ ବହୁତ ବସ୍ତୁ ଆବିଷ୍କୃତ ହୋଇଛି ଏବଂ ତାହା ଆବିଷ୍କୃତ ହେବା ପୂର୍ବରୁ ତହିଁରେ ଅନେକ ବ୍ୟକ୍ତି ବିଶ୍ୱାସ କରୁ ନ ଥିଲେ । ମନୁଷ୍ୟର ବୁଦ୍ଧି ବହୁତ ସୀମିତ, ସେ ଯଥାର୍ଥ ସତ୍ୟକୁ ବୁଝିପାରେ ନାହିଁ ବା ଜାଣିପାରେ ନାହିଁ । ମନୁଷ୍ୟ ଯଦି ସ୍ଥୂଳବସ୍ତୁ ଏବଂ ସୀମିତ ପ୍ରାଣକୁ ଭେଦ କରି ଜ୍ଞାନ ପ୍ରାପ୍ତ ହୁଏ, ତେବେ ସୂକ୍ଷ୍ମ ବସ୍ତୁ ଦେଖିପାରେ । ସତ୍ୟଦ୍ରଷ୍ଟା ମହାପୁରୁଷମାନେ ଅନ୍ତରର ସୂକ୍ଷ୍ମ ଜ୍ଞାନଦୃଷ୍ଟିରେ ମନ, ପ୍ରାଣ, ଆତ୍ମାକୁ ଦେଖିଛନ୍ତି, ଅନୁଭୂତିରେ ପ୍ରାପ୍ତ ହୋଇଛନ୍ତି ଏବଂ ଉପଲବ୍ଧି କରିଛନ୍ତି । ସୂକ୍ଷ୍ମବସ୍ତୁ ଉପଲବ୍ଧ ହୁଏ ସୂକ୍ଷ୍ମ ଜ୍ଞାନରେ । ବସ୍ତୁର ବିଜାତୀୟ ଆଧାରରେ ଈପ୍ସିତ ବସ୍ତୁ ପ୍ରାପ୍ତ ହୁଏ ନାହିଁ, ହୁଏ ସ୍ୱଜାତୀୟ ଆଧାରରେ । ଯେପରି ଭଗବାନ୍ ସୂକ୍ଷ୍ମରୂପେ ସର୍ବତ୍ର ବିଦ୍ୟମାନ ଥା'ନ୍ତି, କେବଳ ଅଧ୍ୟାତ୍ମ ସାଧନାରେ ନିଜ ଆଧାରକୁ ଭଗବତ୍ ତତ୍ତ୍ୱରେ ରୂପାନ୍ତର କଲେ ବ୍ୟକ୍ତି ଭଗବତ୍ ଉପଲବ୍ଧି କରିପାରେ ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ତଥା ଆତ୍ମାର ଗୁଣଧର୍ମ କ'ଣ ?

ଉତ୍ତର : ନିମ୍ନରେ ଏସବୁର ଗୁଣଧର୍ମ ସମ୍ପର୍କରେ ସଂକ୍ଷେପରେ କୁହାଗଲା ।

ଶରୀରର ଗୁଣଧର୍ମ :

ଶରୀରର ଗୁଣଧର୍ମ ହେଲା ମନ-ପ୍ରାଣ-ଆତ୍ମାକୁ ଧାରଣ କରିବା ଏବଂ ସେସବୁ ଦ୍ୱାରା କ୍ରିୟାଶୀଳ ହେବା ଅର୍ଥାତ୍ କର୍ମ-ସମ୍ପାଦନ କରିବା । ଶରୀର ବିନା ମନ, ପ୍ରାଣ ଏବଂ ଆତ୍ମା କର୍ମ କରିପାରନ୍ତି ନାହିଁ କିଂବା ନିଜର ବିକାଶ କରିପାରନ୍ତି ନାହିଁ । ଶରୀର କେବଳ ସ୍ଥୂଳବସ୍ତୁ, ତହିଁରେ ପ୍ରାଣ ପ୍ରକାଶ ହେଲେ ତାହା କ୍ରିୟାଶୀଳ ହୁଏ ।

ପ୍ରାଣର ଗୁଣଧର୍ମ :

ପ୍ରାଣର କ୍ରିୟା ବା ଗୁଣଧର୍ମ ହେଉଛି ଅହଂମୂଳକ । ଏହା ବିଶେଷଭାବେ ପ୍ରକାଶ ହୋଇଛି ପଶୁ ମଧ୍ୟରେ । ପଶୁର କ୍ରିୟା ଖାଇବା, ଶୋଇବା, ଶାରୀରିକ ଭୋଗ-ବାସନା ପୂର୍ଣ୍ଣ କରିବା, ସନ୍ତାନ ଉତ୍ପାଦନ କରିବା, ଅନ୍ୟ ଉପରେ ଆଧିପତ୍ୟ ସ୍ଥାପନ କରିବା ଇତ୍ୟାଦି । ପଶୁମାନଙ୍କ ମଧ୍ୟରେ ଅଧିକ ବିକାଶଶୀଳ ହେଲେ ବାନର, ହାତୀ ତଥା ଅନ୍ୟ କେତେକ ପଶୁ । ସେମାନଙ୍କର ଗୋଷ୍ଠୀ ଅଛି, ନେତୃତ୍ୱ ଅଛି । ନେତା ପଥପ୍ରଦର୍ଶକ ହୋଇ ଯେଉଁଆଡ଼େ ଯାଏ, ଯାହା କରେ, ଅନ୍ୟମାନେ ତା'ରି ମାର୍ଗ ଅନୁସରଣ କରନ୍ତି । ବାନରମାନେ ଅନ୍ୟ ବାନରଗୋଷ୍ଠୀ ସହିତ ରୀତିମତ ଯୁଦ୍ଧ କରନ୍ତି । ନିଜ ଦଳର କୌଣସି ବାନର ନେତାର ସମକକ୍ଷ ହେଲେ ନେତା ତାକୁ କାମୁଡ଼ି ଦଳରୁ ବାହାର କରିଦିଏ ଅଥବା ମାରିଦିଏ । ଏହିସବୁ ପ୍ରାଣର କ୍ରିୟା । ପଶୁମାନଙ୍କୁ ମନବୁଦ୍ଧି ପ୍ରାପ୍ତ ହୋଇ ନାହିଁ । ସେମାନେ ଆତ୍ମରକ୍ଷା ତଥା ଆଧିପତ୍ୟ ରକ୍ଷାକରନ୍ତି ସହଜାତ ପ୍ରେରଣାରେ ।

ମନର ଗୁଣଧର୍ମ :

ମନୁଷ୍ୟ ମଧ୍ୟରେ ମନ-ବୁଦ୍ଧିର ବିକାଶ ହୋଇଛି । ମନର ମାନଦଣ୍ଡ ନୈତିକତା, ବୁଦ୍ଧି-ବିଚାର ବା ବିବେକ । ଏସବୁର କୌଣସି ଦୃଢ଼ ଭିତ୍ତି ନାହିଁ । ପ୍ରାଣର କାମନା-ବାସନା ମହାନ୍ ପ୍ରବଳ । ମନୁଷ୍ୟର ଆତ୍ମା ଜାଗ୍ରତ ହୋଇ ମନ-ବୁଦ୍ଧିକୁ ଆଲୋକ ଓ ଶକ୍ତି ପ୍ରଦାନ କଲେ ତାହା ପ୍ରାଣକୁ ନିୟନ୍ତ୍ରଣ କରେ ଏବଂ ତା'ଠାରୁ ଉତ୍ତମ କର୍ମ ଆଦାୟ କରି ସତ୍‌ମାର୍ଗରେ ଚାଳିତ କରେ । ଆତ୍ମା ଜାଗ୍ରତ ନ ହେଲେ ମନବୁଦ୍ଧିର ସାହାଯ୍ୟରେ ପ୍ରାଣ ହୁଏ ଅସୁର, ଅହଂମୂଳକ ପ୍ରବୃତ୍ତିକୁ ଚରିତାର୍ଥ କରିବାରେ ମନବୁଦ୍ଧିକୁ କରେ ଯନ୍ତ୍ର । ପଶୁର ମନ-ବୁଦ୍ଧି ନ ଥିବାରୁ ନିଜର ଅହଂମୂଳକ ସ୍ୱାର୍ଥ ସାଧନ କରେ କେବଳ ଶାରୀରିକ ବଳରେ । ଶାରୀରିକ ବଳ ସୀମିତ ଥିବାରୁ ପଶୁର ଅହଂ-ପ୍ରବୃତ୍ତି ଅଧିକ ବ୍ୟାପକ ହୋଇପାରେ ନାହିଁ । ମନୁଷ୍ୟକୁ ମନ-ବୁଦ୍ଧି ପ୍ରାପ୍ତ ହୋଇଥିବାରୁ ତାହାର ଅହଂମୂଳକ ବିକାଶ ଶାରୀରିକ ବଳ ଉପରେ ନିର୍ଭର କରେ ନାହିଁ, ଏହା ନିର୍ଭର କରେ ବୁଦ୍ଧି-କୌଶଳ ଉପରେ । ବୁଦ୍ଧି-କୌଶଳ ଦ୍ୱାରା ମନୁଷ୍ୟ ଜୀବନଘାତକ ମହାନ୍ ବଳଶାଳୀ ପଶୁମାନଙ୍କୁ ବଶକରେ; ପ୍ରାଣର କାମନା-ବାସନାର ତୃପ୍ତି ଏବଂ ଅହଂମୂଳକ ପ୍ରବୃତ୍ତିର ଚରିତାର୍ଥ କରିବା ସକାଶେ ବିଜ୍ଞାନ ସାହାଯ୍ୟରେ ବିଶେଷ ଆଶ୍ଚର୍ଯ୍ୟଜନକ ବସ୍ତୁ ମୋଟର, ରେଳ, ଜାହାଜ, ବ୍ୟୋମଯାନ, ରେଡ଼ିଓ, ଟେଲିଭିଜନ, ସିନେମା, ଆଣବିକ ଅସ୍ତ୍ର ଆଦି ସେ ଆବିଷ୍କାର କରିପାରିଛି; ନିଜର ଆଧିପତ୍ୟ ବିସ୍ତାର କରିବାକୁ ନାନା ସିଦ୍ଧାନ୍ତ, କଳ-କୌଶଳ, ଛଳ-ପ୍ରପଞ୍ଚ ପ୍ରୟୋଗ କରି ବହୁଲୋକଙ୍କୁ ନିଜ ବଶରେ ରଖିପାରିଛି ।

ଆତ୍ମାର ଗୁଣଧର୍ମ

ଆତ୍ମା ଭଗବାନଙ୍କ ଅଂଶ, ପ୍ରତିଭୂ ବା ସ୍ୱରୂପ । ଶ୍ରୀଅରବିନ୍ଦଙ୍କ ଭାଷାରେ ଏହାର ନାମ Psychic Being, ଅନ୍ତରାତ୍ମା, ହୃଦ୍‌ପୁରୁଷ ବା ଚୈତ୍ୟପୁରୁଷ । ଅନ୍ତରାତ୍ମା ଭଗବାନଙ୍କ ସହିତ ସର୍ବଦା ଅଭେଦ୍ୟ, ଏକ । ତା' ମଧ୍ୟରେ ଭଗବତ୍ ଦିବ୍ୟଗୁଣ – ଶାନ୍ତି, ସମତା, ଦୟା, ପ୍ରେମ, ଜ୍ଞାନ, ବିବେକ, ଆନନ୍ଦ ଆଦି ବିଦ୍ୟମାନ ଥାଏ । ସେ ଅଜ୍ଞାନ ତଥା ମୋହମାୟାଦିରୁ ପୂର୍ଣ୍ଣତଃ ମୁକ୍ତ । ଏହି ସତ୍ତା ଥାଏ ମନ-ପ୍ରାଣର ଆବରଣରେ, ମନୁଷ୍ୟକୁ ପରିଚାଳିତ କରନ୍ତି ମନ-ପ୍ରାଣ । ଏହି ସତ୍ତା ଜାଗ୍ରତ ହେଲେ ଏହାର ପ୍ରଭାବ ପଡ଼େ ମନ-ପ୍ରାଣ ଉପରେ, ସେସବୁ କ୍ରମଶଃ ଶୁଦ୍ଧ ହୁଅନ୍ତି ଏବଂ ଆତ୍ମାର ପ୍ରଭାବକୁ ଗ୍ରହଣ କରନ୍ତି ତଥା ତାହାଦ୍ୱାରା ପରିଚାଳିତ ହେବାକୁ ପ୍ରସ୍ତୁତ ହୁଅନ୍ତି । ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଆତ୍ମାର ଅଭ୍ରାନ୍ତ ଜ୍ଞାନ ଥାଏ । ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା ଏବଂ ସେହି

ମାର୍ଗରେ ପରିଚାଳିତ ହେବା ତାହାର ସ୍ୱାଭାବିକ ପ୍ରବୃତ୍ତି । ମନ-ପ୍ରାଣ ଆତ୍ମାର ପ୍ରଭାବକୁ ସ୍ୱୀକାର କରିନେଲେ ସେସବୁର ମୋହ, ଅଜ୍ଞାନତା ଦୂର ହୁଏ ଏବଂ ଆତ୍ମାର ନେତୃତ୍ୱ ଓ ନିର୍ଦ୍ଦେଶରେ ସେମାନେ ଭଗବତ୍‌ପ୍ରାପ୍ତିର ମାର୍ଗରେ ଯାତ୍ରା କରନ୍ତି । ଏହି ଅବସ୍ଥାରେ ସାଧକ ତା'ର ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ଅନୁପାତରେ ତାହାର ସତ୍ତାରେ ଶାନ୍ତି, ସମତାଦି ପ୍ରତିଷ୍ଠିତ ହୁଏ, ଅଭୀପ୍‌ସାଗ୍ନି ପ୍ରଜ୍ୱଳିତ ହୁଏ, ସମର୍ପଣ ଉତ୍ତରୋତ୍ତର ବୃଦ୍ଧି ହୁଏ, ପ୍ରତିକୂଳ ଶକ୍ତିର ବାଧାବିଘ୍ନ କମ୍ ହେବାକୁ ଲାଗେ ତଥା ଭାଗବତୀ ଶକ୍ତି ଦ୍ୱାରା ସମର୍ପିତ ଅଂଶବିଶେଷରେ ରୂପାନ୍ତର କାର୍ଯ୍ୟ ଆରମ୍ଭ ହୁଏ । ସମସ୍ତ ସତ୍ତା ଭଗବାନଙ୍କ ଚରଣରେ ଉତ୍ସର୍ଗ ହେଲେ ତାହା ରୂପାନ୍ତର ହୁଏ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା, ସେଥିରେ ପ୍ରକାଶ ହୁଅନ୍ତି ଭଗବାନ୍ । ବ୍ୟକ୍ତିର ମନ-ପ୍ରାଣ-ଶରୀର ସମସ୍ତ ସତ୍ତା ସମର୍ପିତ ହୁଅନ୍ତି ଅନ୍ତରାତ୍ମା ଦ୍ୱାରା । ଏହାର ଜାଗରଣ ବିନା ମନୁଷ୍ୟ ସମର୍ପଣ କରିପାରେ ନାହିଁ କିଂବା ଲକ୍ଷ୍ୟର ଯଥାର୍ଥ ମାର୍ଗରେ ଯାତ୍ରା କରିପାରେ ନାହିଁ । ସମର୍ପଣ ବିନା ରୂପାନ୍ତର ସଂପୂର୍ଣ୍ଣ ଅସମ୍ଭବ । ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗରେ ଅନ୍ତରାତ୍ମାର ଜାଗୃତି ଅନିବାର୍ଯ୍ୟ ।

ପ୍ରଶ୍ନ : ଆପଣଙ୍କ କହିବାର ଅଭିପ୍ରାୟ ହେଲା ପ୍ରତ୍ୟେକ ମନୁଷ୍ୟର ଜୀବନର ଲକ୍ଷ୍ୟ ସର୍ବାଙ୍ଗୀନ କର୍ମର ବିକାଶ, ପରମ ସୁଖ, ପରମ ଶାନ୍ତି ଲାଭ କରିବା କି ?

ଉତ୍ତର : ଅନିବାର୍ଯ୍ୟରୂପେ ଏହାହିଁ ମନୁଷ୍ୟର ଏକମାତ୍ର ଲକ୍ଷ୍ୟ । ଏହାକୁହିଁ ମନୁଷ୍ୟ ଅବଶ୍ୟ ପ୍ରାପ୍ତ ହେବ । ଏହାରି ପ୍ରାପ୍ତି ସକାଶେହିଁ ଭଗବାନଙ୍କ ସୃଷ୍ଟି, ଭଗବାନଙ୍କ ସଙ୍କଳ୍ପ । ଏହି ଲକ୍ଷ୍ୟପ୍ରାପ୍ତିରେ ବ୍ୟକ୍ତି-ଜୀବନ ଏବଂ ସଂସାରର ସକଳ ସମସ୍ୟାର ହେବ ସମାଧାନ । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ ।

ପ୍ରଶ୍ନ : ବ୍ୟକ୍ତି ନିଜ ସୁଖ ସକାଶେ କର୍ମ କରିବା ଅଥବା ନିଜେ ସୁଖ ପ୍ରାପ୍ତ ହେବା କେବଳ ସ୍ୱାର୍ଥ । ସ୍ୱାର୍ଥତ୍ୟାଗକୁହିଁ ସମସ୍ତ ଶାସ୍ତ୍ର, ମହାପୁରୁଷ ଘୋଷଣା କରିଛନ୍ତି । ବିଜ୍ଞ ପୁରୁଷ ନିଜ ସ୍ୱାର୍ଥକୁ ତ୍ୟାଗକରି ପରର ହିତ କରନ୍ତି । ନିଜ ସ୍ୱାର୍ଥ ସିଦ୍ଧିରେ ଜଗତର ସମସ୍ୟା ସମାଧାନ ହେବ କିପରି ?

ଉତ୍ତର : ଆପଣ ଯାହାକୁ ସ୍ୱାର୍ଥ କହୁଛନ୍ତି ତାହା ପ୍ରାଣର ବାସନା-କାମନା । ଏହା ଦୂର ହୁଏ ନିଜର ଯଥାର୍ଥ ସ୍ୱାର୍ଥ-ସିଦ୍ଧିରେ, ତେବେ ବ୍ୟକ୍ତି ହୁଏ ଆତ୍ମକାମ ଅର୍ଥାତ୍ ତା'ର ଆଉ ନିଜ-ପର ଭାବ ରହେ ନାହିଁ । ତାହାଦ୍ୱାରା ସଂସାରର ହିତ ସାଧିତ ହୁଏ । ବାସନା-କାମନା କେବେ ବି ତୃପ୍ତ ହୁଏ ନାହିଁ, ଅଗ୍ନିରେ ଆହୁତି ଦେବା ସଦୃଶ ବରାବର ବୃଦ୍ଧି ହେଉଥାଏ । ବାସନା-କାମନା ମୋହ-ଅନ୍ଧକାର ପ୍ରସୂତ, ଯଥାର୍ଥ ସ୍ୱାର୍ଥର ଭ୍ରମାତ୍ମକ ରୂପ । ଯଥାର୍ଥ ସ୍ୱାର୍ଥ ପରମାନନ୍ଦ, ପରମ ଶାନ୍ତି । ସେଥିରେ ଇନ୍ଦ୍ରିୟର ବିଷୟ-ବାସନା ସର୍ବଥା ଅଭାବ । ବ୍ୟକ୍ତି ଅନ୍ୟର କ୍ଷତି କରେ, ନିଜର ଅଭାବ ପୂର୍ଣ୍ଣ କରିବା ସକାଶେ । ନିଜର ଅଭାବ ନ ରହିଲେ ସେ ଯଥାର୍ଥରେ ଅନ୍ୟର ହିତ କରିପାରେ । ଅଭାବ ଦୂର ହେବାର ଅନ୍ୟ କୌଣସି ଉପାୟ ନାହିଁ, ଏକମାତ୍ର ଉପାୟ ପରମସୁଖ, ପରମଶାନ୍ତି ପ୍ରାପ୍ତି ।

ପ୍ରଶ୍ନ : ବହୁତ ବ୍ୟକ୍ତି ଅଛନ୍ତି ନିଜ ସୁଖ-ସୁବିଧା ତ୍ୟାଗ କରି ଦେଶ ତଥା ଅନ୍ୟର ହିତ ସକାଶେ ସ୍ୱୟଂ ମହାନ୍ ଦୁଃଖ-ଦ୍ୱନ୍ଦ୍ୱ, ଯାତନାକୁ ବରଣ କରିନିଅନ୍ତି । ଦେଶର ସ୍ୱାଧୀନତା ତଥା ଅନ୍ୟର ହିତହିଁ ସେମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥାଏ । ଏହା ପ୍ରତ୍ୟକ୍ଷ ଘଟଣା ଯାହା ଆମ୍ଭେମାନେ ଦେଖୁଅଛୁ । ପୁଣି ପରମ ସୁଖ, ପରମ ଶାନ୍ତି ପ୍ରାପ୍ତହେବା ପ୍ରତ୍ୟେକ ବ୍ୟକ୍ତିର ଯଥାର୍ଥ ସ୍ୱାର୍ଥ ବା ଲକ୍ଷ୍ୟ ବୋଲି ଆମ୍ଭେ କିପରି ସ୍ୱୀକାର କରିବୁ ?

ଉତ୍ତର : ଆପଣ ସ୍ୱୀକାର ନ କଲେ ସତ୍ୟ କେବେ ବି ଅସତ୍ୟ ହେବ ନାହିଁ । ଯେଉଁମାନେ ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତି ନ କରି, ନ ଜାଣି, ଦେଶର ଏବଂ ଅନ୍ୟ ବ୍ୟକ୍ତିର ହିତସାଧନକୁ ଲକ୍ଷ୍ୟ ବୋଲି ଗ୍ରହଣ କରନ୍ତି, ସେମାନଙ୍କ ଜୀବନର ସମସ୍ୟାର ସମାଧାନ ହୁଏ ନାହିଁ କିଂବା ସେମାନେ ଅନ୍ୟର ତଥା ଦେଶର ଯଥାର୍ଥ ହିତ କରିପାରନ୍ତି ନାହିଁ । ମନୁଷ୍ୟର ଯେପର୍ଯ୍ୟନ୍ତ ଏହି ଲକ୍ଷ୍ୟପ୍ରାପ୍ତ ନ ହୁଏ, ତା' ମଧ୍ୟରେ ଅଜ୍ଞାନ, ସ୍ୱାର୍ଥ, ଅହଂ, ଦ୍ୱନ୍ଦ୍ୱ ଏବଂ ଦୁଃଖ ବିଦ୍ୟମାନ ଥାଏ । ସେ ସ୍ୱୟଂ ଦ୍ୱନ୍ଦ୍ୱରୁ ମୁକ୍ତ ନ ଥିବାରୁ, ଅନ୍ୟର ଏବଂ ଦେଶର ହିତ ଚାହିଁବା ସତ୍ତ୍ୱେ ତା'ର ଯଥାର୍ଥ ଜ୍ଞାନ ନ ଥିବାରୁ ସେ ଭୁଲ୍ କରେ, ସେଥିରେ ଦେଶର ଏବଂ ଅନ୍ୟର ଅହିତ ହୁଏ । ସ୍ୱାର୍ଥ ଯୋଗୁଁ ନିଜ ନେତୃତ୍ୱ ବା ନିଜ ସଂଘର ଦୃଢ଼ତା ସକାଶେ ଦେଶର ତଥା ଅନ୍ୟର ଯଥାର୍ଥ ହିତ କରିପାରେ ନାହିଁ । ନିଜର ଅହଂ ଥିବାରୁ

ନିଜ ସିଦ୍ଧାନ୍ତ, ନିଜ ବ୍ୟବସ୍ଥା କାଏମ ରଖିବା ସକାଶେ ଦେଶ ଏବଂ ଅନ୍ୟର ହିତ ପ୍ରତି ନିରପେକ୍ଷ ଦୃଷ୍ଟି ଦେଇପାରେ ନାହିଁ । ନିଜ ସଙ୍ଘର କେତେକ ବ୍ୟକ୍ତି ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ଯୋଗୁଁ ଦେଶର ତଥା ଅନ୍ୟର ମହା ଅନିଷ୍ଟ କରନ୍ତି । ଏହି ଅନ୍ୟାୟ ଦେଖିବା ସତ୍ତ୍ୱେ ଦେଶର ହିତଚିନ୍ତକ ନେତାମାନେ ଆଖି, କାନ, ମୁଖ ବନ୍ଦ କରିଦିଅନ୍ତି । ଅନ୍ୟ କେତେକ ନେତା ନିଜ ସ୍ୱାର୍ଥକୁ ସ୍ୱୟଂ ଠିକ୍ ଠିକ୍ ବୁଝି ନ ପାରି ତାହାରି ପ୍ରେରଣାରେ ଦେଶସେବାରେ ବ୍ରତୀ ହୋଇ ନିଜ ଅଜ୍ଞାତ ଅହଂତୁଷ୍ଟି ସକାଶେ ଦେଶବାସୀଙ୍କ ସମ୍ମୁଖରେ ଗୋଟିଏ ନୂତନ ଆଦର୍ଶ ରଖନ୍ତି । ତା' ମହିମା ବର୍ଣ୍ଣନା କରି ଦେଶକୁ ଧନଧାନ୍ୟ, ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ କୁବେରର ଅଳକାପୁରୀ, ଇନ୍ଦ୍ରଙ୍କ ସ୍ୱର୍ଗପୁରୀ, ଦେଶବାସୀଙ୍କୁ ଦେବତା ସଦୃଶ କରିବାର ପ୍ରଲୋଭନ ଦିଅନ୍ତି । କେତେକ ଦେଶବାସୀ ଏହି ପ୍ରଲୋଭନରେ ନୂତନ ଆଦର୍ଶକୁ ସ୍ୱୀକାର କରି ନିଅନ୍ତି । ସେମାନଙ୍କ ସମ୍ମତିରେ ନୂତନ ଆଦର୍ଶ ପ୍ରତିଷ୍ଠାରେ ଲକ୍ଷ ଲକ୍ଷ ଦେଶବାସୀ ଗୁଳିରେ ଉଡ଼ିଯାଆନ୍ତି । ଶେଷରେ ଦେଶର ପରିସ୍ଥିତି ଆର୍ଥିକ ଦୃଷ୍ଟିରୁ କିଛି ପରିବର୍ତ୍ତନ ହେଲେ ବି ମାନସିକ ଅବସ୍ଥା ତଥା ବ୍ୟକ୍ତି-ସ୍ୱତନ୍ତ୍ରତା ପାଶବିକତାରେ ପରିଣତ ହୁଏ । ବ୍ୟକ୍ତିର ଆନ୍ତରିକ ସୁଖଶାନ୍ତି ଏବଂ ଆର୍ଥିକ ଉନ୍ନତି, ଉଭୟ ଆବଶ୍ୟକ । ଏହି ଉଭୟ ପ୍ରାପ୍ତି ଛଡ଼ା ବ୍ୟକ୍ତି କଦାପି ସୁଖଶାନ୍ତିରେ ରହିପାରେ ନାହିଁ କିଂବା ଯଥାର୍ଥରେ ଦେଶସେବା, ଲୋକସେବା କରିପାରେ ନାହିଁ ।

ପ୍ରଶ୍ନ : ଆପଣଙ୍କ କହିବାର ଉଦ୍ଦେଶ୍ୟ ହେଉଛି, ''ବ୍ୟକ୍ତି ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ ହେଲେ ତା'ର ଅଭାବ, ବାସନା-କାମନା ରହେ ନାହିଁ, ତେବେ ସେ ନିଜର ଏବଂ ସଙ୍ଘର ସ୍ୱାର୍ଥ ସକାଶେ ଦେଶର ଅହିତ କରେ ନାହିଁ । ତାକୁ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇଥିବାରୁ ତା'ର ମାର୍ଗ ଭୁଲ୍ ହୁଏ ନାହିଁ ବା ଦେଶର ଉନ୍ନତି ବ୍ୟାହତ ହୁଏ ନାହିଁ । ତା'ର ବ୍ୟକ୍ତିଗତ ଆଦର୍ଶର ପ୍ରଭାବ ପଡ଼େ ଦେଶରେ । ଦେଶରେ ନ୍ୟାୟ, ସତ୍ୟ, ଶାନ୍ତି ପ୍ରତିଷ୍ଠା ହୁଏ । ଦେଶବାସୀ କର୍ମ କରନ୍ତି ନ୍ୟାୟ ଏବଂ ସତ୍ୟରେ ପ୍ରତିଷ୍ଠିତ ହୋଇ । ଦେଶରେ ସ୍ୱାର୍ଥ, ହିଂସା, କଳାବଜାର, ଚୋରି ହୁଏ ନାହିଁ । ଦେଶ ଧନଧାନ୍ୟରେ ଉନ୍ନତ ହୁଏ ।'' ଏହା ଆପଣଙ୍କର କେବଳ କଳ୍ପନା ନା ଏଥିରେ ସତ୍ୟତା ଅଛି ? ସୃଷ୍ଟି ଆରମ୍ଭରୁ ଏପରି ଅବସ୍ଥା କେବେ ବି ସ୍ଥାୟୀରୂପେ ଆଜିପର୍ଯ୍ୟନ୍ତ ଘଟି ନାହିଁ, ଭବିଷ୍ୟତରେ ଘଟିବ ବୋଲି ଆଶାକରିବା କେତେ ଯୁକ୍ତିଯୁକ୍ତ ? ଏହା ହେଲା ଗୋଟିଏ ପ୍ରଶ୍ନ । ଅନ୍ୟ ପ୍ରଶ୍ନ ହେଲା ଭାରତର ସ୍ୱାଧୀନତା-ଆନ୍ଦୋଳନ ସମୟରେ ଭାରତର ନେତାମାନେ ସମସ୍ତ ସ୍ୱାର୍ଥ ତ୍ୟାଗ କରି କେବଳ ଭାରତର ସ୍ୱାଧୀନତା ସକାଶେ କର୍ମ କରିଥିଲେ ଏବଂ ବ୍ରିଟିଶ୍ ଦ୍ୱାରା ମହାନ୍ ଦୁଃଖ-ଯନ୍ତ୍ରଣା ବରଦାସ୍ତ କରୁଥିଲେ । ତାଙ୍କର ପ୍ରଯତ୍ନରେ ଦେଶ ସ୍ୱାଧୀନ ହେଲା । ଏହା ତ ପ୍ରତ୍ୟକ୍ଷ ଘଟଣା । ଜୀବନର ଲକ୍ଷ୍ୟ ଗ୍ରହଣ ନ କଲେ ବ୍ୟକ୍ତି ଅନ୍ୟର ବା ଦେଶର ହିତ କରିପାରେ ନାହିଁ – ଏହା ଯଦି ଯୁକ୍ତିଯୁକ୍ତ ହୁଏ, ତେବେ ଭାରତୀୟ ନେତାମାନଙ୍କ ଦ୍ୱାରା ଭାରତ ସ୍ୱାଧୀନ ହୋଇପାରି ନ ଥା'ନ୍ତା । ଭାରତ ସ୍ୱାଧୀନ ହେବା କ'ଣ ଦେଶର ହିତ ନୁହେଁ ?

ଉତ୍ତର : ପ୍ରଥମରେ ଶେଷ ପ୍ରଶ୍ନଟିର ଉତ୍ତର ଦେବା ଆବଶ୍ୟକ । ଭାରତ ସ୍ୱାଧୀନ ହେବା ଦେଶର ହିତ । ତାହା ବିଶେଷ ଆବଶ୍ୟକ ବି ଥିଲା । ଏହା ଯଥାର୍ଥ ସ୍ଥାୟୀ ହିତ ନୁହେଁ, ଅପୂର୍ଣ୍ଣ । ଦେଶ ସ୍ୱାଧୀନ ହୋଇଛି କିନ୍ତୁ ଦେଶର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅନ୍ୟାୟ-ଅସତ୍ୟ, ଚୋରି ବଢ଼ିଛି । ଦେଶ ସ୍ୱାଧୀନ ହେବା ଯେପରି ପ୍ରତ୍ୟକ୍ଷ ସତ୍ୟ, ଦେଶରେ ଅନ୍ୟାୟ, ଅସତ୍ୟ, ଦୁଃଖକଷ୍ଟ, ଅଭାବ-ଅନାଟନ, ଅଶାନ୍ତି ବୃଦ୍ଧି ହେବା ମଧ୍ୟ ପ୍ରତ୍ୟକ୍ଷ ସତ୍ୟ ।

ଭାରତୀୟ ନେତାମାନେ ଯଦି ଜୀବନର ଲକ୍ଷ୍ୟ ଗ୍ରହଣ କରିଥାଆନ୍ତେ, ତେବେ ଦେଶ ସ୍ୱାଧୀନ ହେବାପରେ ନିଜ ନିଜ ସ୍ୱାର୍ଥ ଛାଡ଼ି ଦେଶରେ ଉନ୍ନତି କାର୍ଯ୍ୟ କରିଥା'ନ୍ତେ । ତାହା ହୋଇ ନାହିଁ, ଭାରତ-ସ୍ୱାଧୀନତା ପରେ ନେତାମାନଙ୍କ ସ୍ୱାର୍ଥ ଏବଂ ଅହଂ ଭାରତର ଅଗ୍ରଗତିରେ ବାଧା ଦେଇଛି ।

ଆପଣଙ୍କର ଅନ୍ୟ ଯୁକ୍ତି ହେଉଛି,– ''ଭାରତର ସ୍ୱରାଜ୍ୟ ଆନ୍ଦୋଳନ ସମୟରେ ଭାରତୀୟ ନେତାମାନଙ୍କର ଯଦି ସ୍ୱାର୍ଥ କାର୍ଯ୍ୟକାରୀ ହୋଇଥାଆନ୍ତା, ତେବେ ତାଙ୍କ ଦ୍ୱାରା ଭାରତ ସ୍ୱାଧୀନ ହୋଇ ନ ଥା'ନ୍ତା । ଏଥିରୁ ସ୍ପଷ୍ଟ ହେଉଛି ସେମାନେ ସ୍ୱାର୍ଥ ତ୍ୟାଗ କରିଥିଲେ । ତେବେ ଆପଣଙ୍କ କହିବା ଅନୁସାରେ ସ୍ୱାର୍ଥ, ଅହଂ ତ୍ୟାଗ ସକାଶେ ଜୀବନର ଯଥାର୍ଥ ଲକ୍ଷ୍ୟଗ୍ରହଣର ଆବଶ୍ୟକ କ'ଣ ?''

ଆପଣଙ୍କର ଏହି ଦୃଷ୍ଟିକୋଣ ବା ବିଚାର ସର୍ବାଙ୍ଗୀନ ନୁହେଁ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଭାରତୀୟ ନେତାମାନଙ୍କର ସ୍ୱାର୍ଥ, ଅହଂ ତ୍ୟାଗ ହୋଇ ନ ଥିଲା, କେନ୍ଦ୍ରିତ ହୋଇଥିଲା ଭାରତକୁ ସ୍ୱାଧୀନ କରିବାରେ । ଭାରତର ସ୍ୱାଧୀନତା ପରେ ସେମାନଙ୍କ ସ୍ୱାର୍ଥ, ଅହଂ କାର୍ଯ୍ୟ କଲା ନିଜ ନେତୃତ୍ୱରକ୍ଷା, ସଂଘରକ୍ଷା ଅଥବା ବ୍ୟକ୍ତିଗତ ସୁଖସୁବିଧା ପ୍ରାପ୍ତିରେ । ଯେଉଁମାନେ ଉଦାର-ହୃଦୟ ବ୍ୟକ୍ତି ଥିଲେ ସେମାନେ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ଦେଶର ଅର୍ଥ ଆତ୍ମସାତ୍ କରୁ ନ ଥିଲେ । କିନ୍ତୁ ସେମାନଙ୍କ ଅହଂ, ସ୍ୱାର୍ଥ ଥିଲା ସଂଘରେ ତଥା ନିଜ ନିଜ ନେତୃତ୍ୱ ରକ୍ଷା କରିବାରେ । ସେମାନେ ଭାବୁଥିଲେ ତାଙ୍କ ନେତୃତ୍ୱ ଏବଂ ତାଙ୍କ ସଂଘ ଭାରତର ମୂଳନୀତି । ତା'ଛଡ଼ା ଭାରତ ଟଳିପଡ଼ିବ । ସେମାନଙ୍କ ଏହି ମନୋଭାବର ସୁଯୋଗ ପାଇ ସଂଘରକ୍ଷା ନାମରେ ସଂଘର ସ୍ୱାର୍ଥୀ ବ୍ୟକ୍ତିମାନେ ଦେଶର କୋଟି କୋଟି ଟଙ୍କା ଆତ୍ମସାତ୍ କରୁଥିଲେ । ଏହି ଅନ୍ୟାୟ ଜାଣି, ଦେଖି, ଭାରତୀୟ ନେତାମାନେ ସେମାନଙ୍କୁ ଘଣ୍ଟ-ଘୋଡ଼ାଇ ରଖୁଥିଲେ ।

ନେତାମାନଙ୍କର ଏହିସବୁ ସ୍ୱାର୍ଥ ସାଧନର କୁପ୍ରଭାବ ପଡ଼ିଲା ସମସ୍ତ ଦେଶରେ । ଦେଶବାସୀ ସହିତ ଚପରାସୀଠାରୁ ଆରମ୍ଭ କରି ବଡ଼ ବଡ଼ ଅଫିସର ପର୍ଯ୍ୟନ୍ତ ସେହି ସ୍ରୋତରେ ପ୍ରବାହିତ ହେଲେ । ସେହି ସ୍ୱାର୍ଥ ଯୋଗୁଁ ଦେଶର ହେଲା ଅବନତି । ସେହି ସ୍ୱାର୍ଥପ୍ରବାହରୁ ମୁଷ୍ଟିମେୟ ବ୍ୟକ୍ତି ଯଦ୍ୟପି ରକ୍ଷା ପାଇଲେ ତଥାପି ନେତାମାନଙ୍କ ପ୍ରବଳ ସ୍ୱାର୍ଥ ସାମନାରେ ସେମାନଙ୍କ ନିଃସ୍ୱାର୍ଥପରତା ତିଷ୍ଠିପାରିଲା ନାହିଁ । କିନ୍ତୁ ସେହିମାନଙ୍କ ସ୍ୱାର୍ଥତ୍ୟାଗ ସେମାନଙ୍କ ଜୀବନକୁ ଉନ୍ନତ ଏବଂ ଶାନ୍ତିସୁଖମୟ କରିଥିଲା ଏବଂ ସେହି ତ୍ୟାଗ ଭାବୀ ଭାରତର ଉନ୍ନତିର ବୀଜରୂପେ ପୋତା ହୋଇ ରହିଲା । ନେତାମାନେ ଯେବେ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରିଥାଆନ୍ତେ ତେବେ ସେମାନଙ୍କ ଅହଂ, ସ୍ୱାର୍ଥ କେନ୍ଦ୍ରିତ ହୋଇଥାଆନ୍ତା ସେହି ଲକ୍ଷ୍ୟରେ । ଲକ୍ଷ୍ୟପ୍ରାପ୍ତିରେ ତାହା ହୋଇଥାଆନ୍ତା ରୂପାନ୍ତର । ପ୍ରକାଶ ହୋଇଥାଆନ୍ତା ସେମାନଙ୍କ ମଧ୍ୟରୁ ଜ୍ଞାନ ଏବଂ ଅଫୁରନ୍ତ କାର୍ଯ୍ୟକାରୀ ଶକ୍ତି, କର୍ମ ହୋଇଥା'ନ୍ତା ଜ୍ଞାନ ଆନନ୍ଦର ଭିତ୍ତିରେ, ସେମାନଙ୍କ ଜୀବନ ହୋଇଥାଆନ୍ତା ପୂର୍ଣ୍ଣ, ତେବେ ସେହିମାନେ କରିଥାଆନ୍ତେ ଦେଶର ଯଥାର୍ଥ ଉନ୍ନତି ।

ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ, ସେଥିରେ ମୋର ଆଉ କିଛି କହିବାର ନାହିଁ । କେବଳ ଭାରତର ନେତାମାନଙ୍କର ସମ୍ବନ୍ଧରେ ଯେଉଁ ଉତ୍ତର ଦେଲେ ସେଥିରେ ମୋତେ ସନ୍ତୋଷ ହେଲା ନାହିଁ । ଭାରତର ସ୍ୱତନ୍ତ୍ରତା ପରେ ଯେଉଁମାନେ ଦେଶସେବା ନାମରେ ଶାସନରେ ପଶି, ସଂପତ୍ତି ବୃଦ୍ଧି କରିଛନ୍ତି ସେମାନଙ୍କ କଥା ଛାଡ଼ । ଯେଉଁମାନେ ଭାରତର ସ୍ୱତନ୍ତ୍ରତା-ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ, ଧନ-ସମ୍ପତ୍ତି ଦେଶସେବାରେ ଲଗାଇଥିଲେ, ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗକରି ଦେଶସେବା କରିଥିଲେ; ଭାରତର ସ୍ୱତନ୍ତ୍ରତା ପରେ ସେମାନେ ଅଧିକାର ପାଇ ସ୍ୱତନ୍ତ୍ରତା-ଆନ୍ଦୋଳନ ସମୟରେ ଦେଶକୁ ଯାହା ଦାନ କରିଥିଲେ ତାହାର କେତେଗୁଣ ସଂପତ୍ତି ବୃଦ୍ଧି କଲେ, ନିଜ ପରିବାର ତଥା ବନ୍ଧୁବାନ୍ଧବ, ମିତ୍ରମାନଙ୍କର ହିତ ଇଚ୍ଛାନୁସାରେ କରି ନିଜ ସ୍ୱାର୍ଥସାଧନ କରି ପୂର୍ବତ୍ୟାଗର ପ୍ରତିଶୋଧ ନେଇନେଲେ । ସେମାନଙ୍କ ତପସ୍ୟାର ଫଳ ସେମାନେ ନିଜ ହାତରେ ନେଇଛନ୍ତି । ସେମାନଙ୍କ ସମ୍ବନ୍ଧେ ମୋର କିଛି କହିବାର ରହିଲା ନାହିଁ ।

କିନ୍ତୁ ଯେଉଁମାନେ ପୂର୍ଣ୍ଣ ହୃଦୟରେ ଦେଶସେବା କରିଛନ୍ତି, ଦେଶ ସ୍ୱତନ୍ତ୍ର ହେବା ସକାଶେ ନାନାପ୍ରକାର ଅତ୍ୟାଚାର ଏବଂ ଯାତନା ସହ୍ୟ କରିଛନ୍ତି, ଦେଶସେବାରେ ନିଜ ଜୀବନ ସହିତ ସମସ୍ତ ଧନ-ସମ୍ପତ୍ତି ଅର୍ପଣ କରିଛନ୍ତି, ସବୁ ସମୟରେ ଦେଶର ଉନ୍ନତି କାମନା କରିଛନ୍ତି ଏବଂ କର୍ମ କରିଛନ୍ତି, ସେମାନେ ପୂର୍ଣ୍ଣହୃଦୟରେ ଦେଶସେବା, ଦେଶର ଉନ୍ନତି ଚାହିଁବା ସତ୍ତ୍ୱେ ସେମାନଙ୍କ ଅଜ୍ଞାତରେ ଯଦି ଦେଶର କୌଣସି ଉନ୍ନତିରେ ବାଧା ହୋଇଅଛି, ତାହା କ'ଣ ଦୋଷାବହ ? ସ୍ୱାର୍ଥୀ ବ୍ୟକ୍ତିଙ୍କ ସ୍ୱାର୍ଥସାଧନ ଦ୍ୱାରା ଦେଶରେ ହେଉଥିବା ଅନ୍ୟାୟକୁ ରୋକିବାର ଉପାୟ ନ ଦେଖି ସେମାନେ କ'ଣ ଆଖି ବନ୍ଦ କରି ନ ଥିଲେ ?

ଉତ୍ତର : ଶେଷରେ ଯେଉଁ ନେତା ବା ଦେଶସେବକ ସମ୍ବନ୍ଧେ କହିଲେ ସେହିମାନେ ଯଥାର୍ଥରେ ପ୍ରଶଂସା ଏବଂ ସମ୍ମାନର ପାତ୍ର । ଆମ୍ଭେମାନେ ସେହିମାନଙ୍କୁ ସମ୍ମାନ କରୁଛୁ । ଭାରତ ଇତିହାସରେ ସେହିମାନଙ୍କ ଯଶଃ ଉଜ୍ଜ୍ୱଳ ତାରକାରୂପେ ପ୍ରତିଭାତ ହେବ । ସେମାନେ ଦେଶର ଉନ୍ନତି ହାର୍ଦିକଭାବେ ଚାହୁଁଥିବା ସତ୍ତ୍ୱେ ସେମାନଙ୍କ ଦ୍ୱାରା ଅଜ୍ଞାତରେ

ଦେଶର ଉନ୍ନତିରେ ଯେଉଁ ତ୍ରୁଟି ହୋଇଛି ସେଥିସକାଶେ ସେମାନେ କଦାପି ଦୋଷୀ ନୁହନ୍ତି । ଏହି ଦୋଷ ମନୁଷ୍ୟ ସ୍ୱଭାବର । ମନୁଷ୍ୟକୁ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇ ନ ଥିବାରୁ ତାହାଦ୍ୱାରା ସମସ୍ତ କାର୍ଯ୍ୟ ଠିକ୍ ଠିକ୍ ହୋଇପାରେ ନାହିଁ, ଏହିପରି ତ୍ରୁଟି ସୃଷ୍ଟି ଆରମ୍ଭରୁ ହୋଇଆସୁଅଛି ।

ଅନ୍ୟାନ୍ୟ ସ୍ୱାର୍ଥୀ ନେତା ବା ଦେଶସେବକମାନେ ନିଜ ସ୍ୱାର୍ଥସାଧନରେ ଯେଉଁସବୁ ଅନ୍ୟାୟ କରୁଥିଲେ, ତାହାର କୁପ୍ରଭାବ ମୁଷ୍ଟିମେୟ ବ୍ୟକ୍ତିଙ୍କ ଛଡ଼ା ସମସ୍ତ ଦେଶରେ ପଡ଼ି ଦେଶର ଉନ୍ନତିରେ ମହାନ୍ ବ୍ୟାଘାତ ଘଟିଲା; ସେହି ଅନ୍ୟାୟକୁ ରୋକିବାର କୌଶସି ଉପାୟ ନ ଥିଲା; ତଳୁ ଉପର ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ସ୍ୱଧର୍ମ ସଦୃଶ ସ୍ୱାର୍ଥସାଧନରେ ଲିପ୍ତ ଥିଲେ । ଏହା ଘଟିଲା ନୈତିକତାର ପତନ ଯୋଗୁଁ । ଏହି ପତନ ଘଟେ ଯୁଗ-ପରିବର୍ତ୍ତନ ସମୟରେ । ଏଥିସକାଶେ ଦେଶର ଯଥାର୍ଥ ହିତଚିନ୍ତକ ନେତାମାନଙ୍କୁ ଦୋଷ ଦିଆଯାଇ ପାରେ ନାହିଁ । ନୈତିକତାର ପତନ ଘଟିଛି ସମସ୍ତ ସଂସାରରେ, ବିଶେଷତଃ ଭାରତବର୍ଷରେ । କାରଣ ଭାରତବର୍ଷ ହେଉଛି ଯୁଗପରିବର୍ତ୍ତନର କେନ୍ଦ୍ର । ଭାରତରେହିଁ ନୂତନ ଯୁଗ ଆରମ୍ଭ ହେବ, ନୂତନ ଯୁଗର ଗୁରୁ ହୋଇ ଅନ୍ୟାନ୍ୟ ସମସ୍ତ ଦେଶକୁ ନୂତନ ସତ୍ୟର ପଥ ପ୍ରଦର୍ଶନ କରିବ ଭାରତବର୍ଷ । ସେହି ସକାଶେ ଭାରତର ପୂର୍ବ ନୈତିକତା ପୂର୍ଣ୍ଣରୂପେ ଭାଙ୍ଗି ଯାଇଅଛି । ତା' ସ୍ଥାନରେ ନୂତନ ସତ୍ୟର ପ୍ରତିଷ୍ଠା ହୋଇ ନାହିଁ । ବର୍ତ୍ତମାନହିଁ ଯୁଗପରିବର୍ତ୍ତନର ସନ୍ଧିକ୍ଷଣ । ସନ୍ଧିକ୍ଷଣରେହିଁ ଏହିପରି ବିପର୍ଯ୍ୟୟ ଘଟେ ।

ଲକ୍ଷ୍ୟପ୍ରାପ୍ତି ବିନା ପ୍ରତ୍ୟେକ ବ୍ୟକ୍ତି ଅଶାନ୍ତ,
ଦେଶ ଦୁଃଖଦ୍ୱନ୍ଦ୍ୱରେ ଭାରାକ୍ରାନ୍ତ :

ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ । ଏଥିରେ ଆଉ ପ୍ରଶ୍ନ କରିବାର ସ୍ଥାନ ନାହିଁ । କିନ୍ତୁ ଆମ୍ଭମାନଙ୍କର ବାହ୍ୟବସ୍ତୁ ଦେଖି ବିଚାରକରିବା ସ୍ୱଭାବରେ ପରିଣତ ହୋଇଯାଇଅଛି । ସେଥିସକାଶେ ଆନ୍ତରିକ ରହସ୍ୟ ହୃଦୟଙ୍ଗମ କରିପାରୁ ନାହିଁ । ଅତଏବ ଆପଣଙ୍କର ଏହି ଉତ୍ତର ସ୍ପଷ୍ଟ ହୋଇଥିବା ସତ୍ତ୍ୱେ କେତେକ ବ୍ୟକ୍ତି, କେତେକ ଦେଶର ଆନ୍ତରିକ ଅଶାନ୍ତି ପ୍ରତି ଦୃଷ୍ଟି ନ ଦେଇ କେବଳ ବାହ୍ୟ ଆର୍ଥିକ ଉନ୍ନତି ଦେଖି ପ୍ରଶ୍ନ କରିପାରନ୍ତି – କେତେକ ଦେଶର ନେତା ଜୀବନର ଲକ୍ଷ୍ୟ ଗ୍ରହଣ କରି ନାହାନ୍ତି କିଂବା ଜାଣି ନାହାନ୍ତି ଅଥବା ପ୍ରାପ୍ତ ହୋଇ ନାହାନ୍ତି, ଦେଶରେ ଭୋଜନବସ୍ତ୍ରର ଅଭାବ ନାହିଁ, କଳକାରଖାନା ଓ ଧନଧାନ୍ୟରେ ପୂର୍ଣ୍ଣ; ଯୁଦ୍ଧ-ସରଞ୍ଜାମ ଓ ସୈନିକ ବଳ ବିସ୍ତାର କରି ସମସ୍ତ ଦେଶକୁ ଗ୍ରାସ କରିବାକୁ ଫନ୍ଦି କରିଛନ୍ତି । ଏହା କ'ଣ ଉନ୍ନତି ନୁହେଁ ?

ଉତ୍ତର : ଏହା ଯଥାର୍ଥରେ ଉନ୍ନତି ନୁହେଁ, ଉନ୍ନତିର ବିକୃତ ରୂପ । ମନୁଷ୍ୟ ଏବଂ ଦେଶ ସୁଖଶାନ୍ତିରେ ରହିପାରେ ଅନ୍ତରରେ ସୁଖଶାନ୍ତି, ବାହାରରେ ଭୋଜନବସ୍ତ୍ର ତଥା ସାଂସାରିକ ଐଶ୍ୱର୍ଯ୍ୟ – ଏହି ଉଭୟ ବସ୍ତୁପ୍ରାପ୍ତିରେ । ଅର୍ଥାତ୍ ଜ୍ଞାନଆନନ୍ଦର ଭିତ୍ତିରେ ହୁଏ ଜାଗତିକ ସମସ୍ତ କର୍ମ । ଏହାହିଁ ଜୀବନର ପୂର୍ଣ୍ଣତା । ଅନ୍ତରରେ ସୁଖଶାନ୍ତି ପ୍ରାପ୍ତ ନ ଥାଇ ମନୁଷ୍ୟ ବୁଦ୍ଧି-କୌଶଳ, ପ୍ରାଣର ପ୍ରବଳ କର୍ମ ଦ୍ୱାରା ସାଂସାରିକ ସଂପଦ ବା ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ତାହା ସର୍ପ ଦୁଧ ପିଇବା ସଦୃଶ ଅହଂ, ସ୍ୱାର୍ଥକୁ ବୃଦ୍ଧି କରେ ଏବଂ ଅନ୍ୟ ଦେଶ ତଥା ଅନ୍ୟ ବ୍ୟକ୍ତିର ଅନିଷ୍ଟ କରିବାରେ ସମସ୍ତ ଶକ୍ତି ପ୍ରୟୋଗ କରେ । ତୁମେ ଯେଉଁ ଦେଶକୁ ଉନ୍ନତ ବୋଲି କହୁଛ ସେ ଦେଶର ବର୍ତ୍ତମାନ ଏହାହିଁ ମନୋଭାବ । ଅନ୍ୟ ପକ୍ଷରେ ତୁମେ ଯେଉଁ ଦେଶକୁ ଆଶ୍ଚର୍ଯ୍ୟଜନକ ଉନ୍ନତ ବୋଲି କହୁଛ ସେ ଦେଶ କ'ଣ ସୁଖଶାନ୍ତିରେ ଅଛି ? ନିଜ ପ୍ରଭୁତ୍ୱ ବିସ୍ତାର କରିବା କ୍ଷୁଧାରେ ନେତାମାନେ କ'ଣ ଜଳିପୋଡ଼ି ଯାଉ ନାହାନ୍ତି ? ନିଜ ନିଜ ନେତୃତ୍ୱ କାଏମ ରଖି ଅନ୍ୟ ଦେଶରେ ଆଧିପତ୍ୟ ବିସ୍ତାର କରି ନିଜ ଅହଂ ପର୍ବତ ସମାନ ଉଚ୍ଚା କରିବା ସକାଶେ କଳ-କୌଶଳ ଫନ୍ଦିଫିକରରେ ଯୁଦ୍ଧ ବସ୍ତୁ ପ୍ରସ୍ତୁତ ତଥା ସଂଗ୍ରହ ଚିନ୍ତାରେ ଗ୍ରସ୍ତ ହେଉ ନାହାନ୍ତି କି ? ଏହି ନୀଚ ମନୋବୃତ୍ତି ଯୋଗୁଁ କାନରେ ନ ଶୁଣିବା ଜଘନ୍ୟ ନିନ୍ଦନୀୟ କାର୍ଯ୍ୟ କରୁ ନାହାନ୍ତି କି ? ଏହିପରି ଅବସ୍ଥା କ'ଣ ଆପଣଙ୍କ ଦୃଷ୍ଟିରେ ଉନ୍ନତ ? ଭୋଜନ-ବସ୍ତ୍ର ଅଭାବରେ ବ୍ୟକ୍ତି ଯେପରି ଅଶାନ୍ତ, ଭୋଜନ-ବସ୍ତ୍ର ଥାଇ ଐଶ୍ୱର୍ଯ୍ୟ ବିସ୍ତାର କରିବା ଲୋଭ ଏବଂ ଆକାଙ୍କ୍ଷାରେ

ସେହିପରି ବା ତାହାଠାରୁ ଅଧିକ ଅଶାନ୍ତି ଭୋଗ କରୁଅଛି । ଯଥାର୍ଥ ଉନ୍ନତିର ଅର୍ଥ ଭୋଜନ, ବସ୍ତ୍ର, ସୁଖଶାନ୍ତି ପ୍ରାପ୍ତି । ଦେଶରେ ସମସ୍ତ ପ୍ରକାର ଉନ୍ନତ କାର୍ଯ୍ୟ କରାଯାଏ ଦେଶବାସୀଙ୍କୁ ସୁଖଶାନ୍ତିରେ ରଖିବା ସକାଶେ । ସୁଖଶାନ୍ତି ସକାଶେହିଁ ଭୋଜନ-ବସ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁର ସୁବ୍ୟବସ୍ଥା । ଏହି ସମସ୍ତ ଆବଶ୍ୟକ ବସ୍ତୁ ପ୍ରାପ୍ତଥାଇ ଯଦି ମନୁଷ୍ୟ ସୁଖଶାନ୍ତିରେ ନ ରହେ, ତେବେ ତାହା ଯଥାର୍ଥରେ ଉନ୍ନତି ନୁହେଁ । ମନୁଷ୍ୟର ପ୍ରଧାନ ବସ୍ତୁ ସୁଖଶାନ୍ତି । ବାହ୍ୟ ବସ୍ତୁ ତା'ର ଉପାୟ ବା ସାଧନ । ବାହ୍ୟବସ୍ତୁ ସ୍ୱୟଂ ସୁଖଶାନ୍ତି ନୁହନ୍ତି ।

ପ୍ରଶ୍ନ : ଆପଣଙ୍କ ଉକ୍ତି ଦେଶନେତାମାନଙ୍କ ସକାଶେ ପ୍ରଯୁଜ୍ୟ । କିନ୍ତୁ ବିଜ୍ଞାନବେତ୍ତାମାନେ ପରୋପକାର ସକାଶେ ସମଗ୍ର ଜୀବନ ଉତ୍ସର୍ଗ କରିଛନ୍ତି ଏବଂ ଦେଶର ଉନ୍ନତି ସକାଶେ ନୂତନ ବସ୍ତୁ ଆବିଷ୍କାର କରୁଛନ୍ତି । ଏହି କାର୍ଯ୍ୟ କ'ଣ ଅନ୍ୟର ହିତ ନୁହେଁ ? ସେମାନେ କ'ଣ ଜୀବନର ଯଥାର୍ଥ ସୁଖଶାନ୍ତି ପାଉ ନାହାନ୍ତି ?

ଉତ୍ତର : ସେମାନେ ଅନ୍ୟର ହିତ ଉଦ୍ଦେଶ୍ୟରେ ନୂତନ ବସ୍ତୁ ଆବିଷ୍କାର କରୁଛନ୍ତି, କିନ୍ତୁ ସେଥିରେ ଅନ୍ୟର ଯଥାର୍ଥ ହିତ ହେଉ ନାହିଁ, ବରଂ ବ୍ୟକ୍ତି ଭୋଗ-ବିଳାସ ଏବଂ ଜୀବନରକ୍ଷା ଆତଙ୍କରେ ଆତଙ୍କିତ ହେଉଅଛି । ସେମାନଙ୍କର ନିଜ ମଧ୍ୟରେ ଅହଂ, ସ୍ୱାର୍ଥ ବିଦ୍ୟମାନ ଥିବାରୁ ସଂସାରର ସମସ୍ତ ବ୍ୟକ୍ତି ସଦୃଶ ସେମାନେ ମଧ୍ୟ ସଂସାର-ବସ୍ତୁରେ ସୁଖଶାନ୍ତି ଖୋଜୁଛନ୍ତି, ଶେଷରେ ସେଥିରୁ ନିରାଶ ହେଉଛନ୍ତି । ସଂସାରରେ କୌଣସି ବ୍ୟକ୍ତି ଭଗବତ୍ ପ୍ରାପ୍ତି ବିନା ସାଂସାରିକ କୌଣସି ବସ୍ତୁରେ ସୁଖଶାନ୍ତି ପାଇପାରେ ନାହିଁ, ଏହା ନିରାଟ ସତ୍ୟ ।

ପ୍ରଶ୍ନ : ଆପଣ ଜୀବନର ଯେଉଁ ଅଖଣ୍ଡ ସୁଖଶାନ୍ତି କଥା କହୁଛନ୍ତି, ତାହା ଅଧ୍ୟାତ୍ମ ସାଧକ ଛଡ଼ା ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରାପ୍ତ ହୋଇ ନ ଥାଏ । କିନ୍ତୁ ଯେଉଁମାନେ ବ୍ୟବସାୟ, ଚାକିରି ବା ଅନ୍ୟ କୌଣସି ପେସା କରନ୍ତି ସେମାନେ କିପରି ଶାନ୍ତିରେ ଥାଆନ୍ତି ?

ଉତ୍ତର : ସେମାନେ ଯଥାର୍ଥରେ ସୁଖଶାନ୍ତିରେ ନ ଥା'ନ୍ତି । କିନ୍ତୁ ତା' ଅପେକ୍ଷା ଉତ୍କୃଷ୍ଟ ଜୀବନ ସମ୍ବନ୍ଧେ କେବେ ଭାବନ୍ତି ନାହିଁ କିଂବା ଆଶା କରନ୍ତି ନାହିଁ; ସଂସାରରେ ମୋହିତ ଥିବାରୁ, ନିଜେ ଏହି ପୃଥିବୀକୁ କାହିଁକି ଆସିଛନ୍ତି, ତାଙ୍କ ଜୀବନର ଲକ୍ଷ୍ୟ କ'ଣ, ସେ କ'ଣ କରୁଛନ୍ତି, ଏ ସବୁ ପ୍ରଶ୍ନ ସେମାନେ କେବେ ବି ନିଜକୁ ପଚାରନ୍ତି ନାହିଁ; ଘଣାରେ ଯୋଚା ହୋଇ ବୁଲୁଥିବା ବଳଦ ସଦୃଶ ବାରମ୍ବାର ଜନ୍ମ-ମରଣ-ଚକ୍ରରେ ଭ୍ରମୁଥାଆନ୍ତି ।

ପ୍ରଶ୍ନ : ଆପଣଙ୍କ ମତରେ କ'ଣ ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତ ହେଲେ ତାକୁ କୌଣସି ପ୍ରକାର ଦୁଃଖଦ୍ୱନ୍ଦ୍ୱ ସ୍ପର୍ଶ କରେ ନାହିଁ, ସୁପ୍ତ କର୍ମଶକ୍ତି ଜାଗ୍ରତ ହୁଏ, କର୍ମ ଏବଂ ଅଧ୍ୟାତ୍ମ ମିଳନରେ ଜୀବନ ହୁଏ ପୂର୍ଣ୍ଣ ଏବଂ ତେବେହିଁ ଅନ୍ୟର ଯଥାର୍ଥ ହିତ ହୁଏ ?

ଉତ୍ତର : ଯଥାର୍ଥରେ ଏହାହିଁ ।

ପ୍ରଶ୍ନ : ଏପରି କୌଣସି ବ୍ୟକ୍ତି ଜୀବନର ଲକ୍ଷ୍ୟ ପ୍ରାପ୍ତହୋଇ ସ୍ୱୟଂ ପରମସୁଖମୟ ଜୀବନ-ଯାପନ କରିଛନ୍ତି କି ଯାହାଙ୍କୁ ଦୁଃଖ ସ୍ପର୍ଶ କରି ନାହିଁ ଏବଂ ସେ ଅନ୍ୟର ଯଥାର୍ଥ ହିତ କରିପାରିଛନ୍ତି ?

ଉତ୍ତର : ସେମାନେ ହେଉଛନ୍ତି ଆମ୍ଭମାନଙ୍କ ପୂର୍ବଜ ଋଷିମୁନି, ସଚ୍ଚମହାତ୍ମା, ମହାପୁରୁଷ । ସେମାନେ ନିଜ ଜୀବନର ପରମ ଲକ୍ଷ୍ୟ, ପରମାନନ୍ଦ ପ୍ରାପ୍ତ ହୋଇଥିଲେ । ସେମାନଙ୍କ ଅହଂ, ସ୍ୱାର୍ଥ ସେହି ପରମାନନ୍ଦରେ ବିଲୀନ ହୋଇ ଯାଇଥିଲା । ଯେଉଁ ବ୍ୟକ୍ତିମାନେ ତାଙ୍କ ନିର୍ଦ୍ଦେଶ ଗ୍ରହଣ କରିଥିଲେ ସେମାନଙ୍କୁ ମଧ୍ୟ ସେହି ପରମାନନ୍ଦ ପ୍ରଦାନ କରି ସେମାନଙ୍କ ମହାନ୍ ଦୁଃଖଦ୍ୱନ୍ଦ୍ୱ ଦୂର କରିଥିଲେ । ସେହିମାନେ ଯଥାର୍ଥରେହିଁ ଜଗତର ହିତ କରିଥିଲେ । ସେମାନେ ହେଉଛନ୍ତି ବ୍ୟାସ, ବାଲ୍ମୀକି, ନାରଦ, ସନତ୍‌କୁମାର, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ, ଯିଶୁଖ୍ରୀଷ୍ଟ, ମହମ୍ମଦ, ତୁଳସୀଦାସ, କବୀର, ନାନକ, ଜ୍ଞାନଦେବ, ନାମଦେବ, ସମର୍ଥ ରାମଦାସ, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ଇତ୍ୟାଦି ।

ଏହିମାନେ ସତ୍ୟ ଉପଲବ୍ଧି କରିଥିଲେ । ହଜାର ହଜାର, ଲକ୍ଷ ଲକ୍ଷ ବ୍ୟକ୍ତିଙ୍କୁ ସେହି ସତ୍ୟ ଉପଲବ୍ଧି କରାଇଥିଲେ । ସେମାନେ ନିବାସ କରୁଥିଲେ ପରମସତ୍ୟ, ପରମ ଜ୍ଞାନରେ । ସେହି ଅଭ୍ରାନ୍ତ ଜ୍ଞାନରେ ନିବାସ କରି ଯାହା କହିଥିଲେ,

ଯାହା କରିଥିଲେ, ଯାହା ଲେଖିଥିଲେ, ତାହାହିଁ ସମାଜରେ ମାନଦଣ୍ଡରୂପେ ମାନ୍ୟ ହୋଇଥିଲା । ସେହିମାନଙ୍କ ନିର୍ଦ୍ଦେଶିତ ସତ୍ୟର ପ୍ରଭାବରେ ଆଜି ବି ସଂସାର ପରିଚାଳିତ ହେଉଅଛି ।

ପ୍ରଶ୍ନ : ଆପଣ ଯେଉଁ ଋଷିମୁନି, ସନ୍ଥ-ମହାତ୍ମା, ମହାପୁରୁଷଙ୍କ ନାମ ଉଲ୍ଲେଖ କଲେ ସେମାନେ ସମସ୍ତେ ଜୀବନର ଲକ୍ଷ୍ୟ ପରମାନନ୍ଦ, ପରମଶାନ୍ତି ପ୍ରାପ୍ତ ହେବା ସକାଶେ ଗୃହ-ପରିବାର, ସଂସାର ସମସ୍ତ କିଛି ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଛନ୍ତି । ସେମାନେ ନିଜ ସ୍ୱାର୍ଥ ସାଧନ କରିଅଛନ୍ତି, ଦେଶର ବା ଅନ୍ୟର ହିତ କଲେ କିପରି ?

ଉତ୍ତର : ଅଧ୍ୟାତ୍ମ ଋଷି, ମୁନି, ସାଧୁ, ସନ୍ଥ, ମହାପୁରୁଷମାନେ ଉପଲବ୍ଧି କରିଥିବା ଅଧ୍ୟାତ୍ମ ସତ୍ୟହିଁ ସଂସାରର ନୀତିନିୟମ, ଶୃଙ୍ଖଳାର ପଶ୍ଚାତ୍‌ରେ ରହି ସେସବୁକୁ ଧାରଣ କରିଅଛି । ଏହି ସତ୍ୟ ବିନା ସଂସାର ତିଷ୍ଠିପାରେ ନାହିଁ କିଂବା ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ – ପରମସୁଖ, ଜରା-ରୋଗ-ମୃତ୍ୟୁରୁ ମୁକ୍ତ ସମସ୍ତ ସତ୍ତାର ଭଗବାନଙ୍କ ସହିତ ଏକତ୍ୱ, ଦିବ୍ୟ-ଜୀବନ – ଦିଗରେ ଅଗ୍ରସର ହୋଇପାରେ ନାହିଁ । ଅଧ୍ୟାତ୍ମ ସତ୍ୟଦ୍ରଷ୍ଟା ଋଷି, ମୁନି, ସାଧୁ, ସନ୍ଥମାନେ ସଂସାରର ଯଥାର୍ଥ ହିତ କରୁଥିବାରୁ ସଂସାରର ବ୍ୟକ୍ତି ଏହି ରହସ୍ୟ ସ୍ପଷ୍ଟଭାବେ ନ ଜାଣି ବି ଅନ୍ତରାତ୍ମାର ଅସ୍ପଷ୍ଟ ପ୍ରେରଣାରେ ଏମାନଙ୍କୁ ପୂଜା କରନ୍ତି । ସତ୍ୟ ଉପଲବ୍ଧି କରିଥିବା ସାଂସାରିକ ସଂପଦବିହୀନ ଜଣେ ସନ୍ଥଙ୍କ ସମ୍ମୁଖରେ ସଂସାରର ଐଶ୍ୱର୍ଯ୍ୟପ୍ରାପ୍ତ ମହାନ୍ ପ୍ରତିଷ୍ଠିତ ବ୍ୟକ୍ତି ବା ଦେଶ ଶାସକ ସ୍ୱତସ୍ଫୂର୍ତ୍ତଭାବେ ନତମସ୍ତକ ହେଉଛନ୍ତି, ଏପରିକି ଈଶ୍ୱରବିରୋଧୀ ବ୍ୟକ୍ତି ବି ଅନ୍ତରରେ ସଙ୍କୁଚିତ ହୁଅନ୍ତି । ଦେଶନେତା, ଦେଶ ଶାସକମାନେ ହଜାର ପ୍ରକାର ଆଇନକାନୁନ, ଦଣ୍ଡ-ବିଧାନ ଦ୍ୱାରା ଦେଶରୁ ଅସତ୍ୟ-ଅନ୍ୟାୟ, ଚୋରି-ଡକାୟତି ଦୂର କରିପାରନ୍ତି ନାହିଁ । ଜଣେ ସତ୍ୟଦ୍ରଷ୍ଟା ମହାପୁରୁଷ ଏହି ପୃଥିବୀକୁ ଆସିଲେ ତାଙ୍କରି ଆଧ୍ୟାତ୍ମିକ ପ୍ରଭାବରେ ଅନ୍ୟାୟ ଅସତ୍ୟ ଦୂର ହୋଇଯାଏ । ରାମରାଜ୍ୟର ନୀତି ନିପୁଣତା ଆଜି ବି ଜନମୁଖରେ ପ୍ରଚଳିତ ଅଛି । ବୁଦ୍ଧ, ଶଙ୍କର, ଅନ୍ୟାନ୍ୟ ଆଚାର୍ଯ୍ୟ, ମହାପୁରୁଷମାନେ କେବଳ ଭାରତବର୍ଷରେ ନୁହେଁ ଅନ୍ୟାନ୍ୟ ଦେଶରେ ବି ସତ୍ୟ ପ୍ରଭାବରେ ନୈତିକତା ସ୍ଥାପନ କରିଅଛନ୍ତି ।

ପ୍ରଶ୍ନ : ଅଧ୍ୟାତ୍ମ ସତ୍ୟ କିପରି ନୀତିନିୟମ, ଶୃଙ୍ଖଳା ପଶ୍ଚାତ୍‌ରେ ରହି ସେସବୁକୁ ଧାରଣ କରିଅଛି – ସ୍ପଷ୍ଟଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ଯେପରି ଶରୀର, ପ୍ରାଣ, ମନ ପଶ୍ଚାତ୍‌ରେ ଆତ୍ମା ରହି ସେସବୁକୁ ଧାରଣ କରିଥାଏ, ସେହିପରି ନୈତିକ ନିୟମର ଶୃଙ୍ଖଳା ପଶ୍ଚାତ୍‌ରେ ଅଧ୍ୟାତ୍ମ ସତ୍ୟ ରହି ସେସବୁକୁ ଧାରଣ କରିଥାଏ । ଆତ୍ମାକୁ ଯେପରି ସମସ୍ତେ ଦେଖିପାରନ୍ତି ନାହିଁ, ସେହିପରି ଅଧ୍ୟାତ୍ମ ସତ୍ୟର ସନ୍ଧାନ ସମସ୍ତେ ପାଇପାରନ୍ତି ନାହିଁ । ଆତ୍ମା ଶରୀର ତ୍ୟାଗ କଲେ ଯେପରି ମନ-ପ୍ରାଣ-ଶରୀର ନିଷ୍କ୍ରିୟ ମୃତ୍ୟୁକୁ ପ୍ରାପ୍ତ ହୁଏ, ସେହିପରି ସଂସାରରୁ ଅଧ୍ୟାତ୍ମ ସତ୍ୟ ଅପସରି ଗଲେ ସଂସାରର ଧ୍ୱଂସ ବା ପ୍ରଳୟ ହୁଏ ।

ସଂସାର ପରିଚାଳିତ ହୁଏ ଦୁଇଟି ଶକ୍ତି ଦ୍ୱାରା । ଗୋଟିଏ ପରମ ସତ୍ୟ ଅଧ୍ୟାତ୍ମ ଶକ୍ତି ଓ ଅନ୍ୟଟି ଅନ୍ୟାୟ-ଅସତ୍ୟ, ମୃତ୍ୟୁ-ରୋଗ, ଦୁଃଖ-କଷ୍ଟ, ହିଂସା-ଦ୍ୱେଷ, ଅହଂ-ସ୍ୱାର୍ଥ, ଯୁଦ୍ଧ-ବିଗ୍ରହ, ଚୋରି-ଡକାୟତି ଆଦି ଆସୁରୀ ଶକ୍ତି । ଏହି ପୃଥିବୀରେ ଆସୁରୀ ଶକ୍ତିର ପ୍ରକାଶ ଥାଏ ଏବଂ ତାହାରି ଦ୍ୱାରା ପୃଥିବୀ ଶାସିତ ହେଉଥାଏ । କିନ୍ତୁ ଏହି ପୃଥିବୀରେ ଆଧିପତ୍ୟ ଆସୁରୀ ଶକ୍ତିର । ତଥାପି ସେ ପୂର୍ଣ୍ଣତଃ ସ୍ୱତନ୍ତ୍ର ନୁହେଁ, ପ୍ରାନ୍ତୀୟ ଶାସକ ସଦୃଶ କିଛି ସୀମା ପର୍ଯ୍ୟନ୍ତ ସେ ସ୍ୱତନ୍ତ୍ର ଥାଏ । କେନ୍ଦ୍ରୀୟ ଶାସକଙ୍କ ସଦୃଶ ସର୍ବନିୟନ୍ତା ଭଗବାନ୍ ସର୍ବୋପରି ରହିଥାଆନ୍ତି ଏବଂ ସଂସାର-ରକ୍ଷା ତଥା ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ସକାଶେ ନିଜ ଅଧ୍ୟାତ୍ମ ଶକ୍ତିକୁ ନିଯୁକ୍ତ କରିଥାଆନ୍ତି ।

ଶରୀର, ପ୍ରାଣ ଓ ମନର ସ୍ତର ପର୍ଯ୍ୟନ୍ତ ଅଜ୍ଞାନ ସ୍ତର । ଏହି ସ୍ତରରେ ବିକାଶ ସକାଶେ ଦୁଃଖ-କଷ୍ଟ, ରୋଗ-ମୃତ୍ୟୁର ଆବଶ୍ୟକ । ଏହି ଅଜ୍ଞାନ ଅବସ୍ଥାରେ ଦୁଃଖକଷ୍ଟ ନ ହେଲେ ମନୁଷ୍ୟ ଅଗ୍ରଗତି ନ କରି ତାମସିକତାରେ ସେହିଠାରେ ପଡ଼ିରହିବାକୁ ଚାହାନ୍ତି । ଅଜ୍ଞାନ, ଦୁଃଖ, କଷ୍ଟ ଏବଂ ବିନାଶ ହେଉଛି ଅନ୍ଧକାର ଶକ୍ତିର କାର୍ଯ୍ୟ । ସେହି ସକାଶେ ଏହି ଅଜ୍ଞାନ ସ୍ତରରେ ଦୁଃଖକଷ୍ଟପୂର୍ଣ୍ଣ ବିନାଶକାରୀ ଅନ୍ଧକାର ଶକ୍ତିକୁ ଭଗବାନ୍ ନିଯୁକ୍ତ କରିଅଛନ୍ତି ।

ଭଗବାନ୍ ବୈଚିତ୍ର୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜକୁ ଅନ୍ଧକାର ମଧ୍ୟରେ ଡୁବାଇ ଦେଲେ । ଜଡ଼ରୁ ମନଃସ୍ତର

ପର୍ଯ୍ୟନ୍ତ ଅଜ୍ଞାନ, ଅନ୍ଧକାରଶକ୍ତିକୁ ଶାସନର ଭାର ଦେଲେ । କିନ୍ତୁ ସେ ଶକ୍ତିର ସ୍ୱଭାବ କେବଳ ଦୁଃଖ, କଷ୍ଟ ଓ ବିନାଶ । ତଦ୍ଦ୍ୱାରା ବିକାଶ ସମ୍ଭବ ନୁହେଁ । ବିକାଶ ସକାଶେ ଅଜ୍ଞାନ, ଅନ୍ଧକାର ଶକ୍ତିର ପଶ୍ଚାତ୍‌ରେ ରଖିଲେ ଅଧ୍ୟାତ୍ମ ପରମ ସତ୍ୟ-ଶକ୍ତିକୁ । ସେହି ସତ୍ୟଶକ୍ତି ଅନ୍ଧକାରଶକ୍ତିକୁ ଧାରଣ କରି ଅନ୍ଧକାରଶକ୍ତିର କ୍ରିୟା ମଧ୍ୟଦେଇ ଅଦୃଶ୍ୟ ଭାବରେ ବିକାଶକୁ ଆଗେଇ ନେଇ ଚାଲିଲେ ତରୁଲତା, ପଶୁପକ୍ଷୀ ପର୍ଯ୍ୟନ୍ତ ପ୍ରକୃତି ମଧ୍ୟଦେଇ । ମନସ୍ତରରେ ମନୁଷ୍ୟକୁ ପ୍ରାପ୍ତ ହେଲା ମନ ଏବଂ ବୁଦ୍ଧି । ବୃକ୍ଷଲତା, ପଶୁପକ୍ଷୀ ଅପେକ୍ଷା ମନୁଷ୍ୟକୁ କର୍ମର ଅଧିକାର ଅଧିକ ପ୍ରାପ୍ତ ହେଲା । ମନୁଷ୍ୟର ମନ-ବୁଦ୍ଧି କେବଳ ଶକ୍ତିର ଯନ୍ତ୍ର । ଯେଉଁ ଶକ୍ତିର ପ୍ରଭାବ ଅଧିକ ହୁଏ, ତାହାରି ଦ୍ୱାରା ମନୁଷ୍ୟର ମନ-ବୁଦ୍ଧି ଚାଳିତ ହୁଏ । ପ୍ରକୃତିଚାଳିତ ବିକାଶର ମନ୍ଥର ଗତିକୁ ଅତ୍ୟନ୍ତ ତୀବ୍ର କରିବା ସକାଶେ ମନୁଷ୍ୟର ସହଯୋଗ ଆବଶ୍ୟକ । ପଶୁ ପର୍ଯ୍ୟନ୍ତ ବିକାଶରେ ସେସବୁର ସହଯୋଗ ନ ଥିଲା । ସେମାନଙ୍କୁ ମନ-ବୁଦ୍ଧି ପ୍ରାପ୍ତ ନ ଥିବାରୁ ସେମାନେ ବିକାଶରେ ସହଯୋଗ କରିପାରୁ ନ ଥିଲେ କିଂବା ସେମାନଙ୍କ ଦ୍ୱାରା ସୃଷ୍ଟି ନାଶ ହେଉ ନ ଥିଲା । ବିକାଶର ଅଗ୍ରଗତି ହେଉଥିଲା ପ୍ରକୃତି ଦ୍ୱାରା । ସେହି ସକାଶେ ବିକାଶର ଗତି ହେଉଥିଲା ଅକଳ୍ପନୀୟ ବିଳମ୍ବ । ମନୁଷ୍ୟକୁ ମନ-ବୁଦ୍ଧି ପ୍ରାପ୍ତ ହେଲା ପରେ ଅଧ୍ୟାତ୍ମ ସତ୍ୟ-ଶକ୍ତିର କିଛି ପ୍ରଭାବ ଯଦି ସେଥିରେ ନ ପଡ଼େ, ତେବେ ତାହା ଅନ୍ଧକାର ଶକ୍ତିର ଯନ୍ତ୍ର ହୋଇ ବିକାଶ ପରିବର୍ତ୍ତେ ଧ୍ୱଂସ ଆଡ଼କୁ ଗତି କରିବ । କିନ୍ତୁ ଭଗବାନଙ୍କ ବ୍ୟବସ୍ଥା ଦ୍ୱାରା ମନର ପୂର୍ଣ୍ଣ ବିକାଶ ପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ଶାସନ-ଅଧିକାର ଥିବାରୁ ଅଧ୍ୟାତ୍ମସତ୍ୟ ମୁକ୍ତରୂପେ ମନୁଷ୍ୟର ମନପ୍ରାଣକୁ ଅଧିକାର କରିପାରିବ ନାହିଁ, ତାହା ଭଗବାନଙ୍କର ଅଭିପ୍ରେତ ନୁହେଁ କିଂବା ସଂସାରର ଉଦ୍ଦେଶ୍ୟ ବି ନୁହେଁ । ଅନ୍ୟ କାରଣ ହେଲା ମନୁଷ୍ୟର ଚେତନା ଅଧ୍ୟାତ୍ମ ସତ୍ୟ-ଚେତନାର ବିଜାତୀୟ । ସାଧାରଣ ବ୍ୟକ୍ତି ଅଧ୍ୟାତ୍ମ ଶକ୍ତିକୁ ଗ୍ରହଣ କରିପାରନ୍ତି ନାହିଁ, ଯେଉଁମାନେ ସାଧନା କରି ନିଜକୁ ଅଧ୍ୟାତ୍ମ ସତ୍ୟର ସ୍ୱଜାତୀୟ କରିନିଅନ୍ତି ସେହିମାନେ ଅଧ୍ୟାତ୍ମ ଶକ୍ତିକୁ ଗ୍ରହଣ କରିପାରନ୍ତି ।

ନୈତିକତା ମନ-ନିର୍ମିତ । ମନୁଷ୍ୟକୁ ମନ ପ୍ରାପ୍ତ ହୋଇଛି, ସୁତରାଂ ମନୁଷ୍ୟର ସ୍ୱଜାତୀୟ ହେଲା ନୈତିକତା । ଅତଏବ ମନୁଷ୍ୟର ଅଗ୍ରଗତି ସକାଶେ ନୈତିକତା ନିର୍ଦ୍ଧାରଣ କରାଗଲା, କିନ୍ତୁ ତାହା ରକ୍ଷା କରିବା ସକାଶେ ଅଧ୍ୟାତ୍ମ ସତ୍ୟ ତାହା ପଶ୍ଚାତ୍‌ରେ ରହି ନୈତିକତାକୁ ଧାରଣ କରି ରହିଲା ।

ପ୍ରଶ୍ନ : ଯଦି ନୈତିକତାକୁ ଅଧ୍ୟାତ୍ମ ଶକ୍ତି ଧାରଣ କରି ରହିଥାଏ, ତେବେ ଜଗତରେ ଅନ୍ୟାୟ ବୃଦ୍ଧି ହୁଏ କାହିଁକି ?

ଉତ୍ତର : ଶକ୍ତି ଶକ୍ତିକୁ ଧାରଣ କରିବା ଅର୍ଥ ଶକ୍ତି ମନୁଷ୍ୟ ମଧ୍ୟରେ କାର୍ଯ୍ୟ କରିବା । ଅଧ୍ୟାତ୍ମ ସତ୍ୟକୁ ଧାରଣ କରିବା ବ୍ୟକ୍ତି ସଂସାରରେ ନ ରହିଲେ ନୈତିକତାର ପତନ ହୁଏ, ଅନ୍ୟାୟ-ଅସତ୍ୟ ପ୍ରବଳ ହୁଏ । ତେବେ ପୁନରାୟ ଭଗବାନ୍ ବା ମହାପୁରୁଷମାନେ ପୃଥିବୀରେ ଅବତୀର୍ଣ୍ଣ ହୋଇ ଅଧ୍ୟାତ୍ମ ଶକ୍ତିର ପ୍ରଭାବରେ ନୈତିକତା ପ୍ରତିଷ୍ଠା କରନ୍ତି । କାରଣ ମନୁଷ୍ୟର ମନସ୍ତର ପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ଶାସନ । ସେଥିରେ ଅଧ୍ୟାତ୍ମ ସତ୍ୟ ପ୍ରାପ୍ତ ଗୋଟିଏ ନୂତନ ମନୁଷ୍ୟଜାତିର ପ୍ରତିଷ୍ଠା ହୋଇପାରେ ନାହିଁ । କେବଳ ନୈତିକତାର ପତନ ହେଲେ ତାହାର ରକ୍ଷା ସକାଶେ ଭଗବାନ୍ ବା ମହାପୁରୁଷ ଆସି ନୈତିକତା ପ୍ରତିଷ୍ଠା କରି ଚାଲିଯାଆନ୍ତି । ତାଙ୍କ ପ୍ରଭାବରେ କିଛି ଦିନ ଚାଲେ । ପୁନରାୟ ନୈତିକତାର ପତନ ହେଲେ ସେମାନେ ଆସନ୍ତି । ଏହିପରି ବରାବର ଚାଲିଥାଏ ମନସ୍ତର ଶେଷ ହେବା ପର୍ଯ୍ୟନ୍ତ । ଗୀତାରେ ଭଗବାନ୍ ସ୍ୱୟଂ କହିଅଛନ୍ତି —

''ୟଦା ୟଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥୭॥
ପରିତ୍ରାଣାୟ ସାଧୂନାଂ ବିନାଶୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ୟୁଗେ ୟୁଗେ ॥୮॥ (ଅଧ୍ୟାୟ ୪)

ପ୍ରଶ୍ନ : ଆପଣଙ୍କ ଉତ୍ତର ସ୍ପଷ୍ଟ, ବୁଝିବାରେ ଅସୁବିଧା ନାହିଁ, ମାତ୍ର ସାଧାରଣ ବ୍ୟକ୍ତିଙ୍କର ବୋଧଗମ୍ୟ ଉଦାହରଣ ଦେଇ ବୁଝାଇଦିଅନ୍ତୁ ଯେ କିପରି ଅଧ୍ୟାତ୍ମ ସତ୍ୟ ନୈତିକତାକୁ ଧାରଣ କରି ରହିଅଛି ?

ଉତ୍ତର : ଯେପରି ଯୁଦ୍ଧରେ ବଳଶାଳୀ ସେନାପତି ଥିଲେ ସୈନିକମାନେ ପ୍ରବଳ ହୁଅନ୍ତି, ଶତ୍ରୁପକ୍ଷ ହାରିଯାଆନ୍ତି, ଦେଶର ନେତା ଶକ୍ତିଶାଳୀ ଥିଲେ କର୍ମୀମାନେ ନିର୍ଭୀକ ହୁଅନ୍ତି, ଅନ୍ୟ ସଂଘ ମୁଣ୍ଡ ଟେକିପାରନ୍ତି ନାହିଁ, ସେହିପରି ଅଧ୍ୟାତ୍ମ ଧର୍ମନିଷ୍ଠ ମହାପୁରୁଷ ସଂସାରରେ ଥିବା ସମୟରେ ନୈତିକତା ପ୍ରବଳ ହୁଏ; ଅନ୍ୟାୟ, ଅସତ୍ୟ ହ୍ରାସ ହୁଏ । ଶ୍ରୀରାମଙ୍କ ରାମରାଜ୍ୟର ନୈତିକତା ଆଜି ବି ଜନମୁଖରେ ପ୍ରଚଳିତ ଅଛି । ବୁଦ୍ଧଦେବ, ଶଙ୍କରାଚାର୍ଯ୍ୟ ତଥା ଅନ୍ୟାନ୍ୟ ଆଚାର୍ଯ୍ୟ ଓ ମହାପୁରୁଷ ସଂସାରକୁ ଆସି ଅଧ୍ୟାତ୍ମସତ୍ୟ ଶକ୍ତିରେ ନୈତିକତା ପ୍ରତିଷ୍ଠା କରିଥିଲେ । ଅନ୍ୟାନ୍ୟ ଦେଶରେ ଖ୍ରୀଷ୍ଟ, ମହମ୍ମଦ ପ୍ରଭୃତି ମହାପୁରୁଷ ଆସି ମଧ୍ୟ ନୈତିକତା ପ୍ରତିଷ୍ଠା କରିଥିଲେ ।

ପ୍ରଶ୍ନ : ସେମାନେ ସମସ୍ତେ ଅଧ୍ୟାତ୍ମ ଧର୍ମ ପ୍ରଚାର କରିଥିଲେ, ନୈତିକତାକୁ ଧାରଣ କରିଥିଲେ କିପରି ?

ଉତ୍ତର : ଅଧ୍ୟାତ୍ମ ହେଉଛି ଯଥାର୍ଥ ସତ୍ୟ, ନୈତିକତା ତା'ର ପ୍ରଭାବ ମାତ୍ର । ଭଗବାନ୍ ସତ୍ୟସ୍ୱରୂପ, ଆଚାର୍ଯ୍ୟ ଓ ମହାପୁରୁଷମାନେ ଭଗବାନଙ୍କ ଅଂଶ । ଅଧ୍ୟାତ୍ମ ସତ୍ୟକୁ ସେହିମାନେ ଧାରଣ କରିଥା'ନ୍ତି । ସେମାନେ ଯଦ୍ୟପି ଆମ୍ଭମାନଙ୍କ ସଦୃଶ ମନୁଷ୍ୟ ଶରୀର ଧାରଣ କରନ୍ତି, ଆମରି ସଦୃଶ କର୍ମ କରନ୍ତି, ତଥାପି ତାଙ୍କର ଚେତନା ଆମରି ଚେତନାଠାରୁ ଥାଏ ବହୁତ ଉର୍ଦ୍ଧ୍ୱରେ । ସଂସାରର ଖୁବ୍ ଅଳ୍ପ ବ୍ୟକ୍ତି, ଯେଉଁମାନେ ଦଶ-କୋଡ଼ିଏ ଜଣରୁ ଅଧିକ ନୁହନ୍ତି, ସେମାନେ ସାଧନା କରି ନିଜ ଆଧାରକୁ ଅଧ୍ୟାତ୍ମ ସତ୍ୟ ଧାରଣ କରିବାର ଉପଯୁକ୍ତ କରନ୍ତି ଏବଂ କିଛି ଅଂଶରେ ଧାରଣ କରନ୍ତି । ଅନ୍ୟମାନେ ହୁଅନ୍ତି ଭକ୍ତ । ସେମାନେ କେବଳ ଅବତାର ବା ମହାପୁରୁଷଙ୍କ ପ୍ରତି ଶ୍ରଦ୍ଧାଭକ୍ତି ରଖନ୍ତି ଏବଂ ଅଧ୍ୟାତ୍ମ ଶକ୍ତିର ପ୍ରଭାବ ମାତ୍ର ଗ୍ରହଣ କରନ୍ତି । ଏହିପରି ସଂସାରରେ କେତେକ ବ୍ୟକ୍ତି ଅଧ୍ୟାତ୍ମ ଶକ୍ତିକୁ ଗ୍ରହଣ କରିବା ଏବଂ କେତେକ ବ୍ୟକ୍ତି ତାହାର ପ୍ରଭାବରେ ପ୍ରଭାବିତ ହେବା ଦ୍ୱାରା ସଂସାରର ବାତାବରଣରେ ମହାନ୍ ପ୍ରଭାବ ପଡ଼େ । ତାହାରି ପ୍ରଭାବରେ ଅନ୍ୟାୟ, ଅସତ୍ୟ ଦବିଯାଏ । ତେବେ ନୈତିକତା କର୍ମରେ ପରିଣତ ହୁଏ । ଏହିପରି ବାରଂବାର ହେଉଥାଏ ।

ଅଧ୍ୟାତ୍ମ ସତ୍ୟନିଷ୍ଠ ମହାପୁରୁଷମାନେ ସଂସାରର ଅସତ୍ୟ, ମୋହ, ଅଜ୍ଞାନତା, ସ୍ୱାର୍ଥ ଓ ଅହଂମୂଳକ ପ୍ରବୃତ୍ତିକୁ ତ୍ୟାଗ କରିଥିବାରୁ ସେମାନଙ୍କୁ ପ୍ରାପ୍ତ ହୋଇଛି ଅଭ୍ରାନ୍ତ ଜ୍ଞାନ, ଏହିମାନେ କରିପାରିଛନ୍ତି ଅନ୍ୟର ଯଥାର୍ଥ ହିତ, ହଜାର ହଜାର ବର୍ଷରୁ ଏମାନଙ୍କ ସିଦ୍ଧାନ୍ତ ରହିଛି ସତ୍ୟ ଏବଂ ଭବିଷ୍ୟତରେ ମଧ୍ୟ ଏହାହିଁ ରହିବ ।

ଅଜ୍ଞାନ, ମୋହ, ଅହଂ, ସ୍ୱାର୍ଥାଦି ତ୍ୟାଗ ନ କରିଥିବା, ଜୀବନର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ ହୋଇ ନ ଥିବା ଦେଶନେତା ବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଦେଶରେ ବା ଅନ୍ୟର ଯେଉଁ ସାମୟିକ ହିତସାଧନ ହୁଏ, ତାହା ପଶ୍ଚାତ୍‌ରେ କୌଣସି ଦୃଢ଼ ସତ୍ୟ ନ ଥାଏ । ସେଥିଯୋଗୁଁ ସେହି ହିତ, ପୂର୍ଣ୍ଣ ଏବଂ ସ୍ଥାୟୀ ହୋଇପାରେ ନାହିଁ । ଉଦାହରଣସ୍ୱରୂପ — ଦେଶକୁ ସୁଖଶାନ୍ତିରେ ରଖିବା ସକାଶେ ସୃଷ୍ଟି ଆରମ୍ଭରୁ ବହୁପ୍ରକାର ପ୍ରଯତ୍ନ କରାହେଉଛି । କିନ୍ତୁ ସେଥିରେ ଦେଶ ସୁଖଶାନ୍ତିରେ ରହିପାରୁ ନାହିଁ, ଅଭାବ-ଅନଟନ ଦୂର ହେଉ ନାହିଁ, ଏକ ଦେଶ ସହିତ ଅନ୍ୟ ଦେଶ ଯୁଦ୍ଧ କରି ସର୍ବନାଶ କରୁଛି । ବହୁ ଉପାୟ ଦ୍ୱାରା ଆଜିପର୍ଯ୍ୟନ୍ତ ସଂସାରରେ କୌଣସି ବ୍ୟକ୍ତି ସୁଖଶାନ୍ତି ସ୍ଥାପନା କରିପାରି ନାହାନ୍ତି ।

ପ୍ରଶ୍ନ : ଅଧ୍ୟାତ୍ମ ସତ୍ୟ ବିନା କୌଣସି ବ୍ୟକ୍ତି ସଂସାରରେ ଯଥାର୍ଥ ସୁଖଶାନ୍ତି ପ୍ରତିଷ୍ଠା କରିପାରି ନାହିଁ କିଂବା ସଂସାରର ଯଥାର୍ଥ ଉନ୍ନତି ହୋଇ ନାହିଁ, ଏହା ପ୍ରତ୍ୟକ୍ଷ ଘଟଣା । କିନ୍ତୁ ଅଧ୍ୟାତ୍ମ ସତ୍ୟନିଷ୍ଠ ବ୍ୟକ୍ତି ଯଦ୍ୟପି ନୈତିକତାକୁ ଧାରଣ କରିଅଛନ୍ତି, ତାଙ୍କ ଉପସ୍ଥିତି ସମୟରେ ଅପେକ୍ଷାକୃତ ଅଧିକ ନୈତିକତା କ୍ରିୟାଶୀଳ ହୋଇଅଛି, ତଥାପି ସେମାନଙ୍କ ଦ୍ୱାରା ସଂସାରରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ହୋଇ ନାହିଁ କିଂବା ସଂସାରର ଉନ୍ନତି ହୋଇ ନାହିଁ । ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଏ ସମ୍ବନ୍ଧରେ ଆପଣଙ୍କ ମତାମତ କ'ଣ ?

ଉତ୍ତର : ଆପଣଙ୍କ କହିବା ଏକେବାରେ ଠିକ୍ । ବର୍ତ୍ତମାନ ପର୍ଯ୍ୟନ୍ତ ସଂସାରରେ ମନ ବା ମାନସ-ଚେତନାର ପ୍ରତିଷ୍ଠା ହୋଇଅଛି । ପୂର୍ବେ କୁହାହୋଇଅଛି ଯେ ମାନସ ସ୍ତରପର୍ଯ୍ୟନ୍ତ ଅଜ୍ଞାନ ଶକ୍ତିର ଶାସନ । ଏହି ସ୍ତର ପର୍ଯ୍ୟନ୍ତ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ହୋଇପାରେ ନାହିଁ, ଜୀବନରେ ଅଧ୍ୟାତ୍ମ ସତ୍ୟ ଓ କର୍ମର ମିଳନ ହୁଏ ନାହିଁ, ଜୀବନର ପୂର୍ଣ୍ଣାଙ୍ଗ ବିକାଶ ହୁଏ ନାହିଁ । ଅଧ୍ୟାତ୍ମ ସତ୍ୟନିଷ୍ଠ ମହାପୁରୁଷମାନେ କେବଳ ଅଜ୍ଞାନଶକ୍ତିକୃତ ବିନାଶ ମୁଖରୁ

ପୃଥିବୀକୁ ରକ୍ଷାକରି ବିକାଶ ମାର୍ଗରେ ଅଗ୍ରସର କରାନ୍ତି । ଜୀବନର ପୂର୍ଣ୍ଣ ବିକାଶ ଓ ସ୍ଥାୟୀ ସୁଖଶାନ୍ତି ପ୍ରାପ୍ତ ହୁଏ ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେଲେ । ତେବେ ହୁଏ ଜୀବନର ସର୍ବାଙ୍ଗୀନ ବିକାଶ, ସମସ୍ତ କର୍ମ ହୁଏ ଅଧ୍ୟାତ୍ମ ସତ୍ୟର ଭିତ୍ତିରେ । ଏହାହିଁ ଜୀବନର ଲକ୍ଷ୍ୟ । ଏହି ସକାଶେ ବ୍ୟକ୍ତି ଏହି ପୃଥିବୀକୁ ଆସିଅଛି । ତାହା ସମ୍ଭବ ହେବାର ସମୟ ମଧ୍ୟ ଆସିଛି । ଶ୍ରୀମାଶ୍ରୀଅରବିନ୍ଦ ଅତିମାନସଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ବର୍ତ୍ତମାନ ମନୁଷ୍ୟ ଏହି ଶକ୍ତିକୁ ଯେପର୍ଯ୍ୟନ୍ତ ଗ୍ରହଣ ନ କରିବ ସେପର୍ଯ୍ୟନ୍ତ ଏହି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ ନାହିଁ କିଂବା ପରମାନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ ପ୍ରାପ୍ତ ହୋଇପାରିବ ନାହିଁ ।

ପ୍ରଶ୍ନ : ମନୁଷ୍ୟ ମଧ୍ୟରୁ ଦୁଃଖକଷ୍ଟ ପୂର୍ଣ୍ଣରୂପେ ଦୂରହେବ, ସେ ପରମାନନ୍ଦରେ ବାସ କରି, ପୂର୍ଣ୍ଣାଙ୍ଗ ବିକାଶ କରିପାରିବ,— ଏହା କ'ଣ ସମ୍ଭବ ?

ଉତ୍ତର : ଏହା ନିଶ୍ଚୟ ସମ୍ଭବ; ହେବାକୁ ବାଧ । ଯେପରି ଛୋଟ ବଟବୀଜ ମଧ୍ୟରେ ବିରାଟ ବଟବୃକ୍ଷ ସୂକ୍ଷ୍ମରୂପେ ବିଦ୍ୟମାନ ଥାଏ, ସେହିପରି ମନୁଷ୍ୟ ମଧ୍ୟରେ ସମସ୍ତ ଶକ୍ତି ନିହିତ ଥାଏ; କେବଳ ସମୟ ଓ ସୁଯୋଗ ପାଇଲେ ତାହା ବିକଶିତ ହୁଏ । ନାରଦ, ଶୁକଦେବ, ସନତ୍‌କୁମାର, ବ୍ୟାସ, ବାଲ୍ମୀକି, ବୁଦ୍ଧଦେବ, ଆଚାର୍ଯ୍ୟ ଶଙ୍କର, ସମର୍ଥ ରାମଦାସ, ନାମଦେବ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ ଆଦି ମହାପୁରୁଷମାନେ ଅଧ୍ୟାତ୍ମ ସତ୍ୟ ଦ୍ୱାରା ନିଜ ଅନ୍ତର୍ନିହିତ ପରମାନନ୍ଦ, ପରମସୁଖ ପ୍ରାପ୍ତ କରିଥିଲେ । ତାଙ୍କ ଦୃଷ୍ଟିରେ ଥିଲା ଜାଗତିକ ସମସ୍ତ ବସ୍ତୁ ହେୟ । ସଂସାରର କର୍ମ ତ୍ୟାଗ କରିଥିବାରୁ ସେମାନଙ୍କ ଜୀବନର ସର୍ବାଙ୍ଗୀନ ବିକାଶ ହୋଇପାରି ନ ଥିଲା । ସର୍ବାଙ୍ଗୀନ ବିକାଶ ହୋଇଥିଲା ହନୁମାନଙ୍କର । ତାଙ୍କ ଜୀବନରେ ଅଧ୍ୟାତ୍ମ ସତ୍ୟ ସହିତ ମିଳନ ହୋଇଥିଲା କର୍ମର । କିନ୍ତୁ ସମୟ ଆସି ନ ଥିବାରୁ ତାହା ପୃଥିବୀରେ ପ୍ରତିଷ୍ଠିତ ହୋଇପାରି ନ ଥିଲା । ବର୍ତ୍ତମାନ ତାହାର ସମୟ ଆସିଛି । ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ବ୍ୟକ୍ତି ମାନସ-ଚେତନାର ସ୍ତରକୁ ଅତିକ୍ରମ କରି ଅତିମାନସ ଚେତନା-ସ୍ତରରେ ପ୍ରବେଶ କରିବାର ସମୟ ଆସିଛି । ବର୍ତ୍ତମାନ ବ୍ୟକ୍ତିକୁ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । ଯୁଗପରିବର୍ତ୍ତନ ହେବାର ସୂଚନା ଶ୍ରୀମା ତାଙ୍କର ଏହି ୧୯୬୭ ସାଲର ବାଣୀରେ କହିଅଛନ୍ତି :

"Men, Countries, Continents !
The choice is imperative :
Truth or the abyss."

ଅର୍ଥାତ୍ :

''ମନୁଷ୍ୟ, ଦେଶ, ମହାଦେଶସକଳ !
ବାଛି ନିଅ — ଅନ୍ୟ ପନ୍ଥା ନାହିଁ —
ସତ୍ୟ ଅଥବା ରସାତଳ ।''

ସଂସାର ଧ୍ୱଂସ ହେବ ନାହିଁ । ଶ୍ରୀମା ଅତିମାନସ ଶକ୍ତିକୁ ଏହି ପୃଥିବୀ ପୃଷ୍ଠରେ ଉତାରି ଆଣିଛନ୍ତି । ସେହି ଶକ୍ତି ଚେତନାର ରୂପାନ୍ତର-କ୍ରିୟା କରୁଅଛି । ବ୍ୟକ୍ତି ଯଦି ଜୀବନର ଯଥାର୍ଥ ଲକ୍ଷ୍ୟ ସ୍ୱେଚ୍ଛାରେ ଗ୍ରହଣ ନ କରେ, ତେବେ ଭୟଙ୍କର ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱମୟ ପରିସ୍ଥିତି ତାକୁ ଏହା ଗ୍ରହଣ କରିବାକୁ ବାଧ କରିବ ।

ପ୍ରଶ୍ନ : ଆପଣ କହିଲେ ଯେ ମନ-ପ୍ରାଣ-ଶରୀର ତଥା ଆତ୍ମାର ବିକାଶରେ ମନୁଷ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ । ତେବେ ତା'ର ସକଳ ସମସ୍ୟାର ହୁଏ ସମାଧାନ ଅର୍ଥାତ୍ ଦୁଃଖକଷ୍ଟରୁ ମୁକ୍ତି । ପୁନଶ୍ଚ କହିଲେ ଯେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ସେ ପୂର୍ଣ୍ଣରୂପେ ଅଜ୍ଞାନତାରୁ ମୁକ୍ତ ହୁଏ, ତା'ର ପୂର୍ଣ୍ଣତା ପ୍ରାପ୍ତି ହୁଏ । ଅନ୍ୟ ପ୍ରସଙ୍ଗରେ କହିଲେ ଯେ ମନୁଷ୍ୟ ମଧ୍ୟରେ ଅପ୍ରକାଶିତ ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶିତ ହେଲେ ବ୍ୟକ୍ତି ହୁଏ ଅତିମାନବ, ଏହାହିଁ ମନୁଷ୍ୟର ଲକ୍ଷ୍ୟ । ତେବେ ଆତ୍ମାର ବିକାଶରେ ମନୁଷ୍ୟକୁ ପୂର୍ଣ୍ଣତା ପ୍ରାପ୍ତ ହୁଏ ନା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରକ୍ରିୟା ହେବା ଫଳରେ ଅଥବା ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶିତ ହେବାରେ ?

ଉତ୍ତର : ମନ-ପ୍ରାଣ-ଶରୀର ତଥା ଆତ୍ମାର ବିକାଶ, ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର, ବିଜ୍ଞାନ ଏବଂ ଆନନ୍ଦମୟ କୋଷର ପ୍ରକାଶ – ଏହିସବୁ ଜୀବନ ପୂର୍ଣ୍ଣତାର ଗୋଟିଏ ଗୋଟିଏ ଭାଗ । ଏହିସବୁ କ୍ରିୟା ଏକ ସଙ୍ଗେ ହୁଏ । ମନ-ପ୍ରାଣ ଓ ଶରୀରର ଯଥାର୍ଥ ବିକାଶ ହୁଏ ଯେବେ ଅଜ୍ଞାନ ତଥା ଅନ୍ଧକାର ଶକ୍ତିର ସୀମିତତା, ପ୍ରକୃତିର ଅଧୀନତା ଏବଂ ରୋଗ, ଜରା, ମୃତ୍ୟୁର ଅଧୀନରୁ ପୂର୍ଣ୍ଣରୂପେ ସେସବୁ ମୁକ୍ତ ହୁଅନ୍ତି । ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରସାଧନ ହେବା ଫଳରେ । ତେବେହିଁ ଅନ୍ତରାତ୍ମା ଅଥବା ଭଗବାନଙ୍କ ସହ ଏକତ୍ୱ ପ୍ରାପ୍ତ ହୁଏ । ଏହି ଅବସ୍ଥାକୁ ଯଥାର୍ଥ ବିକାଶ ବା ପୂର୍ଣ୍ଣତା କୁହାଯାଏ । ଏହି ଅବସ୍ଥାରେହିଁ ବିଜ୍ଞାନ ଏବଂ ଆନନ୍ଦମୟ କୋଷ ପ୍ରକାଶ ହୁଏ । ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ଏବଂ ଯଥାର୍ଥ ବିକାଶରେ କୌଣସି ବିରୋଧ ନାହିଁ, ଏକହି ଅବସ୍ଥାର ଦୁଇଟି ନାମ ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରର ରୂପାନ୍ତର, ବିଜ୍ଞାନ ଓ ଆନନ୍ଦମୟ କୋଷର ପ୍ରକାଶ ଏବଂ ଅନ୍ତରାତ୍ମାର ଉଦ୍‌ଘାଟନ – ଏହିସବୁ ଭିନ୍ନ ଭିନ୍ନ ଶବ୍ଦ ଜୀବନର ପୂର୍ଣ୍ଣତା ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ବ୍ୟବହୃତ ହୋଇଅଛି । ଏସବୁ ମଧ୍ୟରେ କିପରି ସାମଞ୍ଜସ୍ୟ ରହିଛି, ତାହା ସ୍ପଷ୍ଟରୂପେ ବୁଝାଇ ଦିଅନ୍ତୁ ।

ଉତ୍ତର : ଆତ୍ମା, ଅତିମାନସ ଶକ୍ତି, ବିଜ୍ଞାନ ଓ ଆନନ୍ଦମୟ କୋଷ ବାସ୍ତବରେ ଏକହିଁ ଭଗବତ୍ ତତ୍ତ୍ୱ । କାର୍ଯ୍ୟ କରିବା ସକାଶେ ସ୍ୱୟଂ ଭଗବାନ୍ ଭିନ୍ନ ଭିନ୍ନ ରୂପେ ପ୍ରକଟ ହୋଇଅଛନ୍ତି ଏବଂ ଭିନ୍ନ ଭିନ୍ନ କାର୍ଯ୍ୟ କରୁଅଛନ୍ତି ।

ଅନ୍ତରାତ୍ମା ଭଗବାନଙ୍କ ଅଂଶ, ପ୍ରତିଭୂ ବା ଭଗବାନଙ୍କ ସ୍ୱରୂପ । ଏହି ଅନ୍ତରାତ୍ମା ନିବାସ କରେ ମନୁଷ୍ୟ-ହୃଦୟର ଗଭୀରରେ, ଧାରଣ କରିଥାଏ ମନ-ପ୍ରାଣ-ଶରୀରକୁ । ମନ, ପ୍ରାଣ, ଶରୀର ବିକୃତ ଏବଂ ମୋହମାୟା-ଅଜ୍ଞାନଗ୍ରସ୍ତ । ଅନ୍ତରାତ୍ମା ଏସବୁରୁ ମୁକ୍ତ, ତା'ର ଦିବ୍ୟ ସ୍ୱରୂପରେ ସ୍ଥିତ ଏବଂ ଭଗବାନଙ୍କ ସହିତ ତା'ର ଥାଏ ସର୍ବଥା ଏକତ୍ୱ । ଏହି ଅନ୍ତରାତ୍ମା ଅବିକୃତ ଥିବାରୁ ବିକୃତ ମନ-ପ୍ରାଣ-ଶରୀରକୁ ଧାରଣ କରି ପ୍ରକୃତି ଦ୍ୱାରା କ୍ରମ-ବିକାଶରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଦିଗରେ ଗତି କରୁଥାଏ । ଜଡ଼, ବୃକ୍ଷଲତା ଓ ପଶୁପକ୍ଷୀମାନଙ୍କ ମଧ୍ୟରେ ଏହି ଅନ୍ତରାତ୍ମା ଥାଏ ପ୍ରଭାବ ରୂପେ, କେବଳ ମନୁଷ୍ୟ ଶରୀରରେହିଁ ଆକୃତି ଗ୍ରହଣ କରି ବିକଶିତ ହେଉଥାଏ ।

ବ୍ୟକ୍ତିଗତ ଜୀବନରେ ଉନ୍ନତି :

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଗଲା ଯେ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ ନ କଲେ ବ୍ୟକ୍ତିର ସର୍ବାଙ୍ଗୀନ କର୍ମର ବିକାଶ ହୁଏ ନାହିଁ କିଂବା ସେ ସୁଖଶାନ୍ତି ପ୍ରାପ୍ତ କରିପାରେ ନାହିଁ । ଏହି ପୂର୍ଣ୍ଣାଙ୍ଗ ବିକାଶ ବିନା ବ୍ୟକ୍ତି ନିଜର ତଥା ଅନ୍ୟର ଯଥାର୍ଥ ହିତ କରିପାରେ ନାହିଁ । ଛାତ୍ରମାନଙ୍କର କର୍ତ୍ତବ୍ୟ ହେଲା ପାଠପଢ଼ିବା । ସେମାନେ ଯଦି ଜୀବନର ଲକ୍ଷ୍ୟପ୍ରାପ୍ତି ସକାଶେ ପ୍ରଯତ୍ନ ନ କରନ୍ତି ତେବେ ପରୀକ୍ଷାରେ ଅକୃତକାର୍ଯ୍ୟ ହେବେ । ତେବେ ଲକ୍ଷ୍ୟ ଗ୍ରହଣ କରିବା ଦ୍ୱାରା ସେମାନଙ୍କ ଜୀବନର ଉନ୍ନତି ହେବ କିପରି ?

ଉତ୍ତର : ଅଧିକାଂଶ ପିଲାଙ୍କର ପରୀକ୍ଷାରେ ଅକୃତକାର୍ଯ୍ୟ ହେବାର ପ୍ରଧାନ କାରଣ ହେଉଛି : ଜୀବନର ଲକ୍ଷ୍ୟ ଗ୍ରହଣ ନ କରିବା । ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ ଜୀବନର କୌଣସି ବିକାଶମୂଳକ କର୍ମରେ ବାଧା ଦିଏ ନାହିଁ, ଏହା ସମସ୍ତ କର୍ମକୁ ପୋଷଣ କରେ ତଥା ସମୃଦ୍ଧ କରିତୋଳେ । ତାହାରି ଆଶ୍ରୟରେହିଁ ବ୍ୟକ୍ତି ତା'ର ଜୀବନରେ ଉନ୍ନତିର ସମସ୍ତ ବାଧକ କର୍ମକୁ ବର୍ଜନ କରିପାରେ ।

ପ୍ରଶ୍ନ : ସ୍ପଷ୍ଟଭାବେ ବୁଝାଇ ଦିଅନ୍ତୁ ଯେ ଜୀବନର ଲକ୍ଷ୍ୟ କ'ଣ ?

ଉତ୍ତର : ସକଳ ବ୍ୟକ୍ତି ଯାହା ଚାହାନ୍ତି, ତାହାହିଁ ଜୀବନର ଲକ୍ଷ୍ୟ । ପୂର୍ବେ କୁହାଯାଇଛି ଯେ ସଂସାରର ସମସ୍ତ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମ ଶାନ୍ତି । ଏହାର ଅନ୍ତର୍ଗତ ରୋଗ-ଜରା-ମୃତ୍ୟୁରୁ ମୁକ୍ତ ଦିବ୍ୟ ଶରୀର । ଦୁଃଖ, ଅଶାନ୍ତି, ରୋଗ, ଜରା, ମୃତ୍ୟୁ ପ୍ରଭୃତିକୁ ବ୍ୟକ୍ତି ବାଧ ହୋଇ ଭୋଗ କରୁଥାଏ କିନ୍ତୁ ପ୍ରକୃତରେ ଚାହୁଁ ନ ଥାଏ । ଚାହୁଁଥାଏ ଏହାର ବିପରୀତ ଅମୃତତ୍ୱ । ସକଳ ବ୍ୟକ୍ତି ଯେଉଁ ବସ୍ତୁକୁ ଚାହାନ୍ତି ତାହା ସତ୍ୟ ଏବଂ ଶାଶ୍ୱତ ତଥା ତାହାର

ପ୍ରାପ୍ତି ଅନିବାର୍ଯ୍ୟ । ଏହାର ପ୍ରାପ୍ତି ଅବଶ୍ୟମ୍ଭାବୀ ନ ଥିଲେ ଏହାକୁ ଅଜ୍ଞାତରେ ଏବଂ ଅସ୍ପଷ୍ଟଭାବେ ସମସ୍ତ ବ୍ୟକ୍ତି ଚାହୁଁ ନ ଥା'ନ୍ତେ । ଏସବୁ ଭଗବାନଙ୍କ ଦିବ୍ୟଗୁଣ । ବ୍ୟକ୍ତି ଭଗବାନଙ୍କ ସହ ଏକତ୍ୱ ପ୍ରାପ୍ତ ହେଲେ ଏହା ସିଦ୍ଧ ହୁଏ । ଏହାହିଁ ଜୀବନର ଲକ୍ଷ୍ୟ ।

ପ୍ରଶ୍ନ : ପ୍ରଥମେ କହନ୍ତୁ ଯେ ଜୀବନର ଲକ୍ଷ୍ୟ ଗ୍ରହଣ ଜୀବନର ଉନ୍ନତିରେ ସାହାଯ୍ୟ କରେ କିପରି ଏବଂ ଜୀବନର ଉନ୍ନତିରେ ବାଧା କ'ଣ ?

ଉତ୍ତର : ଜୀବନରେ ଉନ୍ନତିର ପ୍ରଧାନ ଓ ପ୍ରଥମ ବାଧା ହେଲା କ୍ଷୁଦ୍ର ସ୍ୱାର୍ଥ ଏବଂ ଅହଂମୂଳକ ଗତିବୃତ୍ତି । ଜୀବନର ମହାନ୍ ଓ ବିଶାଳ ଲକ୍ଷ୍ୟ ଗ୍ରହଣ କରିବା ଦ୍ୱାରା କ୍ଷୁଦ୍ର ସ୍ୱାର୍ଥ ଦୂର ହୁଏ ଏବଂ କର୍ମରେ ପ୍ରବୃତ୍ତି, ଉତ୍ସାହ ତଥା ଶକ୍ତି ପ୍ରାପ୍ତ ହୁଏ ।

ବ୍ୟକ୍ତି ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ, ପରମ ଜ୍ଞାନ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ, ନ ଜାଣିବା ପର୍ଯ୍ୟନ୍ତ ତାହାର ଚେତନା ପୂର୍ଣ୍ଣରୂପେ ଅଜ୍ଞାନ-ଆବରଣରେ ଥାଏ । ମୋହବଶତଃ ସେ ଜୀବନର ଉନ୍ନତିରେ ବାଧକ ବସ୍ତୁକୁ ଗ୍ରହଣ କରେ । ବାଲ୍ୟାବସ୍ଥାରେ ଜୀବନର କୌଣସି ଲକ୍ଷ୍ୟ ନ ଥାଏ । କେବଳ ଖେଳିବା ଓ ବୁଲିବାହିଁ ସେତେବେଳେ ଭଲଲାଗେ । ପିତାମାତା ଯଦି ତାହାର ପଢ଼ିବା ଜୀବନର ଆଂଶିକ ଲକ୍ଷ୍ୟ ବୋଲି ବୁଝାଇ ନ ଦିଅନ୍ତି, ସେଥିରେ ସେ ପ୍ରବୃତ୍ତ ହେବା ନିମିତ୍ତ ପ୍ରଯତ୍ନ ନ କରନ୍ତି ତେବେ ସେ ବିଦ୍ୟାଧ୍ୟୟନ କରିପାରେ ନାହିଁ, ଖେଳିବୁଲି ସମୟ ନଷ୍ଟ କରେ ।

ବାଲ୍ୟାବସ୍ଥାରୁ ଛାତ୍ର ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ସମସ୍ତ ରୂପାନ୍ତରିତ ସତ୍ତାରେ ପରମାନନ୍ଦ, ପରମ ଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି ବୋଲି ଗ୍ରହଣ କଲେ, ଅନ୍ତରାତ୍ମା ସମ୍ବନ୍ଧେ ସଚେତ ହୁଏ । ତାହା ଫଳରେ ତା' ମଧ୍ୟରେ ସୁପ୍ତ ଥିବା ବିବେକ ଉତ୍ପନ୍ନ ହେବାକୁ ଆରମ୍ଭ କରେ । ସେ ପିତାମାତା, ଗୁରୁଜନଙ୍କ ହିତୋପଦେଶ ପାଳନ କରେ, ଜ୍ଞାନାର୍ଜନ ଉଦ୍ଦେଶ୍ୟରେ ପଢ଼େ; ଶରୀରକୁ ସୁସ୍ଥସବଳ, ସୁନ୍ଦର, ନୀରୋଗ କରିବା ସକାଶେ ନିୟମିତରୂପେ ବ୍ୟାୟାମ କରେ, ନିୟମିତ ଭୋଜନ, ନିୟମିତ ବିଶ୍ରାମ କରେ । ମନ-ପ୍ରାଣ-ଶରୀରର ସାରାତିସାର ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝିପାରେ ଏବଂ ତାହା ପ୍ରାଣପଣେ ପାଳନ କରେ; ସ୍ୱାସ୍ଥ୍ୟ ଏବଂ ବ୍ରହ୍ମଚର୍ଯ୍ୟରକ୍ଷାର ପ୍ରତିକୂଳ ଅଶ୍ଳୀଳ ସିନେମା ଦେଖିବା, ଅଶ୍ଳୀଳ ଗଳ୍ପ ପଢ଼ିବା ବା ଶୁଣିବା ତଥା ଦୁଶ୍ଚରିତ୍ର ବାଳକବାଳିକାମାନଙ୍କ ସଙ୍ଗ ତ୍ୟାଗ କରେ; ବିଡ଼ି, ସିଗାରେଟ, ଗଞ୍ଜେଇ, ଅଫିମ, ମଦ୍ୟପାନ ସର୍ବଥା ବର୍ଜନ କରେ । ଲକ୍ଷ୍ୟପ୍ରାପ୍ତି ସକାଶେ ନିୟମିତରୂପେ କିଛି ସମୟ ହୃଦୟରେ ଧ୍ୟାନ କରେ । ବୃତ୍ତି ଏକାଗ୍ର ହେବାରୁ ଉତ୍ତମରୂପେ ପଢ଼ିପାରେ, ଗଭୀର ଚିନ୍ତା କରିପାରେ, ପଢ଼ିବାରେ ଫାଙ୍କି ଦେଇ କଳକୌଶଳରେ ପାସ୍ କରିବା ମନୋବୃତ୍ତିକୁ ପ୍ରଶ୍ରୟ ଦିଏ ନାହିଁ । ଯୋଗ୍ୟତା ଅର୍ଜ୍ଜନ କରିବା ଉଦ୍ଦେଶ୍ୟରେ ପଢ଼େ, ରାଜନୀତିର ନେତାଙ୍କ ଯନ୍ତ୍ର ହୁଏ ନାହିଁ; ସମୟ ନଷ୍ଟ ଏବଂ ମନପ୍ରାଣରେ ଉଦ୍‌ବେଗ ସୃଷ୍ଟି କରେ ନାହିଁ । ସଂଯତ ଜୀବନଯାପନ କରିବା ଯୋଗୁଁ ଅଳ୍ପ ଖର୍ଚ୍ଚରେ ଆବଶ୍ୟକତା ପୂର୍ଣ୍ଣ ହୋଇଯାଏ । ଏହି ରୂପ ସଦ୍‌ଗୁଣପ୍ରାପ୍ତ ଛାତ୍ର, ଶିକ୍ଷକ, ପିତାମାତା ତଥା ପରିବାରର ଅନ୍ୟାନ୍ୟ ବ୍ୟକ୍ତିଙ୍କର ଆଦରର ପାତ୍ର ହୁଏ । ତା' କଥାରେ ସମସ୍ତ ବ୍ୟକ୍ତି ବିଶ୍ୱାସ କରନ୍ତି ।

ଲକ୍ଷ୍ୟ ଗ୍ରହଣ କରିଥିବା ଏହିପରି ସଦ୍‌ଗୁଣଯୁକ୍ତ ଛାତ୍ରର ଜୀବନରେ କର୍ମ ସହିତ ସତ୍ୟ, ନ୍ୟାୟ ଏବଂ ବିବେକର ସଂଯୋଗ ହୁଏ । ତା' ଅନ୍ତରରେ ପ୍ରତିଷ୍ଠା ହେବାକୁ ଆରମ୍ଭ କରିଥାଏ ଶାନ୍ତି, ସମତା, ଆନନ୍ଦ, ସତ୍ୟ ଏବଂ ଭଗବତ୍ ବିଶ୍ୱାସ । ଏହିପରି ଛାତ୍ର ଚାକିରି କଲେ ତା'ର ସମସ୍ତ କର୍ମ ଉତ୍ତମରୂପେ ଆଚରିତ ହୁଏ ସତ୍ୟ ଏବଂ ନ୍ୟାୟରେ । ବ୍ୟକ୍ତିଗତ ସ୍ୱାର୍ଥ ସ୍ଥାନକୁ ଅଧିକାର କରେ ଭଗବତ୍ ସେବାଭାବ । ସେ ସମସ୍ତ କର୍ମ କରେ ଲକ୍ଷ୍ୟପ୍ରାପ୍ତିର ଉଦ୍ଦେଶ୍ୟରେ ଭଗବତ୍ ସେବାରୂପେ । ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ ଆଚରଣ କରୁଥିବାରୁ ଏବଂ ଛାତ୍ର ଜୀବନରୁ ସଂଯତ ଜୀବନଯାପନ କରୁଥିବା ଯୋଗୁଁ ଉପାର୍ଜ୍ଜନ ଅପେକ୍ଷା ଅଧିକ ଖର୍ଚ୍ଚର ଆବଶ୍ୟକ ନ ଥାଏ ଏବଂ ନ୍ୟାୟପରାୟଣତା ସ୍ୱଭାବରେ ପରିଣତ ହୋଇଥିବାରୁ ଅନ୍ୟର ଅନିଷ୍ଟ କରେ ନାହିଁ କିଂବା ରିସ୍‌ପତ ନିଏ ନାହିଁ, କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି କରେ ନାହିଁ । ବ୍ୟବସାୟ କଲେ ଅନ୍ୟକୁ ତଥା ସରକାରଙ୍କୁ ଠକେ ନାହିଁ; ରାଜନୀତିରେ ପ୍ରବେଶ କଲେ ନିଜ ଅନ୍ତରରେ ବିବେକ ଏବଂ ଶାନ୍ତି-ସମତା ପ୍ରତିଷ୍ଠିତ ହୋଇଥିବାରୁ ଜଟିଳ ସମସ୍ୟା ସହଜରେ ସମାଧାନ କରେ, ସକଳ

ଅବିହିତ କାର୍ଯ୍ୟ ତ୍ୟାଗ କରି ବିହିତ କାର୍ଯ୍ୟ କରେ । ଲକ୍ଷ୍ୟ ଗ୍ରହଣ କରିଥିବାରୁ ତା'ର ଆତ୍ମା ଜାଗ୍ରତ ହୋଇଥାଏ ଏବଂ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହୋଇ ସାରିଥାଏ । ଭଗବାନଙ୍କ ଉପରେ ନିର୍ଭରତା ରଖିବା ଯୋଗୁଁ ସେ ନିର୍ଭୀକ ଏବଂ ନିର୍ଦ୍ୱନ୍ଦ୍ୱ ରହେ ଏବଂ ଆବଶ୍ୟକ ଅନୁସାରେ ତା' ଅନ୍ତରସ୍ଥ ସୁପ୍ତ ଶକ୍ତି ଜାଗ୍ରତ ହୁଏ । ଏହିପରି ବ୍ୟକ୍ତିର ଜୀବନରେ ହୁଏ ଅଧ୍ୟାତ୍ମ ସତ୍ୟ ଏବଂ କର୍ମର ମିଳନ ଅର୍ଥାତ୍ ତା'ର ସମସ୍ତ କର୍ମ ହୁଏ ଅଧ୍ୟାତ୍ମ ସତ୍ୟର ଭିତ୍ତିରେ । ଜୀବନର ହୁଏ ପୂର୍ଣ୍ଣ ବିକାଶ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ହୁଏ ଯଥାର୍ଥରେ ଦେଶସେବା ଏବଂ ଦେଶର ଉନ୍ନତି । ଏହି ଲକ୍ଷ୍ୟ ବ୍ୟକ୍ତି ଗ୍ରହଣ ନ କଲେ ଜୀବନର ସମସ୍ୟା ସମାଧାନ ନ ହୋଇ ଜଟିଳ ହୁଏ ଏବଂ ପ୍ରତିକୂଳ ଆଚରଣ ଦ୍ୱାରା ଜୀବନର ଅବନତି ବା ପତନ ହୁଏ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ନିଜର ଏବଂ ଦେଶର ହିତ ସାଧନ ହୁଏ ନାହିଁ ।

ଏହି ସର୍ବାଙ୍ଗୀନ ପୂର୍ଣ୍ଣ ଏବଂ ସୁନ୍ଦର ଜୀବନ ପ୍ରାପ୍ତ ହୁଏ, ବ୍ୟକ୍ତି ମୃତ୍ୟୁ, ରୋଗ, ଜରା, ଅଜ୍ଞାନରୁ ମୁକ୍ତ ହୁଏ, ପରମାନନ୍ଦ ଓ ପରମ ଶାନ୍ତି ସ୍ୱରୂପ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗ ଗ୍ରହଣରେ । ଆସନ୍ନ ନୂତନ ଯୁଗର ଏହାହିଁ ଧର୍ମ । ପ୍ରତ୍ୟେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଉଚିତ । ଏଥିରେହିଁ ରହିଛି ଜୀବନ ଏବଂ ଜଗତର ସକଳ ସମସ୍ୟାର ସମାଧାନ ।

ଜୀବନର ଉନ୍ନତିରେ ତ୍ରିବିଧ କର୍ମ

ଏହି ଜଗତ୍ କର୍ମ-କ୍ଷେତ୍ର । କର୍ମରୁ ନିବୃତ୍ତ ହେବାର ଉପାୟ ନାହିଁ । ବସିରହିଲେ ମଧ୍ୟ ସ୍ଥୂଳ ଇନ୍ଦ୍ରିୟ ନେତ୍ର ଓ ଶ୍ରବଣରେ ଦେଖିବା ଏବଂ ଶୁଣିବା କ୍ରିୟା ହୁଏ, ହସ୍ତପଦାଦି ପରିଚାଳିତ ହେଉଥାଏ, ନିଦ୍ରାବସ୍ଥାରେ ବ୍ୟକ୍ତି ସ୍ୱପ୍ନରାଜ୍ୟରେ ବିଚରଣ କରେ । ଶ୍ୱାସପ୍ରଶ୍ୱାସ ନେବା, ମନରେ ସ୍ୱତଃସ୍ଫୂର୍ତ୍ତଭାବେ ବିଚାର ଆସିବାହିଁ କର୍ମ । ଯୋଗସାଧନା ଦ୍ୱାରା ନିଶ୍ଚଳ ଆସନରେ ବସି ଶ୍ୱାସ-ପ୍ରଶ୍ୱାସ ରୋଧ କରି ସମାଧିସ୍ଥ ହେଲେ ବି କର୍ମରୁ ପରିତ୍ରାଣ ମିଳେ ନାହିଁ ।

''ନ ହି କଶ୍ଚିତ୍ କ୍ଷଣମପି ଜାତୁ
ତିଷ୍ଠତ୍ୟକର୍ମକୃତ୍ ।
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ
ପ୍ରକୃତିଜୈର୍ଗୁଣୈଃ ॥'' (ଗୀତା, ଅଧ୍ୟାୟ ୩, ଶ୍ଲୋକ ୫)

ଜୀବିତ ଥିବା ପର୍ଯ୍ୟନ୍ତ ମନୁଷ୍ୟ କର୍ମ ତ୍ୟାଗ କରିବାରେ କୌଣସିମତେ ସମର୍ଥ ନୁହେଁ, ଏହାହିଁ ସୃଷ୍ଟିର ବିଧାନ । କର୍ମ ଦ୍ୱାରା ପୃଥିବୀରେ ଦିବ୍ୟ-ମାନବଜାତି ତଥା ଏହି ମୃତ୍ୟୁପୁରୀରେ ଦିବ୍ୟ ସ୍ୱର୍ଗରାଜ୍ୟ ପ୍ରତିଷ୍ଠିତ ହେବା ସକାଶେ ଭଗବାନ୍ ସ୍ୱୟଂ ଏକରୁ ବହୁରୂପେ ସୃଷ୍ଟି ହୋଇଅଛନ୍ତି ।

ଭାଗବତ କର୍ମ ଦ୍ୱାରା ବ୍ୟକ୍ତି ଦେବତାଙ୍କୁ ଅତିକ୍ରମ କରି ଦେବ-ଦୁର୍ଲଭ ପରମପଦ, ମୁକ୍ତି, ନିର୍ବାଣ ଏବଂ ଭଗବତ୍ ପ୍ରାପ୍ତି କରିପାରେ କିଂବା ନିଜକୁ ପୂର୍ଣ୍ଣରୂପେ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରି ଅତିମାନସ ଶକ୍ତି ଦ୍ୱାରା ନିଜ ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ । ରୋଗ-ଜରା-ମୃତ୍ୟୁ, ଅଜ୍ଞାନ-ଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣମୁକ୍ତ ହୋଇ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ କରିପାରେ; ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ଏବଂ ପରମଜ୍ଞାନ, ପରମାନନ୍ଦରେ ନିବାସ କରେ । ଅଥବା ବ୍ୟକ୍ତି ମୋହମାୟା, ଅଜ୍ଞାନର ବଶୀଭୂତ ହୋଇ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ, ଜୀବନର ଲକ୍ଷ୍ୟ, ଲକ୍ଷ୍ୟପ୍ରାପ୍ତିର ଉପାୟ ନ ଜାଣି ପ୍ରମାଦବଶତଃ ସ୍ୱାର୍ଥ, ଅହଂ, ଇନ୍ଦ୍ରିୟ-ବାସନାତୃପ୍ତି ସକାଶେ କର୍ମକରେ, ଜୀବିତ ଅବସ୍ଥାରେ ଦୁଃଖକଷ୍ଟ, ରୋଗ-ଯନ୍ତ୍ରଣା ଭୋଗେ, ବାରଂବାର ଜନ୍ମ-ମରଣରୂପ ମହାନ୍ ଦୁଃଖ ଚକ୍ରରେ ଭ୍ରମୁଥାଏ । ଶବର ଗଜମୁକ୍ତାର ମୂଲ୍ୟ ଓ ମହତ୍ତ୍ୱ ନ ଜାଣି ସେରେ ଶାଗକୁ ବିକ୍ରି କରିବା ସଦୃଶ ବ୍ୟକ୍ତି ଦେବଦୁର୍ଲଭ ମନୁଷ୍ୟ-ଶରୀର ଲାଭ କରି ବିଷୟ ଭୋଗରେ ନଷ୍ଟ କରିଦିଏ । ଏହାହିଁ ମନୁଷ୍ୟର ଅଜ୍ଞାନତା ।

ଉତ୍ତମ କର୍ମର ଭିତ୍ତି : ଲକ୍ଷ୍ୟ-ଜ୍ଞାନ

ବ୍ୟକ୍ତି ଉତ୍ତମ କର୍ମ କରିପାରେ ନିଜ ଜୀବନର ଲକ୍ଷ୍ୟ ଜାଣିଲେ । ବ୍ୟକ୍ତି ଏହି ସଂସାରକୁ କାହିଁକି ଆସିଛି ? କ'ଣ ଚାହୁଁଛି ?– ଏହି ପ୍ରଶ୍ନ ଯଦି କରେ, ତେବେ ଉତ୍ତର ପାଏ ।

ଏହି ଉଭୟ ପ୍ରଶ୍ନର ଉତ୍ତର ହେଲା – ବ୍ୟକ୍ତି ଚାହେଁ ପରମ ସୁଖ । ଏହାକୁ ପ୍ରାପ୍ତ ହେବା ସକାଶେ ସେ ଏହି ପୃଥିବୀକୁ ଆସିଛି । ଭଗବାନଙ୍କର ସୃଷ୍ଟି କରିବାର ଏହାହିଁ ଉଦ୍ଦେଶ୍ୟ । ଏହି ସକାଶେ ଭଗବାନ୍ 'ଏକ'ରୁ 'ବହୁ' ରୂପେ ପ୍ରକଟ ହୋଇଅଛନ୍ତି । ଶିଶୁରୁ ବୃଦ୍ଧ, ଚୋରରୁ ସାଧୁ, ଦରିଦ୍ରରୁ ଧନୀ, ମହାନ୍ ଐଶ୍ୱର୍ଯ୍ୟଶାଳୀ ପର୍ଯ୍ୟନ୍ତ – ସମସ୍ତ ଶ୍ରେଣୀର ବ୍ୟକ୍ତି ଚାହାନ୍ତି ଦୁଃଖ-ତାପ-ବିହୀନ ପରମ ସୁଖ ଓ ପରମ ଶାନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ବିଦ୍ୟା, ଧନ, ମାନ, ଯଶଃ, ମର୍ଯ୍ୟାଦା, ଐଶ୍ୱର୍ଯ୍ୟ, ଅଧିକାର, ପାରିବାରିକ ମୋହମାୟାଗ୍ରସ୍ତ ସମ୍ବନ୍ଧ ବା ଇନ୍ଦ୍ରିୟ ଭୋଗ-ବିଳାସରେ ପ୍ରାପ୍ତ ହୁଏ ନାହିଁ । ପ୍ରାପ୍ତ ହୁଏ ଭଗବତ୍ ଉପଲବ୍ଧିରେ । ଭଗବାନ୍ ହେଉଛନ୍ତି ଦିବ୍ୟ-ଆନନ୍ଦ, ପରମ-ଜ୍ଞାନ, ପରମ-ଶକ୍ତିର ଉଦ୍‌ଗମସ୍ଥଳ ବା ମୂର୍ତ୍ତିମାନ ବିଗ୍ରହ । ବ୍ୟକ୍ତି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେଲେ କିଂବା ସମସ୍ତ ସତ୍ତାରେ ଭଗବତ୍ ଉପଲବ୍ଧି କରିପାରିଲେ ତା' ଚାହିଁବା ପୂର୍ଣ୍ଣ ହୁଏ । ଏହାକୁହିଁ ସମସ୍ତ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଚାହୁଁଅଛନ୍ତି । ନିର୍ବିବାଦରୂପେ ପ୍ରତ୍ୟେକ ବ୍ୟକ୍ତିର ଏହାହିଁ ଲକ୍ଷ୍ୟ । ମନୁଷ୍ୟ ଏହି ଲକ୍ଷ୍ୟ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ଉପାୟରେ ଦୁଃଖକଷ୍ଟରୁ ମୁକ୍ତ ହୋଇପାରେ ନାହିଁ କିଂବା ଜନ୍ମ-ମରଣରୁ ନିବୃତ୍ତ ହୁଏ ନାହିଁ । ଏହି ଲକ୍ଷ୍ୟ-ଜ୍ଞାନ ଛଡ଼ା କୌଣସି ବ୍ୟକ୍ତି କୌଣସି ପ୍ରକାର ଜାଗତିକ କର୍ମ ଦ୍ୱାରା ନିଜର, ପରିବାରର, ଦେଶର, ଜାତିର ବା ସମସ୍ତ ସଂସାରର ଯଥାର୍ଥ ହିତ ସାଧନ କରିପାରେ ନାହିଁ । କର୍ମ ଦ୍ୱାରାହିଁ ବ୍ୟକ୍ତି ବନ୍ଧନରେ ପଡ଼େ, ସେହି କର୍ମ ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କୁ ସମର୍ପିତ ହେଲେ ତାହାରି ଦ୍ୱାରା ଜନ୍ମ-ମରଣରୁ ମୁକ୍ତ ହୋଇ ନିର୍ବାଣ ବା ଭଗବତ୍ ପ୍ରାପ୍ତି କରିପାରେ । ଅଥବା ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତି କରିପାରେ ।

ମନ, ପ୍ରାଣ, ଶରୀର ତଥା ଆତ୍ମା – ଏହି ଚାରିସତ୍ତାର ସଂଯୋଗରେ ମାନବଜୀବନ ଗଠିତ । ଏହି ଚାରିସତ୍ତା ମଧ୍ୟରେ ନିହିତ ବା ସୁପ୍ତ ଅଛି ଅସାଧାରଣ ଶକ୍ତି । ଏହିସବୁ ସତ୍ତାର ହେଉଛି ଭିନ୍ନ ଭିନ୍ନ କର୍ମ । ଏହି ଚାରିଟି ସତ୍ତାର ବିକାଶ ଏବଂ କର୍ମରେ ମନୁଷ୍ୟର ହୁଏ ପୂର୍ଣ୍ଣତା । ଏହାରି ମଧ୍ୟରୁ ଗୋଟିକୁ ବାଦ୍ ଦେଲେ ମନୁଷ୍ୟ ଜୀବନ ହୁଏ ଅପୂର୍ଣ୍ଣ ଏବଂ ଅଙ୍ଗହୀନ ବିକଳାଙ୍ଗ ।

ଶରୀରରେ କର୍ମ-ସମ୍ପାଦନ ହୁଏ । କିନ୍ତୁ କର୍ମ କରିବା ଶକ୍ତି ତା'ର ନ ଥାଏ, ସେ ଶକ୍ତି ପ୍ରାଣର । ପ୍ରାଣରେ କର୍ମ-ସଂପାଦନର ପ୍ରଣାଳୀ ବା କୌଶଳ ନ ଥାଏ, ତାହା ମନ-ବୁଦ୍ଧିର । ମନ-ବୁଦ୍ଧିର ଯଥାର୍ଥ ଜ୍ଞାନର ଅଭାବ, ସେସବୁ ଯଥାର୍ଥ ମାର୍ଗରେ ପରିଚାଳିତ ହୋଇପାରନ୍ତି ନାହିଁ, ନିଜକୁ ଭଗବାନଙ୍କ ଚରଣରେ ସମର୍ପିତ କରିପାରନ୍ତି ନାହିଁ କିଂବା ବ୍ୟକ୍ତି ଚାହୁଁଥିବା ପରମାନନ୍ଦ ଲାଭ କରିପାରନ୍ତି ନାହିଁ । ଏହା କରେ ଆତ୍ମା । ଆତ୍ମା ଜାଗ୍ରତ ନ ହେଲେ ବ୍ୟକ୍ତି ପରମାନନ୍ଦ, ପରମଶାନ୍ତି ପ୍ରାପ୍ତ ହୁଏ ନାହିଁ; କର୍ମର ଫଳ ଦୁଃଖ, ସୁଖ ଭୋଗ କରିବା ସକାଶେ ବାରଂବାର ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରୁଥାଏ । ଜନ୍ମ-ମରଣରୁ ନିବୃତ୍ତି, ପରମାନନ୍ଦ ଓ ପରମଶାନ୍ତି ପ୍ରାପ୍ତ ହୁଏ ଆତ୍ମ-ବିକାଶରେ । ଅତଏବ ମନୁଷ୍ୟର ଏହି ଚାରି ସତ୍ତାର ବିକାଶ ହେବା ଅନିବାର୍ଯ୍ୟ । ଅନ୍ୟଥା ପାଦ ଅଭାବରେ ଚାଲି ନ ପାରିବା, ହାତ ଅଭାବରେ କାମ କରି ନ ପାରିବା, ଆଖି ଅଭାବରେ ଦେଖି ନ ପାରିବା, କାନ ଅଭାବରେ ଶୁଣି ନ ପାରିବା ସଦୃଶ ବ୍ୟକ୍ତିର ଜୀବନ ହୁଏ ଅଙ୍ଗହୀନ, ଅପୂର୍ଣ୍ଣ ।

ଶାରୀରିକ କର୍ମ

ଶରୀର ଜଡ଼। ସେ ସ୍ୱତଃସ୍ଫୂର୍ତ୍ତଭାବେ ସ୍ୱୟଂ କାର୍ଯ୍ୟ କରିବାକୁ ଅକ୍ଷମ। କିନ୍ତୁ ଶରୀର ହେଉଛି ମନ-ପ୍ରାଣ-ଆତ୍ମାର ଆଧାର। ଶରୀର ସେମାନଙ୍କୁ ନିଜ ମଧ୍ୟରେ ନିବାସ କରିବାକୁ ଆଶ୍ରୟ ଦେଇଥାଏ। ମନ-ପ୍ରାଣ-ଆତ୍ମାର ଯଦ୍ୟପି ଥାଏ ଅସାଧାରଣ ଶକ୍ତି ତଥାପି ଶରୀରଯନ୍ତ୍ର ଛଡ଼ା ସେମାନେ କର୍ମ ସମ୍ପାଦନ କରିପାରନ୍ତି ନାହିଁ, କର୍ମ କରନ୍ତି ଶରୀର-ଯନ୍ତ୍ରର ଆଶ୍ରୟରେ। ଶରୀର ହେଲା ନିରୀହ ଯନ୍ତ୍ର। ମନ, ପ୍ରାଣ, ଆତ୍ମା ସମସ୍ତେ ତାହାରି ଉପରେ ହୁକୁମ ଜାରି କରନ୍ତି। ସେ ନୀରବରେ ଭୃତ୍ୟରୂପେ ଆଦେଶ ପାଳନ କରେ। ମନ, ପ୍ରାଣ, ଆତ୍ମା – ଏହି ତିନିଟି ସତ୍ତା ମଧ୍ୟରେ ଯେଉଁଟି ବଳବାନ୍ ହୁଏ, ଶରୀର ହୁଏ ତାହାରି ଆଜ୍ଞାକାରୀ ସେବକ।

ମନ, ପ୍ରାଣ ତଥା ଆତ୍ମାର ପ୍ରେରଣାରେ ଶରୀର ଦ୍ୱାରା ଅସାଧାରଣ କର୍ମ ସମ୍ପନ୍ନ ହୁଏ। ଶରୀର ଦୁର୍ବଳ ଓ ରୋଗଗ୍ରସ୍ତ ହେଲେ ଜାଗତିକ କୌଣସି କର୍ମ ସିଦ୍ଧି ହୁଏ ନାହିଁ କିଂବା ଅଧ୍ୟାତ୍ମ-ସାଧନା ଭଗବତ୍‌ପ୍ରାପ୍ତି ହୁଏ ନାହିଁ। ସୁତରାଂ ଶରୀରକୁ ସୁସ୍ଥସବଳ କରିବା ସକାଶେ ସଂଯତ ରଖିବା ଆବଶ୍ୟକ।

ଶରୀର ସଂଯତ, ବଳବାନ୍, ରୋଗମୁକ୍ତ, ସୁନ୍ଦର, ସୁଡ଼ୌଲ ହୁଏ ଏବଂ ଗ୍ରନ୍ଥିସବୁ ଦୃଢ଼ ହୁଏ ଓ ଦୁର୍ବଳ ଭାଗ ସବଳ ହୁଏ ବ୍ୟାୟାମ ଦ୍ୱାରା। ଏହାର ସହାୟକ ଶାରୀରିକ ନିୟମ : ରାତ୍ରି ଦଶଟା ପୂର୍ବରୁ ନିର୍ଦିଷ୍ଟ ସମୟରେ ଭୋଜନ ଏବଂ ବିଶ୍ରାମ, ନିର୍ଦିଷ୍ଟ ସମୟରେ ଶଯ୍ୟାତ୍ୟାଗ, ମଳ-ମୂତ୍ରତ୍ୟାଗ ଏବଂ ବିଦ୍ୟାଧ୍ୟୟନ ଇତ୍ୟାଦି। ଅନିୟମିତତା, ଅହିତକର ଖାଦ୍ୟ, ଅସମୟରେ ଭୋଜନ, ଅସମୟରେ ନିଦ୍ରା, ନିରର୍ଥକ ଗଳ୍ପ, ଦୁଶ୍ଚରିତ୍ର ବାଳକ-ବାଳିକାମାନଙ୍କ ସଙ୍ଗ ତଥା ବିଡ଼ି ସିଗାରେଟ୍ ଆଦି ସମସ୍ତ ପ୍ରକାର ଧୂମପାନ ଏବଂ ମଦ୍ୟ, ଗଞ୍ଜାଇ, ଅଫିମ ଆଦି ସମସ୍ତ ପ୍ରକାର ନିଶାଦ୍ରବ୍ୟ ସର୍ବଥା ତ୍ୟାଜ୍ୟ।

ବ୍ୟାୟାମ ଦ୍ୱାରା ଜଠରାଗ୍ନି ବଳବାନ୍ ହୁଏ। ତାହାଦ୍ୱାରା ଖାଦ୍ୟଦ୍ରବ୍ୟ ଠିକ୍ ଠିକ୍ ପରିପାକ ହେଲେ କୌଣସି ରୋଗ ହୁଏ ନାହିଁ ଏବଂ ବ୍ରହ୍ମଚର୍ଯ୍ୟ ରକ୍ଷା ହେବାରେ ବହୁତ ସାହାଯ୍ୟ ମିଳେ। ଶରୀରର ସାରାତିସାର ବସ୍ତୁ ବ୍ରହ୍ମଚର୍ଯ୍ୟ। ତାହାହିଁ ଶରୀର, ମନ, ପ୍ରାଣକୁ ଉପାଦାନ ଯୋଗାଏ। ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମନ-ପ୍ରାଣ-ଶରୀର ହୁଅନ୍ତି ଦୃଢ଼, ସବଳ, ନମନୀୟ, ଶୁଦ୍ଧ, ପବିତ୍ର। ତେବେ ସେହି ଆଧାରରେ ପ୍ରତିଷ୍ଠା ହୁଏ ସମସ୍ତ କାର୍ଯ୍ୟକାରୀ ଶକ୍ତି ଏବଂ ଅଧ୍ୟାତ୍ମ ସତ୍ୟ।

ଉନ୍ନତ ଜୀବନର ଆଧାର : ବ୍ରହ୍ମଚର୍ଯ୍ୟ

ନିଜ ଜୀବନର ଉନ୍ନତି, ନିଜର ହିତ, ପରିବାରର ହିତ, ସମାଜ, ଦେଶ, ସମସ୍ତ ସଂସାରର ହିତ ଚାହୁଁଥିବା ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ପାଳନ କରିବା ଆବଶ୍ୟକ।

ଉନ୍ନତ ଜୀବନର ଭିତ୍ତି ବା ଆଧାର ବ୍ରହ୍ମଚର୍ଯ୍ୟ। ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟକ୍ତିର ଶରୀର-ଚେତନା ଓ ମନ-ପ୍ରାଣ ଶୁଦ୍ଧ ଓ ପବିତ୍ର ହୁଏ; ସାହସ, ଧୈର୍ଯ୍ୟ, ଶୃଙ୍ଖଳା, ଶାନ୍ତି, ସମତା, ବିବେକ ଉତ୍ପନ୍ନ ହୁଏ। ମନ ଓ ପ୍ରାଣ ଉଦ୍ଧତ ହୋଇ ନରକଗାମୀ ବାସନା-କାମନା ପୂର୍ଣ୍ଣ କରିବାକୁ ଧାବିତ ହୁଅନ୍ତି ନାହିଁ। ଆତ୍ମାର ଆନୁଗତ୍ୟ ସ୍ୱୀକାର କରି ଆତ୍ମାର ନିର୍ଦ୍ଦେଶରେ ଉତ୍ତମ କର୍ମର ପ୍ରେରଣାରେ ପ୍ରବୃତ୍ତ ହୁଅନ୍ତି। ମନ ଓ ପ୍ରାଣ କର୍ମର ପ୍ରେରକ। ଶରୀର ସେମାନଙ୍କ ଯନ୍ତ୍ର। ଆତ୍ମା ଦ୍ୱାରା ମନ-ପ୍ରାଣ ନିୟନ୍ତ୍ରିତ ହେଲେ ସେମାନଙ୍କ ପ୍ରେରଣାରେ ହୁଏ ଶରୀରରେ ଉତ୍ତମ କର୍ମ। ଉତ୍ତମ କର୍ମ ଦ୍ୱାରା ବ୍ୟକ୍ତି ହୁଏ ମହାନ୍ ଏବଂ ତା' ଜୀବନ ହୁଏ ସର୍ବାଙ୍ଗସୁନ୍ଦର। ସର୍ବାଙ୍ଗୀନ, ପୂର୍ଣ୍ଣବିକଶିତ ଜୀବନର ଅନ୍ତରରେ ପ୍ରତିଷ୍ଠା ହୁଏ ଆନନ୍ଦ, ଜ୍ଞାନ, ଶାନ୍ତି, ସମତା, ଅହିଂସା; ଜାଗ୍ରତ ହୁଏ ସୁପ୍ତ କର୍ମଶକ୍ତି। ତାଦ୍ୱାରା ହୁଏ ଉତ୍ତମ, ମହାନ୍ କର୍ମ। ଏହା ହୁଏ ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱପ୍ରାପ୍ତିରେ। ଏହି ଉନ୍ନତ ଜୀବନ-ଭିତ୍ତିର ଦୁଇଟି ପ୍ରଣାଳୀ। ପ୍ରଧାନଟି ହେଲା

ବ୍ରହ୍ମଚର୍ଯ୍ୟ ପାଳନ, ଅନ୍ୟଟି ତା'ର ସହାୟକ ନିୟମ ବା ଶୃଙ୍ଖଳା । ଶୃଙ୍ଖଳାର ଅର୍ଥ ଶରୀର, ମନ, ପ୍ରାଣକୁ ସ୍ୱେଚ୍ଛାଚାରୀ, ଅର୍ଥାତ୍ ସେଗୁଡ଼ିକର ନିଜ ନିଜ ବାସନା ପୂର୍ଣ୍ଣ କରିବାକୁ ନ ଦେଇ ସଂଯତ କରିବା ।

ଅଶୁଦ୍ଧ ଏବଂ ଶୁଦ୍ଧ-ସଂଯତ ପ୍ରାଣର କର୍ମ

ପ୍ରାଣ କାର୍ଯ୍ୟକାରୀ ଶକ୍ତି । ପ୍ରାଣର ଶକ୍ତିରେ ଶରୀର ଦ୍ୱାରା ସ୍ଥୂଳ କର୍ମ ସମ୍ପାଦିତ ହୁଏ । ପ୍ରାଣ ପ୍ରବଳ, ଉଦ୍ଦଣ୍ଡ, ସ୍ୱେଚ୍ଛାଚାରୀ, ଇନ୍ଦ୍ରିୟଭୋଗ-ବାସନା-ଅହଂ-ସ୍ୱାର୍ଥ-ପୂର୍ତ୍ତିରେ ରତ । ପଶୁଧର୍ମୀ ପ୍ରାଣ ଯେପର୍ଯ୍ୟନ୍ତ ପ୍ରବଳ, ସେପର୍ଯ୍ୟନ୍ତ ମନ-ବୁଦ୍ଧି ହୋଇଥାଆନ୍ତି ତା'ର ଆଜ୍ଞାକାରୀ ଭୃତ୍ୟ; କଳ-କୌଶଳ, ଫନ୍ଦି-ଫିକରରେ କରନ୍ତି ପ୍ରାଣର ସେବା । ପ୍ରାଣ ନିଜ ଶକ୍ତି ବଳରେ ମନ-ବୁଦ୍ଧି ସାହାଯ୍ୟରେ ଶରୀରକୁ କରେ ଯନ୍ତ୍ର, ଆଚରଣ କରେ ସମସ୍ତ ପ୍ରକାର ନିଷିଦ୍ଧ, ନିନ୍ଦନୀୟ, ଅବିହିତ ଚୋରି-ଡକାୟତି, ପ୍ରାଣିହିଂସା, ଅଖାଦ୍ୟଗ୍ରହଣ, ଲୋଲୁପ-ଲମ୍ପଟ ଆଚରଣ, ଅନ୍ୟର ଅନିଷ୍ଟ, ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର, ଅନ୍ୟ ଦେଶ ଓ ଜାତିର ସର୍ବନାଶ । ନିଜ ବାସନାକାମନାତୃପ୍ତି ସକାଶେ କରେ ଶରୀର ଉପରେ ମହାନ୍ ଅତ୍ୟାଚାର । ପ୍ରାଣଶକ୍ତି ପରମାଣୁ ବା ବିଜୁଳି ଶକ୍ତି ସଦୃଶ ମହା ଶକ୍ତିଶାଳୀ । ଅନିୟନ୍ତ୍ରିତ ଅବସ୍ଥାରେ କରେ ନିଷିଦ୍ଧ, ନିନ୍ଦନୀୟ କର୍ମ, ଅନ୍ୟକୁ କରେ ଧ୍ୱଂସ । ଭାଗବତୀଶକ୍ତିର ପ୍ରଭାବରେ ଆତ୍ମା ଦ୍ୱାରା ନିୟନ୍ତ୍ରିତ ହେଲେ କରେ ମହାନ୍ ଉତ୍ତମ କାର୍ଯ୍ୟ, ପାଳନ କରେ ବ୍ରହ୍ମଚର୍ଯ୍ୟ, ପ୍ରବଳ ଅଭୀପ୍ସାରେ କରେ ଲକ୍ଷ୍ୟ-ସିଦ୍ଧି, ଏକତ୍ୱ ସ୍ଥାପନ କରେ ଭଗବାନଙ୍କ ସହିତ, ହୁଏ ଭାଗବତୀ ଶକ୍ତିର ଯନ୍ତ୍ର, ଅଜେୟ ହନୁମାନଙ୍କ ସଦୃଶ କରେ ଭଗବାନଙ୍କର ମହାନ୍ ସେବା ।

ସାଧାରଣ ଉନ୍ନତ ପ୍ରକାଶମାନ ମନ-ବୁଦ୍ଧିର କର୍ମ

ମନ ବିଚାରଶୀଳ । ତା'ର ସାଥୀ ବୁଦ୍ଧି । ସମସ୍ତ ପ୍ରକାର ଯୁକ୍ତି-କୌଶଳ ମନର । କିନ୍ତୁ ସେ ଦୁର୍ବଳ । ପ୍ରାଣ ପ୍ରବଳ ହେଲେ ମନ ହୁଏ ତା'ର ଆଜ୍ଞାକାରୀ ଭୃତ୍ୟ, ପ୍ରାଣର ବାସନା-କାମନା ପୂର୍ଣ୍ଣ କରିବାରେ ସମସ୍ତ ପ୍ରକାର କଳକୌଶଳର ନିର୍ଦ୍ଦେଶ ଦିଏ ଶରୀରକୁ । ମହାନ୍ ତୀବ୍ର ବିକାଶଶୀଳ ହୋଇଥିବା ସତ୍ତ୍ୱେ ସେ ଆତ୍ମାର ଆଲୋକ ନ ପାଇବା ପର୍ଯ୍ୟନ୍ତ ଥାଏ ବିବେକହୀନ । ଯଥାର୍ଥ ଭଲ ଏବଂ ମନ୍ଦ ବିଚାର କରିବାରେ ଥାଏ ଅସମର୍ଥ । ମନବୁଦ୍ଧି ନିଜ ଅଜ୍ଞାତରେ ଆତ୍ମାର ଆଲୋକରେ ଉଦ୍ଭାସିତ ହେଲେ ହୁଏ କ୍ରମଶଃ ପ୍ରବଳ । ପ୍ରାଣର ଦାବି, ତା'ର ନିନ୍ଦନୀୟ, ନିଷିଦ୍ଧ ବାସନା-କାମନାକୁ ପରିବର୍ତ୍ତନ କରେ ନୈତିକ କର୍ମ, ମାନ-ଯଶଃ, ଅଧିକାର-ପ୍ରଭୁତ୍ୱ ପ୍ରାପ୍ତ ହେବାରେ । ଯଶଃ, ଅଧିକାର ସକାଶେ ସେ ପୂର୍ବ ନିନ୍ଦନୀୟ ସମସ୍ତ କର୍ମ ତ୍ୟାଗ କରେ । ନିର୍ଲୋଭ, ନିଃସ୍ୱାର୍ଥରୂପେ କରେ ଦେଶ ଏବଂ ଅନ୍ୟର ସେବା ।

ସେହି ମନ ଯଦି ସିଧା ସିଧା ଆତ୍ମାର ଆଲୋକ ପ୍ରାପ୍ତ ହୁଏ, ତେବେ ହୁଏ ମହାବଳଶାଳୀ, ଆତ୍ମାର ଯନ୍ତ୍ର । ଆତ୍ମ-ପ୍ରଭାବରେ ଭଗବତ୍ ସେବା ସକାଶେ ପରାମର୍ଶ ଦିଏ ପ୍ରାଣକୁ । ପଶୁଧର୍ମୀ ଅସୁର-ସ୍ୱଭାବ, ଉଦ୍ଦଣ୍ଡ, ଅଶୁଦ୍ଧ ପ୍ରାଣ ମନ-ବୁଦ୍ଧିର ଉପଦେଶକୁ ଗ୍ରାହ୍ୟ କରେ ନାହିଁ । ନିଜର ସମସ୍ତ ଶକ୍ତି ପ୍ରୟୋଗ କରେ ମନ ଉପରେ, ତାକୁ କରିବାକୁ ଚାହେଁ ନିଜ ଭୃତ୍ୟ । ଏଥିରେ ପ୍ରାଣକୁ ସାହାଯ୍ୟ କରେ ଅଜ୍ଞାନ-ଅନ୍ଧକାରଶକ୍ତି । ଏହିଠାରେ ହୁଏ ପ୍ରାଣ ଏବଂ ମନର ଶକ୍ତି-ପରୀକ୍ଷା । ମନ ନିଜ ସଂକଳ୍ପରେ ଦୃଢ଼ ରହି ଭଗବତ୍ ଶକ୍ତିକୁ ଆବାହନ କଲେ ଭଗବତ୍ ଶକ୍ତି ତାକୁ ସାହାଯ୍ୟ କରେ ଏବଂ ଆତ୍ମା ଦ୍ୱାରା ପରିଚାଳିତ ହୁଏ ତଥା ପ୍ରାଣର ବିରୋଧରେ ଶରୀରକୁ ଆଦେଶ ଦିଏ । ଶରୀର ନିରୀହ ସେବକ । ପ୍ରାଣ ଯେପର୍ଯ୍ୟନ୍ତ ବଳବାନ୍ ଥାଏ, ସେପର୍ଯ୍ୟନ୍ତ ପ୍ରାଣର ହୁକୁମ ପାଳନ କରେ । ଭାଗବତୀ ଶକ୍ତି ସାହାଯ୍ୟରେ ମନ ବଳବାନ୍ ହେଲେ ସେ ପ୍ରାଣର ଆଦେଶକୁ ପ୍ରତ୍ୟାଖ୍ୟାନ କରି ମନର ଆଜ୍ଞାନୁସାରେ କାର୍ଯ୍ୟ କରେ । ଏହିପରି ବହୁଦିନ ପର୍ଯ୍ୟନ୍ତ ଚାଲେ ପ୍ରାଣ ତଥା ମନ ମଧ୍ୟରେ ଦ୍ୱନ୍ଦ୍ୱ । ମନ ଯଦି ଦୃଢ଼ତାସହ ଭଗବାନଙ୍କ ଆଶ୍ରୟ ନିଏ ଏବଂ ଆତ୍ମା ଦ୍ୱାରା

ପରିଚାଳିତ ହେଉଥାଏ, ତେବେ ପ୍ରାଣର ବାସନା-କାମନା ଶରୀର ଦ୍ୱାରା ପୂରା ହୋଇପାରେ ନାହିଁ । କ୍ରମଶଃ ପ୍ରାଣର ଦର୍ପ କ୍ଷୀଣ ହେବାକୁ ଲାଗେ । ପ୍ରାଣର ଏହି ବ୍ୟର୍ଥତାରେ ତା'ର ଆସେ ଶୁଦ୍ଧତା । ଶେଷରେ ସେ ସ୍ୱେଚ୍ଛାରେ ସ୍ୱୀକାର କରେ ଆତ୍ମାର ପ୍ରଭାବକୁ, ସମର୍ପଣ କରେ ଭାଗବତୀ ଶକ୍ତି ଚରଣରେ । ତେବେ ସେହି ପ୍ରାଣ ପୂର୍ବାପେକ୍ଷା ହୁଏ ଅଧିକ ଶକ୍ତିଶାଳୀ, କରେ ଭାଗବତ୍ କାର୍ଯ୍ୟ, ହୁଏ ଭଗବାନଙ୍କ ଯନ୍ତ୍ର ।

ଆତ୍ମାର କର୍ମ

ଆତ୍ମା ଭଗବାନଙ୍କ ସ୍ୱରୂପ ବା ପ୍ରତିଭୂ । ସେ ହେଲା ବ୍ୟକ୍ତିସତ୍ତା, ଥାଏ ଅଶୁଦ୍ଧ ମନ-ପ୍ରାଣର ଆବରଣରେ । ଆତ୍ମା ମନ-ପ୍ରାଣର ଆବରଣରୁ ମୁକ୍ତ ହେଲେ ବ୍ୟକ୍ତିକୁ ପ୍ରାପ୍ତ ହୁଏ ସତ୍ୟ, ଯଥାର୍ଥ ବ୍ୟକ୍ତିତ୍ୱ । ତେବେ ସେ କରିପାରେ ମହାନ୍ ଉତ୍ତମ କର୍ମ । ଅନ୍ୟଥା ମନ-ପ୍ରାଣ ଅତ୍ୟନ୍ତ ବିକାଶ ଲାଭ କଲେ ମଧ୍ୟ ଯଥାର୍ଥ ସତ୍‌କର୍ମ କରିବାରେ ଅସମର୍ଥ ।

ଶରୀର ନୀରୋଗ ଓ ଖୁବ୍ ବଳଶାଳୀ ହୋଇଥିବ, ପ୍ରାଣରେ ଅଦମ୍ୟ ଶକ୍ତି ଥିବ, ମନ-ବୁଦ୍ଧି ବିକାଶର ଶେଷ ସୀମାରେ ପହଞ୍ଚିଥିବ । ଏହିପରି ମନ-ପ୍ରାଣ-ଶରୀରବିଶିଷ୍ଟ ବ୍ୟକ୍ତି ହିରଣ୍ୟକଶିପୁ, ରାବଣ, ହିଟ୍‌ଲର୍ ଏବଂ ଅନ୍ୟାନ୍ୟ ଆତ୍ମପ୍ରଭାବବିହୀନ ବଡ଼ ବଡ଼ ନେତାଙ୍କ ସଦୃଶ ମହାନ୍ ପ୍ରଭାବଶାଳୀ ହୋଇଥିବ । ତା'ର ବୁଦ୍ଧିର ପ୍ରଭାବ ସମଗ୍ର ସଂସାରକୁ ଆତଙ୍କିତ କରିଥିବ, କିନ୍ତୁ ଆତ୍ମଭାବ ବା ଆତ୍ମନେତୃତ୍ୱ ବିନା ତା' ଜୀବନ ଦୁଃଖ, ଦ୍ୱନ୍ଦ୍ୱ, ଭୟ, ଆଶଙ୍କାରେ ପୂର୍ଣ୍ଣ ହୋଇଥିବ । ବ୍ୟକ୍ତି ପ୍ରାଣଶକ୍ତି ତଥା ବୁଦ୍ଧିକୌଶଳରେ ଶତ୍ରୁସଂହାର କରି ଅନ୍ୟ ଦେଶରେ ଆଧିପତ୍ୟ ବିସ୍ତାର କରିପାରେ, ସମସ୍ତ ସଂସାରରେ ନିଜ ପ୍ରଭାବ ସ୍ଥାପନ କରି ସଂସାରର ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତି କରିପାରେ । କିନ୍ତୁ ଏଥିରେ ତାକୁ ଯଥାର୍ଥ ସୁଖଶାନ୍ତି ପ୍ରାପ୍ତ ହୁଏ ନାହିଁ । ମନ ପ୍ରାଣର ବାସନା-କାମନା ପୂର୍ଣ୍ଣ କରିବାରେ ମହାନ୍ ଦ୍ୱନ୍ଦ୍ୱ, ଅଶାନ୍ତି ଭୋଗ କରେ । ବାସନା-କାମନା ବ୍ୟକ୍ତି ଯେତେ ପୂରା କରେ, ତାହା ଅଗ୍ନିରେ ଆହୁତି ଦେବା ସଦୃଶ ତେତେ ବୃଦ୍ଧି ହେଉଥାଏ । ଏହା ଫଳରେ ସେ ଯେତେ ସୁଖଭୋଗ ଚାହେଁ, ତେତେ ଦୁଃଖକଷ୍ଟ, ହିଂସା-ଦ୍ୱେଷ, ଅସନ୍ତୋଷ-ଅଭାବ ବଢୁଥାଏ । ତା'ର ବୁଦ୍ଧି ଏତେ ତୀବ୍ର ହେବା ସତ୍ତ୍ୱେ ଆତ୍ମ-ପ୍ରକାଶ ବିନା ନିଜର ହିତ, ପରିବାରର ହିତ, ଦେଶର ହିତ, ସଂସାରର ହିତ ତା' ପାଖରେ ଅଜ୍ଞାତ ରହିଥାଏ ।

ଆତ୍ମା ଭଗବାନଙ୍କ ଅଂଶ, ପ୍ରତିଭୂ ବା ଭଗବାନଙ୍କ ସ୍ୱରୂପ । ସେ ଭଗବାନଙ୍କ ସମସ୍ତ ଦିବ୍ୟଗୁଣ, ପରମଶାନ୍ତି, ପରମାନନ୍ଦ, ପରମଜ୍ଞାନ, ପରମ ଐଶ୍ୱର୍ଯ୍ୟରେ ବିଭୂଷିତ; ସେ ସର୍ବଦା ଥାଏ ଅବିକୃତ ଏବଂ ଭଗବାନଙ୍କ ସହିତ ଏକ । ଏହି ଆତ୍ମା ଜାଗ୍ରତ ହୋଇ ମନ-ପ୍ରାଣ-ଶରୀର ଉପରେ ନେତୃତ୍ୱ ସ୍ଥାପନ କଲେ ବ୍ୟକ୍ତିକୁ ପ୍ରାପ୍ତ ହୁଏ ପୂର୍ଣ୍ଣତ୍ୱ । ତେବେ ସେ କରିପାରେ ନିଜ ସକାଶେ, ପରିବାର ସକାଶେ, ଦେଶ ସକାଶେ ତଥା ଜାତି ସକାଶେ ମହାନ୍, ଉନ୍ନତ, ଯଥାର୍ଥ ତଥା ହିତକର କାର୍ଯ୍ୟ । ଏହି ଆତ୍ମା ଜାଗ୍ରତ ହୁଏ ଭଗବତ୍ ସମର୍ପିତ କର୍ମ ଦ୍ୱାରା ।

ତ୍ରିବିଧ କର୍ମ

ପ୍ରଶ୍ନ : କର୍ମ କିପରି ଭଗବତ୍ ସମର୍ପିତ ହୁଏ ?

ଉତ୍ତର : ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ କରି କର୍ମ ଶେଷରେ ଭଗବାନଙ୍କ ଚରଣରେ ଅଥବା ମା'ଙ୍କ ଚରଣରେ ନିବେଦନ କଲେ ସେହି କର୍ମ ସମର୍ପିତ ହୁଏ ।

ପ୍ରଶ୍ନ : ଅଧ୍ୟାପକ ଅନ୍ୟକୁ ବିଦ୍ୟାଦାନ କରନ୍ତି, ଇଞ୍ଜିନିୟର ଅନ୍ୟର ସୁଖସୁବିଧାର ଉପାୟ କରନ୍ତି, ଦେଶ-ସେବକ ବ୍ୟକ୍ତିଗତ ସମସ୍ତ ସୁଖ-ସୁବିଧା ତ୍ୟାଗ କରି ଦେଶର ସେବା କରନ୍ତି । ଏସବୁ କର୍ମ କ'ଣ ଭଗବାନଙ୍କୁ ସମର୍ପଣ ନୁହେଁ ?

ଉତ୍ତର : ଏହିସବୁ କର୍ମ ଭଗବାନଙ୍କୁ ସମର୍ପଣ ହୁଏ ନାହିଁ । ଯଥାର୍ଥରେ ସମସ୍ତ କର୍ମ ଭଗବତ୍ ସେବା, କିନ୍ତୁ ସେ ସମ୍ବନ୍ଧେ ବ୍ୟକ୍ତି ସଚେତ ନ ଥିବାରୁ ତାହା ଭଗବତ୍ ସମର୍ପଣ ନ ହୋଇ ହୁଏ ସାଧାରଣ କର୍ମ । ତା'ର ଫଳ ଭୋଗକରିବା ସକାଶେ ବ୍ୟକ୍ତିକୁ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ପଡ଼େ ।

ପ୍ରଶ୍ନ : କର୍ମ କେତେ ପ୍ରକାରର ?

ଉତ୍ତର : କର୍ମ ତିନି ପ୍ରକାରର – ସାଧାରଣ କର୍ମ, ନିଷ୍କାମ କର୍ମ ଏବଂ ଭାଗବତୀ ଶକ୍ତିର ପ୍ରେରଣାରେ ସଂପାଦିତ ଭାଗବତ କର୍ମ କିଂବା ଆତ୍ମସ୍ଥ, ଆତ୍ମଭାବାପନ୍ନ ନିର୍ଲିପ୍ତ କର୍ମ । ସାଧାରଣ କର୍ମର ଫଳ ଦୁଃଖ-ସୁଖ ଭୋଗିବା ସକାଶେ ମନୁଷ୍ୟକୁ ବାରଂବାର ଜନ୍ମ ନେବାକୁ ହୁଏ, କର୍ମ କରିବାକୁ ପଡ଼େ, ସେ ସେଥିରୁ ମୁକ୍ତ ହୁଏ ନାହିଁ । ସାଧାରଣ କର୍ମ ଦୁଇଭାଗରେ ବିଭକ୍ତ, ଯଥା : ନିଷିଦ୍ଧ ଓ ନୈତିକ । ଇନ୍ଦ୍ରିୟ-ଭୋଗ-ବିଳାସ, ଅହଂ-ସ୍ୱାର୍ଥ ଚରିତାର୍ଥ କରିବା ସକାଶେ ଚୋରି-ଡକାୟତି, ଜୀବହିଂସା, କୌଶଳରେ ପରଧନ-ପରଦାରାପହରଣ, ମାନ-ଯଶଃ-ଅଧିକାର ସକାଶେ ଅନ୍ୟର ଜୀବନ ଓ ଅନ୍ୟ ଦେଶ ଧ୍ୱଂସ, ରିସ୍‌ପତ୍, ବିଶ୍ୱାସଘାତକତା ଇତ୍ୟାଦି ନିଷିଦ୍ଧ ଏବଂ ନିନ୍ଦନୀୟ କର୍ମ । ଏହାର ଫଳ ପାପ, ଦୁଃଖ-କଷ୍ଟ, ନିନ୍ଦା, ଅପଯଶଃ, ଘୃଣା, ସର୍ବୋପରି ନରକ-ଭୋଗ । ଏହିପରି ନିଷିଦ୍ଧ କର୍ମ ଆଚରଣ କରୁଥିବା ବ୍ୟକ୍ତିର ବୁଦ୍ଧି ମହାନ୍ ଉନ୍ନତ, ମହାନ୍ ତୀବ୍ର ହୋଇଥିଲେ ସୁଦ୍ଧା ତା'ର ଚେତନା ପଶୁର ।

ନୈତିକ କର୍ମ

ନୈତିକ କର୍ମ ହୁଏ ମନରେ । ମନ ଅଜ୍ଞାତରେ ଆତ୍ମାର ପ୍ରଭାବ କିଛି ଅଂଶରେ ପ୍ରାପ୍ତ ହେଲେ ପ୍ରାଣର ଦାସତ୍ୱରୁ କିଛି ପରିମାଣରେ ମୁକ୍ତ ହୋଇ ସାମାଜିକ ନିୟମ ଅନୁସାରେ ଆଚରଣ କରେ ନୈତିକ କର୍ମ । ନୈତିକ କର୍ମ ହେଲା – ନ୍ୟାୟ, ସତ୍ୟ-ପାଳନ, ପିତା, ମାତା, ଗୁରୁ, ଅତିଥି, ବୃଦ୍ଧ ଓ ରୋଗୀଙ୍କର ସେବା, ଅନାଶ୍ରିତ, ଭୟଭୀତ, ଦୁର୍ବଳ, ଶତ୍ରୁପୀଡ଼ିତ ଓ ଦରିଦ୍ର ବ୍ୟକ୍ତିକୁ ଯଥାଶକ୍ତି ସାହାଯ୍ୟ, ସତ୍ୟାଚରଣପୂର୍ବକ ଗୃହକର୍ମ, କୃଷି, ବାଣିଜ୍ୟ, ଦେଶ-ସେବା ଇତ୍ୟାଦି ଉତ୍ତମ କର୍ମ ସମ୍ପାଦନ । ଏହି ନୈତିକତା ଦ୍ୱାରା ପୁରୁଷ ଏବଂ ସ୍ତ୍ରୀମାନେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସ୍ୱବର୍ଣ୍ଣ ତଥା ଉପଯୁକ୍ତ କୁଳରେ ବୈଦିକ ନିୟମ ଅନୁସାରେ ଉପଯୁକ୍ତ ଅବସ୍ଥାରେ ବିବାହ କରନ୍ତି । ସ୍ତ୍ରୀମାନେ ଏକପତି-ବ୍ରତ, ପୁରୁଷମାନେ ଏକପତ୍ନୀ-ବ୍ରତ ପାଳନ କରନ୍ତି । ଏହି ନୈତିକ ନିୟମ ପାଳନ ହୁଏ ସମାଜ ତଥା ଶାସନର ନିର୍ଦ୍ଧାରିତ ବିଧାନ ଅନୁସାରେ । ଏହି ନୈତିକ ଧର୍ମ ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ଶାସନ, ସମାଜ ବିଶୃଙ୍ଖଳ ହୁଏ । ଏହି ବିଶୃଙ୍ଖଳା ଦୂର କରି, ପୁନଃ ନୈତିକତା ସ୍ଥାପନ କରିବା ସକାଶେ ଭଗବାନ୍ ବା ମହାପୁରୁଷମାନେ ଅବତାର ନେଇ ପୃଥିବୀରେ ଗୋଟିଏ ଅଧ୍ୟାତ୍ମସତ୍ୟ ପ୍ରସାର କରନ୍ତି । ସେହି ଅଧ୍ୟାତ୍ମ ସତ୍ୟର ପ୍ରଭାବରେ ନୈତିକତା ପୁନର୍ଜୀବନ ଲାଭ କରେ । ନୈତିକତାର କୌଣସି ଦୃଢ଼ ଭିତ୍ତି ନାହିଁ, ତାହା ଅଧ୍ୟାତ୍ମ ସତ୍ୟର ପ୍ରଭାବରେ ତିଷ୍ଠିରହେ । ଅଧ୍ୟାତ୍ମ ଧର୍ମ ହ୍ରାସ ହେଲେ ନୈତିକ ଧର୍ମର ପତନ ହୁଏ ।

ଏହି ନୈତିକତା ଲୋକ-ଦୃଷ୍ଟିରେ ଉତ୍ତମ କର୍ମରୂପେ ସମ୍ମାନିତ ହୁଏ, ଯଥାର୍ଥରେ ଏହା ପୂର୍ବ ପଶୁ ଅବସ୍ଥା ଅପେକ୍ଷା ଖୁବ୍ ଉନ୍ନତ, କିନ୍ତୁ ତଥାପି ଏହା ଭିତ୍ତିହୀନ, ଅଦୃଢ଼, ବାସନା-କାମନାଗ୍ରସ୍ତ ଏବଂ ଦୁଃଖ-ଦ୍ୱନ୍ଦ୍ୱରେ ପୂର୍ଣ୍ଣ ।

ମନୁଷ୍ୟର ବୁଦ୍ଧି ଅନ୍ତରାତ୍ମାର ପ୍ରଭାବକୁ ସ୍ୱୀକାର କଲେ ସେଥିରେ ପ୍ରକାଶ ହୁଏ ଜ୍ଞାନ, ସେ ପରିଚାଳିତ ହୁଏ ଅନ୍ତରାତ୍ମା ଦ୍ୱାରା, ହୁଏ ମହାନ୍ ବଳଶାଳୀ । ତେବେ ସେ ଆବାହନ କରେ ଅତିମାନସ-ଶକ୍ତିକୁ ଏବଂ ସେହି ଶକ୍ତି ଦ୍ୱାରା ପ୍ରାଣକୁ ରୂପାନ୍ତରିତ କରେ । ମନୁଷ୍ୟ ପ୍ରାପ୍ତ ହୁଏ ପରମାନନ୍ଦ । ଆତ୍ମା ଜାଗ୍ରତ ହୁଏ ମନୁଷ୍ୟ ଭଗବତ୍ ସମର୍ପିତ ନିଷ୍କାମ କର୍ମ କରିବାରେ ।

ଭଗବତ୍ ସମର୍ପିତ ବା ନିଷ୍କାମ କର୍ମ

କାର୍ଯ୍ୟ ଯଦ୍ୟପି ବନ୍ଧନ ଏବଂ ଦୁଃଖ-ସୁଖଭୋଗ ତଥା ଜନ୍ମ-ମରଣର କାରଣ ତଥାପି ଭଗବତ୍ ଉଦ୍ଦେଶ୍ୟରେ, ଭଗବାନଙ୍କ ସେବାଭାବରେ ଆଚରିତ ହେଲେ ବନ୍ଧନ ନ ହୋଇ ବ୍ୟକ୍ତିକୁ ଜନ୍ମ-ମରଣ, ଦୁଃଖ-କଷ୍ଟ, ଦ୍ୱନ୍ଦ୍ୱରୁ ଉଦ୍ଧାର କରେ, ଭଗବତ୍ ପ୍ରାପ୍ତି, ମୁକ୍ତି କିଂବା ନିର୍ବାଣ ପ୍ରଦାନ କରେ ।

ବ୍ୟକ୍ତି ମନପ୍ରାଣ ଦ୍ୱାରା ପ୍ରେରିତ ହୋଇ କର୍ମ କରେ ଏବଂ ଭଗବାନଙ୍କୁ ସମର୍ପଣ କରେ । କିନ୍ତୁ କର୍ମ କରେ ବ୍ୟକ୍ତି ସ୍ୱୟଂ — ସେ କର୍ମ ଭଗବାନଙ୍କ ସକାଶେ କରି ଭଗବାନଙ୍କୁ ସମର୍ପଣ କରୁଛି ବୋଲି ତା'ର ଧାରଣା ଥାଏ । ଏହି ଭାବ ଥିବାରୁ ସେ ହୁଏ କର୍ମର କର୍ତ୍ତା । କର୍ମ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପିତ ହେବାରୁ କର୍ମର ଫଳ ହୁଏ ଭଗବତ୍ ପ୍ରାପ୍ତି । ବ୍ୟକ୍ତି କର୍ମ-ବନ୍ଧନରୁ ହୁଏ ମୁକ୍ତ । କାରଣ ଭଗବାନ୍ ହେଉଛନ୍ତି ଆପ୍ତକାମ, ସମସ୍ତ ଦିବ୍ୟଗୁଣର ବିଗ୍ରହ । ତାଙ୍କୁ ପ୍ରାପ୍ତ ହେଲେ ବ୍ୟକ୍ତିର ସମସ୍ତ ପ୍ରକାର ଅଭାବ ଦୂର ହୁଏ, ଆଉ କୌଣସି ପ୍ରକାର କାମନା ରହେ ନାହିଁ । କାମନାଶୂନ୍ୟ ବ୍ୟକ୍ତିହିଁ ହୁଏ ମୁକ୍ତ ।

ଭାଗବତ କର୍ମ

ସାଧାରଣ କର୍ମରେ ଥାଏ କାମନା, ଭଗବତ୍ ସମର୍ପିତ କର୍ମରେ ଅନ୍ୟସବୁ କାମନା ନଷ୍ଟ ହୁଏ, ଏକମାତ୍ର କାମନା ବା ଅଭୀପ୍ସା ରହେ ଭଗବତ୍ ପ୍ରାପ୍ତି । କିନ୍ତୁ କର୍ମର କର୍ତ୍ତା ଥାଏ ବ୍ୟକ୍ତି । ଭାଗବତ କର୍ମରେ ବ୍ୟକ୍ତି କର୍ମକର୍ତ୍ତା ହୋଇ ରହେ ନାହିଁ, ବ୍ୟକ୍ତି ମନ-ପ୍ରାଣ ଦ୍ୱାରା ପରିଚାଳିତ ହୋଇ କର୍ମ କରେ ନାହିଁ । ମନ-ପ୍ରାଣ ଭଗବାନଙ୍କୁ ସମର୍ପିତ ହୋଇଥା'ନ୍ତି ଏବଂ ପରିଚାଳିତ ହୁଅନ୍ତି ଭଗବତୀ ଶକ୍ତି ଦ୍ୱାରା । ବ୍ୟକ୍ତି ଭାଗବତୀ ଶକ୍ତିର ପ୍ରେରଣାରେ ସମ୍ପାଦନ କରେ କର୍ମ, କର୍ମର କର୍ତ୍ତା ହୁଅନ୍ତି ସ୍ୱୟଂ ଭାଗବତୀ ଶକ୍ତି । ବ୍ୟକ୍ତିର ସମସ୍ତ ସତ୍ତା ଏକତ୍ୱପ୍ରାପ୍ତ ହୁଏ ଭଗବାନଙ୍କ ସହିତ । ସେ ନିବାସ କରେ ଭଗବାନଙ୍କ ମଧ୍ୟରେ, ଭଗବାନ୍ ପ୍ରକାଶ ହୁଅନ୍ତି ବ୍ୟକ୍ତିର ସମସ୍ତ ସତ୍ତାରେ । ତା' ମଧ୍ୟରେ ପ୍ରବାହିତ ହୁଏ ଭଗବାନଙ୍କ ପରମ ଶାନ୍ତି, ପରମାନନ୍ଦ, ସେ ପୂର୍ଣ୍ଣରୂପେ ଡୁବିଯାଏ ପରମାନନ୍ଦ, ପରମଜ୍ଞାନରୂପ ସମୁଦ୍ରରେ । ତା' ଦୃଷ୍ଟିରେ କୌଣସି ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ନ ଥାଏ, ସମସ୍ତହିଁ ପରମାନନ୍ଦ । ଏହି ଅବସ୍ଥା ଅନିର୍ବଚନୀୟ, ଏହି ଆନନ୍ଦମୟ ଅବସ୍ଥାକୁ ବ୍ୟକ୍ତ କରିବାକୁ ଭାଷା ନାହିଁ; କେବଳ ଅନୁଭବ କରାଯାଏ ଏବଂ ଅନୁଭବୀ ବୁଝିପାରେ ।

ବ୍ୟକ୍ତି ଭଗବାନଙ୍କ ସହିତ ପୂର୍ଣ୍ଣରୂପେ, ଅଖଣ୍ଡ ଏକତ୍ୱ ପ୍ରାପ୍ତ କରିଥିବା ସତ୍ତ୍ୱେ ରହେ ପୃଥକ୍, ତାହାଦ୍ୱାରା ହୁଏ ଭଗବତ୍ ସେବା, ସେ ହୁଏ ଭଗବାନଙ୍କ ଯନ୍ତ୍ର । ଏହି ଭାଗବତ କର୍ମ ସିଦ୍ଧ ହୁଏ କେବଳ ଶ୍ରୀଅରବିନ୍ଦଙ୍କ ଯୋଗରେ, ବ୍ୟକ୍ତିର ମନ-ପ୍ରାଣ-ଶରୀର ଅତିମାନସଶକ୍ତି ଦ୍ୱାରା ରୂପାନ୍ତରିତ ହେବାରେ । ରୂପାନ୍ତର ଛଡ଼ା ଭାଗବତ କର୍ମ ସମ୍ଭବ ନୁହେଁ । କାରଣ ମନ-ପ୍ରାଣ-ଶରୀର ରୂପାନ୍ତରିତ ନ ହେଲେ ସେଥିରେ ଅଧିକାର ଥାଏ ରୋଗ-ଜରା-ମୃତ୍ୟୁ, ଜଡ଼ତା, ତାମସିକତା, ଅଚେତନା ଆଦି ଅଜ୍ଞାନ-ଶକ୍ତିର । ଏହିସବୁ ସତ୍ତା ପରିଚାଳିତ ହୁଅନ୍ତି ଅନ୍ଧକାର ଶକ୍ତି ଦ୍ୱାରା । ଅରୂପାନ୍ତରିତ ଅବସ୍ଥାରେ ମନ-ପ୍ରାଣ-ଶରୀର ସତ୍ତା ଥାଆନ୍ତି ଅନ୍ଧକାର-ଶକ୍ତିର ସ୍ୱଜାତି । ଉଭୟହିଁ ଯଥାର୍ଥ ସତ୍ୟର ବିକୃତ ରୂପ । ମନ-ପ୍ରାଣ-ଶରୀର ଅତିମାନସ-ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ହୁଅନ୍ତି ଭଗବାନଙ୍କ ସ୍ୱଜାତି । ତେବେ ସେସବୁ ବୁଝିପାରନ୍ତି ଏବଂ ପରିଚାଳିତ ହୁଅନ୍ତି ଭାଗବତୀ ଶକ୍ତି ଦ୍ୱାରା । ମନୁଷ୍ୟ ଏବଂ ଭଗବାନଙ୍କ ମଧ୍ୟରେ ତଥା ଏହି ମୃତ୍ୟୁ-ପୁରୀ ଏବଂ ଦିବ୍ୟଲୋକମାନଙ୍କ ମଧ୍ୟରେ ସେତୁ ନିର୍ମିତ ହୁଏ । ଦିବ୍ୟଲୋକ ଉତରି ଆସେ ଏହି ମୃତ୍ୟୁପୁରୀକୁ । ମୃତ୍ୟୁପୁରୀ ପରିଣତ ହୁଏ ଭଗବତ୍ ଦିବ୍ୟ-ଧାମରେ ।

ଆତ୍ମସ୍ଥ ନିର୍ଲିପ୍ତ କର୍ମ

ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ବ୍ୟକ୍ତି ମନ-ପ୍ରାଣ-ଶରୀରକୁ ଆତ୍ମାଠାରୁ ପୃଥକ୍ ମନେକରେ । ଅନ୍ତରାତ୍ମା (Psychic being) ବା ବ୍ୟକ୍ତିସତ୍ତାର ଆବଶ୍ୟକତା ନ ଥାଏ । ମନ-ପ୍ରାଣ-ଶରୀରବିଶିଷ୍ଟ ଅହଂ-ବ୍ୟକ୍ତିତ୍ୱ ତଥା ସଂସାର ଏବଂ ସଂସାରର ସମସ୍ତ କର୍ମକୁ ମିଥ୍ୟା, ମାୟା, ଭ୍ରମ, ସ୍ୱପ୍ନବତ୍ ଧାରଣା କରେ । ମନ-ପ୍ରାଣ-ଶରୀରରୁ ବ୍ୟକ୍ତି ପୃଥକ୍ ହେଲେ, ଆମ୍ଭେମାନେ ଭାଷା ଦ୍ୱାରା ଯେଉଁ ବ୍ୟକ୍ତିତ୍ୱ କଥା କହୁ ସେହି ବ୍ୟକ୍ତିତ୍ୱ ଆଉ ରହେ ନାହିଁ, ରହେ କେବଳ ନୈର୍ବ୍ୟକ୍ତିକ ସତ୍ତା । ଏହି ଅବସ୍ଥାର ନାମ ଆତ୍ମସ୍ଥ । ଏହି ଅବସ୍ଥାରେ ଦ୍ୱୈତତା ନ ଥାଏ । କେବଳ ଥାଏ ଏକ ସତ୍ତା । ସେ ସମୟରେ ବ୍ୟକ୍ତିର ଶ୍ୱାସ-ପ୍ରଶ୍ୱାସ, ସ୍ନାନ-ଭୋଜନାଦି ଯେଉଁସବୁ କର୍ମ ହୁଏ, ତାହା ହୁଏ ଶରୀର-ସ୍ୱଭାବରେ । ଆମ୍ଭେ ନିଜ ଭାଷାରେ ଯେଉଁ ତତ୍ତ୍ୱକୁ ବ୍ୟକ୍ତି କହୁ, ସେ କର୍ମରୁ ସଂପୂର୍ଣ୍ଣ ମୁକ୍ତ ଥାଏ । କର୍ମ ତାକୁ ସ୍ପର୍ଶ କରେ ନାହିଁ । ମୃତ୍ୟୁପରେ ଶରୀର ତ୍ୟାଗ କରି ବ୍ୟକ୍ତି ନିର୍ବିଶେଷ ସତ୍ତାରେ ମିଳିଯାଏ ଅଥବା ନିର୍ବାଣକୁ ପ୍ରାପ୍ତହୁଏ । ଆତ୍ମସ୍ଥ କର୍ମ ଏବଂ ଭାଗବତ କର୍ମ ଏହି ଉଭୟର କର୍ମ-ପ୍ରଣାଳୀ ତଥା ପରିଣାମ ଭିନ୍ନ ଥିବା ସତ୍ତ୍ୱେ, ଏହି ଉଭୟ କର୍ମର କର୍ତ୍ତା ବ୍ୟକ୍ତି ନ ହେବାରୁ ଏହାକୁ ଏକ ଶ୍ରେଣୀବଦ୍ଧ କରାଯାଇ ପାରେ । ସାଧାରଣ କର୍ମ, ଭଗବତ୍ ଉଦ୍ଦେଶ୍ୟରେ ଭଗବତ୍ ସମର୍ପିତ ନିଷ୍କାମ କର୍ମ, ଭଗବତ କର୍ମ ଏବଂ ଆତ୍ମସ୍ଥ କର୍ମ – ଏସବୁକୁ ଶାସ୍ତ୍ର ତ୍ରିବିଧ କର୍ମ ନାମରେ ଘୋଷଣା କରିଅଛି ।

ପ୍ରଶ୍ନ : ଚୋରି-ଡକାଏତି, ଅନ୍ୟର ଅନିଷ୍ଟ, ପ୍ରାଣର ବାସନା-କାମନାତୁଷ୍ଟି ସକାଶେ ଅସଦାଚରଣ, ପରପୀଡ଼ନ, ନିଜର ମାନ-ଯଶଃ-ପ୍ରତିଷ୍ଠା, ଅଧିକାର ସକାଶେ ଅନ୍ୟର, ଅନ୍ୟ ଦେଶର ସର୍ବନାଶ କରିବା – ଏହିସବୁ କର୍ମ ନିଷିଦ୍ଧ । ଏହି ପ୍ରକାର ନିଷିଦ୍ଧ, ନିନ୍ଦନୀୟ ତଥା ଘୃଣ୍ୟ କର୍ମ କଥା ମୁଁ କହୁ ନାହିଁ । ଏହିସବୁ କର୍ମର ଦୁଷ୍ପରିଣାମ ବ୍ୟକ୍ତିକୁ ଅବଶ୍ୟ ଭୋଗିବାକୁ ହେବ ।

ମୋର ପ୍ରଶ୍ନ ହେଉଛି ସେହିମାନଙ୍କ ସମ୍ବନ୍ଧରେ ଯେଉଁମାନେ ଅନ୍ୟର ଦୁଃଖକଷ୍ଟ ଦୂର କରି ସୁଖସୁବିଧା ସକାଶେ ଅନ୍ନ-ବସ୍ତ୍ର, ଔଷଧ ଦାନ କରନ୍ତି, ଗୃହ ନ ଥିବା ବ୍ୟକ୍ତିକୁ ଗୃହ-ନିର୍ମାଣ ପାଇଁ ସାହାଯ୍ୟ କରନ୍ତି, ପ୍ରାଣ-ସଂକଟରେ ପଡ଼ିଥିବା ବ୍ୟକ୍ତିକୁ ଉଦ୍ଧାର କରିବା ସକାଶେ ନିଜ ଜୀବନକୁ ଉତ୍ସର୍ଗ କରି ଜଳରେ, ଅଗ୍ନିରେ ଡେଇଁପଡ଼ି ଅନ୍ୟର ପ୍ରାଣରକ୍ଷା କରନ୍ତି, ରୋଗୀକୁ ସେବା କରନ୍ତି, ଦୁଷ୍ଟ ବ୍ୟକ୍ତି ଦ୍ୱାରା ପୀଡ଼ିତ, ନିଷ୍ପେଷିତ ବ୍ୟକ୍ତିକୁ ସାହାଯ୍ୟ କରନ୍ତି, ଦେଶବାସୀଙ୍କୁ ସୁଖସୁବିଧାରେ ରଖିବା ସକାଶେ ସ୍ୱୟଂ ବିଶେଷ ଦୁଃଖକଷ୍ଟ, ଦଣ୍ଡ ଭୋଗନ୍ତି । ପୂର୍ବୋକ୍ତ ନୈତିକ କର୍ମ ଏବଂ ଏହିସବୁ ଉତ୍ତମ କର୍ମ କରି କେଉଁ କାରଣରୁ ବ୍ୟକ୍ତି ଜନ୍ମ-ମରଣରୁ ମୁକ୍ତ ହୁଏ ନାହିଁ, ଦୁଃଖକଷ୍ଟ ଭୋଗେ କିନ୍ତୁ ଭଗବତ୍ ସେବାଭାବରେ, ଭାଗବତୀ ଶକ୍ତିର ପ୍ରେରଣାରେ କିଂବା ଆତ୍ମସ୍ଥ ହୋଇ କର୍ମ କରିବାରେ ବ୍ୟକ୍ତି ଜନ୍ମ-ମରଣରୁ ମୁକ୍ତ ହୋଇ ପରମ କୈବଲ୍ୟ, ମୁକ୍ତି, ଭଗବତ୍ ପ୍ରାପ୍ତି କେଉଁ କାରଣରୁ ଲାଭ କରେ ? କର୍ମର ସ୍ୱରୂପ ଏକପ୍ରକାର ହେବା ସତ୍ତ୍ୱେ ଏହିସବୁ କର୍ମରେ କ'ଣ ପାର୍ଥକ୍ୟ ଥାଏ, ତାହା ସ୍ପଷ୍ଟଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ସାଧାରଣ, ଉତ୍ତମ କର୍ମରେ ବ୍ୟକ୍ତିର ଥାଏ କାମନା; ନିଜ ଅହଂର ପ୍ରେରଣାରେ ସେ କର୍ମ କରେ । ବ୍ୟକ୍ତିର ଅହଂ ଏବଂ ସ୍ୱାର୍ଥ ଥିବାରୁ ସେ ହୁଏ କର୍ମର କର୍ତ୍ତା । କର୍ମର ଫଳ ଭୋଗକରିବା ସକାଶେ ସେ ଜନ୍ମ-ମରଣ-ଚକ୍ରରେ ଘୂରୁଥାଏ ଏବଂ ଦୁଃଖ-ସୁଖ ଭୋଗିବାକୁ ବାଧ ହୁଏ । ସ୍ୱୟଂ କର୍ମର କର୍ତ୍ତା ହେବାରୁ କର୍ମରେ ବାଧା ପଡ଼ିଲେ ଦୁଃଖୀ-ସୁଖୀ ହୁଏ, ଶତ୍ରୁ-ମିତ୍ର ଭାବ ରଖେ, ହିଂସା-ଦ୍ୱେଷ ଜାତ ହୁଏ, ଦୁଃଖକଷ୍ଟ ଭୋଗେ ।

ଭଗବତ୍ ଉଦ୍ଦେଶ୍ୟରେ, ଭାଗବତୀ ଶକ୍ତିର ପ୍ରେରଣାରେ ଅଥବା ଆତ୍ମସ୍ଥ ବା ଆତ୍ମାରେ ବାସ କରି ବ୍ୟକ୍ତି କର୍ମ କଲେ ସେଥିରେ ଅହଂ-ସ୍ୱାର୍ଥ ନ ଥାଏ । ସେ କର୍ମର କର୍ତ୍ତା ହୁଏ ନାହିଁ । କର୍ମରେ ତା'ର ନିଜର ସ୍ୱାର୍ଥ ବା ଅହଂ ନ ଥିବାରୁ କର୍ମରେ ବାଧା ଦେବା ବ୍ୟକ୍ତି ପ୍ରତି ତା'ର ଆନ୍ତରିକ ରାଗ, ଦ୍ୱେଷ, ଈର୍ଷା, ବିରୋଧ ନ ଥାଏ; କର୍ମ-ସିଦ୍ଧିରେ ହର୍ଷ ହୁଏ ନାହିଁ, କର୍ମ-ଅସିଦ୍ଧିରେ ଦୁଃଖୀ ହୁଏ ନାହିଁ, ଉଭୟ ଅବସ୍ଥାରେ ସମଚିତ୍ତ ରହେ ।

ବ୍ୟକ୍ତି କର୍ମରେ କର୍ତ୍ତାଭାବ ରଖିବାରୁ କର୍ମ-ବନ୍ଧନରେ ପଡ଼େ । ସେହି କର୍ମ ଭଗବତ୍ ଉଦ୍ଦେଶ୍ୟରେ କଲେ କିଂବା

ଭାଗବତୀ ଶକ୍ତିର ପ୍ରେରଣାରେ କଲେ ଅଥବା ଆତ୍ମସ୍ଥ ହୋଇ କର୍ମ କଲେ ସେ କର୍ମର କର୍ତ୍ତା ବ୍ୟକ୍ତି ନ ଥାଏ, ସେ ନିଜେ କର୍ତ୍ତାଭାବ ନ ରଖିବାରୁ କର୍ମ-ବନ୍ଧନରୁ ମୁକ୍ତ ହୁଏ ।

ପ୍ରଶ୍ନ : ଯେଉଁମାନେ ଭାଗବତୀ ଶକ୍ତିର ଯନ୍ତ୍ରରୂପେ କିଂବା ଆତ୍ମସ୍ଥ ହୋଇ କର୍ମ କରନ୍ତି, ସେମାନଙ୍କର କର୍ମର କର୍ତ୍ତାଭାବ ଏବଂ କାମନା ନ ଥାଏ । ଯେଉଁମାନେ ଭଗବାନ୍ କିଂବା ମା'ଙ୍କ ସେବାରୂପେ କର୍ମ କରନ୍ତି, ସମର୍ପଣ କରନ୍ତି, ସେମାନେ ନିର୍ବିବାଦ ରୂପେ ହୁଅନ୍ତି କର୍ମର କର୍ତ୍ତା । କର୍ମର କର୍ତ୍ତା ନ ହେଲେ ସମର୍ପଣ ହୋଇପାରେ ନାହିଁ ତଥା ଭଗବାନଙ୍କ ସକାଶେ କର୍ମ କରିବାର ଧାରଣା ଏବଂ ମନୋଭାବ ଥାଏ । ଏହା ସ୍ପଷ୍ଟରୂପେ ହେଲା କାମନା । ଅନ୍ୟମାନେ ଅନ୍ୟର ହିତ ବା ଦେଶର ହିତ ସକାଶେ ଯେଉଁ କାର୍ଯ୍ୟ କରନ୍ତି ସେମାନଙ୍କର ଠିକ୍ ଏହି ରୂପେ ଥାଏ କର୍ମର କର୍ତ୍ତାଭାବ ଏବଂ ଅନ୍ୟର ଉଦ୍ଦେଶ୍ୟରେ କର୍ମ କରିବାର ଭାବ । ଏହି ଉଭୟ କର୍ମର ମନୋଭାବ ସମାନ, ତେବେ ଏଥିରେ କ'ଣ ପାର୍ଥକ୍ୟ ଥିବାରୁ ବ୍ୟକ୍ତି କର୍ମ-ବନ୍ଧନରେ ପଡ଼େ, ଅନ୍ୟ ବ୍ୟକ୍ତି ସେଥିରୁ ମୁକ୍ତ ହୁଏ ?

ଉତ୍ତର : ସାଧାରଣ କର୍ମ ଦ୍ୱାରା ବ୍ୟକ୍ତିର କାମନା ଶେଷ ହୁଏ ନାହିଁ । କାରଣ ତା'ର ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ନ ଥାଏ, ସେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ କର୍ମ କରେ ନାହିଁ, କର୍ମ କରେ କର୍ମ ଉଦ୍ଦେଶ୍ୟରେ । ସେହି କାରଣରୁ ଗୋଟିଏ କାର୍ଯ୍ୟ ସମାପ୍ତ ନ ହେଉଣୁ ଅନ୍ୟ କାର୍ଯ୍ୟ କରିବାର କାମନା ଉପସ୍ଥିତ ହୁଏ । କାମନା ଦ୍ୱାରାହିଁ କର୍ମର କର୍ତ୍ତୃତ୍ୱ ଜୀବିତ ରହିଥାଏ ।

ଭଗବାନ୍ ବା ଶ୍ରୀମା'ଙ୍କ ସେବାରୂପେ ଯେଉଁ କର୍ମ କରାହୁଏ, ସେଥିରେ ଅନ୍ୟ କୌଣସି କାମନା ନ ଥାଏ; ପ୍ରଥମ ଅବସ୍ଥାରେ ଯେଉଁସବୁ କାମନା-ବାସନା ଥାଏ ତାହାସବୁ କ୍ରମଶଃ ଭଗବତ୍ ପ୍ରାପ୍ତି କାମନାରେ ବିଲୀନ ହୋଇଯାଏ । ଶେଷରେ ରହିଯାଏ ଗୋଟିଏ ମାତ୍ର କାମନା ଭଗବତ୍ ପ୍ରାପ୍ତି । ଭଗବତ୍ ପ୍ରାପ୍ତିରେ ତାହା ବି ସମାପ୍ତ ହୋଇଯାଏ ।

ଭଗବାନ୍ ଆପ୍ତକାମ ଏବଂ ସମସ୍ତ ଦିବ୍ୟଗୁଣ, ପରମ ଶାନ୍ତି, ପରମାନନ୍ଦ, ପରମଜ୍ଞାନ, ପରମ ଶକ୍ତିର ସ୍ୱରୂପ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିକୁ ପ୍ରାପ୍ତ ହୁଏ ସମସ୍ତ ଭଗବତ୍ ଦିବ୍ୟଗୁଣ । ସେ ହୁଏ ଆପ୍ତକାମ । ବାସନା-କାମନାବିହୀନ କର୍ମ ହୁଏ ଭଗବତ୍ ପ୍ରେରଣାରେ । ସେହି କର୍ମର କର୍ତ୍ତା ବ୍ୟକ୍ତି ନ ଥାଏ । କର୍ମର କାମନା କର୍ମର କର୍ତ୍ତାଭାବ ଭଗବତ୍ ପ୍ରାପ୍ତିରେ ଲୋପ ହୁଏ ଏବଂ ନୂତନ କାମନା-ବାସନା ଉତ୍ପନ୍ନ ହୁଏ ନାହିଁ । ସେହି କାରଣରୁ ବ୍ୟକ୍ତି କର୍ମବନ୍ଧନ, ଜନ୍ମ-ମରଣରୁ ମୁକ୍ତ ହୁଏ । ସାଧାରଣ କର୍ମରେ କର୍ମର କର୍ତ୍ତା ବ୍ୟକ୍ତି ଥାଏ, ତା'ର ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ ନ ଥିବାରୁ ଭଗବତ୍ ପ୍ରାପ୍ତି ହୁଏ ନାହିଁ । ତା'ର କାମନା-ବାସନା ମଧ୍ୟ ଅପରିବର୍ତ୍ତନୀୟ ହୋଇ ରହେ । ସେହି କାରଣରୁ ବ୍ୟକ୍ତି କର୍ମ-ବନ୍ଧନ, ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରୁଥାଏ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିର କାମନା-ବାସନା, କର୍ତ୍ତୃତ୍ୱାଭିମାନ ନଷ୍ଟ ହେବାରୁ ବ୍ୟକ୍ତି କର୍ମ-ବନ୍ଧନରେ ନ ପଡ଼ି ମୁକ୍ତ ହୁଏ ।

ପ୍ରଶ୍ନ : ଉତ୍ତର ଯୁକ୍ତିଯୁକ୍ତ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଆପଣ କହିଲେ, ''ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ କରି ସମର୍ପଣ କଲେ ଅନ୍ୟାନ୍ୟ କାମନା-ବାସନା ଭଗବତ୍ ପ୍ରାପ୍ତି କାମନାରେ ବିଲୀନ ହୁଏ, ଭଗବତ୍ ପ୍ରାପ୍ତି ହେଲେ ଭଗବତ୍ ପ୍ରାପ୍ତି ସକାଶେ ଯେଉଁ କାମନା ଥାଏ ତାହା ବି ସମାପ୍ତ ହୁଏ; ଭଗବାନ୍ ଆପ୍ତକାମ, ଅତଏବ ଭଗବତ୍ ପ୍ରାପ୍ତି ପରେ ଆଉ କାମନା ଉତ୍ପନ୍ନ ହୁଏ ନାହିଁ ।'' ମାତ୍ର ଦେଖାଯାଉଛି ଏହାର ବିପରୀତ । ବହୁତ ଲୋକ ମା'ଙ୍କୁ ଡାକୁଛନ୍ତି ପରୀକ୍ଷାରେ ପାସ୍ କରିବାକୁ, ବ୍ୟବସାୟରେ ପ୍ରଚୁର ଧନ ଉପାର୍ଜନ କରିବାକୁ, ଚାକିରିରେ ଉନ୍ନତି, ନିର୍ବାଚନରେ ଜିତିବା, ମନ୍ତ୍ରୀ ହେବା ତଥା ରୋଗରୁ ମୁକ୍ତ ହେବା ଇତ୍ୟାଦି ସକାଶେ । ଏମାନଙ୍କର କାମନା ଶେଷ ହେବା ପରିବର୍ତ୍ତେ କ୍ରମଶଃ ବଢୁଥିବାର ଦେଖାଯାଏ । ଏହାର ଯଥାର୍ଥ ରହସ୍ୟ କ'ଣ ?

ଉତ୍ତର : ଏହାର ଯଥାର୍ଥ ରହସ୍ୟ ହେଲା — ଉତ୍ତରକୁ ଠିକ୍ ଠିକ୍ ବିଚାର କରିବା । ଉତ୍ତର ଥିଲା, ''ଭଗବତ୍ ଉଦ୍ଦେଶ୍ୟରେ କର୍ମକରି ସମର୍ପଣ କଲେ ଅନ୍ୟାନ୍ୟ କାମନା-ବାସନା ଭଗବତ୍ ପ୍ରାପ୍ତି କାମନାରେ ବିଲୀନ ହୋଇଯାଏ ।'' ଏହା କୁହାହୋଇ ନ ଥିଲା ଯେ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ ନ କରି ଥରେ କୌଣସି ବ୍ୟକ୍ତି ଭଗବାନଙ୍କଠାରୁ କୌଣସି ବସ୍ତୁ ଚାହିଁଲେ, ସେହି ଥରକରେ ତା'ର ସମସ୍ତ କାମନା-ବାସନା ପୂର୍ଣ୍ଣ ହୁଏ, ସେ ପୂର୍ଣ୍ଣମୁକ୍ତ ହୋଇ ଭଗବତ୍ ପ୍ରାପ୍ତି

କରେ । ଯଦି ଏହିପରି ଉତ୍ତର ଦିଆ ହୋଇଥାଆନ୍ତା ତେବେ ଆପଣଙ୍କ ପ୍ରଶ୍ନ ଯୁକ୍ତିଯୁକ୍ତ ହୋଇଥାଆନ୍ତା । ତଥାପି ଆପଣଙ୍କ ପ୍ରଶ୍ନର ଆଲୋଚନା କରିବା ।

ମନୁଷ୍ୟ କାମନା-ବାସନାର କୀଟ । ତା'ର ମନ-ପ୍ରାଣ-ଶରୀର କାମନା-ବାସନାରେ ଗଠିତ ହୋଇଥାଏ । ସୌଭାଗ୍ୟବଶତଃ ଭଗବତ୍ କୃପା କିଂବା ଆତ୍ମାର ଜାଗୃତିରେ ବ୍ୟକ୍ତି ଭଗବତ୍ ସମ୍ମୁଖୀନ ହେଲେ ସ୍ୱଭାବ ତଥା ପୂର୍ବ ଅଭ୍ୟାସବଶତଃ ଭଗବାନଙ୍କ ଠାରୁ ସାଂସାରିକ ବସ୍ତୁ, ବିଦ୍ୟା, ଧନ, ପୁତ୍ର, ଅଧିକାର, ଐଶ୍ୱର୍ଯ୍ୟ ଆଦି ଚାହେଁ । ବସ୍ତୁ ଚାହିଁବା ଦ୍ୱାରା ତା'ର ମନ-ପ୍ରାଣ ଶୁଦ୍ଧ ହେଲେ ସେ ଭଗବାନଙ୍କୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରେ, ତେବେ ତା'ର ଏହି ଭଗବତ୍ ଆଶ୍ରୟ ଦ୍ୱାରା କ୍ରମଶଃ ବିଶ୍ୱାସ ଏବଂ ସମର୍ପଣ ବୃଦ୍ଧି ହୁଏ ଏବଂ କାମନା-ବାସନା କ୍ଷୀଣ ହୁଏ । ଶେଷରେ ସେ କାମନା-ବାସନାରୁ ମୁକ୍ତ ହୋଇ କେବଳ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରେ । ଏହି ଭଗବତ୍ ପ୍ରାପ୍ତିର ସମୟ ଶୀଘ୍ର ବା ବିଳମ୍ବ ହେବା ନିର୍ଭର କରେ ବ୍ୟକ୍ତିର ଅଭୀପ୍ସା ତଥା ସମର୍ପଣର ତୀବ୍ରତା ଉପରେ । ବ୍ୟକ୍ତିର କାମନା-ବାସନା ଯଦି ପ୍ରବଳ ଥାଏ, ତେବେ ସେ ଭଗବାନଙ୍କୁ ଜୀବନର ଲକ୍ଷ୍ୟ ବୋଲି ଶୀଘ୍ର ଗ୍ରହଣ କରିପାରେ ନାହିଁ, ଗୋଟିଏ ପରେ ଗୋଟିଏ ବସ୍ତୁ ଚାହୁଁଥାଏ । ଏହି ଅବସ୍ଥାରେ ତାହାର କାମନା-ବାସନା ବୃଦ୍ଧି ହେବା ପ୍ରତୀତ ହେଉଥାଏ । ଯଥାର୍ଥରେ ତାହା ନୁହେଁ । ଏହି କାମନା-ବାସନା ପୂର୍ଣ୍ଣ ହେବା ଦ୍ୱାରା ତା'ର କାମନା-ବାସନା କ୍ଷୀଣ ହେଉଥାଏ । ଅଣ୍ଡାର ଉପରରୁ କିଛି ଜଣାପଡ଼େ ନାହିଁ, କିନ୍ତୁ ତାହାର ଭିତରେ କ୍ରମଶଃ ଖୋଳଟି ପତଳା ହେଉଥାଏ । ଯେତେବେଳେ ତାହା ଫାଟିଯାଏ ସେତେବେଳେହିଁ ଜଣାପଡ଼େ । ଠିକ୍ ସେହିପରି ମନୁଷ୍ୟ ଭଗବାନଙ୍କୁ ଲକ୍ଷ୍ୟରୂପେ ଗ୍ରହଣ କଲେ କାମନା-ବାସନା କ୍ଷୀଣ ହେଉଥାଏ, ମାତ୍ର ତାହା ବାହାରକୁ ଜଣାପଡ଼େ ନାହିଁ, ଯେତେବେଳେ ସେଥିରୁ ସେ ପୂର୍ଣ୍ଣରୂପେ ମୁକ୍ତ ହୁଏ ସେତେବେଳେ ଅନ୍ୟ ବ୍ୟକ୍ତି ବୁଝିପାରନ୍ତି ।

ଅନ୍ୟ କୌଣସି ବ୍ୟକ୍ତିର ଯଦି ମନ-ପ୍ରାଣ ଅତ୍ୟନ୍ତ ଅଶୁଦ୍ଧ ଓ କାମନା-ବାସନା ଅତ୍ୟନ୍ତ ତୀବ୍ର ଥାଏ, ସେଥିରୁ ମୁକ୍ତ ହେବାର ଉପାୟ ସେ ଯଦି ନ କରେ, କେବଳ ଭଗବାନଙ୍କଠାରୁ ବସ୍ତୁ ଚାହୁଁଥାଏ, ତେବେ ତା'ର ଲକ୍ଷ୍ୟ ଗ୍ରହଣ କରିବା ଏବଂ କାମନାବାସନା ଶୂନ୍ୟ ହେବାରେ ଅଧିକ ସମୟ ଲାଗେ କିଂବା ଜନ୍ମ ଜନ୍ମ ବ୍ୟତୀତ ହୋଇଯାଏ । କିନ୍ତୁ ବ୍ୟକ୍ତି କୌଣସି ପ୍ରକାରେ ଭଗବତ୍ ଶରଣରେ ଆସିଲେ ନିଶ୍ଚୟ ତା'ର କଲ୍ୟାଣ ହୁଏ । କେବଳ ଆଧାର ତୟାରିର ପ୍ରଯତ୍ନ ଉପରେ ସମୟର ଆଧିକ୍ୟ ବା ଅଳ୍ପତା ନିର୍ଭର କରେ ।

ପ୍ରଶ୍ନ : ଏହି ଉତ୍ତରରେ ସନ୍ଦେହ ଦୂର ହେଲା କିନ୍ତୁ ଏହି ତ୍ରିବିଧ କର୍ମ ଏବଂ ନିଷିଦ୍ଧ କର୍ମ କେଉଁ ସତ୍ତାର ପ୍ରେରଣାରେ ଶରୀର ଦ୍ୱାରା ସମ୍ପାଦିତ ହୁଏ, ତାହା ସ୍ପଷ୍ଟରୂପେ ବୁଝାଇଦିଅନ୍ତୁ ।

ଉତ୍ତର : ଚୋରି-ଡକାୟତି, ପ୍ରାଣିହିଂସା, ଅନ୍ୟର ଅନିଷ୍ଟ, କଳୁଷିତ ବାସନା-କାମନା ପୂର୍ଣ୍ଣ ଆଦି ନିନ୍ଦନୀୟକର୍ମ ହୁଏ ଆସୁରୀ ଶକ୍ତି ଦ୍ୱାରା ପଶୁଧର୍ମୀ ନିମ୍ନ ପ୍ରାଣ ଅଧିକୃତ ହେଲେ । ଅନ୍ୟ ଉପରେ ଆଧିପତ୍ୟ-ବିସ୍ତାର, ଅନ୍ୟ ଦେଶର ସର୍ବନାଶ, ନିଜ ନେତୃତ୍ୱ ରକ୍ଷା ସକାଶେ ବହୁତ ବ୍ୟକ୍ତିଙ୍କ ବିନାଶ, ନିଜ ସଂଘ ସକାଶେ ଅନ୍ୟର ଧନ ଅପହରଣ ଆଦି କାର୍ଯ୍ୟ ଉଚ୍ଚତର ପ୍ରାଣର । ଅନ୍ୟର, ଦେଶର, ଜଗତର ହିତସାଧନ, ସତ୍ୟ-ନ୍ୟାୟାଚରଣ, ବ୍ରହ୍ମଚର୍ଯ୍ୟପାଳନ ଇତ୍ୟାଦି ସାତ୍ତ୍ୱିକ ତଥା ନୈତିକ କର୍ମ । ଏସବୁ ସଂପାଦିତ ହୁଏ ଶୁଦ୍ଧ ବୁଦ୍ଧି ଦ୍ୱାରା ।

ଭଗବତ୍ ସମର୍ପିତ କର୍ମ ହୁଏ ଆତ୍ମ-ନେତୃତ୍ୱ ଦ୍ୱାରା । ଭାଗବତ କର୍ମ ହୁଏ ଭାଗବତୀ ଶକ୍ତି ଦ୍ୱାରା, ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବାରେ । ନିର୍ଲିପ୍ତ କର୍ମ ହୁଏ ଆତ୍ମସ୍ଥ ବା ନିର୍ବିଶେଷ ସତ୍ତାରେ ଏକ ହେବାରେ । ଏହାଛଡ଼ା ଅନ୍ୟାନ୍ୟ ଉତ୍ତମରୁ ଉତ୍ତମ କର୍ମରେ କାମନା ବିଦ୍ୟମାନ ଥାଏ ।

ପ୍ରଶ୍ନ : ଅନ୍ୟର ହିତ ସକାଶେ ଯେଉଁ କର୍ମ କରାହୁଏ, ସେଥିରେ ନିଜର ସ୍ୱାର୍ଥ ନ ଥାଏ, ତେବେ ସେହି କର୍ମ ମୂଳରେ କିପରି କାମନା ଥାଏ, ତାହା ଆହୁରି ସ୍ପଷ୍ଟ ଭାବରେ ବୁଝାଇଦିଅନ୍ତୁ ।

ଉତ୍ତର : କର୍ତ୍ତା ବିନା କର୍ମ ସଂପାଦିତ ହୋଇପାରେ ନାହିଁ । କର୍ମର କର୍ତ୍ତା ବ୍ୟକ୍ତି ହେଲେ କର୍ମର ଉଦ୍ଦେଶ୍ୟ ରହିବା ଅନିବାର୍ଯ୍ୟ । ଉଦ୍ଦେଶ୍ୟ ନ ରହିଲେ କର୍ମ ହୋଇପାରେ ନାହିଁ । ଉଦାହରଣସ୍ୱରୂପ — ଜଣେ ବ୍ୟକ୍ତି ଜଳ ଅଭାବରୁ ମୃତ୍ୟୁ

ପ୍ରାପ୍ତ ହେଉଛି, ତାକୁ ଜଳ ଦେବାର ଯେଉଁ ପ୍ରବୃତ୍ତି ତାହା ବ୍ୟକ୍ତିତ୍ୱ । କାରଣ ଯାହାକୁ ଜଳ ଦିଆହେଲା ସେ ଆପଣଙ୍କଠାରୁ ପୃଥକ୍ । ଜଳ ନ ହେଲେ ଲୋକଟି ମରିଯିବ, ସେଥିପାଇଁ ଜଳ ଦେବାକୁ ହେବ । ଏହା ହେଲା କାମନା । ବ୍ୟକ୍ତିତ୍ୱ ବା କର୍ମର କର୍ତ୍ତା ରହିଲେ କର୍ମଫଳ ଭୋଗ କରିବା ସକାଶେ ଜନ୍ମ-ମରଣ ହେବା ଆବଶ୍ୟକ ।

ଯେଉଁମାନେ ଭଗବତ୍ ପ୍ରାପ୍ତି କରିଛନ୍ତି, ସେହି ବ୍ୟକ୍ତି ଯଦି ଏହିରୂପେ ମୃତ୍ୟୁ ମୁଖରେ ପତିତ ବ୍ୟକ୍ତିକୁ ଜଳ ଦିଅନ୍ତି, ତାଙ୍କର ବ୍ୟକ୍ତିତ୍ୱ ବା କର୍ମର କର୍ତ୍ତୃତ୍ୱ ଏବଂ କର୍ମର ଉଦ୍ଦେଶ୍ୟ ନ ଥାଏ । ଭଗବାନଙ୍କ ସହିତ ତାଙ୍କ ସତ୍ତା ଏକତ୍ୱପ୍ରାପ୍ତ ହୋଇଥାଏ । ଅର୍ଥାତ୍ ସେ ଭଗବାନଙ୍କଠାରୁ ପୃଥକ୍ ନୁହନ୍ତି, ଯେଉଁ ବ୍ୟକ୍ତିକୁ ଜଳ ଦେଲେ ସେ ନିଜଠାରୁ ପୃଥକ୍ ନୁହେଁ, ତାହା ମଧ୍ୟରେ ସେ ଭଗବାନଙ୍କୁ ଦେଖନ୍ତି । ଭଗବାନ୍ ଏବଂ ଜଳ ପାଇବା ବ୍ୟକ୍ତି ନିଜଠାରୁ ପୃଥକ୍ ନ ଥିବାରୁ ଜଳ ଦେବାର ପ୍ରେରଣା ନ ଥାଏ, ତାହାର ପ୍ରେରକ ଭଗବାନ୍ । ବ୍ୟକ୍ତିତ୍ୱ ଏବଂ ପ୍ରେରଣା ଉଭୟ ଭଗବାନଙ୍କ ସହିତ ଏକ ହୋଇଥିବାରୁ କୌଣସି କର୍ମରେ କାମନା ହୁଏ ନାହିଁ, ହୁଏ ଭଗବତ୍ କର୍ମ । କାମନା ଉତ୍ପନ୍ନ ନ ହେବାରୁ କର୍ମର ଫଳ ଭୋଗିବାକୁ ପଡ଼େ ନାହିଁ ।

ଭଗବତ୍ ପ୍ରାପ୍ତି ଏବଂ ଆତ୍ମସ୍ଥ ନିର୍ଲିପ୍ତ ବା ମୁକ୍ତ ଅବସ୍ଥା ଛଡ଼ା ଅନ୍ୟର ସେବା, ଦେଶସେବା ତଥା ଅନ୍ୟାନ୍ୟ ଉତ୍ତମ କର୍ମରେ କାମନା ଥାଏ । କାମନା ଛଡ଼ା କର୍ମ ହୋଇପାରେ ନାହିଁ । ସେହି କର୍ମ ଭୋଗ କରିବା ସକାଶେ ଜନ୍ମ-ମରଣ ସ୍ୱୀକାର କରିବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଛଡ଼ା ପୁରାତନ ସମସ୍ତ ଯୋଗରେ ବ୍ୟକ୍ତି କର୍ମ-ବନ୍ଧନରୁ ମୁକ୍ତ ହୁଏ କିନ୍ତୁ ଜୀବନରେ କର୍ମର ମିଳନ ତଥା କର୍ମ ଦ୍ୱାରା ଜୀବନ ପୂର୍ଣ୍ଣ ହୁଏ ନାହିଁ । ଜୀବନ ପରିପୂର୍ଣ୍ଣ, କର୍ମରେ ଭଗବତ୍ ପ୍ରକାଶ, ବ୍ୟକ୍ତିର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ଓ ସେ ପୂର୍ଣ୍ଣତଃ ରୋଗ, ଜରା, ମୃତ୍ୟୁ କବଳରୁ ମୁକ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ତା'ର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାରେ । ଯଥାର୍ଥରେ ଏଥିରେହିଁ ହୁଏ ଜୀବନ ତଥା ଜଗତର ସକଳ ସମସ୍ୟାର ସମାଧାନ ।

ଆମର ଲକ୍ଷ୍ୟ ଯେଉଁ ପୂର୍ଣ୍ଣତା, ସେହି ସ୍ତରରେ ଆମେ ଯେତେବେଳେ ପହଞ୍ଚିବୁ, ସେତେବେଳେ ଦେଖିବୁ ଯେ ଆମେ ଯେଉଁ ସତ୍ୟର ସନ୍ଧାନ କରୁଛୁ, ତାହାର ମୁଖ୍ୟତଃ ଚାରୋଟି ବିଭାବ ଅଛି : ପ୍ରେମ, ଜ୍ଞାନ, ଶକ୍ତି ଓ ସୌନ୍ଦର୍ଯ୍ୟ । ସତ୍ୟର ଏହି ଚାରୋଟି ଗୁଣହିଁ ଆମ ସତ୍ତାରେ ସ୍ୱତଃସ୍ଫୂର୍ତ୍ତଭାବେ ନିଜକୁ ପ୍ରକାଶ କରିବେ । ଚୈତ୍ୟପୁରୁଷ ହେବେ ଯଥାର୍ଥ ଓ ବିଶୁଦ୍ଧ ପ୍ରେମର ବାହନ, ମନ ହେବ ଅଭ୍ରାନ୍ତ ଜ୍ଞାନର ବାହନ, ପ୍ରାଣ ପ୍ରକାଶ କରିବ ଏକ ଅଜେୟ ଶକ୍ତି ଓ ତେଜଃ ଏବଂ ଶରୀର ପ୍ରକାଶ କରିବ ଏକ ପୂର୍ଣ୍ଣ ସୌନ୍ଦର୍ଯ୍ୟ ଓ ପୂର୍ଣ୍ଣ ସୁସଙ୍ଗତି ।

— ଶ୍ରୀମା

ଯୋଗ ଓ ଜୀବନ

ପ୍ରକାଶକଙ୍କ ମନ୍ତବ୍ୟ

'ଯୋଗରେହିଁ ଜୀବନର ସାର୍ଥକତା' ଏବଂ 'ସତ୍‌ସଙ୍ଗ : ଜୀବନ ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ' ଦୁଇଟି ମର୍ମସ୍ପର୍ଶୀ ପ୍ରାଣବନ୍ତ ଅନବଦ୍ୟ ରଚନା, ଜନସାଧାରଣଙ୍କ ନିକଟରେ ଶ୍ରୀଅରବିନ୍ଦଙ୍କ ଯୋଗ ଉପସ୍ଥାପିତ କରିବା ନିମିତ୍ତ ରାମାୟଣ, ମହାଭାରତ ପ୍ରଭୃତି ପ୍ରାଚୀନ ଶାସ୍ତ୍ରରୁ ଯେଉଁସବୁ ଐତିହାସିକ ଉଦାହରଣମାନ ସୂକ୍ଷ୍ମ ଓ ସହଜ ଭାବରେ ପରିବେଷଣ କରାଯାଇଛି ତାହା ଖୁବ୍ ସୁନ୍ଦର ଓ ସାବଲୀଳ । ଏହାଦ୍ୱାରା ଯୋଗର ଅର୍ଥ କ'ଣ ଏବଂ କିପରି ଯୋଗ ବ୍ୟତୀତ ଜୀବନ ଅପୂର୍ଣ୍ଣ ତାହା ସ୍ପଷ୍ଟ କରାଯାଇଛି । ବିଶେଷତଃ ଦ୍ୱିତୀୟ ପ୍ରବନ୍ଧରେ ସାଧନା – ପଥରେ ସତ୍‌ସଙ୍ଗର ଅପୂର୍ବ ଦାନ କଥା ସ୍ମରଣ କରାଇ ଦିଆଯାଇଛି । ପୁନଶ୍ଚ ଶ୍ରୀଅରବିନ୍ଦ ପାଠଚକ୍ର ଓ ମହିଳା ସମିତି ଗୁଡ଼ିକ କିପରି ଯଥାର୍ଥରେ ସତ୍‌ସଙ୍ଗ ଗୋଷ୍ଠୀ ତାହା ମଧ୍ୟ ସୂଚୀତ ହୋଇଛି । ଆତ୍ମମାନଙ୍କର ଆଶା, ପ୍ରତ୍ୟେକ ଆଧ୍ୟାତ୍ମବାଦୀ ଯୁବକ, ଛାତ୍ର ଓ ସାଧାରଣ ଜ୍ଞାନପିପାସୁ ବ୍ୟକ୍ତି ଏହି ପୁସ୍ତିକା ଦ୍ୱାରା ବିଶେଷ ଭାବେ ଉପକୃତ ହେବେ ।

ପ୍ରଥମ ଭାଗ

ଯୋଗରେହିଁ ଜୀବନର ସାର୍ଥକତା

ଶାସ୍ତ୍ର ପୁରାଣ, ଋଷିମୁନି, ସାଧୁସନ୍ଥ କହନ୍ତି ଭଗବାନଙ୍କୁ ଉପାସନା କର, ଅଧ୍ୟାତ୍ମ-ସାଧନା କର, ଯୋଗ କର । ସଭା ସମିତିରେ ବିଦ୍ୱାନ୍, ପଣ୍ଡିତ, ସାଧକ, ମହାତ୍ମାମାନେ ମଧ୍ୟ ଏହି କଥା କହନ୍ତି । ଆମ୍ଭେମାନେ କାହିଁକି ଭଗବାନଙ୍କ ଉପାସନା, ଅଧ୍ୟାତ୍ମ ସାଧନା ବା ଯୋଗ କରିବୁ ? ଏହାଦ୍ୱାରା ଆମ୍ଭ ଜୀବନର କ'ଣ ସହାୟତା ମିଳିବ ? ଆମ୍ଭେମାନେ ଗୃହସ୍ଥ ବ୍ୟକ୍ତି । ପଢ଼ିଲେଖି ବଡ଼ ବଡ଼ ଚାକିରି କରି ଦେଶ କାମ କରିବୁ । ଆମ୍ଭମାନଙ୍କୁ ପରିବାର ପାଳନ ପୋଷଣ କରିବାକୁ ହେବ; ସନ୍ତାନମାନଙ୍କୁ ପାଠ ପଢ଼ାଇ ସମାଜରେ ଉପଯୁକ୍ତ ମନୁଷ୍ୟ କରିବାକୁ ହେବ । ବର୍ତ୍ତମାନ ଲୋକଙ୍କୁ ଉଦରପୂର୍ତ୍ତି ଅନ୍ନ ମିଳୁ ନାହିଁ । ରହିବାକୁ କୁଡ଼ିଆ ଖଣ୍ଡେ ନାହିଁ । ରୋଗୀକୁ ଔଷଧ ମିଳୁ ନାହିଁ । ଏପରି ସ୍ଥଳେ ଆମ୍ଭମାନଙ୍କୁ ଦେଶର ଉନ୍ନତିମୂଳକ କାର୍ଯ୍ୟ କରିବାକୁ ହେବ । ଆଖି ବନ୍ଦକରି ହାତରେ ମାଳା ନେଇ ଭଗବାନଙ୍କ ନାମ ଜପ କଲେ ଦେଶରୁ ଦାରିଦ୍ର୍ୟ ଦୂର ହେବ ନାହିଁ, ଏହାହିଁ ଅଧିକାଂଶ ବ୍ୟକ୍ତି କହୁଅଛନ୍ତି ।

ମନୁଷ୍ୟର ଯଦି କେବଳ ଉଦରପୂର୍ତ୍ତି ଅନ୍ନ, ରହିବାର ସ୍ଥାନ ପ୍ରାପ୍ତି ଲକ୍ଷ୍ୟ ହୁଏ, ସେ ଯଦି ସେଥିରେହିଁ ସନ୍ତୁଷ୍ଟ ହୋଇ ସୁଖ ଶାନ୍ତିରେ ରହିପାରେ ତେବେ ଭଗବାନ୍, ଅଧ୍ୟାତ୍ମ-ସାଧନାର କୌଣସି ଆବଶ୍ୟକତା ନାହିଁ । ଯେଉଁମାନଙ୍କୁ ଉତ୍ତମ ଭୋଜନ, ଉତ୍ତମ ବାସସ୍ଥାନ, ବାଗବଗିଚା, ବହୁମୂଲ୍ୟ ଗୃହ-ଆସବାବ ପ୍ରାପ୍ତ, ସେମାନେ କ'ଣ ପ୍ରକୃତରେ ସୁଖ, ଶାନ୍ତି, ଆନନ୍ଦ, ସନ୍ତୋଷରେ ଅଛନ୍ତି ? ସେମାନଙ୍କର କ'ଣ ଅଭାବ ବୋଧ ନାହିଁ ? ସେମାନେ ଈର୍ଷ୍ୟା, ବିରୋଧ, ହତାଶା, ଦ୍ୱନ୍ଦ୍ୱ, ଦୁଃଖ ଅଗ୍ନିରେ କ'ଣ ଜଳୁ ନାହାନ୍ତି ?

ଯେଉଁମାନଙ୍କୁ ଯେତିକି ଧନ, ଯେତିକି ଐଶ୍ୱର୍ଯ୍ୟ, ଯେତିକି ଅଧିକାର ପ୍ରାପ୍ତ ହୋଇଅଛି ସେଥିରେ କ'ଣ ସେମାନେ ସନ୍ତୋଷରେ ଅଛନ୍ତି ? ସେହି ପ୍ରାପ୍ତବସ୍ତୁ ସୁରକ୍ଷିତ କରିବା ସକାଶେ, ତାହା ବୃଦ୍ଧି କରିବା ସକାଶେ କ'ଣ ସେମାନେ ଦିନରାତି ଚିନ୍ତାଗ୍ରସ୍ତ ହେଉ ନାହାନ୍ତି ? ସେମାନେ କ'ଣ ସୁଖ ନିଦ୍ରାରେ ଶୋଉଛନ୍ତି ? ସଂସାରରେ ସାଧାରଣ ବ୍ୟକ୍ତିଠାରୁ ଉଚ୍ଚକୋଟୀର ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଅଭାବ ବୋଧରେ ପୀଡ଼ିତ । ଧନ ଐଶ୍ୱର୍ଯ୍ୟ ଥିବା ସତ୍ତ୍ୱେ ମନୁଷ୍ୟ ଯଥାର୍ଥରେ ଦରିଦ୍ର ଯଦି ତା'ର ଅଭାବବୋଧ ଥାଏ । ମନୁଷ୍ୟର କିଛିମାତ୍ର ଧନ ଐଶ୍ୱର୍ଯ୍ୟ ନ ଥିବା ସତ୍ତ୍ୱେ ସେ ଯଥାର୍ଥରେ ମହାନ୍ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତି ହୋଇପାରେ ଯଦି ତା'ର କୌଣସି ଅଭାବ ନ ଥାଏ ।

ଭଗବାନଙ୍କ ଛଡ଼ା ମନୁଷ୍ୟର ଜୀବନ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷରେ ପୂର୍ଣ୍ଣ ହୋଇଥାଏ । ସେ ଯେଉଁ କାର୍ଯ୍ୟରେ ଯେଉଁ ବସ୍ତୁରେ ସୁଖ ଶାନ୍ତି ଚାହେଁ, ସେଥିରେ ତାକୁ ବିପରୀତ ଫଳ ମିଳେ ।

ଭଗବାନ୍ ଶାନ୍ତି, ସନ୍ତୋଷ, ଆନନ୍ଦ, ସମତାଦି ଦିବ୍ୟଗୁଣର ମୂର୍ତ୍ତିମାନ୍ ବିଗ୍ରହ । ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କଲେ ବ୍ୟକ୍ତି ମଧ୍ୟରେ ଭଗବାନଙ୍କ ଦିବ୍ୟଗୁଣ ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ଭକ୍ତି ପ୍ରତିଷ୍ଠିତ ହୁଏ, ତେବେ ତା' ଜୀବନ ଆନନ୍ଦମୟ ହୁଏ । ସେ ହୁଏ ସମାଜରେ ଆଦର୍ଶ ବ୍ୟକ୍ତି । ପରିବାରରେ ସେ ହୁଏ ଆଦରଣୀୟ । ଦେଶ ବିଦେଶରେ ହୁଏ ତା'ର ଖ୍ୟାତି । ଏହିପରି ବ୍ୟକ୍ତିର ଜୀବନ ହୁଏ ସଫଳ । ଏହିମାନେ ପରିବାରରେ ଶାନ୍ତି, ସୁଖ, ଆନନ୍ଦ ସ୍ଥାପନ କରି ପାରନ୍ତି । ଏମାନଙ୍କ ଦ୍ୱାରା ସମାଜ, ଦେଶର ଉନ୍ନତି ହୁଏ ।

ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ବିବେକାଦି ଦିବ୍ୟଗୁଣ ଜାଗତିକ ଅନ୍ୟ ସମସ୍ତ ଗୁଣର ପୋଷକ ତଥା ନିୟାମକ । ମନୁଷ୍ୟ ଶାନ୍ତି, ଆନନ୍ଦ, ଏକାଗ୍ରତାରେ ଥିବା ଅବସ୍ଥାରେ ଭଲ ଚିନ୍ତା କରିପାରେ, ସମସ୍ୟାର ସମାଧାନ ଅଳ୍ପ ସମୟରେ କରିପାରେ । ଶାନ୍ତ ଅବସ୍ଥାରେହିଁ ବ୍ୟକ୍ତି ସୂକ୍ଷ୍ମବସ୍ତୁ ବିଚାର କରିପାରେ; ଗୂଢ଼ ଜଟିଳ ବିଷୟ ବୁଝି ଉତ୍ତମ ବ୍ୟବସ୍ଥା କରିପାରେ; ଭଲ ପଢ଼ିପାରେ, ମେଧାବୀ ହୋଇପାରେ । ଏପରି ବ୍ୟକ୍ତିର ଅହଂ କ୍ରିୟାଶୀଳ ହୁଏ ନାହିଁ । ତାହାର

ସମସ୍ତ କାର୍ଯ୍ୟ ନ୍ୟାୟ ପୂର୍ବକ ଅନ୍ୟର ହିତ ସକାଶେ ହୁଏ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ଯଥାର୍ଥରେ ଦେଶର ଉନ୍ନତି ହୁଏ ଏବଂ ଦେଶର ଦାରିଦ୍ର୍ୟ ଦୂରହୁଏ ।

ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ବିବେକ ଏହି ଦିବ୍ୟଗୁଣ ନୈତିକ, ସାମାଜିକ, ବୁଦ୍ଧିଗତ ବିଚାର ଦ୍ୱାରା ଉପଲବ୍ଧି ହୁଏ ନାହିଁ, ହୁଏ ଭଗବାନଙ୍କ ପ୍ରାପ୍ତିରେ । କାରଣ ଏହି ସବୁ ଗୁଣର ପୁଞ୍ଜୀଭୂତ ବିଗ୍ରହ ହେଉଛନ୍ତି ଭଗବାନ୍ । ଯେଉଁ ସାଧୁ ସନ୍ଥ, ଋଷି ମୁନି, ମହାତ୍ମା, ମହାପୁରୁଷମାନେ ଭଗବାନଙ୍କୁ ଉପାସନା କରିଛନ୍ତି ସେହିମାନେ ଏହି ଦିବ୍ୟଗୁଣ ପ୍ରାପ୍ତ କରିଛନ୍ତି । ସେମାନେ ହେଉଛନ୍ତି ଅଚ୍ୟୁତାନନ୍ଦ ଦାସ, ମାଧବ ଦାସ, ଭାଗବତକାର ଜଗନ୍ନାଥ ଦାସ, ସମର୍ଥ ରାମଦାସ, ଜ୍ଞାନ ଦେବ, ନାମ ଦେବ, ଗୋସ୍ୱାମୀ ତୁଳସୀ ଦାସ, ସୁର ଦାସ ଓଗେର ମହାପୁରୁଷ । ଏମାନଙ୍କ ପାଖରେ ସାଂସାରିକ କୌଣସି ଐଶ୍ୱର୍ଯ୍ୟ ନ ଥିଲା । ଥିଲା ଶାନ୍ତି ସନ୍ତୋଷର ଐଶ୍ୱର୍ଯ୍ୟ । ସେହି ସକାଶେ ସେମାନଙ୍କ ଚରଣରେ ରାଜା ମହାରାଜାମାନେ ମସ୍ତକ ନତ କରୁଥିଲେ । କିନ୍ତୁ ଏମାନେ ସଂସାର କର୍ମ ତ୍ୟାଗ କରି ବ୍ୟକ୍ତିଗତ ଭାବେ ଏହି ଦିବ୍ୟଗୁଣ ପ୍ରାପ୍ତ କରିଥିବାରୁ ଏମାନଙ୍କ ଜୀବନ ଆନନ୍ଦମୟ ହେଲା କିନ୍ତୁ ଏମାନଙ୍କ ଦ୍ୱାରା ସଂସାରରେ ସ୍ଥାୟୀ ସୁଖ ଶାନ୍ତି ପ୍ରତିଷ୍ଠା ହୋଇ ପାରିଲା ନାହିଁ । ଠିକ୍ ଏହାର ବିପରୀତ ହେଲା ସଂସାର ବ୍ୟକ୍ତିମାନଙ୍କର । ସେମାନେ ଅଧ୍ୟାତ୍ମ ସତ୍ୟର ଆଶ୍ରୟ ନ ନେଇ, ଅନ୍ତରରେ ଶାନ୍ତି ସନ୍ତୋଷ ଆନନ୍ଦାଦି ଦିବ୍ୟଗୁଣ ପ୍ରାପ୍ତ କରିବା ପ୍ରୟାସ ଛାଡ଼ି କେବଳ ଭୌତିକ କର୍ମ ଦ୍ୱାରା ସଂସାରରେ ସାମଞ୍ଜସ୍ୟ ସ୍ଥାପନ ଓ ସଂସାରର ଉନ୍ନତି ସାଧନର ପ୍ରୟାସ କଲେ, ପରିଣାମରେ ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସଫଳତା ପାଇପାରିଲେ ନାହିଁ ।

କ୍ରୂର ମିଥ୍ୟାଚାର, ଅନ୍ୟାୟ, କଳାବଜାର, ଲାଞ୍ଚ, ମିଛ, ହିଂସା ତଥା ଯୁଦ୍ଧର ତାଣ୍ଡବ ନୃତ୍ୟ ବଢ଼ି ଚାଲିଲା । ଦେଶର ଉନ୍ନତି ସକାଶେ ଭୌତିକ କର୍ମର ଯଦ୍ୟପି ଆବଶ୍ୟକ ତଥାପି ଏହାର ଭିତ୍ତି ହେବା ଉଚିତ ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ବିବେକ । ସମୟ ଆସି ନ ଥିବାରୁ ଅଧ୍ୟାତ୍ମ-ଦିବ୍ୟଗୁଣ ତଥା ସଂସାର କର୍ମର ସଂଯୋଗ ହୋଇପାରି ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି; ମା' ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ଅଛନ୍ତି । ବ୍ୟକ୍ତି ଅତିମାନସ ଶକ୍ତିର ଆଶ୍ରୟ ଗ୍ରହଣ କରି ଅଧ୍ୟାତ୍ମ ରୀତିରେ କର୍ମକଲେ ସଂସାର ହେବ ସ୍ୱର୍ଗତୁଲ୍ୟ ଐଶ୍ୱର୍ଯ୍ୟଶାଳୀ । ବ୍ୟକ୍ତି ନିବାସ କରିବେ ପରମ ଆନନ୍ଦରେ । ଏହା ହେବ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ମଣିଷର ମନ-ପ୍ରାଣ ଶରୀରର ରୂପାନ୍ତର, ପୃଥିବୀରେ ଅତିମାନସ ଜାତିର ପ୍ରତିଷ୍ଠା ହେବାରେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି କାର୍ଯ୍ୟ ମା କରୁଅଛନ୍ତି । ଯୋଗ କେବଳ ସନ୍ନ୍ୟାସୀମାନଙ୍କ ସକାଶେ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସକାଶେ । ଏହା ସଂସାରର ଉନ୍ନତି ନିମିତ୍ତ ଅପରିହାର୍ଯ୍ୟ । ଯୋଗଛଡ଼ା ପରିବାରରେ କଳହ-ନିବୃତ୍ତି, ସନ୍ତାନ ସଚ୍ଚରିତ୍ର, ଦେଶର ଉନ୍ନତି, ଦେଶର ସୁଖଶାନ୍ତି ସ୍ଥାପନ, ଦେଶ ଦେଶ ମଧ୍ୟରୁ ଯୁଦ୍ଧ ନିବୃତ୍ତି କଦାପି ହୋଇପାରେ ନାହିଁ ।

ମହାଭାରତ ଚରିତ୍ର

ଦିଲ୍ଲୀଶ୍ୱର ମହାରାଜ ଦୁର୍ଯ୍ୟୋଧନଙ୍କର ଭୋଜନ-ବସ୍ତ୍ର-ବାସ ସ୍ଥାନର ଅଭାବ ନ ଥିଲା । ସେ ଥିଲେ ମହାରାଜାଧିରାଜ । ସମସ୍ତ ଐଶ୍ୱର୍ଯ୍ୟ ତାଙ୍କ ଚରଣରେ ଲୋଟୁଥିଲା । ରାଜାମାନେ ତାଙ୍କ ଆଜ୍ଞାକୁ ଅପେକ୍ଷା କରି ରହୁଥିଲେ । ଦୁର୍ଯ୍ୟୋଧନଙ୍କର ଥିଲେ ଶହେ ଭାଇ । ତାଙ୍କ ପିତାଙ୍କ ଛୋଟ ଭାଇ ପଣ୍ଡୁଙ୍କ ପୁତ୍ର ଥିଲେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ । ଏମାନେ ଥିଲେ ଧାର୍ମିକ, ନ୍ୟାୟ ପରାୟଣ, ବୀର, ଯୋଦ୍ଧା, ଭଗବତ୍ ଭକ୍ତ । ଏମାନଙ୍କର ସଦ୍‌ଗୁଣକୁ ଦୁର୍ଯ୍ୟୋଧନ ବରଦାସ୍ତ କରି ନ ପାରି ଛଳ କପଟ କଳ କୌଶଳରେ ଏମାନଙ୍କୁ ନାଶ କରିବାକୁ ଚାହିଁଲେ । କପଟରେ ଜଉ ଗୃହରେ ପାଣ୍ଡବମାନଙ୍କୁ ରଖି ସେଥିରେ ଅଗ୍ନି ଲଗାଇ ଦେଲେ । ଏଥିରୁ ତାଙ୍କ ଧର୍ମଯୋଗୁଁ ସେମାନଙ୍କୁ ଭଗବାନ୍ ରକ୍ଷା କଲେ । ଶେଷରେ କପଟ ପଶା ଖେଳି ତାଙ୍କର ସମସ୍ତ ସମ୍ପତ୍ତି ଅପହରଣ କରି ସେମାନଙ୍କୁ ବନବାସ ଦେଲେ । ସେଥିରେ ତାଙ୍କ ସନ୍ତୋଷ ହେଲା ନାହିଁ, ଶେଷରେ ଯୁଦ୍ଧରେ ସେମାନଙ୍କୁ ମାରିବା ଉଦ୍ଦେଶ୍ୟରେ ରହିବାକୁ ପାଞ୍ଚ ଖଣ୍ଡ ଗ୍ରାମ

ନ ଦେଇ ଯୁଦ୍ଧ କଲେ । ପରିଣାମରେ ଦୁର୍ଯ୍ୟୋଧନଙ୍କର ସମସ୍ତ ପରିବାର ନାଶ ହେଲା । ଜଳ ଦେବା ସକାଶେ ତାଙ୍କ କୁଳରେ ଜଣେ ବ୍ୟକ୍ତି ରହିଲେ ନାହିଁ ।

ଯେଉଁମାନେ ଭାବୁଛନ୍ତି ଅନ୍ନ ବସ୍ତ୍ର ପର୍ଯ୍ୟାପ୍ତ ହେଲେ ମନୁଷ୍ୟ ସୁଖ ଶାନ୍ତିରେ ରହିବ, ସେମାନେ ବିଚାର କରି ପାରନ୍ତି ଦୁର୍ଯ୍ୟୋଧନଙ୍କର କ'ଣ ଅନ୍ନ ବସ୍ତ୍ରର ଅଭାବ ଥିଲା ? ନ ଥିଲା । ଅଭାବ ଥିଲା ତାଙ୍କ ମଧ୍ୟରେ ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ ଓ ବିବେକ । ଏହାରି ଅଭାବରୁ ସେ ନିଜେ ଅହଂ, ସ୍ୱାର୍ଥ, ଈର୍ଷ୍ୟା, ବିରୋଧାଦି ଦୁର୍ଗୁଣର ବଶୀଭୂତ ହୋଇ ବହୁ ଜନ ସହିତ ସବଂଶ ନାଶ ହେଲେ ଏବଂ ତାଙ୍କ ରାଜ୍ୟ ଧ୍ୱଂସ ହେଲା । ସମସ୍ତ ଦିବ୍ୟଗୁଣ ଭଗବାନଙ୍କର । ଏହା ପ୍ରାପ୍ତି ହୁଏ ଭଗବତ୍ ଭକ୍ତିରେ । ମନୁଷ୍ୟ ଭଗବାନଙ୍କ ଭକ୍ତି ଛଡ଼ା କଦାପି ସଂସାରରେ ସ୍ଥାୟୀ ଉନ୍ନତି କରିପାରେ ନାହିଁ, କିଂବା ନିଜେ ସୁଖ ଶାନ୍ତିରେ ରହିପାରେ ନାହିଁ । ଏହିସବୁ ଦିବ୍ୟଗୁଣ ପ୍ରାପ୍ତିରେ ମନୁଷ୍ୟ କିପରି ସ୍ୱାର୍ଥତ୍ୟାଗ କରି ପ୍ରତିକୂଳ ସମୟରେ ଶାନ୍ତ, ସ୍ଥିର ହୋଇ ଧୈର୍ଯ୍ୟ ଧାରଣକରି ଅନ୍ୟର ହିତ କରିପାରେ, ଆସ୍ତେମାନେ ରାମାୟଣରୁ କୌଶଲ୍ୟା, ତଥା ଭରତଙ୍କ ଚରିତ୍ରରୁ ବୁଝିପାରିବା ।

ରାମାୟଣ ଚରିତ୍ର

ମାହାରାଣୀ କୌଶଲ୍ୟା ଥିଲେ ମହାରାଜ ଦଶରଥଙ୍କର ପ୍ରଧାନରାଣୀ । ତାଙ୍କର ପୁତ୍ରଥିଲେ ଶ୍ରୀରାମ । ଶ୍ରୀରାମଙ୍କୁ ମହାରାଜ ଯୁବରାଜ ପଦରେ ଅଭିଷିକ୍ତ କରିବା ସ୍ଥିର କରିଥିଲେ । କିନ୍ତୁ ଛୋଟ ରାଣୀ କୈକେୟୀର ଛଳଯୁକ୍ତ ବରଦାନରେ ବିବଶ ହୋଇ ଶ୍ରୀରାମଙ୍କୁ ବନବାସ ଦେଲେ ଏବଂ କୈକେୟୀର ପୁତ୍ର ଭରତକୁ ରାଜଗାଦି ଦେବାକୁ ବାଧ ହେଲେ । ଏହା ହେଲା କେବଳ କୈକେୟୀର ଛଳନାରେ ।

ଏହି ଅବସ୍ଥାରେ କୈକେୟୀ ତଥା ଭରତଙ୍କ ପ୍ରତି କୌଶଲ୍ୟାଙ୍କର ପ୍ରତିହିଂସା ଯୋଗୁଁ ଶତ୍ରୁତାକରି ରାଜ୍ୟ ଛାରଖାର କରିବା ସ୍ୱାଭାବିକ ଥିଲା । କିନ୍ତୁ ତାଙ୍କ ମଧ୍ୟରେ ଭଗବତ୍ ଭକ୍ତି ଥିବା ଯୋଗୁଁ ସଦ୍‌ଗୁଣ ପ୍ରତିଷ୍ଠିତ ହୋଇଥିଲା । ସେହି ସକାଶେ ସେ ବିବେକର ଯଥାର୍ଥ ବ୍ୟବହାର କରି ସମସ୍ତ ପ୍ରତିକୂଳ ଅବସ୍ଥାର ସମାଧାନ ଉତ୍ତମ ରୂପେ କରି ପାରିଥିଲେ ।

ଶ୍ରୀରାମଙ୍କ ରାଜ୍ୟାଭିଷେକ ସକାଶେ ରାଜମହଲ ତଥା ସମସ୍ତ ରାଜ୍ୟରେ ବହୁତ ସମାରୋହରେ ଉତ୍ସବ କରା ହେଉଥିଲା । ମହାରାଣୀ କୌଶଲ୍ୟା ଅତି ଉତ୍ସାହରେ ଶ୍ରୀରାମଙ୍କ ଅଭିଷେକ ସକାଶେ ବ୍ରତ ପାଳନ କରୁଥିଲେ ଏବଂ ପଣ୍ଡିତମାନଙ୍କ ଦ୍ୱାରା ଶାନ୍ତିରକ୍ଷା ତଥା ହୋମ କରାଉଥିଲେ ।

ସେହି ସମୟରେ ଶ୍ରୀରାମ ବନ-ଗମନ ସକାଶେ ଆଜ୍ଞା ନେବାକୁ ମା'ଙ୍କ ପାଖକୁ ଆସିଲେ । ମା'ର ସନ୍ତାନ ପ୍ରତି ସ୍ୱାଭାବିକ ସ୍ନେହ । କିନ୍ତୁ ବୀର, ଯୋଦ୍ଧା, ବିଦ୍ୱାନ୍, ଧାର୍ମିକ, ନୀତିଜ୍ଞ, ବିନୀତ, ସରଳାଦି ସଦ୍‌ଗୁଣ ଯୁକ୍ତ ପୁତ୍ର ପ୍ରତି ମାତାର କିପରି ପ୍ରଗାଢ଼ ସ୍ନେହ ତାହା କୌଶଲ୍ୟାଙ୍କ ଛଡ଼ା ଅନ୍ୟ କେହି କଳ୍ପନା କରିବା ସମ୍ଭବ ନୁହେଁ । ଶ୍ରୀରାମଙ୍କୁ ଦେଖିବା ମାତ୍ରେ କୌଶଲ୍ୟାଙ୍କ ହୃଦୟ ପୁତ୍ର ସ୍ନେହରେ ପୂର୍ଣ୍ଣ ହୋଇଗଲା । ସେ ଶ୍ରୀରାମଙ୍କୁ ହୃଦୟରେ ଲଗାଇ ନେଲେ । ମା'ଙ୍କର ପୁତ୍ର ସ୍ନେହର ଏହି ଉଦ୍ରେକ ଅବସ୍ଥାରେ ଶ୍ରୀରାମ କହିଲେ :

''ପିତା ଦିନ୍ହ ମୋହି କାନନ ରାଜୁ
ଯହଁ ସବ ଭାଁନ୍ତି ମୋର ବଡ଼ କାଜୁ ।
ଆୟସୁ ଦେହି ମୁଦିତ ମନ ମାତା
ଯେହି ମୁଦ ମଙ୍ଗଳ କାନନ ଜାତା ।
ଜନି ସନେହ ବସ ଡରପସି ଭୋରେ
ଆନନ୍ଦ ଅମ୍ବ ଅନୁଗ୍ରହ ତୋରେ ।''

ଶ୍ରୀରାମ ସିଧା ସିଧା ବନବାସ ଯିବା କଥା କହିଲେ ନାହିଁ । କହିଲେ, ''ପିତା ମୋତେ କାନନ ରାଜ୍ୟ ଦେଲେ ଯେଉଁଠାରେ ମୋର ସବୁ ପ୍ରକାର ବହୁତ ବଡ଼କାର୍ଯ୍ୟ ହୋଇ ପାରିବ । ମା', ତୁ ପ୍ରସନ୍ନତା ପୂର୍ବକ ବନକୁ ଯିବା ସକାଶେ ଆଜ୍ଞା ଦେ । ତୋହରି ପ୍ରସନ୍ନତାରେ ମୋ ବନ ଯିବା ମଙ୍ଗଳ ଦାୟକ ହେବ । ହେ ମାତା, ତୁ ସ୍ନେହବଶ ହୋଇ ଭୟ କର ନାହିଁ, ତୋ ଅନୁଗ୍ରହରୁ ମୋର ସମସ୍ତ ଆନନ୍ଦ ହେବ ।''

ଯଦ୍ୟପି ଶ୍ରୀରାମଙ୍କ ବଚନ ଅତ୍ୟନ୍ତ ବିନୀତ ମଧୁର ଥିଲା, ତଥାପି ମାତା କୌଶଲ୍ୟାଙ୍କୁ ତୀର ସଦୃଶ ଲାଗିଲା । ପୁଷ୍ପବନରେ ତୁଷାର ପଡ଼ିଲେ ତାହା ଯେପରି ଝାଉଁଳି ପଡ଼େ, କୌଶଲ୍ୟା ସେହିପରି ହୋଇଗଲେ । ମାତା କୌଶଲ୍ୟାଙ୍କ ଅବସ୍ଥା ବିଚିତ୍ର ହୋଇଗଲା । ଏକ ମୁହୂର୍ତ୍ତ ପୂର୍ବେ ପ୍ରାଣପ୍ରିୟ ପୁତ୍ରର ରାଜ୍ୟାଭିଷେକ ଉତ୍ସାହ, ସେହି ଅପାର ଆନନ୍ଦ ମଧ୍ୟରେ ଶ୍ରୀରାମଙ୍କ ବନବାସର ଦାରୁଣ ହୃଦୟ-ବିଦାରକ ଖବର । ତାଙ୍କ ଶରୀର, ହୃଦୟ ଥରିବାକୁ ଲାଗିଲା । ନେତ୍ରରୁ ଅଶ୍ରୁ ପ୍ରବାହିତ ହେଲା । ସେ ଆଉ ନିଜକୁ ସମ୍ଭାଳି ନ ପାରି ପୃଥିବୀରେ ପଡ଼ିଗଲେ । ଶ୍ରୀରାମ ବହୁ କଷ୍ଟରେ ମା'ଙ୍କୁ ସଚେତନ କରାଇବାରୁ ସେ କହିଲେ, 'ପିତାଙ୍କର ତୁ ପ୍ରାଣର ପ୍ରିୟ ଥିଲୁ, କେଉଁ ଅପରାଧରେ ତୋତେ ସେ ବନ ଦେଲେ ?' ଏହି ପ୍ରଶ୍ନର ଉତ୍ତର ଶ୍ରୀରାମଙ୍କ ଇଙ୍ଗିତରେ ମନ୍ତ୍ରୀଙ୍କ ପୁତ୍ର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସମସ୍ତ କହି ଶୁଣାଇ ଦେଲେ । ଗୋଟିଏ ଦିଗରେ ପତିଙ୍କ ସତ୍ୟରକ୍ଷା ଏବଂ ସପତ୍ନୀ କୈକେୟୀର ଇଚ୍ଛା ସିଦ୍ଧି, ଅନ୍ୟ ଦିଗରେ ପୁତ୍ର ବିୟୋଗ । ଏହି ସଙ୍କଟ ସମୟରେ ମାତା କୌଶଲ୍ୟା ହୃଦୟ ବିଦାରକ ଦାରୁଣ ବେଦନା ସହ୍ୟକରି ନିର୍ଣ୍ଣୟ କଲେ ।

''ଜୌ କେବଳ ପିତୁ ଆୟସୁ ତାତା
ତୌ ଜନି ଜାହୁ ଜାନି ବଡ଼ି ମାତା ।
ଜୌ ପିତୁ ମାତୁ କହେଉ ବନ ଜାନା
ତୌ କାନନ ସତ୍ ଅବଧ ସମାନା ।''

''ଯଦି କେବଳ ପିତା ବନବାସ ଦେଇ ଥାଆନ୍ତି ତେବେ ତୁ ଯାଆ ନାହିଁ । କାରଣ ପିତା ଅପେକ୍ଷା ମାତାର ଅଧିକାର ସନ୍ତାନ ଉପରେ ଅଧିକ । ଯଦି ପିତା ସହିତ କୈକେୟୀ ମାତାର ସମ୍ମତି ଥାଏ ତେବେ ତ ମନେକର ଶହେ ଗୁଣ ଆନନ୍ଦ ଦାୟକ ବନବାସ ।'' କୌଶଲ୍ୟା ଏହି ଜଟିଳ ପରିସ୍ଥିତିରେ ଏପରି ସାନ୍ତ୍ୱନା ପୂର୍ଣ୍ଣ ସମାଧାନ ଦେଇ ପାରିଲେ ତାଙ୍କ ମଧ୍ୟରେ ଶାନ୍ତି, ସନ୍ତୋଷ, ଜ୍ଞାନ ବିବେକାଦି ଦିବ୍ୟଗୁଣ ଥିଲା ବୋଲି । ଅନ୍ୟଥା କୁରୁପାଣ୍ଡବଙ୍କ ଦଶା ହୋଇ ଥାଆନ୍ତା ଅଯୋଧ୍ୟାରେ । ଏହା ଲକ୍ଷ୍ମଣଙ୍କ ଉକ୍ତିରୁ ସ୍ପଷ୍ଟ ହେଉଅଛି ।

ଲକ୍ଷ୍ମଣ କୌଶଲ୍ୟାଙ୍କ ବ୍ୟାକୁଳତା ଦେଖି ସ୍ପଷ୍ଟ ଭାବରେ କହିଥିଲେ, ''ରାଜା ଅନ୍ୟାୟରେ ଶ୍ରୀରାମଙ୍କୁ ବନ ଦେଉ ଅଛନ୍ତି । ଭାଇ ଶ୍ରୀରାମ, ତୁମର ବନ ଯିବାର କୌଣସି ଆବଶ୍ୟକତା ନାହିଁ । ତୁମ ବିରୋଧରେ କିଏ ଛିଡ଼ା ହେବ ? ମୋତେ ଆଜ୍ଞା ଦିଅ, ସମସ୍ତଙ୍କୁ ଧରାଶାୟୀ କରି ତୁମକୁ ରାଜଗାଦିରେ ବସାଇ ଦେବି ।''

ମାୟା ପାର୍ଶ୍ୱେ ସଧନୁଷା ତବ କୁପ୍ତସ୍ୟ ରାଘବ
କଃ ସମର୍ଥୋଽଧିକଂ କର୍ତୁଂ କୃତାନ୍ତସ୍ୟେବ ତିଷ୍ଠତଃ ।

— ବାଲ୍ମିକି ରାମାୟଣ, ଅ: ସ: ୨୧, ଶ୍ଲୋକ: ୯

''ହେ ରାଘବ ! ଯେବେ ମୁଁ କାଳ ସଦୃଶ ଧନୁସ ନେଇ ତୁମ ରକ୍ଷାରେ ରହିବି ତେବେ କାହାର ସାହସ ହେବ ତୁମ ସମ୍ମୁଖକୁ ଆସିବାକୁ ।''

ନିର୍ମନୁଷ୍ୟାମିମାଂ ସର୍ବାମଯୋଧ୍ୟାଂ ମନୁଜର୍ଷବ ।
କରିଷ୍ୟାମି ଶରୈସ୍ତୀକ୍ଷ୍ଣୈର୍ୟଦି ସ୍ଥାସ୍ୟତି ବିପ୍ରିୟେ ।

— ବାଲ୍ମିକି ରାମାୟଣ, ଅ: ସ: ୨୧, ଶ୍ଲୋକ: ୧୦

''ଯଦି ସମସ୍ତ ଅଯୋଧ୍ୟାବାସୀ ଆପଣଙ୍କ ରାଜ୍ୟାଭିଷେକରେ ବାଧା ଦିଅନ୍ତି ତେବେ ମୁଁ ତୀକ୍ଷ୍ଣ ବାଣରେ ଅଯୋଧ୍ୟାକୁ ମନୁଷ୍ୟ ଶୂନ୍ୟ କରିଦେବି ।''

ମା କୌଶଲ୍ୟା ଶ୍ରୀରାମଙ୍କ ମା, ସମସ୍ତ ଦିବ୍ୟଗୁଣ ଭୂଷଣା । ନିଜ ସ୍ୱାର୍ଥ ସକାଶେ ପତିକୁ ଧର୍ମଭ୍ରଷ୍ଟ, ଅନ୍ୟର ଅନିଷ୍ଟ, ଦେଶ ଧ୍ୱଂସ କରିବେ କିପରି ? ଏହି କାର୍ଯ୍ୟ ମୋହଗ୍ରସ୍ତ ବ୍ୟକ୍ତିଙ୍କର । କୌଶଲ୍ୟା ପରି ମା'ର କାର୍ଯ୍ୟ ହେଲା ନିଜେ ଦୁଃଖ କଷ୍ଟ ସହି ଅନ୍ୟର ହିତ କରିବା ।

କୈକେୟୀଙ୍କ ପୁତ୍ର ଭରତ ମାତୁଳ ଗୃହରେ ଥିଲେ । ଶ୍ରୀରାମଙ୍କ ବିରହ-ବେଦନା ସହ୍ୟ କରି ନ ପାରି ଚକ୍ରବର୍ତ୍ତୀ ମହାରାଜା ଦଶରଥ ଶରୀର ତ୍ୟାଗ କଲେ । ଗୁରୁ ବଶିଷ୍ଠ ତଥା ମନ୍ତ୍ରୀମାନଙ୍କ ନିର୍ଦ୍ଦେଶ ଅନୁସାରେ ଦୂତ ଯାଇ ଭରତଙ୍କୁ ରାଜାଙ୍କ ମୃତ୍ୟୁ, ଶ୍ରୀରାମଙ୍କ ବନବାସ ଖବର ନ ଦେଇ କେବଳ ଗୁରୁଙ୍କ ଆଜ୍ଞା କହି ମାତୁଳ ଗୃହରୁ ଘେନି ଆସିଲେ । ଭରତ ଅଯୋଧ୍ୟାରେ ପ୍ରବେଶ କରି ଦେଖିଲେ, ମନ୍ଦିରରେ ପୂଜା-ପାଠ ବନ୍ଦ, ବ୍ରାହ୍ମଣମାନେ ହୋମ, ବେଦପାଠ ଛାଡ଼ିଛନ୍ତି । ଗହଳ-ଚହଳ ରାଜଧାନୀ ଏକେବାରେ ନୀରବ, ନିସ୍ତବ୍ଧ । ପ୍ରତ୍ୟେକ ବ୍ୟକ୍ତିଙ୍କ ଆକୃତି ମ୍ରିୟମାଣ । ଭରତଙ୍କୁ ଦେଖି କେବଳ ନମସ୍କାର କରି ଚାଲି ଯାଆନ୍ତି । ଏ ଅବସ୍ଥା ଦେଖି ଭରତଙ୍କ ହୃଦୟ ପୂର୍ବାପେକ୍ଷା ଅଧିକ ବ୍ୟାକୁଳ ହୋଇଗଲା । କିନ୍ତୁ ସେ କାହାକୁ କିଛି ନ ପଚାରି ସିଧା ରାଜ ଭବନରେ ପହଞ୍ଚି ମା କୈକେୟୀଠାରୁ ପିତାଙ୍କ ମୃତ୍ୟୁ ସମ୍ବାଦ ପାଇ ଗଛ କାଟିଲା ପରି ପଡ଼ିଗଲେ । କୈକେୟୀ ତାଙ୍କୁ ସଚେତ କରାଇବାରୁ ସେ ପିତାଙ୍କ ମୃତ୍ୟୁର କାରଣ ପଚାରିଲେ । ଶ୍ରୀରାମଙ୍କ ବନ ଗମନର କାରଣ ନିଜକୁ ଜାଣି ପିତାଙ୍କ ମୃତ୍ୟୁ ଭୁଲିଗଲେ ଏବଂ 'କିଂ କର୍ତ୍ତବ୍ୟ ବିମୂଢ଼' ସଦୃଶ ନିର୍ବାକ୍ ହୋଇ ରହିଲେ ।

''ଭରତହି ବିସରେଉ ପିତୁ ମରନ, ସୁନତ ରାମ ବନ ଗୌନୁ ।
ହେତୁ ଅପନପଉ ଜାନି ଜିୟଁ, ଥକିତ ରହେ ଧରି ମୌନୁ ।''

(ରାମଚରିତ ମାନସ : ୧୬୦, ଅଯୋଧ୍ୟା କାଣ୍ଡ)

ଭରତଙ୍କର ଏହି ବ୍ୟାକୁଳ ଅବସ୍ଥା ଦେଖି କୈକେୟୀ ତାଙ୍କୁ ବୁଝାଇବାରୁ ନିଜ ମାତାଙ୍କୁ ସେ କହିଲେ :

''ଜୌ ପୈ କୁରୁଚି ରହି ଅତି ତୋହି
ଜନମତ କାହେନ ମାରେ ମୋହୀ ।
ଜବତେ କୁମତି କୁମତ ଜିଅ ଠୟଓ
ଖଣ୍ଡ ଖଣ୍ଡ ହୋଇ ହୃଦୟ ନ ଗୟଓ ।
ବରମାଁଙ୍ଗତ ମନ ଭୟଓନ ପୀରା
ଗରୀନ ଜିହ ମୁହଁ ପରେଓନ କିରା ।
ଅସକୋ ଜୀବଜନ୍ତୁ ଜଗମାହି
ଜେହି ରଘୁନାଥ ପ୍ରାନପ୍ରିୟ ନାହିଁ ।
ଜୋହସି ସୋହସି ମୁହଁ ମସିଲାଇ
ଆଁଖି ଓଟ ଉଠି ବୈଠହି ଜାଇ ।
ରାମ ବିରୋଧୀ ହୃଦୟତେ
ପ୍ରଗଟ କୀହ୍ନ ବିଧି ମୋହି ।
ମୋ ସମାନ କୋ ପାତକୀ
ବାଦି କହୌ କଛୁ ତୋହି ।''

''ହେ ମା, ଯଦି ତୋର ଏପରି କୁତ୍ସିତ ଇଚ୍ଛା ଥିଲା ତେବେ ମୋତେ ଜନ୍ମ ସମୟରେ କାହିଁକି ହତ୍ୟା କଲୁ ନାହିଁ ? ଯେଉଁ ସମୟରୁ ତୋ ହୃଦୟରେ ଏହି କୁତ୍ସିତ ଧାରଣାକୁ ସ୍ଥାନ ଦେଲୁ ସେତେବେଳେ ତୋ ହୃଦୟ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା ନାହିଁ ? ମହାରାଜାଙ୍କୁ ବର ମାଗିବା ସମୟରେ ତୋ ମନରେ ପୀଡ଼ା ହେଲା ନାହିଁ, ଜିଭ ଖଣ୍ଡ ଖଣ୍ଡ ହୋଇ ଛିଡ଼ି ପଡ଼ିଲା ନାହିଁ, ତୋ ମୁହଁରେ ପୋକ ପଡ଼ିଲେ ନାହିଁ ? ମନୁଷ୍ୟକୁ ଛାଡ଼, ଏପରି ଜୀବଜନ୍ତୁ ଜଗତରେ କିଏ ଅଛି, ଯାହାର ଶ୍ରୀରଘୁନାଥ ପ୍ରାଣର ପ୍ରିୟ ନୁହନ୍ତି ? ତୁ ଯାହା ବି ହୁଅ ମୁହଁରେ କାଳି ଲଗାଇ ମୋ ଦୃଷ୍ଟିରୁ ବାହାରେ ଉଠିକରି ଯାଇ ବସ । ଶ୍ରୀରାମଙ୍କ ବିରୋଧୀ ହୃଦୟରୁ ବିଧାତା ମୋତେ ପ୍ରଘଟ କରିଥିବାରୁ ସଂସାରରେ ମୋ ସମାନ ପାତକୀ ଆଉ କେହି ନାହିଁ, ଫେରେ ତୋତେ କାହିଁକି ଦୋଷ ଦେବି ?'' ଶ୍ରୀରାମଙ୍କ ବିଚ୍ଛେଦ ବ୍ୟଥାରେ ଭରତ ଅତ୍ୟନ୍ତ ବ୍ୟାକୁଳ ହୋଇ ମା'ଙ୍କୁ କଠୋର ଶବ୍ଦ କହି ତାଙ୍କ ମହଲରୁ କୌଶଲ୍ୟାଙ୍କ ମହଲକୁ ଗଲେ । କୌଶଲ୍ୟା ମଳିନ ବସ୍ତ୍ର ପିନ୍ଧି ଭୂମିରେ ଶୟନ କରି ଥାଆନ୍ତି । ଦୁଇ ନେତ୍ରରୁ ଅଶ୍ରୁଧାରା ବହୁଥାଏ । ଭରତ କୌଶଲ୍ୟାଙ୍କ ଅବସ୍ଥା ଦେଖିବା ମାତ୍ରେ ତାଙ୍କ ଶୋକ ବୃଦ୍ଧି ହେଲା । ସେ କୌଶଲ୍ୟାଙ୍କ ଚରଣରେ ପଡ଼ି ମୂର୍ଚ୍ଛିତ ହୋଇଗଲେ । କୌଶଲ୍ୟା ସଚେତ କରି ଉଠାଇ ବସେଇବାରୁ ସେ କହିଲେ, ''ହେ ମା, ପିତା କାହାନ୍ତି ମୋତେ ଦେଖାଇ ଦେ ।''

''ମାତୁ ତାତ କହିଁ ଦେହି ଦେଖାଇ,
କହ ସିୟ ରାମ ଲକ୍ଷ୍ମଣ ଦୋଉ ଭାଇ ।
କଇ କଇ କତ ଜନମି ଜଗ ମାଝଁ
ଜୌ ଜନମିତ ଭଇ କାହେନ ବାଁଝ ।
କୁଳକଳଙ୍କ ଜେହି ଜନମେଓ ମୋହୀ
ଅପଯଶ ଭାଜନ ପ୍ରିୟ ଜନ ଦ୍ରୋହୀ ।
କୋଟି ଭୁବନ ମୋହି ସରୀସ ଅଭାଗୀ
ଗତି ଅସି ତୋରି ମାତୁ ଯେହି ଲାଗି ।''

(ରାମଚରିତମାନସ)

ଭରତ ମାତା କୌଶଲ୍ୟାଙ୍କ ଅବସ୍ଥା ଦେଖି ତାଙ୍କ ଶୋକ ଅଧିକ ବୃଦ୍ଧି ହୋଇଗଲା, ସେ ଶୋକାକୁଳ ହୋଇ କହିଲେ, ''ହେ ମା, ପିତା କେଉଁଠି ଅଛନ୍ତି ମୋତେ ଦେଖାଇ ଦେ, ଆଉ ଜନକ ନନ୍ଦିନୀ ମା' ସୀତା ତଥା ରାମ ଲକ୍ଷ୍ମଣ ଦୁଇଭାଇ କାହାନ୍ତି ? ଏହି ଜଗତରେ କୈକେୟୀ କାହିଁକି ଜନ୍ମ ନେଲା ? ଯଦି ଜନ୍ମ ନେଲା ତେବେ ବନ୍ଧ୍ୟା ହୋଇଥିଲେ ଭଲ ହୋଇ ଥାଆନ୍ତା । ମୋପରି କୁଳର କଳଙ୍କ ଅପଯଶଃର ପାତ୍ର, ପ୍ରିୟଜନଙ୍କର ଦ୍ରୋହୀକୁ ଜନ୍ମ ଦେଲା କାହିଁକି ? ଏହି ତିନି ଭୁବନରେ ମୋ ସମାନ ଅଭାଗା ଆଉ କିଏ ହୋଇପାରେ, ଯାହା ସକାଶେ ତୋର ଏହି ଅବସ୍ଥା ହୋଇଛି ?''

ଭରତଙ୍କର ଏହି ନିଷ୍କପଟ ବାଣୀ ଶୁଣି କୌଶଲ୍ୟା ଭରତଙ୍କୁ ହୃଦୟରେ ଲଗାଇ ନେଲେ ଏବଂ ଶ୍ରୀରାମ ଫେରି ଆସିଲା ପରି ଅନୁଭବ କଲେ । ଭରତଙ୍କୁ ବହୁତ ପ୍ରକାର ବୁଝାଇ ଶାନ୍ତ କରାଇଲେ ।

ମହାରାଜଙ୍କ ଶବ ସତ୍କାର ହେବା ପରେ ସଭା ଏକତ୍ର କରା ହେଲା । ସମସ୍ତ ମନ୍ତ୍ରୀ, ମାତାମାନେ, ଗୁରୁ ବଶିଷ୍ଠ, ଅନ୍ୟାନ୍ୟ ପ୍ରଧାନ ବ୍ୟକ୍ତି ଏବଂ ପ୍ରଜାମାନେ ଭରତଙ୍କୁ ରାଜଗାଦି ଗ୍ରହଣ କରିବାକୁ ଅନୁରୋଧ କରି କହିଲେ, ''ପିତାଙ୍କର ବଚନ ଅଛି, କିନ୍ତୁ ପ୍ରିୟପ୍ରାଣ ନାହିଁ । ପିତାଙ୍କ ଆଜ୍ଞା ପାଳନ କରିବା ସକାଶେ ରାଜଗାଦି ସ୍ୱୀକାର କରିବା ଉଚିତ । ଏଥିରେ ତୁମ୍ଭର ସବୁ ପ୍ରକାର ମଙ୍ଗଳ ହେବ ।'' ଶାସ୍ତ୍ର ପୁରାଣର ପ୍ରମାଣ ଦେଇ ପିତାଙ୍କ ଆଜ୍ଞା ପାଳନ କରିବା ସକାଶେ ଭରତଙ୍କୁ ଗୁରୁ ବଶିଷ୍ଠ, ମାତାମାନେ ତଥା ମନ୍ତ୍ରୀମାନେ ବିଶେଷ ଅନୁରୋଧ କଲେ । କିନ୍ତୁ ସେ ଗୁରୁ, ମାତା, ସଚିବମାନଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିଦେଲେ । ସେ ଯଦି ରାଜଗାଦି ସ୍ୱୀକାର କରି ଥାଆନ୍ତେ ତେବେ ଶ୍ରୀରାମ ମଧ୍ୟ ବହୁତ ପ୍ରସନ୍ନ ହୋଇ ଥାଆନ୍ତେ । ତାଙ୍କର କୌଣସି ଦୋଷ ବି ହୋଇ ନ ଥା'ନ୍ତା । ଯେଉଁ ରାଜ୍ୟ ସକାଶେ ବ୍ୟକ୍ତି ଭାଇକୁ ବଧକରେ,

ପିତୃ ହତ୍ୟା କରେ, ପିତାକୁ କାରାଗାରରେ ରଖେ, କେତେ ଛଳ, କପଟ, ପାପ, ଅନ୍ୟାୟ କରେ, ସେହି ସମୃଦ୍ଧିଶାଳୀ ରାଜ୍ୟ ନିଷ୍କଣ୍ଟକ ରୂପେ ଭରତଙ୍କୁ ପ୍ରାପ୍ତ ହୋଇଥିଲା କିନ୍ତୁ ତାଙ୍କ ମଧ୍ୟରେ ଭଗବତ୍ ଭକ୍ତି ଦିବ୍ୟଗୁଣ ବିଦ୍ୟମାନ ଥିବାରୁ ସେ ରାଜ୍ୟତ୍ୟାଗ କରି ଶ୍ରୀରାମଙ୍କୁ ଫେରାଇ ଆଣିବାକୁ ବନକୁ ଗଲେ । ଶ୍ରୀରାମ ନ ଫେରିବାରୁ ତାଙ୍କ ଚରଣ ପାଦୁକା ରାଜଗାଦିରେ ରଖି ସେ ସେବକ ରୂପେ ସେବା ଭାବରେ ଶ୍ରୀରାମ ଫେରିବା ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ଏହା ହୋଇଥିଲା ଭଗବତ୍ ଭକ୍ତି ପ୍ରଭାବରୁ । ମନୁଷ୍ୟ ଭଗବତ୍ ଭକ୍ତି ପ୍ରାପ୍ତ ହେଲେ ତା ମଧ୍ୟରେ ସମସ୍ତ ସଦ୍‌ଗୁଣ ପ୍ରତିଷ୍ଠିତ ହୁଏ । ସେ କାହାରି ଅନିଷ୍ଟ ନ କରି ପ୍ରାଣୀ ମାତ୍ରର ହିତ ସାଧନ କରେ । ଭଗବତ୍ ଭକ୍ତି ଆଧାରରେ କର୍ମ କଲେ ସଂସାରର ଯଥାର୍ଥ ଉନ୍ନତି ହୁଏ ଏବଂ ବ୍ୟକ୍ତି ସୁଖ ଶାନ୍ତିରେ ରହିପାରେ । ଅନ୍ୟଥା ସଂସାରର ଉନ୍ନତି କୌଣସି ଉପାୟରେ ହୋଇପାରେ ନାହିଁ ।

ଅଳ୍ପ ବର୍ଷ ପୂର୍ବର ଗୋଟିଏ ଘଟଣା

ଗୋଟିଏ ପରିବାରରେ ପିତା ମାତା ଓ ପାଞ୍ଚ ଭାଇ ଥିଲେ । ଚାରିଭାଇ ବିବାହ ହୋଇଥିଲେ, ଛୋଟ ଭାଇର ବିବାହ ହୋଇ ନ ଥିଲା । ସମ୍ପତ୍ତି ଅପର୍ଯ୍ୟାପ୍ତ ଥିଲା । ଭାଇମାନେ ବ୍ୟବସାୟ ତଥା ଚାକିରି କରୁଥିଲେ । ବୋହୂମାନେ ଥିଲେ ବଡ଼ ଘରର ଝିଅ । ପିଲା ଦିନ ଅଏସ୍ ଆରାମରେ ସେମାନଙ୍କର ପାଳନ ପୋଷଣ ହୋଇଥିଲା । ଭଗବାନ୍ ଶରୀର ଦେଇଛନ୍ତି କର୍ମ କରିବା ସକାଶେ । ଶରୀରରେ ଯଦି କର୍ମ କରା ନ ହୁଏ ତେବେ ଶରୀର ତାମସିକ ହୋଇଯାଏ । ଶରୀରରୁ ବଳ କମି ଯାଏ । ନମନୀୟତା ନଷ୍ଟ ହୁଏ । ଯେଉଁ ଅଙ୍ଗ ପରିଚାଳିତ ନ ହୁଏ ତାହା କ୍ରମଶଃ ଶୁଷ୍ଳ ହୋଇଯାଏ । ମନୁଷ୍ୟର ଦୁଇଟି ହସ୍ତ । ବାମ ହାତରେ କୌଣସି ବିଶେଷ କାର୍ଯ୍ୟ ନ ହେବାରୁ ତାହା ଦକ୍ଷିଣ ହସ୍ତ ତୁଳନାରେ ଦୁର୍ବଳ ଏବଂ କମ୍ ନମନୀୟ । ବାମ ହସ୍ତରେ ଲେଖି ହୁଏ ନାହିଁ । ସେହିପରି ଶରୀରରେ କର୍ମ ନ କଲେ ବାମ ହସ୍ତ ସ୍ୱରୂପ ତାହା ନିକମା ହୋଇଯାଏ । ବଡ଼ ଲୋକଙ୍କ ଘରେ ପିଲାମାନଙ୍କୁ କୌଣସି କାର୍ଯ୍ୟ ବା ବ୍ୟାୟାମ କରିବାକୁ ନ ଦେବାର ଅର୍ଥ ସେମାନଙ୍କୁ ତାମସିକତାର କବଳରେ ଛାଡ଼ି ଦେବା । ବୋହୂମାନଙ୍କର ସେହି ଅବସ୍ଥା ଥିଲା । ଅଭ୍ୟାସ ନ ଥିବାରୁ ଘର କାମରେ ଉତ୍ସାହ ନ ଥିଲା । ଚାକରମାନେ ଘରର କାମ କରନ୍ତି । କେବଳ ରୋଷାଇ କରିବାକୁ ହୁଏ ସେମାନଙ୍କୁ । ନିଜ ମଧ୍ୟରେ ସ୍ୱାର୍ଥ, ହିଂସା, ମୋହ, ମତ୍ସରାଦି ଦୁର୍ଗୁଣ ଥିବାରୁ ପରସ୍ପର ମଧ୍ୟରେ ବୈମନସ୍କ ହେଲା । ପରସ୍ପର ପ୍ରତ୍ୟେକ କଥାରେ ବିବାଦ କରିବାକୁ ଲାଗିଲେ । ଶେଷରେ ରୋଷାଇ କାମ ପାଳିରେ କରାହେଲା । ସେଥିରେ ବି ଘରେ ଶାନ୍ତି ନ ଥିଲା । ପିଲାଙ୍କ ଝଗଡ଼ା ଏବଂ କାର୍ଯ୍ୟ ଓ ଅନ୍ୟାନ୍ୟ କଥା ସମ୍ପର୍କରେ କଳି କରୁଥିଲେ । ଘର ବଡ଼ ଅଶାନ୍ତ ହୋଇଗଲା । ଭାଇମାନଙ୍କ ମଧ୍ୟରେ ଯଦ୍ୟପି ସଦ୍‌ଭାବ ଥିଲା ତଥାପି ବୋହୂମାନଙ୍କ କଳିରେ ସମସ୍ତେ ବ୍ୟସ୍ତ ହୋଇ ଛୋଟ ଭାଇର ବିବାହ ପରେ ପୃଥକ୍ ହେବାର ନିଶ୍ଚୟ କଲେ ।

ଛୋଟ ବୋହୂ ଘରକୁ ଆସିଲା । ଛୋଟ ବୋହୂର ପିତୃ ଗୃହରେ ଭଗବାନଙ୍କ ମୂର୍ତ୍ତି ପୂଜା ହେଉଥିଲା । ତା'ର ପିତାମାତା ଭଗବାନ୍ ରାମଙ୍କ ଭକ୍ତ ଥିଲେ । ତାର ପିଲାଦିନୁ ତା' ମା' ତାକୁ ରାମାୟଣ; ମହାଭାରତ, ଭାଗବତାଦି ଧର୍ମଗ୍ରନ୍ଥ ଶୁଣାଉଥିଲେ । ସେ ବଡ଼ ହେବାପରେ ନିଜେ ମଧ୍ୟ ପଢ଼ିଲା । ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କରିବାର ଶିକ୍ଷା ତାକୁ ପିଲା ଦିନରୁ ପ୍ରାପ୍ତ ହୋଇଥିଲା । ସେ ମା' ସହିତ ବରାବର ଘରର ସମସ୍ତ କାର୍ଯ୍ୟ କରେ । ବିବାହ ପରେ ପତି ଗୃହରେ ଯାଆମାନଙ୍କ କଳିକୁ ଅଧ୍ୟୟନ କରିବାକୁ ଲାଗିଲା । ପିଲାଦିନରୁ ସେ ଭଗବତ୍ ଭକ୍ତି କରୁଥିବାରୁ ତା' ମନ ବିକାଶ ସଙ୍ଗେ ସଙ୍ଗେ ଶୁଦ୍ଧ ହୋଇଥିଲା । ଶୁଦ୍ଧ ମନରେ ବିବେକ ଉତ୍ପନ୍ନ ହୁଏ । ବିବେକ ଦ୍ୱାରା ମନୁଷ୍ୟ ଯଥାର୍ଥ ଅଯଥାର୍ଥ ଠିକ୍ ଠିକ୍ ବୁଝିପାରେ । କାମ ନ କରିବା, ନିଜ ସ୍ୱାର୍ଥ ସିଦ୍ଧି କରିବା ଯୋଗୁଁ ଯାଆମାନଙ୍କ ମଧ୍ୟରେ ଝଗଡ଼ା ହେଉଥିବା ସେ ଭଲ ଭାବେ ହୃଦୟଙ୍ଗମ କରି ପାରିଲା ।

ବିବାହର ଆଠ ଦିନ ପରେ ସେ ଦିନେ ଭୋରରୁ ସ୍ନାନ କରି ରୋଷାଇ ଆରମ୍ଭ କଲା । ଏହି କାର୍ଯ୍ୟରେ

ଯାଆମାନେ ନିଜ ନିଜ ଧାରଣା ଅନୁସାରେ ଛୋଟ ଯାଆକୁ ଥଟ୍ଟାରେ ନାନା କଥା କହିଲେ । ପରେ ଛୋଟ ବୋହୂର କାର୍ଯ୍ୟରେ ଉତ୍ସୁକତା, ସ୍ୱାର୍ଥ, ହିଂସାଶୂନ୍ୟତାର ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼ିଲା । ଦୁଇ ତିନି ମାସ ମଧ୍ୟରେ ସମସ୍ତ ବୋହୂ ଘରର ସମସ୍ତ କାର୍ଯ୍ୟ କରିବାକୁ ଲାଗିଲେ । ଚାକରମାନଙ୍କର ଆବଶ୍ୟକତା ରହିଲା ନାହିଁ । ଭାଇମାନେ ପୃଥକ୍ ନ ହୋଇ ଏକତ୍ର ଆନନ୍ଦରେ ବାସ କଲେ । ଏହା ହେଲା ଛୋଟ ବୋହୂର ଭକ୍ତିର ପ୍ରଭାବରେ ।

ବ୍ୟକ୍ତିର ଉନ୍ନତି, ପରିବାରରେ ଶାନ୍ତି, ଦେଶର ସମୃଦ୍ଧି ହୁଏ ଭକ୍ତି ପ୍ରଭାବରେ । ଏହାରି ଦ୍ୱାରାହିଁ, ବ୍ୟକ୍ତି, ଶାନ୍ତି, ସନ୍ତୋଷ, ଆନନ୍ଦ ବିବେକ ପ୍ରାପ୍ତ କରିପାରେ । ଭଗବତ୍ ଭକ୍ତିଛଡ଼ା ବ୍ୟକ୍ତିର ତଥା ଦେଶର ଉନ୍ନତି ଏକେବାରେ ଅସମ୍ଭବ । ପୂର୍ବରୁ ଅଧ୍ୟାତ୍ମ-ଧର୍ମ ତଥା ସଂସାରକର୍ମ ପୃଥକ୍ ହୋଇଥିଲା । ସେଥିପାଇଁ ସଂସାରରେ ସ୍ଥାୟୀ ସୁଖ-ଶାନ୍ତି ଏପର୍ଯ୍ୟନ୍ତ ସ୍ଥାପନ ହୋଇ ପାରି ନ ଥିଲା । ତାହାର ସମୟ ଆସିବାରୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି, ଯାହାକୁ ଗ୍ରହଣ କଲେ ମନୁଷ୍ୟ ନିଜର ମନ, ପ୍ରାଣ, ଶରୀରର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ହେବ ଏବଂ ତାହା ସଙ୍ଗେ ସଙ୍ଗେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ନିବୃତ୍ତ ହୋଇ ସ୍ୱର୍ଗରେ ପରିଣତ ହେବ ।

ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖ ଅମିଶ୍ରିତ ଆନନ୍ଦ, ନୀରୋଗ ଶରୀର, ମୃତ୍ୟୁ ରହିତ ଅମରତ୍ୱ, ପରିବାର, ଦେଶରେ ଶାନ୍ତି । ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକ । ଏଥିରେହିଁ ହୁଏ ଜୀବନର ପୂର୍ଣ୍ଣତା । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ସମନ୍ୱୟ ଏବଂ ସାମଞ୍ଜସ୍ୟ ଥିବାରୁ ଏଥିରେ ସାମ୍ପ୍ରଦାୟିକ ବିରୋଧିତା ନ ଥାଏ, ଅର୍ଥାତ୍ ସମସ୍ତ ପୁରାତନ ଯୋଗର ସିଦ୍ଧି ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତ ହୁଏ । ତା' ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗ ସମସ୍ତ ମାନବ-ଜାତି ସକାଶେ ଥିବାରୁ ତାହା ସାମ୍ପ୍ରଦାୟିକ ନୁହେଁ । ସମସ୍ତ ସାମ୍ପ୍ରଦାୟିକ ମତଭେଦ ଶ୍ରୀଅରବିନ୍ଦଙ୍କ ଯୋଗରେ ସମନ୍ୱୟ ହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗର ସହଜ ପ୍ରଣାଳୀ

ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରିବା ସକାଶେ ଏହି ପୃଥିବୀକୁ ଆସି ଅଛନ୍ତି ଏବଂ ସେହି କାର୍ଯ୍ୟ କରୁଅଛନ୍ତି । ଏହି ଯୋଗ ସିଦ୍ଧିର ପଥ ପ୍ରଦର୍ଶିକା ରୂପେ ମା'ଙ୍କୁ ଗ୍ରହଣ କରି ତାଙ୍କୁ ସମର୍ପଣ କଲେ ସାଧକର ସାଧନାମାର୍ଗ ବହୁତ ସହଜ ହୋଇଯାଏ ।

ଭଗବାନ୍ ସବୁସମୟରେ ପୃଥିବୀରେ ବ୍ୟାପକ ରୂପେ ବିଦ୍ୟମାନ ଥାଆନ୍ତି । କେବଳ ବ୍ୟକ୍ତିଙ୍କ ସାଧନା ସହଜ କରିବା ସକାଶେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି । ସେହି ସମୟରେ ଅଧିକ ବ୍ୟକ୍ତିଙ୍କର ଉଦ୍ଧାର ହୁଏ । ଅନ୍ୟ ସମୟରେ ସେପରି ହୁଏ ନାହିଁ । ବର୍ତ୍ତମାନ ମା' ଏହି ପୃଥିବୀରେ ନୂତନ ଅତିମାନବଜାତି ପ୍ରତିଷ୍ଠା କରିବାକୁ ଆସିଛନ୍ତି । ମନୁଷ୍ୟ ସକାଶେ ଏହା ଗୋଟିଏ ମହାନ୍ ସୁଯୋଗ ।

ସମର୍ପଣର ସହଜ ଉପାୟ

ଘରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ଘର, ପରିବାର, ସମ୍ପତ୍ତି ତାଙ୍କରହିଁ ଦାନ । ସେ ଘର ମାଲିକ । ତୁମେ ତାଙ୍କରି ସେବକ । ତାଙ୍କରି ସେବା ସକାଶେ ସେ ତୁମକୁ ଏହି ଘରର କାର୍ଯ୍ୟ ଦେଇଛନ୍ତି ବୋଲି ମାନି ନିଅ । ସମସ୍ତ କାର୍ଯ୍ୟ ତାଙ୍କରି ସେବାରୂପେ କରି ତାଙ୍କୁ ସମର୍ପଣ କର । କିନ୍ତୁ ତୁମକୁ ହେବାକୁ ହେବ ନ୍ୟାୟ ନିଷ୍ଠ ସେବକ । ତୁମେ ଅନୁଭବ କରିବ ମା' ତୁମ ସଙ୍ଗେ ରହି ତୁମର ସମସ୍ତ କାର୍ଯ୍ୟ ଦେଖୁଅଛନ୍ତି । କିଛି ସମୟ ତାଙ୍କୁ ଧ୍ୟାନ କର । ଧ୍ୟାନ ତଥା ସମର୍ପଣର ପ୍ରକ୍ରିୟା ଲୋକ ସାହିତ୍ୟରେ ଆଲୋଚିତ ହୋଇଛି ।

ପ୍ରଶ୍ନ : ସବୁ ପ୍ରକାର ଧର୍ମାବଲମ୍ବୀ ଏବଂ ପୁରାତନ ଯୋଗର ସମସ୍ତ ପ୍ରକାର ସାଧକମାନେ ଆଶ୍ରମରେ ରହି

ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ ସାଧନା କରୁଅଛନ୍ତି । ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ବିଶେଷତ୍ୱ ଓ ନୂତନତ୍ୱ କ'ଣ ଅଛି ଯେ ସେମାନେ ପୁରାତନ ଯୋଗ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ଅଛନ୍ତି ?

ଉତ୍ତର : ପୃଥିବୀରେ ଅତିମାନସ ବିଜ୍ଞାନ ନୂତନ ଚେତନା, ନୂତନ ଅତିମାନବ ଜାତି, ନୂତନଯୁଗ ପ୍ରତିଷ୍ଠା କରିବା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ନୂତନତ୍ୱ ଓ ବିଶେଷତ୍ୱ । ଏଥିରେ ହୁଏ ଜୀବନର ସର୍ବାଙ୍ଗୀନ ବିକାଶ ଏବଂ ପ୍ରାପ୍ତ ହୁଏ ପୂର୍ଣ୍ଣତା । ବ୍ୟକ୍ତି ପୂର୍ଣ୍ଣତୟା ହୁଏ ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ନିବାସ କରେ ବିଜ୍ଞାନ-ଆନନ୍ଦ-ଚେତନାରେ, ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରେ ମନ, ପ୍ରାଣ ତଥା ଜଡ଼ ଶରୀରାଦି ସମସ୍ତ ସତ୍ତାରେ । ଏହାଫଳରେ ସାଧନା ନ କରୁଥିବା ବ୍ୟକ୍ତି ମଧ୍ୟରୁ ଅର୍ଥାତ୍ ସଂସାରରୁ ହୁଏ ଅସତ୍ୟ, ଅଶାନ୍ତି, ଚୋରି, ଡକାୟତି, ହିଂସା, ଯୁଦ୍ଧ ଏବଂ ସମସ୍ତ ପ୍ରକାର ସ୍ୱାର୍ଥପୂର୍ଣ୍ଣ କର୍ମ ଦୂର । ପୃଥିବୀ ପରିଣତ ହୁଏ ସ୍ୱର୍ଗରେ । ପୁରାତନ ସମସ୍ତ ଯୋଗରେ ଜୀବନର ସର୍ବାଙ୍ଗୀନ ବିକାଶ ପୂର୍ଣ୍ଣତା ପ୍ରାପ୍ତ ହେଉ ନ ଥିଲା କିଂବା ସଂସାର କର୍ମରେ କୌଣସି ଉନ୍ନତି ହେଉ ନ ଥିଲା । ପୁରାତନ ଯୋଗୀମାନେ ମନ, ପ୍ରାଣ, ଶରୀରକୁ ମୃତ୍ୟୁ ମୁଖରେ ଦେଇ; ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସାଦି ଭଗବତ ଦିବ୍ୟ ଧାମରେ ଭଗବତ ପ୍ରାପ୍ତ କରୁଥିଲେ କିଂବା ମୁକ୍ତି ନିର୍ବାଣକୁ ଚାଲି ଯାଉଥିଲେ । ସାଧନା ନ କରିବା ବ୍ୟକ୍ତି ଅର୍ଥାତ୍ ସଂସାରରେ ଅନ୍ୟାୟ, ଅସତ୍ୟ, ଦୁଃଖ, କଷ୍ଟ, ନର୍କ ଯାତନା ଭୋଗ ଯେପରି ଥିଲା ସେହିପରି ରହୁଥିଲା । ସଂସାର ବା କର୍ମ ଅଥବା ମନୁଷ୍ୟ ଜାତିର କୌଣସି ମୌଳିକ ସ୍ଥାୟୀ ପରିବର୍ତ୍ତନ ହେଉ ନ ଥିଲା ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ସର୍ବାଙ୍ଗୀନ ବିକାଶରେ ଜୀବନ କିପରି ହୁଏ ପୂର୍ଣ୍ଣ ?

ଉତ୍ତର : ମନୁଷ୍ୟର ହସ୍ତ, ପଦ, ମୁଖ, ନାସା, ଚକ୍ଷୁ, କର୍ଣ୍ଣ ଇତ୍ୟାଦି ସମସ୍ତ ଅବୟବ ବିକାଶ ତଥା ସବଳ, ସକ୍ରିୟତାରେ ଯେପରି ଶରୀର ହୁଏ ପୂର୍ଣ୍ଣ ସେହିପରି ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶରେ ମନୁଷ୍ୟର ଜୀବନ ହୁଏ ପୂର୍ଣ୍ଣ ।

ମନ, ପ୍ରାଣ, ଶରୀର ତଥା ଆତ୍ମା ସଂଯୋଗରେ ବ୍ୟକ୍ତିତ୍ୱ ନିର୍ମାଣ ହୁଏ ଏବଂ ବ୍ୟକ୍ତି ଜୀବିତ ରହି କର୍ମ କରି ପାରେ । ମନପ୍ରାଣ ଏବଂ ଆତ୍ମାର ଆଧାର ଶରୀର । ଏହି ସତ୍ତା ଆସିଛନ୍ତି ଭଗବାନଙ୍କଠାରୁ । ମନ, ପ୍ରାଣ, ଶରୀର ବିକୃତ ହୋଇ ଅଜ୍ଞାନ କବଳରେ ପଡ଼ିଯାଇ ନିଜର ଯଥାର୍ଥ ଦିବ୍ୟ ସ୍ୱରୂପ ଭୁଲିଯାଇ ଅଛନ୍ତି । ଆତ୍ମା ନିଜ ଭଗବତ ସ୍ୱରୂପରେ ସ୍ଥିତ ଥିବାରୁ ତାଙ୍କୁ ଉକ୍ତ ଅଜ୍ଞାନତା ସ୍ପର୍ଶ କରି ପାରି ନାହିଁ । ଆତ୍ମା ବିକୃତ ନ ହୋଇ ଥିବାରୁ ଅନ୍ୟାନ୍ୟ ସମସ୍ତ ସତ୍ତାକୁ ଧାରଣ କରିଅଛି । ବ୍ୟକ୍ତିର ମନ-ପ୍ରାଣ-ଶରୀର ବିକାଶ ଓ ପୂର୍ଣ୍ଣତା ପ୍ରାପ୍ତ ହୁଏ ରୋଗ, ଜରା, ମୃତ୍ୟୁ, ଦୁଃଖ-କଷ୍ଟରୁ ପୂର୍ଣ୍ଣତୟା ମୁକ୍ତି ହୁଏ ଆତ୍ମା ଧର୍ମରେ ରୂପାନ୍ତର ହେଲେ । ରୋଗ, ଜରା, ମୃତ୍ୟୁ, ଦୁଃଖ-କଷ୍ଟହିଁ ଅଜ୍ଞାନ । ଏହି ଅଜ୍ଞାନ ଆତ୍ମା ଧର୍ମରେ ରୂପାନ୍ତର ହୁଏ ଅତିମାନସ ଶକ୍ତି ଦ୍ୱାରା । ଅତିମାନସ ଶକ୍ତିର ସ୍ୱରୂପ ବା ଗୂଢ଼ ଧର୍ମ ହେଉଛି ବିଜ୍ଞାନ ଏବଂ ଆନନ୍ଦ । ସୂର୍ଯ୍ୟ ସହିତ ଅନ୍ଧକାର ଯେପରି ରହିପାରେ ନାହିଁ ସେହିପରି ଅତିମାନସ ବିଜ୍ଞାନ ସହିତ ଅଜ୍ଞାନ ରହିପାରେ ନାହିଁ ।

ମନର ବିକାଶ ଶେଷ ହେଉ ନ ଥିବାରୁ ପୁରାତନ ସମସ୍ତ ଯୋଗୀମାନେ ଅତିମାନସ ବିଜ୍ଞାନ ଚେତନାର ସନ୍ଧାନ ପାଉ ନ ଥିଲେ; ବୈଦିକ ଯୁଗର ଅତି ଅଳ୍ପ ସଂଖ୍ୟାରେ ଖୁବ୍ କମ୍ ଋଷି ମୁନି ଯଦ୍ୟପି ଅତିମାନସ ବିଜ୍ଞାନକୁ ଜାଣିଥିଲେ ତଥାପି ପୃଥିବୀକୁ ଉତାରି ଆଣି ପ୍ରତିଷ୍ଠା କରି, ତାଦ୍ୱାରା ପୃଥିବୀ ରୂପାନ୍ତର କରିବା ଧାରଣା ସେମାନଙ୍କର ନ ଥିଲା । ସେହି ସକାଶେ ସେମାନେ ମନ-ପ୍ରାଣ-ଶରୀର ଏବଂ ସଂସାରକୁ ବିକାଶ ବା ରୂପାନ୍ତର କରିବା କଳ୍ପନା ବି କରିପାରି ନ ଥିଲେ । ଏହାକୁ ତ୍ୟାଗ କରିବା ଛଡ଼ା ସେମାନଙ୍କ ଅନ୍ୟ ଉପାୟ ବି ନ ଥିଲା । ମାନସ ବିକାଶ ଶେଷ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଲେ । ମା' ସେହି ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । ବ୍ୟକ୍ତିର ସମର୍ପଣ, ଅଭୀପ୍ସା ଦ୍ୱାରା ଅତିମାନସ ବିଜ୍ଞାନ ଶକ୍ତି ମନ-ପ୍ରାଣ-ଶରୀରକୁ ଆତ୍ମା ଧର୍ମରେ ରୂପାନ୍ତର କଲେ ଜୀବନ ପୂର୍ଣ୍ଣତା ପ୍ରାପ୍ତ ହୁଏ ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ରୂପାନ୍ତରରେ ଜୀବନ ପ୍ରାପ୍ତ ହୁଏ ପୂର୍ଣ୍ଣତା । ଏହା ବୁଝି ପାରିଲୁ କିନ୍ତୁ ମନ, ପ୍ରାଣ,

ଶରୀର ରୂପାନ୍ତର ହେବ, ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ, ଏହାର ପ୍ରମାଣ କ'ଣ ? କେଉଁ ଆଧାରରେ ଆମ୍ଭେ ବିଶ୍ୱାସ କରିବା ?

ଉତ୍ତର : ସଂସାରର ସମସ୍ତ ପ୍ରାଣୀ ଚାହିଁବାହିଁ ମନ, ପ୍ରାଣ, ଶରୀର ରୂପାନ୍ତର ହେବାର ପ୍ରମାଣ ଏବଂ ଏହାହିଁ ବିଶ୍ୱାସ କରିବାର ଆଧାର । କୌଣସି ବସ୍ତୁ ପ୍ରାପ୍ତ ହେବା ସମ୍ଭବ ନ ଥିଲେ ସଂସାରର ସମସ୍ତ ବ୍ୟକ୍ତି ଚାହିଁ ପାରନ୍ତେ ନାହିଁ । ସଂସାରର ସମସ୍ତ ବ୍ୟକ୍ତି, ସମସ୍ତ ଶ୍ରେଣୀର ବ୍ୟକ୍ତି ଏପରିକି ପଶୁପକ୍ଷୀ ପର୍ଯ୍ୟନ୍ତ ଚାହାନ୍ତି ପରମ ସୁଖ । ଅମରତ୍ୱ, ନୀରୋଗତ୍ୱ, ଚିର ଯୌବନ ।

ପ୍ରଶ୍ନ : ତୁମେ କହିଲ ସମସ୍ତ ବ୍ୟକ୍ତି ଅମରତ୍ୱ ଚାହାନ୍ତି । କିନ୍ତୁ ଆତ୍ମହତ୍ୟା କରିବା କ'ଣ ସତ୍ୟ ନୁହେଁ ?

ଉତ୍ତର : ଆତ୍ମହତ୍ୟାଟା ସତ୍ୟ କିନ୍ତୁ ତୁମ ଯୁକ୍ତିଟା ଭ୍ରମପୂର୍ଣ୍ଣ । ପ୍ରସନ୍ନତାରେ ବ୍ୟକ୍ତି ଆତ୍ମହତ୍ୟା କରେ ନାହିଁ । କରେ ଦୁଃଖରେ ଅତ୍ୟନ୍ତ ପୀଡ଼ିତ ହେଲେ, ଅଜ୍ଞାନତା ପୂର୍ଣ୍ଣ ଭ୍ରମ ଧାରଣାରେ ସେଥିରୁ ମୁକ୍ତ ହେବା ସକାଶେ କିଂବା ନିଜକୁ ଦଣ୍ଡ ଦେବା ସକାଶେ ।

ପ୍ରଶ୍ନ : ପ୍ରତ୍ୟେକ ମନୁଷ୍ୟ ପରମ ସୁଖ ଏବଂ ଅମରତ୍ୱ ଚାହେଁ – ଏହା ଠିକ୍ । କିନ୍ତୁ ଚାହିଁବାହିଁ ପ୍ରାପ୍ତିର ପ୍ରମାଣ ହେବ କିପରି ?

ଉତ୍ତର : ଯେଉଁ ବସ୍ତୁ ପ୍ରାପ୍ତ ନ ହୁଏ ତାହା ମନୁଷ୍ୟ ଚାହିଁପାରେ ନାହିଁ ଏବଂ ଯେଉଁ ବସ୍ତୁର ଅସ୍ତିତ୍ୱ ନ ଥାଏ ବ୍ୟକ୍ତି ତାହା କଳ୍ପନା କରି ପାରେ ନାହିଁ । ଉଚିତ ପ୍ରଣାଳୀରେ କର୍ମକଲେ ଚାହିଁବା ବସ୍ତୁ ପ୍ରାପ୍ତ ହୁଏ । ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ପ୍ରଶ୍ନ : କୌଣସି ବସ୍ତୁର ଅସ୍ତିତ୍ୱ ବା ସତ୍ୟତା ନ ଥିଲେ ସେ ବସ୍ତୁର କଳ୍ପନା ଯଦି ବ୍ୟକ୍ତି କରି ନ ପାରେ ତେବେ ଆଇମା ଗଳ୍ପ ଓ ଆକାଶ କୁସୁମର କଳ୍ପନା, ଏହା କ'ଣ ସତ୍ୟ ?

ଉତ୍ତର : କୌଣସି ବିଷୟର କର୍ତ୍ତା ସତ୍ୟ ନ ଥିଲେ ସେ ସମ୍ବନ୍ଧେ କୌଣସି କଳ୍ପନା ବା ବାକ୍ୟ ରଚନା ହୋଇପାରେ ନାହିଁ । ଯେପରି ଆଇମା ଗଳ୍ପରେ, ''ଦିନରେ ବେଙ୍ଗ ଥାଏ ରାତିରେ ରାଜକୁମାର ହୋଇଯାଏ । ବେଙ୍ଗ ଖୋଳ ପୋତି ଦେଲେ ରାଜକୁମାର ଆଉ ବେଙ୍ଗ ହୋଇପାରେ ନାହିଁ ।'' ଏହି ଯେଉଁ ରଚନା ବା କ୍ରିୟା ମିଥ୍ୟା ହୋଇ ପାରିଥାଏ କିନ୍ତୁ କର୍ତ୍ତା ରାଜକୁମାର ଏବଂ ବେଙ୍ଗର ଅସ୍ତିତ୍ୱ ନ ଥିଲେ ଏହି ଗଳ୍ପଟି ରଚନା ହୋଇପାରେ ନାହିଁ ।

ଠିକ୍ ସେହିପରି ଆକାଶ ସତ୍ୟ, କୁସୁମ ମଧ୍ୟ ସତ୍ୟ । ଏହି ସତ୍ୟ ବସ୍ତୁର ସତ୍ୟତା ନ ଥିଲେ ଆକାଶରେ କୁସୁମ ହେବା ବାକ୍ୟ ରଚନା ହୋଇପାରେ ନାହିଁ ।

ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ, କିନ୍ତୁ କର୍ମରେ ଏହାର ସତ୍ୟତା ଥିବାର ମନେ ହୁଏ ନାହିଁ । କାରଣ ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମୟରେ କ'ଣ ସବୁ ଯେ ଚାହେଁ ତା'ର ଅନ୍ତ ନ ଥାଏ । ଏକହି ସମୟରେ ବହୁତ ବ୍ୟକ୍ତି ପୃଥିବୀର ସମ୍ରାଟ ଅଥବା ନିଜ ଦେଶର ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀ ହେବାକୁ ଚାହାନ୍ତି । ଯଦି ସମସ୍ତଙ୍କ ଚାହିଁବା ପୂରଣ ହୁଏ ତେବେ ସୃଷ୍ଟି ଧ୍ୱଂସ ହେବା ଅନିବାର୍ଯ୍ୟ ହୋଇ ପଡ଼େ । ଏହା ସ୍ପଷ୍ଟ ଯେ ପ୍ରତ୍ୟେକ ବ୍ୟକ୍ତି ଯାହା ଚାହେଁ ତାହା ପ୍ରାପ୍ତ ହୁଏ ନାହିଁ । ଏହା ପ୍ରତ୍ୟକ୍ଷ ଘଟଣା । ଏହାକୁ କ'ଣ ଅସ୍ୱୀକାର କରିବାର ଉପାୟ ଅଛି ?

ଉତ୍ତର : ଏହାକୁ ଅସ୍ୱୀକାର କରିବାର ପ୍ରତ୍ୟକ୍ଷ ଉପାୟ ହେଲା ତୁମେ ମନୋଯୋଗ ସହ ଉତ୍ତର ନ ଶୁଣି, ପ୍ରଶ୍ନ କରୁଛ ।

କୁହା ହୋଇଥିଲା ଚାହିଁବା ବସ୍ତୁ ସତ୍ୟ, କିନ୍ତୁ ତାହା ପ୍ରାପ୍ତ ହୁଏ ଉଚିତ ପ୍ରଣାଳୀରେ କର୍ମ କରିବାରେ । ବହୁତ ବ୍ୟକ୍ତି ଏକହିଁ ସମୟରେ ମନ୍ତ୍ରୀ ହେବାକୁ ଚାହାନ୍ତି ସତ୍ୟ କିନ୍ତୁ ଯିଏ ଯଥାର୍ଥ ପ୍ରଣାଳୀରେ କର୍ମ ବା ଉପାୟ କରେ ସେ ପ୍ରାପ୍ତ ହୁଏ ।

ଅନ୍ୟ କାରଣ ହେଲା – ବ୍ୟକ୍ତି ଅହରହ ବସ୍ତୁ ଚାହୁଁ ଥାଏ । ତା' ଚାହିଁବାର ସଂଖ୍ୟା ନ ଥାଏ । ବ୍ୟକ୍ତିର ଚାହିଁବା ସବୁ ଗୋଟିଏ ସୂକ୍ଷ୍ମ ଆକାର ଧାରଣ କରନ୍ତି ଏବଂ ପରସ୍ପର ସଂଘର୍ଷ କରନ୍ତି । ଯେଉଁ ସବୁ ଦୁର୍ବଳ ଚାହିଁବା ରୂପ ଧାରଣ

କରି ଥାଆନ୍ତି ତାହା ସବୁ ସବଳ ଚାହିଁବା ରୂପ ଧାରଣ କରିଥିବା ସତ୍ତା ଦ୍ୱାରା ନଷ୍ଟ ହୋଇ ଯାଆନ୍ତି । ଯେଉଁ ସବଳ ଚାହିଁବାଟି ବାକି ରହେ ତାହାରି ସକାଶେ ବ୍ୟକ୍ତି ପ୍ରଯତ୍ନ କରେ । ବ୍ୟକ୍ତିର ପ୍ରଯତ୍ନ ଯେତେ ଯଥାର୍ଥ, ଯେତେ ଶକ୍ତିଶାଳୀ ହୁଏ ସେହି ଅନୁପାତରେ ବ୍ୟକ୍ତିର ଚାହିଁବା ବସ୍ତୁ ପୂର୍ଣ୍ଣ ଏବଂ ଅପୂର୍ଣ୍ଣତାରେ ପରିଣତ ହୁଏ । ଗୋଟିଏ ବସ୍ତୁକୁ ବହୁ ବ୍ୟକ୍ତି ଯଦି ଚାହାନ୍ତି, ସେମାନଙ୍କ ମଧ୍ୟରୁ ଯାହାର ଚାହିଁବା ଅଧିକ ଶକ୍ତିଶାଳୀ ହୁଏ ତାହାର ସିଦ୍ଧି ହୁଏ ।

ପ୍ରଶ୍ନ : ତୁମ କହିବା ଦ୍ୱାରା ସନ୍ଦେହ ଦୂର ହୋଇଗଲା । ସ୍ପଷ୍ଟ ହେଲା ଯେ ବ୍ୟକ୍ତିର ଯେଉଁ ଚାହିଁବାଟି ପ୍ରଧାନ ହୁଏ ସେ ତାହାରି ପ୍ରାପ୍ତି ସକାଶେ ପ୍ରଯତ୍ନ କରେ । ପ୍ରଯତ୍ନ ଯେତେ ନିର୍ଭୁଲ୍ ହୁଏ ସେହି ଅନୁସାରେ ବସ୍ତୁ ପ୍ରାପ୍ତ ହୁଏ, ତେବେ ତୁମ କହିବା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମଶାନ୍ତି, ଅମରତ୍ୱ, ଚିର ଯୌବନ, ନୀରୋଗତ୍ୱ — ଏହା ସତ୍ୟ । କିନ୍ତୁ ଏ ପର୍ଯ୍ୟନ୍ତ ପୃଥିବୀରେ କୌଣସି ବ୍ୟକ୍ତି ଏହା ପ୍ରାପ୍ତ ହୋଇଥିବାର ଦେଖାଯାଉ ନାହିଁ । ଏହାର କାରଣ କ'ଣ ?

ଉତ୍ତର : ଏହାର କାରଣ ହେଲା ପୃଥିବୀର ସମସ୍ତ ପ୍ରାଣୀ ବିଶେଷତଃ ମନୁଷ୍ୟ ଯଦ୍ୟପି ପରମ ସୁଖ ଏବଂ ଅମରତ୍ୱ ଚାହୁଁ ଅଛନ୍ତି ତଥାପି ସେମାନଙ୍କ ଚେତନାରେ ତାହା ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଅଛି । ସେହି ସକାଶେ ସେମାନେ ଉଚିତ ପ୍ରଣାଳୀରେ ପ୍ରଯତ୍ନ କରି ନାହାନ୍ତି କିଂବା ପ୍ରାପ୍ତ କରି ନାହାନ୍ତି ।

ପରମସୁଖ ଏବଂ ଅମରତ୍ୱ ସତ୍ୟ, ମନୁଷ୍ୟର ଏହାହିଁ ଲକ୍ଷ୍ୟ, ଏହି ସକାଶେ ଭଗବାନଙ୍କର ସୃଷ୍ଟି ହୋଇଅଛି । ଏହାକୁ ପ୍ରମାଣିତ ଏବଂ ସମର୍ଥନ କରୁଛି ବ୍ୟକ୍ତି ଚାହିଁବା ଓ କ୍ରମ ବିକାଶ । ସୃଷ୍ଟି ଆରମ୍ଭରୁ କ୍ରମ ବିକାଶ ଜଡ଼, ତରୁ ଲତା, ଜୀବ ଜନ୍ତୁ ଓ ପଶୁପକ୍ଷୀ ମଧ୍ୟ ଦେଇ ମନୁଷ୍ୟରେ ଉପନୀତ ହୋଇଅଛି । ବିକାଶ ଏହିଠାରେ ସ୍ଥଗିତ ନ ହୋଇ ଅତିମାନସ ବିଜ୍ଞାନ ଆନନ୍ଦରେ ଅବଶ୍ୟ ପହୁଞ୍ଚିବ । ଉପନିଷଦ୍ ଅନୁସାରେ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷ ପ୍ରକାଶ ହୋଇ ସାରିଛି । ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶ ହେବାର ସମୟ ଆସିଛି । ବିଜ୍ଞାନ ଓ ଆନନ୍ଦମୟ କୋଷର ଧର୍ମ ହେଉଛି ପରମାନନ୍ଦ ଏବଂ ଅମରତ୍ୱ । ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ, ଶରୀରର ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି । ଏହା ହୁଏ ମନର ବିକାଶ ସମାପ୍ତ ହେଲେ । ମନର ବିକାଶ ଶେଷ ଅବସ୍ଥା ପ୍ରାପ୍ତ ହେବାରୁ ମା'ଙ୍କ ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଅଛି । ଯେଉଁମାନଙ୍କ ଅନ୍ତରାତ୍ମା ଜାଗ୍ରତ ହୋଇଅଛି, ସେହିମାନେ ଏ ସତ୍ୟକୁ ଗ୍ରହଣ କରି ପାରୁଛନ୍ତି ଏବଂ ସେହିମାନଙ୍କ ଚେତନାରେ ପରମ ସୁଖ ତଥା ଅମରତ୍ୱର ସ୍ୱରୂପ ସ୍ପଷ୍ଟ ହୋଇଅଛି ଓ ସେମାନେ ଯଥାର୍ଥ ପ୍ରଣାଳୀରେ ପ୍ରଯତ୍ନ ମଧ୍ୟ କରୁଅଛନ୍ତି । ଏହାର ଯଥାର୍ଥ ପ୍ରଣାଳୀ ହେଉଛି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର । ଏହା ହୋଇପାରେ ମା'ଙ୍କ ଚରଣରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିବାରେ, ତେବେ ମନୁଷ୍ୟ ମୃତ୍ୟୁ, ରୋଗ, ଜରାରୁ ପୂର୍ଣ୍ଣ ମୁକ୍ତ ହେବ ଏବଂ ନିବାସ କରିବ ବିଜ୍ଞାନ ଆନନ୍ଦ ଚେତନାରେ । ଭଗବାନ୍ ତା'ର ସମସ୍ତ ସତ୍ତାରେ ପ୍ରକଟ ହେବେ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ସଂସାର ପରିଣତ ହେବ ସ୍ୱର୍ଗରେ । ଏଥିରେହିଁ ଜୀବନର ହେବ ପୂର୍ଣ୍ଣତା ।

ପ୍ରଶ୍ନ : ଆମ୍ଭେମାନେ ପୁରାତନ ଯୋଗର ସାଧକ । ଆମ୍ଭମାନଙ୍କର ଇଷ୍ଟଦେବ ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ, କାଳୀ ଅଥବା ନିର୍ବାଣ, ମୁକ୍ତି ପ୍ରାପ୍ତି । ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ କୌଣସି ଦୋଷ ହେବ ନାହିଁ ?

ଉତ୍ତର : କୌଣସି ଦୋଷ ହେବ ନାହିଁ । ଯେ କୌଣସି ପୁରାତନ ଯୋଗର ସାଧକ ଅଥବା ଯେ କୌଣସି ଧର୍ମାବଲମ୍ବୀ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିପାରନ୍ତି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଯେଉଁ ସାକାର ଏବଂ ନିରାକାର ଉଭୟର ଧର୍ମ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି ହୁଅନ୍ତି, ସେହି ସଚ୍ଚିଦାନନ୍ଦ ତତ୍ତ୍ୱ ଜ୍ଞାନୀ ଅଦ୍ୱୈତବାଦୀ ତଥା ବୌଦ୍ଧ ଶୂନ୍ୟବାଦୀମାନଙ୍କୁ ପ୍ରାପ୍ତ ହୁଅନ୍ତି କେବଳ ନିରାକାର, ନୈର୍ବ୍ୟକ୍ତିକ, ଅନିର୍ବଚନୀୟ ଶୂନ୍ୟ ରୂପେ ।

ସେହି ସଚ୍ଚିଦାନନ୍ଦ ତତ୍ତ୍ୱର ବ୍ୟକ୍ତ ସ୍ୱରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ତଥା କାଳୀରୂପେ ପ୍ରାପ୍ତ ହୁଅନ୍ତି ଦ୍ୱୈତ ଭକ୍ତ ସାଧକମାନଙ୍କୁ । ସାକାର ଏବଂ ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ ସର୍ବାବସ୍ଥାରେ, ସର୍ବସ୍ତରର ପରିପୂର୍ଣ୍ଣ

ଏକରସ ଥାଆନ୍ତି କିନ୍ତୁ ଉପଲବ୍ଧି ହୁଅନ୍ତି କେବଳ ଅତି ମାନସ ଚେତନା ସ୍ତରରେ । ପୁରାତନ ଯୋଗର ଦ୍ୱୈତବାଦୀ ଓ ଅଦ୍ୱୈତବାଦୀ ସାଧକମାନେ ଅତିମାନସ ତତ୍ତ୍ୱ ପ୍ରାପ୍ତ ହୋଇ ନ ଥିବାରୁ ଯେଉଁ ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ସର୍ବ ସ୍ତରରେ ପରିପୂର୍ଣ୍ଣ ଥାଆନ୍ତି ସେହି ସଚ୍ଚିଦାନନ୍ଦ ତତ୍ତ୍ୱକୁ ଏମାନେ କେବଳ ନିରାକାର ଅଥବା କେବଳ ସାକାର ରୂପେ ଉପଲବ୍ଧି କରନ୍ତି । ଏକ ସଙ୍ଗେ ସାକାର ନିରାକାର ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରି ପାରନ୍ତି ନାହିଁ । ସେହି ସକାଶେ ପୁରାତନ ସମସ୍ତ ଯୋଗରେ ଇଷ୍ଟସିଦ୍ଧି ଭିନ୍ନ ଭିନ୍ନ ରୂପେ ହୁଏ ଏବଂ ସାମ୍ପ୍ରଦାୟିକ ମତଭେଦ ସୃଷ୍ଟି ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଚେତନା ସ୍ତରରେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି ହେଉଥିବାରୁ ସେଥିରେ ସମସ୍ତ ପୁରାତନ ଯୋଗର ମତବାଦର ସମନ୍ୱୟ ହୁଏ । ତା ଛଡ଼ା ଅଦ୍ୱୈତବାଦୀ ସାଧକମାନଙ୍କୁ ଯେଉଁ ଜ୍ଞାନ ପ୍ରାପ୍ତ ହୁଏ, ଦ୍ୱୈତବାଦୀ ଭକ୍ତମାନଙ୍କୁ ଯେଉଁ ଭକ୍ତି ପ୍ରାପ୍ତ ହୁଏ ସେସବୁର ଉପଲବ୍ଧି ହୁଏ ଶ୍ରୀଅରବିନ୍ଦ ଯୋଗରେ । ଏହି କାରଣରୁ ପୁରାତନ ସମସ୍ତ ଯୋଗର ସାଧକ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପାରନ୍ତି । ଏଥିରେହିଁ ହୁଏ ସେମାନଙ୍କ ଲକ୍ଷ୍ୟ ଓ ଜୀବନର ପୂର୍ଣ୍ଣତା । ଜଗତ ଏବଂ ଜୀବନ ସମସ୍ୟାର ସମାଧାନ ।

ପ୍ରଶ୍ନ : ସଚ୍ଚିଦାନନ୍ଦଙ୍କ ସ୍ୱରୂପ କିପରି ?

ଉତ୍ତର : ସଚ୍ଚିଦାନନ୍ଦ ପୂର୍ଣ୍ଣ ଜ୍ଞାନ ସ୍ୱରୂପ, ପୂର୍ଣ୍ଣ ଶକ୍ତି ସ୍ୱରୂପ, ପୂର୍ଣ୍ଣ ଆନନ୍ଦ ସ୍ୱରୂପ । ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ପୂର୍ଣ୍ଣ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ସାକାର, ସଗୁଣ, ବ୍ୟକ୍ତିକ ଏବଂ ନିରାକାର, ନିର୍ଗୁଣ, ନୈର୍ବ୍ୟକ୍ତିକ ତଥା ଏହି ସାକାର ନିରାକାର ଊର୍ଦ୍ଧ୍ୱସ୍ଥ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ଅତିମାନସ ଚେତନା ଭୂମିରେ ଉପଲବ୍ଧି ହୁଅନ୍ତି ।

ଏହାଙ୍କ ମଧ୍ୟରେ ନିହିତ ଥାଏ ସମସ୍ତ କାର୍ଯ୍ୟକାରୀ ଶକ୍ତି ଏହି ଦୃଶ୍ୟମାନ ସମସ୍ତ ସଂସାର ତାଙ୍କରି ସ୍ୱରୂପ । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସାଧକ ଏହି ଅତିମାନସ ଚେତନା ଭୂମିରେ ସମ୍ପୂର୍ଣ୍ଣ ରୂପେ ସମସ୍ତ ସତ୍ତାରେ ସଚ୍ଚିଦାନନ୍ଦ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ କରିଥାଏ ତଥା ପୃଥକ ରହି ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଅତିମାନସ ନିମ୍ନଭୂମି-ମାନଙ୍କରେ ଏହା ସମ୍ଭବ ହୁଏ ନାହିଁ ।

ପ୍ରଶ୍ନ : କେଉଁ କେଉଁ ସ୍ତରରେ ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ କେଉଁ କେଉଁ ରୂପେ ଅନୁଭୂତ ହୁଅନ୍ତି ସଂକ୍ଷେପରେ ବୁଝାଇ ଦିଅ ?

ଉତ୍ତର : ମାନସରୁ ଉଚ୍ଚତର ମାନସ ଚେତନାର ଶେଷ ସୀମା ତଥା ଅଧିମାନସ ଚେତନା ଆରମ୍ଭ ପର୍ଯ୍ୟନ୍ତ ମାୟାର ଅଧିକାର । ଏହି ସ୍ତରମାନଙ୍କରେ ଭଗବାନ୍ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି ହୁଅନ୍ତି ନାହିଁ । ଯାହା ଉପଲବ୍ଧି ହୁଏ ତାହା ସଚ୍ଚିଦାନନ୍ଦ ତତ୍ତ୍ୱର ମାନସିକ କଳ୍ପନା ମାତ୍ର । ଏହି ଚେତନା ଭୂମିକୁ ଶାସ୍ତ୍ର ଅପରାର୍ଦ୍ଧ ନାମ ଦେଇଅଛି ।

ଅଧିମାନସ ଚେତନାରେ ବ୍ୟକ୍ତି ନିଜ ଲକ୍ଷ୍ୟ ଅନୁସାରେ ସେହି ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର, ସଗୁଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ ରୂପେ ଦେଖେ ଅଥବା ନିର୍ଗୁଣ ନିରାକାର ତତ୍ତ୍ୱ ଉପଲବ୍ଧି କରେ । ଏହି ଚେତନାରେ ଏକହିଁ ସମୟରେ ଏକହିଁ ଦୃଷ୍ଟିରେ ବ୍ୟକ୍ତି ସାକାର ଏବଂ ଉଭୟ ଧର୍ମୀ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିପାରେ ନାହିଁ । ଏହା ହୁଏ ଅତିମାନସ ଚେତନାରେ । ଅଧିମାନସ ସହିତ ତା'ର ଊର୍ଦ୍ଧ୍ୱସ୍ଥ ଚେତନା ଭୂମି ସମୂହକୁ ଶାସ୍ତ୍ର ପରାର୍ଦ୍ଧ ନାମ ଦେଇଅଛି ।

ପ୍ରଶ୍ନ : ତୁମ କହିବାରୁ ସ୍ପଷ୍ଟ ହେଉଛି ସଚ୍ଚିଦାନନ୍ଦ ତତ୍ତ୍ୱ ସମସ୍ତ ପୁରାତନ ଯୋଗର ଇଷ୍ଟ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ ତଥା ନିରାକାର ତତ୍ତ୍ୱରେ ଅଖଣ୍ଡ, ଅବିଚ୍ଛିନ୍ନ ରୂପେ ପରିପୂର୍ଣ୍ଣ ଥାଆନ୍ତି । ତେବେ ପୁରାତନ ଯୋଗ ସାଧକମାନେ ଭିନ୍ନ ରୂପେ ଇଷ୍ଟଙ୍କୁ ଉପଲବ୍ଧି କରନ୍ତି କାହିଁକି ଏବଂ ବିବାଦ କରନ୍ତି କାହିଁକି ?

ଉତ୍ତର : ପୁରାତନ ଯୋଗର ସାଧକମାନେ ଅତିମାନସ ଚେତନା ପ୍ରାପ୍ତ ନ ହୋଇ ତା'ର ନିମ୍ନ ଅଧିମାନସ ଭୂମିରେ ସାକାର, ନିରାକାର ଏବଂ ଉଭୟ ଊର୍ଦ୍ଧ୍ୱସ୍ଥ ପରମତତ୍ତ୍ୱ ଏକହିଁ ସମୟରେ, ଏକହିଁ ଦୃଷ୍ଟିରେ ଉପଲବ୍ଧି କରି ପାରନ୍ତି ନାହିଁ । ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ କେହି ନିରାକାର ରୂପେ, କେହି ରାମ ରୂପେ, କେହି କୃଷ୍ଣ ରୂପେ, କେହି ବିଷ୍ଣୁ

ରୂପେ, କେହି ଶିବ ରୂପେ, କେହି କାଳୀ ରୂପେ ପୃଥକ୍ ପୃଥକ୍ ଦେଖନ୍ତି । ଏହି ଅଧିମାନସ ଚେତନା ଭୂମିର ଶେଷ ସୀମାରେ ଯେଉଁ ବ୍ୟକ୍ତିମାନେ ପୃଥକ୍ ଇଷ୍ଟ ଉପଲବ୍ଧି କରନ୍ତି ସେମାନେ ସଚ୍ଚିଦାନନ୍ଦଙ୍କ ସ୍ୱରୂପର ଝଲକ ବା ଆଭାସ ପାଇପାରି ଥାଆନ୍ତି । କାରଣ ଅଧିମାନସ ଶେଷ ସୀମାରେ ଅତିମାନସ ଚେତନାର କିଛି ପ୍ରଭାବ ପଡ଼ିଥାଏ । କିନ୍ତୁ ସଚ୍ଚିଦାନନ୍ଦଙ୍କ ପୂର୍ଣ୍ଣ ଉପଲବ୍ଧି ନ ହେବା ଯୋଗୁଁ ସେମାନେ ଭିନ୍ନ ଭିନ୍ନ ଇଷ୍ଟଙ୍କ ସମନ୍ୱୟ କରି ପାରନ୍ତି ନାହିଁ । କିନ୍ତୁ ସିଦ୍ଧାନ୍ତ ପ୍ରତିପାଦନ କରିବା ସମୟରେ ଉପଲବ୍ଧି ଇଷ୍ଟ ବା ତତ୍ତ୍ୱକୁ ସର୍ବଶ୍ରେଷ୍ଠ ମାନନ୍ତି । ଅନ୍ୟ ଉପଲବ୍ଧିକୁ ନିମ୍ନ ବା ମାୟା କୁହନ୍ତି କିନ୍ତୁ ନିଜ ଉପଲବ୍ଧି ତତ୍ତ୍ୱକୁ ସଚ୍ଚିଦାନନ୍ଦ ବୋଲି ଘୋଷଣା କରନ୍ତି । ଏହା ବରାବର ଦେଖାଯାଏ ଆଚାର୍ଯ୍ୟମାନଙ୍କ ସାହିତ୍ୟରେ । ସେମାନଙ୍କ ଅନୁଯାୟୀ ସାଧକମାନେ, ଯେଉଁମାନେ ଅଧିମାନସ ଚେତନା ଭୂମିର ପ୍ରାନ୍ତରେ ପହୁଞ୍ଚି ନ ଥା'ନ୍ତି ସେମାନେ ସଚ୍ଚିଦାନନ୍ଦଙ୍କ ଝଲକ ଏକେବାରେ ପାଆନ୍ତି ନାହିଁ । ସେହି ସକାଶେ ସେମାନେ ନିଜ ଉପଲବ୍ଧି ଛଡ଼ା ଅନ୍ୟ ସବୁ ଉପଲବ୍ଧିକୁ ମିଥ୍ୟା ମାୟା ବୋଲି ଘୋଷଣା କରନ୍ତି ।

ଅଧିମାନସର ନିମ୍ନ ମାନସ ପର୍ଯ୍ୟନ୍ତ ମାୟା ଅଧିକୃତ ମାନସ ଚେତନା ଭୂମି । ଏହି ମାନସ ସ୍ତରରେ ମଧ୍ୟ ସଚ୍ଚିଦାନନ୍ଦ ପରିପୂର୍ଣ୍ଣ ରୂପେ ବିଦ୍ୟମାନ ଥାଆନ୍ତି । କିନ୍ତୁ ଏହି ମାନସ ଭୂମି ମାୟାରେ ଅଧିକୃତ ଥାଏ ଏବଂ ବ୍ୟକ୍ତି ମାୟାରେ ଆବୃତ ଥାଏ । ସେହି ସକାଶେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧ ହୁଅନ୍ତି ନାହିଁ । ବ୍ୟକ୍ତି କେବଳ ସୀମିତ ମାନସରେ କଳ୍ପନା କରେ । କେତେକ ସାଧକ ମନ, ପ୍ରାଣ, ଶରୀର ସମ୍ବନ୍ଧ ଆତ୍ମାଠାରୁ ପୃଥକ୍ କରି ଦିଅନ୍ତି । ଜାଗତିକ ଦୃଶ୍ୟମାନ ବସ୍ତୁକୁ ମିଥ୍ୟା ମାୟା ଅନୁଭବ କରି ଦୃଶ୍ୟମାନ ବସ୍ତୁ ପଶ୍ଚାତରେ ସଚ୍ଚିଦାନନ୍ଦ ତତ୍ତ୍ୱକୁ କେବଳ ଗୋଟିଏ ନିରାକାର ବ୍ୟାପକ ସତ୍ତାରୂପେ ଉପଲବ୍ଧି କରି ନିଜର ବ୍ୟକ୍ତିତ୍ୱ ସେଥିରେ ଲୟ କରିଦିଅନ୍ତି ।

ପ୍ରଶ୍ନ : କେଉଁ ସାଧକମାନେ ଅଧିମାନସ ଚେତନା ସ୍ତରରେ ଇଷ୍ଟଙ୍କୁ ଉପଲବ୍ଧି କରନ୍ତି ଓ କେଉଁ ସାଧକମାନେ ସେହି ସ୍ତରରେ ନିରାକାର ତତ୍ତ୍ୱରେ ଲୀନ ହୋଇ ଯାଆନ୍ତି ?

ଉତ୍ତର : ସର୍ବାବସ୍ଥାରେ, ସର୍ବ ସମୟରେ ଏକରସ ଥିବା ସାକାର ଏବଂ ନିରାକାର ଏହି ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଭକ୍ତ ସାଧକମାନେ ଅଧିମାନସ ଚେତନାରେ ଉପଲବ୍ଧି କରନ୍ତି କେବଳ ସଗୁଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ରୂପେ, ଏହି ସଗୁଣ ରୂପରେ ତତ୍ତ୍ୱତଃ ସଚ୍ଚିଦାନନ୍ଦ ତତ୍ତ୍ୱ ବିଦ୍ୟମାନ ଥିବା ସତ୍ତ୍ୱେ ଏହି ଅଧିମାନସ ଚେତନା ଭୂମିରେ ତାହା ଉପଲବ୍ଧ ହୁଏ ନାହିଁ ।

ଯେଉଁ ଜ୍ଞାନୀ ଅଦ୍ୱୈତବାଦୀ ସାଧକମାନେ ମାନସ ଚେତନା ସମୂହ ମଧ୍ୟ ଦେଇ ଏହି ଅଧିମାନସ ଚେତନା ଭୂମିରେ ଉପନୀତ ହୁଅନ୍ତି ସେମାନଙ୍କ ସାକ୍ଷୀ ଆତ୍ମା ସଚ୍ଚିଦାନନ୍ଦଙ୍କର ନିରାକାର ତତ୍ତ୍ୱରେ ଲୀନ ହୋଇଯାଏ । ଭଗବାନଙ୍କ ସଗୁଣ ବ୍ୟକ୍ତ ରୂପକୁ ପୃଥକ୍ ମାନି ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କୁ ଭକ୍ତି କରୁଥିବା ଦ୍ୱୈତବାଦୀ ସାଧକମାନେ ମାନସ ସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନା ଭୂମିରେ ଭଗବାନଙ୍କୁ ଉପଲବ୍ଧି କରନ୍ତି । ଏମାନେ କ୍ରମଶଃ ମାନସ ଚେତନା ସ୍ତର ମଧ୍ୟ ଦେଇ ଯାତ୍ରା କରିବାରୁ ସେହିସବୁ ସ୍ତର ସହିତ କିଛି ଅଂଶରେ ସମ୍ବନ୍ଧ ରହିଥାଏ, ସେହି କାରଣରୁ ଏମାନଙ୍କର ଇଷ୍ଟ ଉପଲବ୍ଧିର କିଛି ପ୍ରଭାବ ମାନସ ସ୍ତରରେ ପଡ଼େ ଏବଂ ଏମାନେ ନିଜ ଉପଲବ୍ଧିକୁ କିଛି ଅଂଶରେ ମାନସ ଚେତନା ଦ୍ୱାରା ବ୍ୟକ୍ତ କରିପାରନ୍ତି । କିନ୍ତୁ ଅତିମାନସ ଚେତନା ପ୍ରାପ୍ତ ହୋଇ ନ ଥିବାରୁ ତା'ର ନିମ୍ନ ଚେତନା ଭୂମି ତଥା ମନ, ପ୍ରାଣ, ଶରୀର ରୂପାନ୍ତରର କଳ୍ପନା କରି ପାରନ୍ତି ନାହିଁ । ଜଗତକୁ ସତ୍ୟ ମାନି ମଧ୍ୟ ଅଦ୍ୱୈତବାଦୀ ସାଧକ ସଦୃଶ ଜଗତ ତଥା ଶରୀର ତ୍ୟାଗ କରି ଭଗବତ ପ୍ରାପ୍ତି କରନ୍ତି ।

ଅଦ୍ୱୈତବାଦୀ ସାଧକମାନଙ୍କର ସାଧନାର ମାର୍ଗ ଦୁଇଟି; ଗୋଟିଏ ଭକ୍ତି ମାର୍ଗ, ଅନ୍ୟଟି ଜ୍ଞାନ ବା ବିଚାର ମାର୍ଗ ।

ବିଚାର ମାର୍ଗର ସାଧକ ସମସ୍ତ ଦୃଶ୍ୟମାନ ବସ୍ତୁକୁ ମିଥ୍ୟା ମାୟା ଓ ଅଳୀକ ବୋଲି ଧାରଣା କରନ୍ତି । ମନରେ ଯେଉଁ ବିଚାର ଆସେ, ଯେଉଁ ଦୃଶ୍ୟମାନ ବସ୍ତୁ ଦୃଷ୍ଟି ଗୋଚର ହୁଏ ତଥା ନିଜ ମନ ପ୍ରାଣ ଶରୀରକୁ ବି ମିଥ୍ୟା ମାୟା ଧାରଣାରେ ପ୍ରତ୍ୟାଖ୍ୟାନ କରନ୍ତି । ସେମାନେ ଅନ୍ତରାତ୍ମାର (Psychic being) ସନ୍ଧାନ ପାଇବାକୁ ଚେଷ୍ଟା କରନ୍ତି

ନାହିଁ । ଏହି ବିଚାର ଦ୍ୱାରା ସେମାନଙ୍କ ମନ, ପ୍ରାଣ, ଶରୀରରେ ଥିବା ଅହଂବୋଧ ଅର୍ଥାତ୍ ଶରୀରକୁ 'ମୁଁ' ମାନିଥିବା ଧାରଣା ଦୂର ହୋଇଯାଏ । ରହିଯାଏ କେବଳ ବ୍ୟକ୍ତି ଊର୍ଦ୍ଧ୍ୱସ୍ଥ ଆତ୍ମା । ଶ୍ରୀଅରବିନ୍ଦ ଏହାକୁ କହିଛନ୍ତି ମସ୍ତକ ଊର୍ଦ୍ଧ୍ୱସ୍ଥ ଜୀବ ଆତ୍ମା । ଉପନିଷଦରେ ଏହି ତତ୍ତ୍ୱକୁ ବୃକ୍ଷର ଫଳ ଅଭୋକ୍ତା ପକ୍ଷୀ-ସାକ୍ଷୀର ଉପମା ଦିଆ ହୋଇଅଛି । ବିଚାର ଦ୍ୱାରା ଅହଂ ବୋଧ ଦୂର ହେବାରୁ ମନ, ପ୍ରାଣ, ଶରୀର ସମ୍ବନ୍ଧ ବିଚ୍ଛେଦ ହୋଇଥାଏ । ବାକି ରହେ କେବଳ ଶରୀର ଊର୍ଦ୍ଧ୍ୱସ୍ଥ ନୈର୍ବ୍ୟକ୍ତିକ ଆତ୍ମା । ଏହାହିଁ ସମାଧି ଅବସ୍ଥା । ଏଥିରେ ଅନୁଭୂତ ହେବ ଯେଉଁ ସତ୍ତା, ଅନୁଭବ କରିବ ମଧ୍ୟ ସେହି ଏକହିଁ ସତ୍ତା-ଆତ୍ମା । ଅନୁଭୂତ ଏବଂ ଅନୁଭବ କରିବା ସତ୍ତା ପୃଥକ୍ ନ ଥିବାରୁ ଅନୁଭବ ବିଷୟ ଅଜ୍ଞାତ ଏବଂ ଅପ୍ରକାଶ୍ୟ ରହିଥାଏ । ଏମାନଙ୍କର ସାକ୍ଷୀ ଆତ୍ମା ସଚ୍ଚିଦାନନ୍ଦ ତତ୍ତ୍ୱରେ ଏକ ହୁଏ ବା କେବଳ ନିରାକାର ସତ୍ତାରେ ଲୀନ ହୁଏ — ଏହା ନିଶ୍ଚିତରୂପେ କହିବା କଠିନ । ଯାହାବି ହେଉ, ନିରାକାର ସତ୍ତା ତତ୍ତ୍ୱତଃ ସଚ୍ଚିଦାନନ୍ଦ ତତ୍ତ୍ୱ । ଏମାନଙ୍କର ଶରୀର ଜୀବିତ ଥିବାରୁ ମନ, ପ୍ରାଣ ଥାଏ । କିନ୍ତୁ ଆନ୍ତରିକ ବା ସୂକ୍ଷ୍ମ ସମ୍ବନ୍ଧ ନ ଥାଏ । ସେ ସକାଶେ ଆତ୍ମଅନୁଭୂତିର ଦୂରର ପ୍ରଭାବ ଅସ୍ପଷ୍ଟ ଭାବେ କିଛି ସାମାନ୍ୟ ଅଂଶରେ ମନ, ପ୍ରାଣରେ ପଡ଼େ । ମନ ସ୍ପଷ୍ଟ ବୁଝି ନ ପାରି ଗୋଟିଏ ଆନନ୍ଦ ଅବସ୍ଥା ବୋଲି ବ୍ୟାଖ୍ୟା କରେ । ଅଦ୍ୱୈତବାଦୀ ଜ୍ଞାନୀମାନଙ୍କୁ ଯଥାର୍ଥରେ କ'ଣ ଅନୁଭୂତ ହୁଏ ଏହା ସ୍ପଷ୍ଟ, ଅସନ୍ଦିଗ୍ଧ ଓ ନିଶ୍ଚିତରୂପେ ଅନୁଭବ କରନ୍ତି, ଜାଣନ୍ତି ଓ ବ୍ୟାଖ୍ୟା କରି ପାରନ୍ତି କେବଳ ଅତିମାନସ ଚେତନା ପ୍ରାପ୍ତ ଯୋଗୀମାନେ । ସେମାନଙ୍କର ମନ, ପ୍ରାଣ, ଶରୀର ରୂପାନ୍ତରିତ ହୋଇଥାଏ ଅତିମାନସ ବିଜ୍ଞାନ ଚେତନା ଗୁଣଧର୍ମରେ । ରୂପାନ୍ତରିତ ମନ ଅନୁଭବ କରିଥିବା ଅତିମାନସ ବିଜ୍ଞାନରୁ ପୃଥକ୍ ନ ଥାଏ । ସେ'ନେଇ ସେ ଅନୁଭୂତି ଅଜ୍ଞାତ ରହେ ନାହିଁ ।

ଅଦ୍ୱୈତବାଦୀ ଜ୍ଞାନୀମାନଙ୍କ ଅନୁଭୂତି ଯାହାବି ହେଉ ତାହା ବ୍ୟକ୍ତିଗତ ମୁକ୍ତି । ସେଥିରେ ସଂସାରର ଦୁଃଖ ଦ୍ୱନ୍ଦ୍ୱ ଦୂର ହୁଏ ନାହିଁ କିଂବା ଏହି ଜଗତର ସମସ୍ୟା ସମାଧାନ ହୁଏ ନାହିଁ । ଯେଉଁଠାରୁ ଆସି ଥାଆନ୍ତି ସେହିଠାକୁ ଫେରି ଯାଆନ୍ତି ।

ଏହି ଜ୍ଞାନୀ ସାଧକମାନଙ୍କ ମଧ୍ୟରୁ (ବିଶେଷତଃ କେତେକ ତନ୍ତ୍ର ସାଧକ) ଯେଉଁମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ନିରାକାର ରୂପେ ଲକ୍ଷ୍ୟ ରଖି ଥାଆନ୍ତି ସେମାନେ ଏହାର ପ୍ରାପ୍ତିର ଉପାୟ ରୂପେ ଗ୍ରହଣ କରିଥାଆନ୍ତି ଭକ୍ତିକୁ । ଯଦି ଏମାନେ ଶେଷ ଉପଲବ୍ଧି ପର୍ଯ୍ୟନ୍ତ ଦୃଢ଼ତା ସହିତ ଭକ୍ତି ମାର୍ଗରେ ଯାତ୍ରା କରି ଥାଆନ୍ତି, ତେବେ ଏମାନଙ୍କର ଅନ୍ୟ ଜ୍ଞାନୀ ସାଧକଙ୍କ ସଦୃଶ ମନ, ପ୍ରାଣ, ଶରୀର ସମ୍ବନ୍ଧ ତ୍ୟାଗ କରିବା ଦ୍ୱାରା ସମାଧି ଅବସ୍ଥାରେ କେବଳ ଶରୀର ଊର୍ଦ୍ଧ୍ୱସ୍ଥ ବ୍ୟାପକ ନିର୍ବିଶେଷ ଆତ୍ମା ବାକି ରହିଯାଏ ନାହିଁ । ଏମାନେ ମାନସ, ଚେତନାସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନାରେ ଉପନୀତ ହୁଅନ୍ତି । ଅର୍ଥାତ୍ ତାଙ୍କ ଚେତନା ଅଧିମାନସ ଚେତନା ସ୍ତରରେ ପହୁଞ୍ଚେ । ସେମାନଙ୍କ ପୂର୍ବରୁ ନିରାକାର ତତ୍ତ୍ୱ ଲକ୍ଷ୍ୟ ଥିବାରୁ ଅଧିମାନସ ଚେତନା ଭୂମିର ଗୁଣଧର୍ମ ଅନୁସାରେ ସେମାନଙ୍କ ଚେତନା ସଚ୍ଚିଦାନନ୍ଦଙ୍କର କେବଳ ନିରାକାର ତତ୍ତ୍ୱରେ ଲୀନ ହୋଇଯାଏ । ଶେଷରେ ରହିଯାଏ କେବଳ ନିରାକାର ତତ୍ତ୍ୱ । ମନ, ପ୍ରାଣ, ଶରୀର ତଥା ଦୃଶ୍ୟମାନ ସମସ୍ତ ବସ୍ତୁ ମିଥ୍ୟା ମାୟା ବୋଲି ପ୍ରତୀତ ହୁଏ । କିନ୍ତୁ ଏମାନେ ମାନସ ସ୍ତର ସମୂହ ମଧ୍ୟ ଦେଇ ଯାତ୍ରା ବା ସାଧନା କରିଥିବାରୁ ଅନୁଭୂତି ପ୍ରାପ୍ତ ଅଧିମାନସ ଚେତନା ସ୍ତର ସହିତ ଏହି ମାନସ ସ୍ତର ସମୂହର କିଛି ସମ୍ବନ୍ଧ ଥାଏ । ପ୍ରଥମ ଆଲୋଚିତ ଜ୍ଞାନୀ ସାଧକଙ୍କ ଅପେକ୍ଷା ଏମାନଙ୍କ ଅନୁଭୂତିର ପ୍ରଭାବ ମନ, ପ୍ରାଣ, ଶରୀରରେ କିଛି ଅଧିକ ପଡ଼ିଥାଏ ଏବଂ ଏମାନେ କିଛି ଅଂଶରେ ଏହାକୁ ମନରେ ପ୍ରକାଶ କରି ପାରନ୍ତି ।

ଭକ୍ତ ସାଧକମାନଙ୍କ ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର, ସଗୁଣ ରୂପେ ଲକ୍ଷ୍ୟ ରଖି ଉପାସନା କରନ୍ତି । ସେମାନେ ପୂର୍ବ ବର୍ଣ୍ଣିତ ମାନସ ସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନାରେ ନିଜ ନିଜ ଲକ୍ଷ୍ୟ ଏବଂ ଉପାସନା ଅନୁସାରେ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀରୂପେ ସଚ୍ଚିଦାନନ୍ଦଙ୍କ ସଗୁଣ ସ୍ୱରୂପ ଉପଲବ୍ଧି କରନ୍ତି । ନିରାକାର ତତ୍ତ୍ୱର ସନ୍ଧାନ ପାଆନ୍ତି ନାହିଁ । କିନ୍ତୁ ଏହି ଭକ୍ତ ସାଧକମାନେ ଯଦି ସଚ୍ଚିଦାନନ୍ଦଙ୍କ ନିରାକାର ତତ୍ତ୍ୱ ଉପଲବ୍ଧି କରିବାକୁ ଚାହାନ୍ତି ତେବେ ଏହି ଅଧିମାନସ ସ୍ତରରେ ନିରାକାର ତତ୍ତ୍ୱ ବି ଉପଲବ୍ଧି କରନ୍ତି । ଭକ୍ତ ସାଧକ କବୀର, ନାମଦେବ, ଜ୍ଞାନଦେବ ତଥା ରାମକୃଷ୍ଣ ପରମହଂସ ଆଦି ବହୁତ ଭକ୍ତ ସାଧକ ମହାପୁରୁଷମାନେ ଏହି ଅଧିମାନସ ଚେତନା ସ୍ତରରେ ସଗୁଣ, ସାକାର

ଓ ନିର୍ଗୁଣ ନିରାକାରଙ୍କୁ ଭିନ୍ନ ଭିନ୍ନ ଦୃଷ୍ଟିରେ, ଭିନ୍ନ ଭିନ୍ନ ସମୟରେ ଉପଲବ୍ଧି କରିଛନ୍ତି । ଏହି ସ୍ତରରେ ଏକହିଁ ଦୃଷ୍ଟିରେ ଏକହିଁ ସମୟରେ ସାକାର ଏବଂ ନିରାକାର ଉଭୟ ସତ୍ତା ଉପଲବ୍ଧ ହୁଅନ୍ତି ନାହିଁ । ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର ରୂପେ ଦେଖିଲେ ତାଙ୍କ ନିରାକାର ତତ୍ତ୍ୱ ବାକି ରହିଯାଏ ଓ ତାଙ୍କ ନିରାକାର ତତ୍ତ୍ୱ ଉପଲବ୍ଧିରେ ସାକାର ଅଦୃଶ୍ୟ ରହେ । ସଚ୍ଚିଦାନନ୍ଦଙ୍କ ସାକାର ଏବଂ ନିରାକାର ତଥା ପୁରୁଷୋତ୍ତମ ତତ୍ତ୍ୱ ଏକ ସଙ୍ଗେ ଉପଲବ୍ଧ ହୁଅନ୍ତି କେବଳ ଅତିମାନସ ଚେତନା ଭୂମିରେ ।

ପ୍ରଶ୍ନ : ପୂର୍ବ ଯୋଗ ଅନୁଭୂତି ଏବଂ ସାମ୍ପ୍ରଦାୟିକ ସିଦ୍ଧାନ୍ତ ଦ୍ୱାରା ବ୍ରହ୍ମ ବିଚାର ଏପରି ଜଟିଳ ହୋଇ ଯାଇଛି ଯେ ତାହା ବୁଝିବା ବହୁତ କଠିନ ହୋଇ ପଡ଼ିଛି । ସେହି ସକାଶେ ଏକହିଁ ବିଷୟରେ ବାରଂବାର ପ୍ରଶ୍ନ ଏବଂ ଉତ୍ତର ହେଉଛି । ଗୋଟିଏ ବିଷୟ ବାରଂବାର ପୁନରାବୃତ୍ତି କରିବା ଯଦିଓ ଉଚିତ ନୁହେଁ ତଥାପି ଜଟିଳତା ଦୂର କରିବା ସକାଶେ ପୁନରୁକ୍ତିକୁ ବିଚାର ନ କରି ବୁଝାଇ ଦିଅନ୍ତୁ ।

ଏକହିଁ ସଚ୍ଚିଦାନନ୍ଦ ପରଂବ୍ରହ୍ମ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ଆଦି ରୂପେ ପ୍ରଘଟ ହୋଇ ଅଛନ୍ତି । ଏମାନଙ୍କ ମଧ୍ୟରେ ଯେପରି ଆମ୍ଭେମାନେ ସଚ୍ଚିଦାନନ୍ଦ ତତ୍ତ୍ୱ ଦେଖିପାରୁ ନାହିଁ ସେହିପରି ସଂସାରର ଦୃଶ୍ୟମାନ ବସ୍ତୁ ମଧ୍ୟରେ ମଧ୍ୟ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି କରିପାରୁ ନାହିଁ । ଚେତନାର ଅତିମାନସ ସ୍ତରରେ ଯେପରି ସଗୁଣ ବ୍ରହ୍ମଙ୍କ ମଧ୍ୟରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରୁ ସେହିପରି ଦୃଶ୍ୟମାନ ବହୁ ମଧ୍ୟରେ ବି ସଚ୍ଚିଦାନନ୍ଦଙ୍କୁ ଅନୁଭବ କରୁ । ତେବେ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ତଥା ଆମ୍ଭମାନଙ୍କ ମଧ୍ୟରେ ପ୍ରଭେଦ କ'ଣ ?

ଉତ୍ତର : ଆମ୍ଭମାନଙ୍କ ମନ, ପ୍ରାଣ, ଶରୀର ସଚ୍ଚିଦାନନ୍ଦଙ୍କ ବିକୃତ ରୂପ ଏବଂ ନାଶବାନ୍ । ଶ୍ରୀରାମ, ଶ୍ରୀକୃଷ୍ଣାଦି ମନ, ପ୍ରାଣ, ଶରୀରହିଁ ସଚ୍ଚିଦାନନ୍ଦ ତତ୍ତ୍ୱ-ଅବିକୃତ । ଆମ୍ଭେମାନେ ମାୟାର ଦାସ, ତା' ହାତର କାଠପିତୁଳି । ମାୟାର ଅନ୍ତର୍ଗତ ଅଜ୍ଞାନ । ସେମାନେ ମାୟାର ସ୍ୱାମୀ, ପ୍ରଭୁ, ନିର୍ଦ୍ଦେଶକ ତଥା ନିୟାମକ । ଏହାହିଁ ସଗୁଣ ବ୍ରହ୍ମ ଏବଂ ଆମ୍ଭମାନଙ୍କ ମଧ୍ୟରେ ପାର୍ଥକ୍ୟ; ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗା ରୂପେ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ପ୍ରଭୃତି ଦିବ୍ୟ ଧାମମାନଙ୍କରେ ଭିନ୍ନ ଭିନ୍ନ ଦିବ୍ୟ ରୂପରେ ପ୍ରଘଟ ହୋଇଥାଆନ୍ତି । ଅର୍ଥାତ୍ ସେମାନଙ୍କ ଶରୀର, ମନ, ପ୍ରାଣ ସମସ୍ତରେ ଦିବ୍ୟତ୍ୱ ଥାଏ । ସେ ସ୍ତରରେ ମାୟା, ଅଜ୍ଞାନ, ମୃତ୍ୟୁ ଓ ରୋଗ ଆଦିର ସୂର୍ଯ୍ୟ ସମ୍ମୁଖରେ ଅନ୍ଧକାର ସଦୃଶ ସର୍ବଦା ଅଭାବ ଥାଏ । ଏହି ସଗୁଣ ବ୍ରହ୍ମ ଯଥାର୍ଥରେ ସଚ୍ଚିଦାନନ୍ଦତତ୍ତ୍ୱ ।

ପ୍ରଶ୍ନ : ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ଯେଉଁ ସଗୁଣ ବ୍ରହ୍ମ ବିଦ୍ୟମାନ ସେମାନେ ସଚ୍ଚିଦାନନ୍ଦ ତତ୍ତ୍ୱ । କିନ୍ତୁ ସେହି ସଗୁଣ ବ୍ରହ୍ମ ଏହି ପୃଥିବୀରେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି । ଆମ୍ଭମାନଙ୍କ ସଦୃଶ ଶରୀର ଗ୍ରହଣ କରନ୍ତି, ରୋଗ, ବୃଦ୍ଧତ୍ୱ ଓ ମୃତ୍ୟୁକୁ ସ୍ୱୀକାର କରନ୍ତି । ତେବେ ତାଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ପ୍ରଭେଦ କ'ଣ ?

ଉତ୍ତର : ଆମ୍ଭେମାନେ ଜେଲଖାନାର କଏଦୀ ସଦୃଶ ମାୟା, ଅଜ୍ଞାନ ଓ ମୃତ୍ୟୁର ଅଧୀନ; ଅବତାରମାନେ ଜେଲଖାନାର ବ୍ୟବସ୍ଥାପକ ସଦୃଶ ମାୟା, ଅଜ୍ଞାନ ଓ ମୃତ୍ୟୁର ସ୍ୱାମୀ ।

ଅବତାରମାନେ ଆମ୍ଭମାନଙ୍କୁ ବିକାଶ ମାର୍ଗରେ ଅଗ୍ରସର କରାଇ ଦେବା ସକାଶେ ସ୍ୱଇଚ୍ଛାରେ ଆମ୍ଭମାନଙ୍କ ସଦୃଶ ଶରୀର, ମନ, ପ୍ରାଣକୁ ଗ୍ରହଣ କରନ୍ତି ଏବଂ ଆମ୍ଭମାନଙ୍କ ସଦୃଶ କର୍ମ କରନ୍ତି । କିନ୍ତୁ ସେମାନେ ନିବାସ କରନ୍ତି ସେମାନଙ୍କ ନିଜସ୍ୱ ଭାଗବତ ଚେତନାରେ । ସେମାନଙ୍କର ଭାଗବତ ଚେତନା ଓ ମାନୁଷୀ ଚେତନା ଉଭୟ ଥାଏ । କାର୍ଯ୍ୟର ଆବଶ୍ୟକତା ଅନୁସାରେ ଭିନ୍ନ ଭିନ୍ନ ଚେତନାରେ କାର୍ଯ୍ୟ କରନ୍ତି । ଏହି କାରଣରୁ ଦିବ୍ୟ ଧାମର ସଗୁଣ ବ୍ରହ୍ମ ଓ ଏହି ପୃଥିବୀର ଭଗବତ୍ ଅବତାର ମଧ୍ୟରେ କୌଣସି ପ୍ରଭେଦ ନ ଥାଏ । ଏହି ପୃଥିବୀରେ ସେମାନଙ୍କ କାର୍ଯ୍ୟ ଶେଷ ହେଲେ ସ୍ୱଇଚ୍ଛାରେ ସେମାନେ ଏହି ପୃଥିବୀର ନିୟମ ସ୍ୱୀକାର କରି ଏ ପାର୍ଥିବ ସଂସାର ତ୍ୟାଗ କରନ୍ତି ।

ପ୍ରଶ୍ନ : ଏହି ଆଲୋଚନାରୁ ସ୍ପଷ୍ଟ ବୁଝାଗଲା ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ଭିନ୍ନ ଭିନ୍ନ ରୂପରେ ପ୍ରଘଟ ହୋଇ ଅଛନ୍ତି । ଶ୍ରୀମା ଶ୍ରୀଅରବିନ୍ଦ ମଧ୍ୟ ସେହି ଏକହିଁ ସଚ୍ଚିଦାନନ୍ଦଙ୍କ ସ୍ୱରୂପ । ତେବେ ମନ, ପ୍ରାଣ, ଶରୀର ରୂପାନ୍ତର ଓ ସଚ୍ଚିଦାନନ୍ଦଙ୍କୁ ସମସ୍ତ ସତ୍ତାରେ ଉପଲବ୍ଧି କରିବା ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ

କରିବାକୁ ହେଲେ ପୁରାତନ ଯୋଗର ସାଧକମାନଙ୍କୁ ନିଜ ଇଷ୍ଟ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଛାଡ଼ି ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିବା ଆବଶ୍ୟକ କ'ଣ ?

ଉତ୍ତର : ଆବଶ୍ୟକ ହୁଏ ଇଷ୍ଟରେ ଭେଦଭାବ ଯୋଗୁଁ, ସମସ୍ତ ପୁରାତନ ଯୋଗର ଇଷ୍ଟ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଯଦି ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ମାନୁଛ ତେବେ ପ୍ରଶ୍ନ କରୁଛ କାହିଁକି ? ମନରେ ଦ୍ୱନ୍ଦ୍ୱ ଥିବାରୁ ପ୍ରଶ୍ନ କରୁଛ । ଏହାହିଁ ମାନସ ଚେତନାରେ ସ୍ୱଧର୍ମ ବିଭେଦତା । ଏହି ବିଭେଦ ଥିବା ଯୋଗୁଁ ପୁରାତନ ସାଧକମାନଙ୍କୁ ଅତିମାନସ ଚେତନାରେ ପହଞ୍ଚିବାକୁ ହେଲେ ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ମା' ଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିବା ଉଚିତ ।

ପ୍ରଶ୍ନ : ତୁମେ କହିଲ ବ୍ୟକ୍ତିର ମନ, ପ୍ରାଣ, ଶରୀର ଭାଗବତ ଧର୍ମରେ ରୂପାନ୍ତର ନ ହେଲେ ଆତ୍ମାଦ୍ୱାରା ଅନୁଭୂତ ସଚ୍ଚିଦାନନ୍ଦ ତତ୍ତ୍ୱ ମନ ବୁଝିପାରେ ନାହିଁ କିଂବା ପ୍ରକାଶ କରି ପାରେ ନାହିଁ । ଏହା ବି କହିଲ ଯେ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ମନ, ପ୍ରାଣ, ଶରୀର ରୂପାନ୍ତର ହୋଇ ନାହିଁ । ତୁମ କହିବା ଯଦି ସତ୍ୟ ହୁଏ ତେବେ ସାକାର ନିରାକାର ଏକହିଁ ସଙ୍ଗେ ଉଭୟଙ୍କ ଧର୍ମ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ ଶାସ୍ତ୍ର ପୁରାଣ ବେଦ ଉପନିଷଦରେ ପ୍ରକାଶ ହେଲା କିପରି ? ଏହା କ'ଣ ମନର କଳ୍ପନା ?

ଉତ୍ତର : ଏହା ମନର କଳ୍ପନା ନୁହେଁ ପୂର୍ଣ୍ଣ ସତ୍ୟ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରତିପାଦିତ ହୋଇଛି ବେଦ, ଉପନିଷଦ ଏବଂ ଶାସ୍ତ୍ରରେ । ଏହି ତତ୍ତ୍ୱକୁ ପ୍ରତିପାଦନ କରିଛନ୍ତି ଭଗବାନ୍ ବିଷ୍ଣୁ, ଶଙ୍କର । ଶାସ୍ତ୍ର ପୁରାଣରେ ଏହା ପ୍ରକାଶ ହୋଇଛି କବି, ଋଷି, ମୁନିମାନଙ୍କ ଦ୍ୱାରା ଭଗବାନଙ୍କ ପ୍ରେରଣାରେ । ଗୀତାରେ କହିଛନ୍ତି ସ୍ୱୟଂ ଭଗବତ୍ ଅବତାର ଶ୍ରୀକୃଷ୍ଣ, ରାମାୟଣରେ ତୁଳସୀ ଦାସ ଲେଖିଛନ୍ତି ଶିବ ପାର୍ବତୀଙ୍କ ପ୍ରେରଣାରେ । ଅଧାମ୍ ସତ୍ୟ ଯେଉଁ ସାଧକ, ସିଦ୍ଧ ଓ କବିଙ୍କ ଦ୍ୱାରା ପ୍ରକାଶ ହୁଏ ତାହା ସେମାନଙ୍କ ମନ, ପ୍ରାଣରେ ଅନୁଭୂତ ହେଉ ବା ନ ହେଉ ଉଚ୍ଚତର ଚେତନା ଅଥବା ଭଗବାନଙ୍କ ପ୍ରେରଣାରେ ତାହା ସ୍ୱତଃସ୍ଫୂର୍ତ୍ତ ଭାବେ ସେମାନଙ୍କ ମଧ୍ୟ ଦେଇ ବ୍ୟକ୍ତ ହୁଏ । ହାତ ହୋଇଥାଏ କେବଳ ଯନ୍ତ୍ର । ତାହା ଲେଖିବା ବ୍ୟକ୍ତି ଦ୍ୱାରା ପରିଚାଳିତ ହୁଏ ନାହିଁ ହୁଏ ଅନ୍ୟ ସତ୍ୟ ଦ୍ୱାରା । ସତ୍ୟ ସର୍ବଥା ବିଦ୍ୟମାନ ଥାଏ ଶାସ୍ତ୍ର, ପୁରାଣ, ବେଦ ଉପନିଷଦ ତଥା ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ । ଚେତନାର ବିକାଶ ଅନୁସାରେ ଯଥାର୍ଥ ସମୟରେ ତାହା ଉପଲବ୍ଧ ହୁଏ ବା କର୍ମରେ ପ୍ରକାଶ ପାଏ ।

ଅତିମାନସ ସତ୍ୟ, ଅମରତ୍ୱ ଇତ୍ୟାଦି ବେଦ ଉପନିଷଦରେ ବିଦ୍ୟମାନ ଅଛି । ତା'ର ପ୍ରକାଶ ହେବାର ସମୟ ଆସି ନ ଥିବାରୁ କୌଣସି ଆଚାର୍ଯ୍ୟ ଉପାୟ ବି କରି ନାହାନ୍ତି କିଂବା ପ୍ରକାଶ କରି ନାହାନ୍ତି । ବର୍ତ୍ତମାନ ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଏହା ଉପଲବ୍ଧି କରି ଅଛନ୍ତି ଏବଂ ପ୍ରକାଶ କରି ଅଛନ୍ତି ।

ପ୍ରଶ୍ନ : ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ ଭିନ୍ନ ଭିନ୍ନ ରୂପେ ଅବତାର ନିଅନ୍ତି ଏବଂ ଯଥାର୍ଥ ସ୍ୱରୂପରେ ଉପଲବ୍ଧ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଅତିମାନସ ଚେତନାରେ । ଏଥିରେହିଁ ଜୀବନର ପୂର୍ଣ୍ଣତା ଏବଂ ଜୀବନ ଓ ଜଗତର ରହସ୍ୟ ହୁଏ ଜ୍ଞାତ ତଥା ସମାଧାନ । ଅତଏବ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ପୁରାତନ ଯୋଗର ସାଧକ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପାରନ୍ତି । ଏଥିରେ କୌଣସି ଦୋଷ ନାହିଁ । ଏଥିରେ ପୁରାତନ ଇଷ୍ଟଙ୍କୁ ତ୍ୟାଗ କରାଯାଏ ନାହିଁ ବରଂ ପରିପୂର୍ଣ୍ଣ ରୂପେ ପ୍ରାପ୍ତ କରାଯାଏ । ଏଥିରେ ଆଉ ସନ୍ଦେହ କରିବାର ସ୍ଥାନ ନାହିଁ । କିନ୍ତୁ ଆମ୍ଭେମାନେ ପୁରାତନ ଯୋଗର ସାଧକ । ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିଛୁ, ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ଫଟୋ ସହିତ ପୂର୍ବ ଇଷ୍ଟଦେବଙ୍କ ଫଟୋ ରଖିବୁ କି ତ୍ୟାଗ କରିବୁ ?

ଉତ୍ତର : ଏହା ନିର୍ଭର କରିବ ତୁମ ଆନ୍ତରିକ ଭାବ ଉପରେ । ପ୍ରତ୍ୟେକ ବ୍ୟକ୍ତିର ଆନ୍ତରିକ ଭାବ ଏକେବାରେ ସ୍ୱତନ୍ତ୍ର ଏବଂ ଜଣକର ଅନ୍ୟଠାରୁ ଏକେବାରେ ଭିନ୍ନ । ସେ ସକାଶେ ବାହ୍ୟ ନିୟମ ନିର୍ଦ୍ଧାରଣ କରିବା କୌଣସି ବ୍ୟକ୍ତି ପକ୍ଷେ ସମ୍ଭବ ନୁହେଁ । କୌଣସି ବ୍ୟକ୍ତି ହଜାର ପ୍ରକାର ଫଟୋ ରଖିପାରେ, ଶହେ ପ୍ରକାର ବ୍ରତ କରେ, ସବୁ ମନ୍ଦିରରେ ମୁଣ୍ଡିଆ ମାରେ, କିନ୍ତୁ ଆନ୍ତରିକ ନିଷ୍ଠା ଥାଏ ମା'ଙ୍କ ପ୍ରତି, ସେ ସମର୍ପଣ କରେ ମା'ଙ୍କୁ ଓ ଲକ୍ଷ୍ୟ ଥାଏ ରୂପାନ୍ତର ସିଦ୍ଧି । ଅନ୍ୟ ରୂପରେ ବିରୋଧ କରେ ନାହିଁ କିଂବା ତା ମନରେ ଦ୍ୱନ୍ଦ୍ୱ ନ ଥାଏ ।

ଆଉ କେତେକ ବ୍ୟକ୍ତି ମା'ଙ୍କ ପ୍ରତି ନିଷ୍ଠାରଖି ଅନ୍ୟ ସବୁକୁ ବର୍ଜନ କରନ୍ତି । ସେମାନଙ୍କର ଧାରଣା ଥାଏ, ''ଅନ୍ୟ ଫଟୋ ରଖିଲେ କିଂବା ଅନ୍ୟ ମୂର୍ତ୍ତିକୁ ବାହ୍ୟ ପୂଜା କଲେ ମୋ ଇଷ୍ଟ ନିଷ୍ଠା ବ୍ୟାହତ ହେବ ।''

ଏହି ଦୁଇଟି ଯାକ ନିଷ୍ଠା ସାଧନାର ଆରମ୍ଭିକ ଅବସ୍ଥାରେ ବ୍ୟକ୍ତିର ସ୍ୱଭାବ ଅନୁସାରେ ଠିକ୍ । ଯେ ନିଷ୍ଠା ଆନ୍ତରିକତା ସହ ଗ୍ରହଣ କରି ପାରନ୍ତି ତାହା ତାଙ୍କ ପକ୍ଷେ ଉଚିତ । କିନ୍ତୁ ପାଠଚକ୍ରରେ କେବଳ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖା ହେବ । ଅନ୍ୟ ଫଟୋ ରଖା ହେବ ନାହିଁ ।

ପ୍ରଶ୍ନ : ପାଠଚକ୍ରରେ କାହିଁକି ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗାଙ୍କ ଫଟୋ ସହିତ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖାଯାଇପାରେ ନାହିଁ ?

ଉତ୍ତର : ପାଠଚକ୍ର ହେଉଛି ଶ୍ରୀଅରବିନ୍ଦଙ୍କ ଯୋଗ ଅନୁଷ୍ଠାନର ଗୋଟିଏ ପ୍ରତୀକ । ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧି ହୁଏ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସମର୍ପଣ କରିବା ଦ୍ୱାରା । ଶ୍ରୀମା ଶ୍ରୀଅରବିନ୍ଦଙ୍କ ବ୍ୟତୀତ ଅନ୍ୟ ଇଷ୍ଟ-ନିଷ୍ଠା ଦ୍ୱାରା ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧି ନ ହେଉଥିବା ଯୋଗୁଁ ପାଠଚକ୍ରରେ ଅନ୍ୟ ଇଷ୍ଟଙ୍କ ଫଟୋ ରଖା ହେବ ନାହିଁ ।

ପ୍ରଶ୍ନ : ପୂର୍ବ ଆଲୋଚନାରେ ଯେପରି ସ୍ପଷ୍ଟ ଭାବେ କହିଲେ ଯେ ଜୀବନର ପୂର୍ଣ୍ଣତା ଅତିମାନସ ସିଦ୍ଧି ସକାଶେ ପୁରାତନ ଯୋଗର ଇଷ୍ଟ ଲକ୍ଷ୍ୟ ସହିତ ଶ୍ରୀଅରବିନ୍ଦ ଯୋଗ ଗ୍ରହଣ କଲେ ଚଳିବ ନାହିଁ, ଶ୍ରୀଅରବିନ୍ଦ ଯୋଗ ସିଦ୍ଧି କରିବାକୁ ହେଲେ ପୁରାତନ ଇଷ୍ଟ ଲକ୍ଷ୍ୟ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ଯୋଗ-ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । ସେହିପରି ଫଟୋ ରଖିବା ବିଷୟରେ କାହିଁକି ସ୍ପଷ୍ଟରୂପେ କହିଲେ ନାହିଁ ?

ଉତ୍ତର : କେବଳ ଫଟୋ ରଖିବାରେ ଯଦି ଯୋଗ ସିଦ୍ଧି ହୁଅନ୍ତା ତେବେ ଫଟୋ ରଖିବା ବିଷୟରେ ନିର୍ଦ୍ଧାରିତ ରୂପେ କୁହା ହେବା ଆବଶ୍ୟକ ହୋଇଥାଆନ୍ତା । ଘର କାନ୍ଥକୁ ଫଟୋରେ ଢାଙ୍କି ରଖ, କିନ୍ତୁ ଯେ ପର୍ଯ୍ୟନ୍ତ ଆନ୍ତରିକ ଏକନିଷ୍ଠା ସହିତ ଅଭୀପ୍ସା, ସମର୍ପଣ ନ କର ସେ ପର୍ଯ୍ୟନ୍ତ ଯୋଗ ସିଦ୍ଧିରୁ ହଜାର କୋଶ ଦୂରରେ ରୁହ । ପ୍ରଧାନ କଥା ହେଲା ଅନ୍ତରର ନିଷ୍ଠା । ଯାହାର ଅନ୍ତର ନିଷ୍ଠାରେ ବାଧା ନ ପଡ଼େ ସେ ଅନ୍ୟ ଫଟୋ ରଖିପାରେ । ଯାହାର ଅନ୍ତର ନିଷ୍ଠାରେ ବାଧା ପଡ଼େ ବୋଲି ତା ମନରେ ଦ୍ୱନ୍ଦ୍ୱ ଆସେ ସେ ଅନ୍ୟ ଫଟୋ ନ ରଖିପାରେ । ଏହା ନିର୍ଭର କରେ ବ୍ୟକ୍ତିର ଆନ୍ତରିକ ନିଷ୍ଠା ଉପରେ ।

ଇଷ୍ଟ ନିଷ୍ଠା ସମ୍ବନ୍ଧେ ଏତେ ଆଲୋଚନା ହେବା ପରେ, ଅନ୍ୟ ଇଷ୍ଟ ଫଟୋ ରଖା ହେବ କି ନାହିଁ — ଏହି ପ୍ରଶ୍ନ ହେଲା ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଗୃହଲକ୍ଷ୍ମୀ ମହିଳାମାନେ ବ୍ରତ ଉପବାସ ଓ ଅନ୍ୟାନ୍ୟ ଦେବାଦେବୀଙ୍କ ପୂଜନ କରି ପାରିବେ କି ନାହିଁ ?

ଉତ୍ତର : ଏହା ନିର୍ଭର କରେ ସେମାନଙ୍କ ଅନ୍ତର ନିଷ୍ଠା ଏବଂ ଆନ୍ତରିକ ଭାବ ଉପରେ । ବାହ୍ୟ ବ୍ରତ ଉପବାସ ଗୋଟାଏ ଯାନ୍ତ୍ରିକ ପ୍ରଣାଳୀ । ଏଥିରେ ପ୍ରାୟ ଅନ୍ତର ନିଷ୍ଠା ନ ଥାଏ । ଯାହାର ଅନ୍ତର ନିଷ୍ଠାରେ ବାଧା ପଡ଼ିବା ଦ୍ୱନ୍ଦ୍ୱ ମନରେ ଆସେ ସେମାନେ ଅନ୍ୟାନ୍ୟ ଦେବାଦେବୀଙ୍କ ବ୍ରତ ଉପବାସ ଛାଡ଼ି ପାରନ୍ତି, ଯେଉଁମାନଙ୍କର କୌଣସି ଦ୍ୱନ୍ଦ୍ୱ ନ ଥାଏ ସେମାନେ କରିପାରନ୍ତି । ଆଜିକାଲି କଲେଜରେ ପଢ଼ିବା ଅଧିକାଂଶ ଝିଅମାନେ ଏହିସବୁ ବ୍ରତ ଉପବାସରୁ ମୁକ୍ତ ଥିବେ । ସେମାନଙ୍କ ମଧ୍ୟରେ ଏହିସବୁ ଦ୍ୱନ୍ଦ୍ୱ ନ ଥିବ । ସାଧନାର ପ୍ରଧାନ ବସ୍ତୁ ହେଲା ଅନ୍ତରନିଷ୍ଠା, ଏହି ବିଷୟରେ ଏହି ଲେଖାରେ ପୂର୍ବେ ଆଲୋଚନା କରା ହୋଇଛି । ଫଟୋ ରଖିବା, ବ୍ରତ ଉପବାସ କରିବା, କୁଳ ଦେବାଦେବୀଙ୍କୁ ପୂଜା କରିବା ଇତ୍ୟାଦି ଏକେବାରେ ବାହ୍ୟ ବ୍ୟବହାରିକ ବସ୍ତୁ । ଅନ୍ତର ନିଷ୍ଠା ସହିତ ଏହାର କୌଣସି ସମ୍ବନ୍ଧ ନ ଥାଏ । ଆନ୍ତରିକ ନିଷ୍ଠାଭାବ ଅନୁସାରେ ବ୍ୟକ୍ତି ଏହାସବୁ ତ୍ୟାଗକରି ପାରନ୍ତି ବା ପୂର୍ବବତ୍ ଆଚରଣ କରି ପାରନ୍ତି । ଏହା ସମ୍ପୂର୍ଣ୍ଣରୂପେ ବ୍ୟକ୍ତି ଉପରେ ନିର୍ଭର କରେ ।

ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଏବଂ ମନୋଭାବ ଏକଠାରୁ ଅନ୍ୟର ଏକେବାରେ ଭିନ୍ନ । ସେହି ସକାଶେ ପ୍ରତ୍ୟେକ ବ୍ୟକ୍ତିର ମାର୍ଗ ନିଜସ୍ୱ । ଏହି କାରଣରୁ ବାହ୍ୟ ବ୍ୟବହାରିକ କର୍ମ ସମ୍ବନ୍ଧେ କୌଣସି ନିୟମ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ଏହାର ନିର୍ଣ୍ଣୟ ବ୍ୟକ୍ତି ଉପରେ ଛାଡ଼ିଦେବା ଉଚିତ ।

ଶ୍ରୀଅରବିନ୍ଦଙ୍କ ଯୋଗର ମୂଳନୀତି ମା'ଙ୍କ ଚରଣରେ ଆତ୍ମସମର୍ପଣ । ଯୋଗର ଏକେବାରେ ଆରମ୍ଭରୁ ମା'ଙ୍କ ଉପରେ ଦୃଢ଼ ନିଷ୍ଠା ପୂର୍ଣ୍ଣନିର୍ଭରତା ରଖିବାକୁ ହୁଏ । ମାତୃଶକ୍ତି ପ୍ରେରଣାରେ ବ୍ୟକ୍ତି ଯଦି ସତ୍ତାର ରୂପାନ୍ତର ମହାନ୍ ଜଟିଳକାର୍ଯ୍ୟ କରିପାରେ ତେବେ ସେ ଏକେବାରେ ବାହ୍ୟ ବ୍ୟବହାରିକ ବ୍ରତ ଉପବାସ, ଫଟୋ ରଖିବା ନ ରଖିବା ନିର୍ଣ୍ଣୟ କରିପାରେ ନାହିଁ ? ଏହାସବୁ ଏକେବାରେ ବାହ୍ୟ ବସ୍ତୁ, ଏ ସବୁକୁ ଏକେବାରେ ମହତ୍ତ୍ୱ ଦେବା ଉଚିତ ନୁହେଁ ।

ପ୍ରଶ୍ନ : କୁଟୁମ୍ବରେ କାହାର ମୃତ୍ୟୁ ହେବା ସମୟରେ, ଅଥବା ସନ୍ତାନ ଜନ୍ମ ହେବା ସମୟରେ କିଂବା ସ୍ତ୍ରୀମାନଙ୍କରେ ମାସିକ ଧର୍ମ ହେବା ସମୟରେ ଅଶୁଦ୍ଧ ମାନ୍ୟ ହୁଏ । ଏହି ସମୟରେ ମା' ଶ୍ରୀଅରବିନ୍ଦଙ୍କ ଫଟୋରେ ପୁଷ୍ପ ଧୂପାଦି ଅର୍ପଣ ବା ପୂଜନ କରାଯିବ କି ନାହିଁ ?

ଉତ୍ତର : କରାଯିବ । ମା' ଶ୍ରୀଅରବିନ୍ଦଙ୍କୁ ପୂଜନ ତଥା ସମର୍ପଣ ଦ୍ୱାରା ବ୍ୟକ୍ତି ପବିତ୍ର ହୁଏ । ଯେଉଁ କର୍ମ ଦ୍ୱାରା ବ୍ୟକ୍ତି ଶୁଦ୍ଧ ହୁଏ ସେ କର୍ମ କୌଣସି ଅବସ୍ଥାରେ ବନ୍ଦ କରାଯାଏ ନାହିଁ । ଦେବମନ୍ଦିର ପୂଜନ, ହୋମ ଯଜ୍ଞାଦି ଶୁଭ କର୍ମ ପୂର୍ବପଛା ଅନୁସାରେ ବନ୍ଦ ରଖାଯାଇପାରେ ।

ଦ୍ୱିତୀୟ ଭାଗ

ସତ୍‌ସଙ୍ଗ : ଜୀବନ-ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ

ଜୀବନରେ ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ ହେଉଛି ସତ୍‌ସଙ୍ଗ । ମନୁଷ୍ୟକୁ ସତ୍‌ସଙ୍ଗ ପ୍ରାପ୍ତ ହେଲେ ତଥା ତାହାର ଯଥାଯଥ ଉପଯୋଗ କଲେ ସେ କେତେ ଉଚ୍ଚ ସ୍ତରକୁ ଆରୋହଣ କରିପାରେ, କେତେ ଅକଳ୍ପନୀୟ ଉନ୍ନତି କରିପାରେ ତାହା ଅନୁମାନ କରିବା କଠିନ ନୁହେଁ, ଅସମ୍ଭବ । ମନୁଷ୍ୟ ମଧ୍ୟରେ ସମସ୍ତ ଶକ୍ତି ସୁପ୍ତ ଅବସ୍ଥାରେ ବିଦ୍ୟମାନ ଥାଏ, ସେସବୁ କେବଳ ସତ୍‌ସଙ୍ଗ ଦ୍ୱାରା ଜାଗ୍ରତ ଏବଂ ବିକଶିତ ହୋଇପାରେ । ଭଗବାନଙ୍କ କୃପାରୁ ମନୁଷ୍ୟକୁ ସତ୍‌ସଙ୍ଗ ପ୍ରାପ୍ତ ହେବା ପରେ ସେ ଯଦି ତାହା କ୍ରିୟାରେ ପରିଣତ ନ କରେ ତେବେ ବହୁତ ବଡ଼ ସୁଯୋଗ ହରାଏ । ଭଗବାନଙ୍କ କୃପାରୁ ବଞ୍ଚିତ ହୁଏ ।

ଯେବେ ଦ୍ରବହୁ ଦୀନ ଦୟାଲ
ରାଘବ ସାଧୁ ସଙ୍ଗତି ପାଇଏ ।
(ବିନୟ ପତ୍ରିକା)

''ଯେବେ ଦୀନ ଦୟାଳୁ ଶ୍ରୀରାମଚନ୍ଦ୍ରଜି କୃପା କରନ୍ତି ତେବେ ସାଧୁସଙ୍ଗ ପ୍ରାପ୍ତ ହୁଏ ।'' ସାଧୁସଙ୍ଗ ପ୍ରାପ୍ତ ହେବା ପରେ ମନୁଷ୍ୟ ଯଦି ନିଜର ଦୋଷ-ତ୍ରୁଟି, ଅଯୋଗ୍ୟତା ଦେଖି ଆଳସ୍ୟ ବଶତଃ ପ୍ରଯତ୍ନ ନ କରେ ତେବେ ସେ ନିଜକୁ ପ୍ରବଞ୍ଚନା କରେ । ମନୁଷ୍ୟ ମଧ୍ୟରେ ଏପରି କୌଣସି ଦୁର୍ବଳତା, ଦୋଷତ୍ରୁଟି ନାହିଁ ଯାହା ସତ୍‌ସଙ୍ଗ ତଥା ପ୍ରଯତ୍ନ ଦ୍ୱାରା ଦୂର ହୋଇ ନ ପାରେ ।

ସଂସାରରେ ଅଧ୍ୟାତ୍ମ ମାର୍ଗରେ ଅଥବା ସାଂସାରିକ କାର୍ଯ୍ୟରେ ଯେ କେହି ଉନ୍ନତି କରିଛି, ଯେ କେହି ଶ୍ରେଷ୍ଠ ବ୍ୟକ୍ତି ହୋଇଛି କେବଳ ସତ୍‌ସଙ୍ଗ ଦ୍ୱାରା । ଧ୍ରୁବ, ପ୍ରହ୍ଲାଦ, ନାରଦ, ବ୍ୟାସ, ବଶିଷ୍ଠ, ବାଲ୍ମିକି, ଗୋସ୍ୱାମୀ ତୁଳସୀ ଦାସ ତଥା ଅନ୍ୟାନ୍ୟ ବହୁତ ସନ୍ଥ ମହାପୁରୁଷ, ବୀର, ଯୋଦ୍ଧା, ଶ୍ରେଷ୍ଠ ଦେଶନେତା, ଶ୍ରେଷ୍ଠ ବୈଜ୍ଞାନିକ ସତ୍‌ସଙ୍ଗ ଦ୍ୱାରା ଶ୍ରେଷ୍ଠ ସ୍ଥାନକୁ ପ୍ରାପ୍ତ ହୋଇଅଛନ୍ତି । କାଳିଦାସ କିପରି ମୂର୍ଖ ଥିଲେ, କିନ୍ତୁ ସତ୍‌ସଙ୍ଗ ତଥା ପ୍ରଯତ୍ନ ଦ୍ୱାରା ମହାନ୍ ପଣ୍ଡିତ ହୋଇ ପାରିଥିଲେ । ବାଲ୍ମିକି ଦସ୍ୟୁ, ପ୍ରାଣୀ-ଘାତକ, ପ୍ରାଣୀର କଣ୍ଟକ, କ୍ରୂର, ନିର୍ଦ୍ଦୟ ଥିଲେ । ଘୋର ପାପରେ ତାଙ୍କ ଜୀବନ ବ୍ୟତୀତ ହେଉଥିଲା । ସତ୍‌ସଙ୍ଗ ଦ୍ୱାରା ସେ ମହାନ୍ ଋଷି ହୋଇ ପାରିଥିଲେ ଏବଂ ପ୍ରଥମ କାବ୍ୟ ରଚନା କରିଥିଲେ । ଗୋସ୍ୱାମୀ ତୁଳସୀଦାସ ରାମଚରିତ-ମାନସରେ କହିଛନ୍ତି :

ବାଲ୍ମିକି ନାରଦ ଘଟ ଜୋନୀ ।
ନିଜ ନିଜ ମୁଖନି କହୀ ନିଜ ହୋନୀ ॥
— ବାଳ କାଣ୍ଡ

ଋଷି ବାଲ୍ମୀକି, ନାରଦ, ଘଟ-ଜୋନି-ଅଗସ୍ତ୍ୟ । ସେ ଯେପରି ଥିଲେ, ଯେପରି ହେଲେ ନିଜ ନିଜ ମୁଖରେ ସ୍ୱୟଂ କହିଛନ୍ତି । ଏଠାରେ ବାଲ୍ମିକି ଚରିତ ଆଲୋଚନା କରିବା ।

ବାଲ୍ମୀକି ଚରିତ

ବାଲ୍ମିକି ବ୍ରାହ୍ମଣ ସନ୍ତାନ ଥିଲେ । ବାଲ୍ୟ ଅବସ୍ଥାରୁ ତାଙ୍କର କିରାତ ଦ୍ୱାରା ପାଳନ ପୋଷଣ ହୋଇଥିଲା । ସେ ଜଙ୍ଗଲରେ ନିବାସ କରୁଥିବାରୁ ସଙ୍ଗ-ଦୋଷରୁ ତାଙ୍କ ସ୍ୱଭାବ ଜୀବ-ଘାତକ ଦସ୍ୟୁ, ଡକାୟତରେ ପରିଣତ ହେଲା । ତାଙ୍କର ଆୟୁଧ ଥିଲା ଧନୁଶର, ଖଡ୍‌ଗ । ନିଜ ପରିବାର ପୋଷଣର ଉପାୟ ଥିଲା – ଜଙ୍ଗଲ ରାସ୍ତାରେ ଯିବା ବ୍ୟକ୍ତିଙ୍କୁ ବଧ କରି ସେମାନଙ୍କ ଧନ ଅପହରଣ କରିବା ଅଥବା ମାରିପିଟି ଧନ ଛଡ଼େଇ ନେବା । ତାଙ୍କର ପ୍ରକୃତି ଥିଲା ପଶୁତୁଲ୍ୟ ଜୀବ ବଧ କରି ପରିବାର ସହିତ ମାଂସ ଭକ୍ଷଣ କରିବା । ମନୁଷ୍ୟ ଅନ୍ୟାୟ ଆଚରଣ କଲେ ତାହା ସ୍ୱଭାବରେ ପରିଣତ ହୋଇଯାଏ । ବାଲ୍ମିକିଙ୍କର ଜୀବନରେ ଠିକ୍ ଏହିପରି ଘଟିଥିଲା । ସେ ଏହି ନିନ୍ଦନୀୟ ହିଂସ୍ରକର୍ମ ବାଲ୍ୟ ଅବସ୍ଥାରୁ ଆଚରଣ କରୁଥିବାରୁ ଏହି ଭୟଙ୍କର ଜଘନ୍ୟ କର୍ମ ତାଙ୍କୁ ବ୍ୟଥା ଦେଉ ନ ଥିଲା । ସେ ଜଙ୍ଗଲୀ ଶୂଦ୍ରା କନ୍ୟାର ପାଣି ଗ୍ରହଣ କରିଥିଲେ । ତାଠାରୁ ସନ୍ତାନ ଉତ୍ପନ୍ନ ହେବାରୁ ତାଙ୍କ ପାଳନ ପୋଷଣାର୍ଥ ଅଧିକ ଜୀବ ବଧ କରିବାକୁ ପଡ଼ିଲା । ମନୁଷ୍ୟ ହିଂସା କରିବା ଦ୍ୱାରା ତା'ର ବିବେକ ବୁଦ୍ଧି ନଷ୍ଟ ହୋଇଯାଏ । ତା'ର ଶରୀର ଥାଏ ମନୁଷ୍ୟର, ଚେତନା ହୁଏ ପଶୁର । ତା' ଦୃଷ୍ଟିରେ ସାଧୁ-ସଜ୍ଜ, ଦେବତା-ବ୍ରାହ୍ମଣ ସବୁ ସମାନ, ତା'ର ଶିକାରର ପାତ୍ର ।

ଦିନେ ସପ୍ତଋଷି ସେହି ଜଙ୍ଗଲ ମାର୍ଗରେ ଯିବା ସମୟରେ ଦସ୍ୟୁ ଦୂରରୁ ଡାକିଲା, ''ଓ ପଥିକ, ଛିଡ଼ା ହୁଅ, ଅନ୍ୟଥା ଦେଖ, ଏହି ତୀରରେ ତୁମ ଶରୀର ବିଦ୍ଧ ହୋଇଯିବ ।'' ଏହା ଶୁଣି ସପ୍ତର୍ଷି ନିର୍ଭୟ ନିର୍ବିକାର ଚିତ୍ତରେ ଛିଡ଼ାହେଲେ । ଦସ୍ୟୁ ପାଖରେ ପହଞ୍ଚିଲା । କହିଲା, ''ତୁମ୍ଭ ପାଖରେ ଯାହାଅଛି ରଖିଦିଅ ।'' ଋଷି କହିଲେ, ''ଆମ୍ଭ ପାଖରେ ବଲ୍‌କଳ ବସ୍ତ୍ର ତଥା କମଣ୍ଡଳୁ ଛଡ଼ା ଆଉ କିଛି ନାହିଁ ।'' ଦସ୍ୟୁ – ''ଏସବୁ ରଖିଦିଅ ।'' ଋଷି – ''ଏହା ତୁ କ'ଣ କରିବୁ ?'' ଦସ୍ୟୁ – ''ଏହା ଦ୍ୱାରା ମୋ ପରିବାରର ପାଳନ ପୋଷଣ ହେବ ।'' ଋଷି – ''ପରିବାର ସକାଶେ ତୁ ଯେଉଁ ଜଘନ୍ୟ ପାପ କରୁଛୁ, ସେମାନେ କ'ଣ ସେ ପାପର ଭାଗୀ ହେବେ ?'' ଦସ୍ୟୁ – ''ନିଶ୍ଚୟ ହେବେ, ସେମାନେ ଯେ ଏହି ପାପାର୍ଜିତ ଧନ ଗ୍ରହଣ କରୁଛନ୍ତି ।'' ଋଷି – ''ଏହା ତୋର ନିଜର ଧାରଣା ନା ସେମାନଙ୍କୁ କେବେ ପଚାରିଛୁ ?'' ଦସ୍ୟୁ – ''ନା କେବେ ପଚାରି ନାହିଁ; କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ ସେମାନେ ମୋ ପାପର ଅବଶ୍ୟ ଭାଗୀ ହେବେ । କାରଣ ସେମାନେ ମୋର ଅତ୍ୟନ୍ତ ପ୍ରିୟ ।''

ଋଷି – ''ଏହାର ସତ୍ୟାସତ୍ୟ ଜାଣିବା ସକାଶେ ବର୍ତ୍ତମାନ ଯାଇ ପଚାରି ଆ ।''

ଦସ୍ୟୁ – ''ବାଃ ଖୁବ୍ ଚାଲାଖ, ମୁଁ ଘରକୁ ଗଲେ ତୁମେ ନ' ଚାରି ତେର ହୋଇଯିବ, ମୁଁ ତୁମ ଠକାମି ଜାଣେ ।''

କିନ୍ତୁ ଋଷିମାନଙ୍କ ଦର୍ଶନରେ ତା'ର ସଦ୍‌ବୁଦ୍ଧି ଉତ୍ପନ୍ନ ହେଲା, ସେ ଋଷିମାନଙ୍କ ଦୃଢ଼ ପ୍ରତିଜ୍ଞାରେ ବିଶ୍ୱାସ କରି ସେମାନଙ୍କୁ ଜଙ୍ଗଲ ମାର୍ଗରେ ଛାଡ଼ି ନିଜ ଘରକୁ ଯାଇ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାହା ପଚାରିଲା । ପ୍ରତ୍ୟେକ ବ୍ୟକ୍ତି ଉତ୍ତର ଦେଲେ, ''ତୋର କର୍ତ୍ତବ୍ୟ ଆମ୍ଭମାନଙ୍କୁ ପାଳନ କରିବା । ତୁ ଯଦି ଅସତ୍ ମାର୍ଗରେ ଧନ ଉପାର୍ଜନ କରୁଥାଉ, ସେହି ପାପ ତୋର, ସେଥିରେ ଆମ୍ଭେମାନେ ଭାଗୀ ନୋହୁ ।'' ''ପାପଂ ତବୈବତ୍ ସର୍ବଂ ବୟଂ ତୁ ଫଳଭାଗିନଃ (ନ ୧/୭୪, ଅଯୋଧ୍ୟା କାଣ୍ଡ, ଅଧ୍ୟାତ୍ମ ରାମାୟଣ) ।'' ଅର୍ଥାତ୍, ''ପାପ ତୁମକୁ ଲାଗିବ, ଆମ୍ଭେ କେବଳ ଧନ ଗ୍ରହଣ କରିବୁ ।''

ଏକଥା ଶୁଣିବା ମାତ୍ରେ ଦସ୍ୟୁର ହୃଦୟରେ ବଜ୍ରପାତ ହେଲା । ସେ ଭାବିଲା, ''ଯେଉଁମାନଙ୍କୁ ମୁଁ ପ୍ରାଣରୁ ଅଧିକ ପ୍ରିୟ ମନେ କରିଥିଲି, ଯେଉଁମାନଙ୍କ ସକାଶେ ନୃଶଂସ ହୃଦୟରେ ମନୁଷ୍ୟ, ପଶୁ ବଧ କରିଛି, ସେମାନେ କେବଳ ସୁଖର ସାଥୀ, ସ୍ୱାର୍ଥୀ । ମୋ ଦୁଃଖ, ପାପର ଭାଗୀ ନୁହନ୍ତି ! ହାୟରେ ବିଧାତା ! ଏ ସଂସାର ପରିବାର ସମ୍ବନ୍ଧ କ'ଣ ମିଥ୍ୟା-ମୋହ-ଜାଲର ବନ୍ଧନ ? ମୁଁ କେତେ ବଡ଼ ମୂର୍ଖ, ମୋହଗ୍ରସ୍ତ ପାପୀ । ନିଜର ସର୍ବନାଶ କରି ଯାହାକୁ ନିଜର ମନେ କରିଥିଲି ସେମାନେ ଯଥାର୍ଥରେ ପର ।'' ଏହା ଭାବି ବ୍ୟାକୁଳ ହୋଇ ଋଷିମାନଙ୍କ ପାଖକୁ ଦୌଡ଼ି ଆସିଲା । ଶୋକରେ ହତଜ୍ଞାନ ହୋଇ ସେମାନଙ୍କ ଚରଣରେ ପଡ଼ିଗଲା । ନେତ୍ରରୁ ବ୍ୟଥା ଶୋକାଶ୍ରୁ ପ୍ରବାହିତ ହେଉଥାଏ;

କଣ୍ଠରୁଦ୍ଧ, ଅସ୍ପଷ୍ଟ ଭୟତ୍ରସ୍ତ ସ୍ୱରରେ କହିଲା, ''ମୋତେ ରକ୍ଷା କର, ମୋର ଉଦ୍ଧାର ମାର୍ଗ ବତାଅ । ହେ ଋଷିବର ମୋ ପରି ଘୋର ପାପୀର କ'ଣ ଉଦ୍ଧାର ନାହିଁ ?''

ଋଷିମାନଙ୍କର ନିଜ ପର କେହି ନ ଥାଏ । ସେମାନେ ଜ୍ଞାନୀ, ଭଗବତ୍ ଭକ୍ତ, ଭଗବାନଙ୍କ ସଙ୍ଗେ ଏକ, ଭଗବାନଙ୍କ ଯନ୍ତ୍ର । ସେମାନେ ପ୍ରାଣୀମାନଙ୍କ ମଧ୍ୟରେ ଭଗବାନଙ୍କୁ ଦେଖନ୍ତି । ସେଥିପାଇଁ ସେମାନଙ୍କ ହୃଦୟ ସଦୟ ଏବଂ କୃପାପୂର୍ଣ୍ଣ ଥାଏ । ସେମାନେ ସମସ୍ତଙ୍କର କଲ୍ୟାଣ ଚାହାନ୍ତି । ଦସ୍ୟୁର କଲ୍ୟାଣ ସେମାନଙ୍କ କାମ୍ୟ ଥିଲା । ସେହି ସକାଶେ ସେମାନଙ୍କ ଆଗମନ ହୋଇ ଥିଲା । ପୁଣି ତା'ର କରୁଣ କ୍ରନ୍ଦନ ଋଷିମାନଙ୍କ ହୃଦୟକୁ ଦ୍ରବିତ କରି ଦେଲା । ସେମାନେ ଦୟା ଓ ଆଶ୍ୱାସନାପୂର୍ଣ୍ଣ ବାକ୍ୟରେ କହିଲେ, ''ବତ୍ସ, ଉଠ । ତୋର କଲ୍ୟାଣ ସୁନିଶ୍ଚିତ ।'' ନିଜ କମଣ୍ଡଳୁରୁ ପବିତ୍ର ଜଳ ତା ଉପରେ ଛିଞ୍ଚିଦେଲେ ଏବଂ ପରସ୍ପର ବିଚାର କଲେ,— ''ଏହା ଦ୍ୱାରା କୌଣସି ଯୌଗିକ କ୍ରିୟା ଅନୁଷ୍ଠାନ ହେବା ସମ୍ଭବ ନୁହେଁ । କିନ୍ତୁ ଶୀଘ୍ର ପାପରୁ ମୁକ୍ତ ହୋଇ ଭଗବତ୍ ଜ୍ଞାନ, ଭକ୍ତି ପ୍ରାପ୍ତି ଏହା ସକାଶେ ଆବଶ୍ୟକ । ଅତଏବ ପାପ ସ୍ତୂପକୁ ଜଳାଇବାକୁ ଅଗ୍ନି ସଦୃଶ ସର୍ବସୁଲଭ ଏବଂ ଉତ୍କୃଷ୍ଟ ଶକ୍ତିଶାଳୀ ସାଧନ ଭଗବତ୍ ନାମ । ଏହାକୁ ନାମ ଉପଦେଶ ଦେବା ଉଚିତ ।'' ଏହା ନିର୍ଣ୍ଣୟ କରି ତାକୁ ''ରାମ'' ନାମ ଜପର ଉପଦେଶ ଦେଲେ । କିନ୍ତୁ ତାଙ୍କର ପାପ ଏତେ ପ୍ରବଳ ଥିଲା ଯେ ସେ 'ରାମ' ନାମ ଉଚ୍ଚାରଣ କରିପାରିଲେ ନାହିଁ । ଶେଷରେ 'ରାମ'ର ବିପରୀତ 'ମରା' ଜପ କରିବାକୁ ଋଷିମାନେ କହିଲେ । ତାଙ୍କର ମାର କାଟ କରିବାର ଅଭ୍ୟାସ ଥିଲା, ତେଣୁ ସେ 'ମରା' ସହଜରେ କହିପାରିଲେ । ଯଦ୍ୟପି ରାମର ଓଲଟା ନାମ 'ମରା' ତଥାପି ଅକ୍ଷରରେ କୌଣସି ଭିନ୍ନତା ନାହିଁ । ଫେରେ କେତେଥର 'ମରା' 'ମରା' କହିବା ପରେ ସ୍ୱତଃ 'ରାମ' ଶବ୍ଦରେ ପରିଣତ ହୁଏ । ତା'ପରେ ମନ ଏକାଗ୍ରତା ସହିତ ଜପର ବିଧାନ ଋଷିମାନେ କହିଦେଲେ ଏବଂ ସେମାନଙ୍କ ଫେରିବା ପର୍ଯ୍ୟନ୍ତ ସେହି ସ୍ଥାନରେ ବସି ନାମ ଜପ କରିବାର ଆଦେଶ ଦେଇ ସେମାନେ ପ୍ରସ୍ଥାନ କଲେ । ଭଗବତ୍ ନାମର ଅପାର ଶକ୍ତି । ଗୋସ୍ୱାମୀ ତୁଳସୀଦାସ କହିଛନ୍ତି, ''ରାମ ନାମ୍ କହି ନାମଗୁଣ ଗାଇ''— ଅର୍ଥାତ୍ ଶ୍ରୀରାମ ନିଜେ ନାମର ମହିମା ବର୍ଣ୍ଣନା କରିବାରେ ସମର୍ଥ ନୁହନ୍ତି ।

ଏପରି ଦୁରାଚାରୀ ବ୍ୟକ୍ତି ହୋଇ ବି ନାମ ଜପ କରିବା ଦ୍ୱାରା ତାଙ୍କର ସମସ୍ତ ପାପ ନଷ୍ଟ ହୋଇଗଲା । ତାଙ୍କ ହୃଦୟ-ମନ୍ଦିର ଶୁଦ୍ଧ, ପବିତ୍ର ହେବାରୁ ଶ୍ରୀରାମଚନ୍ଦ୍ର ପ୍ରଘଟ ହେଲେ । ଶ୍ରୀରାମଙ୍କ ଶ୍ୟାମ ଲାବଣ୍ୟ ରୂପ-ମାଧୁରୀରେ ତାଙ୍କ ସମସ୍ତ ଇନ୍ଦ୍ରିୟ ବିଲୀନ ହୋଇଗଲା । ସେ ସମାଧିସ୍ଥ ହୋଇଗଲେ । ଭଗବତ୍ ପ୍ରେମଭକ୍ତି ଦିବ୍ୟାନନ୍ଦରେ ତାଙ୍କ ଚେତନା ଏପରି ନିମଜ୍ଜିତ ହେଲା ଯେ ତାଙ୍କର ଶରୀର-ଜ୍ଞାନ ରହିଲା ନାହିଁ । ସେହି ବ୍ରହ୍ମାନନ୍ଦର ପ୍ରଭାବ ମନ-ପ୍ରାଣ-ଶରୀରରେ ଅତି ମାତ୍ରାରେ ପଡ଼ିବାରୁ ତାହା ମଧ୍ୟ ବ୍ରହ୍ମମୟ ହୋଇଗଲା । ଶରୀର ଉପରେ ଉଇ ହୁଙ୍କା ହୋଇଗଲା । କିନ୍ତୁ ଋଷିଙ୍କୁ ଶରୀରର କୌଣସି ଜ୍ଞାନ ନ ଥିଲା । ଏହିପରି ଋଷି ଦିବ୍ୟାନନ୍ଦ ସମାଧି ଅବସ୍ଥାରେ କେତେଶହ ବର୍ଷ ରହିବା ପରେ ଦିନେ ସପ୍ତର୍ଷି ସେଠାରେ ପହଞ୍ଚି ଉଇହୁଙ୍କା ଭାଙ୍ଗିଦେଲେ ଏବଂ ଋଷିଙ୍କ ସମାଧି ଭଙ୍ଗକରି ତାଙ୍କୁ ଜାଗ୍ରତ କରି ତାଙ୍କ ନାମ 'ବାଲ୍ମୀକି' ରଖିଲେ । ଏହି ଚରିତ ବର୍ଣ୍ଣନ ହୋଇଛି ଅଧ୍ୟାତ୍ମ ରାମାୟଣ ସର୍ଗ ୬, ଶ୍ଲୋକ ୬୪ରୁ ୮୮ରେ ।

ଉଲଟା ନାମ ଜପତ ଜଗଜାନା ।
ବାଲମିକ ଭଏ ବ୍ରହ୍ମ ସମାନା ॥

— ରାମଚରିତ-ମାନସ

''ସମସ୍ତ ସଂସାର ଲୋକ ଜାଣନ୍ତି ବାଲ୍ମୀକି ଓଲଟା ନାମ ଜପ କରି ବ୍ରହ୍ମ ସମାନ ହୋଇଛନ୍ତି ।''

ମରା, ମରା, ଜପତ ମୁନିସ ପରଂବ୍ରହ୍ମ ଭୟୋ ।
ରାମ, ରାମ ଜପତ ନ ଜାନେ କୌନ ପଦହେ ।

— 'ହରିନାମ ସୁମରାନି'

'' 'ମରା', 'ମରା' ଜପ କରି ଶ୍ରେଷ୍ଠମୁନି ବାଲ୍ମୀକି ବ୍ରହ୍ମ ସଦୃଶ ହେଲେ, 'ରାମ' 'ରାମ' ଜପ କଲେ ବ୍ୟକ୍ତିକୁ କେଉଁପଦ ମିଳିବ ତାହା ମୁଁ ଜାଣେ ନାହିଁ।''

ନାରଦଙ୍କ ଉପାଖ୍ୟାନ

ନାରଦଙ୍କ ଗତି ଅବ୍ୟାହତ। ତାଙ୍କ ସକାଶେ କେଉଁଠି ପ୍ରବେଶ ନିଷେଧ ନ ଥାଏ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ବୈକୁଣ୍ଠରେ ସେ ଭ୍ରମଣ କରୁଥାଆନ୍ତି। ହାତରେ ବୀଣା, ମୁଖରେ ଭଗବତ୍ ନାମ ଗୁଣ ଗାନ, ଚେତନା ଭଗବତ୍ ଚେତନାରେ ଲୀନ, ଦିବ୍ୟାନନ୍ଦରେ ସେ ସର୍ବଦା ମତ୍ତ। ଭୟ ବୋଲି କ'ଣ ସେ ଜାଣନ୍ତି ନାହିଁ। ତାଙ୍କର ଶତ୍ରୁ ମିତ୍ର ନ ଥା'ନ୍ତି। ସମସ୍ତେ ପ୍ରିୟ। ଏପରିକି ଭଗବାନଙ୍କ ବୈରୀ ଅସୁରମାନେ ତାଙ୍କୁ ପୂଜା କରନ୍ତି। ତିନି ଲୋକର ଖବର ତାଙ୍କ ପାଖରେ। ଅନ୍ୟର କଲ୍ୟାଣ କରିବା ତାଙ୍କ ଜୀବନର ବ୍ରତ। ତାଙ୍କର ପ୍ରତ୍ୟେକ କର୍ମର ପଶ୍ଚାତରେ ପରର ହିତ ଥାଏ। ଯେଉଁ ଅସୁରକୁ ମରାଇବାର ପ୍ରେରଣା ଦିଅନ୍ତି ସେଥିରେ ବି ତାଙ୍କର ଦୟା। ସେ ତ୍ରିକାଳଦର୍ଶୀ। ଭଗବତ୍ ଭକ୍ତଙ୍କୁ ସାହାଯ୍ୟ ନ କରି ରହି ପାରନ୍ତି ନାହିଁ। ଧ୍ରୁବ, ପ୍ରହ୍ଲାଦ ଅଥବା ଯେ କେହି ଭକ୍ତ ଭଗବାନଙ୍କ ଅନ୍ୱେଷଣରେ ବାହାରି ଥିଲେ, ନାରଦ ରାସ୍ତାରେ ଭେଟିଥିଲେ ଓ ଉପଦେଶ ଦେଇଥିଲେ ସେହିମାନଙ୍କୁ।

ମହର୍ଷି ବ୍ୟାସଦେବ ପଶ୍ଚାତ୍ତାପ ଏବଂ ଅନୁତାପରେ ନିମଗ୍ନ। ସେ କେତେ ଶାସ୍ତ୍ର, ପୁରାଣ ରଚନା କରି ସାରିଛନ୍ତି; ଯମ, ନିୟମ, ଆସନ, ପ୍ରାଣାୟାମ ଆଦି କେତେ କଠୋର ଯୌଗିକ ସାଧନା ସମାପ୍ତ କରିଛନ୍ତି। କିନ୍ତୁ ମନୋନୁରୂପ ଶାନ୍ତି, ସନ୍ତୋଷ ଭଗବତ୍ ଆନନ୍ଦର କିଛି ଅଂଶରେ ଅଭାବ ନିଜ ଅନ୍ତରରେ ଅନୁଭବ କରୁଛନ୍ତି। ସେହି ସକାଶେ ସେ ଦୁଃଖିତ। ବ୍ୟାସଦେବଙ୍କୁ ଦିବ୍ୟାନନ୍ଦ ପ୍ରାପ୍ତିରେ ସାହାଯ୍ୟ କରିବା ସୁଅବସରରୁ ନାରଦ ବଞ୍ଚିତ ରହିବେ କିପରି ? ତାଙ୍କୁ ଆମ ପରି ଚାଲି ଯିବାକୁ ହୁଏ ନାହିଁ; ସଂକଳ୍ପ କରିବା ମାତ୍ରେ ପହଞ୍ଚି ଯାଆନ୍ତି। ସେଥିପାଇଁ ତାଙ୍କ ନାମ ମନଜାନୀ। କଥାରେ କଥାରେ ସେ ବ୍ୟାସଦେବଙ୍କ ପାଖରେ ଉପସ୍ଥିତ।

ନାରଦଙ୍କ ଦର୍ଶନରେ ବ୍ୟାସଦେବ ଆନନ୍ଦ ହୋଇ ଅଭିବାଦନ ପୂର୍ବକ ତାଙ୍କୁ ସୁନ୍ଦର ଆସନ ଦେଲେ। ସେ ବସି କୁଶଳ ପ୍ରଶ୍ନର ପ୍ରସଙ୍ଗରେ କହିଲେ, ''ମହାମୁନେ, ତୁମେ ବିମର୍ଷ ହୋଇ ବସିଛ କାହିଁକି ?''

ବ୍ୟାସଦେବ – ନାରଦଜି, ମୁଁ ଏତେ ଶାସ୍ତ୍ର ପୁରାଣ ରଚନା କରିଛି, କେତେ ସାଧନା ନିର୍ବିଘ୍ନରେ ସମାପ୍ତ କରିଛି କିନ୍ତୁ ଏପର୍ଯ୍ୟନ୍ତ ସନ୍ତୋଷଜନକ ଦିବ୍ୟାନନ୍ଦ ପ୍ରାପ୍ତ କରିପାରି ନାହିଁ। କିନ୍ତୁ ତୁମେ ଭଗବତ୍ ଦିବ୍ୟାନନ୍ଦରେ ସର୍ବଦା ନିମଗ୍ନ ରହୁଛ। ଏହା ତୁମ୍ଭଙ୍କୁ ପ୍ରାପ୍ତ ହେଲା କି ଉପାୟରେ ? ଯଦି ଗୁପ୍ତ ରଖିବା ଯୋଗ୍ୟ ନ ହୁଏ ତେବେ ଦୟାକରି କୁହ।

ନାରଦ – ବ୍ୟାସଦେବ, ମୋତେ ଭଗବତ୍ ପରମାନନ୍ଦ କିପରି ପ୍ରାପ୍ତ ହେଲା ମୁଁ ମୋର ପୂର୍ବଜନ୍ମ ବୃତ୍ତାନ୍ତରେ ପରେ କହିବି। ତୁମ୍ଭଙ୍କୁ ସନ୍ତୋଷଜନକ ଭଗବଦାନନ୍ଦ ପ୍ରାପ୍ତ ନ ହେବାର କାରଣ ପ୍ରଥମରେ ଶୁଣ :

ଭବତାନୁଦିତପ୍ରାୟଂ ୟଶୋ ଭଗବତୋଽମଲମ୍
ୟେନୈବାସୌ ନ ତୁଷ୍ୟେତ ମନ୍ୟେ ତଦ୍ଦର୍ଶନଂ ଖିଲମ୍

– ଭାଗବତ, ପ୍ରଥମସ୍କନ୍ଧ, ଅଧ୍ୟାୟ ୫, ଶ୍ଲୋକ ୮।

''ବ୍ୟାସଦେବ, ତୁମ୍ଭେ ଭଗବାନଙ୍କ ନିର୍ମଳ ଯଶୋଗାନ ପ୍ରାୟ କରି ନାହଁ। ଯେଉଁଥିରେ ଭଗବାନ୍ ସନ୍ତୁଷ୍ଟ ହୁଅନ୍ତି ନାହିଁ ସେ ଶାସ୍ତ୍ର ବା ଜ୍ଞାନ ଅପୂର୍ଣ୍ଣ, ଏହା ମୋର ଧାରଣା।''

ଭୋ ମୁନି ସତ୍ୟ ଏ ବଚନ । ତେଣୁ ସନ୍ତୋଷ ନୁହେଁ ମନ ॥
କୃଷ୍ଣ ନିର୍ମଳ ଯଶ ଗୁଣ । ଯେଣୁ ନ କଲ ଉଚ୍ଚାରଣ ॥
ଯେ ଧର୍ମ୍ମେ କୃଷ୍ଣ ତୋଷ ନୋହିଁ । ସେ ଧର୍ମ ନିଉନ ଅଟଇ ॥

ଏତତ୍ସଂସୂଚିତମଂ ବ୍ରହ୍ମଂସ୍ତାପତ୍ରୟ ଚିକିତ୍ସିତମ୍
ଯଦୀଶ୍ୱରେ ଭଗବତି କର୍ମ ବ୍ରହ୍ମଣୀ ଭାବିତମ୍ ॥୩୨॥

''ପୁରୁଷୋତ୍ତମ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସମସ୍ତ କର୍ମ ସମର୍ପଣ କରିଦେବାହିଁ ସଂସାରର ତିନି ତାପର ଏକମାତ୍ର ଔଷଧ । ଏହା ମୁଁ ତୁମ୍ଭଙ୍କୁ କହିଛି ।''

ଯେ ପୁଣ୍ୟ ବେଦମାର୍ଗେ କରେ । ସକାମଚିତ୍ତେ ଫଳ ଧରେ ॥
ହରିଙ୍କି ନ କରେ ଅର୍ପଣ । ସେ ସର୍ବ ଫଳ ଅକାରଣ ॥

ବ୍ୟାସଦେବ, ତୁମ୍ଭେ ଶାସ୍ତ୍ର ପୁରାଣ ରଚନା କରିଅଛ ସତ ସୁତରାଂ ଭଗବତ ଚରିତ୍ର ବର୍ଣ୍ଣନ କରି ନାହଁ । ସେଥିପାଇଁ ତୁମ୍ଭଙ୍କୁ ପରମ ଶାନ୍ତି ପରମାନନ୍ଦ ପ୍ରାପ୍ତ ହୋଇ ନାହିଁ । ମନୁଷ୍ୟ ସମସ୍ତ ପ୍ରକାର ସାଧନ ସମ୍ପନ୍ନ, କାବ୍ୟ ରଚନାରେ ପ୍ରବୀଣ, ଜାଗତିକ ସମସ୍ତ କାର୍ଯ୍ୟରେ ଦକ୍ଷତା ପ୍ରାପ୍ତ କରେ, ବଡ଼ ବଡ଼ ଯଜ୍ଞାନୁଷ୍ଠାନ, ଦେଶସେବା, ପରୋପକାର, ଅନ୍ୟର ହିତସାଧନାର୍ଥେ ଔଷଧାଳୟ, ଅନ୍ନବସ୍ତ୍ର ଦାନାଦି ଉତ୍ତମକର୍ମ କରିବାରେ ତାଙ୍କୁ ଯଥାର୍ଥ ସୁଖ ଶାନ୍ତି ମିଳେ ନାହିଁ, ଯେପର୍ଯ୍ୟନ୍ତ ସେ ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ ନ କରେ, ଭଗବତ୍ ଗୁଣଗାନ ନ କରେ । ତୁମ୍ଭେ ଭାଗବତ ରଚନା କର ଯାହାକୁ ପଠନ ପାଠନ କରି ଅଗଣିତ ନରନାରୀ ଉଦ୍ଧାର ହେବେ । ଏବେ ମୋତେ ପରମାନନ୍ଦ ପ୍ରାପ୍ତିର ବିଷୟ ମୋ ପୂର୍ବଜନ୍ମ ବୃତ୍ତାନ୍ତରୁ ଶୁଣ ।

ନାରଦଙ୍କ ପୂର୍ବଜନ୍ମର ବୃତ୍ତାନ୍ତ

ବ୍ୟାସଦେବ, ମୁଁ ପୂର୍ବଜନ୍ମରେ ଜଣେ ବେଦବାଦୀ ବ୍ରାହ୍ମଣଙ୍କ ଦାସୀର ସନ୍ତାନ ଥିଲି । ସେ ବ୍ରାହ୍ମଣ ବେଦଜ୍ଞ ପଣ୍ଡିତ ତଥା ଭକ୍ତ ଥିଲେ । ଦୈବଯୋଗେ କେତେକ ମହାତ୍ମା ତାଙ୍କ ଗୃହରେ ପଦାର୍ପଣ କଲେ । ବ୍ରାହ୍ମଣ ତାଙ୍କୁ ଭକ୍ତିପୂର୍ଣ୍ଣ ସେବା ଦ୍ୱାରା ସନ୍ତୁଷ୍ଟ କରି ପ୍ରାର୍ଥନା କଲେ, ''ବର୍ତ୍ତମାନ ବର୍ଷାଋତୁର ଆଗମନ, କୃପାପୂର୍ବକ ଚତୁର୍ମାସ ବ୍ରତ ଏହିଠାରେ କରନ୍ତୁ ।'' ଅର୍ଥାତ୍ ବର୍ଷା ଋତୁରେ ଏହିଠାରେ ନିବାସ କରନ୍ତୁ । ମହାତ୍ମାମାନେ ତାଙ୍କ ପ୍ରାର୍ଥନା ସ୍ୱୀକାର କରି ସେଠାରେ ନିବାସ କଲେ । ବ୍ରାହ୍ମଣ ସ୍ୱୟଂ ମହାତ୍ମାମାନଙ୍କ ସେବା କାର୍ଯ୍ୟରେ ତତ୍ପର ରହୁଥିଲେ । ସେହି ସମୟରେ ମୋତେ ମଧ୍ୟ ମହାତ୍ମାମାନଙ୍କ ସେବାରେ ସୌଭାଗ୍ୟ ପ୍ରାପ୍ତ ହେଲା ମୁଁ ଯଦ୍ୟପି ପାଞ୍ଚବର୍ଷର ବାଳକ ଥିଲି ତଥାପି ମୋର ଚପଳତା ନ ଥିଲା । ମୁଁ ଖେଳାଖେଳି କରୁ ନ ଥିଲି । ବହୁତ କମ୍ କଥା କହୁଥିଲି ଓ ସେମାନଙ୍କ ସକାଶେ ଦାନ୍ତକାଠି ଆଣି ଦେଉଥିଲି । ସେମାନେ ସ୍ନାନ କରିବାକୁ ଯିବା ସମୟରେ ସେମାନଙ୍କ କମଣ୍ଡଳୁ ଉଠାଇ ତାଙ୍କ ହାତରେ ଦେଇ ଦେଉଥିଲି । ମୋର ଶାନ୍ତ ସ୍ୱଭାବରେ ସେମାନେ ସନ୍ତୁଷ୍ଟ ଥିଲେ । ସେମାନଙ୍କ ଭୋଜନ ପରେ ସେମାନଙ୍କ ଆଜ୍ଞାପ୍ରାପ୍ତ କରି ଶେଷରେ ବଞ୍ଚି ରହିଥିବା ଉଚ୍ଛିଷ୍ଟ ଭୋଜନ କରୁଥିଲି । ସନ୍ଥମାନଙ୍କ ସେବା ତଥା ସେମାନଙ୍କ ଉଚ୍ଛିଷ୍ଟ ଭୋଜନରେ ମୋ ହୃଦୟ, ମନ ଶୁଦ୍ଧ ହୋଇଗଲା । ସେମାନଙ୍କ ସଙ୍ଗରେ ରହି ସେମାନଙ୍କଠାରୁ ଭାଗବତ ଲୀଳା ଗୁଣଗାନ ଶୁଣି ଭଗବାନଙ୍କ ପ୍ରତି ମୋ ହୃଦୟରେ ଭକ୍ତି ଉତ୍ପନ୍ନ ହେଲା । ସେମାନଙ୍କ ଭଜନ ପୂଜନ ଦେଖି ସେହିପରି ଆଚରଣରେ ମୋର ସ୍ୱତଃ ପ୍ରବୃତ୍ତି ହେଲା ।

ସତ୍‌ସଙ୍ଗ ପ୍ରଭାବରୁ ମୋର ବିନୟ ସ୍ୱଭାବ ଥିଲା । ମୁଁ ଆଜ୍ଞାପାଳନରେ ତତ୍ପର ଥିଲି । ବାଳକ ପ୍ରତି ସ୍ନେହ ହେବା ସ୍ୱାଭାବିକ । ମୋର ସମସ୍ତ ସଦ୍‌ଗୁଣ ଦେଖି ମହାତ୍ମାମାନେ ମୋ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ଏହିପରି ସେମାନଙ୍କ ସେବାରେ ଚାରିମାସ ରହିଲି । ଯିବା ସମୟରେ ଦୀନବତ୍ସଳ ମୁନିମାନେ ମୋତେ ଭଗବତ୍ ଗୁପ୍ତତତ୍ତ୍ୱ ଉପଦେଶ ଦେଇ ପ୍ରସ୍ଥାନ କଲେ, ଯେଉଁ ଉପଦେଶ ପ୍ରାପ୍ତିରେ ମନୁଷ୍ୟ ସଂସାରର ମୋହ-ଜାଲରୁ ମୁକ୍ତ ହୋଇ ପରମପଦ ପ୍ରାପ୍ତ ହୋଇପାରେ ।

ମୋ ମନ ଭଗବାନଙ୍କ ଚରଣରେ ସ୍ଥିର ହୋଇଗଲା । କେବଳ ମା'ର ମୋହ-ବନ୍ଧନ ଯୋଗୁଁ ତା' ପାଖରେ ରହି ଭବିଷ୍ୟତ୍ ସମୟକୁ ଅପେକ୍ଷା କରୁଥିଲି । ମା' ସଂସାର ମାୟାରେ ବଦ୍ଧ ଥିଲା । ତା'ର ସଂସାରର ସମସ୍ତ ସ୍ନେହ-ମମତା ମୋଠାରେ ଏକତ୍ର ହୋଇଥିଲା । ମୋର ପାଳନପୋଷଣ ଉତ୍ତମରୁ ଉତ୍ତମରୂପେ କରିବାକୁ ଚାହୁଁଥିଲା । କିନ୍ତୁ ଅନ୍ୟର ସେବିକା ଥିବାରୁ ସେ କରିପାରୁ ନ ଥିଲା । ରାତ୍ରିରେ ଥରେ ସେ ଗାଈ ଦୁହିଁବାକୁ ଯିବା ସମୟରେ ତାକୁ ସର୍ପ ଦଂଶନ କଲା । ତା'ର ମୃତ୍ୟୁ ସଙ୍ଗେ ସଙ୍ଗେ ମୋର ସମସ୍ତ ବନ୍ଧନ ଛିନ୍ନ ହେଲା ।

ଭଗବାନଙ୍କୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ମୁଁ ଘରୁ ବାହାରି କେତେ ଗ୍ରାମ, ନଗର ଅତିକ୍ରମ କରି ଗୋଟିଏ ଘୋର ଜଙ୍ଗଲରେ ପ୍ରବେଶ କଲି । କ୍ଷୁଧା ପିପାସାରେ ପଥଯାତ୍ରା ଯୋଗୁଁ ବହୁତ ଦୁର୍ବଳ ଅନୁଭବ କଲି । ବନ ମଧ୍ୟସ୍ଥ ଗୋଟିଏ ନଦୀ ଦେଖି ସେଥିରେ ସ୍ନାନ କରି ଜଳପାନ କରିବାରୁ ପଥଶ୍ରାନ୍ତି ଦୂର ହୋଇଗଲା । ସେହି ନଦୀ ନିକଟରେ ଥିବା ଅଶ୍ୱତ୍‌ଥ ବୃକ୍ଷ ମୂଳେ ବସି ମହାତ୍ମାମାନଙ୍କ ଉପଦେଶ ଅନୁସାରେ ହୃଦୟରେ ଭଗବତ୍ ମୂର୍ତ୍ତିର ଧ୍ୟାନପୂର୍ବକ ମନ୍ତ୍ର ଜପ କଲି । ଭଗବତ୍ ଭକ୍ତିରେ ନେତ୍ରରୁ ପ୍ରେମାଶ୍ରୁ ଧାରା ପ୍ରବାହିତ ହେଲା । କଣ୍ଠ ରୁଦ୍ଧ ହୋଇଗଲା; ରୋମାଞ୍ଚ, କମ୍ପ ଆଦି ସାତ୍ତ୍ୱିକ ଭାବ ଶରୀରରେ ପ୍ରକାଶ ହେଲା । ଭଗବତ୍ ଦର୍ଶନ ସକାଶେ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ଭଗବାନ୍ କରୁଣାମୟ ଦୀନବତ୍ସଳ । ମୋ ବ୍ୟାକୁଳତା ଆଉ ସେ ସହି ପାରିଲେ ନାହିଁ । ମୋ ହୃଦୟ ମନ୍ଦିରରେ ତାଙ୍କ ଦିବ୍ୟ ସ୍ୱରୂପରେ ସେ ପ୍ରଘଟ ହେଲେ ।

''ନିର୍ଜ୍ଜନ ବନେ ନଦୀକୂଳେ । ବସି ଅଶ୍ୱତ୍‌ଥ ତରୁମୂଳେ ॥
କୃଷ୍ଣର ପାଦପଦ୍ମ ଯୁଗେ । ଧ୍ୟାନେ ଚିନ୍ତଇ ଦୃଢ଼ ମାର୍ଗେ ॥
ଉତ୍କଣ୍ଠା ଗଦ୍‌ଗଦ ବଚନ । ଅଶ୍ରୁଜଳରେ ନେତ୍ର ପୂର୍ଣ୍ଣ ॥
ତକ୍ଷଣେ ପରମ ଆନନ୍ଦେ । ହରି ବିଜୟ ମୋର ହୃଦେ ॥

ଅତ୍ୟନ୍ତ ପ୍ରେମଭରେ ଦେହେ । ଉଦ୍‌ଗମ ହେଲେ ତନୁ ରୁହେ ॥
ଆନନ୍ଦସାଗରେ ବୁଡ଼ିଲି । ଉଭୟ ଲୋକ ନ ଜାଣିଲି ॥
ରୂପେ କି ଦେବା ପଟାନ୍ତର । ମନ ବଚନ ଅଗୋଚର ॥''

— ଭାଗବତ, ୧୬ । ୧୭

ଭଗବାନଙ୍କ ଦର୍ଶନରେ ମୁଁ ଆନନ୍ଦ ବିଭୋର ହୋଇ ପଡ଼ିଲି । କିନ୍ତୁ ଖୁବ୍ ଅଳ୍ପ ସମୟ ପରେ ଭଗବାନଙ୍କ ସେହି ଦିବ୍ୟ ସ୍ୱରୂପ ଅନ୍ତର୍ଦ୍ଧାନ ହୋଇଗଲା । ସେହି ଦିବ୍ୟ ସ୍ୱରୂପ ନ ଦେଖି ମୁଁ ଅତ୍ୟନ୍ତ ବ୍ୟାକୁଳ ହୋଇ ପଡ଼ିଲି । ବାରଂବାର ସମାହିତ ଚିତ୍ତରେ ଚେଷ୍ଟା କରିବାରେ ମଧ୍ୟ ଆଉ ଭଗବାନଙ୍କୁ ନ ଦେଖି ଶୋକରେ ବିହ୍ୱଳ ହୋଇଗଲି । ଭଗବାନ୍ ଆକାଶ ବାଣୀରେ କହିଲେ, ''ବତ୍ସ, ଅଳ୍ପକାଳ ସଚ୍ଛସେବା ପ୍ରଭାବରେ ତୋ ହୃଦୟ ପବିତ୍ର ହୋଇ ଯାଇଥିଲା । ତୋ ଉତ୍ସାହ ବୃଦ୍ଧି କରିବାକୁ ମୁଁ ଦର୍ଶନ ଦେଲି । ମୋତେ ପ୍ରାପ୍ତ କରିବାର ତୋର ଏହି ଯେଉଁ ଦୃଢ଼ ସଂକଳ୍ପ କେବେ ନଷ୍ଟ ହେବ ନାହିଁ । ସୃଷ୍ଟି ପ୍ରଳୟ ହେଲେ ମଧ୍ୟ ମୋ କୃପାରେ ତୋର ମୋ ସ୍ମରଣ ବରାବର ରହିବ । ଏହି ଶରୀର ତ୍ୟାଗ କରିବା ପରେ ତୁ ମୋର ପାର୍ଷଦ ହୋଇ ମୋ ପାଖରେ ରହିବୁ ।

''ମତିର୍ମୟି ନିବଦ୍ଧେୟଂ ନ ବିପଦ୍ୟେତ କର୍ହିଚିତ୍
ପ୍ରଜାସର୍ଗ ନିରୋଧେଽପି ସ୍ମୃତି ଚ ମଦନୁଗ୍ରହାତ୍ । ୨୫ ।''

— ଭାଗବତ, ଷଷ୍ଠ ଅଧ୍ୟାୟ ।

''ମୋର ସେବକ ସେବା ଫଳେ । ତେଣୁ ଦେଖିଲୁ ମୋତେ ତୋଳେ ॥
ମୁଁ ଯାର ଚିତ୍ତେ ନିତ୍ୟ ଥାଇ । ତା ହୃଦେ ଅମଙ୍ଗଳ କାହିଁ ॥
ଏବେ ସାଧୁଙ୍କ ସେବା କରି । ଦୀର୍ଘ ଜୀବନ ଦେହେ ଧରି ॥
ଦୃଢ଼ ଭକତି ମୋର ପାଦେ । ଚିତ୍ତେ ପ୍ରସାରୁ ଅପ୍ରମାଦେ ॥
ଏ ଦେହ ଛାଡ଼ି ମୋର ଧାନେ । ଅନ୍ତେ ମିଳିବୁ ମୋ ଭୁବନେ ॥
ମୋର ବିଷୟେ ତୋର ମତି । କେବେହେଁ ନୋହିବ ଦୁର୍ଗତି ॥
ସୃଷ୍ଟି ପ୍ରଳୟ ବାଧା ଯେତେ । କେବେହେଁ ନ ଲାଗିବ ତୋତେ ॥''

— ଭାଗବତ, ଷଷ୍ଠ ଅଧ୍ୟାୟ ।

ଭଗବାନ୍ ଏହା କହି ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନଙ୍କ ଭଜନ ଧ୍ୟାନ ସତ୍‌ସଙ୍ଗରେ ବହୁତ ବର୍ଷ ବ୍ୟତୀତ କଲି । ଠିକ୍ ସମୟରେ ଅକ୍ଲେଶରେ ଶରୀର ତ୍ୟାଗ କରି ଭଗବତ୍ ଧାମ ପ୍ରାପ୍ତ ହେଲି । ପରେ ନୂତନ ସୃଷ୍ଟି ସମୟରେ ବ୍ରହ୍ମାଙ୍କ ମାନସ ପୁତ୍ର ରୂପେ ଜନ୍ମ ହୋଇ ସମଗ୍ର ସଂସାର ବିଚରଣ କରୁଅଛି । ସତ୍‌ସଙ୍ଗ ପ୍ରଭାବରୁ ଭଗବାନଙ୍କ ଚରଣରେ ଅଚଳା ଭକ୍ତି, ପରମ ଜ୍ଞାନ ପ୍ରାପ୍ତ ହୋଇ ଥିବାରୁ ସଂସାର ବ୍ୟଥା ମୋତେ ସ୍ପର୍ଶ କରି ପାରେ ନାହିଁ, ଅବାଧରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ବୈକୁଣ୍ଠାଦି ସ୍ଥାନରେ ବିଚରଣ କରୁଥାଏ ।

ବ୍ୟାସଦେବ ତୁମେ ଭାଗବତ ରଚନା କର । ତୁମର ଗ୍ଲାନି ଦୂର ହୋଇଯିବ ।

ଅଗସ୍ତ୍ୟ

ଅଗସ୍ତ୍ୟ ମାତା ଗର୍ଭରୁ ଜାତ ହୋଇ ନ ଥିଲେ । ଅଗସ୍ତ୍ୟ ମିତ୍ର ବରୁଣଙ୍କ ତେଜଃ ଦ୍ୱାରା ଘଟ (କଳସ)ରୁ ଜାତ ହୋଇଥିଲେ । କିନ୍ତୁ ସତ୍‌ସଙ୍ଗ ପ୍ରଭାବରେ ସେ ଏତେ ମହାନ୍ ଋଷି ହେଲେ ଯେ ତାଙ୍କ ସତ୍‌ସଙ୍ଗ ସକାଶେ ଭଗବାନ୍ ଶଙ୍କର କେବେ କେବେ ତାଙ୍କ ପାଖକୁ ଯାଉଥିଲେ ।

ଗୋସ୍ୱାମୀ ତୁଳସୀ ଦାସ ତାଙ୍କ ରଚନା 'ରାମ ଚରିତ-ମାନସ' ରାମାୟଣରେ ସତ୍‌ସଙ୍ଗ ମହତ୍ତ୍ୱ ବର୍ଣ୍ଣନା କରିବା ସମୟରେ କହିଛନ୍ତି,

''ବିଧି ହରି, ହରି, କବି, ଗୋବିନ୍ଦ ବାଣୀ ।
କହତ ସାଧୁ ମହିମା ସକୁଚାନି ।
ସୋ ମୋସନ କହିଜାତନ କୈଶେ ।
ସାକ ବଣିକ ମଣି ଗୁଣଗଣ ଜୈସେ ।''

''ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, କବି ଶୁକ୍ରାଚାର୍ଯ୍ୟ, ପଣ୍ଡିତ ବୃହସ୍ପତି ତଥା ସରସ୍ୱତୀ, ସନ୍ଥମାନଙ୍କ ମହିମା କହିବାକୁ ସଙ୍କୋଚ କରନ୍ତି । ଏପରି ସ୍ଥଳେ ସତ୍‌ସଙ୍ଗ ମହତ୍ତ୍ୱ କହିବାରେ ମୁଁ ଏପରି ଅସମର୍ଥ ଯେପରି ଶାଗ ବିକ୍ରି କରିବା ବ୍ୟକ୍ତି ମଣି ମାଣିକ୍ୟ ଗୁଣ ଜାଣିବାରେ ଅସମର୍ଥ ।''

ଏହା କହିବା ପରେ ତିନୋଟି ଉଦାହରଣ ଦେଲେ ଯଥା : ବାଲମିକ, ନାରଦ, ଅଗସ୍ତ୍ୟ ଋଷି । ଏମାନଙ୍କ ଜନ୍ମ, କର୍ମ, ସାମାଜିକ ଦୃଷ୍ଟିରେ ବହୁତ ନିମ୍ନ ଥିଲା । କିନ୍ତୁ ଏମାନେ ସତ୍‌ସଙ୍ଗ ପ୍ରଭାବରେ କିପରି ମହାନ୍ ଋଷି ହେଲେ ଏ ବିଷୟ ଆଲୋଚନା କରା ହେଲା ।

ବ୍ୟକ୍ତିର ଉନ୍ନତି ଓ ଅବନତିର କାରଣ ସଙ୍ଗ

ମନୁଷ୍ୟ ସଂସାରର ଗୋଟିଏ ଛୋଟ ଆକାରର ଅନ୍ୟ ରୂପ । ବିରାଟ ଭଗବାନଙ୍କ ମଧ୍ୟରେ ସମସ୍ତ ସଂସାର ବିଦ୍ୟମାନ ଥାଏ । ମନୁଷ୍ୟ ଭଗବାନଙ୍କ ଅଂଶ । ସଂସାରରେ ଭଲ ମନ୍ଦ ଯାହା ଥାଏ ମନୁଷ୍ୟ ମଧ୍ୟରେ ମଧ୍ୟ ବୀଜାକାରରେ ତାହାହିଁ ଥାଏ । ଲୋକେ କହନ୍ତି ''ଯାହା ବ୍ରହ୍ମାଣ୍ଡେ ତାହା ପିଣ୍ଡେ''– ଏହାର ସତ୍ୟତା ସକାଶେ ଶ୍ରୀକୃଷ୍ଣ ଯଶୋଦାଙ୍କୁ ନିଜ ମଧ୍ୟରେ ସମସ୍ତ ବ୍ରହ୍ମାଣ୍ଡକୁ ଦେଖାଇ ଦେଇଥିଲେ । ଯଥାର୍ଥରେ ମନୁଷ୍ୟ ମଧ୍ୟରେ ସୁପ୍ତଶକ୍ତି ସବୁ ଜାହାଜର ଜଳମଗ୍ନ ଭାଗ ସଦୃଶ ବହୁତ ବେଶୀ । ମନୁଷ୍ୟର ଅନ୍ତର୍ନିହିତ ଶକ୍ତି ତୁଳନାରେ ବାହ୍ୟମନ-ବିକାଶ ଜାହାଜର ଉପରିଭାଗ ସଦୃଶ ବହୁତ କମ୍ । ଅଧ୍ୟାତ୍ମ-ପ୍ରଯତ୍ନ ଦ୍ୱାରା ମନୁଷ୍ୟର ସମସ୍ତ ସୁପ୍ତଶକ୍ତି ଜାଗ୍ରତ ହୋଇପାରେ । ଅଧ୍ୟାତ୍ମ-ସାଧକମାନେ ସାଧନା କରନ୍ତି ବ୍ୟକ୍ତିଗତ ଭାବେ ନିଜେ । ନିଜକୁ ଯେତେଦୂର ସେମାନେ ବୁଝି ପାରନ୍ତି ସେହି ଅନୁପାତରେ ସଂସାରକୁ ମଧ୍ୟ ବୁଝିପାରନ୍ତି । କାରଣ ଯଥାର୍ଥରେ ମନୁଷ୍ୟ ବିଶ୍ୱର ଏକ ଅଂଶ ବିଶେଷ । ମନୁଷ୍ୟ ଶରୀର ନିର୍ମାଣ ହୋଇଛି ମନ, ପ୍ରାଣ, ଶରୀର ଏବଂ ଆତ୍ମାର ସଂଯୋଗରେ । ଏହିସବୁ ବିଶ୍ୱମନ, ବିଶ୍ୱପ୍ରାଣ, ବିଶ୍ୱ ସ୍ଥୂଳତତ୍ତ୍ୱ ବିଶ୍ୱ ଆତ୍ମାର ବ୍ୟଷ୍ଟିରୂପ । ଏହି ସକାଶେ ମନୁଷ୍ୟର ସଂସାର ସହିତ ଅଚ୍ଛେଦ୍ୟ, ଅଭେଦ୍ୟ ଏକତ୍ୱ । ପୁରାତନ ଯୋଗୀମାନେ ସଂସାରର ସମ୍ବନ୍ଧ କାଟି ଦେବାରୁ ତାଙ୍କର ବ୍ୟକ୍ତିଗତ ମୁକ୍ତି ହୁଏ । ପୂର୍ଣ୍ଣ ଯୋଗୀ ସଂସାର ସମ୍ବନ୍ଧ ନ କାଟିବାରୁ ଏକ ବ୍ୟକ୍ତି ମଧ୍ୟରେ ଯେଉଁ ରୂପାନ୍ତର ହୁଏ, ତାହା ସମସ୍ତ ବ୍ରହ୍ମାଣ୍ଡରେ ଘଟେ । ଏଠାରେ ଶରୀର ଓ ସଂସାର ଏକ ଏବଂ ପୂର୍ଣ୍ଣ ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରରେ ସଂସାର ରୂପାନ୍ତର, ଏହା ଏଠାରେ ଆମ୍ଭର ଆଲୋଚ୍ୟ ବିଷୟ ନୁହେଁ । ସେନେଇ ଏ ବିଷୟକୁ ଏହିଠାରେ ଛାଡ଼ିବା ।

ଆମ୍ଭର ଆଲୋଚ୍ୟ ବିଷୟ ହେଲା ସଂସାର ଯେପରି ଭାଗବତୀ ଶକ୍ତି ଏବଂ ଆସୁରୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ମନୁଷ୍ୟ ମଧ୍ୟ ସେହିପରି ଏହି ଦୁଇ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ସଂସାର ତଥା ବ୍ୟକ୍ତି ଭଗବାନଙ୍କ ସ୍ୱରୂପ । ଭଗବାନଙ୍କ ମଧ୍ୟରେ ଯେଉଁସବୁ ଶକ୍ତି ଥାଏ ତାହା ସମସ୍ତ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । କିନ୍ତୁ ସେହି ଭଗବାନଙ୍କ ଶକ୍ତି ସଂସାରରେ ଆସି ବିକୃତ ହୋଇଯାଏ । ସେହି କାରଣରୁ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ଭଲ ମନ୍ଦ ଦୁଇଟା ଶକ୍ତି କାର୍ଯ୍ୟ କରେ । ଭଗବାନଙ୍କ ସ୍ୱରୂପରେ ଶୁଦ୍ଧରୂପେ ସମସ୍ତ ଶକ୍ତି ଥାଏ । ଅର୍ଥାତ୍ କେବଳ ଭାଗବତୀ ଶକ୍ତି ଥାଏ, ଆସୁରୀ ଶକ୍ତି ନ ଥାଏ । ଭଗବାନଙ୍କ ମଧ୍ୟରେ ଜ୍ଞାନ, ଆନନ୍ଦାଦି ସମସ୍ତ ଶକ୍ତି ବିକଶିତ ଥାଏ, ସଂସାରରେ ତାହା ଥାଏ ସୁପ୍ତ । ଏହାହିଁ ଭଗବାନ୍ ଏବଂ ସଂସାର ମଧ୍ୟରେ ପ୍ରଭେଦ ।

ସଂସାରରେ ଦୁର୍ନୀତି, ମନୁଷ୍ୟ ମଧ୍ୟରେ ଯେଉଁ ଦୁର୍ଗୁଣ ଦେଖାଯାଏ ତାହା ଯଥାର୍ଥରେ ସଂସାର ତଥା ମନୁଷ୍ୟର ଶୁଦ୍ଧ ସ୍ୱରୂପ ନୁହେଁ । ତାହା ସଙ୍ଗ ପ୍ରଭାବରୁ ଦୂଷିତ ଏବଂ ବିକୃତ ହୋଇ ପ୍ରକାଶ ହୋଇଥାଏ । ସଂସାରରେ ଯେତେବେଳେ ଆସୁରୀଦୁର୍ଗୁଣବିଶିଷ୍ଟ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୁଏ ସେତେବେଳେ ସଂସାରରେ ଅଧିକ ଅତ୍ୟାଚାର ବଢ଼େ; ଯେତେବେଳେ ଭଗବାନଙ୍କ ଅବତାର କିଂବା ବୁଦ୍ଧ, ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ ଓଗେର ମହାପୁରୁଷଙ୍କ ଆବିର୍ଭାବ ହୁଏ ସେତେବେଳେ ସଂସାର ସ୍ୱର୍ଗତୁଲ୍ୟ ସୁଖ, ଶାନ୍ତି, ଆନନ୍ଦରେ ପ୍ରଫୁଲ୍ଲିତ ହୁଏ । ଠିକ୍ ସେହିପରି ମନୁଷ୍ୟ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ, ଏପରିକି ସମାଜ ଯାହାକୁ ସବୁଠାରୁ ନିକୃଷ୍ଟ ବ୍ୟକ୍ତି କହେ, ତାହା ମଧ୍ୟରେ ବି ସମସ୍ତ ଶକ୍ତି ସୁପ୍ତ ଥାଏ । ତାହା କେବଳ ବିକାଶ ହୁଏ ସତ୍‌ସଙ୍ଗ ଦ୍ୱାରା । ମନୁଷ୍ୟ ଜୀବନର ବିକାଶ ଏବଂ ପତନ ନିର୍ଭର କରେ ଏକମାତ୍ର ସଙ୍ଗ ଉପରେ । ଅଜାମିଳ ପରି ମନୁଷ୍ୟ କୁସଙ୍ଗରେ ମହାପାପୀ ହୋଇପାରେ, ସେହି ଅଜାମିଳ ପରି ମନୁଷ୍ୟ ସତ୍‌ସଙ୍ଗରେ ମହାନ୍ ପୁଣ୍ୟାତ୍ମା ହୋଇପାରେ ।

ଗ୍ରହ ଭେଷଜ ଜଲ ପଓ୍ୱନ
ପଟ ପାଇ କୁଯୋଗ ସୁଯୋଗ
ହୋହିଁ କୁବସ୍ତୁ ସୁବସ୍ତୁ ଜଗ
ଲଖହିଁ ସୁଲକ୍ଷଣ ଲୋଗ ।
– [ରାମଚରିତ-ମାନସ, ବାଳକାଣ୍ଡ ୭(କ)]

''ଗ୍ରହ, ଔଷଧ, ଜଳ, ପବନ, ବସ୍ତ୍ର କୁଯୋଗ ବା ସୁଯୋଗ ପାଇ କୁବସ୍ତୁ ବା ସୁବସ୍ତୁ ହୁଅନ୍ତି, ଏ ବିଷୟ ବିଚାରଶୀଳ ପୁରୁଷ ଜାଣନ୍ତି ।'' ନବଗ୍ରହ ମଧ୍ୟରୁ କୌଣସି ଗ୍ରହ କୌଣସି ସ୍ଥାନରେ ଉତ୍ତମ ଫଳ ଦିଅନ୍ତି । କିନ୍ତୁ ସେହି ଗ୍ରହ ଅନ୍ୟ ସ୍ଥାନରେ କିଂବା ଅନ୍ୟ ଗ୍ରହ ସଙ୍ଗରେ ରହିଲେ ଖରାପ ଫଳ ଦିଅନ୍ତି । ଔଷଧ ରୋଗ ଅନୁକୂଳ ଏବଂ ଅନୁପାନ ଠିକ୍ ହେଲେ ରୋଗୀ ରୋଗମୁକ୍ତ ହୁଏ, ଅନୁପାନ ବିପରୀତ ଔଷଧ ରୋଗର ପ୍ରତିକୂଳ ହେଲେ ସେହି ଔଷଧ ଦ୍ୱାରା ବ୍ୟକ୍ତିର ମୃତ୍ୟୁ ହୁଏ । ଜଳ ତୃଷାର୍ତ୍ତ ବ୍ୟକ୍ତିର ପ୍ରାଣ ରକ୍ଷା କରେ, ସେହି ଜଳ ବିଷ ସଙ୍ଗରେ ମନୁଷ୍ୟର ପ୍ରାଣ ନାଶ କରେ । ଜଳ ଔଷଧ ମିଶ୍ରିତ ହେଲେ ମୃତ୍ୟୁମୁଖୀ ରୋଗୀକୁ ଆରୋଗ୍ୟ କରେ, ଭଗବାନଙ୍କ ସଂସ୍ପର୍ଶରେ ଚରଣାମୃତ ହୁଏ, ବ୍ୟକ୍ତି ପବିତ୍ର ହେବା ଉଦ୍ଦେଶ୍ୟରେ ସେବନ କରନ୍ତି । ସେହି ଜଳ କ୍ଷତସ୍ଥାନ ସ୍ପର୍ଶ ଅଥବା ଅପବିତ୍ର ବସ୍ତୁର ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଘୃଣା କରନ୍ତି । ପ୍ରସ୍ଫୁଟିତ ସୁଗନ୍ଧ ପୁଷ୍ପ ଅଥବା ସୁବାସ ଦ୍ରବ୍ୟକୁ ସ୍ପର୍ଶ କରି ବାୟୁ ଆସିଲେ ବ୍ୟକ୍ତି ହର୍ଷ ସହିତ ସେବନ କରେ । ଦୁର୍ଗନ୍ଧ ବସ୍ତୁ ସଂସ୍ପର୍ଶ ବାୟୁ ଆସିବା ମାତ୍ରେ ମନୁଷ୍ୟ ନାକ ବନ୍ଦ କରି ପକାଏ । ଦେବତା ଅଥବା ଶ୍ରେଷ୍ଠ ମହାପୁରୁଷଙ୍କ ବସ୍ତ୍ରକୁ ବ୍ୟକ୍ତି ପ୍ରସାଦ ରୂପେ ଗ୍ରହଣ କରନ୍ତି । ସେହି ବସ୍ତ୍ର ଶବ ସଂସ୍ପର୍ଶରେ ଏପରି ଅପବିତ୍ର ହୁଏ ଯେ ତାକୁ ବ୍ୟକ୍ତି ଛୁଅନ୍ତି ନାହିଁ । ଏହିସବୁ ବସ୍ତୁ ଯେପରି ଭଲ ସଙ୍ଗରେ ମହାନ୍ ହୁଅନ୍ତି ସେହିପରି ମନ୍ଦ ସଙ୍ଗରେ ମହାନ୍ ନିକୃଷ୍ଟ ଏବଂ ତ୍ୟାଜ୍ୟ ହୁଅନ୍ତି । ଏହା କେବଳ ସଙ୍ଗର ପ୍ରଭାବ ।

ମନୁଷ୍ୟ ସଙ୍ଗ ପ୍ରଭାବରେ ଦେବତା ହୋଇପାରେ, ଅସୁର ମଧ୍ୟ ହୋଇପାରେ । ଏହା ପ୍ରତ୍ୟକ୍ଷ ରୂପେ ଆଜି ବି ଆମ୍ଭମାନଙ୍କ ସମ୍ମୁଖରେ ଘଟୁଅଛି । ମନୁଷ୍ୟ ମଧ୍ୟରେ ଯେଉଁସବୁ ଅସାଧାରଣ ଶକ୍ତି ଥାଏ ତାହା କେବଳ ସତ୍‌ସଙ୍ଗରେ ବିକାଶ ହୁଏ । ସଂସାରରେ ସବୁଠାରୁ ଯଥାର୍ଥରେ ଯେ ଶ୍ରେଷ୍ଠ ବ୍ୟକ୍ତି, ତାହାଠାରେ ଯେଉଁ ଶକ୍ତି ବିକାଶ ହୋଇଛି ତାହାଠାରୁ ଅଧିକ ଶକ୍ତି ଜଣେ ନିକମା ଅପଦାର୍ଥ ବ୍ୟକ୍ତି ମଧ୍ୟରେ ନିହିତ ଅଛି । କିନ୍ତୁ ତା'ର ସତ୍‌ସଙ୍ଗର ଅଭାବ ଏବଂ ପ୍ରଯତ୍ନର ଅଭାବରୁ ତା' ମଧ୍ୟସ୍ଥିତ ସୁପ୍ତ ଶକ୍ତି ବିକଶିତ ହୋଇପାରି ନାହିଁ ।

ସତ୍‌ସଙ୍ଗର ସ୍ୱରୂପ

ସତ୍‌ସଙ୍ଗ ତିନି ପ୍ରକାର । ପ୍ରଥମ ସତ୍‌ସଙ୍ଗ : ସତ୍ୟ ସ୍ୱରୂପ ଭଗବତ୍ ପ୍ରାପ୍ତି । ଏହାହିଁ ଦ୍ୱିତୀୟ ଏବଂ ତୃତୀୟ ପ୍ରକାର ସତ୍‌ସଙ୍ଗର ଫଳ । ଦ୍ୱିତୀୟ ଏବଂ ତୃତୀୟ ସତ୍‌ସଙ୍ଗ ପ୍ରଥମ ସତ୍‌ସଙ୍ଗ ଭଗବତ୍ ପ୍ରାପ୍ତିର ଉପାୟ ଅଥବା ସାଧନ । ଦ୍ୱିତୀୟ ସତ୍‌ସଙ୍ଗର ଅର୍ଥ : ଯେଉଁମାନେ ଭଗବତ୍ ପ୍ରାପ୍ତି କରିଥାଆନ୍ତି, ଭଗବତ୍ ଚେତନା ସଙ୍ଗେ ଏକ ହୋଇ ଥାଆନ୍ତି ସେମାନଙ୍କ ସଙ୍ଗ । ତଦ୍ଦ୍ୱାରା ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହୁଏ । ସେ ଭଗବତ୍ ପ୍ରାପ୍ତିର ଉପାୟ ସାଧନା କରିବାରେ ତତ୍ପର ହୁଏ । ତୃତୀୟ ସତ୍‌ସଙ୍ଗ : ଗୋଟିଏ ଗୋଷ୍ଠୀରେ କେତେଜଣ ଏକତ୍ର ହୋଇ ଭଗବତ୍ ଚରିତ୍ର, ନାମ, ଯଶଃ ବର୍ଣ୍ଣନ କରନ୍ତି ଅଥବା ସାମୂହିକ ରୂପେ ସାଧନା କରନ୍ତି କିଂବା କୌଣସି ବ୍ୟକ୍ତି ଦ୍ୱାରା ଭଗବତ୍ ଗୁଣ, ଚରିତ୍ର, ଭଗବତ ପ୍ରାପ୍ତିର ସାଧନା ବିଷୟ ଶୁଣନ୍ତି ।

ପ୍ରଥମ ସତ୍‌ସଙ୍ଗ ହେଲା, ଦ୍ୱିତୀୟ, ତୃତୀୟ ସତ୍‌ସଙ୍ଗର ଫଳ, ଅଥବା ସିଦ୍ଧି । ଦ୍ୱିତୀୟ ସତ୍‌ସଙ୍ଗ ସୁଲଭ ନୁହେଁ । ଭଗବତ୍ କୃପାରୁ କେବେ କେବେ ଅକସ୍ମାତ୍ ପ୍ରାପ୍ତ ହୁଏ ଅଥବା ପ୍ରୟାସ କରି ଅନ୍ୟ ସ୍ଥାନକୁ ଗଲେ ମିଳେ । କିନ୍ତୁ

ସବୁଠାରୁ ସହଜ ହେଉଛି ତୃତୀୟ ସତ୍‌ସଙ୍ଗ । ମନୁଷ୍ୟ ଯେଉଁଠାରେ ବାସ କରିଥାଏ ସେହିଠାରେ ସେ ଗୋଟିଏ ସତ୍‌ସଙ୍ଗ ଗୋଷ୍ଠୀ, ମଣ୍ଡଳୀ ଅଥବା କେନ୍ଦ୍ର ସ୍ଥାପନା କରିପାରେ । ଏହାଦ୍ୱାରା ପାରିପାର୍ଶ୍ୱିକ ବାତାବରଣ ଶୁଦ୍ଧ ପବିତ୍ର ହୁଏ; ନିକଟବର୍ତ୍ତୀ ସମ୍ପର୍କୀୟ ବ୍ୟକ୍ତିଙ୍କ ଉପରେ ବହୁତ ପ୍ରଭାବ ପଡ଼େ । ଏହାଦ୍ୱାରା ବହୁତ ସଂଖ୍ୟାରେ ବ୍ୟକ୍ତିଙ୍କର କଲ୍ୟାଣ ସାଧିତ ହୁଏ । ଏହି ତିନି ପ୍ରକାରର ସତ୍‌ସଙ୍ଗ ସବୁ ସମୟରେ କରାଯାଇପାରେ କିନ୍ତୁ ସବୁ ସମୟରେ ସଫଳ ହୁଏ ନାହିଁ; ନିର୍ଜୀବ, ଶକ୍ତିହୀନ, ନିଷ୍କ୍ରିୟ ହୋଇ ପଡ଼ିଥାଏ । କୌଣସି ସତ୍ୟ ଏହି ପୃଥିବୀରେ ସ୍ଥାପନା କରିବା ସକାଶେ ସ୍ୱୟଂ ଭଗବାନ୍ ଅଥବା ଭଗବାନଙ୍କ ନିର୍ଦ୍ଦେଶରେ କୌଣସି ମହାପୁରୁଷ ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀକୁ ଆସିଲେ ସତ୍‌ସଙ୍ଗ ଗୋଟିଏ ନୂତନ ରୂପ ନିଏ ଏବଂ ନିର୍ଜୀବ ହୋଇ ପଡ଼ିଥିବା ସତ୍‌ସଙ୍ଗରେ ଶକ୍ତି ସଞ୍ଚାର ହୁଏ । ଏହି ପୃଥିବୀରେ ଯେବେ ଏକ ମହାନ୍ ପରିବର୍ତ୍ତନ ଆସେ ଅର୍ଥାତ୍ ସଂସାର ଚେତନା ପୂର୍ଣ୍ଣରୂପେ ରୂପାନ୍ତର ହୁଏ, ସେତେବେଳେ ସତ୍‌ସଙ୍ଗ ମଧ୍ୟଦେଇ ଗୋଟିଏ ମହାନ୍ ଶକ୍ତି କ୍ରିୟା କରେ । ସେହି ପୂର୍ଣ୍ଣ ରୂପାନ୍ତର ସମୟହିଁ ଦେବ-ମୁହୂର୍ତ୍ତ । ସେହି ଦେବ ମୁହୂର୍ତ୍ତରେ ମନୁଷ୍ୟ ଜାଗ୍ରତ ନ ହେଲେ ମହାନ୍ ସୁଯୋଗ ହରାଏ ।

ବର୍ତ୍ତମାନ ସଂସାରରେ ଚେତନାର ପୂର୍ଣ୍ଣ ରୂପାନ୍ତରର ସମୟ । ସଂସାରରୁ ପୂର୍ଣ୍ଣତଃ ଦୁଃଖ ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ଅନୀତି, ଅତ୍ୟାଚାର ଦୂର ହେବାକୁ ଆରମ୍ଭ କରିବ । ସଂସାର ହେବ ସ୍ୱର୍ଗ, ମନୁଷ୍ୟ ହେବ ଦେବ-ମାନବ । କେତେକ ବ୍ୟକ୍ତି ଦେବ-ମାନବତ୍ୱ ଆଡ଼କୁ ଗତି କରିବା ଅନୁପାତରେ ସଂସାରରୁ ଦ୍ୱନ୍ଦ୍ୱ କ୍ରମଶଃ ନିବୃତ୍ତ ହେବାକୁ ଆରମ୍ଭ ହେବ । ଏହାହିଁ ହେବ ଦେବ-ମୁହୂର୍ତ୍ତର ଉଷାକାଳ । ଜାଗ୍ରତ ହେବାର ଅର୍ଥ : ଏହି ଯେଉଁ ଦେବ-ମୁହୂର୍ତ୍ତର ସତ୍ୟ ଆଗମନ ହୋଇଛି ତାହାକୁ ଗ୍ରହଣ କରିବାକୁ ପ୍ରଯତ୍ନ କରିବା । ଦେବ-ମୁହୂର୍ତ୍ତର ସତ୍ୟ ହେଉଛି ଅତିମାନସ, ଯାହାକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣିଅଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରାହିଁ ରୂପାନ୍ତର ସାଧିତ ହେବ ।

ଯେଉଁ ସମୟରେ ଯେଉଁ ଅବତାର ବା ମହାପୁରୁଷମାନେ ଏହି ସଂସାରକୁ ଆସି କୌଣସି ସତ୍ୟ ସ୍ଥାପନା କରନ୍ତି ସେହି ଅନୁସାରେ ସତ୍‌ସଙ୍ଗର ସ୍ୱରୂପ ହୁଏ । ପୁରାତନ ସତ୍‌ସଙ୍ଗ ଦ୍ୱାରା ସେ ସମୟରେ ସାମୂହିକରୂପେ ବ୍ୟକ୍ତିଙ୍କୁ ଲାଭ ହୁଏ ନାହିଁ । କାରଣ ସତ୍‌ସଙ୍ଗ ହୁଏ ସମୟାନୁରୂପ । ଶହେବର୍ଷ ପୂର୍ବେ, ପାଞ୍ଚଶହ ବର୍ଷ ପୂର୍ବେ ବା ହଜାର ବର୍ଷ ପୂର୍ବେ ମନୁଷ୍ୟର ଯେଉଁ ମନୋଭାବ, ପରିସ୍ଥିତି, ପାରିପାର୍ଶ୍ୱିକ ଅବସ୍ଥା, ଦେଶ ଦେଶ ପ୍ରତି ସମ୍ବନ୍ଧ ଥିଲା ତାହା ଆଜି ନାହିଁ । ବହୁତ ପରିବର୍ତ୍ତନ ହୋଇ ସାରିଛି । ସେତେବେଳେ ଯେଉଁ ବ୍ୟବସ୍ଥା ଥିଲା ତାହା ସେହି ସମୟର ଅନୁକୂଳ । ସେହି ସମୟ ପରିବର୍ତ୍ତନ ହୋଇସାରିଥିବାରୁ ସେସମୟର ପ୍ରଣାଳୀ ବର୍ତ୍ତମାନ ସମୟରେ ଅନୁପଯୋଗୀ ହେବା ସ୍ୱାଭାବିକ । ସେହି ସକାଶେ ମହାପୁରୁଷମାନେ ସମୟୋପଯୋଗୀ ସତ୍ୟ ପ୍ରତିଷ୍ଠାର ବ୍ୟବସ୍ଥା କରନ୍ତି ।

ସମୟୋପଯୋଗୀ ସତ୍‌ସଙ୍ଗ

ପ୍ରତ୍ୟେକ ଯୁଗରେ ଧର୍ମାଚରଣର ପଦ୍ଧତି ପରିବର୍ତ୍ତନ ହୁଏ । ଏପରିକି ପ୍ରତ୍ୟେକ ଯୁଗ ଅନ୍ତର୍ଗତ କେତେ ଶହ ବର୍ଷ ପରେ ଧର୍ମର ପ୍ରଣାଳୀ ପରିବର୍ତ୍ତନ ହେଉଥାଏ । କାରଣ ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ମନ ବିକାଶ ହେଉଥାଏ ତଥା ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ପରିବର୍ତ୍ତନ ହେଉଥାଏ । ସେହି ସକାଶେ ଯେଉଁ ସମୟରେ ଯେପରି ଧର୍ମାଚରଣ ଆବଶ୍ୟକ ହୁଏ ମହାପୁରୁଷମାନେ ଅବତାର ନେଇ ସେହି ଅନୁସାରେ ଆଦର୍ଶ ସ୍ଥାପନା କରନ୍ତି । କିନ୍ତୁ ବ୍ୟକ୍ତି ଭ୍ରମବଶତଃ ଏହି ରହସ୍ୟକୁ ହୃଦୟଙ୍ଗମ ନ କରି ଭିନ୍ନ ଭିନ୍ନ ପ୍ରଣାଳୀରେ ପ୍ରତିବାଦ ବା ବିରୋଧ ସୃଷ୍ଟି କରନ୍ତି । ଯଥାର୍ଥରେ ବିରୋଧ ନ ଥାଏ । ଏହା କେବଳ ମନୁଷ୍ୟର ସୀମିତତା ଏବଂ ଅଦୂରଦର୍ଶିତା ମାତ୍ର । ସୁଦୂର ଅତୀତକୁ ଛାଡ଼ି ନିକଟ ଅତୀତ ବିଷୟରେ ଆଲୋଚନା କରିବା ।

ବୁଦ୍ଧଦେବ ଯେତେବେଳେ ଆସିଥିଲେ ସେତେବେଳେ ଧର୍ମ ସଙ୍ଘର ଆବଶ୍ୟକତା ଥିଲା । ସେ ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କ ଆଦର୍ଶ ପ୍ରଚାର ସକାଶେ ସଂଘ ସ୍ଥାପନ କଲେ । ସେସମୟରେ ବୌଦ୍ଧଧର୍ମ ପ୍ରଭାବରେ ସଂସାରରେ

ଗୋଟାଏ ପରିବର୍ତ୍ତନ ଆସିଲା । ତାଙ୍କ ପରେ ତାଙ୍କ ପ୍ରଚାରିତ ସତ୍ୟ, କାଳ ପ୍ରଭାବରୁ ସଙ୍କୁଚିତ ହେଲା । ସତ୍ୟ ହ୍ରାସ ହେବାରୁ ତାଙ୍କ ସଙ୍ଘର କେବଳ ଢାଞ୍ଚା ଥିଲା, ପ୍ରଭାବ ଲୋପ ହୋଇ ଯାଇଥିଲା ।

ସେହି ଧର୍ମକୁ ନୂତନ ଭାବେ ଭିନ୍ନ ଭିନ୍ନ ପ୍ରଣାଳୀରେ ସଂସାରରେ ପ୍ରତିଷ୍ଠା କରିବାକୁ ଆସିଲେ ଆଚାର୍ଯ୍ୟ ଶଙ୍କର । ବୁଦ୍ଧଦେବଙ୍କ ସୟୟ ଅତୀତ ହୋଇଯାଇ ଥିଲା, ମନୁଷ୍ୟ ତାକୁ ପଶ୍ଚାତରେ ଛାଡ଼ି ବହୁଦୂର ଆଗେଇ ଆସିଥିଲା । ସେଥିପାଇଁ ଶଙ୍କର ବୁଦ୍ଧଦେବଙ୍କ ଆଦର୍ଶକୁ ପିଷ୍ଟ-ପେଷଣ ନ କରି ନୂତନ ପ୍ରଣାଳୀ ସ୍ଥାପନ କଲେ । ସେହି ଆଦର୍ଶ ସ୍ଥାପନ ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କଲେ । ସନ୍ନ୍ୟାସୀଙ୍କର ଥିଲା ଗେରୁଆ ବସ୍ତ୍ର । ସେମାନେ ଦଣ୍ଡ, କମଣ୍ଡଳୁରେ ସୁଶୋଭିତ ହୋଇଥିଲେ । ଶଙ୍କରଙ୍କ ଆଦର୍ଶର ପ୍ରଭାବ ଏତେ ପଡ଼ିଲା ଯେ ଭାରତବର୍ଷରୁ ବୌଦ୍ଧଧର୍ମ ପ୍ରାୟ ଲୋପ ହୋଇଗଲା । କାଳ ଗତିଶୀଳ । ସେ ଅହରହ ଚାଲିଥାଏ । ଯାହା ପଛରେ ଛାଡ଼େ ଫେରିଯାଇ ଧରି ରଖେ ନାହିଁ । ବିକାଶଶୀଳ ଅବସ୍ଥା ବରାବର ଚାହେଁ ନୂତନ ବସ୍ତୁ । ମନୁଷ୍ୟର ଚେତନା-ବିକାଶ ସଙ୍ଗେ ସଙ୍ଗେ ସେ ପୁରାତନ ଆଦର୍ଶରେ ସନ୍ତୁଷ୍ଟ ରହିପାରେ ନାହିଁ । ବିକାଶଶୀଳ ପ୍ରକୃତିର ଧର୍ମ ଅନୁସାରେ ସେସମୟର ଧର୍ମଶକ୍ତି କ୍ଷୀଣ ହେବାକୁ ଲାଗେ । ମଠ ତଥା ସିଦ୍ଧାନ୍ତର ରୂପରେଖା ପୂର୍ବବତ୍ ଥାଏ କିନ୍ତୁ ଧର୍ମଶକ୍ତି (ବହୁତ କମ୍ ସଂଖ୍ୟାରେ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କୁ ଛାଡ଼ି) ସଂସାରରୁ ପ୍ରାୟ ଲୋପ ହୋଇଯାଏ । ଅସତ୍ୟ, ଅତ୍ୟାଚାର, ଅନ୍ୟାୟ ବଢ଼େ । ଏହି ଅବସ୍ଥାରେ ମହାପୁରୁଷମାନଙ୍କର ପୃଥିବୀରେ ଆବିର୍ଭାବ ହୁଏ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଥିବା ସତ୍ତ୍ୱେ ମନୁଷ୍ୟ ବିକାଶୋପଯୋଗୀ ନୂତନ ଶିକ୍ଷାର ଆବଶ୍ୟକ ହେଲା ।

ଭଗବାନଙ୍କ ବିଧାନ ଅନୁସାରେ ପୃଥିବୀକୁ ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ, ରାମାନନ୍ଦ ଓଗେର ମହାପୁରୁଷ ଆସିଲେ । ଏମାନେ ମଧ୍ୟ ଶଙ୍କରଙ୍କ ପରି ମଠ ସ୍ଥାପନ କଲେ । କିନ୍ତୁ 'ସୋଽହଂ' 'ସୋଽହଂ' ଜପିବା ଛାଡ଼ି ମଠରେ ସ୍ଥାପନ କଲେ ଭଗବାନଙ୍କ ପ୍ରତିମା, ପିନ୍ଧିଲେ ବ୍ରହ୍ମଗ୍ରନ୍ଥି ସହ ଶ୍ୱେତ ବସ୍ତ୍ର, ଧାରଣ କଲେ ତୁଳସୀ ମାଳା, ଊର୍ଦ୍ଧ୍ୱପୁଣ୍ଡ୍ରତିଳକ । ଏମାନଙ୍କ ଇଷ୍ଟଦେବ ଶଙ୍କରଙ୍କ ସଦୃଶ ନିରାକାର, ନିରଞ୍ଜନ, ନିର୍ବିଶେଷ ସତ୍ତା ହେଲେ ନାହିଁ, ଏମାନଙ୍କ ଇଷ୍ଟଦେବ ହେଲେ ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଷଡ଼ ଐଶ୍ୱର୍ଯ୍ୟ ଦିବ୍ୟଗୁଣସମ୍ପନ୍ନ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ବିଗ୍ରହ ସଗୁଣ ରୂପଧାରୀ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ । ଏହି ଆଚାର୍ଯ୍ୟମାନଙ୍କ ଆଦର୍ଶ ପ୍ରଚାର ଯୁଗକୁ ବୈଷ୍ଣବ ଯୁଗ ବୋଲି କୁହାଯାଏ । ସେହି ସମୟରେ ବୈଷ୍ଣବ ଧର୍ମ ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସ୍ଥାନେ ସ୍ଥାନେ ମଠ ମନ୍ଦିର ତଥା ଗ୍ରାମମାନଙ୍କରେ ଭଗବତ୍ କଥା, କୀର୍ତ୍ତନ, ଭାଗବତ ଗାଦି ସ୍ଥାପନ ହୋଇଥିଲା । ପୁରାତନ ଯୁଗର ଅନ୍ୟାନ୍ୟ ଆଦର୍ଶ ସଦୃଶ ଏହାର ପ୍ରଭାବ ମଧ୍ୟ ସ୍ଥାୟୀ ହୋଇ ରହିପାରିଲା ନାହିଁ । ରହିଲା ମଠ ମନ୍ଦିରର ଆକାର କିନ୍ତୁ ତା' ମଧ୍ୟରୁ ସତ୍ୟ କ୍ରମଶଃ ହ୍ରାସ ହେଲା । ଏଥିରେ କାହାର ଦୋଷ ନାହିଁ । ନଦୀ ସ୍ରୋତ ପୁରାତନ ସ୍ଥାନକୁ ଛାଡ଼ି ତା'ର ଗନ୍ତବ୍ୟ ସ୍ଥାନ ସମୁଦ୍ର ଆଡ଼କୁ ଯେପରି ଅବିଶ୍ରାନ୍ତ ଅହରହ ଗତି କରୁଥାଏ ସେହି ପ୍ରକାର କ୍ରମବିବର୍ତ୍ତନର ଗତିଧାରା । ସେ ପୁରାତନ ଆଦର୍ଶକୁ ଅତିକ୍ରମ କରି ବରାବର ଲକ୍ଷ୍ୟ ଦିଗରେ ଧାବିତ ହେଉଥାଏ ।

ଭାରତକୁ ଶ୍ରୀଅରବିନ୍ଦଙ୍କ ଦାନ

କ୍ରମବିବର୍ତ୍ତନ ପଦ୍ଧତି ଅନୁସାରେ ପୁରାତନ ଧର୍ମ ସମସ୍ତ ଭାଙ୍ଗି ଚୂର୍ମାର୍ ହୋଇଗଲା । ହେଲା ଅସତ୍ୟ, ଦୁର୍ନୀତି ଓ ଅନ୍ୟାୟର ରାଜ୍ୟ । ଚାରି ଦିଗରେ ବିଦେଶୀ ଶାସନ ଜଞ୍ଜିରରେ ଦେଶ ମହାଦେଶ ବନ୍ଦୀ ହେଲା । ଅନ୍ୟାୟର ଆଧିକ୍ୟରେ ପରିବର୍ତ୍ତନ ସୁନିଶ୍ଚିତ । ସେହି ସମୟରେ ଭାରତ ତଥା ଅନ୍ୟ ଦେଶରେ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କର ହେଲା ଆବିର୍ଭାବ । ଯଥାର୍ଥରେ ୧୮୦୦ ଶତାବ୍ଦୀରୁ ଗୋଟାଏ ମହାନ୍ ପରିବର୍ତ୍ତନର ଯୁଗ ଆରମ୍ଭ ହେଲା । ଏହି ପରିବର୍ତ୍ତନ ଅତୀତ ଇତିହାସର ଗୋଟିଏ ଏକେବାରେ ନୂତନ ଅଧ୍ୟାୟ । ଏଥିରେ ଅଂଶ ଗ୍ରହଣ କରିବାକୁ ଏହି ପୃଥିବୀକୁ ଆସିଲେ ଶ୍ରୀଅରବିନ୍ଦ ଏବଂ ତାଙ୍କର କର୍ମସମ୍ପାଦିକା ଶକ୍ତିରୂପେ ଶ୍ରୀମା । ଏହି ମହାନ୍ ପରିବର୍ତ୍ତନର ଅଂଶ ଥିଲା ଭାରତର ସ୍ୱତନ୍ତ୍ରତା ।

କିନ୍ତୁ ସେତେବେଳେ ଭାରତବାସୀ ଜଡ଼ତା, ତାମସିକତାରେ ଥିଲେ ଏକେବାରେ ସୁପ୍ତ, ସ୍ୱତନ୍ତ୍ରତା ସମ୍ବନ୍ଧେ ଉଦାସୀନ । ସେହି ସମୟରେ ଶ୍ରୀଅରବିନ୍ଦ ଭାରତବାସୀଙ୍କୁ ସ୍ୱତନ୍ତ୍ରତା ଆଦର୍ଶର ଶିକ୍ଷା ଦେବା ସକାଶେ କରିଥିଲେ ସ୍ୱୟଂ କର୍ମ । ହୋଇଥିଲେ ନାନା ପ୍ରକାର ଦୁଃଖ-ଦ୍ୱନ୍ଦ୍ୱ ବିପଦର ସମ୍ମୁଖୀନ । ତା' ଫଳରେ ଭାରତରେ ଆସିଥିଲା ସ୍ୱତନ୍ତ୍ରତାର ଜାଗରଣ ।

କିନ୍ତୁ ତାଙ୍କ କାର୍ଯ୍ୟ କେବଳ ଭାରତର ସ୍ୱତନ୍ତ୍ରତା ନ ଥିଲା । ସେ ଯେଉଁ ମହାନ୍ କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଥିଲେ ତାହାର ଗୋଟିଏ ଅଙ୍ଗ ଥିଲା ଭାରତର ସ୍ୱତନ୍ତ୍ରତା । ଭାରତବାସୀ ନିଜ ସ୍ୱତନ୍ତ୍ରତା ସମ୍ବନ୍ଧେ ସଚେତ ହେବାରୁ ଶ୍ରୀଅରବିନ୍ଦ ସ୍ଥୂଳରୂପେ ଭାରତ ସ୍ୱତନ୍ତ୍ରତାର କର୍ମକ୍ଷେତ୍ରରୁ ବିଦାୟ ନେଇ ନିଜର ପ୍ରଧାନ କାର୍ଯ୍ୟରେ ତତ୍ପର ହେଲେ । ଭାରତ ସ୍ୱତନ୍ତ୍ରତାର କ୍ରିୟାତ୍ମକ ରୂପେ ସ୍ଥୂଳ କାର୍ଯ୍ୟ କଲେ ଅନ୍ୟ ନେତାମାନେ; ସେହି କାର୍ଯ୍ୟରେ ଶ୍ରୀଅରବିନ୍ଦ ସାହାଯ୍ୟ କଲେ ତାଙ୍କ ଅଧ୍ୟାତ୍ମ ଶକ୍ତି ଦ୍ୱାରା । ସଂସାରରେ ଯେଉଁ ମହାନ୍ କାର୍ଯ୍ୟ ସ୍ଥୂଳ ରୂପେ ହୁଏ ତାହାର ପଶ୍ଚାତରେ ସାହାଯ୍ୟ କରେ ଗୋଟିଏ ସୂକ୍ଷ୍ମ ଶକ୍ତି । ସ୍ଥୂଳ ତଥା ସୂକ୍ଷ୍ମ ଉଭୟ କ୍ରିୟାରେ କାର୍ଯ୍ୟ ସମ୍ପାଦନ ହୁଏ । ଶ୍ରୀଅରବିନ୍ଦ ତାଙ୍କ ମହାନ୍ କର୍ମର ସିଦ୍ଧି ଦିଗରେ ଅଗ୍ରସର ହେବା କାଳରେ ଭାରତ ସ୍ୱତନ୍ତ୍ର ହେଲା ।

ବୈଜ୍ଞାନିକ, ରାଜନୈତିକ, ସାମାଜିକତାର ଯେଉଁ ମହାନ୍ ପରିବର୍ତ୍ତନ ଆମ୍ଭେମାନେ ଦେଖୁଥାଇଁ ତାହା ଭବିଷ୍ୟତ୍ ମହାନ୍ ପରିବର୍ତ୍ତନର ସୂଚନା ମାତ୍ର । ଆଜି ଆମ୍ଭେମାନେ ଯଦି ୬୦ ବର୍ଷ ପୂର୍ବର ଅବସ୍ଥାକୁ ଦୃଷ୍ଟିପାତ କରୁ ତେବେ ବୁଝିପାରିବୁ ପରିବର୍ତ୍ତନ କେତେ ଦ୍ରୁତ ଗତିରେ ଚାଲୁଛି । ଏହି ପରିବର୍ତ୍ତନ କ୍ରମଶଃ ଦ୍ରୁତରୁ ଦ୍ରୁତତର ଗତିରେ ଚାଲିବ ଏବଂ ନିକଟ ଭବିଷ୍ୟତରେ ଏହି ପରିବର୍ତ୍ତନ ଏପରି ଗୋଟାଏ ଅବସ୍ଥାରେ ପହଞ୍ଚିବ ଯାହାକୁ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖିପାରିବ । ସେ ପରିବର୍ତ୍ତନ ହେବ ଜଡ଼ ତତ୍ତ୍ୱର । ଜଡ଼ ଶରୀରରେ ପରିବର୍ତ୍ତନ ଦେଖାଦେଲେ ମନୁଷ୍ୟ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହେବ; ସେ ହେବ ଦେବ-ମାନବ । ସଂସାରରୁ କ୍ରମଶଃ ଦୁଃଖ ଦ୍ୱନ୍ଦ୍ୱ, ଅନ୍ୟାୟ, ଅତ୍ୟାଚାର ଦୂର ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ମହାନ୍ କାର୍ଯ୍ୟ ସକାଶେ ମା' ଶ୍ରୀଅରବିନ୍ଦ ଏହି ସଂସାରକୁ ଆସି କର୍ମ କରୁଅଛନ୍ତି । ଏହି କାର୍ଯ୍ୟର ପ୍ରଧାନ କେନ୍ଦ୍ର ହେଉଛି ଶ୍ରୀଅରବିନ୍ଦ ଆଶ୍ରମ ଏବଂ ଏହାର ଶାଖା ପ୍ରଶାଖା ରୂପେ ଶ୍ରୀଅରବିନ୍ଦ ପାଠଚକ୍ର ସମଗ୍ର ସଂସାରରେ ତୀବ୍ର ଗତିରେ ପ୍ରସାରିତ ହେଉଅଛି । ଏହି କେନ୍ଦ୍ର ଓ ଶାଖାକେନ୍ଦ୍ରମାନଙ୍କର ସାଧକମାନେ ଯେତେ ପରିମାଣରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ ସେହି ଅନୁପାତରେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ନିବୃତ୍ତ ହେଉଥିବ; ଏବଂ ସଂସାର ତା'ର ଲକ୍ଷ୍ୟ ସ୍ୱର୍ଗରାଜ୍ୟ ସ୍ଥାପନା ଦିଗରେ ଅଗ୍ରସର ହେଉଥିବ । ଏହା ଆନୁଷଙ୍ଗିକରୂପେ ଏଠାରେ ଆଲୋଚନା କରାହେଲା । ଆମ୍ଭର ପ୍ରଧାନ ଆଲୋଚ୍ୟ ବିଷୟ ହେଉଛି ସତ୍‌ସଙ୍ଗ ଦ୍ୱାରା ଜୀବନର ଉନ୍ନତି ତଥା ପୁରାତନ କାଳରେ ସତ୍‌ସଙ୍ଗ ପ୍ରାପ୍ତିର ବ୍ୟବସ୍ଥା କିପରି ଥିଲା, ବର୍ତ୍ତମାନ ଅବସ୍ଥାରେ ସତ୍‌ସଙ୍ଗର ସ୍ୱରୂପ କ'ଣ, ଏ ବିଷୟରେ ବିଚାର କରିବା ।

ବର୍ତ୍ତମାନ ଯୁଗରେ ଅଧ୍ୟାତ୍ମ-ସତ୍ୟ ପ୍ରାପ୍ତିର ସହଜ ଉପାୟ

ମନୁଷ୍ୟ ସୃଷ୍ଟିହେବା ଦିନଠାରୁ ପୁରାତନ ଯୁଗରେ ଯାହାକିଛି ପରିବର୍ତ୍ତନ ଘଟିଛି ତାହା ସେହି ଏକହି ମନୁଷ୍ୟର ଅଜ୍ଞାନ ଅବସ୍ଥାରୁ ଉନ୍ନତ ଅବସ୍ଥାରେ, ଏକେବାରେ ପୂର୍ଣ୍ଣରୂପେ ସ୍ତର ପରିବର୍ତ୍ତନ ହୋଇ ନାହିଁ, ଅର୍ଥାତ୍ ମନୁଷ୍ୟ ପରେ ଅନ୍ୟ କୌଣସି କିଛି ହୋଇ ନାହିଁ । ବର୍ତ୍ତମାନର ପରିବର୍ତ୍ତନ ପୁରାତନ ଯୁଗର ଗୋଟିଏ ସ୍ତର ମଧ୍ୟରେ କୌଣସି ନୂତନ ଅବସ୍ଥା ନୁହେଁ, ଏକେବାରେ ମନୁଷ୍ୟ ସ୍ତରର ପୂର୍ଣ୍ଣ ପରିବର୍ତ୍ତନ । ମାନବରୁ ଦିବ୍ୟ ମାନବ, ମୃତ୍ୟୁପୁରୀ ସଂସାରର ଦିବ୍ୟ ସ୍ୱର୍ଗରେ ପରିଣତ । ଏହି ପରିବର୍ତ୍ତନ ଇତିହାସରେ ଏକେବାରେ ନୂତନ ମନୁଷ୍ୟର ସୀମିତ ମନ ପକ୍ଷରେ ଅସମ୍ଭବ ପ୍ରତୀତ ହେଲେ ମଧ୍ୟ ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ସୃଷ୍ଟି ଆରମ୍ଭରୁ ସେ ଅଜ୍ଞାତ ରୂପେ ଧାବିତ ହେଉଅଛି । ଏହି ଲକ୍ଷ୍ୟ ପ୍ରାପ୍ତିରେ ମନୁଷ୍ୟକୁ ସାହାଯ୍ୟ କରିବା ସକାଶେ ସମୟ ସମୟରେ ଭଗବାନ୍ ସ୍ୱୟଂ ଅବତାର ନେଇ ଏବଂ ଆଚାର୍ଯ୍ୟମାନେ ଏହି ପୃଥିବୀକୁ ଆସି ମନୁଷ୍ୟକୁ ଅଧ୍ୟାତ୍ମ ଶିକ୍ଷା ଦେଇ ଯେପରି ତାକୁ ଅଗ୍ରସର କରାଇ ଦେଉଅଛନ୍ତି, ସେହିପରି ମନୁଷ୍ୟକୁ ଅତିମାନବରେ, ମାନସ ଚେତନାକୁ ଅତିମାନସ ଚେତନାରେ ପ୍ରାପ୍ତ କରାଇ ଦେବା

ସକାଶେ ମା' ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି । ଏହି ଶକ୍ତିର କ୍ରିୟା ଦ୍ୱାରା ବ୍ୟକ୍ତି କଳ୍ପନାତୀତ ଲକ୍ଷ୍ୟରେ ସହଜରେ ପହଞ୍ଚି ପାରିବ । ଏହି ଲକ୍ଷ୍ୟ ଅପ୍ରତ୍ୟାଶିତ ମହାନ୍ ହେବା ସତ୍ତ୍ୱେ ଏହାର ସାଧନ ବହୁତ ସହଜ ।

ଏହାର ସାଧନା ପଦ୍ଧତି ହେଲା ଅଭୀପ୍ସା, ସମର୍ପଣ, ତ୍ୟାଗ, ଏକାଗ୍ରତା ସକାଶେ ଧ୍ୟାନ । ଅଭୀପ୍ସାର ଅର୍ଥ ତୀବ୍ର ଇଚ୍ଛା ଅର୍ଥାତ୍ ଲକ୍ଷ୍ୟ ପ୍ରାପ୍ତ ହେବା, ଲକ୍ଷ୍ୟପ୍ରାପ୍ତି ପୂର୍ବ ଅବସ୍ଥାରେ ମନ-ପ୍ରାଣ-ଶରୀରରେ ସମତା, ଶାନ୍ତି, ଆନନ୍ଦ, ଜ୍ଞାନାଦି ଦିବ୍ୟଗୁଣ ପ୍ରତିଷ୍ଠା କରିବା ସକାଶେ ଅଭୀପ୍ସା । ନିଜେ ନିଜର ଯାହା କିଛି ସମସ୍ତ ଏବଂ ଶରୀରରେ ହେଉଥିବା ସ୍ଥୂଳ ସୂକ୍ଷ୍ମ କର୍ମ ଭାଗବତୀ ଶକ୍ତିଙ୍କ ଚରଣରେ ଉତ୍ସର୍ଗ । ଲକ୍ଷ୍ୟପ୍ରାପ୍ତିରେ ବିରୋଧୀ କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ହିଂସା, ଆଳସ୍ୟ, ତାମସିକତାର ତ୍ୟାଗ । ଏଥିରେ ସାହାଯ୍ୟ ସକାଶେ ହୃଦୟ ଗଭୀର କିଂବା ମସ୍ତିଷ୍କରେ ଧ୍ୟାନ । ଏହା ସୁଲଭ ଓ ଅତ୍ୟନ୍ତ ସରଳ ହୁଏ ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିଲେ । ମା' ଅତିମାନସ ଶକ୍ତିକୁ ଧାରଣ କରିଅଛନ୍ତି, ଛୋଟ ଶିଶୁ ସଦୃଶ ନିଜକୁ ମା'ଙ୍କ ହାତରେ ଦେଇ ଦେଲେ ମା' ସମସ୍ତ ବାଧାବିଘ୍ନରୁ ରକ୍ଷାକରି ଲକ୍ଷ୍ୟ ମାର୍ଗରେ ନେଇଚାଲନ୍ତି । ଯଥାର୍ଥରେ ଏହି ଯୋଗର ସାଧିକା ଭାଗବତୀ ଶକ୍ତି । ପୁରାତନ ଯୋଗର ଆସନ, ପ୍ରାଣାୟାମ, ଉତ୍କୃଷ୍ଟ ଧ୍ୟାନ, ଧାରଣା, ଯମ ନିୟମାଦି ଶକ୍ତିଶାଳୀ ସାଧନା ଏହି ଲକ୍ଷ୍ୟରେ ପହଞ୍ଚାଇବାରେ ଅସମର୍ଥ । ଏହା କେବଳ ସାଧିତ ହୁଏ ଭାଗବତୀ ଶକ୍ତିର କ୍ରିୟାରେ । ଭାଗବତୀ ଅତିମାନସ ଶକ୍ତିର କ୍ରିୟାରେ ଏହିସବୁ କ୍ରିୟା ସ୍ୱତଃସ୍ଫୂର୍ତ୍ତ ଭାବେ ଆଚରିତ ହୁଏ ତଥାପି ଏସବୁର ପ୍ରାଧାନ୍ୟ ନ ଥାଏ ।

ବ୍ୟକ୍ତି ଉତ୍ସାହ ସହିତ ସାଧନାରେ ପ୍ରବୃତ୍ତ ହୁଏ ଏବଂ ତା'ର ମା'ଙ୍କ ପ୍ରତି ବିଶ୍ୱାସ ଭରସା ଦୃଢ଼ ହୁଏ ସତ୍‌ସଙ୍ଗ ଦ୍ୱାରା । ପୂର୍ବେ ଆଲୋଚନା ହୋଇଛି ସତ୍‌ସଙ୍ଗର ତିନିପ୍ରକାର ଅବସ୍ଥା । ଗୋଟିଏ ସିଦ୍ଧି, ଅନ୍ୟ ଦୁଇଟି ଉପାୟ । ସିଦ୍ଧି ସତ୍‌ସଙ୍ଗର ଅର୍ଥ : ସତ୍‌ସ୍ୱରୂପ ମନୁଷ୍ୟ ଅନ୍ତରସ୍ଥ ଚୈତ୍ୟ-ପୁରୁଷ (Psychic Being) ସହିତ ମନ, ପ୍ରାଣ ଏକ ହେବା ଅର୍ଥାତ୍ ଚୈତ୍ୟ-ଧର୍ମରେ ମନ-ପ୍ରାଣର ରୂପାନ୍ତର ହେବା । ତାହାରି ଦ୍ୱାରା ପରିଚାଳିତ ହେବା ଅଥବା ଭଗବାନଙ୍କ ସହିତ ଏକ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା । ଏହା ସିଦ୍ଧି-ସତ୍‌ସଙ୍ଗ । କୌଣସି ମହାପୁରୁଷଙ୍କ ଦର୍ଶନରେ ଅଥବା ଉପଦେଶରେ ବ୍ୟକ୍ତିର ଚୈତ୍ୟ-ପୁରୁଷ ଜାଗ୍ରତ ହୁଏ ଏବଂ ବ୍ୟକ୍ତି ଭଗବଦାଭିମୁଖୀ ହୁଏ । ଏହା ଉପାୟ-ସତ୍‌ସଙ୍ଗ । ମନୁଷ୍ୟର ଅନ୍ତରାତ୍ମା ସବୁ ସମୟରେ ଜାଗ୍ରତ ରହେ ନାହିଁ କିଂବା ମନୁଷ୍ୟର ପ୍ରବୃତ୍ତି ସବୁ ସମୟରେ ଭଗବଦଭିମୁଖୀ ହୁଏ ନାହିଁ । ବାହ୍ୟସଂସାର ବିଷୟ ଘାତ ପ୍ରତିଘାତ ଦ୍ୱାରା ବାରଂବାର ଅନ୍ତରାତ୍ମା ଆବୃତ ହୋଇ ଯାଉଥାଏ । ଏହାକୁ ସଜାଗ, ସକ୍ରିୟ ରଖିବା ସକାଶେ ତୃତୀୟ ସତ୍‌ସଙ୍ଗର ଆବଶ୍ୟକ ହୁଏ । କେତେକ ବ୍ୟକ୍ତି ଗୋଟିଏ ସଙ୍ଘ ବା ଗୋଷ୍ଠୀରୂପେ ଏକତ୍ର ହୋଇ ଭଗବତ୍ ବିଷୟ ଆଲୋଚନା ଏବଂ ଧ୍ୟାନ ଆଦି ଭଗବତ୍ ଆରାଧନା କରନ୍ତି । ଶ୍ରୀଅରବିନ୍ଦ ଯୋଗର ସାଧକମାନେ ଏହିପରି ସଂସ୍ଥାକୁ ପାଠଚକ୍ର ନାମରେ କହନ୍ତି । ଏହାହିଁ ତୃତୀୟ ସତ୍‌ସଙ୍ଗର ସ୍ୱରୂପ । ଏହା ସହଜ ହେବା ସତ୍ତ୍ୱେ ଶକ୍ତିଶାଳୀ ଏବଂ ସାଧନାରେ ସହାୟକ ।

ପାଠଚକ୍ରର ଉପଯୋଗିତା

ପ୍ରଶ୍ନ : ପାଠଚକ୍ରର ଉପଯୋଗିତା କ'ଣ ?

ଉତ୍ତର : ପାଠଚକ୍ର ଦ୍ୱାରା ବ୍ୟକ୍ତି ନିଜ ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ସମ୍ବନ୍ଧେ ସଚେତ ହୁଏ ଏବଂ କାର୍ଯ୍ୟରେ ତତ୍ପର ହୁଏ । ଏଥିରେ ବ୍ୟକ୍ତିର ସାଧନା କରିବା ଦାୟିତ୍ୱବୋଧ ଉତ୍ପନ୍ନ ହୁଏ ।

ପ୍ରତ୍ୟେକ କାର୍ଯ୍ୟ ସର୍ବାଙ୍ଗୀନ ଭାବେ ଅନୁଷ୍ଠିତ ହେଲେ ଶୀଘ୍ର ଏବଂ ନିଖୁଣ ଭାବେ ସମ୍ପନ୍ନ ହୁଏ । ଗୋଟିଏ ଅଙ୍ଗ ବାଦ୍ ଦେଲେ ଅଙ୍ଗହୀନ ଅଶୁଦ୍ଧ ପୂଜା ସଦୃଶ ଅପୂର୍ଣ୍ଣ ହୁଏ । ଉଦାହରଣ ରୂପେ ବିଦ୍ୟାର୍ଥୀ ଯଦି ବିଦ୍ୟାର୍ଥୀମାନଙ୍କ ସଙ୍ଗରେ ରହେ ତେବେ ଭଲ ପଢ଼ିପାରେ । ଅନ୍ୟଥା ଖେଳପ୍ରିୟ ବଜାରୀ କୁପ୍ରବୃତ୍ତି ପିଲାଙ୍କ ସଙ୍ଗେ ଗୋଟିଏ ଭଲ ବିଦ୍ୟାର୍ଥୀ

ରହିଲେ ସେ ଖରାପ ହୋଇପାରେ । ଠିକ୍ ସେହିପରି ଅଧ୍ୟାତ୍ମ ସାଧନା । ଅଧ୍ୟାତ୍ମ ମାର୍ଗରେ ସାଥୀ ଏବଂ ଅଧ୍ୟାତ୍ମ ମାର୍ଗରେ ଆଲୋଚନା ଅଧ୍ୟାତ୍ମ-ସାଧକର ଆବଶ୍ୟକ ।

ପ୍ରଶ୍ନ : ପାଠଚକ୍ର ଦ୍ୱାରା ଲକ୍ଷ୍ୟପ୍ରାପ୍ତି ତଥା ଉପାୟ ସମ୍ବନ୍ଧେ ବ୍ୟକ୍ତି କିପରି ସଚେତ ହୁଏ ?

ଉତ୍ତର : ସାମୂହିକ ପାଠଚକ୍ର ଅନୁଷ୍ଠାନରେ ଗୋଟିଏ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୁଏ, ସେହି ବାତାବରଣ ପ୍ରଭାବରେ ବ୍ୟକ୍ତି ନିଜ ଲକ୍ଷ୍ୟ ଏବଂ ସାଧନା ସମ୍ବନ୍ଧେ ସଚେତ ହୁଏ । ମନୁଷ୍ୟର ମନ, ପ୍ରାଣ ସ୍ୱାର୍ଥପୂର୍ଣ୍ଣ, ସାଂସାରିକ କର୍ମ ତଥା ବିଷୟରେ ଆସକ୍ତ । ଶରୀର ତାମସ, ଆଳସ୍ୟର ବଶୀଭୂତ । ସ୍ୱାଭାବିକରୂପେ ମନୁଷ୍ୟର ତାମସିକ ଏବଂ ରାଜସିକ କର୍ମରେ ପ୍ରବୃତ୍ତି । ମନର ଚଞ୍ଚଳତା, ପ୍ରାଣର ବିଷୟ ଭୋଗ ଆସକ୍ତି, ସାତ୍ତ୍ୱିକ ବିଶେଷତଃ ଅଧ୍ୟାତ୍ମ-କର୍ମର ଘୋର ବିରୋଧୀ । ମନୁଷ୍ୟର ନିଜ ମଧ୍ୟରେ ଯେଉଁ ବିରୋଧୀ ତତ୍ତ୍ୱ ଅଛି ସେହି ବିରୋଧୀ ତତ୍ତ୍ୱ ମଧ୍ୟ ବାହାରରେ ଅଛି । ତାକୁ ପ୍ରତି ମୁହୂର୍ତ୍ତରେ ପ୍ରତି ନିଃଶ୍ୱାସ-ପ୍ରଶ୍ୱାସ ଦ୍ୱାରା ବିରୋଧୀ ତତ୍ତ୍ୱର ସହିତ ଆଦାନ-ପ୍ରଦାନ କରିବାକୁ ହେଉଛି । ଭଗବାନଙ୍କ କୃପାରୁ କୌଣସି ଅଧ୍ୟାତ୍ମ-ପଥିକ ସାଧକ, ମହାପୁରୁଷ କିଂବା ଅଧ୍ୟାତ୍ମ-ଗ୍ରନ୍ଥ ସଂସ୍ପର୍ଶରେ ଅନ୍ତରାତ୍ମା ଜାଗ୍ରତ ହେଲେ ମନୁଷ୍ୟ ଅଧ୍ୟାତ୍ମ ମାର୍ଗରେ ପ୍ରବୃତ୍ତ ହୁଏ; କିନ୍ତୁ ନିଜ ମନ-ପ୍ରାଣ-ଶରୀରର ନିମ୍ନ ପ୍ରବୃତ୍ତି ଦ୍ୱାରା ପୁନରାୟ ଆବୃତ ହୋଇଯାଏ । ମନୁଷ୍ୟ ଯଦି ବାରଂବାର ସଜାଗ, ସତର୍କ ହୋଇ ନିଜ ଅନ୍ତରାତ୍ମା ପ୍ରଭାବରେ ରହିବାକୁ ଚେଷ୍ଟା କରେ ଅର୍ଥାତ୍ ଭଗବତ୍ ସ୍ମରଣ, ସମର୍ପଣ, ଅଭୀପ୍ସା କରେ ତେବେ ତାହାର ଏହି ଭାବ ଅଭ୍ୟାସରେ ପରିଣତ ହୁଏ । ଏହାହୁଏ ସତ୍‌ସଙ୍ଗର ପ୍ରଭାବରେ । ଯେ ପର୍ଯ୍ୟନ୍ତ ବ୍ୟକ୍ତିର ମନ-ପ୍ରାଣ-ଶରୀର ସ୍ୱାଭାବିକରୂପେ ଉତ୍ସାହ ଆନନ୍ଦ ସହିତ ଅଧ୍ୟାତ୍ମ-ମାର୍ଗରେ ପ୍ରବୃତ୍ତ ନ ହୋଇଛି ସେପର୍ଯ୍ୟନ୍ତ ବାହ୍ୟନିମ୍ନ ମନ, ନିମ୍ନ ପ୍ରାଣର ପ୍ରତିକୂଳ ତରଙ୍ଗ ବାରଂବାର ଆସି ବ୍ୟକ୍ତିର ଅନ୍ତରାତ୍ମାର ପ୍ରେରଣାକୁ ଆବୃତ କରି ଅଧ୍ୟାତ୍ମ-ପଥରୁ ବିପଥଗାମୀ କରୁଥାଏ । ଏଥିରୁ ମୁକ୍ତ ରହିବା ସକାଶେ ଅନୁକୂଳ ଆବେଷ୍ଟନୀରେ ରହି ବାରଂବାର ଅଭ୍ୟାସ କରିବା ଆବଶ୍ୟକ ।

ଅଜ୍ଞାନ ରଜ୍ଜୁଥିଲେ ନିତ୍ୟେ ।
ମଳି ନ ରହେ ଯେହ୍ନେ ନେତ୍ରେ ॥

— ଭାଗବତ

ଅନୁକୂଳ ବାତାବରଣ ସୃଷ୍ଟି ହୁଏ ଅଧ୍ୟାତ୍ମ-ମାର୍ଗର କେତେକ ବ୍ୟକ୍ତି ଏକତ୍ର ହୋଇ ଏକହିଁ ଲକ୍ଷ୍ୟ ରଖି, ସାଧନା ଅଭ୍ୟାସ ଏବଂ ବିଷୟ ଆଲୋଚନା କରିବା ଦ୍ୱାରା । ଏହି କାରଣରୁ ବଡ଼ ବଡ଼ ବୈରାଗ୍ୟବାନ୍ ବ୍ୟକ୍ତି ଘର ପରିବାର ଛାଡ଼ି ଅଧ୍ୟାତ୍ମ-ସମାଜରେ ଯୋଗ ଦେଇ ସାଧନା କରନ୍ତି । ଅନାଦି କାଳରୁ ଅଧ୍ୟାତ୍ମ-ସାଧନା ସକାଶେ ସମସ୍ତ ପୁରାତନ ଯୋଗ ଏହି ଏକହି ନିୟମ ସ୍ୱୀକାର କରି ଆସିଅଛି । ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା ସକାଶେ ଏହା ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଏହି ଯୋଗ କେତେକ ବିଶିଷ୍ଟ ବ୍ୟକ୍ତି ସକାଶେ ନୁହେଁ, ସମଗ୍ର ବିଶ୍ୱ ସକାଶେ । ଏହି କାରଣରୁ ଏହା କେବଳ ଗୋଟିଏ କେନ୍ଦ୍ରରେ ସୀମାବଦ୍ଧ ନ ହୋଇ ପ୍ରତି ଘରେ, ପ୍ରତି ଗ୍ରାମରେ, ପ୍ରତି ସହରରେ ଅନୁଷ୍ଠିତ ହେବା ଆବଶ୍ୟକ । ସବୁଠାରୁ ଉତ୍ତମ, ସହଜ, ଉପଯୋଗୀ ପନ୍ଥା ହେଲା ବ୍ୟକ୍ତି ଯେଉଁ ଗ୍ରାମରେ, ଯେଉଁ ସହରରେ ଅଛନ୍ତି ସେହିଠାରେ ପାଠଚକ୍ର ସ୍ଥାପନ କରି ନିଷ୍ଠା ସହିତ ନିୟମିତରୂପେ ଅନୁଷ୍ଠାନ କରିବା ଉଚିତ । ଏହାର ପ୍ରଭାବ ପରିବାର ଗ୍ରାମ ଏବଂ ସମ୍ପର୍କୀୟ ବ୍ୟକ୍ତିଙ୍କ ଉପରେ ପଡ଼େ । ଏହିପରି ଅନୁକୂଳ ବାତାବରଣ ନିଜ ସାଧନାରେ ସାହାଯ୍ୟ କରେ । ଏଥିରେ ନିଜର ତଥା ଅନ୍ୟର କଲ୍ୟାଣ ହୁଏ । ଏହି ସତ୍‌ସଙ୍ଗ ଦ୍ୱାରା ବ୍ୟକ୍ତି ଅନାୟାସରେ ପରମବ୍ରହ୍ମ ପୁରୁଷୋତ୍ତମ ଭଗବାନଙ୍କ ସହିତ ଏକ ହୋଇ ତାଙ୍କ ଯନ୍ତ୍ର ହୁଏ ଏବଂ ତାଙ୍କରି ଶକ୍ତି ଦ୍ୱାରା ପୂର୍ଣ୍ଣରୂପେ ପରିଚାଳିତ ହୁଏ । ଏଥିରେ ନିଜ ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱରେ ରୂପାନ୍ତର ହୁଏ, ଭଗବାନ୍ ନିରାବରଣ ରୂପେ ପ୍ରକାଶ ହୁଅନ୍ତି । ଏହା ସଙ୍ଗେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହୁଏ । ବହୁ ଶାସ୍ତ୍ରାଧ୍ୟୟନ, ପାଣ୍ଡିତ୍ୟପୂର୍ଣ୍ଣ ବାହ୍ୟ ମାନସିକ ଜ୍ଞାନ ପ୍ରାପ୍ତି ଅପେକ୍ଷା ନିୟମିତରୂପେ ନିଷ୍ଠା ସହିତ ଅଳ୍ପ ଅଧ୍ୟାତ୍ମ-ସାଧନା ଅତି ଉତ୍ତମ । ଆରମ୍ଭିକ ଅଳ୍ପ ସାଧନା ଅଙ୍କୁରିତ ବଟ ବୃକ୍ଷ ସଦୃଶ ବୃଦ୍ଧି ହୋଇ ମହାନ୍

ସିଦ୍ଧିକୁ ପ୍ରାପ୍ତ ହୁଏ । ପାଠଚକ୍ରର ନିୟମାବଳୀ, ଧ୍ୟାନର ବିଧି, ସମର୍ପଣର ପ୍ରଣାଳୀ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ''ରେ ଆଲୋଚିତ ହୋଇଅଛି । ଏଠାରେ ପାଠଚକ୍ରରେ ଆଲୋଚନା ହେବା ସକାଶେ ବହି ତାଲିକା ଦିଆ ହେଉଅଛି । ପାଠଚକ୍ରରେ ମା'ଙ୍କ ଉପସ୍ଥିତି ବରାବର ଥାଏ, ବ୍ୟକ୍ତି ବିଶ୍ୱାସ ଓ ସଦ୍‌ଭାବ ରଖିଲେ ଏହା ଅନୁଭବ କରି ପାରନ୍ତି । ପାଠଚକ୍ରରେ ମା'ଙ୍କର ଉପସ୍ଥିତି ମାନି ନିୟମିତ ଦିନ ନିର୍ଦ୍ଦିଷ୍ଟ ସମୟରେ ସେଠାରେ ପାଠଚକ୍ର ମେମ୍ବର ତଥା ଯେଉଁମାନେ ଅଧ୍ୟାତ୍ମ ଚର୍ଚ୍ଚାରେ ରୁଚି ରଖନ୍ତି ସେମାନେ ଏକତ୍ର ହେବେ । ପ୍ରଥମରେ ନିମ୍ନଲିଖିତ ସୂଚି ଅନୁସାରେ ଅଧ ଘଣ୍ଟାଏ ଅଥବା ୫୦ ମିନିଟ୍ ଜଣେ ପଢ଼ିବେ । ଅନ୍ୟାନ୍ୟ ସଦସ୍ୟମାନେ ନୀରବରେ ଏକାଗ୍ରତା ସହିତ ଶୁଣିବେ । ଶୁଣିବା ବିଷୟରେ ଯାହାର ପ୍ରଶ୍ନ କରିବା ଆବଶ୍ୟକ ହୁଏ ସେ କରିପାରନ୍ତି । ବକ୍ତା ସେବିଷୟରେ ପ୍ରଶ୍ନକର୍ତ୍ତାଙ୍କୁ ବୁଝାଇ ଦେବେ । ଆବଶ୍ୟକ ହେଲେ ପାଠଚକ୍ରର ବିବରଣୀ ପ୍ରତିମାସ ଶେଷରେ 'ନବଜ୍ୟୋତି କାର୍ଯ୍ୟାଳୟ'କୁ ଲେଖିବା ସମୟରେ ପ୍ରଶ୍ନ ମଧ୍ୟ ଲେଖିପାରିବେ ଅଥବା ପତ୍ର ଦ୍ୱାରା ଜଣାଇ ପାରିବେ । ପଢ଼ା ହେବା ପରେ ନୀରବ ଧ୍ୟାନ ୧୫/୨୦ ମିନିଟ୍ ହେବା ଆବଶ୍ୟକ । ପାଠଚକ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେଠାରେ କୌଣସି ବାଜେ କଥାବାର୍ତ୍ତା ବା ଗପ ପୂର୍ଣ୍ଣତଃ ନିଷେଧ ।

ପାଠଚକ୍ରରେ ପଢ଼ାହେବା ପୁସ୍ତକସୂଚୀ*

୧. ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟମାନଙ୍କ ପ୍ରତି
୨. ଲୋକ ସାହିତ୍ୟ ନ. ୬
୩. ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ
୪. ଲୋକ-ସାହିତ୍ୟ ନ. ୧ ରୁ ଶେଷ ପ୍ରକାଶନ ପର୍ଯ୍ୟନ୍ତ
୫. ଯୋଗ ଓ ତାହାର ଉଦ୍ଦେଶ୍ୟ
୬. ମାତୃବାଣୀ
୭. ଯୋଗ ପ୍ରଦୀପ
୮. ଯୋଗାଧାର
୯. ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ
୧୦. ମା (The Mother)
୧୧. ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା, ୧ମ ଓ ୨ୟ ଭାଗ
୧୨. Letters of Sri Aurobindo, Tome I, II
୧୩. The Synthesis of Yoga

ପ୍ରତ୍ୟେକ ପାଠଚକ୍ରର ମେମ୍ବରମାନେ କ୍ରମାନ୍ୱୟରେ ଏହିସବୁ ବହି ଭଲଭାବେ ଏକାଗ୍ରତା ସହିତ କିଛି ସମୟ ଧ୍ୟାନ ପରେ ଅଥବା ଅନ୍ୟ ସମୟରେ ନିୟମିତ ରୂପେ ପଢ଼ିବେ । କିନ୍ତୁ ସ୍ୱାଧ୍ୟାୟ ରୂପେ ପଢ଼ିବେ :

1. The Mother
2. Prayers and Meditations of the Mother
3. White Roses
4. The Synthesis of Yoga
5. Savitri

* ଏହି ପୁସ୍ତକସୂଚୀଟି ୧୯୬୮ ମସିହାର । ବର୍ତ୍ତମାନ ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ ଏବଂ ନବଜ୍ୟୋତି ପ୍ରକାଶନ ବିଭାଗର ପୁସ୍ତକତାଲିକାରୁ ଆପଣମାନେ ପୁସ୍ତକ ନିର୍ବାଚନ କରିପାରନ୍ତି ।

ଯେଉଁମାନେ ଇଂରାଜୀ ନ ଜାଣନ୍ତି ସେମାନେ 'ମା', 'ମାତୃବାଣୀ' ସ୍ୱାଧ୍ୟାୟ କରିବେ । ଯେଉଁମାନେ କମ୍ ପଢ଼ିଥିବେ ସେମାନେ ବଡ଼ ବଡ଼ ବହି ନ ପଢ଼ି ପାରୁଛନ୍ତି ବୋଲି କେବେ ବି ଅବଶୋଷ କରିବେ ନାହିଁ । ଗ୍ରନ୍ଥ ସାଧନାରେ ସାହାଯ୍ୟ କରେ କିନ୍ତୁ ଯଥାର୍ଥ ଜ୍ଞାନ ଓ ସାଧନାର ପ୍ରେରଣା ମିଳେ ନିଜ ଅନ୍ତରରୁ । କମ୍ ପଢ଼ିଥିବା ବ୍ୟକ୍ତିର ସମର୍ପଣ, ଅଭୀପ୍ସା, ଏକାଗ୍ରତା, ସାଧନା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ ହୁଏ, ଯଥାର୍ଥ ଜ୍ଞାନ ପ୍ରାପ୍ତ ହୁଏ ଏବଂ ତାହା ଠିକ୍ ମାର୍ଗରେ ଲକ୍ଷ୍ୟ ଆଡ଼କୁ ନେଇ ଚାଲେ ।

ମହାନ୍ ପଣ୍ଡିତ ଭଲଭାବେ ଗ୍ରନ୍ଥ ଅଧ୍ୟୟନ କରି କଣ୍ଠସ୍ଥ କରିଥାଇ ପାରନ୍ତି କିନ୍ତୁ ସେ ସାଧନା ନ କଲେ ଯଥାର୍ଥ ଶାନ୍ତି; ଆନନ୍ଦ ଏବଂ ଯଥାର୍ଥ ଜ୍ଞାନ ଉପଲବ୍ଧି କରି ପାରନ୍ତି ନାହିଁ । ଏପରିକି ବହୁତ ସମୟରେ ଗ୍ରନ୍ଥର ରହସ୍ୟ ବୁଝି ନ ପାରି ପ୍ରତିକୂଳ ଅର୍ଥ କରନ୍ତି । ଅଧ୍ୟାତ୍ମ-ଗ୍ରନ୍ଥ ରଚୟିତା ମହାପୁରୁଷ ଉଚ୍ଚତର ଚେତନାରେ ରହି ମନର ଊର୍ଦ୍ଧ୍ୱ ବିଷୟ ରଚନା କରନ୍ତି । ସେ ବିଷୟ ଠିକ୍ ଠିକ୍ ବୁଝିବାକୁ ହେଲେ ମନର ଊର୍ଦ୍ଧ୍ୱ ଚେତନାକୁ ଯିବାକୁ ହୁଏ । ବ୍ୟକ୍ତି କେବଳ ଗ୍ରନ୍ଥ ପଢ଼ି ସେଥିରେ ସନ୍ତୁଷ୍ଟ ନ ରହି ସାଧନା କରିବା ଆବଶ୍ୟକ । ଅନ୍ୟଥା ସାଧନା ନ କରି କେବଳ ଗ୍ରନ୍ଥ ବ୍ୟାଖ୍ୟା ଯେତେ ବର୍ଷ କଲେ ମଧ୍ୟ ସେଥିରେ ବ୍ୟକ୍ତିକୁ ଅଧ୍ୟାତ୍ମ-ସିଦ୍ଧି ପ୍ରାପ୍ତ ହୁଏ ନାହିଁ ।

ଶ୍ରୀଅରବିନ୍ଦ କହିଛନ୍ତି, ''ବହୁତ ଗ୍ରନ୍ଥ-ବ୍ୟାଖ୍ୟା ଅପେକ୍ଷା ଅଳ୍ପ ଅର୍ଥାତ୍ ଏକ ବୁନ୍ଦା ସାଧନା ଉତ୍ତମ ।''

ପାଠଚକ୍ର ଉତ୍ତମ ସତ୍‌ସଙ୍ଗ । ଏହା ମନୁଷ୍ୟକୁ ସ୍ୱୀୟ ଲକ୍ଷ୍ୟ-ପ୍ରାପ୍ତିରେ ବହୁତ ସାହାଯ୍ୟ କରିପାରେ ।

ମନୁଷ୍ୟର ସାଧାରଣ ଜୀବନଧାରା କେତେକ ଅର୍ଦ୍ଧ-ସଂଯତ ଭାବନା କାମନା, ପ୍ରତ୍ୟକ୍ଷ ଆବେଗ, ଅନୁଭୂତି ଓ ସଂଭୋଗର ଅର୍ଦ୍ଧକଠିନ ଓ ଅର୍ଦ୍ଧତରଳ ସମ୍ମିଶ୍ରଣ । ଏହିସବୁ ବୃତ୍ତି ବହୁ ଅଂଶରେ ଅଭ୍ୟାସଗତ, ପୁନରାବୃତ୍ତ ଓ ପୌନଃପୁନିକ । ଏମାନଙ୍କର ଗତି ବା ପରିଣତି ଅଳ୍ପ, ଏମାନେ ଆତ୍ମର ବାହ୍ୟ ବ୍ୟକ୍ତ ଅହମିକାକୁ ଚାରି ଦିଗରେ ଘେରି ରହିଅଛନ୍ତି । ମୋଟ ଉପରେ ଏମାନଙ୍କର କ୍ରିୟାବଳୀ ନେଇ ଆସେ ଆଂଶିକ ଆନ୍ତର ବିକାଶ, ଯାହାର କିଛି ଅଂଶ ଏହି ଜୀବନରେହିଁ ଦୃଶ୍ୟମାନ ଓ କାର୍ଯ୍ୟକାରୀ ହୁଏ ଏବଂ ବାକିସବୁ ଜନ୍ମ-ଜନ୍ମାନ୍ତର ପ୍ରଗତିର ବୀଜ ସ୍ୱରୂପ ହୁଏ । ଚେତନସତ୍ତାର ଏକ ବିକାଶ ଓ ପ୍ରସାର, ନିତ୍ୟ ଅଧିକ ଆତ୍ମ-ପ୍ରକାଶ, ଅଙ୍ଗପ୍ରତ୍ୟଙ୍ଗରେ ସୁସଙ୍ଗତ ପରିଣତି,— ଏହାହିଁ ହେଲା ମାନବ-ଜୀବନର ଅର୍ଥ, ଏହାହିଁ ତାହାର ଅସ୍ତିତ୍ୱର ସମଗ୍ର ରହସ୍ୟ । ଭାବନା, ସଂକଳ୍ପ, ଆବେଗ, କାମନା, କର୍ମ ଓ ଅଭିଜ୍ଞତା ଦ୍ୱାରା ଚେତନାର ସାର୍ଥକ ଅଭିବ୍ୟକ୍ତି ନିମିତ୍ତ ମନୋମୟ ମାନବ ଜଡ଼ଦେହକୁ ଆଶ୍ରୟ କରିଅଛି, ସେହି ଅଭିବ୍ୟକ୍ତିର ଚରମ ଲକ୍ଷ୍ୟ ହେଲା ପରମ ଦିବ୍ୟ ଆତ୍ମ-ଆବିଷ୍କାର ।

— ଶ୍ରୀଅରବିନ୍ଦ

ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ପ୍ରଥମ ଭାଗ)

ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ପ୍ରଥମ ଭାଗ)

(୧)

ଜୀବନ-ସମସ୍ୟାର ସମାଧାନ

ପ୍ରଶ୍ନ : ବ୍ୟକ୍ତିଗତ ଜୀବନ ଯେପରି ଦୁଃଖଦ୍ୱନ୍ଦ୍ୱରେ ପୂର୍ଣ୍ଣ ସେହିପରି ସମସ୍ତ ସଂସାରରେ ଅନ୍ୟାୟ, ମିଥ୍ୟାଚାରର ରାଜତ୍ୱ । ଜଗତର ସକଳ କ୍ଷେତ୍ରରେ ଏହାର ବୃଦ୍ଧି ହେଉଅଛି । ଏହାର ସମାଧାନ କ'ଣ ? ଏହାର କାରଣ କ'ଣ ?

ଉତ୍ତର : ମନୁଷ୍ୟର ବ୍ୟକ୍ତିଗତ ଜୀବନର ଜଟିଳ ସମସ୍ୟାର ସମାଧାନ ହେଲା ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣି ପ୍ରଯତ୍ନ କରିବା ଏବଂ ତାହାକୁ ପ୍ରାପ୍ତ ହେବା । ଏହାର ନାମ ଯୋଗ । ଏଥିରେହିଁ ଜଗତ-ସମସ୍ୟାର ସମାଧାନ ହେବ । ଅନ୍ୟାୟ ଓ ଅସତ୍ୟ ବୃଦ୍ଧିର କାରଣ ହେଲା ଯୁଗ-ପରିବର୍ତ୍ତନର ସନ୍ଧିକ୍ଷଣ । ଅର୍ଥାତ୍ ପୁରାତନ ଯୁଗର ନୈତିକତା ଓ ସାମାଜିକତାର ପତନ, ନୂତନ ସତ୍ୟର ଆଗମନ ।

*

ପ୍ରଶ୍ନ : ଏହି ଉତ୍ତର ଅସମ୍ଭବ ପ୍ରତୀତ ହେଉଅଛି । ବର୍ତ୍ତମାନ ସଂସାରରେ ଘୋର ଅନ୍ୟାୟ, ଅତ୍ୟାଚାର ଚାଲିଛି । ବ୍ୟକ୍ତି ମିଥ୍ୟା ଛଡ଼ା ସତ୍ୟକୁ ସ୍ପର୍ଶ କରୁ ନାହାନ୍ତି; କେବଳ ଗୋଟିଏ କ୍ଷେତ୍ରରେ ନୁହେଁ, ସକଳ କ୍ଷେତ୍ରରେ, ସକଳ ସଂସ୍ଥାରେ । ଏପରି ଅବସ୍ଥାରେ ବ୍ୟକ୍ତି ଯୋଗ-ଅବଲମ୍ବନରେ ସତ୍ୟ, ନ୍ୟାୟ ଗ୍ରହଣ କରିବ କିପରି, ପୃଥିବୀରେ ବା ସତ୍ୟ ସ୍ଥାପିତ ହେବ କିପରି ? ବୋଧହୁଏ ବର୍ତ୍ତମାନ ସଂସାରର ପରିସ୍ଥିତିରେ ତୁମେ ଅନଭିଜ୍ଞ ଅଛ, ସେଥିପାଇଁ ଏପରି ଉଚ୍ଚ ଆଦର୍ଶର କଥା କହୁଛ ।

ବର୍ତ୍ତମାନ କୁଳୀନ ପରିବାରରେ ସ୍ତ୍ରୀ ପତିକୁ ତିରସ୍କାର କରି ସ୍ୱେଚ୍ଛାଚାରିତା ଆଚରଣ କରୁଛି, ପତି ମଧ୍ୟ ଅନ୍ୟାୟରେ ଧନୋପାର୍ଜନ କରି ମଦ୍ୟପାନରେ ରତ ରହି ଧର୍ମକୁ କୁସଂସ୍କାର କହି ନିଜ ପତ୍ନୀକୁ ପରିତ୍ୟାଗ କରି ଇନ୍ଦ୍ରିୟ-ବାସନା-ତୃପ୍ତିକୁ ଜୀବନର ଲକ୍ଷ୍ୟ ମାନି ନେଇଛି । ପିତାମାତାଙ୍କର କନ୍ୟା ଉପରେ କୌଣସି ଅଧିକାର ନାହିଁ । ସେ ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର । ଏହା ହେଉଛି ନୈତିକତାର ଘୋର ଅଧଃପତନ । ଏବେ ଅନ୍ୟାୟର କଥା ଶୁଣ ।

ଆମ ସରକାର ଦେଶର ଉନ୍ନତି ସକାଶେ ବହୁତ ପ୍ରଯତ୍ନ କରୁଅଛନ୍ତି । କୌଣସି କାର୍ଯ୍ୟ ସକାଶେ କୌଣସି ବସ୍ତୁର ଆବଶ୍ୟକ ହେଲେ ଉଚ୍ଚପଦସ୍ଥ ଅଫିସରମାନେ କମ୍ପାନୀ ସହିତ ଦାମ୍ ନିର୍ଦ୍ଧାରଣ କରିବା ସକାଶେ ପଚାରୁଛନ୍ତି, ''ଏ ବସ୍ତୁର ଦାମ୍ କେତେ ?'' ଉତ୍ତର ମିଳେ 'ଅଠର', ଅଫିସର କହନ୍ତି, ''ବିଲ୍ କରିବ 'ଅଠେଇଶ', ପାଇବ କୋଡ଼ିଏ ।'' ଆଠ ରହିଲା ଅଫିସରଙ୍କ ପକେଟରେ, କମ୍ପାନୀ ପାଇଲା ଅଠର ଜାଗାରେ କୋଡ଼ିଏ । ସଡ଼କ ତିଆରି ସକାଶେ ହଜାରେ ଗାଡ଼ି ପଥର ଆସିଲେ ବିଲ୍ ହେଉଛି ତିନି ହଜାର । କୌଣସି କାର୍ଯ୍ୟରେ ଯଦି ଏକ କୋଟି ଖର୍ଚ୍ଚ ହେଲା ତେବେ ବିଲ୍ ହେଲା ତିନି କୋଟି । ସରକାରଙ୍କ ମହଲରେ ବହୁତ ଅଳ୍ପ ବ୍ୟକ୍ତିଙ୍କୁ ବାଦ୍ ଦେଲେ ଉପରୁ ତଳ ପର୍ଯ୍ୟନ୍ତ ଏହି ହାଲ୍ । ବଜାରରେ ଖାଣ୍ଟି ମାଲ୍‌ର ନାମ ନାହିଁ । ଦୁଧ, ଘିଅ, ତେଲ, ଅଟା, ଚାଉଳ, ମସଲା ଇତ୍ୟାଦି ସବୁଥିରେ ଭେଜାଲ । ଏପରିକି ବିଷରେ ମଧ୍ୟ ଚିନି ମିଶୁଛି । ସ୍କୁଲ କଲେଜ କଥା ଛାଡ଼ । ଶିକ୍ଷକମାନେ ସ୍କୁଲକଲେଜରେ ଆଗ୍ରହ ବିନା କାର୍ଯ୍ୟ କରୁଛନ୍ତି । ତାଙ୍କର ଲକ୍ଷ୍ୟ ରହୁଛି

ଟ୍ୟୁସନ୍ କରି ପଇସା ରୋଜଗାର କରିବାରେ । ଛାତ୍ରମାନଙ୍କର ଗୁରୁ-ଭକ୍ତିର ନାମ ନାହିଁ । ଅଧିକାଂଶ ଛାତ୍ର ପଢ଼ାପଢ଼ି ଛାଡ଼ି ସଂଘବଦ୍ଧ ହୋଇ ରାଜନୀତି କରୁଛନ୍ତି ଏବଂ ଶିକ୍ଷକମାନଙ୍କୁ ଧମକ ଦେଇ ପରୀକ୍ଷା ବେଳେ ଖାତା ନକଲ କରି କିଂବା ବହି ଦେଖି ଲେଖି ପାସ୍‌ଟା କରିବା ଲକ୍ଷ୍ୟ ରଖିଅଛନ୍ତି । ଚାକିରି କ୍ଷେତ୍ରରେ ଯୋଗ୍ୟତା ଅଯୋଗ୍ୟତାର ପ୍ରଶ୍ନ ନାହିଁ । ବଡ଼ ଅଫିସରଙ୍କ ସ୍ୱାର୍ଥରେ ସାହାଯ୍ୟ କରିପାରିଲେ ଉନ୍ନତି ନିଶ୍ଚିତ । ବର୍ତ୍ତମାନ ସଂସାରରେ ଅନ୍ୟାୟ, ଅସତ୍ୟର ପୂର୍ଣ୍ଣ ରାଜତ୍ୱ । ଏଥିରେ ସତ୍ୟ ଆଚରଣ କଲେ ଗଲା,— ବ୍ୟବସାୟରେ ଦେବାଳିଆ ହେବ, ଚାକିରିରେ ଅବନତି ଘଟିବ, ରାଜନୀତିରେ ଅଯୋଗ୍ୟ ସାବ୍ୟସ୍ତ ହେବ, ପରିବାରର ଦାବି ପୂରା ନ କଲେ ସେମାନଙ୍କର ହେବ ଚକ୍ଷୁଶୂଳ । ଶେଷରେ ଅସତ୍ୟ, ଅନ୍ୟାୟ ଆଚରଣ କରିବାକୁ ବ୍ୟକ୍ତି ବାଧ ହେବ ଅଥବା କବାଟ କୋଣରେ ଉପାସଭୋକରେ ପଡ଼ିରହିବ । ଏପରି ଅବସ୍ଥାରେ ତୁମେ କହୁଛ — ''ପୃଥିବୀରେ ସତ୍ୟ, ନ୍ୟାୟ ପ୍ରତିଷ୍ଠା ହେବାର ସମୟ ଆସିଛି, ପ୍ରତ୍ୟେକଙ୍କୁ ଏହା ଗ୍ରହଣ କରିବାକୁ ହେବ ।'' ତୁମ ବକ୍ତବ୍ୟ କେବଳ ଶବ୍ଦ ଓ ସିଦ୍ଧାନ୍ତରେ ରହିବ ନା କାର୍ଯ୍ୟକାରୀ ହେବ ?

ଉତ୍ତର : ପ୍ରଶ୍ନ ବେଶ୍ ଯୁକ୍ତିଯୁକ୍ତ ମନେ ହେଉଥିଲେ ମଧ୍ୟ ଏହା କେବଳ ବାହ୍ୟ ଦୃଷ୍ଟିରୁ ବିଚାର କରାଯାଇଛି । ଯେତେବେଳେ ହିରଣ୍ୟକଶିପୁ ସତ୍ୟର ଘୋର ବିରୋଧାଚରଣ କରୁଥିଲା, ଏପରିକି ଭଗବତ୍ ନାମ ସ୍ମରଣ କରିବା ବ୍ୟକ୍ତି ରାଜଦ୍ରୋହରେ ପ୍ରାଣଦଣ୍ଡ ଭୋଗ କରୁଥିଲା, ସେତେବେଳେ ଯଦି ପ୍ରହ୍ଲାଦ ପ୍ରକଟ ହୋଇ ପୃଥିବୀରେ ଭଗବତ୍ ଭକ୍ତି ସ୍ଥାପନା କରିଥିଲେ, ବର୍ତ୍ତମାନ ସତ୍ୟ, ନ୍ୟାୟ ଆଚରଣ କରିବା ଅସମ୍ଭବ କାହିଁକି ହେବ ? ଏହା କେବଳ ଶବ୍ଦରେ କିଂବା ସିଦ୍ଧାନ୍ତରେ ସୀମାବଦ୍ଧ ହୋଇ ରହିବ ନାହିଁ, ପ୍ରତ୍ୟକ୍ଷ ରୂପେ କାର୍ଯ୍ୟରେ ପରିଣତ ହେବ । କୌଣସି ପୁରାତନ ଅବସ୍ଥା ପୂର୍ଣ୍ଣ ନ ହେଲେ ନୂତନ ଅବସ୍ଥା ଆସେ ନାହିଁ । ଅମାବାସ୍ୟା ରାତ୍ରିରେ ସମ୍ପୂର୍ଣ୍ଣ ଅନ୍ଧକାର ନ ହେଲେ ପ୍ରତିପଦରେ ଚନ୍ଦ୍ରମାର ପ୍ରକାଶ ହୁଏ ନାହିଁ । ବର୍ତ୍ତମାନ ଅନ୍ୟାୟ, ମିଥ୍ୟାଚାରର ପୂର୍ଣ୍ଣ ପରିଣତି ଅବସ୍ଥା ହୋଇଅଛି, ଠିକ୍ ଏହି ସମୟହିଁ ପରିବର୍ତ୍ତନର ଅବସ୍ଥା । କଳିଯୁଗ ପରେ ସତ୍ୟଯୁଗର ସ୍ଥାପନା ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ଘୋର ଅନ୍ୟାୟ, ଅସତ୍ୟ ଅବସ୍ଥାରେ ସତ୍ୟ, ନ୍ୟାୟ ସଂସାରରେ ପ୍ରତିଷ୍ଠା କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ରୂପାନ୍ତରକାରୀ ମହାଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଅଛନ୍ତି । ବ୍ୟକ୍ତି ଏହା ଦ୍ୱାରା ରୂପାନ୍ତରିତ ହେବା ସକାଶେ ପଥପ୍ରଦର୍ଶିକା ରୂପେ ମା'ଙ୍କୁ ଗ୍ରହଣ କଲେ ଏହି ଘୋର ଅନ୍ୟାୟ, ଅସତ୍ୟ ମଧ୍ୟରେ ସତ୍ୟ ଆଚରଣ କରିପାରିବ । ସେ ପୂର୍ଣ୍ଣତଃ ଭାଗବତୀ ଶକ୍ତିର ସାହାଯ୍ୟ ପାଇବ ।

*

ପ୍ରଶ୍ନ : ତୁମେ କହୁଛ ଯେ ମା'ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି । ଏହି ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀରର ରୂପାନ୍ତର ହେବ, ସେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । କିନ୍ତୁ ପରିଣାମରେ ଏହାର ବିପରୀତ ଦୃଷ୍ଟି ଗୋଚର ହେଉଛି । ଯେଉଁ ଶକ୍ତି ମନୁଷ୍ୟର ମନ, ପ୍ରାଣ, ଶରୀରକୁ ରୂପାନ୍ତର କରି ଅମରତ୍ୱ ପ୍ରଦାନ କରିପାରେ, ଦୁଃଖ-ଯାତନାମୟ ମୃତ୍ୟୁପୁରୀକୁ ଦିବ୍ୟ ରୂପ ଦେଇପାରେ, ସେହି ଶକ୍ତି ଏହି ପୃଥିବୀରେ ଅବତୀର୍ଣ୍ଣ ହେବା ପରେ ଅନ୍ୟାୟ, ଅସତ୍ୟର ହ୍ରାସ ହେବା ଉଚିତ ଥିଲା, ମାତ୍ର ଏହା ନ ହୋଇ କ୍ରମଶଃ ବୃଦ୍ଧି ହେଉଛି । ଅତଏବ ଏହି ଶକ୍ତିର ଆଶ୍ରୟରେ ନୂତନ ସତ୍ୟଯୁଗର ପ୍ରତିଷ୍ଠା ହେବ ବୋଲି କିପରି ବିଶ୍ୱାସ କରିବୁ ?

ଉତ୍ତର : ସକଳ ଘଟଣା ତୁମ ବିଶ୍ୱାସ ଉପରେ ନିର୍ଭର କରେ ନାହିଁ । ଯେଉଁ ସତ୍ୟ ତୁମ ମନ-ବୁଦ୍ଧିର ଅତୀତ, ତାକୁ ଯଦି ତୁମେ ବିଶ୍ୱାସ ନ କର, ତେବେ ତାହା ତୁମ ବିଶ୍ୱାସକୁ ଅପେକ୍ଷା ନ କରି ଅବଶ୍ୟ ଘଟିବ । ସୃଷ୍ଟିର ବିଧାନ ଚାଲେ ନିଜ ମାର୍ଗରେ, ତୁମର ସୀମିତ ବୁଦ୍ଧି ଗ୍ରହଣ କରିବା ଅନୁସାରେ ଭଗବାନ୍ ନିଜ ବ୍ୟବସ୍ଥାର ପରିବର୍ତ୍ତନ କରନ୍ତି ନାହିଁ । ଭଗବାନଙ୍କ ବ୍ୟବସ୍ଥା ବୁଝିବାକୁ ହେଲେ ତୁମ ସୀମିତ ବୁଦ୍ଧିକୁ ବିଶାଳ କରିବାକୁ ହେବ । ଉଚ୍ଚତର ସତ୍ୟ ନିମ୍ନତର ସତ୍ୟର ଅନୁଗାମୀ ହୁଏ ନାହିଁ, ନିମ୍ନତର ସତ୍ୟ ସର୍ବଥା ଅନୁଗାମୀ ହୁଏ ଉଚ୍ଚତର ସତ୍ୟର ।

ଯେବେ ଯେବେ ଯୁଗ-ପରିବର୍ତ୍ତନ ହୁଏ ପୁରାତନର ସମସ୍ତ ବିଧିବିଧାନ ଭାଙ୍ଗି ଚୂରମାର୍ ହୋଇଯାଏ, ତେବେ ଆସେ ନୂତନ ସତ୍ୟ । ନୂତନ ସତ୍ୟର ପଥରୋଧ ବରାବର କରେ ଅସତ୍ୟ । ଯେଉଁ ସମୟରେ ରାବଣ ଦ୍ୱାରା ପୃଥିବୀରେ ଅନ୍ୟାୟ, ଅସତ୍ୟ ଅଧିକ ବୃଦ୍ଧି ହେଲା ସେହି ସମୟରେ ଅବତାର ନେଲେ ସ୍ୱୟଂ ଭଗବାନ୍ ଶ୍ରୀରାମଚନ୍ଦ୍ର । ଶ୍ରୀରାମଚନ୍ଦ୍ର ଅବତାର ନେବା ସଙ୍ଗେ ସଙ୍ଗେ ପୃଥିବୀରୁ ଅସତ୍ୟ ଦୂର ନ ହୋଇ ପ୍ରବଳ ବେଗରେ ବୃଦ୍ଧି ହେବାକୁ ଲାଗିଥିଲା । ରାବଣ ଦଣ୍ଡକାରଣ୍ୟରେ ମାରୀଚ, ସୁବାହୁଙ୍କୁ ନିଯୁକ୍ତ କରିଥିଲା । ତାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ରାକ୍ଷସ ଅନ୍ୟାୟ କର୍ମାଚରଣରେ ଆଗଭର ହୋଇ ଯଜ୍ଞାଦି ଧ୍ୱଂସ କରି ଋଷିମାନଙ୍କୁ ଭକ୍ଷଣ କରୁଥିଲେ । ସେହି ଭୟରେ ବିଶ୍ୱାମିତ୍ରଙ୍କ ପରି ମହା ତପୋନିଷ୍ଠ ଋଷି ବି ଯଜ୍ଞ କରିପାରୁ ନ ଥିଲେ । ଯଜ୍ଞରକ୍ଷା ସକାଶେ ଶ୍ରୀରାମଙ୍କୁ ଅଯୋଧ୍ୟାରୁ ନେବା ପରେ ତାଙ୍କର ସୁରକ୍ଷା ଦ୍ୱାରା ଋଷିଙ୍କର ଯଜ୍ଞ ସଂପୂର୍ତ୍ତ ହୋଇଥିଲା । ଶ୍ରୀରାମଙ୍କର ବନଗମନ ସମୟରେ ଦଣ୍ଡକାରଣ୍ୟର ବହୁ ସ୍ଥାନରେ ଅସୁରଙ୍କ ଦ୍ୱାରା ଭକ୍ଷଣ କରା ହୋଇଥିବା ଋଷିମାନଙ୍କର ବହୁ ଅସ୍ଥି ସେ ଦେଖିବାକୁ ପାଇଥିଲେ ।

ଭଗବାନ୍ ଶ୍ରୀକୃଷ୍ଣଙ୍କ ଅବତାର ସମୟରେ ମଧ୍ୟ ଠିକ୍ ସେହିପରି । ଶ୍ରୀକୃଷ୍ଣ ଅବତାର ନେବା ପୂର୍ବରୁ କଂସ ଅଧିକ ଅତ୍ୟାଚାର କରିବାକୁ ଲାଗିଲା । ଶ୍ରୀକୃଷ୍ଣ ଅବତାର ନେବା ସଙ୍ଗେ ସଙ୍ଗେ କେତେ ନବଜାତ ଶିଶୁଙ୍କୁ ପୁତନା ଦ୍ୱାରା ବଧ କରାଇଥିଲା । ଭଗବାନ୍ ଅବତାର ନେଇ ଅସୁରକୁ ମାରିବାକୁ ଯାଆନ୍ତି ନାହିଁ, ଅସୁରମାନେ ସ୍ୱୟଂ ଥୟ ନ ହୋଇ ଭଗବାନଙ୍କ ସଙ୍ଗେ ବିରୋଧ କରନ୍ତି, କାରଣ ସତ୍ୟର ପ୍ରତାପକୁ ଅସତ୍ୟ ବରଦାସ୍ତ କରିପାରେ ନାହିଁ କିଂବା ତା' ସହିତ ସାମଞ୍ଜସ୍ୟ ସ୍ଥାପନ କରିପାରେ ନାହିଁ । ସତ୍ୟର ଆବିର୍ଭାବ ସଙ୍ଗେ ସଙ୍ଗେ ଅସତ୍ୟ, ଅନ୍ୟାୟଙ୍କର ଆସନ ସ୍ଥିର ହୋଇ ରହିପାରେ ନାହିଁ; ସମସ୍ତ ଶକ୍ତି ସହ ସତ୍ୟର ବିରୋଧରେ ଯୁଦ୍ଧ କରନ୍ତି ଏବଂ ଶେଷରେ ନାଶ ହୁଅନ୍ତି । ବର୍ତ୍ତମାନ ଠିକ୍ ସେହିପରି ଅବସ୍ଥା । ଅତିମାନସ ମହା ସତ୍ୟ ପୃଥିବୀରେ ରୂପାନ୍ତର କାର୍ଯ୍ୟ କରିବା ସକାଶେ ଅବତୀର୍ଣ୍ଣ ହୋଇଥିବାରୁ ଅନ୍ଧକାର ଶକ୍ତି ସ୍ୱୟଂ ନାଶ ହେବା ଭୟରେ ପୂର୍ଣ୍ଣ ପରାକ୍ରମ ସହ ତା'ର ପଥରୋଧ କରିବାକୁ ଚେଷ୍ଟା କରୁଅଛି । ସେହି କାରଣରୁ ଅଧିକ ମାତ୍ରାରେ ଅସତ୍ୟ, ଅନ୍ୟାୟର କ୍ରିୟା ଦୃଷ୍ଟିଗୋଚର ହେଉଅଛି । ସତ୍ୟ-ପ୍ରତିଷ୍ଠାର ଏହାହିଁ ଯୁକ୍ତିଯୁକ୍ତ ସୂଚନା । ପୃଥିବୀର ସତ୍ୟ ଏବଂ ନ୍ୟାୟର ପ୍ରତିଷ୍ଠା ହେବାର ଅନ୍ୟ କାରଣ ହେଉଛି ବର୍ତ୍ତମାନ ପ୍ରତ୍ୟେକ ସ୍ତରର ବ୍ୟକ୍ତି, ପ୍ରତ୍ୟେକ ସ୍ୱଭାବର ବ୍ୟକ୍ତି ଗୋଟାଏ ଅଭାବ ଅସ୍ପଷ୍ଟ ରୂପେ ଅନୁଭବ କରୁଅଛନ୍ତି । କୌଣସି ବ୍ୟକ୍ତି ସୁଖଶାନ୍ତିରେ ରହିପାରୁ ନାହାନ୍ତି । ଏହି ପରିସ୍ଥିତି ହୁଏ ଯୁଗ-ପରିବର୍ତ୍ତନର ସମୟରେ । ଯେତେବେଳେ ଅନ୍ୟାୟର ପ୍ରଭୁତ୍ୱ ଥାଏ ସେତେବେଳେ ବ୍ୟକ୍ତି ଅନ୍ୟାୟ ଆଚରଣ କରି ଅଜ୍ଞାନବଶରେ ସେଥିରେ ସନ୍ତୁଷ୍ଟ ରହେ । କିନ୍ତୁ ଯୁଗ-ପରିବର୍ତ୍ତନର ସମୟରେ ନୂତନ ଶକ୍ତି ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେଲେ ଅଜ୍ଞାତରୂପେ ବ୍ୟକ୍ତିର ଗଭୀରତାରେ ତାହାର ପ୍ରଭାବ ପଡ଼େ । ବ୍ୟକ୍ତିର ଅଜ୍ଞାନାବରଣକୁ ଭେଦ କରି ତା' ମନରେ ଆଲୋକପାତ ନ କରି ପାରିଥିବାରୁ ବ୍ୟକ୍ତି ସେହି ସତ୍ୟକୁ ସ୍ପଷ୍ଟରୂପେ ଜାଣିପାରେ ନାହିଁ । କିନ୍ତୁ ତା' ମଧ୍ୟରେ ଗୋଟାଏ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ବର୍ତ୍ତମାନ ଠିକ୍ ସେହି ସମୟ । ଏହି କାରଣରୁ ଯେଉଁମାନେ ଅନ୍ୟାୟରେ ଧପ୍‌ପାବାଜି କରି ଜନତାର ଧନ ଆତ୍ମସାତ୍ କରୁଅଛନ୍ତି, ସେମାନେ କଦାପି ସୁଖ-ଶାନ୍ତିରେ ରହିପାରୁ ନାହାନ୍ତି । ସେମାନେ ମହାନ୍ ଦୁଃଖକଷ୍ଟ ଓ ଅଶାନ୍ତିରେ କାଳାତିପାତ କରୁଅଛନ୍ତି । ଅନ୍ୟାୟ, ଅସତ୍ୟ ଆଚରଣରେ ବ୍ୟକ୍ତି କେବେ ବି ସୁଖ-ଶାନ୍ତି ପାଇପାରେ ନାହିଁ, କେବଳ ସୁଖଶାନ୍ତି ପାଇବାର ଏକମାତ୍ର ଉପାୟ ହେଲା ସତ୍ୟ ଆଚରଣ । ଯେଉଁ ବ୍ୟକ୍ତି ସତ୍ୟବାଦୀ ଓ ନ୍ୟାୟନିଷ୍ଠ ସେ ଯଥାର୍ଥରେ ନିର୍ଭୀକ । ଯେଉଁ ବ୍ୟକ୍ତି ତିନି ଶହ ଟଙ୍କା ବେତନ ପାଏ, ଯଦି ସେ ଏକ ହଜାର ଟଙ୍କା ଆତ୍ମସାତ୍ କରେ, ତେବେ ଜନତାର କ୍ଷତି ହୁଏ ଏକ ଲକ୍ଷ ଟଙ୍କା । ଏହି ଏକ ଲକ୍ଷ ଟଙ୍କା ଆସେ ଗରିବ, ଦିବାରାତ୍ରି ପରିଶ୍ରମ କରୁଥିବା ବ୍ୟକ୍ତିଙ୍କଠାରୁ । ତିନିଶହ ଟଙ୍କା ପାଉଥିବା ବ୍ୟକ୍ତି ଏକ ହଜାର ଟଙ୍କା ହଜମ କରିପାରେ ନାହିଁ, ତାହାର ଅପବ୍ୟୟ କରେ ଭୋଗ-ବିଳାସରେ । ଯେଉଁମାନଙ୍କ ପେଟରୁ କଟା ହୋଇ ଏହି ଧନ ଆସିଥାଏ, ସେମାନଙ୍କ ପେଟ ଭୋକଉପାସରେ ଜଳେ, ସେମାନଙ୍କ ଦୁଃଖ ଶତଗୁଣ ହୋଇ ଟଙ୍କା ଆତ୍ମସାତ୍ କରିଥିବା ବ୍ୟକ୍ତିକୁ ଆକ୍ରମଣ କରେ । ସେଥିରୁ ରକ୍ଷା ପାଇବା ସକାଶେ ପୋଡ଼ା ଘା'ରେ ଚୂନ ଦେବା ସଦୃଶ ସେ ଶାନ୍ତି ଖୋଜେ ମଦ୍ୟପାନ ଏବଂ ସିନେମାରେ । ସେଥିରୁ ରକ୍ଷା ନ ପାଇ ସର୍ପକୁ ଦୁଗ୍ଧ ପାନ କରାଇବାରେ ବିଷ ପ୍ରବଳ ହେବା ସଦୃଶ

ଦୁଃଖକଷ୍ଟର ବୃଦ୍ଧି ହୁଏ । ବ୍ୟକ୍ତି ଯେଉଁପରି ଆଚରଣ କରେ, ତାହାର ପ୍ରଭାବ ପଡ଼େ ସ୍ତ୍ରୀ ଓ ସନ୍ତାନମାନଙ୍କ ଉପରେ । ପାପାର୍ଜିତ ଧନ ଭୋଗ କରିଥିବା ଯୋଗୁଁ ସେମାନଙ୍କର ମଧ୍ୟ ବୁଦ୍ଧି ଭ୍ରଷ୍ଟ ହୁଏ । ନିଜେ ଯେପରି ଅସତ୍ ଆଚରଣ କରି ଦୁଃଖ ପାଉଥାଏ, ତା'ଠାରୁ ଅଧିକ ଅସତ୍ ଆଚରଣ କରନ୍ତି ସ୍ତ୍ରୀ ଏବଂ ସନ୍ତାନ । ସେମାନଙ୍କ ଆଚରଣରେ ତା'ର ହୃଦୟ ଜଳୁଥାଏ, ମାତ୍ର କିଂକର୍ତ୍ତବ୍ୟବିମୂଢ଼ ହୋଇ ସେସବୁକୁ ସହିବାକୁ ହୁଏ । ଅସତ୍ୟ, ଅନ୍ୟାୟରେ ବ୍ୟକ୍ତି କେବେ ବି ସୁଖ-ଶାନ୍ତି ପାଇ ପାରେ ନାହିଁ, ବରଂ ସର୍ବଦା ଦୁଃଖାଗ୍ନିରେ ଜଳିପୋଡ଼ି ହୋଇ ହାହାକାରମୟ ଜୀବନ ଯାପନ କରୁଥାଏ । ସତ୍ୟ, ନ୍ୟାୟରେ ଉପାର୍ଜିତ ଶାଗଭାତ ଉତ୍ତମ, ଅନ୍ୟାୟରେ ଉପାର୍ଜିତ ମିଷ୍ଟାନ୍ନ ଦୁଃଖଦାୟକ ।

*

ପ୍ରଶ୍ନ : ସତ୍ୟ ଏବଂ ନ୍ୟାୟ ଆଚରଣ କରିବାକୁ ଶାସ୍ତ୍ରରେ କୁହାହୋଇଅଛି, ଦେଶର ନେତାମାନେ ମଧ୍ୟ ସଭାସମିତିରେ ଏହାହିଁ କହୁଛନ୍ତି, ସାଧୁସଜ୍ଜନମାନଙ୍କର ମଧ୍ୟ ସେହି ନିର୍ଦ୍ଦେଶ; କିନ୍ତୁ ଫଳରେ କିଛି ଦେଖାଯାଉ ନାହିଁ । ଯେଉଁମାନେ ସତ୍ୟ-ନ୍ୟାୟର କଥା କହୁଛନ୍ତି ସେହିମାନେ ଯଦି ସଭାରେ ପଣ୍ଡିତଙ୍କ ବାଇଗଣ ନ ଖାଇବା କଥା ସଦୃଶ ସ୍ୱାର୍ଥବଶତଃ ଅନ୍ୟାୟ, ଅସତ୍ୟ ଆଚରଣ କରୁଛନ୍ତି, ତେବେ ଶୁଣିବା ଲୋକ କ'ଣ କରିବେ ? ଏପରିସ୍ଥଳେ ବ୍ୟକ୍ତି ସତ୍ୟ, ନ୍ୟାୟ ଆଚରଣ କରିବ କିପରି, ସଂସାରରେ ବା ସତ୍ୟ-ପ୍ରତିଷ୍ଠା ହେବ କିପରି ?

ଉତ୍ତର : ନେତାମାନଙ୍କ ଭାଷଣରେ, ଶାସ୍ତ୍ରର ନିର୍ଦ୍ଦେଶରେ ଏବଂ ସଜ୍ଜମହାତ୍ମାଙ୍କ ଉପଦେଶରେ ପୃଥିବୀରେ ସତ୍ୟ-ପ୍ରତିଷ୍ଠା ହୁଏ ନାହିଁ । କାରଣ ସେମାନଙ୍କ ବାକ୍ୟ ବା ଉପଦେଶ ପଶ୍ଚାତରେ ପ୍ରବଳ ଶକ୍ତି ନ ଥାଏ । ଏହା କେବଳ ସମ୍ଭବ ହୁଏ ମହାପୁରୁଷ ବା ଅବତାରଙ୍କ ଦ୍ୱାରା, ଯେଉଁମାନେ ଏହି ସତ୍ୟକୁ ପୃଥିବୀରେ ପ୍ରତିଷ୍ଠା କରିବାକୁ ଆସିଥାଆନ୍ତି । ସେହିମାନେହିଁ ମହାନ୍ ଶକ୍ତିକୁ ଧାରଣ କରିଥାଆନ୍ତି, ସେମାନେ ସ୍ୱୟଂ ସତ୍ୟ ଆଚରଣ କରି ବ୍ୟକ୍ତି ସମ୍ମୁଖରେ ଆଦର୍ଶ ସ୍ଥାପନା କରନ୍ତି । ତାଙ୍କରି ଆଚରଣରେ, ତାଙ୍କରି ବାକ୍ୟରେ, ଲେଖାରେ ଥାଏ ଶକ୍ତି । ସେହି ଶକ୍ତି ଆମୋଘଭାବେ କାର୍ଯ୍ୟ କରେ ଏବଂ ଅସତ୍ୟର ସକଳ ଦୁର୍ବାର ଦାବିକୁ ବିଦୂରିତ କରି ପୃଥିବୀରେ ସତ୍ୟରାଜ୍ୟ ପ୍ରତିଷ୍ଠା କରେ । ସେହି ସମୟରେ ତାଙ୍କରି ନିର୍ଦ୍ଦେଶର ବାହକ ହୁଅନ୍ତି ଶାସ୍ତ୍ର, ରାଜନୈତିକ ନେତା ଏବଂ ସଜ୍ଜ ମହାତ୍ମା । ସେହି ସମୟରେ ଏମାନେ ଯାହା କହନ୍ତି ସେହି ବାକ୍ୟର ପଶ୍ଚାତରେ ଥାଏ ସତ୍ୟ-ପ୍ରତିଷ୍ଠ ମହାପୁରୁଷଙ୍କର ଅବ୍ୟର୍ଥ ଶକ୍ତି ।

ସଂସାରରେ ସତ୍ୟ-ନ୍ୟାୟ ପ୍ରତିଷ୍ଠା କରିବା ସକାଶେ, ଏହି ପୃଥିବୀକୁ ଆସିଛନ୍ତି ଶ୍ରୀଅରବିନ୍ଦ ଏବଂ ମା' । ସେମାନେ ସ୍ୱୀୟ ତପସ୍ୟାରେ ଉତାରି ଆଣିଛନ୍ତି ଅତିମାନସ ମହାଶକ୍ତିକୁ । ତାହାରି ଦ୍ୱାରା ସାଧକମାନଙ୍କର ମନ, ପ୍ରାଣ, ଶରୀରର ଦିବ୍ୟତତ୍ତ୍ୱରେ ରୂପାନ୍ତର କର୍ମ କରାଉ ଅଛନ୍ତି । ସେହି ସାଧକମାନେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହେବେ; ସେହିମାନେ ହେବେ ନୂତନ ଯୁଗର ଅତିମାନବ । ଏହାଫଳରେ ସଂସାର ହେବ ସ୍ୱର୍ଗ ।

ଏହା ନୂଆ କଥା ନୁହେଁ; ଯେବେ ଯେବେ ପୁରାତନ ସତ୍ୟର ହ୍ରାସ ହୋଇଛି ସେତେବେଳେ ଅବତାର ଅଥବା ମହାପୁରୁଷ ଏହି ପୃଥିବୀକୁ ଆସି ସତ୍ୟ ପ୍ରତିଷ୍ଠା କରିଅଛନ୍ତି । ସତ୍ୟଯୁଗରେ ହିରଣ୍ୟକଶିପୁ ଦ୍ୱାରା ଅସତ୍ୟର ବୃଦ୍ଧି ହେବାରୁ ପ୍ରହ୍ଲାଦ ଆବିର୍ଭୂତ ହୋଇଥିଲେ । ତାଙ୍କ ସତ୍ୟ ଏବଂ ଭଗବତ୍ ଭକ୍ତିର ପ୍ରଭାବରେ ନୃସିଂହ ଅବତାର ନେଲେ ଏବଂ ହିରଣ୍ୟକଶିପୁକୁ ବଧ କଲେ । ପୃଥିବୀରେ ସତ୍ୟ ପ୍ରତିଷ୍ଠିତ ହେଲା ।

ତ୍ରେତୟାରେ ରାବଣର ଅସତ୍ୟ, ଦୁରାଚାରିତାରେ ପୃଥିବୀ ଭାରାକ୍ରାନ୍ତ ହୋଇ ପଡ଼ିବାରୁ ଆଦ୍ୟାଶକ୍ତି ଜଗଜ୍ଜନନୀ ମିଥିଳା ରାଜ-ନନ୍ଦିନୀ ସୀତା ପୃଥିବୀରୁ ଆବିର୍ଭୂତା ହୋଇ ରାବଣକୁ ବଧ କରାଇଥିଲେ । ନାରୀମାନଙ୍କର ଆଦର୍ଶ ହୋଇଥିଲେ ଆଦ୍ୟାଶକ୍ତି ପତିବ୍ରତା-ଶିରୋମଣି ସୀତା; ପୁରୁଷମାନଙ୍କର ଆଦର୍ଶ ହୋଇଥିଲେ ଭଗବାନ୍ ଶ୍ରୀରାମଚନ୍ଦ୍ର । ଆଦ୍ୟାଶକ୍ତି ଜଗଜ୍ଜନନୀ ସୀତା ଏବଂ ପରମପିତା ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କର ସତ୍ୟ, ନ୍ୟାୟ ଆଚରଣ ଥିଲା ଅତୁଳନୀୟ ଆଦର୍ଶ ।

ଦ୍ୱାପରରେ କଂସ, ଜରାସନ୍ଧ, କୌରବାଦିଙ୍କର ଅସତ୍ୟ, ଅନ୍ୟାୟକୁ ପୃଥିବୀ ସହ୍ୟ କରି ନ ପାରିବାରୁ ଅବତାର ନେଲେ ଭଗବାନ୍ ଶ୍ରୀକୃଷ୍ଣ । ସେ ସେମାନଙ୍କୁ ବଧ କରି 'ଗୀତା' ଉପଦେଶ ଦେଇ ପୃଥିବୀରେ ପ୍ରତିଷ୍ଠା କଲେ ଅଧାମ୍ ସତ୍ୟ ।

କଳିରେ ଅନ୍ୟାୟ-ଅସତ୍ୟର ବୃଦ୍ଧି ଯୋଗୁଁ ଭଗବାନ୍ ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ ଏବଂ ଆଚାର୍ଯ୍ୟ ରାମାନନ୍ଦ ଆଦି ମହାପୁରୁଷ ଅବତାର ନେଇ ନିଜ ଆଚରଣ ତଥା ଉପଦେଶ ଦ୍ୱାରା ପୃଥିବୀରେ ବୃଦ୍ଧି କରାଇଲେ ସତ୍ୟ ଏବଂ ନ୍ୟାୟ । ଏହିସବୁ ମହାପୁରୁଷ ଏବଂ ଅବତାର ଆସିବା ସମୟରେ ସେମାନଙ୍କର ଥିଲା ମହାନ୍ ଶକ୍ତି । ସେମାନେ ନିଜ ଶକ୍ତିବଳରେ ଅସତ୍ୟର ହ୍ରାସ ଘଟାଇ ସତ୍ୟର ବୃଦ୍ଧି କରିଥିଲେ । କିନ୍ତୁ ଅସତ୍ୟକୁ ରୂପାନ୍ତର କରି ନ ଥିଲେ । ତା'ର ମଧ୍ୟ ସମୟ ଆସି ନ ଥିଲା । ସେମାନେ ସଂସାରରୁ ଚାଲିଯିବା ପରେ ଅରୂପାନ୍ତରିତ ଅସତ୍ୟ ପୁନରାୟ କ୍ରମଶଃ ସଂସାରରେ ବିସ୍ତାର ଲାଭ କଲା । ସେହି ମହାପୁରୁଷମାନଙ୍କ ଶିକ୍ଷା ପୃଥିବୀରେ ବିଦ୍ୟମାନ ଥିବା ସତ୍ତ୍ୱେ କାର୍ଯ୍ୟକାରୀ ହୋଇ ପାରୁ ନ ଥିଲା । କାରଣ ସେହି ଶିକ୍ଷା ପଶ୍ଚାତ୍‌ରେ କୌଣସି ଶକ୍ତି ନ ଥିବାରୁ ସଭାରେ ପଣ୍ଡିତଙ୍କ ବାଇଗଣ ନ ଖାଇବା ଉପଦେଶ ସଦୃଶ କାର୍ଯ୍ୟ ହେଉଥିଲା ।

ଜଣେ ପଣ୍ଡିତ ପୁରାଣ କହିବା ସମୟରେ କହିଲେ, ''ବାଇଗଣ ମାଂସ ସଦୃଶ । ଅତଏବ ନିରାମିଷାଶୀ ବ୍ୟକ୍ତି ବାଇଗଣ ଭକ୍ଷଣ କରିବା ଉଚିତ ନୁହେଁ ।'' ପଣ୍ଡିତଙ୍କ ସ୍ତ୍ରୀ ସେ କଥା ଶୁଣି ଘରକୁ ଆସି ରୋଷେଇ କଲେ । ଭୋଜନ ସମୟରେ ଆସିଲେ ପଣ୍ଡିତ ମହାଶୟ । ପଣ୍ଡିତଙ୍କ ସ୍ତ୍ରୀ ଭୋଜନ ପରଷିଲେ । ପଣ୍ଡିତଜି ଅପେକ୍ଷା କଲେ ତରକାରି ସକାଶେ । ଅଧିକ ବିଳମ୍ବ ହେବାରୁ ପଣ୍ଡିତଜି ଉତ୍ତେଜିତ ହୋଇ କହିଲେ, ''ତରକାରି ନେଇଆ ।'' ଉତ୍ତର ମିଳିଲା, ''ଆଜି ଘରେ ପରିବା ନ ଥିବାରୁ ତରକାରି ହୋଇ ନାହିଁ ।'' ପଣ୍ଡିତଜି ଅଧିକ ଉତ୍ତେଜିତ ସ୍ୱରରେ କହିଲେ, ''ମୁଁ ଯେଉଁ ବାଇଗଣ ଆଣିଥିଲି କ'ଣ ହେଲା ?'' ''ବାଇଗଣ ମାଂସ ସଦୃଶ, ତୁମେ ଖାଇବ କିପରି ?'' – ପଣ୍ଡିତାଣୀ ଉତ୍ତର ଦେଲେ । ପଣ୍ଡିତଜି ଦାନ୍ତ କଡ଼ମଡ଼ କରି ରାଗରେ କହିଲେ, ''ଆଲୋ, ବାଇଗଣ ନ ଖାଇବା କଥା ଥିଲା ସଭା ସକାଶେ ନା ନିଜ ଘର ସକାଶେ ?'' ନୂତନ ସତ୍ୟ ସ୍ଥାପନା କରିବା ସକାଶେ ଯେଉଁ ସମୟରେ କୌଣସି ମହାପୁରୁଷ ଆସି ନ ଥା'ନ୍ତି ସେ ସମୟରେ ଉପଦେଷ୍ଟାମାନେ ଠିକ୍ ପଣ୍ଡିତଜିଙ୍କ ସଦୃଶ ଆଚରଣ କରନ୍ତି । ସେସମୟରେ ସେମାନେ ଯେଉଁ ଉପଦେଶ ଦିଅନ୍ତି ସ୍ୱୟଂ ପାଳନ କରନ୍ତି ନାହିଁ କିଂବା ତା' ପଶ୍ଚାତ୍‌ରେ କୌଣସି ଶକ୍ତି ନ ଥାଏ । ଏହି କାରଣରୁ ସେମାନଙ୍କ ବାକ୍ୟର କୌଣସି ମୂଲ୍ୟ ନ ଥାଏ । ସେମାନଙ୍କ ଦ୍ୱାରା କୌଣସି ସତ୍ୟ ପୃଥିବୀରେ ପ୍ରତିଷ୍ଠିତ ହୁଏ ନାହିଁ ।

*

ପ୍ରଶ୍ନ : ତୁମେ କହିଲ ଯେଉଁମାନେ ସତ୍ୟ ଆଚରଣ କରି ନ ଥା'ନ୍ତି କିଂବା ତାହାକୁ ଧାରଣ କରି ନ ଥା'ନ୍ତି ସେମାନଙ୍କ ବାକ୍ୟର, ଉପଦେଶର କୌଣସି ଫଳ ହୁଏ ନାହିଁ । ତୁମେ ଯେଉଁ ସତ୍ୟ ଆଚରଣ ଏବଂ ମନ, ପ୍ରାଣ, ଶରୀରର ରୂପାନ୍ତର କଥା କହୁଛ ତୁମେ ତାହା ପ୍ରାପ୍ତ କରିଅଛ କି ? ଯଦି ତୁମେ ସ୍ୱୟଂ ଆଚରଣ ନ କରୁଛ, ତେବେ ତୁମ କଥାର ପ୍ରଭାବ କ'ଣ ହେବ ?

ଉତ୍ତର : ସରକାର ଯେଉଁ ନିର୍ଦ୍ଦେଶ ରେଡ଼ିଓ ଦ୍ୱାରା ଦିଅନ୍ତି ତାହା ରେଡ଼ିଓ ଆଚରଣ କରେ ନାହିଁ, କିଂବା ତା'ର କୌଣସି ଶକ୍ତି ନ ଥାଏ । ସେ କେବଳ ଶବ୍ଦ ବାହକ ଯନ୍ତ୍ର । କିନ୍ତୁ ସେହି ଶବ୍ଦର ପଶ୍ଚାତରେ ଥାଏ ସରକାରଙ୍କର ଶକ୍ତି । ସେହି ସକାଶେ ତାହା କାର୍ଯ୍ୟକାରୀ ହୁଏ । ଗଧ ଚନ୍ଦନଭାର ବହନ କରେ, ସେ ଚନ୍ଦନର ପ୍ରଭାବ ଜାଣେ ନାହିଁ କିଂବା ଉପଯୋଗ କରେ ନାହିଁ । ଚନ୍ଦନ ଉପଯୋଗ କରିବା ବ୍ୟକ୍ତି କ'ଣ ଗଧ ଚନ୍ଦନର ପ୍ରଭାବ ଜାଣି ନ ଥିବା କିଂବା ତାହା ଉପଯୋଗ କରି ନ ଥିବା ପ୍ରଶ୍ନ କେବେ କରନ୍ତି ? ଠିକ୍ ସେହିପରି କହୁଥିବା ବା ଲେଖୁଥିବା ବ୍ୟକ୍ତିଙ୍କୁ ମାନିନେଲେ କ୍ଷତି କ'ଣ ? ମା'ଶ୍ରୀଅରବିନ୍ଦ ଅମୋଘ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତି କେବଳ ରେଡ଼ିଓ ସଦୃଶ ଶବ୍ଦବାହକ କିଂବା ଗଧ ସଦୃଶ ଚନ୍ଦନକାଷ୍ଠର ବାହକ ହୋଇପାରେ, ବାହକର ଶକ୍ତିର କୌଣସି ଆବଶ୍ୟକତା ନ ଥାଏ । କାରଣ ଶବ୍ଦ ପଶ୍ଚାତରେ ରହିଥାଏ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କର ଅସାଧାରଣ ଶକ୍ତି । ତାଙ୍କ ଆଦେଶକୁ ଗ୍ରହଣ କରି ତାଙ୍କରି ପ୍ରଦର୍ଶିତ ମାର୍ଗରେ ଚାଲିଲେ ବ୍ୟକ୍ତି ତାଙ୍କଠାରୁ ପୂର୍ଣ୍ଣରୂପେ ସାହାଯ୍ୟ ପାଇବ ଏବଂ ସତ୍ୟ ଉଦ୍ଦେଶ୍ୟ ସିଦ୍ଧ କରିପାରିବ ।

(୨)

ଲକ୍ଷ୍ୟ

ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ ମନେହେଉଛି ଏବଂ ସେଥିରେ ବିଶ୍ୱାସ ମଧ୍ୟ ହେଉଛି, କିନ୍ତୁ ବର୍ତ୍ତମାନ ଏହି ଯୁଗ-ପରିବର୍ତ୍ତନ ସମୟରେ ମନୁଷ୍ୟକୁ କ'ଣ କରିବାକୁ ହେବ ?

ଉତ୍ତର : ପ୍ରଥମରେ ବ୍ୟକ୍ତିକୁ ନିଜ ଜୀବନର ଲକ୍ଷ୍ୟ ଜାଣିବାକୁ ହେବ ଏବଂ ସେହି ଅନୁସାରେ ପ୍ରଯତ୍ନ କରିବାକୁ ହେବ ।

*

ପ୍ରଶ୍ନ : ମନୁଷ୍ୟର ଲକ୍ଷ୍ୟ କ'ଣ ?

ଉତ୍ତର : ମନୁଷ୍ୟର ଲକ୍ଷ୍ୟ ସତ୍-ଚିତ୍-ଆନନ୍ଦ ପରମାତ୍ମାଙ୍କୁ ଏହି ମନ, ପ୍ରାଣ, ଶରୀର ତଥା ସମସ୍ତ କର୍ମରେ ପ୍ରକଟ କରିବା, ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଯୁକ୍ତ ହୋଇ ଭାଗବତୀ ଶକ୍ତିଙ୍କ ପରିଚାଳନାରେ କର୍ମ କରିବା, ଅର୍ଦ୍ଧଜ୍ଞାନ, ଅଦୀପ୍ତ ମନ-ବୁଦ୍ଧିକୁ ଅତିକ୍ରମ କରି ଅତିମାନସ-ବିଜ୍ଞାନ, ପରମାନନ୍ଦରେ ନିବାସ କରିବା । ଏହା ହେବ ବ୍ୟକ୍ତିର ମନ-ପ୍ରାଣ ପୂର୍ଣ୍ଣରୂପେ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ । ମନ-ପ୍ରାଣ-ରୂପାନ୍ତରିତ ବ୍ୟକ୍ତି ହେବ ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ତା' ଶରୀର ହେବ ଦିବ୍ୟ, ଚିନ୍ମୟ; କୌଣସି ଅସ୍ତ୍ର ଦ୍ୱାରା ଶରୀର ଆଘାତପ୍ରାପ୍ତ ହେବ ନାହିଁ, କୌଣସି ସ୍ଥୂଳବସ୍ତୁ ତା'ର ଗତିରୋଧ କରିପାରିବ ନାହିଁ । ସାକେତ, ଗୋଲୋକ, ବୈକୁଣ୍ଠ ତଥା ଏହି ମୃତ୍ୟୁପୁରୀରେ ତା'ର ଅବାଧ ଗତି ହେବ; ସେ ପୂର୍ଣ୍ଣରୂପେ ଭଗବାନଙ୍କ ସଙ୍ଗେ ଏକତ୍ୱପ୍ରାପ୍ତ କରିବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ହେବ ଏବଂ ତାଙ୍କ ସଂକଳ୍ପ ତା' ମଧ୍ୟରେ କ୍ରିୟାଶୀଳ ହେବ । ସାଧକମାନଙ୍କୁ ଏହି ଅବସ୍ଥା ପ୍ରାପ୍ତ ହେବାରେ ସଂସାର ସ୍ୱର୍ଗରେ ପରିଣତ ହେବ ।

*

ପ୍ରଶ୍ନ : ଏହା ଏକେବାରେ ଅସମ୍ଭବ । ଏହି ମୃତ୍ୟୁପୁରୀରେ ଅମରତ୍ୱ ? ଭଗବାନ୍ ସ୍ୱୟଂ ଅବତାର ନେଇ ମନୁଷ୍ୟ-ଶରୀର ଧାରଣ କଲେ ତାଙ୍କୁ ବି ମୃତ୍ୟୁର ନିୟମ ମାନିବାକୁ ହୁଏ, ଫେର୍ ମନୁଷ୍ୟର ମୃତ୍ୟୁ ଉପରେ ବିଜୟ !

ଉତ୍ତର : ଅର୍ଦ୍ଧଦୀପ୍ତ ମନ-ବୁଦ୍ଧିରେ ଅସମ୍ଭବ ପ୍ରତୀତ ହେବା ସତ୍ତ୍ୱେ ଭଗବାନଙ୍କ ନିର୍ଦ୍ଧାରିତ ଘଟଣା ଅବଶ୍ୟମ୍ଭାବୀ ରୂପେ ଘଟେ । ରାମାୟଣର ପୁଷ୍ପକ ବିମାନ, ଶ୍ରୀରାମଙ୍କର ବ୍ରହ୍ମ-ଅସ୍ତ୍ର, ଅର୍ଜୁନଙ୍କର ସମୁଦ୍ରରେ ଶରବନ୍ଧ ଅସମ୍ଭବ ଏବଂ କବିକଳ୍ପନା ଥିଲା । ଆଜି ସେସବୁ କବିର କଳ୍ପନା ବା ଅସମ୍ଭବ ହୋଇ ରହି ନାହିଁ; ଆମ୍ଭେମାନେ ବାୟୁଯାନ ଏବଂ ଆଟମିକ୍ ବମ୍ ପ୍ରତ୍ୟକ୍ଷ ରୂପେ ଦେଖୁଅଛୁ । ସେହିପରି ତୁମ୍ଭର ଅସମ୍ଭବ ଦିନେ ସମ୍ଭବରେ ପରିଣତ ହେବ ଏବଂ ଏହି ସ୍ଥୂଳ ଦୃଷ୍ଟିରେ ମଧ୍ୟ ଦେଖାଯିବ ।

ତୁମେ ଯେଉଁ ମୃତ୍ୟୁ, ରୋଗ, ବୃଦ୍ଧତ୍ୱକୁ ଅବଶ୍ୟମ୍ଭାବୀ ବୋଲି ମନେ କରୁଛ ତାହା ପ୍ରକୃତରେ ଅବଶ୍ୟମ୍ଭାବୀ ନୁହେଁ କିଂବା ଭଗବାନଙ୍କର ଅକାଟ୍ୟ ବିଧାନ ନୁହେଁ । ମୃତ୍ୟୁ କେବଳ ପ୍ରାଣୀର ଅଜ୍ଞାନ ଅବସ୍ଥାରେ ବିକାଶର ଗୋଟାଏ ଉପାୟ ମାତ୍ର । ହଠଯୋଗୀମାନେ ରୋଗରୁ ମୁକ୍ତ ହୁଅନ୍ତି, ବୃଦ୍ଧତ୍ୱର ସୀମାବନ୍ଧନ ସେମାନଙ୍କୁ ବାନ୍ଧି ପାରେ ନାହିଁ, ମୃତ୍ୟୁକବଳରୁ ପୂର୍ଣ୍ଣ ମୁକ୍ତ ନ ହେଲେ ବି ତା'ର ନିୟମ ଉଲ୍ଲଙ୍ଘନ କରି କେହି କେହି ହଜାର ବର୍ଷ ପର୍ଯ୍ୟନ୍ତ ଶରୀର ଧାରଣ କରିପାରନ୍ତି । ତୁମ କହିବା ଅନୁସାରେ ଯଦି ମୃତ୍ୟୁ, ରୋଗ, ବୃଦ୍ଧତ୍ୱର ନିୟମ ଅକାଟ୍ୟ ହୋଇଥା'ନ୍ତା, ତେବେ ହଠଯୋଗୀ ଏହିସବୁକୁ ଅତିକ୍ରମ କରିପାରି ନ ଥାଆନ୍ତେ ।

ତୁମ୍ଭର ଅନ୍ୟ ଅସମ୍ଭବ କଥା ହେଲା ଯେଉଁ ଭଗବାନଙ୍କୁ ବେଦ ବର୍ଣ୍ଣନ କରିପାରେ ନାହିଁ ତାଙ୍କୁ ଏହି ଶରୀରରେ ଉପଲବ୍ଧି କରିବା । ଏହା ବି ଯୁକ୍ତିଯୁକ୍ତ ନୁହେଁ । କାରଣ ବ୍ୟକ୍ତି ସୀମିତ ମନରେ ଭଗବାନଙ୍କୁ ଉପଲବ୍ଧି କରିପାରେ ନାହିଁ, କିଂବା ବେଦବାକ୍ୟ ବୁଝିପାରେ ନାହିଁ । ଭଗବାନ୍ ଉପଲବ୍ଧ ହୁଅନ୍ତି ମନର ଊର୍ଦ୍ଧ୍ୱ ସ୍ତରରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ

ଯୋଗରେ ସୀମିତ ମନକୁ ଅଧିକାର କରିବ ଅତିମାନସ । ବ୍ୟକ୍ତି ମନରେ ବାସ ନ କରି ବିଜ୍ଞାନମୟ ଅତିମାନସ ଚେତନାରେ ବାସ କରିବ । ସେଠାରେ ଭଗବାନ୍ ଅପ୍ରକାଶ ହେବାର କୌଣସି କାରଣ ରହିବ ନାହିଁ । ଅନ୍ୟ କାରଣ ହେଲା ସଂସାର ସଚ୍ଚିଦାନନ୍ଦଙ୍କ ଏକ ବିକୃତ ରୂପ । ସଂସାରରେ ଯାହାକିଛି ଦୃଶ୍ୟ ଓ ଅଦୃଶ୍ୟ ବସ୍ତୁ ସବୁ ହେଲେ ସେହି ଭଗବାନ୍ । ସେହି ଏକହି ଭଗବାନ୍ ଭିନ୍ନ ଭିନ୍ନ ବସ୍ତୁ, ଭିନ୍ନ ଭିନ୍ନ ପ୍ରାଣୀରୂପେ ପ୍ରଘଟ ହୋଇଅଛନ୍ତି । ସଂସାର ଯଦିଓ ଭଗବାନଙ୍କର ବିକୃତ ରୂପ, ତଥାପି ଏହି ସମସ୍ତ ବିକୃତରୂପ ମଧ୍ୟରେ ଭଗବାନ୍ ସଚ୍ଚିଦାନନ୍ଦ ସ୍ୱରୂପରେ ଓତପ୍ରୋତ ରହିଅଛନ୍ତି । ଭଗବାନଙ୍କ ଛଡ଼ା କିଛି ନାହିଁ । ଯଦି ଭଗବାନଙ୍କଠାରୁ ସମସ୍ତ ତତ୍ତ୍ୱ ଆସିଅଛି, ତେବେ ତା'ର ମୂଳସ୍ୱରୂପ ହେଉଛି ଦିବ୍ୟ । ଅତଏବ ସେହି ଦିବ୍ୟ ତତ୍ତ୍ୱରେ ତାହା ଦିନେ ପରିଣତ ହେବ । ଏହାକୁ ସମର୍ଥନ କରୁଛି ଉପନିଷଦର ଏକ ସିଦ୍ଧାନ୍ତ,– ପ୍ରାଣୀ ମଧ୍ୟରେ ପଞ୍ଚକୋଷ ବିଦ୍ୟମାନ – ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷ । ଯାହାକିଛି ଦୃଶ୍ୟ ଏବଂ ସ୍ଥୂଳବସ୍ତୁ ତାହାସବୁ ଅନ୍ନମୟ କୋଷ, ଯଥା – କାଷ୍ଠ, ପାଷାଣ, ତରୁ, ତୃଣ, ପଶୁ ଓ ମନୁଷ୍ୟ-ଶରୀର ଇତ୍ୟାଦି । ଏହି ଅନ୍ନମୟ କୋଷ ସ୍ଥୂଳ ରୂପେ ପ୍ରଥମରେ ପ୍ରକାଶ ହେଲା । ଏହାପରେ ପ୍ରାଣମୟ କୋଷର ବିକାଶ ହେଲା । ପୃଥିବୀରେ ବୃକ୍ଷଲତା, ସରୀସୃପ, ପଶୁ ଆଦି ଦେଖା ଦେଲେ । ବିକାଶର ଗତି ପଶୁ ମଧ୍ୟରେ ସୀମାବଦ୍ଧ ନ ରହି ଆଗେଇ ଚାଲିଲା; ଫଳରେ ମନୋମୟ କୋଷର ବିକାଶ ହୋଇ ମନ-ବୁଦ୍ଧିଯୁକ୍ତ ମାନବର ସୃଷ୍ଟି ହେଲା । ସମସ୍ତ କୋଷ ଯଦିଓ ବସ୍ତୁରେ ବିଦ୍ୟମାନ, ତଥାପି ଗୋଟିଏ କୋଷର ପୂର୍ଣ୍ଣ ବିକାଶ ହେବା ପରେ ଅନ୍ୟ କୋଷର ବିକାଶ ହେବାକୁ ଆରମ୍ଭ କରେ । ନୂତନ କୋଷର ବିକାଶରେ ପୂର୍ବ ପ୍ରକାଶିତ କୋଷ ଉନ୍ନତ ହୁଏ । ମନ ବିକାଶର ଶେଷସୀମାରେ ପହୁଞ୍ଚି ସାରିଛି । ବର୍ତ୍ତମାନ ବିକାଶ ହେବ ଅତିମାନସ-ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ । ଏହି ପଞ୍ଚକୋଷର ପୂର୍ଣ୍ଣ ବିକାଶରେ ବ୍ୟକ୍ତିକୁ ପ୍ରାପ୍ତ ହେବ ପୂର୍ଣ୍ଣତା । ତେବେ ସେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇପାରିବ । ବର୍ତ୍ତମାନ ବ୍ୟକ୍ତି ପୂର୍ଣ୍ଣତା ମାର୍ଗରେ ଯାତ୍ରା କରୁଅଛି । ତା'ର ଯାତ୍ରା ଅବଶ୍ୟ ସଫଳ ହେବ । ଯଦି ପ୍ରଥମ କୋଷତ୍ରୟ କ୍ରମଶଃ ପ୍ରକାଶ ହୋଇ ନ ଥା'ନ୍ତେ, ତେବେ ଆଜି ଅତିମାନସ-ବିଜ୍ଞାନ-କୋଷ ପ୍ରକାଶକୁ ଅସମ୍ଭବ କୁହାଯାଇ ପାରନ୍ତା । ପ୍ରଥମ ବିକାଶ ନିଃସନ୍ଦିଗ୍ଧ ରୂପେ ସୂଚାଇ ଦେଉଛି ବାକୀ ଅପ୍ରକାଶିତ ଦୁଇକୋଷର ବିକାଶ ଅନିବାର୍ଯ୍ୟ ।

ଏହି ବିଜ୍ଞାନମୟ, ଆନନ୍ଦମୟ କୋଷ ପ୍ରକାଶ ହେବାର ଅନ୍ୟ ସୂଚନା ହେଉଛି ମନୁଷ୍ୟ ଅଜ୍ଞାତ ରୂପେ ଏହାକୁହିଁ ଚାହୁଁଅଛି । ଏହାର ଗୁଣଧର୍ମ ହେଉଛି,– ପରମ ଜ୍ଞାନ, ପରମ ଶାନ୍ତି, ପରମ ଆନନ୍ଦ; ମୋହମାୟା, ଅଜ୍ଞାନ, ଅନ୍ଧକାର, ଆସକ୍ତି, ଲାଳସା, କାମନା-ବାସନା, କାମ, କ୍ରୋଧ, ଲୋଭ, ଦୁଃଖକଷ୍ଟ, ଜରା, ରୋଗ, ମୃତ୍ୟୁରୁ ପୂର୍ଣ୍ଣତଃ ମୁକ୍ତି । ସଂସାରରେ ଦୁଃଖକଷ୍ଟ, ରୋଗ, ଜରା, ମୃତ୍ୟୁ ବିଦ୍ୟମାନ ଥାଏ, ଏହାକୁ ବ୍ୟକ୍ତି ରାତିଦିନ ଦେଖୁଥାଏ, କିନ୍ତୁ ଚାହୁଁଥାଏ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ । ସେ କେବେ ବି ଚାହେଁ ନାହିଁ ଦୁଃଖଦ୍ୱନ୍ଦ୍ୱ, ରୋଗ, ଜରା, ମୃତ୍ୟୁ । ସେ ଚାହେଁ ନୀରୋଗ, ଚିରଯୌବନ, ସୁସ୍ଥ, ସବଳ ଶରୀର ଓ ମୃତ୍ୟୁରୁ ମୁକ୍ତ ଅମରତ୍ୱ । ମନୁଷ୍ୟ ମଧ୍ୟରେ ଏହି ଦିବ୍ୟ ଗୁଣ ସମ୍ଭାବନା ରୂପେ ରହିଅଛି ବୋଲି ବ୍ୟକ୍ତି ଏହାକୁ ଭୁଲ୍ ମାର୍ଗରେ ଚାହୁଁଅଛି । ଯେଉଁ ବସ୍ତୁର ସତ୍ୟତା ନ ଥାଏ, ବ୍ୟକ୍ତି ତାହା କଦାପି ଚାହିଁପାରେ ନାହିଁ । ଏହି ଚାହିଁବାହିଁ ଏହାର ପ୍ରାପ୍ତିର ସଂକେତ ଦେଉଅଛି ।

*

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତି ନିଜର ସୁଖ ଚାହାନ୍ତି, ଏପରି ଦେଖାଯାଉ ନାହିଁ । ବହୁ ବ୍ୟକ୍ତି ନିଃସ୍ୱାର୍ଥଭାବେ ନିଜ ସୁଖ-ସୁବିଧାକୁ ଜଳାଞ୍ଜଳି ଦେଇ ଚାହାନ୍ତି ଅନ୍ୟର ସୁଖ । ମା' ନିଜର ସୁଖ-ସୁବିଧାକୁ ନ ଦେଖି, କ୍ଷୁଧା ବରଦାସ୍ତ କରି ସନ୍ତାନମାନଙ୍କୁ ଭୋଜନ ଦିଏ ଏବଂ ସନ୍ତାନମାନଙ୍କ ସୁଖରେ ସୁଖ ଅନୁଭବ କରେ । ଦେଶ-ସେବକ ଦେଶକୁ ରକ୍ତଶୋଷକ ବିଦେଶୀ ହସ୍ତରୁ ରକ୍ଷା କରିବା ପାଇଁ ସମସ୍ତ ପ୍ରିୟବସ୍ତୁ ତଥା ପ୍ରାଣ ପର୍ଯ୍ୟନ୍ତ ତ୍ୟାଗ କରେ । ଏହା ତ ଏକେବାରେ ପ୍ରତ୍ୟକ୍ଷ ଘଟଣା । ଫେର୍ ପ୍ରତ୍ୟେକ ବ୍ୟକ୍ତି ସୁଖ, ଶାନ୍ତି ଚାହାନ୍ତି ବୋଲି କିପରି କୁହାହେଉଛି ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟେକ କର୍ମର ପଶ୍ଚାତ୍‌ରେ ଥାଏ ସୁଖପ୍ରାପ୍ତିର ଅଭିଳାଷ । ଏହି ସୁଖପ୍ରାପ୍ତିର ଆକାଙ୍କ୍ଷାହିଁ ମନୁଷ୍ୟକୁ ବଞ୍ଚାଇ ରଖେ, ଏହି କାରଣରୁହିଁ ବ୍ୟକ୍ତି ଜନ୍ମ-ମରଣଚକ୍ରରେ ଭ୍ରମଣ କରୁଥାଏ । ପୂର୍ବେ କୁହାହୋଇଛି ଯେ ବ୍ୟକ୍ତି ଯଥାର୍ଥ ଆନନ୍ଦର ସ୍ୱରୂପ ନ ଜାଣି ଭ୍ରମବଶରେ ନିଜ ପ୍ରାଣ ଏବଂ ମନର ଅଭିରୁଚିର ବସ୍ତୁରେ ତାହା ଖୋଜେ, ସେଥିରେ ନ ପାଇ ନିରାଶ ହୋଇ ଦୁଃଖକଷ୍ଟ ଭୋଗେ । ମା'ର ସନ୍ତାନମାନଙ୍କ ପ୍ରତି ଥାଏ ଆସକ୍ତି ଓ ମୋହ; ସେମାନଙ୍କର ସୁଖ-ସୁବିଧାରେ ତାକୁ ସୁଖ ମିଳେ । ତା'ର ନିଜ ସୁଖ ସକାଶେ ସେ ନିଜ ସନ୍ତାନମାନଙ୍କୁ ସୁଖରେ ରଖିବାକୁ ଚାହେଁ । ଦେଶ-ସେବକର ମଧ୍ୟ ସେହି ଏକହି ଭାବ । ଦେଶ ପ୍ରତି ତା'ର ମମତା ଥାଏ । ବିଦେଶୀ ଅଧିକାରରୁ ଦେଶ ମୁକ୍ତ ହେଲେ ସେ ଆନନ୍ଦ ଅନୁଭବ କରେ । ଦେଶମୁକ୍ତିର ପଶ୍ଚାତରେ ଥାଏ ତା'ର ଆନନ୍ଦର ଆକାଙ୍କ୍ଷା । ଏପରିକି ଚୋର ଚୋରି କରେ, ମଦ୍ୟପ ସୁରାପାନ କରେ, ଅତ୍ୟାଚାରୀ ଅନ୍ୟାୟ ଆଚରଣ କରେ ସୁଖପ୍ରାପ୍ତିର ଆଶାରେ । ବ୍ୟକ୍ତି ଅନ୍ୟ ସକାଶେ ପ୍ରାଣ-ବିସର୍ଜ୍ଜନ କରେ ନିଜ ସୁଖ ଉଦ୍ଦେଶ୍ୟରେ । ସେ ଅଜ୍ଞାନରେ ଅସ୍ପଷ୍ଟରୂପେ ଚାହେଁ ଅଖଣ୍ଡ ସୁଖ, ଯେଉଁ ସୁଖରେ ଦୁଃଖ ମିଶ୍ରିତ ହୋଇ ନ ଥାଏ । କିନ୍ତୁ ତା'ର ଯଥାର୍ଥ ଜ୍ଞାନ ନ ଥିବାରୁ ଅଜ୍ଞାତରେ ଖୋଜୁଥିବା ପରମାନନ୍ଦ ସ୍ୱରୂପକୁ ସେ ଜାଣିପାରେ ନାହିଁ । ସେହି ସକାଶେ ସେ ଭୁଲ୍ ମାର୍ଗରେ ସଂସାର ଏବଂ ପରିବାରରେ ତାହା ଖୋଜେ, ଶେଷରେ ନିରାଶ ହୁଏ । ମା' ଚାହେଁ ସନ୍ତାନର ଅଖଣ୍ଡ ସୁଖ । ସେହି ସକାଶେ ସେ ସନ୍ତାନମାନଙ୍କ ରୋଗ, ବିପଦ, ମୃତ୍ୟୁ କେବେ ଚାହେଁ ନାହିଁ । ଠିକ୍ ଏହିପରି ପ୍ରତ୍ୟେକ ପ୍ରାଣୀ । ସଂସାରର ସମସ୍ତ କର୍ମ, ସମସ୍ତ ଘଟଣା, ସମସ୍ତ ବସ୍ତୁରେ ଦୁଃଖ ଏବଂ ସୁଖ ମିଶ୍ରିତ ଥାଏ । ଅତଏବ ବ୍ୟକ୍ତିକୁ ତା'ର ଇପ୍‌ସିତ ଅଖଣ୍ଡ ସୁଖ କେବେ ବି ମିଳେ ନାହିଁ । ଏହି ସଂସାରର ବସ୍ତୁରାଜି ନାଶବାନ୍ । ଯଥାର୍ଥ ସୁଖ ମିଳେ ଶାଶ୍ୱତ ବସ୍ତୁରେ । ଏକମାତ୍ର ଭଗବାନହିଁ ଶାଶ୍ୱତ ଏବଂ ପୂର୍ଣ୍ଣ ଆନନ୍ଦର ସ୍ୱରୂପ । ବ୍ୟକ୍ତି ଭଗବତ୍ ପ୍ରାପ୍ତିରେହିଁ ଅଖଣ୍ଡ, ଅବିଚ୍ଛିନ୍ନ ପରମାନନ୍ଦରେ ବାସ କରେ । ସେଥିରେ ଶୋକ, ମୋହ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱାଦି କିଛି ନ ଥାଏ । ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ବ୍ୟକ୍ତି ଏହି ସଂସାରକୁ ଆସିଅଛି । ଯେପର୍ଯ୍ୟନ୍ତ ସେ ଭଗବାନଙ୍କୁ ପ୍ରାପ୍ତ ନ ହୁଏ ସେପର୍ଯ୍ୟନ୍ତ ଜନ୍ମ-ମରଣ-ଦୁଃଖକଷ୍ଟର କରାଳଚକ୍ରରେ ଭ୍ରମୁ ଥାଏ ।

*

ପ୍ରଶ୍ନ : ମୁଁ ଚାହେଁ ସଂଯମରେ ରହି ସାଧନା କରି ଭଗବାନଙ୍କୁ ପ୍ରାପ୍ତ କରିବାକୁ । ମୁଁ ପିତାମାତାଙ୍କର ଏକମାତ୍ର ସନ୍ତାନ । ମୋର ଜଣେ ଖୁବ୍ ନିକଟ ସମ୍ପର୍କୀୟ ଭାଇ ମୋତେ ପଢ଼ାଇଛନ୍ତି । ସେ ମୋର ହିତଚିନ୍ତକ । ମୁଁ ତାଙ୍କୁ ବିଶେଷ ସମ୍ମାନ କରେ ଏବଂ ଭୟ କରେ । ତାଙ୍କର ବିଶେଷ ଆଗ୍ରହ ଯେ ମୁଁ ବିବାହ କରି ସାଂସାରିକ ଜୀବନ ଯାପନ କରିବି ଓ ପିତାମାତାଙ୍କ ସେବା କରିବି । କିନ୍ତୁ ମୁଁ ଚାହେଁ ପିତାମାତାଙ୍କ ସେବା, ଆଧ୍ୟାତ୍ମିକ ସାଧନା ଓ ଉଚ୍ଚତର ଜୀବନ । ମୁଁ ଯଦି ତାଙ୍କର ଆଜ୍ଞାପାଳନ କରି ବିବାହ କରେ ତେବେ ମୋର ଜୀବନ ଅଶାନ୍ତିକର ଓ ଦ୍ୱନ୍ଦ୍ୱମୟ ହେବ, ହୁଏତ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବି ।

ମୋର ଜଣେ ସମ୍ପର୍କୀୟ ଭାଇ ଏହି ଭୟ ଦେଖାଇଛନ୍ତି, ''ତୋର ସନ୍ତାନ ନ ହେଲେ ପିତୃଲୋକ ମୁକ୍ତ ହେବେ ନାହିଁ, ସେହି ପାପର କର୍ତ୍ତା ତୁ ହେବୁ । ତୁ ଯଦି ବର୍ତ୍ତମାନ ବିବାହ ନ କରୁ, ପରେ ବୟସ ବେଶୀ ହେବା ପରେ ବିବାହ କରିବାକୁ ପ୍ରବୃତ୍ତ ହେବୁ ଏବଂ ତୋର ଜୀବନକୁ ଅଶାନ୍ତିମୟ କରିବୁ ।''

ମୋର ଦୃଢ଼ ସଂକଳ୍ପ ଯେ ମୁଁ ସାଧନା କରି ଭଗବାନଙ୍କୁ ପ୍ରାପ୍ତ ହେବି, ସାଂସାରିକ ଜୀବନ ଯାପନ କରିବି ନାହିଁ । କିନ୍ତୁ କେବେ କେବେ କାମ-ବାସନା ଓ କାମ ସମ୍ବନ୍ଧୀୟ ଚିନ୍ତା ଏବଂ ବିଚାର ଆସୁଛି । କୃପା କରି ମୋତେ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବା ପାଇଁ ସାଧନା ପ୍ରଣାଳୀର ନିର୍ଦ୍ଦେଶ ଦିଅନ୍ତୁ ଏବଂ କାମ-ବାସନା ତଥା କାମ ସମ୍ବନ୍ଧୀୟ ଚିନ୍ତାରୁ ମୁକ୍ତ ହେବାର ଉପାୟ ନିର୍ଦ୍ଦେଶ କରନ୍ତୁ ।

ଉତ୍ତର : ଆପଣ କହୁଛନ୍ତି ବିବାହ ନ କରି ସଂଯମରେ ରହି ଅଧ୍ୟାତ୍ମ-ଜୀବନ ଯାପନ କରିବାକୁ — ଏହାହିଁ ଜୀବନର ଯଥାର୍ଥ ଓ ପ୍ରକୃତ ଲକ୍ଷ୍ୟ । ଭଗବାନଙ୍କୁ ପ୍ରାପ୍ତ କରିବାକୁହିଁ ମନୁଷ୍ୟ ଏହି ସାଂସାରରେ ଜନ୍ମ ଗ୍ରହଣ କରିଛି ।

ଭଗବାନଙ୍କୁ ପ୍ରାପ୍ତ କରିବା ଛଡ଼ା ଯେତେ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତାହା ସଂସାରିକ ଜୀବନରେ ଯେତେ ଉତ୍କୃଷ୍ଟ, ସମ୍ମାନିତ ଓ ପ୍ରଶଂସିତ ହେଲେ ମଧ୍ୟ ଭ୍ରମ ଅଥବା ଭଗବାନଙ୍କୁ ପ୍ରାପ୍ତି କରିବା ମାର୍ଗରେ ଅଗ୍ରସର ହେବା ସକାଶେ ପ୍ରସ୍ତୁତି ମାତ୍ର । ଆପଣଙ୍କ କହିବା ଏକେବାରେ ସତ୍ୟ ଯେ ଆପଣ ବିବାହିତ ଜୀବନରେ ଅଶାନ୍ତି ଓ ଦ୍ୱନ୍ଦ୍ୱ ଛଡ଼ା ସୁଖଶାନ୍ତି ପାଇପାରିବେ ନାହିଁ । କାରଣ ମନୁଷ୍ୟ ଶରୀରରେ ମନ, ପ୍ରାଣାଦି କେତେକ ସତ୍ତା ତାକୁ ପରିଚାଳନା କରନ୍ତି । କିନ୍ତୁ ଏସମସ୍ତର ପଶ୍ଚାତରେ ଚୈତ୍ୟପୁରୁଷ (Psychic Being) ଥାଇ ସମସ୍ତ ସତ୍ତାକୁ ଧାରଣ କରି ରଖନ୍ତି । ଚୈତ୍ୟପୁରୁଷ ଭଗବାନଙ୍କର ଅଂଶ । ଏହାର ନାମ ଅନ୍ତରାତ୍ମା । ଏହାହିଁ ଯଥାର୍ଥ ବ୍ୟକ୍ତି । ମନୁଷ୍ୟର ମୃତ୍ୟୁ ପରେ ଏହାର ନାଶ ହୁଏ ନାହିଁ । ଏହି ସତ୍ତା ବାରଂବାର ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀର ଗ୍ରହଣ କରେ । ଆନ୍ତର ସତ୍ତା ମଧ୍ୟରେ ଜ୍ଞାନ, ଭକ୍ତି, ଇତ୍ୟାଦି ଭଗବତ୍ ଗୁଣ ବିଦ୍ୟମାନ ଥାଏ । ସାଧାରଣତଃ ବ୍ୟକ୍ତି ମଧ୍ୟରେ ଏହି ସତ୍ତା ସୁପ୍ତ ଥାଏ, ମନ-ପ୍ରାଣ କ୍ରିୟା କରନ୍ତି । ମନ, ପ୍ରାଣ କେବେ ବି ଭଗବାନଙ୍କୁ ଚାହାନ୍ତି ନାହିଁ, ବରାବର ସାଂସାରିକ କାର୍ଯ୍ୟରେ ଲିପ୍ତ ରହିବାକୁ ମନୁଷ୍ୟକୁ ପ୍ରବୃତ୍ତ କରାନ୍ତି । ଏମାନଙ୍କର ଜ୍ଞାନ ସୀମିତ, ସଂକୁଚିତ, ଭଗବାନଙ୍କୁ ବିଶ୍ୱାସ କରିବାରେ ଅସମର୍ଥ । ଏମାନଙ୍କର ଯଥାର୍ଥ ଜ୍ଞାନ ଅଭାବରୁ ଏମାନେ ସାଂସାରିକ ବସ୍ତୁକୁ ସର୍ବସ୍ୱ ମନେ କରନ୍ତି, ସାଂସାରିକ ଦୁଃଖକଷ୍ଟରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଦୁଃଖଭୋଗ କରୁଥା'ନ୍ତି ।

ଚୈତ୍ୟପୁରୁଷର ଯଥାର୍ଥ ଜ୍ଞାନ ଥିବାରୁ ସେ ନିଜର ସର୍ବସ୍ୱ ଭଗବାନଙ୍କୁ ଅର୍ପଣ କରିବାକୁ ଓ ତାଙ୍କୁ ପ୍ରାପ୍ତି କରିବାକୁ ଚାହେଁ । ସେ ଜାଣେ ଯେ ଭଗବତ୍ ପ୍ରାପ୍ତିରେ ଦିବ୍ୟ ଆନନ୍ଦ, ଭକ୍ତି, ଜ୍ଞାନ, ଶାନ୍ତି, ସମତା, ମୁକ୍ତି ପ୍ରାପ୍ତ ହୁଏ, ଏହିସବୁକୁ କୌଣସି ସାଂସାରିକ ଦୁଃଖକଷ୍ଟ, ଦ୍ୱନ୍ଦ୍ୱାଦି ସ୍ପର୍ଶ କରିପାରେ ନାହିଁ ।

ଯେଉଁମାନଙ୍କର ଚୈତ୍ୟପୁରୁଷ ଜାଗ୍ରତ ହୋଇ ନ ଥାଏ, ସେମାନେ ମନ, ପ୍ରାଣ ଦ୍ୱାରା ଚାଳିତ ହୋଇ ସଂସାରରେ ଲିପ୍ତ ରହନ୍ତି ଏବଂ ସାଂସାରିକ ଅସ୍ଥାୟୀ କଳୁଷିତ, ନାଶବାନ୍ ସୁଖକୁ ସ୍ତ୍ରୀ, ପୁତ୍ର, ଧନ ଓ ମାନରେ ଖୋଜନ୍ତି । ସେମାନଙ୍କ ଖୋଜିବା ବସ୍ତୁର ଲକ୍ଷ୍ୟସ୍ଥଳ ଅସ୍ଥାୟୀ ଓ ବିକୃତ ହୋଇଥିବାରୁ ସେମାନେ ବରାବର ନିରାଶ ହୁଅନ୍ତି ଏବଂ ଦୁଃଖ-ସୁଖ ଭୋଗ କରୁଥା'ନ୍ତି । ସ୍ତ୍ରୀ ଅବଜ୍ଞାକାରିଣୀ ହୋଇପାରେ, ପୁତ୍ରର ମୃତ୍ୟୁ ହୋଇପାରେ, ଧନ, ମାନ-ସମ୍ମାନ ନଷ୍ଟ ହୋଇପାରେ । ମନୁଷ୍ୟ ଜାଣେ ଏସବୁ ନାଶବାନ୍ ବସ୍ତୁ, ଏଥିରେ ସ୍ଥାୟୀ ସୁଖ ନାହିଁ, ତଥାପି ଅନ୍ଧ-ବିଶ୍ୱାସରେ ଆଶା ରଖି ପରମ୍ପରାଗତ ମାର୍ଗକୁ ଅନୁସରଣ କରେ । ସ୍ୱୟଂ ଅନ୍ଧ-ବିଶ୍ୱାସରେ ଅସ୍ଥାୟୀ, ଅନିଶ୍ଚିତ ବସ୍ତୁର ପଶ୍ଚାତରେ ଅନୁଧାବନ କରି ସ୍ଥାୟୀ, ନିଶ୍ଚିତ, ଅସନ୍ଦିଗ୍ଧ ପରମ ସତ୍ୟ, ଆଧ୍ୟାତ୍ମିକ ମାର୍ଗକୁ କାଳ୍ପନିକ ମାର୍ଗ ବୋଲି ଧାରଣା କରେ ।

ଚୈତ୍ୟପୁରୁଷ ଜାଗ୍ରତ ହେଲେ ମନୁଷ୍ୟ ନିଜ ଜ୍ଞାନରେ ଯଥାର୍ଥ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହେଁ । ତେବେ ମନୁଷ୍ୟ ମଧ୍ୟରେ ଗୋଟିଏ ଦ୍ୱନ୍ଦ୍ୱର ସୃଷ୍ଟି ହୁଏ । ମନ, ପ୍ରାଣ ଟାଣନ୍ତି ସାଂସାରିକ ଭୋଗ ଆଡ଼କୁ, ଚୈତ୍ୟପୁରୁଷ ଚାହାନ୍ତି ଭଗବାନଙ୍କୁ । ଏହି ଅବସ୍ଥାରେ ଯଦି ମନୁଷ୍ୟ ଚୈତ୍ୟପୁରୁଷଙ୍କ ମାର୍ଗକୁ ଗ୍ରହଣ କରେ ଅର୍ଥାତ୍ ଭଗବାନଙ୍କ ଆଡ଼କୁ ଗତି କରେ, ତେବେ କ୍ରମଶଃ ମନ, ପ୍ରାଣର ବାଧା ହ୍ରାସ ପାଏ ଏବଂ ଚୈତ୍ୟପୁରୁଷଙ୍କ କ୍ରିୟାର ଫଳସ୍ୱରୂପ ସମତା, ଶାନ୍ତି, ଆନନ୍ଦ, ଜ୍ଞାନ, ଭକ୍ତି ବୃଦ୍ଧି ହୁଏ । ମୋହବଶ ହୋଇ ଯଦି ବ୍ୟକ୍ତି ସାଂସାରିକ କର୍ମରେ ଆବଦ୍ଧ ହୁଏ, ତେବେ ସ୍ତ୍ରୀ-ପୁତ୍ରରେ ସୁଖ ପାଏ ନାହିଁ କିଂବା ଭଗବାନଙ୍କ ଆଡ଼କୁ ଯାଇପାରେ ନାହିଁ । ଏ କୁଳର ହୁଏ ନାହିଁ କିଂବା ସେକୁଳର ହୁଏ ନାହିଁ । ଜୀବନ ଭାର ସ୍ୱରୂପ ହୋଇଯାଏ । ସେ ଏକ ଦୁଃଖମୟ ଓ ଦ୍ୱନ୍ଦ୍ୱମୟ ଜୀବନ ଯାପନ କରେ ।

*

ପ୍ରଶ୍ନ : ଯେଉଁମାନେ ଉପଯୁକ୍ତ ବୟସରେ ବିବାହ ନ କରନ୍ତି, ସେମାନଙ୍କର ବୃଦ୍ଧ ଅବସ୍ଥାରେ ବିବାହ କରିବାକୁ ପ୍ରବଳ ଇଚ୍ଛା ହୁଏ, ଏହା କ'ଣ ଠିକ୍ ?

ଉତ୍ତର : ଏକେବାରେ ଠିକ୍ ନୁହେଁ । ବହୁତ ନୈତିକବାଦୀ ଏବଂ ଅଧ୍ୟାତ୍ମବାଦୀ ବ୍ୟକ୍ତିଙ୍କୁ ଦେଖାଯାଏ ଯେ ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଅବିବାହିତ ଏବଂ ବ୍ରହ୍ମଚାରୀ ହୋଇ ରହିଥା'ନ୍ତି । ଏହାର ବିପରୀତଭାବେ ବହୁତ ବ୍ୟକ୍ତି କେତେଥର ବିବାହ କରିବା ପରେ ୬୦/୬୫ ବର୍ଷ ଅବସ୍ଥାରେ ପୁନର୍ବାର ବିବାହ କରନ୍ତି । ପୁଣି ଆଧ୍ୟାତ୍ମିକ ମାର୍ଗରେ ତ

ଏହା ଏକେବାରେ ଅସଙ୍ଗତ । ଅଧ୍ୟାତ୍ମ ମାର୍ଗରେ ବ୍ୟକ୍ତିର ଆରମ୍ଭରୁ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । ମନକୁ ଆଶ୍ରୟ ନ ମିଳିବାରୁ ସେ ବିଷୟକୁ ଯାଏ, ଅଧ୍ୟାତ୍ମ ମାର୍ଗରେ ସେ ଭଗବତ୍ ଆନନ୍ଦରେ ରମଣ କରିବାରୁ ବିଷୟ ଆସକ୍ତିରୁ ମୁକ୍ତ ହୁଏ । ଫେର୍ ବୟସ ବେଶୀ ହେଲେ ତା'ର ବିବାହ ପ୍ରତି ପ୍ରବୃତ୍ତି ହେବ କାହିଁକି ?

*

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ସଂସାର-ଜୀବନ ଗ୍ରହଣ କରିବା ଅନୁଚିତ । ତେବେ କ'ଣ ପ୍ରତ୍ୟେକ ବ୍ୟକ୍ତି ସ୍ତ୍ରୀ ଏବଂ ସାଂସାରିକ କର୍ମ ତ୍ୟାଗ କରି ଅଧ୍ୟାତ୍ମ ମାର୍ଗ ଅନୁସରଣ କରିବେ ?

ଉତ୍ତର : ଅଧ୍ୟାତ୍ମ-ମାର୍ଗ ଗ୍ରହଣ କରିବାକୁ ସଂସାର ଓ କର୍ମ ତ୍ୟାଗ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ଆବଶ୍ୟକ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ସକାଶେ ଆବଶ୍ୟକ – କର୍ମର ଉଦ୍ଦେଶ୍ୟ, ଭାବ ଓ ଲକ୍ଷ୍ୟକୁ ପରିବର୍ତ୍ତନ କରିବା । ସଂସାରରେ ରହି ସମସ୍ତ କର୍ମ ଭଗବତ୍ ସେବା ଏବଂ ସମର୍ପଣ ଭାବ ରଖି ଭଗବତ୍ ପ୍ରାପ୍ତି କରିବା ଲକ୍ଷ୍ୟରେ ଗ୍ରହଣ କଲେ ସମସ୍ତ କର୍ମ ହେବ ଭଗବତ୍ ପ୍ରାପ୍ତିର ଉପାୟ ଏବଂ ଆଧ୍ୟାତ୍ମିକ ଧର୍ମ । ସେହି ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ ନ କରି ନିଜ ସକାଶେ ଓ ପରିବାର ସକାଶେ କଲେ ତାହା ହେବ ବନ୍ଧନ, ଜନ୍ମ-ମୃତ୍ୟୁ, ସୁଖ-ଦୁଃଖ ଭୋଗର କାରଣ ।

ସ୍ତ୍ରୀ-ତ୍ୟାଗର ଅର୍ଥ ପୁରାତନ ପଦ୍ଧତି ଅନୁସାରେ ସ୍ତ୍ରୀକୁ ଘୃଣା କରିବା ନୁହେଁ । ସେ ମା', ତାହା ଦ୍ୱାରା ସଂସାରର ବୃଦ୍ଧି ହୋଇଅଛି । ତାକୁ ଭକ୍ତି କରିବାକୁ ହେବ, ପୂଜା କରିବାକୁ ହେବ, ସମ୍ମାନ କରିବାକୁ ହେବ, ତାକୁ ଭୋଗ କରିବାକୁ ହେବ ନାହିଁ । ସେ ରକ୍ଷିକା, କିନ୍ତୁ ତାକୁ କଳୁଷିତ ପାଶବିକ ଭୋଗର ବସ୍ତୁ ରୂପେ ଗ୍ରହଣ କଲେ ସେ ରକ୍ଷିକା ପରିବର୍ତ୍ତେ ହୁଏ ଭକ୍ଷିକା । ପୁରୁଷ ସ୍ତ୍ରୀ ପ୍ରତି ଭୋଗଦୃଷ୍ଟି ରଖେ, ସେଥିପାଇଁ ଉଭୟଙ୍କୁ କୁହାହୋଇଛି ନରକର ଦ୍ୱାର । ସ୍ତ୍ରୀ-ଜାତି ପ୍ରତି ଶୁଦ୍ଧ ପ୍ରେମଭାବ ରଖିବା ପାପ ନୁହେଁ, ଭୋଗ ଧାରଣାରେ କଳୁଷିତ ଦୃଷ୍ଟିରେ ଦେଖିବା ପାପ । ଅଧ୍ୟାତ୍ମ ମାର୍ଗରେ ସ୍ତ୍ରୀ-ପୁରୁଷଙ୍କର ପାଶବିକ କ୍ରିୟା ସର୍ବଥା ବର୍ଜନୀୟ ।

*

ପ୍ରଶ୍ନ : ଯଦି ଅଧ୍ୟାତ୍ମ-ମାର୍ଗରେ ସଂସାରର ଉତ୍ପନ୍ନ କ୍ରିୟା ବର୍ଜନୀୟ ତେବେ କ'ଣ ଭଗବତ୍ ପ୍ରାପ୍ତିର ମାର୍ଗରେ ଯାତ୍ରା କରିବା ପାଇଁ ସଂସାରର ପ୍ରତ୍ୟେକ ବ୍ୟକ୍ତି ଅନଧିକାରୀ ?

ଉତ୍ତର : ସଂସାରର ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ପ୍ରାପ୍ତିର ଅଧିକାରୀ । କିନ୍ତୁ ସମସ୍ତ ଜୀବନବ୍ୟାପୀ ସନ୍ତାନ ଉତ୍ପନ୍ନ କ୍ରିୟା ଅନିବାର୍ଯ୍ୟ ନୁହେଁ ।

ଏହି ପ୍ରଶ୍ନରୁ ସ୍ପଷ୍ଟ ବୁଝାଯାଉଛି ଯେପରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସନ୍ତାନ ଉତ୍ପନ୍ନ କ୍ରିୟା ଜୀବନର ଏକାନ୍ତ ଆବଶ୍ୟକ ଅଙ୍ଗ । ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ ନୁହେଁ ମନୁଷ୍ୟ ପଶୁ ପରି କେବଳ ଶରୀରକୁ ସର୍ବସ୍ୱ ମାନି ଅଜ୍ଞାନ-ମୋହଗ୍ରସ୍ତ ହୋଇ ଭୋଗ-ବିଳାସରେ ଲିପ୍ତ ରହିବା । ମନୁଷ୍ୟ ଶରୀରକୁ ଦେବଦୁର୍ଲଭ କୁହାହୋଇଛି । ଉତ୍କୃଷ୍ଟ ଅବସ୍ଥା ପ୍ରାପ୍ତ ହେବାକୁ ହେଲେ ଦେବତାମାନଙ୍କୁ ମଧ୍ୟ ମନୁଷ୍ୟ ଶରୀର ଧାରଣ କରିବାକୁ ହୁଏ ।

''ମନୁଷ୍ୟ ମଧ୍ୟେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ।।''

ଦିବ୍ୟଜ୍ଞାନ ପଶୁ ମଧ୍ୟରେ ନ ଥାଏ, ଥାଏ କେବଳ ମନୁଷ୍ୟ ମଧ୍ୟରେ । ଦିବ୍ୟଜ୍ଞାନର ଅର୍ଥ : ନିଜର ଆତ୍ମୋପଲବ୍ଧି ବା ଭଗବତ୍ ଉପଲବ୍ଧି । କିନ୍ତୁ ବ୍ୟକ୍ତିର ସ୍ୱଭାବ ଭିନ୍ନ ଭିନ୍ନ । ସେଥି ନେଇ ଲକ୍ଷ୍ୟ ଏକ ହେବା ସତ୍ତ୍ୱେ ସାଧନପ୍ରଣାଳୀ ପୃଥକ୍ । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ଉତ୍ପନ୍ନ ହୁଏ, ସେମାନେ ସଂସାରର ସକଳ ଆସକ୍ତି ତ୍ୟାଗ କରି ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଅନ୍ତି । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ନ ଥାଏ, ସେମାନେ ସଂସାର ତ୍ୟାଗ କରି ପାରନ୍ତି ନାହିଁ, ଗୋଟିଏ ବା ଦୁଇଟି ସନ୍ତାନ ଉତ୍ପନ୍ନ କରିବା ପର୍ଯ୍ୟନ୍ତ ସଂଯତ ଜୀବନ ଯାପନ କରନ୍ତି, ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରନ୍ତି । ଯେଉଁମାନଙ୍କର ଅତ୍ୟଧିକ ଆସକ୍ତି ଥାଏ ସେମାନେ ଯଦିଓ କଠୋର ସଂଯତ ଜୀବନ ବ୍ୟତୀତ କରି ନ ପାରନ୍ତି, ତଥାପି ସେମାନେ ସେହି ଦିଗରେ ଯତ୍ନଶୀଳ ହେବା ଉଚିତ । ମନୁଷ୍ୟ ଯେଉଁ ଅବସ୍ଥାରେ ଥାଇ ସଚେତ ହୁଏ ସେହି ଅବସ୍ଥାରୁ ସାଧନା ଆରମ୍ଭ କରିବା ଉଚିତ । କେହି ଯଦି ଭାବେ ଯେ ସଂସାରର ମୋହ ଦୂର ହେଲେ ଅଧ୍ୟାତ୍ମ-

ମାର୍ଗରେ ଅଗ୍ରସର ହେବ, ତେବେ ସେ କେବେ ବି ଅଗ୍ରସର ହୋଇ ପାରିବ ନାହିଁ । ଯେ ଯେଉଁ ଅବସ୍ଥାରେ ଅଛି ସେହି ଅବସ୍ଥାରେ ସାଧନା ଆରମ୍ଭ କଲେ କ୍ରମଶଃ ଆସକ୍ତି ଦୂର ହେବ ଏବଂ ସେ ଭଗବତ୍ ପ୍ରାପ୍ତି କରି ପାରିବ । ଭଗବତ୍ ପ୍ରାପ୍ତି ଦିନକରେ ହୁଏ ନାହିଁ । ସଂସାର ଆରମ୍ଭରୁ ଭଗବତ୍ ପ୍ରାପ୍ତି ସକାଶେ ମନୁଷ୍ୟ ଯାତ୍ରା କରି ଆସୁଛି, ବର୍ତ୍ତମାନ ମଧ୍ୟ ସେହି ମାର୍ଗରେ ଚାଲୁଛି । ଲକ୍ଷ୍ୟରେ ପହଞ୍ଚିବାରେ ବିଳମ୍ବ ହୁଏ ସ୍ତ୍ରୀ, ପୁତ୍ର ଓ ସଂସାରର ଆସକ୍ତି ଯୋଗୁଁ । ଏହି ଆସକ୍ତିରୁ ଯେ ଯେତେ ଶୀଘ୍ର ମୁକ୍ତ ହୋଇପାରେ ସେ ସେତେ ଶୀଘ୍ର ଲକ୍ଷ୍ୟରେ ପହଞ୍ଚି ପାରେ । ପ୍ରତ୍ୟେକ ବ୍ୟକ୍ତି ଏକ ନିର୍ଦିଷ୍ଟ ସମୟରେ ଭଗବତ୍ ପ୍ରାପ୍ତି କରି ପାରନ୍ତି ନାହିଁ । ଭଗବତ୍-ମାର୍ଗରେ ଅନନ୍ତ କାଳରୁ ଅନନ୍ତ ପ୍ରାଣୀ ଯାତ୍ରା କରୁଅଛନ୍ତି । କେହି ଲକ୍ଷ୍ୟରେ ପହଞ୍ଚି ଅଛନ୍ତି, କେହି ଅର୍ଦ୍ଧମାର୍ଗରେ, କେହି ବା ଯାତ୍ରା ଆରମ୍ଭ କରୁଅଛନ୍ତି । ସଂସାରରେ ସମସ୍ତ ବ୍ୟକ୍ତି ଏକ ସମୟରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ରକ୍ଷା କରିବାକୁ ସମର୍ଥ ନୁହନ୍ତି । ସଂସାର ବୈଚିତ୍ର୍ୟପୂର୍ଣ୍ଣ, ଏକ ବ୍ୟକ୍ତି ସହ ଅନ୍ୟର ସାଦୃଶ୍ୟ କେବେ ନ ଥିଲା, ବର୍ତ୍ତମାନ ନାହିଁ, ଭବିଷ୍ୟତରେ ବି ହେବ ନାହିଁ । ଯେଉଁ ବ୍ୟକ୍ତିର ସାଂସାରିକ ଆସକ୍ତିକୁ ତ୍ୟାଗ କରିବା ସଂକଳ୍ପ ଉତ୍ପନ୍ନ ହୋଇଛି ତାହାର ଅର୍ଥ ସେ ବହୁତ ମାର୍ଗ ଅତିକ୍ରମ କରି ଆସିସାରିଛି । ସେ ଯଦି ପୁନରାୟ ସଂସାର-ଭୋଗକୁ ଗ୍ରହଣ କରେ, ତେବେ ସେ ଅତିକ୍ରମ କରିଥିବା ମାର୍ଗକୁ ତାକୁ ପୁନରାୟ ଫେରି ଯିବାକୁ ହୁଏ ।

*

ପ୍ରଶ୍ନ : ଶାସ୍ତ୍ରରେ ଗାର୍ହସ୍ଥ୍ୟ ଜୀବନକୁହିଁ ଧର୍ମ ଆଚରଣ କରିବାର ଅଧିକାର କୁହାଯାଇଛି । ସ୍ତ୍ରୀ ବିନା ପୁରୁଷ କୌଣସି ଧର୍ମ ଆଚରଣ କରିପାରେ ନାହିଁ କିଂବା ସନ୍ତାନ ଉତ୍ପାଦନ କରେ ନାହିଁ । ସନ୍ତାନ ବିନା କୁଳ ନଷ୍ଟ ହୁଏ, ପିତୃଲୋକ ଜଳ ପା'ନ୍ତି ନାହିଁ ।

ଉତ୍ତର : ଶାସ୍ତ୍ରର ଏହି ଆଜ୍ଞା ଯଦି ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ହୁଏ, ତେବେ ଅବିବାହିତ ବ୍ୟକ୍ତି ସାଧନା କରି ଭଗବତ୍ ପ୍ରାପ୍ତି କରିବାର ଅନଧିକାରୀ ହୋଇଥା'ନ୍ତେ । ବ୍ରହ୍ମଚର୍ଯ୍ୟପାଳନ, ସନ୍ନ୍ୟାସ-ଗ୍ରହଣ, ଅଶାସ୍ତ୍ରୀୟ ହୋଇଥା'ନ୍ତା, ଏହାକୁ ଗ୍ରହଣ କରିବା ବ୍ୟକ୍ତି ପତିତ ହୁଅନ୍ତେ । ଯେଉଁ ବ୍ୟାସଦେବଙ୍କ ପୁତ୍ର ଶୁକଦେବ ମାତାଗର୍ଭରେ ବାର ବର୍ଷ ରହି, ତାଙ୍କୁ କଷ୍ଟ ଦେଇ ଜନ୍ମ ହେବା ସଙ୍ଗେ ସଙ୍ଗେ ନାଡ଼ୁ ଉଠାଇ ହାତରେ ଧରି ବନ-ଗମନ କଲେ, ବ୍ୟାକୁଳହୃଦୟା, ଦୀନା, ବିଳାପସଂକୁଳା ମା'ଙ୍କ ଆଡ଼କୁ ଥରେ ମାତ୍ର ଚାହିଁଲେ ନାହିଁ – ସେହି ବ୍ୟକ୍ତି ପୂଜ୍ୟ ହୁଅନ୍ତେ ନାହିଁ । ତାଙ୍କ ଶ୍ରୀମୁଖନିଃସୃତ ମହାନ୍ ଆଧ୍ୟାତ୍ମିକ ଧର୍ମଗ୍ରନ୍ଥ 'ଭାଗବତ' ସମ୍ମାନିତ ହୁଅନ୍ତା ନାହିଁ । କିନ୍ତୁ ଏପରି ତ ହୋଇ ନାହିଁ । କାର୍ଯ୍ୟରେ ଠିକ୍ ଓଲଟା ଦେଖାଯାଇଛି ।

ଶାସ୍ତ୍ରରେ ନୈତିକ ଓ ଆଧ୍ୟାତ୍ମିକ ଆଦି ନାନା ବିଷୟ ବର୍ଣ୍ଣିତ ହୋଇଛି । ମନୁଷ୍ୟ ନୈତିକ ନିୟମ ଆଚରଣ କରିବା ଦ୍ୱାରା ଶୁଦ୍ଧ ହୋଇ ଆଧ୍ୟାତ୍ମିକ ଧର୍ମର ଅଧିକାରୀ ହୁଏ । ନୈତିକତା ଆଧ୍ୟାତ୍ମିକତାର ପ୍ରଥମ ପାବଚ୍ଛ । ସମାଜ-ଧର୍ମପାଳନ, ପିତୃଶ୍ରାଦ୍ଧ, ସତ୍-ଗାର୍ହସ୍ଥ୍ୟ ଜୀବନ ଯାପନ କରିବା ଆଦି ନୈତିକ ଧର୍ମ; ଏହି ଧର୍ମ ଉପରେ ଶାସ୍ତ୍ର ଅଧିକ ଜୋର୍ ଦେଇଛି । କାରଣ ଏହାହିଁ ମନୁଷ୍ୟର ଉନ୍ନତିର ଭିତ୍ତି, ଆରମ୍ଭ ମାତ୍ର । ମନୁଷ୍ୟର ଲକ୍ଷ୍ୟ ଅଧ୍ୟାତ୍ମ-ସିଦ୍ଧି, ନୈତିକତା ନୁହେଁ । ମନୁଷ୍ୟ ଯେପର୍ଯ୍ୟନ୍ତ ଅଧ୍ୟାତ୍ମ ମାର୍ଗରେ ପ୍ରବେଶ ନ କରେ ସେପର୍ଯ୍ୟନ୍ତ ନୈତିକତାକୁ ପାଳନ କରେ । ଆଧ୍ୟାତ୍ମିକ ମାର୍ଗରେ ନୈତିକତା ସହାୟକ ହେଲେ ତାକୁ ସ୍ୱୀକାର କରେ, ପ୍ରତିକୂଳ ହେଲେ ବର୍ଜନ କରେ ।

''ସନ୍ତାନ ଦ୍ୱାରା ପିତୃଲୋକ ଜଳ ପା'ନ୍ତି, ସନ୍ତାନବିହୀନ ପିତୃଲୋକେ ଅଧୋଗତିକୁ ପ୍ରାପ୍ତ ହୁଅନ୍ତି'',– ଏହି ଧର୍ମକୁ ଯେଉଁ ଶାସ୍ତ୍ର କହିଛି, ସେହି ଶାସ୍ତ୍ର ମଧ୍ୟ ଘୋଷଣା କରିଛି – ''କୁଳରେ ଗୋଟିଏ ସନ୍ତାନ ଭଗବତ୍ ଭକ୍ତ ହେଲେ ଏକୋଇଶ ପିଢ଼ି ପର୍ଯ୍ୟନ୍ତ ପିତୃଲୋକ ଉଦ୍ଧାର ହୋଇଯାଆନ୍ତି । ପିତୃଲୋକ ଉଦ୍ଧାର ହୋଇ ଗଲେ ସେମାନଙ୍କ ପାଇଁ ଶ୍ରାଦ୍ଧର ଆବଶ୍ୟକତା ରହେ ନାହିଁ ।''

ଶାସ୍ତ୍ରରେ ଭଗବାନ୍ ନୃସିଂହ ପ୍ରହ୍ଲାଦକୁ କହିଅଛନ୍ତି –

ତ୍ରିଃସପ୍ତିଭିଃ ପିତା ପୂତଃ ପିତୃଭିଃ ସହ ତେଽନଘ ।
ୟତ୍ ସାଧୋଽସ୍ୟ ଗୃହେ ଜାତୋ ଭାବଜ୍ଞୈକୁଳପାବନଃ ।୧୮।

''ପ୍ରହ୍ଲାଦ, ତୁ ଯେପରି କୁଳପାବନ ପୁତ୍ର, ତୁ ଯାହା କୁଳରେ ଜନ୍ମ ନେଇଛୁ, ଯଦି ସେ କୁଳରେ ଏକୋଇଶ ପିଢ଼ି ପର୍ଯ୍ୟନ୍ତ ପିତରଃ ଅମୋକ୍ଷ ଥାଆନ୍ତେ ତେବେ ତୋ ପିତା ସହିତ ସେମାନେ ବି ତରି ଯାଆନ୍ତେ ।''

*

ପ୍ରଶ୍ନ : କାମ-ବାସନାରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : କାମ-ବାସନାରୁ ମୁକ୍ତ ହେବାର ଉପାୟ ହେଲା ଭଗବତ୍ ଚେତନାରେ ନିବାସ କରିବା ଅର୍ଥାତ୍ ନିରନ୍ତର ଭଗବତ୍ ସ୍ମରଣ କରିବା । କାମବାସନାରୁ ମୁକ୍ତ ହେବା ସକାଶେ ବହୁତ ପ୍ରକାର ସ୍ଥୂଳ ପ୍ରକ୍ରିୟା ଅଛି । କିନ୍ତୁ ତାହା ବହୁତ ବିପଜ୍ଜନକ । ଅଧିକାଂଶ କ୍ଷେତ୍ରରେ ଦେଖାଯାଇଛି ଯେ ସେହିସବୁ ସ୍ଥୂଳ ପ୍ରକ୍ରିୟାରେ ଟିକିଏ ମାତ୍ର ତ୍ରୁଟି ହେଲେ ବିପରୀତ ଫଳ ହୁଏ ଏବଂ ବ୍ୟକ୍ତି ରୋଗଗ୍ରସ୍ତ ହୋଇ ଜୀବନକୁ ନଷ୍ଟ କରେ । ସ୍ଥୂଳ ପ୍ରକ୍ରିୟାରେ ତ୍ରୁଟି ହେବାର ବହୁ ସମ୍ଭାବନା ଏବଂ ଅବସର ଥାଏ । କାମ-ବାସନାରୁ ମୁକ୍ତ ହେବାର ସବୁଠାରୁ ଭଲ ଉପାୟ ହେଲା ଦୃଷ୍ଟିସଂଯମ, ଦୃଢ଼ନିଷ୍ଠା ସହିତ କାମ-ସମ୍ବନ୍ଧୀୟ ବିଚାର ତ୍ୟାଗ; ଏହା ହୁଏ ଦୃଢ଼ ନିଷ୍ଠାସହ ମା'ଙ୍କୁ ସ୍ମରଣ କରିବାରେ । ବ୍ୟକ୍ତି ଯଦି ଦୃଢ଼ତା ସହିତ ଏହା କରିପାରେ ଏବଂ ଭାଗବତୀ ଶକ୍ତିଙ୍କୁ ସବୁକିଛି ସମର୍ପଣ କରେ, ତେବେ ଭାଗବତୀ ଅତିମାନସ ଶକ୍ତି କାମ-ବାସନାକୁ ରୂପାନ୍ତର କରନ୍ତି ।

ଅଧ୍ୟାତ୍ମ-ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ କାମ, କ୍ରୋଧାଦି ରିପୁ ଦୂର ହୁଅନ୍ତି ନାହିଁ । ଏହିସବୁ ବହୁତ ଦିନ ପର୍ଯ୍ୟନ୍ତ ଯୁଦ୍ଧ କରନ୍ତି । କିନ୍ତୁ ଭଗବାନଙ୍କ ଆଡ଼କୁ ପ୍ରବୃତ୍ତି ଅଧିକାଧିକ ହେଲେ ଏସବୁର ପ୍ରଭାବ କ୍ରମଶଃ କମ୍ ହୁଏ ଏବଂ ଶେଷରେ ପୂର୍ଣ୍ଣ ଭାବରେ ରୂପାନ୍ତରିତ ହୁଏ ।

ସାଧନାର ପ୍ରଣାଳୀ ଜାଣିବା ସକାଶେ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା', 'ଯୋଗାଧାର', 'ମାତୃବାଣୀ' ପୁସ୍ତକଗୁଡ଼ିକ ଅଧ୍ୟୟନ କଲେ ଉପକୃତ ହେବେ । ଏହିସବୁ ବହି ପଢ଼ିବା ସଙ୍ଗେ ସଙ୍ଗେ ସାଧନା ଆରମ୍ଭ କରନ୍ତୁ ।

କାମ-ବାସନା ଓ ତତ୍ ସମ୍ବନ୍ଧୀୟ ଚିନ୍ତା ଓ ବିଚାର ଆସିଲେ ସେହି ବିଚାରକୁ ପ୍ରଶ୍ରୟ ନ ଦେଇ ଧ୍ୟାନ ଓ ଅଧ୍ୟୟନ କରିବାରେ ମନ ଲଗାନ୍ତୁ, ପ୍ରାର୍ଥନା କରନ୍ତୁ ଅଥବା ସାଧନା ସମ୍ବନ୍ଧୀୟ ପୁସ୍ତକ ପଢ଼ନ୍ତୁ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ କ'ଣ ମହାତ୍ମା ଗାନ୍ଧି ଓ ବିନୋବାଜିଙ୍କ ସିଦ୍ଧାନ୍ତର ବିରୋଧ କରେ ?

ଉତ୍ତର : ଏହି ପ୍ରଶ୍ନଟି ବହୁ ବ୍ୟକ୍ତିଙ୍କ ସହିତ ଭିନ୍ନ ଭିନ୍ନ ରୂପରେ ବହୁବାର ଆଲୋଚନା ହୋଇଛି । ଏବେ ମଧ୍ୟ ବହୁ ବ୍ୟକ୍ତି ଏହି ପ୍ରଶ୍ନଟି ବାରଂବାର ପତ୍ର ଦ୍ୱାରା ଆଗତ କରୁଅଛନ୍ତି । ସେହି କାରଣରୁ ଆଜି ଏହି ପ୍ରଶ୍ନଟିର ଆଲୋଚନା କରାହେଉଛି ।

ଏହି ପ୍ରଶ୍ନର ଉତ୍ତର ଦେବା ପୂର୍ବେ କହିଦେବା ଉଚିତ ହେବ — ଏଠାରେ କେବଳ ଆଲୋଚନା ହେବ ପ୍ରଧାନତଃ ଶ୍ରୀଅରବିନ୍ଦଙ୍କ ଯୋଗ ଗାନ୍ଧିଜି ତଥା ବିନୋବାଜିଙ୍କ ସିଦ୍ଧାନ୍ତର ସହାୟକ ନା ବିରୋଧୀ । କିନ୍ତୁ ସେମାନଙ୍କର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଏକେବାରେ ବିଚାର କରା ହେବ ନାହିଁ । ଏହା ସମ୍ଭବ ନୁହେଁ ଏବଂ ଏହାର ପ୍ରୟୋଜନ ମଧ୍ୟ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ସିଦ୍ଧାନ୍ତର ବିରୋଧୀ ନୁହେଁ । ତାହା ମହାନ୍, ବିଶାଳ ଏବଂ ବ୍ୟାପକ ତଥା ଉଦାର । ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତି ଏହାକୁ ଗ୍ରହଣ କରି ପାରନ୍ତି । ଏହା ପ୍ରତ୍ୟେକ ସିଦ୍ଧାନ୍ତକୁ, ଲକ୍ଷ୍ୟପ୍ରାପ୍ତିକୁ ପୂର୍ଣ୍ଣତା ପ୍ରଦାନ କରେ ।

ଗାନ୍ଧିଜି ତଥା ବିନୋବାଜିଙ୍କ ସିଦ୍ଧାନ୍ତରେ ଶ୍ରୀଅରବିନ୍ଦଙ୍କ ଯୋଗ ଏକେବାରେ ବିରୁଦ୍ଧ ନୁହେଁ, ପୂର୍ଣ୍ଣତଃ ସହାୟକ ଏବଂ ଅଧିକ ବ୍ୟାପକ । କାରଣ ସେମାନେ ମନୁଷ୍ୟଜାତିର ଯେଉଁ ଯେଉଁ ସୁଖ ସ୍ୱାତନ୍ତ୍ର୍ୟ ଚାହୁଁଛନ୍ତି, ଶ୍ରୀଅରବିନ୍ଦଙ୍କ ଯୋଗ ତାହା ଅପେକ୍ଷା ଅଧିକ ସ୍ଥାୟୀ, ଅଧିକ ବ୍ୟାପକ ଏବଂ ଅଧିକ ଉନ୍ନତଭାବରେ ତାହାହିଁ ଚାହୁଁଅଛି ।

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ — ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ତାହାର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର କରାହେବ, ଯାହାଫଳରେ ମନୁଷ୍ୟ ଜରା, ବ୍ୟାଧି, ମୃତ୍ୟୁ, ହିଂସା, ଦ୍ୱେଷ, ଈର୍ଷା, ବିରୋଧରୁ ପୂର୍ଣ୍ଣ ମୁକ୍ତ ହେବ । ତାହାର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକ ହୋଇ ଭଗବାନଙ୍କ ଦ୍ୱାରା ପରିଚାଳିତ

ହେବ । ତାହାର ମନ, ପ୍ରାଣର ସ୍ଥାନକୁ ଅଧିକାର କରିବ ଭାଗବତୀ ଶକ୍ତି । ସେ ଅହଂ ଆଉ ସ୍ୱାର୍ଥରୁ ହେବ ପୂର୍ଣ୍ଣ ମୁକ୍ତ । ତାହାର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକ ହେବାରୁ ଜ୍ଞାନ, ଭକ୍ତି, ଆନନ୍ଦ, ଶାନ୍ତି, ସମତା ତାହା ମଧ୍ୟରେ ଅବିଚ୍ଛିନ୍ନ ରୂପେ ପ୍ରବାହିତ ହେବ । ଭଗବାନ୍ ସ୍ୱୟଂ ବହୁ ହୋଇ ଜଗତରେ ବିଭିନ୍ନ ପ୍ରାଣୀ ରୂପରେ ପ୍ରକଟ ହୋଇଛନ୍ତି, ସେ ଏହି ରହସ୍ୟ ସ୍ପଷ୍ଟ ଭାବରେ ଦେଖିପାରିବ । ତା' ଦୃଷ୍ଟିରେ ବିଭିନ୍ନ ରୂପ ଆଉ ଜଗତ ହେବ ଭଗବାନମୟ । ତାହାର ଅନ୍ତରରେ ଆଉ ବାହ୍ୟରେ ହିଂସାର ସ୍ଥାନ ରହିବ ନାହିଁ । ସେ ଦ୍ୱୈତରେ ଅଦ୍ୱୈତ ଦେଖିବ । ତାହାର ଶତ୍ରୁ-ମିତ୍ର କେହି ରହିବେ ନାହିଁ – ସମସ୍ତେ ଭାଗବତ ସ୍ୱରୂପ ଏବଂ ଏକ । ସେ, ସମସ୍ତ ମଧ୍ୟରେ ଏବଂ ତା' ମଧ୍ୟରେ ସମସ୍ତ । ଏହାହିଁ ଯଥାର୍ଥରେ ସମସ୍ତ ରିପୁର ଅଧୀନରୁ ମୁକ୍ତ, ସ୍ୱତନ୍ତ୍ର ଅବସ୍ଥା । ଏହା ଫଳରେ ସମସ୍ତ ସଂସାରରୁ ହିଂସା, ଦ୍ୱନ୍ଦ୍ୱାଦି ଦୂର ହେବ, ପୃଥିବୀ ହେବ ସ୍ୱର୍ଗରେ ପରିଣତ । ଏହା ସତ୍ୟଯୁଗର ସ୍ଥାପନା, ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ।

ଗାନ୍ଧିଜିଙ୍କ ସିଦ୍ଧାନ୍ତ ହେଉଛି ମନୁଷ୍ୟ ପରସ୍ପର ବୈରବିରୋଧ ଦୂର କରି ଅହିଂସା ଅବଲମ୍ବନ କରି ପରାଧୀନତାରୁ ମୁକ୍ତ ହୋଇ ସ୍ୱତନ୍ତ୍ର ହେବ । ହିଂସା, ରାଗ, ଦ୍ୱେଷ, ଈର୍ଷା, ବିରୋଧାଦି ସମସ୍ତ ପ୍ରକାର ଅଶାନ୍ତି, ଅସୁଖ, ଦ୍ୱନ୍ଦ୍ୱର କାରଣ । ମନୁଷ୍ୟ ମଧ୍ୟରୁ ହିଂସା ଦୂର ହୋଇ ଅହିଂସା ପ୍ରତିଷ୍ଠିତ ହେଲେ ସେ ଆନନ୍ଦମୟ ଜୀବନ ପ୍ରାପ୍ତ କରିବ; ଜଗତରୁ ଯୁଦ୍ଧ ଆଦି ବର୍ବରତା ଦୂର ହେବ ଏବଂ ସଂସାରରେ ଶାନ୍ତି ସ୍ଥାପିତ ହେବ । ଗାନ୍ଧିଜି ଚାହିଁଥିଲେ ଅହିଂସା, ଶାନ୍ତି-ସୁଖମୟ ଜୀବନ ଏବଂ ଭାରତର ସ୍ୱତନ୍ତ୍ରତା, ରାମରାଜ୍ୟର ପ୍ରତିଷ୍ଠା । ତାଙ୍କ କାର୍ଯ୍ୟ-ପ୍ରଣାଳୀରୁ ଅନୁମାନ କରାଯାଏ ତାଙ୍କର ଲକ୍ଷ୍ୟ ଯଦ୍ୟପି ଏହି ଉଭୟ ଥିଲା ତଥାପି ତାଙ୍କ ସମ୍ମୁଖ ଲକ୍ଷ୍ୟ ଥିଲା ଭାରତ-ସ୍ୱତନ୍ତ୍ରତା । କିନ୍ତୁ ତାଙ୍କ ସହକର୍ମୀ ଓ ଅନୁଗାମୀମାନେ ଦେଶ-ସ୍ୱାଧୀନତାକୁ ଜୀବନର ପ୍ରଧାନ ଲକ୍ଷ୍ୟ ମାନି ନେଲେ ଆଉ ତାହା ପ୍ରାପ୍ତ କରିବାକୁ ପ୍ରାଣପଣେ ଲାଗିପଡ଼ି ତାହା ଲାଭ କଲେ । ସମ୍ଭବତଃ ସେମାନଙ୍କ ଧାରଣା ହୋଇଥିବ, ''ପ୍ରଥମେ ଆମ୍ଭେମାନେ ବିଦେଶୀ ହାତରୁ ମୁକ୍ତ ହୋଇଗଲେ ସ୍ୱତନ୍ତ୍ରରୂପେ ସୁଖ, ଶାନ୍ତି, ଅହିଂସ-ଜୀବନ ପ୍ରାପ୍ତ କରିବା କାର୍ଯ୍ୟରେ ଲାଗି ପଡ଼ିବା ।'' ଭାରତ ସ୍ୱତନ୍ତ୍ରତା ପରେ କଂଗ୍ରେସ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଯେଉଁମାନେ ପ୍ରକୃତରେ ଦେଶଭକ୍ତ ଥିଲେ ସେମାନେ ଦେଶର ଉନ୍ନତି, ସୁଖମୟ ଜୀବନ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଲେ । ସେମାନଙ୍କ ଶାନ୍ତି ସୁଖମୟ ଜୀବନ ନିର୍ମାଣରେ ରହିଲା ଅଧ୍ୟାତ୍ମ-ବିହୀନ ପାଶ୍ଚାତ୍ୟ କର୍ମଧାରାର ଛାପ । ପରିଣାମରେ ଭାରତରେ କଳ-କାରଖାନା ବୃଦ୍ଧି ହେଲା, ରାସ୍ତାଘାଟ ତିଆରି ହେଲା, ସ୍କୁଲ-କଲେଜ ବଢ଼ି ଚାଲିଲା । ଜଳଭଣ୍ଡାର ନିର୍ମାଣ ହେଲା, ବିଜୁଳିର ଉତ୍ପାଦନ ହେଲା । ବହୁତ ବେକାର ଲୋକଙ୍କୁ ଜୀବିକା ନିର୍ବାହର କର୍ମ ମିଳିଲା । ଏ ଦିଗରେ ଦେଶର ଉନ୍ନତି ହେଲା । ଅନ୍ୟ ଦିଗରେ ହିଂସା, ଦ୍ୱେଷ, ସ୍ୱାର୍ଥ, ଅହଂ, ବେମାନି, ଚୋରି, ଦଗାବାଜି, ଘୁଷଖୋରି ବଢ଼ିଲା । ବ୍ୟକ୍ତି ରାଜନୈତିକ ପରାଧୀନତାରୁ ମୁକ୍ତ ହୋଇ ଅନ୍ଧକାର ଶକ୍ତିର ଦୁର୍ଗୁଣ କବଳରେ ଅଧିକ ଦୃଢ଼ଭାବେ ବନ୍ଦୀ ହେଲେ । ଜୀବନ ଶାନ୍ତ ଆନନ୍ଦମୟ ହେଲା ନାହିଁ । କାରଣ ମନୁଷ୍ୟ-ଜୀବନ ପୂର୍ଣ୍ଣ ଆନନ୍ଦମୟ ହୁଏ ଅଧ୍ୟାତ୍ମ ଏବଂ କର୍ମ, ଏହି ଉଭୟର ମିଳନରେ । ଏହି ଦୁଇ ମଧ୍ୟରୁ ଗୋଟିକୁ ବାଦ୍ ଦେଲେ ଜୀବନ ଅପୂର୍ଣ୍ଣ, ଅଙ୍ଗହୀନ ହୁଏ । ପିତାମାତାଙ୍କୁ ଯେତେବେଳେ ପୁତ୍ରଶୋକ ହୁଏ ସେତେବେଳେ ମୂଲ୍ୟବାନ୍ ବସ୍ତୁ, ମିଷ୍ଟାନ୍ନ ସନ୍ତୋଷ ଦିଏ ନାହିଁ । ବିଛା କାମୁଡ଼ିଥିବା ବ୍ୟକ୍ତିକୁ ସୁନ୍ଦର ମହଲ, କୋମଳ ଶଯ୍ୟା ଆନନ୍ଦ ଦିଏ ନାହିଁ । ଆନ୍ତର ସନ୍ତୋଷ, ଶାନ୍ତି ବିନା ମନୁଷ୍ୟ ସୁଖୀ ହୁଏ ନାହିଁ । ଆନନ୍ଦ, ଶାନ୍ତି, ଅହିଂସା, ସନ୍ତୋଷ ପ୍ରାପ୍ତ ହୁଏ ଅଧ୍ୟାତ୍ମ ସାଧନ ଦ୍ୱାରା । ଏହିସବୁ ଦିବ୍ୟଗୁଣ ପ୍ରାପ୍ତ ହେଲେ ସେ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଆତ୍ମାରୂପେ ଦେଖେ । ନିଜେ କାହାରି ସଙ୍ଗେ ବୈର-ବିରୋଧ, ହିଂସା କରେ ନାହିଁ, ଆଉ କାହାରି ଦୁର୍ବ୍ୟବହାର ଦ୍ୱାରା ଆକ୍ରାନ୍ତ ହୁଏ ନାହିଁ । ଏଣୁ ପ୍ରକୃତରେ ସୁଖମୟ ଓ ପୂର୍ଣ୍ଣ ଜୀବନ ପ୍ରାପ୍ତ ହୁଏ ଅଧ୍ୟାତ୍ମ ଆଉ କର୍ମ ଉଭୟର ମିଳନରେ । ପ୍ରତ୍ୟକ୍ଷରୂପେ ଆମ୍ଭେମାନେ ଅଧ୍ୟାତ୍ମ ସାଧକମାନଙ୍କର ସୁଖମୟ ଜୀବନ ଯଦ୍ୟପି ଦେଖୁଅଛୁ ତଥାପି କର୍ମ ଦିଗ ଶୂନ୍ୟ । କର୍ମୀମାନଙ୍କ ଜୀବନରେ ଅଧ୍ୟାତ୍ମ ସାଧନାର ଅଭାବ । ଅତଏବ ଉଭୟଙ୍କ ଜୀବନ ଅପୂର୍ଣ୍ଣ । ଏହି ଉଭୟର ମିଳନରେ ଜୀବନ ଆଉ ଦେଶର ହୁଏ ଯଥାର୍ଥ ଉନ୍ନତି ।

ସୃଷ୍ଟିକର୍ତ୍ତା ଈଶ୍ୱର ଏକ । ତାଙ୍କରି ସୃଷ୍ଟି, ତାଙ୍କରି ବିଧାନରେ ସମସ୍ତ ଜଗତ ଚାଳିତ ହେଉଅଛି । ତାଙ୍କ ବିଧାନର ବିରୋଧୀ, କୌଣସି ବ୍ୟକ୍ତି କିଛି କରିପାରେ ନାହିଁ । ପୃଥିବୀରେ ସ୍ୱର୍ଗରାଜ୍ୟ, ଦିବ୍ୟ-ଜୀବନ ସ୍ଥାପନ ଭଗବାନଙ୍କର

ଯେଉଁ ସଂକଳ୍ପ, ଯେଉଁ କାର୍ଯ୍ୟ ସକାଶେ ଶ୍ରୀଅରବିନ୍ଦ ଏହି ସଂସାରକୁ ଆସିଥିଲେ ସେହି କାର୍ଯ୍ୟ ସକାଶେ ଭାରତ ସ୍ୱତନ୍ତ୍ର ହେବା ଅନିବାର୍ଯ୍ୟ ଥିଲା । ସେହି ଭାରତ ସ୍ୱତନ୍ତ୍ରତା ସକାଶେ କର୍ମ କରିବାକୁ ଗାନ୍ଧିଜି ମଧ୍ୟ ଆସିଥିଲେ । ଭାରତ ସ୍ୱତନ୍ତ୍ର ହେଲା, କିନ୍ତୁ ମନୁଷ୍ୟକୁ ଆନନ୍ଦମୟ ଜୀବନ ପ୍ରାପ୍ତ ହେଲା ନାହିଁ ।

*

ପ୍ରଶ୍ନ : ଗାନ୍ଧିଜି ଯେଉଁ ଅହିଂସ-ସୁଖମୟ ଜୀବନ ଚାହିଁଥିଲେ, ଯାହା ତାଙ୍କର ଲକ୍ଷ୍ୟ ଥିଲା, ତାହା କ'ଣ ପୂର୍ଣ୍ଣ ହୋଇଛି ? ବର୍ତ୍ତମାନ ମନୁଷ୍ୟର ଯେଉଁ ଜୀବନ, ବିଶେଷତଃ ଭାରତବର୍ଷ ଯେଉଁ ଅବସ୍ଥାରେ ଅଛି, ସେ କ'ଣ ଏହିପରି ସଂସାର ଚାହିଁଥିଲେ ? ଏହି ଅବସ୍ଥାରେ କ'ଣ ତାଙ୍କ ଆତ୍ମା ସନ୍ତୁଷ୍ଟ ? ବର୍ତ୍ତମାନ ସଂସାରରେ ଦୁର୍ନୀତି, ଛନ୍ଦ, କପଟ, ସ୍ୱାର୍ଥ, ମିଥ୍ୟାଚାର, ଠକାମି କ'ଣ ବ୍ୟକ୍ତିର ବାଞ୍ଛନୀୟ ?

ଉତ୍ତର : ଗାନ୍ଧିଜିଙ୍କ ଆଦର୍ଶ ଅନୁସାରେ ବର୍ତ୍ତମାନ ଅବସ୍ଥା ଏକେବାରେ ସନ୍ତୋଷଜନକ ନୁହେଁ । ସେ ଚାହିଁଥିଲେ ସ୍ଥାୟୀ ନିଷ୍କପଟ ଅହିଂସ ଅଖଣ୍ଡ ସୁଖମୟ ଜୀବନ, ଆନନ୍ଦମୟ ରାଜ୍ୟ । ଏହା ଥିଲା ତାଙ୍କର ଲକ୍ଷ୍ୟ; କିନ୍ତୁ ତାଙ୍କ ଜୀବନର ପ୍ରଧାନ କାର୍ଯ୍ୟ ଥିଲା 'ଭାରତ ସ୍ୱତନ୍ତ୍ରତା' । ଏହି ସ୍ୱତନ୍ତ୍ରତାର ରାଜନୀତି କ୍ଷେତ୍ରରେ ଯଥେଷ୍ଟ ମୂଲ୍ୟ ଅଛି । ଆଉ ଏହା ପୂର୍ଣ୍ଣ ସ୍ୱତନ୍ତ୍ରତାର ଅପରିହାର୍ଯ୍ୟ ଅଙ୍ଗ; ତଥାପି ଏହା ମନୁଷ୍ୟ-ଜୀବନର ଚରମ ଲକ୍ଷ୍ୟ ନୁହେଁ । କେବଳ ଏତିକିରେ ମନୁଷ୍ୟର ଜୀବନ ସୁଖମୟ ହୁଏ ନାହିଁ । ସ୍ଥାୟୀ ସୁଖମୟ ଜୀବନ ପ୍ରାପ୍ତ ହୁଏ – ହିଂସା, ଦ୍ୱେଷ, ସ୍ୱାର୍ଥାଦି ରିପୁମାନଙ୍କଠାରୁ ପୂର୍ଣ୍ଣତଃ ମୁକ୍ତହେଲେ, ତେବେ ତାହାର ଅହିଂସା ହୁଏ ନିଷ୍କପଟ ଓ ନିଷ୍କଳଙ୍କ । ଏହା ହୁଏ ଯୋଗରେ । ଅତଏବ ଜୀବନରେ ଯୋଗ ଗ୍ରହଣ କଲେ ବ୍ୟକ୍ତି ଯଥାର୍ଥ ଲକ୍ଷ୍ୟରେ ପହଞ୍ଚେ ।

*

ପ୍ରଶ୍ନ : ବର୍ତ୍ତମାନ କଂଗ୍ରେସ ନୀତି ଆଉ ସଂସାର ଅବସ୍ଥାରୁ ଦେଖାଯାଉଛି ଗାନ୍ଧିଜି ଯେପରି ଅହିଂସା ଚାହିଁଥିଲେ, ଯେଉଁ ସୁଖମୟ ସାମଞ୍ଜସ୍ୟ-ଜୀବନ ଚାହିଁଥିଲେ, ତାହା ପୂର୍ଣ୍ଣ ହୋଇ ନାହିଁ ସତ, କିନ୍ତୁ ବିନୋବାଜି ବରାବର କହି ଆସିଛନ୍ତି ଏବଂ ପ୍ରଯତ୍ନ କରୁଛନ୍ତି ଭୂମିଦାନ ଦ୍ୱାରା ମନୁଷ୍ୟର ହୃଦୟ ପରିବର୍ତ୍ତନ ହେବ ଏବଂ ସଂସାରରେ ସାମଞ୍ଜସ୍ୟ ସ୍ଥାପନ ହେବ । ମନେହୁଏ ଗାନ୍ଧିଜି ଯାହା ଚାହିଁଥିଲେ ତାହା ପୂର୍ଣ୍ଣ ହୋଇ ନ ଥିଲା, ତାହା ପୂର୍ଣ୍ଣ ହେବ ବିନୋବାଜିଙ୍କ ଦ୍ୱାରା । ଯଦି ଏହାହିଁ ହୁଏ ତେବେ ଏଥିରେ ଶ୍ରୀଅରବିନ୍ଦଙ୍କ ଯୋଗର ସାହାଯ୍ୟର ପ୍ରୟୋଜନ କ'ଣ ? ସାମଞ୍ଜସ୍ୟ ବା ବିରୋଧ, ଏହା ବିଚାର କରିବାକୁ ଯିବା କାହିଁକି ? ଆମେ କାର୍ଯ୍ୟ କରିବୁ ଆମ ମାର୍ଗରେ, ଶ୍ରୀଅରବିନ୍ଦଙ୍କ ଯୋଗ ଯିବ ତା' ମାର୍ଗରେ । ତା' ସଙ୍ଗେ ଆମର ସମ୍ପର୍କ କ'ଣ ?

ଉତ୍ତର : ଗୋଟିକୁ ବାଦ୍ ଦେଲେ ଅନ୍ୟଟି ଅପୂର୍ଣ୍ଣ, ସେଥିପାଇଁ ପରସ୍ପରର ସାମଞ୍ଜସ୍ୟ ଆବଶ୍ୟକ । ଗାନ୍ଧିଜି ଏବଂ ବିନୋବାଜି ଯେଉଁ ଦ୍ୱନ୍ଦ୍ୱବିହୀନ, ଶାନ୍ତିସୁଖମୟ ଜୀବନ ଚାହିଁଛନ୍ତି, ତାହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ – ଅତିମାନସ ଶକ୍ତି ଦ୍ୱାରା ମଣିଷର ମନ-ପ୍ରାଣ-ଶରୀର ପୂର୍ଣ୍ଣ ରୂପାନ୍ତର ହେବା ଦ୍ୱାରା; ସେହି ଅତିମାନସ ଶକ୍ତିକୁ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଅବତରଣ କରାଇ ଆଣିଅଛନ୍ତି । ଏହି ଅତିମାନସ ଶକ୍ତି ଛଡ଼ା ଅନ୍ୟ କୌଣସି ପୁରାତନ ଯୋଗର ପ୍ରକ୍ରିୟା ଦ୍ୱାରା ଏହା ସମ୍ଭବ ନୁହେଁ । ଏହି କାରଣରୁ ଗାନ୍ଧିଜିଙ୍କ ଉଦ୍ଦେଶ୍ୟ-ସିଦ୍ଧିରେ ଅତିମାନସ ଶକ୍ତିର ସାହାଯ୍ୟ ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣତଃ ମୁକ୍ତି ଏବଂ ଦିବ୍ୟ ମାନବ-ସମାଜ ପୃଥିବୀରେ ସ୍ଥାପନ ଲକ୍ଷ୍ୟ ହେବାରୁ, ଗାନ୍ଧିଜିଙ୍କ ଉଦ୍ଦେଶ୍ୟ ସୁଖମୟ ଜୀବନ ଓ ଭାରତର ସ୍ୱତନ୍ତ୍ରତା, ଏହା ଶ୍ରୀଅରବିନ୍ଦଙ୍କ ଯୋଗରେ ଅନିବାର୍ଯ୍ୟ ରୂପେ ସହାୟକ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଗାନ୍ଧିଜିଙ୍କ ଉଦ୍ଦେଶ୍ୟ ମଧ୍ୟରେ ପରସ୍ପର ବିରୋଧ ନ ଥାଇ ପୂର୍ଣ୍ଣ ସାମଞ୍ଜସ୍ୟ ରହିଅଛି ।

ସଂସାରରେ ଯେଉଁ ଦୁର୍ନୀତି ଦେଖାଯାଏ ତାହାର ନିବାସ ସ୍ଥାନ ଅବଚେତନାରେ । ଅବଚେତନାର ରୂପାନ୍ତର ନ ହେଲେ ନୈତିକ ବିଚାର, ଆଧ୍ୟାତ୍ମିକ ପ୍ରଭାବ ଦ୍ୱାରା ଅସ୍ଥାୟୀ ଆଉ ଆଂଶିକ ରୂପେ ସଂସାରରେ କିଛି ପରିବର୍ତ୍ତନ ଆସେ ଏବଂ କିଛିଦିନ ପରେ ନଷ୍ଟ ହୋଇଯାଏ । ଏହି କାରଣରୁ ସଂସାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ

ହୋଇଛି, ସଂସାର ସେହି ସୁଖଦୁଃଖ, ଆଲୋକ-ଅନ୍ଧାକାରରେ ଗତି କରୁଛି । ସଂସାରରୁ ଦୁର୍ନୀତି, ହିଂସା, ସ୍ୱାର୍ଥ ଆଦି ପ୍ରତିକୂଳ ଶକ୍ତିରାଜି ଦୂର ହୁଅନ୍ତି ଅତିମାନସ ଶକ୍ତି ଦ୍ୱାରା – ଅବଚେତନାର ଆମୂଳଚୂଳ ରୂପାନ୍ତର ହେବାରେ । ଏହା ସଙ୍ଗେ ସଙ୍ଗେ ସାଧକମାନଙ୍କର ମନ, ପ୍ରାଣ, ଶରୀର ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି । ସେମାନେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୁଅନ୍ତି । ଏହି ରୂପେ ରୂପାନ୍ତରିତ ଗୋଟିଏ ଦିବ୍ୟ ମାନବ-ସମାଜ ସ୍ଥାପିତ ହେଲେ ଜଗତରେ ସ୍ଥାୟୀ ସୁଖ, ଶାନ୍ତି ଆସେ । ସଂସାରରେ ଏହି ଦିବ୍ୟ ମାନବ-ସମାଜ ସ୍ଥାପନ ହେଲା ଗାନ୍ଧିଜିଙ୍କ ଚାହିଁଥିବା ସୁଖମୟ ଜୀବନଠାରୁ ନୂତନ । ଏହା ନ ହେଲେ ସଂସାରରେ ସାମୂହିକ ସୁଖମୟ ଜୀବନ ସ୍ଥାୟୀରୂପେ ପ୍ରାପ୍ତ ହେବା ଏକେବାରେ ଅସମ୍ଭବ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦି ଗାନ୍ଧିଜିଙ୍କ ଲକ୍ଷ୍ୟ ପୂର୍ଣ୍ଣ ହୁଏ, ତେବେ ତାହା ଗାନ୍ଧିଜିଙ୍କ ସିଦ୍ଧାନ୍ତର ବିରୋଧ ହେବ କିପରି ? ସଂସାର ଏକ ଈଶ୍ୱରଙ୍କର । ତାଙ୍କ ବିଧାନରେ ସମସ୍ତ ସଂସାର ପରିଚାଳିତ ହେଉଅଛି । ମନୁଷ୍ୟର ଦୁଃଖ-ଦାରିଦ୍ର୍ୟମୟ ଜୀବନକୁ ସୁଖାନନ୍ଦରେ ପରିଣତ କରିବାକୁ ଯେଉଁମାନେ ଏହି ସଂସାରକୁ ଆସି ଅଛନ୍ତି ସେମାନଙ୍କ କାର୍ଯ୍ୟ ପରସ୍ପରର ପରିପୂରକ । ଗୋଟିଏ କାର୍ଯ୍ୟ ଛଡ଼ା ଅନ୍ୟଟି ଅପୂର୍ଣ୍ଣ । ଯେପରି ଗୋଟିଏ କମ୍ପାନୀରେ ବ୍ୟୋମଯାନର ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ପୃଥକ୍ ସ୍ଥାନରେ ତିଆରି ହୁଏ, କିନ୍ତୁ ସମସ୍ତ ଭାଗ ଏକତ୍ର କରି ଯୋଡ଼ିବା ଦ୍ୱାରା ଯାନଟି ପୂର୍ଣ୍ଣ ହୁଏ ଏବଂ ମନୁଷ୍ୟର ସେବାରେ ଲାଗେ । ସେହିପରି ମନୁଷ୍ୟ-ଜୀବନର ଉନ୍ନତି ସକାଶେ କର୍ମ ଏବଂ ଅଧ୍ୟାତ୍ମ-ଅତିମାନସ ରୂପାନ୍ତର ପରସ୍ପର ସମ୍ବନ୍ଧିତ ।

କିନ୍ତୁ ସାମୂହିକରୂପେ ହୃଦୟର ପରିବର୍ତ୍ତନ ବୈଦିକ ଯୁଗରୁ ଆରମ୍ଭ କରି ଏପର୍ଯ୍ୟନ୍ତ ହୋଇ ନାହିଁ । ଏହା ସମ୍ଭବ ନ ହେବା ଜାଣି ବୈଦିକ ଋଷି, ମୁନି, ମହାପୁରୁଷମାନେ ସଂସାର କର୍ମ ତ୍ୟାଗ କଲେ; ସଂସାରରୁ ନିଜକୁ ପୃଥକ୍ କଲେ, ଅଧ୍ୟାତ୍ମ-ସାଧନା ଦ୍ୱାରା ହୃଦୟ ଓ ମନକୁ ଶୁଦ୍ଧ ଅଥବା ଭାଗବତ ପ୍ରାପ୍ତି ନିମିତ୍ତ ଆବଶ୍ୟକ ପରିବର୍ତ୍ତନ କରି ନିଜ ଲକ୍ଷ୍ୟରେ ପହୁଞ୍ଚି ଗଲେ । ସଂସାର ଯେପରି ଦୁଃଖକଷ୍ଟରେ ଚାଲୁଥିଲା, ତାହା ସେହିପରି ଚାଲିଲା । ଆଉ କେତେକ ମହାପୁରୁଷ ଯଦ୍ୟପି ସଂସାରକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ, ତାହା ସଫଳ ହେଲା ନାହିଁ, ଯେବେ କୌଣସି ସମୟରେ ହେଲା, ତାହା ହେଲା ଆଂଶିକ ଏବଂ ଅସ୍ଥାୟୀ ।

*

ପ୍ରଶ୍ନ : ଏହା ସ୍ଥାୟୀ ଆଉ ପୂର୍ଣ୍ଣ ନ ହେବାର କାରଣ କ'ଣ ?

ଉତ୍ତର : ମନୁଷ୍ୟ ମଧ୍ୟରେ ଯେଉଁ କାମ, କ୍ରୋଧ, ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧାଦି ଦୁର୍ଗୁଣ ଅଛି ତାହାର ମୂଳ ସ୍ରୋତ ବିଶ୍ୱର ନିରାଟ ଜଡ଼ ଅବଚେତନା ମଧ୍ୟରେ । ତାହାର ମୂଳ ଉତ୍ସ ଯେପର୍ଯ୍ୟନ୍ତ ରୂପାନ୍ତର ନ ହୋଇଛି ସେପର୍ଯ୍ୟନ୍ତ ଜଗତରେ ସ୍ଥାୟୀ ସୁଖ, ଶାନ୍ତି ସ୍ଥାପନା ସମ୍ଭବ ନୁହେଁ । ସେଥିପାଇଁ ଅଧ୍ୟାତ୍ମବାଦୀ ସାଧକମାନେ ନିଜକୁ ସଂସାରରୁ ପୃଥକ୍ କରି ନେଲେ, ନିଜକୁ ଗୋଟିଏ କ୍ଷୁଦ୍ର ପରିସର ମଧ୍ୟରେ ରଖି ଅଧ୍ୟାତ୍ମ ସାଧନା ଦ୍ୱାରା ନିଜ ଦୋଷତ୍ରୁଟିକୁ ଦୂର କରି ନିର୍ବାଣ ବା ଭଗବତ୍ ପ୍ରାପ୍ତି କଲେ । ଅନ୍ଧକାର ଶକ୍ତିର ମୂଳ ଉତ୍ସ ରୂପାନ୍ତର ନ ହେବାରୁ ଏପର୍ଯ୍ୟନ୍ତ ସଂସାର ପରିବର୍ତ୍ତିତ ହୋଇ ନାହିଁ । ଏହି ଅନ୍ଧକାର ଶକ୍ତି ରୂପାନ୍ତରିତ ହୁଏ ଅତିମାନସ ଶକ୍ତି ଦ୍ୱାରା । ସେହି ଅତିମାନସ ଶକ୍ତିକୁ ଶ୍ରୀଅରବିନ୍ଦ ପୃଥିବୀକୁ ଅବତରଣ କରାଇ ଆଣିଅଛନ୍ତି ।

ଶ୍ରୀଅରବିନ୍ଦ ବିଲାତରୁ I.C.S. ପାସ୍ କରି ଆସି ବରୋଦାରେ ସର୍ଭିସ୍ କଲେ । ଆଉ ଗୁପ୍ତ ରୂପେ ଭାରତର ସ୍ୱାଧୀନତା ନିମିତ୍ତ କାର୍ଯ୍ୟ ମଧ କଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଭାରତକୁ ସ୍ୱତନ୍ତ୍ର କରିବେ । ଏହି ବିଷୟ ତାଙ୍କ ସ୍ତ୍ରୀଙ୍କୁ ବି ଚିଠିରେ ଲେଖିଥିଲେ । ବଙ୍ଗଳା ଭାଷାରେ ''ଶ୍ରୀଅରବିନ୍ଦେର ପତ୍ର'' ନାମରେ ବହି ପ୍ରକାଶିତ ହୋଇଅଛି । ଏହି ଉଦ୍ଦେଶ୍ୟରେ ସେ ସାଧନା କଲେ, କିନ୍ତୁ ତାଙ୍କୁ ସିଦ୍ଧି ପ୍ରାପ୍ତ ହେଲା, ଅଦ୍ୱୈତ, ନିର୍ବିଶେଷ ବ୍ରହ୍ମରେ ମିଶିଯିବା, ଯାହା ଆଚାର୍ଯ୍ୟ ଶଙ୍କରଙ୍କ ଲକ୍ଷ୍ୟ । ପରେ ଆଲିପୁର ଜେଲରେ ତାଙ୍କୁ ଭଗବତ ସିଦ୍ଧି ପ୍ରାପ୍ତ ହେଲା, ଅର୍ଥାତ୍ ସେ ବୃକ୍ଷ, ଲତା, ପଶୁ, ପକ୍ଷୀ, ମନୁଷ୍ୟ, ଘର ଆଦି ସମସ୍ତ ବସ୍ତୁରେ ବାସୁଦେବଙ୍କୁ ଦର୍ଶନ କଲେ । ଏହି ସିଦ୍ଧି ତାଙ୍କ 'ଉତ୍ତରପଡ଼ା ଅଭିଭାଷଣ'ରେ ବର୍ଣ୍ଣିତ ହୋଇଛି ।

ପୁରାତନ ସମସ୍ତ ଯୋଗରେ ଭିନ୍ନ ଭିନ୍ନ ସଂପ୍ରଦାୟର ସାଧକ ସଂସାର ଆଉ କର୍ମରୁ ନିବୃତ୍ତ ହୋଇ ଯମ, ନିୟମ, ଧ୍ୟାନ, ଧାରଣା, ଆସନ, ପ୍ରାଣାୟାମ, ଜପ, ତପାଦି କଠୋର ସାଧନା କରି ଏହି ଦୁଇ ସିଦ୍ଧିରୁ ଗୋଟିକୁ ପ୍ରାପ୍ତ କରନ୍ତି । କିନ୍ତୁ ଶ୍ରୀଅରବିନ୍ଦ ରାଜନୀତିରେ କାର୍ଯ୍ୟ କରିବା ସମୟରେ ବିପ୍ଳବୀ ଦଳର ନେତା ସ୍ଥାନରେ ରହି ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ୍ ବିରୋଧରେ ସମସ୍ତ ଦଳକୁ ପରିଚାଳନା କରୁଥିଲେ । ତାଙ୍କର ପ୍ରତ୍ୟେକ କାର୍ଯ୍ୟର ସନ୍ଧାନ ପାଇବାକୁ ଗୁପ୍ତ ପୋଲିସ୍ ବରାବର ରହିଥାଆନ୍ତି । ତାଙ୍କୁ ବହୁ ସତର୍କତାର ସହ କାର୍ଯ୍ୟ କରିବାକୁ ହେଉଥିଲା । ଏପରି ସ୍ଥଳରେ ବ୍ୟକ୍ତି ଚେତନା ଏକାଗ୍ର ହେବା ସମ୍ଭବ ନୁହେଁ, କିନ୍ତୁ ତାହା ସେ କରି ପାରିଥିଲେ ତାଙ୍କର ଅସାମାନ୍ୟ ସାଧନା ବଳରେ । ଜଟିଳ ରାଜନୈତିକ ଆନ୍ଦୋଳନର କର୍ଣ୍ଣଧାର ରୂପେ ମୁଖ୍ୟତଃ କାର୍ଯ୍ୟ କରି ମଧ୍ୟ କେବଳ ଗୌଣଭାବରେ ଅଳ୍ପ ସାଧନା ଦ୍ୱାରା ସେ ଅନାୟାସରେ ସମସ୍ତ ପୁରାତନ ଯୋଗର ଉକ୍ତ ଦୁଇ ସିଦ୍ଧିକୁ ପ୍ରାପ୍ତ କଲେ ।

ଶ୍ରୀଅରବିନ୍ଦଙ୍କର ଯଦି ବ୍ୟକ୍ତିଗତ ମୁକ୍ତି ଅଥବା ଭଗବତ୍ ପ୍ରାପ୍ତିହିଁ କେବଳ କାମ୍ୟ ହୋଇଥାଆନ୍ତା, ତେବେ ତାଙ୍କୁ ଆଉ କିଛି କରିବାକୁ ହୋଇ ନ ଥାଆନ୍ତା । କିନ୍ତୁ ତାଙ୍କ ତପସ୍ୟା, ତାଙ୍କ ସାଧନା, ତାଙ୍କ ସିଦ୍ଧି, ତାଙ୍କ ବିଦ୍ୟା ତାଙ୍କ ନିଜ ପାଇଁ ନ ଥିଲା । ତାଙ୍କୁ ଯାହା କିଛି ପ୍ରାପ୍ତ ହୋଇଥିଲା ତାହା ସବୁ ଥିଲା ମନୁଷ୍ୟର ପୂର୍ଣ୍ଣ ସ୍ୱତନ୍ତ୍ରତା ପାଇଁ । ତାଙ୍କ ନିଜ ସୁଖ, ଆରାମକୁ ସେ ପୂର୍ବରୁ ମନୁଷ୍ୟର ଉନ୍ନତି ସାଧନ ପାଇଁ ତ୍ୟାଗ କରିଥିଲେ । ସେ ଚାହୁଁଥିଲେ ମନୁଷ୍ୟ ଜାତିର ପୂର୍ଣ୍ଣ ସ୍ୱତନ୍ତ୍ରତା, ଅଖଣ୍ଡ ଅବିଚ୍ଛିନ୍ନ ସୁଖ । ଯେଉଁ ଗୋଟିଏ ଅଧ୍ୟାତ୍ମ-ସିଦ୍ଧିରେ ମନୁଷ୍ୟ କୃତକୃତ୍ୟ ହୁଏ ସେହି ଦୁଇଟି ଅଧ୍ୟାତ୍ମ ସିଦ୍ଧିରେ ସେ ସନ୍ତୁଷ୍ଟ ହେଲେ ନାହିଁ । କାରଣ ତାଙ୍କର ଲକ୍ଷ୍ୟ ବ୍ୟକ୍ତିଗତ ସିଦ୍ଧି ନ ଥିଲା, ଥିଲା ମନୁଷ୍ୟ ଜାତି ପାଇଁ, ଅଖଣ୍ଡ ସୁଖ-ପ୍ରାପ୍ତିର ଲକ୍ଷ୍ୟ । ସେ ନିଃସନ୍ଦେହ ଭାବରେ ଜାଣିଥିଲେ, ତାଙ୍କର ଦୃଢ଼ ବିଶ୍ୱାସ ଥିଲା କୌଣସି ଗୋଟିଏ ଗୁପ୍ତ ରହସ୍ୟ ଅଛି, ଯାହା ଆବିଷ୍କୃତ ହେଲେ ମନୁଷ୍ୟ ଅଖଣ୍ଡ ସୁଖ, ଶାନ୍ତି ପାଇବ । ଏହି ଗୁପ୍ତ ରହସ୍ୟର ସନ୍ଧାନ ସେ ପାଇଲେ ଆଲିପୁର ଜେଲରେ । ସେ ଦେଖିଲେ ଗୋଟିଏ ଅତିମାନସ ସୃଜନୀ ଆଦ୍ୟା ପରାପ୍ରା ଶକ୍ତି ଅଛି, ଯାହାଦ୍ୱାରା ଏହି ସମସ୍ତ ବିଶ୍ୱ-ବ୍ରହ୍ମାଣ୍ଡ ସୃଷ୍ଟ ହୋଇଅଛି । ସେହି ଶକ୍ତି ଏହି ପୃଥିବୀକୁ ଅବରତଣ କରି ଆସିଲେ ତାହାରି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ । ତାକୁ ପୂର୍ଣ୍ଣଜ୍ଞାନ, ଅଖଣ୍ଡ ଦିବ୍ୟାନନ୍ଦ ପ୍ରାପ୍ତ ହେବ । ସେ ଭଗବାନଙ୍କ ସଙ୍ଗେ ସମ୍ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରିବ । ଭଗବାନ୍ ନିରାବରଣ ରୂପେ ତାହାର ସମସ୍ତ ସତ୍ତାରେ ପ୍ରକଟ ହେବେ । ସେ ଜରା, ମୃତ୍ୟୁ, ରୋଗ, ମାୟା, ଦୁଃଖ, ଦ୍ୱନ୍ଦ୍ୱ କବଳରୁ ମୁକ୍ତ ହେବ । ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ଏହି କାର୍ଯ୍ୟ କରିବାକୁ ସେ ଏହି ପୃଥିବୀକୁ ଆସିଥିଲେ ଏବଂ ବରାବର ଭଗବାନଙ୍କଠାରୁ ଆନ୍ତର ନିର୍ଦ୍ଦେଶ ପାଇ ରାଜନୀତି କାର୍ଯ୍ୟ କରୁଥିଲେ । ସେହି ଆଲିପୁର ଜେଲରେ ତାଙ୍କୁ ଆଦେଶ ହେଲା, ''ଭାରତ ସ୍ୱତନ୍ତ୍ରତାରେ ତୁମର ଯେତେ କାର୍ଯ୍ୟ କରିବାର ତାହା ହୋଇଗଲା । ବର୍ତ୍ତମାନ ତୁମ ସକାଶେ ଆମ୍ଭେ ଅନ୍ୟ କାର୍ଯ୍ୟ ନିର୍ଦ୍ଦିଷ୍ଟ କରିଅଛୁ ।'' ପରେ ଚନ୍ଦନନଗରରୁ ଭଗବାନଙ୍କ ଆଦେଶ ପାଇ ସେ ପଣ୍ଡିଚେରୀ ଆସିଲେ ।

୧୯୧୦ ସାଲରୁ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଏକାନ୍ତ ତୀବ୍ର ସାଧନାରେ ରତ ହେଲେ । ଶ୍ରୀମା ୧୯୧୪ରେ ଫ୍ରାନ୍ସରୁ ଆସିଲେ । ଶ୍ରୀଅରବିନ୍ଦ ଏବଂ ମା' ଉଭୟ, ଏହି ଏକହିଁ କାର୍ଯ୍ୟ କରିବା ସକାଶେ ଏହି ସଂସାରକୁ ଆସି ଅଛନ୍ତି । ମା' ସ୍ୱଷ୍ଟରୂପେ ଏକଥା ବୁଝି ପାରିଲେ ଏବଂ ଶ୍ରୀଅରବିନ୍ଦଙ୍କ ସଙ୍ଗେ ସାଧନାରେ ରତ ହେଲେ । ପ୍ରଥମ ମହାଯୁଦ୍ଧ ଯୋଗୁଁ ମା'ଙ୍କୁ ୧୯୧୪ରେ ଫ୍ରାନ୍ସ ଫେରି ଯିବାକୁ ହେଲା, ପୁନରାୟ ୧୯୨୦ରେ ପଣ୍ଡିଚେରୀ ଫେରିଆସି ସ୍ଥାୟୀ ରୂପେ ଏପର୍ଯ୍ୟନ୍ତ ଅଛନ୍ତି ।* ୧୯୨୬ ନଭେମ୍ବର ତା ୨୪ ରିଖରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କୁ ଅଧିମାନସ ସିଦ୍ଧି ପ୍ରାପ୍ତ ହେଲା । ସେ ସିଦ୍ଧି ଥିଲା ଅତିମାନସକୁ ଏହି ପୃଥିବୀକୁ ଉତାରି ଆଣିବାର ପୂର୍ଣ୍ଣଜ୍ଞାନ ଏବଂ ଉପାୟର ରହସ୍ୟପ୍ରାପ୍ତି । ସେହି ଦିନଠାରୁ ଶ୍ରୀଅରବିନ୍ଦ ମା'ଙ୍କ ଉପରେ ଆଶ୍ରମର ସମସ୍ତ ଭାର ନ୍ୟସ୍ତ କରି ଏକେବାରେ ଏକାନ୍ତ ସାଧନାରେ ରତ ହେଲେ । ଆଉ ୧୯୫୦ ସାଲରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ସ୍ୱେଚ୍ଛାରେ ଶରୀରତ୍ୟାଗ କଲେ ।

*

* ପୁସ୍ତକଟି ୧୯୬୬ ମସିହାରେ ଲିଖିତ ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟ ଜରା, ମୃତ୍ୟୁ, ରୋଗରୁ ମୁକ୍ତ ହୋଇପାରିବ, କିନ୍ତୁ ଶ୍ରୀଅରବିନ୍ଦ ସ୍ୱୟଂ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଶରୀରତ୍ୟାଗ କଲେ କାହିଁକି ?

ଉତ୍ତର : ଶ୍ରୀଅରବିନ୍ଦ ସ୍ୱେଚ୍ଛାରେ ଅନ୍ଧକାର ଶକ୍ତିର ସମସ୍ତ ବିଷ, ନିଜ ଶରୀରରେ ନେଇ ଅତିମାନସ ଶକ୍ତିର ଅବତରଣ ମାର୍ଗ ଉନ୍ମୁକ୍ତ କଲେ । ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରିବା ସମୟରେ ତା'ର ପଥରୋଧ କରିବାକୁ ଅନ୍ଧକାର ଶକ୍ତିସମୂହ ଯଥା – ରୋଗ, ଜରା, ହିଂସା, ଦ୍ୱେଷ, ବୈର, ବିରୋଧାଦି ବିଷକୁ ପୃଥିବୀପୃଷ୍ଠରେ ନିକ୍ଷେପ କଲେ, ଯାହାର ପରିଣାମ ସ୍ୱରୂପ ସଂସାର ଧ୍ୱଂସମୁଖରେ ଯାଇପାରିଥାଆନ୍ତା ଏବଂ ଅତିମାନସର ଅବତରଣ ହୋଇ ପାରି ନ ଥା'ନ୍ତା । ସେହି ସମସ୍ତ ବିଷକୁ ଶ୍ରୀଅରବିନ୍ଦ ନିଜ ଶରୀରରେ ନେଇ ଦେହତ୍ୟାଗ କଲେ । ସେ ଜାଣିଥିଲେ ଅତିମାନସ ଶକ୍ତି ଅବତରଣ ନ କଲେ, ତାହା ନିମିତ୍ତ ଉପଯୁକ୍ତ ଆଧାର ତିଆରି ହୋଇପାରିବ ନାହିଁ । ଅତଏବ ଅତିମାନସ ଶକ୍ତିର ଅବତରଣ ଅତ୍ୟାବଶ୍ୟକ । ମା' ଶ୍ରୀଅରବିନ୍ଦଙ୍କ ଚେତନା ଏକ, ଶରୀର ଦୁଇ । ଶ୍ରୀଅରବିନ୍ଦ ଦେହତ୍ୟାଗ କଲେ, ମା' ସେହି ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି । ଅତିମାନସ ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ ମନୁଷ୍ୟ ଜରା, ମୃତ୍ୟୁ, ରୋଗରୁ ମୁକ୍ତ ହୋଇ ଦିବ୍ୟ-ମାନବରେ ରୂପାନ୍ତରିତ ହୁଏ ନାହିଁ । ଅତିମାନସ ଶକ୍ତି ଦ୍ୱାରା ସାଧକର ସମସ୍ତ ସତ୍ତା କ୍ରମଶଃ ରୂପାନ୍ତରିତ ହୁଏ । ଏହି ରୂପାନ୍ତର ଅନୁପାତରେ ସେ ଜରା, ରୋଗ, ମୃତ୍ୟୁ କବଳରୁ କ୍ରମଶଃ ମୁକ୍ତି ପାଉଥାଏ । ସାଧକର ମନ, ପ୍ରାଣ, ଶରୀର ସମଗ୍ର ରୂପାନ୍ତର ହେଲେ ସେ ଅନ୍ଧକାର ଶକ୍ତିର ରୋଗ, ଜରା, ମୃତ୍ୟୁ କବଳରୁ ପୂର୍ଣ୍ଣତଃ ମୁକ୍ତ ହୁଏ । ପୂର୍ବରୁ କୁହାହୋଇଛି, ଶ୍ରୀଅରବିନ୍ଦଙ୍କ ସାଧନା ନିଜ ପାଇଁ ନୁହେଁ, ଭାଗବତ ସଂକଳ୍ପ ଅନୁସାରେ ମନୁଷ୍ୟ ଜାତି ପାଇଁ । ସେ ମନୁଷ୍ୟ ଜାତିର ପ୍ରତିନିଧି । ତାଙ୍କ ଶରୀର ଅତିମାନସ ଶକ୍ତି ଦ୍ୱାରା ପୂର୍ଣ୍ଣ ରୂପାନ୍ତର ହୋଇ ନ ଥିଲା । ସେହି କାରଣରୁ ସେ ସମସ୍ତ ବିଷ ନିଜ ଶରୀରରେ ନେଇ ଶରୀର ତ୍ୟାଗ କଲେ ।

ଈଶ୍ୱର ଏକ । ସେ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ, ପୂର୍ଣ୍ଣ ଶାନ୍ତି, ପୂର୍ଣ୍ଣ ସମତା ଇତ୍ୟାଦି ଦିବ୍ୟଗୁଣ ଓ ଦିବ୍ୟଶକ୍ତିର ସ୍ୱରୂପ । ସେହି ଏକହିଁ ଈଶ୍ୱର ବିବିଧ ରୂପରେ ପ୍ରକଟ ହୋଇଅଛନ୍ତି । ତାଙ୍କଠାରୁ କୌଣସି ବସ୍ତୁ ପୃଥକ୍ ନୁହେଁ, ସେ ସର୍ବତ୍ର ପରିପୂର୍ଣ୍ଣ । ଅତିମାନସ ଜ୍ଞାନ ଦ୍ୱାରା ସାଧକର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେଲେ ତାହାର ଅର୍ଦ୍ଧଜ୍ଞାନର ସୀମା ବନ୍ଧନ ଭାଙ୍ଗିଯାଏ । ସେହି କାରଣରୁ ପୂର୍ବ ଯୋଗରେ ଜ୍ଞାନ, ଭକ୍ତି, ଈଶ୍ୱର ସାକାର, ନିରାକାର, ରାମ, କୃଷ୍ଣ, ଶିବ, ଦୁର୍ଗା ପୃଥକ୍ ଉପାସନାର ଯେଉଁ ଭେଦଭାବ ବା ବିରୋଧ ଥିଲା – ସେହିସବୁର ଶ୍ରୀଅରବିନ୍ଦଙ୍କ ଯୋଗରେ ସମନ୍ୱୟ ହୁଏ । ଅତିମାନସ ଯୋଗର ସାଧକ ଏହି ସମସ୍ତ ଉପଲବ୍ଧି ଏକ ସଙ୍ଗରେ କରେ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ପୁରାତନ ଯୋଗର ବିରୋଧୀ ନୁହେଁ । ସମସ୍ତ ପୁରାତନ ଯୋଗ-ସାଧକଙ୍କର ପୂର୍ଣ୍ଣତାରେ ଶ୍ରୀଅରବିନ୍ଦଙ୍କ ଯୋଗ ସାହାଯ୍ୟ କରେ ।

ଶ୍ରୀଅରବିନ୍ଦଙ୍କ ଯୋଗ ଜ୍ଞାନ, ଭକ୍ତି, କର୍ମ – ଏହି ତିନିକୁ ଏକ ସଙ୍ଗରେ ନେଇ ଚାଲେ । କର୍ମ, ଜୀବନ ଓ ସଂସାରକୁ ତ୍ୟାଗ କରେ ନାହିଁ । କର୍ମକୁ ଉନ୍ନତ, ଶୁଦ୍ଧ ଓ ବିଶାଳ କରି ତୋଳେ । ସଂସାରରେ ହିଂସା, ଦ୍ୱେଷ, ବିଦ୍ରୋହାଦି ସ୍ଥାନରେ ଆତ୍ମଭାବ, ଅହିଂସା, ପ୍ରେମକୁ ସ୍ଥାପନ କରେ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ, ଦେଶ ଦେଶ ମଧ୍ୟରେ ଆତ୍ମଭାବ ଆଉ ପ୍ରେମଭାବ ଉତ୍ପନ୍ନ ହେଲେ ବୈରତା, ହିଂସା ଓ ଯୁଦ୍ଧ ଆଦି ଦୂର ହୋଇ ସ୍ୱାଭାବିକ ମୈତ୍ରୀଭାବ ସ୍ଥାପିତ ହୁଏ । ଏହି ସଂସାର ସ୍ୱର୍ଗରେ ଓ ଦୁଃଖମୟ ଜୀବନ ପରମ ଆନନ୍ଦରେ ପରିଣତ ହୁଏ । ସେହି ସକାଶେ କୃଷକ, ବ୍ୟବସାୟୀ, ଦେଶସେବକ, ସରକାରୀ କର୍ମଚାରୀ ଆଉ ପ୍ରତ୍ୟେକ ମନୁଷ୍ୟ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ କେବଳ ଆବଶ୍ୟକ ନୁହେଁ, ଅପରିହାର୍ଯ୍ୟ । କାରଣ ପ୍ରତ୍ୟେକ ବ୍ୟକ୍ତିର ସୁଖ ପ୍ରାପ୍ତି କରିବା କାମ୍ୟ । ଯଥାର୍ଥ ସ୍ଥାୟୀ ସୁଖ ଅନ୍ୟ କୌଣସି ଉପାୟରେ କୌଣସି ସାଂସାରିକ କର୍ମ ଏବଂ ସମ୍ବନ୍ଧରେ ପ୍ରାପ୍ତ ହୁଏ ନାହିଁ, ତାହା ପ୍ରାପ୍ତ ହୁଏ ଅଧ୍ୟାତ୍ମ-ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିବାରେ ।

ଏଥିରୁ ଅନୁମାନ କରାଯାଏ ଶ୍ରୀଅରବିନ୍ଦ, ମହାତ୍ମା ଗାନ୍ଧି, ବିନୋବାଜି ଯଦିଓ ଭିନ୍ନ ଭିନ୍ନ କାର୍ଯ୍ୟ କରିଛନ୍ତି, ତଥାପି ସେମାନଙ୍କ କର୍ମ ଏକହିଁ ମନୁଷ୍ୟଜାତିର ଉନ୍ନତି ସକାଶେ ହୋଇଥିବାରୁ ପରସ୍ପରର ପରିପୂରକ, ଏପରିକି ଏକ

ବିନା ଅନ୍ୟ ଅପୂର୍ଣ୍ଣ । ଶ୍ରୀଅରବିନ୍ଦଙ୍କ ଯୋଗରେ ଜୀବନର ପୂର୍ଣ୍ଣତା ସକାଶେ, ଗାନ୍ଧିଜିଙ୍କ ସ୍ୱରାଜ୍ୟ ଆବଶ୍ୟକ ଥିଲା ଏବଂ ଗାନ୍ଧିଜିଙ୍କର ଆକାଙ୍କ୍ଷିତ ସ୍ୱାତନ୍ତ୍ର୍ୟ ପୂର୍ଣ୍ଣ ହେବା ସକାଶେ ଶ୍ରୀଅରବିନ୍ଦଙ୍କର ଅତିମାନସ ଶକ୍ତିର ଏକାନ୍ତ ଆବଶ୍ୟକ ।

*

ପ୍ରଶ୍ନ : ମହାତ୍ମା ଗାନ୍ଧି ସ୍ୱରାଜ୍ୟ ପ୍ରାପ୍ତ କରିସାରିଛନ୍ତି, ବର୍ତ୍ତମାନ ଅଧ୍ୟାତ୍ମ-ଅତିମାନସ ଶକ୍ତିର ସାହାଯ୍ୟର ଆବଶ୍ୟକତା କ'ଣ ?

ଉତ୍ତର : ବର୍ତ୍ତମାନ ସ୍ୱରାଜ୍ୟ ଅପୂର୍ଣ୍ଣ । ମନୁଷ୍ୟ-ଜୀବନ ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ସ୍ୱାର୍ଥପରତା, ହିଂସା, ଦ୍ୱେଷରେ ଭାରାକ୍ରାନ୍ତ ଏବଂ ଅନ୍ଧକାର ଶକ୍ତିସମୂହର ପୂର୍ଣ୍ଣତଃ ଅଧୀନ । ଯେପର୍ଯ୍ୟନ୍ତ ମନୁଷ୍ୟ ଏସବୁରୁ ମୁକ୍ତ ନୁହେଁ ସେପର୍ଯ୍ୟନ୍ତ ତାହାର ଯଥାର୍ଥ ସ୍ୱାଧୀନତା ନାହିଁ, ଏବଂ ସେ ଯଥାର୍ଥ ସୁଖମୟ ଜୀବନଠାରୁ ବହୁ ଦୂରରେ । ସୁଖମୟ ଜୀବନ ଓ ପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରାପ୍ତ ହେବ ଅଧ୍ୟାତ୍ମ-ଅତିମାନସ ଶକ୍ତିର ଆଶ୍ରୟରେ ।

ନୈତିକତା ଆଉ ଶାସନ-ବିଧାନ ଦ୍ୱାରା ମନୁଷ୍ୟ ମଧ୍ୟରୁ ଦୁର୍ନୀତି ଦୂର ହୋଇପାରେ ନାହିଁ । ଶାସନର ଆଇନ ଏବଂ ନୈତିକତାର ବିଚାରରେ ସଂସାରରେ ସୁଖଶାନ୍ତି ସ୍ଥାପନ କରିବାକୁ ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ରୂପେ ଉଦ୍ୟମ ହୋଇ ଆସିଅଛି । ଏହି ସମସ୍ତ ଉଦ୍ୟମ ବରାବର ବ୍ୟର୍ଥତାରେ ପରିଣତ ହୋଇଛି । ଭାରତ ସ୍ୱତନ୍ତ୍ର ହେବା ପରେ ସ୍ୱାଧୀନ ସରକାର ଭାରତବାସୀଙ୍କୁ ସୁଖୀ, ସମୃଦ୍ଧିଶାଳୀ, ସତ୍ୟବାଦୀ, ନ୍ୟାୟପରାୟଣ, ସଚ୍ଚୋଟ ଇତ୍ୟାଦି ଦିବ୍ୟଗୁଣରେ ବିଭୂଷିତ ଆଦର୍ଶ ମାନବ ରୂପେ ଦେଖିବାକୁ ଚାହୁଁଛନ୍ତି, କିନ୍ତୁ ହେଉଛି ବାସ୍ତବ କ୍ଷେତ୍ରରେ ଠିକ୍ ତାହାର ବିପରୀତ । ଭାରତ ସ୍ୱତନ୍ତ୍ର ହେବା ଦିନଠାରୁ ବହୁ ପରିମାଣରେ ଦୁର୍ନୀତି ବଢ଼ିଚାଲିଛି । ଏହି ଦୁର୍ନୀତି ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ନୁହେଁ, ମୂଳରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ । ଏହା ଏକେବାରେ ସ୍ପଷ୍ଟ ଆଉ ନିର୍ବିବାଦ ଯେ ଯେପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ସତ୍ତା ଆଧ୍ୟାତ୍ମିକ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ନ ହେବ ସେପର୍ଯ୍ୟନ୍ତ ସଂସାରରୁ ଦୁର୍ନୀତି ଦୂର ହେବ ନାହିଁ । ମନୁଷ୍ୟ ଜାତିର ହିତସାଧନର କୌଣସି କାର୍ଯ୍ୟ ସ୍ଥାୟୀ ହେବ ନାହିଁ । ମନୁଷ୍ୟର ଯଥାର୍ଥ ସ୍ଥାୟୀ ହିତସାଧନ ପାଇଁ ଗାନ୍ଧିଜି, ବିନୋବାଜିଙ୍କ କର୍ମର ଭିତ୍ତି ଅଧ୍ୟାତ୍ମ ଅତିମାନସ ହେବା ଅନିବାର୍ଯ୍ୟ । ମନୁଷ୍ୟଜାତିର ଉନ୍ନତି ସାଧନ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେବାରୁ ସେଥିରେ କର୍ମ ଅପରିହାର୍ଯ୍ୟ । କର୍ମ ଆଉ ଆଧ୍ୟାତ୍ମିକତା ଏହି ଉଭୟର ମିଳନରେ ମନୁଷ୍ୟ ଜାତିର ଯଥାର୍ଥ ସ୍ଥାୟୀ ଉନ୍ନତି ହୁଏ, ଏହି ଦୁଇ ମଧ୍ୟରୁ କୌଣସି ଗୋଟିକୁ ପୃଥକ୍ କଲେ ଅନ୍ୟଟି ପୂର୍ଣ୍ଣ ହୋଇପାରେ ନାହିଁ, ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ବନ୍ଧ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ, ଗାନ୍ଧିଜି ଓ ବିନୋବାଜିଙ୍କ କର୍ମର ବିରୋଧୀ ନୁହେଁ, ବରଂ ଅନିବାର୍ଯ୍ୟ ରୂପେ ତାହାର ପରିପୂରକ ।

*

ପ୍ରଶ୍ନ : ସଂସାରର ଉନ୍ନତି ସାଧନ ସକାଶେ ଯେଉଁମାନେ କର୍ମ କରୁଛନ୍ତି, ସେମାନଙ୍କୁ କ'ଣ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ସଞ୍ଚାଳକ ରୂପେ ଗ୍ରହଣ କରିବାକୁ ହେବ ?

ଉତ୍ତର : ପ୍ରଶ୍ନଟି ଖୁବ୍ ସଂକୁଚିତ, ଭେଦଗତ ଓ ସ୍ୱାର୍ଥବୁଦ୍ଧିଯୁକ୍ତ ମନର । ଯେଉଁମାନେ ଯଥାର୍ଥରେ ମନୁଷ୍ୟଜାତିର ଉନ୍ନତି ସାଧନ ପାଇଁ କର୍ମରେ ତତ୍ପର, ସେମାନଙ୍କ ମନରେ ଏପ୍ରକାର ପ୍ରଶ୍ନ ଆଦୌ ଉତ୍‌ଥିତ ହେବ ନାହିଁ, ଯେଉଁମାନେ ନିଜ ସ୍ୱାର୍ଥସିଦ୍ଧି ସକାଶେ ମନୁଷ୍ୟଜାତିର ମହାନ୍ ସେବାକୁ ଏକ ଉପାୟ ବୋଲି ଖାଲି ବାହାନା କରନ୍ତି, ସେମାନଙ୍କ ମନରେ ଏପରି କଳୁଷିତ ପ୍ରଶ୍ନ ହୋଇପାରେ । ଯଦି କୌଣସି ବ୍ୟକ୍ତି ରୋଗଗ୍ରସ୍ତ ହୋଇଥାଏ, ସେ ରୋଗମୁକ୍ତିର ଯେକୌଣସି ଉପାୟ ବିନା ଦ୍ୱିଧାରେ ଗ୍ରହଣ କରେ । ଯଦି କେହି ବ୍ୟକ୍ତି ରାଜନୀତିଜ୍ଞ, ଡାକ୍ତର ଏବଂ ସ୍ୱାସ୍ଥ୍ୟବାନ୍ ହେବାକୁ ଚାହେଁ, ସେ ତିନି ପ୍ରକାର ବ୍ୟକ୍ତିଙ୍କଠାରୁ ଭିନ୍ନ ଭିନ୍ନ ଗୁଣ ଗ୍ରହଣ କଲେ ତା'ର ଲକ୍ଷ୍ୟ ପୂର୍ଣ୍ଣ ହୁଏ । ସେ କେବେ ବି ଭାବିବାକୁ ଯାଏ ନାହିଁ – ଏହି ତିନିଙ୍କ ମଧ୍ୟରେ ପରସ୍ପର ସାମଞ୍ଜସ୍ୟ ନା ବିରୋଧ, ଏହାଙ୍କ ମଧ୍ୟରେ ବଡ଼ କିଏ, ସାନ କିଏ ? ପ୍ରକୃତରେ ଗୁଣଗ୍ରହଣ କରିବା ବ୍ୟକ୍ତି ମଧ୍ୟରେ କେବେ ବି ଅସାମଞ୍ଜସ୍ୟ ନ ଥାଏ । କେବଳ ଯେଉଁମାନେ ଗୁଣଗ୍ରହଣ କରିବାକୁ ନ ଚାହାନ୍ତି ସେହିମାନେହିଁ ବିରୋଧ ସୃଷ୍ଟି କରନ୍ତି ।

ଯେଉଁ ମହାପୁରୁଷମାନେ ସଂସାରରେ କୌଣସି ବିଶେଷ କାର୍ଯ୍ୟ କରିବାକୁ ଆସନ୍ତି, ଆଉ କରନ୍ତି – ଯେପରି ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ରାମାନୁଜ,– ସେମାନଙ୍କୁ ସଞ୍ଚାଳକ ରୂପେ ବ୍ୟକ୍ତି ମାନନ୍ତୁ, ଏହି ଧାରଣା ନେଇ ସେମାନେ କାର୍ଯ୍ୟ କରନ୍ତି ନାହିଁ। କିନ୍ତୁ ବ୍ୟକ୍ତି ନିଜର ଉନ୍ନତି ସକାଶେ ସେମାନଙ୍କୁ ପଥପ୍ରଦର୍ଶକ ରୂପେ ଗ୍ରହଣ କରନ୍ତି ।

ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପୃଥିବୀ ଉପରେ ଅବତରଣ କରାଇ ଆଣିଛନ୍ତି ଜନ-ସମାଜର କଲ୍ୟାଣ ସକାଶେ, ବ୍ୟକ୍ତି ତାଙ୍କୁ ପଥପ୍ରଦର୍ଶକ ରୂପେ ମାନନ୍ତୁ, ଏ ସକାଶେ ନୁହେଁ । ଏପରି କ୍ଷୁଦ୍ର ଭାବ ଅହଂଭାବାପନ୍ନ ବ୍ୟକ୍ତିଙ୍କର । ମନୁଷ୍ୟ ମଧ୍ୟରେ ଅହଂ ଯେପର୍ଯ୍ୟନ୍ତ ଥାଏ, ସେ ଭଗବାନଙ୍କର ଯଥାର୍ଥ ଯନ୍ତ୍ର ହୋଇପାରେ ନାହିଁ । ଭଗବାନଙ୍କର ଯନ୍ତ୍ର ନ ହେଲେ ଭଗବତ୍ ଶକ୍ତି ତାହା ମଧ୍ୟରେ କାର୍ଯ୍ୟ କରେ ନାହିଁ । ଭଗବତ୍ ଶକ୍ତି ଛଡ଼ା ମନୁଷ୍ୟ ଯେଉଁ କାର୍ଯ୍ୟ କରେ ତାହା ହୁଏ ଆଂଶିକ ଏବଂ ଅପୂର୍ଣ୍ଣ । ଶ୍ରୀମାଶ୍ରୀଅରବିନ୍ଦ ସଂସାରରେ ଯେଉଁ ମହାନ୍ ଅତିମାନବ ଜାତି ସ୍ଥାପନ କରିବାକୁ ଆସିଛନ୍ତି, ଯେଉଁ ମହାନ୍ କାର୍ଯ୍ୟର କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ, ତାଙ୍କ ପାଖରେ ଅହଂର ସ୍ଥାନ କେଉଁଠି ? ଯଥାର୍ଥ ଅଧ୍ୟାତ୍ମ ସାଧନାରେ 'ଅହଂ' ଦୂର ହୁଏ । ଯେପର୍ଯ୍ୟନ୍ତ ଅହଂ ଥାଏ, ସେପର୍ଯ୍ୟନ୍ତ ସାଧକ ଭଗବାନଙ୍କ ସଙ୍ଗେ ଏକତ୍ୱ ଲାଭ କରିପାରେ ନାହିଁ ।

ଶ୍ରୀମାଶ୍ରୀଅରବିନ୍ଦଙ୍କୁ ପଥ-ପ୍ରଦର୍ଶକ ରୂପେ ବ୍ୟକ୍ତି ଗ୍ରହଣ କରିବାରେ କୌଣସି ପ୍ରକାର ବିରୋଧ ନାହିଁ । କାରଣ ପୃଥିବୀରେ ପୂର୍ଣ୍ଣ ସୁଖମୟ ଜୀବନ ସ୍ଥାପନ କରିବା କାର୍ଯ୍ୟରେ ଯଦି କେହି ଅଂଶ ଗ୍ରହଣ କରେ ତେବେ ତାକୁ ସମସ୍ତ କର୍ମ ଏବଂ ନିଜେ ଯାହାକିଛି ସମସ୍ତକୁ, ନିଜ ଅନ୍ତରସ୍ଥ ଆତ୍ମା, ପରମାତ୍ମା, ଭଗବାନ୍ କିଂବା ଅତିମାନସ ଶକ୍ତି ନିକଟରେ ସମର୍ପଣ କରିବାକୁ ହେବ । ଏହି ସମସ୍ତ ତତ୍ତ୍ୱ ଅଭିନ୍ନ ଏକ । କର୍ମ ସମର୍ପଣ ଅଥବା ଭାଗବତ କର୍ମ ଛଡ଼ା ମନୁଷ୍ୟର ସ୍ୱଭାବର ରୂପାନ୍ତର ହେବ ନାହିଁ, ଜଗତରେ ସାମୂହିକଭାବେ ଶାନ୍ତିପୂର୍ଣ୍ଣ ଆନନ୍ଦମୟ ଜୀବନ ସ୍ଥାପିତ ହୋଇପାରିବ ନାହିଁ । ପୂର୍ବେ ସାମୂହିକରୂପେ ଜଗତରେ ଶାନ୍ତିପୂର୍ଣ୍ଣ ଆନନ୍ଦମୟ ଜୀବନ ସ୍ଥାପନ ସମ୍ଭବପର ନ ଥିଲା । ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀପୃଷ୍ଠରେ ଉତାରି ଆଣିବାରୁ ତାହା ସମ୍ଭବ ହୋଇଅଛି ।

*

ପ୍ରଶ୍ନ : ମାନବ-ସମାଜର ସେବା କରିବାରେ କ'ଣ ଭଗବତ୍ ସମର୍ପଣ ହୁଏ ନାହିଁ ?

ଉତ୍ତର : ସମାଜର ସେବା ଭାବରେ ଯେଉଁ କର୍ମ କରାଯାଏ, ତହିଁରେ ଭଗବତ୍ ସମର୍ପଣ ହୁଏ ନାହିଁ, ନିଷ୍କାମ କର୍ମ ମଧ୍ୟ ହୁଏ ନାହିଁ । କାରଣ 'କାର୍ଯ୍ୟ-ପ୍ରେରଣା' ଆସେ 'ଅହଂ'ଭାବରୁ । ଅହଂଭାବଯୁକ୍ତ କର୍ମ ଯେତେ ଭଲ ହେଉନା କାହିଁକି ତାହା ସାଧାରଣ ଏବଂ ସୁଖ-ଦୁଃଖଭୋଗ ବନ୍ଧନର କାରଣ । ଭଗବତ୍ ଉଦ୍ଦେଶ୍ୟରେ, ଭଗବତ୍ ନିମିତ୍ତ ସେହି କର୍ମ ହୁଏ ନିଷ୍କାମ । ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ କର୍ମ ହୁଏ ଭାଗବତ କର୍ମ । ଯେଉଁ ବ୍ୟକ୍ତି ଅତିମାନସ ଦ୍ୱାରା ପୂର୍ଣ୍ଣ ରୂପାନ୍ତରିତ ହୋଇ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବାକୁ ଚାହାନ୍ତି, ଭାଗବତ ଯନ୍ତ୍ର ହୋଇ କର୍ମ କରିବାକୁ ଚାହାନ୍ତି, ସେମାନଙ୍କୁ ସମସ୍ତ କର୍ମ ଏବଂ ନିଜର ସମସ୍ତ କିଛି ଭଗବାନଙ୍କୁ ସମର୍ପଣ କରିବାକୁ ହେବ ।

ସମର୍ପଣ ଛଡ଼ା ସଂସାରରେ କୌଣସି ପ୍ରକାର ସୁଖଶାନ୍ତି ସ୍ଥାପିତ ହୋଇପାରିବ ନାହିଁ । ରାଜନୀତି ମାଧ୍ୟମରେ ଶାସନ-ବିଭାଗରେ କେତେ ପ୍ରକାର ପ୍ରଯତ୍ନ କରାହେଉଛି, ଜଣକ ପରେ ଜଣେ ଅଫିସର ଯାଞ୍ଚ କରିବାକୁ ନିଯୁକ୍ତ ହେଉଛନ୍ତି, ପୁଲିସ୍ ଓ ଗୁପ୍ତଚରଙ୍କ ସଂଖ୍ୟା ବଢୁଛି । ଏହିସବୁର ବୃଦ୍ଧି ସଙ୍ଗେ ସଙ୍ଗେ ଦୁର୍ନୀତି ମଧ୍ୟ ବଢୁଛି । ଏହିସବୁ ଦୁର୍ନୀତି ତେବେ ଦୂର ହେବ, ଯେବେ ମନୁଷ୍ୟ ଅଧ୍ୟାତ୍ମ ଶକ୍ତିର ଆଶ୍ରୟ ନେବ ।

*

ପ୍ରଶ୍ନ : ଅତିମାନସ ଶକ୍ତି ସଂସାରରେ କାର୍ଯ୍ୟ କରୁଛି, ତାହାରି ଦ୍ୱାରା ସଂସାରରେ ସୁଖମୟ ଜୀବନ ପ୍ରାପ୍ତ ହେବ, ଫେର୍ ପ୍ରତ୍ୟେକ ବ୍ୟକ୍ତି ସାଧନା କରିବାର ଆବଶ୍ୟକତା କ'ଣ ?

ଉତ୍ତର : ଯେପର୍ଯ୍ୟନ୍ତ ଦିବ୍ୟ ମାନବଜାତି ସଂସାରରେ ସ୍ଥାପିତ ନ ହୋଇଛି ସେପର୍ଯ୍ୟନ୍ତ ମନୁଷ୍ୟକୁ ସାଧନା କରିବାକୁ ହେବ । ଅଧିକ ସଂଖ୍ୟାରେ ବ୍ୟକ୍ତି ସାଧନା ନ କଲେ ଅତିମାନସ ଶକ୍ତିର ରୂପାନ୍ତର କାର୍ଯ୍ୟ ବିଳମ୍ବ ହେବ ।

ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର-ସିଦ୍ଧିରେ ଆଧ୍ୟାତ୍ମିକତା ଏବଂ କର୍ମର ସମନ୍ୱୟ, ଜୀବନ ପୂର୍ଣ୍ଣ ଓ ସୁଖମୟ, ସମସ୍ତ ପୁରାତନ ଯୋଗ ଆଉ ଗାନ୍ଧିଜି ତଥା ବିନୋବାଜିଙ୍କ କର୍ମର ପୂର୍ଣ୍ଣତା ସାଧନ ହୁଏ ।

*

ପ୍ରଶ୍ନ : ସାଧକର ବାସନା-କାମନା, ବାଧାବିଘ୍ନ ଯୋଗୁଁ ଯଦି ସେ ସାଧନାରେ ଉନ୍ନତି କରି ନ ପାରେ ଏବଂ ବାଧାବିଘ୍ନ ଓ ଦୁଃଖକଷ୍ଟରୁ ତ୍ରାହି ପାଇବା ପାଇଁ ଯଦି ସେ ଏହି ଶରୀର ତ୍ୟାଗ କରି ମୃତ୍ୟୁ ପରେ ସାଧନାର ଉପଯୋଗୀ ଶରୀରରେ ଜନ୍ମ ନେବାକୁ ଦୃଢ଼ତା ସହିତ ଚାହେଁ ଅଥବା ଭଗବାନଙ୍କୁ ପ୍ରାର୍ଥନା କରେ, ତେବେ ସେ କ'ଣ ଅନ୍ୟ ଜନ୍ମରେ ସାଧନାର ଅନୁକୂଳ ଶରୀରରେ ଜନ୍ମ ହୋଇ ସାଧନାରେ ପ୍ରବୃତ୍ତ ହୋଇପାରେ ?

ଉତ୍ତର : କଦାପି ନୁହେଁ । ନିଜକୁ ବିରୋଧୀ ଶକ୍ତି ହାତରେ ଛାଡ଼ି ଦେବା, ସାଧନା ମାର୍ଗରୁ ପତନ ହେବା ସକାଶେ ଏହାଠାରୁ ଆଉ କିଛି ସହଜ ଉପାୟ ହୋଇପାରେ ନାହିଁ । ମୃତ୍ୟୁ ଆତ୍ମା ଦ୍ୱାରା ନିର୍ଦ୍ଧାରିତ ହୁଏ । ମନ, ପ୍ରାଣ ମୃତ୍ୟୁକୁ କେବେ ବି ଚାହାନ୍ତି ନାହିଁ । ମନ-ପ୍ରାଣ ଅଶୁଦ୍ଧ ଅବସ୍ଥାରେ ଆତ୍ମାର ନିର୍ଦ୍ଧାରଣକୁ ଜାଣି ପାରନ୍ତି ନାହିଁ । କିନ୍ତୁ ପ୍ରତିକୂଳ ଅବସ୍ଥାରେ ଭୟ କରି ଯଦି ମନ-ପ୍ରାଣ ମୃତ୍ୟୁକୁ ଚାହାନ୍ତି ତେବେ ମୃତ୍ୟୁ ପରେ ଏବଂ ଅନ୍ୟ ଜନ୍ମରେ ବହୁତ ଦୁଃଖ ଭୋଗନ୍ତି । ମୃତ୍ୟୁ ହେଉଛି ଚୂଡ଼ାନ୍ତ ବିରୋଧୀ ଶକ୍ତି, ଅଜ୍ଞାନ-ଅନ୍ଧକାରର କେନ୍ଦ୍ର । ମୃତ୍ୟୁ-ଇଚ୍ଛା କରିବାରେ, ମୃତ୍ୟୁବରଣ କରିବାରେ, ବ୍ୟକ୍ତିର ଆଧାରରେ ବିରୋଧୀ ଶକ୍ତି ପ୍ରବେଶ କରିବାର ଦ୍ୱାର ଉନ୍ମୁକ୍ତ ହୋଇଯାଏ । ସେମାନେ ସାଧକର ମନ-ପ୍ରାଣ-ଶରୀରରେ ପ୍ରବେଶ କରି ନିଜ ଅଜ୍ଞାନ-ଅନ୍ଧକାର ପ୍ରଭାବରେ ସେସବୁକୁ ଆବୃତ କରିଦିଅନ୍ତି । ବ୍ୟକ୍ତି ମୋହଗ୍ରସ୍ତ ହୁଏ; ତା'ର ବିବେକ ନଷ୍ଟ ହୋଇଯାଏ । ଭୁଲ୍-ଠିକ୍ ବୁଝିବା ବା ବିଚାର କରିବା ଶକ୍ତି ତା'ର ନଷ୍ଟ ହୁଏ । ଏହାରି ସଙ୍ଗେ ସଙ୍ଗେ ବିରୋଧୀ ଶକ୍ତି ଦ୍ୱାରା ପୂର୍ବ ବାସନା-କାମନା ବୃଦ୍ଧି ହୁଏ, ନୂତନ ବାସନା-କାମନା ଉତ୍ପନ୍ନ ହୁଏ । ସନ୍ଦେହ, ଅବିଶ୍ୱାସ, ହତୋତ୍ସାହ, ନିରାଶା, ହତାଶା, ବିମର୍ଷତା, ଉଦ୍‌ବେଗ, ଅସ୍ଥିରତା ଇତ୍ୟାଦି ଗତିବୃତ୍ତି ବୃଦ୍ଧି ହୋଇ ଜୀବନକୁ ଜର୍ଜରିତ କରିଦିଅନ୍ତି । ଏହି ଅବସ୍ଥାରେ ବ୍ୟକ୍ତି କାମନା-ବାସନା ପୂରା କରିବା ପାଇଁ ସ୍ୱାଭାବିକ ରୂପେ ପ୍ରବୃତ୍ତ ହୁଏ, ଫଳରେ ତା'ର ପତନ ହୁଏ ଏବଂ ନାନା ପ୍ରକାର ରୋଗ ପୀଡ଼ାରେ ବ୍ୟକ୍ତିର ମୃତ୍ୟୁ ହୋଇପାରେ ବା ସେ ଶାରୀରିକ ପୀଡ଼ା ଓ ମାନସିକ ବ୍ୟଥାକୁ ବରଦାସ୍ତ ନ କରିପାରି ଆତ୍ମହତ୍ୟା ବି କରିପାରେ । ସେତେବେଳେ ବିରୋଧୀ ଶକ୍ତି ଦ୍ୱାରା ଅଧିକୃତ ହୋଇଥିବାରୁ ତା'ର ବିବେକ, ବୁଦ୍ଧି ବହୁତ ପୂର୍ବରୁ ନଷ୍ଟ ହୋଇଯାଇଥାଏ । ଆତ୍ମହତ୍ୟା ମହାପାପ ବୋଲି ଜାଣି ସୁଦ୍ଧା ସେ ସେଥିରେ ପ୍ରବୃତ୍ତ ହୁଏ ।

ଶାସ୍ତ୍ରର ନିୟମାନୁସାରେ ମନୁଷ୍ୟ ଜୀବନର ଯେପରି ଅବସ୍ଥା ଥାଏ, ମୃତ୍ୟୁ ସମୟରେ ସେ ଯାହା ସ୍ମରଣ କରେ, ପରଜନ୍ମରେ ସେହିପରି ଅବସ୍ଥା ତଥା ସେହିପରି ଶରୀର ପାଏ । ବ୍ୟକ୍ତି ଏହିପରି ଦୁଃଖ-ଯନ୍ତ୍ରଣା ଯୋଗୁଁ ମୃତ୍ୟୁ ସ୍ୱୀକାର କରିଥିବାରୁ ମୃତ୍ୟୁ ସମୟରେ ସେ କେବଳ ଦୁଃଖଯନ୍ତ୍ରଣା ସ୍ମରଣ କରେ । ସେହି ଅନୁସାରେ ଅନ୍ୟ ଜନ୍ମରେ ଅନ୍ୟ ଶରୀରରେ ସେହି ପୂର୍ବଜନ୍ମର ଦୁଃଖ-ଯନ୍ତ୍ରଣା ସହିତ ଜନ୍ମ ହୁଏ । ତା'ର ପୂର୍ବଜନ୍ମରେ ବିରୋଧୀ ଶକ୍ତିଙ୍କ ଗତିବୃତ୍ତି ଓ କ୍ରିୟା ଦ୍ୱାରା ଆତ୍ମା ଆବୃତ ହୋଇ ସାରିଥାଏ; ଆତ୍ମାର ଜ୍ଞାନ, ଆତ୍ମାର ପ୍ରେରଣା, ମନ-ପ୍ରାଣର ମୋହ-ଅଜ୍ଞାନର ଆବରଣ ଭେଦ କରି ସେସବୁକୁ ସ୍ପର୍ଶ କରିପାରେ ନାହିଁ । ସେଥିପାଇଁ ସେସବୁ ନିଜ ଅଜ୍ଞାନତାବଶତଃ ନିଜ ନିଜ କାମନା-ବାସନାତୃପ୍ତି ମାର୍ଗରେ ଧାବିତ ହୁଅନ୍ତି ତଥା ଦୁଃଖକଷ୍ଟ ଭୋଗୁଥାଆନ୍ତି । ଭଗବତ୍ ମାର୍ଗରେ ଯିବାର ଅବକାଶ ମିଳେ ନାହିଁ ।

ମନୁଷ୍ୟ ଯଦି ଆତ୍ମହତ୍ୟା କରେ, ତେବେ ତା'ର ଶେଷ ପରମାୟୁ ପ୍ରେତଯୋନିରେ, ପ୍ରେତ ଶରୀରରେ ଭୋଗ କରିବାକୁ ପଡ଼େ । ତା'ର ସ୍ଥୂଳ ଶରୀର ନ ଥାଏ, କିନ୍ତୁ ସ୍ଥୂଳ ଶରୀରର ସମସ୍ତ ବାସନା, କାମନା, ମୋହ-ଅନୁରାଗ ବିଦ୍ୟମାନ ଥାଏ । ସ୍ଥୂଳ ଶରୀର ହେଉଛି ବ୍ୟକ୍ତିର ରକ୍ଷାକବଚ । ପ୍ରେତର ସ୍ଥୂଳ ଶରୀର ନ ଥିବାରୁ ବାସନା, କାମନା, କାମ ବା ମୋହ, ଆବେଗ ମୂର୍ତ୍ତିମାନ ହୋଇ ଦାରୁଣ ଅସହନୀୟ ଦୁଃଖକଷ୍ଟ ଦିଅନ୍ତି । ଏହି ସମୟ ମହାନ୍ ପୀଡ଼ାଦାୟକ । ଏହି ପ୍ରେତଯୋନିର ପୀଡ଼ା, ଦୁଃଖ, କଷ୍ଟକୁ 'ନରକ-ଭୋଗ' କୁହାଯାଇପାରେ । ଏହି ଦୁଃଖ-କଷ୍ଟଭୋଗ ପରେ ଅନ୍ୟାନ୍ୟ

ସ୍ତର ପାର ହୋଇ ଆତ୍ମା-ରାଜ୍ୟରେ ଆତ୍ମା ବିଶ୍ରାମ କରେ । ପୁନଶ୍ଚ ଜନ୍ମ ନେବା ସମୟରେ ପୂର୍ବ ବାସନା-କାମନା ସହ ଜନ୍ମ ନିଏ ଅଥଚ ପୂର୍ବଠାରୁ ଅଧିକ ଖରାପ ଅବସ୍ଥା ପ୍ରାପ୍ତ ହୁଏ । ଏହା ଛଡ଼ା ପିତାମାତା କୁସଂସ୍କାରୀ, ବାତାବରଣ ଦୂଷିତ ଥିଲେ ବ୍ୟକ୍ତିର ପ୍ରତିକୂଳ ଅବସ୍ଥା ବୃଦ୍ଧି ହୁଏ । ଏହିପରି ଜନ୍ମ ପରେ ଜନ୍ମ ବହୁତ ଜନ୍ମ ନେବାକୁ ହୁଏ । ଏହି ଜନ୍ମ-ମରଣ, ଦୁଃଖ-କଷ୍ଟ ମଧ୍ୟରେ ଦୁଃଖ-ଜଞ୍ଜାଳରେ ଜର୍ଜରିତ ହୋଇ ବ୍ୟକ୍ତି କେବେ କେବେ ଭଗବାନଙ୍କୁ ସ୍ମରଣ କରେ । ଏହି ଯେଉଁ ଭଗବାନଙ୍କ ସ୍ମରଣ ତାହା ଜନ୍ମଜନ୍ମାନ୍ତରରେ ଏକତ୍ରିତ ହୋଇ କେବେ ଏହାରି ପ୍ରଭାବରେ ଆତ୍ମା ଜାଗ୍ରତ ହୁଏ ଏବଂ ଭଗବତ୍ ମାର୍ଗରେ ଅଗ୍ରସର ହୁଏ । କିନ୍ତୁ ସେତେବେଳେ ମଧ୍ୟ ବାସନା-କାମନାକୁ ଜୟ କରିବାକୁ ହୁଏ । ଏହା ବି ଭଗବାନଙ୍କ କୃପା । ଭଗବାନଙ୍କ କୃପା ବ୍ୟତୀତ ଆତ୍ମା ଜାଗ୍ରତ ହୁଏ ନାହିଁ କିଂବା ଭଗବଦଭିମୁଖୀ ହୁଏ ନାହିଁ । ଏହା ଛଡ଼ା ଭଗବାନ୍ ଯେତେବେଳେ ଅବତାର ନେଇ ପୃଥିବୀକୁ ଆସନ୍ତି ସେତେବେଳେ ମନୁଷ୍ୟ ଉପରେ ତାଙ୍କର ଅହେତୁକ ଦୟା ଥାଏ । ତାଙ୍କରି ଦୟା ପ୍ରଭାବରୁ ବହୁତ ଆତ୍ମା ଜାଗ୍ରତ ହୁଅନ୍ତି । ଆତ୍ମା ଜାଗ୍ରତ ହୋଇ ଭଗବତ୍ ମାର୍ଗ ଗ୍ରହଣ କରିବା ପରେ ବ୍ୟକ୍ତି ଯଦି ପ୍ରମାଦବଶତଃ ମାର୍ଗଚ୍ୟୁତ ହୁଏ, ତେବେ ତାକୁ ପୂର୍ବ ଅବସ୍ଥାକୁ ଆସିବାକୁ ମହାନ୍ ପ୍ରୟାସ କରିବାକୁ ପଡ଼େ । କିନ୍ତୁ ମୃତ୍ୟୁବରଣ କରିବା ବ୍ୟକ୍ତି କିଂବା ଆତ୍ମହତ୍ୟା କରିବା ବ୍ୟକ୍ତିକୁ ଭଗବତ୍ ମାର୍ଗରେ ଆସିବାକୁ କୋଟି କୋଟି ଜନ୍ମ ଲାଗିପାରେ ।

ଦୁଃଖକଷ୍ଟ ଓ ବାସନା କାମନାକୁ ଭୟ କରି ମୃତ୍ୟୁର ଆଶ୍ରୟ ନେବାରେ ତାହା ଦୂର ନ ହୋଇ ମନୁଷ୍ୟକୁ ନରକବାସୀ କରାଏ । ବାସନା-କାମନା ଜୟ କରିବାକୁ ହେବ ଏହି ଶରୀରରେ ।

କାମନା-ବାସନାକୁ ଜୟ କରିବାର ଉପାୟ

କାମନା-ବାସନା ଜୟ କରିବାର ଏକମାତ୍ର ଉପାୟ ହେଲା – ମା'ଙ୍କ ଉପରେ ନିର୍ଭର କରିବା । ଏହା ସଙ୍ଗେ ସଙ୍ଗେ ବ୍ୟକ୍ତିର ପ୍ରଯତ୍ନ ଅପରିହାର୍ଯ୍ୟ । ପ୍ରତିକୂଳ ଅବସ୍ଥାକୁ ଅତିକ୍ରମ କରିବାକୁ ବ୍ୟକ୍ତିକୁ ଦୃଢ଼ ସଂକଳ୍ପ କରିବାକୁ ହେବ ଏବଂ ସେହି ଦୃଢ଼ସଂକଳ୍ପ ମା'ଙ୍କ ଚରଣରେ ଅର୍ପଣ କରିବାକୁ ହେବ । କହିବ, ''ମା', ମୁଁ ଏହି ସଂକଳ୍ପ କରି ତୋ ଚରଣରେ ସମର୍ପଣ କରୁଛି । ଏହି ସଂକଳ୍ପ ପୂରା କରିବାକୁ ମୋର ଶକ୍ତି ନାହିଁ, ତୁ ଶକ୍ତି ଦେ, ସାହାଯ୍ୟ କର, ଏହି ଅବସ୍ଥାରୁ ମୋତେ ଉଦ୍ଧାର କରି ଦେ ।''

ବ୍ୟକ୍ତିକୁ ନିରନ୍ତର ମା'ଙ୍କୁ ସ୍ମରଣ କରିବାକୁ ହେବ ଏବଂ ମା'ଙ୍କ ଉପସ୍ଥିତିକୁ ଅନୁଭବ କରିବା ପାଇଁ ଚେଷ୍ଟା କରିବ ଏବଂ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରି କରିବ । ନିଜ ପ୍ରଯତ୍ନ କେବେ ବି ଶିଥିଳ କରିବା ଉଚିତ ନୁହେଁ । ନିଜ ପ୍ରଯତ୍ନରେ ବାରଂବାର ଅକୃତକାର୍ଯ୍ୟ ହେବା ସତ୍ତ୍ୱେ ବି ପ୍ରଯତ୍ନ କରି ଚାଲିବାକୁ ହେବ । ଦୃଢ଼ ପ୍ରତିଜ୍ଞା କରିବାକୁ ହେବ । ବ୍ୟକ୍ତି ଯଦି ମା'ଙ୍କ ପ୍ରତି ନିଷ୍କପଟ ହୋଇପାରେ, ମା' ତାକୁ ଶକ୍ତି, ଜ୍ଞାନ ପ୍ରଦାନ କରନ୍ତି ଓ ପ୍ରତିପଦରେ ସାହାଯ୍ୟ କରନ୍ତି, ତା'ର ଅପୂର୍ଣ୍ଣତାକୁ ପୂର୍ଣ୍ଣ କରନ୍ତି, ଦୁର୍ବଳକୁ ସବଳରେ ପରିଣତ କରନ୍ତି; ସମସ୍ତ ଦୁଃଖ-କଷ୍ଟ, ବିପଦ-ଆପଦରୁ ଉଦ୍ଧାର କରି ପରମ ଶାନ୍ତି, ପରମ ସୁଖ, ପରମ ଜ୍ଞାନ, ପରମାନନ୍ଦ, ପରମ ବ୍ରହ୍ମକୁ ପ୍ରାପ୍ତ କରାଇ ଦିଅନ୍ତି । ସାଧନାର ରହସ୍ୟ ହେଲା, ମା'ଙ୍କ ଉପରେ ପୂର୍ଣ୍ଣ ନିର୍ଭର କରିବା । ପ୍ରତିକୂଳ ଅବସ୍ଥାରୁ ମୁକ୍ତ ହେବା ସକାଶେ ବ୍ୟାକୁଳ ହୋଇ କ୍ରନ୍ଦନ କରି ପ୍ରାର୍ଥନା କରିବା । ଏହାର ସହାୟକ ହେଉଛି କର୍ମ । ସମସ୍ତ ଦିନର କାର୍ଯ୍ୟକ୍ରମ ଯଥା :– ସ୍ୱାଧ୍ୟାୟ, ପ୍ରାର୍ଥନା ଓ ଅନ୍ୟାନ୍ୟ କାର୍ଯ୍ୟ ତଥା ବ୍ୟାୟାମର ନିର୍ଦିଷ୍ଟ ନିୟମ ଏପରି ଭାବେ ନିର୍ଦ୍ଧାରିତ କରିବା ଉଚିତ ଯେଉଁଥିରେ ନିଜକୁ ନିଷ୍ପ୍ରିୟ ହୋଇ ବସିବା ପାଇଁ ସମୟ ନ ମିଳେ । ସାଧନାର ଚାବି ହେଲା ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ, ନିର୍ଭରତା ଏବଂ ତାଙ୍କରି ସ୍ମରଣ ।

*

ପ୍ରଶ୍ନ : ନିରାକାର ବ୍ରହ୍ମଙ୍କର ସୃଷ୍ଟି କରିବାକୁ ଇଚ୍ଛା ହେଲେ ସେ ସଂକଳ୍ପ କରନ୍ତି, ସୃଷ୍ଟି ହୁଏ । ସେ କ'ଣ କାମନାର ଅଧୀନ ? ଯଦି ନୁହନ୍ତି ତେବେ ତାଙ୍କର ସୃଷ୍ଟି କରିବାର କାମନା ହୁଏ କାହିଁକି ?

ଉତ୍ତର : ଭଗବାନ୍ ଯେତେବେଳେ ସୃଷ୍ଟି କରିବାର କାମନା କରିଥିଲେ ସେତେବେଳେ ସେ ଥିଲେ ଏକା । କାହିଁକି ସଂକଳ୍ପ କଲେ କାହାଠାରୁ ପରାମର୍ଶ ନେଇ ନ ଥିଲେ । ସେଥିନେଇ ସୃଷ୍ଟି କରିବାର ଉଦ୍ଦେଶ୍ୟ ଗୁପ୍ତ ରହିଗଲା । ଏହାର ଯଥାର୍ଥ ଉତ୍ତର ତାଙ୍କ ଛଡ଼ା ଅନ୍ୟ କେହି ଦେଇପାରିବେ ନାହିଁ ।

ତୁମେ କହୁଛ ''ନିରାକାରଙ୍କର ସଂକଳ୍ପ ହେଲା । ଯାହାର ଆକାର ନାହିଁ, ରୂପରେଖ ନାହିଁ, ତା'ର ସଂକଳ୍ପ ହେବ କିପରି ?'' ସେ ନିରାକାର, ତାଙ୍କ ଛଡ଼ା କିଛି ନ ଥିଲା, ଫେର୍ ସଂକଳ୍ପ ଆସିଲା କେଉଁଠୁ ? ଆମ୍ଭମାନଙ୍କର ସଂକଳ୍ପ ବିକଳ୍ପ ହୁଏ ମନରେ । ମନ ଶରୀରର ଆଶ୍ରିତ ଥାଏ ବୋଲି ସେ ସଂକଳ୍ପ କରିପାରେ, ବ୍ରହ୍ମର ଶରୀର ନ ଥିଲା, ମନ ନ ଥିଲା, ସେ ସଂକଳ୍ପ କଲେ କିପରି ? ସୃଷ୍ଟି ହୋଇଛି, ଏହା ପ୍ରତ୍ୟକ୍ଷ । ଏଥିରୁ ସ୍ପଷ୍ଟ ହେଉଛି ସେ ଅବଶ୍ୟ ସୃଷ୍ଟି କରିଛନ୍ତି । କରିବା ପୂର୍ବରୁ ସଂକଳ୍ପ ଅବଶ୍ୟ କରିଥିବେ ।

ଯେଉଁ ବ୍ରହ୍ମ ନିରାକାର ରହି ସଂକଳ୍ପ କରିପାରନ୍ତି, ସୃଷ୍ଟି କରିପାରନ୍ତି, ସେ ବ୍ରହ୍ମଙ୍କୁ ଆମ୍ଭ ସୀମିତ ମନ ବୁଝିପାରେ ନାହିଁ, କିଂବା ତାଙ୍କ କାର୍ଯ୍ୟକୁ ଆମ୍ଭମାନଙ୍କ ଅଜ୍ଞାନ ମନ କଳ୍ପନା କରିପାରେ ନାହିଁ ।

ଭଗବାନ୍ ଆମ୍ଭ ପରି ଅଜ୍ଞାନ ନୁହନ୍ତି, ଆମ୍ଭ ପରି ସେ ଶରୀରର ସୀମାରେ ଆବଦ୍ଧ ନୁହନ୍ତି । ସେ ସର୍ବଥା ଅବାଙ୍‌ମାନସଗୋଚର । ବେଦ ତାଙ୍କ ସ୍ୱରୂପକୁ ବର୍ଣ୍ଣନା କରି ନ ପାରି 'ନେତି' 'ନେତି' କହି ଛାଡ଼ି ଦେଇଛି, ଅଧ୍ୟାତ୍ମ-ସାଧନ ଦ୍ୱାରା ବ୍ୟକ୍ତି ମନକୁ ଅତିକ୍ରମ କରି ତାଙ୍କ ସହିତ ଏକତ୍ୱ ପ୍ରାପ୍ତ ହେଲେ ତାଙ୍କୁ ବୁଝିପାରେ ।

ବ୍ରହ୍ମ ଏକହି ସଙ୍ଗେ ନିରାକାର ଓ ସାକାର, ସେ ନିରାକାର-ସାକାର ପରେ ପୁରୁଷୋତ୍ତମ ତତ୍ତ୍ୱ । ସେ ଜ୍ଞାନ, ଆନନ୍ଦ, ଶକ୍ତିର ସ୍ୱରୂପ । ସେ ନିରାକାର ରହି ସମସ୍ତ କର୍ମ କରନ୍ତି, ସମସ୍ତ କର୍ମ କରିବା ସତ୍ତ୍ୱେ ନିଷ୍ତ୍ରିୟ ରହିପାରନ୍ତି । ସେ ନିଜକୁ ବହୁ ରୂପେ ପ୍ରକଟ କରିବା ସକାଶେ ସୃଷ୍ଟି କରିଛନ୍ତି ।

*

ପ୍ରଶ୍ନ : ସନ୍ନ୍ୟାସୀମାନେ କଠୋର ତପସ୍ୟା କରି ଭଗବାନଙ୍କୁ ଜାଣିବା ପୂର୍ବରୁ ଖୋଜନ୍ତି, ଅନ୍ୟ ବ୍ୟକ୍ତି ସତ୍ୟ ମାର୍ଗରେ ସତ୍ କର୍ମ କରନ୍ତି । ଯେଉଁମାନେ ସତ୍ କର୍ମ କରନ୍ତି ସେମାନେ କ'ଣ ଭଗବାନଙ୍କୁ ପାଆନ୍ତି ନାହିଁ ? ଯଦି ପାଆନ୍ତି ତେବେ ସନ୍ନ୍ୟାସୀମାନେ କଠୋର ତପସ୍ୟା ନ କରି ସତ୍‌କର୍ମ ଦ୍ୱାରା ଭଗବାନଙ୍କୁ ପାଇପାରନ୍ତେ, ସେମାନେ ଏପରି କରନ୍ତି ନାହିଁ କାହିଁକି ?

ଉତ୍ତର : ସନ୍ତାନ ମୁଖ ଦେଖିବା ସକାଶେ ମା'ମାନେ ପ୍ରସବ-ବେଦନାକୁ ବେଦନା ବୋଲି ମନେ କରନ୍ତି ନାହିଁ । ସେମାନଙ୍କ ସକାଶେ ପ୍ରସବ ଆନନ୍ଦର ବିଷୟ । କିନ୍ତୁ ପୁରୁଷମାନଙ୍କ ଦୃଷ୍ଟିରେ ଏହା ଅସହନୀୟ ଦାରୁଣ ବେଦନା । ସେହିପରି ସନ୍ନ୍ୟାସୀଙ୍କର ଯେଉଁ କଠିନ ତପସ୍ୟା କହୁଛ ପ୍ରକୃତରେ ସେମାନଙ୍କ ପକ୍ଷେ ତାହା କଠୋର ତପସ୍ୟା ନୁହେଁ । ଏହାର ପ୍ରମାଣ ସ୍ୱରୂପ ସେମାନଙ୍କୁ ଯଦି ତପସ୍ୟାରୁ ବିରତ କରି, ତୁମେ ଯାହାକୁ ସଂସାରର ସତ୍ କର୍ମ କହୁଛ, ସେହି କର୍ମରେ ନିଯୁକ୍ତ କରିଦିଅ, ମାଛକୁ ଜଳରୁ ବାହାର କରି ସୁନ୍ଦର ଘରେ କୋମଳ ଶଯ୍ୟାରେ ରଖିଲେ ଯେପରି ସେମାନଙ୍କୁ ଅପ୍ରିୟ ଲାଗେ ଏବଂ ଶେଷରେ ଶରୀରତ୍ୟାଗ ହୁଏ ସେହିପରି ସେମାନଙ୍କୁ ସଂସାରର ସତ୍‌କର୍ମ ଅପ୍ରିୟ ଲାଗିବ ଏବଂ ଜୀବନତ୍ୟାଗ କରିବା ସଦୃଶ ଦୁଃଖ ହେବ । ସେମାନଙ୍କ ଭିତରେ ଭଗବାନଙ୍କୁ ପାଇବାର ଯେଉଁ ତୀବ୍ରତା ଥାଏ ସେହି ମାର୍ଗରେ ସଫଳତାର ଯେଉଁ ବିଜୟ ଆନନ୍ଦ ପ୍ରାପ୍ତ ହେଉଥାଏ ସେହି ଆନନ୍ଦ ଯୋଗୁଁ କଠିନ ତପସ୍ୟା ସେମାନଙ୍କୁ ସୁଖମୟ ପ୍ରତୀତ ହୁଏ । ସେମାନଙ୍କ ଭିତରେ ଭଗବତ୍ ପ୍ରାପ୍ତିର ଏପରି ତୀବ୍ରତା ଥାଏ ଯେ ସେମାନେ ସଂସାର କର୍ମରେ କାଳ ବିଳମ୍ବ କରିବାର ଧୈର୍ଯ୍ୟ ନ ଥାଏ । ଏଠାରେ ଯଥାର୍ଥ ସନ୍ନ୍ୟାସୀ, ଯଥାର୍ଥ ସତ୍ କର୍ମୀ ବ୍ୟକ୍ତିର କଥା କୁହାହୋଇଛି ।

ଭଗବାନଙ୍କ ସୃଷ୍ଟି ବିଚିତ୍ର । ଭଗବାନଙ୍କୁ ପ୍ରାପ୍ତ ହେବାର ବହୁତ ମାର୍ଗ । ବ୍ୟକ୍ତି ନିଜ ନିଜ ସ୍ୱଭାବ ଅନୁସାରେ ଭଗବତ୍ ପ୍ରାପ୍ତିର ମାର୍ଗ ଅନୁସରଣ କରୁଛନ୍ତି । ମନୁଷ୍ୟର ସ୍ୱଭାବ ଯଦି ଭିନ୍ନ ଭିନ୍ନ ନ ହୋଇ ଥାଆନ୍ତା ଭଗବାନ୍ ବହୁ ମାର୍ଗର ମଧ୍ୟ ବ୍ୟବସ୍ଥା କରି ନ ଥା'ନ୍ତେ । ସମସ୍ତ ମନୁଷ୍ୟ ମଧ୍ୟରେ ମେସିନ୍‌ର କଳକବ୍‌ଜା ଖଞ୍ଜିଲା ପରି ସମାନ ରୂପେ ମାପଯୋଖ କରି ଗୋଟିଏ ପ୍ରକାର ସ୍ୱଭାବ କରିଥା'ନ୍ତେ, ମେସିନ୍ ଚଳାଇଲା ପରି ମନୁଷ୍ୟକୁ ଚଳାନ୍ତେ ।

*

ପ୍ରଶ୍ନ : ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'' ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ସ୍ୱଧର୍ମରେ ଥାଇ ବରଂ ମୃତ୍ୟୁ ବରଣ କରିବା ଶ୍ରେୟସ୍କର, କିନ୍ତୁ ପରଧର୍ମ ଆଚରଣ କଲେ ତାହା ଅତି ଭୟଙ୍କର ହୁଏ । ସେଥିପାଇଁ ସ୍ୱଧର୍ମ ଆଚରଣ ଛଡ଼ା କେବେ ବି ପରଧର୍ମ ଗ୍ରହଣ କରିବା ଉଚିତ ନୁହେଁ । ଏହାର ଅର୍ଥ କ'ଣ ?

ଉତ୍ତର : ଗୀତାକୁ ଅର୍ଥ କରିବା ଲୋକମାନଙ୍କ ମଧ୍ୟରେ କେବଳ ଶ୍ରୀଅରବିନ୍ଦଙ୍କୁ ଛାଡ଼ି ଦେଲେ ସମସ୍ତେ ଭିନ୍ନ ଭିନ୍ନ ରୂପେ ବର୍ଣ୍ଣଧର୍ମ, ନୈତିକ ଧର୍ମ, କର୍ମତ୍ୟାଗ ସନ୍ନ୍ୟାସ, ସାମାଜିକ ଧର୍ମକୁ ସ୍ୱଧର୍ମ ମାନି ଅଛନ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ସ୍ୱଧର୍ମର ଯଥାର୍ଥ ଯୁକ୍ତିଯୁକ୍ତ ଅର୍ଥ ହେଉଛି, ଆତ୍ମାର ଧର୍ମ । ପର୍ଶୁରାମ ଓ ଦ୍ରୋଣାଚାର୍ଯ୍ୟ ବ୍ରାହ୍ମଣ ଥିଲେ, ତାଙ୍କ ତଥାକଥିତ ସ୍ୱଧର୍ମ ତପାଦି ଛାଡ଼ି ସେମାନେ ଆଚରଣ କରିଥିଲେ କ୍ଷତ୍ରିୟ ଧର୍ମ । ବୁଦ୍ଧଦେବ ରାଜପୁତ୍ର ହୋଇ ରାଜବୈଭବ, ନିଜର ଯୁବତୀ ସ୍ତ୍ରୀ ଓ ଶିଶୁପୁତ୍ରକୁ ତ୍ୟାଗ କରିଥିଲେ; ଚୈତନ୍ୟ ମହାପ୍ରଭୁ ବୃଦ୍ଧା ମାତାଙ୍କୁ ତ୍ୟାଗ କଲେ, ଶଙ୍କରାଚାର୍ଯ୍ୟ, ତୁଳସୀ ଦାସ ଆଦି ବହୁ ମହାତ୍ମା ସାମାଜିକ, ନୈତିକ ଧର୍ମ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଥିଲେ । ଯଦି ବର୍ଣ୍ଣଧର୍ମ, ବଂଶ ପରମ୍ପରାଗତ ଧର୍ମ, ନୈତିକ ଧର୍ମ ଇତ୍ୟାଦି ସ୍ୱଧର୍ମ ହୁଅନ୍ତା ତେବେ ଏମାନେ ସମସ୍ତେ ପତିତ ହୋଇଥା'ନ୍ତେ,– ଧର୍ମାଚାର୍ଯ୍ୟ ହୋଇପାରି ନ ଥା'ନ୍ତେ କି ଆଜି ତାଙ୍କ ଆଚରିତ ଧର୍ମୋପଦେଶକୁ ଲୋକେ ଗ୍ରହଣ କରି ନ ଥା'ନ୍ତେ । ଯଥାର୍ଥରେ ସ୍ୱଧର୍ମର ଅର୍ଥ ଆତ୍ମାର ଧର୍ମ । ଆତ୍ମା ତା'ର ବିକାଶ ସକାଶେ ଯେଉଁ ବିହିତ ଧର୍ମ ଆଚରଣ କରେ ତାହାହିଁ ଅଭ୍ରାନ୍ତଭାବେ ସ୍ୱଧର୍ମ ।

*

ପ୍ରଶ୍ନ : ଯେବେ ''ଆତ୍ମାର ଧର୍ମ'' ହେଲା ସ୍ୱଧର୍ମ, ତେବେ ତାହା ଆମ୍ଭେ ଜାଣିବା କିପରି ?

ଉତ୍ତର : ଏହା ଠିକ୍ ଠିକ୍ ଜଣାଯାଏ ଯେତେବେଳେ ଆତ୍ମା ଜାଗ୍ରତ ହୁଏ, ମନ-ପ୍ରାଣ ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରି ସେମାନଙ୍କୁ ଶାସନ କରେ । ସେତେବେଳେ ଆତ୍ମାର ଉଦ୍ଦେଶ୍ୟ ମନ-ପ୍ରାଣ ଦ୍ୱାରା ବିକୃତ ହୁଏ ନାହିଁ ।

*

ପ୍ରଶ୍ନ : ଏହା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ଯେଉଁମାନେ ଆତ୍ମା ଦ୍ୱାରା ପରିଚାଳିତ ହେଉ ନାହାନ୍ତି, ମନ-ପ୍ରାଣ ଦ୍ୱାରା ପରିଚାଳିତ ହେଉଛନ୍ତି ସେମାନଙ୍କର ସ୍ୱଧର୍ମ କ'ଣ ? ସେମାନେ ଜାଣିବେ କିପରି ?

ଉତ୍ତର : ସ୍ୱତଃସ୍ଫୂର୍ତ୍ତଭାବେ ଯେଉଁ କାର୍ଯ୍ୟରେ ମନୁଷ୍ୟ ପ୍ରବୃତ୍ତ ହୁଏ ସେହିହିଁ ତା'ର ସ୍ୱଧର୍ମ ।

*

ପ୍ରଶ୍ନ : ଯଦି ଏହା ହୁଏ ତେବେ ଯେଉଁମାନେ ରାଜନୀତିରେ ଯୋଗ ଦେଇ ନେତା ହୋଇଛନ୍ତି, ଯେଉଁମାନେ ବାଣିଜ୍ୟ-ବ୍ୟବସାୟ ଇତ୍ୟାଦି କରୁଅଛନ୍ତି ସେମାନଙ୍କୁ ଏହି ଦ୍ୱନ୍ଦ୍ୱଯୁକ୍ତ ସ୍ୱଧର୍ମରେ ତ ସୁଖଶାନ୍ତି ମିଳେ ନାହିଁ । ଯଦି ଏହି ଜୀବନରେ ସୁଖଶାନ୍ତି ନ ମିଳେ ତେବେ ଜୀବନ ପରେ ସୁଖଶାନ୍ତି ମିଳିବାର ଆଶା କରାଯିବ କିପରି ? ରାଜନୀତିରେ କାର୍ଯ୍ୟ କଲେ ନିଜ ପଦମର୍ଯ୍ୟାଦା, ଅଧିକାର ପ୍ରାପ୍ତ କରିବା ସକାଶେ ନାନା ପ୍ରକାର ଛଳ, ପ୍ରପଞ୍ଚ, ଦୁର୍ନୀତିର ଆଶ୍ରୟ ନେବାକୁ ହୁଏ । ଏପରି ଆଚରଣ ଦ୍ୱାରା ମନ ବ୍ୟସ୍ତ ଆଉ ଅସ୍ଥିର ହେବା ସ୍ୱାଭାବିକ । ଏହା ସଙ୍ଗରେ ସ୍ୱାର୍ଥ, ଅହଂକାର ରହି ପ୍ରେରଣା ଦିଏ । ସ୍ୱାର୍ଥସିଦ୍ଧିରେ ଅହଂ ବୃଦ୍ଧି ହୁଏ । ଅହଂ ଏବଂ ସ୍ୱାର୍ଥ ସବୁ ପ୍ରକାରର ଅନର୍ଥର କାରଣ । ଏଥିରୁ ଉତ୍ପନ୍ନ ହୁଏ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ । ସ୍ୱାର୍ଥର ଅସିଦ୍ଧିରେ ଆସେ ନିରାଶା, ବିଷାଦ, ହତୋତ୍ସାହ । ସ୍ୱାର୍ଥର ସିଦ୍ଧି ଆଉ ଅସିଦ୍ଧି ଏହି ଉଭୟ ପ୍ରକାରେ ମନୁଷ୍ୟ ଅଶାନ୍ତ ଓ ଅସୁଖୀ ରହେ । ଏହି ପ୍ରକାର ସ୍ୱଧର୍ମ ଆଚରଣ କରିବାରେ ଲାଭ କ'ଣ ? ଏପରି ଧର୍ମକୁ ତ୍ୟାଗ କରି ତପସ୍ୟା କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ରାଜନୀତି ଏବଂ ବ୍ୟବସାୟ ଇତ୍ୟାଦି କର୍ମ ସ୍ୱରୂପରେ ଦୂଷିତ ନୁହେଁ; ବ୍ୟକ୍ତି ଏହାର ଦୁରୁପଯୋଗ କରେ । ସେହି ସକାଶେ ଦୁଃଖଦ୍ୱନ୍ଦ୍ୱ ଭୋଗେ । ତପସ୍ୟାରେ ମଧ୍ୟ ମନୁଷ୍ୟ ଅସୁଖୀ ହୋଇପାରେ ଯଦି ତାହାର ଦୁରୁପଯୋଗ କରେ; ଆଉ ରାଜନୀତି, ବ୍ୟାପାର କରି ମଧ୍ୟ ମନୁଷ୍ୟ ପରମ ସୁଖ, ପରମାନନ୍ଦ ପ୍ରାପ୍ତ କରିପାରେ ଯଦି ତାହା ଭଗବାନଙ୍କ

ସେବା ଭାବରେ କରେ । ସୁଖଦୁଃଖ ପ୍ରାପ୍ତ କରିବା କର୍ମର ସ୍ୱରୂପ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ତାହାର ଭାବ ଉପରେ । ତପସ୍ୟା କରି ଯଦି ନିଜର ସ୍ୱାର୍ଥ ସକାଶେ ଅନ୍ୟର ଅନିଷ୍ଟ କରାଯାଏ, ମାରଣ, ମୋହନ, ବଶୀକରଣ ଇତ୍ୟାଦି ପ୍ରୟୋଗ କରାଯାଏ, ତେବେ ସେହି ତପସ୍ୟା ଅସୁଖର କାରଣ ହୋଇ ଘୋର କର୍ମରେ ପରିଣତ ହୁଏ । ଯେପରି ରାବଣ, ହିରଣ୍ୟକଶିପୁ ପ୍ରଭୃତି ଅସୁରମାନଙ୍କ ତପସ୍ୟା ।

ପ୍ରଥମ କଥା ହେଲା ସଂସାର ଅନ୍ୟ କାହାରି ନୁହେଁ, କେବଳ ଈଶ୍ୱରଙ୍କର । ତାଙ୍କରି ସମସ୍ତ ସୃଷ୍ଟି । ସୃଷ୍ଟି ପରିଚାଳନା କରିବାକୁ ଯାଇ ସେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ନିଜ ସ୍ୱଭାବାନୁସାରେ କର୍ମ ନିର୍ଦ୍ଧାରିତ କରିଅଛନ୍ତି । ବଳାତ୍ ସେ ଯଦି ନିଜ ସ୍ୱାଭାବିକ କର୍ମକୁ ପରିତ୍ୟାଗ କରି ଅନ୍ୟ କର୍ମ ଆଚରଣ କରେ ତେବେ ତାହାର ସେହି କର୍ମ ଅନୁକୂଳ ହୁଏ ନାହିଁ । ସେହି କାର୍ଯ୍ୟରେ ସେ ସଫଳତା ବି ପ୍ରାପ୍ତ କରିପାରେ ନାହିଁ । ସେହି ସକାଶେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାରେ କହିଥିଲେ, ''ଅର୍ଜୁନ, ତୁ ଯଦି ଯୁଦ୍ଧ ଛାଡ଼ି ସନ୍ନ୍ୟାସ ନେଉ ତଥାପି ତୋର ସ୍ୱଭାବ ବଳାତ୍ ଯୁଦ୍ଧରେ ପ୍ରବେଶ କରାଇବ ।'' ସେହି କାରଣରୁ 'ପର ଧର୍ମ ଭୟାବହଃ' କୁହାହୋଇଅଛି । ସ୍ୱଧର୍ମ ତ୍ୟାଗ କଲେ ଅନ୍ୟ ଧର୍ମରେ ସଫଳତା ମିଳେ ନାହିଁ, ତାହା ଭଗବାନଙ୍କ ବିଧାନର ମଧ୍ୟ ବିରୋଧ ହୁଏ । ଭଗବାନ୍ ତାକୁ ଗୋଟିଏ କାର୍ଯ୍ୟ ଦେଇଅଛନ୍ତି ତା'ର ସ୍ୱଭାବ ଅନୁସାରେ, ସ୍ୱଭାବ ବିରୋଧ ଆଚରଣ କର୍ମରେ ତାକୁ ସ୍ୱଭାବ ସଙ୍ଗରେ ବରାବର ଯୁଦ୍ଧ କରିବାକୁ ପଡ଼େ, ଆଉ ସଫଳତା ମିଳେ ନାହିଁ । ପୁରାତନ ସମସ୍ତ ଯୋଗର କର୍ମତ୍ୟାଗ ଭଗବାନଙ୍କ ସୃଷ୍ଟି-ବିଧାନର ଅନୁକୂଳ ନ ଥିଲା, ତଥାପି ସେତେବେଳେ କର୍ମ ଓ ଆଧ୍ୟାତ୍ମିକତାର ସାମଞ୍ଜସ୍ୟର ସମୟ ଆସି ନ ଥିଲା । ସେହି ସକାଶେ ସେମାନେ କର୍ମକୁ ତ୍ୟାଗ କଲେ । ବର୍ତ୍ତମାନ ତାହାର ସମୟ ଆସିଅଛି । କାରଣ ଅତିମାନସ ଶକ୍ତି ଏହି ପୃଥିବୀରେ ବିଦ୍ୟମାନ । ଅତିମାନସ ସମ୍ବନ୍ଧରେ ପୃଥକ୍ ଲେଖା ଅଛି, ସେହି ସକାଶେ ଏଠାରେ ସେ ବିଷୟରେ ଆଲୋଚନା କରାହେବ ନାହିଁ ।

*

ପ୍ରଶ୍ନ : ଯଦି ପ୍ରତ୍ୟେକ ବ୍ୟକ୍ତିର ତା'ର ସ୍ୱଭାବ ଅନୁସାରେ କର୍ମ ନିର୍ଦ୍ଧାରିତ ହୋଇଥାଏ, ତେବେ ସେହି କର୍ମ କରି ମନୁଷ୍ୟ ସୁଖୀ ହୁଏ ନାହିଁ କାହିଁକି ?

ଉତ୍ତର : ଭଗବାନଙ୍କ କାର୍ଯ୍ୟକୁ ସେ ନିଜର ମାନି ନିଏ, ଭଗବାନଙ୍କୁ ଏକେବାରେ ଭୁଲିଯାଏ । ନିଜ ସ୍ୱାର୍ଥ ଏବଂ ଅହଂର ପ୍ରେରଣାରେ କାମନା-ବାସନାର ବଶ ହୋଇ କାର୍ଯ୍ୟ କରେ । ସେହି କାରଣରୁ ସେ ପାଏ ଦୁଃଖ, ଅଶାନ୍ତି; ପଡ଼େ ଦ୍ୱନ୍ଦ୍ୱରେ, କରେ ଅନୁତାପ । ସମସ୍ତ ଦୁଃଖଦ୍ୱନ୍ଦ୍ୱ ଆସେ ଭଗବାନଙ୍କୁ ଭୁଲିଯିବାରୁ । ଭଗବାନଙ୍କୁ ଭୁଲି ନ ଗଲେ ସେ ସେହି କର୍ମ ଦ୍ୱାରା ସୁଖଶାନ୍ତି ପାଇ ପାରିବ ଏବଂ ଭଗବାନଙ୍କୁ ମଧ୍ୟ ପାଇପାରିବ । ଭଗବାନ୍ ଆନନ୍ଦ, ସୁଖ, ଶାନ୍ତି, ଜ୍ଞାନ, ଭକ୍ତି ଇତ୍ୟାଦି ଦିବ୍ୟ ଗୁଣର ସ୍ୱରୂପ । ତାଙ୍କ ସଙ୍ଗରେ ସମ୍ବନ୍ଧ ହେଲେ ସମସ୍ତ ଦିବ୍ୟ ଗୁଣ ବ୍ୟକ୍ତି ମଧ୍ୟରେ ଆସେ ଏବଂ ସେ ଆନନ୍ଦ ଓ ସୁଖ ପ୍ରାପ୍ତ କରେ । ମନୁଷ୍ୟ ମୋହବଶରେ ଭଗବାନଙ୍କୁ ଭୁଲି ନ ଗଲେ ସେ ଆନନ୍ଦରେ ରହିପାରେ ।

ଯେତେବେଳେ ମନୁଷ୍ୟ ବୁଝିପାରେ ଏହି ରାଜନୈତିକ କାର୍ଯ୍ୟ ଭଗବାନଙ୍କଠାରୁ ମୋତେ ପ୍ରାପ୍ତ ହୋଇଅଛି, ଭଗବାନ୍ ସଂସାରରେ ବହୁପ୍ରକାର ବ୍ୟକ୍ତିଙ୍କ ଆବଶ୍ୟକତା ମଧ୍ୟରୁ ମୋତେ ଏହି ସେବା କରିବା ସକାଶେ ନିଯୁକ୍ତ କରିଅଛନ୍ତି; ଏପରି ଅବସ୍ଥାରେ ସେ କାର୍ଯ୍ୟ କରେ ନିଷ୍କପଟ ଭାବରେ । ସେଥିରେ କୌଣସି ତ୍ରୁଟି କରେ ନାହିଁ । ଇଲେକ୍‌ସନ୍‌ରେ ଲଢ଼େ, ଜିତିଲେ ମନେକରେ ଏ କାର୍ଯ୍ୟ ମୋତେ ଭଗବାନ୍ ଦେଲେ, ସେଥିରେ ନିଜର ସ୍ୱାର୍ଥ ନାହିଁ, ଅହଂର ତୁଷ୍ଟି ନାହିଁ । ଯେବେ ହାରିଯାଏ, ଭାବେ, ''ଭଗବାନ୍ ଏ ସେବା ଅନ୍ୟକୁ ଦେଲେ, ମୋଠାରୁ ଅନ୍ୟ ପ୍ରକାର ସେବା ନେବାକୁ ଚାହୁଁଛନ୍ତି । ମାଲିକ ଭଗବାନ୍, ତାଙ୍କ ସୃଷ୍ଟିରେ ବହୁତ ଲୋକ, ସେ ଯାହାଠାରୁ ଯେତେବେଳେ ଯେଉଁ କାର୍ଯ୍ୟ ନେଇ ପାରନ୍ତି, ମୁଁ କାହିଁକି ଆଗ୍ରହ କରିବି ଯେ ମୋଠାରୁ ଏହି ସେବା ନିଅ ।'' ଯେତେବେଳେ ବ୍ୟକ୍ତି ଭାବେ ମୋତେ ଏହା ମିଳିବା ଉଚିତ ଆଉ ଭଗବାନଙ୍କ ବିଧାନ ଛଡ଼ା ନିଜ କାମନା-ବାସନା ତୁଷ୍ଟି ସକାଶେ ପ୍ରଯତ୍ନ କରେ, ସେଥିରେ ବହୁତ ସମୟରେ ସଫଳ ହୁଏ ନାହିଁ । ବିଫଳତାରେ ବହୁତ ଦୁଃଖ ମିଳେ । ପ୍ରତ୍ୟେକ ଦୃଷ୍ଟିରୁ ଭଗବାନଙ୍କ ବିଧାନ ମାନି ନେବା ଉଚିତ, ଆଉ ସେଥିରେ ସୁଖ ପାଇଁ ହଜାର ପ୍ରଯତ୍ନ କଲେ ସୁଦ୍ଧା ଭଗବାନଙ୍କ ବ୍ୟବସ୍ଥାର ବିରୋଧରେ

ସଫଳ ହୁଏ ନାହିଁ । ଯଦି ଆମ୍ଭ ଅହଂର ପ୍ରଯତ୍ନ ବିଫଳ ହୁଏ ତେବେ ଭଗବାନଙ୍କ ବିଧାନ ଉପରେ ଛାଡ଼ିଦେବା ଉଚିତ । ସେଥିରେ ହର୍ଷ, ବିଷାଦ, ସୁଖ, ଦୁଃଖ, ଈର୍ଷ୍ୟା, ବିରୋଧ ଆସେ ନାହିଁ । ଜୟ-ପରାଜୟରେ ସମଭାବାପନ୍ନ ରହେ ।

ଏହି ପ୍ରକାରରେ ଭଗବାନଙ୍କ ସେବା ରୂପେ କର୍ମ କଲେ ମନୁଷ୍ୟ ଜୟ-ପରାଜୟରେ ହର୍ଷ ବା ବିଷାଦ ପ୍ରାପ୍ତ ହୁଏ ନାହିଁ । ସେ ବୁଝିପାରେ ମନୁଷ୍ୟର କୌଣସି ଦୋଷ ନାହିଁ, ସେ ଭାଗବତୀ ଆଉ ଅଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରୁଅଛି । କିନ୍ତୁ ତାକୁ ଯଦି ନ୍ୟାୟାଧୀଶର କାର୍ଯ୍ୟ ଦିଆ ହୋଇଥାଏ ତେବେ ସେ ମନୁଷ୍ୟକୁ ଦଣ୍ଡ ଦେଇପାରେ କିନ୍ତୁ ତା' ପ୍ରତି ହିଂସା ନ ଥାଏ । କାରଣ ଏହି କାର୍ଯ୍ୟ କରିବା ସକାଶେ ଭଗବାନ୍ ତାକୁ ନିଯୁକ୍ତ କରିଅଛନ୍ତି । ଏହାଫଳରେ ତା' ମନରୁ ଉଦ୍‌ବେଗ ଦୂର ହୁଏ, ଶାନ୍ତି, ସ୍ଥିରତା ଆସେ । ଏହି ଅବସ୍ଥାରେ ସେ ଭଗବାନଙ୍କ ନିର୍ଦ୍ଦେଶ ପାଇପାରେ । କ'ଣ କରିବା ଉଚିତ ଏବଂ କ'ଣ ନ କରିବା ଉଚିତ, ସେ ତାହାର ଅନ୍ତରରୁ ପ୍ରେରଣା ପାଏ । ଯଦି ପ୍ରେରଣା ନ ପାଏ ତଥାପି ତା' ସକାଶେ ଯାହା ହେବା ଉଚିତ ତାହାହିଁ ହୁଏ । କାରଣ ସେ ନିଜକୁ ଭଗବାନଙ୍କ ସେବକ ମାନିବାରୁ ତାହାର ଭାର ଭଗବାନ୍ ନେଇ ନିଅନ୍ତି । ଏଥିସକାଶେ ପ୍ରତିଦିନ କିଛି ସମୟ ନିୟମିତ ରୂପେ ଧ୍ୟାନ କରିବା ଆବଶ୍ୟକ ।

ଏହି ଅବସ୍ଥା ଗୋଟିଏ ଦିନରେ ଆସେ ନାହିଁ । ସୁତରାଂ ଯେତେବେଳେ ଏହି ସିଦ୍ଧାନ୍ତକୁ ବ୍ୟକ୍ତି ହୃଦୟରେ ସ୍ୱୀକାର କରି ନିଏ ସେହି ସମୟରୁ ତା' ମଧ୍ୟରେ ଗୋଟିଏ ଭାଗବତ ତତ୍ତ୍ୱ ଅଦୃଶ୍ୟ ରୂପେ ପରିଚାଳନା କରେ । ଏବିଷୟରେ ମନୁଷ୍ୟ ଯେତେ ଜାଗ୍ରତ ହୁଏ, ତା' ମଧ୍ୟରେ ଏହି ଭାବ ସେତେ ସ୍ପଷ୍ଟ ହୋଇଉଠେ ।

ଆଧ୍ୟାତ୍ମିକ ସାଧନା ବହୁ ପ୍ରକାର, ପ୍ରଣାଳୀ ଅସଂଖ୍ୟ, କର୍ମର ଭେଦ ତିନି, ତଥାପି ଏହି ମାର୍ଗଟି କର୍ମ ପକ୍ଷରେ ବହୁତ ସହଜ, ସୁଗମ, ଆଉ ବ୍ୟକ୍ତି ପକ୍ଷରେ ଅନିବାର୍ଯ୍ୟ । ଯେପର୍ଯ୍ୟନ୍ତ ମନୁଷ୍ୟ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ବିରୋଧ, ଉଦ୍‌ବେଗ ଆଦିରୁ ମୁକ୍ତ ନୁହେଁ ସେପର୍ଯ୍ୟନ୍ତ ସେ ସଂସାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅବିକୃତ ରୂପେ କରିପାରେ ନାହିଁ, ଯଥାର୍ଥରେ ସେ ମଧ୍ୟ ସୁଖୀ ହୋଇପାରେ ନାହିଁ; ସେତେଦିନ ପର୍ଯ୍ୟନ୍ତ ସେ ପ୍ରକୃତରେ ସ୍ୱାଧୀନ ନୁହେଁ । ଯଥାର୍ଥରେ ସେହିଁ ସ୍ୱାଧୀନ ଆଉ ସୁଖୀ, ଯେ ରିପୁଙ୍କୁ ବଶ କରିଅଛନ୍ତି । ନିଜ ଭିତରର ରିପୁଙ୍କୁ ବଶ ନ କରି ଅନ୍ୟ ବ୍ୟକ୍ତିକୁ ବଶ କରିବାର ପ୍ରୟାସ ନିରର୍ଥକ । ଏହି ରିପୁମାନଙ୍କ ଶାସନାଧୀନ ରହି ଯଦି ବ୍ୟକ୍ତି ପୃଥିବୀରେ ସମ୍ରାଟ ହୁଏ, ସମସ୍ତ ସଂସାର ଧନର ମାଲିକ, କୁବେର ହୁଏ; ସମସ୍ତ ଗୁଣର ଜ୍ଞାତା ହୁଏ, ତଥାପି ସେ ଦୀନ; ଅନ୍ୟ ଅବାଞ୍ଛିତ ଶକ୍ତିମାନଙ୍କ ହାତର ଯନ୍ତ୍ର, ପରାଧୀନ । ଏମାନଙ୍କଠାରୁ ସ୍ୱାଧୀନତା ପ୍ରାପ୍ତ କରିବାକୁ ହେବ ନିଜ କର୍ମ ଦ୍ୱାରା, କିନ୍ତୁ ନିଜ କର୍ମକୁ ତ୍ୟାଗ କରି ନୁହେଁ । ଏହା କେବଳ ବିଶିଷ୍ଟ ବ୍ୟକ୍ତି ସକାଶେ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସକାଶେ ।

ପ୍ରତ୍ୟେକ ବ୍ୟକ୍ତି ଚାହେଁ ସୁଖ । ଯଥାର୍ଥ ସୁଖ ପ୍ରାପ୍ତ ହୁଏ ଭଗବତ୍ ଜ୍ଞାନରେ । ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମ କରି ଭାଗବତୀ ଶକ୍ତିର ଯନ୍ତ୍ର ହେଲେ ଯଥାର୍ଥ ସୁଖ ପ୍ରାପ୍ତ ହୋଇପାରିବ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗର ଗାର୍ହସ୍ଥ୍ୟ ସାଧକମାନେ ଆଜିକାଲି ପ୍ରଶ୍ନ କରୁଛନ୍ତି, ''ଆମ୍ଭେମାନେ ପୂର୍ବଇଷ୍ଟ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଛାଡ଼ି ମା'ଙ୍କୁ କାହିଁକି ଉପାସନା ଏବଂ ସମର୍ପଣ କରିବୁ ? ଯଦି କରୁ ତେବେ ପୂର୍ବଇଷ୍ଟଙ୍କୁ ପୂଜା କରିବୁ କି ନାହିଁ ? ଗାର୍ହସ୍ଥ୍ୟ ଧର୍ମର ପରମ୍ପରା ଅନୁସାରେ ବ୍ରତ, ଉପବାସ, ପୁଣ୍ୟପର୍ବ, ଦେବଦେବୀଙ୍କୁ ପୂଜନ କରିବୁ କି ନାହିଁ ? ଭଗବାନ୍ ଏକ, ସେହି ଏକହିଁ ଭଗବାନ୍ ଭିନ୍ନ ଭିନ୍ନ ସମୟରେ ଅବତାର ନେଇ ମନୁଷ୍ୟ ଜାତିକୁ ଶିକ୍ଷା ଦେଇଅଛନ୍ତି । ତେବେ ପୂର୍ବର କୌଣସି ଅବତାରଙ୍କୁ ଉପାସନା କଲେ ଶ୍ରୀଅରବିନ୍ଦଙ୍କ ଯୋଗ-ସିଦ୍ଧି ହୋଇପାରିବ, ଫେର୍ ମା'ଙ୍କୁ ସମର୍ପଣ କରିବାର ଆବଶ୍ୟକତା କ'ଣ ?''

ଉତ୍ତର : ତୁମ ପ୍ରଶ୍ନ ଯଦି ଯୁକ୍ତିଯୁକ୍ତ ହୁଏ ତେବେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପେ ବିଭିନ୍ନ କାର୍ଯ୍ୟ କରିବା ସକାଶେ ଭଗବାନଙ୍କୁ ଅବତାର ନେବାର ଆବଶ୍ୟକ ହୋଇ ନ ଥା'ନ୍ତା । ପ୍ରଥମ ଅବତାରଙ୍କୁ ଉପାସନା କରି ବ୍ୟକ୍ତି ସମସ୍ତ ସିଦ୍ଧି ପ୍ରାପ୍ତ ହୁଅନ୍ତେ । ଯେଉଁସବୁ ପ୍ରଶ୍ନ କରାଯାଇଅଛି ଏହା ପଶ୍ଚାତରେ ରହିଛି ସାମ୍ପ୍ରଦାୟିକ ସଂକୁଚିତ ମନୋଭାବ ।

ସମ୍ପ୍ରଦାୟର ଅର୍ଥ କୌଣସି ଅଧ୍ୟାତ୍ମ ସତ୍ୟ ବା ଧର୍ମକୁ କେତେକ ବ୍ୟକ୍ତି ଗ୍ରହଣ କରନ୍ତି, ସମସ୍ତ ମାନବଜାତି ତାହା ଗ୍ରହଣ କରନ୍ତି ନାହିଁ କିଂବା ସମଗ୍ର ମାନବଜାତି ସକାଶେ ତାହା ପ୍ରଯୁଜ୍ୟ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗ ସମଗ୍ର ମାନବଜାତି ସକାଶେ; ଏହାହିଁ ସମଗ୍ର ମାନବ ଜାତିର ଲକ୍ଷ୍ୟ । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗରେ ସାମ୍ପ୍ରଦାୟିକ ମନୋଭାବ ଏକେବାରେ ତ୍ୟାଗ କରିବା ଉଚିତ । ସମସ୍ତ ସାମ୍ପ୍ରଦାୟିକ, ଧାର୍ମିକ, ଅଧାର୍ମିକ, ଆସ୍ତିକ, ନାସ୍ତିକ ବ୍ୟକ୍ତିଙ୍କର ଉଦ୍ଦେଶ୍ୟ ଶ୍ରୀଅରବିନ୍ଦଙ୍କ ଯୋଗରେ ପୂର୍ଣ୍ଣ ହୁଏ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ସାମ୍ପ୍ରଦାୟିକ ନ ହୋଇ ସମସ୍ତ ମାନବ-ସମାଜ ସକାଶେ ।

ପ୍ରତ୍ୟେକ ବ୍ୟକ୍ତି ଚାହେଁ ଦୁଃଖଅବିମିଶ୍ରିତ ସୁଖ, ଅଖଣ୍ଡ ଶାନ୍ତି, ପରସ୍ପର ଭ୍ରାତୃତ୍ୱ, ଦେଶ ଓ ମନୁଷ୍ୟଜାତିର ଉନ୍ନତି; ଯୁଦ୍ଧ-ହିଂସାମୁକ୍ତ ଆନନ୍ଦମୟ ଜୀବନ, ରୋଗ-ଜରା-ମୃତ୍ୟୁରହିତ ଦୁଃଖ-ଶୋକବିହୀନ ଦିବ୍ୟ-ଜୀବନ । ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବାରେ । ଏହା ସଙ୍ଗେ ସଙ୍ଗେ ସଂସାରରୁ ହିଂସା, ଦ୍ୱେଷ, ଯୁଦ୍ଧ-ବିଗ୍ରହ, ଚୋରି-ଡକାୟତି, ଅନ୍ୟାୟ-ଅତ୍ୟାଚାର ଓ ଲାଞ୍ଛ-ମିଛ ଦୂର ହୁଏ । ସଂସାର ହୁଏ ସ୍ୱର୍ଗ । ଏହି କାର୍ଯ୍ୟ କରିବା ସକାଶେ ମା'ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ରୂପାନ୍ତର କ୍ରିୟା କରାଉ ଅଛନ୍ତି । ଏହି ଲକ୍ଷ୍ୟକୁ କୌଣସି ବ୍ୟକ୍ତି ଗ୍ରହଣ କଲେ ତାଙ୍କ ପୂର୍ବ ଇଷ୍ଟ ବା ସମ୍ପ୍ରଦାୟର ବିରୋଧ ହୁଏ ନାହିଁ । କାରଣ ଏହି ବିରୋଧ ମନୁଷ୍ୟର ମନୋଗତ ସଂକୁଚିତ ଧାରଣା ମାତ୍ର । ତୁମେ କହୁଛ, ''ଭଗବାନ୍ ଏକ, ସେହି ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନେଇ ସଂସାରରେ ଭିନ୍ନ ଭିନ୍ନ ସମୟରେ ନୂତନ ଧର୍ମ ସ୍ଥାପନ କରୁଅଛନ୍ତି । ଅତଏବ ଆମ୍ଭେମାନେ ଆମ୍ଭମାନଙ୍କ ପୂର୍ବ ଇଷ୍ଟଦେବ ରାମ, କୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଉପାସନା କରି କାହିଁକି ଶ୍ରୀଅରବିନ୍ଦଙ୍କ ଯୋଗ-ସିଦ୍ଧ କରିପାରିବୁ ନାହିଁ ?''

ପୂର୍ବ ଇଷ୍ଟଦେବ ରାମ, କୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଉପାସନା କରି ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧି ଯଦି ଏତେ ସହଜ ହୋଇଥା'ନ୍ତା ତେବେ ମା'ଶ୍ରୀଅରବିନ୍ଦଙ୍କୁ ଏହି ପୃଥିବୀକୁ ଆସି ଏତେ ତପସ୍ୟା କରିବାକୁ ହୋଇ ନ ଥାଆନ୍ତା, ନିଜେ ସାଧନା କରି ବ୍ୟକ୍ତି ସମ୍ମୁଖରେ ଆଦର୍ଶ ରଖି ସାଧକମାନଙ୍କ ଭାର ପୂର୍ଣ୍ଣତଃ ବହନ କରି ସେମାନଙ୍କୁ ସାଧନା ମାର୍ଗରେ ପରିଚାଳିତ କରିବାକୁ ହୋଇ ନ ଥାଆନ୍ତା । ପ୍ରତ୍ୟେକ ବ୍ୟକ୍ତି ପୂର୍ବ ଇଷ୍ଟଦେବଙ୍କୁ ଉପାସନା କରି ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି ପ୍ରାପ୍ତ ହୋଇଥାଆନ୍ତେ । ସଂସାରର ଦୁଃଖ-ଦ୍ୱନ୍ଦ୍ୱ ନିବୃତ୍ତି ହୋଇ ତାହା ସ୍ୱର୍ଗରେ ପରିଣତ ହୋଇଥାଆନ୍ତା । ଆମ୍ଭେମାନେ ପୃଥିବୀରେ ଗୋଟିଏ ନୂତନ ଅତିମାନବ ଜାତି ଦେଖୁଥା'ନ୍ତୁ । କିନ୍ତୁ ଏହା ହୋଇ ନାହିଁ ।

ଭଗବାନ୍ ଏକ । ସେ ମନୁଷ୍ୟଜାତିକୁ ତା'ର ସମୟୋପଯୋଗୀ ଶିକ୍ଷା ଦେବା ସକାଶେ ଭିନ୍ନ ଭିନ୍ନ ସମୟରେ ପୃଥିବୀରେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି । ସେହି ସମୟୋପଯୋଗୀ କର୍ମ ସ୍ୱୟଂ ଆଚରଣ କରନ୍ତି ତଥା ନିଜ ଆଦର୍ଶ ମନୁଷ୍ୟଜାତି ସମ୍ମୁଖରେ ରଖନ୍ତି । ସେହି ଶିକ୍ଷାକୁହିଁ ବ୍ୟକ୍ତିମାନେ ଆଦର୍ଶ ରୂପେ ଗ୍ରହଣ କରି ଚେତନାର ଗୋଟିଏ ଅଗ୍ରଗାମୀ ସ୍ତରରେ ଉପନୀତ ହୁଅନ୍ତି । ଶ୍ରୀରାମ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ଶିକ୍ଷା ଦେଇଥିଲେ । ସେତେବେଳେ ତାହାହିଁ ଆବଶ୍ୟକ ଥିଲା । ସେହି ସମୟରେ ତାଙ୍କୁହିଁ ଲୋକେ ଉପାସନା କରି ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ପ୍ରାପ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ଅବତାର ସମୟରେ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ପ୍ରତିଷ୍ଠା ହୋଇ ସାରିଥିଲା ଏବଂ ସେ ସମୟ ଅତୀତର ବହୁ ପଛରେ ପଡ଼ି ଥିଲା । ଶ୍ରୀକୃଷ୍ଣ ଯୋଗଯୁକ୍ତ ହୋଇ କର୍ମ କରିବା ଶିକ୍ଷା ଦେଲେ । ଯଦି ପୂର୍ବ ଇଷ୍ଟ ଉପାସନାରେ ଯୋଗଯୁକ୍ତ କର୍ମ ସମାଜରେ ପ୍ରତିଷ୍ଠିତ ହୋଇଥାଆନ୍ତା ତେବେ ଶ୍ରୀକୃଷ୍ଣଙ୍କୁ ଅବତାର ନେବାକୁ ପଡ଼ି ନ ଥା'ନ୍ତା । ବର୍ତ୍ତମାନ ପକ୍ଷେ ସେସମୟ ବହୁତ ଅତୀତରେ । ଏସମୟରେ ସେହିସବୁ ପୁରାତନ ଶିକ୍ଷା ଦ୍ୱାରା ସଂସାର-ସମସ୍ୟାର ସମାଧାନ ହୋଇପାରିବ ନାହିଁ କିଂବା ପୂର୍ବ ଅବତାରଙ୍କୁ ଉପାସନା କରି ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସହଜ ହେବ ନାହିଁ । ବର୍ତ୍ତମାନ ଆମୂଳଚୂଳ ପରିବର୍ତ୍ତିତ ଗୋଟିଏ ନୂତନ ଜଗତ ଆବଶ୍ୟକ । ସେହି ସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥବୀକୁ ଆସି ସ୍ୱୟଂ କର୍ମ ଆଚରଣ କରି ସାଧକମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି ଏବଂ ମା' ସ୍ୱୟଂ ସେହି କାର୍ଯ୍ୟଭାର ବହନ କରିଅଛନ୍ତି । ମା' ସ୍ଥୂଳ ଶରୀର ଧାରଣ କରିଅଛନ୍ତି ସାଧକର ସାଧନା ମାର୍ଗ ସହଜ ତଥା ବିପଦଶୂନ୍ୟ କରିବା ସକାଶେ । ସେ ଆମ୍ଭମାନଙ୍କ ଜନନୀ, ଗୁରୁ, ଇଷ୍ଟ । ସେ ଆମ୍ଭର ସ୍ୱଜାତୀୟ ଥିବାରୁ ତାଙ୍କ ସହିତ

ସମ୍ବନ୍ଧ ସ୍ଥାପନ ଆତ୍ମମାନଙ୍କ ପକ୍ଷେ ସହଜ ହୋଇଅଛି । ଏହାହିଁ ଅବତାରମାନଙ୍କର ବିଶେଷତ୍ୱ । ଭଗବାନ୍ ସବୁ ସମୟରେ ବ୍ୟାପକ ରୂପେ ବିଦ୍ୟମାନ, କିନ୍ତୁ ସଂସାରର ବିଶେଷ କାର୍ଯ୍ୟ କରିବାକୁ ହେଲେ ଅବତାର ନିଅନ୍ତି । ଅବତାରମାନେହିଁ ମନୁଷ୍ୟ ସହିତ ସହଜରେ ସମ୍ବନ୍ଧ ସ୍ଥାପନ କରିପାରନ୍ତି । ଅବତାରଙ୍କ ସମୟରେ କୋଟି କୋଟି ନରନାରୀ ଅଳ୍ପ ପ୍ରୟାସରେ ଉଦ୍ଧାର ହୋଇଯାଆନ୍ତି । ଏହି କାରଣରୁ ପଥପ୍ରଦର୍ଶିକା ରୂପେ ମା'ଙ୍କୁ ଗ୍ରହଣ କଲେ ସାଧକର ସାଧନା ବହୁତ ସହଜ ହୁଏ ।

ଭଗବାନ୍ ଏକ । ଧର୍ମର ହ୍ରାସ ସମୟରେ ସେ ବାରଂବାର ଅବତାର ନେଇ ନୂତନ ଚେତନା ଜଗତରେ ସ୍ଥାପନ କରନ୍ତି; ତାଙ୍କର ସଂକଳ୍ପରେ ବ୍ୟକ୍ତି ନୂତନ ଚେତନାରେ ଆରୋହଣ କରେ । ସଂସାରରେ ନୂତନ ଧର୍ମ ସ୍ଥାପନ ହେଲା ଭଗବାନଙ୍କ କାର୍ଯ୍ୟ । ଏହି ରୂପାନ୍ତର କାର୍ଯ୍ୟ କରି ମନୁଷ୍ୟ ଜାତିକୁ ଗୋଟିଏ ନୂତନ ଚେତନାରେ ଉପନୀତ କରାଇବା ସକାଶେ ମା' ଏହି ପୃଥିବୀକୁ ଆସିଅଛନ୍ତି । ମା'ଙ୍କୁ ସମର୍ପଣ କରିବାରେ ପୂର୍ବ ଇଷ୍ଟନିଷ୍ଠାରେ କୌଣସି ବିରୋଧ ନାହିଁ । ଯଦି ଆମ୍ଭେମାନେ ଭଗବାନ୍ ଏକ ବୋଲି ମାନୁ ଏବଂ ସେହି ଏକହିଁ ଭଗବାନ୍ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟ କରିବା ସକାଶେ ପୃଥିବୀକୁ ଆସୁଥିବାର ସ୍ୱୀକାର କରୁ ତେବେ ଏହି କାର୍ଯ୍ୟ କରିବା ସକାଶେ ମା'ଙ୍କ ରୂପରେ ଭଗବାନ୍ ଆବିର୍ଭାବ ହୋଇ ଥିବାରୁ ତାଙ୍କ ଆନୁଗତ୍ୟ ସ୍ୱୀକାର କରିବାରେ କୌଣସି ଦୋଷ ନାହିଁ । ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନିଅନ୍ତି, ଏହା ସ୍ୱୀକାର କରିବା ସତ୍ତ୍ୱେ ଯଦି ବ୍ୟକ୍ତିର ମନରେ ଦ୍ୱନ୍ଦ୍ୱ ଥାଏ ତେବେ ଏହା ସ୍ପଷ୍ଟ ଯେ ଏହି ଧାରଣା କେବଳ ଭୌତିକ ସୀମିତ ମନର । ଏହା ବ୍ୟକ୍ତିର ଆନ୍ତର ଚେତନାକୁ ସ୍ପର୍ଶ କରି ନାହିଁ ।

ଶ୍ରୀଅରବିନ୍ଦଙ୍କ ଯୋଗ ସମଗ୍ର ମାନବଜାତି ସକାଶେ । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ସମନ୍ୱୟ ହୋଇଅଛି । କିନ୍ତୁ ପୁରାତନ ସମସ୍ତ ଯୋଗର ବିରୋଧୀ ମତବାଦ ବ୍ୟକ୍ତିର ସଂସ୍କାରଗତ ହୋଇଥିବାରୁ ବ୍ୟକ୍ତି ସେହି ଧାରଣାକୁ ଶ୍ରୀଅରବିନ୍ଦ ଯୋଗରେ ଆରୋପ କରି ଇଷ୍ଟନିଷ୍ଠାର ପ୍ରବଞ୍ଚନାରେ ଶ୍ରୀଅରବିନ୍ଦଙ୍କ ଯୋଗରେ ବିରୋଧୀ ଭାବ ରଖୁଅଛି । ସେହିମାନେ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟ ଯୋଗ ବୁଝି ନ ପାରି ମା'ଙ୍କ ପ୍ରତି ବିଶ୍ୱାସ ରଖିବାରେ ଅସମର୍ଥ ହେଉଅଛନ୍ତି ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନେ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ, ଦୁର୍ଗା ତଥା ଅନ୍ୟାନ୍ୟ ଦେବଦେବୀଙ୍କୁ ପୂଜା କରିବେ କି ନାହିଁ, ଏମାନଙ୍କ ପ୍ରସାଦ ସେବନ କରିବେ କି ନାହିଁ, ବ୍ରତ-ଉପବାସ କରିବେ କି ନାହିଁ ?

ଉତ୍ତର : ଏହା ନିର୍ଭର କରେ ବ୍ୟକ୍ତି ଉପରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ତଥା ଶ୍ରୀଅରବିନ୍ଦଙ୍କ ଯୋଗରେ ଲକ୍ଷ୍ୟ ମହାନ୍, ବିଶାଳ । ପରମ ଜ୍ଞାନ, ପରମାନନ୍ଦ, ପରାଶକ୍ତି, ପରମ ଶାନ୍ତି ସ୍ୱରୂପ ସଚ୍ଚିଦାନନ୍ଦ ପ୍ରାପ୍ତି ତଥା ତାଙ୍କ ସହିତ ପୂର୍ଣ୍ଣ ଏକତ୍ୱ । ଭଗବାନଙ୍କ ସହିତ ସାଧକ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ ହେବାରୁ ଭଗବାନଙ୍କର ସମସ୍ତ ଦିବ୍ୟ ଗୁଣ ସାଧକ ମଧ୍ୟରେ ପ୍ରତିଷ୍ଠିତ ହୁଏ । ଏକହିଁ ଭଗବାନ୍ ସମସ୍ତ ସଂସାରରେ ନାନା ପ୍ରାଣୀ, ଦେବଦେବୀ ରୂପରେ ପ୍ରଘଟ ହୋଇଛନ୍ତି ବୋଲି ସେ ଉପଲବ୍ଧି କରେ । ଏହା ପୂର୍ବରୁ ସେ ଏହି ସିଦ୍ଧାନ୍ତକୁ ଆଦର୍ଶ ରୂପେ ଗ୍ରହଣ କରି ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ । ଏହି ଜ୍ଞାନରେ ଯୁକ୍ତ ହୋଇ କିଂବା ଆଦର୍ଶ ମାନି ବ୍ୟକ୍ତି ସମସ୍ତ ଦେବଦେବୀଙ୍କୁ ନିଜ ଇଷ୍ଟଦେବ ପରାତ୍ପର ପୁରୁଷୋତ୍ତମ ଭଗବାନଙ୍କ ରୂପ ମାନି ପୂଜା କରିପାରେ, ସମସ୍ତ ଦେବଦେବୀଙ୍କ ପ୍ରସାଦକୁ ନିଜ ଇଷ୍ଟଦେବଙ୍କ ପ୍ରସାଦ ବୋଲି ଅନୁଭବ କରିପାରେ, ସମସ୍ତ ବ୍ରତ, ଉପବାସ କେବଳ ନିଜ ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ କରେ । ଏହି ସିଦ୍ଧାନ୍ତରେ ସାଧକ ସମସ୍ତ ଦେବଦେବୀଙ୍କୁ ପୂଜା କରି ସେ କିଛି କରେ ନାହିଁ ଅଥବା କେବଳ ଇଷ୍ଟଦେବଙ୍କ ପୂଜାରେ ସମସ୍ତ ଦେବଦେବୀଙ୍କ ପୂଜନ କରେ ।

ସାଧକମାନଙ୍କର ପୂର୍ବ ପ୍ରତିଷ୍ଠିତ ଭଗବାନଙ୍କର ଅଥବା ଦେବଦେବୀଙ୍କ ମନ୍ଦିରରେ ପୂଜା କରିବାରେ ତଥା ପ୍ରସାଦ ସେବନ କରିବାରେ ସିଦ୍ଧାନ୍ତିକ ବିରୋଧ ନାହିଁ । କାରଣ ସମସ୍ତ ବିଗ୍ରହ ଭଗବାନଙ୍କର ରୂପ । ତଥାପି ବ୍ୟକ୍ତି ନିଜ

ଆନ୍ତରିକ ପ୍ରବୃତ୍ତି, ନିଷ୍ଠା ଅନୁସାରେ ସମସ୍ତ ଦେବ ପୂଜନ, ବ୍ରତ, ଉପବାସ କରିପାରେ ଅଥବା ତ୍ୟାଗ କରିପାରେ। ଏହା ନିର୍ଭର କରେ ବ୍ୟକ୍ତି ଉପରେ। ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧନା ଆରମ୍ଭରୁ ସାଧକମାନେ ପୂର୍ଣ୍ଣତଃ ସ୍ୱତନ୍ତ୍ର। ସେମାନଙ୍କ ଉପରେ କୌଣସି ସିଦ୍ଧାନ୍ତ ଲଦି ଦିଆ ହୁଏ ନାହିଁ। ସେମାନେ ନିଜ ଆନ୍ତର ପ୍ରେରଣା ଅନୁସାରେ ଆଚରଣ କରିପାରନ୍ତି।

*

ପ୍ରଶ୍ନ : ଲୋକ-କଲ୍ୟାଣ ଯଦି ଜୀବନର ପରମ ଲକ୍ଷ୍ୟ ହୁଏ, ତେବେ ସତ୍ୟ, ଶାନ୍ତି, ଦୟା, କ୍ଷମା – ଏହି ଚତୁର୍ବିଧ ଗୁଣପ୍ରାପ୍ତି ସକାଶେ ସ୍ୱତନ୍ତ୍ର ସାଧନାର ଆବଶ୍ୟକତା କ'ଣ ?

ଉତ୍ତର : ମାନବ-ଜୀବନର ପରମ ଲକ୍ଷ୍ୟ ଲୋକ-କଲ୍ୟାଣ କରିବା କିଂବା ସତ୍ୟ, ଶାନ୍ତି, ଦୟା, କ୍ଷମାଦି ଗୁଣପ୍ରାପ୍ତି କରିବା ନୁହେଁ। ତାହାର ପରମ ଲକ୍ଷ୍ୟ – ଭଗବାନଙ୍କୁ ପୂର୍ଣ୍ଣରୂପେ ମନ, ପ୍ରାଣ, ଶରୀରରେ ଅଭିବ୍ୟକ୍ତ କରିବା; ଅର୍ଥାତ୍ ଏହି ସଂସାରରେ ତାଙ୍କୁ ପ୍ରକଟ କରିବା।

ମନୁଷ୍ୟ ଯେବେ ଭଗବାନଙ୍କୁ ପ୍ରାପ୍ତ ହେବାକୁ ଅଗ୍ରସର ହୁଏ, ଅର୍ଥାତ୍ ସାଧନା କରେ, ତେବେ ସତ୍ୟ, ଶାନ୍ତି, ଦୟା, କ୍ଷମା ଆଦି ଗୁଣ ସ୍ୱତଃ ପ୍ରାପ୍ତ ହୁଏ ଏବଂ ତାହା ଦ୍ୱାରା ଲୋକ-କଲ୍ୟାଣ ମଧ୍ୟ ସାଧିତ ହୁଏ। କାରଣ ଭଗବାନ୍ ସମସ୍ତ ଦିବ୍ୟଗୁଣର ମୂଳସ୍ରୋତ ଓ କଲ୍ୟାଣସ୍ୱରୂପ। ଭଗବାନଙ୍କୁ ପ୍ରାପ୍ତ ହେଲେ ମନୁଷ୍ୟର ସମସ୍ତ ଅଂଶ ଭଗବାନଙ୍କ ସଙ୍ଗେ ଯୁକ୍ତ ହୁଏ। ଭଗବାନଙ୍କ ସଙ୍ଗେ ମନୁଷ୍ୟର ମନ, ପ୍ରାଣ, ଶରୀର ଏକ ହୋଇଗଲେ ତାଙ୍କର ଦିବ୍ୟଗୁଣ ମନୁଷ୍ୟ ମଧ୍ୟରେ ପ୍ରକାଶିତ ହୁଏ ଏବଂ ତାଙ୍କ ଦିବ୍ୟଶକ୍ତି ତାକୁ ପରିଚାଳନା କରେ। ତେବେ ସେ ଅହଂକାର ଓ ସ୍ୱାର୍ଥପରତା ଆଦି ଦୁର୍ଗୁଣରୁ ମୁକ୍ତ ହୁଏ ଆଉ ଲୋକସେବା ସକାଶେ ଉପଯୁକ୍ତ ହୁଏ। ସେତେବେଳେ ତା'ର ବ୍ୟକ୍ତିଗତ ଅଭିରୁଚି କିଛି ନ ଥାଏ। ସେ ଚାଳିତ ହୁଏ ଭଗବାନଙ୍କ ଦ୍ୱାରା, ହୁଏ ଭଗବତ୍ ଯନ୍ତ୍ର। ଲୋକସେବାଦି ସାଂସାରିକ କର୍ମରେ ତାହାର ଅହଂକାର ହୁଏ ନାହିଁ। ସେ ସ୍ପଷ୍ଟରୂପେ ଦେଖେ ଓ ଜାଣେ ଯେ ଏହି ଲୋକସେବା କର୍ମ ଭଗବାନଙ୍କର ଏବଂ ସମସ୍ତ ଦିବ୍ୟଗୁଣ ତା' ମଧ୍ୟରେ ଭଗବାନଙ୍କଠାରୁ ଆସୁଛି ଓ ସେ ଭଗବାନଙ୍କ ଦ୍ୱାରା ପରିଚାଳିତ ହେଉଛି।

ଭଗବାନଙ୍କୁ ପ୍ରାପ୍ତ ହେବା ଲକ୍ଷ୍ୟ ନ ରଖି ଯଦି କେବଳ ଲୋକସେବା ଲକ୍ଷ୍ୟ ରଖାଯାଏ, ତେବେ ଏହି କାର୍ଯ୍ୟ ହୁଏ ମନ-ନିର୍ମିତ ଓ ପ୍ରାଣ ଦ୍ୱାରା ପରିଚାଳିତ। ଏଥିରେ ଅହଂକାର ଓ ସ୍ୱାର୍ଥପରତା ଆସି କାର୍ଯ୍ୟକୁ ବିକୃତ କରେ ଓ ନଷ୍ଟ କରିଦିଏ। କେବେ କେବେ ଭଗବାନଙ୍କ ଅଭିପ୍ରେତ ଦେଶସେବାଦି କାର୍ଯ୍ୟ ମନୁଷ୍ୟ କରେ, ସେ ଅଜ୍ଞାତଭାବେ ଭଗବାନଙ୍କ ପ୍ରେରଣା ମଧ୍ୟ ପାଏ। କିନ୍ତୁ ଯଦି ସେ ଏ ବିଷୟରେ ସଚେତ ହୁଏ ଏବଂ ଭଗବତ୍ ନିର୍ଦ୍ଦେଶ ପାଇବାକୁ ସତତ ଅଭୀପ୍ସା କରେ, ତେବେ ସେ ଭଗବତ୍ ନିର୍ଦ୍ଦେଶ ବରାବର ପାଏ, ଭଗବାନଙ୍କୁ ମଧ୍ୟ ପ୍ରାପ୍ତ ହୁଏ। ସମସ୍ତ କ୍ଷେତ୍ରରେ ଏପରି ହୁଏ ନାହିଁ। ଅଧିକାଂଶ ସମୟରେ ନିଜ ଭିତରେ ଥିବା ଅଶୁଦ୍ଧ ଗତିବୃତ୍ତି, ପ୍ରବୃତ୍ତି ଓ ଦୁର୍ଗୁଣ ଆସି ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ବାଧା ରୂପ ଧାରଣ କରି ଛିଡ଼ା ହୁଏ, ତାଙ୍କୁ ଜାଣିବାକୁ ଦିଏ ନାହିଁ। ସୁତରାଂ ଯଥାର୍ଥରେ ଦେଶସେବା କାର୍ଯ୍ୟ ହୁଏ ଭଗବାନଙ୍କୁ ପ୍ରାପ୍ତ ହେବା ପରେ।

ଉଦାହରଣ ସ୍ୱରୂପ ଭାରତ ସ୍ୱତନ୍ତ୍ର ହେବା ଭଗବାନଙ୍କ ନିର୍ଦ୍ଧାରିତ କାର୍ଯ୍ୟ ଥିଲା। ସେଥିରେ କାର୍ଯ୍ୟ କରୁଥିବା କେତେକ ବ୍ୟକ୍ତି ଅଜ୍ଞାତ ରୂପେ ମଧ୍ୟ ଭଗବାନଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲେ। କିନ୍ତୁ ସେମାନେ ଭଗବାନଙ୍କ ନିର୍ଦ୍ଦେଶକୁ ଜାଣିବାକୁ, ସେହି ଅନୁସାରେ ପରିଚାଳିତ ହେବାକୁ ପ୍ରଯତ୍ନ କଲେ ନାହିଁ କିଂବା ସଚେତ ହେଲେ ନାହିଁ। ସୁତରାଂ ଭଗବାନଙ୍କ ସଂକଳ୍ପ ଥିବାରୁ ସ୍ୱରାଜ୍ୟ ମିଳିଗଲା। କିନ୍ତୁ ଖୁବ୍ କମ୍ ଲୋକଙ୍କ ସମ୍ବନ୍ଧେ କହିବା କଠିନ, ସେମାନଙ୍କ ଛଡ଼ା ଅନେକ ବ୍ୟକ୍ତିଙ୍କର ହୃଦୟ, ମନ ଓ ପ୍ରାଣ କିଛି ମାତ୍ର ପରିବର୍ତ୍ତିତ ହେଲା ନାହିଁ। ଶେଷରେ ମନୁଷ୍ୟର ଦୁର୍ବଳତା, ଦୁର୍ଗୁଣ ଆସି କାର୍ଯ୍ୟକୁ ଏକେବାରେ ବିକୃତ କରିଦେଲା।

*

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଯାଉଛି ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କୁ ପ୍ରାପ୍ତ ହେବା ସକାଶେ ଦେଶସେବାଦି କାର୍ଯ୍ୟ

ତ୍ୟାଗ କରି ସାଧନା ଦ୍ୱାରା ପ୍ରଥମେ ଭଗବାନଙ୍କୁ ପ୍ରାପ୍ତ କରିବେ, ପରେ ଭଗବାନଙ୍କ ନିର୍ଦ୍ଦେଶ ହେଲେ ଦେଶର ମଙ୍ଗଳ ସକାଶେ କାର୍ଯ୍ୟ କରିବେ ।

ଉତ୍ତର : ଯେଉଁମାନଙ୍କର ଜୀବନର ଏକମାତ୍ର ଲକ୍ଷ୍ୟ ଭଗବାନଙ୍କୁ ପ୍ରାପ୍ତ ହେବା ଆଉ ସେଥିରେହିଁ ଜଗତର କଲ୍ୟାଣ, ସେମାନଙ୍କ ସକାଶେ ଏହା ଠିକ୍; ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ଏହା ଠିକ୍ ନୁହେଁ । କାରଣ ପ୍ରତ୍ୟେକଙ୍କର ସ୍ୱଭାବ ଓ ରୁଚି ଭିନ୍ନ ।

ଯେଉଁମାନେ ଦେଶସେବା ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ ହେବାକୁ ଚାହାନ୍ତି, ସେମାନଙ୍କୁ ଦେଶସେବା କାର୍ଯ୍ୟକୁ ସାଧନା ରୂପେ ଗ୍ରହଣ କରିବାକୁ ହେବ ଏବଂ ତାହାର ଫଳ ଭଗବତ୍ ପ୍ରାପ୍ତି ବୋଲି ମାନିବାକୁ ହେବ । ତେବେ ସେ ଅହଂକାର, ସ୍ୱାର୍ଥପରତା ଆଦି ଦୁର୍ଗୁଣରୁ ମୁକ୍ତ ହେବେ । ତାଙ୍କର ମନ-ପ୍ରାଣ-ଶରୀର ଶୁଦ୍ଧ ହେବ, ଶେଷରେ ସେ ଭଗବାନଙ୍କୁ ପ୍ରାପ୍ତ ହୋଇପାରିବେ ।

*

ପ୍ରଶ୍ନ : ମୋ ମତରେ 'ଈଶ୍ୱର'ଙ୍କର କୌଣସି ଆବଶ୍ୟକତା ନାହିଁ । ମନୁଷ୍ୟର ଲକ୍ଷ୍ୟ ସୁଖ-ଶାନ୍ତିମୟ ଜୀବନ ଯାପନ କରିବା । ଭୋଜନ-ବସ୍ତ୍ରପ୍ରାପ୍ତିର ଉପାୟ କରିବା; ପରିବାର, ଗ୍ରାମ, ଜାତି ଓ ଦେଶର ପ୍ରତ୍ୟେକ ବ୍ୟକ୍ତି ସହିତ ଭଲଭାବେ ବ୍ୟବହାର କରିବା; ହିଂସା ଓ ଅନ୍ୟର ଅନିଷ୍ଟସାଧନରୁ ନିବୃତ୍ତ ହୋଇ ପରସ୍ପର ଭ୍ରାତୃତ୍ୱସ୍ଥାପନ କରିବା । ଏହାହିଁ ସୁଖମୟ ଜୀବନ । କ'ଣ ମନୁଷ୍ୟର ଏହା ଲକ୍ଷ୍ୟ ହେବା ଯୁକ୍ତିଯୁକ୍ତ ନୁହେଁ ?

ଉତ୍ତର : ଏହା ଯୁକ୍ତିଯୁକ୍ତ, କିନ୍ତୁ ପ୍ରାପ୍ତ ହୋଇଛି କେଉଁଠି ? ଏହି ଲକ୍ଷ୍ୟ ଭଗବତ୍ ଉପଲବ୍ଧି ଛଡ଼ା ଅନ୍ୟ କୌଣସି ଉପାୟରେ ପ୍ରାପ୍ତ ହୁଏ ନାହିଁ । ଏହି ସକାଶେ ଈଶ୍ୱରଙ୍କର ଆବଶ୍ୟକତା । ସୁଖ-ଶାନ୍ତିମୟ ଜୀବନ, ଗ୍ରାମ, ଜାତି ଏବଂ ଦେଶର ପ୍ରତ୍ୟେକ ବ୍ୟକ୍ତି ସହିତ ଭଲ ବ୍ୟବହାର, ଭୋଜନ-ବସ୍ତ୍ରପ୍ରାପ୍ତି ଏବଂ ଦେଶର ଉନ୍ନତି ଉଦ୍ଦେଶ୍ୟରେ କର୍ମ ହୁଏ ନିଃସ୍ୱାର୍ଥପର । ଏହା ପ୍ରାପ୍ତ ହୁଏ ଭଗବତ୍ ଉପଲବ୍ଧିରେ । ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସମସ୍ତ କର୍ମର ଅର୍ଥ ଅଧ୍ୟାତ୍ମ । ଅଧ୍ୟାତ୍ମ ଏବଂ କର୍ମ ଏହି ଉଭୟର ସଂଯୋଗରେ ହୁଏ ନିଜର, ସମାଜର, ଜାତିର, ଦେଶର ଏବଂ ସମସ୍ତ ସଂସାରର ସ୍ଥାୟୀ ଉନ୍ନତି । ଅଧ୍ୟାତ୍ମ ବା ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟ ବାଦ୍ ଦେଇ ସୃଷ୍ଟି ଆରମ୍ଭରୁ ଏହି ଉନ୍ନତି ସକାଶେ କର୍ମ ହୋଇଆସୁଛି ଏବଂ ବ୍ୟର୍ଥରେ ପରିଣତ ହେଉଅଛି । ତୁମେ ଜୀବନର ଯେଉଁ ଲକ୍ଷ୍ୟ ସମ୍ବନ୍ଧେ କହୁଛ ତାହାର ଶୁଦ୍ଧ ସ୍ୱରୂପ ହେଲା ଏହି – ଦ୍ୱନ୍ଦ୍ୱରୁ ମୁକ୍ତି, ପରମାନନ୍ଦ, ପରମ ଶାନ୍ତିମୟ ଜୀବନ-ଯାପନ । ଏହି ପରମାନନ୍ଦ, ଭୋଜନ-ବସ୍ତ୍ର ପ୍ରାପ୍ତ ହେଲେ, ପରିବାର ପ୍ରସନ୍ନତାରେ ରହିଲେ ବା ନାମ-ଯଶଃର ବୃଦ୍ଧି ହେଲେ ପ୍ରାପ୍ତ ହୁଏ ନାହିଁ । ସାଂସାରିକ ସକଳ ବସ୍ତୁ ନଶ୍ୱର; ସେଥିରେ ମନୁଷ୍ୟକୁ ସ୍ଥାୟୀ ସୁଖ କେବେ ବି ମିଳେ ନାହିଁ, ସର୍ବଦା ସୁଖ ସଙ୍ଗେ ଦୁଃଖ ମିଶି ଥାଏ । କିନ୍ତୁ ମନୁଷ୍ୟ ଚାହେଁ, କେବଳ ସୁଖ ଓ ଅବିମିଶ୍ର ଆନନ୍ଦ । ମନୁଷ୍ୟ ଅଜ୍ଞାନତାବଶତଃ ଯେଉଁ ଆନନ୍ଦ ଚାହେଁ, ତାହାର ଶୁଦ୍ଧ ସ୍ୱରୂପହିଁ ପରମାନନ୍ଦ; ସେହି ପରମାନନ୍ଦହିଁ ଭଗବାନ୍ । କିନ୍ତୁ ସେ ଭ୍ରମରେ ସେହି ପରମାନନ୍ଦଙ୍କୁ ସଂସାର ବିଷୟରେ ଚାହେଁ, ସେହି ସକାଶେ ତାକୁ ମିଳେ ନାହିଁ । ଭଗବାନଙ୍କ ସ୍ୱରୂପ ହେଲା ସତ୍-ଚିତ୍-ଆନନ୍ଦ, ପରମ ଆନନ୍ଦ, ବ୍ରହ୍ମନ୍; ଯେଉଁ ବ୍ରହ୍ମ ସେହି ରାମ, କୃଷ୍ଣ, ବିଷ୍ଣୁ ରୂପେ ଅବତାର ନିଅନ୍ତି । ନାମରେ କିଛି ଯାଏ ଆସେ ନାହିଁ । ଭଗବାନ୍ ଶବ୍ଦକୁ ବାଦ୍ ଦିଅ । ପରମାନନ୍ଦ ପ୍ରାପ୍ତି ମନୁଷ୍ୟର ଚରମ ଲକ୍ଷ୍ୟ, ଏହା ତୁମେ ସ୍ୱୀକାର କରୁଛ, ଏଥିରେ କାହାରି ପ୍ରତିବାଦ କରିବାର କିଛି ନାହିଁ । କିନ୍ତୁ ମନୁଷ୍ୟ ସଂସାରରେ ଯେଉଁ କାର୍ଯ୍ୟ କରୁଛି ସେହି କାର୍ଯ୍ୟ ତାହାର ଲକ୍ଷ୍ୟ ନୁହେଁ, ପରମାନନ୍ଦହିଁ ଲକ୍ଷ୍ୟ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ପରମାନନ୍ଦକୁ ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ଜନ୍ମ-ମରଣଦ୍ୱନ୍ଦ୍ୱରୁ ମୁକ୍ତ ହେବ ନାହିଁ । ଭଗବାନ୍ ଅଛନ୍ତି କି ନାହିଁ,– ଏ ବିଷୟରେ ବାଦବିବାଦ କରିବାର ଆଉ ଆବଶ୍ୟକତା ନାହିଁ । ସର୍ବସମ୍ମତ ସିଦ୍ଧାନ୍ତ ହେଲା ମନୁଷ୍ୟକୁ ଅବିମିଶ୍ର ଆନନ୍ଦ ପ୍ରାପ୍ତି କରିବାକୁ ହେବ । ଏହି ଆନନ୍ଦ କୌଣସି ସାଂସାରିକ ବସ୍ତୁରେ ପ୍ରାପ୍ତ ହେବ ନାହିଁ, ହେବ ନିଜ ମଧ୍ୟରେ । ଏହି ଆନନ୍ଦ ପ୍ରାପ୍ତି କରିବାକୁ ପ୍ରଯତ୍ନ କଲେ ସ୍ୱୟଂ ବୁଝିପାରିବେ ଭଗବାନ୍ ସତ୍ୟ ଅଥବା ଅସତ୍ୟ । ସେତେବେଳେ କାହାରିକୁ ପଚାରିବାକୁ ପଡ଼ିବ ନାହିଁ । ଯେଉଁମାନେ ନିଜ ସମ୍ବନ୍ଧରେ କିଛି ଜାଣନ୍ତି ନାହିଁ କିଂବା ଜାଣିବାକୁ ଚାହାନ୍ତି ନାହିଁ,

ସେମାନେ ଶୁଖିଲା ଯୁକ୍ତି କରନ୍ତି । ନିଜ ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ଭଗବତ୍ ଜ୍ଞାନ ଅବଶ୍ୟ ହୁଏ । କାରଣ ଅବିମିଶ୍ର ସୁଖପ୍ରାପ୍ତ କରିବାକୁ ହେଲେ ତାହାର ସାଧନ ହେବ – ସତ୍ୟ, ସନ୍ତୋଷ, ଦୟା ନିଃସ୍ୱାର୍ଥ ଆଚରଣ ଏବଂ ହିଂସା-ଦ୍ୱେଷ-ଈର୍ଷ୍ୟା-ବିରୋଧ-ସ୍ୱାର୍ଥ ଆଦି ଦୁର୍ଗୁଣ ତ୍ୟାଗ । ଏହିପରି ଆଚରଣରେ ହୃଦୟ ଶୁଦ୍ଧ ହୁଏ, ସତ୍ୟାସତ୍ୟର ଜ୍ଞାନ ହୁଏ । ଜ୍ଞାନ ଦ୍ୱାରାହିଁ ଭଗବାନଙ୍କୁ ଜାଣି ହୁଏ ।

*

ପ୍ରଶ୍ନ : ଏହି ଯେଉଁ ସଦ୍‌ଗୁଣ ଆଚରଣ ଓ ଅସଦ୍‌ଗୁଣ ତ୍ୟାଗ ଦ୍ୱାରା ପରମାନନ୍ଦ ପ୍ରାପ୍ତି ବୋଲି କହିଲେ, ତାହାର ଉପାୟ କ'ଣ ?

ଉତ୍ତର : ଏହାର ଉପାୟ ପୁରାତନ ଯୋଗରେ ଭିନ୍ନ ଭିନ୍ନ ରୂପେ ଯଦିଓ ନିର୍ଦ୍ଦେଶିତ ହୋଇଅଛି ତଥାପି ଏପର୍ଯ୍ୟନ୍ତ ମନୁଷ୍ୟ ପୂର୍ଣ୍ଣ ରୂପେ ଏହାକୁ ସମସ୍ତ ସତ୍ତାରେ ଉପଲବ୍‌ଧ୍ କରିପାରି ନାହିଁ; ଏହା ପୂର୍ଣ୍ଣ ରୂପେ, ସମସ୍ତ ସତ୍ତାରେ ମନୁଷ୍ୟ ଉପଲବ୍‌ଧ୍ କରେ 'ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଯୋଗ'ରେ ।

*

ପ୍ରଶ୍ନ : ବୈଦିକ ଯୁଗରେ ଏତେ ବଡ଼ ବଡ଼ ଋଷି, ମୁନି ଆଧୁନିକ ଯୁଗରେ କେତେ ବଡ଼ ବଡ଼ ମହାତ୍ମା, ମହାପୁରୁଷ ଆସି ଅଧ୍ୟାତ୍ମ ସତ୍ୟ ଉପଲବ୍‌ଧ୍ କଲେ, ସେମାନଙ୍କର ଯଦି ପୂର୍ଣ୍ଣତା ପ୍ରାପ୍ତି ହୋଇପାରିଲା ନାହିଁ, କେବଳ ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ପ୍ରାପ୍ତ ହେବ କିପରି ?

ଉତ୍ତର : ଘରର ନକ୍‌ସା ବା କୌଣସି ବଡ଼ ବଡ଼ କଳକାରଖାନାର ନକ୍‌ସା ତିଆରି କରନ୍ତି ବଡ଼ ଇଞ୍ଜିନିୟର୍ । ସେହି ନିର୍ଦ୍ଦେଶ ଦିଅନ୍ତି; କିନ୍ତୁ ଦିନକରେ କିଂବା ଏକ ସମୟରେ ତାହା ପୂର୍ଣ୍ଣ ହୁଏ ନାହିଁ । ଭିନ୍ନ ଭିନ୍ନ ବ୍ୟକ୍ତି କାର୍ଯ୍ୟ କରନ୍ତି ଏବଂ ଶେଷରେ ଯେଉଁ ବ୍ୟକ୍ତି କାର୍ଯ୍ୟ ସମାପ୍ତ କରନ୍ତି ତାଙ୍କରି ଦ୍ୱାରା କାର୍ଯ୍ୟ ପୂର୍ଣ୍ଣ ହୁଏ । ଠିକ୍ ସେହିପରି ଏହି ସଂସାର ଭଗବାନଙ୍କର । ଏହି ସଂସାରରେ ଯେଉଁ ସମୟରେ ଯେଉଁ ସତ୍ୟ ମନୁଷ୍ୟ-ସମାଜ ପାଇଁ ଯେପରି ଆବଶ୍ୟକ ହୁଏ ସେହି ଅନୁସାରେ ଭଗବାନ୍ ବ୍ୟବସ୍ଥା କରନ୍ତି । ନିଜେ ଅବତାର ନେଇ ଅଥବା ବିଭୂତି-ମହାପୁରୁଷଙ୍କୁ ପଠାଇ ସମୟୋପଯୋଗୀ ସତ୍ୟର ଶିକ୍ଷା ମନୁଷ୍ୟକୁ ଦିଅନ୍ତି । ଏଥିରେ ବଡ଼ସାନର ପ୍ରଶ୍ନ ନାହିଁ, ଏପରି ଧାରଣା ସଂକୁଚିତ, ଅଶୁଦ୍ଧ ଓ ସୀମିତ ମନର । ବୁଦ୍ଧଦେବଙ୍କ ସମୟୋପଯୋଗୀ ଶିକ୍ଷାର ପରେ ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ଆସି ସେହି ସମୟର ମାନବ ଚେତନାର ଅନୁକୂଳ ଶିକ୍ଷା ଦେଲେ । ବର୍ତ୍ତମାନ ସେହି ପୁରାତନ ଅଧ୍ୟାତ୍ମ-ଶିକ୍ଷା ମନୁଷ୍ୟ-ଚେତନାର ଅନୁକୂଳ ନୁହେଁ, ସେଥିରେ ପୂର୍ଣ୍ଣତା ମଧ୍ୟ ନାହିଁ । ସେଥିପାଇଁ ମା'ଶ୍ରୀଅରବିନ୍ଦ ଆସି ଏହି ଯୁଗୋପଯୋଗୀ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଶିକ୍ଷା ମାନବସମାଜ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି ।

*

ପ୍ରଶ୍ନ : ପୁରାତନ ଅଧ୍ୟାତ୍ମ ଶିକ୍ଷାରେ ମନୁଷ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ, ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ପ୍ରାପ୍ତ ହୁଏ, ଏହି ଉଭୟ ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ମନୁଷ୍ୟର ଯେଉଁ ଲକ୍ଷ୍ୟ ପରମାନନ୍ଦ, ତାହା ସେ ଚାହେଁ ମନରେ, ପ୍ରାଣରେ, ଶରୀରରେ, ସମାଜରେ, ଦେଶରେ ଓ ସକଳ କ୍ଷେତ୍ରରେ, ଖାଲି ଆତ୍ମାରେ ନୁହେଁ । ପୁରାତନ ସମସ୍ତ ଯୋଗ ମନୁଷ୍ୟର ଏହି ଚାହିଦା ପୂରା କରେ ନାହିଁ; ଶରୀର-ମନ-ପ୍ରାଣର ଚାହିଦାକୁ ବାଦ୍ ଦେଇ, ଘର-ପରିବାର-ସମାଜକୁ ତ୍ୟାଗ କରି, କେବଳ ଆତ୍ମାକୁ ପରମାନନ୍ଦ ପ୍ରାପ୍ତ କରାଏ । ସେଥିପାଇଁ ମନୁଷ୍ୟର ଉପଲବ୍‌ଧ୍ ଅପୂର୍ଣ୍ଣ ରହେ । ଏହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ଆତ୍ମା, ମନ, ପ୍ରାଣ, ଶରୀର ସମସ୍ତ ଆସିଛି ଭଗବାନଙ୍କଠାରୁ । ସଂସାର ହେଲା ଭଗବାନଙ୍କ ରୂପ, ''ଏକୋଽହଂ ବହୁସ୍ୟାମ୍'' । ଆତ୍ମା ଶୁଦ୍ଧସ୍ୱରୂପରେ ଅଛି; ମନ, ପ୍ରାଣ, ଶରୀର ବିକୃତ ହୋଇ ଯାଇଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀର ତା'ର ମୂଳ-ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି । ଏସବୁକୁ ତ୍ୟାଗ କରିବାକୁ ହୁଏ ନାହିଁ । ଆତ୍ମା ଯେପରି ପରମାନନ୍ଦ ଉପଲବ୍‌ଧ୍ କରେ, ଏସବୁ ବି ସେହିପରି ପରମାନନ୍ଦ ଉପଲବ୍‌ଧ୍ କରନ୍ତି ।

*

ପ୍ରଶ୍ନ : ମନ-ପ୍ରାଣ-ଶରୀରରେ ପୂର୍ଣ୍ଣତା ଏବଂ ପରମାନନ୍ଦ ପ୍ରାପ୍ତି ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ କାମ୍ୟ । ଯେଉଁମାନେ ପୁରାତନ ଯୋଗର ସାଧକ, ଯେଉଁମାନଙ୍କର ଗୁରୁ ଅଛନ୍ତି, ସେମାନେ ନିଜର ସାଧନା, ନିଜ ଗୁରୁଙ୍କୁ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ଅନ୍ୟ ଗୁରୁଙ୍କୁ ଗ୍ରହଣ କରିବେ କିପରି ? ଶାସ୍ତ୍ରରେ ଗୁରୁନିଷ୍ଠାର ବହୁତ ମହତ୍ତ୍ୱ, ଗୁରୁତ୍ୟାଗର ବହୁତ ଅପରାଧ କୁହାହୋଇଛି । ଏହାର ସମାଧାନ କ'ଣ ?

ଉତ୍ତର : ମନୁଷ୍ୟ ଯେଉଁ ସାଧନା କରେ, ଯେଉଁ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିଥାଏ ତାକୁ ଏକେବାରେ ତ୍ୟାଗ କରି ଅନ୍ୟ ଏକ ନୂତନ ବସ୍ତୁ ଗ୍ରହଣ କଲେ ସାଧନା ତ୍ୟାଗ ବା ଗୁରୁତ୍ୟାଗ ହୁଏ । କିଛି ବି ଛାଡ଼ି ଅଧିକ କିଛି ଗ୍ରହଣ କରିବାରେ ପୁରାତନ ଯୋଗ ଛାଡ଼ିବା ହୁଏ ନାହିଁ କିଂବା ଗୁରୁଙ୍କୁ ପରିତ୍ୟାଗ କରାହୁଏ ନାହିଁ ।

ପିଲା ନିମ୍ନ ପ୍ରାଇମେରୀରେ ଯାହା ଶିକ୍ଷା ଲାଭ କରିଥାଏ, ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲେ ପୂର୍ବ ଶିକ୍ଷାକୁ ତ୍ୟାଗ କରି ନୂତନ ଶିକ୍ଷା ଗ୍ରହଣ କରେ ନା ପୂର୍ବ ଶିକ୍ଷାକୁ ଆଧାର କରି ତାହାରି ସାହାଯ୍ୟରେ ନୂତନ ଶିକ୍ଷା ଗ୍ରହଣ କରେ ? ଏଥିରେ ଯଦି ପୂର୍ବ ଶିକ୍ଷା ତ୍ୟାଗ ହୁଏ ନାହିଁ, ତେବେ ପୂର୍ବ ଶିକ୍ଷକ ତ୍ୟାଗର ପ୍ରଶ୍ନ ଉଠେ ନାହିଁ । ଏହିପରି ସମସ୍ତ ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ଯୋଗର ସାଧକ ତାହାର ପୁରାତନ ଶିକ୍ଷାକୁ ତ୍ୟାଗ ନ କରି ଶ୍ରୀଅରବିନ୍ଦଙ୍କ ଯୋଗକୁ ନୂତନ ରୂପେ ଗ୍ରହଣ କରେ ଏବଂ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ । ପ୍ରତ୍ୟେକ ମନୁଷ୍ୟର ପୂର୍ଣ୍ଣତା ହେଲା କାମ୍ୟ । ସେଥିପାଇଁ ସମସ୍ତ ସଂପ୍ରଦାୟର ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ସେମାନଙ୍କର ପୂର୍ବ ସାଧନା ଏବଂ ଲକ୍ଷ୍ୟ ପୂର୍ଣ୍ଣ ହୁଏ ।

*

ପ୍ରଶ୍ନ : ଛାତ୍ରର ଯେଉଁ ଉଦାହରଣ ଦେଲେ, ଏହା ନୂତନ ନୁହେଁ, ପୁରାତନ । ଏହି ଉଦାହରଣ ଥିବା ସତ୍ତ୍ୱେ ଶାସ୍ତ୍ର ଏବଂ ଶ୍ରେଷ୍ଠ ବ୍ୟକ୍ତିମାନେ ଗୁରୁତ୍ୟାଗ ଓ ସାଧନା ମାର୍ଗ ତ୍ୟାଗକୁ ନିଷେଧ ଘୋଷଣା କଲେ କାହିଁକି ?

ଉତ୍ତର : ସେତେବେଳେ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟାତ୍ମକ ପୂର୍ଣ୍ଣଯୋଗର ଆବିଷ୍କାର ହୋଇ ନ ଥିଲା । ସେ ସମୟରେ ପ୍ରତ୍ୟେକ ଯୋଗ, ଏକ ଅନ୍ୟର ବିରୋଧୀ ଥିଲା । ଗୋଟିଏ ସାଧନା ମାର୍ଗ ଛାଡ଼ି ଯଦି ଅନ୍ୟ ସାଧନା ମାର୍ଗ ଗ୍ରହଣ କରିବାକୁ ହେଉଥିଲା ତେବେ ପଶ୍ଚିମ ଦିଗର ଯାତ୍ରୀ ସଦୃଶ ପଶ୍ଚିମ ଦିଗରୁ ଫେରି ପୂର୍ବ ଦିଗକୁ ଯାତ୍ରାରମ୍ଭ କରିବାକୁ ହେଉଥିଲା, ଅର୍ଥାତ୍ ପୂର୍ବ ସାଧନା ଏକେବାରେ ଛାଡ଼ି ନୂତନ ସାଧନା ପ୍ରଣାଳୀ ଗ୍ରହଣ କରିବାକୁ ହେଉଥିଲା ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଏପରି ନୁହେଁ । ପୂର୍ବ ଯୋଗ ପରି ଭଗବାନଙ୍କର ଗୋଟିଏ ଗୋଟିଏ ଦିଗ ସାକାର, ନିରାକାର ବା ଭକ୍ତି ଅଥବା ଜ୍ଞାନ ଆଦି ମଧ୍ୟରୁ ଗୋଟିକୁ ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତ କରାଯାଏ ନାହିଁ, ପ୍ରାପ୍ତ କରାଯାଏ ଭଗବାନଙ୍କର ସାକାର, ନିରାକାର, ଜ୍ଞାନ, ଭକ୍ତି, ସତ୍-ଚିତ୍-ଆନନ୍ଦ ପୂର୍ଣ୍ଣ ସ୍ୱରୂପକୁ । ଯେଉଁ ସଚ୍ଚିଦାନନ୍ଦଙ୍କର ଗୋଟିଏ ଦିଗ ସାକାର, ଅନ୍ୟ ଗୋଟିଏ ଦିଗ ନିରାକାର; ଏକ ସଙ୍ଗେ ସେ ଉଭୟର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ତତ୍ତ୍ୱ ରୂପେ ବିଦ୍ୟମାନ । ତାଙ୍କର ସ୍ୱରୂପହିଁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଭକ୍ତି ଓ ପୂର୍ଣ୍ଣଶାନ୍ତି ।

''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ଭାଗରେ ଭଗବାନଙ୍କ ଅସ୍ତିତ୍ୱ, ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ପାର୍ଥକ୍ୟ କ'ଣ, ଏବଂ ପୂର୍ଣ୍ଣତା କ'ଣ, ସମସ୍ତ ପୁରାତନ ଯୋଗର ସାଧକମାନଙ୍କୁ ଶ୍ରୀଅରବିନ୍ଦ ଯୋଗ-ଗ୍ରହଣର ଆବଶ୍ୟକତା, ପୂର୍ବ ଗୁରୁଙ୍କୁ ତ୍ୟାଗ ନ କରି କିପରି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରାଯାଏ,– ଏସବୁ ବିଷୟରେ ଶାସ୍ତ୍ରାନୁକୂଳ ଯୁକ୍ତିତର୍କ ଦ୍ୱାରା ଆଲୋଚନା ହୋଇଅଛି । ଏଠାରେ କଳେବର ବୃଦ୍ଧି ନ କରିବା ପାଇଁ ଏହିସବୁ ବିଷୟ ବହୁତ ସଂକ୍ଷେପରେ ଆଲୋଚିତ ହେଲା ।

*

ପ୍ରଶ୍ନ : ସଂସାରର କାର୍ଯ୍ୟ, ଚାକିରି ଅଧ୍ୟାତ୍ମ ସାଧନାରେ ବାଧକ ବୋଲି ପ୍ରତୀତ ହେଉଛି, ଏହାକୁ କ'ଣ ତ୍ୟାଗ କରିବାକୁ ହେବ ?

ଉତ୍ତର : ନା, ତ୍ୟାଗ କରିବାକୁ ହେବ ନାହିଁ, ଏହି ସାଂସାରିକ କର୍ମ ଓ ଚାକିରି-କର୍ମରେ ଭଗବାନଙ୍କୁ ପ୍ରଘଟ

କରିବାକୁ ହେବ । ଅର୍ଥାତ୍ ପ୍ରଥମରେ ପ୍ରତ୍ୟେକ କର୍ମ କରି ଭଗବାନଙ୍କୁ ଅର୍ପଣ କରନ୍ତୁ । ପରେ ସାଧନାରେ ଆଉ କିଛି ଦୂର ଅଗ୍ରସର ହେଲେ ଭାଗବତୀ ଶକ୍ତି ଆପଣଙ୍କ ମଧ୍ୟରେ କର୍ମ କରୁଛନ୍ତି ବୋଲି ଅନୁଭୂତିରେ ପ୍ରାପ୍ତ ହେବ । ଏହି ବିଷୟ ଅନେକ ସ୍ଥାନରେ ଆଲୋଚିତ ହୋଇଛି ।

*

ପ୍ରଶ୍ନ : ନିଜକୁ ଅସହାୟ ମନେ କରୁଛି, ମା'ଙ୍କ ପାଖରୁ ଦୂର ହୋଇଯିବା ପରି ମନେହେଉଛି, ସାଧନା ଦୁଃସାଧ୍ୟ ପ୍ରତୀତ ହେଉଛି, ଏହାର ପ୍ରତିକାର କ'ଣ ?

ଉତ୍ତର : ଏହିସବୁ ବିଚାର ଏବଂ ଧାରଣାକୁ ତ୍ୟାଗ କରିବାହିଁ ଏହାର ପ୍ରତିକାର । ଏହିସବୁ ଧାରଣା ବିରୋଧୀ ଶକ୍ତିର । ମନୁଷ୍ୟ ମଧ୍ୟରେ ବହୁତ ଭାଗ ଅଛି; ବ୍ୟକ୍ତି ସାଧନାରେ ପ୍ରବୃତ୍ତ ହେଲେ ସାଧନାର ଚାପ, ଭାଗବତୀ ଶକ୍ତି ଓ ଜ୍ୟୋତିଃର ପ୍ରଭାବ ସମସ୍ତ ଭାଗରେ ପଡ଼େ । ଯେଉଁ ଭାଗକୁ ଭାଗବତୀ ଶକ୍ତି ରୂପାନ୍ତର କରିବାକୁ ଚାହେଁ, ତାହାରି ଉପରେ ଅଧିକ ଚାପ। ଦିଏ । ସେହି ଭାଗ ବହୁତ ଦିନରୁ ନିଜ ବାସନା, କାମନାର ତୁଷ୍ଟି କରିବାରେ ଅଭ୍ୟସ୍ତ ହୋଇଯାଇଥାଏ; ଭାଗବତୀ ଶକ୍ତିର ଚାପରେ ନିଜ ବାସନା, କାମନା, ପୂର୍ବ ଅଭ୍ୟାସ ଓ ସ୍ୱଭାବ ଛାଡ଼ିବାକୁ ପ୍ରସ୍ତୁତ ନ ହୋଇ ରୂପାନ୍ତରର ବିରୋଧ କରେ, ଆଉ ନାନା ପ୍ରକାର ବିରୋଧୀ ପରାମର୍ଶ ସାଧକକୁ ଦିଏ । ଏହିସବୁ ପରାମର୍ଶ ପ୍ରାଣଗତ ମନର । ଏହାକୁ ବରାବର ତ୍ୟାଗ କରିବାକୁ ହେବ । ସେହି ବିରୋଧୀ ପରାମର୍ଶର ଉତ୍ତରରେ କହିବାକୁ ହେବ, ''ମା' କେବେ ବି ଦୂରକୁ ଯାଆନ୍ତି ନାହିଁ, ତାଙ୍କ ଉପସ୍ଥିତି ସର୍ବଦା ଅବିଚ୍ଛିନ୍ନ ରୂପେ ରହିଛି । କାରଣ ଅନ୍ତରାତ୍ମା (Psychic Being)ର ମା'ଙ୍କ ସଙ୍ଗେ ନିତ୍ୟ ସମ୍ବନ୍ଧ, ତାଙ୍କୁ ଛାଡ଼ି ସେ ରହିପାରେ ନାହିଁ, ଅନ୍ତରାତ୍ମାଙ୍କ ମଧ୍ୟରେ ମା' ନିତ୍ୟ ବାସ କରନ୍ତି, ଅନ୍ତରାତ୍ମା ଶରୀର ମଧ୍ୟରେ ନିବାସ କରେ ।'' ସାଧନା କରନ୍ତି ଭାଗବତୀ ଶକ୍ତି, ସାଧକକୁ କେବଳ ମା'ଙ୍କ ଚରଣରେ ସମର୍ପଣ କରିବାକୁ ହୁଏ, ଅତଏବ ସାଧକ ଯଦି ନିଜେ ସାଧନା କରନ୍ତା ତେବେ ତାହା ଦୁଃସାଧ୍ୟ ହୋଇପାରନ୍ତା । ଭାଗବତୀ ଶକ୍ତି ସାଧନା କରୁଥିବାରୁ ତାଙ୍କ ସକାଶେ କିଛି ବି ଦୁଃସାଧ୍ୟ ନୁହେଁ । ସାଧକ କେବେ ବି ଅସହାୟ ନୁହେଁ, ମା' ବରାବର ସାଧକ ସଙ୍ଗେ ରହିଥା'ନ୍ତି । ସାଧକର ମନ, ପ୍ରାଣ ଯେତେ ଶୁଦ୍ଧ ହୁଏ ସେ ସେତେ ପରିମାଣରେ ମା'ଙ୍କ ଉପସ୍ଥିତି ବୁଝିପାରେ ।

ଆପଣ ନିୟମିତ ରୂପେ ଧ୍ୟାନ କରୁଥା'ନ୍ତୁ । ମନୁଷ୍ୟ ଭଗବାନଙ୍କ ଆଶ୍ରୟ ନେଲେ ତା' ସକାଶେ ଅସମ୍ଭବ ବୋଲି କିଛି ରହେ ନାହିଁ । ସାଧନାର ଚାବିକାଠି ହେଲା ଦୁଇଟି ବସ୍ତୁ : ଗୋଟିଏ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ, ପୂର୍ଣ୍ଣ ନିର୍ଭରତା ରଖିବା, ଅନ୍ୟଟି ଧୈର୍ଯ୍ୟ ରଖି, ହତୋତ୍ସାହ ନ ହୋଇ, ସଫଳତା ଓ ବିଫଳତା, ସକଳ ଅବସ୍ଥାରେ ସାଧନା କରିଚାଲିବା । ଏହି ଦୁଇଟି ବସ୍ତୁ ଥିଲେ ସାଧକର ଲକ୍ଷ୍ୟରେ ପହଞ୍ଚିବା ଧ୍ରୁବ ନିଶ୍ଚିତ ।

ସାଧନା ସଫଳତା ଓ ବିଫଳତା ମଧ୍ୟ ଦେଇ ଗତି କରେ । ଏକେବାରେ ସଫଳତା ହୁଏ ନାହିଁ । ସାଧନାରେ ବିଫଳତାର ଆବଶ୍ୟକତା ଥାଏ । ଏହି ବିଫଳତା ଦ୍ୱାରା ସାଧକର ଅଭୀପ୍ସା ବଢ଼େ, ସାଧନାରେ ତୀବ୍ରତା ଆସେ, ବିଫଳତାର କାରଣ ଜାଣିବାର ଜ୍ଞାନ ପ୍ରାପ୍ତ ହୁଏ, ଭଗବାନଙ୍କ ଶକ୍ତିର ସାହାଯ୍ୟ ଅଧିକାଧିକ ଚାହେଁ ଏବଂ ଏହିସବୁ ଦ୍ୱାରା ତାହା ମଧ୍ୟରେ କ୍ଷେତ୍ର ପ୍ରସ୍ତୁତ ହୁଏ । କିନ୍ତୁ ବିଫଳତାକୁ ଚାହିଁବା ଭୁଲ୍ ।

ଯେଉଁ ସ୍ଥାନରେ ପାଠଚକ୍ର ଖୋଲା ହେଉଛି ସେଠାରେ ଲୋକଙ୍କ ପାଖରେ ''ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ'' ଏବଂ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟମାଳା'' ପହଞ୍ଚିବା ଉଚିତ । ଏସବୁ ସାଧନାରେ ବିଶେଷ ସାହାଯ୍ୟ କରେ ।

*

ପ୍ରଶ୍ନ : ଶାସ୍ତ୍ରରେ ଅଛି ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା'' । ତେବେ ପାର୍ଥିବ ଶରୀର ରୂପାନ୍ତର ହେବ କିପରି ଓ କାହିଁକି ? ମିଥ୍ୟା ବସ୍ତୁର ରୂପାନ୍ତରର ଅର୍ଥ କ'ଣ ?

ଉତ୍ତର : ଯଦି ସବୁ ମିଥ୍ୟା, ତେବେ ତୁମ ଶରୀର ମିଥ୍ୟା, ତୁମ ବାକ୍ୟ ମିଥ୍ୟା, ତୁମ ପ୍ରଶ୍ନ ମିଥ୍ୟା; ଫେର୍ ଉତ୍ତରର ଆବଶ୍ୟକତା କ'ଣ ? ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା''– ଯଦି ଜଗତ୍ ଯଥାର୍ଥରେ ମିଥ୍ୟା ହୁଏ ତେବେ ଜଗତର

ସମସ୍ତ କାର୍ଯ୍ୟ ମିଥ୍ୟା ହେବ, ସୁତରାଂ ଶାସ୍ତ୍ର ସତ୍ୟ ହେବ କିପରି ? ସତ୍ୟ ବସ୍ତୁ ଶାଶ୍ୱତ, ବ୍ରହ୍ମ ସତ୍ୟ ହେବାରୁ ସେ ଅନାଦି; ତାଙ୍କ ଛଡ଼ା ଅନ୍ୟ କିଛି ନ ଥିଲା । ତେବେ ''ଏ ସଂସାର ମିଥ୍ୟା''– ଏକଥା କହିଲା କିଏ ? ଯଦି ସଂସାର ସତ୍ୟ ନୁହେଁ, ମିଥ୍ୟା; ତେବେ ମିଥ୍ୟାକୁ ମିଥ୍ୟା ବୋଲି ଘୋଷଣା କରିବାର ଆବଶ୍ୟକତା କ'ଣ ଥିଲା ? ଫେର୍ ସଂସାର ଆସିଲା କେଉଁଠୁ ? ଏହା କ'ଣ ଶୂନ୍ୟରୁ ଖସି ପଡ଼ିଲା ? ''ସଂସାର ଅସତ୍ ଏହା ଭଗବାନଙ୍କର ରଚନା ନୁହେଁ, ସେ ପାଳନ ଓ ସଂହାର କରନ୍ତି ନାହିଁ ।'' ଯଦି ଏହା ଠିକ୍ ହୁଏ ତେବେ ଭଗବାନ୍ ନିରାକାର ନିଷ୍କ୍ରିୟ ସତ୍ତା, ନିଷ୍କ୍ରିୟ ସତ୍ତା ଦ୍ୱାରା କୌଣସି ସର୍ଜନା ହୋଇପାରେ ନାହିଁ, ଏହି ସିଦ୍ଧାନ୍ତ ମାନି ନେଲେ ଏହା ସ୍ୱୀକାର କରିବାକୁ ହେବ ଯେ ସଂସାର, ଶାସ୍ତ୍ର, ତୁମେ, ଆମେ ସମସ୍ତ ମିଥ୍ୟା । ପେଟ ଟାଣିବା, ଆଖିରେ ବାଲି ରଗଡ଼ି ହେବା, କଙ୍କଡ଼ା ବିଛା କାମୁଡ଼ିଲେ ବିନ୍ଧିବା, ତୀବ୍ର ପିପାସାରେ ଜଳ ଚାହିଁବା – ସବୁ ମିଥ୍ୟା । ସବୁ ମିଥ୍ୟା ହେଲେ ତୁମେ, ଆମେ, ତୁମର ପ୍ରଶ୍ନ, ଆମର ଉତ୍ତର – ଏସବୁ ମିଥ୍ୟା । ମୁହଁରେ କହୁ ଥାଇଁ ସଂସାର ମିଥ୍ୟା, କିନ୍ତୁ କରୁଥାଇଁ କ'ଣ ? ନଈ ପହଁରିବା ସମୟରେ ବୁଡ଼ିଯାଇ ଶ୍ୱାସ ବନ୍ଦ ହେବା ସମୟରେ ସଂସାର ମିଥ୍ୟା ବୋଲି ମନେ ପଡ଼େ କି ?

କେହି ଯଦି ଅପମାନ କରି ଗାଳି ଦିଏ, ତେବେ ରାଗରେ ରାତିରେ ନିଦ ହୁଏ ନାହିଁ । ପେଟରେ ବ୍ୟଥା ହେଲେ ଡାକ୍ତରଖାନାରେ ଅପରେସନ୍ ନ କରାଇବା ଯାଏ ନିଃଶ୍ୱାସ ମାରି ହୁଏ ନାହିଁ । କେହି କେହି ଅନ୍ୟର ଗଳାକାଟି ତାହାର ସମ୍ପତ୍ତି ନିଜ ପିଲାମାନଙ୍କ ଉଦର-ପୋଷଣରେ ଲାଗାଇବାରେ ଲେଶମାତ୍ର ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଦିନରାତି ଖଟି, ମିଛ କହି, କଳିକଜିଆ କରି କେବଳ ନିଜ ସୁଖ-ସୁବିଧା ପାଇଁ ଯତ୍ନ କରନ୍ତି; ଆଉ କହିଥା'ନ୍ତି – ସଂସାର ମାୟା ଓ ସ୍ୱପ୍ନ । ସମସ୍ତ ସଂସାରରେ ଦେଶ ଦେଶ ପ୍ରତି, ଜାତି ଜାତି ପ୍ରତି, ସଂଘ ସଂଘ ପ୍ରତି, ପିତା ପୁତ୍ର ପ୍ରତି ଏବଂ ସ୍ତ୍ରୀ ସ୍ୱାମୀ ପ୍ରତି ବିଶ୍ୱାସ ରଖିବାରେ ଅସମର୍ଥ । ଏକ ସମ୍ଭ୍ରାନ୍ତ ପରିବାରରେ ମୁଁ ସ୍ୱୟଂ ଦେଖିଛି – ସ୍ୱାମୀ ସ୍ତ୍ରୀ ମଧ୍ୟରେ ମୋକଦ୍ଦମା ଲାଗିଥାଏ, ଦୁଇଜଣଙ୍କୁ ଦେଖି ମନେହୁଏ ଯେପରି ଶରୀର ଦୁଇଟି, କିନ୍ତୁ ଆତ୍ମା ଏକ । କିନ୍ତୁ କୌଣସି କାଗଜରେ ଦସ୍ତଖତ୍ କରିବା ସମୟ ଆସିଲେ ସ୍ତ୍ରୀ ନିଜ ଓକିଲକୁ ନ ପଚାରି ଦସ୍ତଖତ୍ କରେ ନାହିଁ । ସ୍ୱାମୀଠାରୁ ଓକିଲ ଅଧିକ ବିଶ୍ୱାସର ପାତ୍ର ! ଏହି ମାୟା ଓ ଅସତ୍ୟ ସଂସାରରେ ସୁଖରେ ରହିବା ସକାଶେ ପଢୁଥାଇ, ଚାକିରି କରୁଥାଇ, ପରସ୍ପର ସାମଞ୍ଜସ୍ୟରେ ଜୀବନଯାପନ କରିବା ପାଇଁ ନୈତିକ ଓ ସାମାଜିକ ଜୀବନକୁ ପାଳନ କରୁଥାଇ । ଯଦି ସଂସାର ଅସତ୍ୟ ତେବେ ଏହିସବୁ କରିବା ଆବଶ୍ୟକ ନ ଥିଲା । ମନୁଷ୍ୟ ଜୀବନରେ ସୁଖଶାନ୍ତି ପ୍ରାପ୍ତ ହେବା ଅନିବାର୍ଯ୍ୟ । କ୍ଷୁଧାର୍ତ୍ତକୁ କେତେ ପ୍ରକାର ବୁଝାନ୍ତୁ – ଏ ସଂସାର ଏବଂ କ୍ଷୁଧା ମିଥ୍ୟା; ସେ ଯେପର୍ଯ୍ୟନ୍ତ ଭୋଜନ ନ କରେ, ସେପର୍ଯ୍ୟନ୍ତ ତାକୁ ସନ୍ତୋଷ ଆସେ ନାହିଁ । ସେହିପରି ଏହି ସଂସାରକୁ କେତେ ମିଥ୍ୟା କୁହ, ଯେପର୍ଯ୍ୟନ୍ତ ଯଥାର୍ଥ ସୁଖଶାନ୍ତି ନ ପାଇଛ ସେପର୍ଯ୍ୟନ୍ତ ଉତ୍‌ଥାନପତନ ଦେଇ ଗତି କରୁଥିବ, ସନ୍ତୁଷ୍ଟ ହୋଇ ବସି ରହିବ ନାହିଁ । ଯଥାର୍ଥରେ ଏସଂସାର ଅସତ୍ୟ ନୁହେଁ, ସତ୍ୟ; ଭଗବାନଙ୍କ ଦ୍ୱାରା ଉତ୍‌ପନ୍ନ । ଭଗବାନ୍ ସକ୍ରିୟ ଓ ନିଷ୍କ୍ରିୟ, ଏକ ସଙ୍ଗେ ପୁରୁଷୋତ୍ତମ । ଭଗବାନହିଁ ସତ୍ୟ ସ୍ୱରୂପ । ସେହି ଭଗବାନ୍ ସଂସାର ରୂପେ ଭିନ୍ନ ଭିନ୍ନ ଆକାରରେ ପ୍ରକଟ ହୋଇଅଛନ୍ତି ।

ଶ୍ରୀଅରବିନ୍ଦ ନିଜ ଜ୍ଞାନ-ଦୃଷ୍ଟିରେ ଦେଖିଲେ ଯେ ଯେପର୍ଯ୍ୟନ୍ତ ମନୁଷ୍ୟର ମନ, ପ୍ରାଣ, ଶରୀର ତାହାର ମୂଳ ସତ୍ୟ-ତତ୍ତ୍ୱରେ ରୂପାନ୍ତରିତ ନ ହୋଇଛି, ସେପର୍ଯ୍ୟନ୍ତ ମନୁଷ୍ୟ ଯଥାର୍ଥ ଏବଂ ସ୍ଥାୟୀ ସୁଖ ପାଇପାରିବ ନାହିଁ । କଥାରେ ଏସଂସାର ମିଥ୍ୟା ହେଉ ବା ସତ୍ୟ ହେଉ ସେ ଦୁଃଖରୁ ନିବୃତ୍ତ ହେବା ହେଲା ଏକମାତ୍ର ଧ୍ୟେୟ । ଏଥିରୁ ନିବୃତ୍ତ ହେବାର ଏକମାତ୍ର ଅମୋଘ ଔଷଧ ହେଲା – ମନ, ପ୍ରାଣ ଓ ଶରୀରର ରୂପାନ୍ତର । ଏହା ମନୁଷ୍ୟର ସ୍ଥୂଳ ଆବଶ୍ୟକତା ସମ୍ବନ୍ଧେ କୁହାଗଲା । ଏବେ ଶାସ୍ତ୍ର ବିଷୟରେ ବିଚାର କରିବା ।

ଶାସ୍ତ୍ର କହିଛି, ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା'' । ସେହି ଶାସ୍ତ୍ର ମଧ୍ୟ କହିଛି, ''ଏକୋଽହଂ ବହୁସ୍ୟାମ୍'' । ଏହି ଉଭୟ ସିଦ୍ଧାନ୍ତ ପରସ୍ପର ବିରୋଧୀ ଏବଂ ଏହି ବିରୋଧୀ ସିଦ୍ଧାନ୍ତ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ଚାଲି ଆସୁଅଛି । ଆଧୁନିକ ଯୁଗର ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା'' ସିଦ୍ଧାନ୍ତକୁ ଶଙ୍କର ମାନନ୍ତି ଏବଂ ''ଏକୋଽହଂ ବହୁସ୍ୟାମ୍'' ସିଦ୍ଧାନ୍ତକୁ ରାମାନୁଜ ମାନନ୍ତି । ଉଭୟ ସିଦ୍ଧାନ୍ତ ବର୍ତ୍ତମାନ ଭାରତବର୍ଷରେ ପ୍ରଚଳିତ ଆଉ ଏହାକୁ ଅନୁସରଣ କରି ବହୁ ସଜ୍ଜ,

ମହାତ୍ମା ସମାଜକୁ ସୁଧାରୁ ଅଛନ୍ତି, ନୀତି ସ୍ଥାପନ କରୁଅଛନ୍ତି ଏବଂ ଲକ୍ଷ ଲକ୍ଷ ମୋହଗ୍ରାସିତ ନରନାରୀଙ୍କୁ ମୁକ୍ତିରେ ପହୁଞ୍ଚାଇ ଦେଉଅଛନ୍ତି । ସେମାନଙ୍କୁ ସମାଜ ଆଜି ବି ଗୁରୁ ବା ଆଚାର୍ଯ୍ୟ ରୂପେ ବନ୍ଦନା କରୁଅଛି । ଅତଏବ ଏକ ଅନ୍ୟର ବିରୋଧୀ ହେଲେ ମଧ୍ୟ ଆମ୍ଭେ କାହାରିକୁ ମିଥ୍ୟା ବୋଲି କହି ପାରିବା ନାହିଁ । ତଥାପି ଏହାର ସମାଧାନ କରିପାରୁ ନ ଥାଇଁ, ଏଥିରେ ସାମଞ୍ଜସ୍ୟ ସ୍ଥାପନ କରିପାରୁ ନ ଥାଇଁ ।

ଏହାର ସମାଧାନ ଶ୍ରୀଅରବିନ୍ଦ ତାଙ୍କର ଦର୍ଶନ ଶାସ୍ତ୍ରରେ କରିଅଛନ୍ତି ଏବଂ ଯୋଗ ଦ୍ୱାରା ତାଙ୍କ ଲକ୍ଷ୍ୟରେ ପହୁଞ୍ଚି ସେଥିରେ ସାମଞ୍ଜସ୍ୟ ଦେଖି ଅଛନ୍ତି । ସେ ନିଜେ ଉପଲବ୍ଧି କଲେ ଭଗବାନ୍ ସତ୍-ଚିତ୍-ଆନନ୍ଦ-ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ । ଏହି ଏକହି ପୁରୁଷୋତ୍ତମ ତତ୍ତ୍ୱକୁ ବେଦୋପନିଷଦ୍ ବା ଗୀତା ବର୍ଣ୍ଣନା କରିଅଛି – ଏହାର ଗୋଟିଏ ଦିଗ ନିର୍ବିଶେଷ ସତ୍ତା, ନିରାକାର, ଅନ୍ୟ ଦିଗଟି ସାକାର, ସୃଷ୍ଟିର ସ୍ରଷ୍ଟା, ପାଳନକର୍ତ୍ତା ଓ ସଂହାର କର୍ତ୍ତା ରୂପେ । ବ୍ରହ୍ମତତ୍ତ୍ୱ ହେଉଛି – ନିରାକାର, ସାକାର, ଏକହି ସଙ୍ଗେ ଉଭୟର ଧାରକ ପୁରୁଷୋତ୍ତମ ତତ୍ତ୍ୱ । ଏହି ତତ୍ତ୍ୱକୁ ଶାସ୍ତ୍ର ଅନ୍ୟାନ୍ୟ ସ୍ଥାନରେ ଗୋଟିଏ ଦିଗକୁ ସକ୍ରିୟ ଏବଂ ଅନ୍ୟ ଦିଗକୁ ନିଷ୍କ୍ରିୟ ବୋଲି ବର୍ଣ୍ଣନା କରିଅଛି ଏବଂ ସାଧକମାନେ ମଧ୍ୟ ଗୋଟିଏ ଗୋଟିଏ ଦିଗକୁ ଉପଲବ୍ଧି କରିଅଛନ୍ତି । ବ୍ରହ୍ମଙ୍କ ପୂର୍ଣ୍ଣରୂପ ଚତୁଷ୍ପାଦ ବିଭୂତିକୁ ଉପଲବ୍ଧି କଲେ, ପୂର୍ବ ବିରୋଧୀ ସିଦ୍ଧାନ୍ତରେ ସାମଞ୍ଜସ୍ୟ ଅଣାଯାଇପାରେ । ବ୍ରହ୍ମର ଏହି ପୂର୍ଣ୍ଣ ସ୍ୱରୂପ ଉପଲବ୍ଧ ହୁଏ କେବଳ ଅତିମାନସ ଚେତନାରେ । ସେହି ଚେତନାକୁ ଶ୍ରୀଅରବିନ୍ଦ ପ୍ରାପ୍ତ ହୋଇ ବ୍ରହ୍ମଙ୍କ ପୂର୍ଣ୍ଣ ସ୍ୱରୂପକୁ ଉପଲବ୍ଧି କରିଅଛନ୍ତି । ଏହି ବିରୋଧୀ ସିଦ୍ଧାନ୍ତର ସମାଧାନ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

*

ପ୍ରଶ୍ନ : ଯଦି ଜଗତ୍ ସତ୍ୟ ତେବେ ''ବ୍ରହ୍ମ ସତ୍ୟ ଜଗନ୍ମିଥ୍ୟା ଜୀବ-ବ୍ରହ୍ମୈବ ନାପରଃ'' ଉପନିଷଦ୍ ଏହି ବାକ୍ୟରେ ଜଗତକୁ ମିଥ୍ୟା କାହିଁକି କହିଲା ?

ଉତ୍ତର : ଉପନିଷଦର ଏହି ବାକ୍ୟ ଜଗତ୍ ସମ୍ପୂର୍ଣ୍ଣ ମିଥ୍ୟାକୁ ସମର୍ଥନ କରୁ ନାହିଁ, ସେ କହିଛି ଜୀବ ବ୍ରହ୍ମ ଛଡ଼ା ଅନ୍ୟ କିଛି ନୁହେଁ । ଅର୍ଥାତ୍ ଗୋରୁ, ମନୁଷ୍ୟ, ପଶୁପକ୍ଷୀ ଆଦିର ଏହି ଯେଉଁ ପୃଥକ୍ ବିକୃତ ରୂପ ଏହା ମିଥ୍ୟା ଏବଂ ମାୟା । ଏହି ରୂପର ସତ୍ୟ ସ୍ୱରୂପ ହେଉଛି ବ୍ରହ୍ମ । ଅର୍ଥାତ୍ ବ୍ରହ୍ମ ସ୍ୱୟଂ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜ ମାୟାର ଆଶ୍ରୟରେ ବିକୃତ ରୂପେ ପୃଥକ୍ ଆକାରରେ ପ୍ରକଟ ହୋଇଅଛି । ଏହା ହୋଇଛି ମାୟାର ସୃଷ୍ଟି ଅହଂ ଦ୍ୱାରା । ଏହି ଅହଂ ଏବଂ ପୃଥକ୍‌ବୋଧର ନାମ ବା ଅର୍ଥ ଜଗତ୍ । ଅତଏବ ଏହି ବିକୃତ ରୂପହିଁ ମାୟା ଏବଂ ମିଥ୍ୟା । ଏହି ବିକୃତ ରୂପ ଅହଂ ଅତିମାନସ ଶକ୍ତି ଦ୍ୱାରା ଏହାର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ ବ୍ରହ୍ମର ଯଥାର୍ଥ ସ୍ୱରୂପ ପ୍ରକାଶିତ ହେବ ।

*

ପ୍ରଶ୍ନ : ଶିବ ମୃତ୍ୟୁଞ୍ଜୟ ହୋଇ ଅମର ନୁହନ୍ତି, ମନୁଷ୍ୟ ଅମର ହେବ କିପରି ?

ଉତ୍ତର : ଶିବ ଯଦି ଅମର ନୁହନ୍ତି, ତେବେ ତାଙ୍କ ନାମ ମୃତ୍ୟୁଞ୍ଜୟ ହେବା ଉଚିତ ନ ଥିଲା । ମୃତ୍ୟୁକୁ ଜୟ କରିବାରୁ ସେ ମୃତ୍ୟୁଞ୍ଜୟ ହେଲେ ।

ମନୁଷ୍ୟ ଯେଉଁ ତତ୍ତ୍ୱରୁ ଉତ୍ପନ୍ନ ହୋଇଅଛି, ସେହି ତତ୍ତ୍ୱ ସତ୍ ଏବଂ ଅବିନାଶୀ । ତାହାର ସେହି ତତ୍ତ୍ୱରେ ରୂପାନ୍ତର ହୋଇଗଲେ ସେ ଅମର ହେବ । 'ଅମର' ଅର୍ଥ ଏହା ନୁହେଁ ଯେ ସେ ତାହାର ଶରୀରକୁ ତ୍ୟାଗ କରିପାରିବ ନାହିଁ । ସେ ନିଜ ଦେହତ୍ୟାଗ କରିବ ନିଜ ଇଚ୍ଛାରେ ଏବଂ ଗ୍ରହଣ କରିବ ନିଜ ସଂକଳ୍ପରେ; ମୃତ୍ୟୁର ଅଧୀନ ହେବ ନାହିଁ କିଂବା ମାତାଗର୍ଭରେ ଆସିବ ନାହିଁ । ସେ ସ୍ୱୟଂ ନ ଚାହିଁଲେ ଶରୀର ତ୍ୟାଗ କରିବ ନାହିଁ ।

ଜଡ଼ରୁ ଉଦ୍ଭିଦ, ପଶୁ, ପକ୍ଷୀ ଆଦି ସ୍ତରକୁ ଅତିକ୍ରମ କରି ପ୍ରାଣୀ ବର୍ତ୍ତମାନ ମନୁଷ୍ୟ ଶରୀର ପ୍ରାପ୍ତ ହୋଇଅଛି । ଏହିଠାରେ ଅଟକି ଯିବ କାହିଁକି ? ଏହାକୁ ଅତିକ୍ରମ କରି ଅତିମାନସ ସ୍ତରରେ ପହଞ୍ଚିବ । ଏ ସମ୍ବନ୍ଧେ 'ନବଜ୍ୟୋତି'ରେ ବହୁ ପ୍ରବନ୍ଧ ପ୍ରକାଶିତ ହୋଇଛି । ଶ୍ରୀଅରବିନ୍ଦଙ୍କ ଦର୍ଶନରେ ମଧ୍ୟ ଏବିଷୟ ବିଷଦଭାବେ ବର୍ଣ୍ଣିତ ହୋଇଅଛି ।

*

ପ୍ରଶ୍ନ : ନିଜ ଜୀବନର ଦୁଃଖକଷ୍ଟ ଏବଂ ସଂସାରର ବିପରୀତ ପରିସ୍ଥିତିରୁ ଉଦ୍ଧାର ପାଇବାର କୌଣସି ଉପାୟ ନ ଦେଖି ମୃତ୍ୟୁ ବରଣ କରିବାକୁ ଇଚ୍ଛା କରୁଛି । ଏହା କ'ଣ ଠିକ୍ ?

ଉତ୍ତର : ଆପଣ ଜୀବନରେ କେବଳ ଦୁଃଖ ଅନୁଭବ କରିଛନ୍ତି, ସେଥିପାଇଁ ଏହି ସଂସାର ଦୁଃଖମୟ ବୋଧ ହେଉଅଛି । ବାସ୍ତବରେ ତାହା ନୁହେଁ । ଯେଉଁଠାରେ ଦୁଃଖର ଚରମ ସୀମା, ସେହିଠାରେ ଥାଏ ସୁଖର ଅସୀମତାର ଉପଲବ୍ଧି । କିନ୍ତୁ ମାର୍ଗ ହେଲା ଦୁଇଟି । ଗୋଟିଏ ଦୁଃଖର ମାର୍ଗ, ଅନ୍ୟଟି ପରମ ସୁଖ, ପରମ ଶାନ୍ତି ତଥା ପରମ ଆନନ୍ଦର ମାର୍ଗ । ଆନନ୍ଦ ପାଇବାକୁ ହେଲେ ଦୁଃଖ ସଙ୍ଗେ ଯୁଦ୍ଧ କରିବାକୁ ହେବ, ତାକୁ ଅତିକ୍ରମ କରିପାରିଲେ ପରମାନନ୍ଦ ପାଇ ପାରିବେ । ଦୁଃଖକୁ ଭୟ କରି ସେଥିରୁ ପଳାୟନ କଲେ କେବଳ ସେହି ଦୁଃଖ ଭୋଗ କରିବାକୁ ହେବ, ତହିଁରୁ ମୁକ୍ତି ମିଳିବ ନାହିଁ ।

ମୃତ୍ୟୁ ପରେ ମନୁଷ୍ୟ ଶାନ୍ତି ପାଏ, ଏ ଧାରଣା ଏକେବାରେ ଭ୍ରମ । ଏହି ପୃଥିବୀ ହେଉଛି କର୍ମଭୂମି; ଏଠାରେ ଯଦି ସେ ଶାନ୍ତି ପାଇପାରେ ତେବେ ମୃତ୍ୟୁ ପରେ ଶାନ୍ତି ପାଇପାରେ । ଏଠାରେ ଦୁଃଖ ଭୋଗୁଥିବା ଲୋକ ମୃତ୍ୟୁ ପରେ ଅଧିକ ଦୁଃଖ ଭୋଗେ । ଜାଗ୍ରତ ଅବସ୍ଥାରେ ଯେ ଅଶାନ୍ତ ଥାଏ, ନିଦ୍ରାରେ ମଧ୍ୟ ସେ ଅଶାନ୍ତି ଅନୁଭବ କରେ, ଅର୍ଥାତ୍ ଦୁଃଖପୂର୍ଣ୍ଣ ସ୍ୱପ୍ନ ଦେଖେ; ଜାଗ୍ରତ ଅବସ୍ଥାରେ ସୁଖଶାନ୍ତିରେ ଥିଲେ ସ୍ୱପ୍ନରେ ମଧ୍ୟ ଆନନ୍ଦ ଅନୁଭବ କରେ । ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବା ପାଇଁ ମୃତ୍ୟୁ ବରଣ କରିବା ମହା ଭ୍ରମ । ମୃତ୍ୟୁ ପରେ ସ୍ଥୂଳ ଶରୀରକୁ ତ୍ୟାଗ କରାହୁଏ, ମାତ୍ର ସୂକ୍ଷ୍ମ ଶରୀର ପ୍ରାପ୍ତ ହୁଏ । ସେଥିରେ ଈର୍ଷା, ଦ୍ୱେଷ, ଭୟ, କ୍ରୋଧ – ସବୁକିଛି ରହିଥାଏ । ଏହିସବୁ ରିପୁଙ୍କର ସୂକ୍ଷ୍ମ ଶରୀର ଥାଏ । ବ୍ୟକ୍ତିର ସ୍ଥୂଳ ଶରୀର ନଷ୍ଟ ହୋଇଥିବା ଯୋଗୁଁ ତା'ର ରକ୍ଷାକବଚ ନ ଥାଏ । ବ୍ୟକ୍ତିର ସୂକ୍ଷ୍ମ ଶରୀରରେ ସୂକ୍ଷ୍ମ ଶରୀରଧାରୀ ରିପୁମାନେ ସିଧାସଳଖ ଅବାଧରେ ଆକ୍ରମଣ କରନ୍ତି । ସ୍ଥୂଳ ଶରୀର ଥିବା ସମୟରେ ଯେପରି କଷ୍ଟ ହୁଏ, ସୂକ୍ଷ୍ମ ଶରୀରରେ ମଧ୍ୟ ଠିକ୍ ସେହିପରି କଷ୍ଟ ହୁଏ, ମାତ୍ର ସ୍ଥୂଳ ଶରୀରରେ କ୍ରିୟାରେ ପରିଣତ ନ ହେଲେ କଷ୍ଟ ହୁଏ ନାହିଁ, ସୂକ୍ଷ୍ମ ଶରୀରରେ କଳ୍ପନା ମାତ୍ରେ କ୍ରିୟାରେ ପରିଣତ ହୁଏ ।

ସ୍ଥୂଳ ଶରୀରରେ କୌଣସି ବ୍ୟକ୍ତି ମାରିବାକୁ ଇଚ୍ଛା କରେ, କିନ୍ତୁ ପାଖକୁ ଆସି ସ୍ଥୂଳରୂପେ ନ ମାରିଲେ କଷ୍ଟ ଅନୁଭୂତ ହୁଏ ନାହିଁ । କିନ୍ତୁ ସୂକ୍ଷ୍ମ ଶରୀରରେ ସ୍ଥୂଳାବରଣ ନ ଥାଏ, ଅନ୍ୟ ସତ୍ତାସବୁ ସୂକ୍ଷ୍ମରୂପେ ଅବାଧରେ ବିଚରଣ କରନ୍ତି, ଇଚ୍ଛା କରିବାମାତ୍ରେ ଆକ୍ରମଣ କରନ୍ତି । ଏହି ସୂକ୍ଷ୍ମ ଶରୀରର ଦୁଃଖକଷ୍ଟକୁ ପୁରାଣରେ 'ନରକ ଯନ୍ତ୍ରଣା' ନାମ ଦିଆଯାଇଅଛି । ଅତଏବ ଦୁଃଖକଷ୍ଟରୁ ରକ୍ଷା ପାଇବା ସକାଶେ ମୃତ୍ୟୁ ବରଣ କରିବା ଏକେବାରେ ଭୁଲ୍ । ସେଥିରେ ସମସ୍ୟାର ସମାଧାନ ହୁଏ ନାହିଁ, ହୁଏ ଶରୀରରେ, ଉତ୍ତମ କର୍ମ କରିବାରେ ।

ମନୁଷ୍ୟ-ଶରୀରରେ ବହୁ ଶକ୍ତି ରହିଅଛନ୍ତି ଏବଂ ସେମାନେ କର୍ମର ପ୍ରେରଣା ଦିଅନ୍ତି । ସାଧାରଣତଃ ମନୁଷ୍ୟ ମଧ୍ୟରେ ପ୍ରତିକୂଳ ଶକ୍ତି – କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ହିଂସା, ଦ୍ୱେଷ, ଦୁଃଖ, ଦ୍ୱନ୍ଦ୍ୱ, ଭୟ ଆଦି କ୍ରିୟାଶୀଳ ହୋଇଥା'ନ୍ତି । ଏହାର ବିପରୀତ – ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ଭକ୍ତି ତଥା ଅନ୍ୟାନ୍ୟ ବହୁ ଶକ୍ତି ସୁପ୍ତ ଅବସ୍ଥାରେ ଥା'ନ୍ତି । ଯଦିଓ ଏହି ଶକ୍ତିରାଜିର କ୍ରିୟା କେବେ କେବେ ପ୍ରକାଶିତ ହୁଏ, ତଥାପି ତାହାର ପରିମାଣ ବହୁତ କମ୍ । ମନୁଷ୍ୟ ଜଡ଼ରୁ କ୍ରମବିକାଶ ଧାରାରେ ଏପର୍ଯ୍ୟନ୍ତ ଆସିଛି, ସେଥିପାଇଁ ପ୍ରତିକୂଳ ଶକ୍ତି ସ୍ୱଭାବତଃ ତା' ମଧ୍ୟରେ ବିଦ୍ୟମାନ ଓ କ୍ରିୟାଶୀଳ ଥା'ନ୍ତି । ଚେତନାର ବିକାଶାନୁସାରେ ମନୁଷ୍ୟ ମଧ୍ୟରେ ଅନୁକୂଳ ଶକ୍ତି – ଶାନ୍ତି, ଆନନ୍ଦାଦିର ପ୍ରକାଶ ଘଟେ । କ୍ରମ-ବିକାଶ ଅନୁସାରେ ଏହିସବୁ ପ୍ରକାଶ ହେବାରେ ଅଧିକ ସମୟ ଲାଗେ ଏବଂ ଅତ୍ୟଧିକ ଦୁଃଖକଷ୍ଟ ଭୋଗିବାକୁ ହୁଏ । କେବଳ ଯୋଗ ଦ୍ୱାରା ଅନୁକୂଳ ଶକ୍ତିସମୂହକୁ ଅବିଳମ୍ବେ ଜାଗ୍ରତ କରାଯାଇପାରେ ।

ସୁଖଶାନ୍ତି ପ୍ରାପ୍ତ ହେବାର ଉପାୟ ମୃତ୍ୟୁ ନୁହେଁ, ଏକମାତ୍ର ଉପାୟ ଯୋଗ ।

ବିଲ୍ୱମଙ୍ଗଳ, ଗୋସ୍ୱାମୀ ତୁଳସୀ ଦାସ, ବୁଦ୍ଧଦେବ, ବିବେକାନନ୍ଦ, ନିଗମାନନ୍ଦ, ପରମହଂସ ରାମକୃଷ୍ଣ, ସମର୍ଥ ରାମଦାସ ଓ ବହୁ ମହାପୁରୁଷ ଜଗତର ଦୁଃଖକଷ୍ଟ ଦେଖିଥିଲେ, ଅନୁଭବ କରିଥିଲେ; ସେଥିରୁ ମୁକ୍ତ ହେବାକୁ ନିଜ ମଧ୍ୟରେ ସୁପ୍ତ ଆନନ୍ଦ, ଜ୍ଞାନ, ଶାନ୍ତି ଓ ଶକ୍ତିକୁ ଜାଗ୍ରତ କରାଇଥିଲେ ଏବଂ ନିଜେ ଆନନ୍ଦ ଅନୁଭବ କରିଥିଲେ ତଥା

ଅଗଣିତ ନରନାରୀଙ୍କୁ ମଧ୍ୟ ଆନନ୍ଦ ପ୍ରଦାନ କରିଥିଲେ । ଅଗ୍ନି ଆଗ୍ନେୟଗିରିରୁ ଉଦ୍‌ଗୀରଣ ହେଲେ ଭୟଙ୍କରଭାବେ ମନୁଷ୍ୟର କ୍ଷତି କରେ, ଜଳ ବନ୍ୟା ରୂପେ ଆସି ସର୍ବନାଶ କରେ; କିନ୍ତୁ ସେହି ଅଗ୍ନିର ପ୍ରୟୋଗରେ ମନୁଷ୍ୟର ଖାଦ୍ୟ ପ୍ରସ୍ତୁତ ହୁଏ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସାଧିତ ହୁଏ, ସେହି ଜଳ ମଧ୍ୟ ମନୁଷ୍ୟର ଜୀବନ ରକ୍ଷା କରିଥାଏ । ବସ୍ତୁର ଦୋଷଗୁଣ ଥାଏ, ପ୍ରୟୋଗର ତାରତମ୍ୟରେ ତାହା ମନୁଷ୍ୟର ସର୍ବନାଶ କରିପାରେ କିଂବା ସର୍ବସ୍ୱ ଦେଇପାରେ । ଠିକ୍ ସେହିପରି ଜୀବନ । ଜୀବନରେ ଯଥାର୍ଥ ଏବଂ ଉଚିତ କର୍ମ କଲେ ଜୀବନ ଆନନ୍ଦମୟ ହୁଏ, ଏହାର ବିପରୀତ କର୍ମାଚରଣରେ ଜୀବନ ଦୁଃଖଯାତନାମୟ ହୁଏ । ଏହି ପୃଥିବୀରେ, ଏହି ମନୁଷ୍ୟ ଶରୀରରେ ବ୍ୟକ୍ତି କେବଳ ଦୁଃଖ ବା ସୁଖ ପାଇବାର ଉପାୟ କରିପାରେ, ଅନ୍ୟ କୌଣସି ଭୂମି ବା ଶରୀରରେ ନୁହେଁ ।

କେବଳ ମନୁଷ୍ୟର ଦୁଃଖଦ୍ୱନ୍ଦ୍ୱ ଦୂର କରି ସୁଖ, ଶାନ୍ତି, ଜ୍ଞାନ, ଆନନ୍ଦ, ଭକ୍ତି ପ୍ରଦାନ କରିବା ସକାଶେ ଭଗବାନ୍ ସ୍ୱୟଂ ବାରଂବାର ଅବତାର ଗ୍ରହଣ କରି ସଂସାରକୁ ଆସନ୍ତି କିଂବା ନିଜ ବିଭୂତି ସ୍ୱରୂପ ମହାପୁରୁଷଙ୍କୁ ପଠାନ୍ତି । ସେମାନଙ୍କ ଶିକ୍ଷାକୁ ବ୍ୟକ୍ତି ଅନୁସରଣ କଲେ ଅନାୟାସରେ ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦଙ୍କୁ ପ୍ରାପ୍ତ କରିପାରେ । ମନୁଷ୍ୟ-ଶରୀର ପ୍ରାପ୍ତ ହେବାର ଅର୍ଥ – ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ନ କରି ବ୍ୟର୍ଥରେ ଜୀବନ ବିତାଇ ଦେବା ନୁହେଁ କିଂବା ଦୁଃଖକଷ୍ଟକୁ ଭୟ କରି ମୃତ୍ୟୁକୁ ବରଣ କରିବା ନୁହେଁ । ତାହା ତ ଅସରନ୍ତି ଦୁଃଖ-ଯାତନା-ସମୁଦ୍ରକୁ ଡେଇଁ ପଡ଼ିବା ହେବ । ମନୁଷ୍ୟ-ଶରୀର ପ୍ରାପ୍ତ ହେବାର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ଉଦ୍ଦେଶ୍ୟ ହେଲା – ପରମ ଆନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ, ପରମ ଶକ୍ତିର ସ୍ୱରୂପ ଭଗବାନଙ୍କୁ ସର୍ବତୋଭାବେ ପ୍ରାପ୍ତ ହେବା । ଭଗବାନଙ୍କ ସହିତ ମନୁଷ୍ୟ ଏକତ୍ୱପ୍ରାପ୍ତ ହେଲେ ମନୁଷ୍ୟ ମଧ୍ୟରେ ଏହିସବୁ ଦିବ୍ୟଗୁଣର ସ୍ରୋତ ପ୍ରବାହିତ ହୁଏ ।

ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ଦ୍ୱିତୀୟ ଭାଗ)

ସୂଚନା

'ନବଜ୍ୟୋତି'ରେ ପ୍ରକାଶିତ ଯୋଗ-ସାଧନା ସମ୍ପର୍କୀୟ କେତେକ ପ୍ରଶ୍ନୋତ୍ତରକୁ ନେଇ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟମାଳା'ରେ ''ଯୋଗ ଓ ଜୀବନ (ପ୍ରଶ୍ନୋତ୍ତର – ପ୍ରଥମ ଭାଗ)'' ପ୍ରକାଶ ପାଇବା ପରେ ଏହି ପୁସ୍ତିକା ତାହାର ଦ୍ୱିତୀୟ ଭାଗରୂପେ ପ୍ରକାଶିତ ହୋଇଛି । ଏଥିରେ 'କର୍ମ ଓ ସମର୍ପଣ' ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ଗୁଡ଼ିକ ସଂକଳନ କରି ସେସବୁର ସଂଶୋଧନ, ପରିବର୍ଦ୍ଧନ ଏବଂ କେତେକ ନୂତନ ସଂଯୋଗ ସହ ବିଷୟବସ୍ତୁକୁ ସାଧାରଣ ପାଠକ ଏବଂ ବିଶେଷଭାବେ ପୂର୍ଣ୍ଣଯୋଗର ପ୍ରାରମ୍ଭିକ ସାଧକମାନଙ୍କ ପାଇଁ ସରଳ ଓ ଚିତ୍ତାକର୍ଷକ କରାଯାଇଛି । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ 'କର୍ମ ଓ ସମର୍ପଣ'ର ଗୁରୁତ୍ୱ ଓ ଆବଶ୍ୟକତା, ନିଷ୍କାମ କର୍ମ, ଗାର୍ହସ୍ଥ୍ୟ ଜୀବନରେ ଦୁଷ୍କର୍ମରୁ ମୁକ୍ତ ହୋଇ ଭାଗବତ କର୍ମରେ ପ୍ରବେଶ କରିବାର ଉପାୟ, ମା'ଙ୍କ ଆଶୀର୍ବାଦ, ଅତିମାନସ ଶକ୍ତିର ଅବତରଣ ଓ ପରିଶେଷରେ ଯୋଗ-ଜୀବନ ଓ ସଂସାର-ଜୀବନର ସ୍ୱରୂପ ସମ୍ପର୍କରେ ଆଲୋଚନା ସର୍ବସାଧାରଣଙ୍କର କେତେକ ଦୈନନ୍ଦିନ ଜୀବନ-ସମସ୍ୟାର ସମାଧାନରେ ବିଶେଷ ସହାୟକ ହେବ ବୋଲି ଆଶାକରୁ ।

– ପ୍ରକାଶକ

ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ଦ୍ୱିତୀୟ ଭାଗ)

କର୍ମ ଓ ସମର୍ପଣ

(୧)

ସମର୍ପଣର ଆବଶ୍ୟକତା

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ତଥା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର । ଏହି ଲକ୍ଷ୍ୟପ୍ରାପ୍ତିର ଉପାୟ କ'ଣ ?

ଉତ୍ତର : ଏହି ଲକ୍ଷ୍ୟ-ପ୍ରାପ୍ତିର ଉପାୟ ହେଲା ଅଭୀପ୍ସା, ସମର୍ପଣ ତଥା ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ଗତିବୃତ୍ତିର ତ୍ୟାଗ । ଅଭୀପ୍ସାର ଅର୍ଥ ତୀବ୍ରଭାବେ ଭଗବତ୍ ପ୍ରାପ୍ତି, ଶାନ୍ତି, ଏକାଗ୍ରତା, ଆନନ୍ଦ, ସମର୍ପଣକୁ ମନ-ପ୍ରାଣରେ ପ୍ରତିଷ୍ଠା କରିବାକୁ ଚାହିଁବା । ପ୍ରାଣରେ ସ୍ୱାର୍ଥ ଥାଏ, ସେଥିରୁ କାମନା-ବାସନାତୃପ୍ତି ସକାଶେ ଇଚ୍ଛାକୁ କୁହାଯାଏ ଚାହିଁବା । କିନ୍ତୁ ଆତ୍ମାରେ ସ୍ୱାର୍ଥ ନ ଥାଏ । ସେହି ସକାଶେ ତା' ଚାହିଁବାର ନାମ ହୁଏ ଅଭୀପ୍ସା ।

ସମର୍ପଣର ଅର୍ଥ ନିଜେ ଏବଂ ନିଜର ଯାହାକିଛି ସମସ୍ତ – ପ୍ରତ୍ୟେକ କର୍ମ, ମନ-ପ୍ରାଣର ପ୍ରତ୍ୟେକ ଗତିବୃତ୍ତି, ଗୃହ-ପରିବାର, ସମ୍ପତ୍ତି ମା'ଙ୍କ ଚରଣରେ ସମର୍ପଣ । ଅର୍ଥାତ୍ ସମସ୍ତ କିଛି ମା'ଙ୍କର ଜାଣି, ମା'ଙ୍କ ସେବା ଭାବରେ ମା'ଙ୍କ ସକାଶେ କର୍ମ କରିବା ।

ପ୍ରଶ୍ନ : ପ୍ରତ୍ୟେକ ଯୋଗରେ ତ ଭଗବାନଙ୍କୁ ସମର୍ପଣ କରାଯାଏ, ଏ ଯୋଗରେ ମା'ଶ୍ରୀଅରବିନ୍ଦଙ୍କୁ କାହିଁକି ସମର୍ପଣ କରାହେବ ?

ଉତ୍ତର : ଭଗବାନ୍, ମା' ଏବଂ ଶ୍ରୀଅରବିନ୍ଦ ଏକ ତତ୍ତ୍ୱ ତଥା ଅଭେଦ, ଏକ । ମା'ଙ୍କୁ ସମର୍ପଣ କରିବାର ଅର୍ଥ ଭଗବାନଙ୍କୁ ସମର୍ପଣ ।

'ଶ୍ୱେତ ଗୋଲାପ' (White Roses) ର ଗୋଟିଏ ପ୍ରଶ୍ନୋତ୍ତର ଏଠାରେ ଉଦ୍ଧାର କରିବା –

Q – Mother, to love you, to love the Lord or to love Sri Aurobindo ? Whom can I love ?

A – Love, love, love as much as you can – the Lord, Sri Aurobindo and me – None of this love is wasted.

[ପ୍ରଶ୍ନ : ମା', ମୁଁ କାହାକୁ ଭକ୍ତି କରିବି ? ଆପଣଙ୍କୁ ଭକ୍ତି କରିବି କି ପରାତ୍ପର ପରମେଶ୍ୱରଙ୍କୁ ଭକ୍ତି କରିବି କିଂବା ଶ୍ରୀଅରବିନ୍ଦଙ୍କୁ ଭକ୍ତି କରିବି ?

ଉତ୍ତର : ଭକ୍ତି, ଭକ୍ତି, ତୁ ଯେତେ ଭକ୍ତି କରିପାରୁ କର – ପରାତ୍ପର ପରମେଶ୍ୱରଙ୍କୁ, ଶ୍ରୀଅରବିନ୍ଦଙ୍କୁ ଏବଂ ମୋତେ – ଏହି ଭକ୍ତି ବ୍ୟର୍ଥ ହେବ ନାହିଁ ।]

Love ର ଶବ୍ଦଗତ ଅର୍ଥ ପ୍ରେମ । କିନ୍ତୁ ପ୍ରାଚୀନ ଅଧ୍ୟାତ୍ମ ଗ୍ରନ୍ଥ ଏବଂ ବର୍ତ୍ତମାନ ବ୍ୟାବହାରିକ ଦୃଷ୍ଟିରୁ Love ର ଅର୍ଥ ଭକ୍ତି; ଏହା ବିଶେଷ ଯୁକ୍ତିସଙ୍ଗତ ।

ଏଥିରୁ ସ୍ପଷ୍ଟ ହେଉଛି ଯେ ମା'ଶ୍ରୀଅରବିନ୍ଦ ଓ ଭଗବାନ୍ ଏକ ତତ୍ତ୍ୱ ।

*

ପ୍ରଶ୍ନ : କେଉଁଠି ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ "The Mother" ପୁସ୍ତକରେ ଯେଉଁ "Divine Mother" (ଦିବ୍ୟ-ଜନନୀ)ଙ୍କ କଥା ଉଲ୍ଲେଖ କରା ହୋଇଛି, ସେହିଁ ହେଉଛନ୍ତି ଆଶ୍ରମର ମା' ?

ଉତ୍ତର : ମା'ଙ୍କ ସମ୍ବନ୍ଧେ ଯେଉଁ ପ୍ରଶ୍ନ କରାହୋଇଥିଲା ତାହାର ଉତ୍ତର ଶ୍ରୀଅରବିନ୍ଦ ପତ୍ର ଦ୍ୱାରା ଦେଇଥିଲେ । ସେହି ପତ୍ରଗୁଡ଼ିକ "Sri Aurobindo On Himself and On the Mother" ପୁସ୍ତକରେ ପ୍ରକାଶିତ ହୋଇଛି ।

Q – Do you refer to the Mother (Our Mother) in your book "The Mother" ?

A – Yes. (pp. 431-438)

[ପ୍ରଶ୍ନ : ଆପଣଙ୍କ 'ମା' ବହିରେ କ'ଣ ଆମ୍ଭର ଏହି ମା'ଙ୍କୁ ଭାଗବତୀ ଜନନୀ ବୋଲି ସମ୍ବୋଧନ କରି ଅଛନ୍ତି ?

ଉତ୍ତର : ହଁ ।]

*

ପ୍ରଶ୍ନ : ଏହା ବ୍ୟତୀତ ଶ୍ରୀଅରବିନ୍ଦ ମା'ଙ୍କ ସମ୍ବନ୍ଧେ ଆଉ କିଛି କହିଛନ୍ତି କି ?

ଉତ୍ତର : ବହୁତ କିଛି କହିଛନ୍ତି । ସେଥିରୁ କେତୋଟି କଥା ନିମ୍ନରେ ପ୍ରଦତ୍ତ ହେଲା ।

ଯେତେବେଳେ ଶ୍ରୀଅରବିନ୍ଦ ଆଶ୍ରମର ସମସ୍ତ ଭାର ମା'ଙ୍କୁ ଦେଇ ଏକାନ୍ତବାସ ଗ୍ରହଣ କଲେ, ସେତେବେଳେ କେତେଜଣ ସାଧକ ଶ୍ରୀଅରବିନ୍ଦଙ୍କର ଏହି ବ୍ୟବସ୍ଥାକୁ ଗ୍ରହଣ କରିବାକୁ ସମର୍ଥ ହେଲେ ନାହିଁ । ସେମାନଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଥିଲେ, ''ମା'ଙ୍କଠାରୁ ଯେଉଁମାନେ ସାହାଯ୍ୟ ପାଇପାରନ୍ତି ନାହିଁ, ମୋ'ଠାରୁ ମଧ୍ୟ ସେମାନେ ସାହାଯ୍ୟ ପାଇପାରିବେ ନାହିଁ ।''

ଶ୍ରୀଅରବିନ୍ଦ ଅନେକ ସ୍ଥାନରେ କହିଛନ୍ତି – ''ବହୁତ ସାଧକ ମୋତେ ଓ ମା'ଙ୍କୁ ଜାଣନ୍ତି ନାହିଁ, ସେମାନଙ୍କୁ ଆମ୍ଭେମାନେ ସାହାଯ୍ୟ କରୁଅଛୁ, ଆମ୍ଭମାନଙ୍କ ସାହାଯ୍ୟ ପାଇ ସେମାନେ ସାଧନାରେ ଅଗ୍ରସର ହେଉଅଛନ୍ତି ।''

ଅନ୍ୟତ୍ର ପୁଣି ସେ କହିଛନ୍ତି – ''ଯଦି ତୁ ଚୈତ୍ୟ-ନବଜନ୍ମକୁ ଅସ୍ୱୀକାର କରୁ, ଯଦି ତୁ ମା'ଙ୍କର ନବଜାତ ଶିଶୁ ହେବାକୁ ନ ଚାହୁଁ, ତୋର ବୁଦ୍ଧିଗତ ଜ୍ଞାନ କିଂବା ମନର ଧାରଣାବଳୀ ଅଥବା ପ୍ରାଣର ବାସନାରାଜି ପ୍ରତି ଆସକ୍ତ ରହୁ, ତାହାହେଲେ ସାଧନାରେ ବିଫଳତା ଆସିବ ।''

ଅନ୍ୟ ପକ୍ଷରେ ଯେପର୍ଯ୍ୟନ୍ତ ମନର ସୀମା ମଧ୍ୟରେ ମନୁଷ୍ୟ ବାସ କରେ ସେ ପର୍ଯ୍ୟନ୍ତ ମା'ଙ୍କୁ ଗୁରୁ ରୂପେ ଗ୍ରହଣ କରେ, ଶ୍ରଦ୍ଧା କରେ ଏବଂ ସାଧନା ଆରମ୍ଭ କରେ । କ୍ରମଶଃ ମନର ସୀମାକୁ ଅତିକ୍ରମ କଲେ ମା'ଙ୍କର ଯଥାର୍ଥ ସ୍ୱରୂପର ଝଲକ ପାଏ ଏବଂ ବିଶ୍ୱାସ କରେ । ଯେତେବେଳେ ଅତିମାନସ ସ୍ତରରେ ପହଞ୍ଚେ ସେତେବେଳେ ମା'ଙ୍କ ସ୍ୱରୂପକୁ ଯଥାର୍ଥଭାବେ ଉପଲବ୍ଧି କରେ । ତା' ପୂର୍ବରୁ ମା'ଙ୍କୁ ଭାଗବତୀ ଜନନୀ ରୂପେ ଗ୍ରହଣ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ଯେଉଁମାନେ ମା'ଙ୍କୁ ଭାଗବତୀ ଜନନୀ ବୋଲି ମାନନ୍ତି ସେମାନଙ୍କ କଥା ଭିନ୍ନ ।

ଶ୍ରୀମା'ଙ୍କୁ Divine Mother (ଦିବ୍ୟ ଜନନୀ) ରୂପେ ସାଧକମାନେ ଗ୍ରହଣ କରିଅଛନ୍ତି । କାରଣ ଶ୍ରୀଅରବିନ୍ଦ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ପରାପ୍ରା ଭାଗବତୀ ଜନନୀ, ମା'ଙ୍କ ରୂପେ ସ୍ୱେଚ୍ଛାରେ ଅଜ୍ଞାନର ବସନ ପରିଧାନ କରି ଏହି ଧରାତଳେ ଅବତୀର୍ଣ୍ଣା ହୋଇଅଛନ୍ତି ମନୁଷ୍ୟକୁ ଉଠାଇ ନେଇଯିବେ ବୋଲି ସେହି ଅତିମାନସ ଦିବ୍ୟ ଭୂମିକୁ ।

*

ପ୍ରଶ୍ନ : ଯଦି ମା', ଶ୍ରୀଅରବିନ୍ଦ ଏବଂ ଭଗବାନ୍ ଏକ ତତ୍ତ୍ୱ ତେବେ ଭଗବାନଙ୍କୁ ସମର୍ପଣ କଲେ ଶ୍ରୀଅରବିନ୍ଦ ଯୋଗସିଦ୍ଧି ହୋଇପାରିବ । ପୁଣି ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ କ'ଣ ?

ଉତ୍ତର : ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ ହେଲା – ଭଗବାନ୍ ସ୍ଥୂଳ ଦୃଷ୍ଟିରେ ଅଦୃଶ୍ୟ, ମାତ୍ର ମା' ଆମ୍ଭ

ସମ୍ମୁଖରେ ଶରୀର ଧାରଣ କରି ଆମରି ପରି କର୍ମ କରୁଅଛନ୍ତି; ଆମ୍ଭମାନଙ୍କର ଭଲମନ୍ଦ ଶୁଣୁଅଛନ୍ତି ଏବଂ ଆବଶ୍ୟକ ସ୍ଥଳେ ସାନ୍ତ୍ୱନା ଦେଉଅଛନ୍ତି ଓ ନିର୍ଦ୍ଦେଶ ଦେଉଅଛନ୍ତି । ଏହି ରୂପାନ୍ତର ଯୋଗ ସିଦ୍ଧି କରିବା ସକାଶେ ଏହି ପୃଥିବୀକୁ ଆସିଅଛନ୍ତି । ନିଜେ ସାଧନା କରି ଆମ୍ଭ ସମ୍ମୁଖରେ ଆଦର୍ଶ ରଖିଅଛନ୍ତି, ଆମ୍ଭଙ୍କୁ ଲକ୍ଷ୍ୟ ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି ପରିଚାଳନା କରୁଅଛନ୍ତି । ଏହି କାରଣରୁ ମା'ଙ୍କୁ ସମର୍ପଣ କରିବା ସୁବିଧାଜନକ । ଭଗବାନଙ୍କୁ ଆମ୍ଭେମାନେ ଏହି ସ୍ଥୂଳ ଦୃଷ୍ଟିରେ ଦେଖିପାରୁ ନାହୁଁ, ତାଙ୍କ କଥା ଶୁଣିପାରୁ ନାହୁଁ, ତାଙ୍କ ନିର୍ଦ୍ଦେଶ ବୁଝିପାରୁ ନାହୁଁ, ସେ ସ୍ୱୟଂ କର୍ମ କରି ଆମ୍ଭ ସମ୍ମୁଖରେ ଆଦର୍ଶ ରଖିପାରୁ ନାହାନ୍ତି । ଏହି କାରଣରୁ ତାଙ୍କୁ ସମର୍ପଣ କରିବା ସେତେ ସହଜ ନୁହେଁ ।

ତୁମେ କହୁଛ, ''ମା', ଶ୍ରୀଅରବିନ୍ଦ ଓ ଭଗବାନ୍ ଏକ ।'' ଏହା କେବଳ ତୁମର ଶବ୍ଦ ନା ଏଥିରେ କିଛି ଯଥାର୍ଥତା ଅଛି ? ଯଦି ଯଥାର୍ଥରେ ଏକ ମନେ କରନ୍ତେ, ତେବେ ଏହି ପ୍ରଶ୍ନ କରିବାର ଆବଶ୍ୟକତା ନ ଥା'ନ୍ତା । ଭଗବାନ୍ ସବୁ ସମୟରେ ସମସ୍ତ ସ୍ଥାନରେ ବିଦ୍ୟମାନ ଥାଆନ୍ତି । କିନ୍ତୁ ଆମ୍ଭେମାନେ ଦେଖିପାରୁ ନାହିଁ । ସେହି ସକାଶେ ଭଗବାନ୍ ସର୍ବତ୍ର ବିଦ୍ୟମାନ ବୋଲି କେବଳ ଶବ୍ଦରେ କହିବା ଛଡ଼ା ଅନୁଭବ କରୁ ନାହିଁ । ପୃଥିବୀରେ ନୂତନ ସତ୍ୟ ତଥା ନୂତନ ଚେତନା ପ୍ରତିଷ୍ଠା କରିବାକୁ ହେଲେ ସର୍ବତ୍ର ବିଦ୍ୟମାନ ଥିବା ଭଗବାନଙ୍କ ଦ୍ୱାରା କାର୍ଯ୍ୟ ସିଦ୍ଧ ହୁଏ ନାହିଁ; ସେହି ସର୍ବମୟ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଇ ଆମ୍ଭମାନଙ୍କ ସହିତ ନିବାସ କରନ୍ତି । ଆମ୍ଭମାନଙ୍କ ସହିତ ମାତା, ପିତା, ଗୁରୁରୂପେ ସମ୍ବନ୍ଧ ସ୍ଥାପନ କରନ୍ତି । ସେ ରହନ୍ତି ସର୍ବଦା ତାଙ୍କର ଉଚ୍ଚତର ଭଗବତ୍ ଚେତନାରେ, ବ୍ୟବହାର କରନ୍ତି ଆମ୍ଭମାନଙ୍କ ସହିତ ଆମ୍ଭମାନଙ୍କ ସ୍ତରରେ ଉତରି ଆସି । ଏହାରି ଦ୍ୱାରା ସେ ଆମ୍ଭମାନଙ୍କୁ ଉଚ୍ଚତର ଚେତନାକୁ ଉଠାଇନିଅନ୍ତି । ଏଥିରେ ଆମ୍ଭମାନଙ୍କୁ ସାଧନାରେ ବିଶେଷ ସାହାଯ୍ୟ ମିଳେ । ଅତଏବ ମା'ଙ୍କୁ ସମର୍ପଣ କରିବା ଆବଶ୍ୟକ ।

ଭଗବାନ୍ ସର୍ବସମର୍ଥ । କିନ୍ତୁ ନୂତନ ଆଦର୍ଶ ବା ନୂତନ ଚେତନାକୁ ପୃଥିବୀରେ ସ୍ଥାପନ କରିବା ସମୟରେ ସେ ତାଙ୍କର ସେହି ସର୍ବଶକ୍ତିମତ୍ତାକୁ ପ୍ରୟୋଗ କରନ୍ତି ନାହିଁ । ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀକୁ ଆସନ୍ତି ଏବଂ ଶିକ୍ଷା ଦିଅନ୍ତି । ସେହି ସମୟ ଅତୀତ ହୋଇଗଲେ, ବ୍ୟକ୍ତିର ଚେତନା ବିକଶିତ ହୋଇଯାଏ । ସେହି ଅବତାରଙ୍କ ଶିକ୍ଷା ଥିବା ସତ୍ତ୍ୱେ ତଦ୍ଦ୍ୱାରା ବ୍ୟକ୍ତିର ଲାଭ ହୁଏ ନାହିଁ । ପୁନଶ୍ଚ ଭଗବାନ୍ ଅବତାର ନିଅନ୍ତି ।

ତ୍ରେତୟାରେ ଭଗବାନ୍ ଶ୍ରୀରାମରୂପେ ଅବତାର ନେଇ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ଶିକ୍ଷା ଦେଇଥିଲେ । ମନୁଷ୍ୟ-ଚେତନାର ବିକାଶ ହେବା ପରେ ଶ୍ରୀରାମଙ୍କ ଶିକ୍ଷା ଥିବା ସତ୍ତ୍ୱେ ନୂତନ ଚେତନା ପ୍ରତିଷ୍ଠା କରିବା ସକାଶେ ଶ୍ରୀକୃଷ୍ଣ ଅବତାର ନେଲେ । ପୃଥିବୀରେ ଭଗବାନଙ୍କର ଅବତାର ନ ଥିବା ଅବସ୍ଥାରେ ଅଶରୀରୀ ଭଗବାନଙ୍କୁ ସମର୍ପଣ କରି ତାଙ୍କ ଆଶ୍ରୟରେ ନିଜେ ପ୍ରଯତ୍ନ କରି ତାଙ୍କ ଶିକ୍ଷା ଦ୍ୱାରା ବ୍ୟକ୍ତି ତାଙ୍କୁ ପ୍ରାପ୍ତି କରିପାରେ । କିନ୍ତୁ ଏହି ପ୍ରଣାଳୀରେ ପୃଥିବୀରେ କୌଣସି ନୂତନ ଚେତନା ବା ନୂତନ ଆଦର୍ଶ ପ୍ରତିଷ୍ଠା ହୋଇପାରେ ନାହିଁ । ସେଥିସକାଶେ ଭଗବାନଙ୍କୁ ଏହି ଧରାଧାମକୁ ଆସିବାକୁ ହୁଏ । ସେ ସ୍ୱୟଂ ମନୁଷ୍ୟଜାତିର ସମସ୍ତ ଅପୂର୍ଣ୍ଣତା, ଦୋଷତ୍ରୁଟିକୁ ଗ୍ରହଣ କରନ୍ତି, ଆମ୍ଭମାନଙ୍କର ଦୁଃଖକଷ୍ଟକୁ ବହନ କରନ୍ତି । ନୂତନ ଚେତନା ସ୍ଥାପନ କରିବା ସକାଶେ ପ୍ରତିକୂଳ ଶକ୍ତି ସହିତ ଘୋର ଯୁଦ୍ଧ କରନ୍ତି । ଆମ୍ଭମାନଙ୍କ ସକାଶେ ନୂତନ ମାର୍ଗ ନିର୍ମାଣ କରନ୍ତି । ନିଜେ ସାଧନା କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖନ୍ତି; ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ଆମ୍ଭମାନଙ୍କ ଅଙ୍ଗୁଳି ଧରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି ।

ଶ୍ରୀରାମ, ଶ୍ରୀକୃଷ୍ଣ ମନୁଷ୍ୟ ଶରୀରରେ ଅବତାର ନେଇ ମନୁଷ୍ୟ ମଧ୍ୟସ୍ଥ ମନଃସ୍ତର ଚେତନାରେ ବିକାଶ କରାଇଥିଲେ । ପୃଥିବୀରେ ଗୋଟିଏ ଏକେବାରେ ନୂତନ ଚେତନା ସ୍ଥାପନ କରି ନ ଥିଲେ । ମା'ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେଉଛି ଏକେବାରେ ନୂତନ; ପଶୁ ପରେ ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ସଦୃଶ ମନୁଷ୍ୟ ପରେ ଅତିମାନବଜାତି ପ୍ରତିଷ୍ଠା, ମନୁଷ୍ୟର ଗୁଣଧର୍ମରୁ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂତନ । ମାନବର ଅପୂର୍ଣ୍ଣତା, ଅଜ୍ଞାନତା, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅଶାନ୍ତି, ନିରାନନ୍ଦ, ଶୋକତାପ, ମୋହମାୟା, ରୋଗ, ଜରା, ମୃତ୍ୟୁକୁ ଅତିମାନବ ଅତିକ୍ରମ କରିବ; ଏହା ଉପରେ ପୂର୍ଣ୍ଣତଃ ଅଧିକାର ପ୍ରାପ୍ତ ହେବ; ଏବଂ ନିବାସ କରିବ ପୂର୍ଣ୍ଣ ଜ୍ଞାନ, ଅଖଣ୍ଡ ଶାନ୍ତି, ରୋଗ-ଜରା-ମୃତ୍ୟୁମୁକ୍ତ ପୂର୍ଣ୍ଣ ଆନନ୍ଦରେ ।

ସେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ । ସେହି ଏକହିଁ ଅବସ୍ଥାରେ ଭାଗବତୀ ଶକ୍ତି ଦ୍ୱାରା ଭଗବାନଙ୍କ ଯନ୍ତ୍ରରୂପେ ପରିଚାଳିତ ହେବ । ଏହା ଫଳରେ ସମସ୍ତ ସଂସାରରେ ଗୋଟାଏ ପରିବର୍ତ୍ତନ ଆସିବ, ଏହି ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି କାର୍ଯ୍ୟ ମହାନ୍ ଦୁରୂହ । ଏହି କାର୍ଯ୍ୟ ସାଧକ ପକ୍ଷେ ଏକେବାରେ ଅସମ୍ଭବ । ସାଧକକୁ କେବଳ କରିବାକୁ ହୁଏ ମା'ଙ୍କ ଚରଣରେ ନିଜକୁ ସମର୍ପଣ । ରୂପାନ୍ତର କାର୍ଯ୍ୟ କରନ୍ତି ମା' । ଏହି କାରଣରୁ ମା'ଙ୍କ ଚରଣରେ ସାଧକର ସମସ୍ତ ସତ୍ତାର ସମର୍ପଣ ଅନିବାର୍ଯ୍ୟ ।

*

ପ୍ରଶ୍ନ : ତୁମେ ଯାହା କହୁଛ ତାହା ଏକେବାରେ ଯୁକ୍ତିଯୁକ୍ତ । ଏହାକୁ ପ୍ରମାଣ କରୁଅଛି ପରମପୁରୁଷ ଶ୍ରୀଅରବିନ୍ଦଙ୍କର ମୁଖନିଃସୃତ ବାକ୍ୟ । ଏହା ଯଥାର୍ଥ ହେବା ସତ୍ତ୍ୱେ ମନୁଷ୍ୟର ସ୍ୱଭାବ ବିଚିତ୍ର । ସେ ପ୍ରତ୍ୟକ୍ଷ ସତ୍ୟକୁ ଗ୍ରହଣ ନ କରି ସେଥିରେ ସନ୍ଦେହ କରେ । ଯଦି କେହି ମା'ଙ୍କୁ ଭାଗବତୀ ଜନନୀରୂପେ ଗ୍ରହଣ କରିବାକୁ ଅସମର୍ଥ ହୁଏ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା କରିବାକୁ ଚାହେଁ, ତେବେ କ'ଣ ସେ ସାଧନା କରିପାରିବ ନାହିଁ ? ଏପରି ବ୍ୟକ୍ତିଙ୍କ ସକାଶେ କ'ଣ କୌଣସି ଉପାୟ ନାହିଁ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ସକାଶେ ଉପାୟ ଅଛି । ପ୍ରତ୍ୟେକ ବ୍ୟକ୍ତି ସାଧନା କରିପାରିବେ । ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତି ଧାରଣା କରିବା ସହଜ । ଯଦି କାନ୍ଥରେ ଚିତା ଲେଖି ସେଥିରେ ଭଗବାନଙ୍କୁ ଧାରଣା କରାଯାଏ, ପଥରଗୁଡ଼ିଏ ରଖି ସେଥିରେ ଗ୍ରାମ-ଦେବତୀଙ୍କୁ ପୂଜା କରି ବ୍ୟକ୍ତି ଫଳ ପାଏ, ତେବେ ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତି ଧାରଣା କରିବାରେ ବ୍ୟକ୍ତିକୁ ଅସୁବିଧା କ'ଣ ? ଆଦ୍ୟାଶକ୍ତି ହେଲେ ନିରାଟ ସତ୍ୟ ବସ୍ତୁ । ତାଙ୍କୁ ଯଦି ମନ୍ଦିରର ପଥର ମୂର୍ତ୍ତିରେ, କାଗଜ ଫଟୋରେ ଧାରଣା କରି ବ୍ୟକ୍ତି ଫଳ ପାଏ, ତେବେ ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତି ଧାରଣା କରିବାରେ କ୍ଷତି କ'ଣ ? ମନୁଷ୍ୟ ଯେଉଁ ବସ୍ତୁରେ ଭଗବତ୍ ଧାରଣା ଦୃଢ଼ଭାବେ କରେ, ସେଥିରେ ଫଳ ପାଏ । ନାଭାଜିଙ୍କ ''ଭକ୍ତମାଳା''ର ଗୋଟିଏ ଚରିତ ଏଠାରେ ଉଲ୍ଲେଖ କରିବା : —

ସାଧୁସନ୍ଥମାନେ ପ୍ରାୟ ସର୍ବତ୍ର ବିଚରଣ କରି ଗାର୍ହସ୍ଥ୍ୟ ଭକ୍ତମାନଙ୍କୁ ସଦୁପଦେଶ ଦିଅନ୍ତି । ସେମାନେ ଯେଉଁ ସତ୍ୟ ଉପଲବ୍ଧି କରିଥାଆନ୍ତି ଅନ୍ୟକୁ ତାହା ପ୍ରାପ୍ତ ହେବା ମାର୍ଗର ନିର୍ଦ୍ଦେଶ ଦିଅନ୍ତି । ଦିନେ ଜଣେ ସାଧୁ ଗୋଟିଏ ଭକ୍ତର ଗୃହକୁ ଆଗମନ କଲେ । ସ୍ନାନ, ସନ୍ଧ୍ୟାପରେ ଠାକୁର ଝୋଲି ଖୋଲି ସେଥିରୁ ଗୋଟିଏ ଛୋଟ କିନ୍ତୁ ସୁନ୍ଦର ରୌପ୍ୟ ସିଂହାସନ ବାହାର କଲେ । ନିଜ ସମ୍ମୁଖରେ ସୁନ୍ଦର ବସ୍ତ୍ର ବିଛାଇ ତା'ପରେ ଠାକୁର ଶାଳଗ୍ରାମଙ୍କ ସିଂହାସନ ରଖିଲେ । ଶାଳଗ୍ରାମଙ୍କୁ ସ୍ନାନ କରାଇଲେ, ପୁଷ୍ପତୁଳସୀ, ଚନ୍ଦନ ଅର୍ପଣ କଲେ, ଭୋଗ ଦେଇ ଆଳତି କରି ସ୍ତୁତି କଲେ । ଏହିସବୁ କୃତ୍ୟ ଏକାଗ୍ରତା ସହ ଦେଖୁଥିଲା ସେହି ଗୃହର ଗୋଟିଏ ଛୋଟ ବାଳିକା । ପିତାମାତାଙ୍କର ସଂସ୍କାର ପ୍ରାପ୍ତ ହୁଏ ସନ୍ତାନମାନଙ୍କୁ । ପିତାମାତା ଭକ୍ତ ଥିବାରୁ ବାଲ୍ୟାବସ୍ଥାରୁ କନ୍ୟା ହୃଦୟରେ ଅଜ୍ଞାତରୂପେ ଭଗବତ୍ ଭକ୍ତି-ଭାଗୀରଥୀର ଏକ କ୍ଷୀଣ ସ୍ରୋତ ପ୍ରବାହିତ ହେଉଥିଲା । ମହାତ୍ମାଙ୍କ ଭକ୍ତିରୂପ ମାନସନନ୍ଦିନୀ ସରଯୁ-ସ୍ରୋତର ମିଳନରେ ତାହା ତୀବ୍ର ବେଗ ଧାରଣ କଲା । ବାଳିକା ଠାକୁରଙ୍କୁ ପୂଜା କରିବା ସକାଶେ ବିନୀତଭାବେ ମହାତ୍ମାଙ୍କଠାରୁ ଶାଳଗ୍ରାମ ମୂର୍ତ୍ତି ଭିକ୍ଷା କଲା । ମହାତ୍ମା ଯେତେ ବୁଝାଇଲେ ମଧ୍ୟ ସେଥିରେ ତାକୁ ସନ୍ତୋଷ ହେଲା ନାହିଁ । ଶେଷରେ ରାସ୍ତାରେ ପଡ଼ିଥିବା ଦୁଇଟି ପଥର ଗୋଟାଳି ଆଣି ବାଳିକାଟିକୁ ଦେଇ କହିଲେ, ''ଏହାଙ୍କୁ ପୂଜା କର ।'' ସରଳ-ହୃଦୟା ବାଳିକା ଦୃଷ୍ଟିରେ ସେହି ପଥର ଗୋଟାଳି ଥିଲା ଭଗବାନଙ୍କ ବିଗ୍ରହ । ତାଙ୍କୁ ପ୍ରତିଦିନ ସାନନ୍ଦ-ଉତ୍ସାହରେ ପୂଜା କରୁଥିଲା । ତା'ର ସମସ୍ତ ଆସକ୍ତି, ମମତା, ପ୍ରେମ ଏକତ୍ର ହୋଇଥିଲା ସେହି ବିଗ୍ରହରେ । ତାଙ୍କରି ସ୍ମରଣ, ତାଙ୍କରି ସ୍ତୁତି, ତାଙ୍କରି ଲୀଳା, ତାଙ୍କରି ଚରିତ୍ର ମନନରେ ସମସ୍ତ ସମୟ ବ୍ୟତୀତ କରୁଥିଲା ।

କିଛି ଦିନ ଏହିପରି ବିତିଗଲା । ବିବାହ ଉପଯୁକ୍ତ ହେବାରୁ ତା' ଅନିଚ୍ଛା ସତ୍ତ୍ୱେ ପିତାମାତା ତାକୁ ବିବାହ କରାଇଦେଲେ । ସେ ଦେଶର ପ୍ରଥାନୁସାରେ ବର ଏବଂ କନ୍ୟା ଗୋଟିଏ ସବାରିରେ ବରଗୃହକୁ ଯାଆନ୍ତି । ଯିବା ସମୟରେ କନ୍ୟା ନିଜ ସବାରିରେ ନିଜ ଠାକୁରଙ୍କ ପେଟାରୀ ରଖି ନେଲା । ନବ ବିବାହିତା ପତ୍ନୀ ସହିତ ଆମୋଦ-

ପ୍ରମୋଦରେ କଥାବାର୍ତ୍ତା କରିବାକୁ ପତି ଚାହୁଁଥାଏ । କିନ୍ତୁ ପତ୍ନୀର ମନ ଏବଂ ଚେତନା ଭଗବାନଙ୍କ ଚରଣାରବିନ୍ଦ-ମକରନ୍ଦରେ ନିମଜ୍ଜିତ ହୋଇଯାଇଥାଏ । ତାକୁ ସେହି ଆମୋଦ-ପ୍ରମୋଦ କଥାବାର୍ତ୍ତା ଶୁଷ୍କ, ନୀରସ, ନିରର୍ଥକ ଏବଂ ବିରକ୍ତିକର ପ୍ରତୀତ ହେଉଥାଏ । ପତ୍ନୀର ଏହି ଉଦାସୀନ ତଥା ପ୍ରତିକୂଳ ଅବସ୍ଥା ଦେଖି ପତି ଭୀଷଣ ରାଗିଗଲା । ପତ୍ନୀର ଉଦାସୀନ ଓ ବିରକ୍ତ ହେବାର କାରଣ କେବଳ ଠାକୁରଜି ବୋଲି ବୁଝି ପାରିଲା । ଗୋଟିଏ ନଦୀ ପାର ହେବା ସମୟରେ ନଦୀର ପ୍ରଖର ସ୍ରୋତରେ ପତ୍ନୀର ଠାକୁର ପେଟାରୀଟିକୁ ପତି ଫିଙ୍ଗି ଦେଲା । ଏଥିରେ ପତ୍ନୀର ହୃଦୟ ବିଦୀର୍ଣ୍ଣ ହୋଇଗଲା, ତା'ର ଶୋକର ସୀମା ରହିଲା ନାହିଁ । ତା' ଆଖିରୁ ଅନବରତ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଏହି ଅବସ୍ଥାରେ ସବାରି ପତିଗୃହରେ ପହଞ୍ଚିଲା । ବରକନ୍ୟାଙ୍କ ସବାରି ଦେଖି ଗୃହ ଏବଂ ଗ୍ରାମର ଲୋକମାନେ ଆନନ୍ଦିତ ହେଲେ, ମାତ୍ର ବୋହୂର ଅବସ୍ଥା ଦେଖି ସମସ୍ତଙ୍କ ମୁଖ ଶୁଖିଗଲା । ସେମାନେ ଭାବିଲେ, ''ବୋହୂ ପିତାଗୃହ ଛାଡ଼ି ଆସିଥିବାରୁ ବିଶେଷ ଦୁଃଖିତ ଅଛି ।'' ସେଥିନେଇ କୁଳାଚାର ପ୍ରଥାନୁସାରେ ଯେଉଁ ବିଧିବିଧାନ ହେବା କଥା ବୋହୂ ହାତ ଧରି ଅନ୍ୟମାନେ କରାଇନେଲେ । କିନ୍ତୁ ନବବଧୂର ଅବସ୍ଥା ଏକେବାରେ ଶୋଚନୀୟ । ଦିନରାତି ଆଖିରୁ ଅଶ୍ରୁବର୍ଷା । ଖାଇବା ନାହିଁ, ପିଇବା ନାହିଁ, କଥା ନାହିଁ, ବାର୍ତ୍ତା ନାହିଁ, ସ୍ନାନ ନାହିଁ, ନିଦ୍ରା ନାହିଁ । ଯିଏ ଉଠାଇ ଯେଉଁଠି ବସେଇ ଦେଲା ସେଇଠି । ବୋହୂର ଏହି ଅବସ୍ଥାରେ ଘରର ସମସ୍ତ ବ୍ୟକ୍ତି ଚିନ୍ତିତ ହେଲେ ଏବଂ ବିରକ୍ତ ହେଲେ । ପତି, ଶାଶୂ, ଶ୍ୱଶୁର ଏବଂ ଘରର ଅନ୍ୟାନ୍ୟ ବ୍ୟକ୍ତି ଥିଲେ କ୍ରୁର ଏବଂ ନାସ୍ତିକ । ସେମାନେ ବହୁ ପ୍ରକାର ତାଡ଼ନା ଦେଲେ, ଭୟ ଦେଖାଇଲେ, କିନ୍ତୁ ସବୁ ନିଷ୍ଫଳ । ଦିନକୁ ଦିନ ବୋହୂର ଅବସ୍ଥା ଅଧିକ ଖରାପ ହେବାକୁ ଲାଗିଲା । ସେମାନେ ଅନୁମାନ କଲେ ଆଉ ବଞ୍ଚିବାର ଆଶା ନାହିଁ । ଏ ଅବସ୍ଥା ଦେଖି ପତି ବିଶେଷ ଚିନ୍ତିତ ଏବଂ ବ୍ୟାକୁଳ ହୋଇ ପତ୍ନୀକୁ ପଚାରିଲା, ''ଏହି ଅବସ୍ଥାରୁ ତୋର ମୁକ୍ତ ହେବାର ଉପାୟ କ'ଣ ?'' ସେ ଉତ୍ତର ଦେଲା, ''ମୋ ସକାଶେ ଦୁଇଟି ମାର୍ଗ, ଗୋଟିଏ ହେଲା ମୋର ଯେଉଁ ଠାକୁରଙ୍କୁ ନଦୀସ୍ରୋତରେ ପକାଇ ଦେଇଛ ତାଙ୍କୁ ପାଇଲେ ମୋର ଏହି ଅବସ୍ଥା ଦୂର ହେବ ଅଥବା ମୃତ୍ୟୁ । ଏହାଛଡ଼ା ତୃତୀୟ ମାର୍ଗ ନାହିଁ ।'' ପତି ବିସ୍ମିତ ଏବଂ ବ୍ୟାକୁଳ ହୋଇ କହିଲା, ''ଠାକୁରଙ୍କୁ ପାଇବା ଅସମ୍ଭବ, ଠାକୁରଙ୍କ ପେଟାରୀ ନଦୀ ସ୍ରୋତରେ ଭାସିଯାଇଛି ଆଉ ମିଳିବ ନାହିଁ ।'' ପତ୍ନୀ ଉତ୍ତର ଦେଲା, ''ମୋ ପ୍ରଭୁ ସବୁ କରିପାରନ୍ତି, ସକଳଙ୍କ ହୃଦୟ ବେଦନା ଜାଣନ୍ତି, ସେ ସର୍ବସମର୍ଥ । ତୁମେ ଯେଉଁ ନଦୀରେ ମୋ ଠାକୁରଙ୍କୁ ପକାଇ ଦେଇଥିଲ ସେଠାକୁ ମୋତେ ନେଇ ଚାଲ, ମୋ ପ୍ରଭୁ ଅବଶ୍ୟ ମୋ ପାଖକୁ ଆସିବେ ।'' ଏହା ବଡ଼ ଆଶ୍ଚର୍ଯ୍ୟ ଏବଂ କୌତୂହଳର ବିଷୟ – ''ନଦୀ-ସ୍ରୋତରେ ଭାସି ଯାଇଥିବା ପେଟାରୀ ପ୍ରାପ୍ତ ହେବ ।'' ଏହା ଏକେବାରେ ଅସମ୍ଭବ । ତଥାପି ବ୍ୟକ୍ତି ବିପଦରେ ପଡ଼ିଲେ, ବ୍ୟଥିତ ହେଲେ, ତା'ର ଅଭିଳଷିତ ବସ୍ତୁ ପ୍ରାପ୍ତିର ସମ୍ଭାବନା ଅସମ୍ଭାବନାକୁ ବିଚାର କରିପାରେ ନାହିଁ । ପତ୍ନୀକୁ ସେହି ନଦୀ ଘାଟକୁ ନେଇଯିବା ଠିକ୍ କରି ପିତାମାତାଙ୍କୁ ସମସ୍ତ ଘଟଣା କହିଲା । ପିତାମାତାଙ୍କର ବିଶ୍ୱାସ ନ ଥିଲା; ମାତ୍ର ଏତେ ଟଙ୍କା ଖର୍ଚ୍ଚ କରି ବୋହୂଟିଏ ପାଇଥିଲେ, ତାକୁ ମୃତ୍ୟୁ ମୁଖରୁ ଉଦ୍ଧାର କରିବା କ୍ଷୀଣ ଆଶାରେ ସେମାନେ ମଧ୍ୟ ଯିବାକୁ ପ୍ରସ୍ତୁତ ହେଲେ । ଏହି ଘଟଣା କଥା କଥାରେ ଚାରିଆଡ଼େ ବ୍ୟାପି ଗଲା । କୌତୂହଳରେ ବହୁସଂଖ୍ୟକ ନରନାରୀ ଦେଖିବା ସକାଶେ ସେମାନଙ୍କ ସଙ୍ଗେ ଯାତ୍ରା କଲେ । ନଦୀଘାଟରେ ହେଲା ଲୋକାରଣ୍ୟ । ସେଠାରେ ପହୁଞ୍ଚିବା ମାତ୍ରେ ବୋହୂ ନଦୀରେ ପ୍ରବେଶ କଲା ଏବଂ ସଙ୍ଗେ ସଙ୍ଗେ ତାରି ଠାକୁର-ପେଟାରୀ ପ୍ରବାହିତ ସ୍ରୋତର ବିପରୀତ ମାର୍ଗରୁ ଆସି ବୋହୂର ହୃଦୟରେ ଲାଗିଗଲା । ବୋହୂର ହୃଦୟ ଆନନ୍ଦରେ ଉଛୁଳି ପଡ଼ିଲା । ଦେଖଣାହାରୀଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସମସ୍ତ ବ୍ୟକ୍ତି ଆନନ୍ଦ-ଉତ୍ସାହରେ ଘରକୁ ଫେରିଲେ । ସେହି ଦିନଠାରୁ ପତି, ଶାଶୂ, ଶଶୁର ତଥା ସମସ୍ତ ପରିବାର ଭଗବାନଙ୍କୁ ପୂଜା କଲେ । ସେ ଘର ହେଲା ଭଗବାନଙ୍କ ମନ୍ଦିର । ସେମାନେ ବୋହୂକୁ ନିଜ ନିଜ ଜୀବନର ପଥ-ପ୍ରଦର୍ଶିକା ରୂପେ ଆଦର-ସମ୍ମାନ ଓ ସ୍ନେହ କଲେ । ଏହି ଘଟଣାରେ ବହୁତ ନାସ୍ତିକ ଲୋକ ଈଶ୍ୱର-ଭକ୍ତ ହୋଇଗଲେ ।

ଭଗବାନ୍ ସର୍ବତ୍ର ବିଦ୍ୟମାନ । ତାଙ୍କୁ ଯେଉଁଠାରେ ବିଶ୍ୱାସ କରାଯାଏ ସେଠାରେ ସେ ପ୍ରଗଟ ହୁଅନ୍ତି । ବ୍ୟକ୍ତିର ନିଷ୍ଠା ଏବଂ ବିଶ୍ୱାସ ଉପରେ ସବୁ ନିର୍ଭର କରେ ।

ମା' ଆଦ୍ୟାଶକ୍ତି । ଆଦ୍ୟାଶକ୍ତିଙ୍କ ଛଡ଼ା ସଂସାରରେ ନୂତନ ମାନବଜାତି ସ୍ଥାପନା ଅନ୍ୟ କୌଣସି ଶକ୍ତି ଦ୍ୱାରା ସମ୍ଭବ ନୁହେଁ । ତଥାପି ଯେଉଁମାନେ ମା'ଙ୍କୁ ଆଦ୍ୟାଶକ୍ତି ବୋଲି ବିଶ୍ୱାସ କରିବାକୁ ସକ୍ଷମ ସେମାନେ ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତିଙ୍କୁ ସହଜରେ କଳ୍ପନା କରିପାରନ୍ତି ।

ମନୁଷ୍ୟ ବଞ୍ଚି ରହିବାହିଁ କର୍ମ । ନିଃଶ୍ୱାସ-ପ୍ରଶ୍ୱାସ ପ୍ରବାହିତ ହେବା ପର୍ଯ୍ୟନ୍ତ ବି କର୍ମର ଅନ୍ତର୍ଗତ । ମନୁଷ୍ୟ କର୍ମ ବିନା ଏକକ୍ଷଣ ରହିପାରେ ନାହିଁ । କର୍ମ ବନ୍ଧନର କାରଣ । ଏହାହିଁ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରାଏ । କିନ୍ତୁ ଏହି କର୍ମ ଭଗବାନଙ୍କ ଚରଣରେ ସମର୍ପିତ ହେଲେ ମନୁଷ୍ୟ ଜନ୍ମ-ମରଣର ଦୁଃଖଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ପ୍ରତ୍ୟେକ ସତ୍ତାରେ ଭଗବାନଙ୍କୁ ଉପଲବ୍ଧି କରିପାରେ । ଅତଏବ ମନୁଷ୍ୟ ପକ୍ଷେ କର୍ମ-ସମର୍ପଣହିଁ ଏକମାତ୍ର ପନ୍ଥା । ରୂପାନ୍ତର-ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ସମସ୍ତ ସତ୍ତା ରୂପାନ୍ତର ହେଉଥିବାରୁ, କର୍ମ-ସମର୍ପଣ ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।

(୨)

ଗାର୍ହସ୍ଥ୍ୟାଶ୍ରମରେ ସମର୍ପଣର ପ୍ରଣାଳୀ

ପ୍ରଶ୍ନ : ଏହି ଯୋଗରେ ମା'ଙ୍କୁ ସମର୍ପଣ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏହା ଠିକ୍ । କିନ୍ତୁ ଯେଉଁମାନେ ଘର-ପରିବାର ଛାଡ଼ି ଆଶ୍ରମରେ ରହୁଛନ୍ତି ସେମାନଙ୍କ କଥା ଭିନ୍ନ । ଆମ୍ଭେମାନେ ଘରେ ରହୁଅଛୁ । ମନ ଏକକ୍ଷଣ ସ୍ଥିର ନାହିଁ । ସକାଳୁ ଉଠିଲେ ଲୁଣ-ତେଲଠାରୁ ଆରମ୍ଭ କରି ଧାନ-ଚାଉଳର ଚିନ୍ତା, ପିଲାର ରୋଗ, ଝିଅର ବିଭାଘର, ଶାଶୂ ବୋହୂରେ କଳି, ପଡ଼ୋଶୀ ସହିତ ମାଲିମୋକଦ୍ଦମା । ଆଜି ଗୋଟାଏ ବସ୍ତୁର ଅଭାବ ତ କାଲି ଅନ୍ୟଟା । ଅନ୍ୟାୟରେ ହେଉ ବା ନ୍ୟାୟରେ ହେଉ ଉପର ଅଫିସରଙ୍କୁ ଖୁସି ରଖିବାକୁ ହେବ । ସ୍ତ୍ରୀ ଦୀର୍ଘରୋଗଗ୍ରସ୍ତା, ବିଛଣାରୁ ଉଠିବାର ଶକ୍ତି ନାହିଁ । ଛୋଟ ଛୋଟ ପିଲାଗୁଡ଼ିଙ୍କୁ ସମ୍ଭାଳିବ କିଏ ? ମା' ଚାହେଁ ନାତିନାତୁଣୀଙ୍କର ଆହ୍ଲାଦକାରୀ ଅସ୍ପଷ୍ଟ କଥା । ତାକୁ ସନ୍ତୁଷ୍ଟ କଲେ ମହାବିପଦ । ବୃଦ୍ଧାମାତାର ଦୁଃଖ ଯୋଗୁଁ ହୃଦୟ ଅଶାନ୍ତ । ଏହିପରି ବହୁପ୍ରକାର ଦୁଃଖ-ଦୁର୍ଦ୍ଦଶା ଏବଂ ଅଭାବ-ଅନାଟନର ମଧ୍ୟରେ ଅଧ୍ୟାତ୍ମ ସାଧନା କିପରି ହେବ ? ସେଥିପାଇଁ ଶାନ୍ତ, ନୀରବ ଏକାଗ୍ରତାର ଆବଶ୍ୟକ । ଏହି ପ୍ରତିକୂଳ ଅବସ୍ଥାରେ ଆମ୍ଭେମାନେ କିପରି ମା'ଙ୍କୁ ସ୍ମରଣ କରିବୁ ? ସ୍ମରଣ ନ କଲେ ସକଳ କର୍ମ ମା'ଙ୍କୁ ସମର୍ପଣ କରିବା ସମ୍ଭବ ନୁହେଁ । ଏହାର ଯଦି କୌଣସି ସରଳ ମାର୍ଗ ଥାଏ କହନ୍ତୁ ।

ଉତ୍ତର : ସରଳ ମାର୍ଗ ହେଲା ଦୃଢ଼ ନିଷ୍ଠା । ମନୁଷ୍ୟ ଯେକୌଣସି କାର୍ଯ୍ୟକୁ ଦୃଢ଼ ନିଷ୍ଠା ସହ କରିବାକୁ ଚାହିଁଲେ ତାହା ସେ କରିପାରେ ଏବଂ ସେଥିରେ ଭଗବାନ୍ ସାହାଯ୍ୟ କରନ୍ତି । କିନ୍ତୁ କର୍ମ ହେବା ଉଚିତ ସତ୍ୟ ତଥା ଯଥାର୍ଥ ନିଷ୍ଠା ସହ ନିଷ୍କପଟ ଭାବରେ ।

ଯେଉଁ ସଂସାର-ଜଞ୍ଜାଳକୁ ସାଧନାର ମହାନ୍ ପ୍ରତିକୂଳ ଅବସ୍ଥା ବୋଲି କହୁଛନ୍ତି ତାହା ପ୍ରକୃତରେ ପ୍ରତିକୂଳ ନୁହେଁ । ତାହା ଭଗବତ୍ ପ୍ରାପ୍ତିର ଗୋଟିଏ ମାର୍ଗ ବା ଉପାୟ । ତାହାରି ମଧ୍ୟଦେଇ ବ୍ୟକ୍ତିକୁ ଯାତ୍ରା କରିବାକୁ ହୁଏ । ପ୍ରତିକୂଳ ହୁଏ କେବଳ ନିଜର ଆସକ୍ତି ଏବଂ ମୋହ । ଶୁଆ ଧରିବା ବ୍ୟକ୍ତି ଗୋଟିଏ ବେତକୁ ମଣ୍ଡଳାକାର କରି, ଦୁଇଟି ବଡ଼ ବଡ଼ ଖୁଣ୍ଟି ପୋତି ମଝିରେ ଖଣ୍ଡେ କାଠ ଲଗେଇ ଦିଅନ୍ତି ଏବଂ ମଝିରେ ଥିବା କାଠ ଉପରେ ଗୋଟିଏ ପତଳା କାଠର ଆଶ୍ରୟରେ ମଣ୍ଡଳାକାର ବେତକୁ ରଖି ତା' ପାଖରେ ଗୋଟିଏ ଫଳ ରଖି ଦିଅନ୍ତି । ଫଳଲୋଭରେ ଶୁଆ ମଣ୍ଡଳାକାର ବେତ ଉପରେ ବସେ । ଶୁଆ ବସିବା ସଙ୍ଗେ ସଙ୍ଗେ ମଣ୍ଡଳାକାର ବେତକୁ ଧରିଥିବା କାଠଟି ପଡ଼ିଯାଏ ଏବଂ ହଠାତ୍ ମଣ୍ଡଳାକାର ବେତଟି ବୁଲିଯାଏ । ଶୁଆ ଧରିଥାଏ ବେତକୁ, କିନ୍ତୁ ତା'ର ପିଠି ହୋଇଯାଏ ଭୂମି ଆଡ଼କୁ । ସେ ବେତ ଛାଡ଼ି ସହଜରେ ଉଡ଼ି ପଳାଇପାରନ୍ତା । ମାତ୍ର ମୋହ ଏବଂ ଅଜ୍ଞାନତାବଶତଃ ସେ ନିଜ ଉଡ଼ିବା ଶକ୍ତିକୁ

ଭୁଲିଯାଏ, ଏବଂ ଭାବେ, ''ବେତ ଛାଡ଼ି ଦେଲେ ପଡ଼ିଯିବି ।'' ସେହି ସକାଶେ ସେ ବେତକୁ ଛାଡ଼ିପାରେ ନାହିଁ, ଲୋକମାନେ ଆସି ତାକୁ ଧରି ନିଅନ୍ତି । ଠିକ୍ ମନୁଷ୍ୟ ଏହିପରି ଅଜ୍ଞାନ ଏବଂ ମୋହ ଯୋଗୁଁ ପାରିବାରିକ ଦୁଃଖକଷ୍ଟ ଭୋଗୁ ଥାଏ, ସେଥିରୁ ଉଦ୍ଧାର ହୋଇପାରେ ନାହିଁ । ପ୍ରଥମରେ ପରିବାରର ସ୍ୱରୂପ ଜାଣିବାକୁ ହେବ, ତା'ପରେ ବ୍ୟକ୍ତି ଚାହିଁଲେ ଠିକ୍ ଠିକ୍ କର୍ତ୍ତବ୍ୟ କରିପାରିବ ।

*

ପ୍ରଶ୍ନ : ପରିବାରର ଯଥାର୍ଥ ଉଦ୍ଦେଶ୍ୟ କ'ଣ ?

ଉତ୍ତର : ପରସ୍ପର ସାହାଯ୍ୟରେ ବ୍ୟକ୍ତିର ଆତ୍ମ-ବିକାଶ ସକାଶେ ପରିବାର ଏକ କେନ୍ଦ୍ର । ମୋହ-ଆସକ୍ତିର ଜାଲ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ କର୍ମକୁ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ଅର୍ପଣ କଲେ ସେଥିରେ ବ୍ୟକ୍ତିର ଆତ୍ମବିକାଶ ହୁଏ ତଥା ଜୀବନର ଲକ୍ଷ୍ୟ ପ୍ରାପ୍ତ ହୁଏ । ସୃଷ୍ଟି ସେହି ଏକ ଭଗବାନଙ୍କର, ସୃଷ୍ଟି କର୍ତ୍ତା ମଧ୍ୟ ସେ । ଅଜ୍ଞାନ ଦ୍ୱାରା ସୃଷ୍ଟି ପରିଚାଳିତ ହୁଏ । ସେହି ସକାଶେ ଅଜ୍ଞାନକୁ ଭଗବାନ୍ ଜଗତରେ ଛାଡ଼ି ଦେଇଛନ୍ତି । ବ୍ୟକ୍ତି ଅଜ୍ଞାନ ଓ ମୋହର ଦାସ ହୋଇ ରହିବା ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ । ଏହି ଅଜ୍ଞାନ ମଧ୍ୟ ଦେଇ ଜ୍ଞାନରେ ପଦାର୍ପଣ କରିବା ତାଙ୍କର ସୃଷ୍ଟିର ଉଦ୍ଦେଶ୍ୟ । ଜ୍ଞାନ ମଧ୍ୟରେ ପ୍ରବେଶ କରିବା କାର୍ଯ୍ୟରେ ଜୀବକୁ ସାହାଯ୍ୟ କରିବା ସକାଶେ ଭଗବାନ୍ ବାରଂବାର ଏହି ପୃଥିବୀରେ ମାନବ ଶରୀରରେ ଅବତାର ନିଅନ୍ତି ।

ପ୍ରତ୍ୟେକ ଜୀବ ଏହି ସଂସାରକୁ ଆସନ୍ତି ନିଜ ନିଜ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀରେ । ସ୍ୱର୍ଗ ଏବଂ ଅନ୍ୟାନ୍ୟ ଦିବ୍ୟ ଲୋକରେ ବିକାଶ ହୁଏ ନାହିଁ । ବ୍ୟକ୍ତି ସେବା କରିବା ସଦୃଶ ଏହି ଲୋକରେ କର୍ମ କରେ ଏବଂ ପେନ୍‌ସନ୍ ପାଇବା ସଦୃଶ ଦିବ୍ୟ ଲୋକକୁ ପ୍ରାପ୍ତ ହୁଏ । ଏହି ପୃଥିବୀକୁ ଆସିଲେ ପିତାମାତା ବା ପରିବାରର ଆବଶ୍ୟକ ହୁଏ । କାରଣ ଶରୀର ହେଲା ନିର୍ଭରଶୀଳ । ବାଲ୍ୟ ଅବସ୍ଥାରେ ପିତାମାତାଙ୍କର ଲାଳନ-ପାଳନ ବିନା ଶିଶୁ ନିଜ ଶରୀର ରକ୍ଷା କରିବାରେ ଅସମର୍ଥ । ବୃଦ୍ଧ ପିତାମାତାଙ୍କ ପାଳନପୋଷଣର ଭାର ପଡ଼େ ସନ୍ତାନ ଉପରେ । ବ୍ୟକ୍ତିର ଶରୀର ରକ୍ଷା ସକାଶେ ଭଗବାନ୍ ପରିବାରର ବ୍ୟବସ୍ଥା କରିଅଛନ୍ତି । ଏହାରି ନାମ ସଂସାର । ମନୁଷ୍ୟର ଯଦି ଏତିକି ବୋଧ ନିଜ ଚେତନାରେ ଥାଆନ୍ତା, ତେବେ ତାକୁ କୌଣସି ଦୁଃଖକଷ୍ଟ ହୁଅନ୍ତା ନାହିଁ । ଭଗବାନ୍ ଏହିଠାରେ ରଖିଦେଲେ ତାଙ୍କ ମାୟାକୁ । ବ୍ୟକ୍ତି ଏହି ସଂସାରକୁ କାହିଁକି ଆସିଛି, ତା'ର ଲକ୍ଷ୍ୟ କ'ଣ ଏବଂ ପରିବାରରେ ତା'ର ସମ୍ବନ୍ଧ କ'ଣ – ଏହା ସେ ଭୁଲିଗଲା । ମୋହାନ୍ଧ ହୋଇ ଆସକ୍ତିବଶତଃ ଭାବିଲା ସ୍ତ୍ରୀ, ପୁତ୍ର, କନ୍ୟା, ଘର, ସମ୍ପତ୍ତି, ପଦ-ମର୍ଯ୍ୟାଦା, ମାନ-ସମ୍ମାନ 'ମୋର' । 'ମୋର' ମନେ କରିବାଟା ହେଲା ମୋହ ଏବଂ ଅଜ୍ଞାନ । କେବଳ ଏହି ସକାଶେ ମନୁଷ୍ୟ ଦୁଃଖକଷ୍ଟ ଭୋଗେ, ଅନ୍ୟାୟ-ଅସତ୍ୟ କର୍ମ କରେ ଏବଂ ତା'ର ପରିଣାମ ଭୋଗ କରେ । ପୁତ୍ର ରୋଗରେ ପଡ଼ିଲେ ବ୍ୟକ୍ତି ମର୍ମାହତ ହୋଇପଡ଼େ, କନ୍ୟାର ନିନ୍ଦାରେ ହୃଦୟ ବିଦୀର୍ଣ୍ଣ ହୋଇଯାଏ, ପତ୍ନୀର ତିରସ୍କାରରେ ହୃଦୟ ଜଳିଯାଏ; ଶତ୍ରୁର ଶ୍ରୀବୃଦ୍ଧିରେ କାତର ହୋଇପଡ଼େ, ମନରେ ଉଦ୍‌ବେଗ ଓ ବ୍ୟଥା ଆସେ, ମନ ସ୍ଥିର ହୋଇପାରେ ନାହିଁ କିଂବା ଯଥାର୍ଥ ଚିନ୍ତା କରିବାର ଅବକାଶ ପାଏ ନାହିଁ । ଶେଷରେ ଜୀବନକୁ ନଷ୍ଟ କରେ ।

*

ପ୍ରଶ୍ନ : ଏଥିରୁ ଏକେବାରେ ସ୍ପଷ୍ଟ ହେଉଛି ଯେ ପାରିବାରିକ ମୋହ କାରଣରୁ ବ୍ୟକ୍ତି ଭଗବତ୍ ପ୍ରାପ୍ତି ନିମିତ୍ତ ସାଧନା କରିବାରେ ଅସମର୍ଥ ହୁଏ; ଏଥିରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : ଏଥିରୁ ମୁକ୍ତ ହେବାର ଉପାୟ ହେଲା ପ୍ରଥମରେ ନିଜ ଜୀବନର ଲକ୍ଷ୍ୟ ଜାଣିବା । ଏବିଷୟ ପୂର୍ବେ ଆଲୋଚିତ ହୋଇଛି । ତା'ପରେ ପରିବାରର ସ୍ୱରୂପ ଜାଣିବା । ତାହା ମଧ୍ୟ ଆଲୋଚିତ ହେଲା । ବର୍ତ୍ତମାନ ଜାଣିବାକୁ ହେବ ପରିବାରର ବ୍ୟକ୍ତିଙ୍କ ସହିତ କିପରିଭାବରେ ବ୍ୟବହାର କଲେ ବ୍ୟକ୍ତି ଏହି ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ ।

ଏହା ଏକେବାରେ ସ୍ପଷ୍ଟ ଯେ ସମସ୍ତ ବ୍ୟକ୍ତି ଆସିଛନ୍ତି ନିଜ ନିଜ ବିକାଶ ସକାଶେ । ପିତାମାତା, ସ୍ତ୍ରୀ-ପୁତ୍ରାଦି ପାରିବାରିକ ସମ୍ବନ୍ଧ ଏକେବାରେ ଭ୍ରମ । ଏହି ସମ୍ବନ୍ଧ ପୂର୍ବେ ନ ଥିଲା, ପରେ ରହିବ ନାହିଁ, ବର୍ତ୍ତମାନ ଭ୍ରମବଶତଃ ସ୍ୱପ୍ନକୁ

ବ୍ୟକ୍ତି ସତ୍ୟ ମାନିବା ସଦୃଶ ଏହି ସମ୍ବନ୍ଧକୁ ସତ୍ୟ ମାନି ଦୁଃଖ ଭୋଗୁଅଛି । ଏହାର ପ୍ରତ୍ୟକ୍ଷ ପ୍ରମାଣ ହେଉଅଛି ଏହି,— ଯେଉଁ ବ୍ୟକ୍ତି ପୁତ୍ର, କନ୍ୟା, ସ୍ତ୍ରୀଙ୍କୁ ନିଜର ମନେକରେ, ସେମାନଙ୍କ ସକାଶେ ଦୁଃଖକଷ୍ଟ ଭୋଗ କରେ, ମୃତ୍ୟୁ ପରେ ଅନ୍ୟ ଘରେ ଜନ୍ମ ହେଲେ ତାକୁ ସେମାନେ ଚିହ୍ନନ୍ତି ନାହିଁ, ଏପରିକି ତା'ର ମୃତ୍ୟୁ ପରେ ପରଜନ୍ମରେ ତା' ସହିତ ଶତ୍ରୁତା ମଧ୍ୟ ଆଚରଣ କରିପାରନ୍ତି । ସେ ଅନ୍ୟାୟ ଓ ଅସତ୍ୟ ଆଚରଣରେ ଆତ୍ମବଳି ଦେଇ ଗରିବଙ୍କ ତଣ୍ଟି ଚିପି ଯେଉଁ ଧନ ସଞ୍ଚୟ କରିଥାଏ, ସେହି ଧନର ମାଲିକ ହୋଇଥାଆନ୍ତି ସ୍ତ୍ରୀ, ପୁତ୍ର ଅଥବା ଅନ୍ୟ କୌଣସି ବ୍ୟକ୍ତି । ସେହି ଉପାର୍ଜିତ ଧନରୁ ଗୋଟିଏ ମାତ୍ର ପଇସା ପାଇବାକୁ ହକ୍‌ଦାର ସେ ନୁହେଁ । ମନୁଷ୍ୟର ଆସକ୍ତି ଥାଏ ଏହି ପରିବାର, ଧନ-ସମ୍ପତ୍ତି ଏବଂ ମାନ-ପ୍ରତିଷ୍ଠାରେ । ଏହିସବୁ ଅସତ୍ୟ ଏବଂ ଆରୋପିତ । ଯଥାର୍ଥରେ ଏସମସ୍ତ ଭଗବାନଙ୍କର । ଏହା ପୂର୍ବେ ଭଗବାନଙ୍କର ଥିଲା, ପରେ ରହିବ, ବର୍ତ୍ତମାନ ମଧ୍ୟ ରହିଛି । ଭଗବାନ୍ ଚାହାନ୍ତି ପ୍ରତ୍ୟେକ ପ୍ରାଣୀର ବିକାଶ । ସେହି ସକାଶେ ସେ ସଂସାର ଏବଂ ପରିବାରର ବ୍ୟବସ୍ଥା କରିଛନ୍ତି । ପରିବାର ନିମିତ୍ତ ବ୍ୟକ୍ତିର ଯେଉଁ କର୍ତ୍ତବ୍ୟ ବା ସେବା ତାହା ଯଥାର୍ଥରେ ଭଗବାନଙ୍କର । ଭଗବାନ୍ ତାକୁ ତା'ର ଆତ୍ମବିକାଶ ସକାଶେ ନିଯୁକ୍ତ କରିଛନ୍ତି । ସେ ଏହି ପରିବାରକୁ ଭଗବାନଙ୍କର ଏବଂ ଏହି ସେବାକୁ ଭଗବାନଙ୍କର ମାନି ତାଙ୍କୁ ସମର୍ପଣ କଲେ ତା'ର ଆତ୍ମ-ବିକାଶ ହୁଏ ଏବଂ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ସେ ନ ପଡ଼ି ସୁଖଶାନ୍ତିମୟ ଜୀବନ ଯାପନ କରେ । ଏହି ଭଗବାନଙ୍କର ବସ୍ତୁକୁ ମୋହ ଓ ଅଜ୍ଞାନର ବଶ ହୋଇ ବ୍ୟକ୍ତି ନିଜର ମାନିନେବାରୁ ଚୋର ଅନ୍ୟର ଧନକୁ ଅପହରଣ କରି ଦଣ୍ଡ ଭୋଗ କରିବା ଭଳି ନାନା ପ୍ରକାର ଦୁଃଖକଷ୍ଟ ଭୋଗେ ଏବଂ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରେ ।

ପ୍ରତ୍ୟେକ ବ୍ୟକ୍ତି ଏହି ସଂସାରକୁ ଆସିବା ପୂର୍ବରୁ ଜୀବନରେ ନିଜର ଆତ୍ମ-ବିକାଶ ସକାଶେ ସୁଖ, ଦୁଃଖ, ଭଲ, ମନ୍ଦ, ରୋଗ, ମୃତ୍ୟୁ ନିର୍ଦ୍ଧାରଣ କରେ । ତା'ର ବିକାଶ ଶେଷ ହେଲେ ଶରୀର ତ୍ୟାଗ କରି ଚାଲିଯାଏ । ପିତାମାତାମାନେ ମୋହବଶ ହୋଇ ପୁତ୍ରର ଏହି ଜୀବନ-ରହସ୍ୟକୁ ଭେଦ କରି ନ ପାରି ତା'ର ରୋଗ ତଥା ଭଲ ମନ୍ଦରେ ମର୍ମାହତ ହୋଇ ପଡ଼ନ୍ତି, ତା'ର ମୃତ୍ୟୁରେ ସେମାନଙ୍କ ଜୀବନ ବ୍ୟର୍ଥ ଏବଂ ଯାତନାମୟ ବୋଲି ସେମାନେ ମନେ କରନ୍ତି । ସେହି ବିକାଶଶୀଳ ଗୋଟିଏ ଆତ୍ମାକୁ ନିଜର ପୁତ୍ର ବୋଲି ମନେ କରିଥିବାରୁ ପିତାମାତାଙ୍କୁ ଅପାର ଦୁଃଖ ହୁଏ । ଏହି ଦୁଃଖର କାରଣ ପୁତ୍ର ନୁହେଁ, କାରଣ କେବଳ ନିଜ ମୋହ । ଅନ୍ୟର ପୁତ୍ରର ଦୁଃଖ, ଶୋକ ବା ମୃତ୍ୟୁରେ ଅନ୍ୟ ପିତାମାତାଙ୍କୁ ଦୁଃଖ ହୁଏ ନାହିଁ; କାରଣ ସେଥିରେ ସେମାନଙ୍କର ମୋହ ନ ଥାଏ । ଯଥାର୍ଥରେ ନିଜର ସନ୍ତାନ ଏବଂ ଅନ୍ୟର ସନ୍ତାନ ସହିତ ପିତାମାତାଙ୍କର କୌଣସି ସ୍ଥାୟୀ ସମ୍ବନ୍ଧ ନ ଥାଏ । ସୁତରାଂ ଆତ୍ମା କାହାର ପିତା ବା କାହାର ପୁତ୍ର ? ସେ ତ ଭଗବତ୍ ଦିବ୍ୟ ଅଂଶ ଏବଂ ଶାଶ୍ୱତ । ସେ ଶରୀର ଧାରଣ କରେ ବିକାଶ ସକାଶେ । ତା'ର ନିର୍ଦ୍ଧାରିତ ବିକାଶ ହୋଇଗଲେ ସେ ଶରୀର ଛାଡ଼ି ଚାଲିଯାଏ । ଯେପର୍ଯ୍ୟନ୍ତ ସେ ବିକାଶର ଶେଷ ଲକ୍ଷ୍ୟରେ ନ ପହଞ୍ଚେ ସେପର୍ଯ୍ୟନ୍ତ ସେ ଶରୀର ଧାରଣ କରୁଥାଏ । ଏହାହିଁ ଜୀବନ ଏବଂ ସଂସାରର ରହସ୍ୟ । ମୋହମାୟାଗ୍ରସ୍ତ ବ୍ୟକ୍ତି ଏହି ରହସ୍ୟ ନ ଜାଣି ସ୍ତ୍ରୀ-ପୁତ୍ରାଦିରେ ଆସକ୍ତ ହୋଇ ନିଜ ଆତ୍ମୋନ୍ନତିରେ ବ୍ୟାଘାତ ଘଟାଏ ।

ଘର-ପରିବାର, ସ୍ତ୍ରୀ-ପୁତ୍ର, ଭାଇବନ୍ଧୁଙ୍କୁ ତଥା ସମସ୍ତ ସମ୍ପତ୍ତି ଏବଂ ନିଜକୁ ଭଗବାନଙ୍କର ମାନି ନିଅ । ଭଗବତ୍ ପ୍ରାପ୍ତି ସକାଶେ ଏହି ସେବାରେ ଭଗବାନ୍ ନିଯୁକ୍ତ କରିଛନ୍ତି ଜାଣି, ପରିବାର ଅର୍ଥେ ସମସ୍ତ କର୍ମ ଭଗବାନଙ୍କ ସେବାରୂପେ ସମ୍ପନ୍ନ କରି ତାଙ୍କରି ଚରଣରେ ତାହା ସମର୍ପଣ କର । କର୍ମ କର ନ୍ୟାୟ, ସତ୍ୟ ଏବଂ ଯଥାର୍ଥ ଭାବରେ । କାରଣ ଭଗବାନ୍ ସର୍ବସ୍ଥାନରେ ବିଦ୍ୟମାନ । ସେ ତୁମର ସମସ୍ତ କର୍ମ ଦେଖୁଛନ୍ତି, ତୁମର ସମସ୍ତ ଭାବ ଜାଣୁଛନ୍ତି । ତାଙ୍କୁ ତୁମେ ଠକି ପାରିବ ନାହିଁ । ଭଗବାନଙ୍କ ସେବା ଭାବରେ ନିଜ ଶରୀର ରକ୍ଷାର୍ଥେ ସ୍ନାନ-ଭୋଜନ-ବିଶ୍ରାମ କର । କାରଣ ପ୍ରକୃତରେ ଶରୀର ଭଗବାନଙ୍କର । ଭଗବାନଙ୍କଠାରୁ ଆସିଛି । ଶିଶୁକୁ ଲାଳନପାଳନ କର, ବେମାର ହେଲେ ଔଷଧ ଦିଅ, ପାଠ ପଢ଼ାଅ, ସଦୁପଦେଶ ଦିଅ, ଅନ୍ୟାୟ କାର୍ଯ୍ୟରୁ ନିବୃତ୍ତ କରାଅ, ସମୟ ଅନୁସାରେ ଭୟ, ତ୍ରାସ ଦେଖାଅ ଏବଂ ସ୍ନେହ କର । କିନ୍ତୁ ସବୁ କର ଭଗବାନଙ୍କ ସେବାରୂପେ, ନିଜ ଆସକ୍ତି ସକାଶେ ନୁହେଁ । ତୁମେ କର୍ମରେ କୌଣସି ତ୍ରୁଟି କରିବ ନାହିଁ, କରିବ ଯଥାର୍ଥଭାବେ, ଆତ୍ମ-ବିକାଶର ପ୍ରଣାଳୀରେ; ଯଥା — ସନ୍ତାନର ରୋଗ, ପରୀକ୍ଷାରେ

ଫେଲ୍, ଜୀବନ ଦୁଃଖସୁଖ, ମୃତ୍ୟୁ ଇତ୍ୟାଦିରେ ଚିନ୍ତିତ ହେବ ନାହିଁ । କାରଣ ସେଥିରେ ତୁମର କୌଣସି ଅଧିକାର ନାହିଁ, ସମ୍ବନ୍ଧ ନାହିଁ, ସେ ପ୍ରଣାଳୀକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ତୁମର ନାହିଁ; ଯଦି କରିପାର ତେବେ ସେଥିରେ ତା' ଜୀବନର କୌଣସି ଲାଭ ମଧ୍ୟ ହେବ ନାହିଁ । ତା'ର ଆତ୍ମ-ବିକାଶ କରିବ ସେ ନିଜେ, ଆତ୍ମ-ନିର୍ଦ୍ଧାରିତ ମାର୍ଗରେ । ତୁମକୁ କେବଳ କରିବାକୁ ହେବ ଭଗବତ୍ ସେବା ଭାବରେ କର୍ମ । ଏହାହିଁ ହେଲା ତୁମର କର୍ତ୍ତବ୍ୟ । ପରିବାରର ଯଥାର୍ଥ ସ୍ୱରୂପ ଏହି ।

*

ପ୍ରଶ୍ନ : ତୁମେ କହିଲ ଯେ ବ୍ୟକ୍ତିର ଆତ୍ମା ଯାହା ନିର୍ଦ୍ଧାରଣ କରି ଆସିଥାଏ, ବ୍ୟକ୍ତି ତାହା କରେ । କ'ଣ ତାହାର ପରିବର୍ତ୍ତନ ହୁଏ ନାହିଁ ?

ଉତ୍ତର : ଅବଶ୍ୟ ପରିବର୍ତ୍ତନ ହୁଏ । ବ୍ୟକ୍ତି ଭାଗବତ କର୍ମ କରିବା ଦ୍ୱାରା ମୃତ୍ୟୁରୁ ମୁକ୍ତ ହୁଏ, ଏବଂ ପୂର୍ବେ ନିର୍ଦ୍ଧାରିତ ସମସ୍ତ କର୍ମକୁ ପରିବର୍ତ୍ତନ କରିପାରେ । ବ୍ୟକ୍ତି ଉତ୍ତମ କର୍ମ କରି ଉନ୍ନତ ହୁଏ, ମନ୍ଦ କର୍ମ କରି ପତିତ ହୁଏ । ଏହା ନିର୍ଭର କରେ ବ୍ୟକ୍ତି ଉପରେ । କିନ୍ତୁ ସନ୍ତାନର ଦୁଃଖ-ସୁଖ ସହିତ ତୁମ କର୍ତ୍ତବ୍ୟର କୌଣସି ସମ୍ବନ୍ଧ ନାହିଁ । ତୁମର କର୍ତ୍ତବ୍ୟ ହେବ ପୁତ୍ରକୁ ଭଲଭାବେ ପଢ଼େଇଲେଖେଇ ଉପଯୁକ୍ତ କରାଇବା, ଭଲ ବାତାବରଣରେ ରଖିବା, ତା'ର ଆତ୍ମ-ଶୁଦ୍ଧି ଓ ଆତ୍ମୋନ୍ନତି ପାଇଁ ଉପଦେଶ ଦେବା ତଥା ଉତ୍ତମ ମାର୍ଗରେ ପ୍ରବୃତ୍ତ କରାଇବା । ଏହାର ପରିଣାମ ସହିତ ତୁମର ସମ୍ବନ୍ଧ ନାହିଁ କିଂବା ତା'ର ଦୁଃଖକଷ୍ଟରେ ତୁମର ଦୁଃଖଶୋକ କରିବା ଉଚିତ ନୁହେଁ ।

*

ପ୍ରଶ୍ନ : ଏହା ନିଶ୍ଚିତରୂପେ ଠିକ୍ । ପ୍ରତ୍ୟେକେ ଏହି ସଂସାରକୁ ଆସିଛନ୍ତି ନିଜ ନିଜ ଆତ୍ମାର ବିକାଶ ସକାଶେ । କିନ୍ତୁ ଏହା ଜାଣିବା ସତ୍ତ୍ୱେ ବ୍ୟକ୍ତିର ମୋହ ଦୂର ହୁଏ ନାହିଁ । ଏହି ମୋହ ଦୂର ହେବାର ଉପାୟ କ'ଣ ?

ଉତ୍ତର : ଜଣେ ଅନ୍ୟର ପୁଅକୁ ପୁଅ କରି ଆଣି ଘରେ ରଖିଲେ ତା' ପ୍ରତି ଠିକ୍ ନିଜ ପୁଅଭଳି ମମତା ଓ ଆସକ୍ତି ହୁଏ । ସେ ମଧ୍ୟ ଅନ୍ୟ ବ୍ୟକ୍ତିକୁ ପିତାମାତା ରୂପେ ମାନି ନିଏ । ଠିକ୍ ଏହିପରି ଦୃଢ଼ ସଂକଳ୍ପ ସହ ଧାରଣା କର, ''ପରିବାର ଭଗବାନଙ୍କର । ବ୍ୟକ୍ତିର କର୍ତ୍ତବ୍ୟ କେବଳ ପରସ୍ପରକୁ ଭଗବତ୍ ସେବା ଭାବରେ ସାହାଯ୍ୟ କରିବା ।'' ଏହା ସଙ୍ଗେ ସଙ୍ଗେ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କଲେ କ୍ରମଶଃ ମୋହମାୟା ଦୂର ହୁଏ ଏବଂ ବ୍ୟକ୍ତି ପୂର୍ଣ୍ଣରୂପେ ପରିବାରର ଆସକ୍ତିରୁ ମୁକ୍ତ ହୁଏ ।

*

ପ୍ରଶ୍ନ : ତୁମ କଥା ଏକେବାରେ ଠିକ୍ । ପ୍ରତ୍ୟେକ ବ୍ୟକ୍ତି ସଂସାରକୁ ଆସିଛନ୍ତି ନିଜ ନିଜ ଆତ୍ମୋନ୍ନତି ପାଇଁ । ନିଜର ଆତ୍ମୋନ୍ନତି ସକାଶେ ଯାହା ଦୁଃଖକଷ୍ଟ ଭୋଗିବାକୁ ହେଉଅଛି ତାହା ସେମାନେ ନିର୍ଦ୍ଧାରିତ କରି ଆସି ଅଛନ୍ତି । ସେମାନଙ୍କ ଶରୀରରେ ଆତ୍ମୋନ୍ନତିର କାର୍ଯ୍ୟ ଶେଷ ହେଲେ ସେମାନେ ଚାଲିଯାଆନ୍ତି । ହଜାର ପ୍ରକାର ଉପାୟ କଲେ ସୁଦ୍ଧା ପିତାମାତା ପୁତ୍ରକନ୍ୟାଙ୍କର ଦୁଃଖକଷ୍ଟ ଓ ମୃତ୍ୟୁକୁ ଦୂର କରିପାରନ୍ତି ନାହିଁ । ପ୍ରତ୍ୟେକ ଆତ୍ମା ଭଗବାନଙ୍କର ଅଂଶ ଏବଂ ପିତାମାତା, ସ୍ତ୍ରୀ ପୁତ୍ର ସମ୍ବନ୍ଧ କେବଳ ଏକ ଆରୋପ ଓ ଭ୍ରମ । ଏହା ଏକେବାରେ ଠିକ୍ । ଏଥିରୁ ମୁକ୍ତ ହେବାର ଯେଉଁ ଉପାୟ କହିଲ – ''ପରିବାରର ସ୍ୱରୂପ ଜାଣିବା, ନିଜେ ଆତ୍ମ-ବିକାଶ ସକାଶେ ଏହି ପୃଥିବୀକୁ ଆସିଥିବା ସମ୍ବନ୍ଧେ ସଚେତ ହୋଇ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସକାଶେ କର୍ମ କରିବା'', ଏହା ମଧ୍ୟ ଠିକ୍ । ଦୁଃଖକଷ୍ଟରୁ ମୁକ୍ତ ହେବା ସକାଶେ ଅନ୍ୟ କୌଣସି ସରଳ ଉପାୟ ନାହିଁ । କିନ୍ତୁ ପାରିବାରିକ ମୋହ ଯଥାର୍ଥରେ ଭ୍ରମାତ୍ମକ ହେବା ସତ୍ତ୍ୱେ ଏତେ ପ୍ରବଳ ଯେ ଏଥିରୁ ମୁକ୍ତ ହେବା ମହାନ୍ କଠିନ ।

ଉତ୍ତର : ଏହା କଠିନ ହେଲେ ମଧ୍ୟ ଅସମ୍ଭବ ନୁହେଁ । ବ୍ୟକ୍ତି ଦୃଢ଼ ନିଷ୍ଠା ସହ ଅଧ୍ୟବସାୟ କଲେ ଏଥିରୁ ମୁକ୍ତ ହୋଇ ଲକ୍ଷ୍ୟରେ ପହଞ୍ଚି ପାରେ । ବର୍ତ୍ତମାନ ତ ବହୁତ ସହଜ । ମା' ଏହି ପୃଥିବୀରେ ଅଛନ୍ତି, ଏବଂ ବ୍ୟକ୍ତିକୁ ଲକ୍ଷ୍ୟରେ ପହୁଞ୍ଚାଇ ଦେବା ପାଇଁ ସ୍ୱୟଂ କର୍ମ କରୁଛନ୍ତି । ମା' ବ୍ୟକ୍ତିର ସକଳ ଦାୟିତ୍ୱ ବହନ କରିବାକୁ ତାଙ୍କର ଅଭୟ ବାହୁଯୁଗଳ

ଉତ୍ତୋଳନ କରିଅଛନ୍ତି । ବ୍ୟକ୍ତି କେବଳ ତାଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ମା' ତା'ର ସମସ୍ତ ଭାର ବହନ କରି ତାକୁ ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ବ୍ୟକ୍ତିର କର୍ତ୍ତବ୍ୟ ହେଲା କେବଳ ନିଜକୁ ପ୍ରତିକୂଳ ଶକ୍ତି କବଳରୁ ମୁକ୍ତ କରି ତାଙ୍କୁ ଦେଇଦେବା । ଏହି କାର୍ଯ୍ୟରେ ମା' ମଧ୍ୟ ପୂର୍ଣ୍ଣରୂପେ ସହାୟତା କରନ୍ତି, ଯଦି ବ୍ୟକ୍ତି ତାହା ଚାହେଁ ।

ତୁମେ କହୁଅଛ ଯେ ପାରିବାରିକ ମୋହରୁ ମୁକ୍ତ ହେବା କଠିନ । ତୁମେ ତେବେ ଚାହୁଁଛ, ତୁମକୁ କିଛି କରିବାକୁ ହୁଅନ୍ତା ନାହିଁ, ଭଗବାନ୍ ସବୁ କରିଦିଅନ୍ତେ; ତାହା ଯଦି ହୋଇଥା'ନ୍ତା ତେବେ ଭଗବାନଙ୍କୁ ସଂସାର କରିବାକୁ ହୋଇ ନ ଥା'ନ୍ତା । ଏ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ବାକ୍ୟ ବିଶେଷ ଅନୁଧାନଯୋଗ୍ୟ : –

"Reject the false notion that the divine Power will do and is bound to do everything for you at your demand and even though you do not satisfy the conditions laid down by the Supreme. Make your surrender true and complete, then only will all else be done for you."

ଅର୍ଥାତ୍ ''ଭଗବାନ୍ ଯେଉଁ ବିଧାନ କରିଅଛନ୍ତି, ତାହା ଯଦି ତୁ ପାଳନ ନ କରୁ ଏବଂ ଚାହୁଁ ଯେ ଭାଗବତୀ ଶକ୍ତି ତୋ ସକାଶେ ସବୁକିଛି କରିଦେବେ ବା କରିବାକୁ ବାଧ୍ୟ – ଏ ମିଥ୍ୟା ଧାରଣା ଦୂର କର । ତୋର ସମର୍ପଣକୁ ସତ୍ୟ ଓ ସମ୍ପୂର୍ଣ୍ଣ କର, ତେବେ ଆଉ ସବୁକିଛି ତୋ ପାଇଁ କରିଦିଆହେବ ।''

*

ପ୍ରଶ୍ନ : ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ନିମିତ୍ତ କ୍ରିୟାତ୍ମକ ରୂପେ କିପରି ସମର୍ପଣ କରିବାକୁ ହେବ ?

ଉତ୍ତର : ରାତ୍ରିରେ ଶୋଇବା ପୂର୍ବରୁ କିଛି ସମୟ ବସି ମା'ଙ୍କୁ ଧ୍ୟାନ କର, ଦିବସରେ ସମ୍ପନ୍ନ କରିଥିବା ସମସ୍ତ କର୍ମକୁ ସମର୍ପଣ କର ଏବଂ କୁହ, ''ଏହି ଶରୀରରେ ଯାହାକିଛି କର୍ମ ହୋଇଛି, ତାହା ହୋଇଛି ତୁମ୍ଭରି ଶକ୍ତିରେ, ସେହି କର୍ମକୁ ତୁମ୍ଭ ଚରଣରେ ସମର୍ପଣ କରୁ ଅଛି । ମୁଁ ଏବଂ ମୋର ଯାହାକିଛି ସମସ୍ତ ତୁମ୍ଭ ଚରଣରେ ଯେପରି ସମର୍ପଣ କରିପାରେ, ଏହି ଦିଗରେ ମୋତେ ପରିଚାଳିତ କର ।'' ବିଛଣାରେ ଶୋଇବା ସମୟରେ ନିଦ ଆସିବା ପର୍ଯ୍ୟନ୍ତ ମା'ଙ୍କ ନାମ ସ୍ମରଣ କର ।

ଭୋର୍‌ରୁ ଉଠିବା ସଙ୍ଗେ ସଙ୍ଗେ ମା'ଙ୍କ ନାମ ସ୍ମରଣ କର । ଯଦି ସ୍ୱପ୍ନ ଦେଖିଥାଅ ତେବେ ଜାଗ୍ରତ ଚେତନାରେ ସେହି ସ୍ୱପ୍ନକୁ ସ୍ମରଣ କର । ପରେ ବସି ମା'ଙ୍କୁ କିଛି ସମୟ ଧ୍ୟାନ କର । ଧ୍ୟାନ ପରେ ଉଠିବା ସମୟରେ ମା'ଙ୍କୁ ପ୍ରାର୍ଥନା କର, ''ମା', ମୋତେ ପରିଚାଳନା କର । ସମସ୍ତ କର୍ମ ତୁମ୍ଭରି ଉଦ୍ଦେଶ୍ୟରେ କରି ତୁମ୍ଭରି ଚରଣରେ ସମର୍ପଣ କରିପାରେ, ଏଥି ସକାଶେ ପ୍ରେରଣା ଦିଅ ।'' ଶୌଚ, ସ୍ନାନାଦି ଯେକୌଣସି କର୍ମ କରିବା ସମୟରେ ମା'ଙ୍କ ନାମ ସ୍ମରଣ କର ଏବଂ ଧାରଣା କର ସମସ୍ତ କର୍ମ ମା'ଙ୍କ ସେବା ଆଉ ତୁମ ମଧ୍ୟରେ ମା'ଙ୍କ ଶକ୍ତି କର୍ମ-ପ୍ରେରଣା ଦେଉଅଛି ଏବଂ ସମ୍ପାଦନ କରାଉଛି । ଯେକୌଣସି କର୍ମ କର, ସବୁ ସମୟରେ ମା'ଙ୍କୁ ସ୍ମରଣ କରି ନ ପାରିଲେ ଆରମ୍ଭରେ ମା'ଙ୍କୁ ସ୍ମରଣ କର, ଉତ୍ତମଭାବେ କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ମା'ଙ୍କ ଶକ୍ତିକୁ ଆବାହନ କର, କାର୍ଯ୍ୟ ଶେଷରେ ମା'ଙ୍କୁ ଅର୍ପଣ କର ।

ରାତ୍ରିରେ ତୁମ ସୁବିଧା ଅନୁସାରେ ଆଠଟାରୁ ଏଗାରଟା ମଧ୍ୟରେ ଶୋଇପାର, କିନ୍ତୁ ଉଠ ଭୋର୍ ସାଢ଼େ ତିନିଟାରୁ ପାଞ୍ଚଟା ମଧ୍ୟରେ । ଭୋର୍ ପାଞ୍ଚଟା ପରେ ଶୋଇବା ଏକେବାର ନିଷେଧ । ଭୋର୍ ଚାରିଟାରେ ଉଠିବା ଖୁବ୍ ଭଲ । ଅଭ୍ୟାସ ଥିଲେ ସ୍ନାନଶୌଚ ଆଦି କ୍ରିୟା ସମାପ୍ତ କରି ଧ୍ୟାନ କର । ଯଦି ସ୍ନାନର ଅଭ୍ୟାସ ନ ଥାଏ, ତେବେ ମଳତ୍ୟାଗ ପରେ ଦନ୍ତମୁଖ ଧୋଇ ଧ୍ୟାନରେ ବସିଯାଅ । ଧ୍ୟାନର ସମୟ ପ୍ରଥମେ ୧୦ ମିନିଟ୍ ହେବା ଉଚିତ । କ୍ରମଶଃ ପାଞ୍ଚ ମିନିଟ ବଢ଼ାଇ ଅଧ ଘଣ୍ଟାଏ ପର୍ଯ୍ୟନ୍ତ କରିବା ଭଲ । ଏହାଠାରୁ ବେଶୀ ହେଲେ ମଧ୍ୟ ଭଲ ।

ଭୋଜନ ସମୟ ଦିନରେ ୯ଟାରୁ ୧୨ ଟା ମଧ୍ୟରେ, ରାତ୍ରିରେ ସନ୍ଧ୍ୟା ୭ଟାରୁ ୧୦.୩୦ ମଧ୍ୟରେ ହେବା ଉଚିତ । କିନ୍ତୁ ସମୟ ନିର୍ଦ୍ଦିଷ୍ଟ ରଖିବାକୁ ହେବ ।

*

ପ୍ରଶ୍ନ : ମା'ଙ୍କୁ ସମର୍ପଣ କରିବା କ'ଣ ଅପରିହାର୍ଯ୍ୟ ?

ଉତ୍ତର : ହଁ । ସମର୍ପଣ ଦ୍ୱାରାହିଁ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିପାରେ । କାରଣ ଭଗବତ୍ ତତ୍ତ୍ୱରେ ମନୁଷ୍ୟ ରୂପାନ୍ତରିତ ନ ହେଲେ ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶିତ ହୋଇପାରନ୍ତି ନାହିଁ । ଏହା କୌଣସି ପୁରାତନ ଯୋଗ-ପ୍ରକ୍ରିୟା ବା ଧ୍ୟାନ ଦ୍ୱାରା ହୁଏ ନାହିଁ, ହୁଏ କେବଳ ଅତିମାନସ ଶକ୍ତି ସାଧକ ମଧ୍ୟରେ ସ୍ୱୟଂ କ୍ରିୟା କଲେ । ଅତିମାନସ ଶକ୍ତି ସେତେବେଳେ କ୍ରିୟା କରିପାରେ ଯେତେବେଳେ ସାଧକ ତାକୁ ପୂର୍ଣ୍ଣରୂପେ ସମର୍ପଣ କରେ । ଶ୍ରଦ୍ଧା ବିନା ସମର୍ପଣ ହୁଏ ନାହିଁ । କିନ୍ତୁ ସେହି ଅତିମାନସ ଶକ୍ତିକୁ ମା' ଧାରଣ କରିଛନ୍ତି । ମା'ଙ୍କ ପ୍ରତି ଶ୍ରଦ୍ଧା ଭକ୍ତି କଲେ, ତାଙ୍କୁ ସମର୍ପଣ କଲେ ସାଧକ ମଧ୍ୟରେ ଅତିମାନସ ଶକ୍ତି ସହଜରେ କ୍ରିୟା କରିପାରେ । ମା' ସ୍ଥୂଳ ଶରୀରରେ ଆମ୍ଭମାନଙ୍କ ସମ୍ମୁଖରେ ବିଦ୍ୟମାନ ଥିବାରୁ ତାଙ୍କୁ ସମର୍ପଣ କରିବା ସୁବିଧା ହୁଏ ।

କାରଣ ଅତିମାନସ ଶକ୍ତି ସଚ୍ଚିଦାନନ୍ଦ ବ୍ରହ୍ମ ସ୍ୱରୂପ । କୌଣସି ସାଧକ ତାଙ୍କୁ ଜାଣେ ନାହିଁ, ତାଙ୍କ ରୂପ କଳ୍ପନା କରି ହୁଏ ନାହିଁ, ଶବ୍ଦ ତାଙ୍କୁ ପ୍ରକାଶ କରିପାରେ ନାହିଁ । ବେଦୋପନିଷଦ ତାଙ୍କର ସ୍ୱରୂପ ନିରୂପଣ କରି ନ ପାରି ତାଙ୍କୁ କେବଳ ''ସହସ୍ର ଶିର...'' କହି ଛାଡ଼ି ଦେଇଅଛି । ତୁଳସୀଦାସ ଲେଖିଛନ୍ତି –

''ନେତି ନେତି ଯେହି ବେଦ ନିରୂପା,
ଅନୁଭବଗମ୍ୟ ଭଜହି ଯେହି ସନ୍ତା ।''

ଅର୍ଥାତ୍ – ''ବେଦ ନେତି ନେତି କହି ଛାଡ଼ିଦେଲା । ଯାହାକୁ ସନ୍ଥମାନେ ଭଜନ କରନ୍ତି, ସେ କେବଳ ଅନୁଭବରେ ପ୍ରାପ୍ତ ହୁଅନ୍ତି ।'' ସୁତରାଂ ସେହି ବ୍ରହ୍ମ ଯେତେବେଳେ ନିଜ ଯଥାର୍ଥ ସ୍ୱରୂପକୁ ଯୋଗମାୟାରେ ଆବୃତ କରି ମନୁଷ୍ୟ-ଶରୀରରେ ଅବତାର ନିଅନ୍ତି ସେତେବେଳେ ପୁରାଣ ତାଙ୍କୁ ବର୍ଣ୍ଣନା କରିପାରେ, ଯେଉଁ ଶରୀରରେ ଅବତାର ନିଅନ୍ତି ସେହି ଶରୀର ସମସ୍ତଙ୍କ ସମ୍ମୁଖରେ ଥାଏ । କ'ଣ ତାଙ୍କୁ ଦେଖି ଭଗବାନ୍ ବୋଲି କେହି ଚିହ୍ନି ପାରନ୍ତି !

ଶ୍ରୀକୃଷ୍ଣ କଂସକୁ ମାରି ମହାଭାରତ ଯୁଦ୍ଧ ସମାପ୍ତ କରିସାରିବା ପରେ ଦିନେ ନାରଦ ବସୁଦେବଙ୍କୁ ଉପଦେଶ ଦେଇ କହିଲେ, ''ତୁମେ ଭଗବାନଙ୍କୁ ଉପାସନା କର ।'' ସେ କହିଲେ, ''ଭଗବାନଙ୍କ ସ୍ୱରୂପ ବେଦ ବର୍ଣ୍ଣନା କରିବାରେ ଅସମର୍ଥ, ମୁଁ ତାଙ୍କୁ କିପରି ଧ୍ୟାନ କରିବି ?'' ନାରଦ କହିଲେ, ''ବେଦ ଯାହାଙ୍କୁ ବର୍ଣ୍ଣନ କରିପାରେ ନାହିଁ, ସେହିଁ ତୁମର ପୁତ୍ର ଶ୍ରୀକୃଷ୍ଣ ।'' ଭଗବାନଙ୍କ ଯଥାର୍ଥ ସ୍ୱରୂପ ପ୍ରଘଟ ହୋଇଥିଲେ ବସୁଦେବ ତାଙ୍କୁ ଜାଣି ଥାଆନ୍ତେ । ଯଥାର୍ଥରେ ଭଗବତ୍ ତତ୍ତ୍ୱ ମନର କଳ୍ପନାରେ ଆସେ ନାହିଁ, ମନର ଊର୍ଦ୍ଧ୍ୱ ଚେତନାରେ କେବଳ ଅନୁଭବ କରାହୁଏ । ସେହି ସକାଶେ ଭକ୍ତମାନେ ଭଗବାନଙ୍କ ସ୍ୱରୂପକୁ ପ୍ରସ୍ତର ପ୍ରତିମା, କାଗଜର ଫଟୋ ଅଥବା ଭକ୍ତଙ୍କ ବାକ୍ୟ ଦ୍ୱାରା ପ୍ରତିପାଦିତ ସ୍ୱରୂପରେ ଧ୍ୟାନ କରନ୍ତି ଏବଂ ତହିଁରେ ମନକୁ ଏକାଗ୍ର କରି ଭଗବାନଙ୍କ ଯଥାର୍ଥ ସ୍ୱରୂପରେ ପହଞ୍ଚନ୍ତି । ଯେଉଁ ସ୍ୱରୂପକୁ ଧ୍ୟାନ କରାହୁଏ ତାହା କେବଳ ମନକୁ ଏକାଗ୍ର କରିବାର ଉପାୟ ଛଡ଼ା ଅନ୍ୟ କିଛି ନୁହେଁ । ସେହି କାରଣରୁ ମା'ଙ୍କ ମଧ୍ୟରେ ଭଗବତ୍ ଭାବନା ବା ଅତିମାନସ ଭାବନା ଆଣିବାରେ କୌଣସି ଉପାସନା ବା ନିଷ୍ଠାରେ ବିରୋଧ ଆସେ ନାହିଁ । ବିରୋଧ କେବଳ ମାନସ ଚେତନାରେ । ମନରେ ନାନା ପ୍ରକାର ସନ୍ଦେହ ଏବଂ ବିରୋଧ । ଦେଖିବେ ଯେତେବେଳେ ମନ ଏକାଗ୍ର ଥାଏ, ଭଗବାନଙ୍କ ପ୍ରତି ସମର୍ପଣ, ଭକ୍ତିଭାବ ଥାଏ ସେତେବେଳେ ଏପରି ସନ୍ଦେହ କେବେ ବି ଆସେ ନାହିଁ; ଆସେ ମନ ବିକ୍ଷିପ୍ତ ଓ ଚଞ୍ଚଳ ହେଲେ । ଏହା ସ୍ଥୂଳ ଭୌତିକ ମନର ଧର୍ମ । ସାଧକକୁ ସର୍ବଦା ସ୍ଥୂଳ ଭୌତିକ ମନର ଊର୍ଦ୍ଧ୍ୱରେ ବାସ କରିବାକୁ ହେବ ।

(୩)

କ୍ରିୟାତ୍ମକ ସମର୍ପଣ

ପ୍ରଶ୍ନ : କ୍ରିୟାତ୍ମକ ରୂପେ ସମସ୍ତ ବସ୍ତୁ ଓ କର୍ମକୁ କିପରି ସମର୍ପଣ କରିବାକୁ ହୁଏ ?

ଉତ୍ତର : ଶବ୍ଦରେ, ମନରେ ଏବଂ ଚେତନାରେ । ପ୍ରଥମେ ବ୍ୟକ୍ତି ସଂକଳ୍ପ କରିବ ନିଜର ଯାହାକିଛି ସମସ୍ତ ବସ୍ତୁକୁ ମା'ଙ୍କ ଚରଣରେ ସମର୍ପଣ କରିବାକୁ । ସଂକଳ୍ପର କ୍ରିୟାତ୍ମକ ରୂପ ହେଲା : ଯେପରି ବ୍ୟକ୍ତି ଏମ୍. ଏ. ପଢ଼ିବା ଉଦ୍ଦେଶ୍ୟ ରଖି ସ୍କୁଲ୍‌ରେ ପ୍ରବେଶ କରେ । ଏମ୍. ଏ. ପଢ଼ିବା ହେଲା ସଂକଳ୍ପ । ଏହି ସଂକଳ୍ପକୁ କାର୍ଯ୍ୟରେ ପରିଣତ ନ କଲେ ତାହା ସିଦ୍ଧ ହୁଏ ନାହିଁ । ସେହିପରି ସମର୍ପଣ କରିବାର ସଂକଳ୍ପ କରିବା ପରେ ଦୈନନ୍ଦିନ କର୍ମକୁ ସମର୍ପଣ କରିବାକୁ ହୁଏ ।

ସମର୍ପଣର ଅର୍ଥ : ଯେଉଁ ବସ୍ତୁ, ଯେଉଁ କର୍ମକୁ ନିଜର ବୋଲି ମନେକରୁଥିଲ, ତାହାସବୁ ମା'ଙ୍କର ବୋଲି ମାନିନେବା । ମାନିବା ହେଲା ତ୍ରିବିଧ – ଶବ୍ଦରେ, ମନରେ ଓ ଚେତନାରେ । ଶବ୍ଦରେ ମାନିବା ଅର୍ଥ : ଶବ୍ଦରେ କହିଦେଲ, ''ଏହି କର୍ମ ମୁଁ ତୁମ (ଭଗବାନଙ୍କ) ଚରଣରେ ଅର୍ପଣ କରୁଛି'', ''ଏହିସବୁ ବସ୍ତୁ ମା'ଙ୍କର'' । ଶବ୍ଦରେ କହିବାଟା ଏକେବାରେ ବାହ୍ୟ ବସ୍ତୁ, କିନ୍ତୁ ଯଦି ଯଥାର୍ଥରେ ସଂକଳ୍ପର ଲକ୍ଷ୍ୟରେ ପହୁଞ୍ଚିବା ଉଦ୍ଦେଶ୍ୟରେ ତାହା କରାହୁଏ, ତେବେ ଏହି ଶବ୍ଦ ଅଭ୍ୟାସ ବଳରେ କେବଳ ଶବ୍ଦ ହୋଇ ନ ରହି, ଏଥିରେ ମନ ମଧ୍ୟ ଯୋଗ ଦିଏ । ଯେପରି କାହା ଘରକୁ ମିତ୍ର ଆସିଲେ, ସେ ବଗିଚା, ନୂଆ ଘର ଇତ୍ୟାଦି ମିତ୍ରକୁ ଦେଖାଏ । ମିତ୍ର ପଚାରେ, ''ଏ ଘର କାହାର ?'' ସେ ଉତ୍ତର ଦିଏ, ''ଏ ଘର ତୁମର, ଏ ପରିବାର ତୁମର ।'' ଏହା ଏକେବାରେ ବାହ୍ୟ ଶବ୍ଦ, ଏଥିରେ ଗଭୀର ଭାବ ବା ସତ୍ୟତା ନ ଥାଏ । ଏପରି ବାହ୍ୟ ଶବ୍ଦର କୌଣସି ଫଳ ହୁଏ ନାହିଁ । କାରଣ ଏହା ପଶ୍ଚାତ୍‌ରେ ଏହାକୁ ଅତିକ୍ରମ କରି ଆଗକୁ ଯିବାର ସଂକଳ୍ପ ଏବଂ ଅଭୀପ୍ସା ନ ଥାଏ ।

କୌଣସି ସଙ୍ଗୀତ-ବିଦ୍ୟାର୍ଥୀ ନୂତନ ସଙ୍ଗୀତ ଶିକ୍ଷା କରିବା ସମୟରେ ତାହାର ସ୍ୱରଜ୍ଞାନ ନ ଥାଏ, କେବଳ ବାହ୍ୟ ଶବ୍ଦ ଉଚ୍ଚାରଣ କରେ, କିନ୍ତୁ ତାହାର ପଶ୍ଚାତ୍‌ରେ ସଂକଳ୍ପ ଶକ୍ତି ଥାଏ, ତେଣୁ ସେହି ବାହ୍ୟ ଅଭ୍ୟାସ ଦ୍ୱାରା ସଙ୍ଗୀତ ପଶ୍ଚାତ୍‌ରେ ଥିବା କଳାରେ ବିଦ୍ୟାର୍ଥୀ ପ୍ରବେଶ କରେ । ସେହି ସଙ୍ଗୀତ ଗାଇଆଳ ପିଲା ପ୍ରତ୍ୟହ ବୋଲନ୍ତି, କିନ୍ତୁ ସେମାନଙ୍କୁ କୌଣସି ସ୍ୱରଜ୍ଞାନ ପ୍ରାପ୍ତ ହୁଏ ନାହିଁ ।

ସେହିପରି ବସ୍ତୁ ଏବଂ କର୍ମକୁ ପ୍ରଥମେ କେବଳ ବାହ୍ୟ ଶବ୍ଦରେ ସମର୍ପଣ କରାହୁଏ, ଯଥା – ଭୋଜନ, ''ଏହି ବସ୍ତୁ ତୁମ୍ଭରି କୃପାରୁ ପ୍ରାପ୍ତ ହେଲା, ତୁମ୍ଭରି ବସ୍ତୁ ତୁମ୍ଭଙ୍କୁହିଁ ନିବେଦନ କରୁଅଛି ।'' ଏହା କେବଳ ଶବ୍ଦ । ଏହା ପଶ୍ଚାତ୍‌ରେ ସଂକଳ୍ପ ଥାଏ, ଏହି ବସ୍ତୁ ପ୍ରକୃତରେ ବ୍ୟକ୍ତି ସମର୍ପଣ କରିବାକୁ ଚାହେଁ, ଏହି ଉଦ୍ଦେଶ୍ୟ ହେଲା ମନର । ଏଠାରେ କେବଳ ଶବ୍ଦ ରହିଲା ନାହିଁ, ଏଥିସଙ୍ଗେ ସହଯୋଗ ଦେଲା ମନ । ଏହି ସମର୍ପଣ ଯଦି ଇଷ୍ଟ ମୂର୍ତ୍ତିଙ୍କୁ ଧ୍ୟାନ ସହ କରାହୁଏ, ତେବେ ମନକୁ ସାହାଯ୍ୟ ମିଳେ । ଅର୍ଥାତ୍ – ଖାଦ୍ୟ-ସାମଗ୍ରୀ ସାମନାରେ ରଖି କିଂବା କୌଣସି କର୍ମ ଆରମ୍ଭ କରିବା ପୂର୍ବରୁ ମନକୁ ଏକାଗ୍ର କରି ମା'ଙ୍କୁ ଧ୍ୟାନ କଲେ ମା'ଙ୍କ ମୂର୍ତ୍ତିରେ ମନ ଏକାଗ୍ର ହୁଏ; ଏହି ଅବସ୍ଥାରେ ଯେଉଁ ସମର୍ପଣ ହୁଏ, ତାହା ହୁଏ ମନରେ । ମନ ଆଚରିତ କର୍ମର ପ୍ରଭାବ ଅଧିକ ହୁଏ । ଏହା ଅଭ୍ୟାସ ଦ୍ୱାରା କ୍ରମଶଃ ବୃଦ୍ଧି ପ୍ରାପ୍ତ ହୁଏ ଏବଂ ଅନ୍ତର ଗଭୀରତାରେ ପ୍ରବେଶ କରେ; ଅର୍ଥାତ୍ କର୍ମ କରିବା, ଭୋଜନ କରିବା ପୂର୍ବରୁ ସମର୍ପଣ ଭାବ ଓ ସମର୍ପଣ କରିବାର ପ୍ରବୃତ୍ତି ଆସେ ।

ଏହି ସମର୍ପଣ ବୃଦ୍ଧି ପାଇ ଚେତନାରେ ପରିଣତ ହୁଏ । ମନର ସମର୍ପଣ ଯେଉଁ ପର୍ଯ୍ୟନ୍ତ ହେଉଥାଏ, ସେତେବେଳେ ବ୍ୟକ୍ତି ସ୍ୱୟଂ କର୍ମ କରେ, ମା'ଙ୍କୁ ଅର୍ପଣ କରେ । ସେ ଭାବେ, ମୁଁ ମା'ଙ୍କ ସକାଶେ ମା'ଙ୍କ କର୍ମ କରୁଛି ଅଥବା କର୍ମ କରି ମା'ଙ୍କୁ ଅର୍ପଣ କରୁଛି । ଏଥିରେ ବିଚାର ପ୍ରଧାନ । କିନ୍ତୁ ସମର୍ପଣ ଯାହାଙ୍କୁ କରାହୁଏ ତାଙ୍କ ସ୍ମରଣ ବରାବର ରହିଲେ, ଏହା ମନର ସମର୍ପଣ ବୋଲି କୁହାଯାଏ । ପ୍ରଥମରେ ସ୍ମରଣ କମ୍ ହୁଏ, ଅଭ୍ୟାସ କଲେ କ୍ରମଶଃ ବଢ଼େ ।

ଚେତନାରେ ସମର୍ପଣ ହେଲେ ବ୍ୟକ୍ତି ଅନୁଭବ କରେ ଯେ ତା' ମଧ୍ୟରେ ମା'ଙ୍କ ଶକ୍ତି କର୍ମ କରୁଅଛି ବା ତା' ମଧ୍ୟରେ ମା' ଭୋଜନ କରୁଅଛନ୍ତି, ସେ କେବଳ ଯନ୍ତ୍ର । ଠିକ୍ ଗୋଟାଏ ସ୍ତରର ସମର୍ପଣ ପୂର୍ଣ୍ଣ ହେଲେ ଅନ୍ୟ ସ୍ତରର ସମର୍ପଣ ଆସେ – ଏପରି ନୁହେଁ । ଏହି ତିନି ପ୍ରକାରର ସମର୍ପଣ ଏକ ସଙ୍ଗେ ଚାଲେ । ସାଧକ ସାଧନାରେ କିଛି ଅଗ୍ରସର ହେବା ପରେ ତା'ର ଚେତନା କେବେ ଉନ୍ନତ ହୁଏ, ପୁଣି କେବେ ହ୍ରାସ ହୁଏ, ଏହି ଉଭୟ ଅବସ୍ଥାର ମଧ୍ୟଦେଇ ତାକୁ ଗତି କରିବାକୁ ହୁଏ । କେତେବେଳେ ସେ ମନରେ ଏବଂ ଚେତନାରେ ସମର୍ପଣ ଅନୁଭବ କରେ । ଯେତେବେଳେ

ଚେତନା ଅବନତ ହୁଏ ସେତେବେଳେ କେବଳ ଶବ୍ଦରେ ସମର୍ପଣ କରା ହୋଇଥାଏ । ଅଭ୍ୟାସ ଓ ଅଧ୍ୟବସାୟ ଫଳରେ ଏହିପରି ବିଭିନ୍ନ ଅବସ୍ଥା ଦେଇ ସେ ଲକ୍ଷ୍ୟରେ ପହଞ୍ଚେ ।

ଧ୍ୟାନ ସହିତ ସମର୍ପଣ କରିବା ଉତ୍ତମ । ଏହିପରି କରିବା ଦ୍ୱାରା ସମର୍ପଣ ଧୀରେ ଧୀରେ ଚେତନାରେ କ୍ରିୟାଶୀଳ ହୁଏ । ଏହି ରାସ୍ତା ବହୁ ଦୀର୍ଘ; ଦିନକରେ, ମାସକରେ ବା ବର୍ଷକରେ ସମ୍ପୂର୍ଣ୍ଣ ହୁଏ ନାହିଁ; ବହୁବର୍ଷ ଅଭ୍ୟାସ କରିବାକୁ ହୁଏ । କିନ୍ତୁ ଅଭ୍ୟାସ ଆରମ୍ଭରୁ ବହୁ ଆଶ୍ଚର୍ଯ୍ୟଜନକ ଅନୁଭୂତି ଆସେ । ସାଧକକୁ ବହୁତ ଆନନ୍ଦ ମଧ୍ୟ ପ୍ରାପ୍ତ ହୁଏ । ଏପରିକି ଏହି ସାଧନା ଦ୍ୱାରା ତା'ର ସମସ୍ତ କର୍ମ ଉନ୍ନତ, ଶୃଙ୍ଖଳିତ ଏବଂ ଶୁଦ୍ଧ ହେବାକୁ ଆରମ୍ଭ ହୁଏ । ତା' ମଧ୍ୟରେ ଥିବା ସୁପ୍ତ ଶକ୍ତିସବୁ କ୍ରମଶଃ ଜାଗ୍ରତ ହୁଅନ୍ତି । ବୁଦ୍ଧି ବିକଶିତ ହୁଏ, ଶୁଦ୍ଧ ହୁଏ, ପ୍ରାଣ ଯଥାର୍ଥ ମାର୍ଗରେ ପୂର୍ବାପେକ୍ଷା ଅଧିକ କର୍ମ କରିପାରେ । ଆତ୍ମା ଜାଗ୍ରତ ହୋଇ ମନୁଷ୍ୟକୁ ସତ୍ୟ-ମାର୍ଗରେ ପରିଚାଳନା କରେ । ଜ୍ଞାନ, ଭକ୍ତି, ଶାନ୍ତି, ସମତା, ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା କ୍ରମଶଃ ବୃଦ୍ଧିପ୍ରାପ୍ତ ହୁଏ, ଅଭୀପ୍ସାଗ୍ନି ପ୍ରୋଜ୍ଜ୍ୱଳିତ ହୋଇଉଠେ ।

ଏହା ସଙ୍ଗରେ ମନକୁ ଏକାଗ୍ର କରିବା ସକାଶେ ମଧ୍ୟ ଧ୍ୟାନ ଆବଶ୍ୟକ । ସମର୍ପଣ ଦ୍ୱାରା ଧ୍ୟାନ ବୃଦ୍ଧି ହୁଏ, ଧ୍ୟାନ ଦ୍ୱାରା ସମର୍ପଣ ଆନ୍ତରିକ ହୁଏ । ସମର୍ପଣର କ୍ରମ ପ୍ରଥମେ ଶବ୍ଦରେ, ଦ୍ୱିତୀୟରେ ମନରେ, ତୃତୀୟରେ ଚେତନାରେ ଆସିଥାଏ । ଶେଷରେ ଚେତନାରେ ଯେତେବେଳେ ସମର୍ପଣ ହୁଏ ସେତେବେଳେ ବ୍ୟକ୍ତି ପ୍ରତ୍ୟେକ କର୍ମ କରିବା ସମୟରେ ନିରନ୍ତର ମା'ଙ୍କ ଚେତନା ସହିତ ଏକତ୍ୱ ପ୍ରାପ୍ତ କରିଥାଏ, ଅନ୍ୟ ଶବ୍ଦରେ କହିଲେ ମା'ଙ୍କ ସ୍ମରଣ, ଉଚ୍ଚତର ଶକ୍ତିର କ୍ରିୟା ଇତ୍ୟାଦିରେ ମନ ବିଚରଣ କରୁଥାଏ । ମା'ଙ୍କୁ ବ୍ୟକ୍ତି ଏହି ସକାଶେ ଧ୍ୟାନ ଏବଂ ସମର୍ପଣ କରନ୍ତି । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି, ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକ ହୋଇଅଛନ୍ତି । ମା'ଙ୍କୁ ସମର୍ପଣ କରିବା ଦ୍ୱାରା ତାଙ୍କ ସହିତ ଚେତନାରେ ସଂସ୍ପର୍ଶ ହୁଏ, ଏଣୁ ଅତିମାନସ ଶକ୍ତି ସାଧକ ମଧ୍ୟରେ କ୍ରିୟା କରିବାକୁ ଆରମ୍ଭ କରେ । ଏହି ଯୋଗର ରୂପାନ୍ତର-ସିଦ୍ଧି ହୁଏ ଅତିମାନସ ଶକ୍ତି ଦ୍ୱାରା । ମା'ଙ୍କୁ ଧ୍ୟାନ କରିବା ଦ୍ୱାରା ଅତିମାନସ ଶକ୍ତି ସହିତ ସ୍ୱାଭାବିକରୂପେ ଏକତ୍ୱ ପ୍ରାପ୍ତ ହୁଏ । ତାହା ଛଡ଼ା ମା' ଏହି ରୂପାନ୍ତର କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଅଛନ୍ତି । ମନୁଷ୍ୟ ଯଦି କାଷ୍ଠ, ପାଷାଣ ପ୍ରତିମାରେ ଭଗବତ୍ କଳ୍ପନା କରିପାରେ, ତେବେ ଯେଉଁ ମା' ସାକ୍ଷାତ୍‌ରେ ଭଗବାନଙ୍କ କ୍ରିୟାଶକ୍ତି, ଯାହାଙ୍କ ମଧ୍ୟରେ ଭଗବାନ୍ ଅଭିବ୍ୟକ୍ତ ହୋଇଅଛନ୍ତି, ତାଙ୍କୁ ଭାଗବତୀ ଶକ୍ତିରୂପେ ଧାରଣା କରିବା କଷ୍ଟକର ହେବ କାହିଁକି ?

*

ପ୍ରଶ୍ନ : ଆସ୍ପୃହା କ'ଣ ? ଆମେ କିପରି ଆସ୍ପୃହା କରିବୁ ?

ଉତ୍ତର : ଆତ୍ମାରୁ ଉତ୍‌ଥିତ ଇଚ୍ଛାକୁ ଆସ୍ପୃହା କହନ୍ତି । କାମନାବାସନା ହେଉଛି ପ୍ରାଣର ଇଚ୍ଛା, ସେଥିନେଇ ଆତ୍ମାର ଇଚ୍ଛାର ନାମ ଆସ୍ପୃହା ରଖାଯାଇଛି । ଏହା ଉତ୍‌ପନ୍ନ ହୁଏ ଧ୍ୟାନ ଓ ସମର୍ପଣ ଦ୍ୱାରା । ଏଥିସକାଶେ ପ୍ରାର୍ଥନା କରିବା ଭଲ । ସାଧନାରେ ଏହା ସ୍ୱାଭାବିକରୂପେ ଆସେ ।

*

ପ୍ରଶ୍ନ : ଅଖଣ୍ଡ ଐକାନ୍ତିକ ସମର୍ପଣର ସ୍ୱରୂପ କ'ଣ ?

ଉତ୍ତର : ଅଖଣ୍ଡ ଐକାନ୍ତିକ ସମର୍ପଣର ଅର୍ଥ ହେଲା ମନୁଷ୍ୟର ମନ, ପ୍ରାଣ, ଶରୀରରେ ଭାଗବତୀ ଶକ୍ତିର ପ୍ରତିଷ୍ଠା । ବ୍ୟକ୍ତି ଭାଗବତୀ ଶକ୍ତି ଦ୍ୱାରା ଚାଳିତ ଏବଂ ସତ୍ୟରେ ପ୍ରତିଷ୍ଠିତ ହୁଏ । ତାକୁ ଭଗବାନ୍ ସ୍ୱୟଂ ପରିଚାଳନା କରିବାରୁ ତା'ଦ୍ୱାରା କୌଣସି ଅବିହିତ କାର୍ଯ୍ୟ ହୁଏ ନାହିଁ । ତା' ମଧ୍ୟରେ ଆନନ୍ଦ, ଶାନ୍ତି ଇତ୍ୟାଦି ଦିବ୍ୟଗୁଣ ପ୍ରତିଷ୍ଠିତ ହୁଏ ।

*

ପ୍ରଶ୍ନ : ଆମେ ଭାଗବତୀ ଶକ୍ତି ଆଡ଼କୁ କିପରି ଏକମୁଖୀ ହୋଇ ଅନନ୍ୟଭାବେ ଆତ୍ମୋନ୍ମୀଳନ କରିବୁ ?

ଉତ୍ତର : ନିରନ୍ତର ମା'ଙ୍କୁ ସ୍ମରଣ, ସମର୍ପଣ, ଆବାହନ ଏବଂ ପ୍ରତିକୂଳ ବସ୍ତୁର ତ୍ୟାଗ ହେଲା ଆତ୍ମୋନ୍ମୀଳନର ଉପାୟ ।

*

ପ୍ରଶ୍ନ : ମା'ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ ପଢ଼ିଥିଲି – ''ତୋ ଭକ୍ତି, ତୋ ଆତ୍ମ-ସମର୍ପଣ ପଛରେ ଯଦି ତୋର ବାସନା ଓ ଅହଙ୍କାରର ଦାବିକୁ ତୋ ପ୍ରାଣର ଜିଦ୍ ସକାଶେ ଗ୍ରହଣ କରିନେଉ, ଏବଂ ଏହିସବୁକୁ ଆତ୍ମହା ପରିବର୍ତ୍ତେ ସ୍ଥାନ ଦେଉ ଅଥବା ସେସବୁକୁ ତହିଁରେ ମିଶାଇ ଦେଉ କିଂବା ଭାଗବତୀ ଶକ୍ତି ଉପରେ ଆରୋପ କରିବାକୁ ଚାହୁଁ, ତେବେ ରୂପାନ୍ତର ନିମିତ୍ତ ଭାଗବତୀ ଶକ୍ତିକୁ ଆହ୍ୱାନ କରିବା ନିରର୍ଥକ ।'' ଏହାର ଅର୍ଥ କ'ଣ ?

ଉତ୍ତର : ଭକ୍ତି, ସମର୍ପଣ ପଛରେ ବାସନା, ଅହଂକାରର ସ୍ୱରୂପ ହେଲା – ନିଜ ସ୍ୱାର୍ଥସିଦ୍ଧି । ଏହାରି ଅନ୍ତର୍ଗତ ମାନ-ଯଶଃ-ପ୍ରତିଷ୍ଠା, ସୁଖ-ସୁବିଧା ଇତ୍ୟାଦି ।

ପ୍ରାଣର ଜିଦ୍‌ର ଆଶ୍ରୟ ହେଲା – ଆଗରୁ ପ୍ରାଣ ଯାହାକୁ ମାନି ନେଇଛି, ଅଥବା ଯାହା ସ୍ୱଭାବରେ ପରିଣତ ହୋଇଛି, ତାକୁ ସମର୍ଥନ କରିବା ଅଥବା ସାଧନାର ଅଙ୍ଗ ବୋଲି ମାନି ନେବା । ଏପରି ଅବସ୍ଥାରେ ଭାଗବତୀ ଶକ୍ତି ରୂପାନ୍ତର କରେ ନାହିଁ ।

ଆରମ୍ଭରେ ଏହିସବୁ ଦୋଷ ଥାଏ । ସାଧନା ଦ୍ୱାରା ଏସବୁ ଜାଣି ହୁଏ ଏବଂ କ୍ରମଶଃ ପରିଶୁଦ୍ଧ ହୁଏ ।

*

ପ୍ରଶ୍ନ : ଜୀବ ଅହଂକାରଶୂନ୍ୟ ହେବ କିପରି ?

ଉତ୍ତର : ସାଧନା ଦ୍ୱାରା – ସମର୍ପଣ, ଅଭୀପ୍ସା ଦ୍ୱାରା ମନ-ପ୍ରାଣ-ଶରୀରକୁ ଭାଗବତୀ ଶକ୍ତି ଅଧିକାର କରି ପରିଚାଳନା କଲେ ତଥା ଆତ୍ମା ପୂର୍ଣ୍ଣ ଜାଗ୍ରତ ହେଲେ ମନୁଷ୍ୟ ଅହଂକାରଶୂନ୍ୟ ହୁଏ, ଅର୍ଥାତ୍ ସେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମା ତଥା ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ।

*

ପ୍ରଶ୍ନ : ସାଧନାରେ ପ୍ରାଣଶକ୍ତିର ସମ୍ମତି ଆସିବ କିପରି ?

ଉତ୍ତର : ଆତ୍ମାର ପ୍ରଭାବ ପ୍ରାଣରେ ପଡ଼ିଲେ ଅର୍ଥାତ୍ ପ୍ରାଣ ସମର୍ପିତ ହେଲେ ।

*

ପ୍ରଶ୍ନ : ମନ-ପ୍ରାଣର ଅହଂଭାବାତ୍ମକ ଶ୍ରଦ୍ଧା କ'ଣ ?

ଉତ୍ତର : ଯେଉଁ ଶ୍ରଦ୍ଧାରେ ବାସନା-କାମନା ଥାଏ ।

*

ପ୍ରଶ୍ନ : ''ଭଗବାନଙ୍କ ନିମିତ୍ତ ଅର୍ଥର ପୁନରୁଦ୍ଧାର'' – ଏହାର ଅର୍ଥ କ'ଣ ?

ଉତ୍ତର : ଯେଉଁ ଧନ ଭଗବାନଙ୍କ କାର୍ଯ୍ୟରେ ନ ଲାଗି ଅନ୍ୟ କାର୍ଯ୍ୟରେ ଲାଗୁଥାଏ, ସେହି ଧନ ଆଣି ଭଗବାନଙ୍କ କାର୍ଯ୍ୟରେ ଲଗାଇବା । କାରଣ ଧନ ପ୍ରକୃତରେ ଭଗବାନଙ୍କର । ବର୍ତ୍ତମାନ ତାହା ଅସୁରର ଅଧିକାରରେ ଅଛି ।

*

ପ୍ରଶ୍ନ : ଭାଗବତ ଭାବରେ ଅର୍ଥ କିପରି ବ୍ୟୟ ହେବ ?

ଉତ୍ତର : ସମସ୍ତ ଧନ ଭଗବାନଙ୍କର ଜାଣି ତାକୁ ଭାଗବତ ସେବାରୂପେ ଯଥାଯଥଭାବେ ବ୍ୟୟ କରିବାରେ ।

(୪)

ନିଷ୍କାମ କର୍ମ

ପ୍ରଶ୍ନ : ଆମ୍ଭେମାନେ ଯେକୌଣସି କାର୍ଯ୍ୟ କରୁ, ସେଥିରେ କିଛି ନା କିଛି କାମନା ଥାଏ । ଯଥାର୍ଥରେ ନିଷ୍କାମ କର୍ମର ସ୍ୱରୂପ କ'ଣ ? ଗୀତାବର୍ଣ୍ଣିତ ନିଷ୍କାମ କର୍ମ, ଆଉ ଫଳପ୍ରାପ୍ତିର କାମନା ନ ରଖି ଦେଶସେବା,

ମନୁଷ୍ୟସେବାଦି କର୍ମ – ଏହି ଦୁଇ ମଧ୍ୟରେ ପ୍ରଭେଦ କ'ଣ ? କିପରି ଭାବେ କର୍ମ କଲେ ତାହା ନିଷ୍କାମ ହେବ ?

ଉତ୍ତର : ଭଗବାନଙ୍କ ସେବା ଭାବରେ କର୍ମ କରି ତାଙ୍କୁ ସମର୍ପଣ କଲେ କିଂବା ଭଗବାନଙ୍କ ଦ୍ୱାରା ପରିଚାଳିତ ହୋଇ କର୍ମ କଲେ, ତାହା ନିଷ୍କାମ ହୁଏ । ନିଷ୍କାମ କର୍ମର ସ୍ୱରୂପ ହେଲା – କୌଣସି ଫଳର ଆଶା ନ ରଖି କର୍ମ କରିବା । କର୍ମ କରିବାରେ କେବଳ ଅଧିକାର, ଫଳରେ ନୁହେଁ । କର୍ମର ଫଳ ଲକ୍ଷ୍ୟର ଅନୁକୂଳ ହେଉ ବା ପ୍ରତିକୂଳ ହେଉ ସେଥିରେ ସମତା ରକ୍ଷା କରିବା, ଅର୍ଥାତ୍ ବିଚଳିତ ନ ହେବା, ହର୍ଷ ବା ବିଷାଦ ନ ହେବା, ଏହାହିଁ ହେଲା ନିଷ୍କାମ କର୍ମର ସ୍ୱରୂପ । ଏହି ନିଷ୍କାମ କର୍ମ ସମ୍ପାଦିତ ହୁଏ ଭଗବାନଙ୍କ ନିମିତ୍ତ କର୍ମ କରିବାରେ । ନିଷ୍କାମ କର୍ମର ସ୍ୱରୂପ ହେଲା – ଭଗବାନଙ୍କ ନିମିତ୍ତ କର୍ମ । ଭଗବାନଙ୍କ ଛଡ଼ା ଅଜ୍ଞାନ ଅବସ୍ଥାରେ ସମସ୍ତ କର୍ମ ସକାମ ।

ଗୀତାରେ ବର୍ଣ୍ଣିତ ନିଷ୍କାମ କର୍ମ ଆଉ ଫଳପ୍ରାପ୍ତିର କାମନା ନ ରଖି ଦେଶସେବା, ମନୁଷ୍ୟଜାତିର ସେବାହିଁ କର୍ମ – ଏହି ଦୁଇ ମଧ୍ୟରେ ଯାହା ପ୍ରଭେଦ ତାହା ହେଲା ଏହି : ମନୁଷ୍ୟ କୌଣସି ପ୍ରେରଣାବଶତଃ କାମନା ରଖି କର୍ମରେ ପ୍ରବୃତ୍ତ ହୁଏ । କାମନା ପରିତ୍ୟାଗ କଲେ ତାହାଦ୍ୱାରା କର୍ମ ସମ୍ପାଦନ ହେବା ସମ୍ଭବ ନୁହେଁ । ସାଧାରଣ ମନୁଷ୍ୟ ଅହଂକାର ଦ୍ୱାରା ପ୍ରେରିତ ହୋଇ, ନିଜ ସ୍ୱାର୍ଥସିଦ୍ଧି, ଅହଂର ତୃପ୍ତି ସକାଶେ ନାନା କର୍ମ କରେ । କର୍ମର ସ୍ୱରୂପ ଯେତେ ଉତ୍ତମ ବୋଲି ଦୃଷ୍ଟିଗୋଚର ହେଉଥିଲେ ସୁଦ୍ଧା, ତାହା ଯଥାର୍ଥରେ ନିଷ୍କାମ ହୁଏ ନାହିଁ ।

ଭକ୍ତ ଏହି କର୍ମକୁ ଗୀତାର ନିର୍ଦ୍ଦେଶ ଅନୁସାରେ ବା ଯଜ୍ଞରୂପେ କରି ଭଗବାନଙ୍କୁ ଅର୍ପଣ କରିଦେବାରୁ ତାହା ନିଷ୍କାମ ହୁଏ । ସେମାନଙ୍କ କର୍ମକୁ ସେମାନେ ଭଗବାନଙ୍କୁ ଅର୍ପଣ କରିଦିଅନ୍ତି, କର୍ମ ତାଙ୍କ ପାଖରେ ରହେ ନାହିଁ ।

ମନୁଷ୍ୟସେବା ଓ ଦେଶସେବାର କର୍ମ ଯଦି ସର୍ବବ୍ୟାପୀ ଭଗବାନ୍, ନରରୂପୀ ନାରାୟଣଙ୍କୁ ଅର୍ପଣ କରା ନ ହୁଏ, ସେଥିରେ ଯଦି କେବଳ ଲୋକକଲ୍ୟାଣର ଭାବନା ଥାଏ, ତେବେ କର୍ମ ସାତ୍ତ୍ୱିକ ହେଲେ ସୁଦ୍ଧା ସେଥିରେ ରହିଯାଏ ଫଳପ୍ରାପ୍ତିର କାମନା । ସେଥିପାଇଁ କର୍ମ ନିଷ୍କାମ ହୁଏ ନାହିଁ । ଗୀତାର ନିର୍ଦ୍ଦେଶ ଅନୁସାରେ କର୍ମ ଭଗବାନଙ୍କୁ ଅର୍ପଣ ହେବାରୁ ତାହା ହୁଏ ନିଷ୍କାମ; ଦେଶସେବାଦି କର୍ମ ଭଗବାନଙ୍କୁ ଅର୍ପଣ ନ ହେବାରୁ ହୁଏ ସକାମ । ଏହି ଦୁଇ କର୍ମରେ ଏହାହିଁ ପ୍ରଭେଦ ।

ମନୁଷ୍ୟ କର୍ମ ତ୍ୟାଗ କରି ନିଷ୍କର୍ମା ହୋଇ ରହିପାରେ ନାହିଁ । କାରଣ ମନୁଷ୍ୟର ସ୍ଥୂଳ କର୍ମ ହୁଏ ହସ୍ତ, ପଦ, ଚକ୍ଷୁ, କର୍ଣ୍ଣାଦି ସ୍ଥୂଳେନ୍ଦ୍ରିୟମାନଙ୍କ ଦ୍ୱାରା ଏବଂ ସୂକ୍ଷ୍ମ କର୍ମ ହୁଏ ମନ, ଚିତ୍ତ, ବୁଦ୍ଧି, ଅହଂକାରାଦି ସୂକ୍ଷ୍ମେନ୍ଦ୍ରିୟ ଦ୍ୱାରା । ଏସବୁର ମୂଳ କାରଣ 'ଅହଂ' । 'ଅହଂ'କୁ ତ୍ୟାଗ କରିଦେଲେ ବ୍ୟକ୍ତିତ୍ୱ ନଷ୍ଟ ହୋଇଯିବ । ସେଥିପାଇଁ ଶରୀରରେ କର୍ମ ଅନିବାର୍ଯ୍ୟ ଆଉ ଏହି ପ୍ରକୃତିଚାଳିତ କର୍ମ ବନ୍ଧନର କାରଣ । ଏହି କର୍ମର ଫଳ ସୁଖ, ଦୁଃଖ, ଜନ୍ମ ଓ ମୃତ୍ୟୁ । ଏହି କର୍ମରୁ ମନୁଷ୍ୟ ମୁକ୍ତ ନ ହେଲେ ମୁନି-ଦୁର୍ଲଭ ପରମ ଶାନ୍ତି, ପରମାନନ୍ଦ, ପରମ ଜ୍ଞାନର ସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହୋଇପାରେ ନାହିଁ । ଏହି ସକାଶେ କର୍ମ ଭଗବାନଙ୍କ ନିମିତ୍ତ କରି ତାହା ତାଙ୍କୁ ସମର୍ପଣ କରିଦେଲେ ତାହା ହୁଏ ନିଷ୍କାମ, ପରମପଦ ପରମାତ୍ମା ପ୍ରାପ୍ତିର କାରଣ ।

ସାଧାରଣତଃ ମନୁଷ୍ୟ ଅବିକଶିତ ଚେତନା ଏବଂ ଅଶୁଦ୍ଧ ବୁଦ୍ଧିରେ ଯନ୍ତ୍ରବତ୍ ନିଜ ସ୍ୱାର୍ଥସିଦ୍ଧି ଏବଂ ନିଜ କୁଟୁମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ, ବ୍ୟକ୍ତି ବୁଦ୍ଧି ଦ୍ୱାରା ବିଚାର କରି ଦେଶସେବା, ପ୍ରାଣୀମାତ୍ରର ସେବା ଏବଂ ସଦାଚାର ଆଦି ଶୁଭ କର୍ମ କରେ । ବହୁତ ଲୋକ ନିଷ୍କାମ କର୍ମର ସ୍ୱରୂପ ନ ଜାଣି ଏହି ଶୁଭ କର୍ମକୁହିଁ ନିଷ୍କାମ କର୍ମ ନାମ ଦିଅନ୍ତି । ଇଞ୍ଜିନିୟର, ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଦେଶସେବକ, ଦେଶନେତା ଓ ଦେଶହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, ''ଆମ୍ଭେମାନେ ନିଜ ପାଇଁ କର୍ମ କରୁ ନାହିଁ, ଅନ୍ୟ ପାଇଁ; ସେଥିରେ ଆମ୍ଭର ସ୍ୱାର୍ଥ ନାହିଁ । ସ୍ୱାର୍ଥ ବିନା କର୍ମ ନିଷ୍କାମ । ଆମର ବେତନ କେବଳ ଉଦରପୋଷଣ ସକାଶେ; ସଂସାରରେ ବଡ଼ ବଡ଼ ସାଧୁମହାତ୍ମାଙ୍କୁ ମଧ୍ୟ ଉଦରପୋଷଣ କରିବାକୁ ପଡ଼େ । ସେଥିପାଇଁ ଆମ୍ଭର ବେତନ କର୍ମର ନିଷ୍କାମତାକୁ ବ୍ୟାହତ କରେ ନାହିଁ ।'' ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନେ ତ ନିଃସନ୍ଦେହରେ ଧାରଣା କରନ୍ତି ଏବଂ କହନ୍ତି, ''ଆମ୍ଭର

କର୍ମ ପୂର୍ଣ୍ଣତଃ ଅନ୍ୟର ଉପକାର ସକାଶେ, ଏଥିରେ ଆତ୍ମର ସ୍ୱାର୍ଥ ନାହିଁ । ଅତଏବ ଆତ୍ମମାନଙ୍କର କର୍ମ ନିଶ୍ଚୟହିଁ ନିଷ୍କାମ ।'' କିନ୍ତୁ କର୍ମର ନିଷ୍କାମତା ଏହା ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ – ତୁମ୍ଭର କର୍ମ ଭଗବାନଙ୍କ ସକାଶେ କରାହେଉଛି କି ନା, ତାହାରି ଉପରେ । ଭଗବାନଙ୍କ ଉଦ୍ଦେଶ୍ୟରେ ରାଜା ଅମ୍ବରୀଶଙ୍କର ରାଜ୍ୟଶାସନ ପରି କଠୋର କର୍ମ ହୁଏ ନିଷ୍କାମ । ଭଗବାନଙ୍କ ଛଡ଼ା ଦେଶସେବା, ଦାନ, ଯଜ୍ଞାଦି ପବିତ୍ର କର୍ମ ମଧ୍ୟ ହୁଏ ସକାମ । ନିଷ୍କାମତା ଓ ସକାମତା କର୍ମର ସ୍ୱରୂପ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ କେବଳ ଭାବ ଉପରେ । ଭଗବତ୍ ଉଦ୍ଦେଶ୍ୟ ଛଡ଼ା ଶୁଭକର୍ମର ଫଳ ଶୁଭ, ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବାକୁ ହୁଏ । ଜନ୍ମମୃତ୍ୟୁର ଚକ୍ରରେ ଘୂର୍ଣ୍ଣାୟମାନ ହେବାକୁ ପଡ଼େ । କିନ୍ତୁ ଏହାଦ୍ୱାରା ମନୁଷ୍ୟ ପରମପଦ, ପରମାନନ୍ଦ, ଶାଶ୍ୱତ ଶାନ୍ତି ସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇପାରେ ନାହିଁ । ସେଥିପାଇଁ ଭାଗବତରେ କୁହାଯାଇଛି –

''ଯେ ପୁଣ୍ୟ ବେଦ ମାର୍ଗେ କରେ । ସକାମ ଚିତ୍ତେ ଫଳ ଧରେ ॥
ହରିଙ୍କି ନ କରେ ଅର୍ପଣ । ସେସର୍ବ ଫଳ ଅକାରଣ ॥''

କିନ୍ତୁ ଏହି ଜନ୍ମ-ମୃତ୍ୟୁର ଚକ୍ରରେ ଘୂର୍ଣ୍ଣାୟମାନ ହୋଇ ଶୁଭ ଅଶୁଭ କର୍ମ କରିବା ଦ୍ୱାରା ମନୁଷ୍ୟ ନିଷ୍କାମ କର୍ମ ଦିଗରେ ଅଗ୍ରସର ହୋଇପାରେ ।

*

ପ୍ରଶ୍ନ : ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କ ନିମିତ୍ତ କର୍ମ କଲେ ତାହା କାହିଁକି ଏବଂ କିପରି ନିଷ୍କାମ ହୁଏ ?

ଉତ୍ତର : ସେଥିରେ ସ୍ୱାର୍ଥ ଏବଂ ଅହଂ ରହେ ନାହିଁ । ମନୁଷ୍ୟ ଭଗବାନଙ୍କ ଅଂଶ । ସ୍ୱୟଂ ଭଗବାନ୍ ସଂସାର ରୂପରେ ଏବଂ ପ୍ରାଣୀ ରୂପରେ ପ୍ରକଟ ହୋଇଅଛନ୍ତି । ପ୍ରାଣୀ ନିଜ ସ୍ୱରୂପ ବିସ୍ମରଣ ହୋଇ, ଭ୍ରମରେ ପଡ଼ି, ଅହଂକାରର ବଶୀଭୂତ ହୋଇ 'ମୁଁ', 'ମୋର', 'ତୁ', 'ତୋର' ଭେଦଭାବ ଆରୋପ କରେ । ଏହାହିଁ ହେଲା ଅଜ୍ଞାନ । ଅଜ୍ଞାନର ଆଶ୍ରୟସ୍ଥଳ ଅହଂ । ଅହଂହିଁ ହେଲା ବନ୍ଧନର କାରଣ । ଯେପର୍ଯ୍ୟନ୍ତ ମନୁଷ୍ୟ ଅଜ୍ଞାନ, ସେପର୍ଯ୍ୟନ୍ତ ସେ ନିଜ ଆତ୍ମା ଏବଂ ପରମାତ୍ମା ଭଗବାନଙ୍କ ସମ୍ବନ୍ଧେ ଅଚେତନ । ମନୁଷ୍ୟର ସ୍ଥୂଳ-ବୁଦ୍ଧି ଉନ୍ନତ ହୋଇପାରେ, ସେ ଭୌତିକ କାର୍ଯ୍ୟରେ ଦକ୍ଷତା ହାସଲ କରିପାରେ । କଳକୌଶଳରେ ନିଜ କର୍ମ ଦ୍ୱାରା ଅନ୍ୟମାନଙ୍କୁ ଚକିତ କରିପାରେ । କିନ୍ତୁ ଯେପର୍ଯ୍ୟନ୍ତ ସେ ଆତ୍ମା ଓ ପରମାତ୍ମାଙ୍କୁ ନ ଜାଣେ, ସେପର୍ଯ୍ୟନ୍ତ ସେ ଅଜ୍ଞାନର ବଶ ହୋଇ ଅହଂ ଦ୍ୱାରା ପରିଚାଳିତ ହୁଏ । ଏହି ଅବସ୍ଥାରେ ତାହାଦ୍ୱାରା ଜଗତର ହିତ ନିମିତ୍ତ ବଡ଼ ବଡ଼ କାର୍ଯ୍ୟ ମଧ୍ୟ ହୁଏ ସକାମ । ମନୁଷ୍ୟର ସେବା ସକାଶେ ଓ ମନୁଷ୍ୟର କଲ୍ୟାଣ ଉଦ୍ଦେଶ୍ୟରେ ଯେକୌଣସି କର୍ମ କରାହୁଏ, ସେଥିରେ ଥାଏ ''ମନୁଷ୍ୟର ମଙ୍ଗଳ-କାମନା'' । ''ମନୁଷ୍ୟର ମଙ୍ଗଳ କରିବା'' – ଏହାହିଁ ହେଲା ସକାମ । ଏହି କାର୍ଯ୍ୟ ଯଦି ଭଗବତ୍ ଉଦ୍ଦେଶ୍ୟରେ କରାହୁଏ, ତେବେ ଏହି କର୍ମ ଦ୍ୱାରା ମନୁଷ୍ୟଜାତିର ହିତ ସାଧିତ ହୁଏ, କିନ୍ତୁ କର୍ମର ଫଳ ଓ ଉଦ୍ଦେଶ୍ୟ ଯାହା, ''ମନୁଷ୍ୟର ହିତସାଧନ'' – ତାହା ଏଥିରେ ନ ଥାଏ; ଏଥିରେ ଏକମାତ୍ର କାମନା ଥାଏ, ''ଭଗବତ୍ ଉଦ୍ଦେଶ୍ୟରେ କର୍ମ କରିବା'' । ଭଗବାନଙ୍କ ନିମିତ୍ତ କର୍ମରେ କାମନା ନ ଥାଏ, କାରଣ କାମନାହିଁ ଉତ୍ସର୍ଗ ହୋଇଥାଏ ।

*

ପ୍ରଶ୍ନ : କାମନା ବନ୍ଧନର କାରଣ । ''ଭଗବତ୍ ଉଦ୍ଦେଶ୍ୟରେ କର୍ମ'' – ଏହା ବି କାମନା, ଏହି କାମନା ଥିବା ସତ୍ତ୍ୱେ କର୍ମ ନିଷ୍କାମ ହେବ କିପରି ?

ଉତ୍ତର : ବନ୍ଧନର ଅର୍ଥ ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱ । ଭଗବାନଙ୍କ ସକାଶେ କର୍ମ କଲେ ବ୍ୟକ୍ତି ଭଗବାନଙ୍କୁ ପ୍ରାପ୍ତ ହୁଏ, ଦୁଃଖକଷ୍ଟରୁ ମୁକ୍ତ ହୁଏ । ମନୁଷ୍ୟ ଯେଉଁ ଉଦ୍ଦେଶ୍ୟରେ କର୍ମ କରେ ତାହା ପ୍ରାପ୍ତ ହୁଏ । ଭଗବାନ୍ ନିଷ୍କାମ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିର କାମନା ସମାପ୍ତ ହୁଏ । ଭଗବାନହିଁ ଜୀବର ଶାଶ୍ୱତ ବିଶ୍ରାମ-ସ୍ଥଳ ଏବଂ ତାହାର ମୂଳ ସତ୍ୟ-ସ୍ୱରୂପ । ତାଙ୍କୁହିଁ ପ୍ରାପ୍ତ ହେବା ଜୀବର ଏକମାତ୍ର ଲକ୍ଷ୍ୟ । ଭଗବାନଙ୍କ ନିମିତ୍ତ କର୍ମ ଦ୍ୱାରା ଜନ୍ମମୃତ୍ୟୁର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ ହେଉଥିବାରୁ ଏହା ହୁଏ ନିଷ୍କାମ । ଭଗବତ୍ ଉଦ୍ଦେଶ୍ୟ ଛଡ଼ା ଅନ୍ୟାନ୍ୟ କର୍ମ ଦ୍ୱାରା ମନୁଷ୍ୟ ଜନ୍ମମୃତ୍ୟୁ-

ଚକ୍ରରେ ଭ୍ରମଣ କରୁଥିବାରୁ ତାହା ହୁଏ ସକାମ । ସେଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ କହିଅଛନ୍ତି –

''ୟତ୍ କରୋଷି, ୟଦଶ୍ନାସି ୟଜ୍ଜୁହୋଷି ଦଦାସିୟତ୍ ।
ୟତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମ୍ ॥''

– ଗୀତା, ୯/୨୭

– ଯେଉଁ କର୍ମ କର, ଯାହା ଭୋଜନ କର, ଯାହା ହୋମ କର, ଯାହା ଦାନ କର, ଯେଉଁ ତପ କର, ତାହାସବୁ ମୋତେ ଅର୍ପଣ କର ।

''ଶୁଭାଶୁଭଫଲୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ
ସନ୍ନ୍ୟାସୟୋଗୟୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ॥''

– ଗୀତା, ୯/୨୮

– କର୍ମ ଅର୍ପଣରୂପ ସନ୍ନ୍ୟାସଯୋଗଯୁକ୍ତ ହୋଇ କଲେ ତୁ କର୍ମ-ବନ୍ଧନରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହେବୁ ।

*

ପ୍ରଶ୍ନ : ଯେଉଁମାନେ ଭଗବାନଙ୍କୁ ଛାଡ଼ି କେବଳ ଲୋକ-କଲ୍ୟାଣାଦି ଶୁଭକର୍ମ କରନ୍ତି ତାହା ସକାମ ହୋଇପାରେ, କିନ୍ତୁ ଯେଉଁମାନେ ଭଗବାନଙ୍କ ସକାଶେ କର୍ମ କରୁଅଛନ୍ତି ବୋଲି କହନ୍ତି ତାହା ନିଷ୍କାମ ନୁହେଁ କି ?

ଉତ୍ତର : କେବଳ ବାକ୍ୟରେ କହିଦେଲେ ଯଥାର୍ଥରେ ଭଗବାନଙ୍କ ନିମିତ୍ତ ହୁଏ ନାହିଁ । ଯଥାର୍ଥରେ ଭଗବତ୍ କର୍ମର ସ୍ୱରୂପ ହେଲା ''ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କ ନିମିତ୍ତ କର୍ମସମ୍ପାଦନ'' । ଭାବନା ଏଥିରେହିଁ ପ୍ରଧାନ, କର୍ମ ଗୌଣ । ଅର୍ଥାତ୍ କର୍ମର ସିଦ୍ଧି ଏବଂ ଅସିଦ୍ଧି ଉଭୟ ଅବସ୍ଥାରେ ବ୍ୟକ୍ତି ସମଭାବ ରଖେ । ଅର୍ଥାତ୍ ସେ କାର୍ଯ୍ୟର ସଫଳତାରେ ଆନନ୍ଦୋନ୍ମତ୍ତ ହୁଏ ନାହିଁ କିଂବା ବିଫଳତାରେ ହତାଶ ହୁଏ ନାହିଁ । କାରଣ ତା'ର ତ' ଉଦ୍ଦେଶ୍ୟ କେବଳ ଭଗବାନଙ୍କ ନିମିତ୍ତ କର୍ମ କରିବା । କର୍ମସିଦ୍ଧି ହେବା ତା'ର ଲକ୍ଷ୍ୟ ବା ଉଦ୍ଦେଶ୍ୟ ନୁହେଁ । କର୍ମର ସିଦ୍ଧି ଓ ଅସିଦ୍ଧି ଉଭୟ ଅବସ୍ଥାରେ ତା'ର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ । ସେଥିପାଇଁ ସେ ହର୍ଷ ବା ବିଷାଦରେ ପଡ଼େ ନାହିଁ ।

ଯେଉଁମାନେ ବାକ୍ୟରେ ଭଗବାନଙ୍କ ନିମିତ୍ତ କର୍ମ କରୁଥିବା କଥା କହନ୍ତି, ସେମାନଙ୍କର କର୍ମହିଁ ପ୍ରଧାନ; କର୍ମର ଫଳପ୍ରାପ୍ତିର ଉଦ୍ଦେଶ୍ୟ ଅର୍ଥାତ୍ ଯେଉଁ ଉଦ୍ଦେଶ୍ୟରେ କର୍ମ କରନ୍ତି ତାହାର ଫଳ ଚାହାନ୍ତି, ତାହାର ସିଦ୍ଧି ଚାହାନ୍ତି । ତାହା ପୂର୍ଣ୍ଣ ନ ହେଲେ କିଂବା ସେ କର୍ମ ତ୍ୟାଗ କରିବାକୁ ପଡ଼ିଲେ ସେମାନେ ବ୍ୟସ୍ତ ହୁଅନ୍ତି, ହତାଶ ହୋଇ ପଡ଼ନ୍ତି । 'ଭଗବାନଙ୍କ ନିମିତ୍ତ କରୁଥିବା' ଶବ୍ଦଟା କେବଳ ମୁଖରେ ଥାଏ, ଅଭ୍ୟାସରେ କେବେ ପରିଣତ ହୁଏ ନାହିଁ । ସେଥିପାଇଁ 'ସମତା' ଆସେ ନାହିଁ । ପୁଣି ଭଗବତ୍ ସ୍ମରଣ ହେବ କିପରି ? 'ଭଗବତ୍ ଉଦ୍ଦେଶ୍ୟରେ କର୍ମ' – ଏହି ଭାବ ଯଥାର୍ଥରେ ନ ଥିବାରୁ ସେମାନେ ସମତ୍ୱ ହରାଇ ହତାଶ ହୋଇପଡ଼ନ୍ତି, କାରଣ ସେମାନଙ୍କର କର୍ମର ଫଳ ବ୍ୟର୍ଥ ହେଲା । ଏହିମାନଙ୍କର କର୍ମହିଁ ପ୍ରଧାନ, ଆଉ କର୍ମପ୍ରଧାନ ବ୍ୟକ୍ତିର କର୍ମ ସକାମ ।

*

ପ୍ରଶ୍ନ : ସାଧନାର ପ୍ରଥମାବସ୍ଥାରେ ଭଗବତ୍ ସ୍ମରଣ ସତତ ହୁଏ ନାହିଁ; ବହୁତ ଦିନ ଅଭ୍ୟାସ କରିବା ପରେ ତାହା ହୋଇପାରେ । ଯେଉଁମାନଙ୍କୁ ସକାମ କର୍ମୀ କୁହାଯାଉଛି ସେମାନେ ଭବିଷ୍ୟତରେ ଭଗବତ୍ ପରାୟଣ ହୋଇ ଭଗବାନଙ୍କ ନିମିତ୍ତ କର୍ମ କରିପାରିବେ କି ?

ଉତ୍ତର : ଆରମ୍ଭରେ ଯେଉଁ ଉଦ୍ଦେଶ୍ୟ ଉପରେ ପ୍ରାଧାନ୍ୟ ଦିଆହୁଏ, ସେହି ଉଦ୍ଦେଶ୍ୟ କ୍ରମଶଃ ବିକାଶ ଏବଂ ବୃଦ୍ଧି ପାଏ । ଯେଉଁ ଉଦ୍ଦେଶ୍ୟ ଗୌଣ ଥାଏ, ତାହା କ୍ରମଶଃ କ୍ଷୀଣ ହୋଇ ଶେଷରେ ବିଲୁପ୍ତ ହୋଇଯାଏ ।

ଯେଉଁମାନେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟ ରଖି କର୍ମ କରନ୍ତି ସେମାନଙ୍କର କ୍ରମଶଃ ଭଗବତ୍ ସ୍ମରଣ ବୃଦ୍ଧି ହୁଏ । ସମତା, ଶାନ୍ତି, ଆନନ୍ଦାଦି ଦିବ୍ୟଗୁଣ ଅଧିକାଧିକ ପ୍ରାପ୍ତ ହେଉଥାଏ । ଯେଉଁମାନେ କର୍ମକୁ ପ୍ରାଧାନ୍ୟ ଦେଇ ମୁଖରେ 'ଭଗବାନଙ୍କ ନିମିତ୍ତ' କର୍ମ କରୁଅଛନ୍ତି ବୋଲି କହନ୍ତି, ସେମାନଙ୍କର ହୃଦୟ ଗଭୀରରେ ଭଗବାନ୍ ନିବାସ କରୁଅଛନ୍ତି –

ଏ ସମ୍ବନ୍ଧେ ସେମାନେ ସଚେତ ନୁହନ୍ତି । କର୍ମର ସଫଳତା ଓ ବିଫଳତାର ହର୍ଷ-ବିଷାଦରେ ବାହ୍ୟ ଶବ୍ଦ ବିସ୍ମରଣ ହୋଇଯାଏ । ଶେଷରେ କର୍ମ ଓ କର୍ମକର୍ତ୍ତା 'ବ୍ୟକ୍ତି ସ୍ୱୟଂ' ଏହାହିଁ ରହିଯାଏ । ଅତଏବ ଯେଉଁମାନଙ୍କର ଜୀବନ କର୍ମପ୍ରଧାନ, ସେମାନଙ୍କର ଯଥାର୍ଥ ନିଷ୍କାମ କର୍ମ ହୁଏ ନାହିଁ । ଯେଉଁ ସମୟରୁ ସେମାନେ ସଚେତ ହୋଇ ଭଗବାନଙ୍କ ନିମିତ୍ତ କର୍ମ ଅର୍ଥାତ୍ ଭଗବତ୍ ପ୍ରାପ୍ତି ଜୀବନର ପ୍ରଧାନ ଲକ୍ଷ୍ୟ ବୋଲି ମାନି ସେହି ଉଦ୍ଦେଶ୍ୟରେ କର୍ମ କରନ୍ତି, ସେହି ସମୟରୁ ସେମାନଙ୍କର ସମସ୍ତ କର୍ମ ନିଷ୍କାମ ହୁଏ ।

ନିଷ୍କାମ କର୍ମ ଭଗବତ୍ ପ୍ରାପ୍ତିର ଏକ ଅନିବାର୍ଯ୍ୟ ଉପାୟ । କିନ୍ତୁ ଏଥିରେ ମଧ୍ୟ ବହୁତ ସୂକ୍ଷ୍ମରେ ରହିଯାଏ କର୍ତ୍ତାର 'ଅହଂ' । କର୍ମ ସମ୍ପନ୍ନ ହେଲେ ତାହାର କର୍ତ୍ତା (ବ୍ୟକ୍ତି) ଏବଂ କର୍ମ ସମର୍ପଣ ହେଲେ ସେହି ସମର୍ପଣ କରିବାର କର୍ତ୍ତା — ଏହି ବୋଧକୁ କର୍ତ୍ତୃତ୍ୱାଭିମାନ କୁହାଯାଏ । ଭଗବାନଙ୍କ ନିମିତ୍ତ ନିଷ୍କାମ କର୍ମରେ ଏହି କର୍ତ୍ତୃତ୍ୱାଭିମାନ ରହିଥାଏ । ଏହି ଭାବ ରହିଲେ ଭଗବାନ୍ ପୂର୍ଣ୍ଣ ସ୍ୱରୂପରେ ପ୍ରାପ୍ତ ହୁଅନ୍ତି ନାହିଁ ।

*

ପ୍ରଶ୍ନ : ଏହି କର୍ତ୍ତୃତ୍ୱାଭିମାନ ବା ଅହଂବୋଧର ବିଲୟ କିପରି ହୁଏ ?

ଉତ୍ତର : ଏହାର ବିଲୟ ହୁଏ ନିଷ୍କାମ କର୍ମ ଦ୍ୱାରା ଭଗବତ୍ ପରାଭକ୍ତି ପ୍ରାପ୍ତ ହେଲେ । ପରାଭକ୍ତିର ସ୍ୱରୂପ ହେଲା ଭଗବାନଙ୍କ ସଙ୍ଗେ ଅଖଣ୍ଡ ଏକ ହେବା ସତ୍ତ୍ୱେ ପୃଥକ୍ ରହିବା । ଏହି ଉଭୟ ବୋଧ ଏକ ସଙ୍ଗେ ଥାଏ ।

କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗ-ପଦ୍ଧତି ଅନୁସାରେ ଭାଗବତୀ ଶକ୍ତିର ଯନ୍ତ୍ର ହୋଇ ତାହାର ପରିଚାଳନାରେ କର୍ମ କରିବାରେ କର୍ତ୍ତୃତ୍ୱାଭିମାନ ରହେ ନାହିଁ । ସେହି କର୍ମ ହୁଏ ଭାଗବତ କର୍ମ ।

*

ପ୍ରଶ୍ନ : ତାହାର ପ୍ରକ୍ରିୟା କିପରି ?

ଉତ୍ତର : ଶ୍ରୀଅରବିନ୍ଦ-ଯୋଗର ଆରମ୍ଭରୁ ସାଧକ ନିଜ ଦାୟିତ୍ୱରେ ବାହ୍ୟ କର୍ମ କିଂବା ଆନ୍ତର ସାଧନା କିଛି ବି କର୍ତ୍ତାଭାବେ କରେ ନାହିଁ । ସାଧନା ଆରମ୍ଭରେ ସାଧକ ଭଗବାନଙ୍କୁ କର୍ତ୍ତା ଭାବେ, ଅର୍ଥାତ୍ ଭାଗବତୀ ଶକ୍ତିଙ୍କୁ ଆବାହନ କରେ ଏବଂ ନିଜ ମଧ୍ୟରେ ତାଙ୍କୁ କର୍ମ କରିବାକୁ ପ୍ରାର୍ଥନା କରେ । ସାଧକ ମଧ୍ୟରେ ଭାଗବତୀ ଶକ୍ତି କର୍ମ କରନ୍ତି, ତାକୁ ପରିଚାଳନା କରନ୍ତି । ସାଧକ ସାକ୍ଷିବତ୍ ଭାଗବତୀ ଶକ୍ତିଙ୍କ ପରିଚାଳନାକୁ ନିରୀକ୍ଷଣ କରେ, ଏବଂ ସେଥିରେ ସମ୍ମତି ଦିଏ । କର୍ମର କର୍ତ୍ତ୍ରୀ ଭାଗବତୀ ଶକ୍ତି; ସେ ଭଗବାନଙ୍କ ନିମିତ୍ତ ଭାଗବତ କର୍ମ କରନ୍ତି, ସାଧକକୁ ଯନ୍ତ୍ର କରି ସାଧନାରେ ଯଥାର୍ଥ ମାର୍ଗରେ ପରିଚାଳନା କରି ନେଇଯାଆନ୍ତି । ସାଧକ ଯଥାର୍ଥରେ ସ୍ୱୟଂ କର୍ମ କରେ ନାହିଁ, ସେ କର୍ମର କର୍ତ୍ତା ନୁହେଁ, କର୍ମର କର୍ତ୍ତା ସ୍ୱୟଂ ଭାଗବତୀ ଶକ୍ତି । ସେହି ସକାଶେ ସାଧକର କର୍ତ୍ତୃତ୍ୱାଭିମାନ ରହେ ନାହିଁ । ଏହାର ବିଶେଷ ବର୍ଣ୍ଣନା 'ଲୋକସାହିତ୍ୟ'ର 'ତ୍ରିବିଧ-କର୍ମ'ରେ ପାଇବେ । 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'ରେ ମଧ୍ୟ ଏ ସମ୍ବନ୍ଧେ ଉଲ୍ଲେଖ କରାହୋଇଅଛି ।

(୫)

ଆତ୍ମହତ୍ୟା ଓ ଦୁଷ୍କର୍ମର ପରିଣାମ

ଆଜିକାଲି ବହୁବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି । ବହୁ ଶ୍ରେଣୀର ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବାର ଉପାୟ ନ ଦେଖି ଆତ୍ମହତ୍ୟା କରିବାକୁ ପ୍ରଶ୍ନ କରୁଛନ୍ତି —

ପ୍ରଶ୍ନ : ପାରିବାରିକ ପରିସ୍ଥିତି ବହୁତ ଜଟିଳ, ସ୍ୱାମୀ ସଙ୍ଗେ ମନୋମାଳିନ୍ୟ, ପଦେ ପଦେ ତାଙ୍କର ସନ୍ଦେହ, ଅବିଶ୍ୱାସ । ଏପରି ସ୍ଥଳେ ଆତ୍ମହତ୍ୟାହିଁ ଏକମାତ୍ର ଉପାୟ ।

ଅନ୍ୟ କେହି ପ୍ରଶ୍ନ କରନ୍ତି :

''ମୁଁ ପିତାମାତାଙ୍କର ଜ୍ୟେଷ୍ଠକନ୍ୟା । ପିତାମାତା ଗରିବ ଏବଂ ରୋଗଗ୍ରସ୍ତ, ଭବିଷ୍ୟତ ସୁବିଧା ଆଶାରେ ନିଜ ପେଟ କାଟି ମୋତେ ପଢ଼ାଉଛନ୍ତି; ଦୁର୍ଭାଗ୍ୟ ତଥା ଅସାବଧାନତାବଶତଃ ସାମାଜିକ ବିରୁଦ୍ଧାଚରଣ ଘଟିଯାଇଛି । ମୋ ସକାଶେ ଆତ୍ମହତ୍ୟା ଛଡ଼ା ଅନ୍ୟ ଉପାୟ ନାହିଁ ।''

କେହି ଚାକିରିରେ ଗଭର୍ଣ୍ଣମେଣ୍ଟ୍‌ର ଟଙ୍କା ଆତ୍ମସାତ୍ କରି କଏଦୀ ହେବା ଭୟରେ ଆତ୍ମହତ୍ୟାର ଆଶ୍ରୟ ନେଇଅଛନ୍ତି । କୌଣସି ବ୍ୟକ୍ତି ଅନ୍ୟାନ୍ୟ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ନ ପାରି ଆତ୍ମହତ୍ୟାର ଆଶ୍ରୟ ନେବାକୁ ସ୍ଥିର କରୁଛନ୍ତି । ସେମାନେ ଭାବୁଛନ୍ତି, ''ଶରୀର ଥିବାରୁ ଏହିସବୁ ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହେବାକୁ ପଡୁଛି । ଆତ୍ମହତ୍ୟା ଦ୍ୱାରା ଶରୀର ନଷ୍ଟ ହୋଇଗଲେ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତି ମିଳିଯିବ ।'' ଆତ୍ମହତ୍ୟା ସମ୍ବନ୍ଧେ ବହୁ ପ୍ରଶ୍ନ ଆସୁଛି । ଆତ୍ମହତ୍ୟା କରିବା ଦ୍ୱାରା ଯଥାର୍ଥରେ କ'ଣ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ?

ଉତ୍ତର : କଦାପି ନୁହେଁ । ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମ ଏବଂ ଏହି ପ୍ରେରଣା ଆସୁରୀ ଅନ୍ଧକାର ଶକ୍ତିର । ବ୍ୟକ୍ତି ଆତ୍ମହତ୍ୟା ଧାରଣା କରିବାମାତ୍ରେ ତା' ମଧ୍ୟରେ ଅନ୍ଧକାର ଶକ୍ତିର ପ୍ରବେଶ କରିବା ମାର୍ଗ ଉନ୍ମୁକ୍ତ ହୋଇଯାଏ । ସେ ପ୍ରଥମରେ ବ୍ୟକ୍ତିର ବୁଦ୍ଧି ଏବଂ ବିବେକକୁ ଆବୃତ କରିଦିଏ ଏବଂ ନିଜ ପ୍ରେରଣାରେ ବ୍ୟକ୍ତିକୁ ପୂର୍ଣ୍ଣରୂପେ ଅଧିକାର କରିନିଏ । ଶେଷରେ ଆତ୍ମହତ୍ୟା କରାଇ ନିଜର ଯନ୍ତ୍ର କରିନିଏ ତଥା ଦୁଃଖକଷ୍ଟରେ ବ୍ୟକ୍ତିକୁ ଜର୍ଜରିତ କରିଦିଏ, ସେଥିରେହିଁ ମହାନ୍ ଆନନ୍ଦ ଅନୁଭବ କରେ ।

ଆତ୍ମହତ୍ୟା ମହାପାପ । ବ୍ୟକ୍ତି ଯେଉଁ ଦୁଃଖଦ୍ୱନ୍ଦ୍ୱ ବରଦାସ୍ତ କରି ନ ପାରି ଆତ୍ମହତ୍ୟା କରେ, ମୃତ୍ୟୁପରେ ସେହି ଦୁଃଖଦ୍ୱନ୍ଦ୍ୱ ପୂର୍ବାପେକ୍ଷା ବହୁଗୁଣରେ ଆକ୍ରମଣ କରେ । ସେଥିରୁ ବ୍ୟକ୍ତି କୌଣସିମତେ ରକ୍ଷାପାଇପାରେ ନାହିଁ ।

ସ୍ଥୂଳ ଶରୀର ଗୋଟିଏ ସୁରକ୍ଷିତ କିଲ୍ଲା । ବ୍ୟକ୍ତି ମାନସିକ ଦୁଃଖଦ୍ୱନ୍ଦ୍ୱ ଅନୁଭବ କରେ, କିନ୍ତୁ ରକ୍ଷା-କବଚ ସଦୃଶ ଶରୀର ଥିବାରୁ ବହୁତ ସମୟରେ ସ୍ଥୂଳରୂପେ ସେଥିରୁ ରକ୍ଷାପାଏ । କେହି କେହି ଦୁଃଖଦ୍ୱନ୍ଦ୍ୱରୁ ରକ୍ଷାପାଇବା ସକାଶେ ଭଗବତ୍ ଚର୍ଚ୍ଚା ଶୁଣନ୍ତି, ମହାତ୍ମା ବା ଶ୍ରେଷ୍ଠ ବ୍ୟକ୍ତିଙ୍କ ଉପଦେଶରେ ଶାନ୍ତି ଅନୁଭବ କରନ୍ତି କିଂବା ଦ୍ୱନ୍ଦ୍ୱର କାରଣକୁ ଦୂର କରିଦିଅନ୍ତି । ସ୍ଥୂଳ ଶରୀରରେ ବହୁତ ଉପାୟ ଦ୍ୱାରା ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବା ସକାଶେ ବହୁ ପ୍ରତିକାର କରିପାରେ । ଶରୀର ନଷ୍ଟ ହୋଇଯିବା ପରେ ଦୁଃଖକଷ୍ଟରୁ ମୁକ୍ତ ହେବାର କୌଣସି ଉପାୟ ନ ଥାଏ । ସବୁବେଳେ ସେହି ଦୁଃଖାଗ୍ନିରେ ଜଳୁଥାଏ । ଜୀବିତାବସ୍ଥାରେ ଦୁଃଖ, କଷ୍ଟ, ନିନ୍ଦା, ଅପମାନ, ଲଜ୍ଜା ପଣ୍ଟାଦ୍‌ରେ ଥିବା ସତ୍ତାସମୂହ ମୂର୍ତ୍ତିମାନ ହୋଇ ମୃତ ଆତ୍ମାକୁ ଆକ୍ରମଣ କରନ୍ତି । ସେତେବେଳେ ସେ ନିରୁପାୟ ହୋଇ ସବୁ ସହ୍ୟ କରେ ଏବଂ ବ୍ୟଥାରେ ମୂର୍ଚ୍ଛିତ ହୋଇଯାଏ । ଆତ୍ମହତ୍ୟା କରିଥିବା ବ୍ୟକ୍ତିର କେବଳ ସ୍ଥୂଳ ଶରୀର ନଷ୍ଟ ହୋଇଯାଏ; ଦୁଃଖକଷ୍ଟ ଅନୁଭବ କରୁଥିବା ସମସ୍ତ ସତ୍ତା ବିଦ୍ୟମାନ ଥାଏ । ସ୍ଥୂଳ ଶରୀରର ଶେଷ ପରମାୟୁ ପର୍ଯ୍ୟନ୍ତ ସେ ସୂକ୍ଷ୍ମ ଶରୀରରେ ଏହି ଜଗତ ସହିତ ସମ୍ବନ୍ଧିତ ସୂକ୍ଷ୍ମ ଜଗତରେ ଅସହାୟରୂପେ ବାସ କରେ । ଅର୍ଥାତ୍ ତା'ର ଯଦି ୮୦ ବର୍ଷ ପରମାୟୁ ନିର୍ଦ୍ଧାରିତ ହୋଇଥାଏ ଏବଂ ସେ ୫୦ ବର୍ଷ ବୟସରେ ଆତ୍ମହତ୍ୟା କରେ, ତେବେ ଆତ୍ମହତ୍ୟା କରିବା ପରେ ୩୦ ବର୍ଷ ସଂସାରିକ ଦୁଃଖକଷ୍ଟ ଅନୁଭବ କରିବାର ଆଧାର ସହିତ ସୂକ୍ଷ୍ମ ଶରୀର ତାକୁ ପ୍ରାପ୍ତ ହୁଏ । ଜୀବିତ ଅବସ୍ଥାରେ ଯଦି ମନ୍ଦ କର୍ମ କରିଥାଏ, ତେବେ ୩୦ ବର୍ଷରୁ ଅଧିକ ସମୟ ମଧ୍ୟ ଏହି ଶରୀରରେ ରହିପାରେ । ସାଧାରଣତଃ ଆତ୍ମହତ୍ୟାକାରୀ ବ୍ୟକ୍ତିର ଦୁଷ୍କର୍ମ ପୂର୍ବରୁ ଅବଶ୍ୟ ଥାଏ । ଏହି ସୂକ୍ଷ୍ମ ଶରୀରପ୍ରାପ୍ତିରେ କେବଳ ସ୍ଥୂଳ ଶରୀର ନଷ୍ଟ ହୁଏ, କିନ୍ତୁ ପାରିବାରିକ ମାୟାମମତା, ରାଗ-ଦ୍ୱେଷ, ସମ୍ବେଦନସବୁ ବିଦ୍ୟମାନ ଥାଏ । ଯେଉଁ ଦ୍ୱନ୍ଦ୍ୱକୁ ସେ ବରଦାସ୍ତ ନ କରିପାରି ଆତ୍ମହତ୍ୟା କରିଥାଏ, ସେହି ଦୁଃଖ ବହୁ ପରିମାଣରେ ଅନୁଭୂତ ହୁଏ । ଯଦି ସେ ସପତ୍ନୀର ଦୁର୍ବ୍ୟବହାର ଯୋଗୁଁ ଆତ୍ମହତ୍ୟା କରିଥାଏ, ତେବେ ସପତ୍ନୀର ସମସ୍ତ କର୍ମ ଦେଖି ତା'ର ହୃଦୟ ଜଳିଯାଏ, ମାତ୍ର କିଛି ପ୍ରତିକାର କରିବାର ଶକ୍ତି ନ ଥାଏ । ପିତାମାତା, ସ୍ତ୍ରୀ, ପୁତ୍ର, କନ୍ୟା, ଭାଇ, ଭଉଣୀଙ୍କର ସ୍ନେହ-ମମତା ଏବଂ ନିଜର ଇଚ୍ଛାବିରୋଧ ଆଚରଣ ବା ମନୋଭାବ, ଶତ୍ରୁର କପଟ ଆଚରଣ ତଥା ବିରୁଦ୍ଧଭାବ, ରାଗ ବା ଈର୍ଷା – ଏସବୁ ଜାଣିପାରେ ଏବଂ ବୁଝିପାରେ । ପରିବାର ପ୍ରତି ସ୍ନେହ, ମମତା, ମାୟା, ଶତ୍ରୁର

ହିଂସାମନୋଭାବ ସମସ୍ତ ମୂର୍ତ୍ତିମାନ ହୋଇ ଆକ୍ରମଣ କରନ୍ତି ଏବଂ ନିଜ ନିଜ ପ୍ରଭାବରେ ମୃତ ଆତ୍ମାର ସୂକ୍ଷ୍ମଶରୀରକୁ ଜଳାଇ ଦିଅନ୍ତି । ସ୍ଥୂଳ ଶରୀର ଭସ୍ମ ହେଲେ ଯେପରି କଷ୍ଟ ହୁଏ, ସୂକ୍ଷ୍ମ ଶରୀରରେ ତାକୁ ସେହିପରି କଷ୍ଟ ହୁଏ, କିନ୍ତୁ ସୂକ୍ଷ୍ମ ଶରୀର ନଷ୍ଟ ହୁଏ ନାହିଁ । ଅନ୍ୟ ଲୋକ ଦ୍ୱାରା ତା' ପରିବାର ପ୍ରତି ମାନସିକ ବା ଶରୀରିକ ଦୁର୍ବ୍ୟବହାରକୁ ସେ ଦେଖିପାରେ, ସେଥିରେ ଅପାର ଦୁଃଖ ପାଏ, କିଛିମାତ୍ର ପ୍ରତିକାର କରିପାରେ ନାହିଁ । ସେସମୟରେ ପରିବାର, ମିତ୍ର ବା ଆତ୍ମୀୟ-ସ୍ୱଜନଙ୍କ ପ୍ରତି ଯେପରି ଅଧିକ ମମତା ଥାଏ, ସେହିପରି ଶତ୍ରୁମାନଙ୍କ ପ୍ରତି ଅଧିକ ବୈରଭାବ ଥାଏ । ନିଜ ବ୍ୟକ୍ତିଙ୍କ ଦୁଃଖକଷ୍ଟ, ଅପମାନରେ ସେ ବ୍ୟତିବ୍ୟସ୍ତ ହୋଇପଡ଼େ । ଶତ୍ରୁମାନଙ୍କ ଦୁର୍ବ୍ୟବହାର ତଥା ଉତ୍କର୍ଷତାର ଈର୍ଷାଗ୍ନିରେ ଦଗ୍ଧ ହେଉଥାଏ । ଘରର ଧନ-ସମ୍ପତ୍ତିରେ ତା'ର ଥାଏ ଅତ୍ୟଧିକ ମମତା । ଘରେ ଯଦି ଅଧ୍ୟାତ୍ମ ଚର୍ଚ୍ଚା ବା ମହାପୁରୁଷଙ୍କ ଫଟୋ, ବିଗ୍ରହ ବା ଭଗବାନଙ୍କ ବିଗ୍ରହ ଥାଏ, ଭଗବତ୍ ଗୁଣଗାନ ହେଉଥାଏ, ତେବେ ସେ ଘରେ ପ୍ରବେଶ କରିପାରେ ନାହିଁ । ସେଥିରେ ମହାବ୍ୟସ୍ତ ହୁଏ । ସୂକ୍ଷ୍ମ ଶରୀରରେ ସ୍ଥୂଳ ଭୋଜନ, ସ୍ଥୂଳରୂପେ ଜଳର ଆବଶ୍ୟକ ନ ଥାଏ । କିନ୍ତୁ ଅପବିତ୍ର ଭୋଜନ, ଶୌଚାବଶିଷ୍ଟ ଜଳରୁ ସେ ସାରତତ୍ତ୍ୱ ଗ୍ରହଣ କରେ । ସେହି ପ୍ରକାର ଭୋଜନ ଓ ଜଳର ଅଭାବରେ ସୂକ୍ଷ୍ମ ଶରୀରଧାରୀ ସତ୍ତାକୁ ଠିକ୍ ସ୍ଥୂଳ ଶରୀରଧାରୀ ବ୍ୟକ୍ତି ସଦୃଶ କ୍ଷୁଧା ଓ ତୃଷା ଲାଗେ । କେବଳ କଷ୍ଟ ଅନୁଭୂତ ହେଉଥାଏ, ଶରୀର ନଷ୍ଟ ହୁଏ ନାହିଁ । ଯାହା ପ୍ରତି ଆସକ୍ତି ଥାଏ ତା' ସହିତ ସେ ସ୍ଥୂଳ ଶରୀରର ସମ୍ପର୍କ ସଦୃଶ ସମ୍ପର୍କ ଚାହେଁ; ତାହା ହୋଇପାରେ ନାହିଁ । ସେଥିପାଇଁ ସେ ଅତୃପ୍ତି ଅନୁଭବ କରେ । ଅନ୍ୟ କୌଣସି ବ୍ୟକ୍ତିର ଯଦି ମନପ୍ରାଣ ଅଶୁଦ୍ଧ ଥାଏ ଏବଂ ସେ ଏହି ସୂକ୍ଷ୍ମ ସତ୍ତା ପ୍ରତି ଉନ୍ମୁକ୍ତ ହୁଏ, ତେବେ ସେ ସେହି ଜୀବିତ ବ୍ୟକ୍ତି ମଧ୍ୟରେ ପ୍ରବେଶ କରି ତା'ର ଆସକ୍ତି ଥିବା ବ୍ୟକ୍ତି ସହିତ ସମ୍ପର୍କ ରଖେ ଏବଂ ଉଭୟଙ୍କୁ ଅଧିକାର କରେ । ସେମାନେ ଯଦି ସାବଧାନ ନ ହୁଅନ୍ତି, ସେମାନଙ୍କୁ ଯନ୍ତ୍ର କରିନିଏ ଏବଂ ପ୍ରେତ ସଦୃଶ ଆଚରଣ କରାଇ ଶେଷରେ ସେମାନଙ୍କର ମଧ୍ୟ ମୃତ୍ୟୁ ଘଟାଏ । କିନ୍ତୁ ଭଗବତ୍ ଆଶ୍ରିତ ବ୍ୟକ୍ତି ପାଖକୁ ଏପରି ସତ୍ତା ଆସିପାରେ ନାହିଁ ।

ବହୁ ସମୟରେ ଏପରି ସତ୍ତାଙ୍କ ଛାୟା ସଦୃଶ ରୂପ ବ୍ୟକ୍ତି ଦେଖିପାରନ୍ତି ଏବଂ ଭୂତ, ପ୍ରେତ ନାମ ଦିଅନ୍ତି । ଏହି ସତ୍ତାସବୁ ବହୁତ ସ୍ତରର, ବହୁତ ପ୍ରକାରର, ବହୁତ ଅବସ୍ଥାର ହୁଅନ୍ତି । ଯେଉଁ ସତ୍ତା ଅଧିକ ଦୁଷ୍ଟ ଏବଂ ଶକ୍ତିଶାଳୀ ଥାଏ ସେ ମନୁଷ୍ୟର ଅଧିକ ଅନିଷ୍ଟ କରେ । ସେମାନଙ୍କର ଯାହା ପ୍ରତି ଅଧିକ ଆସକ୍ତି ଥାଏ ତା'ରି ଅଧିକ ଅନିଷ୍ଟ କରିବାକୁ ଚାହାନ୍ତି । ଅର୍ଥାତ୍ ସେ ଯେଉଁ ଅବସ୍ଥାରେ ଥାଏ, ସେହି ଅବସ୍ଥାରେ ନିଜର ଆସକ୍ତି ଥିବା ବ୍ୟକ୍ତିକୁ ନେଇଯିବାକୁ ଚାହେଁ । କିନ୍ତୁ ସେ ସତ୍ତା ପ୍ରତି ବ୍ୟକ୍ତି ଉନ୍ମୁକ୍ତ ନ ହେଲେ ସେ କିଛି କରିପାରେ ନାହିଁ । ମୃତ୍ୟୁପରେ ଶାସ୍ତ୍ରୀୟ ରୀତିରେ ଶ୍ରାଦ୍ଧାଦି ଦ୍ୱାରା ଆତ୍ମହତ୍ୟାକାରୀ ସତ୍ତା ସେହି ସୂକ୍ଷ୍ମ ଶରୀରରୁ ଉଦ୍ଧାର ହୁଏ ନାହିଁ । ତାହା ପ୍ରାରବ୍ଧ ସଦୃଶ ବହୁତ ପ୍ରବଳ । ସେହି ସତ୍ତା ଉଦ୍ଧାର ହୋଇପାରେ କୌଣସି ଅଧ୍ୟାତ୍ମ ସତ୍ୟପ୍ରାପ୍ତ ମହାପୁରୁଷଙ୍କ ସଂକଳ୍ପ ଦ୍ୱାରା । ଅନ୍ୟଥା ଶେଷ ପରମାୟୁ ପର୍ଯ୍ୟନ୍ତ ସେହି ସୂକ୍ଷ୍ମ ଶରୀରରେ ଦୁଃଖକଷ୍ଟ ଭୋଗୁଥାଏ । ସେହି ଶରୀରକୁ ପ୍ରେତଯୋନି କୁହାଯାଇପାରେ । ସେହି ପ୍ରେତ ଶରୀର ତ୍ୟାଗ ହେବା ପରେ ନିଜ ସତ୍‌ଅସତ୍ କର୍ମାନୁସାରେ ଭିନ୍ନ ଭିନ୍ନ ସୂକ୍ଷ୍ମ ଶରୀର ଧାରଣ କରି ଶାସ୍ତ୍ରାନୁସାରେ ସୂର୍ଯ୍ୟ ଦକ୍ଷିଣାୟନ ଓ ଉତ୍ତରାୟଣ ବିଧି ଅନୁସାରେ, ସୂର୍ଯ୍ୟ ମାର୍ଗରେ ବା ଚନ୍ଦ୍ର ମାର୍ଗରେ ବ୍ୟକ୍ତି ଆତ୍ମ-ଜଗତକୁ ଯାଇ ନିବାସ କରେ ।

ଆତ୍ମହତ୍ୟା କରିଥିବା ବ୍ୟକ୍ତି ସାଧାରଣତଃ ହୁଅନ୍ତି ଅସତ୍ ପ୍ରକୃତିର । ସେମାନଙ୍କ ଦ୍ୱାରା ଯଥାର୍ଥ ସତ୍ କର୍ମ ବା ଅଧ୍ୟାତ୍ମ ସାଧନା ହୋଇ ନ ଥାଏ । ସେମାନଙ୍କ ସତ୍ତା ଆସୁରୀ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଯାଆନ୍ତି । ଆସୁରୀ ଶକ୍ତି ତା' ବୁଦ୍ଧି-ବିବେକକୁ ନିଜ ଶକ୍ତିରେ ଆବୃତ କରି ତାକୁ ପ୍ରାଣହତ୍ୟାର ପ୍ରେରଣା ଦିଏ । ସେତେବେଳେ ବ୍ୟକ୍ତିର ନିଜସ୍ୱ ବୁଦ୍ଧି-ବିଚାର କିଛି ନ ଥାଏ । ସେ ହୋଇଥାଏ ଆସୁରୀ ଶକ୍ତିର ଯନ୍ତ୍ର । ଆତ୍ମହତ୍ୟାକାରୀ ବ୍ୟକ୍ତିର ପ୍ରେତ ଶରୀର ନଷ୍ଟ ହେବା ପରେ ସେ ଅଧ୍ୟାତ୍ମ-ସିଦ୍ଧି ପ୍ରାପ୍ତ ସାଧକ ଅଥବା ଧାର୍ମିକ ବ୍ୟକ୍ତି ସଦୃଶ ସୂର୍ଯ୍ୟ-ମାର୍ଗରେ ଯାଇପାରେ ନାହିଁ; ଯାଏ ପାପୀମାନଙ୍କ ଚନ୍ଦ୍ର-ମାର୍ଗରେ । ଅର୍ଥାତ୍ ନିମ୍ନପ୍ରାଣ-ଜଗତର ମାର୍ଗଦେଇ । ନିମ୍ନପ୍ରାଣ-ଜଗତକୁ ପୁରାଣରେ ଯମପୁରୀ ବା ନରକ ନାମରେ ବର୍ଣ୍ଣନା କରାହୋଇଛି । ପୁରାଣବର୍ଣ୍ଣିତ ଦୁଃଖ-ଯାତନା-ସବୁ ମିଳେ ନିମ୍ନପ୍ରାଣର ଜଗତରେ । ଲୋକଙ୍କ ବୋଧଗମ୍ୟ ପାଇଁ ପୁରାଣ ପ୍ରତୀକରୂପେ 'ନରକକୁଣ୍ଡ' ନାମ ଦେଇଛି ।

ପୁରାଣ ମତାନୁସାରେ ବ୍ୟକ୍ତିର ସ୍ଥୂଳ ଶରୀର ତ୍ୟାଗ ପରେ ତାକୁ ପ୍ରାପ୍ତ ହୁଏ ସୂକ୍ଷ୍ମ ଲିଙ୍ଗ ଏବଂ କାରଣ-ଶରୀର । ଶ୍ରୀଅରବିନ୍ଦ ଏହାକୁ କହିଛନ୍ତି ସୂକ୍ଷ୍ମ ଶରୀର, ପ୍ରାଣମୟ ଶରୀର, ମନୋମୟ ଶରୀର । ପୁରାଣ ତଥା ଶ୍ରୀଅରବିନ୍ଦ ଏବଂ ଋଷିମୁନିଙ୍କ ମତ ଏକ । କେବଳ ଭାଷା ପୃଥକ୍ । ପୁରାଣ ଯାହାକୁ ପ୍ରତୀକରୂପେ କହିଛି ଶ୍ରୀଅରବିନ୍ଦ ତାହା ସିଧା ଶବ୍ଦରେ କହିଛନ୍ତି ।

ଆତ୍ମଘାତୀ ବ୍ୟକ୍ତିଙ୍କ ଛଡ଼ା ଯେଉଁମାନଙ୍କର ପ୍ରାଣ ବହୁତ ଅଶୁଦ୍ଧ ଏବଂ ଭୋଗ-ବାସନାରତ, ଯେଉଁମାନେ ଇନ୍ଦ୍ରିୟର ପ୍ରଲୋଭନରେ ନୈତିକ, ସାମାଜିକ, ଧାର୍ମିକ ମର୍ଯ୍ୟାଦାକୁ ଉଲ୍ଲଙ୍ଘନ କରି କାମନା-ବାସନା ପୂର୍ଣ୍ଣ କରନ୍ତି, କିଂବା ମାନ-ପ୍ରତିଷ୍ଠା, ପ୍ରଭୁତ୍ୱ ପ୍ରାପ୍ତ ହେବା ସକାଶେ ବା ଧନଲୋଭରେ ଅନ୍ୟର ଅନିଷ୍ଟ କରିଥାଆନ୍ତି; ସେସମୟରେ ସେମାନଙ୍କ ମନରେ ସେହିସବୁ ବିଚାର ପ୍ରବଳ ଭାବରେ ଆସୁଥାଏ, ପ୍ରାଣ ସେହିସବୁ କ୍ରିୟାକୁ ପ୍ରବଳଭାବରେ ଅନୁଭବ କରୁଥାଏ । ସେହି ସମୟରେ ସେହି ମନର ବିଚାର ତଥା ପ୍ରାଣର ଭୋଗବାସନା ଜୀବନର ଅନ୍ୟାନ୍ୟ ସମସ୍ତ କର୍ମ ଅପେକ୍ଷା ମହା ବଳଶାଳୀ ହୋଇଥାଏ । ଇନ୍ଦ୍ରିୟାସକ୍ତ, ଅଶୁଦ୍ଧ ପ୍ରାଣ ମନବୁଦ୍ଧି ଉପରେ ପୂର୍ଣ୍ଣ ଅଧିକାର ବିସ୍ତାର କରି ନିଜ କାର୍ଯ୍ୟରେ ସହଯୋଗ କରିବା ସକାଶେ ବାଧ କରିଥାଏ । ପ୍ରାଣର ଏହି କର୍ମ ଏବଂ ମନର ଏହିସବୁ ବିଚାର ଗୋଟିଏ ଗୋଟିଏ ବଳଶାଳୀ ସତ୍ତାରୂପେ ବୀଜାକାରରେ ଅବଚେତନାରେ ଆଶ୍ରୟ ନେଇଥାଆନ୍ତି ।

ସେହିପରି ମାନ-ପ୍ରତିଷ୍ଠା ବା ଅଧିକାର ପ୍ରାପ୍ତି ଅଥବା ଧନପ୍ରାପ୍ତି ଲୋଭରେ ମନୁଷ୍ୟ ଯେଉଁସବୁ ସ୍ୱାର୍ଥପୂର୍ଣ୍ଣ ଅସତ୍ କର୍ମ ଦ୍ୱାରା ଅନ୍ୟର ଅନିଷ୍ଟ କରିଥାଏ, ତାହାସବୁ ମଧ୍ୟ ଗୋଟିଏ ଗୋଟିଏ ସତ୍ତାରୂପେ ଅବଚେତନାରେ ଆଶ୍ରୟ ନେଇଥାଆନ୍ତି । ବ୍ୟକ୍ତିର ଇନ୍ଦ୍ରିୟ ଶିଥିଳ, ଅବଶ ଏବଂ ଶରୀର ଦୁର୍ବଳ ହୋଇଗଲେ ସେହିସବୁ ବିଚାର, ପ୍ରାଣର ଆବେଗ ଯଦ୍ୟପି ସ୍ଥୂଳ ମନରେ ପୂର୍ବବତ୍ ଆସନ୍ତି ନାହିଁ ତଥାପି ପ୍ରବଳ ପରାକ୍ରମରେ ନିଜ ଅଧିକାର ରକ୍ଷାକରି ରହିଥାଆନ୍ତି ଅବଚେତନାରେ ।

ବ୍ୟକ୍ତି ଯଦି ଏହିସବୁର ବିପରୀତ – ପରୋପକାର, ଦେଶ ସେବାଦି କାର୍ଯ୍ୟ କରେ କିଂବା ଦାନ, ତପ, ବ୍ରତ ଆଚରଣ କରେ, ତେବେ ସେହି କର୍ମ ଏବଂ ସେହି ବିଚାରର ମଧ୍ୟ ଗୋଟିଏ ଗୋଟିଏ ସତ୍ତା ତିଆରି ହୁଅନ୍ତି । ପୂର୍ବ ଅସତ୍ କର୍ମର ସତ୍ତା ଏବଂ ଧାର୍ମିକ କର୍ମର ସତ୍ତା ସଙ୍ଗେ ପରସ୍ପର ସଂଘର୍ଷ ହୁଏ । କିନ୍ତୁ ଧାର୍ମିକତା ଯେତେ ପ୍ରବଳ ହେଲେ ବି ପୂର୍ବ ଅସତ୍ କର୍ମର ସତ୍ତାଙ୍କୁ ନଷ୍ଟ କରିପାରେ ନାହିଁ କିଂବା ସେସବୁର ଉପରେ ଅଧିକାର ପ୍ରାପ୍ତି କରିପାରେ ନାହିଁ ।

ଧାର୍ମିକ କର୍ମ ଅପେକ୍ଷା ପାପକର୍ମ ଯଥାର୍ଥରେ ମହାବଳଶାଳୀ । କାରଣ ବ୍ୟକ୍ତି ଇନ୍ଦ୍ରିୟର ଭୋଗ-ବାସନାତୃପ୍ତି ଅଥବା ଅସତ୍‌କର୍ମ କରିବା ସମୟରେ ତା'ର ସମସ୍ତ ଇନ୍ଦ୍ରିୟ ସେଥିରେ ଯେପରି ସ୍ୱତଃସ୍ଫୂର୍ତ୍ତଭାବେ ଏକାଗ୍ର ହୋଇଥାଆନ୍ତି, ସେଥିରେ ଯେପରି ଆନନ୍ଦ ଉପଭୋଗ କରନ୍ତି, ସେଥିରେ ଯେପରି ଉତ୍ସାହ ଥାଏ, ଧାର୍ମିକ କର୍ମରେ ସେପରି ଏକାଗ୍ର କଦାପି ହୁଅନ୍ତି ନାହିଁ, ସେଥିରେ ସେପରି ଆନନ୍ଦ-ଉତ୍ସାହ ନ ଥାଏ । ସେହି ଆନନ୍ଦ, ଉତ୍ସାହ ଓ ଏକାଗ୍ରତା ଯୋଗୁଁ ଅସତ୍‌କର୍ମର ସତ୍ତା ମହାନ୍ ପ୍ରବଳ ହୁଅନ୍ତି । ଏହି ସତ୍ତାଙ୍କୁ ଭସ୍ମ କରିପାରେ କେବଳ ଅଧ୍ୟାତ୍ମ ସତ୍ୟ । କାରଣ ଏହାର ପରିଚାଳକ ଅବିନାଶୀ ଆତ୍ମା । ପ୍ରାଣିକ ଭୋଗ-ବିଳାସରେ ବ୍ୟକ୍ତିର ସମସ୍ତ ଇନ୍ଦ୍ରିୟ ଯେପରି ଏକାଗ୍ର ଏକମୁଖୀ ହୋଇ ଆନନ୍ଦ ଅନୁଭବ କରନ୍ତି, ତା' ଅପେକ୍ଷା ଅନନ୍ତ ଗୁଣ ଅଧିକ ଏବଂ ପ୍ରବଳରୂପେ ବ୍ୟକ୍ତିର ସମସ୍ତ ସତ୍ତା ଏକାଗ୍ର ହୁଅନ୍ତି ଏବଂ ଆନନ୍ଦ ଅନୁଭବ କରନ୍ତି ଭଗବତ୍ ଚରଣାରବିନ୍ଦରେ । ବ୍ୟକ୍ତିର ଏକାଗ୍ରତା ଏବଂ ଆନନ୍ଦ ଯେଉଁ କର୍ମରେ ଅଧିକ ହୁଏ, ସେହି କର୍ମର ସତ୍ତା ମହାନ୍ ବଳଶାଳୀ ହୁଏ । ସୌଭାଗ୍ୟବଶତଃ ବା ଭଗବାନଙ୍କ କୃପାରେ ଯଦି ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରେ, ତେବେ ଭଗବତ୍ ଆନନ୍ଦ ଅନୁଭବ କରିବାମାତ୍ରେ ପୂର୍ବ ବାସନା-କାମନା-ତୃପ୍ତି ଦ୍ୱାରା ନିର୍ମିତ ସତ୍ତା କିଂବା ମାନ-ପ୍ରତିଷ୍ଠା ରକ୍ଷାର୍ଥେ ପରର ଅନିଷ୍ଟ କର୍ମରୁ ଉତ୍ପନ୍ନ ସତ୍ତା ଅବଚେତନାରୁ ଉଠି ଆସି ବ୍ୟକ୍ତିର ଅବସ୍ଥାନୁସାରେ କାମ, କ୍ରୋଧ, ଲୋଭ, ମୋହ, ଆସକ୍ତି, ହିଂସାର ପ୍ରେରଣା ଦିଅନ୍ତି ବ୍ୟକ୍ତିର ମନ, ପ୍ରାଣ ଏବଂ ଶରୀରରେ । ସେତେବେଳେ ସେମାନେ ଥାଆନ୍ତି ବହୁତ ପ୍ରବଳ । ଆକ୍ରମଣ କରନ୍ତି ବହୁରୂପେ, ଛଳେବଳେ, କୌଶଳରେ । କେବେ କେବେ ସେସବୁକୁ ସାହାଯ୍ୟ କରନ୍ତି ଆସୁରୀ ଶକ୍ତି । ଭଗବତ୍ ଭକ୍ତି ଏବଂ ଭଗବତ୍ ସ୍ମରଣ, ସମର୍ପଣରୁ ଉତ୍ପନ୍ନ ସତ୍ତା ସହିତ ସେମାନେ ଯୁଦ୍ଧ

କରନ୍ତି ଏବଂ ପରାସ୍ତ କରି ନିଜ ଆଧିପତ୍ୟ କାଏମ ରଖିବାକୁ ପ୍ରାଣପଣେ ଚେଷ୍ଟା କରନ୍ତି । ସେସମୟରେ ବିଜୟ ନିର୍ଭର କରେ ବ୍ୟକ୍ତିର ସମର୍ଥନ ଉପରେ । ବ୍ୟକ୍ତି ଯଦି ମା'ଙ୍କ ଆଶ୍ରୟ ନେଇ ଭକ୍ତି, ସମର୍ପଣ, ବିଶ୍ୱାସ ଏବଂ ନିର୍ଭରତାକୁ ସମର୍ଥନ କରେ ଏବଂ ବିରୋଧୀ ଆକ୍ରମଣକୁ ପ୍ରତିଥର ବ୍ୟର୍ଥ କରିଦିଏ, ତେବେ ଏହି ସତ୍ତାସବୁ ମହାନ୍ ପ୍ରବଳ ହୋଇ ପୂର୍ବ ଦୁଷ୍କର୍ମଗଠିତ ସତ୍ତାସବୁକୁ ଭସ୍ମ କରିଦିଅନ୍ତି । ବ୍ୟକ୍ତି ଯଦି ଦୁଷ୍କର୍ମଗଠିତ ସତ୍ତା – କାମ, କ୍ରୋଧ, ଲୋଭ, ମୋହ, ହିଂସାକୁ ପ୍ରୋତ୍ସାହିତ କରେ ବା ସମର୍ଥନ କରେ, ତେବେ ସେସବୁ ପ୍ରବଳ ହୋଇ ବ୍ୟକ୍ତିକୁ ପୁନରାୟ ପତନ ମାର୍ଗକୁ ନେଇଯାଆନ୍ତି । ବ୍ୟକ୍ତି ମଧ୍ୟରେ ଯେଉଁ ଦିବ୍ୟ ଭାବ ପ୍ରବଳ, ଯେଉଁ ପ୍ରତିକୂଳ ଭାବ ଦୁର୍ବଳ ବା ହ୍ରାସ ହେଉଥାଏ ସେହି ଅନୁପାତରେ ତା'ର ପ୍ରେରକ ସତ୍ତାସବୁ ପ୍ରବଳ ବା ପରାସ୍ତ ହେଉଥାଆନ୍ତି । ଏହିସବୁ ସତ୍ତା ମନୁଷ୍ୟର ଜନ୍ମଜନ୍ମାନ୍ତରରୁ ରହିଥାଆନ୍ତି । ବ୍ୟକ୍ତିର ଏହିସବୁ ପ୍ରତିକୂଳ ସତ୍ତାର ବିନାଶ କୌଣସି ଧାର୍ମିକ ବା ନୈତିକ କର୍ମରେ ହୁଏ ନାହିଁ, ହୁଏ କେବଳ ଅଧ୍ୟାତ୍ମ ସତ୍ୟ ଦ୍ୱାରା । ବ୍ୟକ୍ତିକୁ ଏହି ଶରୀରରେ ଅଧ୍ୟାତ୍ମ ସତ୍ୟର ଆଶ୍ରୟରେ ଦୁଷ୍କର୍ମକୁ ବିନାଶ କରି ଭଗବାନଙ୍କୁ ପ୍ରାପ୍ତ ହୋଇ ଜନ୍ମ-ମରଣରୁ ମୁକ୍ତ ହେବାକୁ ହେବ । ଅନ୍ୟ ଜନ୍ମରେ କିପରି ପରିସ୍ଥିତି, ପରିବେଶ, କିପରି ପାରିପାର୍ଶ୍ୱିକ ଅବସ୍ଥା ପ୍ରାପ୍ତ ହେବ, ତାହାର କୌଣସି ଠିକଣା ନାହିଁ । ଯଦି ପ୍ରତିକୂଳ ପରିବେଶ ମିଳେ, ସେଥିରେ ବହୁତ ଜନ୍ମ ବ୍ୟତୀତ ହୋଇପାରେ କିଂବା ଅଧିକ ପତନ ମାର୍ଗରେ ଯାଇପାରେ ।

ଯେଉଁମାନେ ଦୁଃଖଦ୍ୱନ୍ଦ୍ୱରୁ ଉଦ୍ଧାର ହେବା ସକାଶେ ଅନ୍ଧକାର ଶକ୍ତିର କବଳରେ ପଡ଼ି ଆତ୍ମହତ୍ୟା ପରି ମହାପାପ କରିବାକୁ ଚାହାନ୍ତି, ତାହା ଯଥାର୍ଥରେ ଭ୍ରମ, ମୋହ ତଥା ଅଜ୍ଞାନତା । ଶରୀର ତ୍ୟାଗ କରିବା ପରେ ବ୍ୟକ୍ତିକୁ ଜୀବିତ ଅବସ୍ଥାର ବହୁଗୁଣରେ ସେହି ଦୁଃଖଦ୍ୱନ୍ଦ୍ୱ ଅସହାୟରୂପେ ନିରୁପାୟ ହୋଇ ଭୋଗ କରିବାକୁ ପଡ଼େ । ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବାର ଏକମାତ୍ର ଉପାୟ ଅଧ୍ୟାତ୍ମ ସତ୍ୟର ଆଶ୍ରୟ । ବର୍ତ୍ତମାନ ମା' ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ବ୍ୟକ୍ତି ମା'ଙ୍କ ଉପରେ ବିଶ୍ୱାସ-ଭରସା ରଖି ତାଙ୍କୁ ସମର୍ପଣ କରିପାରିଲେ ଅନାୟାସରେ ଦୁଃଖକଷ୍ଟରୁ ମୁକ୍ତ ହେବ ଏବଂ ପରମାନନ୍ଦରେ ବାସ କରିବ । ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କଲେ ମନ-ପ୍ରାଣ-ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ତଥା ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇପାରିବ । ମନୁଷ୍ୟ ସକାଶେ ଏହି ସମୟହିଁ **ଦେବ-ମୁହୂର୍ତ୍ତ** ।

(୬)

ମା'ଙ୍କ ଆଶୀର୍ବାଦ

ଭାରତବର୍ଷରେ ଯେଉଁ ସ୍ଥାନମାନଙ୍କରେ ଶ୍ରୀଅରବିନ୍ଦ ଯୋଗ ଆଦର୍ଶର ପ୍ରକାଶ ହୋଇଅଛି, ଯେଉଁମାନେ ଅଧ୍ୟାତ୍ମ ସାଧନା କରୁଛନ୍ତି ଏବଂ ସ୍ୱାର୍ଥ, ହିଂସା, ଈର୍ଷା, ବିରୋଧାଦି ଅନ୍ଧକାର ଶକ୍ତିର କ୍ରିୟାକୁ ବର୍ଜନ କରିବାକୁ ସଂକଳ୍ପ କରି ଭକ୍ତି, ଜ୍ଞାନ, ସମର୍ପଣ, ଶାନ୍ତି, ସନ୍ତୋଷ, ଦୟା, କରୁଣାଦି ଭାଗବତୀ ଶକ୍ତିର ଦିବ୍ୟଗୁଣ ଗ୍ରହଣ କରିବାକୁ ପ୍ରଯତ୍ନ କରୁଅଛନ୍ତି, ସେମାନଙ୍କ ପଥରେ ବାଧା-ବିଘ୍ନ ଆସିଲେ ସେସବୁକୁ ଦୂର କରିବାକୁ ସେମାନେ ମା'ଙ୍କ ଆଶୀର୍ବାଦ ଚାହାନ୍ତି । ବିଶ୍ୱାସ, ନିର୍ଭରତା, ଆନ୍ତରିକ ଗ୍ରହଣଶୀଳତା ଅନୁସାରେ ସେମାନେ ସଫଳତା ମଧ୍ୟ ପ୍ରାପ୍ତ ହୁଅନ୍ତି । ଏ ବିଷୟ ଶୁଣି କେତେଗୁଡ଼ିଏ ଅଳସୁଆ ଛାତ୍ର ନିୟମିତରୂପେ ପଢ଼ାପଢ଼ି ନ କରି ସମୟ ନଷ୍ଟ କରନ୍ତି; ସିନେମା ଦେଖି, ବଜାରରେ ବୁଲି, ରାତ୍ରି ବାରଟା-ଦୁଇଟାରେ ଶୋଇ ଦିନ ଆଠଟା-ନଅଟାରେ ଉଠନ୍ତି । ଆଉ ପରୀକ୍ଷା ସମୟରେ ପାସ୍ କରିବା ସକାଶେ ଆଶ୍ରମକୁ ପୋଷ୍ଟ କାର୍ଡ ଖଣ୍ଡେ ଲେଖିଦିଅନ୍ତି !

ଆଉ କେତେକ ଲୋକ ଚାକିରିରେ ନିଜ କର୍ତ୍ତବ୍ୟ ପାଳନରେ ତ୍ରୁଟି କରନ୍ତି; ଲାଞ୍ଚ-ରିସ୍‌ପତ୍ ନିଅନ୍ତି; ନିର୍ଦୋଷ, ନିରୀହ, ଗରିବ ବ୍ୟକ୍ତିଙ୍କର ସର୍ବନାଶ କରନ୍ତି । ଯେତେବେଳେ କୌଣସି ବିପଦ ପଡ଼େ କିଂବା ଚାକିରିରେ ଉନ୍ନତି କରିବା

ଦରକାର ହୁଏ, ସେତେବେଳେ ମା'ଙ୍କ ପାଖକୁ ଖଣ୍ଡେ ଚିଠି ଲେଖି ଦିଅନ୍ତି । ଏପରି ବ୍ୟକ୍ତିଙ୍କୁ ଯଦି ଆଶୀର୍ବାଦ ପ୍ରାପ୍ତ ହୁଏ, ସେମାନେ ନିମ୍ନୋକ୍ତ ପ୍ରକାରେ କେତେକ ପ୍ରଶ୍ନ କରିଥା'ନ୍ତି :

ପ୍ରଶ୍ନ : ଆମ୍ଭେ ମା'ଙ୍କର ଆଶୀର୍ବାଦ (Blessings) ପାଇଲୁ, କିନ୍ତୁ ଆମ୍ଭର କାର୍ଯ୍ୟସିଦ୍ଧି ହେଲା ନାହିଁ କାହିଁକି ?

ଉତ୍ତର : ମା'ଙ୍କ ଆଶୀର୍ବାଦ କାର୍ଯ୍ୟକାରୀ ହେବାର ନିୟମ ପାଳନ କଲ ନାହିଁ, ସେଥିପାଇଁ ତୁମ କାର୍ଯ୍ୟସିଦ୍ଧି ହେଲା ନାହିଁ । ସନ୍ନିପାତ ରୋଗୀ ମକରଧ୍ୱଜ ଖାଇ ସଂଯମ ରକ୍ଷା ନ କରି ଥଣ୍ଡା ପାଣିରେ ସ୍ନାନ କରି ଦହିପଖାଳ, ପଇଡ଼ ଆଦି ଥଣ୍ଡା ବସ୍ତୁ ସେବନ କଲେ କ'ଣ ସେ ଆରୋଗ୍ୟ ଲାଭ କରେ ? ଏ ସ୍ଥଳେ ରୋଗୀ ଭଲ ନ ହେବାର ଦୋଷ ରୋଗୀର ନା ଔଷଧର ?

*

ପ୍ରଶ୍ନ : ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବାର ନିୟମ କ'ଣ ?

ଉତ୍ତର : ଅହଂ, ସ୍ୱାର୍ଥ, ହିଂସା, ଈର୍ଷା, ବିରୋଧ ଓ ଶତ୍ରୁତାପୋଷଣ କରି ଅନ୍ୟର ସର୍ବନାଶ କରିବାର ଭାବ ପ୍ରଭୃତି ତ୍ୟାଗ କରିବାକୁ ଦୃଢ଼ ସଂକଳ୍ପ କରିବା ଏବଂ କାର୍ଯ୍ୟ-ତତ୍ପରତା, କର୍ତ୍ତବ୍ୟ-ପରାୟଣତା, ଜ୍ଞାନ, ଭକ୍ତି, ସନ୍ତୋଷ, ଶାନ୍ତି, ଦୟାଦି ଦିବ୍ୟଗୁଣ ଗ୍ରହଣ କରିବାକୁ ପ୍ରଯତ୍ନ କରିବା, ଆଉ ଭଗବତ୍ ଶକ୍ତି ଉପରେ ବିଶ୍ୱାସ, ଭରସା ରଖି ସନ୍ଦେହ ଦୂର କରିବା – ଏସବୁ ହେଲା ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବାର ନିୟମ । ଏହିସବୁ ଗୁଣ ପ୍ରତିଷ୍ଠିତ ହୁଏ ଭଗବାନଙ୍କଠାରେ ଆତ୍ମ ସମର୍ପଣ କରିବା ଦ୍ୱାରା ।

*

ପ୍ରଶ୍ନ : ଏହି ନିୟମ କୌଣସି ଅଧାତ୍ମ ସାଧକ ପାଳନ କରିପାରେ । ସାଧାରଣ ବ୍ୟକ୍ତି ପକ୍ଷେ କ'ଣ ଏହା ସମ୍ଭବ ?

ଉତ୍ତର : ସାଧାରଣ ବ୍ୟକ୍ତି ଦୁର୍ଗୁଣକୁ ତ୍ୟାଗ ଓ ସଦ୍‌ଗୁଣକୁ ଗ୍ରହଣ କରିବାକୁ ସଂକଳ୍ପ କରିପାରେ । ସଂକଳ୍ପ କରିବା ମାତ୍ରେ ଦୁର୍ଗୁଣ ଏକେବାରେ ଦୂର ହୁଏ ନାହିଁ, କିନ୍ତୁ ତାହା ଦୂର କରିବାକୁ ଯତ୍ନ କରିବା ସାଧାରଣ ବ୍ୟକ୍ତି ପକ୍ଷରେ ସମ୍ଭବ । ଯଦି ବିଦ୍ୟାର୍ଥୀ ଯୋଗ୍ୟତା ପ୍ରାପ୍ତ ନ କରି ଭଗବାନଙ୍କ ଆଶୀର୍ବାଦରେ ପାସ୍ କରିଯାଏ, କର୍ମଚାରୀ କର୍ତ୍ତବ୍ୟପରାୟଣ, ନ୍ୟାୟନିଷ୍ଠ ନ ହେବା ସ୍ଥଳେ ଭଗବତ୍ ଆଶୀର୍ବାଦରେ ଉନ୍ନତି କରେ, ବ୍ୟବସାୟୀ ସତ୍ୟ ଆଚରଣ ନ କରି ଅସତ୍ୟରେ ବ୍ୟବସାୟ କରେ ଏବଂ ଭଗବତ୍ ଆଶୀର୍ବାଦ ହେତୁ ଅଧିକ ଲାଭବାନ୍ ହୁଏ; ଦେଶନେତା ନୀତି, ଧର୍ମ ଛାଡ଼ି ନିଜ ଅହଂ ଆଉ ଅଧିକାର ରକ୍ଷା କରିବା ପାଇଁ ଯେତେ ଅନ୍ୟାୟ, ଅତ୍ୟାଚାର, ଛଳ, କପଟ ସବୁ କରେ, ଆଉ ଭଗବତ୍ ଆଶୀର୍ବାଦରେ ଅହଂକୁ ତୁଷ୍ଟି କରୁଥାଏ, ତେବେ ଭଗବତ୍ ସେବକ ଅନ୍ୟାୟ, ଅତ୍ୟାଚାର ବୃଦ୍ଧି କରିବା ଛଡ଼ା ଅନ୍ୟ କିଛି କରେ ନାହିଁ ! ଏହା ଭାଗବତୀ ଶକ୍ତି କ୍ରିୟାର ଏକେବାରେ ବିପରୀତ । ଏହିସବୁ ଅସତ୍ କ୍ରିୟା ଭଗବାନଙ୍କ ଆଶୀର୍ବାଦର ପଥରୋଧ କରିଦିଅନ୍ତି, ତାକୁ ପ୍ରବେଶ କରିବାକୁ ଦିଅନ୍ତି ନାହିଁ ।

*

ପ୍ରଶ୍ନ : ଏପରି ବ୍ୟକ୍ତିକୁ ମା' ଆଶୀର୍ବାଦ ଦିଅନ୍ତି କାହିଁକି ?

ଉତ୍ତର : ମା'ଙ୍କର ସମସ୍ତେ ସନ୍ତାନ । ତାଙ୍କର ଆଶୀର୍ବାଦ ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ । କାରଣ ମା'ଙ୍କ ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ଏକ, ମା'ଙ୍କ ମଧ୍ୟରେ ଭାଗବତୀ ଅତିମାନସ ଶକ୍ତି କ୍ରିୟାଶୀଳ । ଭଗବାନଙ୍କ କୃପା ଦ୍ୱାର ସମସ୍ତ ପ୍ରାଣୀଙ୍କ ସକାଶେ ସର୍ବଦା ଉନ୍ମୁକ୍ତ । ସେ ସମସ୍ତଙ୍କୁ ଅଭୟ ଦେବାକୁ ତାଙ୍କର ସୁବିସ୍ତୃତ ବାହୁଯୁଗଳ ପ୍ରସାରଣ କରିଛନ୍ତି । କୌଣସି ପ୍ରକାରେ ଜୀବ ଡାକିବା ମାତ୍ରେ ତା' ଉପରେ କୃପା ବୃଷ୍ଟି କରୁଅଛନ୍ତି । କିନ୍ତୁ ଜୀବ ସ୍ୱୟଂ ଗ୍ରହଣ କରିବାକୁ ଚାହୁଁ ନାହିଁ । ସୂର୍ଯ୍ୟଙ୍କ ଆଲୋକ ପ୍ରତ୍ୟେକ ପ୍ରାଣୀ ସକାଶେ ସମାନ, ତଥାପି ବନ୍ଦ ଅନ୍ଧକାର ଗୃହ-ନିବାସୀ ବ୍ୟକ୍ତି ତହିଁରୁ ବଞ୍ଚିତ । ସେହିପରି ଭଗବତ୍ କୃପା ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ, କିନ୍ତୁ ବ୍ୟକ୍ତିର ଅବିଶ୍ୱାସ, ସନ୍ଦେହାଦି ଦୁର୍ଗୁଣ ସେହି କୃପାର ପ୍ରବେଶ-ପଥ-ରୋଧକ ।

ଯଦି ମନୁଷ୍ୟ ବିଶ୍ୱାସ ସହ ବ୍ୟାକୁଳ ହୋଇ ଭଗବତ୍ ଆଶୀର୍ବାଦ ଚାହେଁ, ତେବେ ଆଶୀର୍ବାଦ ତାକୁ ନିଶ୍ଚୟ ମିଳେ । କାରଣ ବ୍ୟାକୁଳତା ଏବଂ ବିଶ୍ୱାସ ଅବସ୍ଥାରେ ଭଗବତ୍ ଆଶୀର୍ବାଦର ପଥରୋଧକାରୀ ସନ୍ଦେହ, ଅବିଶ୍ୱାସ ଏବଂ ଅନ୍ୟ ପ୍ରତି ହିଂସାଦି କ୍ରିୟା ବନ୍ଦ ହୋଇଯାଏ । କିନ୍ତୁ ଯେଉଁମାନଙ୍କର ବିଶ୍ୱାସ ନ ଥାଏ, ସେମାନେ ଭାବନ୍ତି – ''ଗୋଟାଏ ଚିଠି ଲେଖିଦେବା, ଯଦି ହୋଇଯାଏ ତ' ଭଲ ଅନ୍ୟଥା ଅନ୍ୟାନ୍ୟ ପ୍ରଯତ୍ନ ସଙ୍ଗରେ ଏହା ମଧ୍ୟ ଗୋଟାଏ ।'' ସେମାନଙ୍କ ଚାହିଁବା ଯୋଗୁଁ ଏପରି ବ୍ୟକ୍ତିଙ୍କୁ ମଧ୍ୟ ମା' ବହୁ ସମୟରେ ଆଶୀର୍ବାଦର ସୁଯୋଗ ଦିଅନ୍ତି; କାରଣ ବ୍ୟକ୍ତିକୁ ମନ, ବୁଦ୍ଧି ପ୍ରାପ୍ତ ହୋଇଅଛି । ବିଦ୍ୟାର୍ଥୀ ଯଦି କର୍ତ୍ତବ୍ୟପାଳନପୂର୍ବକ ପଢ଼ିବା ସକାଶେ ସଂକଳ୍ପ କରେ, କର୍ମଚାରୀ କର୍ତ୍ତବ୍ୟ ପାଳନ-ପୂର୍ବକ ନ୍ୟାୟନିଷ୍ଠ ହୋଇ କର୍ମ କରିବାକୁ ତତ୍ପର ହୁଏ, ବ୍ୟବସାୟୀ ଯଦି ନ୍ୟାୟପୂର୍ବକ ବାଣିଜ୍ୟ କରିବାକୁ ଠିକ୍ କରେ, ନେତା ଯଦି ନ୍ୟାୟରେ ଦେଶସେବା କରିବାକୁ ଦୃଢ଼ପ୍ରତିଜ୍ଞ ହୋଇ ଭାଗବତ ସେବାରୂପେ କାର୍ଯ୍ୟ କରିବାକୁ ଚାହେଁ, ତେବେ ଭାଗବତ ଆଶୀର୍ବାଦ କାର୍ଯ୍ୟ କରେ ଏବଂ କ୍ରମଶଃ ବ୍ୟକ୍ତି ନିଜର ଦୁର୍ଗୁଣରୁ ମୁକ୍ତ ହୋଇ ଭଗବଦଭିମୁଖୀ ହୁଏ । ଏପରିକି ଜଗାଇ, ମାଧାଇ, ଅଜାମିଳ ସଦୃଶ ପାପୀମାନଙ୍କ ସକାଶେ ମଧ୍ୟ ଭାଗବତ ଦ୍ୱାର ସର୍ବଦା ଉନ୍ମୁକ୍ତ ଥାଏ ।

*

ପ୍ରଶ୍ନ : ଉପରେ କହିଥିବା ସର୍ତ୍ତ ଛଡ଼ା ଅନ୍ୟ ଉପାୟରେ ଭଗବତ୍ ଆଶୀର୍ବାଦ କ'ଣ ପ୍ରାପ୍ତ ହୁଏ ନାହିଁ ?

ଉତ୍ତର : ଭଗବତ୍ ଆଶୀର୍ବାଦ ସର୍ବଥା ସ୍ୱତନ୍ତ୍ର । ତାହା ଏହିସବୁ ନିୟମରେ ଥାଇ, କୌଣସି ନିୟମରେ ଆବଦ୍ଧ ନ ଥାଏ, ନିୟମର ବହୁ ଊର୍ଦ୍ଧ୍ୱରେ ।

ଭଗବତ୍ ଆଶୀର୍ବାଦ ଦୁଇପ୍ରକାର : ଗୋଟିଏ ହେଲା ଉପରେ କୁହାହୋଇଥିବା ଅନୁକୂଳ ଆଚରଣରେ ଅଥବା ଭକ୍ତର ବିଶ୍ୱାସ, ଶ୍ରଦ୍ଧା, ସଦାଚାର ଏବଂ ଅଭିମାନଶୂନ୍ୟ ବ୍ୟାକୁଳ ଡାକରେ ପ୍ରାପ୍ତ ହୁଏ; ଅନ୍ୟଟି ହେଲା ଅହେତୁକ, ତାହା କୌଣସି ପ୍ରତିଦାନ ବା ନିର୍ଦ୍ଧାରିତ ଅବସ୍ଥା ଉପରେ ନିର୍ଭର କରେ ନାହିଁ, ଭକ୍ତର ଆବାହନକୁ ଅପେକ୍ଷା କରେ ନାହିଁ । ତାହା ସକାଶେ ପାତ୍ର ଅପାତ୍ରର ବିଚାର ନାହିଁ । ତାହା ମହାନ୍ ପାପୀକୁ କ୍ଷଣକରେ ସାଧୁରେ ପରିଣତ କରିପାରେ । ଏହାର ଉଦାହରଣ ବିଲ୍ୱମଙ୍ଗଳ, ରତ୍ନାକର ଦସ୍ୟୁ, ଗୋସ୍ୱାମୀ ତୁଳସୀଦାସଙ୍କ ଆଶ୍ରମର ଚୋର ଇତ୍ୟାଦି ।

ଯଥାର୍ଥରେ ଭଗବତ୍ ଅହେତୁକ କୃପା କେଉଁ ଅବସ୍ଥାରେ ପ୍ରାପ୍ତ ହୁଏ, କେଉଁ ପ୍ରତିକୂଳ ଅବସ୍ଥାରେ ପ୍ରାପ୍ତ ହୁଏ ନାହିଁ, ତାହା ମାନବ ବୁଦ୍ଧିରେ ନିର୍ଣ୍ଣୟ କରିବା କେବଳ ଦୁରୂହ ନୁହେଁ, ଅସମ୍ଭବ । ଯେଉଁ ଅହେତୁକ କୃପା ବୁଦ୍ଧିର ଗମ୍ୟ ନୁହେଁ, ସେ ସମ୍ବନ୍ଧେ ବିଚାର କରିବା ଉଚିତ ନୁହେଁ । ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ଗତିବୃତ୍ତିର ତ୍ୟାଗ ଏବଂ ବିଶ୍ୱାସ, ନିର୍ଭରତା ଦ୍ୱାରା ଯେଉଁ ଭଗବତ୍ କୃପା ପ୍ରାପ୍ତ ହୁଏ, ତାହାସବୁ ଆଚରଣ ନିମିତ୍ତ ପ୍ରଯତ୍ନ କରିବା ମନୁଷ୍ୟର କର୍ତ୍ତବ୍ୟ ।

*

ପ୍ରଶ୍ନ : କେହି କେହି ସନ୍ଥ-ମହାତ୍ମା ଦୟାକରି କେତେକ ଦୁରାଚାରୀ ବ୍ୟକ୍ତିଙ୍କୁ ମୋକଦ୍ଦମାରେ ଜିତେଇ ଦିଅନ୍ତି, ଆଶୀର୍ବାଦ ଦେଇ ସନ୍ତାନ ପ୍ରଦାନ କରନ୍ତି, କଳାବଜାର ବେପାରୀର ଧନବୃଦ୍ଧି କରାଇଦିଅନ୍ତି, ଅସାଧ ରୋଗରୁ ମୁକ୍ତ କରିଦିଅନ୍ତି । ସେମାନେ ତ ସଦ୍‌ଗୁଣ ଆଚରଣ କରିବାକୁ ଦାବି କରନ୍ତି ନାହିଁ । ଏଠାରେ କିନ୍ତୁ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ସକାଶେ ଭଗବତ୍ ଦିବ୍ୟଗୁଣ ଆଚରଣ କରିବାକୁ କାହିଁକି ଦାବି କରାଯାଉଛି ?

ଉତ୍ତର : ମା'ଙ୍କ ମଧ୍ୟଦେଇ ଭଗବତ୍ ଶକ୍ତି କାର୍ଯ୍ୟ କରେ । ସେ ଶକ୍ତିର କ୍ରିୟା ହୁଏ ବ୍ୟକ୍ତି ଭଗବଦଭିମୁଖୀ ହେଲେ । ଅସଦାଚରଣ କରିବା ବ୍ୟକ୍ତି ମଧ୍ୟରେ ଭଗବତ୍ ଶକ୍ତିର ମାର୍ଗ ରୁଦ୍ଧ ହୁଏ ।

ଯେଉଁ ଆଧ୍ୟାତ୍ମିକ ସାଧକଗଣ ଭଗବାନଙ୍କ ସହିତ ମନ, ପ୍ରାଣ, ଶରୀରରେ ଏକତ୍ୱ ପ୍ରାପ୍ତ ହୋଇଅଛନ୍ତି, ସେମାନଙ୍କ ମଧ୍ୟରେ ଭାଗବତୀ ଶକ୍ତି କ୍ରିୟା କରେ । ସେମାନେ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ସେମାନଙ୍କର ବ୍ୟକ୍ତିଗତ ଅହଂ ନ ଥାଏ । ସେମାନେ ଭଗବାନଙ୍କ ବିଧାନାନୁସାରେ ଭଗବତ୍ ଶକ୍ତି ପ୍ରୟୋଗ କରନ୍ତି ।

ଆଉ କେତେକ ସାଧକଙ୍କର ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରିବା ଲକ୍ଷ୍ୟ ନ ଥାଏ ଅଥବା ପୂର୍ଣ୍ଣରୂପେ ତାଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କ ଦ୍ୱାରା ପରିଚାଳିତ ହେବାର ସଂକଳ୍ପ ନ କରି କେତେକ ଭାଗରେ ଭଗବାନଙ୍କୁ ଆଂଶିକରୂପେ ଉପଲବ୍ଧି କରନ୍ତି । ଏହାଦ୍ୱାରା ସେମାନଙ୍କୁ କିଛି ଭଗବତ୍ ଶକ୍ତି ମିଳେ । ଅହଂର ରୂପାନ୍ତର ହୋଇ ନ ଥିବାରୁ ଭଗବତ୍ ବିଧାନ ଜାଣିବାକୁ ସେମାନେ ଚେଷ୍ଟା କରନ୍ତି ନାହିଁ । ସେହି ଭଗବତ୍ ଶକ୍ତିକୁ ଅହଂତୁଷ୍ଟି କରିବାରେ ପ୍ରୟୋଗ କରନ୍ତି ।

ଅନ୍ୟ କେତେକ ବ୍ୟକ୍ତି ଅଧ୍ୟାତ୍ମ ସାଧନା ସହିତ କୌଣସି ସମ୍ପର୍କ ରଖନ୍ତି ନାହିଁ, ନିମ୍ନ ସ୍ତରର କେତେକ ସତ୍ତାକୁ ମନ୍ତ୍ରାନୁଷ୍ଠାନ ଦ୍ୱାରା ବଶ କରିନିଅନ୍ତି । ସେହି ସିଦ୍ଧିକୁ ନିଜ ସ୍ୱାର୍ଥ, ମାନ, ଯଶଃରେ ପ୍ରୟୋଗ କରନ୍ତି । ଭଗବତ୍ ବିଧାନ ଛଡ଼ା ଯେଉଁ ଶକ୍ତି ପ୍ରୟୋଗ କରାହୁଏ, ତାହାଦ୍ୱାରା ପ୍ରୟୋଗ କରିବା ବ୍ୟକ୍ତି ଓ ଯାହା ଉପରେ ଶକ୍ତି ପ୍ରୟୋଗ କରାହୁଏ, ଏହି ଉଭୟ ବ୍ୟକ୍ତିଙ୍କର ଅନିଷ୍ଟ ସାଧିତ ହୁଏ । ଅସ୍ଥାୟୀ ଭାବରେ ଯଦି ଲାଭ ପ୍ରତୀତ ହୁଏ, ପରିଣାମରେ ଲାଭର କେତେଗୁଣ ଲୋକସାନ୍ ହୁଏ । ଏହାର ଉଦାହରଣ ଭାଗବତରେ ଧୁନ୍ଧକାର । ଏଥିରେ ଆଶୀର୍ବାଦ ଦାତା ଋଷିଙ୍କର ସ୍ୱାର୍ଥ ନ ଥିଲା । କିନ୍ତୁ ଧୁନ୍ଧକାରର ପିତାଙ୍କର ବହୁତ ଆଗ୍ରହ ଯୋଗୁଁ ଋଷି ଆଶୀର୍ବାଦ ଦେଇଥିଲେ । ସେହିପରି ବିହାରର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ସନ୍ତାନ ନ ଥିଲା । ଜଣେ ମହାତ୍ମା ତାଙ୍କ ସେବାରେ ପ୍ରସନ୍ନ ହୋଇ ଗୋଟିଏ ଅନୁଷ୍ଠାନ ଦ୍ୱାରା ପୁତ୍ର ହେବାର ଆଶୀର୍ବାଦ ଦେଲେ । ପୁତ୍ର ହେବା ପରେ ସେ ବଡ଼ ହୋଇ ପିତାମାତାଙ୍କ ସଙ୍ଗେ ମୋକଦ୍ଦମା କଲା । ଏପରି ପରିସ୍ଥିତି ହୋଇଥିଲା ଯେ ପିତା ଓ ପୁତ୍ର ଉଭୟେ ଚାହୁଁଥିଲେ ଉଭୟଙ୍କୁ ହତ୍ୟା କରିବା ସକାଶେ । କିନ୍ତୁ ଭଗବତ୍ ବିଧାନରେ ଯେଉଁ ଆଶୀର୍ବାଦ ଦିଆ ହୁଏ, ତାହା ଗ୍ରହଣ କରିବା ଦ୍ୱାରା ମନୁଷ୍ୟର କାର୍ଯ୍ୟସିଦ୍ଧି ହୁଏ ଏବଂ ଅଳ୍ପ ପ୍ରୟାସ କଲେ ଭଗବଦାଭିମୁଖୀ ହୋଇପାରେ ।

(୭)

ଅତିମାନସ ଶକ୍ତିର ଅବତରଣ

ପ୍ରଶ୍ନ : ଦିବ୍ୟ ଅତିମାନସ ଶକ୍ତି କେଉଁଠି କାହା ମଧ୍ୟରେ ଉତରି ଆସିଛି ?

ଉତ୍ତର : ଶ୍ରୀଅରବିନ୍ଦ ନିଜ ଶରୀରରେ ସେହି ଶକ୍ତିକୁ ଉତାରି ଆଣି ଅଛନ୍ତି ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଶେଷ ହେବା ପୂର୍ବରୁ ସେ କାହିଁକି ଶରୀର ତ୍ୟାଗ କଲେ ?

ଉତ୍ତର : ତାଙ୍କ ରୂପାନ୍ତର କାର୍ଯ୍ୟ ଶେଷ ହୋଇପାରେ ଅତିମାନସ ଶକ୍ତି ଦ୍ୱାରା । ସେ ଅତିମାନସ ଶକ୍ତିର ପଥରୋଧକାରୀ ସମସ୍ତ ବାଧାକୁ ନିଜ ଶରୀରରେ ନେଇ ଶରୀରକୁ ବଳି ଦେଇ ସେହି ରୂପାନ୍ତରକାରୀ ଶକ୍ତିକୁ ପୃଥିବୀରେ ଉତାରି ଆଣି ଜଗତକୁ ରକ୍ଷା କଲେ । ସେ ଦେଖିଲେ ଯେ ଅତିମାନସ ଶକ୍ତି ଦ୍ୱାରାହିଁ ପାର୍ଥିବ ଶରୀରର ରୂପାନ୍ତର ଏବଂ ଦିବ୍ୟଜୀବନ ଏହି ପୃଥିବୀରେ ସ୍ଥାପନ ହୋଇପାରିବ । ସେଥିପାଇଁ ସେ ଏହି ଦିବ୍ୟଶକ୍ତିକୁ ପୃଥିବୀ ଉପରେ ଉତାରି ଆଣିବାକୁ ତପସ୍ୟା କଲେ । କିନ୍ତୁ ପରମ ଦିବ୍ୟ ଅତିମାନସ ଶକ୍ତିକୁ ସାଧାରଣ ଶରୀରରେ ଉତାରି ଆଣିବା ସମ୍ଭବ ନୁହେଁ । ପୁଣି ଉପଯୁକ୍ତ ଆଧାର ନ ପାଇଲେ ସେହି ଦିବ୍ୟଶକ୍ତି ଅବତରଣ ବି କରେ ନାହିଁ । କାରଣ ସେହି ପରମ ଦିବ୍ୟଶକ୍ତିକୁ ପରମ ଦିବ୍ୟ ଆଧାରହିଁ ଧାରଣ କରିପାରେ । ଶ୍ରୀଅରବିନ୍ଦ ସେହି ମହାଶକ୍ତିକୁ ଏହି ଜଗତରେ ସ୍ଥାପନ କରିବେ ବୋଲି ପାର୍ଥିବ ମନୁଷ୍ୟ-ଶରୀର ଧାରଣ କରିଥିଲେ । ସେ ମନୁଷ୍ୟ-ଶରୀର ସ୍ୱୀକାର କରିଥିଲେ ଏହି ମାନବଜାତି ମଧ୍ୟରେ ସେହି ଶକ୍ତିକୁ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ । ଯଦିଓ ତାଙ୍କର ଶରୀର ସାଧାରଣ ମାନବିକ ଶରୀରଠାରୁ ଉତ୍କୃଷ୍ଟ ଥିଲା, ଆଧାର ଥିଲା ବିଶାଳ, ତଥାପି ତାହା ଥିଲା ଏହି ପାର୍ଥିବ ଶରୀର, କାରଣ ସେ ଥିଲେ ମନୁଷ୍ୟ ଜାତିର ପ୍ରତିନିଧି ।

ଅତିମାନସ ଶକ୍ତିର ଅବତରଣରେ ଅନ୍ଧକାର ଶକ୍ତିର ପ୍ରତିକ୍ରିୟା ଖୁବ୍ ତୀବ୍ର ହୋଇ ସଂସାରକୁ ଧ୍ୱଂସ କରିବାର ଆଶଙ୍କା ଥିଲା । ସଂସାରକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ସଂସାରର ସମସ୍ତ ବିଷକୁ ନିଜ ଶରୀରରେ ନେଇ ସେହି ଶକ୍ତିକୁ ଉତାରି ଆଣି ନିଜେ ଶରୀରରେ ଧାରଣ କରି ଦେହତ୍ୟାଗ କଲେ । ଯଦି ସଂସାରର ଜନସଂଖ୍ୟା ଅନୁପାତରେ ଅଳ୍ପ କେତେକ ବ୍ୟକ୍ତି ଅତିମାନସ ଶକ୍ତିକୁ ଗ୍ରହଣ କରିବାକୁ ନିଜ ଆଧାର ପ୍ରସ୍ତୁତ କରିଥାଆନ୍ତେ ତେବେ ଅତିମାନସ ଶକ୍ତି ଅବତରଣ କରିଥାଆନ୍ତା ତଥା ତା'ର ପ୍ରତିରୋଧରେ ଅନ୍ଧକାର ଶକ୍ତିର ଅହଂ, ସ୍ୱାର୍ଥ, ହିଂସାଦି ସର୍ବନାଶକାରୀ କ୍ରିୟା ସଂସାରକୁ ବିନଷ୍ଟ କରିପାରି ନ ଥା'ନ୍ତା, ବରଂ ସେସବୁ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ହୋଇ ଥାଆନ୍ତେ । ଏପରି ହେଲା ନାହିଁ । ସଂସାରର ସମସ୍ତ ବ୍ୟକ୍ତି ଅତିମାନସ ଶକ୍ତି ସମ୍ବନ୍ଧେ ଅଜ୍ଞ ଏବଂ ଉଦାସୀନ ରହିଲେ । ତେଣୁ ଅନ୍ଧକାର ଶକ୍ତିର ମାର୍ଗ ଉନ୍ମୁକ୍ତ ରହିଲା । ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରିଥିଲେ ବ୍ୟକ୍ତି ଗ୍ରହଣ କରି ନ ଥା'ନ୍ତେ । ତା'ର ପ୍ରତିକ୍ରିୟାରେ ଅନ୍ଧକାର ଶକ୍ତି ପ୍ରବଳ ବେଗରେ ଉପରକୁ ଉଠି ଆସିଥାଆନ୍ତା । ତାହାକୁହିଁ ସଂସାରର ବ୍ୟକ୍ତି ଗ୍ରହଣ କରିଥାଆନ୍ତେ । ଫଳରେ ଦେଶ ଦେଶ, ଜାତି ଜାତି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଂଘର୍ଷ ହୋଇଥାଆନ୍ତା, ଯୁଦ୍ଧ ହୋଇଥାଆନ୍ତା, ଅନ୍ଧକାର ଶକ୍ତି ପୃଥିବୀକୁ ଧ୍ୱଂସ କରି ଦେଇଥାଆନ୍ତା । ପୃଥିବୀକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ସଂସାରର ସମସ୍ତ ସ୍ୱାର୍ଥ, ଅହଂ, ହିଂସାକୁ ନିଜ ଶରୀରରେ ଧାରଣ କଲେ ଏବଂ ଅତିମାନସ ଶକ୍ତିକୁ ନିଜ ଶରୀରରେ ଉତାରି ଆଣିଲେ । ସଂସାରକୁ ରକ୍ଷାକରି ସଂସାରରେ ଅତିମାନସ ଶକ୍ତି ପ୍ରତିଷ୍ଠା କରିବା ସକାଶେ ଶ୍ରୀଅରବିନ୍ଦ ନିଜ ଶରୀରକୁ ବଳି ଦେଲେ । ସେହି ଶକ୍ତି ଦ୍ୱାରା ମା' ତାଙ୍କର ଅବଶିଷ୍ଟ କାର୍ଯ୍ୟ କରାଉଅଛନ୍ତି । ଏହି କାର୍ଯ୍ୟ ପୂର୍ଣ୍ଣ କରିବା ସକାଶେ ଆରମ୍ଭରୁ ମା'ଶ୍ରୀଅରବିନ୍ଦ କାର୍ଯ୍ୟ କରି ଆସୁ ଅଛନ୍ତି । ଶ୍ରୀଅରବିନ୍ଦ ତାଙ୍କ କାମ କରିଛନ୍ତି, ବାକି କାମ ମା' ସ୍ୱୟଂ ପୂରା କରିବେ ।

*

ପ୍ରଶ୍ନ : ଆଶ୍ରମରେ କ'ଣ ମୃତ୍ୟୁ ହୁଏ ନାହିଁ, ରୋଗ ହୁଏ ନାହିଁ, ବାର୍ଦ୍ଧକ୍ୟ ଆସେ ନାହିଁ ?

ଉତ୍ତର : ଆଶ୍ରମରେ ରୋଗ ହୁଏ, ବାର୍ଦ୍ଧକ୍ୟ ଆସେ, ମୃତ୍ୟୁ ମଧ୍ୟ ହୁଏ । ଏଠାରେ ପିଲାଠାରୁ ଆରମ୍ଭ କରି ୯୦ ବର୍ଷ ବୟସ ପର୍ଯ୍ୟନ୍ତ ସାଧକସାଧିକା ଅଛନ୍ତି । ସଂସାର ତୁଳନାରେ ଆଶ୍ରମର ମୃତବ୍ୟକ୍ତିଙ୍କ ସଂଖ୍ୟା କମ୍ । ମୃତବ୍ୟକ୍ତିମାନଙ୍କ ମଧ୍ୟରେ ଦୁଇତିନିଜଣ ମାତ୍ର ଯୁବକ, ବାକୀସବୁ ବୃଦ୍ଧାବସ୍ଥାପ୍ରାପ୍ତ ବ୍ୟକ୍ତି । ଶରୀରର ପୂର୍ଣ୍ଣ ରୂପାନ୍ତର ହେବା ପୂର୍ବରୁ ରୋଗ, ବାର୍ଦ୍ଧକ୍ୟ ଓ ମୃତ୍ୟୁରୁ ପୂର୍ଣ୍ଣରୂପେ ମୁକ୍ତ ହେବା ସମ୍ଭବ ନୁହେଁ; କିନ୍ତୁ ଅତିମାନସ ଶକ୍ତିର କ୍ରିୟା ଓ ପ୍ରଭାବରେ ରୋଗ କ୍ରମଶଃ କମ୍ ହେବ, ବାର୍ଦ୍ଧକ୍ୟ ଓ ମୃତ୍ୟୁର ନିର୍ଦିଷ୍ଟ ସମୟ କ୍ରମଶଃ ପଛକୁ ହଟିଯିବ ।

ପ୍ରଶ୍ନ : ନମନୀୟ, ଅଜର, ଅମର ଦେହସବୁ ସାଧାକଙ୍କର ହେଲାଣି କି ?

ଉତ୍ତର : ଏହାର ଉତ୍ତର ପ୍ରାୟ ୩୦ ବର୍ଷ ପରେ ଦେବା ସମ୍ଭବ ହେବ । କାରଣ ବର୍ତ୍ତମାନ ଯେଉଁମାନେ ବୟଃପ୍ରାପ୍ତ ସେମାନଙ୍କର ନମନୀୟ ଏବଂ ବାର୍ଦ୍ଧକ୍ୟରହିତ ଶରୀର ପ୍ରାପ୍ତ ହେବା ଅନୁମାନ କରାଯାଇପାରିବ ଯେବେ ସେମାନଙ୍କର ବାର୍ଦ୍ଧକ୍ୟର ସମୟ ବ୍ୟତୀତ ହୋଇଯିବ । ତାହା ପୂର୍ବରୁ ସନୋଷଜନକ ଉତ୍ତର ଦେବା ସମ୍ଭବ ନୁହେଁ ।

*

ପ୍ରଶ୍ନ : ଚିର-ଯୌବନ, ନୀରୋଗ, ଇଚ୍ଛାମୃତ୍ୟୁ, ଶୋକରହିତ ଦିବ୍ୟ ଦେହ କେବେ ହେବ ? ଏହି ଜୀବନରେ ଆମ୍ଭେ ତାହା ଦେଖିପାରିବୁ କି ?

ଉତ୍ତର : ଏହା ନିର୍ଭର କରେ ତୁମ୍ଭର ପରମାୟୁ ଉପରେ ଅଥବା ତୁମ୍ଭ ସାଧନା ଉପରେ । ଚିର-ଯୌବନ, ନୀରୋଗ, ଇଚ୍ଛାମୃତ୍ୟୁ, ଶୋକରହିତ ଦିବ୍ୟ ଦେହ ଶୀଘ୍ର ହୋଇପାରେ ଯେବେ ସଂସାରର ଅଧିକ ବ୍ୟକ୍ତି ଏହାକୁ ସ୍ୱୀକାର କରନ୍ତି, ଅନ୍ୟଥା ଏଥିରେ ସମୟ ଲାଗିପାରେ । କାରଣ ଏହା ବ୍ୟକ୍ତିଗତ ନୁହେଁ, ସମସ୍ତ ଜଗତ ସକାଶେ । ଉଦାହରଣସ୍ୱରୂପ ଆପଣମାନେ ଯେତେବେଳେ ସ୍ୱରାଜ୍ୟ ପାଇଁ ଆନ୍ଦୋଳନ କରୁଥିଲେ ସେତେବେଳେ ଯଦି ଭାରତରେ ଅଧିକ ସଂଖ୍ୟାରେ ବ୍ୟକ୍ତି ପ୍ରସ୍ତୁତ ହୋଇଯାଇ ଥାଆନ୍ତେ, ତେବେ ଗୋଟିଏ ଦିନରେ ଇଂରେଜ ସରକାର ଉପରେ ବିଜୟୀ ହୋଇ ସ୍ୱରାଜ ଲାଭ କରିପାରି ଥାଆନ୍ତେ, କିନ୍ତୁ ଏହା ହୋଇ ନ ଥିଲା । ଆପଣମାନଙ୍କୁ ପ୍ରାୟ ଦୀର୍ଘ ଚାଳିଶ ବର୍ଷ ଧରି

କାର୍ଯ୍ୟ କରିବାକୁ ହେଲା ଏବଂ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କୁ ଏଥିପାଇଁ ପ୍ରସ୍ତୁତ କରିବାକୁ ସମସ୍ତ ଶକ୍ତି ପ୍ରୟୋଗ କରିବାକୁ ହେଲା । ପ୍ରାୟ ସେହିପରି ଦିବ୍ୟ ଜୀବନ ସ୍ଥାପନର କାର୍ଯ୍ୟ । ଯଦି ଅଧିକ ସଂଖ୍ୟାରେ ବ୍ୟକ୍ତି ନୂତନ ଜୀବନ ପ୍ରାପ୍ତ ହେବାକୁ କାର୍ଯ୍ୟ କରନ୍ତି – ତାହାକୁ ସ୍ୱୀକାର କରନ୍ତି, ତେବେ ଖୁବ୍ ଶୀଘ୍ର ତାହା ସମ୍ଭବ ହେବ । ଏପରି ନ ହେଲେ ବିଳମ୍ବ ହେବ, ଅଧିକ ସମୟ ଲାଗିବ; କିନ୍ତୁ ହେବ ନିଶ୍ଚୟ । ଏହା ଅବଶ୍ୟମ୍ଭାବୀ ।

ଅନାଦିକାଳରୁ ମୃତ୍ୟୁ ଆଦି ଅନ୍ଧକାର ଶକ୍ତିସମୂହ ଏହି ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରିଆସୁଛନ୍ତି । ଆଜି ଦିବ୍ୟ ଶକ୍ତିର ଅଧୀନତା ସ୍ୱୀକାର କରି ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ । ସେଥିପାଇଁ ଦିବ୍ୟ ଶକ୍ତିର ପଥରୋଧ କରିବା ସକାଶେ ସମସ୍ତ ଶକ୍ତି ପ୍ରୟୋଗ କରୁଅଛନ୍ତି । ଦିବ୍ୟ ଓ ଅଦିବ୍ୟ ଶକ୍ତିମାନଙ୍କର ସ୍ୱରୂପ ଓ ବ୍ୟକ୍ତିତ୍ୱ ଥିବା ସତ୍ତ୍ୱେ ସେମାନଙ୍କ ଅଭିବ୍ୟକ୍ତିର ଭୂମି ଓ କିଲ୍ଲା ହେଉଛି ମନୁଷ୍ୟ । ଅନ୍ଧକାର ଶକ୍ତିସମୂହ ପୂର୍ଣ୍ଣ ପରାକ୍ରମରେ ମନୁଷ୍ୟକୁ ଅଧିକାର କରିଥିବାରୁ ବର୍ତ୍ତମାନ ସଂସାରରେ ଭୀଷଣ ବିପର୍ଯ୍ୟୟ ଓ ବିଶୃଙ୍ଖଳା ଦେଖାଦେଇଛି । ତଥାପି ମନୁଷ୍ୟ ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଶକ୍ତି ଅଛି । ସେ ନିଜ ଇଚ୍ଛାରେ ଦିବ୍ୟ ଶକ୍ତି ବା ଅନ୍ଧକାର ଶକ୍ତିଙ୍କର ଯନ୍ତ୍ର ହୋଇପାରେ । କିନ୍ତୁ ଅନ୍ଧକାର ଶକ୍ତିଚୟ ମନୁଷ୍ୟକୁ ଜବରଦସ୍ତି ଅଧିକାର କରି ସନ୍ଦେହ ଆଦିର ପ୍ରେରଣା ଦେଇ ତାକୁ ଜ୍ୟୋତିଃରୁ ବିମୁଖ କରାଉଅଛନ୍ତି । ଦିବ୍ୟ ଶକ୍ତି ଅନ୍ଧକାର ଶକ୍ତିପରି ଅଭିବ୍ୟକ୍ତି ସକାଶେ ମନୁଷ୍ୟକୁ ବାଧ କରେ ନାହିଁ, ସେ ଚାହେଁ ମନୁଷ୍ୟର ସମର୍ପଣ, ସମ୍ମତି । ଯେଉଁମାନେ ସଂସାରର, ମନୁଷ୍ୟଜାତିର ମଙ୍ଗଳ କାମନା କରନ୍ତି, ଦିବ୍ୟ ଜୀବନ ଦେଖିବାକୁ ଚାହାନ୍ତି ସେମାନେ କେବଳ ବାକ୍ୟରେ କହିଲେ କିଛି ହେବ ନାହିଁ; ବରଂ ସେଥିପାଇଁ ପ୍ରଯତ୍ନ କଲେ ନିଜର ଓ ସଂସାରର ହିତ ହୋଇପାରିବ ।

ଏହି ଯୋଗର ସିଦ୍ଧି ସକାଶେ ସାଧାରଣ ମନୁଷ୍ୟଠାରୁ ଆରମ୍ଭ କରି ପୂର୍ଣ୍ଣତ୍ୟାଗୀ, ପୂର୍ଣ୍ଣ ସମର୍ପଣ କରିଥିବା ବ୍ୟକ୍ତିର ଆବଶ୍ୟକ । ଏହାଦ୍ୱାରା ସାଧାରଣ ମନୁଷ୍ୟଠାରୁ ଆରମ୍ଭ କରି ରୂପାନ୍ତରିତ ଦିବ୍ୟମାନବତ୍ୱ ପ୍ରାପ୍ତ ଯୋଗୀ ଓ ସାଧକ ମଧ୍ୟରେ ଗୋଟିଏ ସମ୍ବନ୍ଧ ରହିପାରିବ । ଅତିମାନସ ଶକ୍ତିର କ୍ରିୟା ହେବ ସମଗ୍ର ବିଶ୍ୱରେ । ଯେଉଁ ସାଧକମାନଙ୍କର ଚେତନା ଅଧିକ ବିକାଶ ହୋଇଥିବ ସେହିମାନଙ୍କ ମଧ୍ୟରେ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ହେବ ବିଶେଷରୂପେ । ପ୍ରଥମେ ସେହିମାନେ ତାହା ଦେଖିପାରିବେ ଏବଂ ଅନୁଭବ କରିପାରିବେ । ଅନ୍ୟମାନେ ଯଦିଓ ଏହି ରୂପାନ୍ତର କ୍ରିୟାକୁ ବୁଝିପାରିବେ ନାହିଁ, ତଥାପି ସେମାନଙ୍କ ଚେତନାର ବିକାଶ ତଥା ଅଭୀପ୍ସାର ଅନୁପାତରେ ଲାଭବାନ୍ ହେବେ । ଅତିମାନସ ଶକ୍ତି ଦ୍ୱାରା ନିମ୍ନ ପ୍ରକୃତିର ଗୁଣଧର୍ମ ଲୁହା ପରଶମଣି ସ୍ପର୍ଶ ଦ୍ୱାରା ସୁନାରେ ପରିଣତ ହେବା ସଦୃଶ ରୂପାନ୍ତର ହେବ । ପୁନରାୟ ତା'ର ଅଶୁଦ୍ଧ ଗୁଣଧର୍ମ ଦୃଷ୍ଟିଗୋଚର ହେବ ନାହିଁ ।

ମନୁଷ୍ୟ ମଧ୍ୟରେ ଯେଉଁସବୁ ଅଶୁଦ୍ଧ ଗତିବୃତ୍ତି ଦେଖାଦିଏ, ସେସବୁର ନିବାସସ୍ଥଳ ଅଚେତନା ଓ ଅବଚେତନା । ଅତିମାନସ ଶକ୍ତି ଏହିସବୁକୁ ରୂପାନ୍ତର କରିବ । ଏହା ଫଳରେ ପୁନରାୟ ଅଶୁଦ୍ଧ ଗତିବୃତ୍ତିର ଉତ୍‌ଥାନ ହୋଇପାରିବ ନାହିଁ । ସାଧକମାନଙ୍କ ମଧ୍ୟରେ ଏହି ରୂପାନ୍ତର କ୍ରିୟା ଯେତେ ଅଧିକ ହେବ ଯେତେ ଶୀଘ୍ର ହେବ ସେହି ଅନୁପାତରେ ସଂସାରରୁ କ୍ରମଶଃ ହିଂସା, ଦ୍ୱେଷ, ଈର୍ଷା, ବିରୋଧ ଦୂର ହେଉଥିବ । ଯେତେବେଳେ କିଛି ସାଧକଙ୍କର ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ହେବ, ସେତେବେଳେ ସମସ୍ତ ସଂସାର ସ୍ୱର୍ଗରେ ପରିଣତ ହେବ । ଅର୍ଥାତ୍ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହୋଇଯିବ । ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଅଧିକ ତୀବ୍ର ହୋଇପାରିବ ଯେବେ ସଂସାରର ଅଧିକ ବ୍ୟକ୍ତି ତାହା ସ୍ୱୀକାର କରିନେବେ ।

ଏହାକୁ ସ୍ୱୀକାର କରିବା ଅର୍ଥ ସାଧନା କରିବା ନୁହେଁ, ସମର୍ଥନ କରିବା । ଯଦି ଅଧିକ ସଂଖ୍ୟାରେ ଲୋକ ଦିବ୍ୟ ଶକ୍ତିକୁ ସ୍ୱୀକାର ନ କରନ୍ତି ତେବେ ତା' କ୍ରିୟାରେ ବାଧା ପଡ଼ିବ । ବର୍ତ୍ତମାନ ଦୁଇ ଶକ୍ତିଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି । ଅଧିକ ସଂଖ୍ୟାରେ ଲୋକ ଅନ୍ଧକାର ଶକ୍ତି ପକ୍ଷରେ ଅଛନ୍ତି । ଯେତେ ବ୍ୟକ୍ତି ତା' ପକ୍ଷ ଛାଡ଼ି ଦିବ୍ୟ ଶକ୍ତି ଆଡ଼କୁ ଆସିବେ, ତେତେ ଶୀଘ୍ର ଯୁଦ୍ଧ ସମାପ୍ତ ହେବ । କିନ୍ତୁ ଦିବ୍ୟ ଶକ୍ତିର ବିଜୟ ନିଶ୍ଚିତ, କାରଣ ତାହା ଶାଶ୍ୱତ ଶକ୍ତି । ଯେପରି ବିରାଟ ଶୁଷ୍କ ବାଉଁଶ ଦ୍ୱାରା ଜଙ୍ଗଲରେ ଲାଗିଥିବା ଅତି କ୍ଷୁଦ୍ର ଅଗ୍ନିର ନାଶ ହୁଏ ନାହିଁ, କିନ୍ତୁ ବିଳମ୍ବ ହୁଏ ଅଥଚ ବ୍ୟର୍ଥ ହୁଏ ନାହିଁ, ସେହିପରି ଅତିମାନସ ଶକ୍ତିର କ୍ରିୟା ।

ପ୍ରଶ୍ନ : ସମସ୍ତେ ସନ୍ନ୍ୟାସୀ ହେଲେ ସଂସାରର ଅବସ୍ଥା କ'ଣ ହେବ ?

ଉତ୍ତର : ଗୋଟିଏ ନୂତନ ସୃଷ୍ଟି ହେବ । ବିଚିତ୍ରତା ରହିବ ନାହିଁ । ଯେଉଁମାନେ ସନ୍ନ୍ୟାସୀ ହେବେ, ଅର୍ଥାତ୍ ସାଧନା କରିବେ ସେମାନେ ଅତିମାନସ ଶକ୍ତିର ରୂପାନ୍ତର କାର୍ଯ୍ୟରେ ଅଂଶ ଗ୍ରହଣ କରିବେ, କିନ୍ତୁ ସଂସାରର ଅନ୍ୟ ବ୍ୟକ୍ତି ଯେଉଁମାନେ ସାଧନା ନ କରି କେବଳ ତାକୁ ସ୍ୱୀକାର କରିବେ ସେମାନଙ୍କ ମନରେ କ୍ରମଶଃ ଅତିମାନସ ଶକ୍ତିର ପ୍ରଭାବ ପଡ଼ିବ ଏବଂ ଦୁର୍ଗୁଣ ନାଶ ହୋଇଯିବ । ଯେଉଁମାନେ ସ୍ୱୀକାର ନ କରି କେବଳ ଉଦାସୀନ ରହିବେ ସେମାନଙ୍କ ମନରେ ବି ପ୍ରଭାବ ପଡ଼ିବ, ସେମାନଙ୍କର ମଧ୍ୟ କଲ୍ୟାଣ ହେବ । କାରଣ ଅତିମାନସ ଶକ୍ତି ବିଶାଳ, ଅସୀମ । ଯେପରି ସୂର୍ଯ୍ୟକିରଣ ଶତ୍ରୁକୁ ମଧ୍ୟ ଆଲୋକ ପ୍ରଦାନ କରିଥାଏ, ସେହିପରି ଅତିମାନସ ଶକ୍ତି । କିନ୍ତୁ ଯେ ଘର ଦ୍ୱାର ବନ୍ଦ କରି ରଖେ ସେ କମ୍ ଆଲୋକ ପାଏ । ଯେପରି ସ୍ୱରାଜ୍ୟ ଆନ୍ଦୋଳନରେ, କେତେକ ଲୋକ ଯଥାର୍ଥରେ ନିଜ ସ୍ୱାର୍ଥ ଓ ଆରାମକୁ ତ୍ୟାଗ କରି କାର୍ଯ୍ୟ କରିଥିଲେ, କେତେକ ବ୍ୟକ୍ତି ଧନରେ ସାହାଯ୍ୟ କରିଥିଲେ, କେତେକ ବ୍ୟକ୍ତି କିଛି ସାହାଯ୍ୟ ନ ଦେଇ କେବଳ ସମର୍ଥନ କରିଥିଲେ, ଅର୍ଥାତ୍ ଭୋଟ ଦେଇଥିଲେ । କିଛି ଲୋକ ବିରୋଧ ମଧ୍ୟ କରିଥିଲେ । କିନ୍ତୁ ଯେତେବେଳେ ସ୍ୱରାଜ୍ୟ ପ୍ରାପ୍ତ ହେଲା ସେତେବେଳେ ସମସ୍ତେ ବିଦେଶୀ ଶାସନରୁ ମୁକ୍ତ ହେଲେ, ସମସ୍ତେ ମନ୍ତ୍ରୀ ହେଲେ ନାହିଁ । ଏହା ମଧ୍ୟ ସେହିପରି । ସ୍ୱରାଜ୍ୟ ଥିଲା ପାର୍ଥିବ ବସ୍ତୁ, ସେଥିରେ କିଛି ବ୍ୟତିକ୍ରମ ବି ହୋଇଥାଏ, କିନ୍ତୁ ଦିବ୍ୟ ସତ୍ୟ ପାଖରେ ବ୍ୟତିକ୍ରମ ଚଳେ ନାହିଁ, ସେ ସ୍ୱୟଂ ସର୍ବଜ୍ଞ । ଏହିସବୁ ବିଷୟ ବିସ୍ତାରିତ ରୂପେ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ''ର ''ଅତିମାନସର ଅବତରଣ ଓ କ୍ରିୟା'' ପୁସ୍ତିକାରେ ଆଲୋଚିତ ହୋଇଅଛି ।

*

ପ୍ରଶ୍ନ : ଏହି ରୂପାନ୍ତର କେବଳ କଳ୍ପନାରେ ଶେଷ ହେବ ନା ସେଥିରେ କିଛି ସତ୍ୟତା ଅଛି ?

ଉତ୍ତର : ରୂପାନ୍ତର ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଯେପର୍ଯ୍ୟନ୍ତ ଏ ପୃଥିବୀରେ ଦିବ୍ୟଜୀବନ ସ୍ଥାପନ ନ ହୋଇଛି, ପ୍ରତ୍ୟେକ ବ୍ୟକ୍ତି ତାହା ସ୍ଥୂଳ ଦୃଷ୍ଟିରେ ନ ଦେଖିଛନ୍ତି, ତା' ପୂର୍ବରୁ ସନ୍ତୋଷଜନକ ଉତ୍ତର କିପରି ପାଇବେ ? ସ୍ୱଚକ୍ଷୁରେ ନ ଦେଖି ବିଶ୍ୱାସ ବା କରିବେ କିପରି ? ସଂସାରରେ ଯେକୌଣସି ନୂତନ ବସ୍ତୁ ଆବିଷ୍କୃତ ହୋଇଛି, ତାହା ଦେଖିବା ପୂର୍ବରୁ, ସବୁ ସମୟରେ ଲୋକେ ସନ୍ଦେହ କରିଆସୁଛନ୍ତି । ତଥାପି ନୂତନ ବସ୍ତୁ ଆବିଷ୍କୃତ ହୋଇଆସୁଛି ।

ଶ୍ରୀଅରବିନ୍ଦ କୌଣସି ବସ୍ତୁକୁ ସ୍ଥୂଳ ଦୃଷ୍ଟିରେ ଦେଖିବା ଅପେକ୍ଷା ଅତିମାନସ ସତ୍ୟକୁ ଅଧିକ ସତ୍ୟ ବୋଲି ମନେ କରନ୍ତି । କାରଣ ସ୍ଥୂଳ ଦୃଷ୍ଟି ସୀମିତ । ଗୋଟିଏ ମିଠାଇ ଭିତରେ ବିଷ ରଖିଦେଲେ ସ୍ଥୂଳ ଦୃଷ୍ଟି ଦେଖିପାରିବ କେବଳ ମିଠାଇଟିକୁ, ବିଷ ଦେଖିପାରିବ ନାହିଁ । କିନ୍ତୁ ଦିବ୍ୟ ଦୃଷ୍ଟି ମିଠେଇ ଓ ବିଷକୁ ଏକସଙ୍ଗେ ଦେଖିପାରିବେ । ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟ ଦୃଷ୍ଟିରେ ଅତିମାନସ ଶକ୍ତିକୁ ଦେଖିଛନ୍ତି, ଅନୁଭବ କରିଛନ୍ତି, ସେଥିରେ ବାସ କରିଛନ୍ତି, ତାକୁ ଉତାରି ଆଣି ଧାରଣ କରିଛନ୍ତି ଏବଂ ତାକୁ କାର୍ଯ୍ୟରେ ପ୍ରୟୋଗ କରିଛନ୍ତି । ସେଥିପାଇଁ ଦୃଶ୍ୟମାନ ବସ୍ତୁ ଅପେକ୍ଷା ଅତିମାନସ ଶକ୍ତି ଅଧିକ ସତ୍ୟ ଏବଂ ତାହାର କ୍ରିୟା ଦ୍ୱାରା ପୃଥିବୀରେ ଦିବ୍ୟ-ଜୀବନସ୍ଥାପନ ଅବଶ୍ୟମ୍ଭାବୀ । ଯେଉଁମାନେ ତାଙ୍କ ସିଦ୍ଧାନ୍ତକୁ ମାନି ତାଙ୍କ ନିର୍ଦ୍ଦେଶିତ ମାର୍ଗରେ ସାଧନା କରୁଛନ୍ତି ସେମାନେ ଏଥିରେ ବିଶ୍ୱାସ କରୁଛନ୍ତି । ସେମାନଙ୍କ ସକାଶେ ଏହା ଏକେବାରେ ସତ୍ୟ । ଯେଉଁମାନେ ସିଦ୍ଧାନ୍ତ ନ ବୁଝି ସାଧନା ନ କରି କେବଳ ଆଲୋଚନା କରୁଛନ୍ତି ସେମାନଙ୍କ ସକାଶେ ଏହା ସତ୍ୟ ହେଉ ବା ମିଥ୍ୟା ହେଉ ସେଥିରେ କିଛି ଯାଏ ଆସେ ନାହିଁ । ଯଦି ସତ୍ୟ ହୁଏ ତେବେ ସେମାନଙ୍କର ବି ଲାଭ, ଯଦି ଅସତ୍ୟ ହୁଏ ସେମାନଙ୍କର କିଛି କ୍ଷତି ହେବ ନାହିଁ । ଯେଉଁମାନେ ଭାରତର ସ୍ୱାଧୀନତା ଆନ୍ଦୋଳନରେ କିଛି ନ କରି କେବଳ ଆଲୋଚନା କରୁଥିଲେ ସେମାନଙ୍କୁ ମଧ୍ୟ ସ୍ୱାଧୀନତା ମିଳିଲା । ଯେଉଁମାନେ ଦିବ୍ୟ ଜୀବନର ସତ୍ୟତା ଜାଣିବାକୁ ଇଚ୍ଛୁକ, ସେମାନେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶାନୁସାରେ ଚାଲିବା ପରେ ଯଦି ସତ୍ୟତାର ଜ୍ଞାନ ନ ହୁଏ, ତେବେ ସେମାନେ ଆଲୋଚନା କରିପାରନ୍ତି । ତାହା ପୂର୍ବରୁ ଆଲୋଚନା କରିବା ଯୁକ୍ତିଯୁକ୍ତ ନୁହେଁ । ପ୍ରତ୍ୟେକ ବସ୍ତୁ ଦେଖିବାର ଉପାୟ ଭିନ୍ନ ଭିନ୍ନ । ପେଟ ଭିତରେ ପାଚନ କ୍ରିୟାକୁ ଆମ୍ଭେମାନେ କେବଳ ସ୍ଥୂଳ ଦୃଷ୍ଟିରେ ଦେଖିପାରୁ ନାହିଁ, ଦେଖିବାକୁ ହେଲେ ଅନ୍ୟ ପ୍ରକାର ଯନ୍ତ୍ର ଦରକାର । ସେହିପରି ଯେପର୍ଯ୍ୟନ୍ତ ସ୍ଥୂଳ ଶରୀର ରୂପାନ୍ତରିତ ନ ହୋଇଛି ସେପର୍ଯ୍ୟନ୍ତ

ଅତିମାନସର କ୍ରିୟା ଓ ତାହାର ସତ୍ୟାସତ୍ୟ କେବଳ ସାଧନା ଦ୍ୱାରା ଦିବ୍ୟ ଦୃଷ୍ଟିରେ ଦେଖିବା ସମ୍ଭବ ଅଥବା ମନ-ବୁଦ୍ଧିକୁ ସ୍ଥିର କରି, ତର୍କକୁ ଦୂର କରି, ଗଭୀର ବିଚାର ଦ୍ୱାରା ଜାଣିବା ସମ୍ଭବପର ହୋଇପାରେ ।

(୮)

ଯୋଗୀ ଓ ସଂସାରୀ

ପ୍ରଶ୍ନ : ଯୋଗୀ ଏବଂ ସଂସାରୀ ବ୍ୟକ୍ତି ମଧ୍ୟରେ ଶ୍ରେଷ୍ଠ କିଏ ?

ଉତ୍ତର : ଯୋଗୀ ଏବଂ ଯୋଗଯୁକ୍ତ ଜୀବନ ସର୍ବଦା ଶ୍ରେଷ୍ଠ । ସଂସାରୀ ବ୍ୟକ୍ତିର ଅର୍ଥ ଯେଉଁମାନେ ଧର୍ମାଚରଣ ସହ ଗୃହକର୍ମ କରନ୍ତି । ସେମାନେ ଭଗବାନଙ୍କ ସହ ଏକତ୍ୱପ୍ରାପ୍ତ କରି ନ ଥା'ନ୍ତି । ସେମାନେ ଯୋଗୀ ନୁହନ୍ତି, ଧାର୍ମିକ । ଏହି ବ୍ୟକ୍ତି ଅପେକ୍ଷା ଯୋଗୀର ସ୍ଥାନ ମହତ୍ତର । ଗୃହସ୍ଥ ବ୍ୟକ୍ତି ଯଦି ଭଗବାନଙ୍କ ସହ ଯୁକ୍ତ ହୋଇପାରେ, ତେବେ ତାକୁ ମଧ୍ୟ ଯୋଗୀ କୁହାଯାଏ । ଗୃହତ୍ୟାଗୀ, ଭଗବାନଙ୍କ ସଙ୍ଗେ ଯୁକ୍ତ ଯୋଗୀ, ଗୃହରେ ରହି ଭଗବାନଙ୍କ ସଙ୍ଗେ ଯୁକ୍ତ ବ୍ୟକ୍ତି ମଧ୍ୟରେ ପାର୍ଥକ୍ୟ ନ ଥାଏ, କିନ୍ତୁ ଗୃହତ୍ୟାଗୀ ବ୍ୟକ୍ତିକୁ ଆସକ୍ତି ଏବଂ ସ୍ୱାର୍ଥ ତ୍ୟାଗ କରି ଭଗବାନଙ୍କ ସଙ୍ଗେ ଯୁକ୍ତ ହେବାରେ ଯେଉଁ ନିୟମ, ଯେଉଁ ଧର୍ମ ରକ୍ଷା କରିବାକୁ ହୁଏ, ଗୃହରେ ଥିବା ବ୍ୟକ୍ତିକୁ ସେହି ନିୟମ, ଧର୍ମ ରକ୍ଷାକରିବାକୁ ହୁଏ । ଗୃହରେ ଥିବା ବ୍ୟକ୍ତି ପାଇଁ ତିଳେହେଲେ ଏହି ନିୟମ କୋହଳ ନୁହେଁ । ଯେଉଁଠାରେ ନିୟମରେ ତ୍ରୁଟି, ସେଠାରେ ଭଗବାନଙ୍କ ସଙ୍ଗେ ଏକତ୍ୱରେ ତ୍ରୁଟି ।

*

ପ୍ରଶ୍ନ : ଯେଉଁମାନେ ଗୃହତ୍ୟାଗ କରି ଭଗବାନଙ୍କ ସଙ୍ଗେ ଯୋଗଯୁକ୍ତ ହୋଇଛନ୍ତି, ସେମାନଙ୍କର ବିଶେଷତ୍ୱ କ'ଣ ? ସେମାନେ ସ୍ୱାର୍ଥପର ବ୍ୟକ୍ତି । ସେମାନେ ପରିବାର ପ୍ରତି କର୍ତ୍ତବ୍ୟକୁ ତ୍ୟାଗ କରି ନିଜ ସ୍ୱାର୍ଥସିଦ୍ଧି କରିଛନ୍ତି । ଜଣେ ଗୃହସ୍ଥ ଯଦି ଗାର୍ହସ୍ଥ୍ୟ ଧର୍ମ ପାଳନ କରି ଭଗବାନଙ୍କୁ ପ୍ରାପ୍ତ ହୁଏ, ଭଗବାନଙ୍କ ସହିତ ଯୋଗଯୁକ୍ତ ହୁଏ, ତେବେ ମୋ ମତରେ ଗୃହତ୍ୟାଗୀ ଯୋଗୀ ଅପେକ୍ଷା ଗୃହସ୍ଥ ଯୋଗୀ ମହତ୍ତର । ଏହା କ'ଣ ଯୁକ୍ତିଯୁକ୍ତ ନୁହେଁ ?

ଉତ୍ତର : ଏହା ଏକେବାରେ ନୁହେଁ । ବାଁ ହାତରେ ଗୁଡ଼ ଖାଆନ୍ତୁ ବା ଡାହାଣ ହାତରେ ଗୁଡ଼ ଖାଆନ୍ତୁ, କିନ୍ତୁ ଗୁଡ଼ର ସ୍ୱାଦରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହେବ ନାହିଁ, ଉଭୟ ସ୍ଥଳେ ଏହା ସମାନ । ବାମ ହାତରେ ଉଠାଇବାରେ କାହାପକ୍ଷେ ସହଜ, ଦକ୍ଷିଣ ହସ୍ତରେ ଉଠାଇବାରେ କାହାପକ୍ଷେ ସହଜ, କିନ୍ତୁ ପରିଣାମ ଏକ । ଅଧିକାଂଶ ଗୁଜୁରାଟୀ ଲୋକଙ୍କର ବାମ ହସ୍ତରେ କର୍ମ କରିବା ସହଜ ହୁଏ, ଅନ୍ୟ ଲୋକଙ୍କର ଦକ୍ଷିଣ ହସ୍ତରେ ସହଜ ହୁଏ ।

ସେହିପରି ଗୃହସ୍ଥ ଯୋଗୀ ହେବା ଯାହା ପକ୍ଷେ ସହଜ ହୋଇପାରେ, ସେହି ବ୍ୟକ୍ତି ପକ୍ଷେ ଗୃହ-ସଂସାର ତ୍ୟାଗ କରିବା ଏକେବାରେ ଅସମ୍ଭବ ହୁଏ, ଯେଉଁମାନେ ଗୃହତ୍ୟାଗ କରିପାରନ୍ତି ସେମାନଙ୍କ ପକ୍ଷେ ଗୃହରେ ରହି ସାଧନା କରିବା ସମ୍ଭବ ନୁହେଁ ।

ଯେଉଁମାନେ ପିତାମାତାଙ୍କ ସେବା, ପିଲାଙ୍କୁ ପାଳନପୋଷଣ କରିବା ଦାୟିତ୍ୱ ନିଜ ଉପରେ ବୋଲି ମାନିନେଇଥା'ନ୍ତି ଏବଂ ଗୃହରେ ଆସକ୍ତ ଥା'ନ୍ତି, ସେମାନଙ୍କ ପକ୍ଷେ ଗୃହତ୍ୟାଗ କରିବା ଏକେବାରେ ଅସମ୍ଭବ । ସେମାନେ ଗୃହରେ ରହି ଯଦି ସାଧନା କରନ୍ତି ତେବେ ସେମାନଙ୍କର ଆସକ୍ତି କ୍ରମଶଃ କମ୍ ହୁଏ, ଶେଷରେ ପୂର୍ଣ୍ଣରୂପେ ଆସକ୍ତିରୁ ମୁକ୍ତ ହୁଅନ୍ତି, ତେବେ ଭଗବାନଙ୍କ ସଙ୍ଗେ ଯୋଗଯୁକ୍ତ ହୁଅନ୍ତି । ଅନ୍ଧକାର ଏବଂ ସୂର୍ଯ୍ୟ ଯେପରି ଏକ ସଙ୍ଗରେ ରହିପାରନ୍ତି ନାହିଁ, ସେହିପରି ସାଂସାରିକ ଆସକ୍ତି ଏବଂ ଭଗବାନ୍ ଏକସଙ୍ଗେ ରହିପାରନ୍ତି ନାହିଁ । ତୀବ୍ରତାରେ ସଂସାର-ବିରାଗୀ ହୋଇ ନ ଥିବା ବ୍ୟକ୍ତି ସଂସାରରେ ରହି ସାଧନା କରିବା ଉଚିତ । ଗାର୍ହସ୍ଥ୍ୟାଶ୍ରମରେ ବ୍ୟକ୍ତିର ଅନାସକ୍ତ ଭାବ ଉତ୍ପନ୍ନ

ହେବାରେ ବହୁ ଜନ୍ମ ଲାଗେ । ସେମାନଙ୍କର ବିକାଶ ଧୀରେ ଧୀରେ ହୁଏ । ରାଜା ଜନକଙ୍କ ପରି ଗୃହସ୍ଥ ଯୋଗୀଙ୍କ ସଂଖ୍ୟା କମ୍ । କିନ୍ତୁ ଶୁକଦେବଙ୍କ ପରି ଗୃହତ୍ୟାଗୀ ଯୋଗୀଙ୍କ ସଂଖ୍ୟା ବହୁତ ବେଶୀ । ତଥାପି ବ୍ୟକ୍ତି ସର୍ବଦା ନିଜ ସ୍ୱଭାବର ଅନୁକୂଳ ମାର୍ଗ ଗ୍ରହଣ କରିବା ଉଚିତ ।

*

ପ୍ରଶ୍ନ : ଏହି ଉତ୍ତରରେ ପକ୍ଷପାତିତ୍ୱ ପରିଲକ୍ଷିତ ହେଉଛି । ଏଥିରେ ମନ ସନ୍ତୁଷ୍ଟ ହେଉ ନାହିଁ ।

ଜଣେ ବ୍ୟକ୍ତି ଗୃହରେ ରହି ସମସ୍ତ କର୍ତ୍ତବ୍ୟପାଳନ କରି ପିତାମାତାଙ୍କୁ ପାଳନପୋଷଣ ତଥା ସେବା କରି, ସ୍ତ୍ରୀ-ପିଲାଙ୍କୁ ଦୁଃଖ-ସ୍ରୋତରେ ନ ଭସାଇ, ସାଧନା କରି ଭଗବାନଙ୍କ ସଙ୍ଗେ ଯୁକ୍ତ ହେବ, ଅନ୍ୟ ଜଣେ ଗାର୍ହସ୍ଥ୍ୟ କର୍ତ୍ତବ୍ୟରୂପ ଗୁରୁଭାରକୁ ଭୟ କରି ତହିଁରୁ ପଳାୟନ କରି ଏକା ସାଧନା କରି ଭଗବାନଙ୍କ ସହିତ ଯୁକ୍ତ ହେବ; ଏପରି କର୍ତ୍ତବ୍ୟବିମୁଖ ସ୍ୱାର୍ଥପର ବ୍ୟକ୍ତିକୁ ଜଣେ କର୍ତ୍ତବ୍ୟପରାୟଣ ବ୍ୟକ୍ତି ସହିତ ସମାନ କରିବା କ'ଣ ଯୁକ୍ତିଯୁକ୍ତ ?

ଉତ୍ତର : ତୁମ ପ୍ରଶ୍ନ ଏବଂ ଦୃଷ୍ଟିଭଙ୍ଗୀରେ କ'ଣ ତୁଳାସେରକଠାରୁ ଲୁହାସେରକ ଅଧିକ ଭାରୀ ?

ଯଥାର୍ଥରେ ଗୃହତ୍ୟାଗୀ ବ୍ୟକ୍ତି ସ୍ୱାର୍ଥୀ ନୁହେଁ; କିନ୍ତୁ ସ୍ୱାର୍ଥୀ କହିବାର ଅବକାଶ ଯଦି ଥାଏ, ତେବେ ଗୃହସ୍ଥ ବ୍ୟକ୍ତିକୁ କୁହାଯାଇପାରେ । ଅନ୍ୟର ବସ୍ତୁକୁ ନିଜର ମନେ କରିବାର ଅର୍ଥ ସ୍ୱାର୍ଥ । ନିଜେ ଏବଂ ସମଗ୍ର ସଂସାର ହେଲା ଭଗବାନଙ୍କର । ଭଗବାନଙ୍କ ବସ୍ତୁକୁ 'ମୁଁ' ଏବଂ 'ମୋର' ମନେ କରିବା ହେଲା ପ୍ରଥମ ସ୍ୱାର୍ଥ । 'ମୁଁ' ମନେ କରିବା ମାତ୍ରେ 'ମୋର' ଆସିବା ସ୍ୱାଭାବିକ । ମୁଁ ପୁତ୍ର, ମୋର ପିତାମାତା, ସମ୍ପତ୍ତି, ମହତ୍ତ୍ୱ, ମାନ, ଯଶଃ – ଏହାସବୁ ଯଥାର୍ଥରେ ମିଥ୍ୟା । ବ୍ୟକ୍ତିର ମନ, ପ୍ରାଣ, ଶରୀର ଓ ଆତ୍ମା ଆସିଛନ୍ତି ଭଗବାନଙ୍କଠାରୁ । ସେ ପ୍ରକୃତରେ ବ୍ୟକ୍ତି ନୁହେଁ, ଆତ୍ମା । ସେ ଯେଉଁମାନଙ୍କୁ ଏବଂ ଯେଉଁ ବସ୍ତୁକୁ ନିଜର ମନେକରେ ସେସବୁ ପୂର୍ବେ ନ ଥିଲେ, ପରେ ବି ରହିବେ ନାହିଁ, ବର୍ତ୍ତମାନ କେବଳ ଭ୍ରମବଶତଃ ମିଥ୍ୟା ଅଧିକାର ଆରୋପ କରାହୋଇଥାଏ । ପୂର୍ବେ ଭଗବାନଙ୍କର ଥିଲା, ପରେ ଭଗବାନଙ୍କର ରହିବ, ବର୍ତ୍ତମାନ ମଧ୍ୟ ଭଗବାନଙ୍କର ଅଛି । କାରଣ ଏକହିଁ ଭଗବାନ୍ ସୃଷ୍ଟି କରିବା ସକାଶେ ଭିନ୍ନ ଭିନ୍ନ ରୂପେ ପ୍ରକଟ ହୋଇଅଛନ୍ତି । ଯଥାର୍ଥରେ କିଏ କାହାର ପିତା ନା କିଏ କାହାର ପୁତ୍ର ! ଏହା ତ କେବଳ ଭ୍ରମ । ପ୍ରତ୍ୟେକ ବ୍ୟକ୍ତି କର୍ମ କରି ଦୁଃଖ-ସୁଖ ଭୋଗ କରି ନିଜ ନିଜର ବିକାଶ ସକାଶେ ଏହି ସଂସାରକୁ ଆସିଅଛନ୍ତି । ବ୍ୟକ୍ତି ଏହା ବୁଝି ନ ପାରି ଭ୍ରମରେ ଅନ୍ୟ ପ୍ରତି ଆସକ୍ତ ହୋଇ ସେମାନଙ୍କ ସେବାକୁ ନିଜ କର୍ତ୍ତବ୍ୟ ବୋଲି ମାନି ନେଇଅଛି । ଭଗବାନଙ୍କୁ ପ୍ରାପ୍ତ ହେବାକୁ ହେଲେ ଏହି ଅଜ୍ଞାନତାକୁ ତ୍ୟାଗ କରିବାକୁ ହେବ । କାରଣ ଭଗବାନ୍ ଜ୍ଞାନସ୍ୱରୂପ । ଜ୍ଞାନ ଏବଂ ଅଜ୍ଞାନର ଏକତ୍ୱ ଏକେବାରେ ଅସମ୍ଭବ । ଶେଷରେହିଁ ଏହି ଅଜ୍ଞାନକୁ ଦୂର କରିବାକୁ ହେବ । ଶେଷରେ ଯେଉଁ ବସ୍ତୁକୁ ତ୍ୟାଗ କରିବାକୁ ହୁଏ, ଆରମ୍ଭରୁ ତାହାକୁ ତ୍ୟାଗ କରିବା ଭଲ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଭଗବତ୍ ପ୍ରାପ୍ତି ଆବଶ୍ୟକ, କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ପରିବାର ତ୍ୟାଗ କରିବା ସମ୍ଭବ ନୁହେଁ । ଅତଏବ ଯେଉଁମାନେ ପରିବାର ତ୍ୟାଗ କରି ନ ପାରିବେ ସେମାନେ କର୍ତ୍ତବ୍ୟ ଦୃଷ୍ଟିରେ ଭଗବତ୍ ସେବାରୂପେ ଗାର୍ହସ୍ଥ୍ୟ ଧର୍ମ ପାଳନ କଲେ ଏହି ଆସକ୍ତିରୁ ମୁକ୍ତ ହୋଇ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୋଇପାରିବେ । କିନ୍ତୁ ସେମାନଙ୍କୁ ଲକ୍ଷ୍ୟରେ ନିଷ୍ଠା ରଖି ଆସକ୍ତିରୁ ମୁକ୍ତ ହେବା ସକାଶେ ଦୃଢ଼ ସଂକଳ୍ପ କରିବାକୁ ହେବ ।

*

ପ୍ରଶ୍ନ : ଉତ୍ତର ଠିକ୍ । କିନ୍ତୁ ଏଥିରେ ମନର ସନ୍ଦେହ ଦୂର ହେଉ ନାହିଁ । ସଂସାର ଭଗବାନଙ୍କର ହେଲେ ସମସ୍ତ କର୍ମ ଭଗବତ୍ ସେବା ହେବା ସ୍ୱାଭାବିକ । ଭଗବତ୍ ସେବାରୂପେ କର୍ମ କରି ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବା ବ୍ୟକ୍ତି ସହିତ ଭଗବତ୍ ସେବାବିମୁଖ ବ୍ୟକ୍ତିଙ୍କୁ କିପରି ସମାନ କରାଯିବ ?

ଉତ୍ତର : ତୁମ ପ୍ରଶ୍ନ ଯଦି ଠିକ୍ ହୁଏ, ତେବେ ସମସ୍ତ ସଂସାରୀ ବ୍ୟକ୍ତି ଯେଉଁସବୁ କର୍ମ କରୁଛନ୍ତି ସେ ସମସ୍ତ କର୍ମ ହୋଇଥା'ନ୍ତା ଭଗବାନଙ୍କ ସେବା, ସମସ୍ତେ ହୋଇଥା'ନ୍ତେ ଯୋଗୀ । ପ୍ରଥମ ଉତ୍ତରଟି ଠିକ୍‌ଭାବେ ବୁଝି ନ ପାରିବାରୁ ପୁନରାୟ ଏ ପ୍ରଶ୍ନ କରାହୋଇଛି । ତୁମେ ଯେଉଁ କର୍ମକୁ ଭଗବତ୍ ସେବା କହୁଛ ସେ କର୍ମ ପ୍ରକୃତରେ ଭଗବତ୍ ସେବା

ନୁହେଁ । ତାହାର ପଶ୍ଚାତ୍‌ରେ ଥାଏ ଆସକ୍ତି । ଗୃହତ୍ୟାଗୀ ବ୍ୟକ୍ତି ପରିବାର ପ୍ରତି କର୍ତ୍ତବ୍ୟକୁ ପରିତ୍ୟାଗ କରିବାରେ ଯଥାର୍ଥରେ ଭଗବତ୍ ସେବାବିମୁଖ ହୁଏ ନାହିଁ, ବରଂ ସଂକୀର୍ଣ୍ଣ, ବିମିଶ୍ର କର୍ତ୍ତବ୍ୟରୂପ ସ୍ୱାର୍ଥ ତ୍ୟାଗ କରି ବିଶ୍ୱରୂପ ଭଗବାନଙ୍କର ସେବା କରେ । ଏହି କର୍ମର ସ୍ୱରୂପକୁ ତୁମେ ବୁଝିପାରି ନ ଥିବାରୁ ଯଥାର୍ଥ ଉତ୍ତର ତୁମକୁ ଭ୍ରମାତ୍ମକ ବୋଧ ହେଉଛି । ବ୍ୟକ୍ତି ସଂସାରରେ ମୋହମାୟା, ଅଜ୍ଞାନରେ ପଡ଼ି ରହିବା ଉଦ୍ଦେଶ୍ୟରେ ଭଗବାନ୍ ସୃଷ୍ଟି କରି ନାହାନ୍ତି । ସୃଷ୍ଟି କରିଛନ୍ତି ବ୍ୟକ୍ତି ମୋହମାୟାରୁ ମୁକ୍ତ ହୋଇ ସଂସାରରେ ଭଗବାନଙ୍କୁ ପ୍ରକଟ କରିବା ସକାଶେ । ଏହି କାର୍ଯ୍ୟ ଯେଉଁ ବ୍ୟକ୍ତି କରେ ତାହା ଯଥାର୍ଥରେ ଭଗବାନଙ୍କ ସେବା । ସ୍ୱାର୍ଥ ହେଉଛି ଅଜ୍ଞାନତା । ଅଜ୍ଞାନ ଅବସ୍ଥାରେ ଭଗବାନ୍ କେବେ ବି ପ୍ରାପ୍ତ ହୁଅନ୍ତି ନାହିଁ । ପିତା, ମାତା, ସ୍ତ୍ରୀ, ପୁତ୍ର ପ୍ରତି ଆସକ୍ତି – ଏସବୁ ଅଜ୍ଞାନର ବନ୍ଧନ; ଏସବୁକୁ ତ୍ୟାଗ କରିବା ବ୍ୟକ୍ତି ପ୍ରକୃତରେ ସ୍ୱାର୍ଥପର ନୁହେଁ, ତା'ର ସମସ୍ତ କର୍ମ ନିଜ ସକାଶେ ନୁହେଁ, ଭଗବାନଙ୍କ ସକାଶେ । ଭଗବାନ୍ ହେଲେ ବିଶ୍ୱରୂପ, ଅତଏବ ଯୋଗୀର ସକଳ କର୍ମ ସଂସାରର ସକଳ ପ୍ରାଣୀ ସକାଶେ ।

ଏହାର ବିପରୀତ ଗାର୍ହସ୍ଥ୍ୟାଶ୍ରମ । ତୁମେ ଯେଉଁ ଗୃହସ୍ଥଙ୍କୁ ନିଃସ୍ୱାର୍ଥପର ବୋଲି କହୁଛ ତାହା ଏକେବାରେ ଭୁଲ୍; ମୋହ ଏବଂ ଆସକ୍ତିରେ ସେ ଜଡ଼ିତ, ଅର୍ଥାତ୍ ସ୍ୱାର୍ଥପର । ରୋଗୀ ତଥା ବୃଦ୍ଧ ପିତାମାତାଙ୍କର ସେବା, ପୁତ୍ରକନ୍ୟାଙ୍କୁ ପଢ଼ାଇଲେଖାଇ ଉପଯୁକ୍ତ କରିବା, ସ୍ତ୍ରୀକୁ ବସ୍ତ୍ରଭୂଷଣରେ ସୁସଜ୍ଜିତ କରିବା – ତୁମ ଦୃଷ୍ଟିରେ ଏସବୁ ବ୍ୟକ୍ତିର ନିଃସ୍ୱାର୍ଥପର କର୍ମ । କିନ୍ତୁ ଜଣେ ବ୍ୟକ୍ତିର ପିତା-ମାତା ଯେପରି ବୃଦ୍ଧ, ଯେପରି ରୋଗୀ, ତା' ଅପେକ୍ଷା ଅଧିକ ବୃଦ୍ଧ, ରୋଗଗ୍ରସ୍ତ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ସେବା କଥା ଦୂରେଥାଉ, ରହିବାକୁ ସ୍ଥାନ ନାହିଁ, ଖାଇବାକୁ କିଛି ନାହିଁ; ନିଜ ବାଳକବାଳିକାମାନଙ୍କ ଅପେକ୍ଷା ବହୁତ ବାଳକବାଳିକା ଦୁଃଖଦୈନ୍ୟରେ ଅଛନ୍ତି, ଖାଇବାକୁ, ପିନ୍ଧିବାକୁ ପାଉ ନାହାନ୍ତି; ବହୁ ମହିଳା ଅଛନ୍ତି ଯେଉଁମାନେ ଉଦରପୂର୍ଣ୍ଣ ପାଇଁ ଅନ୍ନ, ଅଙ୍ଗ ଆଚ୍ଛାଦନ କରିବାକୁ ବସ୍ତ୍ର ପାଉ ନାହାନ୍ତି, ସୁନ୍ଦର ବସ୍ତ୍ରଭୂଷଣ ତ ଦୂରର କଥା । ଏପରି ଲୋକଙ୍କୁ ତ ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି ସେବା କରନ୍ତି ନାହିଁ, କାରଣ ଏମାନଙ୍କ ପ୍ରତି ତାଙ୍କର ଆସକ୍ତି ନ ଥାଏ । ଯେଉଁମାନଙ୍କୁ ନିଜର ବୋଲି ସେ ମନେ କରନ୍ତି ସେହିମାନଙ୍କର ସେବା କରନ୍ତି, କାରଣ ତାଙ୍କର ନିଜତ୍ୱର ସ୍ୱାର୍ଥ ସେମାନଙ୍କ ପ୍ରତି ଥାଏ । ତୁମେ ଯାହାକୁ ନିଃସ୍ୱାର୍ଥ କର୍ତ୍ତବ୍ୟ ବୋଲି କହୁଛ ପ୍ରକୃତରେ ତାହା ପଶ୍ଚାତ୍‌ରେ ଥାଏ ସ୍ୱାର୍ଥ ଓ ଆସକ୍ତି । ଏହି ଆସକ୍ତି ବିନଷ୍ଟ ହୁଏ ଭଗବାନଙ୍କ ସହିତ ବ୍ୟକ୍ତି ଏକତ୍ୱପ୍ରାପ୍ତି କରିବାରେ । ସେତେବେଳେ ଆଉ କର୍ତ୍ତବ୍ୟ-କର୍ମର ଧାରଣା ନ ଥାଏ, ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମଦୃଷ୍ଟି ଥାଏ । ଯେପରି ବ୍ୟକ୍ତିର ମସ୍ତକ ଏବଂ ହସ୍ତ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ, ସେ ଚାହେଁ ଉଭୟର ପରିପୁଷ୍ଟି । କିନ୍ତୁ ମସ୍ତକ ଉପରେ ପ୍ରହାର ହେଲେ ମସ୍ତକର ରକ୍ଷା ସକାଶେ ପ୍ରଥମେ ବ୍ୟକ୍ତି ହସ୍ତ ଉପରେ ପ୍ରହାର ସହ୍ୟ କରି ମସ୍ତକକୁ ରକ୍ଷାକରେ । ଠିକ୍ ସେହିପରି ଜ୍ଞାନ ଅବସ୍ଥାରେ ବ୍ୟକ୍ତି ଯଦି ନିଜ ପରିବାରର ସେବା କରେ, ସମସ୍ତ ସଂସାରର ସେବା ନ କରେ ତଥାପି ସେଥିରେ ତା'ର ଆସକ୍ତି ନ ଥାଏ କିଂବା କର୍ତ୍ତବ୍ୟବୋଧ ନ ଥାଏ; ସେଥିରେ ତା'ର ପୁଣ୍ୟ ବା ପାପ ହୁଏ ନାହିଁ । ଏହି ଅବସ୍ଥାରେ କର୍ତ୍ତବ୍ୟବୋଧର ପ୍ରଶ୍ନ ଉଠେ ନାହିଁ । ସେତେବେଳେ ବ୍ୟକ୍ତିର ଚେତନାରେ ଏବଂ ଦୃଷ୍ଟିରେ ସମସ୍ତ ପ୍ରାଣୀ ଆତ୍ମସ୍ୱରୂପ । କର୍ତ୍ତବ୍ୟପାଳନ ହେଉଛି ନୈତିକ ଧର୍ମ । ଅଧ୍ୟାତ୍ମ ଧର୍ମ ଏହାର ବହୁ ଊର୍ଦ୍ଧ୍ୱରେ । ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରିଥିବା ବ୍ୟକ୍ତିର ନୈତିକ ଧର୍ମ ପରିତ୍ୟାଗ କରିବାରେ କୌଣସି ଦୋଷ ନ ଥାଏ । ମନୁଷ୍ୟ ଯେତେ ଉଚ୍ଚତର ଚେତନାରେ ପ୍ରବେଶ କରେ ତା'ର ନିମ୍ନ ଧର୍ମସବୁ ଅସତ୍ୟ ହୋଇଯାଏ । ଯାହା ଅସତ୍ୟ ତାହା ତ୍ୟାଗ କରିବାରେ ଦୋଷ ବା ଅପରାଧ ହେବ କିପରି ?

ଯେପରି ଗାର୍ହସ୍ଥ୍ୟାଶ୍ରମରେ ଥିବା ବ୍ୟକ୍ତି ପିତାମାତାଙ୍କ ସେବା କିଂବା ସେମାନଙ୍କ ମୃତ୍ୟୁ ପରେ ଶ୍ରାଦ୍ଧ ଇତ୍ୟାଦି କର୍ମ ନ କଲେ ପତିତ ହୁଏ, କିନ୍ତୁ ସେହି ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରିବା ପରେ ସେହି କର୍ମ କଲେ ପତିତ ହୁଏ ।

ପ୍ରତ୍ୟକ୍ଷରୂପେ ଆମେ ଦେଖୁଥାଉ, ଚୈତନ୍ୟ ମହାପ୍ରଭୁ ବୃଦ୍ଧା ମାତା, ଯୁବତୀ ସ୍ତ୍ରୀକୁ ଛାଡ଼ି ସନ୍ନ୍ୟାସ ନେଇଥିଲେ । ସମର୍ଥ ରାମଦାସ ବାରବର୍ଷ ବୟସରେ ବିବାହ-ବେଦୀରେ ବସିଥିବା ସମୟରେ ପୁରୋହିତ କହିଦେଲେ, ''ସାବଧାନ ହୁଅ'', ଏହା ଶୁଣି ସେ ଏପରି ସାବଧାନ ହେଲେ ଯେ ସେଠାରୁ ସେହି ମୁହୂର୍ତ୍ତରେ ଦୌଡ଼ି ପଳାଇଲେ । ତାଙ୍କ ପଛରେ କେତେଜଣ ଦୌଡ଼ି ତାଙ୍କୁ ଧରି ନ ପାରି ଫେରି ଆସିଲେ, ସେ ପରିବାର ସେବା ନ କରି ବୃଦ୍ଧା ମାତାଙ୍କୁ ଛାଡ଼ି ସନ୍ନ୍ୟାସ

ନେଲେ । ତୁଳସୀଦାସ ପତିବ୍ରତା ସ୍ତ୍ରୀକୁ ଛାଡ଼ି ଚାଲିଯାଇଥିଲେ । ଏମାନଙ୍କୁ ଆଜି କେହି ପତିତ ନ କହି ପୂଜା କରୁଅଛନ୍ତି ।

କିନ୍ତୁ ପିତାମାତା ତଥା ପରିବାରର ସେବା ନୈତିକ ଧର୍ମ; ଏହାଦ୍ୱାରା ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରାଯାଏ । ଗାର୍ହସ୍ଥ୍ୟ ଧର୍ମ ପାଳନପୂର୍ବକ ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରିବା ଗୋଟିଏ ମାର୍ଗ । ବୈରାଗ୍ୟବାନ୍ ବ୍ୟକ୍ତି ଗୃହ, ପରିବାର ତ୍ୟାଗ କରି ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରିବା ଅନ୍ୟ ଏକ ମାର୍ଗ । ଏହି ମାର୍ଗଦ୍ୱୟ ଠିକ୍ । ମନୁଷ୍ୟର ସ୍ୱଭାବ ଅନୁସାରେ ଯେଉଁ ମାର୍ଗଟି ଯାହାର ଅନୁକୂଳ ହୁଏ ସେ ସେହି ମାର୍ଗ ଅନୁସରଣ କରିପାରେ । ପ୍ରତ୍ୟେକ ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ ହେଲା ଭଗବତ୍ ପ୍ରାପ୍ତି । ଏହାଛଡ଼ା ଜୀବନ ମୂଲ୍ୟହୀନ ଏବଂ ଦୁଃଖପୂର୍ଣ୍ଣ । ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଏକମାତ୍ର ମାର୍ଗ ଭିନ୍ନ । ଏହି କାରଣରୁ ଗାର୍ହସ୍ଥ୍ୟାଶ୍ରମରେ ରହି ଯୋଗଯୁକ୍ତ ବ୍ୟକ୍ତିଙ୍କୁ ଗୃହତ୍ୟାଗୀ ଯୋଗୀ ଅପେକ୍ଷା ଶ୍ରେଷ୍ଠ ଏବଂ ଗୃହତ୍ୟାଗୀ ଯୋଗୀଙ୍କୁ ସ୍ୱାର୍ଥପର କୁହାଯାଇ ନ ପାରେ ।

*

ପ୍ରଶ୍ନ : ଏହି ଉତ୍ତର ଯୁକ୍ତିଯୁକ୍ତ । ମାତ୍ର ବଡ଼ ବଡ଼ ବିଦ୍ୱାନ୍, ପଣ୍ଡିତ ବ୍ୟକ୍ତି କହନ୍ତି, ''ସଂସାରରେ ରହି ସଂସାରର କର୍ମ କରିବା ଶ୍ରେଷ୍ଠ, ସନ୍ନ୍ୟାସ ମାର୍ଗ ପଳାୟନ ଏବଂ ସ୍ୱାର୍ଥପୂର୍ଣ୍ଣ । ଏଥିରେ ଯଦି ସତ୍ୟତା ନ ଥା'ନ୍ତା, ତେବେ ଏତେ ବଡ଼ ବଡ଼ ବିଦ୍ୱାନ୍, ପଣ୍ଡିତ, ନେତାମାନେ ଏହା କିପରି କହନ୍ତେ ?

ଉତ୍ତର : ପଣ୍ଡିତ, ବିଦ୍ୱାନ୍, ନେତାମାନେ ଯାହା କହନ୍ତି କ'ଣ ତାହାସବୁ ସତ୍ୟ ? ସେମାନେ ଯାହା କହନ୍ତି କ'ଣ ତାହା କରନ୍ତି ? ବିଶେଷତଃ ଆଜିକାଲି ନେତାମାନଙ୍କ ହୃଦୟରେ ଯାହା ଥାଏ, ସେମାନେ କହନ୍ତି ଠିକ୍ ତାହାର ବିପରୀତ, କରନ୍ତି କହିବାର ପୂର୍ଣ୍ଣ ବିରୋଧରେ । ଅନ୍ୟ ପକ୍ଷରେ ଭଗବାନଙ୍କର ସୃଷ୍ଟି ହେଲା ବୈଚିତ୍ର୍ୟପୂର୍ଣ୍ଣ । ଏଥିରେ ସକଳ ପ୍ରକାର, ସକଳ ଶ୍ରେଣୀର ବ୍ୟକ୍ତିଙ୍କ ଆବଶ୍ୟକ । କିନ୍ତୁ ବୁଦ୍ଧିପ୍ରଧାନ ବ୍ୟକ୍ତିର ବୁଦ୍ଧି ସୀମିତ ଏବଂ ଅର୍ଦ୍ଧଦୀପ୍ତ । ମନୁଷ୍ୟ କେତେ ପଣ୍ଡିତ, କେତେ ବିଦ୍ୱାନ୍, କେତେ ବୁଦ୍ଧିମାନ୍ ହେଉ, ସେ ଯେପର୍ଯ୍ୟନ୍ତ ସୀମିତ ମନ ସ୍ତରରେ ଥାଏ, ମନ ତା'ର ସର୍ବସ୍ୱ ହୋଇଥାଏ, ସେପର୍ଯ୍ୟନ୍ତ ସେ ମନର ପରପାର ବସ୍ତୁ ସମ୍ବନ୍ଧେ ଅଚେତ ରହିଥାଏ । ଏହି ଭୌତିକ ବସ୍ତୁ ସମ୍ବନ୍ଧେ ତ ସେମାନଙ୍କର ଯଥାର୍ଥ ଜ୍ଞାନ ନ ଥାଏ, ପୁଣି ଅଜ୍ଞେୟ ଅଧ୍ୟାତ୍ମ ସତ୍ୟ ସମ୍ବନ୍ଧେ ସେମାନଙ୍କର ଯଥାର୍ଥ ଜ୍ଞାନ ଆସିବ କେଉଁଠୁ ? ଅର୍ଥାତ୍ ସେମାନେ ଭୌତିକ ବସ୍ତୁ ସମ୍ବନ୍ଧରେ ଯଥାଯଥ କିଛି କହିବାକୁ ଅକ୍ଷମ, ପୁଣି ଅଧ୍ୟାତ୍ମ ସତ୍ୟ ସମ୍ବନ୍ଧରେ ଯାହା କହନ୍ତି ତାହା କିପରି ସତ୍ୟ ହେବ ? ଡାକ୍ତର, ବିଜ୍ଞାନବେତ୍ତା ଶହେବର୍ଷ ପୂର୍ବେ ଯାହାକୁ ସତ୍ୟ ବୋଲି କହୁଥିଲେ ଆଜି ତାହା ଅସତ୍ୟ ବୋଲି ପ୍ରମାଣ କରୁଛନ୍ତି । ଆଜି ଯାହା ଅସତ୍ୟ ବୋଲି କହୁଛନ୍ତି, କିଛି ବର୍ଷପରେ ତାହା ସତ୍ୟ ବୋଲି କହିବେ ।

କମ୍ୟୁନିଷ୍ଟମାନଙ୍କ ମତରେ ତଥା ବିଶିଷ୍ଟ ବୁଦ୍ଧିପ୍ରଧାନ ବ୍ୟକ୍ତିଙ୍କ ମତରେ ଭଗବାନ୍ ବୋଲି କୌଣସି ସତ୍ୟସତ୍ତା ନାହିଁ । ଏହା କ'ଣ ସତ୍ୟ ? ଏହି କମ୍ୟୁନିଷ୍ଟମାନଙ୍କ ମଧ୍ୟରୁ ବହୁତ ବ୍ୟକ୍ତି ତୀବ୍ରଭାବେ ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି, ଅସ୍ୱୀକାର କରିବା ସମୟରେ ପ୍ରମାଣ ଏବଂ ଯୁକ୍ତିର ଝଡ଼ ଲଗାଇ ଦିଅନ୍ତି; କିନ୍ତୁ ସେହି ବ୍ୟକ୍ତି କିଛି ଦିନ ପରେ ଅଧ୍ୟାତ୍ମ ସାଧନା କରନ୍ତି ଏବଂ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧେ ହଜାର ପ୍ରମାଣ ଦେଇଦିଅନ୍ତି । ସ୍ୱାମୀ ବିବେକାନନ୍ଦ ପ୍ରଥମେ ନାସ୍ତିକ ଥିଲେ; ଶେଷରେ ମା', ଭାଇ, ବନ୍ଧୁ ସମସ୍ତଙ୍କୁ ତ୍ୟାଗ କଲେ, ତୁମ ଦୃଷ୍ଟିରେ ଯାହା କର୍ତ୍ତବ୍ୟ ସେସବୁକୁ ସେ ବିନା ଦ୍ୱିଧାରେ ବର୍ଜନ କରି ସନ୍ନ୍ୟାସ ଗ୍ରହଣ କରିଥିଲେ ।

ମନୁଷ୍ୟ ଯେପର୍ଯ୍ୟନ୍ତ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ନ ହୋଇଥାଏ ସେପର୍ଯ୍ୟନ୍ତ ସେ ଅଜ୍ଞାନରୁ ମୁକ୍ତ ହୁଏ ନାହିଁ, ସେପର୍ଯ୍ୟନ୍ତ ସେ ମନର ଅତୀତ ବସ୍ତୁର ଜ୍ଞାନ ପ୍ରାପ୍ତ କରି ନ ଥାଏ, ସୂକ୍ଷ୍ମ ବସ୍ତୁ ସମ୍ବନ୍ଧେ କେବଳ ଅନୁମାନରେ ମତ ଦିଏ । ଅନୁମାନ କେବେ ସତ୍ୟ ତ କେବେ ମିଥ୍ୟା ହୁଏ । ଏହିପରି ବୁଦ୍ଧିପ୍ରଧାନ ବ୍ୟକ୍ତି ଯାହା କହିବେ ତାହା 'ବେଦର ଗାର' ହୋଇ ନ ପାରେ ।

ଏହାର କାରଣ ହେଉଛି, ସଂସାରରେ ବହୁପ୍ରକାର ବ୍ୟକ୍ତିଙ୍କର ଆବଶ୍ୟକ । ବହୁ ପ୍ରକାରର ବ୍ୟକ୍ତି ନ ହେଲେ

ସଂସାର ଚଳିବ ନାହିଁ । ସଂସାର ମାୟା ଏବଂ ମୋହରେ ଗ୍ରସ୍ତ । ଏହି ଅଜ୍ଞାନ ଅବସ୍ଥାରେ ମନୁଷ୍ୟ ଯେଉଁ କର୍ମକୁ ଶ୍ରେଷ୍ଠ ତଥା ସତ୍ୟ ମନେ ନ କରେ ସେ କର୍ମକୁ ସେ ଭଲରୂପେ ସମ୍ପାଦନ କରିପାରେ ନାହିଁ । ସେହି କାରଣରୁ ଭଗବାନଙ୍କ ମାୟା ପ୍ରଭାବରେ ବ୍ୟକ୍ତି ଯେଉଁ ଚେତନାରେ ଥାଏ, ଯେଉଁ କାର୍ଯ୍ୟ କରେ, ତାହାକୁ ସତ୍ୟ ବୋଲି କହେ । କିନ୍ତୁ ସେ କାର୍ଯ୍ୟ ସେହି ସମୟରେ ତାହାରି ସକାଶେ ସତ୍ୟ ଏବଂ ଶ୍ରେଷ୍ଠ । ସେହି ବ୍ୟକ୍ତି ସେହି ସମୟରେ ସେ କର୍ମ ତ୍ୟାଗ କରିବାରେ ଅସମର୍ଥ । କିନ୍ତୁ ସେହି କର୍ମ ଜଣେ ଉଚ୍ଚତର ଚେତନାରେ ସ୍ଥିତ ବ୍ୟକ୍ତି ସକାଶେ ସତ୍ୟ ହୋଇପାରେ ନାହିଁ ।

*

ପ୍ରଶ୍ନ : ଉତ୍ତର ବହୁତ ଯୁକ୍ତିଯୁକ୍ତ । ମାତ୍ର ଏହା ପୁରାତନ ଯୋଗ ସକାଶେ ଠିକ୍, ଶ୍ରୀଅରବିନ୍ଦଙ୍କ ଯୋଗରେ ସଂସାରର ସମସ୍ତ କର୍ମକୁ ଗ୍ରହଣ କରାହୋଇଛି । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମ ଏବଂ ସଂସାର ତ୍ୟାଗର ପ୍ରଶ୍ନ ନ ଥାଏ, ତେବେ ପରିବାର ତଥା ପରିବାର ପ୍ରତି କର୍ତ୍ତବ୍ୟ ତ୍ୟାଗର ପ୍ରଶ୍ନ କେଉଁଠି ?

ଉତ୍ତର : ତୁମ ପ୍ରଶ୍ନଟି ଯଦି ଯୁକ୍ତିଯୁକ୍ତ ହୁଏ, ତେବେ ସଂସାରର ସମସ୍ତ ଗୃହସ୍ଥ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ହୋଇଥା'ନ୍ତେ, ଫେର୍ ଶ୍ରୀଅରବିନ୍ଦ ଆଶ୍ରମର କୌଣସି ଆବଶ୍ୟକତା ନ ଥିଲା, ଆଉ ତୁମେ ମଧ୍ୟ ପ୍ରଶ୍ନ କରିବା କଷ୍ଟରୁ କ୍ଷାନ୍ତ ହୋଇଥାଆନ୍ତ ।

ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ଅଜ୍ଞାନ-ପ୍ରସୂତ ପ୍ରାଣର ଆସକ୍ତିକୁ ଚରିତାର୍ଥ କରିବା ନୁହେଁ, ସ୍ୱୟଂ ମନ, ପ୍ରାଣ, ଶରୀରକୁ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବା । ଏ ସକାଶେ ସାଧନାର ଆରମ୍ଭରୁ ଅଜ୍ଞାନ ଏବଂ ଆସକ୍ତିକୁ ରୂପାନ୍ତର କରିବା ସକାଶେ ପ୍ରଯତ୍ନ କରିବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକକୁ ସୀମିତ ମନର ସିଦ୍ଧାନ୍ତରେ ପରିବାରର ସୀମାରେ ବନ୍ଦୀ ହୋଇ ପରିବାର ସେବା କରିବାକୁ ହେବ ନାହିଁ, ପୂର୍ଣ୍ଣତଃ ନିଜେ ଏବଂ ନିଜର ଯାହା କିଛି ସେସବୁକୁ ନିଃଶେଷରେ ଭଗବାନଙ୍କ ଚରଣରେ ନିବେଦନ କରି ତାଙ୍କର ଯନ୍ତ୍ର ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ କର୍ମ କରିବାକୁ ହେବ ଏବଂ ସମଗ୍ର ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବାକୁ ହେବ । ଭଗବାନ୍ ସମଗ୍ର ବିଶ୍ୱରେ ବ୍ୟାପ୍ତ । ଭଗବାନଙ୍କ ସେବାର ଅର୍ଥ ସମଗ୍ର ବିଶ୍ୱର ସେବା । ଶ୍ରୀଅରବିନ୍ଦଙ୍କ ଯୋଗରେ ମଧ୍ୟ ସେହି ଏକହିଁ କଥା । ମନୁଷ୍ୟ ନିଜ ନିଜ ସ୍ୱଭାବ ଏବଂ ଆତ୍ମାର ନିର୍ଦ୍ଧାରଣ ଅନୁସାରେ ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିପାରେ ଅଥବା ଗୃହତ୍ୟାଗ କରି ସାଧନା କରିପାରେ । ଗାର୍ହସ୍ଥ୍ୟାଶ୍ରମ ତ୍ୟାଗରେ ଯେପରି କୌଣସି ଦୋଷ ନାହିଁ, ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିବାରେ ମଧ୍ୟ କୌଣସି ବିଶେଷତ୍ୱ ନାହିଁ । ଏହା ନିର୍ଭର କରେ ମନୁଷ୍ୟର ସ୍ୱଭାବ ଉପରେ । ବ୍ୟକ୍ତି ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରୁ କିଂବା ଗୃହତ୍ୟାଗ କରି ସାଧନା କରୁ, ଉଭୟ କ୍ଷେତ୍ରରେ ମୋହ, ଆସକ୍ତି ପ୍ରଭୃତି ପ୍ରତିକୂଳ ବୃତ୍ତିକୁ ତ୍ୟାଗ କରିବାକୁହିଁ ହୁଏ । ପୁଣି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପୂର୍ଣ୍ଣରୂପେ ମାନସିକ, ପ୍ରାଣିକ ଓ ଶାରୀରିକ ମୋହ, ଆସକ୍ତିକୁ ବର୍ଜନ କରି ସେସବୁକୁ ଦିବ୍ୟରୂପ ଦେବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଆସକ୍ତି ବଶରେ କର୍ମ କରିବାକୁ ହୁଏ ନାହିଁ । ପୂର୍ଣ୍ଣରୂପେ ଆସକ୍ତିକୁ ରୂପାନ୍ତର କରିବାକୁ ହୁଏ ।

*

ପ୍ରଶ୍ନ : ଏହିସବୁ ପ୍ରଶ୍ନୋତ୍ତରରୁ ଏହା ନିଷ୍କର୍ଷ ହେଉଛି ଯେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । କିନ୍ତୁ ଗୃହତ୍ୟାଗ ମାର୍ଗରେ ଏହା ପ୍ରାପ୍ତ ହୁଏ ଶୀଘ୍ର ତଥା ସହଜରେ । ଅତଏବ ଯେଉଁମାନେ ଭଗବତ୍ ପ୍ରାପ୍ତି, ପୂର୍ଣ୍ଣ ରୂପାନ୍ତର ଚାହାନ୍ତି ସେମାନେ ଗୃହତ୍ୟାଗ କରି ସାଧନାରେ ଲାଗିପଡ଼ିବା ଉଚିତ । ଏହା କ'ଣ ଠିକ୍ ନୁହେଁ ?

ଉତ୍ତର : ଏକେବାରେ ନୁହେଁ । ଗୃହତ୍ୟାଗ ମାର୍ଗ ସହଜ ନୁହେଁ, ଭୟଙ୍କର କଠିନ, ପଦେ ପଦେ ବାଧାବିଘ୍ନ ଆସେ, ସାଧନା ଦ୍ୱାରା ଏକ ଏକ ଇଞ୍ଚ ଭୂମି ଜୟ କରିବାକୁ ହୁଏ ମହା ସଂଘର୍ଷ କରି । ସାଧକର ବିବେକ, ବୈରାଗ୍ୟ ପର୍ଯ୍ୟାପ୍ତ ନ ଥିଲେ, ଟିକିଏ ଅସାବଧାନ ହେଲେ ଅଧ୍ୟାତ୍ମ-ମାର୍ଗଚ୍ୟୁତ ହେବା ସ୍ୱାଭାବିକ । ଏପରି ବ୍ୟକ୍ତି ସକାଶେ ସାଂସାରିକ ଜୀବନ ତଥା ଅଧ୍ୟାତ୍ମ ଜୀବନ ଉଭୟ ଦୁଃଖପ୍ରଦ ହୁଏ । ସଂସାରରେ ସୁଖ ମିଳେ ନାହିଁ କିଂବା ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତି ହୁଏ ନାହିଁ । ସେ ସଂସାରରେ ରହିପାରେ ନାହିଁ କିଂବା ସାଧନା କରିପାରେ ନାହିଁ ।

ବ୍ୟକ୍ତିର ସ୍ୱାଭାବିକ ଭାବେ ଆସକ୍ତି ଥାଏ ପରିବାର, ନିଜ ଶରୀର, ଧନ-ସଂପତ୍ତି, ମାନ-ଯଶଃ ଆଦିରେ । ବ୍ୟକ୍ତି ଗୃହତ୍ୟାଗ କରିବା ଦ୍ୱାରା ସ୍ଥୂଳରୂପେ ଏସବୁକୁ ତ୍ୟାଗ କରେ, କିନ୍ତୁ ତୀବ୍ର ବୈରାଗ୍ୟ ନ ଥିଲେ ମାନସିକ, ପ୍ରାଣିକ ଆସକ୍ତି ଏସବୁରେ ଥାଏ । ଏସବୁକୁ ସ୍ଥୂଳରୂପେ ଭଗବାନଙ୍କ ଆଶ୍ରୟ ମିଳେ ନାହିଁ । ପରମାନନ୍ଦ ସ୍ୱରୂପ ଭଗବାନଙ୍କର ଆଶ୍ରୟ ନେବାର ଅଭ୍ୟାସ ଏସବୁର ନ ଥାଏ । ନିମ୍ନ ପ୍ରକୃତିର ବିଷୟ ତ୍ୟାଗ, ଭଗବାନଙ୍କ ପ୍ରତି ଆସକ୍ତି ହେବା ପୂର୍ବର ଅବସ୍ଥା ଭୀଷଣ ଭୟଙ୍କର । ଏହି ଅବସ୍ଥାରେ ସାଧକ ଯଦି ଭଗବାନଙ୍କ ଆଶ୍ରୟ ପୂର୍ଣ୍ଣରୂପେ ନ ନିଏ, ଲକ୍ଷ୍ୟ ପ୍ରତି ଦୃଢ଼ ନିଷ୍ଠା ନ ରଖେ, ସ୍ଥୂଳ ଏବଂ ସୂକ୍ଷ୍ମ ଇନ୍ଦ୍ରିୟର ବିଷୟ ସଂଯମ କରିବାରେ ପୂର୍ଣ୍ଣରୂପେ ଦୃଢ଼ ସଂକଳ୍ପବଦ୍ଧ ନ ହୁଏ, ତେବେ ସାଧକର ପତନ ହୋଇପାରେ । ଭଗବାନଙ୍କ କୃପାରୁ ଯଦି ପତନ ନ ହୁଏ, ତେବେ ତୀବ୍ର ବୈରାଗ୍ୟ, ଶୁଦ୍ଧ ବିବେକ ନ ଥିଲେ ସେ ସାଧନାରେ ଅଗ୍ରସର ହୋଇପାରେ ନାହିଁ । ଏହି ସମୟରେ ବ୍ୟକ୍ତି ପ୍ରାଣପଣେ ସଜାଗ ହୋଇ ସଂଯମ କରିପାରିଲେ ତା'ର ନିମ୍ନମୁଖୀ ବୃତ୍ତିସମୂହକୁ ଅନ୍ୟ ଆଶ୍ରୟ ମିଳେ ନାହିଁ, ଏବଂ ସେମାନେ ବିନା ଆଶ୍ରୟରେ ରହିପାରନ୍ତି ନାହିଁ, ଶେଷରେ ବାଧ୍ୟ ହୋଇ ଭଗବତ୍ ଅଭିମୁଖୀ ହୁଅନ୍ତି ଏବଂ ଦିବ୍ୟାନନ୍ଦ, ଦିବ୍ୟ ଶାନ୍ତି, ଦିବ୍ୟ ଜ୍ଞାନ, ପରାଭକ୍ତି ପ୍ରାପ୍ତ ହୁଅନ୍ତି । ଭଗବତ୍ ଆନନ୍ଦ ପ୍ରାପ୍ତ ହେଲେ ବିଷୟାନନ୍ଦ ତୁଚ୍ଛ, ନଗଣ୍ୟ ପ୍ରତୀତ ହୁଏ । ଏହିପରି ସାଧକମାନେ କୋଟି କୋଟି ଜନ୍ମର ବିକାଶ ଏକ ଜନ୍ମରେ କରି ନିଅନ୍ତି, କୋଟି କୋଟି ଜନ୍ମର ଦୁଃଖଦ୍ୱନ୍ଦ୍ୱ ଗୋଟିଏ ଜନ୍ମରେ ପାର ହୋଇଯାଆନ୍ତି । ଏହି ସାଧକମାନଙ୍କ ଦ୍ୱାରା ଯଥାର୍ଥରେ ନିଜର, ପରିବାରର, ଦେଶର, ଜଗତର ହିତ ସାଧିତ ହୁଏ । ସାଧକର ଗୃହତ୍ୟାଗ ଏବଂ ଭଗବତ୍ ପ୍ରାପ୍ତିର ପୂର୍ବ ଅବସ୍ଥା – ଏହି ସନ୍ଧିକାଳ ମହାନ୍ ବିପଜ୍ଜନକ । ସେତେବେଳେ ସାଧକ ନଦୀ ତୀରରେ ଛିଡ଼ା ହୋଇଥାଏ, ଟିକିଏ ଅସାବଧାନ ହେଲେ ନଦୀ ଗର୍ଭରେ ପଡ଼ିଯାଏ; ଭଗବାନଙ୍କ କୃପାରୁ ରକ୍ଷା ହେଲେ ପରମାନନ୍ଦ ପ୍ରାପ୍ତି କରିପାରେ । ସବୁ ସମୟରେ, ସବୁ ସ୍ଥାନରେ ଉତ୍ତମ କର୍ମ କରିବାକୁ ଉତ୍ତମ ବସ୍ତୁ ପ୍ରାପ୍ତ ହେବାକୁ ହେଲେ ଉତ୍ତମ ମୂଲ୍ୟ ଦେବାକୁ ହୁଏ । ଅତଏବ ଗୃହତ୍ୟାଗ କରି ଅଧ୍ୟାତ୍ମ ମାର୍ଗ ଗ୍ରହଣ କରିବା କଦାପି ସହଜ ନୁହେଁ, ସରଳ ନୁହେଁ । ଯେଉଁମାନଙ୍କର ବୈରାଗ୍ୟ ତୀବ୍ର, ବାଧା-ବିପତ୍ତିର ସମ୍ମୁଖୀନ ହେବା ପାଇଁ ଅଟଳ ଧୈର୍ଯ୍ୟ ଓ ସାହସ ଥାଏ, ଯେଉଁମାନଙ୍କର ସଂକଳ୍ପ ଅବିକମ୍ପିତ, ଯେଉଁମାନେ ପଶ୍ଚାତ୍‌ପଦ ନ ହୋଇ ଅଗ୍ରସର ହେବାକୁ ଦୃଢ଼ ନିଶ୍ଚୟ କରଥା'ନ୍ତି, ସେହିମାନେହିଁ ଗୃହତ୍ୟାଗ କରି ଅଧ୍ୟାତ୍ମ ମାର୍ଗ ଗ୍ରହଣ କରିବା ଉଚିତ । ଅନ୍ୟଥା ବ୍ୟକ୍ତି ଦୁଇକୂଳ ହରାଇ ମଝି ନଈରେ ଭାସେ ।

ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିବା ଗୃହତ୍ୟାଗ କରି ସାଧନା କରିବା ଅପେକ୍ଷା ସହଜ, ଯଦିଓ ଆଶୁ ଫଳପ୍ରସୂ ନୁହେଁ । ସେଥିରେ ବିବେକ, ବୈରାଗ୍ୟ ନ ଥିଲେ ଚଳିଯାଇପାରେ । କିନ୍ତୁ ଗୋଟିଏ ଜନ୍ମର କର୍ମରେ ହଜାର ହଜାର ଜନ୍ମ ଲାଗିଯାଇପାରେ । କାରଣ ଭଗବତ୍ ପ୍ରାପ୍ତି ସକାଶେ ନିମ୍ନ ପ୍ରକୃତିର କ୍ରିୟା ମୋହମାୟା, ଆସକ୍ତିକୁ ପୂର୍ଣ୍ଣରୂପେ, ନିଃଶେଷରେ ବର୍ଜନ ଏବଂ ସେସବୁର ପୂର୍ଣ୍ଣ ରୂପାନ୍ତର କରିବାକୁ ହୁଏ । ଗୃହରେ ଏହି ପ୍ରତିକୂଳ ବସ୍ତୁ ସୁଲଭ । ଏହିସବୁ ବସ୍ତୁର ଆସକ୍ତି ଦୂର କରି ଭଗବାନଙ୍କ ପ୍ରତି ଫେରାଇବା ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ହୁଏ ଏବଂ ଅନେକ ସମୟ ଲାଗିପାରେ । ଅବଶ୍ୟ ଅଧିକ ସମୟ ଲାଗିଲେ କିଛି ଯାଏ ଆସେ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ଭଗବତ୍ ପ୍ରାପ୍ତି କରିବାକୁ ହେବ । ଭଗବତ୍ ପ୍ରାପ୍ତି ବିନା ଜନ୍ମ-ମରଣର ଦୁଃଖକଷ୍ଟ ଦୂର ହେବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ପରିବାର ତ୍ୟାଗ ସମ୍ଭବ ନୁହେଁ । ଏହି ସକାଶେ ସଂସାରରେ ରହି ନୈତିକତା ପାଳନପୂର୍ବକ ଆଧ୍ୟାତ୍ମିକତାରେ ପ୍ରବେଶ କରିବା ଭଲ । ଯଦ୍ୟପି ଏହି ମାର୍ଗରେ ଦୀର୍ଘ ସମୟ ଲାଗେ ତଥାପି ନିରାପଦ, ବାଧା-ବିପତ୍ତିର ତୀବ୍ରତା କମ୍ । କିନ୍ତୁ ନୈତିକତା ପୂର୍ଣ୍ଣରୂପେ ପାଳନ କରିବାକୁ ହୁଏ ।

ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ତୃତୀୟ ଭାଗ)

ସୂଚନା

'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ'ମାଳାରେ ''ଯୋଗ ଓ ଜୀବନ'' ଶିରୋନାମାରେ ପ୍ରଶ୍ନୋତ୍ତର ଆକାରରେ ପ୍ରଥମ ଓ ଦ୍ୱିତୀୟ ଭାଗ ପ୍ରକାଶ ପାଇବା ପରେ ଏହା ତା'ର ତୃତୀୟ ଭାଗ ରୂପେ ପ୍ରକାଶିତ ହେଲା । ଏହି ପ୍ରଶ୍ନୋତ୍ତରଗୁଡ଼ିକ ପ୍ରଥମେ 'ନବଜ୍ୟୋତି'ର ବିଭିନ୍ନ ସଂଖ୍ୟାରେ ପ୍ରକାଶ ପାଇଥିଲା, ଏଠାରେ ସେଗୁଡ଼ିକୁ ସଂଶୋଧିତ ଏବଂ କେତେକ ସ୍ଥଳରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଆକାରରେ ପ୍ରକାଶ କରାଯାଇଛି । ଯୋଗର ବିଭିନ୍ନ ମାର୍ଗ – ଭକ୍ତି, ଗୁରୁନିଷ୍ଠା, ନାମଜପ, ଧ୍ୟାନ ଏବଂ ପରିଶେଷରେ ସାଧନା-କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅନ୍ୟାନ୍ୟ କେତେକ ପ୍ରଶ୍ନର ଉତ୍ତର ଏଥିରେ ସହଜ ଭାଷା ତଥା ସରଳ ପ୍ରଣାଳୀରେ ବ୍ୟାଖ୍ୟା କରାଯାଇଛି । ପ୍ରାଥମିକ ସ୍ତରର ସାଧକମାନଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେବ ବୋଲି ଆଶାକରୁ ।

– ପ୍ରକାଶକ

ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ତୃତୀୟ ଭାଗ)

ଯୋଗର ବିଭିନ୍ନ ମାର୍ଗ

(୧)

ଭକ୍ତି

ପ୍ରଶ୍ନ : ଭକ୍ତିର ସ୍ୱରୂପ କ'ଣ ?

ଉତ୍ତର : ଭଗବାନଙ୍କ ପ୍ରତି ଅନୁରକ୍ତିକୁ ଭକ୍ତି କୁହାଯାଏ ।

ପ୍ରେମ-ଭକ୍ତି ସ୍ୱୟଂ ପବିତ୍ର ଓ ଭଗବାନଙ୍କ ଦିବ୍ୟ ଶକ୍ତି । ଏହାଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରାଯାଏ । କିନ୍ତୁ ଏହି ଦିବ୍ୟ ପ୍ରେମର ବିକୃତ ରୂପ ହେଉଛି ମନୁଷ୍ୟର ପୁତ୍ର, ସ୍ତ୍ରୀ, ଧନ-ସମ୍ପଦ ପ୍ରତି ମମତା । ସୁତରାଂ ଏଥିରେ ଥାଏ ସ୍ୱାର୍ଥ, ଭୋଗ, କାମନା-ବାସନା-ତୃପ୍ତି ଏବଂ ମୋହ ।

*

ପ୍ରଶ୍ନ : ଭକ୍ତି ବିନା ଈଶ୍ୱରଙ୍କୁ ଲାଭ କରାଯାଇପାରେ କି ?

ଉତ୍ତର : ଭକ୍ତିର ପ୍ରାଧାନ୍ୟ ବିନା ଅନ୍ୟ ଉପାୟରେ ଈଶ୍ୱରଙ୍କୁ ଲାଭ କରାଯାଇପାରେ । ଭଗବାନଙ୍କୁ ପ୍ରାପ୍ତ ହେବାର ଅନେକ ଉପାୟ ଅଛି, କିନ୍ତୁ ତନ୍ମଧ୍ୟରୁ ଭକ୍ତି ଗୋଟିଏ ପ୍ରକୃଷ୍ଟ ଉପାୟ । ଆଉ ଯେତେସବୁ ପଦ୍ଧତି ଅଛି ସେଥିରେ ମଧ୍ୟ ଭକ୍ତି ଗୌଣ ରୂପେ ଥାଏ । ପ୍ରତ୍ୟେକ ଉପାୟ ଶ୍ରଦ୍ଧା ଓ ଉତ୍ସାହ ବ୍ୟତିରେକେ ସମ୍ପୂର୍ଣ୍ଣ ଫଳପ୍ରସୂ ହୁଏ ନାହିଁ । ଶ୍ରଦ୍ଧା ଓ ଉତ୍ସାହ ହେଉଛି ଭକ୍ତିର ପ୍ରଧାନ ଅଙ୍ଗ । ଏହି ଅର୍ଥରେ ପ୍ରତ୍ୟେକ ସାଧନାର ପ୍ରଣାଳୀରେ ଭକ୍ତି ବିଦ୍ୟମାନ ଥାଏ । ଏପରିକି, ଯେଉଁ ଅଦ୍ୱୈତବାଦୀମାନେ ବ୍ରହ୍ମରେ ଏକ ହୋଇଯାଆନ୍ତି ସେମାନଙ୍କର ସାଧନା ସମୟରେ ବି ଭକ୍ତି ଥାଏ ଏବଂ ସାଧନାକୁ ଜୀବନ୍ତ କରି ରଖିଥାଏ ।

*

ପ୍ରଶ୍ନ : ଧ୍ୟାନ ଯୋଗୀର ହୃଦୟରେ ଭକ୍ତି ଥାଏ କି ?

ଉତ୍ତର : ଧ୍ୟାନଯୋଗୀର ହୃଦୟରେ ଭକ୍ତି ଥାଏ । ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ କୁହାଯାଇଛି ଯେ ଶ୍ରଦ୍ଧା ବିନା କୌଣସି ସାଧନା ହୁଏ ନାହିଁ; କିନ୍ତୁ ସାଧନାର ପ୍ରଣାଳୀ ଅନୁସାରେ ଭକ୍ତିର ସ୍ଥାନ କେଉଁଠି ପ୍ରଧାନ, କେଉଁଠି ଗୌଣ । ଭକ୍ତମାନଙ୍କ ମଧ୍ୟରେ ଭକ୍ତି ପ୍ରଧାନ, ଜ୍ଞାନୀମାନଙ୍କ ଧ୍ୟାନରେ ଭକ୍ତି ଗୌଣ ।

*

ପ୍ରଶ୍ନ : ଧ୍ୟାନଯୋଗୀକୁ ଈଶ୍ୱର-କୈବଲ୍ୟ ମିଳେ କି ନାହିଁ ?

ଉତ୍ତର : ମିଳେ, ଲକ୍ଷ୍ୟ ଅନୁସାରେ ଭିନ୍ନ ଭିନ୍ନ ରୂପେ । କୈବଲ୍ୟର ଅର୍ଥ ମୁକ୍ତି । ଭକ୍ତଯୋଗୀ ଭଗବାନଙ୍କ ଉପାସନା, ଭକ୍ତି, ଧ୍ୟାନ କରି ନିଜ ଲକ୍ଷ୍ୟ ଅନୁସାରେ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ସାଯୁଜ୍ୟ, ସାରୂପ୍ୟ, ସାଲୋକ୍ୟ ଆଦି ମୁକ୍ତିକୁ ପ୍ରାପ୍ତ ହୁଅନ୍ତି । ଅଦ୍ୱୈତ ଜ୍ଞାନୀ ସାଧକ ଧ୍ୟାନ କିଂବା ଅନ୍ୟ କୌଣସି ସାଧନା ଦ୍ୱାରା ଚିତ୍ତଶୁଦ୍ଧି

କରି ମନନ, ନିଦିଧ୍ୟାସନ ଦ୍ୱାରା ନିଜ ବ୍ୟକ୍ତିତ୍ୱକୁ ସେହି ଅବ୍ୟକ୍ତ ନିର୍ବିଶେଷ ସତ୍ତାରେ ବିଲୀନ କରିଦିଅନ୍ତି । ଏହି ବିଲୟକୁ ମୁକ୍ତି ବା କୈବଲ୍ୟ କୁହାଯାଏ ।

*

ପ୍ରଶ୍ନ : ଈଶ୍ୱର ସର୍ବତ୍ର ସଦାବିଦ୍ୟମାନ, ଏହା ଜ୍ଞାନୀମାନେ ବୁଦ୍ଧିରେ ଜାଣନ୍ତି ନା ଉପଲବ୍ଧି କରନ୍ତି ? ଯଦି ଉପଲବ୍ଧି କରନ୍ତି, ତେବେ ତାହାର ସ୍ୱରୂପ କ'ଣ ?

ଉତ୍ତର : ବୁଦ୍ଧିରେ ଜାଣିବା ଓ ଉପଲବ୍ଧି କରିବା, ଏହି ଦୁଇ ବସ୍ତୁ ଏକେବାରେ ପୃଥକ୍ । ଜ୍ଞାନୀ-ଭକ୍ତ ବୁଦ୍ଧିରେ ଜାଣନ୍ତି ନାହିଁ, ଉପଲବ୍ଧି କରନ୍ତି । ଆମ୍ଭେମାନେ ଯେପରି ସ୍ଥୂଳ ବସ୍ତୁକୁ ସ୍ଥୂଳ ଦୃଷ୍ଟିରେ ଦେଖୁ ସେହିପରି ସେ ସୂକ୍ଷ୍ମ ଜ୍ଞାନ-ଦୃଷ୍ଟିରେ ଈଶ୍ୱରସତ୍ତାକୁ ଦେଖନ୍ତି । ଈଶ୍ୱର ସର୍ବଦା ସର୍ବତ୍ର ବିଦ୍ୟମାନ — ଶାସ୍ତ୍ର ଦ୍ୱାରା ଏହା ଜାଣି ବିଶ୍ୱାସ କରିବାର ଅର୍ଥ ଉପଲବ୍ଧି ନୁହେଁ, କେବଳ ମନରେ ଜାଣିବା । ଆମ୍ଭେମାନେ ବହି ପଢ଼ି ଆମେରିକା ସମ୍ବନ୍ଧେ ଜାଣିଲେ ତାହାକୁ ଜାଣିବା କୁହାଯାଏ, କିନ୍ତୁ ସେଠାକୁ ଯାଇ ସମସ୍ତ ବସ୍ତୁ ଦେଖି ତାହାର ଯଥାର୍ଥ ଜ୍ଞାନ ଲାଭ କଲେ, ତାହାକୁ ଉପଲବ୍ଧି କୁହାଯାଏ ।

*

ପ୍ରଶ୍ନ : ଗୃହୀ ପକ୍ଷେ ଈଶ୍ୱରୋପଲବ୍ଧିର ସହଜ ଉପାୟ କ'ଣ ?

ଉତ୍ତର : ଭଗବାନଙ୍କ ଉପରେ ବିଶ୍ୱାସ ରଖି ନିଷ୍କପଟ ସରଳତା ସହ ଗୃହର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କଲେ ଗୃହୀ ସହଜରେ ଭଗବାନଙ୍କୁ ଉପଲବ୍ଧି କରିପାରିବ । ଗୃହୀ ହେଉ ବା ସନ୍ନ୍ୟାସୀ ହେଉ, ପ୍ରତ୍ୟେକ ବ୍ୟକ୍ତି ନିଷ୍କପଟ-ସରଳ ଶ୍ରଦ୍ଧାସହ ଯଦି ଦୃଢ଼ ବିଶ୍ୱାସ ରଖେ ଏବଂ ଦୃଢ଼ ଧାରଣା କରେ, ''ଭଗବାନ୍ ଦୟାମୟ, କରୁଣାସିନ୍ଧୁ, ଅଧମଉଦ୍ଧାରକ, ସେ ମୋ ସଙ୍ଗେ ସର୍ବଦା ରହି ମୋତେ ରକ୍ଷା କରୁଅଛନ୍ତି ଏବଂ ପରିଚାଳନ କରୁଅଛନ୍ତି'' — ତେବେ ସେ ଭଗବାନଙ୍କୁ ଅତି ସହଜରେ ଉପଲବ୍ଧି କରିପାରେ । କିନ୍ତୁ ନିଷ୍କପଟ-ସରଳ ଶ୍ରଦ୍ଧା ଓ ଦୃଢ଼ ବିଶ୍ୱାସ ଅଭାବରୁ ଆମ୍ଭେମାନେ ଭାବୁ, ''ଭଗବାନ୍ ଅବାଙ୍‌ମାନସଗୋଚର, ସେ ମହାନ୍ ଐଶ୍ୱର୍ଯ୍ୟଶାଳୀ, ବୈକୁଣ୍ଠାଦି ଦିବ୍ୟ-ଧାମ-ନିବାସୀ, ସମସ୍ତ ଲୋକ-ନାୟକ, ମୋ ପରି ଅଧମ ସକାଶେ କୋଟି କୋଟି କୋଶ ଦୂର, ଯେପର୍ଯ୍ୟନ୍ତ ମନ-ପ୍ରାଣାଦି କଠୋର ତପସ୍ୟା ଦ୍ୱାରା ଶୁଦ୍ଧ ନ ହୋଇଛନ୍ତି ସେପର୍ଯ୍ୟନ୍ତ ଭଗବାନ୍ କିପରି ଆସିବେ ! ତାଙ୍କ ନିମିତ୍ତ ସ୍ଥାନ ପ୍ରସ୍ତୁତ ହେବା ଆବଶ୍ୟକ । ନଚେତ୍ ମାଟିପାତ୍ରରେ ସିଂହ ଦୁଗ୍‌ଧ ରଖିବା ପରି ଅଶୁଦ୍ଧ ଆଧାର ଭଗବାନଙ୍କୁ ଧାରଣ କରିବାରେ ଅସମର୍ଥ ହେବ ।'' ମନ-ପ୍ରାଣ-ଶରୀର ଆଦି ଆଧାର ଶୁଦ୍ଧ ହେବା ଆବଶ୍ୟକ । ଅଶୁଦ୍ଧ ଆଧାରରେ ଭଗବାନଙ୍କୁ ଉପଲବ୍ଧି କରାଯାଇପାରେ ନାହିଁ । ଏହା ସତ୍ୟ । କିନ୍ତୁ ଏହି ଆଧାର-ଶୁଦ୍ଧି କଠୋର ତାପସ-ବ୍ରତ ଛଡ଼ା କେବଳ ଭଗବାନଙ୍କଠାରେ ଅଟଳ ଶ୍ରଦ୍ଧା ଓ ଦୃଢ଼ ବିଶ୍ୱାସ ରଖିଲେ ସହଜରେ ତାଙ୍କ ଅନୁକମ୍ପା ଦ୍ୱାରା ସାଧିତ ହୋଇପାରେ । ଭଗବାନ୍ ସର୍ବସମର୍ଥ, ତାଙ୍କ କୃପା ପାଖରେ କିଛି ବି ଅସାଧ୍ୟ ନୁହେଁ ।

କର୍ଣ୍ଣାଟକର ବହୁ ଗୃହୀ ସ୍ତ୍ରୀ-ପୁରୁଷ ଆଶ୍ରମକୁ ଆସନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲେଖାପଢ଼ା ଜାଣନ୍ତି ନାହିଁ, ଶ୍ରୀଅରବିନ୍ଦଙ୍କ ଦର୍ଶନ-ଶାସ୍ତ୍ର ଓ ଯୋଗ ସମ୍ବନ୍ଧେ ଅନଭିଜ୍ଞ । କିନ୍ତୁ ମା' ଶ୍ରୀଅରବିନ୍ଦଙ୍କ ପ୍ରତି ଶ୍ରଦ୍ଧା-ଭକ୍ତି ସେମାନଙ୍କର ଅଛି । ପଇସାପତ୍ତର ଅଭାବ ସତ୍ତ୍ୱେ କୌଣସିମତେ ବର୍ଷକରେ ଥରେ ଦୁଇଥର ଆଶ୍ରମକୁ ଆସି ମା'ଙ୍କୁ ଦର୍ଶନ କରିଯାଆନ୍ତି । କିନ୍ତୁ ସେମାନଙ୍କୁ ପଚାରିଲେ ଜଣାଯାଏ ଯେ ସେମାନଙ୍କ ଅନୁଭୂତି ଠିକ୍ । ଶ୍ରୀଅରବିନ୍ଦଙ୍କ ଯୋଗର କଠୋର ତ୍ୟାଗୀ ସାଧକଙ୍କଠାରୁ ତାହା କମ୍ ନୁହେଁ । ବୁଝାଯାଏ ସେହି ବିଦ୍ୟାରହିତ ସରଳ ଶ୍ରଦ୍ଧାଳୁ ବ୍ୟକ୍ତିଙ୍କ ହାତଧରି କେହି ଯେପରି ଯୋଗମାର୍ଗରେ ଚଳାଇ ନେଉଛି । ଭଗବାନ୍ ଶ୍ରଦ୍ଧା-ଭକ୍ତିବଶ ହୋଇ କେତେ ଭକ୍ତଙ୍କ ଘରେ ଚାକର ହୋଇ ସେବା କରିଛନ୍ତି । ପୁରୀବାସୀ ଜନୈକ ମହାତ୍ମା ଶ୍ରୀ ମାଧବ ଦାସଙ୍କୁ ସଂଗ୍ରହଣି ଅବସ୍ଥାରେ କେତେ ସେବା କରିଛନ୍ତି । ଏହା ବହୁତ ଦିନର କଥା ନୁହେଁ ।

ସାଧାରଣ ସରଳ ଗୃହୀର ଭଗବାନଙ୍କ ପ୍ରତି ଅଟଳ ଶ୍ରଦ୍ଧାଉତ୍ପନ୍ନ ହେବାର ପ୍ରଣାଳୀ ବି ସହଜ, ବହୁତ କଠିନ ନୁହେଁ । ତାହାର ଘର ଛାଡ଼ି, କର୍ମ ତ୍ୟାଗକରି, ଜଙ୍ଗଲକୁ ଯାଇ, ଆଖି ବନ୍ଦ କରି ଧ୍ୟାନ କରିବାକୁ ହେବ ନାହିଁ, କରିବାକୁ

ହେବ ଗୃହର ସମସ୍ତ କର୍ମ, କିନ୍ତୁ ଭଗବାନଙ୍କ ସେବାରୂପେ । ମନେ କରିବାକୁ ହେବ ଗୃହର ମାଲିକ ସ୍ୱୟଂ ମା'ଶ୍ରୀଅରବିନ୍ଦ । ଗୃହର ସମସ୍ତ ସମ୍ପତ୍ତି, ସ୍ତ୍ରୀ, ପୁତ୍ର, ପିତାମାତା ସମସ୍ତେ ଭଗବାନଙ୍କର । ମୁଁ କେବଳ ତାଙ୍କର ସେବକ । ଗୃହର ସମସ୍ତ କାର୍ଯ୍ୟ କରିବା ସକାଶେ ଭଗବାନ୍ ମୋତେ ନିଯୁକ୍ତ କରିଛନ୍ତି । ଚୋର ହାତରୁ ଧନରକ୍ଷା କରିବା, ପୁଅକୁ ସ୍କୁଲ୍ ଯିବା ସକାଶେ ଧମକେଇବା, ଗୃହର ବ୍ୟକ୍ତି ଅନ୍ୟାୟ କଲେ ତାଙ୍କୁ ଦଣ୍ଡ ଦେବା ଇତ୍ୟାଦି ସବୁ ଭଗବାନଙ୍କର ସେବା । ନ୍ୟାୟ ଅନୁସାରେ ଭିନ୍ନ ଭିନ୍ନ ବ୍ୟକ୍ତି ପ୍ରତି ଯଥାଯୋଗ୍ୟ ବ୍ୟବହାର କରିବା ସତ୍ତ୍ୱେ ବି ଭାବିବାକୁ ହେବ – ନିଜେ ଭଗବାନଙ୍କର ଯନ୍ତ୍ର, ଶରୀର ଦ୍ୱାରା ଭଗବାନ୍ ଏହିସବୁ କାର୍ଯ୍ୟ କରାଉଅଛନ୍ତି । କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି ହେବ ନାହିଁ । କାର୍ଯ୍ୟରେ ତ୍ରୁଟି ହେଲେ ଭଗବାନଙ୍କ ସେବାରେ ତ୍ରୁଟି ହେବ । ସେହି ସକାଶେ ଘରର ସମସ୍ତ କର୍ମ ଠିକ୍‌ଭାବେ କରିବାକୁ ହେବ । ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦେଲେ ସ୍ନାନ-ଭୋଜନ ଇତ୍ୟାଦି ଶାରୀରିକ କ୍ରିୟା ମଧ୍ୟ ଭଗବାନଙ୍କର ହୋଇଯାଏ । ଏହା ହଠାତ୍ ହୋଇପାରେ ନାହିଁ, ଦୃଢ଼ ସଂକଳ୍ପ ସହ ଆରମ୍ଭ କଲେ କ୍ରମଶଃ ବଢ଼ିଚାଲେ ଏବଂ ଭଗବାନଙ୍କ ପାଖରେ ପହଞ୍ଚାଇ ଦିଏ, ଅର୍ଥାତ୍ ଈଶ୍ୱରୋପଲବ୍ଧି କରାଏ ।

''କୁଳୀସହୁ ଚାହି କଠୋର ଅତି କୋମଳ କୁସୁମହୁ ଚାହି
ଚିତ୍ତ ଖଗେଶ ରଘୁନାଥକର ସମୁଝି ପରି କାହୁ ନାହିଁ ।''

ଅର୍ଥାତ୍ – ''ଭଗବାନ୍ ଅବିଶ୍ୱାସୀ ବ୍ୟକ୍ତି ପ୍ରତି ବଜ୍ରଠାରୁ କଠିନ, କିନ୍ତୁ ବିଶ୍ୱାସୀ ଭକ୍ତ ସକାଶେ କୁସୁମ ଅପେକ୍ଷା କୋମଳ । କାକଭୁଷୁଣ୍ଡ କହୁଛନ୍ତି, ହେ ଗରୁଡ଼, ରଘୁନାଥଙ୍କର ଏପରି ଚିତ୍ତକୁ ସମସ୍ତେ ବୁଝିପାରନ୍ତି ନାହିଁ ।'' ଭଗବାନ୍ ଯେପରି କଠୋର ତପସ୍ୟାରେ ପ୍ରାପ୍ତ ହୁଅନ୍ତି ସେହିପରି ସାଧନାରହିତ ସରଳ ଶ୍ରଦ୍ଧାବାନ୍ ଭକ୍ତକୁ ବି ଦର୍ଶନ ଦିଅନ୍ତି । ବୈଦିକ ଯୁଗରେ ଶୁକଦେବ, ନାରଦ, ସନତ୍‌କୁମାର ଆଦି ବୀତରାଗୀ ଋଷି ଥିଲେ, ସେହିପରି ବଶିଷ୍ଠ, ଯାଜ୍ଞବଲ୍କ୍ୟ, ଅତ୍ରି ଆଦି ଗୃହୀ ଋଷି ଥିଲେ । ଏହି ଯୁଗରେ ମଧ୍ୟ ଆଚାର୍ଯ୍ୟ ଶଙ୍କର, ନିମ୍ବାର୍କ, ରାମାନନ୍ଦ, ସମର୍ଥ ରାମଦାସ, ଗୋସ୍ୱାମୀ ତୁଳସୀଦାସ ଆଦି ତ୍ୟାଗୀ ମହାପୁରୁଷଙ୍କ ସଙ୍ଗେ ଆଚାର୍ଯ୍ୟ ବଲ୍ଲଭ ଏବଂ ତାଙ୍କର ପୁତ୍ର-ପୌତ୍ରାଦି କ୍ରମେ ଗୃହୀ ଆଚାର୍ଯ୍ୟ ଥିଲେ ଏବଂ ଭଗବାନଙ୍କୁ ପ୍ରାପ୍ତ ହୋଇଥିଲେ । ସେହି ସମୟରେ ସେନ ଭକ୍ତ, ଧନା ଜାଠ, ତୁକାରାମ, ଏକନାଥ, ନାମଦେବ ଆଦି ଗୃହରେ ରହି ଗୃହ କର୍ମ କରିବା ସତ୍ତ୍ୱେ ବି ଭଗବାନଙ୍କୁ ସାକ୍ଷାତ୍ ଉପଲବ୍ଧି କରିଥିଲେ । ମନୁଷ୍ୟର ଏକମାତ୍ର ଉଦ୍ଦେଶ୍ୟ ହେଲା ଭଗବାନଙ୍କୁ ପ୍ରାପ୍ତ ହେବା, ସେ ଗୃହୀ ହେଉ ଅଥବା ସନ୍ନ୍ୟାସୀ ହେଉ । ଏହି ଯୁଗରେ ଏହି ସମୟରେ କେତେ ସରଳ, ଏକେବାରେ ସାଧାରଣ ଗୃହସ୍ଥ ବି ଭଗବାନଙ୍କୁ ଉପଲବ୍ଧି କରିଛନ୍ତି । ଏହା କେବଳ ମୌଖିକ ଭାଷା ନୁହେଁ, ବରଂ ସତ୍ୟ । ଠିକ୍ ଏହିପରି ଏକ ସାଧାରଣ ସଦ୍‌ଗୃହୀଙ୍କ ବିଷୟ ଏଠାରେ ଆଲୋଚନା କରିବା । ଏହାଙ୍କୁ ମୁଁ ଖୁବ୍ ଭଲକରି ଜାଣେ ଏବଂ ଏହା ଏକେବାରେ ସତ୍ୟ ଘଟଣା ।

ଏହି ଗୃହସ୍ଥଙ୍କ ଘର ଥିଲା କଟକ ସହରରୁ କିଛି ଦୂରରେ କୌଣସି ଏକ ଗ୍ରାମରେ । ସେ ଇଂରେଜୀ ପଢ଼ି ନ ଥିଲେ ବି ଏକେବାରେ ନିରକ୍ଷର ନ ଥିଲେ । ତାଙ୍କ କୁଟୁମ୍ବ ପାଳନର ଏକମାତ୍ର ଅବଲମ୍ବନ ଥିଲା ଚାଷ । ପରିବାରଟିରେ ଦଶବାରଜଣ ବ୍ୟକ୍ତି ଥିଲେ । କିନ୍ତୁ ସେତେବେଳେ ସେମାନଙ୍କ ମଧ୍ୟରେ ରୋଜଗାର କରିବା ବ୍ୟକ୍ତି କେହି ନ ଥିଲେ । ଜମିର ଫସଲ ଉପରେ ଭୋଜନ, ବସ୍ତ୍ର, ଘରର ପୁଣ୍ୟପର୍ବାଦି ଯାବତୀୟ ଖର୍ଚ୍ଚ ନିର୍ଭର କରୁଥିଲା । ବର୍ଷଟି କୌଣସି ମତେ କଟିଯାଏ । ଅଭାବ ହୁଏ ନାହିଁ ବା ସଞ୍ଚୟ କରିବାର ଅବକାଶ ମିଳେ ନାହିଁ । ସେ ଥିଲେ ଘରର ମୁଖିଆ, ପୁଣି ପାଞ୍ଚଗ୍ରାମର ମାମଲତ୍‌କାର । କେବେ କେବେ ଅନ୍ୟାନ୍ୟ ଗ୍ରାମ୍ୟ ନିଶାପରେ ଲୋକେ ତାଙ୍କୁ ଡାକୁଥିଲେ । ସେ ଥିଲେ ସରଳ ଏବଂ ନ୍ୟାୟବାନ୍ । ହୃଦୟରେ ଥିଲା ଦୟା । ଗ୍ରାମର ଯଦି କେହି ଉପବାସ ରହିବାର ଜାଣୁଥିଲେ, ତାକୁ ଚାଉଳ ସେରେ ଦେଇ ଦେଉଥିଲେ । ତାଙ୍କ ଦ୍ୱାରରୁ କେହି ଭିକ୍ଷାର୍ଥୀ କେବେ ଖାଲି ହାତରେ ଫେରୁ ନ ଥିଲେ । କୌଣସି ବ୍ୟକ୍ତିକୁ ବିପଦରେ ପକାଇବାକୁ ସେ କୌଶଳ କରୁ ନ ଥିଲେ ବା ନିଜ ସ୍ୱାର୍ଥସିଦ୍ଧି ସକାଶେ ଅନ୍ୟକୁ ଠକୁ ନ ଥିଲେ । ପ୍ରାୟ ୬୨ ବର୍ଷ ବୟସରେ ସମ୍ଭବତଃ ୧୯୨୮ ମସିହାରେ ତାଙ୍କୁ ଆମାଶୟ ରୋଗ ହେଲା । ସେଥିରେ ତାଙ୍କର ଶରୀର ଏପରି ଦୁର୍ବଳ ହୋଇ ନ ଥିଲା ଯେଉଁଥିରେ ମୃତ୍ୟୁର ଆଶଙ୍କା କରାହୁଅନ୍ତା, ତଥାପି ରୋଗରେ ପୀଡ଼ିତ ହେବାର ଚାରି ଛଅ ଦିନ

ପରେ ଦିନେ ସମସ୍ତ ପରିବାରଙ୍କୁ ଡାକି ପାଖରେ ବସାଇ କହିଲେ, ''ତୃତୀୟ ଦିନ ରାତ୍ରିରେ ମୋର ମୃତ୍ୟୁ ହେବ; ମୃତ ସଂସ୍କାର ନିମିତ୍ତ ସମସ୍ତ ସାମଗ୍ରୀ ପୂର୍ବରୁ ମଗାଇନିଅ । ନଚେତ୍ ତୁମ୍ଭମାନଙ୍କୁ ରାତ୍ରିରେ ଅସୁବିଧା ଭୋଗିବାକୁ ପଡ଼ିବ ।'' ତାଙ୍କ ଶବ-ଦାହ ସକାଶେ ଯେଉଁ ଗଛରୁ କାଠ କାଟିବା କଥା, ତାହା ବି କହିଦେଲେ । ଘରର ବ୍ୟବସ୍ଥା ସମ୍ବନ୍ଧେ ତାଙ୍କ ଜ୍ୟେଷ୍ଠପୁତ୍ରଙ୍କୁ ବୁଝାଇ ଦେଲେ । ତାଙ୍କୁ କହିଲେ, ''କୋର୍ଟରେ ମିଥ୍ୟା ସାକ୍ଷୀ ଦେବୁ ନାହିଁ, ବ୍ରହ୍ମୋତ୍ତର, ଦେବୋତ୍ତର ସମ୍ପତ୍ତି ଖରିଦ କରିବୁ ନାହିଁ ।'' ଏହା ସଙ୍ଗେ ଆଉ ଗୋଟିଏ କଥା କହିଥିଲେ, ମୁଁ ଭୁଲି ଯାଇଛି । ତାଙ୍କ ଛୋଟପୁତ୍ରକୁ କିଛି କହି ନ ଥିଲେ । ବୋଧହୁଏ ସେ ଜାଣିପାରିଥିଲେ ଯେ ତାଙ୍କର ଏହି ଶେଷ ସନ୍ତାନଟି କୌଣସି ଏକ ବିଶେଷ କର୍ମ ପାଇଁ ଭଗବାନଙ୍କ ଦ୍ୱାରା ପ୍ରେରିତ ହୋଇଅଛି । ତାଙ୍କ ଅବସ୍ଥା ଦେଖି ଆମ୍ଭେମାନେ କେହି ବି ତାଙ୍କ କଥା ବିଶ୍ୱାସ କରୁ ନ ଥିଲୁ । ଠିକ୍ ତୃତୀୟ ଦିନ ରାତ୍ରିରେ ଗ୍ରାମର କେତେକ ବ୍ୟକ୍ତି ଏକତ୍ର ହୋଇ ତାଙ୍କ ପାଖରେ କୀର୍ତ୍ତନ କରୁଥିଲେ । ପ୍ରାୟ ରାତ୍ରି ଦଶଘଣ୍ଟା ସମୟରେ କୀର୍ତ୍ତନ ବନ୍ଦ ହୋଇଗଲା । ତାଙ୍କ ପାଖରେ ବହୁତ ଲୋକ ବସିଥା'ନ୍ତି । ତାଙ୍କ ଜ୍ୟେଷ୍ଠପୁତ୍ରର ନାମ ନେଇ କହିଲେ, ''ମୋ ହସ୍ତପଦରୁ ପ୍ରାଣବାୟୁ କ୍ରମଶଃ ସଙ୍କୁଚିତ ହୋଇଆସୁଛି । ନାଡ଼ି ଦେଖ୍ ।'' ତାଙ୍କ ଜ୍ୟେଷ୍ଠପୁତ୍ର ପ୍ରଥମେ ଗୋଡ଼ରେ ପରେ ହାତରେ ନିଜ ଅଙ୍ଗୁଳି ରଖି କହିଲେ, ''ନାଡ଼ି ବନ୍ଦ ହୋଇଗଲାଣି ।'' ଏକଥା ଶୁଣି ସେ କହିଲେ, ''ବାସ୍, ଆଉ ଅଧଘଣ୍ଟାଏ ।'' ଏକଥା କହି ସେ ନୀରବ ହୋଇଗଲେ । ସେହି ସମୟରେ ତାଙ୍କ ଜ୍ୟେଷ୍ଠପୁତ୍ର ନିଜ ଦୁଇ ଛୋଟପୁତ୍ରଙ୍କୁ ଡାକି ଆଣି ତାଙ୍କ ପାଖରେ ବସାଇ ସେମାନଙ୍କ ନାମ ଉଚ୍ଚାରଣ କରି ପିତାଙ୍କୁ କହିଲେ, ''ଏମାନଙ୍କୁ ଦେଖନ୍ତୁ ।'' ଏକଥା ସେ ନ ଶୁଣିଲା ପରି ଉତ୍ତର ଦେଲେ ନାହିଁ କିଂବା ଦୃଷ୍ଟି ଫେରାଇ ଦେଖିଲେ ନାହିଁ । ମୃତ ବ୍ୟକ୍ତି ପାଖରେ ଏହିପରି ଚର୍ଚ୍ଚା କରିବା ଏକେବାରେ ଭୁଲ୍ ଏବଂ ଅନ୍ୟାୟ । ସେ ସମୟରେ କେବଳ ଭଗବତ୍ ନାମ ସ୍ମରଣ କରିବାକୁ କହିଦେବା ଉଚିତ । ଯଦି ମୃତ ବ୍ୟକ୍ତିର ଚେତନା ନଷ୍ଟ ହୋଇଯାଏ, ତେବେ ତାକୁ ଭଗବାନଙ୍କ ନାମ ଶୁଣାଇଦେବା ଭଲ । ଏହିପରି କେତେ ମିନିଟ୍ ବ୍ୟତୀତ ହେବା ପରେ ବ୍ୟାକୁଳ ସ୍ୱରରେ କହିଲେ, ''ମୁଁ କ'ଣ କରିବି ?'' — ''ଭଗବାନଙ୍କ ନାମ ନିଅ ।'' ଏହା ଶୁଣିବାମାତ୍ରେ ସେ ଭଗବାନଙ୍କର ନାମ ଜୋର୍‌ରେ ଉଚ୍ଚାରଣ କରିବାକୁ ଲାଗିଲେ । ନାମ ଉଚ୍ଚାରଣ କରୁଥିବା ସମୟରେ ତାଙ୍କ ପ୍ରାଣପକ୍ଷୀ ଉଡ଼ିଗଲା ଏବଂ ମୁଖ ବନ୍ଦ ହୋଇଗଲା ଏହା ଚକ୍ଷୁରେ ଦେଖିବା ଘଟଣା ।

ମୃତ୍ୟୁ ସମୟରେ ମନୁଷ୍ୟର ଚେତନା ନଷ୍ଟ ହୋଇଯାଏ । ବୁଦ୍ଧିଭ୍ରମ ହୁଏ । ସ୍ୱପ୍ନ ପରି ଗୋଟାଏ ଅବସ୍ଥା ଆସେ । କେହି କେହି ଅଚେତନାରେ ଡୁବିଯାଆନ୍ତି । ସେତେବେଳେ ମନୁଷ୍ୟର ଅଭ୍ୟାସ ଅନୁସାରେ ବସ୍ତୁ ସ୍ମରଣ ହୁଏ । ସ୍ମରଣ ଅନୁସାରେ ତା'ର ଗତି ହୁଏ । ଭଗବାନଙ୍କୁ ସ୍ମରଣ କଲେ ମୁକ୍ତି ମିଳେ । ସାଂସାରିକ ବସ୍ତୁ ସ୍ମରଣ କଲେ ସେହି ଅନୁସାରେ ସଂସାରରେ ଜନ୍ମ ନେବାକୁ ହୁଏ । 'ରାମଚରିତ-ମାନସ' କହିଛି, ''ଜନମ, ଜନମ ମୁନି ଯତନ କରାହିଁ । ଅନ୍ତ ରାମ କହି ଆବତ ନାହିଁ ॥'' ଅର୍ଥାତ୍ ''ମୁନିମାନେ ଜନ୍ମଜନ୍ମାନ୍ତର ନାମ ସ୍ମରଣାଦି ସାଧନା ଅଭ୍ୟାସ କରି ଅନ୍ତ ସମୟରେ ରାମନାମ କହି ପୁନରାଏ ଏ ସଂସାରରେ ଜନ୍ମଗ୍ରହଣ କରନ୍ତି ନାହିଁ । ମୁକ୍ତିକୁ ପ୍ରାପ୍ତ ହୁଅନ୍ତି ।'' ଗୀତାରେ ଅଛି ''ୟଂ ୟଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଲେବରମ୍, ତଂ ତମେବୈତି କୌନ୍ତେୟ ସଦା ମଦ୍‌ଭାବ ଭାବିତଃ ।'' ଅର୍ଥାତ୍ ''ହେ କୁନ୍ତୀସୁତ ଅର୍ଜୁନ, ମନୁଷ୍ୟ ଅନ୍ତ ସମୟରେ ଯାହାକୁ ସ୍ମରଣ କରି ଶରୀର ତ୍ୟାଗ କରେ ତାହାକୁହିଁ ସେ ପ୍ରାପ୍ତ ହୁଏ । କିନ୍ତୁ ସେ ସଦାସର୍ବଦା ଯାହାକୁ ସ୍ମରଣ କରୁଥାଏ, ଅନ୍ତ ସମୟରେ ପ୍ରାୟ ତାହାହିଁ ସ୍ମରଣ ହୁଏ ।''

ଗୀତାଦି ଶାସ୍ତ୍ର ବାକ୍ୟାନୁସାରେ ଉକ୍ତ ବ୍ୟକ୍ତି ସଦ୍‌ଗତି ପ୍ରାପ୍ତ ହୋଇଥିବେ । ଏଠାରେ ଏହି ଘଟଣାଟିର ଅବତାରଣା କରିବାର ଉଦ୍ଦେଶ୍ୟ ହେଲା,— ଏହି ବ୍ୟକ୍ତି କୌଣସି ବଡ଼ ସାଧକ ନ ଥିଲେ, କଠୋର ତପସ୍ୟା କରି ନାହାନ୍ତି, ଆସନ ଲଗାଇ ବସି ଧ୍ୟାନ କରୁଥିବାର କିଂବା ହାତରେ ମାଳାସହ ନାମଜପ କରୁଥିବାର କେହି କେବେ ଦେଖି ନ ଥିବେ । ତାଙ୍କର ଥିଲା ସରଳତା । ନିଜ ଭୋଜନକୁ ପ୍ରତିଦିନ ସମର୍ପଣ କରି ଗ୍ରହଣ କରୁଥିଲେ । ରାତ୍ରିରେ ନିଦ୍ରା ଅବସ୍ଥାରେ କେବେ କେବେ ହରେକୃଷ୍ଣ ନାମ ତାଙ୍କ ମୁଖରୁ ଉଚ୍ଚାରିତ ହେବାର ଶୁଣାଯାଉଥିଲା । ଏଥିରୁ ଅନୁମାନ କରାଯାଏ ଯେ ଘରର ସମସ୍ତ କର୍ମ କରିବା ସମୟରେ ସେ ମନେମନେ ନାମଜପ କରୁଥିଲେ । ନଚେତ୍ ନିଦ୍ରାବସ୍ଥାରେ, ଅଚେତନ ଅବସ୍ଥାରେ ନାମ ଜପ ହୁଅନ୍ତା ନାହିଁ ।

ଏହିପରି ସରଳ ସାଧନା ଯେକୌଣସି ସାଧାରଣ ଗୃହୀ କରିପାରିବେ । ମନୁଷ୍ୟ କିଛି ବି କରିବାକୁ ଚାହେଁ ନାହିଁ, କହିଦିଏ,– ''ଆମେ ଗୃହସ୍ଥ ଲୋକ, ଆମ ପକ୍ଷେ ଭଗବତ୍‌ପ୍ରାପ୍ତି ଅସମ୍ଭବ ।'' ଭଗବତ୍ ପ୍ରାପ୍ତି ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସମ୍ଭବ, ଯଦି ବିଶ୍ୱାସ ସହିତ ଭଗବାନଙ୍କୁ ସେ ଡାକେ । ଏହାଛଡ଼ା ଭଗବାନଙ୍କ ପ୍ରତି ଶ୍ରଦ୍ଧା-ବିଶ୍ୱାସ ରଖିଲେ ମନୁଷ୍ୟ ବହୁ ବିପଦରୁ ରକ୍ଷା ପାଏ । ଏହାସବୁ କେବଳ କଳ୍ପନା ନୁହେଁ, ବହୁ ଲୋକ ଏହା ଅନୁଭବ କରିଛନ୍ତି ।

(୨)

ଗୁରୁନିଷ୍ଠା

ପ୍ରଶ୍ନ : ମୁଁ ଜଣେ ମହାପୁରୁଷଙ୍କ ଶିଷ୍ୟ । ତାଙ୍କ କୃପା ମୁଁ ପାଇଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ ପରେ ମୋର ଚିର-ଅଭିଳଷିତ ଆଶା ପୂରଣ ହେଲା ଭଳି ଲାଗୁଛି । ମୋର ଏହି ଆଶା ଥିଲା ଯେ ଅଧ୍ୟାତ୍ମ ସତ୍ୟ ଜନସାଧାରଣଙ୍କୁ ମିଳୁ । ଏହା ପାଇଲି ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ । ଶ୍ରୀଅରବିନ୍ଦଙ୍କ ଯୋଗହିଁ ଯୁଗଧର୍ମ ଏବଂ ପ୍ରତ୍ୟେକ ବ୍ୟକ୍ତିର ଉପଯୋଗୀ । ମନୁଷ୍ୟ ନିଜ କର୍ମ ପରିତ୍ୟାଗ ନ କରି ସେହି କର୍ମ ସମର୍ପଣ ଦ୍ୱାରା ଲକ୍ଷ୍ୟରେ ପହଞ୍ଚିପାରିବ । ଏହା ଅତି ସହଜରେ ସାଧିତ ହେବ ମା'ଙ୍କ ଉପରେ ନିର୍ଭରତା ଓ ଭରସା ରଖିଲେ । ଏହା ତ ଏକେବାରେ ଠିକ୍ । କିନ୍ତୁ ମୋର ଗୁରୁ ଭିନ୍ନ । ମୁଁ କିପରି ଭାବ ରଖିଲେ ମୋର ପ୍ରଥମ ଗୁରୁନିଷ୍ଠା ବ୍ୟାହତ ହେବ ନାହିଁ ? ଏ ବିଷୟରେ ବୁଝାଇ ଲେଖିବେ ।

ଉତ୍ତର : 'ଗୁରୁ' ଶବ୍ଦର ଅର୍ଥ ଅନ୍ଧକାର ଦୂରକରି ଆଲୋକ ଦେବା, ଅର୍ଥାତ୍ ଅଜ୍ଞାନତା ଦୂରକରି ଜ୍ଞାନ ପ୍ରଦାନ କରିବା । ଗୁରୁଙ୍କୁ ପରମତତ୍ତ୍ୱ ବୋଲି କୁହାହୋଇଛି – ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁ, ଗୁରୁର୍ଦେବଃ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।'' ଯଥାର୍ଥରେ ଗୁରୁ ପରମତତ୍ତ୍ୱ । ଭଗବାନ୍ ଗୁରୁ ମଧ୍ୟରେ ଶିଷ୍ୟକୁ ଉପଦେଶ ଦେବା ନିମିତ୍ତ ପ୍ରକଟ ହୁଅନ୍ତି । ଶିଷ୍ୟର ଆବଶ୍ୟକ ଅନୁସାରେ ସେହି ଏକହିଁ ପରମତତ୍ତ୍ୱ ଭିନ୍ନ ଭିନ୍ନ ଶରୀର ମଧ୍ୟଦେଇ ଶିଷ୍ୟକୁ ଶିକ୍ଷା ଦିଅନ୍ତି । ଗୁରୁଙ୍କ ଶୁଦ୍ଧ ସ୍ୱରୂପ ଏବଂ ପରଂବ୍ରହ୍ମ ଏକ ବସ୍ତୁ । ସେ କେବଳ ପୃଥକ୍ ରୂପରେ ଆସନ୍ତି । ଗୁରୁତତ୍ତ୍ୱ ଶାଶ୍ୱତ, ତାଙ୍କର ନାଶ କେବେ ବି ହୁଏ ନାହିଁ । କେବଳ ନାଶବାନ୍ ଶରୀରର ପରିବର୍ତ୍ତନ ହୁଏ । ଗୁରୁଙ୍କ ଶରୀର ନିର୍ମାଣ ହୋଇଥାଏ ମନ-ପ୍ରାଣ-ଶରୀରର ସମଷ୍ଟିରେ । ଗୁରୁ ଏହି ଶରୀର ତ୍ୟାଗ କଲେ ମନ, ପ୍ରାଣ ଓ ଶରୀର ଯଥାକ୍ରମେ ବିଶ୍ୱ ମନ, ବିଶ୍ୱ ପ୍ରାଣ ଓ ଶରୀର (ଅପ୍, ତେଜଃ, ବାୟୁ ଇତ୍ୟାଦି)ରେ ମିଶି ଯାଆନ୍ତି । ଶାଶ୍ୱତ ରୂପେ ସ୍ଥାୟୀ ରହେ ଆତ୍ମା ବା ଗୁରୁତତ୍ତ୍ୱ । ତା'ର କେବେ ବି ନାଶ ହୁଏ ନାହିଁ । ସେହି ଆତ୍ମା ଏକ ତତ୍ତ୍ୱ । ତାକୁ ଆମେ ପୃଥକ୍ କରି ପାରିବା ନାହିଁ । ଆତ୍ମା ପରମାତ୍ମାଙ୍କ ସ୍ୱରୂପଭୂତ ହେବାରୁ ସେ ଏକ । ସେହି 'ଏକ' ଭିନ୍ନ ଭିନ୍ନ ରୂପରେ ପ୍ରକଟ ହୋଇଛନ୍ତି । ଅତଏବ ଏହି ବିଭେଦତା କେବଳ ସୀମିତ ମନର । ମନ ସର୍ବଦା ସନ୍ଦେହଯୁକ୍ତ ।

ଗୁରୁଙ୍କର ଉଦ୍ଦେଶ୍ୟ ହେଲା ଶିଷ୍ୟକୁ ଭଗବାନଙ୍କ ପାଖରେ ପହଞ୍ଚାଇଦେବା । ଶିଷ୍ୟର ଆଧାର ପ୍ରସ୍ତୁତି ତଥା ଗ୍ରହଣଶୀଳତା ଅନୁସାରେ ସମୟୋପଯୋଗୀ ଶିକ୍ଷା ଗୁରୁ ଦିଅନ୍ତି । ସାଧନା ଆରମ୍ଭ ମାତ୍ରେ କିଂବା କିଛିଦୂର ଅଗ୍ରସର ହେବାପରେ ଆଧାର ପ୍ରସ୍ତୁତି ହୁଏ ନାହିଁ, ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ଆଧାର ତୟାରି ଚାଲିଥାଏ ଏବଂ ଗୁରୁଙ୍କ ନିର୍ଦେଶ ଏବଂ ସାହାଯ୍ୟର ଆବଶ୍ୟକ ଥାଏ । ଶିଷ୍ୟର ଆଧାର ତୟାରି ପୂର୍ବରୁ, ଭଗବତ୍ ପ୍ରାପ୍ତି ପୂର୍ବରୁ ଯଦି ଗୁରୁ ଶରୀର ତ୍ୟାଗ କରନ୍ତି, ସେସମୟରେ ଶିଷ୍ୟର ନିଜ ଅନ୍ତରରୁ ଭଗବତ୍ ପ୍ରେରଣା ପାଇବା ସକାଶେ ଚେତନା ବିକଶିତ ହୋଇ ନ ଥାଏ । ଶିଷ୍ୟ ଯଦି ମୋହ ଏବଂ ଭ୍ରମବଶତଃ ଗୁରୁନିଷ୍ଠାର ଠିକ୍ ଅର୍ଥ ନ ବୁଝି ଭଗବତ୍ ପ୍ରାପ୍ତି ସକାଶେ କୌଣସି ସିଦ୍ଧପୁରୁଷଙ୍କଠାରୁ ସାହାଯ୍ୟ ନ ନିଏ, ତେବେ ସେ ଲକ୍ଷ୍ୟସିଦ୍ଧି କରିପାରେ ନାହିଁ । ଗୁରୁଙ୍କ ଉଦ୍ଦେଶ୍ୟ ଶିଷ୍ୟର ଭଗବତ୍ ପ୍ରାପ୍ତି । ଭଗବତ୍ ପ୍ରାପ୍ତିରେହିଁ ଯଥାର୍ଥ ଗୁରୁନିଷ୍ଠା । ଭଗବତ୍ ପ୍ରାପ୍ତି ନ ହେବା ଗୁରୁନିଷ୍ଠାର ବିରୋଧ । ଭଗବତ୍ ପ୍ରାପ୍ତି ସକାଶେ ଅନ୍ୟଠାରୁ

ସାହାଯ୍ୟ ନ ନେବା ଯଥାର୍ଥରେ ଗୁରୁନିଷ୍ଠାର ବିରୋଧ । ଭଗବତ୍ ପ୍ରାପ୍ତି ସକାଶେ ଅନ୍ୟ ମହାପୁରୁଷଙ୍କ ସାହାଯ୍ୟ ନେବା ଯଥାର୍ଥରେ ଗୁରୁନିଷ୍ଠା ପୂର୍ଣ୍ଣ କରିବା । କାରଣ ପୂର୍ବେ କୁହାହୋଇଛି ଏକହି ପରମତତ୍ତ୍ୱ ଭିନ୍ନ ଭିନ୍ନ ଶରୀରରେ ଶିଷ୍ୟକୁ ସାହାଯ୍ୟ କରନ୍ତି । ଅନ୍ୟ ପକ୍ଷରେ ଶିଷ୍ୟର ଉଦ୍ଦେଶ୍ୟ ଯଦି କେବଳ ଗୁରୁ କରିବା ହୋଇଥାଏ, ତେବେ ତ ଠିକ୍, ଗୁରୁ ଶରୀର ତ୍ୟାଗ କଲା ପରେ ସେ ଚୁପ୍ ହୋଇ ବସି ରହିବ । କିନ୍ତୁ ଯଦି ଭଗବତ୍ ପ୍ରାପ୍ତିର ଉଦ୍ଦେଶ୍ୟ ଥାଏ, ତେବେ ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ପ୍ରଯତ୍ନ କରିବାର ଅର୍ଥହିଁ ହେଲା ଯଥାର୍ଥ ଗୁରୁନିଷ୍ଠା । କାରଣ ଗୁରୁ ଯେଉଁ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟ ଶିଷ୍ୟ ସମ୍ମୁଖରେ ରଖିଥିଲେ ସେ ତାହାହିଁ କରିବାକୁ ପ୍ରଯତ୍ନଶୀଳ । ଯେଉଁ ବ୍ୟକ୍ତି ପ୍ରଯତ୍ନ ନ କରେ, ସେହି ବ୍ୟକ୍ତି ଯଥାର୍ଥରେ ଗୁରୁ ଆଜ୍ଞା ଅବଜ୍ଞା କରେ ।

ଗୁରୁ ମଧ୍ୟରେ ବିରୋଧର ସ୍ଥାନ ନାହିଁ । ଆପଣଙ୍କୁ କ, ଖ ଯେଉଁ ମାଷ୍ଟର ପଢ଼ାଇଥିଲେ, ତାଙ୍କଠାରୁ ଆପଣ ଏମ୍. ଏ. ପଢ଼ିବେ କି ? ଏମ୍. ଏ. ଅନ୍ୟ ମାଷ୍ଟରଙ୍କ ପାଖରୁ ପଢ଼ିଲେ କ, ଖ, ପଢ଼ାଇଥିବା ଗୁରୁଙ୍କୁ କ'ଣ ଅବମାନନା କରାହୁଏ ? କ'ଣ କ, ଖ ପଢ଼ି ନ ଥିଲେ ଏମ୍, ଏ. ପଢ଼ିଥା'ନ୍ତେ ? ଏମ୍, ଏ, ରେ ଯଦି କ, ଖ ପଢ଼ାର ଆବଶ୍ୟକ ହୁଏ, ତେବେ ପ୍ରଥମ ଗୁରୁଙ୍କର ଯଥାର୍ଥ ସ୍ଥାନ ରହେ । କ, ଖ ଆଧାର ହେଲେ ତାହା ଉପରେ ଏମ୍. ଏ. ପ୍ରତିଷ୍ଠିତ ହୋଇପାରିବ । କ, ଖ ଆଧାର ହେଲେ କ, ଖ ପଢ଼ାଇଥିବା ଗୁରୁଙ୍କର ସମ୍ମାନ ସବୁସମୟରେ ବଜାୟ ରହିବ ।

ଯେତେ ବଡ଼ ବଡ଼ ମହାପୁରୁଷ ହୋଇଛନ୍ତି ସେମାନଙ୍କର ପ୍ରତ୍ୟେକଙ୍କର ଏକାଧିକ ଗୁରୁ । ଶ୍ରୀନିଗମାନନ୍ଦଙ୍କର ତାନ୍ତ୍ରିକ ଗୁରୁ, ଯୋଗୀ ଗୁରୁ, ବୈଷ୍ଣବ ଗୁରୁ, ଏହି ତିନି ଗୁରୁଙ୍କ ବ୍ୟତୀତ ଅନ୍ୟ ଗୁରୁ ମଧ୍ୟ ଅଛନ୍ତି । ଚୈତନ୍ୟ ମହାପ୍ରଭୁଙ୍କର ଦୁଇ ଗୁରୁ, ଶ୍ରୀ ରାମକୃଷ୍ଣ ପରମହଂସଙ୍କର ତିନି ଗୁରୁ । ଆଜିକାଲି ମଧ୍ୟ ଅଧିକାଂଶ ବ୍ୟକ୍ତିଙ୍କର ଦୀକ୍ଷାଗୁରୁ, ସଦ୍‌ଗୁରୁ ହେଉଅଛନ୍ତି । ଯଦି ଏଥିରେ ପ୍ରକୃତରେ ବିରୋଧ ଥାଆନ୍ତା ତେବେ ଏମାନେ ସବୁ ପତିତ ହୋଇଥାଆନ୍ତେ । ଯେଉଁ ମହାପୁରୁଷମାନଙ୍କ ନାମ ଉଲ୍ଲେଖ କରାଗଲା ଏମାନଙ୍କର ଏକାଧିକ ଗୁରୁ । କ'ଣ ଆମ୍ଭେମାନେ ତାଙ୍କୁ ପୂଜା କରୁ ନାହୁଁ ? ଏମାନେ ଯଦି ଏକଗୁରୁନିଷ୍ଠାରେ ପଡ଼ି ରହିଥାଆନ୍ତେ ତେବେ ସେମାନଙ୍କର ସାଧନା ପୂର୍ଣ୍ଣ ହୋଇ ନ ଥା'ନ୍ତା । ତେବେ ତାଙ୍କଠାରୁ ଆମ୍ଭେମାନେ ଲାଭବାନ୍ ହୋଇ ନ ଥା'ନ୍ତୁ କିଂବା ତାଙ୍କୁ ପୂଜା କରନ୍ତୁ ନାହିଁ । ଏପରି ସଙ୍କୁଚିତ ଧାରଣା ଉନ୍ନତି ମାର୍ଗରେ ବହୁତ ବାଧା ଦିଏ ।

ମନେକରନ୍ତୁ ଶ୍ରୀଅରବିନ୍ଦ ଓ ଶ୍ରୀମା ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣିଛନ୍ତି ସୃଷ୍ଟିରେ ଗୋଟିଏ ନୂତନ ଦିବ୍ୟ-ମାନବ-ଜାତି ସ୍ଥାପନ କରିବାକୁ, ଯାହାର ଫଳ ହେବ ସଂସାରରେ ସ୍ୱର୍ଗ ରାଜ୍ୟ ସ୍ଥାପନ; ଏହି କାର୍ଯ୍ୟ ଭଗବାନଙ୍କର । ଭଗବାନଙ୍କ ବ୍ୟତୀତ ଏତେ ବଡ଼ ପରିବର୍ତ୍ତନ କେବେ ବି ଅନ୍ୟ ଦ୍ୱାରା ହୁଏ ନାହିଁ । ଯଦି ଆମ୍ଭେମାନେ ଭ୍ରମବଶତଃ ଗୁରୁନିଷ୍ଠାର ଅର୍ଥ ନ ବୁଝି ଧାରଣା କରୁ, ''ଆମ୍ଭେ ଅନ୍ୟ ଗୁରୁ କରିଛୁ, ଅତଏବ ଏଥିରୁ ଆମ୍ଭେମାନେ ପୃଥକ୍ ରହିବା ଉଚିତ'', ତେବେ ଏହି ସାଧନାରୁ ବଞ୍ଚିତ ହେବୁ; ତା'ଛଡ଼ା ଭଗବାନଙ୍କ କାର୍ଯ୍ୟରେ ଅଂଶଗ୍ରହଣ କରିବୁ ନାହିଁ । ଅର୍ଥାତ୍ ଭଗବତ୍ ସେବାରୁ ବିରତ ହେବୁ । ସଙ୍କୁଚିତ ରୂପେ ଓ ଭ୍ରମମାର୍ଗରେ ଏହି ଯେଉଁ ଗୁରୁନିଷ୍ଠା, ଏହା ଆସିଛି ସାମ୍ପ୍ରଦାୟିକ ସୀମିତ ମନୋଭାବରୁ ।

ଶ୍ରୀଅରବିନ୍ଦଙ୍କ ଯୋଗ ସର୍ବାବସ୍ଥାରେ ସମ୍ପ୍ରଦାୟର ଉର୍ଦ୍ଧ୍ୱରେ; ଏଥିରେ ଜୀବନର ପୂର୍ଣ୍ଣତା ପ୍ରାପ୍ତ ହୁଏ । ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର, ଭଗବାନଙ୍କ ସଙ୍ଗେ ଏକତ୍ୱ ସ୍ଥାପନ ହୁଏ । ଶରୀରରୁ ରୋଗ, ଜରା ଦୂର ହୁଏ, ସମସ୍ତ ସତ୍ତାରେ ଭଗବତ୍ ଶକ୍ତି ପ୍ରକଟ ହୁଅନ୍ତି । ଏହା ପ୍ରତ୍ୟେକ ସମ୍ପ୍ରଦାୟ, ସାଧୁ, ସନ୍ଥ, ଗୃହସ୍ଥ ଓ ବିରକ୍ତଙ୍କର ଆବଶ୍ୟକ । ଅତଏବ ଶ୍ରୀଅରବିନ୍ଦ ଯୋଗ ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତି ଗ୍ରହଣ କରିପାରିବେ । ଏଥିରେ ଗୁରୁନିଷ୍ଠା ବ୍ୟାହତ ହୁଏ ନାହିଁ, ବରଂ ଗୁରୁନିଷ୍ଠା ପୂର୍ଣ୍ଣ ହୁଏ ।

ଏହି ବିଷୟ ବିସ୍ତୃତଭାବେ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' – ଦ୍ୱିତୀୟ ଭାଗରେ ଆଲୋଚିତ ହୋଇଛି । ତାକୁ ଆପଣ ମନଦେଇ ଭଲକରି ପଢ଼ନ୍ତୁ ।

*

ପ୍ରଶ୍ନ : ଯଦି ଏକହିଁ ପରମତତ୍ତ୍ୱ ଭିନ୍ନଭିନ୍ନ ଶରୀରରେ ଶିଷ୍ୟକୁ ଉପଦେଶ ଦିଅନ୍ତି, ତେବେ ଶିଷ୍ୟ ମଧ୍ୟରେ ସେହି ତତ୍ତ୍ୱ ଥାଏ, ଶିଷ୍ୟ ନିଜ ଅନ୍ତରର ସେହି ତତ୍ତ୍ୱରୁ ନିର୍ଦ୍ଦେଶ ପାଇପାରେ । ଫେର୍ ଅନ୍ୟ ବ୍ୟକ୍ତିଙ୍କଠାରୁ ଉପଦେଶର ଆବଶ୍ୟକତା କ'ଣ ?

ଉତ୍ତର : ସମସ୍ତ କାଷ୍ଠରେ ଅଗ୍ନି ଥାଏ । ସେହି ଅଗ୍ନି ଦ୍ୱାରା ରୋଷାଇ ହୁଏ ନାହିଁ । ବାହାର ଅଗ୍ନିର ସଂଯୋଗ ଆବଶ୍ୟକ ହୁଏ । ଶିଷ୍ୟ ମଧ୍ୟସ୍ଥ ପରମତତ୍ତ୍ୱ ମନ, ପ୍ରାଣର ଆବରଣରେ ଥାଏ, ସେଥିସକାଶେ ତା'ର ନିର୍ଦ୍ଦେଶ ଶିଷ୍ୟ ଜାଣିପାରେ ନାହିଁ । ଗୁରୁଙ୍କର ମନ, ପ୍ରାଣରୁ ଆବରଣ ଦୂର ହୋଇଥାଏ, ସେ ପରମତତ୍ତ୍ୱଙ୍କ ନିର୍ଦ୍ଦେଶ ବୁଝିପାରନ୍ତି ଏବଂ ଶିଷ୍ୟକୁ ଉପଦେଶ ଦିଅନ୍ତି । ସେହି ସକାଶେ ଶିଷ୍ୟର ଅନ୍ୟ ଗୁରୁ ଆବଶ୍ୟକ । ଶିଷ୍ୟର ଯଦି ଅନ୍ତରରୁ ଭଗବତ୍ ନିର୍ଦ୍ଦେଶ ପାଇବାର ଯୋଗ୍ୟତା ପ୍ରାପ୍ତ ହୋଇଥାଏ, ତେବେ ଅନ୍ୟର ସାହାଯ୍ୟ ଆବଶ୍ୟକ ହୁଏ ନାହିଁ । କିନ୍ତୁ ଏପରି ଶିଷ୍ୟ ହୁଅନ୍ତି କେବଳ ଭଗବାନଙ୍କ ଅବତାର । ସାଧାରଣ ବ୍ୟକ୍ତି ସକାଶେ ଗୁରୁ ଆବଶ୍ୟକ । ଏପରିକି ଶ୍ରୀରାମକୃଷ୍ଣ ପରମହଂସଙ୍କୁ ମା' କାଳୀ ସ୍ୱୟଂ ପରିଚାଳନା କରୁଥିଲେ; ଦର୍ଶନ ଦେଇ କଥାବାର୍ତ୍ତା କରୁଥିଲେ; ତଥାପି ଭୈରବୀ ଗୁରୁ ରୂପେ ଆସି ତାଙ୍କ ପାଖରେ ରହି ତାଙ୍କୁ ତନ୍ତ୍ରସାଧନାର ଶିକ୍ଷା ଦେଇଥିଲେ । ଜ୍ଞାନ ଉପଦେଶ ଦେଇଥିଲେ ତୋତାପୁରୀ । ଭଗବତ୍ ଶେଷପ୍ରାପ୍ତି ପର୍ଯ୍ୟନ୍ତ ଗୁରୁଙ୍କ ଆବଶ୍ୟକତା ଥାଏ ।

*

ପ୍ରଶ୍ନ : ଶିଷ୍ୟର ଯଦି ଅନ୍ୟ ଗୁରୁ ଆବଶ୍ୟକତା ଥାଏ ତେବେ ପ୍ରଥମ ଗୁରୁ ନିର୍ଦ୍ଦେଶ ଦେଇପାରନ୍ତି ଅଥବା ଗୁରୁ ଶରୀରତ୍ୟାଗ ପୂର୍ବରୁ ଶିଷ୍ୟର ଭାବୀ ଗୁରୁଙ୍କ ସନ୍ଧାନ ଦେଇପାରନ୍ତି ।

ଉତ୍ତର : ଏପରି ହୁଏ । ବହୁତ ଗୁରୁ ସ୍ୱୟଂ ଉପଦେଶ ନ ଦେଇ ନିଜ ଶିଷ୍ୟକୁ ଅନ୍ୟ ଗୁରୁଙ୍କ ପାଖକୁ ପଠାଇ ଦିଅନ୍ତି । ଏପରି ବହୁତ ଘଟଣା ଅଛି । ଏହା ପ୍ରତ୍ୟେକ ଶିଷ୍ୟ ସକାଶେ ଆବଶ୍ୟକ ନ ଥାଏ । ପ୍ରଥମ କଥା ହେଲା ସମସ୍ତ ଗୁରୁ ତ୍ରିକାଳଜ୍ଞ ନ ଥା'ନ୍ତି । ଯଦି ଥାଆନ୍ତି ତେବେ ଶିଷ୍ୟର ଜାଣିବା ଆବଶ୍ୟକ ମନେ କଲେ କହନ୍ତି ଅନ୍ୟଥା କହନ୍ତି ନାହିଁ ।

*

ପ୍ରଶ୍ନ : ଅଧ୍ୟାତ୍ମ ମାର୍ଗର ପରମ୍ପରା ଅନୁସାରେ ପ୍ରତ୍ୟେକ ଅଧ୍ୟାତ୍ମ ସମ୍ପ୍ରଦାୟରେ ଗୁରୁମାନେ ଶିଷ୍ୟକୁ ମନ୍ତ୍ରଦୀକ୍ଷା ଦିଅନ୍ତି । ଶିଷ୍ୟମାନେ ସେହି ମନ୍ତ୍ରଜପ ଦ୍ୱାରା ମୁକ୍ତି, ସିଦ୍ଧି ପ୍ରାପ୍ତ ହୁଅନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ଆମ୍ଭମାନଙ୍କ ଗୁରୁ ଶ୍ରୀଅରବିନ୍ଦ ଏବଂ ମା' । ଆମ୍ଭମାନଙ୍କୁ କୌଣସି ମନ୍ତ୍ର ଦେଉ ନାହାନ୍ତି । ଆମ୍ଭେମାନେ ସିଦ୍ଧି ପ୍ରାପ୍ତ ହେବୁ କିପରି ?

ଉତ୍ତର : ଆପଣମାନଙ୍କର ମୁକ୍ତି-ସିଦ୍ଧିରେ କାମ ଚଳିବ ନାହିଁ, ଯଦ୍ୟପି ମୁକ୍ତି ପ୍ରାପ୍ତହେବ ରୂପାନ୍ତରର ମାର୍ଗରେ । ମନ, ପ୍ରାଣ ଓ ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସମସ୍ତ ସତ୍ତାରେ ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମଙ୍କୁ ପ୍ରକାଶ କରିବାକୁ ହେବ । କୌଣସି ମନ୍ତ୍ରସିଦ୍ଧି ଦ୍ୱାରା ଏହା ସିଦ୍ଧି ହୋଇ ପାରିବ ନାହିଁ, ହେବ ଅତିମାନସ ଶକ୍ତି ଦ୍ୱାରା ମା'ଙ୍କ ଚରଣରେ ନିଜକୁ ପୂର୍ଣ୍ଣରୂପେ ସମର୍ପଣ କରିବାରେ । ଅତଏବ ଏହି ଯୋଗର ରହସ୍ୟ ସମର୍ପଣ । କାରଣ ଶରୀରର ରୂପାନ୍ତର ହୁଏ ଅତିମାନସ ଶକ୍ତି ଦ୍ୱାରା । ସେ ଶକ୍ତି ରୂପାନ୍ତର କ୍ରିୟାକରେ ସମର୍ପଣରେ । ମା'ଶ୍ରୀଅରବିନ୍ଦଙ୍କ ନାମଜପ ବା ସ୍ମରଣ ସାଧନାରେ ସାହାଯ୍ୟ କରେ, କିନ୍ତୁ ପୁରାତନ ଯୋଗରେ ମନ୍ତ୍ରଦୀକ୍ଷା ଯେପରି ଅପରିହାର୍ଯ୍ୟ ଏ ଯୋଗରେ ସେପରି ନୁହେଁ । ଏ ଯୋଗରେ ସମର୍ପଣ ଅପରିହାର୍ଯ୍ୟ ।

*

ପ୍ରଶ୍ନ : ଅନ୍ୟାନ୍ୟ ଗୁରୁଙ୍କ ପରି ମା' ଆମ୍ଭମାନଙ୍କୁ କୌଣସି ଉପଦେଶ ବା ଦୀକ୍ଷା ଦେଉ ନାହାନ୍ତି । ଆମ୍ଭେମାନେ ଲକ୍ଷ୍ୟରେ ପହଞ୍ଚିବୁ କିପରି ?

ଉତ୍ତର : ଉପଦେଶ ବା ଦୀକ୍ଷା ଦ୍ୱାରା ଅତିମାନବ ବା ରୂପାନ୍ତର-ସିଦ୍ଧି ସମ୍ଭବ ନୁହେଁ । ଲକ୍ଷ୍ୟସିଦ୍ଧି ହୁଏ ମା'ଙ୍କର ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଦ୍ୱାରା । ଯେଉଁ ଗୁରୁମାନେ କେତେକ ସଂଖ୍ୟକ ଶିଷ୍ୟଙ୍କୁ ମୁକ୍ତି ବା ଭଗବତ୍‌ପ୍ରାପ୍ତି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି, ସେମାନଙ୍କୁ ଉପଦେଶ ଏବଂ ନିର୍ଦ୍ଦେଶ ଦେବାକୁ ହୁଏ । କିନ୍ତୁ ଯେଉଁ ଜଗଦ୍‌ଗୁରୁ ସମଗ୍ର ପୃଥିବୀରେ ଗୋଟିଏ ନୂତନ ମାନବଜାତି ସ୍ଥାପନା କରିବାକୁ ଆସନ୍ତି, ଅଜେୟ ଜରା-ରୋଗ-ମୃତ୍ୟୁ ତଥା ଜାଗତିକ ପ୍ରକୃତି ଉପରେ ବିଜୟପ୍ରାପ୍ତ ହେବାକୁ ଆସନ୍ତି, ସେ ଗୋଟିଏ ସ୍ଥାନରେ ରହି ବ୍ୟାପକରୂପେ ସମସ୍ତ ଦେଶରେ, ସମସ୍ତ ଶିଷ୍ୟଙ୍କ ହୃଦୟରେ ସେମାନଙ୍କ ଜ୍ଞାତ ବା ଅଜ୍ଞାତରେ ପ୍ରେରଣା ଦିଅନ୍ତି, ଅନ୍ତର୍ନିର୍ଦ୍ଦେଶରେ ଶିଷ୍ୟକୁ ପରିଚାଳନା କରନ୍ତି । ତାଙ୍କୁ ସ୍ଥୂଳରୂପେ ଉପଦେଶ ଦେବାକୁ ପଡ଼େ ନାହିଁ । ସ୍ଥୂଳରୂପେ ଉପଦେଶ ଦେଲେ ଶିଷ୍ୟର ରୂପାନ୍ତର ସମ୍ଭବ ହୁଏ ନାହିଁ । କାରଣ ବ୍ୟକ୍ତିର ସମସ୍ତ ସତ୍ତା ରୂପାନ୍ତର ହେବାକୁ ଚାହାନ୍ତି ନାହିଁ, ବିରୋଧୀ ଶକ୍ତି ଛିଦ୍ର ଖୋଜୁଥାଆନ୍ତି, ସୁଯୋଗ ପାଇ ସାଧକକୁ ଆକ୍ରମଣ କରନ୍ତି । ଏପରି ଅବସ୍ଥାରେ ମା'ଙ୍କ ଶକ୍ତି ସାଧକ ମଧ୍ୟରେ କ୍ରିୟା କରେ ଏବଂ ତାକୁ ବିରୋଧୀ ଶକ୍ତିର କୌଶଳ ଚିହ୍ନାଇ ଦିଏ ।

*

ପ୍ରଶ୍ନ : ମା' କ'ଣ ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତି ?

ଉତ୍ତର : କୌଣସି ବିଶେଷ ପ୍ରଶ୍ନ ବ୍ୟତୀତ ସବୁ ପ୍ରଶ୍ନର ଉତ୍ତର ମା' ନିଜେ ଲେଖିକରି ଦିଅନ୍ତି ନାହିଁ । ପ୍ରଶ୍ନକର୍ତ୍ତାର ପ୍ରଶ୍ନ ଯଦି ଆନ୍ତରିକ ହୋଇଥାଏ ତେବେ ନିଜ ପ୍ରଶ୍ନର ଉତ୍ତର ନିଜ ଅନ୍ତରରୁ ପାଇପାରେ । ଯଦି ପ୍ରଶ୍ନ ଆନ୍ତରିକ ହୋଇଥାଏ, କିନ୍ତୁ ତା' ଉପରେ ମନ-ବୁଦ୍ଧିର ତର୍କର ଆବରଣ ପଡ଼ିଥାଏ କିଂବା ବୁଦ୍ଧିର ଜଟିଳତା ଯୋଗୁଁ ତା'ର ଗ୍ରହଣ-ସାମର୍ଥ୍ୟ ଅବରୁଦ୍ଧ ହୋଇଥାଏ, ତେବେ ମା'ଙ୍କ ପ୍ରେରଣାରୁ କୌଣସି ବହି ପଢ଼ିବା ଦ୍ୱାରା, କୌଣସି ବ୍ୟକ୍ତି ସଙ୍ଗେ କଥାବାର୍ତ୍ତା କରିବା ଦ୍ୱାରା ଅଥବା ଅନ୍ୟ ଯେକୌଣସି ପ୍ରକାରେ ତା'ର ପ୍ରଶ୍ନର ଉତ୍ତର ମିଳେ । ଯଦି ପ୍ରଶ୍ନ ଆନ୍ତରିକ ହୋଇ ନ ଥାଏ, ଆଧାରରେ ଗ୍ରହଣଶୀଳତାର ଅଭାବ ଥାଏ, ପ୍ରଶ୍ନ କେବଳ ମାନସିକ ବ୍ୟାୟାମ ବ୍ୟତୀତ ଆଉ କିଛି ନ ହୋଇଥାଏ, ତେବେ ଏପରିସ୍ଥଳେ ପ୍ରଶ୍ନର ଉତ୍ତର ଆଦୌ ମିଳେ ନାହିଁ । ଏହିସବୁ କାରଣରୁ ଏପରି ପ୍ରଶ୍ନର ଉତ୍ତର ମା' ଦିଅନ୍ତି ନାହିଁ ।

ପ୍ରଶ୍ନ : ଗୁରୁ ଶରୀର ତ୍ୟାଗ କରିବା ପରେ ଶିଷ୍ୟ ତାଙ୍କ କୃପା ଲାଭ କରିପାରେ କି ?

ଉତ୍ତର : ଏହା ନିର୍ଭର କରେ ଶିଷ୍ୟର ଗ୍ରହଣଶୀଳତା, ବିଶ୍ୱାସ ଓ ନିର୍ଭରତା ଉପରେ । ଶିଷ୍ୟର ଯଦି ଦୃଢ଼ ବିଶ୍ୱାସ ଥାଏ, କିନ୍ତୁ ଗୁରୁଙ୍କର ସେତେ ଯୋଗ୍ୟତା ନ ଥାଏ, ତେବେ ଶିଷ୍ୟର ବିଶ୍ୱାସ ଯୋଗୁଁ ସେ ଭଗବାନଙ୍କ କୃପା ଲାଭ କରିପାରେ ।

*

ପ୍ରଶ୍ନ : ସଦ୍‌ଗୁରୁ ସ୍ଥୂଳଭାବେ ଗ୍ରହଣୀୟ ନା ସୂକ୍ଷ୍ମଭାବେ ଗ୍ରହଣୀୟ ? ଯଦି ସ୍ଥୂଳ ରୂପରେ ନ ଥାଆନ୍ତି ତେବେ ଶିଷ୍ୟଠାରେ ତାଙ୍କ ଶକ୍ତି ସଞ୍ଚାର ହେବ କିପରି ?

ଉତ୍ତର : ଗୁରୁ ଗ୍ରହଣୀୟ ସ୍ଥୂଳରୂପେ । ଯଦି ସୂକ୍ଷ୍ମଭାବେ ଗ୍ରହଣ କରାହୁଏ ତେବେ ଅନ୍ୟ ଗୁରୁ କରିବା ଆବଶ୍ୟକ ହୁଏ ନାହିଁ । ଭଗବାନ୍ ସୂକ୍ଷ୍ମ ରୂପେ ସର୍ବତ୍ର ବିଦ୍ୟମାନ । ତାଙ୍କୁହିଁ ଗୁରୁରୂପେ ଗ୍ରହଣ କରିବା ଅଧିକ ନିର୍ଦ୍ୱନ୍ଦ୍ୱ, କାରଣ ଭଗବାନ୍ ବ୍ୟାପକରୂପେ ଥିବାର କୌଣସି ସନ୍ଦେହ ନାହିଁ, ନିଜ ମଧ୍ୟରେ ଆତ୍ମାରୂପେ ବିଦ୍ୟମାନ । ଯେଉଁ ଗୁରୁଙ୍କୁ ସୂକ୍ଷ୍ମରୂପେ ଗ୍ରହଣ କରାହେବ ତାଙ୍କ ବ୍ୟାପକତ୍ୱ ଏବଂ ଉପସ୍ଥିତିରେ ସନ୍ଦେହ ହୋଇପାରେ, କିନ୍ତୁ ଭଗବାନଙ୍କ ଉପସ୍ଥିତିରେ ସନ୍ଦେହ ନ ଥାଏ ।

ଯଦି ଗୁରୁ ପ୍ରଭାବଶାଳୀ ଏବଂ ବିଶେଷ କାର୍ଯ୍ୟ କରିବାକୁ ସଂସାରକୁ ଆସିଥାଆନ୍ତି, ତେବେ ଜୀବିତ ଅବସ୍ଥାରେ ବିଶେଷ ଶକ୍ତି ଦ୍ୱାରା କାର୍ଯ୍ୟ କରନ୍ତି । ସେତେବେଳେ ତାଙ୍କ ସ୍ଥୂଳ ଶରୀର ଦ୍ୱାରା ତାଙ୍କ ଶକ୍ତି ବ୍ୟାପକରୂପେ କାର୍ଯ୍ୟ କରେ । ଶରୀରରେ ଥିବା ସମୟରେ ଶିଷ୍ୟ ଥରେ ମାତ୍ର ନ ଦେଖି ଯଦି ଯଥାର୍ଥ ବିଶ୍ୱାସ ରଖିପାରେ, ତେବେ ସେ ତାଙ୍କର ଶକ୍ତି ଗ୍ରହଣ କରିପାରିବ । ଶିଷ୍ୟ ପତିତ ହେଉ ଅଥବା ଧର୍ମାତ୍ମା ହେଉ, ସେଥିରେ କିଛି ଯାଏ ଆସେ ନାହିଁ । ପ୍ରଧାନ କଥା

ହେଲା ତା'ର ଆଧାର ଗ୍ରହଣଶୀଳ ହେବା ଏବଂ ତା'ର ବିଶ୍ୱାସ ରହିବା । ଧର୍ମାତ୍ମା ବ୍ୟକ୍ତିର ଯଦି ଆଧାର ତୟାର ନ ଥାଏ, ବିଶ୍ୱାସ ନ ଥାଏ, ତେବେ ସେ ଗୁରୁକୃପା ପାଇପାରେ ନାହିଁ ।

*

ପ୍ରଶ୍ନ : ସଦ୍‌ଗୁରୁ ଶରୀରତ୍ୟାଗ କରିବା ପରେ ତାଙ୍କର ଶିଷ୍ୟ ଗୁରୁ ହୋଇ ପାରନ୍ତି କି ନାହିଁ ?

ଉତ୍ତର : ଶିଷ୍ୟ ଅନୁପଯୁକ୍ତ ଥିଲେ ଗୁରୁ ହେବା ଉଚିତ ନୁହେଁ । କାହାର ପିତା ହୁଏତ ବହୁତ ଧନୀ ଥିଲେ । ବିଶେଷ ଦାନ କରୁଥିଲେ । ତାଙ୍କ ପୁତ୍ର ଏକେବାରେ ଗରିବ ହୋଇପାରନ୍ତି ସବୁବେଳେ ଧନାଭାବ । କ'ଣ ସେ ଧନୀର ପୁତ୍ର ବୋଲି ନିଜେ ଖାଇବାକୁ ନ ପାଇବା ଅବସ୍ଥାରେ ଅନ୍ୟକୁ ଦାନ ଦେଇ ପାରିବେ ? ଶିଷ୍ୟ ଯଦି ଗୁରୁଙ୍କ ଶକ୍ତି ଗ୍ରହଣ କରିପାରି ନାହାନ୍ତି, ତାଙ୍କର କୌଣସି ଶକ୍ତି ନାହିଁ; ସେ ଅନ୍ୟକୁ କିପରି ଶକ୍ତି ଦେବେ ? ଗୁରୁଙ୍କର ଅଯୋଗ୍ୟ ଶିଷ୍ୟକୁ ଗୁରୁ କରିବା ଏକ କୁସଂସ୍କାର ମାତ୍ର । ଯଦି ଏହା ଠିକ୍ ହୁଅନ୍ତା, ତେବେ ପୃଥିବୀକୁ ବାରଂବାର ମହାପୁରୁଷମାନଙ୍କୁ ଶରୀର ଧାରଣ କରି ଆସିବାକୁ ହୁଅନ୍ତା ନାହିଁ ।

ପ୍ରଶ୍ନ : ଅବତାରରୂପେ ଆସିଥିବା ସଦ୍‌ଗୁରୁ ଶିଷ୍ୟକୁ ଆକର୍ଷଣ କରିବେ ନା ଶିଷ୍ୟ ଅନ୍ଧଭାବେ ବିଶ୍ୱାସ କରି ଗୁରୁରୂପେ ତାଙ୍କୁ ଗ୍ରହଣ କରିବ ?

ଉତ୍ତର : ଏସବୁ ନିର୍ଭର କରେ ବ୍ୟକ୍ତି ଉପରେ । ଏହାର କୌଣସି ନିର୍ଦ୍ଧାରିତ ନିୟମ ନାହିଁ । କେବେ ଗୁରୁ ଶିଷ୍ୟକୁ ଆକର୍ଷଣ କରନ୍ତି । କେବେ ଶିଷ୍ୟ ଆକର୍ଷିତ ହୋଇ ଗୁରୁଙ୍କ ପାଖକୁ ଯାଏ । ଯାହାକୁ ଅନ୍ଧବିଶ୍ୱାସ କୁହାଯାଏ ତାହା ଯଥାର୍ଥରେ ନିଜ ଆତ୍ମାର ପ୍ରେରଣା । ଅବତାର ରୂପେ ଆସିଥିବା ଗୁରୁଙ୍କୁ ପ୍ରାପ୍ତହେବା ବଡ଼ ସୌଭାଗ୍ୟର ବିଷୟ । ଅଜ୍ଞାତରୂପେ ଆତ୍ମାର ପ୍ରେରଣାରେ ମନୁଷ୍ୟର ବିଶ୍ୱାସକୁ ଅନ୍ଧବିଶ୍ୱାସ କହିପାରନ୍ତି, କିନ୍ତୁ ତାହା ଅନ୍ଧ ନୁହେଁ । ଅନ୍ଧବିଶ୍ୱାସରେ କୌଣସି ଅନୁପଯୁକ୍ତ ଗୁରୁଙ୍କ ପାଖକୁ ବ୍ୟକ୍ତି ଯାଇପାରେ, କିନ୍ତୁ ଶ୍ରେଷ୍ଠ ସମର୍ଥ ଗୁରୁଙ୍କ ପାଖକୁ ଯିବାର ଅର୍ଥ ତା'ର ଆତ୍ମାର ପ୍ରେରଣା ।

*

ପ୍ରଶ୍ନ : ସଦ୍‌ଗୁରୁଙ୍କୁ ଜାଣିବା କିପରି ? ବଡ଼ ବଡ଼ କଥା ପ୍ରଚାର କରୁଥିବା ଗୁରୁଙ୍କୁ ସଦ୍‌ଗୁରୁ ବୋଲି ବିଶ୍ୱାସ କରିବାକୁ ହେବ କି ?

ଉତ୍ତର : ସଦ୍‌ଗୁରୁ ଜାଣିବାର ଏକମାତ୍ର ନିର୍ବିବାଦ, ନିଃସନ୍ଦିଗ୍‌ଧ ଉପାୟ ହେଲା ଆତ୍ମାର ପ୍ରେରଣା । ଆତ୍ମାର ପ୍ରେରଣାରେ କେବେ ଭୁଲ୍‌ଭ୍ରାନ୍ତି ନ ଥାଏ । ପ୍ରମାଦ ହୁଏ ବୁଦ୍ଧି, ତର୍କ, ଯୁକ୍ତି, ନିଜ ଅହଂକାର ଦ୍ୱାରା । ସଦ୍‌ଗୁରୁ ଚିହ୍ନିବାରେ ମୋହବଶ ହୋଇ ମନୁଷ୍ୟ ଯେତେବେଳେ ଦାବି କରେ, ''ମୁଁ ନିଜେ ମୋ ବୁଦ୍ଧି ବଳ-କୌଶଳରେ ସଦ୍‌ଗୁରୁ ପାଇପାରିବି''; ସେତେବେଳ ପର୍ଯ୍ୟନ୍ତ ତାକୁ ଗୁରୁ ପ୍ରାପ୍ତ ହୁଅନ୍ତି ନାହିଁ । ତା'ର ନିଜ ଭାବୀ ସଦ୍‌ଗୁରୁଙ୍କ ସମ୍ବନ୍ଧେ ଜାଣିଲେ ମଧ୍ୟ ସେ ତାଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ରଖିପାରେ ନାହିଁ । ଅଧ୍ୟାତ୍ମ ସତ୍ୟ ଓ ସଦ୍‌ଗୁରୁ ପ୍ରାପ୍ତିର ସବୁଠାରୁ ପ୍ରବଳ ଅସାଧାରଣ ବାଧା ହେଉଛି ନିଜ ବୁଦ୍ଧି ବିଚାରର ଗର୍ବ ।

ସଦ୍‌ଗୁରୁ ପ୍ରାପ୍ତି କରିବାକୁ ହେଲେ ବୁଦ୍ଧି, ବିଚାର, ତର୍କ, ଅହଂକାର ପ୍ରଥମେ ତ୍ୟାଗ କରିବାକୁ ହେବ । 'ଅନ୍ଧବିଶ୍ୱାସ' କହିବା ଅବସ୍ଥା ହେଉଛି ନିଜର ଅହଂକାର ଓ ଅଜ୍ଞାନ ବୁଦ୍ଧିର ଫଳ । ଏସବୁକୁ ତ୍ୟାଗ କରିବାକୁ ହେବ, ତେବେ ଆତ୍ମାର ପ୍ରେରଣା ବୁଝିହେବ । ଆତ୍ମାର ପ୍ରେରଣାରେ ଯଦି ବୁଦ୍ଧିକୁ କ୍ରିୟା କରିବାକୁ ଦିଆହୁଏ, ତେବେ ବୁଦ୍ଧି ଆତ୍ମାର ପ୍ରେରଣାକୁ ବିକୃତ କରିଦିଏ । ମନୁଷ୍ୟ ଯଦି ଆତ୍ମାର ପ୍ରେରଣା ସମ୍ବନ୍ଧେ ସଚେତ ନ ହୋଇପାରେ, ତେବେ ସବୁଠାରୁ ସରଳ ଓ ନିଃସନ୍ଦିଗ୍‌ଧ ଉପାୟ ହେଉଛି ଭଗବାନଙ୍କୁ ସ୍ମରଣ କରିବା । ଯଦି ନିଜ ଅନ୍ତରରୁ ସଦ୍‌ଗୁରୁ ପାଇବାର ଅଭୀପ୍ସା ଥାଏ, ତେବେ ଅନ୍ତରରୁ ଭଗବାନଙ୍କୁ ଡାକିଲେ ଭଗବାନ୍ ସଦ୍‌ଗୁରୁଙ୍କୁ ମିଳାଇ ଦିଅନ୍ତି ।

ସଦ୍‌ଗୁରୁ ପାଇବାର ସବୁଠାରୁ ସରଳ ଓ ସୁନିଶ୍ଚିତ ମାର୍ଗ ହେଉଛି ଭଗବାନଙ୍କୁ ପ୍ରାର୍ଥନା କରିବା ।

*

ପ୍ରଶ୍ନ : ସଦ୍‌ଗୁରୁ ସ୍ୱୟଂ ବିନା କାରଣରେ କୃପା କରି ପାପୀ ଭକ୍ତକୁ ଉଦ୍ଧାର କରନ୍ତି, ଏହା କ'ଣ ସତ୍ୟ ?

ଉତ୍ତର : ଜଗାଇ ମାଧାଇ ଆଦି ବହୁତ ପତିତଙ୍କୁ ଭଗବାନ୍ ଉଦ୍ଧାର କରିଛନ୍ତି । ଏସବୁ ଭଗବାନଙ୍କର ଅହେତୁକ କୃପା । ଏହି କୃପାର କୌଣସି ସର୍ତ୍ତ ନାହିଁ ।

ପ୍ରଶ୍ନ : ମୋର ଅବସ୍ଥା ଏପରି ଯେ ଗୁରୁ ମୋ ଧାରଣା ଅନୁସାରେ ଥରକ ପାଇଁ ଦେଖା ନ ହେଲେ ଯେକୌଣସିଠାରେ ବିଶ୍ୱାସ କରିବା ଅସମ୍ଭବ; ଏପରି ଅବସ୍ଥାରେ ଗୁରୁ ପ୍ରାପ୍ତହେବେ କିପରି ?

ଉତ୍ତର : ଅନୁମାନ ହେଉଛି ଏହି ଧାରଣା ବୁଦ୍ଧିର । ଏହାର ପଶ୍ଚାତ୍‌ରେ କୌଣସି ସତ୍ୟତା ଅଛି ବୋଲି ଜଣାଯାଉ ନାହିଁ । ଯଦି ମନର ଏହିପରି ଦୃଢ଼ ଧାରଣା ଥାଏ ତେବେ କୌଣସି ମନନିର୍ମିତ ବିଗ୍ରହ ପ୍ରଘଟ ହୋଇ ଆପଣଙ୍କୁ ଭୁଲ୍‌ମାର୍ଗରେ ନେଇ ଯାଇପାରେ । ଏପରି ସର୍ତ୍ତ ଆତ୍ମା କେବେ ରଖେ ନାହିଁ । ଆତ୍ମା କେବଳ ଭଗବାନଙ୍କ ଉପରେ ଭରସା ରଖି ତାଙ୍କ ଉପରେ ସବୁ ଛାଡ଼ିଦିଏ । ବ୍ୟକ୍ତି ସକାଶେ ଯାହା ଉଚିତ ତାହା ଭଗବାନ୍ କରନ୍ତି । ଅହଂଗତ ମନ କେବଳ ଭଗବାନଙ୍କ ସଙ୍ଗେ ସର୍ତ୍ତ ରଖେ । କେବେ କେବେ ବହୁତ ବିଶେଷ ଅବସ୍ଥାରେ ଯଦି ମନର ଏହି ସର୍ତ୍ତ ପଶ୍ଚାତ୍‌ରେ ଆତ୍ମାର ସମ୍ମତି ଥାଏ ତେବେ ଏହାର ଫଳ ମିଳିପାରେ, ଅନ୍ୟଥା ଶତକରା ଊନଶତ ଭାଗ ନିରର୍ଥକ ହୁଏ ।

*

ପ୍ରଶ୍ନ : ମୁଁ ବହୁତ ମହାତ୍ମାଙ୍କ ସଙ୍ଗ ଲାଭ କରିଛି, ବହୁ ଗ୍ରନ୍ଥ ପଢ଼ିଛି, କିନ୍ତୁ ତ୍ରିକାଳଜ୍ଞ ବୋଲି ନ ଜାଣିଲେ ଗୁରୁ କରିବି କିପରି ? ସେପରି ଗୁରୁ ବା ମିଳିବେ କେଉଁଠି ?

ଉତ୍ତର : ଏହି ପ୍ରଶ୍ନସବୁରୁ ଅନୁମାନ ହେଉଛି ଏହାର ଅଧିକଭାଗ ମନ-ବୁଦ୍ଧିର କସରତ । ଏହା ପଶ୍ଚାତ୍‌ରେ ଯଦି କିଛି ସତ୍ୟ ଥାଏ ତାହା ବହୁତ ଅସ୍ପଷ୍ଟ ।

ନିଜେ ଲେଖିଛନ୍ତି ଯେ ବହୁ ମହାପୁରୁଷଙ୍କ ସାହିତ୍ୟ ପଢ଼ିଛନ୍ତି, ବହୁ ସାଧୁଙ୍କର ସତ୍‌ସଙ୍ଗ କରିଛନ୍ତି । ଏହାପରେ ଯଦି ସନ୍ଦେହ ଥାଏ, କୌଣସି ନିଷ୍ଠା ନ ଥାଏ, ତେବେ ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ତାର୍କିକ ବୁଦ୍ଧିକୁ ଅଧିକ ମହତ୍ତ୍ୱ ଦେଉଛନ୍ତି ଯଦ୍ଦ୍ୱାରା ଆତ୍ମା ଆବୃତ ହୋଇ ଯାଉଛି ।

ଆତ୍ମା ଈଶ୍ୱରଙ୍କୁ ବା ସଦ୍‌ଗୁରୁଙ୍କୁ ଚାହିଁଲେ ସଦ୍‌ଗୁରୁ ନିଜେ ଆସି ମିଳନ୍ତି । ଭଗବାନ୍ ସ୍ୱୟଂ ହାତଧରି ଠିକ୍ ମାର୍ଗରେ ପରିଚାଳନ କରନ୍ତି । ରାମକୃଷ୍ଣ ବିବେକାନନ୍ଦଙ୍କୁ ପାଇବାକୁ ବ୍ୟାକୁଳ ଥିଲେ । ଧ୍ରୁବଙ୍କୁ ନାରଦ ଦେଖାଦେଇ ଜ୍ଞାନୋପଦେଶ ଦେଇଥିଲେ ।

ଆପଣଙ୍କ ପ୍ରଶ୍ନର ଆଭ୍ୟନ୍ତରୀଣ ଉଦ୍ଦେଶ୍ୟ ହେଉଛି କୌଣସି ସଦ୍‌ଗୁରୁଙ୍କ ଚମତ୍କାରିତା (miracle)ରେ ବିଶ୍ୱାସ କରିବା । ଯଥାର୍ଥ ସଦ୍‌ଗୁରୁ ଆବଶ୍ୟକ ମନେ କଲେ ଶିଷ୍ୟକୁ ଚମତ୍କାରିତା ଦେଖାନ୍ତି, କିନ୍ତୁ ଏ ମାର୍ଗ ଆଦୌ ନିରାପଦ ନୁହେଁ । ବହୁତ ଲୋକ ଅଛନ୍ତି ଯାହାଙ୍କର ଅଧ୍ୟାତ୍ମ ସିଦ୍ଧି ପ୍ରାପ୍ତ ନାହିଁ, କିନ୍ତୁ ଲୌକିକ ସିଦ୍ଧି ଲାଭ କରି ଚମତ୍କାରିତା ଦେଖାଇ ଦିଅନ୍ତି । ତ୍ରିକାଳଜ୍ଞ ହୋଇଥିବା ବ୍ୟକ୍ତି ଯେ ଭଗବତ୍ ଉପଲବ୍ଧି କରିଥିବ, ଏହାର କୌଣସି ମାନେ ନାହିଁ । ଅଧ୍ୟାତ୍ମ ସାଧନା ଛଡ଼ା ବହୁପ୍ରକାର ସାଧନା ଅଛି ଯେଉଁ ସିଦ୍ଧିରେ ବ୍ୟକ୍ତି ତ୍ରିକାଳଜ୍ଞ ହୋଇପାରନ୍ତି । ଯେଉଁମାନେ ଅଧ୍ୟାତ୍ମସିଦ୍ଧି ଲାଭ କରିଥା'ନ୍ତି, ସେମାନଙ୍କର ଅହଂ ନ ଥାଏ; ସୁତରାଂ ସେ କାହିଁକି ଚମତ୍କାରିତା ଦେଖାଇବାକୁ ଯିବେ ? ସେମାନେ କେବଳ ଅଧିକାରୀ ଶିଷ୍ୟ ପାଇଲେ ସେମାନଙ୍କୁ ଭଗବତ୍‌ପ୍ରାପ୍ତି କରାଇପାରନ୍ତି ।

ଆପଣଙ୍କ ମଧ୍ୟରେ ଆତ୍ମା ଅଛି । ଭଗବାନ୍ ସର୍ବତ୍ର ବିଦ୍ୟମାନ । ନିଜ ଆତ୍ମା ଅଥବା ଭଗବାନଙ୍କୁ ଗୁରୁ ମାନି କୌଣସି ସାଧନା ନିଷ୍ଠା ସହିତ କରନ୍ତୁ । ପ୍ରତ୍ୟେକ ଅଧ୍ୟାତ୍ମ ସାଧନା ଭଗବାନଙ୍କ ନିକଟରେ ପହଞ୍ଚାଇ ଦିଏ ଯଦି ଶ୍ରଦ୍ଧା, ବିଶ୍ୱାସ ଥାଏ । ଶ୍ରଦ୍ଧା ବିଶ୍ୱାସ ନ ଥିଲେ ଯେତେ ବଡ଼ ବଡ଼ ସାଧନା କଲେ ମଧ୍ୟ କିଛି ଫଳ ହୁଏ ନାହିଁ । ନିଷ୍ଠା ସହ ଯେକୌଣସି ସାଧନା କଲେ ଶ୍ରଦ୍ଧା ଓ ଭକ୍ତି ସ୍ୱତଃ ଜାତ ହୁଏ । ସାଧନା ଦ୍ୱାରା ଶ୍ରଦ୍ଧା-ଭକ୍ତି ଜାତ ହେଲେ ଆବଶ୍ୟକ ସାହାଯ୍ୟ ପ୍ରାପ୍ତ ହୁଏ । ଏଥିସକାଶେ ମନ-ବୁଦ୍ଧିର ଅହଂକାରପୂର୍ଣ୍ଣ ତର୍କ ଆଦି ତ୍ୟାଗ କରି ଭଗବତ୍ ଆଶ୍ରୟ ନେବା ଉଚିତ ।

ଯେପର୍ଯ୍ୟନ୍ତ ବୁଦ୍ଧି-ଶକ୍ତିର ଆଶ୍ରୟ ନେଇଛନ୍ତି ସେପର୍ଯ୍ୟନ୍ତ ସ୍ୱୟଂ ଭଗବାନ୍ ମଧ୍ୟ ଯଦି ସଦ୍‌ଗୁରୁ ରୂପେ ଆସନ୍ତି ତା'ହେଲେ ତାଙ୍କୁ ଚିହ୍ନି ପାରିବେ ନାହିଁ। ଶ୍ରୀକୃଷ୍ଣ, ଶ୍ରୀରାମ ଭଗବାନ୍ ଥିଲେ, କେତେଜଣ ତାଙ୍କୁ ଚିହ୍ନି ପାରିଥିଲେ ? ଶ୍ରୀରାମକୃଷ୍ଣ ପରମହଂସଙ୍କୁ କେତେଜଣ ମହାପୁରୁଷ ବୋଲି ଗ୍ରହଣ କରିଥିଲେ ?

ଭଗବାନଙ୍କୁ କିଂବା ଗୁରୁଙ୍କୁ କେବଳ ବୁଦ୍ଧି ଦ୍ୱାରା ଚିହ୍ନାଯାଏ ନାହିଁ। ବୁଦ୍ଧି ବହୁତ ସୀମିତ ଏବଂ ଭଗବତ୍ ପ୍ରାପ୍ତିରେ ମହାନ୍ ଅନ୍ତରାୟ। ଭଗବାନ୍ ଏବଂ ସଦ୍‌ଗୁରୁ ପ୍ରାପ୍ତ ହୁଅନ୍ତି ନିଷ୍କପଟ ଆନ୍ତରିକ ବିଶ୍ୱାସ ତଥା ଅଭୀପ୍‌ସାରେ। ବୁଦ୍ଧି ଶାନ୍ତ ହେଲେ ବିଶ୍ୱାସ ଓ ଅଭୀପ୍‌ସା ଉତ୍‌ପନ୍ନ ହୁଏ।

*

ପ୍ରଶ୍ନ : 'ମା' କହିଛନ୍ତି,– ''ମୁଁ ଏହିଠାରେ ଅଛି'' – ଏହାର ଅର୍ଥ କ'ଣ ଏହି ଆଶ୍ରମ ?

ଉତ୍ତର : ହଁ, ମା' ଏହି ଆଶ୍ରମକୁ ସଙ୍କେତ କରି କହିଅଛନ୍ତି ଏହାର ଅର୍ଥ ମା' ଆମ ସମ୍ମୁଖରେ ଅଛନ୍ତି, ମାତ୍ର ଆମେ ତାଙ୍କୁ ଚିହ୍ନି ପାରୁ ନାହୁଁ।

*

ପ୍ରଶ୍ନ : ମା' କହିଛନ୍ତି, ''ମୁଁ ତୁମ୍ଭମାନଙ୍କୁ ଏକଥା କହିପାରେ ଯେ ଏହି ଜଗତରେ କେବଳ ଗୋଟିଏ ସ୍ଥାନ ଅଛି ଯେଉଁଠି ତୁମ୍ଭେମାନେ ତୁମ୍ଭର ଅଭୀପ୍‌ସାକୁ ପୂର୍ଣ୍ଣ କରିପାରିବ ଏବଂ ଭଗବାନଙ୍କୁ ଉପଲବ୍ଧି କରିପାରିବ, ତାହା ଏହିଠାରେ''– ଏହା କ'ଣ ଏହି ଆଶ୍ରମ ?

ଉତ୍ତର : ହଁ, ମା' ଏହି ଆଶ୍ରମକୁ ନିର୍ଦ୍ଦେଶ କରିଅଛନ୍ତି। କିନ୍ତୁ ଏହାର ବ୍ୟାପକ ଅର୍ଥ ହେଉଛି ଯେଉଁମାନେ ଏହି ଆଶ୍ରମ ସହିତ ସମ୍ବନ୍ଧ ସ୍ଥାପନ କରନ୍ତି, ମା'ଙ୍କର ଭକ୍ତ, ସେମାନେ ଆଶ୍ରମ ବାହାରେ ରହିଲେ ମଧ୍ୟ ମା'ଙ୍କ ପ୍ରତି ଶ୍ରଦ୍ଧା-ଭକ୍ତି ରଖିଲେ ଆଶ୍ରମରେ ରହିବା ପରି ଲାଭବାନ୍ ହୋଇପାରିବେ ଏବଂ ମା'ଙ୍କ ଉପସ୍ଥିତି ଅନୁଭବ କରିପାରିବେ।

(୩)

ନାମଜପ

ପ୍ରଶ୍ନ : ''ଜଣେ ମହାତ୍ମା ଲେଖିଛନ୍ତି, କେବଳ ବାହ୍ୟ ମନରେ ଡାକିଲେ ଭଗବାନ୍ ଶୁଣନ୍ତି ନାହିଁ, ତାଙ୍କ ନାମ କେବଳ ଜିହ୍ୱାରେ ଉଚ୍ଚାରଣ କଲେ ତାହାର ପ୍ରଭାବ ଅନୁଭୂତ ହୁଏ ନାହିଁ। ତାଙ୍କୁ ପ୍ରେମ, ଭକ୍ତି ଓ ଶ୍ରଦ୍ଧା ସହିତ ହୃଦୟରେ ଡାକିଲେ ସେ ଶୁଣନ୍ତି ଏବଂ ପ୍ରେମ, ଭକ୍ତି ଓ ଶ୍ରଦ୍ଧା ସହିତ ତାଙ୍କ ନାମ ହୃଦୟରେ ଜପ କଲେ ତାହାର ପ୍ରଭାବ ଅନୁଭୂତ ହୁଏ।'' କିନ୍ତୁ ଆମ୍ଭମାନଙ୍କର ଭଗବାନଙ୍କ ପ୍ରତି ପ୍ରେମଭକ୍ତି ନାହିଁ, ହୃଦୟରୁ ଡାକି ପାରୁ ନାହୁଁ, କେବଳ ବାହ୍ୟ ମନରେ ଡାକୁଛୁ। କ'ଣ ଆମ୍ଭମାନଙ୍କର ଡାକ ଏବଂ ଜପ ନିରର୍ଥକ ?

ଉତ୍ତର : ମହାତ୍ମାଙ୍କ ଲେଖିବା ଅର୍ଥ ଯଦି ସାଧାରଣ ବ୍ୟକ୍ତିଙ୍କ ଧାରଣା ଅନୁସାରେ ବାହ୍ୟ ଡାକ, ବାହ୍ୟ ଜପ ନିରର୍ଥକ ହୁଏ ତେବେ କିଛି ଉଚ୍ଚକୋଟୀର ମହାତ୍ମାଙ୍କ ଛଡ଼ା ସାଧାରଣ ବ୍ୟକ୍ତି ଭଗବତ୍ ଶରଣ ହୋଇପାରନ୍ତେ ନାହିଁ କିଂବା ଭଗବତ୍‌ମାର୍ଗରେ ଯାତ୍ରା ଆରମ୍ଭ କରିପାରନ୍ତେ ନାହିଁ। କ୍ରିୟାତ୍ମକରୂପେ ଠିକ୍ ଏହାର ବିପରୀତ ହୋଇଥାଏ। ଶତକଡ଼ା ଊନଶତ ବ୍ୟକ୍ତିଙ୍କର ସାଧନାର ଆରମ୍ଭ ଅବସ୍ଥାରେ ଭଗବାନଙ୍କ ପ୍ରତି ପ୍ରକାଶ୍ୟରୂପେ ପ୍ରେମ, ଭକ୍ତି ଓ ଶ୍ରଦ୍ଧା ନ ଥାଏ। ସେମାନେ ଅନ୍ତରରେ ପ୍ରେମ ଓ ଭକ୍ତି ସହିତ ଭଗବତ୍ ନାମଜପ କରନ୍ତି ନାହିଁ। କେବଳ ସେମାନଙ୍କର ଅନ୍ତରାତ୍ମା ଥରେ ଜାଗ୍ରତ ହେଲେ ସେମାନେ ବାହ୍ୟ ମନରେ ନାମଜପ ଆରମ୍ଭ କରନ୍ତି ଏବଂ କ୍ରମଶଃ ସେମାନଙ୍କର ଅନ୍ତରାତ୍ମା ଅଧିକାଧିକ ଜାଗ୍ରତ ହୁଏ ତଥା ପ୍ରେମ, ଭକ୍ତି ଓ ଶ୍ରଦ୍ଧା ଉତ୍‌ପନ୍ନ ହୁଏ, ସମସ୍ତ ଦୁର୍ଗୁଣ ନାଶ ହୁଏ, ସେମାନେ ଭଗବତ୍ ପ୍ରାପ୍ତି କରନ୍ତି। ବାହ୍ୟ ମନରେ ଡାକିବା, ବାହ୍ୟ ମନରେ ଜପ କରିବା ମହାତ୍ମା ଯେଉଁ ଅର୍ଥରେ କହିଛନ୍ତି, ସାଧାରଣ ବ୍ୟକ୍ତି ଠିକ୍ ତାହାର

ବିପରୀତ ଧାରଣା କରନ୍ତି । ସାଧାରଣ ବ୍ୟକ୍ତି ବୁଝନ୍ତି ଅନ୍ତରରେ ଏକାଗ୍ରତା ବିନା ଡାକ ଏବଂ ନାମଜପ ବାହ୍ୟ ମନର, ତାହା ନିରର୍ଥକ । କିନ୍ତୁ ମହାତ୍ମାଙ୍କ କହିବା ଉଦ୍ଦେଶ୍ୟ ପୂର୍ଣ୍ଣରୂପେ ଆନ୍ତର ଏକାଗ୍ରତା ନୁହେଁ । ପ୍ରଧାନତଃ ଲକ୍ଷ୍ୟ ବା ଉଦ୍ଦେଶ୍ୟ ନ ରଖି ଭଗବାନଙ୍କୁ ଡାକିବା ବା ନାମଜପ କରିବାହିଁ ବାହ୍ୟ ମନର । ଆନ୍ତର ଏକାଗ୍ରତା ବିନା ଲକ୍ଷ୍ୟ ବା ଉଦ୍ଦେଶ୍ୟ ରଖି ବ୍ୟକ୍ତି ଭଗବାନଙ୍କୁ ଡାକିଲେ କିଂବା ନାମଜପ କଲେ ସେଥିରେ ଆନ୍ତରିକତା ଥାଏ । ଆନ୍ତରିକତା ନ ଥିଲେ ସେ ତାହା ଆଚରଣ କରିପାରେ ନାହିଁ । ସେହି ଆନ୍ତରିକତା ହେଲା ଲକ୍ଷ୍ୟରେ ପହଞ୍ଚିବାର ବିଶ୍ୱାସ । ସେହି ବିଶ୍ୱାସ ଯୋଗୁଁ ବାହ୍ୟ ଜପ ଏବଂ ବାହ୍ୟ ଡାକ ନିରର୍ଥକ ହୁଏ ନାହିଁ । ତାହାଦ୍ୱାରା କ୍ରମଶଃ ବ୍ୟକ୍ତିର ଦୋଷତ୍ରୁଟି ଦୂର ହୁଏ ଏବଂ ଅନ୍ତରରେ ଏକାଗ୍ରତା ଆସେ ତଥା ବୃଦ୍ଧି ହୁଏ । ଶେଷରେ ସେ ଏହାରି ଦ୍ୱାରା ଲକ୍ଷ୍ୟସିଦ୍ଧି କରିପାରେ । ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିନା ଭଗବାନଙ୍କୁ ଡାକିବା ବା ଭଗବାନଙ୍କ ନାମଜପ କରିବା ଯଥାର୍ଥରେ ବାହ୍ୟ ମନର । ଯେପରି ଜଣେ ସଙ୍ଗୀତ ଶିକ୍ଷାର୍ଥୀର ପ୍ରଥମରେ କୌଣସି ସ୍ୱରଜ୍ଞାନ ନ ଥାଏ । ସେ ସ୍ୱରଜ୍ଞାନ ପ୍ରାପ୍ତ କରିବା ଲକ୍ଷ୍ୟ ରଖି ବେସ୍ୱରରେ ଗାଇବା ଆରମ୍ଭ କରେ ଏବଂ ସ୍ୱର ପ୍ରାପ୍ତ କରିବାକୁ ବରାବର ଚେଷ୍ଟା କରୁଥାଏ । ଶେଷରେ ସେ ଚେଷ୍ଟା କରିବାର ତୀବ୍ରତା ଏବଂ ଶିଥିଳତା ଅନୁସାରେ ବେଶୀ ବା କମ୍ ସମୟରେ ଲକ୍ଷ୍ୟରେ ପହଞ୍ଚେ । ଠିକ୍ ଏହାର ବିପରୀତ ଗାଇଆଳ ପିଲା । ସେମାନେ ଗୋରୁ ଚରାଇବା ସମୟରେ ପ୍ରତିଦିନ ଗୀତଗାନ କରନ୍ତି, ସେମାନଙ୍କର କିଛି ଲକ୍ଷ୍ୟ ନ ଥାଏ । ସେମାନଙ୍କୁ କେବେ ବି ସ୍ୱର ପ୍ରାପ୍ତ ହୁଏ ନାହିଁ ।

ଅନ୍ୟପକ୍ଷରେ ସେହି ମହାତ୍ମାଙ୍କର ଲେଖିବାର ଉଦ୍ଦେଶ୍ୟ ଏହା ନୁହେଁ ଯେ କେବଳ ଜିହ୍ୱାରେ ନାମ ଉଚ୍ଚାରଣ କରିବା କିଂବା ବାହ୍ୟ ମନରେ ଭଗବାନଙ୍କୁ ଡାକିବା ସଂପୂର୍ଣ୍ଣ ନିରର୍ଥକ । ଏହାର ତାତ୍ପର୍ଯ୍ୟ ହେଲା କେବଳ ଜିହ୍ୱାରେ ନାମ ଜପ କରିବା ଅପେକ୍ଷା ହୃଦୟରେ ପ୍ରେମ-ଭକ୍ତି ସହିତ ଜପ କଲେ ଏହା ବିଶେଷ ଫଳପ୍ରଦ ହୁଏ । ସାଧାରଣତଃ ଏହିପରି କୁହାଯାଇଥାଏ ବା ଲେଖାଯାଇଥାଏ ଯେ ଦୁଇଜଣ ପହିଲମାନଙ୍କ ମଧ୍ୟରେ ଯେଉଁ ପ୍ରତିଯୋଗିତା ହେଲା ତହିଁରେ ପ୍ରଥମ ପହିଲମାନ ତୁଳନାରେ ଦ୍ୱିତୀୟଟା କିଛି ନୁହେଁ । ଏହାର ଅର୍ଥ ଏପରି ନୁହେଁ ଯେ ଦ୍ୱିତୀୟଟି ପହିଲମାନ ନୁହେଁ ଅଥବା ଏକେବାରେ ସାଧାରଣ ବ୍ୟକ୍ତି ।

ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତି ଯଦ୍ୟପି ବାହ୍ୟ ମନରେ ଜପ କରେ ତଥାପି ସେହି ଜପ ଦ୍ୱାରା ସେ ଭଗବାନଙ୍କୁ ପ୍ରାପ୍ତ ହେବ ବୋଲି ତା ଅନ୍ତରରେ ବିଶ୍ୱାସ ଥାଏ ଏବଂ ସେ ମନର ଏକାଗ୍ରତା ସହ ଜପ କରିବାକୁ ଚାହୁଁଥାଏ, ନାମର ମହିମାକୁ ହୃଦୟଙ୍ଗମ କରୁଥାଏ । ବ୍ୟକ୍ତିର ଏହି ଅନ୍ତରର ଭାବ ଥିବାରୁ ବାହ୍ୟ ମନର ଜପ କ୍ରମଶଃ ଆନ୍ତରିକ ହୁଏ ଏବଂ ସେ ଦିବ୍ୟାନନ୍ଦରେ ବୁଡ଼ିଯାଏ ।

ବହୁତ ବ୍ୟକ୍ତି ଭିକ୍ଷା ମାଗିବା ସମୟରେ ଭଗବତ୍ ନାମ ଉଚ୍ଚାରଣ କରନ୍ତି । କିନ୍ତୁ ସେମାନଙ୍କର ଲକ୍ଷ୍ୟ ଏବଂ ଏହି ଅନ୍ତରର ଭାବ ନ ଥିବାରୁ ସେମାନେ ଲକ୍ଷ୍ୟସିଦ୍ଧି କରିପାରନ୍ତି ନାହିଁ କିଂବା ପରମାନନ୍ଦରେ ନିବାସ କରିପାରନ୍ତି ନାହିଁ । ତଥାପି ନାମର ମହିମା ମହାନ୍ । ସେମାନଙ୍କର ବି କଲ୍ୟାଣ ହୁଏ । ସେମାନଙ୍କୁ ଜୀବନର ଲକ୍ଷ୍ୟ ଜାଣିବାରେ ସାହାଯ୍ୟ ମିଳେ । ଗୋଟିଏ ଜନ୍ମରେ ହେଉ ବା ଅଧିକ ଜନ୍ମରେ ହେଉ ସେମାନେ ଜୀବନର ଲକ୍ଷ୍ୟଜ୍ଞାନ ପ୍ରାପ୍ତ କରି ସାଧନାରେ ପ୍ରବୃତ୍ତ ହୋଇପାରନ୍ତି । କିନ୍ତୁ ନାମଜାପକ ନାମ ବଳରେ, ନାମ ଭରସାରେ ପାପ କରିବା ଏହି ନାମାପରାଧରୁ ସର୍ବଥା ମୁକ୍ତ ରହିବା ଉଚିତ । ନାମ ଜପରେ ସମସ୍ତ ପାପ, ଦୋଷ କ୍ଷୟ ହୁଏ, କିନ୍ତୁ ନାମ ବଳରେ କରିଥିବା ପାପ ନାମଜପରେ ବି ନଷ୍ଟ ହୁଏ ନାହିଁ । ପାପର ଫଳ ଭୟଙ୍କରଭାବେ ଜାପକକୁ ଭୋଗ କରିବାକୁ ହୁଏ ।

''ନାମର ବହୁତ ମହିମା, ଏ ଗୋଟିଏ କ୍ଷୁଦ୍ର ପାପ, ଏହା କରିନେବି, ନାମଜପରେ ତ ପୁଣି ଏହା ଶୁଦ୍ଧ ହୋଇଯିବ ।'' ଏହାହିଁ ନାମାପରାଧ । ଏପରି ଚିନ୍ତା ଓ କର୍ମଜନିତ ଅପରାଧ ଅକାଟ୍ୟ । ଏହା କେବେ ବି କ୍ଷମଣୀୟ ନୁହେଁ । ନାମ ଆଶ୍ରୟରେ ପାପ କରିବା ଅର୍ଥ ନାମ ଅପରାଧ କରିବା । ଅଜ୍ଞାନତା ହେତୁ କୌଣସି ଅପରାଧ ହେଲେ ତାହା ସଂଶୋଧିତ ହୋଇପାରେ, ମାତ୍ର ଜାଣିଶୁଣି ନାମବଳରେ ପାପ କଲେ ତାହା କେବେ ବି କ୍ଷମଣୀୟ ନୁହେଁ । ତେଣୁ ନାମଜପର ସଙ୍ଗେ ସଙ୍ଗେ ସମସ୍ତ ଅବିହିତ କର୍ମ ତ୍ୟାଗ କରିବା ପାଇଁ ନିରନ୍ତର ପ୍ରଯତ୍ନ କରିବା ଉଚିତ । କେବଳ ବାହ୍ୟ

ମନରେ ଜପ କରିବା ଦ୍ୱାରା ବ୍ୟକ୍ତିର ମନପ୍ରାଣ ଶୁଦ୍ଧ ହୋଇ ସେ କିପରି ଲକ୍ଷ୍ୟ ପ୍ରାପ୍ତ କରିପାରେ ତାହାର ଗୋଟିଏ ଉଦାହରଣ ଏଠାରେ ଦିଆଗଲା ।

କାଶୀରେ ଦୁଇଜଣ ବ୍ରାହ୍ମଣ ଥିଲେ । ସେମାନେ ଦୁଇଭାଇ । ଦୁହେଁଯାକ ନିଜ ପରିବାର ପ୍ରତି ବିଶେଷ ଆସକ୍ତ ଥିଲେ । ସେମାନେ କୁଟୁମ୍ବ ଛଡ଼ା ଆଉ କିଛି ଜାଣନ୍ତି ନାହିଁ । ଥରେ ହଇଜାରେ ଭାଇ ଦୁଇଜଣଙ୍କୁ ଛାଡ଼ି ସମସ୍ତ ପରିବାର ସଂସାରରୁ ବିଦାୟ ନେଲେ । ତେଣୁ ଦୁଇ ଭାଇଙ୍କର ବ୍ୟାକୁଳତାର ସୀମା ରହିଲା ନାହିଁ । ସେମାନେ ଏପରି ବୋଧ କରିବାକୁ ଲାଗିଲେ, ଯେପରି ଦୁଇଚାରି ଦିନ ମଧ୍ୟରେ ଏହି ସଂସାରକୁ ଛାଡ଼ି ଅନ୍ୟ ଲୋକରେ ନିଜ ପରିବାରଙ୍କ ପାଖରେ ଯାଇ ପହଞ୍ଚିବେ । ରାଘବଶରଣ ନାମରେ ଜଣେ ଭକ୍ତ ସେମାନଙ୍କୁ ଏପରି ଅବସ୍ଥାରେ ଦେଖି କହିଲେ, ''ବହୁ ଜନ୍ମରୁ ପରିବାରରେ ଆସକ୍ତି ରଖି ଆସିଥିବାରୁ ଆଜି ତାହା ଏପରି ଭୀଷଣ ହୋଇପଡ଼ିଛି ଯେ ସେଥିସକାଶେ ତୁମ୍ଭମାନଙ୍କର ଶରୀରତ୍ୟାଗ କରିବାର ଲକ୍ଷଣ ଦେଖାଯାଉଛି । ତୁମ୍ଭେମାନେ ଯଦି ନିଜ ଉଦ୍ଧାର ଚାହଁ, ତେବେ ରାମନାମ ଜପ କର ।'' ତାଙ୍କର ଉପଦେଶାନୁସାରେ ଦୁଇଭାଇ ନାମଜପରେ ଲାଗିଗଲେ । କିନ୍ତୁ ପ୍ରଥମେ ଜପରେ ଆଦୌ ମନ ଲାଗେ ନାହିଁ । ସବୁବେଳେ ନିଜ ଛୋଟ ଛୋଟ ପିଲାଙ୍କର ଅସ୍ପଷ୍ଟ ବଚନ, ମୃଦୁହାସ୍ୟ, ସେମାନଙ୍କର ମୃତ୍ୟୁକାଳୀନ ବ୍ୟାକୁଳତାର ଦୃଶ୍ୟ ଆସି ସେମାନଙ୍କ ହୃଦୟ ଓ ମନକୁ ବ୍ୟାକୁଳ କରି ପକାଏ । କିନ୍ତୁ ତତ୍ପରତା ସହ କିଛିଦିନ କାଶୀଗଙ୍ଗାକୂଳରେ ବସି ନାମଜପିବା ଫଳରେ ସେମାନେ ପାରିବାରିକ ମୋହରୁ ମୁକ୍ତ ହୋଇ ଭଗବାନଙ୍କ ପ୍ରେମରେ ଓ ନାମଜପରେ ସଦାଲିପ୍ତ ହେବାକୁ ଲାଗିଲେ । ଦୁଇଭାଇଙ୍କ ସାଧୁନାମ ଥିଲା ସୀତାରାମଶରଣ ଓ ରାମକିଶୋରଶରଣ । ସେମାନେ ବହୁତ ପ୍ରସିଦ୍ଧ ମହାତ୍ମା ଥିଲେ । ସେ ଦୁଇଜଣଙ୍କୁ ମୁଁ ଭଲକରି ଜାଣେ । କେତେମାସ ସେମାନଙ୍କ ସଙ୍ଗେ ରହିବାକୁ ହୋଇଥିଲା । ଅବଧପ୍ରାନ୍ତରେ କେତେକ ଗୃହୀ ଥିଲେ ଯେଉଁମାନେ କି ଏକେବାରେ ନାସ୍ତିକ, ଅବିଶ୍ୱାସୀ, ତାର୍କିକ ଏବଂ ଅସ୍ଥିରମନା । ସେମାନେ ମଧ୍ୟ ନାମଜପ ଆରମ୍ଭ କରିଥିଲେ ପ୍ରଥମେ କେବଳ ଜିହ୍ୱାରେ । ପରିଶେଷରେ ନାମଜପରେ କେବଳ ଶ୍ରଦ୍ଧା-ବିଶ୍ୱାସ ନୁହେଁ, ସେମାନେ ନାମ-ପ୍ରେମରେ ଏପରି ବିଭୋଳ ହୋଇଗଲେ ଯେ ସେମାନେ ସେତେବେଳେ ଯଦି ଖୁବ୍ ଚେଷ୍ଟା କରିଥା'ନ୍ତେ, ତେବେ ନାମଜପ ଆଦୌ ଛାଡ଼ିପାରି ନ ଥା'ନ୍ତେ । ଏସବୁ ଅଧିକଭାବେ ନିର୍ଭର କରେ ମନୁଷ୍ୟର ତତ୍ପରତା ଉପରେ । ଯଦି ତତ୍ପରତା ଏବଂ ଦୃଢ଼ନିଷ୍ଠାର ସହିତ ନାମଜପ କରାଯାଏ, ଅନ୍ୟ ତ୍ରୁଟିସବୁ ଭଗବାନଙ୍କ କୃପାରୁ କ୍ରମଶଃ ଦୂର ହୋଇଯାଏ ।

ପ୍ରଶ୍ନ : ଅମୁକ ବ୍ୟକ୍ତି ୨୦/୨୫ ବର୍ଷ ହେଲା ନାମଜପ କରୁଛନ୍ତି ଏବଂ ସନ୍ଧ୍ୟା କରି ଆସୁଛନ୍ତି, କିନ୍ତୁ ତାଙ୍କ ହୃଦୟରେ ଶାନ୍ତି ନାହିଁ । କ୍ରୋଧ, ଈର୍ଷାଦି ଦୁର୍ଗୁଣ ଦୂର ହୋଇ ନାହିଁ । ଏହି ଅବସ୍ଥାରେ ମୃତ୍ୟୁ ହେଲେ ପରଲୋକରେ ଦୁଃଖଯନ୍ତ୍ରଣା ଭୋଗିବାକୁ ହେବ । ତେବେ ନାମଜପର ଲାଭ କ'ଣ ? ଏହିପରି କେତେକ ବ୍ୟକ୍ତିଙ୍କୁ ମୁଁ ଜାଣେ ।

ଉତ୍ତର : ଅନ୍ୟ ଲୋକର ବାହ୍ୟ ଅବସ୍ଥା ଦେଖି, ତାହାର କିଛି ଉନ୍ନତି ହୋଇ ନାହିଁ, ନାମଜପରେ କିଛି ଲାଭ ନାହିଁ ବୋଲି ନିର୍ଣ୍ଣୟ କରିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଜଣେ ମନୁଷ୍ୟ ପକ୍ଷେ ଅନ୍ୟଜଣକର ପୂର୍ବଜନ୍ମର କର୍ମ, ଏ ଜନ୍ମର ମନପ୍ରାଣ-ଶରୀର-ଚେତନା, ତାହାର ଅବଚେତନା ଏବଂ ଆନ୍ତର ଅବସ୍ଥା ଜାଣିବା ଏକେବାରେ ଅସମ୍ଭବ; କାରଣ ଜଣକ ସକାଶେ ଅନ୍ୟଜଣକର ଅବସ୍ଥା ସମ୍ପୂର୍ଣ୍ଣ ରୁଦ୍ଧ କୋଠରି ସଦୃଶ । କେବଳ ଯୋଗୀ ଏବଂ ଜ୍ଞାନୀମାନେହିଁ ନିଜ ଚେତନାକୁ ଭଗବାନଙ୍କ ସଙ୍ଗେ ଓ ପ୍ରାଣୀମାନଙ୍କ ସଙ୍ଗେ ଏକ କରି, ତାହାର ସମସ୍ତ ଅବସ୍ଥାକୁ ବୁଝିପାରନ୍ତି; ସେ କେଉଁ ଭାବରେ, କେଉଁ ଉଦ୍ଦେଶ୍ୟରେ ନାମଜପ କରେ, ତାହା ଜାଣିପାରନ୍ତି । ନାମଜପରେ କ'ଣ ତ୍ରୁଟି ହୁଏ, କେଉଁ ସକାଶେ ପ୍ରତ୍ୟକ୍ଷ ଫଳ ଦୃଷ୍ଟିଗୋଚର ହୁଏ ନାହିଁ, ତାହା ପରେ କ୍ରମଶଃ ଆଲୋଚନା କରିବା ।

*

ପ୍ରଶ୍ନ : ତୁଳସୀଦାସ କହିଛନ୍ତି, ''ଓଲଟା ନାମ 'ମରା' ଜପି ବାଲ୍ମୀକି ମହାରଷି ହୋଇପାରିଥିଲେ, ସିଧା ନାମ ଜପିଲେ, କ'ଣ ପଦ ନ ମିଳିବ ?'' କିନ୍ତୁ ତୁଳସୀଦାସ ତ ରାମନାମ ଜପ କରୁଥିଲେ, ସେ ବାଲ୍ମୀକିଙ୍କ ପରି ମହାରଷି ହୋଇପାରିଲେ ନାହିଁ କାହିଁକି ? ଏଥିରୁ ଜଣାପଡ଼େ ଯେ ସବୁହୁଏ ଈଶ୍ୱରଙ୍କ ଇଚ୍ଛାରେ । ଏଥିରେ

କାହାରି କିଛି କହିବାର ନାହିଁ । ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ କେହି ନାହିଁ ।'' (ଭାଗବତ) । ଭଗବାନ୍ ଯେବେ ସବୁ କରାଉଛନ୍ତି ଓ କରୁଛନ୍ତି ତେବେ ଆତ୍ମମାନଙ୍କର କିଛି କରିବା ଆବଶ୍ୟକ କ'ଣ ? ସେ ତ ସବୁ କରିଦେବେ ।

ଉତ୍ତର : ତୁଳସୀଦାସ ବାଲ୍ମୀକି ମୁନିଙ୍କ ସଦୃଶ ହୋଇ ନାହାନ୍ତି, କିପରି ଜାଣିଲେ ? ତୁଳସୀଦାସ ବାଲ୍ମୀକିଙ୍କ ସଦୃଶ ହୋଇଛନ୍ତି ବୋଲି କହିବା ଯେତେ କଠିନ, ହୋଇ ନାହାନ୍ତି ବୋଲି କହିବା ତା'ଠାରୁ ଅଧିକ କଠିନ । କାରଣ ମହାପୁରୁଷଙ୍କ ସ୍ଥିତି ବୁଝାଯାଏ ସେମାନଙ୍କ ଅନ୍ତର-ଚେତନା ଦେଖିପାରିଲେ, କିନ୍ତୁ ମହାପୁରୁଷମାନେ ଯେଉଁ ସ୍ଥିତିକୁ ପ୍ରାପ୍ତ ହୋଇଥାଆନ୍ତି ସେହି ସ୍ଥିତିରେ ନ ପହୁଞ୍ଚିଲେ ସେମାନଙ୍କ ଅନ୍ତର-ଚେତନାର ଜ୍ଞାନ ହୁଏ ନାହିଁ । ତା'ଛଡ଼ା ତୁଳସୀଦାସ ବାଲ୍ମୀକିଙ୍କ ପରି ମହାପୁରୁଷ ହେବେ କାହିଁକି ? ପୁର୍ବେ କୁହାହୋଇଛି – ଯାହାର ଯେତେ ଅଧିକ ଶ୍ରଦ୍ଧା ଓ ବିଶ୍ୱାସ ହେବ, ସେ ନାମର ମହତ୍ତ୍ୱ ସେତେ ଜାଣିବ, ତେତେ ଅଧିକ ଫଳ ପାଇବ । ପ୍ରତ୍ୟେକ ବ୍ୟକ୍ତିର ଆଧାର ଭିନ୍ନ ଭିନ୍ନ । ତେଣୁ ଭିନ୍ନ ଭିନ୍ନ ରୂପେ ଫଳ ପ୍ରାପ୍ତହେବା ସ୍ୱାଭାବିକ । ଗୋସ୍ୱାମୀ ତୁଳସୀଦାସଙ୍କ ସମ୍ବନ୍ଧେ ବୋଧହୁଏ ଆପଣ ବିଶେଷ କିଛି ଜାଣନ୍ତି ନାହିଁ, କିଂବା ତାଙ୍କ ରଚିତ ରାମାୟଣ ପଢ଼ି ନାହାନ୍ତି; ସେଥିପାଇଁ ଏପରି କହୁଛନ୍ତି । ଅଯୋଧ୍ୟା, କାଶୀ ଇତ୍ୟାଦି ସ୍ଥାନରେ ତୁଳସୀଦାସଙ୍କୁ ବାଲ୍ମୀକିଙ୍କ ଅବତାର ବୋଲି ସଜ୍ଜନମାନେ ସ୍ୱୀକାର କରନ୍ତି । ତାଙ୍କ ରାମାୟଣର ଆଦର ବାଲ୍ମୀକି ରାମାୟଣଠାରୁ କମ୍ ନୁହେଁ ।

''ସବୁ ହୁଏ ଭଗବାନଙ୍କ ଇଚ୍ଛାରେ'', ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ କେହି ନାହିଁ'', ''ଭଗବାନ୍ ସ୍ୱୟଂ କରନ୍ତି ଏବଂ କରାନ୍ତି'' – ତୁମ କଥାର ଅର୍ଥ ଯଦି ଠିକ୍ ଏହାହିଁ ହୁଏ, ତେବେ ଅସତ୍ କର୍ମ କରିବା ବ୍ୟକ୍ତି, ଖୁଣୀ, ଚୋର, ଡକାୟତଙ୍କୁ ଦଣ୍ଡଦେବା ଉଚିତ ହୁଅନ୍ତା ନାହିଁ । ସବୁ ଦଣ୍ଡ ମିଳନ୍ତା ଭଗବାନଙ୍କୁ । ଏପରି ନୁହେଁ । ମନୁଷ୍ୟର ମନ-ବୁଦ୍ଧି ଅଛି । ସେ ଭଗବାନଙ୍କ ଅବିଦ୍ୟା-ମାୟାକୁ ତ୍ୟାଗ କରି ବିଦ୍ୟାମାୟାକୁ ଗ୍ରହଣ କରିପାରେ । ଏହା ନ କରିବାରୁ ସେ ଦଣ୍ଡ ପାଏ । ଭଗବାନଙ୍କର ବିଦ୍ୟା ଏବଂ ଅବିଦ୍ୟା – ଏ ଦୁଇଟି ମାୟା । ଅବିଦ୍ୟା-ମାୟା ମଧ୍ୟ ଭଗବାନଙ୍କ ଶକ୍ତି । ଏ ଶକ୍ତି ସ୍ୱତନ୍ତ୍ର ରୂପେ କାର୍ଯ୍ୟ କରୁଥାଏ । ଏଥିରେ ଭଗବାନ୍ ସାଧାରଣ ତଥା ପ୍ରତ୍ୟକ୍ଷରୂପେ ହସ୍ତକ୍ଷେପ କରନ୍ତି ନାହିଁ, କିନ୍ତୁ ଏହାକୁ ଧାରଣ କରିଥାଆନ୍ତି ଏବଂ ପଶ୍ଚାତରେ ରହି ଏହାର କାର୍ଯ୍ୟରେ ସମ୍ମତି ଦେଉଥାଆନ୍ତି । କିନ୍ତୁ ଏହି ଅବିଦ୍ୟା-ମାୟାର କବଳରେ ପଡ଼ିଥିବା ଅଜ୍ଞାନୀ ଲୋକେ ''ଭଗବାନ୍ ସବୁ କରୁଛନ୍ତି'', ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ କେହି ନାହିଁ'', ଏହା ଭୁଲିଯାଆନ୍ତି ଏବଂ ମନେ କରନ୍ତି, ''ସବୁକିଛି 'ମୁଁ' କରୁଛି ।'' ସେହି କାରଣରୁ ସେମାନଙ୍କ ଦ୍ୱାରା ଯେଉଁସବୁ ଶୁଭାଶୁଭ କର୍ମ ହୁଏ ତା'ର ଫଳ ଦୁଃଖ, ସୁଖ ସେମାନେ ଭୋଗ କରନ୍ତି । ଏହି ଅବିଦ୍ୟା ମାୟା କବଳରୁ ମୁକ୍ତ ହେବା ସକାଶେ ଜ୍ଞାନ, ଭକ୍ତି ଇତ୍ୟାଦି ନାନାବିଧ ସାଧନାର ପ୍ରଣାଳୀ ମୁନିଋଷି ଓ ବେଦପୁରାଣ ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ସାଧନା ଦ୍ୱାରା ମନ, ପ୍ରାଣ ଶୁଦ୍ଧ ହୋଇ ଜ୍ଞାନ-ଭକ୍ତି ପ୍ରାପ୍ତ ହେଲେ ମନୁଷ୍ୟ ଉପଲବ୍ଧି କରେ ଯେ ସବୁକିଛି ଭଗବାନ୍ କରାଉଅଛନ୍ତି । ସେହି ସମୟରେ ତା'ର ବ୍ୟକ୍ତିଗତ ଅହଂ ଅଥବା 'ମୁଁ' ସ୍ଥାନରେ ଆସନ୍ତି 'ଭଗବାନ୍' । ତାହାର ସମସ୍ତ କର୍ମ ହୁଏ ଭଗବାନଙ୍କ ପରିଚାଳନାରେ । ସେ ହୁଏ ଭଗବାନଙ୍କ ଯନ୍ତ୍ର । ତା'ର ଯଦି ଲକ୍ଷ୍ୟ ଥାଏ ଭଗବାନଙ୍କ ଚେତନା ସଙ୍ଗେ ନିଜ ମନ, ପ୍ରାଣ ଓ ଶରୀର-ଚେତନାକୁ ପୂର୍ଣ୍ଣରୂପେ ଏକ କରିବାକୁ, ତେବେ ଦିବ୍ୟ ଭଗବତ୍ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀର ପୂର୍ଣ୍ଣରୂପେ ରୂପାନ୍ତର ହୋଇ ଭଗବତ୍ ସାମର୍ଥ୍ୟ ଅର୍ଥାତ୍ ଦିବ୍ୟମାନବତ୍ୱକୁ ପ୍ରାପ୍ତ ହୁଏ । ''ଭଗବାନ୍ ସବୁ କରାଉ ଅଛନ୍ତି'' ଏ ଅନୁଭବ ଯେପର୍ଯ୍ୟନ୍ତ ନ ଆସିଛି, ସେପର୍ଯ୍ୟନ୍ତ ପ୍ରଯତ୍ନ ଦ୍ୱାରା ସାଧନା କରିବାକୁ ହେବ । ''ଭଗବାନ୍ ସବୁ କରାଉ ଅଛନ୍ତି'', ଏହା କେବଳ କଥାରେ କହିଲେ ଚଳିବ ନାହିଁ । ଏହାକୁ ଚେତନାରେ ଉତାରି ଆଣିବାକୁ ହେବ, ଅର୍ଥାତ୍ ଉପଲବ୍ଧି କରିବାକୁ ହେବ ।

ସାଧନା ସମୟରେ ନିରନ୍ତର ସ୍ମରଣ ରଖିବାକୁ ହେବ, ଭଗବାନ୍ ସବୁକିଛି କରାଉ ଅଛନ୍ତି । ଏପରିକି ସାଧନାରେ ଯେଉଁ ପ୍ରୟାସ କରିବାକୁ ହେଉଛି, ତାହାର ପ୍ରେରକ ମଧ୍ୟ ଭଗବାନ୍ । ଏହି ଧାରଣା ରଖି ସମସ୍ତ କର୍ମ, ସାଧାରଣରୁ ସାଧାରଣ କର୍ମ, ସ୍ନାନ-ଭୋଜନ ଇତ୍ୟାଦି କର୍ମକୁ ଭଗବାନଙ୍କୁ ଅର୍ପଣ କରିବାକୁ ହେବ । ଏହା ଫଳରେ କ୍ରମଶଃ

ଅନୁଭୂତ ହେବ ଯେ ଭଗବତ୍ ଶକ୍ତି ସର୍ବଦା ପରିଚାଳନା କରୁଅଛନ୍ତି । ଏହା ସଙ୍ଗେ ସଙ୍ଗେ ନିରନ୍ତର ଅଶୁଦ୍ଧ କାର୍ଯ୍ୟକୁ ତ୍ୟାଗ କରିବାକୁ ହେବ । ଏହି ତ୍ୟାଗ କରିବାରେ ସାହାଯ୍ୟ ସକାଶେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ହେବ ।

*

ପ୍ରଶ୍ନ : ଧ୍ୟାନ ଏବଂ ନାମଜପ ନିରନ୍ତର ହେବାର ଉପାୟ କ'ଣ ?

ଉତ୍ତର : ଦୃଢ଼ସଂକଳ୍ପ, ଅଟଳ ନିଷ୍ଠା, ଅଖଣ୍ଡ ବିଶ୍ୱାସ ସହ ଅଭ୍ୟାସ ।

(୪)

ଧ୍ୟାନ

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ସାଧନା କ'ଣ ?

ଉତ୍ତର : ଅଭୀପ୍ସା, ସମର୍ପଣ, ତ୍ୟାଗ ଏବଂ ଚେତନାର ଏକାଗ୍ରତା ସକାଶେ ଧ୍ୟାନ । ଏହା ଜାଣିବାକୁ ହେଲେ ପ୍ରଥମେ ସାଧନା ଆରମ୍ଭ କରିଦେବାକୁ ହେବ ଏବଂ ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ଯୋଗ-ସାହିତ୍ୟ ଅଧ୍ୟୟନ କରିବାକୁ ହେବ ତେବେ ସାଧନା ଓ ଯୋଗ ସମ୍ବନ୍ଧରେ ଜାଣିବାକୁ ସହଜ ହେବ । ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'', ''ଲୋକସାହିତ୍ୟ'' ପଢ଼ନ୍ତୁ । ଯୋଗର ଲକ୍ଷ୍ୟ ବି ଜାଣିବା ଆବଶ୍ୟକ ।

ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଲା – ଭଗବାନ୍ ପୂର୍ଣ୍ଣବ୍ରହ୍ମଙ୍କୁ ମନ-ପ୍ରାଣ-ଶରୀରରେ ଓ ସମସ୍ତ କ୍ରିୟାରେ ନିରାବରଣରୂପେ ଉପଲବ୍ଧି କରିବା । ନିଜ ମନ, ପ୍ରାଣ, ଶରୀର ଚେତନାକୁ ଭଗବାନଙ୍କ ଚେତନାରେ ପୂର୍ଣ୍ଣରୂପେ ଏକ କରିଦେଇ ତାଙ୍କରି ଦ୍ୱାରା ଚାଳିତ ହେବା । ମନର ପ୍ରେରଣା, ସ୍ପନ୍ଦନ, ଶରୀରର କ୍ରିୟା ହେବ ଭଗବତ୍ ସଂକଳ୍ପ ଦ୍ୱାରା । ସାଧକ ହେବ ଯନ୍ତ୍ର, ଭଗବାନ୍ ହେବେ ଯନ୍ତ୍ରୀ । ଭଗବାନଙ୍କ ସଙ୍ଗେ ସଂପୂର୍ଣ୍ଣ ଏକ ହେବା ସତ୍ତ୍ୱେ ଭଗବାନଙ୍କ ନିମିତ୍ତ କର୍ମ କରିବାକୁ ହେବ । ଏହାପରେ ଏହି ସ୍ଥୂଳ ଜଡ଼ ଶରୀର ରୂପାନ୍ତରିତ ହେବ ଦିବ୍ୟ ଚିନ୍ମୟ ତତ୍ତ୍ୱରେ । ସେହି ରୂପାନ୍ତରିତ ଦିବ୍ୟ ଶରୀରର ଧର୍ମ ହେବ ଭାଗବତ୍ ଧର୍ମ, ରୋଗ-ଜରା-ମୃତ୍ୟୁ ହସ୍ତରୁ ମୁକ୍ତି । କିନ୍ତୁ ସ୍ୱେଚ୍ଛାରେ ଶରୀର ତ୍ୟାଗ କରି ଇଚ୍ଛାନୁସାରେ ନିଜ ସଂକଳ୍ପରେ ଅନ୍ୟ ଶରୀର ଧାରଣ କରିବାର ସାମର୍ଥ୍ୟ ପ୍ରାପ୍ତ ହେବ । ସେତେବେଳେ ନିମ୍ନ ସ୍ୱଭାବ ଓ କାମାଦି ରିପୁମାନଙ୍କର ଚିହ୍ନବର୍ଣ୍ଣ ନ ଥିବ । ସେସବୁ ରୂପାନ୍ତରିତ ହୋଇସାରିଥିବେ । ଏହାର ବହୁ ପୂର୍ବରୁ ଚେତନାର ପରିବର୍ତ୍ତନ ଘଟିବ । ସାଧନା ଆରମ୍ଭ ସଙ୍ଗେ ସଙ୍ଗେ ଚେତନାର ପରିବର୍ତ୍ତନ ମଧ୍ୟ ଆରମ୍ଭ ହେବ ।

ବ୍ୟକ୍ତିର ସ୍ୱଭାବ ଅନୁସାରେ ସେ କର୍ମ, ଜ୍ଞାନ, ଭକ୍ତି ଦ୍ୱାରା ଅଥବା ଏହା ମଧ୍ୟରୁ କୌଣସିଟିକୁ ଧରି ସାଧନା ଆରମ୍ଭ କରିପାରେ । କିନ୍ତୁ ସମର୍ପଣ ବିନା ଏ ଯୋଗ-ସିଦ୍ଧି ଲାଭ ହୁଏ ନାହିଁ । କାରଣ ଏ ଯୋଗର ପ୍ରଧାନ ଲକ୍ଷ୍ୟ ହେଲା ଶରୀର ଓ ପ୍ରକୃତିର ରୂପାନ୍ତର । ଶରୀର ଓ ପ୍ରକୃତିର ରୂପାନ୍ତର କୌଣସି ଯୌଗିକ କ୍ରିୟା ଦ୍ୱାରା, ତାହା ଯେତେ ଉତ୍କୃଷ୍ଟ ହେଲେ ମଧ୍ୟ କଦାପି ସାଧିତ ହୋଇପାରେ ନାହିଁ । କେବଳ ହୋଇପାରେ ଭଗବାନଙ୍କ ଆଦ୍ୟା-ଅତିମାନସଶକ୍ତି ଦ୍ୱାରା, ଯେଉଁ ଶକ୍ତି ଏହି ସମସ୍ତ ସୃଷ୍ଟି ସର୍ଜନା କରିଅଛି । ଏହି ଶକ୍ତି ରୂପାନ୍ତର କ୍ରିୟା କରେ ବ୍ୟକ୍ତିର ସତ୍ତା ସମର୍ପିତ ହେବା ଦ୍ୱାରା ।

କିନ୍ତୁ ଏହି ଅତିମାନସର କ୍ରିୟା ପ୍ରଥମେ ସିଧା ସିଧା ତଥା ସ୍ପଷ୍ଟଭାବେ ହୁଏ ନାହିଁ; ହୁଏ ମସ୍ତକ ଊର୍ଦ୍ଧ୍ୱସ୍ଥ ଭାବବତୀ ଶକ୍ତିଙ୍କ ଦ୍ୱାରା, ଯେଉଁ ଭାଗବତୀ ଶକ୍ତି ଅନ୍ୟ ରୂପରେ ମୂଳାଧାରରେ ସୁପ୍ତ ହୋଇ ରହିଥାଏ, ତାହାକୁହିଁ କୁଣ୍ଡଳିନୀ ଶକ୍ତି ବୋଲି କୁହାଯାଏ । ସମର୍ପଣ, ଅଭୀପ୍ସା, ଆବାହନ ଦ୍ୱାରା, ଊର୍ଦ୍ଧ୍ୱସ୍ଥ ଶକ୍ତି ନିମ୍ନସ୍ଥ ଚକ୍ରମାନଙ୍କରେ କ୍ରମଶଃ ଅବତରଣ କରି ମୂଳାଧାରରେ ପ୍ରବେଶ କରି ନିଜ ସ୍ୱରୂପଭୂତା କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ତାକୁ ସଙ୍ଗରେ ନେଇ ପୁନରାୟ ଊର୍ଦ୍ଧ୍ୱକୁ ଗମନ କରନ୍ତି । ଊର୍ଦ୍ଧ୍ୱରୁ ଜ୍ୟୋତିଃ, ଶାନ୍ତି, ଶକ୍ତି, ଆନନ୍ଦ ଇତ୍ୟାଦି ଦିବ୍ୟବସ୍ତୁ ଆଣି ମନ-ପ୍ରାଣ-ଶରୀର-ଚେତନାରେ

ସ୍ଥାପନ କରନ୍ତି । ଏହି ଅବତରଣ ଓ ଉତ୍ତରଣ ଦ୍ୱାରା ଜୀବ ମୁକ୍ତିର ଅଧିକାରୀ ହୁଏ ଏବଂ ତତ୍ ସଙ୍ଗେ ସଙ୍ଗେ ଜୀବନର ପୂର୍ଣ୍ଣତା ପ୍ରାପ୍ତ ହୁଏ । ମନ, ପ୍ରାଣ ଓ ଶରୀରର ମଧ୍ୟ ପୂର୍ଣ୍ଣତା ଆସେ । ଏହି ସଙ୍ଗେ ସଙ୍ଗେ ହୃଦୟରେ ଥିବା ବ୍ୟକ୍ତିସତ୍ତା ଚୈତ୍ୟପୁରୁଷର ଜାଗରଣ ହେବା ଆବଶ୍ୟକ । ସେ ଜାଗ୍ରତ ହେଲେ ମନ-ପ୍ରାଣକୁ ଅଧିକାର କରି ସାଧକକୁ ଠିକ୍ ମାର୍ଗରେ ପରିଚାଳିତ କରନ୍ତି ଏବଂ ଲକ୍ଷ୍ୟ ଦିଗରେ ଅଗ୍ରସର କରାଇନିଅନ୍ତି । ସେତେବେଳେ ମନର ଭ୍ରମ, ପ୍ରାଣସତ୍ତାର ଛଳନା ଆଉ ସାଧକକୁ ବିପଥଗାମୀ କରାଇପାରନ୍ତି ନାହିଁ । ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତିର ଅବତରଣ ଓ ହୃତ୍‌ପୁରୁଷର ଜାଗରଣ – ଏହି ଦୁଇ କ୍ରିୟା ହେବା ଦ୍ୱାରା ସାଧକ ସାଧନାରେ ଅଗ୍ରସର ହୁଏ ଏବଂ ତାହାର ସମସ୍ତ ସତ୍ତା ପରିଶୁଦ୍ଧ ହୋଇ ଅତିମାନସ ଦିବ୍ୟ ରୂପାନ୍ତରକାରୀ ମହାନ୍ କ୍ରିୟା ସକାଶେ ପ୍ରସ୍ତୁତ ହୁଏ । ଏହି ପ୍ରସ୍ତୁତି ପରେ ଅତିମାନସ ଶକ୍ତି ସିଧା ସିଧା ବ୍ୟକ୍ତି ଆଧାରରେ ରୂପାନ୍ତର କ୍ରିୟା କରେ । ଏହା ପୂର୍ବରୁ ଅତିମାନସ ଶକ୍ତିର କ୍ରିୟା ସ୍ପଷ୍ଟରୂପେ ହୁଏ ନାହିଁ, କେବଳ କିଛି ପ୍ରଭାବ ଆସେ ସାଧକର ମସ୍ତକ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର କ୍ରିୟାରେ । ଏହିସବୁ ବିଷୟ ବୁଝିବାକୁ ଚେଷ୍ଟା କରିବାର ବିଶେଷ ଆବଶ୍ୟକତା ନାହିଁ । ସାଧନା କଲେ ସ୍ୱତଃ ବୁଝିବାକୁ ହେବ ଏବଂ ଅନୁଭୂତି ଆସିବ । କିନ୍ତୁ ଯାହା କରିବାକୁ ହେବ ତାହା ହେଲା ଏହି :

ଧ୍ୟାନର ପ୍ରଣାଳୀ

କୌଣସି ନିର୍ଦ୍ଦିଷ୍ଟ ସମୟରେ ପ୍ରତିଦିନ ଗୋଟିଏ ସ୍ଥାନରେ କୁଶ, କମ୍ବଳ କିଂବା ମୃଗଚର୍ମ ଉପରେ ଅଥବା ସ୍ୱାଭାବିକ ଆସନ ଉପରେ ବସିବେ, ଯେଉଁ ଆସନରେ କୌଣସି ଶାରୀରିକ ପୀଡ଼ା ନ ହୁଏ । ଚାରିଦିଗରେ ବିକ୍ଷିପ୍ତ ହୋଇଥିବା ଚେତନାକୁ ହୃଦୟରେ ଏକତ୍ର କରି ହୃଦୟର ଗଭୀରକୁ ନେଇଯିବାକୁ ଚେଷ୍ଟା ଓ ସଂକଳ୍ପ କରିବେ । କିଛିଦିନ ଅଭ୍ୟାସ କଲେ ଚେତନା ଗଭୀରରେ ପ୍ରବେଶ କରିବାକୁ ଆରମ୍ଭ କରିବ ଓ ସେହି ଗଭୀରରେ କିଛିକ୍ଷଣ ସ୍ଥାୟୀ ହୋଇ ରହିବ । କ୍ରମେ ସେହି ସ୍ଥାୟିତ୍ୱ ବୃଦ୍ଧି ହେବାକୁ ଲାଗିବ । ସେହି ଚେତନା ଯେତେବେଳେ ହୃଦୟରୁ ବାହାରିଆସି ଊର୍ଦ୍ଧ୍ୱକୁ ଗତି କରିବ କିଂବା ଶରୀରର ଅନ୍ୟ ଅଙ୍ଗରେ କ୍ରିୟା କରିବ, ସେତେବେଳେ ନିଜ ଇଚ୍ଛାନୁସାରେ ଚେତନାର ଗତିକୁ ବନ୍ଦ କରିବେ ନାହିଁ, କିନ୍ତୁ ତାହା ସଙ୍ଗେ ନିଜକୁ ଏକ କରିଦେବେ । ସୁତରାଂ ଯଦି ବିଚାର ବା ଦୁର୍ଭାବନା ଆସେ, ତେବେ ଏସବୁକୁ ସ୍ମରଣ ନ କରି କେବଳ ଚେତନାର ଗତିକୁ ନିରୀକ୍ଷଣ କରିବେ ।

ଯାହା ସଚେତଭାବେ ସ୍ମରଣ ରଖିବାକୁ ହେବ ତାହା ହେଲା ଏହି – ଯେତେବେଳେ ଊର୍ଦ୍ଧ୍ୱଶକ୍ତି ନିଜ ମଧ୍ୟରେ କାମ କରିବାକୁ ଆରମ୍ଭ କରିବେ, ସେତେବେଳେ ହଠାତ୍ ବଡ଼ ଆନନ୍ଦ ମିଳିବା ପରେ ଉଦାସୀନତା, ବିକ୍ଷୋଭ, କାମ, କ୍ରୋଧ, ହିଂସା, ଦ୍ୱେଷ ଆଦି ଦୁର୍ଗୁଣ ଦେଖାଦେବ । ସେତେବେଳେ ସାଧାରଣ ଜୀବନ ଅପେକ୍ଷା ଯୋଗ-ଜୀବନରେ କୁପ୍ରବୃତ୍ତିର ଗତିବୃଦ୍ଧି ଅଧିକ ଦୃଷ୍ଟି ଗୋଚର ହେବ । ସାବଧାନ ! ସେତେବେଳେ ବ୍ୟସ୍ତ ହେବେ ନାହିଁ, ଶାନ୍ତ ହୋଇ ମା'ଙ୍କୁ ପ୍ରାର୍ଥନା କରିବେ । ସାଧନା ଅବସ୍ଥାରେ ଏହିପରି ଆଲୋକ ଓ ଅନ୍ଧକାର ସମୟ ଆସୁଥିବ । ଏହାର କାରଣ ଏହି ଯେ ମନୁଷ୍ୟର ଅନାଦିକାଳରୁ ଯେଉଁ ଅସଂସ୍କୃତ ଭାବ, ମନ-ପ୍ରାଣ-ଶରୀରର ଅବଚେତନାରେ ଯେଉଁ କାମ, କ୍ରୋଧ, ମଦ, ମାତ୍ସର୍ଯ୍ୟ, ଈର୍ଷା, ଦ୍ୱେଷାଦି ଦୁର୍ଗୁଣ ବିଦ୍ୟମାନ ରହିଆସିଅଛି, ସେହିସବୁକୁ ଯୋଗଶକ୍ତି ପ୍ରଥମେ ସ୍ପର୍ଶ କରେ, ଜାଗ୍ରତ କରେ ଏବଂ କ୍ରମଶଃ ସେସବୁକୁ ରୂପାନ୍ତର କରିବାକୁ ଆରମ୍ଭ କରେ । ସେସବୁକୁ ଜାଗ୍ରତ କରାଏ, ତାହା ଉପରେ କ୍ରିୟା କରିବା ସକାଶେ । ସେହି ସକାଶେ ସାଧକ ମଧ୍ୟରେ କୁପ୍ରବୃତ୍ତି ଦେଖାଯାଏ । ସେହିସବୁ ଜାଗ୍ରତ ନ ହେଲେ ରୂପାନ୍ତରିତ ହୋଇପାରିବେ ନାହିଁ ।

ଧ୍ୟାନ କରିବାକୁ ବସିଲେ ହଠାତ୍ ଚେତନା ଏକାଗ୍ର ହୁଏ ନାହିଁ । ଯଦି ବସିବା ସଙ୍ଗେ ସଙ୍ଗେ ନାନା ପ୍ରକାର ଚିନ୍ତା ଆସେ ଏବଂ ମନକୁ ବ୍ୟତିବ୍ୟସ୍ତ କରିପକାଏ, ତେବେ ସେତେବେଳେ ଧ୍ୟାନ ନ କରି, ମା'ଙ୍କୁ ପ୍ରାର୍ଥନା କରିବେ କିଂବା ମା'ଙ୍କ ବହି ପଢ଼ିବେ । ମନ ଶାନ୍ତ ହେବା ପରେ ଧ୍ୟାନ କରିବାକୁ ଆରମ୍ଭ କରିବେ । କିଂବା ମା'ଙ୍କ ଫଟୋ ଦେଖି

ସେଥିରେ ଚିତ୍ତବୃତ୍ତିକୁ ଏକାଗ୍ର କରିବେ । ଚିତ୍ତବୃତ୍ତି ଏକାଗ୍ର ହେବା ପରେ ହୃଦୟ କେନ୍ଦ୍ରରେ ନିଜେ ରହି କେବଳ ପ୍ରତୀକ୍ଷା କରିବେ – ଶାନ୍ତି, ଶକ୍ତି, ଆନନ୍ଦ ଏବଂ ଏକାଗ୍ରତା ଇତ୍ୟାଦି ଊର୍ଦ୍ଧ୍ୱରୁ ଆସିବାକୁ । ନିଜେ ହୃଦୟରେ ରହିବା ଅର୍ଥ – 'ମୁଁ' ହୃଦୟରେ ଅନ୍ତରାତ୍ମା ସହିତ ଏକ ହୋଇ ସେହିଠାରେ ରହି ପ୍ରତୀକ୍ଷା କରୁଅଛି, ଏହି କଳ୍ପନା କରିବା । ଆମ୍ଭମାନଙ୍କର ଅଭ୍ୟାସ ଯେ ମନ-ପ୍ରାଣ-ଶରୀରକୁ ଆମ୍ଭେମାନେ 'ମୁଁ' ବୋଲି କହିଥାଉ, କିନ୍ତୁ ଆମ୍ଭମାନଙ୍କର ଯଥାର୍ଥ 'ମୁଁ' ହେଉଛି 'ଆନ୍ତର ସତ୍ତା' । ସେହି 'ଅନ୍ତଃସତ୍ତା' ସହିତ ଏହି ମିଥ୍ୟା 'ମୁଁ' କୁ ଏକ କରିଦେବାକୁ ହେବ । ଧ୍ୟାନର ସମୟ ନିର୍ଦ୍ଦିଷ୍ଟ ହେବା ଉଚିତ; ତଥା ନିୟମିତରୂପେ ଅନୁକୂଳ ସମୟରେ ଧ୍ୟାନ କରିବାକୁ ହେବ । ପ୍ରଥମ ଦୁଇ ସପ୍ତାହ ୧୦ ମିନିଟ୍, ତା'ପରେ ଦୁଇ ସପ୍ତାହ ୧୫ ମିନିଟ୍ ଓ ତା'ପରେ ଅଧଘଣ୍ଟାଏ ପର୍ଯ୍ୟନ୍ତ କରାଯାଇପାରେ । ମନ ଏକାଗ୍ର ହେଲେ ଧ୍ୟାନର ସମୟ ବଢ଼ାଇ ଦିଆଯାଇପାରେ ।

ସକାଳୁ ନିଦ୍ରାଭଙ୍ଗ ସଙ୍ଗେ ସଙ୍ଗେ ମା'ଶ୍ରୀଅରବିନ୍ଦଙ୍କ ନାମ ସ୍ମରଣ କରିବେ । ଯଦି ରାତ୍ରିରେ ସ୍ୱପ୍ନ ଦେଖିଥାଆନ୍ତି ତେବେ ସ୍ୱପ୍ନକୁ ସ୍ମରଣ କରିବେ । ପରେ ଉଠିବସି ମା'ଙ୍କୁ ପ୍ରାର୍ଥନା କରିବେ – ''ମୋର ସମସ୍ତ କର୍ମ, ମୁଁ ନିଜେ, ମୋର ଯାହାକିଛି ଅଛି, ସମସ୍ତ ତୁମ୍ଭ ଚରଣରେ ଅର୍ପଣ କରୁଛି; ମୋତେ ପଥ ଦେଖାଅ ଓ ମୋର ସମସ୍ତ କର୍ମକୁ ନିୟନ୍ତ୍ରଣ କର । ତୁମ୍ଭ ପ୍ରତି ମୋର ବିଶ୍ୱାସ ଓ ନିର୍ଭରତା ଏବଂ ସମର୍ପଣ ବୃଦ୍ଧି ହେଉ, ଏଥିରେ ତୁମ୍ଭେ ସାହାଯ୍ୟ କର ।'' ପ୍ରାର୍ଥନା ପରେ ଧ୍ୟାନସ୍ଥ ହୋଇ ଯେତେ ସମୟ ସମ୍ଭବ ହୁଏ ବସି ରହିବେ । ଅନ୍ତତଃ ପାଞ୍ଚ ମିନିଟ୍ ହେବା ଆବଶ୍ୟକ । ପରେ ଯାହାକିଛି ନିତ୍ୟକର୍ମ କରିବା କଥା କରିବେ । ସ୍ନାନ ଭୋଜନ ଆଦି ପ୍ରତିକର୍ମକୁ ସମର୍ପଣ କରିବେ । ମନେ କରିବେ – ''ପ୍ରତି ମୁହୂର୍ତ୍ତରେ ମା' ମୋ ସଙ୍ଗେ ସଙ୍ଗେ ରହିଅଛନ୍ତି ।'' ପ୍ରଥମରେ ତ ଏସବୁ କରିବାକୁ ମନେ ରହିବ ନାହିଁ । କିନ୍ତୁ ଦୃଢ଼ ସଂକଳ୍ପ ହେଲେ ଏବଂ କରିବାକୁ ଅଭିରୁଚି ଆସିଗଲେ ବହୁତ ଦିନ ଅଭ୍ୟାସ କରିବା ପରେ, ଏହା ଏକେବାରେ ସରଳ ହୋଇଯିବ । ପ୍ରଥମରେ କାର୍ଯ୍ୟ ଆରମ୍ଭ ଓ ଶେଷରେ ସମର୍ପଣ କଲେ ଚଳିବ । ଏହି ଯୋଗର ସମର୍ପଣହିଁ ଚାବି । ସମର୍ପଣ ଦ୍ୱାରା ହୃତ୍‌ପୁରୁଷ ଜାଗ୍ରତ୍ ହୁଏ, ଉପରୁ ଦିବ୍ୟଶକ୍ତିର ଅବତରଣ ଓ ନିମ୍ନରୁ କୁଣ୍ଡଳିନୀ ଶକ୍ତିର ଜାଗରଣ ହୁଏ । ଚେତନାର ବିକାଶ ହୁଏ ଏବଂ ତାହା ଶୁଦ୍ଧ, ବିଶାଳ ଓ ବ୍ୟାପକ ହୁଏ, ଏକାଗ୍ରତା ବଢ଼େ । କ୍ରମଶଃ ମନ, ପ୍ରାଣ, ଶରୀରରେ ଶାନ୍ତି, ନୀରବତା, ଶକ୍ତି, ଆନନ୍ଦ ଅବତରଣ କରେ । ଏ ଯୋଗରେ ସକଳ କର୍ମକୁ ଅର୍ପଣ କରିବାକୁ ହୁଏ ଓ ଧ୍ୟାନ ମଧ୍ୟ କରିବାକୁ ହୁଏ । ଗୋଟିକୁ ଅବହେଳା କରି ଅନ୍ୟଟି ଉପରେ ଅଧିକ ଜୋର୍ ଦେଲେ ଚଳିବ ନାହିଁ । ଏହିପରି ଦିନର ସମସ୍ତ କର୍ମକୁ ସମର୍ପଣ କରିବେ ଓ ଶୋଇବା ସମୟରେ ନିଜ ଇଷ୍ଟଙ୍କୁ ସ୍ମରଣ କରି ଶରୀରକୁ ଢିଲା କରି ଶୋଇବେ । ପ୍ରାର୍ଥନା କରିବେ, ''ମୁଁ ଯେପରି ନିଦ୍ରା ସମୟରେ ଅବାଞ୍ଛନୀୟ ସ୍ଥାନକୁ ନ ଯାଏ ।''

ଏ ଯୋଗର ଲକ୍ଷ୍ୟ – ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର – ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତି; ମନୁଷ୍ୟ ଶରୀରରେ ଭଗବତ୍‌ପ୍ରାପ୍ତି ଏବଂ ସମସ୍ତ ପ୍ରକୃତି ଉପରେ ପ୍ରଭୁତ୍ୱ ସ୍ଥାପନ । ଏହା ସ୍ମରଣ ହେବାମାତ୍ରେ ନିଜ ଦୁର୍ବଳତା ପରାମର୍ଶ ଦିଏ,– ''ଏ ଯୋଗ ସକାଶେ ତୁ ଏକେବାରେ ଅନୁପଯୁକ୍ତ, ତୋର ଏ ତ୍ରୁଟି, ସେ ତ୍ରୁଟି, ଏ ଦୋଷ, ସେ ଦୋଷ ରହିଛି; ତୋର ସାଧନା ହେବ ନାହିଁ । ପୁଣି ଏତେ ବଡ଼ ସାଧନା ! ଯଦି ଭକ୍ତିଯୋଗ ବା ଜ୍ଞାନଯୋଗ ସକାଶେ ସାଧନା କରନ୍ତୁ, ତେବେ ତାହା କେତେକ ପରିମାଣରେ ସମ୍ଭବ ହୋଇପାରନ୍ତା । ଏହି ପୂର୍ଣ୍ଣଯୋଗ ସିଦ୍ଧି ଏକେବାରେ ସ୍ୱର୍ଗର ଚନ୍ଦ୍ରମାତୁଲ୍ୟ, ଚନ୍ଦ୍ରମାକୁ ଲାଭ କରିବା ଯେପରି ଅସମ୍ଭବ, ସେହିପରି ତୋ ପକ୍ଷେ ପୂର୍ଣ୍ଣଯୋଗର ସିଦ୍ଧି ମଧ୍ୟ ଅସମ୍ଭବ ।'' ଏହି ବିଚାରକୁ ତତ୍‌କ୍ଷଣାତ୍ ବର୍ଜ୍ଜନ କରିବାକୁ ହେବ । ଏହି ଯୋଗ-ସିଦ୍ଧି ଯଦ୍ୟପି କଠିନ ଏବଂ ଦୁରୂହ, ତଥାପି ଏହା ସିଦ୍ଧି ହୁଏ ଅତିମାନସ ଶକ୍ତି ଦ୍ୱାରା । ଏହି ଅସମ୍ଭବକୁ ସମ୍ଭବ କରିତୋଳିବାକୁ ଏବଂ ମାନବ ମଧ୍ୟରେ ଭଗବତ୍ ଶକ୍ତି ସ୍ଥାପନ କରିବାକୁ ଶ୍ରୀମା ଓ ଶ୍ରୀଅରବିନ୍ଦ ଦୀର୍ଘକାଳ ତପସ୍ୟା କରି ସେହି ଅତିମାନସ ଶକ୍ତିକୁ ଊର୍ଦ୍ଧ୍ୱରୁ ଉତାରି ଆଣିଅଛନ୍ତି । ସେହି ଶକ୍ତିକୁ ମା' ଧାରଣ କରି ପୃଥିବୀ ତଥା ମାନବ ଶରୀରକୁ ରୂପାନ୍ତର କରିବା ସକାଶେ କାର୍ଯ୍ୟ କରୁଅଛନ୍ତି । ଯଥାର୍ଥରେ ସାଧକ ନିଜ ରୂପାନ୍ତର ସକାଶେ ସାଧନା କରେ ନାହିଁ । ସେ କେବଳ ସାଧନା କରେ, ମା'ଙ୍କ ଉପରେ ନିର୍ଭରତା ଓ ବିଶ୍ୱାସ ସ୍ଥାପନ କରିବାକୁ । ସେ ଏତିକି କଲେ ମା' ତା' ମଧ୍ୟରେ ସ୍ୱୟଂ କ୍ରିୟା କରି ତାକୁ ତା'ର

ଲକ୍ଷ୍ୟରେ ପହଞ୍ଚାଇ ଦେବେ । କେବଳ ମା'ଙ୍କ ପ୍ରତି ବିଶ୍ୱାସହିଁ ଏହି ଦୁରୂହ ସାଧନା ପଥକୁ କରିଦିଏ ସହଜ । ଯେତେବେଳେ କୌଣସି ମହାପୁରୁଷ ଏହି ପୃଥିବୀକୁ ଆସନ୍ତି ସେତେବେଳେ ମନୁଷ୍ୟଜାତିକୁ ଗୋଟାଏ ସୁଯୋଗ ମିଳେ । ସେତେବେଳେ ସାଧନା ସାଧକ ଉପରେ ନିର୍ଭର ନ କରି ମହାପୁରୁଷଙ୍କ କୃପା ଉପରେ ନିର୍ଭର କରିଥାଏ । ଏହି ସମୟହିଁ ଦେବମୁହୂର୍ତ୍ତ । ତେଣୁ କୁହାହୋଇଛି ଯେଉଁମାନେ ଏହି ସୁବର୍ଣ୍ଣ ସୁଯୋଗକୁ ଛାଡ଼ି ଭଗବାନଙ୍କ ଡାକକୁ କାନ ନ ଦେଇ ଶୋଇ ରହନ୍ତି, ସେମାନେ ଅତି ଭାଗ୍ୟହୀନ ।

ଅଧ୍ୟାତ୍ମ ବାତାବରଣ ସୃଷ୍ଟି

ସମସ୍ତଙ୍କ ପାଇଁ ଏକ ମାର୍ଗ ନିର୍ଦ୍ଦିଷ୍ଟ କରା ହୋଇ ନ ପାରେ । ପ୍ରତ୍ୟେକ ବ୍ୟକ୍ତିର ନିଜ ମାର୍ଗ ଅଛି । ଏହି ଯୋଗ ସମଗ୍ର ମାନବଜାତି ଓ ପ୍ରତ୍ୟେକ ବ୍ୟକ୍ତି ସକାଶେ । ତେଣୁ ଯେଉଁ ବ୍ୟକ୍ତି ଯେଉଁ ପରିସ୍ଥିତିରେ ଅଛି, ସେ ସେହି ପରିସ୍ଥିତିରେ ସାଧନା କରିପାରେ । ପରିବାର ଛାଡ଼ି ଲୋକେ ଆଶ୍ରମ ବା ଆଧ୍ୟାତ୍ମିକ ସଂସ୍ଥାକୁ ଯାଆନ୍ତି – ସେଠାରେ ଅନୁକୂଳ ବାତାବରଣରେ ରହି ସାଧନା କରିବେ ବୋଲି । ଅନୁକୂଳ ବାତାବରଣ ସୃଷ୍ଟି ହୁଏ ମନୁଷ୍ୟର ଭାବନା, ବିଚାର ଓ ବାହ୍ୟ-ଆଭ୍ୟନ୍ତରୀଣ କ୍ରିୟା ଦ୍ୱାରା । ଯେଉଁଠାରେ କେତେକ ବ୍ୟକ୍ତି ଏକତ୍ର ବାସ କରନ୍ତି, ସେମାନଙ୍କର ଏକହି ପ୍ରକାର ବିଚାର ହେଲେ ସେହି ବିଚାର ଅନୁସାରେ ବାତାବରଣ ସୃଷ୍ଟି ହୁଏ । ଏହି ହେତୁ ଆଧ୍ୟାତ୍ମିକ ଆଶ୍ରମ ଏବଂ ପାରିବାରିକ ବାତାବରଣ – ଏକ ଅନ୍ୟର ବିପରୀତ । ପ୍ରତିକୂଳ ବାତାବରଣ ସାଧନାରେ ସାହାଯ୍ୟ ନ କରି ନିମ୍ନକୁ ଆକର୍ଷଣ କରେ । କିନ୍ତୁ ବ୍ୟକ୍ତି ପରିବାରରେ ରହି, ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିପାରେ । ସେ ଯେଉଁଠାରେ ବାସ କରେ, ଯେଉଁ ବ୍ୟକ୍ତିଙ୍କ ସହ ବାସ କରେ, ସେମାନଙ୍କ ବିଚାର ଓ କର୍ମ ଆଧ୍ୟାତ୍ମିକତାର ସମର୍ଥନ ହେଲେ ସେହି ସ୍ଥାନ ମଧ୍ୟ ଆଶ୍ରମରେ ପରିଣତ ହୋଇପାରେ । ସାମୂହିକ ବିଚାରର ପ୍ରଭାବ ମଧ୍ୟ ବିଶେଷଭାବେ ଅନୁଭୂତ ହୁଏ । ଯେପରି କେତେଗୁଡ଼ିଏ ଲୋକ ଏକସଙ୍ଗେ ଶବ୍ଦ କଲେ ତାହା ବହୁଦୂର ପର୍ଯ୍ୟନ୍ତ ଶୁଣାଯାଏ, ସେହିପରି କେତେକ ଅଧ୍ୟାତ୍ମ-ବିଚାର ସମ୍ପନ୍ନ ବ୍ୟକ୍ତି ଏକତ୍ରିତ ହେଲେ ତାହାର ପ୍ରଭାବ ଏତେ ବେଶୀ ହୁଏ ଯେ ଅନ୍ୟ ଲୋକର ବିଚାରକୁ ତାହା ପରିବର୍ତ୍ତନ କରିଦିଏ ।

ଏହି ସୃଷ୍ଟି ଭଗବାନଙ୍କର । ଏ ସୃଷ୍ଟିରେ ଯାହାକିଛି ହେଉଛି ତାହା ଭଗବାନଙ୍କ କାର୍ଯ୍ୟ । ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତଭାବରେ ତାଙ୍କରି କାର୍ଯ୍ୟ କରୁଛନ୍ତି ଏବଂ ତାଙ୍କରି ଆଡ଼କୁ ଅଗ୍ରସର ହେଉଛନ୍ତି । କିନ୍ତୁ ବ୍ୟକ୍ତିର ସ୍ୱଭାବ ଅନୁସାରେ ତାକୁ ଭଗବାନ୍ କାର୍ଯ୍ୟ ଦିଅନ୍ତି । ବ୍ୟକ୍ତିର ଅନୁକୂଳ ସ୍ୱଭାବ ଦ୍ୱାରା ସେ କାର୍ଯ୍ୟରେ ସେ ନିଜର ଉନ୍ନତି କରିପାରେ ଏବଂ ଭଗବାନଙ୍କ ପାଖରେ ପହଞ୍ଚିପାରେ । ସେ କାର୍ଯ୍ୟ ତା' ସକାଶେ ଅତି ସହଜ, କିନ୍ତୁ ସେହି ସହଜ କାର୍ଯ୍ୟ ଅନ୍ୟ ପକ୍ଷେ ଅତି ଅସମ୍ଭବ ହୋଇପାରେ । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ପରିବାର ଛାଡ଼ି ଆଶ୍ରମରେ ରହିବାର ଆବଶ୍ୟକତା ନାହିଁ । ଯେଉଁମାନଙ୍କର ଲୋକ-କଲ୍ୟାଣ କରିବା ସ୍ୱାଭାବିକ ପ୍ରବୃତ୍ତି, ସେମାନେ ଲୋକମାନଙ୍କ ସଙ୍ଗେ ରହି ସେମାନଙ୍କ ସମ୍ମୁଖରେ ଆଧ୍ୟାତ୍ମିକ ଆଦର୍ଶ ରଖି ସେମାନଙ୍କୁ ସତ୍ୟ-ମାର୍ଗରେ ନେଇଯିବା ସକାଶେ ଚେଷ୍ଟା କରିବା ଉଚିତ । ନିଜର କୌଣସି ଶକ୍ତି ନାହିଁ, କିନ୍ତୁ ଯଦି ମନେକରାଯାଏ ଯେ ଏହା ଭଗବାନଙ୍କ କାର୍ଯ୍ୟ, ମା'ଙ୍କ କାର୍ଯ୍ୟ ତେବେ ତାଙ୍କ କାର୍ଯ୍ୟ କରିବାକୁ ସେ ଶକ୍ତି ଦେବେ । ନିଜେ କେବଳ କାର୍ଯ୍ୟ କରିବାର କଥା । ଅଚେତନ ଭାବରେ, ପ୍ରାଣୀମାତ୍ରେ ଭଗବାନଙ୍କ ଆଡ଼କୁ ଗତି କରୁଛନ୍ତି, କିନ୍ତୁ ସଚେତନ ଭାବରେ ତାଙ୍କର ଯନ୍ତ୍ର ହୋଇ ତାଙ୍କ କାର୍ଯ୍ୟ କଲେ ବ୍ୟକ୍ତି ସ୍ୱୟଂ ତାଙ୍କ ପ୍ରଭାବକୁ ଗ୍ରହଣ କରିବ ଏବଂ ତା' ଆଦର୍ଶକୁ ଅନ୍ୟମାନେ ଗ୍ରହଣ କରି ଉପକୃତ ହୋଇପାରିବେ । ବର୍ତ୍ତମାନ ସମୟ ଆସିଛି । ସମଗ୍ର ସଂସାରରେ ଆଧ୍ୟାତ୍ମିକତାର ପ୍ରସାର ହେବ । ଏହା ଯେତେ ଅଧିକ ପ୍ରସାରିତ ହେବ, ସଂସାରରେ ତେତେ ଅଧିକ ସୁଖଶାନ୍ତି ଦୃଷ୍ଟିଗୋଚର ହେବ । ବର୍ତ୍ତମାନ ଯେ ଯେଉଁଠାରେ ରହି ସାଧନା କରିବ, ସେହିଠାରେହିଁ ମା'ଙ୍କର ଜ୍ୟୋତିଃକୁ ଗ୍ରହଣ କରିପାରିବ । ଏହା ନିର୍ଭର କରିବ କେବଳ ବ୍ୟକ୍ତିର ତତ୍ପରତା ଓ ବିଶ୍ୱାସ ଉପରେ । ମା' କେବଳ ଏହି ଆଶ୍ରମରେ ଆବଦ୍ଧ ନୁହନ୍ତି । ସେ ସମସ୍ତ ସ୍ଥାନରେ ରହି ପ୍ରତ୍ୟେକ ସାଧକକୁ ପରିଚାଳନା କରୁଅଛନ୍ତି । ଯଦି ପାଠଚକ୍ରର ସଭ୍ୟମାନେ

ଦୃଢ଼ଭାବେ ଏହି ଧାରଣା କରିପାରନ୍ତି ତେବେ ପ୍ରତ୍ୟେକ ପାଠଚକ୍ରରେ ବ୍ୟକ୍ତି ସ୍ପଷ୍ଟରୂପେ ମା'ଙ୍କ ଉପସ୍ଥିତି ଅନୁଭବ କରିପାରିବେ ଏବଂ ପାଠଚକ୍ରର ବାତାବରଣ ଆଶ୍ରମ ବାତାବରଣରେ ପରିଣତ ହୋଇପାରିବ ।

ଅନ୍ତରାତ୍ମାର ଆହ୍ୱାନର ଲକ୍ଷଣ

ପ୍ରଶ୍ନ : ଶ୍ରୀଅରବିନ୍ଦ ''ଯୋଗ-ପ୍ରଦୀପ''ରେ ଲେଖିଛନ୍ତି, ''ଏହି ଯୋଗ-ମାର୍ଗରେ କାହାରି ପ୍ରବେଶ କରିବା ଉଚିତ ନୁହେଁ, ଯେପର୍ଯ୍ୟନ୍ତ କେହି ଅନ୍ତରାତ୍ମାର ଆହ୍ୱାନ ନିଶ୍ଚିତରୂପେ ନ ଶୁଣିଛି ଏବଂ ଶେଷପର୍ଯ୍ୟନ୍ତ ଅଗ୍ରସର ହେବାକୁ ପ୍ରସ୍ତୁତ ନ ହୋଇଛି ।'' ତେବେ ଅନ୍ତରାତ୍ମାର ଆହ୍ୱାନ କ'ଣ ? ତାହା କିପରି ବୁଝିହେବ ?

ଉତ୍ତର : ଅନ୍ତରାତ୍ମାର ଆହ୍ୱାନ ହେଲା ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା ନିମିତ୍ତ ରୁଚି ଉତ୍ପନ୍ନ ହେବା । ଅନ୍ତରାତ୍ମାର ଆହ୍ୱାନ ନ ହେଲେ ବ୍ୟକ୍ତି ଆଧ୍ୟାତ୍ମିକ ମାର୍ଗରେ ଆନ୍ତରିକତା ସହ ଅଗ୍ରସର ହେବାକୁ ଚେଷ୍ଟା କରେ ନାହିଁ । ଅନ୍ତରାତ୍ମାର ଆହ୍ୱାନ ପାଇବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିକୁ ସତ୍ୟ ଓ ସଦାଚାର ପାଳନ କରି ଅନ୍ତରାତ୍ମାର ଜାଗରଣ ନିମିତ୍ତ ଅଭୀପ୍ସା ଓ ପ୍ରାର୍ଥନା କରିବାକୁ ହେବ ।

ପ୍ରାଣର ବାସନା, ମନର ଉଚ୍ଚାକାଙ୍କ୍ଷାରେ ମନୁଷ୍ୟ ମଧ୍ୟ ଯୋଗରେ ପ୍ରବୃତ୍ତ ହୋଇପାରେ, କିନ୍ତୁ ବହୁଦୂର ଅଗ୍ରସର ହୋଇପାରେ ନାହିଁ । କାମନା-ବାସନା ପୂର୍ଣ୍ଣ ନ ହେଲେ କିଂବା ଯୋଗ-ମାର୍ଗରେ ବାଧା-ବିପତ୍ତି ଆସିଲେ ସେ ଯୋଗ ମାର୍ଗକୁ ଛାଡ଼ି ଚାଲିଯାଏ । କେତେକ ଲୋକ ଏହି ବିଚାରରେ ଯୋଗ-ମାର୍ଗରେ ପ୍ରବେଶ କରନ୍ତି – ''ବହୁତ ଲୋକ ଏହି ମା'ଙ୍କ ଫଟୋ ପୂଜା କରି, ଧ୍ୟାନ କରି ପରୀକ୍ଷାରେ ପାସ୍ କରିଗଲେ, ବଡ଼ ଚାକିରି ପାଇ ପାରିଲେ, ମୁଁ ସେହିପରି କଲେ ମୋର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରିବ ।'' ଏହିପ୍ରକାର କାମନା-ବାସନା ହେଲା ମନ-ପ୍ରାଣର । ଏହା ସଫଳ ନ ହେଲେ ସେ ସାଧନା ଛାଡ଼ିଦିଏ, କାରଣ ଏଥିରେ ଅନ୍ତରାତ୍ମାର ଆହ୍ୱାନ ନ ଥାଏ ।

ଅନ୍ତରାତ୍ମାର ଡାକ ପାଇ ଯଦି ବ୍ୟକ୍ତି ସାଧନାରେ ସାମୟିକ ଭାବେ ବିଫଳ ହୁଏ ଏବଂ ବହୁପ୍ରକାର ବାଧା-ବିପତ୍ତିର ସମ୍ମୁଖୀନ ହୁଏ, ତଥାପି ସାଧନା ଛାଡ଼ି ସାଧାରଣ ଜୀବନକୁ ଫେରିଯାଏ ନାହିଁ । ସେ ଭଗବାନଙ୍କ ଉପରେ ବିଶ୍ୱାସ ରଖେ, ନିରାଶା ମଧ୍ୟରେ ଆଶାର ସଞ୍ଚାର ହୁଏ, ଶେଷରେ ସକଳ ବାଧା-ବିପତ୍ତିକୁ ଜୟକରି ନିଜ ଲକ୍ଷ୍ୟରେ ପହଞ୍ଚି ଶାଶ୍ୱତ ଆନନ୍ଦକୁ ପ୍ରାପ୍ତ ହୁଏ ।

ଯଦି କାହାର ଅନ୍ତରାତ୍ମାର ଆହ୍ୱାନ ସଙ୍ଗେ ପ୍ରାଣର ଦାବି, ମନର ଅଭିରୁଚି ମିଶ୍ରିତ ଥାଏ, ତେବେ ସେ ଅନ୍ତରାତ୍ମାର ଡାକ ଠିକ୍ ବୁଝିପାରେ ନାହିଁ, କେବଳ କାମନା ତୃପ୍ତି ସକାଶେ ଯୋଗରେ ପ୍ରବୃତ୍ତ ହୁଏ । ଯେପରି ମୋକଦ୍ଦମାରେ ବ୍ୟକ୍ତି ଏପରିଭାବେ ଅଭିଯୁକ୍ତ ହୋଇଥାଏ ଯେ ସେଥିରୁ ମୁକ୍ତ ହେବାର ଉପାୟ ନ ଥାଏ କିଂବା ଭୟଙ୍କର ରୋଗରେ ପୀଡ଼ିତ ହେଲେ ଡାକ୍ତର କିଂବା ବୈଦ୍ୟଙ୍କଠାରୁ ସାହାଯ୍ୟ ପାଏ ନାହିଁ, ସେତେବେଳେ ଏହି ବିପଦରୁ ରକ୍ଷାପାଇବାର ଅନ୍ୟ ଉପାୟ ନ ଦେଖି ସେ ଯୋଗର ଆଶ୍ରୟ ନିଏ । ଯଦିଓ ସେ ପ୍ରଥମେ କାମନା-ବାସନାକୁ ପରିପୂର୍ଣ୍ଣ କରିବା ପାଇଁ ଯୋଗ ଆରମ୍ଭ କରିଥାଏ, ତଥାପି ଏହା ପୂର୍ଣ୍ଣ ନ ହେବା ସତ୍ତ୍ୱେ ସେ ଯୋଗ-ମାର୍ଗକୁ ତ୍ୟାଗ କରେ ନାହିଁ, ତେବେ ସେ ଅନ୍ତରାତ୍ମାର ଆହ୍ୱାନ ପାଇଛି ବୋଲି ବୁଝାଯାଏ ।

ଆଉ କେତେକ ବ୍ୟକ୍ତି ଯଶଃ-ପ୍ରତିଷ୍ଠା ଲାଭ କରିବାକୁ ଯୋଗ କରନ୍ତି । ଏହିସବୁ ପ୍ରାପ୍ତ ହେବା ପରେ ଯୋଗ-ସାଧନାକୁ ଛାଡ଼ି ଦିଅନ୍ତି । ଅନ୍ତରାତ୍ମାର ଡାକ ଯଦି ଥରେ ଏହି କାମନା-ବାସନା ସହିତ ମିଶ୍ରିତ ହୋଇଥାଏ, ତେବେ ଏହା ପୂର୍ଣ୍ଣ ହେବାପରେ ସାଧକ ଏହିସବୁ କାମନାକୁ ଅତିକ୍ରମ କରି ନିଷ୍କାମ ଭାବରେ କେବଳ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରନ୍ତି । ଅନ୍ୟ କେତେକ ଲୋକ କୁଟୁମ୍ବପୋଷଣ ଭାରରେ ବ୍ୟଥିତ, ବ୍ୟବସାୟରେ ବିଫଳ କିଂବା ପୁତ୍ରର ମୃତ୍ୟୁରେ ଅସହ୍ୟ ବେଦନାରେ ପୀଡ଼ିତ ହୋଇ ଯୋଗ-ସାଧନା ଆରମ୍ଭ କରନ୍ତି । ସେଥିରେ ଯଦି ଅନ୍ତରାତ୍ମାର ଆହ୍ୱାନ ଥାଏ, ତେବେ ସେମାନେ ଏହି ସମସ୍ତ ବିପଦରୁ ମୁକ୍ତ ହେବା ପରେ ମଧ୍ୟ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଅନ୍ତି ।

ଅନ୍ତରାତ୍ମାର ଆହ୍ୱାନ ବହୁପ୍ରକାର ପରିସ୍ଥିତି ମଧ୍ୟରେ ଆସେ । ବାହ୍ୟ ପରିସ୍ଥିତିର ରୂପ ଭିନ୍ନ ଭିନ୍ନ ହେବାରେ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ଅନ୍ତରାତ୍ମାର ଆହ୍ୱାନ ଥିଲେ ବ୍ୟକ୍ତି ଯୋଗ-ମାର୍ଗରେ ଶେଷପର୍ଯ୍ୟନ୍ତ ଚାଲେ । ଅନ୍ତରାତ୍ମାର ଆବାହନ ବ୍ୟତୀତ କୌଣସି ପ୍ରକାର ପରିସ୍ଥିତିରେ ପଡ଼ି ଯଦି ବ୍ୟକ୍ତି ଯୋଗ ଆରମ୍ଭ କରେ, ତେବେ ସେ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ସାଧନା କରେ ନାହିଁ, କିଛିଦୂର ଅଗ୍ରସର ହୋଇ ସାଧନା ପରିତ୍ୟାଗ କରେ ।

କେହି କେହି କାମନା ପରେ କାମନା କରିଚାଲନ୍ତି । ସେମାନଙ୍କର ବଡ଼ ବଡ଼ କାମନା ମଧ୍ୟ ପୂର୍ଣ୍ଣ ହୁଏ, ମାନ-ଯଶଃ ବିସ୍ତାର ହୁଏ, ପ୍ରତିଷ୍ଠା ବୃଦ୍ଧି ହେଉଥାଏ । ଏହିସବୁ ହେବା ସତ୍ତ୍ୱେ ସେଥିରେ ସନ୍ତୋଷ ବା ଆନନ୍ଦ ମିଳେ ନାହିଁ । ତାହାର ଗୋଟାଏ ଭାଗ ଚାହୁଁଥାଏ ଭଗବାନଙ୍କୁ, ଅନ୍ୟ ଭାଗ ଚାହୁଁଥାଏ କାମନା-ବାସନାକୁ ପୂର୍ଣ୍ଣ କରିବାକୁ । ଏହିପରି ଦ୍ୱନ୍ଦ୍ୱ ଚାଲୁଥାଏ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ସେ ଅନ୍ତରାତ୍ମାର ଡାକ ପାଇଛି, କିନ୍ତୁ କାମନା-ବାସନା ପ୍ରବଳ ହେବାରୁ ସେ ଆଧ୍ୟାତ୍ମିକତାକୁ ସ୍ୱୀକାର କରିବାରେ ନିଜକୁ ଅସମର୍ଥ ବୋଧ କରୁଛି । ଯଦି ସେ ଯୋଗ-ସାଧନା ଆରମ୍ଭ କରେ, ତେବେ ସେ ଭଗବାନଙ୍କ ସାହାଯ୍ୟ ପାଏ ଏବଂ ସମସ୍ତ ବାଧା-ବିଘ୍ନର ସମ୍ମୁଖୀନ ହୋଇ ସେସବୁକୁ ଅତିକ୍ରମ କରି ପ୍ରବଳ ବେଗରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଏ । ଏହିପରି ବହୁ ଭକ୍ତ ଓ ମହାପୁରୁଷଙ୍କ ଜୀବନରେ ଦେଖାଯାଇଥାଏ ।

ଅନ୍ତରାତ୍ମାର ଆହ୍ୱାନ ପାଇବାର ଚିହ୍ନ ହେଲା — ମନୁଷ୍ୟ ଭୋଗ-ବିଳାସ, ମାନ-ପ୍ରତିଷ୍ଠା ଓ ମହାନ୍ ଐଶ୍ୱର୍ଯ୍ୟ ପ୍ରାପ୍ତ ହେବା ସତ୍ତ୍ୱେ ତହିଁରେ ସନ୍ତୁଷ୍ଟ ହୁଏ ନାହିଁ, ଜୀବନରେ କିଛି ଅଭାବ ଓ ଅପୂର୍ଣ୍ଣତା ଅନୁଭବ କରେ, ଭଗବାନଙ୍କୁ ଚାହେଁ ।

ଯେଉଁମାନେ ଅନ୍ତରାତ୍ମାର ଡାକ ପାଇ ନାହାନ୍ତି, କିନ୍ତୁ ବିବେକ ସହିତ ବିଚାର କରି ଅନୁଭବ କରନ୍ତି ଯେ ଭଗବାନଙ୍କୁ ଉପଲବ୍ଧି କରିବା ବିନା ଜୀବନ ଅପୂର୍ଣ୍ଣ ଏବଂ ଏହା ଜାଣି ସେମାନେ ଦୃଢ଼ତା ସହ ସତ୍ୟ-ମାର୍ଗରେ ଅଗ୍ରସର ହେବାକୁ ବଦ୍ଧପରିକର ହୁଅନ୍ତି, ତେବେ ସେମାନେ ମଧ୍ୟ ଅନ୍ତରାତ୍ମାର ଆହ୍ୱାନ ପାଇପାରନ୍ତି ।

ମନୁଷ୍ୟମାତ୍ରେ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେଲା — ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା । ଯେପରି ବୁଦ୍ଧିର ବିକାଶ ନ ହେବା, ବିଦ୍ୟାପ୍ରାପ୍ତି ନ କରିବା ମନୁଷ୍ୟ ଜୀବନର ଅପୂର୍ଣ୍ଣତା; ସେହିପରି ଆଧ୍ୟାତ୍ମିକ ସାଧନା ଦ୍ୱାରା ନିଜର ପ୍ରକୃତି, ମନ, ପ୍ରାଣ ଏବଂ ଶରୀରର କାମନା-ବାସନା ଓ ଆବେଗ ଉପରେ କର୍ତ୍ତୃତ୍ୱ ସ୍ଥାପନ ନ କରିବା, ସେସବୁର ପ୍ରେରଣାରେ ପୁତ୍ତଳିକା ପରି ନୃତ୍ୟ କରିବା ଏବଂ ନାନାପ୍ରକାର ଅବିହିତ କର୍ମ କରିବା ମଧ୍ୟ ଜୀବନର ମହାନ୍ ଅପୂର୍ଣ୍ଣତା । ଏହାଛଡ଼ା ଭାଷାଜ୍ଞାନ ଅଭାବରେ ଯେପରି ବ୍ୟକ୍ତି ଦେଶବିଦେଶର ଇତିହାସ, ଭୂଗୋଳ, ବିଜ୍ଞାନ ତଥା ସଂସ୍କୃତି ଇତ୍ୟାଦି ମହତ୍ତ୍ୱପୂର୍ଣ୍ଣ ବିଷୟରେ ଅଜ୍ଞ ଥାଏ, ସେହିପରି ସାଧନା-ଦ୍ୱାରା ମନକୁ ଅତିକ୍ରମ କରି ଅନ୍ତର ଏବଂ ଊର୍ଦ୍ଧ୍ୱକୁ ନ ଗଲେ ସମସ୍ତ ସୂକ୍ଷ୍ମ ଜ୍ଞାନ ଓ ସୂକ୍ଷ୍ମ ଶକ୍ତି ସମ୍ବନ୍ଧେ ସେ ଅନଭିଜ୍ଞ ରହେ; ଶାନ୍ତି, ସମତା ଓ ଦିବ୍ୟାନନ୍ଦରୁ ବଞ୍ଚିତ ହୁଏ । ଏହି ତ୍ରୁଟିକୁ ଦୂରକରିବା, ଜୀବନକୁ ସର୍ବାଙ୍ଗସୁନ୍ଦର କରି ଗଢ଼ିବା ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ଯୋଗସାଧନା କରିବା କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ । କାରଣ ସତ୍ୟ, ସଦାଚାର, ଜୀବନର ସମସ୍ତ କର୍ମ ଭଗବାନଙ୍କୁ ସମର୍ପଣ ଓ ଅଭୀପ୍ସା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ ହୁଏ, ବ୍ୟକ୍ତି ତାହାର ଆବାହନ ପ୍ରାପ୍ତ ହୋଇ ଯୋଗ-ମାର୍ଗରେ ପ୍ରବୃତ୍ତ ହୁଏ । ସଦାଚାର, ସତ୍ୟ-ଭାଷଣ, ସତ୍ୟ-ବ୍ୟବହାରଠାରୁ ଆରମ୍ଭ କରି ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ପୂର୍ଣ୍ଣ ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ଭଗବାନଙ୍କୁ ପୂର୍ଣ୍ଣରୂପେ ଉପଲବ୍ଧି କରିବା ପର୍ଯ୍ୟନ୍ତ ଅସଂଖ୍ୟ ସ୍ତର ଥାଏ । ଅନ୍ତରାତ୍ମାର ଜାଗରଣ ହେବା ଗୋଟିଏ ମଧ୍ୟବର୍ତ୍ତୀ ସ୍ତର, ଏକେବାରେ ଆରମ୍ଭ ନୁହେଁ । ଏହାର ଅର୍ଥ ଏପରି ନୁହେଁ ଯେ ଅନ୍ତରାତ୍ମାର ଆହ୍ୱାନ ନ ମିଳିଥିବା ପର୍ଯ୍ୟନ୍ତ ବ୍ୟକ୍ତି ମନ, ପ୍ରାଣ ଓ ଆବେଗର ପ୍ରେରଣାରେ ନାନା ଅବିହିତ କର୍ମ କରୁଥିବ । କେହି ତଳୁ ଡେଇଁ ଗଛ ଅଗରେ ପହଞ୍ଚେ ନାହିଁ । ମୂଳରୁ କ୍ରମଶଃ ଉଠିବାକୁ ହୁଏ । ପ୍ରତ୍ୟେକ ବ୍ୟକ୍ତିକୁ ନିଜ ସ୍ତରରୁ ସାଧନା ଆରମ୍ଭ କରିବାକୁ ହେବ ଏବଂ କ୍ରମଶଃ ଅନ୍ତରାତ୍ମାର ଜାଗରଣ ଆଦି ବହୁ ସ୍ତର ପାର ହୋଇ ଲକ୍ଷ୍ୟରେ ପହଞ୍ଚିବାକୁ ହେବ ।

ପ୍ରତ୍ୟେକ ଧ୍ୟାନ-କେନ୍ଦ୍ରର ଭିନ୍ନ ଭିନ୍ନ ଫଳ

ପ୍ରଶ୍ନ : 'ନବଜ୍ୟୋତି'ରେ ପ୍ରଶ୍ନୋତ୍ତର ପ୍ରସଙ୍ଗରେ କୁହାହୋଇଛି : ହୃଦୟରେ, ଭ୍ରୂଯୁଗଳ ମଧ୍ୟସ୍ଥ ଆଜ୍ଞାଚକ୍ରରେ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବାର ତିନୋଟି ସ୍ଥାନ ଅଛି । ପ୍ରତ୍ୟେକ ସ୍ଥାନରେ ଧ୍ୟାନର ଫଳ ବିଭିନ୍ନ ହୁଏ । ତେବେ କେଉଁ ସ୍ଥାନର କେଉଁ ଫଳ ଏବଂ କେଉଁ ସ୍ଥାନରେ କେଉଁ ମତାବଲମ୍ବୀ ଉକ୍ତ ଧ୍ୟାନ କରନ୍ତି ଏହା ବିଶଦଭାବେ ବୁଝାଇଦିଅନ୍ତୁ ।

ଉତ୍ତର : ଏହି ତିନି ସ୍ଥାନରେ ଧ୍ୟାନ ଦ୍ୱାରା ପୃଥକ୍ ପୃଥକ୍ ଫଳ ହୁଏ । କିନ୍ତୁ ପ୍ରତ୍ୟେକ ସ୍ଥାନରେ ଫଳ ସର୍ବଦା ଏକ ପ୍ରକାର ହୁଏ ନାହିଁ । କୌଣସି ବିଶିଷ୍ଟ ମତାବଲମ୍ବୀଙ୍କ ସକାଶେ ଧ୍ୟାନର ସ୍ଥାନ ଯେ ଏକେବାରେ ନିର୍ଦ୍ଦିଷ୍ଟ କରାହୋଇଅଛି, ଏପରି ନୁହେଁ । ଏହି ସ୍ଥାନମାନଙ୍କରେ ପ୍ରତ୍ୟେକ ମତାବଲମ୍ବୀ ଧ୍ୟାନ କରି ପାରନ୍ତି । ଧ୍ୟାନର ପରିଣାମ ନିର୍ଭର କରେ ସାଧକର ମନୋଭାବ ଓ ଲକ୍ଷ୍ୟ ଉପରେ । ଅର୍ଥାତ୍ ସେ କ'ଣ ପାଇବାକୁ, କେଉଁଠାରେ ପହଞ୍ଚିବାକୁ ସାଧନା କରୁଅଛି, ତାହାରି ଉପରେ । ସାଧାରଣତଃ ଏହା କୁହାଯାଇ ପାରେ ଯେ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବା ଦ୍ୱାରା ଉଚ୍ଚତର ମାନସସମୂହ ଏବଂ ଉଚ୍ଚତର ସ୍ତରସମୂହ ପ୍ରତି ମନ ଉଦ୍‌ଘାଟିତ ହୁଏ, ଆଶ୍ଚର୍ଯ୍ୟଜନକ ଅନୁଭୂତି ଆସେ, ଏବଂ ଊର୍ଦ୍ଧ୍ୱରୁ ଶାନ୍ତି, ଜ୍ୟୋତିଃ, ଶକ୍ତି, ଆନନ୍ଦ, ଜ୍ଞାନ ଏବଂ ବହୁ ପ୍ରକାରର ଦିବ୍ୟଗୁଣ ମନ-ପ୍ରାଣ-ଶରୀରରେ ଅବତରଣ କରେ । ମନ ଶୁଦ୍ଧ ଓ ସୂକ୍ଷ୍ମ ହୁଏ । ଏହାଦ୍ୱାରା ସାଧକ ଗୂଢ଼ ବିଷୟ କ୍ରମଶଃ ଜାଣିପାରେ ଏବଂ ଭଗବଦ୍‌ଗୂଢ଼ ରହସ୍ୟକୁ ବୁଝିପାରେ । ଭ୍ରୂଯୁଗଳ ମଧ୍ୟରେ ଧ୍ୟାନ କରିବା ଦ୍ୱାରା ସାଧକର ସୁପ୍ତ ସୂକ୍ଷ୍ମ ଦୃଷ୍ଟି ଉନ୍ମୁକ୍ତ ହୁଏ, ସେ ମନ ଊର୍ଦ୍ଧ୍ୱସ୍ଥ ସ୍ତରସମୂହ ସୂକ୍ଷ୍ମଦୃଷ୍ଟିରେ ଦେଖିପାରେ ଏପରିକି ବହୁତ ସମୟରେ ପାର୍ଥିବ ଦୂରବସ୍ତୁକୁ ଦେଖିପାରେ ଏବଂ ଦୂର ବାଣୀ ବି ଶୁଣିପାରେ । ହୃଦୟର ଉପରିଭାଗରେ ଆବେଗମୟ ପ୍ରାଣର ଏବଂ ଏହାର ବହୁତ ଗଭୀରରେ ଅନ୍ତରାତ୍ମା (ହୃତ୍‌ପୁରୁଷ)ଙ୍କ ନିବାସ ସ୍ଥାନ । ହୃଦୟର ଗଭୀରରେ ଧ୍ୟାନ କରିବା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ୍ ହୁଏ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ମନ, ପ୍ରାଣର ସ୍ଥାନରେ ନିଜେ କ୍ରିୟା କରେ ଏବଂ ସାଧନାର ଭାର ନିଜେ ବହନ କରେ । ତା'ର ସ୍ୱାଭାବିକ ଧର୍ମ ହେଉଛି ଭଗବତ୍ ଅଭିମୁଖୀ ହେବା । ସେ ନେତୃତ୍ୱ ଗ୍ରହଣ କଲେ ସ୍ୱଭାବତଃ ଭଗବାନଙ୍କ ପ୍ରତି ଉତ୍ତରୋତ୍ତର ସମର୍ପଣ ବଢ଼ିଚାଲେ । ଭକ୍ତି ବୃଦ୍ଧି ପାଏ । ହୃଦୟ, ମନ, ପ୍ରାଣ ବ୍ୟାକୁଳ ହୋଇଉଠନ୍ତି, ରୂପାନ୍ତର ହେବା ଏବଂ ଭଗବାନଙ୍କ ସଙ୍ଗେ ଯୁକ୍ତ ହେବା ନିମିତ୍ତ । ହୃଦୟରେ ଅଭୀପ୍‌ସା-ବହ୍ନି ପ୍ରଜ୍ୱଳିତ ହୋଇ କାମ, କ୍ରୋଧ, ଲୋଭ, ମଦ, ମତ୍ସର ଇତ୍ୟାଦି ଶତ୍ରୁକୁ ନିଜ ଜ୍ୱାଳାରେ ଦୂରକୁ ହଟାଇଦିଏ ଏବଂ ଚାଲେ ଏକମାତ୍ର ଭଗବାନଙ୍କ ଆଡ଼କୁ । ସାଧନାରେ ସ୍ୱାଭାବିକରୂପେ ବାଧାବିପତ୍ତି ଆସେ; କିନ୍ତୁ ଅନ୍ତରାତ୍ମା ଜାଗ୍ରତ୍ ହେଲେ ସାଧନା ତୀବ୍ର ଗତିରେ ଚାଲେ, ବାଧାବିପତ୍ତି ଆସିଲେ ସୁଦ୍ଧା ସାଧକର ପତନ ହୁଏ ନାହିଁ । କାରଣ ଅନ୍ତରାତ୍ମା ବରାବର ସାଧକକୁ ସଚେତ କରାଏ । ଅନ୍ତରାତ୍ମାର ନିର୍ଦ୍ଦେଶରେ ସାଧକ ପ୍ରତିକୂଳ ବସ୍ତୁକୁ ଚିହ୍ନି ତ୍ୟାଗ କରେ; ଅନୁକୂଳ ବସ୍ତୁକୁ ଗ୍ରହଣ କରେ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ସାଧନା ନିରାପଦରେ ଚାଲେ । ସେଥିପାଇଁ ହୃଦୟରେ ଧ୍ୟାନ କରିବା ସକାଶେ ଏହି ଯୋଗରେ ଅଧିକ ଜୋର୍ ଦିଆହୁଏ । ଅନ୍ୟଥା ଅଶୁଦ୍ଧ ମନ, ପ୍ରାଣ, ଅଶୁଦ୍ଧ ଓ ଅସଂସ୍କୃତ ଆଧାରରେ ବଡ଼ ବଡ଼ ଅନୁଭୂତି ଆସିଲେ ସାଧକର ଅହଂକାର ବଢ଼ିଯାଇପାରେ ଏବଂ ପ୍ରତିକୂଳ ଶକ୍ତି କୁପରାମର୍ଶ ଓ କୁପ୍ରେରଣା ଦେଇ ସାଧକକୁ କୁପଥରେ ନେଇ ଯାଇପାରେ । କିନ୍ତୁ ଅନ୍ତଃପୁରୁଷଙ୍କର ନେତୃତ୍ୱ ଥିଲେ ଏପରି ଘଟେ ନାହିଁ । କାରଣ ସେ ପୂର୍ଣ୍ଣରୂପେ ଭଗବାନଙ୍କ ଉପରେ ନିର୍ଭର ରଖି ସବୁକିଛିକୁ ସମର୍ପଣ କରେ ଏବଂ ଭଗବାନଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ସହ ତାଙ୍କ ଅନୁଗତ ହୁଏ । ପ୍ରତ୍ୟେକ ଅନୁଭୂତି, ପ୍ରତ୍ୟେକ କ୍ରିୟା ଭଗବାନଙ୍କ ଶକ୍ତି ଦ୍ୱାରା ସମ୍ପନ୍ନ ହେଉଥିବାର ଦେଖେ ତଥା ଅନୁଭବ କରେ; ସେଥିପାଇଁ ତା'ର ଅହଂକାର ହୁଏ ନାହିଁ । ହୃଦୟରେ ଧ୍ୟାନ କରିବା ଦ୍ୱାରା ଚୈତ୍ୟ-ରୂପାନ୍ତର ସଂଘଟିତ ହୁଏ । ଏ ବିଷୟ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ବହିରେ ଆଲୋଚିତ ହୋଇଅଛି ।

ଏହି ଧ୍ୟାନର ସ୍ଥାନମାନଙ୍କର ଭିନ୍ନ ଭିନ୍ନ ମତାବଲମ୍ବୀଙ୍କ ଧ୍ୟାନର ଫଳ ଏକଠାରୁ ଅନ୍ୟର ଏକେବାରେ ପୃଥକ୍ ହୁଏ । ଉଦାହରଣସ୍ୱରୂପ ସତ୍ତାରେ ବିଲୀନ ହେବା ସକାଶେ ଅଦ୍ୱୈତବାଦୀ ଜ୍ଞାନୀ ସାଧକମାନଙ୍କର ଅନ୍ୟାନ୍ୟ ପନ୍ଥା ପରି

ଭକ୍ତି ବି ଗୋଟିଏ ପନ୍ଥା । କେତେକ ଜ୍ଞାନୀ ସାଧକ ଭକ୍ତିକୁ ଚିତ୍ତ-ଶୁଦ୍ଧିର ସାଧନ ଭାବରେ ହୃଦୟରେ ଧ୍ୟାନ କରନ୍ତି । ସେମାନଙ୍କର ଧ୍ୟାନର ଉଦ୍ଦେଶ୍ୟ ଥାଏ ଚିତ୍ତ-ଶୁଦ୍ଧି ହେଲେ ବିଚାର ଦ୍ୱାରା ନିର୍ବିଶେଷ ସତ୍ତାରେ ବିଲୀନ ହେବା । ସେମାନଙ୍କର ହୃଦୟ ମଧ୍ୟରେ ଧ୍ୟାନ ଦ୍ୱାରା କେବଳ ଚିତ୍ତ-ଶୁଦ୍ଧି ହୁଏ । କିନ୍ତୁ ସେହି ହୃଦୟ କେନ୍ଦ୍ରରେ ପ୍ରେମୀ ଭକ୍ତମାନେ ଧ୍ୟାନ କରନ୍ତି — ସେମାନଙ୍କୁ ପ୍ରେମ-ଭକ୍ତି ପ୍ରାପ୍ତ ହୁଏ । ଧ୍ୟାନୀ ଭକ୍ତ ସେହିଠାରେ ଧ୍ୟାନ କରନ୍ତି ଭଗବାନଙ୍କ ସ୍ୱରୂପକୁ ମାନସ ଦୃଷ୍ଟିରେ ବରାବର ଦେଖିବାକୁ । ସେମାନଙ୍କୁ ତାହାହିଁ ପ୍ରାପ୍ତ ହୁଏ । ଧ୍ୟାନର ସ୍ଥାନ ଏକହିଁ ହୃଦୟ, କିନ୍ତୁ ଭିନ୍ନ ଲକ୍ଷ୍ୟ, ଭିନ୍ନ ଉଦ୍ଦେଶ୍ୟ, ଭିନ୍ନ ମନୋଭାବ ଯୋଗୁଁ ପ୍ରତ୍ୟେକ ମତାବଲମ୍ବୀ ଭକ୍ତ ଏକେବାରେ ପୃଥକ୍, ଏପରିକି ଏକର ବିପରୀତ ଫଳ ଅନ୍ୟ ପାଆନ୍ତି । ସେଥିପାଇଁ କୌଣସି ଧ୍ୟାନକେନ୍ଦ୍ର କୌଣସି ମତାବଲମ୍ବୀ ସକାଶେ ଏକେବାରେ କଠୋର ନିୟମରେ ନିର୍ଦ୍ଦିଷ୍ଟ କରାହୁଏ ନାହିଁ । ପ୍ରତ୍ୟେକ ସାଧକ ନିଜ ସ୍ୱଭାବ ଏବଂ ଅଭ୍ୟାସ ଅନୁସାରେ ଯେକୌଣସି କେନ୍ଦ୍ରରେ ଚେତନାକୁ ଏକାଗ୍ର କରିପାରେ । କିନ୍ତୁ ମସ୍ତକ ବା ମସ୍ତକ ଊର୍ଦ୍ଧ୍ୱରେ କିଂବା ହୃଦୟରେ ଧ୍ୟାନ କରିବା ଭଲ । ବିଶେଷତଃ ହୃଦୟ ଗଭୀରରେ ଧ୍ୟାନ କରିବା ଭଲ ।

*

ପ୍ରଶ୍ନ : ଭକ୍ତ ତାହାର ଉପାସ୍ୟ ଈଶ୍ୱରଙ୍କ ସ୍ୱରୂପକୁ କିଛି ସମୟ ଧ୍ୟାନ କରିବା ପରେ, ଚିତ୍ତ ଏକାଗ୍ର ହୋଇଗଲେ ପରେ ତାକୁ କ'ଣ କରିବାକୁ ହେବ ? ସେ କ'ଣ କଲେ ଅଗ୍ରସର ହୋଇପାରିବ ଏବଂ ତାହାର ଯାତ୍ରା ଶେଷ ହେବ କେଉଁଠି ?

ଉତ୍ତର : ଏସବୁ ନିର୍ଭର କରେ ସେ କାହିଁକି ଓ କେଉଁଥିପାଇଁ ଧ୍ୟାନ କରୁଛି ତାହା ଉପରେ, ଅର୍ଥାତ୍ ତା'ର ଲକ୍ଷ୍ୟ ଉପରେ । ଜ୍ଞାନୀ ସାଧକର ଚେତନା ଏକାଗ୍ର ହୋଇ ଚିତ୍ତଶୁଦ୍ଧି ହେବା ପରେ ସେ ଧ୍ୟାନକୁ ତ୍ୟାଗ କରେ ଏବଂ ନିର୍ବିଶେଷ ବ୍ରହ୍ମରେ ଲୀନ ହୋଇଯିବା ସକାଶେ ମନନ (ବିଚାର), ନିଦିଧ୍ୟାସନରେ ରତ ହୁଏ । ଧ୍ୟାନୀ ଭକ୍ତର ମାନସ-ପଟରେ ନିଜର ଧ୍ୟାନ ମୂର୍ତ୍ତି ସ୍ୱତଃସ୍ଫୂର୍ତ୍ତଭାବେ ସ୍ଥାପିତ ହେବା ପର୍ଯ୍ୟନ୍ତ ସେ ଧ୍ୟାନ କରେ । ପରେ ଧ୍ୟାନ କରିବାକୁ ହୁଏ ନାହିଁ, ତାହା ସ୍ୱାଭାବିକ ରୂପେ ହୁଏ । ଭକ୍ତ-ଯୋଗୀର ମଧ୍ୟ ସେହିପରି । ସେ ଯେପର୍ଯ୍ୟନ୍ତ ନିଜର ଗନ୍ତବ୍ୟ ସ୍ଥଳରେ ନ ପହଞ୍ଚିଛି, ସେପର୍ଯ୍ୟନ୍ତ ଧ୍ୟାନ କରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ନିଜେ ଅଭ୍ୟସ୍ତ ଥିବା ବସ୍ତୁ ଉପରେ ମନକୁ ଏକାଗ୍ର କରେ । କିନ୍ତୁ ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ଞାନ ଆଦି ଅବତରଣ କଲେ କିଂବା କୁଣ୍ଡଳିନୀ ଶକ୍ତିର କ୍ରିୟା ଭିତରେ ଆରମ୍ଭ ହେଲେ ହୃଦୟରେ ଧ୍ୟାନାବଲମ୍ବିତ ମୂର୍ତ୍ତି ଅଦୃଶ୍ୟ ହୋଇଯାଏ ଏବଂ ଭିତରେ ହେଉଥିବା କ୍ରିୟାରେ ଚେତନା ସ୍ୱତଃ ଏକାଗ୍ର ହୁଏ । ସେତେବେଳେ ଆଗ୍ରହ ସହିତ ଜୋର୍ କରି ପୂର୍ବ ଧେୟ ବସ୍ତୁକୁ ହୃଦୟରେ ସ୍ଥାପନ କରିବାକୁ ସାଧକ ଚେଷ୍ଟା କରେ ନାହିଁ । କ୍ରମଶଃ ଭାଗବତୀ ଶକ୍ତିର କ୍ରିୟା ଆରମ୍ଭ ହୁଏ । ସେହି କ୍ରିୟା ମନ-ପ୍ରାଣ-ଶରୀରର ରୂପାନ୍ତର ହେବା ପର୍ଯ୍ୟନ୍ତ ଚାଲିଥାଏ ।

(୫)

ବିବିଧ ପ୍ରଶ୍ନୋତ୍ତର

ପ୍ରଶ୍ନ : 'ଆଧ୍ୟାତ୍ମିକତା' ଶବ୍ଦର ଅର୍ଥ କ'ଣ ?

ଉତ୍ତର : ଆଧ୍ୟାତ୍ମିକତା ଶବ୍ଦର ଅର୍ଥ : ଭଗବାନଙ୍କ ଚେତନାରେ ବାସ କରିବା । ପ୍ରତ୍ୟେକ ସାଧାରଣ ବ୍ୟକ୍ତି ମନରେ ବାସ କରେ, ଜାଗତିକ ସମସ୍ତ ବିଷୟରେ ବିଚରଣ କରେ । ଅର୍ଥାତ୍ ସମସ୍ତ ସମୟରେ ଗୃହ, ପରିବାର, ଦେଶ, ଜାତି ନିମିତ୍ତ ଜଗତ ଅନ୍ତର୍ଗତ କର୍ମ କରେ ଓ ସେହି ବିଷୟସବୁ ଚିନ୍ତା କରେ; ଇଞ୍ଜିନିୟରିଂ, ଡାକ୍ତରୀ, ଭୌତିକ ବିଜ୍ଞାନ ଇତ୍ୟାଦି ବିଦ୍ୟା ବସ୍ତୁ-ଜଗତର ଅନ୍ତର୍ଗତ । କେତେ ବଡ଼ ଆଶ୍ଚର୍ଯ୍ୟଜନକ ବୈଜ୍ଞାନିକ ଘଟଣା ହେଉନା କାହିଁକି, ସବୁ ସେହି ମନର ସୀମା ଭିତରେ ।

ଆଧ୍ୟାତ୍ମିକତା ହେଲା ମନ-ଜଗତର ପରେ ସୂକ୍ଷ୍ମ ଜଗତର ବସ୍ତୁ; ଭଗବାନଙ୍କ ରାଜ୍ୟ । ସେଠାରେ ମନର ଗତି ନାହିଁ । ଅଧ୍ୟାତ୍ମ ରାଜ୍ୟର ସୀମାରେ ପହଞ୍ଚିବାମାତ୍ରେ ମନ ପଙ୍ଗୁ ହୋଇଯାଏ । ମନ ସ୍ଥୂଳବାଦୀ । ଯେପର୍ଯ୍ୟନ୍ତ ବସ୍ତୁକୁ ସେ ନିଜ ଯନ୍ତ୍ରରେ ପରୀକ୍ଷା କରି ସତ୍ୟତାର ପରିଚୟ ନ ପାଏ ସେପର୍ଯ୍ୟନ୍ତ ସେ ବିଶ୍ୱାସ କରିପାରେ ନାହିଁ । ସେହି କାରଣରୁ ତା'ର ନିଜ ରାଜ୍ୟ ଛଡ଼ା ଅନ୍ୟ ବସ୍ତୁ କଳ୍ପନା, ମିଥ୍ୟା ବା ଭ୍ରମ ବୋଲି ଭାବେ । କିନ୍ତୁ ଅଧ୍ୟାତ୍ମ ରାଜ୍ୟରେ ପ୍ରବେଶ କରାହୁଏ ମନ-ରାଜ୍ୟ ମଧ୍ୟଦେଇ । ଯେପରି ଗୋଟିଏ ଦେଶର ସୀମାକୁ ଅତିକ୍ରମ କଲେ ଅନ୍ୟ ରାଜ୍ୟରେ ପ୍ରବେଶ କରାହୁଏ, ଠିକ୍ ସେହିପରି । ମନ-ସୀମାକୁ ଡେଇଁପଡ଼ି ଅଧ୍ୟାତ୍ମ ରାଜ୍ୟରେ ପହଞ୍ଚିବାକୁ ହୁଏ ନାହିଁ, କିନ୍ତୁ ଏହାର ଅର୍ଥ ଏପରି ନୁହେଁ ଯେ ମନ-ରାଜ୍ୟ ଶେଷ କରି ଅଧ୍ୟାତ୍ମ ରାଜ୍ୟରେ ପ୍ରବେଶ କରିବା ପରେ ମନରାଜ୍ୟକୁ ଏକେବାରେ ଛାଡ଼ି ଦେବାକୁ ହୁଏ । ମନ-ରାଜ୍ୟରେ ରହି ସାଧନା ସମୟରେ କେବେ କେବେ ଅଧ୍ୟାତ୍ମ ରାଜ୍ୟରେ ପ୍ରବେଶ କରାହୁଏ । ସେଠାରେ କିଛି ସମୟ ବାସ କରିବା ପରେ ମନ ରାଜ୍ୟର ଧର୍ମ – କାମ, କ୍ରୋଧ, ଲୋଭ, ମୋହ, ମତ୍ସର ଆଦି ଶତ୍ରୁ ଟାଣି ନିଅନ୍ତି । ଏହିପରି ଯୁଦ୍ଧ ଏକ ଜନ୍ମ ଅଥବା ବହୁଜନ୍ମ ପର୍ଯ୍ୟନ୍ତ ଚାଲେ । ଶେଷରେ ଅଧ୍ୟାତ୍ମ ରାଜ୍ୟରେ ପୂର୍ଣ୍ଣରୂପେ ବାସ କରାହୁଏ । ସେତେବେଳେ ମନ, ପ୍ରାଣ ଓ ଶରୀରର ଚେତନା ଅର୍ଥାତ୍ ମନ-ରାଜ୍ୟ ଅଧ୍ୟାତ୍ମ ରାଜ୍ୟରେ ମିଳିଯାଏ । ସେ ଚାଳିତ ହୁଏ ଭଗବାନଙ୍କ ଦ୍ୱାରା । ତାହାର ସମସ୍ତ ଇନ୍ଦ୍ରିୟ ଭଗବାନଙ୍କ ରାଜ୍ୟରେ ବିଚରଣ କରେ । ସେତେବେଳେ ସେ ଯଦି ସାଂସାରିକ କାର୍ଯ୍ୟ କରେ, ତଥାପି ଆଧ୍ୟାତ୍ମିକ ଜଗତରେ ଭଗବାନଙ୍କ ଚେତନାରେ ବାସ କରେ । ଭଗବାନଙ୍କ ଚେତନାରେ ବାସ କରିବାର ଅର୍ଥ ଆଧ୍ୟାତ୍ମିକତା ।

*

ପ୍ରଶ୍ନ : ଯେଉଁ ବ୍ୟକ୍ତି ମା'ଙ୍କୁ ଦେଖି ନାହାନ୍ତି, ଜାଣି ନାହାନ୍ତି ବା ଚିହ୍ନି ନାହାନ୍ତି ତାଙ୍କ ଉପରେ କ'ଣ ମାଙ୍କର ଦୟା ହୁଏ ନାହିଁ ?

ଉତ୍ତର : ମା'ଙ୍କ ଦୟା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ସମାନ । କିନ୍ତୁ ସେହି ଦୟାକୁ ଯେ ଗ୍ରହଣ କରିବାକୁ ଚାହେଁ ସେ ଗ୍ରହଣ କରେ, ଯେ ସେହି ଦୟା ଆସିବାର ଦ୍ୱାର ବନ୍ଦ କରିଦିଏ, ସେ ସେଥିରୁ ବଞ୍ଚିତ ରହେ । ସୂର୍ଯ୍ୟ, ବାୟୁ ଓ ଜଳ ସମସ୍ତଙ୍କ ସକାଶେ ସମାନ ଭାବରେ ଉପକାରୀ । ଯଦି କେହି ଆଖି ବନ୍ଦ କରେ ବା ରୁଦ୍ଧ କୋଠରିରେ ରହେ କିଂବା ଜଳ ନିକଟରେ ଥାଇ ଆଳସ୍ୟବଶତଃ ତାହା ଗ୍ରହଣ କରିବାକୁ ନ ଚାହେଁ, ତେବେ ତାକୁ ସେସବୁରୁ ବଞ୍ଚିତ ହେବାକୁ ପଡ଼େ । ସେହିପରି ମା'ଙ୍କ କୃପା ସମସ୍ତଙ୍କ ଉପରେ ସମାନ ଥିବା ସତ୍ତ୍ୱେ ନିଜ ଅଜ୍ଞାନ, ଅବିଶ୍ୱାସ, ସନ୍ଦେହ, କାମ, କ୍ରୋଧ, ମଦ, ମତ୍ସର ଆଦି ଦ୍ୱାରା ଆବଦ୍ଧ କିଲ୍ଲା ଭିତରେ ଯେ ବାସକରେ ସେ ମା'ଙ୍କ କୃପାକୁ ନିଜ ପାଖକୁ ଆସିବାକୁ ଦିଏ ନାହିଁ । ଯେଉଁମାନେ ମା'ଙ୍କ କୃପା ପ୍ରାପ୍ତ କରିବାକୁ ଚାହାନ୍ତି ସେମାନେ ମା'ଙ୍କୁ ସ୍ମରଣ କରି କୃପା ଭିକ୍ଷା କଲେ ମା' ତାକୁ ସାହାଯ୍ୟ କରନ୍ତି ଓ ସମସ୍ତ ଅନ୍ଧକାର ଦୂର କରିଦିଅନ୍ତି । ସେହି ସକାଶେ ସାଧନା କରିବାକୁ ହୁଏ । ମା'ଙ୍କ କୃପା ପ୍ରାପ୍ତି କରିବା ପାଇଁ ସାଧନା କରିବାକୁ ହୁଏ ନାହିଁ, ତାଙ୍କ କୃପା ତ ସର୍ବତ୍ର । କିନ୍ତୁ ତାଙ୍କ କୃପାରୋଧକାରୀ ରିପୁଗଣଙ୍କୁ ଦୂର କରିବା ସକାଶେ ସାଧନା କରିବାକୁ ହୁଏ ।

*

ଏହିସବୁ ଶତ୍ରୁଙ୍କ ଦ୍ୱାରା ମାର୍ଗ ବନ୍ଦ ଥିବା ସତ୍ତ୍ୱେ କେବେ କେବେ ମା'ଙ୍କ କୃପା ଆସେ ଏବଂ କାର୍ଯ୍ୟ ସିଦ୍ଧ କରିଯାଏ । ମନ ଓ ପ୍ରାଣ ଶୁଦ୍ଧ ନ ଥିବାରୁ ବ୍ୟକ୍ତି ସେହି କୃପାକୁ ଚିହ୍ନିପାରେ ନାହିଁ । ସେ କହେ ଯେ ତାହା ଅକସ୍ମାତ୍ ହେଲା ଅଥବା ଅମୁକ କାରଣରୁ ହେଲା କିଂବା ଅମୁକ ବ୍ୟକ୍ତି ଦ୍ୱାରା ହେଲା । ମା'ଙ୍କ କୃପା ପ୍ରାପ୍ତ ହେବା ସକାଶେ ନୁହେଁ, ତାକୁ କାମ କରିବାକୁ ଦେବା ସକାଶେ, ଚିହ୍ନିବା ସକାଶେ ମା'ଙ୍କ ଉପରେ ବିଶ୍ୱାସ ରଖିବାକୁ ହେବ, ନିର୍ଭରତା ରଖିବାକୁ ହେବ, ତାଙ୍କୁ ଭକ୍ତି କରିବାକୁ ହେବ ଏବଂ ଆତ୍ମ-ସମର୍ପଣ କରି ତାଙ୍କ ଉପରେ ନିଜେ ଓ ନିଜର ସମସ୍ତ କିଛିକୁ ଛାଡ଼ି ଦେବାକୁ ହେବ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦ ପାଠଚକ୍ରରେ ବେଶୀ ଲୋକ ଯୋଗ ନ ଦେବାର କାରଣ କ'ଣ ?

ଉତ୍ତର : ପାଠଚକ୍ରକୁ ବହୁତ ଲୋକ ନ ଆସିବାର କାରଣ ହେଲା ଆଧ୍ୟାତ୍ମିକତା ପ୍ରତି ଲୋକମାନଙ୍କର ଆଗ୍ରହ ନାହିଁ ଏବଂ ସେମାନଙ୍କର ଆତ୍ମାର ଡାକ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତି ଆସି ନାହିଁ । ଘରେ ସାଧନା କରିବା ଉଚିତ, ଘରେ ସାଧନା ନ କରି ଖାଲି ପାଠଚକ୍ରକୁ ସପ୍ତାହରେ ଥରେ ଆସିଲେ ସେଥିରେ କୌଣସି ଲାଭ ନାହିଁ । ଘରେ ସାଧନା କରି ପାଠଚକ୍ରକୁ ଆସିବାରେ ବିଶେଷ ଲାଭ ଅଛି । ପାଠଚକ୍ରରେ ସାମୂହିକ ଧ୍ୟାନ ଓ ସାଧନାର ଚର୍ଚ୍ଚା ହୁଏ । ବ୍ୟକ୍ତିଗତ ପ୍ରଯତ୍ନ ଅପେକ୍ଷା ସାମୂହିକ ପ୍ରଯତ୍ନ ଅଧିକ ଶକ୍ତିଶାଳୀ ।

*

ପ୍ରଶ୍ନ : ଆଶ୍ରମରେ କେବଳ ଧନୀ ବ୍ୟକ୍ତିଙ୍କ ପିଲାମାନେ ଶିକ୍ଷା ପାଇପାରିବେ, ମାତ୍ର ଏହା ଦରିଦ୍ର ପିଲାମାନଙ୍କ ପାଇଁ ନିଷିଦ୍ଧ, ଏହା କ'ଣ ଠିକ୍ ନୁହେଁ ?

ଉତ୍ତର : ଆଶ୍ରମ ଉପରେ ଏପରି ଅଭିଯୋଗ କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର କରିବା ଉଚିତ । ଦରିଦ୍ରକୁ ଦାନ କରିବା ଓ କ୍ଷୁଧାର୍ତ୍ତକୁ ଭୋଜନ ବିତରଣ କରିବା ପାଇଁ ଆଶ୍ରମ ଗୋଟିଏ ଅନ୍ନ-ଛତ୍ର ନୁହେଁ । ଆଶ୍ରମ କୌଣସି ବ୍ୟବସାୟ କରି ମାସକୁ କୋଟି କୋଟି ଟଙ୍କା ଉପାର୍ଜନ କରୁ ନାହିଁ ଯେ ସେ ଦରିଦ୍ରଙ୍କ ସେବା କରିବ ଆଉ ଦରିଦ୍ର ପିଲାମାନଙ୍କୁ ରଖି ଶିକ୍ଷା ଦେବ । ଦରିଦ୍ର ପିଲାମାନଙ୍କୁ ଶିକ୍ଷାଦେବା ସକାଶେ ସରକାର ସ୍କୁଲ୍ କଲେଜମାନଙ୍କୁ ବହୁତ ସାହାଯ୍ୟ ଦେଉଛନ୍ତି । ଆଶ୍ରମର ଉଦ୍ଦେଶ୍ୟ ସତ୍ୟ-ପ୍ରତିଷ୍ଠା କରିବା, ଦରିଦ୍ରସେବା ନୁହେଁ ।

ଆଶ୍ରମ ଗୋଟିଏ ଅଧ୍ୟାତ୍ମ ସଂସ୍ଥା । ତାହାର ଉଦ୍ଦେଶ୍ୟ ସଂସାରରେ ଗୋଟିଏ ନୂତନ ଅତିମାନବଜାତି ସ୍ଥାପନ କରିବା ଏବଂ ମନୁଷ୍ୟର ଶତ୍ରୁ ଦୁଃଖ, କଷ୍ଟ, ହିଂସା, ଦ୍ୱେଷାଦି ଦୁର୍ଗୁଣକୁ ରୂପାନ୍ତର କରିବା ଆଉ ଏହି ସଂସାରକୁ ସ୍ୱର୍ଗରେ ପରିଣତ କରିବା । ଏହି କାର୍ଯ୍ୟ ସକାଶେ ଯେ ନିଜକୁ ଅର୍ପଣ କରେ, ଏହି କାର୍ଯ୍ୟସିଦ୍ଧି ସକାଶେ ଯେ ସାଧନା କରିବାକୁ ଚାହେଁ, ମା' ତାକୁ ଦେଖି ନିଜ ଆନ୍ତର ଦୃଷ୍ଟିରେ ନିର୍ଣ୍ଣୟ କରି ସ୍ୱୀକାର କରନ୍ତି । ସେ ଧନୀ ହେଉ ବା ଦରିଦ୍ର ହେଉ ତାହାର ଶରୀର-ନିର୍ବାହର ସମସ୍ତ ଭାର ମା' ଗ୍ରହଣ କରନ୍ତି । ଆଶ୍ରମ ଶିକ୍ଷାଳୟରେ କୌଣସି ଡିଗ୍ରୀ ଦିଆ ହୁଏ ନାହିଁ । ଏହି ଡିଗ୍ରୀ ପ୍ରାପ୍ତ କରିବାର ସ୍ୱାର୍ଥ ଆଉ ଲୋଭକୁ ତ୍ୟାଗ କରି ଆଧ୍ୟାତ୍ମିକ ବାତାବରଣରେ ନିଜ ପିଲାର ଜୀବନ ଗଠନ କରିବାକୁ ଯେଉଁମାନେ ଚାହାନ୍ତି, ସେମାନେ ଖର୍ଚ୍ଚ ବହନ କରି ନିଜ ପିଲାଙ୍କୁ ଆଶ୍ରମକୁ ପଠାନ୍ତି । କେବଳ ଯେ ଧନୀ ପିଲାମାନେ ଆଶ୍ରମରେ ଅଛନ୍ତି, ତାହା ନୁହେଁ, ଦରିଦ୍ର ପିଲାମାନେ ମଧ୍ୟ ଅଛନ୍ତି । ଯେଉଁମାନେ ଏହି ଅଧ୍ୟାତ୍ମମାର୍ଗରେ ଅଗ୍ରସର ହେବା ପାଇଁ ସବୁକିଛି ଭଗବାନଙ୍କୁ ସମର୍ପଣ କରି ଆଶ୍ରମ-ଜୀବନ ଯାପନ କରୁଅଛନ୍ତି ସେମାନେ ଧନୀ ହୁଅନ୍ତୁ ବା ଦରିଦ୍ର ହୁଅନ୍ତୁ, ସେମାନଙ୍କ ପିଲାମାନଙ୍କୁ ଆଶ୍ରମରେ ରଖାଯାଇଛି ।

ଯଦି ଆପଣଙ୍କ ଧାରଣା ଅନୁସାରେ ଆଶ୍ରମ କେବଳ ଦରିଦ୍ର ପିଲାମାନଙ୍କୁ ଶିକ୍ଷା ଦିଅନ୍ତା, ତେବେ ଆଶ୍ରମର ଯେଉଁ ଲକ୍ଷ୍ୟ ରହିଛି, ତାହା ପରିବର୍ତ୍ତେ ଦରିଦ୍ରସେବା ଧ୍ୟେୟ ହୁଅନ୍ତା ଏବଂ ସେହି ଖର୍ଚ୍ଚ ସକାଶେ ବ୍ୟବସାୟ ଆଦିର ବ୍ୟବସ୍ଥା କରାହୁଅନ୍ତା । କ୍ରମଶଃ ଦରିଦ୍ର ପିଲାମାନଙ୍କର ସଂଖ୍ୟା ବଢ଼ନ୍ତା । କିନ୍ତୁ ଆଶ୍ରମର ଉଦ୍ଦେଶ୍ୟ ଏପରି ନୁହେଁ ।

*

ପ୍ରଶ୍ନ : ମା'ଙ୍କ ପୁଷ୍ପ-ପ୍ରସାଦର ଅର୍ଥ କ'ଣ ?

ଉତ୍ତର : ପୁଷ୍ପ ଦ୍ୱାରା ମା' ତାଙ୍କ ଶକ୍ତି ପ୍ରଦାନ କରନ୍ତି ତଥା ସହଜରେ ଆଶୀର୍ବାଦ ଦେଇପାରନ୍ତି । ପୁଷ୍ପର ଗୋଟାଏ ସ୍ୱାଭାବିକ ଗ୍ରହଣଶୀଳତା ଥାଏ, ତାହାରି ମାଧ୍ୟମରେ ମା' ବ୍ୟକ୍ତିସତ୍ତାରେ ଅଧ୍ୟାତ୍ମ ଶକ୍ତି ପ୍ରୟୋଗ କରି ତାହାର ଅନ୍ତଶ୍ଚେତନାକୁ ବିକଶିତ କରନ୍ତି ଓ ମନ, ପ୍ରାଣ ଏବଂ ରୋଗ ଇତ୍ୟାଦି ଉପରେ କ୍ରିୟା କରନ୍ତି । ଯଦି ବ୍ୟକ୍ତି କିଛିମାତ୍ର ସଚେତ ହୁଏ, ତେବେ ସ୍ପଷ୍ଟରୂପେ ଏହା ବୁଝିପାରେ । ଏହି କାରଣରୁ ଦେବ-ମନ୍ଦିରରୁ ପୁଷ୍ପ-ପ୍ରସାଦ ମିଳେ । କିନ୍ତୁ ନାନା କାରଣରୁ ସେହି ଦେବମନ୍ଦିରର ପୁଷ୍ପ-ପ୍ରସାଦ ଯଥାର୍ଥ ଫଳ ଦିଏ ନାହିଁ ।

*

ପ୍ରଶ୍ନ : ମନୁଷ୍ୟ ପାପରେ କଳୁଷିତ ହେଉଛି କାହିଁକି ? ଏଥିନିମିତ୍ତ ଦାୟୀ କିଏ ?

ଉତ୍ତର : ମନୁଷ୍ୟ ପାପକର୍ମ କଲେ ସେ କଳୁଷିତ ହୁଏ, ଏଥିପାଇଁ ଦାୟୀ ସେ ନିଜେ । କାରଣ ତା'ର କର୍ମ କରିବାର ଅଧିକାର ଅଛି; ସେ ପାପକର୍ମ ନ କରି ପୁଣ୍ୟକର୍ମ କରିପାରି ଥାଆନ୍ତା ।

*

ପ୍ରଶ୍ନ : ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ ।'' ଅଧର୍ମ ପଥରେ ଚଳାଇବା, ରୋଗଗ୍ରସ୍ତ କରାଇବା, ନାନାପ୍ରକାର ନୃଶଂସ ଅମାନୁଷିକ କାର୍ଯ୍ୟରେ ପ୍ରବର୍ତ୍ତାଇବା କ'ଣ ଭଗବାନଙ୍କର ଇଚ୍ଛା ନୁହେଁ ?

ଉତ୍ତର : ନୁହେଁ । ଏହା ଯଦି ହୋଇଥା'ନ୍ତା ତେବେ ପୁତ୍ର ଚୋରି କିଂବା ଅନ୍ୟାୟ କଲେ ପିତା ବିରକ୍ତ ହୁଅନ୍ତି କାହିଁକି ?

ଭଗବାନଙ୍କର ଦୁଇଟି ଶକ୍ତି – ଭାଗବତୀ ଶକ୍ତି ଓ ଅବିଦ୍ୟା ମାୟା ଶକ୍ତି । ଏହି ଦୁଇଟିର ପ୍ରେରଣାରେ ସଂସାର ପରିଚାଳିତ ହୁଏ ଏବଂ ମନୁଷ୍ୟ ମଧ୍ୟ ପରିଚାଳିତ ହୁଏ । କିନ୍ତୁ ମନୁଷ୍ୟର ମନ, ବୁଦ୍ଧି ଓ ବିବେକ ଥାଏ । ସେ ଜଡ଼ ମେସିନ୍ ସଦୃଶ ନୁହେଁ । ସେ ନିଜ ଜ୍ଞାନ-ବିବେକରେ ଶକ୍ତିର ପ୍ରେରଣାକୁ ଗ୍ରହଣ କରିପାରେ ବା ବର୍ଜ୍ଜନ କରିପାରେ । ସେ ଅଦିବ୍ୟ ଶକ୍ତିର ପରାମର୍ଶକୁ ସ୍ୱୀକାର କରି ଅସତ୍ କର୍ମ କରିପାରେ କିଂବା ଅସତ୍ କର୍ମକୁ ତ୍ୟାଗକରି ସତ୍ କର୍ମ ଆଚରଣ କରିପାରେ । ତା'ଛଡ଼ା ସକଳ ବସ୍ତୁର ପଶ୍ଚାତରେ ଭଗବାନ୍ ରହି ସକଳ ବସ୍ତୁକୁ ଜୀବନ୍ତ ଓ ଚେତନଶୀଳ କରିଥା'ନ୍ତି । କିନ୍ତୁ ଭଗବାନ୍ ଜବରଦସ୍ତି ବ୍ୟକ୍ତିକୁ ସତ୍ କିଂବା ଅସତ୍ କର୍ମରେ ପ୍ରବୃତ୍ତ କରାନ୍ତି ନାହିଁ ।

ବ୍ୟକ୍ତିର ମନ, ପ୍ରାଣ, ଶରୀର ଚୈତନ୍ୟ ଲାଭ କରି ନିଜ ନିଜ ପ୍ରବୃତ୍ତି ଅନୁସାରେ ସତ୍ ଅଥବା ଅସତ୍ କର୍ମ କରନ୍ତି । ଭଗବାନ୍ ସକଳ କର୍ମର ପଶ୍ଚାତ୍‌ରେ ଅଛନ୍ତି, ଏହି ଉପଲବ୍ଧି ପ୍ରାପ୍ତ ହୁଏ ଜ୍ଞାନଦୃଷ୍ଟି ଖୋଲିଲେ । ଏହି ଜ୍ଞାନଦୃଷ୍ଟି ପ୍ରାପ୍ତ ହେଲେ ମନୁଷ୍ୟ ନିଜ ମନପ୍ରାଣ ଦ୍ୱାରା କର୍ମ ନ କରି ଭଗବାନଙ୍କ ପ୍ରେରଣାରେ କର୍ମ କରେ । ଏହାର ନାମ ଯୋଗ-ସାଧନା ।

ଏହି ଜ୍ଞାନ ପ୍ରାପ୍ତ ନ ହେବାରୁ ଭଗବତ୍ ପ୍ରେରଣା ସମ୍ବନ୍ଧେ ମନୁଷ୍ୟ ସଚେତନ ହୁଏ ନାହିଁ । ସେ ସକଳ କର୍ମ ନିଜେ କରୁଛି ବୋଲି ମନେକରେ, ଭଗବାନଙ୍କ ପ୍ରେରଣା ପଶ୍ଚାତ୍‌ରେ ରହିଯାଏ; ମନ-ପ୍ରାଣ ଦ୍ୱାରା ତାହା ଠିକ୍ ଠିକ୍ ପ୍ରକାଶିତ ହୁଏ ନାହିଁ; ଭଗବାନଙ୍କ ଶୁଦ୍ଧ ପ୍ରେରଣା ମନ-ପ୍ରାଣରେ ବିକୃତ ହୋଇଯାଏ । ଅହିଂସା ପ୍ରେରଣା ମନ-ପ୍ରାଣ ମାଧ୍ୟମରେ ବିକୃତ ହୋଇ ପ୍ରକାଶିତ ହୁଏ ହିଂସା ରୂପେ, ଆଉ ଭଗବତ୍ ସମର୍ପଣର ପ୍ରେରଣା ପ୍ରକାଶିତ ହୁଏ ସ୍ୱାର୍ଥ ରୂପେ ।

ତତ୍ତ୍ୱତଃ ଭଗବାନଙ୍କ ଦ୍ୱାରା ସକଳ ବସ୍ତୁରେ ଜୀବନୀ ଶକ୍ତିର ସଞ୍ଚାର ହୋଇଅଛି – ଏହା ''କରି କରାଉ ଥାଇ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ'' ଏହି ଭଗବାନଙ୍କ ମୁଖନିଃସୃତ ଉକ୍ତିଟିର ଯଥାର୍ଥ ମର୍ମ । ଏତଦ୍‌ଭିନ୍ନ ସୃଷ୍ଟି ଓ ପ୍ରାଣିରୂପ ସ୍ୱୟଂ ଭଗବାନ୍ । ସେହି ଏକହିଁ ଭଗବାନ୍ ନିଜ ମାୟା ଆଶ୍ରୟରେ ବହୁରୂପରେ ପ୍ରକଟ ହୋଇଛନ୍ତି । ସେହିଁ ପାପ କରନ୍ତି, ସେହିଁ ଦଣ୍ଡ ପାଆନ୍ତି । ସେହି ଅଦ୍ୱିତୀୟ ଏକ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟକିଛି ନାହିଁ ।

*

ପ୍ରଶ୍ନ : ଈଶ୍ୱରଙ୍କ ଦର୍ଶନ କେଉଁ ପନ୍ଥାରେ ହୋଇପାରେ ?

ଉତ୍ତର : ତୀବ୍ର ଅଭୀପ୍ସା, ପ୍ରଗାଢ଼ ପ୍ରେମ ଛଡ଼ା ଅନ୍ୟ ଉପାୟରେ ଭଗବତ୍ ଦର୍ଶନ ଲାଭ କରାଯାଇପାରେ ନାହିଁ । ଏହା ବିନା ସମସ୍ତ ପ୍ରକାର ସାଧନା ନିଷ୍ଫଳ ।

*

ପ୍ରଶ୍ନ : ମହାତ୍ମାମାନେ ମୃତ୍ୟୁ ପୂର୍ବରୁ କିପରି ସେମାନଙ୍କର ମୃତ୍ୟୁ ହେବ ବୋଲି ଜାଣିପାରନ୍ତି ?

ଉତ୍ତର : ସେମାନଙ୍କର ଅନ୍ତଶ୍ଚେତନାର ବିକାଶ ହୋଇଥାଏ, ସେମାନେ ଊର୍ଦ୍ଧ୍ୱଚେତନାରେ ତାହା ଦେଖିପାରନ୍ତି ।

*

ପ୍ରଶ୍ନ : ଭାରତର ଭବିଷ୍ୟତ ଆଲୋକମୟ ନୁହେଁ କି ?

ଉତ୍ତର : ଆଲୋକମୟ । କିନ୍ତୁ ଭାରତବାସୀମାନେ ଯେପର୍ଯ୍ୟନ୍ତ ସଚେତନ ନ ହେବେ ସେପର୍ଯ୍ୟନ୍ତ ଅନ୍ଧକାରରେ ଥିବେ ।

*

ପ୍ରଶ୍ନ : ଆଶ୍ରମ-ଦର୍ଶନ ମୋ ଜୀବନରେ ଘଟି ପାରିବ କି ?

ଉତ୍ତର : ଏହା ନିର୍ଭର କରେ ଆପଣଙ୍କ ଆନ୍ତର ଅଭୀପ୍ସା ଉପରେ । ଅଭୀପ୍ସା ତୀବ୍ର ହେଲେ କାଲି ମଧ୍ୟ ସମ୍ଭବ ହୋଇପାରେ ।

*

ପ୍ରଶ୍ନ : ମୋର ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ହେବ କିପରି ?

ଉତ୍ତର : ଅଭୀପ୍ସା ଓ ସମର୍ପଣ ଦ୍ୱାରା ।

*

ପ୍ରଶ୍ନ : ମୋ ଜୀବନକାଳ ମଧ୍ୟରେ ସଚ୍ଚମହାତ୍ମାମାନଙ୍କ ଦର୍ଶନ ମୁଁ ଲାଭ କରିପାରିବି କି ?

ଉତ୍ତର : ଏହା ପୂର୍ଣ୍ଣତଃ ନିର୍ଭର କରେ ଆପଣଙ୍କ ଅଭୀପ୍ସା ଉପରେ । ଆପଣଙ୍କ ବୁଦ୍ଧିଗତ ଧାରଣା ହୋଇଥିଲେ ଏହା ଘଟି ନ ପାରେ, ଆପଣଙ୍କ ଆତ୍ମାର ତୀବ୍ର ଅଭୀପ୍ସା ହୋଇଥିଲେ ଅବଶ୍ୟ ଏହି ଜନ୍ମରେ ଘଟିପାରେ ।

*

ପ୍ରଶ୍ନ : ସଂସାରୀ ବ୍ୟକ୍ତି କେଉଁ ପନ୍ଥାରେ ମହାନ୍ ତପସ୍ୱୀ ହୋଇପାରିବ ?

ଉତ୍ତର : ପୂର୍ଣ୍ଣରୂପେ ପ୍ରତିକୂଳ ବସ୍ତୁର ତ୍ୟାଗ, ଭଗବାନଙ୍କ ସହିତ ସମର୍ପଣରେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତି କରିବାରେ କିଂବା ଜ୍ଞାନ ଦ୍ୱାରା ନିର୍ବିଶେଷ ସତ୍ତାରେ ଲୀନ ହୋଇଯିବାରେ । ସଂସାରୀ ହେଉ ଅଥବା ସନ୍ନ୍ୟାସୀ ହେଉ ମହାନ୍ ତପସ୍ୱୀ ହେବାକୁ ହେଲେ ଉଭୟଙ୍କୁ ପ୍ରତିକୂଳ ବସ୍ତୁର ତ୍ୟାଗ, ଭଗବାନଙ୍କୁ ପୂର୍ଣ୍ଣ ରୂପେ ଆତ୍ମ-ସମର୍ପଣ ଦୃଢ଼ତାପୂର୍ବକ କରିବାକୁ ହେବ ।

*

ପ୍ରଶ୍ନ : ଆପଣ ଭଗବାନଙ୍କୁ କେତେଥର ଦେଖି ପାରିଛନ୍ତି ?

ଉତ୍ତର : ଏହା ଜାଣିବାରେ ଆପଣଙ୍କର ଲାଭ କ'ଣ ? ଅନ୍ୟ ଲୋକ ପେଟପୂରା ଖାଇଲେ ଆପଣଙ୍କର କ୍ଷୁଧା ନିବୃତ୍ତି ହେବ କି ?

*

ପ୍ରଶ୍ନ : ମୁଁ ଭଗବତ୍ ଦର୍ଶନ କରିବା ଏବଂ ଯଶସ୍ୱୀ ସକାଶେ ପ୍ରତିଜ୍ଞାବଦ୍ଧ ହୋଇ ଶ୍ମଶ୍ରୁ ଧାରଣ କରିଛି । ଏହି ପ୍ରତିଜ୍ଞା ପୂର୍ଣ୍ଣ ହେବ କି ନାହିଁ ?

ଉତ୍ତର : ଭଗବତ୍ ଦର୍ଶନ ଏବଂ ଯଶସ୍ୱୀ ହେବାର ଅଭିଳାଷ, ଏହି ଦୁଇଟି ବିପରୀତ ବସ୍ତୁ । ଭଗବତ୍ ଦର୍ଶନ ହୁଏ ସମସ୍ତ କାମନାବାସନା ଦୂର ହେଲେ ।

*

ପ୍ରଶ୍ନ : କଳିଯୁଗର ସମାପ୍ତି କେବେ ?

ଉତ୍ତର : ଯେତେବେଳେ ମାନବ-ସମାଜ ସତ୍ୟକୁ ଗ୍ରହଣ କରିବାକୁ ପ୍ରବୃତ୍ତ ହେବ ।

ପ୍ରଶ୍ନ : ଆମିଷ ଭୋଜନ ଦ୍ୱାରା ଈଶ୍ୱର ଆରାଧନା କରିବାରେ କ'ଣ ବ୍ୟାଘାତ ଘଟେ ?

ଉତ୍ତର : ଏହା ନିର୍ଭର କରେ ମନୁଷ୍ୟର ଅଭ୍ୟାସ ତଥା ଧାରଣା ଉପରେ । ତାନ୍ତ୍ରିକ ସାଧକଗଣ ଆମିଷ ଭକ୍ଷଣ

କରନ୍ତି, ବୈଷ୍ଣବ ଓ ସନ୍ନ୍ୟାସିଗଣ ତାହାକୁ ତ୍ୟାଗ କରନ୍ତି । ସାଧାରଣତଃ ମାଛମାଂସ ସାଧନାରେ ବ୍ୟାଘାତ ଘଟାଏ । ଯେଉଁ ମାଂସ ଭକ୍ଷଣ କରାହୁଏ ସେହି ପଶୁବୃତ୍ତି ମନୁଷ୍ୟ ମଧ୍ୟରେ କାର୍ଯ୍ୟ କରେ ।

*

ପ୍ରଶ୍ନ : ନାମ ବା ଦୀକ୍ଷା ନ ନେଇ ଈଶ୍ୱର ପ୍ରାର୍ଥନା କଲେ ତାହାର ଫଳ ମିଳେ କି ?

ଉତ୍ତର : ଅବଶ୍ୟ ମିଳେ, ଈଶ୍ୱର ପ୍ରାର୍ଥନା କେବେ ବି ନଷ୍ଟ ହୁଏ ନାହିଁ ।

*

ପ୍ରଶ୍ନ : ସମସ୍ତଙ୍କ ହୃଦୟରେ ଧର୍ମଭାବ ନାହିଁ କାହିଁକି ?

ଉତ୍ତର : ସବୁ ଲୋକ ଗୋଟିଏ ଛାଞ୍ଚରେ ଗଢ଼ା ହୋଇ ନାହାନ୍ତି, ଗୋଟିଏ ସ୍ୱଭାବ, ଗୋଟିଏ ମନ-ପ୍ରାଣର ନୁହନ୍ତି, ଗୋଟିଏ ପ୍ରକାର ବାତାବରଣରେ ବାସ କରନ୍ତି ନାହିଁ । ସେହି ସକାଶେ ସବୁ ଲୋକ ଧର୍ମଭାବାପନ୍ନ ହୁଅନ୍ତି ନାହିଁ ।

*

ପ୍ରଶ୍ନ : ମନୁଷ୍ୟକୁ ଦିବ୍ୟଦୃଷ୍ଟି କିପରି ପ୍ରାପ୍ତ ହୁଏ ?

ଉତ୍ତର : ଆଜ୍ଞାଚକ୍ରରେ ବିଧିବିଧାନପୂର୍ବକ ନିୟମିତ ଧ୍ୟାନ କଲେ ଅଥବା ଅଧ୍ୟାତ୍ମ ମାର୍ଗରେ ଅଧିକ ଉନ୍ନତ ହେଲେ ।

*

ପ୍ରଶ୍ନ : ଈଶ୍ୱର ସର୍ବବିଦ୍ୟମାନ, ଝାଡ଼ାଫେରିବା ସ୍ଥାନରେ ମଧ୍ୟ ରହିଛନ୍ତି, ତେବେ ଝାଡ଼ାଫେରି ଲୁଗା ଧୋଇବା ଗୋଟାଏ ଅନ୍ଧବିଶ୍ୱାସ ନୁହେଁ କି ?

ଉତ୍ତର : ଈଶ୍ୱର ସର୍ବବିଦ୍ୟମାନ, ଅର୍ଥାତ୍ ସର୍ବବସ୍ତୁରେ ତଥା ସର୍ବତ୍ର ରହିଛନ୍ତି । କିନ୍ତୁ ବିଜ୍ଞାନାଗାରରେ ବିଷ ମିଶ୍ରିତ ଗ୍ୟାସ୍ ପ୍ରସ୍ତୁତ ସମୟରେ କାହିଁକି ନାକ ବନ୍ଦ କରିବାକୁ ହୁଏ ? ସେଠାରେ କ'ଣ ଭଗବାନ୍ ନ ଥା'ନ୍ତି ? ତରକାରି ପୋଡ଼ିଗଲେ ଫୋପାଡ଼ି ଦିଅ କାହିଁକି ? ସେଥିରେ କ'ଣ ଭଗବାନ୍ ନ ଥା'ନ୍ତି ? ପୁଣି ପୋଷାକରେ ଟିକିଏ ଦାଗ ଲାଗିଗଲେ ତାକୁ ଧୋଇବାକୁ ହୁଏ । ସେ ଦାଗଟାରେ କ'ଣ ଭଗବାନ୍ ନ ଥା'ନ୍ତି ? ମଇଳା ଧୋଇବାରେ ପାଇଖାନା ଜଳ ଲୁଗାରେ ତଥା ଗୋଡ଼-ହାତରେ ଲାଗିଯାଏ, ସେତେବେଳେ ସାବୁନ ଦେଇ ହାତଗୋଡ଼ ଧୋଇବାକୁ ହୁଏ, ଲୁଗାଟା ଧୋଇଦେଲେ ଅନ୍ଧବିଶ୍ୱାସ ହେଲା କିପରି ?

ଈଶ୍ୱର ସର୍ବବିଦ୍ୟମାନ – ଏହା କେବଳ କଥାରେ କହିଲେ କିଛି ହୁଏ ନାହିଁ, ଅନୁଭବ କରିବା ଉଚିତ ।

*

ପ୍ରଶ୍ନ : ମୋ ସ୍ୱାସ୍ଥ୍ୟ ଭଲ ନାହିଁ । ପାରିପାର୍ଶ୍ୱିକ ଅବସ୍ଥା ସାଧନାର ପ୍ରତିକୂଳ, ଅନିୟମିତ ଭୋଜନ ହେବାରୁ କୌଣସି କାର୍ଯ୍ୟ ନିୟମିତରୂପେ କରିବା ସମ୍ଭବ ନୁହେଁ । ଏହାଛଡ଼ା ମାନସିକ ଅଶାନ୍ତି ଓ ଶାରୀରିକ ବ୍ୟାଧି ଯୋଗୁଁ ରାତିରେ ନିଦ ହେଉ ନାହିଁ । ଏପରି ଅବସ୍ଥାରେ ମୁଁ କ'ଣ କରିବି ?

ଉତ୍ତର : ସାଧନା ସକାଶେ ସୁସ୍ଥ ଶରୀର, ନିୟମିତ ଦିନଚର୍ଯ୍ୟା, ଅନୁକୂଳ ପରିସ୍ଥିତି ସହାୟକ । ବିଶେଷତଃ ପ୍ରାରମ୍ଭିକ ଅବସ୍ଥାରେ ଏହା ଅନିବାର୍ଯ୍ୟ । ପ୍ରତିକୂଳ ଅବସ୍ଥାରେ ସାଧନାରେ ଅଗ୍ରଗତି ହୁଏ ନାହିଁ । ଯେପରି ଔଷଧ ସଙ୍ଗେ ସଙ୍ଗେ ଉପଯୁକ୍ତ ପଥ୍ୟ ଏବଂ ଆବଶ୍ୟକ ସଂଯମ ନ ହେଲେ ଶୀଘ୍ର ରୋଗ ଦୂର ହୁଏ ନାହିଁ, ସେହିପରି ସାଧନାର ସହାୟକ ଅବସ୍ଥା ନ ହେଲେ ଶୀଘ୍ର ଶାନ୍ତି ଓ ଆନନ୍ଦ ପ୍ରାପ୍ତ ହୁଏ ନାହିଁ । ଶରୀର ବ୍ୟାଧିରୁ ମୁକ୍ତ ହେବା ସକାଶେ ଔଷଧ ଓ ଶାରୀରିକ ବ୍ୟାୟାମର ଆଶ୍ରୟ ନିଅନ୍ତୁ । ଶରୀର ସୁସ୍ଥ ହେଲେ ପାରିପାର୍ଶ୍ୱିକ ଅବସ୍ଥାକୁ ସୁଧାରିବାକୁ ସୁବିଧା ହେବ । ଏଥିସକାଶେ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ । ଯେତେବଡ଼ ପ୍ରତିକୂଳ ଅବସ୍ଥା ହେଉନା କାହିଁକି ଏହି ପ୍ରତିକୂଳ ଅବସ୍ଥାରେ ସାଧନା କରି ଅନୁକୂଳ ଅବସ୍ଥାକୁ ନେଇ ଆସିବାକୁ ହେବ । କିନ୍ତୁ ଏହିପରି ଛାଡ଼ିଦେଲେ ତ ଏ ଜନ୍ମ ବ୍ୟର୍ଥ ହେବ ଏବଂ

ଦୁଃଖମୟ ହୋଇ ପଡ଼ିବ, ପୁଣି ଭାବୀ ଜୀବନରେ ଏହିସବୁ ଅଥବା ଏହାଠାରୁ ଅଧିକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିବ । ହିମାଳୟ ଯାତ୍ରାରେ ଦୁରୂହ ମାର୍ଗ ଦେଖି ଯଦି ବସିଯାଆନ୍ତି, ତେବେ ସେଥିରେ ସମାଧାନ ହେବ କି ? ପୁଣି ସେହି ରାସ୍ତାରେ ବରାବର ଅଗ୍ରସର ହେବାକୁ ହେବ, ଯେପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ନାହାନ୍ତି । ସେହିପରି ପ୍ରତ୍ୟେକ ମନୁଷ୍ୟକୁ ଯେକୌଣସି ପ୍ରତିକୂଳ ବା ଅନୁକୂଳ ଅବସ୍ଥାରେ ତତ୍ପରତା ସହିତ ସାଧନା କରିବାକୁ ହେବ ଯେପର୍ଯ୍ୟନ୍ତ ସେ ନିଜର ସେହି ଗନ୍ତବ୍ୟ ସ୍ଥାନରେ ପହଞ୍ଚି ନାହାନ୍ତି । ଯେଉଁମାନେ ପ୍ରଯତ୍ନ କରୁ ନାହାନ୍ତି, ସେମାନେ ଏ ଜନ୍ମରେ ହେଉ ବା ଲକ୍ଷ ଜନ୍ମ ପରେ ହେଉ ସାଧନା କରିବାକୁ ବାଧ ହେବେ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।

*

ପ୍ରଶ୍ନ : ମୋ ଜୀବନର ଲକ୍ଷ୍ୟ କ'ଣ ମା'ଙ୍କୁ ପଚାରି ଲେଖିବେ ।

ଉତ୍ତର : ଏହା ଏକେବାରେ ସ୍ପଷ୍ଟ ଯେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । ଆନନ୍ଦ, ଜ୍ଞାନ, ଶାନ୍ତି ଓ ସମତା ଇତ୍ୟାଦି ଦିବ୍ୟଗୁଣର ସ୍ୱରୂପ ସଚ୍ଚିଦାନନ୍ଦ ପରଂବ୍ରହ୍ମଙ୍କ ସହିତ ପୂର୍ଣ୍ଣ ଏକତ୍ୱ; ଜଡ଼ ଶରୀର, ମନ ଓ ପ୍ରାଣର ଦିବ୍ୟତତ୍ତ୍ୱରେ ରୂପାନ୍ତର ।

*

ପ୍ରଶ୍ନ : ମୋର ଦୃଢ଼ ସଂକଳ୍ପ ଓ ଧୈର୍ଯ୍ୟ ଅଭାବରୁ ମୁଁ କୌଣସି ସାଧନା ନିଷ୍ଠାର ସହିତ କରିପାରୁ ନାହିଁ । ଏହା ମୋର ଏକାନ୍ତ ଅଭାବ । ଯଦି ଭଗବାନ୍ ଦୟାକରି ଏହା ଦେଇଦିଅନ୍ତେ ତେବେ ତାଙ୍କ କୃପା-ସମୁଦ୍ରର କ'ଣ କ୍ଷତି ହୁଅନ୍ତା ?

ଉତ୍ତର : ଭଗବାନ୍ କୃପା କରିବାରେ କେବେ ବି କୃପଣ ନୁହନ୍ତି । ବ୍ୟକ୍ତି ତାହା ଗ୍ରହଣ କରିବାରେ ଅସମର୍ଥ ଓ ଦରିଦ୍ର । ଭଗବାନ୍ ଯେପରି ଅନନ୍ତ, ତାଙ୍କର ସମସ୍ତ ଦିବ୍ୟଗୁଣ ମଧ୍ୟ ସେହିପରି ଅନନ୍ତ । ତାଙ୍କର କିଛି କ୍ଷତି ହୁଏ ନାହିଁ । ସେ ତ କୃପା କରିବାକୁ ହସ୍ତ ମୁକ୍ତ କରି ରଖିଅଛନ୍ତି, କେବଳ ଚାହିଁବାର ଅଭାବରୁ ତାହା ମିଳିପାରୁ ନାହିଁ । ତୀବ୍ରଭାବେ ଯଦି ଚାହିଁବେ, ଅବଶ୍ୟ ପାଇବେ ।

*

ପ୍ରଶ୍ନ : ଭଗବାନଙ୍କ ଇଚ୍ଛାରେ ଯଦି ଆମ୍ଭେମାନେ ପରିଚାଳିତ ହେଉଅଛୁ, ତେବେ ପାପ-ପଥକୁ ଆମ୍ଭମାନଙ୍କୁ ଆକର୍ଷଣ କରୁଛି କିଏ ? କାମ, କ୍ରୋଧ ଆଦି ଦୁର୍ଗୁଣର ଉତ୍ପତ୍ତି କେଉଁଠୁଁ ହେଲା ?

ଉତ୍ତର : ଭଗବାନ୍ ଯଦି ଆମ୍ଭମାନଙ୍କୁ ପରିଚାଳନା କରନ୍ତେ, ତେବେ ପାପ ପ୍ରବୃତ୍ତି ହୁଅନ୍ତା ନାହିଁ । ଆମ୍ଭେମାନେ ନିଜ ନିଜ ମନପ୍ରାଣ ଦ୍ୱାରା ପରିଚାଳିତ ହେଉଛୁ; ଅଶୁଦ୍ଧ ମନପ୍ରାଣର ସ୍ୱତଃ ପ୍ରବୃତ୍ତି ହେଲା କାମନା-ବାସନା, ଭୋଗ-ବିଳାସ । ଅସତ୍ କର୍ମ ପ୍ରତି ମନପ୍ରାଣକୁ ପ୍ରଲୋଭନ ଦିଏ ଅସତ୍ ପ୍ରକୃତି । କାମ, କ୍ରୋଧାଦି ହେଲେ ଅସତ୍ ପ୍ରକୃତିର ଯନ୍ତ୍ର । ଏସବୁ ସଂସାରର ପ୍ରକୃତି । ଏସବୁ ସୃଷ୍ଟ ହୋଇଅଛନ୍ତି ଭଗବାନଙ୍କ ଦ୍ୱାରା । କିନ୍ତୁ ମନୁଷ୍ୟକୁ ଭଗବାନ୍ ମନ-ବୁଦ୍ଧି ଦେଇଛନ୍ତି । ସେ ତାହାରି ଦ୍ୱାରା ପରିଚାଳିତ ହୁଏ । ସତ୍ୟକୁ ଗ୍ରହଣ କରି ଅସତ୍ୟକୁ ତ୍ୟାଗ କରିବାର ଅଧିକାର ତା'ର ଅଛି । ସେ ସତ୍ୟ ଆଚରଣ ନ କରି ଅସତ୍ ଆଚରଣ କରିବାରୁ ଦଣ୍ଡ ପାଏ ।

*

ପ୍ରଶ୍ନ : ତତ୍ତ୍ୱମସି ଜ୍ଞାନ କ'ଣ ?

ଉତ୍ତର : 'ସ୍ୱୟଂ ବ୍ରହ୍ମସ୍ୱରୂପ' ଉପଲବ୍ଧି କରିବା ହେଲା ତତ୍ତ୍ୱମସି ଜ୍ଞାନ ।

*

ପ୍ରଶ୍ନ : ଭଗବତ୍ କରୁଣା ପ୍ରାପ୍ତ ହେବାର ଉପାୟ କ'ଣ ?

ଉତ୍ତର : ସମର୍ପଣ । ନିଜକୁ ତାଙ୍କ ଚରଣରେ ସମର୍ପଣ କରିଦେଲେ ଭଗବାନଙ୍କ କରୁଣା ପ୍ରାପ୍ତ ହୁଏ । ଅନ୍ୟ ଶବ୍ଦରେ କହିଲେ ଭଗବତ୍ କରୁଣା ଆନ୍ତରିକ ଭାବେ ଚାହିଁଲେ ମିଳେ ।

*

ପ୍ରଶ୍ନ : ଶ୍ରୀମାଙ୍କ ଦର୍ଶନ ସର୍ବଦା ମିଳେ ନାହିଁ କାହିଁକି ?

ଉତ୍ତର : ଦର୍ଶନାର୍ଥୀ ସେ ଦର୍ଶନର ଉପଯୋଗ କରିପାରନ୍ତି ନାହିଁ ।

ପ୍ରଶ୍ନ : ମା'ଙ୍କ ନୀତି କ'ଣ ?

ଉତ୍ତର : ମା'ଙ୍କ ନୀତି ହେଲା : ଏହି ବିଶ୍ୱରେ, ସମସ୍ତ କର୍ମରେ ଓ ସମସ୍ତ ସତ୍ତାରେ ଭଗବାନଙ୍କୁ ପ୍ରକଟ କରିବା ।

*

ପ୍ରଶ୍ନ : ମୃତ୍ୟୁ ପରେ ଆତ୍ମା ଥାଏ ବୋଲି ତା'ର ପ୍ରମାଣ କ'ଣ ?

ଉତ୍ତର : ଜୀବିତ ଅବସ୍ଥାରେ ଯଦି ଆତ୍ମା ଥାଏ, ତେବେ ମୃତ୍ୟୁ ପରେ ଅବଶ୍ୟ ରହିବ । କାରଣ ଆତ୍ମାର ନାଶ ହୁଏ ନାହିଁ । ଏହାହିଁ ତାହାର ପ୍ରମାଣ ।

*

ପ୍ରଶ୍ନ : କେବେ ପୃଥିବୀରେ ଯୁଦ୍ଧଭୟ ରହିବ ନାହିଁ, ମା' କହିବେ କି ?

ଉତ୍ତର : ଯେବେ କେତେକ ବ୍ୟକ୍ତି 'ଅହଂ' ତ୍ୟାଗ କରି ଆତ୍ମୋପଲବ୍ଧି କରିବେ ସେତେବେଳେ ଯୁଦ୍ଧଭୟ ରହିବ ନାହିଁ । ଅର୍ଥାତ୍ ଅତିମାନସ ଶକ୍ତି ଦ୍ୱାରା ପ୍ରତିକୂଳ ଶକ୍ତିର ରୂପାନ୍ତର ହେଲେ ଯୁଦ୍ଧ ଭୟ ରହିବ ନାହିଁ ।

*

ପ୍ରଶ୍ନ : ମନୁଷ୍ୟ କାହିଁକି କୁକର୍ମ କରିବାକୁ ଆଗେଇଯାଏ, ଭଲ କର୍ମ କରିବାକୁ ଗଲେ କାହିଁକି ବହୁ ବାଧାବିଘ୍ନର ସମ୍ମୁଖୀନ ହୁଏ ?

ଉତ୍ତର : ଏହା ନିର୍ଭର କରେ ମନୁଷ୍ୟର ଚେତନାର ବିକାଶ ଉପରେ । ଯେଉଁ ବ୍ୟକ୍ତିର ଚେତନାର ବିକାଶ ହୋଇ ନ ଥାଏ, ଅନ୍ତରାତ୍ମା ଜାଗ୍ରତ ହୋଇ ନ ଥାଏ, ତାହାର କୁପ୍ରବୃତ୍ତି ଯୋଗୁଁ ସେ ଅସତ୍ ଆଚରଣ କରେ ଓ ତାହାପକ୍ଷେ ଅସତ୍ କାର୍ଯ୍ୟ ବହୁତ ସହଜ ହୁଏ । ଏହିପରି ଏହାର ବିପରୀତ କୌଣସି ସଜ୍ଜ ବା ଭକ୍ତଙ୍କ ଦ୍ୱାରା ଚୋରି, ମିଥ୍ୟାଚାର ଆଦି ଦୁଷ୍କର୍ମ ହୋଇପାରେ ନାହିଁ । କୌଣସି କାରଣବଶତଃ ଯଦି ଏପରି ଲୋକ ଅସତ୍ କାର୍ଯ୍ୟ କରିବାକୁ ଚାହାନ୍ତି, ତେବେ ସେଥିରେ ବହୁତ ବାଧାବିଘ୍ନ ଆସେ । ସେହିପରି ସଂସାରର କାର୍ଯ୍ୟ – ବର୍ତ୍ତମାନ ସଂସାରରେ ଅସତ୍ କାର୍ଯ୍ୟ ଓ ଅସତ୍ ଶକ୍ତିର ପ୍ରାଧାନ୍ୟ । ତେଣୁ ସତ୍ କର୍ମରେ ବାଧାବିଘ୍ନ ଆସେ ଓ ଅସତ୍ କର୍ମ ସହଜରେ ସମ୍ପନ୍ନ ହୁଏ । ଯେତେବେଳେ ସତ୍ୟ (ଭାଗବତୀ) ଶକ୍ତିର ପ୍ରାଧାନ୍ୟ ହେବ, ସେତେବେଳେ ଅସତ୍ କର୍ମ କରିବାରେ ବହୁ ବାଧାବିଘ୍ନ ଆସିବ ।

*

ପ୍ରଶ୍ନ : ଆତ୍ମା କ'ଣ ଓ କେତେ ଭାଗରେ ବିଭକ୍ତ ?

ଉତ୍ତର : ଆତ୍ମା ଭଗବାନଙ୍କ ଅଂଶ ବା ପ୍ରତିଭୂ, ଚୈତନ୍ୟସ୍ୱରୂପ । ଅଜ୍ଞାନରୁ ମୁକ୍ତ ଶୁଦ୍ଧସତ୍ତା ହୃଦୟର ଗଭୀରରେ ବାସକରେ । ଆତ୍ମା ଅବିଭକ୍ତ । ସେ ବିକାଶଶୀଳ ସତ୍ତା; ତାହାର ବିକାଶ ହେଉଥାଏ । ତାହାରି ବିକାଶରେ ବ୍ୟକ୍ତି ଭଗବତ୍‌ପ୍ରାପ୍ତି କରେ, ଅର୍ଥାତ୍ ଯେତେବେଳେ ବିକାଶ ଲାଭକରି ମନପ୍ରାଣ ଉପରେ ଅଧିକାର ପ୍ରାପ୍ତ ହୋଇ ବ୍ୟକ୍ତିକୁ ପରିଚାଳନା କରେ ସେତେବେଳେ ବ୍ୟକ୍ତି ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଜୀବାତ୍ମା ଓ ଅନ୍ତରାତ୍ମା ମଧ୍ୟରେ ଯେଉଁ ପାର୍ଥକ୍ୟ ସୂଚିତ ହୋଇଅଛି ସେସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ନିମ୍ନୋକ୍ତ ଉଦ୍ଧୃତାଂଶଟି ବିଶେଷ ପ୍ରଣିଧାନର ବିଷୟ –

''ଆତ୍ମମାନଙ୍କ ଯୋଗରେ 'କେନ୍ଦ୍ରୀୟ ବା ମୂଳସତ୍ତା' କଥାଟି ମନୁଷ୍ୟ ମଧ୍ୟରେ ଅବସ୍ଥିତ, ଜନ୍ମ-ମୃତ୍ୟୁର ଅତୀତ ଓ ଆତ୍ମର ସମସ୍ତ ଅଂଶକୁ ଧାରଣ କରିଥିବା ଭଗବାନଙ୍କ ଅଂଶ ପ୍ରତି ସାଧାରଣତଃ ପ୍ରୟୋଗ କରାହୁଏ । ଏହି କେନ୍ଦ୍ରୀୟ ସତ୍ତାର ଦୁଇଟି ରୂପ ଅଛି, ଊର୍ଦ୍ଧ୍ୱରେ ସେ ଜୀବାତ୍ମା, ଆତ୍ମମାନଙ୍କ ସତ୍ୟସତ୍ତା । ଯେତେବେଳେ ଆତ୍ମମାନଙ୍କର ଉଚ୍ଚତର ଆତ୍ମଜ୍ଞାନ ଉଦିତ ହୁଏ, ସେତେବେଳେ ଆତ୍ମେମାନେ ଆତ୍ମର ଏହି ଧ୍ରୁବ ସତ୍ତା ସମ୍ବନ୍ଧରେ ସଚେତ ହେଉ । ନିମ୍ନରେ ସେ

ଚୈତ୍ୟପୁରୁଷ ଏବଂ ସେ ମନ-ପ୍ରାଣ-ଦେହର ପଶ୍ଚାତ୍‌ରେ ବିଦ୍ୟମାନ । ଜୀବାତ୍ମା ଜୀବନର ଅଭିବ୍ୟକ୍ତି ଉପରେ ଏବଂ ଏହାର ଅଧ୍ୟକ୍ଷ ରୂପେ ବିରାଜିତ; ଚୈତ୍ୟପୁରୁଷ ପଶ୍ଚାତ୍‌ରେ ଛିଡ଼ା ହୋଇ ଏହି ଅଭିବ୍ୟକ୍ତିକୁ ଧାରଣ କରିଅଛନ୍ତି ।..... କିନ୍ତୁ ମନୁଷ୍ୟ ତାହାର ଅନ୍ତରାତ୍ମା ଓ ଜୀବାତ୍ମାକୁ ଜାଣେ ନାହିଁ; ସେ ଜାଣେ କେବଳ ନିଜର ଅହଂକୁ ବା ନିଜ ଦେହ-ପ୍ରାଣର ନିୟାମକ ମନୋମୟ ପୁରୁଷକୁ, କିନ୍ତୁ ଆହୁରି ଗଭୀର ସ୍ତରରେ ପହଞ୍ଚିଲେ ସେ ଚିହ୍ନିପାରେ ତା'ର ଅନ୍ତରାତ୍ମା ବା ଚୈତ୍ୟପୁରୁଷକୁ ନିଜର ଯଥାର୍ଥ କେନ୍ଦ୍ର ବୋଲି, ନିଜର ହୃଦୟସ୍ଥିତ ପୁରୁଷ ବୋଲି । ବିବର୍ତ୍ତନର କେନ୍ଦ୍ରୀୟ ସତ୍ତା ହେଲେ ଚୈତ୍ୟପୁରୁଷ, ସେ ଭଗବାନଙ୍କର ସନାତନ ଅଂଶ, ଜୀବାତ୍ମାରୁ ଉଦ୍ଭୂତ ଏବଂ ତାଙ୍କର ପ୍ରତିଭୂ ଏବଂ ପୂର୍ଣ୍ଣଚେତନାର ଯେତେବେଳେ ଆବିର୍ଭାବ ହୁଏ, ସେତେବେଳେ ଜୀବାତ୍ମା ଓ ଅନ୍ତରାତ୍ମା ଏକାଠି ମିଶିଯାଆନ୍ତି ।''

(ଯୋଗ-ପ୍ରଦୀପ, ପୃ : ୨୧-୨୩)

*

ଭ୍ରଷ୍ଟାଚାରୀ ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ

ପ୍ରଶ୍ନ : ଆଜିକାଲି କେତେକ ବ୍ୟକ୍ତି ନିଜ ସ୍ତ୍ରୀ ପ୍ରତି ବିଶେଷ ଦୁର୍ବ୍ୟବହାର କରୁଛନ୍ତି । ବିନା ଅପରାଧରେ ନିଜ ସ୍ତ୍ରୀକୁ ତ୍ୟାଗ କରି ଦୁଶ୍ଚରିତ୍ରା ସ୍ତ୍ରୀମାନଙ୍କ ସହ ସମ୍ବନ୍ଧ ରଖୁଛନ୍ତି, ଏପରିକି ନିଜ ସ୍ତ୍ରୀର ଭରଣପୋଷଣ କରୁ ନାହାନ୍ତି । ପୁରୁଷମାନେ ଏପରି ଅସଦାଚରଣ କରି ସ୍ତ୍ରୀମାନଙ୍କୁ ଉପେକ୍ଷା କରି ସେମାନଙ୍କ ପ୍ରତି ନୃଶଂସ ବ୍ୟବହାର କରିବା କେବଳ ଅନ୍ୟାୟ ନୁହେଁ, ମହାପାପ; ଏପରି ବ୍ୟକ୍ତିମାନେ ଧର୍ମ ଓ ସମାଜର ପତନର କାରଣ । ଏହିପରି ଇନ୍ଦ୍ରିୟଲୋଲୁପ ସ୍ୱାର୍ଥପର ବ୍ୟକ୍ତିମାନେ ବରାବର ଧର୍ମର ଘାତକ ହୋଇଅଛନ୍ତି । ଏପରି ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ କ'ଣ ?

ଉତ୍ତର : ଏପରି ଦୁରାଚାରୀ ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ କ'ଣ, ତାହା ଧାର୍ମିକ ଦୃଷ୍ଟିକୋଣରୁ ଏଠାରେ ଆଲୋଚନା କରିବା । ଆଇନ୍ ଅନୁସାରେ ବିଚାର କରିବାର ପ୍ରଶ୍ନ ଏଠାରେ ଉଠିପାରେ ନାହିଁ, ସେ ପ୍ରଶ୍ନ ଜଜ୍‌ମାନେ ବିଚାର କରିପାରନ୍ତି ।

ଚୋର ଚୋରି କଲେ, ଚୋରର ପ୍ରତିଶୋଧ ନେବା ସକାଶେ ତା'ର ବସ୍ତୁ ଚୋରି କରାହୁଏ ନାହିଁ । ଚୋରି କରିବା ପାପ, ଅନ୍ୟାୟ । ଚୋର ଓ ପାପୀଠାରେ ଚୋରି ଓ ପାପ ଦ୍ୱାରା ପ୍ରତିଶୋଧ ନେବାର ଅର୍ଥ ସେହି ପାପ ଓ ଅନ୍ୟାୟ ନିଜେ ଆଚରଣ କରି ଅନ୍ଧକାରରେ ଡୁବିଯିବା । ଅନ୍ୟାୟ ଓ ପାପର ପ୍ରତିଶୋଧ ହେଲା ଧର୍ମ ଓ ନ୍ୟାୟ ।

ଚୋରି, ଅନ୍ୟାୟର ପ୍ରତିକାର ହେଲା କୋର୍ଟରେ ନାଲିଶ କରିବା । ନ୍ୟାୟାଧୀଶ ଠିକ୍ ଠିକ୍ ସମସ୍ୟାର ସମାଧାନ କରିବେ । ସଂସାରିକ କଚେରିରେ ମାମଲତ୍‌କାର ଓ ଓକିଲଙ୍କର ଯୁକ୍ତିକୌଶଳ ବିଶେଷ ରୂପେ କାମ କରେ; ସତକୁ ମିଛ ବା ମିଛକୁ ସତ କରେ କିନ୍ତୁ ବିଶ୍ୱର ଧର୍ମ-ବିଚାରାଳୟରେ ଏପରି ହୁଏ ନାହିଁ । ସେଥିପାଇଁ ଅନୁତପ୍ତା ଭଉଣୀମାନଙ୍କର ଧାର୍ମିକ ଦୃଷ୍ଟିରେ ଏକମାତ୍ର କର୍ତ୍ତବ୍ୟ ହେଲା ନିଜ ଧର୍ମକୁ ପ୍ରାଣପଣେ ପାଳନ କରି ନ୍ୟାୟାଧୀଶ ଭଗବାନଙ୍କ ପାଖରେ ନିଜ କେସ୍‌ଦାଏର କରିବା । ଏହାର ଅର୍ଥ — କର୍ତ୍ତବ୍ୟପାଳନ ।

କର୍ତ୍ତବ୍ୟ ହେଲା — ନିଜ ଧର୍ମରେ ଦୃଢ଼ ରହି ବିପଦ ଆପଦକୁ ପରବାୟ ନ କରି ଧର୍ମ ଆଶ୍ରୟରେ ସତ୍ୟ-ମାର୍ଗରେ ଚାଲିବା । ଏହାଦ୍ୱାରା ଏପରି ହୋଇପାରେ,— ନିଜ ସ୍ୱାମୀ ମଧ୍ୟରେ ଯେତେ ଦୋଷ, ପାପ, ଦୁରାଚାର ଥାଏ, ତା' ଅପେକ୍ଷା ପତ୍ନୀର ତପସ୍ୟା ଅଧିକ ଶକ୍ତିଶାଳୀ ହେଲେ ପତିର ହୃଦୟ ଶୁଦ୍ଧ ହୁଏ; କ୍ରମଶଃ ସେ ନିଜ ତ୍ରୁଟି ବୁଝିପାରେ ଏବଂ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇପାରେ । କିନ୍ତୁ ପତି ଯେପରି ଅନ୍ୟାୟ କରୁଛି, ପତ୍ନୀ ଯଦି ପ୍ରତିଶୋଧ ନେବା ସକାଶେ ସେହିପରି ଆଚରଣ କରେ, ତେବେ ପତିର ସ୍ୱଭାବ କେବେ ବି ପରିବର୍ତ୍ତନ ହୁଏ ନାହିଁ, ପତି ଯେପରି ଅନ୍ଧକାର ଗହ୍ୱରରେ ନିପତିତ ହୋଇଥାଏ, ପତ୍ନୀ ସେହିପରି ହୁଏ । ଏହାଦ୍ୱାରା ସମସ୍ୟାର ସମାଧାନ ନ ହୋଇ ଅଧିକ ଜଟିଳ ଓ କଷ୍ଟପ୍ରଦ ହୁଏ । ପତ୍ନୀର ସତ୍ୟ ଆଚରଣ, ତପସ୍ୟା ଅପେକ୍ଷା ପତିର ପାପ-ଅନ୍ୟାୟ ପ୍ରବଳ ଥିବା ଯୋଗୁଁ ଯଦ୍ୟପି

ତାହାର ପରିବର୍ତ୍ତନ ନ ହୁଏ, ତଥାପି ପତ୍ନୀର ନିଜ ହୃଦୟ ଶୁଦ୍ଧପୂତ ହୁଏ, ସେ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଆନନ୍ଦ ଅନୁଭବ କରିପାରେ ।

ଦୁଃଖର କାରଣ ହେଲା ଆସକ୍ତି ତଥା ଈର୍ଷ୍ୟା । ପତି ପ୍ରତି ଆସକ୍ତି ଥିବା ଯୋଗୁଁ ତା'ର ଦୁର୍ବ୍ୟବହାରରେ ଅତ୍ୟନ୍ତ କଷ୍ଟ ହୁଏ ଏବଂ ନିଜର ବୋଲି ମନେ କରିଥିବା ପତି ଦୁଶ୍ଚରିତ୍ରା ସ୍ତ୍ରୀ ସଙ୍ଗେ ସମ୍ପର୍କ ରଖିବାରେ ଈର୍ଷା ଓ ଅସୂୟାରେ ତା'ର ହୃଦୟ ଜଳେ । ନିଜର ସ୍ନେହ ପତି ପ୍ରତି ଥାଏ, ତେଣୁ ଏହି ଅନ୍ୟାୟ କାର୍ଯ୍ୟରେ ପତିର ଅନିଷ୍ଟ ହେବା ଆଶଙ୍କାରେ ସେ ଅତ୍ୟନ୍ତ ଦୁଃଖୀ ଓ ଭୟତ୍ରସ୍ତା ହୁଏ । ଏହାର ମୂଳ କାରଣ ହେଲା ଆସକ୍ତି । ଗାର୍ହସ୍ଥ୍ୟାଶ୍ରମରେ ପତି ପ୍ରତି ପତ୍ନୀର ଆସକ୍ତି ଭଲ; କିନ୍ତୁ ଯେବେ ବିରୋଧ ହୁଏ ସେହି ଆସକ୍ତି ଦାରୁଣ ବେଦନାର କାରଣ ହୁଏ ।

ପତି ସଙ୍ଗେ ବିରୋଧ ଅବସ୍ଥାରେ ପତ୍ନୀର ଯେଉଁ ଦାରୁଣ ବେଦନା ଜାତ ହୁଏ ସେଥିରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ନିଜର ଲକ୍ଷ୍ୟକୁ ଭଲ ଭାବରେ ଜାଣି ତାହାର ପ୍ରାପ୍ତିର ଉପାୟ କରିବା । ପ୍ରଥମେ ଜାଣିବାକୁ ହେବ ନିଜର ଲକ୍ଷ୍ୟ କ'ଣ । ସେ କାହିଁକି ଏହି ସଂସାରକୁ ଆସିଅଛି ? ଏହାର ବିଚାର କରାହୋଇଅଛି ଶ୍ରୀଅରବିନ୍ଦଙ୍କ ଦର୍ଶନଶାସ୍ତ୍ରରେ । ସେହି ବିଷୟ ସରଳ ଭାଷାରେ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ'ରେ ପ୍ରକାଶ ପାଉଅଛି । 'ଲୋକ-ସାହିତ୍ୟ'ର 'ଗାର୍ହସ୍ଥ୍ୟ ଧର୍ମ', 'ଦିବ୍ୟ ଯୁଗ-ସ୍ଥାପନାରେ ନାରୀ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ଏବଂ 'ସାଧ୍‌କା-ସଂସାର' ଇତ୍ୟାଦି ବହି ପଢ଼ନ୍ତୁ ।

ସ୍ତ୍ରୀର ଭୋଗ୍ୟ ପୁରୁଷ କିଂବା ପୁରୁଷର ଭୋଗ୍ୟ ସ୍ତ୍ରୀ ନୁହେଁ । ଏହି ସଂସାରକୁ ଆସି ଇନ୍ଦ୍ରିୟତୃପ୍ତି କରି, ଆସକ୍ତିବଶରୁ ନାନା ପ୍ରକାର ଦୁଃଖ-ଯନ୍ତ୍ରଣା ଓ ଈର୍ଷ୍ୟା-ବିରୋଧ ମଧ୍ୟରେ ଜୀବନକୁ ଭୋଗ କରିବା ବି ଯଥାର୍ଥ ଲକ୍ଷ୍ୟ ନୁହେଁ । ଯଦି ଏହାହିଁ ହୁଅନ୍ତା ତେବେ ଏହି ସଂସାର କେବଳ ଦୁଃଖଦ୍ୱନ୍ଦ୍ୱ ଭୋଗ କରିବାର ସ୍ଥାନ ହୋଇଥା'ନ୍ତା, କିନ୍ତୁ ଏହା ଏପରି ନୁହେଁ । ମନୁଷ୍ୟ ଯେଉଁ ପରମାନନ୍ଦରୂପ ଭଗବାନଙ୍କୁ ପ୍ରାପ୍ତ ହେବାକୁ ଏହି ସଂସାରକୁ ଆସିଅଛି, ଯାହା ତାହାର ଏକମାତ୍ର ଲକ୍ଷ୍ୟ ସେହି ଲକ୍ଷ୍ୟପ୍ରାପ୍ତିର ଗୃହ-ସଂସାର ଉପାୟ ମାତ୍ର । ସେହି ଲକ୍ଷ୍ୟକୁ ଭୁଲିଯିବାରୁ ମନୁଷ୍ୟ ଏହି ସାଂସାରିକ କର୍ମକୁ ଲକ୍ଷ୍ୟ ବୋଲି ମାନିନିଏ, ସେହି କାରଣରୁ ଦୁଃଖ ଭୋଗେ ।

ଏହି ଯେଉଁ ପତି, ପୁତ୍ର, ପିତା, ମାତା, ପରିବାର – ଏହା ନୂଆ ନୁହେଁ । ପ୍ରତ୍ୟେକ ଜନ୍ମରେ ନୂତନ ପତି, ନୂତନ ପିତା, ନୂତନ ମାତା, ନୂତନ ପୁତ୍ର ହୁଅନ୍ତି, ସେମାନଙ୍କ ପ୍ରତି ଆସକ୍ତି ହୁଏ, ମୃତ୍ୟୁ ପରେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଭୁଲିଯାଆନ୍ତି । ପୁଣି ନୂତନ ପରିବାରରେ ଜନ୍ମଗ୍ରହଣ କରନ୍ତି ଓ ନୂତନ ଭାବରେ ସମ୍ବନ୍ଧ ସ୍ଥାପିତ ହୁଏ ପ୍ରତି ଜନ୍ମରେ ପତି-ପତ୍ନୀର ବିୟୋଗ ବା ଅସଦ୍ ବ୍ୟବହାର ଯୋଗୁଁ ଦାରୁଣ ଦୁଃଖ ଜାତ ହୁଏ, ସେହି ବିଚ୍ଛେଦ ଦୁଃଖରୁ ମୁକ୍ତି ପାଇବାର ଉପାୟ ହେଲା ସଚେତ ହୋଇ ଭଗବାନଙ୍କୁ ଗ୍ରହଣ କରିନେବା ।

ଯଥାର୍ଥରେ ମନୁଷ୍ୟର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବାନ୍ । ସେହି ଲକ୍ଷ୍ୟରେ ପହଞ୍ଚିବାର ଉପାୟ ସଂସାରର ସମସ୍ତ କର୍ମ । ସ୍ତ୍ରୀ ଏବଂ ପୁରୁଷ ପ୍ରତ୍ୟେକେ, ସଂସାର, ପରିବାର, ଘର, ସମ୍ପତ୍ତିକୁ ଭଗବାନଙ୍କର ଜାଣି ତାଙ୍କ ସେବାରୂପେ କାର୍ଯ୍ୟ କଲେ ସେଥିରେ ଆସକ୍ତି ହୁଏ ନାହିଁ, ଦୁଃଖ ଆସେ ନାହିଁ, ସେହି କର୍ମ ଦ୍ୱାରା ଭଗବତ୍ ପ୍ରାପ୍ତି ହୁଏ । ପ୍ରତ୍ୟେକ ବ୍ୟକ୍ତି ସନ୍ନ୍ୟାସୀ ହୋଇ ଗୃହତ୍ୟାଗ କରି ପାରିବେ ନାହିଁ, ସେଥିପାଇଁ ଭଗବାନ୍ ପରିବାର ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମ କରି ଭଗବାନଙ୍କ ପାଖରେ ପହଞ୍ଚିବାକୁ ଏହି ସଂସାରକୁ ଆସିଛନ୍ତି । ପତି ପ୍ରକୃତରେ ପତ୍ନୀର ଭୋଗ୍ୟ ନୁହେଁ, ପତି ପ୍ରତି ଭଗବାନଙ୍କର ପ୍ରତିନିଧି ଭାବ ରଖିଲେ ତାହା ଭଗବାନଙ୍କ ପାଖରେ ପହଞ୍ଚିବାର ଉପାୟ ହୁଏ । ଏହି ବିଷୟ ସରଳ ଭାବରେ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଦିବ୍ୟ ଯୁଗ-ସ୍ଥାପନାରେ ନାରୀ' ବହିମାନଙ୍କରେ ଆଲୋଚିତ ହୋଇଛି ।

ଯେଉଁ ଭଉଣୀମାନେ ପତିଙ୍କ ଦୁର୍ବ୍ୟବହାରରୁ ଦୁଃଖ ପାଉ ଅଛନ୍ତି ସେମାନେ ପ୍ରତ୍ୟେକ କର୍ମ ଭଗବାନଙ୍କ ସେବାରୂପେ କରି ଭଗବାନଙ୍କୁ ସମର୍ପଣ କରନ୍ତୁ । ପ୍ରତ୍ୟହ କିଛି ସମୟ ହୃଦୟରେ ଧ୍ୟାନ କରି ମନକୁ ଏକାଗ୍ର କରନ୍ତୁ ।

ତୁମେ ଯଦି ଯଥାର୍ଥରେ ସେମାନଙ୍କୁ ସାହାଯ୍ୟ କରିବାକୁ ଚାହଁ, ତେବେ ସେମାନଙ୍କୁ ଅଧ୍ୟାତ୍ମ ମାର୍ଗରେ

ପ୍ରବୃତ୍ତ କରାଅ, ଯଦ୍ଦ୍ୱାରା ସେମାନେ ଚିରଦିନ ସକାଶେ ସୁଖ ପାଇପାରିବେ ଏବଂ ଧର୍ମ ପାଳନ କରିବାକୁ ସମର୍ଥ ହେବେ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦ ଆଶ୍ରମରେ ସମସ୍ତ ସାଧକ ଆତ୍ମ-ସମର୍ପଣ କରି ସାରିଲେଣି କି ?

ଉତ୍ତର : ଆଶ୍ରମରେ ସମସ୍ତେ ଆତ୍ମ-ସମର୍ପଣ କରିସାରିଥିଲେ ତୁମକୁ କଷ୍ଟ କରି ପ୍ରଶ୍ନ କରିବାକୁ ହୋଇ ନ ଥା'ନ୍ତା । ତୁମେ ସ୍ୱୟଂ ବୁଝିପାରିଥା'ନ୍ତ । ଆତ୍ମ-ସମର୍ପଣ ଏପରି କୌଣସି ସ୍ଥୂଳ ବସ୍ତୁ ନୁହେଁ ଯେ ଭୋଗସାମଗ୍ରୀ ପରି ଏକ ମୁହୂର୍ତ୍ତରେ ଦେବତାଙ୍କ ପାଖରେ ନିବେଦନ କରିଦେବ ବା କଳ୍ପନା କରିବ, ''ମୁଁ ଭଗବାନଙ୍କୁ ସବୁ ଦେଇ ଦେଲି, ମୋର କିଛି ନାହିଁ'' । ଏ ଯୋଗରେ ପୂର୍ଣ୍ଣ ଆତ୍ମ-ସମର୍ପଣ କରିବାକୁ ହୁଏ, ମନ-ପ୍ରାଣ-ଶରୀରକୁ ଏବଂ ତାହାର ପ୍ରତ୍ୟେକ କ୍ରିୟାକୁ । ଆତ୍ମ ସମର୍ପଣ ସମ୍ପୂର୍ଣ୍ଣ ହେଲେ ଏ ଯୋଗରେ ସିଦ୍ଧି ପ୍ରାପ୍ତ ହୁଏ । ଅର୍ଥାତ୍ ମନୁଷ୍ୟର ମନ-ପ୍ରାଣ-ଶରୀର-ଚେତନା ପର୍ଯ୍ୟନ୍ତ ଅନ୍ତରାତ୍ମା ସହିତ ଏକ ହୋଇଯାଏ; ତାହାର ସକଳ ଭାଗରେ କ୍ରିୟା କରନ୍ତି ଭାଗବତୀ ଶକ୍ତି ଏବଂ ସାଧକ ସଂପୂର୍ଣ୍ଣରୂପେ ପରିଚାଳିତ ହୁଏ ଭଗବାନଙ୍କ ଦ୍ୱାରା । ନିଜର ବାସନା, କାମନା, ଅଭିରୁଚି, ଅଭିମତ, ଅହଂକାର ସବୁକିଛି ଭଗବାନଙ୍କୁ ସମର୍ପିତ ହୋଇ ରୂପାନ୍ତରିତ ହୁଏ ।

ଏ ଯୋଗ ଆରମ୍ଭ ହୁଏ ସମର୍ପଣରେ ଏବଂ ଶେଷ ମଧ୍ୟ ହୁଏ ସମର୍ପଣରେ । ଏ ଯୋଗର ପୂର୍ଣ୍ଣସିଦ୍ଧି ହୋଇ ନାହିଁ । ଯେତେବେଳେ ଶରୀର ରୂପାନ୍ତରିତ ହୋଇଯିବ ସେତେବେଳେ ସଂପୂର୍ଣ୍ଣ ଆତ୍ମ-ସମର୍ପଣ ହୋଇଛି ବୋଲି ଜାଣିପାରିବ । ବର୍ତ୍ତମାନ ଆଶ୍ରମରେ କାହାରି ପୂର୍ଣ୍ଣ ରୂପାନ୍ତର ହୋଇ ନାହିଁ ।

*

ପ୍ରଶ୍ନ : ସତ୍ ଲୋକ କେଉଁଠି ଅଛନ୍ତି ?

ଉତ୍ତର : ସତ୍ ଲୋକରୁ ସଂସାର ଶୂନ୍ୟ ନୁହେଁ, କେବଳ ପବିତ୍ର ହୃଦୟ, ପବିତ୍ର ଦୃଷ୍ଟିର ଆବଶ୍ୟକ । ନିଷ୍କପଟ ଶ୍ରଦ୍ଧା ସହିତ ଅନ୍ୱେଷଣ କଲେ, ଭଗବାନ୍ ଅଥବା ନିଜ ଅନ୍ତରାତ୍ମା ସତ୍ ଲୋକଙ୍କୁ ଚିହ୍ନାଇ ଦେବେ ।

*

ପ୍ରଶ୍ନ : ମିଛ ନ କହି, ଲୋକଙ୍କୁ ନ ଠକି ସଂସାରରେ ମନୁଷ୍ୟ କି ଉପାୟରେ ଚଳିପାରିବ ?

ଉତ୍ତର : ଭଗବାନଙ୍କ ଆଶ୍ରୟ ନେଇ ଅହଂକାର-ପ୍ରସୂତ ମାନଯଶଃ, ଭୋଗବିଳାସ ଓ ଅନ୍ୟ ଉପରେ ପ୍ରଭୁତ୍ୱ ବିସ୍ତାର ଭାବ ତ୍ୟାଗ କଲେ ମନୁଷ୍ୟ ମିଛ ନ କହି, ନ ଠକି ଚଳିପାରିବ । କିନ୍ତୁ ଯେଉଁ ସତ୍ୟ କହିବାକୁ ହେବ ତାହା ହେବା ଉଚିତ ଯଥାର୍ଥ ଓ ଆନ୍ତରିକ, ତେବେହିଁ ଭଗବାନଙ୍କ ସାହାଯ୍ୟ ମିଳିବ । ସତ୍ୟକୁ ବାକ୍ୟରେ ଆଶ୍ରୟ କରି ନିଜ ସ୍ୱାର୍ଥସିଦ୍ଧି କରିବାକୁ ଚାହିଁଲେ ଚଳିବ ନାହିଁ ।

*

ପ୍ରଶ୍ନ : ସଂସାରରେ ପାପ-ଭାର କ୍ରମଶଃ ବଢ଼ିଲା,— ନାରୀମାନେ ପତିବ୍ରତା ଧର୍ମକୁ ଛାଡ଼ିଲେ, ନୀଚ ଜାତି ମନ୍ଦିରରେ ପ୍ରବେଶ କଲେ; ସବୁଠାରେ ଲାଞ୍ଚମିଛ ଚାଲିଲା । ଦୁଷ୍ଟ ଲୋକେ ଅଧିକାର ପାଇ ଅସତ୍ୟାଚରଣ କଲେ । ବର୍ତ୍ତମାନ ରାଜନୀତି କ୍ଷେତ୍ରରେ ଅଧିକାଂଶ ଚୋର, ମିଛୁଆ, ଜାଲୁଆ, ଡକାୟତ, ପାଷଣ୍ଡ, ସ୍ନେହ-ଭକ୍ତିଶୂନ୍ୟ ଲୋଭୀ ଲୋକଙ୍କ ଆସ୍ଥାନ ଜମିଛି । ଏପରି ଅବସ୍ଥାରେ ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧ ହେବ କିପରି ? ତାଙ୍କ ଯୋଗ ପରା ତାଙ୍କ ପାଇଁ ନୁହେଁ, ସଂସାର ପାଇଁ ?

ଉତ୍ତର : ଏହାର ସବୁଠାରୁ ଉତ୍ତମ ପ୍ରତିକାର ହେଲା ଆପଣ ସ୍ୱୟଂ ସତ୍ୟ-ନ୍ୟାୟପରାୟଣ ହୁଅନ୍ତୁ । ନିଜେ ଯଦି ସତ୍ୟ-ମାର୍ଗରେ ଗମନ କରିବେ, ତେବେ ଆପଣଙ୍କର ଅନୁସରଣ କରିବେ ଅନ୍ୟମାନେ । ଏହାଦ୍ୱାରାହିଁ ଯଥାର୍ଥରେ ହେବ ସଂସାରର କଲ୍ୟାଣ । ଆପଣ ନିଜେ ସତ୍ୟ ଆଚରଣ ନ କରି କେବଳ ବାକ୍ୟରେ କହିଲେ ଆପଣଙ୍କର ତଥା ଅନ୍ୟର କୌଣସି ଲାଭ ହେବ ନାହିଁ ।

ଯଦି ସଂସାରର କଲ୍ୟାଣ ସକାଶେ ହୃଦୟ ବ୍ୟାକୁଳ ହୁଏ, ତେବେ ଦିବ୍ୟସତ୍ୟର ପ୍ରତିଷ୍ଠା-କାର୍ଯ୍ୟରେ ନିଜକୁ ପୂର୍ଣ୍ଣରୂପେ ଉତ୍ସର୍ଗ କରିବା ଉଚିତ । ବର୍ତ୍ତମାନ ସଂସାରର ବିଶୃଙ୍ଖଳା ଦୂରୀକରଣର ଏକମାତ୍ର ଉପାୟ ହେଲା ସତ୍ୟର ପ୍ରତିଷ୍ଠା । ଏହାଛଡ଼ା ମନ-ବୁଦ୍ଧି-ପ୍ରସୂତ କୌଣସି ନୀତିନିୟମ ବ୍ୟବସ୍ଥା ଦ୍ୱାରା ଏହାର ସୁଧାର ହେବା ସମ୍ଭବ ନୁହେଁ । ବର୍ତ୍ତମାନ ଯୁଗପରିବର୍ତ୍ତନର ସନ୍ଧିକ୍ଷଣ । ପ୍ରତି ସନ୍ଧିକ୍ଷଣରେ ପୂର୍ବସ୍ଥାପିତ ଧର୍ମ, ଶୃଙ୍ଖଳା ଓ ରୀତିନୀତି ଅବ୍ୟବସ୍ଥିତ ହୋଇଯାଏ । ନୂତନ ସତ୍ୟକୁ ଗ୍ରହଣ କଲେ ଏହି ସନ୍ଧିକ୍ଷଣ ଅପେକ୍ଷାକୃତ କମ୍ ସମୟରେ ସମାପ୍ତ ହୁଏ ଏବଂ ନୂତନ ଧର୍ମ ସ୍ଥାପିତ ହୁଏ ।

*

ପ୍ରଶ୍ନ : ଇଉରୋପରେ ଆଣବିକ ଶକ୍ତିର ପରୀକ୍ଷା ଚାଲିଛି, ଶୋଷଣ ନୀତି ପୂର୍ବ ପରି ରହିଛି । ଉପନିବେଶରେ କଳାଗୋରାଙ୍କ ବର୍ଣ୍ଣଭେଦ ଓ ଅତ୍ୟାଚାର ଚାଲୁଅଛି । ଏହାର ସମାଧାନ କ'ଣ ?

ଉତ୍ତର : ଅନ୍ଧକାର ଶକ୍ତିସମୂହ ପ୍ରବଳ ଅଧିକାର ବିସ୍ତାର କରିବାରୁ ମନୁଷ୍ୟ ନିଜର ସ୍ୱାର୍ଥରକ୍ଷା କରିବା ନିମିତ୍ତ ନାନାପ୍ରକାର ଭୁଲ୍ ଉପାୟ ଅବଲମ୍ବନ କରୁଛି । ଅନ୍ଧକାର ଶକ୍ତି ପରାସ୍ତ ହୋଇ ଦିବ୍ୟଶକ୍ତିର ବିଜୟ ହେଲେ ସଂସାରର ବାତାବରଣ ପରିବର୍ତ୍ତିତ ହେବ । ସେତେବେଳେ ଦେଶ ଦେଶ ମଧ୍ୟରେ ଆଉ ବିରୋଧ ରହିବ ନାହିଁ, ମିତ୍ରତା ସ୍ଥାପନ ହେବ ଏବଂ ଏହିସବୁ ପ୍ରତିକୂଳ ଅବସ୍ଥା ଦୂର ହୋଇଯିବ ।

*

ପ୍ରଶ୍ନ : ସଂସାରର ସମସ୍ତେ କ'ଣ ସନ୍ନ୍ୟାସୀ ହୋଇଯିବେ ?

ଉତ୍ତର : ସମସ୍ତେ ସନ୍ନ୍ୟାସୀ ହେବାର କୌଣସି ଆଶା ନାହିଁ, ଏହା ସମ୍ଭବ ବି ନୁହେଁ । ଅତୀତରେ କେବେ ବି ଏପରି ହୋଇ ନାହିଁ । ଯଦି ସମସ୍ତେ ଯଥାର୍ଥ ସନ୍ନ୍ୟାସୀ ହୁଅନ୍ତି, ତେବେ ପୃଥିବୀ ଗୋଟିଏ ଦିନରେ ହୋଇଉଠନ୍ତା ସ୍ୱର୍ଗ, ଭଗବାନ୍ ନିରାବରଣ ରୂପେ ପୃଥିବୀରେ ନିଜକୁ ପ୍ରଘଟ କରନ୍ତେ, ଦୁଃଖ-କଷ୍ଟ, ବୈର-ବିରୋଧ ଓ ହିଂସା-ଦ୍ୱେଷ ସ୍ୱପ୍ନପରି ଉଭେଇ ଯାଆନ୍ତା ।

ସାଧାରଣତଃ ଲୋକେ ମନେ କରନ୍ତି ଯେଉଁମାନେ ସଂସାରର ସମସ୍ତ କର୍ମ ପରିତ୍ୟାଗ କରି ଜଙ୍ଗଲକୁ ଚାଲିଯାଆନ୍ତି ସେମାନଙ୍କ ଦ୍ୱାରା ସଂସାରର କୌଣସି ହିତ ସାଧିତ ହୁଏ ନାହିଁ । ସନ୍ନ୍ୟାସର ଅର୍ଥ ତ୍ୟାଗ । ଯଦି କେହି ସଂସାର ଛାଡ଼ି ଜଙ୍ଗଲକୁ ଚାଲିଯାଏ ଅଥବା ଅନ୍ୟ କେହି ସଂସାରରେ ରହି କର୍ମ ସ୍ୱାର୍ଥ ତ୍ୟାଗ କରେ, ତେବେ ଉଭୟ ସତ୍ୟରେ ବାସ କରନ୍ତି । ଏମାନଙ୍କର ବାହ୍ୟ କର୍ମ ତ୍ୟାଗ ହେଉ ବା ଗ୍ରହଣ ହେଉ ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ସେମାନଙ୍କର ଯଥାର୍ଥରେ ଅସତ୍ୟ-ଅନ୍ୟାୟର ତ୍ୟାଗ, ସତ୍ୟରେ ନିବାସ, ସତ୍ୟ-ଆଚରଣ, ତାହାହିଁ ପୃଥିବୀକୁ ପବିତ୍ର କରିଦିଏ ଏବଂ ଶୁଦ୍ଧ ବାତାବରଣ ସୃଷ୍ଟି କରେ । ସେମାନେ ଏକ ଶବ୍ଦ ନ କହି ବି ନିଜର ସତ୍ୟ ଓ ନିଷ୍ଠା ଦ୍ୱାରା ଜଗତଜନଙ୍କର ମନରେ ବିଶୁଦ୍ଧ ଭାବର ପ୍ରେରଣା ଦିଅନ୍ତି । ସନ୍ନ୍ୟାସୀମାନଙ୍କ ସତ୍ୟନିଷ୍ଠା ଯୋଗୁଁ ଆଜି ଭାରତ ସଂସାରରେ ସମ୍ମାନିତ । ଅନ୍ୟାନ୍ୟ ଦେଶ ନାନା ପ୍ରକାର ସମୃଦ୍ଧିରେ ପୂର୍ଣ୍ଣ ହେବା ସତ୍ତ୍ୱେ ବି ଏହି ସତ୍ୟର ଅଭାବରୁ ଶାନ୍ତି ଲାଭ କରିପାରୁ ନାହାନ୍ତି ଏବଂ ଜୀବନ-ସମସ୍ୟାର ସାମାଧାନର ଉପାୟ ମଧ୍ୟ ପାଉ ନାହାନ୍ତି । ସଂସାରରେ ଯଦି କେହି ବଡ଼ ହୋଇଛି ବା ବଡ଼ କାମ କରୁଛି, ତାହା କେବଳ ତ୍ୟାଗ ଦ୍ୱାରା । ଯାହାର ଯେତେ ଅଧିକ ତ୍ୟାଗ ହେବ, ସେ ସଂସାରର ସେତେ ଅଧିକ ସେବା କରିପାରିବ । ବିନା ତ୍ୟାଗରେ କେହି କେବେ ବି ଭଲ କାମ କରିପାରି ନାହିଁ । ଏପରିକି ବିନା ତ୍ୟାଗରେ ସାଂସାରିକ କାର୍ଯ୍ୟ ବି ସାଧିତ ହୁଏ ନାହିଁ । କିଛି ଲୋକ ନିଜ ସ୍ୱାର୍ଥ, ପରିବାରର ସ୍ୱାର୍ଥ ତ୍ୟାଗ କରିଥିଲେ ବୋଲି ଭାରତ ସ୍ୱାଧୀନ ହେବାରେ ଅଧିକ ସାହାଯ୍ୟ ମିଳିଥିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ବସ୍ତୁ ଧାରଣର ପାତ୍ର ବା ଆଧାର ସଦୃଶ । ଯେପରି କୌଣସି ପାତ୍ର କେବେ ଖାଲି ରହିପାରେ ନାହିଁ, ବସ୍ତୁ ବିଶେଷ କିଂବା ବାୟୁରେ ପୂର୍ଣ୍ଣ ଥାଏ, ସେହିପରି ଠିକ୍ ମନୁଷ୍ୟ-ଆଧାର । ତାହା ପୂର୍ଣ୍ଣ ଥାଏ କାମନା-ବାସନା, ସ୍ୱାର୍ଥ ଆଦି ଦୁର୍ଗୁଣରେ । ଏହିପରି ଦୁର୍ଗୁଣଯୁକ୍ତ ବ୍ୟକ୍ତି ପଶୁପରି ନିଜ ସ୍ୱାର୍ଥ ଛଡ଼ା ଅନ୍ୟ କୌଣସି

ଉଚ୍ଚ ଆଦର୍ଶ ବା ଅନ୍ୟର ହିତସାଧନ କରିପାରେ ନାହିଁ । ଏହି ଆଧାରରେ କ୍ରମଶଃ ସଦ୍‌ଗୁଣ, ଐଶୀ ଗୁଣ ଆସିବାକୁ ଲାଗିଲେ ପୂର୍ବ ଗୁଣଧର୍ମ କ୍ରମଶଃ କମ୍ ହେବାକୁ ଲାଗେ, କିନ୍ତୁ ପାତ୍ର କେବେ ବି ଖାଲି ରହେ ନାହିଁ, ଥାଏ ପୂର୍ଣ୍ଣ । ଊର୍ଦ୍ଧ୍ୱରୁ ଐଶୀ ଗୁଣ ଯେତେ ଆସି ପ୍ରବେଶ କରେ ସେତେ ଦୁର୍ଗୁଣ ଦୂର ହୁଏ । ଯେଉଁ ଆଧାରରୁ ସମସ୍ତ ଦୁର୍ଗୁଣ ବାହାରି ଐଶୀ ଗୁଣରେ ପୂର୍ଣ୍ଣ ହୁଏ ସେହି ହୁଏ ପୂର୍ଣ୍ଣ ମାନବ, ଈଶ୍ୱରଙ୍କ ସଙ୍ଗେ ଏକ, ଅର୍ଥାତ୍ ଭଗବତ୍ ଗୁଣସମ୍ପନ୍ନ । ସେହିଁ ସର୍ବକାର୍ଯ୍ୟରେ ହୁଏ ସମର୍ଥ । ମନୁଷ୍ୟ ଭଲ କାମ କରିପାରେ ନାହିଁ, ତା'ର ସ୍ୱାର୍ଥ, ଈର୍ଷା ଓ ଅହଂକାର ଥାଏ ବୋଲି । ସମସ୍ତ ଦିବ୍ୟଗୁଣର ଭଣ୍ଡାର ହେଲେ ଭଗବାନ୍ । ତାଙ୍କ ସଙ୍ଗେ ସମସ୍ତ ସତ୍ତା ଯୁକ୍ତ ହେଲେ ମନୁଷ୍ୟ ଭଗବାନଙ୍କଠାରୁ ଶକ୍ତି ପାଇବ ଏବଂ ସମସ୍ତ କାର୍ଯ୍ୟ କରିବାକୁ ସମର୍ଥ ହେବ ।

ସଂସାରର ସମସ୍ତ କର୍ମ ଓ ଗୃହ ତ୍ୟାଗ କରି ଯେଉଁମାନେ ସନ୍ନ୍ୟାସୀ ହୋଇଛନ୍ତି ସେମାନେ ଭଗବାନଙ୍କ ନିଷ୍ଠ୍ରିୟ ସତ୍ତା ସଙ୍ଗେ ଯୁକ୍ତ ହୋଇଛନ୍ତି । ସେମାନଙ୍କର ଶୁଦ୍ଧ ବିଚାର ଦ୍ୱାରା ଜଗତର କଲ୍ୟାଣ ହୁଏ, କିନ୍ତୁ ସଂସାରରୁ ପୂର୍ଣ୍ଣରୂପେ ଦୁଃଖକଷ୍ଟ ଦୂର ହୁଏ ନାହିଁ କିଂବା ସେମାନେ ପ୍ରତ୍ୟକ୍ଷରୂପେ ସଂସାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରନ୍ତି ନାହିଁ । କାରଣ ସେମାନେ ଭଗବାନଙ୍କ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ପୂର୍ଣ୍ଣ ସ୍ୱରୂପ ସହିତ ନିଜକୁ ଏକ କରି ନାହାନ୍ତି, ସେଥିପାଇଁ କର୍ମସମ୍ପାଦନକାରୀ ଭଗବାନଙ୍କର ସାମର୍ଥ୍ୟ ଆଦି ଦିବ୍ୟଗୁଣରୁ ବଞ୍ଚିତ ହୁଅନ୍ତି । ଭଗବାନ୍ ବାଞ୍ଛାକଳ୍ପତରୁ । ଯେ ଯାହା ବାଞ୍ଛା କରିବ ଭଗବାନ୍ ତାକୁ ତାହାହିଁ ଦେବେ । ସେମାନେ ଚାହିଁଲେ ମୁକ୍ତି, ଭଗବାନ୍ ମୁକ୍ତି ଦେଇଦେଲେ । କିନ୍ତୁ ନିଜର ମୁକ୍ତି ବ୍ୟକ୍ତିଗତ ହେବା ସତ୍ତ୍ୱେ ତାହା ଦିବ୍ୟଗୁଣ । ଦିବ୍ୟଗୁଣର ଧର୍ମ ହେଲା ଅନ୍ୟର ମଙ୍ଗଳ କରିବା, ସେଥିପାଇଁ ସଂସାରରେ କେବଳ ଆଧାତ୍ମିକ ଦିଗରେ ମଙ୍ଗଳ ହେଲା । ଶାସ୍ତ୍ର ନିର୍ଦ୍ଦେଶ କରିଛି ଭଗବାନଙ୍କୁ ପ୍ରାପ୍ତ ହେବାରେ ଅର୍ଥାତ୍ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତି କରିବାରେ କୌଣସି ଉଦ୍ଦେଶ୍ୟ ରଖିବା ଉଚିତ ନୁହେଁ; କେବଳ ଭଗବାନଙ୍କ ସଙ୍ଗେ ନିଜର ସମସ୍ତ ସତ୍ତାକୁ ଏକ କରିଦେବାକୁ ହେବ । ତେବେ ସେହି ଏକତ୍ୱ ପ୍ରାପ୍ତି ପରେ ବ୍ୟକ୍ତିର ସମସ୍ତ ଗୁଣ ହେବ ଭଗବାନଙ୍କର ଏବଂ ସେ ସ୍ୱୟଂ ହେବ ଭଗବାନଙ୍କ ଯନ୍ତ୍ର । ତାହାର ଶକ୍ତି-ସାମର୍ଥ୍ୟ ଆସିବ ଭଗବାନଙ୍କଠାରୁ । ସେ ଭଗବତ୍ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ କରିପାରିବ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ହେଲା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱପ୍ରାପ୍ତି ।

ସଂସାରରେ ଏପର୍ଯ୍ୟନ୍ତ ଯେକୌଣସି ବ୍ୟକ୍ତି ସ୍ୱାର୍ଥ ତ୍ୟାଗକରି ଦେଶ ଓ ଜାତିର ହିତ ସକାଶେ ଯାହା ଭଲ କାର୍ଯ୍ୟ କରିଛନ୍ତି ତାହାସବୁ ଭଗବତ୍ ଦତ୍ତ । ଯେକୌଣସି ଭଲ କାର୍ଯ୍ୟ, ତାହା ଭଗବତ୍ ଗୁଣ, ଆସେ ଭଗବାନଙ୍କଠାରୁ । କିନ୍ତୁ ବ୍ୟକ୍ତି ବୁଝିପାରେ ନାହିଁ, କାରଣ ସେ ସଚେତନ ଭାବେ ଭଗବାନଙ୍କ ଜ୍ଞାନ ସହିତ ନିଜ ଜ୍ଞାନକୁ ଏକ କରି ନ ଥାଏ । ବହୁତ ସମୟରେ ଦେଖାଯାଏ ଯେ ଜଣେ ବଡ଼ ନେତା ସ୍ଥୂଳ ସ୍ୱାର୍ଥ ତ୍ୟାଗକରି ଦେଶର ହିତସାଧନ କରନ୍ତି, କିନ୍ତୁ ଭଗବାନଙ୍କ ଅସ୍ତିତ୍ୱ ପର୍ଯ୍ୟନ୍ତ ସ୍ୱୀକାର କରନ୍ତି ନାହିଁ । ତାହାର ଏକମାତ୍ର କାରଣ ହେଉଛି ସେ ଚାହିଁଥିଲେ କେବଳ ସେତିକି କାମ କରିବାକୁ । ସେଥିରେ ପୂର୍ଣ୍ଣମାତ୍ରାରେ ସ୍ୱାର୍ଥ ନ ଥିବାରୁ ଭଗବାନ୍ ତାଙ୍କ ଚାହିଦା ଅନୁସାରେ ସୀମିତ ଶକ୍ତି ଦେଲେ । ସେ ଯଦି ପୂର୍ଣ୍ଣରୂପେ ଭଗବାନଙ୍କ ସଙ୍ଗେ ଏକ ହୋଇଥା'ନ୍ତେ ତେବେ କାର୍ଯ୍ୟ ତ ସିଦ୍ଧ ହୋଇଥାଆନ୍ତା, ତା'ଛଡ଼ା ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ସାମର୍ଥ୍ୟ ବି ସେ ପ୍ରାପ୍ତ ହୋଇଥା'ନ୍ତେ ।

ଶ୍ରୀଅରବିନ୍ଦ ଯୋଗ-ସିଦ୍ଧିର ଉଦ୍ଦେଶ୍ୟ ପୃଥିବୀରେ ଦିବ୍ୟ ଜୀବନ ପ୍ରତିଷ୍ଠା । ଏଥିସକାଶେ କିଛି ପୂର୍ଣ୍ଣତ୍ୟାଗୀ ସାଧକ ଆବଶ୍ୟକ ଯେଉଁମାନେ ନିଜକୁ ପୂର୍ଣ୍ଣରୂପେ ଭଗବାନଙ୍କୁ ସମର୍ପଣ କରି ତାଙ୍କ ଯନ୍ତ୍ର ହୋଇ ଅତିମାନସ ମହାଶକ୍ତିର କ୍ରିୟାକୁ ଜାଣିପାରିବେ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହୋଇପାରିବେ । ତ୍ୟାଗର ଯଥାର୍ଥ ଅର୍ଥ ସଂସାର ଛାଡ଼ି ଜଙ୍ଗଲକୁ ଯାଇ ତପସ୍ୟା କରିବା କିଂବା ନିଜ ସ୍ୱାର୍ଥ, ମାନ-ଯଶଃ, ବାସନା-କାମନା ରଖି କେବଳ ସ୍ଥୂଳ କର୍ମରୁ ବିରତ ହେବା ବା ନିଜେ ବଡ଼ ହୋଇ ପ୍ରତିଷ୍ଠା ଲାଭ କରିବା ନୁହେଁ । ପୂର୍ଣ୍ଣତ୍ୟାଗର ଅର୍ଥ ନିମ୍ନ ପ୍ରକୃତିର କ୍ରିୟା ତ୍ୟାଗକରି ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବା । ଘର-ପରିବାର ଛାଡ଼ି ଆଶ୍ରମରେ ରହନ୍ତୁ କିଂବା ଘରେ ରହି ସମସ୍ତ ସାଂସାରିକ କର୍ମ ଭଗବତ୍ ଉଦ୍ଦେଶ୍ୟରେ କରନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ତ୍ୟାଗର ସର୍ତ୍ତ ଉଭୟଙ୍କ ସକାଶେ ସମାନ ।

ସମସ୍ତେ ଆରମ୍ଭରୁ ଏହି ଅବସ୍ଥାରେ ପହଞ୍ଚିପାରିବେ ନାହିଁ । ସେଥିସକାଶେ ଦୀର୍ଘକାଳ ସାଧନାର ଆବଶ୍ୟକ । ସେହି ସକାଶେ କେତେକ ବ୍ୟକ୍ତିଙ୍କୁ ମା' ନିଜ ତତ୍ତ୍ୱାବଧାନରେ ରଖି ସାଧନା କରାଉଅଛନ୍ତି । ଆଉ କେତେକ ବ୍ୟକ୍ତି ବାହାରେ ନିଜ ନିଜ ପରିବାର ସଙ୍ଗେ ରହି ମା'ଙ୍କ ସୂକ୍ଷ୍ମ ଆନ୍ତର ନିର୍ଦ୍ଦେଶରେ ସାଧନା କରୁଛନ୍ତି । ଅନ୍ୟ କେତେକ ବ୍ୟକ୍ତି ଅଜ୍ଞାତ ଭାବେ ମା'ଙ୍କ ପ୍ରେରଣା ଅନୁସାରେ କାର୍ଯ୍ୟ କରୁଛନ୍ତି । ଏ ଯୋଗ-ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି ଯେ ପୂର୍ଣ୍ଣତ୍ୟାଗୀ ହେବ, ଏପରି ନୁହେଁ, ଏହା ସମ୍ଭବ ବି ନୁହେଁ । କୌଣସି ବ୍ୟକ୍ତିର ସମସ୍ତ ପ୍ରକାର ଦୁର୍ଗୁଣ ଥିବା ସତ୍ତ୍ୱେ ବି ସେ ସାଧନା ଆରମ୍ଭ କରିପାରେ ଯଦି ତାହାର କୌଣସି ଭାଗ ଭଗବାନଙ୍କ ଶରଣ ହେବାକୁ ଚାହେଁ । ସାଧନା ଦ୍ୱାରାହିଁ ମନୁଷ୍ୟ ସମସ୍ତ ଦୋଷତ୍ରୁଟିରୁ ମୁକ୍ତ ହୋଇ ପୂର୍ଣ୍ଣସିଦ୍ଧି ବା ଦିବ୍ୟ-ଜୀବନ ଲାଭ କରିପାରେ । ସେହି କାରଣରୁ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି : –

ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

ଅର୍ଥାତ୍ ''ସର୍ବ ଧର୍ମ ତ୍ୟାଗକରି, ସକଳ ପ୍ରକାର ବିଧି-ବିଧାନ ଓ ନିୟମ-ବ୍ରତ ବର୍ଜ୍ଜନ କରି ମୋ ଆଶ୍ରୟ ନେ । ମୁଁ ତୋତେ ସର୍ବ ପାପ, ସର୍ବ ଅମଙ୍ଗଳରୁ ମୁକ୍ତ କରିଦେବି ।''

ଶ୍ରୀରାମଚନ୍ଦ୍ର କହିଛନ୍ତି : –

ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ୟାଚତେ ।
ଅଭୟଂ ସର୍ବଭୂତେଭ୍ୟୋଃ ଦଦାମ୍ୟେତଦ୍ ବ୍ରତଂ ମମ ॥

ଅର୍ଥାତ୍ ''ଜୀବ ମୋ ଶରଣରେ ଆସିଲେ ମୁଁ ତାକୁ ସର୍ବଭୂତରୁ ଅଭୟ କରିଦିଏ, ଏହା ମୋର ବ୍ରତ ।''

*

ପ୍ରଶ୍ନ : ତମୋଗ୍ରସ୍ତର ଅର୍ଥ କ'ଣ ?

ଉତ୍ତର : ବସ୍ତୁକୁ ବିକୃତରୂପେ ବୁଝିବା; ସତ୍ୟର ବିପରୀତ ଆଚରଣ କରିବା ।

*

ପ୍ରଶ୍ନ : ତାମସିକ ନିଶ୍ଚେଷ୍ଟତା କ'ଣ ?

ଉତ୍ତର : ଆଳସ୍ୟ, ବିତୃଷ୍ଣା ଓ ଅପ୍ରବୃତ୍ତି ଇତ୍ୟାଦି ।

*

ଜନ୍ମ-ମୃତ୍ୟୁ ଆଦି ଅଶୁଦ୍ଧିରେ ମା'ଙ୍କ ଫଟୋପୂଜା

ପ୍ରଶ୍ନ : ଆମ୍ଭେମାନେ ଜନ୍ମ-ମୃତ୍ୟୁ ସମୟରେ ନିଜକୁ ଅପବିତ୍ର ମନେ କରୁ, ଶୁଭକର୍ମ କରୁ ନାହିଁ, ଏହା କୁଳପରମ୍ପରାରୁ ଚାଲି ଆସୁଅଛି । ଏହି ସମୟରେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ପୂଜା କରାଯିବ କି ନାହିଁ ? ଯାହାର କୋଡ଼ିଏ ଘର କୁଟୁମ୍ବ ଥିବେ ତା'ର ତ ଅଧିକାଂଶ ଦିନରେ ଜନ୍ମ-ମୃତ୍ୟୁର ଅଶୁଦ୍ଧି ଲାଗି ରହିଥିବ, ସେ ଆଉ ମା'ଙ୍କୁ ପୂଜା କରିବ କେବେ ?

ଉତ୍ତର : ସବୁ ଅବସ୍ଥାରେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ପୂଜା ହୋଇପାରେ, ଧ୍ୟାନ ଧାରଣା ମଧ୍ୟ ଚାଲେ । ଶୁଦ୍ଧି-ଅଶୁଦ୍ଧି ମାନିବା କର୍ମକାଣ୍ଡ ତଥା ସାମାଜିକ ନିୟମ । ଆଧ୍ୟାତ୍ମିକ ସାଧନାରେ ଏହାର କୌଣସି ସ୍ଥାନ ନାହିଁ । ଜନ୍ମ-ମୃତ୍ୟୁ ସମୟରେ ଅଥବା ଅନ୍ୟ କୌଣସି ଅବସ୍ଥାରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ପୂଜା କରାଯାଇପାରେ । ପୁଷ୍ପ, ଧୂପ ମଧ୍ୟ ଦେଇପାର । ଧ୍ୟାନ, ପ୍ରାର୍ଥନା, ସ୍ୱାଧ୍ୟାୟ କରିପାର । ଏସବୁ ସ୍ୱୟଂ ପବିତ୍ର । ଏହିସବୁ ଆଚରଣ କରିବା ଦ୍ୱାରା ମନୁଷ୍ୟ ନିଜେ ପବିତ୍ର ହୁଏ । ସୁତରାଂ ଅପବିତ୍ର ଅବସ୍ଥାରେ ଏହା କଦାପି ବନ୍ଦ କରିବା ଉଚିତ ନୁହେଁ ।

କିନ୍ତୁ ତୁମର ଯେଉଁ କୁଳପରମ୍ପରାଗତ ନିୟମ ଅଛି ତାହାସବୁ ପୂର୍ବପରି ପାଳନ କରିବ – ଯଥା : ହୋମ, ବ୍ରାହ୍ମଣ-ଭୋଜନ, ଦାନ-ଅନୁଷ୍ଠାନ, ଦେବ-ପୂଜା ଆଦି ବନ୍ଦ ରଖିପାର । ଅଧ୍ୟାତ୍ମ ସାଧନା କୌଣସି ସମୟରେ ବନ୍ଦ ରଖିବ ନାହିଁ, କିନ୍ତୁ ସଫାସୁତୁରା ରହିବା ଆବଶ୍ୟକ ।

*

ପ୍ରଶ୍ନ : ସ୍ତ୍ରୀମାନଙ୍କର ମାସିକ ଧର୍ମ ଅବସ୍ଥାରେ ମା'ଙ୍କ ଫଟୋ ପୂଜା ଏବଂ ଧ୍ୟାନପ୍ରାର୍ଥନା କରିବା ଉଚିତ କି ନୁହେଁ ?

ଉତ୍ତର : ମା'ଙ୍କ ଫଟୋ-ପୂଜା, ଧ୍ୟାନ, ପ୍ରାର୍ଥନା, ସବୁସମୟରେ କରିବା ଉଚିତ । ଲୁଗାପଟା ବଦଳାଇ ତଥା ହାତ-ମୁହଁ ପରିଷ୍କାର କରି ଧୋଇ ପୂଜାପାଠ କରିବେ ।

ତ୍ରିବିଧ କର୍ମ

ସୂଚନା

'ତ୍ରିବିଧ କର୍ମ' ପ୍ରଥମେ ଏକ କ୍ଷୁଦ୍ର ପୁସ୍ତିକା ଆକାରରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ତାହା ସଂଶୋଧିତ ହୋଇ ଏଥିରେ ସନ୍ନିବେଶିତ କରାଯାଉଅଛି ।

କର୍ମର ରହସ୍ୟ ଜାଣିବା କଷ୍ଟକର । ମନୁଷ୍ୟ କର୍ମ ବିନା ରହି ନ ପାରେ । ପୁଣି କର୍ମହିଁ ବନ୍ଧନ ଓ ଦୁଃଖର କାରଣ । ମାତ୍ର ଏହାହିଁ ପରମଆନନ୍ଦ ଦେଇପାରେ । ଏ ସମସ୍ତ ବିଷୟ ସରଳ ଭାବରେ ପୁସ୍ତକରେ ଆଲୋଚନା କରାଯାଇଅଛି । ସବୁ ଶ୍ରେଣୀର ପାଠକ ପାଠିକା ଏ ବହି ଦ୍ୱାରା ସହଜରେ ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଏ ।

— ପ୍ରକାଶକ

ତ୍ରିବିଧ-କର୍ମ

ପ୍ରଶ୍ନ : ତ୍ରିବିଧ-କର୍ମର ସ୍ୱରୂପ କ'ଣ ?

ଉତ୍ତର : ଭଗବତ୍ ଅର୍ପଣ ବିନା ଶୁଭ କର୍ମର ଫଳ ସୁଖ ଓ ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବା ସକାଶେ ମନୁଷ୍ୟକୁ ବାରଂବାର ଘୋର ଦୁଃଖରୂପ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରିବାକୁ ପଡ଼େ । ସେହି ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ, ଭଗବତ୍ ଅର୍ପିତ ଭାବରେ ସମ୍ପାଦିତ ହେଲେ କର୍ତ୍ତାକୁ ତାହାର ଫଳଭୋଗ କରିବାକୁ ପଡ଼େ ନାହିଁ କିନ୍ତୁ ସେଥିରେ କର୍ମର କର୍ତ୍ତା ବିଦ୍ୟମାନ ରହେ । ସେହି କର୍ମ ଭାଗବତୀ ଶକ୍ତିର ପ୍ରେରଣାରେ ହେଲେ ତାହା ଭାଗବତ କର୍ମ ହୁଏ । କର୍ମର କର୍ତ୍ତା ବ୍ୟକ୍ତି ନ ଥିବାରୁ ତା'ର ଫଳାଫଳ ଉତ୍ପନ୍ନ ହୁଏ ନାହିଁ ।

ଏହି ପୃଥିବୀ କର୍ମକ୍ଷେତ୍ର । କର୍ମ ଦ୍ୱାରାହିଁ ମନୁଷ୍ୟ ନିଜକୁ ଦେବତ୍ୱରେ ଓ ପୃଥିବୀକୁ ସ୍ୱର୍ଗରେ ପରିଣତ କରିବାକୁ ଜନ୍ମଗ୍ରହଣ କରିଛି । ଅଗ୍ନିରୁ ଦାହିକା ଶକ୍ତି ଯେପରି ଅଭିନ୍ନ, ସେହିପରି ମନୁଷ୍ୟଶରୀର ଆଉ କର୍ମ ପରସ୍ପର ଓତପ୍ରୋତ ଜଡ଼ିତ । ଯଦି କୌଣସି ପ୍ରକାରେ ମନୁଷ୍ୟ ମଧ୍ୟରୁ କର୍ମକୁ ପୃଥକ୍ କରି ଦିଆଯାଏ ତେବେ ମନୁଷ୍ୟର ପୂର୍ଣ୍ଣତ୍ୱ ରହେ ନାହିଁ । ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ସେ ହୁଏ ଗୋଟିଏ ଅଙ୍ଗହୀନ ଖଣ୍ଡିତ ପ୍ରତିମା ।

ମନୁଷ୍ୟର ବ୍ୟକ୍ତିତ୍ୱ ଅହଂ ଦ୍ୱାରା ନିର୍ମିତ ହୋଇଥିବାରୁ ତା' ମଧ୍ୟରେ କର୍ମ-ପ୍ରେରଣା ସ୍ୱାଭାବିକ । କର୍ମର ସାର୍ଥକତା ବି ଅଛି । ଭଗବାନ୍ ସ୍ୱୟଂ ନିଜ ସଂକଳ୍ପରେ (ଏକୋଽହଂ ବହୁ ସ୍ୟାମ୍) ଜଗତ ଆଉ ଜୀବରୂପେ ପ୍ରକଟ ହୋଇ ଅଛନ୍ତି । ଏହି ସକାଶେ ଜୀବ ପକ୍ଷରେ କର୍ମ ଅନିବାର୍ଯ୍ୟ । କିନ୍ତୁ ଜୀବ ମୋହଗ୍ରସ୍ତ ହୋଇ ମନ-ପ୍ରାଣ-ଅହଂଯୁକ୍ତ ଶରୀରକୁ ନିଜର ମାନିନେଇ, ଏହି ଜଗତକୁ ଦିବ୍ୟଲୋକରେ ତଥା ଏହି ଶରୀରକୁ ଦେବତ୍ୱରେ ପରିଣତ କରିବା କର୍ମରୂପ ଉଦ୍ଦେଶ୍ୟ ବି ଭୁଲି ଯାଉଛି ।

କର୍ମରୁ ସ୍ୱରୂପତଃ ନିବୃତ୍ତ ହେବାର କୌଣସି ଉପାୟ ନାହିଁ । ମନୁଷ୍ୟ କର୍ମରୁ ନିବୃତ୍ତ ହେବା ଉଦ୍ଦେଶ୍ୟରେ ବସି ରହିଲେ ତାହାର ସ୍ଥୂଳ-ଇନ୍ଦ୍ରିୟ ନେତ୍ର, ଶ୍ରବଣ, ହସ୍ତାଦିରେ ଦେଖିବା, ଶୁଣିବା, ପରିଚାଳିତ ହେବା ଏବଂ ସୂକ୍ଷ୍ମ ଇନ୍ଦ୍ରିୟ ମନ-ଚିତ୍ତ-ଅହଂ ଆଦିରେ ବିଚାର, ଭାବ ଇତ୍ୟାଦି ସୂକ୍ଷ୍ମକ୍ରିୟା ବରାବର ହେଉଥାଏ । ଏପରିକି ନିଦ୍ରାବସ୍ଥାରେ ମନୁଷ୍ୟ ଶ୍ୱାସ-ପ୍ରଶ୍ୱାସ, ହୃଦୟ-ଗତି, ପ୍ରାଣ-ଲୋକର ସ୍ୱପ୍ନ ଦେଖିବା – ଏହିସବୁ କ୍ରିୟା ବନ୍ଦ ହୁଏ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟର ଶ୍ୱାସ ଚାଲୁଛି, ଆତ୍ମା ଶରୀରକୁ ପରିତ୍ୟାଗ ନ କରିଛି ଅର୍ଥାତ୍ ମୃତ୍ୟୁ ନ ହୋଇଛି ସେପର୍ଯ୍ୟନ୍ତ ବିବଶ ହୋଇ କର୍ମ କରିବାକୁ ବାଧ୍ୟ ହୁଏ । ମନୁଷ୍ୟ ଏକକ୍ଷଣ କର୍ମ ଛଡ଼ା ରହିପାରେ ନାହିଁ । ଅତଏବ ''ଜୀବନହିଁ କର୍ମ'' କହିବା ଅତ୍ୟୁକ୍ତି ନୁହେଁ । ଯଦି କର୍ମ ଅନିବାର୍ଯ୍ୟ ଆଉ କର୍ମ ବନ୍ଧନର କାରଣ, ତେବେ କ'ଣ ମନୁଷ୍ୟର ଉଦ୍ଧାର ନାହିଁ ?

ମନୁଷ୍ୟର ଉଦ୍ଧାର ଅଛି ସେହି କର୍ମ ଦ୍ୱାରା । ଯେଉଁ କର୍ମ ବାନ୍ଧେ ସେହି କର୍ମ କୌଶଳରେ ସମ୍ପାଦିତ ହେଲେ ମନୁଷ୍ୟକୁ ମୁକ୍ତି-ମାର୍ଗରେ ନେଇଯାଏ, ଭଗବତ୍ ପ୍ରାପ୍ତି କରାଏ ଏବଂ ଭଗବତ୍ ସତ୍ତା ସହିତ ନିଜର ସତ୍ତାକୁ ଏକ କରାଇ ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଇ ପାରେ । କର୍ମରେ ଗୋଟିଏ ଦୋଷ ଅଛି, ସେ ସ୍ୱାବଲମ୍ବୀ ନୁହେଁ, ମନୁଷ୍ୟର ମନୋଭାବ ଉପରେ ନିର୍ଭର କରେ ।

କର୍ମରେ ଭ୍ରମ ଧାରଣା

ସାଧାରଣତଃ ଅବିକଶିତ ଚେତନା ଏବଂ ଅଶୁଦ୍ଧ ବୁଦ୍ଧିରେ ମନୁଷ୍ୟ ନିଜର ସ୍ୱାର୍ଥ-ସିଦ୍ଧି, କୁଟୁମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ ଉଦାର ହୃଦୟ ବ୍ୟକ୍ତି ଦେଶସେବା, ପ୍ରାଣୀମାନଙ୍କର ସେବା, ସଦାଚାର

ଆଦି ଶୁଭକର୍ମ କରେ । ବହୁତ ବ୍ୟକ୍ତି ନିଷ୍କାମ କର୍ମର ସ୍ୱରୂପ ନ ଜାଣି ଏହି ଶୁଭକର୍ମକୁହିଁ ନିଷ୍କାମ କର୍ମର ନାମ ଦିଅନ୍ତି । ଇଞ୍ଜିନିୟର, ମାଷ୍ଟର, ପ୍ରଫେସର, ଡକ୍‌ଟର, ଦେଶ-ସେବକ, ଦେଶନେତା ଏବଂ ଦେଶର ହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, ''ଆମ୍ଭମାନଙ୍କ କର୍ମ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ, ସେଥିରେ ଆମ୍ଭର କୌଣସି ସ୍ୱାର୍ଥ ନାହିଁ । ସ୍ୱାର୍ଥଛଡ଼ା କର୍ମ ନିଷ୍କାମ । ଆମ୍ଭେ ଯେ ବେତନ ପାଉ ତାହା ଉଦର ପୋଷଣ ସକାଶେ, ଉଦର ପୋଷଣ ପ୍ରତ୍ୟେକ ବ୍ୟକ୍ତିକୁ କରିବାକୁ ହୁଏ । ଏଥିରୁ ବଡ଼ ବଡ଼ ସଚ୍ଚ ମହାତ୍ମା ମଧ୍ୟ ବାଦ୍ ଯାଆନ୍ତି ନାହିଁ । ସେଥିପାଇଁ ଆମ୍ଭମାନଙ୍କ ବେତନ ନିଷ୍କାମତାର ବାଧକ ନୁହେଁ ।'' ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନଙ୍କ ବିଚାରରେ ତାଙ୍କ କାର୍ଯ୍ୟ ବିବାଦ-ଶୂନ୍ୟ ନିଷ୍କାମ । କାରଣ ସେମାନଙ୍କ କର୍ମରେ ସ୍ୱାର୍ଥପରତାର ଏକେବାରେ ଆଭାବ । ନିଷ୍କାମ କର୍ମ ବେତନ ଅଥବା ବିନା ବେତନ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ଭାବ ଓ କର୍ମ-ପ୍ରେରଣା ଉପରେ । ଝାଡୁ ଲଗାଇବା, ରୋଷେଇ କରିବା, ନିଜ ପିଲାଙ୍କୁ ପାଳନ ପୋଷଣ କରିବା, ଚାଷ ବ୍ୟାପାର, ଚାକିରି ଇତ୍ୟାଦି କର୍ମ ଯଦି ଭଗବତ୍ ଉଦ୍ଦେଶ୍ୟରେ କରାହୁଏ, ଭଗବାନଙ୍କୁ ଅର୍ପଣ କରାହୁଏ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ ସଂପାଦନ କରାହୁଏ, ତେବେ ସେହି ସାଧାରଣ କର୍ମ ନିଷ୍କାମ ହୁଏ, ଭଗବତ୍ ପ୍ରାପ୍ତି କରାଏ, (ଯନ୍ତ୍ରରେ ପରିଣତ କରାଏ) ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଏ, ଭଗବାନଙ୍କ ଯନ୍ତ୍ରରେ ପରିଣତ କରାଏ । ଭଗବତ୍ ଅର୍ପଣ ନ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ନ ହୋଇ ଯେଉଁ ଦେଶସେବା, ମନୁଷ୍ୟ ଜାତିର ସେବା, ଯଜ୍ଞ, ତପ, ଧ୍ୟାନ, ଜପାଦି ଉତ୍କୃଷ୍ଟ କର୍ମ କରାହୁଏ, ତାହା ସକାମ କର୍ମ ହୁଏ, ତାହାର ଫଳ ଭୋଗ କରିବା ସକାଶେ ବ୍ୟକ୍ତିକୁ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ପଡ଼ିବାକୁ ହୁଏ ।

କର୍ମର କୌଶଳ

ରାଜା ଅମ୍ବରୀଶ ଝାଡୁ ଲାଗାଇବା, ଚୌକା ଲଗାଇବା ଇତ୍ୟାଦି ସାଧାରଣ କର୍ମ କରି ଭଗବତ୍ ଅର୍ପଣ କରିବାରୁ ସେ ଭଗବତ୍ ପ୍ରାପ୍ତି କଲେ । ଅର୍ଜୁନ ଓ ହନୁମାନ୍ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୋଇ ଯୁଦ୍ଧରେ ଜୀବହତ୍ୟା, ଲଙ୍କା-ଦହନରେ ନୃଶଂସ ତୁଲ୍ୟ ପ୍ରାଣୀ ବିନାଶ କରି ଭଗବାନଙ୍କ ଯନ୍ତ୍ର ହେଲେ । ତ୍ରିଶଙ୍କୁ ଯଜ୍ଞ ଦାନ କରି ଅର୍ଦ୍ଧସ୍ୱର୍ଗରେ ଟାଙ୍ଗି ହୋଇ ରହିଲେ ।

ପୂର୍ବେ କୁହାଯାଇଛି କର୍ମ ସ୍ୱାବଲମ୍ବୀ ନୁହେଁ, ଭାବ ଏବଂ ପ୍ରେରଣା ଉପରେ ନିର୍ଭର କରେ । ମନୁଷ୍ୟର ବ୍ୟକ୍ତିତ୍ୱ ନିର୍ମାଣ ହୋଇଛି ଅହଂ-ଭାବରେ । ମନୁଷ୍ୟର ଅହଂ-ଭାବ 'ମୁଁ' 'ମୋର' – ଏହି ଭାବହିଁ ହେଲା ବ୍ୟକ୍ତିତ୍ୱ । କର୍ମର ପ୍ରେରଣା ମିଳେ ଅହଂବୋଧରୁ । ଅର୍ଥାତ୍ କର୍ମ କରିବା ବ୍ୟକ୍ତିର କର୍ମ ମୂଳରେ ଥାଏ ଅହଂବୋଧ ବା ''ମୁଁ କର୍ମ କରୁଅଛି'' ଭାବ । ସାଧାରଣ ମନୁଷ୍ୟ ଏହି ଅହଂବୋଧ ତ୍ୟାଗ କଲେ ସେ ତାମସିକତାରେ ଡୁବିଯିବ, ତାହାଦ୍ୱାରା କୌଣସି କର୍ମ ହେବ ନାହିଁ । ଯେପର୍ଯ୍ୟନ୍ତ ଅହଂବୋଧ ବିଦ୍ୟମାନ, ସେପର୍ଯ୍ୟନ୍ତ ଯେକୌଣସି ଉତ୍କୃଷ୍ଟ କାର୍ଯ୍ୟ କଦାପି ନିଷ୍କାମ ହୋଇପାରିବ ନାହିଁ ।

ଜ୍ଞାନ-କର୍ମ

କେତେକ ଜ୍ଞାନୀ ଜନ ''ଅହଂବୋଧ-କର୍ମ'' ବନ୍ଧନର ମୂଳ କାରଣ ଜାଣି ମନ-ପ୍ରାଣ-ଶରୀରରୁ ଅହଂର ସମ୍ବନ୍ଧ ବିଚ୍ଛେଦ କରି ଚେତନାକୁ ବ୍ରହ୍ମ ସଙ୍ଗେ ଏକତ୍ୱ କରିଦିଅନ୍ତି । ଶରୀରକୁ ମାୟା ବୋଲି ଜ୍ଞାନ କରି ବ୍ରହ୍ମରେ ସ୍ଥିତ ହୁଅନ୍ତି । ସେମାନଙ୍କ କର୍ମର ଆବଶ୍ୟକତା ରହେ କେବଳ ଶରୀର ଧାରଣାର୍ଥେ । ସେହି କର୍ମ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । କାରଣ କର୍ମ ହୁଏ ଶରୀରରେ, ସେମାନେ ଶରୀରରୁ ପୃଥକ୍ ହୋଇ ଥାଆନ୍ତି । ଏହି ଜ୍ଞାନୀ ପୁରୁଷମାନେ ମୁକ୍ତି ପ୍ରାପ୍ତ ହୁଅନ୍ତି । କିନ୍ତୁ ପୃଥବୀକୁ ଆସି ପୃଥିବୀରେ ଭାଗବତ ଜୀବନ ସ୍ଥାପନ ଏବଂ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରକଟ

କରିବା ନିମିତ୍ତ ଭଗବାନଙ୍କର ଯେଉଁ ସଂକଳ୍ପ ତାହା ଏମାନଙ୍କ ଦ୍ୱାରା ପୂର୍ଣ୍ଣ ହୁଏ ନାହିଁ । ସେମାନେ ଯେଉଁଠାରୁ ଆସିଥିଲେ ସେଠାକୁ ଫେରି ଯାଆନ୍ତି ।

କର୍ମରେ ପ୍ରବଞ୍ଚନା

କେତେକ ବ୍ୟକ୍ତି ଅହଂ-ପ୍ରେରଣାରେ କୌଣସି ଶୁଭ କର୍ମ କରି ଭାବନ୍ତି, ''ଆମ୍ଭେ ଆମ୍ଭ କର୍ମ ଭଗବାନଙ୍କୁ ଅର୍ପଣ କରୁଛୁ । କାରଣ ସଂସାର ଭଗବାନଙ୍କର, ଆମ୍ଭେ ଭଗବାନଙ୍କଠାରୁ ଆସିଛୁ, ଅତଏବ ଆମ୍ଭେ ମଧ୍ୟ ଭଗବାନଙ୍କର । ଆମ ଦ୍ୱାରା ଯେଉଁ କାର୍ଯ୍ୟ ହେଉଛି ତାହା ହେଉଛି ତାଙ୍କରି ଶକ୍ତିର ପ୍ରେରଣାରେ । ସେ ବିଶ୍ୱମୟ, ବିଶ୍ୱରୂପ । ତାଙ୍କ ଛଡ଼ା କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । ସେହି କର୍ମ, ସେହି କର୍ତ୍ତା, ସେହିଁ ଭୋକ୍ତା, ସେ ବିଶ୍ୱରେ ଓତପ୍ରୋତ । ସୁତରାଂ ଆମ୍ଭେ ଯଦି ଭଗବାନଙ୍କଠାରୁ ପୃଥକ୍ ନୋହୁଁ, ଆମ୍ଭର କର୍ମ ଆଉ ତା'ର ଫଳ ଉତ୍ପନ୍ନ ହେବ କିପରି, ଆଉ ତାକୁ ଭୋଗ କରିବ କିଏ ?

ଏପରି ଧାରଣା ଆତ୍ମ-ପ୍ରବଞ୍ଚନା, ନିଜକୁ ଠକିବା ଛଡ଼ା ଆଉ କିଛି ନୁହେଁ । କେବଳ ବାକ୍ୟରେ କହିଲେ ଚଳିବ ନାହିଁ, ଅନୁଭୂତିରେ ପ୍ରାପ୍ତ କରିବାକୁ ହେବ । ଏହାର ଲକ୍ଷ୍ୟ ସିଦ୍ଧି ହେବା ପୂର୍ବରୁ, ବହୁତ ଆରମ୍ଭରୁ ହେବ କେନ୍ଦ୍ରୀୟ ସଂକଳ୍ପ, ଏହି ଲକ୍ଷ୍ୟ ହେବ ଜୀବନର ପ୍ରଧାନ କାର୍ଯ୍ୟ । ଏହି ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ କ୍ରମଶଃ ନିଜ ମଧ୍ୟରେ ଶାନ୍ତି, ସନ୍ତୋଷ, ପ୍ରେମ, ଭକ୍ତି, ଜ୍ଞାନ, ସମର୍ପଣ ଭାବ ବୃଦ୍ଧି ହେଉଥିବ ଏବଂ ଏହାର ବିପରୀତ ଭାବ ହ୍ରାସ ହେଉଥିବ । ଏହାହିଁ ଆଧ୍ୟାତ୍ମିକ ସାଧନା । କିଛି ନ କରି କଥାରେ କହିଦେଲେ ହେବ ନାହିଁ । ଯେପରି ବ୍ୟକ୍ତି ରୋଷେଇ କରିବାର ବସ୍ତୁକୁ ଚୁଲା ଉପରେ ରଖି ଚୁଲାରେ କାଠ ରଖି ଅଗ୍ନି ସଂସ୍ପର୍ଶ ନ କରି ଭାବେ, ''କାଠ ଭିତରେ ଅଗ୍ନି ବିଦ୍ୟମାନ ଅଛି, କାଠରେ ଅଗ୍ନି ଲଗାଇବାର ଆବଶ୍ୟକତା କ'ଣ ?'' ଏହି ଭାବରେ ମନୁଷ୍ୟର ରୋଷେଇ ଯେପରି ବ୍ୟର୍ଥ ହୁଏ, ସେହିପରି ବ୍ୟକ୍ତି 'ସମସ୍ତ କର୍ମ ଭଗବାନଙ୍କର' — ଏହା କେବଳ କଥାରେ କହି ନିଜକୁ ଠକେ ।

ଭଗବତ୍ ଅର୍ପଣ ରୂପେ ନିଷ୍କାମ କର୍ମ

ଭକ୍ତମାନେ ମନ-ପ୍ରାଣ-ଶରୀରକୁ ଜ୍ଞାନୀଙ୍କ ପରି ମାୟା କହି ଏକେବାରେ ଉଡ଼ାଇ ଦିଅନ୍ତି ନାହିଁ । ସେମାନେ କର୍ମ-ବହୁଳତାରୁ ନିଜକୁ ଅପସାରିତ କରି ଭଗବାନଙ୍କ ସେବା-ପୂଜା ସକାଶେ ଯେତିକି କର୍ମ ଆବଶ୍ୟକ, ସେତିକି କରନ୍ତି । କର୍ମ ଭଗବତ୍ ଉଦ୍ଦେଶ୍ୟରେ ସମ୍ପାଦନ କରି ଭଗବାନଙ୍କୁ ସମର୍ପଣ କରିଦେବାରୁ ସେଥିରେ ଫଳ ଉତ୍ପନ୍ନ ହୁଏ ନାହିଁ । ସେମାନଙ୍କର ଅହଂ ବ୍ୟକ୍ତିତ୍ୱ — ମନ-ପ୍ରାଣ-ଶରୀର ବିଶିଷ୍ଟ ବ୍ୟକ୍ତି — ସ୍ଥାନରେ ଆସେ ଭଗବାନଙ୍କ ଦିବ୍ୟକର୍ମ ବା ଭଗବତ୍ ସେବକ ଭାବ । ଏହା ନିଜ ଭିତରେ ଥିବା ଅବିକୃତ ଶୁଦ୍ଧ ଆତ୍ମାର ଭାବ । ଏହି ଅବସ୍ଥାରେ ବ୍ୟକ୍ତିକୁ ସମ୍ବୋଧନ କଲେ ସେ ଏହି ଶରୀର ବିଶିଷ୍ଟ ନାମ-ରୂପଧାରୀ ବ୍ୟକ୍ତି ମନେ କରେ ନାହିଁ, ମନେ କରେ ସେ ଭଗବାନଙ୍କ ଅଂଶ ପ୍ରତିଭୂ ବା ଭଗବାନଙ୍କ ଶାଶ୍ୱତ ସେବକ । ଏମାନେ କର୍ମ ବନ୍ଧନରୁ ମୁକ୍ତ ହୁଅନ୍ତି । କାରଣ କର୍ମ ସମ୍ପନ୍ନ ହେଉଥିବା ମନ-ପ୍ରାଣ-ଶରୀରରୁ ସମ୍ବନ୍ଧ ବିଚ୍ଛେଦ କରି ସାରିଥା'ନ୍ତି । ଅତଏବ ସେମାନେ ମନ-ପ୍ରାଣ-ଶରୀରକୁ ଅଶୁଦ୍ଧ ଅପରିବର୍ତ୍ତିତ ଅବସ୍ଥାରେ ତ୍ୟାଗ କରି ମୃତ୍ୟୁ ପରେ ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବତ୍ ସେବା ପ୍ରାପ୍ତ ହୁଅନ୍ତି; ସେମାନଙ୍କର ଏହି ପୃଥିବୀକୁ ଆସିବା ସାର୍ଥକ ହୁଏ ନାହିଁ । ଏହି ପୃଥିବୀରେ ଏବଂ ମନ-ପ୍ରାଣ-ଶରୀରରେ ନିଜକୁ ପ୍ରଘଟ କରିବା ଭଗବାନଙ୍କର ଯେଉଁ ଉଦ୍ଦେଶ୍ୟ ତାହା ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ପୃଥିବୀରେ ଶରୀର ଧାରଣ କରିଥିବା ଅବସ୍ଥାରେ ଭଗବାନଙ୍କ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିବା ଏମାନଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବାରେ । ଏହି ଉଦ୍ଦେଶ୍ୟରେହିଁ ଭଗବାନଙ୍କ ସୃଷ୍ଟି ଓ ଏହାହିଁ ଭଗବାନଙ୍କ ସଂକଳ୍ପ ।

ତ୍ରିବିଧ କର୍ମର ସ୍ୱରୂପ

ପ୍ରଶ୍ନ : ଶାସ୍ତ୍ରରେ କର୍ମକୁ ଜନ୍ମ-ମରଣ ଓ ବନ୍ଧନର କାରଣ ବୋଲି କୁହା ହୋଇଛି । କୌଣସି ବ୍ୟକ୍ତି ପକ୍ଷେ କର୍ମ-ନିବୃତ୍ତ ସମ୍ଭବ ନୁହେଁ । ମୁନି, ଋଷି, ସାଧୁ, ସନ୍ଥ ବି କର୍ମରୁ ମୁକ୍ତ ହୁଅନ୍ତି ନାହିଁ । ସେମାନେ କିପରି କର୍ମ କରି ଜନ୍ମ-ମରଣ ବନ୍ଧନରୁ ମୁକ୍ତ ହେଉଅଛନ୍ତି, ଅନ୍ୟମାନେ କାହିଁକି କର୍ମବନ୍ଧନରେ ପଡ଼ି ଜନ୍ମମରଣ-ଚକ୍ରରେ ଭ୍ରମୁ ଅଛନ୍ତି ?

ଉତ୍ତର : ମୁନି, ଋଷି, ସାଧୁ, ସନ୍ଥମାନେ ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ କରି ଭଗବାନଙ୍କୁ ସମର୍ପଣ କରନ୍ତି, ଅଥବା ଭଗବାନଙ୍କୁ ସମସ୍ତ ସତ୍ତା ସମର୍ପଣ କରି ଭାଗବତୀ ଶକ୍ତିର ପରିଚାଳନାରେ କର୍ମ କରନ୍ତି କିଂବା ମନ-ପ୍ରାଣ-ଶରୀର ସମ୍ବନ୍ଧ ତ୍ୟାଗ କରି ଆତ୍ମସ୍ଥ ହୋଇ କର୍ମ କରନ୍ତି । ଏହି ରୂପେ କର୍ମ କଲେ ତା'ର ଫଳ ଉତ୍ପନ୍ନ ହୁଏ ନାହିଁ । କର୍ମଫଳ ଅଭାବରୁ ସେମାନଙ୍କୁ ଫଳଭୋଗ କରିବା ସକାଶେ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ହୁଏ ନାହିଁ । ସାଧାରଣ ବ୍ୟକ୍ତି କର୍ମର କର୍ତ୍ତା ନିଜେ ହୋଇ ଫଳ ଆଶାରେ କର୍ମ କରନ୍ତି । ସେହି ସକାଶେ ଫଳଭୋଗ କରିବା ପାଇଁ କର୍ମ ବନ୍ଧନରେ ପଡ଼ନ୍ତି । କର୍ମର ବାହ୍ୟରୂପ ଏକଇ ପ୍ରକାର ଥାଏ, କିନ୍ତୁ ଭିନ୍ନ ମନୋଭାବରେ କର୍ମ ସମ୍ପାଦନ ହେବା ଯୋଗୁଁ ତାହା ତ୍ରିବିଧ-କର୍ମରେ ପରିଣତ ହୁଏ ଏବଂ ସେଇ ଏକଇ ପ୍ରକାର କର୍ମ ଦ୍ୱାରା ବ୍ୟକ୍ତିର ଭାବ ଅନୁସାରେ ମୋକ୍ଷ, ନିର୍ବାଣ ପାଏ କିଂବା ଜନ୍ମ-ମରଣ ଚକ୍ରରେ ଭ୍ରମଣ କରେ ।

ପ୍ରଶ୍ନ : ତିବ୍ରିଧ କର୍ମର ସ୍ୱରୂପ ତଥା ଭିନ୍ନ ଭିନ୍ନ ମନୋଭାବ ଦ୍ୱାରା ସମ୍ପାଦିତ କର୍ମର ପରିଣାମ କ'ଣ ହୁଏ ସ୍ପଷ୍ଟଭାବେ କୁହନ୍ତୁ ।

ଉତ୍ତର : ଉତ୍ତମ କର୍ମ, ଭଗବତ୍ ସମର୍ପିତ କର୍ମ ବା ନିଷ୍କାମ କର୍ମ ଏବଂ ଭାଗବତ କର୍ମ – ଏହି ତିନିପ୍ରକାର କର୍ମକୁ ଶାସ୍ତ୍ର ତ୍ରିବିଧ-କର୍ମ ନାମରେ ଘୋଷଣା କରିଅଛି । ଏହାଛଡ଼ା ଆଉ ଏକ କର୍ମ ହେଉଛି ନିଷିଦ୍ଧ କର୍ମ ବା ପାପକର୍ମ । ନିଜର, ପରିବାରର, ଦେଶର ତଥା ମନୁଷ୍ୟ ଜାତିର ହିତ ସକାଶେ; ପୁତ୍ର, କନ୍ୟା, ପିତା, ମାତା, ବନ୍ଧୁମାନଙ୍କ ହିତ ସକାଶେ; କୃଷି, ବାଣିଜ୍ୟ, ଦେଶସେବା, ଔଷଧାଳୟ, ଅନ୍ନବସ୍ତ୍ରଦାନ, ଦରିଦ୍ରସେବା, ସନ୍ଧ୍ୟାବନ୍ଦନ, ଦେବ-ପିତୃ-ପୂଜନ, ଧର୍ମ ସେବାଦି ଉଦ୍ଦେଶ୍ୟରେ କର୍ମ ହେଲା ଉତ୍ତମ କର୍ମ । ଏହି କର୍ମ ଭଗବତ୍ ଉଦ୍ଦେଶ୍ୟରେ ଭଗବତ୍ ସେବା ରୂପେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପଣ କରାହେଉ ନ ଥିବାରୁ ଏହି କର୍ମ-ଫଳ ଭୋଗ କରିବା ସକାଶେ ବ୍ୟକ୍ତିକୁ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ହେଉଥାଏ । ଏହାର ନାମ ସାଧାରଣ କର୍ମ ।

ଏହି କର୍ମ ଭଗବାନଙ୍କ ଉଦ୍ଦେଶ୍ୟରେ ଭଗବତ୍ ସେବା ଭାବରେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପିତ ହେଲେ ଏହା ହୁଏ ଭଗବତ୍ ଅର୍ପିତ କର୍ମ ବା ନିଷ୍କାମ କର୍ମ । ଏହା ଭଗବାନଙ୍କୁ ସମର୍ପଣ କରା ହେବାରୁ ବ୍ୟକ୍ତିର ମନ-ପ୍ରାଣ ଶୁଦ୍ଧ ହୁଏ ତଥା ଏହାର ଫଳ ଉତ୍ପନ୍ନ ହୁଏ ନାହିଁ । କର୍ମର ଫଳ ଉତ୍ପନ୍ନ ନ ହେବାରୁ ବ୍ୟକ୍ତି ତାହା ଭୋଗ କରିବା ସକାଶେ ଜନ୍ମ-ମରଣ ଗ୍ରହଣ କରେ ନାହିଁ । ସେ ଭଗବତ୍ ପ୍ରାପ୍ତି ବା ମୁକ୍ତି ପ୍ରାପ୍ତ ହୁଏ ।

ଏହାପରେ ଆସେ ଭଗବତ୍ କର୍ମ । ବ୍ୟକ୍ତି ମନ ଏବଂ ପ୍ରାଣ ଦ୍ୱାରା ପରିଚାଳିତ ହୁଏ ନାହିଁ । ତାହାସବୁ ଭଗବାନଙ୍କଠାରେ ସମର୍ପିତ ହେଲେ ବ୍ୟକ୍ତିର ମନ-ପ୍ରାଣ ତଥା ସମସ୍ତ ସତ୍ତା ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର ପ୍ରେରଣାରେ ବ୍ୟକ୍ତି ଦ୍ୱାରା କର୍ମ ସମ୍ପାଦନ ହେବାରୁ କର୍ମର କର୍ତ୍ତା ବ୍ୟକ୍ତି ହୁଏ ନାହିଁ; ହୁଅନ୍ତି ଭଗବାନ୍ । ବ୍ୟକ୍ତି ହୁଏ ଭଗବାନଙ୍କର ଯନ୍ତ୍ର । ବ୍ୟକ୍ତି କର୍ତ୍ତାରୂପେ କର୍ମ ନ କରିବାରୁ ତା'ର ଫଳ ଉତ୍ପନ୍ନ ହେବାର ପ୍ରଶ୍ନ ଉଠେ ନାହିଁ । ଏହି କର୍ମ ହୁଏ ଭାଗବତ କର୍ମ । ଏହି ଭାଗବତ କର୍ମ ପୂର୍ଣ୍ଣରୂପେ ସମ୍ପାଦିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ତଥା ଭଗବାନଙ୍କଠାରେ ସମର୍ପିତ ହେବାରେ ।

ଏହାଛଡ଼ା ଆତ୍ମସ୍ଥ କର୍ମ – ବ୍ୟକ୍ତି ଜ୍ଞାନମାର୍ଗ ସାଧନାରେ ଆତ୍ମସ୍ଥ ହେଲେ ମନ-ପ୍ରାଣ-ଶରୀର ଏବଂ ସଂସାର ମିଥ୍ୟା, ମାୟା ଏବଂ ଆତ୍ମା ସତ୍ୟ ବୋଲି ଅନୁଭୂତି ଲାଭ କରେ । ମିଥ୍ୟା, ମନ-ପ୍ରାଣ-ଶରୀର ଦ୍ୱାରା ମିଥ୍ୟା କର୍ମ ଆତ୍ମାକୁ ସ୍ପର୍ଶ କରିପାରେ ନାହିଁ । ମନ-ପ୍ରାଣ-ଶରୀରରୁ ଆତ୍ମା ପୃଥକ୍ ଓ ନିର୍ଲିପ୍ତ ଥିବାରୁ ତା'ର ଫଳଭୋଗ କରିବାକୁ ହୁଏ ନାହିଁ । ଏହି ଆତ୍ମସ୍ଥ କର୍ମ ଏବଂ ଭାଗବତ କର୍ମର ପ୍ରଣାଳୀ ତଥା ପରିଣାମ ପୂର୍ଣ୍ଣରୂପେ ଭିନ୍ନ ହେବା ସତ୍ତ୍ୱେ ଏହି ଉଭୟ କର୍ମର ଫଳ ଭୋଗ କରିବାକୁ ହେଉ ନ ଥିବାରୁ ଏହାକୁ ଭାଗବତ କର୍ମ ସାଥିରେ ରଖାଯାଇପାରେ । ଶୁଭ ବା ସାଧାରଣ କର୍ମ, ଭଗବତ୍ ସମର୍ପିତ ବା ନିଷ୍କାମ କର୍ମ ଏବଂ ଭାଗବତ କର୍ମ – ଏହି ତିନି ପ୍ରକାର କର୍ମକୁ ତ୍ରିବିଧ କର୍ମ କୁହାଯାଏ ।

ପ୍ରଶ୍ନ : କାମନା ବିନା କର୍ମ ସମ୍ପାଦନ ହୁଏ ନାହିଁ । କାମନା ଜନ୍ମମରଣର କାରଣ । ଭାଗବତ କର୍ମରେ କର୍ମର କର୍ତ୍ତ୍ରୀ ଭାଗବତୀ ଶକ୍ତି ଥାଏ, ସେନେଇ ସେ କର୍ମ କାମନା ବିନା ହୁଏ । ଆତ୍ମସ୍ଥ କର୍ମରେ ବ୍ୟକ୍ତି ମନ-ପ୍ରାଣ-ଶରୀରକୁ ପୃଥକ୍ ହୋଇ ଆତ୍ମସ୍ଥ ହୁଏ, ଶରୀର-କର୍ମରେ ତା'ର ସମ୍ବନ୍ଧ ନ ଥାଏ, ସେନେଇ କର୍ମରେ କାମନା ଆବଶ୍ୟକ ନ ଥାଏ । ପରିବାର, ଦେଶ, ଜାତି, ଅନ୍ୟର ହିତ ଇତ୍ୟାଦି ଉତ୍ତମ କର୍ମରେ ଯେପରି ବାସନା ଥାଏ, ସେହିପରି ଭାଗବତ ଉଦ୍ଦେଶ୍ୟରେ କୃତ କର୍ମରେ ବାସନା ଥାଏ; ଅର୍ଥାତ୍ ''ଭଗବତ୍ ଉଦ୍ଦେଶ୍ୟରେ'' ଏହି ଭାବହିଁ ବାସନା । ଏହି ଉଭୟ କର୍ମରେ ବାସନା ଥିବା ସତ୍ତ୍ୱେ ଉତ୍ତମ କର୍ମରେ ବ୍ୟକ୍ତି ବନ୍ଧନରେ ପଡ଼େ କାହିଁକି ? ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତି କାହିଁକି କର୍ମ ବନ୍ଧନରୁ ମୁକ୍ତ ହୁଏ ? ସ୍ପଷ୍ଟ ଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ଭଗବାନ୍ ଆପ୍ତକାମ । ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତିର ସମସ୍ତ କାମନା ସମାପ୍ତ ହୋଇଥାଏ, ଥାଏ ଗୋଟିଏ କାମନା ଭାଗବତ ସମର୍ପିତ ଭାବ । ଭଗବତ୍-ପ୍ରାପ୍ତିରେ ତାହା ବି ସମାପ୍ତ ହୁଏ; ଆଉ କୌଣସି ପ୍ରକାର ଅଭାବ ବା କାମନା ରହେ ନାହିଁ । ବ୍ୟକ୍ତି ଭଗବାନଙ୍କ ଯନ୍ତ୍ର ହୋଇ ଭାଗବତ କର୍ମ ମୁକ୍ତ ଅବସ୍ଥାରେ କରେ । ଏହାଛଡ଼ା ଯେତେ ମହାନ୍ ଉତ୍ତମ କର୍ମ କରାହୁଏ, ଗୋଟିକ ପରେ ଗୋଟିଏ, ନୂତନ ନୂତନ କାମନା ଉତ୍ପନ୍ନ ହୁଏ ।

ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତିର କାମନା ନିବୃତ୍ତି ହେବାରୁ ସେ ଜନ୍ମ-ମରଣରୁ ମୁକ୍ତ ହୁଏ; କିନ୍ତୁ ଉତ୍ତମ କର୍ମରେ କାମନା ରହିଥିବାରୁ ବ୍ୟକ୍ତି ଜନ୍ମ-ମରଣ ଚକ୍ରରେ ଭ୍ରମଣ କରେ ।

କର୍ମର ତଥା ଜୀବନର ସାର୍ଥକତା ଏବଂ ପୂର୍ଣ୍ଣତା, ଭଗବାନଙ୍କ ସଂକଳ୍ପ, ସୃଷ୍ଟିର ଉଦ୍ଦେଶ୍ୟ ଆଦି ସିଦ୍ଧ ହୁଏ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶ ହେବାରେ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗସିଦ୍ଧି କରିବାରେ । ଅତଏବ ପ୍ରତ୍ୟେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଉଚିତ ।

ଅତିମାନସ ଓ ଦିବ୍ୟକର୍ମ

ସୂଚନା

ଏହି ପୁସ୍ତକ ପୂର୍ଣ୍ଣଯୋଗର ସାଧନା ଦିଗରୁ ଅତି ଉପାଦେୟ ଓ ଅତି ଆବଶ୍ୟକ । ଏଥିରେ ଆଶ୍ରମରେ କିପରି ଭାଗବତ କର୍ମ କରାଯାଉଛି ଏବଂ ପୂର୍ଣ୍ଣାଙ୍ଗ ଭାଗବତ ଜୀବନରେ ଦିବ୍ୟକର୍ମ କିପରି କରାଯାଇ ପାରେ ସେସମ୍ବନ୍ଧରେ ଅତି ଖିନ୍ନଭିନ୍ନ ବର୍ଣ୍ଣନା ରହିଛି । ରୂପାନ୍ତର ଯୋଗରେ କର୍ମ ଅନିବାର୍ଯ୍ୟ, ସେଥିପାଇଁ ପ୍ରତ୍ୟେକ କର୍ମର ମୂଳ ରହସ୍ୟ ଓ ମୂଲ୍ୟ ଉପଲବ୍ଧି କରିବା ଏକାନ୍ତ ଆବଶ୍ୟକ । ଆଶାକରୁ ପାଠଚକ୍ରର ସାଧକ-ସାଧିକାମାନେ ଏହି ପୁସ୍ତକ ପାଠ କରି ବିଶେଷ ଉପକୃତ ହେବେ ।

– ପ୍ରକାଶକ

(୧)

ଭଗବାନଙ୍କ ଯନ୍ତ୍ର ହେବାର ଉପାୟ

ଭଗବାନଙ୍କ ଯନ୍ତ୍ର ହେବାର ଉପାୟ ବା ସାଧନା, ଭଗବାନଙ୍କ ସଂକଳ୍ପ ଅନୁସାରେ କର୍ମ; ସଂସାର ସର୍ଜନା ହୋଇଛି ଭଗବାନଙ୍କ ସଂକଳ୍ପରେ; ପରିଚାଳିତ ତଥା ବିକଶିତ ହେଉଛି ତାଙ୍କରି ସଂକଳ୍ପ ଦ୍ୱାରା । ଭଗବାନଙ୍କ ସଂକଳ୍ପରେ ଏହି ମୃତ୍ୟୁପୁରୀ ପୃଥିବୀରେ, ମୃତ୍ୟୁ-ରୋଗ-ବୃଦ୍ଧତ୍ୱରୁ ମୁକ୍ତ ବିଜ୍ଞାନ-ଆନନ୍ଦଯୁକ୍ତ ଅତି-ମାନବ ଜାତି ସ୍ଥାପନ ତଥା ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ସମୟ ଆସିଛି । ଏହି କାର୍ଯ୍ୟ ସଂପନ୍ନ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି । ଆମ୍ଭେମାନେ ନିଜକୁ ତାଙ୍କ ଚରଣରେ ସମର୍ପଣ କରି, ନିଜ ଅହଂ ସ୍ୱାର୍ଥକୁ ତ୍ୟାଗ କରି ତାଙ୍କ ସେବାରୂପେ ଏହି କର୍ମରେ ଅଂଶ ଗ୍ରହଣ କଲେ ତାଙ୍କର ଯନ୍ତ୍ର ହୋଇପାରିବା ଏବଂ ଆମ୍ଭମାନଙ୍କ ଜୀବନର ଯେଉଁ ମହାନ୍ ଓ ଦୁରୂହ ଲକ୍ଷ୍ୟ, ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି ଯାହାକି ଆଜି ପର୍ଯ୍ୟନ୍ତ ସଂଘଟିତ ହୋଇ ନାହିଁ ତାହା ସହଜରେ ଉପଲବ୍ଧି କରିପାରିବା । ଏହା ଆମ୍ଭମାନଙ୍କ ପକ୍ଷେ ପରମ ସୁଯୋଗ ଓ ପରମ ସୌଭାଗ୍ୟର ବିଷୟ ।

ଆମ୍ଭମାନଙ୍କ ମଧ୍ୟରେ ଅହଂ ସ୍ୱାର୍ଥ ବିଦ୍ୟମାନ ଥିବା ସତ୍ତ୍ୱେ ଆମ୍ଭେମାନେ ମନ ନିର୍ମିତ ନୈତିକ ନିୟମ ଶୃଙ୍ଖଳାରେ ପରିଚାଳିତ ହେଉଅଛୁ । ଏହାହିଁ ଯୁଗର ଧର୍ମ । ଏହି ଯୁଗ ଶେଷ ଅବସ୍ଥାରେ । ନୂତନ ଯୁଗ ପ୍ରତିଷ୍ଠା କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଦିବ୍ୟ ରୂପାନ୍ତରକାରିଣୀ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ପ୍ରତିଷ୍ଠା କରିଛନ୍ତି ଏବଂ ଶ୍ରୀମା ଏହି କାର୍ଯ୍ୟ କରୁଛନ୍ତି । ଅତିମାନସ ବିଜ୍ଞାନ ଶକ୍ତି ଦ୍ୱାରା ରୂପାନ୍ତରିତ ଏହି ନୂତନ ଯୁଗର ପ୍ରଣାଳୀ ହେବ ପୁରାତନ ଯୁଗଠାରୁ ସଂପୂର୍ଣ୍ଣ ଭିନ୍ନ । ବ୍ୟକ୍ତି ମନ ନିର୍ମିତ ନୈତିକ ବିଧାନରେ ପରିଚାଳିତ ହେବ ନାହିଁ, ହେବ ଅନ୍ତରସ୍ଥ ଆତ୍ମା ତଥା ଭାଗବତୀ ଅତିମାନସ ଶକ୍ତି ଦ୍ୱାରା । ତା' ଅନ୍ତରର ଅହଂ, ସ୍ୱାର୍ଥ ରୂପାନ୍ତରିତ ହେବ ସମତା, ଶାନ୍ତି, ସମନ୍ୱୟ, ଆତ୍ମ-ଧର୍ମରେ । ସଂସାରର ରାଜନୈତିକ ଆଇନ-ବିଧାନର ଭିତ୍ତି ହେବ ଅଧ୍ୟାତ୍ମ – ଅତିମାନସ ସତ୍ୟ, ପୃଥିବୀ ହେବ ସ୍ୱର୍ଗରେ ପରିଣତ ।

ବର୍ତ୍ତମାନ ପୁରାତନ ଯୁଗର ଶେଷ ଓ ନୂତନ ଯୁଗ ପ୍ରତିଷ୍ଠାର ସନ୍ଧିକ୍ଷଣ । ପୁରାତନ ଯୁଗର ନୈତିକତା ଭାଙ୍ଗି ଯାଇଛି; ନୂତନ-ଯୁଗର ଅତିମାନସ ସତ୍ୟ ପ୍ରତିଷ୍ଠା ହୋଇ ନାହିଁ । ଆମ୍ଭେମାନେ ଏହି ଉଭୟ ଯୁଗର ମଧ୍ୟବର୍ତ୍ତୀ ସ୍ତରରେ ବିଦ୍ୟମାନ । ଯଦିଓ ନୂତନ ଅତିମାନସ ଯୁଗର ଧର୍ମ, କର୍ମ ପ୍ରଣାଳୀ ପୁରାତନ ଯୁଗର ଧର୍ମ ଓ କର୍ମ ପ୍ରଣାଳୀଠାରୁ ସଂପୂର୍ଣ୍ଣ ଭିନ୍ନ ହେବ ବୋଲି ଜାଣୁଛୁ ଏବଂ ନୂତନ ଅତିମାନସ ସତ୍ୟକୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରିଛୁ,– ତଥାପି ଏହି ବିଷୟ ଉତ୍ତମ-ରୂପେ ହୃଦୟଙ୍ଗମ କରି ନ ଥିବାରୁ ପୂର୍ବ ଅଭ୍ୟାସ ତଥା ସଂସ୍କାର ବଶତଃ ନୂତନ ଅତିମାନସ ଭାଗବତ କର୍ମକୁ ପୁରାତନ କର୍ମ ପଦ୍ଧତିରେ ଆଚରଣ କରିବାକୁ ଚାହୁଁଛୁ । ନୂତନ ଯୁଗର ସତ୍ୟ ଉପଲବ୍ଧି କରିବାକୁ ହେଲେ ପୁରାତନ କର୍ମ ପଦ୍ଧତି ବା କର୍ମଧାରାକୁ ସଂପୂର୍ଣ୍ଣରୂପେ ପରିତ୍ୟାଗ କରିବାକୁ ହେବ ଏବଂ ନୂତନ ଯୁଗର ଭାବୀ କର୍ମଧାରାର ଆରମ୍ଭିକ ଭିତ୍ତିରୂପେ, ମା'ଙ୍କ ନିର୍ଦ୍ଦେଶରେ ଆଶ୍ରମରେ ଆଚରିତ ହେଉଥିବା କର୍ମର ଆଦର୍ଶକୁ ଗ୍ରହଣ କରିବାକୁ ହେବ ।

ଆମ୍ଭେମାନେ ଆଶ୍ରମ ଆଦର୍ଶରେ ଯେଉଁ କର୍ମ ଗ୍ରହଣ କରିବୁ – ତାହାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ହେଲା ବ୍ୟକ୍ତି ଯେଉଁ କର୍ମ ନିଜ ସକାଶେ, ପରିବାର ଓ ଦେଶ ସକାଶେ କରୁଛି, ସେହି କର୍ମକୁ ଭଗବାନଙ୍କ ସେବା ମନୋଭାବରେ କରି ଭଗବାନଙ୍କୁ ସମର୍ପଣ କରିବା । ଅନ୍ୟଟି ହେଲା ସଂସାରରେ ଅତିମାନସ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା ଯେଉଁ କର୍ମ କରୁଅଛନ୍ତି ସେଥିରେ ଅଂଶ ଗ୍ରହଣ କରିବା । ଏହି ଦୁଇ ପ୍ରକାର କର୍ମ ମଧ୍ୟରୁ ବ୍ୟକ୍ତି ନିଜ ସ୍ୱଭାବାନୁସାରେ ଗୋଟିଏ ପ୍ରକାର କର୍ମ କରିପାରେ ଅଥବା ଉଭୟ ପ୍ରକାର କର୍ମ କରିପାରେ ।

ବର୍ତ୍ତମାନ ଆତ୍ମମାନଙ୍କ ସକାଶେ ଗୋଟିଏ ମହାନ୍ ସୁଯୋଗ ଉପସ୍ଥିତ । ମା ଏହି ପୃଥିବୀରେ ଅତିମାନସ ସତ୍ୟ ଉତାରି ଆଣି ଆତ୍ମମାନଙ୍କୁ ଲକ୍ଷ୍ୟରେ ପହୁଞ୍ଚାଇଦେବା ସକାଶେ ସ୍ୱୟଂ ସାଧନା କରୁଅଛନ୍ତି । ଛୋଟ ଶିଶୁକୁ ଅଙ୍ଗୁଳି ଧରି ଚଳାଇବା ସଦୃଶ, ମା ଆତ୍ମମାନଙ୍କୁ ସାହାଯ୍ୟ କରି ସାଧନା ମାର୍ଗରେ ଲକ୍ଷ୍ୟ ଦିଗରେ ଅଗ୍ରସର କରାଉଅଛନ୍ତି । ଆତ୍ମେମାନେ ତାଙ୍କରି ଉପରେ ବିଶ୍ୱାସ ରଖି, ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ଏବଂ ତାଙ୍କରି ଆଦର୍ଶରେ କର୍ମ କଲେ ସହଜରେ ଲକ୍ଷ୍ୟପ୍ରାପ୍ତି କରିପାରିବା ।

ଯେବେ ଯେବେ ସଂସାରରେ ନୂତନ ଚେତନା ପ୍ରତିଷ୍ଠିତ ହେବାର ସମୟ ହୁଏ ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତାର ନେଇ କର୍ମ ଆଚରଣ କରନ୍ତି । ସେହି ଆଚରଣ ହୁଏ ମନୁଷ୍ୟର ଆଦର୍ଶ । ତାହାକୁ ଗ୍ରହଣ କରିବା ବ୍ୟକ୍ତି ହୁଅନ୍ତି ଭଗବାନଙ୍କ ଯନ୍ତ୍ର । ସେମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ହୁଏ ନୂତନ ଚେତନା ଏବଂ ସେମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହୁଏ ଭଗବାନଙ୍କ ସଂକଳ୍ପ । ସେମାନେ ହୁଅନ୍ତି ନୂତନ ସତ୍ୟର ଅଗ୍ରଦୂତ ।

ଏହି ଆଦର୍ଶ ପୃଥିବୀରେ ସ୍ଥାପନ କରିବା ସକାଶେ ମା ମନୁଷ୍ୟଜାତିର ପ୍ରତିନିଧି ହୋଇ ସ୍ୱୟଂ ସାଧନା କରୁଛନ୍ତି ଏବଂ ଆଶ୍ରମ ନିର୍ମାଣ କରି ସାଧକମାନଙ୍କର ସମସ୍ତ ଭାର ବହନ କରିଛନ୍ତି; ଆଉ ମଧ୍ୟ ଆଶ୍ରମ ବାହାରେ ଥାଇ ଏହି ଆଦର୍ଶକୁ ଗ୍ରହଣ କରିଥିବା ସାଧକ, ଭକ୍ତ ତଥା ସାହାଯ୍ୟପ୍ରାର୍ଥୀ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଛନ୍ତି । ଯେଉଁମାନେ ଏହି ଆଦର୍ଶକୁ ଗ୍ରହଣ କରିବେ, ସେମାନଙ୍କ ମନ-ପ୍ରାଣ-ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେମାନେ ମୃତ୍ୟୁ, ଜରା, ରୋଗ, ଦୁଃଖକଷ୍ଟ, ଅଜ୍ଞାନ-ଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣତଃ ମୁକ୍ତ ହେବେ । ସେମାନଙ୍କ ରୂପାନ୍ତରିତ ମନ-ପ୍ରାଣ-ଶରୀର ଏକତ୍ୱ ଲାଭ କରିବ ଭଗବାନଙ୍କ ସହିତ । ଭଗବାନଙ୍କ ସଂକଳ୍ପ କାର୍ଯ୍ୟ କରିବ ସେମାନଙ୍କ ମଧ୍ୟରେ । ସେହିମାନେ ପରିଚାଳିତ ହେବେ ଭାଗବତ ଶକ୍ତି ଦ୍ୱାରା । ଏହାଫଳରେ ସଂସାରରୁ ସମସ୍ତ ପ୍ରକାର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ହିଂସା, ଅସତ୍ୟ, ଅନ୍ୟାୟ, ମିଥ୍ୟାଚାରର ବିଲୋପ ହେବ । ପୃଥିବୀ ସ୍ୱର୍ଗରେ ପରିଣତ ହେବ ।

ନୂତନ ଯୁଗ କର୍ମ-ପ୍ରଣାଳୀର ଆଦର୍ଶ : ଆଶ୍ରମ

ମା'ଙ୍କର କର୍ମ-କେନ୍ଦ୍ର ହେଉଛି ଆଶ୍ରମ । ତାଙ୍କ କର୍ମ ପ୍ରଣାଳୀ ଯୋଗ-ଦର୍ଶନ ଶାସ୍ତ୍ର ସାହାଯ୍ୟରେ ଠିକ୍ ଠିକ୍ ବୁଝିପାରିଲେ, ସେହି ଆଦର୍ଶକୁ ଆଚରଣ କରିବା ସହଜ ହେବ ।

ଆଶ୍ରମ ଗୋଟିଏ ଟ୍ରଷ୍ଟବୋର୍ଡ଼ ଦ୍ୱାରା ପରିଚାଳିତ ସଂସ୍ଥା । ସେଥିରେ ଆଶ୍ରମର ଚାରିଜଣ ମେମ୍ବର* ଅଛନ୍ତି ଏବଂ ମା' ସ୍ୱୟଂ ତା'ର ପ୍ରେସିଡେଣ୍ଟ । ଏହା ହେଲା ସଂସାର ବ୍ୟବସ୍ଥାନୁସାରେ କାଗଜପତ୍ରର କଥା । କିନ୍ତୁ ଆଶ୍ରମ ପୂର୍ଣ୍ଣରୂପେ ଏବଂ ଯଥାର୍ଥରେ ପରିଚାଳିତ ହୁଏ ଆଧ୍ୟାତ୍ମିକ ଅତିମାନସ ଶକ୍ତିର ପ୍ରଭାବ ଓ ମା'ଙ୍କ ଶକ୍ତି ଦ୍ୱାରା । ଅଧ୍ୟାତ୍ମ ସଂସ୍ଥା ସର୍ବଦା ଓ ସର୍ବତ୍ର ବାହ୍ୟ ଜାଗତିକ ପ୍ରତିଷ୍ଠାନଠାରୁ ଭିନ୍ନ । ବିଶେଷତଃ ଏହି ଆଶ୍ରମ ଏକେବାରେ ନୂତନ ଧରଣର । ବାହ୍ୟ ଜଗତରେ ସମସ୍ତ ସଂସ୍ଥା ବା କର୍ମ ବାହ୍ୟ-ନିୟନ୍ତ୍ରଣ ଓ ବାହ୍ୟ ବିଧାନ ଦ୍ୱାରା ପରିଚାଳିତ ହୁଏ । ବ୍ୟକ୍ତିର ଅନ୍ତରରେ ଚୋରି କରିବା ପ୍ରବୃତ୍ତି ଥାଇ ଦଣ୍ଡ ଓ ଭୟ ଯୋଗୁଁ ବାହ୍ୟ ଆଚରଣରେ ତଥା କାଗଜ ପତ୍ରରେ ସାଧୁ ସାଜି ଥାଏ । କିନ୍ତୁ ସର୍ବଜ୍ଞ ଭଗବାନଙ୍କ ନିକଟରେ ଏହି କପଟତା ଚଳେ ନାହିଁ । ସେଥିସକାଶେ ଅଧ୍ୟାତ୍ମ-ସଂସ୍ଥାର ସକଳ ନିୟମ ଶୃଙ୍ଖଳା ଆନ୍ତରିକ ଓ ନିଷ୍କପଟଭାବେ ପାଳନ କରାହୁଏ । ଅର୍ଥାତ୍ ବାହ୍ୟ କର୍ମ କେବଳ ଆନ୍ତର ସତ୍ୟଭାବର ଅଭିବ୍ୟକ୍ତି ହୁଏ ।

''ଶ୍ରୀଅରବିନ୍ଦଙ୍କ ଯୋଗର କର୍ମକେନ୍ଦ୍ର ଆଶ୍ରମ ବା ଆଶ୍ରମ ଟ୍ରଷ୍ଟ । ଏହି ଆଶ୍ରମର ଶାଖାପ୍ରଶାଖା ବା ଅଂଶରୂପେ ଅଛି ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ର, ପ୍ରେସ୍, ୱାର୍କସପ୍, ଚାଷ, ସାହିତ୍ୟ ବିଭାଗ, – ଇଂରାଜୀ ଓ ଫ୍ରେଞ୍ଚ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମରହଟ୍ଟୀ, ତେଲଗୁ, ତାମିଲ, କନ୍ନଡ଼, ନବଜ୍ୟୋତି କାର୍ଯ୍ୟାଳୟ (ଓଡ଼ିଆ ବିଭାଗ) ଇତ୍ୟାଦି ବହୁତ

* ପୁସ୍ତକଟି (୧୯୬୮) ରଚନା ହେବା ସମୟରେ ଏହି ସଂଖ୍ୟକ ଟ୍ରଷ୍ଟି ଥିଲେ । ଏବେ ପାଞ୍ଚ ଜଣ ।

ବିଭାଗ । ଆଶ୍ରମରେ ଯଦିଓ ମ୍ୟାନେଜିଂ ଟ୍ରଷ୍ଟ ଅଛି ତଥାପି ସମସ୍ତ ବିଭାଗର ବ୍ୟବସ୍ଥାପକମାନେ ପୂର୍ଣ୍ଣ ସ୍ୱତନ୍ତ୍ରତାରେ କାର୍ଯ୍ୟ କରନ୍ତି ଏବଂ ସେମାନଙ୍କର ମା'ଙ୍କ ସହିତ ପ୍ରତ୍ୟକ୍ଷ ବା ସିଧା ସିଧା ସମ୍ବନ୍ଧ ଥାଏ । ଏହି ସଂସ୍ଥାଗୁଡ଼ିକ ପୂର୍ଣ୍ଣତଃ ଜାଗତିକ ପ୍ରଣାଳୀ ଏବଂ କର୍ମସଂପାଦନାର ମନୋଭାବଠାରୁ ଭିନ୍ନ । ସାଧାରଣ ସଂସ୍ଥାନୁସାରେ ଆଶ୍ରମରେ ଜଣେ ପ୍ରଧାନ ସେକ୍ରେଟେରିଙ୍କ ଦାୟିତ୍ୱରେ ସମସ୍ତ ପରିଚାଳନା ଭାର ଦିଆଯାଇ ନାହିଁ । କେହି କାର୍ଯ୍ୟ ପରିଦର୍ଶନ କରନ୍ତି ନାହିଁ । କିନ୍ତୁ ସାଧକମାନେ ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବରୁ କର୍ମ କରୁଥିବାରୁ, କର୍ମ ଓ ବ୍ୟବସ୍ଥାରେ ପୂର୍ଣ୍ଣ ସ୍ୱତନ୍ତ୍ରତା ଥାଇ ମଧ୍ୟ, କୌଣସିଠାରେ ବିଶୃଙ୍ଖଳା ବା ଅବ୍ୟବସ୍ଥା ଦେଖାଦିଏ ନାହିଁ । ସାଧାରଣ ପାର୍ଥିବ ସଂସ୍ଥା ଅପେକ୍ଷା ଏହା ଅତି ଉତ୍ତମରୂପେ ପରିଚାଳିତ ହୁଏ ।

କର୍ମ ଦ୍ୱାରା ଲକ୍ଷ୍ୟପ୍ରାପ୍ତି ସହଜ କାହିଁକି ?

କର୍ମ ମାଧ୍ୟମରେହିଁ ଜଡ଼ରୁ ବିକାଶ ଚାଲିଆସୁଛି । ବୃକ୍ଷଲତା ମଧ୍ୟରେ କର୍ମର ସ୍ପଷ୍ଟ ବିକାଶ ହୋଇ ନାହିଁ । ହୋଇଛି ଜୀବନ୍ତ ପ୍ରାଣୀ, ପଶୁପକ୍ଷୀ, ସରୀସୃପ ମଧ୍ୟରେ । କିନ୍ତୁ କର୍ମର ଯଥାର୍ଥ ରୂପ ପ୍ରକାଶିତ ହୋଇଛି ମନୁଷ୍ୟ ମଧ୍ୟରେ । ପ୍ରାଣୀ ବିକାଶ ଆରମ୍ଭରୁ କର୍ମ କରିଆସୁଥିବାରୁ ବ୍ୟକ୍ତିର ଚେତନା କେନ୍ଦ୍ରିତ ହୋଇଛି କର୍ମରେ । ଜଡ଼ରୁ ମନୁଷ୍ୟରେ ପହୁଞ୍ଚିବା ପର୍ଯ୍ୟନ୍ତ ଯେତେ କର୍ମ ଏବଂ ମନୁଷ୍ୟ ଶରୀରରେ ଯେଉଁସବୁ କର୍ମ କରାହେଉଛି, ସେ ସମସ୍ତ ବୀଜରୂପେ ନିହିତ ଅଛି ମନୁଷ୍ୟ ଅବଚେତନାରେ । ଏହି କାରଣରୁ ସାଧକ କର୍ମକୁ ବାଦ୍ ଦେଇ କେବଳ ଧ୍ୟାନ ଦ୍ୱାରା ଚେତନାକୁ କେନ୍ଦ୍ରିତ କରିବାକୁ ଗଲେ, ଧ୍ୟାନ ସମୟରେ ଅବଚେତନାରେ ବୀଜରୂପେ ନିହିତ ଥିବା କର୍ମ ସଂସ୍କାରର ସମସ୍ତ ଚିନ୍ତା ଆସି ବ୍ୟକ୍ତି ଚେତନାକୁ ଅଭିଭୂତ କରିପକାଏ । ଏହି ଅସୁବିଧା ଯୋଗୁଁ ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀର ସମ୍ବନ୍ଧ ତ୍ୟାଗ କରି କର୍ମ ସଂସ୍କାରରୁ ମୁକ୍ତ ହେଲେ ଏବଂ ଧ୍ୟାନ ଦ୍ୱାରା ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରିପାରିଲେ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ-ଯୋଗରେ ମନ-ପ୍ରାଣ-ଶରୀର ତ୍ୟାଗ ନ କରି ତାକୁ ରୂପାନ୍ତର ଏବଂ ସେଥିରେ ଭଗବତ୍ ଉପଲବ୍ଧି କରିବାକୁ ହୁଏ । ସେହି କାରଣରୁ ମନ, ପ୍ରାଣ, ଶରୀର ଦ୍ୱାରା ହେଉଥିବା କର୍ମକୁ ତ୍ୟାଗ କରିବାର ଉପାୟ ନ ଥାଏ । କିନ୍ତୁ ଅହଂ ଓ ସ୍ୱାର୍ଥବଶରେ ନିଜ ଏବଂ ନିଜ ପରିବାର, ଦେଶ ନିମିତ୍ତ ହେଉଥିବା କର୍ମର ଗତିକୁ ଅଳ୍ପ ପ୍ରୟାସରେ ଭଗବତ୍ ଅଭିମୁଖୀ କରାଯାଇପାରେ । ଏଥିରେ କର୍ମର ସ୍ୱରୂପ ବା କର୍ମର ଉପଯୋଗିତାରେ କିଛି ଅନ୍ତର ହୁଏ ନାହିଁ । କେବଳ କର୍ମ ସଂପାଦନ ସମୟରେ ସଚେତ ହୋଇ ମା'ଙ୍କ ଉଦ୍ଦେଶ୍ୟରେ କର୍ମ କରି ସମର୍ପଣ କରିବାକୁ ହୁଏ । କର୍ମରେ ଏହିପରି ସଂକଳ୍ପ ତଥା ସ୍ମରଣ ଦ୍ୱାରା ଆସେ ଏକାଗ୍ରତା । ଯୋଗରେ ଏକାଗ୍ରତାହିଁ ଆବଶ୍ୟକ । ଏହି ଏକାଗ୍ରତା ଏବଂ ସମର୍ପଣଭାବ ମାଧ୍ୟମରେ ଭାଗବତୀ ଅତିମାନସ ଶକ୍ତି ମନୁଷ୍ୟ ମନ-ପ୍ରାଣ-ଶରୀର ରୂପାନ୍ତର ସାଧନ କରି ଲକ୍ଷ୍ୟରେ ପହୁଞ୍ଚାଇ ଦିଏ । ସାଧାରଣ ଜୀବନରେ ଏବଂ ସାଧନାର ଏକେବାରେ ଆରମ୍ଭରେ କର୍ମ-ସଂପାଦନ ହୁଏ ଅହଂ ଏବଂ ସ୍ୱାର୍ଥର ପ୍ରେରଣାରେ । ସେହି କର୍ମ ମା'ଙ୍କୁ ସମର୍ପଣ କରିବାରେ ସ୍ୱାର୍ଥ ଓ ଅହଂ ସହିତ ସଙ୍ଘର୍ଷ ହୁଏ । ଏହିଠାରୁ ଭାଗବତୀ ଶକ୍ତି ଦ୍ୱାରା କ୍ରମଶଃ ରୂପାନ୍ତର କାର୍ଯ୍ୟ ଆରମ୍ଭ ହୁଏ । ସମର୍ପଣ ଅନୁପାତରେ ସାଧକ ଆଧାରରେ ଭାଗବତୀ ଶକ୍ତିର ଅଧିକାର ବା ରୂପାନ୍ତରର କ୍ରିୟା ଦ୍ୱାରା ଏକାଗ୍ରତା ତଥା ସମତାର ପ୍ରତିଷ୍ଠା ହୁଏ । ସମତାର ପ୍ରତିଷ୍ଠା ଏବଂ ପରୀକ୍ଷା ହୁଏ କର୍ମ ଦ୍ୱାରା । କର୍ମର ଆଧାର ମନ-ପ୍ରାଣ-ଶରୀର । ସେଗୁଡ଼ିକର ରୂପାନ୍ତର ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଥିବାରୁ କର୍ମ ସମର୍ପଣ ଅନିବାର୍ଯ୍ୟ । କିନ୍ତୁ ଗୀତାରେ ଯେଉଁ ନିଷ୍କାମ କର୍ମ କଥା କୁହାହୋଇଛି ତାହାଠାରୁ ଏହି କର୍ମ ସମର୍ପଣ ସଂପୂର୍ଣ୍ଣ ଭିନ୍ନ । ଗୀତା ଅନୁସାରେ କେବଳ କର୍ମଫଳ ନ ଚାହିଁ କର୍ମ କରିବାକୁ ହୁଏ । କର୍ମ ସଂପାଦନ କରୁଥିବା ମନ-ପ୍ରାଣ-ଶରୀରକୁ ସମର୍ପଣ କରିବାକୁ ହୁଏ ନାହିଁ, କିଂବା ସେଗୁଡ଼ିକର ରୂପାନ୍ତର ଧାରଣା ନ ଥାଏ । ମନ-ପ୍ରାଣ-ଶରୀରକୁ ତ୍ୟାଗ କରି ମୃତ୍ୟୁପରେ ମୋକ୍ଷ ବା ନିର୍ବାଣ ବା ଭଗବତ୍ ପ୍ରାପ୍ତି କରାହୁଏ ।

ଶ୍ରୀଅରବିନ୍ଦ ଯୋଗରେ କର୍ମ ସମର୍ପଣ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀରରେ ଭାଗବତୀ ଅତି-ମାନସ ଶକ୍ତି

ରୂପାନ୍ତରର କ୍ରିୟା କରେ । ତା'ଫଳରେ ଶରୀର ଚେତନା ଜାଗ୍ରତ୍ ହୋଇ ମନ-ପ୍ରାଣର ସାହାଯ୍ୟ ବିନା ସ୍ୱୟଂ ରୂପାନ୍ତର ସକାଶେ ଅଭୀପ୍ସା କରେ ଏବଂ ଅତିମାନସ ଭାଗବତୀ ଶକ୍ତି ଦ୍ୱାରା ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । ଶରୀର ରୂପାନ୍ତର ହେବା ପୂର୍ବରୁ, ମନ ତଥା ପ୍ରାଣର ରୂପାନ୍ତର ହୋଇ ସାରିଥାଏ । ଏହି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ନିରାବରଣ ରୂପେ ପ୍ରକାଶ ହୁଅନ୍ତି ଭଗବାନ୍ । ବ୍ୟକ୍ତି ପୂର୍ଣ୍ଣ ରୂପେ ମୁକ୍ତ ହୁଏ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ଏବଂ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତି ହୁଏ ଭଗବାନଙ୍କ ସହିତ ତଥା ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା ।

ଆଶ୍ରମରେ ଯେଉଁ କର୍ମର ପ୍ରସାର ହେଉଛି, ତାହା ସାଂସାରିକ କର୍ମତୁଲ୍ୟ କେବଳ କର୍ମ ନୁହେଁ, ତାହା ବ୍ୟକ୍ତି ମଧ୍ୟରେ ତଥା ସଂସାରରେ ଭାଗବତ ଅଭିବ୍ୟକ୍ତିର ସାଧନା । ଆଶ୍ରମର ସମସ୍ତ କର୍ମ ଯଦିଓ ସଂସାର କର୍ମ ସଦୃଶ, ତଥାପି କର୍ମର ପ୍ରଣାଳୀ, ଉଦ୍ଦେଶ୍ୟ ଏବଂ କର୍ମ ସଂପାଦନ କରିବା ମନୋଭାବ ପୂର୍ଣ୍ଣତଃ ଭିନ୍ନ । ଆମ୍ଭେମାନେ ଏହି ରହସ୍ୟ ଠିକ୍ ଠିକ୍ ହୃଦୟଙ୍ଗମ ନ କରି ଏହି ଆଧ୍ୟାତ୍ମିକ କର୍ମକୁ ଜାଗତିକ କର୍ମ ପ୍ରଣାଳୀରେ ସଂପନ୍ନ କରି ସ୍ୱାର୍ଥ ଅହଂକୁ ତୁଷ୍ଟ କରିବାକୁ ଚାହୁଁ । ଏହା ଫଳରେ ଜାତ ହୁଏ ଦ୍ୱନ୍ଦ୍ୱ ଏବଂ ଅଶାନ୍ତି । ଏହାହିଁ ଲକ୍ଷ୍ୟ ପ୍ରାପ୍ତିର ଶତ୍ରୁ ।

(୨)

ଭଗବାନଙ୍କ ଯନ୍ତ୍ର ହେବାର ଉପାୟ : କର୍ମ

କର୍ମର ପ୍ରଣାଳୀ

ନିଜ ଅହଂ-ସ୍ୱାର୍ଥତୁଷ୍ଟି ସକାଶେ କର୍ମ ନ କରି ଭଗବାନଙ୍କ ପ୍ରତି ସମର୍ପଣ ଭାବରେ ମନ-ପ୍ରାଣ-ଶରୀର ସମସ୍ତ ସତ୍ତାରେ ଭଗବାନଙ୍କ ଅଭିବ୍ୟକ୍ତି ସକାଶେ କର୍ମ କରିବା ହେଲା ଭଗବାନଙ୍କ ଯନ୍ତ୍ର ହେବାର ଉପାୟ । ଏହି କର୍ମ ବାହ୍ୟ ନିୟନ୍ତ୍ରଣ ବିନା ଆତ୍ମ-ପ୍ରେରଣାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମନ-ପ୍ରାଣ-ଶରୀର ଦ୍ୱାରା ଆନ୍ତରିକ ଉତ୍ସାହରେ ସମର୍ପିତ ହେଲେ ବ୍ୟକ୍ତିର ମନ-ପ୍ରାଣ-ଶରୀରକୁ ଭାଗବତୀ ଅତିମାନସ ଶକ୍ତି ଦିବ୍ୟତତ୍ତ୍ୱରେ ରୂପାନ୍ତର କରନ୍ତି; ସେଥିରେ ଅଭିବ୍ୟକ୍ତ ହୁଅନ୍ତି ଭଗବାନ୍; ବ୍ୟକ୍ତି ନିବାସ କରେ ପରମାନନ୍ଦ, ପରମଶାନ୍ତିରେ ଏବଂ ପରିଚାଳିତ ହୁଏ ପୂର୍ଣ୍ଣରୂପେ ଭାଗବତୀ ଶକ୍ତି ଦ୍ୱାରା । ଏହି କର୍ମର ଆଦର୍ଶ ହେଉଛି ଆଶ୍ରମ । ମନ-ପ୍ରାଣ-ଶରୀରର ରୂପାନ୍ତର, ମୃତ୍ୟୁ-ରୋଗ-ବୃଦ୍ଧତ୍ୱରୁ ମୁକ୍ତ ହେବାର ଅବ୍ୟର୍ଥ ଏବଂ ଅପରିହାର୍ଯ୍ୟ ସାଧନା ହେଉଛି କର୍ମ । ଏହି ବିଷୟ ଏହି ଲେଖାର ପ୍ରଥମ ଭାଗରେ ଆଲୋଚିତ ହୋଇଛି ।

ମା' ଆଶ୍ରମରେ ଯେଉଁ ଆଦର୍ଶ କର୍ମ ପ୍ରତିଷ୍ଠା କରିଛନ୍ତି ସେହି ଆଦର୍ଶ ଅନୁସାରେ ଆମ୍ଭେମାନେ କର୍ମ ଆଚରଣ କଲେ ମା'ଙ୍କ ସାହାଯ୍ୟରେ ଭଗବାନଙ୍କ ଯନ୍ତ୍ରରୂପେ କର୍ମ କରି ଲକ୍ଷ୍ୟରେ ପହଞ୍ଚିପାରିବା ।

ଏହି ରୂପାନ୍ତର-ଯୋଗର ମୂଳନୀତି ବ୍ୟକ୍ତିଗତ ସିଦ୍ଧି ନୁହେଁ, ସଂସାରରେ ସ୍ୱର୍ଗରାଜ୍ୟ-ପ୍ରତିଷ୍ଠା । ଏହି କାରଣରୁ ଏହି ଯୋଗର ସାଧନା ବା କର୍ମ ସଂସାର ସହିତ ଜଡ଼ିତ । ଆଶ୍ରମ କେବଳ ପଣ୍ଡିଚେରୀରେ ସୀମିତ ନୁହେଁ । ତା'ର ଶାଖାପ୍ରଶାଖା ହେଲା ପାଠଚକ୍ର, ଛାତ୍ରସମାଜ, ଯୁବସମାଜ । ତା'ର ସଭ୍ୟମାନେ ଏବଂ ଆଶ୍ରମରେ ରହିଥିବା ସାଧକ-ସାଧିକା, ଯେଉଁମାନେ ମନ-ପ୍ରାଣ-ଶରୀରର ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରିଛନ୍ତି ସେମାନେ ଆଶ୍ରମରେ ରହନ୍ତୁ ବା ଆଶ୍ରମର ବାହାରେ ରହନ୍ତୁ, ସେମାନେ ମଧ୍ୟ ଶ୍ରୀଅରବିନ୍ଦ ଯୋଗର ସାଧକ । ଏହି ସାଧକମାନଙ୍କ ମଧ୍ୟରୁ କେତେକଙ୍କର କର୍ମର ବାହ୍ୟରୂପ ସଂସାର ସହିତ ଅସମ୍ବନ୍ଧିତ, ଅନ୍ୟ କେତେକଙ୍କର କର୍ମର ବାହ୍ୟରୂପ ସଂସାର ସହିତ ସମ୍ବନ୍ଧିତ ଦେଖାଦେଉଥିଲେ ମଧ୍ୟ ଏହି ଦୁଇପ୍ରକାର କର୍ମ ଯଥାର୍ଥରେ ପୃଥକ୍ ନୁହେଁ । ଏହି ଯୋଗର ମୂଳଲକ୍ଷ୍ୟ ଜଗତରେ ସ୍ୱର୍ଗରାଜ୍ୟ-ପ୍ରତିଷ୍ଠା ହୋଇଥିବାରୁ ଏହି ଉଭୟ ସାଧକଙ୍କର କର୍ମ ଭଗବତ୍ ସଂକଳ୍ପ ଅନୁସାରେ ସଂସାର ସହିତ ସମ୍ବନ୍ଧିତ ।

ପ୍ରଶ୍ନ : ପୁରାତନ ଯୋଗରେ ସାଧକମାନେ ବ୍ୟକ୍ତିଗତ ସିଦ୍ଧି, ମୁକ୍ତି, ନିର୍ବାଣ ବା ଭଗବତ୍ ପ୍ରାପ୍ତି କରିଥିଲେ । ସେମାନଙ୍କ ସାଧନା ଦ୍ୱାରା ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅସତ୍ୟ, ଅନ୍ୟାୟ, ହିଂସା ଦୂର ହୋଇ ନ ଥିଲା କିଂବା ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହୋଇ ନ ଥିଲା । ଶ୍ରୀଅରବିନ୍ଦ ଯୋଗରେ ବିଶେଷତ୍ୱ କ'ଣ ଯେ ବ୍ୟକ୍ତିଗତ ରୂପାନ୍ତର-ସିଦ୍ଧିରେ ଏହି ମର୍ତ୍ତ୍ୟ ସ୍ୱର୍ଗରେ ପରିଣତ ହେବ ?

ଉତ୍ତର : ପୁରାତନ ଯୋଗୀମାନେ ବିଶ୍ୱତତ୍ତ୍ୱକୁ ରୂପାନ୍ତର କରିବା ଉପାୟ ନ ପାଇ ତାହା ସହିତ ସମ୍ବନ୍ଧିତ ମନ-ପ୍ରାଣ-ଶରୀରକୁ ଆତ୍ମାଠାରୁ ପୃଥକ୍ କରିଦେଲେ ଏବଂ ଆତ୍ମାକୁ ମୁକ୍ତି, ନିର୍ବାଣ ଅଥବା ଭଗବତ୍‌ପ୍ରାପ୍ତି କରାଇଦେବାରୁ ସଂସାର ରୂପାନ୍ତରିତ ନ ହୋଇ ଯେପରି ଥିଲା ସେହିପରି ରହିଲା । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ, ଶରୀରକୁ ଆତ୍ମାଠାରୁ ପୃଥକ୍ କରା ନ ହୋଇ ସେସବୁକୁ ଅତିମାନସ ଶକ୍ତି ଦ୍ୱାରା ଆତ୍ମା ବା ଭଗବାନଙ୍କ ଧର୍ମରେ ରୂପାନ୍ତର କରିବା ଉଦ୍ଦେଶ୍ୟ ଥିବାରୁ ମନ, ପ୍ରାଣ, ଶରୀରରେ ଆସିଥିବା ବିଶ୍ୱତତ୍ତ୍ୱ ରୂପାନ୍ତର ହେବା ଅନିବାର୍ଯ୍ୟ ହେଲା । ତାହାରି ଫଳରେ ବିଶ୍ୱ ସ୍ୱର୍ଗରାଜ୍ୟରେ ପରିଣତ ହେବାର ସମ୍ଭାବନା ନିଶ୍ଚିତରୂପେ ରହିଲା ।

ଭଗବାନ୍ ଏକ ଥିଲେ । ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜ ସଂକଳ୍ପରେ ବିଶ୍ୱରୂପରେହିଁ ପ୍ରକଟ ହେଲେ । ସଂସାରରେ ଯେଉଁସବୁ ଦୃଶ୍ୟମାନ ବସ୍ତୁ — କାଷ୍ଠ-ପାଷାଣ, ତରୁ-ତୃଣ, ପଶୁ-ପକ୍ଷୀ, ମନୁଷ୍ୟ ଦେଖାଯାଉଛନ୍ତି ତାହା ସମସ୍ତ ଭଗବାନଙ୍କ ବିକୃତ ରୂପ । ଏହାର ଅନ୍ତରାଳରେ ବା ମଧ୍ୟରେ ବିଦ୍ୟମାନ ଥାଏ ଭଗବତ୍ ପ୍ରଭାବ ବା ଆତ୍ମା । ମନୁଷ୍ୟ ଶରୀର ଜୀବିତ ରହି କ୍ରିୟାଶୀଳ ହୋଇଛି ମନ-ପ୍ରାଣ-ଶରୀର ତଥା ଆତ୍ମାର ସଂଯୋଗରେ । ଆତ୍ମା ଭଗବାନଙ୍କ ଅଂଶ ବା ପ୍ରତିଭୂ । ସେ ଦିବ୍ୟ ଓ ଅବିକୃତ । ମନ-ପ୍ରାଣ-ଶରୀର ଭଗବାନଙ୍କ ଦିବ୍ୟ-ତତ୍ତ୍ୱର ବିକୃତ ରୂପ; ଆସିଛି ବିଶ୍ୱତତ୍ତ୍ୱରୁ । ବିଶ୍ୱତତ୍ତ୍ୱ ସହିତ ଅଭେଦ ଏକ । ଅତଏବ ମନୁଷ୍ୟର ମନ-ପ୍ରାଣ-ଶରୀର ତତ୍ତ୍ୱତଃ ରୂପାନ୍ତର କରିବାକୁ ହେଲେ ବିଶ୍ୱତତ୍ତ୍ୱର ରୂପାନ୍ତର ଆବଶ୍ୟକ । ଏହା ରୂପାନ୍ତରିତ ହୁଏ ଅତିମାନସ ଶକ୍ତି ଦ୍ୱାରା । ମନର ବିକାଶ ସମାପ୍ତ ହୋଇ ନ ଥିବାରୁ ଅତିମାନସ ପୃଥିବୀରେ ପ୍ରତିଷ୍ଠା ହେବାର ସମୟ ଆସି ନ ଥିଲା । ସେହି କାରଣରୁ ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀରର ରୂପାନ୍ତର ପ୍ରୟାସ ଛାଡ଼ି ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରିଥିଲେ । ବର୍ତ୍ତମାନ ମନର ବିକାଶ ସମାପ୍ତ ହୋଇଛି । ସେହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି ଏବଂ ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଛନ୍ତି । ଯେତେ ଅଧିକ ବ୍ୟକ୍ତି ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରିବେ ଏହି ରୂପାନ୍ତର କାର୍ଯ୍ୟ ତେତେ ଶୀଘ୍ର ହେବ ଏବଂ ସଂସାରରୁ ସେହି ଅନୁପାତରେ ଅଜ୍ଞାନ, ହିଂସା, ଅସତ୍ୟ, ଅନ୍ୟାୟ ଦୂର ହେବ । ମା'ଙ୍କ ସହିତ କେତେକ ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ସାଧିତ ହେଲେ ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ରୂପାନ୍ତର କାର୍ଯ୍ୟରେ ଅଂଶ ଗ୍ରହଣ କରିବାର ଅର୍ଥ ହେଲା ଏହି ଲକ୍ଷ୍ୟ ଗ୍ରହଣ କରି ସାଧନା କରିବା ଏବଂ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜ, ଶ୍ରୀଅରବିନ୍ଦ ଯୁବସମାଜ ଇତ୍ୟାଦି ପ୍ରତିଷ୍ଠା କରିବା ଓ ଏହି ଆଦର୍ଶକୁ ପ୍ରସାର କରିବା ।

ପ୍ରଶ୍ନ : ଏହିସବୁ କାର୍ଯ୍ୟର ଆବଶ୍ୟକ କ'ଣ ? ତୁମ କହିବା ଅନୁସାରେ ବିଶ୍ୱତତ୍ତ୍ୱ ସହିତ ମନୁଷ୍ୟର ମନ-ପ୍ରାଣ-ଶରୀର ତତ୍ତ୍ୱ ଏକ । ତେବେ ଜଣକର ରୂପାନ୍ତର ହେଲେ ସୃଷ୍ଟିର ସମସ୍ତ ବ୍ୟକ୍ତିଙ୍କର ରୂପାନ୍ତର ହେବ । ପୁଣି ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ସାଧନା କରିବା ଆବଶ୍ୟକ କ'ଣ ?

ଉତ୍ତର : ଜଣକର ସ୍ଥୂଳ ଶରୀର ରୂପାନ୍ତର ହେଲେ ବିଶ୍ୱର ସମସ୍ତ ମାନବଜାତିର ଶରୀର ରୂପାନ୍ତର ହେବ ନାହିଁ । କାରଣ ମନୁଷ୍ୟର ମନ, ପ୍ରାଣ, ଶରୀର ଯଦିଓ ଆସିଛି ବିଶ୍ୱର ସୂକ୍ଷ୍ମତତ୍ତ୍ୱରୁ ତଥାପି ସୃଷ୍ଟିର ବିଧାନ ଅନୁସାରେ ସେହି ସୂକ୍ଷ୍ମତତ୍ତ୍ୱ ପିତାମାତାଙ୍କ ମାଧ୍ୟମରେ ହାଡ଼ମାଂସରୂପେ ସ୍ଥୂଳ ଶରୀରରେ ପରିଣତ ହୋଇଛି; ଏହାର ସୂକ୍ଷ୍ମ ତତ୍ତ୍ୱ ଏକ

ଥିବା ସତ୍ତ୍ୱେ ସ୍ଥୂଳତ୍ୱରେ ଏକ ଅନ୍ୟ ଶରୀରଠାରୁ ପୃଥକ୍ ହୋଇଛି । ଏହି କାରଣରୁ ଜଣେ ବ୍ୟକ୍ତିର ମୃତ୍ୟୁରେ ସଂସାରର ସମସ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଯେପରି ହୁଏ ନାହିଁ, ସେହିପରି ଜଣେ ବ୍ୟକ୍ତିର ଶରୀର ରୂପାନ୍ତରରେ ସଂସାରର ସମସ୍ତ ବ୍ୟକ୍ତିଙ୍କର ସ୍ଥୂଳ ଶରୀର ରୂପାନ୍ତର ହେବ ନାହିଁ । ସ୍ଥୂଳ ଶରୀର ରୂପାନ୍ତର କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ସାଧନା କରିବାକୁ ହେବ ।

ପ୍ରଶ୍ନ : ଶରୀର ରୂପାନ୍ତର ସକାଶେ ସାଧନା ଆବଶ୍ୟକ, କିନ୍ତୁ ବିଶ୍ୱରୁ ତଥା ମନୁଷ୍ୟ ମଧ୍ୟରୁ ଅନ୍ୟାୟ, ଅସତ୍ୟ ଦୂର ଓ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବାରେ ଅନ୍ୟର ସାଧନା ଓ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରର ଆବଶ୍ୟକତା କ'ଣ ?

ଉତ୍ତର : ବିଶ୍ୱରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାରେ ବି ଅନ୍ୟର ସାଧନା ତଥା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ଆବଶ୍ୟକ । କାରଣ ବ୍ୟକ୍ତିର ରୂପାନ୍ତରର ସମ୍ବନ୍ଧ ଅନ୍ୟ ବ୍ୟକ୍ତି ସହିତ ନ ରହିଲେ ସଂସାରରେ ଏହା ପ୍ରତିଷ୍ଠା ହୋଇ ପାରିବ ନାହିଁ ।

ତୁମେ ଯେପରି ଶବ୍ଦର ଅର୍ଥ କରୁଛ, ''ଜଣେ ବ୍ୟକ୍ତିଙ୍କ ଶରୀର ରୂପାନ୍ତରିତ ହେଲେ ସଂସାରରୁ ଅନ୍ୟାୟ ଅସତ୍ୟ ଦୂର ହେବ, ଅନ୍ୟକୁ ସାଧନା କରିବାକୁ ହେବ ନାହିଁ'' ଏପରି ନୁହେଁ । ଅନ୍ୟ ବ୍ୟକ୍ତି ସାଧନା କରିବାକୁ ବାଧ ହେବେ । ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ସାଧନା କରିବେ ସେତେ ଶୀଘ୍ର ପୃଥିବୀରେ କ୍ରମଶଃ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ ।

ପ୍ରଶ୍ନ : ଅନ୍ୟ ବ୍ୟକ୍ତି ସାଧନା କରିବାକୁ ବାଧ ହେବେ କାହିଁକି ?

ଉତ୍ତର : ଜଣେ ବ୍ୟକ୍ତିଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ଆରମ୍ଭ ହେବା ଅନୁପାତରେ ବିଶ୍ୱ ପ୍ରକୃତି ବା ତତ୍ତ୍ୱର ରୂପାନ୍ତର ଆରମ୍ଭ ହେବ । ଏହି ରୂପାନ୍ତରର ପ୍ରଭାବ ପଡ଼ିବ ସମସ୍ତ ବିଶ୍ୱରେ । ଯେଉଁମାନଙ୍କ ଆତ୍ମା ଅଧିକ ଜାଗ୍ରତ୍ ଥିବ ସେହିମାନେ ଆତ୍ମ-ପ୍ରେରଣାରେ ଏହି ରୂପାନ୍ତର ସାଧନାରେ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରବୃତ୍ତ ହେବେ ।

ପ୍ରଶ୍ନ : ଯେଉଁମାନଙ୍କ ଆତ୍ମା ଜାଗ୍ରତ୍ ହୋଇଛି ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ଏହି ଯୋଗ ଗ୍ରହଣ କରିବେ । ତେବେ ଏହି ଆଦର୍ଶ ପ୍ରସାରର ଆବଶ୍ୟକତା କ'ଣ ?

ଉତ୍ତର : ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ କରିବେ ସେତେ ଶୀଘ୍ର ସାଧକମାନଙ୍କ ସତ୍ତା ରୂପାନ୍ତରିତ ହେବ ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ଆବଶ୍ୟକ ।

କାରଣ ବର୍ତ୍ତମାନ ବିଶ୍ୱ ବା ମାନବଜାତିକୁ ପରିଚାଳନା ବା ଶାସନ କରୁଛି ଅଜ୍ଞାନ-ଅନ୍ଧକାର ଆସୁରୀ ଶକ୍ତି । ଏହି କାରଣରୁ ସଂସାରର ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟାୟ-ଅସତ୍ୟ ବ୍ୟାପ୍ତ ହୋଇଛି । ଏସବୁ ନିଜ ଅଧିକାର ତ୍ୟାଗ କରି ଭାଗବତ ଅତିମାନସ ଶକ୍ତିର ଶାସନ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ସେହି ସକାଶେ ଅତିମାନସ ସତ୍ୟ ପ୍ରତିଷ୍ଠାକୁ ତୀବ୍ରଭାବେ ବିରୋଧ କରୁଛନ୍ତି । କିନ୍ତୁ ଏସବୁ ବିରୋଧୀ ଶକ୍ତିର ଯନ୍ତ୍ର ମନୁଷ୍ୟ । ଅଧିକ ସଂଖ୍ୟାରେ ବ୍ୟକ୍ତି ଅତିମାନସ ଶକ୍ତିକୁ ଗ୍ରହଣ କଲେ ଅନ୍ଧକାର ଶକ୍ତିସବୁ ଦୁର୍ବଳ ହୋଇ ପଡ଼ିବେ ଏବଂ ଅତିମାନସ ଶକ୍ତିର ରାଜ୍ୟ ପ୍ରତିଷ୍ଠା ହେବ । ସେହି ସକାଶେ ଅତିମାନସ ସତ୍ୟର ଆବଶ୍ୟକ । କାରଣ ସଂସାରରେ ବହୁତ କମ୍ ବ୍ୟକ୍ତିଙ୍କ ଆତ୍ମା ଜାଗ୍ରତ୍ ଥାଏ, ସେମାନେ ଜୀବନର ଲକ୍ଷ୍ୟ ଜାଣନ୍ତି ଏବଂ ସତ୍ୟ ଗ୍ରହଣ କରନ୍ତି । କିନ୍ତୁ ଏପରି ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ । ସାଧାରଣ ବ୍ୟକ୍ତିଙ୍କ

କଥା ଛାଡ଼, ପୃଥିବୀରେ ଯେଉଁମାନେ ମହାନ୍ ଶ୍ରେଷ୍ଠ ବ୍ୟକ୍ତି, ଯେଉଁମାନଙ୍କ ବୁଦ୍ଧି ଅତ୍ୟନ୍ତ ବିକଶିତ, ସେମାନେ ବି ନିଜେ ଅଜ୍ଞାତରେ ଯେଉଁ ପରମ ଆନନ୍ଦ ଚାହାନ୍ତି ସେ ସମ୍ବନ୍ଧେ ସେମାନେ ସଚେତ ନ ଥା'ନ୍ତି ।

ବର୍ତ୍ତମାନ ମା'ଙ୍କ ଅତିମାନସ ରୂପାନ୍ତର କାର୍ଯ୍ୟ ସମସ୍ତ ବିଶ୍ୱରେ ହେଉଥିବାରୁ ତା'ର ପ୍ରଭାବ ସମସ୍ତ ବିଶ୍ୱରେ ପଡୁଛି । କିନ୍ତୁ ଏହି ପ୍ରଭାବକୁ ବ୍ୟକ୍ତିର ଅନ୍ତରାତ୍ମା ଗ୍ରହଣ ନ କରିବାରୁ ବିଶ୍ୱର କୌଣସି ବ୍ୟକ୍ତି ନିଜ କର୍ମରେ ସନ୍ତୁଷ୍ଟ ହୋଇପାରୁ ନାହିଁ । ସମସ୍ତ ପୃଥିବୀ ଅଜ୍ଞାତ ରୂପେ ଗୋଟିଏ ନୂତନ ସତ୍ୟ ଚାହୁଁଅଛି । ବ୍ୟକ୍ତିର ଆତ୍ମାରେ ପଡ଼ିଥିବା ପରଦା ଦୂର ନ ହୋଇଥିବାରୁ ସେ ନିଜ ଅନ୍ତରର ଅଶାନ୍ତିର କାରଣ ନୂତନ ସତ୍ୟର ଆଗମନ ବୋଲି ବୁଝିପାରୁ ନାହିଁ । ଅନ୍ତରରେ ପଡୁଥିବା ଅତିମାନସ ପ୍ରଭାବ ତା'ର ମନ-ପ୍ରାଣକୁ ଭେଦ କରି ପ୍ରକାଶ ହେବାରେ ବହୁତ ସମୟ ଲାଗିବ ଏବଂ ସଂସାରର ଅସହ୍ୟ ଦୁଃଖ-କଷ୍ଟ, ଅସତ୍ୟ-ଅନ୍ୟାୟ ଶୀଘ୍ର ଦୂର ହେବ ନାହିଁ । ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଯୁବସମାଜ, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜ ଆଦି ପ୍ରତିଷ୍ଠା ହେବା ଦ୍ୱାରା ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଆଦର୍ଶ ପ୍ରସାର ଦ୍ୱାରା ବ୍ୟକ୍ତିର ଆବରଣ ଦୂର ହେବ ଓ ଅତିମାନସ ସତ୍ୟ ପ୍ରକାଶ ହେବାରେ ସାହାଯ୍ୟ ମିଳିବ । ସେହି ସକାଶେ ଏହାର ପ୍ରସାର ଆବଶ୍ୟକ ।

କର୍ମରେ ଅହଂ-ସ୍ୱାର୍ଥର ଲକ୍ଷଣ

ପ୍ରଶ୍ନ : ଭଗବାନଙ୍କ ଯନ୍ତ୍ରରୂପେ କର୍ମ କରିବାର ଲକ୍ଷଣ କ'ଣ ?

ଉତ୍ତର : କର୍ମରେ ନାମ, ଯଶଃ, ଅଧିକାର, ଭୌତିକ ସୁଖ-ସୁବିଧା ନ ଚାହିଁ ଭଗବତ୍ ସେବାଭାବରେ, ଭଗବାନଙ୍କ ସକାଶେ ଭାଗବତୀ ଶକ୍ତିର ପ୍ରେରଣାରେ କର୍ମ କରିବା ହେଲା ଭଗବାନଙ୍କ ଯନ୍ତ୍ର ହେବାର ଲକ୍ଷଣ । ଚାହିଁବାର ଅର୍ଥହିଁ କାମନା-ବାସନା । ଏହାହିଁ ଜନ୍ମ ମୃତ୍ୟୁର କାରଣ ।

ପ୍ରଶ୍ନ : ଏହିପରି ଭଗବତ୍ ସମର୍ପିତ ଭାବରେ କିଂବା ଭଗବତ୍ ଯନ୍ତ୍ରରୂପେ କର୍ମ କରିବା ସାଧନାର ପ୍ରଥମ ଅବସ୍ଥାରେ ସମ୍ଭବ ନୁହେଁ । ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ବିଦ୍ୟମାନ ଥିବା ଅବସ୍ଥାରେ କିପରି କର୍ମ ଆଚରଣ କଲେ ବ୍ୟକ୍ତି ଭଗବତ୍ ଯନ୍ତ୍ର ହୋଇପାରିବ ?

ଉତ୍ତର : ସାଧନାର ଏକେବାରେ ପ୍ରଥମ ଅବସ୍ଥାରେ ଭଗବତ୍ କର୍ମକୁ ପ୍ରଧାନ ସ୍ଥାନ ଦେବାକୁ ହେବ । ଅର୍ଥାତ୍ ନିଜ ସୁଖ-ସୁବିଧା, ନାମ-ଯଶଃରେ ବାଧା ପଡ଼ିଲେ କିଂବା ଅପମାନ ତଥା ମିଥ୍ୟା ଅପଯଶଃ ହେଲେ ସେଥିପ୍ରତି ଭ୍ରୂକ୍ଷେପ ନ କରି ମା'ଙ୍କ କାର୍ଯ୍ୟରେ କୌଣସି ପ୍ରକାର ବ୍ୟାହତ ହେବାକୁ ନ ଦେଇ ସମସ୍ତ ଶକ୍ତି ସହିତ କାର୍ଯ୍ୟ ସଂପନ୍ନ କରିବା ସକାଶେ ପ୍ରଯତ୍ନ କରିବାକୁ ହେବ । ଏହି ହେଲା ଅହଂ-ସ୍ୱାର୍ଥ ବିଦ୍ୟମାନ ଥିବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ହେବାର ଉପାୟ । ଏହି ବିଷୟ ନିମ୍ନରେ ଆଲୋଚିତ ଗଳ୍ପରୁ ବୁଝିପାରିବା ।

ଦୁଇ ସପତ୍ନୀ

ଦୁଇଜଣ ସପତ୍ନୀ ଥିଲେ । ଜଣେ ସପତ୍ନୀର ପୁତ୍ର ଜନ୍ମ ହେବା ପରେ ପତି ପରଲୋକ ଗମନ କଲେ । ଯେଉଁ ସପତ୍ନୀର ପୁତ୍ର ନ ଥିଲା ସଂପତ୍ତିରେ ଅଧିକାର ନ ରହିବା, ସମ୍ମାନରେ ହାନି ହେବା ଜାଣି ସେ ପୁତ୍ରଟି ତା'ର ବୋଲି ସେ ଦାବି କଲା ଏବଂ ଏହାର ମୀମାଂସା ସକାଶେ ରାଜାଙ୍କ ପାଖରେ ଗୁହାରି କଲା । ରାଜା ଦୁଇଜଣଙ୍କୁ ଦରବାରକୁ

ଡକାଇ ପଚାରିଲେ । ଦୁଇଜଣଙ୍କ ବକ୍ତବ୍ୟରୁ କାହାରି କଥାକୁ ଅବିଶ୍ୱାସ କରିବାର ଉପାୟ ନ ଥିଲା । ଶେଷରେ ରାଜା କହିଲେ, ''ଏ ବିଷୟ ବହୁତ ଜଟିଳ । ଯଥାର୍ଥରେ ଏ ଶିଶୁଟି କାହାର ପ୍ରମାଣ ହୋଇପାରୁ ନାହିଁ ।'' ଯେଉଁ ସପତ୍ନୀର ପୁତ୍ର ନୁହେଁ ତାକୁ ସମ୍ବୋଧନ କରି କହିଲେ, ''ମୁଁ ଭାବୁଛି ଶିଶୁଟିକୁ ଦୁଇଖଣ୍ଡ କରି ତୁମ ଦୁଇଜଣଙ୍କୁ ଦେଇଦେଲେ ବିବାଦ ସମାପ୍ତ ହେବ । ଏଥିରେ ତୋର ମତ କ'ଣ ?'' ସେ ତତ୍‌କ୍ଷଣାତ୍ କହିଲା, ''ହଁ, ମୁଁ ଏଥିରେ ରାଜି ଅଛି ।'' ଯାହାର ଯଥାର୍ଥରେ ସନ୍ତାନ ସେ ଏକଥା ଶୁଣିବା ମାତ୍ରେ, ରାଜା ତାକୁ ପଚାରିବା ପୂର୍ବରୁ ହଠାତ୍ ଉଚ୍ଚ ସ୍ୱରରେ କାନ୍ଦି ଉଠି କହିଲା, ''ମହାରାଜ ! ଏ ଶିଶୁକୁ ବଧ ନ କରି ମୋ ସପତ୍ନୀକୁ ଦେଇ ଦିଅନ୍ତୁ ।'' ରାଜା କହିଲେ, ''ଏ ସନ୍ତାନ ତୋର । ତୋ ସପତ୍ନୀ ମିଥ୍ୟାବାଦିନୀ । ଅନ୍ୟର ସନ୍ତାନକୁ ଅପହରଣ କରିବାକୁ ମିଥ୍ୟାଜାଲ ରଚନା କରିଥିବା ଅପରାଧରେ ତାକୁ ଦଣ୍ଡ ଦେବି ।'' ନିଜ ପୁତ୍ରର ଜୀବନ ରକ୍ଷା ସକାଶେ ଯେପରି ମା' ସଂପତ୍ତିର ସ୍ୱାର୍ଥ ତ୍ୟାଗ କରି ସପତ୍ନୀକୁ ନିଜ ପୁତ୍ର ଦେବାକୁ ପ୍ରସ୍ତୁତ ଥିଲା, ସେହିପରି ମା'ଙ୍କ ସେବାକର୍ମକୁ ଜୀବନରେ ଶ୍ରେଷ୍ଠସ୍ଥାନ ଦେଇ ସେଥିରେ କୌଣସି ପ୍ରକାର ତ୍ରୁଟି ହେବାକୁ ନ ଦେଇ ନିଜ ଅହଂ-ସ୍ୱାର୍ଥକୁ ତ୍ୟାଗ କରିବାକୁ ହେବ ।

ପ୍ରଶ୍ନ : ନିଜର ପରିବାର-ପାଳନ, ଦେଶ-ସେବା, ଚାକିରିରେ ଉନ୍ନତି, ବ୍ୟବସାୟରେ ଲାଭ, ସମାଜରେ ପ୍ରତିଷ୍ଠା ଓ ଅଧିକାର ଲାଭର ଆଶା ଓ ନେତା ହେବାର ଲୋଭରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ଥାଏ । ଯେଉଁମାନେ ଭଗବତ୍-ପ୍ରାପ୍ତି ଲକ୍ଷ୍ୟ ରଖି ଶ୍ରୀମା'ଙ୍କ ସେବାରୂପେ ଆଶ୍ରମରେ ଏବଂ ଆଶ୍ରମ ବାହାରେ ପାଠଚକ୍ର ଗଠନ ଓ ସମ୍ମିଳନୀ କାର୍ଯ୍ୟ ଆଦି କରୁଛନ୍ତି କିଂବା ସେମାନଙ୍କ ପାଖକୁ ଆସୁଥିବା ବ୍ୟକ୍ତିଙ୍କୁ ଜୀବନର ଅନିବାର୍ଯ୍ୟ ଲକ୍ଷ୍ୟପ୍ରାପ୍ତି ଏବଂ ଜୀବନର ଯଥାର୍ଥ କଲ୍ୟାଣ ଶ୍ରୀଅରବିନ୍ଦଙ୍କ ଯୋଗ ବୋଲି ବୁଝାଇ ସେମାନଙ୍କୁ ସତ୍ପଥରେ ପଥିକ କରାଇବାକୁ ଚେଷ୍ଟା କରୁଛନ୍ତି, କିଂବା ମା'ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ବିଷୟ ସରଳ ଭାଷାରେ ଲେଖୁଛନ୍ତି ତଥା ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସୁଖଶାନ୍ତିରେ ରହନ୍ତୁ, ସଂସାର ସ୍ୱର୍ଗରେ ପରିଣତ ହେଉ – ଏହି ଶୁଭ ଭାବନା ରଖି ପାଠଚକ୍ର, ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜ, ଶ୍ରୀଅରବିନ୍ଦଙ୍କ ଯୁବ ସମାଜ ଆଦି ପ୍ରତିଷ୍ଠା କରନ୍ତି ଅଥବା ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟ ବା ତାଙ୍କ ଯୋଗ-ଭିତ୍ତିରେ ଲିଖିତ ବିଭିନ୍ନ ପୁସ୍ତକର ପ୍ରସାର କରନ୍ତି – ଏହି ସାଧକମାନଙ୍କର ଏହିସବୁ କର୍ମରେ ବ୍ୟକ୍ତିଗତ ସ୍ୱାର୍ଥ କ'ଣ ?

ବ୍ୟକ୍ତି ମା'ଙ୍କ ଆଶ୍ରୟରେ ମା'ଙ୍କ ସକାଶେ କର୍ମ କଲେ ତା' ମଧ୍ୟରେ ଅହଂ-ସ୍ୱାର୍ଥ କ୍ରିୟା କରିବ କିପରି ?

ଉତ୍ତର : ବ୍ୟକ୍ତିର ଅହଂ-ସ୍ୱାର୍ଥ ଥାଏ ତାହାର ମନ-ପ୍ରାଣ-ଶରୀରରେ । ଯେପର୍ଯ୍ୟନ୍ତ ମନ-ପ୍ରାଣ-ଶରୀର ଶ୍ରୀମା'ଙ୍କୁ ସମର୍ପିତ ହୋଇ ନ ଥାଏ, ସେପର୍ଯ୍ୟନ୍ତ ବ୍ୟକ୍ତି ଅହଂ-ସ୍ୱାର୍ଥରୁ ମୁକ୍ତ ହୁଏ ନାହିଁ । ସେ ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଜଣେ ବଡ଼ ସାଧକ ହେବା ଅଥବା ସେ ଜଣେ ମା'ଙ୍କର ଯନ୍ତ୍ର, ମା'ଙ୍କ ସେବା କରୁଛି, ମା'ଙ୍କ ଆଦର୍ଶ ପ୍ରସାର କରୁଛି, 'ଅହଂସ୍ୱାର୍ଥ' ଏହିସବୁ ଭାବର ଆଶ୍ରୟ ନିଏ ଏବଂ ଏହି ଭାବ ଦ୍ୱାରା ତାହା ପୁଷ୍ଟ ହୁଏ ।

ପ୍ରଶ୍ନ : ନିଜର ସ୍ୱାର୍ଥ ଏବଂ ଅହଂ ଭଗବତ୍ ପ୍ରାପ୍ତି ମାର୍ଗରେ ମହାନ୍ ପ୍ରତିବନ୍ଧକ ତଥା ମହାନ୍ ଶତ୍ରୁ ବୋଲି ପ୍ରତ୍ୟେକ ଅଧ୍ୟାତ୍ମ ସାଧକ ଜାଣନ୍ତି, ତେବେ ସେସବୁକୁ ଆଶ୍ରୟ ଦିଅନ୍ତି କାହିଁକି ?

ଉତ୍ତର : ସାଧକ ସାଧନାର ପ୍ରଥମ ଅବସ୍ଥାରେ ଏହିସବୁ କ୍ରିୟାକୁ ଚିହ୍ନିପାରେ ନାହିଁ କିଂବା ଚିହ୍ନିବାକୁ ଚେଷ୍ଟା କରେ ନାହିଁ । କାରଣ ତାଙ୍କ ମନ, ପ୍ରାଣ ଏହି ଅହଂ ସ୍ୱାର୍ଥ ଦ୍ୱାରା ବ୍ୟାମୋହ ହୋଇଥାଏ ।

ପ୍ରଶ୍ନ : ଏହି ଅହଂ-ସ୍ୱାର୍ଥକୁ ଚିହ୍ନିବାର ଉପାୟ କ'ଣ ?

ଉତ୍ତର : ମା'ଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ତଥା ସମର୍ପଣ ଏବଂ 'ମା' ଏହି ନାମଜପ । ଏହାରି ଦ୍ୱାରା ଅନ୍ତରାତ୍ମା ଜାଗ୍ରତ୍ ହୁଏ ତଥା ଭାଗବତୀ ଶକ୍ତି ଆଧାରରେ ଅବତରଣ କରେ । ଅନ୍ତରାତ୍ମାର ଜାଗରଣ ତଥା ଭାଗବତୀ ଶକ୍ତିର କ୍ରିୟା ଦ୍ୱାରା ଜ୍ଞାନ-ବିବେକ ପ୍ରକାଶ ହୁଏ, ତେବେ ବ୍ୟକ୍ତି ଅହଂ-ସ୍ୱାର୍ଥର କ୍ରିୟାକୁ ବୁଝିପାରେ । ଏହାଛଡ଼ା ମା'ଙ୍କ ଉପରେ ନିର୍ଭରତା ରଖିବାରୁ ମା'ଙ୍କ ଉପସ୍ଥିତି ବରାବର ରହିଥାଏ । ବହୁତ ସମୟରେ ସାଧକର ଦୋଷକୁ ମା' ଅଙ୍ଗୁଳି ନିର୍ଦ୍ଦେଶ କରି ଚିହ୍ନାଇ ଦିଅନ୍ତି ଏବଂ କେବେ କେବେ ମହାନ୍ ବିପଦରୁ ରକ୍ଷା କରନ୍ତି ।

ପ୍ରଶ୍ନ : ଯେଉଁମାନେ ସାଧନାରେ କିଛିଦୂର ଅଗ୍ରସର ହୋଇଥା'ନ୍ତି କିଂବା ଯେଉଁମାନଙ୍କର ମନ-ପ୍ରାଣ ଶୁଦ୍ଧ ହୋଇଥାଏ ସେମାନଙ୍କ ଅନ୍ତରରେ ଜ୍ଞାନ-ବିବେକ ପ୍ରକାଶ ହୁଏ, ସେମାନେ ଅହଂକୁ ଚିହ୍ନି ପାରନ୍ତି । ଯେଉଁମାନଙ୍କ ମନ-ପ୍ରାଣ-ଶରୀର ଆଧାର ଏକେବାରେ ପ୍ରସ୍ତୁତ ନ ଥାଏ, ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଓ ନିଷ୍ଠା ସ୍ଥାୟୀ ଭାବରେ ରହି ନ ଥାଏ ସେପରି ଅବସ୍ଥାରେ ସାଧକ ଅହଂ-ସ୍ୱାର୍ଥର କ୍ରିୟାକୁ କିପରି ଚିହ୍ନି ପାରିବ ଏବଂ ତ୍ୟାଗ କରି ପାରିବ ?

ଉତ୍ତର : ଅନ୍ତରର ନୀରବତା ଅବସ୍ଥାରେ କିଂବା ନିଜ ଅପେକ୍ଷା ଅଧିକ ଅଗ୍ରସର ହୋଇଥିବା ସାଧକ, ଯାହାଙ୍କ ପ୍ରତି ନିଜର ବିଶ୍ୱାସ ଥାଏ, ତାଙ୍କ ସହିତ ପରାମର୍ଶ କରିବା ଦ୍ୱାରା ସେ ଅହଂ-ସ୍ୱାର୍ଥର କ୍ରିୟାକୁ ଚିହ୍ନି ପାରନ୍ତି ।

ବ୍ୟକ୍ତି ମଧ୍ୟରେ ଅହଂ-ସ୍ୱାର୍ଥର କୌଣସି କ୍ରିୟା ହେଲେ ତାଙ୍କ ଅନ୍ତରରେ ଅଶାନ୍ତି, ଉଦ୍‌ବେଗ, ଚଞ୍ଚଳତା, ମହଦାକାଙ୍କ୍ଷାଦି ପ୍ରତିକୂଳ ଅବସ୍ଥା ପ୍ରକାଶିତ ହୁଏ । ଏହାର ମୂଳ କାରଣ ଜାଣିବାକୁ ହେଲେ ପ୍ରଥମରେ ନୀରବ ରହି 'ମା'ଏହି ନାମ ଜପ କର ଏବଂ ଜାଣିବା ସକାଶେ ଆନ୍ତରିକ ଅଭୀପ୍ସା ରଖି ଅପେକ୍ଷା କର; ମନର ନିର୍ଣ୍ଣୟକୁ ସ୍ୱୀକାର କର ନାହିଁ, ତାକୁ ନୀରବ କରିଦିଅ । ତେବେ ବିଚାର ବା ସହଜାତ ପ୍ରେରଣା କିଂବା ସ୍ୱପ୍ନ ବା ସୂକ୍ଷ୍ମଦୃଶ୍ୟ, କୌଣସି ବହି ଅଥବା କୌଣସି ବ୍ୟକ୍ତିର କଥାବାର୍ତ୍ତା ମଧ୍ୟଦେଇ ତୁମେ ଅହଂସ୍ୱାର୍ଥର କ୍ରିୟାକୁ ଜାଣିପାରିବ । ଏହିପରି ବାରଂବାର କଲେ ସାଧକର ଅନ୍ତରରେ ବିବେକ-ଜ୍ଞାନ ଉତ୍ପନ୍ନ ହୁଏ ଏବଂ ଅହଂ-ସ୍ୱାର୍ଥର କ୍ରିୟା ହେବା ସଙ୍ଗେ ସଙ୍ଗେ ଆଉ ନୀରବତାରେ ଜାଣିବା ସକାଶେ ପ୍ରଯତ୍ନ କରିବାକୁ ହୁଏ ନାହିଁ; ସ୍ୱତଃସ୍ଫୂର୍ତ୍ତଭାବେ ସେ ଜାଣିପାରେ । ଅନ୍ୟ ଉପାୟ ହେଲା – ଯେଉଁ ସାଧକମାନେ ଏହିସବୁ ଅନୁଭବ ମାର୍ଗଦେଇ ଅଗ୍ରସର ହୋଇଛନ୍ତି ସେମାନଙ୍କ ପରାମର୍ଶ ଦ୍ୱାରା ବି ନିଜ ଅନ୍ତରରେ ଜ୍ଞାନ-ବିବେକ ପ୍ରକାଶିତ ହୁଏ, ସେ ପ୍ରତିକୂଳ ଗତିବୃତ୍ତି ଏବଂ ଅହଂ-ସ୍ୱାର୍ଥର କ୍ରିୟାକୁ ଚିହ୍ନିପାରେ ।

ପ୍ରଶ୍ନ : ଶ୍ରୀଅରବିନ୍ଦ କହିଛନ୍ତି, ''ମା' ଏବଂ ତୋ ମଧ୍ୟରେ ଅନ୍ୟ କାହାକୁ ଆସିବାକୁ ଦେବୁ ନାହିଁ'', ଯଦି ଅନ୍ୟ ସାଧକର ପରାମର୍ଶ ନେବାକୁ ହୁଏ, ତେବେ ମା' ଏବଂ ଆମ ମଧ୍ୟରେ ଅନ୍ୟ ବ୍ୟକ୍ତି ଆସେ ଅର୍ଥାତ୍ ମା'ଙ୍କ ଉପରେ ପୂର୍ଣ୍ଣ ଭରସା ରହେ ନାହିଁ, ପରାମର୍ଶ ଦେଉଥିବା ବ୍ୟକ୍ତି ଉପରେ ନିର୍ଭରତା ରଖିବାକୁ ହୁଏ । ଅତଏବ କୌଣସି ସାଧକର ପରାମର୍ଶ ନେବା ଉଚିତ ନୁହେଁ ବୋଲି ମୋର ମନେ ହୁଏ ।

ଉତ୍ତର : ଅନ୍ୟ ସାଧକଙ୍କ ପରାମର୍ଶ ନ ନିଅନ୍ତୁ । ପ୍ରତ୍ୟେକ ବ୍ୟକ୍ତି ସକାଶେ ଗୋଟିଏ ପ୍ରଣାଳୀ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ନିଜ ସ୍ୱଭାବ ତଥା ନିଜ ମନୋଭାବ ଅନୁସାରେ ଭିନ୍ନ ଭିନ୍ନ ପ୍ରଣାଳୀ । ଯେଉଁ ପ୍ରଣାଳୀରେ ଯାହାର ବିଶ୍ୱାସ ଏବଂ ଆନ୍ତରିକତା ଥାଏ ତା' ସକାଶେ ସେହି ପ୍ରଣାଳୀ ଉତ୍ତମ ଏବଂ ଫଳପ୍ରସୂ ହୁଏ ।

ଅହଂ-ସ୍ୱାର୍ଥ ଏବଂ କୌଣସି ପ୍ରକାର ପ୍ରତିକୂଳ ଅବସ୍ଥା, ମା ଏବଂ ଆମ ମଧ୍ୟରେ ଆବରଣ ହୋଇ ମା'ଙ୍କଠାରୁ

ଆମକୁ ପୃଥକ୍ କରିଦିଅନ୍ତି । ମା' ଏବଂ ଆତ୍ମମାନଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ହେଉଛନ୍ତି ଏହି ଅହଂ-ସ୍ୱାର୍ଥ । ତୃତୀୟ ବ୍ୟକ୍ତିକୁ ଦୂର କରିବା ସକାଶେ ଯାହା ପାଇଁ ଯେଉଁ ସମୟରେ ଯେଉଁ ଉପାୟ ସହଜ ସେ ସେହି ଉପାୟ ଅବଲମ୍ବନ କରିବା ଉଚିତ । ପ୍ରତିକୂଳ ଅବସ୍ଥାକୁ ଦୂର ନ କରିବାକୁ ଯେଉଁ ପ୍ରେରଣା ବା ଯୁକ୍ତି ଆସେ ତାହା ପ୍ରତିକୂଳ ଶକ୍ତିର ।

ମୋର ବ୍ୟକ୍ତିଗତ ଧାରଣା ଏବଂ ଅନୁଭୂତି – ଅଯୋଧ୍ୟାରେ ଥିବା ସମୟରେ ତଥା ଏହି ଆଶ୍ରମରେ କେତେକ ପ୍ରତିକୂଳ ଘଟଣାରେ କୌଣସି ଉଚ୍ଚକୋଟୀର ସାଧକଙ୍କୁ ନିଜ ପରିସ୍ଥିତି କହି ତାଙ୍କ ପରାମର୍ଶ ନେବା ସଙ୍ଗେ ସଙ୍ଗେ ମା'ଙ୍କ କୃପାରୁ ଅନ୍ତରରେ ବିବେକ ଜାଗ୍ରତ୍ ହୁଏ ଏବଂ ପ୍ରତିକୂଳ ଅବସ୍ଥା ଜଣାପଡ଼େ ତଥା ପରିବର୍ତ୍ତନ କରିବାର ଉପାୟ ମଧ୍ୟ ସ୍ପଷ୍ଟ ହୁଏ ।

ପ୍ରଶ୍ନ : ସାଧନାରେ ଅଗ୍ରସର ନ ହୋଇ ଅହଂ-ସ୍ୱାର୍ଥକୁ ଚିହ୍ନି ତାକୁ ବର୍ଜନ କରିବା ନିମିତ୍ତ କ'ଣ ଉପରଲିଖିତ ଉପାୟ ଛଡ଼ା ଅନ୍ୟ ଉପାୟ ନାହିଁ ?

ଉତ୍ତର : ଅଛି । ତାହା ହେଉଛି ମା'ଙ୍କ ଉପରେ ନିର୍ଭରତା ଏବଂ ବିଶ୍ୱାସ । ସେହି ନିର୍ଭରତା ଏବଂ ବିଶ୍ୱାସକୁ ସାଧନାର ଏକେବାରେ ଆରମ୍ଭ ଅବସ୍ଥାରୁ ଜାବୁଡ଼ି ଧରି ରଖିବାକୁ ହେବ । ବ୍ୟକ୍ତି ଯଦି ମା'ଙ୍କ ଉପରେ ନିର୍ଭରତା ଏବଂ ବିଶ୍ୱାସକୁ ସତତ ସ୍ମରଣ ରଖେ ଏବଂ ଅଭୀପ୍ସା କରେ, ତେବେ ତାହା ବୃଦ୍ଧି ହୁଏ । ସେହି ନିର୍ଭରତା ଆସେ ମା'ଙ୍କ କୃପାରୁ କିଂବା କୌଣସି ଘଟଣାରୁ, କୌଣସି ବ୍ୟକ୍ତିର ସମ୍ବନ୍ଧରୁ । ଏହି ବିଶ୍ୱାସ-ନିର୍ଭରତା ହଠାତ୍ ଆସିପାରେ କିଂବା ସାଧନାରେ ବହୁତ ଅଗ୍ରସର ହେବା ପରେ, ପ୍ରତିକୂଳ ଶକ୍ତି ସହିତ ବହୁତ ସଂଘର୍ଷ ହେବା ଦ୍ୱାରା ଆସେ । ଏହା ଆସେ ନିଶ୍ଚିତ ରୂପେ । ଏହା ନ ଆସିବା ପର୍ଯ୍ୟନ୍ତ ସାଧନା ନିରାପଦ ହୁଏ ନାହିଁ । ଏହାରି ଦ୍ୱାରା ଅନ୍ତରରେ ବିବେକ-ଜ୍ଞାନ ଜାତ ହୁଏ, ତେବେ ବ୍ୟକ୍ତି ସହଜରେ ଅହଂ-ସ୍ୱାର୍ଥର କ୍ରିୟାକୁ ଚିହ୍ନିପାରେ ଏବଂ ବର୍ଜନ କରିପାରେ ।

ପ୍ରଶ୍ନ : ଅହଂ-ସ୍ୱାର୍ଥ କ୍ରିୟାର ଆନ୍ତରିକ ଲକ୍ଷଣ କ'ଣ ?

ଉତ୍ତର : ବ୍ୟକ୍ତି ଯେଉଁ କର୍ମ କରୁଥାଏ, ସେ ତାହାକୁ ଅନ୍ୟ ଅପେକ୍ଷା ଉତ୍ତମ ରୂପେ କରୁଛି ବୋଲି ଧାରଣା କରେ । କଥାରେ କହୁଥାଏ, ''ମା' ତାଙ୍କ କାର୍ଯ୍ୟ କରୁଛନ୍ତି'', ଅନ୍ତରରେ ଥାଏ, ''ମୋ ଛଡ଼ା ଏ କାର୍ଯ୍ୟ ହୋଇପାରିବ ନାହିଁ'' ଅଥବା ''ଅମୁକ ବ୍ୟକ୍ତି ମୋତେ ନ ପଚାରି, ମୋ ପରାମର୍ଶ ବିନା ନିଜେ ବଡ଼ ହେବା ଉଦ୍ଦେଶ୍ୟରେ କାର୍ଯ୍ୟ କରି ଚାଲିଯାଉଛି, ସେ ପରିଚାଳିତ ହେଉଛି କେବଳ ଅହଂ ଦ୍ୱାରା ।'' ଏହି ଧାରଣା ରଖି ସେ ବ୍ୟକ୍ତିର କାର୍ଯ୍ୟରେ ବାଧା ଦେବା ସକାଶେ ବହୁତ ଉପାୟ ଭାବୁଥାଏ ଏବଂ ତାକୁ କାର୍ଯ୍ୟରେ ପରିଣତ କରେ । ଏଥିରେ ସଂଘର୍ଷ ହୁଏ, ବିବାଦ ହୁଏ, ମା'ଙ୍କ କାର୍ଯ୍ୟ ବ୍ୟାହତ ହୁଏ । ଏଥିରୁ ଈର୍ଷା, ବିରୋଧ, ସ୍ୱାର୍ଥ, ହିଂସା, ଦ୍ୱେଷ ଇତ୍ୟାଦି ଜନ୍ମେ । ଏହାହିଁ ହେଲା ଅହଂ-ସ୍ୱାର୍ଥ ବା ପ୍ରତିବନ୍ଧକ ଅବସ୍ଥାର ଆନ୍ତରିକ ଲକ୍ଷଣ । ଏହିସବୁ କେବେ କେବେ ସିଧା ସିଧା ପ୍ରକାଶିତ ହୁଏ । କେବେ କେବେ ''ଅନ୍ୟ ବ୍ୟକ୍ତି ଦ୍ୱାରା ମା'ଙ୍କ କାର୍ଯ୍ୟରେ କ୍ଷତି ହେଉଛି'' ଏହି ମନୋଭାବକୁ ଆଶ୍ରୟ କରି ଛଦ୍ମରୂପେ ପ୍ରକାଶିତ ହୁଏ । ଏହିସବୁ ବୃତ୍ତି କୌଣସି ଅବସ୍ଥାରେ ବି ଭାଗବତୀ ଶକ୍ତିର ହୋଇପାରନ୍ତି ନାହିଁ, ଏହିସବୁ ଅବସ୍ଥା ସର୍ବଦା ତ୍ୟାଜ୍ୟ ।

ପ୍ରଶ୍ନ : ଅଧ୍ୟାତ୍ମ କର୍ମରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ମନୋଭାବର ସ୍ୱରୂପ କ'ଣ ?

ଉତ୍ତର : ଅଧ୍ୟାତ୍ମ-ସାଧନା ପଶ୍ଚାତରେ ବଡ଼ ସାଧକ ହେବା, ଲୋକଙ୍କଠାରୁ ପ୍ରଶଂସା, ନାମ-ଯଶଃ ପାଇବାର ମନୋଭାବ ହେଲା ଅହଂ-ସ୍ୱାର୍ଥର ସ୍ୱରୂପ ।

ପୂର୍ବେ କୁହାଯାଇଛି ଯେ ମନୁଷ୍ୟର ବ୍ୟକ୍ତିତ୍ୱ ଗଠିତ ହୋଇଛି ଅହଂ ଏବଂ ସ୍ୱାର୍ଥ ଦ୍ୱାରା । କୌଣସି ଗୋଟିଏ ବ୍ୟକ୍ତି ଏଥିରୁ ମୁକ୍ତ ନୁହେଁ । ସେ ଆସିଛି ପଶୁରୁ, ଶରୀର ପ୍ରାପ୍ତ ହୋଇଛି ମନୁଷ୍ୟର । କିନ୍ତୁ କାମନା-ବାସନା ବିଦ୍ୟମାନ ରହିଛି ପଶୁର । ବରଂ ପଶୁ ଅପେକ୍ଷା ମନୁଷ୍ୟର ମନ-ବୁଦ୍ଧି ଅଧିକ ଥିବାରୁ ସେ ବାସନା-କାମନା ସହଜରେ ଚରିତାର୍ଥ କରିପାରୁଛି ।

ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ତା'ର ବାସନା-କାମନା ହଠାତ୍ ଦୂର ହୁଏ ନାହିଁ କି ରୂପାନ୍ତର ହୁଏ ନାହିଁ । ଭୂତ ଥିବା ଗଛକୁ କାଟି ଦେଲେ ଭୂତ ଯେପରି ଚାଲି ନ ଯାଇ ଅନ୍ୟ ଗଛର ଆଶ୍ରୟ ନିଏ ସେହିପରି ଜାଗତିକ ଭୋଗ-ବିଳାସ, ଐଶ୍ୱର୍ଯ୍ୟ, ଅଧିକାର ତ୍ୟାଗରେ ବାସନା-କାମନା ଦୂର ହୁଏ ନାହିଁ ବରଂ ଅଧ୍ୟାତ୍ମ ମାର୍ଗରେ ସତ୍ୟ ଆଶ୍ରୟରେ ତାହା ନିଜକୁ ଚରିତାର୍ଥ କରିବାକୁ ଚାହେଁ ।

ପ୍ରଶ୍ନ : ଅଧ୍ୟାତ୍ମ-ମାର୍ଗରେ ବ୍ୟକ୍ତି କାମନା-ବାସନା କିପରି ଚରିତାର୍ଥ କରିବାକୁ ଚାହେଁ ?

ଉତ୍ତର : ବ୍ୟକ୍ତି ବଡ଼ ସାଧକ ରୂପେ, ବୈରାଗ୍ୟବାନ୍, ତ୍ୟାଗୀ, ଲେଖକ, ସଂଗଠକ, ବ୍ୟବସ୍ଥାପକରୂପେ ସମାଜରେ ପ୍ରସିଦ୍ଧିଲାଭ କରି ନାମ-ଯଶଃ ଦ୍ୱାରା କାମନା-ବାସନା ପୂର୍ଣ୍ଣ କରିବାକୁ ଚାହେଁ ।

ସାଧକ ଅଧ୍ୟାତ୍ମ-ମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଅଥବା କିଛିଦୂର ଅଗ୍ରସର ହେବା ପରେ ତା'ର ଯଦି ଅଭୀପ୍ସା ଥାଏ, ତେବେ ଅଧ୍ୟାତ୍ମ ଶକ୍ତି କିଛି ତା' ମଧ୍ୟରେ ପ୍ରକାଶିତ ହୁଏ ଅଥବା ଅବତରଣ କରେ । ଧାନ କ୍ଷେତରେ ଖତ ପାଇ ଧାନ ସହିତ ବାଳୁଙ୍ଗା ପ୍ରବଳ ହେବା ସଦୃଶ ଅଧ୍ୟାତ୍ମ-ଶକ୍ତି ସ୍ପର୍ଶରେ ବ୍ୟକ୍ତିର କାମନା-ବାସନା ଅହଂ-ସ୍ୱାର୍ଥ ପ୍ରବଳ ହୁଏ । ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ସେଥିରେ ଭାଗବତୀ ଶକ୍ତି ସାହାଯ୍ୟ ବି କରେ । ସେ ଯୋଗ ସମ୍ବନ୍ଧେ କିଛି ଲେଖିପାରେ, ଲୋକଙ୍କୁ ବୁଝାଇପାରେ, ଲୋକଙ୍କଠାରୁ ଆଦର-ସମ୍ମାନ ପାଏ; ଅଥବା ଜଣେ ଭଲ ସାଧକ, ଭଲ ବକ୍ତା, ବୈରାଗ୍ୟବାନ୍, ତ୍ୟାଗୀ, ଭକ୍ତ, ମା'ଙ୍କ ପ୍ରତି ବିଶ୍ୱାସ ରଖିଥିବା ନିଷ୍ଠାବାନ୍ କିଂବା ଭଲ ବ୍ୟବସ୍ଥାପକ ବା ପ୍ରଚାରକ, ଭଲ ସଂଗଠକ କିଂବା ଅଧ୍ୟାତ୍ମ ମାର୍ଗରେ ସେ ଜଣେ ଉତ୍ତମ ଭକ୍ତ ବୋଲି ଲୋକଙ୍କ ପାଖରେ ପରିଚିତ ହୁଏ । ମା'ଙ୍କ ପ୍ରତି ଦୃଢ଼ବିଶ୍ୱାସ, ନିଷ୍ଠା କୌଣସି ଭାଗରେ ଥିଲେ ସେ କୌଣସି କାର୍ଯ୍ୟ-ସିଦ୍ଧି ସକାଶେ ମା'ଙ୍କୁ ପ୍ରାର୍ଥନା କଲେ କିଂବା ତୀବ୍ରଭାବେ ଚାହିଁଲେ ତାହା ସଫଳ ହୁଏ । ଏଥିରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ଫୁଲି ଉଠେ । ଭ୍ରମବଶତଃ ସେ ସ୍ୱୟଂ ମନେକରେ ସେ ଜଣେ ଶ୍ରେଷ୍ଠ ସାଧକ, ଅନ୍ୟ ଅପେକ୍ଷା ମା'ଙ୍କ କୃପା ତା' ଉପରେ ଅଧିକ । ସେ ମା'ଙ୍କ ଯନ୍ତ୍ର । ସେ ଚାହେଁ ଲକ୍ଷ୍ୟପ୍ରାପ୍ତି, ମା'ଙ୍କ ସେବା, ମା'ଙ୍କ ପ୍ରତି ସମର୍ପଣ, ମା'ଙ୍କ କାର୍ଯ୍ୟ କରିବାକୁ, ଏଥିସକାଶେ ସେ ସାଂସାରିକ ଭୋଗ-ବିଳାସ, ଅର୍ଥ, ଅଧିକାର, ଐଶ୍ୱର୍ଯ୍ୟାଦି ସମସ୍ତ ତ୍ୟାଗ କରେ । କିନ୍ତୁ ଏହା ମୂଳରେ ସ୍ପଷ୍ଟଭାବେ ଥାଏ ଅଧ୍ୟାତ୍ମ-ମାର୍ଗରେ ନିଜର ନେତୃତ୍ୱ, ନାମ-ଯଶଃ-ପ୍ରତିଷ୍ଠାର ଅଭିଳାଷ । ସାଧକର ଏହି ଅବସ୍ଥାରେ ବାହ୍ୟ କ୍ରିୟାରେ ଲକ୍ଷ୍ୟପ୍ରାପ୍ତି ଏବଂ ମା'ଙ୍କ ସେବାଭାବ ଥାଏ ଗୌଣ, ନିଜର ନାମଯଶଃ, ନେତୃତ୍ୱର ଆଶା ଥାଏ ପ୍ରଧାନ । ଏହାର ଲକ୍ଷଣ ହେଲା — ନାମଯଶଃ, ନେତୃତ୍ୱରେ ବାଧା ପଡ଼ିଲେ କିଂବା ଅନ୍ୟ ଦ୍ୱାରା ନିଜ ଅଧିକାର ବ୍ୟାହତ ହେଲେ ଯେଉଁ କାର୍ଯ୍ୟ ମା'ଙ୍କ ସେବା ଅଥବା ଲକ୍ଷ୍ୟପ୍ରାପ୍ତି ସକାଶେ କରାହେଉଥାଏ, ସେହି କାର୍ଯ୍ୟ ପ୍ରକାଶ୍ୟରେ ଅଥବା ଅପ୍ରକାଶ୍ୟରେ ବ୍ୟର୍ଥ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ ।

କେବେ କେବେ ଅହଂ-ସ୍ୱାର୍ଥର ପ୍ରବଳତା ଯୋଗୁଁ ବିବେକ-ବିଚାର ଆବୃତ ହୋଇଥାଏ । ନିଜ ଅହଂ ଏବଂ ସ୍ୱାର୍ଥରେ ବାଧା ପଡ଼ିବା ମାତ୍ରେ ସେ ଆଉ ବରଦାସ୍ତ କରିପାରେ ନାହିଁ । ତା' ଦୃଷ୍ଟିରେ ସେ ସର୍ବଥା ନିର୍ଦୋଷ, ଅନ୍ୟ ବ୍ୟକ୍ତି ଦୋଷଯୁକ୍ତ, ନିଜ କାର୍ଯ୍ୟ ନିର୍ଭୁଲ, ଅନ୍ୟର କାର୍ଯ୍ୟ ଭ୍ରମପୂର୍ଣ୍ଣ; ନିଜ କହିବା, ବୁଝିବା ଓ ଭାବିବା ଠିକ୍ ଏବଂ ଅନ୍ୟର କହିବା, ବୁଝିବା, ଭାବିବା ସର୍ବଥା ଭୁଲ୍ ବୋଲି ସେ ଭାବେ । ନିଜର ଏହି ଧାରଣାକୁ ପୋଷଣ କରିବା ସକାଶେ ନାନାପ୍ରକାର ଯୁକ୍ତିଦିଏ । ନିଜ ଧାରଣାକୁ ସମର୍ଥନ କରିବା ବ୍ୟକ୍ତି ଅତ୍ୟନ୍ତ ପ୍ରିୟ ହୁଏ । ଅନ୍ୟ ବ୍ୟକ୍ତି ଯଥାର୍ଥ

କାର୍ଯ୍ୟ କରୁଥିବା ସତ୍ତ୍ୱେ ଆନୁଗତ୍ୟ ସ୍ୱୀକାର ନ କଲେ ତଥା ନିଜ ଧାରଣାକୁ ଏବଂ ନିଜ କାର୍ଯ୍ୟକୁ ସମର୍ଥନ ନ କଲେ ସେ ଅପ୍ରିୟ ହୁଏ । ସେ ଭଗବାନ୍ ବା ମା'ଙ୍କ ସକାଶେ ଯେଉଁ କାର୍ଯ୍ୟ ବିଶେଷ ମହତ୍ତ୍ୱପୂର୍ଣ୍ଣ ଭାବି କରେ ବା କରୁଥାଏ ସେହି କାର୍ଯ୍ୟ ସଂପର୍କରେ ଅନ୍ୟ ବ୍ୟକ୍ତି ଦ୍ୱାରା ନିଜ ଅଧିକାର ବା ନାମ-ଯଶଃରେ ବାଧା ପଡ଼ିଲେ, ସେହି କାର୍ଯ୍ୟ ବ୍ୟାହତ ହେବା ନ ହେବା ବିଚାର ନ କରି କାର୍ଯ୍ୟ ତ୍ୟାଗ କରେ ଅଥବା ଅନ୍ୟ ସଙ୍ଗେ ସଂଘର୍ଷ ବା ଝଗଡ଼ା କରିବା ଦ୍ୱାରା ମା'ଙ୍କ କାର୍ଯ୍ୟ ନଷ୍ଟ ହୁଏ ।

ପ୍ରଶ୍ନ : ବ୍ୟକ୍ତି ସର୍ବଥା ମୋହ-ମାୟାରେ ଆବୃତ ଥାଏ । ଭଗବତ୍ କୃପାରୁ ତା'ର ଗୋଟିଏ ଭାଗ ଭଗବତ୍ ଅଭିମୁଖୀ ହୁଏ । ଅଧ୍ୟାତ୍ମ-ମାର୍ଗରେ ଯଦି ବ୍ୟକ୍ତିର ଭଗବାନଙ୍କୁ ନ ଚାହୁଁଥିବା ଭାଗ ପୂର୍ବ ଅଭ୍ୟାସବଶତଃ କାମନା-ବାସନା, ଅହଂ-ସ୍ୱାର୍ଥର ଦାବି ପୂରା କରିବାକୁ ଚାହେଁ, ତେବେ ତା'ର ପରିଣାମ କ'ଣ ହୁଏ ?

ଉତ୍ତର : ଅହଂ-ସ୍ୱାର୍ଥ, କାମନା-ବାସନା ପୂର୍ଣ୍ଣ ହେବାରେ ବହୁ ବାଧାବିଘ୍ନ, ଦୁଃଖକଷ୍ଟ ବ୍ୟକ୍ତି ଭୋଗେ । ତାହାରି ମଧ୍ୟଦେଇ ଭଗବାନଙ୍କ କୃପାରୁ ତା' ସତ୍ତା ଶୁଦ୍ଧ ହୁଏ, ପରିଣାମରେ ସେ ଭଗବତ୍ ପ୍ରାପ୍ତି କରେ । ତା'ର ସର୍ବଥା ପତନ ହୁଏ ନାହିଁ । କୌଣସି ବ୍ୟକ୍ତି କୌଣସି ଭାଗରେ ଯଦି ଭଗବତ୍ ଶରଣ ନିଏ ତା'ର ଅନ୍ୟାନ୍ୟ ଭାଗରେ ମହାନ୍ ଦୋଷ ଥିଲେ ମଧ୍ୟ ଭଗବାନ୍ ତାକୁ ତ୍ୟାଗ କରନ୍ତି ନାହିଁ । ତା'ର ଦୋଷ ସଂଶୋଧନ କରିବାର ଉପାୟ କରନ୍ତି । ସେହି ଅବସ୍ଥା ହୁଏ ବ୍ୟକ୍ତିର ଅପ୍ରିୟ ! ସେ ମୋହବଶତଃ ତାହା ଦଣ୍ଡ ମନେ କରିପାରେ, କିନ୍ତୁ ସେହି ଦଣ୍ଡର ପଶ୍ଚାତରେ ଥାଏ ଭଗବାନଙ୍କର ଅସୀମ କୃପା, ଅକଳ୍ପନୀୟ ଦୟା ।

ପ୍ରଶ୍ନ : ଯେଉଁମାନେ ବିଦ୍ୱାନ୍ ସାଧକ ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କରନ୍ତି ଅଥବା ସଂସାରରେ ମହତ୍ତ୍ୱପୂର୍ଣ୍ଣ କର୍ମ କରନ୍ତି ସେମାନଙ୍କର କର୍ମରେ ଅହଂ-ସ୍ୱାର୍ଥ ରହିପାରେ । ଯେଉଁମାନେ ଝାଡୁ ଲଗାନ୍ତି ବା ବାସନ ମାଜନ୍ତି ସେମାନଙ୍କର ଅହଂ-ସ୍ୱାର୍ଥ ରହିବ କିପରି ?

ଉତ୍ତର : ସନ୍ନ୍ୟାସୀମାନେ ବସ୍ତୁରୁ ମମତା ତ୍ୟାଗ କରିବା ସକାଶେ ସର୍ବସ୍ୱ ତ୍ୟାଗ କରନ୍ତି, କିନ୍ତୁ ଗୋଟିଏ ଗଛମୂଳରେ ଗୋଟିଏ ରାତ୍ରି ବିଶ୍ରାମ କରିବାରେ ସେହି ଗଛମୂଳରେ ମମତା ହୁଏ, ସେଥିପାଇଁ ସେମାନେ ଗୋଟିଏ ଗଛମୂଳରେ ଦୁଇରାତ୍ରି ବିଶ୍ରାମ କରନ୍ତି ନାହିଁ । ମହତ୍ତ୍ୱପୂର୍ଣ୍ଣ କର୍ମ ବା ଅସାଧାରଣ କର୍ମକୁ ଅହଂ ପରବାୟ କରେ ନାହିଁ । ଝାଡୁ ଲଗାଇବାରେ, ବାସନ ଧୋଇବାରେ ବି ଅହଂ ପ୍ରେରଣାରେ ବ୍ୟକ୍ତି ମନେକରେ, ''ମୁଁ ଅନ୍ୟ ଅପେକ୍ଷା ଉତ୍ତମ ରୂପେ, ପରିଷ୍କାର ଭାବେ ଝାଡୁ ଲଗାଇପାରେ, ବାସନ ମଧ୍ୟ ଧୋଇପାରେ, ମୋ ପରି ଅନ୍ୟ କରି ପାରିବ ନାହିଁ ।'' କିଂବା ମନେ କରେ, ''କର୍ମରେ ସାନବଡ଼ ନାହିଁ, ଭାବରେ, ମୁଁ ଏହି କର୍ମ ସମର୍ପଣଭାବେ କରୁଛି, ଅତଏବ ମୋର ଏହା କର୍ମ ।'' ଅହଂ-ସ୍ୱାର୍ଥ ରୂପାନ୍ତର ନ ହେବା ପର୍ଯ୍ୟନ୍ତ ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ସେଥିରେ ତାହା ପ୍ରକାଶିତ ହୁଏ ।

ପ୍ରଶ୍ନ : ବ୍ୟକ୍ତି ଭଗବତ୍ ଆଶ୍ରୟ ନେବା ପରେ ତା'ର ଅହିତକର କାମନା-ବାସନା ପୂରା କରି ତା'ର ଅହଂକୁ ଭଗବାନ୍ ବୃଦ୍ଧି କରନ୍ତି କାହିଁକି ?

ଉତ୍ତର : ଭଗବାନ୍ ବ୍ୟକ୍ତିର ଅହଂ ବୃଦ୍ଧି କରିବା ସକାଶେ ତା'ର କାମନା-ବାସନା ପୂର୍ଣ୍ଣ କରନ୍ତି ନାହିଁ, ବାସନା-କାମନା ପୂର୍ଣ୍ଣ କରନ୍ତି ତା'ର ଭଗବତ୍ ବିଶ୍ୱାସ ଦୃଢ଼ କରିବା ସକାଶେ । କିନ୍ତୁ ବ୍ୟକ୍ତି ସ୍ୱଭାବବଶତଃ ତା'ର କାମନା-ବାସନା ପୂର୍ଣ୍ଣ ହେବାରେ ଅହଂ-ସ୍ୱାର୍ଥ ବୃଦ୍ଧି ହୁଏ । କୃଷକ ଧାନଗଛକୁ ବଳଶାଳୀ କରିବା ସକାଶେ କ୍ଷେତରେ ଖତ ଦିଏ,

କିନ୍ତୁ ଧାନ ସଙ୍ଗେ ବାଳୁଙ୍ଗା ଥିବାରୁ ସେ ବି ସେଥିରୁ ଲାଭ ଉଠାଏ । ବାଳୁଙ୍ଗା ଶକ୍ତିଶାଳୀ ହେବା କୃଷକକୁ ଜଣାଥିବା ସତ୍ତ୍ୱେ ସେ ପରବାୟ କରେ ନାହିଁ; ଧାନଗଛ ବଳିଷ୍ଠ ହେବା ପରେ ବାଳୁଙ୍ଗାକୁ ଉପାଡ଼ି ଫୋପାଡ଼ି ଦିଏ । ଠିକ୍ ସେହିପରି ଭଗବାନ୍, ଭକ୍ତର ବାସନା-କାମନା ପୂର୍ଣ୍ଣ କରିବାରେ ତା'ର ଭଗବତ୍ ବିଶ୍ୱାସ ବୃଦ୍ଧି ସହିତ ଅହଂସ୍ୱାର୍ଥ ବଢ଼େ, କିନ୍ତୁ ବିଶ୍ୱାସ ଦୃଢ଼ ହେବା ପରେ ତା'ର ବାସନା-କାମନା ବ୍ୟର୍ଥ କରି ତାହାରି ଦ୍ୱାରା ତା' ଅହଂ ସ୍ୱାର୍ଥକୁ ଉପାଡ଼ି ଫୋପାଡ଼ି ଦିଅନ୍ତି । ବ୍ୟକ୍ତିର ଯେତେବେଳେ ଭଗବତ୍ ବିଶ୍ୱାସ ଗୋଟିଏ ଭାଗରେ ଦୃଢ଼ ହୋଇସାରି ଥାଏ, ବାସନା-କାମନାର ବିଫଳତାରେ ଭଗବାନଙ୍କୁ ଛାଡ଼ି ଯିବାର ବାଟ ନ ଥାଏ, ସେତେବେଳେ ଯେଉଁ ବାସନା-କାମନା ଭଗବାନଙ୍କ ସଙ୍କଳ୍ପର ପ୍ରତିକୂଳ ହୁଏ, ତାହାକୁ ବ୍ୟର୍ଥ କରାହୁଏ । ଏହି ବିଫଳତାରେ ବ୍ୟକ୍ତିକୁ ବିଶେଷ ମାନସିକ ପୀଡ଼ା ହୁଏ । କେବେ କେବେ କର୍ମରେ ବୈରାଗ୍ୟ ଆସେ, କେବେ କର୍ମରେ ବିରୋଧ କରିବାକୁ ପ୍ରବୃତ୍ତି ହୁଏ । ସେଥିରେ ସଫଳତା ନ ହେଲେ ଅଧିକ ମନସ୍ତାପ ହୁଏ । ଈର୍ଷ୍ୟା, ବିରୋଧ, ହତାଶା, ନିରାଶା, ଅଶାନ୍ତିରେ ବ୍ୟକ୍ତି ଜର୍ଜରିତ ହୁଏ; କିନ୍ତୁ ଭଗବାନଙ୍କୁ ଛାଡ଼ି ଯାଇପାରେ ନାହିଁ । ଏହିସବୁ ପ୍ରତିକୂଳ ଘଟଣାରେ ତା'ର ବାସନା-କାମନା, ପ୍ରାଣର ଗତିବୃତ୍ତି ଶାନ୍ତ ହୋଇଯାଏ । ସେହି ଅବସ୍ଥାରେ ଭଗବାନ୍ ତା' ଅନ୍ତରରେ ଜ୍ଞାନ, ଜ୍ୟୋତିଃ ପ୍ରକାଶ କରନ୍ତି, ସେ ନିଜର ସ୍ୱାର୍ଥ-ଅହଂକୁ ଚିହ୍ନିପାରେ ଏବଂ ବର୍ଜନ କରିବାକୁ ସଂକଳ୍ପ କରେ । ସୁତରାଂ ସେ ଥରକରେ ପୂର୍ଣ୍ଣ-ରୂପେ ସଚେତ ହୋଇପାରେ ନାହିଁ । ତା' ସତ୍ତା ଶୁଦ୍ଧ ନ ହେବା ପର୍ଯ୍ୟନ୍ତ ବାରଂବାର ପ୍ରତିକୂଳ ଅବସ୍ଥାର ସୁଯୋଗ ପାଇ ଅହଂ-ସ୍ୱାର୍ଥ, ବାସନା-କାମନା ଆସୁଥାଆନ୍ତି । ଏହି ଅବସ୍ଥା ମଧ୍ୟଦେଇ ଭଗବାନଙ୍କ ଜ୍ଞାନ, ଜ୍ୟୋତିଃ ଅଧିକାଧିକ ପ୍ରକାଶିତ ହେଉଥାଏ ଏବଂ ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା କ୍ରମଶଃ ବୃଦ୍ଧି ହେଉଥାଏ । ଶେଷରେ ବ୍ୟକ୍ତି ନିଜ ଦୋଷଟିଟି ସମ୍ବନ୍ଧେ ପୂର୍ଣ୍ଣରୂପେ ସଚେତ ହୁଏ ଏବଂ ତାହା ତ୍ୟାଗ କରେ । ଭଗବାନ୍ ନିଜ ଆଶ୍ରିତ ବ୍ୟକ୍ତିର ଦୋଷ ଦେଖି ତ୍ୟାଗ କରନ୍ତି ନାହିଁ । ଶିଶୁ ଶରୀରରେ ବଥ ହେଲେ ତା'ର ଆରୋଗ୍ୟ ସକାଶେ ମା' ନିର୍ଦୟରୂପେ ଶିଶୁର ପୀଡ଼ାକୁ ଭ୍ରୂକ୍ଷେପ ନ କରି ବଥ ଚିରି ପୂଯ ବାହାର କରିବା ସଦୃଶ ଭଗବାନ୍ ନିଜ ଆଶ୍ରିତର ହିତ ସକାଶେ ତା' ଦୋଷକୁ ନିର୍ମମଭାବେ ସଂଶୋଧନ କରନ୍ତି ।

ପ୍ରଶ୍ନ : ଭଗବାନ୍ ବ୍ୟକ୍ତିର ଭଗବତ୍ ବିଶ୍ୱାସ ଦୃଢ଼ କରିବା ସକାଶେ ତା' ବାସନା-କାମନା ପୂର୍ଣ୍ଣ କରି ତା' ଅହଂକୁ ବୃଦ୍ଧି କରନ୍ତି, ନା ତା' ଆଧାରରେ ବାସନା-କାମନା ବିଦ୍ୟମାନ ଥାଏ, ତାହା ପୂରା ହେବାରେ ଭଗବତ୍ ବିଶ୍ୱାସ ବୃଦ୍ଧି ହୁଏ ? ଏହି ଦୁଇଟି ପ୍ରଣାଳୀରୁ କେଉଁଟି ଠିକ୍ ?

ଉତ୍ତର : ଘଟେ ଏହିପରି । ଦୁଇଟି ପ୍ରଣାଳୀ ଯଥାର୍ଥରେ ଏକ, କେବଳ ଭାଷା ଭିନ୍ନ । ପ୍ରତ୍ୟେକ ଭକ୍ତ ନିଜ ଭାବ ଅନୁସାରେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରନ୍ତି । ଯେଉଁ ଭକ୍ତକୁ ଯେଉଁ ଭାବ ଭଲ ଲାଗେ ସେ ସେହି ଭାବ ମାନିନେବା ଉଚିତ ।

ପ୍ରଶ୍ନ : ଅହଂ-ସ୍ୱାର୍ଥ, ବାସନା-କାମନା ଭଗବତ୍ ପ୍ରାପ୍ତିରେ ଭୟଙ୍କର ଅନ୍ତରାୟ । ତାହା ପୂର୍ଣ୍ଣ ହେବାରେ ବ୍ୟକ୍ତିର ଭଗବତ୍ ବିଶ୍ୱାସ ଦୃଢ଼ ହୁଏ କିପରି ?

ଉତ୍ତର : ବ୍ୟକ୍ତିର କାମନା-ବାସନା ପୂର୍ଣ୍ଣ ହେବାରେ ''ତା' ମାନସିକ ବାସନାକୁ ଭଗବାନ୍ ଜାଣିପାରୁଛନ୍ତି ଏବଂ ପୂର୍ଣ୍ଣ କରୁଛନ୍ତି'' ଏହି ଅନୁଭୂତି ଦ୍ୱାରା ବ୍ୟକ୍ତିର ଭଗବାନଙ୍କ ପ୍ରତି କୃତଜ୍ଞତା, ଶ୍ରଦ୍ଧା, ବିଶ୍ୱାସ ଜନ୍ମେ ଏବଂ ଦୃଢ଼ ହୁଏ । ଅର୍ଥାତ୍ ସେ ମନେକରେ, ''ମୋ ଚାହିଁବା ଭଗବାନଙ୍କ ପାଖରେ ପହଞ୍ଚି ପାରୁଛି ଏବଂ ଭଗବାନ୍ ଯଦି ତାହା ପୂରା କରୁଛନ୍ତି, ତେବେ ମୋ ଲକ୍ଷ୍ୟପ୍ରାପ୍ତିରେ ଅନ୍ତରାତ୍ମାର ଡାକ ସେ ନିଶ୍ଚୟ ଶୁଣିବେ ଏବଂ ପୂର୍ଣ୍ଣ କରିବେ ।'' ଏହି ଧାରଣାହିଁ ବିଶ୍ୱାସ ।

ବ୍ୟକ୍ତିର ଅନ୍ତରାତ୍ମା ଭଗବାନଙ୍କ କୃପାରୁ କେବେ କେବେ ଜାଗ୍ରତ୍ ହେଲେ ସେ ଭଗବତ୍ ଅଭିମୁଖୀ ହୁଏ; କିନ୍ତୁ ତା' ମନ-ପ୍ରାଣ ସତ୍ତାରେ ବାସନା-କାମନା, ଅହଂ-ସ୍ୱାର୍ଥ ପୂର୍ଣ୍ଣ ହୋଇଥାଏ । ସେହି କାରଣରୁ ସେ ଭଗବତ୍ ପ୍ରାପ୍ତି ବା ମୁକ୍ତି କିଂବା ମନ-ପ୍ରାଣ-ଶରୀର ରୂପାନ୍ତର ସକାଶେ ଅଭୀପ୍ସା କରିପାରେ ନାହିଁ । ଭଗବାନଙ୍କଠାରୁ ମୋକଦ୍ଦମାରେ ଜିତିବା, ବ୍ୟବସାୟରେ ଲାଭବାନ୍ ହେବା, ପରୀକ୍ଷାରେ ପାସ୍ କରିବା, ବଡ଼ନେତା ହେବା, ସମାଜରେ ପ୍ରତିଷ୍ଠା ଓ ଆଦର-ସମ୍ମାନ ପ୍ରାପ୍ତ ହେବା ଅଥବା ବଡ଼ ସାଧକ, ବଡ଼ ଯୋଗୀ, ଲେଖକ, ବିଦ୍ୱାନ୍, ବକ୍ତାରୂପେ ଲୋକ-ପ୍ରସିଦ୍ଧି ତଥା ଆଦର-ସମ୍ମାନ ପାଇବାକୁ ବ୍ୟକ୍ତି ଚାହେଁ । ଏହି ଚାହିଁବାହିଁ କାମନା-ବାସନା, ଅହଂ-ସ୍ୱାର୍ଥ, ତା'ର ଭଗବାନଙ୍କ ପ୍ରତି କୌଣସି ଭାଗରେ ଦୃଢ଼ ବିଶ୍ୱାସ, ନିଷ୍ଠା ଥିଲେ ଏହିସବୁ କାମନା-ବାସନା ପୂର୍ଣ୍ଣ ହେବାରେ ବ୍ୟକ୍ତିର ଭଗବତ୍ ବିଶ୍ୱାସ ଦୃଢ଼ ହୁଏ । ଏହି ଭଗବତ୍ ବିଶ୍ୱାସ ଦ୍ୱାରା କ୍ରମଶଃ ତା'ର ମନ ପ୍ରାଣ ଶୁଦ୍ଧ ହୁଏ ଏବଂ କାମନା, ବାସନା କ୍ଷୟ ହୁଏ । ଭଗବତ୍ ବିଶ୍ୱାସ ପ୍ରଭାବରେ ତା' ଅନ୍ତରରେ ଜ୍ଞାନ-ଜ୍ୟୋତିଃ ପ୍ରକାଶିତ ହୁଏ, ସେ ସମସ୍ତ କାମନା-ବାସନା ତ୍ୟାଗ କରି ନିଜକୁ ସଂପୂର୍ଣ୍ଣରୂପେ ଭଗବାନଙ୍କ ଚରଣରେ ସମର୍ପଣ କରିପାରେ ।

ପ୍ରଶ୍ନ : ଏହିପରି କ'ଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଘଟେ ?

ଉତ୍ତର : ନା, ଭିନ୍ନ ଭିନ୍ନ ବ୍ୟକ୍ତିର ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ରୂପେ ଘଟେ । କେହି ଭଗବାନଙ୍କ କୃପାରୁ ସାଧନାର ଆରମ୍ଭରୁ ଅହଂ-ସ୍ୱାର୍ଥକୁ ଚିହ୍ନି ପାରନ୍ତି ଏବଂ ସର୍ବଥା ସଚେତ ରହି ସେସବୁର ପ୍ରେରଣାକୁ କ୍ରିୟାରେ ପରିଣତ ହେବାକୁ ଦିଅନ୍ତି ନାହିଁ ।

ପ୍ରଶ୍ନ : ଯେଉଁ ସାଧକମାନେ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ କର୍ମ ଗ୍ରହଣ କରି ନ ଥା'ନ୍ତି ସେମାନଙ୍କ କର୍ମରେ ଆଗ୍ରହ, ପ୍ରବୃତ୍ତି ଏବଂ ନିଷ୍ଠା ନ ଥାଏ, କେବଳ ପରିସ୍ଥିତି ଦୃଷ୍ଟିରୁ କର୍ମ କରନ୍ତି, ସମ୍ଭବତଃ ସେହିମାନେ ଅହଂ-ସ୍ୱାର୍ଥରୁ ମୁକ୍ତ ହୋଇଥିବେ ?

ଉତ୍ତର : କଦାପି ନୁହେଁ । ଶରୀରରେ ରକ୍ତ ସଦୃଶ ବ୍ୟକ୍ତିର ମନ-ପ୍ରାଣରେ ଅହଂ ଏବଂ ସ୍ୱାର୍ଥ ଓତପ୍ରୋତ ଥାଏ; କୌଣସିରୂପେ ବ୍ୟକ୍ତି ମଧ୍ୟରେ ତାହା କ୍ରିୟା କରେ ।

ପ୍ରଶ୍ନ : ଲୋକ-ସଂପର୍କୀୟ କର୍ମ ଛଡ଼ା ଅହଂ-ସ୍ୱାର୍ଥ କିପରି ପ୍ରକାଶିତ ହୁଏ ?

ଉତ୍ତର : କର୍ମ ଛଡ଼ା କଥାବାର୍ତ୍ତାରେ ଅହଂ-ସ୍ୱାର୍ଥ କ୍ରିୟା କରିପାରେ । ଅହଂ, ସ୍ୱାର୍ଥ କର୍ମରେ ନ ଥାଏ, ଥାଏ ମନ-ପ୍ରାଣକୁ ଅଧିକାର କରି । ବ୍ୟକ୍ତିର ସ୍ୱଭାବ ଅନୁସାରେ ମନ-ପ୍ରାଣର କ୍ରିୟା ଯେଉଁଠାରେ ହୁଏ, ସେଥିରେ ତାହା ପ୍ରକାଶିତ ହୁଏ । ଉଦାହରଣରୂପେ କୌଣସି ବ୍ୟକ୍ତିର ସ୍ଥୂଳ ବୁଦ୍ଧି ଉନ୍ନତ ହୋଇଥାଉ ବା ଅନୁନ୍ନତ ହୋଇଥାଉ ସେ ଯଦି ନିଜ ବୁଦ୍ଧିକୁ ବିଶ୍ୱାସ କରେ, ତେବେ ପ୍ରଥମରେ ସେ ଯେଉଁ ବିଷୟ ବୁଝିଥାଏ, ତାହା ଭୁଲ୍ ଏବଂ ଅଯୌକ୍ତିକ ହେଲେ ମଧ୍ୟ ତାହାକୁ ପୂର୍ଣ୍ଣରୂପେ ନିର୍ଭୁଲ୍ ବୋଲି ଧାରଣା କରେ, ସେଥିରେ ସନ୍ଦେହ ନ ଥିବା ଯୋଗୁଁ ତାହା ଭୁଲ୍ ବା ଠିକ୍, ବୁଝିବାକୁ ଚେଷ୍ଟା କରେ ନାହିଁ । ଯଦ୍ୟପି କୌଣସିମତେ ତାହା ଭୁଲ୍ ବୋଲି ବୁଝିପାରେ ତଥାପି ନିଜ ଭୁଲ୍‌କୁ ସ୍ୱୀକାର ନ କରିବା ସକାଶେ ବରାବର ଯୁକ୍ତି କରେ । ଏହିପରି ମଧ୍ୟ ନିଜ କାର୍ଯ୍ୟରେ ଏବଂ ଅନ୍ୟ କାର୍ଯ୍ୟରେ କରେ । ଅନ୍ୟ ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ତାହା ଠିକ୍ ଥାଉ ବା ଭୁଲ୍ ଥାଉ, ତା' ବିଚାରରେ ଯଦି ଭୁଲ୍ ବୋଲି ମନେ ହୁଏ, ତେବେ ସେଥିରେ ପ୍ରତିବାଦ କରେ ଏବଂ ଏହି ପ୍ରତିବାଦକୁ ସ୍ୱୟଂ ନିର୍ଭୀକ, ସ୍ପଷ୍ଟବାଦୀ, ନ୍ୟାୟବାନ୍ ବୋଲି ଭାବି ନିଜ ଅହଂକୁ ସମର୍ଥନ

କରେ । ପରେ କେବେ କେବେ ନିଜ ଭୁଲ୍ ଯଦି ବୁଝିପାରେ ତଥାପି ସେ ସମ୍ବନ୍ଧେ ଭବିଷ୍ୟତରେ ସାବଧାନ ହେବାକୁ ଦୃଢ଼ ସଂକଳ୍ପ ସହ ପ୍ରଯତ୍ନ କରେ ନାହିଁ । ଏହିରୂପେ ବୁଝିବା ଏବଂ ଅନ୍ୟ କର୍ମରେ ପ୍ରତିବାଦ କରିବା ହେଲା ଅହଂର ପରିଚୟ ।

ପ୍ରଶ୍ନ : ଅନ୍ୟ ବ୍ୟକ୍ତି ଯଦି ଠିକ୍ କାର୍ଯ୍ୟ କରିଥାଏ, ସେହି କାର୍ଯ୍ୟକୁ ଭୁଲ୍ ଧାରଣା କରି ପ୍ରତିବାଦ କଲେ ଅହଂର କ୍ରିୟା ହୋଇପାରେ, କିନ୍ତୁ ଭୁଲ୍ କାର୍ଯ୍ୟରେ ପ୍ରତିବାଦ କଲେ ଦୋଷ କ'ଣ ?

ଉତ୍ତର : ଦୋଷ ହୁଏ ପ୍ରତିବାଦ କରିବାରେ । ବ୍ୟକ୍ତିର ଭୁଲ୍ ସଂଶୋଧନ କରିବା ସକାଶେ ତୁମର ଯଦି ଶୁଭ-ଭାବନା, ସହାନୁଭୂତି, ହିତଚିନ୍ତା ତଥା ଭଗବତ୍ ସେବାଭାବ ଥାଏ, ତେବେ ତୁମେ ପ୍ରତିବାଦ କର ନାହିଁ । ନିଜେ ଶାନ୍ତି ଅବସ୍ଥାରେ ରହି ବ୍ୟକ୍ତିକୁ ତା'ର ଭୁଲ୍ ବୁଝାଇ ଦେବାକୁ ଚେଷ୍ଟା କରିପାର । ବ୍ୟକ୍ତି ଯଦି ବୁଝିବାକୁ ନ ଚାହିଁ ନିଜ କରିଥିବା କାର୍ଯ୍ୟକୁ ସମର୍ଥନ କରେ ଏବଂ ତୁମ ସହିତ ପ୍ରତିବାଦ କରେ ତେବେ ତୁମେ ତତ୍କ୍ଷଣାତ୍ ଚୁପ୍ ରହିଯାଅ । ସେଥିରେ ତୁମେ ଯଦି ପ୍ରତିବାଦ କର ତାହା ହେଉଛି ତୁମର ଅହଂ । ସେଥିରେ ବ୍ୟକ୍ତିର କଲ୍ୟାଣ ଭାବନା ନ ଥାଏ, ଥାଏ ନିଜର କହିବାଟା ଯଥାର୍ଥ ବୋଲି ପ୍ରମାଣ କରିବା । ଏହି ଧାରଣାହିଁ ଅହଂ ।

ପ୍ରଶ୍ନ : ଯେଉଁ କାର୍ଯ୍ୟରେ ବ୍ୟକ୍ତିର କ୍ଷତି ହୁଏ ସେଥିରେ ପ୍ରତିବାଦ କରିବା ଉଚିତ ନୁହେଁ କାହିଁକି ?

ଉତ୍ତର : ବ୍ୟକ୍ତି ଯଦି ତୁମର ପରାମର୍ଶ ସ୍ୱୀକାର ନ କରେ ତୁମ ପ୍ରତିବାଦରେ କୌଣସି ଲାଭ ହୁଏ ନାହିଁ, ସୁତରାଂ ପ୍ରତିବାଦ କରିବା ଉଚିତ ନୁହେଁ । ବ୍ୟକ୍ତି ଅଧ୍ୟାତ୍ମ-ମାର୍ଗରେ ଯେକୌଣସି କାର୍ଯ୍ୟ କରେ ତା'ର ଉଦ୍ଦେଶ୍ୟ ଥାଏ ନିଜ ଲକ୍ଷ୍ୟ-ସିଦ୍ଧି ବା ଭଗବାନଙ୍କ ସେବାଭାବ । ସେହି କର୍ମର ଭୁଲ୍ ସଂଶୋଧନ କରିବା ଦାୟିତ୍ୱ ଆମ ଅପେକ୍ଷା ଅଧିକ ତା' ନିଜର ଏବଂ ଭଗବାନଙ୍କର; ସେ ନିଜେ ଯଦି ନିଜ ଭୁଲ୍ ସଂଶୋଧନ କରିବାକୁ ନ ଚାହେଁ, ଭଗବାନ୍ ଯଦି ଚୁପ୍ ରହନ୍ତି ସେଥିରେ ତୃତୀୟ ବ୍ୟକ୍ତିର ମସ୍ତିଷ୍କ ପୀଡ଼ା ହେବ କାହିଁକି ? ଅନ୍ୟର ଭୁଲ୍ ସଂଶୋଧନ କରିବା ଶକ୍ତି ତୁମର ନାହିଁ, ତୁମ କଥା ଅନ୍ୟ ବ୍ୟକ୍ତିମାନେ ଶୁଣନ୍ତି ନାହିଁ, ତୁମ ପ୍ରତିବାଦର ଫଳ ହୁଏ କେବଳ ତୁମ ମଧ୍ୟରେ ଅସ୍ଥିରତା, ଅନୁତାପ, ବିଶେଷ ବିବାଦ ହେଲେ ହୁଏ ଈର୍ଷ୍ୟା । ଅନ୍ୟ ବ୍ୟକ୍ତି ଭୁଲ୍ କରୁ ବା ଠିକ୍ କରୁ ସେ ଯଦି ତୁମର ଯଥାର୍ଥ ପରାମର୍ଶ ନ ଚାହେଁ, ତେବେ ପ୍ରତିବାଦ କରିବା ସର୍ବଦା ଅନୁଚିତ ।

ପ୍ରଶ୍ନ : ଯେଉଁ କାର୍ଯ୍ୟରେ ଆମେ ସଂପୃକ୍ତ ଥାଉ ସେହି କାର୍ଯ୍ୟ ଅନ୍ୟ ଭୁଲ୍ କରିବା ଦ୍ୱାରା ଆମ ଉପରେ କିଛି ପ୍ରଭାବ ପଡ଼ିପାରେ । ସେ ଅବସ୍ଥାରେ ସେହି ଭୁଲ୍ କାର୍ଯ୍ୟରେ ପ୍ରତିବାଦ କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ଏକେବାରେ ଉଚିତ ନୁହେଁ । ତୁମକୁ ଯେଉଁ କାର୍ଯ୍ୟ କରିବାର ଦାୟିତ୍ୱ ଦିଆ ହୋଇଛି ତାହା ଠିକ୍ ଭାବରେ କର, ଅନ୍ୟର ଭୁଲ୍ କାର୍ଯ୍ୟର ପ୍ରଭାବ ତୁମ ଉପରେ ପଡ଼ିବ ସେଥିପାଇଁ ଏକେବାରେ ପରବାଏ କର ନାହିଁ । ଏହି ଯୋଗର ସାଧନା ସାମୂହିକ ହେବା ଯୋଗୁଁ ଅନ୍ୟର ଭୁଲ୍‌ର ପ୍ରଭାବ ସମୂହ ସାଧନାରେ ପଡ଼ିବ, ଏହା ନିଶ୍ଚିତ; କିନ୍ତୁ ପ୍ରତିବାଦ ଦ୍ୱାରା ତୁମେ ଏହା ସଂଶୋଧନ କରିପାରିବ ନାହିଁ । ସବୁଠାରୁ ଉତ୍ତମ ହେବ ନିଜ କାର୍ଯ୍ୟକୁ ନିର୍ଭୁଲ୍ ଭାବରେ କରିବା ।

ଏହାଛଡ଼ା କୌଣସି ବ୍ୟବସ୍ଥାର ନିର୍ଦ୍ଧାରିତ ନିୟମ ପାଳନକୁ ନିଜ ସ୍ୱତନ୍ତ୍ରତାରେ ହସ୍ତକ୍ଷେପ କରାହେଉଛି, ତାହା ଏହି ଧାରଣାରେ ପାଳନ ନ କରିବା ହେଲା ସିଧା ସିଧା ଅହଂକୁ ପ୍ରଶ୍ରୟ ଦେବା । ଯୋଗରେ ବାହ୍ୟ ନିୟମ ପାଳନ

ବିଶେଷ ଆବଶ୍ୟକ । କାରଣ ଏହି ଯୋଗର ଲକ୍ଷ୍ୟ କର୍ମରେ ଭଗବତ୍‌ପ୍ରାପ୍ତି । ଏହି ସକାଶେ ଆଶ୍ରମରେ ତଥା ମା'ଙ୍କ ପ୍ରତ୍ୟେକ କର୍ମରେ ବାହ୍ୟ ନିୟମପାଳନରେ ଅଧିକ ଜୋର ଦିଆହୋଇଛି । କୌଣସି କାର୍ଯ୍ୟରେ ଠିକ୍ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ହେବା, (କ୍ୟୁ) ଲାଇନ୍ ଭଙ୍ଗ ନ କରିବା ଇତ୍ୟାଦି ।

ପ୍ରଶ୍ନ : କର୍ମ ସମସ୍ତ ଦ୍ୱନ୍ଦ୍ୱର କାରଣ । ସେଥିରେହିଁ କାମନା-ବାସନା ବିଦ୍ୟମାନ ଥାଏ । କର୍ମ ତ୍ୟାଗ କରି କେବଳ ଧ୍ୟାନ, ସମର୍ପଣ ଦ୍ୱାରା ଯୋଗ-ମାର୍ଗରେ ଅଗ୍ରସର ହେଲେ କ୍ଷତି କ'ଣ ?

ଉତ୍ତର : କର୍ମ ତ୍ୟାଗ କରି କେବଳ ଧ୍ୟାନ ଦ୍ୱାରା ଶରୀର ସମର୍ପଣ ହୋଇପାରେ ନାହିଁ କିଂବା ବ୍ୟକ୍ତି ଲକ୍ଷ୍ୟ-ସିଦ୍ଧି କରିପାରେ ନାହିଁ । ଲକ୍ଷ୍ୟ ପ୍ରାପ୍ତି ନ ହେବାହିଁ ବିଶେଷ କ୍ଷତି । ବ୍ୟକ୍ତି ରାଜ୍ୟ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ ବାସନା-କାମନା ରାଜ୍ୟ ଓ ଐଶ୍ୱର୍ଯ୍ୟରୁ ଯାଇ ଏକମାତ୍ର ସଂପତ୍ତି, ଲେଙ୍ଗୁଟିରେ ଆଶ୍ରୟ ନିଏ । କାମନା-ବାସନା ରୂପାନ୍ତର ନ ହେବା ଅବସ୍ଥାରେ କର୍ମ ତ୍ୟାଗ କଲେ ଏହି ତ୍ୟାଗ କରିଥିବା ଭାବରେ ଅହଂ ଆଶ୍ରୟ ନିଏ । 'ମୁଁ ଜଣେ ତ୍ୟାଗୀ'— ଏହି ଭାବହିଁ ଅହଂ ।

ଏହାଛଡ଼ା ଏହି ରୂପାନ୍ତର-ଯୋଗରେ କୌଣସି ଭାଗକୁ ବାଦ୍ ଦେବା ଠିକ୍ ନୁହେଁ । ସବୁଭାଗ ସମସ୍ତ କର୍ମକୁ ରୂପାନ୍ତର କରିବାକୁ ହୁଏ ।

ପ୍ରଶ୍ନ : ବ୍ୟକ୍ତି ଭଗବତ୍ ଆଶ୍ରୟ ନେବା ସଙ୍ଗେ ସଙ୍ଗେ ତା' ଅନ୍ତରରେ ଯଦି ଭଗବାନ୍ ଜ୍ଞାନ ଜ୍ୟୋତିଃ ପ୍ରଜ୍ୱଳିତ କରନ୍ତେ କିଂବା ବିବେକ ବିକାଶ କରି ଦିଅନ୍ତେ ତେବେ ବ୍ୟକ୍ତି ସାଧନା ଆରମ୍ଭରୁ ସଚେତ ହୋଇ ଅହଂ-ସ୍ୱାର୍ଥର କ୍ରିୟାକୁ ବର୍ଜନ କରିପାରନ୍ତା । ଭଗବାନ୍ ସର୍ବ ସମର୍ଥ, ଜୀବ ସର୍ବଦା ଅସମର୍ଥ । ଭଗବାନ୍ ଜୀବ ଉପରେ ଏହି ଦାୟିତ୍ୱ ଦିଅନ୍ତି କାହିଁକି ?

ଉତ୍ତର : ଏହାର ଯଥାର୍ଥ ଉତ୍ତର ଭଗବାନ୍ ଦେଇ ପାରନ୍ତି । ଭଗବାନ୍ କୌଣସି ବିଧାନରେ ଆବଦ୍ଧ ନ ଥା'ନ୍ତି । କାହାଠାରୁ ସେ ତା'ର ସହଯୋଗ ଚାହାନ୍ତି; କାହାର ସହଯୋଗ ବିନା ତା' ଉପରେ କୃପା କରନ୍ତି ।

ଅନ୍ୟ କେହି ପ୍ରତିକୂଳ ଅବସ୍ଥାରେ ପଡ଼ି ସାଧନାରେ ବାଧା ପାଇ ପାଇ ଦୁଃଖକଷ୍ଟ ଭୋଗି, ସେଥିରୁ ମୁକ୍ତ ହେବାକୁ ଇଚ୍ଛା କରି ଭଗବାନଙ୍କ ସାହାଯ୍ୟ ଚାହିଁଲେ ଭଗବାନ୍ ବିବେକ, ଜ୍ଞାନ, ଶକ୍ତି ପ୍ରଦାନ କରନ୍ତି । ତେବେ ସେ ସଚେତ ହୋଇ ଅହଂ-ସ୍ୱାର୍ଥ କ୍ରିୟାକୁ ବର୍ଜନ କରେ ।

ପ୍ରତ୍ୟେକ ଭକ୍ତ ସକାଶେ ଭଗବାନଙ୍କର ବିଧାନ ସ୍ୱତନ୍ତ୍ର ।

ପ୍ରଶ୍ନ : ବ୍ୟକ୍ତି ଆବଶ୍ୟକ ଜୀବିକାନିର୍ବାହ କାର୍ଯ୍ୟ କରି ଘରେ ଏକା ଏକା ସାଧନା କରିବା ନିରାପଦ । ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରସାର କାର୍ଯ୍ୟରେ ବିଶେଷତ୍ୱ କ'ଣ ଅଛି ଯେ ବ୍ୟକ୍ତି ନିଜ କାମନା-ବାସନା, ଅହଂ-ସ୍ୱାର୍ଥ ସହିତ ସଂଘର୍ଷ ତଥା ତା'ର ରୂପାନ୍ତର ଆଦି ମହାନ୍ କଠିନ କାର୍ଯ୍ୟ କାହିଁକି କରେ ?

ଉତ୍ତର : ଅହଂସ୍ୱାର୍ଥ ଦ୍ୱାରା ବ୍ୟକ୍ତି ଜନ୍ମ-ମରଣ ମହାନ୍ ଦୁଃଖ-ଯାତନା ଭୋଗୁ ଥାଏ; ସେଥିରୁ ମୁକ୍ତ ହେବା ସକାଶେ ସେ ସେସବୁକୁ ରୂପାନ୍ତର କରିବାଭଳି କଠିନ କାର୍ଯ୍ୟ ତାକୁ କରିବାକୁ ହୁଏ । ଅହଂ-ସ୍ୱାର୍ଥ ମହାନ୍ କୌଶଳୀ, ସେସବୁକୁ ଚିହ୍ନିବା ବହୁତ କଠିନ, କିନ୍ତୁ ସେସବୁ ସହଜରେ ଚିହ୍ନି ହୁଅନ୍ତି ମା'ଙ୍କର ଏହି ଆଦର୍ଶ-ପ୍ରସାର କାର୍ଯ୍ୟରେ । ସେହି ସକାଶେ ଏହି କାର୍ଯ୍ୟର ବିଶେଷତ୍ୱ ବା ବିଶେଷ ମହତ୍ତ୍ୱ । ଏହା ଆତ୍ମମାନଙ୍କ ସକାଶେ ଗୋଟିଏ ସୁବର୍ଣ୍ଣ ସୁଯୋଗ ।

ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କାର୍ଯ୍ୟର ଅନ୍ୟ ବିଶେଷତ୍ୱ ହେଲା – ବ୍ୟକ୍ତି ମା'ଙ୍କ କାର୍ଯ୍ୟ ଯେତେ କରିବାକୁ ଚାହେଁ, ତା' ମଧ୍ୟରେ ମା'ଙ୍କ ଶକ୍ତି, ଜ୍ୟୋତିଃ, ଜ୍ଞାନ, ବିବେକ ତେତେ ପ୍ରକାଶିତ ହୁଏ । ସେ ସେହି ଅନୁପାତରେ ଅଧ୍ୟାତ୍ମ-ମାର୍ଗରେ ତେତେ ଅଗ୍ରସର ହୋଇପାରେ ।

ଏହାଛଡ଼ା ବ୍ୟକ୍ତି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରସାର କାର୍ଯ୍ୟ ଯେତେ ଆନ୍ତରିକତା ସହ କରେ ତା' ଅନ୍ତରରେ ଆବୃତ ଥିବା ଅନ୍ତରାତ୍ମା ତେତେ ପ୍ରକାଶିତ ହୁଏ; ତାହାରି ଦ୍ୱାରା ସେ ନିଜ ଅହଂ-ସ୍ୱାର୍ଥ, କାମନା-ବାସନାକୁ ଜାଣି, ଦେଖି, ଚିହ୍ନିବାର ସୁଯୋଗ ପାଏ ଏବଂ ସେସବୁକୁ ରୂପାନ୍ତର କରିବାର ଶକ୍ତି ବି ପାଏ । ଏହାଦ୍ୱାରା ସାଧନା ଅପେକ୍ଷାକୃତ ଅତ୍ୟନ୍ତ ଶୀଘ୍ର ବି ହୋଇପାରେ ।

ଅନ୍ୟ କାରଣ ହେଲା – ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟକ୍ତିଗତ ନୁହେଁ, ବିଶ୍ୱଗତ । ଯେତେ ଅଧିକ ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ କରିବେ ତେତେ ଶୀଘ୍ର ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ ଦୂର ହେବ ଏବଂ ସାମୂହିକ ସାଧନା ମଧ୍ୟ ଅଧିକ ଅଗ୍ରସର ହେବ ।

ତୁମର ଅନ୍ୟ ପ୍ରଶ୍ନ ହେଲା – ''ଏହିସବୁ ପ୍ରସାର କାର୍ଯ୍ୟ ନ କରି ଜୀବିକା ନିର୍ବାହ ସକାଶେ ଆବଶ୍ୟକ କାର୍ଯ୍ୟ କରି ଘରେ ଏକା ଏକା ସାଧନା କରିବାରେ ନିରାପତ୍ତା ଥାଏ ।'' କିନ୍ତୁ ଯଥାର୍ଥରେ ଏ ପ୍ରଣାଳୀ ନିରାପଦ ନୁହେଁ । ଏହାଦ୍ୱାରା ସାଧନାରେ ବହୁତ ବିଳମ୍ବ ଘଟେ ।

ଏଥିରେ ବି ବ୍ୟକ୍ତି ଅହଂ-ସ୍ୱାର୍ଥ, କାମନା-ବାସନାରୁ ମୁକ୍ତ ହୋଇପାରେ ନାହିଁ । ସେସବୁ ବ୍ୟକ୍ତି ସହିତ ଜଡ଼ିତ ଥାଆନ୍ତି । ଅହଂ-ସ୍ୱାର୍ଥକୁ ଭୟ କରି ବ୍ୟକ୍ତି ଲୋକ-ସଂପର୍କ କର୍ମ-ତଥା ଅଧିକାର, ଐଶ୍ୱର୍ଯ୍ୟ, ଭୋଗବିଳାସ ତ୍ୟାଗ କଲେ ଅହଂ-ସ୍ୱାର୍ଥ ଓ କାମନା-ବାସନା ଆଶ୍ରୟ ନିଅନ୍ତି ପିନ୍ଧିବା ଲୁଗା, ଶୋଇବା ସ୍ଥାନ ତଥା ବଞ୍ଚିଥିବା ଶରୀରରେ । ଏଥିରୁ ମୁକ୍ତ ହେବା ସକାଶେ ଅନ୍ୟ ମାର୍ଗ ନ ପାଇ ପୁରାତନ ଯୋଗୀମାନେ ଶରୀର ସମ୍ବନ୍ଧ ତ୍ୟାଗ କରି ସେଥିରୁ ପୃଥକ୍ ହୋଇ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରୁଥିଲେ । ଏ ଯୋଗରେ ଶରୀର ସମ୍ବନ୍ଧ ତ୍ୟାଗ କଲେ ଚଳେ ନାହିଁ । ଏହା ପଳାୟନ ମାର୍ଗ ନୁହେଁ । ଏହି ଶରୀରକୁ ରୂପାନ୍ତର କରିବାକୁ ହୁଏ ଏବଂ ଏଥିରେ ଭଗବାନଙ୍କୁ ଅଭିବ୍ୟକ୍ତ କରିବାକୁ ହୁଏ ।

ଏହି ଯୋଗର ମୂଳନୀତି ସମଗ୍ର ସତ୍ତା ରୂପାନ୍ତର ହୋଇଥିବାରୁ ଅହଂ-ସ୍ୱାର୍ଥ, ବାସନା-କାମନା ରୂପାନ୍ତର ଛଡ଼ା ଯୋଗ-ସିଦ୍ଧି ହୋଇପାରେ ନାହିଁ । ବ୍ୟକ୍ତି ଏହି ରୂପାନ୍ତର ଯୋଗକୁ ଲକ୍ଷ୍ୟରୂପେ ଗ୍ରହଣ କରି ବାସନା-କାମନା, ଅହଂ-ସ୍ୱାର୍ଥ ପ୍ରକାଶ ହେବାର ସୁଯୋଗକୁ ଯଦି ପ୍ରତ୍ୟାଖ୍ୟାନ କରେ, ତେବେ ସେହି ସୁଯୋଗ ଅନ୍ୟ ବ୍ୟକ୍ତି ଦ୍ୱାରା, ଅନ୍ୟ ଘଟଣା, ଅନ୍ୟ କର୍ମ ମାଧ୍ୟମରେ ଆସିବାରେ ବହୁତ ବିଳମ୍ବ ହୁଏ । ବ୍ୟକ୍ତିକୁ ଦିନେ ନା ଦିନେ ଏହି ରୂପାନ୍ତରର ସମ୍ମୁଖୀନ ହେବାକୁ ପଡ଼େ । ସାଧନାର ପ୍ରାରମ୍ଭିକ ଅବସ୍ଥାରେ ତା'ର ଉତ୍ସାହ, ବୈରାଗ୍ୟ, ଅଭୀପ୍ସା ତୀବ୍ର ଥାଏ । ସେ ସମୟରେ ସାଧକ ଏହି ରୂପାନ୍ତରର ସମ୍ମୁଖୀନ ନ ହେଲେ ପରେ ଶାରୀରିକ, ମାନସିକ, ପ୍ରାଣିକ ଶକ୍ତି ହ୍ରାସ ହୋଇଥାଏ । ଏଥିରେ ଭାଗବତୀ ଶକ୍ତି କ୍ରିୟା କରିବାରେ ସୁବିଧା ପାଏ ନାହିଁ । ଏହି ରୂପାନ୍ତର କାର୍ଯ୍ୟ ପୂର୍ବାପେକ୍ଷା ଅଧିକ କଷ୍ଟସାଧ୍ୟ ହୁଏ ।

ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ । ତା'ର ନିଜ ସ୍ୱଭାବ ଅନୁସାରେ ନିଜ ଅନ୍ତରାତ୍ମା କର୍ମପନ୍ଥା ନିର୍ଦ୍ଧାରଣ କରିଥାଏ । ବ୍ୟକ୍ତି ସେହି କାର୍ଯ୍ୟରେ ସ୍ୱତଃସ୍ଫୂର୍ତ୍ତଭାବେ ପ୍ରବୃତ୍ତ ହୁଏ । ବ୍ୟକ୍ତି ମୋହବଶତଃ ନିଜକୁ ପଣ୍ଡିତ ବୋଲି ମନେକରି ଅର୍ଜୁନଙ୍କ ସଦୃଶ ଯୁଦ୍ଧ ନ କରିବାକୁ ଯୁକ୍ତି ଦେଲେ ତାହା ସଫଳ ହୁଏ ନାହିଁ । ଆନ୍ତରିକ ପ୍ରେରଣା ବିବଶ କରେ । ବ୍ୟକ୍ତି ଯଦି ଅଧିକ ମୋହବଶ ହୋଇ ଆନ୍ତର ପ୍ରେରଣା ବିରୋଧରେ ଅନ୍ୟ ପନ୍ଥା ଗ୍ରହଣ କରେ, ତେବେ ନିଜ ସାଧନାରେ ବହୁତ ବ୍ୟାଘାତ ଘଟାଏ । ଏହିସବୁ ଦୃଷ୍ଟିରୁ ନିଜ ଆନ୍ତରିକ ପ୍ରବୃତ୍ତି ଅନୁସାରେ ମା'ଙ୍କ କାର୍ଯ୍ୟ କରିବାରେ ଯାହାକୁ ଯେଉଁ ସୁଯୋଗ ମିଳୁଛି, ତାକୁ ସେହି ସୁଯୋଗର ଉପଯୋଗ କରିବା ଉଚିତ ।

(୩)

ଅହଂ-ସ୍ୱାର୍ଥରୁ ମୁକ୍ତ କର୍ମ-ପ୍ରଣାଳୀ

ପ୍ରଶ୍ନ : କର୍ମରେ ଅହଂ-ସ୍ୱାର୍ଥକୁ ଚିହ୍ନିବା ପରେ ସେଥିରେ ପ୍ରଭାବିତ ନ ହେବା ତଥା ସେଥିରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : ତାହାର ଉପାୟ ହେଲା – ଜୀବନର ଲକ୍ଷ୍ୟ ଗ୍ରହଣ କରିବା ଏବଂ ସେ ସମ୍ବନ୍ଧେ ସତତ ସଚେତ ହେବା ।

ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ମନ-ପ୍ରାଣ-ଶରୀର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର – ଏହି ମହାନ୍ ଲକ୍ଷ୍ୟ ଗ୍ରହଣ କରିବା ପରେ ସେ ଅହଂ-ସ୍ୱାର୍ଥର ପ୍ରଭାବରେ ସ୍ଥାୟୀଭାବେ ପ୍ରଭାବିତ ହୁଏ ନାହିଁ କିଂବା ତାହା କ୍ରିୟାରେ ପ୍ରୟୋଗ କରିବାକୁ ପ୍ରଯତ୍ନ କରେ ନାହିଁ । ବ୍ୟକ୍ତି ସାଧନାର ଏକେବାରେ ଆରମ୍ଭ ଅବସ୍ଥାରୁ ଏହା କରିପାରେ ।

ପ୍ରଶ୍ନ : ଅହଂ-ସ୍ୱାର୍ଥ ପ୍ରଭାବରେ ପ୍ରଭାବିତ ନ ହେବାର ଉପାୟ ହେଲା, ''ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରିବା ।'' ବ୍ୟକ୍ତି ଜୀବନର ଲକ୍ଷ୍ୟ ଗ୍ରହଣ ନ କରିଥିଲେ ଅହଂ-ସ୍ୱାର୍ଥରୁ ମୁକ୍ତ ହେବା ପ୍ରଶ୍ନ କାହିଁକି ଉଠନ୍ତା ?

ଉତ୍ତର : ବ୍ୟକ୍ତି ଯଥାର୍ଥରେ ଜୀବନର ଲକ୍ଷ୍ୟ ଗ୍ରହଣ କରି ନ ଥାଏ, କେବଳ ବୁଦ୍ଧିରେ ମାନି ନେଇଥାଏ । ଯେପରି ପ୍ରତ୍ୟେକ ବ୍ୟକ୍ତି ନିଜର ମୃତ୍ୟୁ ସମ୍ବନ୍ଧେ ଜାଣନ୍ତି, ତଥାପି ଜୀବନ ଚିରସ୍ଥାୟୀ ରହିବା ସଦୃଶ କର୍ମ କରନ୍ତି । ଯେଉଁମାନେ ମୃତ୍ୟୁ ବିଷୟରେ ଯଥାର୍ଥରେ ସଚେତ ହୁଅନ୍ତି ସେହିମାନେ ମୃତ୍ୟୁରୁ ମୁକ୍ତ ହେବାର ପ୍ରଯତ୍ନ କରନ୍ତି । ଠିକ୍ ସେହିପରି ବହୁତ ବ୍ୟକ୍ତି ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଜାଣି ସାଧନା ଆରମ୍ଭ କରନ୍ତି, କିନ୍ତୁ ଅଧିକାଂଶ ବ୍ୟକ୍ତି ସେ ସମ୍ବନ୍ଧେ ସଚେତ ରହନ୍ତି ନାହିଁ ।

ପ୍ରଶ୍ନ : ତୁମ ଉତ୍ତରରୁ ସ୍ପଷ୍ଟ ହେଲା ଲକ୍ଷ୍ୟ ଯଥାର୍ଥରେ ଗ୍ରହଣ କରିବା ଅର୍ଥ ହେଉଛି ସେ ସମ୍ବନ୍ଧେ ସତତ ସଚେତନ ରହିବାକୁ ପ୍ରଯତ୍ନ କରିବା, ତଥା ଲକ୍ଷ୍ୟର ସମସ୍ତ ପ୍ରକାର ପ୍ରତିକୂଳ ବସ୍ତୁକୁ ତ୍ୟାଗ କରିବା ସକାଶେ ଦୃଢ଼ ସଂକଳ୍ପ ସହ କାର୍ଯ୍ୟରେ ପରିଣତ କରିବା । ଏହାର କ୍ରିୟାତ୍ମକ କର୍ମ କିପରି ?

ଉତ୍ତର : କ୍ରିୟାତ୍ମକ ଉପାୟ ହେଲା – ସବୁ ସମୟରେ ସଚେତ ହେବା ଏବଂ ମା' ଏହି ନାମ ଜପ କରିବା ଏବଂ ମନେ କରିବା, ''ମୁଁ ମା'ଙ୍କର, ମୋର ସମସ୍ତ କିଛି ମା'ଙ୍କର ଚରଣରେ ଅର୍ପଣ କରୁଛି । ମା'ଙ୍କ ଉପସ୍ଥିତି ସର୍ବଦା ମୋ ସହିତ ରହିଛି, ମା'ଙ୍କ ଶକ୍ତି ନିରନ୍ତର ମୋତେ ରକ୍ଷା କରୁଛି ।'' ଜୀବନର ସବୁଠାରୁ ଶ୍ରେଷ୍ଠ, ସବୁଠାରୁ ପ୍ରିୟ ହେବ ଲକ୍ଷ୍ୟପ୍ରାପ୍ତି ସକାଶେ ମା'ଙ୍କ କର୍ମ ବା ମା'ଙ୍କ ସେବା । ଏହାର ପ୍ରତିକୂଳ ସମସ୍ତ କର୍ମର ତ୍ୟାଗ । ମା'ଙ୍କ ସକାଶେ ମା'ଙ୍କ ସେବାଭାବରେ ପାଠଚକ୍ର ପ୍ରତିଷ୍ଠା ଏବଂ ପାଠଚକ୍ର ଗୃହ-ନିର୍ମାଣ, ସ୍କୁଲ-କଲେଜ ପ୍ରତିଷ୍ଠା ତଥା ପରିଚାଳନା, ପାଠଚକ୍ର-ସମ୍ମିଳନୀ, ଯୁବସମାଜ ସମ୍ମିଳନୀ, ଛାତ୍ର-ସମାଜ ସମ୍ମିଳନୀ, ମହିଳା ସମ୍ମିଳନୀ ଇତ୍ୟାଦି ସମସ୍ତ ପ୍ରକାର ସଂଗଠନ କାର୍ଯ୍ୟରେ ନିଜ ଅହଂ-ସ୍ୱାର୍ଥ, ଅଧିକାର, ନାମ-ଯଶଃକୁ ଏକେବାରେ ସ୍ଥାନ ନ ଦେବା । ପରିବାର ସକାଶେ କରୁଥିବା କର୍ମରେ ବି ମା'ଙ୍କ ସେବାଭାବ ରଖି ମା'ଙ୍କୁ ସମର୍ପଣ କରିବା ହେଲା କ୍ରିୟାତ୍ମକ କର୍ମ ।

ପ୍ରଶ୍ନ : ଜୀବନର ଲକ୍ଷ୍ୟ ଗ୍ରହଣ କରିବା ପରେ ସେ ସମ୍ବନ୍ଧେ ସଚେତ ରହିବାକୁ ସତତ ଯତ୍ନଶୀଳ ହେବା ସତ୍ତ୍ୱେ ସାଧନାର ଆରମ୍ଭିକ ଅବସ୍ଥାରେ ଚେତନା ରୂପାନ୍ତର ହେବା ପୂର୍ବରୁ ଏହିସବୁ ଲୋକ-ସଂପର୍କୀୟ କର୍ମରେ ନାମ-ଯଶଃ, ଅଧିକାର, ଆସକ୍ତି, ଲାଳସା, ବାସନା-କାମନା ସମୟ ସମୟରେ ଅନିବାର୍ଯ୍ୟ ରୂପେ ଆସେ । ବ୍ୟକ୍ତି ଏସବୁକୁ ସାଧନାର ପ୍ରତିକୂଳ ଜାଣି, ତ୍ୟାଗ କରିବାକୁ ଚେଷ୍ଟା କରିବା ସତ୍ତ୍ୱେ ସବୁ ସମୟରେ ତ୍ୟାଗ କରିପାରେ ନାହିଁ । ଏସବୁକୁ ତ୍ୟାଗ କରିବାର ସରଳ ଉପାୟ କ'ଣ ?

ଉତ୍ତର : ସରଳ ଉପାୟ ହେଲା – 'ମା' ଏହି ନାମଜପ କରିବା – ପ୍ରତିକୂଳ ଅବସ୍ଥାରେ ସାହାଯ୍ୟ ସକାଶେ ମା'ଙ୍କୁ ଡାକିବା ଏବଂ ନିଜ ଲକ୍ଷ୍ୟକୁ ସାମନାରେ ରଖିବା; ନାମ-ଯଶଃ, ଅଧିକାର ଲୋଭର ପ୍ରେରଣାକୁ ପ୍ରଥମରେ ସ୍ଥୂଳରୂପେ କ୍ରିୟା କରିବାକୁ ଦେବା ନାହିଁ; ଦ୍ୱିତୀୟରେ ଲକ୍ଷ୍ୟପ୍ରାପ୍ତିର ମହାନତା ମନ-ପ୍ରାଣକୁ ବୁଝାଇ ଦେବା । କହିବା, ''ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ହେବେ ଭଗବାନ୍ ଅଭିବ୍ୟକ୍ତ । ଅର୍ଥାତ୍ ମନ-ପ୍ରାଣ ତଥା ଶରୀରର ଅଣୁପରମାଣୁ, ସମସ୍ତ ଜଡ଼କୋଷ ଅତିମାନସ ଶକ୍ତି ପ୍ରଭାବରେ ଜାଗ୍ରତ୍ ହେବେ ଏବଂ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବେ । ହେବେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତ । ପୂର୍ଣ୍ଣରୂପେ ଏକତ୍ୱ ପ୍ରାପ୍ତ ହେବେ ଭଗବାନଙ୍କ ସହିତ । ଭଗବତ୍ ଦିବ୍ୟ ଆନନ୍ଦ, ଦିବ୍ୟ ଶାନ୍ତି, ଦିବ୍ୟ ଜ୍ଞାନ ପ୍ରବାହିତ ହେବ ସେସବୁର ମଧ୍ୟରେ । ଭଗବତ୍ ଶକ୍ତି, ଭଗବତ୍ ଐଶ୍ୱର୍ଯ୍ୟ ପ୍ରକାଶ ହେବ ସେହିସବୁରେ । ଏହି ଦିବ୍ୟ ଐଶ୍ୱର୍ଯ୍ୟ ତୁଳନାରେ ଇନ୍ଦ୍ର, ଚନ୍ଦ୍ର, ବରୁଣ, କୁବେର, ଦିଗପାଳାଦିଙ୍କ ଐଶ୍ୱର୍ଯ୍ୟ ଏକେବାରେ ତୁଚ୍ଛ; ସୂର୍ଯ୍ୟ ସମ୍ମୁଖରେ ତାରକା ସଦୃଶ । ତୁ ଯେଉଁ ଘୃଣ୍ୟ, ତୁଚ୍ଛ, ନିନ୍ଦନୀୟ ନାମ-ଯଶଃ ଚାହୁଁଛୁ ସେହି ମହାନ୍ ଐଶ୍ୱର୍ଯ୍ୟ ସାମନାରେ ଏହିସବୁ ଘୋର ନରକ, ବିଷ୍ଠଲଡୁ ସଦୃଶ ଆତ୍ମଘାତୀ ଏବଂ ଭୟଙ୍କର ବାଧକ ।'' ଏହିପରି ବୁଝାଇ ଦେଲେ ମନ-ପ୍ରାଣ ମାନି ନେବେ ଏବଂ କ୍ରମଶଃ ସ୍ୱାର୍ଥ ଅହଂ, ବାସନା-କାମନା ତ୍ୟାଗ କରିବାକୁ ଅଭ୍ୟସ୍ତ ହେବେ । ଏହିପରି ବାରଂବାର କରିବା ଦ୍ୱାରା ମନ-ପ୍ରାଣରେ ମା'ଙ୍କ ଜ୍ୟୋତିଃ ପ୍ରକାଶ ହେବ, ସେସବୁ ଭଗବତ୍ ଐଶ୍ୱର୍ଯ୍ୟପ୍ରାପ୍ତି ତଥା ରୂପାନ୍ତର ହେବାକୁ ଚାହିଁବେ ଏବଂ କାମନା-ବାସନାରୁ ମୁକ୍ତ ହେବେ ।

ବିବାଦ ତ୍ୟାଗ

ପ୍ରଶ୍ନ : ଆମ୍ଭେମାନେ ଲକ୍ଷ୍ୟପ୍ରାପ୍ତିର ଉପାୟ ମା'ଙ୍କ କାର୍ଯ୍ୟକୁ ଜୀବନରେ ସର୍ବଶ୍ରେଷ୍ଠ ବୋଲି ଗ୍ରହଣ କରିଛୁ ଏବଂ ନିଜ ଅହଂ-ସ୍ୱାର୍ଥକୁ ଚିହ୍ନି ପାରିଛୁ, ଏହାର ଲକ୍ଷଣ କ'ଣ ?

ଉତ୍ତର : ମା'ଙ୍କ କାର୍ଯ୍ୟ ସମ୍ବନ୍ଧରେ ନିଜ ଅଧିକାର, ନାମ, ଯଶଃ ତଥା ସ୍ୱାର୍ଥ-ଅହଂରେ ବାଧା ପଡ଼ିଲେ, ଏହାକୁ ବରଦାସ୍ତ କରିଯିବା କିନ୍ତୁ ମା'ଙ୍କ କାର୍ଯ୍ୟରେ କୌଣସି ପ୍ରକାର ବ୍ୟାହତ ହେବାକୁ ନ ଦେବା ହେଲା ଜୀବନର ଲକ୍ଷ୍ୟପ୍ରାପ୍ତିର ଉପାୟ ରୂପେ ମା'ଙ୍କ କାର୍ଯ୍ୟକୁ ସର୍ବଶ୍ରେଷ୍ଠରୂପେ ଗ୍ରହଣ କରିଥିବାର ଲକ୍ଷଣ । ଏହି ପ୍ରତିକୂଳ ଅବସ୍ଥାରେ ନିଜ ମଧ୍ୟରେ ଉତ୍ପନ୍ନ ହୋଇଥିବା ଅଶାନ୍ତି, ଈର୍ଷ୍ୟା, ବିରୋଧଭାବର କାରଣ ଅନ୍ୟ ବ୍ୟକ୍ତିକୁ ନ ମାନି ନିଜ ସତ୍ତାର ତ୍ରୁଟି ବୋଲି ଜାଣିବା ହେଲା ନିଜ ଅହଂ-ସ୍ୱାର୍ଥକୁ ଚିହ୍ନିବା ।

ପ୍ରଶ୍ନ : ଏହାକୁ ଉଦାହରଣ ଦେଇ ବୁଝାଇ ଦିଅ ।

ଉତ୍ତର : ଯେପରି ତୁମେ ଗୋଟିଏ ସ୍ଥାନରେ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ବ୍ୟାୟାମଶାଳା, ସ୍କୁଲ ଆଶ୍ରମ ଆଦର୍ଶରେ ପ୍ରତିଷ୍ଠା କରି ପରିଚାଳନା କରୁଅଛ ଏବଂ ସେଠାରେ ଆଶ୍ରମ ସଦୃଶ ସାଧକମାନେ ରହି

ସାଧନା କରନ୍ତି । ବହି, ଫଟୋ, ଧୂପବତି, ଗଞ୍ଜି ଆଦି ବିକ୍ରି ହୁଏ । ମା'ଙ୍କର ଅନ୍ୟ ଭକ୍ତମାନେ ତୁମ ନିକଟବର୍ତ୍ତୀ ସ୍ଥାନରେ ଠିକ୍ ତୁମରି ସଂସ୍ଥା ସଦୃଶ ଅନ୍ୟ ସଂସ୍ଥା ପ୍ରତିଷ୍ଠା କରି ପରିଚାଳନା କରନ୍ତି । ଅଥବା ଯେ କୌଣସି କାର୍ଯ୍ୟ ଆଶ୍ରମ ଆଦର୍ଶରେ ସଂସାରରେ ଅତିମାନସ ସତ୍ୟର ପ୍ରସାର ଉଦ୍ଦେଶ୍ୟରେ କରନ୍ତି । ସେହି ସମସ୍ତ କାର୍ଯ୍ୟ ମା'ଙ୍କ କାର୍ଯ୍ୟ, ମା'ଙ୍କ ସେବା, ନିଜ ଜୀବନରେ ଲକ୍ଷ୍ୟପ୍ରାପ୍ତିର ସହାୟକ ଜାଣି ସେଥିରେ ଆନ୍ତରିକ, ମାନସିକ, ତଥା ସ୍ଥୂଳ କର୍ମରେ ସାହାଯ୍ୟ ଦେବା, ସମର୍ଥନ କରିବା ହେଲା ଯଥାର୍ଥରେ ମା'ଙ୍କ କାର୍ଯ୍ୟକୁ ଜୀବନରେ ସର୍ବଶ୍ରେଷ୍ଠ ସ୍ଥାନ ଦେବା ଏବଂ ନିଜ ଅହଂ-ସ୍ୱାର୍ଥକୁ ଠିକ୍ ଠିକ୍ ଚିହ୍ନିବା ।

କିନ୍ତୁ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ମା'ଙ୍କର ପଡ଼ୋଶୀ ଅନୁଷ୍ଠାନକୁ ସମର୍ଥନ କରିବା, ସେଥିରେ ସହଯୋଗ ଦେବା, ତା'ର ଉନ୍ନତି ସକାଶେ ପ୍ରଯତ୍ନ ବା ସଦ୍‌ଭାବନା ରଖିବା କଠିନ ହୋଇପଡ଼େ । ଏହି ଅବସ୍ଥାରେ ନିଜର କାମନା-ବାସନା, ଅହଂ-ସ୍ୱାର୍ଥ ନିଜ ଅନ୍ତରରେ ପ୍ରେରଣା ଦିଅନ୍ତି, ''ଅମୁକ ବ୍ୟକ୍ତି ବା ଅନୁଷ୍ଠାନ ମୋ ପ୍ରତିଷ୍ଠା, ସମ୍ମାନ ବରଦାସ୍ତ ନ କରିପାରି ନିଜ ପ୍ରତିଷ୍ଠା ତଥା ସମ୍ମାନ ସକାଶେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଛି ।'' ଏହି ଧାରଣାରେ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ ସେହି ଅନୁଷ୍ଠାନ ବା ବ୍ୟକ୍ତି ସହିତ ବିରୋଧ କରିବା ତଥା ଅସହଯୋଗ କରିବା ହେଲା ନିଜ ଅହଂ-ସ୍ୱାର୍ଥକୁ ନ ଚିହ୍ନି ନିଜ ବିରୋଧୀ ଗୁଣରେ ପରିଚାଳିତ ହେବା । ଯଦି ଆମ୍ଭେମାନେ ନିଜ ଅହଂ-ସ୍ୱାର୍ଥକୁ ଚିହ୍ନିଥାଉ, ତେବେ ତତ୍‌କ୍ଷଣାତ୍ ଧାରଣା କରିବା, ମା'ଙ୍କର ଅନ୍ୟ ଅନୁଷ୍ଠାନ ସହିତ ସହଯୋଗ ନ କରି ବିରୋଧ ଭାବ ରଖିବା ହେଲା ନିଜର ଅହଂ-ସ୍ୱାର୍ଥ ଏବଂ ମା'ଙ୍କ କାର୍ଯ୍ୟରେ ବାଧା । ତେବେ ମାନସିକ ଏହି ପ୍ରତିକୂଳ ବୃତ୍ତିକୁ ପ୍ରଥମରେ କ୍ରିୟାରେ ପରିଣତ କରିବା ନାହିଁ ଏବଂ ମା'ଙ୍କୁ ସମର୍ପଣ କରି ମନରୁ ଦୂର କରିଦେବାକୁ ସଂକଳ୍ପ କରିବା ତଥା ସେହି ଅନୁଷ୍ଠାନ ସହିତ ସମ୍ପୂର୍ଣ୍ଣରୂପେ ସହଯୋଗ କରିବା ।

ପ୍ରଶ୍ନ : ସେ ବ୍ୟକ୍ତି ଯଦି ସାହାଯ୍ୟ ସହାନୁଭୂତି ଆମ୍ଭଠାରୁ ନ ଚାହେଁ, ଆମ୍ଭଙ୍କୁ ନ ଡାକେ, ତେବେ କ'ଣ କରିବା ଉଚିତ ?

ଉତ୍ତର : ମାନସିକ ସହଯୋଗ କରିବା ଅର୍ଥାତ୍ ସେ ଅନୁଷ୍ଠାନ ପ୍ରତି ସଦ୍‌ଭାବନା ରଖିବା । ଯଦି ଆମ୍ଭେମାନେ ମା'ଙ୍କ କାର୍ଯ୍ୟକୁ ଜୀବନର ସର୍ବଶ୍ରେଷ୍ଠ କାର୍ଯ୍ୟ ବୋଲି ମାନିଥାଉ, ତେବେ ଅନ୍ୟ ବ୍ୟକ୍ତି ଆମ୍ଭଠାରୁ ସହଯୋଗ ନ ଚାହିଁବା ସତ୍ତ୍ୱେ ଆମ୍ଭେମାନେ ସେଥିରେ ସହଯୋଗ କରିବା । ଯଦି ଆମ୍ଭେମାନେ ଏହା ଆନ୍ତରିକ ସହ କରିପାରୁ, ତେବେ ଏହାର ଅତ୍ୟନ୍ତ ଉତ୍ତମ ପ୍ରଭାବ ପଡ଼େ ସେ ବ୍ୟକ୍ତି ଉପରେ, ସେ ବ୍ୟକ୍ତିର ଥିବା ଦ୍ୱେଷଭାବ ଦୂର ହୁଏ । ଏହି ବ୍ୟବହାର ଦ୍ୱାରା ନିଜ ସାଧନାରେ ବିଶେଷ ଉନ୍ନତି ହୁଏ । କାରଣ ଏପରି ବ୍ୟାପାରରେ ନିଜ ଅହଂ-ସ୍ୱାର୍ଥ ଉପରେ କଠୋର ପ୍ରହାର ହୁଏ । ଯଥାର୍ଥରେ ଏହିମାନେ ଆମ ଅଧ୍ୟାତ୍ମ-ମାର୍ଗର ଶତ୍ରୁ ।

ପ୍ରଶ୍ନ : ଯଦି ପୁରାତନ ଅଧ୍ୟାତ୍ମ ସଂପ୍ରଦାୟ ଏବଂ ଧାର୍ମିକ ବ୍ୟକ୍ତିମାନେ ଆମ ଅନୁଷ୍ଠାନ ସହିତ ବିରୋଧ କରନ୍ତି ତେବେ ତାଙ୍କ ସହିତ ଆମ୍ଭମାନଙ୍କର କିପରି ବ୍ୟବହାର ହେବା ଉଚିତ ?

ଉତ୍ତର : ଜଣେ ମିତ୍ର ପ୍ରତି ମିତ୍ରର ବ୍ୟବହାର ସଦୃଶ । ଯେପରି ସୂର୍ଯ୍ୟ ତଥା ବୃକ୍ଷ ନିଜର ଅପରାଧ କରିବା ବ୍ୟକ୍ତି ପ୍ରତି ଶତ୍ରୁଭାବ ନ ରଖି ସମଭାବରେ ତା'ର ହିତ କରନ୍ତି ସେହିପରି ଅଥବା ତାହାଠାରୁ ବହୁତ ଅଧିକ ପରିମାଣରେ ହେଉଛି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ । ଶ୍ରୀଅରବିନ୍ଦଙ୍କ ଯୋଗର ଅତିମାନସ ଶକ୍ତିର ସ୍ୱଧର୍ମ ହେଉଛି ଜଗତର ସମସ୍ତ ପ୍ରାଣୀଙ୍କୁ ଜୀବନର ପୂର୍ଣ୍ଣତାରେ ସାହାଯ୍ୟ କରିବା । ତାହାଦ୍ୱାରା କୌଣସି ବ୍ୟକ୍ତି, କୌଣସି ଧର୍ମାବଲମ୍ବୀ, କୌଣସି ସମ୍ପ୍ରଦାୟର ବ୍ୟକ୍ତିର କୌଣସି କ୍ଷତି ହେବାର କୌଣସି ପ୍ରକାର ଆଶଙ୍କାର ସ୍ଥାନ ନାହିଁ ।

ବ୍ୟକ୍ତି ଏହା ବୁଝି ନ ପାରି ପୂର୍ବ ଯୋଗମାନଙ୍କ ସିଦ୍ଧାନ୍ତରେ ପରମ୍ପର ଅସାମଞ୍ଜସ୍ୟ ରହିଥିବା ପରମ୍ପରା, ସଂସ୍କାର, ଧାରଣା ଅନୁସାରେ ଶ୍ରୀଅରବିନ୍ଦ-ଯୋଗ ସହିତ ବିରୋଧ ଭାବ ଯଦି ରଖନ୍ତି, ତେବେ ପ୍ରଥମରେ ସେମାନଙ୍କ ସହିତ ସଦ୍‌ଭାବ ରଖି ସେମାନଙ୍କୁ ବୁଝାଇ ଦେବାକୁ ଚେଷ୍ଟା କରିବା । ଯଦି ସେମାନେ ନ ବୁଝନ୍ତି ତେବେ ସେମାନଙ୍କ ବିରୋଧର ପ୍ରତିକ୍ରିୟାରେ ଆମ୍ଭେମାନେ ସମତା ରଖି ନିଜ କାର୍ଯ୍ୟ କରି ଚାଲିବା । ଏହିପରି ବ୍ୟବହାର ଦ୍ୱାରା ସେମାନେ ବର୍ତ୍ତମାନ ନ ହେଲେ ପରେ ନିଜ ତ୍ରୁଟି ବୁଝିପାରି ସଂଶୋଧନ କରି ପାରିବେ । ସୁତରାଂ କୌଣସି ପରିସ୍ଥିତିରେ ବିରୋଧ ବା ଝଗଡ଼ା କରିବା ଆଦୌ ଉଚିତ ନୁହେଁ ।

ପ୍ରଶ୍ନ : ଯଦି କେହି ପୁରାତନ ସାଂପ୍ରଦାୟିକ ମନୋଭାବାପନ୍ନ ବ୍ୟକ୍ତି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଯୋଗ ଓ ସିଦ୍ଧାନ୍ତକୁ ବୁଝି ବା ନ ବୁଝି ତା'ର ବିକୃତ ବ୍ୟାଖ୍ୟା କରେ ଏବଂ ଲୋକଙ୍କୁ ଭୁଲ୍ ବୁଝାଏ, ପତ୍ରପତ୍ରିକାରେ ଲେଖେ, ସେଥିରେ ସାଧାରଣ ବ୍ୟକ୍ତି ଭ୍ରମରେ ପଡ଼ି ପାରନ୍ତି, ସେପରି ସ୍ଥଳେ କ'ଣ କରିବା ଉଚିତ ?

ଉତ୍ତର : ଏହାର ପ୍ରତିବାଦ ସ୍ୱରୂପ ବ୍ୟକ୍ତି ବା ବ୍ୟକ୍ତି ଆଚରିତ ସିଦ୍ଧାନ୍ତକୁ ନିନ୍ଦା ବା ଆଲୋଚନା କରିବା ନାହିଁ । କେବଳ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଲୋକଙ୍କୁ ବୁଝାଇଦେବା ଅଥବା ଲେଖିପାରିବା, କିନ୍ତୁ ବିରୋଧ ବା ଝଗଡ଼ା କରିବା ନାହିଁ ।

ପ୍ରଶ୍ନ : ମା'ଙ୍କ ଭକ୍ତ, ଆମ୍ଭମାନଙ୍କ ସାଥୀର କୌଣସି ବ୍ୟକ୍ତି ଯଦି ଅର୍ଥ, ନାମ, ଯଶଃ, ପ୍ରତିଷ୍ଠା ଲୋଭରେ ମା'ଙ୍କ ସେବା ନାମରେ ପାଠଚକ୍ର କିଂବା ପାଠଚକ୍ର-ସମ୍ମିଳନୀ ଅଥବା ଅନ୍ୟାନ୍ୟ କାର୍ଯ୍ୟ କରନ୍ତି, ତାହାଦ୍ୱାରା ଅନ୍ୟ ବ୍ୟକ୍ତିଙ୍କ ଉପରେ ଖରାପ ପ୍ରଭାବ ପଡ଼ିପାରେ । ଏହି କାର୍ଯ୍ୟ ଏକପ୍ରକାର ମା'ଙ୍କ ସତ୍ୟ-ପ୍ରସାର ବା ପ୍ରତିଷ୍ଠା କାର୍ଯ୍ୟରେ ବାଧା ଦିଏ; ଏହି କାର୍ଯ୍ୟରେ ବିରୋଧ କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ଏକେବାରେ ଉଚିତ ନୁହେଁ । ସାହାଯ୍ୟ କରିବା ଉଚିତ । କୌଣସି କାରଣରୁ ଯଦି ସାହାଯ୍ୟ ନ କରି ପାରିବା, ତେବେ ଆନ୍ତର ଓ ବାହ୍ୟ କ୍ରିୟାରେ କୌଣସି ପ୍ରକାର ବିରୋଧ ଭାବ ରଖିବା ନାହିଁ କିଂବା ନିନ୍ଦା କରିବା ନାହିଁ ଅଥବା ସେ କାର୍ଯ୍ୟର ଆଲୋଚନା କରିବା ନାହିଁ । ଅନ୍ୟର ନିନ୍ଦା ବିଶେଷତଃ କୌଣସି ସାଧକର ନିନ୍ଦା ସାଧନାରେ ଗୁରୁତର ଓ କଠିନ ଅନ୍ତରାୟ । ସମାଲୋଚନା ବା ନିନ୍ଦା କରିବା ସଙ୍ଗେ ସଙ୍ଗେ ନିଜ ଆନ୍ତର ଜ୍ୟୋତିଃ ଆବୃତ ହୋଇଯାଏ, ଉତ୍‌ପନ୍ନ ହୁଏ ଈର୍ଷ୍ୟା-ବିରୋଧ, ଦ୍ୱେଷ, ଘୃଣା । ସେ ସ୍ଥାନର ବାତାବରଣ ଦୂଷିତ ହୋଇଯାଏ, ଶୁଣିବା ବ୍ୟକ୍ତି ଏବଂ ସେଠାରେ ଥିବା ବ୍ୟକ୍ତିଙ୍କ ଉପରେ ବହୁତ ଖରାପ ପ୍ରଭାବ ପଡ଼େ । ଏହାକୁ ଶ୍ରୀଅରବିନ୍ଦ ଏବଂ ମା' ତୀବ୍ରଭାବେ କଠୋର ଶବ୍ଦରେ ନିଷେଧ କରିଛନ୍ତି ।

ବାହ୍ୟ କର୍ମରୁ ବ୍ୟକ୍ତିର ଯଥାର୍ଥ ଉଦ୍ଦେଶ୍ୟ ବୁଝିବା ଆମ୍ଭମାନଙ୍କ ପକ୍ଷେ ସହଜ ନୁହେଁ । ଯଦି ବ୍ୟକ୍ତିର ସ୍ୱାର୍ଥ ଉଦ୍ଦେଶ୍ୟ ବୁଝିପାରିବା ତଥାପି ବିରୋଧ କରିବା ଉଚିତ ହେବ ନାହିଁ । କାରଣ ସେ ଯଦି କୌଣସି ପ୍ରକାରେ ମା'ଙ୍କ ଆଶ୍ରୟ ନେଇ ଥାଆନ୍ତି, ମା'ଙ୍କ ଶକ୍ତି ଶୀଘ୍ର ବା ବିଳମ୍ବରେ ତାଙ୍କୁ ଯଥାର୍ଥ ମାର୍ଗକୁ ଘେନି ଆସିବ । ସେ ଯଦି ମା'ଙ୍କ ଶକ୍ତିକୁ ପୂର୍ଣ୍ଣରୂପେ ଅସ୍ୱୀକାର କରି C. I. D. ସାଧୁବେଶ ଧାରଣ କରିବା ସଦୃଶ ନିଜ ବାସନା-କାମନାକୁ ପୂର୍ଣ୍ଣ କରିବାକୁ ଚାହିଁବ, ତେବେ ସେ ସ୍ୱୟଂ ତା'ର କୁପରିଣାମ ଭୋଗିବ । ସେ ବ୍ୟକ୍ତିର ଦୋଷକୁ ଦୂର କରିବାର ଶକ୍ତି ଯଦି ଆମର ନାହିଁ, ତା' କାର୍ଯ୍ୟରେ ବିରୋଧ କରିବା ବି ଉଚିତ ନୁହେଁ । ଆମ୍ଭେ ବିରୋଧ କରି ନିଜ ଚେତନାକୁ କାହିଁକି ଦୂଷିତ କରିବା ? କୌଣସି ପ୍ରକାର ଦୋଷଯୁକ୍ତ ବ୍ୟକ୍ତି ଯଦି ମା'ଙ୍କ ଆଶ୍ରୟ ଚାହେଁ, ମା' ତାକୁ ଆଶ୍ରୟ ଦେବାକୁ ବାହୁ ପ୍ରସାର କରିଥାଆନ୍ତି । ମା' ତା'ର ଦୋଷ ଦେଖି ତାକୁ ତ୍ୟାଗ କରନ୍ତି ନାହିଁ । ସେ ଯଦି ମା'ଙ୍କ ଶକ୍ତିକୁ ଏକେବାରେ

ଗ୍ରହଣ ନ କରିବାକୁ ଚାହେଁ ତେବେ ନିଜେ ନିଜେ ମା'ଙ୍କୁ ଛାଡ଼ିଯାଏ । ବ୍ୟକ୍ତି ପୂର୍ଣ୍ଣରୂପେ ନିଜ ସ୍ୱାର୍ଥସିଦ୍ଧି ସକାଶେ ମା'ଙ୍କ ସେବା ବାହାନାରେ କାର୍ଯ୍ୟ କରୁଥିବା ଯଦି ସ୍ପଷ୍ଟଭାବେ ବୁଝାଯାଏ ଏବଂ ସେହି କାର୍ଯ୍ୟରେ ଆମ୍ଭମାନଙ୍କୁ ଯୋଗ ଦେବାରେ ମା'ଙ୍କ କାର୍ଯ୍ୟରେ ବାଧା ପଡ଼େ; ତେବେ ସେଥିରେ ସହଯୋଗ ଦେବା ନାହିଁ, କିନ୍ତୁ କୌଣସି ପରିସ୍ଥିତିରେ ବିରୋଧ କରିବା ଉଚିତ ନୁହେଁ ।

ପ୍ରଶ୍ନ : ଏପରି କାର୍ଯ୍ୟରେ ବିରୋଧ କରିବା ଉଚିତ ନୁହେଁ । କିନ୍ତୁ ଯେଉଁମାନେ ଆମର ସାଥୀ, ମା'ଙ୍କର ଗୋଟିଏ କାର୍ଯ୍ୟକୁ ଆମ୍ଭେମାନେ ଭିନ୍ନ ଭିନ୍ନ କ୍ଷେତ୍ରରେ କରୁଛୁ, ଆମ୍ଭମାନଙ୍କ ମଧ୍ୟରୁ ଯଦି କେହି ବ୍ୟକ୍ତି ଜ୍ଞାତ ବା ଅଜ୍ଞାତରେ ଯେଉଁ ପ୍ରଣାଳୀରେ କାର୍ଯ୍ୟ କରେ ସେଥିରେ ମା'ଙ୍କ କାର୍ଯ୍ୟରେ ବ୍ୟାଘାତ ଘଟେ, ଏଥିରେ ଆମ୍ଭର ବ୍ୟକ୍ତିଗତ ବିରୋଧ ନ ଥାଏ, କେବଳ ମା'ଙ୍କ କାର୍ଯ୍ୟକୁ ସୁରକ୍ଷିତ ରଖିବା ସକାଶେ ବିରୋଧ କରୁ । ଏହି ବିରୋଧ କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ନା, ବିରୋଧ କରିବା ଏକେବାରେ ଉଚିତ ନୁହେଁ । ଏହାଦ୍ୱାରା ନିଜ ସାଧନା ତଥା ମା'ଙ୍କ କାର୍ଯ୍ୟ ଅଧିକ ମାତ୍ରାରେ ବାଧା ପ୍ରାପ୍ତ ହୁଏ । ତୁମେ ବିରୋଧ କଲେ ତା'ର ଉତ୍ତର ବା ପ୍ରତିକ୍ରିୟାରୂପେ ସେ ତୁମ ସହିତ ବିରୋଧ କରିବ । ଏହି ବିରୋଧ ହେଉଛି ଅନ୍ଧକାର ଶକ୍ତିର କ୍ରିୟା । ଏଥିରୁ ଜାତ ହୁଏ ଈର୍ଷା, ହିଂସା । ଏହାରି ଦ୍ୱାରା ଆମ୍ଭ ଅନ୍ତରରେ ଥିବା ଜ୍ଞାନ-ବିବେକ ତଥା ଅନ୍ତରାତ୍ମା ଆବୃତ ହୋଇଯାଏ । ଆମ୍ଭମାନଙ୍କ ଅନ୍ତର ଏବଂ ବାହାରରେ ଅନ୍ଧକାର ଶକ୍ତିକୁ ମୁକ୍ତ ରୂପେ କ୍ରିୟା କରିବାର ସୁଯୋଗ ମିଳେ । ସେ ଆମ୍ଭଙ୍କୁ ସାଧନା-ମାର୍ଗରୁ ଟାଣି ନେବା ସଙ୍ଗେ ସଙ୍ଗେ ମା'ଙ୍କ କାର୍ଯ୍ୟରେ ମହାନ୍ ବାଧା ସୃଷ୍ଟି କରେ । ଅଧ୍ୟାତ୍ମ ସଂସ୍ଥାରେ ସତ୍ୟାନ୍ୱେଷୀ ଅଧ୍ୟାତ୍ମ ସାଧକମାନଙ୍କ ମଧ୍ୟରେ ବିବାଦ ହେଲେ ସେ ସଂସ୍ଥା ପ୍ରଗତିଶୀଳ ହୁଏ ନାହିଁ, ବରଂ ସମୂଳେ ନଷ୍ଟ ହୁଏ । ଅଥବା ସେହି ସଂସ୍ଥା ପଶ୍ଚାତ୍‌ରେ ପ୍ରବଳ ସତ୍ୟ ଥିଲେ ବିରୋଧ କରିବା ବ୍ୟକ୍ତି ସେହି ସତ୍ୟକୁ ସ୍ୱୀକାର କରି ନିଜକୁ ପରିବର୍ତ୍ତନ ନ କଲେ ସେ ସଂସ୍ଥାରୁ ନିଜେ ନିଜେ ସ୍ୱେଚ୍ଛାରେ ବାହାରି ଯିବାକୁ ହୁଏ । ଅଧ୍ୟାତ୍ମ ସଂସ୍ଥାରେ କୌଣସିମତେ ବିବାଦ ତିଷ୍ଠିପାରେ ନାହିଁ, ଏପରିକି ସାଂସାରିକ, ପାରିବାରିକ, ବ୍ୟବସାୟ, ରାଜନୀତି ଯେକୌଣସି କାର୍ଯ୍ୟରେ ନିଜ ମଧ୍ୟରେ ବିବାଦ ହେଲେ ସେ ସଂସ୍ଥା ଛିନ୍ନଭିନ୍ନ ହୋଇଯାଏ । ନ୍ୟାୟ ବା ଅନ୍ୟାୟରେ ଯେକୌଣସି ରୂପେ ନିଜ ମଧ୍ୟରେ ଅଶାନ୍ତି, ଅସାମଞ୍ଜସ୍ୟ, ଦ୍ୱେଷ, ଈର୍ଷ୍ୟା ଇତ୍ୟାଦି ଦେଖା ଦେଲେ ଏହିସବୁ ସାଧନାର ବା ମା'ଙ୍କ କାର୍ଯ୍ୟର ଘୋର ଶତ୍ରୁ ଜାଣି ତତ୍‌କ୍ଷଣାତ୍ ତ୍ୟାଗ କରିବା ଉଚିତ ।

ପ୍ରଶ୍ନ : ଅଧ୍ୟାତ୍ମ ସାଧକ କୌଣସି ଅବସ୍ଥାରେ ବିବାଦ କରିବା ଉଚିତ ନୁହେଁ, ଏହା ଠିକ୍ । କିନ୍ତୁ ଆମର ଜଣେ ସାଥୀ ଭୁଲ୍ କରୁଥିବ; ତାହାଦ୍ୱାରା ମା'ଙ୍କ କାର୍ଯ୍ୟରେ କ୍ଷତି ହେଉଥିବ ଏହି ଅବସ୍ଥାରେ ଆମ୍ଭମାନଙ୍କୁ କିଛି ନ କରି କେବଳ ଦେଖିବାକୁ ହେଉଥିବ ? ଏହା କ'ଣ ଉଚିତ ?

ଉତ୍ତର : ନାହିଁ, କେବଳ ନୀରବରେ ଦେଖିବାକୁ ହେବ ନାହିଁ, ତାକୁ ବୁଝାଇ ଦେବାକୁ ହେବ ।

ବ୍ୟକ୍ତିକୁ ବୁଝାଇଦେବା ପୂର୍ବରୁ ତୁମେ ନିଜେ ନିଜ ଅନ୍ତରକୁ ନିରୀକ୍ଷଣ କର । ତୁମ ଅନ୍ତରରେ ଯଦି ଉଦ୍‌ବେଗ, ବିରୋଧଭାବ ସେ ବ୍ୟକ୍ତି ପ୍ରତି ନ ଥାଏ ତେବେ ସେ ବ୍ୟକ୍ତିର ଭୁଲ୍‌କୁ ସହୃଦୟ ଭାବରେ ବୁଝାଇ ଦିଅ । ମାତ୍ର ଥରେ । ତୁମ କହିବାରେ ବ୍ୟକ୍ତି ଯଦି ନିଜ ଭୁଲ୍ ବୁଝିପାରି ତାହା ସଂଶୋଧନ କରିବାକୁ ଚାହେଁ, ତେବେ ସଂଶୋଧନ କରିବାକୁ ପରାମର୍ଶ ଦେଇପାର । ଯଦି ତୁମ କହିବାରେ ବ୍ୟକ୍ତି ପ୍ରତିବାଦ କରେ ତେବେ ତୁମେ ଏକେବାରେ ଚୁପ୍ ହୋଇଯାଅ; ନିଜକୁ ବିଚଳିତ ହେବାକୁ ଦିଅ ନାହିଁ ଏବଂ ମା'ଙ୍କ କାର୍ଯ୍ୟ ଆନ୍ତରିକ ଭାବେ କର । ତୁମେ ବିକ୍ଷୁବ୍ଧ ନ ହେଲେ ତୁମ

ଦ୍ୱାରା ମା'ଙ୍କ କାର୍ଯ୍ୟ ଆଗେଇ ଚାଲିବ । ତୁମ ମଧ୍ୟରେ ଯଦି ଅଧିକ ସମତା ଥାଏ ଏବଂ ମା'ଙ୍କ କାର୍ଯ୍ୟକୁ ଜୀବନରେ ଶ୍ରେଷ୍ଠସ୍ଥାନ ଦେଇଥାଅ, ତେବେ ମା'ଙ୍କ କାର୍ଯ୍ୟ ସୁରକ୍ଷିତ ରହିବା ଉଦ୍ଦେଶ୍ୟରେ ସେ ବ୍ୟକ୍ତିର ଭୁଲ୍ ସଂଶୋଧନ ସକାଶେ ଆନ୍ତରିକ ପ୍ରାର୍ଥନା କର ଅଥବା ସେ ବ୍ୟକ୍ତି ପ୍ରତି ସଦ୍‌ଭାବନା ରଖ । ଏହା ଯଦି ନ କରିପାର ତେବେ କୌଣସି ବିଦ୍ରୋହ ଭାବ ନ ରଖି ତୁମ କାର୍ଯ୍ୟ ତୁମେ କର । ସେ ବ୍ୟକ୍ତିର କାର୍ଯ୍ୟକୁ ମା'ଙ୍କ ଉପରେ ଛାଡ଼ିଦିଅ ।

ଭାଗବତ ପ୍ରେମରେ ସଂସ୍କାର ସଂଗଠନ

ପ୍ରଶ୍ନ : ଭଗବାନଙ୍କ କୃପା, ମା'ଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ସ୍ୱତଃସ୍ଫୂର୍ତ୍ତଭାବେ ପ୍ରସାର ହୋଇ ଚାଲୁଛି । ବହୁ ପାଠଚକ୍ର, ଛାତ୍ରସଂଘ, ଯୁବସଂଘ ତଥା ମହିଳା ପାଠଚକ୍ର ମଧ୍ୟ ପ୍ରତିଷ୍ଠା ହୋଇଛି । ଏହିସବୁ କାର୍ଯ୍ୟ ସଂସ୍କାର ବିଧାନ ଅନୁସାରେ ସଂଘଟିତ ହେଲେ ଭଲ ହୁଅନ୍ତା ବୋଲି ମନେହୁଏ । ତେବେ ଏହା ଅଗ୍ରସର ହେଉ ନାହିଁ କାହିଁକି ?

ଉତ୍ତର : ତା'ର ସମୟ ଆସି ନାହିଁ । ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ଯୁବସମାଜ ଯେପରି ସ୍ୱତଃସ୍ଫୂର୍ତ୍ତଭାବେ ଗଢ଼ିଉଠିଛି ଏହାର ସଂଗଠନ ମଧ୍ୟ ସେହିପରି ସ୍ୱତଃସ୍ଫୂର୍ତ୍ତଭାବେ ଗଢ଼ି ଉଠିବ । ଏହିସବୁ କାର୍ଯ୍ୟ ହେଉଛି ବ୍ୟକ୍ତିମାନଙ୍କର ସ୍ୱତଃସ୍ଫୂର୍ତ୍ତ ଉତ୍ସାହ, ଶ୍ରଦ୍ଧା, ବିଶ୍ୱାସର ପ୍ରେରଣାରେ । ଏହାର ପଶ୍ଚାତରେ କାମ କରୁଛି ମା'ଙ୍କ ଅତିମାନସ ରୂପାନ୍ତରକାରିଣୀ ଶକ୍ତି । ସେହିପରି ଏହି ସଂଗଠନ ସକାଶେ ଯେତେବେଳେ କର୍ମକର୍ତ୍ତାମାନଙ୍କ ଅନ୍ତରରେ ଭାଗବତୀ ଅତିମାନସ-ଶକ୍ତିର ପ୍ରେରଣା ହେବ, ଶ୍ରଦ୍ଧା-ବିଶ୍ୱାସ-ଉତ୍ସାହ ପ୍ରକାଶ ହେବ, ସେତେବେଳେ ସ୍ୱତଃସ୍ଫୂର୍ତ୍ତଭାବେ ଏହି ସଂଗଠନ କାର୍ଯ୍ୟ ଭାଗବତ ବିଧାନ ଅନୁସାରେ ହୋଇପାରିବ । ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ପ୍ରବୃତ୍ତ ହେବା ପୂର୍ବରୁ ବର୍ତ୍ତମାନ ସଂଗଠନ କରିବାକୁ ହେଲେ ପୁରାତନ ଶାସନଗତ ବା ସାମାଜିକ ସଂସ୍କାର ପଦ୍ଧତିର ଆଶ୍ରୟ ନେବାକୁ ହେବ । କିନ୍ତୁ ଏହି ଅଧ୍ୟାତ୍ମ ସଂସ୍ଥା ଦ୍ୱାରା ଚାକିରିରେ ଉନ୍ନତି, ବ୍ୟବସାୟରେ କଳାବଜାର କରିବାର ସୁବିଧା, ଅଧିକାର ପ୍ରାପ୍ତିର ଆଶା ନ ଥିବାରୁ ବାଧ୍ୟବାଧକତା ଚଳିବ ନାହିଁ । ବ୍ୟକ୍ତି ଅନ୍ତରରେ ଭାଗବତ ପ୍ରେମ ପ୍ରକାଶ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

ପ୍ରଶ୍ନ : ଅତିମାନସ ଅଧ୍ୟାତ୍ମ ସଂସ୍ଥା ଅଜ୍ଞାନ ଜଗତର ଯାନ୍ତ୍ରିକ ବିଧାନରେ ପରିଚାଳିତ ନ ହୋଇ ଭାଗବତ ପ୍ରେମରେ ପରିଚାଳିତ ହେବ । ଭାଗବତ ପ୍ରେମର ପ୍ରଣାଳୀ କ'ଣ ? ଜାଗତିକ ସଂସ୍ଥାର ଯାନ୍ତ୍ରିକ ପରିଚାଳନା କିପରି ?

ଉତ୍ତର : ବର୍ତ୍ତମାନ ଅଜ୍ଞାନ ଜଗତର ସଂସ୍ଥା ପରିଚାଳିତ ହେଉଛି ସାମାଜିକ ମନ-ବୁଦ୍ଧି-ନିର୍ମିତ ବିଧାନ ଅଥବା ଶାସନଗତ ଆଇନ ଅନୁସାରେ । ବ୍ୟକ୍ତିର ଅନ୍ତରରେ ସ୍ୱାର୍ଥ-ଅହଂ, ବାସନା-କାମନା ବିଦ୍ୟମାନ ଅଛି, ଏସବୁକୁ ତ୍ୟାଗ କରିବାକୁ ସେ ଚାହୁଁ ନାହିଁ ଏବଂ ତା'ର ତ୍ୟାଗ କରିବା ସାମର୍ଥ୍ୟ ବି ନାହିଁ । କେବଳ ସ୍ୱାର୍ଥହାନି ଭୟରେ ଯାନ୍ତ୍ରିକ ବିଧାନକୁ ମାନି ନେଇଅଛି । କିନ୍ତୁ ସ୍ୱାର୍ଥ-ଅହଂ, କାମନା-ବାସନା ଚରିତାର୍ଥ କରିବାକୁ ସୁଯୋଗ ଖୋଜୁଛି, ଆଇନ ତଥା ସମାଜଗତ ବିଧାନ ଚାପରୁ ମୁକ୍ତ ହେବାର ଟିକିଏ ଅବକାଶ ପାଇବାମାତ୍ରେ ବ୍ୟକ୍ତି ନିଜ ଅଧିକାର, ସ୍ୱାର୍ଥ ସକାଶେ ନାନା ପ୍ରକାର ଅନ୍ୟାୟ, ଅସତ୍ୟର ଆଶ୍ରୟ ନେଉଛି ଏବଂ ଜଘନ୍ୟ ନିନ୍ଦନୀୟ କର୍ମ କରିବାକୁ ପଶ୍ଚାତ୍‌ପଦ ହେଉ ନାହିଁ । ଅନ୍ୟର ତଥା ଦେଶର ସର୍ବନାଶ କରୁଛି । ଏହାରି ଦ୍ୱାରା ପ୍ରସାର ହେଉଛି ଅନ୍ୟାୟ ଏବଂ ଅସତ୍ୟ ।

ଠିକ୍ ଏହାର ବିପରୀତ ମା'ଙ୍କ ଅଧ୍ୟାତ୍ମ ଅତିମାନସ ସଂସ୍ଥା । ଏ ସଂସ୍ଥାର ବ୍ୟକ୍ତି ନିଜ ଅନ୍ତରରେ ଅହଂ ସ୍ୱାର୍ଥକୁ

ପୋଷଣ କରି ବାହାରେ ସାଧୁ ସାଜି, ଲୋକଙ୍କୁ ଲମ୍ବା ଲମ୍ବା କଥା କହି ଠକିଲେ ଚଳିବ ନାହିଁ, ଅନ୍ତରର ଅହଂ-ସ୍ୱାର୍ଥ, କପଟ, ଛଳ ତ୍ୟାଗ କରିବାକୁ ହେବ ଏବଂ ପ୍ରତିଷ୍ଠା କରିବାକୁ ହେବ ସତ୍ୟ, ନ୍ୟାୟ, ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ । ଏହା ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ସତ୍ତା ରୂପାନ୍ତରିତ ହେବାରେ । ତେବେ ମନୁଷ୍ୟ ହେବ ଅତିମାନବ, ସଂସାର ହେବ ସ୍ୱର୍ଗ ।

ପୁରାତନ ଯୋଗରୁ ଅତିମାନସ ଯୋଗ ଭିନ୍ନ

ପ୍ରଶ୍ନ : ପୁରାତନ ସମସ୍ତ ଯୋଗୀ କର୍ମ କାହିଁକି ତ୍ୟାଗ କରିଥିଲେ ଏବଂ କର୍ମ ତ୍ୟାଗ କରିବା ସଂସ୍କାର କ'ଣ ? ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟରେ ପହଞ୍ଚିବା ସକାଶେ କିପରି ମନୋଭାବରେ କଲେ ତାହା ଭାଗବତ କର୍ମ ହେବ ?

ଉତ୍ତର : ପୁରାତନ ସମସ୍ତ ଯୋଗୀ କର୍ମକୁ ଜନ୍ମ-ମରଣର କାରଣ ବୋଲି ଜାଣିଥିବା ଯୋଗୁଁ ତାହା ତ୍ୟାଗ କରିଥିଲେ । ଏହି ଧାରଣା ହେଉଛି ସଂସ୍କାର ।

ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତି ମନ-ପ୍ରାଣ, କାମନା-ବାସନାର ପ୍ରେରଣାରେ କର୍ମ କରେ ନାହିଁ, ଭାଗବତୀ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୋଇ କର୍ମ କରେ । ସେହି ସକାଶେ ସେହି କର୍ମ ହୁଏ ଭାଗବତ କର୍ମ ତଥା ସେହି ଭାଗବତ କର୍ମ ଜନ୍ମ-ମରଣର କାରଣ ନ ହୋଇ କର୍ମରେ ଅଭିବ୍ୟକ୍ତ କରେ ଭଗବାନଙ୍କୁ । ପୂର୍ବ ପୁରାତନ ଯୋଗର କର୍ମତ୍ୟାଗ ସଂସ୍କାର ବ୍ୟକ୍ତିର ରକ୍ତ ସଙ୍ଗେ ମିଶିଥିବାରୁ ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନେ ଏହି ଭାଗବତ କର୍ମକୁ ଠିକ୍ ଠିକ୍ ବୁଝିପାରୁ ନାହାନ୍ତି । ପୁରାତନ ଯୋଗର ସାଧକମାନେ ସଂସାର ତଥା ଶରୀରକୁ ମିଥ୍ୟା-ମାୟା ମାନି ସେଥିରୁ ଆତ୍ମାର ସମ୍ବନ୍ଧ ତ୍ୟାଗ କରିଥିଲେ, କର୍ମ ହେଉଥିଲା ଶରୀରରେ । ଶରୀର ମାୟା ମିଥ୍ୟା ମାନିବା ଯୋଗୁଁ କର୍ମ ଜନ୍ମ-ମରଣର କାରଣ ହୋଇଥିଲା । ସେହି କାରଣରୁ ସେମାନେ କର୍ମ, ଶରୀର, ସଂସାର ତ୍ୟାଗ କରି ଆତ୍ମାକୁ ନିର୍ବିଶେଷ ସତ୍ତାରେ ଏକ କରି ମୁକ୍ତି ପାଉଥିଲେ ଅଥବା ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ଭଗବତ୍‌ପ୍ରାପ୍ତି କରିଥିଲେ ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗରେ ସଂସାରକୁ ମିଥ୍ୟା-ମାୟା ମାନି ନିଆ ହୁଏ ନାହିଁ, ଆତ୍ମାରୁ ଶରୀର ସମ୍ବନ୍ଧ ବିଚ୍ଛେଦ କରି ମୃତ୍ୟୁ ପରେ ମୁକ୍ତି, ନିର୍ବାଣ ବା ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବତ୍‌ପ୍ରାପ୍ତି କରାହୁଏ ନାହିଁ । ଏହି ଶରୀରକୁ ଅତିମାନସ ଶକ୍ତି ଦ୍ୱାରା ଏହାର ମୂଳ ଭଗବତ୍ ତତ୍ତ୍ୱରେ ରୂପାନ୍ତର କରିବାକୁ ହୁଏ । ବ୍ୟକ୍ତିର ମନ-ପ୍ରାଣରେ ବାସନା-କାମନା ନ ଥିବାରୁ କର୍ମ ଜନ୍ମ-ମରଣର କାରଣ ହୁଏ ନାହିଁ । ମନ-ପ୍ରାଣକୁ ରୂପାନ୍ତର କରି ଭାଗବତ ଅତିମାନସ ଶକ୍ତି ବ୍ୟକ୍ତିକୁ ପରିଚାଳିତ କରେ ଏବଂ କର୍ମର ପ୍ରେରଣା ଦିଏ । ବ୍ୟକ୍ତିର ମନ-ପ୍ରାଣ ସ୍ଥାନରେ ଭାଗବତୀ ଶକ୍ତିର ପ୍ରେରଣାରେ କର୍ମ ହେଉଥିବାରୁ ସେହି କର୍ମ ଭାଗବତ କର୍ମ ହୁଏ ଏବଂ କର୍ମରେ ଭଗବାନଙ୍କର ଅଭିବ୍ୟକ୍ତି ହୁଏ । ଏହି ଭଗବତ୍ କର୍ମ ଦ୍ୱାରା ବ୍ୟକ୍ତି ସମସ୍ତ ସତ୍ତାରେ ଭଗବାନ୍ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ ହୁଏ ଏବଂ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣରୂପେ ମୁକ୍ତ ହୁଏ ।

ପ୍ରଶ୍ନ : କେଉଁ ବିଷୟ ଜାଣିଲେ ଆମ୍ଭେମାନେ ପୂର୍ବ ଯୋଗର କର୍ମ ତ୍ୟାଗ ସଂସ୍କାରରୁ ମୁକ୍ତ ହୋଇ ଭାଗବତ କର୍ମ କରି ପାରିବା ଏବଂ ମା'ଙ୍କ ସଂସ୍ଥା ସ୍ୱତଃସ୍ଫୂର୍ତ୍ତଭାବେ ଗଠନ କରିପାରିବା ?

ଉତ୍ତର : ପୁରାତନ ଯୋଗ ତଥା ପୁରାତନ ଯୋଗର ଲକ୍ଷ୍ୟଠାରୁ ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ଯୋଗର ଲକ୍ଷ୍ୟ ସଂପୂର୍ଣ୍ଣ ଭିନ୍ନ – ଏହି ଭିନ୍ନତା ଠିକ୍ ଠିକ୍ ବୁଝି ପାରିଲେ ପୁରାତନ ଯୋଗର କର୍ମତ୍ୟାଗ ସଂସ୍କାରରୁ ମୁକ୍ତ ହୋଇ

ଭାଗବତ କର୍ମ କରିପାରିବା । ଏହି ଭାଗବତ କର୍ମ ଦ୍ୱାରା ମା'ଙ୍କ ଅଧାମ୍ ସଂସ୍କାର ସଂଗଠନ କାର୍ଯ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ହୋଇପାରିବ ।

ପ୍ରଶ୍ନ : କେଉଁ ବିଷୟରେ ପୁରାତନ ଯୋଗରୁ ଶ୍ରୀଅରବିନ୍ଦଙ୍କ ଯୋଗର ଭିନ୍ନତା, ଏହା ସ୍ପଷ୍ଟଭାବେ ବୁଝାଇଦିଅ ?

ଉତ୍ତର : ପୁରାତନ ଯୋଗରେ ବ୍ୟକ୍ତିଗତ ମୁକ୍ତି, ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିଗତ ମୁକ୍ତି ସହିତ ସମସ୍ତ ସତ୍ତାର ରୂପାନ୍ତର ଏବଂ ଭାଗବତ ଉପଲବ୍ଧି ତଥା ସଂସାର ସ୍ୱର୍ଗରେ ପରିଣତ । ପୁରାତନ ଯୋଗୀମାନେ ନିଜେ ନିଜେ ସାଧନା କରି ମୁକ୍ତି, ନିର୍ବାଣ, ଭଗବତ୍‌ପ୍ରାପ୍ତି କରୁଥିଲେ, ସଂସାର ଯେଉଁ ଦୁଃଖ-ଦ୍ୱନ୍ଦ୍ୱରେ ଥିଲା, ସଂସାର ବ୍ୟକ୍ତିମାନେ ଯେଉଁ ନରକ ଯାତନା ଭୋଗ କରୁଥିଲେ ସେହି ଅବସ୍ଥାରେ ସେମାନେ ରହିଲେ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ବ୍ୟକ୍ତି ଶରୀର, ସଂସାର ତ୍ୟାଗ ନ କରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୁଏ, ସମଗ୍ର ସତ୍ତାରେ ଭଗବତ୍ ଉପଲବ୍‌ଧି କରେ । ଏହା ଫଳରେ ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅସତ୍ୟ, ଅନ୍ୟାୟ ଦୂର ହୁଏ, ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହୁଏ । ଏହାହିଁ ପୁରାତନ ଯୋଗରୁ ଶ୍ରୀଅରବିନ୍ଦଙ୍କ ଯୋଗର ଭିନ୍ନତା ।

କର୍ମର ପ୍ରଣାଳୀ

ପ୍ରଶ୍ନ : ପୁରାତନ ଯୋଗରୁ ଶ୍ରୀଅରବିନ୍ଦଙ୍କ ଯୋଗ ଏକେବାରେ ପୃଥକ୍ ଏବଂ କର୍ମତ୍ୟାଗ କରିବା ପୁରାତନ ଯୋଗର ଏହି ସଂସ୍କାର ବୁଝିପାରିଲୁ । କିନ୍ତୁ ଆମ୍ଭ ପୂର୍ବ ପ୍ରଶ୍ନର ଉତ୍ତରରେ କହିଥିଲ, ''ଭାଗବତ କର୍ମ ଦ୍ୱାରା ଆମ୍ଭେମାନେ ଲକ୍ଷ୍ୟରେ ସହଜରେ ପହଞ୍ଚିବାର ସୁଯୋଗ ପାଇପାରିବା ଏହି ସକାଶେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସଂଘ, ଶ୍ରୀଅରବିନ୍ଦ ଯୁବସଂଘ ଇତ୍ୟାଦିର କାର୍ଯ୍ୟ ହେଉଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ପାଠଚକ୍ର ଏବଂ ସମ୍ମିଳନୀ ଇତ୍ୟାଦି ମା'ଙ୍କ ଉଦ୍ଦେଶ୍ୟରେ ଯାବତୀୟ କର୍ମ, ଲକ୍ଷ୍ୟରେ ପହଞ୍ଚିବା ସକାଶେ ଆମ୍ଭମାନଙ୍କର ଗୋଟିଏ ସୁଯୋଗ । କେଉଁ କାରଣରୁ ଏହିସବୁ କର୍ମ ଲକ୍ଷ୍ୟରେ ପହଞ୍ଚିବାର ସୁଯୋଗ ହେବ ? ସ୍ପଷ୍ଟଭାବରେ ବୁଝାଇ ଦିଅ ।

ଉତ୍ତର : ଭଗବାନଙ୍କ ସଂକଳ୍ପରେ, ପୃଥିବୀରେ ଭଗବାନଙ୍କ ଅଭିବ୍ୟକ୍ତି ଉଦ୍ଦେଶ୍ୟରେ କର୍ମ କେବେ ବି ହୋଇ ନ ଥିଲା; ଏହି କର୍ମ ମା'ଙ୍କ ଦ୍ୱାରା ବର୍ତ୍ତମାନ ହେଉଛି । ଏହାହିଁ ଲକ୍ଷ୍ୟପ୍ରାପ୍ତିର ମହାନ୍ ସୁଯୋଗ । ମା'ଙ୍କ ଉଦ୍ଦେଶ୍ୟରେ କର୍ମ-ସଂପାଦନ ଦ୍ୱାରା ମା'ଙ୍କ ଶକ୍ତି ଜ୍ଞାତରେ ବା ଅଜ୍ଞାତରେ ଆମ୍ଭମାନଙ୍କ ଆଧାରରେ ଅବତରଣ କରେ ଏବଂ ପ୍ରେରଣା ଦିଏ । ଏହାହିଁ ଲକ୍ଷ୍ୟରେ ପହଞ୍ଚିବାର ଅନିବାର୍ଯ୍ୟ ସାଧନା ।

ଜୀବନ ଓ ସଂସାରର ଅର୍ଥହିଁ କର୍ମ । ବ୍ୟକ୍ତିର ମୃତ୍ୟୁ ହେବା ପୂର୍ବରୁ ସେ କର୍ମବିନା ରହିପାରେ ନାହିଁ । କର୍ମ ସଂପାଦିତ ହୁଏ ଶରୀରରେ । କର୍ମରୁ ମୁକ୍ତ ହେବାର ଉପାୟ ନ ଦେଖି କର୍ମର ଆଧାର ଶରୀରକୁ ପୁରାତନ ଯୋଗୀମାନେ ପରିତ୍ୟାଗ କଲେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ, ଶରୀର ଭାଗବତ ତତ୍ତ୍ୱରେ ରୂପାନ୍ତର, ସଂସାର ସ୍ୱର୍ଗରେ ପରିଣତ ଉଦ୍ଦେଶ୍ୟ ହେବାରୁ କର୍ମ ଅନିବାର୍ଯ୍ୟ ହୋଇପଡ଼ିଲା । କିନ୍ତୁ କର୍ମ ସଂପାଦନ କରିବା ମନୋଭାବ ଅନୁସାରେ କର୍ମର ଫଳ ଭିନ୍ନ ଭିନ୍ନ ହେଲା ।

ସାଧାରଣ ସକାମ କର୍ମ

ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ ନ ଥିବା ସାଂସାରିକ ବ୍ୟକ୍ତିର କର୍ମ ସାଧାରଣ ବା ସକାମ । ସେ ମନ-ପ୍ରାଣ-ଶରୀରର ବାସନା-କାମନା ଆବଶ୍ୟକତା ଯୋଗୁଁ ନିଜ ସକାଶେ, ପରିବାର ସକାଶେ, ଦେଶ ତଥା ସଂସାର ସକାଶେ କର୍ମ କରେ । ଗୋଟିଏ ପ୍ରକାର କର୍ମରେ ଶାଖାପ୍ରଶାଖାରୂପେ ବହୁ କର୍ମ-ବାସନା ଉତ୍ପନ୍ନ ହୁଏ, ସେହି ବାସନା-କାମନା ଯୋଗୁଁ ବ୍ୟକ୍ତି ଜନ୍ମ-ମରଣ ଚକ୍ରରେ ଭ୍ରମୁଥାଏ । କିନ୍ତୁ କର୍ମ ହୁଏ ମନ-ପ୍ରାଣର ପ୍ରେରଣାରେ ଶରୀର ଦ୍ୱାରା । ପୁରାତନ ସମସ୍ତ ଯୋଗୀ କର୍ମ-ବାସନାରୁ ମୁକ୍ତ ହେବା ସକାଶେ କର୍ମର ମୂଳ କାରଣ ମନ-ପ୍ରାଣ-ଶରୀରଠାରୁ ଆତ୍ମାକୁ ପୃଥକ୍ କରିନେଲେ । ମନ-ପ୍ରାଣ-ଶରୀର ଯେପରି ଥିଲା ସେହିପରି ରହିଲା । କେବଳ ଆତ୍ମା ମୁକ୍ତି, ନିର୍ବାଣ ଅଥବା ଭଗବତ୍‌ପ୍ରାପ୍ତି ହେଲା । ବୈଷ୍ଣବ ତଥା ତନ୍ତ୍ର ନିଜ ଇଷ୍ଟଦେବ ଏବଂ ଇଷ୍ଟଦେବୀଙ୍କୁ ଯଦ୍ୟପି କର୍ମ ସମର୍ପଣ କରୁଥିଲେ ତଥାପି ସେମାନଙ୍କର ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବା ଲକ୍ଷ୍ୟ ନ ଥିଲା ।

ଭଗବତ୍ ସମର୍ପିତ ନିଷ୍କାମ କର୍ମ

ଶ୍ରୀଅରବିନ୍ଦଙ୍କ ଯୋଗ ସଂପୂର୍ଣ୍ଣରୂପେ ପୁରାତନ ଯୋଗଠାରୁ ଭିନ୍ନ । ସେଥିରେ ମନ-ପ୍ରାଣ-ଶରୀରକୁ ତ୍ୟାଗ କରିବାକୁ ହୁଏ ନାହିଁ; ଏହାକୁ ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରିବାକୁ ହୁଏ । ଏହି କାରଣରୁ କର୍ମ ନିଶ୍ଚିତରୂପେ ଅନିବାର୍ଯ୍ୟ ହୋଇପଡ଼େ ।

କର୍ମରୁ ବାସନା-କାମନା ନିବୃତ୍ତି, ମନ-ପ୍ରାଣ-ଶରୀରର ରୂପାନ୍ତର ହୁଏ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା । ସେହି ଶକ୍ତି ବ୍ୟକ୍ତି ଆଧାରରେ ଅବତରଣ କରେ ଏବଂ ରୂପାନ୍ତର କ୍ରିୟା କରେ ସମର୍ପଣ, ଅଭୀପ୍ସା ଏବଂ ପ୍ରତିକୂଳ-କ୍ରିୟା ତଥା ଗତିବୃତ୍ତିର ତ୍ୟାଗ ଦ୍ୱାରା । ଏହିସବୁ କ୍ରିୟା ହୋଇପାରେ ଏକାଗ୍ର ଅବସ୍ଥାରେ । ଏକାଗ୍ରତାର ଦୁଇଟି ଉପାୟ — ଗୋଟିଏ ଧ୍ୟାନ, ଅନ୍ୟଟି କର୍ମ । ଧ୍ୟାନ ସମସ୍ତଙ୍କ ପକ୍ଷେ ସହଜ ନୁହେଁ । ଧ୍ୟାନରେ ବସିବାମାତ୍ରେ ବ୍ୟକ୍ତିର ପୂର୍ବ ଅଭ୍ୟାସ, ପୂର୍ବ ସଂସ୍କାରଗତ କର୍ମର ସ୍ମୃତି ବିଚାରରୂପେ ନଦୀସ୍ରୋତ ସଦୃଶ ପ୍ରବାହିତ ହେବାକୁ ଆରମ୍ଭ କରେ, ଏକାଗ୍ରତା ଏକେବାରେ ଆସେ ନାହିଁ । କୌଣସିମତେ ଏକାଗ୍ରତା ଟିକିଏ ଆସିଲେ ସଙ୍ଗେ ସଙ୍ଗେ ନିଦ୍ରା ଆକ୍ରମଣ କରେ । ଏହି କାରଣରୁ ପ୍ରତ୍ୟେକ ବ୍ୟକ୍ତି ସକାଶେ ଧ୍ୟାନ ସୁଲଭ ନୁହେଁ, ସୁଲଭ କର୍ମ । କର୍ମରେ ବ୍ୟକ୍ତି ମନ ତଥା ଚିତ୍ତବୃତ୍ତିକୁ ଏକାଗ୍ର କରିପାରେ । 'ମା' ଏହି ନାମ ଜପ ବି କରିପାରେ ।

ତା'ଛଡ଼ା ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ ଶରୀର ରୂପାନ୍ତର । ଶରୀର ନମନୀୟ, ଗ୍ରହଣକ୍ଷମ ହେଲେ ଭାଗବତୀ ଶକ୍ତି ପ୍ରଭାବରେ ତା' ମଧ୍ୟରେ ଥିବା ସୁପ୍ତ ଚେତନା ଜାଗ୍ରତ୍ ହୁଏ ଏବଂ ରୂପାନ୍ତର ସକାଶେ ଅଭୀପ୍ସା କରେ । ଶରୀର ନମନୀୟ ଏବଂ ଗ୍ରହଣକ୍ଷମ ହୁଏ ଭଗବତ୍-ଉଦ୍ଦେଶ୍ୟ-ସମର୍ପିତ କର୍ମ ଦ୍ୱାରା । ସେହି ସକାଶେ ଏହି ଯୋଗରେ କର୍ମ ଅପରିହାର୍ଯ୍ୟ । କିନ୍ତୁ ଆମ୍ଭେମାନେ ଏହି ରହସ୍ୟ ଠିକ୍ ଠିକ୍ ବୁଝି ନ ପାରିବାରୁ ଲକ୍ଷ୍ୟପ୍ରାପ୍ତିର ଅନିବାର୍ଯ୍ୟ ଉପାୟରୂପେ କର୍ମକୁ ଗ୍ରହଣ କରିପାରୁ ନାହିଁ ।

ଭଗବତ୍‌ପ୍ରାପ୍ତି ବା ଭଗବତ୍ ଉଦ୍ଦେଶ୍ୟରେ କର୍ମ କରି ଭଗବାନଙ୍କୁ ସମର୍ପଣ କଲେ କର୍ମ ହୁଏ ଉପାୟ, ଭଗବତ୍‌ପ୍ରାପ୍ତି ହୁଏ ଫଳ ବା ଲକ୍ଷ୍ୟସିଦ୍ଧି । ଭଗବତ୍‌ପ୍ରାପ୍ତି ଉଦ୍ଦେଶ୍ୟହିଁ ହେଲା ବାସନା ବା କାମନା । ସେହି ବାସନାର ପ୍ରଜ୍ୱଳିତ ଅଗ୍ନିଶିଖାରେ ଅନ୍ୟାନ୍ୟ ସମସ୍ତ ବାସନା-କାମନା ଭସ୍ମୀଭୂତ ହୋଇଯାଇଥା'ନ୍ତି, ରହିଥିବା ଭଗବତ୍‌ପ୍ରାପ୍ତି ବାସନା ନିବୃତ୍ତ ହୁଏ ଭଗବତ୍ ପ୍ରାପ୍ତିରେ । ଭଗବାନ୍ ଆପ୍ତକାମ ଏବଂ ଜ୍ଞାନ, ଆନନ୍ଦ, ପରମ ଶାନ୍ତିର ସ୍ୱରୂପ । ଭଗବତ୍ ପ୍ରାପ୍ତି ହେଲେ ମନୁଷ୍ୟର ଅଭାବ କିଛି ରହେ ନାହିଁ । ଅଭାବ ନିବୃତ୍ତିହିଁ ବାସନା-କାମନା ଶୂନ୍ୟ ଅବସ୍ଥା । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମା'ଙ୍କ ଉଦ୍ଦେଶ୍ୟରେ କର୍ମ କରି ମା'ଙ୍କୁ ସମର୍ପଣ କରିବାକୁ ହୁଏ । ମା' ଏବଂ ଭଗବାନ୍ ଏକ,

ଅଭିନ୍ନତତ୍ତ୍ୱ । ଏହି ରୂପାନ୍ତର ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ମା' ସାଧନା କରୁଛନ୍ତି ଏବଂ ଲକ୍ଷ୍ୟ ସାଧନରେ ସାଧକମାନଙ୍କୁ ପୂର୍ଣ୍ଣ ସାହାଯ୍ୟ କରୁଛନ୍ତି । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମା'ଙ୍କ ସେବାଭାବରେ କର୍ମ କରାହୁଏ ତଥା ସମର୍ପଣ କରାହୁଏ । ଏହି କର୍ମରେ ବ୍ୟକ୍ତିର କର୍ତ୍ତାବୋଧ ସମ୍ପୂର୍ଣ୍ଣଭାବେ ଥାଏ । କର୍ମ କରିବା ବ୍ୟକ୍ତି ସେ ନିଜେ । ଏହି ବୋଧ ହେଲା କର୍ମର କର୍ତ୍ତା । ଏହିପରି କର୍ମ-ସମର୍ପଣ ଦ୍ୱାରା ଭାଗବତୀ ଶକ୍ତି ବ୍ୟକ୍ତି ଆଧାରରେ ଅବତରଣ କରନ୍ତି ଏବଂ ସମର୍ପିତ ଅଙ୍ଗମାନଙ୍କରେ ରୂପାନ୍ତର କ୍ରିୟା କରନ୍ତି ତଥା କର୍ମର ପ୍ରେରଣା ଦିଅନ୍ତି । ବ୍ୟକ୍ତି ଆଧାରରେ ଭାଗବତୀ ଶକ୍ତି କ୍ରିୟା ଯେତେ ଅଧିକ ହୁଏ ବ୍ୟକ୍ତିର କର୍ତ୍ତୃତ୍ୱଭାବ ତେତେ କମ୍ ହୁଏ । ଭାଗବତୀ ଶକ୍ତିର ପ୍ରେରଣା ଅନୁସାରେ ବ୍ୟକ୍ତି ଯେତେବେଳେ ସମସ୍ତ କର୍ମ କରେ ସେତେବେଳେ ହୁଏ ଭାଗବତ କର୍ମ ।

ଭାଗବତ ଯାନ୍ତ୍ରିକ କର୍ମ (ନିଷ୍କାମ କର୍ମ)

ବ୍ୟକ୍ତି ମନ-ପ୍ରାଣ ଦ୍ୱାରା ପରିଚାଳିତ ହୋଇ କର୍ମ କରେ ନାହିଁ, କରେ ଭାଗବତୀ ଶକ୍ତି ପ୍ରେରଣାରେ । ସେ ଭାଗବତୀ ଶକ୍ତି କର୍ମକୁ ସମର୍ଥନ କରେ, ସମ୍ମତି ଦିଏ, ତା'ର ମନ-ପ୍ରାଣ-ଶରୀର ହୁଅନ୍ତି ଭାଗବତୀ ଶକ୍ତିର ଯନ୍ତ୍ର, କର୍ମ ସଂପାଦିତ ହୁଏ ଶରୀର ଦ୍ୱାରା । ଏହି ଅବସ୍ଥାରେ ବ୍ୟକ୍ତି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ହୋଇ ନ ଥାଏ । ଏହି ପୃଥକ୍ ବୋଧ ଅବସ୍ଥାରେ ଭାଗବତୀ ଶକ୍ତିର ପ୍ରେରଣାରେ ସଂପାଦିତ ହେଉଥିବା କର୍ମର ନାମ ଭାଗବତ ଯାନ୍ତ୍ରିକ କର୍ମ । ଏହି କର୍ମ ଦ୍ୱାରା ବ୍ୟକ୍ତିସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ । ଏହାପରେ ଆସେ ଶୁଦ୍ଧ ଭାଗବତ କର୍ମ ।

ଶୁଦ୍ଧ ଭାଗବତ କର୍ମ

ବ୍ୟକ୍ତିର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଥାଆନ୍ତି । ଭଗବାନଙ୍କ ସଂକଳ୍ପ ଅନୁସାରେ ଭାଗବତୀ ଶକ୍ତି ଦ୍ୱାରା କର୍ମ ହୁଏ ବ୍ୟକ୍ତି ଆଧାରରେ । ବ୍ୟକ୍ତି ଭାଗବତୀ ଶକ୍ତିର ଯନ୍ତ୍ର ବୋଲି ଧାରଣା ରହେ ନାହିଁ । ଏହି ଧାରଣା ଥାଏ ଭଗବାନଙ୍କଠାରୁ ପୃଥକ୍ ଅବସ୍ଥାରେ । କିନ୍ତୁ ଏକତ୍ୱ ପ୍ରାପ୍ତ ହେଲେ ଏହି ଧାରଣା ଲୋପ ପାଏ । ଏହି କର୍ମ ଶୁଦ୍ଧ ଭାଗବତ କର୍ମ । ଏହି ଯେଉଁ ଭଗବାନଙ୍କ ସହିତ ଏକତ୍ୱ; ଅଦ୍ୱୈତ ସିଦ୍ଧାନ୍ତ ସଦୃଶ ନିରାକାର, ନିର୍ବିଶେଷ ସତ୍ତାରେ ମିଶିଯାଇ ନିଷ୍କ୍ରିୟ ହେବା ନୁହେଁ । ଏହି ଏକତ୍ୱ ପ୍ରାପ୍ତ ହୁଏ ସାକାର, ନିରାକାର, ଊର୍ଦ୍ଧ୍ୱସ୍ଥ ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ସହିତ । ସେହି ଏକତ୍ୱ ଥିବା ଅବସ୍ଥାରେ ବ୍ୟକ୍ତି ପୃଥକ୍ ରହି କର୍ମ କରେ ଏବଂ ଏକତ୍ୱ ତଥା ପୃଥକ୍ ଏହି ଉଭୟବୋଧ ଏକହିଁ ସଙ୍ଗେ ଏକହିଁ ଅବସ୍ଥାରେ ବିଦ୍ୟମାନ ଥାଏ । ଏହା ହୁଏ ଅତିମାନସ-ବିଜ୍ଞାନ-ଚେତନାରେ । ମନ ପକ୍ଷେ ଏହା ବୁଝିବା ଏକେବାରେ ସମ୍ଭବ ନୁହେଁ ।

କର୍ମ ତିନି ଭାଗରେ ବିଭକ୍ତ

ଏହି ଯେଉଁ କର୍ମ ଆଲୋଚନା କରାହେଲା ତାହା ତିନି ଭାଗରେ ବିଭକ୍ତ; ନିଷିଦ୍ଧ କର୍ମ, ସାଧାରଣ କର୍ମ, ଭାଗବତ କର୍ମ । ଏହା ମଧ୍ୟରେ ମଧ୍ୟ ଭିନ୍ନ ଭିନ୍ନ ସ୍ତର ଅଛି । ଯଥା : ଚୋରି, ହତ୍ୟା, ପରପୀଡ଼ା ଇତ୍ୟାଦି ନିଷିଦ୍ଧ ନିନ୍ଦନୀୟ କର୍ମ । ଏହାର ଫଳ ଦୁଃଖ, ଶୋକ, ନରକ ଯନ୍ତ୍ରଣା । **ସାଧାରଣ କର୍ମ** : ଭଗବାନଙ୍କ ଛଡ଼ା ନିଜ ସକାଶେ, ପରିବାର ସକାଶେ, କୃଷି, ବାଣିଜ୍ୟ, ଚାକିରି ଇତ୍ୟାଦି ନିମ୍ନସ୍ତରର, ଆନ୍ତରିକତା ସହ ଦେଶସେବା, ଅନ୍ୟର ହିତ ଉଦ୍ଦେଶ୍ୟରେ କର୍ମ ଉଚ୍ଚସ୍ତରର । କିନ୍ତୁ ଏହି ଉଭୟ କର୍ମରେ ବାସନା-କାମନା ବିଦ୍ୟମାନ ଥାଏ । ସେହି ସକାଶେ ଏହା ଜନ୍ମ-ମରଣ-ବନ୍ଧନର କାରଣ ହୁଏ । ଭାଗବତ ସମର୍ପିତ ନିଷ୍କାମ କର୍ମ ତିନି ଭାଗରେ ବିଭକ୍ତ, ଯଥା :

ଭାଗବତ ସମର୍ପିତ କର୍ମ : ଭଗବାନଙ୍କ ଉଦ୍ଦେଶ୍ୟରେ, ଭଗବାନଙ୍କ ସେବା ଭାବରେ ସଂପାଦନ କରି ଭଗବାନଙ୍କୁ ସମର୍ପଣ କରିବା ହେଲା **ଭଗବତ୍ ସମର୍ପିତ କର୍ମ** । ଏଥିରେ କର୍ତ୍ତାବୋଧ ବିଦ୍ୟମାନ ଥାଏ । କେବଳ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ ହେବାରୁ ଏଥିରେ ଅନ୍ୟ ବାସନା ନ ଥାଏ, ଭଗବତ୍ ପ୍ରାପ୍ତିରେ ଭଗବତ୍ ପ୍ରାପ୍ତିର ବାସନା ଲୋପ ହେବାରୁ ବ୍ୟକ୍ତି ପୂର୍ଣ୍ଣ ନିଷ୍କାମ ହୁଏ ।

ଭାଗବତ ଯାନ୍ତ୍ରିକ କର୍ମ : ବ୍ୟକ୍ତିର ମନ-ପ୍ରାଣର ପ୍ରେରଣାରେ କର୍ମସଂପାଦିତ ନ ହୋଇ ଭାଗବତୀ ଶକ୍ତିର ପ୍ରେରଣାରେ ସଂପାଦିତ କର୍ମ ଭାଗବତ ଯାନ୍ତ୍ରିକ କର୍ମ । ଏଥିରେ ଭଗବାନଙ୍କଠାରୁ ପୃଥକ୍ ଏବଂ ତାଙ୍କର ଯନ୍ତ୍ର ହେବାର ପୃଥକତ୍ୱ ବୋଧ ଥାଏ ।

ଶୁଦ୍ଧ ଭାଗବତ କର୍ମ : ବ୍ୟକ୍ତିର ସମସ୍ତ ସତ୍ତା ଭଗବାନ୍ ସଚ୍ଚିଦାନନ୍ଦଙ୍କ ସହିତ ପୂର୍ଣ୍ଣ ଏକତ୍ୱପ୍ରାପ୍ତ ହୋଇଥିବା ସତ୍ତ୍ୱେ ସେ ଭଗବାନଙ୍କ ସେବାଭାବରେ କର୍ମ କରେ, ବ୍ୟକ୍ତିର ଏକତ୍ୱ ଏବଂ ପୃଥକ୍ତ୍ୱ ଏହି ଉଭୟ ବୋଧ ଏକ ସଙ୍ଗେ ଏକହିଁ ସମୟରେ ଥାଏ । ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ସମସ୍ତ ସତ୍ତା ପୂର୍ଣ୍ଣ ରୂପାନ୍ତର ହେବାରେ । ଏହି ତିନି ପ୍ରକାର କର୍ମ ଶୁଦ୍ଧ ଭାଗବତ କର୍ମର ଭିନ୍ନ ଭିନ୍ନ ସ୍ତର ବା ଭିନ୍ନ ଭିନ୍ନ ସୋପାନ ।

ପ୍ରଶ୍ନ : ଗୃହ ପରିବାରର କାର୍ଯ୍ୟକୁ ମା'ଙ୍କ ସେବାରୂପେ ସଂପାଦନ କରି ମା'ଙ୍କୁ ସମର୍ପଣ କରିବା ଅପେକ୍ଷା ପାଠଚକ୍ର-ପ୍ରତିଷ୍ଠା, ପାଠଚକ୍ର ସମ୍ମିଳନୀ, ପାଠଚକ୍ର ଗୃହ ନିର୍ମାଣ, ଶ୍ରୀଅରବିନ୍ଦଙ୍କ ଶିକ୍ଷାକେନ୍ଦ୍ର ଆଦର୍ଶରେ ବିଦ୍ୟାଳୟ ସ୍ଥାପନ ଏବଂ ପରିଚାଳନା, ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପ୍ରସାର, ଶ୍ରୀଅରବିନ୍ଦ ଛାତ୍ର ସଂଘ, ଶ୍ରୀଅରବିନ୍ଦ ଯୁବ-ସଂଘ, ଶ୍ରୀଅରବିନ୍ଦ ମହିଳା ସମିତି ଇତ୍ୟାଦି ମା'ଙ୍କ ଆଦର୍ଶ ପ୍ରସାର ଯାବତୀୟ କାର୍ଯ୍ୟର ବିଶେଷତ୍ୱ କ'ଣ ? କେଉଁ ଅର୍ଥରେ ଏହିସବୁ କର୍ମ ଲକ୍ଷ୍ୟରେ ପହଞ୍ଚିବାର ସହଜ ଉପାୟ ?

ଉତ୍ତର : ଏହିସବୁ କାର୍ଯ୍ୟ ସିଧା ମା'ଙ୍କର, ମା'ଙ୍କ ଉଦ୍ଦେଶ୍ୟରେ କରାହୁଏ । ଏହି କାର୍ଯ୍ୟକୁ ସେବା ମାନି ମା'ଙ୍କୁ ସମର୍ପଣ କରିବାରେ ସହଜ ହୁଏ ।

ପାରିବାରିକ କର୍ମ ସିଧା ମା'ଙ୍କର ନୁହେଁ; ପରିବାର ଅଥବା ନିଜ ସକାଶେ କରାହୁଏ । ଏହି କର୍ମ ମା'ଙ୍କ ଉଦ୍ଦେଶ୍ୟରେ କରିବା ତଥା ମା'ଙ୍କୁ ସମର୍ପଣ କରିବା ଭାବ ନିଜ ଚେତନାରେ ପ୍ରତିଷ୍ଠା କରିବାରେ ବହୁ ପ୍ରୟାସ କରିବାକୁ ହୁଏ ।

ମା'ଙ୍କ କାର୍ଯ୍ୟର ବିଶେଷତ୍ୱ ହେଲା – ଏହିସବୁ କର୍ମାନୁଷ୍ଠାନରେ ମା'ଙ୍କର ଉପସ୍ଥିତି ଥାଏ ଏବଂ ମା'ଙ୍କ ଶକ୍ତି କ୍ରିୟା କରେ । ଏହିସବୁ କର୍ମର ପ୍ରସାର ସହିତ ଅଧ୍ୟାତ୍ମ ବାତାବରଣ ସ୍ପଷ୍ଟ ହୁଏ । ଏହା ନିଜ ସାଧନା ତଥା ଅନ୍ୟର ମଙ୍ଗଳ ଏବଂ ଅତିମାନବ ପୃଥିବୀରେ ପ୍ରତିଷ୍ଠା ସିଦ୍ଧିରେ ବିଶେଷ ସହାୟକ ଏବଂ ଆବଶ୍ୟକ ହୁଏ । ଏହି କାରଣରୁ ଗୃହକାର୍ଯ୍ୟ ଅପେକ୍ଷା ଏହି କାର୍ଯ୍ୟରେ ବିଶେଷତ୍ୱ ରହିଥାଏ ।

ଏହି ବିଶେଷତ୍ୱର ଅନ୍ୟ କାରଣ ହେଲା – ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠିତ ହୋଇଛି ଅହଂ ଏବଂ ସ୍ୱାର୍ଥରେ; ସେହି ସକାଶେ ସୃଷ୍ଟି ଆରମ୍ଭରୁ ବ୍ୟକ୍ତି କର୍ମକୁ ନିଜର ମନେ କରିବା ତା' ରକ୍ତ ସହିତ ମିଶି ସଂସ୍କାରରେ ପରିଣତ ହୋଇଛି । ପ୍ରତ୍ୟକ୍ଷ ରୂପେ ନିଜ ଏବଂ ପରିବାର ସକାଶେ କର୍ମ କରି ତାକୁ ମା'ଙ୍କ ସେବା ମାନିବାରେ ନିରନ୍ତର ସଚେତ ହୋଇ ପ୍ରୟାସ କରିବାକୁ ହୁଏ । କିନ୍ତୁ ମା'ଙ୍କ ଆଦର୍ଶ ପ୍ରସାର ଏହିସବୁ କାର୍ଯ୍ୟ ସିଧା ମା'ଙ୍କ ସକାଶେ ହେବାରୁ ସେଥିରେ ପ୍ରୟାସ କରିବାକୁ ହୁଏ ନାହିଁ । ବରଂ ଏହି କାର୍ଯ୍ୟ ଦ୍ୱାରା ଭାଗବତୀ ଶକ୍ତି ସ୍ୱର୍ଶରେ ଚେତନା କିଛି ଅଂଶରେ ପରିବର୍ତ୍ତନ ହେଲେ ଗୃହ କାର୍ଯ୍ୟକୁ ମା'ଙ୍କ ସେବାରୂପେ ଧାରଣା କରିବା ସହଜ ହୁଏ ।

ପ୍ରଶ୍ନ : ଏହିସବୁ ଆଲୋଚନାରୁ ସ୍ପଷ୍ଟରୂପେ ବୁଝି ପାରିଲୁ ସମର୍ପଣ କର୍ମ ଦ୍ୱାରା ବ୍ୟକ୍ତି ସହଜରେ ଲକ୍ଷ୍ୟପ୍ରାପ୍ତି କରିପାରେ । ଏହି କର୍ମପ୍ରାପ୍ତିହିଁ ଆତ୍ମମାନଙ୍କର ପରମ ସୁଯୋଗ ।

ଏହା ବି ସ୍ପଷ୍ଟ ଭାବେ ବୁଝିପାରିଲୁ ଯେ ଏହି ଅଧ୍ୟାତ୍ମ ସଂସ୍ଥା ଜାଗତିକ ପ୍ରଣାଳୀ ଅନୁସାରେ ସଙ୍ଗଠିତ ହେବା ସମ୍ଭବ ନୁହେଁ, ହେବ ଭାଗବତ ପ୍ରେମ ଦ୍ୱାରା ସ୍ୱତଃସ୍ଫୂର୍ତ୍ତଭାବେ । କାରଣ ଅଧ୍ୟାତ୍ମ ସଂସ୍ଥାକୁ ସଂସାର ସଂସ୍ଥା ସଦୃଶ କଠୋର ପରମ୍ପରା ରୁଚିଗତ ବାହ୍ୟ ନିୟମବଦ୍ଧ କରିଦେଲେ ସେଥିରେ ଭାଗବତ ପ୍ରେମ ପ୍ରବେଶ କରିପାରେ ନାହିଁ । ଏହାର ଉଦାହରଣ ହେଉଛି ଆଶ୍ରମର କର୍ମସଂସ୍ଥା । ତେବେ ଭାଗବତ ପ୍ରେମ-ପଦ୍ଧତିରେ ଏହି ସଂସ୍ଥାକୁ ସଂଗଠିତ କରିବା ସକାଶେ କୌଣସି ପ୍ରକାର ବ୍ୟକ୍ତିଗତ ପ୍ରୟାସ ଆବଶ୍ୟକ ନା ସ୍ୱତଃସ୍ଫୂର୍ତ୍ତଭାବେ ହେବ ?

ଉତ୍ତର : ବ୍ୟକ୍ତିଗତ ପ୍ରୟାସ ଆବଶ୍ୟକ । ଯେପରି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧନା କରନ୍ତି ଭାଗବତୀ ଶକ୍ତି, ତାଙ୍କରି କ୍ରିୟା ସକାଶେ ବ୍ୟକ୍ତିକୁ ଅଭୀପ୍ସା, ସମର୍ପଣ ଦ୍ୱାରା ନିଜ ଆଧାରକୁ ପ୍ରସ୍ତୁତ କରିବାକୁ ହୁଏ; ସେହିପରି ଏହି ଭାଗବତ ସଂସ୍ଥାର ସଂଗଠନ କାର୍ଯ୍ୟ କରନ୍ତି ଅତିମାନସ ଶକ୍ତି; କିନ୍ତୁ ତାଙ୍କର ଯନ୍ତ୍ର ହେବା ସକାଶେ ବ୍ୟକ୍ତିକୁ କରିବାକୁ ହୁଏ ଭାଗବତ କର୍ମ ।

ପ୍ରଶ୍ନ : ଏହି ସଂଗଠନ କାର୍ଯ୍ୟ କ୍ରିୟାତ୍ମକରୂପେ କିପରି ଆଚରଣ କରିବାକୁ ହେବ ? ଏହା କରିବା ପୂର୍ବରୁ ପ୍ରଥମରେ କୁହ, ଏହିପରି କର୍ମ ଦ୍ୱାରା ମା'ଙ୍କ ସଂସ୍ଥା ସଂଗଠନ ସହଜରେ ହୋଇପାରିବ, ସେ ସକାଶେ ଏହାର ଏତେ ପ୍ରଶଂସା କଲ ନା ଏଥିରେ ଯଥାର୍ଥ ସତ୍ୟତା ଅଛି ?

ଉତ୍ତର : ଏହା କେବଳ ପ୍ରଶଂସା ନୁହେଁ, ଏହା ଯଥାର୍ଥ ଅସନ୍ଦିଗ୍ଧ, ନିରାଟ, ଅନୁଭୂତିପ୍ରାପ୍ତ, ସମ୍ପୂର୍ଣ୍ଣ ସତ୍ୟ । ଏହି ଭାଗବତ କର୍ମ ଏତେ ମହାନ୍, ଏତେ ବିଶାଳ, ଏତେ ପ୍ରଭାବଯୁକ୍ତ ଏବଂ ଏତେ ଐଶ୍ୱର୍ଯ୍ୟପୂର୍ଣ୍ଣ ଯେ ଏହାକୁ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ; ଏହାର ଯେତେ ପ୍ରଶଂସା କରାହେବ ତାହା ହେବ ସାମାନ୍ୟ, ସୂର୍ଯ୍ୟଙ୍କୁ ଦୀପକ ସଙ୍ଗେ ତୁଳନା କରିବା ସଦୃଶ । ଏହି ଭାଗବତ କର୍ମ ଦ୍ୱାରା ବ୍ୟକ୍ତି ଭଗବାନଙ୍କର ଅତ୍ୟନ୍ତ ନିକଟ, ଅତ୍ୟନ୍ତ ପ୍ରିୟ ହୋଇପାରେ ଏବଂ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ପୂର୍ଣ୍ଣରୂପେ ଏକ ହୋଇପାରେ ।

ଲକ୍ଷ୍ୟ

ବ୍ୟକ୍ତି ଏହି କର୍ମ ଆଚରଣ କରିବାକୁ ଚାହିଁଲେ ଏହି କର୍ମ ଦ୍ୱାରା ସେ ଯେଉଁ ଲକ୍ଷ୍ୟରେ ପହଞ୍ଚିବ ସେହି ଲକ୍ଷ୍ୟକୁ ସେ ଆନ୍ତରିକତା ସହ ବୁଝିବ ଏବଂ ଗ୍ରହଣ କରିବ ।

ଲକ୍ଷ୍ୟ ହେଉଛି — ସଚ୍ଚିଦାନନ୍ଦ ଭଗବାନଙ୍କ ସହିତ ବ୍ୟକ୍ତି ମନ-ପ୍ରାଣ-ଶରୀରରେ ସର୍ବଥା ପୂର୍ଣ୍ଣ ଏକତ୍ୱପ୍ରାପ୍ତ ହୋଇଥିବା ସତ୍ତ୍ୱେ ପୃଥକ୍ ରହିବ । ଭଗବାନ୍ ହେଉଛନ୍ତି ସମସ୍ତ ଆନନ୍ଦ, ସମସ୍ତ ଶାନ୍ତି, ସମସ୍ତ ଐଶ୍ୱର୍ଯ୍ୟର ଅଥଳ, ଅନନ୍ତ ସମୁଦ୍ର । ସେହି ସମୁଦ୍ରର ଏକକଣା ସଦୃଶ ଏହି ସଂସାରରେ ବିକୃତରୂପେ ଆନନ୍ଦ, ଶାନ୍ତି ତଥା ଐଶ୍ୱର୍ଯ୍ୟର ପ୍ରକାଶ ହୋଇଛି । ସେହି ଆନନ୍ଦ ସମୁଦ୍ରକୁ ପ୍ରାପ୍ତ ହେବାରେ ପ୍ରବଳ ପ୍ରତିବନ୍ଧକ, ଘୋର ଅନ୍ତରାୟ ଆମ୍ଭମାନଙ୍କ ଅହଂ ଏବଂ ସ୍ୱାର୍ଥ । ଅହଂ-ସ୍ୱାର୍ଥର କାରଣ ହେଉଛି ଏହି ଜାଗତିକ ତୁଚ୍ଛ, କ୍ଷଣିକ ନାମ-ଯଶଃ-ଅଧିକାର-ଲାଳସା ଅଥବା ଜାଗତିକ ସୁଖଭୋଗ । ଯାହାର ପରିଣାମ ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ହିଂସା, ଦ୍ୱେଷ । ବିବେକୀ ବ୍ୟକ୍ତି ଏହି ଅମୃତତୁଲ୍ୟ ଲକ୍ଷ୍ୟକୁ ବୁଝିପାରିଲେ ବିଷତୁଲ୍ୟ ଅହଂ-ସ୍ୱାର୍ଥକୁ କଦାପି କର୍ମରେ ପ୍ରୟୋଗ କରିବାକୁ ଚାହିଁବ ନାହିଁ । ଏହି ଲକ୍ଷ୍ୟପ୍ରାପ୍ତି ତୁଳନାରେ ଇନ୍ଦ୍ର, ଚନ୍ଦ୍ର, ବରୁଣ, କୁବେରାଦି ଲୋକର ଐଶ୍ୱର୍ଯ୍ୟ ତୁଚ୍ଛ ପ୍ରତୀତ ହେବ ।

ଅନ୍ୟ କାରଣ ହେଲା, ଭାଗବତ କର୍ମ ଆଚରଣ କରିବାକୁ ହେଲେ ଅନ୍ୟ ବ୍ୟକ୍ତି ସହିତ ଭଗବତ୍ ପ୍ରେମର

ସମ୍ପର୍କ ରଖିବାକୁ ହୁଏ ଏବଂ ବ୍ୟବହାର କରିବାକୁ ହୁଏ । ଭଗବତ୍ ପ୍ରେମର ଅହଂ-ସ୍ୱାର୍ଥ ବିରୋଧୀ ବସ୍ତୁ । ଅହଂ-ସ୍ୱାର୍ଥ ବର୍ଜନ ନ କଲେ ଭାଗବତ ପ୍ରେମ ନିଜ ଅନ୍ତରରେ ପ୍ରତିଷ୍ଠା ହୁଏ ନାହିଁ କିଂବା ସେ ବ୍ୟକ୍ତି ଦ୍ୱାରା ଭାଗବତ କର୍ମ କିଂବା ଭାଗବତ ସଂସ୍ଥା-ସଂଗଠନ କାର୍ଯ୍ୟ ହୁଏ ନାହିଁ । ସଂଗଠନ କାର୍ଯ୍ୟ ହୁଏ ଅନ୍ୟ ବ୍ୟକ୍ତିଙ୍କ ସହିତ । ନିଜ ମଧ୍ୟରେ ଅହଂ-ସ୍ୱାର୍ଥ କ୍ରିୟାଶୀଳ ଥିଲେ ସେ ନିଜେ ବଡ଼ ଏହି ଭାବ ତଥା ଅଧିକାର ଏବଂ ନାମ-ଯଶଃ-ସ୍ୱାର୍ଥର ଲାଳସା ତ୍ୟାଗ କରି ପାରେ ନାହିଁ, ଏହା ତ୍ୟାଗ ନ କଲେ ବ୍ୟକ୍ତିର ସଂଗଠନ କାର୍ଯ୍ୟରେ ଅନ୍ୟ ବ୍ୟକ୍ତି ଆନ୍ତରିକତାସହ ଯୋଗ ଦେଇ ପାରନ୍ତି ନାହିଁ । ସେହି ସକାଶେ ସେ ବ୍ୟକ୍ତି ଭାଗବତ ସଂଗଠନ କାର୍ଯ୍ୟରେ କୃତକାର୍ଯ୍ୟ ହୁଏ ନାହିଁ । ଆନ୍ତରିକତାସହ ବ୍ୟକ୍ତି ଭାଗବତ କର୍ମ ଏବଂ ସଂଗଠନ କାର୍ଯ୍ୟ କରିବାକୁ ଚାହିଁଲେ ସ୍ୱତଃସ୍ଫୂର୍ତ୍ତଭାବେ ମା'ଙ୍କ କୃପାରୁ ଅହଂ-ସ୍ୱାର୍ଥ ରୂପାନ୍ତର ନ ହେବା ପର୍ଯ୍ୟନ୍ତ କ୍ରିୟାଶୀଳ ହୁଏ ନାହିଁ । ଯେଉଁ ଅହଂ-ସ୍ୱାର୍ଥ ପୁରାତନ ଯୋଗର କଠୋର ତପସ୍ୟା, ସଂଯମ-ନିୟମ, ବିବେକ-ବିଚାର, ଗଭୀର ଧ୍ୟାନ ଦ୍ୱାରା ଦୂର ହୁଏ ନାହିଁ ବରଂ ମହାନ୍ ସାଧକ ହେବା ଧାରଣା ଦ୍ୱାରା ବଢ଼େ ସେହି ଅହଂ-ସ୍ୱାର୍ଥ ଭାଗବତ କର୍ମ ଆଚରଣ କରିବାରେ ଅତିମାନସ ଶକ୍ତି ଦ୍ୱାରା କ୍ରମଶଃ ସହଜରେ ରୂପାନ୍ତରିତ ହୁଏ । ଏହି କାରଣରୁ ଲକ୍ଷ୍ୟପ୍ରାପ୍ତିର ମହାନ୍ ଉତ୍କୃଷ୍ଟ ସାଧନ ଭାଗବତ କର୍ମ ।

ଏହା ସୁଲଭ ହେବାର ଅନ୍ୟ କାରଣ ହେଲା — ପ୍ରତ୍ୟେକ ବ୍ୟକ୍ତି ଆଜନ୍ମରୁ କର୍ମରେ ଅଭ୍ୟସ୍ତ, ଏହାକୁ ଭାଗବତ କର୍ମରେ ପରିଣତ କରିବା ଖୁବ୍ ସହଜ ।

ଏହି ଭାଗବତ କର୍ମ ମହାନ୍ ଶକ୍ତିଶାଳୀ ହେବାର ଲକ୍ଷଣ ହେଲା — ଏହି ଯୋଗରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ ଭାଗବତୀ ଅତିମାନସ ଶକ୍ତିର କ୍ରିୟାରେ । ଏହାଛଡ଼ା ଲକ୍ଷ୍ୟପ୍ରାପ୍ତି ଏକେବାରେ ସମ୍ଭବ ନୁହେଁ । ଭାଗବତୀ ଶକ୍ତି ବ୍ୟକ୍ତି ଆଧାରରେ ଅବତରଣ କରେ, ଭାଗବତ କର୍ମରେ ତଥା ଧ୍ୟାନ ଦ୍ୱାରା ବିକ୍ଷିପ୍ତ ଚେତନା ଏକାଗ୍ର ହେବାରେ । ସାଧନାର ପ୍ରଥମ ଅବସ୍ଥାରେ ଧ୍ୟାନ ଦ୍ୱାରା ବିକ୍ଷିପ୍ତ ଚେତନା ଏକାଗ୍ର ହେବା ସମସ୍ତ ବ୍ୟକ୍ତିଙ୍କ ପକ୍ଷେ ସହଜ ନୁହେଁ । କିନ୍ତୁ ଭାଗବତ କର୍ମରେ ଏକାଗ୍ରତା କରିବା ସମସ୍ତ ବ୍ୟକ୍ତିଙ୍କ ପକ୍ଷେ ସହଜ ହୁଏ । ପୂର୍ବେ କୁହାହୋଇଛି ଯେ ପ୍ରତ୍ୟେକ ବ୍ୟକ୍ତିର ଚେତନାକୁ ଏକାଗ୍ର କରିବା ଅଭ୍ୟାସ ନ ଥାଏ । କିନ୍ତୁ କର୍ମ ଜନ୍ମଗତ ଅଭ୍ୟାସ ଥିବାରୁ ତାହା ଭାଗବତ କର୍ମରେ ପରିଣତ କରିବା ସହଜ ହୁଏ । ସୁତରାଂ ଏହି ଭାଗବତ କର୍ମ ମଧ୍ୟ ଦେଇ ଭାଗବତୀ ଅତିମାନସ ରୂପାନ୍ତରକାରୀ ଶକ୍ତି ସହଜରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କରେ ଏବଂ ରୂପାନ୍ତର କରେ । ଏହି ଯୋଗର ରୂପାନ୍ତର କ୍ରିୟା ହୁଏ ଭାଗବତୀ ଶକ୍ତିର ଅବତରଣରେ । ଯୋଗ-ସିଦ୍ଧିର ମହତ୍ତ୍ୱପୂର୍ଣ୍ଣ ରହସ୍ୟ ବା ଚାବି ହେଉଛନ୍ତି ଭାଗବତୀ ଶକ୍ତି । ଭାଗବତ କର୍ମ ଦ୍ୱାରା ଭାଗବତୀ ଶକ୍ତିର ଅବତରଣ ସହଜରେ ହେଉଥିବାରୁ ଏହି କର୍ମ ବିଶେଷ ଶକ୍ତିଶାଳୀ ।

ପ୍ରଶ୍ନ : କେଉଁ ପ୍ରଣାଳୀରେ କର୍ମ ଆଚରଣ କଲେ ସ୍ୱତଃସ୍ଫୂର୍ତ୍ତଭାବେ ଭାଗବତ ପ୍ରଣାଳୀରେ ସଂସ୍ଥା ସଂଗଠିତ ହେବ ?

ଉତ୍ତର : ହେବ ଅହଂ-ସ୍ୱାର୍ଥ ରହିତ ପରସ୍ପର ସାହାଯ୍ୟ ହାର୍ଦିକ ନିଷ୍କପଟ ପ୍ରେମ ଦ୍ୱାରା । ଯେଉଁ ବ୍ୟକ୍ତି ଭାଗବତ କର୍ମର ମହତ୍ତ୍ୱ ହୃଦୟଙ୍ଗମ କରିପାରିବେ ସେହିମାନେ ଅହଂ-ସ୍ୱାର୍ଥ ତ୍ୟାଗ କରି ସମସ୍ତ ଭିନ୍ନ ଭିନ୍ନ ସଂସ୍ଥା ମା'ଙ୍କର ଜାଣି ପ୍ରତ୍ୟେକ ସଂସ୍ଥାର ଉନ୍ନତି ଆନ୍ତରିକଭାବେ ଚାହିଁବେ ଏବଂ ସାହାଯ୍ୟ କରିବେ । ଏହିପରି ଅଳ୍ପ ସଂଖ୍ୟାରେ କେତେଜଣ ବ୍ୟକ୍ତିଙ୍କ କର୍ମ ଦ୍ୱାରା ଭାଗବତ ପ୍ରଣାଳୀ ଅନୁସାରେ ସଂସ୍ଥାସବୁ କ୍ରମଶଃ ବଢ଼ି ଉଠିବେ ।

ଓଡ଼ିଶାରେ ମା'ଙ୍କ ଆଦର୍ଶ ପ୍ରସାର କାର୍ଯ୍ୟର ଭିନ୍ନ ଭିନ୍ନ ବିଭାଗ ଯାହା ଅନୁଷ୍ଠିତ ହେଉଛି ଏବଂ ଯାହା ଭବିଷ୍ୟତରେ ଅନୁଷ୍ଠିତ ହେବ, ଯାହାର ପ୍ରତିଷ୍ଠା ଏବଂ ସଂଗଠନ ବିଷୟରେ ଏହି ପୁସ୍ତକରେ ବିଚାର କରାହୋଇଛି ସେହିସବୁ ବିଭାଗର କାର୍ଯ୍ୟକ୍ରମ ଏହିଠାରେ ଆଲୋଚନା କରିବା ।

ମା'ଙ୍କ ଆଦର୍ଶ-ପ୍ରସାରର ଭିନ୍ନ ଭିନ୍ନ ବିଭାଗ

(୧) ଶ୍ରୀଅରବିନ୍ଦ ଏବଂ ମା'ଙ୍କ ଯୋଗ-ଦର୍ଶନର ମୂଳଗ୍ରନ୍ଥରୁ ଓଡ଼ିଆ ଅନୁବାଦ ଏବଂ ସେହି ବିଷୟ ସରଳ ସାଧାରଣ ବ୍ୟକ୍ତିଙ୍କ ବୋଧଗମ୍ୟ ସରଳ ଭାଷାରେ ପତ୍ରପତ୍ରିକା ଦ୍ୱାରା ପ୍ରକାଶନ – ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରସାରରେ ଏହା ଗୋଟିଏ ଆବଶ୍ୟକ ଅଙ୍ଗ ।

(୨) ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁସବୁ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସଂଘ, ଶ୍ରୀଅରବିନ୍ଦ ଯୁବସଂଘ ପ୍ରତିଷ୍ଠିତ ହୋଇଛି ତାହାସବୁ ବ୍ୟବସ୍ଥିତ ତଥା ସେସବୁର ପ୍ରସାର ସକାଶେ ସମ୍ମିଳନୀ ହେବା ତଥା ସ୍ଥଳବିଶେଷରେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ତଥା ଫଟୋବିକ୍ରିର ବ୍ୟବସ୍ଥା କରିବା ଆବଶ୍ୟକ ।

(୩) ପାଠଚକ୍ରର ସ୍ୱତନ୍ତ୍ର ଗୃହ-ନିର୍ମାଣ, ଆଶ୍ରମ ଶିକ୍ଷା-କେନ୍ଦ୍ର ଆଦର୍ଶରେ ସ୍କୁଲ, କଲେଜ ନିର୍ମାଣ, ବ୍ୟାୟାମଶାଳାର ବ୍ୟବସ୍ଥା ହେବା ଉଚିତ ।

(୪) ସ୍ଥଳବିଶେଷରେ ତଥା ସୁବିଧା ଅନୁସାରେ ଗୃହଶିଳ୍ପ, ବ୍ୟବସାୟ, କୃଷି ଇତ୍ୟାଦି ଭାଗବତ କର୍ମ ପ୍ରଣାଳୀରେ ନିକଟ ଭବିଷ୍ୟତରେ କରାଯାଇ ପାରେ । ନାଗରିକ ଜୀବନରେ ଯେଉଁସବୁ କର୍ମର ଆବଶ୍ୟକ ତାହାସବୁ ସମୟ ଅନୁସାରେ ଭାଗବତ କର୍ମ ପ୍ରଣାଳୀରେ କରାହେବ । ଏହା ଶ୍ରୀଅରବିନ୍ଦଙ୍କ ଯୋଗର ଭବିଷ୍ୟତ୍ ଅତିମାନସ ଜଗତ୍ ପ୍ରତିଷ୍ଠା ସକାଶେ ଆବଶ୍ୟକ ସାଧନା ।

(୫) ବର୍ତ୍ତମାନ ସବୁଠାରୁ ଯେଉଁ କାର୍ଯ୍ୟ ବିଶେଷ ଆବଶ୍ୟକ ତାହା ହେଉଛି ଦର୍ଶନ ସମୟରେ ଓଡ଼ିଶାରୁ ଆଶ୍ରମ ଆସୁଥିବା ଭକ୍ତମାନଙ୍କର ରହିବା ବ୍ୟବସ୍ଥା ।

ଉପରେ ଆଲୋଚିତ ସମସ୍ତ କର୍ମ ବା ସଂସ୍ଥା ଅଧ୍ୟାତ୍ମ ଅତିମାନସ ପ୍ରଣାଳୀରେ ବ୍ୟବସ୍ଥିତ ବା ସଂଗଠିତ ହେବା ଶ୍ରୀଅରବିନ୍ଦ ଯୋଗର ଉଦ୍ଦେଶ୍ୟ । ଆତ୍ମମାନଙ୍କୁ ସତତ ସ୍ମରଣ ରଖିବାକୁ ହେବ ଏହି ସଂସ୍ଥା ଯଦ୍ୟପି ଜାଗତିକ ସଂସ୍ଥା ସଦୃଶ ତଥାପି ଏହାର ଉଦ୍ଦେଶ୍ୟ ବା ଲକ୍ଷ୍ୟ ଏବଂ ପରିଚାଳନା ପ୍ରଣାଳୀ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହା ପରିଚାଳିତ ହେବ ଆନ୍ତରିକ ପ୍ରେମ, ସହୃଦୟତା, ପରସ୍ପରଙ୍କ ସାହାଯ୍ୟ ଓ ସହାନୁଭୂତି ଦ୍ୱାରା, ସଂଗଠିତ ହେବ ଏହିସବୁ ସଂସ୍ଥାକୁ ମା'ଙ୍କର ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ଗୋଟିଏ ଅଙ୍ଗରୂପେ ଗ୍ରହଣ କରିବାରେ ।

ଯେଉଁଠାରେ ପାଠଚକ୍ର-ସମ୍ମିଳନୀ, ପାଠଚକ୍ର-ଗୃହ-ନିର୍ମାଣ, ସ୍କୁଲ ପ୍ରତିଷ୍ଠା, ଛାତ୍ରସଂଘ-ସମ୍ମିଳନୀ ଇତ୍ୟାଦି କାର୍ଯ୍ୟ ହେଉଛି ସେଥିରେ ଅନ୍ୟାନ୍ୟ ପାଠଚକ୍ର ସାହାଯ୍ୟ ଦେଇ ସେଗୁଡ଼ିକୁ ସର୍ବାଙ୍ଗସୁନ୍ଦର କରିବା ଉଚିତ । ଏହିସବୁ ସାହାଯ୍ୟ ଦ୍ୱାରା ପରସ୍ପର ମଧ୍ୟରେ ସହୃଦୟତା ବୃଦ୍ଧି ହେବ ଏବଂ ସ୍ୱତଃସ୍ଫୂର୍ତ୍ତଭାବେ ସଂସ୍ଥାମାନ ସଂଗଠିତ ହେବେ ।

ଯେଉଁ ଜିଲ୍ଲାରେ ଯେଉଁ ଜିଲ୍ଲାର ପାଠଚକ୍ର ଅନ୍ୟାନ୍ୟ ପାଠଚକ୍ରର କାର୍ଯ୍ୟରେ ଅଧିକ ସାହାଯ୍ୟ କରିବେ ସେହି ଜିଲ୍ଲାର ଅନ୍ୟାନ୍ୟ ପାଠଚକ୍ର ବା ଅନ୍ୟାନ୍ୟ ସଂସ୍ଥା ସ୍ୱତଃସ୍ଫୂର୍ତ୍ତଭାବେ ହାର୍ଦିକ ପ୍ରେମରେ ତାକୁ ଜିଲ୍ଲା ସଂସ୍ଥାର କେନ୍ଦ୍ରରୂପେ ଗ୍ରହଣ କରିବେ । ତେବେ ସ୍ୱତଃସ୍ଫୂର୍ତ୍ତଭାବେ ସଂଗଠନ ହୋଇପାରିବ ।

ସୃଷ୍ଟି ଆରମ୍ଭରୁ ଏପରି ସୁଯୋଗ ମନୁଷ୍ୟକୁ କେବେ ବି ପ୍ରାପ୍ତ ହୋଇ ନ ଥିଲା । ଏହା ଆତ୍ମମାନଙ୍କର ମହାନ୍ ସୌଭାଗ୍ୟର ବିଷୟ । ଆତ୍ମେମାନେ ଏହି ସେବାର ପରଶମଣିଠାରୁ ମହାନ୍ ଅମୂଲ୍ୟ ରତ୍ନ ପାଇଛୁ । ଶବର ଗଜମୁକ୍ତାର ମହତ୍ତ୍ୱ ନ ଜାଣି ସେରେ ଶାଗକୁ ବିକ୍ରି କରିବା ସଦୃଶ ଅହଂ-ସ୍ୱାର୍ଥରେ ବଶୀଭୂତ ହୋଇ ଏଥିରୁ ବିମୁଖ ହେବା ଯେଉଁ ମହାନ୍ ଭୁଲ୍ ସେଥିରୁ ମୁକ୍ତ ରହିବା ସକାଶେ ମା'ଙ୍କ ଚରଣରେ ଛୋଟଶିଶୁ ସଦୃଶ ନିଜକୁ ସମର୍ପଣ କରି ମା' ଏହି ନାମ ଜପ ନିରନ୍ତର କରିବା ଉଚିତ – ଏହାହିଁ ଭାଗବତ କର୍ମର ଯନ୍ତ୍ର ହେବାର ଉପାୟ ।

ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ

ସୂଚନା

ଏହି ଧରାଧାମରେ ଶ୍ରୀଜଗନ୍ନାଥହିଁ ପୁରୁଷୋତ୍ତମ ତତ୍ତ୍ୱର ଜୀବନ୍ତ ପ୍ରତୀକ । ଏହି ତତ୍ତ୍ୱ ସର୍ବୋତ୍ତମ ପରମ ଅଖଣ୍ଡ ସଚ୍ଚିଦାନନ୍ଦଙ୍କ ସ୍ୱକୀୟ ମହିମା, ଯାହା ବେଦ, ଉପନିଷଦ୍, ଗୀତା ଓ ତନ୍ତ୍ରରେ ବ୍ୟାଖ୍ୟାତ ଓ ଲୋକ-ସମାଜରେ ପରିଚିତ । ଉତ୍କଳବାସୀ ଏହି ମହନ୍ ଅଧ୍ୟାତ୍ମ ତତ୍ତ୍ୱର ପରମ୍ପରାରେ ଅଭିଷିକ୍ତ ଏବଂ ଏହାହିଁ ଉତ୍କଳର ଜାତୀୟ ଉତ୍‌ଥାନକୁ ଯୁଗେ ଯୁଗେ ସଞ୍ଜୀବିତ ଓ ପ୍ରଚୋଦିତ କରିଛି । ଏହି ଦିବ୍ୟ ଆଲୋକ ଓ ପରମ ସାନ୍ନିଧ୍ୟରେ ଆକୃଷ୍ଟ ହୋଇ ଶ୍ରୀଚୈତନ୍ୟଦେବ ତାଙ୍କ ଜୀବନର ଶେଷ ୨୪ ବର୍ଷ କାଳ ଶ୍ରୀକ୍ଷେତ୍ରରେ କଟାଇଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯେଉଁ ଅତିମାନସ ତତ୍ତ୍ୱ ବ୍ୟାଖ୍ୟାତ ହୋଇଛି ତାହାହିଁ ପୁରୁଷୋତ୍ତମତତ୍ତ୍ୱ । ଏହାର ପ୍ରକାଶକାଳ ସନ୍ନିକଟ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା-ପ୍ରଣାଳୀ ପ୍ରତି ଓଡ଼ିଶାରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି । ଯାହା ସଂଗୋପନରେ ଥିଲା ତାହା କୌଣସି ବାହ୍ୟ ସଂସ୍ପର୍ଶରେ ଯେପରି ଫୁଟି ଉଠୁଛି । ଏହି ବିଷୟରେ, ଏହି ପୁସ୍ତକରେ କିଞ୍ଚିତ୍ ଆଲୋଚନା କରାଯାଇଛି । ଏହାଛଡ଼ା ଅନ୍ୟାନ୍ୟ କେତେକ ଉପାଦେୟ ବିଷୟ ଦ୍ୱିତୀୟ ଓ ତୃତୀୟ ଭାଗରେ ମଧ୍ୟ ଆଲୋଚନା କରାଯାଇଛି ।

ଜନସାଧାରଣରେ ଏହି କ୍ଷୁଦ୍ର ପୁସ୍ତିକାଟି ଆଦୃତ ହେବ ବୋଲି ଆଶା କରୁ ।

— ପ୍ରକାଶକ

ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ

ପ୍ରଥମ ଭାଗ

ଉତ୍କଳର ଧର୍ମ ପୁରୁଷୋତ୍ତମ ତତ୍ତ୍ୱ

ଉତ୍କଳର ବା ଓଡ଼ିଶାର ସ୍ୱଧର୍ମ ହେଉଛି ପୁରୁଷୋତ୍ତମ ଜଗନ୍ନାଥ ତତ୍ତ୍ୱ । ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଗଭୀର ଅନ୍ତଃସ୍ଥଳରେ ଏହାରି ପ୍ରଭାବ ନିହିତ ରହିଛି । ଏହି ବିଶାଳ ଅଧ୍ୟାତ୍ମ ଧର୍ମରେ ରହିଛି ସର୍ବଧର୍ମର ସମନ୍ୱୟ । ଏହି ପୁରୁଷୋତ୍ତମ ତତ୍ତ୍ୱପ୍ରାପ୍ତିହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଏବଂ ଭଗବାନଙ୍କର ସଂକଳ୍ପ । ପୃଥିବୀରେ ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଭଗବାନଙ୍କର ସୃଷ୍ଟିର ଲୀଳା । ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ । ପୁରୁଷୋତ୍ତମ ଧାମର ପ୍ରତୀକ ପୁରୀ । ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ; ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବାରେ; ବ୍ୟକ୍ତି ହୁଏ ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ପ୍ରାପ୍ତ ହୁଏ ପୁରୁଷୋତ୍ତମ ତତ୍ତ୍ୱ ସହିତ ପୂର୍ଣ୍ଣ ଏକତ୍ୱ । ଅତିମାନସ ଶକ୍ତି ଦ୍ୱାରା ହୁଏ ପରିଚାଳିତ ।

ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ସତ୍ୟ ଏବଂ ପରମବ୍ରହ୍ମ । ତାଙ୍କରି ସ୍ୱରୂପ ହେଉଛି ସଚ୍ଚିଦାନନ୍ଦ ଧାମ ତଥା ବୈକୁଣ୍ଠ, ଗୋଲୋକ, ସାକେତ ଇତ୍ୟାଦି ଦିବ୍ୟଲୋକ । ଏହିସବୁ ଦିବ୍ୟଧାମ ପରାର୍ଦ୍ଧ । ଏହାର ବିକୃତ ରୂପ ହେଲା ଅପରାର୍ଦ୍ଧ, ଉଚ୍ଚତର ପ୍ରାଣଲୋକ ବା ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ । ପରାର୍ଦ୍ଧରେ ଯେଉଁ ଦିବ୍ୟତତ୍ତ୍ୱ ପ୍ରକଟ, ସେହି ଦିବ୍ୟତତ୍ତ୍ୱ ଅପରାର୍ଦ୍ଧରେ ଗୁପ୍ତ ବା ପ୍ରଚ୍ଛନ୍ନରୂପେ ବିଦ୍ୟମାନ । ସଚ୍ଚିଦାନନ୍ଦ ଦିବ୍ୟତତ୍ତ୍ୱ ମଧ୍ୟ ମନୁଷ୍ୟ, ପଶୁ, ପକ୍ଷୀ, ଜଡ଼ ମଧ୍ୟରେ ନିହିତ । ଅର୍ଥାତ୍ ସଚ୍ଚିଦାନନ୍ଦ ତତ୍ତ୍ୱ ବା ଦିବ୍ୟଧାମ ଏହି ଜଡ଼ ପୃଥିବୀ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ''ଯାହା ପିଣ୍ଡେ, ତାହାହିଁ ବ୍ରହ୍ମାଣ୍ଡେ ।''

ପୁରୁଷୋତ୍ତମ ତତ୍ତ୍ୱର ସ୍ୱରୂପ

ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମଙ୍କର ରୂପ ମନରେ କଳ୍ପନା କରିହୁଏ ନାହିଁ, ସ୍ଥୂଳରୂପେ ଦେଖାଯାଏ ନାହିଁ । ସେ ହେଉଛନ୍ତି ସତ୍-ଚିତ୍-ଆନନ୍ଦ ସ୍ୱରୂପ । ତାଙ୍କରି ପ୍ରତୀକ ଶ୍ରୀଜଗନ୍ନାଥ ହୋଇଥିବାରୁ ତାଙ୍କର କୌଣସି ରୂପ ନାହିଁ । ଅର୍ଥାତ୍ ହସ୍ତ, ପଦ ନାହିଁ । ସେ ଅବତାର ନୁହନ୍ତି, ଅବତାରଙ୍କ ସୃଷ୍ଟି ତାଙ୍କରିଠାରୁ । ତାଙ୍କରିଠାରୁ ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବାମନ, ନୃସିଂହ ଆଦି ସଗୁଣରୂପେ ଅବତାର ନିଅନ୍ତି । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହୋଇଥିବାରୁ ସେ ଶ୍ରୀରାମ, ଶ୍ରୀକୃଷ୍ଣ ଆଦି-ଅବତାରରୂପ ଧାରଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ କେବେ ବି ଅନ୍ୟାନ୍ୟ ଅବତାର କିଂବା ଜଗନ୍ନାଥଙ୍କ ରୂପ ଧାରଣ କରନ୍ତି ନାହିଁ । ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଇଷ୍ଟରୂପେ ଗ୍ରହଣ କରିଥିବା ସମସ୍ତ ସଂପ୍ରଦାୟର ସନ୍ଥ ତଥା ଭଗବାନଙ୍କୁ ନିରାକାରରୂପେ ଗ୍ରହଣ କରିଥିବା ଅଦ୍ୱୈତ ସନ୍ଥମାନେ ଶ୍ରୀଜଗନ୍ନାଥଙ୍କୁ ଅଭେଦଭାବେ ଗ୍ରହଣ କରନ୍ତି । ବୈଷ୍ଣବ ସମ୍ପ୍ରଦାୟରେ ବିଶେଷତଃ ନାରାୟଣଙ୍କୁ ଇଷ୍ଟ ମାନିଥିବା ରାମାନୁଜୀ ବୈଷ୍ଣବମାନେ ଅନ୍ୟ କୌଣସି ଇଷ୍ଟ ବା ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ବୈଷ୍ଣବ ସନ୍ଥଙ୍କ ଦ୍ୱାରା ନିବେଦିତ ପ୍ରସାଦ ଗ୍ରହଣ କରନ୍ତି ନାହିଁ । କିନ୍ତୁ ପୁରୀର ମହାପ୍ରସାଦ ଅବର୍ଣ୍ଣ ବ୍ୟକ୍ତିଙ୍କ ହାତରୁ ବି ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଉପାସକମାନେ ଯଦ୍ୟପି ବୈଷ୍ଣବ ସମ୍ପ୍ରଦାୟର ଚାପରେ ନିଜ ନିଜ ଇଷ୍ଟ ବ୍ୟତୀତ ଭଗବାନଙ୍କର ଅନ୍ୟ ବିଗ୍ରହଙ୍କ ପ୍ରସାଦ ରାମାନୁଜୀ ବୈଷ୍ଣବଙ୍କ ସଦୃଶ ପ୍ରକାଶ୍ୟରେ ବର୍ଜନ କରନ୍ତି ନାହିଁ, ତଥାପି ଅନ୍ତରରେ ଭେଦଭାବ ପୋଷଣ କରିଥାନ୍ତି । କିନ୍ତୁ ପୁରୀ-କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ

ମହାପ୍ରସାଦରେ ଭେଦଭାବର ଚିହ୍ନ ବର୍ଣ୍ଣ ନ ଥାଏ । କାରଣ ସଚ୍ଚିଦାନନ୍ଦ ସମସ୍ତ ଅବତାରର ମୂଳ ସତ୍ୟ । ସେଠାରେ ଜାତି, ବର୍ଣ୍ଣ, ଧର୍ମର କଳ୍ପନା ନ ଥାଏ । ଭାରତରେ ବର୍ଣ୍ଣଧର୍ମର କଠୋରତା ଥିବା ସମୟରେ ଅର୍ଥାତ୍ ଦକ୍ଷିଣରେ ବ୍ରାହ୍ମଣମାନେ ଅବର୍ଣ୍ଣଙ୍କ ଛାୟା ସ୍ପର୍ଶ ନ କରୁଥିବା ସମୟରେ ମଧ୍ୟ ପୁରୀ-କ୍ଷେତ୍ରରେ ଅବର୍ଣ୍ଣ ହାତରୁ ଶ୍ରୋତ୍ରୀୟ ବ୍ରାହ୍ମଣ ପ୍ରସାଦ ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣାଦି ଭଗବାନଙ୍କ କୌଣସି ବିଗ୍ରହଙ୍କ କ୍ଷେତ୍ରରେ ଏପରି ବର୍ଣ୍ଣ-ଅଭେଦତା ନାହିଁ । ଅନ୍ୟ ପକ୍ଷରେ ଭାରତବର୍ଷରେ ଭଗବାନଙ୍କ ବଦ୍ରିନାରାୟଣ, ରାମେଶ୍ୱର, ଦ୍ୱାରକା ଆଦି ଧାମମାନଙ୍କରେ ଅନ୍ୟାନ୍ୟ ସମ୍ପ୍ରଦାୟର ଆଚାର୍ଯ୍ୟମାନେ ମଠ ସ୍ଥାପନା କରି ନାହାନ୍ତି, କରିଛନ୍ତି ପୁରୀରେ । ଅଦ୍ୱୈତ ସମ୍ପ୍ରଦାୟର ଆଚାର୍ଯ୍ୟ ଶଙ୍କର, ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ ଏଠାରେ ମଠ ସ୍ଥାପନା କରିଛନ୍ତି । ନିମ୍ବାର୍କ ଏବଂ ମାଧବାଚାର୍ଯ୍ୟ ତଥା ଶ୍ରୀସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ରାମାନନ୍ଦଙ୍କ ସମ୍ପ୍ରଦାୟର ମଠ ମଧ୍ୟ ଏଠାରେ ବିଦ୍ୟମାନ । ମାଧବାଚାର୍ଯ୍ୟଙ୍କ ସମ୍ପ୍ରଦାୟର ପ୍ରଧାନ ସଂସ୍ଥାପକ ଶ୍ରୀଚୈତନ୍ୟ ମହାପ୍ରଭୁ ଜୀବନର ଅର୍ଦ୍ଧେକ, ସାଧନାର ସମସ୍ତ ସମୟ, ଶେଷ ଜୀବନ ପର୍ଯ୍ୟନ୍ତ ୨୪ ବର୍ଷ ପୁରୀରେ ବ୍ୟତୀତ କରିଛନ୍ତି । ଏହାଛଡ଼ା ତନ୍ତ୍ର ଏବଂ ବୌଦ୍ଧ ତଥା ଅନ୍ୟାନ୍ୟ ପଛାବଲାମୀ ସାଧୁସନ୍ଥ ପୁରୀକୁହିଁ ବିଶେଷରୂପେ ସମ୍ମାନ କରନ୍ତି । ପୁରୀ ସଚ୍ଚିଦାନନ୍ଦ ଧାମର ପ୍ରତୀକ ଯୋଗୁଁ ସେଠାରେ ସର୍ବ ଅଧାମ୍-ଧର୍ମର ସମାବେଶ ଏବଂ ସମନ୍ୱୟ ହୋଇଛି ।

ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱର ପ୍ରତୀକ ହେବାର ଅନ୍ୟ କାରଣ ହେଲା – ତାଙ୍କୁ ସମସ୍ତ ଅବତାର ତଥା ଶକ୍ତିଙ୍କ ମନ୍ତ୍ର ଦ୍ୱାରା ଭୋଗ ନିବେଦନ କରାଯାଏ । ମନ୍ଦିରରେ ମହାପ୍ରସାଦ ନିବେଦିତ ହେବା ସମୟରେ ମନ୍ଦିରର ବେଢ଼ା ଅନ୍ତର୍ଗତ ଭିନ୍ନ ଭିନ୍ନ ମନ୍ଦିରସ୍ଥ ଦେବତା, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଲକ୍ଷ୍ମୀ, ଦୁର୍ଗା ଏବଂ ଅନ୍ୟାନ୍ୟ ଦେବାଦେବୀମାନଙ୍କୁ ପ୍ରସାଦ-ସେବନ ସକାଶେ ଜଣେ ସେବକ ଯାଇ ପ୍ରତ୍ୟେକ ମନ୍ଦିର ସମ୍ମୁଖରେ ଝାଞ୍ଜି ବଜାଇ ନିମନ୍ତ୍ରଣ କରନ୍ତି । ବହୁତ ଦେବତାଙ୍କ ମନ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ଭୋଗ-ନିବେଦନ କରିବା, ଭୋଗ-ନିବେଦନ ସମୟରେ ଅନ୍ୟାନ୍ୟ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବାର ଅର୍ଥ ହୋଇପାରେ ଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱ, ସମସ୍ତ ରୂପରେ ପ୍ରକଟ ହୋଇ ଅଛନ୍ତି, ସମସ୍ତଙ୍କ ମୂଳ କାରଣ ସେହି । କୌଣସି ମନ୍ତ୍ରରେ ଆରାଧନା କଲେ ତତ୍ତ୍ୱତଃ ତାଙ୍କୁହିଁ ପ୍ରାପ୍ତ ହୁଏ । ଏହାଛଡ଼ା ଅନ୍ୟାନ୍ୟ ଅବତାରଙ୍କୁ ଯେଉଁସବୁ ବିଶିଷ୍ଟ ଦିନମାନଙ୍କରେ ବିଶେଷ ପୂଜା କରାଯାଏ ଏବଂ ମନ୍ଦିରରେ ବିଶେଷ ଉତ୍ସବ କରାହୁଏ, ତାହାସବୁ ବିଧି-ବିଧାନ ପୂର୍ବକ ପାଳିତ ହୁଏ ପୁରୀ-କ୍ଷେତ୍ରରେ । ଏହିପରି ବହୁତ କର୍ମ, ପୂଜା-ପଦ୍ଧତିରୁ ସ୍ପଷ୍ଟ ବୁଝାଯାଏ ଯେ, ଶ୍ରୀଜଗନ୍ନାଥ ହେଲେ ସତ୍-ଚିତ୍-ଆନନ୍ଦଙ୍କର ପ୍ରତୀକ । ଏହାକୁ ସମର୍ଥନ କରିଛି ଶାସ୍ତ୍ର ପୁରାଣ, ଋଷି, ମୁନି, ମହାପୁରୁଷଙ୍କ ବାଣୀ । କିନ୍ତୁ ଏହାର ସମୟ ଆସି ନ ଥିବାରୁ ଆତ୍ମମାନଙ୍କ ଚେତନାରେ ଏହି ଗୁପ୍ତ ରହସ୍ୟ ସ୍ପଷ୍ଟ ହୋଇ ନାହିଁ । ସ୍ପଷ୍ଟ ହୋଇଛି କେବଳ ଅନ୍ତରସ୍ଥ ସତ୍ୟର ବାହ୍ୟରୂପ, ସତ୍ୟ ଯୁଗର ଧାମ ବଦ୍ରିକାଶ୍ରମ, ତ୍ରେତାର ଧାମ ରାମେଶ୍ୱର, ଦ୍ୱାପରର ଧାମ ଦ୍ୱାରକା, କଳିର ଧାମ ପୁରୀ-କ୍ଷେତ୍ରରୂପେ ।

ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦ ତତ୍ତ୍ୱ ହେବାର ଅନ୍ୟ କାରଣ ହେଲା – କଳି ପରେ ଆସେ ସତ୍ୟଯୁଗ । ଉଭୟ ଯୁଗରେ ଥାଏ ଘନିଷ୍ଠ ସମ୍ବନ୍ଧ । କଳି ପରେ ସତ୍ୟ ଯୁଗରେ ଯେଉଁ ଧର୍ମ ପ୍ରକାଶ ହୁଏ ବା କ୍ରିୟାଶୀଳ ହୁଏ, କଳିରେ ବ୍ୟକ୍ତିର ଅଜ୍ଞାତରେ, ତା'ର ମନ-ପ୍ରାଣର ଆବରଣ ପଶ୍ଚାତରେ, ତା'ର ଅନ୍ତଶ୍ଚେତନାରେ ଥାଏ ତାହାରି ପ୍ରଭାବ । ବ୍ୟକ୍ତି ଅଜ୍ଞାତରେ ଅଗ୍ରସର ହୁଏ ସେହି ସତ୍ୟ ଆଡ଼କୁ । ଏହି କାରଣରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କର ପ୍ରତୀକ, ପୁରୀକ୍ଷେତ୍ର ସଚ୍ଚିଦାନନ୍ଦ ଧାମର ପ୍ରତୀକ ।

ପୁରୁଷୋତ୍ତମ ଧର୍ମରେ ବ୍ୟାପକତା

ଓଡ଼ିଶାବାସୀଙ୍କର ଧର୍ମ ହେଉଛି ବ୍ୟାପକ, ପୁରୁଷୋତ୍ତମ ଧର୍ମ । ରାଜା ଅନୁସାରେ ପ୍ରଜାର ଧର୍ମ ହୁଏ । ଯଥାର୍ଥରେ ଓଡ଼ିଶାରେ ରାଜା ହେଉଛନ୍ତି ଜଗନ୍ନାଥ । ପୁରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ପ୍ରକଟ ହେବା ସମୟରୁ ପୁରୀ ରାଜା ସମସ୍ତ ରାଜ୍ୟ

ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦନ କରିଥିଲେ । ସେ ରାଜ୍ୟ-ଶାସନ କରୁଥିଲେ ଶ୍ରୀଜଗନ୍ନାଥଙ୍କ ସେବକରୂପେ । ପୁରୀର ପୂର୍ବ ରାଜାମାନେ ଶ୍ରୀଜଗନ୍ନାଥଙ୍କ ସେବାକୁହିଁ ଜୀବନର ପ୍ରଧାନ କର୍ତ୍ତବ୍ୟରୂପେ ଗ୍ରହଣ କରିଥିଲେ । ରଥଯାତ୍ରା ସମୟରେ ରାଜା ସ୍ୱୟଂ ଛେରା-ପହଁରା କରନ୍ତି ଅର୍ଥାତ୍ ଝାଡୁ ଲଗାନ୍ତି । ଶ୍ରୀଜଗନ୍ନାଥଙ୍କ ଭୋଗର ସୀମା ନାହିଁ । ପ୍ରତିଦିନ ନୀତି ନିୟମରୂପେ ଯେତେ ଭୋଗ ଲାଗେ ତାହା ଦଶହଜାର ବ୍ୟକ୍ତି ଭୋଜନ କରିପାରନ୍ତି । ସେଥିରେ ଥାଏ ବିବିଧ ପ୍ରକାର ଭୋଗ । ଶ୍ରୀଜଗନ୍ନାଥଙ୍କ ସେବକ ଅସଂଖ୍ୟ । ପ୍ରତ୍ୟେକ ସେବକଙ୍କ ନିର୍ଦିଷ୍ଟ ସେବା । ରଖାଯାଇଥିବା କୌଣସି ଦ୍ରବ୍ୟ ଉଠାଇ ପୂଜାରୀଙ୍କ ହାତକୁ ଦେବା ସେବକର କାମ ଅନ୍ୟ କେହି କରିପାରିବେ ନାହିଁ, ରଖାଯାଇଥିବା ଚନ୍ଦନ କଟରା ସେହି ନିର୍ଦିଷ୍ଟ ସେବକ ଉଠାଇ ପୂଜାରୀଙ୍କ ହାତକୁ ଦେବେ । ଏପରିକି ଗୋଟିଏ ସ୍ଥାନରେ ଥିବା ସେବାବସ୍ତୁ ନିର୍ଦିଷ୍ଟ ସେବକ ଛଡ଼ା ଅନ୍ୟ କେହି ଉଠାଇ ଅନ୍ୟ ସ୍ଥାନରେ ରଖିପାରିବେ ନାହିଁ । ଏହା ଏକେବାରେ ନିର୍ଦିଷ୍ଟ, କଠୋର ନିୟମ ସମସ୍ତ ସେବକମାନଙ୍କ ପ୍ରତି । କିନ୍ତୁ ରାଜାଙ୍କ ପ୍ରତି ଏ ନିୟମ ନୁହେଁ । ରାଜା ଏକା ସମସ୍ତ ସେବକର ସେବା କରିପାରନ୍ତି । ଆଜି ପର୍ଯ୍ୟନ୍ତ ରାଜାଙ୍କର ସେହିସବୁ ନିୟମ ପ୍ରଚଳିତ ଅଛି । ରାଜାଙ୍କୁ କୁହାଯାଏ ଠାକୁର-ରାଜା । ଅର୍ଥାତ୍ ଉତ୍କଳର ଯଥାର୍ଥ ରାଜା ଠାକୁର (ଜଗନ୍ନାଥ) । ପୁରୀ ରାଜା ତାଙ୍କର ପ୍ରତିନିଧିରୂପେ ଶାସନ କରନ୍ତି । ପୂର୍ବେ ସେ ଥିଲେ ଉତ୍କଳର ଚକ୍ରବର୍ତ୍ତୀ ରାଜା । ଉତ୍କଳର ସମସ୍ତ ରାଜ୍ୟ ଥିଲା ତାଙ୍କ ଅଧୀନରେ । ସୁତରାଂ ରାଜା ଜଗନ୍ନାଥଙ୍କ ଭକ୍ତ ଥିବାରୁ ତାଙ୍କର ଥିଲା ଜଗନ୍ନାଥ ଧର୍ମ । ସେ ସମୟରେ ପ୍ରଜାମାନେ ଅନୁସରଣ କରୁଥିଲେ ରାଜାଙ୍କୁ । 'ରାଜାଙ୍କ ଧର୍ମ ଅନୁସାରେ ପ୍ରଜାଙ୍କ ଧର୍ମ ହେଉଥିଲା ।' ଏହି ନ୍ୟାୟରେ ଉତ୍କଳବାସୀଙ୍କର ଥିଲା ଜଗନ୍ନାଥ ଧର୍ମ । ଏହା ସେମାନଙ୍କ ଚେତନାରେ ବ୍ୟାପକ ଭାବେ ପରମ୍ପରାରୁ ପ୍ରତିଷ୍ଠିତ ହୋଇଛି । ସେମାନଙ୍କ ବାହ୍ୟ ଚେତନାରେ ଯଦ୍ୟପି ଏହି ରହସ୍ୟ ପ୍ରକାଶ ବା ସ୍ପଷ୍ଟ ହୋଇ ନାହିଁ, ତଥାପି ଆରମ୍ଭରୁ ସେମାନେ ଏହି ବ୍ୟାପକ ଧର୍ମର ପ୍ରକାଶ-ମାର୍ଗରେ ଅଜ୍ଞାତରୂପେ ଅଗ୍ରସର ହେଉଛନ୍ତି ।

ଭାରତରେ ଯେବେ ଯେବେ ଅବତାର ବା ଆଚାର୍ଯ୍ୟମାନେ ଆସି ଅଧ୍ୟାତ୍ମ ଧର୍ମର ପ୍ରସାର କରିଛନ୍ତି, ତାହା ସବୁ ଓଡ଼ିଶାବାସୀ ଅକ୍ଲେଶରେ ଗ୍ରହଣ କରିଛନ୍ତି । କିନ୍ତୁ ଅନ୍ୟାନ୍ୟ ପ୍ରଦେଶ ସଦୃଶ ସେହି ଅଧ୍ୟାତ୍ମ ଧର୍ମର ସୀମାରେ ବନ୍ଦୀ ହୋଇ ପଡ଼ିରହି ନାହାନ୍ତି । ଏପର୍ଯ୍ୟନ୍ତ ଯେଉଁ ଅଧ୍ୟାତ୍ମ ଧର୍ମ ପ୍ରସାର ହୋଇଛି ତାହା ସତ୍ୟ ଉପଲବ୍ଧିର ଶେଷସୀମା ନୁହେଁ, ସତ୍-ଚିତ୍-ଆନନ୍ଦର ପୂର୍ଣ୍ଣ ସତ୍ୟକୁ ଉପଲବ୍ଧି କରିବା ସକାଶେ କର୍ମ-ବିବର୍ତ୍ତନର ମଧ୍ୟବର୍ତ୍ତୀ ଅବସ୍ଥା ଅଥବା ପ୍ରସ୍ତୁତି ମାତ୍ର । ସମୟ ଆସି ନ ଥିବାରୁ ଏହି ରହସ୍ୟ ପ୍ରକଟ ହୋଇପାରି ନାହିଁ । ସେହି ସାମୟିକ ଅଧ୍ୟାତ୍ମ ଧର୍ମକୁ ଜୀବନର ଶେଷ ବା ଚରମ ଲକ୍ଷ୍ୟ ବୋଲି ମାନି ନିଆହୋଇଛି । ଓଡ଼ିଶାବାସୀଙ୍କ ବାହ୍ୟ-ଚେତନାରେ ଏହା ଯଦ୍ୟପି ଅସ୍ପଷ୍ଟ ଅଛି, ତଥାପି ତାଙ୍କ ଆନ୍ତର ପ୍ରଦେଶରେ ପୁରୁଷୋତ୍ତମ ବ୍ୟାପକ ଧର୍ମ ପ୍ରତିଷ୍ଠିତ ଥିବାରୁ ସେମାନେ ପୂର୍ବ ପ୍ରଚଳିତ ଧର୍ମରେ ଆବଦ୍ଧ ହୋଇ ତାକୁ ଜାବୁଡ଼ି ଧରି ରହି ନାହାନ୍ତି ।

କଳି ପରେ ଆସେ ସତ୍ୟ ଯୁଗ । ପୂର୍ବେ କୁହାଯାଇଛି, ପୃଥିବୀରେ ଧାମ ସବୁ ପରାର୍ଦ୍ଧ ଦିବ୍ୟଲୋକର ପ୍ରତୀକ । ଯେଉଁ ଦିବ୍ୟଲୋକ ପ୍ରତୀକରୂପେ ଏହି ପୃଥିବୀରେ ପ୍ରକାଶ ହୁଏ, ତାହା ଯେତେ ବିକୃତ ହେଲେ ମଧ୍ୟ ସେଥିରେ ମୂଳଗତ ତତ୍ତ୍ୱ ନିହିତ ଥାଏ । ଧାମ ଦୁଇ ଭାଗରେ ବିଭକ୍ତ — ଯଥା : ଧାମ ଓ କ୍ଷେତ୍ର । ଅବତାରମାନେ ଯେଉଁ ସ୍ଥାନରେ ଜନ୍ମଗ୍ରହଣ କରନ୍ତି ତାକୁ କୁହାଯାଏ କ୍ଷେତ୍ର । ଯେଉଁ ସ୍ଥାନରେ ଅଧିକ ଦିନ ନିବାସ କରନ୍ତି ତା'ର ନାମ ଧାମ । ବଦ୍ରିକାଶ୍ରମରେ ନାରାୟଣ ଜନ୍ମଗ୍ରହଣ କରି ନ ଥିଲେ, ସେଠାରେ ତପସ୍ୟା କରିଥିଲେ ଏବଂ ଆଜି ପର୍ଯ୍ୟନ୍ତ ବିରାଜମାନ ଅଛନ୍ତି । ସେ ଅନ୍ୟତ୍ର ଜନ୍ମଗ୍ରହଣ ନ କରିଥିବାରୁ ବଦ୍ରିକାଶ୍ରମ ହେଲା ଧାମ ଏବଂ କ୍ଷେତ୍ର ଉଭୟ । ସେହିପରି ଜଗନ୍ନାଥ ଓ ପୁରୀ । ଶ୍ରୀଜଗନ୍ନାଥ ପୁରୀରେ ପ୍ରକଟ ହୋଇ ସେହିଠାରେ ପ୍ରତିଷ୍ଠିତ ହେବାରୁ ତାହାହିଁ ହେଲା ପୁରୁଷୋତ୍ତମ ଧାମ ଏବଂ ପୁରୁଷୋତ୍ତମ କ୍ଷେତ୍ର । କିନ୍ତୁ ଶ୍ରୀରାମ, ଶ୍ରୀକୃଷ୍ଣ, ଗୋଟିଏ ସ୍ଥାନରେ ପ୍ରକଟ ହୋଇ ନାହାନ୍ତି । ଅବତାର ନେଇଛନ୍ତି । ଶ୍ରୀରାମ ଅବତାର ନେଲେ ଅଯୋଧ୍ୟାରେ, ଶେଷ ପର୍ଯ୍ୟନ୍ତ ନିବାସ କଲେ ଅଯୋଧ୍ୟାରେ । ଅଯୋଧ୍ୟା ଯଥାର୍ଥରେ ଧାମ ଏବଂ କ୍ଷେତ୍ର । କିନ୍ତୁ ସେ ଥିଲେ ଗାର୍ହସ୍ଥ୍ୟ ଧର୍ମର ପ୍ରବର୍ତ୍ତକ । ପାଳନ କରିଥିଲେ ଗାର୍ହସ୍ଥ୍ୟ ଧର୍ମକୁ ନିଖୁଣ ରୂପେ । ଗାର୍ହସ୍ଥ ଧର୍ମ ଅନୁସାରେ ଭଗବତ୍ ଉପାସନା ଆବଶ୍ୟକ । ଗାର୍ହସ୍ଥ୍ୟ ବ୍ୟକ୍ତି ଭଗବାନଙ୍କ ସଗୁଣ ରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁଙ୍କୁ ଅଥବା ଶିବଙ୍କୁ

ଉପାସନା କରନ୍ତି । ଶ୍ରୀରାମ ସ୍ୱୟଂ ଥିଲେ ସଚ୍ଚିଦାନନ୍ଦ ବିଷ୍ଣୁଙ୍କ ସ୍ୱରୂପ । ସେ ନିଜକୁ ଇଷ୍ଟରୂପେ ପୂଜା ନ କରି ଶିବଙ୍କୁ ପୂଜା କଲେ । ଅନ୍ୟ କାରଣ ହେଉଛି ବ୍ୟକ୍ତି ମୋହବଶତଃ ଶିବ, ବିଷ୍ଣୁ ଉପାସନାରେ ବିରୋଧ କରନ୍ତି; ତାହା ଦୂର କରିବା ସକାଶେ ସେ ରାମେଶ୍ୱରରେ ଶିବଲିଙ୍ଗ ସ୍ଥାପନା କରି ପୂଜା କରିଥିଲେ । ଯଦ୍ୟପି ସେ ନିବାସ କଲେ ଶେଷଲୀଳା ଅବଧି ଅଯୋଧ୍ୟାରେ, ତଥାପି ସେ ରାମେଶ୍ୱରକୁ ସ୍ଥାପନା କରିଥିବାରୁ ରାମେଶ୍ୱରକୁହିଁ ତ୍ରେତାର ଧାମ ବୋଲି ମାନ୍ୟକଲେ । ଶ୍ରୀରାମଙ୍କ ସ୍ୱୀକୃତି ଯୋଗୁଁ ତ୍ରେତାର ଧାମ ହେଲା ରାମେଶ୍ୱର । ଅଯୋଧ୍ୟା ହେଲା କ୍ଷେତ୍ର । ଯଥାର୍ଥରେ ଅଯୋଧ୍ୟା ଧାମ ଏବଂ କ୍ଷେତ୍ର । ସାକେତରେ ଶ୍ରୀରାମ ପ୍ରତିଷ୍ଠିତ । ଅଯୋଧ୍ୟା ସାକେତର ପ୍ରତୀକ ହୋଇଥିବାରୁ ସେଠାରେ ହୁଏ କେବଳ ରାମ ଉପାସନା ।

ବୃନ୍ଦାବନ ଗୋଲୋକର ପ୍ରତୀକ । ବୃନ୍ଦାବନରେ ଶ୍ରୀକୃଷ୍ଣ ଅବତାର ହୋଇଥିଲେ । ବୃନ୍ଦାବନ ହେଉଛି କ୍ଷେତ୍ର । ସେ ନିବାସ କଲେ ଦ୍ୱାରକାରେ । ଦ୍ୱାରକା ହେଲା ଧାମ । ଧାମ ଏବଂ କ୍ଷେତ୍ର ଉଭୟହିଁ ଦିବ୍ୟ ମୂଳଭୂମି ଗୋଲୋକର ପ୍ରତୀକ ।

ଏହି ଉଭୟ ଧାମ ଏବଂ କ୍ଷେତ୍ରରେ ମୂଳ ଦିବ୍ୟ ଲୋକ ଗୋଲୋକର ଧର୍ମ ରହିଲା ଶ୍ରୀକୃଷ୍ଣଙ୍କ ଉପାସନା ।

କଳିରେ ସଚ୍ଚିଦାନନ୍ଦ-ଲୋକର ପ୍ରତୀକ ପୁରୀ । ପୁରୀରେ ସଚ୍ଚିଦାନନ୍ଦ ତତ୍ତ୍ୱ ଜଗନ୍ନାଥଙ୍କ ରୂପରେ ପ୍ରକଟ ହୋଇଥିବାରୁ ପ୍ରତୀକରୂପେ ସଚ୍ଚିଦାନନ୍ଦ ଧାମ ଏବଂ କ୍ଷେତ୍ର ହେଲା ପୁରୀ । ସେଠାରେ ରହିଲା ସଚ୍ଚିଦାନନ୍ଦଙ୍କ ବ୍ୟାପକ ଧର୍ମ । ସଚ୍ଚିଦାନନ୍ଦ ଧର୍ମରେହିଁ ସମସ୍ତ ଅଧ୍ୟାତ୍ମଧର୍ମର ସମନ୍ୱୟ ।

ସତ୍-ଚିତ୍-ଆନନ୍ଦ ଧାମ ହେଉଛି ସର୍ବୋପରେ । ଏହି ଧାମର ଅନ୍ତର୍ଗତ ବୈକୁଣ୍ଠ, ସାକେତ, ଗୋଲୋକ ଏବଂ କୈଳାସ । ଭଗବାନ୍ ପରଂବ୍ରହ୍ମ ସଚ୍ଚିଦାନନ୍ଦ ସୃଷ୍ଟି କରିବାକୁ ସଂକଳ୍ପ କରିବା ମାତ୍ରେ ସେହିଁ ପ୍ରକଟ ହେଲେ ବୈକୁଣ୍ଠରେ ନାରାୟଣ ରୂପେ, ସାକେତରେ ଶ୍ରୀରାମ ରୂପେ, ଗୋଲୋକରେ ଶ୍ରୀକୃଷ୍ଣ ରୂପେ, କୈଳାସରେ ଶିବ ରୂପେ । ଏହିସବୁ ସଚ୍ଚିଦାନନ୍ଦଙ୍କ ସାକାର ବିଗ୍ରହ, ସଚ୍ଚିଦାନନ୍ଦଙ୍କ ସହିତ ଅଭେଦ ଏକ । ବୈକୁଣ୍ଠ, ସାକେତ, ଗୋଲୋକ, କୈଳାସ ଧାମ ମଧ୍ୟ ଦିବ୍ୟ ଏବଂ ସଚ୍ଚିଦାନନ୍ଦ ଧାମ ସହିତ ତତ୍ତ୍ୱତଃ ଏକ । ପୃଥିବୀର କ୍ରମବିକାଶକୁ ଅଗ୍ରସର କରାଇବା ସକାଶେ ଆବଶ୍ୟକତା ଅନୁସାରେ ସାକେତବାସୀ ଶ୍ରୀରାମ କେବେ ରାମ ରୂପରେ ଅବତାର ନିଅନ୍ତି; ଗୋଲୋକବାସୀ ଶ୍ରୀକୃଷ୍ଣ କେବେ ବୃନ୍ଦାବନରେ ଅବତାର ନିଅନ୍ତି, କେବେ ବୈକୁଣ୍ଠବାସୀ ନାରାୟଣ, କେବେ ସ୍ୱୟଂ ସଚ୍ଚିଦାନନ୍ଦ ଶ୍ରୀରାମ, ଶ୍ରୀକୃଷ୍ଣ ରୂପେ ଅବତାର ନିଅନ୍ତି । ସତ୍ୟ, ତ୍ରେତା, ଦ୍ୱାପର, କଳି ବାରଂବାର ହୁଏ, ଭଗବାନ୍ ପ୍ରତି ଯୁଗରେ ବାରଂବାର ଅବତାର ନିଅନ୍ତି । ଏହାହିଁ ପୃଥିବୀରେ ସଚ୍ଚିଦାନନ୍ଦଙ୍କୁ ପୂର୍ଣ୍ଣରୂପେ ପ୍ରକଟ କରିବାର ପଦ୍ଧତି ବା କ୍ରମବିକାଶର ପନ୍ଥା । କାରଣ ସଚ୍ଚିଦାନନ୍ଦଙ୍କର ସୃଷ୍ଟି କରିବାର ଉଦ୍ଦେଶ୍ୟ ବା ସଂକଳ୍ପ ହେଉଛି ଏହି ପୃଥିବୀରେ ନିଜକୁ ଏବଂ ନିଜ ଧାମକୁ ପ୍ରକଟ କରିବା । ବିକାଶ ଆରମ୍ଭ ହେଲା ସ୍ଥୂଳ ଜଡ଼ରୁ । ପ୍ରକୃତି ଦ୍ୱାରା ବିକାଶକୁ ଧାରଣ କଲେ ଭଗବାନ୍ । କିନ୍ତୁ ବିକାଶକୁ ତ୍ୱରିତ କରାଇବା ସକାଶେ ତାଙ୍କୁ ଅବତାର ନେଇ ଏହି ପୃଥିବୀକୁ ଆସିବାକୁ ହେଲା । ଜଡ଼ରୁ ମନର ବିକାଶ ପର୍ଯ୍ୟନ୍ତ ଅଜ୍ଞାନ ସ୍ତର । ଏଥିରେ ପ୍ରାଧାନ୍ୟ ଅଜ୍ଞାନ ଅନ୍ଧକାର ଶକ୍ତିର । ଏହି ଅଜ୍ଞାନ ସ୍ତରରେ କ୍ରମବିକାଶକୁ ଅଗ୍ରସର କରାଇବା ସକାଶେ ଯେଉଁ ସତ୍ୟ ପୃଥିବୀକୁ ଆସେ ତା'ର କାର୍ଯ୍ୟ ଶେଷ ହେବାର କିଛିଦିନ ପରେ ଅନ୍ଧକାର ଶକ୍ତି ତାକୁ ଆବୃତ କରିଦିଏ, ସେ ଆଉ କ୍ରିୟାଶୀଳ ହୋଇପାରେ ନାହିଁ, ଏହାରି ନାମ ଧର୍ମର ହ୍ରାସ । ପୁନଶ୍ଚ ଭଗବାନ୍ ଅବତାର ନେଇ ବିକାଶ ଅନୁସାରେ ନୂତନ ସ୍ତରର ଧର୍ମ ପ୍ରକାଶ କରନ୍ତି । କିନ୍ତୁ ଏହି ଅଜ୍ଞାନ ସ୍ତରର ବିକାଶ ଚାଲୁଥିବାରୁ ବ୍ୟକ୍ତିର ଚେତନାରେ ସୃଷ୍ଟିର ରହସ୍ୟ ଏହି ଜଗତରେ ଦିବ୍ୟମାନବ-ଜାତି ସ୍ଥାପନା, ସଚ୍ଚିଦାନନ୍ଦ ପୂର୍ଣ୍ଣବ୍ରହ୍ମଙ୍କ ପୂର୍ଣ୍ଣ ପ୍ରକାଶ ରହେ ଗୁପ୍ତ । ସେହି କାରଣରୁ ଏକ ଭଗବାନଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରେ ତଥା ଭଗବତ୍ ତତ୍ତ୍ୱକୁ ପ୍ରକାଶ କରୁଥିବା ଭିନ୍ନ ଭିନ୍ନ ଧର୍ମରେ ହୁଏ ଅସାମଞ୍ଜସ୍ୟ ବା ବିରୋଧ ।

ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରକଟ ହୁଏ କଳି ଶେଷରେ । ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ମା' ସେହି ଶକ୍ତି ଦ୍ୱାରା ଅଭୀପ୍ସୁ ବ୍ୟକ୍ତିଙ୍କ ମନ,

ପ୍ରାଣ, ଶରୀରକୁ ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବା କାର୍ଯ୍ୟ କରାଉଛନ୍ତି । ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେଲେ ତା' ମଧ୍ୟରେ ପ୍ରକାଶ ହେବ ସଚ୍ଚିଦାନନ୍ଦ ପରଂବ୍ରହ୍ମ । ସେ ହେବ ଅଜ୍ଞାନ ଅନ୍ଧକାର ଶକ୍ତି ତଥା ରୋଗ-ଜରା-ମୃତ୍ୟୁ କବଳରୁ ପୂର୍ଣ୍ଣମୁକ୍ତ । ଏକତ୍ୱ ସ୍ଥାପନ କରିବ ଭଗବାନଙ୍କ ସହିତ । ପରିଚାଳିତ ହେବ ଭଗବତୀ ଅତିମାନସ ଶକ୍ତି ଦ୍ୱାରା । ପୃଥିବୀ ହେବ ବୈକୁଣ୍ଠ । ଏହି ମର୍ତ୍ତ୍ୟ ଏବଂ ଦିବ୍ୟ ଲୋକରେ ଥିବା ବ୍ୟବଧାନରେ ହେବ ସେତୁ । ସମସ୍ତ ଦିବ୍ୟଲୋକ ଉତରି ଆସିବ ଏହି ମୃତ୍ୟୁପୁରୀକୁ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ଆଡ଼କୁ ପ୍ରତ୍ୟେକ ପ୍ରାଣୀ ଅଜ୍ଞାତରୂପେ ଭଗବାନଙ୍କ ସଂକଳ୍ପ ଅନୁସାରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଛନ୍ତି । କଳି ଶେଷ ଅବସ୍ଥାରେ । ସଂସାରର ବ୍ୟକ୍ତି ଅଜ୍ଞାନ ମୋହରେ ଏହାର ରହସ୍ୟ ନ ଜାଣି ଏହି ସତ୍ୟକୁ ପ୍ରକାଶ୍ୟରେ ଗ୍ରହଣ କରିବା ପରିବର୍ତ୍ତେ ବିରୋଧ ସୃଷ୍ଟି କରୁଛନ୍ତି । ବିରୋଧ କରନ୍ତି ଦୁଇ ଶ୍ରେଣୀର ବ୍ୟକ୍ତି । ଗୋଟିଏ ଶ୍ରେଣୀର ବ୍ୟକ୍ତି, ଯେଉଁମାନେ ଭଗବାନଙ୍କ ଅସ୍ତିତ୍ୱକୁ ଏକେବାରେ ସ୍ୱୀକାର କରନ୍ତି ନାହିଁ, କେବଳ ଭୌତିକ ସ୍ଥୂଳ ବସ୍ତୁର ସତ୍ୟତା ସ୍ୱୀକାର କରନ୍ତି । ଅନ୍ୟ ଶ୍ରେଣୀର ବ୍ୟକ୍ତି ଭଗବତ୍ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି, କିନ୍ତୁ ପୂର୍ବ ଅଧ୍ୟାତ୍ମବାଦ ଅଭ୍ୟାସ, ସଂସ୍କାରଗତ ସାମ୍ପ୍ରଦାୟିକ ସୀମାରେ ଏପରି କଠୋରଭାବେ ବନ୍ଦି ହୋଇଥା'ନ୍ତି ଯେ ସେଥିରୁ ମୁକ୍ତ ହୋଇପାରନ୍ତି ନାହିଁ । ସେହି ସୀମା ମଧ୍ୟରେ ସତ୍ୟର ପ୍ରକାଶ ଅଭାବରୁ ହାତ ଉଣ୍ଡାଳି ବୁଲୁଥା'ନ୍ତି । ଏହି ସ୍ଥିତି ବର୍ତ୍ତମାନ ଭାରତବର୍ଷ ତଥା ସମଗ୍ର ସଂସାରରେ । ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣି ରୂପାନ୍ତର କାର୍ଯ୍ୟ କରୁଛନ୍ତି । ମନୁଷ୍ୟ ମଧ୍ୟରେ ଜ୍ଞାନ ଆନନ୍ଦ ସ୍ୱରୂପ ଅତିମାନସ ଚେତନା ଅଭିବ୍ୟକ୍ତି ଲାଭ କରିବ । ସେ ଜ୍ଞାନ, ଆନନ୍ଦ, ପରମ ଶାନ୍ତିରେ ବିଭୂଷିତ ହେବ । ସେ ହେବ ଦିବ୍ୟ ମାନବ । ସଂସାର ହେବ ଦିବ୍ୟ, ଭଗବାନଙ୍କ ଆବାସଭୂମି । ଏହାକୁହିଁ ପ୍ରତ୍ୟେକ ଅଧ୍ୟାତ୍ମ, ଧାର୍ମିକ ତଥା ଅନ୍ୟ ସମସ୍ତ ଶ୍ରେଣୀର ବ୍ୟକ୍ତି ଚାହୁଁଛନ୍ତି । ସେମାନଙ୍କର ଅନ୍ତରର ଅସ୍ପଷ୍ଟ ଚାହିଁବା ସେମାନଙ୍କ ମନ ପ୍ରାଣରେ ସ୍ପଷ୍ଟ ହୋଇ ନ ଥିବାରୁ ସେମାନେ ଏହି ନୂତନ ଅତିମାନସ ସତ୍ୟକୁ ଗ୍ରହଣ କରିପାରୁ ନାହାନ୍ତି । କିନ୍ତୁ ଏଥିରୁ ସାମାନ୍ୟ ପରିମାଣରେ ମୁକ୍ତ ଅଛି ଓଡ଼ିଶା । ଅଜ୍ଞାତରେ ତା' ଚେତନାରେ ପରମ୍ପରାନୁସାରେ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରତିଷ୍ଠିତ ଥିବାରୁ ସେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତି କିଛି ଅଂଶରେ ଆକୃଷ୍ଟ ହୋଇଛି । ଯେଉଁ ସଚ୍ଚିଦାନନ୍ଦ ଅତିମାନସ-ବିଜ୍ଞାନ-ଅଧ୍ୟାତ୍ମ ଧର୍ମ ପୃଥିବୀରେ ପ୍ରକାଶ କରିବା ସକାଶେ ସ୍ୱୟଂ ପରମବ୍ରହ୍ମ ପରମାତ୍ମା ସୃଷ୍ଟି କରିଅଛନ୍ତି, ସେହି ଲକ୍ଷ୍ୟ ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । କ୍ରମବିକାଶ ଦୁଃଖ-କଷ୍ଟପୂର୍ଣ୍ଣ ଦୀର୍ଘ ସମୟକୁ ଲଘୁ କରିବା ସକାଶେହିଁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଅଛନ୍ତି । ଏହି କାରଣରୁ ପୂର୍ବ ଅଧ୍ୟାତ୍ମ ଯୋଗ ସଦୃଶ ଶ୍ରୀଅରବିନ୍ଦଙ୍କ ଯୋଗ ସାମ୍ପ୍ରଦାୟିକ ନୁହେଁ । ଏହାକୁ ସମସ୍ତ ବ୍ୟକ୍ତି, ସମସ୍ତ ଅଧ୍ୟାତ୍ମ ସମ୍ପ୍ରଦାୟ, ସମସ୍ତ ଧର୍ମ ସମ୍ପ୍ରଦାୟ ଗ୍ରହଣ କରି ପାରନ୍ତି । ପୃଥିବୀରେ ଦିବ୍ୟମାନବ, ପୃଥିବୀରେ ଦିବ୍ୟ-ଧାମ ପ୍ରତିଷ୍ଠା ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ।

ପ୍ରଶ୍ନ : ଆପଣ କହିଲେ, ''ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ ଏବଂ ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଅନ୍ତଃସ୍ଥଳ ଚେତନାରେ ବ୍ୟାପକ ସର୍ବସମନ୍ୱୟକାରୀ ସଚ୍ଚିଦାନନ୍ଦ ଆଧ୍ୟାତ୍ମିକତତ୍ତ୍ୱ ନିହିତ ଅଛି'', ତେବେ ସେମାନେ ଜଗନ୍ନାଥଙ୍କୁ ଉପାସନା କଲେ ସେମାନଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇ ପାରିବ, ସେମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ଉପଲବ୍ଧି କରି ପାରିବେ, ସେମାନଙ୍କର ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାର ଆବଶ୍ୟକତା କ'ଣ ?

ଉତ୍ତର : ଶ୍ରୀଜଗନ୍ନାଥ କେତେ ହଜାର ବର୍ଷରୁ ଉତ୍କଳରେ ପ୍ରକଟ ହୋଇ ଅଛନ୍ତି । କେତେକ ଉତ୍କଳବାସୀ ଶ୍ରୀଜଗନ୍ନାଥଙ୍କୁ ଉପାସନା କରି ଆସୁଛନ୍ତି; କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଉପାସନା କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇଛି ଏବଂ ସେମାନେ ସତ୍-ଚିତ୍-ଆନନ୍ଦଙ୍କୁ ଉପଲବ୍ଧି କରି ପାରିଛନ୍ତି ? ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ । ବର୍ତ୍ତମାନ ସଚ୍ଚିଦାନନ୍ଦ ପ୍ରକାଶ ହୋଇ ନାହାନ୍ତି । ସେ ପ୍ରକାଶ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗରେ । ସେହି ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଆବଶ୍ୟକ ।

ସଚ୍ଚିଦାନନ୍ଦ ଉପଲବ୍ଧ ହୁଅନ୍ତି କେବଳ ଅତିମାନସ-ବିଜ୍ଞାନ ଚେତନାରେ । ସେହି ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରକଟ ହୁଅନ୍ତି । ଅତିମାନସ ଶକ୍ତିର

କ୍ରିୟା ବ୍ୟତୀତ ମନୁଷ୍ୟର ମନ-ପ୍ରାଣ-ଶରୀରର ରୂପାନ୍ତର ଏବଂ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ଏକେବାରେ ଅସମ୍ଭବ । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହେବାର ଅର୍ଥ ସଚ୍ଚିଦାନନ୍ଦଙ୍କ ମୂଳ ସତ୍ୟ ଏବଂ ଗୁଣ-ଧର୍ମ ସେଥିରେ ଥାଏ ଅପ୍ରକାଶ୍ୟ । ବ୍ୟକ୍ତି ପ୍ରତୀକରେ ଯଦ୍ୟପି ମୂଳ ସତ୍ୟ ଉପଲବ୍ଧି କରିପାରେ ନାହିଁ, ତଥାପି ଅଜ୍ଞାତରେ ସେଥିରେ ପ୍ରଭାବିତ ହୁଏ । ଏହାହିଁ ହୋଇଛି ଉତ୍କଳବାସୀଙ୍କର । ସେମାନଙ୍କ ଚେତନାରେ କିଛି ଅଂଶରେ ଏହି ସତ୍ୟର ପ୍ରଭାବ ପଡ଼ିଛି । ସେହି ସକାଶେ ସେମାନଙ୍କ ଚେତନାରେ ସାମାନ୍ୟ କିଛି ବ୍ୟାପକତା ଆସିଛି । ସଚ୍ଚିଦାନନ୍ଦ ପ୍ରାପ୍ତିର ବିକାଶମାର୍ଗରେ ଯେତେବେଳେ ବୌଦ୍ଧ, ତନ୍ତ୍ର, ଅଦ୍ୱୈତ, ବୈଷ୍ଣବ ଆଦି ଅଧ୍ୟାତ୍ମ-ଧର୍ମର ପ୍ରଚାର ହୋଇଛି ସେତେବେଳେ ସେମାନେ ସହର୍ଷେ ଗ୍ରହଣ କରିଛନ୍ତି । କିନ୍ତୁ ସେଥିରେ ଅନ୍ୟାନ୍ୟ ପ୍ରାନ୍ତର ବ୍ୟକ୍ତିଙ୍କ ତୁଲ୍ୟ ଆବଦ୍ଧ ହୋଇ ରହି ନାହାନ୍ତି । ଏହାର ପ୍ରମାଣ ସ୍ୱରୂପ ଉତ୍କଳରେ ବିଶେଷରୂପେ ସମସ୍ତ ଅଧ୍ୟାତ୍ମ-ଧର୍ମ ଯଥାଯଥ ସମୟରେ ପ୍ରସାର ଲାଭ କରିପାରିଛି । ଏହାର ନିଦର୍ଶନ ସ୍ୱରୂପ ଖଣ୍ଡଗିରି, ଉଦୟଗିରି ତଥା ଅନ୍ୟାନ୍ୟ ସ୍ଥାନରେ ରହିଛି ଜୈନ ଏବଂ ବୌଦ୍ଧ ଗୁମ୍ଫାମାନ, ତନ୍ତ୍ରର ନିଦର୍ଶନ ସ୍ୱରୂପ ଉତ୍କଳର ମନ୍ଦିରମାନଙ୍କରେ ରହିଛି ଅଶ୍ଳୀଳ ଚିତ୍ର ଏବଂ ପ୍ରତିମା । ଅଦ୍ୱୈତବାଦୀ ଆଚାର୍ଯ୍ୟ ଶଙ୍କରଙ୍କର ସ୍ଥାପିତ ପ୍ରଧାନ ଚାରିମଠ ମଧ୍ୟରୁ ପ୍ରଧାନ ମଠ ଅଛି ପୁରୀରେ । ସେହି ପୁରୀରେହିଁ ସବୁ ସମ୍ପ୍ରଦାୟର ବୈଷ୍ଣବଙ୍କ ମଠ । ଉତ୍କଳବାସୀଙ୍କ ମଧ୍ୟରେ ପୁରୁଷୋତ୍ତମ ତତ୍ତ୍ୱର ବ୍ୟାପକତାର ପ୍ରଭାବ ଥିବାରୁ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ସ୍ୱୀକାର କରି ପାରୁଛନ୍ତି । ଏହାହିଁ ସେମାନଙ୍କର ତଥା ପ୍ରତ୍ୟେକ ମନୁଷ୍ୟର ନିଜସ୍ୱ । ଏହି ସତ୍ୟର ଉପଲବ୍ଧି ସକାଶେ ଭଗବାନଙ୍କର ସୃଷ୍ଟି । ବର୍ତ୍ତମାନ ବ୍ୟକ୍ତି ଏହି ରହସ୍ୟ ବୁଝି ନ ପାରି ପୂର୍ବ ଅଧ୍ୟାତ୍ମ-ସମ୍ପ୍ରଦାୟର ଧର୍ମ ସଦୃଶ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟକାରୀ ରୂପାନ୍ତର-ଯୋଗକୁ ବି ମନେ କରୁଛନ୍ତି । ଏହାର ସମୟ ଆସିଛି । ସମସ୍ତ ସଂସାର ସମ୍ମୁଖରେ ଏହି ସତ୍ୟ ଉଦ୍‌ଘାଟିତ ହେବ ।

ପୁରୀ ହେଉଛି ପୁରୁଷୋତ୍ତମ କ୍ଷେତ୍ର । ସେହି ପୁରୁଷୋତ୍ତମ ଧାମକୁ ଆଜି ବି ପୁରୁଷ୍ତମ ନାମରେ ଲୋକେ କହନ୍ତି ।

ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ପରମବ୍ରହ୍ମଙ୍କ ବିଗ୍ରହ

ପ୍ରଶ୍ନ : ପରାପୂର ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କର ମୂର୍ତ୍ତି ବା ବିଗ୍ରହ ଅଥବା ପ୍ରତୀକ ଶ୍ରୀଜଗନ୍ନାଥ, ଏହାର ପ୍ରମାଣ କ'ଣ ?

ଉତ୍ତର : ଏହାର ପ୍ରମାଣ ହେଉଛି ଶ୍ରୀଜଗନ୍ନାଥଙ୍କ ବିଗ୍ରହର ନାମ ଏବଂ ଧାମର ନାମ । ଏହାକୁ ସମର୍ଥନ କରୁଛି ପ୍ରତ୍ୟକ୍ଷ ବ୍ୟବହାର କର୍ମ ତଥା ଶାସ୍ତ୍ର ।

ଶ୍ରୀଜଗନ୍ନାଥଙ୍କୁ କୁହାଯାଏ ଦାରୁବ୍ରହ୍ମ; ସେ ଯେଉଁ ସ୍ଥାନରେ ବିରାଜମାନ କରି ଅଛନ୍ତି ସେ ସ୍ଥାନର ନାମ ପୁରୁଷ୍ତମ । ଅର୍ଥାତ୍ ପୁରୁଷୋତ୍ତମ କ୍ଷେତ୍ରର ଅପଭ୍ରଂଶ ପୁରୁଷ୍ତମ ବା ପୁରୀକ୍ଷେତ୍ର ।

ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣ, ଶିବ — ଏସବୁ ବ୍ରହ୍ମଙ୍କ ସଗୁଣ ରୂପ; ଏହିସବୁ ସଗୁଣ ଭଗବାନଙ୍କ ବିଗ୍ରହକୁ ବ୍ରହ୍ମ କୁହାଯାଏ ନାହିଁ । ଶ୍ରୀଜଗନ୍ନାଥ ଭଗବାନଙ୍କର କୌଣସି ସଗୁଣ ରୂପର ପ୍ରତୀକ ବା ରୂପ ନୁହନ୍ତି, ସାକ୍ଷାତ୍ ସଚ୍ଚିଦାନନ୍ଦ ପୁରୁଷୋତ୍ତମଙ୍କର ମୂର୍ତ୍ତି ବା ବିଗ୍ରହ, ସେହି ସକାଶେ ତାଙ୍କୁ ଦାରୁବ୍ରହ୍ମ କୁହାଯାଏ ।

ଦ୍ୱିତୀୟ ହେଲା, ଶ୍ରୀଜଗନ୍ନାଥଙ୍କ ବିଗ୍ରହ । ବ୍ରହ୍ମଙ୍କର ରୂପ ମନରେ କଳ୍ପନା କରିହୁଏ ନାହିଁ । କେବଳ ଅତିମାନସ ଚେତନାରେ ଉପଲବ୍ଧି କରିହୁଏ । ବ୍ରହ୍ମସ୍ୱରୂପ — ଏକହିଁ ସମୟରେ ନିରାକାର ଏବଂ ତାହାର ବିପରୀତ ସାକାର, ସେହି ଏକହିଁ ସମୟରେ ସେ ସାକାର ଓ ନିରାକାର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ପରମବ୍ରହ୍ମ । ମନ ସୀମିତ ଥିବା ସତ୍ତ୍ୱେ ବସ୍ତୁ ନିରୂପଣ କରିବା ତା'ର ଧର୍ମ । ମନ ଚେତନାରେ ଆମ୍ଭେ ବ୍ରହ୍ମ ବିଚାର କରିବାକୁ ଗଲେ କହିବା, ବ୍ରହ୍ମଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ । ତାଙ୍କୁ ସାକାର ବି କହିବା, ନିରାକାର ବି କହିବା । ଯଥାର୍ଥରେ ସେ ଏହି ଉଭୟ ରୂପାରୂପର ଊର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥ ବ୍ରହ୍ମଙ୍କ ସ୍ୱରୂପ ଥିବାରୁ ତାଙ୍କ ବିଗ୍ରହର ରୂପ ପୂର୍ଣ୍ଣ ନୁହେଁ । ଅର୍ଥାତ୍ ହସ୍ତ ଓ ପଦ ନ ଥିବାରୁ ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ ରୂପ କହିପାରିବା ନାହିଁ, କିନ୍ତୁ ସ୍ଥୂଳ ମୂର୍ତ୍ତି ଥିବାରୁ ତାଙ୍କୁ ଅରୂପ ବି କହିପାରିବା ନାହିଁ । ଶ୍ରୀଜଗନ୍ନାଥ

ପୁରୁଷୋତ୍ତମ ପରମବ୍ରହ୍ମଙ୍କ ବିଗ୍ରହ ଥିବାରୁ ସେ ରୂପ ଏବଂ ଅରୂପର ଊର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥଙ୍କ ବିଗ୍ରହ, ନାମ ତଥା ଧାମରୁ ପ୍ରମାଣ ହୁଏ ଯେ ଶ୍ରୀଜଗନ୍ନାଥ ପରମବ୍ରହ୍ମଙ୍କ ମୂର୍ତ୍ତି ।

ତୃତୀୟ ହେଲା, ଏକ ବ୍ରହ୍ମ ସୃଷ୍ଟିରୂପ ହୋଇଛନ୍ତି ଏବଂ ସୃଷ୍ଟିକୁ ପରାର୍ଦ୍ଧ ଓ ଅପରାର୍ଦ୍ଧ ଦୁଇଭାଗରେ ବିଭକ୍ତ କରିଛନ୍ତି, ଅପରାର୍ଦ୍ଧ ଠିକ୍ ଅବିକଳ ପରାର୍ଦ୍ଧର ବିକୃତ ରୂପ । ଏହାକୁ ଶାସ୍ତ୍ର, ପୁରାଣ, ବେଦ, ଉପନିଷଦ୍ ପ୍ରତିପାଦନ କରିଛି; ଏହାକୁ ସନ୍ଥ, ମହାତ୍ମା, ମହାପୁରୁଷ ତଥା ଅବତାର ମଧ୍ୟ ସମର୍ଥନ କରିଛନ୍ତି । ଏହା ଯଥାର୍ଥ ସତ୍ୟ । ଏହାକୁ ପ୍ରତ୍ୟକ୍ଷରୂପେ ପ୍ରମାଣ କରୁଛି କ୍ରମବିକାଶ । ଏହିସବୁ ସତ୍ୟ ଏବଂ ପ୍ରତ୍ୟକ୍ଷ ଘଟନା ଦୃଷ୍ଟିରୁ ପରାର୍ଦ୍ଧର ସମସ୍ତ ବସ୍ତୁ ଏହି ଅପରାର୍ଦ୍ଧରେ ପ୍ରତୀକରୂପେ ବିଦ୍ୟମାନ । ଏହିସବୁ କାରଣରୁ ସ୍ପଷ୍ଟହୁଏ, ଶ୍ରୀଜଗନ୍ନାଥ ପରମବ୍ରହ୍ମଙ୍କ ପ୍ରତୀକ ଏବଂ ପୁରୀ ସଚ୍ଚିଦାନନ୍ଦ ଲୋକର ପ୍ରତୀକ ।

ଯଦି ବେଦ, ଉପନିଷଦ୍ ତଥା ଏହିସବୁ ପ୍ରତ୍ୟକ୍ଷ ଘଟଣା ବିଶ୍ୱାସ ନ କର, ତେବେ ଆସିବ ଅନୀଶ୍ୱରବାଦ । 'ଅନୀଶ୍ୱର' ଶବ୍ଦହିଁ ପ୍ରମାଣ କରେ 'ଈଶ୍ୱର' । 'ଈଶ୍ୱର' ଯଦି କୌଣସି ସତ୍ୟ ନୁହନ୍ତି, ତେବେ ତାଙ୍କୁ ଅସତ୍ୟ କହିବାର ଆବଶ୍ୟକତା କ'ଣ ? ଅସତ୍ୟ କହିବାହିଁ ହେଲା ସତ୍ୟର ପ୍ରମାଣ ।

ଏହି ବିଷୟଟିକୁ ସଂକ୍ଷେପରେ କହିବା ଉଦ୍ଦେଶ୍ୟରେ ଏତିକିରେ ସମାପ୍ତ କରାହେଲା ।

ଏହିସବୁ ଆଲୋଚନାରୁ ସ୍ପଷ୍ଟ ହେଲା, ଉତ୍କଳବାସୀଙ୍କର ଜଗନ୍ନାଥ ଧର୍ମ ସେମାନଙ୍କ ଚେତନାରେ ପ୍ରତିଷ୍ଠିତ ହୋଇଛି । ସେହି କାରଣରୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଧ୍ୟାତ୍ମ-ସିଦ୍ଧାନ୍ତ କ୍ରମବିକାଶକୁ ସାହାଯ୍ୟ କରିବା ସକାଶେ ପୃଥିବୀରେ କ୍ରିୟାଶୀଳ ହେବା ସମୟରେ ସେମାନେ ତାହା ଗ୍ରହଣ କରିଛନ୍ତି; କିନ୍ତୁ ସେଥିରେ ଆବଦ୍ଧ ହୋଇ ନାହାନ୍ତି । ଅଜ୍ଞାତରୂପେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛନ୍ତି । ବର୍ତ୍ତମାନ ଜୀବନର ଲକ୍ଷ୍ୟ ସ୍ପଷ୍ଟ ଭାବେ ଜାଣିବା ତଥା ପ୍ରାପ୍ତ ହେବାର ସମୟ ଆସିଛି । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଯାହାଙ୍କୁ ଦାରୁବ୍ରହ୍ମ ରୂପେ ପୂଜା କରି ଆସୁଅଛନ୍ତି ତାଙ୍କରି ଯେଉଁ ଯଥାର୍ଥ ସ୍ୱରୂପ ସାକ୍ଷାତ୍ ପୁରୁଷୋତ୍ତମ ପରମବ୍ରହ୍ମ ତତ୍ତ୍ୱ ତାହା ଉପଲବ୍ଧି କରିବେ । ଏହାରି ଉପଲବ୍ଧିରେହିଁ ହେବ ନୂତନ ସତ୍ୟଯୁଗ । ସେଥିରେ ପ୍ରତିଷ୍ଠା ହେବେ ଅତିମାନବଜାତି । ସାକ୍ଷାତ୍‌ଭାବେ ପ୍ରକାଶ ହେବେ ସଚ୍ଚିଦାନନ୍ଦ ପରମବ୍ରହ୍ମ ।

ପ୍ରଶ୍ନ : ତୁମ୍ଭର ଉତ୍ତର ଯୁକ୍ତିଯୁକ୍ତ ପ୍ରତୀତ ହେଉଛି । କିନ୍ତୁ ରାଜାଙ୍କର ଉଦ୍ଦେଶ୍ୟ ଥିଲା ସର୍ବାଙ୍ଗସୁନ୍ଦର ପରିପୂର୍ଣ୍ଣ ମୂର୍ତ୍ତି ପ୍ରତିଷ୍ଠା କରିବା ସକାଶେ । କିନ୍ତୁ ମୂର୍ତ୍ତି ତିଆରି କରୁଥିବା କାରିଗର ବା ବଢ଼େଇଙ୍କ କହିବା ଅନୁସାରେ ମୂର୍ତ୍ତି ତିଆରି ହେବା କାଷ୍ଠ ସହିତ କାରିଗରଙ୍କୁ ଗୋଟିଏ ବନ୍ଦ ଗୃହରେ ରଖାହେଲା ଏବଂ ନିର୍ଦ୍ଦିଷ୍ଟ ଦିନରେ ଗୃହର ଦ୍ୱାର ଖୋଲିବାର ନିର୍ଦ୍ଧାରଣ କରାହେଲା । ମହାରାଣୀ ତଥା ଅନ୍ୟ ଲୋକଙ୍କ କହିବା ଯୋଗୁଁ ବୃଦ୍ଧ କାରିଗରର ମୃତ୍ୟୁ ହୋଇଥିବା ଆଶଙ୍କାରେ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ରାଜା ଦ୍ୱାର ଖୋଲିଦେଲେ । ସେଠାରେ କାରିଗରକୁ ପାଇଲେ ନାହିଁ, କିନ୍ତୁ ବିଗ୍ରହଙ୍କର ହସ୍ତ, ପଦ, ଅଙ୍ଗୁଳି ନିର୍ମାଣ ହୋଇ ନ ଥିଲା । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ରାଜା ଅଧୈର୍ଯ୍ୟ ହୋଇ ଦ୍ୱାର ଖୋଲାଇ ଦେବାରୁ ମୂର୍ତ୍ତି ଅପୂର୍ଣ୍ଣ ରହିଲେ, ଜଗନ୍ନାଥଙ୍କୁ ସଚ୍ଚିଦାନନ୍ଦଙ୍କ ପ୍ରତୀକ କହିବାର ସୁଯୋଗ ତୁମ୍ଭଙ୍କୁ ମିଳିଲା ।

ଉତ୍ତର : ଏହାର କାରଣ ରାଜାଙ୍କ ଅଧୀରତା ନୁହେଁ, କିଂବା ଜଗନ୍ନାଥଙ୍କୁ ସଚ୍ଚିଦାନନ୍ଦଙ୍କ ପ୍ରତୀକ ବା ମୂର୍ତ୍ତି କହିବାର ସୁଯୋଗ ନୁହେଁ । ମୂର୍ତ୍ତି ଅପୂର୍ଣ୍ଣ ରହିବା ଭଗବତ୍ ଅଦୃଶ୍ୟ ଶକ୍ତିର ପ୍ରେରଣା ଏବଂ ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହେବା ଯଥାର୍ଥ, ଯୁକ୍ତିଯୁକ୍ତ ତଥା ଶାସ୍ତ୍ରସମ୍ମତ । ଏହା ଯେପରି ଅକାଟ୍ୟ ଯୁକ୍ତି ସେହିପରି ଶାସ୍ତ୍ରର ପ୍ରମାଣ ।

ପ୍ରଶ୍ନ : ପୁରୀ ପୁରୁଷୋତ୍ତମ ଧାମ, ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତିମା, ବିଷୟ କେଉଁ ଶାସ୍ତ୍ରରେ ବର୍ଣ୍ଣନା କରାହୋଇଛି ?

ଉତ୍ତର : ତନ୍ତ୍ରୟାମଳ, ବାୟୁପୁରାଣ, ଅଗ୍ନିପୁରାଣ, ବ୍ରହ୍ମପୁରାଣ, କୂର୍ମପୁରାଣ, ଶିବପୁରାଣ, କପିଳସଂହିତା, ଗରୁଡ଼ପୁରାଣ, ବୃହତ୍ ବିଷ୍ଣୁପୁରାଣ, ସ୍କନ୍ଦପୁରାଣ, ବ୍ରହ୍ମାଣ୍ଡପୁରାଣ, ଭବିଷ୍ୟପୁରାଣ ଏବଂ ଶ୍ରୀଜଗନ୍ନାଥ ମାହାତ୍ମ୍ୟରେ । ଏହିସବୁ ଶାସ୍ତ୍ରମାନଙ୍କରେ ତଥା ଅନ୍ୟାନ୍ୟ ଶାସ୍ତ୍ରରେ ପୁରୁଷୋତ୍ତମ କ୍ଷେତ୍ର ତଥା ଶ୍ରୀଜଗନ୍ନାଥ ପରମବ୍ରହ୍ମ ପୁରୁଷୋତ୍ତମ

ତତ୍ତ୍ୱଙ୍କ ପ୍ରତିମା ପ୍ରତିପାଦିତ ହୋଇଛି । ଏହିସବୁ ପୁରାଣରୁ ଶ୍ଲୋକ ସଂଗ୍ରହ କରିଛନ୍ତି ପଣ୍ଡିତ ଶ୍ରୀ ସଦାଶିବ ରଥଶର୍ମା । ତାଙ୍କରି ସଂଗୃହୀତ ଶ୍ଲୋକ ମଧ୍ୟରୁ ଅଳ୍ପ କେତେକ ଶ୍ଲୋକ ଏଠାରେ ଉଦ୍ଧୃତ କରାହୋଇଛି ।

ଯଥା – ତନ୍ତ୍ରୟାମଳ –

''ଭାରତେ ୟୋଽଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମଂ ।
ଦାରୁରୂପୀ ଜଗନ୍ନାଥଃ ଭକ୍ତାନାମଭୟପ୍ରଦଃ ॥''

''ଭାରତର ଉତ୍କଳ ପ୍ରଦେଶ ପୁରୁଷୋତ୍ତମ କ୍ଷେତ୍ରରେ ଯେଉଁ ଦାରୁରୂପୀ ସମସ୍ତ ଜଗତର ଈଶ୍ୱର ସେ ଭକ୍ତଙ୍କୁ ଜନ୍ମମରଣ ଦୁଃଖକଷ୍ଟରୁ ଅଭୟ କରି ଦିଅନ୍ତି ।''

ବ୍ରହ୍ମପୁରାଣ –

''ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମଃ ।
ଆସ୍ତେ ପୁଣ୍ୟଂ ପରଂ କ୍ଷେତ୍ରଂ ମୁକ୍ତଦଂ ପାପନାଶକଂ ॥''

''ସମୁଦ୍ରର ଉତ୍ତର ତଟରେ ଯେଉଁ ମହାନ୍, ପବିତ୍ର କ୍ଷେତ୍ର ଅବସ୍ଥିତ, ହେ ବ୍ରାହ୍ମଣ ସେ କ୍ଷେତ୍ର ମୁକ୍ତି ଦିଏ ଏବଂ ପାପ ନାଶ କରେ ।''

ଶିବ ପୁରାଣ –

''ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟନ୍ୟତ୍ ଭବମୋଚନଂ ।
ତତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ରହ୍ମ ଶରୀରଭୃତ୍ ॥''

''ମୁକ୍ତିଲାଭ କରିବା ସକାଶେ ପୁରୁଷୋତ୍ତମ କ୍ଷେତ୍ର ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ । ଏହି କ୍ଷେତ୍ରରେ ସାକ୍ଷାତ୍ ପରମବ୍ରହ୍ମ ଦାରୁବ୍ରହ୍ମରୂପେ ଶରୀର ଧାରଣ କରିଛନ୍ତି ।''

କପିଳ ସଂହିତା –

''ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ॥''

''ସମସ୍ତ ତୀର୍ଥ ବା କ୍ଷେତ୍ର ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ସର୍ବଶ୍ରେଷ୍ଠ, ସମସ୍ତ ଦେବତା ମଧ୍ୟରେ ପୁରୁଷୋତ୍ତମ ଜଗନ୍ନାଥ ସର୍ବଶ୍ରେଷ୍ଠ ।''

ବୃହତ୍ ବିଷ୍ଣୁ ପୁରାଣ –

''ୟୋଗୀନାଂ ହି ହୃଦାକାଶେ ବିଦ୍ୟୁଦ୍ୱର୍ଣ୍ଣ ପ୍ରକାଶତେ ।
ସ ଏବ ଦାରୁରୂପେଣ ଆସ୍ତେ ନୀଲାଚଲୋ ମହି ॥''

''ଯୋଗୀମାନଙ୍କ ହୃଦୟରେ ଯେପରି ମୁଁ ବିଦ୍ୟୁତ୍‌ବତ୍ ପ୍ରକାଶ ହୋଇଛି ସେହିପରି ନୀଳାଚଳ ବା ପୁରୁଷୋତ୍ତମ କ୍ଷେତ୍ରରେ ଦାରୁରୂପେ ବିଦ୍ୟମାନ ଅଛି ।''

ପ୍ରଶ୍ନ : ତୁମ୍ଭର ଉଦ୍ଧୃତ ଶ୍ଲୋକରେ ପୁରୁଷୋତ୍ତମ ଧାମ ଏବଂ ପରମବ୍ରହ୍ମ ପୁରୁଷୋତ୍ତମ ଶବ୍ଦ ପ୍ରୟୋଗ ହୋଇଛି । କିନ୍ତୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କ ପ୍ରତୀକ ବା ପ୍ରତିମା, ପୁରୀ ପୁରୁଷୋତ୍ତମ ଧାମର ପ୍ରତୀକ ବୋଲି କେଉଁଠି କୁହାହୋଇଛି ?

ଉତ୍ତର : ଶିବପୁରାଣରେ ଶ୍ଲୋକର ପ୍ରଥମ ପଦରେ ସ୍ପଷ୍ଟରୂପେ କୁହାହୋଇଛି – ''ଜନ୍ମମରଣରୁ ମୁକ୍ତି ଲାଭ କରିବା ସକାଶେ ପୁରୁଷୋତ୍ତମ କ୍ଷେତ୍ର ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ ।''

ଦ୍ୱିତୀୟ ପଦରେ କୁହା ହୋଇଛି – ''ଏହି କ୍ଷେତ୍ରରେ ସାକ୍ଷାତ୍ ପରମବ୍ରହ୍ମ ଦାରୁବ୍ରହ୍ମରୂପେ ଶରୀର ଧାରଣ କରିଅଛନ୍ତି ।''

ଏହି ଶ୍ଲୋକରୁ ସ୍ପଷ୍ଟ ବୁଝାଯାଉଛି, ଏହି ପୃଥିବୀରେ ଅବସ୍ଥିତ ପୁରୀ ପୁରୁଷୋତ୍ତମ ଧାମର ପ୍ରତୀକ ଏବଂ ଦାରୁରୂପେ ଶ୍ରୀଜଗନ୍ନାଥ ପରମବ୍ରହ୍ମ ପୁରୁଷୋତ୍ତମଙ୍କ ପ୍ରତୀକ ।

ପ୍ରଶ୍ନ : ପୂର୍ବେ ସରଳ ଅନ୍ଧବିଶ୍ୱାସୀ ଲୋକ ପୁରାଣବାକ୍ୟକୁ ବେଦ ବୋଲି ମାନି ନେଉଥିଲେ । କିନ୍ତୁ ଆଜିକାଲି ବିଜ୍ଞାନଯୁଗରେ ଆମ୍ଭେମାନେ ବୁଦ୍ଧିବାଦୀ ବ୍ୟକ୍ତି ପୁରାଣର ଅତିରଞ୍ଜିତ ଏବଂ ବିରୋଧାତ୍ମକ ଶବ୍ଦକୁ ବିଶ୍ୱାସ କରିବୁ କିପରି ? ଅତିରଞ୍ଜିତ ବାକ୍ୟ ହେଲା, ''ପୁରୀରେ ମୁକ୍ତିଲାଭ ହୁଏ'' । କିନ୍ତୁ ଏହା ସତ୍ୟ ନୁହେଁ, ଯଦି ଏହା ସତ୍ୟ ହୋଇଥା'ନ୍ତା ତେବେ ଯେତେ ପାପୀ ଦୁରାଚାରୀ ଲୋକ ମନଇଚ୍ଛା ପାପକରି ପୁରୀରେ ବାସ କରନ୍ତେ, ମୃତ୍ୟୁପରେ ସିଧା ବୈକୁଣ୍ଠକୁ ଚାଲିଯା'ନ୍ତେ ଅଥବା ପୁରୀରେ ବାସକରି ମନଇଚ୍ଛା ପାପକରି ମୁକ୍ତି ପ୍ରାପ୍ତ ହୁଅନ୍ତେ । ଏହା ସମ୍ଭବ ନୁହେଁ । ଏହି ବାକ୍ୟକୁ କୌଣସି ବ୍ୟକ୍ତି ବିଶ୍ୱାସ କରିପାରିବ ନାହିଁ ।

ବିରୋଧାତ୍ମକ ବାକ୍ୟ ହେଲା, ''ମୁକ୍ତିଲାଭ କରିବା ସକାଶେ ପୁରୀ ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ ।'' ସଂସାରକୁ ଛାଡ଼, ଭାରତ ବର୍ଷରେ କାଶୀ, ଅଯୋଧ୍ୟା, ବୃନ୍ଦାବନ, ପ୍ରୟାଗ, ହରିଦ୍ୱାର, ବଦ୍ରିନାରାୟଣରେ ବାସ କରି ମୃତ୍ୟୁ ପ୍ରାପ୍ତ ହେବା ବ୍ୟକ୍ତିଙ୍କୁ ମୁକ୍ତି ମିଳିବା କଥା ଅନ୍ୟାନ୍ୟ ଶାସ୍ତ୍ରରେ ଋଷିମୁନିମାନେ କହିଛନ୍ତି । ଏହି ପୁରାଣର ବାକ୍ୟ ସତ୍ୟ ମାନିଲେ ''ମୁକ୍ତି ସକାଶେ ପୁରୀ ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ'' ଏହାକୁ ମିଥ୍ୟା ମାନିବାକୁ ହେବ । ଅତଏବ ଏହା ବିରୋଧାତ୍ମକ ବାକ୍ୟ । କେଉଁ ଋଷିଙ୍କ ବାକ୍ୟ ସତ୍ୟ, କେଉଁ ଋଷିଙ୍କ ବାକ୍ୟ ମିଥ୍ୟା ?

ଉତ୍ତର : କୌଣସି ଋଷିଙ୍କ ବାକ୍ୟ ମିଥ୍ୟା ନୁହେଁ କିଂବା ବିରୋଧାତ୍ମକ ନୁହେଁ, କିନ୍ତୁ ସେମାନଙ୍କ ବାକ୍ୟର ଅନ୍ତର୍ନିହିତ ସତ୍ୟ ବା ରହସ୍ୟ ଆମ୍ଭମାନଙ୍କ ଚେତନାରେ ପ୍ରକାଶ ନ ହେବାରୁ ଆମ୍ଭେମାନେ ସାମଞ୍ଜସ୍ୟ କରିପାରୁ ନାହିଁ ।

ଦୁଇଟି ପଥର ଗୋଟାଳି ସହିତ ଆଉ ଗୋଟିଏ ପଥର ଗୋଟାଳି ମିଶାଇ ଦେଲେ ତିନି ହେବା ଯେପରି ସତ୍ୟ ସେହିପରି ଗୋଟାଏ ପାତ୍ରରେ ଥିବା ଦୁଇ ଜଳବିନ୍ଦୁ ସହିତ ଆଉ ଗୋଟାଏ ଜଳବିନ୍ଦୁ ମିଶାଇ ଦେଲେ ଏକ ହେବା ସେହିପରି ସତ୍ୟ ।

ଦୁଇଟିଯାକ ବିରୋଧାତ୍ମକ ଘଟନା, କିନ୍ତୁ ପ୍ରତ୍ୟେକ ଘଟନା ସତ୍ୟ । ଏହା ମଧ୍ୟରେ ଯେପରି ବସ୍ତୁର ଗୁଣ ଧର୍ମର ରହସ୍ୟ ରହିଛି ସେହିପରି ଗୂଢ଼ ରହସ୍ୟ ଅଛି ଆମମାନଙ୍କୁ ବିରୋଧାତ୍ମକ ପ୍ରତୀତ ହେଉଥିବା ଋଷିମାନଙ୍କର ବାକ୍ୟରେ ।

ଅଯୋଧ୍ୟା, କାଶୀ, ବୃନ୍ଦାବନ, ପ୍ରୟାଗ, ହରିଦ୍ୱାର, ବଦ୍ରିକାଶ୍ରମରେ ଶେଷଜୀବନ ପର୍ଯ୍ୟନ୍ତ ବାସ କଲେ ବ୍ୟକ୍ତିକୁ ଭଗବତ୍ ପ୍ରାପ୍ତି ହୁଏ । ସେ ଆଉ ପୃଥିବୀରେ ଜନ୍ମଗ୍ରହଣ କରେ ନାହିଁ । କିନ୍ତୁ ସେ ସ୍ଥାନର ପ୍ରଭାବରେ ତା'ର ମନ, ପ୍ରାଣ, ଶରୀର ରୂପାନ୍ତର ହୁଏ ନାହିଁ । କିନ୍ତୁ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ରରେ ବାସ କଲେ ବ୍ୟକ୍ତିର ମୃତ୍ୟୁ ପରେ ମୁକ୍ତି ନିର୍ବାଣ ବା ଭଗବତ୍ ପ୍ରାପ୍ତି ହୁଏ ନାହିଁ, ବ୍ୟକ୍ତିର ଏହି ସ୍ଥୂଳ ଶରୀର, ମନ, ପ୍ରାଣ, ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଏ, ସେ ରୂପାନ୍ତର ଶରୀରରେ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରେ । ସେ ଆଉ ମାତୃଗର୍ଭରେ ଜନ୍ମ ହୁଏ ନାହିଁ, ସେ ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ ହୁଏ । ଏହି ଯେଉଁ ଶରୀର ରୂପାନ୍ତର, ପୁରୀ ଛଡ଼ା ଅନ୍ୟ ସ୍ଥାନରେ ସମ୍ଭବ ନୁହେଁ । ଏହି ରୂପାନ୍ତରର ଅନ୍ୟନାମ ମୁକ୍ତି । ସେ ସମୟରେ ରୂପାନ୍ତର କହିଥିଲେ କେହି ବୁଝିପାରି ନ ଥା'ନ୍ତେ । ସେହି କାରଣରୁ ରୂପାନ୍ତର ଶବ୍ଦ ପରିବର୍ତ୍ତେ ମୁକ୍ତି ଶବ୍ଦ ବ୍ୟବହାର କରାହୋଇଅଛି ।

ପ୍ରଶ୍ନ : ତୁମର ଉତ୍ତର ହେଲା ପୁରୀବାସରେ ମନ-ପ୍ରାଣ-ଶରୀର ରୂପାନ୍ତର ହୁଏ ଏବଂ ବ୍ୟକ୍ତି ଜନ୍ମ ମରଣରୁ ମୁକ୍ତ ହୁଏ; କାଶୀ, ଅଯୋଧ୍ୟା, ବୃନ୍ଦାବନ ଆଦି ଧାମରେ ବ୍ୟକ୍ତିର ଶରୀର ରୂପାନ୍ତର ହୁଏ ନାହିଁ । ମୃତ୍ୟୁପରେ କାଶୀରେ ବାସ କରିଥିବା ବ୍ୟକ୍ତି କୈଳାସ, ଅଯୋଧ୍ୟାରେ ବାସ କରିଥିବା ବ୍ୟକ୍ତି ସାକେତ, ବୃନ୍ଦାବନରେ ବାସ କରିଥିବା ବ୍ୟକ୍ତି ଗୋଲୋକ ଆଦି ଦିବ୍ୟ ଧାମରେ ଭଗବତ୍ ପ୍ରାପ୍ତ ହୁଅନ୍ତି । ଏହି ଉତ୍ତରରେ ଋଷିମାନଙ୍କ ବିରୋଧାତ୍ମକ ବାକ୍ୟର ସମାଧାନ ହେଲା ।

କିନ୍ତୁ ମୋର ପୂର୍ବ ପ୍ରଶ୍ନ ଥିଲା, ପାପୀ, ଦୁରାଚାରୀ ଲୋକ କେବଳ ଏହିସବୁ ଧାମରେ ବାସକଲେ ଯଦି ମୁକ୍ତି ପାଆନ୍ତେ ତେବେ ପୁରୀରେ ବାସ କରିବା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ହେବା ଅନିବାର୍ଯ୍ୟ ହୁଅନ୍ତା । ପୁରୀରେ ବରାବର ବ୍ୟକ୍ତି ବାସକରି ଆସୁଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ବ୍ୟକ୍ତିର ଶରୀର ରୂପାନ୍ତର ହେବା କେହି ଦେଖି ନାହାନ୍ତି । ତୁମ୍ଭର ଉତ୍ତର ବିରୋଧରେ ଏହି ପ୍ରତ୍ୟକ୍ଷ ଘଟନା ବିଦ୍ୟମାନ ଅଛି । ଅତଏବ ତୁମ୍ଭର ଉତ୍ତର ବିଶ୍ୱାସଯୋଗ୍ୟ ହେବ କିପରି ?

ଉତ୍ତର : ଦୃଶ୍ୟମାନ ବସ୍ତୁର ଅଭ୍ୟନ୍ତରରେ ଥିବା ସତ୍ୟର ସନ୍ଧାନ ନ ପାଇବା ଯୋଗୁଁ ଯଥାର୍ଥ ଉତ୍ତରକୁ ତୁମ୍ଭେ ବିଶ୍ୱାସ କରିବାରେ ଅସମର୍ଥ ହେଉଛ । ପୂର୍ବ ପ୍ରଶ୍ନର ଉତ୍ତରରେ ପୁରାଣର କେବଳ ବାହ୍ୟଶବ୍ଦ କୁହା ହୋଇଥିଲା । ତା'ର ଆଭ୍ୟନ୍ତରୀଣ ରହସ୍ୟ ଥିଲା ପ୍ରତ୍ୟକ୍ଷ, ଦୃଶ୍ୟମାନ ଭୌତିକ ଜଗତର ପୁରୀକ୍ଷେତ୍ର ମଧ୍ୟରେ ନିହିତ ଥିବା ଦିବ୍ୟ ସଚ୍ଚିଦାନନ୍ଦ ଧାମ, ଶ୍ରୀଜଗନ୍ନାଥଙ୍କ କାଷ୍ଠ ବିଗ୍ରହ ମଧ୍ୟରେ ପ୍ରଚ୍ଛନ୍ନ ଥିବା ସଚ୍ଚିଦାନନ୍ଦ ପରମବ୍ରହ୍ମ ପୁରୁଷୋତ୍ତମ ସତ୍ୟ । ବ୍ୟକ୍ତି ଏହି ସତ୍ୟକୁ ଉପଲବ୍ଧି ନ କରିବା ଯୋଗୁଁ ଆଜି ପର୍ଯ୍ୟନ୍ତ ପୁରୀରେ ବାସ କରିଥିବା କୌଣସି ବ୍ୟକ୍ତିର ମନ, ପ୍ରାଣ ତଥା ଶରୀର ରୂପାନ୍ତର ହୋଇ ନାହିଁ କିଂବା ସେ ଅଜ୍ଞାନ,ରୋଗ, ବୃଦ୍ଧତ୍ୱ ଏବଂ ମୃତ୍ୟୁରୁ ମୁକ୍ତ ହୋଇ ନାହିଁ ।

ଯେପରି କାଷ୍ଠ ମଧ୍ୟରେ ଅଗ୍ନି ଥାଏ, ଅଣୁ ମଧ୍ୟରେ ଶକ୍ତି ବିଦ୍ୟମାନ ଥାଏ, ଶରୀର ମଧ୍ୟରେ ଆତ୍ମା ନିବାସ କରେ, କିନ୍ତୁ ଏସବୁକୁ ବ୍ୟକ୍ତି ଆବିଷ୍କାର ବା ଉପଲବ୍ଧି ନ କଲେ ତା'ର ଅଭୀଷ୍ଟ ପୂର୍ଣ୍ଣ ହୁଏ ନାହିଁ, ଠିକ୍ ସେହିପରି ପୁରୁଷୋତ୍ତମ କ୍ଷେତ୍ର ।

ଏହି ସତ୍ୟ ଉପଲବ୍ଧ ହୁଏ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ-ପ୍ରଣାଳୀରେ ସାଧନା କରି ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ଭଗବତ୍ ତତ୍ତ୍ୱରେ ରୂପାନ୍ତର କଲେ । ଯେପରି କାଷ୍ଠ ମଧ୍ୟରେ ଅଗ୍ନି ଥାଏ, ମନୁଷ୍ୟ ମଧ୍ୟରେ ଆତ୍ମା ବିଦ୍ୟମାନ ଥାଏ । କାଷ୍ଠକୁ କାଷ୍ଠ ସହିତ ଘର୍ଷଣ କରି ଅଗ୍ନି ଆବିଷ୍କାର ନ କଲେ ଯେପରି ରାନ୍ଧିବା ହୋଇପାରେ ନାହିଁ, ସେହିପରି ସାଧନା ଦ୍ୱାରା ଆତ୍ମ-ଉପଲବ୍ଧି ନ କଲେ ବ୍ୟକ୍ତି ଅଜ୍ଞାନରୁ ମୁକ୍ତ ହୁଏ ନାହିଁ, ଜନ୍ମମରଣ, ଦୁଃଖ କଷ୍ଟ ଭୋଗୁଥାଏ । ଠିକ୍ ସେହିପରି ପୁରୀ, ଅଯୋଧ୍ୟା, କାଶୀ, ବୃନ୍ଦାବନାଦି ଭଗବତ୍ ଧାମରେ ବାସ କରିବା ଅର୍ଥ ତା'ର ସତ୍ୟସ୍ୱରୂପ ଉପଲବ୍ଧି କରିବା ।

ପ୍ରଶ୍ନ : ଜଗନ୍ନାଥଙ୍କ ଦାରୁ ବିଗ୍ରହରେ ସଚ୍ଚିଦାନନ୍ଦତତ୍ତ୍ୱ, ପୁରୀରେ ପୁରୁଷୋତ୍ତମ ଦିବ୍ୟ ସଚ୍ଚିଦାନନ୍ଦ ଧାମର ତତ୍ତ୍ୱ, ଅଯୋଧ୍ୟାରେ ସାକେତ, ବୃନ୍ଦାବନରେ ଗୋଲୋକ, କାଶୀରେ କୈଳାସ ପ୍ରଚ୍ଛନ୍ନ ରହିଲା କାହିଁକି ?

ଉତ୍ତର : ଏହା ଭଗବାନଙ୍କ ବିଧାନ ।

ଭଗବାନ୍ ଅନାଦି ଏବଂ ଏକ । ତାଙ୍କ ଛଡ଼ା ମାୟା, ମିଥ୍ୟା ବା ଅନ୍ୟ କିଛି ନ ଥିଲା । ସେ ନିଜକୁ ବହୁରୂପେ ପ୍ରକାଶ କରିବା ଉଦ୍ଦେଶ୍ୟରେ ସୃଷ୍ଟି କରିବା ସଂକଳ୍ପ କଲେ । ସଂକଳ୍ପ ମାତ୍ରେହିଁ ଭଗବାନଙ୍କ ପରା ଏବଂ ଅପରା ଶକ୍ତି ବା ପରା, ଅପରା, ମାୟା ପ୍ରଘଟ ହେଲେ । ତାଙ୍କରି ଦ୍ୱାରା ସୃଷ୍ଟି ହେଲା ଏବଂ ପରାର୍ଦ୍ଧ ତଥା ଅପରାର୍ଦ୍ଧ ଏହି ଦୁଇଭାଗରେ ବିଭକ୍ତ ହେଲା । ପରାର୍ଦ୍ଧ ରହିଲା ଦିବ୍ୟ, ଅପରାର୍ଦ୍ଧ ହେଲା ପରାର୍ଦ୍ଧର ବିକୃତ, ମାୟା-ମୋହଗ୍ରସ୍ତ । ସେହି ଦିବ୍ୟଲୋକର ଅଧିଷ୍ଠାତ୍ରୀ ଦେବୀ ହେଲେ ଭଗବାନଙ୍କ ପରାଶକ୍ତି । ସେଥିରେ ସଚ୍ଚିଦାନନ୍ଦ ପରମବ୍ରହ୍ମ ଯେ କି ଏକସଙ୍ଗେ ସାକାର ଏବଂ ନିରାକାର, ସକ୍ରିୟ ଏବଂ ନିଷ୍କ୍ରିୟ । ଏହିସବୁକୁ ଧାରଣ କରି ଏହାର ଉର୍ଦ୍ଧ୍ୱରେ ରହିଲେ ସେହି ସଚ୍ଚିଦାନନ୍ଦ ପରମବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱ । ଯେଉଁ ତତ୍ତ୍ୱରେ ମନ ବା ଶବ୍ଦ ପହଞ୍ଚିପାରେ ନାହିଁ, କେବଳ ଅତିମାନସ ଚେତନାରେ ଉପଲବ୍ଧି କରାହୁଏ । ଏହି ସଚ୍ଚିଦାନନ୍ଦ ପରମବ୍ରହ୍ମ ସୃଷ୍ଟି ଉଦ୍ଦେଶ୍ୟରେ ପରାର୍ଦ୍ଧଲୋକର ଭିନ୍ନ ଭିନ୍ନ ସ୍ତର – ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଆଦି ଦିବ୍ୟଧାମରେ – ସାକାର ବା ସଗୁଣରୂପେ (ସାକେତରେ ଶ୍ରୀ ସୀତାରାମ, ଗୋଲୋକରେ ରାଧାକୃଷ୍ଣ, ବୈକୁଣ୍ଠରେ ଲକ୍ଷ୍ମୀନାରାୟଣ, କୈଳାସରେ ଗୌରୀଶଙ୍କରରୂପେ) ବିଦ୍ୟମାନ ହେଲେ ।

ଅପରାର୍ଦ୍ଧ ହେଲା ଠିକ୍ ପରାର୍ଦ୍ଧର ବିପରୀତ ଏବଂ ବିକୃତ ରୂପ । ଏଥିରେ ପ୍ରକାଶ ହେଲେ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ହିଂସା, ସ୍ୱାର୍ଥ ଏବଂ ଅହଂ । ଅଜ୍ଞାନତାହିଁ ବିକାଶ ଏବଂ ଧ୍ୱଂସର କାରଣ । ଏହି ଅପରାର୍ଦ୍ଧ ସୃଷ୍ଟି ଅଜ୍ଞାନତା ଦ୍ୱାରା ନାଶ ହେବାରୁ ରକ୍ଷା କରିବା ତଥା ତାହାର ମୂଳ ଦିବ୍ୟତତ୍ତ୍ୱରେ ଉପନୀତ କରିବା ସକାଶେ ବିକାଶକୁ ଧାରଣ କରି ଏହା ପଶ୍ଚାତରେ ରହିଲା ପରାର୍ଦ୍ଧର ସମସ୍ତ ସତ୍ୟାସତ୍ୟ ।

ମନୁଷ୍ୟର ଅଜ୍ଞାନ ଆବରଣର ପଶ୍ଚାତରେ ଯେପରି ଭଗବାନ୍ ଏବଂ ଭଗବତ୍ ଦିବ୍ୟଗୁଣ, ସତ୍ୟ, ନ୍ୟାୟ, ଜ୍ଞାନ, ଆନନ୍ଦ ଆବୃତ ହୋଇ ରହି ବ୍ୟକ୍ତିସତ୍ତାକୁ ଧାରଣ କରି ରହିଲା, ସେହିପରି ଭଗବତ୍ ଦିବ୍ୟଧାମସବୁ ଏହି ପୃଥିବୀରେ ବିକୃତ ହୋଇ ପ୍ରତୀକରୂପେ ସାକେତ, ଅଯୋଧ୍ୟା, ଗୋଲୋକ, ବୃନ୍ଦାବନ, ବୈକୁଣ୍ଠ, ବଦ୍ରିକାଶ୍ରମ, କୈଳାସ,

କାଶୀ ଏବଂ ସଚ୍ଚିଦାନନ୍ଦ ପୁରୁଷୋତ୍ତମକ୍ଷେତ୍ର ନାମରେ ଏହି ମୃତ୍ୟୁ-ପୁରୀରେ ବିଦ୍ୟମାନ ରହିଲା । ବାହାରେ ପ୍ରକାଶ ହେଲା ବିକୃତରୂପ ଭିନ୍ନ ଭିନ୍ନ ନାମରେ ଧାମ ଏବଂ ସେହି ଧାମରେ କାଷ୍ଠ, ପାଷାଣ, ଧାତୁ ପ୍ରତିମା । ଏହାର ପଶ୍ଚାତରେ ବା ଅଭ୍ୟନ୍ତରରେ ରହିଲା ନିଜକୁ ପ୍ରକାଶ କରିବା ସକାଶେ ଭଗବାନଙ୍କ ଦିବ୍ୟତତ୍ତ୍ୱ ଏବଂ ଭଗବାନଙ୍କ ପରାର୍ଦ୍ଧର ଦିବ୍ୟଲୋକ ।

ପ୍ରଶ୍ନ : ପୁରୀ ଏବଂ ଶ୍ରୀଜଗନ୍ନାଥ ବହୁକାଳରୁ ଅଛନ୍ତି । ପୁରୀ, ପୁରୁଷୋତ୍ତମ ଧାମ ଏବଂ ଶ୍ରୀଜଗନ୍ନାଥ, ସଚ୍ଚିଦାନନ୍ଦ ତତ୍ତ୍ୱ ଶାସ୍ତ୍ରରେ ମଧ୍ୟ ପ୍ରତିପାଦ୍ୟ ହୋଇଛି । ତଥାପି ଆଜି ପର୍ଯ୍ୟନ୍ତ ତାହା ପ୍ରକାଶ ହୋଇ ନାହିଁ କାହିଁକି ?

ଉତ୍ତର : ତା'ର ସମୟ ଆସି ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି । ମନର ବିକାଶ ଶେଷ ସୀମାରେ ପହଞ୍ଚିଥିବାରୁ ମନ ଗଠିତ ନୈତିକତା ଭାଙ୍ଗି ଯାଇଛି । ଏହାପରେ ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ-ସତ୍ୟ । ଏହାହିଁ ଭଗବାନଙ୍କ ସଂକଳ୍ପ । ଏହି ସତ୍ୟ ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅଧ୍ୟାତ୍ମ-ସାଧନା ଦ୍ୱାରା ଅତିମାନସ ସତ୍ୟକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କଲେ ତା'ର ସମସ୍ତ ସତ୍ତା ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବ, ସେ ପୂର୍ଣ୍ଣରୂପେ ନିବାସ କରିବ ଭଗବାନଙ୍କ ଚେତନାରେ, ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା, ପୃଥିବୀ ହେବ ସ୍ୱର୍ଗ, ଧାମମାନଙ୍କରେ ପ୍ରକାଶ ହେବ, ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଏବଂ ସଚ୍ଚିଦାନନ୍ଦ ଲୋକ, ଏହା ହେବ ପ୍ରଥମରେ ଭାରତବର୍ଷରେ । ଏହି ଭାରତବର୍ଷ ପଥପ୍ରଦର୍ଶକ ହେବ ସମସ୍ତ ସଂସାରର । ଭଗବାନ୍ ଏହି ସୌଭାଗ୍ୟ ଦେଇଛନ୍ତି ଭାରତବର୍ଷକୁ ।

ପୃଥିବୀରେ ଯେବେ ଯେବେ ଭଗବାନଙ୍କର କାର୍ଯ୍ୟ ସିଦ୍ଧ ହୁଏ, ଭଗବାନ୍ ମନୁଷ୍ୟ ଶରୀରରେ ଏହି ପୃଥିବୀକୁ ଆସନ୍ତି । ସେସମୟରେ ମନୁଷ୍ୟକୁ ସେବାର ଗୋଟିଏ ସୁଯୋଗ ମିଳେ । ଯେଉଁମାନେ ସଚେତ ହୁଅନ୍ତି, ସେମାନେ ସେଥିରେ ଅଂଶଗ୍ରହଣ କରନ୍ତି । ତାହାଦ୍ୱାରା ହୁଏ ସେମାନଙ୍କ ଆତ୍ମକଲ୍ୟାଣ ଏବଂ ଜଗତରୂପ ଜନାର୍ଦ୍ଦନଙ୍କ ସେବା ।

ଯେଉଁମାନେ ଏହି ସତ୍ୟକୁ ହୃଦୟଙ୍ଗମ କରିବେ, ତ୍ରେତାରେ ଶ୍ରୀରାମଙ୍କ ସେତୁବନ୍ଧରେ ଗୁଣ୍ଡୁଚିମୂଷା ପାଣିରେ ବୁଡ଼ି, ବାଲିରେ ଗଡ଼ି, ଧୂଳି ଝାଡ଼ି ଭଗବାନଙ୍କ ସେବାକରିବା ସଦୃଶ ସେମାନେ ଗ୍ରାମ, ସହରମାନଙ୍କରେ ପାଠଚକ୍ର, ଭିନ୍ନ ଭିନ୍ନ କାର୍ଯ୍ୟକ୍ଷେତ୍ରରେ ଯୁବ ସମାଜ, ସ୍କୁଲ କଲେଜମାନଙ୍କରେ ଶ୍ରୀଅରବିନ୍ଦ ଛାତ୍ର ସମାଜ ଗଠନ କରନ୍ତୁ । ବିଶେଷ ସମୟରେ ସମ୍ମିଳନୀ କରନ୍ତୁ । ଏହିସବୁ କର୍ମ ଦ୍ୱାରା କ୍ରମଶଃ ପୃଥିବୀରେ ସତ୍ୟ ପ୍ରତିଷ୍ଠା ହେବ ଏବଂ ଅସତ୍ୟ, ଅନ୍ୟାୟ ସଂସାରରୁ ତଥା ନିଜ ମଧ୍ୟରୁ ଦୂର ହେବ । ଆତ୍ମମାନଙ୍କର ଚିର ଅଭିଳଷିତ ଯେଉଁ ପରମାନନ୍ଦ ପରମଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ, ସେହି ଦିଗରେ ଆମ୍ଭେମାନେ ଅଗ୍ରସର ହୋଇପାରିବା ।

ଦ୍ୱିତୀୟ ଭାଗ

ଶ୍ରୀଅରବିନ୍ଦଙ୍କ ଯୋଗ
ପ୍ରଶ୍ନୋତ୍ତର

ପ୍ରଶ୍ନ : ଶ୍ରୀଅରବିନ୍ଦ ତାଙ୍କ ଯୋଗ, ଦର୍ଶନ ତଥା ସାଧନା ସମ୍ବନ୍ଧେ ବହୁତ ଲେଖିଛନ୍ତି । କିନ୍ତୁ ସାଧାରଣ ବ୍ୟକ୍ତିଙ୍କ ପକ୍ଷେ ବୁଝିବା କଠିନ । 'ଲୋକ-ସାହିତ୍ୟ' ଏବଂ 'ନବଜ୍ୟୋତି'ରେ ଯଦିଓ ସରଳ ଭାଷାରେ ଲେଖା ଅଛି ତଥାପି ଅଧିକ ପଢ଼ି ବୁଝିବାର ଧୈର୍ଯ୍ୟ ନାହିଁ । ସଂକ୍ଷେପରେ ବୁଝାଇ ଦିଅନ୍ତୁ,— ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ କ'ଣ ? ସାଧନା ପ୍ରଣାଳୀ କିପରି ? ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗ କେଉଁ ବିଷୟରେ ପୃଥକ୍ ?

ଉତ୍ତର : ପୁରାତନ ଯୋଗରେ ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର, ରୋଗ-ଜରା-ମୃତ୍ୟୁରୁ ମୁକ୍ତି, କର୍ମ ତଥା ସଂସାରର ସମୃଦ୍ଧିସାଧନ ନ ଥିଲା, ଥିଲା ସାଧନା କରିବା ବ୍ୟକ୍ତିଙ୍କର ମୃତ୍ୟୁ ପରେ ମୁକ୍ତି । ଭଗବତ୍ ଅବତାର, ଆଚାର୍ଯ୍ୟ, ମହାପୁରୁଷମାନେ ସଂସାରରେ ଯଦିଓ ଧର୍ମସ୍ଥାପନା କରୁଥିଲେ ତାହା ହେଉଥିଲା ଅସ୍ଥାୟିଭାବରେ ସାମୟିକ ଓ ଆଂଶିକ । ପୃଥିବୀ ସ୍ଥାୟିଭାବରେ ରହୁଥିଲା ଦୁଃଖକଷ୍ଟରେ ପୀଡ଼ିତ । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଦିବ୍ୟତତ୍ତ୍ୱରେ ରୂପାନ୍ତର; ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତି; ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ; ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ଏବଂ କର୍ମରେ ପୂର୍ଣ୍ଣତା, ସଂସାରରେ ଅତିମାନବଜାତି ପ୍ରତିଷ୍ଠା । ଏହା ଫଳରେ ସଂସାରରୁ ହୁଏ ହିଂସା, ଦ୍ୱେଷ, ଯୁଦ୍ଧ, ଦୁଃଖକଷ୍ଟ ଦୂରୀଭୂତ, ସଂସାର ହୁଏ ଐଶ୍ୱର୍ଯ୍ୟଶାଳୀ, ପରିଣତ ହୁଏ ସ୍ୱର୍ଗରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ଏବଂ ଏହାହିଁ ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ । ଏହି ଲକ୍ଷ୍ୟ ସିଦ୍ଧିର ସାଧନା — ଅଭୀପ୍ସା, ସମର୍ପଣ, ପ୍ରତିକୂଳ ଅବସ୍ଥା, ଗତିବୃତ୍ତି ଏବଂ ପ୍ରତିକୂଳ କର୍ମର ତ୍ୟାଗ ।

ପ୍ରଶ୍ନ : ପୁରାତନ ଯୋଗର ପ୍ରବର୍ତ୍ତକ ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ, ନିମ୍ବାର୍କ ତଥା ଅନ୍ୟାନ୍ୟ ମହାପୁରୁଷମାନେ ନିଜ ମୁକ୍ତି ସକାଶେ ପ୍ରଯତ୍ନ କରି ନ ଥିଲେ, କରିଥିଲେ ସଂସାର ସକାଶେ ସେମାନଙ୍କ ଅଧ୍ୟାତ୍ମ ମାର୍ଗକୁ ଅନୁସରଣ କରି ସେମାନଙ୍କ ଆଶ୍ରୟରେ ହଜାର ହଜାର, ଲକ୍ଷ ଲକ୍ଷ, କୋଟି କୋଟି ବ୍ୟକ୍ତି ଜନ୍ମମରଣରୁ ମୁକ୍ତ ହୋଇ ଭବ-ସାଗରରୁ ତରିଯାଇଛନ୍ତି ଏବଂ ସେହି ସମୟରେ ସେମାନଙ୍କ ଦ୍ୱାରା ସଂସାରରେ ଶାନ୍ତି, ନ୍ୟାୟ ମଧ୍ୟ ସ୍ଥାପିତ ହୋଇଛି । ସଂସାରର ଉନ୍ନତିରେ ମହାନ୍ କାର୍ଯ୍ୟ କରିଥିବା ପୁରାତନ ଯୋଗକୁ ଆପଣ ବ୍ୟକ୍ତିଗତ ବୋଲି କହିବା କିପରି ଯୁକ୍ତିଯୁକ୍ତ ହୋଇପାରେ ?

ଉତ୍ତର : ପୁରାତନ ଯୋଗର ସାଧକମାନଙ୍କର ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ଦ୍ୱାରା ସଂସାରରେ ସାମୂହିକଭାବେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ହୋଇ ନ ଥିବାରୁ ବ୍ୟକ୍ତିଗତ ବୋଲି କୁହାହୋଇଛି, ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକମାନଙ୍କ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବା ଦ୍ୱାରା ସଂସାରରୁ ଦୁଃଖ-କଷ୍ଟ, ହିଂସା, ଯୁଦ୍ଧ ସ୍ଥାୟିଭାବେ ଦୂର ହୋଇ ସୁଖଶାନ୍ତି ସ୍ଥାୟିଭାବେ ପ୍ରତିଷ୍ଠା ହେବାର ଲକ୍ଷ୍ୟ ଥିବାରୁ ଏହାକୁ ସାମୂହିକ କୁହାହୋଇଛି । କିନ୍ତୁ ଭଗବାନଙ୍କର ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ନିତ୍ୟମୁକ୍ତ ବିଭୂତି ମହାନ୍ ଶକ୍ତିଶାଳୀ ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବାଚାର୍ଯ୍ୟ ତଥା ଅନ୍ୟାନ୍ୟ ମହାପୁରୁଷଙ୍କୁ ନିଜ ମୁକ୍ତି ସକାଶେ ସାଧନା କରିବା କଥା ବା ଏହି ଅଭିପ୍ରାୟରେ କୁହାହୋଇ ନାହିଁ ।

ସେମାନେ ସ୍ୱୟଂ ଭଗବାନ୍ ଏବଂ ଭଗବାନଙ୍କ ଅଂଶ । ଗୀତାବାକ୍ୟ ଅନୁସାରେ ସଂସାରରେ ଧର୍ମ ହାନି ହେଲେ ସେମାନେ ଧର୍ମର ପୁନରୁତ୍ଥାନ ସକାଶେ ଏହି ପୃଥିବୀକୁ ବାରଂବାର ଆସୁଥା'ନ୍ତି । କିନ୍ତୁ ସମୟ ଆସି ନ ଥିବାରୁ ସେମାନେ

ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ନ କରି ବ୍ୟକ୍ତିଗତ ମୁକ୍ତିର ମାର୍ଗ ପୁରାତନ ଯୋଗରେ ଦର୍ଶାଇଥିଲେ । ବର୍ତ୍ତମାନ ସମୟ ଆସିଥିବାରୁ ଶ୍ରୀମା ଶ୍ରୀଅରବିନ୍ଦ ବ୍ୟକ୍ତିର ରୂପାନ୍ତର, ଶରୀରରେ ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ସହିତ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠାର ମାର୍ଗ ଆବିଷ୍କାର କରିଛନ୍ତି ।

ପ୍ରଶ୍ନ : ଆପଣଙ୍କ କହିବାର ଅଭିପ୍ରାୟ, ପୁରାତନ ଯୋଗ ଅପେକ୍ଷା ଶ୍ରୀଅରବିନ୍ଦଙ୍କ ଯୋଗ ଶ୍ରେଷ୍ଠ ?

ଉତ୍ତର : ଏହା ମୋର ଅଭିପ୍ରାୟ ନୁହେଁ, ଆପଣଙ୍କର ନିଜର ଧାରଣା । ସଂସାର କ୍ରମବିକାଶ ଅନୁସାରେ ବିକାଶ ମାର୍ଗରେ ଗତିକରୁଛି । ଏହି ବିକାଶକୁ ଦ୍ରୁତତର କରିବା ସକାଶେ ଭଗବାନ୍ ସ୍ୱୟଂ ବିଭିନ୍ନ ରୂପରେ ଅବତାର ନେଇ ଅଥବା ନିଜ ବିଭୂତି ଦ୍ୱାରା କ୍ରମ-ବିକାଶକୁ ଅଗ୍ରସର କରାଉଛନ୍ତି । ଭଗବାନଙ୍କ ଛଡ଼ା ଅନ୍ୟ କାହାର ଯଦି ଏହି ସଂସାରର ବ୍ୟବସ୍ଥା ହୋଇଥାଆନ୍ତା ତେବେ ନିକୃଷ୍ଟ ଏବଂ ଶ୍ରେଷ୍ଠ କହିବାର ଅବକାଶ ଥାଆନ୍ତା । ସେହି ଏକହିଁ ଭଗବାନ୍ ସଂସାରର ରୂପ ହୋଇଛନ୍ତି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପେ କାର୍ଯ୍ୟ କରୁଛନ୍ତି । ସେହି ଏକହିଁ ଈଶ୍ୱରଙ୍କୁ ଏବଂ ତାଙ୍କ କାର୍ଯ୍ୟକୁ ବଡ଼ ସାନ କହିବା କେବଳ ଭ୍ରାନ୍ତ ଧାରଣା ଛଡ଼ା ଅନ୍ୟ କିଛି ନୁହେଁ ।

ପ୍ରଶ୍ନ : ଆପଣଙ୍କ କହିବା ଅନୁସାରେ ଯଦି ସଂସାରର ବିକାଶ ଭଗବାନଙ୍କ ସଂକଳ୍ପ ଏବଂ ବିଧାନରେ ହେଉଛି ତେବେ ପୂର୍ବ ମହାପୁରୁଷମାନେ ଏହି ସଂସାରକୁ ଆସି ସ୍ଥାୟୀ ପରିବର୍ତ୍ତନ କାହିଁକି କଲେ ନାହିଁ, ଶ୍ରୀଅରବିନ୍ଦ ଏବଂ ଶ୍ରୀମା ଆସି ଏହି କାର୍ଯ୍ୟ କାହିଁକି କରୁଛନ୍ତି ?

ଉତ୍ତର : ତା'ର ସମୟ ଆସି ନ ଥିଲା । ଶିଶୁଟିକୁ କଲେଜ ବିଦ୍ୟା ଶେଷ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ଦିଆହୁଏ, ବାଲ୍ୟ ଅବସ୍ଥାରେ କଲେଜର ଶିକ୍ଷା ଦିଆହୁଏ ନାହିଁ । ଠିକ୍ ସେହିପରି ସଂସାର ।

ଏପର୍ଯ୍ୟନ୍ତ ବିକାଶ ଚାଲିଥିଲା ଜଡ଼ରୁ ବୃକ୍ଷଲତା; ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟ ପର୍ଯ୍ୟନ୍ତ । ଜଡ଼ରୁ ମାନସ ଚେତନା ପର୍ଯ୍ୟନ୍ତ ଅଜ୍ଞାନର ସ୍ତର । ବିକାଶ ସକାଶେ ମୃତ୍ୟୁ, ରୋଗ, ଦୁଃଖ ଆବଶ୍ୟକ । ଅଜ୍ଞାନ ଅବସ୍ଥାରେ ବ୍ୟକ୍ତିକୁ ସୁଖଶାନ୍ତି,ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ସେ ରାକ୍ଷସ ହୋଇଯାଏ ଏବଂ ଆସୁରୀ ଶକ୍ତିର ଯନ୍ତ୍ର ହୋଇ ସଂସାରକୁ ଧ୍ୱଂସ କରେ । ଧ୍ୱଂସରୁ ରକ୍ଷା ତଥା ବିକାଶକୁ ଦ୍ରୁତ କରିବା ସକାଶେ ଭଗବାନ୍ ସ୍ୱୟଂ ଅବତାର ନିଅନ୍ତି ଅଥବା ତାଙ୍କରି ବିଧାନରେ ମହାପୁରୁଷମାନେ ପୃଥିବୀରେ ଧର୍ମର ବୃଦ୍ଧି କରନ୍ତି । କିନ୍ତୁ ବିକାଶ ସକାଶେ ଅଜ୍ଞାନର ଆବଶ୍ୟକ ଥିବାରୁ ତାହାର ରୂପାନ୍ତର କରିବାକୁ ପ୍ରୟାସ କରନ୍ତି ନାହିଁ ।

ବର୍ତ୍ତମାନ ସମୟ ଆସିଛି । ମନର ବିକାଶ ଶେଷ ହୋଇ ଯାଇଛି । ଏହା ପରେ ପୃଥିବୀରେ ଅତିମାନସ ବିଜ୍ଞାନ ପ୍ରତିଷ୍ଠା ହେବ । ଏହି କାର୍ଯ୍ୟ କରିବାକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି, ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ଅତିମାନସ ଶକ୍ତିର ଧର୍ମ ହେଉଛି ଆନନ୍ଦ, ଅମୃତତ୍ୱ । ପୃଥିବୀରେ ଏହି ଅତିମାନବ ସତ୍ୟ ପ୍ରତିଷ୍ଠା ହେଲେ ଅଜ୍ଞାନ ଶକ୍ତି ଏହାକୁ ଆଲୋକ ସମ୍ମୁଖରେ ଅନ୍ଧକାର ସଦୃଶ ସ୍ପର୍ଶ କରି ପାରିବ ନାହିଁ । ପୃଥିବୀରେ ସ୍ଥାୟୀରୂପେ ସତ୍ୟ, ନ୍ୟାୟ ପ୍ରତିଷ୍ଠା ହେବ ଏବଂ କ୍ରମଶଃ ବୃଦ୍ଧି ହେଉଥିବ । ଏହାର ହ୍ରାସ କେବେ ବି ହେବ ନାହିଁ ।

ପ୍ରଶ୍ନ : ଏହା ହେବ କିପରି ?

ଉତ୍ତର : ଏହି କାର୍ଯ୍ୟ କରୁଛନ୍ତି ଶ୍ରୀମା । ଶ୍ରୀମା ଶ୍ରୀଅରବିନ୍ଦ କଠୋର ତପସ୍ୟା ଦ୍ୱାରା ବିଶ୍ୱରେ ଶାସନ କରୁଥିବା ଆସୁରୀ ଶକ୍ତି ଓ ଅଜ୍ଞାନ ଅନ୍ଧକାର ସହିତ ମହାନ୍ ଯୁଦ୍ଧକରି ଅତିମାନସ ଶକ୍ତିର ଅବତରଣ ପଥ ନିର୍ମାଣ କଲେ ଏବଂ ସେହି ଶକ୍ତିକୁ ଏହି ପୃଥିବୀର ବାତାବରଣରେ ଅବତରଣ କରାଇବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ଏହି ପୃଥିବୀର ପ୍ରତିନିଧି ହୋଇ ପୃଥିବୀରେ କ୍ରିୟାଶୀଳ ଥିବା ହିଂସା, ଦ୍ୱେଷ, ସ୍ୱାର୍ଥାଦି ଅଜ୍ଞାନ ଶକ୍ତିକୁ ନିଜ ଶରୀରରେ ଗ୍ରହଣ କରି ଅତିମାନସ ଶକ୍ତିକୁ ୧୯୫୦ ସାଲରେ ଏହି ପୃଥିବୀର ବାତାବରଣରେ ଉତାରି ଆଣି ଶରୀର ତ୍ୟାଗ କଲେ । ସେହି ଶକ୍ତିକୁ ଧାରଣ କଲେ ମା' । ୧୯୫୬ ଫେବ୍ରୁଆରି ମାସ ୨୯ ତାରିଖରେ ସେହି ଶକ୍ତି ପୃଥିବୀରେ କ୍ରିୟାଶୀଳ ହୋଇଥିଲା । ପ୍ରତି ଚାରିବର୍ଷ ପରେ ଫେବ୍ରୁଆରି ୨୯ ତାରିଖରେ ଅତିମାନସ ପ୍ରକାଶର ଉତ୍ସବ ଆଶ୍ରମ ତଥା ଆଶ୍ରମର କେନ୍ଦ୍ରମାନଙ୍କରେ ପାଳିତ ହୁଏ । ସେହି ଶକ୍ତି ଦ୍ୱାରା ମା' ପୃଥିବୀର ପ୍ରତିନିଧି ହୋଇ ନିଜ ଶରୀର ତଥା ବିଶ୍ୱଶକ୍ତିର ରୂପାନ୍ତର କାର୍ଯ୍ୟ

କରୁଛନ୍ତି । କୌଣସି ବ୍ୟକ୍ତି ଅଭୀପ୍ସା (ନିଃସ୍ୱାର୍ଥଭାବେ ଚାହିଁବା), ମା'ଙ୍କୁ ସମର୍ପଣ, ପ୍ରତିକୂଳ ଗତିବୃତ୍ତିର କର୍ମକୁ ତ୍ୟାଗକଲେ ତାଙ୍କ ମଧ୍ୟରେ ବି ରୂପାନ୍ତର ହେବ । ବ୍ୟକ୍ତିକୁ କରିବାକୁ ହେବ ଅଭୀପ୍ସା, ସମର୍ପଣ ତଥା ପ୍ରତିକୂଳ କର୍ମର ତ୍ୟାଗ । ଏଥିରେହିଁ ହେବ ନିଜ ମନ-ପ୍ରାଣ-ଶରୀରର ଶୁଦ୍ଧି ବା ପ୍ରସ୍ତୁତି; ତେବେ ଏସବୁକୁ ରୂପାନ୍ତର କରିପାରିବ ଅତିମାନସ ଶକ୍ତି ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ଯଦି ବ୍ୟକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିପାରେ ତେବେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଉତାରି ଆଣି ଶରୀର ତ୍ୟାଗ କଲେ କାହିଁକି ?

ଉତ୍ତର : ପୃଥିବୀର ବ୍ୟକ୍ତି ଅତିମାନସ ଶକ୍ତିକୁ ଧାରଣ କରିବା ସକାଶେ ପ୍ରସ୍ତୁତ ନ ଥିଲେ ବୋଲି ।

ଅତିମାନସ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାକୁ ବହୁତ ବର୍ଷ ଲାଗେ । ଅତିମାନସ ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ ବ୍ୟକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିପାରେ ନାହିଁ । ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ନିଜ ଶରୀରକୁ ଉତ୍ସର୍ଗ କଲେ ।

ପୃଥିବୀର କେତେକ ଲୋକ ଯଦି ଅତିମାନସ ଶକ୍ତିକୁ ସଚେତଭାବେ ଚାହିଁଥାଆନ୍ତେ ଏବଂ ନିଜ ଭିତରେ ଥିବା ସ୍ୱାର୍ଥ ଅହଂକୁ କ୍ରିୟାଶୀଳ ହେବାକୁ ଦେଇ ନ ଥା'ନ୍ତେ ତେବେ ଅତିମାନସ ଶକ୍ତି ଅବତରଣ କରି ରୂପାନ୍ତର କ୍ରିୟା କରିପାରିଥା'ନ୍ତା । ମନୁଷ୍ୟ ମଧ୍ୟରେ ସ୍ୱାର୍ଥ, ହିଂସା ମୁକ୍ତରୂପେ କ୍ରିୟା କରୁଛି । ଅତିମାନସ ଶକ୍ତିର ଅବତରଣ ଫଳରେ ସେ ସବୁ ଅଦିବ୍ୟ ଶକ୍ତି ରୂପାନ୍ତରିତ ବା ଅତିମାନସ ଶକ୍ତିର ଅଧୀନସ୍ଥ ହେବାକୁ ଚାହାନ୍ତି ନାହିଁ । ଅତିମାନସ ଶକ୍ତିର ଅବତରଣ ବ୍ୟର୍ଥ କରିବା ସକାଶେ ସେହି ଅହଂ, ସ୍ୱାର୍ଥ, ହିଂସାଦି ଅଜ୍ଞାନ ଶକ୍ତି ସାମନାକୁ ଆସି ଥା'ନ୍ତେ । ତା' ଫଳରେ ସଂସାରରେ ଯୁଦ୍ଧ ହୋଇ ସଂସାର ଧ୍ୱଂସ ହୋଇ ଥା'ନ୍ତା । ସଂସାରକୁ ଧ୍ୱଂସମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ବିଶ୍ୱର ଏହିସବୁ ଅଜ୍ଞାନ ଶକ୍ତିକୁ ନିଜ ଶରୀରରେ ଗ୍ରହଣ କଲେ ତଥା ଶରୀର ତ୍ୟାଗକଲେ ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଲେ — ଯେଉଁ ଶକ୍ତିକୁ ମା' ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଛନ୍ତି ।

ପ୍ରଶ୍ନ : ଆମର ଗୁରୁ ଅଛନ୍ତି । ଆମ୍ଭେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରୁ ତେବେ ଆମ୍ଭଙ୍କୁ ନିଜ ଗୁରୁ ତ୍ୟାଗ କରିବାକୁ ହେବ । ଗୁରୁ ତ୍ୟାଗ କରିବା ଶାସ୍ତ୍ରରେ ମହାନ୍ ଅପରାଧ ବୋଲି କୁହା ହୋଇଛି । ଏହାର ସମାଧାନ କ'ଣ ?

ଉତ୍ତର : ଏହାର ସମାଧାନ ହେଉଛି କେଉଁ ସକାଶେ ଗୁରୁଙ୍କ ଆଶ୍ରୟ ନିଆହୁଏ, ତାହାରି ଉପରେ । ଯଦି ଗୁରୁ ଗ୍ରହଣ କରିବାର ଉଦ୍ଦେଶ୍ୟ ଭଗବତ୍ ପ୍ରାପ୍ତି ହୁଏ ତେବେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ କୌଣସି ଦୋଷ ହୁଏ ନାହିଁ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଭଗବାନଙ୍କ ସଚ୍ଚିଦାନନ୍ଦ ସ୍ୱରୂପ ଉପଲବ୍ଧ ହୁଏ । ଭଗବତ୍ ପ୍ରାପ୍ତି ମାର୍ଗରେ ବହୁତ ଗୁରୁଙ୍କଠାରୁ ସାହାଯ୍ୟ ନେବାକୁ ହୁଏ । ଯେଉଁ ସିଦ୍ଧ ଗୁରୁ ଜୀବିତ ଅବସ୍ଥାରେ ଶିଷ୍ୟକୁ ଲକ୍ଷ୍ୟରେ ପହୁଞ୍ଚାଇ ଦେଇଥା'ନ୍ତି, ସେମାନଙ୍କ ଛଡ଼ା ସମସ୍ତ ସାଧକଙ୍କୁ ଅନ୍ୟ ଗୁରୁଙ୍କଠାରୁ ଶିକ୍ଷା ନେବାକୁ ହୁଏ । ଯେତେ ଯେତେ ବଡ଼ ବଡ଼ ମହାପୁରୁଷ ମହାତ୍ମା ହୋଇଛନ୍ତି ସେମାନେ ଏକରୁ ଅଧିକ ଗୁରୁ ଅବଶ୍ୟ ଗ୍ରହଣ କରିଛନ୍ତି । ଚୈତନ୍ୟ ମହାପ୍ରଭୁଙ୍କର ଥିଲେ ଈଶ୍ୱରପୁରୀ ଏବଂ କେଶବଭାରତୀ ଦୁଇଟି ଗୁରୁ, ଶ୍ରୀରାମକୃଷ୍ଣ ପରମହଂସଙ୍କର ଗୁରୁ ମା' କାଳୀ, ତୋତାପୁରୀ ଏବଂ ଭୈରବୀ । ମହାତ୍ମା ନିଗମାନନ୍ଦଙ୍କର ଯୋଗିଗୁରୁ, ଭକ୍ତଗୁରୁ ତଥା ତନ୍ତ୍ରଗୁରୁ । ଅବଧୂତଙ୍କର ଚବିଶ ଗୁରୁ । ଭଗବାନ୍ ଶ୍ରୀରାମଙ୍କର ବଶିଷ୍ଠ ତଥା ବିଶ୍ୱାମିତ୍ର ଦୁଇ ଗୁରୁ । ଶ୍ରୀକୃଷ୍ଣଙ୍କର ତିନି ଗୁରୁ ।

ଦ୍ୱୈତ ସାଧନା, ଯଥା — ବୈଷ୍ଣବ, ତନ୍ତ୍ର ଏବଂ ଅନ୍ୟାନ୍ୟ ପଛାବଲମ୍ବୀ, ଯେଉଁମାନେ ଭଗବାନଙ୍କୁ ସଗୁଣରୂପେ ଉପାସନା କରନ୍ତି ସେମାନଙ୍କୁ ଦୀକ୍ଷାଗୁରୁ ତଥା ଶିକ୍ଷାଗୁରୁ ଏହିପରି ଦୁଇଟି ଗୁରୁଙ୍କ ଆଶ୍ରୟ ନେବାକୁ ହୁଏ । ଦୀକ୍ଷାଗୁରୁ ଅର୍ଥ — ଶିଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଗୁରୁଙ୍କ ଆଶ୍ରୟ ନେଲେ ଗୁରୁ ତାଙ୍କୁ ପଞ୍ଚ ସଂସ୍କାର ସହିତ ମନ୍ତ୍ରଦୀକ୍ଷା ଉପଦେଶ ଦିଅନ୍ତି । ଶିଷ୍ୟର ସେସମୟରେ ଭଗବତ୍ ପ୍ରାପ୍ତିର ଆବଶ୍ୟକ ଜ୍ଞାନ ପ୍ରାପ୍ତ କରିବା ସକାଶେ ମନ, ପ୍ରାଣ ଶୁଦ୍ଧ ହୋଇ ନ ଥାଏ । ଗୁରୁଙ୍କ ଉପଦିଷ୍ଟ ମାର୍ଗରେ ସାଧନା ଦ୍ୱାରା କ୍ରମଶଃ ତା'ର ମନ, ପ୍ରାଣ ଶୁଦ୍ଧ ହୁଏ । ତେବେ ସେ ଭଗବତ୍ ସମ୍ବନ୍ଧର ଅଧିକାରୀ ହୁଏ । ଯଦି ସେସମୟରେ ଗୁରୁ ଜୀବିତ ଥା'ନ୍ତି ତେବେ ନଜେ ଶିଷ୍ୟକୁ ତା'ର ସ୍ୱଭାବ

ଅନୁସାରେ ପଞ୍ଚରସ ମଧ୍ୟରୁ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ତଥା ଶାନ୍ତରସର ସମ୍ବନ୍ଧ ଦିଅନ୍ତି । ଯଦି ଗୁରୁ ସ୍ଥୂଳ ଶରୀରରେ ବିଦ୍ୟମାନ ନ ଥା'ନ୍ତି କିଂବା ଗୁରୁ ରସର ଯେଉଁ ଉପାସକ ଶିଷ୍ୟର ସ୍ୱଭାବ ଅନୁସାରେ ସେହି ଅନୁକୂଳ ନ ହୁଏ, ତେବେ ଶିଷ୍ୟ ଅନ୍ୟଗୁରୁଙ୍କଠାରୁ ଏହି ରସ-ସମ୍ବନ୍ଧ ନେଇପାରେ । ଓଡ଼ିଆ ଅଧ୍ୟାତ୍ମ ସାହିତ୍ୟରେ ଦୀକ୍ଷାଗୁରୁ ତଥା ଶିକ୍ଷାଗୁରୁ ନାମରେ ଦୁଇ ଗୁରୁବାଦ ବିଶେଷ ପ୍ରଚଳିତ ଅଛି । ଏହାଛଡ଼ା ଯଦି କୌଣସି ଶିଷ୍ୟ ଉକ୍ତ ଗୁରୁଙ୍କଠାରୁ ଜପ, ଧ୍ୟାନ, ମାନସ ପୂଜାର ଉପଦେଶ ନେବା ପରେ ଯୌଗିକ କ୍ରିୟା ଦ୍ୱାରା ଭଗବତ୍ ପ୍ରାପ୍ତି କରିବାକୁ ଚାହେଁ ତେବେ ସେ ଅନ୍ୟ ଗୁରୁଙ୍କଠାରୁ ଉପଦେଶ ନେଇପାରେ । ଏହା ଏକେବାରେ ପ୍ରତ୍ୟକ୍ଷ ଘଟନା । ଏହାକୁ କୌଣସି ବ୍ୟକ୍ତି କୌଣସି ଯୁକ୍ତିରେ ଅସ୍ୱୀକାର କରିପାରିବ ନାହିଁ ।

ନିର୍ଗୁଣ ଉପାସନା-ମାର୍ଗରେ ଶରୀର, ସଂସାର ସବୁ ମିଥ୍ୟା, ବ୍ରହ୍ମ କେବଳ ସତ୍ୟ । ଆମେ ଯେଉଁ ମନ, ପ୍ରାଣ, ଶରୀରକୁ ଆମର ବା ଆମେ ବୋଲି କହୁଛୁ ତାହା ସବୁ ମିଥ୍ୟା ମାୟା । ଏହାକୁ ବାଦ୍ ଦେଲେ ଯାହା ରହେ ତାହାହିଁ ସତ୍ୟ ଏବଂ ସେହିଁ ବ୍ରହ୍ମ । ଏହି ସିଦ୍ଧାନ୍ତ ନିର୍ଗୁଣବାଦୀମାନଙ୍କର ।

ଏହି ନିର୍ଗୁଣ ବ୍ରହ୍ମ କେବଳ ଏକ ଆମେ ତାଙ୍କଠାରୁ ପୃଥକ୍ ନୋହୁଁ । ଆମେହିଁ ସେହି ବ୍ରହ୍ମ । ଏହି ସିଦ୍ଧାନ୍ତ ନିର୍ଗୁଣବାଦୀଙ୍କର । ଏହି ସିଦ୍ଧି ଦୀକ୍ଷାନେବା ମାତ୍ରେ ପ୍ରାପ୍ତ ହୁଏ ନାହିଁ । ଏହି ସିଦ୍ଧିର ଦୁଇଟି ସାଧନାମାର୍ଗ – ଗୋଟିଏ କେବଳ ବିଚାର, ଅନ୍ୟଟି ଚିତ୍ତଶୁଦ୍ଧି ସକାଶେ ଭକ୍ତି ଅଥବା ଯୋଗ । ଅଦ୍ୱୈତ ସାଧକମାନେ ନିଜ ନିଜ ରୁଚି ଅନୁସାରେ ଏକ ଗୁରୁଙ୍କଠାରୁ ଚିତ୍ତଶୁଦ୍ଧି ସକାଶେ ଅଥବା ଲକ୍ଷ୍ୟ ସିଦ୍ଧି ସକାଶେ ଅନ୍ୟ ଗୁରୁଙ୍କଠାରୁ ଭକ୍ତି କିଂବା ଯୋଗ ଶିକ୍ଷା ଗ୍ରହଣ କରନ୍ତି । ବହୁତ ସାଧକ ଦୀକ୍ଷା ଗ୍ରହଣ କରନ୍ତି ଗୋଟିଏ ଗୁରୁଙ୍କଠାରୁ, ଲକ୍ଷ୍ୟସିଦ୍ଧି ପର୍ଯ୍ୟନ୍ତ ସମୀପରେ ରହି ଅଧ୍ୟାତ୍ମ ଶିକ୍ଷା ଗ୍ରହଣ କରନ୍ତି ଅନ୍ୟ ଗୁରୁଙ୍କଠାରୁ । ଏହି ଉଦାହରଣ ଗୋଟିଏ ନୁହେଁ ଲକ୍ଷ ଲକ୍ଷ ବିଦ୍ୟମାନ ଅଛି ।

ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ନ ଥାଏ କେବଳ ଗୁରୁ ଗ୍ରହଣ କରିବା ଲକ୍ଷ୍ୟ, ସେମାନେ ଗୁରୁ ଗ୍ରହଣକରି ସନ୍ତୋଷରେ ଥାଆନ୍ତି । ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି କରିବା ଲକ୍ଷ୍ୟଥାଏ, ସେମାନେ ଭଗବତ୍ ପ୍ରାପ୍ତି ମାର୍ଗରେ ଆବଶ୍ୟକ ଅନୁସାରେ ଗୁରୁ ଗ୍ରହଣ କରନ୍ତି । ଭଗବତ୍ ପ୍ରାପ୍ତି ମାର୍ଗରେ ଯେ ଜ୍ଞାନ ଦିଅନ୍ତି ସେହି ହେଉଛନ୍ତି ଗୁରୁ ।

ପ୍ରଶ୍ନ : ଆପଣ କହିଲେ, ''ଭଗବତ୍ ପ୍ରାପ୍ତି ପୂର୍ବରୁ ଯେଉଁମାନଙ୍କ ଗୁରୁ ଶରୀର ତ୍ୟାଗ କରିଥା'ନ୍ତି ସେମାନଙ୍କୁ ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ଅନ୍ୟ ଗୁରୁଙ୍କ ସାହାଯ୍ୟ ଆବଶ୍ୟକ ହୁଏ ।'' ଗୁରୁଙ୍କ ଶରୀର ନ ଥାଏ କିନ୍ତୁ ତାଙ୍କ ଆତ୍ମା ଅମର, ଆମେ ଗୁରୁଙ୍କ ପ୍ରତି ଦୃଢ଼ ବିଶ୍ୱାସ ରଖିଲେ ତାଙ୍କ ଆତ୍ମା ଆମକୁ ପରିଚାଳିତ କରିବ ନାହିଁ କି ?

ଉତ୍ତର : ଯେଉଁମାନଙ୍କର ଏପରି ଆତ୍ମବିଶ୍ୱାସ ଅଛି ସେମାନେ ନିଜ ଆତ୍ମାଠାରୁ ପ୍ରେରଣା ପାଇପାରନ୍ତେ, ଗୁରୁଙ୍କ ପାଖକୁ ଯିବା ଆବଶ୍ୟକ ହୁଅନ୍ତା ନାହିଁ । ନିଜ ଆତ୍ମା ଏବଂ ଗୁରୁଙ୍କ ଆତ୍ମାରେ କୌଣସି ପ୍ରଭେଦ ନାହିଁ, ଏକତତ୍ତ୍ୱ । ନିଜ ଆତ୍ମାରେ ଯଦି ବିଶ୍ୱାସ ନାହିଁ, ନିଜ ଆତ୍ମାର ପ୍ରେରଣା ପାଇ ପାରୁ ନ ଥା'ନ୍ତି, ଗୁରୁଙ୍କ ଆତ୍ମାରେ ବିଶ୍ୱାସ କରିବା କେତେଦୂର ଯୁକ୍ତିଯୁକ୍ତ ? ତା'ଛଡ଼ା ଗୁରୁଙ୍କ ଆତ୍ମାର ପ୍ରେରଣାରେ ସାଧନାମାର୍ଗରେ ଅଗ୍ରସର ହେବାର ଆଶା କେବଳ ମାନସିକ ଅହିଂସା, ମାନସିକ ସମତା ବା ସାମ୍ୟ ସଦୃଶ ସିଦ୍ଧାନ୍ତିକ ଅଥବା ବାକ୍ୟରେ କହିବା ହୋଇପାରେ, କିନ୍ତୁ ସାଧାରଣତଃ କାର୍ଯ୍ୟରେ ଦେଖାଯାଏ ନାହିଁ ।

ପ୍ରଶ୍ନ : ଆପଣଙ୍କ ଉତ୍ତରରୁ ସ୍ପଷ୍ଟ ହେଲା, ଗୁରୁଙ୍କ ସ୍ଥୂଳ ଉପଦେଶ ଏବଂ ନିର୍ଦ୍ଦେଶ ଆବଶ୍ୟକ । ଏହି ସୁବିଧା ଆମେ ମା'ଙ୍କଠାରୁ ପାଇପାରିବା ନାହିଁ । ମା'ଙ୍କ ପାଖକୁ ଯାଇ ପ୍ରଣାମ କରିବାର ସୁଯୋଗ ମଧ୍ୟ ନାହିଁ, ପୁଣି ଉପଦେଶ, ନିର୍ଦ୍ଦେଶ ପାଇବା ତ ଦୂରର କଥା । ତେବେ ମା'ଙ୍କୁ ଆତ୍ମ-ସମର୍ପଣ କଲେ ସାଧନାରେ ସାହାଯ୍ୟ ପାଇବୁ କିପରି ?

ଉତ୍ତର : ପ୍ରଣାମ କରିବା ସକାଶେ ମା'ଙ୍କ ସମୀପକୁ ନ ଯାଇ ବହୁଦୂରରେ ଥାଇ ମା'ଙ୍କୁ ସ୍ମରଣ, ସମର୍ପଣ କରିବା ଦ୍ୱାରା ମା'ଙ୍କ ସାହାଯ୍ୟ ପୂର୍ଣ୍ଣରୂପେ ପାଇପାରିବେ; କାରଣ ରୂପାନ୍ତରକାରୀ ମହାନ୍ ଅତିମାନସ ଶକ୍ତିକୁ ମା' ଧାରଣ କରି ସ୍ଥୂଳ ଶରୀରରେ ଏହି ପୃଥିବୀରେ ବିଦ୍ୟମାନ ଅଛନ୍ତି ।

କିଛି ଶିଷ୍ୟଙ୍କୁ ନିର୍ବାଣ, ମୁକ୍ତି, ଭଗବତ୍ ପ୍ରାପ୍ତି କରାଇବା କାର୍ଯ୍ୟ ମା'ଙ୍କର ନୁହେଁ । ସେହି ସକାଶେ ସ୍ଥୂଳରୂପେ

ଶିଷ୍ୟକୁ ନିର୍ଦ୍ଦେଶ ଦେବା ମା'ଙ୍କର ଆବଶ୍ୟକ ହୁଏ ନାହିଁ । ମା'ଙ୍କ କାର୍ଯ୍ୟ ଏହି ପୃଥିବୀରେ ସର୍ବଜ୍ଞାନସମ୍ପନ୍ନ ଅତିମାନବ ଜାତି ପ୍ରତିଷ୍ଠା କରିବା । ଶିଷ୍ୟକୁ ସ୍ଥୂଳ ନିର୍ଦ୍ଦେଶ ଦେବା ଦ୍ୱାରା ଏହା ସିଦ୍ଧ ହୁଏ ନାହିଁ, ହୁଏ ଅତିମାନସ ଶକ୍ତି ଦ୍ୱାରା । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର ସାଧନା କରୁଛନ୍ତି । ମା'ଙ୍କର ରୂପାନ୍ତର କ୍ରିୟା ହେଉଛି ସ୍ଥୂଳ ଜଡ଼ ଶରୀର ଏବଂ ସ୍ଥୂଳ ପୃଥିବୀରେ । ବ୍ୟକ୍ତି ମା'ଙ୍କୁ ନିଜ ମନ-ପ୍ରାଣ-ଶରୀର ଏବଂ କର୍ମ ସମର୍ପଣ କଲେ ତା' ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରିପାରିବ । ଏହା ହେବ ମା'ଙ୍କ ଉପରେ ବିଶ୍ୱାସ ରଖିଲେ । ପ୍ରାଥମିକ ସାଧନା ସକାଶେ, ଜୀବନର ଲକ୍ଷ୍ୟ ଏବଂ ସାଧନା ଜାଣିବା ସକାଶେ ଲିଖିତ ଗ୍ରନ୍ଥ ପ୍ରସ୍ତୁତ କରାହୋଇଛି । ଆନ୍ତରିକ ପରିଚାଳନା ତଥା ରୂପାନ୍ତର ସକାଶେ ଅତିମାନସ ଶକ୍ତି ବିଦ୍ୟମାନ ଅଛି । ଏହି କାରଣରୁ ମା'ଙ୍କ ସ୍ଥୂଳ ନିର୍ଦ୍ଦେଶର ଆବଶ୍ୟକତା ନାହିଁ ।

ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ । କିନ୍ତୁ ନିଜ ଗୁରୁଙ୍କୁ ଛାଡ଼ି ଅନ୍ୟ ଗୁରୁ ଗ୍ରହଣ କରିବାକୁ କେତେକ ବ୍ୟକ୍ତି ନିଷେଧ କରନ୍ତି କାହିଁକି ? ଶାସ୍ତ୍ର ବିରୋଧ କରେ କାହିଁକି ?

ଉତ୍ତର : ଅନ୍ୟ ଗୁରୁ ଗ୍ରହଣ କରିବାକୁ ବିରୋଧ କରନ୍ତି ଦୁଇପ୍ରକାର ବ୍ୟକ୍ତି । ଗୋଟିଏ ଶ୍ରେଣୀର ବ୍ୟକ୍ତି ଯେଉଁମାନେ ଗୁରୁଙ୍କ ଅର୍ଥ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧେ ଗଭୀରଭାବେ ବିଚାର କରି ନ ଥା'ନ୍ତି । ଅନ୍ୟ ଶ୍ରେଣୀର ବ୍ୟକ୍ତି ଗୁରୁବାଦର ପକ୍ଷପାତୀ । ସେମାନେ ଶିଷ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଚାହାନ୍ତି । ଏହି ମନୋଭାବ ଯୋଗୁଁ ଶାସ୍ତ୍ରର ରହସ୍ୟ ଜାଣିବାକୁ ନ ଚାହିଁ ଅନ୍ୟ ଗୁରୁ ଗ୍ରହଣ କରିବା ଶାସ୍ତ୍ର ନିଷେଧ କରିଛି ବୋଲି କହନ୍ତି ।

ପ୍ରଶ୍ନ : ଅନ୍ୟ ଗୁରୁ ଗ୍ରହଣ ନ କରିବାକୁ ଶାସ୍ତ୍ର ନିଷେଧ କରିଛି କାହିଁକି ?

ଉତ୍ତର : ବାସନା କାମନାରେ ମୋହିତ ବ୍ୟକ୍ତିଙ୍କ ଗୁରୁନିଷ୍ଠା ଦୃଢ଼ କରିବା ସକାଶେ ।

ଯେଉଁମାନଙ୍କର ଆତ୍ମା କିଛି ଅଂଶରେ ଜାଗ୍ରତ୍ ହୋଇଥାଏ କିନ୍ତୁ ମନ-ପ୍ରାଣ କାମନା ବାସନାରେ ପୂର୍ଣ୍ଣ ହୋଇଥାଏ, ବିବେକ ଉତ୍ପନ୍ନ ହୋଇ ନ ଥାଏ, ସେମାନେ ରୋଗ ଦୂର କରିବା, ମୋକଦ୍ଦମାରେ ଜିତେଇଦେବା, ଭୂତ ଭବିଷ୍ୟଦ୍‌ବାଣୀ କହିଦେବା ବ୍ୟକ୍ତିଙ୍କ ଚମତ୍କାରିତା ଦେଖି ନିଜ ଗୁରୁ ଅପେକ୍ଷା ଶ୍ରେଷ୍ଠ ମାନି ନିଜ ଗୁରୁଙ୍କୁ ଛାଡ଼ି ତାଙ୍କର ଶିଷ୍ୟ ହୁଅନ୍ତି । ଏଥିରେ ଗୁରୁଙ୍କ ପ୍ରତି ନିଷ୍ଠା ରହେ ନାହିଁ । ନିଷ୍ଠା ବିନା ଶ୍ରଦ୍ଧା ବିଶ୍ୱାସ ଉତ୍ପନ୍ନ ହେବା ସମ୍ଭବ ନୁହେଁ । ଶ୍ରଦ୍ଧା, ବିଶ୍ୱାସ, ନିଷ୍ଠା ବିନା ଶିଷ୍ୟ ଗୁରୁଙ୍କ ସାହାଯ୍ୟ ଗ୍ରହଣ କରିପାରେ ନାହିଁ । ଗୁରୁଙ୍କ ବାହ୍ୟ ତଥା ଆନ୍ତରିକ ସାହାଯ୍ୟ ବିନା ଭଗବତ୍ ପ୍ରାପ୍ତି ସମ୍ଭବ ନୁହେଁ । ଏହିପରି ବ୍ୟକ୍ତିଙ୍କ ଗୁରୁନିଷ୍ଠା ଦୃଢ଼ କରିବା ସକାଶେ ଅନ୍ୟ ଗୁରୁ ଗ୍ରହଣ କରିବାକୁ ଶାସ୍ତ୍ର ନିଷେଧ କରିଛି । ଯେଉଁମାନେ ଯଥାର୍ଥରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଗ୍ରହଣ କରିଥା'ନ୍ତି ସେମାନଙ୍କ ସକାଶେ ଶାସ୍ତ୍ର କଦାପି ମନା କରି ନାହିଁ । ଶାସ୍ତ୍ରପ୍ରଣେତା ଋଷି, ମୁନି, ଆଚାର୍ଯ୍ୟ, ମହାପୁରୁଷମାନେ ଭଗବତ୍ ପ୍ରାପ୍ତି ମାର୍ଗରେ ଗୁରୁଙ୍କ ଛଡ଼ା ଅନ୍ୟ ବହୁ ଋଷି ମୁନିଙ୍କଠାରୁ ସାହାଯ୍ୟ ନେଇଅଛନ୍ତି । ଜଣେ ଗୁରୁ ବ୍ୟତୀତ ଅନ୍ୟ ଗୁରୁ ଗ୍ରହଣ କରିବାକୁ ଶାସ୍ତ୍ର ଯଦି ତୁମ ଧାରଣା ଅନୁସାରେ ନିଷେଧ କରିଥା'ନ୍ତା ତେବେ ଜଣେ ଉକ୍ତ ଗୁରୁଙ୍କ ଶିଷ୍ୟ ନିଜ ପ୍ରକୃତି ବା ଆତ୍ମାର ଅଭୀପ୍ସା ଅନୁସାରେ ସେ ଅନ୍ୟ ଗୁରୁଙ୍କଠାରୁ ଯୋଗ ଗ୍ରହଣ କରି ନ ଥା'ନ୍ତେ କିଂବା ଅନ୍ୟ ଅଧ୍ୟାତ୍ମ ଶିକ୍ଷାରୁ ବଞ୍ଚିତ ହୋଇଥା'ନ୍ତେ । ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି ପୂର୍ବରୁ ତାଙ୍କ ଗୁରୁ ଶରୀର ତ୍ୟାଗ କରନ୍ତି ସେମାନେ ଭଗବତ୍ ପ୍ରାପ୍ତି ଆଶାରୁ ବିରତ ରହିଥା'ନ୍ତେ । ଏପରି ହୋଇ ନାହିଁ, ପୂର୍ବେ ଏବଂ ବର୍ତ୍ତମାନ ବହୁତ ସଚ୍ଚ ମହାତ୍ମା ଅନେକ ସିଦ୍ଧ ସଚ୍ଚଙ୍କଠାରୁ ସାହାଯ୍ୟ, ଉପଦେଶ ଏବଂ ଶିକ୍ଷା ନେଇଅଛନ୍ତି ତଥା ଶିକ୍ଷାଗୁରୁ ରୂପେ ଗ୍ରହଣ କରି ଶେଷ ଜୀବନ ଅବଧି ତାଙ୍କ ସେବାରେ ରହିଛନ୍ତି । ବୈଷ୍ଣବ ଭାଷାରେ ଏମାନଙ୍କୁ କୁହାଯାଏ 'ସାଦିକ' ଶିଷ୍ୟ ଅର୍ଥାତ୍ ସାଧକ ଶିଷ୍ୟ ରୂପେ ପ୍ରାପ୍ତ ।

ଗୁରୁ ଗ୍ରହଣ କରିବା ପ୍ରଶ୍ନ ଉଠିପାରେ କେବଳ ପୁରାତନ ଯୋଗ ସକାଶେ । ଶ୍ରୀଅରବିନ୍ଦଙ୍କ ଯୋଗ ସକାଶେ ଏହି ପ୍ରଶ୍ନ କଦାପି ଉଠିପାରେ ନାହିଁ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ସିଦ୍ଧି ତଥା ସମସ୍ତ ପୁରାତନ ଯୋଗର ସମନ୍ୱୟ ହୁଏ । ପ୍ରତ୍ୟକ୍ଷରୂପେ ବୈଷ୍ଣବ, ସନ୍ନ୍ୟାସୀ, ଜୈନ, ବୌଦ୍ଧ, ଖ୍ରୀଷ୍ଟିଆନ, ଇସ୍‌ଲାମ୍ ଆଦି ବହୁ ଧର୍ମାବଲମ୍ବୀ, ବହୁ ଧର୍ମ ସମ୍ପ୍ରଦାୟର ସାଧକ ଆଶ୍ରମରେ ରହି ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା କରୁଛନ୍ତି ।

ପ୍ରତ୍ୟେକ ମନୁଷ୍ୟ – ଆବାଳ ବୃଦ୍ଧ ବନିତା – ସମସ୍ତ ବ୍ୟକ୍ତି ଚାହାନ୍ତି ଦୁଃଖରହିତ ପରମ ସୁଖ, ଅଶାନ୍ତି ବିହୀନ

ପରମ ଶାନ୍ତି, ରୋଗ ଜରା ମୃତ୍ୟୁରୁ ମୁକ୍ତ ଅମରତ୍ୱ । କୌଣସି ବ୍ୟକ୍ତି ଦୁଃଖ, ଅଶାନ୍ତି, ରୋଗ, ଜରା, ମୃତ୍ୟୁ କଦାପି ଚାହେଁ ନାହିଁ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ପୁରାତନ କେତେକ ଯୋଗରେ ଭଗବାନଙ୍କ ସଗୁଣ ରୂପ ଉପଲବ୍ଧି କରାହୁଏ; ଆଉ କେତେକ ଯୋଗରେ ନିର୍ଗୁଣ ତତ୍ତ୍ୱରେ ସାଧକ ଏକତ୍ୱ ପ୍ରାପ୍ତ ହୁଏ । ଏହି ଭିନ୍ନ ଭିନ୍ନ ଉପଲବ୍ଧି ଯୋଗୁଁ ବିରୁଦ୍ଧ ମତବାଦ ସୃଷ୍ଟି ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ଯୋଗର ଲକ୍ଷ୍ୟ ସଗୁଣ ବ୍ରହ୍ମ ପ୍ରାପ୍ତି ତଥା ନିର୍ଗୁଣ ଉପଲବ୍ଧି ହୁଏ; ଏବଂ ଏହି ଏକହିଁ ସଙ୍ଗେ ଉଭୟ ଧର୍ତ୍ତା ସଚ୍ଚିଦାନନ୍ଦ ପୁରୁଷୋତ୍ତମ ପରଂବ୍ରହ୍ମ ବି ଉପଲବ୍ଧି ହୁଏ । ଏହି କାରଣରୁ ବିରୁଦ୍ଧ ମତବାଦର ସମନ୍ୱୟ ହୁଏ ।

ପ୍ରଶ୍ନ : ପୁରାତନ ଯୋଗରେ ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୁଏ ନାହିଁ, ଶ୍ରୀଅରବିନ୍ଦଙ୍କ ଯୋଗରେ ହୁଏ, ଏହାର ପ୍ରମାଣ କ'ଣ ?

ଉତ୍ତର : ପୁରାତନ ଯୋଗରେ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୋଇ ନାହିଁ – ଏହାର ପ୍ରମାଣ ହେଉଛି ସେମାନଙ୍କ ଦର୍ଶନ ଶାସ୍ତ୍ରରେ ମତଭେଦ ରହିଅଛି ଏବଂ ସେମାନେ ଶରୀର ରୂପାନ୍ତର, ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ସନ୍ଧାନ ପାଇ ନାହାନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ସଚ୍ଚିଦାନନ୍ଦତ୍ୱ ଉପଲବ୍ଧ ହେବାର ପ୍ରମାଣ ହେଉଛି ଏହି ଯୋଗରେ ଶରୀର ରୂପାନ୍ତର ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ସନ୍ଧାନ ପ୍ରାପ୍ତ ହୋଇଛି ଏବଂ ଏହାକୁ ଲକ୍ଷ୍ୟରୂପେ ଗ୍ରହଣ କରାଯାଇଛି । ଏହି କାରଣରୁ ଏହି ଯୋଗରେ ପୁରାତନ ଯୋଗର ଦାର୍ଶନିକ ବିରୁଦ୍ଧ ମତବାଦ ସମନ୍ୱୟ କରାହୋଇଛି ।

ଅତିମାନସ ଚେତନାର ଗୁଣ ଧର୍ମ ହେଉଛି ଅସୀମ ଜ୍ଞାନ, ଅନନ୍ତ ଆନନ୍ଦ, ଅଫୁରନ୍ତ ଶକ୍ତି । ସେଥିରେ ବ୍ରହ୍ମଙ୍କ ସାକାର, ନିରାକାର ଉଭୟ ସ୍ୱରୂପ ଏକହିଁ ସଙ୍ଗେ ପ୍ରାପ୍ତ ହୁଏ ଏବଂ ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର, ରୋଗ, ଜରା, ମୃତ୍ୟୁରୁ ମୁକ୍ତ ଦିବ୍ୟ ଜୀବନ ରହସ୍ୟ ଉଦ୍‌ଘାଟନ ହୁଏ । ପୁରାତନ ଯୋଗୀମାନେ ଅତିମାନସ ଚେତନାରେ ସଚ୍ଚିଦାନନ୍ଦ ପ୍ରାପ୍ତ କରି ନ ଥିବାରୁ ସେମାନଙ୍କ ପାଖରେ ଏହି ରହସ୍ୟ ଆବୃତ ରହିଥାଏ ।

ପ୍ରଶ୍ନ : ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ କୌଣସି ମୁନି-ଋଷି ମହାପୁରୁଷଙ୍କର ସଚ୍ଚିଦାନନ୍ଦ ଉପଲବ୍ଧି ହୋଇ ନାହିଁ ?

ଉତ୍ତର : ଶ୍ରୀଅରବିନ୍ଦ କହିଛନ୍ତି, ଅଳ୍ପ କେତେକ ମୁନି, ଋଷି ଅତିମାନସ ଚେତନାରେ ଆରୋହଣ କରି ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଛନ୍ତି । କିନ୍ତୁ ସମୟ ଆସି ନ ଥିବାରୁ ସେହି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ପାର୍ଥିବ ଶରୀରକୁ ରୂପାନ୍ତର କରିବାକୁ ପ୍ରୟାସ କରି ନାହାନ୍ତି । ଯେଉଁ ଅଳ୍ପ କେତେକ ସାଧକ ଅତିମାନସ ଚେତନାରେ ଆରୋହଣ ନ କରି କେବଳ ମନ-ପ୍ରାଣ-ଶରୀର ସମ୍ବନ୍ଧ ବିଚ୍ଛେଦ କରି ସଚ୍ଚିଦାନନ୍ଦ ଚେତନା ପ୍ରାପ୍ତ ହୋଇଛନ୍ତି ସେମାନଙ୍କ ପାଖରେ ଏହି ରୂପାନ୍ତର ରହସ୍ୟାବୃତ ରହିଅଛି ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗରେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧ ହୁଏ, ଏହା ଠିକ୍ କିନ୍ତୁ ଏହାର ସାଧନା-ପ୍ରଣାଳୀ କ'ଣ ?

ଉତ୍ତର : ପୂର୍ବେ କୁହାଯାଇଛି ଏହି ଯୋଗର ସାଧନା – ଅଭୀପ୍ସା, ସମର୍ପଣ ଓ ତ୍ୟାଗ ।

ପ୍ରଶ୍ନ : ଏତେ ବଡ଼ ରୂପାନ୍ତର ସିଦ୍ଧି କେବଳ ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା କିପରି ସମ୍ଭବ ହେବ ?

ଉତ୍ତର : ସମ୍ଭବ ହେବ ଅତିମାନସ ଶକ୍ତି ଦ୍ୱାରା ।

ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା ରୂପାନ୍ତର ହେବ ନାହିଁ, ଏହାଦ୍ୱାରା କେବଳ ଅତିମାନସ ଶକ୍ତି ନିଜ ମଧ୍ୟରେ କାର୍ଯ୍ୟ କରିବା ସକାଶେ ମାର୍ଗ ନିର୍ମାଣ କରାହେବ । ଏହି ଯୋଗର ସାଧନା ଏବଂ ସିଦ୍ଧି ଅତିମାନସ ଶକ୍ତି । ମନୁଷ୍ୟ ମଧ୍ୟରେ ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ହିଂସା, ଦ୍ୱେଷ, କାମ, କ୍ରୋଧ, ଅହଂ, ସ୍ୱାର୍ଥର ମୂଳଉତ୍ସ ଯେଉଁ ଆସୁରିକ ଶକ୍ତି ସେ ମହା ଶକ୍ତିଶାଳିନୀ ଏବଂ ମହା ମାୟାବିନୀ । ତାକୁ ରୂପାନ୍ତର କରିବା ତ ଦୂରର କଥା ତା' ମାୟାରୁ ମୁକ୍ତ ହେବା ଅସମ୍ଭବ । ସେଥିପାଇଁ ପୁରାତନ ଯୋଗ ଏହି ଚେଷ୍ଟା କରି ନ ଥିଲେ । ଏହି ଆସୁରୀ ଶକ୍ତିକୁ ରୂପାନ୍ତର କରିବାକୁ ହେଲେ ପୂର୍ଣ୍ଣରୂପେ ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିଦେବାକୁ ହୁଏ । ତା'ହେଲେ ମା' ଅତିମାନସ ଶକ୍ତି ଦ୍ୱାରା ଏହିସବୁ ଆସୁରୀ ଶକ୍ତିକୁ ରୂପାନ୍ତର କରନ୍ତି ।

ଏହି ଯୋଗର ରହସ୍ୟ ହେଉଛି ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଏବଂ ନିର୍ଭରତା ।

ପ୍ରଶ୍ନ : ଦୃଢ଼ ବିଶ୍ୱାସ ଏବଂ ନିର୍ଭରତାର ସ୍ୱରୂପ କ'ଣ ?

ଉତ୍ତର : ଶିଶୁର ଯେପରି ମା' ପ୍ରତି । ଶିଶୁ ଯେପରି ସମସ୍ତ ପ୍ରକାର ବିପଦ ଆପଦରୁ ରକ୍ଷା ପାଇବା ନିମିତ୍ତ, ସମସ୍ତ ପ୍ରକାର ହିତର ଆଶା ମା' ଛଡ଼ା ଅନ୍ୟ କାହାରି ଉପରେ ରଖେ ନାହିଁ, ସେହିପରି ନିଜର ସମସ୍ତ ପ୍ରକାର ହର୍ଷ, ଶୋକ, ବିପଦ ଆପଦରେ ମା'ଙ୍କ ଉପରେ ନିର୍ଭରତା ରଖିବା ଛଡ଼ା ଅନ୍ୟ କାହାରି ଉପରେ ନ ରଖିବା ହେଲା ଦୃଢ଼ ବିଶ୍ୱାସର ସ୍ୱରୂପ । ମା'ଙ୍କ ଉପରେ ବିଶ୍ୱାସ ରଖିବାର ଅର୍ଥ ନିଷ୍କ୍ରିୟତା ନୁହେଁ, ସାଧନା କରିବା ଏବଂ ସାଧନା ଉପରେ ନିର୍ଭରତା ନ ରଖି ମା'ଙ୍କ ଉପରେ ନିର୍ଭରତା ରଖିବା । ଶିଶୁ ନିଷ୍କ୍ରିୟ ନ ଥାଏ, ମାଆ ମାଆ କରି କାନ୍ଦେ ଏବଂ ଭୟ ହେଲେ ମାଆଙ୍କୁ ଜାବୁଡ଼ି ଧରେ ।

ବିଶ୍ୱାସର ଦୁଇଟି ଅବସ୍ଥା । ଗୋଟିଏ ବିଶ୍ୱାସ-ପ୍ରଧାନ ସାଧନା ଅନ୍ୟଟି ସାଧନା-ପ୍ରଧାନ ବିଶ୍ୱାସ । ଏହି ଦୁଇଟି ଅବସ୍ଥା ବାହ୍ୟ-କର୍ମରେ ପୂର୍ଣ୍ଣ ରୂପେ ସମାନ, କେବଳ ଆନ୍ତରିକ ଭାବରେ ପୃଥକ୍ ।

ବିଶ୍ୱାସ-ପ୍ରଧାନ ସାଧକ ସମସ୍ତ କର୍ମ, ଗତିବୃତ୍ତିକୁ ମା'ଙ୍କ ଚରଣରେ ସମର୍ପଣ କରେ, ମା'ଙ୍କ ଚରଣରେ ନିଜକୁ ଦେଇଦେବା ସକାଶେ । ଶାନ୍ତି, ଜ୍ୟୋତିଃ, ଆନନ୍ଦ ନିଜ ଆଧାରରେ ପ୍ରତିଷ୍ଠା କରିବା ସକାଶେ ଅଭୀପ୍ସା କରେ; ପ୍ରତିକୂଳ କର୍ମ, ପ୍ରତିକୂଳ ଗତିବୃତ୍ତି, ପ୍ରତିକୂଳ ମାନସିକ ଭାବନା ସମ୍ବନ୍ଧରେ ସତତ ସଜାଗ ହୋଇ ତ୍ୟାଗ କରେ । କିନ୍ତୁ ଏହି କ୍ରିୟା ଉପରେ ନିର୍ଭରଶୀଳ ନ ହୋଇ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିଥାଏ । ସାଧନାରେ ଉନ୍ନତି ହେଲେ ସାଧନା ଯୋଗୁଁ ସେହି ଉନ୍ନତି ହୋଇଛି ବୋଲି ଭାବେ ନାହିଁ, ସେଥିରେହିଁ ମା'ଙ୍କ କୃପା ଅନୁଭବ କରେ । ଯଦି ସାଧନା ଯୋଗୁଁ ଉନ୍ନତି ହୋଇଥିବା ମନ-ପ୍ରାଣର କୌଣସି ଭାଗରେ ଅହଂ ପ୍ରକାଶ ପାଏ ତେବେ ସେ ତାହା ବର୍ଜନ କରିବାକୁ ମା'ଙ୍କୁ ପ୍ରାର୍ଥନା କରେ । ମହାନ୍ ବିପଦ ଆସିଲେ ସେ ହତାଶ, ନିରାଶ, ବ୍ୟତିବ୍ୟସ୍ତର ଗହ୍ୱରରେ ପତିତ ହୁଏ ନାହିଁ । ଏଥିରୁ ଉଦ୍ଧାର ହେବା ସକାଶେ ଦୃଢ଼ତା ସହିତ ମା'ଙ୍କୁ ଡାକେ ।

ସାଧନା-ପ୍ରଧାନ ବିଶ୍ୱାସ ଗୌଣ ଥିବା ସାଧକର ସମସ୍ତ ସାଧନା ବା କର୍ମ ଠିକ୍ ବିଶ୍ୱାସ-ପ୍ରଧାନ ଥିବା ସାଧକ ସଦୃଶ ସମ୍ପାଦିତ ହୁଏ, ସମର୍ପଣ ବି ହୁଏ । କିନ୍ତୁ ସାଧନାରେ ଅଗ୍ରସର ହେଲେ ମା'ଙ୍କ କୃପାରୁ ହୋଇଛି ବୋଲି ଶବ୍ଦରେ କୁହେ କିନ୍ତୁ ସତ୍ତାର ଗୋଟିଏ ଭାଗ ଉନ୍ନତିର କାରଣ ସାଧନା ବୋଲି ଧରିନିଏ । ବିପଦ ଆସିବା ମାତ୍ରେ ସେ ମା'ଙ୍କ ରକ୍ଷାଶକ୍ତିକୁ ଭୁଲିଯାଏ, ସ୍ୱୟଂ ରକ୍ଷାର ଉପାୟ ଖୋଜେ; ନାନା ପ୍ରକାର ହତାଶା, ନିରାଶା ତଥା ବିପଦର ଆଶଙ୍କାରେ ବ୍ୟତିବ୍ୟସ୍ତ ହୋଇପଡ଼େ । ଏହାଦ୍ୱାରା ବିପଦ ଶକ୍ତିଶାଳୀ ହୁଏ ଏବଂ ଦୁଃଖ କଷ୍ଟ ବଢ଼ିଯାଏ । ଏହି ସମୟରେ ବି ମା' ତା' ଚେତନାର ଅନ୍ତରାଳରେ ରହି ତାକୁ ରକ୍ଷା କରିଥା'ନ୍ତି — କେବଳ ତା'ର ସଚେତନ ଅବସ୍ଥାକୁ ଅପେକ୍ଷା କରିଥା'ନ୍ତି । ସେ ବ୍ୟକ୍ତିଗତ ପ୍ରୟାସରେ ଅସଫଳ ହେବା ମାତ୍ରେ ସର୍ବତୋଭାବେ ସର୍ବାନ୍ତଃକରଣରେ ମା'ଙ୍କୁ ଡାକେ । ଡାକିବା ମାତ୍ରେ ମା' ରକ୍ଷା କରନ୍ତି । ଏହିପରି ବାରଂବାର ଘଟିବା ଦ୍ୱାରା ବ୍ୟକ୍ତିର ମା'ଙ୍କ ପ୍ରତି ବିଶ୍ୱାସ ଦୃଢ଼ ହୁଏ । ଶେଷରେ ସାଧନା ଉପରୁ ବିଶ୍ୱାସ ଅପସରି ମା'ଙ୍କ ଉପରେ ଦୃଢ଼ ହୁଏ । କାହାର ସାଧନା ଆରମ୍ଭରୁ ବିଶ୍ୱାସ-ପ୍ରଧାନ ସାଧନା ଗୌଣ ଥାଏ, କାହାର ସାଧନାରେ ବାଧା ବିପତ୍ତି ମଧ୍ୟ ଦେଇ ଗତି କରିବା ପରେ ତା'ର ବିଶ୍ୱାସ-ପ୍ରଧାନ ହୁଏ । ଶେଷରେ ମା'ଙ୍କୁ ପୂର୍ଣ୍ଣ ସମର୍ପଣ କରେ ଏବଂ ଅଖଣ୍ଡ ବିଶ୍ୱାସ ରଖେ । ଏହା ବ୍ୟତୀତ ରୂପାନ୍ତର ସିଦ୍ଧି ସମ୍ଭବ ହୁଏ ନାହିଁ । ମା'ଙ୍କ ପ୍ରତି ବିଶ୍ୱାସ ଗୌଣ ଥିବା ସାଧନା-ପ୍ରଧାନ ବ୍ୟକ୍ତିର ସାଧନା ଅବସ୍ଥାରେ ଦୁଃଖ କଷ୍ଟ, ଦ୍ୱନ୍ଦ୍ୱ ଆଦି ବିଶ୍ୱାସ-ପ୍ରଧାନ ଥିବା ସାଧକ ଅପେକ୍ଷା ଅଧିକ ହୁଏ । ସାଧନାରେ କିଛି ବିଳମ୍ବ ହୋଇପାରେ କିନ୍ତୁ ପରିଣାମରେ କୌଣସି ପାର୍ଥକ୍ୟ ନ ଥାଏ । ଉଭୟ ସାଧକକୁ ମା' ରକ୍ଷା କରନ୍ତି, ପତନ ହେବାକୁ ଦିଅନ୍ତି ନାହିଁ ।

ପ୍ରଶ୍ନ : ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ ବୁଝି ପାରିଲି । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଗୁରୁବାଦର କୌଣସି ପ୍ରକାର ବ୍ୟତିକ୍ରମ ହୁଏ ନାହିଁ । ଏହା ଏକେବାରେ ଠିକ୍ । ମା' କାହାରିକୁ ଦୀକ୍ଷା ଦିଅନ୍ତି ନାହିଁ; ଯାହା ପୁରାତନ ଯୋଗରେ ପ୍ରତିବାଦ କରିବାର ପ୍ରଧାନ କାରଣ । ମା' କେବଳ ସାହାଯ୍ୟ କରନ୍ତି । ଯେଉଁ ସାଧକ

ଯେଉଁଠାରେ ରହି ମା'ଙ୍କ ଉପରେ ନିର୍ଭରତା ରଖିପାରେ ସେ ନିଜ ଅନ୍ତରରେ ମା'ଙ୍କ ସାହାଯ୍ୟ ଓ ପ୍ରେରଣା ପାଏ । ଏହା ଏକେବାରେ ଯୁକ୍ତିଯୁକ୍ତ ।

କିନ୍ତୁ ପୃଥିବୀରେ ଏକ ନୂତନ ଅତିମାନବ ଜାତି ପ୍ରତିଷ୍ଠିତ ହେବା କଥା କହୁଛନ୍ତି, ତାହା ହେବ କିପରି ? ପଣ୍ଡିଚେରୀ ଆଶ୍ରମରେ ଯେଉଁମାନେ ରହିଛନ୍ତି, ସେମାନେ ବାହାରକୁ ଯିବାକୁ ଚାହୁଁ ନାହାନ୍ତି, ତା' ହେଲେ ସଂସାରରେ ପରିବର୍ତ୍ତନ ଆସିବ କିପରି ?

ଉତ୍ତର : ଯେଉଁ ଅତିମାନସ ଶକ୍ତି ଦ୍ୱାରା ମା' ଆଶ୍ରମର ସାଧକ ସାଧିକାମାନଙ୍କୁ ସାହାଯ୍ୟ କରି ଲକ୍ଷ୍ୟ ଦିଗରେ ଅଗ୍ରସର କରାଉଅଛନ୍ତି, ସେହି ଅତିମାନସ ଶକ୍ତିର ପ୍ରଭାବରେ ସମସ୍ତ ବିଶ୍ୱରେ ପରିବର୍ତ୍ତନ ହେବ । ସୂର୍ଯ୍ୟଙ୍କର ପ୍ରକାଶ ସ୍ୱରୂପ ମା' ସତ୍ୟ, ଜ୍ୟୋତିଃ ପ୍ରଦାନ କରୁଅଛନ୍ତି । ଯେଉଁ ବ୍ୟକ୍ତିର ଅନ୍ତର ମା'ଙ୍କ ପ୍ରତି ଯେତେ ଉନ୍ମୁକ୍ତ ଥିବ ସେ ସେତେ ପରିମାଣରେ ଅତିମାନସ ଶକ୍ତିର ପ୍ରଭାବ ଗ୍ରହଣ କରି ପାରିବ ଏବଂ ପ୍ରଭାବିତ ହୋଇ ପାରିବ । ଯେଉଁ ଅତିମାନସ ଶକ୍ତିର ପ୍ରଭାବରେ ଅଜ୍ଞାତ ଭାବରେ ତୁମ ଅନ୍ତରରେ ଜିଜ୍ଞାସା ଉତ୍ପନ୍ନ ହୋଇଛି ଏବଂ ତୁମେ ଅଜ୍ଞାତ ଶକ୍ତିର ପ୍ରେରଣାରେ ପ୍ରେରିତ ହୋଇ ଏଠାକୁ ଆସିଅଛ, ସେହି ଶକ୍ତିର ପ୍ରଭାବରେ ଓଡ଼ିଶାରେ ଏବଂ ଭାରତର ଅନ୍ୟାନ୍ୟ ସ୍ଥାନରେ ତଥା ବିଦେଶରେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସଂଘ ଆଦି ପ୍ରତିଷ୍ଠିତ ହେଉଅଛି, ସମ୍ମିଳନୀ ଆଦି ଅନୁଷ୍ଠିତ ହେଉଅଛି; ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ ଆଦର୍ଶରେ ଭିନ୍ନ ଭିନ୍ନ ସ୍ଥାନରେ ସ୍କୁଲ ପ୍ରତିଷ୍ଠା ମଧ୍ୟ ହେଉଅଛି । ଏଇ ସବୁ କାର୍ଯ୍ୟ ଦ୍ୱାରା ଅଧିକାଧିକ ଭାବେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ହେବ । ଏହାଦ୍ୱାରା ଯେତେ ସଂଖ୍ୟାରେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବେ ମା'ଙ୍କ ପ୍ରତି ବିଶ୍ୱାସ ରଖିବେ ସେମାନଙ୍କ ମଧ୍ୟରୁ ଅଳ୍ପ ସଂଖ୍ୟାରେ ବ୍ୟକ୍ତି ଆନ୍ତରିକତା ସହ ସାଧନା କରିବେ । ସାଧକମାନଙ୍କ ଅଗ୍ରଗତି ଅନୁସାରେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଏବଂ ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ରଖିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବ ତଥା ସେମାନେ ବି ଅଧ୍ୟାତ୍ମ ମାର୍ଗରେ କ୍ରମଶଃ ଅଗ୍ରସର ହେବେ । ଏହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେଉଥିବ । ସାଧକମାନେ ପୂର୍ଣ୍ଣ ସିଦ୍ଧିଲାଭ କଲେ ସଂସାର ସ୍ୱର୍ଗରେ ପରିଣତ ହେବ । ଶ୍ରୀଅରବିନ୍ଦଙ୍କ ଯୋଗ ଯେତେ ଅଧିକ ବ୍ୟକ୍ତି ଗ୍ରହଣ କରିବେ ସେତେ ଶୀଘ୍ର ରୂପାନ୍ତର ସିଦ୍ଧି ହେବ ଏବଂ ପୃଥିବୀରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହେବ ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଉପଯୋଗୀ ସରଳ ଉପାୟ ଥିଲେ କୁହନ୍ତୁ ।

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିର ଉପଯୋଗୀ ତଥା ସବୁଠାରୁ ସରଳ ମାର୍ଗ ହେଲା ଘରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ଘରର ମାଲିକରୂପେ ମା'ଙ୍କୁ ମାନ । ଘର, ପରିବାର, ସମ୍ପତ୍ତି ସମସ୍ତ ତାଙ୍କରି । ଘରର ସମସ୍ତ କାର୍ଯ୍ୟ ମା'ଙ୍କ ସେବାରୂପେ କରି ମା'ଙ୍କୁ ସମର୍ପଣ କର । ମା'ଙ୍କ ନାମ ନିରନ୍ତର ସ୍ମରଣ କର । ମା' ସବୁ ସମୟରେ ସଙ୍ଗରେ ରହି ରକ୍ଷା କରୁଛନ୍ତି ଧାରଣା କର । ଉପରୋକ୍ତ ଆଲୋଚ୍ୟ ସାଧନାରୁ ଯଦି କେହି ସାମାନ୍ୟ ଅଂଶରେ ମା'ଙ୍କ ପ୍ରତି ବିଶ୍ୱାସ ରଖିପାରେ ତେବେ ସେ ସମସ୍ତ କାର୍ଯ୍ୟରେ ମା'ଙ୍କ ସାହାଯ୍ୟ ପାଏ ଏବଂ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଏ ।

ତୃତୀୟ ଭାଗ

ପୃଥିବୀକୁ ଶ୍ରୀମା'ଙ୍କ ଅବଦାନ

ସଂସାରକୁ ମା'ଙ୍କର ଅବଦାନ ହେଲା ପୃଥିବୀକୁ ସ୍ୱର୍ଗରେ ପରିଣତ କରିବା, ପୃଥିବୀରେ ଅତିମାନସ ବିଜ୍ଞାନ ଚେତନା ଏବଂ ଅତିମାନବଜାତି ପ୍ରତିଷ୍ଠା କରିବା । ଏହାର କେନ୍ଦ୍ର ହେଉଛି ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମ । ଏହି ଆଶ୍ରମର ପରିଚାଳିକା ମା' । ତାଙ୍କର ଶିଷ୍ୟ ଓ ଭକ୍ତମାନେ ତାଙ୍କୁ ଗୁରୁ ଏବଂ ଇଷ୍ଟରୂପେ ଗ୍ରହଣ କରିଅଛନ୍ତି । ଦୁଃଖକଷ୍ଟ ଓ ରୋଗରୁ ଉଦ୍ଧାର ପାଇବା ନିମିତ୍ତ ବହୁ ସଂଖ୍ୟକ ନରନାରୀ, ବୃଦ୍ଧ, ବାଳକବାଳିକା ତାଙ୍କର ଆଶ୍ରିତ । ଆମ୍ଭେମାନେ ନିଜ ଭୌତିକ ଦୃଷ୍ଟିରେ ଏହାହିଁ ଦେଖୁଁ; କିନ୍ତୁ ତାଙ୍କର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ବିଚାର କରୁ ନାହୁଁ କି ଜାଣିବାର ସାମର୍ଥ୍ୟ ନାହିଁ । ତାଙ୍କର ଯଥାର୍ଥ ସ୍ୱରୂପ ଜାଣିପାରିବା ଯେବେ ତାଙ୍କୁ ପ୍ରାପ୍ତ ଥିବା ଅତିମାନସ ଚେତନାରେ ପହଞ୍ଚି ପାରିବା । ତା' ପୂର୍ବରୁ ଯଦି ତାଙ୍କ ଉପରେ ବିଶ୍ୱାସ ଭରସା ରଖି ତାଙ୍କରି ଚରଣରେ ନିଜକୁ ସମର୍ପଣ କରିଦେଇ ପାରିବା ତେବେ ସ୍ଥୂଳ ଓ ସୂକ୍ଷ୍ମ ଜଗତର ସମସ୍ତ ବାଧା ବିପତ୍ତିରୁ ତାଙ୍କରି ଶକ୍ତିରେ ରକ୍ଷା ପାଇ ଜୀବନର ଲକ୍ଷ୍ୟ ମନ-ପ୍ରାଣ-ଶରୀରର ରୂପାନ୍ତର, ରୋଗ-ଜରା-ମୃତ୍ୟୁରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକତ୍ୱ ଲାଭ କରି ପାରିବା ଏବଂ ଭଗବାନଙ୍କ ସଂକଳ୍ପରେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇପାରିବା । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ସିଦ୍ଧି ନିମିତ୍ତ ଭଗବାନଙ୍କ ସୃଷ୍ଟି ।

ଭଗବାନ୍ ଏକ, ଅଦ୍ୱିତୀୟ । ମନ-ବାଣୀ-ଅଗୋଚର ସଚ୍ଚିଦାନନ୍ଦ ତତ୍ତ୍ୱ ଏବଂ ସେ ବହୁରୂପେ ପ୍ରକଟ ହୋଇ ଲୀଳା କରନ୍ତି । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସେ ସଂକଳ୍ପର ଊର୍ଦ୍ଧ୍ୱରେ । ତାଙ୍କ କର୍ମ ମାନୁଷୀ ବୁଦ୍ଧିର ଅଗମ୍ୟ ।

ସେ ସୃଷ୍ଟିରେ ନିଜକୁ ପ୍ରକଟ କରିବା ନିମିତ୍ତ ଏକେବାରେ ଜଡ଼ରେ ପରିଣତ ହୋଇଗଲେ । ନିଜ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା, ପଶୁପକ୍ଷୀ ମଧ୍ୟଦେଇ ମନବିଶିଷ୍ଟ ମନୁଷ୍ୟରେ ପରିଣତ ହେଲେ । ମନର ବିକାଶ ଶେଷ ସୀମାରେ ପହଞ୍ଚି ସାରିଛି । ଏହାର ପ୍ରମାଣ ହେଉଛି ନୈତିକତାର ଅଧଃପତନ । ଏହାପରେ ହେବ ସର୍ବଜ୍ଞାନସମ୍ପନ୍ନ ରୋଗ, ମୃତ୍ୟୁ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ଅତିମାନବ ଜାତିର ପ୍ରତିଷ୍ଠା । ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି । ଶ୍ରୀଅରବିନ୍ଦ ପ୍ରାଚ୍ୟର ପ୍ରତିନିଧି ହୋଇ ଭାରତରେ ଅବତାର ନେଲେ, ମା' ଇଉରୋପର ପ୍ରତିନିଧିରୂପେ ଆବିର୍ଭୂତା ହେଲେ ଫ୍ରାନ୍ସରେ । ଶ୍ରୀଅରବିନ୍ଦଙ୍କ ସଙ୍ଗେ ମା'ଙ୍କର ସାକ୍ଷାତ୍ ହେବା ପୂର୍ବରୁ ପୃଥିବୀରେ ଭଗବାନଙ୍କ ସଂକଳ୍ପ ପ୍ରତିଷ୍ଠା କରିବା ମା'ଙ୍କ ଯେଉଁ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଥିଲା, ତଦନୁରୂପ ଥିଲା ଶ୍ରୀଅରବିନ୍ଦଙ୍କର । ଶ୍ରୀଅରବିନ୍ଦ ଥିଲେ ବିଭୁ, ମା' ଥିଲେ ଶକ୍ତି । ଉଭୟଙ୍କର କର୍ମକ୍ଷେତ୍ର ଭାରତ ।

ଶ୍ରୀଅରବିନ୍ଦ ୧୯୧୦ ସାଲରେ ସ୍ଥୂଳରୂପେ ରାଜନୈତିକ କାର୍ଯ୍ୟରୁ ଅପସରି ଯାଇ ପଣ୍ଡିଚେରୀ ଆସି ଚାରି, ପାଞ୍ଚଜଣ ସାଥୀଙ୍କ ସହ ଅଧ୍ୟାତ୍ମ ସାଧନାରେ ରତ ହେଲେ । ମା' ୧୯୧୪ ସାଲରେ ଭାରତ ଆସି ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ । ଏହିଠାରୁ ଆରମ୍ଭ ହେଲା ଭାରତର ଅଧ୍ୟାତ୍ମ ସତ୍ୟ ତଥା ୟୁରୋପର କର୍ମର ମିଳନର ସୂତ୍ରପାତ । ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ କର୍ମଧାରା ହେଲା ଆରମ୍ଭ ଏବଂ ''ଆର୍ଯ୍ୟ'' ପତ୍ରିକାର ପ୍ରକାଶ । ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁଁ ୧୯୧୪ରେ ମା'ଙ୍କୁ ଫ୍ରାନ୍ସ ଫେରିଯିବାକୁ ପଡ଼ିଲା । ପରେ ୧୯୨୦ ସାଲରେ ପଣ୍ଡିଚେରୀ ଆସି ଆଶ୍ରମରେ ସ୍ଥାୟି ଭାବରେ ରହିଲେ ।

ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବା ଶ୍ରୀଅରବିନ୍ଦଙ୍କର ଯେଉଁ ଉଦ୍ଦେଶ୍ୟ ଥିଲା ତାହାର ଭିତ୍ତି ମା'ଙ୍କ ଦ୍ୱାରା ସ୍ଥାପିତ ହେଲା ୧୯୧୪ ମସିହାରେ । କିନ୍ତୁ ମା'ଙ୍କ ଅନୁପସ୍ଥିତି ଯୋଗୁଁ ମା'ଙ୍କ ପୁନରାଗମନକୁ ଅପେକ୍ଷା କରି ରହିଥିଲା । ୧୯୨୦ ମସିହାରେ ମା'ଙ୍କ ପୁନରାଗମନ ସଙ୍ଗେ ସଙ୍ଗେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆଶ୍ରମ ପ୍ରତିଷ୍ଠିତ ହେଲା । ଏହା

ପରଠାରୁ ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ କର୍ମଧାରାର ସୂତ୍ରପାତ ହେଲା । ଭଗବତ୍‌ପ୍ରାପ୍ତିକାମୀ ସାଧକମାନଙ୍କର ସଂଖ୍ୟା କ୍ରମଶଃ ବଢ଼ିବାକୁ ଲାଗିଲା । ୧୯୨୬ ମସିହା ନଭେମ୍ବର ତା ୨୪ରିଖରେ ପ୍ରାପ୍ତହେଲା ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସିଦ୍ଧି । ଅଧିମାନସ ଚେତନା ବା ଶ୍ରୀକୃଷ୍ଣଙ୍କ ଚେତନାର ପ୍ରତିଷ୍ଠା ଯଦ୍ଦ୍ୱାରା ରୂପାନ୍ତରକାରୀ ଅତିମାନସ ଚେତନା ପ୍ରାପ୍ତିର ମାର୍ଗ ଉନ୍ମୋଚନ ହେଲା ।

ଏହି ସିଦ୍ଧି ଦିବସ ୧୯୨୬ ମସିହା ୨୪ ନଭେମ୍ବରଠାରୁ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶକ୍ରମେ ମା' ଆଶ୍ରମର ଯାବତୀୟ ପରିଚାଳନା ତଥା ସାଧକମାନଙ୍କର ବସବାସ ଏବଂ ଅଧ୍ୟାତ୍ମ ସାଧନାର ଭାର ଗ୍ରହଣ କଲେ । ଶ୍ରୀଅରବିନ୍ଦ ନିର୍ଜ୍ଜନ କକ୍ଷରେ ସାଧନାରେ ରତ ହେଲେ । ଏହାପରେ କେତେକ ସାଧକଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ ଯାହା ଲେଖିଥିଲେ ତାହାର ଭାବାର୍ଥ ହେଲା,– ''ଏହି ବ୍ୟବସ୍ଥା ସାମୟିକ ନୁହେଁ, ସ୍ଥାୟୀ । ଯେଉଁମାନେ ମା'ଙ୍କୁ ଗ୍ରହଣ ନ କରିବେ ସେମାନେ ମୋତେ ବି ଗ୍ରହଣ କରି ପାରିବେ ନାହିଁ ।'' ଯଥାର୍ଥରେ ଶ୍ରୀମା ଶ୍ରୀଅରବିନ୍ଦ ଏକ ତତ୍ତ୍ୱ; ଶ୍ରୀଅରବିନ୍ଦଙ୍କ କ୍ରିୟାତ୍ମିକା ଆଦ୍ୟାଶକ୍ତି ହେଲେ ମା' । ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ନିମିତ୍ତ ସେହି ଏକହିଁ ତତ୍ତ୍ୱ ଦୁଇ ରୂପରେ ହେଲେ ପ୍ରକଟିତ ।

ଶ୍ରୀମା ଶ୍ରୀଅରବିନ୍ଦ ଏଇ ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ନିମିତ୍ତ କ'ଣ ସାଧନା କରିଥିଲେ ? ଏ ବିଷୟରେ କୌଣସି ବ୍ୟକ୍ତି କହିବାରେ ଯେପରି ଅସମର୍ଥ, ଅନ୍ୟ ବ୍ୟକ୍ତି ତାହା ବୁଝିବା ଏବଂ ବିଶ୍ୱାସ କରିବାରେ ମଧ୍ୟ ତଦପେକ୍ଷା ଅଧିକ ଅସମର୍ଥ । ବ୍ୟକ୍ତି ସ୍ୱୀୟ ସାଧନା ଦ୍ୱାରା ସେହି ଚେତନାରେ ଉପନୀତ ନ ହେଲେ ସଂସାରକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅବଦାନ କଳ୍ପନା କରିବା ମହାନ୍ କଠିନ । ତଥାପି ମଶା ଆକାଶର ବିସ୍ତୃତିକୁ ମାପିବା ସଦୃଶ ଆମ୍ଭେମାନେ ବି ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାଧନା ସମ୍ବନ୍ଧରେ ନିଜ ସୀମିତ ମନ-ବୁଦ୍ଧିରେ ଅନୁମାନ କରି କିଛିଟା ସନ୍ତୋଷ ଲାଭ କରିବା ।

ସାଧାରଣ ବାହ୍ୟ ଦୃଷ୍ଟିରେ ଶ୍ରୀଅରବିନ୍ଦ ଗୋଟିଏ ଏକାନ୍ତ କକ୍ଷରେ ବସି ଅଧ୍ୟାତ୍ମ ସାଧନାର ପରମାନନ୍ଦରେ ଡୁବି ରହୁଥିଲେ, ମା' ସେଇ ଆନନ୍ଦରେ ନିବାସ କରି ଆଶ୍ରମର ସମସ୍ତ ପରିଚାଳନା କରୁଥିଲେ । ଆମ୍ଭେମାନେ ଏହାହିଁ ଜାଣୁ । କିନ୍ତୁ ଯଥାର୍ଥରେ ଏହା ଏପରି ନ ଥିଲା, ଥିଲା ଭଗବତ୍ ଦିବ୍ୟାନନ୍ଦ ପ୍ରାପ୍ତି ଏବଂ ସେହି ସଙ୍ଗେ ଥିଲା ଦିବାରାତ୍ର ମହାନ୍ ସଂଗ୍ରାମ । ସମଗ୍ର ବିଶ୍ୱ ହେଉଛି ରୋଗ, ମୃତ୍ୟୁ, ଜରା, ଅଜ୍ଞାନ, ହିଂସା, ସ୍ୱାର୍ଥ ଆଦି ମହାନ୍ ଅଜେୟ ଆସୁରୀ ଶକ୍ତିଙ୍କର ଆବାସସ୍ଥଳ, ଯେଉଁ ଶକ୍ତିବିଧାନକୁ ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ ଏବଂ ମୁନି, ଋଷି, ମହାପୁରୁଷମାନଙ୍କୁ ମାନିନେବାକୁ ହୋଇଥିଲା । ଏହିସବୁ ଶକ୍ତିର ଅଧିକାର ସୃଷ୍ଟି ଆରମ୍ଭରୁ ବିଶ୍ୱରେ ପ୍ରତିଷ୍ଠା ହୋଇଅଛି ଏବଂ ଏହି ଶକ୍ତିସବୁ ଏକଚ୍ଛତ୍ର ରାଜ୍ୟରୂପେ ବିଶ୍ୱକୁ ଶାସନ କରୁଅଛନ୍ତି । ଏସବୁର ଅଧିକାରକୁ ବିଚ୍ଛିନ୍ନ କରି ଏମାନଙ୍କ ଉପରେ ଅଧିକାର ବିସ୍ତାର କରିବା, ଏସବୁକୁ ରୂପାନ୍ତର କରି ଭାଗବତ ଶକ୍ତି ଦ୍ୱାରା ପରିଚାଳିତ କରିବା ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ । ଶାସନ କରୁଥିବା ଶକ୍ତି ନିଜେ ଶାସିତ ହେବା ତା' ପକ୍ଷରେ ମହାନ୍ ଅସହ୍ୟ । ସେଥିପାଇଁ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ବ୍ୟର୍ଥ କରିଦେବା ଉଦ୍ଦେଶ୍ୟରେ ଅନ୍ୟାୟ ଅସତ୍ୟ ପ୍ରେରଣା ଦେଇ ସଂସାର ଏବଂ ସମାଜକୁ ଅଧିକାର କରିନେଲେ ଏବଂ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସତ୍ୟ ମନୁଷ୍ୟ ମଧ୍ୟରେ ପ୍ରବେଶ କରିବାର ପଥ ଦୃଢ଼ ଭାବରେ ବନ୍ଦ କରିଦେଲେ । ଏହା ସଙ୍ଗେ ସଙ୍ଗେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆନ୍ତରିକ ସାଧନା ମାର୍ଗରେ ବାଧା ବିପତ୍ତିର ପାହାଡ଼ ଛିଡ଼ା କରାଇଦେଲେ ତଥା ବାହ୍ୟରୂପେ ଅନ୍ୟ ଲୋକଙ୍କୁ ଯନ୍ତ୍ର କରି ପଣ୍ଡିଚେରୀରୁ ଶ୍ରୀଅରବିନ୍ଦଙ୍କୁ ବିତାଡ଼ିତ କରି ତାଙ୍କ ଜୀବନ ସମାପ୍ତ କରିଦେବାକୁ, ଆଶ୍ରମ ନଷ୍ଟ କରିଦେବାକୁ ଚାହିଁଥିଲେ । ବାହ୍ୟ ଏବଂ ଆନ୍ତରିକ ବହୁ ଘଟନାରୁ ଏହା ଏକେବାରେ ସ୍ପଷ୍ଟ ହୋଇଅଛି । ଶ୍ରୀଅରବିନ୍ଦଙ୍କୁ ଏଠାରୁ ନେଇ ବହୁ ଦୂର ବିଦେଶରେ ବିଶ୍ୱଯୁଦ୍ଧ ଭୂମିରେ ହତ୍ୟା କରାଇବା ଏବଂ ଆଶ୍ରମକୁ ଭାଙ୍ଗି ଦେବାର ଚେଷ୍ଟା ଇତ୍ୟାଦି ଅନେକ ଥର ହୋଇଛି ଏବଂ ବିରୋଧିଶକ୍ତିସବୁ ବ୍ୟକ୍ତି ମଧ୍ୟରେ ହିଂସା, ସ୍ୱାର୍ଥ ପ୍ରେରଣା ଦେଇ ବାରଂବାର ଯୁଦ୍ଧ କରାଇ ବିଶ୍ୱକୁ ଧ୍ୱଂସ କରିବାକୁ ପ୍ରଯତ୍ନ କରି ଅଛନ୍ତି । ବିରୋଧିଶକ୍ତିଙ୍କ ଏହିସବୁ ଆକ୍ରମଣର ସମ୍ମୁଖୀନ ହେବା ନିମିତ୍ତ ଶ୍ରୀଅରବିନ୍ଦ ବାହ୍ୟ କର୍ମରୁ ନିବୃତ୍ତ ହୋଇ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେଲେ ଏବଂ ମା' ସଂସାର ତଥା ସାଧକମାନଙ୍କ ବାହ୍ୟକର୍ମକୁ ନିୟନ୍ତ୍ରଣ କରି ବିରୋଧିଶକ୍ତିଙ୍କ ବାହ୍ୟ ଆକ୍ରମଣରୁ ଜଗତ ତଥା ଆଶ୍ରମକୁ ରକ୍ଷା କଲେ । ଏହି ଦୁଇଜଣଙ୍କୁ

ବ୍ୟକ୍ତିଗତ ସୁଖ-ଶାନ୍ତିରେ ରହିବାକୁ ହେଉ ନ ଥିଲା । ଦିବାରାତ୍ରି ଅହରହ ବିରୋଧିଶକ୍ତିଙ୍କ ସହିତ ଯୁଦ୍ଧ କରି ଲକ୍ଷ୍ୟ ଦିଗରେ ବହୁ କଷ୍ଟରେ ଅଗ୍ରସର ହେବାକୁ ହେଉଥିଲା ।

ଶ୍ରୀଅରବିନ୍ଦ ବହୁ ବାଧାବିଘ୍ନ ଅତିକ୍ରମ କରି ଅତିମାନସ ଚେତନାରେ ଉପନୀତ ହେଲେ ଏବଂ ସେହି ଅତିମାନସ ଶକ୍ତି ଦ୍ୱାରା ଏହି ପୃଥିବୀରେ ଶାସନ କରୁଥିବା ଆସୁରୀ ଶକ୍ତିକୁ – କାମ, କ୍ରୋଧ, ମୋହ, ସ୍ୱାର୍ଥ, ହିଂସା, ମୃତ୍ୟୁ, ରୋଗ, ବୃଦ୍ଧତ୍ୱକୁ – ରୂପାନ୍ତର କରିବା ସକାଶେ ଅତିମାନସକୁ ଊର୍ଦ୍ଧ୍ୱରୁ ଏହି ପୃଥିବୀ ଉପରକୁ ଭୌତିକ ଜଡ଼ ଶରୀରରେ ଉତାରି ଆଣିବାକୁ ଚେଷ୍ଟା କଲେ । ମୃତ୍ୟୁ, ହିଂସାଦି ଅଜେୟ ଆସୁରୀ ଶକ୍ତି ଅନ୍ୟ କୌଣସି ଶକ୍ତି ଦ୍ୱାରା ରୂପାନ୍ତର ହୁଅନ୍ତି ନାହିଁ, ହୁଅନ୍ତି କେବଳ ଅତିମାନସ ଶକ୍ତି ଦ୍ୱାରା । ଏହି ଆସୁରୀ ଶକ୍ତିଙ୍କ ରାଜତ୍ୱ ଏହି ପୃଥିବୀରେ । ପୃଥିବୀ ଆରମ୍ଭରୁ ଏହି ସବୁ ଶକ୍ତି ଦ୍ୱାରା ପୃଥିବୀ ଶାସିତ ହେଉଅଛି । ମନୁଷ୍ୟର ସୁଖ ପୃଥିବୀରେ ଆସୁରୀ ଶକ୍ତିଙ୍କ ସ୍ୱଭାବର ବିପରୀତ ଏବଂ ଅସହ୍ୟ । ନିଜ ଅଧିକାରକୁ ଏବଂ ପୃଥିବୀରେ ଦୁଃଖକଷ୍ଟକୁ ବଜାୟ ରଖିବା ନିମିତ୍ତ ଅତିମାନସ ଶକ୍ତିର ଅବତରଣ ପଥ ରୁଦ୍ଧ କରିବା ଉଦ୍ଦେଶ୍ୟରେ ଏହି ବିରୋଧୀ ଶକ୍ତିମାନେ ସଦଳବଳେ ଚେଷ୍ଟାକଲେ । ସାଧାରଣତଃ ସଂସାରୀ ବ୍ୟକ୍ତି ମଧ୍ୟରେ ସ୍ୱାର୍ଥ, ଅହଂ, ହିଂସା ବିଦ୍ୟମାନ । ବିରୋଧୀ ଶକ୍ତିଙ୍କ ପ୍ରବେଶର ଏହାହିଁ ପଥ । ଏହି ପଥରେ ବିରୋଧୀ ଶକ୍ତି ଅଧିକାଂଶ ବ୍ୟକ୍ତିଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କ ଅନ୍ତରରେ କମ୍ ସକ୍ରିୟ ଥିବା ଅସଦ୍‌ଗୁଣ କାମ, କ୍ରୋଧ, ମୋହ, ଲୋଭ, ହିଂସା ତଥା ସ୍ୱାର୍ଥକୁ ତୀବ୍ରଭାବେ କ୍ରିୟାଶୀଳ କରାଇଦେଲେ । ସଂସାରରେ ବିସ୍ତାରିତ ହେଲା ଅସତ୍ୟ, ଅନ୍ୟାୟ । ସଂସାରର ବହୁ କମ୍ ବ୍ୟକ୍ତିଙ୍କୁ ବାଦ୍ ଦେଲେ ସମସ୍ତ ବ୍ୟକ୍ତି ହିଂସା ଏବଂ ସ୍ୱାର୍ଥ ପରାୟଣ । ଏହିମାନେ ହେଲେ ଆସୁରୀ ଶକ୍ତିର ଯନ୍ତ୍ର ଏବଂ ଅତିମାନସ ଶକ୍ତିର ଅବତରଣର ପଥ ଅବରୋଧ-କାରୀ । ଫଳରେ ପୃଥିବୀ ବାରଂବାର ଧ୍ୱଂସର ସମ୍ମୁଖୀନ ହେଲା । ଏହି ଅବସ୍ଥାରେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରିଥିଲେ ଆସୁରୀ ଶକ୍ତିର ଯନ୍ତ୍ର ବ୍ୟକ୍ତିମାନେ ବିଶ୍ୱବ୍ୟାପୀ ଯୁଦ୍ଧ କରି ସଂସାରକୁ ଧ୍ୱଂସ କରିଥା'ନ୍ତେ । ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ନିମିତ୍ତ ଶ୍ରୀଅରବିନ୍ଦ ପୃଥିବୀର ପ୍ରତିନିଧି ହୋଇ ବିରୋଧିଶକ୍ତିର ସମସ୍ତ ଆକ୍ରମଣକୁ ନିଜ ଶରୀରରେ ନେଇ ଶରୀର ତ୍ୟାଗ କଲେ ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଲେ । ତାଙ୍କ ଶରୀର ତ୍ୟାଗ ପରେ ଅତିମାନସ ଜ୍ୟୋତିଃର ସ୍ପର୍ଶ ଯୋଗୁଁ ତାଙ୍କ ଶରୀର ପାଞ୍ଚଦିନ ପର୍ଯ୍ୟନ୍ତ ଜ୍ୟୋତିର୍ମୟ ହୋଇ ବିଦ୍ୟମାନ ଥିଲା । ଏ ବିଷୟରେ ଡାକ୍ତର ସାନ୍ୟାଲ ବିଶଦଭାବେ ଲେଖିଛନ୍ତି ''A Call from Pondicherry'' ପୁସ୍ତକରେ । ଜଗତକୁ ସ୍ୱର୍ଗରେ ପରିଣତ କରିବା, ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା ନିମିତ୍ତ ଶ୍ରୀଅରବିନ୍ଦ ଜୀବନସାରା ଦୁଃଖକଷ୍ଟ ବିପଦକୁ ବରଣ କରି ଶେଷରେ ନିଜ ଶରୀର ଉତ୍ସର୍ଗ କଲେ । ସେଇ ଅତିମାନସ ଶକ୍ତିକୁ ଧାରଣ କଲେ ମା' ।

ପୂର୍ବେ ଆଲୋଚିତ ହୋଇଛି ମା' ଓ ଶ୍ରୀଅରବିନ୍ଦ ଏକ ତତ୍ତ୍ୱ । କେବଳ ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ନିମିତ୍ତ ଦୁଇ ରୂପରେ ପ୍ରକଟ ହୋଇଥିଲେ । ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ଶରୀରରେ ଏହି ପୃଥିବୀ ବାତାବରଣରେ ରହି ମା'ଙ୍କୁ ସାହାଯ୍ୟ କଲେ । ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ କଲେ । ମା' ଅତିମାନସ ଶକ୍ତିକୁ ଧାରଣ କରି ତାହାରି ପ୍ରଭାବରେ ବିରୋଧିଶକ୍ତିଙ୍କ ଦ୍ୱାରା ପୃଥିବୀ ଧ୍ୱଂସ ଉଦ୍ୟମକୁ ବ୍ୟର୍ଥ କରୁଥିଲେ । ଅତିମାନସ ଶକ୍ତି ଅନୁକୂଳ ଅବସ୍ଥାରେ ଏହି ପୃଥିବୀରେ କ୍ରିୟାଶୀଳ ହେବା ନିମିତ୍ତ ୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖରେ ପ୍ରକାଶ ହେଲା ଏବଂ ସମଗ୍ର ପୃଥିବୀରେ ତଥା ମା'ଙ୍କ ଶରୀରରେ ରୂପାନ୍ତର କାର୍ଯ୍ୟ କରିବାକୁ ଆରମ୍ଭ କଲା । ବିରୋଧିଶକ୍ତିଙ୍କ ଆକ୍ରମଣ ଫଳରେ ଯେବେ ଯେବେ ପୃଥିବୀ ଧ୍ୱଂସର ସମ୍ମୁଖୀନ ହେଉଥିଲା, ସେହି ଅତିମାନସ ଶକ୍ତି ରକ୍ଷା କରି ଆସୁଥିଲା ।

ମା' ହେଉଛନ୍ତି ପୃଥିବୀର ପ୍ରତିନିଧି । ମା'ଙ୍କର ମନ-ପ୍ରାଣ-ଶରୀର ସମସ୍ତ ସତ୍ତା ଭଗବାନ୍ ଏବଂ ଭଗବତ୍ ପ୍ରଘଟ ରୂପ ଏହି ଜଗତ୍ ସହିତ ଏକ । ମା'ଙ୍କ ଶରୀରରେ ଯେଉଁ ରୂପାନ୍ତର ହେବ ତାହା ହେବ ଜଗତ୍ ପ୍ରକୃତିର । ସେଥିପାଇଁ ମା' ଜଗତର ସକଳ ଦୁଃଖ, କଷ୍ଟ ତଥା ଆସୁରୀ ଶକ୍ତିର ବିରୋଧକୁ ନିଜ ଶରୀରରେ ନେଇ ସେସବୁକୁ ସହ୍ୟ କରୁଅଛନ୍ତି ଏବଂ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରୁଅଛନ୍ତି । ସମସ୍ତ ସଂସାରର ଦୁଃଖ, କଷ୍ଟ ବହନ କରି ଚାଲିଛନ୍ତି

ମା' । ମା'ଙ୍କର ନିଜ ଶରୀର ସକାଶେ ବା ନିଜ ସକାଶେ ରୂପାନ୍ତରର ଆବଶ୍ୟକ ନାହିଁ — ମା' କରୁଛନ୍ତି ଜଗତ୍ ସକାଶେ । ମା'ଙ୍କ ଶରୀରରେ ଯେଉଁ ସତ୍ତା ରୂପାନ୍ତରିତ ହେଉଛି ତାହା ହେଉଛି ବିଶ୍ୱ-ପ୍ରକୃତିରେ । ମା'ଙ୍କ ଶରୀରର ରୂପାନ୍ତର ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେଉଥିବ; ଏବଂ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇଥିବା ବ୍ୟକ୍ତି ନିଜ ଉନ୍ମୁକ୍ତତା ଅନୁପାତରେ ସାଧନା-ମାର୍ଗରେ ଅଗ୍ରସର ହେଉଥିବେ । ମା'ଙ୍କ ଶରୀରରେ ରୂପାନ୍ତର ପୂର୍ଣ୍ଣ ହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ ପୂର୍ଣ୍ଣରୂପେ ଦୂର ହେବ, ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା ହେବ । ଏହି ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ । ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ ଏବଂ ଅତିମାନବଜାତି । ଏହାହିଁ ଶ୍ରୀମା ଶ୍ରୀଅରବିନ୍ଦଙ୍କର ପୃଥିବୀକୁ ଅବଦାନ ।

ଯେଉଁ ସାଧକମାନେ କେବଳ ମା'ଙ୍କ ପ୍ରତି ବିଶ୍ୱାସ ନିର୍ଭରତା ରଖି ନିଜକୁ ତାଙ୍କ ଚରଣରେ ସମର୍ପଣ କରି ପାରିବେ ସେହିମାନେ ମା'ଙ୍କ ଅତିମାନସ ଛତ୍ରଛାୟାରେ ରହିବେ; ସାମାନ୍ୟ ପ୍ରୟାସରେ ମା'ଙ୍କ ଶକ୍ତି ସାହାଯ୍ୟରେ ସମସ୍ତ ପ୍ରକାର ବାଧା ବିପତ୍ତିକୁ ଅତିକ୍ରମ କରି ମୃତ୍ୟୁ, ରୋଗ, ଜରା, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତ ହେବେ; ମନ-ପ୍ରାଣ-ଶରୀର ରୂପାନ୍ତର କରି ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ଲାଭ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବେ ଏବଂ ଲକ୍ଷ୍ୟ ସିଦ୍ଧି କରିପାରିବେ ।

ଦେବମୁହୂର୍ତ୍ତ

ପ୍ରାକ୍‌କଥନ

ବର୍ତ୍ତମାନ ସଂସାର ଘନଘୋର ପରିବର୍ତ୍ତନ ମଧ୍ୟରେ ଗତି କରୁଅଛି । ଏହା ପୃଥ୍ୱୀ ବିବର୍ତ୍ତନର ଏକ ଘୋର ସନ୍ଧିକ୍ଷଣ ଅବସ୍ଥା । ଏହା ସତ୍ତ୍ୱେ ସାଧାରଣ ମାନୁଷୀ ଦୃଷ୍ଟିର ଅନ୍ତରାଳରେ ଏକ ବିରାଟ ମହତୀ ଭାଗବତୀ ଚେତନା କ୍ରିୟାଶୀଳ । ଯାହାର କୃପା ଓ ସ୍ପର୍ଶ ଲାଭ କରି ଏ ସୃଷ୍ଟି ଏକ ବିଶାଳ ବ୍ୟାପକ ଆଲୋକମୟ ସ୍ତରକୁ ଉଠି ଚାଲିଛି । ଅର୍ଥାତ୍ ଏବେ ସମଗ୍ର ମଣିଷ ସମାଜ ଏକ ଅପୂର୍ବ ଅଦ୍ଭୁତ ମାହେନ୍ଦ୍ର ବେଳା ମଧ୍ୟ ଦେଇ ଗତି କରୁଛି । ଏହି ପ୍ରସଙ୍ଗକୁ ଲେଖକ ଉପଲବ୍ଧି କରି ଏହାର ସଦ୍‌ବ୍ୟବହାର କିପରି କରିବାକୁ ହେବ ତାହା ସେ ଏହି କ୍ଷୁଦ୍ର ପୁସ୍ତିକାଟିରେ ପ୍ରକାଶ କରିଛନ୍ତି । ଏତଦ୍ଦ୍ୱାରା ମଣିଷ ସମାଜ ବହୁ ସଂଖ୍ୟାରେ ଏହି ଦେବମୁହୂର୍ତ୍ତ ସମ୍ବନ୍ଧରେ ସଚେତନ ହେବେ ଏବଂ ଏହାର ସଦ୍‌ବ୍ୟୟ କରିବେ ବୋଲି ଆଶା ।

ଦେବମୁହୂର୍ତ୍ତ

ଲକ୍ଷ୍ୟ, ପାଠଚକ୍ର ଓ ମହିଳା ପାଠଚକ୍ର

ପୃଥିବୀକୁ ଦେବମୁହୂର୍ତ୍ତ ଆସିଛି । ଏହା ଗୋଟିଏ ସୁବର୍ଣ୍ଣ ସୁଯୋଗ । ବର୍ତ୍ତମାନ ଏହା ମନୁଷ୍ୟ ସମ୍ମୁଖରେ ଉପସ୍ଥିତ ହୋଇଅଛି । ମନୁଷ୍ୟ ସଚେତ ହୋଇ ଦେବମୁହୂର୍ତ୍ତର ସଦୁପଯୋଗ କରିପାରିଲେ ଜୀବନ ସାର୍ଥକ ହେବ । ଚିରଦିନ ଦିବ୍ୟ ଆନନ୍ଦ, ଦିବ୍ୟଶକ୍ତି ଓ ଦିବ୍ୟଜ୍ଞାନରେ ନିବାସ କରିବ । ସଂସାରରେ ସମସ୍ତ ପ୍ରକାର ଉପଯୋଗୀ ଉତ୍ତମ କର୍ମ — ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ଦେଶସେବାଦି ସମସ୍ତ କର୍ମରେ ଉନ୍ନତି କରିବା ଏବଂ ଶୃଙ୍ଖଳାର ସହିତ ନିଜର ଏବଂ ଦେଶର ଉନ୍ନତି ସକାଶେ ଦକ୍ଷତା ସହିତ କର୍ମ କରି ପାରିବ । ପରିବାରରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ମନ, ପ୍ରାଣ, ଶରୀର, ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାକୁ ଆରମ୍ଭ କରିବ । ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ଓ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତିର ମାର୍ଗରେ ଅଗ୍ରସର ହୋଇ ପାରିବ । ଏହାହିଁ ସଂସାରର ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ, ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ଏବଂ ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା କରିବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ କ୍ରମବିକାଶ ଚାଲୁଅଛି । ଏହି ଲକ୍ଷ୍ୟସିଦ୍ଧି ସକାଶେ ଭଗବାନ୍ ଶ୍ରୀମା-ଶ୍ରୀଅରବିନ୍ଦ ମନୁଷ୍ୟ ଶରୀରରେ ସଂସାରକୁ ଆସି ନିଜ ତପସ୍ୟା ବଳରେ ଅତିମାନସ ଶକ୍ତିକୁ ଉତାରି ଆଣି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଗ୍ରହଣ କରି ଆଚରଣ କଲେ ଲକ୍ଷ୍ୟସିଦ୍ଧି କରି ପାରିବ । ବ୍ୟକ୍ତି ଏହି ସୁଯୋଗ ହରାଇଲେ ଅଥବା ଏହି ଲକ୍ଷ୍ୟ ଗ୍ରହଣ ନ କଲେ ଉପସ୍ଥିତ ଦେବମୁହୂର୍ତ୍ତରୁ ବଞ୍ଚିତ ରହିବ ।

ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ

ଲକ୍ଷ୍ୟ ହେଉଛି ଜୀବନ ଉନ୍ନତିର ଆଧାର । ଲକ୍ଷ୍ୟବିହୀନ ବ୍ୟକ୍ତିର ଜୀବନ ମଙ୍ଗବିହୀନ ନୌକା ବା ଇଂଜିନ୍‌ବିହୀନ ଗାଡ଼ି ସଦୃଶ । ଶହେ ବର୍ଷ ପୂର୍ବେ ଅଳ୍ପ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ବିଶେଷକରି ମହିଳାମାନଙ୍କର ପଢ଼ିବାର ଲକ୍ଷ୍ୟ ନ ଥିଲା । ଲକ୍ଷ୍ୟ ନ ଥିବା ଯୋଗୁଁ ହରିଜନ ଏବଂ ସାଧାରଣ ଚାଷ କରୁଥିବା ବ୍ୟକ୍ତିମାନେ ନିଜ ନିଜ ପିଲାମାନଙ୍କୁ ବିଦ୍ୟାଶିକ୍ଷା ଦେଉ ନ ଥିଲେ । ନାରୀସମାଜରେ ତ ବିଦ୍ୟାଶିକ୍ଷାର ପ୍ରଶ୍ନ ଉଠୁ ନ ଥିଲା । ପରେ ଝିଅ, ପୁଅ, ଗରିବ, ଧନୀ, ପ୍ରତ୍ୟେକ ବ୍ୟକ୍ତି ସକାଶେ ବିଦ୍ୟା ଏକାନ୍ତ ଆବଶ୍ୟକ ଏବଂ ଶିକ୍ଷା ବିନା ଜୀବନ ଅବିକଶିତ ଓ ନିରର୍ଥକ ବୋଲି ବ୍ୟକ୍ତି ଜାଣିବାରୁ ଆଜିକାଲି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପିଲାଙ୍କୁ ଶିକ୍ଷା ଦେବାକୁ ପ୍ରଯତ୍ନ କରୁଅଛନ୍ତି ।

ଠିକ୍ ଜୀବନର ଲକ୍ଷ୍ୟ ସେହିପରି । କ୍ରମବିକାଶ ଅନୁସାରେ ମନର ବିକାଶ ଶେଷ ହୋଇ ନ ଥିଲା । ସେହି କାରଣରୁ ଜୀବନର ଲକ୍ଷ୍ୟପ୍ରାପ୍ତିର ସମୟ ଆସି ନ ଥିଲା । ସେଥିପାଇଁ ଜୀବନର ଲକ୍ଷ୍ୟ ଜାଣିବାର ଆବଶ୍ୟକତା ନ ଥିଲା । ମନର ବିକାଶ ସମାପ୍ତ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟ-ଶରୀର ଧାରଣ କରି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ପ୍ରତିଷ୍ଠା କରିଅଛନ୍ତି । ସ୍ୱୟଂ ଆଶ୍ରମ ନିର୍ମାଣ କରି ମନୁଷ୍ୟ ଜାତି ସମ୍ମୁଖରେ ଆଦର୍ଶ ରଖି ଅଛନ୍ତି । ଏହାହିଁ ଆମ୍ଭମାନଙ୍କ ସକାଶେ ଦେବ-ମୁହୂର୍ତ୍ତ । ଆମ୍ଭେମାନେ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଆଚରଣ କଲେ ଦେବ ମୁହୂର୍ତ୍ତର ଉପଯୋଗ କରିପାରିବା । ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରଚାର କାର୍ଯ୍ୟରେ ମଧ୍ୟ ସହଯୋଗ କରିପାରିବା । ଯେତେ ଅଧିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ଆଚରଣ କରିବେ ସେହି ଅନୁପାତରେ ସଂସାରର ଦୁର୍ନୀତି, ଚୋରି, ଡକାୟତି, ହିଂସା, ଲାଞ୍ଚ, ମିଛ, ଯୁଦ୍ଧ, ବାଦବିବାଦ କ୍ରମଶଃ କମ୍ ହେବାକୁ ଲାଗିବ । ଶେଷରେ ଏହି ପୃଥିବୀ

ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି ଆଦର୍ଶ ଗ୍ରହଣ ଛଡ଼ା ସଂସାରରୁ ଦୁର୍ନୀତି ଦୂର ହେବାର, ବ୍ୟକ୍ତି ସୁଖ-ଶାନ୍ତିରେ ରହି ଉନ୍ନତ ଜୀବନ ଯାପନ କରିବାର ଅନ୍ୟ କୌଣସି ଉପାୟ ନାହିଁ । ସଂସାରରେ ଦୁର୍ନୀତି, ଦୁଃଖକଷ୍ଟ, ଅସତ୍ୟ, ଅନ୍ୟାୟର କାରଣ ହେଉଛି ମନୁଷ୍ୟର ମନ, ପ୍ରାଣ, ଶରୀରର ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି । ଏସବୁ ସାଂସାରିକ ବିଧିବିଧାନ, ନିୟମ, ପ୍ରଣାଳୀ ଦ୍ୱାରା ପରିବର୍ତ୍ତିତ ହେବ ନାହିଁ । ଏପରିକି ପୁରାତନ ଯୋଗ-ପ୍ରଣାଳୀ ଦ୍ୱାରା ମଧ୍ୟ ଏସବୁର ପରିବର୍ତ୍ତନ ସମ୍ଭବ ନୁହେଁ । ସଂସାରର ସର୍ଜନା ଦିନରୁ ସଂସାରରେ ସୁଖଶାନ୍ତି ପ୍ରତିଷ୍ଠା କରିବା ସକାଶେ ପ୍ରଚେଷ୍ଟା ହୋଇ ଆସୁଥିବା ସତ୍ତ୍ୱେ ସେସବୁର ବୃଦ୍ଧି ହେଉଅଛି, ପରିବର୍ତ୍ତନ ହେଉ ନାହିଁ । ପୁରାତନ ଯୋଗ ସବୁ ଦ୍ୱାରା ମନ, ପ୍ରାଣ, ଶରୀରର ଗୁଣଧର୍ମ ପରିବର୍ତ୍ତିତ ହେବା ସମ୍ଭବ ନ ଦେଖି, ମନ, ପ୍ରାଣ, ଶରୀରକୁ ଛାଡ଼ି ନିତ୍ୟମୁକ୍ତ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରି ସାଧକମାନେ ଜନ୍ମ-ମରଣରୁ ମୁକ୍ତ ହେଲେ; ମାତ୍ର ସଂସାର ଠିକ୍ ପୂର୍ବପରି ଦୁଃଖକଷ୍ଟ ଭିତରେ ବୁଡ଼ି ରହିଲା ।

ପ୍ରଶ୍ନ : ଜୀବନର ଲକ୍ଷ୍ୟ କ'ଣ ? ଆମେ ତାହା ଜାଣିବା କିପରି ?

ଉତ୍ତର : ସଂସାରର ସମସ୍ତ ବ୍ୟକ୍ତି ଯାହା ଚାହାନ୍ତି, ଯେଉଁ ଚାହିଁବା କେବେ ବି ପରିବର୍ତ୍ତିତ ହୁଏ ନାହିଁ, ତାହାହିଁ ଜୀବନର ଲକ୍ଷ୍ୟ ।

ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତି ମୃତ୍ୟୁ, ରୋଗ, ଦୁଃଖକଷ୍ଟ ଚାହାନ୍ତି ନାହିଁ । ସମସ୍ତ ବ୍ୟକ୍ତି ଏଥିରୁ ମୁକ୍ତ ହେବାକୁ ଚାହିଁ ଆସୁ ଅଛନ୍ତି ଏବଂ ଚେଷ୍ଟା ମଧ୍ୟ କରି ଆସୁ ଅଛନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ସମ୍ବନ୍ଧେ ବ୍ୟକ୍ତି ସଚେତନ ନ ହୋଇ ମଧ୍ୟ ଏଥିରୁ ମୁକ୍ତି ପାଇବା ସକାଶେ ଅଜ୍ଞାତ ଭାବେ ସମସ୍ତ ସତ୍, ଅସତ୍, ଉଚ୍ଚ, ନୀଚ କର୍ମ କରୁ ଅଛନ୍ତି ।

ବ୍ୟକ୍ତି ପଢ଼େ, ଚାକିରି କରେ, ବ୍ୟବସାୟ କରେ, ଦେଶସେବା କରେ, ସ୍ନାନ ଭୋଜନ କରେ ସୁଖଶାନ୍ତିରେ ରହିବା ସକାଶେ । ଏପରିକି ଲକ୍ଷ୍ୟ ସମ୍ବନ୍ଧେ ଅଚେତ ହୋଇ ଲକ୍ଷ୍ୟ ପ୍ରାପ୍ତିର ଯଥାର୍ଥ ଉପାୟ ନ ଜାଣି ଅଜ୍ଞାନ ଶକ୍ତିର କବଳରେ ପଡ଼ି ଭ୍ରମ ବଶତଃ ବ୍ୟକ୍ତି ଚୋରି କରେ, ଡକାୟତି କରେ, ହିଂସା କରେ – ସୁଖଶାନ୍ତିରେ ରହିବା ସକାଶେ । କିନ୍ତୁ ଲକ୍ଷ୍ୟଜ୍ଞାନ ନ ଥିବା ଯୋଗୁଁ ବ୍ୟକ୍ତି ଭ୍ରମବଶତଃ ଲକ୍ଷ୍ୟପ୍ରାପ୍ତିର ପ୍ରତିକୂଳ କର୍ମ କରେ । ସେହି ସକାଶେ ବ୍ୟକ୍ତି ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରି ନ ପାରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ ଭୋଗ କରୁଥାଏ । ଏହିସବୁରୁ ମୁକ୍ତ ହେବାର ସମୟ ଆସିଅଛି । ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ଲକ୍ଷ୍ୟପ୍ରାପ୍ତିର ଯଥାର୍ଥ ସାଧନା – ସମର୍ପଣ, ଅଭୀପ୍ସା, ପ୍ରତିକୂଳ କର୍ମ ଓ ପ୍ରତିକୂଳ ବିଚାର ତ୍ୟାଗ କରି ମା' ଏହି ନାମଜପ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଛନ୍ତି – ଏହି ବିଶ୍ୱାସ ରଖି ସାଧନା-ମାର୍ଗରେ ଅଗ୍ରସର ହେଲେ ଲକ୍ଷ୍ୟସିଦ୍ଧି କରିପାରିବ ।

ପ୍ରଶ୍ନ : କୁହାଗଲା ଯେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପରାର୍ଦ୍ଧରୁ ଉତାରି ଆଣି ଏହି ମୃତ୍ୟୁପୁରୀ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଏହି ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗରେ ରୂପାନ୍ତରିତ ହେବ । ଏହାହିଁ ଦେବମୁହୂର୍ତ୍ତ । ଏହି ଦେବମୁହୂର୍ତ୍ତର କ୍ରମଶଃ ବିକାଶ ହୋଇ ସ୍ଥାୟୀଭାବେ ଚାଲିବ । ଯଦି ଏହା ସ୍ଥାୟୀଭାବେ ଚାଲିବ, ତେବେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ନ କଲେ ମଧ୍ୟ ଏହି ଦେବମୁହୂର୍ତ୍ତରୁ ବଞ୍ଚିତ ହେବ କିପରି ? ଏ ଜନ୍ମରେ ଏହି ଯୋଗ ଗ୍ରହଣ ନ କଲେ ମଧ୍ୟ ପରଜନ୍ମରେ ତ ଗ୍ରହଣ କରିପାରିବ !

ଉତ୍ତର : ଦେବମୁହୂର୍ତ୍ତ ବଢ଼ିଚାଲିବ ଅର୍ଥାତ୍ ଅତିମାନସ ଶକ୍ତିର କ୍ରିୟା କ୍ରମଶଃ ବୃଦ୍ଧି ହୋଇ ଚାଲିଥିବ । ଏହା ସଂପୂର୍ଣ୍ଣ ସତ୍ୟ । ବର୍ତ୍ତମାନ ଏହି ସତ୍ୟକୁ ଯଦି ଆମ୍ଭେମାନେ ଗ୍ରହଣ ନ କରିବା, ତେବେ ଏହି ଯେଉଁ ଦୁଃଖକଷ୍ଟ ଭୋଗୁଅଛୁ, ତହିଁରୁ ମୁକ୍ତ ହୋଇପାରିବା ନାହିଁ । ଅତିମାନସ ଶକ୍ତି ସମ୍ମୁଖରେ ଥାଇ ମଧ୍ୟ ଆମ୍ଭେମାନେ ଦୁଃଖକଷ୍ଟରେ ଘାଣ୍ଟି ହେଉଥିବା । କ୍ଷୁଧାର୍ତ୍ତ ସମ୍ମୁଖରେ ଉତ୍ତମ ଭୋଜନ ଥିବା ସତ୍ତ୍ୱେ ସେ ତାହା ଗ୍ରହଣ ନ କରି ଦୁଇ ତିନି ଦିନ ପରେ ମିଷ୍ଟାନ୍ନ ପ୍ରାପ୍ତ ହେବ

ବୋଲି ଉପସ୍ଥିତ ଭୋଜନକୁ ତ୍ୟାଗ କରି କ୍ଷୁଧାରେ ପୀଡ଼ିତ ହୋଇ ଛଟପଟ ହେବା ସଦୃଶ ଉପସ୍ଥିତ ସତ୍ୟକୁ ଗ୍ରହଣ ନ କରି ତାକୁ ହରାଇବା ମହାନ୍ ଭୁଲ୍ ହେବ ।

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ହେଲା ଯେ ଏହି ସତ୍ୟକୁ ଜାଣିବା ମାତ୍ରେ ଗ୍ରହଣ କରିବା ଉଚିତ । କିନ୍ତୁ ଏହି ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନା କ'ଣ ?

ଉତ୍ତର : ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି । ଏହି ଲକ୍ଷ୍ୟସିଦ୍ଧିର ସାଧନା ହେଲା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବିଚାର ଓ କର୍ମର ତ୍ୟାଗ ଏବଂ ନିରନ୍ତର 'ମା' ଏହି ନାମ ଜପ ଏବଂ କିଛି ସମୟ ନିଜର ହୃଦୟ ବା ମସ୍ତିଷ୍କର ଊର୍ଦ୍ଧ୍ୱରେ ଧ୍ୟାନ କରିବା । ମୁଁ ମା'ଙ୍କର ସନ୍ତାନ, 'ମା' ମୋ ସଙ୍ଗେ ରହି ମୋତେ ସର୍ବଦା ରକ୍ଷା କରୁଅଛନ୍ତି – ଏହି ଧାରଣା ସବୁ ସମୟରେ ରଖିବାକୁ ହେବ । ଏହାହିଁ ସାଧନା ।

ଅଭୀପ୍ସାର ଅର୍ଥ ଅନ୍ତରର ଇଚ୍ଛା । ସଂସାରୀ ବ୍ୟକ୍ତି ତା'ର ସ୍ୱାର୍ଥବସ୍ତୁ ପାଇବା ନିମିତ୍ତ ଚାହିଁବାକୁ ଇଚ୍ଛା କୁହାଯାଏ । ମାତ୍ର ଭଗବତ୍‌ପ୍ରାପ୍ତିର ଇଚ୍ଛା ବା ଚାହିଁବାକୁ ଅଭୀପ୍ସା କୁହାଯାଏ ।

ଅଭୀପ୍ସା କରିବାକୁ ହେବ ନିରନ୍ତର – 'ମା' ଏହି ନାମ ଜପ କରିବା ସକାଶେ, ନିଜେ ଏବଂ ନିଜର ଯାହାକିଛି ଅଛି ତାହାକୁ ପୂର୍ଣ୍ଣରୂପେ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ, ପ୍ରତିକୂଳ ସମସ୍ତ କର୍ମ, ସମସ୍ତ ଚିନ୍ତା, ସମସ୍ତ ଆଚରଣ ତ୍ୟାଗ କରିବା ସକାଶେ; ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଅଛନ୍ତି – ଏହି ଧାରଣା ସର୍ବଦା ରଖିବା ସକାଶେ ।

ସମର୍ପଣ କରିବାକୁ ହେବ ବା ଧାରଣା କରିବାକୁ ହେବ – ନିଜେ ଯାହା ଓ ନିଜର ଯାହାକିଛି ଅଛି ଯଥା : ଘର, ପରିବାର, ଧନସଂପଦ ସବୁ ମା'ଙ୍କର । ସ୍ନାନ, ଭୋଜନ, ପୁଅ-ଝିଅଙ୍କୁ ପାଳନ-ପୋଷଣ କରିବା ଆଦି ପାରିବାରିକ ସମସ୍ତ କର୍ମ ମା'ଙ୍କର ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବାକୁ ହେବ । ଆଉ ମଧ୍ୟ ଏପରି ଧାରଣା କରିବାକୁ ହେବ ଯେ ଏସବୁ ମା'ଙ୍କର । ଏହିସବୁ ସେବା ସକାଶେ ମା' ମୋତେ ନିଯୁକ୍ତ କରିଅଛନ୍ତି ।

ତ୍ୟାଗ କରିବାକୁ ହେବ ମନ, ପ୍ରାଣ, ଶରୀରର ପ୍ରତିକୂଳ ଗୁଣଧର୍ମ ଅହଂ, ସ୍ୱାର୍ଥ, ଲୋଭ, ମୋହ, କାମ, କ୍ରୋଧ, ହିଂସା, ଦ୍ୱେଷ, ବୈରବିରୋଧ ଇତ୍ୟାଦି । ସାଧନା ଆରମ୍ଭ କରିବା ସମୟରେ ଏସବୁ ରହିଥାଆନ୍ତି କିନ୍ତୁ ଧୀରେ ଧୀରେ ଏସବୁକୁ ତ୍ୟାଗ କରିବାକୁ ହୁଏ ।

ସାଧନାର ଆରମ୍ଭରୁ ଏସବୁ ବିଦ୍ୟମାନ ଥିବା ସତ୍ତ୍ୱେ, କୌଣସି ବ୍ୟକ୍ତି ପ୍ରତି ରାଗ ଆସିଲେ, ତା' ସହ ଝଗଡ଼ା ବା ରାଗ ନ କରି ମୁଖ ବନ୍ଦ କରି ରହିବା ଉଚିତ । ସେହିପରି ଅନ୍ୟାନ୍ୟ ପ୍ରତିକୂଳ ଆକ୍ରମଣ ଆସିଲେ ସେସବୁକୁ କର୍ମରେ ପରିଣତ କରିବାକୁ ଦେବାକୁ ହେବ ନାହିଁ । ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ ଇତ୍ୟାଦିକୁ ଏହିପରି ସାଧନାର ପ୍ରଥମାବସ୍ଥାରେ ତ୍ୟାଗ କରିବାକୁ ହେବ । ସାଧନାର ଆରମ୍ଭିକ ଅବସ୍ଥାରେ ସବୁଦୋଷ ଥାଇ ସାଧନା ଆରମ୍ଭ କରିବାକୁ ହେବ । ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ନାମ ଜପ ସହ ଚେଷ୍ଟା କଲେ ଆସ୍ତେ ଆସ୍ତେ ବାହ୍ୟ ତ୍ୟାଗ ହୋଇପାରିବ । ଏସବୁର ସଂଯମ ବା ରୂପାନ୍ତର ସକାଶେ ସମୟ ଲାଗିବ । ସାଧକ ଯେତେ ସଚେତନ ହୋଇ ନାମଜପ କରିବ ଏବଂ ''ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷାକରୁଅଛନ୍ତି'' – ଏହି ଧାରଣା ଯେତେ ଜାଗ୍ରତ୍ ହେବ, ସେହି ଅନୁପାତରେ ବାହ୍ୟସଂଯମ ଓ ଆନ୍ତର ସଂଯମ ସାଧକ କରିପାରିବ । ଏହା ନିର୍ଭର କରିବ ନାମଜପରେ ନିଷ୍ଠା ଉପରେ ତଥା ମୁଁ ମା'ଙ୍କର, ମା' ସର୍ବଦା ମୋତେ ରକ୍ଷା କରୁଅଛନ୍ତି – ଏହି ବିଶ୍ୱାସ ଉପରେ ।

'ମା' (The Mother) ପୁସ୍ତକର ତୃତୀୟ ଅଧ୍ୟାୟ ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଅଛନ୍ତି :

"The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full

presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the Divine Mother is the sanction of the supreme and now or tomorrow its effect is sure, a thing decreed, inevitable and irresistible."

ଅର୍ଥାତ୍, ''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ । ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧାବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ, କୌଣସି ଶତ୍ରୁ ଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉନା କାହିଁକି, ତୁମକୁ ସ୍ପର୍ଶକରି ପାରିବ ନାହିଁ; କୌଣସ ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

'ମା' (The Mother) ବହିର ତୃତୀୟ ଅଧ୍ୟାୟର ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଲେ – ''ତୁମର ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେ ଘେରି ରହିବ ।'' ଏହା ସାଧନାର ବହୁତ ଅଗ୍ରଗତିର ଅବସ୍ଥା, କିନ୍ତୁ ସାଧନାର ପ୍ରଥମ ଅବସ୍ଥାରେ ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ପୂର୍ଣ୍ଣ ହୋଇପାରିବ ନାହିଁ । ସାଧନାର ଆରମ୍ଭିକ ଅବସ୍ଥା ସକାଶେ ଶ୍ରୀଅରବିନ୍ଦ କହିଲେ, ସାଧକ ଯଦି ଆନ୍ତରିକତା ସହିତ ଅଳ୍ପ ସମର୍ପଣ, ଅଳ୍ପ ଶ୍ରଦ୍ଧା ରଖିପାରନ୍ତି ଅର୍ଥାତ୍ ସାଧକ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଯଦି ''ମୁଁ ମା'ଙ୍କର, ମା' ମୋତେ ସବୁ ବାଧା-ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ଅଗ୍ରସର ହେବାରେ ସାହାଯ୍ୟ କରିବେ'', ତେବେ ନିଶ୍ଚିତ ରୂପେ ମା' ରକ୍ଷା କରିବେ ଏବଂ ସାହାଯ୍ୟ କରିବେ । ଶ୍ରୀଅରିବନ୍ଦ କହିଲେ ଏହି ପାର୍ଥିବ ଜଗତରେ କୌଣସି ବ୍ୟକ୍ତି, କୌଣସି ଘଟନା, କୌଣସି ପରିସ୍ଥିତିରୁ ବାଧା ଆସୁ ଅଥବା ଅଦୃଶ୍ୟ ଜଗତରୁ ବିରୋଧୀ ଶକ୍ତି ମନ, ପ୍ରାଣ, ଶରୀରର ଗୁଣଧର୍ମକୁ ଯନ୍ତ୍ର କରି କୌଣସି ବାଧା ସୃଷ୍ଟି କରୁ, ସବୁ ବାଧା-ବିପତ୍ତିରୁ ମା' ରକ୍ଷାକରିବେ ଯେପରି ଛୋଟ ଶିଶୁକୁ ପାର୍ଥିବ ମା' ରକ୍ଷାକରେ । ସାଧକର ଚାରିପାଖରେ ମା'ଙ୍କ ରକ୍ଷା କବଚାବୃତ ସଦୃଶ ଘେରି ରହିବ ।

ମନ, ପ୍ରାଣ, ଶରୀରର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର, ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଓ ଦୁଃଖକଷ୍ଟରୁ ପୂର୍ଣ୍ଣମୁକ୍ତି, ସଂସାରରେ ଦିବ୍ୟସ୍ୱର୍ଗ ପ୍ରତିଷ୍ଠା – ଏହି କଠିନ କାର୍ଯ୍ୟ ଅତ୍ୟନ୍ତ ସହଜ ହୁଏ ସାଧନାର ଆରମ୍ଭରୁ ''ମୁଁ ମା'ଙ୍କର, ମା' ମୋତେ ସବୁ ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ'' – ଏହି ବିଶ୍ୱାସ ଓ ଶ୍ରଦ୍ଧା ରଖିଲେ । ଏହା ଦ୍ୱାରା ସାଧନା ଅତ୍ୟନ୍ତ ସରଳ ହୁଏ । ଏପରି କଲେ ମା' ସବୁ ଅବସ୍ଥାରେ ରକ୍ଷା କରିବେ ।

ପ୍ରଶ୍ନ : କୁହାହେଲା ଯେ ଏହି ରୂପାନ୍ତର ଯୋଗ ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ । ଜୀବନହିଁ ଯୋଗ । ଶରୀରରୁ ରକ୍ତ ମାଂସ ଯେପରି ପୃଥକ୍ କରି ହେବ ନାହିଁ, ସେହିପରି ଜୀବନରୁ ଯୋଗକୁ ବି ପୃଥକ୍ କରି ହେବ ନାହିଁ । ଯଦି ଏହା ଯଥାର୍ଥ ହୁଏ, ତେବେ ସଂସାରର ସମସ୍ତ ବ୍ୟକ୍ତି ସାଧନା କରିବେ, କେହି ବି ବିବାହ କରିବେ ନାହିଁ । ଯୋଗସାଧନା କରିବାକୁ ହେଲେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପଡ଼ିବ । ସନ୍ତାନ ନ ହେଲେ ସଂସାରରୁ ମନୁଷ୍ୟ ଜାତି ଲୋପ

ହୋଇଯିବ । କ୍ରମବିକାଶ ବି ଚାଲିପାରିବ ନାହିଁ । ପୁଣି ଏହାର ବିପରୀତ କଥା କୁହାଗଲା – ''ସଂସାରରେ ପଶୁ ଜାତି ଥାଇ ଯେପରି ମନୁଷ୍ୟ ଜାତି ରହିଅଛନ୍ତି, ସେହିପରି ମନୁଷ୍ୟ ଜାତି ଥାଇ ମଧ୍ୟ ଅତିମାନସ ଜାତି ପୃଥିବୀରେ ପ୍ରତିଷ୍ଠିତ ହେବେ; ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।'' ଉଭୟ ବାକ୍ୟ ଏକର ଅନ୍ୟଟି ବିପରୀତ ମନେ ହେଉଛି । ରୂପାନ୍ତରର ଯଥାର୍ଥ ରହସ୍ୟ ସ୍ପଷ୍ଟ ଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : ରୂପାନ୍ତର ଯୋଗ ଯଥାର୍ଥ ଭାବେ ନ ବୁଝିବା ଯୋଗୁଁ ବିରୋଧାତ୍ମକ ମନେ ହେଉଛି । ଯଥାର୍ଥରେ ଉପରେ ଆଲୋଚନା ହୋଇଥିବା ବିଷୟ ବିରୋଧାତ୍ମକ ନୁହେଁ ।

ଯେପରି କ୍ରମବିକାଶ ଅନୁସାରେ ପ୍ରଥମରେ ମାଟି, ପଥର ଆଦି ଜଡ଼ବସ୍ତୁର ସୃଷ୍ଟି ହେଲା । ପରେ ପ୍ରାଣର ବିକାଶ ହେବାରୁ ମାଟି, ପଥର ଆଦି ଜଡ଼ବସ୍ତୁ ଥାଇ ମଧ୍ୟ ବୃକ୍ଷ-ଲତା, ପଶୁପକ୍ଷୀ ଜାତ ହେଲେ । ପୁଣି ବୃକ୍ଷଲତା, ପଶୁପକ୍ଷୀ ଥାଇ ବି ମନର ବିକାଶ ମନୁଷ୍ୟ ମଧ୍ୟରେ ହେଲା । ସେହିପରି ମନୁଷ୍ୟ ଜାତି ଥାଇ ଅତିମାନବ ଜାତି ଓ ଅତିମାନସ ଚେତନା ପୃଥିବୀରେ ପ୍ରତିଷ୍ଠିତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

କୁହାହୋଇଛି, ''ସମସ୍ତ ବ୍ୟକ୍ତିଙ୍କର ଜୀବନହିଁ ଯୋଗ, ଯୋଗକୁ ଜୀବନରୁ ପୃଥକ୍ କରାଯାଇ ପାରିବ ନାହିଁ ।'' ଏହା ସତ୍ୟ ହେବା ସତ୍ତ୍ୱେ ସଂସାରର ସମସ୍ତ ବ୍ୟକ୍ତି ଯୋଗ ଗ୍ରହଣ ବା ଆଚରଣ କରିପାରିବେ ନାହିଁ । ଯେଉଁ ବ୍ୟକ୍ତିମାନେ ଯୋଗ ଗ୍ରହଣ କରିବେ, ସେମାନେ ସମସ୍ତେ ସମାନ ଭାବେ ତୀବ୍ରତା ସହ ଯୋଗସାଧନାର ନିୟମ ପାଳନ କରିପାରିବେ ନାହିଁ । କିଂବା ସଂସାରର ସମସ୍ତ ବ୍ୟକ୍ତି ବିବାହ ନ କରି ଗୃହ-ପରିବାର ଛାଡ଼ି ସାଧନାରେ ପ୍ରବୃତ୍ତ ହେବେ ନାହିଁ । ଏହା ଭଗବାନଙ୍କ ସୃଷ୍ଟିର ବିଧାନ ନୁହେଁ । ଯେଉଁମାନେ ଯୋଗ ଗ୍ରହଣ କରିବେ, ସେମାନେ ପରିବାରରେ ରହି ମଧ୍ୟ ସୁଖଶାନ୍ତିରେ ରହିବେ ।

''ଜୀବନହିଁ ଯୋଗ'' – ଏହି ସତ୍ୟ ସଂସାରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବ, ପ୍ରତ୍ୟେକଙ୍କ କାନରେ ପଡ଼ିବ । ଏହି ସତ୍ୟ ଜାଣିବା ବ୍ୟକ୍ତିଙ୍କ ମଧ୍ୟରେ ଯେଉଁମାନଙ୍କ ଅନ୍ତରାତ୍ମା କିଛି ଅଂଶରେ ବିକଶିତ ହୋଇଥିବ, ସେହିମାନେ ଏହି ସତ୍ୟକୁ ସମର୍ଥନ କରିବେ । ସମର୍ଥନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଅନ୍ତରାତ୍ମା କିଛି ଅଧିକ ଜାଗ୍ରତ ହୋଇଥିବ, ସେହିମାନେ ଏହି ଯୋଗକୁ ଗ୍ରହଣ କରିବେ, ଘରେ ଓ ଗ୍ରାମରେ ପାଠଚକ୍ର ପ୍ରତିଷ୍ଠିତ କରାଇବେ ଏବଂ ପାଠଚକ୍ର ପ୍ରସାର କରାଇବାକୁ ଚେଷ୍ଟା କରିବେ । ଏହିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଅନ୍ତରାତ୍ମାର ଅତି ଅଧିକ ବିକଶିତ ହୋଇଥିବ, ସେହିମାନେ ତୀବ୍ର ଭାବେ ସାଧନାରେ ପ୍ରବୃତ୍ତ ହେବେ, ପାଠଚକ୍ରର ପ୍ରସାର କାର୍ଯ୍ୟ ଆନ୍ତରିକତା ସହ କରିବେ । ଅତିମାନସ ରୂପାନ୍ତର ଯୋଗ ସମ୍ବନ୍ଧେ ଜାଣିବା ଭାଇଭଉଣୀମାନଙ୍କ ମଧ୍ୟରୁ କେହି ଗୃହତ୍ୟାଗ କରି ତୀବ୍ର ଭାବେ ସାଧନା କରିବେ, କେହି ଗାର୍ହସ୍ଥ୍ୟାଶ୍ରମରେ ରହି ତୀବ୍ର ଭାବେ ସାଧନା କରିବେ । ଏହିପରି ତୀବ୍ରଭାବେ ସାଧନା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଂବା ସାଧାରଣ ଭାବେ ସାଧନା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ତରାତ୍ମାର ପ୍ରେରଣା ତଥା ଭଗବାନଙ୍କ ବିଧାନ ଅନୁସାରେ କେହି କେହି ଗୃହ-ପରିବାର ତ୍ୟାଗ କରିବେ ଏବଂ ନିଜର ଲକ୍ଷ୍ୟ ପ୍ରାପ୍ତିର ସାଧନା ମନୋଭାବରେ ଅତିମାନସ ରୂପାନ୍ତର ଯୋଗର ସନ୍ଦେଶ ପାଠଚକ୍ର ମାଧ୍ୟମରେ ଜନ୍ମଗ୍ରହଣ କରିଥିବା ଅଞ୍ଚଳ, ଜିଲ୍ଲା, ପ୍ରଦେଶ ତଥା ଭାରତ ବର୍ଷରେ ପ୍ରସାରିତ ହେବା କାର୍ଯ୍ୟରେ ନିଜକୁ ପୂର୍ଣ୍ଣରୂପେ ମା'ଙ୍କ ଚରଣରେ ସମର୍ପଣ କରିବେ । କେହି କେହି ଏହି ସତ୍ୟ ସମଗ୍ର ପୃଥିବୀରେ ପ୍ରସାରିତ ହେବାରେ କାର୍ଯ୍ୟ କରିବେ ।

ଗୃହରେ ଥାଇ ତୀବ୍ରଭାବେ ସାଧନା କରୁଥିବା ସାଧକମାନଙ୍କ ସଂଖ୍ୟା ଏବଂ ଗୃହତ୍ୟାଗ କରି ତୀବ୍ରଭାବେ ସାଧନା କରୁଥିବା ସାଧକମାନଙ୍କ ସଂଖ୍ୟା ଖୁବ୍ କମ୍ ହେବ । ସାଧନା ଆରମ୍ଭ କରୁଥିବା ସାଧକ ଏବଂ ସାଧନାରେ ବହୁତ ଅଗ୍ରସର ହେଉଥିବା ସାଧକମାନଙ୍କ ମଝିରେ ଥାଇ ସାଧନା କରୁଥିବା ସାଧକମାନଙ୍କର ସାଧନା ସ୍ତର ବହୁତ ରହିବ । କିନ୍ତୁ ସାଧନା ଆରମ୍ଭ କରୁଥିବା ସାଧକମାନଙ୍କ ସାଧନାସ୍ତର ଓ ଶେଷରେ ଥିବା ସାଧକମାନଙ୍କ ସାଧନାସ୍ତର ମଧ୍ୟରେ ପାବଚ୍ଛ ବା ଶିଡ଼ିସଦୃଶ ସମ୍ବନ୍ଧ ରହିବ । ଏହି ଯୋଗ ସାମୂହିକ ହୋଇଥିବାରୁ ପ୍ରତ୍ୟେକ ଶ୍ରେଣୀର ସାଧକମାନଙ୍କ ସାଧନା ପ୍ରତ୍ୟେକ ଶ୍ରେଣୀର ସାଧନାକୁ ସାହାଯ୍ୟ କରୁଥିବ । ସଂସାରରେ ସମସ୍ତ ବ୍ୟକ୍ତି ସାଧନା କରିବେ ନାହିଁ ।

ସାଧନା ନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ସମୟ ଅନୁସାରେ କେହି କେହି ସାଧନାରେ ପ୍ରବୃତ୍ତ ହେବେ । କିନ୍ତୁ ସାଧନା ନ କରୁଥିବା ମନୁଷ୍ୟସମାଜ ସଂସାରରେ ରହିବ । ସେମାନଙ୍କର ସନ୍ତାନ ହେଉଥିବ ।

ଭାରତବର୍ଷ ବା ପୃଥିବୀରେ ଏହି ଅତିମାନସ ସତ୍ୟର ଯେତେ ଅଧିକ ପ୍ରସାର ହେବ, ସେହି ଅନୁପାତରେ ସାଧକମାନଙ୍କ ସଂଖ୍ୟା ବୃଦ୍ଧି ହେବ । ସେମାନଙ୍କ ସଂଖ୍ୟାର ବୃଦ୍ଧି ଅନୁପାତରେ ସେମାନଙ୍କ ମଧ୍ୟରୁ ଉଚ୍ଚକୋଟିର ସାଧକ ଅଳ୍ପ ସଂଖ୍ୟାରେ ବୃଦ୍ଧ ହେଉଥିବେ । ଯେତେବେଳେ କିଛି ସାଧକଙ୍କର ପୂର୍ଣ୍ଣ ରୂପାନ୍ତର ହେବ, ସେମାନେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି କରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଦୁଃଖକଷ୍ଟରୁ ପୂର୍ଣ୍ଣତଃ ମୁକ୍ତ ହେବେ, ସେତେବେଳେ ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠିତ ହେବ ।

ଏହି ଯୋଗ ପୁରାତନ ସମସ୍ତ ଯୋଗ ସଦୃଶ ବ୍ୟକ୍ତିଗତ ନୁହେଁ, ଅର୍ଥାତ୍ ପୁରାତନ ଯୋଗରେ ଯେଉଁମାନେ ସାଧନା କରୁଥିଲେ ସେହିମାନେ ମୁକ୍ତି ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତିକରି ଜନ୍ମ-ମରଣରୁ ନିବୃତ୍ତ ହେଉଥିଲେ । ସଂସାରରେ ଯେଉଁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ ଥିଲା, ତାହାର ବୃଦ୍ଧି ହୋଇ ଚାଲୁଥିଲା, ଏହାର ସତ୍ୟତା ବର୍ତ୍ତମାନ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ଅଛି ।

ଅତିମାନସ ରୂପାନ୍ତର ଯୋଗ ବ୍ୟକ୍ତିଗତ ନୁହେଁ, ସାମୂହିକ । ଏହି ଯୋଗକୁ ଯେତେ ଅଧିକ ବ୍ୟକ୍ତି ଜାଣିବେ, ଗ୍ରହଣ କରିବେ, ସାଧନା କରିବେ, ସେହି ଅନୁପାତରେ ପୃଥିବୀର ବାତାବରଣ ଶୁଦ୍ଧ ଓ ପବିତ୍ର ହେଉଥିବ । ପୃଥିବୀର ବାତାବରଣ ଶୁଦ୍ଧ ହେଉଥିବା ଯୋଗୁଁ, ଯେଉଁ ସାଧକମାନେ ସବୁଠାରୁ ଉଚ୍ଚକୋଟୀର ଥିବେ, ସେମାନଙ୍କ ସାଧନାରେ ସାହାଯ୍ୟ ମିଳିବ । ଉଚ୍ଚକୋଟୀର ସାଧକମାନେ ଯେତେ ସାଧନାରେ ଅଗ୍ରସର ହେଉଥିବେ, ପୃଥିବୀର ବାତାବରଣ ମଧ୍ୟ ସେହି ପରିମାଣରେ ଶୁଦ୍ଧ ହେଉଥିବ । ପୃଥିବୀର ବାତାବରଣ ପୂର୍ଣ୍ଣରୂପେ ଶୁଦ୍ଧ ହେଲେ ଏବଂ କିଛି ସାଧକଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ବର୍ତ୍ତମାନ ପୃଥିବୀରେ ଯେପରି ମାନସ ଚେତନା ପ୍ରତିଷ୍ଠିତ ହୋଇଛି, ସେହିପରି ପୃଥିବୀରେ ଅତିମାନସ ସତ୍ୟ-ଚେତନା ପ୍ରତିଷ୍ଠିତ ହେବ । ସମଗ୍ର ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଏହି ଯୋଗ ସାମୂହିକ ଏବଂ ପରସ୍ପରର ସହାୟକ ।

ପ୍ରଶ୍ନ : ଯେଉଁ ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ହେବ ସେମାନେ ଲକ୍ଷ୍ୟସିଦ୍ଧ କରି ଭଗବତ୍ ଚେତନାରେ ଭଗବତ୍ ଆନନ୍ଦରେ ନିବାସ କରିବେ । ଯେଉଁମାନେ ସାଧନା କରି ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଅଗ୍ରଗତି କରିବେ ସେମାନେ ସୁଖଶାନ୍ତିରେ ରହିପାରିବେ । କିନ୍ତୁ ଯେଉଁମାନେ ଗୃହସ୍ଥାଶ୍ରମରେ ରହି କୁଟୁମ୍ବ ପାଳନ-ପୋଷଣ କରିବେ, ସେମାନଙ୍କର ସନ୍ତାନ-ସନ୍ତତି ହେଉଥିବେ, ସେମାନଙ୍କ ସକାଶେ ଏହି ଦୁଃଖ-ଦ୍ୱନ୍ଦ୍ୱ ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗ ହେବ କିପରି ?

ଉତ୍ତର : ପୃଥିବୀରେ ଅତିମାନସ ସତ୍ୟଚେତନା ପ୍ରତିଷ୍ଠିତ ହେଲେ ସୂର୍ଯ୍ୟର ପ୍ରକାଶରେ ଅନ୍ଧକାର ବିଲୀନ ହେବା ସଦୃଶ ଏହି ମୃତ୍ୟୁପୁରୀରୁ ଅଜ୍ଞାନଶକ୍ତି ଲୁପ୍ତ ହୋଇଯିବ । ଅଜ୍ଞାନଶକ୍ତି ସ୍ୱୟଂ ରୂପାନ୍ତରିତ ହେବାରୁ ତାହାର ଯନ୍ତ୍ର ମନ, ପ୍ରାଣ, ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷାଦି ଦୁର୍ଗୁଣ ରହିବ ନାହିଁ । ଏହିସବୁ ଦୋଷହିଁ ମନୁଷ୍ୟର ପୂର୍ଣ୍ଣ ଶତ୍ରୁ । ଏସବୁ ନ ରହିଲେ, ସାଧନା ନ କରୁଥିବା ବ୍ୟକ୍ତି ମହାନ୍ ଆନନ୍ଦରେ ରହିବେ । କିନ୍ତୁ ସାଧନା ନ କଲେ ସେମାନଙ୍କର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ ନାହିଁ ।

ପ୍ରଶ୍ନ : ବର୍ତ୍ତମାନ ଅଜ୍ଞାନଶକ୍ତିର ଶାସନ ଥିବାରୁ ସବୁବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି ସମ୍ବନ୍ଧେ ସଚେତ ହୋଇ ପାରୁ ନାହାନ୍ତି । ସେତେବେଳେ ଅଜ୍ଞାନଶକ୍ତି ରହିବ ନାହିଁ । ସ୍ୱଚକ୍ଷୁରେ ମନୁଷ୍ୟମାନେ ଅତିମାନବ ଦିବ୍ୟଜାତିକୁ ଦେଖିବେ । ଅତିମାନସ ସତ୍ୟର ପ୍ରଭାବ ସେମାନଙ୍କ ଉପରେ ପଡ଼ିବ । ସେମାନେ ସାଧନା ନ କରି ରୂପାନ୍ତରିତ ନ ହେବେ କାହିଁକି ?

ଉତ୍ତର : କ୍ରମବିକାଶ ତଥା ଭଗବାନଙ୍କ ସୃଷ୍ଟିର ବିଧାନ ଅନୁସାରେ ପୃଥିବୀରେ ମନୁଷ୍ୟଜାତି ରହିବେ । ସେମାନଙ୍କ ମଧ୍ୟରୁ କେତେକେ ସାଧନା କରି ରୂପାନ୍ତରିତ ହେଉଥିବେ । କ୍ରମବିକାଶ ପ୍ରଣାଳୀ ଅନୁସାରେ ପଶୁରୁ ମନୁଷ୍ୟରୂପେ ଜନ୍ମଗ୍ରହଣ କରୁଥିବେ । ଏହି ପ୍ରଣାଳୀ ସର୍ବଦା ଚାଲିବ । କିନ୍ତୁ ସେମାନଙ୍କର ଅଜ୍ଞାନତା ରହିବ ନାହିଁ । ଭଗବାନଙ୍କ

କ୍ରମବିକାଶ ବିଧାନ ଅନୁସାରେ ପଶୁରୁ ମନୁଷ୍ୟ ସନ୍ତାନରୂପେ ଜନ୍ମଗ୍ରହଣ କରୁଥିବେ । କିନ୍ତୁ ବ୍ୟକ୍ତି କାମଶକ୍ତିର କବଳରେ ରହିବ ନାହିଁ ।

ପ୍ରଶ୍ନ : ସାଧନାରେ ଅଗ୍ରସର ହେଲେ ସାଧକ ସୁଖଶାନ୍ତିରେ ରହି ପାରିବ କିନ୍ତୁ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି କିପରି ସୁଖ ଶାନ୍ତିରେ ରହିପାରିବ ? ସହଜ ପ୍ରଣାଳୀ ଥିଲେ ବୁଝାଇ ଦିଅନ୍ତୁ ।

ଉତ୍ତର : ମା' ମୋ ସଙ୍ଗେ ସର୍ବଦା ରହି ସବୁ ବାଧା-ବିପଦରୁ ରକ୍ଷା କରିବେ ଏହି ବିଶ୍ୱାସ ରଖିଲେ ସାଧକ ସାଧନାର ଆରମ୍ଭରୁ ସୁଖ-ଶାନ୍ତିରେ ରହି ସାଧନାରେ ଅଗ୍ରସର ହୋଇ ପାରିବେ । ଆରମ୍ଭ କରିବା ମାତ୍ରେ ବିଶ୍ୱାସ ରଖିବ ମା'ଙ୍କ ଉପରେ, ଧାରଣା କରିବ ମୁଁ ମା'ଙ୍କର । ମା' ମୋତେ ସବୁ ବିପଦରୁ, ଦୁଃଖ-କଷ୍ଟରୁ ରକ୍ଷା କରି ଲକ୍ଷ୍ୟରେ ପହୁଞ୍ଚାଇ ଦେବେ । ଏହି ବିଶ୍ୱାସ ରଖି ମା'ଙ୍କୁ ସମର୍ପଣ କଲେ ସାଧାରଣ ମା' ଛୋଟ ଶିଶୁକୁ ରକ୍ଷା କରିବା ସଦୃଶ ଶ୍ରୀମା ସାଧକଙ୍କୁ ରକ୍ଷା କରିବେ ।

ଶ୍ରୀମା ବହୁତ ସ୍ଥଳରେ କହିଛନ୍ତି – ''ବ୍ୟକ୍ତି ଆନ୍ତରିକତା ସହ ଥରେ ଯଦି କହେ ''ମୁଁ ତୁମର'' ସେହି ସମୟରୁ ମୋ ଶକ୍ତି ତା' ସହିତ ରହି ତାକୁ ରକ୍ଷା କରେ । ରୂପାନ୍ତର କରିବ ଭାଗବତୀଶକ୍ତି । ଏହି କାରଣରୁ ସାଧନା ଆରମ୍ଭରୁ ମା'ଙ୍କ ଉପରେ ବିଶ୍ୱାସ ଭରସା ରଖିବାକୁ ହୁଏ ।

ଏହି ରୂପାନ୍ତର-ଯୋଗର ସାଧନା ହେଉଛି ଅଭୀପ୍ସା, ସମର୍ପଣ, ପ୍ରତିକୂଳ କର୍ମ, ବିଚାରର ତ୍ୟାଗ, ନାମଜପ ଏବଂ ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା । ସମର୍ପଣର ଅର୍ଥ – ନିଜେ, ନିଜର ଯାହାକିଛି : ଘର, ପରିବାର ସମ୍ପତ୍ତି ମା'ଙ୍କର । ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ଦେଶ ସେବାଦି କାର୍ଯ୍ୟ ମା'ଙ୍କର ସେବା । ଏହି ମନୋଭାବ ରଖି 'ମା' ଏହି ନାମ ଜପ କଲେ ସମର୍ପଣ ଭାବ ଜାଗ୍ରତ ରହିବ । ଏହି ସମର୍ପଣ ଭାବ ସହିତ ନାମଜପ ଚାଲିଲେ ସାଧକ ଏଥିରେ ବହୁତ ଆନନ୍ଦ ପାଇବ । ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିବା ଯୋଗୁଁ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ଭରସା ରହିବ । କୌଣସି ବାଧା ବିପଦ ଆସିଲେ ମା'ଙ୍କ ଉପରେ ନିର୍ଭରତା ଥିବା ଯୋଗୁଁ ସେ ଦୁଃଖିତ, ବ୍ୟଥିତ, ବିଚଳିତ ନ ହୋଇ ବିପଦରୁ ରକ୍ଷା ପାଇବା ସକାଶେ ମା'ଙ୍କୁ ଡାକିବ । ମା'ଙ୍କ ଉପରେ ଭରସା ରଖି ମା'ଙ୍କୁ ଡାକିଲେ ଅର୍ଥାତ୍ ନାମଜପ କଲେ ବିପଦ ଶାନ୍ତିରେ ପରିଣତ ହେବ । ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସାଧକକୁ ଆନନ୍ଦ ପ୍ରାପ୍ତ ହେବ ।

ସାଧନା ନ କରୁଥିବା ବ୍ୟକ୍ତି ଯେଉଁ ବାଧା, ବିପତ୍ତି ଚିନ୍ତାରେ ଦିବାରାତ୍ରି ଘାଣ୍ଟି ହେଉଥିବ, ମା'ଙ୍କ ଉପରେ ନିର୍ଭର ଥିବା ସାଧକ ସେ ବିପଦରୁ ସହଜରେ ମୁକ୍ତ ରହି ବାଧା-ବିପଦକୁ ଅତିକ୍ରମ କରି ପାରିବେ ।

ପ୍ରଶ୍ନ : ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସମସ୍ତ ସାଧକଙ୍କ ସକାଶେ ଏହା ସମ୍ଭବ ହେବ ନାହିଁ । ବହୁତ କମ୍ ସାଧକ ସାଧନା ଆରମ୍ଭରୁ ଏପରି ମା'ଙ୍କୁ ସମର୍ପଣ କରି ତାଙ୍କ ଉପରେ ବିଶ୍ୱାସ ଭରସା ରଖି ପାରିବେ । ସାଧାରଣ ସାଧକ ସାଧନା ଆରମ୍ଭରୁ ସୁଖ ଶାନ୍ତିରେ ରହିବେ କିପରି ?

ଉତ୍ତର : ସାଧାରଣ ସାଧକ ଯାହାର ସାଧନାରେ ତୀବ୍ରତା ନାହିଁ, ସେ ସାଧନା ଆରମ୍ଭରୁ ସୁଖଶାନ୍ତିରେ ରହିପାରିବେ ଘରେ ପାଠଚକ୍ର କରିବା ଦ୍ୱାରା । ଏହା ଏକେବାରେ ନିରାଟ ବା ନିଶ୍ଚିତ ସତ୍ୟ ଯେ ବ୍ୟକ୍ତି ଏହି ଯୋଗ ଗ୍ରହଣ କରି ମା'ଙ୍କ ପ୍ରତି ସମର୍ପଣ ଭାବ ରଖି ତାଙ୍କ ଉପରେ ବିଶ୍ୱାସ ଭରସା ରଖି 'ମା' ଏହି ନାମ ଜପ କଲେ ସବୁପ୍ରକାର ବାଧା-ବିପତ୍ତି ଦୂର ହେବ । କିନ୍ତୁ ସାଧନାର ଆରମ୍ଭିକ ଅବସ୍ଥାରେ ବ୍ୟକ୍ତିର ବହୁଜନ୍ମର କୁସଂସ୍କାର ଥିବାରୁ ବିପଦ ଆସିଲେ ସେ ମା'ଙ୍କ ଉପରେ ବିଶ୍ୱାସ-ଭରସା ଭୁଲିଯିବ । ସେହି ବିପଦ-ଚିନ୍ତାରେ ଯନ୍ତ୍ରଣା ଭୋଗ କରୁଥିବ । ସଚେତ ରହିପାରିବ ନାହିଁ । ଯଦି ବ୍ୟକ୍ତି ସାଧନାର ଆରମ୍ଭିକ ଅବସ୍ଥାରୁ ମା'ଙ୍କ ଚରଣରେ ବିଶ୍ୱାସ ରଖିପାରିବ ଏବଂ ନାମଜପ କରିବ ତେବେ ସେ ସଚେତ ରହିବ । କିନ୍ତୁ ସବୁସମୟରେ ସଚେତ ରହିବାର ଉତ୍ତମ ଉପାୟ ହେଲା ତୀବ୍ର ଅଭୀପ୍ସା । ଏହି ତୀବ୍ର ଅଭୀପ୍ସା ହୁଏ ଘରେ ପାଠଚକ୍ର କରିବା ଦ୍ୱାରା । ପାଠଚକ୍ରରେ ଜୀବନର ଲକ୍ଷ୍ୟ, ମା'ଙ୍କୁ ସମର୍ପଣ ଏବଂ ମା'ଙ୍କ ଉପରେ ବିଶ୍ୱାସ-ଭରସା ରଖିବା ବିଷୟ ବାରଂବାର ଚର୍ଚ୍ଚା ହୁଏ ଏବଂ ପାଠଚକ୍ରର ଉତ୍ତମ ବାତାବରଣର ପ୍ରଭାବ ପଡ଼େ । ବ୍ୟକ୍ତିର

ସାଧନାରେ ପାଠଚକ୍ର ବହୁତ ସାହାଯ୍ୟ କରେ । ଏହି ଦୃଷ୍ଟିରୁ ଗୃହରେ ଏବଂ ଗ୍ରାମରେ ପାଠଚକ୍ର ହେବା ଏକାନ୍ତ ଆବଶ୍ୟକ । ଘରେ ପାଠଚକ୍ର ହେଲେ ଗୃହରେ ଶାନ୍ତି ରହିବ । ପରସ୍ପର ମଧ୍ୟରେ ବାଦ-ବିବାଦ, କଳି, ମନୋମାଳିନ୍ୟ ହେବ ନାହିଁ । ଏହାର ଉତ୍ତମ ପ୍ରଭାବ ପଡ଼ିବ ପିଲାମାନଙ୍କ ଉପରେ ।

ପାଠଚକ୍ର

ପ୍ରଶ୍ନ : ପାଠଚକ୍ରର ପ୍ରଣାଳୀ କ'ଣ ?

ଉତ୍ତର : ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ । ପ୍ରତିଦିନ ଗୋଟିଏ ସଫା ରୁମାଲରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ପୋଛି ସଫା କରନ୍ତୁ । ଧୂପ ପୁଷ୍ପ ଅର୍ପଣ କରନ୍ତୁ । ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଘରର ସମସ୍ତ ପରିବାର ନୀରବରେ ବସନ୍ତୁ । ବସି 'ମା' ଏହି ନାମଜପ ସହିତ ଶ୍ରୀମା'ଙ୍କ ଫଟୋକୁ ୫ ମିନିଟ୍ ଧ୍ୟାନ କରନ୍ତୁ । ହୃଦୟ ଭିତରେ ନାମଜପ ସହିତ ଧ୍ୟାନ କଲେ ଖୁବ୍ ଭଲ । ଯେଉଁମାନେ ହୃଦୟ ଭିତରେ ଧ୍ୟାନ ନ କରିପାରିବେ ସେମାନେ ଆଖି ବନ୍ଦ କରି ନାମଜପ ସହିତ ଶ୍ରୀମା'ଙ୍କ ଫଟୋକୁ ଦେଖନ୍ତୁ । ୫ ମିନିଟ୍ ଧ୍ୟାନ ପରେ 'ରୂପାନ୍ତର ଯୋଗରେ ନାମଜପ', 'ଦେବମନୁହୂର୍ତ୍ତ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଗାର୍ହସ୍ଥ୍ୟ ଧର୍ମ', 'ଦିବ୍ୟଯୁଗ ସ୍ଥାପନାରେ ନାରୀ', 'ଶ୍ରୀଅରବିନ୍ଦଙ୍କ ଯୋଗସାଧନା', 'ସମର୍ପଣ ଓ ବାଧାବିଘ୍ନ', 'ମା', 'ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ' କ୍ରମାନ୍ୱୟରେ ଏକ ଶେଷ ହେଲେ ଅନ୍ୟ ବହି ଜଣେ ପଢ଼ନ୍ତୁ, ଅନ୍ୟମାନେ ନୀରବରେ ବସି 'ମା' ଏହି ନାମଜପ କରି ପଢ଼ା ହେଉଥିବା ବିଷୟ ମନଦେଇ ଶୁଣନ୍ତୁ ଏବଂ ନିଜେ ଆଚରଣ କରିବା ସକାଶେ ଚେଷ୍ଟା କରନ୍ତୁ । ପଢ଼ିବା ବ୍ୟକ୍ତି ପଢୁଥିବା ବିଷୟ ଯଦି ଠିକ୍ ଠିକ୍ ବୁଝିଥିବେ ତେବେ ଅନ୍ୟମାନଙ୍କୁ ବୁଝେଇଦେଇ ପାରିବେ । ଏହିପରି ଏକଘଣ୍ଟା ପଢ଼ି ଏକ ଦୁଇ ମିନିଟ୍ ମା'ଙ୍କ ଫଟୋ ଧ୍ୟାନ କରିବା ପରେ ପାଠଚକ୍ର ସମାପ୍ତ କରନ୍ତୁ । ଘରେ ପାଠଚକ୍ର ଏହିପରି କରନ୍ତୁ । ଘରୋଇ ପାଠଚକ୍ରରେ ଗ୍ରାମର ବ୍ୟକ୍ତି ଯୋଗ ଦେଇପାରନ୍ତି ।

ଗ୍ରାମରେ ସପ୍ତାହରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଦିଷ୍ଟ ସମୟରେ ପାଠଚକ୍ର ଆରମ୍ଭ କରନ୍ତୁ । ଗ୍ରାମର ପାଠଚକ୍ର କୌଣସି ବ୍ୟକ୍ତିର ଗୋଟିଏ ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖି ଧୂପ-ପୁଷ୍ପ ଦେଇ ପାଠଚକ୍ର କରି ପାରନ୍ତି; କିଂବା ଗ୍ରାମରେ ଗୋଟିଏ ସ୍ୱତନ୍ତ୍ର ଘର କରି ସେହି ଘରେ ପାଠଚକ୍ର କରିପାରନ୍ତି । ପାଠଚକ୍ରରେ ପୁରୁଷ, ସ୍ତ୍ରୀ ଉଭୟ ଯୋଗ ଦେଇ ପାରନ୍ତି ।

ପ୍ରଶ୍ନ : ଆମ୍ଭେମାନେ ଘରେ ଯେଉଁ ବହି ପଢୁଛୁ ସେହି ବହି ପାଠଚକ୍ରରେ ପଢ଼ା ହେଉଛି । ଆମ୍ଭେମାନେ ଘରେ ନ ପଢ଼ି ପାଠଚକ୍ରରେ ଯୋଗଦେବୁ କାହିଁକି ?

ଉତ୍ତର : ସାଧନାର ପ୍ରଥମ ଅବସ୍ଥାରେ ଘରେ ଯେଉଁ ବହି ପଢ଼ି ଯେତିକି ବୁଝିବେ, ପାଠଚକ୍ରରେ ସେଇ ବହି ପଢ଼ାହେଲେ ଘରେ ପଢ଼ି ବୁଝିବା ଅପେକ୍ଷା ଅଧିକ ବୁଝିପାରିବେ ।

ବ୍ୟକ୍ତିଗତ ସାଧନା ଅପେକ୍ଷା ସାମୂହିକ ସାଧନାର ବହୁତ ଶକ୍ତି । ସାମୂହିକ ସାଧନାରେ ଭାଗବତୀ ଶକ୍ତିଙ୍କର ଅଧିକ ଉପସ୍ଥିତି ଥାଏ । କେତେ ଜଣଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚର୍ଚ୍ଚା ହେବା ଦ୍ୱାରା ଗୋଟିଏ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୁଏ । ସେହି ବାତାବରଣର ପ୍ରଭାବ ଉପସ୍ଥିତ ବ୍ୟକ୍ତିଙ୍କ ଉପରେ ପଡ଼େ । ଯେତେବେଳେ ରାକ୍ଷସମାନଙ୍କର ଅଧିକ ଅତ୍ୟାଚାର ହୁଏ ସେ ସମୟରେ ନିଜ ନିଜ ଘରେ ଦେବତାମାନେ ଏକାକୀ ପ୍ରାର୍ଥନା କରନ୍ତି ନାହିଁ । ସମସ୍ତ ଦେବଗଣ, ବ୍ରହ୍ମା, ଶିବ ଏକତ୍ର ହୋଇ ପ୍ରାର୍ଥନା କରନ୍ତି । ସେମାନଙ୍କ ସାମୂହିକ ପ୍ରାର୍ଥନାର ଉତ୍ତରରେ ଭଗବାନ୍ ଅବତାର ନେବା ସକାଶେ ପ୍ରତିଶ୍ରୁତି ଦିଅନ୍ତି । ସାମୂହିକ ଅଧ୍ୟାତ୍ମ କର୍ମର ଅଧିକ ପ୍ରଭାବ ଏବଂ ଆଧ୍ୟାତ୍ମିକ ବାତାବରଣର ଅଧିକ ପ୍ରଭାବ ପଡୁଥିବା ଯୋଗୁଁ ମା' ସ୍ୱୟଂ ପ୍ଲେ-ଗ୍ରାଉଣ୍ଡରେ ପାଠଚକ୍ର କରୁଥିଲେ ଏବଂ ସାମୂହିକ ଧ୍ୟାନ ମଧ୍ୟ କରାଉ ଥିଲେ । ଆଜି ମଧ୍ୟ ଆଶ୍ରମରେ ଏବଂ ପ୍ଲେ-ଗ୍ରାଉଣ୍ଡରେ ସାମୂହିକ ଧ୍ୟାନ ହେଉଛି । ଯେପରି ଗୋଟିଏ ବଳିତା ବା ଗୋଟିଏ କାଉଁରିଆ

ଜଳାଇଲେ ଯେତିକି ପବନରେ ଲିଭିଯିବ, ଦୀପରେ ଦଶଟି ବଳିତା, ଦଶଟି କାଉଁରିଆ ଏକାଠି କରି ଜଳାଇଲେ ସେତିକି ପବନରେ ଲିଭିବ ନାହିଁ ।

ଏହି କାରଣରୁ ପାଠଚକ୍ରର ବହୁତ ଉପଯୋଗିତା ରହିଅଛି । ପାଠଚକ୍ର ହେଲେ ଘରେ ଶାନ୍ତି, ସାମଞ୍ଜସ୍ୟ ପ୍ରତିଷ୍ଠିତ ହେବ, କଳହ, ମନୋମାଳିନ୍ୟ ହେବ ନାହିଁ । ଘରଟି ଆଧ୍ୟାତ୍ମିକ ଆଶ୍ରମରେ ପରିଣତ ହେବ ।

ପ୍ରଶ୍ନ : ଘରେ କଳହ ମନୋମାଳିନ୍ୟ ହେବାର ଦୁଇଟି କାରଣ । ଗୋଟିଏ ହେଲା ବୁଦ୍ଧିର ପୂର୍ଣ୍ଣ ଜ୍ଞାନ ନ ଥାଏ, ଅର୍ଦ୍ଧଜ୍ଞାନ । ପୂର୍ଣ୍ଣଜ୍ଞାନ ଅଭାବରୁ ଗୋଟିଏ ଘଟନା, ଗୋଟିଏ ବିଷୟକୁ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ରୂପେ ବିଚାର କରନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ବିଚାରକୁ ଠିକ୍ ବୋଲି ମନେ କରନ୍ତି; ଅନ୍ୟ ବ୍ୟକ୍ତିର ବିଚାରକୁ ଭୁଲ୍ ମନେ କରି ନିଜ ବିଚାର ଅନୁସାରେ ନ ହେଲେ ବିଦ୍ରୋହ କରନ୍ତି । ଅନ୍ୟଟି ହେଲା – ନିଜ ମନ, ପ୍ରାଣ, ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ ଇତ୍ୟାଦି । ସ୍ୱାର୍ଥ, ହିଂସା ଯୋଗୁଁ ନିଜର ସୁଖ ସୁବିଧା ଉଦ୍ଦେଶ୍ୟରେ ବ୍ୟକ୍ତି କର୍ମ କରନ୍ତି ଏବଂ ସୁଖ ସୁବିଧା ସକାଶେ ଚେଷ୍ଟା ବି କରନ୍ତି, ହିଂସା ବି କରନ୍ତି । ଏହାକୁ ଅନ୍ୟମାନେ ସହ୍ୟ କରି ପାରନ୍ତି ନାହିଁ । ଏହି କାରଣରୁ ଘରେ କଳି ହୁଏ, ବିବାଦ ହୁଏ । ଭାଇ ଭାଇ ପୃଥକ୍ ହୁଅନ୍ତି । ଭାଇ ନ ଥିଲେ ପିତା-ପୁତ୍ର, ଶାଶୁ-ବୋହୂ, ଭାଉଜ-ନଣନ୍ଦ ମଧ୍ୟରେ ମନୋମାଳିନ୍ୟ ହୁଏ, ଗୃହରେ ଅଶାନ୍ତି ସୃଷ୍ଟି ହୁଏ । ପାଠଚକ୍ର ଦ୍ୱାରା ଏହା ଦୂର ହେବ କିପରି ?

ଉତ୍ତର : ପାଠଚକ୍ର ଦ୍ୱାରା ବ୍ୟକ୍ତି ବୁଝି ପାରିବ – ରୂପାନ୍ତରିତ ମନ ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି ଜୀବନର ଲକ୍ଷ୍ୟ । ଏହାର ପୂର୍ଣ୍ଣ ଶତ୍ରୁ ଏବଂ ସୁଖ ଶାନ୍ତିର ସଂପୂର୍ଣ୍ଣ ବିରୋଧୀ ଆସୁମାନଙ୍କର ମନ, ପ୍ରାଣ, ଶରୀରର ଗୁଣ ଧର୍ମ – କାମ, କ୍ରୋଧ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ ଇତ୍ୟାଦି । ଏହା ଜାଣିଲେ ଗୃହରେ ବିବାଦ, କଳି, ମନୋମାଳିନ୍ୟ ରହିବ ନାହିଁ, ଗୃହ ଅଧ୍ୟାତ୍ମ ଆଶ୍ରମରେ ପରିଣତ ହେବ ।

କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ନ ହୋଇଥିବା ପର୍ଯ୍ୟନ୍ତ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ କେହି ସଚେତନ ନ ଥିଲେ । ମନର ବିକାଶ ଶେଷ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ସତ୍ୟକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ପ୍ରତିଷ୍ଠା କରିଅଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଅଛି । ଏହି ସନ୍ଦେଶ ବ୍ୟକ୍ତି ଜାଣିଲେ ଘରେ ଗ୍ରାମରେ ପାଠଚକ୍ର କରିବେ । ପାଠଚକ୍ରରେ ପଢ଼ାହୋଇଥିବା ପୁସ୍ତକରୁ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେବେ । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତି – ଏହାହିଁ ଜୀବନର ଲକ୍ଷ୍ୟ ବୋଲି ଜାଣିପାରିବେ । ମନ, ପ୍ରାଣ, ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷା, ଆଳସ୍ୟ, ତାମସିକତା ଲକ୍ଷ୍ୟପ୍ରାପ୍ତିର ସଂପୂର୍ଣ୍ଣ ବିରୋଧୀ ଏବଂ ବାଧା ତଥା ଜୀବନରେ ସୁଖଶାନ୍ତି ପ୍ରାପ୍ତିର ଘୋର ଶତ୍ରୁ ବୋଲି ହୃଦୟଙ୍ଗମ କରିବେ ଏବଂ ଏସବୁକୁ କ୍ରିୟାରେ ପରିଣତ ନ କରି ମା'ଙ୍କ ଚରଣରେ ସମର୍ପଣ କରିବେ । ଗୃହର ସମସ୍ତ କର୍ମ ମା'ଙ୍କ ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବେ । ମନେ କରିବେ, ଗୃହ, ପରିବାର, ସମ୍ପତ୍ତି, ଏହି ଶରୀର ମା'ଙ୍କର । ସବୁ ମା'ଙ୍କର ହେବାରୁ ଏହି କାର୍ଯ୍ୟ କରିବା ସକାଶେ ମା' ମୋତେ ନିଯୁକ୍ତ କରିଛନ୍ତି, ଏହି ଧାରଣା ରଖି 'ମା' ଏହି ନାମ ଜପ ସହିତ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କଲେ ଅର୍ଥାତ୍ ସମର୍ପଣ ଭାବ ରଖିଲେ ସ୍ୱାଭାବିକ ରୂପେ କର୍ମରେ ଆନନ୍ଦ, ଶାନ୍ତି, ପ୍ରସନ୍ନତା, ଅନୁଭୂତ ହେବ । କାହା ପ୍ରତି ହିଂସାଭାବ ନ ରଖି ପ୍ରସନ୍ନତାରେ ଆନ୍ତରିକତା ସହ କର୍ମ କରିବେ । ମନ, ପ୍ରାଣ, ଶରୀରର ଗୁଣଧର୍ମ ନିଜ ସୁଖଶାନ୍ତିର ବାଧା ଜାଣି ସର୍ବଦା କର୍ମରୁ ଏବଂ ଅନ୍ତରରୁ ତ୍ୟାଗ କରିବେ ।

ଯଥାର୍ଥରେ ଘର, ପରିବାର, ସମ୍ପତ୍ତି ସବୁ ଭଗବାନଙ୍କର । ଏହି ସଂସାରରେ ଅଜ୍ଞାନଶକ୍ତି ଶାସନ କରୁଥିବାରୁ ଆମ୍ଭେମାନେ ଅଜ୍ଞାନରେ ମୋହିତ ହୋଇ ଭଗବାନଙ୍କ ବସ୍ତୁକୁ ନିଜର ବୋଲି ମନେକରୁ । ଅଜ୍ଞାନର ବଶ ହୋଇ ଆମର ପରମ ଶତ୍ରୁ, ଦୁଃଖର କାରଣ, ନିଜର ମନ-ପ୍ରାଣ-ଶରୀରର ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, କାମକ୍ରୋଧାଦି ରିପୁଙ୍କୁ ପରମ ଅନ୍ତରଙ୍ଗ ମିତ୍ର ବୋଲି ଜାଣି ଆନ୍ତରିକତା ସହ ସ୍ୱାଗତ କରୁଥାଉ, ଯଥାର୍ଥରେ ଘର, ପରିବାର ଆମର ନୁହେଁ, ସବୁ ଭଗବାନଙ୍କର, ସବୁକିଛି ଆସିଛି ଭଗବାନଙ୍କଠାରୁ ।

ପ୍ରଶ୍ନ : ଭଗବାନ୍ ପରମ, ଦିବ୍ୟ । ଘର, ପରିବାର, ସମ୍ପତ୍ତି ସବୁ ଅଜ୍ଞାନ ଶକ୍ତିର । ଏହିସବୁ ଅଜ୍ଞାନର ଅଧୀନ ଘର, ପରିବାର ଭଗବାନଙ୍କଠାରୁ ଆସିଲେ କିପରି ? ଭଗବାନଙ୍କର ହେଲେ ବା କିପରି ?

ଉତ୍ତର : ଭଗବାନ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ୱୟଂ ଦିବ୍ୟରୂପେ ପରାର୍ଦ୍ଧ ଏବଂ ଦିବ୍ୟତାର ବିକୃତ ଅଦିବ୍ୟ ରୂପେ ଅପରାର୍ଦ୍ଧରେ ପ୍ରକଟ ହେଲେ ।

ଭଗବାନ୍ ଏକ ଥିଲେ । ଭଗବାନ୍ ସୃଷ୍ଟି କରିବାକୁ ସଂକଳ୍ପ କରି ଈଶ୍ୱର ଏବଂ ଶକ୍ତି ରୂପେ ପ୍ରକଟ ହେଲେ । ଶକ୍ତି ଦ୍ୱାରା ଭଗବାନ୍ ସ୍ୱୟଂ ସୃଷ୍ଟି କଲେ । ସୃଷ୍ଟି ବିଭକ୍ତ କଲେ ଦୁଇ ଭାଗରେ, ଗୋଟିଏ ପରାର୍ଦ୍ଧ, ଅନ୍ୟଟି ଅପରାର୍ଦ୍ଧ ।

ପରାର୍ଦ୍ଧ ହେଲା ଭଗବତ୍ ଦିବ୍ୟଧାମ – ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦ ଧାମ ଇତ୍ୟାଦି । ପରାର୍ଦ୍ଧରେ ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନତା କିଛି ନାହିଁ । ପରାର୍ଦ୍ଧବାସୀସବୁ ଭଗବତ୍ ଆନନ୍ଦ, ଭଗବତ୍ ଚେତନାରେ ବାସ କରନ୍ତି । ସେଠାରେ ଭଗବାନ୍ ପ୍ରକଟରୂପେ ରହି ଥାଆନ୍ତି । ବ୍ୟକ୍ତି ଭଗବାନଙ୍କୁ ଭକ୍ତି କଲେ ମୃତ୍ୟୁ ପରେ ଏହିସବୁ ଭଗବତ୍ ଧାମ ପ୍ରାପ୍ତ ହୁଅନ୍ତି । ଜ୍ଞାନୀମାନେ ସିଦ୍ଧି ପ୍ରାପ୍ତ ହେଲେ ଭଗବତ୍ ନିରାକାର ତତ୍ତ୍ୱରେ ମିଶି ଯାଆନ୍ତି । ଅନ୍ୟଟି କଲେ ଅପରାର୍ଦ୍ଧ । ଏହା ମୃତ୍ୟୁପୁରୀ । ଏହି ମୃତ୍ୟୁପୁରୀ ଠିକ୍ ପରାର୍ଦ୍ଧର ବିପରୀତ ଏବଂ ବିକୃତ ରୂପ । ପରାର୍ଦ୍ଧରେ ଦିବ୍ୟଜ୍ଞାନ, ଦିବ୍ୟ ଆନନ୍ଦ, ଦିବ୍ୟଶାନ୍ତି ଏବଂ ଭଗବାନ୍ ପ୍ରକଟ ରହିଲେ । ଏହି ମୃତ୍ୟୁପୁରୀ ଠିକ୍ ପରାର୍ଦ୍ଧର ବିକୃତ ରୂପ । ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ, ଅଜ୍ଞାନରେ ପୂର୍ଣ୍ଣ ରହିଲା । ଭଗବାନ୍ ଏକ ଥିଲେ । ତାଙ୍କ ଛଡ଼ା ଅନ୍ୟ କେହି ନ ଥିଲେ । ସେହି ଭଗବାନ୍ ନିଜ ସଂକଳ୍ପରେ ବିକୃତ ହୋଇ ଅଜ୍ଞାନଶକ୍ତି ତଥା ଦୁଃଖକଷ୍ଟ, ମୃତ୍ୟୁ, ରୋଗ ଇତ୍ୟାଦି ରୂପେ ପ୍ରକାଶିତ ହେଲେ । ଦୃଶ୍ୟମାନ୍ ସମସ୍ତ ଜଗତ୍ – ବୃକ୍ଷ, ଲତା, ପଶୁ, ପକ୍ଷୀ ସବୁ ଭଗବାନଙ୍କର ବିକୃତ ରୂପ । ଭଗବାନ୍ ଦୃଶ୍ୟମାନ୍ ବସ୍ତୁର ପଶ୍ଚାତରେ ଅଦୃଶ୍ୟ ରୂପେ ରହିଲେ । ଏହି ମୃତ୍ୟୁପୁରୀ ଅପରାର୍ଦ୍ଧରେ ଭଗବାନ୍ ଯଦ୍ୟପି ଅଜ୍ଞାନ ଶକ୍ତିକୁ ଶାସନ ଭାର ଦେଲେ ତଥାପି ଭାଗବତୀ ଶକ୍ତି ରହିଲେ ଅଜ୍ଞାନ ଶକ୍ତିର ପଶ୍ଚାତରେ । ଭାଗବତୀ ଶକ୍ତି ଥିବାରୁ ଭଗବାନଙ୍କ ଇଚ୍ଛା ବିରୋଧ ଅଜ୍ଞାନ ଶକ୍ତି ସଂସାରକୁ ନାଶ କରି ପାରିଲେ ନାହିଁ । ଭଗବାନ୍ ଯେଉଁ ଦିବ୍ୟତାର ବିକୃତରୂପ ଅଦିବ୍ୟର ସୃଷ୍ଟି କଲେ ସେହି ଦିବ୍ୟତାରେ ପହଞ୍ଚିବାକୁ କ୍ରମବିକାଶ ପ୍ରଣାଳୀ ରଖିଲେ ।

ସୃଷ୍ଟି ଆରମ୍ଭରେ ପ୍ରଥମରେ ହେଲା ଅନ୍ଧକାର । ବହୁ ବର୍ଷ ପରେ ହେଲା ଜଡ଼, ମାଟି, ପଥର, ତା'ପରେ ପ୍ରାଣର ବିକାଶ ହେଲା ବୃକ୍ଷଲତାରେ । ପ୍ରାଣର ପୂର୍ଣ୍ଣ ବିକାଶ ହେଲା ପଶୁ-ପକ୍ଷୀରେ, ପ୍ରାଣର ବିକାଶ ପର୍ଯ୍ୟନ୍ତ କ୍ରମ ବିକାଶ ଚାଲିଲା ପ୍ରକୃତି ଦ୍ୱାରା ବହୁ ମନ୍ଥର ଗତିରେ । ପ୍ରାଣର ବିକାଶ ସମାପ୍ତ ହେବାରୁ ମନର ବିକାଶ ହେଲା ମନୁଷ୍ୟରେ । ମନୁଷ୍ୟକୁ ପ୍ରାପ୍ତ ହେଲା ଅର୍ଦ୍ଧଜ୍ଞାନ ବୁଦ୍ଧି । ବୁଦ୍ଧିର ପୂର୍ଣ୍ଣଜ୍ଞାନ ନ ଥିବାରୁ ମନୁଷ୍ୟ ଯଥାର୍ଥ ଅଯଥାର୍ଥ ଠିକ୍ ଠିକ୍ ବୁଝି ପାରେ ନାହିଁ । ଏହି ମୃତ୍ୟୁ ପୁରୀ ଅଜ୍ଞାନ ଶକ୍ତି ଦ୍ୱାରା ପରିଚାଳିତ ହେଉ ଥିବାରୁ ଅଧିକାଂଶ ମନୁଷ୍ୟର ବୁଦ୍ଧି ଅଜ୍ଞାନଶକ୍ତିର ଯନ୍ତ୍ର ହୋଇ ଅଧର୍ମ ଆଚରଣ କରେ, ଅଧର୍ମ ଅଧିକ ହେଲେ ସୃଷ୍ଟି ନାଶ ହେବାର ସମ୍ଭାବନା ହୁଏ । ଅଧର୍ମର ବୃଦ୍ଧି ହେଲେ; ଅଧର୍ମର ହ୍ରାସ ଓ ଧର୍ମର ବୃଦ୍ଧି କରିବା ସକାଶେ ଭଗବାନ୍ ସମୟ ଅନୁସାରେ ନାନାରୂପେ ଅବତାର ନେଇ ଅଧର୍ମର ଯନ୍ତ୍ର ରାକ୍ଷସମାନଙ୍କୁ ବଧକରି ଧର୍ମର ବୃଦ୍ଧି କରନ୍ତି ଏବଂ ଭଗବାନଙ୍କ ନିର୍ଦ୍ଦେଶରେ ଋଷି, ମୁନି, ଆଚାର୍ଯ୍ୟ, ମହାପୁରୁଷ, ସାଧୁସଜ୍ଜନମାନେ ପୃଥିବୀକୁ ଆସି ଅଧ୍ୟାତ୍ମ ସତ୍ୟ ଅର୍ଥାତ୍ ଭଗବତ୍ ପ୍ରାପ୍ତି ମାର୍ଗ ଉପସ୍ଥିତ କରାନ୍ତି । ଅଧ୍ୟାତ୍ମ ସତ୍ୟ ପ୍ରଭାବରୁ ଅସତ୍ୟ, ଅଧର୍ମ କମ୍ ହୁଏ, ସତ୍ୟର ବୃଦ୍ଧି ହୁଏ । ପୃଥିବୀରେ ଅଜ୍ଞାନ ଶକ୍ତିର ଶାସନ ଥିବାରୁ କିଛି ଦିନ ପରେ ପୁନରାୟ ଅଧର୍ମ ବୃଦ୍ଧି ହେଉଥାଏ । ଅଧର୍ମର ପୂର୍ଣ୍ଣ ନାଶ ହୁଏ ନାହିଁ । ଏହିପରି ମନର ବିକାଶ ସମାପ୍ତ ପର୍ଯ୍ୟନ୍ତ ଧର୍ମର ଉତ୍‌ଥାନ ପତନ ଚାଲିଥିଲା । ଭିନ୍ନ ଭିନ୍ନ ସମୟରେ ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନେଇ ପୃଥିବୀକୁ ଆସୁଥିଲେ । ଭିନ୍ନ ଭିନ୍ନ ସମୟରେ ଆଚାର୍ଯ୍ୟମାନେ ଆସି ଭିନ୍ନ ଭିନ୍ନ ଅଧ୍ୟାତ୍ମ ମାର୍ଗ ପ୍ରସାର କରୁଥିଲେ । ଏହି କାରଣରୁ ଭଗବତ୍ ପ୍ରାପ୍ତିର ମାର୍ଗ ବିଭିନ୍ନ ପ୍ରକାର ହୋଇ ଅଛି ।

ମନର ବିକାଶ ସମାପ୍ତ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟ-ଶରୀରରେ ପୃଥିବୀକୁ ଆସି ଅତିମାନସ ସତ୍ୟକୁ ପୃଥିବୀରେ ପ୍ରତିଷ୍ଠା କରି ଅଛନ୍ତି । ଏହି ଅତିମାନସ ଶକ୍ତି ଦ୍ୱାରା ପୃଥିବୀକୁ ଶାସନ କରୁଥିବା ଅଜ୍ଞାନ ଶକ୍ତିର ରୂପାନ୍ତର ହେବ ।

ଅଜ୍ଞାନ ଶକ୍ତି ପୃଥିବୀରୁ ଲୋପ ହେବା ଯୋଗୁଁ ଆଉ ଅଧର୍ମ ରହିବ ନାହିଁ । ଏହି ମୃତ୍ୟୁ ପୁରୀ ବୈକୁଣ୍ଠ, ସାକେତ, ଗୋଲୋକ ଓ ସଚ୍ଚିଦାନନ୍ଦ ଭଗବତ ଦିବ୍ୟଧାମ ସଦୃଶ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଯେତେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଜାଣିବେ, ଗ୍ରହଣ କରିବେ, ସେହି ପରିମାଣରେ ସଂସାରରୁ ଅନ୍ୟାୟ, ଅସତ୍ୟ, ଦୁର୍ନୀତି କମ୍ ହେବାକୁ ଲାଗିବ ଏବଂ ସଂସାର ଦିବ୍ୟ ସ୍ୱର୍ଗର ପ୍ରତିଷ୍ଠା ମାର୍ଗରେ ଅଗ୍ରସର ହେଉଥିବ । କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ପୃଥିବୀରେ ଦିବ୍ୟ ସ୍ୱର୍ଗ ସ୍ଥାୟୀ ଭାବେ ପ୍ରତିଷ୍ଠିତ ହେବ । ପୁନରାୟ ପ୍ରଳୟ ହେବ ନାହିଁ । ଏହି ସତ୍ୟର ସନ୍ଧାନ ମନୁଷ୍ୟ ସମ୍ମୁଖରେ ପହଞ୍ଚି ପାରିବ ପାଠଚକ୍ର ଦ୍ୱାରା ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର, ପୃଥିବୀରେ ଦିବ୍ୟ ସ୍ୱର୍ଗର ପ୍ରତିଷ୍ଠା ଯୁକ୍ତି ଯୁକ୍ତ, ଏବଂ ଶାସ୍ତ୍ର ବେଦ, ଉପନିଷଦ୍ ଦ୍ୱାରା ପ୍ରତିପାଦିତ ହେଉଥିଲେ ବି ବୁଦ୍ଧି ସକାଶେ ସଂପୂର୍ଣ୍ଣ ନୂତନ ଏବଂ କଳ୍ପନାତୀତ । ଏହି ରୂପାନ୍ତର ଯୋଗକୁ ଯଦି କେହି ଠିକ୍ ଠିକ୍ ବୁଝି ନ ପାରି ପ୍ରଶ୍ନ କରନ୍ତି – ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ଯଦି ନ ହୁଏ ତେବେ କ'ଣ ରୂପାନ୍ତର ସାଧନା ନିରର୍ଥକ ହେବ ? ଶ୍ରୀମା ଶ୍ରୀଅରବିନ୍ଦ ଯଦି ଭଗବାନଙ୍କ ଅବତାର ହୋଇ ନ ଥିବେ, ତେବେ ମା' ନାମ ଜପ କ'ଣ ବ୍ୟର୍ଥ ହେବ ?

ଉତ୍ତର : ମା' ଏହି ନାମ ଜପ କଦାପି ବ୍ୟର୍ଥ ହେବ ନାହିଁ ଏବଂ ରୂପାନ୍ତର ସାଧନା କଦାପି ନିରର୍ଥକ ହେବ ନାହିଁ । ଏହା ସର୍ବାବସ୍ଥାରେ ନିରାଟ ସତ୍ୟ । ଯେପରି ସୂର୍ଯ୍ୟ ପଶ୍ଚିମରେ ଉଦୟ ହେବା ଅସମ୍ଭବ ସେହିପରି ମା' ନାମ ଜପ ଏବଂ ରୂପାନ୍ତର ସାଧନା ବ୍ୟର୍ଥ ହେବା ଅସମ୍ଭବ ।

ଯେଉଁମାନେ ଏହି ଯୋଗ ଗ୍ରହଣ କରନ୍ତି, ତାଙ୍କ ଅନ୍ତରାତ୍ମା ଜାଗ୍ରତ୍ ଥାଏ । ସେମାନେ ମା'ଙ୍କୁ ଆଦ୍ୟାଶକ୍ତି ଜାଣି ମା' ଏହି ନାମଜପ କରନ୍ତି, ଯେଉଁମାନେ ଏହି ଯୋଗ ସାଧନା କରନ୍ତି ସେମାନଙ୍କ ଅନ୍ତରାତ୍ମା ତାହାକୁ ଗ୍ରହଣ କରିଥାଏ । ଅନ୍ତରାତ୍ମା ଭୁଲ୍ କରେ ନାହିଁ । ଯଦି ପଥର ମୂର୍ତ୍ତିକୁ ଭଗବାନ୍ ଧାରଣା କଲେ ପଥର ମୂର୍ତ୍ତିରୁ ଭଗବାନ୍ ଦର୍ଶନ ଦିଅନ୍ତି, ତେବେ ଅତିମାନସ ଶକ୍ତିକୁ ଧାରଣ କରିଥିବା ମା'ଙ୍କୁ ଆଦ୍ୟାଶକ୍ତି ଜାଣି ତାଙ୍କ ନାମ ଜପ କଲେ ବ୍ୟର୍ଥ ହେବ କିପରି ?

ଭଗବାନଙ୍କ ଛଡ଼ା କୌଣସି ଆଚାର୍ଯ୍ୟ ମହାପୁରୁଷ ଅତିମାନସ ଶକ୍ତିକୁ ପୃଥିବୀକୁ ଉତାରି ଆଣି ଅଜ୍ଞାନ ଶକ୍ତିକୁ ରୂପାନ୍ତର କରି ପାରନ୍ତି ନାହିଁ । ଅଜ୍ଞାନ ଶକ୍ତିର ଯନ୍ତ୍ର ରାକ୍ଷସ ପ୍ରବଳ ହେଲେ ସ୍ୱୟଂ ଭଗବାନଙ୍କୁ ଅବତାର ନେଇ ସେମାନଙ୍କୁ ମାରିବାକୁ ହୁଏ । ରାକ୍ଷସମାନେ ହେଉଛନ୍ତି ଅଜ୍ଞାନ ଶକ୍ତିର ଯନ୍ତ୍ର । ଯନ୍ତ୍ରକୁ ମାରିବା ସକାଶେ ଯଦି ଭଗବାନଙ୍କୁ ଅବତାର ନେବାକୁ ହୁଏ ତେବେ ସ୍ୱୟଂ ଅଜ୍ଞାନ ଶକ୍ତିକୁ ରୂପାନ୍ତରିତ କରିବା ଭଗବାନଙ୍କ ଛଡ଼ା ଅନ୍ୟ କିଏ କରିପାରେ ? ଅତଏବ ନିଶ୍ଚିତ ରୂପେ ମା' ଆଦ୍ୟାଶକ୍ତିଙ୍କ ଅବତାର । ମନ, ପ୍ରାଣ ଶରୀରର ରୂପାନ୍ତର ସକାଶେ ପୂର୍ଣ୍ଣ ରୂପେ ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବାକୁ ହୁଏ । ସମର୍ପଣ କଲେ ସାଧକକୁ ଭଗବାନ୍ ପୂର୍ଣ୍ଣ ରୂପେ ଗ୍ରହଣ କରନ୍ତି, ଭଗବାନ୍ ଗ୍ରହଣ କଲେ ଅଜ୍ଞାନ ଶକ୍ତିର କବଳରୁ ସାଧକ ପୂର୍ଣ୍ଣ ରୂପେ ମୁକ୍ତ ହୁଏ । ସାଧକ ଭଗବାନଙ୍କର ହୋଇଯିବାର ଅର୍ଥ ଭଗବତ୍ ପ୍ରାପ୍ତି କରିବା । ଭଗବତ୍ ପ୍ରାପ୍ତିହିଁ ଲକ୍ଷ୍ୟ । ଲକ୍ଷ୍ୟ ପ୍ରାପ୍ତି ହେଲେ ସାଧନା ବ୍ୟର୍ଥ ହେବ କିପରି ?

ତା'ଛଡ଼ା ପୂର୍ଣ୍ଣ ରୂପାନ୍ତର ସିଦ୍ଧି ହେବା ପୂର୍ବରୁ ପୁରାତନ ଯୋଗର ସିଦ୍ଧି ସଗୁଣ ଭଗବାନଙ୍କ ଉପଲବ୍ଧି ଏବଂ ନିର୍ଗୁଣ ନିରାକାରଙ୍କ ଉପଲବ୍ଧି ସାଧକଙ୍କୁ ହୁଏ । ଲକ୍ଷ୍ୟସିଦ୍ଧି ପୂର୍ବରୁ ଯେଉଁ ଯୋଗରେ ପୁରାତନ ସମସ୍ତ ଯୋଗର ଲକ୍ଷ୍ୟ ସିଦ୍ଧି ହୁଏ ସେ ଯୋଗ ବ୍ୟର୍ଥ ହେବ କିପରି ? ପୂର୍ଣ୍ଣ ରୂପାନ୍ତର ହେଲେ ଭଗବାନଙ୍କ ନିର୍ଗୁଣ, ସଗୁଣ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧ ହୁଅନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ନାରାୟଣ ଆଦି ଭଗବାନଙ୍କର ଯଥାର୍ଥ ସ୍ୱରୂପ ହେଉଛି, ସଗୁଣ, ନିର୍ଗୁଣ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ । ସେ ଯେଉଁ ସମୟରେ ସଗୁଣ, ସେହି ସମୟରେ ନିର୍ଗୁଣ ସେହି ଏକହିଁ ସଙ୍ଗେ ପୁରୁଷୋତ୍ତମ ତତ୍ତ୍ୱ । ଗୀତା ଉପନିଷଦ ବେଦ ତଥା ରାମାୟଣରେ ଭଗବାନଙ୍କ ଯଥାର୍ଥ ସ୍ୱରୂପ ପୁରୁଷୋତ୍ତମ ତତ୍ତ୍ୱର ବର୍ଣ୍ଣନା କରାହୋଇଛି ।

ଗୀତାରେ କୁହା ହୋଇଛି :

''କ୍ଷରାକ୍ଷର ମତିତୋହଂ ପ୍ରସିଦ୍ଧୋ ପୁରୁଷୋତ୍ତମଃ ।''

ରାମାୟଣରେ ଅଛି :

''ଯୋ ମହେଶ ମନ ମାନସ ହଂସା ।
ଅଗୁଣ ସଗୁଣ ଯେହି ନିଗମ ପ୍ରଶଂସା ॥
ସୋରୂପ ଦେଖଉଁ ମମଭରି ଲୋଚନ ।
କୃପା କରଉଁ ପ୍ରଣତାରତି ମୋଚନ ॥
ବିନୁ ପଦ ଚଲଇ ଶୁନଇ ବିନୁ କାନା ।
କର ବିନୁ କରମ କରତ ବିଧି ନାନା ॥
ଆନନ ରହିତ ସକଳ ରସ ଭୋଗି ।
ବିନୁ ବାନି ବକତା ବଡ଼ ଯୋଗୀ ॥
ଅସ ସବ ଭାନ୍ତି ଅଲୌକିକ କରଣୀ ।
ମହିମା ଅମିତ ଯାତ ନହିଁ ବରଣୀ ॥''

ଉପନିଷଦ ବେଦ ତଥା ରାମ ତାପନି ଉପନିଷଦରେ ଭଗବାନଙ୍କ ସ୍ୱରୂପ ସ୍ପଷ୍ଟ ଭାବେ ପୁରୁଷୋତ୍ତମ ତତ୍ତ୍ୱ ବର୍ଣ୍ଣନା ହୋଇ ଅଛି । ସଗୁଣ ଉପାସକ ଭକ୍ତ ହୁଅନ୍ତୁ ଅଥବା ନିର୍ଗୁଣ ନିରାକାରବାଦୀ ହୁଅନ୍ତୁ, ଉଭୟ ଶ୍ରେଣୀର ସାଧକମାନଙ୍କ ଇଷ୍ଟଙ୍କ ଯଥାର୍ଥ ସ୍ୱରୂପ ପୁରୁଷୋତ୍ତମ ତତ୍ତ୍ୱ । ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ପୁରୁଷୋତ୍ତମ ଉପଲବ୍ଧି ହେଉଥିବାରୁ ସମସ୍ତ ସମ୍ପ୍ରଦାୟର ସାଧକ ଚାହିଁଲେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଗୁରୁ ଏବଂ ଇଷ୍ଟ ନିଷ୍ଠାର ପ୍ରତିକୂଳ ହେବ ନାହିଁ ।

ସଂସାରରେ ଅତିମାନସ ସତ୍ୟ ଯୁଗ ଅପେକ୍ଷାକୃତ ଶୀଘ୍ର ପ୍ରତିଷ୍ଠିତ ହେବା ସକାଶେ ପାଠଚକ୍ର ଦ୍ୱାରା ଏହି ସନ୍ଦେଶ ଲୋକଙ୍କ ପାଖରେ ପହଞ୍ଚିବା ଏକାନ୍ତ ପ୍ରୟୋଜନ ।

ମହିଳା ପାଠଚକ୍ର

ପ୍ରଶ୍ନ : ପ୍ରଶ୍ନ-ଉତ୍ତର ଦ୍ୱାରା ବର୍ତ୍ତମାନ ସବୁ ସନ୍ଦେହ ଦୂର ହେଲା । ତେବେ ପାଠଚକ୍ରର ପ୍ରସାରର ପ୍ରଣାଳୀ କୁହନ୍ତୁ ।

ଉତ୍ତର : ପାଠଚକ୍ର ପ୍ରସାର ସଙ୍ଗେ ସଙ୍ଗେ ମହିଳା ପାଠଚକ୍ରର ପ୍ରସାର ଏକାନ୍ତ ଆବଶ୍ୟକ । ପାଠଚକ୍ର ପ୍ରସାର ଯେଉଁ ପ୍ରଣାଳୀରେ ହେବ ସେହିପରି ମହିଳା ପାଠଚକ୍ରର ପ୍ରସାର ହେବା ଉଚିତ । ପାଠଚକ୍ର ଏବଂ ମହିଳା ପାଠଚକ୍ର ଯଥାର୍ଥରେ ରୂପାନ୍ତର ଯୋଗ ପ୍ରସାରର ଗୋଟିଏ କାର୍ଯ୍ୟ । ଏକରୁ ଅନ୍ୟଟି ଭିନ୍ନ ନୁହେଁ ।

ଯେପରି ଗୃହରେ, ଗ୍ରାମରେ, ଅଞ୍ଚଳରେ, ଜିଲ୍ଲାରେ, ପ୍ରଦେଶରେ ସାଧାରଣ ପାଠଚକ୍ର, ପାଠଚକ୍ରର ବାର୍ଷିକ ଉତ୍ସବ, ପାଠଚକ୍ର ମିଟିଂ, ପାଠଚକ୍ର ସେମିନାର୍ ହେଉଛି ସେହିପରି ।

ମହିଳାମାନଙ୍କର ସ୍ୱତନ୍ତ୍ର ପାଠଚକ୍ର, ଗୃହରେ, ଗ୍ରାମରେ, ଅଞ୍ଚଳରେ, ଜିଲ୍ଲାରେ, ପ୍ରଦେଶରେ ହେବ ଏବଂ ସେହିପରି ପାଠଚକ୍ରର ବାର୍ଷିକ ଉତ୍ସବ, ମିଟିଂ, ଅଞ୍ଚଳ, ଜିଲ୍ଲା, ପ୍ରଦେଶରେ ହେବ । ସେହିପରି ଅଞ୍ଚଳ, ଜିଲ୍ଲା, ପ୍ରଦେଶରେ ସଂଗଠକ ବି ରହିବେ । ଅତିମାନସ ନୂତନ ଯୋଗ ପ୍ରତିଷ୍ଠାରେ ନାରୀମାନଙ୍କର ବିଶେଷ ଭୂମିକା ରହିବ ।

ପ୍ରଶ୍ନ : ସାଧାରଣ ପାଠଚକ୍ରରେ ନାରୀପୁରୁଷ ଉଭୟେ ଯୋଗଦେବେ । ମହିଳା ପାଠଚକ୍ର ସ୍ୱତନ୍ତ୍ରରୂପେ ହେବାର ଆବଶ୍ୟକ କ'ଣ ? ପ୍ରଚଳିତ ଆଧ୍ୟାତ୍ମିକତା କେବଳ ପୁରୁଷମାନଙ୍କ ଦ୍ୱାରା ହୋଇଆସୁଅଛି । ନାରୀମାନଙ୍କର କୌଣସି

ଭୂମିକା ନାହିଁ । ପୁରାତନ ଯୋଗରେ ଖୁବ୍ ଅଳ୍ପ, ଅନସୂୟା, ଅରୁନ୍ଧତୀ ଆଦି କେତେଜଣ ନାରୀ ଆଧ୍ୟାତ୍ମିକତାରେ ଯଦ୍ୟପି ଅଂଶଗ୍ରହଣ କରିଥିଲେ ତଥାପି ସେମାନଙ୍କ ପାତିବ୍ରତ୍ୟଧର୍ମର ପ୍ରାଧାନ୍ୟ ଥିଲା । ପ୍ରଚଳିତ ଅଧ୍ୟାତ୍ମ ଆଶ୍ରମମାନଙ୍କରେ କେବଳ ପରୁଷମାନେ ଅଛନ୍ତି । ଅତିମାନସରୂପାନ୍ତର ଯୋଗରେ ନାରୀମାନଙ୍କର ବିଶେଷ ଭୂମିକା କାହିଁକି ହେବ ? ମହିଳାମାନଙ୍କର ସ୍ୱତନ୍ତ୍ର ପାଠଚକ୍ର ହେବାର ବିଶେଷତ୍ୱ କ'ଣ ?

ଉତ୍ତର : ମହିଳାମାନଙ୍କ ପାଠଚକ୍ରର ବିଶେଷତା ଏହି ସକାଶେ ହେବ : ସାଧାରଣ ପାଠଚକ୍ରରେ ପୁରୁଷମାନଙ୍କ ସହିତ ବୋହୂ ଏବଂ ଝିଅମାନେ ଯୋଗଦେବାରେ ସଂକୋଚ କରିବେ । ଅଳ୍ପବୟସ୍କା ନାରୀମାନେ ଯୋଗଦେଇ ପାରିବେ ନାହିଁ । କିନ୍ତୁ ପୃଥିବୀରେ ନୂତନ ଅତିମାନବ ଜାତି, ନୂତନ ଅତିମାନସ ଚେତନା ପ୍ରତିଷ୍ଠାରେ ନାରୀମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଅଛି । ପୂର୍ବରୁ ଅଧ୍ୟାତ୍ମ-ସତ୍ୟ ଗ୍ରହଣର ଦାୟିତ୍ୱ ନାରୀମାନଙ୍କର ନ ଥିଲା । ଥିଲା ପାତିବ୍ରତ୍ୟଧର୍ମ ପାଳନର ଦାୟିତ୍ୱ । ସେହି ସଂସ୍କାର ସେମାନଙ୍କ ଚେତନାରେ ପ୍ରତିଷ୍ଠିତ ହୋଇ ଆସୁଅଛି । ପୃଥିବୀରେ ମାନସଚେତନା ପରିବର୍ତ୍ତେ ଅତିମାନସ ସତ୍ୟ ଚେତନାର ପ୍ରତିଷ୍ଠା, ଅତିମାନବ ଜାତିର ସୃଷ୍ଟି, ପୃଥିବୀ ଦିବ୍ୟସ୍ୱର୍ଗରେ ପରିଣତ ହେବା ଏକେବାରେ ନୂତନ ଏବଂ ମନର କଳ୍ପନାତୀତ । ପୃଥିବୀରେ ନୂତନ ଜାତି, ନୂତନ ଚେତନା ପ୍ରତିଷ୍ଠିତ ହେଉଥିବାରୁ ଏହି କାର୍ଯ୍ୟ ନାରୀମାନଙ୍କ ଦ୍ୱାରା ବିଶେଷରୂପେ ହୋଇପାରିବ । ଏହି କାର୍ଯ୍ୟରେ ବୋହୂ ଓ ଝିଅମାନଙ୍କର ବହୁତ ଆବଶ୍ୟକ । ସେମାନଙ୍କର ଆଚରଣର ପ୍ରଭାବ ଗୃହରେ ଏବଂ ସନ୍ତାନମାନଙ୍କ ଉପରେ ବିଶେଷ ରୂପେ ପଡ଼ିବ । ସେମାନଙ୍କର ସ୍ୱତନ୍ତ୍ର ପାଠଚକ୍ର ହେଲେ ସେମାନେ ନିଜର ଦାୟିତ୍ୱ ବୁଝିପାରିବେ ଏବଂ ଏହି ଅତିମାନସ-ରୂପାନ୍ତର ସତ୍ୟ ସମ୍ବନ୍ଧେ ସଚେତନ ହେବେ । ଏହି ସତ୍ୟକୁ ଗ୍ରହଣ କଲେ ସ୍ୱତଃସ୍ଫୂର୍ତ୍ତ ଭାବେ ପାତିବ୍ରତ୍ୟ ଧର୍ମ ପାଳନ କରିବେ । ଅନ୍ୟ କାରଣ ହେଲା ମା'ର ଅଧିକ ପ୍ରଭାବ ପଡ଼େ ସନ୍ତାନମାନଙ୍କ ଉପରେ । ମା'ର ଆଚରଣ ଅନୁସାରେ ସନ୍ତାନମାନଙ୍କର ସଂସ୍କାର ହେବ । ଶ୍ରୀମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ମା' ଯେପରି ସଦ୍‌ଗୁଣଯୁକ୍ତ ସନ୍ତାନ ଚାହିଁବ ସେହିପରି ସନ୍ତାନ ହେବେ । ଗୋଟିଏ ନାରୀ ଏହି ସତ୍ୟକୁ ଗ୍ରହଣ କଲେ ତା'ର ପ୍ରଭାବରେ ସମସ୍ତ ଗୃହ ଅଧ୍ୟାତ୍ମଆଶ୍ରମରେ ପରିଣତ ହେବ । ସେହି କାରଣରୁ ପୃଥିବୀରେ ଅତିମାନସ-ସତ୍ୟ ପ୍ରତିଷ୍ଠାରେ ନାରୀମାନଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ ।

ସୃଷ୍ଟି ଆରମ୍ଭରୁ ପୃଥିବୀରେ ଅଧ୍ୟାତ୍ମଧର୍ମର ପ୍ରତିଷ୍ଠା, ଧର୍ମର ଉତ୍‌ଥାନରେ ନାରୀମାନଙ୍କ ଭୂମିକା ସର୍ବଦା ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଅଛି । ଭଗବାନଙ୍କ ବିଧାନ ଅନୁସାରେ ନାରୀମାନଙ୍କ ପାତିବ୍ରତ୍ୟଧର୍ମ ପାଳନ ଯୋଗୁଁ ଭଗବାନ୍ ଭାରତବର୍ଷକୁ ଅଧ୍ୟାତ୍ମକେନ୍ଦ୍ର ରୂପେ ବାଛି ଅଛନ୍ତି । ନାରୀମାନଙ୍କର ପାତିବ୍ରତ୍ୟଧର୍ମ ଯୋଗୁଁ ଧର୍ମର ଉତ୍‌ଥାନ, ଅଧର୍ମର ହ୍ରାସ ସକାଶେ ଭଗବାନଙ୍କର ସମସ୍ତ ଅବତାର ଭାରତବର୍ଷରେ ହୋଇଅଛି । ବହୁ ସଂଖ୍ୟାରେ ଆଚାର୍ଯ୍ୟ, ମହାପୁରୁଷ, ଋଷି, ମୁନି, ସାଧୁସନ୍ଥ ଭାରତବର୍ଷରେ ବରାବର ଜନ୍ମଗ୍ରହଣ କରି ଅଧର୍ମର ହ୍ରାସ, ଧର୍ମର ଉତ୍‌ଥାନ କରାଇଆସୁଛନ୍ତି । ମାତ୍ର ଯିଶୁଖ୍ରୀଷ୍ଟ ଏବଂ ମହମ୍ମଦ ଦୁଇଜଣ ମହାପୁରୁଷ ଭାରତ ବାହାରେ ଜନ୍ମଗ୍ରହଣ କରି ଅଛନ୍ତି । ୬୦/୭୦ ବର୍ଷ ପୂର୍ବେ ହିନ୍ଦୁମାନଙ୍କ ଉଚ୍ଚବର୍ଣ୍ଣରେ ବାଲ୍ୟ ବିବାହ ବିଧାନ ଥିଲା । ଛୋଟ ବାଳିକାଟିଏ ବାଲ୍ୟା-ବସ୍ଥାରେ ବିଧବା ହେଲେ ସମସ୍ତ ଜୀବନ ତପସ୍ୟାକରି ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରୁଥିଲେ । ନୂତନ ଅତିମାନସ ଯୁଗର ପ୍ରାଦୁର୍ଭାବ ହେବାର ସମୟ ଆସିବାରୁ ପୂର୍ବ ନୈତିକତା ଭାଙ୍ଗିଗଲା । ପକ୍‌କା ଘର ତିଆରି କରିବାକୁ ହେଲେ ପୁରାତନ ଛପରଘର ପୂର୍ଣ୍ଣରୂପେ ଭାଙ୍ଗିଦେବା ସଦୃଶ ଭାରତ ବର୍ଷର ପୂର୍ବନୈତିକତା ଆସ୍ତେ ଆସ୍ତେ ପୂର୍ଣ୍ଣରୂପେ ଭାଙ୍ଗିଗଲା । ଅନ୍ୟାୟ, ଅସତ୍ୟ, ଦୁର୍ନୀତି ବୃଦ୍ଧି ହେଲା । ତାହା ସଙ୍ଗେ ସଙ୍ଗେ ପାତିବ୍ରତ୍ୟ ଧର୍ମର ଯେଉଁ କଠୋର ନିୟମ ଥିଲା ତାହା ଆସ୍ତେ ଆସ୍ତେ ଶିଥିଳ ହେବାକୁ ଲାଗିଲା । ନୂତନ ଅତିମାନସ ସତ୍ୟ ପ୍ରତିଷ୍ଠିତ ହେବା ପୂର୍ବରୁ ପୂର୍ବ ନୈତିକତା ସଂପୂର୍ଣ୍ଣ ରୂପେ ଭାଙ୍ଗିଯିବା ସ୍ୱାଭାବିକ ଥିଲା । ଏହାର ପ୍ରଭାବ ପାତିବ୍ରତ୍ୟ ଧର୍ମ ଉପରେ ପଡ଼ିଲା । ପୁରୁଷମାନେ ଯେପରି ପୁନର୍ବିବାହ କରୁଥିଲେ ନାରୀମାନେ ସେହିପରି ସାମାଜିକ ପ୍ରଥା ଅନୁସାରେ ପୁନର୍ବିବାହ କଲେ । କେତେକ ନାରୀ ପୁରୁଷମାନଙ୍କ ସହିତ ସଂସାରରେ କର୍ମ କଲେ । ଏହା ଆଗତ ଅତିମାନସ ସତ୍ୟଯୁଗ ସକାଶେ ଆବଶ୍ୟକ ଥିଲା । ଏହିମାନଙ୍କ ମଧ୍ୟରୁ କେହି କେହି ପାତିବ୍ରତ୍ୟଧର୍ମ ପାଳନର ଗୌରବ ଏବଂ ତାଙ୍କର ପାତିବ୍ରତ୍ୟଧର୍ମ ପ୍ରଭାବରେ ସଂସାରରେ ଧର୍ମର ବୃଦ୍ଧିକୁ ଭୁଲିଗଲେ । ଭାରତର

ନାରୀମାନଙ୍କ ଉପରେ ପୁରୁଷମାନେ ଅତ୍ୟାଚାର କରି ସେମାନଙ୍କ ସ୍ୱତନ୍ତ୍ରତାକୁ ଅପହରଣ କରି ଘରକୋଣରେ ସେମାନଙ୍କୁ ନିଜ ଅଧୀନ କରି ରଖିଥିବା ଦୋଷରେ ପୁରୁଷମାନଙ୍କ ଉପରେ ଅଭିଯୋଗ କଲେ । ଏହି ଦୋଷାରୋପ ଯଥାର୍ଥ ନୁହେଁ । ଭାରତବର୍ଷର ନାରୀମାନଙ୍କ ସ୍ୱ-ଇଚ୍ଛାରେ ଭଗବାନଙ୍କ ବିଧାନ ଅନୁସାରେ ପାତିବ୍ରତ୍ୟଧର୍ମ ପାଳନ କରିବା ସକାଶେ ନିଜ ପତିଙ୍କୁ ଭଗବାନଙ୍କ ସ୍ୱରୂପ ଜାଣି ଭଗବାନଙ୍କ ରୂପେ ପୂଜା କରି, ତାଙ୍କ ଆଜ୍ଞା ପାଳନ କରି, ତାଙ୍କ ସେବା ସକାଶେ ଘରକୋଣରେ ରହିଥିଲେ ।

ଯଦ୍ୟପି ଅଳ୍ପ ନାରୀ ଯୁଗ-ପରିବର୍ତ୍ତନର ସନ୍ଧିକ୍ଷଣ ଏବଂ ପ୍ରଚଳିତ ସଭ୍ୟତାର ପ୍ରଭାବରେ ଏପରି ଧାରଣା କରିଅଛନ୍ତି ତଥାପି ଘୋର ଦୁର୍ନୀତି, ନୈତିକତାର ପୂର୍ଣ୍ଣ ପତନ ଅବସ୍ଥାରେ ବି ନାରୀମାନଙ୍କର ପ୍ରାତିବ୍ରତ୍ୟସଂସ୍କାର ସେମାନଙ୍କର ଚେତନାରେ ବିଦ୍ୟମାନ ଅଛି । ପାତିବ୍ରତ୍ୟ ଧର୍ମର ବିରୋଧାଚରଣକୁ ସେମାନେ ଘୃଣା କରୁଅଛନ୍ତି । କେତେକ ନାରୀ ଅତିମାନସ ରୂପାନ୍ତରକାରିଣୀ ସତ୍ୟରେ ପ୍ରଭାବିତ ହୋଇ ସେହି ସତ୍ୟକୁ ଗ୍ରହଣ କରି, ଆଚରଣ କରି ବିବାହ ନ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରୁଅଛନ୍ତି । ସଂସାର ପ୍ରସାରଣ, ସଂସାରରେ ଧର୍ମ ପ୍ରତିଷ୍ଠା କାର୍ଯ୍ୟରେ ନାରୀମାନଙ୍କର ପ୍ରଧାନ ଭୂମିକା ସଂସାର ସର୍ଜନା ହେବା ଦିନରୁ ଚାଲି ଆସୁଅଛି । ଭାରତ ବର୍ଷର ନାରୀମାନଙ୍କ ପାତିବ୍ରତ୍ୟଧର୍ମ ଯୋଗୁଁ ଭଗବାନ୍ ଭାରତ ବର୍ଷକୁ ଅଧ୍ୟାତ୍ମ କେନ୍ଦ୍ର ରୂପେ ବାଛି ଅଛନ୍ତି । ଅତିମାନସ ସତ୍ୟର କେନ୍ଦ୍ର ହେବ ଭାରତ ବର୍ଷ । ଭାରତବର୍ଷରୁହିଁ ଆଧ୍ୟାତ୍ମିକତାର ପ୍ରସାର ହେବ ସମଗ୍ର ପୃଥିବୀରେ ।

ପ୍ରଶ୍ନ : ପାଠଚକ୍ର ଦ୍ୱାରା ନାରୀମାନେ ପୃଥିବୀରେ ଅତିମାନସ ସତ୍ୟ ପ୍ରସାର କାର୍ଯ୍ୟ ଏବଂ ଗୃହରେ ଶାନ୍ତି ଓ ସାମଞ୍ଜସ୍ୟର ପ୍ରତିଷ୍ଠା କିପରି କରିବେ ?

ଉତ୍ତର : ଗୃହରେ ଅଥବା ଗ୍ରାମରେ ମହିଳା ପାଠଚକ୍ର ଦ୍ୱାରା ନାରୀମାନେ ଜୀବନର ଲକ୍ଷ୍ୟ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ବୋଲି ଦୃଢ଼ ଭାବେ ଗ୍ରହଣ କରିବେ । ଲକ୍ଷ୍ୟ ପ୍ରାପ୍ତିର ସାଧନା ମନୋଭାବରେ ଗୃହର ସମସ୍ତ କାର୍ଯ୍ୟ ମା'ଙ୍କ ସେବା ରୂପେ କରି ମା'ଙ୍କୁ ସମର୍ପଣ କରିବେ । ଏପରି କଲେ ଗୃହରେ ବାଦ-ବିବାଦ, କଳହ ହେବ ନାହିଁ ।

ଯେପରି ସାଧାରଣ ପାଠଚକ୍ର ହେଉଛି ସେହିପରି ମହିଳା ପାଠଚକ୍ର, ଗ୍ରାମ, ଅଞ୍ଚଳ, ଜିଲ୍ଲା, ପ୍ରଦେଶରେ ପ୍ରସାର କରିବାକୁ ଚେଷ୍ଟା କରିବେ । ପୂର୍ବେ ଆଲୋଚନା ହୋଇଛି ''ଭଗବାନ୍ ଏକ ଥିଲେ । ସୃଷ୍ଟି କରିବା ସକାଶେ ସ୍ୱୟଂ ସଂକଳ୍ପ କରି ସ୍ୱୟଂ ଭଗବାନ୍ ଈଶ୍ୱର ଏବଂ ଶକ୍ତି ରୂପେ ପ୍ରକଟ ହେଲେ । ଭଗବାନ୍ ନିଜ ଶକ୍ତି ଦ୍ୱାରା ସ୍ୱୟଂ ସୃଷ୍ଟି ରୂପେ ପ୍ରକଟ ହେଲେ । ଗୋଟିଏ ହେଲେ ଭଗବତ୍ ଦିବ୍ୟଧାମ ପରାର୍ଦ୍ଧ ଏବଂ ଅନ୍ୟଟି ହେଲେ ଏହି ମୃତ୍ୟୁପୁରୀ ଅପରାର୍ଦ୍ଧ । ପରାର୍ଦ୍ଧର ବିକୃତ ରୂପ ଅର୍ଥାତ୍ ଭଗବତ୍ ଦିବ୍ୟଧାମ ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦ ଧାମରେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟ ଅଜ୍ଞାନର ଚିହ୍ନବର୍ତ୍ତ ରହିଲା ନାହିଁ । ଭଗବତ୍ ଦିବ୍ୟାନନ୍ଦ, ଦିବ୍ୟଶାନ୍ତି, ଦିବ୍ୟଜ୍ଞାନ ଭଗବାନଙ୍କ ଉପସ୍ଥିତି ପ୍ରତ୍ୟକ୍ଷ ଭାବେ ବିଦ୍ୟମାନ ରହିଲା ।

ପରାର୍ଦ୍ଧର ଠିକ୍ ବିପରୀତ ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ କଷ୍ଟ ଜନ୍ମ ମରଣ ହେଲା ଏହି ମୃତ୍ୟୁପୁରୀରେ । ଭଗବାନଙ୍କ ଛଡ଼ା ଅନ୍ୟ କିଛି ନ ଥିଲା । ସେହି ଭଗବାନ୍ ପରାର୍ଦ୍ଧରେ ଦିବ୍ୟରୂପେ ପ୍ରକଟ ହୋଇ ରହିଲେ । ସେହି ଭଗବାନ ବିକୃତ ରୂପେ ଅପରାର୍ଦ୍ଧ ମୃତ୍ୟୁପୁରୀରେ ପ୍ରକଟ ହେଲେ । ଏହି ବିଷୟ ପୂର୍ବେ ଆଲୋଚିତ ହୋଇଛି ।

ପାଠଚକ୍ରରେ ଆଲୋଚନା ହେବା ଦ୍ୱାରା ମହିଳାମାନେ ବୁଝିପାରିବେ ଭଗବାନଙ୍କ ନିଜ ସଂକଳ୍ପରୁ ଭଗବତ୍ ଦିବ୍ୟତାର ବିକୃତ ରୂପ ଦୁଃଖ କଷ୍ଟ ପୂର୍ଣ୍ଣ ସଂସାର ଭଗବାନ୍ ସ୍ୱୟଂ ହୋଇ ଅଛନ୍ତି । ଦୃଶ୍ୟମାନ ବିକୃତ ରୂପର ପଶ୍ଚାତରେ ଅଦୃଶ୍ୟ ରୂପେ ଭଗବାନ୍ ବିଦ୍ୟମାନ ଅଛନ୍ତି । ଭଗବାନଙ୍କ ବିଧାନ ଅନୁସାରେ କ୍ରମବିକାଶ ପଦ୍ଧତିରେ ଏହି ମୃତ୍ୟୁପୁରୀ ଯେଉଁ ଦିବ୍ୟତାରୁ ଆସିଛି ସେହି ଦିବ୍ୟତାରେ ପହଞ୍ଚିବ । ଗୃହ, ପରିବାର, ସମ୍ପତ୍ତିସବୁ ଭଗବାନଙ୍କର । ଆମକୁ ଭଗବାନ୍ ସୃଷ୍ଟି କରିଛନ୍ତି ସେହି ଦିବ୍ୟତାରେ ପହଞ୍ଚିବାର ସେବା କାର୍ଯ୍ୟ କରିବା ସକାଶେ । ସମସ୍ତ କିଛି ଭଗବାନଙ୍କର ବିକୃତ ରୂପ – ଗୃହ, ପରିବାର ଏବଂ ଏହି ଶରୀର । ଏହି ଜ୍ଞାନ ପ୍ରାପ୍ତ କରି ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ ନିଜ ସ୍ନାନ, ଭୋଜନ ଇତ୍ୟାଦି ମା'ଙ୍କୁ ସମର୍ପଣ କରିବେ । ପତି ସେବା, ପୁଅ ଝିଅଙ୍କୁ ପାଳନ ପୋଷଣ କରିବା, ପଢ଼ାଇବା, ଉତ୍ତମ ଗୁଣ,

ସଚ୍ଚରିତ୍ର ଗଠନ ସକାଶେ ଚେଷ୍ଟା କରିବା, ଏହା ମା'ଙ୍କ ସେବା, ପରିବାରର ଅନ୍ୟ ପ୍ରାଣୀ ମଧ୍ୟ ସେହି ଭଗବାନଙ୍କର ବିକୃତ ରୂପ । ନିଜ ପୁତ୍ର କନ୍ୟା ନିଜର, ଅନ୍ୟମାନେ ଅନ୍ୟର ଏହା ଅଜ୍ଞାନ । ଏହି ବିଚାର ଆଣି ଗୃହର ସମସ୍ତ କର୍ମ ପ୍ରସନ୍ନତାରେ, ଆନନ୍ଦରେ, ଉତ୍ସାହରେ କରି ମା'ଙ୍କୁ ସମର୍ପଣ କରିବେ । ସମର୍ପଣ ଭାବରେ କର୍ମ କଲେ ନିଜକୁ ଆନନ୍ଦ ମିଳିବ ଏବଂ କର୍ମ କରିବାର ଶକ୍ତି ସ୍ୱତଃସ୍ଫୂର୍ତ୍ତ ପ୍ରାପ୍ତ ହେବ । ଏହି କାରଣରୁ ଗୃହରେ ବାଦବିବାଦ କରିବେ ନାହିଁ । ଗୃହର ଜଣେ ମହିଳା ଏହିପରି ଆଚରଣ କଲେ ଅନ୍ୟମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ପରିବର୍ତ୍ତିତ ହେବେ । ଏପରି ନାରୀମାନଙ୍କ ଗର୍ଭରେ ଯେଉଁ ସନ୍ତାନ ଆସିବେ ସେମାନଙ୍କର ସ୍ୱାଭାବିକ ରୂପେ ଉତ୍ତମ ସଂସ୍କାର ହେବ । ସନ୍ତାନ ମା' ଗର୍ଭରେ ରହିବା, ମା'ର କ୍ଷୀର ପାନ କରିବା, ମା' ଦ୍ୱାରା ଲାଳିତ ପାଳିତ ହେବା ଯୋଗୁଁ ମା'ର ଆଚରଣ ସନ୍ତାନମାନଙ୍କର ସଂସ୍କାରରେ ପରିଣତ ହେବ । ପିତାର ଆଚରଣର ପ୍ରଭାବ ସନ୍ତାନମାନଙ୍କ ଉପରେ ଯେତେ ପଡ଼େ, ତା' ଅପେକ୍ଷା ବହୁଗୁଣେ ମା'ର ଆଚରଣର ପ୍ରଭାବ ସନ୍ତାନମାନଙ୍କ ଉପରେ ପଡ଼େ । ମା' ଶ୍ରୀମାଙ୍କ ଉପରେ ବିଶ୍ୱାସ ଭରସା ରଖି ଯେପରି ସଦ୍‌ଗୁଣଯୁକ୍ତ ମା'ଙ୍କ ଭକ୍ତ ସନ୍ତାନ ଚାହିଁବ, ସେହିପରି ସନ୍ତାନ ମାତା ଗର୍ଭକୁ ଆସିବ । ଭାଗବତରେ ରାଣୀ ମଦାଳସାଙ୍କ ଚରିତ୍ରରୁ ଏହା ସ୍ପଷ୍ଟ ବୁଝି ପାରିବେ । ରାଣୀ ମଦାଳସା ପ୍ରତିଜ୍ଞା କରିଥିଲେ ମୋ ଗର୍ଭରେ ଯେଉଁ ସନ୍ତାନ ଆସିବ ସେ ଭଗବତ୍ ପ୍ରାପ୍ତି କରିବ, ଜନ୍ମ-ମରଣରୁ ମୁକ୍ତ ହୋଇ ଅନ୍ୟ ମା'ର ଗର୍ଭକୁ ଯିବ ନାହିଁ । ତାଙ୍କର ପ୍ରତିଜ୍ଞା ଥିଲା, ଯେଉଁ ରାଜା ଏକପତ୍ନୀବ୍ରତ ପାଳନ କରିବେ ଏବଂ ଯେଉଁ ସନ୍ତାନ ହେବ ସେ ବାରବର୍ଷ ପର୍ଯ୍ୟନ୍ତ ମା' ପାଖରେ ରହିବ, ସେହି ରାଜାଙ୍କୁ ସେ ବିବାହ କରିବେ । ଏହି ପ୍ରତିଜ୍ଞା ଜଣେ ରାଜା ସ୍ୱୀକାର କରିବାରୁ ସେ ତାଙ୍କୁ ବିବାହ କଲେ । ସେହି ପ୍ରତିଜ୍ଞା ଅନୁସାରେ ସବୁ ସନ୍ତାନମାନଙ୍କୁ ନିଜ ପାଖରେ ରଖି ବାରବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ଅଧ୍ୟାତ୍ମ ଶିକ୍ଷାଦେଲେ । ମା'ର ଆଚରଣ ତଥା ଶିକ୍ଷା ପ୍ରଭାବରୁ ସେମାନଙ୍କ ସଂସ୍କାର ଆଧ୍ୟାତ୍ମିକତାରେ ପରିଣତ ହୋଇଗଲା । ଜୀବନର ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । ସଂସାର ଅଜ୍ଞାନ ମୋହ ମାୟା ଜାଣି ସେମାନେ ବାରବର୍ଷ ବୟସରେ ମାତା ପାଖରୁ ବିଦାୟ ନେଇ ପିତାଙ୍କୁ ପ୍ରଣାମ କରି ଜଙ୍ଗଲରେ ତପସ୍ୟା କରି ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣରୁ ମୁକ୍ତ ହୋଇଥିଲେ । ଭାଗବତରେ ବହୁତ ବିସ୍ତାର ସହିତ ଏହିକଥା ବର୍ଣ୍ଣିତ ହୋଇଅଛି । ଏଠାରେ ବହୁତ ସଂକ୍ଷେପରେ ଆଲୋଚନା କରାଗଲା ।

ନାରୀମାନଙ୍କ ଆଚରଣ ପ୍ରଭାବ ଅଧିକ ସନ୍ତାନମାନଙ୍କ ଉପରେ ତଥା ପରିବାର ଉପରେ ପଡୁଥିବାରୁ ପୃଥିବୀରେ ଅତିମାନବ ଜାତି, ଅତିମାନସ ସତ୍ୟ ପ୍ରତିଷ୍ଠିତ ହେବା, ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବାରେ ନାରୀମାନଙ୍କ ବିଶେଷ ଭୂମିକା ରହି ଅଛି ।

ପ୍ରଶ୍ନ : ପୁରୁଷମାନେ ଅତିମାନସ ସତ୍ୟର ରହସ୍ୟ ବୁଝିପାରିଲେ ସେମାନେ ଅନ୍ୟ ଗ୍ରାମ, ଅନ୍ୟ ଅଞ୍ଚଳକୁ, ଜିଲ୍ଲାମାନଙ୍କୁ ଯାଇ ପାଠଚକ୍ର ମାଧ୍ୟମରେ ମିଟିଂ କରାଇବେ । ଭିନ୍ନ ଭିନ୍ନ ସ୍ଥାନରେ ସେମିନାର କରାଇବେ, କ୍ୟାମ୍ପ୍ କରାଇବେ । ସେହିସବୁ ଅନୁଷ୍ଠାନ ଦ୍ୱାରା ପାଠଚକ୍ରର ପ୍ରସାର ହେବ । ମହିଳାମାନଙ୍କ ପାଠଚକ୍ରର ପ୍ରସାର ସକାଶେ କ'ଣ ମହିଳାମାନେ ବାହାରକୁ ଯାଇପାରିବେ ?

ଉତ୍ତର : ମହିଳାମାନଙ୍କ ପାଠଚକ୍ରର ପ୍ରସାରର ଆରମ୍ଭିକ ଅବସ୍ଥାରେ ନାରୀମାନେ ବାହାରକୁ ନ ଯାଇପାରନ୍ତି । କିନ୍ତୁ ଯେଉଁ ପୁରୁଷ ସଙ୍ଗଠକମାନେ ପାଠଚକ୍ରର ପ୍ରସାର କାର୍ଯ୍ୟ କରିବେ ସେହି ସଙ୍ଗଠକମାନେ ମହିଳାମାନଙ୍କ ପାଠଚକ୍ରର ପ୍ରସାର କାର୍ଯ୍ୟ କରିବେ । ଅର୍ଥାତ୍ ଭିନ୍ନ ଭିନ୍ନ ଗ୍ରାମରେ ମହିଳାମାନଙ୍କ ପାଠଚକ୍ରର ପ୍ରତିଷ୍ଠା କରାଇବେ । ଯଥାର୍ଥରେ ଉଭୟ ପାଠଚକ୍ରର କାର୍ଯ୍ୟ ଏବଂ ଉଦ୍ଦେଶ୍ୟ ଏକ । ମହିଳାମାନଙ୍କ ପାଠଚକ୍ରର ପ୍ରସାର, ମହିଳାମାନଙ୍କ ମିଟିଂ, ସେମିନାର୍, କ୍ୟାମ୍ପରେ ସାଧାରଣ ପାଠଚକ୍ରର କର୍ମୀମାନେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ । ଏହି ଆଦର୍ଶ-ପ୍ରଚାର ସାଧନାରେ ପୂର୍ଣ୍ଣରୂପେ ସାହାଯ୍ୟ କରୁଥିବାରୁ ପ୍ରତ୍ୟେକ ପାଠଚକ୍ର ଅନ୍ୟ ପାଠଚକ୍ରର ସହାୟକ । ଯଥାର୍ଥରେ ସାଧାରଣ ପାଠଚକ୍ରଠାରୁ ମହିଳା ପାଠଚକ୍ର ଭିନ୍ନ ନୁହେଁ, ସାଧାରଣ ପାଠଚକ୍ରର ବିସ୍ତୃତ ରୂପ ।

ପ୍ରଶ୍ନ : କେଉଁ ପ୍ରଣାଳୀରେ ପାଠଚକ୍ରର ବିସ୍ତାର ହୋଇପାରିବ ?

ଉତ୍ତର : ବର୍ତ୍ତମାନ ଯେଉଁମାନେ ପାଠଚକ୍ର କରୁଛନ୍ତି, ସେମାନେ ନିଜ ବନ୍ଧୁବାନ୍ଧବ, ପଡ଼ୋଶୀ, ସମ୍ବନ୍ଧିତ

ବ୍ୟକ୍ତିମାନଙ୍କୁ ରୂପାନ୍ତର ଯୋଗରେ ନାମଜପ, ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ, ଗାର୍ହସ୍ଥ୍ୟ ଧର୍ମ, ଦିବ୍ୟଯୁଗ ସ୍ଥାପନରେ ନାରୀ, ସମର୍ପଣ ଓ ବାଧାବିଘ୍ନ, ଦେବମୁହୂର୍ତ୍ତ, ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା ବହି ପଢ଼ିବାକୁ ପ୍ରେରଣା ଦିଅନ୍ତୁ । ନିଜ ପାଠଚକ୍ରରେ ମିଟିଂ କରାଇ ଅନ୍ୟମାନଙ୍କୁ ଡାକନ୍ତୁ । ଯୋଗ ଗ୍ରହଣ ଦ୍ୱାରା ସଂସାର ଜୀବନ ଉନ୍ନତି, ଗୃହରେ ଶାନ୍ତି ପ୍ରତିଷ୍ଠା, ଭଗବତ ମାର୍ଗରେ ଅଗ୍ରଗତି ହେବା, ଏହି ବିଷୟ ଭଲ ଭାବରେ ବୁଝେଇ ଦିଅନ୍ତୁ ।

ପ୍ରଧାନ ପାଠଚକ୍ରମାନଙ୍କରେ ଏହିପରି ମିଟିଂ କରିବା ଓ ସମ୍ବନ୍ଧିତ ବ୍ୟକ୍ତିମାନଙ୍କୁ ପ୍ରେରଣା ଦେବା ଦ୍ୱାରା ପାଠଚକ୍ରର ପ୍ରସାର ହେବ । କେତେକ ପାଠଚକ୍ର ହେଲେ ସେସବୁ ପାଠଚକ୍ର ମଧ୍ୟରୁ କେହି କେହି କର୍ମୀ ବାହାରିବେ । ସେହି କର୍ମୀମାନେ ନିଜ ଅଞ୍ଚଳ, ଜିଲ୍ଲାମାନଙ୍କୁ ଯାଇ ପାଠଚକ୍ର ହେଉଥିବା ଗ୍ରାମମାନଙ୍କରେ ମିଟିଂ କରାଇବେ ଏବଂ ପାଠଚକ୍ର, ମହିଳା ପାଠଚକ୍ର କରିବାକୁ ପ୍ରେରଣା ଦେବେ । କେହି କେହି କର୍ମୀ ବିଭିନ୍ନ ଜିଲ୍ଲାରେ ପାଠଚକ୍ର ଏବଂ ମହିଳାମାନଙ୍କ ପାଠଚକ୍ର କରାଇବେ । ପାଠଚକ୍ର ଏବଂ ମହିଳା ପାଠଚକ୍ରର ପ୍ରସାର ଅନୁପାତରେ କର୍ମୀ, ସଙ୍ଗଠକ ମଧ୍ୟ ବାହାରିବେ । ସଙ୍ଗଠକମାନଙ୍କ ମଧ୍ୟରେ କେହି ପ୍ରେସିଡେଣ୍ଟ ସେକ୍ରେଟେରି ହେବେ ନାହିଁ । ପାଠଚକ୍ର ଆଶ୍ରମର କିଂବା ନବଜ୍ୟୋତି କାର୍ଯ୍ୟାଳୟର ବ୍ରାଞ୍ଚ ଅଥବା ଶାଖା ହେବେ ନାହିଁ । ସବୁ ପାଠଚକ୍ର ସ୍ୱତନ୍ତ୍ର ରହିବେ କିନ୍ତୁ ଘନିଷ୍ଠ ଅଧ୍ୟାତ୍ମ ସମ୍ବନ୍ଧ ରହିବ ପରସ୍ପର ମଧ୍ୟରେ । ପ୍ରତ୍ୟେକ ପାଠଚକ୍ର ପ୍ରତ୍ୟେକ ପାଠଚକ୍ରର ଉନ୍ନତି ଚାହିଁବେ ଏବଂ ଉନ୍ନତି ସକାଶେ କାର୍ଯ୍ୟ କରିବେ । ନୂତନ ପାଠଚକ୍ର ହେଲେ ପାଠଚକ୍ର ସକାଶେ ମା'ଙ୍କ ଆଶୀର୍ବାଦ (Blessings) ନବଜ୍ୟୋତି କାର୍ଯ୍ୟାଳୟରୁ ମଗେଇ ପାରିବେ । ସ୍ୱ-ଇଚ୍ଛାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଯେଉଁ ସଙ୍ଗଠକମାନେ ପାଠଚକ୍ର ପ୍ରସାର କାର୍ଯ୍ୟ କରିବେ ସେମାନଙ୍କ ମିଳିତ ମିଟିଂ ବର୍ଷକରେ ଥରେ କୌଣସି ବିଶିଷ୍ଟ ସ୍ଥାନରେ ଏକତ୍ରିତ ହୋଇ କରିପାରିବେ ଅଥବା ଶ୍ରୀଅଯୋଧ୍ୟା ଶ୍ରୀଅରବିନ୍ଦାଳୟରେ ମାର୍ଚ୍ଚ ୨୯ ଉତ୍ସବରେ ଏକତ୍ର ହୋଇ ୨୮-୨୯ ଦୁଇ ଦିନ ମିଟିଂ କରାଇ ପାରିବେ । କେଉଁ ଜିଲ୍ଲାରେ କେଉଁ ଅଞ୍ଚଳରେ କେତେ ପାଠଚକ୍ର ହେଲା, ନୂତନ ପାଠଚକ୍ର, ମହିଳା ପାଠଚକ୍ର ହେବାରେ ସୁବିଧା ଅସୁବିଧା ହେଉଛି କହିବେ । ସବୁ ସଙ୍ଗଠକ ବସି ପାଠଚକ୍ରର ପ୍ରସାର ହେବାରେ କ'ଣ ନୂତନ କାର୍ଯ୍ୟ କରିବାକୁ ହେବ ବିଚାର କରି ଠିକ୍ କରିବେ । ପାଠଚକ୍ରର ବିସ୍ତାର ହେଲେ ଗ୍ରାମର ଝିଅମାନେ ମା'ଙ୍କ ଭକ୍ତ ହେବେ । ଏପରି ପରିସ୍ଥିତି ଆସିଲେ ପାଠଚକ୍ରର ବ୍ୟକ୍ତିମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା କରିବେ । ସେହି ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ରୂପାନ୍ତର ଯୋଗର ଆଦର୍ଶ ଅନୁସାରେ ସେମାନଙ୍କ ମନ, ପ୍ରାଣ, ଶରୀର ଏବଂ ଆତ୍ମାର ବିକାଶ ସକାଶେ ଶିକ୍ଷା ଦିଆହେବ । ସେହି ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଜୀବନ ବିକାଶର ଆଧାର ବା ଭିତ୍ତି ହେବ ଅଧ୍ୟାତ୍ମ ଅତିମାନସ ସତ୍ୟ । ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତ ଛାତ୍ରଛାତ୍ରୀମାନେ ସମାଜରେ ଯେତେ ପରିମାଣରେ କର୍ମ କରିବେ, ପାଠଚକ୍ର ଦ୍ୱାରା ଯେତେ ଅଧିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗ ଗ୍ରହଣ କରିବେ ଏବଂ ଆଚରଣ କରିବେ ସେହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେବାକୁ ଲାଗିବ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ ହେବେ ଶ୍ରୀମାଙ୍କ ଭକ୍ତ । ପାଠଚକ୍ର ବହୁ ସଂଖ୍ୟାରେ ହେଲେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇପାରିବ । ଏହାର ବିସ୍ତାର ହେବାପରେ କୌଣସି କୌଣସି ବିଶିଷ୍ଟ ସ୍ଥାନରେ ଶ୍ରଦ୍ଧାଳୁ ଉତ୍ସାହୀ ଭକ୍ତମାନେ ଶ୍ରୀଅରବିନ୍ଦଙ୍କ ରେଲିକ୍ସ୍ ମନ୍ଦିର ପ୍ରତିଷ୍ଠା କରିପାରିବେ । ଯେପରି ଶ୍ରୀଅଯୋଧ୍ୟାରେ ଶ୍ରୀଅରବିନ୍ଦ ସାଧନାଳୟରେ ଶ୍ରୀଅରବିନ୍ଦଙ୍କ ରେଲିକ୍ସ୍ ପ୍ରତିଷ୍ଠିତ ହୋଇଅଛି ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗର ପ୍ରସାର ଛଡ଼ା ଅନ୍ୟ କୌଣସି ଉପାୟରେ ସଂସାରରୁ ଅନ୍ୟାୟ ଅସତ୍ୟ ମିଥ୍ୟାଚାର ଦୂର ହେବ ନାହିଁ । ଏହି ସତ୍ୟ ଗ୍ରହଣ କରିବାର ଦେବ ମୁହୂର୍ତ୍ତ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅଛି । ଓଡ଼ିଶାରେ ୧୯୮୯ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ପାଠଚକ୍ର ଚାରିହଜାରରୁ ଅଧିକ, ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ୧୧୦, ରେଲିକ୍ସ୍ ମନ୍ଦିର ୨୬ଟି ପ୍ରତିଷ୍ଠିତ ହୋଇ ଅଛି । ପ୍ରତିମାସରେ, ପ୍ରତି ବର୍ଷରେ ଏସବୁର ବୃଦ୍ଧି ହୋଇ ଚାଲୁଅଛି ।

ପ୍ରଶ୍ନ : କହିଲେ ଯେ ମୃତ୍ୟୁପୁରୀରେ ଭଗବାନ୍ ବିକୃତ ହୋଇ ଦୃଶ୍ୟମାନ ବସ୍ତୁ ତଥା ପଶୁପକ୍ଷୀ ଏବଂ ମନୁଷ୍ୟରୂପେ ପ୍ରକଟ ହେଲେ । ତେବେ ସଂସାରରେ ଜୀବଜନ୍ତୁ ପଶୁପକ୍ଷୀ ମନୁଷ୍ୟକୁ ଯେଉଁ ଦୁଃଖ-କଷ୍ଟ ହେଉଛି ଭଗବାନଙ୍କୁ ତାହା ଭୋଗିବାକୁ ପଡୁଥିବ ?

ଉତ୍ତର : ଭଗବାନ୍ ପରମ ଦିବ୍ୟ, ଦୁଃଖ-କଷ୍ଟ ଅଦିବ୍ୟ । ଦିବ୍ୟ ପାଖକୁ ଅଦିବ୍ୟ ଯାଇପାରିବ କିପରି ? ସୂର୍ଯ୍ୟ ସାମ୍ନାରେ ଅନ୍ଧକାର ରହିବା ଏକେବାରେ ଅସମ୍ଭବ । ଏହି ଅସମ୍ଭବ ସମ୍ଭବ ହୋଇପାରେ କିନ୍ତୁ ପରମ ଦିବ୍ୟ ଭଗବାନଙ୍କ ପାଖକୁ ଅଦିବ୍ୟ ଦୁଃଖ-କଷ୍ଟ କଦାପି ଯାଇପାରେ ନାହିଁ ।

ଭଗବାନ୍ ଏକ ଥିଲେ । ସେହିଁ ସୃଷ୍ଟି ରୂପେ ପ୍ରକାଶ ହୋଇଛନ୍ତି । ଏହି ଅପରାର୍ଦ୍ଧ ମୃତ୍ୟୁପୁରୀ ଅଦିବ୍ୟ ହେବାରୁ ତାଙ୍କଠାରୁ ପୃଥକ୍ ହୋଇଗଲା । ମୃତ୍ୟୁପୁରୀ ଏବଂ ମୃତ୍ୟୁପୁରୀର ସକଳ ଦୃଶ୍ୟମାନ ଜୀବଜନ୍ତୁ, ପଶୁପକ୍ଷୀ ମନୁଷ୍ୟ ସବୁ ଦିବ୍ୟରୁ ଅଦିବ୍ୟ ହେବାରୁ ସ୍ୱାଭାବିକ-ରୂପେ ଭଗବାନଙ୍କଠାରୁ ପୃଥକ୍ ହେଲେ, ଦୁଃଖ-କଷ୍ଟ ନିଜେ ନିଜେ ଭୋଗିଲେ । ଯେତେବେଳେ ମନୁଷ୍ୟର ପୂର୍ଣ୍ଣ ରୂପାନ୍ତର ହେବ, ସେତେବେଳେ ସେ ଦିବ୍ୟ ହେବ । ପୂର୍ଣ୍ଣ ରୂପେ ଅଜ୍ଞାନ, ଦୁଃଖ-କଷ୍ଟରୁ ମୁକ୍ତ ହେବ, ଭଗବତ୍ ପରମାନନ୍ଦରେ ବାସ କରିବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ଗ୍ରନ୍ଥ (The Life Divine) ଦର୍ଶନଶାସ୍ତ୍ର ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାର ମା' (The Mother) ବହି ସାଧନାର ଚାବି ସଦୃଶ; ଏହିସବୁ ଗ୍ରନ୍ଥରେ ନାମଜପ ସମ୍ବନ୍ଧେ ଚର୍ଚ୍ଚା କେଉଁଠି ହୋଇ ନାହିଁ । ଏହି ଦେବମୁହୂର୍ତ୍ତ ବହି ପ୍ରଶ୍ନ ଉତ୍ତରରେ ଯେଉଁଠାରେ ସାଧନା ଆଲୋଚନା ହୋଇଛି ସେହି ସାଧନାରେ ନାମଜପକୁ ଶ୍ରେଷ୍ଠ ସ୍ଥାନ ଦିଆ ହୋଇଛି । ଏହାର ଯଥାର୍ଥ ରହସ୍ୟ କ'ଣ ?

ଉତ୍ତର : ଶରୀର ରୂପାନ୍ତର ସକାଶେ ନାମଜପ ଅନିବାର୍ଯ୍ୟ ''ମୁଁ ଦଶ ବର୍ଷର ସାଧନା ନାମଜପ ଦ୍ୱାରା ଅଳ୍ପମାସ ମଧ୍ୟରେ କରିପାରିଛି ''– ଏହା ଶ୍ରୀମା କହି ଅଛନ୍ତି । ଶ୍ରୀଅରବିନ୍ଦଙ୍କ ପତ୍ରାବଳି ଗ୍ରନ୍ଥରେ ସ୍ୱୟଂ ଶ୍ରୀଅରବିନ୍ଦ କହିଛନ୍ତି ''ଏ ଯୋଗର ମନ୍ତ୍ର ମା' ଏହି ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ ।'' ସାବିତ୍ରୀ ଗ୍ରନ୍ଥରେ ଶ୍ରୀଅରବିନ୍ଦ କହିଛନ୍ତି ଅବଚେତନାରେ ପ୍ରବେଶ କଲେ ସେଠାରେ (Great Name) ଅର୍ଥାତ୍ ମା' ନାମ ଜପ ଅବଲମ୍ବନ ଛଡ଼ା ଅନ୍ୟ ଉପାୟ ନାହିଁ ।

ନାମଜପ ବିଷୟରେ ''ରୂପାନ୍ତର ଯୋଗରେ ନାମଜପ'' ବହିରେ ଆଲୋଚନା କରାହୋଇଛି । ସେହି ବହି ପଢ଼ିଲେ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ପାଇବେ । ସେ ବହି ପଢ଼ିବା ଏକାନ୍ତ ଆବଶ୍ୟକ, ସାଧନା ସକାଶେ ବହୁତ ଉପଯୋଗୀ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ବିଷୟ ପ୍ରଶ୍ନ ଉତ୍ତରରେ ଶ୍ରୀମା କେଇ ପ୍ରକାର ସାଧନା କହି ଅଛନ୍ତି, ଶ୍ରୀଅରବିନ୍ଦ ବି ସାଧକମାନଙ୍କ ଚିଠିର ଉତ୍ତରରେ ଭିନ୍ନ ଭିନ୍ନ ସାଧନା କହି ଅଛନ୍ତି । ତେବେ ଆମେ କେଉଁ ସାଧନାକୁ ଗ୍ରହଣ କରିବୁ ।

ଉତ୍ତର : ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ସିଦ୍ଧିର ସାଧନା ହେଉଛି : ଅଭୀପ୍ସା (ଚାହିଁବା), ସମର୍ପଣ, ପ୍ରତିକୂଳ ବିଚାର, କର୍ମର ତ୍ୟାଗ, ନାମଜପ ଏବଂ ମା' ସର୍ବଦା ମୋ ସଙ୍ଗେ ରହି ରକ୍ଷା କରୁଛନ୍ତି ଏହି ବିଶ୍ୱାସ, ଏହି ସବୁ ସାଧନା ଆରମ୍ଭରୁ ଲକ୍ଷ୍ୟ ସିଦ୍ଧି ପର୍ଯ୍ୟନ୍ତ ଚାଲିବ । ସାଧକମାନଙ୍କ ପ୍ରଶ୍ନ ଉତ୍ତରରେ, ସେମାନଙ୍କ ଚିଠିର ଉତ୍ତରରେ ଶ୍ରୀମା, ଶ୍ରୀଅରବିନ୍ଦ ସାଧନାପ୍ରଣାଳୀ ଯଦ୍ୟପି ଭିନ୍ନ ଭିନ୍ନ କହିଛନ୍ତି, ତଥାପି ତାହା ସାଧନା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଲିବ ନାହିଁ ।

ସାଧକର ରୁଚି, ସ୍ୱଭାବ ଅନୁସାରେ ସେ ସାଧନାର ଆରମ୍ଭରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଭିନ୍ନ ଭିନ୍ନ ସାଧନା କରିପାରନ୍ତି । କିନ୍ତୁ ଆରମ୍ଭରେ ବି ସମର୍ପଣ, ଅଭୀପ୍ସା, ତ୍ୟାଗକୁ ନେଇ ଚାଲିବାକୁ ହେବ । ସାଧନାରେ କିଛି ଦୂର ଅଗ୍ରସର ହେବା ପରେ ଅନ୍ୟାନ୍ୟ ସାଧନା ରହିବେ ନାହିଁ । ଶେଷ ପର୍ଯ୍ୟନ୍ତ ରହିବ ସମର୍ପଣ, ଅଭୀପ୍ସା ଏବଂ ତ୍ୟାଗ । ଏହା ସହିତ ନାମଜପ ଏବଂ ମା'ଙ୍କ ଉପରେ ବିଶ୍ୱାସ ଆବଶ୍ୟକ । ରୂପାନ୍ତର କାର୍ଯ୍ୟ କରିବ ଅତିମାନସ ଭାଗବତୀ ଶକ୍ତି । ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରିବ ସମର୍ପଣ, ଅଭୀପ୍ସା, ତ୍ୟାଗ ଦ୍ୱାରା । ସାଧନା ଆରମ୍ଭରୁ ମନ, ପ୍ରାଣ, ଶରୀରର ଯେଉଁ ଭାଗ ସମର୍ପଣ ହେଉଥିବ ସେହି ଭାଗରେ ଅତିମାନସ ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରୁଥିବ । ଯେତେବେଳେ ମନ, ପ୍ରାଣ, ଶରୀର ପୂର୍ଣ୍ଣ ରୂପେ ସମର୍ପିତ ହୋଇଯିବ, ସେତେବେଳେ ସାଧକକୁ ଆଉ କିଛି କରିବାକୁ ନ ଥିବ । ରୂପାନ୍ତର ଶେଷ କରିବେ ଅତିମାନସ ଶକ୍ତି । ରୂପାନ୍ତର ଭାଗବତୀ ଶକ୍ତି କରୁଥିବାରୁ ସାଧନା

ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମର୍ପଣ କରିବାକୁ ହେବ ଶ୍ରୀମାଙ୍କୁ । ଏହି କାରଣରୁ The Mother ବହିରେ ଅନ୍ୟ କୌଣସି ପ୍ରକାର ସାଧନାର ଉଲ୍ଲେଖ କରାହୋଇ ନାହିଁ, କେବଳ ଅଭୀପ୍ସା, ସମର୍ପଣ, ତ୍ୟାଗ ଉଲ୍ଲେଖ କରାହୋଇଅଛି, ଆଉ The Mother ବହି ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାର ଚାବି ସଦୃଶ । ଏହି ସାଧନା ଦ୍ୱାରା ସାଧକ ଅଗ୍ରସର ହେଲେ ସାଧନା ମାର୍ଗରେ ଯେଉଁ ପରିସ୍ଥିତିରେ ସାଧକକୁ ଯାହା କରିବାକୁ ହେବ ସେ ସ୍ପଷ୍ଟ ଭାବେ ନିଃସନ୍ଦେହରେ ବୁଝି ପାରିବେ ଏବଂ ମା'ଙ୍କ ପ୍ରେରଣାରେ ସେ କରିବେ । ସାଧନାର ଆବଶ୍ୟକ ସ୍ଥିତିରେ ପହଞ୍ଚିବା ପୂର୍ବରୁ ଅଗ୍ରଗତିମାର୍ଗରେ କେଉଁ ସମୟରେ କ'ଣ କରିବାକୁ ହେବ ସେ ସବୁ ବିଷୟରେ ଜାଣିଲେ ବା ଶୁଣିଲେ ମନେ ରହିବ ନାହିଁ କିଂବା କରି ହେବ ନାହିଁ । ସାଧନା ଆରମ୍ଭରୁ ସାଧକକୁ ଶେଷ ପର୍ଯ୍ୟନ୍ତ କରିବାକୁ ହେବ ଅଭୀପ୍ସା, ସମର୍ପଣ, ପ୍ରତିକୂଳ କର୍ମ ଓ ବିଚାରର ତ୍ୟାଗ, ମା' ଏହି ନାମଜପ, ଏବଂ 'ମୁଁ ମା'ଙ୍କର, ମା' ମୋ ସଙ୍ଗରେ ରହି ସର୍ବଦା ରକ୍ଷା କରୁଅଛନ୍ତି, ରକ୍ଷା କରିବେ, ସମସ୍ତ କାର୍ଯ୍ୟରେ ପ୍ରେରଣା ଦେବେ' – ଏହି ଦୃଢ଼ ଅଟଳ ବିଶ୍ୱାସ ରଖିବାକୁ ହେବ ।

ରୂପାନ୍ତର ଯୋଗରେ ନାମଜପ

ସୂଚନା

ରୂପାନ୍ତର ଯୋଗରେ 'ନାମଜପ'ର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏପରି କି ଶରୀର ରୂପାନ୍ତର ନିମିତ୍ତ 'ନାମଜପ'ର ପଦ୍ଧତି ଶ୍ରେଷ୍ଠ ବୋଲି କୁହାଯାଇ ପାରେ । ଏହି 'ନାମଜପ'ର ଉପଯୋଗିତା, ପଦ୍ଧତି ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଏହି କ୍ଷୁଦ୍ର ପୁସ୍ତକରେ ଲେଖକ ଅତି ସ୍ପଷ୍ଟ ଓ ମନ୍ତ୍ରବତ୍ ବର୍ଣ୍ଣନା କରିଅଛନ୍ତି । ଆଶା ଓ ବିଶ୍ୱାସ, ପାଠକ ଓ ପାଠିକାମାନେ ଏହି ଗ୍ରନ୍ଥ ଅଧ୍ୟୟନ କରି ଆଧ୍ୟାତ୍ମିକ ମାର୍ଗରେ ସହାୟତା ଲାଭ କରିବେ ।

— ପ୍ରକାଶକ

ରୂପାନ୍ତର ଯୋଗରେ ନାମଜପ

(୧)

ନାମଜପର ଉପଯୋଗିତା

ରୂପାନ୍ତର ଯୋଗରେ ଦୁର୍ଲଙ୍ଘନୀୟ ବାଧାବିଘ୍ନ, ବିରୋଧୀ ଶକ୍ତିରାଜିର ମହାନ୍ କୌଶଳପୂର୍ଣ୍ଣ ଆକ୍ରମଣରୁ ନିର୍ଦ୍ୱନ୍ଦ୍ୱରେ ରକ୍ଷା ପାଇ ଲକ୍ଷ୍ୟରେ ପହଞ୍ଚିବାର ଏକମାତ୍ର ଅମୋଘ, ଅବ୍ୟର୍ଥ ମନ୍ତ୍ର ହେଲା ଛୋଟ ଶିଶୁ ସଦୃଶ ଶ୍ରୀମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କରି ନାମଜପ କରିବା । ଏହି ଅମୋଘ ରକ୍ଷାକବଚ ଛଡ଼ା ଏହି ଯୋଗମାର୍ଗରେ ପଦ ରଖିବା କସ୍ମିନ୍ କାଳେ ସୁରକ୍ଷିତ ନୁହେଁ ।

ଏହି ଯୋଗର ଲକ୍ଷ୍ୟ ହେଉଛି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି; ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନରୁ ସଂପୂର୍ଣ୍ଣ ମୁକ୍ତି । ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତିଙ୍କ ଜୀବନର ଏହାହିଁ ଲକ୍ଷ୍ୟ । ଜଣେ ବ୍ୟକ୍ତି ବି ଦୁଃଖକଷ୍ଟ, ଅଜ୍ଞାନ, ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ଚାହାନ୍ତି ନାହିଁ । କିନ୍ତୁ ସୃଷ୍ଟି ଆରମ୍ଭରୁ ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନ, ମୃତ୍ୟୁ ମନୁଷ୍ୟକୁ କବଳିତ କରି ରଖିଅଛନ୍ତି । ସ୍ୱୟଂ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଇ ଏହି ପୃଥିବୀକୁ ଆସିଲେ ସ୍ୱ-ଇଚ୍ଛାରେ ମୃତ୍ୟୁପୁରୀର ଏହି ଦୁର୍ଲଙ୍ଘନୀୟ ନିୟମକୁ ସ୍ୱୀକାର କରନ୍ତି । ବୈଦିକ ଯୁଗର ଋଷିମୁନି ତଥା ମହାପୁରୁଷ, ଆଚାର୍ଯ୍ୟମାନଙ୍କଠାରୁ ଆରମ୍ଭ କରି ସମସ୍ତ ସାଧୁସନ୍ଥ ପର୍ଯ୍ୟନ୍ତ ମନ-ପ୍ରାଣ-ଶରୀରର ରୂପାନ୍ତର କଳ୍ପନା କିଂବା ଧାରଣା ପର୍ଯ୍ୟନ୍ତ କରି ନାହାନ୍ତି । ପୁରାତନ ଯୋଗର କୌଣସି ଶକ୍ତିଶାଳୀ ସାଧନା, କୌଣସି ଯୋଗଶକ୍ତି ଦ୍ୱାରା ଏହି ଦୁରୂହ ରୂପାନ୍ତର ହେବା ସମ୍ଭବ ନ ଦେଖି ସାଧକମାନେ ମନ-ପ୍ରାଣ-ଶରୀରକୁ ଛାଡ଼ି କେବଳ ଶୁଦ୍ଧ, ସତ୍ୟ, ସର୍ବଥା ଦିବ୍ୟ ଅନ୍ତରାତ୍ମାକୁ ନେଇ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରାଇ ଅଛନ୍ତି । ଏହା ହୋଇଛି ବ୍ୟକ୍ତିଗତ ଭାବେ । ଏହା ଦ୍ୱାରା ସଂସାରର ଦୁଃଖକଷ୍ଟ, ଅଜ୍ଞାନ, ଅନ୍ଧକାର, ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥ, ମିଥ୍ୟାଚାର ଦୂର ହୋଇ ନାହିଁ, ବରଂ କ୍ରମଶଃ ବୃଦ୍ଧି ହୋଇଅଛି । ସଂସାରରୁ ଏହିସବୁ ଦୂର ହେବ, ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ତା'ର ସମୟ ଆସି ନ ଥିବାରୁ କୌଣସି ଋଷିମୁନି, ମହାପୁରୁଷମାନେ ଏକଥା ଭାବି ପାରି ନାହାନ୍ତି ।

କ୍ରମବିକାଶ ପ୍ରଣାଳୀ ଅନୁସାରେ ମନର ବିକାଶ ସମାପ୍ତ ହେବାରୁ ମନ-ପ୍ରାଣ-ଶରୀରର ରୂପାନ୍ତର ହେବାର ତଥା ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଅତିମାନସ ଚେତନାର ପ୍ରତିଷ୍ଠା ହେବାର ସମୟ ଆସିଅଛି । ଭଗବାନ୍ ସଚ୍ଚିଦାନନ୍ଦଙ୍କ ସଂକଳ୍ପ ତଥା ତାଙ୍କରି ବିଧାନରେ ସେ ସ୍ୱୟଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ରୂପରେ ଏହି ପୃଥିବୀକୁ ଆସି ମାନବଜାତିର ପ୍ରତିନିଧିରୂପେ ସାଧନା କରି ପରାର୍ଦ୍ଧର ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଉତାରି ଆଣି ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ସେହି ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରୁଅଛି । ଏହି ରୂପାନ୍ତରହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । ଭଗବାନଙ୍କୁ ବିଶ୍ୱାସ କରୁଥିବା ଏବଂ ଭଗବାନଙ୍କୁ ବିଶ୍ୱାସ କରୁ ନ ଥିବା ସମସ୍ତ ବ୍ୟକ୍ତି ଅଜ୍ଞାତରେ ଏହି ଲକ୍ଷ୍ୟ ଆଡ଼କୁ ଭ୍ରମ ମାର୍ଗରେ ଯାତ୍ରା କରୁଅଛନ୍ତି । କିନ୍ତୁ ଲକ୍ଷ୍ୟ-ଜ୍ଞାନ ନ ଥିବା ଯୋଗୁଁ ଲକ୍ଷ୍ୟପ୍ରାପ୍ତିର ସାଧନା ସ୍ୱାଭାବିକରୂପେ ଭୁଲ୍ ହେଉଅଛି । ସେହି କାରଣରୁ ବ୍ୟକ୍ତି ଅଧିକରୁ ଅଧିକ ଦୁଃଖକଷ୍ଟ ଭୋଗୁଅଛି ।

ଶ୍ରୀମାଶ୍ରୀଅରବିନ୍ଦ ପୃଥିବୀରେ ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ପ୍ରତିଷ୍ଠା କରିଥିବାରୁ ବ୍ୟକ୍ତିକୁ ଲକ୍ଷ୍ୟପ୍ରାପ୍ତି କରିବାର ସମୟ ତଥା ସୁଯୋଗ ପ୍ରାପ୍ତ ହୋଇଅଛି । ଛୋଟ ଶିଶୁ ନିଜ ମା' ଉପରେ ସଂପୂର୍ଣ୍ଣଭାବେ ନିର୍ଭର କରିବା ସଦୃଶ ବ୍ୟକ୍ତି ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କରି ନାମ – 'ମା', ନିରନ୍ତର ଜପପୂର୍ବକ ତାଙ୍କରି ଉପରେ

ଭରସା ତଥା ନିର୍ଭରତା ରଖିଲେ ମା ସଂପୂର୍ଣ୍ଣରୂପେ ସାଧକକୁ ସକଳ ପ୍ରକାର ବାଧାବିଘ୍ନରୁ ରକ୍ଷା କରିବେ । ମା ଛୋଟ ଶିଶୁକୁ କୋଳରେ ନେଇ ଦୁରୂହ ମାର୍ଗକୁ ପାର ହେବା ସଦୃଶ ମାତୃଶକ୍ତି ସକଳ ବାଧାବିପତ୍ତିକୁ ଅତିକ୍ରମ କରାଇ ସାଧକକୁ ଲକ୍ଷ୍ୟରେ ପହଞ୍ଚାଇ ଦେବାରେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ । କିନ୍ତୁ ରୂପାନ୍ତରର ଶେଷ ପର୍ଯ୍ୟନ୍ତ ସାଧକକୁ ସର୍ବଦା ସଚେତ ହୋଇ ସମର୍ପଣ କରିବାକୁ ହେବ । ଏହି ରୂପାନ୍ତର ଯୋଗରେ ସମସ୍ତ ସତ୍ତା ମା'ଙ୍କ ଚରଣରେ ସମର୍ପଣ ତଥା ମା'ଙ୍କ 'ନାମଜପ' ଛଡ଼ା ବାଧାବିପତ୍ତି ଏବଂ ବିରୋଧୀ ଶକ୍ତିଙ୍କ ଆକ୍ରମଣର ସମ୍ମୁଖୀନ ହୋଇ ତଥା ସେସବୁକୁ ଅତିକ୍ରମ କରି ଲକ୍ଷ୍ୟରେ ପହଞ୍ଚିବାର ଅନ୍ୟ କୌଣସି ଉପାୟ ନାହିଁ ।

ଶ୍ରୀମାଶ୍ରୀଅରବିନ୍ଦ ଯେପରି ଏକ ତତ୍ତ୍ୱ, ସେହିପରି ଶ୍ରୀମା, ମାତୃଶକ୍ତି ଏବଂ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ଏକ ତତ୍ତ୍ୱ । ଭଗବାନ୍ ଶ୍ରୀଅରବିନ୍ଦ ଏବଂ ମା, ଅତିମାନସ ଶକ୍ତି ତଥା 'ମା' ଏହି ନାମ – କହିବାରେ ଅଥବା ଶବ୍ଦରେ ଭିନ୍ନ ଯଥାର୍ଥରେ କିନ୍ତୁ ଏକ, ଅଭିନ୍ନ । ଯେପରି ଜଳ ଏବଂ ତରଙ୍ଗ, ବାଣୀ ତଥା ଅର୍ଥ । ଭଗବାନ୍, ଶ୍ରୀଅରବିନ୍ଦ, ଶ୍ରୀମା ଏବଂ ଅତିମାନସ ଶକ୍ତି ଏକ ହୋଇଥିବାରୁ ରୂପାନ୍ତର ଯୋଗରେ ମା'ଙ୍କୁ ସମର୍ପଣ କରାହେଲେ ଅତିମାନସ ଶକ୍ତି ସାଧକ ଆଧାରରେ ରୂପାନ୍ତର କ୍ରିୟା କରନ୍ତି । ଶ୍ରୀମା ଏବଂ ତାଙ୍କ ନାମ ଏକ ତତ୍ତ୍ୱ ହୋଇଥିବାରୁ ମା'ଙ୍କ 'ନାମଜପ'ରେ ମା'ଙ୍କ ଉପସ୍ଥିତି ସତତ ରୁହେ । ମା'ଙ୍କ ନାମଜପରେ କଠିନ ରୂପାନ୍ତର ସାଧନା ବହୁତ ସହଜ ହୁଏ ।

ପୂର୍ବେ କୁହାଯାଇଛି ଯେ ସମର୍ପଣ ଛଡ଼ା ଏହି ଯୋଗସାଧନା ନିରାପଦ ନୁହେଁ । ସମର୍ପଣ ତଥା ଅଭୀପ୍ସା ହୁଏ ସାଧକ ସଚେତ ରହିଲେ । ସମର୍ପଣର ମନୋଭାବ ତଥା ଅଭୀପ୍ସା ଏବଂ ସଂକଳ୍ପ ଦ୍ୱାରା ସାଧକ ସଚେତ ରହିପାରନ୍ତି । ସାଧକର ସଂକଳ୍ପ ଅତ୍ୟନ୍ତ ଦୃଢ଼, ସମର୍ପଣ ମନୋଭାବ ତୀବ୍ର, ଅଭୀପ୍ସା ଜ୍ୱଳନ୍ତ ହୋଇଥିଲେ ଏହା ସମ୍ଭବ ହୁଏ । ଏହି ଅବସ୍ଥା ଆସିବାକୁ ସାଧକକୁ ବହୁତ ବର୍ଷ ସାଧନା କରିବାକୁ ହୁଏ । କିନ୍ତୁ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ମନକୁ ଏକାଗ୍ର କରିବା ଏବଂ ସତତ ସଚେତ ରହିବା ସକାଶେ ସାଧକର କୌଣସି ଅବଲମ୍ବନ ନ ଥାଏ । ଧ୍ୟାନ ଦ୍ୱାରା ହୃଦୟ ଗଭୀରରେ କିଂବା ମସ୍ତକର ଊର୍ଦ୍ଧ୍ୱରେ କିଛି ସମୟ ଏକାଗ୍ର ହୁଏ । ସମର୍ପଣ ଦ୍ୱାରା ମାତୃଶକ୍ତିର ରୂପାନ୍ତର କ୍ରିୟା ସାଧକ ମଧ୍ୟରେ ହେବା ସମୟରେ ସାଧକର ଏକାଗ୍ରତା ଆସେ । କିଂବା ଶାନ୍ତି, ଏକାଗ୍ରତା, ଆନନ୍ଦ, ସମତାଦି ଦିବ୍ୟଗୁଣ ଅବତରଣ କଲେ ସାଧକ କିଛି ସମୟ ସକାଶେ ଆନନ୍ଦରେ ରୁହନ୍ତି । ଏହା ସବୁ ସମୟରେ ସମ୍ଭବ ହୁଏ ନାହିଁ କିଂବା ସାଧନାର ଆରମ୍ଭରେ ପ୍ରତିଦିନ ବି ହୁଏ ନାହିଁ । ବହୁଦିନ ପରେ କେବେ କେବେ ହୁଏ । ଅନ୍ୟ ସମୟରେ ନାନାଦି ଯାନ୍ତ୍ରିକ ବିଚାର ଆସି ସାଧକକୁ ବ୍ୟତିବ୍ୟସ୍ତ କରିପକାନ୍ତି । ବିରୋଧୀ ଶକ୍ତିଙ୍କ ଦ୍ୱାରା ବାଧାବିଘ୍ନ ମଧ୍ୟ ଆସିବାକୁ ସୁଯୋଗ ପାଆନ୍ତି । ସାଧକ ସାଧନାରେ ବହୁତ ଅଗ୍ରସର ହେବା ପର୍ଯ୍ୟନ୍ତ ଏହିପରି ବାଧାବିଘ୍ନ ଲାଗି ରହିଥାଏ ।

ଅନ୍ୟ ପକ୍ଷରେ ସାଧକର ସାଧନାରେ ତୀବ୍ରତା ନ ଥିଲେ ସେ ଆରମ୍ଭରେ ସତତ ଜାଗ୍ରତ ହୋଇ ସମର୍ପଣ କରିପାରନ୍ତି ନାହିଁ କିଂବା ଅଭୀପ୍ସା କରିପାରନ୍ତି ନାହିଁ । କେବଳ ମା'ଙ୍କ ସେବା ଭାବରେ କର୍ମ କରିବା ଅବଲମ୍ବନ ହୋଇଥାଏ । ଶାନ୍ତି, ଆନନ୍ଦ ନ ଆସିବାରୁ ଜୀବନ ତଥା ସାଧନା ଶୁଷ୍କ, ନୀରସ ମନେହୁଏ । ନିରାଶା, ହତାଶା, ସନ୍ଦେହ ସାଧକକୁ ଯୋଗମାର୍ଗରୁ ଟାଣି ନେବାକୁ ଚେଷ୍ଟା କରନ୍ତି । କିନ୍ତୁ 'ମା'– ଏହି ନାମଜପରେ ସାଧକ ସାଧନା ଆରମ୍ଭରୁ ଅପେକ୍ଷାକୃତ ସହଜରେ ସଚେତ ରହିପାରନ୍ତି । 'ମା'– ଏହି ନାମଜପ ମହାନ୍ ଶକ୍ତିଶାଳୀ ହେବା ସତ୍ତ୍ୱେ ଅତ୍ୟନ୍ତ ସହଜ । ତୀବ୍ରଭାବେ ସାଧନା କରିବା ସାଧକ ହୁଅନ୍ତୁ ବା ଶିଥିଳଭାବେ ସାଧନା କରିବା ସାଧକ ହୁଅନ୍ତୁ, ସେ ସାଧନାର ଆରମ୍ଭରୁ ଦୃଢ଼ ସଂକଳ୍ପ କଲେ ସତତ 'ମା' ନାମଜପ କରିପାରନ୍ତି ।

ନାମଜପରେ ବିଶ୍ୱାସ ହେଉ ବା ନ ହେଉ, ଆଗ୍ରହ ଥାଉ ବା ନ ଥାଉ, ସାଧକ ନାମଜପ କଲେ ସେଥିରେ ବିଶ୍ୱାସ ନିର୍ଭରତା ଆସେ । ମା'ଙ୍କଠାରୁ ତାଙ୍କ ନାମ ପୃଥକ୍ ନ ଥିବାରୁ ମା'ଙ୍କ ଉପସ୍ଥିତି ରହେ । ସତତ 'ମା'-ନାମ ଜପ କରିବା ଦ୍ୱାରା ସାଧକ ସତତ ସଚେତ ରହିପାରନ୍ତି । ନାମଜପ ଯୋଗୁଁ କଷ୍ଟସାଧ୍ୟ ସଚେତନତା ବହୁତ ସରଳ, ବହୁତ ସହଜରେ ଆସେ । ସଚେତନତା ରହିଲେ ସମର୍ପଣ ଏବଂ ଅଭୀପ୍ସା ସହଜରେ ହେବାକୁ ଲାଗେ । ମା'ଙ୍କ ଉପସ୍ଥିତିରେ ସାଧକର ସ୍ୱାଭାବିକ ବିଶ୍ୱାସ ହୁଏ । ଏବଂ ନାମଜପ ସଙ୍ଗେ ସଙ୍ଗେ ''ମୁଁ ତୁମର ଆଶ୍ରିତ ବା ସନ୍ତାନ'' ଧାରଣା

କରିବାରେ ଅସୁବିଧା ହୁଏ ନାହିଁ । ସାଧକ ନିଜ ସ୍ୱଭାବ, ରୁଚି ଅନୁସାରେ ନାମଜପ ସହିତ ଏହି ଧାରଣା ରଖିପାରନ୍ତି ଅଥବା 'Psychic' (ଅନ୍ତରାତ୍ମା) ଜାଗ୍ରତ ହେବା ସକାଶେ ଅଭୀପ୍ସା କରିପାରନ୍ତି । ଏହିରୂପେ ସତତ 'ମା'-ନାମ ଜପ କରିବାରେ ସମର୍ପଣ ସହଜ ଏବଂ ସ୍ୱତଃସ୍ଫୂର୍ତ୍ତଭାବେ ହୁଏ ।

ଏହିରୂପେ ନାମଜପ ନ କରି ସାଧକ ସାଧନାର ଆରମ୍ଭିକ ଅବସ୍ଥାରେ ଯେଉଁ କର୍ମ କରନ୍ତି, ତାଙ୍କର ଜୀବନର ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଥିବାରୁ ତାହା ଭାଗବତ କର୍ମ ହୁଏ । କିନ୍ତୁ ସଚେତ ନ ରହି ସଚେତନଭାବେ ସମର୍ପଣ ନ କରୁଥିବାରୁ ତାହା ଅଧିକ ଫଳପ୍ରଦ ହୁଏ ନାହିଁ । କର୍ମ କରିବା ସମୟରେ କିଂବା ଅନ୍ୟ ସବୁ ସମୟରେ ସଚେତନ ହୋଇ ସମର୍ପଣ କରିବାରେ ବହୁତ ବର୍ଷ ଲାଗିପାରେ । 'ମା'— ଏହି ନାମଜପରେ ସଚେତନତା ଶୀଘ୍ର ଆସେ ଏବଂ ସମର୍ପଣ ସହଜ ହୁଏ । ଏହିପରି ସଚେତନତା ତଥା ସମର୍ପଣ ଭାବ ଦୃଢ଼ ହେଲେ ଦିବ୍ୟ ଶକ୍ତିଙ୍କ ରୂପାନ୍ତର କ୍ରିୟାକୁ ସାଧକ ଧ୍ୟାନ ସମୟରେ ତଥା ଅନ୍ୟ ସମୟରେ ବି ଅନୁଭବ କରିପାରନ୍ତି ।

କେତେକ ବ୍ୟକ୍ତି କହନ୍ତି, ''ଯାନ୍ତ୍ରିକ ନାମଜପରେ କୌଣସି ପ୍ରଭାବ ହୁଏ ନାହିଁ ।'' ଏହା ଯଦି ସତ୍ୟ ହୁଏ ଏବଂ ଯଥାର୍ଥ ହୁଏ ତେବେ ଅଧ୍ୟାତ୍ମ ସାଧକମାନେ ଯାନ୍ତ୍ରିକ ବିଚାର (thoughts)କୁ ଏତେ ଭୟ କରନ୍ତି କାହିଁକି ? ଯାନ୍ତ୍ରିକ ବିଚାର (thoughts)କୁ ବନ୍ଦ କରିବା ସକାଶେ ଅସଂଖ୍ୟ ପ୍ରକାର ସାଧନା-ପ୍ରଣାଳୀ ପ୍ରୟୋଗ କରନ୍ତି । ଯାନ୍ତ୍ରିକ ବିଚାର ବନ୍ଦ ହେଲେ ସାଧକର ସାଧନା ପୂର୍ଣ୍ଣ ହୁଏ, ଅର୍ଥାତ୍ ସାଧନାରେ ପ୍ରୟାସ କରିବାକୁ ହୁଏ ନାହିଁ । ଭଗବତ୍ ପ୍ରାପ୍ତିର ଯେତେ ପ୍ରକାର ସାଧନାମାର୍ଗ ଅଛି ସମସ୍ତଙ୍କର ପ୍ରୟାସ ହୁଏ ଯାନ୍ତ୍ରିକ ବିଚାରକୁ ବନ୍ଦ କରି ଏକାଗ୍ର ହେବାକୁ । ସାଧାରଣ ଜୀବନରେ ବି ବ୍ୟକ୍ତି ଯାନ୍ତ୍ରିକ ବିଚାରକୁ ଭୟ କରନ୍ତି, ତା'ରି ସକାଶେ ଅସୁଖ, ଅଶାନ୍ତି ଅନୁଭବ କରନ୍ତି । ନିରର୍ଥକ ଯାନ୍ତ୍ରିକ ବିଚାରର ଯଦି ଏତେ ପ୍ରଭାବ ହୁଏ ତେବେ ଭଗବତ୍ ନାମ, ଯାହା ସାକ୍ଷାତ୍ ଭଗବାନଙ୍କ ସ୍ୱରୂପ, ତା'ର ଜପରେ କୌଣସି ପ୍ରଭାବ ହେବ ନାହିଁ ? ନାମର ପ୍ରଭାବକୁ ସବୁ ଶାସ୍ତ୍ର, ପୁରାଣ, ଉପନିଷଦ୍, ବେଦ, ସାଧୁ, ସନ୍ଥ, ଆଚାର୍ଯ୍ୟ, ମହାପୁରୁଷ, ଋଷିମୁନିମାନେ ଭୂରି ଭୂରି ପ୍ରଶଂସା କରିଅଛନ୍ତି । ତୁଳସୀ ଦାସଜି କହିଛନ୍ତି :

''କହୌଁ କହାଁ ଲଗି ନାମ ବଡ଼ାଇ ।
ରାମୁ ନ ସକହିଁ ନାମ ଗୁନ ଗାଇ ॥''

(ଶ୍ରୀରାମଚରିତମାନସ ବାଳକାଣ୍ଡ : ପୃ. ୪୭)

ଅର୍ଥାତ୍, ''ମୁଁ ବା କ'ଣ ନାମର ପ୍ରଭାବ କହିବି ? ସ୍ୱୟଂ ରାମ ବି ନିଜ ନାମର ମହିମା କହିପାରିବେ ନାହିଁ ।''

ଅଜାମିଳ କେତେ ବଡ଼ ପାପୀ ଥିଲା; ମୃତ୍ୟୁ ସମୟରେ ପୁଅ ନାମ 'ନାରାୟଣ' କହି ମୁକ୍ତ ହୋଇଗଲା ।

ଯାନ୍ତ୍ରିକ ବିଚାର ସ୍ୱାଭାବିକରୂପେ ଆସେ । ତା' ସକାଶେ ପ୍ରୟାସ କରିବାକୁ ହୁଏ ନାହିଁ । ବରଂ ତାକୁ ବନ୍ଦ କରିବା ସକାଶେ ଜନ୍ମଜନ୍ମାନ୍ତରର ସାଧନା କରିବାକୁ ହୋଇଥାଏ । 'ମା'-ନାମ ଜପ କରି ଦେଖନ୍ତୁ, କେତେ ସହଜରେ କରିପାରିବେ ? 'ମା'-ନାମ ଜପ ସକାଶେ ଦୃଢ଼ ସଂକଳ୍ପ ତଥା କଠୋର ପ୍ରୟାସ କରିବାକୁ ହୁଏ । ଯେଉଁ ଜପ ସକାଶେ ପ୍ରୟାସ କରିବାକୁ ହୁଏ ତାହା ଯାନ୍ତ୍ରିକ ହେବ କିପରି ? ନାମଜପ ସହଜ ଏହି ସକାଶେ କୁହା ହୋଇଛି ଯେ ନାମଜପ ମହାନ୍ ଶକ୍ତିଶାଳୀ ହେବା ସତ୍ତ୍ୱେ ଅନ୍ୟ ସମସ୍ତ ଯୋଗସାଧନା ତୁଳନାରେ ବହୁତ ସହଜ ।

କର୍ମରେ ନାମଜପ

ପୂର୍ବେ ଆଲୋଚିତ ହୋଇଛି ଯେ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ — ସାଧକର ମନ-ପ୍ରାଣ-ଶରୀରର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ଏବଂ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ।

କର୍ମ ହୁଏ ଶରୀରରେ । କର୍ମ କରିବା ଶକ୍ତି ପ୍ରାଣର । କର୍ମ କରିବା ପ୍ରଣାଳୀ ବା କୌଶଳ ମନ-ବୁଦ୍ଧିର । ଏହି

ତିନି ସତ୍ତାର ସଂଯୋଗରେ କର୍ମ ସମ୍ପାଦନ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର ହେଉଥିବାରୁ ଏହା ଦ୍ୱାରା ହେଉଥିବା କର୍ମକୁ ବାଦ୍ ଦିଆଯାଏ ନାହିଁ । ସମସ୍ତ ଆବଶ୍ୟକ କର୍ମ ମା'ଙ୍କ ସେବା, ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବରେ ଉତ୍ତମରୂପେ ସମ୍ପାଦନ କରି ମା'ଙ୍କୁ ସମର୍ପଣ କରାହୁଏ । ଏହିପରି ମନୋଭାବରେ କର୍ମହିଁ ହୁଏ ଭଗବତ୍ କର୍ମ । ଏହି ମନୋଭାବ ଆସେ ସାଧକ ମନର ଊର୍ଦ୍ଧ୍ୱ ଚେତନାରେ ବାସ କଲେ । କିନ୍ତୁ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ସମସ୍ତ ସାଧକଙ୍କ ପକ୍ଷେ ମନର ଊର୍ଦ୍ଧ୍ୱ ଚେତନାରେ ବାସ କରି କର୍ମ କରିବା ସମ୍ଭବ ହୁଏ ନାହିଁ । ଧ୍ୟାନ ସମୟରେ ହୋଇପାରେ । ସାଧନାର ଆରମ୍ଭିକ ଅବସ୍ଥାରେ ସାଧକକୁ ମାନସ ଚେତନାରେହିଁ ରହିବାକୁ ପଡ଼ିଥାଏ । ସମର୍ପଣ ତଥା ଅଭୀପ୍ସା ତଥା ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା ଦ୍ୱାରା ସାଧକ ମନର ଊର୍ଦ୍ଧ୍ୱ ଚେତନାରେ ବାସ କରି କର୍ମ ସମର୍ପଣ କରିବାରେ ବହୁତ ସମୟ ଲାଗିପାରେ । ଏପରିକି ବହୁତ ସାଧକମାନଙ୍କୁ ଅନେକ ବର୍ଷ ଲାଗିଥାଏ । କର୍ମ କରିବା ସମୟରେ ନାନା ପ୍ରକାର ଚିନ୍ତାରାଜ୍ୟରେ ସାଧକ ବିଚରଣ କରୁଥାଆନ୍ତି । କରୁଥିବା କର୍ମକୁ ଭଗବତ୍ କର୍ମ ବୋଲି ଧାରଣା ପର୍ଯ୍ୟନ୍ତ କରିପାରନ୍ତି ନାହିଁ । କିନ୍ତୁ ଅଳ୍ପ ପ୍ରୟାସରେ 'ମା'– ଏହି ନାମଜପ ଦ୍ୱାରା ସାଧକ ସାଧନାର ଆରମ୍ଭରୁ ଭଗବତ୍ କର୍ମ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରିପାରନ୍ତି । ସଜାଗ ସଚେତ ରହି ଦୃଢ଼ ସଂକଳ୍ପ କଲେ ସାଧକ ସବୁ ସମୟରେ, ଏପରିକି କର୍ମ କରିବା ସମୟରେ ବି 'ମା'-ନାମ ଜପ ଭୁଲନ୍ତି ନାହିଁ । ସାଧକ କୌଣସି କର୍ମ କରିବା ସମୟରେ କେବେ ଜିହ୍ୱାରେ, କେବେ ମନରେ ମା'ଙ୍କ ନାମଜପ କରିପାରନ୍ତି ଏବଂ ତା' ସହିତ ''ମୁଁ ତୁମର, ତୁମର ଆଶ୍ରିତ, ମୁଁ ତୁମ ଚରଣରେ ସମର୍ପିତ'' ଅଥବା ସମସ୍ତ ସତ୍ତା ସମର୍ପଣ କରିବା ମନୋଭାବ ପୋଷଣ କରିପାରନ୍ତି । କିଂବା ଅନ୍ତରାତ୍ମାର ଜାଗୃତି ସକାଶେ ଅଭୀପ୍ସା କରିପାରନ୍ତି । ଜପ ସହିତ ଏହି ମନୋଭାବରେ କର୍ମ କଲେ କର୍ମରେ ଉତ୍ସାହ ଓ ଆନନ୍ଦ ମିଳେ, କର୍ମରେ ପ୍ରସନ୍ନତା, ଆଗ୍ରହ ହୁଏ । ଅଧିକ କର୍ମରେ କ୍ଲାନ୍ତିବୋଧ ହୁଏ ନାହିଁ । ଏହିପରି ମନୋଭାବ ସହିତ ସମ୍ପାଦିତ କର୍ମ ଭଗବତ୍ କର୍ମ ହୁଏ ଏବଂ ମା'ଙ୍କ ଚରଣରେ ସମର୍ପିତ ହୁଏ । ଏହି ମନୋଭାବରେ ଭଗବତ୍ କର୍ମ କରିବା ଦ୍ୱାରା ଚେତନାର ପରିବର୍ତ୍ତନ ଅପେକ୍ଷାକୃତ କମ୍ ସମୟରେ ତଥା ସହଜରେ ହୁଏ । ଏହିପରି ମନୋଭାବରେ କର୍ମ କଲେ ମା'ଙ୍କ କୃପା ଉପରେ ନିର୍ଭରତା ଆସେ ।

ଶ୍ରୀମା ପ୍ରଶ୍ନୋତ୍ତରରେ କହିଅଛନ୍ତି :

> In all pursuits, intellectual or active, your one motto should be,
> "Remember and offer."
>
> (Questions & Answers – 1929 p. 26) – The Mother

> ସକଳ କର୍ମରେ ତାହା ମାନସିକ ହେଉ ଅଥବା ଶାରୀରିକ ହେଉ ତୁମ ସମ୍ମୁଖରେ ଏକମାତ୍ର ନୀତିବାକ୍ୟ ରହିବା ଉଚିତ । ତାହା ହେଉଛି,
> ''ସ୍ମରଣ ରଖ ଓ ସମର୍ପଣ କର ।''
>
> (ପ୍ରଶ୍ନୋତ୍ତର (ଇଂ) – ୧୯୨୯ ପୃ. ୨୬) – ମା

ଶ୍ରୀମା କହିଲେ, ''ସକଳ କର୍ମ କରିବା ସମୟରେ ସ୍ମରଣ ରଖ ଏବଂ କର୍ମକୁ ସମର୍ପଣ କର ।'' ସ୍ମରଣ ନ ରଖିଲେ ସମର୍ପଣ ହୋଇପାରିବ ନହିଁ । 'ମା'– ଏହି ନାମଜପରେ ସ୍ମରଣ ରୁହେ ।

ନାମଜପ ସମ୍ବନ୍ଧେ ଶ୍ରୀମା'ଙ୍କ ବାଣୀ

"I have also come to realize that for this sadhana of the body, the mantra

is essential. Sri Aurobindo gave none; he said that one should be able to do all the work without having to resort to external means. Had he reached the point where we are now, he would have seen that the purely psychological method is inadequate and that a japa is necessary, because only japa has a direct action on the body. So I had to find the method all alone, to find my mantra by myself. But now that things are ready, I have done ten years of work in a few months. That is the difficulty, it requires time...

And I repeat my mantra constantly– when I am awake and even when I sleep. I say it even when I am getting dressed, when I eat, when I work, when I speak with others; it is there, just behind in the background, all the time, all the time.

In fact, you can immediately see the difference between those who have a mantra and those who don't. With those who have no mantra, even if they have a strong habit of meditation or concentration, something around them remains hazy and vague. Whereas the japa imparts to those who practise it a kind of precision, a kind of solidity : an armature. They become galvanized, as it were."

ଅର୍ଥାତ୍,

''ମୁଁ ମଧ୍ୟ ଉପଲବ୍ଧି କରିଛି ଯେ ଏଇ ଶରୀରର ସାଧନା ଲାଗି ମନ୍ତ୍ର ଅତ୍ୟାବଶ୍ୟକ । ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନ ଥିଲେ । ସେ କହିଥିଲେ ଯେ ଜଣେ କୌଣସି ବାହ୍ୟ ଉପାୟର ଆଶ୍ରୟ ନ ନେଇ ସମସ୍ତ କାର୍ଯ୍ୟ କରିବାକୁ ସକ୍ଷମ ହେବା ଉଚିତ । ଆମ୍ଭେମାନେ ବର୍ତ୍ତମାନ ଯେଉଁ ଅବସ୍ଥାରେ ପହଞ୍ଚିଛୁ ଶ୍ରୀଅରବିନ୍ଦ ଯଦି ସେହି ଅବସ୍ଥାରେ ପହଞ୍ଚି ଥାଆନ୍ତେ ତେବେ ସେ ଦେଖି ପାରିଥାଆନ୍ତେ ଯେ ଖାଲି ମନସ୍ତାତ୍ତ୍ୱିକ ପଦ୍ଧତି ଯଥେଷ୍ଟ ନୁହେଁ, ତା' ସହ ଜପ ଆବଶ୍ୟକ, କାରଣ କେବଳ ଜପରହିଁ ଶରୀର ଉପରେ ରହିଛି ସିଧାସଳଖ କ୍ରିୟା । ତେଣୁ ମୋତେ ମୋର ପଦ୍ଧତିକୁ ଏକା ଖୋଜି ବାହାର କରିବାକୁ ହେଲା, ମୋତେ ନିଜକୁ ମୋର ମନ୍ତ୍ର ବାହାର କରିବାକୁ ହେଲା । କିନ୍ତୁ ବର୍ତ୍ତମାନ ସବୁ କଥା ପ୍ରସ୍ତୁତ ଅଛି । ମୁଁ ଦଶ ବର୍ଷର କାର୍ଯ୍ୟ ଅଳ୍ପ କେତୋଟି ମାସରେ କରିଛି । ସେଇ ହେଉଛି ଅସୁବିଧା, ଏହା ସମୟ ଆବଶ୍ୟକ କରେ...

ମୁଁ ମୋର ମନ୍ତ୍ରକୁ ନିରନ୍ତର ଜପ କରୁଥାଏ– ଯେତେବେଳେ ମୁଁ ଜାଗ୍ରତ ଥାଏ ଓ ଏପିରିକି ନିଦ୍ରାକାଳରେ ମଧ୍ୟ । ଏପରିକି ମୁଁ ପୋଷାକ ପିନ୍ଧୁଥିଲା ବେଳେ, ଖାଉଥିଲା ବେଳେ, କାମ କରୁଥିଲା ବେଳେ, ଅନ୍ୟମାନଙ୍କ ସହ କଥାବାର୍ତ୍ତା କରୁଥିଲା ବେଳେ ମୁଁ ଏହାକୁ ଆବୃତ୍ତି କରୁଥାଏ । ସବୁ ସମୟରେ, ସବୁ ସମୟରେ ଏହା ପଶ୍ଚାତରେ ରହିଥାଏ ।

ବାସ୍ତବ ପକ୍ଷରେ, ଯେଉଁମାନେ ମନ୍ତ୍ରଜପ କରନ୍ତି ଓ ଯେଉଁମାନେ କରନ୍ତି ନାହିଁ, ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତୁମେ ତତ୍‌କ୍ଷଣାତ୍ ଦେଖିପାରିବ । ଯେଉଁମାନେ ମନ୍ତ୍ରଜପ କରନ୍ତି ନାହିଁ, ଏପରିକି ସେମାନଙ୍କର ଧ୍ୟାନ ଓ ଏକାଗ୍ରତାର ଏକ କଠୋର ଅଭ୍ୟାସ ଥିଲେ ବି ସେମାନଙ୍କ ଚତୁଃପାର୍ଶ୍ୱରେ କିଛି କୁହୁଡ଼ିଆ ଓ ଅସ୍ପଷ୍ଟତା ରହିଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଜପ ଅଭ୍ୟାସ କରନ୍ତି ଏହା ସେମାନଙ୍କୁ ଆଣି ଦେଇଥାଏ ଏକପ୍ରକାର ସୁନିର୍ଦ୍ଦିଷ୍ଟତା, ଘନୀଭୂତତା ଯାହାକି ଏକ ବର୍ମାବୃତ୍ତ ଅବସ୍ଥା ଭଳି । ସେମାନେ ଯେପରି ଶକ୍ତିର ପ୍ରଲେପାବୃତ ସଦୃଶ ହୋଇଯାଆନ୍ତି ।''

ଶରୀର ରୂପାନ୍ତର ସକାଶେ ଜପ କିପରି ଆବଶ୍ୟକ, ଏ ବିଷୟରେ ଶ୍ରୀମା ମଧ୍ୟ ବହୁତ ସ୍ପଷ୍ଟ ଭାବରେ କହିଅଛନ୍ତି –

''I have also come to realize that for this sadhana of the body, the mantra is essential.''

''ମୁଁ ମଧ୍ୟ ଉପଲବ୍ଧି କରିଛି ଯେ ଶରୀର-ସାଧନା ଲାଗି, ଅର୍ଥାତ୍ ଶରୀର ରୂପାନ୍ତର ଲାଗି ମନ୍ତ୍ରଜପ ଆବଶ୍ୟକ ।''

''...because only japa has a direct action on the body.''

''କାରଣ, କେବଳ ଜପହିଁ ଶରୀର ଉପରେ ସିଧାସଳଖ କାର୍ଯ୍ୟ କରିଥାଏ ।''

ଏବଂ ପରେ ପରେ ମା କହୁଛନ୍ତି ଯେ ସେ ଦଶ ବର୍ଷର ସାଧନା ଜପ ଦ୍ୱାରା ଅଳ୍ପ କେଇ ମାସ ମଧ୍ୟରେ କରିଛନ୍ତି ।

''I have done ten years of work in a few months.''

ସବୁ ସମୟରେ ଜପ କରିବା ଆବଶ୍ୟକ । ମା ସ୍ୱୟଂ ସବୁ ସମୟରେ ଜପ କରିବା କଥା କହିଛନ୍ତି ।

''And I repeat my mantra constantly – when I am awake and even when I sleep. I say it even when I am getting dressed, when I eat, when I work, when I speak with others; it is there, just behind in the background, all the time.''

''ମୁଁ ମୋର ମନ୍ତ୍ରକୁ ନିରନ୍ତର ଜପ କରୁଥାଏ– ଯେତେବେଳେ ମୁଁ ଜାଗ୍ରତ ଥାଏ, ଏପରିକି ନିଦ୍ରିତ ଅବସ୍ଥାରେ ମଧ୍ୟ । ଏପରିକି ପୋଷାକ ପିନ୍ଧୁ ଥିବା ବେଳେ, ଖାଉଥିବା ବେଳେ, କାମ କରୁଥିବା ବେଳେ, ଅନ୍ୟମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ, ମୁଁ ଏହାକୁ ଆବୃତ୍ତି କରୁଥାଏ । ସବୁ ସମୟରେ ଏହା ପଶ୍ଚାତ୍‌ରେ ରହିଥାଏ ।''

ଯେଉଁମାନେ ଜପ କରନ୍ତି ଓ ଯେଉଁମାନେ ଜପ ନ କରି ଗଭୀର ଧ୍ୟାନରେ ଡୁବିଯାଆନ୍ତି ଏବଂ ଏକାଗ୍ରତା ବି ରଖନ୍ତି, ଏହି ଦୁଇ ସାଧକଙ୍କ ମଧ୍ୟରେ ଥିବା ପ୍ରଭେଦ ବିଷୟରେ ମା କହୁଛନ୍ତି :

''In fact, you can immediately see the difference between those who have a mantra and those who don't. With those who have no mantra, even if they have a strong habit of meditation or concentration, something around them remains hazy and vague. Whereas the japa imparts to those who practise it a kind of precision, a kind of solidity : an armature. They become galvanized, as it were.''

''ଯଥାର୍ଥରେ ଯେଉଁମାନେ ମନ୍ତ୍ରଜପ କରନ୍ତି ଓ ଯେଉଁମାନେ କରନ୍ତି ନାହିଁ, ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତୁମେ ତତ୍‌କ୍ଷଣାତ୍ ଦେଖି ପାରିବ । ଯେଉଁମାନେ ମନ୍ତ୍ରଜପ କରନ୍ତି ନାହିଁ ସେମାନଙ୍କର ଧ୍ୟାନ ତଥା ଏକାଗ୍ରତାର ଦୃଢ଼ ଅଭ୍ୟାସ ଥିଲେ ବି ସେମାନଙ୍କ ଚତୁଃପାର୍ଶ୍ୱରେ କିଛି କୁହୁଡ଼ିଆ ଓ ଅସ୍ପଷ୍ଟତା ରହିଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଜପ କରନ୍ତି ସେମାନଙ୍କୁ ଜପ ଦ୍ୱାରା ସୁନିଶ୍ଚିତତା, ଘନୀଭୂତତା ଯାହାକି ଏକ ବର୍ମାବୃତ (କବଚାବୃତ) ସଦୃଶ ପ୍ରାପ୍ତ ହୁଏ । ସେମାନେ ଯେପରି ଶକ୍ତିର ପ୍ରଲେପାବୃତ ସଦୃଶ ହୋଇଯାଆନ୍ତି ।''

ଶରୀର ରୂପାନ୍ତର ସଦୃଶ ମହାନ୍ ଦୁରୂହ କାର୍ଯ୍ୟ ମା'ଙ୍କ ବାଣୀରେ ଜପ ଦ୍ୱାରା ୭୫ ଭାଗ କଠିନତା ଦୂର ହୋଇଗଲା । ମହାନ୍ କଠିନ ରୂପାନ୍ତର ବହୁତ ସରଳ ହୋଇଗଲା ଏବଂ ରୂପାନ୍ତର ଯୋଗ ସାଧାରଣରୁ ସାଧାରଣ ବ୍ୟକ୍ତି ସକାଶେ ବହୁତ ସୁଲଭ ହୋଇଗଲା ।

ସାଧାରଣ ଜୀବନରେ ନାମଜପ

ଶରୀର ରୂପାନ୍ତର ଯଦ୍ୟପି ସମସ୍ତ ବ୍ୟକ୍ତିଙ୍କ ଜୀବନର ଲକ୍ଷ୍ୟ, ଯାହାର ପ୍ରାପ୍ତି ସକାଶେ ସମସ୍ତ ବ୍ୟକ୍ତି ଅଜ୍ଞାତରୂପେ ସମସ୍ତ କର୍ମ ମାଧ୍ୟମରେ ଯାତ୍ରା କରୁଅଛନ୍ତି,— ଏହା ଏତେ ସ୍ପଷ୍ଟ, ଏତେ ବାସ୍ତବ ହେବା ସତ୍ତ୍ୱେ ଯେଉଁମାନେ ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତ ନ ହେବେ, ଯେଉଁମାନଙ୍କର ଅନ୍ତରାତ୍ମା ଜାଗ୍ରତ ହୋଇ ନ ଥିବ, ଯେଉଁମାନଙ୍କର ପାରିବାରିକ ଜୀବନହିଁ ସର୍ବସ୍ୱ, ସେମାନେ ବି ନାମଜପ କଲେ ସଙ୍ଗେ ସଙ୍ଗେ ପାରିବାରିକ ସାଧାରଣ ଜୀବନରେ ସୁଖଶାନ୍ତି ଓ ଆନନ୍ଦ ପ୍ରାପ୍ତ କରି ପ୍ରସନ୍ନତାରେ ରହିପାରିବେ, ଅନ୍ତରାତ୍ମା ମଧ୍ୟ ଜାଗ୍ରତ ହେବ ଏବଂ ସ୍ୱାଭାବିକରୂପେ ଜୀବନର ଅନିବାର୍ଯ୍ୟ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା କରିପାରିବେ ।

ଧନୀଠାରୁ ଦରିଦ୍ର, ପଣ୍ଡିତଠାରୁ ମୂର୍ଖ, ଧାର୍ମିକଠାରୁ ଦୁରାଚାରୀ — ସମସ୍ତ ବ୍ୟକ୍ତି ପାରିବାରିକ, ବ୍ୟାବହାରିକ ସାମାଜିକ ଦୁଃଖରେ ମ୍ରିୟମାଣ ହେଉଅଛି । କାହାର ଧନର ଚିନ୍ତା, କାହାର ପୁତ୍ରକନ୍ୟାର, ରୋଗର ଚିନ୍ତା, ଭାଇ ଭାଇ, ଶାଶୂ ବୋହୂ, ପିତା ପୁତ୍ର ମଧ୍ୟରେ ମନୋମାଳିନ୍ୟ, ମନାନ୍ତର, ମତାନ୍ତର, ଅଫିସ୍‌ରେ ବିରୋଧ, ରାଜନୀତିରେ ବିବାଦ, ପରିବାରରେ କଳି, ଶତ୍ରୁର ଭୟ, ରୋଗର ଭୀଷଣତାର ଭୟ, ନିଜର ମୃତ୍ୟୁର ଭୟ ତଥା ନାରୀମାନଙ୍କର ପତି ଓ ପୁତ୍ରର ମୃତ୍ୟୁର ଭୟରେ ଜୀବନ ବ୍ୟତିବ୍ୟସ୍ତ ତଥା ଭାରାକ୍ରାନ୍ତ ହୋଇପଡ଼େ । ଯେଉଁମାନଙ୍କର ଏହି ଚିନ୍ତାଭୟ ଅଧିକ ହୁଏ ସେମାନଙ୍କର ମସ୍ତିଷ୍କ ଖରାପ ହୁଏ; କେହି କେହି ସହି ନ ପାରି ଆତ୍ମହତ୍ୟା କରନ୍ତି । ଅନ୍ୟମାନେ ଦୁଃଖକଷ୍ଟରେ ଜୀବନ ଅତିବାହିତ କରନ୍ତି । ଏହିପରି ବ୍ୟକ୍ତି ଯଦି 'ମା'— ଏହି ନାମଜପର ଆଶ୍ରୟ ନିଅନ୍ତି, ସବୁ ସମୟରେ ନାମଜପ କରିବାକୁ ଦୃଢ଼ସଂକଳ୍ପ ସହିତ ଆସ୍ଥାହା କରନ୍ତି ସେମାନେ ନାମଜପ ସଙ୍ଗେ ସଙ୍ଗେ ଶାନ୍ତି ଓ ଆନନ୍ଦ ଉପଲବ୍ଧି କରିପାରିବେ ଏବଂ ବାଧାବିପତ୍ତିରୁ ମଧ୍ୟ ମୁକ୍ତ ହୋଇପାରିବେ ।

ଯେତେବେଳେ ଯେଉଁ ବିଷୟରେ ଚିନ୍ତା ବା ଭୟ ଆସିବ, ଯେଉଁ ସମସ୍ୟା ସମାଧାନ କରିପାରୁ ନ ଥିବେ, ଯେଉଁ ଘଟଣା ନେଇ ମନସ୍ତାପ ହେବ, ସଙ୍ଗେ ସଙ୍ଗେ 'ମା'— ଏହି ନାମଜପ କରିବେ ଏବଂ ଜପ ସଙ୍ଗେ ସଙ୍ଗେ ଭୟ, ଚିନ୍ତା, ଉଦ୍‌ବେଗ ଅଥବା ଯେକୌଣସି ବାଧାବିପତ୍ତିକୁ ମା'ଙ୍କ ଚରଣରେ ସମର୍ପଣ କରିବେ । ଅର୍ଥାତ୍ ନାମଜପ ସଙ୍ଗେ ସଙ୍ଗେ ଧାରଣା କରିବେ, ''ଏହାକୁ ତୁମ ଚରଣରେ ନିବେଦନ କଲି, ତୁମେ ଏହାକୁ ରୂପାନ୍ତର କର ଏବଂ ଏହି ସମସ୍ୟାର ସମାଧାନ କର ।'' ଏହି ଧାରଣାରେ ନାମଜପ କଲେ ଚିନ୍ତା, ଭୟ, ଉଦ୍‌ବେଗ, ମନସ୍ତାପ ଦୂର ହୋଇ ଶାନ୍ତି ପ୍ରତିଷ୍ଠା ହେବ ଏବଂ ଜଟିଳ ସମସ୍ୟା ସମାଧାନର ଉତ୍ତମ ପ୍ରେରଣା ଆସିବ, ବିପଦ ମଧ୍ୟ ଦୂର ହେବ । ବ୍ୟକ୍ତି ଏହିପରି ନାମଜପ କଲେ ଗୃହରେ କଳି, ବିରୋଧ ହେବ ନାହିଁ । ଭାଇ ଭାଇ ପୃଥକ୍ ହେବେ ନାହିଁ । ଶାଶୂ ବୋହୂଙ୍କ ମଧ୍ୟରେ ସଦ୍‌ଭାବନା ରହିବ । ସମାଜରେ ଆଦର୍ଶ ପରିବାରରୂପେ ସମ୍ମାନିତ ହେବେ ।

କଳି, ବାଦ, ପ୍ରତିବାଦ ହୁଏ ଅହଂ ଓ ସ୍ୱାର୍ଥ ଯୋଗୁଁ । ଅହଂ ଓ ସ୍ୱାର୍ଥରୁ ଆସେ ଈର୍ଷା, ବିରୋଧ । କିନ୍ତୁ ନାମଜପ ପ୍ରଭାବରେ କ୍ରମଶଃ ଆମର ଅହଂ, ସ୍ୱାର୍ଥ ଓ ପ୍ରତିକୂଳ ରିପୁ ଶୁଦ୍ଧ ହୁଅନ୍ତି । ସେଥିରେ ନାମର ପ୍ରକାଶ ପଡ଼େ । ନାମର ପ୍ରକାଶରେ ଅଜ୍ଞାନ-ଅନ୍ଧକାର କ୍ରମଶଃ ପରିବର୍ତ୍ତିତ ହୁଅନ୍ତି ଏବଂ ଭକ୍ତିଜ୍ଞାନର ପ୍ରକାଶରେ କ୍ଷୁଦ୍ର ଅହଂ, ସ୍ୱାର୍ଥ କ୍ରିୟା କରିପାରନ୍ତି ନାହିଁ ।

''ମ'କାର ଚନ୍ଦ୍ରବୀଜ ଏବଂ 'ଆ'କାର ଅଗ୍ନିବୀଜ''— ମା ଏହି ନାମଜପରେ ଅଜ୍ଞାନ ତଥା ଦୁଷ୍କୃତି ଭସ୍ମ ହୁଅନ୍ତି । ଆନନ୍ଦ, ଶାନ୍ତି ଓ ସମତାଦି ଦିବ୍ୟଗୁଣ ପ୍ରକାଶ ହୁଅନ୍ତି । ତେବେ ବ୍ୟକ୍ତି ସୁଖଶାନ୍ତିରେ ନିଜେ ରହନ୍ତି ତଥା ଅନ୍ୟର ସର୍ବଦା ହିତ ଏବଂ ମଙ୍ଗଳ ଚାହାନ୍ତି । ଏହି କାରଣରୁ ଗୃହ ଅଧ୍ୟାତ୍ମ ଆଶ୍ରମରେ ପରିଣତ ହୁଏ ।

କେବଳ ନାମଜପରେହିଁ ବ୍ୟକ୍ତି ଗୃହରେ ସୁଖ ଶାନ୍ତିରେ ରହି ଭଗବତ୍‌ପ୍ରାପ୍ତି ଲକ୍ଷ୍ୟମାର୍ଗରେ ଯାତ୍ରା କରିପାରନ୍ତି । ପୂର୍ବେ ଏପରି ଆଦର୍ଶ ପରିବାର ବ୍ୟାପକରୂପେ ହେବା ସମ୍ଭବ ନ ଥିଲା । ବର୍ତ୍ତମାନ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରୁଅଛି । ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରିଥିବା ସାଧକ ଲକ୍ଷ୍ୟପ୍ରାପ୍ତି ମାର୍ଗରେ ଅଗ୍ରସର ହେଉଅଛନ୍ତି । ଅତିମାନସ ଶକ୍ତିର

ରୂପାନ୍ତର ପ୍ରଭାବ ପୃଥିବୀ ବାତାବରଣରେ ପଡୁଅଛି । ଅତିମାନସ ଶକ୍ତିର ରୂପାନ୍ତର ପ୍ରଭାବ ଯୋଗୁଁ ବର୍ତ୍ତମାନ ଯେଉଁମାନେ ମନ-ପ୍ରାଣ-ଶରୀରର ରୂପାନ୍ତର ସକାଶେ ସାଧନା ନ କରି କେବଳ ପରିବାରରେ ସୁଖଶାନ୍ତିରେ ରହିବା ସକାଶେ ମା'ଙ୍କ ନାମଜପ କରିବେ ସେମାନଙ୍କ ପରିବାରରେ ସୁଖଶାନ୍ତି ପ୍ରତିଷ୍ଠା ହୋଇ ପାରିବ । ସେମାନେ ବହୁ ସଂଖ୍ୟାରେ ଆଦର୍ଶ ଗୃହସ୍ଥ ହୋଇପାରିବେ । ତେବେ ପରିବାର, ସମାଜ, ଦେଶ, ସଂସାରରୁ ଆସ୍ତେ ଆସ୍ତେ ଉପସ୍ଥିତ ଶ୍ୱାସରୋଧକାରୀ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର କମ୍ ହେବାକୁ ଲାଗିବ । ଏହା ଦ୍ୱାରା ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରି ସାଧନା କରୁଥିବା ସାଧକମାନଙ୍କ ଅଗ୍ରଗତିରେ ସାହାଯ୍ୟ ମିଳିବ । ସାଧକମାନଙ୍କ ଅଗ୍ରଗତିରେ ଆଦର୍ଶ ପରିବାର, ସମାଜ, ଦେଶରେ ଶାନ୍ତିଶୃଙ୍ଖଳା ବୃଦ୍ଧି ହେଉଥିବ । ଅତଏବ ସମସ୍ତ ବ୍ୟକ୍ତିଙ୍କର ନାମଜପ କରିବା ଉଚିତ ।

ଜପରେହିଁ ବାଧାବିପତ୍ତି ଦୂର ହୁଏ

ମନ-ପ୍ରାଣ-ଶରୀରର ରୂପାନ୍ତର ମହାନ୍ କଠିନ୍ କାର୍ଯ୍ୟ ବୋଲି କୁହା ହୋଇଛି; କାରଣ ଏସବୁର ଗୁଣଧର୍ମ କାମକ୍ରୋଧାଦି ରିପୁ ରୂପାନ୍ତର ହେବାକୁ ଚାହାନ୍ତି ନାହିଁ । ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ସ୍ପର୍ଶ ପାଇବା ମାତ୍ରେ କିଂବା ସାଧକ ସାଧନାମାର୍ଗରେ କିଛି ଅଗ୍ରସର ହେଲେ ଊର୍ଦ୍ଧ୍ୱରୁ ଶାନ୍ତି, ଜ୍ୟୋତି, ଆନନ୍ଦ, ଜ୍ଞାନ ଅଳ୍ପ ମାତ୍ରାରେ ସାଧକର ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କରିବା ମାତ୍ରେ, ମନ-ପ୍ରାଣ-ଶରୀରର ଗୁଣଧର୍ମ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଅବସାଦ, ଯାନ୍ତ୍ରିକ ବିଚାର, ଜଡ଼ତା, ତାମସିକତା, ଆଳସ୍ୟ, ରୋଗ ଆଦି ସବୁ ଗୋଟିଏ ପରେ ଗୋଟିଏ, କିଂବା ଏକ ସଙ୍ଗେ ଦୁଇଟି ବା ତିନୋଟି ମିଶି ରୂପାନ୍ତର କାର୍ଯ୍ୟରେ ବାଧା ଦେବା ସକାଶେ ସମ୍ମୁଖକୁ ଆସନ୍ତି । ଏକାସଙ୍ଗେ ସମସ୍ତ ରିପୁ ସାଧକକୁ ଆକ୍ରମଣ କରିବା ସକାଶେ ଭାଗବତୀ ଶକ୍ତି ରାସ୍ତା ଦିଅନ୍ତି ନାହିଁ । ସାଧକ ଯେତିକି ବରଦାସ୍ତ କରି ଭାଗବତୀ ଶକ୍ତିକୁ ସମର୍ପଣ କରି ପାରିବେ ସେତିକି ପରିମାଣରେ ଭାଗବତୀ ଶକ୍ତି ସ୍ପର୍ଶ କରନ୍ତି । ତା'ଛଡ଼ା କେବେ କେବେ ବାହ୍ୟ ବ୍ୟବହାରରେ ଅନ୍ୟମାନଙ୍କ ସହିତ ମନୋମାଳିନ୍ୟ, ମନାନ୍ତର ହୁଏ । କେହି କେହି ସାଧକକୁ ଶାରୀରିକ ରୋଗର ଭୟ, ମୃତ୍ୟୁର ଭୟ ତଥା ଅନ୍ୟାନ୍ୟ ଭୟ ଆକ୍ରମଣ କରି ଅସ୍ତବ୍ୟସ୍ତ କରି ପକାଏ । କିନ୍ତୁ ସାଧକ ଏହିସବୁ ଆକ୍ରମଣ ସମ୍ବନ୍ଧେ ସଚେତ ରହି ଯଦି ନିରନ୍ତର 'ମା'– ଏହି ନାମଜପ କରନ୍ତି ଏବଂ ଜପ ସହିତ ଧାରଣା କରନ୍ତି ଯେ 'ମୁଁ ତୁମର, ତୁମ ଚରଣରେ ଏହିସବୁ ରିପୁଙ୍କୁ ସମର୍ପଣ କରୁଛି ।' ଏହି ଧାରଣା ରଖି ଶୀଘ୍ର ଶୀଘ୍ର 'ମା' ନାମଜପ କରିବାକୁ ସାଧକ ଚାହିଁଲେ ତଥା ଚେଷ୍ଟା କଲେ ଜପ ଶୀଘ୍ର ହୁଏ; ଜିହ୍ୱା ଏବଂ ଓଷ୍ଠରେ ଗତି ହୁଏ କିନ୍ତୁ ଶବ୍ଦ ଶୁଣାଯାଏ ନାହିଁ । ଏହିପରି ଜପ ଶୀଘ୍ର ହେବା ସତ୍ତ୍ୱେ ଶ୍ୱାସପ୍ରଶ୍ୱାସର ଗତିରେ ବାଧାପଡ଼େ ନାହିଁ । ଜପ ସହିତ ସମର୍ପଣ ଭାବ ଥିବାରୁ ଅନ୍ୟ ଯାନ୍ତ୍ରିକ ବିଚାର ଆସିପାରନ୍ତି ନାହିଁ । ଏହିପରି ସମର୍ପଣ ଭାବ ରହିଲେ ମା'ଙ୍କ ଶକ୍ତି ଛୋଟ ଶିଶୁ ସଦୃଶ ସାଧକକୁ ରକ୍ଷା କରନ୍ତି । ପ୍ରତିକୂଳ ଆକ୍ରମଣରେ ସାଧକର କିଛି କ୍ଷତି ହୁଏ ନାହିଁ । ନାମଜପ ତଥା ମାତୃଶକ୍ତିଙ୍କ ଉପରେ ବିଶ୍ୱାସ ଭରସା ବଢ଼େ ।

ଯେଉଁ ସାଧକମାନଙ୍କର ମାତୃଶକ୍ତିଙ୍କ ଉପରେ ଦୃଢ଼ବିଶ୍ୱାସ ଭରସାରେ ତ୍ରୁଟି ଥାଏ, ସମର୍ପଣରେ ଆନ୍ତରିକ ଭାବ ଦୁର୍ବଳ ଥାଏ ଏବଂ ସମର୍ପଣ ଭାବ ସହିତ 'ମା' ନାମ ନିରନ୍ତର ଜପ କରୁ ନ ଥା'ନ୍ତି ତଥା କାମ, କ୍ରୋଧ, ଅହଂ, ସ୍ୱାର୍ଥାଦିର ଆକ୍ରମଣ ସମ୍ବନ୍ଧେ ସଚେତ ସଜାଗ ନ ହୋଇ ସେସବୁକୁ ଯଦି ପ୍ରଶ୍ରୟ ଦିଅନ୍ତି, ତେବେ ଏହିସବୁ ପ୍ରତିକୂଳ ରିପୁଙ୍କ ଆକ୍ରମଣର ପ୍ରଭାବ ତାଙ୍କ ମସ୍ତିଷ୍କରେ ପଡ଼େ ଏବଂ ମସ୍ତିଷ୍କର ଚାପ ଅସହ୍ୟ ହୋଇପଡ଼େ, ଅସ୍ଥିରତା ବ୍ୟତିବ୍ୟସ୍ତ କରିପକାଏ, ଏଥିରେ ସେମାନେ ବିବ୍ରତ ହୋଇପଡ଼ନ୍ତି । ଏହିପ୍ରକାର ବାଧାରୁ ମୁକ୍ତ ହେବା ବହୁତ କଠିନ ହୋଇପଡ଼େ । କାହାରି ପକ୍ଷେ ଏହି ସ୍ଥିତି ବହୁତ ଭୟଙ୍କର ହୋଇଉଠେ ।

କିନ୍ତୁ ସାଧକ ସଚେତ ସଜାଗ ହୋଇ, ରିପୁମାନଙ୍କ ଆକ୍ରମଣକୁ ପ୍ରଶ୍ରୟ ନ ଦେବାକୁ ମା'ଙ୍କ ଉପରେ ଭରସା ରଖି ଦୃଢ଼ ସଂକଳ୍ପ କରି ଯଦି 'ମା' ନାମ ଜପ କରନ୍ତି ତେବେ ସେ ଏହିସବୁ ଦସ୍ୟୁଙ୍କ ଆକ୍ରମଣରୁ ସହଜରେ ମୁକ୍ତ

ହୁଅନ୍ତି । ନାମଜପରେ ମା'ଙ୍କ ଶକ୍ତି ପ୍ରତ୍ୟକ୍ଷଭାବେ ସାହାଯ୍ୟ କରନ୍ତି ଏବଂ ରିପୁମାନଙ୍କ କବଳରୁ ମୁକ୍ତ ହେବାର ପ୍ରଣାଳୀର ପ୍ରେରଣା ମଧ୍ୟ ଦିଅନ୍ତି ।

'ମା'– ଏହି ନାମ ନିରନ୍ତର ଜପ କରିବାକୁ ହୁଏ । ଜପ ସଙ୍ଗେ ସଙ୍ଗେ ଧାରଣା କରିବାକୁ ହୁଏ, ''ମୁଁ ତୁମର, ତୁମ ଚରଣରେ ଏହିସବୁ ପ୍ରତିକୂଳ ପରିସ୍ଥିତିକୁ ସମର୍ପଣ କରୁଅଛି ।'' ଏହିପରି ଜପ ଦ୍ୱାରା ଆକ୍ରମଣର ପ୍ରଭାବ ଓ ବାଧା କମିଯାଏ । କିଛିଦିନ ପରେ ସେହି ବାଧା ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇଯାଏ ।

ଏହିପରି ଗୋଟିଏ ବାଧା ଦୂର ହେଲେ ସାଧକର ମା'ଙ୍କ ନାମଜପରେ ଆଗ୍ରହ, ଶ୍ରଦ୍ଧା ଓ ବିଶ୍ୱାସ ବଢ଼େ, ମା'ଙ୍କ ଉପରେ ଭରସା ଦୃଢ଼ ହୁଏ । ସାଧକର ଆନ୍ତରିକ ବଳ, ନିର୍ଭରତା, ସାହସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ । ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ନାମଜପ ସହିତ ସମର୍ପଣ ଭାବ ରଖିଲେ ରୂପାନ୍ତର ସାଧନାରେ ବାଧାବିଘ୍ନ ବହୁପରିମାଣରେ କମିଯାଏ ଏବଂ ଭବିଷ୍ୟତ ବାଧାରେ ସାଧକ ଭୟଭୀତ ହୁଅନ୍ତି ନାହିଁ । ଅପେକ୍ଷାକୃତ ବହୁତ ବର୍ଷର ସାଧନା ଅଳ୍ପ ମାସ ମଧ୍ୟରେ କରି ପାରନ୍ତି ।

'ମା'– ଏହି ନାମଜପ ସହିତ ସମର୍ପଣ ଧାରଣା ରଖିଲେ ମା ନାମର ଅଗ୍ନିବୀଜ ପ୍ରଭାବରେ ପ୍ରତିକୂଳ ରିପୁଙ୍କ ଶକ୍ତି କ୍ରମଶଃ ଭସ୍ମହୋଇ ରୂପାନ୍ତରିତ ହେବାକୁ ଆରମ୍ଭ କରନ୍ତି । କ୍ରମଶଃ ପ୍ରତିକୂଳ ବିଚାର କମ୍ ଆସନ୍ତି । କିନ୍ତୁ ସଜାଗ ହୋଇ ସମର୍ପଣ ଭାବ ରଖି ଜପ କଲେ ପ୍ରତିକୂଳ ବିଚାର ଆସିବାର ମାର୍ଗ ରୁଦ୍ଧ ହୋଇଯାଏ, ପ୍ରତିକୂଳ ବିଚାର, ଭୟ, ଚିନ୍ତା ନ ଆସିଲେ ସାଧକର ମସ୍ତିଷ୍କରେ ଖରାପ ପ୍ରଭାବ ପଡ଼େ ନାହିଁ । ଏତିକି ହେଲେ ସାଧକ ସାଧନାମାର୍ଗରେ ଗୋଟିଏ ଦୃଢ଼ ପଦ ରଖିବାକୁ ସ୍ଥାନ ପାଇ ଯାଆନ୍ତି । ଶରୀର ରୂପାନ୍ତର ମାର୍ଗରେ ରୋଗ ତଥା ଅନ୍ୟାନ୍ୟ ବାଧା ଆସନ୍ତି କିନ୍ତୁ ମା'ଙ୍କ ବରଦ ହସ୍ତ ସର୍ବଦା ସାଧକର ମସ୍ତିଷ୍କ ଉପରେ ଥିବାରୁ ସେମାନଙ୍କ ଆକ୍ରମଣରେ ସାଧକ ବିବ୍ରତ କିଂବା ହତାଶ ହୁଅନ୍ତି ନାହିଁ । ବରଂ ସେ ଅଧିକରୁ ଅଧିକ ନାମଜପରେ ମଗ୍ନ ରହି ମା'ଙ୍କ ଚରଣରେ ନିଜକୁ ସମର୍ପଣ କରନ୍ତି ।

ପ୍ରଶ୍ନ : ଶ୍ରୀମା କହୁଛନ୍ତି, ''ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନ ଥିଲେ ।'' (Sri Aurobindo gave none;) କିନ୍ତୁ ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟ, ଯୋଗସମନ୍ୱୟ, ପତ୍ରାବଳିରେ ଜପ ସମ୍ବନ୍ଧେ କେତେକ ସ୍ଥାନରେ ଲେଖିଅଛନ୍ତି ଏବଂ ''ଏହି ଯୋଗର ମନ୍ତ୍ର ମା'ଙ୍କ ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ'' ବୋଲି କହିଅଛନ୍ତି । ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ କହିଥିବା ବାକ୍ୟ ମଧ୍ୟରୁ କିଛି ବାକ୍ୟ ଏଠାରେ ଉଦ୍ଧୃତ କରୁଅଛି :

"As a rule the only mantra used in this Sadhana is that of the Mother or of my name and the Mother's."

(Sri Aurobindo on Himself P-511, Cen. Ed.)

ଅର୍ଥାତ୍, ''ଏହି ସାଧନାର ପଦ୍ଧତି ଦୃଷ୍ଟିରୁ ଯେଉଁ ଏକମାତ୍ର ମନ୍ତ୍ର ଏଥିରେ ଜପ କରାଯାଏ ତାହା ହେଉଛି ମା'ଙ୍କ ନାମ କିଂବା ମୋ ନାମ ସହିତ ମା'ଙ୍କ ନାମ ।''

A mantra

"OM Sri Aurobindo Mira

Open my mind, my heart, my life to your Light, your Love, your Power. In all things may I see the Divine."

(Sri Aurobindo on Himself, P-512, Cen. Ed.)

ଏକ ମନ୍ତ୍ର

''ଓଁ ଶ୍ରୀଅରବିନ୍ଦ ମୀରା

ମୋର ମନ, ମୋର ହୃଦୟ ଓ ମୋର ଜୀବନକୁ ତୁମରି ଜ୍ୟୋତି, ତୁମରି ପ୍ରେମ ଓ ତୁମରି ଶକ୍ତି ପ୍ରତି ଉନ୍ମୀଳିତ କର । ସକଳ ବସ୍ତୁରେ ମୁଁ ଭଗବାନଙ୍କୁ ଦର୍ଶନ କରେ ।''

ଶ୍ରୀଅରବିନ୍ଦ କୌଣସି ସାଧକଙ୍କୁ ମନ୍ତ୍ର ଦେଇଥିଲେ –

''ଓଁ ଆନନ୍ଦମୟି ଚୈତନ୍ୟମୟି ସତ୍ୟମୟି ପରମେ ।''

ଏଠାରେ ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ କହିଥିବା କେତେକ ବାକ୍ୟ ଉଦ୍ଧୃତ କରା ହେଲା କିନ୍ତୁ ସେ ତାଙ୍କ ଗ୍ରନ୍ଥରେ ବହୁ ସ୍ଥାନରେ ନାମଜପ ତଥା ମନ୍ତ୍ରଜପ ସମ୍ବନ୍ଧେ କହିଅଛନ୍ତି ଏବଂ ବହୁ ସାଧକଙ୍କୁ ମଧ୍ୟ ଲେଖିଅଛନ୍ତି ।

ନାମସାଧନା ସମ୍ପର୍କରେ ଶ୍ରୀଅରବିନ୍ଦ

Any name, any form, any symbol, any offering has been held to be sufficient if there is the consecration along with it; ...

(The Synthesis of Yoga, P.75)

ଯେକୌଣସି ନାମ, ଯେକୌଣସି ରୂପ, ଯେକୌଣସି ପ୍ରତୀକ, ଯେକୌଣସି ନୈବେଦ୍ୟକୁ ପର୍ଯ୍ୟାପ୍ତରୂପେ ଗ୍ରହଣ କରାଯାଇଛି ଯଦି ଏଥି ସହ ରହିଛି ସମର୍ପଣର ଭାବ, ... (ଯୋଗସମନ୍ୱୟ)

There is, of course, a third way, the reliance on the power of the Mantra, or name in itself;–

(Letters on Yoga, Book II, Tom I, P.717)

''ଅବଶ୍ୟ ଏକ ତୃତୀୟ ମାର୍ଗ ରହିଛି । ତାହା ହେଉଛି ମନ୍ତ୍ରଶକ୍ତି ବା ସ୍ୱୟଂ ନାମ ଉପରେ ନିର୍ଭରତା ।''

(ପତ୍ରାବଳି)

"The name of the Divine is usually called in for protection, for adoration, for increase of bhakti, for the opening up of the inner consciousness, for the realisation of the Divine in that aspect. As far as it is necessary to work in the subconscious for that, the Name must be effective there."

(ibid. P.718)

''ଭଗବାନଙ୍କ ନାମ ସାଧାରଣତଃ ଜପ କରାଯାଇଥାଏ ସୁରକ୍ଷା, ଆରାଧନା, ଭକ୍ତିର ଅଭିବୃଦ୍ଧି, ଆନ୍ତର ଚେତନାର ଉନ୍ମୀଳନ ତଥା ଭଗବାନଙ୍କର ସେହି ବିଶେଷ ଦିଗଟିର ଉପଲବ୍ଧି ଲାଗି । ଅବଚେତନାର ଭୂମିରେ କ୍ରିୟା କରିବା ନିମନ୍ତେ ଯେତେବେଳ ପର୍ଯ୍ୟନ୍ତ ଏହାର ଆବଶ୍ୟକତା ରହିଛି ସେତେବେଳ ପର୍ଯ୍ୟନ୍ତ ସେଠାରେ ଏହାକୁ ଫଳପ୍ରଦ ଭାବରେ ରହିବାକୁ ହେବ ।''

(ପତ୍ରାବଳି)

"Nama japa has a great power in it."

(ibid. p. 718)

''ନାମଜପରେ ଏକ ମହାନ୍ ଶକ୍ତି ରହିଛି ।'' (ପତ୍ରାବଳି)

"A psychic fire within must be lit into which all is thrown with the Divine Name upon it."

(The Synthesis of Yoga, p. 149)

''ଅନ୍ତରରେ ଏକ ଚୈତ୍ୟ-ଅଗ୍ନିକୁ ପ୍ରଜ୍ୱଳିତ ରଖିବାକୁ ହେବ ଯାହା ମଧ୍ୟକୁ ଭଗବତ୍ ନାମ ସ୍ମରଣ ସହ ସବୁକିଛିକୁ ଆହୁତି ଦିଆଯାଏ ।'' (ଯୋଗସମନ୍ୱୟ)

Here must the traveller of upward way –
For daring Hell's kingdoms winds the heavenly route –
Pause or pass slowly through that perilous space
A prayer upon his lips and the great Name.

(Savitri, Bk. II, Canto VII, P. 238)

ନରକର ରାଜ୍ୟ ଦେଇ
ସରଗକୁ ଅଙ୍କାବଙ୍କା ପଥେ
ଚାଲିବାକୁ ଏଠି
ଊର୍ଦ୍ଧ୍ୱପଥ ଯାତ୍ରୀ ଯେବେ
ବାନ୍ଧଇ ସାହସ, ତେବେ –
ସେଇ ଭୟଙ୍କର ରାଜ୍ୟେ,
ସିଏ ଅଟକୁ ଟିକିଏ ଅବା
ଅତିକ୍ରମୁ ଚାଲି ତାକୁ ଧୀର ପଦକ୍ଷେପ,
ଓଷ୍ଠେ ତା'ର ଲାଗିଥିବ
ପ୍ରାର୍ଥନାର ଗୀତି ଆଉ
ନାମ ସୁମହାନ । (ସାବିତ୍ରୀ)

Arousing Consciousness in things inert,
He imposed upon dark atom and dumb mass
The diamond script of the Imperishable,
Inscribed on the dim heart of fallen things

A paean-song of the free Infinite
And the Name, foundation of eternity,

(Savitri, Bk. II, Canto. VIII, P. 263)

ନିଷ୍ପ୍ରିୟ ପଦାର୍ଥ ବୁକେ ଜଗାଇ ଚେତନା
ଅନ୍ଧକାର ଅଣୁ ଆଉ ମୂକ ପିଣ୍ଡ ପରେ
ଛାପିଲେ ସେ ଅକ୍ଷୟଙ୍କ ହୀରକର ଲିପି,
ପତିତ ବସ୍ତୁର ସେହି ଅସ୍ପଷ୍ଟ ହୃଦୟେ
ଖୋଦନ କରିଲେ ମୁକ୍ତ ଅନନ୍ତଙ୍କ ଏକ
ବନ୍ଦନାର ଗୀତି ଆଉ ଶାଶ୍ୱତଙ୍କ
ଭିତ୍ତିସମ ଦିବ୍ୟ ନାମ ଏକ,... (ସାବିତ୍ରୀ)

"A key to a Light still kept in being's core,
The sun-word of an ancient mystery's sense,
Her name ran murmuring on the lips of men
Exalted and Sweet like an inspired verse..."

(Savitri, Bk. IV, Canto II, P. 417)

''ସତ୍ତାର ଗହନେ ଲୁଚି ରହିଛି ଯେ ଜ୍ୟୋତି,
ପ୍ରାଚୀନ ରହସ୍ୟମତେ, ଚାବି ତା'ର
ଥିବା ହେତୁ ସବିତୃ-ଶବ୍ଦରେ
ଲୋକମୁଖେ ନାମ ତାଙ୍କ ହେଲା ମର୍ମରିତ
ପ୍ରଚୋଦିତ ମନ୍ତ୍ରସମ ଭରା ତାହା
ମଧୁର ପୁଲକେ...'' (ସାବିତ୍ରୀ)

"They sang Infinity's names and deathless powers
In metres that reflect the moving worlds,"

(Savitri, Bk. IV, Canto IV, P. 435)

''ଗତିଶୀଳ ଜଗତର ଛନ୍ଦେ ଦେଇ ତାଳ
ଗାଇଲେ ସେମାନେ
ଅସୀମଙ୍କ ନାମ ଆଉ ଶକ୍ତି ମୃତ୍ୟୁହୀନ,'' (ସାବିତ୍ରୀ)

"Usually the Mother's name has the full power in it; but in certain states of consciousness the double Name* may have a special effect."

(Sri Aurobindo on Himself, P. 512, Cen. Ed.)

* The double Name – "Sri Aurobindo Mira" ଯୁଗ୍ମନାମ – ''ଶ୍ରୀଅରବିନ୍ଦ-ମୀରା''

ମା'ଙ୍କ ନାମରେ ସାଧାରଣତଃ ପୂର୍ଣ୍ଣ ଶକ୍ତି ରହିଛି; କିନ୍ତୁ ଚେତନାର କେତେକ ସ୍ଥିତିରେ ଯୁଗ୍ମନାମ*ର ସ୍ୱତନ୍ତ୍ର ଫଳପ୍ରଦତା ଥାଇପାରେ ।

(ନିଜ ସମ୍ବନ୍ଧେ ଶ୍ରୀଅରବିନ୍ଦ)

ପ୍ରଶ୍ନ : ଜପ ସମ୍ବନ୍ଧେ ଶ୍ରୀଅରବିନ୍ଦ ଏତେ କହିବା ସତ୍ତ୍ୱେ ମା କହିଲେ, ''ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନ ଥିଲେ ।'' ଶ୍ରୀମା ଏପରି କହିବାର ତାତ୍ପର୍ଯ୍ୟ କ'ଣ ? ସ୍ପଷ୍ଟଭାବେ ବୁଝେଇ ଦିଅନ୍ତୁ ।

ଉତ୍ତର : ''ଏହି ଯୋଗର ମନ୍ତ୍ର ମା'ଙ୍କ ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ'' ବୋଲି ଶ୍ରୀଅରବିନ୍ଦ କହିଲେ । ଏହା ହେଉଛି ଏହି ଯୋଗର ମନ୍ତ୍ର । ଏହା ଛଡ଼ା ବି ଶ୍ରୀଅରବିନ୍ଦ ଜପ ସମ୍ବନ୍ଧେ ବହୁ ସ୍ଥାନରେ ଲେଖିଅଛନ୍ତି । କିନ୍ତୁ ସେସମୟରେ ସାଧନା ଯେଉଁ ସ୍ତରରେ ଥିଲା ମନ୍ତ୍ରଜପର ବିଶେଷ ଆବଶ୍ୟକତା ନ ଥିଲା । ସେହି ସକାଶେ ଶ୍ରୀଅରବିନ୍ଦ ମନ୍ତ୍ରଜପ ଉପରେ ସେତେ ଜୋର୍ ଦେଇ ନ ଥିଲେ । ବରଂ ଶ୍ରୀମା'ଙ୍କ ଭାଷାରେ 'ଶ୍ରୀଅରବିନ୍ଦ କହିଥିଲେ', "he said that one should be able to do all the work without having to resort to external means." ଅର୍ଥାତ୍, ''ଜଣେ କୌଣସି ବାହ୍ୟ ଉପାୟର ଆଶ୍ରୟ ନ ନେଇ ସମସ୍ତ କାର୍ଯ୍ୟ କରିବା ଉଚିତ ।''

ପରେ ପରେ ମା ପୁଣି କହୁଛନ୍ତି, "Had he reached the point where we are now, he would have seen that the purely psychological method is inadequate and that a japa is necessary, because only japa has a direct action on the body." ଅର୍ଥାତ୍, ''ବର୍ତ୍ତମାନ ଆମ୍ଭେମାନେ ସାଧନାର ଯେଉଁ ଅବସ୍ଥାରେ ପହଞ୍ଚିଛୁ, ସେ (ଶ୍ରୀଅରବିନ୍ଦ) ଯଦି ସେହି ଅବସ୍ଥାରେ ପହଞ୍ଚି ଥାଆନ୍ତେ ତେବେ ସେ ଦେଖି ପାରିଥାଆନ୍ତେ ଯେ କେବଳ ମନସ୍ତାତ୍ତ୍ୱିକ ପଦ୍ଧତି ଅର୍ଥାତ୍ ଅଭୀପ୍ସା, ସମର୍ପଣ ପର୍ଯ୍ୟାପ୍ତ ନୁହେଁ । ତା' ସହିତ ଜପ ଆବଶ୍ୟକ; କେବଳ ଜପରହିଁ ଶରୀର ଉପରେ ରହିଛି ସିଧାସଳଖ କ୍ରିୟା ।''

ପୁରାତନ ଯୋଗ ସାଧନାରେ ମଧ୍ୟ ବହୁତ ପ୍ରକାର ସାଧନ ଥାଏ । କିନ୍ତୁ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ତଥା ଭିନ୍ନ ଭିନ୍ନ ସାଧକ କୌଣସି ଗୋଟିଏ ସାଧନାକୁ ପ୍ରାଧାନ୍ୟ ଦିଅନ୍ତି; ଅନ୍ୟ ସାଧନା ଆଚରଣ କରିବା ସତ୍ତ୍ୱେ ସେସବୁକୁ ଗୌଣ ସ୍ଥାନ ଦିଅନ୍ତି ।

ସେହିପରି ଶ୍ରୀଅରବିନ୍ଦ ଜପ ବିଷୟରେ ଯଦ୍ୟପି କହିଅଛନ୍ତି ଏବଂ ମନ୍ତ୍ର ଲେଖିଅଛନ୍ତି ତଥାପି ସେସମୟରେ ଅତିମାନସ ଶକ୍ତି ଅବତରଣ କରି ନ ଥିବାରୁ ଜପରେ ଶରୀର ଉପରେ ପ୍ରଭାବ ପଡ଼ିବା ଶକ୍ତି ଜାଗ୍ରତ ହୋଇ ନ ଥିଲା । ସେହି ସକାଶେ ଶ୍ରୀଅରବିନ୍ଦ ଜପକୁ ପ୍ରଧାନ ସ୍ଥାନ ନ ଦେଇ ସମର୍ପଣ ତଥା ଅଭୀପ୍ସାକୁ ପ୍ରଧାନ ସ୍ଥାନ ଦେଇଅଛନ୍ତି । 'The Mother' ବହିରେ ଏହା ସ୍ପଷ୍ଟ ହୋଇଅଛି ।

ଶ୍ରୀଅରବିନ୍ଦ ୧୯୫୦ରେ ଅତିମାନସ ଶକ୍ତିକୁ ଅବତରଣ କରାଇ ଶରୀର ତ୍ୟାଗ କରିବା ପରେ ଶ୍ରୀମା ରୂପାନ୍ତରର ଯେଉଁ ଅବସ୍ଥାରେ ପହଞ୍ଚିଥିଲେ ସେ ଅବସ୍ଥାରେ ଜପକୁ ସାଧନାରେ ଶ୍ରେଷ୍ଠ ସ୍ଥାନ ଦେଲେ । ଶରୀର ରୂପାନ୍ତର ସକାଶେ ଜପ ଅନିବାର୍ଯ୍ୟ ବୋଲି କହିଲେ । ତା'ଛଡ଼ା, ଅନ୍ୟ ସ୍ଥାନରେ ଲେଖାଅଛି ମା ବାଲ୍ୟାବସ୍ଥାରେ ନାମଜପ କରୁଥିଲେ । ଶ୍ରୀମା ସ୍ୱୟଂ କହିଛନ୍ତି ଶ୍ରୀଅରବିନ୍ଦ ଥିବା ସମୟରେ କୌଣସି ବାଧାବିଘ୍ନ ଆସିଲେ ମା ''ଓ ଲର୍ଡ଼'' (O Lord!) ଏହି ନାମ ଜପ କରୁଥିଲେ । ଏହା ଶ୍ରୀଅରବିନ୍ଦଙ୍କୁ ସମ୍ବୋଧନ ହେଉଥିଲା ଏବଂ ଏହି ଜପରେ ଅଳ୍ପ ସମୟ ମଧ୍ୟରେ ସବୁ ବାଧା ଦୂର ହେଉଥିଲା । କିନ୍ତୁ ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରିବା ପରେ ଶ୍ରୀମା ଏହି ନାମଜପ କରିବାରେ ତାଙ୍କୁ ନିଜକୁ ସମ୍ବୋଧନ ହେଲା । ସେ ସକାଶେ ଶ୍ରୀମା ସେ ନାମଜପ ଛାଡ଼ିଦେଲେ ।

ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ ଏତେ ଲେଖିବା ସତ୍ତ୍ୱେ ମା କହିଲେ ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନାହାନ୍ତି । ଶ୍ରୀମା ସ୍ୱୟଂ ନାମଜପ କରୁଥିବା ସ୍ଥଳେ ଶରୀର ରୂପାନ୍ତର ସମୟରେ ୧୯୬୪ ରେ କହିଲେ, ''ରୂପାନ୍ତରର ସରଳ ପ୍ରଣାଳୀ ମୁଁ ନିଜେ ଆବିଷ୍କାର କଲି, ମୁଁ ନିଜେ ମୋ ମନ୍ତ୍ର ପାଇଲି ।''

ଶ୍ରୀମା'ଙ୍କର କହିବାର ତାତ୍ପର୍ଯ୍ୟ ହୋଇପାରେ, ସେସମୟରେ ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ କହିବା, ଶ୍ରୀମା ନାମଜପ କରିବା ଥିଲା ସାଧନାରେ ସାହାଯ୍ୟ ତଥା ବାଧାବିଘ୍ନରୁ ନିବୃତ୍ତି ସକାଶେ । କିନ୍ତୁ ଶରୀର ରୂପାନ୍ତର ସକାଶେ ଜପ ଅନିବାର୍ଯ୍ୟ ତଥା ଜପର ସିଧାସଳଖ କ୍ରିୟା ଶରୀରରେ ହୁଏ; ବହୁତ ବର୍ଷର ସାଧନା ଅଳ୍ପ ମାସ ମଧ୍ୟରେ ହୋଇପାରେ – ଏହି ରହସ୍ୟ ସେତେବେଳେ ପ୍ରକାଶ ହୋଇ ନ ଥିଲା । ଏହି ରହସ୍ୟ ସ୍ୱୟଂ ମା ଆବିଷ୍କାର କଲେ । ଏହା ପୂର୍ବରୁ ଶରୀର ରୂପାନ୍ତର ଆରମ୍ଭ କେବେ ବି ହୋଇ ନ ଥିଲା । ଏହି ରହସ୍ୟ ଅନ୍ୟମାନେ ଜାଣନ୍ତେ ବା କିପରି, ତା'ର ଆବଶ୍ୟକତା ବା ହୁଅନ୍ତା କାହିଁକି ? ଶରୀର ରୂପାନ୍ତରରେ ସମର୍ପଣ ତଥା ଅଭୀପ୍ସା ଅପେକ୍ଷା ଜପକୁ ପ୍ରଧାନ ସ୍ଥାନ ଦେବା ହେଲା ମା'ଙ୍କର କହିବାର ତାତ୍ପର୍ଯ୍ୟ ।

ପ୍ରଶ୍ନ : ଯଦି ସେସମୟରେ ଜପ ଆବଶ୍ୟକ ନ ଥିଲା ଏବଂ ଶ୍ରୀଅରବିନ୍ଦ ସମର୍ପଣ, ଅଭୀପ୍ସା ତଥା ତ୍ୟାଗକୁ ସାଧନାରେ ପ୍ରଧାନ ସ୍ଥାନ ଦେଲେ ତେବେ ଜପ ବିଷୟ ତାଙ୍କ ଗ୍ରନ୍ଥରେ ଏତେ ସ୍ଥାନରେ ଲେଖିଲେ କାହିଁକି ?

ଉତ୍ତର : ଭବିଷ୍ୟତରେ ଅର୍ଥାତ୍ ଶରୀର ରୂପାନ୍ତର ସମୟରେ ଜପର ପ୍ରାଧାନ୍ୟ ରହିବ ସେ ସକାଶେ ଶ୍ରୀଅରବିନ୍ଦ ଜପ ବିଷୟରେ କହିଅଛନ୍ତି ।

ଭଗବାନଙ୍କ ଅବତାରମାନଙ୍କର ଦ୍ୱୈତ ଚେତନା ଥାଏ । ଭବିଷ୍ୟତର ସମସ୍ତ କର୍ମପନ୍ଥା ସେମାନେ ଭାଗବତ ଚେତନାରେ ରହି ନିର୍ଦ୍ଧାରିତ କରି ଦିଅନ୍ତି । କିନ୍ତୁ ଉପସ୍ଥିତ କର୍ମ ଆଚରଣ କରନ୍ତି ମନୁଷ୍ୟ ଚେତନାରେ ରହି । କେବେ କେବେ ଆବଶ୍ୟକ ହେଲେ ଉପସ୍ଥିତ କର୍ମରେ ବି ଭାଗବତ ଚେତନାରେ ରହି କାର୍ଯ୍ୟ କରନ୍ତି । ଏହା କଦାଚିତ୍ ହୁଏ । ଏହି କାରଣରୁ ଶ୍ରୀଅରବିନ୍ଦ ତାଙ୍କ ସାଧନା କାଳରେ ଜପକୁ ସାଧନାରେ ପ୍ରୟୋଗ ନ କରି ଭବିଷ୍ୟତରେ ଆବଶ୍ୟକ ହେବା ଜାଣି ଜପ ବିଷୟରେ ଲେଖିଅଛନ୍ତି । ଏହା ତାଙ୍କ ଭାଗବତ ଚେତନାର କର୍ମ ।

ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଚରିତ୍ରରୁ ଏହା ସ୍ପଷ୍ଟ ବୁଝାଯାଏ । ଶ୍ରୀରାମ ରାବଣକୁ ବଧ କରିବା ସକାଶେ ବନବାସ ଗମନ, ସୀତାଙ୍କ ହରଣ ହେବା ତାଙ୍କ ଭାଗବତ ଚେତନାରେ ସ୍ପଷ୍ଟ ଥିଲା – ଖରଦୁଷଣଙ୍କ ବଧ ପୂର୍ବରୁ ସେ ସୀତାଙ୍କୁ କହିଥିଲେ, ''ତହୁ ପାୱକ ମହୁଁ କରହୁ ନିୱାସା । ଜୌଲାଗି କରୌଁ ନିସାଚରନାସା ॥ (ଶ୍ରୀରାମଚରିତମାନସ, ଅରଣ୍ୟକାଣ୍ଡ)'' ''ଯେପର୍ଯ୍ୟନ୍ତ ମୁଁ ନିଶାଚରଙ୍କୁ ସଂହାର ନ କରିଛି ସେପର୍ଯ୍ୟନ୍ତ ତୁମେ ଅନଳ ମଧ୍ୟରେ ବାସ କର ।'' ସୀତାଦେବୀ ତାଙ୍କ ସଦୃଶ ମାୟାସୀତାଙ୍କୁ ରଖି ଅନଳ ମଧ୍ୟରେ ପ୍ରବେଶ କରିଥିଲେ । ସେହି ସକାଶେ ରାବଣ ବଧ ପରେ ଶ୍ରୀରାମଙ୍କ ସନ୍ଦେହ ଦୂର କରିବାକୁ ଅନଳ ମଧ୍ୟରେ ମାୟାସୀତା ପ୍ରବେଶ କଲେ, ଯଥାର୍ଥ ସୀତା ଅଗ୍ନି ମଧ୍ୟରୁ ବାହାରି ଆସିଥିଲେ । ମାରୀଚ ରାକ୍ଷସ ମୃଗରୂପେ ଆସିବା ସମୟରେ ବାଲ୍ମୀକି ରାମାୟଣରେ ଲକ୍ଷ୍ମଣ ସ୍ପଷ୍ଟରୂପେ କହିଥିଲେ, ''ହେ ମାୟାମୃଗ ମାରୀଚ ରାକ୍ଷସ'', ଏହା ଶୁଣିବା ସତ୍ତ୍ୱେ ଶ୍ରୀରାମ ଲକ୍ଷ୍ମଣଙ୍କ କଥାକୁ କୌଣସି ଗୁରୁତ୍ୱ ନ ଦେଇ ମୃଗ ବଧ କରିବାକୁ ଗଲେ । ରାମଚନ୍ଦ୍ର ସୁବଳୟ ପର୍ବତରୁ ବାଣ ମାରି ଲଙ୍କାରେ ଥିବା ରାବଣର ଛତ୍ର ଏବଂ ମୁକୁଟ କାଟି ପକାଇଥିଲେ । ସେହି ମୃଗକୁ ମାରିବାକୁ ଚାହିଁଥିଲେ, ସେ ଯେତେ ଦୂରରେ ଥାଉ ବି, ଗୋଟିଏ ବାଣରେ ମାରିପାରି ଥାଆନ୍ତେ । କିନ୍ତୁ ତା' ପଛେ ପଛେ ଦୌଡ଼ି ଦୂରକୁ ଚାଲିଗଲେ ଏବଂ ସୀତାଙ୍କ ସନ୍ଧାନ ଗଛପତ୍ର, ପଶୁପକ୍ଷୀଙ୍କୁ ପଚାରୁଥିଲେ । ଅବତାରମାନେ ମନୁଷ୍ୟର ପ୍ରତିନିଧି ହୋଇ ଆଦର୍ଶ ପ୍ରତିଷ୍ଠା କରୁଥିବାରୁ ସବୁ ସମୟରେ ଭଗବତ୍ ଚେତନାରେ ନ ରହି ମନୁଷ୍ୟ ଚେତନାରେ ରହି ମନୁଷ୍ୟ ସଦୃଶ ବ୍ୟବହାର କରନ୍ତି । ଏହି କାରଣରୁ ଶ୍ରୀଅରବିନ୍ଦ ସେସମୟରେ ଜପକୁ ସାଧନାରେ ଶ୍ରେଷ୍ଠ ସ୍ଥାନ ଦେଇ ନାହାନ୍ତି । ସେସମୟରେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରି ନ ଥିଲା, ସେସକାଶେ ନାମରେ ଥିବା ଯେଉଁ ଶକ୍ତି ଶାରୀର-ଚେତନାକୁ ଜାଗ୍ରତ କରାଏ, ଶରୀରରେ ପ୍ରକାଶ ଦିଏ, ଶରୀରର କୋଷକୁ ଅଭୀପ୍ସା କରିବା ସକାଶେ ପ୍ରସ୍ତୁତ କରାଏ, ସେ ଶକ୍ତି ପ୍ରକାଶ ହୋଇ ନ ଥିଲା । ଅତିମାନସ ଶକ୍ତି ଅବତରଣ କରିବା ଯୋଗୁଁ ଜପରେ ଥିବା ଏହି ଅପ୍ରକାଶ୍ୟ ଶକ୍ତି ପ୍ରକାଶ ହେଲା । ୧୯୫୦ରେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପୃଥିବୀରେ ଅବତରଣ କରାଇ ଶରୀରତ୍ୟାଗ କରିଥିଲେ ।

ଶ୍ରୀମା ନିଜ ଶରୀରରେ ଅତିମାନସ ଶକ୍ତିକୁ ଧାରଣ କରି ଶରୀର ରୂପାନ୍ତର କାର୍ଯ୍ୟ କଲେ ଏବଂ ଶରୀର

ରୂପାନ୍ତରର ସେହି ଅବସ୍ଥାରେ ପହଞ୍ଚିଲେ ଯେଉଁ ଅବସ୍ଥାରେ ଜପ ଏକାନ୍ତ ଆବଶ୍ୟକ ବୋଲି ଅନୁଭବ କଲେ ଏବଂ ଦଶ ବର୍ଷର ସାଧନା ନାମଜପରେ ଅଳ୍ପ ମାସ ମଧ୍ୟରେ କରିପାରିଥିଲେ ।

ପ୍ରଶ୍ନ : ଏହା ବି ବୁଝିବାରେ ଅସୁବିଧା ହେଉଛି – ଶ୍ରୀମା ସାଧନାର ଯେଉଁ ଅବସ୍ଥାରେ ପହଞ୍ଚିଥିଲେ ଶ୍ରୀଅରବିନ୍ଦ ସେ ଅବସ୍ଥାରେ ପହଞ୍ଚି ନ ଥିଲେ ?

ଉତ୍ତର : ଶ୍ରୀଅରବିନ୍ଦ ରୂପାନ୍ତରର ସେହି ଅବସ୍ଥାରେ ପହଞ୍ଚି ନ ଥିଲେ ଶ୍ରୀମା ଯେଉଁ ଅବସ୍ଥାରେ ପହଞ୍ଚିଥିଲେ । ସେସମୟରେ ଅତିମାନସ ଶକ୍ତି ପୃଥିବୀପୃଷ୍ଠକୁ ଅବତରଣ କରି ନ ଥିଲା କିଂବା ଶରୀର ରୂପାନ୍ତର କାର୍ଯ୍ୟ କରୁ ନ ଥିଲା । ଅତିମାନସ ଶକ୍ତି ଛଡ଼ା ଶରୀର ରୂପାନ୍ତର ସମ୍ଭବ ନ ଥିଲା । ଶ୍ରୀଅରବିନ୍ଦ ଅତିମାନସ ଅବତରଣ କରାଇ ନିଜ ଶରୀର ତ୍ୟାଗ କରିବା ପରେ ଅତିମାନସ ଶକ୍ତି ମା'ଙ୍କ ଦ୍ୱାରା ଶରୀର ରୂପାନ୍ତର କାର୍ଯ୍ୟ ଆରମ୍ଭ କଲା । ଶ୍ରୀଅରବିନ୍ଦ ଦେଖିଲେ ଯେ ଅତିମାନସ ଶକ୍ତିକୁ ଧାରଣ କରିବା ସକାଶେ ଲୋକମାନଙ୍କ ଆଧାର ପ୍ରସ୍ତୁତ ହୋଇ ନାହିଁ । ଅତିମାନସ ଶକ୍ତିର ଅବତରଣ ସକାଶେ ସମଗ୍ର ପୃଥିବୀ ଅସମର୍ଥ ରହିଛି; ଯେପରି ଗଙ୍ଗାଙ୍କ ପ୍ରବେଗ ଧାରଣ କରିବା ସକାଶେ ପୃଥିବୀ ଅସମର୍ଥ ଥିଲା । ଗଙ୍ଗାଙ୍କ ପ୍ରବେଗକୁ ପ୍ରଥମେ ଶଙ୍କର ଧାରଣ କରିବା ସଦୃଶ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ନିଜ ଶରୀରରେ ଅବତରଣ କରାଇ ଶରୀର ତ୍ୟାଗ କଲେ । ସେହି ଅତିମାନସ ଶକ୍ତିକୁ ମା ଧାରଣ କରି ଶରୀର ରୂପାନ୍ତର କାର୍ଯ୍ୟ କଲେ । ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ଶରୀରରେ ରହି ମା'ଙ୍କ ରୂପାନ୍ତର କାର୍ଯ୍ୟରେ ସାହାଯ୍ୟ କଲେ । ଏହି କାରଣରୁ ଅତିମାନସ ଶକ୍ତି ଦ୍ୱାରା ଶରୀର ରୂପାନ୍ତରର ଯେଉଁ ଅବସ୍ଥାକୁ ମା ପହଞ୍ଚିଥିଲେ ସେ ଅବସ୍ଥାକୁ ଶ୍ରୀଅରବିନ୍ଦ ପହଞ୍ଚି ନ ଥିଲେ ।

ଶ୍ରୀଅରବିନ୍ଦ-ଶ୍ରୀମା ଭଗବାନ୍ ସଚ୍ଚିଦାନନ୍ଦଙ୍କ ଅବତାର । ଅବତାର ମନୁଷ୍ୟ ଶରୀର ଧାରଣ କରି ମନୁଷ୍ୟର ପ୍ରତିନିଧି ହୋଇ ମନୁଷ୍ୟକୁ ମାର୍ଗ ଦେଖାଇବା କାର୍ଯ୍ୟ କରନ୍ତି । ଅବତାର ସମସ୍ତ କାର୍ଯ୍ୟ ଭଗବତ୍ ଐଶ୍ୱର୍ଯ୍ୟରେ କରନ୍ତି ନାହିଁ ।

ଲଙ୍କାଯୁଦ୍ଧରେ ଶ୍ରୀରାମ ନାଗପାଶରେ ବନ୍ଦୀ ହେବା ସମୟରେ ଗରୁଡ଼ ଆସି ତାଙ୍କୁ ମୁକ୍ତ କରିଥିଲେ । ଲକ୍ଷ୍ମଣଙ୍କ ଶକ୍ତିଭେଦ ସମୟରେ ହନୁମାନ ହିମାଳୟ ଯାଇ ମୃତ୍ୟୁସଞ୍ଜୀବନୀ ବିଶଲ୍ୟକରଣୀ ଔଷଧ ଆଣିବାରୁ ଲକ୍ଷ୍ମଣ ବଞ୍ଚିଥିଲେ । ଶ୍ରୀକୃଷ୍ଣ ଜରାସନ୍ଧ ଯୁଦ୍ଧରେ ହାରି କୋଡ଼ିଏ ଥର ଯୁଦ୍ଧ ଛାଡ଼ି ପଳାଇଥିଲେ; ଶେଷରେ ଭୀମଙ୍କ ଦ୍ୱାରା ଜରାସନ୍ଧକୁ ବଧ କରାଇଥିଲେ । ମନୁଷ୍ୟର ପ୍ରତିନିଧିରୂପେ ଭଗବାନ୍ ଆସିଥାଆନ୍ତି । ସେହି ସକାଶେ ତାଙ୍କର ଆଦର୍ଶ ସ୍ଥାପନାର ପ୍ରଧାନ କାର୍ଯ୍ୟରେ ଐଶ୍ୱର୍ଯ୍ୟ ପ୍ରୟୋଗ କରନ୍ତି ନାହିଁ । କିନ୍ତୁ ତାଙ୍କର ସମସ୍ତ ଭଗବତ୍ ଐଶ୍ୱର୍ଯ୍ୟ ଓ ଶକ୍ତି ବିଦ୍ୟମାନ ଥାଏ ।

ଶ୍ରୀଅରବିନ୍ଦ ମନୁଷ୍ୟଜାତିର ପ୍ରତିନିଧି ହୋଇ ଅବତାର ନେଇଥିବାରୁ ଭବିଷ୍ୟତ ଶରୀର ରୂପାନ୍ତର ସକାଶେ ନାମଜପର ବିଶେଷତ୍ୱ ଉପରେ ଜୋର୍ ଦେଇ ନ ଥିଲେ । ଶରୀର ରୂପାନ୍ତରର ଯେଉଁ ଅବସ୍ଥାରେ ଶ୍ରୀମା ପହଞ୍ଚିଲେ ସେ ଅବସ୍ଥାରେ କେବଳ ସମର୍ପଣ ଏବଂ ଅଭୀପ୍ସା ପର୍ଯ୍ୟାପ୍ତ ନୁହେଁ; ଶରୀରର ରୂପାନ୍ତର ସକାଶେ ଜପ ଅନିବାର୍ଯ୍ୟ ବୋଲି ମା' ଦେଖି ପାରିଲେ । ମା' କହିଲେ, ସେ ଜପ ଦ୍ୱାରା ଦଶ ବର୍ଷର ସାଧନା ଅଳ୍ପ କେଇ ମାସ ମଧ୍ୟରେ କରିଥିଲେ । (I have done ten years of work in a few months.)

ପ୍ରଶ୍ନ : ମା ବହୁତ ମନ୍ତ୍ର ଜପ କରିଛନ୍ତି ଏବଂ ସେ ବିଷୟରେ କହିଛନ୍ତି । ତେବେ ଆମେ କେଉଁ ମନ୍ତ୍ର ଜପ କରିବା ?

ଉତ୍ତର : ଆମେ ଜପ କରିବା 'ମା'– ଏହି ନାମ । ଏହି ଗୋଟିଏ ଅକ୍ଷର 'ମା' ନାମହିଁ ମନ୍ତ୍ର । ଏହି ରୂପାନ୍ତର ଯୋଗରେ ''ମା ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ'' ମନ୍ତ୍ର ବୋଲି ଶ୍ରୀଅରବିନ୍ଦ କହିଅଛନ୍ତି ।

ମା ସ୍ୱୟଂ ବହୁ ମନ୍ତ୍ର ଭିନ୍ନ ଭିନ୍ନ ସମୟରେ ଜପ କରି ଅଛନ୍ତି । ଆଶ୍ରମର ସାଧକ ସାଧିକା ତଥା ଯେକେହି ବ୍ୟକ୍ତି ସମାଧି ପାଖକୁ ସେସମୟରେ ଆସୁଥିଲେ ସେମାନେ ମା'ଙ୍କ ମନ୍ତ୍ରଜପ ଶୁଣି ପାରୁଥିଲେ । ମା ବହୁତ ଉଚ୍ଚ ସ୍ୱରରେ ଜପ କରୁଥିଲେ – ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ । ପୁରାତନ ଯୋଗ ସଂପ୍ରଦାୟରେ ମଧ୍ୟ ବହୁତ ମନ୍ତ୍ର ଥାଏ କିନ୍ତୁ ଜପ

କରାହୁଏ ନାମ । ଯେପରି ଶ୍ରୀରାମ ମନ୍ତ୍ର, ଶ୍ରୀକୃଷ୍ଣ ମନ୍ତ୍ର ବହୁତ ପ୍ରକାର ଅଛି । ମନ୍ତ୍ର ଅଳ୍ପ ସମୟ ଜପ କରାହୁଏ କିନ୍ତୁ ନାମ ସବୁ ସମୟରେ ଜପ କରାହୁଏ । ମା କେହି କେହି ସାଧକଙ୍କୁ 'ମା'– ଏହି ନାମ ଜପ କରିବାକୁ କହିଛନ୍ତି, ଅନ୍ୟ କେତେକଙ୍କୁ 'ଓଁ ନମୋ ଭଗବତେ', ଏହି ମନ୍ତ୍ର ଜପ କରିବାକୁ କହିଛନ୍ତି ଏବଂ ସ୍ୱୟଂ ଏହି ମନ୍ତ୍ରକୁ ଅଧିକ ସମୟ ଜପ କରିଅଛନ୍ତି ।

ରୂପାନ୍ତର ହୁଏ ଅତିମାନସ ଶକ୍ତି ଦ୍ୱାରା । ଅତିମାନସ ଶକ୍ତି ଏବଂ ମା ଏକ ତତ୍ତ୍ୱ । କାରଣ ମା'ଙ୍କୁ ସମର୍ପଣ କଲେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି । Letters on Yoga ଏବଂ ଅନ୍ୟାନ୍ୟ ବହୁ ଗ୍ରନ୍ଥରେ ମା'ଙ୍କୁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ କହିଛନ୍ତି । ମା (The Mother) ବହିରେ ସ୍ଥାନେ ସ୍ଥାନେ, ଏମିତି ବହୁ ସ୍ଥାନରେ କେବଳ ମା'ଙ୍କୁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ ମୁକ୍ତ କଣ୍ଠରେ ଘୋଷଣା କରିଅଛନ୍ତି । ଭଗବାନଙ୍କ କ୍ରିୟାତ୍ମିକା ଶକ୍ତି ହେଉଛନ୍ତି ମା । ମାତୃଶକ୍ତି ଏବଂ ଭଗବାନ୍ ତତ୍ତ୍ୱତଃ ଏକ ଓ ଅଭିନ୍ନ । ମା'ଙ୍କୁ ସମର୍ପଣ କଲେ ତାହା ଭଗବାନଙ୍କୁ ପ୍ରାପ୍ତ ହୁଏ । କ୍ରିୟାତ୍ମିକା ଶକ୍ତି ମା ହୋଇଥିବାରୁ ତାଙ୍କୁହିଁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ ବାର ବାର କହିଅଛନ୍ତି । ଅତଏବ ତାଙ୍କରି ନାମ ଏହି ଯୋଗର ମନ୍ତ୍ର ହୋଇଥିବାରୁ ତାଙ୍କରି ନାମ ଜପ କରିବା ଉଚିତ ।

ଶ୍ରୀମା ବହୁତ ମନ୍ତ୍ର ଜପ କରିଅଛନ୍ତି ଏବଂ ଲେଖା ମଧ୍ୟ ଅଛି । କୌଣସି ସାଧକ ମା'ଙ୍କ ଦ୍ୱାରା ଲିଖିତ କୌଣସି ଏକ ମନ୍ତ୍ର ଜପ କରିପାରନ୍ତି । ସମସ୍ତ ମନ୍ତ୍ରର ପ୍ରଭାବ ଶରୀର ଉପରେ ପଡ଼େ । କିନ୍ତୁ 'ମା'– ଏହି ନାମ ଗୋଟିଏ ଅକ୍ଷର ହୋଇଥିବାରୁ ଜପ କରିବାରେ ବହୁତ ସହଜ ହୁଏ । ଏପରିକି ମାତୃଶକ୍ତି ସାଧକ ଶରୀରରେ ରୂପାନ୍ତର କ୍ରିୟା କରିବା ସମୟରେ ଜିହ୍ୱା ଓ ଓଷ୍ଠ କ୍ରିୟାଶୀଳ ନ ହୋଇ ମାତୃଶକ୍ତିର କ୍ରିୟା ସ୍ଥାନରେ 'ମା' ନାମ ଆବୃତ୍ତି କରିବାରେ ବହୁତ ସହଜ ହୁଏ ।

ମାଆ ତ ନିଜ ନାମ ଜପ କରିବେ ନାହିଁ, ସେ ସକାଶେ ସେ ଭଗବାନଙ୍କ ନାମଜପ କରନ୍ତି । ଆମ ସକାଶେ ସେ ବନ୍ଧନ ନାହିଁ । ଆମ ସକାଶେ ମା'ଙ୍କ ନାମଜପ କରିବା ଠିକ୍ । ଶ୍ରୀମା, ଭଗବାନ୍ ଶ୍ରୀଅରବିନ୍ଦଙ୍କର କ୍ରିୟାତ୍ମିକା ଶକ୍ତି ହୋଇଥିବାରୁ ମନ-ପ୍ରାଣ-ଶରୀର ରୂପାନ୍ତର ସକାଶେ ତାଙ୍କୁ ଆମେ ସମର୍ପଣ କରୁ ଏବଂ ତାଙ୍କରି ନାମଜପ ଆମମାନଙ୍କ ସକାଶେ ଶାସ୍ତ୍ରସମ୍ମତ, ଯୁକ୍ତିଯୁକ୍ତ ଏବଂ ସଦ୍ୟ ଫଳପ୍ରସୂ ।

ପ୍ରଶ୍ନ : 'The Mother' ବହିରେ ଯେଉଁ ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବାକୁ କୁହା ହୋଇଛି ସେହି ଭାଗବତୀ ଶକ୍ତିଙ୍କ ଅବତାର କ'ଣ ଆଶ୍ରମର ଏହି ମା ? – ଜନୈକ ସାଧକର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ, 'ହଁ ।' ଏତଦ୍ ବ୍ୟତୀତ ଶ୍ରୀଅରବିନ୍ଦ ଏହି ଆଶ୍ରମର ମା'ଙ୍କୁ ଆଦ୍ୟା ଭାଗବତୀ ଶକ୍ତି ବୋଲି କହିଅଛନ୍ତି । ଶ୍ରୀଅରବିନ୍ଦଙ୍କ କହିବା ନିରାଟ ସତ୍ୟ । ତେବେ ମା ଭାଗବତୀ ଶକ୍ତିଙ୍କ ଅବତାର ହୋଇ ରୂପାନ୍ତର ସକାଶେ ନାମଜପ ଅନିବାର୍ଯ୍ୟ ବୋଲି ପୂର୍ବରୁ କିପରି ଜାଣିପାରିଲେ ନାହିଁ ? ଶରୀର ରୂପାନ୍ତର ବହୁତ ଅଗ୍ରସର ହେବା ପରେ ଜାଣିପାରିଲେ । ଏହା ବୁଝିବାରେ ବହୁତ ଅସୁବିଧା ହେଉଅଛି ।

ଉତ୍ତର : ଆମେ ତ ମନୁଷ୍ୟ, ଆମକୁ ବୁଝିବାରେ ତ ଅସୁବିଧା ହେବା ସ୍ୱାଭାବିକ । କିନ୍ତୁ ସ୍ୱୟଂ ପାର୍ବତୀଙ୍କୁ ବି ବୁଝିବାରେ ଅସୁବିଧା ହୋଇଥିଲା । ସୀତାଙ୍କ ବିୟୋଗରେ ଶ୍ରୀରାମ ଶୋକରେ ବିହ୍ୱଳ ହୋଇ ଯେତେବେଳେ ସୀତାଙ୍କ ସନ୍ଧାନ ଗଛଲତା ପଶୁପକ୍ଷୀଙ୍କୁ ପଚାରି ବୁଲୁଥିଲେ, ସେହି ସମୟରେ ଶିବ ପାର୍ବତୀ ଶ୍ରୀରାମଙ୍କୁ ଦେଖିଲେ । ଶଙ୍କର ବୃଷଭରୁ ଉତୁରି 'ଜୟ ସଚ୍ଚିଦାନନ୍ଦ ଜଗଦୀଶ' କହି ପ୍ରଣାମ କଲେ । ଏଥିରେ ପାର୍ବତୀଙ୍କୁ ବହୁତ ସନ୍ଦେହ ହେଲା । ସେ ଭାବିଲେ, ''ଶଙ୍କରଙ୍କ କଥା ସର୍ବଦା ସତ୍ୟ ଓ ଯଥାର୍ଥ । କିନ୍ତୁ ରାମ ଯଦି ସଚ୍ଚିଦାନନ୍ଦଙ୍କ ଅବତାର ହୋଇଥା'ନ୍ତେ ତେବେ ସାଧାରଣ ବିଷୟୀ ବ୍ୟକ୍ତି ସଦୃଶ ଶୋକରେ ଜ୍ଞାନଶୂନ୍ୟ ହୋଇ ଗଛଲତା, ପଶୁପକ୍ଷୀଙ୍କୁ ସୀତାଙ୍କ ସନ୍ଧାନ ପଚାରନ୍ତେ କିପରି ?'' ଏହି ମୋହ ହେବାରୁ ଶଙ୍କରଙ୍କୁ ପାର୍ବତୀ ପ୍ରଶ୍ନ କଲେ । ଶଙ୍କର ଉତ୍ତରରେ କହିଲେ, ''ତୁମେ ଯାଇ ପରୀକ୍ଷା କର ।'' ପାର୍ବତୀ ସୀତାଙ୍କ ରୂପ ଧାରଣ କରି ଶ୍ରୀରାମଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପାର୍ବତୀଙ୍କୁ ସୀତାଙ୍କ ରୂପରେ ଦେଖି ଶ୍ରୀରାମ ପ୍ରଣାମ କରି କହିଲେ, ''ଶଙ୍କର ତ ନାହାନ୍ତି, ତୁମେ ଏକା ଆସିଲ କିପରି ?''

ଭଗବାନଙ୍କ ଅବତାରଙ୍କର ଭାଗବତ ଚେତନା ଏବଂ ଶକ୍ତି ତଥା ମାନୁଷୀ ଚେତନା ଉଭୟ ଥାଏ । ସେ ମନୁଷ୍ୟର ପ୍ରତିନିଧି ହୋଇଥିବାରୁ ମନୁଷ୍ୟ ଚେତନାରେ ରହି କାର୍ଯ୍ୟ କରନ୍ତି । ଚାହିଁବା ମାତ୍ରେ ଭଗବତ୍ ଚେତନାରେ କାର୍ଯ୍ୟ କରିପାରନ୍ତି । ଶ୍ରୀଅରବିନ୍ଦଙ୍କ ସକାଶେ ମଧ୍ୟ ଏହିପରି ଉଦାହରଣ ଦିଆହୋଇଛି । ବହୁତ ଅନିବାର୍ଯ୍ୟ ନ ହେଲେ ଅବତାରମାନେ ଐଶ୍ୱର୍ଯ୍ୟ ପ୍ରୟୋଗ କରନ୍ତି ନାହିଁ । ଠିକ୍ ମନୁଷ୍ୟ ସଦୃଶ ବ୍ୟବହାର କରନ୍ତି ଯେପରି ତାଙ୍କ ଭଗବତ୍ତାକୁ ମନୁଷ୍ୟ ବୁଝି ନ ପାରେ । କାରଣ ସେ ମନୁଷ୍ୟ ଚେତନାରେ ରହି କର୍ମ କଲେ ତାଙ୍କ ଆଦର୍ଶକୁ ମନୁଷ୍ୟ ଗ୍ରହଣ କରିପାରିବ । ସେହି ସକାଶେ ମନୁଷ୍ୟ ସଦୃଶ ଶ୍ରୀମାଶ୍ରୀଅରବିନ୍ଦ ସାଧନା କରିଛନ୍ତି, ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ପ୍ରଥମ ସାଧନାରେ ଜପର ବିଶେଷ ଆବଶ୍ୟକତା ନ ଥିଲା । ଶରୀର ରୂପାନ୍ତର ସମୟରେ ଜପ ଆବଶ୍ୟକ ହେବାରୁ ଶ୍ରୀମା ନିଜେ ଉପଲବ୍ଧି କରିଥିବା କଥା ଲେଖିଛନ୍ତି ।

ମହାଭାରତ ଯୁଦ୍ଧ ସମୟରେ ଯେବେ ଯେବେ ଭବିଷ୍ୟ ଜାଣିବାକୁ କିଂବା କୌଣସି ଗୁପ୍ତ ବସ୍ତୁ ଜାଣିବାକୁ ଆବଶ୍ୟକ ହେଉଥିଲା ଶ୍ରୀକୃଷ୍ଣ ସହଦେବଙ୍କୁ ପଚାରୁଥିଲେ । ଅବତାରଙ୍କ ଚରିତ୍ର ବୁଦ୍ଧିରେ ବୁଝିବା ବହୁତ କଠିନ ।

ପ୍ରଶ୍ନ : ପୁରାତନ ସମସ୍ତ ଯୋଗରେ ନାମଜପ ହେଉଥିଲା; କିନ୍ତୁ କାହାରି ଶରୀର ରୂପାନ୍ତର ହୋଇ ନ ଥିଲା । ଏହି ରୂପାନ୍ତର ଯୋଗରେ ଜପ ଅନିବାର୍ଯ୍ୟ ବୋଲି ମା'ଙ୍କର କହିବାର ରହସ୍ୟ କ'ଣ ? ବୁଝାଇ ଦିଅନ୍ତୁ ।

ଉତ୍ତର : ପୁରାତନ ସମସ୍ତ ଯୋଗରେ ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରାଯାଇ ନ ଥିଲା ତଥା ସମୟ ଆସି ନ ଥିଲା ଏବଂ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ହୋଇ ନ ଥିଲା କିଂବା ଭଗବତ୍ ନାମରେ ଥିବା ଶରୀର ରୂପାନ୍ତର ହେବାର ପ୍ରଭାବ ପ୍ରକାଶ ହୋଇ ନ ଥିଲା । ରୂପାନ୍ତର ଲକ୍ଷ୍ୟ ସିଦ୍ଧି ସକାଶେ ମଧ୍ୟ ନାମଜପ କରାଯାଉ ନ ଥିଲା । ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର, ରୂପାନ୍ତରିତ ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତ — ଏହି ଲକ୍ଷ୍ୟ ସମ୍ବନ୍ଧେ କେହି ସଚେତ ନ ଥିଲେ । ସମୟ ଆସି ନ ଥିବାରୁ ଏହି ଲକ୍ଷ୍ୟପ୍ରାପ୍ତି ସକାଶେ କୌଣସି ଅବତାର ବା ମହାପୁରୁଷ ଆସି ନ ଥିଲେ । ସେମାନେ ଆସିଥିଲେ କେବଳ ରୂପାନ୍ତର ଲକ୍ଷ୍ୟରେ ପହଞ୍ଚିବା ସକାଶେ କ୍ରମବିବର୍ତ୍ତନକୁ ତ୍ୱରାନ୍ୱିତ କରିଦେବା ପାଇଁ । ତାହା ସେମାନଙ୍କ ଦ୍ୱାରା ହୋଇଛି । ସମୟ ଆସିବାରୁ ଶରୀର ରୂପାନ୍ତର ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଆସି ଅତିମାନସ ଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ହେବାରୁ ନାମଜପର ପ୍ରଭାବ ସିଧାସଳଖ ଶରୀରରେ କ୍ରିୟା କରୁଅଛି । ଏବଂ ଏହାକୁ ଶ୍ରୀମା ସ୍ୱୟଂ ଉପଲବ୍ଧି କରିଅଛନ୍ତି । ଆଉ ଏହି ଜପ ଦ୍ୱାରାହିଁ କଠିନ ଶରୀର ରୂପାନ୍ତର କାର୍ଯ୍ୟ ସହଜ ହୋଇପାରିଛି । ଅତଏବ ଆମ୍ଭେମାନେ ଏହି ଲକ୍ଷ୍ୟ ଗ୍ରହଣ କରି ସମର୍ପଣ ଭାବରେ 'ମା'— ଏହି ନାମ ନିରନ୍ତର ଜପ କଲେ ଅପେକ୍ଷାକୃତ ସହଜରେ ରୂପାନ୍ତର ଲକ୍ଷ୍ୟ ସିଦ୍ଧ କରିପାରିବା ଏବଂ ବାଧାବିଘ୍ନରୁ ମଧ୍ୟ ରକ୍ଷା ପାଇପାରିବା ।

ପ୍ରଶ୍ନ : ଶ୍ରୀମା କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ଅନ୍ତର ପ୍ରେରଣାରୁ ମନ୍ତ୍ର ପାଇବେ ଅଥବା ଯେଉଁ ମନ୍ତ୍ର ସ୍ୱତଃସ୍ଫୂର୍ତ୍ତଭାବେ ଶୁଣିବେ ସେହି ମନ୍ତ୍ର ସେମାନଙ୍କ ସକାଶେ ଠିକ୍ ହେବ । ତେବେ ସାଧାରଣ ବ୍ୟକ୍ତି ପକ୍ଷେ ଏହା ସମ୍ଭବ ନୁହେଁ । ଅତଏବ କେଉଁ ନାମ ଜପ କରିବା ଉଚିତ ?

ଉତ୍ତର : ଶ୍ରୀମା ଶ୍ରୀଅରବିନ୍ଦ ଯେଉଁ ମନ୍ତ୍ର, ଯେଉଁ ନାମ ଦେଇଛନ୍ତି ସେହି ମନ୍ତ୍ର, ସେହି ନାମ ଜପ କରିବା ଉଚିତ । ଶ୍ରୀଅରବିନ୍ଦ କହିଛନ୍ତି, ''ଏହି ଯୋଗର ମନ୍ତ୍ର ମା'ଙ୍କ ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ ।'' ଏବଂ ଅନ୍ୟତ୍ର କହିଛନ୍ତି, ''ଓଁ ଆନନ୍ଦମୟି ଚୈତନ୍ୟମୟି ସତ୍ୟମୟି ପରମେ ।'' ଶ୍ରୀମା କହିଛନ୍ତି, ''ଶ୍ରୀଅରବିନ୍ଦଃ ଶରଣଂ ମମ'', ''ଓଁ ନମୋ ଭଗବତେ'', 'ଓଁ', ''ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ'', ''ନମାମି ଶ୍ରୀମାତୃମୀରାରବିନ୍ଦୌ'', 'ଶ୍ରୀମାତୃମୀରାରବିନ୍ଦୌ ଶରଣଂ ମମ', 'ବିଜୟେତାଂ ଶ୍ରୀମାତୃମୀରାରବିନ୍ଦୌ' । ଏହିସବୁ ନାମ ଓ ମନ୍ତ୍ର ମଧ୍ୟରୁ ସାଧକକୁ ଯେଉଁଥିରେ ସ୍ୱତଃପ୍ରବୃତ୍ତି ହେବ ସେହି ନାମ, ସେହି ମନ୍ତ୍ର ଜପ କରିବେ । ସମସ୍ତ ମନ୍ତ୍ର, ସମସ୍ତ ନାମର ଅସାଧାରଣ ଶକ୍ତି ଏବଂ ପ୍ରଭାବ ରହିଛି । ଯେଉଁ ନାମ, ଯେଉଁ ମନ୍ତ୍ର ଜପ କରିବେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ । କିନ୍ତୁ ଏହି ଯୋଗରେ ମା'ଙ୍କୁ ସମର୍ପଣ କରାହେଉ ଥିବାରୁ ତଥା ଗୋଟିଏ ଅକ୍ଷର ହୋଇଥିବାରୁ 'ମା' ନାମଜପ ସହଜ ।

ଅଥବା ନିୟମିତରୂପେ କିଛି ସମୟ 'ଓଁ ନମୋ ଭଗବତେ', କିଛି ସମୟ 'ଶ୍ରୀଅରବିନ୍ଦଃ ଶରଣଂ ମମ' ଜପ କରି ଅନ୍ୟ ସମସ୍ତ ସମୟରେ 'ମା'– ଏହି ନାମଜପ କରିପାରନ୍ତି । ଅଥବା ନିଜ ଅନ୍ତରରୁ ଯେଉଁ ନାମ ଆସିବ ସେ ନାମଜପ କରିପାରନ୍ତି ।

(୨)

ବାଧାବିଘ୍ନ

ସଂସାରର ସମସ୍ତ ବ୍ୟକ୍ତି ସୁଖ ଶାନ୍ତି ଚାହାନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହତାଶା, ନିରାଶା, ହିଂସା, ଦ୍ୱେଷାଦି ରିପୁଗଣ ଥିବାରୁ ସେମାନେ ଚାହୁଁଥିବା ସୁଖଶାନ୍ତି ପାଇପାରନ୍ତି ନାହିଁ । ଏହି ରିପୁଗଣ ହେଉଛନ୍ତି ଭଗବତ୍ ପ୍ରାପ୍ତିର ମହାନ୍ ଶତ୍ରୁ । ଏମାନଙ୍କ ମଧ୍ୟରେ କାମ, କ୍ରୋଧ, ଅହଂ, ସ୍ୱାର୍ଥ ହେଉଛନ୍ତି ପ୍ରବଳ । ଏହି ପ୍ରବଳ ରିପୁମାନଙ୍କ କ୍ରିୟା ସମ୍ବନ୍ଧେ ସାଧକ ସଚେତ ହୋଇ ଏସବୁକୁ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରିବା ସଙ୍ଗେ ସଙ୍ଗେ ଅନ୍ୟ ରିପୁମାନଙ୍କୁ ମଧ୍ୟ ସହଜରେ ସମର୍ପଣ କରିପାରନ୍ତି ।

କାମ, କ୍ରୋଧକୁ ତଥା ଏସବୁର କ୍ରିୟାକୁ ସାଧକ ସହଜରେ ଚିହ୍ନିପାରନ୍ତି, କିନ୍ତୁ ଅହଂ ସ୍ୱାର୍ଥକୁ ଚିହ୍ନିବା ସହଜ ହୁଏ ନାହିଁ । ଏହି ଚାରି ରିପୁଙ୍କ କ୍ରିୟା କ୍ରମଶଃ ଆଲୋଚନା କରିବା ।

କ୍ରୋଧ ବା ରାଗ

କ୍ରୋଧ ବା ରାଗ ପ୍ରାଣର ଗୁଣ । ଏହା ମହାନ୍ ଶକ୍ତିଶାଳୀ । ରାଗ ଆସିବା ସଙ୍ଗେ ସଙ୍ଗେ ବୁଦ୍ଧିକୁ ଅଧିକାର କରିନିଏ । କେବେ ବ୍ୟକ୍ତିକୁ ସିଧା ସିଧା ଆକ୍ରମଣ କରେ, କେବେ କୌଣସି ଘଟଣାର ଆଶ୍ରୟ ନିଏ, କେବେ ଅନ୍ୟ ବ୍ୟକ୍ତି ଦ୍ୱାରା ଆକ୍ରମଣ କରେ । ଅଧ୍ୟାତ୍ମ ସାଧକମାନଙ୍କ ମଧ୍ୟରେ ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରିବା ସମୟରେ ରୂପାନ୍ତର କରିବା ସକାଶେ ସାଧକର ମନ-ପ୍ରାଣରେ ଥିବା ଦୋଷ ଦୁର୍ଗୁଣକୁ ସ୍ପର୍ଶ କରନ୍ତି । ସାପ ଲାଞ୍ଜରେ ବାଡ଼ି ମାରିବା ସଦୃଶ ସୁପ୍ତ ଥିବା ଦୋଷ ଦୁର୍ଗୁଣ ସବୁ ସର୍ପ 'ଫଁ' କରି ଫଣା ଟେକିବା ସଦୃଶ ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟାରେ ବାଧା ଦେବା ସକାଶେ ସମ୍ମୁଖକୁ ଆସନ୍ତି । ସେସମୟରେ ସାଧକ ସଚେତନ ନ ଥିଲେ କେବଳ ଅନ୍ୟର ଦୋଷକୁ ଦେଖନ୍ତି ଅଥବା ଅନ୍ୟର ଗୁଣ ତାଙ୍କ ଦୃଷ୍ଟିରେ ଦୋଷ ପ୍ରତୀତ ହୁଏ । ତାଙ୍କ ପ୍ରତି ସମସ୍ତେ ଖରାପ ବ୍ୟବହାର କରୁଥିବା ସେ ବୃଥା ଧାରଣା କରନ୍ତି ଏବଂ ଅନ୍ୟ ସହିତ ପ୍ରତିକୂଳ ବ୍ୟବହାର ମଧ୍ୟ କରନ୍ତି । ଏପରିକି କଥା କଥାରେ ବିବାଦ କିଂବା ଝଗଡ଼ା କରନ୍ତି । ଯେଉଁ ସାଧକମାନଙ୍କର ରାଗ ଅଧିକ ଥାଏ ତାଙ୍କୁ ରାଗ ଆକ୍ରମଣ କଲେ ତାଙ୍କ ହୃଦୟ ରାଗରେ ଜଳିବାକୁ ଲାଗେ । ଅନ୍ୟ ବ୍ୟକ୍ତି ଉପରେ ରାଗ ପ୍ରୟୋଗ ନ କରିବା ପର୍ଯ୍ୟନ୍ତ ସେ ଅସାଧାରଣ ବ୍ୟସ୍ତତା ଅନୁଭବ କରନ୍ତି, ଅସ୍ତବ୍ୟସ୍ତ ହେଉଥା'ନ୍ତି । ଅନ୍ୟ ବ୍ୟକ୍ତି ଉପରେ ରାଗି ବାକ୍ୟ ଦ୍ୱାରା ପ୍ରତିକୂଳ ବ୍ୟବହାର କରି ପାରନ୍ତି କିଂବା ଝଗଡ଼ା କରିପାରନ୍ତି ଅଥବା ମାରପିଟ କରି ପାରନ୍ତି । ଘଟଣା ଘଟିବା ପରେ ରାଗ ଶାନ୍ତ ହୋଇଯାଏ । ସାଧକଙ୍କ ବୁଦ୍ଧିରେ ଯଦି ଅନ୍ତରାତ୍ମାଙ୍କର ଅଧିକ ପ୍ରକାଶ ପଡ଼ି ନ ଥାଏ ତେବେ ସେ ମନେ କରନ୍ତି ''ଅନୁଚିତ କାର୍ଯ୍ୟ ତ ହେଲା, କିନ୍ତୁ ରାଗ ପ୍ରକାଶ ନ କରିବା ପର୍ଯ୍ୟନ୍ତ ହୃଦୟରେ ଯେଉଁ ଦାହ ବା ଜ୍ୱଳନ ହେଉଥିଲା, ଯେଉଁ ବ୍ୟସ୍ତତା, ଯେଉଁ ଅସ୍ଥିରତା ଥିଲା ତାହା ଚାଲିଗଲା ।'' ସାଧନାରେ ଏହି ପ୍ରତିକୂଳ ଆଚରଣକୁ ସମର୍ଥନ କରିବା ଭୁଲ୍ । ଏଥିରେ ରାଗ ଦୁର୍ବଳ ହୁଏ ନାହିଁ, ଶକ୍ତିଶାଳୀ ହୁଏ । ପର ଆକ୍ରମଣରେ ଅଧିକ ଶକ୍ତିଶାଳୀ ହୋଇ ଆସେ । ଏହା ସଂଯମ ବା ରୂପାନ୍ତର ପ୍ରଣାଳୀର ବିରୁଦ୍ଧ ।

ରୂପାନ୍ତରର ପ୍ରଣାଳୀ ହେଲା – ବ୍ୟକ୍ତିର ଅନୁଚିତ ବ୍ୟବହାର ଯୋଗୁଁ ରାଗ ଆସୁ ବା ଉଚିତ ବ୍ୟବହାରରୁ ଆସୁ, ତା'ର କୌଣସି ମହତ୍ତ୍ୱ ନାହିଁ । ସାଧକ ମନେ କରିବେ, ''ରାଗହିଁ ବିରୋଧୀ ଶକ୍ତି । ଏହାକୁ ମୁଁ କେବେ ବି ପ୍ରଶ୍ରୟ ଦେବି ନାହିଁ ।'' ଏହା ଭାବି ମା'ଙ୍କ ନାମ ସ୍ମରଣ କରିବେ ଏବଂ ଭିତରେ ମଛନ କରିଥିବା ରାଗକୁ ମା'ଙ୍କ ଚରଣରେ ସମର୍ପଣ କରିବେ । ଏକଥା ସୁସ୍ପଷ୍ଟ ଯେ ସେସମୟରେ ମନରେ ଏକାଗ୍ରତା ଆସିବ ନାହିଁ, ସ୍ଥିରତାରେ ବସି ହେବ ନାହିଁ । ତଥାପି ମା'ଙ୍କୁ ଡାକିବେ, ପ୍ରାର୍ଥନା କରିବେ । ଭାବିବେ, ''ମା'ଙ୍କ ଶକ୍ତି ଦ୍ୱାରା ଏହି ରାଗ ନିଶ୍ଚୟ ରୂପାନ୍ତରିତ ହେବ, ମୁଁ ମା'ଙ୍କର, ମା ନିଶ୍ଚୟ ରକ୍ଷା କରିବେ ।'' ନାମଜପ ଶୀଘ୍ର ଶୀଘ୍ର କରିବେ । ଏପରି କଲେ ପ୍ରଥମ ଥର ରାଗ ଶାନ୍ତ ହେବାରେ ବହୁତ ସମୟ ଲାଗିପାରେ, କିନ୍ତୁ ଥରେ ଏଥିରେ ସାଧକ ସଫଳତା ପାଇଲେ ଅନ୍ୟ ଥର ସକାଶେ ତାଙ୍କର ସାହସ, ଧୈର୍ଯ୍ୟ, ବିଶ୍ୱାସ ବଢ଼ିଯାଏ । ପ୍ରଥମ ଥର ଅପେକ୍ଷା ଦ୍ୱିତୀୟ ଥର ମା'ଙ୍କ ନାମ ସ୍ମରଣ କରିବାରେ ଏକାଗ୍ରତା ଆସେ । ମା'ଙ୍କ ନାମ ଶୀଘ୍ର ଶୀଘ୍ର ଜପ କଲେ ଅପେକ୍ଷାକୃତ ଶୀଘ୍ର ରାଗ ଚାଲିଯାଏ ।

ଅନ୍ୟ ଉପାୟ ହେଲା – ରାଗ ଆସିଲେ ତାକୁ କ୍ରିୟାରେ ପରିଣତ ନ କରି ଯଦି କେହି ବ୍ୟକ୍ତି ଏବିଷୟରେ ଉଚିତ ପରାମର୍ଶ ଦେଇ ପାରନ୍ତି ତାଙ୍କୁ କହିଦେବେ । ସେ ବ୍ୟକ୍ତି ଯଦି ଏହି ବିଷୟରେ ଠିକ୍ ଠିକ୍ ପରାମର୍ଶ ଦେଇ ପାରନ୍ତି ତେବେ ରାଗ ଶୀଘ୍ର ଦୂର ହୁଏ ଏବଂ ପରେ ଏକାଗ୍ରତା, ମା'ଙ୍କ ପ୍ରତି ବିଶ୍ୱାସ, ସମର୍ପଣ ଭାବ ଅଧିକ ଆସେ । ସାଧକର ବିଷାଦ ଦୂର ହୁଏ, ସେ ମା'ଙ୍କର ଉପସ୍ଥିତି, ଶାନ୍ତି, ଆନନ୍ଦ ଅନୁଭବ କରନ୍ତି । ସବୁପ୍ରକାର ରିପୁମାନଙ୍କ ଆକ୍ରମଣକୁ କ୍ରିୟାରେ ପରିଣତ କରିବା ଆଦୌ ଉଚିତ ନୁହେଁ । ସେଥିରେ ବିରୋଧୀ ଶକ୍ତିର ବଳ ଏବଂ ଆକ୍ରମଣ ବଢ଼େ । ରାଗ ଥିବା ସମୟରେ କୌଣସି ନିର୍ଣ୍ଣୟ କଲେ ଶହେରୁ ଅନେଶତ ଭୁଲ୍ ହୁଏ । ପରିଣାମ ବହୁତ ଖରାପ ହୁଏ । ରାଗ ଶାନ୍ତ ନ ହେବା ପର୍ଯ୍ୟନ୍ତ କୌଣସି ସମସ୍ୟା ସମାଧାନ କରିବା ଆଦୌ ଉଚିତ ନୁହେଁ ।

କାମ

କାମ ଏବଂ କ୍ରୋଧ ଉଭୟ ମହାନ୍ ଶକ୍ତିଶାଳୀ, କିନ୍ତୁ କ୍ରୋଧ ଅପେକ୍ଷା କାମ ବହୁତ କୌଶଳୀ । କ୍ରୋଧକୁ କୌଣସି ବ୍ୟକ୍ତି ସହଜରେ ଚିହ୍ନି ପାରିବେ କିନ୍ତୁ କାମ ଆକ୍ରମଣକୁ ଚିହ୍ନିବା ସହଜ ହୁଏ ନାହିଁ ।

ସାଧକ ମଧ୍ୟରେ କାମପ୍ରବୃତ୍ତି ଅଶାନ୍ତ କିଂବା ଅଧିକ ଥିବା ଅବସ୍ଥାରେ ସାଧକ ଯଦି ସେଥିରୁ ମୁକ୍ତ ହେବା ସକାଶେ ତଥା ସେସବୁକୁ ରୂପାନ୍ତର କରିବା ସକାଶେ ଦୃଢ଼ ଅଟଳ ସଂକଳ୍ପ କରି ନ ଥା'ନ୍ତି ଏବଂ ମା'ଙ୍କ ଚରଣରେ ସମର୍ପଣ କରିବାର ସଂକଳ୍ପରେ ତ୍ରୁଟି ଅଥବା ଶିଥିଳତା ଥାଏ, ତେବେ ଝିଅ ଓ ପୁଅ ମଧ୍ୟରେ ମିତ୍ରତା ହୁଏ । ପ୍ରଥମରେ କୌଣସି ଦୋଷତ୍ରୁଟି ଦେଖା ଦିଏ ନାହିଁ । ବ୍ୟକ୍ତି ମନେକରେ ଏହା ପବିତ୍ର ସମ୍ପର୍କ । ଯଦି ବାରଂବାର ଦେଖା କରିବାକୁ ତଥା କଥାବାର୍ତ୍ତା କରିବାକୁ ଇଚ୍ଛା ହୁଏ ବା ନ ଦେଖିଲେ, କଥାବାର୍ତ୍ତା ନ କଲେ ମନ ଛଟପଟ ହେଉଥାଏ, ତେବେ ଏହା ପବିତ୍ର ସମ୍ପର୍କ ପଦାପି ନୁହେଁ । ଏହା ସ୍ପଷ୍ଟ ଏବଂ ନିଃସନ୍ଦିଗ୍ଧରୂପେ ପ୍ରାଣର କାମପ୍ରବୃତ୍ତିର ଛଦ୍ମସମ୍ପର୍କ । ବ୍ୟକ୍ତି ସାବଧାନ ନ ହେଲେ ପତନ ହେବାର ରାସ୍ତା ଉନ୍ମୁକ୍ତ ଥାଏ । ଏହା ହେଉଛି ନିଜ ମଧ୍ୟରେ ଥିବା ବାସନାର କୌଶଳ ।

ଆତ୍ମାର ସମ୍ପର୍କରେ ବ୍ୟକ୍ତି ଅନ୍ୟର ହିତ ଚାହେଁ, ଆବଶ୍ୟକ ହେଲେ ସାହାଯ୍ୟ କରେ । କିନ୍ତୁ ଦେଖା ନ ହେଲେ, କଥାବାର୍ତ୍ତା ନ କଲେ ବ୍ୟାକୁଳତା, ବ୍ୟସ୍ତତା ଆସେ ନାହିଁ ।

ଝିଅ ଏବଂ ପୁଅପିଲାଙ୍କ ମଧ୍ୟରେ ଯେଉଁ ସମ୍ପର୍କ ତାହା ପବିତ୍ର ହେଉ ବା ଅପବିତ୍ର ହେଉ ସାଧକ ପ୍ରଥମରୁ ସର୍ବଦା ସାବଧାନ ରହିବା ଉଚିତ । କାର୍ଯ୍ୟ ସମ୍ପର୍କରେ ଯେତିକି ଆବଶ୍ୟକ ସେତିକି ସମ୍ପର୍କ ରଖିବେ ଏବଂ ସେତିକି କଥାବାର୍ତ୍ତା କରିବେ । ସାଧକ ପ୍ରଥମରୁ ସାବଧାନ ନ ହେଲେ ବହୁତ ଘଟଣାରେ ଏହି ସମ୍ପର୍କ ଅପବିତ୍ରତାରେ ପରିଣତ ହୁଏ ।

ଯିଏ ଥରେ ଆନ୍ତରିକତା ସହ ମା'ଙ୍କ ଆଶ୍ରୟ ନେଇଥାଆନ୍ତି ମା ତାଙ୍କୁ ପଦେ ପଦେ ରକ୍ଷା କରନ୍ତି । ସହଜରେ

ପଦସ୍ଖଳନ କରିବାକୁ ଦିଅନ୍ତି ନାହିଁ । ମା'ଙ୍କର ସଂକେତ ଏବଂ ବାଧାବିଘ୍ନ ବାରଂବାର ଆସେ; ଏଥିରେ ସାଧକ ସଚେତ ନ ହେଲେ ସେ ବାସନାର କବଳରେ ପଡ଼ିପାରେ । ଏହି ଅବସ୍ଥାରେ ବି ମା'ଙ୍କ ଶକ୍ତି ସାଧକକୁ ସଚେତ କରାଏ । ସାଧକ ସଚେତ ହୋଇ ମା'ଙ୍କ ନାମ ସ୍ମରଣପୂର୍ବକ ଆନ୍ତରିକ ବ୍ୟାକୁଳତା ସହ ମା'ଙ୍କୁ ଡାକିଲେ ମା ନିଶ୍ଚୟ ଉଦ୍ଧାର କରନ୍ତି, କିନ୍ତୁ କଷ୍ଟସାଧ୍ୟ ହୁଏ । ମା'ଙ୍କ ରକ୍ଷା ପ୍ରତି ସାଧକ ଯଦି ଭ୍ରୁକ୍ଷେପ ନ କରନ୍ତି, ଅଧ୍ୟାତ୍ମ ମାର୍ଗ ସକାଶେ ଯଦି ତାଙ୍କର କେନ୍ଦ୍ରୀୟ ସଂକଳ୍ପ ଦୃଢ଼ ନ ଥାଏ, ତେବେ ସାଧକ ସାଧାରଣ ଜୀବନକୁ ଫେରିଯାଇ ପାରନ୍ତି । କିନ୍ତୁ ଥରେ ଯିଏ ଆନ୍ତରିକତା ସହ ଭଗବାନଙ୍କ ଆଶ୍ରୟ ନେଇଥାଆନ୍ତି, ଅଧ୍ୟାତ୍ମ ମାର୍ଗକୁ ସ୍ୱୀକାର କରିଥାଆନ୍ତି, ସେ ଗାର୍ହସ୍ଥ୍ୟାଶ୍ରମକୁ ଫେରିଗଲେ ମଧ୍ୟ ଭଗବାନ୍ ପୂରାପୂରି ତାଙ୍କୁ ତ୍ୟାଗ କରନ୍ତି ନାହିଁ । ସେ ଗାର୍ହସ୍ଥ୍ୟାଶ୍ରମରେ ବହୁତ ଦୁଃଖକଷ୍ଟ ଭୋଗନ୍ତି, ଏହି ଜନ୍ମରେ ହେଉ ବା ପର ଜନ୍ମରେ ହେଉ, ପୁନରାୟ ଅଧ୍ୟାତ୍ମ ମାର୍ଗକୁ ଆସନ୍ତି । ପ୍ରାପ୍ତ ହୋଇଥିବା ଅଧ୍ୟାତ୍ମ ସାଧନା ନଷ୍ଟ ହୁଏ ନାହିଁ ।

ଯେଉଁ ସାଧକମାନଙ୍କର କେନ୍ଦ୍ରୀୟ ସମର୍ପଣ ଦୃଢ଼ ଏବଂ ବାସନା କାମନା ଅବିମିଶ୍ର ଥାଏ, ଯେଉଁ ସାଧକ ଛୋଟ ଶିଶୁ ସଦୃଶ ମା'ଙ୍କ ଆଶ୍ରୟ ନେଇଥା'ନ୍ତି, ସେମାନଙ୍କୁ ମଧ୍ୟ କାମ କ୍ରୋଧାଦି ରିପୁଗଣଙ୍କର ଆକ୍ରମଣ ହୁଏ । କାରଣ ଶରୀରର ରୂପାନ୍ତର ହେବା ପର୍ଯ୍ୟନ୍ତ କାମ, କ୍ରୋଧ, ଅହଂ, ସ୍ୱାର୍ଥାଦି ରିପୁ ରହିଥାଆନ୍ତି । ତା' ଛଡ଼ା ଭାଗବତୀ ଶକ୍ତି ସାଧକ ମଧ୍ୟରେ ରୂପାନ୍ତର କ୍ରିୟା କରିବା ସମୟରେ ସେସବୁକୁ ରୂପାନ୍ତର କରିବା ସକାଶେ ସ୍ପର୍ଶ କରନ୍ତି । ଭାଗବତୀ ଶକ୍ତିଙ୍କ ସ୍ପର୍ଶ ପାଇବା ମାତ୍ରେ ତାଙ୍କ କ୍ରିୟାରେ ବାଧା ଦେବା ସକାଶେ ସେସବୁ ସମ୍ମୁଖକୁ ଆସନ୍ତି । ସେସବୁକୁ ରୂପାନ୍ତର କରିବା ପାଇଁ ସେତିକି ପରିମାଣରେ ଆସିବା ସକାଶେ ଭାଗବତୀ ଶକ୍ତି ଅନୁମତି ଦିଅନ୍ତି, ସାଧକ ଯେତିକି ବରଦାସ୍ତ କରିପାରନ୍ତି । ଯଥାର୍ଥରେ ଏହି ବିରୋଧୀ ଶକ୍ତିଙ୍କ ଦ୍ୱାରା ଉପୁଜୁଥିବା ବାଧାବିଘ୍ନ ଦ୍ୱାରା ସାଧକ ସାଧନାରେ ଅଗ୍ରଗତି କରନ୍ତି । ଯଦି ସାଧକ ସଚେତ ହୋଇ ମାତୃଶକ୍ତି ଆଶ୍ରୟରେ ସେସବୁର ଆକ୍ରମଣକୁ ପ୍ରଶ୍ରୟ ନ ଦେଇ ମା'ଙ୍କ ନାମଜପ ସହିତ ତାଙ୍କ ଚରଣରେ ସମର୍ପଣ କରନ୍ତି, ତେବେ ମା ନିଶ୍ଚୟ ରକ୍ଷା କରନ୍ତି । ମା ସର୍ବଦା ସାଧକକୁ ରକ୍ଷା କରିବା ସକାଶେ ଅପେକ୍ଷା କରି ରହିଥାଆନ୍ତି । ସାଧକର ନିଷ୍କପଟ ଅର୍ଥାତ୍ ବାସନାକାମନାଶୂନ୍ୟ ସମର୍ପଣ ହେବା ମାତ୍ରେ ମାତୃଶକ୍ତି ସାଧକକୁ ରକ୍ଷା କରନ୍ତି ।

ଅହଂ ଏବଂ ସ୍ୱାର୍ଥ

ଅହଂ ଏବଂ ସ୍ୱାର୍ଥ ଉଭୟେ ଅନ୍ତରଙ୍ଗ ବନ୍ଧୁ । ଏକକୁ ଛାଡ଼ି ଅନ୍ୟ ରହିପାରେ ନାହିଁ । ଅହଂ ଶରୀର ସହିତ ଏକ । ନାମରୂପବିଶିଷ୍ଟ ବ୍ୟକ୍ତିହିଁ ଅହଂ । ଶରୀର ରୂପାନ୍ତର ନ ହେବା ପର୍ଯ୍ୟନ୍ତ ଅହଂ ବିଦ୍ୟମାନ ଥାଏ । ଯେଉଁ ଯୋଗିଋଷିମାନେ ଶରୀର-ମନ-ପ୍ରାଣକୁ ପୃଥକ୍ କରି ନିରନ୍ତର ବ୍ରହ୍ମ-ଚେତନାରେ ବାସ କରନ୍ତି ସେମାନେ ଶରୀର ଚେତନାକୁ ଆସିଲେ ସୁଯୋଗ ପାଇ ଅହଂ, ସ୍ୱାର୍ଥ, କାମକ୍ରୋଧାଦି ରିପୁ ମଧ୍ୟ ସେମାନଙ୍କୁ ଆକ୍ରମଣ କରିପାରନ୍ତି ।

ସାଧାରଣତଃ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥାଦି ରିପୁ ସମସ୍ତ ବ୍ୟକ୍ତି ମଧ୍ୟରେ ସମାନଭାବେ ପ୍ରବଳ ନ ଥା'ନ୍ତି । କାହାର କାମ ପ୍ରବଳ, କାହାର କ୍ରୋଧ ପ୍ରବଳ, କାହାର ଲୋଭ ଓ ମୋହ ଆଦି ଗୋଟିଏ ଗୋଟିଏ ରିପୁ ପ୍ରବଳ ହୋଇଥାଆନ୍ତି । ଯାହା ମଧ୍ୟରେ ଅହଂ, ସ୍ୱାର୍ଥ ଅତ୍ୟନ୍ତ ପ୍ରବଳ, ତା' ମଧ୍ୟରେ କାମ, କ୍ରୋଧ ଆଦି ରିପୁ ଗୌଣ ବା କାହାର କାହାର ନିଷ୍କ୍ରିୟ ହୋଇ ରହିଥାଆନ୍ତି । କିନ୍ତୁ ଏହା ଏକ ସର୍ବସାଧାରଣ ନିୟମ ନୁହେଁ; କାହା ମଧ୍ୟରେ ସମସ୍ତ ରିପୁ ମଧ୍ୟ ପ୍ରବଳ ଥାଆନ୍ତି ।

ସାଧାରଣତଃ, ଯଥାର୍ଥରେ ଦେଶର ଉନ୍ନତି କାମନା କରୁଥିବା କେତେକ ଦେଶସେବୀ, ଶକ୍ତିଶାଳୀ ତଥା ପ୍ରଭାବଶାଳୀ ନେତା, ସୁଦକ୍ଷ ସେବାଭାବାପନ୍ନ ଡାକ୍ତର, ପ୍ରସିଦ୍ଧ ଜଡ଼ ବିଜ୍ଞାନବେତ୍ତା, ସଂସାରରେ ପ୍ରସିଦ୍ଧ ଇଞ୍ଜିନିୟରମାନଙ୍କ ମଧ୍ୟରେ ପ୍ରବଳଭାବେ ଅହଂ ଥାଇପାରେ କିନ୍ତୁ କାମ-କ୍ରୋଧାଦି ଅନ୍ୟାନ୍ୟ ରିପୁ କମ୍ କ୍ରିୟାଶୀଳ ଥାଆନ୍ତି । ଏମାନେ

କେହି ନିଜ ଅହଂ ସମ୍ବନ୍ଧେ ସଚେତ ହୁଅନ୍ତି ନାହିଁ । ବ୍ୟକ୍ତି ଅହଂ ସମ୍ବନ୍ଧେ ସଚେତ ହୋଇ ପାରନ୍ତି ଯେବେ ଅନ୍ତରରେ ଅଧ୍ୟାତ୍ମ ଚେତନାରେ ବାସ କରନ୍ତି । ଅନ୍ୟଥା ଅହଂ ଏପରି ଛଦ୍ମବେଶୀ ଯେ ମାନସ ଚେତନାରେ ତାକୁ ତଥା ତା'ର କୌଶଳୀ କ୍ରିୟାକୁ ବୁଝିବା ସମ୍ଭବ ନୁହେଁ ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧକମାନଙ୍କୁ ଅନିବାର୍ଯ୍ୟରୂପେ ଅହଂ ସମ୍ବନ୍ଧେ ସଚେତ ହେବାକୁ ତଥା ତାକୁ ରୂପାନ୍ତରିତ କରିବାକୁ ହୁଏ । ଅହଂ ସମ୍ବନ୍ଧେ ସଚେତ ନ ହେଲେ ସମର୍ପଣ ହୋଇପାରେ ନାହିଁ । ବିରୋଧୀ ଶକ୍ତି ଦ୍ୱାରା ବହୁ ପ୍ରକାର ବାଧାବିଘ୍ନ ଆସେ । ସମର୍ପଣ ନ ହେଲେ ଭାଗବତୀ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି ନାହିଁ । ଅର୍ଥାତ୍, ସାଧକ ଅହଂ ସମ୍ବନ୍ଧେ ସଚେତ ନ ହେଲେ ସାଧନାରେ ଅଗ୍ରସର ହୋଇ ପାରନ୍ତି ନାହିଁ । ଅହଂକୁ ଚିହ୍ନିବାର ସବୁଠାରୁ ସରଳ ଉପାୟ ହେଲା ସାଧକ ରୂପାନ୍ତର ଯୋଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସଂପୂର୍ଣ୍ଣରୂପେ ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି 'ମା'– ଏହି ନାମ ସ୍ମରଣ କରିବା । ଏହାର ଅର୍ଥ ସମର୍ପଣର କେନ୍ଦ୍ରୀୟ ସଂକଳ୍ପ ।

ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହେଲେ ସେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତ ହୁଅନ୍ତି । ତାଙ୍କ ଆତ୍ମାର ନିର୍ଦ୍ଧାରଣ ଅନୁସାରେ ସେ ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରନ୍ତୁ ବା ଗାର୍ହସ୍ଥ୍ୟାଶ୍ରମ ତ୍ୟାଗ କରି ସାଧନା କରନ୍ତୁ, ଅନ୍ତରାତ୍ମା ଜାଗ୍ରତ ଛଡ଼ା ବ୍ୟକ୍ତି ଭଗବତ୍‌ପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରି ପାରନ୍ତି ନାହିଁ । ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି କ୍ରମବିକାଶ ପ୍ରଣାଳୀରେ ଅଥବା ଭଗବାନଙ୍କ କୃପାରୁ କିଂବା ଅଧ୍ୟାତ୍ମ ସାଧକମାନଙ୍କ ସଙ୍ଗ ବା ଅଧ୍ୟାତ୍ମ ସଂସ୍ଥା ସଂପର୍କରେ ଆସିଲେ, କିଂବା ଅଧ୍ୟାତ୍ମ ଗ୍ରନ୍ଥ ଅଧ୍ୟୟନ କଲେ । ଅନ୍ତରାତ୍ମା ଭଗବାନଙ୍କ ସ୍ୱରୂପ ଏବଂ ସତ୍ୟ, ଶାଶ୍ୱତ ସତ୍ତା । ତାଙ୍କର ଗୁଣଧର୍ମ ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ, ଦୟା, କରୁଣା, ସମତାଦି ଦିବ୍ୟଗୁଣ । ଏହି ଜଡ଼ ଶରୀର-ମନ-ପ୍ରାଣରେ ଭଗବାନଙ୍କୁ ପ୍ରକାଶ କରିବା ସକାଶେ ଅନ୍ତରାତ୍ମା ମନୁଷ୍ୟ ମଧ୍ୟରେ ନିବାସ କରିଅଛନ୍ତି । ସେ ଜାଗ୍ରତ୍ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତି ଭଗବତ୍ ପ୍ରାପ୍ତି ସକାଶେ କେନ୍ଦ୍ରୀୟ ସଂକଳ୍ପ କରି ସାଧନାରେ ପ୍ରବୃତ୍ତ ହୁଅନ୍ତି । କିନ୍ତୁ ଅନ୍ତରାତ୍ମା ସବୁ ସମୟରେ ସମ୍ମୁଖରେ ରହିପାରନ୍ତି ନାହିଁ । ସାଧକ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ସାଧନା ମାର୍ଗରେ ଅହଂ, ସ୍ୱାର୍ଥ ଏବଂ ମନ-ପ୍ରାଣର ବାସନାକାମନା ରୂପାନ୍ତର ହେବା ପର୍ଯ୍ୟନ୍ତ ଅନ୍ତରାତ୍ମାକୁ ବାରଂବାର ଆବରଣ କରିଥା'ନ୍ତି । ଯେଉଁ ସାଧକ ସଚେତଭାବେ ଭଗବତ୍ ପ୍ରାପ୍ତିର କେନ୍ଦ୍ରୀୟ ସଂକଳ୍ପ କରିଥା'ନ୍ତି, ସେହିମାନେ ସେହି ସଙ୍ଗେ ସଙ୍ଗେ ନିଜକୁ ପୂର୍ଣ୍ଣରୂପେ ସମଗ୍ର ସତ୍ତା ସହିତ ମାତୃଶକ୍ତିଙ୍କ ଚରଣରେ ସମର୍ପଣ କରିବା ସକାଶେ କେନ୍ଦ୍ରୀୟ ସମର୍ପଣ ମଧ୍ୟ କରନ୍ତି । ଅନ୍ୟ ସାଧକମାନେ ଭଗବତ୍ ପ୍ରାପ୍ତିର କେନ୍ଦ୍ରୀୟ ସଂକଳ୍ପ କରନ୍ତି, ସାଧନାରେ ମଧ୍ୟ ପ୍ରବୃତ୍ତ ହୁଅନ୍ତି, ମାତ୍ର ସମଗ୍ର ସତ୍ତାରେ ସମର୍ପଣ ହେବା ବିଷୟରେ ସଚେତ ହୋଇ ନ ଥା'ନ୍ତି । କିଛି ଦୂର ସାଧନାରେ ଅଗ୍ରସର ହେବା ପରେ ସଚେତନତା ଆସେ, ତେବେ ସେ ସର୍ବାଙ୍ଗୀଣ ସମର୍ପଣର କେନ୍ଦ୍ରୀୟ ସଂକଳ୍ପ କରନ୍ତି ଏବଂ ମନ-ପ୍ରାଣ-ଶରୀରକୁ ସେ ଭଗବାନଙ୍କ ଚରଣରେ ଅର୍ପଣ, ନିବେଦନ, ଉତ୍ସର୍ଗ କରିଦିଅନ୍ତି । ସେମାନଙ୍କ ମନ-ପ୍ରାଣ-ଶରୀରରେ ଅହଂ ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଇତ୍ୟାଦି ରିପୁଗଣ ବିଦ୍ୟମାନ ଥାଆନ୍ତି । କିନ୍ତୁ ଏସବୁକୁ ନିଜ ନିଜ ବାସନା କାମନା ଚରିତାର୍ଥ କରିବାକୁ ନ ଦେଇ ଏସବୁକୁ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଯେଉଁ ଇଚ୍ଛା, ଯେଉଁ ଧାରଣା, ଯେଉଁ ସଂକଳ୍ପ କରନ୍ତି ତା'ର ନାମ କେନ୍ଦ୍ରୀୟ ସମର୍ପଣ ।

ଆଉ କେତେକ ସାଧକଙ୍କର ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି, ସେମାନେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଅଧ୍ୟାତ୍ମମାର୍ଗ ଗ୍ରହଣ କରନ୍ତି; କିନ୍ତୁ ଭଗବତ୍ ପ୍ରାପ୍ତି ସକାଶେ ତୀବ୍ରତା ନ ଥିବା ଯୋଗୁଁ କେନ୍ଦ୍ରୀୟ ସଂକଳ୍ପ ବା କେନ୍ଦ୍ରୀୟ ସମର୍ପଣ ସମ୍ବନ୍ଧେ ସଚେତ ନ ଥା'ନ୍ତି । ଏମାନେ ବି ସାଧନା-ମାର୍ଗରେ ଅଗ୍ରସର ହେଲେ ଭଗବତ୍ ପ୍ରାପ୍ତି ସକାଶେ କେନ୍ଦ୍ରୀୟ ସଂକଳ୍ପ ତଥା କେନ୍ଦ୍ରୀୟ ସମର୍ପଣ ସମ୍ବନ୍ଧେ କମ୍ ବା ବେଶୀ ସମୟରେ ସଚେତ ହୋଇ ପାରନ୍ତି ।

ସାଧକ କେନ୍ଦ୍ରୀୟ ସଂକଳ୍ପ ଏବଂ କେନ୍ଦ୍ରୀୟ ସମର୍ପଣ କରିବା ସଙ୍ଗେ ସଙ୍ଗେ ସଚେତ ହୁଅନ୍ତୁ ବା ପରେ ସଚେତ ହୁଅନ୍ତୁ ସମସ୍ତ ପ୍ରକାର ସାଧକଙ୍କର ରିପୁ ବିଦ୍ୟମାନ ଥାଆନ୍ତି । ଯେଉଁ ସାଧକମାନଙ୍କର କେନ୍ଦ୍ରୀୟ ସଂକଳ୍ପରେ ଏବଂ କେନ୍ଦ୍ରୀୟ ସମର୍ପଣରେ ବାସନାକାମନା ମିଶ୍ରିତ ନ ଥାଏ ସେମାନଙ୍କର ସାଧନା ଆରମ୍ଭରୁ ଲକ୍ଷ୍ୟରେ ପହଞ୍ଚିବା ନିଶ୍ଚିତ

ହୋଇଯାଏ । ଯେଉଁ ସାଧକମାନଙ୍କର କେନ୍ଦ୍ରୀୟ ସଂକଳ୍ପ ତଥା କେନ୍ଦ୍ରୀୟ ସର୍ମପଣରେ ବଡ଼ ସାଧକ ହେବା, ନାମଯଶ, ଅଧିକାର ପ୍ରାପ୍ତ କରିବାର ବାସନାକାମନା ମିଶ୍ରିତ ଥାଏ, ସେମାନଙ୍କର ସାଧନାରେ ବାଧାବିଘ୍ନ ଆସିବା ଦ୍ୱାରା କେନ୍ଦ୍ରୀୟ ସଂକଳ୍ପ, କେନ୍ଦ୍ରୀୟ ସମର୍ପଣ ଶୁଦ୍ଧ ହୋଇପାରେ କିଂବା ବାସନାକାମନା ପୋଷଣ କରିବା ଦ୍ୱାରା ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଛାଡ଼ି କିଛି ବର୍ଷ ବା ଅଧିକ ବର୍ଷ ପର୍ଯ୍ୟନ୍ତ ସାଧାରଣ ଜୀବନକୁ ଫେରିଯାଆନ୍ତି । ସେମାନେ ସାଧାରଣ ଜୀବନରେ ବହୁତ କଷ୍ଟ, ଅତ୍ୟଧିକ ଅଶାନ୍ତି, ଅତ୍ୟଧିକ ଦ୍ୱନ୍ଦ୍ୱ ଭୋଗ କରନ୍ତି । ଜୀବନ ଦୁର୍ବିସହ ହୋଇପଡ଼େ । ଦୁଃଖ ଯାତନାରେ ଜୀବନ ଜର୍ଜରିତ ହୋଇଯାଏ; ଦୀପଶିଖାରେ ପତଙ୍ଗ ଝାସ ଦେବା ସଦୃଶ ସେମାନଙ୍କ ଜୀବନ ହୁଏ । ଏପରି ଦାରୁଣ ଯନ୍ତ୍ରଣା ଭୋଗ କରୁଥିବା ସତ୍ତ୍ୱେ ସେଥିରୁ ମୁକ୍ତ ହେବାର ଉପାୟ ନ ଥାଏ । ସେହି ସମୟରେ ଯଦି ସେମାନେ ବ୍ୟାକୁଳ ହୋଇ ଉଦ୍ଧାର ହେବା ସକାଶେ ଅନ୍ତରରୁ ମା'ଙ୍କୁ ଡାକନ୍ତି, ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ନିଜକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦିଅନ୍ତି, ତେବେ ସେ ଅବସ୍ଥାରୁ ଉଦ୍ଧାର ହୋଇ ଭଗବତ୍ ପ୍ରାପ୍ତି ମାର୍ଗକୁ ଫେରିଆସନ୍ତି । ଅନ୍ୟଥା ସେହି ଜନ୍ମଟି ଦୁଃଖଯନ୍ତ୍ରଣାରେ ସମାପ୍ତ ହୁଏ ।

ଯେଉଁମାନଙ୍କର କେନ୍ଦ୍ରୀୟ ଲକ୍ଷ୍ୟ ଏବଂ କେନ୍ଦ୍ରୀୟ ସମର୍ପଣ କାମନାବାସନା ମିଶ୍ରିତ ନ ଥାଏ, ସେମାନଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ସମୟରେ ବାଧାବିଘ୍ନ ମଧ୍ୟ ଆସନ୍ତି, କିନ୍ତୁ ସେମାନେ ସଚେତ ଥିବାରୁ ମା'ଙ୍କ ଚରଣରେ ସମର୍ପଣ କରି ଦିଅନ୍ତି । ମାତୃଶକ୍ତି ସେମାନଙ୍କୁ ସକଳ ବାଧାବିଘ୍ନରୁ ରକ୍ଷା କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ସର୍ବଦା ସାହାଯ୍ୟ କରୁଥା'ନ୍ତି ।

(୩)

ସାମୂହିକ କର୍ମରେ ସାମଞ୍ଜସ୍ୟ

ପୂର୍ବେ କୁହାହୋଇଛି ସମର୍ପଣରେହିଁ ଅତିମାନସ ଶକ୍ତି ସାଧକର ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରନ୍ତି; ସାଧକ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନରୁ ପୂର୍ଣ୍ଣରୂପେ ମୁକ୍ତ ହୁଅନ୍ତି । ସେ ପରିଚାଳିତ ହୁଅନ୍ତି ଅତିମାନସ ଶକ୍ତି ଦ୍ୱାରା । ଏହିପରି କେତେକ ବ୍ୟକ୍ତିଙ୍କର ରୂପାନ୍ତର ହେଲେ ସେମାନେ ହେବେ ଅତିମାନବ । ବର୍ତ୍ତମାନ ପଶୁ ପରେ ଯେପରି ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ହୋଇ ଅଛନ୍ତି, ସେହିପରି ମନୁଷ୍ୟଜାତି ଥିବା ସତ୍ତ୍ୱେ ଅତିମାନବ ଜାତି ଏହି ପୃଥିବୀରେ ପ୍ରତିଷ୍ଠା ହେବେ ।

ଏହି ଯୋଗ ଦ୍ୱାରା ପୃଥିବୀରେ ଅତିମାନସ ଚେତନା ଏବଂ ଅତିମାନବ ଜାତି ପ୍ରତିଷ୍ଠା ହେଉଥିବାରୁ ବିଶ୍ୱପ୍ରକୃତିର ରୂପାନ୍ତର ଅନିବାର୍ଯ୍ୟ । ବିଶ୍ୱପ୍ରକୃତିର ରୂପାନ୍ତର ହେଉଥିବାରୁ ଏହି ଯୋଗର ସାଧନା ବ୍ୟକ୍ତିଗତ ନୁହେଁ, ସାମୂହିକ । ଏହି କାରଣରୁ ଜଣେ ବ୍ୟକ୍ତିଙ୍କ ସାଧନାରେ ରୂପାନ୍ତର ସିଦ୍ଧି ହେବା ସମ୍ଭବ ନୁହେଁ । ବହୁତ ସଂଖ୍ୟାରେ ସାଧକ ଆବଶ୍ୟକ । ଏହାର ମାଧ୍ୟମ ହେବ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ସାଧନାଳୟ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଏହିସବୁ ସ୍ଥାନରେ ସାଧକମାନେ ଏକତ୍ରିତ ହୋଇ କର୍ମକୁ ସାଧନାରୂପେ ଗ୍ରହଣ କରିବେ, ମା'ଙ୍କ ଚରଣରେ ସମର୍ପଣ କରିବେ । ଏହି ଯୋଗରେ ଏହିସବୁ ସଂସ୍ଥା ପ୍ରତିଷ୍ଠା କରିବା ତଥା ଏହିସବୁ ସଂସ୍ଥାରେ ସାମୂହିକ କର୍ମ କରିବା ଏହି ଯୋଗର ଲକ୍ଷ୍ୟପ୍ରାପ୍ତିର ଅନିବାର୍ଯ୍ୟ ସାଧନା । କିନ୍ତୁ ସାଧକମାନଙ୍କର ଭିନ୍ନ ଭିନ୍ନ ସ୍ୱଭାବ ଥିବା ସତ୍ତ୍ୱେ ସାମୂହିକ କର୍ମରେ ସାମଞ୍ଜସ୍ୟ ରକ୍ଷା କରିବା — ଏହି ଯୋଗରେ ନିଜ ସାଧନାର ଦୃଢ଼ ଆଧାର ଅଥବା ଭିତ୍ତି । ସାଧକ ସାଧନାର ଆରମ୍ଭରୁ ଏତିକି କରିପାରିଲେ ଗଜରୂପ ନିଜ ଅହଂ ଉପରେ ଅଙ୍କୁଶ ରଖି ପାରିବେ । ମା'ଙ୍କ କୃପାରୁ ଦୁରୂହ ରୂପାନ୍ତର ସାଧନା ସେମାନଙ୍କ ସକାଶେ ଅତ୍ୟନ୍ତ ସରଳ ହୋଇପାରିବ । କିନ୍ତୁ ଆମ୍ଭେମାନେ ଏହି ରହସ୍ୟ ହୃଦୟଙ୍ଗମ କରି ନ ଥିବା ଯୋଗୁଁ ପରସ୍ପର ମଧ୍ୟରେ ସଂଘର୍ଷ ହୁଏ ଯାହା ଦ୍ୱାରା ନିଜ ସାଧନାର ଉନ୍ନତି ମାର୍ଗରେ ପାହାଡ଼ ସଦୃଶ ବାଧାକୁ ଛିଡ଼ା କରି ଦିଆ ହୁଏ । ସାଧକ ସାଧନାମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ନିଜକୁ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଦୃଢ଼

ସଂକଳ୍ପ କରି ତାଙ୍କର ନାମଜପ କଲେ ତାଙ୍କରି କୃପାରୁ ସେ ଏହି ରହସ୍ୟ ବୁଝିପାରନ୍ତି ଏବଂ କୌଣସି ପ୍ରକାର ପ୍ରତିକୂଳ ଅବସ୍ଥାରେ ବି ପ୍ରତିବାଦ ନ କରି ଶାନ୍ତ ସ୍ଥିର ରହି ସାଧନାରେ ଲାଗି ରୁହନ୍ତି ।

ଅସାମଞ୍ଜସ୍ୟର କାରଣ

ସାଧକ ସାଧନାରେ ପ୍ରବେଶ କରିବା ମାତ୍ରେ ତାଙ୍କର ମନ, ପ୍ରାଣ, ଶରୀର ଏବଂ ତା'ର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହାଦି ରିପୁ ରୂପାନ୍ତର ହୋଇ ନ ଥା'ନ୍ତି । ପୂର୍ଣ୍ଣ ରୂପାନ୍ତର ହେବା ସକାଶେ ବହୁତ ବର୍ଷ ଲାଗିପାରେ, କିନ୍ତୁ ସାଧକ ସାଧନା ଆରମ୍ଭ କରନ୍ତି ଦୋଷତ୍ରୁଟି ଥିବା ମାନସିକ ଚେତନାରେ ବାସ କରୁଥିବା ଅବସ୍ଥାରେ । ମାନସିକ ଚେତନାର ଅର୍ଦ୍ଧଜ୍ଞାନ ଥାଏ । ତା'ର ଜ୍ଞାନ ପୂର୍ଣ୍ଣ ନ ଥିବା ଯୋଗୁଁ ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ, ଦୃଷ୍ଟିକୋଣ, ଭିନ୍ନ ଭିନ୍ନ ହୋଇଥାଏ । ଗୋଟିଏ ବସ୍ତୁକୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଚେତନା ଅନୁସାରେ ଭିନ୍ନ ଭିନ୍ନ ଭାବରେ ବିଚାର କରନ୍ତି ଏବଂ ନିଜ ନିଜ ଧାରଣା ଅନୁସାରେ ନିଜ ବିଚାର ଠିକ୍, ଅନ୍ୟ ବିଚାର ଭୁଲ୍ ବୋଲି ବିଶ୍ୱାସ କରନ୍ତି । ଏହି ବିଭେଦ ବିଚାର ଯୋଗୁଁ କାହାରି ସହିତ କାହାରି ସାମଞ୍ଜସ୍ୟ ରହେ ନାହିଁ ।

ଅନ୍ୟ କାରଣ ହେଲା ମାନସିକ ଚେତନାରେ ଥାଇ ବ୍ୟକ୍ତି ନୈତିକତା ଅନୁସାରେ ଯଥାର୍ଥ ଅଯଥାର୍ଥ, ନ୍ୟାୟ ଅନ୍ୟାୟ ବିଚାର କରନ୍ତି । ସତ୍ୟଦୃଷ୍ଟି ଅନୁସାରେ କେଉଁଟି ସତ୍ୟ, କେଉଁଟି ଅସତ୍ୟ, କେଉଁଟି ନ୍ୟାୟ, କେଉଁଟି ଅନ୍ୟାୟ, ତାହା ଠିକ୍ ବୁଝିପାରନ୍ତି ନାହିଁ । ବ୍ୟକ୍ତିର ସ୍ୱଭାବ ଅନୁସାରେ ତାଙ୍କ ସହିତ ବ୍ୟବହାର ବି କରିପାରନ୍ତି ନାହିଁ କିଂବା ସାମଞ୍ଜସ୍ୟ ପ୍ରତିଷ୍ଠା କରିପାରନ୍ତି ନାହିଁ । ଯେଉଁ କାର୍ଯ୍ୟରେ ସାମଞ୍ଜସ୍ୟ ପ୍ରତିଷ୍ଠା ହୁଏ, ଜୀବନର ଯଥାର୍ଥ ଉନ୍ନତି ହୁଏ ତାହା ସାମାଜିକ ତଥା ନୈତିକ ଦୃଷ୍ଟିକୋଣରୁ ଅନ୍ୟାୟ ପ୍ରତୀତ ହେଉଥିଲେ ମଧ୍ୟ ତାହା ଯଥାର୍ଥ ଏବଂ ନ୍ୟାୟ । ଯେଉଁ ବ୍ୟବହାର, ଯେଉଁ କାର୍ଯ୍ୟ ଦ୍ୱାରା ବିଭେଦ ସୃଷ୍ଟି ହୁଏ, ଅଧ୍ୟାତ୍ମ ଉନ୍ନତିରେ ବାଧାପ୍ରାପ୍ତ ହୁଏ, ତାହା ଅନ୍ୟାୟ । ବ୍ୟକ୍ତି ଆଧ୍ୟାତ୍ମିକ ସତ୍ୟ ଚେତନା ପ୍ରାପ୍ତ ନ ହେଲେ ଏହି ରହସ୍ୟ ବୁଝି ପାରନ୍ତି ନାହିଁ ।

ଏହି କାରଣରୁ ପରିବାର, ସମାଜ ତଥା ସଂସାରରେ ଏବଂ ଅଧ୍ୟାତ୍ମ ସଂସ୍ଥାମାନଙ୍କରେ ସଂଘର୍ଷ ହୁଏ । ଅଧ୍ୟାତ୍ମ ମାର୍ଗରେ ସାଧକ ଯେପର୍ଯ୍ୟନ୍ତ ମାନସିକ ଚେତନାକୁ ଅତିକ୍ରମ କରି ଅଧ୍ୟାତ୍ମ ଦୃଷ୍ଟିକୋଣରେ ପରିସ୍ଥିତି ତଥା ବସ୍ତୁ ଏବଂ ଘଟଣାକୁ ବିଚାର ନ କରନ୍ତି ସେପର୍ଯ୍ୟନ୍ତ ସଂଘର୍ଷ ହେବାର ରାସ୍ତା ଉନ୍ମୁକ୍ତ ଥାଏ ।

ସାଧନା ଆରମ୍ଭରୁ ପ୍ରତ୍ୟେକ ସାଧକଙ୍କୁ ଅଧ୍ୟାତ୍ମ ଦୃଷ୍ଟି ପ୍ରାପ୍ତ ହୁଏ ନାହିଁ କିଂବା ସେ ମନର ଊର୍ଦ୍ଧ୍ୱ ଚେତନାରେ ବିଚାର କରିପାରନ୍ତି ନାହିଁ । ସାଧନା ଆରମ୍ଭ କରନ୍ତି ତଥା ସାମୂହିକ କର୍ମ କରନ୍ତି ତାଙ୍କ ମଧ୍ୟରେ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ବିରୋଧାଦି ଦୋଷତ୍ରୁଟି ଥିବା ଅବସ୍ଥାରେ । ସାଧନାର ଏହି ଆରମ୍ଭିକ ଅବସ୍ଥାରେ ସାଧକ ଯଦି ଛୋଟ ଶିଶୁ ସଦୃଶ ମା'ଙ୍କ ଚରଣରେ ନିଜକୁ ଅର୍ପଣ କରି 'ମା' ଏହି ନାମ ସବୁ ସମୟରେ ଦୃଢ଼ ସଂକଳ୍ପ ସହ ଜପ କରନ୍ତି, ତେବେ ମା'ଙ୍କ କୃପାରୁ ତଥା ନାମର ପ୍ରଭାବରୁ ସାଧକଙ୍କ ବୁଦ୍ଧିରେ ପ୍ରକାଶ ଆସେ । ତେବେ ସେ ମା'ଙ୍କ କାର୍ଯ୍ୟ ନିଜର ସାଧନା ବୋଲି ହୃଦୟଙ୍ଗମ କରିପାରନ୍ତି । ମା'ଙ୍କ କାର୍ଯ୍ୟ ଦ୍ୱାରା ଜଗତରେ ଅତିମାନସ ଶକ୍ତିର ପ୍ରଭାବ ବିସ୍ତାର ହେବ । ଏହା ଦ୍ୱାରା ବହୁତ ବ୍ୟକ୍ତି ରୂପାନ୍ତରକାରିଣୀ ଅତିମାନସ ଶକ୍ତି ସମ୍ବନ୍ଧେ ସଚେତ ହେବେ ଏବଂ ଯୋଗ ଗ୍ରହଣ କରିବେ । ସାଧକମାନଙ୍କ ମଧ୍ୟଦେଇ ଅତିମାନସ ଶକ୍ତି ଦ୍ୱାରା ଜାଗତିକ ଅନ୍ଧକାର ଶକ୍ତିର ରୂପାନ୍ତର ହେବ । କାରଣ ବ୍ୟକ୍ତିର ମନ-ପ୍ରାଣ-ଶରୀର-ତତ୍ତ୍ୱ ଆସିଛି ବିଶ୍ୱରୁ ତଥା ତା' ସହିତ ସମ୍ବନ୍ଧ ମଧ୍ୟ ରହିଛି । ଅତିମାନସ ଶକ୍ତିର ଆଶ୍ରୟ ଯେତେ ଅଧିକ ବ୍ୟକ୍ତି ନେବେ ସେହି ଅନୁପାତରେ ଅଜ୍ଞାନ, ଅନ୍ଧକାର, ଅନ୍ୟାୟ ଶକ୍ତିର ପ୍ରଭାବ ଜଗତରୁ କମ୍ ହେବ । ଜଗତରୁ ଅନ୍ଧକାର ଶକ୍ତିର ହ୍ରାସ ଅନୁସାରେ ସାଧକମାନଙ୍କ ସାଧନାରେ ବି ବାଧା କମ୍ ହେଉଥିବ ।

ଏହି କାରଣରୁ ପାଠଚକ୍ର, ସାଧନାଳୟ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର ଏକାନ୍ତ ଆବଶ୍ୟକ । ସାଧକ ଏହି ରହସ୍ୟ ହୃଦୟଙ୍ଗମ କଲେ ଲକ୍ଷ୍ୟ ପ୍ରାପ୍ତିର ସାଧନାରୂପେ ମା'ଙ୍କର ଏହିସବୁ

କାର୍ଯ୍ୟକୁ ସର୍ବଶ୍ରେଷ୍ଠ ସ୍ଥାନ ଦିଅନ୍ତି; ନିଜକୁ ମା'ଙ୍କର ଆଶ୍ରିତ ବା ସେବକ ଅଥବା ଯନ୍ତ୍ର ବୋଲି ମାନି ନିଅନ୍ତି ଏବଂ ନିଜର ଅହଂ, ସ୍ୱାର୍ଥର କ୍ରିୟା ସମ୍ବନ୍ଧେ ସଚେତ ରହନ୍ତି ।

ସାଧକ ଏହିପରି ମନୋଭାବରେ କର୍ମ କରି ମା'ଙ୍କ ଚରଣରେ ସମର୍ପଣ କଲେ ମାନସ ଚେତନାକୁ ଅତିକ୍ରମ କରି ତା'ର ଊର୍ଦ୍ଧ୍ୱ ଚେତନାରେ ପହଞ୍ଚିବାର ସୁଯୋଗ ପାଆନ୍ତି; ପରିସ୍ଥିତି, ଘଟଣା ତଥା ବସ୍ତୁକୁ ମାନସିକ ନୈତିକତା ଦୃଷ୍ଟିରେ ବିଚାର ନ କରି ଆଧ୍ୟାତ୍ମିକ ଦୃଷ୍ଟିକୋଣରେ ଦେଖନ୍ତି ।

ଆଧ୍ୟାତ୍ମିକ ଦୃଷ୍ଟିକୋଣ ଏବଂ ମନର ଊର୍ଦ୍ଧ୍ୱ ଚେତନାର କାର୍ଯ୍ୟ ହେଲା – କୌଣସି ବ୍ୟକ୍ତି ପ୍ରତିକୂଳ କିଛି କହିଲେ ଅଥବା ପ୍ରତିକୂଳ ଆଚରଣ କଲେ କିଂବା କୌଣସି ପ୍ରକାର ଅପମାନ ଦେଲେ ତା'ର ପ୍ରତିବାଦ କରିବା ଦ୍ୱାରା ଯଦି ନିଜ ମଧ୍ୟରେ ରାଗ, ଦ୍ୱେଷ, ଈର୍ଷା, ବିରୋଧାଦି ଉତ୍ପନ୍ନ ହୁଏ ଏବଂ ମା'ଙ୍କ ସଂସ୍ଥାରେ ବାଧା ପ୍ରାପ୍ତ ହୁଏ ତେବେ ପ୍ରତିବାଦ କରିବା ଉଚିତ ନୁହେଁ, ତାହା ସହିନେବା ଉଚିତ ।

ସେହିପରି ନୈତିକ ପ୍ରଣାଳୀରେ ଯେଉଁ ପରିସ୍ଥିତି, ଯେଉଁ ଘଟଣା, ଯେଉଁ କର୍ମ ଅନୁଚିତ ବା ଅଯଥାର୍ଥ ପ୍ରତୀତ ହେଉଥିବ ତା'ର ପ୍ରତିବାଦରେ ଯଦି ମା'ଙ୍କ କାର୍ଯ୍ୟରେ ବାଧା ଆସିବ, ନିଜ ମଧ୍ୟରେ ଅହଂ, ସ୍ୱାର୍ଥ, ରାଗ, ଦ୍ୱେଷ, ବୈର, ବିରୋଧାଦି ଅନ୍ଧକାର ଶକ୍ତିର କ୍ରିୟା ହେବ, ତେବେ ସେ କ୍ଷେତ୍ରରେ ପ୍ରତିବାଦ କରିବା ଦ୍ୱାରା ଅନ୍ୟାୟ ଦୂର ହେବ ନାହିଁ, ସେ କାର୍ଯ୍ୟରେ ମଧ୍ୟ ପ୍ରତିବାଦ କରିବା ଯୁକ୍ତିସଙ୍ଗତ ନୁହେଁ ।

ସଂସାରରେ ଯେଉଁ ବ୍ୟକ୍ତି ଉତ୍ତମ କର୍ମ କରନ୍ତି, ଯେଉଁ କର୍ମ ଦ୍ୱାରା ଦେଶ, ସମାଜର ହିତ ହୁଏ, ସେ କାର୍ଯ୍ୟରେ ବାଧାବିଘ୍ନ, ମାନ ଅପମାନ, ନିନ୍ଦାସ୍ତୁତି ଆସେ । କିନ୍ତୁ ଏହି ମୃତ୍ୟୁପୁରୀରେ ପରାର୍ଦ୍ଧର ଅତିମାନସ ଚେତନାଯୁକ୍ତ ଅତିମାନବ ଜାତି ପ୍ରତିଷ୍ଠା ହେବ, ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ, ସଂସାରରୁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ ଦୂର ହେବ – ଏହି ମହାନ୍ କାର୍ଯ୍ୟସାଧନାରେ ଯେଉଁ ସାଧକ ଅଂଶ ଗ୍ରହଣ କରିବେ, ଏହି ସତ୍ୟ ପ୍ରଚାରର ସଂସ୍ଥାମାନଙ୍କରେ ଯେଉଁମାନେ କାର୍ଯ୍ୟ କରିବେ, ସେମାନେ ବାଧାବିଘ୍ନ, ମାନ-ଅପମାନରୁ କଦାପି ରକ୍ଷା ପାଇପାରିବେ ନାହିଁ । ସେମାନେ ନିଜ ଲକ୍ଷ୍ୟକୁ ସମ୍ମୁଖରେ ରଖି ଦୁଃଖକଷ୍ଟ, ମାନ ଅପମାନକୁ ପରୁଆ ନ କରି, ମା'ଙ୍କ ଆଶ୍ରୟରେ ସେସବୁକୁ ମା'ଙ୍କ ଚରଣରେ ସମର୍ପଣ କରି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ । ମାନ ଅପମାନରେ ପ୍ରଭାବିତ ହୁଏ ନିଜର ଅହଂ । ଅହଂ ହେଉଛି ସାଧନା ତଥା ସାଧନାରୂପ ମା'ଙ୍କ କାର୍ଯ୍ୟରେ ମହାନ୍ ବାଧକ । ମାନ ଅପମାନକୁ ଅତିକ୍ରମ କରିବା ଅର୍ଥ ନିଜର ଅହଂକୁ ଅତିକ୍ରମ କରିବା । ଏହା କରିପାରିଲେ ସାଧନାରେ ଗୋଟାଏ ମହାନ୍ ପ୍ରଗତି ହେବ ।

ଯେଉଁମାନେ ଅହଂ, ସ୍ୱାର୍ଥର ବଶ ହୋଇ ନାମଯଶ ସକାଶେ ମା'ଙ୍କ କାର୍ଯ୍ୟ କରନ୍ତି, ସେମାନେ ଅପମାନର ପ୍ରତିରୋଧ କର୍ମ କରନ୍ତି ଏବଂ ନାମଯଶ ପ୍ରାପ୍ତି ସକାଶେ ପ୍ରଯତ୍ନ କରନ୍ତି; ସେଥିରେ ମା'ଙ୍କ କାର୍ଯ୍ୟରେ ବାଧାପଡ଼େ । ସେମାନଙ୍କୁ ନାମଯଶ ମିଳେ ନାହିଁ । ନାମଯଶ ଚାହିଁଲେ ଛାଇ ପରି ସେ ଧରାଦିଏ ନାହିଁ; ତାକୁ ନ ଚାହିଁଲେ ପଛରେ ଗୋଡ଼ାଇ ଥାଏ ।

କେତେକ ସାଧକ ସାଧନା ଆରମ୍ଭ କରିବା ସମୟରେ ତାଙ୍କର ନାମଯଶର ଲାଳସା ଗୁପ୍ତରୂପେ ରହିଥାଏ । କିନ୍ତୁ ସେ ଯଦି ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖନ୍ତି ତେବେ ସେ ଅହଂ, ସ୍ୱାର୍ଥର ଛଦ୍ମବେଶକୁ ଚିହ୍ନି ପାରନ୍ତି । ନିଜ ମଧ୍ୟରେ ନାମଯଶ, ଅଧିକାର ଲାଳସା ଥିବା ସତ୍ତ୍ୱେ ତାକୁ କ୍ରିୟାରେ ପରିଣତ କରନ୍ତି ନାହିଁ । ଅର୍ଥାତ୍ ନାମଯଶ, ଅଧିକାର ମିଳିବା ସକାଶେ ନାନାପ୍ରକାର ଛଳ ଛଦ୍ମ ଉପାୟ କରନ୍ତି ନାହିଁ ।

ଅନ୍ତରରୁ ମା'ଙ୍କ ପ୍ରେରଣା

ଯେଉଁମାନେ ମା'ଙ୍କ ସଂସ୍ଥାରେ ଆନ୍ତରିକତା ସହିତ ସମ୍ମିଳିତ ନ ଥା'ନ୍ତି ଅଥବା ସଂସ୍ଥାର ବାହାରେ ରହିଥାଆନ୍ତି, ସେମାନେ ମା'ଙ୍କ କାର୍ଯ୍ୟକୁ ନିଜ ସାଧନାରୂପେ ଗ୍ରହଣ କରି ଜୀବନରେ ଶ୍ରେଷ୍ଠ ସ୍ଥାନ ଦେଇ ନ ଥା'ନ୍ତି; କେବଳ ନିଜର ସୁବିଧା, ଅଧିକାର ତଥା ଅହଂକୁ ତୁଷ୍ଟି କରିବା ସକାଶେ କଳକୌଶଳେ ସଂସ୍ଥାକୁ ଅଧିକାର କରିବାକୁ ଚାହାନ୍ତି । ସେ

କାର୍ଯ୍ୟରେ ତାଙ୍କର ସ୍ୱାର୍ଥସିଦ୍ଧି, ଅହଂତୁଷ୍ଟି ନ ହେଲେ ସେ ସଂସ୍ଥାକୁ ନଷ୍ଟ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଏପରି ବ୍ୟକ୍ତି ସହିତ ପରିସ୍ଥିତି ଅନୁସାରେ ବ୍ୟବହାର କରିବାକୁ ହେବ । ଉତ୍ତମ ପ୍ରଣାଳୀ ହେଲା ନିଜ ଅନ୍ତରରୁ ମା'ଙ୍କ ପ୍ରେରଣା ପାଇ ସେହି ଅନୁସାରେ କାର୍ଯ୍ୟ କରିବା । ସାଧକ ମଧ୍ୟରେ ଅହଂ, ସ୍ୱାର୍ଥ, କାମ, କ୍ରୋଧାଦି ଦୋଷ ଥିବା ସତ୍ତ୍ୱେ ସେ ଯଦି ଏସବୁକୁ କ୍ରିୟା କରିବାକୁ ନ ଦେଇ ମା'ଙ୍କ ଚରଣରେ ସମର୍ପଣ କରିବାକୁ ଅଭୀପ୍ସା କରନ୍ତି; ଜଟିଳ ପରିସ୍ଥିତିରେ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖି ନିଜ ଅନ୍ତରରୁ ତାଙ୍କ ପ୍ରେରଣା ପାଇବା ସକାଶେ ତୀବ୍ର ଅଭୀପ୍ସା କରନ୍ତି, ତେବେ ନିଶ୍ଚୟ ମା'ଙ୍କ ପ୍ରେରଣା ପାଆନ୍ତି । ଅଭୀପ୍ସା ଏବଂ ବ୍ୟାକୁଳତା ଯେତେ ତୀବ୍ର ହେବ ସେତେ ଶୀଘ୍ର ଅନ୍ତରରୁ ମଧ୍ୟ ପ୍ରେରଣା ପାଇବେ । ଅଭୀପ୍ସା ଯଦି ଅତ୍ୟନ୍ତ ତୀବ୍ର ନ ଥାଏ ତେବେ ଅପେକ୍ଷା କରି ମା'ଙ୍କ ପ୍ରେରଣା ଚାହିଁଲେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ । ସେହି ପ୍ରେରଣା ଅନୁସାରେ ସାଧକ କାର୍ଯ୍ୟ କରିବା ଉଚିତ । ସେ ସମୟରେ ଅନ୍ୟ ବିଚାର, ଅନ୍ୟ ଉପାୟକୁ ପ୍ରଶ୍ରୟ ଦେବେ ନାହିଁ । କାର୍ଯ୍ୟସିଦ୍ଧି ସକାଶେ ମନର ବିଚାର ଦ୍ୱାରା ଅନ୍ୟର ଆଶ୍ରୟ ନେଲେ ମା'ଙ୍କ ଆନ୍ତରିକ ପ୍ରେରଣା ମିଳିବାରେ ବାଧାପ୍ରାପ୍ତ ହୁଏ । ଅନ୍ତରରୁ ଯେଉଁ ପ୍ରେରଣା ଆସେ ତାହା ଅଭ୍ରାନ୍ତ, ଅସନ୍ଦିଗ୍ଧ ଥାଏ । ଅନ୍ୟ ଶକ୍ତିର ପ୍ରେରଣା ବୋଲି ସନ୍ଦେହ ହୁଏ ନାହିଁ ।

ବ୍ୟକ୍ତିର ଅହଂ, ସ୍ୱାର୍ଥ କ୍ରିୟାଶୀଳ ହେଲେ ମା'ଙ୍କ ରୂପରେ ବିରୋଧୀ ଶକ୍ତି ମଧ୍ୟ ନିଜ ଅନ୍ତରରେ ପ୍ରେରଣା ଦେଇ ପାରେ । କିନ୍ତୁ ସାଧକ ଛୋଟ ଶିଶୁ ସଦୃଶ ମା'ଙ୍କ ଚରଣରେ ଆଶ୍ରୟ ନେଇ 'ମା'– ଏହି ନାମ ସ୍ମରଣ କରୁଥିଲେ ବିରୋଧୀ ଶକ୍ତିର ପ୍ରେରଣା ଆସେ ନାହିଁ, ଆସିଲେ ସ୍ପଷ୍ଟ ଜଣା ପଡ଼ିଯାଏ ।

ଏହି ଦୁରୂହ ରୂପାନ୍ତର ଯୋଗର ନିରାପଦ ଓ ନିଷ୍କଣ୍ଟକ ମାର୍ଗ ହେଲା ମା'ଙ୍କ ଚରଣରେ ନିଜକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦେବା । ତାଙ୍କରି ଉପରେ ବିଶ୍ୱାସ ଭରସା ରଖି ପ୍ରାପ୍ତ ହୋଇଥିବା ତାଙ୍କରି କାର୍ଯ୍ୟକୁ ଆନ୍ତରିକ ନିଷ୍ଠା ସହ ସମ୍ପାଦନ କରିବା । ତାଙ୍କରି ନାମ ନିରନ୍ତର ଜପ କରିବା । ଏତିକି କଲେ ମା ତାଙ୍କ ସଂସ୍ଥାକୁ ରକ୍ଷା କରନ୍ତି । ସାଧକର ସମସ୍ତ ବାଧାବିଘ୍ନ, ବିରୋଧୀ ଶକ୍ତିର ଭୟଙ୍କର ଆକ୍ରମଣରୁ ତାଙ୍କୁ ରକ୍ଷା କରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି ।

ରୂପାନ୍ତର କ୍ରିୟାରେ ଆକ୍ରମଣ

କେତେକ ସାଧକ ସାଧନା ଆରମ୍ଭ କରିବା ମାତ୍ରେ ଅଭୀପ୍ସା ତୀବ୍ର ହୁଏ । ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି । ସାଧକକୁ ସାଧନାରେ ବହୁତ ଆନନ୍ଦ ମିଳେ । ଏହିପରି କିଛି କାଳ ଯିବା ପରେ ଭାଗବତୀ ଶକ୍ତି ସାଧକ ଆଧାରରେ ଅବତରଣ କରି ମନ-ପ୍ରାଣର ସୁପ୍ତ, ଅଶୁଦ୍ଧ ଭାଗକୁ ରୂପାନ୍ତର କରିବା ସକାଶେ ସ୍ପର୍ଶ କରନ୍ତି । ଭାଗବତୀ ଶକ୍ତିଙ୍କ ସ୍ପର୍ଶ ପାଇବା ମାତ୍ରେ ମନ-ପ୍ରାଣ-ଶରୀରର ହିଂସା, ଦ୍ୱେଷ, ଈର୍ଷା, ବିରୋଧ, କାମ, କ୍ରୋଧ, ଲୋଭ, ମୋହ, ହତାଶା, ନିରାଶା, ଜଡ଼ତା, ତାମସିକତା ଆଦି ରୂପାନ୍ତର ବିରୋଧରେ ଏକ ପରେ ଅନ୍ୟ ଆସି ଛିଡ଼ା ହୁଅନ୍ତି ତଥା ଅନ୍ତରାତ୍ମା ଏବଂ ମନ-ପ୍ରାଣ ମଧ୍ୟରେ ଏସବୁ ଆବରଣରୂପେ କ୍ରିୟା କରନ୍ତି । ଏସବୁକୁ ଯନ୍ତ୍ରରୂପେ ବ୍ୟବହାର କରନ୍ତି ବିରୋଧୀ ଶକ୍ତି । ଏସବୁ କେବେ ସାଧକର ନିଜ ସତ୍ତା ମଧ୍ୟରୁ ଆକ୍ରମଣ କରନ୍ତି, କେବେ ଅନ୍ୟ ବ୍ୟକ୍ତି, ଅନ୍ୟ ଘଟଣା ମଧ୍ୟଦେଇ ସାଧକଙ୍କୁ ଆକ୍ରମଣ କରନ୍ତି । ସାଧକ ସଚେତ ନ ଥିଲେ ଏସବୁର ଆକ୍ରମଣକୁ ଚିହ୍ନି ପାରନ୍ତି ନାହିଁ । ବ୍ୟକ୍ତି ଏବଂ ଘଟଣାକୁ କେନ୍ଦ୍ର କରି ପ୍ରତିବାଦ କରନ୍ତି । ଅର୍ଥାତ୍ ଏହାର ସମାଧାନ ବାହ୍ୟ ଉପାୟରେ ଚାହାନ୍ତି ଏବଂ ବ୍ୟକ୍ତି ତଥା ଘଟଣା ଏହାର କାରଣ ବୋଲି ମାନି ନିଅନ୍ତି । ଅର୍ଥାତ୍ ସେ ଭାବନ୍ତି, ''ଅମୁକ ବ୍ୟକ୍ତି ମୋ ପ୍ରତି ଅନ୍ୟାୟ କଲା ।'' କେବଳ ବାହ୍ୟ ଉପାୟରେ ତା'ର ପ୍ରତିରୋଧ କରିବାକୁ ଚାହାନ୍ତି ଅଥବା ''ଏହି ସ୍ଥାନରେ ଏପରି ଘଟୁଛି, ଏହି ସ୍ଥାନ ଛାଡ଼ି ଚାଲିଗଲେ ନିରାପଦ ହେବ'' ବୋଲି ମନେ କରନ୍ତି । ଏହିପରି ଧାରଣା ତଥା ଏହିପରି ଉପାୟ ସାଧକ ଯେପର୍ଯ୍ୟନ୍ତ କରୁଥିବେ ସେପର୍ଯ୍ୟନ୍ତ ବିରୋଧୀ ଶକ୍ତିର ଆକ୍ରମଣ ବଢୁଥିବ । ସାଧକ ସଚେତନ ନ ହେଲେ କେବେ କେବେ ବିରୋଧୀ ଶକ୍ତି ସାଧକଙ୍କୁ ସାଧନା-ମାର୍ଗରୁ, ଅନ୍ତତଃ ପକ୍ଷେ କିଛି କାଳ ପର୍ଯ୍ୟନ୍ତ ଟାଣିନେଇ ପାରିବେ ।

ସାଧକଙ୍କ ବୁଦ୍ଧିରେ ଭାଗବତୀ ଶକ୍ତିର ଅଥବା ଅନ୍ତରାତ୍ମାର ପ୍ରକାଶ ପଡ଼ିଥିଲେ, ଘଟୁଥିବା ବାଧାବିଘ୍ନର କାରଣ ବ୍ୟକ୍ତି ବା ସ୍ଥାନ ଅଥବା ଘଟଣା ବୋଲି ସାଧକ ଭାବନ୍ତି ନାହିଁ । ସେ ସ୍ପଷ୍ଟଭାବେ ବୁଝିପାରନ୍ତି, ''ନିଜ ମନ-ପ୍ରାଣ-ଶରୀର ଦୁର୍ବଳ ଥିବାରୁ ବାହ୍ୟ ଆକ୍ରମଣକୁ ସେମାନେ ପ୍ରଶ୍ରୟ ଦେଉଛନ୍ତି ।'' ଅର୍ଥାତ୍ ଜଣେ ଅନ୍ୟାୟରେ ବା ନ୍ୟାୟରେ କଟୁବଚନ କହିଲେ ଆମ ପ୍ରାଣ ଯଦି ଦୃଢ଼ ହୋଇଥାଆନ୍ତା ତେବେ ତା'ରି ଦ୍ୱାରା ବିକ୍ଷୋଭକୁ ପ୍ରାପ୍ତ ହୁଅନ୍ତା ନାହିଁ । ''ମୋର ଏହି ଦୁର୍ବଳ ସତ୍ତାର ରୂପାନ୍ତର ସକାଶେହିଁ ଏହି ବାହ୍ୟ ଆକ୍ରମଣ ହୋଇଅଛି, ଏହାକୁ ଭାଗବତୀ ଶକ୍ତି ମଧ୍ୟ ପ୍ରତିରୋଧ କରି ନାହାନ୍ତି ।''— ଏହା ଜାଣି ସାଧକ ଶାନ୍ତ, ନୀରବ ରହି ନିଜ ଭିତରେ ପ୍ରତିକ୍ରିୟା ହେବାକୁ ନ ଦେବା ସକାଶେ ଚେଷ୍ଟା କରିବେ ଏବଂ ଏହି ଅଶୁଦ୍ଧ ସତ୍ତାକୁ ମା'ଙ୍କ ଚରଣରେ ସମର୍ପଣ କରିବେ । ଏହିପରି କରିବା ଦ୍ୱାରା ବିରୋଧୀ ଶକ୍ତିର ଆକ୍ରମଣର ବଳ ଅଧିକ କମିଯାଏ; ସାଧକଙ୍କର ମାତୃଶକ୍ତି ପ୍ରତି ବିଶ୍ୱାସ, ନିର୍ଭରତା ବଢ଼େ ଏବଂ ସେ ଉତ୍ସାହ ସହିତ ସମର୍ପଣ କରନ୍ତି । ସାଧନାରେ ଏହି ଜାଗୃତି ଆସିବାରେ ବହୁତ ସମୟ ଲାଗେ । କିନ୍ତୁ 'ମା'— ଏହି ନାମଜପ କଲେ ଅପେକ୍ଷାକୃତ କମ୍ ସମୟରେ ସାଧକଙ୍କର ମନ-ପ୍ରାଣ-ଶରୀର ଶୁଦ୍ଧ ହୁଅନ୍ତି ଏବଂ ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି; ମାତୃଶକ୍ତି ଅବତରଣ କରି ସାଧକଙ୍କ ଆଧାରରେ ରୂପାନ୍ତର କ୍ରିୟା କରନ୍ତି । ଅନ୍ତରାତ୍ମା ତଥା ଭାଗବତୀ ଶକ୍ତିଙ୍କ ଆଲୋକରେ ସାଧକଙ୍କ ବୁଦ୍ଧି ପ୍ରକାଶିତ ହେଲେ ବିରୋଧୀଶକ୍ତିଙ୍କର ଏହି କୌଶଳକୁ ସେ ସହଜରେ ବୁଝିପାରନ୍ତି ଏବଂ ମାନସିକ ଚେତନା ସ୍ତରକୁ ଅତିକ୍ରମ କରି ଊର୍ଦ୍ଧ୍ୱ ଚେତନା ସ୍ତରକୁ ଆରୋହଣ କରନ୍ତି । ସାଧନା-ମାର୍ଗରେ ସାଧକଙ୍କୁ ବିରୋଧୀ ଶକ୍ତି ବହୁ ପ୍ରକାରେ ଆକ୍ରମଣ କରନ୍ତି; ବହୁ ପ୍ରକାର ରୋଗ ଦେଖା ଦିଅନ୍ତି, ମିତ୍ରମାନେ ଶତ୍ରୁ ସଦୃଶ ବ୍ୟବହାର କରୁଥିବା ସାଧକ ଭ୍ରାନ୍ତ ଅନୁମାନ କରିପାରନ୍ତି କିଂବା ତାହା ସତ୍ୟ ବି ହୋଇ ପାରିଥାଏ । ସେସମୟରେ ସାଧକଙ୍କୁ ଚତୁର୍ଦିଗ ଅନ୍ଧକାର ଦେଖାଯାଏ । ଅଳ୍ପ ସମୟ ସକାଶେ ସାଧକଙ୍କୁ ଜୀବନ ତଥା ଯୋଗ ପ୍ରତି ବିତୃଷ୍ଣା ଆସି ପାରେ । ସେତେବେଳେ ହତାଶା, ନିରାଶା, ଭୟ, କାତରତାରେ ସାଧକଙ୍କର ବୁଦ୍ଧି ଭ୍ରମ ହୋଇଯାଏ । କିନ୍ତୁ ସେ ଯଦି 'ମା'— ଏହି ନାମର ଆଶ୍ରୟ ନେଇଥା'ନ୍ତି ତେବେ ସେ ମହାନ୍ ଆକ୍ରମଣରେ ବି ବିଚଳିତ ନ ହୋଇ ବସି ମା'ଙ୍କ ନାମ ସ୍ମରଣ କରନ୍ତି । ଯଦି ଦୃଢ଼ ନିଷ୍ଠା ବିଶ୍ୱାସ ସହିତ ନାମ ସ୍ମରଣ କରାହୁଏ, ତେବେ ମାତ୍ର ଗୋଟିଏ ମିନିଟ୍‌ରେ ମାତୃଶକ୍ତିଙ୍କର ପ୍ରକାଶ ହୁଏ । ସବୁପ୍ରକାର ଅନ୍ଧକାର, ହତାଶା, ନିରାଶା ଦୂର ହୁଏ । ତାଙ୍କର ଦୁଇଗୁଣ ଭଗବତ୍ ବିଶ୍ୱାସ, ଆସ୍ଥା, ନାମ ପ୍ରତି ଶ୍ରଦ୍ଧା, ଆଗ୍ରହ ବଢ଼େ । ଭବିଷ୍ୟତ୍ ଆକ୍ରମଣକୁ ଭୟ ରହେ ନାହିଁ । ବାଧାବିଘ୍ନ ଆସୁଥିବା ସତ୍ତ୍ୱେ ସାଧକ ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ଆନନ୍ଦରେ ଯୋଗମାର୍ଗରେ ଅଗ୍ରସର ହୁଅନ୍ତି । ସାଧନା ଆରମ୍ଭରୁ ସମର୍ପଣ ତଥା 'ମା'— ନାମଜପ ଦୃଢ଼ ଅଭେଦ୍ୟ କବଚରୂପେ ସାଧକକୁ ସବୁ ପ୍ରକାର ବାଧାବିପତ୍ତିରୁ ରକ୍ଷା କରନ୍ତି ।

ସାଧକର ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତିରେ ବାଧା ଦିଅନ୍ତି ନିଜ ମନ, ପ୍ରାଣ ତଥା ଶରୀରର ଗୁଣଧର୍ମ — ଆଳସ୍ୟ, ନିଦ୍ରା, ତମସ୍, କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ଈର୍ଷା, ବିରୋଧ ଇତ୍ୟାଦି । ସୃଷ୍ଟି ଆରମ୍ଭରୁ ଏସବୁ ସ୍ୱତନ୍ତ୍ରରୂପେ ନିଜ ନିଜ ଗୁଣଧର୍ମ ଅନୁସାରେ କ୍ରିୟା କରି ଆସୁଥିଲେ । ମନୁଷ୍ୟର ବୁଦ୍ଧି ହେବାରୁ କେତେକ ସ୍ଥଳରେ, କେତେକ ପରିସ୍ଥିତିରେ ଲୋକଦୃଷ୍ଟିରେ ସଂଯତରେ ରହିଲେ, କିନ୍ତୁ ଅଧିକ ଭାଗ ବୁଦ୍ଧିକୁ ଯନ୍ତ୍ର କରି ଲୋକଦୃଷ୍ଟିର ପଶ୍ଚାତରେ ନିଜ ନିଜ ଉଦ୍ଦେଶ୍ୟ ସାଧନ କଲେ । ଏସବୁ ଉଚ୍ଚତର ଶକ୍ତିର ଶାସନରେ ରହି ନିଜ ନିଜ ଗୁଣଧର୍ମକୁ ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ । ସାଧକ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଲେ ଏସବୁ ବାଧା ଦେବାରେ ପୂର୍ଣ୍ଣ ଶକ୍ତି ପ୍ରୟୋଗ କରନ୍ତି ଏବଂ ସାଧକକୁ ଅଧ୍ୟାତ୍ମ ମାର୍ଗରୁ ଟାଣି ନେବାକୁ କଳେ ବଳେ କୌଶଳେ ସତତ ଚେଷ୍ଟା କରୁଥାଆନ୍ତି । ସୁଯୋଗ ପାଇ ଆସୁରିକ ଶକ୍ତି ମଧ୍ୟ ଏସବୁକୁ ଯନ୍ତ୍ର କରି ସାଧକକୁ ଆକ୍ରମଣ କରନ୍ତି । ଏସବୁ ଅତ୍ୟନ୍ତ ପ୍ରବଳ ଥିବାରୁ ସମସ୍ତ ପୁରାତନ ଯୋଗୀ ଏସବୁଠାରୁ ଆତ୍ମାକୁ ପୃଥକ୍ କରି ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କଲେ । ଏସବୁ ସହିତ ଯୁଦ୍ଧରେ ବିଜୟ ପ୍ରାପ୍ତ କରିବା ସମ୍ଭବ ନ ଦେଖି ଏସବୁ ଯେପରି ଥିଲେ ସେହିପରି ଛାଡ଼ି ଚାଲିଗଲେ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀର ତଥା ଏସବୁର ଗୁଣଧର୍ମ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବେ, ଯାହା ଫଳରେ ଏହି ମୃତ୍ୟୁପୁରୀରେ ଦିବ୍ୟସ୍ୱର୍ଗ ପ୍ରତିଷ୍ଠା ହେବ । ଏସବୁ ଆଜି ପର୍ଯ୍ୟନ୍ତ ଯଦ୍ୟପି ଅଜେୟ ଥିଲେ

କିନ୍ତୁ ଅତିମାନସ ଶକ୍ତି ସମ୍ମୁଖରେ ଆଉ ଅଜେୟ ହୋଇ ରହିପାରିବେ ନାହିଁ । ଅତିମାନସ ଶକ୍ତି ଦ୍ୱାରା ଏସବୁ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବେ । ଏସବୁ ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ । ସେ ସକାଶେ ସାଧକକୁ ଲକ୍ଷ୍ୟମାର୍ଗରୁ ଫେରାଇ ଆଣିବା ସକାଶେ ସର୍ବଦା ସଜାଗ ସଚେଷ୍ଟ ରହି ଆକ୍ରମଣ କରୁଥାଆନ୍ତି । ସାଧକର ନିଜ ଶକ୍ତିଠାରୁ ଏସବୁ ବହୁଗୁଣରେ ଶକ୍ତିଶାଳୀ ଏବଂ କୌଶଳୀ । ଯୁଦ୍ଧରେ ସାଧକ ନିଜ ଶକ୍ତିରେ ଏସବୁର ସମ୍ମୁଖୀନ ହେବା ସମ୍ଭବ ନୁହେଁ । ଏହି କାରଣରୁ ଏହି ଯୋଗର ସାଧକ ସାଧନା ଆରମ୍ଭରୁ ସାଧନା ଶେଷ ପର୍ଯ୍ୟନ୍ତ ମାତୃଶକ୍ତିର ପୂର୍ଣ୍ଣ ଆଶ୍ରୟରେ ରହନ୍ତି ଏବଂ 'ମା' ଏହି ନାମ ନିରନ୍ତର ଜପ ସହିତ ସଂପୂର୍ଣ୍ଣରୂପେ ସତତ ମାତୃଚରଣରେ ନିଜକୁ ସମର୍ପଣ କରନ୍ତି । ସାଧକର ସାଧନା ହେଉଛି ସବୁ ସମୟରେ ସଚେତନ ରହି ମାତୃଚରଣରେ ସମର୍ପଣ କରିବା । ସାଧକର ମନ-ପ୍ରାଣ-ଶରୀର ରୂପାନ୍ତର କରିବେ ଅତିମାନସ ମାତୃଶକ୍ତି । ଏହି କାରଣରୁ ସାଧକକୁ ସର୍ବଦା ସଚେତ ହୋଇ ନିଜର ମନ-ପ୍ରାଣ-ଶରୀରର ପ୍ରତିକୂଳ ଆବେଗ ଏବଂ କ୍ରିୟାରେ ସମ୍ମତି ନ ଦେଇ ଭାଗବତୀ ଶକ୍ତିଙ୍କ ଚରଣରେ ସମର୍ପଣ କରିବାକୁ ହେବ; ତେବେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବେ । ସାଧକ ସମର୍ପଣ ନ କଲେ ଅତିମାନସ ଶକ୍ତି ଜବରଦସ୍ତି ରୂପାନ୍ତର କରିବେ ନାହିଁ, କିନ୍ତୁ ସାଧକ ସମର୍ପଣ କରିବା ସକାଶେ ମାତୃଶକ୍ତିଙ୍କ ସାହାଯ୍ୟ ଚାହିଁଲେ ମାତୃଶକ୍ତି ସାହାଯ୍ୟ କରନ୍ତି ଏବଂ ସାହାଯ୍ୟ କରିବା ସକାଶେ ଅପେକ୍ଷା ମଧ୍ୟ କରି ରହିଥାଆନ୍ତି ।

ଶ୍ରୀଅରବିନ୍ଦ ତାଙ୍କ The Mother ଗ୍ରନ୍ଥର Chapter IIରେ ଉଲ୍ଲେଖ କରିଛନ୍ତି :

"In Yoga also it is the Divine who is the Sadhaka and the Sadhana; it is his Shakti with her light, power, knowledge, consciousness, Ananda, acting upon the Adhara and, when it is opened to her, pouring into it with these divine forces that makes the Sadhana possible. But so long as the lower nature is active the personal effort of the Sadhaka remains necessary."

''ପୂର୍ଣ୍ଣଯୋଗରେ ଭଗବାନ୍ ସାଧକ ଏବଂ ସାଧନା । ତାଙ୍କରି ଶକ୍ତି ଏବଂ ସେହି ଶକ୍ତିଙ୍କ ଜ୍ୟୋତି, ସାମର୍ଥ୍ୟ, ଜ୍ଞାନ, ଚେତନା, ଆନନ୍ଦ ସେହି ଆଧାରରେ କାର୍ଯ୍ୟ କରୁଥାଆନ୍ତି ଏବଂ ଆଧାର ଯେତେବେଳେ ସେସବୁ ପ୍ରତି ଉନ୍ମୁକ୍ତ ହୁଏ, ସେତେବେଳେ ତାହା ମଧ୍ୟରେ ସେ ସେହି ଦିବ୍ୟବସ୍ତୁକୁ ଢାଳି ଦିଅନ୍ତି ଯଦ୍ଦ୍ୱାରା ସାଧନା ସମ୍ଭବ ହୁଏ । କିନ୍ତୁ ନିମ୍ନ ପ୍ରକୃତି ଯେତେଦିନ ପର୍ଯ୍ୟନ୍ତ କ୍ରିୟାଶୀଳ ଥାଏ, ସେତେଦିନ ପର୍ଯ୍ୟନ୍ତ ସାଧକର ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ ହୁଏ ।''

ପ୍ର : ଶ୍ରୀଅରବିନ୍ଦଙ୍କ ଯୋଗରେ ସବୁ ସ୍ଥାନରେ ଶ୍ରୀଅରବିନ୍ଦ କହିଛନ୍ତି, ''ଭାଗବତୀ ଶକ୍ତି ଅଥବା ଅତିମାନସ ମାତୃଶକ୍ତିହିଁ ସାଧକର ମନ-ପ୍ରାଣ-ଶରୀର ରୂପାନ୍ତର କରିବେ ।'' କିନ୍ତୁ ଏଠାରେ 'The Mother' ବହିର ଯେଉଁ ଅଂଶ ଉଦ୍ଧୃତ କରାହୋଇଛି ସେଥିରେ ଶ୍ରୀଅରବିନ୍ଦ କହିଛନ୍ତି, "The Divine is the Sadhaka and the Sadhana" ଏହା ବିପରୀତ ଉକ୍ତି ସଦୃଶ ମନେ ହେଉଛି । ଏହାର ଯଥାର୍ଥ ଅର୍ଥ କ'ଣ ?

ଉ : ଏହାର ଯଥାର୍ଥ ଅର୍ଥ ରହିଛି ସେହି ପରିଚ୍ଛେଦରେ । ପରିଚ୍ଛେଦଟି ପୂରା ପଢ଼ିଥିଲେ ସ୍ପଷ୍ଟଭାବେ ବୁଝି ପାରିଥାଆନ୍ତେ । ବହୁତ ସ୍ପଷ୍ଟରୂପେ କୁହାହୋଇଛି, ''ଏହି ଯୋଗରେ ଭଗବାନ୍ ସାଧକ ଏବଂ ସାଧନା ।'' କାରଣ ସେହି ଭଗବାନଙ୍କ ଶକ୍ତି, ଜ୍ୟୋତି, ସାମର୍ଥ୍ୟ, ଜ୍ଞାନ, ଚେତନା, ଆନନ୍ଦ ସାଧକର ଆଧାରରେ କାର୍ଯ୍ୟ କରୁଥାଆନ୍ତି । ଆଧାର ଯେତେବେଳେ ସେହିସବୁ ପ୍ରତି ଉନ୍ମୁକ୍ତ ହୁଅନ୍ତି ସେତେବେଳେ ସେସବୁ ମଧ୍ୟରେ ଭାଗବତୀ ଶକ୍ତି ସେହି ଦିବ୍ୟବସ୍ତୁକୁ ଢାଳି ଦିଅନ୍ତି । ଏହି ଦିବ୍ୟ ବସ୍ତୁ ଦ୍ୱାରା ସାଧନା ସମ୍ଭବ ହୁଏ । ଏହି ସାଧନା କାର୍ଯ୍ୟ ଭଗବାନଙ୍କ ଶକ୍ତି କରୁଥିବାରୁ ସାଧକ ଏବଂ ସାଧନା ଭଗବାନ୍ ବୋଲି ଶ୍ରୀଅରବିନ୍ଦ କହିଛନ୍ତି ।

ପ୍ର : ଏହି ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର ହୁଏ । ସେ ସକାଶେ ମନ-ପ୍ରାଣ-ଶରୀର ଦ୍ୱାରା ହେଉଥିବା କର୍ମକୁ ସମର୍ପଣ କଲେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି । ପଢ଼ିବା ଦ୍ୱାରା ମନର ବିକାଶ ହୁଏ । ବିକଶିତ ମନ ରୂପାନ୍ତର ସକାଶେ ପ୍ରସ୍ତୁତ ହୁଏ । ଅତଏବ ସାଧକମାନେ ପଢ଼ିବା ଉଚିତ ବୋଲି ମନେକରେ ।

ଉ : ତୁମ ବିଚାର ଯଦି ଯଥାର୍ଥ ହୋଇଥାଆନ୍ତା ତେବେ ରୂପାନ୍ତର ଯୋଗର ପ୍ରତିପାଦକ ଶ୍ରୀଅରବିନ୍ଦ ଆଶ୍ରମ ଆରମ୍ଭରୁ ପ୍ରଥମରେ ସାଧକମାନଙ୍କ ପଢ଼ିବା ସକାଶେ ଭିନ୍ନ ଭିନ୍ନ ବିଦ୍ୟାର ସ୍କୁଲ ପ୍ରତିଷ୍ଠା କରିଥାଆନ୍ତେ । ଶ୍ରୀଅରବିନ୍ଦ ଯଦ୍ୟପି ଆସିଥିଲେ ୧୯୧୦ରେ ତଥାପି ଆଶ୍ରମ ପ୍ରତିଷ୍ଠା ହେଲା ଶ୍ରୀମା'ଙ୍କ ଦ୍ୱିତୀୟ ଥର ଆଗମନ ୧୯୨୦ରେ । ଆଶ୍ରମରେ ସ୍କୁଲ୍ ପ୍ରତିଷ୍ଠା କଲେ ୧୯୪୨ରେ କେବଳ ବିଦ୍ୟାର୍ଥୀ ପିଲାଙ୍କ ସକାଶେ । ଆଜି ପର୍ଯ୍ୟନ୍ତ ବି ସାଧକମାନଙ୍କ ସକାଶେ ସ୍କୁଲ୍ ନିର୍ମାଣ କରାହୋଇ ନାହିଁ ।

ଆପଣଙ୍କର କହିବା ଅନୁସାରେ ଯଦି ମନର ବିକାଶ ସକାଶେ ପଢ଼ିବା ଆବଶ୍ୟକ, ତେବେ ପ୍ରାଣର ବିକାଶ ସକାଶେ ସଙ୍ଗୀତ, ନୃତ୍ୟ, କଳା, କାରୁକାର୍ଯ୍ୟ, ଚିତ୍ରାଙ୍କନ, ପ୍ରତିମା ନିର୍ମାଣ ଇତ୍ୟାଦି ବହୁତ କାର୍ଯ୍ୟ ଶିଖିବାକୁ ହେବ । ସାଧକକୁ ଏହିସବୁ କାର୍ଯ୍ୟ ଶିଖିବାକୁ ହେଲେ ଲକ୍ଷ୍ୟପ୍ରାପ୍ତିରେ ହଜାର ହଜାର ଜନ୍ମ ଲାଗିବ । ଏହା ହୁଏ କ୍ରମବିକାଶ ପଦ୍ଧତିରେ । ଯୋଗରେ ପତ୍ର ପତ୍ରରେ ଜଳ ସିଞ୍ଚା ହୁଏ ନାହିଁ; ଗଛ ମୂଳରେ ଜଳ ଦେଲେ ସମଗ୍ର ଗଛ ସଜୀବ ରହିବା ସଦୃଶ ମନ-ପ୍ରାଣ-ଶରୀରକୁ ସମର୍ପଣ କଲେ ତାହା ଅତିମାନସ ଶକ୍ତି ଦ୍ୱାରା ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଏ । ରୂପାନ୍ତର ହେଲେ ବ୍ୟକ୍ତି ଭଗବତ୍ ଚେତନାରେ ଏକତ୍ୱ ପ୍ରାପ୍ତ ହୁଏ । ସେଥିରେ କୌଣସି ଅଭାବ ବା କୌଣସି ଅପୂର୍ଣ୍ଣତା ରହେ ନାହିଁ । ସେହି ସକାଶେ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ''ବିଦ୍ୟା ମଧ୍ୟରେ ଅଧ୍ୟାତ୍ମ ବିଦ୍ୟା ମୁଁ'', ଯେଉଁ ଅଧ୍ୟାତ୍ମ ବିଦ୍ୟା ଜାଣିଲେ ଆଉ କିଛି ବି ଜାଣିବା ବାକି ରହେ ନାହିଁ । ଅତଏବ ରୂପାନ୍ତର ସକାଶେ ପଢ଼ିବା ଦରକାର ହୁଏ ନାହିଁ । କେବଳ ନାମଜପ ଏବଂ ସମର୍ପଣ ଦ୍ୱାରାହିଁ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରନ୍ତି । ଏହି କାରଣରୁ ଏ ଯୋଗରେ ନାମଜପ, ସମର୍ପଣ, ଅଭୀପ୍ସା କରିବାକୁ ହୁଏ ।

ପ୍ର : କର୍ମ-ସମର୍ପଣ କୁହା ହୋଇଅଛି । ପଢ଼ିବା ବି କର୍ମ । ପଢ଼ିବାକୁ ସମର୍ପଣ କଲେ ସେହି ସମର୍ପଣ ଦ୍ୱାରାହିଁ ଅତିମାନସ ଶକ୍ତି ରୂପାନ୍ତର କରିବେ ।

ଉ : ଯଦି ପଢ଼ିବାକୁ କର୍ମ ମାନି ସମର୍ପଣ କରିବା କଥା କହୁଛନ୍ତି, ତେବେ ତ କର୍ମ ଦିଆ ହୋଇଛି, ସେହି କର୍ମ ସମର୍ପଣ କରନ୍ତୁ । ଯଦି ସେ କର୍ମ ଛାଡ଼ି ପଢୁଛନ୍ତି, କିଂବା କର୍ମରେ ତ୍ରୁଟି କରି ପଢୁଛନ୍ତି, ତେବେ ଉଭୟ କର୍ମ ମଧ୍ୟରେ ସମାନତା ବା ସାଧନା ଭାବ ରହୁ ନାହିଁ । ପଢ଼ିବାରେ ରହୁଛି ନିଜର ରୁଚି ବା ଆଗ୍ରହ । ଏହି ଆଗ୍ରହହିଁ ବାସନା ଏବଂ କାମନା । କାମନା ଏବଂ ଭଗବାନ୍ ଏକ ସଙ୍ଗେ ରହନ୍ତି ନାହିଁ – ଏହା ସ୍ପଷ୍ଟ । ପଢ଼ାରେ ଅଧିକ ରୁଚି ହେଲେ ପ୍ରାପ୍ତ ହୋଇଥିବା କର୍ମରେ ଅବହେଳା, ଶିଥିଳତା, ଅରୁଚି, ଅନାଗ୍ରହ ନିଶ୍ଚୟ ହୁଏ । କର୍ମରେ ଅନାଗ୍ରହ ହେବାର ଅର୍ଥ ଭଗବତ୍ ପ୍ରାପ୍ତି ସକାଶେ ନାମଜପ, ଅଭୀପ୍ସା ତଥା ସମର୍ପଣରେ ତୀବ୍ରତା ଏହି ଆଗ୍ରହ ରହିବ ନାହିଁ । ଆଗ୍ରହ ଦୁଇଟି ବସ୍ତୁରେ ହୁଏ ନାହିଁ । କର୍ମରେ ତ୍ରୁଟି ହେଲେ ସଂସ୍ଥାର କ୍ଷତି ହୁଏ । ସଂସ୍ଥା ଦ୍ୱାରା ମା'ଙ୍କ କାର୍ଯ୍ୟ ହେଉଥିବାରୁ ସଂସ୍ଥାର ତ୍ରୁଟି ହେବା ଅର୍ଥ ମା'ଙ୍କ କାର୍ଯ୍ୟରେ ତ୍ରୁଟି । ଏହି କାରଣରୁ ସଂସ୍ଥା ତରଫରୁ ଦିଆ ହୋଇଥିବା କର୍ମକୁ ଛାଡ଼ି ବା କର୍ମରେ ତ୍ରୁଟି କରି ପଢ଼ିବାରେ ଆଗ୍ରହ କରିବା ନିଶ୍ଚିତରୂପେ ସାଧନାର ପ୍ରତିକୂଳ ।

ଯଦି ପ୍ରାପ୍ତ ହୋଇଥିବା କର୍ମରେ କୌଣସି ପ୍ରକାର ତ୍ରୁଟି ନ କରି, ପଢ଼ିବା ପ୍ରତି ଟିକିଏ ବି ଆସକ୍ତି ନ ରଖି, ପଢ଼ିବାକୁ ଅଧିକ ମହତ୍ତ୍ୱ ନ ଦେଇ କେବଳ ଲକ୍ଷ୍ୟ ପ୍ରାପ୍ତିର ସାଧନାରୂପେ ପଢ଼ି ମା'ଙ୍କୁ ସମର୍ପଣ କରନ୍ତି ତେବେ ତାହା ଠିକ୍ ।

ପୂର୍ବେ କୁହାହୋଇଛି ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ସାଧନାର ଆରମ୍ଭିକ ଅବସ୍ଥାରୁ 'ମା'– ଏହି ନାମ ଜିହ୍ୱାରେ ନିରନ୍ତର ଜପ କରାଯାଇ ପାରେ । ଏହା ଦ୍ୱାରା ସାଧକର ସମସ୍ତ ସତ୍ତା ମା'ଙ୍କ ଚରଣରେ ସମର୍ପଣ ତଥା ଅଭୀପ୍ସା ବହୁତ ସହଜ ହୁଏ । ନିଜ ସତ୍ତାର ପ୍ରତିରୋଧ ଯୋଗୁଁ ତଥା ବିରୋଧୀ ଶକ୍ତିର ଆକ୍ରମଣରୁ ଆସୁଥିବା ନାନାପ୍ରକାର ବାଧା ଏବଂ ଛଦ୍ମରୂପକୁ ସାଧକ ଚିହ୍ନି ପାରନ୍ତି ଏବଂ ସେସବୁକୁ ମା'ଙ୍କ ଚରଣରେ ନିବେଦନ କରି ଦିଅନ୍ତି । ଅତଏବ ସାଧକ ସଜାଗ ସତର୍କ ହୋଇ ଦୃଢ଼ସଂକଳ୍ପପୂର୍ବକ ନିରନ୍ତର 'ମା'– ଏହି ନାମ ଜପ କରିବା ଉଚିତ । ଏକ କ୍ଷଣ ବି ନାମଜପ ବନ୍ଦ କରିବା ଉଚିତ ନୁହେଁ ।

(୪)

ନାମଜପର ପ୍ରଣାଳୀ

ଶୋଇବା ସମୟରେ ନିଦ ନ ଆସିବା ପର୍ଯ୍ୟନ୍ତ ତଥା ନିଦ୍ରା ଭାଙ୍ଗିବା ସଙ୍ଗେ ସଙ୍ଗେ ନାମଜପ କରିବେ । ଉଠି ମୁହଁ ଧୋଇବା, ଜଳ ପିଇବା, ଦାନ୍ତ ସଫା କରିବା, ମଳତ୍ୟାଗ କରିବା, ସ୍ନାନ କରିବା, ଲୁଗା ଧୋଇବା, ଭୋଜନ କରିବା, ଅନ୍ୟ ସଙ୍ଗେ କଥାବାର୍ତ୍ତା କରିବା ତଥା ଯେକୌଣସି କାର୍ଯ୍ୟ କରିବା ସମୟରେ ନାମଜପ ଅବିରାମ କରିବାକୁ ହେବ । ଏହା ସକାଶେ ଦୃଢ଼ ସଂକଳ୍ପବଦ୍ଧ ଏବଂ ସତତ ସତର୍କ ରହିବାକୁ ହେବ । ମୁଖ ଧୋଇବା ପୂର୍ବରୁ ସାବଧାନ ହେବେ । ସେସମୟରେ ଜିହ୍ୱା ଜପ କରିପାରିବ ନାହିଁ, ମନେ ମନେ ଜପ କରିବା ଉଚିତ । ଜଳ ପିଇବା ଏବଂ ଭୋଜନ କରିବା ପୂର୍ବରୁ 'ମା'– ନାମଜପ ବନ୍ଦ ନ ହେବାକୁ ସଜାଗ ହେବେ । ଜଳ ପିଇବା ସମୟରେ ଜିହ୍ୱା ଓ ଓଷ୍ଠ କ୍ରିୟାଶୀଳ ନ ହୋଇ 'ମା'– ନାମଜପ ଚାଲିବ; ସେହିପରି ଭୋଜନ ସମୟରେ । ଅନ୍ୟ ସଙ୍ଗେ କଥାବାର୍ତ୍ତା କରିବା ପୂର୍ବରୁ ସଚେତ ରହିବେ । ଅନ୍ୟ ବ୍ୟକ୍ତିଙ୍କର କଥା ଶୁଣିବା ସମୟରେ ମଧ୍ୟ ନାମଜପ ଚାଲିଥିବ । ନିଜକୁ କହିବାକୁ ହେଲେ ଯେତିକି ଆବଶ୍ୟକ କେବଳ ସେତିକି କହିବେ । କଥା ସମାପ୍ତ ହେବା ସଙ୍ଗେ ସଙ୍ଗେ ନାମଜପ ଚାଲିବ । କେବଳ ନାମଜପରେହିଁ ସବୁ ଶ୍ରେଣୀର ସାଧକ ସାଧନାର ଆରମ୍ଭରୁ ସଚେତ ହୋଇ ପାରନ୍ତି । ଅଭୀପ୍ସା ସହ ଜିହ୍ୱାରେ ନିରନ୍ତର ଜପ କରି ସାଧକ ମହାନ୍ ଦୁର୍ଦ୍ଧର୍ଷ ପ୍ରବଳ ଶତ୍ରୁ ଯାନ୍ତ୍ରିକ ବିଚାର କବଳରୁ ରକ୍ଷା ପାଇ ପାରନ୍ତି । ନାମଜପ ନିରନ୍ତର ହେବା ଉଚିତ । ନାମଜପ ସମସ୍ତ ପ୍ରକାର ଯୋଗ ସକାଶେ ମହାନ୍ ଉପଯୋଗୀ । ଏହି କାରଣରୁ ନାମଜପକୁ ସମସ୍ତ ପ୍ରକାର ସାଧନାରେ ବହୁତ ଉଚ୍ଚ ସ୍ଥାନ ଦିଆ ହୋଇଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ 'ମା'– ଏହି ନାମଜପ, ଅଭୀପ୍ସା, ସମର୍ପଣ ଛଡ଼ା ଅନ୍ୟ କୌଣସି ପ୍ରକାର ସାଧନା ସାହାଯ୍ୟ କରିପାରେ ନାହିଁ । କାରଣ ଏହି ଯୋଗରେ ସାଧକ ଏବଂ ସାଧନା ସ୍ୱୟଂ ମା । ମାତୃଶକ୍ତି ଛଡ଼ା ସାଧକର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ସଂପୂର୍ଣ୍ଣ ଅସମ୍ଭବ । ଏହାର ସ୍ପଷ୍ଟ ପ୍ରମାଣ ହେଲା ଆଜିପର୍ଯ୍ୟନ୍ତ କୌଣସି ଯୋଗ, କୌଣସି ସାଧନା ଦ୍ୱାରା ସାଧକର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହୋଇ ନାହିଁ କିଂବା ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ହୋଇ ନାହାନ୍ତି । ସଂସାରରେ ଯେଉଁ ଅଜ୍ଞାନ, ଅସତ୍ୟ, ମିଥ୍ୟାଚାର ଥିଲା ତାହା କ୍ରମଶଃ ବଢୁଅଛି, କିନ୍ତୁ ସାଧକର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର ଦୂର ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

'ମା'– ନାମଜପର ପ୍ରଭାବ

ଶ୍ରୀଅରବିନ୍ଦ କହିଛନ୍ତି : ଏହି ଯୋଗର ମନ୍ତ୍ର, ମା – ଏହି ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ ।

ଶ୍ରୀମା କହିଛନ୍ତି – ''କେବଳ ଜପହିଁ ଶରୀର ଉପରେ ସିଧାସଳଖ କ୍ରିୟା କରିପାରେ ।'' ପୁଣି ମା କହିଛନ୍ତି – ସେ ଦଶ ବର୍ଷର ସାଧନା କେବଳ ଜପ ଦ୍ୱାରା ଅଳ୍ପ କେତେ ମାସରେ କରିଛନ୍ତି ।

ମନ୍ତ୍ରର ଅର୍ଥ ହେଉଛି – ସାଧନାର ଚାବି, ସାଧନାରେ ସିଦ୍ଧି, ବା ସାଧନା ଦ୍ୱାରା ଯେଉଁ ଇଷ୍ଟସିଦ୍ଧି ହେବ ସେହି ଇଷ୍ଟଙ୍କର ବାହ୍ୟ ରୂପ । ସେହି ନାମ ଦ୍ୱାରା ସାଧକ ନାମର ବିଗ୍ରହରୂପକୁ ଉପଲବ୍ଧି କରିପାରିବେ । ଏହି କାରଣରୁ ଇଷ୍ଟ ଏବଂ ନାମ ଅଭେଦ, ଏକ । ନାମଜପରେ ଇଷ୍ଟ ପ୍ରାପ୍ତି ସୁନିଶ୍ଚିତ । ବାହ୍ୟ ଜଗତରେ ମଧ୍ୟ ନାମରୂପ ଅଭେଦ, ଏକ । ଯେପରି କୌଣସି ବ୍ୟକ୍ତିକୁ ନ ଦେଖି, ନ ଚିହ୍ନି ତା'ରି ନାମରେ ଯଦି ୱାରେଣ୍ଟ କରାହୁଏ, ତେବେ ସେ ବ୍ୟକ୍ତି ଆସିବାକୁ

ବାଧ ହୁଏ । କୌଣସି ବ୍ୟକ୍ତିକୁ ନ ଚିହ୍ନି ତା' ନାଁ ଧରି ଡାକିଲେ ସେ ଅବଶ୍ୟ ଆସିଯାଏ । ମନ୍ତ୍ର ଅନୁଷ୍ଠାନରେ ବି ଯେଉଁ ଦେବତାଙ୍କ ନାମଜପ ହୁଏ ସେ ଦେବତା ସେଠାରେ ପ୍ରକଟ ହୁଅନ୍ତି ।

ଏହି ଯୋଗରେ ରୂପାନ୍ତର ସାଧିତ ହୁଏ ଅତିମାନସ ମାତୃଶକ୍ତି ଦ୍ୱାରା । ଅତିମାନସ ଶକ୍ତି ଏବଂ ମା ଏକ ତତ୍ତ୍ୱ । ଏହି ଦୃଷ୍ଟିରୁ ସାଧନାର ଆରମ୍ଭରୁ ମା'ଙ୍କ ଉପସ୍ଥିତି ଏକାନ୍ତ କାମ୍ୟ । ମା'ଙ୍କ ନାମଜପ କଲେ ମାତୃଶକ୍ତି ଅବତରଣ କରି ସାଧକ ମଧ୍ୟରେ ରୂପାନ୍ତର କ୍ରିୟା କରନ୍ତି । ରୂପାନ୍ତର କ୍ରିୟାହିଁ ମା'ଙ୍କ ଉପସ୍ଥିତି । ରୂପାନ୍ତର କ୍ରିୟା ହେଲେ ଅନ୍ତରାତ୍ମା ଅଧିକ ଜାଗ୍ରତ ହୁଅନ୍ତି ତଥା ସମର୍ପଣ ବି ଅଧିକ ହୁଏ ଏବଂ ଅଭୀପ୍ସା ମଧ୍ୟ ତୀବ୍ର ହୁଏ । ଏହି ଦୃଷ୍ଟିରୁ ମା'ଙ୍କ ନାମଜପ ବହୁତ ଆବଶ୍ୟକ ତଥା ସାଧନାରେ ବହୁତ ଉପଯୋଗୀ ।

'ମା'– ଏହି ନାମଜପ ଦ୍ୱାରା କଠିନ ରୂପାନ୍ତର ସାଧନା ସହଜ ହେବାରେ ଅନ୍ୟ କାରଣ ହେଲା – ଶାସ୍ତ୍ରରେ କୁହାହୋଇଛି, 'ମ' ଅକ୍ଷର ବା 'ମ'କାର ହେଉଛି ଚନ୍ଦ୍ରବୀଜ । ଚନ୍ଦ୍ରମା ଅମୃତ ଧାରଣ କରିଥା'ନ୍ତି । ସେ ଶୀତଳ, ଶାନ୍ତ, ଆନନ୍ଦସ୍ୱରୂପ । 'ମ' ଅକ୍ଷର ଉଚ୍ଚାରଣରେ ଶାନ୍ତି, ଆନନ୍ଦ ଏବଂ ଭକ୍ତି ସାଧକ ଆଧାରରେ ପ୍ରତିଷ୍ଠା ହୁଏ । ସାଧକର ଜୀବନରେ ବାଧାରୂପେ ଆସୁଥିବା ଅବସାଦ, ହିଂସା, ନିରାଶା, ଲୋଭ, ମୋହ, କାମକ୍ରୋଧାଦି ରିପୁ ସହଜରେ କ୍ରିୟାଶୀଳ ହୋଇପାରନ୍ତି ନାହିଁ । ସାଧକର ସାଧନାରେ ଉତ୍ସାହ, ପ୍ରସନ୍ନତା, ଆଗ୍ରହ ଉତ୍ପନ୍ନ ହୁଏ । ବାଧା ଅପେକ୍ଷାକୃତ କମ୍ ହୁଏ ଏବଂ ସାଧକର ଆଧାର ଶୁଦ୍ଧ ହେବାରୁ ଭାଗବତୀ ଶକ୍ତି ତା'ର ମନ-ପ୍ରାଣ-ଶରୀରରେ ଅବତରଣ କରି ରୂପାନ୍ତର କ୍ରିୟା ଆରମ୍ଭ କରନ୍ତି । 'ମ'ରେ ଯେଉଁ 'ଆ'କାର ('ା'), ଏହା ହେଉଛି ଅଗ୍ନିବୀଜ । ଆକାର ଅଗ୍ନିବୀଜ ହୋଇଥିବାରୁ 'ମା' ଏହି ନାମଜପରେ ସାଧକର ସଞ୍ଚିତ, କ୍ରିୟମାଣ, ପ୍ରାରବ୍ଧ ପ୍ରତିକୂଳ କର୍ମସବୁ ଭସ୍ମ ହୋଇଯାଏ । ପୃଥିବୀ ଆରମ୍ଭରୁ ସାଧକର ଜନ୍ମଜନ୍ମାନ୍ତରର ଦୁଷ୍କର୍ମ ଭସ୍ମ ହେବାରୁ ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି ତଥା ସାଧକର ମନ-ପ୍ରାଣ ମଧ୍ୟରେ ଥିବା ଅଜ୍ଞାନ, ମୋହ, ମାୟାର ଆବରଣ ହଟିଯାଏ । ଅନ୍ତରାତ୍ମାର ପ୍ରଭାବ ବୁଦ୍ଧିରେ ପଡ଼ିଲେ ବୁଦ୍ଧି ଶୁଦ୍ଧ, ପବିତ୍ର ହୁଏ । ସାଧକକୁ ବିମୋହିତ କରି ସାଧନା ମାର୍ଗରୁ ଟାଣି ନେଉଥିବା ବିରୋଧୀ ଶକ୍ତିଙ୍କର ଛଦ୍ମବେଶକୁ ସେ ଚିହ୍ନି ପାରନ୍ତି ।

ଏହିପରି ସବୁ ସମୟରେ 'ମା'– ଏହି ନାମଜପ କରିବା ସତ୍ତ୍ୱେ କିଛି ସମୟ ନିୟମିତରୂପେ ଧ୍ୟାନ କରିବା ଉଚିତ । କିନ୍ତୁ ଧ୍ୟାନ ସମୟରେ ଯଦି ଚେତନା ହୃଦୟ ଗଭୀରକୁ ପ୍ରବେଶ କରେ ତଥା ଭାଗବତୀ ଶକ୍ତିଙ୍କ କ୍ରିୟା ଶରୀରରେ ହେବାକୁ ଆରମ୍ଭ କରେ; ସେ ସମୟରେ ଯଦି ଏକାଗ୍ରତା ସ୍ଥାନରେ କିଂବା ଭାଗବତୀ ଶକ୍ତିଙ୍କ କ୍ରିୟା ହେଉଥିବା ସ୍ଥାନରେ 'ମା'– ଏହି ନାମ ଆବୃତ୍ତି ହେଉଥିବାର କଳ୍ପନା କରିବା ଅଭ୍ୟାସ ହୋଇ ନ ଥାଏ ତେବେ କିଛି ସମୟ ସକାଶେ ନାମଜପ ସ୍ଥଗିତ ରଖି ପାରନ୍ତି । କିନ୍ତୁ ଏହି ଅଭ୍ୟାସ ହୋଇଗଲେ ନାମଜପ ସବୁ ସମୟରେ ହେବା ଆବଶ୍ୟକ । ଭାଗବତୀ ଶକ୍ତିଙ୍କ କ୍ରିୟା ସ୍ଥାନରେ 'ମା'– ଏହି ନାମ ଆବୃତ୍ତି ହେଲେ ଭାଗବତୀ ଶକ୍ତିଙ୍କ କ୍ରିୟା ତୀବ୍ର ହୁଏ ଏବଂ କୌଣସି ବିଚାର ଆସିପାରେ ନାହିଁ ।

ଧ୍ୟାନ

ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ମସ୍ତକ-ଊର୍ଦ୍ଧ୍ୱରେ, ଆଜ୍ଞାଚକ୍ରରେ ତଥା ହୃତ୍‌କେନ୍ଦ୍ରରେ ଧ୍ୟାନ କରିବା ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ଶ୍ରୀମା ଶ୍ରୀଅରବିନ୍ଦ ଲେଖି ଅଛନ୍ତି । କିନ୍ତୁ ମସ୍ତକ-ଊର୍ଦ୍ଧ୍ୱ ଏବଂ ହୃଦୟ କେନ୍ଦ୍ରରେ ଧ୍ୟାନକୁ ଅଧିକ ଉପଯୋଗୀ ବୋଲି କହିଅଛନ୍ତି । ମସ୍ତକ-ଊର୍ଦ୍ଧ୍ୱରେ ଧ୍ୟାନ କଲେ ଚେତନା ଊର୍ଦ୍ଧ୍ୱକୁ ଉନ୍ମୁକ୍ତ ହୁଏ ଏବଂ ଊର୍ଦ୍ଧ୍ୱକୁ ଆରୋହଣ କରେ । ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ୟୋତି, ଜ୍ଞାନ, ଆନନ୍ଦ, ମାତୃଶକ୍ତି ସାଧକର ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କରନ୍ତି ଏବଂ ଭାଗବତୀ ଶକ୍ତି ସାଧକ ଆଧାରରେ ରୂପାନ୍ତର କ୍ରିୟା ମଧ୍ୟ କରନ୍ତି ।

ହୃଦୟ-ଗଭୀରରେ ଧ୍ୟାନ କଲେ ଅନ୍ତରାତ୍ମା (ଚୈତ୍ୟସତ୍ତା) ଜାଗ୍ରତ ହୁଅନ୍ତି; ଏବଂ ଭାଗବତୀ ଶକ୍ତିଙ୍କ ଅବତରଣ ସକାଶେ ତଥା ମନ-ପ୍ରାଣ-ଶରୀର ସମସ୍ତ ସତ୍ତା ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଅଭୀପ୍ସା କରନ୍ତି ।

ସାଧକକୁ ଲକ୍ଷ୍ୟର ସିଧା ମାର୍ଗରେ ପରିଚାଳିତ କରନ୍ତି । ଏହି କାରଣରୁ ହୃଦୟରେ ଧ୍ୟାନ କରିବା ଉଚିତ । ଧ୍ୟାନ ବିଷୟରେ ଶ୍ରୀମା 'ମାତୃବାଣୀ' ପୁସ୍ତକରେ କହିଛନ୍ତି –

''ହୃତ୍‌କେନ୍ଦ୍ରରେ ଏକାଗ୍ର ହୁଅ । ଭିତରକୁ ପ୍ରବେଶ କର – ଗଭୀରରୁ ଗଭୀରକୁ ଏବଂ ବହୁ ଦୂରକୁ, ଯେତେଦୂର ତୁମେ ଯାଇପାର ଯାଅ । ବାହାରେ ବିକ୍ଷିପ୍ତ ହୋଇଥିବା ତୁମ ନିଜ ଚେତନାର ସମସ୍ତ ଖିଅକୁ ଏକତ୍ର କର, ଦୃଢ଼ଭାବେ କେନ୍ଦ୍ରିତ କର ଏବଂ ହୃଦୟର ନିଭୃତରେ ଡୁବିଯାଅ, ଏକେବାରେ ତଳକୁ ।

''ହୃଦୟର ଗଭୀର ନୀରବତା ମଧ୍ୟରେ ଏକ ଅଗ୍ନିଶିଖା ଜଳୁଛି – ଏହାହିଁ ହେଲା ତୁମ ଅନ୍ତରର ଦେବତା– ତୁମର ଯଥାର୍ଥ ଚୈତ୍ୟପୁରୁଷ (ହୃତ୍‌ପୁରୁଷ) । ତାଙ୍କ ବାଣୀ ଶୁଣ ଏବଂ ତାଙ୍କ ଆଦେଶ ପାଳନ କର ।

''ଆହୁରି ମଧ୍ୟ ଏକାଗ୍ରତା ନିମିତ୍ତ ଅନ୍ୟାନ୍ୟ କେନ୍ଦ୍ର ଅଛି ଉଦାହରଣସ୍ୱରୂପ, ଗୋଟିଏ ମସ୍ତକ-ଊର୍ଦ୍ଧ୍ୱରେ ଏବଂ ଅନ୍ୟଟି ଭ୍ରୂଯୁଗଳ ମଧ୍ୟରେ । ପ୍ରତ୍ୟେକଟିର ଉପଯୋଗିତା ଅଛି ଏବଂ ପ୍ରତ୍ୟେକେ ବିଶେଷ ଫଳ ଦିଅନ୍ତି । କିନ୍ତୁ କେନ୍ଦ୍ରସ୍ଥ ସତ୍ତା ରହିଛି ହୃଦୟରେ ଏବଂ ସେହିଠାରୁହିଁ ଜନ୍ମନିଏ ସକଳ କେନ୍ଦ୍ରୀୟ ଗତିବୃତ୍ତି, ରୂପାନ୍ତର ଓ ଉପଲବ୍ଧିର ସକଳ ଗତି ଓ ପ୍ରେରଣା ।''

ଉପରୋକ୍ତ ପ୍ରଣାଳୀରେ ଯେଉଁମାନେ ଧ୍ୟାନ କରିପାରନ୍ତି ନାହିଁ ସେମାନେ ଧ୍ୟାନର ଏକେବାରେ ଆରମ୍ଭିକ ଅବସ୍ଥାରେ ଶ୍ରୀମା'ଙ୍କ ଫଟୋ କିଂବା ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୁଗଳ ଫଟୋକୁ ଆଖି ଖୋଲି ଦେଖନ୍ତୁ । ପରେ ଆଖି ବନ୍ଦ କରି ଦେଖନ୍ତୁ । ଆଖି ବନ୍ଦ କରି ଦେଖି ପାରିଲେ ହୃଦୟରେ ସେହି ମୂର୍ତ୍ତିକୁ ରଖି ତା'ରି ଆଡ଼କୁ ମୁଖ କରି ନିଜେ ବସିଥିବାର କଳ୍ପନା କରନ୍ତୁ ଏବଂ ସେହି ଫଟୋରେ ଏକାଗ୍ର ହେବାକୁ ଚେଷ୍ଟା କରନ୍ତୁ ତଥା ଗଭୀରକୁ ଯିବାକୁ ମଧ୍ୟ ସଂକଳ୍ପ କରନ୍ତୁ । ଯଦି ନ ଯାଇ ହେଲା ତେବେ ସେହିଠାରେ ରହନ୍ତୁ । ଯଦି ବିଚାର-ସବୁ ଆସନ୍ତି ତେବେ ସେସବୁକୁ ଭିତରେ ପ୍ରବେଶ କରିବାକୁ ନ ଦେଇ ବାହାରେ ରଖନ୍ତୁ । ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଏହିପରି କରନ୍ତୁ । ସହଜରେ ଯଦି ଏହିପରି ଏକାଗ୍ର ରହିପାରିଲେ ତେବେ ଅଧିକ ସମୟ ରହିବାକୁ ଚେଷ୍ଟା କରନ୍ତୁ । ଯଦି ବିଚାର ଆସେ ତେବେ ମା'ଙ୍କ ଫଟୋକୁ ଧ୍ୟାନ କରିବା ସଙ୍ଗେ ସଙ୍ଗେ 'ମା'– ଏହି ନାମ ଜିହ୍ୱାରେ ଶୀଘ୍ର ଶୀଘ୍ର ଜପ କରନ୍ତୁ । ଏହିପରି କଲେ କୌଣସି ବିଚାର ଆସିବ ନାହିଁ । ଏହିପରି ନିଷ୍ଠାର ସହିତ ଅଭ୍ୟାସ କଲେ ଏକାଗ୍ରତା ସ୍ୱାଭାବିକରୂପେ ଆସିବ । ସେତେବେଳେ ମା'ଙ୍କ ଫଟୋ ରହିବ ନାହିଁ; କେବେ ମସ୍ତକର ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ତଥା ଶାନ୍ତି, ଆନନ୍ଦ, ଜ୍ଞାନ ଅବତରଣ କରିବ ଏବଂ ଚେତନା ହୃଦୟ ଗଭୀରକୁ ଯିବାକୁ ଆରମ୍ଭ କରିବ । ଯେତେ ଗଭୀରକୁ ଯାଇ ପାରିବେ ସେତେ ଗଭୀରକୁ ଯାଆନ୍ତୁ । ଯେଉଁଠାରେ ଚେତନା ଅଟକିଯିବ ସେହିଠାରେ ରହିଯା'ନ୍ତୁ । ଯେତେ ସମୟ ପର୍ଯ୍ୟନ୍ତ ସେଠାରେ ରହି ପାରିବେ ରହନ୍ତୁ । ସେତେବେଳେ ଶାନ୍ତି ଆନନ୍ଦରେ ଡୁବିଯିବାକୁ ହୁଏ । ହୃଦୟ-ଗଭୀରରୁ ଚେତନା ବାହାରିଲେ ସେ ଯେଉଁ ଅଙ୍ଗକୁ, ଯେଉଁ ସ୍ଥାନକୁ ଯିବ, ଯେପରି ଗତି କରିବ ସେଥିରେ ଟିକିଏ ମାତ୍ର ବାଧା ନ ଦେଇ ସେ ଯେପରି କାର୍ଯ୍ୟ କରିବ ସେଥିରେ ନିଜର ସଂକଳ୍ପ ସହ ନିଜ ସମ୍ମତି ପୂର୍ଣ୍ଣରୂପେ ଦେଉଥିବେ । ତା' ଗତିରେ କୌଣସି ପ୍ରକାର ବାଧା ଦେବେ ନାହିଁ । ଏହାହିଁ ଭାଗବତୀ ଶକ୍ତିଙ୍କର ରୂପାନ୍ତର କ୍ରିୟା । ଏହି ଯୋଗରେ ଭାଗବତୀ ଶକ୍ତିଙ୍କର ଅବତରଣ ତଥା ରୂପାନ୍ତର କ୍ରିୟା କେବଳ ଧ୍ୟାନ ଦ୍ୱାରା ହୁଏ ନାହିଁ । ପ୍ରଥମରେ କୁହା ହୋଇଛି – ଏହି ଯୋଗର ଚାବି ବା ଭିତ୍ତି ସମର୍ପଣ ତଥା ଅଭୀପ୍ସା । 'ମା'– ଏହି ନାମଜପରେ ଅଭୀପ୍ସା ଏବଂ ସମର୍ପଣ ସହଜ ହୁଏ ତଥା ମନ-ପ୍ରାଣ-ଶରୀରରେ ଶୁଦ୍ଧତା ଆସେ । ତେବେ ଅନ୍ତରାତ୍ମାଙ୍କ ଜାଗରଣ ହୁଏ । ସେ ଜାଗ୍ରତ୍ ହେଲେ ଅଭୀପ୍ସା କରନ୍ତି । ତାଙ୍କରି ଅଭୀପ୍ସାରେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରି ସାଧକଙ୍କ ସତ୍ତାରେ ରୂପାନ୍ତର କ୍ରିୟା ଆରମ୍ଭ କରନ୍ତି । ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟା ପ୍ରଥମ ଅବସ୍ଥାରେ ଆସ୍ତେ ଆସ୍ତେ ହୁଏ । ସେ ସମୟରେ ବାହ୍ୟ ବିଚାର ସାଧକ ମନରେ ପ୍ରବେଶ କରି ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟାକୁ ବ୍ୟାହତ କରେ । ସେ ସମୟରେ ସାଧକ ବିଚାର ସହିତ ଏକ ନ ହୋଇ ଭାଗବତୀ ଶକ୍ତିଙ୍କ କ୍ରିୟା ସଙ୍ଗେ ସେହି ସ୍ଥାନରେ ଜିହ୍ୱା ଓଠ ନ ହଲାଇ କେବଳ 'ମା'–ନାମ ମନେ ମନେ ଆବୃତ୍ତି କଲେ କୌଣସି ବିଚାର ଆସିବ ନାହିଁ ଏବଂ ଭାଗବତୀ ଶକ୍ତିଙ୍କ କ୍ରିୟା ତୀବ୍ର ହେବ ।

ମା କହିଛନ୍ତି, 'I have also come to realize that for this sadhana of the body, the mantra is essential.' 'ମୁଁ ମଧ୍ୟ ଉପଲବ୍ଧି କରିଛି ଯେ ଶରୀର ସାଧନା ସକାଶେ ଅର୍ଥାତ୍ ଶରୀର ରୂପାନ୍ତର ସକାଶେ ମନ୍ତ୍ରଜପ ଏକାନ୍ତ ଆବଶ୍ୟକ ।' ପୁନଶ୍ଚ କହିଛନ୍ତି, 'because only japa has a direct action on the body.' 'କାରଣ କେବଳ ଜପହିଁ ଶରୀରରେ ସିଧା କ୍ରିୟା କରିପାରେ ।'

Question : But for us who want an integral realization, are all these mantras and this daily japa really a help, or do they also shut us in ?

The Mother's Answer : It gives discipline. It's an almost subconscious discipline of the character more than of thought.

Especially at the beginning, Sri Aurobindo used to shatter to pieces all moral ideas (you know, as in the *Aphorisms*, for example). He shattered all those things, he shattered them, really shattered them to pieces. So there's a whole group of youngsters here who were brought up with this idea that 'we can do whatever we want, it does't matter in the least !'– that they need not bother about all those concepts of ordinary morality. I've had a hard time making them understand that this morality can be abandoned only for a higher one... So, one has to be careful not to give them the Power too soon.

It's an almost physical discipline. Moreover, I have seen that the japa has an organizing effect on the subconscient, on the inconscient, on matter, on the body's cells– it takes time, but by persistently repeating it, in the long run it has an effect. It is the same principle as doing daily exercises on the piano, for example. You keep mechanically repeating them, and in the end your hands are filled with consciousness – it fills the body with consciousness.

(Agenda, Vol. I, p. 420-21)

ପ୍ରଶ୍ନ : କିନ୍ତୁ ଆମେ ଯେଉଁମାନେ ଏକ ପୂର୍ଣ୍ଣାଙ୍ଗ ସିଦ୍ଧି ଚାହୁଁ ସେମାନଙ୍କ ପାଇଁ ଏହିସବୁ ମନ୍ତ୍ର ଓ ଏହି ଦୈନନ୍ଦିନ ଜପ କ'ଣ ବାସ୍ତବରେ ଏକ ସାହାଯ୍ୟ ନା ଏକ ସୀମାବଦ୍ଧତା ?

ଶ୍ରୀମା'ଙ୍କ ଉତ୍ତର : ଏହା ଆଣିଦିଏ ଏକ ଶୃଙ୍ଖଳା । ଚିନ୍ତା କ୍ଷେତ୍ରରେ ଯେତେ ନୁହେଁ, ବ୍ୟକ୍ତି ସ୍ୱଭାବରେ ଏହା ଆଣିଦିଏ ପୂରାପୂରି ଏକ ଅବଚେତନାଗତ ଶୃଙ୍ଖଳା ।

ବିଶେଷ କରି ଆରମ୍ଭରେ ଶ୍ରୀଅରବିନ୍ଦ ସବୁ ନୈତିକ ଆଦର୍ଶକୁ (ଉଦାହରଣସ୍ୱରୂପ, ତାଙ୍କର ସଂକ୍ଷିପ୍ତ ସାରଗର୍ଭକ ସୂତ୍ରଗୁଡ଼ିକ Aphorisms ରେ) ଭାଙ୍ଗି ଚୂରି ଦେଇଥିଲେ ବା ସେହିସବୁ ନୈତିକତାର କଥାକୁ ସେ ଭାଙ୍ଗି ଦେଇଥିଲେ, ବାସ୍ତବରେ ଭାଙ୍ଗି ଚୂରମାର କରି ଦେଇଥିଲେ । ତେଣୁ ଏଠାକାର ତରୁଣଗୋଷ୍ଠୀ, ଯେଉଁମାନେ ଏହି ଧାରଣା ମଧ୍ୟରେ ବଢ଼ି ଆସିଥିଲେ ଯେ 'ଆମେ ଯାହା ଇଚ୍ଛା ତାହା କରିପାରୁ, ସେଥିରେ କିଛି ଯାଏ ଆସେ ନାହିଁ !'– ସେମାନଙ୍କୁ ଆଉ

ସାଧାରଣ ନୈତିକତାର ଆଦର୍ଶ ସମ୍ବନ୍ଧେ ଭାବିବାକୁ ପଡ଼ିଲା ନାହିଁ । ମୋତେ ବହୁତ କଷ୍ଟ ସ୍ୱୀକାର କରି ସେମାନଙ୍କୁ ବୁଝାଇବାକୁ ପଡ଼ିଥିଲା ଯେ କେବଳ ଏକ ଉଚ୍ଚତର ଆଦର୍ଶରେ ଉତ୍ତୀର୍ଣ୍ଣ ହେଲେହିଁ ଏହି ନୈତିକତାକୁ ତ୍ୟାଗ କରାଯାଇ ପାରେ... । ତେଣୁ ସେମାନଙ୍କୁ ଏତେ ଶୀଘ୍ର ଏହି ଶକ୍ତି ପ୍ରଦାନ ନ କରିବା ଲାଗି ସତର୍କ ହେବାକୁ ହେବ ।

ଏହା ପୂରାପୂରି ଏକ ଭୌତିକ ଶୃଙ୍ଖଳା । ଅଧିକନ୍ତୁ ମୁଁ ଦେଖିଛି ଯେ ଜପର ଅବଚେତନା ଉପରେ, ନିଶ୍ଚେତନା ଉପରେ, ଜଡ଼ ଉପରେ, ଶରୀରର କୋଷାଣୁଗୁଡ଼ିକ ଉପରେ ଏକ ସଙ୍ଗଠନକାରୀ ପ୍ରଭାବ ରହିଛି । ଏଥିପାଇଁ ସମୟ ଆବଶ୍ୟକ, କିନ୍ତୁ ନିରନ୍ତର ପୁନରାବୃତ୍ତି କଲେ ପରିଶେଷରେ ଏହାର ପ୍ରଭାବ ଉପଲବ୍ଧି କରିହେବ । ଉଦାହରଣସ୍ୱରୂପ, ପ୍ରତିଦିନ ପିଆନୋ ଅଭ୍ୟାସ କରିବା ଭଳି ଏହା ଏକା କଥା । ପିଆନୋ ଅଭ୍ୟାସ କରିବା ସମୟରେ ତୁମେ ଯାନ୍ତ୍ରିକ ଭାବରେ ପୁନରାବୃତ୍ତି କରିବାରେ ଲାଗିଥାଅ ଓ ପରିଶେଷରେ ତୁମ ହାତ ସେହି ଚେତନାରେ ଭରିଉଠେ – ଏହା ତୁମ ଶରୀରକୁ ଚେତନାରେ ଭରପୂର କରିଦିଏ ।

The Mother and Sri Aurobindo are my refuge.
ଶ୍ରୀମାତା ଶ୍ରୀଅରବିନ୍ଦଃ ଶରଣଂ ମମ ।

(White Roses, Jan. 1967)
(ଶ୍ରୀମା ଏହି ମନ୍ତ୍ର ଦେଇଛନ୍ତି)

''To the most stubborn goes the victory.

''When I started my japa one year ago, I had to struggle with every possible difficulty, every contradiction, prejudice and opposition that fills the air. And even when this poor body began walking back and forth for japa, it used to knock against things, it would start breathing all wrong, coughing; it was attacked from all sides until the day I caught the Enemy and said, 'Listen carefully. You can do whatever you want, but I'm going right to the end and nothing will stop me, even if I have to repeat this mantra ten crore times.' The result was really miraculous, like a cloud of bats flying up into the light all at once. From that moment on, things started going better.''

(Agenda, Vol. I. p.356)

''ସବୁଠୁ ଦୃଢ଼ମନା ବ୍ୟକ୍ତିହିଁ ବିଜୟଶ୍ରୀ ମଣ୍ଡିତ ହୁଏ ।

''ବର୍ଷକ ପୂର୍ବେ ଯେତେବେଳେ ମୁଁ ମୋର ଜପ ଆରମ୍ଭ କଲି, ମୋତେ ବାତାବରଣରେ ପୂରି ରହିଥିବା ସମସ୍ତ ସମ୍ଭାବ୍ୟ ଅସୁବିଧା, ବିରୋଧ, କୁସଂସ୍କାର ଓ ବାଧା ସହ ସଂଗ୍ରାମ କରିବାକୁ ପଡ଼ିଥିଲା । ଏପରିକି ଯେତେବେଳେ ବିଚରା ଏହି ଶରୀର ଜପ ନିମନ୍ତେ ଏପାଖ ସେପାଖ ଚାଲବୁଲ କରିବାକୁ ଆରମ୍ଭ କଲା, ତାକୁ ବିଭିନ୍ନ ବସ୍ତୁରାଜି ସହ ଧକ୍କା ଖାଇବାକୁ ହେଉଥିଲା – ଏହାର ଶ୍ୱାସକ୍ରିୟା ଗୋଳମାଳ ହୋଇ ଯାଉଥିଲା, କାଶ ଆରମ୍ଭ ହୋଇ ଯାଉଥିଲା । ମୁଁ ଶତ୍ରୁକୁ ଧରି ଏଇ କଥା କହିଲି – ''ସାବଧାନ ହୋଇ ଶୁଣ । ତୁ ଯାହା ଇଚ୍ଛା ତା' କରିପାରୁ, ମୁଁ କିନ୍ତୁ ସିଧା ଶେଷ ପର୍ଯ୍ୟନ୍ତ ଯାଉଛି, କିଛି ବି ମୋତେ ଅଟକାଇ ପାରିବ ନାହିଁ; ଏପରିକି ଯଦି ମୋତେ ଦଶକୋଟି ଥର ଏହି ମନ୍ତ୍ରକୁ ଜପ କରିବାକୁ ପଡ଼େ ବି''– ଏହା କହିବା ପର୍ଯ୍ୟନ୍ତ ଏହି ଶରୀର ସବୁ ଦିଗରୁ ଆକ୍ରମଣର ସମ୍ମୁଖୀନ ହେଉଥିଲା । ଏପରି

କରିବାର ପରିଣାମ ବାସ୍ତବରେ ଆଶ୍ଚର୍ଯ୍ୟଜନକ ଫଳ ଦେଲା, ଯେପରି ବାଦୁଡ଼ିମାନଙ୍କର ଏକ କଳାମେଘ ହଠାତ୍ ଆଲୋକ ମଧ୍ୟକୁ ଉଡ଼ି ଚାଲିଗଲା । ସେହି ମୁହୂର୍ତ୍ତରୁ ବସ୍ତୁ ସକଳ ଅପେକ୍ଷାକୃତ ଭଲ ହେବାକୁ ଆରମ୍ଭ କଲା ।

ତାତ୍ପର୍ଯ୍ୟ

ଶ୍ରୀମା ରୂପାନ୍ତର ଯୋଗ ସାଧନାରେ ଜପକୁହିଁ ସର୍ବଶ୍ରେଷ୍ଠ ସ୍ଥାନ ଦେଇଅଛନ୍ତି । ସେ କହିଅଛନ୍ତି, ''ଶରୀର ରୂପାନ୍ତର ସକାଶେ ସମର୍ପଣ ଏବଂ ଅଭୀପ୍ସା ପର୍ଯ୍ୟାପ୍ତ ନୁହେଁ, ଜପ ଆବଶ୍ୟକ । ଜପ ସିଧାସଳଖ ଶରୀର ଉପରେ କ୍ରିୟା କରେ । ମୁଁ ଦଶ ବର୍ଷର ସାଧନା ଅଳ୍ପ କେତେ ମାସ ମଧ୍ୟରେ କରି ପାରିଛି ।''

ପୁନରାୟ ମା କହୁଛନ୍ତି, ''ବାସ୍ତବ ପକ୍ଷରେ ଯେଉଁମାନେ ମନ୍ତ୍ରଜପ କରନ୍ତି ଓ ଯେଉଁମାନେ କରନ୍ତି ନାହିଁ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତୁମେ ତତ୍‌କ୍ଷଣାତ୍ ଦେଖିପାରିବ । ଯେଉଁମାନେ ମନ୍ତ୍ରଜପ କରନ୍ତି ନାହିଁ, ଏପରିକି ସେମାନଙ୍କର ଧ୍ୟାନ ଏବଂ ଏକାଗ୍ରତାରେ ଏକ କଠୋର ଅଭ୍ୟାସ ଥିଲେ ବି ସେମାନଙ୍କ ଚତୁଃପାର୍ଶ୍ୱରେ କିଛି କୁହୁଡ଼ିଆ ଓ ଅସ୍ପଷ୍ଟ ରହିଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଜପ ଅଭ୍ୟାସ କରନ୍ତି ଏହା ସେମାନଙ୍କୁ ଆଣି ଦେଇଥାଏ ଏକ ପ୍ରକାର ସୁନିର୍ଦ୍ଦିଷ୍ଟତା, ଘନୀଭୂତତା, ଯାହାକି ଏକ ବର୍ମାବୃତ ଅବସ୍ଥା ଭଳି । ସେମାନେ ଯେପରି ଶକ୍ତିର ପ୍ରଲେପାବୃତ ସଦୃଶ ହୋଇଯାଆନ୍ତି ।''

ପୁନରାୟ ମା କହୁଛନ୍ତି, ''ମୁଁ ଦେଖିଛି ଜପର ଅବଚେତନା ଉପରେ, ନିଶ୍ଚେତନା ଉପରେ, ଜଡ଼ ଉପରେ, ଶରୀରର କୋଷଗୁଡ଼ିକ ଉପରେ ଏକ ସଂଗଠନକାରୀ ପ୍ରଭାବ ରହିଅଛି । ଏ ସକାଶେ ସମୟ ଆବଶ୍ୟକ । ନିରନ୍ତର ପୁନରାବୃତ୍ତି କଲେ ପରିଶେଷରେ ଏହାର ପ୍ରଭାବ ଉପଲବ୍ଧି କରିହେବ । ଉଦାହରଣସ୍ୱରୂପ, ପ୍ରତିଦିନ ପିଆନୋ ଅଭ୍ୟାସ କରିବା ପରି ଏହା ଏକା କଥା । ପିଆନୋ ଅଭ୍ୟାସ କରିବା ସମୟରେ ତୁମେ ଯାନ୍ତ୍ରିକ ଭାବରେ ପୁନରାବୃତ୍ତି କର । କିନ୍ତୁ ପରିଶେଷରେ ତୁମ ହାତ ସେହି ଚେତନାରେ ଭରିଉଠେ – ଏହା ତୁମ ଶରୀରକୁ ଚେତନାରେ ଭରପୂର କରିଦିଏ ।''

ଏହିସବୁ ମା'ଙ୍କ ବାକ୍ୟରୁ ସ୍ପଷ୍ଟ ବୁଝାଯାଉଅଛି, ଶରୀର ରୂପାନ୍ତର ସକାଶେ ଜପକୁହିଁ ଶ୍ରୀମା ଶ୍ରେଷ୍ଠ ସ୍ଥାନ ଦେଇଅଛନ୍ତି । କାରଣ ନାମଜପରେହିଁ ସାଧକ ସହଜରେ ସତତ ସଚେତ ରହିପାରନ୍ତି । ଜପରେହିଁ କଠିନ ସମର୍ପଣ, ଅଭୀପ୍ସା ଅଳ୍ପ ପ୍ରୟାସରେ ହୁଏ; ଏକାଗ୍ରତା ସ୍ୱତଃସ୍ଫୂର୍ତ୍ତଭାବେ ଆସେ; କଠିନ, ଦୁରୂହ ଯାନ୍ତ୍ରିକ ବିଚାରରୁ ସାଧକ ଅଳ୍ପ ପ୍ରୟାସରେ ମୁକ୍ତ ହୋଇପାରନ୍ତି ତଥା ସମସ୍ତ ପ୍ରକାର ବାଧାବିପତ୍ତି, ଦୁଃଖକଷ୍ଟ, ମନସ୍ତାପ, ବିରୋଧୀ ଶକ୍ତିର ଆକ୍ରମଣରୁ ନାମ ପ୍ରଭାବରେ ସାଧକ ରକ୍ଷା ପାଇ ଲକ୍ଷ୍ୟପ୍ରାପ୍ତି ମାର୍ଗରେ ଉତ୍ସାହ, ଆଗ୍ରହ, ପ୍ରସନ୍ନତାରେ ଅଗ୍ରସର ହୋଇପାରନ୍ତି । ଅତଏବ ଆମେମାନେ ସତତ, ନିରନ୍ତର ନାମଜପ କରିବା ଏକାନ୍ତ ଆବଶ୍ୟକ ।

ଆତ୍ମାର ଆହ୍ୱାନ ଏବଂ ଆତ୍ମାର ଜାଗୃତି

ଆତ୍ମାର ଆହ୍ୱାନ ଏବଂ ଆତ୍ମାର ଜାଗୃତି

ଆତ୍ମା ଜାଗ୍ରତ୍ ହେଲେ ବ୍ୟକ୍ତି ଭଗବଦାଭିମୁଖୀ ହୁଏ । କିନ୍ତୁ ଭଗବତ୍ ପ୍ରାପ୍ତି ସକାଶେ ଗୃହ-ସଂସାର ତ୍ୟାଗକରି ତୀବ୍ରଭାବେ ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତ ହୋଇପାରେ ନାହିଁ, କିଂବା ଗୃହରେ ସଂପୂର୍ଣ୍ଣଭାବେ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିପାରେ ନାହିଁ ।

ବ୍ୟକ୍ତିର ଆତ୍ମା ଜାଗ୍ରତ୍ ହେଲେ ସେହି ଜନ୍ମରେ କିଂବା କେତେ ସୁକୃତ ସଞ୍ଚୟ ଅଥବା ଆଧାର ଶୁଦ୍ଧି ହେବାପରେ ତା' ଆତ୍ମାର ଆହ୍ୱାନ ଆସିପାରେ । କୌଣସି ବ୍ୟକ୍ତିର ଆତ୍ମା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଆତ୍ମାର ଆହ୍ୱାନ ଆସେ । ଯେପରି ବିଲ୍ୱମଙ୍ଗଳ, ସମର୍ଥ ରାମଦାସ, ରୂପ ସନାତନ । ବ୍ୟକ୍ତି ଆତ୍ମାର ଆହ୍ୱାନ ପାଇଲେ ସେ ଘରସଂସାର ଏବଂ ଭଗବତ୍ ପ୍ରାପ୍ତିର ସମସ୍ତ ପ୍ରତିକୂଳ ବସ୍ତୁ ତ୍ୟାଗ କରି ସାଧନାରେ ପ୍ରବୃତ୍ତ ହୁଏ । କୌଣସି ବ୍ୟକ୍ତିର ପୂର୍ବଜନ୍ମର ସଂସ୍କାର ଅଥବା ବିଶେଷ କାରଣ ବା ଭଗବାନଙ୍କ ବିଧାନ ଯୋଗୁଁ ତାଙ୍କୁ ଯଦି ଗୃହରେ ରହିବାକୁ ହୁଏ, ତେବେ ସେ ଗୃହ ସଂସାରର ଆସକ୍ତି, କାମନା, ବାସନା ତ୍ୟାଗକରି ସମସ୍ତ ଘର ଏବଂ ଘରର କାର୍ଯ୍ୟ ଭଗବାନଙ୍କର ଜାଣି ଭଗବତ୍ ସେବାରୂପେ କରନ୍ତି ଏବଂ ତୀବ୍ରଭାବେ ସାଧନାରେ ପ୍ରବୃତ୍ତ ହୁଅନ୍ତି । ଆତ୍ମା ଜାଗ୍ରତ୍ ହେଲେ ବ୍ୟକ୍ତି ଭଗବାଦାଭିମୁଖୀ ହୁଏ, କିନ୍ତୁ ତୀବ୍ରଭାବେ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରିପାରେ ନାହିଁ । ତା'ର ପ୍ରଯତ୍ନ ହୁଏ ଶିଥିଳ । ଆତ୍ମ-ଆହ୍ୱାନପ୍ରାପ୍ତ ବ୍ୟକ୍ତି ତୀବ୍ରଭାବେ ଭଗବତ୍ ପ୍ରାପ୍ତିର ସାଧନାରେ ପ୍ରବୃତ୍ତ ହୁଏ । ଆତ୍ମାଜାଗୃତି ଓ ଆତ୍ମାର ଆହ୍ୱାନ ମଧ୍ୟରେ ଏହାହିଁ ପାର୍ଥକ୍ୟ ।

ଚାରିପ୍ରକାର ବ୍ୟକ୍ତି ଆତ୍ମାର ଆହ୍ୱାନ ପ୍ରାପ୍ତ କରିପାରନ୍ତି । ଆତ୍ମାର ଆହ୍ୱାନପ୍ରାପ୍ତ ପ୍ରଥମ ଶ୍ରେଣୀର ବ୍ୟକ୍ତି ହୁଅନ୍ତି ମୁକ୍ତ ଆତ୍ମା, ଅଥବା ଭଗବାନଙ୍କ ବିଭୂତି । ସେମାନେ ଭଗବାନଙ୍କର ବିଶେଷ କାର୍ଯ୍ୟ କରିବା ସକାଶେ ଏହି ସଂସାରକୁ ଆସିଥା'ନ୍ତି । ସେମାନଙ୍କୁ ଆରମ୍ଭରୁ ସ୍ପଷ୍ଟ ବା ଅସ୍ପଷ୍ଟ ରୂପେ ଭଗବାନ୍ ପରିଚାଳନା କରନ୍ତି । ଯଥାସମୟରେ ସେମାନେ ଆତ୍ମାର ଆହ୍ୱାନ ପ୍ରାପ୍ତକରି ସାଧନାରେ ପ୍ରବୃତ୍ତ ହୁଅନ୍ତି ଏବଂ ଭଗବାନଙ୍କର କାର୍ଯ୍ୟ କରନ୍ତି । ଏମାନଙ୍କର ଆତ୍ମା ପୂର୍ଣ୍ଣରୂପେ ଜାଗ୍ରତ୍ ତଥା ସମ୍ମୁଖରେ ଥାଏ । ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ ଏମାନେ ଭଗବାନଙ୍କର ବିଶେଷ ବିଭୂତି । ସ୍ୱାମୀ ରାମଦାସ, ଗୁରୁନାନକ, କବୀର, ଦାହୁ, ଅଚ୍ୟୁତାନନ୍ଦ ଦାସ, ଶ୍ରୀଧର ସ୍ୱାମୀ, ମାଧବ ଦାସ ଓଗେର ମହାପୁରୁଷ ମୁକ୍ତକୋଟିର ଆତ୍ମା । ସୁତରାଂ ଏହି ମହାପୁରୁଷମାନେ ଏହି ଅଜ୍ଞାନ ସଂସାରକୁ ଆସି ପିତାମାତାଙ୍କ ଭୌତିକ ଶରୀରର ଅଂଶ ରୂପେ ନିଜ ଶରୀର ଗ୍ରହଣ କରିବାରୁ ଏମାନେ ଅଜ୍ଞାନ ଆବରଣରୁ ପୂର୍ଣ୍ଣତଃ ଜନ୍ମର ଆରମ୍ଭରୁ ମୁକ୍ତ ହୋଇପାରନ୍ତି ନାହିଁ । କିନ୍ତୁ ଏମାନଙ୍କ ଆତ୍ମା ସର୍ବଦା ଜାଗ୍ରତ୍ ଥାଏ ଏବଂ ଏମାନେ ଜ୍ଞାତ ବା ଅଜ୍ଞାତରେ ଜନ୍ମ ଆରମ୍ଭରୁ ଭଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି । ଯଥାର୍ଥ ସମୟରେ ଆତ୍ମାର ଆହ୍ୱାନ ପାଇ ନିଜ କର୍ମ ତଥା ସାଧନାରେ ତୀବ୍ରଭାବେ ପ୍ରବୃତ୍ତ ହୁଅନ୍ତି । ଲକ୍ଷ୍ୟପ୍ରାପ୍ତିର କେନ୍ଦ୍ରୀୟ ସଂକଳ୍ପ ଏମାନଙ୍କର ମହାନ ଦୃଢ଼ ଥାଏ । ଏମାନଙ୍କୁ ସଂସାରରେ ଭଗବାନଙ୍କର ବିଶେଷ କାର୍ଯ୍ୟ କରିବାକୁ ହୁଏ । ସେଥିପାଇଁ ପ୍ରତିକୂଳ ଶକ୍ତି ମହାନ ବାଧା-ବିପତ୍ତି ଏମାନଙ୍କ ମାର୍ଗରେ ଉପସ୍ଥାପିତ କରନ୍ତି । ଏମାନଙ୍କୁ ମଧ୍ୟ ସେସବୁକୁ ଅତିକ୍ରମ କରିବାକୁ ହୁଏ ।

ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ମୁକ୍ତ ଆତ୍ମା ନୁହନ୍ତି, କିନ୍ତୁ ଜନ୍ମଜନ୍ମାନ୍ତରରୁ ସାଧନା କରି ଆସିଥା'ନ୍ତି ଏବଂ ସାଧନାରେ ବିଶେଷ ଅଗ୍ରସର ହୋଇଥା'ନ୍ତି । ସେମାନଙ୍କ ପୂର୍ବଜନ୍ମର ସାଧନା ସେମାନଙ୍କ ଜନ୍ମ ସଙ୍ଗେ ସଙ୍ଗେ ଥାଏ । ଏହି ଶ୍ରେଣୀର ବ୍ୟକ୍ତିଙ୍କ ଆତ୍ମା ଆରମ୍ଭରୁ ଜାଗ୍ରତ୍ ଥାଏ କିଂବା ଭଗବତବିଧାନାନୁସାରେ ଆତ୍ମା ଆବରଣରେ ଥାଏ । ସୁତରାଂ ଉପଯୁକ୍ତ ସମୟରେ ଏମାନେ ଆତ୍ମାର ଆହ୍ୱାନ ପାଇ ତୀବ୍ରଭାବେ ସାଧନାରେ ପ୍ରବୃତ୍ତ ହୁଅନ୍ତି । ଏମାନଙ୍କ କେନ୍ଦ୍ରୀୟ ସଙ୍କଳ୍ପ ମହାନ୍ ଦୃଢ଼ ଥାଏ । ପିତାମାତାଙ୍କ ସଂସ୍କାର, ପାରିପାର୍ଶ୍ୱିକ ଅବସ୍ଥା, ମନ-ପ୍ରାଣ-ଶରୀର ପ୍ରଭୃତିର ଦୃଢ଼ତା ବା ଦୁର୍ବଳତାନୁସାରେ ଏମାନଙ୍କ ସାଧନା ପଥରେ କମ୍ ବା ବେଶି ପରିମାଣରେ ବାଧା-ବିପତ୍ତି ଆସେ, କାମନାବାସନାରେ

ଆକ୍ରମଣ ବା ଅଧ୍ୟାତ୍ମସାଧନାରେ ବିରୋଧୀ ପ୍ରଲୋଭନ ଆସିପାରେ । ସବୁ ସମୟରେ ଭଗବାନଙ୍କ ଅଦୃଶ୍ୟ ଶକ୍ତି ଏମାନଙ୍କୁ ରକ୍ଷା କରିଥାଏ ଏବଂ ଏମାନଙ୍କର ବିବେକଜ୍ଞାନ ମଧ୍ୟ ଜାଗ୍ରତ ଥାଏ । ସେହିସକାଶେ ବିରୋଧୀ ଆକ୍ରମଣ ହେବା ସଙ୍ଗେ ସଙ୍ଗେ ସେ ଭଗବାନଙ୍କ ସାହାଯ୍ୟ ଚାହାନ୍ତି ଏବଂ ତତ୍‌କ୍ଷଣାତ୍ ଭଗବତ୍ କୃପାରୁ ରକ୍ଷା ହୁଅନ୍ତି । ଏହି ଶ୍ରେଣୀର ସାଧକମାନଙ୍କର ସାଧନା ନିଜ ଆଧାରର ପ୍ରସ୍ତୁତି ତଥା ପ୍ରଯତ୍ନାନୁପାତରେ ତୀବ୍ର ବା ଶିଥିଳ ଭାବେ ଚାଲିପାରେ । ଏମାନଙ୍କ ଆତ୍ମା ପ୍ରଥମ ଶ୍ରେଣୀର ସାଧକମାନଙ୍କ ଅପେକ୍ଷା ଯଦ୍ୟପି କମ୍ ଜାଗ୍ରତ ଏବଂ ପୂର୍ଣ୍ଣଭାବେ ସମ୍ମୁଖରେ ନ ଥାଏ, ତଥାପି ଏମାନେ ସଚେତ ଥାଆନ୍ତି ।

ତୃତୀୟ ଶ୍ରେଣୀର ସାଧକମାନଙ୍କର ପୂର୍ବଜନ୍ମର ଅଧ୍ୟାତ୍ମ ସାଧନାର ସଂସ୍କାର କିଛି ଥାଏ । ସେମାନେ ପୂର୍ବଜନ୍ମର ସାଧନାରେ ଅଧିକ ଅଗ୍ରସର ହୋଇ ନ ଥା'ନ୍ତି । ଏମାନଙ୍କ ମଧ୍ୟରୁ କାହାର ଆତ୍ମା ବାଲ୍ୟାବସ୍ଥାରୁ ଜାଗ୍ରତ ଥାଏ, ଅନ୍ୟ କାହାର ନିଜ ଆତ୍ମା ବିକାଶର ନିର୍ଦ୍ଧାରିତ ସମୟରେ ଜାଗ୍ରତ ହୁଏ ଏବଂ ଉଚିତ ସମୟରେ ଆହ୍ୱାନ କରେ । ଏମାନେ ଆତ୍ମାର ଆହ୍ୱାନ ପାଇ ସଂସାର ତଥା ଭଗବତ୍ ପ୍ରତିକୂଳ ସ୍ଥୂଳବସ୍ତୁ ସକଳ ତ୍ୟାଗକରି ସାଧନାରେ ପ୍ରବୃତ୍ତ ହୁଅନ୍ତି । ଏମାନଙ୍କ ମଧ୍ୟରୁ କାହାର ସାଧନାର ତୀବ୍ରତା ଆସିପାରେ, କାହାର ସାଧନା ଶିଥିଳ ଭାବେ ଚାଲେ । ଏହା ନିର୍ଭରକରେ ବ୍ୟକ୍ତିର ଆଧାରର ପ୍ରସ୍ତୁତି ତଥା ଭଗବାନଙ୍କ ଉପରେ । ନିଜର ମନ-ପ୍ରାଣ-ଶରୀରର ଶୁଦ୍ଧି ଅନୁସାରେ କମ୍ ବା ଅଧିକ ମାତ୍ରାରେ ସାଧନା ମାର୍ଗରେ ବାଧା-ବିପତ୍ତି ଆସେ, ସୁତରାଂ ଏମାନଙ୍କର ଆତ୍ମା ଦ୍ୱିତୀୟ ଶ୍ରେଣୀର ସାଧକମାନଙ୍କ ଆତ୍ମା ଅପେକ୍ଷା କମ୍ ଜାଗ୍ରତ ଥାଏ । ସେହି ଅନୁସାରେ ବିବେକ ଜ୍ଞାନ ମଧ୍ୟ ଜାଗ୍ରତ ହୋଇଥାଏ । କାମ-କ୍ରୋଧ, ଲୋଭ ମୋହ, ହିଂସା ଦ୍ୱେଷ, କାମନା ବାସନା ଆକ୍ରମଣରୁ ବାଧା-ବିପତ୍ତି ଆସେ, କିନ୍ତୁ ଏମାନଙ୍କୁ ବିପଥଗାମୀ କରେ ନାହିଁ । ଭଗବାନଙ୍କ ଉପରେ ବ୍ୟକ୍ତିର ନିର୍ଭରତା ଏବଂ ବ୍ୟକ୍ତି ଉପରେ ଭଗବାନଙ୍କ ରକ୍ଷା ବରାବର ଥାଏ । ଏହି ଶ୍ରେଣୀର ସାଧକମାନଙ୍କର ଲକ୍ଷ୍ୟପ୍ରାପ୍ତିର ସଙ୍କଳ୍ପ ଦୃଢ଼ ଥାଏ । ଜ୍ଞାନ, ବିବେକ ମଧ୍ୟ ସାହାଯ୍ୟ । ଏହି ଶ୍ରେଣୀର ସାଧକମାନଙ୍କର ବ୍ୟକ୍ତିଗତ ପ୍ରଯତ୍ନ କରିବାରେ ଆଗ୍ରହ ହୁଏ । ଏମାନଙ୍କ ସତ୍ତା ଭଗବଦାନନ୍ଦର ସ୍ପର୍ଶ ପୂର୍ବରୁ ପାଇଥାଏ ।

ଚତୁର୍ଥ ଶ୍ରେଣୀୟ ବ୍ୟକ୍ତିର ଆତ୍ମା ଜାଗ୍ରତ ହୋଇଥାଏ । ସେ ଆତ୍ମାର ଆହ୍ୱାନ ମଧ୍ୟ ପାଇଥାଏ, କିନ୍ତୁ ବାସନାକାମନା, କାମକ୍ରୋଧାଦି ରିପୁକୁ ବିଶେଷ ରୂପେ ଅଧିକାର କରିପାରି ନ ଥାଏ, କେବଳ କିଛି ଅଂଶରେ ପ୍ରଭାବ ପକାଇଥାଏ । ଏହି ଅବସ୍ଥାରେ ବ୍ୟକ୍ତି ଘର, ପରିବାର, ସାଧନାର ପ୍ରତିକୂଳ ବସ୍ତୁ ତ୍ୟାଗକରି ସାଧନାରେ ପ୍ରବୃତ୍ତ ହୋଇପାରେ କିଂବା ଗୃହରେ ରହି ସାଧନା ଆରମ୍ଭ କରିପାରେ । ସେତେବେଳେ ବ୍ୟକ୍ତିର ସାଧନା କରିବାରେ ଅଳ୍ପ ଆଗ୍ରହ ହୁଏ । ସାଧନା ବିଷୟ ଶୁଣିବା, ପଢ଼ିବାରେ ତଥା ଆଚରଣ କରିବାରେ ସାଧାରଣ ରୂପେ ଉତ୍ସାହ ଜନ୍ମେ । କଥାରେ ସରଳତା, ବ୍ୟବହାରରେ ନିଷ୍କପଟତା ଥାଏ । ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଯାତ୍ରା କରିବାରେ ଆନନ୍ଦ ତଥା ଭଗବାନଙ୍କ ପ୍ରତି ସ୍ୱତଃସ୍ଫୂର୍ତ୍ତ ଭାବେ ଅନୁରାଗ ହୁଏ । ଅଧ୍ୟାତ୍ମ ବାତାବରଣରେ ନିବାସ କରିବାରେ ବ୍ୟକ୍ତି ସୁଖାନୁଭବ କରେ, କିନ୍ତୁ ଏଥିରେ ବିଶେଷ ତୀବ୍ରତା ନ ଥାଏ । ତଥାପି ମନୁଷ୍ୟର ଏହା ଗୋଟିଏ ମହାନ୍ ସୁଯୋଗ । ଏହି ଅବସ୍ଥାରେ ବ୍ୟକ୍ତି ଯଦି ଲକ୍ଷ୍ୟପ୍ରାପ୍ତି ସକାଶେ ଦୃଢ଼ ସଙ୍କଳ୍ପ ସହ ସାଧନାରେ ପ୍ରବୃତ୍ତ ହୋଇ ବିଚାର ବିବେକ ଦ୍ୱାରା ସାଧନାର ବିରୋଧୀ କାମ, କ୍ରୋଧ, ଲୋଭ, ମୋହକୁ ଭାଗବତୀ ଶକ୍ତି ସାହାଯ୍ୟରେ ବର୍ଜନ କରିପାରେ, ତେବେ ତାହାର ଆତ୍ମା ଅଧିକ ଜାଗ୍ରତ ହୋଇ ଲକ୍ଷ୍ୟ ଆଡ଼କୁ ତୀବ୍ର ଭାବରେ ଅଗ୍ରସର ହୁଏ । ଏହି ଶ୍ରେଣୀର ସାଧକମାନଙ୍କର ସାଧନାର ଏହି ପ୍ରଥମାବସ୍ଥାରେ ବ୍ୟକ୍ତିଗତ ପ୍ରଯତ୍ନ ହେଲେ ଭାଗବତୀ ଶକ୍ତି ସାଧକକୁ ସାହାଯ୍ୟ କରିବାକୁ ସୁଯୋଗ ପାଏ । କାରଣ ବ୍ୟକ୍ତିକୁ ଭଗବାନ୍ ସର୍ବଥା ସ୍ୱାଧୀନତା ଦେଇଅଛନ୍ତି । ତା'ର ଅନିଚ୍ଛାରେ ତା' ଉପରେ ବଳପୂର୍ବକ ଭଗବାନ୍ ନିଜ ଶକ୍ତି ଲଦି ଦିଅନ୍ତି ନାହିଁ । ଅନ୍ୟଥା ତା'ର ସ୍ୱାଧୀନତାରେ ବାଧା ପଡ଼େ । ଏହି ଅବସ୍ଥାରେ ସାଧକ ବ୍ୟକ୍ତିଗତ ପ୍ରଯତ୍ନ ନ କରିବା ମହା ଭୁଲ୍ । ବ୍ୟକ୍ତି ଅଭୀପ୍ସା, ସମର୍ପଣ, ପ୍ରତିକୂଳବସ୍ତୁ, କାମ, କ୍ରୋଧ, ଲୋଭ, ମୋହ, ଅବିଶ୍ୱାସ, ସନ୍ଦେହ, ତ୍ୟାଗ କରିବା ସକାଶେ ଭଗବତ୍ ଶକ୍ତିର ଆଶ୍ରୟ ନେଇ ବ୍ୟକ୍ତିଗତ ପ୍ରଯତ୍ନ ନ କଲେ ସେସବୁ ସାଧକକୁ ନିଜ ନିଜ ମାର୍ଗରେ ନେଇଯାଆନ୍ତି ।

ପ୍ରଥମ ତିନି ଶ୍ରେଣୀର ସାଧକମାନଙ୍କ ଆତ୍ମା ବିଶେଷରୂପେ ଜାଗ୍ରତ ଥିବାରୁ ସେମାନଙ୍କ ଅଭୀପ୍ସା ସ୍ୱତଃସ୍ଫୂର୍ତ୍ତଭାବେ

ଜାଗ୍ରତ ହୁଏ ଏବଂ ସେମାନେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଜାଗ୍ରତ୍ ଆତ୍ମା ତଥା ଭାଗବତୀ ଶକ୍ତି ଦ୍ୱାରା ଅଧିକ ସମୟ ପରିଚାଳିତ ହୁଅନ୍ତି । ସେମାନଙ୍କ ଜ୍ଞାନ, ବୈରାଗ୍ୟ ଜାଗ୍ରତ୍ ଥାଏ । ସେମାନଙ୍କୁ ଅଧ୍ୟାତ୍ମ ମାର୍ଗରୁ ବିଚ୍ୟୁତ କରିବାକୁ ବିରୋଧୀ ଶକ୍ତିମାନଙ୍କୁ ସୁଯୋଗ ମିଳେ ନାହିଁ । କିନ୍ତୁ ଚତୁର୍ଥ ଶ୍ରେଣୀର ସାଧକମାନଙ୍କର ଆତ୍ମା ବହୁତ କମ୍ ଜାଗ୍ରତ୍ ଥାଏ । ଅଧିକ ସମୟରେ ମନ-ପ୍ରାଣ ସମ୍ମୁଖରେ ରହି ସାଧକକୁ ପରିଚାଳିତ କରନ୍ତି । ଅଭୀପ୍ସାର ତୀବ୍ରତା ନ ଥାଏ, କାମ-କ୍ରୋଧ ପ୍ରଭୃତି ରିପୁ, ସନ୍ଦେହ, ଅବିଶ୍ୱାସ ଥିବାରୁ ସମର୍ପଣ ହୋଇପାରେ ନାହିଁ । ଏହି ସମୟରେ ସାଧକର ବ୍ୟକ୍ତିଗତ ପ୍ରୟାସ ଅପରିହାର୍ଯ୍ୟ; ଅନ୍ୟଥା ବ୍ୟକ୍ତିର ମନ-ପ୍ରାଣ, କାମନା ବାସନାର ପ୍ରଶ୍ରୟ ପାଇ ସାଧନାର ପଥରୋଧ କରିଦିଅନ୍ତି । ସେହି ସମୟରେ ସାଧକ ସଚେତ ନ ହୋଇ ଭାଗବତୀ ଶକ୍ତିର ଆଶ୍ରୟ ନ ନେଲେ ତାକୁ ସେସବୁ ଅଧ୍ୟାତ୍ମ-ମାର୍ଗରୁ ଦୂରକୁ ନେଇଯାଆନ୍ତି । ଭଗବାନଙ୍କ କୃପା ଯଦ୍ୟପି ସବୁ ସମୟରେ ବିଦ୍ୟମାନ ଥାଏ ତଥାପି ସାଧକ କାମ-କ୍ରୋଧ, ଲୋଭ, ମୋହ, ସନ୍ଦେହ, ଅବିଶ୍ୱାସ ରିପୁର ପ୍ରଭାବରେ ଏପରି ମୋହଗ୍ରସ୍ତ ହୋଇଥାଏ ଯେ ସେ ଭଗବତ୍ କୃପା ଚାହେଁ ନାହିଁ । ଏପରି ବ୍ୟକ୍ତିର କାର୍ଯ୍ୟ ହୁଏ ଯନ୍ତ୍ରବତ୍, ଭାବଶୂନ୍ୟ । ଏହି ସମୟରେ ବ୍ୟକ୍ତି ଚେତନାର ଗୋଟିଏ ଜଟିଳ ଅବସ୍ଥାରେ ଦଣ୍ଡାୟମାନ ହୋଇଥାଏ । ଗୋଟିଏ ମାର୍ଗକୁ ପୂର୍ଣ୍ଣରୂପେ ଗ୍ରହଣକରି ଅନ୍ୟକୁ ତ୍ୟାଗ କରିପାରେ ନାହିଁ । ସାଧାରଣ ଜୀବନ ଗ୍ରହଣ କରିବାକୁ ତା'ର ପ୍ରବୃତ୍ତି ହୁଏ ନାହିଁ । ଅଧ୍ୟାତ୍ମ ମାର୍ଗରେ ଭଗବତ୍ ଭକ୍ତି, ପ୍ରେମ, ଶାନ୍ତି ଓ ଆନନ୍ଦ ପ୍ରାପ୍ତ ହେଉ ନ ଥିବାରୁ ଏବଂ ବାସନା-କାମନା, ଅବିଶ୍ୱାସ ଥିବାରୁ ଜୀବନ ଶୁଷ୍କ ପ୍ରତୀତ ହୁଏ । ଏହି ଅବସ୍ଥାରେ ସାଧକର ସଂସାର ତଥା ଅଧ୍ୟାତ୍ମ ଉଭୟ ଜୀବନ ଭାର ରୂପେ ପ୍ରତୀତ ହୁଏ ।

ସାଧକର କର୍ତ୍ତବ୍ୟ

ଏହି ଅବସ୍ଥାରେ ସାଧକର ଏକମାତ୍ର କର୍ତ୍ତବ୍ୟ ହେଲା ମା'ଙ୍କ ଉପରେ ପୂର୍ଣ୍ଣତଃ ନିର୍ଭରତା, ବିଶ୍ୱାସ ରଖି ମା'ଙ୍କ କୃପାଶକ୍ତି ସାହାଯ୍ୟରେ ବ୍ୟକ୍ତିଗତ ପ୍ରଯତ୍ନରେ ସାଧନାରେ ପ୍ରବୃତ୍ତ ହେବା ଏବଂ ଦୃଢ଼ ସଂକଳ୍ପ ସହ ଇନ୍ଦ୍ରିୟର ସ୍ଥୂଳ କର୍ମସବୁକୁ ସଂଯତ କରିବା । ସ୍ୱତଃସ୍ଫୂର୍ତ୍ତଭାବେ ଅଭୀପ୍ସା, ସମର୍ପଣ ଭାବ ନ ଆସିବା ପର୍ଯ୍ୟନ୍ତ ସାଧକକୁ ସାଧନା ଏବଂ ଦିନଚର୍ଯ୍ୟା କଠୋର ନିୟମ ସହ ପାଳନ କରିବାକୁ ହେବ ଏବଂ ନିର୍ମମ ଭାବେ ଇନ୍ଦ୍ରିୟର ବାହ୍ୟ ବିଷୟରୁ ସଂଯତ ଏବଂ ସନ୍ଦେହ, ଅବିଶ୍ୱାସରୁ ମୁକ୍ତ ହେବାକୁ ହେବ । ମା'ଙ୍କର କୃପା ସର୍ବଦା ସାଧକକୁ ରକ୍ଷା କରିବା ସକାଶେ ତା' ସଙ୍ଗେ ସଙ୍ଗେ ଛାୟା ସଦୃଶ ଥାଏ । ସାଧକ ଚାହିଁବା ମାତ୍ରେ ତାକୁ ସାହାଯ୍ୟ କରେ । ସାଧକର କଠୋର ଯମ, ନିୟମ ପଶ୍ଚାତରେ ଥାଏ ମା'ଙ୍କ ପ୍ରତି ତା' ସତ୍ତାର ଉନ୍ମୁକ୍ତତା । ତା'ରି ମଧ୍ୟଦେଇ ମା' ସାଧକ ମଧ୍ୟରେ କ୍ରିୟାକରି ଲକ୍ଷ୍ୟ ଆଡ଼କୁ ନେଇଯାଆନ୍ତି । ମା' ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତ୍ତାରି ଆଣିଛନ୍ତି; ସେହି ଶକ୍ତି ବର୍ତ୍ତମାନ ମା'ଙ୍କ ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଅଛି । ବ୍ୟକ୍ତି କୌଣସି ଅବସ୍ଥାରେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇପାରିଲେ ମା' ତା'ର ସମସ୍ତ ବାଧା ବିପତ୍ତି ଦୂରକରି ଲକ୍ଷ୍ୟପ୍ରାପ୍ତି କରାଇ ଦିଅନ୍ତି । ଏହି ଅବସ୍ଥାରେ ବ୍ୟକ୍ତି ଯଦି କଠୋର ନିୟମ ଏବଂ ବାହ୍ୟ ସଂଯମ ନ କରେ, ମା'ଙ୍କ ପ୍ରତି ଉନ୍ମୁକ୍ତ ନ ହୁଏ, ତେବେ ସେ ଯୋଗ ମାର୍ଗରୁ ଦୂର ହୋଇଯାଏ; ତା' ଜୀବନ ଦୁଃଖ-ଯାତନାମୟ ହୁଏ । ଯେଉଁ ସାଧକମାନଙ୍କ ସତ୍ତା ଭଗବାନଙ୍କ ପ୍ରତି ଉନ୍ମୁକ୍ତ ହୋଇଥାଏ, ଅଭୀପ୍ସା ସ୍ୱତଃସ୍ଫୂର୍ତ୍ତ ଭାବେ ଊର୍ଦ୍ଧ୍ୱକୁ ଗତି କରୁଥାଏ, ସମର୍ପଣ ଭାବଯୋଗୁଁ ସାଧକର ମା'ଙ୍କ ପ୍ରତି ଭକ୍ତି ପ୍ରେମ ଉତ୍ପନ୍ନ ହୋଇଥାଏ, ସେମାନଙ୍କ ସାଧନା ସ୍ୱତଃସ୍ଫୂର୍ତ୍ତ ଭାବେ ସବୁ ସମୟରେ ଚାଲିଥାଏ । ଯେଉଁ ସାଧକମାନଙ୍କର ଏହି ଅବସ୍ଥା ପ୍ରାପ୍ତ ନ ହୋଇଥାଏ, ସେମାନଙ୍କର ନିୟମିତ ରୂପେ ନିର୍ଦ୍ଧାରିତ ସମୟରେ ବିଶ୍ରାମ କରିବା, ନିଦ୍ରାରୁ ଜାଗ୍ରତ ହେବା, ଠିକ୍ ସମୟରେ ଭୋଜନ ତଥା ବ୍ୟାୟାମ, କର୍ମ ଏବଂ ଧ୍ୟାନ କରିବା, ଅଧ୍ୟାତ୍ମ ଗ୍ରନ୍ଥ ଅଧ୍ୟୟନ କରିବା ଉଚିତ । ଦିନଚର୍ଯ୍ୟାର ସମୟ ଏପରିଭାବେ ନିର୍ଦ୍ଧାରିତ କରିବାକୁ ହେବ ଯେଉଁଥିରେ ବସିରହିବା କିଂବା ଅନ୍ୟ ସଙ୍ଗେ ଗପକରି ସମୟ ନଷ୍ଟ କରିବାକୁ ନ ହୁଏ । ଏହା ସଙ୍ଗେ ସଙ୍ଗେ ନିରନ୍ତର ମା'ଙ୍କୁ ସ୍ମରଣ, ମା'ଙ୍କୁ ସମର୍ପଣ ତଥା ପ୍ରତିକୂଳ ଗତିବୃତ୍ତିର ତ୍ୟାଗ କରିବାକୁ ହୁଏ । ଏହି ଦିନଚର୍ଯ୍ୟାର ଅର୍ଥ

କଠୋର ନିୟମ ତଥା ସଂଯମ ସ୍ୱତଃସ୍ଫୂର୍ତ୍ତ ଭାବେ ଉତ୍ସାହରେ ସାଧନା ନ ହେବା ପର୍ଯ୍ୟନ୍ତ ନିୟମ ଦ୍ୱାରା ଜବରଦସ୍ତି କରିବାକୁ ହୁଏ । ସାଧନାର ପ୍ରଥମାବସ୍ଥାରେ ଏହା ଅନିବାର୍ଯ୍ୟ ରୂପେ ଆବଶ୍ୟକ ।

କଠୋର ଯମ ନିୟମ ଶ୍ରୀଅରବିନ୍ଦ ଯୋଗର ସାଧନା ପ୍ରଣାଳୀ ନୁହେଁ; ସାଧନାର ପ୍ରଣାଳୀ ଅଭୀପ୍ସା ଏବଂ ସମର୍ପଣ । ନିମ୍ନରୁ ଆତ୍ମା ଅଭୀପ୍ସା କରେ, ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରି ରୂପାନ୍ତର ସାଧନା କରେ । ବ୍ୟକ୍ତିର ମନ-ପ୍ରାଣ ରୂପାନ୍ତର ହେଲେ ବାସନା-କାମନାର ସ୍ଥାନ ରହେ ନାହିଁ । ସମସ୍ତ ପ୍ରତିକୂଳ ବସ୍ତୁ ହୁଏ ଭଗବାନଙ୍କର ଅଭିବ୍ୟକ୍ତିର ଆଧାର । କେବଳ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ଯେଉଁମାନଙ୍କର ବାସନା-କାମନା, ସନ୍ଦେହ-ଅବିଶ୍ୱାସ ଥାଏ, ସେମାନଙ୍କୁ ଅଭୀପ୍ସା ତଥା ଭଗବତ୍ ବିଶ୍ୱାସ ଉତ୍ପନ୍ନ ହେବା ପର୍ଯ୍ୟନ୍ତ କିଛିଦିନ ସକାଶେ କଠୋର ଯମ ନିୟମ ପାଳନ କରିବାକୁ ହୁଏ । ଏହି ଶ୍ରେଣୀର ଭକ୍ତ ଗାର୍ହସ୍ଥ୍ୟାଶ୍ରମରେ ଥା'ନ୍ତୁ ଅଥବା ସଂସାର ତ୍ୟାଗକରି ସାଧନାରେ ପ୍ରବୃତ୍ତ ହୋଇ ଥା'ନ୍ତୁ । ଉପରୋକ୍ତ ଅବସ୍ଥାରେ ଉଭୟ ପ୍ରକାର ସାଧକର କଠୋର ନିୟମ, ସଂଯମ ରହିବା ଉଚିତ ।

"Certainly the path of integral yoga is not an easy one. To conquer the Divine is a difficult task, but with sincerity and perserverance one is sure to succeed."

– Sri Aurobindo

''ପ୍ରକୃତରେ ପୂର୍ଣ୍ଣଯୋଗର ପଥ ସହଜ ନୁହେଁ । ଭଗବାନଙ୍କୁ ପ୍ରାପ୍ତ କରିବା ଯଦ୍ୟପି କଠିନ କାର୍ଯ୍ୟ ତଥାପି ନିଷ୍ଠା ଏବଂ ଦୃଢ଼-ପ୍ରଯତ୍ନ ଦ୍ୱାରା ସଫଳତା ପ୍ରାପ୍ତ ହେବା ସୁନିଶ୍ଚିତ ।''

– ଶ୍ରୀଅରବିନ୍ଦ

ଆତ୍ମଜାଗୃତି ବା ଆତ୍ମଆହ୍ୱାନର କାରଣ

ଆତ୍ମଜାଗୃତି ବା ଆତ୍ମାର ଆହ୍ୱାନ ଆସେ କୌଣସି ବ୍ୟକ୍ତିର ସ୍ୱତଃସ୍ଫୂର୍ତ୍ତ ଭାବେ, ବିନାକାରଣରେ, ବାଲ୍ୟାବସ୍ଥାରେ ଅଥବା ଜୀବନର କୌଣସି ଅବସ୍ଥାରେ । ଅନ୍ୟ ବ୍ୟକ୍ତିଙ୍କର ଆତ୍ମଜାଗୃତି ବା ଆତ୍ମାର ଆହ୍ୱାନ ଆସେ ବିପଦରେ ପଡ଼ିବାରେ, ସମ୍ପଦ ନାଶ, ମାନ ସମ୍ମାନ କ୍ଷୟ, ରୋଗଗ୍ରସ୍ତ, ବ୍ୟବସାୟରେ ବିଫଳତା, ଚାକିରୀରୁ ବିତାଡ଼ିତ ହେବାରେ । ମନୁଷ୍ୟର ସ୍ୱଭାବ ତଥା ପରିସ୍ଥିତି ଅନୁସାରେ ନାନା କାରଣ ହୋଇପାରେ । କାରଣ ଯାହାହେଉ ସେଥିରେ କିଛି ଯାଏଆସେ ନାହିଁ ।

ଯେଉଁମାନଙ୍କର ପୂର୍ବ ସଂସ୍କାରରୁ ମନ-ପ୍ରାଣ ଅଧିକ ମୋହ ଆବରଣରେ ନ ଥାଏ, ସେମାନଙ୍କର ବାଲ୍ୟାବସ୍ଥାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ବୈରାଗ୍ୟ ଉତ୍ପନ୍ନ ହୁଏ । ଯେଉଁମାନଙ୍କର ସଂସାର ଓ ମୋହମାୟାରେ ଅଧିକ ଆସକ୍ତି ଥାଏ, ସେମାନଙ୍କ ଆତ୍ମା ବାଧା-ବିପତ୍ତି ମାଧ୍ୟମରେ ଜାଗ୍ରତ ହୁଏ ।

ସୀତାରାମ ଶରଣ ନାମରେ ଜଣେ ଉଚ୍ଚକୋଟୀର ସନ୍ଥ କାଶୀରେ ରହୁଥିଲେ । ମୁଁ ଅଯୋଧ୍ୟାରେ ଥିବା ସମୟରେ ସେ ବରାବର ଅଯୋଧ୍ୟା ଆସନ୍ତି । ତାଙ୍କ ସଙ୍ଗେ ଅଯୋଧ୍ୟାରେ ଦୁଇମାସ ଏକ ସଙ୍ଗେ ରହିବାର ସୁଯୋଗ ମଧ୍ୟ ମିଳିଥିଲା । ତାଙ୍କ ସହିତ ମୋର ବିଶେଷ ସମ୍ପର୍କ ଥିଲା ।

ସେ କାଶୀରେ ଗୋଟିଏ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ସ୍ତ୍ରୀ ଓ ତିନି ଚାରୋଟି ପୁତ୍ର ଥିଲେ । ସ୍ତ୍ରୀ ଯେପରି ସୁନ୍ଦରୀ, ସନ୍ତାନମାନେ ମଧ୍ୟ ସେହିପରି ସୁନ୍ଦର ଥିଲେ । ସେମାନଙ୍କ ପ୍ରତି ତାଙ୍କର ଅସାଧାରଣ ମୋହ ମମତା ଥିଲା । ତାଙ୍କର ଧର୍ମ କର୍ମ, ଲୋକ ପରଲୋକ ସବୁକିଛି ଥିଲା ପରିବାର । ପରିବାର କିପରି ସୁଖଶାନ୍ତିରେ ରହିବେ ତାହାହିଁ ଥିଲା ତାଙ୍କର ଏକମାତ୍ର କାମ୍ୟ । ଦୈବଯୋଗରୁ ହଇଜାରେ ସ୍ତ୍ରୀ ଓ ସମସ୍ତ ସନ୍ତାନ ମୃତ୍ୟୁମୁଖରେ ପତିତ ହୋଇଗଲେ । ସୀତାରାମ ଶରଣ ରହିଲେ ଏକା । ତାଙ୍କର ଦୁଃଖର ସୀମା ରହିଲା ନାହିଁ । ପରିବାର ବିୟୋଗରେ ଦିନରାତି ତାଙ୍କ ନେତ୍ରରୁ ଶୋକାଶ୍ରୁ ବର୍ଷିତ ହେଲା । ରାତ୍ରିରେ ନିଦ୍ରା ନାହିଁ, ଉଦରରେ କ୍ଷୁଧା ନାହିଁ ବା କେହି ଆଶ୍ୱସନା

ଦେବାକୁ ଲୋକ ନ ଥିଲେ । ପରିବାରର ବିୟୋଗରେ ମୃତ୍ୟୁ ଛଡ଼ା ଅନ୍ୟ କିଛି ସମାଧାନ ତାଙ୍କ ପାଖରେ ନ ଥିଲା ।

ପ୍ରକୃତରେ ସନ୍ଥଙ୍କ ହୃଦୟ ନବନୀତଠାରୁ କୋମଳ । ରାଘବ ଶରଣ ନାମରେ ଜଣେ ଉଚ୍ଚକୋଟୀର ସନ୍ଥ ତାଙ୍କ ବିପଦ କଥା ଶୁଣି ତାଙ୍କ ଘରକୁ ଗଲେ ଏବଂ ସେ ଶୋକାକୁଳ ଅବସ୍ଥାରେ ପଡ଼ିଥିବା ଦେଖି କହିଲେ, ''ତୁ ଯେଉଁମାନଙ୍କ ବିୟୋଗରେ ଏତେ କ୍ଲେଶ ପାଉଅଛୁ, ଏହି କ୍ଲେଶର ସମାପ୍ତି ମୃତ୍ୟୁପରେ ବି ନାହିଁ, ଏହା ଜନ୍ମଜନ୍ମାନ୍ତର ଚାଲିଥିବ । ସଂସାର ନାମହିଁ ମାୟାର ବନ୍ଧନ । କେହି କାହାର ସ୍ତ୍ରୀ ନା କେହି କାହାର ପୁତ୍ର ! ସମସ୍ତେ ନିଜ ନିଜ କର୍ମ କରିବାକୁ ଆସିଛନ୍ତି, କର୍ମ ସମାପ୍ତ ହେବା ପରେ ନିଜ ନିଜ ମାର୍ଗରେ ଚାଲିଯାଉଅଛନ୍ତି । କାହାରି ସଙ୍ଗେ କାହାରି କୌଣସି ସମ୍ପର୍କ ନାହିଁ । ଯେଉଁ ମୋହମାୟାର କୌଣସି ସ୍ୱରୂପ ବା ଅସ୍ତିତ୍ୱ ନାହିଁ, ତାହାରି ବନ୍ଧନରେ ମନୁଷ୍ୟ ବାନ୍ଧିହୋଇ ଦୁଃଖ ପାଉଅଛି । ଏହି ବନ୍ଧନରୁ ମୁକ୍ତ ହେବାର ଏକମାତ୍ର ଉପାୟ ଭଗବତ୍ ଭକ୍ତି ।'' ଏହି ଉପଦେଶରେ ତାଙ୍କ ଆତ୍ମାର ଜାଗୃତି ତଥା ଆହ୍ୱାନ ଆସିଗଲା । ସେ ସେହି ମହାତ୍ମାଙ୍କଠାରୁ ଦୀକ୍ଷା ନେଇ ସାଧନାରେ ତୀବ୍ରଭାବେ ପ୍ରବୃତ୍ତ ହେଲେ । ଅଳ୍ପ ଦିନରେ ବହୁତ ଉଚ୍ଚ ଅବସ୍ଥା ପ୍ରାପ୍ତ ହେଲେ ।

ପ୍ରାଣ ଆବେଗରେ ବୈରାଗ୍ୟ

କୌଣସି ବ୍ୟକ୍ତିର ଆତ୍ମଜାଗୃତି ବା ଆତ୍ମାର ଆହ୍ୱାନ ନ ଥାଇ ପ୍ରାଣର ଉତ୍ତେଜନା, ପ୍ରାଣର ଆବେଗରେ ଭୂତଭବିଷ୍ୟ କିଛି ନ ବିଚାରି ଭଗବତ ପ୍ରାପ୍ତ ଉଦ୍ଦେଶ୍ୟରେ ସେ ଘର ପରିବାର ଛାଡ଼ି ବାହାରି ପଡ଼େ । ପ୍ରାଣର ପ୍ରତିକୂଳ ଦୁଃଖ କଷ୍ଟ ଅଥବା ସାଧନାରେ ବାଧା-ବିପତ୍ତି ଆସିଲେ ସେ ସାଧନା ତ୍ୟାଗକରି ପୂର୍ବ ଜୀବନକୁ ସହଜରେ ଫେରିଯାଏ । ଏହାର ଗୋଟିଏ ଉଦାହରଣ ଏଠାରେ ଦିଆହେଲା ।

ମହାରାଷ୍ଟ୍ରରେ ଶାନ୍ତୋବା ନାମରେ ଜଣେ ଉଚ୍ଚକୋଟିର ସନ୍ଥ ଗୋଟିଏ ପାହାଡ଼ରେ ରହି ତପସ୍ୟା କରୁଥିଲେ । ସେହି ପାହାଡ଼ ନିକଟସ୍ଥ ଗୋଟିଏ ଗ୍ରାମରେ ବ୍ରାହ୍ମଣ ଦମ୍ପତି ବାସ କରୁଥିଲେ । ତାଙ୍କର କୌଣସି ସନ୍ତାନ ନ ଥିଲା । ବହୁତ ସମୟରେ ସନ୍ଥ ଶାନ୍ତୋବାଙ୍କ ନିକଟରେ ରହି ତପସ୍ୟା କରିବାକୁ ବ୍ରାହ୍ମଣ ଭାବନ୍ତି ଏବଂ ପତ୍ନୀଙ୍କୁ ମଧ୍ୟ ଏହି ପ୍ରସ୍ତାବ ଦିଅନ୍ତି । ପତ୍ନୀର ଏକମାତ୍ର ଆଶ୍ରୟ ପତି, ତା'ର କୌଣସି ସନ୍ତାନ ନାହିଁ, ସେଥିନେଇ ସେ ବରାବର ପତିଙ୍କୁ ଅନୁନୟ ବିନୟ କରେ ଏବଂ ତାଙ୍କ ମନ ଯୋଗାଉଥାଏ । ପତ୍ନୀର ଏହି ବ୍ୟବହାରରୁ ବ୍ରାହ୍ମଣର ନିଜ ବୈରାଗ୍ୟର ଗର୍ବ ବଢୁଥାଏ । ଦିନେ ସନ୍ଥ ଶାନ୍ତୋବା ଭିକ୍ଷା ସକାଶେ ବ୍ରାହ୍ମଣ ଘରକୁ ଆସିଥିଲେ । ସେ ସମୟରେ ବ୍ରାହ୍ମଣ ଘରେ ନ ଥିଲେ । ବ୍ରାହ୍ମଣୀ ନିଜ ଦୁଃଖ ସବୁ ସନ୍ଥଙ୍କୁ କହିଲେ । ବ୍ରାହ୍ମଣୀ କଥାରୁ ତା' ପତିର ପ୍ରାଣର ଉତ୍ତେଜନା, ବୈରାଗ୍ୟ ବୁଝିପାରି ସେ କହିଲେ, ''ବ୍ରାହ୍ମଣ ଯେତେବେଳେ ଘର ଛାଡ଼ି ଯିବାକୁ ତିଆରି ହେବ, ତୁମେ ନିର୍ଭୀକଭାବେ ଅନୁମତି ଦେଇଦେବ ।'' ସନ୍ଥଙ୍କ କହିବାନୁସାରେ ବ୍ରାହ୍ମଣୀର ସାହସ ହେଲା । ଦିନେ ଭୋଜନ ପରିଷିବାରେ ଟିକିଏ ବିଳମ୍ବ ହେବାକୁ ବ୍ରାହ୍ମଣ ରାଗିଯାଇ କହିଲା, ''ମୋତେ ଆଉ ଘର ସଂସାର ଭଲ ଲାଗୁ ନାହିଁ, ତୋ ଘରକୁ ତୁ ରଖ, ମୁଁ ଯାଉଛି ।'' ବ୍ରାହ୍ମଣୀ ଉତ୍ତେଜିତ ସ୍ୱରରେ କହିଲା, ''ଆଉ ବିଳମ୍ବ କରିବାର କାରଣ କ'ଣ, ତୀବ୍ର ବୈରାଗ୍ୟ ପୁରା କରିନିଅ ।'' ବ୍ରାହ୍ମଣୀର ଏହି ବାକ୍ୟ ଥିଲା ବିଷଯୁକ୍ତ ତୀର ପରି । ଯେଉଁ ପତ୍ନୀ ହାତଯୋଡ଼ି ଅନୁନୟ ବିନୟ କରି ଆସୁଥିଲା, ତାହାରି ଏପରି କଟୁ କଠୋର ଉକ୍ତି ବ୍ରାହ୍ମଣ ବରଦାସ୍ତ କରନ୍ତେ କିପରି ? ସେହି ଦୁଇପ୍ରହର ଜ୍ୟେଷ୍ଠମାସ ଉଦୁଉଦିଆ ଖରାରେ ବ୍ରାହ୍ମଣ ପାହାଡ଼କୁ ଯାତ୍ରାରମ୍ଭ କରିଦେଲା । କ୍ଷୁଧାଯୋଗୁ ଉଦରରେ ଜ୍ୱାଳା, ଜଳ ଅଭାବରୁ କଣ୍ଠ ଶୁଷ୍କ, ସେଥିରେ ପର୍ବତ ଆରୋହଣ । ଶାନ୍ତୋବାଙ୍କ ପାଖରେ ପହଞ୍ଚୁ ପହଞ୍ଚୁ ବ୍ରାହ୍ମଣର ହୋସ୍ ଥଣ୍ଡା ହୋଇ ଗଲା । ସେ ଭାବିଲେ ସେଠାରେ ପହଞ୍ଚିବା ମାତ୍ରେ କ୍ଷୁଧାର୍ତ୍ତା ବ୍ରାହ୍ମଣ ବୋଲି ସନ୍ଥ ଶାନ୍ତୋବା ଉଦରପୂର୍ଣ୍ଣ ଭୋଜନ ଦେବେ । କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ଭୋଜନ ସମାପ୍ତ ହୋଇଯାଇଥିଲା । ବ୍ରାହ୍ମଣଙ୍କୁ ଦୁଇ ଚାରୋଟି ଫଳ ଛଡ଼ା ଆଉ କିଛି ପ୍ରାପ୍ତ ହେଲା ନାହିଁ । ତୀବ୍ର

କ୍ଷୁଧାରେ ଅଗ୍ନିରେ ଆହୂତି ସଦୃଶ ତାହା ସ୍ୱାହା ହୋଇଗଲା, ଯେଉଁ ଉଦର ଜ୍ୱାଳାକୁ ସେହି ଉଦର ଜ୍ୱାଳା । ପ୍ରଥମ ଦିନ ବ୍ରାହ୍ମଣର ବୈରାଗ୍ୟ ନିଶା ଅଧେ ଉତରି ଗଲା । ତହିଁଆରଦିନ ଚବିଶ ଘଣ୍ଟା ମଧ୍ୟରେ ସେହି ଦୁଇ ଚାରୋଟି ଫଳ । କୌଣସି କାର୍ଯ୍ୟ ନ ଥିବାରୁ ଉଦର ଜ୍ୱାଳାର ବିଚାର ଆସିବା ସ୍ୱାଭାବିକ ଥିଲା । ତାଙ୍କ ପିଲାଦିନରୁ ଆରମ୍ଭକରି ସମସ୍ତ ଘଟଣାର ବିଚାର ସିନେମା ଛବି ସଦୃଶ ତାଙ୍କ ମାନସପଟରେ ପ୍ରତିଫଳିତ ହେବାକୁ ଲାଗିଲା । ତାଙ୍କ ରହିବାର ସୁଖ-ସୁବିଧା, ନାନା ପ୍ରକାର ସୁସ୍ୱାଦୁ ଭୋଜନ କରିଥିବାର ସ୍ମରଣ ତଥା ସ୍ତ୍ରୀର ସ୍ନେହ, ସ୍ତ୍ରୀ ପ୍ରତି ଦୁର୍ବ୍ୟବହାର କରିଥିବାରୁ ବ୍ୟଥାର ଭାବନା ତାଙ୍କୁ ଅଭିଭୂତ କରି ପକାଇଲା । ତୃତୀୟ ଦିନ ସକାଳୁ ସଚ୍ଚ ଶାନ୍ତୋବାଙ୍କୁ ପ୍ରଣାମ କରି ବ୍ରାହ୍ମଣ ଗୃହକୁ ଶାନ୍ତଭାବେ ଫେରି ଆସିଲେ । ତା'ପରେ ମୃତ୍ୟୁ ପର୍ଯ୍ୟନ୍ତ କେବେ ବି ଘରଛାଡ଼ି ଯିବାର ନାମ ପର୍ଯ୍ୟନ୍ତ ସ୍ମରଣ କରି ନ ଥିଲେ । ପ୍ରାଣର ଉତ୍ତେଜନାରେ ଯେଉଁ ବ୍ୟକ୍ତି ଭଗବତ ପ୍ରାପ୍ତି ମାର୍ଗରେ ପ୍ରବୃତ୍ତ ହୁଅନ୍ତି, ସେମାନଙ୍କର ବୈରାଗ୍ୟ ନଦୀ ଜୁଆର ସଦୃଶ ଯେପରି ବେଗରେ ଆସେ ସେହିପରି ବେଗରେ ସମାପ୍ତ ହୁଏ । ସେଥିରେ ସ୍ଥିରତା, ନିଶ୍ଚୟତା, ଦୃଢ଼ତା, ଗମ୍ଭୀରତା ନ ଥାଏ, ଏହା ସବୁଥାଏ ଆତ୍ମାର ଆହ୍ୱାନରେ । ଆତ୍ମାର ଆହ୍ୱାନରେ ଯେଉଁ ଦୃଢ଼ ସଙ୍କଳ୍ପ ହୁଏ ସେଥିରେ ପୂର୍ବ ଜୀବନକୁ ଫେରି ଯିବାର ମାର୍ଗ ନ ଥାଏ । ନାରଦ ଦାସୀପୁତ୍ର ଥିବା ଅବସ୍ଥାରେ ତାଙ୍କ ମା' ମରିଯିବା ପରେ ମା'ଙ୍କୁ ନିଜ ଘରେ ଦାହ କରି ଘରକୁ ଜଳେଇ ଦେଇ ବନକୁ ଚାଲିଯାଇଥିଲେ । ଆତ୍ମାର ଆହ୍ୱାନପ୍ରାପ୍ତ ଦୃଢ଼ ପ୍ରତିଜ୍ଞ ବ୍ୟକ୍ତି ଗୃହତ୍ୟାଗ କରି ଆସିବା ସମୟରେ ଫେରିଯିବାର ମାର୍ଗ ରୁଦ୍ଧକରି ଆସିଥା'ନ୍ତି ।

ଦୃଢ଼ ସଙ୍କଳ୍ପ

ବିଲ୍ୱମଙ୍ଗଳଙ୍କର ଆତ୍ମାର ଆହ୍ୱାନ ଆସିଲା ଚିନ୍ତାମଣିର ଭର୍ତ୍ସନାଯୁକ୍ତ ଉପଦେଶରୁ । ଆତ୍ମାର ଆହ୍ୱାନରୁ ଭଗବତ୍ ପ୍ରାପ୍ତି ସକାଶେ ସଙ୍କଳ୍ପ ଥିଲା ମହାନ ଦୃଢ଼ । ଦୃଢ଼ ସଙ୍କଳ୍ପର ସାଥୀ ବୈରାଗ୍ୟ । ଏକକୁ ଛାଡ଼ି ଅନ୍ୟ ରହି ପାରେ ନାହିଁ । ଯେଉଁ ଚିନ୍ତାମଣି ପାଇଁ ବିଲ୍ୱମଙ୍ଗଳ ଧର୍ମ, କର୍ମ ଲୋକ ପରଲୋକ ପତିବ୍ରତା ପତ୍ନୀକୁ ତ୍ୟାଗ କରିଥିଲେ, ସେହି ବିଲ୍ୱମଙ୍ଗଳର ଦୃଢ଼ ସଙ୍କଳ୍ପ ହେବାକୁ ସେ ଅନାୟାସରେ ଚିନ୍ତାମଣିକୁ ତ୍ୟାଗ କରି ପାରିଥିଲେ । ଏହା ହୁଏ ବ୍ୟକ୍ତି ଆତ୍ମାର ଆହ୍ୱାନ ପାଇଲେ । ଦୃଢ଼ ସଙ୍କଳ୍ପ କରିବା ମାତ୍ରେ ସାଧକର ନିମ୍ନ ପ୍ରକୃତିର ଗତିବୃତ୍ତି, କାମନା, ବାସନା, କାମ-କ୍ରୋଧ-ମୋହ ଦୂର ହୁଏ ନାହିଁ, ତାହା ସମସ୍ତ ବିଦ୍ୟମାନ ଥାଏ । ସାଧକ ସଜାଗହୋଇ ଭଗବତ ସାହାଯ୍ୟରେ ବ୍ୟକ୍ତିଗତ ପ୍ରଯତ୍ନରେ ଅବାଞ୍ଛିତ ଗତିବୃତ୍ତିକୁ ବରାବର ଦୂର କରୁଥାଏ । ଏହା ଆମ୍ଭେମାନେ ବିଲ୍ୱମଙ୍ଗଳ ନିଜ ଆଖି ଫୋଡ଼ିବା ଘଟଣାରୁ ବୁଝିପାରିବା । ବିଲ୍ୱମଙ୍ଗଳ ଭଗବତ୍ ପ୍ରାପ୍ତି ସକାଶେ ଚିନ୍ତାମଣିକୁ ତ୍ୟାଗକରି ଆସିଥିଲେ । କିନ୍ତୁ ତାଙ୍କର ସେହି କାମନା, ବାସନା ବିଦ୍ୟମାନ ଥିଲା । ସେହି କାରଣରୁ ସେ ପୁନରାୟ ଅନ୍ୟ ସ୍ତ୍ରୀ ପ୍ରତି ଆସକ୍ତ ହୋଇଥିଲେ । ତାଙ୍କ କେନ୍ଦ୍ରୀୟ ସଙ୍କଳ୍ପରେ ତ୍ରୁଟି ନ ଥିଲା, ଭଗବାନଙ୍କ ଉପରେ ନିର୍ଭରତା ଥିଲା । ସେହି କାରଣରୁ ତାଙ୍କ ଅଧ୍ୟାତ୍ମ-ମାର୍ଗରେ ବାଧାରୂପେ ଆସିଥିବା କାମାବେଗକୁ ସେ ଭଗବତ୍ କୃପା ସାହାଯ୍ୟରେ ନିଜ ପ୍ରଯତ୍ନରେ ପ୍ରତ୍ୟାଖ୍ୟାନ କରିପାରିଥିଲେ । ତାଙ୍କର ବ୍ୟକ୍ତିଗତ ପ୍ରୟାସ ଥିଲା ନିଜ ଆଖି ଫୋଡ଼ିବା । ଯୋଗ ସିଦ୍ଧହୁଏ ଦୁଇଟି ଶକ୍ତିର ସଂଯୋଗରେ । ନିମ୍ନରୁ ବ୍ୟକ୍ତିର ଆତ୍ମା, ମନ-ପ୍ରାଣ ଅଭୀପ୍ସା କରେ, ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ତା'ର ଉତ୍ତର ସ୍ୱରୂପ ଶାନ୍ତି, ଜ୍ୟୋତିଃ, ଶକ୍ତି, ଜ୍ଞାନ, ଭକ୍ତି, ଆନନ୍ଦ ସ୍ୱରୂପରେ ସାଧକର ମନ-ପ୍ରାଣ-ଶରୀର – ଆଧରରେ ଅବତରଣ କରେ ଏବଂ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ସକାଶେ ପ୍ରସ୍ତୁତକରେ ।

ଏହାର ସହାୟକ ହେଉଛି ପ୍ରତିକୂଳ ବସ୍ତୁର ତ୍ୟାଗ ଏବଂ ମାତୃଶକ୍ତିର ଚରଣରେ ସମର୍ପଣ ।

ନିଜ ଶରୀରରେ ଏକ ଅନୁଭୂତି

ସୂଚନା

''ନିଜ ଶରୀରରେ ଏକ ଅନୁଭୂତି'' ପୁସ୍ତିକାଟିର ଲେଖକ ଶ୍ରୀ ରାମକୃଷ୍ଣ ଦାସ ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମର ଜଣେ ସ୍ୱନାମଧନ୍ୟ ସାଧକ । ସେ ୮.୧୧.୧୯୯୮ରେ ୯୧ ବର୍ଷ ବୟସରେ ଦେହତ୍ୟାଗ କରିବା ପରେ ତାଙ୍କ ବାସଗୃହର ଆଲମାରି ମଧ୍ୟରୁ ଏହି ଲେଖାଟି ମିଳିଥିଲା । ମାସିକ ପତ୍ରିକା ''ନବପ୍ରକାଶ''ର ୧୯୯୯ ମାର୍ଚ୍ଚ ସଂଖ୍ୟା(ବିଶେଷ ସଂଖ୍ୟା)ରେ ଏହା ପ୍ରଥମେ ପ୍ରକାଶ ପାଇଥିଲା । ୧୪.୮.୧୯୯୯ ତାଙ୍କ ଶୁଭ ଜନ୍ମ ଦିବସ ଉପଲକ୍ଷେ ଏହା ଇଂରାଜୀ ଅନୁବାଦ ସହ ଏକ ପୁସ୍ତିକା ଆକାରରେ ପ୍ରକାଶ ପାଇଥିଲା । ପୁସ୍ତିକାର ନାମକରଣ ପ୍ରକାଶକଙ୍କ ଦ୍ୱାରା ପରେ କରା ହୋଇଛି ।

— ପ୍ରକାଶକ



ଏହି ଲେଖାଟି ମୋର ଜୀବିତ ଅବସ୍ଥାରେ
କେହି ପଢ଼ିବେ ନାହିଁ ।

ରାମକୃଷ୍ଣ ଦାସ
୧୩.୫.୧୯୭୬

ନିଜ ଶରୀରରେ ଏକ ଅନୁଭୂତି

ଏହି ଲେଖାଟି ଲେଖିବାର ଦୁଇଟି କାରଣ । ଗୋଟିଏ ହେଲା ଶରୀରରେ ଭାଗବତୀ ଶକ୍ତିର କ୍ରିୟା ହେବାରୁ ହୃଦୟ ଗଭୀରରେ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ ନିଶ୍ଚଳ ନୀରବ ଧ୍ୟାନରେ ଡୁବି ରହିପାରୁ ନ ଥିଲି । ଏହି ସକାଶେ ମୋତେ ଅନୁତାପ ହେଉଥିଲା । ଭାଗବତୀ ଶକ୍ତିର କ୍ରିୟା ଶରୀରର ଯେଉଁ ସ୍ଥାନରେ ହେବ, ସେହି ସ୍ଥାନରେ ଏକାଗ୍ରତା ହେବ ଏବଂ ସେ ସମୟରେ ହୃଦୟ ଗଭୀରରେ ପ୍ରଗାଢ଼ ଧ୍ୟାନ ହୋଇପାରିବ ନାହିଁ – ଏହି ବିଷୟ ସ୍ଥାୟିଭାବେ ପୂର୍ଣ୍ଣ ରୂପେ ନିଃସନ୍ଦେହ ନ ଥିଲି ।

ଅନ୍ୟଟି ହେଲା ଗୋଟିଏ ପ୍ରବଳ ବାଧା ବା ଆକ୍ରମଣ ପଚିଶ ବର୍ଷ ମଧ୍ୟରେ ଭିନ୍ନ ଭିନ୍ନ ରୂପେ ତିନି, ଚାରି ଥର ହେଲା । ସେ ବାଧାଟି ଆସୁଥିଲା ଶରୀରରେ ଭାଗବତୀ ଶକ୍ତିର ଗୋଟିଏ ନୂତନ ଏବଂ ଦୃଢ଼ କ୍ରିୟା ହେବା ପରେ । ସେ ବାଧାଟି ଏତେ ପ୍ରବଳ ଥିଲା ଯେ ଗୋଡ଼ରୁ କିଂବା ପେଟରୁ ଅଥବା ମୂଳାଧାରରୁ ଉଠି ଶବ୍ଦ କରି ମସ୍ତକରେ ପ୍ରବେଶ କରୁଥିଲା । ତାହା ଏତେ ଅସ୍ୱସ୍ତିକର ହେଉଥିଲା ମୃତ୍ୟୁଠାରୁ ଅଧିକ କଷ୍ଟଦାୟକ ପ୍ରତୀତ ହେଉଥିଲା । ତିନି, ଚାରି ମିନିଟ୍‌ରୁ ଅଧିକ ରହିଲେ ବଞ୍ଚି ରହିବା ସମ୍ଭବ ହେଉ ନ ଥିଲା । ସେ ଆକ୍ରମଣ ବିଶେଷ ରୂପେ ରହୁଥିଲା ତିନି, ଚାରି ଦିନ ପର୍ଯ୍ୟନ୍ତ । କିନ୍ତୁ ତା'ର ପ୍ରଭାବ ରହୁଥିଲା ପ୍ରାୟ ଏକମାସ ପର୍ଯ୍ୟନ୍ତ । ସେହି ସମୟରେ ମୁଁ ବହୁତ ବ୍ୟସ୍ତ ଏବଂ ଅଧୈର୍ଯ୍ୟ ହୋଇ ପଡୁଥିଲି ।

ଶରୀରରେ ଭାଗବତୀ ଶକ୍ତିର କ୍ରିୟା ହେଲେ ଏହି ପ୍ରକାରେ କିଂବା ଅନ୍ୟ ପ୍ରକାରେ ବାଧା ଅନିବାର୍ଯ୍ୟ ରୂପେ ଆସିବ । ସେହି ସମୟରେ ଅଧୈର୍ଯ୍ୟ ତଥା ବ୍ୟସ୍ତ ନ ହୋଇ, ଦୃଢ଼ ରହି ମା'ଙ୍କ ନାମ ସ୍ମରଣ କଲେ ସେ ପ୍ରତିକୂଳ ଅବସ୍ଥାକୁ ଦୂର କରିଦେବାର ଉପାୟ ମା'ଙ୍କ କୃପାରୁ ମିଳିଯିବ । ଏହି ବିଷୟ ଜାଣିଲେ ବ୍ୟସ୍ତ ହେବାକୁ ପଡ଼ିବ ନାହିଁ । ଏହି କାରଣରୁ ଏହି ଲେଖାଟି ଲେଖିବାର ଉଦ୍ଦେଶ୍ୟ ।

ଭାଗବତୀ ଶକ୍ତିର କ୍ରିୟା ଗୋଟିଏ ଘଟଣା

ଶରୀରରେ ଭାଗବତୀ ଶକ୍ତିର ଅବତରଣ ୧୯୪୫ରୁ ଆରମ୍ଭ ହୋଇଥିଲା । ଆଜି ମଇ ଦୁଇ ତାରିଖ ୧୯୭୬ରେ ଲେଖୁଛି । ପୁଙ୍ଖାନୁପୁଙ୍ଖ ଭାବେ ମନେ ନାହିଁ । ଯେତିକି ମନେ ପଡୁଛି ସେତିକି ଲେଖିବାକୁ ଚେଷ୍ଟା କରିବି । କେବଳ ଲେଖିବି ଶରୀରରେ ଭାଗବତୀ ଶକ୍ତିର କ୍ରିୟା ।

ଅଯୋଧ୍ୟାରେ ଥିବା ସମୟରେ, ଏଠାକୁ ଆସିବାର ଚାରି, ଛଅ ମାସ ପୂର୍ବରୁ ମସ୍ତକରେ ଗୋଟିଏ ଚାପ ଅନୁଭବ ହେଉଥିଲା । ଏଠାକୁ ଆସିଲି ୧୯୪୫ ଫେବ୍ରୁଆରି ୨ ତାରିଖରେ । ଏଠାକୁ ଆସିବା ପରେ ମସ୍ତକରେ ଚାପ ଯୋଗୁଁ ବ୍ୟଥା ବି ହେଉଥିଲା । ନଳିନୀ ଦା'ଙ୍କୁ ପଚାରିବାରୁ ସେ କହିଥିଲେ, ''ଧ୍ୟାନ ବନ୍ଦ କରିବେ'' । ମୁଁ ଧ୍ୟାନ ବନ୍ଦ କରି ନ ଥିଲି । ଭୟ ସହିତ ଅଳ୍ପ ଅଳ୍ପ ଧ୍ୟାନ କରୁଥିଲି ।

ସେ ସମୟରେ ମା' ଟେରାସ୍‌ରେ ଆସି ବସି ଧ୍ୟାନ କରାଉଥିଲେ । ଆମ୍ଭେମାନେ ତଳେ ବସି ଧ୍ୟାନ କରୁଥିଲୁ । ଏଠାରେ ଚାରିମାସ ରହିବା ପରେ ଦିନେ ଧ୍ୟାନ ସମୟରେ ମୋର ମନେ ହେଲା, ''ଯାହା ବି ହେଉ; ଆଜି ଧ୍ୟାନ କରିବି ।'' ମସ୍ତକରେ ଏକାଗ୍ରତା କଲି । ଏକାଗ୍ରତା ସଙ୍ଗେ ସଙ୍ଗେ ଚାପ ବହୁତ ବଢ଼ିଗଲା । କିନ୍ତୁ କିଛି ସମୟ ପରେ ମସ୍ତକର ଚାପଟି ବେକ ତଳକୁ ଅବତରଣ କରିଗଲା । ବହୁତ ଭଲ ଲାଗିଲା । ବହୁତ ପ୍ରସନ୍ନତା ହେଲା । ସେହି ଦିନଠାରୁ ଧ୍ୟାନରେ ଆହୁରି ଆଗ୍ରହ ବଢ଼ିଲା । ଯେବେ ଯେବେ ମସ୍ତକରେ ଚାପ ପଡୁଥିଲା, ଦରଜ ହେଉଥିଲା, ଧ୍ୟାନ କଲେ ତାହା ଶରୀରରେ ଅବତରଣ କରୁଥିଲା, ମସ୍ତକ ହାଲୁକା ହୋଇଯାଉଥିଲା ।

ଏହିପରି କେବେକେବେ ଅବତରଣ ପରେ ଚେତନା ଉତ୍ତରଣ ହୋଇ ମସ୍ତକର ବହୁ ଊର୍ଦ୍ଧ୍ୱକୁ ଚାଲି ଯାଉଥିଲା, ଏବଂ ଶରୀରରେ ଗୋଡ଼ ତଳିପା ପର୍ଯ୍ୟନ୍ତ ତଥା ତଳିପାର ବହୁ ତଳକୁ, ବହୁତ ଗଭୀରକୁ ଅବତରଣ କରୁଥିଲା । ଜଣା ପଡୁଥିଲା ଏକେବାରେ ଅନ୍ଧକାର ଭିତରକୁ ଚାଲିଯାଉଥିଲା । ଗୋଡ଼ ତଳିପାର ବହୁତ ଗଭୀର ଅନ୍ଧକାରରୁ ଉଠି ଆରୋହଣ କରି ମସ୍ତକର ବହୁ ଊର୍ଦ୍ଧ୍ୱକୁ ଚାଲିଯାଉଥିଲା । ଏହି ଅବତରଣ ଉତ୍ତର କ୍ରିୟା ହେଉଥିଲା ପ୍ରାୟ ଧ୍ୟାନ ସମୟରେ । ଏହି କ୍ରିୟା ଚାଲିଥିବା ସମୟରେ ବହୁପ୍ରକାର ମାନସିକ, ପ୍ରାଣିକ ଏବଂ ଶାରୀରିକ ବାଧାବିଘ୍ନ ଆସୁଥିଲା । ଏହି କ୍ରିୟା ଯଦ୍ୟପି ୧୯୪୫ରୁ ଆରମ୍ଭ ହୋଇଥିଲା, ତଥାପି ଭଲଭାବେ ହେଲା ୧୯୫୦ ପରେ ।

କିଛିବର୍ଷ ପରେ ସମାଧିରେ ପ୍ରଣାମ କରିବାକୁ ଛିଡ଼ା ହେବା ସଙ୍ଗେ ସଙ୍ଗେ ଚେତନା ମସ୍ତକରୁ ଉତରି ଗୋଡ଼ ତଳିପା ତଳକୁ ବହୁତ ଗଭୀରକୁ ଚାଲିଯାଉଥିଲା ।

ଏହି ଅବତରଣ ଉତ୍ତରଣ କିଛିମାସ କିଛିବର୍ଷ ଚାଲିବା ପରେ ଏହାରି ସଙ୍ଗେ ସଙ୍ଗେ ଶରୀରରେ ଭାଗବତୀ ଶକ୍ତିର କ୍ରିୟା ହେବାକୁ ଲାଗିଲା । କେବେ ହୃଦୟରୁ କ୍ରିୟା ମସ୍ତକ ପର୍ଯ୍ୟନ୍ତ ହୁଏ, ମସ୍ତକରୁ ପୁନରାୟ ହୃଦୟକୁ ଆସେ । କେବେ କେବେ ପେଟରେ କ୍ରିୟା ହୁଏ, କେବେ ମୂଳାଧାର ପର୍ଯ୍ୟନ୍ତ ଚାଲିଯାଏ । ଏହିପରି କ୍ରିୟା ହେବାପରେ ଶରୀରରୁ ଚେତନା ପ୍ରସାର ହେବାକୁ ଲାଗିଲା । କେବେକେବେ ପଥର କିଂବା ଶୁଖିଲା ଚିକିଟା ପଙ୍କରେ ପ୍ରବେଶ କରିବା ସଦୃଶ ଶକ୍ତି ଭିତରେ ପ୍ରବେଶ କରେ ବହୁତ ଜୋର୍ ଲଗେଇ ବହୁତ ଦୃଢ଼ତା ସହ ପ୍ରବେଶ କରେ । ଏବଂ ସେହି ଅନ୍ଧକାର ମାଟି ବା ପଥର ସଦୃଶ ବଡ଼ ଚଟାଣ ସଦୃଶ ତଳୁ ଉଠେଇ ଆଣେ । ଉଠେଇବା ସମୟରେ ବହୁତ ବହୁତ ଜୋର୍ ଲଗାଏ । ଶହେ ଜଣ ମରଦ ଉଠାଇବାରେ ଯେତେ ଜୋର୍ ଲାଗେ, ତା'ଠାରୁ ବି ଅଧିକ ଜୋର୍ ଲାଗେ । ଉଠେଇ ଆଣିବା ପରେ ସ୍ପଷ୍ଟ ଜଣାଯାଏ ଶରୀରକୁ ଦୁଇ ଫାଳରେ ଚିରିଲା ପରି । ଚିରିବା ସମୟରେ ବହୁତ ଜୋର୍ ଲାଗେ । ଗଛକୁ ଦୁଇଫାଳ କରି ଚିରିବାରେ ଯେତେ ଜୋର୍ ଲାଗେ, ସେହିପରି ଜୋର୍ ଲାଗେ । ଜୋର୍ ଲାଗେ ଶକ୍ତିର । ଶରୀରରେ କୌଣସି ପୀଡ଼ା ହୁଏ ନାହିଁ । ଏହିପରି ହେବା ଫଳରେ ଶରୀର ଚେତନା ବିସ୍ତାର ହୋଇଯାଏ । ଆଙ୍ଗୁଳି ଲଗେଇଲେ ଶରୀର ଥିବ କିନ୍ତୁ ଅନୁଭବ ହେଉଥିବ ଶରୀର ଏକେବାରେ ନାହିଁ । ମୁଣ୍ଡଟି ଛଡ଼ା ସମସ୍ତ ଶରୀରଟି ଆକାଶରେ ମିଳିଯାଏ । ଅର୍ଥାତ୍ ଶରୀର ଚେତନା ଶରୀର ସୀମାରୁ ମୁକ୍ତ ହୋଇଯାଏ ।

ଭାଗବତୀ ଶକ୍ତିର କ୍ରିୟା ହେଉଥିଲା ମସ୍ତକର ପଛଭାଗ ଛଡ଼ା ମସ୍ତକରୁ ମୂଳାଧାର ପର୍ଯ୍ୟନ୍ତ । କିନ୍ତୁ ୧୯୭୬ ଆରମ୍ଭରୁ ସମସ୍ତ ଶରୀରରେ କ୍ରିୟା ହେଲା । ଅର୍ଥାତ୍ ଦୁଇ ଗୋଡ଼, ଗୋଡ଼ ତଳିପାର ତଳକୁ, ବହୁ ତଳକୁ କ୍ରିୟା ଚାଲିଲା । ହାତରେ ମଧ୍ୟ କ୍ରିୟା ହେବାକୁ ଲାଗିଲା । ମସ୍ତକ ଊର୍ଦ୍ଧ୍ୱରେ ମଧ୍ୟ କ୍ରିୟା ହେଲା । ବାକି ରହିଲା ମସ୍ତକର ପଛଭାଗ ବେକ ଉପରୁ ତିନି, ଚାରି ଆଙ୍ଗୁଳି ଚୌଡ଼ା ଚାରି ଆଙ୍ଗୁଳି ଲମ୍ବା ଗୋଟିଏ ପଥର ଖଣ୍ଡ ସଦୃଶ୍ୟ ସେହି ଭାଗଟିରେ ଭାଗବତୀ ଶକ୍ତିର କ୍ରିୟା ହୋଇପାରୁ ନ ଥିଲା ।

୧୯୭୬ ମାର୍ଚ୍ଚ ୧୮ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ବେକ ଉପରେ ଥିବା ଚାରି ଆଙ୍ଗୁଳି ସ୍ଥାନରେ ଭାଗବତୀ ଶକ୍ତିର କ୍ରିୟା ଆରମ୍ଭ ହେଲା । ୧୮ ତାରିଖରେ ଭାଗବତୀ ଶକ୍ତିର କ୍ରିୟା କେଇ ଘଣ୍ଟା ହେବା ପରେ ବହୁତ ଜୋର୍ ଲଗେଇ ପଥର ଖଣ୍ଡ ସଦୃଶ୍ୟ ଥିବା ସେହି ଚାରି ଅଙ୍ଗୁଳି ସ୍ଥାନଟିକୁ ବହୁତ ଜୋର୍ ଲଗେଇ ଟାଣି ଓଟାରି ବାହାର କରିନେଲେ । ଯେପରି ଖଣ୍ଡିଏ ପଥର ଶରୀରରୁ ବଳ ପୂର୍ବକ ଟାଣି ଓଟାରି ବାହାର କରିନିଆ ହୁଏ । ତା'ପରେ ଭାଗବତୀ ଶକ୍ତିର କ୍ରିୟା କେବଳ ସେହି ସ୍ଥାନରେ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଲା । ବହୁ ବଳ ଲଗେଇ ଗଛରୁ ଛାଲ ଓଟାରି ବାହାର କରିବା ସଦୃଶ୍ୟ, ସେହି ସ୍ଥାନରୁ ଭାଗବତୀ ଶକ୍ତି ଓଟାରି ଚେତନାକୁ ବାହାର କରିନେଲେ । ସେ ସ୍ଥାନଟିର ଚେତନା-ଅନ୍ୟସ୍ଥାନ ସଦୃଶ୍ୟ ବିସ୍ତାର ହୋଇଗଲା ।

ଅବତରଣ ଉତ୍ତରଣରେ ଚେତନା କେବଳ ଉପରକୁ ଯାଏ ଏବଂ ତଳକୁ ଆସେ । ଭାଗବତୀ ଶକ୍ତି କ୍ରିୟା ହେଲେ ଶରୀରକୁ ମନ୍ଥନ କରେ ।

ଭାଗବତୀ ଶକ୍ତିର ଏହି କ୍ରିୟାର ଘଟଣାଟି ଲେଖିବା ଛଡ଼ା ଅନୁଭୂତି ଲେଖିବାର ପ୍ରୟୋଜନ ନାହିଁ ।

ରାମକୃଷ୍ଣ ଦାସ
୨।୫।୧୯୭୬

ବାଧା ବା ଆକ୍ରମଣ

୧୯୭୫ ନଭେମ୍ବର ଶେଷ ସପ୍ତାହରେ ଗୋଟିଏ ପ୍ରବଳ ବାଧା ଆସିଲା । ସେହି ପ୍ରକାର ବାଧା ଆଗରୁ ବି କେଇଥର ଆସିଥିଲା । ଏଥର ଆସିଲା ପ୍ରବଳ ଭାବେ । କେବେ ତ ତଳିପେଟରୁ କେବେ ପାଦରୁ ଉଠୁଥିଲା । ଶରୀର ମଧ୍ୟରେ ଶବ୍ଦ କରି ମଥାରେ ପ୍ରବେଶ କରୁଥିଲା । ମଥାରେ ପ୍ରବେଶ କରିବା ମାତ୍ରେ ଏତେ ବେଚୈନ, ଏତେ ଅସ୍ୱସ୍ତିକର ଲାଗୁଥିଲା ଯେ ମୃତ୍ୟୁଇଚ୍ଛା ଅନ୍ୟ ଉପାୟ ନ ଥିଲା । ମା'ଙ୍କ ଉପରେ ନିର୍ଭରତା ଥିବା ସତ୍ତ୍ୱେ ପ୍ରାଣର ଗୋଟାଏ ଭାଗରେ ମଥା ଖରାପ ହେବାର ଭୟ ଯୋଗୁଁ ତାହା ଦୁଇଗୁଣ ବଢ଼ି ଯାଉଥିଲା । ତାହା ପୀଡ଼ା ବା ଯନ୍ତ୍ରଣା ବା ଅନ୍ୟ କ'ଣ, ତାହା ପ୍ରକାଶ କରିବା ଭାଷା ମୋ ପକ୍ଷେ ଅଜଣା । କିନ୍ତୁ ଏପରି ଅସ୍ୱସ୍ତି ଯେ ମରିବାଠାରୁ ଶହେଗୁଣ ବ୍ୟଥା ଥିଲା । ଦୁଇ ମିନିଟ୍‌ରେ ଦଶଦିଶା ଅନ୍ଧକାର ହୋଇଯାଉଥିଲା । ସେହି ଅବସ୍ଥା ଦୁଇ, ତିନି ମିନିଟ୍‌ରୁ ଅଧିକ ସମୟ ରହିଲେ କ'ଣ ଯେ କରିପାରନ୍ତା, ତାହା କହିବା କଠିନ ନୁହେଁ ଅସମ୍ଭବ । ସେହି ଆକ୍ରମଣ ସମୟରେ ଭୟ ଯଦ୍ୟପି ରହୁଥିଲା, ତା' ସଙ୍ଗେ ସଙ୍ଗେ ଏକମାତ୍ର ଭରସା ମା'ଙ୍କ ଉପରେ ଥିଲା । ଏବଂ ଧାରା ପ୍ରବାହ ସ୍ୱତଃସ୍ଫୂର୍ତ୍ତ ଭାବେ ମା'ଙ୍କ ନାମ ସ୍ମରଣ ହେଉଥିଲା । ମା'ଙ୍କ କୃପାରୁ ସେ ଶକ୍ତିର କ୍ରିୟାର ପ୍ରତିରୋଧ କରିବା ପ୍ରଣାଳୀ ମଧ୍ୟ ଜଣା ପଡ଼ିଗଲା । ମଥାରେ ସବୁ ସମୟରେ ଗୋଟାଏ ବୋଝ ଲଦା ହେବା ପରି ଭାରୀ ଥିଲା । ପ୍ରତିରୋଧର ପ୍ରଣାଳୀ ହେଲା – ମସ୍ତକ ସିଧା ନ ରଖିବା, ଧ୍ୟାନ କଦାପି ନ କରିବା ଏବଂ ଶକ୍ତି ଉପର ଉଠିଲେ ମା'ଙ୍କ ଶକ୍ତି ଦ୍ୱାରା ପ୍ରବଳତା ସହିତ ତାକୁ ଉପର ଉଠିବା ବନ୍ଦ କରି ଆସ୍ତେ ଆସ୍ତେ ଅତ୍ୟନ୍ତ ଜୋର୍ ଲଗେଇ ଶରୀରରୁ ପାଦତଳ ଦେଇ ବାହାର କରି ଫୋପାଡ଼ି ଦେବା । କାର୍ଯ୍ୟ କରିବା, ଚାଲିବା, ବୁଲିବା ଏବଂ ଅନ୍ୟାନ୍ୟ ସମୟରେ ମସ୍ତକ ସିଧା ନ ରଖିବା । ମଥା ସିଧା କଲେ ସେ ଶକ୍ତି ମସ୍ତକରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲା । ଜାଗ୍ରତ୍ ଅବସ୍ଥାରେ ଏହିପରି କରିବା ଦ୍ୱାରା ଶକ୍ତି ପ୍ରବେଶ କରି କ୍ରିୟା କରିପାରୁ ନ ଥାଏ । ପ୍ରଥମ ଦୁଇ ତିନି ଦିନ ଶୋଇବା ସମୟରେ ଟିକିଏ ନିଦ ଆସିବା ସଙ୍ଗେ ସଙ୍ଗେ ସେହି ଶକ୍ତି ମଥାରେ ପ୍ରବେଶ କରିବା ମାତ୍ରେ ନିଦ ଭାଙ୍ଗିଯାଏ । ଉଠିବସି ସଙ୍ଗେ ସଙ୍ଗେ ମସ୍ତକରୁ ବାହାର କରି ମସ୍ତକ ଉପରକୁ ତଡ଼ି ଦେବାକୁ ହେଉଥାଏ । ପ୍ରଥମ ଦିନ ରାତ୍ରିରେ ଏହିପରି ବସି ବସି ବିତିଲା । ତା'ପରେ ଦୁଇ, ତିନି ରାତ୍ରିରେ କ୍ରମଶଃ କମ୍ ହେଲା । ଆକ୍ରମଣ ଚାଲିଥିଲା ତିନି, ଚାରି ଦିନ ପର୍ଯ୍ୟନ୍ତ । କିନ୍ତୁ ତା'ର ପ୍ରଭାବ ରହିଲା ପ୍ରାୟ ଏକମାସ ପର୍ଯ୍ୟନ୍ତ । ପ୍ରଥମ ଦିନଟା ପରେ ଭୟ ଦୂର ହୋଇଗଲା । ମା'ଙ୍କ ଉପରେ ନିର୍ଭରତା, ଏବଂ ନାମଜପ ଅହରହ ଥିବା ସତ୍ତ୍ୱେ ବି ପ୍ରଥମ ଦିନ ମଝିରେ ମଝିରେ ଭୟ ଆସୁଥିଲା ।

ପୂର୍ବେ ୧୯୫୦ ମସିହାରେ ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗପରେ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ସବୁ ସମୟରେ ଏକାଗ୍ରତା, ଶାନ୍ତି, ଆନନ୍ଦ ରହିଲା । ଠିକ୍ ଏହାପରେ କିଂବା କିଛିଦିନ ପରେ ଠିକ୍ ଏହିପରି ଆକ୍ରମଣ ଆରମ୍ଭ ହୋଇଥିଲା । ଏହି ଆକ୍ରମଣ ହୁଏ ଭାଗବତୀ ଶକ୍ତିର ଶରୀରରେ କୌଣସି ନୂତନ ସ୍ଥାନରେ, କିଂବା ନୂତନ କେନ୍ଦ୍ରରେ ଅଥବା ନୂତନ ସତ୍ତାରେ କାର୍ଯ୍ୟ ଆରମ୍ଭ ହେଲେ । ସାଧାରଣରୁ ସାଧାରଣ କୌଣସି ବାହ୍ୟ ଘଟଣାରୁ ବିକ୍ଷୋଭ, ଅଶାନ୍ତିକୁ ଆଶ୍ରୟ କରି ଆସେ । ୧୯୫୦ରେ କେଉଁ ମାସ ଠିକ୍ ମନେ ନାହିଁ ଏହି ଆକ୍ରମଣ ଆରମ୍ଭ ହେଲା । ଯଦ୍ୟପି ୧୯୭୫ ଆକ୍ରମଣଠାରୁ ସେ ସମୟ ଆକ୍ରମଣ ବହୁତ କମ୍ ଥିଲା ତଥାପି ସେ ସମୟ ସକାଶେ ଭୟଙ୍କର ପ୍ରତୀତ ହେଉଥିଲା । ସଙ୍ଗେ ସଙ୍ଗେ ମା'ଙ୍କୁ ଖବର ଦେଲି । ସେ ସମୟରେ ମା' ପ୍ରତିଦିନ Blessing ଦେଉଥିଲେ । ମା' Blessing ଦେବା ସମୟରେ ମୋ ହାତକୁ ତାଙ୍କ ଦୁଇ ହାତରେ ଧରିଲେ । ମା'ଙ୍କ ହାତ ସ୍ପର୍ଶ ସଙ୍ଗେ ସଙ୍ଗେ ପ୍ରତିକୂଳ ଶକ୍ତି ମଥାରୁ ଉତରି କ୍ରମଶଃ ଗୋଡ଼ ତଳିପା ଦେଇ ବାହାରିଗଲା । ମଥାରୁ ଶରୀର ଦେଇ ଯିବା ସମୟରେ ଶରୀରରୁ ଚମଡ଼ା ଟାଣି ବାହାର କରିବା

ସମୟରେ ଟାଣିବାରେ ଯେଉଁ ପର୍ଯ୍ୟନ୍ତ ଆସୁଥାଏ ତାହା ଯେପରି ଜଣାପଡ଼େ, ଠିକ୍ ସେହିପରି ଜଣା ପଡୁଥାଏ । କିନ୍ତୁ ଶରୀର ଚମଡ଼ା ଟାଣିଲେ ପୀଡ଼ା ହୁଏ, କିନ୍ତୁ ସେଥିରେ ପୀଡ଼ା ଟିକିଏ ବି ନ ଥାଏ । ଥାଏ ଶାନ୍ତି, ଆନନ୍ଦ, ପ୍ରସନ୍ନତା । ଶରୀରରୁ ବାହାରି ଯିବା ପରେ ଶରୀର ଏକେବାରେ ଫୁଲ ସଦୃଶ ଉଶ୍ୱାସ ହୋଇଗଲା । ତା'ର ଦିନ ଦୁଇଦିନ ପରେ ସେହିପରି କମ୍ ପରିମାଣରେ ଆକ୍ରମଣ ହେଉଥିଲା । ସେ ସମୟରେ ମା' ମେଡ଼ିଟେସନ୍ ହଲ୍‌କୁ ଆସି ସେହିଠାରେ Blessing ଦେଉଥିଲେ । ଆମ୍ଭେମାନେ ମେଡ଼ିଟେସନ୍ ହଲ୍‌ରେ ବସିଥାଉ । ମା' ଯେପରି ଶିଡ଼ିରୁ ଗୋଟିଏ ଗୋଟିଏ ପାବନ୍ଧ ଉତରନ୍ତି ମୋ ଶରୀରରୁ ସେହିପରି ତାହା ମୁଣ୍ଡରୁ ଉତରିବାକୁ ଲାଗେ । ମା' ଶିଡ଼ିରୁ ଉତରି ମେଡ଼ିଟେସନ୍ ହଲ୍‌ରେ ପାଦ ରଖିବା ସଙ୍ଗେ ସଙ୍ଗେ ସେହି ପ୍ରତିକୂଳ ଅବସ୍ଥା ଗୋଡ଼ ପାଦ ଦେଇ ବାହାର ହୋଇଯାଏ । ତାହା ଏତେ ସ୍ପଷ୍ଟ ଭାବେ ଯାଏ ଯେ ପ୍ରତ୍ୟକ୍ଷଠାରୁ ଆହୁରି ସ୍ପଷ୍ଟ ଏବଂ ବାସ୍ତବ ପ୍ରତୀତ ହୁଏ । ଏହିପରି କିଛି ଦିନ ପରେ ସଂପୂର୍ଣ୍ଣ ରୂପେ ଚାଲିଯାଇଥିଲା । ସେହି ଆକ୍ରମଣ ପ୍ରଥମ ଥର ହେଲା । ମୁଁ ବହୁତ ଭୟଭୀତ ହୋଇ ମା'ଙ୍କୁ ଖବର ଦେଲି ''ମୋ ମଥା ଖରାପ ହେବାର ଭୟ ହେଉଛି ।'' ଖବର ଦେବା ବ୍ୟକ୍ତିକୁ ମା' କହିଥିଲେ, ''ତା' ଭିତରେ କୌଣସି ଖରାପ କିଛି ଦେଖୁ ନାହିଁ ।''

ଏହି ଆକ୍ରମଣ ହେଲା ଶରୀରରେ ଭାଗବତୀ ଶକ୍ତିର କ୍ରିୟା ଆରମ୍ଭ ହେବାରୁ । ବାହାରର କୌଣସି ସାମାନ୍ୟ ଘଟଣାକୁ ଆଶ୍ରୟ କରି ବିରୋଧୀ ଅବସ୍ଥା ଆକ୍ରମଣ କରି ଦେଉଥିଲା ।

ତା'ପରେ ହେଲା ପ୍ରାୟ ୧୯୬୬ରେ । ଠିକ୍ ବର୍ଷ ମନେ ନାହିଁ । ସବୁ ସମୟରେ ମା'ଙ୍କ ନାମ ସ୍ମରଣ କରେ । କିନ୍ତୁ ଆକ୍ରମଣ ସମୟରେ ମା'ଙ୍କ ନାମ ଅଧିକ ସ୍ମରଣ କରେ । ତା' ସଙ୍ଗେ ସଙ୍ଗେ ଭୟ ଥାଏ । ଏଥର ଆକ୍ରମଣରେ ପତିବାବୁଙ୍କ ଦ୍ୱାରା ମା'ଙ୍କ ପାଖକୁ ପତ୍ର ଲେଖିଲି । ପତ୍ର ଦେଇ ନ ଥିଲି । ଲେଖିବା ପରେ ଗୋଟିଏ କୌଶଳ ମା'ଙ୍କ କୃପାରୁ ଜଣା ପଡ଼ିଗଲା । ସେ ବିରୋଧୀ ଶକ୍ତି ପାଦରୁ ଉଠି ମସ୍ତକରେ ପ୍ରବେଶ କରିବା ପୂର୍ବରୁ ତାକୁ ମା'ଙ୍କ ନାମ ସ୍ମରଣ ସହିତ ସଂକଳ୍ପ ଶକ୍ତିରେ ଶରୀରରୁ ଗୋଡ଼ତଳ ଦେଇ ବାହାର କରି ଦେଉଥିଲି । ଯେଉଁଥର ସେଥିରେ ସଫଳତା ପାଉ ନ ଥିଲି, ସେ ପ୍ରତିକୂଳ ଶକ୍ତି ମଥାରେ ପ୍ରବେଶ କରୁଥିଲା । ସେହି ସମୟରେ ମସ୍ତକରେ ପଶିବା ମାତ୍ରେ ମସ୍ତକରୁ ବାହାର କରି ଉପରକୁ ତଡ଼ି ଦେଉଥିଲି ।

ଏହା ଦ୍ୱିତୀୟ ଥର କିଂବା ତୃତୀୟ ଥର ମୋର ଠିକ୍ ମନେ ନାହିଁ । ଏହାପରେ ଆହୁରି ଥରେ ଏହିପରି ଆକ୍ରମଣ ହେଲା । ସେତେବେଳେ ମା'ଙ୍କ ଛଡ଼ା ଅନ୍ୟ ଭରସା ନ ଥାଏ । 'ମା' ଏହି ନାମ ସ୍ମରଣ କରୁଥାଏ । ସବୁ ସମୟରେ ସଜାଗ ରହିବାକୁ ହେଉଥାଏ ।

ଏହାପରେ ଆକ୍ରମଣ ହୋଇଥିଲା ୧୯୭୫ରେ । ସେହି ଆକ୍ରମଣଟି ପ୍ରଥମରେ ଲେଖାହୋଇଛି ।

ଏହି ଯୋଗରେ ଚେତନା ଅବତରଣ ଉତ୍ତରଣ ହେଲେ ତଥା ଭାଗବତୀ ଶକ୍ତି କ୍ରିୟା କଲେ ମନ, ପ୍ରାଣ, ଶରୀରରେ ବାଧାବିଘ୍ନ ଆସେ । ଏପରିକି ଦୁଇ, ତିନି ଦିନ ପର୍ଯ୍ୟନ୍ତ ଯଦି ଗଭୀର ଏକାଗ୍ରତା ହୁଏ ତେବେ ବାଧାବିଘ୍ନ ଆସେ । ଶରୀର ଚେତନା ରୂପାନ୍ତର ଆରମ୍ଭ ହେଲେ ବାଧାବିଘ୍ନ ପ୍ରବଳ ଭାବେ ବହୁ ପ୍ରକାରରେ ଆସେ ।

ବାଧାବିଘ୍ନ ଆସେ ସାଧନାରେ ଦୃଢ଼ ନିଷ୍ଠା, ସାଧନାରେ ପ୍ରଗତି, ତଥା ମା'ଙ୍କ ପ୍ରତି ବିଶ୍ୱାସ, ଭରସା ଦୃଢ଼ କରାଇବା ସକାଶେ । ବିରୋଧୀ ଶକ୍ତିର ଆକ୍ରମଣରେ ଧୈର୍ଯ୍ୟ, ସାହସ, ନିର୍ଭୀକତା ବୃଦ୍ଧି ହୁଏ । ଶରୀର ଚେତନା ରୂପାନ୍ତର ହେବା ଆରମ୍ଭ ହେଲେ କିଂବା କିଛି ଅଗ୍ରସର ହେଲେ, ନାନା ପ୍ରକାର ଶାରୀରିକ ରୋଗ ମଧ୍ୟ ପ୍ରବଳ ଭାବେ ଆକ୍ରମଣ କରନ୍ତି । ଏହିସବୁ ବାଧାବିଘ୍ନ ଆକ୍ରମଣ ଆସିବା ସତ୍ତ୍ୱେ ମା'ଙ୍କର ରକ୍ଷା କବଚ ସର୍ବଦା ଘେରି ରହିଥାଏ । ସାଧକ ମା'ଙ୍କ ରକ୍ଷା ପ୍ରତି ସଚେତ ହେଲେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିପାରେ ।

ବାଧାବିପତ୍ତି ଯେତେ ପ୍ରବଳ ଭାବେ ଆସନ୍ତି, ମା'ଙ୍କ କୃପା ଏବଂ ରକ୍ଷା ତା'ଠାରୁ ବହୁଗୁଣେ ବହୁ ଶକ୍ତିଶାଳୀ ରୂପେ ରକ୍ଷାକରି ଚାଲେ । କିଛି ଅଂଶରେ ସାଧକ ମା'ଙ୍କ ଉପରେ ନିର୍ଭରତା ରଖିପାରିଲେ ତା'ର ଅନନ୍ତଗୁଣା ମା'ଙ୍କ ଶକ୍ତି ମା'ଙ୍କ କୃପା ସାଧକକୁ ଘେରି ରହିଥାଏ ।

କେବଳ ସାଧକ ଜୀବନରେ ମା'ଙ୍କ ଶକ୍ତି ରକ୍ଷାକରେ ଏପରି ନୁହେଁ । ମୋର ବାଲ୍ୟାବସ୍ଥାରୁ ସାତବର୍ଷ ବୟସରୁ ଅଯୋଧ୍ୟା ଯିବା ପୂର୍ବରୁ ୨୧ ବର୍ଷ ବୟସ ପର୍ଯ୍ୟନ୍ତ ଭଗବାନଙ୍କ କୃପା ବରାବର ପ୍ରତ୍ୟକ୍ଷ ଭାବେ ପାଇ ଆସିଥିଲି । ଛୋଟ ଛୋଟ ଘଟଣାରୁ ଅସାଧାରଣ ଘଟଣାରେ ସ୍ପଷ୍ଟ ନିଃସନ୍ଦେହ ଭଗବାନଙ୍କ କୃପା ପ୍ରତ୍ୟକ୍ଷ ଅନୁଭୂତି ହେଉଥିଲା । ଅସାଧାରଣ ରୋଗ, ଦୁଃଖ କଷ୍ଟ, ବିପଦ ନିବାରଣ ହେଉଥିଲା ।

ଆତ୍ମମାନଙ୍କୁ ସବୁ ଅବସ୍ଥାରେ ମୃତ୍ୟୁ ଏବଂ ମୃତ୍ୟୁପର ଅବସ୍ଥା ସକାଶେ ବି ମା'ଙ୍କ ଉପରେ ଦୃଢ଼ବିଶ୍ୱାସ ଭରସା ରଖିବା ସକାଶେ ତାଙ୍କରି ଚରଣରେ ପ୍ରାର୍ଥନା କରିବା ଉଚିତ ।

ରାମକୃଷ୍ଣ ଦାସ
୧୩.୫.୧୯୭୬

ବିବିଧ ନିବନ୍ଧ

ଲକ୍ଷ୍ୟ ସିଦ୍ଧିରେ କେନ୍ଦ୍ରୀୟ ସଂକଳ୍ପ

ଜୀବନର ଲକ୍ଷ୍ୟସିଦ୍ଧିର ଆଧାର ବା ଭିତ୍ତି କେନ୍ଦ୍ରୀୟ ସଂକଳ୍ପ । କେନ୍ଦ୍ରୀୟ ସଂକଳ୍ପ ସମସ୍ତ ପ୍ରକାର ପ୍ରତିକୂଳ ଅବସ୍ଥା, ପ୍ରତିକୂଳ ଗତିବୃତ୍ତି ସକାଶେ ରକ୍ଷାକବଚ । କେନ୍ଦ୍ରୀୟ ସଂକଳ୍ପ ଦୃଢ଼ ହେଲେ ଲକ୍ଷ୍ୟପ୍ରାପ୍ତିର ସାହାଯ୍ୟକାରୀ ଦୁର୍ବଳ ଭାଗସକଳ ସବଳ ହୁଅନ୍ତି । ନିରୁତ୍ସାହ ସ୍ଥାନରେ ଆସେ ନୂତନ ଉତ୍ସାହ, ଦୁର୍ବଳତା ସ୍ଥାନରେ ଆସେ ଅଦମ୍ୟ ଶକ୍ତି । ତାମସିକତା ପରିଣତ ହୁଏ କର୍ମତତ୍ପରତାରେ । ଅନ୍ତରରେ ସୁପ୍ତ ଥିବା ଶ୍ରଦ୍ଧା, ବିଶ୍ୱାସ, ଦୃଢ଼ତା, ଭଗବାନଙ୍କ ପ୍ରତି ସମର୍ପଣଭାବ, ଭଗବାନଙ୍କ ଉପରେ ନିର୍ଭରତା, ଭକ୍ତି, ଜ୍ଞାନ, ବିବେକ ହୁଏ ଜାଗ୍ରତ୍ । ତ୍ରୟତାପତପ୍ତ, ମ୍ରିୟମାଣ ଜୀବନ-ବୃକ୍ଷରେ ହୁଏ ଭଗବତ୍ କୃପାରୂପ ଶୀତଳ ଜଳର ବୃଷ୍ଟି; ଶାନ୍ତି, ସନ୍ତୋଷ, ଆନନ୍ଦରୂପକ ନୂତନ ଶାଖାପ୍ରଶାଖା ଓ ପୁଷ୍ପଫଳରେ ତାହା ହୁଏ ମଣ୍ଡିତ । ସଂସାରପରିଶ୍ରାନ୍ତ, ଆନ୍ତର ଏବଂ ବାହ୍ୟ ଦୁଃଖଦ୍ୱନ୍ଦ୍ୱ ରୌଦ୍ରତାପତପ୍ତ ପ୍ରାଣିସକଳଙ୍କୁ ଦିଏ ଜୀବନଲକ୍ଷ୍ୟର ସୁଶୀଳତା ଛାୟା, ଭଗବତ୍ ଆଶ୍ରୟରୂପ ସୁସ୍ୱାଦୁ ରସାଳ ଫଳ । ଜୀବନ ହୁଏ ସରସ, ଆନନ୍ଦମୟ । ଦୃଢ଼ ସଂକଳ୍ପରେ ବ୍ୟକ୍ତିର ଜୀବନ ହୁଏ ମହାନ୍, ବିଶାଳ । ଦୃଢ଼ ସଂକଳ୍ପ ବ୍ୟତୀତ ବ୍ୟକ୍ତି ହୁଏ ଭୀରୁ, ଅସମର୍ଥ, ଅଯୋଗ୍ୟ, ପ୍ରତ୍ୟେକ କାର୍ଯ୍ୟରେ ହୁଏ ଅସଫଳ । ତାହାଦ୍ୱାରା ସାଂସାରିକ କାର୍ଯ୍ୟ ସାଧିତ ହୁଏ ନାହିଁ କି ଅଧ୍ୟାତ୍ମ ଲକ୍ଷ୍ୟପ୍ରାପ୍ତି ହୁଏ ନାହିଁ । ସଂକଳ୍ପବିହୀନ ବ୍ୟକ୍ତି ସାଂସାରିକ ତଥା ପରମାର୍ଥିକ ଉଭୟ କର୍ମ ସକାଶେ ଅଯୋଗ୍ୟ । ତା' ଜୀବନ ନିରର୍ଥକ ।

ଦୃଢ଼ ବିଶ୍ୱାସରେ କର୍ମ ସିଦ୍ଧି

ମନୁଷ୍ୟ ଜୀବନ ସମ୍ଭାବନାରେ ପୂର୍ଣ୍ଣ । ତା' ମଧ୍ୟରେ ସମସ୍ତ ଅଲୌକିକ ଶକ୍ତି ସୁପ୍ତରୂପେ ନିହିତ । ସେ ଭଗବତ୍ ପ୍ରତିଭୂ ବା ଅଂଶ । ସେ ଜୀବନରେ ସମସ୍ତ ଶକ୍ତିକୁ ଜାଗ୍ରତ୍ କରିପାରେ, ଇନ୍ଦ୍ରାଦି ଦେବତାଙ୍କୁ ଅତିକ୍ରମ କରି ଭଗବାନଙ୍କ ପୂର୍ଣ୍ଣ ଯନ୍ତ୍ର ହୋଇପାରେ ଅଥବା ଜାଗତିକ ଯେକୌଣସି କାର୍ଯ୍ୟସିଦ୍ଧି କରି ଜଗତ୍‌ପୂଜ୍ୟ ହୋଇପାରେ । ଏହା ହୁଏ ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ଗ୍ରହଣ କରିବାରେ । ଏହା ଛଡ଼ା ବ୍ୟକ୍ତି ଦ୍ୱିପଦବିଶିଷ୍ଟ ପଶୁ ସଦୃଶ ଉଦର ପୂର୍ଣ୍ଣ କରିବା ଛଡ଼ା ଆଉ କିଛି କରିପାରେ ନାହିଁ । ଏପରି ବ୍ୟକ୍ତି ଦେବ ଦୁର୍ଲଭ ମନୁଷ୍ୟ ଶରୀର ପାଇ ବ୍ୟର୍ଥରେ ନଷ୍ଟ କରେ ।

ସଂକଳ୍ପର ଅର୍ଥ କାର୍ଯ୍ୟସିଦ୍ଧି ସକାଶେ ଦୃଢ଼ ନିଶ୍ଚୟ । ଏହାର ସହାୟକ ବିଶ୍ୱାସ, ଧୈର୍ଯ୍ୟ, ଅଧ୍ୟବସାୟ ଏବଂ ଯଥାର୍ଥ ବିଚାର । ଏହିସବୁର ଅଭାବରେ ଲକ୍ଷ୍ୟ ସିଦ୍ଧି ହୁଏ ନାହିଁ ତଥା ସଂକଳ୍ପ ଦୃଢ଼ ବୋଲି କୁହାଯାଇପାରେ ନାହିଁ । ଯେପରି କୌଣସି ବ୍ୟକ୍ତି ପଢ଼ିବା ଲକ୍ଷ୍ୟ ଗ୍ରହଣ କରିଥାଏ । ସେଥିରେ ଦୃଢ଼ ସଂକଳ୍ପ ନ ଥିଲେ ଅଧ୍ୟବସାୟ କରିପାରେ ନାହିଁ । ଅର୍ଥାତ୍ ନିୟମିତରୂପେ ଆଗ୍ରହ ସହିତ ପଢ଼ିପାରେ ନାହଁ, ପରୀକ୍ଷାରେ ଫେଲ୍ ହୁଏ, ଧୈର୍ଯ୍ୟ ନ ଥିବାରୁ ପଢ଼ା ମଧ୍ୟ ଛାଡ଼ିଦିଏ । ଅଥବା ଅର୍ଥର ଅଭାବ, ପାରିପାର୍ଶ୍ୱିକ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇ ନ ପାରି ପଢ଼ା ବନ୍ଦ କରେ । କିଂବା ଶିକ୍ଷକଙ୍କ ସଙ୍ଗେ ଅଥବା ଅଭିଭାବକଙ୍କ ସଙ୍ଗେ ଝଗଡ଼ା କରି ପଢ଼ା ଛାଡ଼ି ବାବାଜି ହେବାକୁ ଯାଏ । ସଂସାର-ଆସକ୍ତି, କାମନା-ବାସନାରେ ବୈରାଗ୍ୟ ନ ଥାଏ, ଭଗବତ୍ ପ୍ରାପ୍ତିରେ ତୀବ୍ରତା ବା ଦୃଢ଼ତା ନ ଥାଏ, ବୈରାଗୀ ଜୀବନରେ ସାଂସାରିକ ବସ୍ତୁ ଚାହେଁ । ଏହି ପ୍ରତିକୂଳ ଅବସ୍ଥା ବେଶୀ ଦିନ ଚାଲେ ନାହିଁ । ହତାଶ ହୋଇ ଦୁଇ, ଚାରି ବର୍ଷ ଦାତବ୍ୟ ଅନ୍ନରେ ଉଦରପୋଷଣ କରି 'ପୁନର୍ମୂଷିକୋଭବ' ନ୍ୟାୟରେ ପୁନରାୟ ଘରକୁ ଫେରେ । ଯଦି କିଂକର୍ତ୍ତବ୍ୟବିମୂଢ଼ ହୋଇ ସନ୍ନ୍ୟାସ ସମାଜରେ ରହେ, ତେବେ ସଂସାର କର୍ତ୍ତବ୍ୟ ଛାଡ଼େ, ପରମାର୍ଥ ଲାଭ କରିପାରେ ନାହିଁ, ବ୍ୟର୍ଥରେ ଜୀବନ ନଷ୍ଟ କରେ । ଧୋବା କୁକୁର ସଦୃଶ ଘରକୁ ବା ଘାଟକୁ ହୁଏ ନାହିଁ ।

ଦୃଢ଼ ନିଶ୍ଚୟ, ଧୈର୍ଯ୍ୟ, ଅଧ୍ୟବସାୟ ବିନା ସେହିପରି ବ୍ୟକ୍ତି ସଂଗୀତ, ନୃତ୍ୟାଦି ବିଭିନ୍ନ କଳାରେ ମଧ୍ୟ ସଫଳ

ହୋଇପାରେ ନାହିଁ । ସେହିପରି ବ୍ୟବସାୟ ବାଣିଜ୍ୟ । ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ଅଧ୍ୟବସାୟ ସହିତ ବ୍ୟବସାୟ ଆରମ୍ଭ କଲେ ପ୍ରଥମରୁ ଅଳ୍ପମାତ୍ରାରେ ଆରମ୍ଭ କରିବା ଉଚିତ । ସେଥିରେ ଅନୁଭୂତି ପ୍ରାପ୍ତ ହୁଏ, ବ୍ୟବସାୟଜ୍ଞାନ ଉତ୍ପନ୍ନ ହୁଏ, ତେବେ ବ୍ୟକ୍ତି କ୍ରମଶଃ ତାହା ବୃଦ୍ଧି କରିପାରେ । ଏହି ପ୍ରଣାଳୀରେ ସେ ଲକ୍ଷ୍ୟସିଦ୍ଧି କରିପାରେ । କୌଣସି ବ୍ୟକ୍ତି ଅଳ୍ପରୁ ଆରମ୍ଭ ନ କରି, ଯଦି ଅଧିକ ମାତ୍ରାରେ ବ୍ୟବସାୟ କରିବାକୁ ଚାହେଁ, ତେବେ ବ୍ୟବସାୟର ଜ୍ଞାନ ପ୍ରାପ୍ତ ହେବା ସକାଶେ କୌଣସି ବ୍ୟବସାୟ ସଂସ୍ଥାରେ କାର୍ଯ୍ୟ ଗ୍ରହଣ କରି, ସେଠାରେ ରହି, ବ୍ୟବସାୟର ସମସ୍ତ ଦିଗର ଶିକ୍ଷା ଏବଂ ଜ୍ଞାନ ପ୍ରାପ୍ତ ହେବାପରେ ବଡ଼ ଧରଣର ବ୍ୟବସାୟ ସେ ସ୍ୱୟଂ ଆରମ୍ଭ କରିପାରେ । ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ଅଧ୍ୟବସାୟ, ଅନୁଭୂତି ବିନା ବ୍ୟକ୍ତି ବ୍ୟବସାୟ ଆରମ୍ଭ କଲେ, ଶେଷରେ ମୂଳଧନ ହରାଇ ଦରିଦ୍ର ହୋଇ ଜୀବନ ନଷ୍ଟ କରେ । ଚାକିରି କ୍ଷେତ୍ରରେ ମଧ୍ୟ ସେହିପରି । ଏହିସବୁ ଗୁଣ ଅଭାବରୁ କୌଣସି ଉପରିସ୍ଥ ଅଫିସରଙ୍କ ଅନ୍ୟାୟ ବା ଦୁର୍ବ୍ୟବହାର ଯୋଗୁଁ ବ୍ୟକ୍ତି ଉତ୍ତେଜନାରେ ଆସି ଆଗପଛ କିଛି ବିଚାର ନ କରି ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ଚାକିରିରୁ ଇସ୍ତଫା ଦେଇ ବେକାର ହୋଇ ଘରେ ବସେ । ନାନାପ୍ରକାର ଅଭାବଅନଟନର ସମ୍ମୁଖୀନ ହୋଇ ଶେଷରେ ପରିବାର ଏବଂ ସମାଜରେ ବିଶେଷଭାବେ ଅପମାନିତ ହୁଏ । ଏଠାରେ ଗୋଟିଏ ଘଟଣା ଉଲ୍ଲେଖ କରିବା –

ଜଣେ ପ୍ରଫେସର ଗଭର୍ଣ୍ଣମେଣ୍ଟ୍ କଲେଜରେ ସାତ, ଆଠ ଶହ ଟଙ୍କା ବେତନ ପାଇ କାର୍ଯ୍ୟ କରୁଥିଲେ । ପ୍ରିନ୍‌ସିପାଲ୍‌ଙ୍କ ସଙ୍ଗେ ଝଗଡ଼ା କରି କିଛି ବିଚାର ନ କରି ଇସ୍ତଫା ଦେଇ ସସ୍ତ୍ରୀକ ଶ୍ୱଶୁରଘରେ ଯାଇ ରହିଲେ । ପାଖରେ ଖିବା ପଇସା ଶେଷ ହେଲା । ଏତେ ବଡ଼ ପ୍ରଫେସର ଛୋଟ ଚାକିରି କରିବାରେ ଅପମାନ ମନେ କଲେ । ଖାଲି ବସି ରହି ଖାଇବାରୁ ଶ୍ୱଶୁର ଏବଂ ଶାଳକମାନଙ୍କ ସହିତ ଝଗଡ଼ା ହେଲା । ଶେଷରେ ଶ୍ୱଶୁର ଝିଅକୁ ରଖି ତାଙ୍କୁ ବାହାର କରି ଦେଲେ । ସେତେବେଳେ ପାଖରେ ଗୋଟିଏ ପଇସା ନ ଥିଲା । ପେଟ ଏସବୁ ଦେଖେ ନାହିଁ; କ୍ଷମା କରିବା ତା' ଜାତକରେ ନାହିଁ, ସର୍ବଦା ନିଜ ଦାବି ପୂରା କରେ । ଶେଷରେ ଗୋଟିଏ ପ୍ରେସ୍‌ମାଲିକଙ୍କୁ ସବୁ ଘଟଣା କହିଲେ । ତାଙ୍କ ପ୍ରେସ୍‌ରେ ବ୍ୟକ୍ତିର ଆବଶ୍ୟକତା ନ ଥିବା ସତ୍ତ୍ୱେ ପ୍ରଫେସରଙ୍କ ଦୈନ୍ୟ ଅବସ୍ଥାରେ ଦୟା କରି ଶହେ ଟଙ୍କାରେ ନିଜ ପ୍ରେସ୍‌ରେ ତାଙ୍କୁ ନିଯୁକ୍ତ କରିଦେଲେ । କିଛି ଦିନ ରହିବାପରେ ଅନ୍ୟ ସ୍ଥାନରେ ଦେଢ଼, ଦୁଇ ଶହ ଟଙ୍କାରେ ଚାକିରି କଲେ । ପ୍ରଫେସରଙ୍କ ଅବିଚାରତା ଦେଖି ତାଙ୍କ ସ୍ତ୍ରୀ ପିତାଙ୍କ ଘରେ ପଢ଼ାପଢ଼ି କରି ପାସ୍ କରି ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କଲେ । ପତି ସହିତ କୌଣସି ସମ୍ପର୍କ ରଖିଲେ ନାହିଁ । ଏହି ମନସ୍ତାପରେ ପ୍ରଫେସରଙ୍କ ଜୀବନ ବହୁତ ଅଶାନ୍ତ ଏବଂ ଦ୍ୱନ୍ଦ୍ୱମୟ ହେଲା । ତାଙ୍କ ଅବସ୍ଥା ମୁଁ ନିଜେ ଦେଖିଛି । ଅଳ୍ପ ବେତନ ଯୋଗୁଁ ଭଲ ଘରେ ରହିପାରନ୍ତି ନାହିଁ, ଚାକର ରଖିପାରନ୍ତି ନାହିଁ, ନିଜ ହାତରେ ରୋଷେଇ କରନ୍ତି । ଦୁଃଖରେ ରହି ପୂର୍ବ ସୁଖସୁବିଧାକୁ ସ୍ମରଣ କରି ମନସ୍ତାପ କରୁଥାଆନ୍ତି । ଏହା ହେଲା ତାଙ୍କ ଜୀବନରେ କୌଣସି ଲକ୍ଷ୍ୟପ୍ରାପ୍ତିର ଦୃଢ଼ ସଂକଳ୍ପ ନ ଥିବାରୁ ।

ସେହିପରି ରାଜନୀତି କ୍ଷେତ୍ରରେ ବହୁ ବ୍ୟକ୍ତିଙ୍କ ଜୀବନରେ ଏହିପରି ଘଟିଥାଏ । ଦେଶୋନ୍ନତିର ଦୃଢ଼ ସଂକଳ୍ପ ବିନା ବ୍ୟକ୍ତି ପଢ଼ିବା ଛାଡ଼ି ରାଜନୀତିରେ ପ୍ରବେଶ କରନ୍ତି, କେବଳ ଥାଏ ସ୍ୱାର୍ଥସିଦ୍ଧି । ସ୍ୱାର୍ଥ ଯୋଗୁଁ ମନୁଷ୍ୟ ଅନ୍ଧ ଏବଂ ଅଜ୍ଞାନ ହୋଇ କୁମାର୍ଗଗାମୀ ହୁଏ । ବ୍ୟକ୍ତି ସ୍ୱାର୍ଥସିଦ୍ଧି ଆଶାରେ ଗୋଟିଏ ସଙ୍ଘ ଛାଡ଼ି ଅନ୍ୟ ସଙ୍ଘରେ ଯୋଗ ଦିଅନ୍ତି । ନିଜର ସ୍ୱାର୍ଥ ଆଶା ଯୋଗୁଁ ସଙ୍ଘରେ ନିଷ୍ଠା ନ ଥାଏ । ଯିଏ ଅଧିକ ଟଙ୍କା ଦିଏ ସେହି ନେତାଙ୍କୁ ଭୋଟ ଦିଅନ୍ତି । ଦେଶର ଉନ୍ନତିର ଯଥାର୍ଥ ନିଷ୍ଠା ଅଭାବରୁ ତାଙ୍କୁ ବ୍ୟକ୍ତି ବିଶ୍ୱାସ କରନ୍ତି ନାହିଁ । ଯଦି ସେ କଳକୌଶଳରେ, ଫନ୍ଦିଫିକରରେ, ଅନ୍ୟାୟଅସତ୍ୟ ଓ ପଇସାର ଜୋର୍‌ରେ ନେତା ହୋଇଯାଆନ୍ତି, ଇଲେକ୍‌ସନରେ ଜିତି ମନ୍ତ୍ରୀ ହୁଅନ୍ତି, ତେବେ ତାଙ୍କୁ ବ୍ୟକ୍ତି ଶ୍ରଦ୍ଧା ବା ବିଶ୍ୱାସ କରନ୍ତି ନାହିଁ । କେବଳ ପଇସା ପାଇବା ଆଶାରେ ତାଙ୍କୁ ନେତା ମାନନ୍ତି । ଲୋକଙ୍କର ହାର୍ଦିକ ଶ୍ରଦ୍ଧା, ବିଶ୍ୱାସ ତାଙ୍କ ପ୍ରତି ନ ଥିବାରୁ ନିଜ ଅଧିକାର ରକ୍ଷାର ଚିନ୍ତା ତାଙ୍କର ବରାବର ଥାଏ; ଜୀବନରେ ସୁଖଶାନ୍ତି ମିଳେ ନାହିଁ, ଦେଶର ଉନ୍ନତି କରିପାରନ୍ତି ନାହିଁ; ଠେଲାଠେଲି କରି କିଛି ଦିନ କାମ ଚଳାନ୍ତି । ଶେଷରେ ନାନାପ୍ରକାର ଲାଞ୍ଛନା ଆସେ, ଦୁଃଖବିଷାଦ ଓ ବିଫଳ ମନୋରଥରେ ଅବସର ଗ୍ରହଣ କରନ୍ତି ।

ସାଂସାରିକ କର୍ମସିଦ୍ଧି ଲକ୍ଷ୍ୟରେ ଯେଉଁମାନଙ୍କର ଦୃଢ଼ ସଂକଳ୍ପ ଥାଏ, ଧୈର୍ଯ୍ୟ, ଉତ୍ସାହ, ଶ୍ରଦ୍ଧା, ବିଶ୍ୱାସ,

କଳକୌଶଳରେ ତତ୍ପରତା ସହିତ ପ୍ରାଣପଣେ କର୍ମ କରନ୍ତି, ସେମାନେ ବିଦ୍ୟା, କୃଷିବାଣିଜ୍ୟ, ଚାକିରି, ରାଜନୀତିରେ ସଫଳ ହୁଅନ୍ତି । କିନ୍ତୁ ହୃଦୟ ବା ଆନ୍ତରିକ ଭାବ ସମ୍ବନ୍ଧେ ସେମାନେ ସଚେତନ ନ ଥା'ନ୍ତି; ହୃଦୟର ଭଲ, ମନ୍ଦ ବୃତ୍ତି ଦ୍ୱାରା ବାହ୍ୟ କର୍ମ ନିୟନ୍ତ୍ରିତ ହୁଏ ବୋଲି ସେମାନେ ଜାଣିପାରନ୍ତି ନାହିଁ । ହୃଦୟର ଉତ୍ତମ ଭାବ ବିବେକ, ସତ୍ୟ, ନ୍ୟାୟ, ଶାନ୍ତି, ଆନନ୍ଦ ଏବଂ ସୁପ୍ତ ଅନ୍ତଶ୍ଚେତନାକୁ ଜାଗ୍ରତ୍ ବା ବିକାଶ କରିବାକୁ ଚେଷ୍ଟା କରନ୍ତି ନାହିଁ । କେବଳ ବାହ୍ୟ କର୍ମ ଦ୍ୱାରା ନିଜ ଜୀବନର ଏବଂ ସଂସାରର ଉନ୍ନତି ଚାହାନ୍ତି; କର୍ମରେ ନିଷ୍ଠା ଏବଂ ତତ୍ପରତା ଯୋଗୁଁ ବାହ୍ୟ କର୍ମରେ ଯଦ୍ୟପି ସଫଳତା ମିଳେ ତାହା ସ୍ଥାୟୀ ହୁଏ ନାହିଁ କିଂବା ତଦ୍ଦ୍ୱାରା ଜୀବନରେ ଏବଂ ଜଗତରେ ସୁଖଶାନ୍ତି ପ୍ରାପ୍ତ ହୁଏ ନାହିଁ । ଏହା ଏକେବାରେ ପ୍ରତ୍ୟକ୍ଷ । ମନୁଷ୍ୟର ବୁଦ୍ଧି ପ୍ରଚୁର ପରିମାଣରେ ବିକଶିତ ହୋଇପାରେ, ସେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ବ୍ୟକ୍ତିଙ୍କୁ ଚକିତ କରିପାରେ, କିନ୍ତୁ ଭଗବାନଙ୍କ ସଂସ୍ପର୍ଶ ବ୍ୟତୀତ ବିବେକ ଉତ୍ପନ୍ନ ହୁଏ ନାହିଁ । ବିବେକ ବିନା ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ଏବଂ ଜଗତରେ ସୁଖଶାନ୍ତି ସ୍ଥାପନ ହେବାର ନିର୍ଭୁଲ ଉପାୟ ବୁଝିପାରେ ନାହିଁ ।

ଯଥାର୍ଥରେ ବାହ୍ୟ କର୍ମ ଦ୍ୱାରା ଜୀବନର ଲକ୍ଷ୍ୟସିଦ୍ଧି ନିର୍ଭର କରେ ନାହିଁ, ନିର୍ଭର କରେ ହୃଦୟର ଉତ୍ତମ ଭାବ ଦ୍ୱାରା ବାହ୍ୟ କର୍ମ ସମ୍ପାଦିତ ହେବାରେ । ବ୍ୟକ୍ତିର ହାର୍ଦିକ ଭାବ ଯଦି ଅସତ୍ୟ, ଅନ୍ୟାୟ, ସ୍ୱାର୍ଥ, ଈର୍ଷ୍ୟା ତ୍ୟାଗ କରି ଅନ୍ୟର ହିତ କରିବା ଉଦ୍ଦେଶ୍ୟ ଥାଏ, ତେବେ କର୍ମରେ ଏହାହିଁ ପ୍ରତିଫଳିତ ହୁଏ । ହୃଦୟରେ ସଦ୍‌ଭାବନା ନ ଥିଲେ କେବଳ ବାହ୍ୟ ବିଚାରରେ ବ୍ୟକ୍ତି ଯେଉଁ ଉତ୍ତମ ଧାରଣା କରିଥାଏ, ହୃଦୟର ଅସତ୍ ବୃତ୍ତି ଦ୍ୱାରା ତାହା ନଷ୍ଟ ହୋଇଯାଏ । ଅସଦ୍‌ଭାବ ଦୂର ହୁଏ, ସଦ୍‌ଭାବ ଉତ୍ପନ୍ନ ହୁଏ ଭଗବାନଙ୍କୁ ହୃଦୟ-ମନ୍ଦିରରେ ପ୍ରତିଷ୍ଠା କଲେ । କାରଣ ସତ୍ୟ, ନ୍ୟାୟ, ଜ୍ଞାନ, ବିବେକ, ଆନନ୍ଦ, ପରମ ଶାନ୍ତିର ଆଧାର ବା ସ୍ୱରୂପ ଭଗବାନ୍ । ସୂର୍ଯ୍ୟ ବିନା ନାନାପ୍ରକାର ଆଲୋକ ଜାଳିଲେ ଯେପରି ରାତ୍ରି ଦୂର ହୁଏ ନାହିଁ, ସେହିପରି ଭଗବାନଙ୍କ ବିନା ବ୍ୟକ୍ତି ବହୁଚେଷ୍ଟା କଲେ ସୁଦ୍ଧା ତା' ହୃଦୟରେ ସଦ୍‌ଗୁଣ ପ୍ରତିଷ୍ଠିତ ହୋଇପାରେ ନାହିଁ । ଏହି ସଦ୍‌ଗୁଣ ଛଡ଼ା ବ୍ୟକ୍ତି କୌଣସି ଉତ୍ତମ କାର୍ଯ୍ୟ ନିଜ ଜୀବନରେ ବା ସଂସାରରେ ସମ୍ପନ୍ନ କରିପାରେ ନାହିଁ । ଆଜି ପର୍ଯ୍ୟନ୍ତ ଭଗବାନଙ୍କୁ ବାଦ୍ ଦେଇ କେବଳ ସାଂସାରିକ କର୍ମ କରାହେଉଛି । ସେଥିସକାଶେ ସଂସାରରେ ସୁଖଶାନ୍ତି ସ୍ଥାପିତ ହୋଇ ନାହିଁ । ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇପାରେ, ମାତ୍ର ଭଗବାନଙ୍କ ଆଶ୍ରୟରେ ଦୃଢ଼ ସଂକଳ୍ପ ସହ କର୍ମ କରିବା ଛଡ଼ା ଜୀବନରେ ତଥା ସଂସାରରେ ସୁଖଶାନ୍ତି ପ୍ରତିଷ୍ଠିତ ହୋଇପାରେ ନାହିଁ ।

ଅଧ୍ୟାତ୍ମ ଜୀବନରେ ଲକ୍ଷ୍ୟପ୍ରାପ୍ତିର ଦୃଢ଼ନିଷ୍ଠା

ଦୃଢ଼ ସଂକଳ୍ପ ଛଡ଼ା ଜାଗତିକ କର୍ମ ସଫଳ ନ ହେଲେ ବି କିଛି ଅଂଶରେ କରାଯାଇପାରେ । କିନ୍ତୁ ଅଧ୍ୟାତ୍ମ ମାର୍ଗରେ ଭଗବାନଙ୍କ ଆଶ୍ରୟରେ ଦୃଢ଼ ସଂକଳ୍ପ ଛଡ଼ା ପାଦ ରଖିବା ସମ୍ଭବ ହୁଏ ନାହିଁ । ସାଧାରଣ ଜୀବନରେ ବ୍ୟକ୍ତି ନିଜର ଦୋଷତ୍ରୁଟି, ପ୍ରତିକୂଳ ଅବସ୍ଥା ସମ୍ବନ୍ଧେ ଅଚେତ ଥାଏ । ଅଧ୍ୟାତ୍ମ ଜୀବନରେ ପ୍ରବେଶ କରିବାମାତ୍ରେ ଜୀବନର ଲକ୍ଷ୍ୟ ସମ୍ମୁଖରେ ରହେ । ସେହି କାରଣରୁ ପ୍ରତିକୂଳ ଅବସ୍ଥା ସମ୍ବନ୍ଧେ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ସଚେତ ହୁଏ । ସାଧକ ପ୍ରତିପଦରେ ବାଧାବିପତ୍ତିର ସମ୍ମୁଖୀନ ହୁଏ । ଯେଉଁମାନଙ୍କର ଲକ୍ଷ୍ୟପ୍ରାପ୍ତିର ଦୃଢ଼ ସଂକଳ୍ପ ନ ଥାଏ, ସେମାନେ ବାଧାବିପତ୍ତିର ସମ୍ମୁଖୀନ ହୋଇପାରନ୍ତି ନାହିଁ । ବାଧ ହୋଇ ସାଧାରଣ ଜୀବନକୁ ଫେରିଯାଆନ୍ତି । କୌଣସି କାରଣବଶତଃ ଘରକୁ ନ ଫେରି ଯଦି ଅଧ୍ୟାତ୍ମ ସଙ୍ଗରେ ରହିବାକୁ ହୁଏ, ତେବେ ସମସ୍ତ ଜୀବନ ଅଶାନ୍ତ, ଅତୃପ୍ତିକର, ଦୁଃଖମୟ ହୁଏ । ଅଧ୍ୟାତ୍ମ ସିଦ୍ଧି ବା ଅଧ୍ୟାତ୍ମ ଅନୁଭୂତିଠାରୁ ସେମାନଙ୍କୁ ଦୂରରେ ରହିବାକୁ ପଡ଼େ ।

ଶ୍ରୀଅରବିନ୍ଦ କହିଛନ୍ତି :

"It is a very serious difficulty in one's Yoga – the absence of a central will always superior to the waves of the Prakriti forces, always in touch with the Mother, imposing its central aim and aspiration on the nature. That is because you have not yet

learned to live in your central being; You have been accustomed to run with every wave of Force, no matter of what kind, that rushed upon you and to identify yourself with it for the time being. It is one of the things that has to be unlearned; you must find your central being with the Psychic as its basis and live in it."

ଅର୍ଥାତ୍ – ''ସାଧନା ପଥରେ ଗୋଟିଏ ଗୁରୁତର ଅନ୍ତରାୟ ହେଲା ଏକ କେନ୍ଦ୍ରୀୟ ସଂକଳ୍ପଶକ୍ତିର ଅଭାବ, ଯାହା ସର୍ବଦା 'ପ୍ରକୃତି'ର ଶକ୍ତି-ଲହରୀର ଉର୍ଦ୍ଧ୍ୱରେ ଉଠିଯାଇ ମାତାଙ୍କ ସଙ୍ଗେ ସଂଯୋଗ ସ୍ଥାପନ କରେ ଏବଂ ତାହାର ମୂଳ ଲକ୍ଷ୍ୟ ଓ ଅଭୀପ୍ସାକୁ ପ୍ରକୃତି ଉପରେ ଆରୋପ କରେ। ଏହିପରି ଘଟିବାର ଅର୍ଥ ଏହି ଯେ ତୁ ନିଜର ମୂଳ ସତ୍ତାରେ ବାସ କରିବାକୁ ଏପର୍ଯ୍ୟନ୍ତ ଶିକ୍ଷା କରି ନାହୁଁ; ତୋର ଅଭ୍ୟାସ ଏହି ପ୍ରକାର ହୋଇଅଛି ଯେ ତୋ ଉପରେ ଯେଉଁ ଶକ୍ତିତରଙ୍ଗ ସବେଗରେ ଆସି ପଡ଼େ, ସେଥିରେ ତୁ ନିଜକୁ ଭସାଇ ଦେଉ ଓ ସେହି ସମୟରେ ତାହା ସଙ୍ଗେ ତୁ ମିଳିତ ହୋଇଯାଉ । ତୋର ଯେଉଁ ପୂର୍ବଲବ୍ଧ ଶିକ୍ଷାସବୁକୁ ଭୁଲିଯିବାକୁ ହେବ, ତାହା ମଧ୍ୟରୁ ଏହାହିଁ ଗୋଟିଏ ଶିକ୍ଷା । ତୋର ଯେଉଁ ମୂଳ ସତ୍ତା, ଯାହାର ଭିତ୍ତି ହେଲା ଚୈତ୍ୟପୁରୁଷ, ତାଙ୍କୁ ଖୋଜି ବାହାର କରି ତାଙ୍କ ମଧ୍ୟରେ ତୋତେ ବାସ କରିବାକୁ ହେବ ।''

ସତ୍ୟ ଓ ଅସତ୍ୟ ସଂସାର, ପରା ଓ ଅପରା ପ୍ରକୃତି

ସଂସାରର ଦୁଇଟି ସ୍ୱରୂପ । ଗୋଟିଏ ସତ୍ୟ, ଅନ୍ୟଟି ମିଥ୍ୟା । ସତ୍ୟ-ସଂସାର ଥାଏ ମିଥ୍ୟା-ସଂସାରର ପଶ୍ଚାତ୍‌ରେ । ମିଥ୍ୟା-ସଂସାରକୁ ଅତିକ୍ରମ କଲେ ବ୍ୟକ୍ତି ସତ୍ୟ-ସଂସାରରେ ବାସ କରିପାରେ । ମିଥ୍ୟା-ସଂସାର ଦୁଃଖକଷ୍ଟ, ମୋହମାୟାରେ ପୂର୍ଣ୍ଣ; ମୃଗତୃଷ୍ଣା ସଦୃଶ ସର୍ବଥା ଭ୍ରମ । ଏହାର ସର୍ଜନାକାରିଣୀ ଶକ୍ତି ଅପରା ବା ଅବିଦ୍ୟା ମାୟା । ଠିକ୍ ଏହାର ବିପରୀତ ସତ୍ୟ ସଂସାର । ତାହା ସତ୍ୟ, ନ୍ୟାୟ, ଆନନ୍ଦ, ଶାନ୍ତି, ସମତାରେ ପୂର୍ଣ୍ଣ । ଏହାର କର୍ତ୍ତ୍ରୀ ପରାପ୍ରକୃତି ବା ବିଦ୍ୟାମାୟା । କିନ୍ତୁ ଏହି ସତ୍ୟ-ସଂସାର ମିଥ୍ୟା-ସଂସାର ଦ୍ୱାରା ଆବୃତ । ସାଧାରଣ ବ୍ୟକ୍ତି ନିବାସ କରନ୍ତି ମିଥ୍ୟା ସଂସାରରେ । ଏହାର ମିଥ୍ୟାତ୍ୱ, ଭ୍ରମତ୍ୱ ଦେଖିବା ସତ୍ତ୍ୱେ ବ୍ୟକ୍ତି ଅଜ୍ଞାନ ବଶତଃ ଏଥିରେହିଁ ଆସକ୍ତ ଥାଏ । ଭଗବତ୍ କୃପାରୁ ବ୍ୟକ୍ତି ସତ୍ୟ-ସଂସାରର ସନ୍ଧାନ ପାଇଁ ମିଥ୍ୟା-ସଂସାରକୁ ଅତିକ୍ରମ କରିବାକୁ ଇଚ୍ଛା କରିବା ମାତ୍ରେ ମିଥ୍ୟା-ସଂସାର କଳେବଳେ କୌଶଳେ ବ୍ୟକ୍ତିକୁ ଛଳନା କରେ । ନିଜ ଶକ୍ତି ଥିବା ପର୍ଯ୍ୟନ୍ତ ବ୍ୟକ୍ତିକୁ ଟାଣି ଧରିଥାଏ । ବ୍ୟକ୍ତିର ଦୃଢ଼ ସଂକଳ୍ପ, ଭଗବାନଙ୍କ ଉପରେ ବିଶ୍ୱାସ, ଭରସା ଅଟଳ ରହିଲେ ସେ ଅଦିବ୍ୟ ମାୟା ବା ମିଥ୍ୟା-ସଂସାରକୁ ଅତିକ୍ରମ କରି ପରା ବା ବିଦ୍ୟା ମାୟାର ଆନନ୍ଦ-ଜ୍ଞାନମୟ, ଶାଶ୍ୱତ, ସତ୍ୟ-ସଂସାରରେ ନିବାସ କରିପାରେ । ମିଥ୍ୟା ଏବଂ ସତ୍ୟ-ସଂସାର ଏହି ଶରୀର ଏବଂ ଚେତନାରେ ବିଦ୍ୟମାନ । ଅହଂବ୍ୟକ୍ତିତ୍ୱ ଅର୍ଥାତ୍ ଶରୀରକୁ ସର୍ବସ୍ୱ ମାନିବା ମିଥ୍ୟା ସଂସାର । ଏଥିରେ ବାସ କରିବା ବ୍ୟକ୍ତି ଅବିଦ୍ୟା ମାୟାର ଯନ୍ତ୍ର । ଆତ୍ମ ଉପଲବ୍ଧି ଏବଂ ମନ-ପ୍ରାଣ-ଶରୀରର ଶାଶ୍ୱତ ତତ୍ତ୍ୱରେ ରୂପାନ୍ତର, ଏହାହିଁ ହେଲା ସତ୍ୟ-ସଂସାର । ଏଥିରେ ବାସ କରିବା ବ୍ୟକ୍ତି ପରାପ୍ରକୃତି ଭାଗବତୀ ଶକ୍ତିର ଯନ୍ତ୍ର ଏବଂ ଭଗବାନଙ୍କ ଦ୍ୱାରା ପରିଚାଳିତ ।

ଦୁଃଖ, ଶୋକ, ହର୍ଷ, ବିଷାଦ, ଈର୍ଷ୍ୟା, ବିରୋଧ, କାମ, କ୍ରୋଧ, ଲୋଭ, ମୋହର କାରଣ ହେଉଛି ନିଜକୁ ଜଣେ ପୃଥକ୍ ବ୍ୟକ୍ତି ମାନିବା । ଏହା ଏକେବାରେ ମିଥ୍ୟା ଏବଂ ଭ୍ରମ । ଏହି ମିଥ୍ୟାତ୍ୱ ଏତେ ପ୍ରବଳ, ଏତେ ଶକ୍ତିଶାଳୀ ଯେ ବଡ଼ ବଡ଼ ବୁଦ୍ଧିମାନ୍ ବ୍ୟକ୍ତି, ତ୍ରିଲୋକବିଜୟୀ ମହାପ୍ରତାପୀ ବଳଶାଳୀ ଯୋଦ୍ଧା, ସମସ୍ତ ଜାଗତିକ ବିଷୟଜ୍ଞାତ ପଣ୍ଡିତ ଏଥିରୁ ମୁକ୍ତି ପାଇ ପାରନ୍ତି ନାହିଁ । ଏହି ଭ୍ରମ ଏବଂ ମିଥ୍ୟାତ୍ୱ ଭଗବାନଙ୍କ ମାୟା । ଏହି ମାୟାରୁ ଉଦ୍ଧାର ହେବାର ଅନ୍ୟ କୌଣସି ଉପାୟ ନାହିଁ; ଏକମାତ୍ର ଉପାୟ ଦୃଢ଼ ସଂକଳ୍ପ ସହ ଭଗବାନଙ୍କ ଆଶ୍ରୟ । ଗୀତାରେ ମଧ୍ୟ ଶ୍ରୀକୃଷ୍ଣ ଏହି କଥା କହିଛନ୍ତି : –

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ୟେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥୧୪॥

(ଗୀତା, ଅ : ୭)

''କାରଣ ଏହି ଅତି ଅଦ୍ଭୁତ ତ୍ରିଗୁଣମୟୀ ମୋ ମାୟା ଅତ୍ୟନ୍ତ ଦୁସ୍ତର । ଯେ କେହି ମୋର ଶରଣାପନ୍ନ ହୁଅନ୍ତି ସେହିମାନେ ମାୟାକୁ ଅତିକ୍ରମ କରି ସଂସାରରୁ ତରିଯାଆନ୍ତି ।''

ମନୁଷ୍ୟ ନିଜ ଶରୀରକୁ ସର୍ବସ୍ୱ ମାନିନିଏ; ଭାବେ ମୁଁ ଜଣେ ବ୍ୟକ୍ତି, ମୋର ଘର-ପରିବାର, ମୋର ଧନ-ସମ୍ପତ୍ତି, ମୋର ଦେଶ, ଜାତି । ବ୍ୟକ୍ତି ଯେଉଁ ଘର-ପରିବାର, ଧନ-ସମ୍ପତ୍ତି, ଦେଶ-ଜାତିକୁ 'ମୋର' ମନେ କରେ, ତାହା ପୂର୍ବେ ନ ଥିଲା, ମୃତ୍ୟୁପରେ ରହିବ ନାହିଁ । ସେ ଯେଉଁ ବସ୍ତୁକୁ 'ମୋର' କହୁଥାଏ, ଯାହାକୁ ରକ୍ଷା କରିବା ସକାଶେ, ବୃଦ୍ଧି କରିବା ସକାଶେ ପ୍ରାଣପଣେ ଚେଷ୍ଟା କରେ, ଦୁଃଖଯାତନା ସହ୍ୟ କରେ, ନିଜେ ନ ଖାଇ ଯେଉଁ ସନ୍ତାନମାନଙ୍କୁ ପାଳନପୋଷଣ କରିଥାଏ, ମୃତ୍ୟୁପରେ ଅନ୍ୟ ଶତ୍ରୁ ଦେଶରେ ଜନ୍ମଗ୍ରହଣ କଲେ ପୂର୍ବେ ନିଜର ମାନିଥିବା ଦେଶ, ଜାତି, ପରିବାର, ଘର ଉପରେ ଆକ୍ରମଣ କରି ଧ୍ୱଂସ କରିବାକୁ ଚେଷ୍ଟା କରେ । ପୂର୍ବେ ଯେଉଁ ବସ୍ତୁକୁ ପ୍ରାଣଦେଇ ରକ୍ଷା କରିବାକୁ ଚାହୁଁଥିଲା ତାହାକୁ ବର୍ତ୍ତମାନ ଧ୍ୱଂସ କରିବାକୁ ଚାହେଁ । ଏପରିକି ଯେଉଁ ଧନ ଉପାର୍ଜନ କରି ନିଜେ ରଖିଥାଏ, ସେହି ଧନରୁ ଗୋଟିଏ ପଇସାର ଅଧିକାରୀ ସେ ହୁଏ ନାହିଁ । ଯେଉଁ ସ୍ତ୍ରୀପୁତ୍ରଙ୍କ ସକାଶେ ପ୍ରାଣ ଦେଇଥାଏ, ଯେଉଁମାନେ ତା'ର ବିୟୋଗରେ ମୁଣ୍ଡ ପିଟି କାନ୍ଦୁଥା'ନ୍ତି ସେହିମାନେ ଘରେ ପାଦ ରଖିବାକୁ ଦିଅନ୍ତି ନାହିଁ । ଏହି ମିଥ୍ୟା, ମାୟାରେ ବ୍ୟକ୍ତି ଏପରିଭାବେ ଜଡ଼ିତ ଥାଏ ଯେ ଏହାର ମିଥ୍ୟାତ୍ୱ ଜାଣିବା ସତ୍ତ୍ୱେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଦୁଃଖକଷ୍ଟ ଭୋଗ କରି ସେଥିରେହିଁ ପଡ଼ି ରହିଥାଏ । ଭଗବାନଙ୍କ କୃପାରୁ ଯଦି କୌଣସି ବ୍ୟକ୍ତିର ହୃଦୟରେ ଜ୍ଞାନୋଦୟ ହୁଏ — ''ଯାହାକୁ ହେଉ ତୁ ସଦୟ । ଜ୍ଞାନ ତା' ହୃଦୟେ ଉଦୟ ॥'' — ତେବେ ସେ ଭଗବାନଙ୍କ ଆଶ୍ରୟ ନେଇ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଗ୍ରହଣ କରି ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୁଏ । ଏହି ମାର୍ଗରେ ବାଧା ଦେବାକୁ ଅବିଦ୍ୟାମାୟାର ଅନୁଚର ପ୍ରବଳ ଦସ୍ୟୁ — ଆସକ୍ତି, କାମ, କ୍ରୋଧ, ଲୋଭ, ମୋହ, ଈର୍ଷ୍ୟା, ଦ୍ୱେଷ, ସ୍ୱାର୍ଥ ଏବଂ ଅହଂ ହିମାଳୟ ପର୍ବତ ସଦୃଶ ଆସି ଛିଡ଼ା ହୁଅନ୍ତି । ବ୍ୟକ୍ତିକୁ କୌଣସି ମତେ ଅଗ୍ରସର ହେବାକୁ ଦିଅନ୍ତି ନାହିଁ । ଏହିସବୁ ବିରୋଧିନୀ ଶକ୍ତି ଏତେ ପ୍ରବଳ, ଏତେ ମାୟାବୀ ଯେ କୌଣସି ମୁହୂର୍ତ୍ତରେ ବ୍ୟକ୍ତିକୁ ଧରାଶାୟୀ କରିପାରନ୍ତି । ଏମାନଙ୍କ ମଧ୍ୟରେ ମହାନ୍ ଅଜେୟ ହେଲେ କାମ, କ୍ରୋଧ ଏବଂ ମହଦାକାଙ୍କ୍ଷା । ମନୁଷ୍ୟ କ୍ରୋଧବଶ ହୋଇ ପିତା, ପୁତ୍ର, ସ୍ତ୍ରୀ ତଥା ନିଜକୁ ହତ୍ୟା କରିପାରେ । ମନୁଷ୍ୟ କାମବଶ ହୋଇ ନରକର ବିପଦ ଦେଖୁଥିବା ସତ୍ତ୍ୱେ ସେଥିରେ ଡେଇଁପଡ଼େ । ମହଦାକାଙ୍କ୍ଷାରେ ବ୍ୟକ୍ତି ନିଜ ପରିବାର, ନିଜ ଦେଶ ବା ଅନ୍ୟ ଦେଶକୁ ଜାଳିପୋଡ଼ି ଛାରଖାର କରିଦିଏ । ଏହିସବୁ ଦୁର୍ଦ୍ଧର୍ଷ, ଅଜେୟ ଶତ୍ରୁ କବଳରେ ପଡ଼ିଥାଆନ୍ତି ସର୍ବଲୋକମାନ୍ୟ, ବୁଦ୍ଧିମାନ୍, ସଂସାରବିଜେତା, ବଳଶାଳୀ, ସମସ୍ତ କଳାପୂର୍ଣ୍ଣ, ସମସ୍ତ ବିଦ୍ୟାନିପୁଣ ପଣ୍ଡିତ; ଉଦ୍ଧାର ହୁଅନ୍ତି କେବଳ ଭଗବତ୍ ଆଶ୍ରିତ ଭଗବତ୍ ଭକ୍ତ ।

ବିଦ୍ୟା ଓ ଅବିଦ୍ୟା ମାୟା
ତଥା ପରା ଓ ଅପରା ପ୍ରକୃତିଙ୍କ ଉତ୍ପତ୍ତି

ଭଗବାନ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ହେଲେ ଦୁଇ ରୂପ — ଈଶ୍ୱର ଏବଂ ଶକ୍ତି । ଶକ୍ତିକୁ ଦୁଇ ଭାଗରେ ବିଭକ୍ତ କଲେ — ପରା ଓ ଅପରା । ପରାପ୍ରକୃତି ନିଜ ସତ୍ୟ ସ୍ୱରୂପରେ ସତ୍ୟ, ନ୍ୟାୟ, ଆନନ୍ଦ, ଜ୍ଞାନ, ଅହିଂସା, ଶାନ୍ତି, ସମତାକୁ ଧାରଣ କରି ଭଗବାନଙ୍କ ସହିତ ରହିଲେ ଅଭିନ୍ନ, ଏକରୂପେ । ଅପରାପ୍ରକୃତି ବା ଅବିଦ୍ୟାମାୟା ଭଗବାନଙ୍କଠାରୁ ପୃଥକ୍ ହୋଇ ଅଜ୍ଞାନ, ମୋହ, ଆସକ୍ତି, କାମ, କ୍ରୋଧ, ଲୋଭ, ଈର୍ଷା, ଦ୍ୱେଷାଦି ଦୁର୍ଗୁଣକୁ ଗ୍ରହଣ କଲା । ଭଗବାନଙ୍କ

ଏହି ମାୟାଦ୍ୱୟଙ୍କର ଗୁଣଧର୍ମ ଓ ସ୍ୱଭାବ ଏକଠାରୁ ଅନ୍ୟର ହେଲା ଏକେବାରେ ବିପରୀତ । ଦୁଇଜଣଙ୍କ ମଧ୍ୟରେ ହେଲା ଦ୍ୱନ୍ଦ୍ୱ । ଭଗବାନ୍ ଏହି ଦ୍ୱନ୍ଦ୍ୱର ମୀମାଂସା କରିବା ସକାଶେ ଦୁହିଙ୍କ ସମ୍ମୁଖରେ ରଖିଲେ ଗୋଟିଏ ବ୍ୟବସ୍ଥା । ସଂସାରକୁ କଲେ ଦୁଇ ଭାଗରେ ବିଭକ୍ତ – ଗୋଟିଏ ସତ୍ୟ, ଅନ୍ୟଟି ଅସତ୍ୟ । ଅସତ୍ୟ ସଂସାରରେ ଅଭିବ୍ୟକ୍ତ ହେଲା ଅଜ୍ଞାନ ଏବଂ ମାୟା; ତା'ର ଘର, ସମ୍ପତ୍ତି, ଧନ, ବିଦ୍ୟା, ବୁଦ୍ଧି, ସାଂସାରିକ ଐଶ୍ୱର୍ଯ୍ୟ, ପ୍ରଭୁତ୍ୱ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଭୋଗ-ବିଳାସ । ଏହିସବୁ ଅଜ୍ଞାନ ଏବଂ ମୋହ । କିନ୍ତୁ ମହାନ୍ ଆକର୍ଷକ । ଏହାଦ୍ୱାରା ବଡ଼ ବଡ଼ ଧନୀ, ମାନୀ, ପଣ୍ଡିତ, ରାଜା ଏବଂ ସମସ୍ତ ସଂସାରର ବ୍ୟକ୍ତି ହୋଇଥାଆନ୍ତି ମୋହିତ ।

ଅନ୍ୟ ପକ୍ଷରେ, ସତ୍ୟ-ସଂସାରରେ ଭଗବାନ୍ ବିଦ୍ୟମାନ ଥାଆନ୍ତି । ତାଙ୍କର ଦିବ୍ୟ ଗୁଣ – ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ଅହିଂସା, ଦୟା, କରୁଣା । ଏହି ସତ୍ୟ-ସଂସାର ଥାଏ ଅସତ୍ୟ-ସଂସାରର ପଶ୍ଚାତରେ । ଏଥିରେ ବାସ କରିବା ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ ।

ଅସତ୍ୟ ସଂସାରର ପ୍ରତୀକ ଅହଂଭାଗଗୁଣ ନାମ ରୂପବିଶିଷ୍ଟ ସ୍ଥୂଳ ଶରୀର ଏବଂ ଜାଗତିକ ଐଶ୍ୱର୍ଯ୍ୟ । ସତ୍ୟ ସଂସାରର ପ୍ରତୀକ ସ୍ଥୂଳ ଶରୀରର ଅଭ୍ୟନ୍ତରରେ ଥିବା ଆତ୍ମା ଯେ ଜ୍ଞାନ, ଆନନ୍ଦାଦି ଦିବ୍ୟଗୁଣର ବିଗ୍ରହ ଏବଂ ଅବିକୃତ; ନିଜ ସତ୍ୟସ୍ୱରୂପରେ ସ୍ଥିତ; ଭଗବାନଙ୍କ ସଙ୍ଗେ ଏକ । କିନ୍ତୁ ସେହି ଆତ୍ମା ସ୍ଥୂଳ ଶରୀରର ମୋହମାୟା ଓ ଅଜ୍ଞାନପୂର୍ଣ୍ଣ ମନପ୍ରାଣର ଆବରଣ ପଶ୍ଚାତ୍‌ରେ ହୃଦୟର ଗଭୀରରେ ସ୍ଥିତ ।

ଭଗବାନ୍ ନିଜ ଶକ୍ତି ପରା, ଅପରା ଦୁଇ ମାୟାଙ୍କ ସମ୍ମୁଖରେ ଏହି ଦୁଇ ସତ୍ୟ ଓ ଅସତ୍ୟ ସଂସାର ରଖି ଆଦେଶ ଦେଲେ, ଦୁଇ ସଂସାର ମଧ୍ୟରୁ ନିଜ ନିଜ ଇଚ୍ଛାନୁସାରେ ତୁମେ ବାଛି ନିଅ । ଭଗବାନଙ୍କ ଶ୍ରୀମୁଖ ବାକ୍ୟ ଶୁଣି ଅପରା ବା ଅବିଦ୍ୟାମାୟା ଅତ୍ୟନ୍ତ ବ୍ୟଗ୍ର ଅସ୍ଥିର ହୋଇପଡ଼ିଲେ । ସେ ଭାବିଲେ, ବିଳମ୍ବ କଲେ ମୋ ସପତ୍ନୀ ବିଦ୍ୟାମାୟା ଉତ୍ତମ ବସ୍ତୁ ମାଗି ନେଇପାରେ ।'' ସେ ଉଦ୍‌ବେଗ ସହିତ ବିଚାର କଲେ, – ''ସମସ୍ତ ସଂସାରଟାହିଁ ଅସତ୍ୟ । ସତ୍ୟ-ସଂସାର ଅସ୍ତିତ୍ୱହୀନ ସଦୃଶ । ସେଥିରେ ପୁଣି ଦ୍ୱନ୍ଦ୍ୱ, ଛଳ, କପଟ, କଳହ ନାହିଁ । ଲଢ଼ାଇ, ଝଗଡ଼ା ବିନା ଆନନ୍ଦ ଆସିବ କେଉଁଠୁ ? ସତ୍ୟ ସଂସାରକୁ ଦୂରରୁ ନମସ୍କାର । ମୋର ଅସତ୍ୟ ସଂସାର ଦରକାର ।'' ଏହା ଭାବି ହାତଯୋଡ଼ି କହିଲେ, ''ପ୍ରଭୁ, ମୁଁ ଅସତ୍ୟ ସଂସାରରେହିଁ ସନ୍ତୁଷ୍ଟ ।'' ଅବିଦ୍ୟାମାୟାର କଥା ଶୁଣି ଭଗବାନ୍ ପ୍ରସନ୍ନତାପୂର୍ବକ ସମସ୍ତ ସଂସାର ପରିଚାଳନାର ଭାର ତାଙ୍କୁ ଦେଇଦେଲେ ।

ପରେ ବିଦ୍ୟାମାୟା ନିଜ ସ୍ୱରୂପା ପରାପ୍ରକୃତିଙ୍କ ଆଡ଼କୁ ଅନାଇ ଭଗବାନ୍ କହିଲେ, ''ପ୍ରିୟେ, ତୁମେ ନିଜ ରୁଚି ଅନୁସାରେ ମାଗି ନିଅ ।'' ପରାପ୍ରକୃତି ବିଦ୍ୟାମାୟା ସ୍ଥିର, ଅଚଞ୍ଚଳ, ଶାନ୍ତ କଣ୍ଠରେ ହସ୍ତଯୋଡ଼ି ପ୍ରାର୍ଥନା କଲେ, ''ପ୍ରଭୁ, ମୁଁ ତୁମ ସହିତ ସର୍ବଦା ଯୁକ୍ତ ରହିବାକୁ ଚାହେଁ । ତୁମ ବିୟୋଗ ଏକ ମୁହୂର୍ତ୍ତ ମୁଁ ସହିପାରେ ନାହିଁ । ପ୍ରଭୁ, ମୋର ସ୍ଥାନ କେବଳ ତୁମରି ଚରଣରେ ।''

ଭଗବାନ୍ ଅତ୍ୟନ୍ତ ପ୍ରୀତ ହୋଇ ପରାପ୍ରକୃତି ବିଦ୍ୟାମାୟାଙ୍କୁ ନିଜ ହୃଦୟରେ ଲଗାଇ ନେଲେ ଏବଂ କହିଲେ, ''ପ୍ରିୟେ, ତୁମେ ମୋ'ଠାରୁ କେବେ ବି ପୃଥକ୍ ନୁହଁ । ତୁମେ ଓ ମୁଁ ଏକ ସ୍ୱରୂପ ଏବଂ ଏକ ତତ୍ତ୍ୱ । କେବଳ ସଂସାର ସକାଶେ ତୁମେ ମୋ ସଙ୍ଗେ ସର୍ବଦା ଏକ ଥିବା ସତ୍ତ୍ୱେ ସେହିସଙ୍ଗେ ପୃଥକ୍‌ରୂପେ ସଂସାର ପରିଚାଳନା କରିବ । କାରଣ ଅବିଦ୍ୟାମାୟା ମୋ'ଠାରୁ ପୃଥକ୍ ହୋଇଯାଇଅଛି । ତା'ର ଜ୍ଞାନ ଏବଂ ଜ୍ୟୋତିଃର ଅଭାବ । ଜ୍ଞାନ ଏବଂ ଜ୍ୟୋତିଃ ବିନା ସଂସାର ତିଷ୍ଠିବା ସମ୍ଭବ ନୁହେଁ । ତୁମେ ସେହି ଅବିଦ୍ୟାମାୟାର ପଶ୍ଚାତ୍‌ରେ ରହି ତାକୁ ଧାରଣ ନ କଲେ ସଂସାର ହୋଇପାରିବ ନାହିଁ କିଂବା ସଂସାର ଚଳିବ ନାହିଁ । ସଂସାର ଅନ୍ଧକାର ଏବଂ ଅଜ୍ଞାନରେ ନଷ୍ଟ ହୋଇଯିବ । ବ୍ୟକ୍ତି ଅଜ୍ଞାନ ଅବସ୍ଥାରେ ବାସ କରିବ ଅସତ୍ୟ-ସଂସାରରେ । ତା'ର ଜ୍ଞାନ ହେଲେ ସେ ଅବିଦ୍ୟାମାୟାର ଅସତ୍ୟ-ସଂସାରକୁ ଅତିକ୍ରମ କରି ତୁମ ସତ୍ୟ-ସଂସାରରେ ବାସ କରିବ । ତୁମ ସଂସାରରେ ବାସ କରିବା ବ୍ୟକ୍ତିକୁ ଅବିଦ୍ୟାମାୟା ସ୍ୱର୍ଶ କରିପାରିବ ନାହିଁ । ଅବିଦ୍ୟାମାୟା ମହାଶକ୍ତିଶାଳିନୀ ହେଲେ ମଧ୍ୟ ତୁମ ଜ୍ୟୋତିଃ ନିକଟକୁ ତା'ର ଆସିବାର ସାମର୍ଥ୍ୟ ନାହିଁ । କାରଣ ତୁମେ ମୋ'ଠାରୁ ଅଭିନ୍ନ ଏବଂ ପରମପ୍ରିୟ ଓ ପରମ ଜ୍ୟୋତିଃ । ଅଦିବ୍ୟ, ଅନ୍ଧକାର ଶକ୍ତି ଆଲୋକ ପାଖରେ କଦାପି

ରହିପାରେ ନାହିଁ । ସେ ତୁମ ପାଖକୁ ଆସିଲାମାତ୍ରେ ନଷ୍ଟ ହୋଇଯିବ । ବିଦ୍ୟାମାୟା ପଚାରିଲେ, ''ଏହା ଏକେବାରେ ସତ୍ୟ । ଜୀବ ତୁମକୁ ପ୍ରାପ୍ତ ହେଲେ ଅବିଦ୍ୟାମାୟା ତାକୁ ସ୍ପର୍ଶ କରିପାରିବ ନାହିଁ । କିନ୍ତୁ ଅବିଦ୍ୟାମାୟା ଅଜ୍ଞେୟ । ତା' ମାୟା ମହାନ୍ ପ୍ରବଳ, ବ୍ୟକ୍ତି ସର୍ବଥା ଦୁର୍ବଳ ଏବଂ ଅସହାୟ । ତା' କବଳରୁ ଉଦ୍ଧାର ହେବ କିପରି ?''

ଭଗବାନ୍ ଉତ୍ତର ଦେଲେ, ''ତା' କବଳରୁ ଉଦ୍ଧାର ହେବାର ଏକମାତ୍ର ଉପାୟ ତୁମ ଚରଣରେ ବ୍ୟକ୍ତିର ପୂର୍ଣ୍ଣ ଆତ୍ମ-ନିବେଦନ ବା ସମର୍ପଣ । ମୋହମାୟାଗ୍ରସ୍ତ ବ୍ୟକ୍ତି ଉପରେ ତୁମର କୃପା ହେଲେ ତା' ହୃଦୟରେ କେବେ କେବେ ଜ୍ଞାନ-ପ୍ରଦୀପ ପ୍ରଜ୍ୱଳିତ ହୋଇଉଠେ ଏବଂ ସେ ତୁମକୁ ସ୍ମରଣ କରିବାମାତ୍ରେ ତା'ର ଅନ୍ଧକାରାବୃତ ସତ୍ତାରେ ଗୋଟିଏ ଜ୍ୟୋତିଃର ପ୍ରକାଶ ହୁଏ । ସେ ଯଦି ସେହି ସମୟରେ ତା'ର ଯଥାର୍ଥ, ସତ୍ୟ ସ୍ୱରୂପ ଆତ୍ମା ସମ୍ବନ୍ଧେ ସଚେତ ହୁଏ, ଆତ୍ମ ସ୍ୱରୂପ ମୋତେ ଜାଣି ମୋତେ ପ୍ରାପ୍ତ ହେବାକୁ ଲକ୍ଷ୍ୟ ଗ୍ରହଣ କରେ, ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍ସା କରେ ଏବଂ ଦୃଢ଼ ସଂକଳ୍ପବଦ୍ଧ ହୁଏ, ତେବେ ତୁମରି ସହାୟତାରେ, ତୁମରି ପରିଚାଳନାରେ ସେ ଅବିଦ୍ୟାମାୟାକୁ ଅତିକ୍ରମ କରି ମୋତେ ପ୍ରାପ୍ତ ହୁଏ ତଥା ତୁମରି ରାଜ୍ୟରେ ଆନନ୍ଦରେ ନିବାସ କରେ । କିନ୍ତୁ ବ୍ୟକ୍ତି ତୁମ କୃପାଦୃଷ୍ଟିରୁ ଅବିଦ୍ୟା ମାୟାର ସ୍ୱରୂପ ମୋହମାୟା, ମିଥ୍ୟା ସଂସାରର ଦୁଃଖକଷ୍ଟ ତଥା ତା'ର ନିଜ ସତ୍ୟ ସ୍ୱରୂପ ସମ୍ବନ୍ଧେ ସଚେତନ ହେଲେ ସେଥିରୁ ମୁକ୍ତ ହୋଇ ତୁମ ସଂସାରରେ ପ୍ରବେଶ କରିବାକୁ ଚେଷ୍ଟା କରେ । ସେହି ସମୟରେ ଅବିଦ୍ୟାମାୟା ତା'ର ଦଳବଳ – କାମ, କ୍ରୋଧ, ଲୋଭ, ମୋହ, ଆସକ୍ତି ସଙ୍ଗରେ ନେଇ ବ୍ୟକ୍ତି ଉପରେ ଆକ୍ରମଣ କରେ । ଗୋଟିକ ପରେ ଗୋଟିଏ ମାୟାଜାଲରେ ବ୍ୟକ୍ତିକୁ ବାନ୍ଧି ପକାଏ । ସେହି ସମୟରେ ବ୍ୟକ୍ତି ସଚେତ ହୋଇ ତୁମ ଆଶ୍ରୟ ଦୃଢ଼ଭାବେ ଗ୍ରହଣ କଲେ ତୁମ ଜ୍ୟୋତିଃ, ଜ୍ଞାନ, ତୁମ ସାହାଯ୍ୟ ବରାବର ସେ ପାଉଥାଏ; ବ୍ୟକ୍ତି ଅବିଦ୍ୟାମାୟାର ବନ୍ଧନରେ ବନ୍ଦୀ ହୋଇ ବି ତା' ମଧ୍ୟରେ ତୁମ ଦିବ୍ୟଗୁଣ ଅଧିକାଧିକ କ୍ରମଶଃ ପ୍ରତିଷ୍ଠିତ ହୁଏ । ଏହାରି ସଙ୍ଗେ ସଙ୍ଗେ ଅବିଦ୍ୟାମାୟାର ଅସଦ୍‌ଗୁଣ କ୍ରମଶଃ ହ୍ରାସ ପାଏ । ବ୍ୟକ୍ତି ଯେତେ ଅଧିକ ତୁମ ଆଶ୍ରୟ ଗ୍ରହଣ କରେ, ତୁମ ପ୍ରତି ବିଶ୍ୱାସ, ଭରସା, ନିଷ୍ଠା ରଖିପାରେ ତେତେ ଅଧିକ ତା' ହୃଦୟରେ ମୋର ପ୍ରକାଶ ହୁଏ । ବ୍ୟକ୍ତିର ଯେଉଁ ଭାଗରେ ମୋର ପ୍ରକାଶ ହୁଏ, ତା'ର ମନ, ପ୍ରାଣ ଓ ଶରୀରର ସେହି ଭାଗରେ ଅବିଦ୍ୟାମାୟାର ଜାଲର ବନ୍ଧନ ଢିଲା ହୁଏ । ବ୍ୟକ୍ତି ଲକ୍ଷ୍ୟପ୍ରାପ୍ତି ସକାଶେ ଯେତେ ତୀବ୍ର ଅଭୀପ୍ସା କରେ, ଦୃଢ଼ ସଂକଳ୍ପ କରେ, ଯେତେ ଅଧିକ ସଚେତ ହୋଇ ଅବିଦ୍ୟାମାୟାର କ୍ରିୟା ଏବଂ ପ୍ରେରଣାକୁ ପ୍ରତ୍ୟାଖ୍ୟାନ କରେ, ତାକୁ ପ୍ରଶ୍ରୟ ନ ଦିଏ, ତେତେ ଶୀଘ୍ର ସେ ଅବିଦ୍ୟାମାୟା କବଳରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହୁଏ । ମୋତେ ପ୍ରାପ୍ତ ହେବାର ଏକମାତ୍ର ଉପାୟ ଦୃଢ଼ ସଂକଳ୍ପ ସହ ତୁମରି ଶରଣ ନେବା ।

❖

ପୂର୍ଣ୍ଣଯୋଗରେହିଁ ପୂର୍ଣ୍ଣ ଆତ୍ମସମର୍ପଣ

ପୁରାତନ ଯୋଗ ତଥା ରାମାୟଣ ଏବଂ ଗୀତା ଆତ୍ମ-ସମର୍ପଣର ଅତୁଳନୀୟ ମହିମା ଗାନ କରିଅଛି । ଭକ୍ତମାନେ ଆତ୍ମ-ସମର୍ପଣ ଦ୍ୱାରା ଭଗବାନଙ୍କୁ ଉପଲବ୍ଧି କରିଅଛନ୍ତି । ଅନ୍ୟାନ୍ୟ ସମସ୍ତ ଯୌଗିକ କ୍ରିୟା ଯଦ୍ୟପି ଭଗବତ୍ ପ୍ରାପ୍ତି ତଥା ମୁକ୍ତି ପ୍ରାପ୍ତ କରାଇ ଦିଅନ୍ତି ତଥାପି ଭକ୍ତ ସଙ୍ଗେ ସଙ୍ଗେ ଭଗବାନ୍ ନିରନ୍ତର ରହନ୍ତି ଆତ୍ମ-ସମର୍ପଣରେ । ଭକ୍ତ ଭଗବାନଙ୍କ ଚରଣରେ ନିଜକୁ ନିବେଦନ କଲେ ତା' ତୁଳନାରେ ଜାଗତିକ ସମସ୍ତ ସମ୍ପଦ, ଯୌଗିକ ଅଷ୍ଟସିଦ୍ଧି, ନବନିଧି, ମୋକ୍ଷ, କୈବଲ୍ୟ, ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ସମସ୍ତ ଅଲୌକିକ ଐଶ୍ୱର୍ଯ୍ୟ ଭଗବାନଙ୍କ ଦୃଷ୍ଟିରେ କମ୍ ପ୍ରତୀତ ହୁଏ । ଭଗବାନ୍ ସ୍ୱୟଂ ନିଜକୁ ଭକ୍ତ ହାତରେ ଦେଇ ଦେଇ ପରମ ଆନନ୍ଦିତ ହୁଅନ୍ତି । ସେଥିରେହିଁ ସେ ପ୍ରସନ୍ନ । ଏହି ଆତ୍ମ-ସମର୍ପଣ କୌଣସି ପୁରାତନ ଯୋଗରେ ପୂର୍ଣ୍ଣ ହୁଏ ନାହିଁ, ପୂର୍ଣ୍ଣହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ସମସ୍ତ ପ୍ରକାର ଯୌଗିକ କ୍ରିୟାରେ ଭକ୍ତ ନିଜକୁ କର୍ତ୍ତା ନ ମାନିଲେ ମଧ୍ୟ କର୍ମ ହୁଏ ବ୍ୟକ୍ତି ଦ୍ୱାରା । କିନ୍ତୁ ଆତ୍ମ-ସମର୍ପଣରେ ବ୍ୟକ୍ତି ନ ଥାଏ, ସେ ସ୍ୱୟଂ ଭଗବତ ଚରଣରେ ନିବେଦିତ ହୋଇ ଭଗବାନଙ୍କ ଯନ୍ତ୍ର ସ୍ୱରୂପ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଭକ୍ତର ଆତ୍ମ-ସମର୍ପଣରେ ଭଗବାନ୍ ଏପରି ଆନନ୍ଦବିଭୋର ହୋଇଯାଆନ୍ତି ଯେ ସେ ତାଙ୍କ ଐଶ୍ୱର୍ଯ୍ୟ ତଥା ଈଶ୍ୱରତ୍ୱ ଏକେବାରେ ଭୁଲି ଭକ୍ତର ଅଧୀନ ହୋଇଯା'ନ୍ତି । ଭକ୍ତ ଯେଉଁଥିରେ ପ୍ରସନ୍ନ ରହେ ସେ ତାହାହିଁ କରନ୍ତି । ଭକ୍ତକୁ ଆନନ୍ଦ ଦେବାକୁ ବଦ୍ଧ ଅଜ୍ଞାନୀ ଜୀବ ସଦୃଶ ମାତା ଗର୍ଭରେ ରହନ୍ତି, ସନ୍ତାନ ହୋଇ କୋଳରେ ବସି ଦୁଗ୍ଧ ପାନ କରନ୍ତି; କ୍ଷୁଧା ଲାଗିଲେ କାନ୍ଦନ୍ତି । ସମସ୍ତ ବ୍ରହ୍ମାଣ୍ଡନାୟକ, ଐଶ୍ୱର୍ଯ୍ୟର ସ୍ୱାମୀ ହୋଇ ଶବରୀଠାରୁ କୋଳି କିଣିବା ସକାଶେ ମା' ଯଶୋଦାଠାରୁ ଆଞ୍ଚୁଳାଏ ଧାନ ମାଗନ୍ତି । ବାଲୋଚିତ ଚପଳତାର ଅପରାଧରେ ଯଶୋଦା ଆଖି ଦେଖାଇ ତମତମ ହୋଇ ମାରିବାକୁ ଛାଟ ଉଠାଇ ରୋଷପୂର୍ଣ୍ଣ ଶବ୍ଦରେ ଅଙ୍ଗୁଳି ହଲାଇ ଧମକାଇ ପ୍ରଶ୍ନ କରିବା ସମୟରେ ଭୟଭୀତ ହୋଇ କାନ୍ଦନ୍ତି । ସ୍ନିଗ୍ଧ; ସୁନ୍ଦର କମଳନୟନରୁ ମୁକ୍ତା ସଦୃଶ ଲୋତକ ବିନ୍ଦୁ ବର୍ଷା କରନ୍ତି । ଆତ୍ମ-ସମର୍ପିତ ଭକ୍ତ ଭଗବାନଙ୍କର କିପରି ପ୍ରିୟ ତାହା କୌଣସି ଭାଷାରେ ବ୍ୟକ୍ତ କରିବା ସମ୍ଭବ ନୁହେଁ । କେବଳ ଅନୁଭବ କରନ୍ତି ଭଗବାନ୍ ଏବଂ ତାଙ୍କ ପ୍ରିୟ ଭକ୍ତ ।

ଯେବେ ସଂସାରରେ ଅଧର୍ମ ଅତ୍ୟାଚାର ବଢ଼େ, ଅସୁରମାନଙ୍କ ଅତ୍ୟାଚାରରେ ପ୍ରାଣୀମାନେ ପୀଡ଼ିତ ହୁଅନ୍ତି ସେତେବେଳେ ସମସ୍ତ ଦେବତା ପିତାମହ ବ୍ରହ୍ମାଙ୍କ ସହିତ ଭଗବାନଙ୍କୁ ପ୍ରାର୍ଥନା କରନ୍ତି; ତେବେ ଭଗବାନ୍ ଅବତାର ନେବାକୁ ପ୍ରତିଶ୍ରୁତି ଦିଅନ୍ତି । ଭକ୍ତ ସକାଶେ ଏପରି ହୁଏ ନାହିଁ । ଭକ୍ତ ଯେତେବେଳେ ଚାହେଁ ଭଗବାନ୍ ସେତେବେଳେ ଅବତାର ନିଅନ୍ତି । ଏହା ଭକ୍ତ ପ୍ରହ୍ଲାଦଙ୍କ ଚରିତ୍ରରେ ସ୍ପଷ୍ଟ ।

ପ୍ରହ୍ଲାଦ ଥିଲେ ହିରଣ୍ୟକଶିପୁର ପ୍ରିୟ ପୁତ୍ର । କିନ୍ତୁ ଭଗବାନଙ୍କ ଅନନ୍ୟ ଭକ୍ତ । ଭଗବାନଙ୍କ ଚରଣରେ ନିଜକୁ ନିବେଦନ କରି ତାଙ୍କରି ନାମାମୃତରେ ଆନନ୍ଦବିଭୋର ଥିଲେ । ହିରଣ୍ୟକଶିପୁ ମହା ଅଜ୍ଞାନ ତଥା ରାକ୍ଷସ ସ୍ୱଭାବ ବଶତଃ ଭଗବାନଙ୍କ ସହିତ ବିଦ୍ରୋହ କଲା । ପୁତ୍ର ପ୍ରହ୍ଲାଦଙ୍କ ଭଗବତ୍ ଭକ୍ତି ହିରଣ୍ୟକଶିପୁର ଭଗବତ୍ ବିରୋଧାଗ୍ନିରେ ଆହୁତିର କାର୍ଯ୍ୟ କଲା । ସେ କ୍ରୋଧବଶୀଭୂତ ହୋଇ ପ୍ରହ୍ଲାଦଙ୍କୁ ମାରିବା ସକାଶେ ବହୁତ ଉପାୟ କଲା । ଭକ୍ତର ରକ୍ଷାରେ ଭଗବାନ୍ ସ୍ୱୟଂ ଥିବାରୁ ତାଙ୍କର କିଛି ଅନିଷ୍ଟ କରିପାରିଲା ନାହିଁ; ଶେଷରେ ତା'ର ସମସ୍ତ ଉପାୟ ବ୍ୟର୍ଥ ହେଲା । ଏଥିସକାଶେ ସେ ବହୁତ ବ୍ୟତିବ୍ୟସ୍ତ ହୋଇ ପଡ଼ିଲା । କିନ୍ତୁ ପ୍ରହ୍ଲାଦଙ୍କର ନିର୍ଭୀକତା, ନିର୍ବୈରତା, ସମତାଦି ଦିବ୍ୟଗୁଣ ତାକୁ ବିଶେଷ ପୀଡ଼ା ଦେଲା । ଦୁଷ୍ଟ ଏବଂ ଶତ୍ରୁଭାବାପନ୍ନ ବ୍ୟକ୍ତିକୁ ସଦ୍‌ଗୁଣ ବି ପୀଡ଼ା ଦିଏ । ଦିନେ ହିରଣ୍ୟକଶିପୁର କ୍ରୋଧ ବଡ଼ବାଗ୍ନି ସଦୃଶ ପ୍ରଜ୍ୱଳିତ ହେଲା । ସେ ସ୍ୱୟଂ ପ୍ରହ୍ଲାଦକୁ ମାରିବା ଉଦ୍ଦେଶ୍ୟରେ ଖଡ୍‌ଗ ନେଇ ପ୍ରହ୍ଲାଦଙ୍କ ପାଖରେ ଉପସ୍ଥିତ ହେଲା । ପଚାରିଲା, ''ତୋତେ ଯେଉଁ ଭଗବାନ୍ ରକ୍ଷା କରୁଛି, ଯାହା ପ୍ରଭାବରେ ତୁ ଏପରି ନିର୍ଭୀକ ସେ କେଉଁଠି ଅଛି ଦେଖା ।'' ପ୍ରହ୍ଲାଦ ସ୍ୱାଭାବିକ ବିଶ୍ୱାସ ସହ ଶାନ୍ତ, ଧୀର ତଥା ବିନୀତ ଭାବରେ

କହିଲେ, ''ମୋ ପ୍ରଭୁ ସର୍ବସ୍ଥାନରେ ପରିପୂର୍ଣ୍ଣ, ମୋ ମଧ୍ୟରେ, ତୁମ ମଧ୍ୟରେ, ତୁମ ଖଡ୍‌ଗରେ ତଥା ଏହି ଖମ୍ଭରେ।'' ହିରଣ୍ୟକଶିପୁ କୋପାନ୍ୱିତ ହୋଇ ଖମ୍ଭରେ ଗଦା ପ୍ରହାର କରିବାରୁ ଖମ୍ଭ ମଧ୍ୟରୁ ଭୟଙ୍କର ତଡ଼ତଡ଼ ଶବ୍ଦ କରି ଶରୀର ମନୁଷ୍ୟ, କାନ୍ଧଠାରୁ ମସ୍ତକ ପର୍ଯ୍ୟନ୍ତ ସିଂହ, ଏହି ଭୟଙ୍କର, ବିକଟାଳ ନରସିଂହରୂପେ ଭଗବାନ୍ ପ୍ରକଟହେଲେ ଏବଂ ହିରଣ୍ୟକଶିପୁକୁ ବଧ କଲେ। ସେ ସମୟରେ ତାଙ୍କ ପ୍ରଳୟକାରୀ କ୍ରୋଧକୁ ଦେଖି ସୃଷ୍ଟି ନାଶ ହେବା ଆଶଙ୍କାରେ ବ୍ରହ୍ମାଙ୍କ ସହିତ ସମସ୍ତ ଦେବତା ଭୟଭୀତ ହୋଇଗଲେ। ଦେବତାମାନେ ପିତାମହ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ, ''ଆପଣ ଯାଇ ନରସିଂହଙ୍କ କୋପ ଶାନ୍ତ କରନ୍ତୁ। ଅନ୍ୟଥା ସଂସାର ପ୍ରଳୟ ହୋଇଯିବ।'' ବ୍ରହ୍ମାଙ୍କର ସାହସ ହେଲା ନାହିଁ। ବ୍ରହ୍ମା ଆଦ୍ୟାଶକ୍ତି ଲକ୍ଷ୍ମୀଙ୍କୁ ପ୍ରାର୍ଥନା କଲେ, ''ମା, ତୁମେ ଭଗବାନଙ୍କ ଅର୍ଦ୍ଧାଙ୍ଗିନୀ, ତୁମେ ତାଙ୍କ କ୍ରୋଧ ଶାନ୍ତ କରି ପ୍ରଳୟରୁ ସଂସାରକୁ ରକ୍ଷାକର।'' ମା' ଲକ୍ଷ୍ମୀ ଉତ୍ତର ଦେଲେ, ''ଏପରି ଭୟଙ୍କର ରୂପ ତଥା ଏପରି ପ୍ରଳୟକାରୀ କ୍ରୋଧ ମୁଁ କେବେ ବି ଦେଖି ନାହିଁ; ମୋ ଦ୍ୱାରା ଏପରି ଦୁରୂହ କାର୍ଯ୍ୟ ହେବ ନାହିଁ।'' ଶେଷରେ ବ୍ରହ୍ମା ପ୍ରହ୍ଲାଦଙ୍କ ପାଖକୁ ଯାଇ କହିଲେ, ''ପ୍ରହ୍ଲାଦ, ତୋତେ ତୋ ପିତା ପୀଡ଼ା ଦେଇଥିବାରୁ ଭଗବାନ୍ ଏପରି କ୍ରୁଦ୍ଧ ହୋଇଅଛନ୍ତି। ତୁ ଏହି କ୍ରୋଧକୁ ଶାନ୍ତ କର।'' ପ୍ରହ୍ଲାଦ ଶୁଣିବାମାତ୍ରେ, ବିନା ତ୍ରାସରେ, ନିର୍ଭୀକଭାବେ ଆନନ୍ଦ, ଉତ୍ସାହ ଓ ପ୍ରଫୁଲ୍ଲତା ସହ ନିଜ ପ୍ରାଣପ୍ରିୟ ଇଷ୍ଟଦେବ ନରସିଂହଙ୍କ ସମ୍ମୁଖକୁ ଯାଇ ହାତଯୋଡ଼ି ସ୍ତୁତି କଲେ। ପ୍ରହ୍ଲାଦଙ୍କ ଉପରେ ଦୃଷ୍ଟି ପଡ଼ିବାମାତ୍ରେ ଭଗବାନ୍ ନରସିଂହଙ୍କ ପ୍ରଳୟକାରୀ କୋପ ପ୍ରଶାନ୍ତିରେ ପରିଣତ ହୋଇଗଲା। ପ୍ରହ୍ଲାଦକୁ ସେ ପରମ ସ୍ନେହରେ ନିଜ କୋଳକୁ ଉଠାଇ ନେଇ ହୃଦୟରେ ଲଗାଇ ତାଙ୍କ ମସ୍ତକ ଆଉଁସି ଦେଇ ସ୍ନେହରେ ଗଦ୍‌ଗଦ୍ ହୋଇଗଲେ। ଯେଉଁ କୋପ ଦେଖି ସମସ୍ତ ଦେବତା, ବ୍ରହ୍ମା ତଥା ମା' ଲକ୍ଷ୍ମୀ ଭୟଭୀତ ହୋଇ ଭଗବାନ୍ ନରସିଂହଙ୍କ ସମ୍ମୁଖକୁ ଯାଇପାରୁ ନ ଥିଲେ, ସେହି କୋପ ପ୍ରହ୍ଲାଦକୁ ଦେଖିବା ମାତ୍ରେ ଶାନ୍ତ ହୋଇଗଲା। ଦେବତାମାନେ ଏକତ୍ରିତ ହୋଇ ସାମୂହିକ ସ୍ତୁତି କରିବାରେ ଯେଉଁ ଭଗବାନ୍ ଅବତାର ନେଉଥିଲେ, ସେହି ଭଗବାନ୍ ପ୍ରହ୍ଲାଦଙ୍କ କହିବା ମାତ୍ରେ ଖମ୍ଭରେ ପ୍ରକଟ ହୋଇଗଲେ। ଏହା କେବଳ ଭଗବାନଙ୍କ ଭକ୍ତବତ୍ସଳତାର ମହିମା। ଭକ୍ତ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦେଲେ ଭଗବାନ୍ ନିଜକୁ ଭକ୍ତ ହାତରେ ଦେଇ ଦିଅନ୍ତି। ଏହା ଆତ୍ମ-ସମର୍ପଣର ପ୍ରଭାବ। ଯେଉଁ ଆତ୍ମ-ସମର୍ପଣରେ ଭଗବାନ୍ ଭକ୍ତ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହନ୍ତି ସେହି ଆତ୍ମ-ସମର୍ପଣ ଶ୍ରୀଅରବିନ୍ଦଙ୍କ ଯୋଗର ପ୍ରାଣ ଏବଂ ଏହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ।

ଆତ୍ମ-ସମର୍ପଣରେ ପୂର୍ଣ୍ଣତା

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଶରୀର ତଥା କର୍ମର ତ୍ୟାଗ ନୁହେଁ, ମନ, ପ୍ରାଣ, ଶରୀର ତା'ର ମୂଳ ଦିବ୍ୟ ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର; ରୋଗ, ଜରା, ମୃତ୍ୟୁରୁ ମୁକ୍ତି; ରୂପାନ୍ତରିତ ମନ, ପ୍ରାଣ, ଶରୀରର ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ, ସମସ୍ତ କର୍ମ ଭାଗବତ କର୍ମରେ ପରିଣତ, ଭଗବାନଙ୍କ ଯନ୍ତ୍ରରୂପେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ। ଏହି ଦୁରୂହ ଅକଳ୍ପନୀୟ ଯୋଗ ସିଦ୍ଧି କୌଣସି ଯୌଗିକ କ୍ରିୟା ଦ୍ୱାରା ହୁଏ ନାହିଁ, ହୁଏ ପୂର୍ଣ୍ଣ ଆତ୍ମସମର୍ପଣ ଦ୍ୱାରା। ପୁରାତନ ଯୋଗରେ ମଧ୍ୟ ଆତ୍ମ-ସମର୍ପଣ କରାହୋଇଛି କିନ୍ତୁ ସମୟ ଆସି ନ ଥିବାରୁ ତାହା ପୂର୍ଣ୍ଣ ହୋଇପାରି ନାହିଁ। ଗୀତା ଏବଂ ରାମାୟଣରେ ଯେଉଁ ଚରମ ଗୁହ୍ୟ ରହସ୍ୟମୟ, ଆତ୍ମ-ସମର୍ପଣର ଉପଦେଶ ଦିଆ ହୋଇଛି ତାହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାରେ ବହୁତ ପ୍ରକାର ଯୋଗ ତଥା ବହୁତ ପ୍ରକାର ଯୌଗିକ କ୍ରିୟା ଉପଦେଶ ଦେଇଥିଲେ। ସେଥିରେ ଅର୍ଜୁନ ସନ୍ତୋଷ ହୋଇ ନ ଥିଲେ। ସମସ୍ତ ଉପଦେଶ ଶୁଣିସାରିବା ପରେ ତାଙ୍କର ହର୍ଷ ନ ଥିଲା। ସେ ବିମର୍ଷ ହୋଇ ମୁହଁ ଶୁଖାଇ ଚୁପ୍ ହୋଇ ରହିଥିଲେ। ତାଙ୍କ ଶରୀର ମୁଦ୍ରାରୁ ତାଙ୍କ ସମସ୍ୟାର ସମାଧାନ ହୋଇ ନ ଥିବା ସ୍ପଷ୍ଟରୂପେ ପ୍ରତୀତ ହେଉଥିଲା। ଅର୍ଜୁନଙ୍କୁ ଅସନ୍ତୁଷ୍ଟ ଦେଖି ଶେଷରେ ଶ୍ରୀକୃଷ୍ଣ କହିଲେ :

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥ (୧୮-୬୬)

''ତୁ ସମସ୍ତ ଧର୍ମ ତ୍ୟାଗ କରି ମୋ ଶରଣ ହେଲେ ମୁଁ ତୋର ସମସ୍ତ ପାପ ଗ୍ରହଣ କରି ତୋତେ ମୁକ୍ତ କରିଦେବି ।''

ଏଥିରେ ଅର୍ଜୁନଙ୍କୁ ସନ୍ତୋଷ ହେଲା । ଅର୍ଜୁନ କହିଲେ :

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ॥ (୧୮-୭୩)

''ତୁମ କୃପାରେ ମୋର ମୋହ ଦୂର ହୋଇଗଲା, ସ୍ମୃତି ପ୍ରାପ୍ତ ହେଲା, ସଂଶୟ ନଷ୍ଟ ହେଲା, ମୁଁ ଆପଣଙ୍କ ଆଜ୍ଞା ପାଳନ କରିବି ।''

ଏହା କହି ଅର୍ଜୁନ ଯୁଦ୍ଧ କରିବାକୁ ତିଆର ହୋଇଗଲେ । କିନ୍ତୁ ଅର୍ଜୁନଙ୍କ ରଥର ଚାଳକ ହେଲେ ଭଗବାନ୍ । ଘୋଡ଼ାର ଲଗାମ ନେଲେ ନିଜ ହାତରେ । ଭକ୍ତ ଭଗବାନଙ୍କୁ ଆତ୍ମ-ସମର୍ପଣ କରିଦେଲେ ଭଗବାନ୍ ନିଜର କୌଣସି ବିଭୂତି ବା ପାର୍ଶ୍ୱଦ ହାତରେ ତାଙ୍କ ପରିଚାଳନାର ଭାର ଦେଇ ସନ୍ତୋଷ ହୁଅନ୍ତି ନାହିଁ । ତାଙ୍କ ଭାର ଗ୍ରହଣ କରନ୍ତି ସେ ସ୍ୱୟଂ । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଘୋଡ଼ାର ଶରୀର ପୋଛନ୍ତି, ବାନ୍ଧନ୍ତି, ରଥରେ ଯୋଚନ୍ତି ତଥା ରଥ ପରିଚାଳନା କରନ୍ତି । ଛୋଟ ଶିଶୁ ଯେପରି ମା' କୋଳରେ ନିର୍ଦ୍ୱନ୍ଦ୍ୱ, ନିର୍ଭୟ, ନିଶ୍ଚିନ୍ତ ଥାଏ, ଅର୍ଜୁନ ସେହିପରି ଭଗବାନଙ୍କ ଭରସାରେ ନିର୍ଦ୍ୱନ୍ଦ୍ୱ ଥା'ନ୍ତି । ଏହା କୌଣସି ଯୌଗିକ କ୍ରିୟାରେ ହୁଏ ନାହିଁ, ହୁଏ ଆତ୍ମ-ସମର୍ପଣରେ । ଶ୍ରୀକୃଷ୍ଣ ଅର୍ଜୁନଙ୍କଠାରୁ ଯେଉଁ ଆତ୍ମ-ସମର୍ପଣ ଚାହିଁଥିଲେ ତାହା ପୂର୍ଣ୍ଣ ହୋଇ ନ ଥିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ଦ୍ୱାରା ସମସ୍ତ ଧର୍ମ ସମ୍ପାଦିତ ହୁଏ । ଶ୍ରୀକୃଷ୍ଣ କହିଥିଲେ, ''ସମସ୍ତ ଧର୍ମ ଛାଡ଼ି ମୋର ଶରଣ ହୁଅ ଅର୍ଥାତ୍ ସମସ୍ତ ଧର୍ମ ମୋତେ ସମର୍ପଣ କର ।'' ଅର୍ଜୁନ ମନ-ପ୍ରାଣ ତଥା ମନ-ପ୍ରାଣର ଧର୍ମରୂପ କର୍ମକୁ ଶ୍ରୀକୃଷ୍ଣଙ୍କ ଚରଣରେ ଅର୍ପଣ କରିଥିଲେ ଏବଂ ଶାରୀରିକ କର୍ମ ମଧ୍ୟ ମନ ଦ୍ୱାରା ସମର୍ପଣ କରିଥିଲେ । କିନ୍ତୁ ସ୍ୱୀୟ ଶରୀରକୁ ସମର୍ପଣ କରିପାରି ନ ଥିଲେ । କାରଣ ଶରୀର ସ୍ୱୟଂ ମନ, ପ୍ରାଣ ସଦୃଶ ଚୈତନ୍ୟ ତଥା ସ୍ୱଚାଳିତ ନୁହେଁ; ମନ, ପ୍ରାଣ ଦ୍ୱାରା ପରିଚାଳିତ ହୁଏ । ମନ, ପ୍ରାଣ ଆଦେଶ ନ ଦେଲେ ଶରୀର ଏକ ପଦ ଉଠାଇ ପାରେ ନାହିଁ, କାରଣ ସେ ସ୍ୱୟଂ କ୍ରିୟାଶୀଳ ନୁହେଁ । ସେଥିପାଇଁ ଭଗବାନଙ୍କ ଚରଣରେ ସମର୍ପଣ ହୋଇ ପାରି ନ ଥିଲା । ଭଗବାନଙ୍କଠାରେ ସମର୍ପଣ ହେବାର ଅର୍ଥ ସମର୍ପିତ ବସ୍ତୁରେ ଅନ୍ୟ କାହାର ଅଧିକାର ରହେ ନାହିଁ, ଯାହାକୁ ସମର୍ପିତ ହୁଏ କେବଳ ତା'ର ଅଧିକାର । ମନ-ପ୍ରାଣ ଭଗବାନଙ୍କୁ ଅର୍ପିତ ହୋଇଥିବାରୁ ସେଥିରେ ଅନ୍ୟ ବିଚାର, ବାସନା କାମନା, ଭୋଗ ବିଳାସ, ଅହଂ, ସ୍ୱାର୍ଥ ନ ଥାଏ; ସେସବୁ ଭଗବାନଙ୍କ ସେବାରେ ଲାଗି ଥାଆନ୍ତି ଏବଂ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ଶରୀର ଭଗବାନଙ୍କୁ ସମର୍ପିତ ହୋଇଥିଲେ ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇଥାଆନ୍ତା ଏବଂ ଜାଗତିକ ପ୍ରକୃତି ଦ୍ୱାରା ପରିଚାଳିତ ନ ହୋଇ ଭଗବାନଙ୍କ ଦ୍ୱାରା ମନ-ପ୍ରାଣ ସଦୃଶ ପରିଚାଳିତ ହୋଇଥା'ନ୍ତା । କିନ୍ତୁ ଏପରି ହୋଇ ନ ଥିଲା । ତା'ର ସମୟ ଆସି ନ ଥିଲା । ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ହେବାରେ ଯେଉଁ ଅତିମାନସ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି । ସେହି ଅତିମାନସ ଶକ୍ତି ରୂପାନ୍ତର ସାଧନ କରୁଅଛି । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଶରୀରର ରୂପାନ୍ତର ହୁଏ । ରୂପାନ୍ତରିତ ଶରୀର ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୁଏ । ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ସ୍ୱତଃସ୍ଫୂର୍ତ୍ତଭାବେ ଭଗବାନଙ୍କ ସଙ୍କଳ୍ପରେ ପରିଚାଳିତ ହୁଏ । ମନ, ପ୍ରାଣ ତଥା ଶରୀର ଭଗବାନଙ୍କ ସହିତ ପୂର୍ଣ୍ଣରୂପେ ଏକତ୍ୱ ସ୍ଥାପନ କରନ୍ତି । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବାନ୍ ପ୍ରକାଶିତ ହୁଅନ୍ତି । ସମସ୍ତ କର୍ମ ହୁଏ ଭଗବତ୍ କର୍ମ । ବ୍ୟକ୍ତି ଏବଂ ଭଗବାନଙ୍କ ମଧ୍ୟରେ ଆଦୌ ବ୍ୟବଧାନ ରହେ ନାହିଁ । ଭଗବାନ୍ ଓ ଭକ୍ତ ଅଭିନ୍ନ, ଏକ ହୋଇ ମଧ୍ୟ ପୃଥକ୍ ରହନ୍ତି । ଭକ୍ତ ହୁଏ ଭଗବାନଙ୍କ ଯନ୍ତ୍ର । ଏହାହିଁ ପୂର୍ଣ୍ଣ ସମର୍ପଣ । ଶ୍ରୀଅରବିନ୍ଦଙ୍କ ଯୋଗର ଏହାହିଁ ଲକ୍ଷ୍ୟ । ଏହାର ପରିଣାମରେ ଏହି ପୃଥିବୀରେ ଅତିମାନବ ଜାତି ସ୍ଥାପିତ ହୁଏ, ଦୁଃଖପୂର୍ଣ୍ଣ ସଂସାର ସ୍ୱର୍ଗରେ ପରିଣତ ହୁଏ । ❖

ଭଗବତ୍ ବିଶ୍ୱାସ ଓ ନିର୍ଭରତା

ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ହେଉଛି ଦିବ୍ୟ, ସଜୀବ, ପ୍ରତ୍ୟକ୍ଷ, କଳ୍ପବୃକ୍ଷ ଏବଂ କାମଧେନୁ । ସାଧାରଣ କଳ୍ପବୃକ୍ଷ, କାମଧେନୁ ମୁକ୍ତି, କୈବଲ୍ୟ ଏବଂ ଭଗବତ୍ ଆନନ୍ଦ, ପରମ ଜ୍ଞାନ, ପରମ ଶାନ୍ତି ଦେବାରେ ଅସମର୍ଥ । ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ପାଖରେ ଅଦେୟ କିଛି ନ ଥାଏ । ମନୁଷ୍ୟ ଯାହା ଚାହେଁ ତାହା ନିଶ୍ଚିତରୂପେ ପାଏ, ଏଥିରେ ସନ୍ଦେହ ନ ଥାଏ । କୌଣସି ବ୍ୟକ୍ତି ଏହାକୁ ପରୀକ୍ଷା କରି ଦେଖିପାରେ । ଭଗବତ୍ ବିଶ୍ୱାସ ଏବଂ ନିର୍ଭରତାରେ ବ୍ୟକ୍ତି ଦୁର୍ଦାନ୍ତ ବିପଦ, ଦାରୁଣ ଜାଗତିକ ଦୁଃଖକଷ୍ଟରୁ ମୁକ୍ତ ହୋଇପାରେ; ଆଦର୍ଶ, ପୂର୍ଣ୍ଣ, ମହାନ୍ ଓ ସୁଖମୟ ଜୀବନଯାପନ କରିପାରେ ଅଥବା ନିର୍ବାଣ, ମୁକ୍ତି, ଭଗବତ୍ ପ୍ରାପ୍ତି କରି ଭୟଙ୍କର ଦୁଃଖ, ଜନ୍ମ-ମରଣରୁ ମୁକ୍ତ ହୋଇପାରେ । କିଂବା ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ସମର୍ପଣ, ଅଭୀପ୍ସା, ସାଧନାରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ଦିବ୍ୟ-ତତ୍ତ୍ୱରେ ରୂପାନ୍ତରିତ କରି ଏହି ସଂସାରରେ, ଏହି ଶରୀରରେ ତଥା ସମସ୍ତ କର୍ମରେ ଭଗବାନଙ୍କୁ ଉପଲବ୍ଧି କରିପାରେ । ଏହି ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ହେଉଛି ଆତ୍ମାର ଅମୂଲ୍ୟ ସଂପଦ । ଆତ୍ମା ବିଦ୍ୟମାନ ଥାଏ ସମସ୍ତ ବ୍ୟକ୍ତି ମଧ୍ୟରେ । କିନ୍ତୁ ଦୁର୍ଭାଗ୍ୟବଶତଃ ବ୍ୟକ୍ତି ସେ ସମ୍ବନ୍ଧେ ସଚେତ ନ ଥାଏ । ଅଜ୍ଞାତରେ ଘରେ ଚିନ୍ତାମଣି, କାମଧେନୁ ଥାଇ ବ୍ୟକ୍ତି ଦରିଦ୍ରତାର ଦୁଃଖ ଭୋଗ କରୁଥିବା ସଦୃଶ ମନୁଷ୍ୟ ମହାନ୍ କଷ୍ଟ ଭୋଗ କରୁଥାଏ ।

ମନୁଷ୍ୟ ସତ୍-ଚିତ୍-ଆନନ୍ଦ ପରମାତ୍ମାଙ୍କ ଅଂଶ, ପ୍ରତିଭୂ ବା ସତ୍-ଚିତ୍-ଆନନ୍ଦତତ୍ତ୍ୱ; ଦିବ୍ୟାନନ୍ଦ, ଦିବ୍ୟ ଶାନ୍ତି, ପରମା ଶକ୍ତିର ମୂର୍ତ୍ତିମାନ୍ ବିଗ୍ରହ । ଭଗବାନ୍ ନିଜକୁ ଏହି ମର ଜଗତରେ ବହୁରୂପେ ପ୍ରକାଶ କରିବାକୁ ଧାରଣ କରିଅଛନ୍ତି ବହୁବିଧ ରୂପ । ସ୍ୱଇଚ୍ଛାରେ ହୋଇଛନ୍ତି ଅଜ୍ଞାନ-ମାୟାରେ ମୋହିତ; ପାଉଛନ୍ତି ମହାନ୍ ଦୁଃଖକଷ୍ଟ । ଦୁଃଖକଷ୍ଟ ରୂପାନ୍ତରିତ ହୁଏ ଅଖଣ୍ଡ ଆନନ୍ଦରେ; ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ ଅବିନାଶୀ ଦିବ୍ୟ ତତ୍ତ୍ୱରେ; ସତ୍-ଚିତ୍-ଆନନ୍ଦ ପ୍ରକାଶ ହୁଅନ୍ତି ସମସ୍ତ କର୍ମରେ । ତେବେ ଏହି ମୃତ୍ୟୁପୁରୀ ପରିଣତ ହୁଏ ଦିବ୍ୟ ସ୍ୱର୍ଗରେ । ଏହାହିଁ ଭଗବାନଙ୍କର ଉଦ୍ଦେଶ୍ୟ । ଏହି ସକାଶେ ସେ ନିଜ ସଂକଳ୍ପରେ ''ଏକୋଽହଂ ବହୁସ୍ୟାମି'' ହୋଇଅଛନ୍ତି । ଭଗବାନଙ୍କର ଏହି ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ ମୁକ୍ତି, ନିର୍ବାଣ, ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ଭଗବତ୍ ପ୍ରାପ୍ତିରେ; ହୁଏ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଲକ୍ଷ୍ୟ । ଅତିମାନସ ଶକ୍ତି ଏହି ରୂପାନ୍ତର କରିପାରେ କେବଳ ସମର୍ପଣ ଏବଂ ଅଭୀପ୍ସାରେ । ଏହି ଅଭୀପ୍ସା ତଥା ସମର୍ପଣର ପ୍ରାଣ ହେଉଛି ବିଶ୍ୱାସ ଓ ନିର୍ଭରତା । ବିଶ୍ୱାସ ଓ ନିର୍ଭରତା ବିନା ଅଭୀପ୍ସା ଏବଂ ସମର୍ପଣ ପ୍ରାଣବିହୀନ ଶରୀର । ଏହା ବ୍ୟତୀତ ରୂପାନ୍ତର-ସିଦ୍ଧି ଏକେବାରେ ଅସମ୍ଭବ । ଯେଉଁ ପୁରାତନ ସମସ୍ତ ଯୋଗରେ ଭଗବାନଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ; ଭୁଲ୍-ଭ୍ରାନ୍ତିରେ ଏହି ଦୁଃଖ-କଷ୍ଟମୟ ଜଗତକୁ ଆସିଥିବା ସଦୃଶ ପୁନରାୟ ନିର୍ଦିଷ୍ଟ ସ୍ଥାନ ମୁକ୍ତି, କୈବଲ୍ୟ, ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ, ଭଗବତ୍ ଧାମକୁ ଫେରିଯିବାକୁ ହୁଏ; ସେହିସବୁ ପୁରାତନ ଯୋଗ-ସାଧନାର ପ୍ରାଣ ବିଶ୍ୱାସ ଏବଂ ନିର୍ଭରତା । ପ୍ରାଣ ବିନା ଶରୀର ମୃତ । ସେହିପରି ବିଶ୍ୱାସ-ନିର୍ଭରତା ବିନା ସାଧନା ନିରର୍ଥକ ତଥା ବ୍ୟର୍ଥ । ବିଶ୍ୱାସ ଅବିନାଶୀ ଅମୃତତତ୍ତ୍ୱ, ସମସ୍ତ ସାଧନାର ସିଦ୍ଧିଦାତା । ସାଧକର ବିଶ୍ୱାସ ଅମୂଲ୍ୟ, ଅଲୌକିକ ସଂପଦ । ସର୍ବଶକ୍ତିମତ୍ତା, ସର୍ବସାମର୍ଥ୍ୟ, ସର୍ବ-ଐଶ୍ୱର୍ଯ୍ୟଶାଳିତା, କ୍ଷମା, ଦୟା, କରୁଣା, ଭକ୍ତବତ୍ସଳତାଦି ଦିବ୍ୟଗୁଣବିଭୂଷିତ ଭଗବାନଙ୍କୁ ପାଇବାର ଅମୋଘ, ଅବ୍ୟର୍ଥ ମନ୍ତ୍ର ହେଲା ବିଶ୍ୱାସ ଓ ନିର୍ଭରତା । ମନୁଷ୍ୟ ହେଲା ସର୍ବଶକ୍ତିମାନ୍, ସର୍ବଜ୍ଞାନସଂପନ୍ନ, ସେହି ଦିବ୍ୟାନନ୍ଦର ମୂର୍ତ୍ତିମାନ୍ ବିଗ୍ରହ ଭଗବାନଙ୍କର ଅଂଶ, ପ୍ରତିଭୂ ବା ସ୍ୱରୂପ । ସେ ମୂଳତତ୍ତ୍ୱରେ ଭଗବାନଙ୍କ ସହିତ ଅଭେଦ୍ୟ ଏକ । ବର୍ତ୍ତମାନ ତା'ର ଦୃଶ୍ୟରୂପ ମାୟାମୋହଅଜ୍ଞାନ ଆବରଣରେ ହୋଇଛି ଆବୃତ । କିନ୍ତୁ ତା' ମଧ୍ୟରେ ଅଛି ଭଗବାନଙ୍କର ସମସ୍ତ ଗୁଣ ସୁପ୍ତ ।

ତା'ର ଏହି ସମସ୍ତ ଦିବ୍ୟଗୁଣ ଜାଗ୍ରତ୍ ହୁଏ କେବଳ ଭଗବତ୍ ବିଶ୍ୱାସ ଦ୍ୱାରା । ବ୍ୟକ୍ତି ନିଜକୁ ଜାଣିପାରେ

ନାହିଁ; ନିଜ ମଧ୍ୟରେ ସୁପ୍ତ ଭଗବତ୍ ଦିବ୍ୟଗୁଣର ସନ୍ଧାନ ପାଇପାରେ ନାହିଁ; ଭଗବତ୍ ଦିବ୍ୟତତ୍ତ୍ୱର ବିକୃତ ରୂପ ସଂସାର ବୋଲି ସେ ଅନୁଭବ କରିପାରେ ନାହିଁ । ସଂସାରର ମାୟା-ମରୀଚିକା ସୁଖଭୋଗରେ ଧାବିତ ହୋଇ ନିରାଶ ହୁଏ ଏବଂ ପରିଣାମରେ ଦୁଃଖକଷ୍ଟ ଭୋଗୁଥାଏ, ବାରଂବାର ଜନ୍ମ-ମରଣଚକ୍ରରେ ଭ୍ରମଣ କରୁଥାଏ । ଦରିଦ୍ର ଭିକାରି ସଦୃଶ ସମସ୍ତ ଦେବାଦେବୀଙ୍କ ପାଖରେ ଧନ-ପୁତ୍ର ସାଂସାରିକ ବସ୍ତୁ ଚାହୁଁଥାଏ । ବ୍ୟକ୍ତି କେବଳ ଭଗବତ୍ ବିଶ୍ୱାସ କରିପାରିଲେ ଗାର୍ହସ୍ଥ୍ୟ ଜୀବନରେ ସୁଖ-ଶାନ୍ତି-ଆନନ୍ଦରେ ରହିପାରେ ଅଥବା ଇନ୍ଦ୍ର, ଚନ୍ଦ୍ରାଦି ଦେବ-ଦୁର୍ଲଭ ମୁକ୍ତି ନର୍ବାଣ ପରମପଦ ପ୍ରାପ୍ତ ହୋଇପାରେ; କିଂବା ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିପାରେ; ପୂର୍ଣ୍ଣରୂପେ ମୃତ୍ୟୁ, ଜରା, ରୋଗ, ମାୟା ଅଜ୍ଞାନରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ସଂପୂର୍ଣ୍ଣରୂପେ ଏକତ୍ୱପ୍ରାପ୍ତ ହୁଏ । ତାଙ୍କରି ଯନ୍ତ୍ରରୂପେ ତାଙ୍କରି ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୁଏ ।

ମନୁଷ୍ୟ-ଶରୀର ସମ୍ଭାବନାରେ ପୂର୍ଣ୍ଣ । ତା' ମଧ୍ୟରେ ବିଶ୍ୱ ଏବଂ ବିଶ୍ୱାତୀତ ଅଦିବ୍ୟ ତଥା ଦିବ୍ୟ ସଂପଦ ବୀଜାକାରରେ ରହିଛି ନିହିତ । ଏହି ଅନନ୍ତ ସଂପଦ ମଧ୍ୟରୁ ଭଗବତ୍ ବିଶ୍ୱାସ ଏକ ମହାନ୍ ଶ୍ରେଷ୍ଠ, ଅତୁଳନୀୟ, ଅଲୌକିକ ସଂପଦ । ବ୍ୟକ୍ତି ଏହି ଭଗବତ୍ ବିଶ୍ୱାସ ଜାଗ୍ରତ୍ କରିପାରିଲେ, ଭୌତିକ ଇପ୍ସିତ ବସ୍ତୁ ଲାଭ କରିପାରେ ଏବଂ ସମସ୍ତ ବିପଦ-ଆପଦ, ରୋଗ-ଶୋକରୁ ମୁକ୍ତ ହୋଇପାରେ; ମହାନ୍‌ପ୍ରୟାସସାଧ୍ୟ ଅସମ୍ଭବ କାର୍ଯ୍ୟ ଅନାୟାସରେ ସାଧ୍ୟ ହୋଇପାରେ । ଅଥବା ତପଃ, ତୀର୍ଥ, ବ୍ରତ, ଉପବାସ, ଯମ, ନିୟମ, ଆସନ, ପ୍ରାଣାୟାମ, ଧ୍ୟାନ, ଧାରଣା ତଥା କଠୋର, ମହାନ୍ ପ୍ରୟାସସାଧ୍ୟ ସାଧନା ନ କରି କେବଳ ଭଗବତ୍ ବିଶ୍ୱାସରେ ଭଗବତ୍‌ପ୍ରାପ୍ତି କରିପାରେ । ସାଧନା-ମାର୍ଗରେ ବାଧାରୂପେ ହିମାଳୟ ସଦୃଶ ଛିଡ଼ା ହୋଇଥିବା କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ସ୍ୱାର୍ଥ, ହିଂସା, ମାନ, ଯଶଃ, ଦୁର୍ଜ୍ଜୟ ଶତ୍ରୁମାନଙ୍କୁ ଭଗବତ୍ ବିଶ୍ୱାସ ବଳରେ ଭଗବାନଙ୍କ କୃପାରେ ସହଜରେ ଅତିକ୍ରମ କରିପାରେ ଏବଂ ସେସବୁକୁ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ କରି ଭଗବାନଙ୍କ ଯନ୍ତ୍ର କରିପାରେ ।

ମହାନ୍ ପାପୀ ମହାନ୍ ଦୁରାଚାରୀ, ମହାନ୍ ପତିତ, ମହାନ୍ ଘୃଣ୍ୟ, ମହାନୀଚ, ଯାହାର ଛାୟାସ୍ପର୍ଶ ମଧ୍ୟ ଦୋଷାବହ, ଏପରି ପତିତ ବ୍ୟକ୍ତିର ଯଦି ଭଗବତ୍ ବିଶ୍ୱାସ ହୁଏ ତେବେ ଭଗବାନ୍ ତାକୁ ସ୍ୱୀକାର କରନ୍ତି । ବିଶ୍ୱାସର ପ୍ରଭାବରେ ତା'ର ସମସ୍ତ ପାପ, ଦୋଷ ଦୂର ହୁଏ । ସେ ମହାନ୍ ସଦାଚାରୀ ଶ୍ରୋତ୍ରିୟ ବିଦ୍ୱାନ୍ ବ୍ରାହ୍ମଣଙ୍କଠାରୁ ଅତ୍ୟନ୍ତ ପବିତ୍ର ହୁଏ । ତା'ର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ ହୁଏ । ତା' ମଧ୍ୟରେ ଭଗବତ୍ ଦିବ୍ୟଗୁଣ, ଦିବ୍ୟାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ ପ୍ରକାଶ ହୁଏ । ସେ ଏହି ମୃତ୍ୟୁପୁରୀରେ ନିବାସ କରି ଭଗବତ୍ ଦିବ୍ୟଧାମର ଅଧିକାରୀ ହୁଏ । ତା' ସକାଶେ ଏହି ମୃତ୍ୟୁପୁରୀ ଏବଂ ଦିବ୍ୟ ଭଗବତ୍ ଧାମର ବ୍ୟବଧାନ ରହେ ନାହିଁ । ସେ ଅବାଧରେ ସମସ୍ତ ଦିବ୍ୟଧାମରେ ବିଚରଣ କରିପାରେ ।

ସାଂସାରିକ କୌଣସି କାର୍ଯ୍ୟ ମଧ୍ୟ ବିଶ୍ୱାସ ବିନା ପୂର୍ଣ୍ଣ ହୁଏ ନାହିଁ କିଂବା ସଫଳ ହୁଏ ନାହିଁ । କିନ୍ତୁ ସଂସାରରେ କେତେକ କାର୍ଯ୍ୟ ବିଶ୍ୱାସ ବିନା ପୂର୍ଣ୍ଣସଫଳ ନ ହେଲେ ମଧ୍ୟ କିଛି ଅଂଶରେ ସଫଳ ହୋଇପାରେ; କିନ୍ତୁ ଅଧ୍ୟାତ୍ମ ମାର୍ଗରେ ବିଶ୍ୱାସ ବିନା ବ୍ୟକ୍ତି ଗୋଟିଏ ପାଦ ବି ଅଗ୍ରସର ହୋଇପାରେ ନାହିଁ । ଔଷଧ ଏବଂ ବୈଦ୍ୟ ଉପରେ ବିଶ୍ୱାସ ନ ହେଲେ ରୋଗ ଦୂର ହୁଏ ନାହିଁ । ପାସ୍ କରିବାରେ ଛାତ୍ରର ଅବିଶ୍ୱାସ ହେଲେ ସେ ଫେଲ୍ ହୁଏ । ବ୍ୟବସାୟରେ ଅବିଶ୍ୱାସ ଯୋଗୁଁ ମୂଳଧନ ବୁଡ଼େ । ଅବିଶ୍ୱାସରେ ମିତ୍ର ଶତ୍ରୁ ହୁଏ । ବିଶ୍ୱାସ ନ ରହିଲେ ଭାଇ ଭିନ୍ନ ହୁଏ । ବିଶ୍ୱାସବିହୀନ ଦାମ୍ପତ୍ୟ ଜୀବନ ବିଷବତ୍ ହୁଏ ଅଥବା ପତ୍ନୀ ଆତ୍ମହତ୍ୟାରୂପୀ ମହାନ୍ ପାପ କରେ । ଅବିଶ୍ୱାସରେ ଆନୁଗତ୍ୟ ରହେ ନାହିଁ । ସ୍ୱାସ୍ଥ୍ୟରେ ଅବିଶ୍ୱାସ ହେଲେ ରୋଗ ଉତ୍ପନ୍ନ ହୁଏ । ନିଜର ପ୍ରତିରୋଧ ଶକ୍ତିର ଅବିଶ୍ୱାସରେ ସଂକ୍ରାମକ ରୋଗ ନିଶ୍ଚିତରୂପେ ହୁଏ । ସାଧାରଣତଃ ବିଶ୍ୱାସ ବିନା ମାନସିକ କୌଣସି କାର୍ଯ୍ୟ ସଫଳ ହୁଏ ନାହିଁ । କୃଷି, ଗୃହନିର୍ମାଣ, କୂପ-ପୁଷ୍କରିଣୀ ଆଦି ଖନନ – ଏହି ସ୍ଥୂଳ କର୍ମ ବିଶ୍ୱାସ ବିନା ଯଦ୍ୟପି ସଫଳ ହୁଏ ତଥାପି ପୂର୍ଣ୍ଣ ଏବଂ ସର୍ବାଙ୍ଗସୁନ୍ଦର ହୁଏ ନାହିଁ । କିନ୍ତୁ ଅଧ୍ୟାତ୍ମ ସାଧନା କେବଳ ଭଗବତ୍ ବିଶ୍ୱାସ ଉପରେ ନିର୍ଭର କରେ ।

ଅଧ୍ୟାତ୍ମ ମାର୍ଗରେ ଗୁରୁ, ସାଧନା, ଇଷ୍ଟ – ଏହି ତିନି ବସ୍ତୁ ଉପରେ ପୂର୍ଣ୍ଣରୂପେ ବିଶ୍ୱାସ ରଖିବା ଏକାନ୍ତ

ଆବଶ୍ୟକ । ଏହି ତିନିଟି ମଧ୍ୟରୁ ଗୋଟିକ ଉପରେ ବିଶ୍ୱାସ ନ ରଖିଲେ ସାଧକ ସାଧନାରେ ଅଗ୍ରସର ହୋଇପାରେ ନାହିଁ । ଏପରିକି ନିଜକୁ ବ୍ରହ୍ମ କହୁଥିବା ଅଦ୍ୱୈତବାଦୀ ସାଧକମାନେ ନିଜ ଗୁରୁ ଏବଂ ଲକ୍ଷ୍ୟ ସିଦ୍ଧିରେ ବିଶ୍ୱାସ ନ ରଖିଲେ ସାଧନା ବ୍ୟର୍ଥ ହୁଏ । ଅଧ୍ୟାତ୍ମ ସାଧନାରେ ଦୃଢ଼ ବିଶ୍ୱାସ ରଖିବାକୁହିଁ ହେବ । ଏହାଛଡ଼ା ସିଦ୍ଧି ଅସମ୍ଭବ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର, ରୂପାନ୍ତରିତ ମନ-ପ୍ରାଣ-ଶରୀର ରୋଗ-ଜରା-ମୃତ୍ୟୁ ତଥା ଅଜ୍ଞାନ-ଅନ୍ଧକାର ଶକ୍ତି କବଳରୁ ପୂର୍ଣ୍ଣମୁକ୍ତି, ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତି ଏବଂ ଭଗବତ୍ ଶକ୍ତିର ଯନ୍ତ୍ରହେବା, ସମସ୍ତ ସତ୍ତାରେ ତଥା ସମସ୍ତ କର୍ମରେ ଭଗବାନଙ୍କୁ ପ୍ରକାଶ କରିବା — ଏହି ରୂପାନ୍ତର ମହାନ୍ କଠିନ କାର୍ଯ୍ୟ । ଏହା ସିଦ୍ଧ ହୋଇପାରେ କେବଳ ପୂର୍ଣ୍ଣ ରୂପେ ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା ରଖିଲେ ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧନା

ଯେଉଁ ପ୍ରକୃତିର ରୂପାନ୍ତର ମହାନ୍ ଅସମ୍ଭବ ଜାଣି ବୈଦିକ ଯୁଗର ଋଷିମୁନିଙ୍କଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ପୁରାତନ ଯୋଗର ସାଧକ ତାହା ବାଦ୍ ଦେଇଛନ୍ତି, ସେହି ଦୁରୂହ ପ୍ରକୃତିର ରୂପାନ୍ତର ଏବଂ ମୃତ୍ୟୁ, ଜରା, ରୋଗରୁ ପୂର୍ଣ୍ଣତଃ ମୁକ୍ତି ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ପ୍ରକୃତିର ରୂପାନ୍ତର — ଏହି ଦୁରୂହ ସିଦ୍ଧି ପୁରାତନ ଯୋଗର କୌଣସି ମହାନ୍ ସାଧନା ଦ୍ୱାରା ସାଧିତ ହୁଏ ନାହିଁ, ହୁଏ ଏହି ଅତିମାନସ ଶକ୍ତି ଦ୍ୱାରା । ଅତିମାନସ ଶକ୍ତି କାର୍ଯ୍ୟ କରିପାରେ ଅଭୀପ୍ସା ତଥା ପ୍ରତିକୂଳ ବସ୍ତୁ, ପ୍ରତିକୂଳ ଗତିବୃତ୍ତି, ପ୍ରତିକୂଳ ମନୋଭାବର ତ୍ୟାଗ ଏବଂ ମା'ଙ୍କ ଚରଣରେ ସଂପୂର୍ଣ୍ଣରୂପେ ସମର୍ପଣ କରିବାରେ । ଏହି ସମର୍ପଣ, ଅଭୀପ୍ସା ଓ ପ୍ରତ୍ୟାଖ୍ୟାନର ଜୀବନ୍ତ, ଜାଗ୍ରତ୍, ପ୍ରତ୍ୟକ୍ଷ ପ୍ରାଣ ହେଉଛି ବିଶ୍ୱାସ ଓ ନିର୍ଭରତା । ବିଶ୍ୱାସ ବିନା ସମର୍ପଣ ହୁଏ ନାହିଁ । ବିଶ୍ୱାସ ଅଭାବରୁ ଅଭୀପ୍ସାଗ୍ନି ପ୍ରଜ୍ୱଳିତ ନ ହୋଇ ନିର୍ବାପିତ ହୁଏ । ପ୍ରତିକୂଳ ବସ୍ତୁ ତ୍ୟାଗ କରିବାର ଉତ୍ସାହ ତଥା ସାମର୍ଥ୍ୟ ରହେ ନାହିଁ । ଏହି ସକାଶେ ଶ୍ରୀଅରବିନ୍ଦ କହିଛନ୍ତି : —

''ଭଗବାନଙ୍କ ଉପରେ ବିଶ୍ୱାସ, ନିର୍ଭରତା ଏବଂ ଭଗବତ୍ ଶକ୍ତି ପାଖରେ ସମର୍ପଣ ଓ ଆତ୍ମ-ନିବେଦନ — ଏହିସବୁ ଆବଶ୍ୟକ ଏବଂ ଅପରିହାର୍ଯ୍ୟ । କିନ୍ତୁ ସାବଧାନ, ଆଳସ୍ୟ ତଥା ଦୁର୍ବଳତା ଯୋଗୁଁ ଭଗବାନଙ୍କ ଉପରେ ନିର୍ଭରତା ବାହାନାରେ ନିମ୍ନ ପ୍ରକୃତିର ଆବେଗ ନିକଟରେ ଆତ୍ମ-ସମର୍ପଣ କରିବା ଆଦୌ ଉଚିତ ନୁହେଁ; ଏହି ନିର୍ଭରତା ସହିତ ଅବିଶ୍ରାନ୍ତ ଅଭୀପ୍ସା ରହିବା ଆବଶ୍ୟକ ଏବଂ ଭଗବତ୍ ମାର୍ଗରେ ଯାହାସବୁ ବାଧାବିଘ୍ନ ଆସେ ସେସବୁର ନିରନ୍ତର ପ୍ରତ୍ୟାଖ୍ୟାନ ବି ଆବଶ୍ୟକ । ଭଗବାନଙ୍କ ପ୍ରତି ଆତ୍ମ-ସମର୍ପଣକୁ, ନିଜ କାମନା-ବାସନା ତଥା ନିଜର ଅଧସ୍ତନ ଗତିବୃତ୍ତି ଅଥବା ନିଜର ଅହଂକାର କିଂବା ଅଜ୍ଞାନ-ଅନ୍ଧକାରର କୌଣସି ଛଦ୍ମ ଦିବ୍ୟ ବେଶଧାରୀ ଶକ୍ତି ପ୍ରତି ଗୋଟିଏ ସୂତ୍ର, ଆବରଣ ବା ସୁଯୋଗରେ ଯେପରି ପରିଣତ କରା ନ ହୁଏ ।'' (ଯୋଗାଧାର)

ଏହି ପତ୍ରଟିରେ ଶ୍ରୀଅରବିନ୍ଦ ଭଗବାନଙ୍କ ପ୍ରତି ଶ୍ରଦ୍ଧା ବିଶ୍ୱାସ, ନିର୍ଭରତା, ଭଗବତ୍ ଶକ୍ତି ପ୍ରତି ଆତ୍ମ-ସମର୍ପଣ ଉପରେ ଅଧିକ ଜୋର୍ ଦେଇଛନ୍ତି । ଏହାର କାରଣ ହେଲା ମନୁଷ୍ୟର ବୁଦ୍ଧି ସୀମିତ, ପ୍ରାଣ ଅଶୁଦ୍ଧ ଏବଂ କଳୁଷିତ ତଥା ବିଷୟ-ବାସନାରେ ଲିପ୍ତ । ଅଜ୍ଞାନ-ଅନ୍ଧକାରର ଶକ୍ତି ମନୁଷ୍ୟ ଶକ୍ତିଠାରୁ ମହାନ୍ ଶକ୍ତିଶାଳୀ, ଛଳ-କପଟ ଓ ମୋହମାୟାର ଜାଲ ରଚନା କରିବାରେ ପ୍ରବୀଣ । ମନୁଷ୍ୟର ଏହି ଅଶୁଦ୍ଧ ମନ-ପ୍ରାଣକୁ ନାନାପ୍ରକାର ଛଳ-କପଟ, କଳ-କୌଶଳରେ ବିଷୟ ପ୍ରଲୋଭନ ଦେଇ ସହଜରେ ଅଧିକାର କରେ ଏବଂ ବ୍ୟକ୍ତିକୁ ଅଧ୍ୟାତ୍ମ ମାର୍ଗରୁ ଅବିଳମ୍ବେ ଟାଣି ଆଣିପାରେ । ଏହି ଆସୁରୀଶକ୍ତିର ପ୍ରଲୋଭନରୁ ରକ୍ଷା ପାଇବାକୁ ହେଲେ ଏହାଠାରୁ ଅଧିକ ଶକ୍ତିସଂପନ୍ନ ଭଗବାନଙ୍କ ଆଶ୍ରୟ ଆବଶ୍ୟକ । ଆଶ୍ରୟ ଗ୍ରହଣ କରିବାକୁ ହେଲେ ତାଙ୍କ ଚରଣରେ ନିଜକୁ ସମର୍ପଣ କରିବାକୁ ହେବ । ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ଛଡ଼ା ସମର୍ପଣ ଅସମ୍ଭବ । ସମର୍ପଣର ଭିତ୍ତି ବା ପ୍ରାଣ ହେଉଛି ଶ୍ରଦ୍ଧା, ବିଶ୍ୱାସ ଏବଂ ନିର୍ଭରତା । ସେହି ସକାଶେ ଶ୍ରୀଅରବିନ୍ଦ ଏହାରି ଉପରେ ଅଧିକ ଜୋର୍ ଦେଇଛନ୍ତି ।

ବ୍ୟକ୍ତି ସମର୍ପଣର ରହସ୍ୟ ନ ଜାଣି, କହିଦିଏ, ''ମୋର ଆଉ କିଛି କରିବାର ନାହିଁ, ମୁଁ ତ ଭଗବାନଙ୍କ

ହାତରେ ନିଜକୁ ଛାଡ଼ି ଦେଇଛି । ଛୋଟ ଶିଶୁ ନିଜ ସକାଶେ କିଛି କରେ ନାହିଁ; ନିଜ ସକାଶେ ଚିନ୍ତା ବି କରେ ନାହିଁ, ତା' ସକାଶେ ସବୁ କରେ ମା', ସେହିପରି ମୁଁ ନିଜକୁ ଶିଶୁ ସଦୃଶ ଭଗବାନଙ୍କ ଚରଣରେ ନିବେଦନ କରିଦେଇଛି, ଭଗବାନ୍ ମାତା ପରି ମୋ ସକାଶେ ସବୁକିଛି କରିଦେବେ । ଏହି ଉଦାହରଣ ଆମ୍ଭ ପୂର୍ବଜ ଋଷିମୁନିମାନେ ଦେଇ ସମର୍ପଣର ଅର୍ଥ ବୁଝାଇ ଦେଇଛନ୍ତି ।'' ଏପରି ବିଚାର ପୂର୍ଣ୍ଣତଃ ଭ୍ରମ ଏବଂ ବିରୋଧିନୀ ଶକ୍ତିଙ୍କ ପ୍ରବେଶର ଉନ୍ମୁକ୍ତ ମାର୍ଗ । ବ୍ୟକ୍ତିର ଏହି ଧାରଣା ଆସେ ନିଜର ଅଜ୍ଞାନତା ତଥା ନିଜର ଆଳସ୍ୟର ପ୍ରେରଣାରେ ।

ସମର୍ପଣର ଅର୍ଥ ନିଜର ସମସ୍ତ ସତ୍ତା ଭଗବାନଙ୍କୁ ଦେଇଦେବା । ମନ-ପ୍ରାଣ-ଶରୀର ଭଗବାନଙ୍କର ହୋଇଗଲେ ସେଥିରେ ନିମ୍ନ ପ୍ରକୃତିର କ୍ରିୟା କାମ, କ୍ରୋଧ, ହିଂସା, ଦ୍ୱେଷାଦି ଦୁର୍ଗୁଣ ରହିବ ନାହିଁ । ସେଥିରେ ହେବ ଭାଗବତୀ ଶକ୍ତିର କ୍ରିୟା । ଯେପର୍ଯ୍ୟନ୍ତ ଏହି ସତ୍ତାସବୁ ଭଗବଦୁନ୍ମୁଖୀ ନ ହୋଇଛନ୍ତି ସେପର୍ଯ୍ୟନ୍ତ ସେସବୁ ପ୍ରତିକୂଳ ଶକ୍ତିର ଅଧୀନରେ ଥାଆନ୍ତି । ସମର୍ପଣର ଅର୍ଥ ପ୍ରତିକୂଳ ଶକ୍ତିର ଅଧୀନରୁ ମୁକ୍ତ କରି ଭଗବାନଙ୍କ ଚରଣରେ ନିବେଦନ କରିବା । ଆରମ୍ଭରୁ ଯଦି ଏହି ମନୋଭାବ ରଖି ବ୍ୟକ୍ତି ସଜାଗ ନ ହୋଇ ପ୍ରତିକୂଳ ଗତିବୃତ୍ତି, ବିଚାର ଏବଂ କ୍ରିୟାକୁ ତ୍ୟାଗ ନ କରେ, ତେବେ ନିଜ ପତନର ମାର୍ଗ ନିଜେ ନିର୍ମାଣ କରେ । ଯେପର୍ଯ୍ୟନ୍ତ ସମସ୍ତ ସତ୍ତାରେ ଭାଗବତୀ ଶକ୍ତିର ଅଧିକାର ହୋଇ ନ ଥିବ, ସେପର୍ଯ୍ୟନ୍ତ ବ୍ୟକ୍ତିକୁ ପ୍ରତିମୁହୂର୍ତ୍ତରେ ସଜାଗ ହୋଇ ସମର୍ପଣ କରିବାକୁ ହେବ ଏବଂ ପ୍ରତିକୂଳ ଅବସ୍ଥା ତ୍ୟାଗ କରିବାକୁ ହେବ । ଭଗବତ୍ ଶକ୍ତି ଜବରଦସ୍ତି ସମର୍ପଣ କରାଇ ଦିଅନ୍ତି ନାହିଁ, ସେ ଚାହାନ୍ତି ବ୍ୟକ୍ତିର ସ୍ୱେଚ୍ଛାକୃତ ସମର୍ପଣ । କିନ୍ତୁ ବ୍ୟକ୍ତି ଭଗବତ୍ ସାହାଯ୍ୟ ଚାହିଁବା ମାତ୍ରେ ଭଗବାନ୍ ସାହାଯ୍ୟ କରନ୍ତି । ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତିଗତ ପ୍ରଯତ୍ନ ବା ସକ୍ରିୟ ସମର୍ପଣ ସହିତ ପୂର୍ଣ୍ଣରୂପେ ରହିବା ଏକାନ୍ତ ଅନିବାର୍ଯ୍ୟ ଭାଗବତୀ ଶକ୍ତି ଉପରେ ନିର୍ଭରତା ଏବଂ ବିଶ୍ୱାସ ।

ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଅଥବା କିଛିଦୂର ଅଗ୍ରସର ହେବା ପରେ ଆସୁରୀଶକ୍ତି ଏବଂ ନିଜର ଅହଂ, ସ୍ୱାର୍ଥ, ନିମ୍ନ ପ୍ରକୃତିର କାମନା-ବାସନା ଭଗବତ୍ ବେଶ ଧାରଣକରି ସାଧକକୁ ଠକିବାକୁ ଆସନ୍ତି । ବ୍ୟକ୍ତିର ମା'ଙ୍କ ପ୍ରତି ବିଶ୍ୱାସ ଓ ନିର୍ଭରତା ଥିଲେ ମା, ସାଧକର ଅନ୍ତରରେ କିଂବା ଅନ୍ୟ ଉପାୟରେ ସେସବୁକୁ ଚିହ୍ନାଇ ଦିଅନ୍ତି ଏବଂ ସେସବୁକୁ ତ୍ୟାଗ କରିବା ସକାଶେ ସାଧକ ଚାହିଁଲେ ତାକୁ ଶକ୍ତି, ଜ୍ଞାନ ଇତ୍ୟାଦି ପ୍ରଦାନ କରନ୍ତି । ବ୍ୟକ୍ତି ଭଗବତ୍ ବିଶ୍ୱାସରେ ସହଜରେ ଏହି ସବୁକୁ ପ୍ରତ୍ୟାଖ୍ୟାନ କରିଯାଏ ।

କେତେକ ବ୍ୟକ୍ତି ପ୍ରଶ୍ନ କରନ୍ତି, ''ଶ୍ରୀଅରବିନ୍ଦ ଅନେକ ସ୍ଥାନରେ ଭଗବାନ୍ ତଥା ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବା କଥା ଲେଖିଛନ୍ତି । ମା'ଙ୍କୁ ସମର୍ପଣ କରିବା କଥା ଶ୍ରୀଅରବିନ୍ଦ କେଉଁଠି କହି ନାହାନ୍ତି ତ ?''

ମା'ଙ୍କୁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ ବହୁତ ସ୍ଥାନରେ କହିଛନ୍ତି । ବିଶେଷତଃ ସାଧକମାନଙ୍କ ଯୋଗ ସମ୍ବନ୍ଧୀୟ ପତ୍ରର ଉତ୍ତରରେ "On Yoga II" ରେ ବାରଂବାର ଲେଖିଅଛନ୍ତି । ''ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ'' ବହିରେ ସ୍ପଷ୍ଟରୂପେ ପ୍ରଶ୍ନୋତ୍ତର ଅଛି । ଏଠାରେ ତହିଁରୁ କିଛି ଉଦ୍ଧୃତ କରିବା ।

ପ୍ରଶ୍ନ : ଆପଣ 'ମା' ବହିରେ ଯେଉଁ ଦିବ୍ୟ ଜନନୀଙ୍କ କଥା କହିଛନ୍ତି, ସେ କ'ଣ ଆମର ଏହି ମା' ନୁହନ୍ତି ?

ଉତ୍ତର : ହଁ ।

ପ୍ରଶ୍ନ : ଆମର ଏହି ମା' କ'ଣ ସେହି ବ୍ୟକ୍ତିଗତ ଦିବ୍ୟଜନନୀ ନୁହନ୍ତି ଯେ ବିଶ୍ୱାତୀତ ଓ ବିଶ୍ୱଗତ – ଏହି ଦୁଇ ବୃହତ୍ତର ସ୍ଥିତିକୁ ସ୍ୱଶରୀରରେ ଧାରଣ କରିଛନ୍ତି ?

ଉତ୍ତର : ହଁ ।

❖

ଚୈତ୍ୟପୁରୁଷର ଜାଗରଣ

ଚୈତ୍ୟପୁରୁଷ ଶରୀରର ନେତା । ସେ ମନ, ପ୍ରାଣ, ଶରୀରକୁ ଧାରଣ କରିଥାଏ । ସେ ଭଗବାନଙ୍କ ଅଂଶ ବା ପ୍ରତିଭୂ । ତା'ର ଜ୍ଞାନ ଅଭ୍ରାନ୍ତ । କିନ୍ତୁ ସେ ଥାଏ ମନ, ପ୍ରାଣର ପଶ୍ଚାତ୍‌ରେ । ମନ, ପ୍ରାଣର କାମନାବାସନା ତାକୁ ଆବୃତ କରି ରଖିଥା'ନ୍ତି । ସେ ଜାଗ୍ରତ୍ ହେଲେ ବ୍ୟକ୍ତିକୁ ଭଗବଦଭିମୁଖୀ କରେ । ଯୋଗରେ ବିଶେଷ ଆବଶ୍ୟକ ଚୈତ୍ୟପୁରୁଷର ଜାଗରଣ । ସେ ସମ୍ମୁଖରେ ରହିଲେ ବ୍ୟକ୍ତିକୁ ସତ୍ୟମାର୍ଗରେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ପରିଚାଳିତ କରେ । ସେ ଜାଗ୍ରତ୍ ହୁଏ ମନ, ପ୍ରାଣ ନୀରବ ହେଲେ । ଏହା ହୁଏ ଚେତନାର ଏକାଗ୍ରତାରେ । ସେହି ସକାଶେ ଯୋଗସାଧନାରେ ସର୍ବାଗ୍ରେ ଆବଶ୍ୟକ ହୁଏ ଏକାଗ୍ରତା । ଏକାଗ୍ରତା ବିନା ବ୍ୟକ୍ତି ନିଜ ମନ, ପ୍ରାଣର କ୍ରିୟା ତଥା ଗତିବୃତ୍ତି ସମ୍ବନ୍ଧେ ସଚେତ ହୋଇପାରେ ନାହିଁ, କିଂବା ଚୈତ୍ୟପୁରୁଷ ଜାଗ୍ରତ୍ ହୋଇ ସାଧକକୁ ପରିଚାଳିତ କରେ ନାହିଁ । ଚୈତ୍ୟପୁରୁଷର ଜ୍ଞାନ-ଜ୍ୟୋତିଃ ମନପ୍ରାଣରେ ଉଦ୍ଭାସିତ ନ ହେଲେ ବ୍ୟକ୍ତି ଦିବ୍ୟ ଏବଂ ଅଦିବ୍ୟ ଶକ୍ତିର ପ୍ରେରଣା ବୁଝିପାରେ ନାହିଁ । ଏହି ସୁଯୋଗରେ ଅନ୍ଧକାର ଶକ୍ତିସବୁ ବ୍ୟକ୍ତିକୁ କୁମନ୍ତ୍ରଣା ଦେଇ ସାଧନାମାର୍ଗରୁ ଟାଣି ନେଇ ବିପଥଗାମୀ କରାନ୍ତି । ସେହି ସକାଶେ ହୃଦୟରେ ଧ୍ୟାନ କରିବାକୁ ମା' ଅଧିକ ଜୋର୍ ଦେଇଛନ୍ତି । ହୃଦୟରେ ଧ୍ୟାନ ତଥା ଅଭୀପ୍ସା, ସମର୍ପଣରେ ହୃତ୍‌ପୁରୁଷ ବା ଅନ୍ତରାତ୍ମା ଜାଗ୍ରତ୍ ହୁଏ । 'ମାତୃବାଣୀ'ରେ ମା' କହିଛନ୍ତି, ''ଆଉ ମଧ୍ୟ ଏକାଗ୍ରତା ନିମିତ୍ତ ଅନ୍ୟାନ୍ୟ କେନ୍ଦ୍ର ଅଛି : ଉଦାହରଣସ୍ୱରୂପ, ଗୋଟିଏ ମସ୍ତକ ଊର୍ଦ୍ଧ୍ୱରେ ଏବଂ ଅନ୍ୟଟି ଭ୍ରୂଯୁଗଳ ମଧ୍ୟରେ । ପ୍ରତ୍ୟେକଟିର ଉପଯୋଗିତା ଅଛି ଏବଂ ପ୍ରତ୍ୟେକ ବିଶେଷ ଫଳ ଦିଅନ୍ତି । କିନ୍ତୁ ହୃଦୟରେ କେନ୍ଦ୍ରସ୍ଥ ସତ୍ତା ରହିଛି ଏବଂ ସେଠାରୁ ସକଳ କେନ୍ଦ୍ରୀୟ ଗତିବୃତ୍ତି ଜନ୍ମେ; ଏହାହିଁ ହେଲା ରୂପାନ୍ତର ଓ ଉପଲବ୍ଧିର ସକଳ ଗତି ଓ ପ୍ରେରଣା ।''

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ବିଶେଷରୂପେ ହୃଦୟ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରାହୁଏ । ହୃଦୟରେ ଚେତନା କେନ୍ଦ୍ରିତ କରିବା ଦ୍ୱାରା ହୃତ୍‌ପୁରୁଷ ଜାଗ୍ରତ୍ ହୁଏ ଏବଂ ସାଧକକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବା ଦ୍ୱାରା ଊର୍ଦ୍ଧ୍ୱସ୍ଥ ସ୍ତରସମୂହପ୍ରତି ମାନସଚେତନା ଉଦ୍‌ଘାଟିତ ହୁଏ । ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ୟୋତିଃ, ଜ୍ଞାନ, ଭକ୍ତି ଇତ୍ୟାଦି ସାଧକର ମନ-ପ୍ରାଣ-ଶରୀରର ଆଧାରରେ ଅବତରଣ କରେ । ଯଦ୍ୟପି ସାଧନାରେ ଏହା ଏକାନ୍ତ ଆବଶ୍ୟକ ତଥାପି ହୃତ୍‌ପୁରୁଷ ଜାଗ୍ରତ୍ ହେବା ପୂର୍ବରୁ ଏସବୁ ଦିବ୍ୟଶକ୍ତି ଅବତରଣ କଲେ ସାଧକର ସମତା ରହେ ନାହିଁ, ସେ ନିଜକୁ ବଡ଼ ସାଧକ ମନେ କରେ । ଏହି ଅହଂବୋଧ ସାଧକର ବହୁତ ଅନିଷ୍ଟ କରିପାରେ । କିନ୍ତୁ ହୃତ୍‌ପୁରୁଷ ଜାଗ୍ରତ୍ ହେଲେ ଏପରି ହୁଏ ନାହିଁ । ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା ତା'ର ସ୍ୱାଭାବିକ ଧର୍ମ । ପ୍ରଥମରେ ହୃଦୟରେ ଧ୍ୟାନ କରିବା ଆବଶ୍ୟକ । ହୃତ୍‌ପୁରୁଷ ଜାଗ୍ରତ୍ ହେଲେ ସେ ଅଭୀପ୍ସା କରେ; ତା'ର ଉତ୍ତରରେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ସାଧକ ମଧ୍ୟରେ ଅବତରଣ କରି ସମସ୍ତ ଚକ୍ର ଭେଦ କରି ମୂଳାଧାର ଚକ୍ରରୁ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ୍ କରେ । ଏହି ଭାଗବତୀ ଶକ୍ତି କ୍ରିୟା କରିବା ସମୟରେ ସ୍ୱାଭାବିକରୂପେ ମସ୍ତକ ଏବଂ ମସ୍ତକ ଊର୍ଦ୍ଧ୍ୱସ୍ଥ କେନ୍ଦ୍ରରେ ଧ୍ୟାନ ହୁଏ । ସେତେବେଳେ ହୃଦୟ ଏବଂ ମସ୍ତକ କେନ୍ଦ୍ରରେ ପୃଥକ୍ ପୃଥକ୍ ଧ୍ୟାନ କରିବାକୁ ହୁଏ ନାହିଁ । ଯେଉଁମାନଙ୍କର ମସ୍ତକ ଅଥବା ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବାର ପୂର୍ବରୁ ଅଭ୍ୟାସ ଥାଏ ସେମାନେ ପୃଥକ୍ ସମୟରେ ଉଭୟ କେନ୍ଦ୍ରରେ ଧ୍ୟାନ କରି ପାରନ୍ତି । ଅଥବା ପ୍ରଥମରେ ଧ୍ୟାନ କରିବା ସମୟରେ ହୃଦୟର ଗଭୀରକୁ ଚେତନାକୁ ନେଇଯିବାକୁ ସଂକଳ୍ପ କରି ପାରନ୍ତି, ଯେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଚେତନା ଏକାଗ୍ର ହୁଏ ସେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଧ୍ୟାନ କରିପାରନ୍ତି; ସ୍ୱାଭାବିକରୂପେ ମସ୍ତକକୁ ଚେତନା ଚାଲିଗଲେ ମସ୍ତକରେ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିପାରନ୍ତି । ମା'ଙ୍କ ଉପରୋକ୍ତ ବାକ୍ୟରୁ ସ୍ପଷ୍ଟ ହେଉଛି ଧ୍ୟାନ ସକାଶେ ଯଦ୍ୟପି ଭ୍ରୂମଧ୍ୟ ଓ ମସ୍ତକୋର୍ଦ୍ଧ୍ୱ ଦୁଇଟି କେନ୍ଦ୍ର ଅଛି ତଥାପି ହୃଦୟରେ ଧ୍ୟାନ କରିବା ଅଧିକ ବାଞ୍ଛନୀୟ ଏବଂ ଅଧିକ ଉପଯୋଗୀ । କାରଣ ଏହି ରୂପାନ୍ତର ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ, ଏବଂ ନିଜ କବଳରୁ ବ୍ୟକ୍ତିକୁ ମୁକ୍ତ କରିବା ବିରୋଧିନୀ ଶକ୍ତିସମୂହର

ଅଭିପ୍ରାୟ ନୁହେଁ । ସେସବୁ ସବୁସମୟରେ କଳ କୌଶଳ, ଫନ୍ଦିଫିକର କରି ସାଧକକୁ ଛଳନା କରି ବିପରୀତ ମାର୍ଗରେ ନେଇ ନିଜ ଯନ୍ତ୍ରରୂପେ ବ୍ୟବହାର କରିବାକୁ ଚାହାନ୍ତି । ସେମାନଙ୍କ ଛଦ୍ମକୌଶଳ ଜାଣିବାର କୌଣସି ଉପାୟ ସାଧକ ପାଖରେ ନ ଥାଏ । କେବଳ ହୃଦୟଗଭୀରସ୍ଥ ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ସେସବୁର କପଟତା ବୁଝିପାରେ, ସେସବୁର କୌଶଳକୁ ଧରିପାରେ ଏବଂ କେଉଁ ଉପାୟରେ ସେସବୁର ଅତ୍ୟାଚାରରୁ ରକ୍ଷା ପାଇବାକୁ ହେବ ତା'ର ବ୍ୟବସ୍ଥା କରେ । ସେଥିସକାଶେ ଏହି ଯୋଗରେ ହୃତ୍‌ପୁରୁଷକୁ ଜାଗ୍ରତ୍ କରିବା ଏକାନ୍ତ ଆବଶ୍ୟକ ।

ଚୈତ୍ୟପୁରୁଷ-ଜାଗରଣର ହେତୁ

ଚୈତ୍ୟପୁରୁଷର ଦୃଷ୍ଟି ଅଭ୍ରାନ୍ତ । ତା'ର ସମସ୍ତ କ୍ରିୟା ଯଥାର୍ଥ । ଏହି ସତ୍ତା ଜାଗ୍ରତ୍ ହେଲେ ସାଧକକୁ ତା'ର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି ମାର୍ଗର ଜ୍ଞାନ ଦିଏ, ଯାହା ବର୍ଜନୀୟ ତାହା ବର୍ଜନ କରେ, ଯାହା ଗ୍ରହଣଯୋଗ୍ୟ ତାହା ଗ୍ରହଣ କରେ । ଏହି ସତ୍ତା ଜାଗ୍ରତ୍ ହୁଏ କ୍ରମବିକାଶରେ । କିନ୍ତୁ ସେଥିରେ ବହୁତ ସମୟ ଲାଗେ ।

ଭଗବାନଙ୍କ କୃପା ଅହେତୁକୀ । କେବେ କେବେ କୌଣସି ଜୀବ ପ୍ରତି ଭଗବାନ୍ କୃପା କଲେ, ତା'ର ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ ଏବଂ ସେ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଏ । ଭଗବାନଙ୍କ ସୃଷ୍ଟିରେ ସମସ୍ତ ବସ୍ତୁର ଆବଶ୍ୟକତା ଓ ଉପଯୋଗିତା ରହିଛି । ସେ ସଂସାରରେ ସୁଖ ସଙ୍ଗେ ସଙ୍ଗେ ଦୁଃଖ ସୃଷ୍ଟି କରିଅଛନ୍ତି । ଜ୍ଞାନୀ ବ୍ୟକ୍ତି ପରମାନନ୍ଦ ତଥା ପରମ ସତ୍ୟରେ ନିବାସ କରି ପାରନ୍ତି । କିନ୍ତୁ ଅଶୁଦ୍ଧ ମନପ୍ରାଣଯୁକ୍ତ ସଂସାରୀ ବ୍ୟକ୍ତି ଦୁଃଖ ଅଭାବରେ ଇନ୍ଦ୍ରିୟତୃପ୍ତି ସୁଖ, ଅହଂତୃପ୍ତି ମାନପ୍ରତିଷ୍ଠାରେ ରାକ୍ଷସ ସଦୃଶ ହୋଇଯାଆନ୍ତି । ସେମାନଙ୍କ ବିକାଶମାର୍ଗ ରୁଦ୍ଧ ହୋଇଯାଏ । ଏପରି ଅସତ୍ ମାର୍ଗରେ ପ୍ରବୃତ୍ତ, ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିକୁ ସଚେତ କରେ ଦୁଃଖ, କଷ୍ଟ । ଦୁଃଖ, କଷ୍ଟ ଏମାନଙ୍କର ହିତାକାଂକ୍ଷୀ ପରମମିତ୍ର । ଦୁଃଖକଷ୍ଟର ସାହାଯ୍ୟ ବିନା ଏମାନଙ୍କ ସକାଶେ ପରମସୁଖ ଅସମ୍ଭବ । ସେହି ସକାଶେ ଲୋକ ଉକ୍ତିରେ କୁହାହୁଏ ଦୁଃଖ ଛଡ଼ା ସୁଖର ମୂଲ୍ୟ ନ ଥାଏ । ଏହି ଉକ୍ତି କେବଳ ଆତ୍ମମାନଙ୍କ ସଦୃଶ ବଦ୍ଧଜୀବ ସକାଶେ । ପରମାନନ୍ଦରେ ନିବାସୀ ମୁକ୍ତ ଜୀବ ସକାଶେ ନୁହେଁ ।

ବିଷୟାସକ୍ତ ମୋହମାୟାଗ୍ରସ୍ତ ବ୍ୟକ୍ତି ସ୍ତ୍ରୀପୁତ୍ର, ଧନ, ମାନ, ଅଜ୍ଞାନ, ଆସକ୍ତିରେ ଆସକ୍ତ ଥାଏ । ନିଜ ଅନ୍ତରାତ୍ମା ଅଥବା ଭଗବାନଙ୍କ ଧାରଣା କେବେ ବି କରେ ନାହିଁ । ମୃତ୍ୟୁ ଯଦ୍ୟପି ତା' ଶିର ଉପରେ ସର୍ବଦା ନୃତ୍ୟ କରୁଥାଏ ତଥାପି ସେ ତାହା ଭୁଲି ଇନ୍ଦ୍ରିୟ ବିଷୟ ଚିରକାଳ ଭୋଗିବା ଉଦ୍ଦେଶ୍ୟରେ କର୍ମ କରୁଥାଏ । ଭଗବାନଙ୍କ ନାମ ଶୁଣିବା ମାତ୍ରେ କୁସଂସ୍କାର କହି ସୀମିତ, ଅସଂସ୍କୃତ, ଅଜ୍ଞାନାବୃତ ବୁଦ୍ଧିରେ ଯୁକ୍ତିତର୍କ ଦ୍ୱାରା ଅନୀଶ୍ୱରବାଦ ପ୍ରତିପାଦନ କରେ ଅଥବା କଥାରେ ଯଦ୍ୟପି ଈଶ୍ୱରଙ୍କର ଅସ୍ତିତ୍ୱ ଅସ୍ୱୀକାର କରେ ନାହିଁ ତଥାପି ଈଶ୍ୱରଙ୍କଠାରୁ ଉଦାସୀନ ଥାଏ । ଭଗବାନ୍ ପରମକରୁଣାମୟ । ସମସ୍ତ ଜୀବ ତାଙ୍କରି । ତାଙ୍କ କୃପା ସମସ୍ତଙ୍କ ଉପରେ ସମାନ । ଏପରି ବଦ୍ଧଜୀବଙ୍କ ଉପରେ ଭଗବାନଙ୍କ କରୁଣା ନ ହେଲେ ଏମାନଙ୍କର କୋଟି କୋଟି ଜନ୍ମ ପର୍ଯ୍ୟନ୍ତ ଉଦ୍ଧାର ଅସମ୍ଭବ । ଭଗବାନଙ୍କ କରୁଣା ହୁଏ ବ୍ୟକ୍ତିର ସ୍ୱଭାବ ଅନୁସାରେ । କାହାକୁ ସୁଖ-ସମୃଦ୍ଧି ମଧ୍ୟରେ କରୁଣା କରନ୍ତି, କାହା ଉପରେ କରୁଣା କରନ୍ତି ଦୁଃଖତାପ ମଧ୍ୟରେ । ତାଙ୍କ ମାୟା ବଡ଼ ପ୍ରବୀଣ । ସେ ଭଗବାନଙ୍କ ନିର୍ଦ୍ଦେଶ ବୁଝି କାର୍ଯ୍ୟ କରେ । ଯାହା ସକାଶେ ସୁଖସମୃଦ୍ଧିର ଆବଶ୍ୟକ ଥାଏ ତାକୁ ତାହା ଦେଇ ତାହାରି ମଧ୍ୟରେ ତାକୁ ସଚେତ କରାଏ । ଅନ୍ୟଥା ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଜାଗ୍ରତ୍ କରିବା ସକଶେ ଦୁଃଖକଷ୍ଟ ଆଣି ସେମାନଙ୍କ ଉପରେ ଲଦି ଦିଏ । ଦୁଃଖରେ ଜର୍ଜରିତ ହୋଇପଡ଼ିବାରୁ ସେମାନଙ୍କ ମନ, ପ୍ରାଣର କୋଳାହଳ ସ୍ଥଗିତ ହୁଏ । ଏହି ଅବସରରେ ମନ-ପ୍ରାଣ ଦ୍ୱାରା ଆବୃତ ହୋଇଥିବା ଆନ୍ତରସତ୍ତା ସମ୍ମୁଖକୁ ଆସି ବ୍ୟକ୍ତିକୁ ଭଗବତ୍ ଅଭିମୁଖେ ଗତି କରିବାର ପ୍ରେରଣା ଦିଏ । ସେହି ସମୟରେ ବ୍ୟକ୍ତି ଦୁଃଖକଷ୍ଟରୁ ମୁକ୍ତ ହେବା ସକାଶେ ଭଗବାନଙ୍କୁ ଡାକେ । ଭଗବାନ୍ ତତ୍‌କ୍ଷଣାତ୍ ଶୁଣନ୍ତି । ଭଗବାନଙ୍କ କରୁଣା ବ୍ୟକ୍ତିର ଅନ୍ତରତମ ପ୍ରଦେଶରେ ପ୍ରାପ୍ତ ହୁଏ । ତାହା କେବେ ବି ନଷ୍ଟ ହୁଏ ନାହିଁ । କିନ୍ତୁ ବ୍ୟକ୍ତି ସେ ସମୟରେ ଭଗବତ୍ କରୁଣା ବୁଝିପାରେ ନାହିଁ ।

ପୁନରାୟ ମନ, ପ୍ରାଣ ସମ୍ମୁଖକୁ ଆସନ୍ତି, ଅନ୍ତରାତ୍ମା ସେସବୁର ଆବରଣର ପଶ୍ଚାତ୍‌କୁ ଚାଲିଯାଏ । ଏହିପରି ଜନ୍ମ-ଜନ୍ମାନ୍ତରରେ ଦୁଃଖକଷ୍ଟ ଦ୍ୱାରା ଚୈତ୍ୟସତ୍ତାର ବିକାଶ ହୋଇଚାଲେ । ତା'ର ବିକାଶ ଅନୁସାରେ ମନ, ପ୍ରାଣର କର୍ତ୍ତୃତ୍ୱ କମ୍ ହେଉଥାଏ । ଏହାହିଁ ଯଥାର୍ଥ ପୁଣ୍ୟ । ଏହି ପୁଣ୍ୟ ଜନ୍ମଜନ୍ମାନ୍ତରରେ ଯେତେବେଳେ ଏକତ୍ର ହୁଏ ସେତେବେଳେ ଚୈତ୍ୟସତ୍ତାର ପ୍ରଭାବ ମନ, ପ୍ରାଣ ଉପରେ ପଡ଼େ । ଏହି ସମୟରେ ବ୍ୟକ୍ତି ଭଗବାନଙ୍କ ସମ୍ବନ୍ଧରେ ସଚେତ ହୁଏ ଏବଂ ଅଧ୍ୟାତ୍ମମାର୍ଗରେ ଯାତ୍ରା କରେ । ପ୍ରତ୍ୟେକ ବ୍ୟକ୍ତି ସକାଶେ ଏକହିଁ ପ୍ରଣାଳୀ ହୁଏ ନାହିଁ । କାହା ଉପରେ ଭଗବାନ୍ ନିର୍ହେତୁକୀ କୃପା କରି ବିନା କାରଣରେ ତା'ର ଚୈତ୍ୟପୁରୁଷକୁ ଜାଗ୍ରତ୍ କରିଦିଅନ୍ତି । ସେ ଭଗବତଭିମୁଖୀ ହୋଇଯାଏ ।

ଆଉ କାହାରି କାହାରି ଯେଉଁ ବିଷୟରେ ଅଧିକ ମୋହ ବା ଆସକ୍ତି ଥାଏ ତାହା ଉପରେ ପ୍ରକୃତି ପ୍ରହାର କରେ । ସ୍ତ୍ରୀ ପ୍ରତି ଅତ୍ୟଧିକ ଆସକ୍ତି ଥିଲେ ସ୍ତ୍ରୀ ରୋଗଗ୍ରସ୍ତ ହୁଏ, ଅଥବା ପତିକୁ ପ୍ରବଞ୍ଚନା କରେ । ପୁତ୍ର ପ୍ରତି ଆସକ୍ତି ଥିଲେ ପୁତ୍ର ଅବଜ୍ଞାକାରୀ ହୁଏ କିଂବା ଗୃହ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରେ ଅଥବା ମୃତ୍ୟୁମୁଖରେ ପଡ଼େ । ଧନରେ ଲୋଭଥିଲେ ଧନ ନଷ୍ଟ ହୁଏ । ମାନଯଶଃଲାଳାୟିତ ବ୍ୟକ୍ତିର ଅପମାନ ହୁଏ, ଯଶଃ ପରିବର୍ତ୍ତେ ଅପଯଶଃ ମିଳେ । କୌଣସି ବ୍ୟକ୍ତି ପକ୍ଷେ ସ୍ତ୍ରୀପୁତ୍ର, ଧନ, ମାନଯଶଃ ଏକସଙ୍ଗେ ନଷ୍ଟ ହୁଏ । ତା' ପକ୍ଷେ ହୁଏ ସମସ୍ତ ଦିଶା ଅନ୍ଧକାର । ସେ ଏକେବାରେ ଅସହାୟ । ସଂସାର ତା' ପକ୍ଷେ ଶ୍ମଶାନ । ସମସ୍ତ ଇନ୍ଦ୍ରିୟ ମ୍ରିୟମାଣ, ଶୋକସନ୍ତପ୍ତ, ନିସ୍ତବ୍ଧ । ଏହି ଅବସ୍ଥାରେ ଅନ୍ତରସ୍ଥ ଚୈତ୍ୟପୁରୁଷ ଜାଗ୍ରତ୍ ହୋଇ ବ୍ୟକ୍ତିକୁ ଭଗବତ୍‌ସମ୍ମୁଖ କରିଦିଏ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏପରି ହୁଏ ନାହିଁ । ହୁଏ ଯେଉଁ ବ୍ୟକ୍ତି ଉପରେ ଭଗବାନ୍ କୃପା କରନ୍ତି । ଅର୍ଥାତ୍ ଯେଉଁ ବ୍ୟକ୍ତିକୁ ସଂସାରର ମୋହମାୟାରୁ ମୁକ୍ତ କରି ପରମାନନ୍ଦ ପ୍ରାପ୍ତ କରାଇବାକୁ ଚାହାନ୍ତି । ଏଠାରେ ଗୋଟିଏ ଉଦାହରଣ ଦେବା ।

ରାଜା ଭର୍ତ୍ତୃହରି

ରାଜା ଭର୍ତ୍ତୃହରି ଥିଲେ ପ୍ରଜାବତ୍ସଳ ଆଦର୍ଶ ଶାସକ । ତାଙ୍କର ନିଜ ପତ୍ନୀ ପ୍ରତି ଥିଲା ଅତ୍ୟଧିକ ଆସକ୍ତି । ରାଜ୍ୟଶାସନରେ ଥିଲା ଧାର୍ମିକ ମୋହ । ଭଗବାନଙ୍କ ଅହେତୁକୀ କୃପାରେ ଜଣେ ସାଧୁ ତାଙ୍କୁ ଦିନେ ଗୋଟିଏ ଫଳ ଦେଇ କହିଲେ, ''ଏହି ଫଳଟି ଯେ ଭକ୍ଷଣ କରିବ ତା'ର ଯୌବନ ମୃତ୍ୟୁ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବ ।'' ରାଜା ତାହା ସାଦରେ ଗ୍ରହଣ କଲେ । ସାଧୁଗଲେ ତାଙ୍କ ରାସ୍ତାରେ । ରାଜା ମନେ କଲେ, ''ମୋର ଚିରଯୌବନ ହେବା ଅପେକ୍ଷା ରାଣୀଙ୍କର ଚିରଯୌବନ ହେଲେ ମୋତେ ଅଧିକ ସୁଖ ମିଳିବ ।'' ସେ ଫଳଟି ରାଣୀଙ୍କୁ ଦେଲେ । ରାଣୀ ଅନ୍ୟ ବ୍ୟକ୍ତିଠାରେ ଆସକ୍ତ ଥିଲେ । ସେ ଫଳଟି ତାଙ୍କୁ ଦେଲେ । ସେ ବ୍ୟକ୍ତି ସେ ଫଳଟିକୁ ଜଣେ ବେଶ୍ୟାକୁ ଦେଲା । ବେଶ୍ୟା ମନେ କଲା, ''ମୋର ଏହି ଅପବିତ୍ର, କଳୁଷିତ, ପାପଗ୍ରସ୍ତ ଶରୀର ମୃତ୍ୟୁ ପର୍ଯ୍ୟନ୍ତ ଯୌବନ ପ୍ରାପ୍ତ ହେଲେ କେବଳ ପାପ ବୃଦ୍ଧି ହେବ । ରାଜା ଧର୍ମାତ୍ମା ଓ ପ୍ରଜାବତ୍ସଳ, ସେ ଯଦି ଆମରଣ ଯୁବାବସ୍ଥାରେ ରହନ୍ତି ତେବେ ବହୁତ ଲୋକଙ୍କର କଲ୍ୟାଣ ହେବ ।'' ବେଶ୍ୟା ଫଳଟି ନେଇ ରାଜାଙ୍କୁ ଅର୍ପଣ କଲା । ରାଜା ଭର୍ତ୍ତୃହରି ଫଳ ଦେଖି ଅବାକ୍ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ବେଶ୍ୟାକୁ ଫଳ ଦେଇଥିବା ବ୍ୟକ୍ତିଙ୍କୁ ରାଜା ଡକାଇଲେ ଏବଂ ସେ ଏ ଫଳ କେଉଁଠୁ ପାଇଲେ ବୋଲି ପଚାରିଲେ । ତାଙ୍କଠାରୁ ଫଳଦାତ୍ରୀ ନିଜ ରାଣୀ ଜାଣିବାରୁ ରାଜାଙ୍କ ମନରେ ଅପାର ଦୁଃଖ ଜାତ ହେଲା । ସେ ମନେ କଲେ, ''ସଂସାର ଆସକ୍ତି କେବଳ ସ୍ୱାର୍ଥ ଉପରେ ପ୍ରତିଷ୍ଠିତ । ଯାହାର ଯାହାଦ୍ୱାରା ସ୍ୱାର୍ଥସିଦ୍ଧି ହୁଏ, ସେ ତା' ପ୍ରତି ଆସକ୍ତ ହୁଏ । ଜଣେ ଆସକ୍ତ ଥାଏ ଜଣକଠାରେ, ସେ ଜଣକ ପୁଣି ଆସକ୍ତ ଥାଏ ଅନ୍ୟ ଜଣକଠାରେ ।'' ଏହି ଦୁଃଖରେ ତାଙ୍କର ଅନ୍ତରାତ୍ମା ଜାଗ୍ରତ୍ ହେଲା । ସେ ରାଜ୍ୟ, ସ୍ତ୍ରୀ, ଧନ ସବୁକିଛି ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ ଏବଂ କଠୋର ତପସ୍ୟାରେ ଭଗବତ୍ ପ୍ରାପ୍ତି କରି ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମାନନ୍ଦ ଲାଭ କରିଥିଲେ ।

ରାଜା ସୁରଥ

ପ୍ରାଚୀନ କାଳର ପୌରାଣିକ ଘଟଣା । ରାଜା ସୁରଥଙ୍କର ସନ୍ତାନ ନ ଥିଲା । ଗାର୍ହସ୍ଥ୍ୟାଶ୍ରମରେ ଧନ ଓ ସନ୍ତାନ ସର୍ବସ୍ୱ । ରାଜାର ପୁତ୍ର ନ ଥିଲେ ରାଜ୍ୟର ଶାସକ ହେବ କିଏ ? ରାଜା ବୃଦ୍ଧତ୍ୱ ପ୍ରାପ୍ତ ହେବାରୁ ସେ ପୁତ୍ରଚିନ୍ତାରେ ବିଶେଷ ଚିନ୍ତିତ ହୋଇପଡ଼ିଲେ । ଶେଷରେ ତପସ୍ୟା କରି ଆଶୁତୋଷ ଭଗବାନଙ୍କୁ ପ୍ରସନ୍ନ କଲେ । ତାଙ୍କ କୃପାରୁ ଗୋଟିଏ ପୁତ୍ରସନ୍ତାନ ପ୍ରାପ୍ତ ହେଲା । ପୁତ୍ରର ନାମ ରଖିଲେ ଜୟଦ୍ରଥ । ବୃଦ୍ଧ ହୋଇଥିବାରୁ ଇନ୍ଦ୍ରିୟସମୂହ ଶିଥିଳ ହୋଇଯାଇଥିଲେ, ଭୋଗବାସନା ପ୍ରତି ଆସକ୍ତି କମ୍ ହୋଇଯାଇ ଥିଲା । କିନ୍ତୁ କଠୋର ତପସ୍ୟାରେ ପୁତ୍ରଟିଏ ପାଇଥିବାରୁ ତାହାରି ଉପରେ ସମସ୍ତ ମୋହମମତା କେନ୍ଦ୍ରିତ ହେଲା ।

ଯେପର୍ଯ୍ୟନ୍ତ ବ୍ୟକ୍ତିର ପ୍ରେମ ଭଗବାନଙ୍କ ପ୍ରତି ନ ଫେରିଛି ସେପର୍ଯ୍ୟନ୍ତ ପାର୍ଥିବ ଗୋଟିଏ ବିଷୟ ଭୋଗରେ ଇନ୍ଦ୍ରିୟ ଅସମର୍ଥ ହେଲେ ଅନ୍ୟ ବିଷୟରେ ଆସକ୍ତ ହୁଏ, ଆଉ ବ୍ୟକ୍ତିର ମୋହ କେବେ ବି ନିବୃତ୍ତି ହୁଏ ନାହିଁ । ଭଗବାନଙ୍କର କୃପା ହେଲେ ମନୁଷ୍ୟର ଅନ୍ତରାତ୍ମା ଜାଗ୍ରତ୍ ହୁଏ, ସେ ସଂସାର ଆସକ୍ତି ତ୍ୟାଗ କରି ଭଗବଦଭିମୁଖୀ ହୁଏ । କିଛି ମନୁଷ୍ୟ ମୋହଗ୍ରସ୍ତ ଅବସ୍ଥାରେ ଭଗବତ୍ କୃପାକୁ ବିପଦରୂପେ ଗ୍ରହଣ କରେ । ମୋହ ଦୂର ହୋଇ ଅନ୍ଧକାର ଆବରଣ ଅପସାରିତ ହେଲେ ସେ ଭଗବତ୍ କୃପାକୁ ବୁଝିପାରେ ।

ଜୟଦ୍ରଥ ଯୁବାବସ୍ଥା ପ୍ରାପ୍ତ ହୋଇ ଦୁର୍ଯ୍ୟୋଧନ ଭଉଣୀ ଦୁଶିଳାର ପାଣିଗ୍ରହଣ କଲେ । ଅବିବେକିତା ଯଦି ଯୌବନ ସହିତ ମିଶିଯାଏ ତେବେ ବ୍ୟକ୍ତି ସର୍ବଥା ଅବିହିତ କାର୍ଯ୍ୟ କରିଥାଏ । ନିଜ ସ୍ୱାର୍ଥ ସିଦ୍ଧି ସକାଶେ ସମସ୍ତ ପ୍ରକାର ଦୁଷ୍କର୍ମର ଆଶ୍ରୟ ନିଏ । ଜୟଦ୍ରଥ ସ୍ଥିର କଲେ, ପିତା ଯଦି ରାଜ୍ୟଶାସନର ଭାର ତାଙ୍କୁ ଦେଇ ତପସ୍ୟାର୍ଥେ ବନକୁ ନ ଯାଆନ୍ତି ତେବେ ସେ ପିତାଙ୍କୁ ବନ୍ଧ କରି ରାଜସିଂହାସନ ଅଧିକାର କରିବେ । ଏହା ସ୍ଥିର କରି ପିତାଙ୍କୁ ଖବର ଦେଲେ, ''ପିତା, ରାଜ୍ୟଭୋଗ କରି ବୃଦ୍ଧାବସ୍ଥାକୁ ପ୍ରାପ୍ତ ହୋଇସାରିଲଣି, ବର୍ତ୍ତମାନ ପର୍ଯ୍ୟନ୍ତ କ'ଣ ତୃପ୍ତି ହୋଇ ନାହିଁ ? ମୋର ବର୍ତ୍ତମାନ ରାଜ୍ୟଶ୍ରୀ ଭୋଗ କରିବା ସମୟ, ମୋର ଯୁବକ ଅବସ୍ଥାର ଅବସାନ ପରେ କ'ଣ ପିତା ମୋତେ ରାଜ୍ୟ ଦେବେ ?'' ପୁତ୍ରର ଏହି କର୍କଶ ବାକ୍ୟ ଶ୍ରବଣ କରିବାମାତ୍ରେ ସେ ଅସହ୍ୟ ବେଦନା ଅନୁଭବ କଲେ, ଫଳରେ ତାଙ୍କ ଚୈତ୍ୟପୁରୁଷ ଜାଗ୍ରତ୍ ହେଲା । ସେ ରାଜ୍ୟ ତ୍ୟାଗ କରି ତପସ୍ୟାର୍ଥେ ବନକୁ ଗଲେ । ଯେଉଁମାନଙ୍କର କୌଣସି ଗୋଟିଏ ବିଷୟରେ ଆସକ୍ତି ଥାଏ ଭଗବାନ୍ କୃପା କଲେ ସେହି ବିଷୟ ନଷ୍ଟ ହୁଏ । ଯାହାର ବହୁତ ବିଷୟରେ ଆସକ୍ତି ଥାଏ ତା'ର ସମସ୍ତ ବିଷୟ ନଷ୍ଟ ହୁଏ । କିନ୍ତୁ ଏହା ପ୍ରତ୍ୟେକ ସଂସାରୀ ବ୍ୟକ୍ତିଙ୍କ ପାଇଁ ହୁଏ ନାହିଁ, ହୁଏ ଯାହା ଉପରେ ଭଗବାନ୍ ଅହେତୁକୀ କୃପା କରନ୍ତି ।

ମଦାଳସାର ଛୋଟପୁତ୍ର

ଏହି ଘଟଣାଟି ଭାଗବତରେ ବର୍ଣ୍ଣିତ ହୋଇଅଛି ।

ରାଣୀ ମଦାଳସାର ଛୋଟ ପୁତ୍ରକୁ ରାଜା ଏବଂ ରାଣୀ ରାଜ୍ୟଭାର ଦେଇ ବାନପ୍ରସ୍ଥ ଅବଲମ୍ବନ କଲେ । ଏଥିପୂର୍ବରୁ ତାଙ୍କର ଛଅଟି ପୁତ୍ର ସନ୍ନ୍ୟାସ ଗ୍ରହଣ କରି ସାରିଥିଲେ । ଛୋଟପୁତ୍ର ରାଜ୍ୟ ପ୍ରାପ୍ତ କରି ନିଜ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଭୁଲିଗଲେ ଏବଂ ମୋହମାୟାରେ ବଶୀଭୂତ ହୋଇ ଇନ୍ଦ୍ରିୟ ବିଷୟ ଭୋଗରେ ଲିପ୍ତ ହୋଇଗଲେ ।

ରାଣୀ ମଦାଳସା ନିଜ ପତିଙ୍କ ସହିତ ତପସ୍ୟା କରିବା ସମୟରେ ତପସ୍ୱୀ ଛଅପୁତ୍ରଙ୍କ ସହିତ ଦେଖା ହେଲା । ସେ ସନ୍ନ୍ୟାସୀ ପୁତ୍ରମାନଙ୍କୁ କହିଲେ, ''ତୁମ୍ଭେମାନେ ଭଗବତ୍ ପ୍ରାପ୍ତି କରି ଜନ୍ମ ସାର୍ଥକ କଲ, ତୁମ୍ଭମାନଙ୍କ ଛୋଟ ଭାଇ କ'ଣ ମୋହମାୟାଗ୍ରସ୍ତ ହୋଇ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ପଡ଼ି ରହିବ ? ତା'ର ଉଦ୍ଧାରର ଉପାୟ କର ।''

ଭାଇମାନେ ତାଙ୍କ ମାମୁଙ୍କ ପାଖକୁ ଯାଇ ଛୋଟ ଭାଇ ସଙ୍ଗେ ଯୁଦ୍ଧ କରିବାକୁ ପ୍ରେରଣା ଦେଲେ । ଯୁଦ୍ଧରେ

ଛୋଟଭାଇ ପରାସ୍ତ ହୋଇ ଜୀବନ ରକ୍ଷା ସକାଶେ ଜଙ୍ଗଲକୁ ପଳାୟନ କଲେ । ସେ ସମୟରେ ସକଳ ପ୍ରକାର ପାର୍ଥିବ ଆସକ୍ତି, ଭୋଗବିଳାସ ବସ୍ତୁ, ମାନ, ସମ୍ମାନ, ଧନ-ସମ୍ପତ୍ତି, ପରିବାରର ବିଚ୍ୟୁତି ଘଟି ସାରିଥିଲା । ମହାନ୍ ଦୁଃଖ ରୂପକ ଅଗ୍ନିରେ ତାଙ୍କ ହୃଦୟ ଦଗ୍ଧ ହେଉଥିଲା । ମହାନ୍ ଗ୍ଲାନିରେ ତାଙ୍କ ଜୀବନ ଭାରାକ୍ରାନ୍ତ ହୋଇପଡ଼ିଥିଲା । ସେହି ବିପଦ ଅବସ୍ଥାରେ ତାଙ୍କ ମା' ଦେଇଥିବା ବନ୍ଦ ତାବିଜ ଖୋଲିଲେ । ତା' ମଧ୍ୟରେ ସଂସ୍କୃତ ଶ୍ଲୋକରେ ଲେଖା ଥିବା ସଂସାର ଅସାରତା, ଭଗବତ୍‌ପ୍ରାପ୍ତି ଜୀବନର ଏକମାତ୍ର ସାରତା ଜାଣିପାରିଲେ । ଭଗବାନଙ୍କ କୃପା ସେହି ବିପଦ ମଧ୍ୟଦେଇ ତାଙ୍କ ଅନ୍ତରାତ୍ମା ଚୈତ୍ୟପୁରୁଷଙ୍କୁ ଜାଗ୍ରତ୍ କରାଇଦେଲା । ତାଙ୍କ ଚେତନାରୁ ସଂସାର ଆସକ୍ତି ଦୂର ହୋଇଗଲା । ସେ ତପସ୍ୟା ଉଦ୍ଦେଶ୍ୟରେ ଜଙ୍ଗଲ ଭିତରେ ପ୍ରବେଶ କଲେ । ତପସ୍ୱୀ ପିତାମାତା ଓ ଭାଇମାନଙ୍କ ସହିତ ଦେଖା ହେଲା । ସେମାନଙ୍କ ଉପଦେଶରେ ସାଧନା କରି ଭଗବତ୍ ପ୍ରାପ୍ତି କଲେ ।

ଏହି ବିପଦ ଥିଲା ତାଙ୍କ ଜୀବନର ମହାନ୍ କଲ୍ୟାଣ । ତାଙ୍କୁ ସଂସାର ମୋହରୁ ଉଦ୍ଧାର କରିବା ସକାଶେ ଥିଲା ଭଗବାନଙ୍କର ଅହେତୁକୀ କୃପା । କିନ୍ତୁ ବିପଦ ସମୟରେ ସାଧାରଣ ବ୍ୟକ୍ତି ଭଗବତ୍ କୃପାକୁ ବୁଝିପାରେ ନାହିଁ, ବୁଝେ ବହୁତ ପରେ । କିନ୍ତୁ ଯେଉଁ ଅଧ୍ୟାତ୍ମ-ସାଧକମାନେ ସଚେତ ଥାଆନ୍ତି ସେମାନେ ବିପଦରୂପେ ଆସିଥିବା କୃପାକୁ ଅନୁଭବ କରିପାରନ୍ତି ଏବଂ ଭଗବାନଙ୍କ ସାହାଯ୍ୟରେ ବିପତ୍ତିକୁ ଅତିକ୍ରମ କରିଯାଆନ୍ତି । ସେମାନଙ୍କର ବାଧାବିପତ୍ତି ଅତିକ୍ରମ କରିବାରେ ସାଧନାମାର୍ଗରେ ଗୋଟିଏ ନୂତନ ପଦକ୍ଷେପ ହୁଏ ।

ଭଗବାନ୍ କେବଳ ବିପତ୍ତି ମଧ୍ୟଦେଇ କୃପା କରନ୍ତି ତା' ନୁହେଁ । ଭଗବାନଙ୍କ କୃପା ବହୁତ ପ୍ରକାରେ ଆସିଥାଏ । ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ତଥା ଆତ୍ମାର ସମ୍ଭାବନା ଅନୁସାରେ ଭଗବାନ୍ ଭିନ୍ନ ଭିନ୍ନ ପ୍ରଣାଳୀରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ କୃପା କରନ୍ତି ।

ପାଠକମାନେ ଟିକିଏ ମନୋଯୋଗ ସହ ଉକ୍ତ ବିଷୟଗୁଡ଼ିକୁ ପାଠ କରିବେ । ଭଗବାନଙ୍କ କୃପା କାହାର ସମସ୍ତ ବାସନାକାମନା ପୂର୍ଣ୍ଣ କରି ତାକୁ ଭଗବଦଭିମୁଖୀ କରେ, କାହାର ବାସନାକାମନା ଧ୍ୱଂସ କରି ଭଗବଦଭିମୁଖୀ କରେ । ଭଗବତ୍ କୃପା କଟୁ ତଥା ମିଠା ଔଷଧ ସଦୃଶ । ରୋଗ ଅନୁସାରେ କାହା ସକାଶେ କଟୁ ଔଷଧ, କାହା ସକାଶେ ମିଠା ଔଷଧ ।

ସାମୂହିକ ରୂପେ, ଅର୍ଥାତ୍ ସଂସାରରେ ଅଧିକ ବ୍ୟକ୍ତିକୁ ଉଦ୍ଧାର କରିବାକୁ ହେଲେ କିଂବା ସଂସାରରେ ନୂତନ ଜାତି ବା ନୂତନ ଚେତନା ସ୍ଥାପନା କରିବାକୁ ହେଲେ ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି । ତାଙ୍କ ଉପସ୍ଥିତି, ତାଙ୍କ ସାନ୍ନିଧ୍ୟ, ତାଙ୍କ ଶାରୀରିକ ବାତାବରଣର ପ୍ରଭାବ, ତାଙ୍କ ସହିତ ବ୍ୟକ୍ତିର ସମ୍ପର୍କ ଓ ପତ୍ରବିନିମୟ, ତାଙ୍କ ଶକ୍ତିଶାଳୀ ବାକ୍ୟ ବା ଲିଖିତ ପୁସ୍ତକ ଏବଂ ତାଙ୍କ ଅସୀମ ଶକ୍ତି ପ୍ରଭାବରେ ଶହ ଶହ ସଂଖ୍ୟାରେ ଆବାଳବୃଦ୍ଧବନିତାଙ୍କର ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ । ସେମାନେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇ ଭଗବାନଙ୍କ ଯନ୍ତ୍ର ରୂପେ କର୍ମ କରି ନୂତନ ଯୁଗର ଅଗ୍ରଦୂତ ହୋଇ ପାରନ୍ତି । ଏପରିକି ପଶୁପକ୍ଷୀ, ବୃକ୍ଷଲତା ମଧ୍ୟରେ ବି ଗୋଟାଏ ଜାଗରଣ ତଥା ପରିବର୍ତ୍ତନ ଆସେ । ଏହା ହୁଏ ଗୋଟିଏ ନୂତନ ଚେତନା ଏହି ପୃଥିବୀରେ ପ୍ରତିଷ୍ଠା କରିବାକୁ ସ୍ୱୟଂ ଭଗବାନ୍ ମାନବ ଶରୀରରେ ନୂତନ ଜାତିର ପଥପ୍ରଦର୍ଶକ ଗୁରୁରୂପେ ଅଥବା ଆଚାର୍ଯ୍ୟ ରୂପେ ପ୍ରାପ୍ତ ହେଲେ । ଏହା ମନୁଷ୍ୟ ଜାତି ଉପରେ ଭଗବାନଙ୍କର ଅହେତୁକୀ କୃପା, ମନୁଷ୍ୟର ମହାନ୍ ସୌଭାଗ୍ୟ । ଏହି ଅବସ୍ଥାରେ ବ୍ୟକ୍ତି ଅଳ୍ପ ପ୍ରୟାସରେ ଏପରିକି ନୂତନ ଜାତିର ପଥପ୍ରଦର୍ଶକ ଭଗବାନଙ୍କ ଉପରେ କେବଳ ନିର୍ଭରତା ରଖି ତାଙ୍କ ଚରଣରେ ନିଃଶେଷରେ ନିଜକୁ ସମର୍ପଣ କରିଦେଲେ ଖୁବ୍ ସହଜରେ ଲକ୍ଷ୍ୟରେ ପହୁଞ୍ଚିପାରେ । ଏ ସମୟରେ ଚୈତ୍ୟପୁରୁଷ ଜାଗ୍ରତ୍ ହେବା ସକାଶେ ପୂର୍ବ କର୍ମ-ବିବର୍ତ୍ତନ ପ୍ରଣାଳୀ ତୁଟିଯାଏ । ହଠାତ୍ ବହୁ ସଂଖ୍ୟାରେ ବ୍ୟକ୍ତିଙ୍କ ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ ।

ଚୈତ୍ୟପୁରୁଷର ସ୍ୱରୂପ

ଚୈତ୍ୟପୁରୁଷ (Psychic being) ଭଗବାନଙ୍କ ଅଂଶ, ପ୍ରତିଭୂ ବା ଭଗବତ୍ ସ୍ୱରୂପ । ତା'ର ନିବାସ ହୃଦୟର ପଶ୍ଚାତରେ, ବହୁ ଗଭୀରରେ । ଚୈତ୍ୟ-ପୁରୁଷ ବ୍ୟକ୍ତି ଊର୍ଦ୍ଧ୍ୱସ୍ଥ ଜୀବାତ୍ମା ସହିତ ତତ୍ତ୍ୱତଃ ଏକ ଥିବା ସତ୍ତ୍ୱେ ପୃଥକ୍ । ଉପନିଷଦ୍, ଭାଗବତରେ ଚୈତ୍ୟପୁରୁଷ ଓ ଊର୍ଦ୍ଧ୍ୱସ୍ଥ ଜୀବାତ୍ମାଙ୍କୁ ଦୁଇଟି ପକ୍ଷୀର ଉଦାହରଣ ଦେଇ ମନୁଷ୍ୟ ଶରୀରକୁ ଗୋଟିଏ ବୃକ୍ଷ ସହିତ ତୁଳନା କରାହୋଇଅଛି । ଶରୀରରୂପ ବୃକ୍ଷରେ ଏହି ପକ୍ଷିଦ୍ୱୟ ବାସ କରନ୍ତି । ଜୀବାତ୍ମା ସାକ୍ଷୀ, ନିର୍ଲିପ୍ତ ଓ ବୃକ୍ଷଫଳ ଅଭୋକ୍ତା ହୋଇଥିବାରୁ ସେ ଜନ୍ମମରଣ ବନ୍ଧନରୁ ମୁକ୍ତ । ଅନ୍ତରସ୍ଥ ଚୈତ୍ୟସତ୍ତା ଶରୀରର ଯଥାର୍ଥ ସତ୍ତା ଅନ୍ନମୟପୁରୁଷ, ପ୍ରାଣର ଯଥାର୍ଥ ସତ୍ତା ପ୍ରାଣମୟ ପୁରୁଷ ଓ ମନର ଯଥାର୍ଥ ସତ୍ତା ମନୋମୟ ପୁରୁଷଙ୍କୁ ଧାରଣ କରିଥାଏ, ଏବଂ ଏହି ଚୈତ୍ୟପୁରୁଷ ମଧ୍ୟରେ ସମସ୍ତ ବିକାଶର ସମ୍ଭାବନାରାଜି ବୀଜାକାରରେ ବିଦ୍ୟମାନ ଥାଏ । ସେଥିନେଇ ଏହି ସତ୍ତା ଜନ୍ମମରଣ ମଧ୍ୟଦେଇ ବିକଶିତ ହେଉଥାଏ । ଏହି କାରଣରୁ ଏହାକୁ ଫଳଭୋକ୍ତା ତଥା ବନ୍ଧନଯୁକ୍ତ ବୋଲି ଉପନିଷଦ୍ ଓ ଭାଗବତ ଘୋଷଣା କରିଅଛି । ଚୈତ୍ୟସତ୍ତାକୁ ଜୀବ, ଊର୍ଦ୍ଧ୍ୱସ୍ଥ ଜୀବାତ୍ମାକୁ ଆତ୍ମା ବୋଲି ପୁରାଣ ତଥା ଧର୍ମଗ୍ରନ୍ଥମାନଙ୍କରେ କୁହାହୋଇଅଛି । ଊର୍ଦ୍ଧ୍ୱସ୍ଥଜୀବାତ୍ମା ବିଶ୍ୱାତ୍ମା ସହିତ ଅଭେଦ, ଏକ । ଚୈତ୍ୟସତ୍ତା ଜୀବାତ୍ମା ସହିତ ତତ୍ତ୍ୱତଃ ଏକ ହେବା ସତ୍ତ୍ୱେ ପୃଥକ୍ । ସେ ଜ୍ଞାନ, ଆନନ୍ଦ, ଶାନ୍ତି, ସମତାଦି ଦିବ୍ୟ ଗୁଣରେ ବିଭୂଷିତ । ତା'ର ଗତି ସର୍ବଥା ଭଗବତ୍‌ମୁଖୀ । ସେ ଜ୍ଞାନଯୁକ୍ତ ହୋଇଥିବାରୁ ଯଥାର୍ଥ ଅଯଥାର୍ଥ ବୁଝିପାରେ । ବ୍ୟକ୍ତିର ଏହି ଚୈତ୍ୟସତ୍ତା ଜାଗ୍ରତ୍ ନ ହେଲେ ମନୁଷ୍ୟର ମନ-ବୁଦ୍ଧି ଯେତେ ବିକଶିତ ହେଲେ ବି ସେ ସମସ୍ତ କାର୍ଯ୍ୟ ନିର୍ଭୁଲଭାବେ କରିପାରେ ନାହିଁ, ଯଥାର୍ଥ ଅଯଥାର୍ଥ ଜାଣିପାରେ ନାହିଁ । ଏପରିକି ମନୁଷ୍ୟର ଯେଉଁ ଏକମାତ୍ର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବତ୍ ପ୍ରାପ୍ତି, ଯାହାକୁ ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତ ରୂପେ ଭ୍ରମବଶତଃ ସାଂସାରିକ ବସ୍ତୁରେ ଖୋଜୁଅଛନ୍ତି, ସେ ସମ୍ବନ୍ଧେ ସେ ସଚେତ ହୋଇପାରେ ନାହିଁ । ବ୍ୟକ୍ତି ସଚେତ ହୁଏ ତା'ର ଅନ୍ତରାତ୍ମା ଜାଗ୍ରତ୍ ହେଲେ । କିନ୍ତୁ ଅନ୍ତରାତ୍ମା ସର୍ବଦା ଥାଏ ମନ-ପ୍ରାଣର ପଶ୍ଚାତରେ । ତା'ର ପ୍ରେରଣା ପ୍ରକାଶ ହୁଏ ମନ, ପ୍ରାଣ ମଧ୍ୟ ଦେଇ । ମନ, ପ୍ରାଣ ଯେତେ ଅଧିକ ଅଶୁଦ୍ଧ ଥାଏ ତା'ର ପ୍ରେରଣା ତେତେ ଅଧିକ ବିକୃତ ହୁଏ । ସେହି ସକାଶେ ସାଧନାରେ ପ୍ରଥମ କରଣୀୟ ବସ୍ତୁ ହେଲା ମନ-ପ୍ରାଣର ବିଷୟସଙ୍ଗମ ଏବଂ ଶୁଦ୍ଧି । ଏହା ହୁଏ ଅଧ୍ୟାତ୍ମ-ସାଧନା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁ ଓ କ୍ରିୟାର ତ୍ୟାଗ ଦ୍ୱାରା । ଏହାର ସହାୟକ ଧ୍ୟାନ ।

ଶ୍ରୀଅରବିନ୍ଦ ଲେଖିଛନ୍ତି – ''ପୁରୁଷହିଁ ଆତ୍ମାନ୍, ବ୍ରହ୍ମନ୍ ଓ ମୂଳତଃ ଭଗବାନ୍ । ଅଦ୍ୱିତୀୟ ଏକ ଭଗବାନ୍ ଯେତେବେଳେ ନିଜ ଚିରନ୍ତନ ଅନ୍ତର୍ନିହିତ ବହୁତ୍ୱ ପ୍ରକାଶ କରନ୍ତି ସେତେବେଳେ ଏହି ମୂଳସତ୍ତା ବା ଆତ୍ମାନ୍ ସେହି ଅଭିବ୍ୟକ୍ତିର କେନ୍ଦ୍ରୀୟ ସତ୍ତାରୂପେ ଊର୍ଦ୍ଧ୍ୱରୁ ଏହାର ଯାବତୀୟ ବ୍ୟକ୍ତିରୂପ ଓ ଐହିକ ଜୀବନସମୂହର ବିବର୍ତ୍ତନର ଅଧକ୍ଷ ପଦର ଅଧିରୂଢ଼ ହୋଇଥାଆନ୍ତି । କିନ୍ତୁ ଏହି ସତ୍ତା ସ୍ୱରୂପତଃ ପାର୍ଥିବ ଅଭିବ୍ୟକ୍ତିର ପୂର୍ବରୁହିଁ ବିଦ୍ୟମାନ, ଭଗବାନଙ୍କ ଏକ ସନାତନ ଅଂଶ, ''ପରାପ୍ରକୃତିର୍ଜୀବଭୂତା'' ।

''ଏହି ଅଧସ୍ତନ ଭୁବନ ଅପରା ପ୍ରକୃତିରେ ଭଗବାନଙ୍କର ସେହି ଚିରନ୍ତନ ଅଂଶ ଅନ୍ତରାତ୍ମା (ଚୈତ୍ୟପୁରୁଷ) ରୂପେ, ଦିବ୍ୟ ଅଗ୍ନିସ୍ଫୁଲିଙ୍ଗ ରୂପେ ଆବିର୍ଭୂତ ହୁଅନ୍ତି ଏବଂ ବ୍ୟକ୍ତିଗତ କ୍ରମବିକାଶକୁ ତଥା ମନ-ପ୍ରାଣ-ଦେହମୟ ସତ୍ତାକୁ ଧାରଣ କରି ରହିଥାଆନ୍ତି । ଚୈତ୍ୟପୁରୁଷ ହେଲେ ଏହି ସ୍ଫୁଲିଙ୍ଗ ଯେ ଚେତନାର ବିକାଶ ସଙ୍ଗେ ସଙ୍ଗେ କ୍ରମବିକାଶ ପ୍ରଣାଳୀରେ ବିବର୍ଦ୍ଧିତ ଅଗ୍ନିଶିଖାରେ ପରିଣତ ହୁଅନ୍ତି । ଅତଏବ ଚୈତ୍ୟପୁରୁଷ ବିବର୍ତ୍ତନଶୀଳ, ସେ ଜୀବାତ୍ମା ତୁଲ୍ୟ ବିବର୍ତ୍ତନର ପୂର୍ବବର୍ତ୍ତୀ ନୁହନ୍ତି ।

''କିନ୍ତୁ ମନୁଷ୍ୟ ତାହାର ଅନ୍ତରାତ୍ମା ଓ ଜୀବାତ୍ମା ସମ୍ବନ୍ଧେ ସଚେତ ନୁହେଁ; ସେ କେବଳ ସଚେତ ନିଜର ଅହଂ ବା ଦେହ-ପ୍ରାଣନିୟାମକ ମନୋମୟ ପୁରୁଷ ସମ୍ପର୍କରେ । ସେ ଆହୁରି ଗଭୀରରେ ପ୍ରବେଶ କଲେ ସଚେତ ହୁଏ ତା'ର ଅନ୍ତରାତ୍ମା ବା ଚୈତ୍ୟପୁରୁଷ, ନିଜର ଯଥାର୍ଥ କେନ୍ଦ୍ର, ନିଜର ହୃଦୟରେ ପ୍ରତିଷ୍ଠିତ ପୁରୁଷ ସମ୍ବନ୍ଧେ । ବିବର୍ତ୍ତନର କେନ୍ଦ୍ରୀୟ

ସତ୍ତା ହେଲେ ଚୈତ୍ୟପୁରୁଷ, ସେ ଭଗବାନଙ୍କର ସନାତନ ଅଂଶ, ଜୀବାତ୍ମାରୁ ଉଦ୍ଭୂତ ଏବଂ ତାଙ୍କର ପ୍ରତିଭୂ । ଯେତେବେଳେ ଚେତନା ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ସେତେବେଳେ ଜୀବାତ୍ମା ଓ ଅନ୍ତରାତ୍ମା ଏକତ୍ର ମିଳି ଯାଆନ୍ତି ।

''ଅହଂ ପ୍ରକୃତିର ଗୋଟିଏ ରୂପାୟନ, କିନ୍ତୁ ଏହା କେବଳ ଜଡ଼-ପ୍ରକୃତିର ରୂପାୟନ ନୁହେଁ; ସୁତରାଂ ଏହା ଶରୀର ସହିତ ବିନଷ୍ଟ ହୁଏ ନାହିଁ । ଏହାଛଡ଼ା ମନର ଓ ପ୍ରାଣର ଅହଂ ମଧ୍ୟ ଅଛି ।

''ପାର୍ଥିବ ଚେତନା ମୂଳରେ କେବଳ ଅଜ୍ଞାନତା ଅଛି ତାହା ନୁହେଁ, ନିଶ୍ଚେତନା ମଧ୍ୟ ଅଛି, ଅର୍ଥାତ୍ ଚେତନା ଜଡ଼ରୂପେ ଓ ଜଡ଼ର ଶକ୍ତିରୂପେ ମଧ୍ୟ ଜଡ଼ ମଧ୍ୟରେ ଅନ୍ତର୍ଲୀନ ହୋଇ ରହିଅଛି । କେବଳ ଜଡ଼ ଚେତନା ନୁହେଁ, କିନ୍ତୁ ପ୍ରାଣମୟ ଓ ମନୋମୟ ଚେତନା ମଧ୍ୟ ଅଜ୍ଞାନତା ଦ୍ୱାରା ପରମ ସତ୍ୟଠାରୁ ବିଚ୍ଛିନ୍ନ ହୋଇ ରହିଅଛି ।'' (ଯୋଗ-ପ୍ରଦୀପ)

'ଜୀବ' ଏବଂ 'ଆତ୍ମା', ଏହି ଦୁଇ ସତ୍ତା ସମ୍ବନ୍ଧେ ଯଦ୍ୟପି କେତେକ ଧର୍ମଶାସ୍ତ୍ରରେ ବର୍ଣ୍ଣନା କରାହୋଇଅଛି ତଥାପି ଏହି ଦୁଇ ସତ୍ତା ମଧ୍ୟରେ ପାର୍ଥକ୍ୟ ବିଷୟରେ ସ୍ପଷ୍ଟରୂପେ କୁହା ହୋଇ ନାହିଁ । ପୁରାଣ ଏବଂ ଅନ୍ୟାନ୍ୟ ଧର୍ମଗ୍ରନ୍ଥରେ ବହୁ ସ୍ଥଳରେ ଅନ୍ନମୟ ପୁରୁଷ, ପ୍ରାଣମୟ ପୁରୁଷ ଓ ମନୋମୟ ପୁରୁଷକୁ ମଧ୍ୟ 'ଜୀବ' ବୋଲି କୁହା ହୋଇଅଛି । ଏହି କାରଣରୁ ଏହି ଦୁଇ ସତ୍ତାର ପ୍ରଭେଦ ଶବ୍ଦ ସାହାଯ୍ୟରେ ବୁଝିବା ବହୁତ କଠିନ ହୋଇଅଛି । ଏହି ଜଟିଳତାକୁ ସରଳ କରିବା ସକାଶେ ଶ୍ରୀଅରବିନ୍ଦ ଏହି ଦୁଇ ସତ୍ତାର ଗୁଣ ଧର୍ମ ଦ୍ୱାରା ପୃଥକ୍ କରି ସ୍ପଷ୍ଟରୂପେ ନାମ ବ୍ୟବହାର କରିଅଛନ୍ତି । ଏହି ଦୁଇ ସତ୍ତାକୁ ବୁଝିବାର ସବୁଠାରୁ ଉତ୍ତମ ଉପାୟ ହେଲା, ଏହାର ଗୁଣଧର୍ମର ପୃଥକତ୍ୱ ଜାଣିବା ।

ବ୍ୟକ୍ତିର ହୃଦୟ ଗଭୀରରେ ଅଧିଷ୍ଠିତ ସତ୍ତାକୁ ଶ୍ରୀଅରବିନ୍ଦଙ୍କ ଯୋଗରେ ହୃତ୍‌ପୁରୁଷ, ଚୈତ୍ୟପୁରୁଷ, ଚୈତ୍ୟସତ୍ତା, ଆତ୍ମାନ୍, ଅନ୍ତଃପୁରୁଷ (Psychic Being or Soul or Inner Being) ନାମରେ ସମ୍ବୋଧନ କରାହୋଇଅଛି । ପୁରାଣରେ ବହୁ ସ୍ଥଳରେ ଏହାକୁହିଁ 'ଜୀବ' ନାମରେ ଅଭିହିତ କରାହୋଇଛି ।

ଶାସ୍ତ୍ରରେ ଯେଉଁ ସତ୍ତାକୁ 'ଆତ୍ମା' ନାମ ଦିଆଯାଇଛି ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାକୁ 'ଜୀବାତ୍ମା' (self) ନାମ ଦିଅଯାଇଛି । ଏହି ସତ୍ତା ବ୍ୟକ୍ତିର ଊର୍ଦ୍ଧ୍ୱରେ ବ୍ୟଷ୍ଟିସତ୍ତାରୂପେ ଅବସ୍ଥିତ ହୋଇ ଜନ୍ମ-ମୃତ୍ୟୁକୁ ଅତିକ୍ରମ କରି ହୃଦୟସ୍ଥ ଚୈତ୍ୟସତ୍ତାର ବିକାଶକୁ ଧାରଣ କରିଥାଏ ।

ଚୈତ୍ୟପୁରୁଷ (Psychic Being) ଭଗବାନଙ୍କ ଅଂଶ ଅଥବା ଭଗବତ୍ ସ୍ୱରୂପ ଚିନ୍ମୟ ସତ୍ତା । ବ୍ୟକ୍ତିର ଊର୍ଦ୍ଧ୍ୱସ୍ଥ ଆତ୍ମାର ଚୈତ୍ୟପୁରୁଷ ହେଲା ପ୍ରତିଭୂ ବା ପ୍ରତିନିଧି । ସମସ୍ତ ପ୍ରାଣବନ୍ତ ପ୍ରାଣୀ ମଧ୍ୟରେ ଏହି ସତ୍ତା ଶକ୍ତି ବା ପ୍ରଭାବ ଅଥବା ସ୍ଫୁଲିଙ୍ଗରୂପେ ରହିଥାଏ । କିନ୍ତୁ ଏହା ମଧ୍ୟରେ ଥାଏ ବୀଜରୂପେ ବିକାଶର ସମସ୍ତ ସମ୍ଭାବନାରାଜି । ଏହାହିଁ ହେଲା ଚୈତ୍ୟପୁରୁଷର ପ୍ରଥମ ଅବସ୍ଥା । ଏହା ପ୍ରାଣୀର ଜନ୍ମ-ମରଣ ମଧ୍ୟ ଦେଇ ବିକଶିତ ହୋଇ ଚାଲିଥାଏ । ଏହି ସତ୍ତାକୁ ଶ୍ରୀଅରବିନ୍ଦ ସ୍ଫୁଲିଙ୍ଗ ବା ବିନ୍ଦୁ ଆତ୍ମା ବୋଲି କହିଅଛନ୍ତି । ଏହି ସ୍ଫୁଲିଙ୍ଗ ବା ବିନ୍ଦୁଆତ୍ମା ଚୈତ୍ୟପୁରୁଷଠାରୁ ଭିନ୍ନ ଗୋଟିଏ ସତ୍ତା ନୁହେଁ; ଚୈତ୍ୟପୁରୁଷର ଗୋଟିଏ ଅବସ୍ଥା । ଏହି ସତ୍ତା ମନୁଷ୍ୟ ମଧ୍ୟରେ ରୂପ ଗ୍ରହଣ କଲେ ଏହାକୁ ଚୈତ୍ୟପୁରୁଷ କୁହାହୁଏ । ଏହି ସତ୍ତା ମନୁଷ୍ୟର ପଶ୍ଚାତରେ ରହି ଶରୀର, ପ୍ରାଣ ଓ ମନକୁ ଧାରଣ କରିଥାଏ; ଏବଂ ଏସବୁର ଅଜ୍ଞାତରେ ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଜନ୍ମ-ମରଣ ମଧ୍ୟଦେଇ ଗତି କରୁଥାଏ । କ୍ରମ-ବିବର୍ତ୍ତନ ପ୍ରଣାଳୀରେ ଏହାର ବିକାଶ ହୁଏ, ବହୁତ ମନ୍ଥର ଗତିରେ । ବ୍ୟକ୍ତିକୁ ଜନ୍ମ-ମରଣ ମାର୍ଗରେ ଯିବାରେ ବହୁତ ଦୁଃଖକଷ୍ଟ, ଦ୍ୱନ୍ଦ୍ୱ, ଦାରୁଣ ବେଦନା ଭୋଗିବାକୁ ପଡ଼େ । ବିକାଶର ଗତି ତୀବ୍ର, ଅଳ୍ପକାଳ ମଧ୍ୟରେ ଜନ୍ମ-ମରଣରୂପ ମହାନ୍ ଦ୍ୱନ୍ଦ୍ୱର ନିବୃତ୍ତି ହୁଏ ଅଧ୍ୟାତ୍ମ ସାଧନା ଦ୍ୱାରା । ଚୈତ୍ୟପୁରୁଷ ଜାଗ୍ରତ୍ ହୋଇ ସମ୍ମୁଖକୁ ଆସିଲେ ବ୍ୟକ୍ତିକୁ ଯଥାର୍ଥ ମାର୍ଗରେ ପରିଚାଳନା କରେ, ମନପ୍ରାଣକୁ ନିୟନ୍ତ୍ରଣ କରି ନିଜ ଧର୍ମରେ ଦୀକ୍ଷିତ କରାଏ । ମନ-ପ୍ରାଣ ନିଜ ନିଜ ସାଂସାରିକ କାମନା-ବାସନା, ମୋହ-ଆସକ୍ତି, ଭୋଗ ବିଳାସ ତ୍ୟାଗ କରି ଚୈତ୍ୟପୁରୁଷ ସହିତ ସହଯୋଗୀ ହୋଇ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତିର ପ୍ରୟାସ କରେ ।

ମନୁଷ୍ୟର ମନ, ପ୍ରାଣ, ଶରୀର ତଥା ଚୈତ୍ୟପୁରୁଷ ସଂଯୋଗରେ ବ୍ୟକ୍ତି ବା ଜୀବିତ ଶରୀର ଗଠିତ ହୁଏ ।

ଏହି ସମସ୍ତ ସତ୍ତା ମୂଳତଃ ଭଗବାନଙ୍କ ଦିବ୍ୟତତ୍ତ୍ୱ ଏବଂ ଭଗବତ୍ ସ୍ୱରୂପ । କିନ୍ତୁ ମନ, ପ୍ରାଣ, ଶରୀରର ତତ୍ତ୍ୱ ମୂଳତଃ ଦିବ୍ୟ ହେଲେହେଁ ଏଠାରେ ହୋଇଛନ୍ତି ବିକୃତ, ଅଜ୍ଞାନ, ଜଡ଼ । ଅନ୍ତରାତ୍ମା ବା ଚୈତ୍ୟପୁରୁଷ ଅବିକୃତ, ଦିବ୍ୟଜ୍ଞାନରେ ବିଭୂଷିତ, ଭଗବାନଙ୍କ ଅଂଶ, ପ୍ରତିଭୂ ବା ସ୍ୱୟଂ ଭଗବତ୍ ସ୍ୱରୂପ । ଏହି ସତ୍ତା ଅବିକୃତ ଥିବାରୁ ତା'ର ଜ୍ଞାନ ଅଖଣ୍ଡ ଥାଏ । ଏହି ଜାଗ୍ରତ୍ ସତ୍ତାହିଁ ମନ-ପ୍ରାଣ-ଶରୀରକୁ ଚୈତନ୍ୟ କରିଥାଏ । କିନ୍ତୁ ଚୈତ୍ୟସତ୍ତା ଥାଏ ମନ-ପ୍ରାଣର ପଶ୍ଚାତରେ । ଚୈତ୍ୟସତ୍ତାର ପ୍ରେରଣା ଆସେ ମନ-ପ୍ରାଣର ମଧ୍ୟଦେଇ । ମନ-ପ୍ରାଣ ଯେତେ ଅଧିକ ଅଶୁଦ୍ଧ ଓ ଅପବିତ୍ର ହୋଇଥାଆନ୍ତି ଚୈତ୍ୟପୁରୁଷର ପ୍ରେରଣା ତେତେ ବେଶୀ ବିକୃତ ହୋଇ ପ୍ରକାଶ ହୁଏ । ଚୈତ୍ୟପୁରୁଷ ସର୍ବଦା ଚାହେଁ ପରମାନନ୍ଦ ସ୍ୱରୂପ ଭଗବାନଙ୍କୁ । ତା'ର ସମସ୍ତ ପ୍ରେରଣା ହୁଏ ସେହି ଲକ୍ଷ୍ୟ ଆଡ଼କୁ । କିନ୍ତୁ ସେହି ପ୍ରେରଣା ମନ-ପ୍ରାଣର ଅଶୁଦ୍ଧତା ଅନୁପାତରେ ବିକୃତ ହୁଏ । ଯେଉଁ ବ୍ୟକ୍ତିର ମନ-ପ୍ରାଣ ଅଧିକ ଅଶୁଦ୍ଧ ଥାଏ ସେ ବ୍ୟକ୍ତି ଚୈତ୍ୟପୁରୁଷର ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପାଇବାର ପ୍ରେରଣାକୁ ଚୋରି, ଡକାୟତି, ଧନପ୍ରାପ୍ତି, ବ୍ୟଭିଚାର, ମାନଯଶଃ ପ୍ରତିଷ୍ଠା ଇତ୍ୟାଦିରେ ସମସ୍ତ ପ୍ରକାର କଳକୌଶଳ ପ୍ରୟୋଗ କରି ମିଥ୍ୟା ପ୍ରବଞ୍ଚନାର ଆଶ୍ରୟ ନିଏ । ଯେଉଁ ବ୍ୟକ୍ତିର ମନ-ପ୍ରାଣ ଅଧିକ ଶୁଦ୍ଧ ହୋଇଥାଏ ସେ ବ୍ୟକ୍ତି ପରୋପକାର, ଦେଶସେବା ତଥା ଦାନ, ଯଜ୍ଞାଦି ସାତ୍ତ୍ୱିକ କର୍ମ କରେ । କିନ୍ତୁ ଏହାର ପଶ୍ଚାତରେ ଥାଏ ଅହଂ । ଯେଉଁ ବ୍ୟକ୍ତିର ମନ-ପ୍ରାଣ ଉପରେ ଚୈତ୍ୟସତ୍ତାର ବିଶେଷ ପ୍ରଭାବ ପଡ଼େ ସେହି ବ୍ୟକ୍ତି ଚୈତ୍ୟସତ୍ତାର ପ୍ରେରଣାକୁ ଅବିକୃତ ରୂପେ ଗ୍ରହଣ କରେ ଏବଂ ତା'ର ପ୍ରେରଣାରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଜାଣି ସେହି ଲକ୍ଷ୍ୟପ୍ରାପ୍ତି ସକାଶେ ସମସ୍ତ କର୍ମ କରେ । ଅନ୍ୟଥା ବ୍ୟକ୍ତିର ମନବୁଦ୍ଧି ବିକଶିତ ହେଲେ ସେ ସଂସାରରେ ଅଲୌକିକ କର୍ମ କରିପାରେ; କିନ୍ତୁ ନିଜ ଜୀବନର ଲକ୍ଷ୍ୟପ୍ରାପ୍ତି ବିଷୟରେ ସଚେତ ହୁଏ ନାହିଁ ।

ଭଗବାନ୍ ସୃଷ୍ଟି କରିବା ସଂକଳ୍ପରେ ଯେତେବେଳେ ଏକରୁ ବହୁ ହେଲେ ସେତେବେଳେ ଭଗବାନଙ୍କଠାରୁ ଆସିଥିବା ସମସ୍ତ ତତ୍ତ୍ୱ ବିକୃତ ହୋଇ ଜଡ଼ ଓ ଅନ୍ଧକାରରେ ପରିଣତ ହୋଇଗଲେ । କିନ୍ତୁ ଭଗବତ୍ ସ୍ୱରୂପ ଜୀବାତ୍ମାର ପ୍ରଭାବ ଜଡ଼ ମଧ୍ୟରେ ଅବିକୃତ ଭାବେ ବିଦ୍ୟମାନ ରହିଲା । ଏହି ପ୍ରଭାବ ମଧ୍ୟରେ ବିକାଶର ସମସ୍ତ ସମ୍ଭାବନା ରହିଥିଲା । କ୍ରମବିକାଶ ଅନୁସାରେ ଜଡ଼ ମଧ୍ୟରେ ଊର୍ଦ୍ଧ୍ୱରୁ ଅବତରଣ କଲା ପ୍ରାଣ । ପ୍ରାଣର ଅବତରଣ ଦ୍ୱାରା ଜଡ଼ରେ ବ୍ୟାପ୍ତ ଜୀବାତ୍ମାର ପ୍ରଭାବ ମଧ୍ୟରେ ଥିବା ପ୍ରାଣଶକ୍ତି ଜାଗ୍ରତ୍ ହେଲା । ଉଭୟ ପ୍ରାଣଶକ୍ତିର ମିଳନରେ ପ୍ରାଣର ସ୍ପନ୍ଦନ ସୃଷ୍ଟି ହେଲା । ଜଡ଼ରୁ ଜାତ ହେଲେ ପ୍ରାଣବନ୍ତ ପ୍ରାଣୀ — କୀଟପତଙ୍ଗାଦି ପଶୁ ପକ୍ଷୀ । ସେହି ପ୍ରାଣୀମାନଙ୍କ ମଧ୍ୟରେ ଜୀବାତ୍ମାର ସେହି ପ୍ରଭାବ ହେଲା ସ୍ପୁଲିଙ୍ଗ ବା ବିନ୍ଦୁଆତ୍ମା । ପ୍ରକୃତି କ୍ରମବିକାଶ ଗତିରେ ପ୍ରାଣସ୍ତରକୁ ଅତିକ୍ରମ କରିବାରୁ ଊର୍ଦ୍ଧ୍ୱରୁ ଅବତରଣ କଲା ମନ, ତା' ଫଳରେ ପଶୁମଧ୍ୟସ୍ଥ ସୁପ୍ତ ବିନ୍ଦୁଆତ୍ମାରେ ଥିବା ବୀଜାକାର ମନସ୍ତତ୍ତ୍ୱ ପ୍ରକାଶ ହେଲା । ମନସ୍ତତ୍ତ୍ୱର ଅବତରଣ ଦ୍ୱାରା ମନୋମୟ ମାନବର ସୃଷ୍ଟି ହେଲା । ଏବେ ଊର୍ଦ୍ଧ୍ୱରୁ ଅତିମାନସ ଅବତରଣ କରିଛି, ସୁପ୍ତ ଥିବା ଅତିମାନସ ଜାଗ୍ରତ୍ ହେଲେ ଏହି ପୃଥିବୀରେ ଅତିମାନବଜାତି ପ୍ରତିଷ୍ଠିତ ହେବ । ଜଡ଼ରେ ପରିଣତ ହୋଇଥିବା ସେହିସବୁ ତତ୍ତ୍ୱରେ ଜୀବାତ୍ମାର ପ୍ରଭାବ ଯଦି ଅବିକୃତ ନ ଥା'ନ୍ତା, ତେବେ କ୍ରମ-ବିବର୍ତ୍ତନ ପ୍ରଣାଳୀରେ ସେହି ଜଡ଼ତତ୍ତ୍ୱ କେବେ ମଧ୍ୟ ବିକାଶ ଲାଭ କରି ନ ଥା'ନ୍ତା । ଆଜି ଆମ୍ଭେମାନେ ଜଡ଼ରୁ ବିକଶିତ ହୋଇ ମନୁଷ୍ୟ ଶରୀର ପ୍ରାପ୍ତ ହୋଇ ନ ଥା'ନ୍ତୁ । ଚୈତ୍ୟସତ୍ତା ହେଉଛି ଯଥାର୍ଥରେ ବ୍ୟକ୍ତି । ସେ ସୁପ୍ତ ଥିଲେ ମନୁଷ୍ୟର ମନ-ବୁଦ୍ଧି ବିକଶିତ ହେଲେ ମଧ୍ୟ ତା' ମଧ୍ୟରୁ ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହାଦି ଦୁର୍ଗୁଣ ଦୂର ହୁଏ ନାହିଁ । ତା'ର ମାନସିକ ବିଚାରରେ କେତେ ଶାନ୍ତି, ସମତା ରହିଲେ ମଧ୍ୟ କାର୍ଯ୍ୟରେ ହିଂସା, ସ୍ୱାର୍ଥ ଇତ୍ୟାଦି ଦେଖାଦିଅନ୍ତି । ବ୍ୟକ୍ତି ଉତ୍ତମ କାର୍ଯ୍ୟ କରିବାକୁ ଚାହେଁ, କିନ୍ତୁ ତା' ଅଜ୍ଞାତରେ ବହୁତ ପ୍ରତିକୂଳ କର୍ମ ହୋଇଯାଏ ।

ବ୍ୟକ୍ତି ସମର୍ପଣ, ଅଭୀପ୍ସା ଦ୍ୱାରା ପ୍ରତିକୂଳ ବସ୍ତୁକୁ ତ୍ୟାଗ କରି ଚେତନାକୁ ଏହି ଚୈତ୍ୟସତ୍ତା ବା ଭାଗବତୀ ଶକ୍ତି ଅଥବା ମା' ଶ୍ରୀଅରବିନ୍ଦଙ୍କ ସ୍ୱରୂପରେ ଏକାଗ୍ର କରିବା ଦ୍ୱାରା ଚୈତ୍ୟସତ୍ତା ସଂପୂର୍ଣ୍ଣ ଜାଗ୍ରତ୍ ହୁଏ । ମନ-ପ୍ରାଣର କ୍ରିୟାକୁ ନିୟନ୍ତ୍ରଣ କରେ । ଶେଷରେ ମନ-ପ୍ରାଣର ଧର୍ମ ଚୈତ୍ୟଧର୍ମରେ ରୂପାନ୍ତରିତ ହୁଏ । ଅର୍ଥାତ୍ ମନପ୍ରାଣର କ୍ରିୟା ଚୈତ୍ୟସତ୍ତାର କ୍ରିୟାର ପ୍ରତିକୂଳ ହୁଏ ନାହିଁ । ଚୈତ୍ୟସତ୍ତା ଯେପରି ସର୍ବାନ୍ତଃକରଣରେ ଭଗବାନଙ୍କ ଆଡ଼କୁ ଗତି କରେ

ମନ, ପ୍ରାଣ ମଧ୍ୟ ପୂର୍ଣ୍ଣତଃ ଭଗବଦଭିମୁଖୀ ହୁଏ । ମନୁଷ୍ୟର ସମସ୍ତ ସତ୍ତା ଭଗବଦଭିମୁଖୀ ହେବାର ଅର୍ଥ ଶ୍ରୀଅରବିନ୍ଦଙ୍କ ଯୋଗର ପ୍ରଥମ ଚୈତ୍ୟସିଦ୍ଧି । ଚୈତ୍ୟସିଦ୍ଧି ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗରେ ମନୁଷ୍ୟର ମନ, ପ୍ରାଣ ଓ ଶରୀରର ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତର ସାଧନ ଅସମ୍ଭବ ।

ଶ୍ରୀଅରବିନ୍ଦଙ୍କ କେତୋଟି ପତ୍ର

''ଆତ୍ମମାନଙ୍କ ଯୋଗରେ 'କେନ୍ଦ୍ରୀୟସତ୍ତା ବା ମୂଳସତ୍ତା' ଶବ୍ଦଟି ସାଧାରଣତଃ ବ୍ୟବହାର କରୁ ମନୁଷ୍ୟ ମଧ୍ୟରେ ଅବସ୍ଥିତ ଜନ୍ମ-ମୃତ୍ୟୁର ଅତୀତ ଆତ୍ମର ସମସ୍ତ ଅଂଶକୁ ଧାରଣ କରିଥିବା, ଭଗବାନଙ୍କ ଅଂଶ ପ୍ରତି । ଏହି କେନ୍ଦ୍ରୀୟ ସତ୍ତାର ଦୁଇଟି ରୂପ : ଊର୍ଦ୍ଧ୍ୱରେ ସେ ଜୀବାତ୍ମା, ଆତ୍ମମାନଙ୍କ ସତ୍ୟସତ୍ତା । ଯେତେବେଳେ ଆତ୍ମମାନଙ୍କର ଉଚ୍ଚତର ଆତ୍ମଜ୍ଞାନ ଉଦିତ ହୁଏ, ସେତେବେଳେ ଆତ୍ମେମାନେ ଆତ୍ମର ଏହି ଧ୍ରୁବ ସତ୍ତା ସମ୍ବନ୍ଧେ ସଚେତ ହେଉ । ସେହି ସତ୍ତା ନିମ୍ନରେ ଚୈତ୍ୟପୁରୁଷ; ଏବଂ ସେ ମନ, ପ୍ରାଣ, ଦେହର ପଶ୍ଚାତରେ ରହିଅଛନ୍ତି । ଜୀବାତ୍ମା ଜୀବନ-ଅଭିବ୍ୟକ୍ତିର ଊର୍ଦ୍ଧ୍ୱରେ ରହି ତାହାର ଅଧ୍ୟକ୍ଷରୂପେ ବିରାଜିତ; ଚୈତ୍ୟପୁରୁଷ ଏହି ଅଭିବ୍ୟକ୍ତିର ପଶ୍ଚାତରେ ରହି ଏହାକୁ ଧାରଣ କରି ରହିଅଛନ୍ତି ।

''ଚୈତ୍ୟପୁରୁଷଙ୍କର ସ୍ୱାଭାବିକ ଭାବ ହେଲା, ସେ ନିଜକୁ ଶିଶୁରୂପେ, ଭଗବାନଙ୍କ ସନ୍ତାନରୂପେ, ଭକ୍ତରୂପେ ଅନୁଭବ କରନ୍ତି; ସେ ଭଗବାନଙ୍କର ଅଂଶ, ମୂଳସ୍ୱରୂପରେ ଭଗବାନଙ୍କ ସହିତ ଅଭିନ୍ନ; କିନ୍ତୁ ଏହି କ୍ରିୟାଶୀଳ ବିଶ୍ୱପ୍ରକାଶ ମଧ୍ୟରେ ଏହି ଅଭିନ୍ନତା ମଧ୍ୟରେ ଗୋଟିଏ ଭେଦ ଅଛି । ଅନ୍ୟ ପକ୍ଷରେ, ଜୀବାତ୍ମା ଭଗବାନଙ୍କ ମୂଳ ସ୍ୱରୂପରେ ରହିଥାଆନ୍ତି ଏବଂ ତାଙ୍କ ସହିତ ନିଜକୁ ଅଖଣ୍ଡ ଓ ଅଭେଦ ଭାବରେ ମିଶାଇ ଦେଇ ପାରନ୍ତି; କିନ୍ତୁ ସୃଷ୍ଟି ଲୀଳାର ଗତିବୃତ୍ତି ଉପରେ ଅଧ୍ୟକ୍ଷରୂପେ ବିରାଜିତ ହେବାମାତ୍ରେ ସେ ନିଜକୁ ବହୁରୂପୀ ଭଗବାନଙ୍କର ଗୋଟିଏ ବିଶିଷ୍ଟ କେନ୍ଦ୍ର ବୋଲି ଜାଣନ୍ତି — ପରମେଶ୍ୱର ବୋଲି ନୁହେଁ । ଏହି ପ୍ରଭେଦ ମନେ ରଖିବା ଆବଶ୍ୟକ, କାରଣ ତାହା ନ ହେଲେ ଯଦି ତିଳେମାତ୍ର ପ୍ରାଣଗତ ଅହଂଭାବ ଥାଏ ତେବେ ସାଧକ ନିଜକୁ ଅବତାର ବୋଲି ଭାବିପାରେ, କିଂବା 'ହୃଦୟ' ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ଯେପରି ସମତା ହରାଇ ଥିଲେ ସେହିପରି ହୋଇପାରେ ।'' (ଯୋଗ-ପ୍ରଦୀପ)

*

''ଜୀବାତ୍ମା, ସ୍ପୁଲିଙ୍ଗ ବା ବିନ୍ଦୁ-ଆତ୍ମା ଓ ଚୈତ୍ୟ ପୁରୁଷ ହେଲେ ଏକହିଁ ଆତ୍ମାର ପୃଥକ୍ ତିନୋଟି ଭାବ ବା ରୂପ; ଏସବୁକୁ ଏକତ୍ର ମିଶାଇ ଦେଲେ ଚଳିବ ନାହିଁ, କାରଣ ତଦ୍ଦ୍ୱାରା ଆନ୍ତର ଅନୁଭୂତି ସ୍ପଷ୍ଟ ହୁଏ ନାହିଁ ।

''ଜୀବାତ୍ମା, ଇଂରାଜୀରେ ଯାହାକୁ ସାଧାରଣତଃ ସ୍ପିରିଟ୍ (Spirit) କୁହାଯାଏ ସେ ପ୍ରକାଶିତ ସତ୍ତାର ଊର୍ଦ୍ଧ୍ୱରେ ଅବସ୍ଥିତ ସ୍ୱୟମ୍ଭୂ ତତ୍ତ୍ୱ, ସେ ଜନ୍ମ ମୃତ୍ୟୁର ଅତୀତ, ସର୍ବଦା ଅପରିବର୍ତ୍ତନୀୟ ଏକ, ବ୍ୟକ୍ତିଗତ ଆତ୍ମାନ୍ । ଏହି ହେଲେ ବ୍ୟକ୍ତିର ଶାଶ୍ୱତ ଓ ଧ୍ରୁବ ସତ୍ତା ।

''ବିନ୍ଦୁ-ଆତ୍ମା ହେଲେ ଭଗବାନଙ୍କ ସ୍ପୁଲିଙ୍ଗ ଯେ ପ୍ରକଟ ଶରୀରସତ୍ତାର ଊର୍ଦ୍ଧ୍ୱରେ ଅଧିଷ୍ଠିତ ନୁହନ୍ତି, କିନ୍ତୁ ଯେ ସେହି ସତ୍ତା ମଧ୍ୟରେ ତା'ର କ୍ରମବିକାଶକୁ ଧାରଣ କରିବା ନିମିତ୍ତ ଜଡ଼ଜଗତରେ ଉତରି ଅଛନ୍ତି । ଆରମ୍ଭରେ ଏହା ଦିବ୍ୟଚେତନାର ଗୋଟିଏ ଅଭିନ୍ନ ଶକ୍ତି, ଯାହାଙ୍କ ମଧ୍ୟରେ ସମସ୍ତ ସମ୍ଭାବନା ରହିଅଛି, ଯେଉଁ ସମ୍ଭାବନା ଆଜି ପର୍ଯ୍ୟନ୍ତ ରୂପାୟିତ ହୋଇ ନାହିଁ, କିନ୍ତୁ ବିବର୍ତ୍ତନଗତିରେ ରୂପାୟିତ ହେବ । ନିମ୍ନତମରୁ ଉଚ୍ଚତମ ପର୍ଯ୍ୟନ୍ତ ସକଳ ପ୍ରାଣବନ୍ତ ସତ୍ତା ମଧ୍ୟରେ ଏହି ସ୍ପୁଲିଙ୍ଗ ବିଦ୍ୟମାନ ।

''ଆତ୍ମା ସ୍ୱୟଂ ଚୈତ୍ୟସତ୍ତାର ବିବର୍ତ୍ତନ ମାର୍ଗରେ ତାକୁ ଗଢ଼ିତୋଳନ୍ତି । ଏହି ଚୈତ୍ୟସତ୍ତା ମନ, ପ୍ରାଣ ଦେହକୁ ଧାରଣ କରନ୍ତି ଏବଂ ସେସବୁର ଅଭିଜ୍ଞତା ଦ୍ୱାରା ସ୍ୱୟଂ ବିକାଶପ୍ରାପ୍ତ ହୁଅନ୍ତି; ବ୍ୟକ୍ତିର ପ୍ରକୃତିକୁ ଜନ୍ମଜନ୍ମାନ୍ତର ବହନ କରିଚାଲନ୍ତି — ଏହି ହେଲେ ଚୈତ୍ୟପୁରୁଷ । ଆରମ୍ଭରେ ଏହି ସତ୍ତା ମନ-ପ୍ରାଣ ଦ୍ୱାରା ଆଚ୍ଛନ୍ନ, କିନ୍ତୁ କ୍ରମଶଃ

ବୃଦ୍ଧିପ୍ରାପ୍ତ ହେଲେ ସମ୍ମୁଖକୁ ଆସି ମନ-ଦେହକୁ ନିୟନ୍ତ୍ରଣ କରିବାକୁ ସମର୍ଥ ହୁଅନ୍ତି । ସାଧାରଣ ମାନବ ମଧ୍ୟରେ ଚୈତ୍ୟପୁରୁଷ ନିଜ ଅଭିବ୍ୟକ୍ତି (expression) ନିମିତ୍ତ ଅଧସ୍ତନ ବୃତ୍ତିତ୍ରୟ ଉପରେ ନିର୍ଭର କରନ୍ତି; ସେମାନଙ୍କୁ ନିଜ ଆୟତ୍ତରେ ଆଣି କାର୍ଯ୍ୟ କରାଇ ପାରନ୍ତି ନାହିଁ । ସତ୍ତାର ଜୀବନ ହେଲା ପଶୁ ବା ମନୁଷ୍ୟ, ତାହା ଦିବ୍ୟ ଜୀବନ ନୁହେଁ । ଯଦି ସାଧନା ଦ୍ୱାରା ଚୈତ୍ୟପୁରୁଷ ପ୍ରମୁଖ ସ୍ଥାନ ଅଧିକାର କରିପାରନ୍ତି ଏବଂ ସ୍ୱତନ୍ତ୍ରରୂପେ କରଣସମୂହଙ୍କୁ ପରିଚାଳିତ କରିପାରନ୍ତି ତେବେ ମନୁଷ୍ୟର ଭଗବତ୍ ଅଭିମୁଖୀ ପ୍ରଣୋଦନା ପୂର୍ଣ୍ଣ ହୁଏ ଏବଂ ମନ-ପ୍ରାଣ-ଦେହର କେବଳ ମୁକ୍ତି ହୁଏ ନାହିଁ, ବରଂ ସେସବୁର ରୂପାନ୍ତର ମଧ୍ୟ ସମ୍ଭବପର ହୁଏ ।

''ଆତ୍ମନ୍ ମୁକ୍ତ ଏବଂ ଜନ୍ମମୃତ୍ୟୁର ଅତୀତ ବୋଲି ତାଙ୍କ ଅଭିଜ୍ଞତା ଏବଂ ପରମାତ୍ମା ବା ବିଶ୍ୱଗତ ଆତ୍ମାଙ୍କ ସହିତ ତାଙ୍କର ଐକ୍ୟ ନେଇଆସେ ମୁକ୍ତିର ବୋଧ; ମହାନ୍ ଆଧ୍ୟାତ୍ମିକ ମୁକ୍ତି ସକାଶେ ଏହାହିଁ ଆବଶ୍ୟକ; କିନ୍ତୁ ଜୀବନ ତଥା ପ୍ରକୃତିର ରୂପାନ୍ତର ନିମିତ୍ତ ଚୈତ୍ୟସତ୍ତାର ଜାଗରଣ ତଥା ପ୍ରକୃତି ଉପରେ ନେତୃତ୍ୱ ଗ୍ରହଣ ଅପରିହାର୍ଯ୍ୟ ।

''ଚୈତ୍ୟପୁରୁଷ ନିଜର ଯଥାର୍ଥ ସତ୍ତା ଜୀବାତ୍ମାଙ୍କ ସହିତ ଏକତ୍ୱ ଉପଲବ୍ଧି କରେ, କିନ୍ତୁ ଜୀବାତ୍ମା ହୋଇଯାଏ ନାହିଁ ।

''ଊର୍ଦ୍ଧ୍ୱରେ ଦୃଷ୍ଟ ସ୍ପୁଲିଙ୍ଗ ବା ବିନ୍ଦୁ-ଆତ୍ମା, ଜୀବାତ୍ମାଙ୍କୁ ଦେଖିବାର ପ୍ରତୀକସ୍ୱରୂପ ହୋଇପାରେ । ସେ ଭଗବତ୍ ଅଂଶୀଭୂତ; ସେଠାରେ ସ୍ୱଭାବତଃ ଅଭୀପ୍ସା ହେବ ଊର୍ଦ୍ଧ୍ୱତନ ଚେତନାର ଉନ୍ମୀଳନ ସକାଶେ; ଯାହାଫଳରେ ସତ୍ତା ଅଜ୍ଞାନରେ ନ ରହି ସେହିଠାରେ ବାସ କରିପାରେ । ଯଥାର୍ଥରେ ଜୀବାତ୍ମା ସର୍ବଦାହିଁ ଭଗବାନଙ୍କ ସହିତ ଅଭିନ୍ନ, କିନ୍ତୁ ଯାହା ଆବଶ୍ୟକ ତାହାହେଲା ଚେତନାର ଅବଶିଷ୍ଟ ଅଂଶ ବି ତାହାକୁ ଉପଲବ୍ଧି କରିବା ଉଚିତ ।

''ସମସ୍ତ ଅଧସ୍ତନ ପ୍ରକୃତି – ମନ, ପ୍ରାଣ ଓ ଦେହ – ଭଗବାନଙ୍କ ପ୍ରତି ଉନ୍ମୀଳିତ ହେବା ସକାଶେ, ଭଗବାନଙ୍କ ପ୍ରତି ପ୍ରେମ ତଥା ତାଙ୍କ ସହିତ ଏକ ହେବା ସକାଶେ, ହୃଦୟରେ ତାଙ୍କ ସାନ୍ନିଧ୍ୟ ଓ ଶକ୍ତିର ଅଭିବ୍ୟକ୍ତି ସକାଶେ ଏବଂ ମନ-ପ୍ରାଣ-ଶରୀରରେ ଊର୍ଦ୍ଧ୍ୱତନ ଚେତନାର ଅବତରଣ ଦ୍ୱାରା ମନ-ପ୍ରାଣ-ଦେହର ଦିବ୍ୟ ରୂପାନ୍ତର ହେବା ସକାଶେ ଚୈତ୍ୟପୁରୁଷଙ୍କରହିଁ ହୁଏ ଅଭୀପ୍ସା ।

''ଯେବେ ଚୈତ୍ୟପୁରୁଷ ନିଜର ଅଭୀପ୍ସାକୁ ମନ-ପ୍ରାଣ-ଦେହ ଉପରେ ଆରୋପ କରନ୍ତି ତେବେ ସେମାନଙ୍କର ବି ଅଭୀପ୍ସା ଜାଗ୍ରତ୍ ହୁଏ, ଏହାହିଁ ଅଧସ୍ତନ ସତ୍ତାରୁ ଉତ୍‌ଥିତ ଅଭୀପ୍ସାରୂପେ ଅନୁଭୂତ ହୁଏ । ଊର୍ଦ୍ଧ୍ୱରେ ଯାହା ଅନୁଭୂତ ହୋଇଥାଏ ତାହାହେଲା ଜୀବାତ୍ମାଙ୍କର ଅଭୀପ୍ସା,– ଉଚ୍ଚତର ଚେତନା ତାହାର ଅଖଣ୍ଡ ଏକତ୍ୱ ଉପଲବ୍ଧି ସହ ସତ୍ତାରେ ପ୍ରକଟ ହେବା ସକାଶେ । ଆମ୍ଭମାନଙ୍କ ଯୋଗ-ସାଧନାର ପୂର୍ଣ୍ଣତା ନିମିତ୍ତ ଏହି ଉଭୟ ଅଭୀପ୍ସାହିଁ ଏକାନ୍ତ ଆବଶ୍ୟକ ଓ ଅପରିହାର୍ଯ୍ୟ ।

''ଏହି ଉଭୟ ଅଭୀପ୍ସା ପରସ୍ପରଙ୍କୁ ସାହାଯ୍ୟ କରେ । ନିମ୍ନସତ୍ତାର ଅନୁସନ୍ଧାନ ପ୍ରାରମ୍ଭରେ ସାଧାରଣ ଚେତନା ଦ୍ୱାରା ବ୍ୟାହତ, ଭାରାକ୍ରାନ୍ତ ଓ ବିଚ୍ଛିନ୍ନ ହୋଇଥାଏ । ସାଧନା ଦ୍ୱାରା ଏହାକୁ କରିବାକୁ ହୁଏ ସୁସ୍ପଷ୍ଟ, ସମର୍ଥ, ସ୍ଥାୟୀ ଓ ନିରବଚ୍ଛିନ୍ନ ।

''ଶାନ୍ତି, ଶୁଦ୍ଧି ଓ ସ୍ଥୈର୍ଯ୍ୟର ବୋଧ ଆସେ ଊର୍ଦ୍ଧ୍ୱତନ ଚେତନା ସହିତ ଅଧସ୍ତନ ଚେତନାର ମିଳନ ଫଳରେ । ସାଧାରଣତଃ ଏହା ହୁଏ ସବିରାମ, ନତୁବା ଗଭୀରତର ଚେତନା ମଧ୍ୟରେ ଅବସ୍ଥିତ, ବହିର୍ଭାଗର ଝଡ଼ଝଞ୍ଝା ଓ ବିକ୍ଷୋଭର ପଶ୍ଚାତରେ ଆବୃତ; ଆରମ୍ଭରେ ଏହା କ୍ୱଚିତ୍ ସ୍ଥାୟୀ ହୋଇପାରେ, କିନ୍ତୁ ଏହା କ୍ରମଶଃ ନିତ୍ୟ ଓ ସ୍ଥାୟୀ ହୋଇପାରେ ଯେତେ ଏହି ସ୍ଥିରତା ଓ ଶାନ୍ତି ବାରଂବାର ଅବତରଣ କରେ, ଏବଂ ପରିଶେଷରେ ଉଚ୍ଚତର ଚେତନାର ଶାଶ୍ୱତ ଶାନ୍ତି, ସ୍ଥିରତା ଓ ନୀରବତା ନିମ୍ନପ୍ରକୃତିରେ ପୂର୍ଣ୍ଣରୂପେ ଅବତରଣ କରେ ।''

*

''ଜୀବ ଉପଲବ୍ଧ ହୁଅନ୍ତି ବ୍ୟକ୍ତିଗତ ଆତ୍ମନ୍‌ରୂପେ, ପ୍ରକୃତି ଊର୍ଦ୍ଧ୍ୱରେ ଅଧିଷ୍ଠିତ ମୂଳ କାରଣ ସତ୍ତାରୂପେ – ସେ ଶାନ୍ତି, ପ୍ରକୃତିର ଗତିବୃତ୍ତି ଦ୍ୱାରା ଅସ୍ପୃଶ୍ୟ କିନ୍ତୁ ସେସବୁର ବିବର୍ତ୍ତନର ଧର୍ତ୍ତା, ଅଥଚ ସେଥିରେ ଜଡ଼ିତ ନୁହନ୍ତି । ଏହି

ଉପଲବ୍ଧି ମାଧ୍ୟମରେ ନୀରବତା, ସ୍ୱାତନ୍ତ୍ର୍ୟ, ପ୍ରସାରତା, ପ୍ରଭୁତ୍ୱ, ବିଶୁଦ୍ଧ ଏବଂ ଦିବ୍ୟ ସାର୍ବଭୌମତ୍ୱର ବ୍ୟକ୍ତି ଯେ ଏକ କେନ୍ଦ୍ର ଏହି ବୋଧ ଇତ୍ୟାଦି ସାଧକର ସାଧାରଣ ଅନୁଭୂତି ହୋଇଉଠେ ।

''ଚୈତ୍ୟପୁରୁଷ ହୃଦୟର ପଶ୍ଚାତରେ ବିରାଜିତ ପୁରୁଷରୂପେ ଉପଲବ୍ଧ ହୁଅନ୍ତି । ଜୀବାତ୍ମାଙ୍କ ତୁଲ୍ୟ ତାଙ୍କର ବିଶ୍ୱବ୍ୟାପକ ଭାବ ନାହିଁ, କିନ୍ତୁ ସେହି ହେଲେ ବ୍ୟକ୍ତିର ଅନ୍ତରାତ୍ମା ଯେ ହୃଦୟ-କେନ୍ଦ୍ରର ପଶ୍ଚାତରେ ଅବସ୍ଥିତ ହୋଇ ନିଜ କ୍ଷେତ୍ରରୁ ଦେହ-ପ୍ରାଣ-ମନକୁ ଓ ପ୍ରକୃତି ମଧ୍ୟରେ ସତ୍ତାର ଚୈତ୍ୟ-ବିକାଶକୁ ଧରି ରହିଅଛନ୍ତି । ଏହାଙ୍କର ଉପଲବ୍ଧି ଆଣିଦିଏ ଭକ୍ତି, ଆତ୍ମ-ନିବେଦନ, ଆତ୍ମ-ସମର୍ପଣ, ସକଳ ଗତିବୃତ୍ତିର ଭଗବତ୍ ଅଭିମୁଖେ ପ୍ରବର୍ତ୍ତନ; ଯାହାକିଛି ଅସତ୍ୟ, ଅଶିବ, ଅସୁନ୍ଦର, ଅସମଞ୍ଜସ – ଏସବୁକୁ ବର୍ଜନ, ପ୍ରେମ ଓ ମୈତ୍ରୀ ମଧ୍ୟଦେଇ ସର୍ବଭୂତଙ୍କ ସହିତ ମିଳନ, ଆତ୍ମା ଓ ଭଗବାନଙ୍କ ଦିଗରେ ଉନ୍ମୀଳନ ।''

୮-୧-୧୯୩୭ – ଶ୍ରୀଅରବିନ୍ଦ

ଏହି ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ନିମ୍ନରୁ ଶାନ୍ତି, ଜ୍ୟୋତିଃ, ଆନନ୍ଦ, ଭକ୍ତି, ଜ୍ଞାନ ତଥା ଭାଗବତୀ ଶକ୍ତି ମନ-ପ୍ରାଣ-ଶରୀର ଆଧାରରେ ଅବତରଣ ସକାଶେ ଅଭୀପ୍ସା କରେ; ଏବଂ ନିଜର ଅଭୀପ୍ସା ମନ-ପ୍ରାଣ ଉପରେ ଆରୋପ କରେ । ମନ-ପ୍ରାଣର ଅଭୀପ୍ସା ଚୈତ୍ୟ ଅଭୀପ୍ସା ସହ ଏକ ହୋଇଯାଏ । ଏହାର ଉତ୍ତର ଦିଅନ୍ତି ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି । ନିମ୍ନରୁ ଚୈତ୍ୟପୁରୁଷର ଅଭୀପ୍ସା ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିଙ୍କ ଅବତରଣରେ ସାଧନା ସାଧିତ ହୁଏ ।

ଚୈତ୍ୟପୁରୁଷର ଜାଗରଣ ଏବଂ ମନ-ପ୍ରାଣ-ଶରୀରରେ ତାହାର ପ୍ରଭୁତ୍ୱସ୍ଥାପନା ତଥା ବ୍ୟକ୍ତିକୁ ଲକ୍ଷ୍ୟସିଦ୍ଧି ମାର୍ଗରେ ପରିଚାଳନା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ଅପରିହାର୍ଯ୍ୟ । ଚୈତ୍ୟପୁରୁଷର ଜାଗରଣ ଏବଂ ସଞ୍ଚାଳନ ବିନା ବ୍ୟକ୍ତି ଲକ୍ଷ୍ୟରେ କଦାପି ପହଞ୍ଚି ପାରେ ନାହିଁ ।

କିନ୍ତୁ ମୁକ୍ତି, ନିର୍ବାଣକାମୀ ଅଦ୍ୱୈତ ସାଧକମାନଙ୍କ ସକାଶେ ଚୈତ୍ୟପୁରୁଷ-ଜ୍ଞାନର ଆବଶ୍ୟକ ହୁଏ ନାହିଁ । ସେମାନେ ଊର୍ଦ୍ଧ୍ୱସ୍ଥ ଜୀବାତ୍ମା ସମ୍ବନ୍ଧେ ସଚେତ ହୁଅନ୍ତି; ତାହାରି ସହିତ ଅଭେଦ ଏକ ହୋଇଯା'ନ୍ତି । ଜୀବାତ୍ମା, ବିଶ୍ୱାତ୍ମା, ନିର୍ବିଶେଷ ନିରାକାର ସତ୍ତା ସହିତ ଅଭେଦ, ଏକ ସର୍ବାବସ୍ଥାରେ ଥାଆନ୍ତି । ଅତଏବ ବ୍ୟକ୍ତି ନିରାକାର ନିର୍ବିଶେଷ ସତ୍ତା ସହିତ ଏକ ହୋଇଯାଏ । ଏହାହିଁ ଅଦ୍ୱୈତ ମୁକ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଚୈତ୍ୟପୁରୁଷର ଜାଗରଣ ଅପରିହାର୍ଯ୍ୟ ।

❖

ଅଭୀପ୍ସା

ମନୁଷ୍ୟର ଅଭୀପ୍ସା ଗୋଟିଏ ଅସାଧାରଣ, ପ୍ରବଳ, ଜୀବିତ, ଜାଗ୍ରତ୍, କ୍ରିୟାଶୀଳ ଶକ୍ତି । ମନୁଷ୍ୟ ମଧ୍ୟସ୍ଥ ଅଭୀପ୍ସା ଅମୃତ ତତ୍ତ୍ୱ । ଅଭୀପ୍ସା ବିକୃତ ନ ହେଲେ ମନୁଷ୍ୟକୁ ଅଜର ଅମର କରାଏ, ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ କରାଏ, ଭଗବତ୍ ଦିବ୍ୟାନନ୍ଦ, ଦିବ୍ୟ-ଜ୍ଞାନରେ ନିବାସ କରାଏ । ଅଭୀପ୍ସାହିଁ ମନୁଷ୍ୟକୁ ମହାନ୍ କରିତୋଳେ । ଅଭୀପ୍ସା ଅନ୍ତରାତ୍ମାର ଧର୍ମ । ତା'ର ପ୍ରୋଜ୍ୱଳିତ ଅପ୍ରତିହତ ଅଗ୍ନିଶିଖା ସର୍ବଥା ଊର୍ଦ୍ଧ୍ୱମୁଖୀ । ତାହା ସର୍ବଦା ବିକାଶୋନ୍ମୁଖ । ଅନ୍ତରାତ୍ମାର ଅଭୀପ୍ସା ଅବ୍ୟର୍ଥ, ଅମୋଘ, ସତ୍ୟ ଏବଂ ଯଥାର୍ଥ । ସେଥିରେ ସମସ୍ତ ଅଧ୍ୟାତ୍ମ ସାଧନା ହୁଏ ସିଦ୍ଧ । ଏହି ଶୁଦ୍ଧ ଅଭୀପ୍ସା ମନ, ପ୍ରାଣ ଦ୍ୱାରା ବିକୃତ ହେବାରେ ହୁଏ ସାଂସାରିକ ଅସାଧ୍ୟ କାର୍ଯ୍ୟ ସାଧନ ।

ମନୁଷ୍ୟ ମଧ୍ୟସ୍ଥ ଅନ୍ତର-ସତ୍ତା ଭଗବାନଙ୍କ ପ୍ରତିଭୂ ବା ସ୍ୱରୂପ । ସେହି ସତ୍ତା ମନୁଷ୍ୟର ମନ, ପ୍ରାଣ, ଶରୀରକୁ ଧାରଣ କରିଥାଏ । ସେ ସର୍ବଥା ସଚେତ, ମୋହମାୟାମୁକ୍ତ, ଜ୍ଞାନାନନ୍ଦଯୁକ୍ତ ତଥା ଭଗବାନଙ୍କ ସହ ଥାଏ ଏକ । ଏହି ଅନ୍ତରାତ୍ମା ଥାଏ ମନ, ପ୍ରାଣର ପଶ୍ଚାତରେ । ତା'ର ଅଭୀପ୍ସା ସତ୍ୟ, ଶୁଦ୍ଧ, ପବିତ୍ର । ସେ ସର୍ବଦା ଚାହେଁ ପରମାନନ୍ଦ, ପରମ ଜ୍ଞାନ, ପରମ ଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି । ତାହାର ଏକମାତ୍ର ଉଦ୍ଦେଶ୍ୟ ସମସ୍ତ ସତ୍ତା, ସମସ୍ତ କର୍ମ ସମଗ୍ରରୂପେ ଭଗବାନଙ୍କ ଚରଣରେ ନିବେଦନ କରି ତାଙ୍କରି ଯନ୍ତ୍ରରୂପେ ତାଙ୍କରି ସଂକଳ୍ପରେ ପରିଚାଳିତ ହେବା । କିନ୍ତୁ ଅନ୍ତରାତ୍ମାର ଏହି ଅଭୀପ୍ସା କାର୍ଯ୍ୟକାରୀ ହୁଏ ମନ, ପ୍ରାଣ ଓ ଶରୀର ମଧ୍ୟ ଦେଇ । ବ୍ୟକ୍ତିର ମନ-ପ୍ରାଣ-ଶରୀର ଅଶୁଦ୍ଧ ଥିଲେ ନିଜର କାମନା-ବାସନା ଦ୍ୱାରା ଶୁଦ୍ଧ ଅଭୀପ୍ସା ବିକୃତ ହୁଏ ଏବଂ ସେ ଭ୍ରମ-ମୋହ-ମାୟାଗ୍ରସ୍ତ ହୋଇ ଅନ୍ତରାତ୍ମାର ଅଭୀପ୍ସିତ ଦିବ୍ୟ ଆନନ୍ଦ, ଦିବ୍ୟ ଜ୍ଞାନ, ପରମ ଶାନ୍ତିକୁ ଜାଗତିକ ବସ୍ତୁ, ଅସ୍ଥାୟୀ ପାରିବାରିକ ସମ୍ବନ୍ଧ, ନାଶବାନ୍ ନିଜ ଶରୀର ତଥା ନାମ-ଯଶଃ, ଭୋଗ-ବିଳାସରେ ଖୋଜେ, ଶେଷରେ ବରାବର ନିରାଶ ହୁଏ । କିନ୍ତୁ ଅଭୀପ୍ସାର ଶକ୍ତି ଅମୋଘ । ତାହା ଯେତେ ମହାନ୍ ଓ ତୀବ୍ର ହୁଏ ତେତେ ମହାନ୍ କାର୍ଯ୍ୟ ସିଦ୍ଧି କରେ । ଶୁଦ୍ଧ ଅବସ୍ଥାରେ ବ୍ୟକ୍ତିକୁ ପରମାନନ୍ଦ, ମୃତ୍ୟୁମୁକ୍ତ ଅମରତ୍ୱ, ରୋଗମୁକ୍ତ ନୀରୋଗତ୍ୱ, ପ୍ରକୃତିର ଦାସତ୍ୱରୁ ମୁକ୍ତ ଦିବ୍ୟ-ମାନବତ୍ୱ ପ୍ରଦାନ କରେ । ଅଶୁଦ୍ଧ ମନ, ପ୍ରାଣ ତାକୁ ବିକୃତ ରୂପେ ପ୍ରକାଶ କଲେ ତାହା ବ୍ୟର୍ଥ ହୁଏ ନାହିଁ, ଜାଗତିକ କାର୍ଯ୍ୟ ସିଦ୍ଧି କରେ । ଆତ୍ମାର ଅବିକୃତ ଇଚ୍ଛା ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ କ୍ରିୟାଶୀଳ ହେଲେ ତା'ର ନାମ ହୁଏ **ଅଭୀପ୍ସା** । ଏହି ଅଭୀପ୍ସା ଅଶୁଦ୍ଧ ମନ, ପ୍ରାଣରେ ବିକୃତ ହୋଇ କାମନା-ବାସନା ତୁଷ୍ଟି ସକାଶେ ସାଂସାରିକ କର୍ମରେ ଉପଯୋଗ ହେଲେ ତାହାର ନାମ ହୁଏ ଇଚ୍ଛା ବା କାମନା-ବାସନା ।

ମନୁଷ୍ୟ ମଧ୍ୟରେ ସୁପ୍ତ ରହିଛି ଅଫୁରନ୍ତ ଶକ୍ତି, ଅକଳ୍ପନୀୟ ସମ୍ଭାବନାରାଜି । ସେ ସମସ୍ତ ଜାଗ୍ରତ୍ ହୁଏ ଅଭୀପ୍ସା ଦ୍ୱାରା । ଯେଉଁମାନଙ୍କ ଅନ୍ତରାତ୍ମାର ଶୁଦ୍ଧ ଅଭୀପ୍ସା ମନ-ପ୍ରାଣ ଦ୍ୱାରା ବିକୃତ ନ ହୋଇ ଭଗବତ୍ ପ୍ରାପ୍ତି ମାର୍ଗରେ ଅପ୍ରତିହତ ଗତିରେ ଅଗ୍ରସର ହୁଏ, ତା'ର ତୀବ୍ରତା ତଥା ବ୍ୟାପକତା ଅନୁସାରେ ବ୍ୟକ୍ତି ସଂସାରତ୍ୟାଗୀ ବ୍ୟାସ, ବଶିଷ୍ଠ, ବାଲ୍ମିକ, ନାରଦ; ଯୋଗେଶ୍ୱର କପିଳ, ବୁଦ୍ଧ; ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ; ମହାତ୍ମା ତୁଳସୀଦାସ, ସମର୍ଥ ରାମଦାସ, ତୁକାରାମ, ନାମଦେବ, ବଳରାମଦାସ, ଜଗନ୍ନାଥଦାସଙ୍କ ସଦୃଶ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରନ୍ତି; ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି, ଭଗବତ୍ ଯନ୍ତ୍ରରୂପେ ସଂସାରରେ ମହାନ୍ କାର୍ଯ୍ୟ ସାଧନ କରନ୍ତି । ସେହିମାନଙ୍କର ଆଦର୍ଶ, ନିର୍ଦ୍ଦେଶ, ଉପଦେଶ ତଥା ରଚିତ ଶାସ୍ତ୍ରର ବ୍ୟବସ୍ଥା ଅନୁସାରେ ସଂସାର ଯଥାର୍ଥ ମାର୍ଗରେ ପରିଚାଳିତ ହୁଏ ।

ଅଥବା ସେହି ବ୍ୟାପକ, ଶୁଦ୍ଧ ଅଭୀପ୍ସା ଦ୍ୱାରା ବ୍ୟକ୍ତି ନୈଷ୍ଠିକ ବ୍ରହ୍ମଚାରୀ, ମହାନ୍ ଜ୍ଞାନୀ, ମହାନ୍ ପଣ୍ଡିତ, ଶାସ୍ତ୍ରଜ୍ଞ, ବୁଦ୍ଧି-ବିଦ୍ୟାରେ ନିପୁଣ, ଯୁଦ୍ଧ-ବିଦ୍ୟାବିଶାରଦ, ରାଜନୀତିକୁଶଳ, ନୀତିଶାସ୍ତ୍ରର ମର୍ମଜ୍ଞ, ମହାବଳଶାଳୀ, ଶତ୍ରୁମାନମର୍ଦ୍ଦକ, ଭକ୍ତଶିରୋମଣି, ମହାବୀର ହନୁମାନ୍, ଦୃଢ଼ପ୍ରତିଜ୍ଞ ପିତାମହ ଭୀଷ୍ମ ଏବଂ ଧନୁର୍ଦ୍ଧାରୀ ଅର୍ଜୁନଙ୍କ ସଦୃଶ

ଜଗତରେ ମହାନ୍ ଶ୍ରେଷ୍ଠ ହୋଇ ଭଗବତ୍ ପ୍ରାପ୍ତି, ଭଗବତ୍ ଚେତନାରେ ନିରନ୍ତର ବାସ କରିବା ସଙ୍ଗେ ସଙ୍ଗେ ସଂସାରରେ ଅସାଧ୍ୟ କାର୍ଯ୍ୟ ସାଧନ କରନ୍ତି ।

ଏପରିକି ପୁରାତନ ଯୋଗରେ ଜ୍ଞାନ, କର୍ମ, ଭକ୍ତି ତଥା ଗୀତା-ଭାଗବତ, ବେଦୋପନିଷଦ୍, ଶାସ୍ତ୍ର-ପୁରାଣରେ ବର୍ଣ୍ଣିତ ଭଗବତ୍ ପ୍ରାପ୍ତି ମାର୍ଗର ଯେତେ ପ୍ରକାର ସାଧନ, ଯେତେ ପ୍ରକାର ଯୌଗିକ କ୍ରିୟା, ସଂଯମ-ନିୟମ, ଆସନ-ପ୍ରାଣାୟାମ, ଧ୍ୟାନ-ଧାରଣା ଆଦିର ଅଭୀପ୍ସାହିଁ ପ୍ରାଣ । ଅଭୀପ୍ସା ଦ୍ୱାରାହିଁ ଏସବୁ କ୍ରିୟା ଫଳପ୍ରସୂ ହୁଏ । ଅଭୀପ୍ସା ଛଡ଼ା ଏହି ସମସ୍ତ ସାଧନ ବ୍ୟର୍ଥ, ନିରର୍ଥକ, ଅଫଳପ୍ରସୂ । ଏହି ଶୁଦ୍ଧ ଅଭୀପ୍ସା ଯେତେ ବିଶାଳ ଏବଂ ବହୁମୁଖୀ ହୁଏ, ସେହି ଅନୁପାତରେ ବ୍ୟକ୍ତିର ସୁପ୍ତ ଶକ୍ତି ଜାଗ୍ରତ୍ ହୁଏ ଏବଂ ତା'ର କର୍ମକ୍ଷେତ୍ର ମଧ୍ୟ ବ୍ୟାପକ ତଥା ବହୁମୁଖୀ ହୁଏ । ଅନ୍ତରାତ୍ମାର ଏହି ଶୁଦ୍ଧ ଅଭୀପ୍ସା ମନ-ପ୍ରାଣ ଦ୍ୱାରା ବିକୃତ ହୋଇ ପ୍ରକାଶ ହେଲେ ବି ତାହା ବ୍ୟର୍ଥ ହୁଏ ନାହିଁ । ପରମାଣୁ ଶକ୍ତି ଜଗତକୁ ସମୃଦ୍ଧିଶାଳୀ କିଂବା ଧ୍ୱଂସ କରିବା ସଦୃଶ ବ୍ୟକ୍ତିକୁ ମହାନ୍ ଆଦର୍ଶ ମାନବରେ ଅଥବା ମହାନ୍ ରାକ୍ଷସରେ ପରିଣତ କରେ । ଅନ୍ତରାତ୍ମାର ଶକ୍ତିଶାଳୀ ଅଭୀପ୍ସା ବ୍ୟକ୍ତିର ଅଧିକ ଅଶୁଦ୍ଧ ମନ-ପ୍ରାଣରେ ପ୍ରକାଶ ହେଲେ ବ୍ୟକ୍ତି ହୁଏ ମହାନ୍ ଚୋର, ମହାଦୁରାଚାରୀ, ଜଗତପୀଡ଼କ ଅସୁର । ସେହି ଶକ୍ତିଶାଳୀ ଅନ୍ତରାତ୍ମାର ଅଭୀପ୍ସା ବ୍ୟକ୍ତିର କମ୍ ଅଶୁଦ୍ଧ ମନ-ପ୍ରାଣରେ ପ୍ରକାଶ ହେଲେ ସେ ହୁଏ ମହାଯୋଦ୍ଧା, ମହାନ୍ ବିଦ୍ୱାନ୍, ପଣ୍ଡିତ, ଡାକ୍ତର, ଇଞ୍ଜିନିୟର୍, ବୈଜ୍ଞାନିକ ବା ଦେଶନେତା । ସଂସାରରେ ଉତ୍ତମ ବା ନିକୃଷ୍ଟ ଯେଉଁ ବିରାଟ କାର୍ଯ୍ୟ ଦୃଷ୍ଟିଗୋଚର ହୁଏ ତାହା ହୁଏ ଅଭୀପ୍ସା ବା ତୀବ୍ର ଇଚ୍ଛାରେ । ମନୁଷ୍ୟ ମଧ୍ୟରେ ଅଭୀପ୍ସା ବା ଇଚ୍ଛା ଯେତେ ତୀବ୍ର ଏବଂ ବ୍ୟାପକ ହୁଏ, ବ୍ୟକ୍ତି ତେତେ ମହାନ୍ ହୋଇପାରେ । ଅଭୀପ୍ସା ବିନା ବ୍ୟକ୍ତି ଗଳି ଗଳି ଭିକ ମାଗି ଉଦର ପୋଷଣ କରି ଜଡ଼ ଗଛ, ପଥର ସଦୃଶ ପଡ଼ି ରହେ । ଯଥାର୍ଥରେ ଅଭୀପ୍ସା ମନୁଷ୍ୟର ପରମ ସମ୍ପଦ । ବ୍ୟକ୍ତି ତାହା ଉତ୍ତମ କାର୍ଯ୍ୟରେ ପ୍ରୟୋଗ କରି ମହାନ୍ ଶ୍ରେଷ୍ଠ ହୋଇ ଜଗତବନ୍ଦ୍ୟ ହୋଇପାରେ ବା ନିନ୍ଦନୀୟ କାର୍ଯ୍ୟରେ ପ୍ରୟୋଗ କରି ପ୍ରାଣିପୀଡ଼କ ନରାଧମ ହୋଇପାରେ । ଏହା ନିର୍ଭର କରେ ବ୍ୟକ୍ତି ଉପରେ ।

ଅଭୀପ୍ସା ବିକୃତ ହେବାର କାରଣ

ଅନ୍ତରାତ୍ମାର ଶୁଦ୍ଧପୂତ ଅଭୀପ୍ସା ଅଶୁଦ୍ଧ ମନ-ପ୍ରାଣ ଦ୍ୱାରା ବିକୃତ (deformed) ହେବାର କାରଣ ହେଲା ବ୍ୟକ୍ତିର ବିଚାର ଶକ୍ତିର ଅଭାବ । ସେ ଜଡ଼ପଥର, ଗଛ ବା ପଶୁ ନୁହେଁ । ସେ ମନୁଷ୍ୟ । ତା'ର ବୁଦ୍ଧି-ବିବେକ ଅଛି । ସେ ଭଲ, ମନ୍ଦ, ହିତ-ଅହିତ ବିଚାର କରି ନିର୍ଣ୍ଣୟ କରିପାରେ । ନିଜ ସକାଶେ ଉତ୍ତମ ବସ୍ତ୍ର, ଉତ୍ତମ ଭୋଜନ, ଉତ୍ତମ ବାସ-ସ୍ଥାନ, ମାନ-ସମ୍ମାନ, ସୁଖଭୋଗ ଚାହେଁ । ସେହି ସକାଶେ ସେ ଚୋରି କରେ, ଡକାୟତି କରେ, ଅନ୍ୟର ଅନିଷ୍ଟ କରି ନିଜର ଏବଂ ନିଜ ପରିବାରର ସୁଖସୁବିଧା ପାଇଁ ପ୍ରଯତ୍ନ କରେ; ଅନ୍ୟ ଦେଶ ଉପରେ ଅଧିକାର ବିସ୍ତାର କରେ, ନେତା ହୁଏ, ବହୁତ ନୂତନ ବସ୍ତୁ ଆବିଷ୍କାର କରେ । କିନ୍ତୁ ଏସବୁ କରେ କାହିଁକି ? ଏହା ମଧ୍ୟରେ ସେ ଚାହେଁ କ'ଣ ? ଏ ବିଷୟରେ ସେ କେବେ ବି ଗଭୀରଭାବେ ବିଚାର କରେ ନାହିଁ । ସେହି ସକାଶେ ତା' ପାଖରେ ନିଜର ଚାହିଦା ବସ୍ତୁର ଯଥାର୍ଥ ସ୍ୱରୂପ ରହିଯାଏ ଅସ୍ପଷ୍ଟ ।

ପ୍ରତ୍ୟେକ ବ୍ୟକ୍ତି – ଅତି ନୀଚଠାରୁ ଆରମ୍ଭ କରି ଅତି ଉଚ୍ଚ ପର୍ଯ୍ୟନ୍ତ ସକଳେ ଚାହାନ୍ତି ପ୍ରତ୍ୟେକ କର୍ମରେ, ପ୍ରତ୍ୟେକ ଘଟଣାରେ, ପ୍ରତ୍ୟେକ ପରିସ୍ଥିତିରେ ଦୁଃଖ-ଅବିମିଶ୍ର ପରମାନନ୍ଦ । ସୁଖ ସହିତ ଦୁଃଖ କୌଣସି ବ୍ୟକ୍ତି ଭୁଲ୍‌ରେ ବା ସ୍ୱପ୍ନରେ ଚାହେଁ ନାହିଁ । ବ୍ୟକ୍ତି ଯଦି କୌଣସି ବ୍ୟକ୍ତିକୁ ଦୁଇ ଅଣା ପଇସା ଦିଏ ବା କୌଣସି କାର୍ଯ୍ୟରେ ପ୍ରବୃତ୍ତ ହୁଏ, ତେବେ ସେ କେତେ ଥର ବିଚାର କରେ ତେବେ ଦିଏ ବା କାର୍ଯ୍ୟରେ ପ୍ରବୃତ୍ତ ହୁଏ । ସେ ଯଦି ଏହି କାର୍ଯ୍ୟ ସମ୍ବନ୍ଧେ ବିଚାର କରିପାରେ ତେବେ ନିଜ ଚାହିଦା ବସ୍ତୁ ସମ୍ବନ୍ଧେ ବିଚାର ନ କରିବା ଅପରାଧ ତା'ର, ସେହି ସକାଶେ ସେ ପ୍ରତ୍ୟେକ ଜନ୍ମରେ ଦୁଃଖକଷ୍ଟ ଭୋଗୁ ଥାଏ ।

ଯେଉଁ ବ୍ୟକ୍ତି ପଶୁଧର୍ମୀ, ଯାହାର ନିମ୍ନପ୍ରାଣ ଅତ୍ୟନ୍ତ ଅଶୁଦ୍ଧ ଥାଏ, ତାହାର ଅନ୍ତରାତ୍ମାର ପରମାନନ୍ଦ ପ୍ରାପ୍ତି ଶୁଦ୍ଧ ଅଭୀପ୍ସା ନିମ୍ନପ୍ରାଣର ତୁଷ୍ଟି – ଚୋରି ଡକାୟତି, ଅନ୍ୟର ଅନିଷ୍ଟ କରିବା ଇଚ୍ଛା, କାମନାବାସନାରେ ପରିଣତ ହୁଏ । ସେ ଇନ୍ଦ୍ରିୟତୁଷ୍ଟି ସକାଶେ ଅବିହିତ ନିନ୍ଦନୀୟ ତାମସିକ ଘୋର କର୍ମରେ ଲିପ୍ତ ହୁଏ । ପରିଣାମରେ ପରମାନନ୍ଦ ପରିବର୍ତ୍ତେ ଦୁଃଖଦ୍ୱନ୍ଦ୍ୱରେ ତା' ଜୀବନ ଜର୍ଜରିତ ହୋଇଯାଏ ।

ଅନ୍ୟ ଶ୍ରେଣୀର ବ୍ୟକ୍ତି ଯେଉଁମାନଙ୍କର ନିମ୍ନପ୍ରାଣ କିଛି ପରିମାଣରେ ଶୁଦ୍ଧ ହୋଇଥାଏ, ବୁଦ୍ଧି ସହିତ ବିଚାର-ବିବେକ କିଛି ପରିମାଣରେ ବିକଶିତ ହୋଇଥାଏ, ସେମାନଙ୍କର ଅନ୍ତରାତ୍ମାର ପରମାନନ୍ଦ, ପରମ ଜ୍ଞାନ ପ୍ରାପ୍ତିର ଅଭୀପ୍ସା ଦେଶସେବା, ପରୋପକାର ଆଦି ଉତ୍ତମ କାର୍ଯ୍ୟରେ ଉପଯୋଗ ହୁଏ ।

ଏହି ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ଏକ ଶ୍ରେଣୀର ବ୍ୟକ୍ତି ଥାଆନ୍ତି ସେମାନଙ୍କର ମନ, ପ୍ରାଣ ବିଶେଷ ଶୁଦ୍ଧ ହୋଇଥାଏ, ବିବେକ-ବୁଦ୍ଧି ମଧ୍ୟ ଉତ୍ପନ୍ନ ହୋଇଥାଏ । ସେହିମାନେ ବିଚାର କରନ୍ତି, ''ଆମ୍ଭେମାନେ ଚାହୁଁ କ'ଣ ?'' ସେମାନେ ମନର ଉପରି ସ୍ତରରେ ବିଚାର ନ କରି ମନକୁ ପାର ହୋଇ ଆଉ କିଛି ଗଭୀରରେ ପ୍ରବେଶ କରନ୍ତି, ସେଠାରେ ଅନ୍ତରାତ୍ମାର ଅଭୀପ୍ସା କମ୍ ବିକୃତ ହୋଇଥାଏ । ସେମାନେ ବୁଝିପାରନ୍ତି – ''ପିତାମାତା, ସ୍ତ୍ରୀ-ପୁତ୍ର ସମ୍ବନ୍ଧରେ; ଦେଶ-ଜାତି, ପରୋପକାର ଆଦି କର୍ମରେ ବ୍ୟକ୍ତି ଚାହେଁ ପରମ ସୁଖ । ସେହି ସୁଖ ସହିତ କୌଣସି ପ୍ରକାର ଦୁଃଖ ଲେଶମାତ୍ର ଚାହେଁ ନାହିଁ । ସେ ଚାହେଁ ମରଣଶୀଳ ଶରୀରରେ ଅମରତ୍ୱ, ପରିବର୍ତ୍ତନଶୀଳ ଶରୀରରେ ବାର୍ଦ୍ଧକ୍ୟମୁକ୍ତ ଚିରଯୌବନ, ରୋଗମୁକ୍ତ ନୀରୋଗତ୍ୱ । ପ୍ରତ୍ୟେକ ମନୁଷ୍ୟର ଏହାହିଁ ଯଥାର୍ଥ ଚାହିଦା, ଏହାହିଁ ଜୀବନର ପ୍ରାପ୍ୟ ବସ୍ତୁ । ଏହି ସକାଶେ ସେ ସଂସାରକୁ ଆସିଛି । ଏହାହିଁ ଅନ୍ତରାତ୍ମାର ଅଭୀପ୍ସା । ଯେପର୍ଯ୍ୟନ୍ତ ଏହା ପ୍ରାପ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ସେ ଜନ୍ମ-ମରଣ, ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ ।''

ମନୁଷ୍ୟ ତା' ଜୀବନର ଯଥାର୍ଥ ଉଦ୍ଦେଶ୍ୟ ବୁଝିପାରିଲେ ତା'ର ପ୍ରାପ୍ତିର ଉପାୟ ଖୋଜେ । ସାଂସାରିକ କୌଣସି ବସ୍ତୁରେ ଏହା ପ୍ରାପ୍ତ ହୁଏ ନାହିଁ, ପ୍ରାପ୍ତ ହୁଏ କେବଳ ଭଗବାନଙ୍କ ସହିତ ସମସ୍ତ ସତ୍ତା ଏକତ୍ୱ ପ୍ରାପ୍ତ ହେବାରେ । କାରଣ ଭଗବାନ୍ କେବଳ ଶାଶ୍ୱତ, ଆନନ୍ଦ-ଜ୍ଞାନାଦି ଦିବ୍ୟ ଗୁଣର ମୂର୍ତ୍ତିମାନ୍ ବିଗ୍ରହ ।

ଶରୀରକୁ ତ୍ୟାଗ କରି ନିର୍ବିଶେଷ ସତ୍ତାରେ ଏକ ହେବାରେ କିଂବା ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବାନଙ୍କ ସେବକ ହେବାରେ ଅନ୍ତରାତ୍ମାର ଅଭୀପ୍ସା ପୂର୍ଣ୍ଣ ହୁଏ ନାହିଁ । ତା'ର ଅଭୀପ୍ସା ପୂର୍ଣ୍ଣ ହୁଏ ମନ, ପ୍ରାଣ, ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୋଇ ଭଗବାନଙ୍କୁ ପ୍ରକାଶ କରିବାରେ । ଅନ୍ତରର ଏହି ଯଥାର୍ଥ ଅଭୀପ୍ସା ବ୍ୟକ୍ତି ବୁଝିପାରେ ବିବେକବିଚାର ଦ୍ୱାରା ।

ଏହିଠାରେ ପ୍ରଶ୍ନ କରାଯାଇପାରେ, ''ବ୍ୟକ୍ତି କ୍ରମଶଃ ବିକାଶ ମାର୍ଗରେ ଗତି କରୁଅଛି, ଯେତେବେଳେ ବିବେକ-ବୁଦ୍ଧିର ବିକାଶ ହେବ ସେତେବେଳେ ସେ ବିଚାର ସ୍ୱତଃସ୍ଫୂର୍ତ୍ତଭାବେ କରିପାରିବ, ପୁଣି ସେ ପ୍ରଚେଷ୍ଟା କରି ବିଚାର କରିବ କାହିଁକି ?''

ଏହି ପ୍ରଶ୍ନ ଯଦି ଯୁକ୍ତିଯୁକ୍ତ ହୁଅନ୍ତା, ତେବେ ସଂସାରରେ ତଥା ଜୀବନରେ କୌଣସି ବ୍ୟବସ୍ଥା ହୁଅନ୍ତା ନାହିଁ; ବ୍ୟକ୍ତି ସମସ୍ତ କିଛି ପ୍ରକୃତି ହାତରେ ଛାଡ଼ିଦେଇ ଜଡ଼ ପଥର ତୁଲ୍ୟ ନିଷ୍କ୍ରିୟ ହୋଇ ବସି ରହନ୍ତା । ସେ ବର୍ଷାରୁ ରକ୍ଷା ପାଇବା ପାଇଁ ଘର ତିଆରି କରନ୍ତା ନାହିଁ । ରୋଗମୁକ୍ତ ହେବା ପାଇଁ ଔଷଧର ଆବଶ୍ୟକ ନ ଥା'ନ୍ତା, ସର୍ପ-ବ୍ୟାଘ୍ରାଦିଙ୍କର ଆକ୍ରମଣରେ ସେ ହାତବାନ୍ଧି ଛିଡ଼ା ହୁଅନ୍ତା; ନିଜର ଏବଂ ପରିବାରର ହିତସାଧନ ତଥା ସୁଖ ସୁବିଧା ସକାଶେ ଅନ୍ୟର ଗଳା କାଟନ୍ତା ନାହିଁ; ଅନ୍ୟର ଅନିଷ୍ଟ କରନ୍ତା ନାହିଁ । ଏହାସବୁ ଯଦି ସେ ବିଚାର ବୁଦ୍ଧିରେ କରିପାରେ ତେବେ ସେ ନିଜ ଚାହିଁବା ବସ୍ତୁକୁ ମଧ୍ୟ ବିଚାର କରିପାରେ ।

ଏତଦ୍‌ବ୍ୟତୀତ ଭଗବତ୍ ପ୍ରକୃତି-ଶକ୍ତି ମଧ୍ୟ ବାରଂବାର ସଚେତ କରାଏ । ସେ ଯେଉଁ ସମ୍ମାନ ଚାହୁଁଥାଏ, ସେଥିରେ ଅସମ୍ମାନିତ ହୁଏ; ଯେଉଁ ବସ୍ତୁକୁ ପ୍ରିୟ ମନେ କରିଥାଏ ତାହା ଅପ୍ରିୟ ହୁଏ; ଯେଉଁ ବ୍ୟକ୍ତିକୁ ନିଜର ମନେ କରିଥାଏ ସେ ଶତ୍ରୁତାଚରଣ କରେ ବା ବିଶ୍ୱାସଘାତକତା କରେ; ଯେଉଁ ପରିବାର ବା ପୁତ୍ରକନ୍ୟା ଉପରେ ତା'ର ଅଧିକ

ସ୍ନେହ-ମମତା ଥାଏ, ସେମାନଙ୍କର ବିୟୋଗ ହୁଏ । ଏହିସବୁ ଘଟଣା ଦ୍ୱାରା ସେ ଚାହୁଁଥିବା ସୁଖ ପରିବର୍ତ୍ତେ ତାକୁ ମହାଦୁଃଖ ମିଳେ । ଏହା ଦେଖୁଥିବା ସତ୍ତ୍ୱେ, ଅନୁଭବ କରୁଥିବା ସତ୍ତ୍ୱେ ସେହି କର୍ମକୁ ବାରଂବାର ଆବୃତ୍ତି କରୁଥାଏ । ଏହିସବୁ ପ୍ରତିକୂଳ ଘଟଣା ଦ୍ୱାରା ବ୍ୟକ୍ତିକୁ ସଚେତ ହେବାର ସୁଯୋଗ ଦିଆଯାଇଥାଏ । ସୁତରାଂ ଅଧିକ ମୋହଗ୍ରସ୍ତ ଥିବାରୁ ଏହି ଘଟଣାସବୁକୁ ସେ ବିଚାର କରେ ନାହିଁ । ଏପରିକି ସଂସାରରେ ନୂତନ ଚେତନା ସ୍ଥାପନା କରିବା ସକାଶେ ସ୍ୱୟଂ ଭଗବାନ୍ ଯେତେବେଳେ ପୃଥିବୀକୁ ଆସନ୍ତି, ସ୍ୱୟଂ ଆଚରଣ କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖନ୍ତି, ବହୁ ଦୁଃଖ-ତାପପୀଡ଼ିତ ନରନାରୀଙ୍କୁ ପରମାନନ୍ଦ ପ୍ରାପ୍ତିର ମାର୍ଗ ନିର୍ଦ୍ଦେଶ କରନ୍ତି, ସେତେବେଳେ ବି ବିଚାରବିହୀନ ବ୍ୟକ୍ତି ସଚେତ ହୋଇପାରେ ନାହିଁ; ଆଗତ ଭଗବତ୍ କୃପାକୁ ପ୍ରତ୍ୟାଖ୍ୟାନ କରେ, ସେହି ଦେବ-ମୁହୂର୍ତ୍ତରେ ବି ମୋହ-ନିଦ୍ରାରେ ନିଦ୍ରିତ ରହେ । ଏହା ବ୍ୟକ୍ତିର ଦୋଷ, ପ୍ରକୃତି ବା ଭଗବାନଙ୍କର ନୁହେଁ । ତାକୁ ଭଗବାନ୍ ବିବେକ-ବୁଦ୍ଧି ଦେଇଛନ୍ତି, ସେ ଯଦି ସାଂସାରିକ ସକଳ କର୍ମ ସମ୍ବନ୍ଧେ ବିଚାର କରି କେବଳ ଜୀବନର ପରମ ଲକ୍ଷ୍ୟକୁ ବାଦ୍ ଦିଏ, ତେବେ ଏହା ସକାଶେ ଦାୟୀ କେବଳ ସେ ନିଜେ ।

ଶୁଦ୍ଧ ଅଭୀପ୍ସା

ଯେଉଁମାନେ ସଜାଗ ଥାଆନ୍ତି, ସେହିମାନେ ନିଜ ଜୀବନର ଉଦ୍ଦେଶ୍ୟ ଏବଂ ଚାହିଁବା ବସ୍ତୁ ସମ୍ବନ୍ଧେ ବିଚାର କରନ୍ତି । ବିଚାର ଦ୍ୱାରା ବାହ୍ୟ ମନର କୋଳାହଳ ଶାନ୍ତ ହୁଏ; ସେହିମାନଙ୍କର ଅନ୍ତରର ଗଭୀରରୁ ଅନ୍ତରାତ୍ମାର ପରମାନନ୍ଦ ପ୍ରାପ୍ତିର ଶୁଦ୍ଧ ଅଭୀପ୍ସା ପ୍ରକାଶ ପାଏ । ଅନ୍ତରାତ୍ମା ଚାହେଁ ପରମାନନ୍ଦ, ପରମାଜ୍ଞାନ, ପରମ ଶାନ୍ତି, ପରମ ଶକ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି । ଏହାକୁ ପ୍ରାପ୍ତ ହେବା ପାଇଁ ମନୁଷ୍ୟ ଏହି ପୃଥିବୀକୁ ଆସିଅଛି । ଏହା ବ୍ୟତୀତ ଜୀବନ ଦୁଃଖ-ଯାତନାମୟ ଅପୂର୍ଣ୍ଣ, ଅର୍ଥହୀନ ।

ନିଜ ସ୍ୱଭାବ, ଅନ୍ତରାତ୍ମାର ନିର୍ଦ୍ଧାରଣ, ପାରିପାର୍ଶ୍ୱିକ ପରିସ୍ଥିତି ଅନୁସାରେ ବ୍ୟକ୍ତି ଗୃହ-ପରିବାରରେ ରହି ଭଗବତ୍ ପ୍ରାପ୍ତିର ପ୍ରୟାସ କରନ୍ତି ଅଥବା ଗୃହ ତ୍ୟାଗ କରି ପରିବାରର ସମ୍ବନ୍ଧ ଛିନ୍ନ କରି ସାଧନାରେ ପ୍ରବୃତ୍ତ ହୁଅନ୍ତି । କିନ୍ତୁ ଏହି ଉଭୟ ପ୍ରକାର ବ୍ୟକ୍ତିଙ୍କର ଶୁଦ୍ଧ ଅଭୀପ୍ସା ଆବଶ୍ୟକ । ଶୁଦ୍ଧ ଅଭୀପ୍ସାର ସ୍ୱରୂପ ଶ୍ରୀଅରବିନ୍ଦ ଲେଖିଅଛନ୍ତି –

"This Yoga demands a total dedication of the life to the aspiration for the discovery and embodiment of the Divine Truth and to nothing else whatever. To divide your life between the Divine and some outward aim and activity that has nothing to do with the search for the Truth is inadmissible. The least thing of that kind would make success in the Yoga impossible."

ଅର୍ଥାତ୍ – ''ଏହି ଯୋଗ ଚାହେଁ ଭାଗବତ ସତ୍ୟର ଆବିଷ୍କାର ଏବଂ ସେହି ସତ୍ୟକୁ ମୂର୍ତ୍ତିମାନ କରି ଧାରଣ କରିବା ପାଇଁ ଯେଉଁ ଅଭୀପ୍ସା କେବଳ ତାହାରି ପାଖରେ ଜୀବନର ସର୍ବାଙ୍ଗୀନ ଉତ୍ସର୍ଗ ଓ ଅନ୍ୟ କୌଣସି କିଛି ପାଖରେ ନୁହେଁ । ଏକ ଦିଗରେ ଭଗବାନ୍ ଏବଂ ଅନ୍ୟ ଦିଗରେ କୌଣସି ବହିର୍ମୁଖୀ ଲକ୍ଷ୍ୟ ଓ କାର୍ଯ୍ୟ ଯାହା ସହିତ ସତ୍ୟ-ସନ୍ଧାନର କୌଣସି ସମ୍ପର୍କ ନାହିଁ – ଏହିପରି ଦୁଇଟି ବିଷୟ ମଧ୍ୟରେ ତୋର ଜୀବନକୁ ଭାଗ ଭାଗ କଲେ ଚଳିବ ନାହିଁ । ଏହିପରି କିଛି ସାମାନ୍ୟ ମାତ୍ର ରହିଲେ ଯୋଗରେ ସାଫଲ୍ୟ ଅସମ୍ଭବ ।''

ଶ୍ରୀଅରବିନ୍ଦ ଏହି ପାରାଗ୍ରାଫ୍‌ରେ ଶୁଦ୍ଧ ଅଭୀପ୍ସାର ଯଥାର୍ଥ ସ୍ୱରୂପ ସୁନ୍ଦରଭାବେ ଚିତ୍ରଣ କରିଅଛନ୍ତି । ତାଙ୍କର ଉଦ୍ଦେଶ୍ୟ ହେଲା – ଯେଉଁ ଅଭୀପ୍ସା ପରମାନନ୍ଦ ସ୍ୱରୂପ ଭାଗବତ ସତ୍ୟକୁ ମୂର୍ତ୍ତିମାନରୂପେ ଉପଲବ୍ଧି କରିବାକୁ ଚାହେଁ ତାହାରି ପାଖରେ ଜୀବନର ସର୍ବାଙ୍ଗୀନ ଉତ୍ସର୍ଗ ଦରକାର, ଅନ୍ୟ କୌଣସି ବ୍ୟକ୍ତି ବା ବସ୍ତୁ ପାଖରେ ନୁହେଁ ।

ବହୁ ବ୍ୟକ୍ତି କହନ୍ତି, ''ଶୁଦ୍ଧ ଅଭୀପ୍ସାର ସର୍ତ୍ତ ବହୁତ କଠିନ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ତାହା ସମ୍ଭବ ନୁହେଁ ।

ମନୁଷ୍ୟର ମନ ଅସ୍ଥିର ଏବଂ ବାୟୁକୁ ହାତ ମୁଠାରେ ରଖିବା ସଦୃଶ ଦୁଷ୍କର । ପ୍ରାଣର ଗତି ବହୁ ବିଚିତ୍ର, ବାସନା-କାମନା, ଆସକ୍ତି, ଭୋଗ-ବିଳାସ, ନାମ-ଯଶଃରେ ମୋହିତ । ବହୁପତ୍ନୀର ପତି ପରି ସେ ସର୍ବଦା ଅଶାନ୍ତ । ନିମ୍ନ ପ୍ରକୃତିରାଜିର ଘୋର ଆକ୍ରମଣରେ ସେ ସର୍ବଦା ଆକ୍ରାନ୍ତ । ଏପରି ସ୍ଥଳେ ଶୁଦ୍ଧ ଅଭୀପ୍ସା ବ୍ୟକ୍ତି ପକ୍ଷେ ସମ୍ଭବ ହେବାର ଉପାୟ କ'ଣ ?'' ଏହାର ଉପାୟ ହେଲା – ଲକ୍ଷ୍ୟ ପ୍ରାପ୍ତି ସକାଶେ ଏବଂ ନିଜେ ଓ ନିଜର ଯାହାକିଛି ସମସ୍ତ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଦୃଢ଼ ସଂକଳ୍ପ ଏବଂ ପ୍ରଯତ୍ନ । ବ୍ୟକ୍ତି ତରଫରୁ ଏତିକି ରହିଲେ ଭାଗବତୀ ଶକ୍ତି ତାକୁ ପ୍ରତିପଦେ ସାହାଯ୍ୟ କରେ । ସେ ଭଗବତ୍ ପ୍ରାପ୍ତି ଅଭୀପ୍ସାକୁ ସତତ ଜାଗ୍ରତ୍ ରଖିପାରେ; ଶେଷରେ ସେ କ୍ରମଶଃ ସମସ୍ତ ବିରୋଧୀ ଗତିବୃତ୍ତିକୁ ରୂପାନ୍ତରିତ କରି ଲକ୍ଷ୍ୟରେ ପହୁଞ୍ଚିପାରେ ।

ବ୍ୟକ୍ତି ମଧ୍ୟରେ ଅଜ୍ଞାନ-ଅନ୍ଧକାର ଶକ୍ତି ମନ-ପ୍ରାଣକୁ ଯନ୍ତ୍ର କରି ବାସନା-କାମନା, ଭୋଗ-ବିଳାସର ତୃପ୍ତି ସକାଶେ ସର୍ବଦା କ୍ରିୟାଶୀଳ ଥାଏ । ଏହାରି ପଶ୍ଚାତରେ ଥାଏ ଭାଗବତୀ ଶକ୍ତିର ଅଂଶ ବା ପ୍ରତିଭୂ ଜ୍ଞାନାନନ୍ଦ ସ୍ୱରୂପ ଅନ୍ତରାତ୍ମା । ତା'ର ଅଭୀପ୍ସାଗ୍ନି କେବେ କେବେ ଅଜ୍ଞାନ-ଅନ୍ଧକାରକୁ ଭେଦ କରି ସମ୍ମୁଖକୁ ଆସେ । ତା'ର ଗତି ସର୍ବଦା ଭଗବଦଭିମୁଖୀ । ବ୍ୟକ୍ତି ସେହି ଅଭୀପ୍ସାର ଅଗ୍ନିକୁ ଧରି ରଖି ପ୍ରତିକୂଳ ଗତିବୃତ୍ତିକୁ ପରିତ୍ୟାଗ କରିବା ସକାଶେ ପ୍ରଯତ୍ନଶୀଳ ହେଲେ କ୍ରମଶଃ ଅଭୀପ୍ସାଗ୍ନି ବୃଦ୍ଧି ପାଏ ଏବଂ ଅନ୍ଧକାର ଶକ୍ତିର ହ୍ରାସ ଘଟେ ।

ବ୍ୟକ୍ତିର ଅଶୁଦ୍ଧ ପ୍ରାଣ କାମନା-ବାସନା, ଲାଳସା-ଆବେଗରେ ପୂର୍ଣ୍ଣ ଥାଏ; ମନ ଚଞ୍ଚଳ, ଅସ୍ଥିର ଏବଂ ନିରର୍ଥକ ଯାନ୍ତ୍ରିକ ବିଚାରର କାରଖାନା ହୋଇଥାଏ, ଶରୀରକୁ ଜଡ଼ତା, ତାମସିକତା, ଆଳସ୍ୟ ଅଧିକାର କରିଥାଏ; ନିରାଶା, ହତାଶା, ଉଦ୍‌ବେଗତା ଜୀବନର ଆଶା, ଉତ୍ସାହ, ଶ୍ରଦ୍ଧା ଓ ବିଶ୍ୱାସକୁ ଆଚ୍ଛାଦିତ କରି ସାରିଥାଏ; ଅଥବା ବ୍ୟକ୍ତି ପାରିବାରିକ ସମ୍ବନ୍ଧ, ଧନ, ମାନଯଶଃ ଲିପ୍ସାରେ ଉନ୍ମତ୍ତ ହୋଇ ମହାମୋହ ନିଶା ଅବଚେତନାର ଗହ୍ୱରରେ ଡୁବିଯାଇଥାଏ । ଅର୍ଥାତ୍ ବ୍ୟକ୍ତିର ମନ-ପ୍ରାଣ-ଶରୀର ସତ୍ତାର ଶତକଡ଼ା ଅନେଶତ ଭାଗ ପ୍ରତିକୂଳ ଶକ୍ତିର ଯନ୍ତ୍ର ହୋଇ ଜୀବନର ଯଥାର୍ଥ ଲକ୍ଷ୍ୟକୁ ଭୁଲି ତାହାର ବିରୁଦ୍ଧାଚରଣ କରୁଥାଏ । ଏହି ଘୋର ପ୍ରତିକୂଳ ଅବସ୍ଥାରେ ଯଦି ବ୍ୟକ୍ତିର ଅନ୍ତରାତ୍ମାର ଭଗବତ୍ ପ୍ରାପ୍ତିର ଶୁଦ୍ଧ ଅଭୀପ୍ସା ମନ-ପ୍ରାଣ-ଶରୀରର ଆବରଣକୁ ଭେଦ କରି ଥରେ ସମ୍ମୁଖକୁ ଆସେ ଏବଂ ସେହି ଅଭୀପ୍ସାକୁ ବ୍ୟକ୍ତିର ବୁଦ୍ଧି ଗ୍ରହଣ କରେ ତଥା ତାକୁ ଧରି ରଖି ସେହି ମୁହୂର୍ତ୍ତରେ ଜୀବନର ଲକ୍ଷ୍ୟକୁ ଦୃଢ଼ତା ସହିତ ନିର୍ଦ୍ଧାରଣ କରିନିଏ, ଅର୍ଥାତ୍ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରେ, ପ୍ରଯତ୍ନରେ ପ୍ରବୃତ୍ତ ହୁଏ, ତେବେ ଏହି ସଂକଳ୍ପ ହେଲା ଜୀବନର ସମଗ୍ର ଅବସ୍ଥାର ଶତକଡ଼ା ଏକ ଭାଗ । ଅବଶିଷ୍ଟ ଶତକଡ଼ା ଉନଶତ ଭାଗ ଲକ୍ଷ୍ୟର ବିପରୀତ । ଏହି ଅଭୀପ୍ସାକୁ ଧରି ବ୍ୟକ୍ତି ପ୍ରଯତ୍ନଶୀଳ ହେଲେ ସମଗ୍ର ଅଶୁଦ୍ଧ, ପ୍ରତିକୂଳ ସତ୍ତାକୁ କ୍ରମଶଃ ସେ ରୂପାନ୍ତର କରେ ଏବଂ ଭଗବତ୍ ପ୍ରାପ୍ତି କରେ । ବ୍ୟକ୍ତି ପ୍ରୟାସ କରିବାକୁ ସମର୍ଥ ହୁଏ ଭଗବାନଙ୍କ ସାହାଯ୍ୟରେ । ବ୍ୟକ୍ତି ଭଗବାନଙ୍କ ସହାୟତା ଯେତେ ଚାହେଁ ଭଗବାନ୍ ତେତେ ସହାୟତା କରନ୍ତି । ତାଙ୍କ କୃପା କେବେ ବି କୁଣ୍ଠିତ ନୁହେଁ । ଅପରପକ୍ଷେ ବ୍ୟକ୍ତିର ଯଦି ଶତକଡ଼ା ଉନଶତ ଭାଗ ଅନୁକୂଳ ଥାଏ, କେବଳ ଶତକଡ଼ା ଏକ ଭାଗ ପ୍ରତିକୂଳ ଥାଏ, ଏହି ଅବସ୍ଥାରେ ବ୍ୟକ୍ତି ଭଗବାନଙ୍କ ସାହାଯ୍ୟ ନ ନେଇ ଲକ୍ଷ୍ୟରେ ପହୁଞ୍ଚିବାକୁ ଦୃଢ଼ ସଂକଳ୍ପ ନ କରି ପ୍ରୟାସରେ ହେଲା ବା ତ୍ରୁଟି କରେ କିଂବା ବିରୋଧିନୀ ଶକ୍ତିର ଆକ୍ରମଣକୁ ସ୍ୱୀକାର କରେ; ତେବେ ତା'ର କ୍ରମଶଃ ଅଧାତ୍ମ ମାର୍ଗରୁ ପତନ ହୁଏ । ବ୍ୟକ୍ତିର ପତନ ଏବଂ ଉତ୍‌ଥାନ ତଥା ଲକ୍ଷ୍ୟରେ ପହୁଞ୍ଚିବାର ଶୀଘ୍ରତା ବା ବିଳମ୍ବ ଆଧାରର ଶୁଦ୍ଧି ଅଶୁଦ୍ଧି ଉପରେ ଅଧିକ ନିର୍ଭର କରେ ନାହିଁ, ନିର୍ଭର କରେ ତା'ର ଭଗବାନଙ୍କ ପ୍ରତି ବିଶ୍ୱାସ, ଭରସା ସହ ପ୍ରଯତ୍ନ ଉପରେ ।

ଶୁଦ୍ଧ ଅଭୀପ୍ସାରେ ବ୍ୟକ୍ତିଗତ ପ୍ରୟାସ

ସାଧନାର ଆରମ୍ଭିକ ଅବସ୍ଥାରେ ଶୁଦ୍ଧ ଅଭୀପ୍ସା କରିବା ଅଧିକ ନିର୍ଭର କରେ ବ୍ୟକ୍ତିର ପ୍ରୟାସ ଉପରେ । ସେତେବେଳେ ତା'ର ସମସ୍ତ ସତ୍ତାର ଗତିବୃତ୍ତି ପ୍ରତିକୂଳ ଥାଏ । କେବଳ ଆତ୍ମା ଥାଏ ଜାଗ୍ରତ୍ । ବ୍ୟକ୍ତି ବିବେକ-

ବିଚାରରେ ଲକ୍ଷ୍ୟପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରି ଭଗବାନଙ୍କ ଆଶ୍ରୟରେ ପ୍ରଯତ୍ନଶୀଳ ହୁଏ । ପ୍ରତ୍ୟେକ ଅବସ୍ଥାରେ କର୍ମ ସମ୍ପନ୍ନ କରିବା ସକାଶେ ଭାଗବତୀ ଶକ୍ତିକୁ ଆବାହନ କରେ ଏବଂ ପ୍ରତିକୂଳ ସତ୍ତା, ପ୍ରତିକୂଳ ଗତିବୃତ୍ତିକୁ ଭାଗବତୀ ଶକ୍ତିଙ୍କ ଚରଣରେ ନିବେଦନ କରେ । ଏହି ଅବସ୍ଥାରେ ଭାଗବତୀ ଶକ୍ତି ବ୍ୟକ୍ତିକୁ ସାହାଯ୍ୟ କରନ୍ତି ତଥା ସମର୍ପିତ ଭାଗରେ କ୍ରିୟା କରନ୍ତି । ଏହିରୂପେ ବ୍ୟକ୍ତିର ଅଭୀପ୍ସା ତଥା ସମର୍ପଣ ଦ୍ୱାରା ବ୍ୟକ୍ତି ସତ୍ତାକୁ ଭାଗବତୀ ଶକ୍ତି କ୍ରମଶଃ ଅଧିକାର କରନ୍ତି । ଭାଗବତୀ ଶକ୍ତିଙ୍କ କ୍ରିୟାବୃଦ୍ଧି ସଙ୍ଗେ ସଙ୍ଗେ ବ୍ୟକ୍ତିର ପ୍ରଯତ୍ନ କମ୍ ହୁଏ । ଅର୍ଥାତ୍ ବ୍ୟକ୍ତିର ପ୍ରଯତ୍ନ ସ୍ଥାନରେ ଭାଗବତୀ ଶକ୍ତି କ୍ରିୟା କରନ୍ତି । ଏହି ପ୍ରଣାଳୀରେ ବ୍ୟକ୍ତିର ପ୍ରଯତ୍ନ ସ୍ଥାନକୁ କ୍ରମଶଃ ଅଧିକାର କରନ୍ତି ଭାଗବତୀ ଶକ୍ତି । ଶେଷରେ ଯେତେବେଳେ ବ୍ୟକ୍ତି ଆଧାରରେ ପୂର୍ଣ୍ଣରୂପେ ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରନ୍ତି, ସେତେବେଳେ ବ୍ୟକ୍ତିର ପ୍ରଯତ୍ନ ପୂର୍ଣ୍ଣରୂପେ ବନ୍ଦ ହୁଏ । ଯଥାର୍ଥରେ ଏହି ଯୋଗର ସାଧନା କରନ୍ତି ଭାଗବତୀ ଶକ୍ତି । ବ୍ୟକ୍ତି କେବଳ ଭାଗବତୀ ଶକ୍ତିଙ୍କ କ୍ରିୟାରେ ସମ୍ମତି ଦେଉଥାଏ । ଏହା ହେଉଛି ସାଧନାର ଶେଷ ଅବସ୍ଥା । ସାଧନାର ଆରମ୍ଭିକ ଅବସ୍ଥାରେ ଯଦି ତାମସିକ ଜଡ଼ତାର ଆଶ୍ରୟ ଗ୍ରହଣ କରି ବ୍ୟକ୍ତି ପ୍ରଯତ୍ନ ନ କରେ, ଆଳସ୍ୟକୁ ପ୍ରୋତ୍ସାହିତ କରି ଭଗବାନ୍ ସବୁ କରିଦେବେ ବୋଲି ଭାବେ, ତେବେ ସାଧକ ମଧ୍ୟରେ ବିରୋଧିନୀ ଶକ୍ତିକୁ କ୍ରିୟା କରିବାକୁ ସୁଯୋଗ ମିଳେ । ସାଧକର ଯୋଗ-ମାର୍ଗରୁ ପତନ ହେବା ସକାଶେ ଏହାହିଁ ଉତ୍ତମ ଅବସ୍ଥା ।

ଶ୍ରୀଅରବିନ୍ଦ କହିଛନ୍ତି : –

"It is not possible to get rid of the stress on personal effort at once – and not always desirable; for personal effort is better than tamasic inertia.

"The personal effort has to be transformed progressively into a movement of the Divine Force. If you feel conscious of the Divine Force, then call it in more and more to govern your effort, to take it up, to transform it into something not yours, but the Mother's. There will be a sort of transfer, a taking up of the Forces at work in the personal Adhar – a transfer not suddenly complete but progressive."

ଅର୍ଥାତ୍, ''ବ୍ୟକ୍ତିଗତ ଚେଷ୍ଟା ଉପରେ ଜୋର୍ ଦେବାର ଅଭ୍ୟାସ ହଠାତ୍ ତ୍ୟାଗ କରିବା ସମ୍ଭବପର ନୁହେଁ,– ସର୍ବଦା ବାଞ୍ଛନୀୟ ବି ନୁହେଁ, କାରଣ ବ୍ୟକ୍ତିଗତ ପ୍ରୟାସ ତାମସିକ ଜଡ଼ତା ଅପେକ୍ଷା ଶ୍ରେୟଃ ।

''ଏହି ବ୍ୟକ୍ତିଗତ ପ୍ରୟାସକୁ ଧୀରେ ଧୀରେ ଦିବ୍ୟ-ଶକ୍ତିଙ୍କ ଗତିବିଧିରେ ପରିଣତ କରିବାକୁ ହେବ । ଯଦି ତୁ ଦିବ୍ୟ-ଶକ୍ତିଙ୍କ ସମ୍ବନ୍ଧେ ସଚେତନ ହେଉ, ତାହାହେଲେ ଉତ୍ତରୋତ୍ତର ଅଧିକ ତୋ ମଧ୍ୟରେ ତାହାଙ୍କୁ ଡାକି ଆଣିବୁ, ନିଜର ଚେଷ୍ଟାକୁ ନିୟମନ କରିବା ପାଇଁ ଏବଂ ସେହି ଚେଷ୍ଟାକୁ ଏପରି କିଛିରେ ପରିବର୍ତ୍ତିତ କରିବା ପାଇଁ ଯାହା ତୋର ନିଜର ନୁହେଁ, କିନ୍ତୁ ମା'ଙ୍କର । ଏହି ପ୍ରକାରର ଗୋଟିଏ ହସ୍ତାନ୍ତରିତ ହେବା ଦ୍ୱାରା ବ୍ୟକ୍ତିଗତ ଆଧାରରେ କ୍ରିୟାଶୀଳ ଶକ୍ତିରାଜିର ଗୋଟିଏ ଉର୍ଦ୍ଧ୍ୱାୟନ ହେବ ଏବଂ ଏହି କାର୍ଯ୍ୟ ହଠାତ୍ ସଂପୂର୍ଣ୍ଣ ହେବ ନାହିଁ; କିନ୍ତୁ ହେବ କ୍ରମଶଃ ।''

ଶୁଦ୍ଧ ଅଭୀପ୍ସାକୁ ଜାଗ୍ରତ୍ ରଖିବାର ଉପାୟ

ଶୁଦ୍ଧ ଅଭୀପ୍ସାକୁ ସତତ ପ୍ରୋଜ୍ଜ୍ୱଳିତ ରଖିବାର ଉପାୟ ହେଲା ସାଧକର ଜାଗ୍ରତତା । ସାଧକ ଜାଗ୍ରତ୍ ହୋଇ ଲକ୍ଷ୍ୟ ପ୍ରାପ୍ତିର ଅନୁକୂଳ ବସ୍ତୁ ଗ୍ରହଣ କରି ମନ-ପ୍ରାଣର କାମନା-ବାସନା, ଅଭିରୁଚିକୁ ବର୍ଜ୍ଜନ କରିବ । ଯେପର୍ଯ୍ୟନ୍ତ ପ୍ରତିକୂଳ ବସ୍ତୁ ତ୍ୟାଗ କରା ନ ହୁଏ ସେପର୍ଯ୍ୟନ୍ତ ଶୁଦ୍ଧ ଅଭୀପ୍ସା ବିକୃତ ହୁଏ ଅଥବା ସୁପ୍ତ ହୋଇପଡ଼େ ।

ପ୍ରତିକୂଳ ବସ୍ତୁ ଏବଂ ଗତିବୃତ୍ତିକୁ ଦୁଇଟି ପ୍ରଣାଳୀରେ ତ୍ୟାଗ କରାଯାଇପାରେ । ଗୋଟିଏ ପ୍ରକାର ହେଲା – ପ୍ରତିକୂଳ ବସ୍ତୁ ଏବଂ ବିଚାରକୁ ଅହିତକର ଜାଣି ଗ୍ରହଣ ନ କରି ବର୍ଜ୍ଜନ କରିବା । ଏଥିରେ ପ୍ରତିକୂଳ ବସ୍ତୁ ତଥା ଗତିବୃତ୍ତି

ସହିତ ସଂଘର୍ଷ କରିବାକୁ ହୁଏ । ଯେଉଁ ସାଧକମାନଙ୍କର ସଂକଳ୍ପ ଶକ୍ତି ପ୍ରବଳ ଥାଏ, ସବୁ ସମୟରେ ବିଶେଷରୂପେ ଜାଗ୍ରତ୍ ରହି ପାରନ୍ତି ସେହିମାନେ ଏହି ପ୍ରଣାଳୀରେ ସଫଳତା ପ୍ରାପ୍ତ କରିପାରନ୍ତି । ଯେଉଁମାନଙ୍କର ସଂକଳ୍ପ ଶକ୍ତି ପ୍ରବଳ ନ ଥାଏ, ସେମାନଙ୍କର ପ୍ରତିକୂଳ ବସ୍ତୁ ତ୍ୟାଗ ପରିବର୍ତ୍ତେ ପ୍ରତିକୂଳ ବସ୍ତୁ ସେମାନଙ୍କୁ ଅଧିକାର କରେ । କାରଣ ସେମାନେ ପ୍ରତିକୂଳ ବସ୍ତୁକୁ ତ୍ୟାଗ କରିବା ଉଦ୍ଦେଶ୍ୟରେ ସର୍ବଦା ତାହାରି ସ୍ମରଣ କରନ୍ତି, ସେସବୁ ଚେତନାରେ ରହିବା ସକାଶେ ସ୍ଥାନ ପାଇଯାଆନ୍ତି ।

ଅନ୍ୟଟି ହେଲା ସହଜ ଓ ନିରାପଦ । ସାଧକ ପ୍ରତିକୂଳ ବସ୍ତୁ ଓ ଗତିବୃତ୍ତିକୁ ଜାଣେ, ଚିହ୍ନେ; କିନ୍ତୁ ସେସବୁକୁ ବର୍ଜନ କରିବାକୁ ପ୍ରୟାସ କରେ ନାହିଁ । ତା'ର ସମସ୍ତ ପ୍ରୟାସ ହୁଏ ନିଜ ଲକ୍ଷ୍ୟକୁ ସମ୍ମୁଖରେ ରଖି ତାହାର ପ୍ରାପ୍ତି ସକାଶେ ନିରନ୍ତର, ଅହରହ ଅଭୀପ୍ସା କରିବା । ଏଥିରେ ସାଧକର ଚେତନା ଭଗବାନଙ୍କ ସହିତ ଏକ ହୋଇଯିବାରୁ ପ୍ରତିକୂଳ ବସ୍ତୁ ଏବଂ ଗତିବୃତ୍ତି ସ୍ୱାଭାବିକରୂପେ ତ୍ୟାଗ ହୋଇଯାଏ । ସାଧକର ଅଭୀପ୍ସା ଯେତେ ତୀବ୍ର ହୁଏ ତା'ର ଚେତନା ତେତେ ଅଧିକ ଭାଗବତମୟ ହୁଏ । ସେ ସମୟରେ ପ୍ରତିକୂଳ ବସ୍ତୁ ଆସିଲେ ଯଦ୍ୟପି ତ୍ୟାଗ କରିବାକୁ ହୁଏ ତଥାପି ବୃତ୍ତି ଭଗବତ୍ ସ୍ମରଣରେ ନିମଗ୍ନ ଥିବାରୁ ତା'ର ଚେତନାରେ ବିରୋଧୀ ଗତିବୃତ୍ତିର ଦୂଷିତଭାବ ଆଶ୍ରୟ ପାଏ ନାହିଁ; କ୍ରମଶଃ ସେସବୁ ତା'ର ମୂଳ ଶୁଦ୍ଧ ତତ୍ତ୍ୱରେ ରୂପାନ୍ତର ହେବା ନିମିତ୍ତ ତୟାର ହୁଏ । ଶେଷରେ ସମର୍ପଣ ଓ ଅଭୀପ୍ସା ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ସମସ୍ତ ସତ୍ତାକୁ ଭାଗବତୀ ଶକ୍ତି ଅଧିକାର କରି ରୂପାନ୍ତର କରନ୍ତି । ସେତେବେଳେ ସାଧକକୁ କେବଳ ଦେବାକୁ ହୁଏ ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟାରେ ସମ୍ମତି । ସାଧନା କରନ୍ତି ଭାଗବତୀ ଶକ୍ତି, ସାଧକ ରହେ ଦ୍ରଷ୍ଟା ସଦୃଶ । ପରିଣାମରେ ସାଧକର ସମସ୍ତ ସତ୍ତାରେ ଭଗବାନ୍ ପ୍ରଘଟ ହୁଅନ୍ତି, ସେ ପୂର୍ଣ୍ଣରୂପେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରେ, ଯନ୍ତ୍ରରୂପେ ଭାଗବତୀ ଶକ୍ତିଙ୍କ ଦ୍ୱାରା ପରିଚାଳିତ ହୁଏ । ତା'ର ସମସ୍ତ ସତ୍ତା ଭଗବତ୍ ଜ୍ଞାନ, ଆନନ୍ଦ, ପରମ ଶାନ୍ତିରେ ପରିପୂର୍ଣ୍ଣ ହୁଏ ।

❖

ନାମଜପରେ ବିପଦରୁ ରକ୍ଷା

ଗଜରାଜ ତଥା ଦ୍ରୌପଦୀଙ୍କ ପାଖରେ ଭଗବାନ୍ ନ ଥିଲେ । ଗଜର ପ୍ରାଣଶେଷ ଅବସ୍ଥାରେ ସେ ଭଗବାନଙ୍କ ନାମ ସ୍ମରଣ କରିବା ମାତ୍ରେ ସୁଦର୍ଶନ ଚକ୍ର ଆସି କୁମ୍ଭୀରକୁ ବଧ କଲା, ଗଜର ପ୍ରାଣରକ୍ଷା ହେଲା ।

ଦୁର୍ଯ୍ୟୋଧନଙ୍କ ରାଜସଭାରେ ତାଙ୍କରି ଆଜ୍ଞାରେ ଦୁଃଶାସନ ଗୋଟିଏ ବସ୍ତ୍ର ପରିଧାନ କରିଥିବା ଦ୍ରୌପଦୀଙ୍କୁ ବିବସ୍ତ୍ର କରିବା ସମୟରେ ଶ୍ରୀକୃଷ୍ଣ ଦ୍ୱାରିକାରେ ଥିଲେ । ଦ୍ରୌପଦୀଙ୍କ ବସ୍ତ୍ର ଦୁଃଶାସନ ଟାଣିବାକୁ ଆରମ୍ଭ କରିବା ମାତ୍ରେ ସେ ରକ୍ଷା ହେବା ସକାଶେ ଶ୍ରୀକୃଷ୍ଣଙ୍କ ନାମ ଉଚ୍ଚାରଣ କଲେ । ନାମ ଉଚ୍ଚାରଣ ହେବା ପୂର୍ବରୁ ଶ୍ରୀକୃଷ୍ଣଙ୍କ ବରଦ ହସ୍ତ ଦ୍ରୌପଦୀଙ୍କ ମସ୍ତକ ଉପରେ ରହିଲା । ଦ୍ରୌପଦୀ ପରିଧାନ କରିଥିବା ଗୋଟିଏ ମାତ୍ର ବସ୍ତ୍ରକୁ ଦୁଃଶାସନ ଟାଣିବାରେ ତା'ର ଶହେ ହାତୀର ବଳ ଥକିଗଲା କିନ୍ତୁ ଦ୍ରୌପଦୀଙ୍କ ବସ୍ତ୍ର ଶେଷ ହେଲା ନାହିଁ । ଦୁଃଶାସନର ଶାରୀରିକ ବଳ କ୍ଷୀଣ ହେବାରୁ ସେ ନିସ୍ତେଜ, ଶକ୍ତିହୀନ, ଲଜ୍ଜିତ ହୋଇ ତଳକୁ ମୁହଁ ପୋତି ଦେଲା ଏବଂ ତା'ର ଶରୀର ଥରିବାକୁ ଲାଗିଲା ।

ନାମବନ୍ଦନା

ତୁଳସୀଦାସଜି ଆଦିକବି ବାଲ୍ମୀକି, ବ୍ୟାସ, କଳିଯୁଗ କବି ତଥା ଦେବାଦେବୀ, ଅବଧବାସୀ, ଦଶରଥ, କୌଶଲ୍ୟା, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଏବଂ ହନୁମାନଜି ଓଗେରଙ୍କୁ ବନ୍ଦନା କରି ସୀତାରାମଙ୍କୁ ବନ୍ଦନା କଲେ । ଶେଷରେ ନାମବନ୍ଦନାରେ ଶ୍ରୀରାମଙ୍କଠାରୁ ତାଙ୍କ ନାମଜପ ଅତ୍ୟନ୍ତ ସୁଲଭ ଏବଂ ଅତ୍ୟନ୍ତ ଶକ୍ତିଶାଳୀ ବୋଲି ନିର୍ଣ୍ଣୟ କରିବାକୁ ଯାଇ କହୁଛନ୍ତି :

''କୋ ବଡ଼ ଛୋଟ କହତ ଅପରାଧୂ ।
ସୁନି ଗୁନ ଭେଦ ସମଝିହହିଁ ସାଧୂ ॥''

'ଭଗବାନ୍ ଶ୍ରେଷ୍ଠ ବା ତାଙ୍କ ନାମ ଶ୍ରେଷ୍ଠ କହିବାରେ ଅପରାଧ ହେବ । ଅତଏବ ରୂପ ନାମ ମଧ୍ୟରେ ଯେଉଁ ଗୁଣର ପାର୍ଥକ୍ୟ ଅଛି ତାହା ସାଧୁସଜ୍ଜନମାନେ ବିଚାର କରି ବୁଝିପାରିବେ ।'

ସାଧକ ପକ୍ଷେ ଭଗବତ୍ ରୂପ ଅପେକ୍ଷା ନାମ କିପରି ସୁଲଭ ତାହା ତୁଳସୀଦାସ ଆଲୋଚନା କରିଅଛନ୍ତି । କୌଣସି ବସ୍ତୁର ନାମ ଯଦି ଜଣା ନ ଥାଏ ତେବେ ସେ ବସ୍ତୁ ଦେଖିଲେ ବି ପ୍ରାପ୍ତ କରାଯାଏ ନାହିଁ । କିନ୍ତୁ ବସ୍ତୁର ସ୍ୱରୂପ ନ ଜାଣି କେବଳ ନାମ କହିଦେଲେ ତାହା ସହଜରେ ପ୍ରାପ୍ତ ହୁଏ । ସେହିପରି ସାଧକର ଭଗବତ୍ ସ୍ୱରୂପ ଜ୍ଞାନ ନ ଥାଏ, କେବଳ ନାମଜପ ଦ୍ୱାରା ହୃଦୟରେ ଅଧିକ ସ୍ନେହ ହେଲେ ସାଧକ ହୃଦୟରେ ଭଗବାନ୍ ପ୍ରକଟ ହୁଅନ୍ତି ।

''ସୁମିରୀଅ ନାମ ରୂପ ବିନୁ ଦେଖେ ।
ଆବତ ହୃଦୟ ସନେହ ବିସେଖେ ॥''

ଯଥାର୍ଥରେ ନାମ ଏବଂ ରୂପରେ କୌଣସି ପାର୍ଥକ୍ୟ ନାହିଁ, ନାମ ମହିମାରେ ରୂପ ମହୀୟାନ୍ ଏବଂ ରୂପ ମହିମାରେ ନାମ ମହୀୟାନ୍; ତଥାପି ରୂପ ପ୍ରାପ୍ତି ଅପେକ୍ଷା ନାମ ପ୍ରାପ୍ତି ସାଧକ ପକ୍ଷେ ସହଜ । ଏହାଛଡ଼ା ପ୍ରତ୍ୟେକ ସମ୍ପ୍ରଦାୟ, ପ୍ରତ୍ୟେକ ଯୋଗ ମାର୍ଗରେ ନାମର ଆଶ୍ରୟ ନିଆ ହୁଏ । ଏପରିକି ଅଧିକାଂଶ ଅଦ୍ୱୈତବାଦୀ ସାଧକ 'ସୋଽହମ୍' ଜପ କରିବାର ଦେଖାଯାଏ ।

ମନୁଷ୍ୟ ଯେତେବେଳେ ବିପଦରେ ପଡ଼େ, ରୋଗଗ୍ରସ୍ତ ହୁଏ, ମୃତ୍ୟୁ ଦ୍ୱାରା ପୀଡ଼ିତ ହୁଏ, ବ୍ୟାଘ୍ର, କୁମ୍ଭୀରାଦି ଭୟଙ୍କର ଜୀବଜନ୍ତୁ ଆଦି ଆକ୍ରମଣ କରନ୍ତି, ସେତେବେଳେ ବ୍ୟକ୍ତି ଭଗବତ୍ ନାମ ସ୍ମରଣ କରି ରକ୍ଷାପାଏ । ମନୁଷ୍ୟ

ରକ୍ଷା ହେବା ସକାଶେ ଯେତେବେଳେ ସବୁ ଉପାୟଶୂନ୍ୟ ହୋଇ ଭଗବତ୍ ନାମ ସ୍ମରଣ କରେ ସେତେବେଳେ ଭଗବାନ୍ ଏତେ ଶୀଘ୍ର ଆସନ୍ତି ବା ପ୍ରକଟ ହୁଅନ୍ତି ଯେ ନିଜ ବାହନର ଆବଶ୍ୟକ ହୁଏ ନାହିଁ ।

ଗଜରାଜ

ଯେତେବେଳେ ଗଜକୁ କୁମ୍ଭୀର ଧରିଥିଲା ସେତେବେଳେ ସ୍ୱୟଂ ଗଜ ବହୁତ ଚେଷ୍ଟା କରିଥିଲା କୁମ୍ଭୀର କବଳରୁ ଉଦ୍ଧାର ହେବା ସକାଶେ । ସେତେବେଳେ ତା'ର ସହାୟକ ହାତୀମାନେ ମଧ୍ୟ ସାହାଯ୍ୟ କରିବାରେ ବାଦ୍ ଯାଇ ନ ଥିଲେ । ସେସବୁ ବ୍ୟର୍ଥ ହୋଇଥିଲା । ଶେଷରେ କୁମ୍ଭୀର ଗଜକୁ ଅଗାଧ ଜଳକୁ ଟାଣି ନେଇଗଲା । ଶୁଣ୍ଢ ବୁଡ଼ିବାକୁ ରହିଲା ଦୁଇ ଅଙ୍ଗୁଳି ମାତ୍ର । ଶେଷ ନିଃଶ୍ୱାସର ସମୟ; ଗଜ ବ୍ୟାକୁଳରେ କହିଲା, 'ହରି, ରକ୍ଷା କର ।' ସେ ରୂପ ଦେଖି ନ ଥିଲା, କେବଳ ନାମରେ ଡାକିଲା । ତା'ର ଆନ୍ତରିକତାପୂର୍ଣ୍ଣ ନାମ ଉଚ୍ଚାରଣ ଶେଷ ହେବା ପୂର୍ବରୁ ସୁଦର୍ଶନ ଚକ୍ର ପଡ଼ିଲା ଗ୍ରାହ ଉପରେ । ଗଜ ପାଇଲା ପ୍ରାଣଦାନ, ଯେପରି ଭଗବାନ୍ ତା' ଡାକକୁ ଅପେକ୍ଷା କରିଥିଲେ ।

ଦ୍ରୌପଦୀ

ଦ୍ରୌପଦୀ-ରକ୍ଷା ସମ୍ବନ୍ଧେ ଭାରତବର୍ଷରେ ଅଧିକାଂଶ ବ୍ୟକ୍ତି ଜାଣନ୍ତି । ଦୁର୍ଯ୍ୟୋଧନ ନିଜ ମନ୍ତ୍ରୀ ଶକୁନିର କୁମନ୍ତ୍ରଣା ତଥା କୁପ୍ରେରଣାରେ କପଟ ପଶା ଖେଳରେ ଯୁଧିଷ୍ଠିରଙ୍କର ସମସ୍ତ ସମ୍ପତ୍ତି, ଘରଦ୍ୱାର ଏବଂ ପାଞ୍ଚଭାଇଙ୍କ ସହିତ ଶେଷରେ ଦ୍ରୌପଦୀଙ୍କୁ ଜିତି ନେଲେ । ଯୁଧିଷ୍ଠିର ପଶା ଖେଳରେ ନିଜ ପତ୍ନୀ ଦ୍ରୌପଦୀଙ୍କୁ ହରାଇଥିବାରୁ ତାଙ୍କ ଉପରେ ଯୁଧିଷ୍ଠିରଙ୍କର କୌଣସି ଅଧିକାର ରହିଲା ନାହିଁ । ଦ୍ରୌପଦୀଙ୍କ ଉପରେ ଅଧିକାର ରହିଲା ଦୁର୍ଯ୍ୟୋଧନଙ୍କର । ମନୁଷ୍ୟ ମୋହଗ୍ରସ୍ତ ତଥା ଗର୍ବାନ୍ଧ ହେଲେ ତା'ର କିପରି ଆଚରଣ ହୁଏ ତା'ର ମୂର୍ତ୍ତିମାନ୍ ବିଗ୍ରହ ହେଉଛନ୍ତି ଦୁର୍ଯ୍ୟୋଧନ । ପାଣ୍ଡବଙ୍କୁ ଲାଞ୍ଛିତ କରିବା ସକାଶେ ନିଜ କୁଳବଧୂ ଦ୍ରୌପଦୀଙ୍କୁ ସଭା ମଧ୍ୟରେ ବିବସ୍ତ୍ର କରିବା ନିଶ୍ଚୟ କଲେ । ସେତେବେଳେ ଦ୍ରୌପଦୀ ସ୍ୱଧର୍ମସ୍ଥିତା, ମାତ୍ର ଗୋଟିଏ ବସ୍ତ୍ରରେ ବିଭୂଷିତା । ଦୁର୍ଯ୍ୟୋଧନଙ୍କ ଆଜ୍ଞାରେ ତାଙ୍କର ଛୋଟ ଭାଇ ଦୁଃଶାସନ ଦ୍ରୌପଦୀଙ୍କ ମହଲ, ଅନ୍ତଃପୁରରେ ଉପସ୍ଥିତ ହେଲେ । ସଂକୋଚ କରିବାର କୌଣସି କାରଣ ନ ଥିଲା । ପଶା ଖେଳରେ ଯୁଧିଷ୍ଠିର ସମସ୍ତ ଭାଇ ତଥା ଦ୍ରୌପଦୀଙ୍କ ସହିତ ସମସ୍ତ ସମ୍ପତ୍ତି ହରେଇ ସାରିଥିଲେ । ସେ ସକାଶେ ଦୁଃଶାସନ ଅନ୍ତଃପୁରରେ ନିଃଶଙ୍କରେ ଦ୍ରୌପଦୀ ରଜସ୍ୱଳା ହୋଇଥିବା ଅବସ୍ଥାରେ ପ୍ରବେଶ କଲେ । ଦ୍ରୌପଦୀ କେତେ ଅନୁନୟ ବିନୟ କଲେ, ସ୍ୱୟଂ ରଜସ୍ୱଳା ଅବସ୍ଥାରେ ଗୋଟିଏ ବସ୍ତ୍ର ପିନ୍ଧିଥିବାର ସୂଚନା ଦେଲେ । ରଜସ୍ୱଳା ଅବସ୍ଥାରେ ସ୍ତ୍ରୀମାନଙ୍କୁ ସ୍ପର୍ଶ କଲେ ଯେଉଁ ପାପ ହୁଏ ତାହା ବି ଜଣାଇ ଦେଲେ । କିନ୍ତୁ ମଦାନ୍ଧ ବର୍ବର ଦୁଃଶାସନ କିଛି ବି ନ ଶୁଣି ଦ୍ରୌପଦୀଙ୍କ ଖୋଲା କେଶ ଧରି ଝିଙ୍କି ସଭା ମଧ୍ୟକୁ ଟାଣି ଆଣିଥିଲା ।* ଯେଉଁ ସଭାରେ ଗୁରୁ ଦ୍ରୋଣାଚାର୍ଯ୍ୟ, ଭୀଷ୍ମ ପିତାମହ, ମନ୍ତ୍ରୀ ଅମାତ୍ୟ ବିଦ୍ୟମାନ, ପଣ୍ଡିତ ତଥା ଅସଂଖ୍ୟ ଦର୍ଶନାର୍ଥୀ ଏବଂ ନିଜ ପତି ପାଣ୍ଡବ ବସିଥିଲେ ସେହି ସଭା ସମ୍ମୁଖରେ ଦ୍ରୌପଦୀଙ୍କୁ ଛିଡ଼ା କରି ଦୁର୍ଯ୍ୟୋଧନଙ୍କ ଆଜ୍ଞାରେ ତାଙ୍କୁ ବିବସ୍ତ୍ର କରିବାକୁ ଦୁଃଶାସନ ପ୍ରବୃତ୍ତ ହେଲା । ଦ୍ରୌପଦୀ ଲଜ୍ଜା ଭୟରେ ବ୍ୟାକୁଳ ହୋଇ ଦୈନ୍ୟଦୃଷ୍ଟିରେ ନିଜ ରକ୍ଷା ସକାଶେ ସଭାସଦଙ୍କ ଆଡ଼କୁ ଦେଖିଲେ । ସେମାନଙ୍କ ମୁଖ ବନ୍ଦ ଦେଖି ପିତାମହ ଭୀଷ୍ମ ତଥା ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ବହୁତ ଭରସା କରିଥିଲେ । ସେମାନଙ୍କ ନୀରବତା ଦେଖି ଦ୍ରୌପଦୀଙ୍କ ସାହସ ଉଡ଼ିଗଲା । ବ୍ୟଗ୍ର ହୋଇ କାର୍ପଣ୍ୟଭାବେ ଅଶ୍ରୁପୂର୍ଣ୍ଣ ନେତ୍ରରେ ଦେଖିଲେ ନିଜ

* ଦ୍ରୌପଦୀ ଏହି ଦିନଠାରୁ ପ୍ରତିଜ୍ଞା କରିଥିଲେ ଯେ ଯେପର୍ଯ୍ୟନ୍ତ ଦୁଃଶାସନ ତାଙ୍କ କେଶଧରି ଟାଣି ଆଣିଥିବା ହାତ ଉପଡ଼ା ହୋଇ ତା'ର ରକ୍ତ ତାଙ୍କ କେଶରେ ନ ପଡ଼େ ସେ କେଶ ବାନ୍ଧିବେ ନାହିଁ । ମହାଭାରତ ଯୁଦ୍ଧରେ ଭୀମ ଦୁଃଶାସନର ହାତ ଉପାଡ଼ି ସେହି ହାତର ରକ୍ତ ଦ୍ରୌପଦୀଙ୍କ କେଶରେ ଦେଲେ, ତା'ପରେ ସେ କେଶ ବାନ୍ଧିଥିଲେ ।

ପତି ପାଣ୍ଡବଙ୍କ ଆଡ଼କୁ । ଦ୍ରୌପଦୀଙ୍କ ଦୀନାହୀନା, କାରୁଣ୍ୟ ଦୃଶ୍ୟରେ ମହାବୀର ଭୀମଙ୍କ ହୃଦୟ ଦଗ୍‌ଧ ହେବାକୁ ଲାଗିଲା । କ୍ରୋଧରେ ଓଠ ଥରିବାକୁ ଲାଗିଲା, ନେତ୍ରରୁ ଅଗ୍ନି ବର୍ଷା ହେଲା । ସେ ଦାନ୍ତ କଡ଼ମଡ଼ କରି ଯୁଧିଷ୍ଠିରଙ୍କ ଆଡ଼କୁ ଚାହିଁଲେ । ଯୁଧିଷ୍ଠିରଙ୍କ ଆଜ୍ଞାସୂଚକ ନେତ୍ରରେ ଟିକିଏ ଇଙ୍ଗିତ ପାଇଥିଲେ ସେହି ସଭାରେ ଦୁର୍ଯ୍ୟୋଧନ ଓ ଦୁଃଶାସନଙ୍କୁ ମାରି ମାଟିରେ ମିଶାଇ ଦେଇ ଥାଆନ୍ତେ । କିନ୍ତୁ ପଶା ଖେଳରେ ଯୁଧିଷ୍ଠିର ଦ୍ରୌପଦୀଙ୍କୁ ହରାଇଥିବାରୁ ଦ୍ରୌପଦୀଙ୍କ ଉପରେ ତାଙ୍କର ଆଉ ଅଧିକାର ନ ଥିଲା । ସେ ସକାଶେ ସେ ଭୀମ ଆଡ଼କୁ ନ ଦେଖି ତଳକୁ ମୁହଁ ପୋତିଲେ । ଭୀମ କିଂକର୍ତ୍ତବ୍ୟବିମୂଢ଼ ହୋଇ କ୍ଷୁଧାର୍ତ୍ତ ସିଂହଶାବକ ମେଷପଲ ମଧ୍ୟରେ ପିଞ୍ଜରାରେ ବନ୍ଦୀ ହୋଇ ରହିବା ସଦୃଶ ମନମକଚି ହୋଇ ରହିଗଲେ । ଏହି ଦୃଶ୍ୟରେ ଦ୍ରୌପଦୀ ନିରାଶା, ହତାଶା ଓ ଶୋକସମୁଦ୍ରରେ ବୁଡ଼ିଗଲେ । ବ୍ୟାକୁଳତାରେ ତାଙ୍କ ହୃଦୟ ଖଣ୍ଡ ଖଣ୍ଡ ହୋଇଗଲା, ନେତ୍ରରୁ ଅଶ୍ରୁଧାର ପ୍ରବାହିତ ହେଲା । ଦୃଷ୍ଟି ସମ୍ମୁଖରେ ଆଉ କାହାରି ଆଶା-ଭରସା ନ ପାଇ ଅନ୍ତରର ବ୍ୟାକୁଳବହ୍ନି ପ୍ରବଳ ବେଗରେ ଉତ୍ତରୋତ୍ତର ପ୍ରଜ୍ୱଳିତ ହୋଇ ତାଙ୍କ ହୃଦୟ, ମନ, ପ୍ରାଣ ଓ ଶରୀରକୁ ଦଗ୍‌ଧ କରିବାକୁ ଲାଗିଲା ।

ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟର ଅନ୍ୟ ଉପରେ ଭରସା ଥାଏ, ଅନ୍ୟର ଅବଲମ୍ବନ ଥାଏ ସେତେବେଳ ପର୍ଯ୍ୟନ୍ତ ତା'ର ଡାକ ଏକମୁଖୀ ହୁଏ ନାହିଁ । ଯେତେବେଳେ ତା'ର ସମସ୍ତ ଆଶା ଭରସା ତୁଟିଯାଏ, ସେତେବେଳେ ଯଦି ଭଗବାନଙ୍କ କୃପାରୁ ସେ ଭଗବାନଙ୍କ ଆଶ୍ରୟ ନେଇପାରେ ତେବେ ତା'ର ଭିନ୍ନ ଭିନ୍ନ ଭାଗ ଏକମୁଖୀ ହୋଇ ଭଗବାନଙ୍କୁ ଡାକନ୍ତି । ଦ୍ରୌପଦୀଙ୍କର ସେତେବେଳେ ଏଇ ସମାନ ଅବସ୍ଥା । ତାଙ୍କର ରକ୍ଷକ ଆଉ କେହି ନାହିଁ । ଦୁଃଶାସନ ବିବସ୍ତ୍ର କରିବାକୁ ପ୍ରସ୍ତୁତ । ଗୋଟିଏ ମାତ୍ର ବସ୍ତ୍ର । ଦୁଃଶାସନ ପରି ମହାନ୍ ଶକ୍ତିଶାଳୀ ବୀର ପକ୍ଷରେ ଲୁଗାଟି ଟାଣିନେବା ଶକ୍ତିଶାଳୀ ବାୟୁ ସମ୍ମୁଖରେ ସାମାନ୍ୟ ତୁଳା ସଦୃଶ । ତଥାପି ମନୁଷ୍ୟର ଆଶା ବିଚିତ୍ର । ଏତେ ବଡ଼ ବୀର ସମ୍ମୁଖରେ ଦ୍ରୌପଦୀ ତାଙ୍କ ବାମ ହାତରେ କାନ୍ଧରେ ଥିବା ବସ୍ତ୍ରକୁ ଧରି ଥାଆନ୍ତି । ଏହି ପ୍ରଚଣ୍ଡ ସଂକଟ ସମୟରେ ତାଙ୍କର ସ୍ମରଣ ହେଲା ଭଗବାନ୍ । ବ୍ୟକ୍ତି ଯୋଗସାଧନ କଲେ, ଭଗବତ୍ ସ୍ମରଣ କଲେ ତାହା ତାହାରି ଚେତନାରେ ଓତପ୍ରୋତ ହୋଇଯାଏ । ସେ ବିପଦରେ ପଡ଼ି ବ୍ୟାକୁଳ ହୋଇଗଲେ ମଧ୍ୟ ତା'ର ପୂର୍ବାଭ୍ୟାସ ବିସ୍ମରଣ ହୁଏ ନାହିଁ । ତା'ର ଯଦି ବିସ୍ମରଣ ହୋଇଯାଏ ତେବେ ଭଗବାନ୍ ତା' ହୃଦୟରେ ସ୍ମରଣ କରାଇ ଦିଅନ୍ତି । ସେ ଦୁଃଶାସନ କବଳରୁ ନିଜ ଶକ୍ତିରେ ରକ୍ଷା ହେବା ଅସମ୍ଭବ ଜାଣି ଶାଢ଼ି ଧରିବା ଛାଡ଼ି ଦୁଇ ହାତ ଉପରକୁ ଟେକି ଡାକିଲେ, ''ହେ ନାଥ, ହେ ଯଦୁନାଥ, ହେ ଦ୍ୱାରିକାନାଥ, ମୋତେ ରକ୍ଷା କର ।'' ସେହି ସମୟରେ ଦୁର୍ଯ୍ୟୋଧନର ଇଙ୍ଗିତମାତ୍ରେ ଦୁଃଶାସନ ଶାଢ଼ି ଟାଣିବା ଆରମ୍ଭ କଲେ । ସେହି ସମୟରେ ପଞ୍ଚ ପାଣ୍ଡବ, ଭୀଷ୍ମ ପିତାମହ ଏବଂ ଗୁରୁ ଦ୍ରୋଣାଚାର୍ଯ୍ୟ ତଥା ସଦ୍‌ଗୁଣଯୁକ୍ତ ବ୍ୟକ୍ତି ତଳକୁ ମଥା କରି ଅନ୍ତରରେ ବିସ୍ମିତ ହେଉଥାଆନ୍ତି । ଦ୍ରୌପଦୀ ଦୁଇ ହାତ ଉପରକୁ କରିଥାଆନ୍ତି, ଦୁଇ ନେତ୍ରରୁ ଅଶ୍ରୁ ପ୍ରବାହିତ ହେଉଥାଏ । ତାଙ୍କର ସମସ୍ତ ସତ୍ତା ଭଗବାନଙ୍କ ନିର୍ଭରତା ଉପରେ କେନ୍ଦ୍ରିତ ହୋଇଥାଆନ୍ତି ।

ଭଗବାନଙ୍କର ପ୍ରାଣରୁ ପ୍ରିୟ ତାଙ୍କ ଆଶ୍ରିତ, ତାଙ୍କ ଭକ୍ତ । ସେ ନିଜ ଅପମାନ ସହି ନିଅନ୍ତି, କିନ୍ତୁ ଭକ୍ତର ଅପମାନ, ଭକ୍ତର ଦୁଃଖ ସହି ପାରନ୍ତି ନାହିଁ । ଭକ୍ତ ଦୁଃଖରେ ଥିବା ସମୟରେ ତାଙ୍କ ପାଖେ ପାଖେ ରହି ରକ୍ଷା କରନ୍ତି ।

ଦ୍ରୌପଦୀଙ୍କର ଖଣ୍ଡିଏ ବୋଲି ବସ୍ତ୍ର । ସେହି ବସ୍ତ୍ରକୁ ଶହେ ହାତୀର ବଳଯୁକ୍ତ ଦୁଃଶାସନ ଟାଣୁଛି, ବସ୍ତ୍ର ଶେଷ ହେଉ ନାହିଁ । ପାହାଡ଼ ସଦୃଶ ବସ୍ତ୍ର ଜମା ହୋଇଗଲା କିନ୍ତୁ ଦ୍ରୌପଦୀଙ୍କ ଶରୀରବସ୍ତ୍ର ଶେଷ ହେଉ ନାହିଁ । ଏହି ଅଦ୍ଭୁତ ଘଟଣାରେ ସମସ୍ତ ସଭା ବିସ୍ମିତ ହୋଇଗଲେ । ଦୁର୍ଯ୍ୟୋଧନ ଓ ଦୁଃଶାସନର ମୁହଁ ଶୁଖିଗଲା, ମୁଖରୁ ବାକ୍ୟ ଉଚ୍ଚାରଣ ହେଲା ନାହିଁ । ଭଗବତ୍ ଭକ୍ତ ଓ ଜ୍ଞାନୀମାନେ ଆନନ୍ଦିତ ହେଲେ । ଦୁଃଶାସନର ହାତବଳ ଥକିଗଲା, ଆଉ ବସ୍ତ୍ର ଟାଣିବାକୁ ହାତରେ ବଳ ରହିଲା ନାହିଁ । ତା'ର ପାଣ୍ଡବଙ୍କଠାରୁ ବଦଳାନେବା ଦ୍ରୌପଦୀଙ୍କୁ ଅପମାନ ଦେବାର ଯେଉଁ ଉତ୍ସାହ ଥିଲା ତାହା ହତାଶା ଓ ନିରାଶାରେ ପରିଣତ ହେଲା । ଦୁଃଶାସନ ଲଜ୍ଜା ତଥା ଅପମାନରେ ମଥା ତଳକୁ କରି ଠିଆ ହୋଇ ରହିଲା ।

ସେହି ଅବସରରେ ଦୈବୀ ଦୁର୍ବିପାକରୁ ଦୁର୍ଯ୍ୟୋଧନଙ୍କ ରାଣୀବାସରେ ହଠାତ୍ ଅଗ୍ନି ଲାଗି ଅଳ୍ପ ସମୟ

ମଧ୍ୟରେ ପ୍ରଜ୍ୱଳିତ ହେବାକୁ ଲାଗିଲା । ଅନ୍ତଃପୁରରୁ ରାଣୀମାନେ ପ୍ରାଣରକ୍ଷା କରିବା ସକାଶେ ଯିଏ ଯେଉଁ ଅବସ୍ଥାରେ ଥିଲେ ସେହି ଅବସ୍ଥାରେ ବାହାରକୁ ଆସିଗଲେ । ଏଥିରେ ଦୁର୍ଯ୍ୟୋଧନ ବହୁତ ଲଜ୍ଜିତ ଓ ଦୁଃଖିତ ହେଲେ । ପାଣ୍ଡବଙ୍କୁ ଯେଉଁ ଅପମାନ ଦେଇ ଲଜ୍ଜିତ କରିବାକୁ ଚାହିଁଥିଲେ ସେହି ସମାନ ଅପମାନ ଓ ଲଜ୍ୟା ନିଜେ ଭୋଗ କଲେ । ଭଗବାନ୍ ପାଣ୍ଡବ ଓ ଦ୍ରୌପଦୀଙ୍କୁ ରକ୍ଷା କଲେ । ଯିଏ ଈର୍ଷାରେ ଅନ୍ୟର ମନ୍ଦ ଚାହାନ୍ତି, ସେହି ମନ୍ଦ ନିଜ ଉପରକୁ ଆସେ । ''ଅପରେ ଚିନ୍ତତି ମନ୍ଦ, ଦୈବ ଚିନ୍ତତି ଦୁର୍ଗତି ।'' ଯିଏ ଅନ୍ୟର ମନ୍ଦ ଚାହେଁ ଦୈବ ତାହାକୁ ଦଣ୍ଡ ଦିଅନ୍ତି । ଭଗବତ୍ ଆଶ୍ରିତକୁ ଭଗବାନ୍ ସର୍ବାବସ୍ଥାରେ ରକ୍ଷା କରନ୍ତି ।

ଅତଏବ ଆମ୍ଭେମାନେ ସତତ 'ମା' – ଏହି ନାମ ସ୍ମରଣ କରିବା ଏବଂ ନିଜେ ଓ ନିଜର ଯାହାକିଛି ସବୁ ମା'ଙ୍କ ଚରଣରେ ସମର୍ପଣ କରିବା । ଯେତେବେଳେ ଯେଉଁ ପ୍ରକାର ଦୁଃଖକଷ୍ଟ, ହତାଶା, ନିରାଶା, ଅନ୍ୟର ଦୁର୍ବ୍ୟବହାର, ଅନ୍ୟ ଦ୍ୱାରା ଅପମାନ, ନିଜ ରୋଗର ଚିନ୍ତା, ପରିବାରରେ ରୋଗ ବା ମୃତ୍ୟୁର ଚିନ୍ତା ଆସିବ, ସେତେବେଳେ ଆମ୍ଭେମାନେ ବିବ୍ରତ ନ ହୋଇ 'ମା' – ଏହି ନାମ ଜପ କରିବା ଏବଂ ଜପ ସଙ୍ଗେ ସେହି ପ୍ରତିକୂଳ ଅବସ୍ଥାକୁ ମା'ଙ୍କ ଚରଣରେ ସମର୍ପଣ କରିବାର ଧାରଣା କରିବା । ଏହି ବିଶ୍ୱାସ ରଖିଲେ ସେସବୁ ପରିବର୍ତ୍ତିତ ହୋଇଯିବ । ମା' ଛୋଟ ଶିଶୁକୁ ରକ୍ଷା କରିବା ସଦୃଶ ଶ୍ରୀମା ଆମ୍ଭମାନଙ୍କୁ ରକ୍ଷା କରିବେ । ଏହିପରି ଗୋଟିଏ ଗୋଟିଏ ଘଟଣାରେ ଆମ୍ଭମାନଙ୍କର ମା'ଙ୍କ ରକ୍ଷାରେ ଅଧିକ ବିଶ୍ୱାସ ହେବ ଏବଂ ଆମ୍ଭେମାନେ ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଅଗ୍ରସର ହୋଇପାରିବା ।

ଏହି ରୂପାନ୍ତର ଯୋଗରେ ଶ୍ରୀମା ନିଜ ଅଭିଜ୍ଞତାରେ ଜପକୁ ସାଧନାର ସର୍ବଶ୍ରେଷ୍ଠ ସ୍ଥାନ ଦେଇଅଛନ୍ତି ।

❖

ସାଧନାର ପ୍ରାଣ : ସତ୍‌ସଙ୍ଗ

ପ୍ରଶ୍ନ : ଶାସ୍ତ୍ର ପୁରାଣ ତଥା ସନ୍ଥ ମହାତ୍ମା ମହାପୁରୁଷମାନେ ସତ୍‌ସଙ୍ଗର ବହୁ ମହିମା କହିଛନ୍ତି । ସତ୍‌ସଙ୍ଗର ଅର୍ଥ କ'ଣ ? ତାହା ପ୍ରାପ୍ତ ହୁଏ କିପରି ?

ଉତ୍ତର : ସତ୍‌ସଙ୍ଗର ଅର୍ଥ : — ଯେଉଁ ବସ୍ତୁର କେବେ ବି ନାଶ ହୁଏ ନାହିଁ ତାହାହିଁ ସତ୍ୟ ବା ସତ୍ । ସେହି ସତ୍ୟ ବସ୍ତୁ ପ୍ରାପ୍ତିର ଅର୍ଥ ସତ୍‌ସଙ୍ଗ । ନିଜ ମଧ୍ୟରେ ସ୍ଥିତ ଆତ୍ମା ସତ୍ୟ, ତା'ର କେବେ ବି ନାଶ ହୁଏ ନାହିଁ । ତାହା ସଚ୍ଚିଦାନନ୍ଦ ପରଂବ୍ରହ୍ମଙ୍କ ଅଂଶ ବା ପ୍ରତିଭୂ । ବ୍ରହ୍ମ ଶାଶ୍ୱତ ସତ୍ୟ ଏବଂ ଅନାଦି । ଆତ୍ମା ଏବଂ ବ୍ରହ୍ମ ଉଭୟ ତତ୍ତ୍ୱତଃ ଏକ । ଉଭୟଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଆତ୍ମ ଉପଲବ୍‌ଧ୍ ବା ଭଗବତ୍ ଉପଲବ୍‌ଧ୍‌ର ଅର୍ଥ ସତ୍‌ସଙ୍ଗ । ଆତ୍ମାର ସ୍ୱର୍ଶ ମନ, ପ୍ରାଣ ପାଇଲେ ବ୍ୟକ୍ତି ଭଗବତାଭିମୁଖୀ ହୁଏ ।

ଆତ୍ମ ଉପଲବ୍‌ଧ୍ ବା ଭଗବତ୍ ପ୍ରାପ୍ତି ରୂପ ସତ୍‌ସଙ୍ଗ ପ୍ରାପ୍ତ ହୁଏ ଭଗବାନଙ୍କ କୃପାରୁ; ମହାତ୍ମା, ମହାପୁରୁଷଙ୍କ ଦର୍ଶନ ଏବଂ ଉପଦେଶରୁ । ଆତ୍ମ ଉପଲବ୍‌ଧ୍ ବା ଭଗବତ୍ ପ୍ରାପ୍ତି ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ସକାଶେ ସେ ପୃଥିବୀକୁ ଆସିଅଛି । ଯେପର୍ଯ୍ୟନ୍ତ ସେ ନିଜ ଲକ୍ଷ୍ୟ ପ୍ରାପ୍ତ ନ କରେ ସେ ପର୍ଯ୍ୟନ୍ତ ସେ କେବେବି ଯଥାର୍ଥ ସୁଖଶାନ୍ତି ପ୍ରାପ୍ତ କରିପାରେ ନାହିଁ ।

ସତ୍‌ସଙ୍ଗ ପ୍ରାପ୍ତ ହେବାର ଦୁଇଟି ପ୍ରଣାଳୀ । ଗୋଟିଏ ହେଲା ଯେଉଁ ସନ୍ଥ, ମହାତ୍ମା, ମହାପୁରୁଷ ନିଜ ଲକ୍ଷ୍ୟ ପ୍ରାପ୍ତ କରିଅଛନ୍ତି ଅଥବା ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇଅଛନ୍ତି ସେମାନଙ୍କ ସମ୍ପର୍କ ତଥା ସାହାଯ୍ୟ ପ୍ରାପ୍ତ ହେବାରେ; ଅନ୍ୟଟି ଲକ୍ଷ୍ୟ ପ୍ରାପ୍ତ କରିଥିବା ମହାତ୍ମା ବା ମହାପୁରୁଷଙ୍କ ଲିଖିତ ଅଧ୍ୟାତ୍ମଗ୍ରନ୍ଥ ଅଧ୍ୟୟନ କରିବାରେ । ଅଧ୍ୟାତ୍ମଗ୍ରନ୍ଥ ଅଧ୍ୟୟନରେ ବହୁତ କମ୍ ବ୍ୟକ୍ତିଙ୍କୁ ଲକ୍ଷ୍ୟ ପ୍ରାପ୍ତ ହୁଏ କିନ୍ତୁ ଅଧିକାଂଶଙ୍କୁ ସାଧନାରେ ତଥା ସନ୍ଥ, ମହାତ୍ମାଙ୍କ ସମ୍ପର୍କରେ ଆସିବାରୁ ସାହାଯ୍ୟ ମିଳେ । ଲକ୍ଷ୍ୟପ୍ରାପ୍ତିରେ ବିଶେଷରୂପେ ସହାୟକ ସତ୍‌ପୁରୁଷଙ୍କ ସମ୍ପର୍କ ।

ପ୍ରଶ୍ନ : ସତ୍‌ପୁରୁଷଙ୍କ ସଙ୍ଗ, ସଦ୍‌ଗ୍ରନ୍ଥ ଅଧ୍ୟୟନରେ ବ୍ୟକ୍ତିର ଲକ୍ଷ୍ୟ ପ୍ରାପ୍ତିରେ ସାହାଯ୍ୟ ମିଳେ, ଅସତ୍ ପୁରୁଷଙ୍କ ସଙ୍ଗ ତଥା ନିମ୍ନ ପ୍ରାଣର ଉତ୍ତେଜକ ଗଳ୍ପ, ଉପନ୍ୟାସ ପଢ଼ିବା ଦ୍ୱାରା ବ୍ୟକ୍ତିର ଚେତନା ଲକ୍ଷ୍ୟ ପ୍ରାପ୍ତିର ବିପରୀତ, ନିମ୍ନଗାମୀ ହୁଏ କାହିଁକି ?

ଉତ୍ତର : ସତ୍‌ପୁରୁଷମାନେ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧକୁ ଅତିକ୍ରମ କରି ଆତ୍ମସ୍ୱରୂପ ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ଅହିଂସାରେ ବାସ କରନ୍ତି । ସେମାନଙ୍କ ସତ୍ତା ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ ହୋଇଥାଏ । ସେମାନଙ୍କ ମଧ୍ୟରେ ଭଗବତ୍ ଦିବ୍ୟଗୁଣ ପ୍ରତିଷ୍ଠା ହୋଇଥିବାରୁ ସେମାନଙ୍କ ଶାରୀରିକ ବାତାବରଣରେ ଜ୍ଞାନ, ଆନନ୍ଦ, ଶାନ୍ତି, ସନ୍ତୋଷ, ସମତା, ଅହିଂସା, ଭଗବତ୍ ବିଶ୍ୱାସ, ଭଗବତ୍ ନିର୍ଭରତା ଓ ଭଗବାନଙ୍କ ପ୍ରତି ସମର୍ପଣର ଶୁଦ୍ଧ ପରମାଣୁ ଉତ୍ପନ୍ନ ହୋଇଥାଆନ୍ତି । ଅର୍ଥାତ୍ ସେମାନଙ୍କ ଶରୀରର କିଛି ଦୂର ସୀମାରେ ଶରୀରକୁ ଆବୃତ କରି ରହିଥାଆନ୍ତି । ସେମାନଙ୍କ ସମ୍ପର୍କରେ ଆସିବା ବ୍ୟକ୍ତି ମଧ୍ୟରେ ଏହି ଦିବ୍ୟ ପରମାଣୁ ସବୁ ପ୍ରବେଶ କରନ୍ତି ଏବଂ ତା' ମଧ୍ୟରେ ଥିବା ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି ଅଶୁଦ୍ଧ ପରମାଣୁକୁ ନଷ୍ଟ କରନ୍ତି । ସେହି ସକାଶେ ବ୍ୟକ୍ତି ସାଧୁ, ମହାତ୍ମା, ସନ୍ଥ, ମହାପୁରୁଷଙ୍କ ଦର୍ଶନକୁ ଯାଆନ୍ତି ।

ଭଗବାନଙ୍କ ଅବତାର ଯେତେବେଳେ ସଂସାରରେ ନୂତନ ଚେତନା ସ୍ଥାପନ କରିବାକୁ ଆସନ୍ତି ସେତେବେଳେ ସେମାନଙ୍କ ଅଥବା ଆଚାର୍ଯ୍ୟମାନଙ୍କ ଦର୍ଶନରେ ଦିବ୍ୟ ପରମାଣୁ ନିଜ ମଧ୍ୟରେ ପ୍ରବେଶ କରେ । ଏହାଛଡ଼ା ଗୋଟିଏ ଅଧ୍ୟାତ୍ମ-ସତ୍ୟ ବ୍ୟକ୍ତିର ଆତ୍ମାକୁ ସ୍ପର୍ଶ କରେ, ତାକୁ ଜାଗ୍ରତ୍ କରେ ଏବଂ ତା' ମଧ୍ୟରେ ଗୋଟିଏ ଏପରି ତତ୍ତ୍ୱ ପ୍ରତିଷ୍ଠା କରେ ଯାହା ବ୍ୟକ୍ତିକୁ ସତ୍ୟ, ଜ୍ଞାନ, ଆନନ୍ଦ, ପରମ ଶାନ୍ତି ଆଡ଼କୁ ଉନ୍ମୁଖ କରିଦିଏ । ଯେତେ ପ୍ରକାର ସତ୍ କର୍ମ ଅଛି ସବୁଠାରୁ ବିଶେଷ ମହତ୍ତ୍ୱପୂର୍ଣ୍ଣ ଏବଂ ସଦ୍ୟ ଫଳପ୍ରସୂ ହେଉଛି ମହାପୁରୁଷ, ମହାତ୍ମାଙ୍କ ଦର୍ଶନ ।

ଠିକ୍ ଏହିପରି ସଦ୍‌ଗ୍ରନ୍ଥର ଅଧ୍ୟୟନ । ସଦ୍‌ଗ୍ରନ୍ଥ ଅଧ୍ୟୟନ କରିବା ସମୟରେ ବ୍ୟକ୍ତିର ଚେତନା ସେହି ବିଷୟରେ ଏକାମ୍ ହୋଇଯାଏ, ତା'ର ନିମ୍ନଗାମୀ ଚେତନା ଊର୍ଦ୍ଧ୍ୱଗାମୀ ହୁଏ, ଆକାଶରେ ବିଚରଣ କରୁଥିବା ଋଷି, ମୁନି, ମହାପୁରୁଷ, ମହାତ୍ମା, ସାଧୁ, ସନ୍ଥଙ୍କ ସଦ୍‌ବିଚାର, ସଦ୍‌ତତ୍ତ୍ୱ, ସଦ୍‌ପରମାଣୁ ତା' ମଧ୍ୟରେ ପ୍ରବେଶ କରେ ଏବଂ ସତ୍‌ମାର୍ଗରେ ପରିଚାଳନା କରେ । ଏହି କାରଣରୁ ସତ୍ୟ ଅଭୀପ୍ସୁ ବ୍ୟକ୍ତିକୁ ସଦ୍‌ଗ୍ରନ୍ଥ ଅଧ୍ୟୟନ, ସତ୍‌ପୁରୁଷଙ୍କ ସଙ୍ଗ ବିଶେଷ ଆବଶ୍ୟକ । ଠିକ୍ ଏହାର ବିପରୀତ ହୁଏ ଅସତ୍‌ପୁରୁଷଙ୍କ ସଙ୍ଗ ଏବଂ ପ୍ରାଣ ଉତ୍ତେଜନାକାରୀ ଗଳ୍ପ ଉପନ୍ୟାସ ପଢ଼ିବାରେ । ବ୍ୟକ୍ତି ଅଶ୍ଳୀଳ ଗଳ୍ପ, କାହାଣୀ, କେବେ ପଢ଼ିବା ଉଚିତ୍ ନୁହେଁ । ଭୁଲ୍‌ରେ ମଧ୍ୟ ଅସତ୍ ବ୍ୟକ୍ତିର ସଙ୍ଗ କରିବା ବାଞ୍ଛନୀୟ ନୁହେଁ । ଏହି ଦୁଇ ବସ୍ତୁ ସର୍ବଥା ତ୍ୟାଜ୍ୟ ।

ପ୍ରଶ୍ନ : ସାଧନାରେ ସର୍ବଦା କେଉଁ ବସ୍ତୁ ତ୍ୟାଜ୍ୟ ଏବଂ କେଉଁ ବସ୍ତୁ ସାଧନାରେ ବିଶେଷ ବାଧକ ?

ଉତ୍ତର : ଭଗବତ୍ ପ୍ରାପ୍ତିରେ ସମସ୍ତ ବାଧକ ବସ୍ତୁର ତଥା କର୍ମର ତ୍ୟାଗ । ଯେଉଁ ବସ୍ତୁ ଯେଉଁ ସାଧନାରେ ବାଧକ ସେ ବସ୍ତୁ ଆଉ କର୍ମ ତ୍ୟାଗ କରିବାରେ ସାଧକର ସାମର୍ଥ୍ୟ ଥିବା ସତ୍ତ୍ୱେ ସେ ଯଦି ତ୍ୟାଗ ନ କରେ ତାହାହିଁ ସାଧନାରେ ବିଶେଷ ବାଧକ ଏବଂ ସେହିସବୁ ପ୍ରତିକୂଳ କର୍ମ ସାଧକକୁ ବିପଥଗାମୀ କରିପାରେ ।

ପ୍ରଶ୍ନ : କେଉଁ ବସ୍ତୁ କେଉଁ କର୍ମ ସାଧନାର ପ୍ରତିରୋଧକ ଏବଂ କେଉଁ ବସ୍ତୁ କେଉଁ କର୍ମ ତ୍ୟାଗ କରିବାରେ ସାଧକର ସାମର୍ଥ୍ୟ ଥିବା ସତ୍ତ୍ୱେ ସେ ତ୍ୟାଗ କରେ ନାହିଁ ?

ଉତ୍ତର : କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷ୍ୟାଦି ଦୁଷ୍ପ୍ରବୃତ୍ତି ଓ ଅହଂ, ସ୍ୱାର୍ଥ, ତାମସିକତା, ପରନିନ୍ଦା ଇତ୍ୟାଦି ଅସଦ୍‌ଗୁଣ ଭଗବତ୍ ପ୍ରାପ୍ତିରେ ବାଧକ । ଏସବୁକୁ ତ୍ୟାଗ କରିବା ଉଚିତ । କିନ୍ତୁ ଏସବୁକୁ ମନ, ପ୍ରାଣରୁ ତ୍ୟାଗ କରିବା ସାଧନାସାପେକ୍ଷ । ମନ, ପ୍ରାଣ ସମର୍ପଣ ହେଲେ ଏସବୁ ବିରୋଧୀ ପ୍ରବୃତ୍ତି ଦୂର ହୋଇଯାଆନ୍ତି ଅଥବା ରୂପାନ୍ତର ହୁଅନ୍ତି । ଏସବୁ ପୂର୍ଣ୍ଣତଃ ତ୍ୟାଗ କରିବା ନିମିତ୍ତ ବହୁତ ଦିନ ସାଧନା କରିବାକୁ ହୁଏ ।

ସୁତରାଂ ଏହିସବୁ ବୃତ୍ତିର ଚରିତାର୍ଥ ଅଥବା ସ୍ଥୂଳ କ୍ରିୟାରେ ପରିଣତ କରିବା ସାଧନା ଆରମ୍ଭରୁ ବର୍ଜନ କରାଯାଇପାରେ । ଜ୍ଞାନ ବଳରେ ଅଥବା ଭଗବାନଙ୍କ ସାହାଯ୍ୟରେ ଏହା କରିବା ପାଇଁ ସାଧକର ସାମର୍ଥ୍ୟ ଥାଏ । ଏହିସବୁ ବୃତ୍ତିକୁ ସାଧକ ଯଦି ସଂଯମ ନ କରି ସ୍ଥୂଳ କର୍ମରେ ପରିଣତ କରେ ତେବେ ତା'ର ପତନ ହୁଏ । ଏହି ବିପରୀତ କର୍ମ ସାଧକକୁ ସାଧନାମାର୍ଗରୁ ବିପଥଗାମୀ କରାଏ ।

କାମ, କ୍ରୋଧ, ଲୋଭ, ମୋହ ମାନସିକ କ୍ରିୟା । ଏହିସବୁ ପ୍ରତିକୂଳ ବିଚାର ମନରେ ଆସେ, ପ୍ରାଣରେ ଉତ୍ତେଜନା ଆଣେ । ଏସବୁକୁ ତ୍ୟାଗ କରିବାକୁ ସାଧକ ମା'ଙ୍କ ଶକ୍ତିକୁ ଆବାହନ କରେ, ସମର୍ପଣ କରେ, ଏକାଗ୍ର ହୋଇ ଏହିସବୁ ବିଚାରକୁ ବର୍ଜନ କରେ ଅଥବା ପୁରୁଷ ତତ୍ତ୍ୱରେ ଏକାମ୍ ହୋଇ ଏସବୁ ବିଚାରକୁ ତଟସ୍ଥ ସାକ୍ଷିବତ୍ ଦେଖେ । ଏହାହିଁ ତ୍ୟାଗ କରିବାର ପ୍ରଣାଳୀ । ବ୍ୟକ୍ତି ଯଦି କାମ ବାସନା ପୂର୍ଣ୍ଣ କରିବାକୁ ଶାରୀରିକ ସମ୍ଭୋଗ କରେ, ଅଥବା ପ୍ରାଣର ଆବେଗ ଯୋଗୁଁ ସ୍ତ୍ରୀ ପୁରୁଷ ଉଭୟ ବାରଂବାର ଦେଖା ସାକ୍ଷାତ୍ କରନ୍ତି; କ୍ରୋଧ ଯୋଗୁଁ ଝଗଡ଼ା ବା ବିବାଦ କରନ୍ତି, ଲୋଭ ଯୋଗୁଁ ସ୍ୱାର୍ଥ ସକାଶେ ଧନ ସଂଗ୍ରହ କରନ୍ତି : ଏହି ସବୁହିଁ ସ୍ଥୂଳ କ୍ରିୟା । ସାଧନାରେ ଏସବୁର ତ୍ୟାଗ ଅନିବାର୍ଯ୍ୟ । ଠିକ୍ ଏହିପରି ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, ଅହଂ, ସ୍ୱାର୍ଥ, ତାମସିକତା, ପରନିନ୍ଦା । ଏହି ସବୁର ବିଚାର ମନ, ପ୍ରାଣରେ ଆସିବା ସ୍ୱଭାବିକ । ସେସବୁକୁ ମନ ପ୍ରାଣରୁ ବର୍ଜନ କରିବା ଉଚିତ । ମୋହଗ୍ରସ୍ତ ହୋଇ ଅନୁଚିତ ସ୍ଥୂଳ କର୍ମ କରିବା, ସ୍ଥୂଳ କର୍ମରେ ହିଂସା ଦ୍ୱେଷ ରଖି ଅନ୍ୟର ଅନିଷ୍ଟ କରିବା ସକାଶେ ତା' ବିରୋଧରେ କହିବା, ଷଡ଼ଯନ୍ତ୍ର କରିବା ଏବଂ ଅପପ୍ରଚାର କରିବା; ଈର୍ଷ୍ୟା ବଶରେ କର୍ମ, ବଚନ ଦ୍ୱାରା ଅନ୍ୟର ଅନିଷ୍ଟ କରିବା, ଅହଂର ସିଦ୍ଧି ସକାଶେ ସ୍ୱାର୍ଥବଶତଃ ଅନ୍ୟର କ୍ଷତି କରି ଅଥବା ସେହି ଉଦ୍ଦେଶ୍ୟ ରଖି କର୍ମ କରିବା; ତାମସିକତାର ବଶ ହୋଇ ଶୋଇ ରହିବା, ବସି ରହିବା, କର୍ମରେ ତତ୍‌ପର ନ ହେବା, ପରନିନ୍ଦା, ସାଧୁ, ସନ୍ଥ, ମହାପୁରୁଷ, ସାଧକମାନଙ୍କ ନିନ୍ଦା, ଅନ୍ୟ ବିଷୟରେ ଆଲୋଚନା, ଏସବୁ ସ୍ଥୂଳ କର୍ମ । ଭାଗବତୀ ଶକ୍ତି ସାହାଯ୍ୟରେ ବ୍ୟକ୍ତି ଏହିସବୁ ସ୍ଥୂଳ କର୍ମ ତ୍ୟାଗ କରିପାରେ । ବ୍ୟକ୍ତି ଯଦି ଏହାକୁ ତ୍ୟାଗ ନ କରି କ୍ରିୟାରେ ପରିଣତ କରେ ତେବେ ଏସବୁ ସାଧନାମାର୍ଗରୁ ସାଧକକୁ ବହୁ ଦୂରକୁ ନେଇ ଯାଆନ୍ତି ।

ଏହିସବୁ ଯେତେ ପ୍ରକାର ପ୍ରତିକୂଳ ସ୍ଥୂଳକର୍ମ ଅଛି, ତନ୍ମଧ୍ୟରେ ସବୁଠାରୁ ସାଂଘାତିକ ଏବଂ ମାରାତ୍ମକ ହେଉଛି ଶାରୀରିକ କାମସମ୍ଭୋଗ, ଅହଂ, ସ୍ୱାର୍ଥସିଦ୍ଧି ସକାଶେ ଉପାୟଗ୍ରହଣ ତଥା ସାଧୁ, ସଜ୍ଜ, ମହାତ୍ମା, ସାଧକ, ମହାପୁରୁଷଙ୍କ ନିନ୍ଦା । ଏହିସବୁ କର୍ମ କରିବା ପୂର୍ବରୁ ପ୍ରତିକୂଳ ତତ୍ତ୍ୱ ବ୍ୟକ୍ତିର ଆତ୍ମା, ଜ୍ଞାନ, ବିବେକ, ଭଗବାନଙ୍କ ପ୍ରତି ସମର୍ପଣ, ଭଗବାନଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ଇତ୍ୟାଦି ଦିବ୍ୟ ଗୁଣକୁ ଆବୃତ କରିଦିଏ । ସେତେବେଳେ ବ୍ୟକ୍ତିର ସମ୍ମୁଖକୁ ଆସନ୍ତି ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, କାମ, କ୍ରୋଧ ଇତ୍ୟାଦି । ସାଧନାରେ ଏହି ସ୍ଥୂଳ କ୍ରିୟାର ତ୍ୟାଗ ଏକାନ୍ତ ଆବଶ୍ୟକ । ଏହାର ପ୍ରକ୍ରିୟା ହେଲା ଭାଗବତୀ ଶକ୍ତିଙ୍କ ସାହାଯ୍ୟ ଏବଂ ତାଙ୍କ ଚରଣରେ ସମର୍ପଣ ପୂର୍ବକ ଦୃଢ଼ ସଂକଳ୍ପ ସହିତ ସଂଯମ ।

ପ୍ରଶ୍ନ : ସାଧନାରେ ବାଧକ ଯେଉଁସବୁ ସ୍ଥୂଳ କ୍ରିୟା ତା' ମଧ୍ୟରେ ସନ୍ତାନ ଉତ୍ପାଦନ କ୍ରିୟା ମହାନ୍ ବାଧକ ବୋଲି କୁହାହେଲା । ଏହି କ୍ରିୟା ବର୍ଜନ କରିବା ପ୍ରତ୍ୟେକ ଗୃହସ୍ଥ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ ନୁହେଁ । ଏହି କ୍ରିୟା ବର୍ଜନ ନ କଲେ ସାଧନା ସିଦ୍ଧି ହୋଇପାରିବ ନାହିଁ, ସୁତରାଂ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ବ୍ୟକ୍ତି ସକାଶେ ଅନିବାର୍ଯ୍ୟ ବୋଲି କିପରି କୁହା ହେଉଛି ?

ଉତ୍ତର : ଯୋଗ ପ୍ରତ୍ୟେକ ବ୍ୟକ୍ତି ସକାଶେ ଅନିବାର୍ଯ୍ୟ, ଏହା ଏକେବାରେ ସତ୍ୟ । ଯୋଗ ସାଧନା ଦ୍ୱାରାହିଁ ପ୍ରତିକୂଳ କ୍ରିୟା ବର୍ଜନ କରାଯାଇପାରେ । ଗୃହସ୍ଥ ଭକ୍ତ ହୁଅନ୍ତୁ ବା ବିରାଗୀ ଭକ୍ତ ହୁଅନ୍ତୁ, ସାଧନାର ନିୟମ ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ । ବିରକ୍ତ ସାଧକଠାରୁ ଗୃହସ୍ଥ ସାଧକ ସକାଶେ ସାଧନାର ନିୟମ ଟିକିଏ ମାତ୍ର କୋହଳ ନୁହେଁ । ତଥାପି ଯୋଗ ବିନା ଜୀବନ କଦାପି ପୂର୍ଣ୍ଣ ଏବଂ ସୁଖମୟ ହୁଏ ନାହିଁ । ଗୃହସ୍ଥାଶ୍ରମର ଭକ୍ତମାନେ ସନ୍ତାନ ଉତ୍ପାଦନ କ୍ରିୟା ବର୍ଜନ କରିବାରେ ଅସମର୍ଥ ହେବା ସତ୍ତ୍ୱେ ସେମାନେ ଯୋଗ-ସାଧନା ଅକ୍ଲେଶରେ ଆରମ୍ଭ କରି ପାରନ୍ତି । ସାଧନା ଦ୍ୱାରା ସେମାନଙ୍କ ମନ, ପ୍ରାଣ ଶୁଦ୍ଧ ହେଲେ ଅଳ୍ପ ପ୍ରୟାସରେ ସ୍ୱତଃସ୍ଫୂର୍ତ୍ତରୂପେ ଉପରୋକ୍ତ କ୍ରିୟା ବନ୍ଦ ହୋଇଯାଏ । ଯେଉଁମାନେ ଚାହିଁବେ ଉପରୋକ୍ତ କ୍ରିୟା ବନ୍ଦ ହେଲେ ସାଧନା କରିବେ, ସେମାନେ କେବେ ବି ସେ କ୍ରିୟା ବନ୍ଦ କରି ପାରିବେ ନାହିଁ କିଂବା ସାଧନା କରି ପାରିବେ ନାହିଁ । ବ୍ୟକ୍ତି ଯେଉଁ ସମୟରେ ସଚେତନ ହୁଏ ସେହି ସମୟରେ ସାଧନା ଆରମ୍ଭ କରିଦେବା ଉଚିତ । ପରେ ସାଧନାର ଅବସ୍ଥା ଅନୁସାରେ କ୍ରମଶଃ ସମସ୍ତ ଦୁର୍ଗୁଣ ଦୂର ହେବାକୁ ଲାଗେ କିନ୍ତୁ ସାଧନା ସଙ୍ଗେ ସଙ୍ଗେ ପ୍ରତିକୂଳ ବସ୍ତୁକୁ ବର୍ଜନ କରିବା ସକାଶେ ବ୍ୟକ୍ତିକୁ ପ୍ରୟାସ କରିବାକୁ ହୁଏ ।

ପ୍ରଶ୍ନ : କୁହାଯାଉଛି ବ୍ୟକ୍ତିର ଯେଉଁ ଦୋଷ-ତ୍ରୁଟି ଥାଏ ତାହା ସାଧନା ଦ୍ୱାରା ସଂଶୋଧିତ ହୁଏ; ବିଶେଷତଃ ଗୃହସ୍ଥ ସାଧକମାନେ ଯଦି ସନ୍ତାନ ଉତ୍ପାଦନ କ୍ରିୟା ତ୍ୟାଗ କରି ନ ପାରନ୍ତି ତେବେ ସାଧନା ଦ୍ୱାରା ସେମାନଙ୍କ ମନ, ପ୍ରାଣ ଶୁଦ୍ଧ ହେଲେ ସେମାନେ ସଂଯମ କରିପାରିବେ । ସୁତରାଂ ବିରାଗୀ ସାଧକ ସାଧିକାମାନଙ୍କ ଦ୍ୱାରା ଯଦି କୌଣସି ଦୋଷ ତ୍ରୁଟି ହୁଏ ସେମାନେ ସାଧନା କରି ତାହା ସଂଶୋଧନ କରିପାରନ୍ତି । ପୁଣି ବିରାଗୀ ସାଧକମାନଙ୍କ ପାଇଁ ଏପରି କଠୋର ସଂଯମ ପ୍ରଣାଳୀ କାହିଁକି ରଖାଯାଇଛି ?

ଉତ୍ତର : ଗୃହସ୍ଥ ସାଧକ ଯେଉଁ ଅବସ୍ଥାରେ ଥାଆନ୍ତି ସେହି ଅବସ୍ଥାରେ ସେମାନେ ସାଧନା ଆରମ୍ଭ କରନ୍ତି; ସେଥିସକାଶେ ସେମାନଙ୍କ ସାଧନାର ପ୍ରଗତି ଅନୁସାରେ ପ୍ରତିକୂଳ କର୍ମ ମଧ୍ୟ ତ୍ୟାଗ ବା ସଂଯମ କରନ୍ତି । କିନ୍ତୁ ଯେଉଁମାନେ ଘର, ପରିବାର ତ୍ୟାଗ କରି ସାଧନାରେ ପ୍ରବୃତ୍ତ ହୋଇଥା'ନ୍ତି, ସେମାନେ ପ୍ରଥମରୁ ପ୍ରତିକୂଳ ବସ୍ତୁକୁ ତ୍ୟାଗ କରି ସାରିଥା'ନ୍ତି । ତ୍ୟାଜ୍ୟ ବସ୍ତୁ ଗ୍ରହଣ କଲେ ବ୍ୟକ୍ତିର ପତନ ହୁଏ । ଯେପରି ଖାଦ୍ୟବସ୍ତୁ ବାନ୍ତି ହେଲେ ତାହା ତ୍ୟାଜ୍ୟ ହୁଏ, ବ୍ୟକ୍ତି ପୁନର୍ବାର ତାହା ଗ୍ରହଣ କରିପାରେ ନାହିଁ । ତ୍ୟାଜ୍ୟ ବସ୍ତୁ ଗ୍ରହଣ କରିବା କେବଳ ଦୋଷାବହ ନୁହେଁ, ସିଧା ସଳଖ ପତନ ।

ଯେଉଁମାନେ ଗୃହ, ପରିବାର ଛାଡ଼ି ସାଧନାରେ ପ୍ରବୃତ୍ତ ହୁଅନ୍ତି ସେମାନେ ପିତାମାତାଙ୍କ ପାଳନ ପୋଷଣ, ସେବା ତ୍ୟାଗ କରନ୍ତି, ପରିବାର ପ୍ରତି କର୍ତ୍ତବ୍ୟରୁ ବିମୁଖ ହୁଅନ୍ତି, ସମାଜର ଦାବିରୁ ମୁଖ ଫେରାଇ ନିଅନ୍ତି । ଦେଶସେବା କରନ୍ତି ନାହିଁ । ଏହିସବୁ କର୍ମ ସାଧାରଣ ଧର୍ମ । ବିଶେଷ ଧର୍ମ ହେଉଛି ଭଗବତ୍ ପ୍ରାପ୍ତି । ଭଗବତ୍ ପ୍ରାପ୍ତି ମହାନ୍ ଧର୍ମ

ସକାଶେ ସାଧାରଣ ଧର୍ମ ତ୍ୟାଗ କରିବାରେ କୌଣସି ଦୋଷ ହୁଏ ନାହିଁ । ସମସ୍ତ ସାଧୁସନ୍ଥ, ମହାତ୍ମା, ମହାପୁରୁଷ ଏହାର ଉଦାହରଣ । ବ୍ୟକ୍ତି ସାଧାରଣ ଧର୍ମକୁ ତ୍ୟାଗ କରି ବିଶେଷ ଧର୍ମ ପାଳନ ନ କଲେ ଅର୍ଥାତ୍ ତା' ପ୍ରତିକୂଳ ଆଚରଣ କଲେ ତା' ବିଶେଷ ଧର୍ମରୁ ପତନ ହୁଏ; ସୁତରାଂ ସାମାନ୍ୟ ଧର୍ମର ଆଶ୍ରୟ ନ ଥାଏ । ଏହି କାରଣରୁ ବିରାଗୀ ସାଧକ ସାଧ୍‌କାମାନଙ୍କର ପତନ ହେବା ଜୀବନରେ ସବୁଠାରୁ ବଡ଼ ଦୋଷାବହ ଏବଂ ବିପଜ୍ଜନକ ।

ଏହାର ସୁନ୍ଦର ଉଦାହରଣ ଓକିଲ ତଥା ବିଚାରପତି । ଓକିଲ ଯେତେବେଳେ ଓକିଲାତି କରନ୍ତି, ସେତେବେଳେ ସେ ତାଙ୍କ ମହକିଲଠାରୁ ଫିସ୍ ନିଅନ୍ତି, ସେଥିରେ ତାଙ୍କର ଦୋଷ ହୁଏ ନାହିଁ । ସେହି ଓକିଲ ଯଦି ବିଚାରପତି ହୁଅନ୍ତି ଏବଂ କୌଣସି ମହକିଲଠାରୁ ଅର୍ଥ ନିଅନ୍ତି ତେବେ ସେ ମହାନ୍ ଅପରାଧରେ କଠିନ ଦଣ୍ଡରେ ଦଣ୍ଡିତ ହୁଅନ୍ତି । ଠିକ୍ ସେହିପରି ଗୃହସ୍ଥ ଭକ୍ତ ଏବଂ ସନ୍ନ୍ୟାସୀ ବା ତ୍ୟାଗୀ ସାଧକ । ଗୃହସ୍ଥ ସାଧକ ସାଧାରଣ ଧର୍ମରେ ଥିବାରୁ ଭଗବାନଙ୍କୁ ସ୍ମରଣ କରି କୁଳରକ୍ଷା ସକାଶେ ସନ୍ତାନ ଉତ୍ପାଦନ କରିବାରେ ଓକିଲ ସଦୃଶ ସେ ନିନ୍ଦନୀୟ ନୁହେଁ, କିନ୍ତୁ ବିରାଗୀ ସାଧକ ସାଧାରଣ ଧର୍ମ ତ୍ୟାଗ କରି ପୁନରାୟ ଗୃହସ୍ଥ ସାଧକର କର୍ମକୁ ଆଚରଣ କଲେ ବିଚାରପତି ଲାଞ୍ଚ ନେବା ସଦୃଶ ତା' ଘୋର ପାପ ହୁଏ । ସାଧକମାନଙ୍କର କର୍ତ୍ତବ୍ୟ ହେଉଛି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରି ସବୁ ସମୟରେ ନିଜ ଲକ୍ଷ୍ୟକୁ ସମ୍ମୁଖରେ ରଖିବା । ନିଜ ଲକ୍ଷ୍ୟ ସ୍ମରଣ ରହିଲେ ଭଗବାନଙ୍କ କୃପାରୁ ସାଧକ ବିପଥଗାମୀ ହୋଇପାରେ ନାହିଁ । ଭଗବାନ୍ ପ୍ରତି ମୁହୂର୍ତ୍ତରେ ତାକୁ ରକ୍ଷା କରନ୍ତି ।

❖

ଶ୍ରୀଅରବିନ୍ଦଙ୍କ ଯୋଗ

ପ୍ରଶ୍ନ : ଶ୍ରୀଅରବିନ୍ଦ ତାଙ୍କ ଯୋଗ, ଦର୍ଶନ ତଥା ସାଧନା ସମ୍ବନ୍ଧେ ବହୁତ ଲେଖିଛନ୍ତି । କିନ୍ତୁ ସାଧାରଣ ବ୍ୟକ୍ତିଙ୍କ ପକ୍ଷେ ବୁଝିବା କଠିନ । 'ଲୋକ-ସାହିତ୍ୟ' ଏବଂ 'ନବଜ୍ୟୋତି'ରେ ଯଦିଓ ସରଳ ଭାଷାରେ ଲେଖା ଅଛି ତଥାପି ଅଧିକ ପଢ଼ି ବୁଝିବାର ଧୈର୍ଯ୍ୟ ନାହିଁ । ସଂକ୍ଷେପରେ ବୁଝାଇଦିଅନ୍ତୁ,— ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ କ'ଣ ? ସାଧନାପ୍ରଣାଳୀ କିପରି ? ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗ କେଉଁ ବିଷୟରେ ପୃଥକ୍ ?

ଉତ୍ତର : ପୁରାତନ ଯୋଗରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର, ରୋଗ-ଜରା-ମୃତ୍ୟୁରୁ ମୁକ୍ତି, କର୍ମ ତଥା ସଂସାରର ସମୃଦ୍ଧିସାଧନ ନ ଥିଲା, ଥିଲା ସାଧନା କରିବା ବ୍ୟକ୍ତିଙ୍କର ମୃତ୍ୟୁ ପରେ ମୁକ୍ତି । ଭଗବତ୍ ଅବତାର, ଆଚାର୍ଯ୍ୟ, ମହାପୁରୁଷମାନେ ସଂସାରରେ ଯଦିଓ ଧର୍ମସ୍ଥାପନା କରୁଥିଲେ ତାହା ହେଉଥିଲା ଅସ୍ଥାୟିଭାବରେ ସାମୟିକ ଓ ଆଂଶିକ । ପୃଥିବୀ ସ୍ଥାୟିଭାବରେ ରହୁଥିଲା ଦୁଃଖକଷ୍ଟରେ ପୀଡ଼ିତ । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଦିବ୍ୟତତ୍ତ୍ୱରେ ରୂପାନ୍ତର; ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତି; ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ; ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ଏବଂ କର୍ମରେ ପୂର୍ଣ୍ଣତା, ସଂସାରରେ ଅତିମାନବଜାତି ପ୍ରତିଷ୍ଠା । ଏହା ଫଳରେ ସଂସାରରୁ ହୁଏ ହିଂସା, ଦ୍ୱେଷ, ଯୁଦ୍ଧ, ଦୁଃଖକଷ୍ଟ ଦୂରୀଭୂତ, ସଂସାର ହୁଏ ଐଶ୍ୱର୍ଯ୍ୟଶାଳୀ, ପରିଣତ ହୁଏ ସ୍ୱର୍ଗରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ଏବଂ ଏହାହିଁ ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ । ଏହି ଲକ୍ଷ୍ୟ ସିଦ୍ଧିର ସାଧନା — ଅଭୀପ୍ସା, ସମର୍ପଣ, ପ୍ରତିକୂଳ ଅବସ୍ଥା, ଗତିବୃତ୍ତି ଏବଂ ପ୍ରତିକୂଳ କର୍ମର ତ୍ୟାଗ ।

ପ୍ରଶ୍ନ : ପୁରାତନ ଯୋଗର ପ୍ରବର୍ତ୍ତକ ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ, ନିମ୍ବାର୍କ ତଥା ଅନ୍ୟାନ୍ୟ ମହାପୁରୁଷମାନେ ନିଜ ମୁକ୍ତି ସକାଶେ ପ୍ରଯତ୍ନ କରି ନ ଥିଲେ, କରିଥିଲେ ସଂସାର ସକାଶେ । ସେମାନଙ୍କ ଅଧ୍ୟାତ୍ମ ମାର୍ଗକୁ ଅନୁସରଣ କରି ସେମାନଙ୍କ ଆଶ୍ରୟରେ ହଜାର ହଜାର, ଲକ୍ଷ ଲକ୍ଷ, କୋଟି କୋଟି ବ୍ୟକ୍ତି ଜନ୍ମମରଣରୁ ମୁକ୍ତ ହୋଇ ଭବ-ସାଗରରୁ ତରିଯାଇଛନ୍ତି ଏବଂ ସେହି ସମୟରେ ସେମାନଙ୍କ ଦ୍ୱାରା ସଂସାରରେ ଶାନ୍ତି, ନ୍ୟାୟ ମଧ୍ୟ ସ୍ଥାପିତ ହୋଇଛି । ସଂସାରର ଉନ୍ନତିରେ ମହାନ୍ କାର୍ଯ୍ୟ କରିଥିବା ପୁରାତନ ଯୋଗକୁ ଆପଣ ବ୍ୟକ୍ତିଗତ ବୋଲି କହିବା କିପରି ଯୁକ୍ତିଯୁକ୍ତ ହୋଇପାରେ ?

ଉତ୍ତର : ପୁରାତନ ଯୋଗର ସାଧକମାନଙ୍କର ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ଦ୍ୱାରା ସଂସାରରେ ସାମୂହିକଭାବେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ହୋଇ ନ ଥିବାରୁ ବ୍ୟକ୍ତିଗତ ବୋଲି କୁହାହୋଇଛି, ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକମାନଙ୍କ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବା ଦ୍ୱାରା ସଂସାରରୁ ଦୁଃଖ-କଷ୍ଟ, ହିଂସା, ଯୁଦ୍ଧ ସ୍ଥାୟିଭାବେ ଦୂର ହୋଇ ସୁଖଶାନ୍ତି ସ୍ଥାୟିଭାବେ ପ୍ରତିଷ୍ଠା ହେବାର ଲକ୍ଷ୍ୟ ଥିବାରୁ ଏହାକୁ ସାମୂହିକ କୁହାହୋଇଛି । କିନ୍ତୁ ଭଗବାନଙ୍କ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ନିତ୍ୟମୁକ୍ତ ବିଭୂତି ମହାନ୍ ଶକ୍ତିଶାଳୀ ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବାଚାର୍ଯ୍ୟ ତଥା ଅନ୍ୟାନ୍ୟ ମହାପୁରୁଷଙ୍କୁ ନିଜ ମୁକ୍ତି ସକାଶେ ସାଧନା କରିବା କଥା ବା ଏହି ଅଭିପ୍ରାୟରେ କୁହାହୋଇ ନାହିଁ ।

ସେମାନେ ସ୍ୱୟଂ ଭଗବାନ୍ ଏବଂ ଭଗବାନଙ୍କ ଅଂଶ । ଗୀତାବାକ୍ୟ ଅନୁସାରେ ସଂସାରରେ ଧର୍ମହାନି ହେଲେ ସେମାନେ ଧର୍ମର ପୁନରୁତ୍ଥାନ ସକାଶେ ଏହି ପୃଥିବୀକୁ ବାରଂବାର ଆସୁଥା'ନ୍ତି । କିନ୍ତୁ ସମୟ ଆସି ନ ଥିବାରୁ ସେମାନେ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ନ କରି ବ୍ୟକ୍ତିଗତ ମୁକ୍ତିର ମାର୍ଗ ପୁରାତନ ଯୋଗରେ ଦର୍ଶାଇଥିଲେ । ବର୍ତ୍ତମାନ ସମୟ ଆସିଥିବାରୁ ଶ୍ରୀମାଶ୍ରୀଅରବିନ୍ଦ ବ୍ୟକ୍ତିର ରୂପାନ୍ତର, ଶରୀରରେ ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ସହିତ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠାର ମାର୍ଗ ଆବିଷ୍କାର କରିଛନ୍ତି ।

ପ୍ରଶ୍ନ : ଆପଣଙ୍କ କହିବାର ଅଭିପ୍ରାୟ, ପୁରାତନ ଯୋଗ ଅପେକ୍ଷା ଶ୍ରୀଅରବିନ୍ଦଙ୍କ ଯୋଗ ଶ୍ରେଷ୍ଠ ?

ଉତ୍ତର : ଏହା ମୋର ଅଭିପ୍ରାୟ ନୁହେଁ, ଆପଣଙ୍କର ନିଜର ଧାରଣା । ସଂସାର କ୍ରମବିକାଶ ଅନୁସାରେ ବିକାଶ ମାର୍ଗରେ ଗତିକରୁଛି । ଏହି ବିକାଶକୁ ତ୍ୱରତର କରିବା ସକାଶେ ଭଗବାନ୍ ସ୍ୱୟଂ ବିଭିନ୍ନ ରୂପରେ ଅବତାର ନେଇ ଅଥବା ନିଜ ବିଭୂତି ଦ୍ୱାରା କ୍ରମ-ବିକାଶକୁ ଅଗ୍ରସର କରାଉଛନ୍ତି । ଭଗବାନଙ୍କ ଛଡ଼ା ଅନ୍ୟ କାହାର ଯଦି ଏହି ସଂସାର ଏବଂ ସଂସାରର ବ୍ୟବସ୍ଥା ହୋଇଥାଆନ୍ତା ତେବେ ନିକୃଷ୍ଟ ଏବଂ ଶ୍ରେଷ୍ଠ କହିବାର ଅବକାଶ ଥାଆନ୍ତା । ସେହି ଏକହିଁ ଭଗବାନ୍ ସଂସାରର ରୂପ ହୋଇଛନ୍ତି, ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପେ କାର୍ଯ୍ୟ କରୁଛନ୍ତି । ସେହି ଏକହିଁ ଈଶ୍ୱରଙ୍କୁ ଏବଂ ତାଙ୍କ କାର୍ଯ୍ୟକୁ ବଡ଼, ସାନ କହିବା କେବଳ ଭ୍ରମ ଧାରଣା ଛଡ଼ା ଅନ୍ୟ କିଛି ନୁହେଁ ।

ପ୍ରଶ୍ନ : ଆପଣଙ୍କ କହିବା ଅନୁସାରେ ଯଦି ସଂସାରର ବିକାଶ ଭଗବାନଙ୍କ ସଂକଳ୍ପ ଏବଂ ବିଧାନରେ ହେଉଛି ତେବେ ପୂର୍ବ ମହାପୁରୁଷମାନେ ଏହି ସଂସାରକୁ ଆସି ସ୍ଥାୟୀ ପରିବର୍ତ୍ତନ କାହିଁକି କଲେ ନାହିଁ, ଶ୍ରୀଅରବିନ୍ଦ ଏବଂ ଶ୍ରୀମା ଆସି ଏହି କାର୍ଯ୍ୟ କାହିଁକି କରୁଛନ୍ତି ?

ଉତ୍ତର : ତା'ର ସମୟ ଆସି ନ ଥିଲା । ଶିଶୁଟିକୁ କଲେଜ ବିଦ୍ୟା ଶେଷ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ଦିଆହୁଏ, ବାଲ୍ୟ ଅବସ୍ଥାରେ କଲେଜର ଶିକ୍ଷା ଦିଆ ହୁଏ ନାହିଁ । ଠିକ୍ ସେହିପରି ସଂସାର ।

ଏପର୍ଯ୍ୟନ୍ତ ବିକାଶ ଚାଲିଥିଲା ଜଡ଼ରୁ ବୃକ୍ଷଲତା, ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟ ପର୍ଯ୍ୟନ୍ତ । ଜଡ଼ରୁ ମାନସ ଚେତନା ପର୍ଯ୍ୟନ୍ତ ଅଜ୍ଞାନର ସ୍ତର । ବିକାଶ ସକାଶେ ମୃତ୍ୟୁ, ରୋଗ, ଦୁଃଖ ଆବଶ୍ୟକ । ଅଜ୍ଞାନ ଅବସ୍ଥାରେ ବ୍ୟକ୍ତିକୁ ସୁଖଶାନ୍ତି, ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ସେ ରାକ୍ଷସ ହୋଇଯାଏ ଏବଂ ଆସୁରୀ ଶକ୍ତିର ଯନ୍ତ୍ର ହୋଇ ସଂସାରକୁ ଧ୍ୱଂସ କରେ । ଧ୍ୱଂସରୁ ରକ୍ଷା, ତଥା ବିକାଶକୁ ତ୍ୱରିତ କରିବା ସକାଶେ ଭଗବାନ୍ ସ୍ୱୟଂ ଅବତାର ନିଅନ୍ତି ଅଥବା ତାଙ୍କରି ବିଧାନରେ ମହାପୁରୁଷମାନେ ପୃଥିବୀରେ ଧର୍ମ ବୃଦ୍ଧି କରନ୍ତି । କିନ୍ତୁ ବିକାଶ ସକାଶେ ଅଜ୍ଞାନର ଆବଶ୍ୟକ ଥିବାରୁ ତାହାର ରୂପାନ୍ତର କରିବାକୁ ପ୍ରୟାସ କରନ୍ତି ନାହିଁ ।

ବର୍ତ୍ତମାନ ସମୟ ଆସିଛି । ମନର ବିକାଶ ଶେଷ ହୋଇଯାଇଛି । ଏହା ପରେ ପୃଥିବୀରେ ଅତିମାନସ ବିଜ୍ଞାନ ପ୍ରତିଷ୍ଠା ହେବ । ଏହି କାର୍ଯ୍ୟ କରିବାକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି, ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ଅତିମାନସ ଶକ୍ତିର ଧର୍ମ ହେଉଛି ଆନନ୍ଦ, ଅମୃତତ୍ୱ । ପୃଥିବୀରେ ଏହି ଅତିମାନବ ସତ୍ୟ ପ୍ରତିଷ୍ଠା ହେଲେ ଅଜ୍ଞାନ ଶକ୍ତି ଏହାକୁ ଆଲୋକ ସମ୍ମୁଖରେ ଅନ୍ଧକାର ସଦୃଶ ସ୍ପର୍ଶ କରି ପାରିବ ନାହିଁ । ପୃଥିବୀରେ ସ୍ଥାୟିରୂପେ ସତ୍ୟ, ନ୍ୟାୟ ପ୍ରତିଷ୍ଠା ହେବ ଏବଂ କ୍ରମଶଃ ବୃଦ୍ଧି ହେଉଥିବ । ଏହାର ହ୍ରାସ କେବେ ବି ହେବ ନାହିଁ ।

ପ୍ରଶ୍ନ : ଏହା ହେବ କିପରି ?

ଉତ୍ତର : ଏହି କାର୍ଯ୍ୟ କରୁଛନ୍ତି ଶ୍ରୀମା' । ଶ୍ରୀମାଶ୍ରୀଅରବିନ୍ଦ କଠୋର ତପସ୍ୟା ଦ୍ୱାରା ବିଶ୍ୱରେ ଶାସନ କରୁଥିବା ଆସୁରୀ ଶକ୍ତି ଓ ଅଜ୍ଞାନ ଅନ୍ଧକାର ସହିତ ମହାନ୍ ଯୁଦ୍ଧକରି ଅତିମାନସ ଶକ୍ତିର ଅବତରଣ ପଥ ନିର୍ମାଣ କଲେ ଏବଂ ସେହି ଶକ୍ତିକୁ ଏହି ପୃଥିବୀର ବାତାବରଣରେ ଅବତରଣ କରାଇବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ଏହି ପୃଥିବୀର ପ୍ରତିନିଧି ହୋଇ ପୃଥିବୀରେ କ୍ରିୟାଶୀଳ ଥିବା ହିଂସା, ଦ୍ୱେଷ, ସ୍ୱାର୍ଥାଦି ଅଜ୍ଞାନ ଶକ୍ତିକୁ ନିଜ ଶରୀରରେ ଗ୍ରହଣ କରି ଅତିମାନସ ଶକ୍ତିକୁ ୧୯୫୦ ସାଲରେ ଏହି ପୃଥିବୀର ବାତାବରଣରେ ଉତାରି ଆଣି ଶରୀର ତ୍ୟାଗ କଲେ । ସେହି ଶକ୍ତିକୁ ଧାରଣ କଲେ ମା' । ୧୯୫୬ ଫେବ୍ରୁଆରି ୨୯ରେ ସେହି ଶକ୍ତି ପୃଥିବୀରେ କ୍ରିୟାଶୀଳ ହୋଇଥିଲା । ପ୍ରତି ଚାରି ବର୍ଷ ପରେ ଫେବ୍ରୁଆରି ୨୯ ତାରିଖରେ ଅତିମାନସ ପ୍ରକାଶର ଉତ୍ସବ ଆଶ୍ରମ ତଥା ଆଶ୍ରମର କେନ୍ଦ୍ରମାନଙ୍କରେ ପାଳିତ ହୁଏ । ସେହି ଶକ୍ତି ଦ୍ୱାରା ମା' ପୃଥିବୀର ପ୍ରତିନିଧି ହୋଇ ନିଜ ଶରୀର ତଥା ବିଶ୍ୱଶକ୍ତିର ରୂପାନ୍ତର କାର୍ଯ୍ୟ କରୁଛନ୍ତି । କୌଣସି ବ୍ୟକ୍ତି ଅଭୀପ୍ସା (ନିଃସ୍ୱାର୍ଥଭାବେ ଚାହିଁବା), ମାଙ୍କୁ ସମର୍ପଣ, ପ୍ରତିକୂଳ ଗତିବୃତ୍ତିର କର୍ମକୁ ତ୍ୟାଗ କଲେ ତାଙ୍କ ମଧ୍ୟରେ ବି ରୂପାନ୍ତର ହେବ । ବ୍ୟକ୍ତିକୁ କରିବାକୁ ହେବ ଅଭୀପ୍ସା, ସର୍ମପଣ ତଥା ପ୍ରତିକୂଳ କର୍ମର ତ୍ୟାଗ । ଏଥିରେହିଁ ହେବ ନିଜ ମନ-ପ୍ରାଣ-ଶରୀରର ଶୁଦ୍ଧି ବା ପ୍ରସ୍ତୁତି; ତେବେ ଏସବୁକୁ ରୂପାନ୍ତର କରିପାରିବ ଅତିମାନସ ଶକ୍ତି ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ଯଦି ବ୍ୟକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିପାରେ ତେବେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଉତାରି ଆଣି ଶରୀର ତ୍ୟାଗ କଲେ କାହିଁକି ?

ଉତ୍ତର : ପୃଥିବୀର ବ୍ୟକ୍ତି ଅତିମାନସ ଶକ୍ତିକୁ ଧାରଣ କରିବା ସକାଶେ ପ୍ରସ୍ତୁତ ନ ଥିଲେ ବୋଲି ।

ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାକୁ ବହୁତ ବର୍ଷ ଲାଗେ । ଅତିମାନସ ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ ବ୍ୟକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିପାରେ ନାହିଁ । ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ନିଜ ଶରୀରକୁ ଉତ୍ସର୍ଗ କଲେ ।

ପୃଥିବୀର କେତେକ ଲୋକ ଯଦି ଅତିମାନସ ଶକ୍ତିକୁ ସଚେତ ଭାବେ ଚାହିଁଥାଆନ୍ତେ ଏବଂ ନିଜ ଭିତରେ ଥିବା ସ୍ୱାର୍ଥ, ଅହଂକୁ କ୍ରିୟାଶୀଳ ହେବାକୁ ଦେଇ ନ ଥା'ନ୍ତେ ତେବେ ଅତିମାନସ ଶକ୍ତି ଅବତରଣ କରି ରୂପାନ୍ତର କ୍ରିୟା କରିପାରିଥା'ନ୍ତା । ମନୁଷ୍ୟ ମଧ୍ୟରେ ସ୍ୱାର୍ଥ, ହିଂସା ମୁକ୍ତ ରୂପେ କ୍ରିୟା କରୁଛି । ଅତିମାନସ ଶକ୍ତିର ଅବତରଣ ଫଳରେ ସେସବୁ ଅଦିବ୍ୟ ଶକ୍ତି ରୂପାନ୍ତରିତ ବା ଅତିମାନସ ଶକ୍ତିର ଅଧୀନସ୍ଥ ହେବାକୁ ଚାହାନ୍ତି ନାହିଁ । ଅତିମାନସ ଶକ୍ତିର ଅବତରଣ ବ୍ୟର୍ଥ କରିବା ସକାଶେ ସେହି ଅହଂ, ସ୍ୱାର୍ଥ, ହିଂସାଦି ଅଜ୍ଞାନ ଶକ୍ତି ସାମନାକୁ ଆସି ଥା'ନ୍ତେ । ତା' ଫଳରେ ସଂସାରରେ ଯୁଦ୍ଧ ହୋଇ ସଂସାର ଧ୍ୱଂସ ହୋଇଥା'ନ୍ତା । ସଂସାରକୁ ଧ୍ୱଂସ ମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ବିଶ୍ୱର ଏହି ସବୁ ଅଜ୍ଞାନ ଶକ୍ତିକୁ ନିଜ ଶରୀରରେ ଗ୍ରହଣ କଲେ ତଥା ଶରୀର ତ୍ୟାଗ କଲେ ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଲେ ଯେଉଁ ଶକ୍ତିକୁ ମା' ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଛନ୍ତି ।

ପ୍ରଶ୍ନ : ଆମର ଗୁରୁ ଅଛନ୍ତି । ଆମ୍ଭେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରୁ ତେବେ ଆମ୍ଭଙ୍କୁ ନିଜ ଗୁରୁ ତ୍ୟାଗ କରିବାକୁ ହେବ । ଗୁରୁ ତ୍ୟାଗ କରିବା ଶାସ୍ତ୍ରରେ ମହାନ୍ ଅପରାଧ କୁହାହୋଇଛି । ଏହାର ସାମଧାନ କ'ଣ ?

ଉତ୍ତର : ଏହାର ସମାଧାନ ହେଉଛି କେଉଁ ସକାଶେ ଗୁରୁଙ୍କ ଆଶ୍ରୟ ନିଆହୁଏ, ତାହାରି ଉପରେ । ଯଦି ଗୁରୁ ଗ୍ରହଣ କରିବାର ଉଦ୍ଦେଶ୍ୟ ଭଗବତ୍ ପ୍ରାପ୍ତି ହୁଏ ତେବେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ କୌଣସି ଦୋଷ ହୁଏ ନାହିଁ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଭଗବାନଙ୍କ ସଚ୍ଚିଦାନନ୍ଦ ସ୍ୱରୂପ ଉପଲବ୍ଧି ହୁଏ । ଭଗବତ୍ ପ୍ରାପ୍ତି ମାର୍ଗରେ ବହୁତ ଗୁରୁଙ୍କଠାରୁ ସାହାଯ୍ୟ ନେବାକୁ ହୁଏ । ଯେଉଁ ସିଦ୍ଧ ଗୁରୁ ଜୀବିତ ଅବସ୍ଥାରେ ଶିଷ୍ୟକୁ ଲକ୍ଷ୍ୟରେ ପହୁଞ୍ଚାଇ ଦେଇଥା'ନ୍ତି, ସେମାନଙ୍କ ଛଡ଼ା ସମସ୍ତ ସାଧକଙ୍କୁ ଅନ୍ୟ ଗୁରୁଙ୍କଠାରୁ ଶିକ୍ଷା ନେବାକୁ ହୁଏ । ଯେତେ ଯେତେ ବଡ଼ ବଡ଼ ମହାପୁରୁଷ ମହାତ୍ମା ହୋଇଛନ୍ତି ସେମାନେ ଏକରୁ ଅଧିକ ଗୁରୁ ଅବଶ୍ୟ ଗ୍ରହଣ କରିଛନ୍ତି । ଚୈତନ୍ୟ ମହାପ୍ରଭୁଙ୍କର ଥିଲେ ଈଶ୍ୱରପୁରୀ ଏବଂ କେଶବଭାରତୀ ଦୁଇଟି ଗୁରୁ, ଶ୍ରୀରାମକୃଷ୍ଣ ପରମହଂସଙ୍କର ଗୁରୁ ମା' କାଳୀ, ତୋତାପୁରୀ ଏବଂ ଭୈରବୀ । ମହାତ୍ମା ନିଗମାନନ୍ଦଙ୍କର ଯୋଗିଗୁରୁ, ଭକ୍ତଗୁରୁ ତଥା ତନ୍ତ୍ରଗୁରୁ । ଅବଧୂତଙ୍କର ଚବିଶ ଗୁରୁ । ଭଗବାନ୍ ଶ୍ରୀରାମଙ୍କର ବଶିଷ୍ଠ ତଥା ବିଶ୍ୱାମିତ୍ର ଦୁଇ ଗୁରୁ । ଶ୍ରୀକୃଷ୍ଣଙ୍କର ତିନି ଗୁରୁ ।

ଦ୍ୱୈତ ସାଧନା, ଯଥା – ବୈଷ୍ଣବ, ତନ୍ତ୍ର ଏବଂ ଅନ୍ୟାନ୍ୟ ପଛାବଲମ୍ବୀ, ଯେଉଁମାନେ ଭଗବାନଙ୍କୁ ସଗୁଣ ରୂପେ ଉପାସନା କରନ୍ତି ସେମାନଙ୍କୁ ଦୀକ୍ଷାଗୁରୁ ତଥା ଶିକ୍ଷାଗୁରୁ ଏହିପରି ଦୁଇଟି ଗୁରୁଙ୍କ ଆଶ୍ରୟ ନେବାକୁ ହୁଏ । ଦୀକ୍ଷାଗୁରୁ ଅର୍ଥ – ଶିଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଗୁରୁଙ୍କ ଆଶ୍ରୟ ନେଲେ ଗୁରୁ ତାଙ୍କୁ ପଞ୍ଚ ସଂସ୍କାର ସହିତ ମନ୍ତ୍ର ଦୀକ୍ଷା ଉପଦେଶ ଦିଅନ୍ତି । ଶିଷ୍ୟର ସେ ସମୟରେ ଭଗବତ୍ ପ୍ରାପ୍ତିର ଆବଶ୍ୟକ ଜ୍ଞାନ ପ୍ରାପ୍ତି କରିବା ସକାଶେ ମନ-ପ୍ରାଣ ଶୁଦ୍ଧ ହୋଇ ନ ଥାଏ । ଗୁରୁଙ୍କ ଉପଦିଷ୍ଟ ମାର୍ଗରେ ସାଧନା ଦ୍ୱାରା କ୍ରମଶଃ ତା'ର ମନ, ପ୍ରାଣ ଶୁଦ୍ଧ ହୁଏ । ତେବେ ସେ ଭଗବତ୍ ସମ୍ବନ୍ଧର ଅଧିକାରୀ ହୁଏ । ଯଦି ସେ ସମୟରେ ଗୁରୁ ଜୀବିତ ଥା'ନ୍ତି ତେବେ ନିଜେ ଶିଷ୍ୟକୁ ତା'ର ସ୍ୱଭାବ ଅନୁସାରେ ପଞ୍ଚରସ ମଧ୍ୟରୁ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ତଥା ଶାନ୍ତରସର ସମ୍ବନ୍ଧ ଦିଅନ୍ତି । ଯଦି ଗୁରୁ ସ୍ଥୂଳଶରୀରରେ ବିଦ୍ୟମାନ ନ ଥା'ନ୍ତି କିଂବା ଗୁରୁ ଯେଉଁ ରସର ଉପାସକ ଶିଷ୍ୟର ସ୍ୱଭାବ ଅନୁସାରେ ସେହି ରସ ଅନୁକୂଳ ନ ହୁଏ, ତେବେ ଶିଷ୍ୟ ଅନ୍ୟ ଗୁରୁଙ୍କଠାରୁ ଏହି ରସ ସମ୍ବନ୍ଧ ନେଇପାରେ । ଓଡ଼ିଆ ଅଧ୍ୟାତ୍ମ ସାହିତ୍ୟରେ ଦୀକ୍ଷାଗୁରୁ ତଥା ଶିକ୍ଷାଗୁରୁ ନାମରେ ବିଶେଷ ପ୍ରଚଳିତ ଅଛି । ଏହାଛଡ଼ା ଯଦି କୌଣସି ଶିଷ୍ୟ ଉକ୍ତ ଗୁରୁଙ୍କଠାରୁ ଜପ, ଧ୍ୟାନ, ମାନସପୂଜାର

ଉପଦେଶ ନେବାପରେ ଯୌଗିକ କ୍ରିୟା ଦ୍ୱାରା ଭଗବତ୍ ପ୍ରାପ୍ତି କରିବାକୁ ଚାହେଁ ତେବେ ସେ ଅନ୍ୟ ଗୁରୁଙ୍କଠାରୁ ଉପଦେଶ ନେଇପାରେ । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଏହାକୁ କୌଣସି ବ୍ୟକ୍ତି କୌଣସି ଯୁକ୍ତିରେ ଅସ୍ୱୀକାର କରିପାରିବ ନାହିଁ ।

ନିର୍ଗୁଣ ଉପାସନା ମାର୍ଗରେ ଶରୀର, ସଂସାର ସବୁ ମିଥ୍ୟା, ବ୍ରହ୍ମ କେବଳ ସତ୍ୟ । ଆମେ ଯେଉଁ ମନ, ପ୍ରାଣ, ଶରୀରକୁ ଆମର ବା ଆମେ ବୋଲି କହୁଛୁ ତାହା ସବୁ ମିଥ୍ୟା ମାୟା । ଏହାକୁ ବାଦ୍ ଦେଲେ ଯାହା ରହେ ତାହାହିଁ ସତ୍ୟ ଏବଂ ସେହିଁ ବ୍ରହ୍ମ । ଏହି ସିଦ୍ଧାନ୍ତ ନିର୍ଗୁଣବାଦୀମାନଙ୍କର ।

ଏହି ନିର୍ଗୁଣ ବ୍ରହ୍ମ କେବଳ ଏକ । ଆମେ ତାଙ୍କଠାରୁ ପୃଥକ୍ ନୋହୁଁ । ଆମେହିଁ ସେହି ବ୍ରହ୍ମ । ଏହି ସିଦ୍ଧାନ୍ତ ନିର୍ଗୁଣବାଦୀଙ୍କର । ଏହି ସିଦ୍ଧି ଦୀକ୍ଷାନେବା ମାତ୍ରେ ପ୍ରାପ୍ତ ହୁଏ ନାହିଁ । ଏହି ସିଦ୍ଧିର ଦୁଇଟି ସାଧନା ମାର୍ଗ – ଗୋଟିଏ କେବଳ ବିଚାର, ଅନ୍ୟଟି ଚିତ୍ତଶୁଦ୍ଧି ସକାଶେ ଭକ୍ତି ଅଥବା ଯୋଗ । ଅଦ୍ୱୈତ ସାଧକମାନେ ନିଜ ନିଜ ରୁଚି ଅନୁସାରେ ଏକ ଗୁରୁଙ୍କଠାରୁ ଚିତ୍ତଶୁଦ୍ଧି ସକାଶେ ଅଥବା ଲକ୍ଷ୍ୟ ସିଦ୍ଧି ସକାଶେ ଅନ୍ୟ ଗୁରୁଙ୍କଠାରୁ ଭକ୍ତି କିଂବା ଯୋଗ ଶିକ୍ଷା ଗ୍ରହଣ କରନ୍ତି । ବହୁତ ସାଧକ ଦୀକ୍ଷା ଗ୍ରହଣ କରନ୍ତି ଗୋଟିଏ ଗୁରୁଙ୍କଠାରୁ; ଲକ୍ଷ୍ୟସିଦ୍ଧି ପର୍ଯ୍ୟନ୍ତ ସମୀପରେ ରହି ଅଧାମ୍ ଶିକ୍ଷା ଗ୍ରହଣ କରନ୍ତି ଅନ୍ୟ ଗୁରୁଙ୍କଠାରୁ । ଏହି ଉଦାହରଣ ଗୋଟିଏ ନୁହେଁ ଲକ୍ଷ ଲକ୍ଷ ବିଦ୍ୟମାନ ଅଛି ।

ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ନ ଥାଏ କେବଳ ଗୁରୁ ଗ୍ରହଣ କରିବା ଲକ୍ଷ୍ୟ, ସେମାନେ ଗୁରୁ ଗ୍ରହଣକରି ସନ୍ତୋଷରେ ଥାଆନ୍ତି । ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି କରିବା ଲକ୍ଷ୍ୟ ଥାଏ ସେମାନେ ଭଗବତ୍ ପ୍ରାପ୍ତି ମାର୍ଗରେ ଆବଶ୍ୟକ ଅନୁସାରେ ଗୁରୁ ଗ୍ରହଣ କରନ୍ତି । ଭଗବତ୍ ପ୍ରାପ୍ତି ମାର୍ଗରେ ଯେ ଜ୍ଞାନ ଦିଅନ୍ତି ସେହି ହେଉଛନ୍ତି ଗୁରୁ ।

ପ୍ରଶ୍ନ : ଆପଣ କହିଲେ, ''ଭଗବତ୍ ପ୍ରାପ୍ତି ପୂର୍ବରୁ ଯେଉଁମାନଙ୍କ ଗୁରୁ ଶରୀର ତ୍ୟାଗ କରିଥା'ନ୍ତି ସେମାନଙ୍କୁ ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ଅନ୍ୟ ଗୁରୁଙ୍କ ସାହାଯ୍ୟ ଆବଶ୍ୟକ ହୁଏ ।'' ଗୁରୁଙ୍କ ଶରୀର ନ ଥାଏ କିନ୍ତୁ ତାଙ୍କ ଆତ୍ମା ଅମର, ଆମେ ଗୁରୁଙ୍କ ପ୍ରତି ଦୃଢ଼ବିଶ୍ୱାସ ରଖିଲେ ତାଙ୍କ ଆତ୍ମା ଆମକୁ ପରିଚାଳିତ କରିବ ନାହିଁ କି ?

ଉତ୍ତର : ଯେଉଁମାନଙ୍କର ଏପରି ଆତ୍ମବିଶ୍ୱାସ ଅଛି ସେମାନେ ନିଜ ଆତ୍ମାଠାରୁ ପ୍ରେରଣା ପାଇପାରନ୍ତେ, ଗୁରୁଙ୍କ ପାଖକୁ ଯିବା ଆବଶ୍ୟକ ହୁଅନ୍ତା ନାହିଁ । ନିଜ ଆତ୍ମା ଏବଂ ଗୁରୁଙ୍କ ଆତ୍ମାରେ କୌଣସି ପ୍ରଭେଦ ନାହିଁ, ଏକତତ୍ତ୍ୱ । ନିଜ ଆତ୍ମାରେ ଯଦି ବିଶ୍ୱାସ ନାହିଁ, ନିଜ ଆତ୍ମାର ପ୍ରେରଣା ପାଇ ପାରୁ ନ ଥା'ନ୍ତି, ଗୁରୁଙ୍କ ଆତ୍ମାରେ ବିଶ୍ୱାସ କରିବା କେତେଦୂର ଯୁକ୍ତିଯୁକ୍ତ ? ତା'ଛଡ଼ା ଗୁରୁଙ୍କ ଆତ୍ମାର ପ୍ରେରଣାରେ ସାଧନାମାର୍ଗରେ ଅଗ୍ରସର ହେବାର ଆଶା କେବଳ ମାନସିକ ଅହିଂସା, ମାନସିକ ସମତା ବା ସାମ୍ୟ ସଦୃଶ ସିଦ୍ଧାନ୍ତିକ ଅଥବା ବାକ୍ୟରେ କହିବା ହୋଇପାରେ, କିନ୍ତୁ ସାଧାରଣତଃ କାର୍ଯ୍ୟରେ ଦେଖାଯାଏ ନାହିଁ ।

ପ୍ରଶ୍ନ : ଆପଣଙ୍କ ଉତ୍ତରରୁ ସ୍ପଷ୍ଟ ହେଲା, ଗୁରୁଙ୍କ ସ୍ଥୂଳ ଉପଦେଶ ଏକ ନିର୍ଦ୍ଦେଶ ଆବଶ୍ୟକ । ଏହି ସୁବିଧା ଆମେ ମା'ଙ୍କଠାରୁ ପାଇପାରିବା ନାହିଁ । ମା'ଙ୍କ ପାଖକୁ ଯାଇ ପ୍ରଣାମ କରିବାର ସୁଯୋଗ ମଧ୍ୟ ନାହିଁ, ପୁଣି ଉପଦେଶ, ନିର୍ଦ୍ଦେଶ ପାଇବା ତ' ଦୂରର କଥା । ତେବେ ମା'ଙ୍କୁ ଆତ୍ମ-ସମର୍ପଣ କଲେ ସାଧନାରେ ସାହାଯ୍ୟ ପାଇବୁ କିପରି ?

ଉତ୍ତର : ପ୍ରଣାମ କରିବା ସକାଶେ ମା'ଙ୍କ ସମୀପକୁ ନ ଯାଇ ବହୁ ଦୂରରେ ଥାଇ ମା'ଙ୍କୁ ସ୍ମରଣ, ସମର୍ପଣ କରିବା ଦ୍ୱାରା ମା'ଙ୍କ ସାହାଯ୍ୟ ପୂର୍ଣ୍ଣରୂପେ ପାଇପାରିବେ; କାରଣ ରୂପାନ୍ତରକାରୀ ମହାନ୍ ଅତିମାନସ ଶକ୍ତିକୁ ମା' ଧାରଣ କରି ସ୍ଥୂଳ ଶରୀରରେ ଏହି ପୃଥିବୀରେ ବିଦ୍ୟମାନ ଅଛନ୍ତି ।

କିଛି ଶିଷ୍ୟଙ୍କୁ ନିର୍ବାଣ, ମୁକ୍ତି, ଭଗବତ୍ ପ୍ରାପ୍ତି କରାଇବା କାର୍ଯ୍ୟ ମା'ଙ୍କର ନୁହେଁ । ସେହି ସକାଶେ ସ୍ଥୂଳରୂପେ ଶିଷ୍ୟକୁ ନିର୍ଦ୍ଦେଶ ଦେବା ମା'ଙ୍କର ଆବଶ୍ୟକ ହୁଏ ନାହିଁ । ମା'ଙ୍କର କାର୍ଯ୍ୟ ଏହି ପୃଥିବୀରେ ସର୍ବଜ୍ଞାନ ସମ୍ପନ୍ନ ଅତିମାନବ ଜାତି ପ୍ରତିଷ୍ଠା କରିବା । ଶିଷ୍ୟକୁ ସ୍ଥୂଳ ନିର୍ଦ୍ଦେଶ ଦେବା ଦ୍ୱାରା ଏହା ସିଦ୍ଧ ହୁଏ ନାହିଁ, ହୁଏ ଅତିମାନସ ଶକ୍ତି ଦ୍ୱାରା । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର ସାଧନ କରୁଛନ୍ତି । ମା'ଙ୍କର ରୂପାନ୍ତର କ୍ରିୟା ହେଉଛି ସ୍ଥୂଳ ଜଡ଼ ଶରୀର ଏବଂ

ସ୍ଥୂଳ ପୃଥିବୀରେ । ବ୍ୟକ୍ତି ମା'ଙ୍କୁ ନିଜ ମନ, ପ୍ରାଣ, ଶରୀର ଏବଂ କର୍ମ ସମର୍ପଣ କଲେ ତା' ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରିପାରିବ । ଏହା ହେବ ମା'ଙ୍କ ଉପରେ ବିଶ୍ୱାସ ରଖିଲେ । ପ୍ରାଥମିକ ସାଧନା ସକାଶେ, ଜୀବନର ଲକ୍ଷ୍ୟ ଏବଂ ସାଧନା ଜାଣିବା ସକାଶେ ଲିଖିତ ଗ୍ରନ୍ଥ ପ୍ରସ୍ତୁତ କରାହୋଇଛି । ଆନ୍ତରିକ ପରିଚାଳନା ତଥା ରୂପାନ୍ତର ସକାଶେ ଅତିମାନସ ଶକ୍ତି ବିଦ୍ୟମାନ ଅଛି । ଏହି କାରଣରୁ ମା'ଙ୍କ ସ୍ଥୂଳ ନିର୍ଦ୍ଦେଶର ଆବଶ୍ୟକତା ନାହିଁ ।

ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ । କିନ୍ତୁ ନିଜ ଗୁରୁଙ୍କୁ ଛାଡ଼ି ଅନ୍ୟ ଗୁରୁ ଗ୍ରହଣ କରିବାକୁ କେତେକ ବ୍ୟକ୍ତି ନିଷେଧ କରନ୍ତି କାହିଁକି ? ଶାସ୍ତ୍ର ବିରୋଧ କରେ କାହିଁକି ?

ଉତ୍ତର : ଅନ୍ୟ ଗୁରୁ ଗ୍ରହଣ କରିବାକୁ ବିରୋଧ କରନ୍ତି ଦୁଇପ୍ରକାର ବ୍ୟକ୍ତି । ଗୋଟିଏ ଶ୍ରେଣୀର ବ୍ୟକ୍ତି ଯେଉଁମାନେ ଗୁରୁଙ୍କ ଅର୍ଥ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧେ ଗଭୀରଭାବେ ବିଚାର କରି ନ ଥା'ନ୍ତି । ଅନ୍ୟ ଶ୍ରେଣୀର ବ୍ୟକ୍ତି ଗୁରୁବାଦର ପକ୍ଷପାତୀ । ସେମାନେ ଶିଷ୍ୟସଂଖ୍ୟା ବୃଦ୍ଧି କରିବାକୁ ଚାହାନ୍ତି । ଏହି ମନୋଭାବ ଯୋଗୁଁ ଶାସ୍ତ୍ରର ରହସ୍ୟ ଜାଣିବାକୁ ନ ଚାହିଁ ଅନ୍ୟ ଗୁରୁ ଗ୍ରହଣ କରିବା ଶାସ୍ତ୍ର ନିଷେଧ କରିଛି ବୋଲି କହନ୍ତି ।

❖

ସିଦ୍ଧାନ୍ତ-ସମୀକ୍ଷା

ମନୁଷ୍ୟର ଲକ୍ଷ୍ୟ ଦୁଃଖ ଅମିଶ୍ରିତ ପରମାନନ୍ଦ, ପରମ ଶାନ୍ତି, ପରମ ସୁଖ, ଦ୍ୱନ୍ଦ୍ୱବିହୀନ ରୋଗ ଜରା, ମୃତ୍ୟୁରୁ ମୁକ୍ତ ଦିବ୍ୟ ଶରୀର । ସେ ସଚ୍ଚିଦାନନ୍ଦ ସ୍ୱରୂପ, ଅଂଶ, ପ୍ରତିଭୂ, ଅଥବା ସ୍ୱୟଂ ସଚ୍ଚିଦାନନ୍ଦ । ବ୍ରହ୍ମ ନିଜ ସଙ୍କଳ୍ପରେ ''ଏକୋହଂ ବହୁଶ୍ୟାମି'' ନିଜ ମାୟା ଆଶ୍ରୟରେ ନିଜ ସ୍ୱରୂପକୁ ଗୋପନ କରି ଏକେବାରେ ଜଡ଼ ମଧ୍ୟରେ ନିମଜ୍ଜନ କରି ଯାଇଥିଲେ, ଏକକୁ ବହୁ ମଧ୍ୟରେ ପ୍ରକାଶ କରିବା ସକାଶେ । କ୍ରମବିକାଶର ଗତିଧାରା ଅନୁସାରେ ଜଡ଼ରୁ ତରୁତୃଣ, ଲତାଗୁଳ୍ମ, ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟ ସ୍ତରରେ ଉପନୀତ ହୋଇଅଛନ୍ତି । ଏହି ମନୁଷ୍ୟ ସ୍ତରରେ ବନ୍ଦ ନ ହୋଇ ମନ ଊର୍ଦ୍ଧ୍ୱରେ ଅତିମାନସ, ମାନବତ୍ୱ ପରେ ଦେବମାନବତ୍ୱକୁ ପ୍ରାପ୍ତ ହେବେ ଏବଂ ବହୁ ମଧ୍ୟରେ ଏକତ୍ୱ ଅର୍ଥାତ୍ ମନୁଷ୍ୟକୁ ମନ, ପ୍ରାଣ, ଶରୀରରେ ନିଜକୁ ପୂର୍ଣ୍ଣ ପ୍ରକାଶ କରିବେ । ଏହା ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବା ସକାଶେ ମନୁଷ୍ୟ ଏହି ସଂସାରକୁ ଆସିଛି ।

ଆତ୍ମା, ମନ, ପ୍ରାଣ, ଶରୀର – ଏହି ଚାରିତତ୍ତ୍ୱ ଏକତ୍ର ହେବାରେହିଁ ମନୁଷ୍ୟ ଶରୀର । ଏହି ସମସ୍ତ ତତ୍ତ୍ୱ ଏକହିଁ ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କର ସ୍ୱରୂପ । କେବଳ ଆତ୍ମା ତାହାର ସ୍ୱ-ସ୍ୱରୂପରେ ସ୍ଥିତ, ଈଶ୍ୱର ସଙ୍କଳ୍ପରେ ମନ, ପ୍ରାଣ, ଶରୀର ବିକୃତ ତଥା ମାୟାମୋହଗ୍ରସ୍ତ । ଆତ୍ମାର ଅଖଣ୍ଡ ଅବିକୃତ ଜ୍ଞାନ ଥିବା ସତ୍ତ୍ୱେ ସେ ମନ, ପ୍ରାଣ, ଶରୀରର ଆଶ୍ରିତ । ତା'ର ସଙ୍କଳ୍ପ ମନ, ପ୍ରାଣ, ଶରୀର ମଧ୍ୟଦେଇ ପ୍ରକାଶିତ ହୁଏ । ଶରୀର, ମନ, ପ୍ରାଣ ବିକୃତ ଥିବାରୁ ଆତ୍ମାର ଅବିକୃତ ସଙ୍କଳ୍ପ ମନ, ପ୍ରାଣ, ଶରୀରର ସଂସ୍ପର୍ଶରେ ବିକୃତ ହୋଇଯାଏ । ଆତ୍ମାର ଅବିକୃତ ପରମାନନ୍ଦ ପ୍ରାପ୍ତି ଜ୍ଞାନଯୁକ୍ତ ଲକ୍ଷ୍ୟକୁ, ମନ-ପ୍ରାଣ-ଶରୀର ମୋହ ଅଜ୍ଞାନଗ୍ରସ୍ତ ହୋଇ ସ୍ତ୍ରୀ, ପୁତ୍ର, ଧନ, ମାନ, ଯଶଃରେ ଖୋଜେ ଏବଂ ପରିଣାମରେ ଦୁଃଖଦ୍ୱନ୍ଦ୍ୱ ଭୋଗକରେ । କିନ୍ତୁ ଅଜ୍ଞାତରୂପେ ସାଂସାରିକ ଦୁଃଖକଷ୍ଟ, ଦ୍ୱନ୍ଦ୍ୱ, ଜନ୍ମ-ମରଣ ପୀଡ଼ା ମଧ୍ୟଦେଇ ଭୟସଙ୍କୁଳ ବିପତ୍‌ପୂର୍ଣ୍ଣ କଣ୍ଟକାକୀର୍ଣ୍ଣ ପଥବିହୀନ ଦୁର୍ଗମ ଜଙ୍ଗଲ ମାର୍ଗରେ ଲକ୍ଷ୍ୟ ଆଡ଼କୁ ଗତି କରିଥାଏ । ମନୁଷ୍ୟର ଅଜ୍ଞାନ ଭ୍ରମ ଦୂରକରି ଦୁଃଖକଷ୍ଟ ଲାଘବ କରି ତାକୁ ସିଧା ମାର୍ଗରେ ପରିଚାଳିତ କରିବାକୁ ଭଗବାନ୍ ସ୍ୱୟଂ ଅବତାର ହୋଇ ଏହି ପୃଥିବୀକୁ ଆସନ୍ତି ଅଥବା ଭଗବାନଙ୍କ ବିଭୂତି ମହାପୁରୁଷମାନେ ମନୁଷ୍ୟ ଶରୀର ଧାରଣ କରି ସ୍ୱୟଂ ମାର୍ଗ ଆଚରଣ କରି ମନୁଷ୍ୟ ସମ୍ମୁଖରେ ନିଜର ଆଦର୍ଶ ରଖିଦିଅନ୍ତି, ଯାହାକୁ ଅନୁସରଣ କରି ସେ ନିଜର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରେ । ସେହି ମହାପୁରୁଷମାନଙ୍କୁ ଆଚାର୍ଯ୍ୟ କୁହାଯାଏ, ଯେଉଁମାନେ ବେଦ ଉପନିଷଦରେ ନିହିତ ଥିବା ସତ୍ୟ ମାର୍ଗ ବିଶେଷରୂପେ କାର୍ଯ୍ୟକାରୀ କରାନ୍ତି, ଯାହାଦ୍ୱାରା ମନୁଷ୍ୟଜାତି ଗୋଟିଏ ନୂତନ ଆଲୋକ ପାଇପାରେ । ସେମାନେ ହେଉଛନ୍ତି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବ, ବିଷ୍ଣୁସ୍ୱାମୀ ଓଗେର ମହାପୁରୁଷ । ମନୁଷ୍ୟ ଜାତିର କ୍ରମବିକାଶର ମାର୍ଗରେ ସମୟୋପଯୋଗୀ ଶିକ୍ଷା ଦେବା ପାଇଁ ଏହି ମହାପୁରୁଷମାନେ ଯେଉଁ ପ୍ରଣାଳୀ ଆବିଷ୍କାର କରନ୍ତି ତା'ର ନାମ ଦର୍ଶନ ସିଦ୍ଧାନ୍ତ; ମନୁଷ୍ୟ ଯେଉଁଥିରେ ସଚେତ ହୁଏ, ନିଜର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତିର ଉପାୟ ଜାଣେ ଏବଂ ଅଜ୍ଞାନ ମୋହ ଆସକ୍ତିକୁ ଦୂରକରି ସତ୍ୟ ମାର୍ଗରେ ଗତିକରେ । ଯଥାର୍ଥରେ ମନୁଷ୍ୟ ଜାତିର ପଥପ୍ରଦର୍ଶକ ଆଚାର୍ଯ୍ୟମାନେ ।

ଏହିସବୁ ଅଧ୍ୟାତ୍ମ-ସିଦ୍ଧାନ୍ତ ପ୍ରତିଷ୍ଠାତା ଆଚାର୍ଯ୍ୟମାନେ ମହାପୁରୁଷ; ଭଗବାନଙ୍କ ବିଭୂତି, ଅଜ୍ଞାନର ବହୁ ଊର୍ଦ୍ଧ୍ୱରେ । ସେମାନେ ଜ୍ଞାନରେ ବାସ କରନ୍ତି । ସେମାନଙ୍କ ଜ୍ଞାନ-ଜ୍ୟୋତିଃର କିରଣଛଟାରେ କୋଟି କୋଟି ନରନାରୀ ପ୍ରକାଶିତ ହୋଇ ଜ୍ଞାନ ଲାଭ କରି ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ସଂସାରରୁ ମୁକ୍ତ ହୁଅନ୍ତି । ଆଚାର୍ଯ୍ୟମାନେ ମନୁଷ୍ୟ ଜାତିର ବିକାଶୋପଯୋଗୀ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ଦିଅନ୍ତି, ଏପରିକି ଏକ ସିଦ୍ଧାନ୍ତର ବିପରୀତ ଅନ୍ୟ ସିଦ୍ଧାନ୍ତ ହୁଏ, ଏକ ସିଦ୍ଧାନ୍ତ ଅନ୍ୟକୁ ଖଣ୍ଡନ କରେ । ବୁଦ୍ଧଦେବ ବେଦ ତଥା କର୍ମକାଣ୍ଡ ଖଣ୍ଡନ କଲେ । ଶଙ୍କର ବୌଦ୍ଧ ସିଦ୍ଧାନ୍ତକୁ ଖଣ୍ଡନ କରି ନିଜ ସିଦ୍ଧାନ୍ତ ପ୍ରତିଷ୍ଠା କଲେ । ରାମାନୁଜ ଶଙ୍କରଙ୍କ ଅଦ୍ୱୈତ ସିଦ୍ଧାନ୍ତକୁ ଖଣ୍ଡନ କରି ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତ

ସ୍ଥାପନ କଲେ । ପୁରାତନ ଯୋଗର ସମସ୍ତ ଆଚାର୍ଯ୍ୟ ଏକ ଅନ୍ୟର ସିଦ୍ଧାନ୍ତ ଖଣ୍ଡନ କରିବାରୁ ଏକ ଅନ୍ୟର ବିରୋଧୀ ପ୍ରତୀତ ହେବା ସତ୍ତ୍ୱେ ସେମାନେ ପ୍ରକୃତରେ ଏକ ଅନ୍ୟର ବିରୋଧୀ ନୁହନ୍ତି । ବିରୋଧ, ହିଂସା, ସ୍ୱାର୍ଥ ମନଃ ସ୍ତରର ଅଜ୍ଞାନ ଚେତନାର ବସ୍ତୁ । ଆଚାର୍ଯ୍ୟମାନେ ସର୍ବଦା ନିବାସ କରନ୍ତି ମନର ବହୁ ଊର୍ଦ୍ଧ୍ୱ ସତ୍ୟ ଚେତନାରେ । ସେଠାରେ ମୋହ ଅଜ୍ଞାନ ନ ଥାଏ । ସେମାନେ ଯଦ୍ୟପି ମନୁଷ୍ୟ ସଦୃଶ ବାହ୍ୟ ବ୍ୟବହାର କରନ୍ତି ତଥାପି ସେମାନଙ୍କ ଚେତନା ସାଧାରଣ ମନୁଷ୍ୟ ଚେତନାଠାରୁ ପୃଥକ୍ ଦିବ୍ୟ ଚେତନା । ମନୁଷ୍ୟ ସ୍ୱୟଂ ସାଧାରଣ ଚେତନାରେ ରହିଥିବାରୁ ଆଚାର୍ଯ୍ୟମାନଙ୍କ କର୍ମ ନିଜ ସଦୃଶ ଦେଖି ସେଥିରେ ନିଜର ମୋହ, ଅଜ୍ଞାନ ଆରୋପ କରେ । ଯଥାର୍ଥରେ ଆଚାର୍ଯ୍ୟମାନଙ୍କ ମଧ୍ୟରେ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, ସ୍ୱାର୍ଥ ନ ଥାଏ । ''ଫେର୍ ସେମାନେ ଅନ୍ୟର ସିଦ୍ଧାନ୍ତ ଖଣ୍ଡନ କରିବେ କାହିଁକି ?''

ମନୁଷ୍ୟର ଅବସ୍ଥା ଅନୁସାରେ ଯେଉଁ ସମୟରେ ଯେଉଁ ଶିକ୍ଷାର ଆବଶ୍ୟକ ହୁଏ, ଭଗବାନଙ୍କ ସଙ୍କଳ୍ପରେ ଆଚାର୍ଯ୍ୟମାନେ ସଂସାରକୁ ଆସି ସେହି ଶିକ୍ଷା ଦିଅନ୍ତି । ସମୟ ବ୍ୟତୀତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ବିକାଶ ଅଗ୍ରସର ହେଉଥାଏ । ଭୂତ କାଳରେ ଯେଉଁ ଶିକ୍ଷା ପ୍ରାପ୍ତ ଥାଏ ତାହା ଭବିଷ୍ୟତରେ ଉପଯୋଗୀ ହୁଏ ନାହିଁ । ସେଥି-ସକାଶେ ନୂତନ ଶିକ୍ଷା ଆବଶ୍ୟକ ହୁଏ । ଅନ୍ୟ ଆଚାର୍ଯ୍ୟ ନୂତନ ପ୍ରଣାଳୀର ଶିକ୍ଷା (ସିଦ୍ଧାନ୍ତ) ସ୍ଥାପନ କରିବାରେ ପୂର୍ବ ସିଦ୍ଧାନ୍ତ ଆଲୋଚନା କରିବାକୁ ହୁଏ ଏବଂ ତାହା ସ୍ୱତଃ ଖଣ୍ଡିତ ହୁଏ । ଏହା ପରଚର୍ଚ୍ଚା ନୁହେଁ, ଏଥିରେ ଅସହିଷ୍ଣୁତା ନ ଥାଏ, ଏହା ଦ୍ୱେଷ, ଈର୍ଷା, ସ୍ୱାର୍ଥରୁ ସର୍ବଥା ମୁକ୍ତ । ଆଚାର୍ଯ୍ୟମାନେ ଯାହା ସିଦ୍ଧାନ୍ତ କରନ୍ତି ତାହାର ଭାଷା ସର୍ବସାଧାରଣସୁଲଭ ନ ଥାଏ । ସେମାନଙ୍କ ଅନୁଗାମୀମାନେ ଆଚାର୍ଯ୍ୟମାନଙ୍କ ସିଦ୍ଧାନ୍ତକୁ ସରଳ ବୋଧଗମ୍ୟ ଭାଷାରେ ବ୍ୟକ୍ତିଙ୍କ ସମ୍ମୁଖରେ ରଖନ୍ତି ।

ଅନ୍ୟ କାରଣ ହେଲା : ମନୁଷ୍ୟ ଅଭ୍ୟାସଗତ ସଂସ୍କାରର କ୍ରୀତଦାସ । ସେ ଯାହା ଯାହା କରି ଆସୁଥାଏ ସେହି ଅଭ୍ୟାସ ସୀମା ପାଚେରିକୁ ଦୃଢ଼କରି ତାହାରି ମଧ୍ୟରେ ନିଜକୁ ସୁରକ୍ଷିତ ରଖିଥାଏ । କୌଣସି ନୂତନ ସତ୍ୟର ପ୍ରବେଶ ପାଇଁ ନିଷେଧ ଆଜ୍ଞା ଜାରି କରିଦିଏ । ମନୁଷ୍ୟ ଯେଉଁ ଅବସ୍ଥାରେ ଥାଏ ସେଥିରୁ ବାହାରିବାକୁ କେବେ ବି ଚାହେଁ ନାହିଁ । ଅଧ୍ୟାତ୍ମ-ସାଧକ ଯେପରି ତା'ର ପୂର୍ବ ଅଭ୍ୟାସ, ରୀତିନୀତି, ଗୁରୁବାଦ, ସମ୍ପ୍ରଦାୟ-ବାଦରେ ଆସକ୍ତ, ସାଧାରଣ ମନୁଷ୍ୟ ସେହିପରି ପରିବାର, ସମ୍ପତ୍ତି, ମାନ, ପ୍ରତିଷ୍ଠାରେ ଆସକ୍ତ । ସାଧାରଣ ମନୁଷ୍ୟ ଅଜ୍ଞାନରୁ ମୁକ୍ତ ହେବା ସହଜ, କିନ୍ତୁ କେତେକ ଅଧ୍ୟାତ୍ମ-ସାଧକମାନଙ୍କ ପକ୍ଷେ ଦୁରୂହ । କାରଣ ଅନ୍ୟାୟ କାର୍ଯ୍ୟ ତ୍ୟାଜ୍ୟ ବୋଲି ସାଧାରଣ ବ୍ୟକ୍ତି ଜାଣେ । ନିଜେ ଅନ୍ଧକାରରେ ଅଛି ବୋଲି ଅନୁଭବ କରେ ଏବଂ ସୁଯୋଗ ପାଇଲେ ତ୍ୟାଗ କରିପାରେ । କିନ୍ତୁ କେତେକ ଅଧ୍ୟାତ୍ମ-ସାଧକ ଆଂଶିକ ପ୍ରକାଶରେ ଥାଆନ୍ତି, ନିଜ ସୀମିତତାକୁ ବୁଝି ନ ପାରି ତାକୁ ପୋଷଣ କରୁଥାଆନ୍ତି । ଏପରିକି ନିଜ ବିକାଶକୁ ବନ୍ଦ କରି ଜନ୍ମ ଜନ୍ମାନ୍ତର ଧରି ସେହି ସୀମା ମଧ୍ୟରେ ଘୂର୍ଣ୍ଣାୟମାନ ହେଉଥା'ନ୍ତି । ଏହି କାରଣରୁ ଆଚାର୍ଯ୍ୟମାନେ ପୂର୍ବ ସିଦ୍ଧାନ୍ତ ଆଲୋଚନା କରନ୍ତି ଏବଂ ଖଣ୍ଡନ କରନ୍ତି, ଯଦ୍ଦ୍ୱାରା ସାଧକ ସଚେତ ହୋଇ ନିଜ ଅନ୍ତରାତ୍ମାର ପ୍ରେରଣା ବୁଝିପାରେ ଏବଂ ବିକାଶ ମାର୍ଗରେ ଅଗ୍ରସର ହୋଇପାରେ ।

ଆଚାର୍ଯ୍ୟମାନେ ସମୟୋପଯୋଗୀ ସିଦ୍ଧାନ୍ତ ସ୍ଥାପନ କରିବା ପରେ ପୂର୍ବବର୍ତ୍ତୀ ସିଦ୍ଧାନ୍ତ ଏକେବାରେ ବିଲୁପ୍ତ ହୁଏ ନାହିଁ । କାରଣ କ୍ରମବିକାଶ ପ୍ରତ୍ୟେକ ବ୍ୟକ୍ତିର ସମାନ ଭାବରେ ଚାଲେ ନାହିଁ । ପୂର୍ବକାଳର ଚେତନାଯୁକ୍ତ ବ୍ୟକ୍ତି ସେହି ସମୟରେ ଥାଆନ୍ତି । ଅନ୍ୟ ଭାଷାରେ କହିଲେ ପ୍ରତ୍ୟେକ ମନୁଷ୍ୟ ତା'ର ନିଜ ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ମାର୍ଗରେ ଗତି କରେ । ମନୁଷ୍ୟର ସ୍ୱଭାବ ଭିନ୍ନ, ଅବସ୍ଥା ଭିନ୍ନ ଭିନ୍ନ ଥିବାରୁ ସେମାନଙ୍କ ଅନ୍ତରାତ୍ମାର ବିକାଶ ପାଇଁ ସାଧନା ମାର୍ଗ ବାଛି ନେବା ସକାଶେ ସେମାନଙ୍କ ପୂର୍ଣ୍ଣ ସ୍ୱତନ୍ତ୍ରତା ରହିବା ଆବଶ୍ୟକ । ତାଙ୍କୁ ସମ୍ପ୍ରଦାୟ ତଥା ଗୁରୁବାଦରେ ବାନ୍ଧିଦେବା ଦ୍ୱାରା ତା'ର ବିକାଶ ମାର୍ଗ ରୁଦ୍ଧ ହୋଇଯାଏ । ମନୁଷ୍ୟ ବିକାଶଶୀଳ, ତା'ର ବିକାଶ ଅସୀମ । ସେ ଅନନ୍ତ ପଥର ଯାତ୍ରୀ । ବର୍ତ୍ତମାନ ତା'ର ବିକାଶ ଅଜ୍ଞାନରୁ, ଦୁଃଖରୁ, ଜ୍ଞାନ, ପରମାନନ୍ଦ ଆଡ଼କୁ ଗତି କରୁଛି । ଭବିଷ୍ୟତରେ ଜ୍ଞାନରୁ ଅସୀମ ଜ୍ଞାନ, ଆନନ୍ଦରୁ ପରମାନନ୍ଦ ଆଡ଼କୁ ଗତି କରି ଚାଲିଥିବ । ଗୁରୁବାଦ ତଥା ସମ୍ପ୍ରଦାୟ ସିଦ୍ଧାନ୍ତ ତା'ର ମାର୍ଗର ସହାୟ ମାତ୍ର, ତା'ର ଜୀବନର ପରମ ଲକ୍ଷ୍ୟ ନୁହେଁ ।

ମନୁଷ୍ୟର ମନ, ପ୍ରାଣ, ଶରୀର ଆସିଛି ସଚ୍ଚିଦାନନ୍ଦ ତତ୍ତ୍ୱରୁ । ଯେପର୍ଯ୍ୟନ୍ତ ସେହି ସଚ୍ଚିଦାନନ୍ଦ ତତ୍ତ୍ୱରେ ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ନ ହୋଇଛି ସେପର୍ଯ୍ୟନ୍ତ ସେ ବିକାଶ ମାର୍ଗରେ ଗତି କରିଚାଲିଥିବ । ତାହାର ଏହି ଏକହିଁ ଲକ୍ଷ୍ୟ । ସେହି କାରଣରୁ ମନୁଷ୍ୟ ସ୍ୱତଃ ସ୍ୱାଭାବିକଭାବେ ଅଜ୍ଞାତରୂପେ ନୀରୋଗ ଜରାମୃତ୍ୟୁରୁ ମୁକ୍ତ ଚିରଯୌବନ ଶରୀର, ଦୁଃଖ ଅମିଶ୍ରିତ ଅଖଣ୍ଡ ପରମାନନ୍ଦ ଚାହେଁ । ଏହା ଯଦି ମନୁଷ୍ୟକୁ ପ୍ରାପ୍ତ ନ ହୁଅନ୍ତା ସେ କେବେ ବି ଆଶା କରି ପାରନ୍ତା ନାହିଁ । ଯେଉଁ ବସ୍ତୁର ଅସ୍ତିତ୍ୱ ନ ଥାଏ, ସତ୍ୟତା ନ ଥାଏ, ତାହା ମନୁଷ୍ୟର କଳ୍ପନାରେ କେବେ ବି ଆସେ ନାହିଁ ।

ମନୁଷ୍ୟର ବିକାଶ ମାର୍ଗରେ ଆଚାର୍ଯ୍ୟମାନେ ଆସି ତାକୁ ନିର୍ବାଣ, ମୁକ୍ତି, ଭକ୍ତିର ଶିକ୍ଷା ପୃଥକ୍ ପୃଥକ୍ ସମୟରେ ଦେଇଥିଲେ । ବର୍ତ୍ତମାନ ଏହିସବୁ ସିଦ୍ଧି ଏକସଙ୍ଗେ ପ୍ରାପ୍ତ ହେବାର ସମୟ ଆସିଛି । ତା'ର ମନ, ପ୍ରାଣ, ଶରୀର ରୂପାନ୍ତରିତ ହେବ, ସେ ରୋଗ ଜରା ମୃତ୍ୟୁ ଅଧୀନରୁ ମୁକ୍ତ ହୋଇ ଦିବ୍ୟ ଚିନ୍ମୟ ଶରୀର ପ୍ରାପ୍ତ କରିବ; ସେ ଏକ ସଙ୍ଗେ ନିର୍ଗୁଣ, ସଗୁଣ ଉଭୟର ଧର୍ତ୍ତା ସଚ୍ଚିଦାନନ୍ଦ ତତ୍ତ୍ୱକୁ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପ୍ରକାଶ କରିବ ଏବଂ ଭକ୍ତି, ଜ୍ଞାନକୁ ଏକ ସଙ୍ଗେ ଉପଲବ୍ଧି କରିବ । ଏହାର ପରିଣାମରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ବୈର, ବିରୋଧ, ହିଂସା, ଦ୍ୱେଷ ଦୂର ହେବ । ଏହି ସଂସାର ସ୍ୱର୍ଗରେ ପରିଣତ ହେବ । ପୌରାଣିକ ଭାଷାରେ କଳିପରେ ସତ୍ୟଯୁଗ ଆସିବ ।

ଏହା ହେବ ଅତିମାନସ ଶକ୍ତି ଦ୍ୱାରା । ପୂର୍ବେ ଭିନ୍ନ ଭିନ୍ନ ସମୟରେ ମନୁଷ୍ୟ ଜାତିର ବିକାଶ ମାର୍ଗରେ ସାହାଯ୍ୟ କରିବା ସକାଶେ ଆଚାର୍ଯ୍ୟମାନେ ଯେପରି ଏହି ପୃଥିବୀକୁ ଆସିଥିଲେ ଠିକ୍ ସେହିପରି ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଙ୍କଳ୍ପ ଅନୁସାରେ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । କେତେକ ବ୍ୟକ୍ତିଙ୍କର ମନ, ପ୍ରାଣ ସହିତ ସ୍ଥୂଳ ଶରୀର ରୂପାନ୍ତରିତ ହେବାକୁ ଆରମ୍ଭ କଲେ ପ୍ରଥମରେ ବ୍ୟକ୍ତି ରୋଗରୁ ମୁକ୍ତ ହେବ ଏବଂ ନିୟମିତ ସମୟରେ ଜରା ଦେଖାଦେବ ନାହିଁ । ଶରୀର ପୂର୍ଣ୍ଣ ରୂପାନ୍ତରିତ ହେଲେ ସେ ପୂର୍ଣ୍ଣରୂପେ ଜରା ତଥା ମୃତ୍ୟୁ ଅଧୀନରୁ ମୁକ୍ତ ହେବ । ଭକ୍ତିଯୋଗ ଦ୍ୱାରା ପରାଭକ୍ତି ପ୍ରାପ୍ତିରେ ବ୍ୟକ୍ତି ଯେଉଁ ପରମାନନ୍ଦ ଉଚ୍ଚତର ସ୍ତରରେ ଉପଲବ୍ଧି କରୁଥିଲା; ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଆତ୍ମା ପରମାତ୍ମା ସହିତ ଲୀନ ହେବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ ସତ୍ୟସତ୍ତା ଉପଲବ୍ଧି କରୁଥିଲା, ଏହି ଉଭୟ ଅଭିବ୍ୟକ୍ତି ରୂପାନ୍ତରିତ ଶରୀର, ରୂପାନ୍ତରିତ ପ୍ରାଣ ଓ ରୂପାନ୍ତରିତ ମନରେ ଉପଲବ୍ଧ ହେବ । ଅର୍ଥାତ୍ ଶରୀର ସ୍ୱୟଂ ସଚେତ ହୋଇ ଭଗବାନଙ୍କ ସାକାର ରୂପ, ନିରାକାର ରୂପ, ଜ୍ଞାନ; ଭକ୍ତି ଏକ ସଙ୍ଗେ ଉପଲବ୍ଧି କରିପାରିବ । ଯେଉଁ ସଚ୍ଚିଦାନନ୍ଦ-ବ୍ରହ୍ମ ଜ୍ଞାନ ସ୍ୱରୂପ, ପରମାନନ୍ଦ ସ୍ୱରୂପ, ଶକ୍ତି ସ୍ୱରୂପ, ସେ ଏହି ସ୍ଥୂଳ ଶରୀରରେ ପ୍ରକାଶ ହେବେ । ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏଥି-ସକାଶେ ଭଗବାନ୍ ବହୁରୂପେ ପ୍ରକଟ ହୋଇଅଛନ୍ତି ନିଜକୁ ପ୍ରକାଶ କରିବା ସକାଶେ । ଭଗବାନଙ୍କର ସ୍ଥୂଳ ଶରୀରରେ ପୂର୍ଣ୍ଣ ପ୍ରକାଶ ହେଲେ ସଂସାରରୁ ପୂର୍ଣ୍ଣରୂପେ ଅନ୍ୟାୟ, ଅତ୍ୟାଚାର ଦୂର ହୋଇଯିବ ।

ପୂର୍ବେ ଯୋଗ-ସିଦ୍ଧି ଦ୍ୱାରା ବ୍ୟକ୍ତିଗତରୂପେ ବହୁତ କମ୍ ଯୋଗୀ ଶରୀର ଉପରେ କେତେକ ପରିମାଣରେ ଅଧିକାର ପ୍ରାପ୍ତ କରିଥିଲେ । ରୋଗରୁ କେତେକ ପରିମାଣରେ ମୁକ୍ତ ଥିଲେ, ମୃତ୍ୟୁର ନିୟମିତ ସମୟ ଅତିକ୍ରମ କରି ଆୟୁ ବୃଦ୍ଧି କରିଥିଲେ । ସଂକଳ୍ପ ମାତ୍ରେ ଅନ୍ୟ ସ୍ଥାନରେ ପହଞ୍ଚି ପାରୁଥିଲେ । କିନ୍ତୁ ସେମାନଙ୍କ ସ୍ଥୂଳ ଶରୀର ରୂପାନ୍ତରିତ ହୋଇ ନ ଥିଲା । କେବଳ ଅରୂପାନ୍ତରିତ ପଞ୍ଚତତ୍ତ୍ୱ ଉପରେ ସେମାନଙ୍କର ଅଧିକାର ପ୍ରାପ୍ତ ଥିଲା । ସେମାନଙ୍କର ସଂକଳ୍ପ ଦ୍ୱାରା ତତ୍ତ୍ୱସବୁ ପୃଥକ୍ ଏବଂ ଏକତ୍ର ହୋଇ ପାରୁଥିଲା । ସେମାନଙ୍କ ସ୍ଥୂଳ ଶରୀରରେ ଭଗବାନଙ୍କର ପ୍ରକାଶ ହୋଇ ନ ଥିଲା । କାରଣ ମନ, ପ୍ରାଣ, ଶରୀର ତତ୍ତ୍ୱ ବିଶ୍ୱ-ମନ, ବିଶ୍ୱ-ପ୍ରାଣ, ବିଶ୍ୱ-ଜଡ଼-ତତ୍ତ୍ୱ ସଙ୍ଗେ ଏକ । ଏକ ବ୍ୟକ୍ତିର ଜଡ଼ ଶରୀର-ତତ୍ତ୍ୱ ରୂପାନ୍ତରିତ ହେଲେ ବିଶ୍ୱ-ଜଡ଼-ତତ୍ତ୍ୱ ରୂପାନ୍ତରିତ ହେବ । ଅନ୍ୟ ଯେ କେହି ବ୍ୟକ୍ତି ଚାହିଁବ ସେ ଅନାୟାସରେ ନିଜକୁ ରୂପାନ୍ତର କରି ପାରିବ । ଜଣଙ୍କର ରୂପାନ୍ତର ହୋଇ ବନ୍ଦ ହୋଇଯିବ ନାହିଁ । ପୁରାତନ ଯୋଗୀମାନଙ୍କର ଶରୀର ରୂପାନ୍ତରିତ ହୋଇଥିଲେ ବିଶ୍ୱରୁ ଅନ୍ୟାୟ ଦୂର ହୋଇଥାଆନ୍ତା । କାରଣ ବିଶ୍ୱର ଜଡ଼ତତ୍ତ୍ୱ ହେଉଛି ଅବଚେତନା । ସେହି ଅବଚେତନା ସମସ୍ତ ଅଜ୍ଞାନ, ଅନ୍ଧକାରର ଉଦ୍‌ଗମ ସ୍ଥାନ । ଜଡ଼ ଚେତନାର ରୂପାନ୍ତରର ଅର୍ଥ ଅଜ୍ଞାନ ଅନ୍ଧକାରର ରୂପାନ୍ତର । ତାହା ରୂପାନ୍ତରିତ ହୋଇଥିଲେ ଆଜି ସଂସାରରେ ଗୋଟିଏ ନୂତନ ରୂପାନ୍ତରିତ ମନୁଷ୍ୟ ଜାତି ଆମ୍ଭେମାନେ

ଦେଖୁଥା'ନ୍ତୁ । ତାହା ହୋଇ ନାହିଁ । ସଂସାରରେ ଯେତେ ଜନସଂଖ୍ୟା ତା' ମଧ୍ୟରୁ ଦୁଇ, ଚାରି ଜଣ ବ୍ୟକ୍ତି ଯୋଗ ଦ୍ୱାରା ରୋଗ, ଜରାରୁ ମୁକ୍ତ ହୋଇ ପରମାୟୁ ବଢ଼ାଇ ନେଲେ ସଂସାର-ଚେତନା ସ୍ତରରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତାହା ବ୍ୟକ୍ତିଗତ ସିଦ୍ଧି । ଏପରି ଯୋଗୀଙ୍କ ନାମ ପୁସ୍ତକରେ ପଢ଼ିବା, ଲୋକ-ମୁଖରୁ ଶୁଣିବା ଛଡ଼ା ବହୁତ କମ୍ ଲୋକ ଦେଖିଥିବେ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ଯେଉଁ ରୂପାନ୍ତର ହେବ, ତାହା ଏହାଠାରୁ ସଂପୂର୍ଣ୍ଣ ପୃଥକ୍ । ଥରେ ବହୁତ କମ୍ ବ୍ୟକ୍ତିଙ୍କର ରୂପାନ୍ତର ହୋଇଗଲେ ତାହା ଏହି ସଂସାରରେ ପ୍ରତିଷ୍ଠିତ ହେବ । ପୁନଶ୍ଚ ଲୁପ୍ତ ହେବ ନାହିଁ, ବୃଦ୍ଧି ହେଉଥିବ । ପୁରାତନ ଯୋଗ-ସିଦ୍ଧି ପ୍ରାପ୍ତ ଶରୀର ସମ୍ବନ୍ଧରେ ପଢ଼ିବା, ଶୁଣିବା ଛଡ଼ା ଯେପରି ଦେଖିବାକୁ ମିଳୁ ନାହିଁ, ସେପରି ହେବ ନାହିଁ । ଗୋଟିଏ ଅତିମାନସ ଜାତି ଏହି ପୃଥିବୀରେ ସ୍ଥାପିତ ହେବ । ଯେପରି ପଶୁ-ଜଗତରେ ମନୁଷ୍ୟ ଜାତି ହୋଇଛି; ସେହିପରି ମନୁଷ୍ୟ ଜଗତରେ ଅତିମାନବ ଜାତି ସ୍ଥାପିତ ହେବ । ଯେଉଁ ବିକାଶ ଅନୁସାରେ ମନୁଷ୍ୟ ଜଡ଼ରୁ ବହୁ ଅବସ୍ଥା ଅତିକ୍ରମ କରି ବର୍ତ୍ତମାନ ମନୁଷ୍ୟରେ ପହଞ୍ଚିଅଛି, ସେହି ବିକାଶ ନିୟମରେ ବ୍ୟକ୍ତି ମନୁଷ୍ୟକୁ ଅତିକ୍ରମ କରି ଅତିମାନବରେ ଅବଶ୍ୟ ପହଞ୍ଚିବ । ଏହାର ସମୟ ହୋଇଛି । ମନୁଷ୍ୟର ମନ ବିକାଶର ଶେଷ ସୀମାରେ ପହଞ୍ଚି ସାରିଲାଣି ।

ଏହି କାର୍ଯ୍ୟ କରିବା ସକାଶେ ମା' ଶ୍ରୀଅରବିନ୍ଦ ଏହି ସଂସାରକୁ ଆସିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ ଏହି ବିକାଶ ମାର୍ଗରେ ସହାୟକ ମାତ୍ର । ପ୍ରତ୍ୟେକ ମନୁଷ୍ୟର ଏହା ଅନିବାର୍ଯ୍ୟ ଲକ୍ଷ୍ୟ । ମନୁଷ୍ୟର ଏହି ବିକାଶ ମାର୍ଗରେ ପୁରାତନ ଯୋଗର ଯେଉଁ ଆଚାର୍ଯ୍ୟମାନେ ଆସି ଭିନ୍ନ ଭିନ୍ନ ଶିକ୍ଷା ପ୍ରଣାଳୀରେ ସାହାଯ୍ୟ କରିଥିଲେ ସେମାନଙ୍କ ମଧ୍ୟରେ ବିରୋଧ ଭାବ ନ ଥିଲା । କିନ୍ତୁ ସେତେବେଳେ ମନୁଷ୍ୟର ମନ-ସ୍ତର ମଧ୍ୟରେ ଭିନ୍ନ ଭିନ୍ନ ଚେତନାସ୍ତର ବିକାଶରେ ସେମାନେ ସାହାଯ୍ୟ କରିଥିବାରୁ ତାହା ବିରୋଧୀ ପ୍ରତୀତ ହେଉଥିଲା । ବର୍ତ୍ତମାନ ବିକାଶ ଏକେବାରେ ମନରୁ ଭିନ୍ନ ଅତିମାନସ ଚେତନାର ଗୋଟିଏ ନୂତନ ସ୍ତରରେ । ସେଠାରେ ସର୍ବ ସମନ୍ୱୟ । ସମସ୍ତ ସାମ୍ପ୍ରଦାୟିକ, ଧାର୍ମିକ, ଗୁରୁବାଦର ବ୍ୟକ୍ତି ଏହି ଲକ୍ଷ୍ୟ ଗ୍ରହଣ କରିବାରେ ସେମାନଙ୍କ ପୁରାତନ ସାଧନା, ସିଦ୍ଧାନ୍ତ, ଗୁରୁନିଷ୍ଠା କିଛି ବି ତ୍ୟାଗ କରିବାକୁ ହୁଏ ନାହିଁ । ବରଂ ଶରୀର ତ୍ୟାଗ କରିବାପରେ ଯେଉଁ ଲକ୍ଷ୍ୟ ପ୍ରାପ୍ତି କରିବା ଉଦ୍ଦେଶ୍ୟ ଥାଏ ତାହା ଏହି ରୂପାନ୍ତରିତ ଶରୀରରେ ପ୍ରାପ୍ତ ହୁଏ ।

ଯେପରି ଅଦ୍ୱୈତ ସିଦ୍ଧାନ୍ତର ଲକ୍ଷ୍ୟ ନିର୍ବିଶେଷ ସତ୍ତାରେ ଆତ୍ମ-ଚେତନା ଏକ ହୋଇଯିବା । ତାହା ଅନିର୍ବଚନୀୟ ଆନନ୍ଦ । ଆନନ୍ଦ ଅନିର୍ବଚନୀୟର ଅର୍ଥ ସେଠାରେ ଅନୁଭୂତ ହୁଏ । ସେ ସ୍ତରରେ ଅନୁଭବ ହେବାସତ୍ତ୍ୱେ ଦ୍ୱୈତତା ନ ଥାଏ । କିନ୍ତୁ ମନ ସ୍ତରର ଭୌତିକ ଶବ୍ଦ ଦ୍ୱାରା ତାହା ପ୍ରକାଶ ହୋଇପାରେ ନାହିଁ । କାରଣ ମନଃସ୍ତର ଓ ସଚ୍ଚିଦାନନ୍ଦ ମଧ୍ୟରେ କୌଣସି ସେତୁ ନ ଥାଏ, ଏହାଠାରୁ ତାହା ଏକେବାରେ ବିଜାତୀୟ; ସେଥିପାଇଁ ସେହି ଅନୁଭୂତିରୁ ଭୌତିକ ଚେତନା ବଞ୍ଚିତ ରହେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଆତ୍ମା ପରମାତ୍ମା ସଙ୍ଗେ ମିଳିତ ଯେଉଁ ସ୍ତରରେ ହୁଏ ସେହି ସ୍ତରର ଚେତନା ଏହି ମନ, ପ୍ରାଣ, ଶରୀର ସ୍ତରକୁ ଆଣି ଏସବୁକୁ ସେହି ଚେତନାରେ ରୂପାନ୍ତରିତ କରିଦିଆହୁଏ । ସେହି ସକାଶେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସେହି ଅନିର୍ବଚନୀୟ ଆନନ୍ଦ ଅନୁଭୂତ ହେବାସତ୍ତ୍ୱେ ଅଦ୍ୱୈତତା ଥାଏ । ଏକହିଁ ସଙ୍ଗେ ଏକତ୍ୱ ତଥା ପୃଥକତ୍ୱ ଥାଏ । ଏହା ହୁଏ ମନଃସ୍ତରର ଚେତନା ଅତିମାନସ ଚେତନାରେ ରୂପାନ୍ତରିତ ହେଲେ । ସେହି ଏକହିଁ ସଙ୍ଗେ ସଂସାରରୁ ଅନ୍ଧକାର ଶକ୍ତି ଅପସାରିତ ହୁଏ ଏବଂ ସଂସାର ସ୍ୱର୍ଗରେ ପରିଣତ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ରୂପାନ୍ତରିତ ହେବା, ସଂସାର ସ୍ୱର୍ଗରେ ପରିଣତ ହେବା — ଏହା ଏକେବାରେ ନୂତନ ହେବା ସତ୍ତ୍ୱେ କୌଣସି ପୁରାତନ ଯୋଗ-ଲକ୍ଷ୍ୟର ବିରୁଦ୍ଧ ନୁହେଁ, ବରଂ ପରିପୂରକ ତଥା ଯୁକ୍ତିଯୁକ୍ତ ।

ଶରୀର, ସଂସାର ତ୍ୟାଗ କରି କୈବଲ୍ୟ, ମୁକ୍ତି, ଭଗବତ୍ ପ୍ରାପ୍ତିର ଯେଉଁ ସିଦ୍ଧାନ୍ତ, ତାହା ମନୁଷ୍ୟର ମନ-ପ୍ରାଣ-ଶରୀରର ରୂପାନ୍ତର ଲକ୍ଷ୍ୟର ମଧ୍ୟବର୍ତ୍ତୀ ଅବସ୍ଥା । ଏହା ମନୁଷ୍ୟର ଶେଷ ଲକ୍ଷ୍ୟ ହେବାରେ ଆପତ୍ତିଜନକ ବିରୋଧ ଉପସ୍ଥିତ ହୁଏ । ବ୍ୟକ୍ତିକୁ ଯଦି ମୁକ୍ତିକୁ ଫେରି ଯିବାକୁ ହୁଏ, ତେବେ ''ସେଠାରୁ ଆସିବାର ଉଦ୍ଦେଶ୍ୟ କ'ଣ ?'' ଏହାର

ଉତ୍ତର ଯଦି ଦିଆହୁଏ – ''ଜୀବ ମାୟାରେ ମୋହଗ୍ରସ୍ତ ହୋଇ ସଂସାରକୁ ଚାଲିଆସିଲା'', ତେବେ ''ମାୟା ଆସିଲା କେଉଁଠୁ ? ସଂସାର ହେଲା କିପରି ? ବ୍ରହ୍ମ ଶାଶ୍ୱତ ସତ୍ୟ, ଏକ; ବହୁ ହେଲା କିପରି ?'' ଏହାର ଉତ୍ତର ନାହିଁ, ଏକେବାରେ ଉତ୍ତର ନାହିଁ । ଏହାର ଉତ୍ତର ଉପନିଷଦରେ ଅଛି : ''ଏକୋଽହଂ ବହୁଶ୍ୟାମି ।'' ବ୍ରହ୍ମ ନିଜ ସଂକଳ୍ପରେ ବହୁ ହେଲେ । ବ୍ରହ୍ମ ପରମ ସତ୍ୟ, ତାଙ୍କର ସମସ୍ତ ସଂକଳ୍ପ ବସ୍ତୁ ମଧ୍ୟ ପରମ ସତ୍ୟ ହେବା ସ୍ୱାଭାବିକ । ଏହି ସିଦ୍ଧାନ୍ତରେ କୌଣସି ସିଦ୍ଧାନ୍ତର ବିରୋଧ ନାହିଁ । ଏଥିରେ ପୂର୍ଣ୍ଣ ସମନ୍ୱୟ । ଏହି ଉପନିଷଦ୍ ବାକ୍ୟର କ୍ରିୟାତ୍ମକ ରୂପ ଶ୍ରୀଅରବିନ୍ଦଙ୍କ ଯୋଗ । ଏହି କାରଣରୁ ଏଥିରେ କୌଣସି ସାମ୍ପ୍ରଦାୟିକ ମତବାଦ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ସିଦ୍ଧାନ୍ତ ସତ୍ୟ ଏବଂ ତାହାର ଯଥାର୍ଥ ସ୍ଥାନ ଅଛି ଏବଂ ସମସ୍ତ ମତବାଦକୁ ଆଲିଙ୍ଗନ କରି ଏକ କରି ଦେଇଅଛି । ଏହାର ସ୍ଥୂଳ ପ୍ରତୀକ ଶ୍ରୀଅରବିନ୍ଦ ଆଶ୍ରମ । ଏଠାରେ ବୌଦ୍ଧ, ଜୈନ, ଶଙ୍କରପନ୍ଥୀ, ଅଦ୍ୱୈତବାଦୀ ସନ୍ନ୍ୟାସୀ, ଚାରି ସଂପ୍ରଦାୟର ବୈଷ୍ଣବ, ଆର୍ଯ୍ୟ ସମାଜ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ଆମେରିକାବାସୀ, ଇଂରେଜ, ଜର୍ମାନ୍, ଚୀନା ପ୍ରଭୃତି ସମସ୍ତ ଜାତି, ସମସ୍ତ ଧର୍ମ ଓ ସଂପ୍ରଦାୟର ବ୍ୟକ୍ତି ଏକତ୍ର ରହି ସାଧନା କରୁଅଛନ୍ତି । ଏଠାରେ ଗୁରୁବାଦର ପ୍ରଶ୍ନ ନାହିଁ । କାହାରିକୁ ଏଠାରେ ଦୀକ୍ଷା ଦିଆଯାଏ ନାହିଁ । ମା' ସାଧକମାନଙ୍କୁ ସେମାନଙ୍କ ସାଧନାରେ ସାହାଯ୍ୟ କରନ୍ତି । ସାଧକମାନେ ନିଜ ଆନ୍ତରିକତାରେ ସ୍ୱତଃସ୍ଫୂର୍ତ୍ତଭାବେ ମା'ଙ୍କ ପ୍ରତି ଭିନ୍ନ ଭିନ୍ନ ଭାବ ରଖନ୍ତି ଏବଂ ନିଜ ନିଜର ଗ୍ରହଣଶୀଳତା ଅନୁସାରେ ତାଙ୍କ ସାହାଯ୍ୟ ପାଆନ୍ତି । ଶ୍ରୀଅରବିନ୍ଦ ସ୍ୱୟଂ କହିଛନ୍ତି : –

"And it shall also be a sign of the teacher of the Integral Yoga that he does not arrogate to himself Guruhood in a humanly vain and self exalting spirit. His work, if he has one, is a trust from above, he himself a channel, a vessel or a representative. He is a man helping his brothers, a child leading children, a light kindling other lights, an awakened soul awakening souls, at highest a power or presence of the Divine calling to him other powers of the Divine. (The Synthesis of Yoga)

ଅର୍ଥାତ୍ ପୂର୍ଣ୍ଣଯୋଗର ଶିକ୍ଷକଙ୍କର ଆହୁରି ଗୋଟିଏ ଲକ୍ଷଣ ଏହାହିଁ ହେବ ଯେ ସେ ମାନବସୁଲଭ ଅହଂକାର ଓ ଆତ୍ମ ପ୍ରଶସ୍ତିର ଭାବ ନେଇ ଗୁରୁଙ୍କର ଆସନ ଗ୍ରହଣ କରିବେ ନାହିଁ । ତାଙ୍କର ଯାହାକିଛି କରଣୀୟ କାର୍ଯ୍ୟ, ତାହା ହେଲା ଊର୍ଦ୍ଧ୍ୱରୁ ନ୍ୟସ୍ତ କାର୍ଯ୍ୟଭାର; ସେହି କାର୍ଯ୍ୟଭାରର ସେ ହେଲେ ପ୍ରଣାଳୀ ବା ଆଧାର ବା ପ୍ରତୀକ । ସେ ମାନବ, ସେ ନିଜର ମାନବ ଭ୍ରାତାମାନଙ୍କୁ ସାହାଯ୍ୟ କରୁଅଛନ୍ତି,– ସେ ଶିଶୁ, ସେ ଅପର ଶିଶୁମାନଙ୍କୁ ପଥ ଦେଖାଇ ନେଇ ଯାଉଅଛନ୍ତି,– ସେ ପ୍ରଦୀପ, ଯେ ଅନ୍ୟ ପ୍ରଦୀପସମୂହକୁ ପ୍ରଦୀପ୍ତ କରୁଅଛନ୍ତି,– ସେ ଜାଗ୍ରତ୍ ଆତ୍ମା, ଯେ ଅପର ଆତ୍ମାଚୟଙ୍କୁ ଜାଗ୍ରତ୍ କରାଉ ଅଛନ୍ତି,– ଅଥବା ସବୁଠାରୁ ବେଶୀ କହିବାକୁ ହେଲେ, ସେ ଭାଗବତ ଶକ୍ତିର ବା ଭାଗବତ ସାନ୍ନିଧ୍ୟର ପ୍ରତୀକ, ଯେ ଅନ୍ୟାନ୍ୟ ଦିବ୍ୟ ଶକ୍ତିରାଜିଙ୍କୁ ନିଜ ଆଡ଼କୁ ଡାକୁ ଅଛନ୍ତି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗ ସାଧକମାନଙ୍କର ସମନ୍ୱୟ ହେବାର ଅନ୍ୟ ଦିଗ ହେଲା – ସେମାନଙ୍କୁ ପ୍ରଥମ ସାଧନା ଏବଂ ଲକ୍ଷ୍ୟ ବର୍ଜନ କରି ଅନ୍ୟ ନୂତନ ସାଧନା ପ୍ରଣାଳୀ ଏବଂ ଲକ୍ଷ୍ୟ ଗ୍ରହଣ କରିବାକୁ ହୁଏ ନାହିଁ । ଏହି ଯୋଗର ଲକ୍ଷ୍ୟ ସିଦ୍ଧି ପୂର୍ବରୁ ଯେପରି ଅଦ୍ୱୈତ ସିଦ୍ଧି, ଭଗବତ୍ ସିଦ୍ଧି ପ୍ରାପ୍ତ ହୁଏ, ସେହିପରି ପୁରାତନ ଯୋଗର ସାଧନା ପ୍ରଣାଳୀ ସମର୍ପଣ, ତ୍ୟାଗ, ଅଭୀପ୍ସା, କୁଣ୍ଡଳିନୀ ଶକ୍ତିର ଜାଗୃତି, ଊର୍ଦ୍ଧ୍ୱର ଭାଗବତୀ ଶକ୍ତିର ଅବତରଣ ପଦ୍ଧତି ମଧ୍ୟ ସମାବିଷ୍ଟ ଥାଏ । ଏହି କ୍ରିୟା ମଧ୍ୟରେ ନୂତନତ୍ୱ କେବଳ ରୂପାନ୍ତରକାରୀ ଅତିମାନସ ଶକ୍ତି । ଯଥାର୍ଥରେ ଭାଗବତୀ ଶକ୍ତିଠାରୁ ଅତିମାନସ ଶକ୍ତି ପୃଥକ୍ ନୁହେଁ, ତା'ର ଅନ୍ୟ ରୂପ । ତାହାର ପ୍ରକାଶ ହୋଇ ନ ଥିଲା । ପୁରାତନ ଯୋଗ ସାଧନା ତଥା ସିଦ୍ଧି ସମସ୍ତ ଶ୍ରୀଅରବିନ୍ଦଙ୍କ ଯୋଗରେ ସମାବିଷ୍ଟ ଥିବାରୁ ଏହା ସମସ୍ତ ଯୋଗକୁ ଆଲିଙ୍ଗନ କରି ପୂର୍ଣ୍ଣରୂପ ଦିଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ସଂକୀର୍ଣ୍ଣତା, ସୀମିତତାର ସ୍ଥାନ ଏକେବାରେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ସମଗ୍ର ମାନବଜାତି ସକାଶେ । ❖

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରେମ

ପ୍ରେମ ଭଗବାନଙ୍କ ଭାଗବତୀ ଦିବ୍ୟ-ଶକ୍ତି । ପ୍ରେମ ଦ୍ୱାରାହିଁ ଭଗବାନ୍ ଏହି ସୃଷ୍ଟି କରିଅଛନ୍ତି ଓ ଧାରଣ କରି ରଖିଅଛନ୍ତି । ସେହି ଦିବ୍ୟ-ପ୍ରେମ ସଂସାରରେ ଆସି ମାନୁଷୀ ପ୍ରେମରେ ବିକୃତ ହୋଇଯାଇଅଛି । ତଥାପି ସେହି ବିକୃତ ପ୍ରେମ ମନୁଷ୍ୟ, ପଶୁ, ପକ୍ଷୀ ଆଦି ସମସ୍ତ ପ୍ରାଣୀ ମଧ୍ୟରେ ପିତା, ମାତା, ସ୍ତ୍ରୀ, ପୁତ୍ର ଓ ମିତ୍ରରୂପେ ସମ୍ବନ୍ଧ ସ୍ଥାପନ କରି ଏକକୁ ଅନ୍ୟ ପ୍ରତି ଆକର୍ଷିତ କରି ବାନ୍ଧି ରଖିଅଛି । ଯଦି ଏହି ପ୍ରେମକୁ ନିର୍ବାସିତ କରି ଦିଆ ହୁଏ, ତେବେ ପ୍ରତ୍ୟେକର ପରସ୍ପର ମଧ୍ୟରୁ ସମ୍ବନ୍ଧ ବିଚ୍ଛେଦ ହେବ ଏବଂ ସଂସାର ବିଶୃଙ୍ଖଳାରେ ପରିଣତ ହୋଇ ନଷ୍ଟ ହୋଇଯିବ । ପ୍ରେମର ଅତୁଳନୀୟ ଶକ୍ତି । ପ୍ରେମହିଁ ପ୍ରେମାସ୍ପଦ ଭଗବାନଙ୍କୁ ପ୍ରଗଟ କରିପାରେ, ପ୍ରେମିକକୁ ଦିବ୍ୟ-ଭାଗବତ ସ୍ୱରୂପରେ ରୂପାନ୍ତରିତ କରିପାରେ, ଫେରେ ଉଭୟଙ୍କୁ ଏକ କରି ସ୍ୱୟଂ ମିଳି ଏକାକାର ହୋଇଯାଏ । ଏହି ଏକାକାର ଅବସ୍ଥା ସଙ୍ଗେ ପ୍ରେମିକ, ପ୍ରେମାସ୍ପଦ ଓ ପ୍ରେମ ପୃଥକ୍ ରହି ପ୍ରେମିକକୁ ଦିବ୍ୟ-ପ୍ରେମାମୃତ ଆସ୍ୱାଦନ କରାଏ । ସେ'ନେଇ ଦିବ୍ୟ ପ୍ରେମ ଅଲୌକିକ, ବୁଦ୍ଧି ପକ୍ଷେ ଦୁରାଧିଗମ୍ୟ, କେବଳ ଅନୁଭବର ବସ୍ତୁ ।

ପ୍ରେମହିଁ ଭଗବାନଙ୍କୁ ବଶ କରିବାରେ ସମର୍ଥ । ଶତ-ଐଶ୍ୱର୍ଯ୍ୟଯୁକ୍ତ ପରମବ୍ରହ୍ମ, ଶ୍ରୀକୃଷ୍ଣଙ୍କୁ ପ୍ରେମହିଁ ଗୋପୀମାନଙ୍କ ପାଖେ ଲବଣି ପାଇଁ ନୃତ୍ୟ କରାଇଥିଲା । ପ୍ରେମହିଁ ତ୍ରୈଲୋକ୍ୟନାଥଙ୍କୁ ନନ୍ଦରାଣୀଙ୍କ ଉଗାଳରେ ବନ୍ଧନ କରାଇଥିଲା । ସେହି ପ୍ରେମ କେଉଁଠି ଭଗବାନଙ୍କୁ ଭକ୍ତର ଭୃତ୍ୟ ରୂପେ ସେବା କରାଇଥିଲା, ସାରଥି କରାଇ ଭକ୍ତର ରଥ ସଞ୍ଚାଳନ କରାଇଥିଲା, କେଉଁଠି ସଖାରୂପେ ଗୋରୁ ଚରାଇ ଦୁଧ ଦୁହାଇ ଥିଲା । ସର୍ବ-ସ୍ୱତନ୍ତ୍ର, ସର୍ବ-ସମର୍ଥ ଭଗବାନଙ୍କୁ ବି ସେହି ପ୍ରେମ ଭକ୍ତର ହୃଦୟ ମନ୍ଦିରରେ ବନ୍ଦି କରି ରଖିଥିଲା ।

ଭକ୍ତ ପ୍ରେମରେ ଭଗବାନଙ୍କୁ ପୂଜା କରେ, ତାଙ୍କ ଦର୍ଶନ ସକାଶେ ବ୍ୟାକୁଳ ହୋଇ ପଡ଼େ; ତାଙ୍କ କ୍ଷଣମାତ୍ର ବିୟୋଗରେ ମୃତ୍ୟୁଠାରୁ ଅଧିକ ଦୁଃଖ ଅନୁଭବ କରେ, ପ୍ରେମିକ-ଭକ୍ତର ଭଗବାନହିଁ ସର୍ବସ୍ୱ । ସେ ଭଗବାନଙ୍କ ସକାଶେ ଜୀବିତ ରହେ, ମୃତ୍ୟୁକୁ ବରଣ କରେ, ଭଗବାନଙ୍କ ସଙ୍ଗେ ତିନିଲୋକର ଦୁଃଖକୁ ସୁଖ ରୂପେ ଅନୁଭବ କରେ । ଭଗବାନଙ୍କ ଛଡ଼ା ସ୍ୱର୍ଗ ସୁଖକୁ ବି ଜଳାଞ୍ଜଳି ଦିଏ । ସେ ସବୁକିଛି ତ୍ୟାଗ କରି କେବଳ ପ୍ରିୟତମର ଦର୍ଶନ ଆଶାରେ ଜୀବନ ଧାରଣ କରି ପ୍ରତୀକ୍ଷା କରୁଥାଏ ।

ଏହି ଦିବ୍ୟ-ପ୍ରେମ, ଭକ୍ତି-ଯୋଗରେ ସର୍ବୋଚ୍ଚ ସ୍ଥାନ ଗ୍ରହଣ କରେ । ଅନ୍ୟାନ୍ୟ ଯୋଗରେ ଭକ୍ତି-ଯୋଗ ପରି ଯଦ୍ୟପି ଏହାର ପ୍ରଧାନ ସ୍ଥାନ ନ ଥାଏ, ତଥାପି ଏହାର ଆଶ୍ରୟ ନ ହେଲେ କୌଣସି ସାଧନା ସଫଳ ହୁଏ ନାହିଁ । ଏହି ପ୍ରେମର ଅଙ୍ଗ ହେଉଛି – ଶ୍ରଦ୍ଧା ଏବଂ ଉତ୍ସାହ । ଶ୍ରଦ୍ଧା-ଉତ୍ସାହ ବିନା କୌଣସି ଯୋଗ ବି ଅଗ୍ରସର ହୋଇପାରେ ନାହିଁ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ – ପ୍ରେମ, କର୍ମ ଓ ଜ୍ଞାନକୁ ସମାନ ସ୍ଥାନ ଦିଆଯାଇଛି । ଏକକୁ ଅବହେଳା ପ୍ରଦର୍ଶନ ବା ଗୌଣସ୍ଥାନ ଦିଆଯାଇ ନାହିଁ । ପ୍ରେମ ବିନା କର୍ମ ନୀରସ, ଜ୍ଞାନ ଶୁଷ୍କ, ସାଧନା ଭାର ସ୍ୱରୂପ ହୁଏ । ଏହା ସଙ୍ଗେ ପ୍ରେମର ସଞ୍ଚାର ହେଲେ ନୀରସତାରେ ରସର ସଞ୍ଚାର ହୁଏ, ଶୁଷ୍କରେ ଜୀବନୀ ଶକ୍ତି ପ୍ରବେଶ କରେ, ନିରାଶାରେ ଆଶା ଦେଖାଯାଏ, ଅସମ୍ଭବରେ ସମ୍ଭାବନା ଦୃଷ୍ଟିଗୋଚର ହୁଏ । ଏହି ପ୍ରେମ ସାଧନାମାର୍ଗକୁ ନମନୀୟ, କୋମଳ, ଆନନ୍ଦମୟ କରି ସାଧକକୁ ତାହାର ଗନ୍ତବ୍ୟ ସ୍ଥାନରେ ପହୁଞ୍ଚାଇ ଦିଏ । ଏଠାରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରେମ ସମ୍ବନ୍ଧେ ଆଲୋଚନା କରିବା । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ କେବଳ ଭଗବାନଙ୍କ ସକାଶେ ବ୍ୟାକୁଳ ହୋଇ ଅସହ୍ୟ ବିରହ ବେଦନାରେ କାତର ହୋଇ ତାଙ୍କ ଦର୍ଶନ ଲାଭ କରିବା ସକାଶେ ପ୍ରେମ କରେ ନାହିଁ । ସେ ପ୍ରେମ କରେ ଭଗବାନଙ୍କୁ ତାହାର ପ୍ରତ୍ୟେକ ସତ୍ତାରେ – ମନ, ପ୍ରାଣ ଓ ଜଡ଼ ଶରୀରରେ ଅଭିବ୍ୟକ୍ତ କରିବାକୁ, ଭଗବାନଙ୍କ ସଙ୍ଗେ ଅବିଚ୍ଛେଦ୍ୟ ଏକତ୍ୱ ପ୍ରାପ୍ତ କରିବାକୁ । ସେହି ଏକହି ସଙ୍ଗେ ଭଗବାନଙ୍କଠାରୁ ପୃଥକ୍ ରହି ତାଙ୍କ ଯନ୍ତ୍ର ହେବାକୁ । ଏହି ପାର୍ଥିବ ଶରୀର ତ୍ୟାଗ କରି ଦିବ୍ୟଧାମରେ ଦିବ୍ୟ ଶରୀରରେ ଭଗବାନଙ୍କ ସହଚର ହେବା ପୂର୍ଣ୍ଣଯୋଗ ସାଧକର ଲକ୍ଷ୍ୟ

ନୁହେଁ । ପ୍ରେମର ଲକ୍ଷ୍ୟ ସମସ୍ତ ସତ୍ତାକୁ ଭଗବାନଙ୍କ ଚରଣରେ ସମର୍ପଣ କରି ତାଙ୍କ ଦ୍ୱାରା ରୂପାନ୍ତରିତ ହୋଇ ଏହି ମୃତ୍ୟୁପୁରୀକୁ ଦିବ୍ୟ-ଧାମରେ ପରିଣତ କରିବା ।

ସେ'ନେଇ ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ ଦ୍ୱାରାହିଁ ସାଧନା ଆରମ୍ଭ ହୁଏ । ମନ, ପ୍ରାଣ, ଶରୀରର ସମସ୍ତ କର୍ମକୁ ଭଗବାନ୍ ଅଥବା ଗୃହସ୍ଥ ଚୈତ୍ୟ-ପୁରୁଷଙ୍କୁ ସମର୍ପଣ କରିବା ଦ୍ୱାରା ଚୈତ୍ୟ-ପୁରୁଷ ଜାଗ୍ରତ୍ ହୁଅନ୍ତି । ଏହି ଚୈତ୍ୟ-ପୁରୁଷ ବ୍ୟକ୍ତି ସତ୍ତା, ଭଗବାନଙ୍କ ଅଂଶ, କ୍ରମ-ବିକାଶ ଅନୁସାରେ ବିକାଶଶୀଳ । କିନ୍ତୁ ଏହା ଅନ୍ନମୟ, ପ୍ରାଣମୟ, ମନୋମୟ ପୁରୁଷଠାରୁ ଭିନ୍ନ; ହୃଦୟର ଗଭୀରନିବାସୀ ହୃତ୍‌ପୁରୁଷ । ଏହି ହୃତ୍‌ପୁରୁଷ ସୁପ୍ତ; ମନ, ପ୍ରାଣ ଓ ଶରୀର କ୍ରିୟାରେ ଆବୃତ । ସାଧନା ଦ୍ୱାରା ଏହି ସତ୍ତା ଜାଗ୍ରତ୍ ଓ ବିକଶିତ ହେଲେ ସମ୍ମୁଖକୁ ଆସେ; ମନ, ପ୍ରାଣକୁ ପଶ୍ଚାତକୁ କରି ସେମାନଙ୍କର ନେତୃତ୍ୱ ଗ୍ରହଣ କରେ । ଏହି ହୃତ୍‌ପୁରୁଷ ଦିବ୍ୟ, ଚିନ୍ମୟ, ଭଗବାନଙ୍କ ପ୍ରତିଭୂ, ଭଗବାନଙ୍କ ଦିବ୍ୟଗୁଣରେ ବିଭୂଷିତ । ଏହାର ସମସ୍ତ କ୍ରିୟା, ସମସ୍ତ ଗତିବୃତ୍ତି ଭଗବାନଙ୍କ ସକାଶେ । ଏହି ହୃତ୍-ପୁରୁଷ ଭଗବାନଙ୍କ ସଂକଳ୍ପ ଦ୍ୱାରା ସର୍ବଦା ଚାଳିତ । ଏହାର ସ୍ୱାଭାବିକ ଧର୍ମ ଭଗବାନଙ୍କ ପ୍ରତି ସମ୍ପୂର୍ଣ୍ଣ ଆତ୍ମଦାନ । ଏହାର ମନ, ପ୍ରାଣ ପରି ଦାବି ନାହିଁ, କାମନା ବାସନା ନାହିଁ, ନିଜ ତୃପ୍ତି ବା ସନ୍ତୋଷ ସକାଶେ ଏ କିଛି କରେ ନାହିଁ । ଏହା ସମସ୍ତ କର୍ମ କରେ, ସର୍ବସ୍ୱ ସମର୍ପଣ କରେ ନିଃସ୍ୱାର୍ଥ ଭାବରେ ଭଗବାନଙ୍କୁ । ସେ'ନେଇ ପୂର୍ଣ୍ଣ ଯୋଗରେ ପ୍ରଥମରେ ଏହି ହୃତ୍-ପୁରୁଷଙ୍କୁ ଜାଗ୍ରତ୍ କରାହୁଏ । ଏ ଜାଗ୍ରତ୍ ହୁଅନ୍ତି ଅଭୀପ୍ସା ଓ ସମର୍ପଣ ଦ୍ୱାରା । ଏହା ଜାଗ୍ରତ୍ ହେଲେ ଯଥାର୍ଥ ଭାବେ ଭଗବାନଙ୍କୁ ପ୍ରେମ କରିପାରେ ।

ଯଦି ହୃତ୍-ପୁରୁଷ ହାତରେ ସାଧନାର ସମସ୍ତ ଭାର ଅର୍ପଣ କରି ତାଙ୍କୁ ପୂର୍ଣ୍ଣ ନେତୃତ୍ୱ କରିବାକୁ ଦିଆ ନ ହୁଏ, ସେ ମନ, ପ୍ରାଣ ପଶ୍ଚାତରେ ରହି କ୍ରିୟା କରନ୍ତି । ମନ, ପ୍ରାଣ ସୁଯୋଗ ପାଇ ତାଙ୍କର କ୍ରିୟାରେ ସହଯୋଗୀ ନ ହୋଇ ନିଜ କାମନା-ବାସନା ତୃପ୍ତ କରିବାକୁ ଚେଷ୍ଟା କରନ୍ତି, କିନ୍ତୁ ମନ, ପ୍ରାଣ ସେତେବେଳେ କ୍ରିୟାଶୀଳ ଥିବାରୁ ସେହି ଆତ୍ମଦାନ ଏବଂ ପ୍ରେମରେ ନିଜ ବାସନା, କାମନା ଓ ଦାବିକୁ ମିଶ୍ରିତ କରି ଏହା ପରିବର୍ତ୍ତେ ଭଗବାନଙ୍କଠାରୁ ଚାହାନ୍ତି ଆତ୍ମତୃପ୍ତି । ସେ'ନେଇ ଶ୍ରୀଅରବିନ୍ଦଙ୍କ ଯୋଗର ଆରମ୍ଭରେ ହୃତ୍-ପୁରୁଷଙ୍କୁ ଜାଗ୍ରତ୍ କରି ସମ୍ମୁଖକୁ ନେଇ ଆସିବାକୁ ହୁଏ । ସେ ହୁଏ ନେତା; ମନ, ପ୍ରାଣ ହୁଅନ୍ତି ତାହାର ଆଜ୍ଞାନୁବର୍ତ୍ତୀ ।

ହୃତ୍-ପୁରୁଷ ଗତି ସ୍ୱାଭାବିକ ରୂପେ ଭଗବାନଙ୍କ ଆଡ଼କୁ । ତାଙ୍କର ସମସ୍ତ କ୍ରିୟା ହୁଏ ଭଗବାନଙ୍କ ସକାଶେ । ସେ ସମସ୍ତ ପ୍ରଯତ୍ନ କରନ୍ତି ନିଜେ ଓ ନିଜର ଯାହାକିଛି, ବିଶେଷଭାବେ ଭଗବାନଙ୍କୁ ଦେଇ ପ୍ରେମ କରିବାକୁ । ସେ କେବଳହିଁ ପ୍ରେମ କରିବା ଜାଣନ୍ତି । ଏହା ବଦଳରେ କ'ଣ ମିଳିବ – ଦୁଃଖ ବା ସୁଖ, ହାନି ବା ଲାଭ, ବିପଦ ବା ସମ୍ପଦ, ମୃତ୍ୟୁ ବା ଅମରତ୍ୱ କିଛି ବି ଭାବନ୍ତି ନାହିଁ । ଏହି ହୃତ୍‌ପୁରୁଷ ଆତ୍ମଦାନ ଓ ଭଗବାନଙ୍କ ପ୍ରତି ପ୍ରେମ କରିବା ଦ୍ୱାରା ତାଙ୍କର ପଶ୍ଚାତରେ ଥିବା ମନ-ପ୍ରାଣ, କାମନା-ବାସନା ତ୍ୟାଗ କରି ଶୁଦ୍ଧ ହୋଇ ତାଙ୍କର ଅନୁସରଣ କରନ୍ତି । ସେତେବେଳେ ମନ, ପ୍ରାଣ ଓ ଶରୀର ବ୍ୟାକୁଳ ହୋଇ ପଡ଼ନ୍ତି ଭଗବତ୍ ସେବାରେ ନିଜକୁ ଅର୍ପଣ କରିଦେବାକୁ – କେବଳ ଭଗବତ୍ ସେବା ସକାଶେ ଯହିଁରେ ଲେଶମାତ୍ର ସ୍ୱାର୍ଥ ନ ଥାଏ, ଏପରିକି ଭଗବାନଙ୍କ ଦର୍ଶନ ପର୍ଯ୍ୟନ୍ତ ଚାହିଁ ନ ଥାଏ । ଯଦି ସାଧାରଣରୁ ସାଧାରଣ ମନର ବିଚାର, ପ୍ରାଣର ଗତି, ଶରୀରର କ୍ରିୟା ଭଗବାନଙ୍କୁ ଅର୍ପଣ ନ ହୋଇ ବାକି ରହିଯାଏ, ତେବେ ସେ ହଜାର ମୃତ୍ୟୁର ଦୁଃଖ ଅନୁଭବ କରେ । ଭଗବାନଙ୍କ ଦର୍ଶନ ସକାଶେ ବ୍ୟାକୁଳ ନ ହୋଇ ସେ ବ୍ୟାକୁଳ ହୁଏ, ଖୁବ୍ ବ୍ୟାକୁଳ ହୁଏ – କେବଳ ସବୁକିଛି ଭଗବାନଙ୍କୁ ଦେଇଦେବାକୁ । ଯଦି କେହି ବିନା ସର୍ତ୍ତରେ ଭଗବାନଙ୍କୁ ସର୍ବସ୍ୱ ଦେଇଦିଏ, ଲେଶମାତ୍ର ବଞ୍ଚେଇ ନ ରଖେ, ତେବେ ଭଗବାନ୍ ମଧ୍ୟ ନିଜକୁ ଲେଶମାତ୍ର ବଞ୍ଚେଇ ନ ରଖି ସର୍ବସ୍ୱ ଦେଇଦିଅନ୍ତି । ଭଗବାନ୍ ଦିବ୍ୟ, ଚିନ୍ମୟ; ତାଙ୍କୁ ଧାରଣ କରିବା ବ୍ୟକ୍ତି ମଧ୍ୟ ଦିବ୍ୟ, ଚିନ୍ମୟ ହେଲେ ଭଗବାନଙ୍କୁ ଧାରଣ କରି ପାରିବ । ସୁତରାଂ ସାଧକର ମନ, ପ୍ରାଣ ଓ ଶରୀରକୁ ଭଗବାନ୍ ରୂପାନ୍ତର କରି ସେଥିରେ ସ୍ୱୟଂ ପ୍ରକାଶିତ ହୁଅନ୍ତି । ତାହାର ମନ-ପ୍ରାଣ କେବଳ ଭଗବତ୍ ଦିବ୍ୟ ପ୍ରେମକୁ ଅନୁଭବ କରେ ନାହିଁ, ସମସ୍ତ ସତ୍ତା – ଏପରିକି ଶରୀରର କୋଷ ପର୍ଯ୍ୟନ୍ତ ଜାଗ୍ରତ୍ ହୋଇ ତାହା ଅନୁଭବ କରନ୍ତି ଏବଂ ତାହା ମଧ୍ୟରେ ଏକ ହୋଇଯାଆନ୍ତି । ❖

ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଜୀବନର ପୂର୍ଣ୍ଣତା

ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । ବ୍ୟକ୍ତି ଗୃହସ୍ଥାଶ୍ରମରେ ହେଉ ଅଥବା ଗୃହସ୍ଥାଶ୍ରମତ୍ୟାଗୀ ସନ୍ନ୍ୟାସୀ ହେଉ ସଂସାରର ଗୋଟିଏ ବ୍ୟକ୍ତିକୁ ବାଦ୍ ନ ଦେଇ ଈଶ୍ୱରବାଦୀ, ଅନୀଶ୍ୱରବାଦୀ, ଚୋର, ସାଧୁ, ପାପୀ, ପୁଣ୍ୟାତ୍ମା, ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତି ପ୍ରଧାନତଃ ଚାହାନ୍ତି ଦୁଃଖବିହୀନ ପରମ ସୁଖ; ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ତଥା ଅଜ୍ଞାନରୁ ସଂପୂର୍ଣ୍ଣ ମୁକ୍ତ ପରମାନନ୍ଦମୟ ଜୀବନ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହାରି ପ୍ରାପ୍ତିରେ ଜୀବନର ପୂର୍ଣ୍ଣତା । ଏହାକୁହିଁ ସମସ୍ତ ବ୍ୟକ୍ତି ଅଜ୍ଞାତ ଅସ୍ପଷ୍ଟରୂପେ ଚାହୁଁଛନ୍ତି ତଥା ଭ୍ରାନ୍ତ, ଭ୍ରମାତ୍ମକ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଅସ୍ପଷ୍ଟରୂପେ ପ୍ରଧାନତଃ ସେହି ଗୋଟିଏ ଚାହିଁବା ହେବାରୁ ତଥା ଭ୍ରାନ୍ତ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବାରୁ ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । କିନ୍ତୁ ଏହି ଅସ୍ପଷ୍ଟ ଲକ୍ଷ୍ୟ ସ୍ପଷ୍ଟ ହୁଏ, ଭ୍ରାନ୍ତ ମାର୍ଗ ସଂଶୋଧିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଅତଏବ ସମସ୍ତ ପ୍ରକାର ଧର୍ମସମ୍ପ୍ରଦାୟ ଅଧାର୍ମିକ, ଧାର୍ମିକ, ଗାର୍ହସ୍ଥ୍ୟ, ସନ୍ନ୍ୟାସୀ ବ୍ୟକ୍ତିଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଅନିବାର୍ଯ୍ୟ । ସମୟ ଆସି ନ ଥିବାରୁ ଏହି ଚାହିଁବା ଅଥବା ଲକ୍ଷ୍ୟ ବ୍ୟକ୍ତି-ଚେତନାରେ ସ୍ପଷ୍ଟ ହୋଇ ନାହିଁ । ଏହି ଅସ୍ପଷ୍ଟତା ଯୋଗୁଁ ବ୍ୟକ୍ତି ଅତ୍ୟନ୍ତ ଆଗ୍ରହରେ ସ୍ୱଭାବ ଏବଂ ଯୋଗ୍ୟତା ଅନୁସାରେ ସମସ୍ତ ଶକ୍ତି ପ୍ରୟୋଗ କରି ବିଦ୍ୟା, ଧନ, ଐଶ୍ୱର୍ଯ୍ୟ, ସମ୍ମାନ, ଅଧିକାରପ୍ରାପ୍ତି, କର୍ମରେ ଶାନ୍ତି, ସୁଖ ଆଶା ପୋଷଣ କରୁଛନ୍ତି । କିନ୍ତୁ ମୃଗତୃଷ୍ଣାରେ ଜଳର ଧାରଣା ସଦୃଶ ଆଶା ସର୍ବଥା ନିରାଶାରେ ପରିଣତ ହେଉଛି ।

ଅନ୍ୟପକ୍ଷରେ ପୁରାତନ ସମସ୍ତ ଯୋଗସଦୃଶ ଏହିସବୁ କର୍ମକୁ ତ୍ୟାଗ କଲେ ଚଳିବ ନାହିଁ । ଏଥିରେହିଁ ହେବ ଜୀବନର ପୂର୍ଣ୍ଣତା । ଦେଶ ତଥା ସଂସାରର ହେବ ମହାନ୍ ଉନ୍ନତି । କିନ୍ତୁ କର୍ମ କରିବାର ମନୋଭାବ ପରିବର୍ତ୍ତନ କରିବାକୁ ହେବ । ଅର୍ଥାତ୍ ଏହିସବୁ କର୍ମକୁ ଲକ୍ଷ୍ୟ ନ ମାନି ପରମାନନ୍ଦସ୍ୱରୂପ ଭଗବତ୍‌ପ୍ରାପ୍ତିକୁ ଜୀବନର ଲକ୍ଷ୍ୟ ମାନିବାକୁ ହେବ ଏବଂ ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ ଆଚରଣ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ । ତେବେ ଏହିସବୁ କର୍ମ ଜନ୍ମମରଣର ବନ୍ଧନ ନ ହୋଇ ଲକ୍ଷ୍ୟପ୍ରାପ୍ତି କରାଇଦେବ ।

ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କ ଜୀବନର ଯଥାର୍ଥ ଲକ୍ଷ୍ୟର ଜ୍ଞାନ ନ ଥିବାରୁ ଆମ୍ଭେମାନେ ଭ୍ରମବଶତଃ ଏହିସବୁ କର୍ମକୁ ଲକ୍ଷ୍ୟ ମାନିନେଉଛୁ । ସେହି କାରଣରୁ ଆମ୍ଭମାନଙ୍କ ଜୀବନ ପୂର୍ଣ୍ଣ ହୋଇପାରୁ ନାହିଁ କିଂବା ଦେଶର ଉନ୍ନତି ହେଉ ନାହିଁ । ବରଂ ଏହିସବୁ କର୍ମ ଆଶ୍ରୟରେ ଅସତ୍ୟ, ଅନ୍ୟାୟ, ଚୋରି, ସ୍ୱାର୍ଥ, ହିଂସା ବୃଦ୍ଧି ହେଉଛି ଏବଂ ଦରିଦ୍ରତା ମଧ୍ୟ ବଢୁଛି ।

ଜୀବନର ଏହି ଲକ୍ଷ୍ୟ ଜାଣିବା ତଥା ପ୍ରାପ୍ତ କରିବାର ସମୟ ଆସିଯାଇଛି । ସେହି ସକାଶେ 'ଶ୍ରୀମା ଶ୍ରୀଅରବିନ୍ଦ' ଏହି ପୃଥିବୀକୁ ଆସି ସ୍ୱୟଂ ନୂତନ ମାର୍ଗ ଆଚରଣ କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖିଛନ୍ତି । ଆମ୍ଭେମାନେ ସେହି ଆଦର୍ଶ ଗ୍ରହଣ କଲେ ଜୀବନର ଲକ୍ଷ୍ୟ ସ୍ପଷ୍ଟଭାବେ ବୁଝିପାରିବା ଏବଂ ଏହି ସାଂସାରିକ ସମସ୍ତ କର୍ମକୁ ଲକ୍ଷ୍ୟ ନ ମାନି ସେହି ଲକ୍ଷ୍ୟପ୍ରାପ୍ତିର ଉପାୟରୂପେ ଆଚରଣ କରିବା । ଏହି ପ୍ରଣାଳୀରେ କର୍ମ କଲେ ଆମ୍ଭେମାନେ ଅନ୍ୟାୟ, ଅସତ୍ୟ, ସ୍ୱାର୍ଥ, ମିଥ୍ୟାଚାର, ଦରିଦ୍ରତା, ଅଜ୍ଞାନ କବଳରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରିବା । ଏହି ଯାତ୍ରାର ଅନୁପାତରେ ଆମ୍ଭମାନଙ୍କ ଅନ୍ତରରେ କ୍ରମଶଃ ପରମଶାନ୍ତି, ପରମାନନ୍ଦ, ପରମଜ୍ଞାନ ବୃଦ୍ଧି ହେବାକୁ ଲାଗିବ । ଏହିସବୁର ବିକାଶରେ ଜୀବନର ହେବ ପୂର୍ଣ୍ଣତା ।

ଜଡ଼ କ୍ରମବିକାଶ ଓ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା, ପଶୁପକ୍ଷୀ ଅବସ୍ଥାକୁ ଅତିକ୍ରମ କରି ମନୁଷ୍ୟରେ ଉପନୀତ ହୋଇଛି । ମନୁଷ୍ୟ-ମନର ବିକାଶ ଶେଷ ସୀମାରେ ପହଞ୍ଚିଛି । କ୍ରମବିକାଶ ମନଃସ୍ତରକୁ ଅତିକ୍ରମ କରି ବିଜ୍ଞାନ ଏବଂ ଆନନ୍ଦ ଚେତନାସ୍ତରରେ ପଦାର୍ପଣ କରିବାର ସମୟ ଆସିଯାଇଛି । ଜଡ଼ରୁ ମନ ଚେତନାସ୍ତର ପର୍ଯ୍ୟନ୍ତ ଅଜ୍ଞାନ । ତା'ର ଧର୍ମ ସୁଖ, ଦୁଃଖ, ସ୍ୱାର୍ଥ, ହିଂସା, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ । ଏହାପରେ ହେଉଛି ବିଜ୍ଞାନ ଏବଂ ଆନନ୍ଦ

ଚେତନାସ୍ତର । ତା'ର ଧର୍ମ ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ । ସେଠାରେ ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଦୁଃଖକଷ୍ଟର ସର୍ବଥା ଅଭାବ । ଅଜ୍ଞାନ ଏବଂ ବିଜ୍ଞାନ ଏହି ଦୁଇ ସ୍ତରକୁ ଉପନିଷଦରେ କୁହାଯାଇଛି ଅପରାର୍ଦ୍ଧ ତଥା ପରାର୍ଦ୍ଧ । ଏହି ଉଭୟ ସ୍ତର ମଧ୍ୟରେ ରହିଛି ଅକଳ୍ପନୀୟ ବ୍ୟବଧାନ । ମନୁଷ୍ୟର ଜୀବନ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ଯଦି ଏହି ବ୍ୟବଧାନ ଦୂରହୋଇ ପରାର୍ଦ୍ଧର ବିଜ୍ଞାନ ଏବଂ ଆନନ୍ଦ ଅପରାର୍ଦ୍ଧ ଚେତନାସ୍ତରରେ ପ୍ରକାଶ ପାଏ । ଏହା ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ ଓ ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ପୂର୍ଣ୍ଣବିକାଶ ସକାଶେ ଆବଶ୍ୟକ । ଏହି ସକାଶେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଂକଳ୍ପ । କିନ୍ତୁ ପ୍ରକୃତି କ୍ରମବିକାଶ ପ୍ରଣାଳୀରେ ମାନସ ଏବଂ ଅତିମାନସ ବିଜ୍ଞାନ ଆନନ୍ଦ ଚେତନାସ୍ତର ମଧ୍ୟରେ ଥିବା ବ୍ୟବଧାନରେ ସେତୁ ହୋଇ ମନୁଷ୍ୟ ଜୀବନର ପୂର୍ଣ୍ଣତା ଓ ଭଗବାନଙ୍କ ସଂକଳ୍ପ ପୂର୍ଣ୍ଣ କରିବାରେ ଅସମର୍ଥ । ଅତଏବ ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଂକଳ୍ପରେ 'ଶ୍ରୀମା ଶ୍ରୀଅରବିନ୍ଦ' ଏହି ପୃଥିବୀପୃଷ୍ଠରେ ଅତିମାନସ ବିଜ୍ଞାନ ଚେତନାକୁ ଅବତରଣ କରାଇଛନ୍ତି । ବ୍ୟକ୍ତି 'ଶ୍ରୀମା ଶ୍ରୀଅରବିନ୍ଦ'ଙ୍କ ଆଚରିତ ଆଦର୍ଶକୁ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ତା'ର କ୍ରମଶଃ ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ, ଅଜ୍ଞାନରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହେବ । ବ୍ୟକ୍ତିଗତ ଉନ୍ନତି ସଙ୍ଗେ ସଙ୍ଗେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଦରିଦ୍ରତା ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ଅତିମାନସ ସତ୍ୟ ପୃଥିବୀ ପୃଷ୍ଠରେ ଅବତରଣ କରିସାରିଛି । ଯେଉଁମାନେ ଜ୍ଞାତରେ ବା ଅଜ୍ଞାତରେ ସେହି ସତ୍ୟ ପ୍ରତି ଉନ୍ମୁକ୍ତ ଅଛନ୍ତି ସେମାନଙ୍କ ମଧ୍ୟରେ ତଥା ସଂସାର ବାତାବରଣରେ ସେହି ଶକ୍ତି କ୍ରିୟା କରୁଛି । ଯେଉଁମାନେ ସଚେତ ଅଛନ୍ତି ସେମାନେ ସେହି ରୂପାନ୍ତରକୁ ବୁଝିପାରୁଛନ୍ତି । ମାନସ ବିକାଶ ଶେଷ ହେବାରୁ ବ୍ୟକ୍ତି ପରିବାର, ସମାଜ, ଶାସନ ପରିଚାଳିତ ହେଉଥିବା ନୈତିକତା ଅର୍ଥାତ୍ ନୀତିନିୟମ ବ୍ୟବସ୍ଥା ସବୁ ଭାଙ୍ଗି ଚୂରମାର ହୋଇଯାଇଛି । ଏହି କାରଣରୁ ବ୍ୟକ୍ତି, ପରିବାର, ଛାତ୍ରସମାଜ ତଥା ରାଜନୀତିରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ବିଶୃଙ୍ଖଳା, ସ୍ୱାର୍ଥ ସ୍ପଷ୍ଟଭାବେ କ୍ରିୟାଶୀଳ ହୋଇଛି । ଆମ୍ଭେମାନେ ଉପସ୍ଥିତ ଅଛୁ ଆଗମନୀ ଅତିମାନସ ବିଜ୍ଞାନ ଯୁଗ ଓ ସମାପ୍ତପ୍ରାପ୍ତ ଅଜ୍ଞାନାଶ୍ରିତ ମାନସ ଯୁଗର ମଧ୍ୟ ଅବସ୍ଥାରେ । ଆମ୍ଭେ ଆଗମନୀ ସତ୍ୟକୁ ଗ୍ରହଣ କଲେ ଭବିଷ୍ୟତ୍ ସତ୍ୟଯୁଗ ଅତିମାନବ ଜାତିର ଅଗ୍ରଦୂତ ହୋଇପାରିବା ଅଥବା ପୁରାତନ ଅଜ୍ଞାନ ଆଶ୍ରିତ ସ୍ୱଭାବ, ବିଧିବିଧାନ ଏବଂ ଗତାନୁଗତିକ ସ୍ୱାର୍ଥପୂର୍ଣ୍ଣ କର୍ମକୁ ଜାବୁଡ଼ି ଧରି ରହିଲେ ରସାତଳକୁ ଯିବା । ସେହି ସକାଶେ ଶ୍ରୀମା କହିଛନ୍ତି :

''ମନୁଷ୍ୟ, ଦେଶ, ମହାଦେଶ ସକଳ, ବାଛିନିଅ –
ପୂର୍ଣ୍ଣ ସତ୍ୟ ଅଥବା ରସାତଳ ।''

– ଶ୍ରୀମା

ଯେଉଁ ସତ୍ୟକୁ ବାଛିନେବା ସକାଶେ ଶ୍ରୀମା କହିଛନ୍ତି ସେହି ଅତିମାନସ ସତ୍ୟକୁ ଶ୍ରୀମା ପୃଥିବୀପୃଷ୍ଠରେ ଅବତରଣ କରାଇଛନ୍ତି ଏବଂ ତାହାରି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ଆମ୍ଭେମାନେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇପାରିଲେ ଅର୍ଥାତ୍ ତାଙ୍କ ପ୍ରତି ଦୃଢ଼ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ନିଜକୁ ସମର୍ପଣ କରିପାରିଲେ ଅଜ୍ଞାନ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ ବୃଦ୍ଧତ୍ୱରୁ ମୁକ୍ତ ହୋଇପାରିବା ଏବଂ ସମ୍ପୂର୍ଣ୍ଣରୂପେ ରୂପାନ୍ତରିତ ମନ, ପ୍ରାଣ, ଶରୀର ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିପାରିବା । ଆମେ ପରିଚାଳିତ ହେବା ଭଗବତ୍ ଶକ୍ତି ଦ୍ୱାରା, ନିବାସ କରିବା ପରମାନନ୍ଦ, ପରମ ଜ୍ଞାନରେ । ଏହାର ସହଜ ସାଧନା ହେଲା ନିଜେ ନିଜର ଘର, ପରିବାର, ସମ୍ପତ୍ତିସବୁକୁ ମା'ଙ୍କର ମାନି ମା'ଙ୍କ ସେବାରୂପେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରିବା । ଏଥିରେ ଅଧିକ ସାହାଯ୍ୟ କରେ 'ମା' ଏହି ନାମ ସ୍ମରଣ । ଆମ୍ଭେମାନେ ଏହି ଆଦର୍ଶ ଆନ୍ତରିକତା ସହ ଗ୍ରହଣ କରିବା ସଙ୍ଗେ ସଙ୍ଗେ କ୍ରମଶଃ ଆମ୍ଭମାନଙ୍କର

ସୁପ୍ତ ଜ୍ଞାନ, ବିବେକ, ଭକ୍ତି, ବିଶ୍ୱାସ, କାର୍ଯ୍ୟକାରୀ ଶକ୍ତି ଜାଗ୍ରତ୍ ହେବ । ବୁଦ୍ଧି ଶୁଦ୍ଧ ଏବଂ ବିକାଶପ୍ରାପ୍ତ ହେବ । ଆମ୍ଭେମାନେ ଗୂଢ଼ ବିଷୟ ବୁଝିପାରିବା, ଜଟିଳ ସମସ୍ୟା ସମାଧାନ କରିପାରିବା । ବିଦ୍ୟାଶିକ୍ଷା, ଗୃହକାର୍ଯ୍ୟ, କୃଷି, ବାଣିଜ୍ୟ, ଦେଶସେବା, ଶାସନବିଭାଗାଦି ସମସ୍ତ କ୍ଷେତ୍ରରେ ଉନ୍ନତି କରିପାରିବା ।

ଆମ୍ଭମାନଙ୍କ ମଧ୍ୟରୁ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଠକାମି, କର୍ମରେ ଫାଙ୍କିଦେବା ଦୁର୍ଗୁଣ ଦୂରହେବ । ଲାଞ୍ଚନେବା ବନ୍ଦ ହେବ । ଦେଶର ଉନ୍ନତିମୂଳକ କାର୍ଯ୍ୟ ଉତ୍ତମରୂପେ ହୋଇପାରିବ । ଦେଶ ଏବଂ ସଂସାରର ଉନ୍ନତି ସକାଶେ ସୃଷ୍ଟି ଆରମ୍ଭରୁ ଯେଉଁସବୁ ପ୍ରୟାସ ହୋଇ ବ୍ୟର୍ଥତାରେ ପରିଣତ ହୋଇଥିଲା ତାହାସବୁ ନିଃସନ୍ଦେହ ଭାବରେ ସଫଳ ହୋଇପାରିବ । ଆମ୍ଭମାନଙ୍କ ଲକ୍ଷ୍ୟ ସିଦ୍ଧିରେ ପୃଥିବୀରେ ପ୍ରତିଷ୍ଠା ହେବ ଦିବ୍ୟମାନବସମାଜ, ସଂସାର ପରିଣତ ହେବ ସ୍ୱର୍ଗରେ ।

❖

ନୂତନ ବର୍ଷରେ ମା'ଙ୍କ ବାଣୀ

୧୯୭୧

"Blessed are those who take a leap towards the Future."

''ସୌଭାଗ୍ୟଶାଳୀ ବା ଧନ୍ୟ ସେହିମାନେ ଯେଉଁମାନେ ଭବିଷ୍ୟତ୍ ଅଭିମୁଖରେ ଲମ୍ଫ ଦିଅନ୍ତି ।''

ଏହି ନୂତନ ବର୍ଷର ବାଣୀ ପଢ଼ିସାରି ଜାଣିବାକୁ ଚାହୁଁଛୁ କିପରି କାର୍ଯ୍ୟ କରିବା ଦ୍ୱାରା ବ୍ୟକ୍ତି ସୌଭାଗ୍ୟଶାଳୀ ବା ଆଶୀର୍ବାଦପ୍ରାପ୍ତ ହୋଇପାରିବ ? ଭବିଷ୍ୟତ୍‌ର ସ୍ୱରୂପ କ'ଣ ହେବ ? ଲମ୍ଫ ଦେବାର ତାତ୍ପର୍ଯ୍ୟ କ'ଣ ?

ଏ ସମ୍ବନ୍ଧେ ଏହିପରି ବହୁତ ବ୍ୟକ୍ତି ପ୍ରଶ୍ନ କରୁଛନ୍ତି । ପୃଥକ୍ ପୃଥକ୍ ଉତ୍ତର ଦେବା ସମ୍ଭବ ନ ହେବାରୁ ଏହି ପ୍ରବନ୍ଧଟି ଲେଖା ହେଲା ।

ଭବିଷ୍ୟତ୍ ଶବ୍ଦଟି ହେଉଛି ନୂତନ ବା ଭବିଷ୍ୟତ୍ ଯୁଗର ସୂଚନା । ଭବିଷ୍ୟତ୍ ବା ନୂତନ ଯୁଗର ବ୍ୟକ୍ତି ମନ, ପ୍ରାଣ ତଥା ଜାଗତିକ ପ୍ରକୃତି ଦ୍ୱାରା ପରିଚାଳିତ ହେବେ ନାହିଁ । ହେବେ ପରମ ସତ୍ୟ ଦ୍ୱାରା, ସଂପୂର୍ଣ୍ଣରୂପେ ମୁକ୍ତ ହେବେ ମୃତ୍ୟୁ, ବୃଦ୍ଧତ୍ୱ, ରୋଗ, ଅଜ୍ଞାନ କବଳରୁ । ସେହିମାନେ ହେବେ ଅତିମାନବ । ଏହାର ଫଳସ୍ୱରୂପ ସତ୍ୟ ପ୍ରତିଷ୍ଠା ହେବ ପରିବାର, ସମାଜ, ଶିକ୍ଷା, ବ୍ୟବସାୟ ତଥା ଶାସନରେ । ପୃଥିବୀ ପରିଣତ ହେବ ସ୍ୱର୍ଗରେ । ବର୍ତ୍ତମାନ ସଂସାରରେ ପ୍ରଚଳିତ ହେଉଥିବା ଅଜ୍ଞାନ, ଅସତ୍ୟ, ମିଥ୍ୟାଚାର, ହିଂସା, ସ୍ୱାର୍ଥ, ଅଭାବ, ଅନଟନ, ଚୋରି-ଡକାୟତି, ପ୍ରବଞ୍ଚନା ଆଦି ଦୂର ହେବ । ପ୍ରତିଷ୍ଠା ହେବ ଶାନ୍ତି, ସମତା, ସତ୍ୟ, ନ୍ୟାୟ, ଅହିଂସା ଓ ମୈତ୍ରୀ । ଏହାର ପ୍ରଭାବ ପଡ଼ିବ ପଶୁ-ପକ୍ଷୀ ତଥା ବୃକ୍ଷଲତା ଉପରେ । ଜାଗତିକ ପ୍ରକୃତି ମଧ୍ୟ ପରିବର୍ତ୍ତିତ ହେବ । ଅନାବୃଷ୍ଟି, ଅତ୍ୟଧିକ ବୃଷ୍ଟି, ଅନାବଶ୍ୟକ ଝଡ଼ତୋଫାନ, ନାନାପ୍ରକାର ରୋଗ, ଦୁର୍ଘଟଣା, ଯୁଦ୍ଧ ଆଦି ରହିବ ନାହିଁ । ପୃଥିବୀ ଉତ୍ତମ ଶସ୍ୟ ଉତ୍ପନ୍ନ କରିବ, ବୃକ୍ଷ-ଲତା ଉତ୍ତମ ଫଳ ଧାରଣ କରିବେ, ଔଷଧ, ରତ୍ନ ଇତ୍ୟାଦି ନିଜକୁ ଗୁପ୍ତ ରଖିବେ ନାହିଁ । ସଂସାର ଧନଧାନ୍ୟ, ଐଶ୍ୱର୍ଯ୍ୟରେ ପୂର୍ଣ୍ଣ ହେବ । ହିଂସ୍ର ପଶୁମାନେ ବି ଆହାର ଛଡ଼ା ହିଂସା କରିବେ ନାହିଁ । ଏହାହିଁ ଭବିଷ୍ୟତ୍ ଯୁଗ । ନୂତନ ବର୍ଷର ବାଣୀରେ ଏହାକୁହିଁ ଭବିଷ୍ୟତ୍ କୁହାହୋଇଛି । ସୌଭାଗ୍ୟଶାଳୀ ବା ଧନ୍ୟ ସେହିମାନେ ଯେଉଁମାନେ ଏହି ଭବିଷ୍ୟତ୍ ସତ୍ୟ ପୃଥିବୀରେ ତଥା ନିଜ ମଧ୍ୟରେ ପ୍ରତିଷ୍ଠା କରିବାକୁ ପ୍ରଯତ୍ନ କରୁଛନ୍ତି ।

ଭବିଷ୍ୟତ୍‌ରେ କ୍ରିୟାଶୀଳ ହେବା ଅତିମାନସ ସତ୍ୟ ଏହି ପୃଥିବୀକୁ ଆସିଯାଇଛି ବା ପ୍ରକାଶିତ ହୋଇସାରିଛି । ତା'ରି ପ୍ରଭାବ ପଡୁଛି ସଂସାରର ସମସ୍ତ ପ୍ରାଣୀଙ୍କ ଉପରେ । ଯେଉଁମାନଙ୍କର ଆନ୍ତରସତ୍ତା ଅଜ୍ଞାତରେ ସେହି ସତ୍ୟର ସ୍ପର୍ଶ ପାଉଛି ସେମାନେ ଭବିଷ୍ୟତ୍ ସତ୍ୟ ସମ୍ବନ୍ଧେ ସଚେତ ନ ହୋଇ ମଧ୍ୟ ସେହି ସତ୍ୟର ସମତା ତଥା ଅହିଂସା ଲକ୍ଷ୍ୟ ଦିଗରେ ଅଜ୍ଞାତଭାବେ ଅଗ୍ରସର ହେଉଛନ୍ତି । ଯେଉଁମାନଙ୍କ ଆନ୍ତର ସତ୍ତା ଏବଂ ବାହ୍ୟ ମନ-ପ୍ରାଣ ଏହି ଭବିଷ୍ୟତ୍ ସତ୍ୟ, ଭବିଷ୍ୟତ୍ ନୂତନ ଯୁଗ ପ୍ରତି ଉଦ୍‌ଘାଟିତ ଏବଂ ସଚେତ ହୋଇଛି ସେହିମାନେ ସଜାଗ ହୋଇ ସତ୍ୟଗ୍ରହଣ କରୁଛନ୍ତି ଏବଂ ପୃଥିବୀରେ ଅର୍ଥାତ୍ ବର୍ତ୍ତମାନ ପ୍ରଚଳିତ ସମାଜ, ଶିକ୍ଷା, ବ୍ୟବସାୟ ତଥା ରାଜନୀତିରେ ପ୍ରତିଷ୍ଠିତ ହେବା ଲାଗି ପ୍ରଯତ୍ନ କରୁଛନ୍ତି । ଏହି ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଆନ୍ତର ସତ୍ତା ସେହି ନୂତନ ଭବିଷ୍ୟତ୍ ସତ୍ୟ ପ୍ରତି ଉଦ୍‌ଘାଟିତ ହୋଇ ନାହିଁ କିନ୍ତୁ ଅସ୍ପଷ୍ଟଭାବେ ସେହି ସତ୍ୟ-ପ୍ରଭାବର ସ୍ପର୍ଶ ପାଇଛି । ଏହି ପ୍ରଭାବର ସ୍ପର୍ଶ ଯୋଗୁଁ ସେମାନେ ପ୍ରଚଳିତ ପ୍ରଣାଳୀରେ ସନ୍ତୁଷ୍ଟ ନ ହୋଇ ନୂତନ କିଛି ଚାହୁଁଛନ୍ତି । ଚାହୁଁଛନ୍ତି ସେହି ପୁରାତନ ମନ

ନିର୍ଦ୍ଧାରିତ, ମାନସସୀମାନ୍ତର୍ଭୁକ୍ତ ହିଂସା, ଛନ୍ଦ, କପଟ ପ୍ରଣାଳୀରେ ନିଜର ଅହଂ, ସ୍ୱାର୍ଥତୁଷ୍ଟି ସହିତ ସଂସାରରେ ସୁଖ ଶାନ୍ତି ପ୍ରତିଷ୍ଠା କରିବାକୁ । ଏମାନଙ୍କର ଏହିସବୁ ଉପାୟ ସତ୍ୟପ୍ରତିଷ୍ଠାରେ ସହାୟକ ନ ହୋଇ ବରଂ ବାଧକ ବା ଅନ୍ତରାୟ ହେଉଛି ।

ଉପର ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଅନ୍ତରାତ୍ମା କିଛି ଅଂଶରେ ଭବିଷ୍ୟତ୍ ଯୁଗର ସତ୍ୟପ୍ରତି ଉନ୍ମୁକ୍ତ ଥିବାରୁ ତଥା ସତ୍ୟ ନିଜ ଜୀବନରେ ଏବଂ ଜଗତରେ କ୍ରିୟାଶୀଳ କରିବା ସକାଶେ ପ୍ରଯତ୍ନ କରୁଥିବାରୁ ସେମାନେ ପରମ ସତ୍ୟର ସେବା କରୁଛନ୍ତି । ଏହାରି ଦ୍ୱାରା ସେମାନଙ୍କ ଜୀବନର ହେବ ସର୍ବାଙ୍ଗୀନ ବିକାଶ । ନିଜ ମଧ୍ୟରୁ ଏବଂ ଜଗତରୁ କ୍ରମଶଃ ଦୂର ହେବ ଅସତ୍ୟ, ଅନ୍ୟାୟ, ଦୁଃଖ-କଷ୍ଟ, ଦାରିଦ୍ର୍ୟ ଓ ହିଂସା । ପ୍ରସାର ହେବ ସୁଖ, ଶାନ୍ତି, ଆନନ୍ଦ, ସମତ୍ୱ, ଭ୍ରାତୃତ୍ୱ ଏବଂ ଐଶ୍ୱର୍ଯ୍ୟ । ଏହିସବୁ ଦିବ୍ୟଗୁଣ ମାନସ କଳ୍ପନା ବା ଧାରଣା ନୁହେଁ, ଏହାର ପଶ୍ଚାତ୍‌ରେ ବିଦ୍ୟମାନ ରହିଛି ପରମ ସତ୍ୟ । ଏହି କାରଣରୁ ଏହିମାନଙ୍କୁ ସୌଭାଗ୍ୟଶାଳୀ ବା ଆଶୀର୍ବାଦପ୍ରାପ୍ତ ବୋଲି କୁହାଯାଇଛି ।

ଲଙ୍ଘର ଅର୍ଥ ହେଲା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡେଇଁ ପଡ଼ିବା । ବର୍ତ୍ତମାନ ମନୁଷ୍ୟ ଜାଗତିକ ପ୍ରକୃତି, ମନ-ନିର୍ଦ୍ଧାରିତ ଅଭ୍ୟାସଗତ ସ୍ୱଭାବ, ପ୍ରଚଳିତ ନୀତି-ନିୟମ, ଶାସନ ତଥା ସାମାଜିକ ପ୍ରଣାଳୀର ସୀମାରେ ଅସହାୟ ରୂପେ ଆବଦ୍ଧ । ଏହି ସୀମା ଉଲଂଘନ କରି ନୂତନ କିଛି ପ୍ରାପ୍ତ କରିବା ତା' କଳ୍ପନାର ବାହାରେ । ତେଲୀ-ଘଣାରେ ବୁଲୁଥିବା ବଳଦ ସଦୃଶ ସେହି ସୀମିତ ମାନସିକ ଗଣ୍ଡି ମଧ୍ୟରେ ନୂତନତ୍ୱ ଚାହିଁବା ତା'ର ଅଭ୍ୟାସ । କିନ୍ତୁ ମନୁଷ୍ୟ ମଧ୍ୟରେ ପରମସତ୍ୟ ସୁପ୍ତ ବା ମନ-ପ୍ରାଣ-ସଂସ୍କାର ଓ ସ୍ୱଭାବର ଆବରଣରେ ଆବୃତ ହୋଇ ରହିଛି । ବ୍ୟକ୍ତି ସେହି ପରମସତ୍ୟ ସମ୍ବନ୍ଧେ ସଚେତ ନ ଥିବାରୁ ତାହା ବିଶ୍ୱାସ କରିପାରୁ ନାହିଁ କିଂବା ଖୋଜିବାକୁ ଚେଷ୍ଟା କରୁ ନାହିଁ । ସୁତରାଂ ତା'ରି ଉପସ୍ଥିତି ଯୋଗୁଁ ସଂସାରର ସମସ୍ତ ବ୍ୟକ୍ତି ଅସ୍ପଷ୍ଟ ଅଜ୍ଞାତରୂପେ ପରମାନନ୍ଦ, ଶାନ୍ତି, ସମତା, ଭ୍ରାତୃତ୍ୱ ଏବଂ ଐଶ୍ୱର୍ଯ୍ୟ ଚାହୁଁଛନ୍ତି । କିନ୍ତୁ ଭ୍ରମ ବଶତଃ ଖୋଜୁଛନ୍ତି ମନ-ନିର୍ମିତ ସୀମାର ଅନ୍ତର୍ଗତ ଭିନ୍ନ ଭିନ୍ନ ବିଧାନ, ପ୍ରଚଳିତ ଶିକ୍ଷା, ବ୍ୟବସାୟ, ତଥା ଶାସନଗତ ଆଇନ କିଂବା ହିଂସାତ୍ମକ ଗୁଳି ଭୟର ସାହାଯ୍ୟରେ । ଏହି ପରମ ସୁଖ, ପରମ ଶାନ୍ତି, ଅହିଂସା ଏବଂ ସମତା ମନ-ନିର୍ଦ୍ଧାରିତ ବିଧାନ ଏବଂ ସମାଜରେ ପ୍ରଚଳିତ ମାନସ ଚେତନାର ସୀମାର ବହୁ ଊର୍ଦ୍ଧ୍ୱରେ । ସେଥି ସକାଶେ ଆଜିପର୍ଯ୍ୟନ୍ତ ସମସ୍ତ ପ୍ରଯତ୍ନ ବ୍ୟର୍ଥ ହେଉଛି ।

ବର୍ତ୍ତମାନ ମାନସ ବିକାଶ ସମାପ୍ତ ହୋଇସାରିଛି । ପୃଥିବୀରେ ମନର ଊର୍ଦ୍ଧ୍ୱସ୍ଥ ଅତିମାନସ ପରମ ସତ୍ୟ-ଚେତନା ପ୍ରତିଷ୍ଠିତ ହେବାର ସମୟ ଆସିଛି । ବ୍ୟକ୍ତି ବର୍ତ୍ତମାନ ପ୍ରଚଳିତ ମାନସ ବିଧାନକୁ ଅତିକ୍ରମ କଲେ ଅତିମାନସ ପରମ ସତ୍ୟ ଚେତନା, ଆନନ୍ଦ, ଶାନ୍ତି, ସମତା, ଅହିଂସାରେ ନିବାସ କରିବ ଏବଂ ସଂସାର ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବ । କିନ୍ତୁ ମନୁଷ୍ୟର ମାନସିକ ବିଚାର, ଶିକ୍ଷା, ସାମାଜିକ ନିୟମ, ଶାସନର ପ୍ରଣାଳୀ ବା ସଂସ୍କାର ମନୁଷ୍ୟର ଦୁଇଗୋଡ଼କୁ ଜବରଦସ୍ତି ଦୃଢ଼ତା ସହିତ ଜାବୁଡ଼ି ଧରି ଲଙ୍ଘ ଦେବାରେ ସଂପୂର୍ଣ୍ଣ ବାଧା ଦେଉଛନ୍ତି । ଯଥାର୍ଥରେ ସେହିମାନେ ସୌଭାଗ୍ୟଶାଳୀ ଯେଉଁମାନେ ଏହି ବନ୍ଧନକୁ ଭାଙ୍ଗି ସତ୍ୟ ଅଭିମୁଖେ ଲଙ୍ଘ ଦେଉଛନ୍ତି । ଏହି ପରମ ସତ୍ୟ ଅନ୍ଧକାର ପରେ ସୂର୍ଯ୍ୟ ପ୍ରକାଶ ହେବା ସଦୃଶ ହଠାତ୍ ଏକ ଦିନରେ ପ୍ରକାଶିତ ହେବ ନାହିଁ; ହେବ କ୍ରମଶଃ ପ୍ରଚଳିତ ଦ୍ୱନ୍ଦ୍ୱ ଓ ଦୁଃଖ-କଷ୍ଟର ମଧ୍ୟ ଦେଇ ।

❖

ନୂତନ ଜଗତ୍

୧୯୫୬ ଫେବ୍ରୁଆରି ୨୯ରେ ଶ୍ରୀମା ଯେଉଁ ନୂତନ ଜଗତ୍ ଜନ୍ମଲାଭ କରିଥିବା ବାଣୀ ୧୯୫୬ ମାର୍ଚ୍ଚ ୨୯ରେ ଦେଇଥିଲେ ସେହି ନୂତନ ଜଗତରେ ପ୍ରବେଶ କରିବାର ତିନିଟି ମାର୍ଗ ବା ଅତିମାନସ ଶକ୍ତିର ତିନିଟି ଦୁର୍ଗ – ସାଧନାଳୟ (ପାଠଚକ୍ର ହେଉଛି ସାଧନାଳୟର ଅନ୍ତର୍ଗତ), ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ମନ୍ଦିର ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଏଗୁଡ଼ିକ ମଧ୍ୟରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ମାର୍ଗ ଅର୍ଥାତ୍ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଗୋଟିଏ ପ୍ରଶସ୍ତ ମାର୍ଗ । ସେହି ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଣାଳୀ ବିଷୟରେ ବିଚାର-ବିନିମୟ କରିବା ସକାଶେ ଆଜି ଆମ୍ଭେମାନେ ଏଠାରେ ଏକତ୍ର ହୋଇଅଛୁ ।

ସେହି ନୂତନ ଜଗତର ଚେତନା ଆମ୍ଭେମାନେ ବାସ କରୁଥିବା ମାନସ ଚେତନାଠାରୁ ସଂପୂର୍ଣ୍ଣ ଭିନ୍ନ ଅଥବା ସଂପୂର୍ଣ୍ଣ ବିପରୀତ । ମନର ଚେତନା ହେଉଛି ଅର୍ଦ୍ଧଜ୍ଞାନ । ତା'ର ପୂର୍ଣ୍ଣଜ୍ଞାନ ନ ଥିବା ଯୋଗୁଁ ବସ୍ତୁର ଯଥାର୍ଥ ସ୍ୱରୂପ ବୁଝିବାରେ ତାହା ସର୍ବଥା ଅସମର୍ଥ ଥାଏ । ନ ଚାହୁଁଥିବା ଦୁଃଖକଷ୍ଟରୁ ଉଦ୍ଧାର ହେବାର ଯଥାର୍ଥ ଉପାୟ ପାଏ ନାହିଁ କିଂବା ଯଥାର୍ଥ ଉପାୟ ଖୋଜିବାରେ ସମର୍ଥ ନ ଥାଏ । ଏପରିକି ଯେଉଁମାନଙ୍କ ମନର ଅତ୍ୟନ୍ତ ବିକାଶ ହୋଇସାରିଛି, ବିଜ୍ଞାନ ଦ୍ୱାରା ଅଦ୍ଭୁତ ବସ୍ତୁ ଆବିଷ୍କାର କରୁଅଛନ୍ତି, ସେମାନେ ବି ବ୍ୟକ୍ତି ମଧ୍ୟରେ ତଥା ସଂସାରରେ କ୍ରିୟାଶୀଳ ହେଉଥିବା ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ,– ମିଥ୍ୟାଚାରର ମୂଳ କେଉଁଠି, ତା'ର ନିରାକରଣ କିପରି ହେବ, ତାହା ବୁଝି ପାରନ୍ତି ନାହିଁ । ସେହି କାରଣରୁ ସେମାନେ ବ୍ୟକ୍ତିକୁ ବାହ୍ୟ ଉପାୟରେ ସୁଖଶାନ୍ତିରେ ରଖିବାକୁ ଚେଷ୍ଟା କରନ୍ତି । ସୁଖ ପ୍ରାପ୍ତି ସକାଶେ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିବା ସତ୍ତ୍ୱେ ବ୍ୟକ୍ତିର ଦୁଃଖକଷ୍ଟ, ଅଶାନ୍ତି ଦୂର ନ ହୋଇ କ୍ରମଶଃ ବୃଦ୍ଧି ପାଉଥାଏ । ଏହା ନିରାଟ ସତ୍ୟ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ସମ୍ମୁଖରେ ବିଦ୍ୟମାନ ।

ଯାହା ଦ୍ୱାରା ବ୍ୟକ୍ତି, ପରିବାର, ସମାଜ ଏବଂ ଦେଶ ତଥା ଜଗତ୍ ପରିଚାଳିତ ହୁଏ ତାକୁ କୁହାଯାଏ ଚେତନା । ବର୍ତ୍ତମାନ ସଂସାରର ସମସ୍ତ ବ୍ୟକ୍ତି ମନ ବା ବୁଦ୍ଧି ଦ୍ୱାରା ପରିଚାଳିତ ହେଉଅଛନ୍ତି । ଅତଏବ ବର୍ତ୍ତମାନ ମନଶ୍ଚେତନା ଦ୍ୱାରାହିଁ ସଂସାର ପରିଚାଳିତ ହେଉଅଛି । ମନର ଧର୍ମ ହେଉଛି ଅର୍ଦ୍ଧଜ୍ଞାନ । ମନର ପୂର୍ଣ୍ଣଜ୍ଞାନ ନ ଥିବା ଯୋଗୁଁ ବସ୍ତୁର ସତ୍ୟତାକୁ ସେ ବୁଝିପାରେ ନାହିଁ । ଅର୍ଥାତ୍, ସେ ଯାହା ଦେଖେ, ଯାହା ଅନୁଭବ କରେ କେବଳ ସେତିକି ମାତ୍ର ଜାଣିପାରେ; ବସ୍ତୁର ପଶ୍ଚାତ୍‌ରେ ଥିବା ସତ୍ୟକୁ ବୁଝିବାରେ ସର୍ବଥା ଅସମର୍ଥ ଥାଏ; ନିଜେ ବାସ କରୁଥିବା ଶରୀର, ନିଜର ସହକର୍ମୀ ବା ସାଥୀ ପ୍ରାଣ ଏବଂ ଏସବୁ ସାଥୀଙ୍କ ସହିତ ନିଜକୁ ଧାରଣ କରିଥିବା ଆତ୍ମାକୁ ବି ଜାଣିପାରେ ନାହିଁ । ଏପରିକି ସ୍ୱୟଂ ଯେଉଁ ଶରୀରରେ ବାସ କରେ ତା'ର ଗୁଣଧର୍ମ, ଶରୀର ଦ୍ୱାରା କର୍ମ ସଂପାଦନ କରୁଥିବା ପ୍ରାଣର ଗୁଣଧର୍ମ ଏବଂ ନିଜର ଗୁଣଧର୍ମ କିଛି ବି ଜାଣିପାରେ ନାହିଁ । ଭୌତିକ ବିଦ୍ୟା ଅଧ୍ୟୟନ ତଥା ବୁଦ୍ଧିର ବିକାଶ ହେଲେ ବ୍ୟକ୍ତି ରେଳ, ବ୍ୟୋମଯାନ, ରେଡ଼ିଓ ଯନ୍ତ୍ର ଆଦି ଆବିଷ୍କାର କରିପାରେ, ଚନ୍ଦ୍ରପୃଷ୍ଠରେ ପହଞ୍ଚିପାରେ, ସେଠାରେ ବସବାସ କରି ରହିବାର ବି କଳ୍ପନା କରିପାରେ କିନ୍ତୁ ସ୍ୱୟଂ କ'ଣ ଚାହେଁ, କେଉଁ ସକାଶେ ସମସ୍ତ କର୍ମ କରେ, କେଉଁ ସକାଶେ ବ୍ୟକ୍ତି ଏହି ପୃଥିବୀକୁ ଆସିଛି, ତାହା ଜାଣିପାରେ ନାହିଁ । ନ ଜାଣିବା ଯୋଗୁଁ ସମସ୍ତ ପ୍ରକାର ଦୁଃଖକଷ୍ଟ ଭୋଗୁଥାଏ । ଦୁଃଖକଷ୍ଟରୁ ଉଦ୍ଧାର ହେବାର ଯଥାର୍ଥ ପ୍ରଣାଳୀ ତାହା ପାଖରେ ଅଜ୍ଞାତ ଥାଏ । ଏହି ଯଥାର୍ଥ ପ୍ରଣାଳୀ ଅଜ୍ଞାତଥିବା ଯୋଗୁଁ ସେ ଭୌତିକ ଉପାୟରେ ସୁଖଶାନ୍ତିରେ ରହିବା ସକାଶେ ଏୟାରକଣ୍ଡିସନ୍ ରୁମ୍ କରେ, ବହୁପ୍ରକାର ଭୋଗବିଳାସ ସାମଗ୍ରୀ ଆବିଷ୍କାର କରେ, କିନ୍ତୁ ଏହି ଭୌତିକ ଭୋଗବିଳାସ ଦ୍ୱାରା ବ୍ୟକ୍ତି ଦୁଃଖକଷ୍ଟରୁ ମୁକ୍ତ ହୁଏ ନାହିଁ, ବରଂ ବୈଜ୍ଞାନିକ ଆବିଷ୍କାର ବଢ଼ିବା ସଙ୍ଗେ ସଙ୍ଗେ ବ୍ୟକ୍ତି ତଥା ସଂସାରରେ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଅହଂ, ସ୍ୱାର୍ଥ, ବିଶୃଙ୍ଖଳା ବଢ଼ି ଚାଲିଥାଏ ।

ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟର ଆଧାର ତଥା ତା'ର ନିରାକରଣର ଉପାୟ ଉଦ୍‌ଘାଟିତ ହୁଏ ଅତିମାନସ ସତ୍ୟ ଏବଂ ଆତ୍ମ-ଚେତନାରେ । ସେହି ଚେତନାରେ ଦୁଃଖକଷ୍ଟ, ଅଜ୍ଞାନ ଆଦିର ରୂପାନ୍ତର-ଚାବି ରହିଅଛି । ଉପଯୁକ୍ତ

ସମୟ ଆସିବାରୁ ଶ୍ରୀମା-ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଚେତନାକୁ ପ୍ରାପ୍ତ କରିଅଛନ୍ତି ଏବଂ ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଅଜ୍ଞାନ, ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାରର ଆଧାର ମନ-ପ୍ରାଣ-ଶରୀର ବୋଲି ସେ ପ୍ରତିପାଦିତ କରିଅଛନ୍ତି । ମନ-ପ୍ରାଣ-ଶରୀରର ଗୁଣଧର୍ମ ହେଉଛି ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, ବିଦ୍ରୋହ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି । ମନୁଷ୍ୟ ମଧ୍ୟରେ ଏସବୁ ଯେପର୍ଯ୍ୟନ୍ତ ବିଦ୍ୟମାନ ଥିବେ, ସେପର୍ଯ୍ୟନ୍ତ ମନୁଷ୍ୟ ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୋଇପାରିବ ନାହିଁ । କିନ୍ତୁ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ ତା'ରି ଆଧାରିତ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, କାମ, କ୍ରୋଧାଦି ରିପୁଙ୍କର ଅସ୍ତିତ୍ୱ ରହିବ ନାହିଁ । ସେସବୁ ମନ-ପ୍ରାଣ-ଶରୀର ସହିତ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୋଇଯିବେ । ସେହି ଅତିମାନସ ଶକ୍ତିକୁ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି । ଏହି ଅତିମାନସ ଶକ୍ତି ହେଉଛି ଅଜ୍ଞାନ, ଦୁଃଖକଷ୍ଟ ଆଦିର ରୂପାନ୍ତରର ଚାବି ।

ଜୀବନର ଲକ୍ଷ୍ୟ

ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତିଙ୍କର ଜୀବନର ଲକ୍ଷ୍ୟ ଦୁଃଖବିହୀନ ପରମ ସୁଖ, ମୃତ୍ୟୁବିହୀନ ଅମରତ୍ୱ, ରୋଗବିହୀନ ନୀରୋଗତ୍ୱ, ବୃଦ୍ଧତ୍ୱବିହୀନ ଚିରଯୌବନ । ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ଭଗବାନଙ୍କ ସୃଷ୍ଟି ହୋଇଥିବାରୁ ସଂସାରର ସମସ୍ତ ବ୍ୟକ୍ତି ଏହାକୁ ଅଜ୍ଞାତରୂପେ ଚାହୁଁଛନ୍ତି ଏବଂ ସଂସାରର ବୁଦ୍ଧି-ଅବିକଶିତ ବ୍ୟକ୍ତିଠାରୁ ଆରମ୍ଭ କରି ବୁଦ୍ଧି ଅତ୍ୟନ୍ତ ବିକାଶ ହୋଇଥିବା ବୈଜ୍ଞାନିକମାନେ ବି ଜୀବନର ଏହି ଲକ୍ଷ୍ୟର ରହସ୍ୟ ଯଥାର୍ଥ ଭାବେ ନ ଜାଣି ଅଜ୍ଞାତ ଭାବେ ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ଭୁଲ୍ ମାର୍ଗରେ ଉପାୟ କରୁ ଅଛନ୍ତି । ଲକ୍ଷ୍ୟଜ୍ଞାନର ଅଭାବରୁ ଉପାୟ ଭୁଲ୍ ହେଉଛି । ଏହି କାରଣରୁ ବ୍ୟକ୍ତି ଚାହୁଁଥିବା ସୁଖଶାନ୍ତି ପରିବର୍ତ୍ତେ ଦୁଃଖକଷ୍ଟ ଅଶାନ୍ତି ଭୋଗୁଛି ।

ଏହି ଅତିମାନସ ଚେତନାର ପ୍ରତିଷ୍ଠାକୁହିଁ ଶ୍ରୀମା ନୂତନ ଜଗତ୍ ଜନ୍ମଲାଭ କରିବା କଥା କହିଅଛନ୍ତି । ସେହି ଚେତନା ହେଉଛି ପୂର୍ଣ୍ଣଜ୍ଞାନବିଶିଷ୍ଟ ଅତିମାନସ ଶକ୍ତି, ଯେଉଁ ଶକ୍ତିକୁ ଶ୍ରୀଅରବିନ୍ଦ ୧୯୫୦ରେ ପୃଥିବୀକୁ ଉତାରି ଆଣି ନିଜ ଶରୀରରେ ଧାରଣ କରିଥିଲେ । ସେହି ଅତିମାନସ ଶକ୍ତିକୁ ଶ୍ରୀମା ୧୯୫୬ ମସିହା ଫେବ୍ରୁଆରି ୨୯ରେ ପୃଥିବୀରେ ପ୍ରତିଷ୍ଠା କଲେ । ଅର୍ଥାତ୍, ସେହି ଫେବ୍ରୁଆରି ୨୯ରୁ ଅତିମାନସ ଶକ୍ତି ପୃଥିବୀ ବାତାବରଣରେ କ୍ରିୟା କରିବାକୁ ଆରମ୍ଭ କଲା । ସେହି ଅତିମାନସ ଚେତନାରେ କୌଣସି ଗୁପ୍ତ ବା ପ୍ରକଟ, ସ୍ଥୂଳ ବା ସୂକ୍ଷ୍ମ ଜଗତର କୌଣସି ବସ୍ତୁ ଅବିଦିତ ରହେ ନାହିଁ ।

ଉପସ୍ଥିତ ମନ-ଚେତନାରେ ଶାସନ କରୁଥିବା ଅଜ୍ଞାନ ଏବଂ ତା'ର ଅନୁଚର ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟର ଅସ୍ତିତ୍ୱ ସୂର୍ଯ୍ୟ ପ୍ରକାଶରେ ଅନ୍ଧାରର ବିଲୟ ହେବା ସଦୃଶ ଜନ୍ମଲାଭ କରିଥିବା ଅତିମାନସ ଜଗତ୍ ବା ଅତିମାନସ ଶକ୍ତି ସମ୍ମୁଖରେ ବିଲୁପ୍ତ ହୋଇଯିବ ।

ଏହି ରହସ୍ୟକୁ ବା ଜୀବନର ଯଥାର୍ଥ ଲକ୍ଷ୍ୟକୁ ବ୍ୟକ୍ତି ସ୍ପଷ୍ଟଭାବେ ବୁଝିପାରେ ଏବଂ ହୃଦୟଙ୍ଗମ କରିପାରେ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରଣାଳୀରେ ନିଜ ମନ-ପ୍ରାଣ-ଶରୀରକୁ ଧାରଣ କରିଥିବା ଅନ୍ତରାତ୍ମା ଜାଗ୍ରତ୍ ହେଲେ ତଥା ଅତିମାନସ ଶକ୍ତିର ପ୍ରଭାବ ବ୍ୟକ୍ତିର ମନ-ପ୍ରାଣ-ଶରୀରରେ ପଡ଼ିଲେ ।

ମନର ବିକାଶ ଶେଷ ହେବାରୁ ଶ୍ରୀମାଶ୍ରୀଅରବିନ୍ଦ ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ-ପ୍ରଣାଳୀରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ଅତିମାନସ ଶକ୍ତି ଦ୍ୱାରା ଆତ୍ମଧର୍ମରେ ରୂପାନ୍ତରିତ ହେଲେ ଜୀବନର ହେବ ପୂର୍ଣ୍ଣତା ଅଥବା ମନ-ପ୍ରାଣ-ଶରୀର ସହିତ ଆତ୍ମାର ହେବ ସର୍ବାଙ୍ଗୀନ ବିକାଶ । ବର୍ତ୍ତମାନ ବ୍ୟକ୍ତି ଏବଂ ସଂସାର ଅର୍ଦ୍ଧଜ୍ଞାନ ମନ ଦ୍ୱାରା ପରିଚାଳିତ ହେଉଛି, ରୂପାନ୍ତରିତ ବ୍ୟକ୍ତି ଏବଂ ଅତିମାନସ ଜଗତ୍ ପରିଚାଳିତ ହେବ ଆତ୍ମା ଓ ଅତିମାନସ ଚେତନା ଦ୍ୱାରା । ଏହାହିଁ ହେଉଛି ମା ୧୯୫୬ ମସିହା ମାର୍ଚ୍ଚ ୨୯ରେ

ଦେଇଥିବା ବାଣୀରେ ଜନ୍ମଲାଭ କରିଥିବା ନୂତନ ଜଗତ୍ । ଏହି ନୂତନ ଜଗତର ଧର୍ମ ହେଉଛି ଭାଗବତ ଧର୍ମ । ଏହି ନୂତନ ଜଗତର ବ୍ୟକ୍ତି ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, କାମ, କ୍ରୋଧ, ଲୋଭ, ମୋହ ଆଦିରୁ ସଂପୂର୍ଣ୍ଣରୂପେ ମୁକ୍ତ ରହିବେ । ସେହି ନୂତନ ଜଗତରେ ଅର୍ଥାତ୍ ରୂପାନ୍ତରିତ ବ୍ୟକ୍ତିଙ୍କ ସକାଶେ ମନ ଦ୍ୱାରା ନିର୍ଦ୍ଧାରିତ ବ୍ୟବସ୍ଥା ବା ବିଧାନ ଆବଶ୍ୟକ ହେବ ନାହିଁ ।

ଏହି ଅତିମାନସ ଜଗତ୍ ହେବ ଏହି ମୃତ୍ୟୁପୁରୀରେ । ଏହି ମୃତ୍ୟୁପୁରୀରୁ ଅଦୃଶ୍ୟ କୌଣସି ଜଗତ୍ ହେବ ନାହିଁ ଅଥବା ଏହି ମୃତ୍ୟୁପୁରୀରୁ ପୃଥକ୍ ହୋଇ କୌଣସି ଏକ ପ୍ରାନ୍ତରେ ରହିବ ନାହିଁ । ରହିବ ଏହି ମୃତ୍ୟୁପୁରୀ ମଧ୍ୟରେ । କିନ୍ତୁ ଯେଉଁମାନଙ୍କର ରୂପାନ୍ତର ହେବ ବା ଯେଉଁମାନେ ଅତିମାନସ ଚେତନାରେ ବାସ କରିବେ ସେମାନେ ଅତିମାନସ ଚେତନା ଦ୍ୱାରା ପରିଚାଳିତ ହେବେ । ବର୍ତ୍ତମାନ ଯେପରି ପ୍ରାଣବିଶିଷ୍ଟ ପଶୁ-ଚେତନାଯୁକ୍ତ ପଶୁଥିବା ସତ୍ତ୍ୱେ ମନ-ଚେତନାବିଶିଷ୍ଟ ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠିତ ହୋଇଅଛି ଏବଂ ମନ ଦ୍ୱାରା ସଂସାର ପରିଚାଳିତ ହେଉଅଛି, ସେହିପରି ମନବିଶିଷ୍ଟ ମନୁଷ୍ୟଜାତି ଥିବା ସତ୍ତ୍ୱେ ଅତିମାନସ ଚେତନାବିଶିଷ୍ଟ ଅତିମାନବ ଜାତି ଏହି ସଂସାରରେ ପ୍ରତିଷ୍ଠିତ ହେବେ ଏବଂ ଅତିମାନସ ଚେତନା ଦ୍ୱାରା ପରିଚାଳିତ ହେବେ ।

ଯେତେବେଳେ କେତେ ସଂଖ୍ୟାରେ ବ୍ୟକ୍ତି ଅତିମାନସ ଚେତନାରେ ବାସ କରିବେ ଏବଂ ଅତିମାନସ ଦ୍ୱାରା ପରିଚାଳିତ ହେବେ ସେତେବେଳେ ଶାସକ, କୋର୍ଟ କଚେରୀ, ପୁଲିସ ଇତ୍ୟାଦି ରହିଥିବ, କିନ୍ତୁ ପ୍ରଚଳିତ ପ୍ରଣାଳୀ ସବୁ ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇଯିବ । କିନ୍ତୁ ଯେତେବେଳେ କେତେ ସଂଖ୍ୟାରେ ବ୍ୟକ୍ତିଙ୍କର ମନ, ପ୍ରାଣ ଏବଂ ସ୍ଥୂଳ ଶରୀର ପୂର୍ଣ୍ଣରୂପେ ଭଗବତ୍ ଆତ୍ମ-ତତ୍ତ୍ୱରେ ରୂପାନ୍ତର ହେବ, ଅର୍ଥାତ୍ ସେମାନଙ୍କର ହାଡ଼-ରକ୍ତ-ମାଂସ-ଶରୀର ରହିବ ନାହିଁ, ଏକେବାରେ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ, ସେତେବେଳେ ଏହି ମୃତ୍ୟୁପୁରୀ ଭଗବତ୍ ଦିବ୍ୟଧାମରେ ପରିଣତ ହେବ । ସେସମୟରେ ରୂପାନ୍ତରିତ ନ ହୋଇଥିବା ମନୁଷ୍ୟ ରହିଥିବେ କିନ୍ତୁ ସେମାନଙ୍କ ମନରେ ଅତିମାନସର ପ୍ରଭାବ ପଡୁଥିବାରୁ ସେମାନଙ୍କର ଆଉ ଅର୍ଦ୍ଧଜ୍ଞାନାବସ୍ଥା ରହିବ ନାହିଁ । ସେମାନେ ବି ମନର ଊର୍ଦ୍ଧ୍ୱ ଚେତନାରେ ବାସ କରିବେ ଏବଂ ପରିଚାଳିତ ହେବେ । ସେତେବେଳେ ଶାସନ, କୋର୍ଟ ତଥା ପୁଲିସର ବର୍ତ୍ତମାନ ସଦୃଶ ଆବଶ୍ୟକତା ରହିବ ନାହିଁ । ସେସମୟରେ ଅତିମାନସ ବିଧାନ ହେବ କଳ୍ପନାତୀତ, ସଂପୂର୍ଣ୍ଣ ନୂତନ ଏବଂ ସଂପୂର୍ଣ୍ଣ ଭିନ୍ନ । ସେସବୁକୁ ବର୍ତ୍ତମାନ ଆମ୍ଭେମାନେ ବୁଦ୍ଧିରେ କଳ୍ପନା କରି ପାରିବା ନାହିଁ କିଂବା ବୁଝି ପାରିବା ନାହିଁ ।

ଅତିମାନସ ଜଗତରେ ପ୍ରବେଶ କରିବାର ମାର୍ଗ

ଶ୍ରୀମାଶ୍ରୀଅରବିନ୍ଦ ଏହି ଜଗତକୁ ଆସି ଆମ୍ଭମାନଙ୍କ ସମ୍ମୁଖରେ ସାଧନାଳୟ (ଆଶ୍ରମ) ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଅଛନ୍ତି । ତା'ରି ମାଧ୍ୟମରେ ଅତିମାନସ ଶକ୍ତି ଦ୍ୱାରା ସାଧକର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ଅଥବା ଅତିମାନସ ନୂତନ ଜଗତରେ ପ୍ରବେଶ କରିବାର ମାର୍ଗ ନିର୍ମାଣ କରି ଆମ୍ଭମାନଙ୍କ ସମ୍ମୁଖରେ ରଖିଅଛନ୍ତି । ଆମ୍ଭେମାନେ ସେହି ପ୍ରଣାଳୀରେ ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବରେ ସମସ୍ତ କର୍ମ କରି ମା'ଙ୍କ ଚରଣରେ ସମର୍ପଣ କଲେ ପୃଥିବୀରେ ପ୍ରତିଷ୍ଠିତ ହୋଇଥିବା ଅତିମାନସ ଶକ୍ତି ଦ୍ୱାରା ଆମ୍ଭମାନଙ୍କ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବ । ରୂପାନ୍ତର ଅନୁପାତରେ ଆମ୍ଭେମାନେ ନୂତନ ଅତିମାନସ ଜଗତରେ ପ୍ରବେଶ କରିବା ମାର୍ଗରେ ଅଗ୍ରସର ହୋଇ ପାରିବା ଏବଂ ମନ-ପ୍ରାଣ-ଶରୀର-ଚେତନା ରୂପାନ୍ତରିତ ହେଲେ ଅତିମାନସ ନୂତନ ଜଗତରେ ପ୍ରବେଶ କରିପାରିବା । କିନ୍ତୁ ମନ, ପ୍ରାଣ ଏବଂ ସ୍ଥୂଳ ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ଅତିମାନସ ଜଗତରେ ବାସ କରିପାରିବା । ଏହାହିଁ ଆମ୍ଭମାନଙ୍କର ତଥା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତିରେହିଁ ଜୀବନର ପୂର୍ଣ୍ଣତା । ଏହି ସକାଶେ ଭଗବାନଙ୍କ ସୃଷ୍ଟି ତଥା ଭଗବାନଙ୍କ ସଂକଳ୍ପ ।

ଲକ୍ଷ୍ୟପ୍ରାପ୍ତି ବା ନୂତନ ଅତିମାନସ ରାଜ୍ୟରେ ପ୍ରବେଶ କରିବା ମାର୍ଗରେ ଆମ୍ଭେମାନେ ଯେତେ ଅଗ୍ରସର

ହେଉଥିବା ଅର୍ଥାତ୍, ଆତ୍ମମାନଙ୍କ ମନ-ପ୍ରାଣ-ଶରୀର-ଚେତନା ଯେତେ ପରିମାଣରେ ରୂପାନ୍ତରିତ ହେଉଥିବ ସେହି ଅନୁପାତରେ ସଂସାରରୁ ଅସତ୍ୟ, ଅନ୍ୟାୟ, ଦୁଃଖକଷ୍ଟ କମ୍ ହେବାକୁ ଲାଗିବ । ଯେତେବେଳେ କିଛି ବ୍ୟକ୍ତିଙ୍କ ମନ, ପ୍ରାଣ ଏବଂ ସ୍ଥୂଳ ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ସେତେବେଳେ ସଂସାରରୁ ପୂର୍ଣ୍ଣରୂପେ ଦୁଃଖକଷ୍ଟ, ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର ଦୂର ହେବ । ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ବର୍ତ୍ତମାନ ସଂସାରରେ ଯେଉଁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି, ଘୋଷଖୋରି, ଅହଂ, ସ୍ୱାର୍ଥ ଆଦି ପ୍ରବଳଭାବେ କ୍ରିୟାଶୀଳ ହୋଇ ବ୍ୟକ୍ତିକୁ ଅଣନିଃଶ୍ୱାସୀ କରିପକାଉଛି, ଦେଶର ଉନ୍ନତିମୂଳକ କାର୍ଯ୍ୟସବୁକୁ ପଣ୍ଡ କରି ଦେଉଛି, ତା'ର କାରଣ ହେଉଛି ଅତିମାନସ ଶକ୍ତିର ରୂପାନ୍ତର କ୍ରିୟାର ବିରୋଧରେ ଏହିସବୁ ପ୍ରତିକୂଳ ଶକ୍ତି ପ୍ରବଳ ଭାବରେ ବାଧା ସୃଷ୍ଟି କରୁଅଛନ୍ତି ।

ସୃଷ୍ଟି ସର୍ଜନା ହେବା ଦିନରୁ ମନୁଷ୍ୟ ସତ୍ତାର ଅଧିକ ଭାଗକୁ କବଳିତ କରି ସଂସାରକୁ ଶାସନ କରି ଆସୁଥିବା ଅଜ୍ଞାନ ଅନ୍ଧକାର ଶକ୍ତି ଏବଂ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ମଧ୍ୟରେ ଘୋର ଯୁଦ୍ଧ ଚାଲୁଛି ।

ଏହି ଦୁଇ ଶକ୍ତିଙ୍କର ଯନ୍ତ୍ର ବା ସେନା ହେଉଛନ୍ତି ମନୁଷ୍ୟ । ଯେଉଁମାନେ ଜୀବନର ଯଥାର୍ଥ ଲକ୍ଷ୍ୟ ବା ନୂତନ ଅତିମାନସ ଜଗତର ଜନ୍ମଲାଭ ହୋଇଥିବା ସମ୍ବନ୍ଧେ ସଚେତ ହୋଇ ସେଠାରେ ପହଞ୍ଚିବାକୁ ପ୍ରଯତ୍ନ ବା ସାଧନା କରୁଛନ୍ତି ସେମାନେ ଆଂଶିକଭାବେ ଅତିମାନସ ଶକ୍ତିର ଯନ୍ତ୍ର । କାରଣ ସେମାନଙ୍କ ମନ-ପ୍ରାଣ-ଶରୀରର ଅଧିକ ଭାଗ ଅଜ୍ଞାନ ଅନ୍ଧକାର ଶକ୍ତିର ଅଧିକାରରେ ରହିଅଛି । ଯେଉଁମାନେ ଜାଗତିକ ଅସ୍ଥାୟୀ ଅଧିକାର, ଭୋଗ ବିଳାସକୁ ସର୍ବସ୍ୱ ମନେକରି, ଅହଂ, ସ୍ୱାର୍ଥ, ଲୋଭ, ମୋହ, କାମ, କ୍ରୋଧ, ଈର୍ଷା, ବିରୋଧାଦିର ବଶବର୍ତ୍ତୀ ହୋଇ ସେସବୁ ଦ୍ୱାରା ପରିଚାଳିତ ହୋଇ ନିଜର ସ୍ୱାର୍ଥ ସକାଶେ ଅନ୍ୟର ତଥା ଦେଶର ସର୍ବନାଶ କରୁଅଛନ୍ତି ସେମାନେ ହେଉଛନ୍ତି ଅନ୍ଧକାର ଅଜ୍ଞାନ ଶକ୍ତିର ସେନା ବା ଯନ୍ତ୍ର । ଏହି ଦୁଇ ଶ୍ରେଣୀର ମନୁଷ୍ୟକୁ ଯନ୍ତ୍ର କରି ଏହି ଦୁଇ ଶକ୍ତି ଯୁଦ୍ଧ କରୁଅଛନ୍ତି ।

ଅନ୍ଧକାର ଅଜ୍ଞାନ ଶକ୍ତି ସୃଷ୍ଟି ଆରମ୍ଭରୁ ଏହି ମୃତ୍ୟୁପୁରୀକୁ ଅଧିକାର କରି ଯଦ୍ୟପି ଶାସନ କରି ଆସୁଅଛି ତଥାପି ସେ ପୂର୍ଣ୍ଣ ଅଧିକାର କରିପାରି ନାହିଁ । ମନୁଷ୍ୟର ମନ-ପ୍ରାଣ-ଶରୀରକୁ ଧାରଣ କରି ରହିଥିବା ଆତ୍ମା ହେଉଛି ଦିବ୍ୟ ଏବଂ ଭଗବତ୍ ତତ୍ତ୍ୱ । ଏହି ଆତ୍ମା ସମସ୍ତ ବ୍ୟକ୍ତିଙ୍କ ମଧ୍ୟରେ ବିଦ୍ୟମାନ ଥିବା ସତ୍ତ୍ୱେ କ୍ରିୟା କରୁ ନାହିଁ । ଯେଉଁ ଅଳ୍ପ କେତେକ ବ୍ୟକ୍ତିଙ୍କ ମଧ୍ୟରେ ସେହି ଆତ୍ମା କିଛି ପରିମାଣରେ ବିକାଶ ଲାଭ କରୁଛି ତା'ର ପ୍ରଭାବ ପଡୁଛି ମନ ଓ ପ୍ରାଣରେ । ସେହି ବ୍ୟକ୍ତି ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେଉଛି ଏବଂ ଅନ୍ଧକାର ଶକ୍ତିର ଅନୁଚର – କାମ, କ୍ରୋଧ, ଲୋଭ, ମୋହ ଆଦିର କ୍ରିୟାକୁ ବର୍ଜନ କରି ଭଗବତ୍‌ପ୍ରାପ୍ତିର ମାର୍ଗରେ ଅଗ୍ରସର ହେଉଛି । ଏହି କାର୍ଯ୍ୟରେ ଭଗବାନ୍ ମଧ୍ୟ ସାହାଯ୍ୟ କରୁଅଛନ୍ତି । ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ ହେଉଛି କ୍ରମବିକାଶ ଅନୁସାରେ ମନୁଷ୍ୟକୁ ଅତିମାନସ ଜଗତରେ ପହଞ୍ଚାଇ ଦେବା । ଏହାର ବିରୋଧୀ ହେଉଛି ଅନ୍ଧକାର ଶକ୍ତି । ମନୁଷ୍ୟର ମନ-ପ୍ରାଣ-ଶରୀରକୁ ଆତ୍ମା ଧାରଣ କରିଥିବା ଏବଂ କିଛି ଲୋକଙ୍କ ମନ-ପ୍ରାଣ-ଶରୀରରେ ଆତ୍ମାର ପ୍ରଭାବ ପଡୁଥିବା ଯୋଗୁଁ ସେମାନେ ଅଧ୍ୟାତ୍ମ ମାର୍ଗରେ ଗତି କରୁଅଛନ୍ତି । ଏହି କାରଣରୁ ଅନ୍ଧକାର ଶକ୍ତି ସୃଷ୍ଟି ଆରମ୍ଭରୁ ଏହି ମୃତ୍ୟୁପୁରୀକୁ ପୂର୍ଣ୍ଣରୂପେ ଅଧିକାର କରିବାକୁ ଚେଷ୍ଟା କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସଫଳ ହୋଇପାରି ନାହିଁ । ଯେତେବେଳେ ଅନ୍ଧକାର ଶକ୍ତିର ବୃଦ୍ଧି ହେଉଛି ସେସମୟରେ ଭଗବାନ୍ ଅବତାର ନେଇ ଏହି ପୃଥିବୀକୁ ଆସୁଅଛନ୍ତି ଏବଂ ତାଙ୍କରି ବିଧାନରେ ଋଷି, ମୁନି, ଆଚାର୍ଯ୍ୟ, ମହାପୁରୁଷମାନେ ଏହି ପୃଥିବୀକୁ ଆସି ଧର୍ମର ବୃଦ୍ଧି ଏବଂ ଅଧର୍ମର ହ୍ରାସ କରୁଅଛନ୍ତି । ବର୍ତ୍ତମାନ ଆଉ ଏହି ଅନ୍ଧକାର ଶକ୍ତିର ସଫଳତା ମିଳିବା ଆଶା ବି ନାହିଁ, କାରଣ ଏହାକୁ ରୂପାନ୍ତର କରିବା ସକାଶେ ଅତିମାନସ ଶକ୍ତି ଏହି ମୃତ୍ୟୁପୁରୀରେ ପ୍ରକାଶ ହୋଇ ସାରିଲାଣି । ବର୍ତ୍ତମାନ ଅନ୍ଧକାର ଅଜ୍ଞାନ ଶକ୍ତି ସହିତ ଅତିମାନସ ଶକ୍ତିର ଶେଷ ଓ ଘୋର ଯୁଦ୍ଧ ଚାଲୁଅଛି । ଅତିମାନସ ଶକ୍ତି ଦିବ୍ୟ ଏବଂ ମହାବଳଶାଳିନୀ । ଏହି ଅଜ୍ଞାନ ଅନ୍ଧକାର ଶକ୍ତିର ଶାସନ ରାଜ୍ୟରେ ତା'ର ମାତ୍ର ଗୋଟିଏ ପାଦର କିଛି ଭାଗ ରଖିବା ସମ୍ଭବ ହୋଇଛି; ତାକୁ ଦୁଇଟି ପାଦ ଦୃଢ଼ ଭାବରେ ପ୍ରତିଷ୍ଠିତ କରିବାକୁ ଭୂମି ମିଳିଗଲେ ଅନ୍ଧକାର ଶକ୍ତି ଯୁଦ୍ଧ କରିବା ଦୂରେ ଥାଉ ତା' ସମ୍ମୁଖକୁ ଆସି ପାରିବ ନାହିଁ । ଅତିମାନସ ଶକ୍ତିର ପାଦ ରଖିବା ଭୂମି ହେଉଛି ମନୁଷ୍ୟର ମନ-ପ୍ରାଣ-ଶରୀର ସତ୍ତା ।

ଖୁବ୍ ଅଳ୍ପ କେତେ ଜଣ ବ୍ୟକ୍ତି ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାର ଲକ୍ଷ୍ୟକୁ ଗ୍ରହଣ କରିଅଛନ୍ତି ବା ଅତିମାନସ ନୂତନ ଜଗତର ସନ୍ଧାନ ପାଇଅଛନ୍ତି । ସେହିମାନଙ୍କ ସତ୍ତାର କିଛି ଭାଗ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଅଛି । ଯେଉଁ ଭାଗ ଉନ୍ମୁକ୍ତ ହୋଇଅଛି ସେହି ଅଳ୍ପ ଭାଗରେ ଅତିମାନସ ଶକ୍ତି କିଛି ପରିମାଣରେ ପାଦ ରଖିଅଛି । ସେହି ବ୍ୟକ୍ତିର ମନ-ପ୍ରାଣ-ଶରୀରର ଅଧିକାଂଶ ଭାଗକୁ ଅନ୍ଧକାର ଅଜ୍ଞାନ ଶକ୍ତି ଅଧିକାର କରି ବସିଅଛି ।

ଜୀବନର ଲକ୍ଷ୍ୟ ଅଥବା ଜନ୍ମଲାଭ କରିଥିବା ଅତିମାନସ ଜଗତରେ ପ୍ରବେଶ କରିବା ପ୍ରଣାଳୀର ତିନି ପ୍ରକାର କେନ୍ଦ୍ର : ସାଧନାଳୟ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ମନ୍ଦିର । ପାଠଚକ୍ର ସାଧନାଳୟର ପ୍ରଥମ ରୂପ ହୋଇଥିବାରୁ ତାହା ସାଧନାଳୟର ଅନ୍ତର୍ଭୁକ୍ତ । ଏହି କେନ୍ଦ୍ରସବୁ ହେଉଛି ଅତିମାନସ ଶକ୍ତିର ଦୁର୍ଗ ବା କିଲ୍ଲା । ଏହି ଦୁର୍ଗସବୁ ଦୃଢ଼ ଏବଂ ବିକାଶ ହେବାର ଅର୍ଥ ହେବ ଅଜ୍ଞାନ ଅନ୍ଧକାର ଶକ୍ତିର ରାଜ୍ୟରେ ଅତିମାନସ ଶକ୍ତିର ଦୃଶ୍ୟତଃ ରାଜ୍ୟ ପ୍ରତିଷ୍ଠା । ତେବେ ଅତିମାନସ ଶକ୍ତି କ୍ରମଶଃ ଅନ୍ଧକାର ଅଜ୍ଞାନ ଶକ୍ତିକୁ ବିତାଡ଼ିତ କରି, ସେସବୁକୁ ରୂପାନ୍ତରିତ କରି ତା'ରି ସ୍ଥାନରେ ନିଜର ରାଜ୍ୟ ଏବଂ ଆଧିପତ୍ୟ ପ୍ରତିଷ୍ଠା କରିବ । କିଲ୍ଲାରେ ଥିବା ସେନା ଅଥବା କିଲ୍ଲା ବା କେନ୍ଦ୍ର ବାହାରେ ଥିବା ସେନା, ଅର୍ଥାତ୍ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳକ ଗୋଷ୍ଠୀ ହେଉଛନ୍ତି ଏହି ରୂପାନ୍ତର ଯୋଗର ସାଧକ ।

ଅତିମାନସ ଶକ୍ତିର ଦୁର୍ଗରେ ବା କେନ୍ଦ୍ରରେ ତା'ର ଆଧିପତ୍ୟ ପ୍ରତିଷ୍ଠା ହେବାକୁ ନ ଦେବା ତଥା କେନ୍ଦ୍ରଗୁଡ଼ିକୁ ଦୁର୍ବଳ କରି ରଖିବା କିଂବା ପୂର୍ଣ୍ଣରୂପେ ଧ୍ୱଂସ କରିବା ସକାଶେ ଅଜ୍ଞାନ ଅନ୍ଧକାର ଶକ୍ତି ସତତ ସଚେତ ସଜାଗ ରହିଅଛି । କେନ୍ଦ୍ରରେ ଥିବା ସାଧକମାନଙ୍କ ମନ-ପ୍ରାଣ-ଶରୀରର ଯେଉଁ ଅଧିକ ଭାଗ ଅଜ୍ଞାନ ଅନ୍ଧକାର ଶକ୍ତିର ଅଧିକାରରେ ଅଛି ସେହିସବୁ ଭାଗରେ ଅହଂ ସ୍ୱାର୍ଥକୁ ପ୍ରେରଣା ଦେଉଅଛି । ବୁଦ୍ଧିକୁ ବ୍ୟାମୋହିତ କରି ନାନା ପ୍ରକାର ଯୁକ୍ତିରେ ତାକୁ ବୁଝେଇ ଦେଇ, କେନ୍ଦ୍ରର ସାଧକଙ୍କ ମଧ୍ୟରେ ବା ପରିଚାଳକଙ୍କ ମଧ୍ୟରେ ବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବା ପରିଚାଳକ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବିବାଦ, ପ୍ରତିବାଦ, କଳହ, ମନୋମାଳିନ୍ୟ ସୃଷ୍ଟି କରିବାକୁ ଏହି ଅଜ୍ଞାନ ଶକ୍ତି ତା'ର ସମସ୍ତ ବଳ ପ୍ରୟୋଗ କରି ପ୍ରାଣପଣେ ଚେଷ୍ଟା କରୁଅଛି । ସାଧକ ଲକ୍ଷ୍ୟ ସମ୍ବନ୍ଧେ ଅଧିକ ସଚେତ ନ ଥିଲେ କିଂବା ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଭରସା ରଖି ନ ଥିଲେ, ଅଜ୍ଞାନ ଅନ୍ଧକାର ଶକ୍ତିର ପ୍ରେରଣାକୁ ନ୍ୟାୟ ବା ଯଥାର୍ଥ ବୋଲି ମନେ କରୁଅଛନ୍ତି । ଏହି ଅଜ୍ଞାନ-ଅନ୍ଧକାର ଶକ୍ତି କେନ୍ଦ୍ର ବା କିଲ୍ଲାରେ ଥିବା ସାଧକ ବା ସେନା ମଧ୍ୟରେ ସଂଘର୍ଷ କରାଇ, କେନ୍ଦ୍ରକୁ ଦୁର୍ବଳ ରଖି, ବିକଶିତ ବା ଦୃଢ଼ ହେବାକୁ ନ ଦେଇ ତାକୁ ଧ୍ୱଂସ କରିବାକୁ ସତତ ଚେଷ୍ଟା କରୁଅଛି । ସଂସ୍ଥା ମଧ୍ୟରେ ନ୍ୟାୟରେ ହେଉ ବା ଅନ୍ୟାୟରେ ହେଉ କଳି ଏବଂ ବାଦ-ପ୍ରତିବାଦ ନିଃସନ୍ଦେହରେ ଏହି ଅଜ୍ଞାନ ଅନ୍ଧକାର ଶକ୍ତିର କ୍ରିୟା । ଅଜ୍ଞାନ-ଅନ୍ଧକାର ଶକ୍ତିର ଏହି କୌଶଳକୁ ବୁଝି ନ ପାରି ତା'ରି ପ୍ରଭାବରେ ବ୍ୟାମୋହିତ ହୋଇ ଯଦି ସଂସ୍ଥାରେ ବ୍ୟକ୍ତିମାନେ କଳି କରିବେ, ବାଦ-ବିବାଦ କରିବେ, ତେବେ ସଂସ୍ଥାରେ ବିକାଶ ହେବ ନାହିଁ, ସଂସ୍ଥାର ବାତାବରଣ ଦୂଷିତ ହେବ । ଯେଉଁ ଅଧାମ୍ୟ ବାତାବରଣ ଦ୍ୱାରା ଅନ୍ୟମାନେ ପ୍ରଭାବିତ ହୋଇଥାଆନ୍ତେ, ତା' ନ ଘଟି ତା'ର ବିପରୀତ ଘଟଣା ଘଟିବ, ସଂସ୍ଥାର ବିକାଶ ବନ୍ଦ ହେବ ଏବଂ ସଂସ୍ଥା ଭାଙ୍ଗିଯାଇ ପାରିବ । ଯେଉଁ ସାଧକମାନେ ଅଜ୍ଞାନ ଅନ୍ଧକାର ଶକ୍ତିର ପ୍ରଭାବରେ ପ୍ରଭାବିତ ହୋଇ ଏପରି କାର୍ଯ୍ୟ କରିବେ ସେମାନଙ୍କ ସାଧନାରେ ବହୁତ ବାଧା ପଡ଼ିବ ଏବଂ ସେମାନେ ନିଜର ମନ-ପ୍ରାଣ-ଶରୀରରେ ଅଜ୍ଞାନ ଶକ୍ତିକୁ ଅଧିକ ମାତ୍ରାରେ ଅଧିକାର କରିବାକୁ ଛାଡ଼ିଦେବେ । ଏଥିରେ ସାମୟିକ ରୂପେ ସଫଳ ହେବ ଅନ୍ଧକାର ଶକ୍ତି । ଅତିମାନସ ଶକ୍ତିର ଦୃଢ଼ କିଲ୍ଲା ପ୍ରତିଷ୍ଠାରେ ସାମୟିକ ବାଧା ପଡ଼ିବ । କିନ୍ତୁ ସ୍ଥାୟୀ ଭାବେ ବାଧା ରହିବ ନାହିଁ । ଅତିମାନସ ଶକ୍ତି ସାମାନ୍ୟ ପରିମାଣରେ ରଖିଥିବା ପାଦକୁ ଅନ୍ଧକାର ଶକ୍ତି ହଟେଇ ପାରିବ ନାହିଁ । ଏହି କାରଣରୁ ସାଧନାଳୟର ସାଧକ ଏବଂ ବ୍ୟବସ୍ଥାପକ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳକ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସର୍ବଦା ଜାଗ୍ରତ୍ ରହି ମା'ଙ୍କ ଉପରେ ବିଶ୍ୱାସ ଭରସା ରଖିବାକୁ ଦୃଢ଼ ଭାବରେ କୁହାଯାଇ ଥାଏ । କେନ୍ଦ୍ରରେ ଏପରି ପ୍ରତିକୂଳ ପରିସ୍ଥିତି ଉପୁଜିଲେ ପରସ୍ପର ମଧ୍ୟରେ କଥାବାର୍ତ୍ତା

ବା ବୁଝାମଣା କରି ସମସ୍ୟାର ସମାଧାନ କୌଣସି ନା କୌଣସି ଉପାୟରେ ନିଶ୍ଚୟ କରିବେ । କଳି ଓ ବିବାଦକୁ କଦାପି ପ୍ରଶ୍ରୟ ଦେବେ ନାହିଁ । ସବୁଠାରୁ ଅଧିକ ଅନ୍ୟାୟ ହେଉଛି କଳି ଓ ବିବାଦ । ପ୍ରତିକୂଳ ଶକ୍ତିକୁ ପ୍ରଶ୍ରୟ ଦେଲେ ସେମାନେ ବ୍ୟକ୍ତିର ମନ-ପ୍ରାଣ-ଶରୀରରେ ବହୁ ବାଧା ସୃଷ୍ଟି କରିବେ ଏବଂ ନାନା ପ୍ରକାରେ ଦୁଃଖକଷ୍ଟ ଦେବେ । କେନ୍ଦ୍ରର ବି ସର୍ବନାଶ ଘଟିବ ।

ଦୁଇ ଶ୍ରେଣୀର ସାଧକ

ସାଧନାଳୟର ସାଧକ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ ତଥା ପରିଚାଳକ, ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ମନ୍ଦିରର ସାଧକ ଏବଂ ପରିଚାଳକ — ଏମାନେ ସମସ୍ତେ ସାଧକ ବୋଲି ଆଲୋଚନା କରାହୋଇଛି । ଯଦି ଏମାନଙ୍କ ମଧ୍ୟରୁ କେହି ମନ-ପ୍ରାଣ-ଶରୀରର ରୂପାନ୍ତର-ଲକ୍ଷ୍ୟକୁ ଗ୍ରହଣ କରି ନ ଥା'ନ୍ତି, ସେମାନେ ଏହି ଲକ୍ଷ୍ୟ ଗ୍ରହଣ କରିବା ଉଚିତ ।

ଏହି ସାଧକମାନଙ୍କର ଲକ୍ଷ୍ୟ ଏକ ହେବା ସତ୍ତ୍ୱେ ଏମାନେ ଦୁଇ ଶ୍ରେଣୀରେ ବିଭକ୍ତ । ଏମାନଙ୍କ ମନ-ପ୍ରାଣ-ଶରୀର ହେଉଛି ଅତିମାନସ ଶକ୍ତି ଏବଂ ଅଜ୍ଞାନ ଅନ୍ଧକାର ଶକ୍ତି, ଏହି ଉଭୟ ଶକ୍ତିଙ୍କର ଅଧିକାର ଭୂମି । ସାଧକମାନେ ମନ-ପ୍ରାଣ-ଶରୀରର ଯେଉଁ ଭାଗକୁ ମା'ଙ୍କୁ ସମର୍ପଣ କରୁଅଛନ୍ତି ସେହି ଭାଗ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହେଉଅଛି । ସେହି ଭାଗରେ ଅତିମାନସ ଶକ୍ତି ରୂପାନ୍ତର-କ୍ରିୟା କରିପାରୁଛି । ଯେଉଁ ମନ-ପ୍ରାଣ-ଶରୀରର ଅଧିକ ଭାଗରେ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ଅନ୍ୟାୟ, ଅସତ୍ୟ ଆଦି ବିଦ୍ୟମାନ ଅଛନ୍ତି ସେହି ଭାଗରେ ଅଜ୍ଞାନ ଅନ୍ଧକାର ଶକ୍ତିର ଅଧିକାର ଅଛି । ଉଭୟ ଶ୍ରେଣୀର ସାଧକମାନଙ୍କର ଏହି ଏକହିଁ ପ୍ରକାର ପରିସ୍ଥିତି ଥିବା ସତ୍ତ୍ୱେ କ୍ରିୟା ବା ସାଧନା ପ୍ରଣାଳୀରେ ଭିନ୍ନତା ରହିଅଛି ।

ଯେଉଁ ସାଧକମାନେ ଲକ୍ଷ୍ୟ ପ୍ରତି ସତତ ଜାଗ୍ରତ୍ ରହି 'ମା' ନାମ ସ୍ମରଣପୂର୍ବକ ମା'ଙ୍କ ଉପରେ ନିର୍ଭରତା ରଖିଥାଆନ୍ତି ଏବଂ ସମସ୍ତ ସତ୍ତା ପୂର୍ଣ୍ଣରୂପେ ସମର୍ପଣ କରିବାକୁ ଅଭୀପ୍ସା କରନ୍ତି ସେମାନଙ୍କ ମନ-ପ୍ରାଣରେ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥର ପ୍ରେରଣା ଆସିଲେ ମା'ଙ୍କ କୃପାରୁ ସେମାନେ କ୍ରିୟାରେ ପରିଣତ କରିବାକୁ ଦିଅନ୍ତି ନାହିଁ ।

ଅନ୍ୟ ଶ୍ରେଣୀର ସାଧକମାନେ ଲକ୍ଷ୍ୟ ଗ୍ରହଣ କରିଥାଆନ୍ତି ଏବଂ ସତତ ସଚେତ ନ ହେଲେ ମଧ୍ୟ କିଛି ଅଂଶରେ ସଚେତ ଥାଆନ୍ତି ଏବଂ କାମ, କ୍ରୋଧାଦି ରିପୁଙ୍କ ପ୍ରେରଣାକୁ କ୍ରିୟା କରିବାକୁ ନ ଦେବାକୁ ଚେଷ୍ଟା କରନ୍ତି । କିନ୍ତୁ ଅହଂ, ସ୍ୱାର୍ଥର ପ୍ରେରଣା, ଅଧିକାର, ନାମଯଶଃର ବ୍ୟର୍ଥ ନିରର୍ଥକ ବ୍ୟାମୋହ କୌଶଳକୁ ବୁଝିପାରନ୍ତି ନାହିଁ । ସେହି କାରଣରୁ ଅଧ୍ୟାତ୍ମ ପ୍ରଣାଳୀରେ ସଂସ୍କାର ଅନ୍ୟ ବ୍ୟକ୍ତିଙ୍କ ପ୍ରତି ବ୍ୟବହାର ନ କରି ନୈତିକ ଆଶ୍ରୟ ନେଇ ଅନ୍ୟାୟର ପ୍ରତିରୋଧ କରିବାର ଭ୍ରାନ୍ତ ଧାରଣାରେ ପ୍ରତିବାଦ କରନ୍ତି । ଏହି ଭ୍ରାନ୍ତ ଧାରଣା ଯୋଗୁଁ ସଂସ୍ଥାରେ କଳି-ତକରାଳ, ବାଦ-ବିବାଦ, ପ୍ରତିବାଦ ହୁଏ ।

ଯେଉଁ ସାଧକମାନେ ସଚେତ ଜାଗ୍ରତ୍ ଅଛନ୍ତି, ସେମାନେ 'ମା' ନାମ ନିରନ୍ତର ସ୍ମରଣ କରୁଅଛନ୍ତି । 'ମୁଁ' ତୁମର, ତୁମ ଚରଣରେ ନିଜକୁ ପୂର୍ଣ୍ଣରୂପେ ସମର୍ପଣ କରିପାରେ'— ଏହି ଧାରଣା ତଥା ମା'ଙ୍କ ଉପରେ ନିର୍ଭରତା ରଖି, ତାଙ୍କ ମଧ୍ୟରେ କ୍ରିୟା କରିବାକୁ ପ୍ରେରଣା ଦେଉଥିବା ଅହଂ, ସ୍ୱାର୍ଥ, କାମ, କ୍ରୋଧାଦି ରିପୁଙ୍କୁ କ୍ରିୟା କରିବାକୁ ନ ଦେଇ ସେସବୁକୁ ମା'ଙ୍କ ଚରଣରେ ସମର୍ପଣ କରୁଛନ୍ତି । ସମର୍ପିତ ଭାଗ ଅତିମାନସ ଶକ୍ତି ଅଧିକାର କରି ସେସବୁକୁ ଆସ୍ତେ ଆସ୍ତେ ରୂପାନ୍ତରିତ କରୁଅଛି । ଯେଉଁ ସାଧକମାନଙ୍କ ମଧ୍ୟରେ ପ୍ରତିକୂଳ ରିପୁ କ୍ରିୟା ନ କରିପାରି ସମର୍ପିତ ହେଉଅଛି ସେମାନଙ୍କ ସତ୍ତାରେ ଅତିମାନସ ଶକ୍ତିର ପାଦ କିଛି ମାତ୍ରାରେ ଦୃଢ଼ଭାବେ ପ୍ରତିଷ୍ଠିତ ହେଉଅଛି ଏବଂ ଅନ୍ଧକାର ଶକ୍ତିର ଯନ୍ତ୍ର ଅହଂ, ସ୍ୱାର୍ଥ, କାମ, କ୍ରୋଧାଦି ରିପୁ କ୍ରମଶଃ ଦୁର୍ବଳ ହେଉଛନ୍ତି । କିଛି ସାଧକ ମଧ୍ୟରେ ଏହିପରି ରୂପାନ୍ତର କ୍ରିୟା

ଯୋଗୁଁ ଅତିମାନସ ଶକ୍ତିର ପ୍ରଭାବ ସମସ୍ତ ବିଶ୍ୱ-ବାତାବରଣରେ ପଡୁଅଛି ଏବଂ ଅନ୍ଧକାର ଶକ୍ତିର ପ୍ରଭାବ ସେହି ଅନୁପାତରେ ବିଶ୍ୱ-ବାତାବରଣରୁ ହ୍ରାସ ହେଉଅଛି । ଏହିପରି କିଛି ବ୍ୟକ୍ତିଙ୍କ ମଧ୍ୟରେ ତାଙ୍କ ରିପୁମାନଙ୍କର ଅତିମାନସ ଶକ୍ତି ଦ୍ୱାରା ପୂର୍ଣ୍ଣରୂପେ ରୂପାନ୍ତର ହେଲେ ଏହି ମୃତ୍ୟୁପୁରୀରେ ଅନ୍ଧକାର ଅଜ୍ଞାନ ଶକ୍ତିର ରାଜ୍ୟରେ ଅତିମାନସ ଶକ୍ତିକୁ ଦୃଢ଼ଭାବେ ପାଦ ରଖିବାର ସ୍ଥାନ ମିଳିଯିବ ।

ଅନ୍ୟ ଶ୍ରେଣୀର ଯେଉଁ ସାଧକ ଅହଂ ସ୍ୱାର୍ଥର ଛଦ୍ମ ବେଶକୁ ବୁଝି ପାରୁ ନାହାନ୍ତି, ସେମାନଙ୍କୁ ରାଗ ଆସିଲେ କଳି କରୁଛନ୍ତି, ଅହଂ ସ୍ୱାର୍ଥର ବଶ ହୋଇ ଅଧିକାର, ନାମଯଶଃ ସକାଶେ ବିଦ୍ରୋହ ବା ବିବାଦ ଅଥବା ଅପ୍ରୀତିକର ସମସ୍ୟା ସୃଷ୍ଟି କରୁଅଛନ୍ତି । ସେମାନେ ଅତିମାନସ ଶକ୍ତିର ସେନା ବା ଯନ୍ତ୍ର ହୋଇ ମଧ୍ୟ ସେମାନଙ୍କର ଅନ୍ୟ ଭାଗଗୁଡ଼ିକୁ ବିରୋଧୀ ଶକ୍ତିଙ୍କ ଅଧିକାରରେ ଛାଡ଼ି ଦେଇଅଛନ୍ତି । ଅର୍ଥାତ୍, ସେହିସବୁ ଭାଗଗୁଡ଼ିକ ବିରୋଧୀ ଶକ୍ତିଙ୍କ ପ୍ରତି ଉନ୍ମୁକ୍ତ ହୋଇଅଛନ୍ତି । ମା କହିଅଛନ୍ତି ଯେ ମୋର ଯେଉଁ ସନ୍ତାନମାନେ ଅନୁଚିତ ବିଚାର କରନ୍ତି ବା ଅନୁଚିତ କର୍ମ କରନ୍ତି ସେମାନେ ମୋ ଶରୀରରେ ହାତୁଡ଼ିର ପ୍ରହାର (blow) ସଦୃଶ ଆଘାତ କରନ୍ତି । ବର୍ତ୍ତମାନ ମା ସ୍ଥୂଳ ଶରୀରରେ ନାହାନ୍ତି, କିନ୍ତୁ ରୂପାନ୍ତରିତ ସୂକ୍ଷ୍ମ ଶରୀରରେ ରହି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ବର୍ତ୍ତମାନ ବି ମା'ଙ୍କୁ ସେହି ପ୍ରହାର ସହ୍ୟ କରିବାକୁ ହେଉଛି ଏବଂ ଅନ୍ୟାନ୍ୟ ସାଧକଙ୍କୁ ବି ଆଘାତ ସହ୍ୟ କରିବାକୁ ହେଉଛି । ଏହାର ପ୍ରଭାବ ସମସ୍ତ ଜଗତର ବାତାବରଣରେ ମଧ୍ୟ ପଡୁଛି ।

ପ୍ରଥମରେ କୁହାହୋଇଛି ଜନ୍ମଲାଭ କରିଥିବା ଅତିମାନସ ଜଗତରେ ପ୍ରବେଶ କରିବାର ବ୍ୟାପକ ତଥା ପ୍ରଶସ୍ତ ମାର୍ଗ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ, ଶିକ୍ଷୟିତ୍ରୀ ତଥା ପରିଚାଳକମାନେ ରୂପାନ୍ତରିତ ମନ-ପ୍ରଣ-ଶରୀରରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟକୁ ଦୃଢ଼ଭାବେ ଗ୍ରହଣ କରିବେ ଏବଂ ସତତ ସଚେତ ହେବା ସକାଶେ ନିରନ୍ତର 'ମା' ନାମ ଜପ କରିବେ । ଦିଆଯାଉଥିବା ଶିକ୍ଷା ତଥା ଅନ୍ୟ ସମସ୍ତ ଆବଶ୍ୟକ କର୍ମ ମା'ଙ୍କ ସେବା ତଥା ସାଧନା-ମନୋଭାବରେ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରିବେ । ଏ ସକାଶେ ଅଭୀପ୍ସା ମଧ୍ୟ କରିବେ । ମନ-ପ୍ରାଣ-ଶରୀରର ପ୍ରତିକୂଳ ସମସ୍ତ କ୍ରିୟା-ଆଳସ୍ୟ, ଶିଥିଳତା, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସରାଦି ରିପୁଙ୍କ କ୍ରିୟାକୁ କର୍ମରେ ପରିଣତ କରିବାକୁ ଦେବେ ନାହିଁ । ଅର୍ଥାତ୍, ରାଗ ଆସିଲେ କଳି କରିବେ ନାହିଁ, ଲୋଭ ଆସିଲେ ତାକୁ କ୍ରିୟାରେ ପରିଣତ କରିବାକୁ ଦେବେ ନାହିଁ ଏବଂ ମା'ଙ୍କ ଚରଣରେ ସମର୍ପଣ କରିବେ । ଏପରି କଲେ ସେସବୁର ଶକ୍ତି କମ୍ ହେବାକୁ ଲାଗିବ ଏବଂ ଆସ୍ତେ ଆସ୍ତେ ରୂପାନ୍ତରିତ ହେବ । ଏପରି କଲେ ସାଧକ ସାଧନାରେ ଶୀଘ୍ର ଅଗ୍ରସର ହୁଅନ୍ତି; ଅଧ୍ୟାତ୍ମ ସଂସ୍ଥାମାନଙ୍କରେ ମନାନ୍ତର, ମତଭେଦ, ମନୋମାଳିନ୍ୟ, କଳି ହୁଏ ନାହିଁ, ସଂସ୍ଥାର ଉନ୍ନତି ହୁଏ, ବ୍ୟକ୍ତିଗତ ସାଧନାରେ ପ୍ରଗତି ହୁଏ ।

ଅତଏବ ରୂପାନ୍ତର-ଯୋଗର ଲକ୍ଷ୍ୟ ଗ୍ରହଣ କରିଥିବା ସମସ୍ତ ସାଧକ ସତତ ଜାଗ୍ରତ୍ ହୋଇ ପ୍ରତିକୂଳ ରିପୁଙ୍କର କୌଣସି ପ୍ରକାର ପ୍ରେରଣାକୁ କ୍ରିୟା କରିବାକୁ ନ ଦେଇ ସେସବୁକୁ ମା'ଙ୍କ ଚରଣରେ ସମର୍ପଣ କରିବେ । ତେବେ ସେହିସବୁ ଭାଗରେ ଅତିମାନସ ଶକ୍ତି ରୂପାନ୍ତର-କ୍ରିୟା କରିବ । ଆମ ସତ୍ତାରେ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଯେତେ ଅଧିକ ହେଉଥିବ ସେହି ଅନୁପାତରେ ବିରୋଧୀ ରିପୁଙ୍କ ଶକ୍ତି ହ୍ରାସ ହେଉଥିବ । ଅର୍ଥାତ୍, ଅଶାନ୍ତି, ଅସ୍ଥିରତା, ହତାଶା, ନିରାଶା, କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥାଦିଙ୍କ ଶକ୍ତି ହ୍ରାସ ହେଉଥିବ ଏବଂ ଆତ୍ମମାନଙ୍କ ମଧ୍ୟରେ ସମର୍ପଣର ପ୍ରବୃତ୍ତି, ଅଭୀପ୍ସା ଓ ତ୍ୟାଗର ପ୍ରବୃତ୍ତି, ମା'ଙ୍କ ଉପରେ ବିଶ୍ୱାସ, ଭରସା, ଶାନ୍ତି, ସନ୍ତୋଷ, ଆନନ୍ଦାଦି ଭଗବତ୍ ଦିବ୍ୟ ଗୁଣ ବୃଦ୍ଧି ହେଉଥିବ । ଏହି ସାଧକମାନଙ୍କର ଯେଉଁ ପାଠଚକ୍ର, ଯେଉଁ ସାଧନାଳୟ, ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସମ୍ପର୍କ ଥିବ ସେସବୁ ସଂସ୍ଥାରୁ କଳି, ମନୋମାଳିନ୍ୟ, ସନ୍ଦେହ, ଅବିଶ୍ୱାସ ଆଦି ଦୂର ହେଉଥିବ । ସଂସ୍ଥାସବୁ କ୍ରମଶଃ ଅଧିକରୁ ଅଧିକ ମାର୍ଜିତ ହୋଇ ବିକାଶ ମାର୍ଗରେ ଗତି କରୁଥିବେ । ଅତିମାନସ ଶକ୍ତିର ଏହି ରୂପାନ୍ତର-କ୍ରିୟାର ବୃଦ୍ଧି ଅନୁସାରେ ତା'ର ପ୍ରଭାବ ବିଶ୍ୱ-ବାତାବରଣରେ ପଡ଼ିବ । ଅତିମାନସ ଶକ୍ତିର ପ୍ରଭାବ ଯୋଗୁଁ ଅଜ୍ଞାନ ଶକ୍ତିର ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ ଅଧିକୃତ ବିଶାଳ ସେନାର ଦୁଷ୍ପର୍ମ – ହିଂସା, ଦ୍ୱେଷ,

ଚୋରି, ଡକାୟତି, ଘୁଷଖୋରି ଇତ୍ୟାଦି ପ୍ରତିକୂଳ କର୍ମ-ସଫଳ ହେବାରେ ବାଧାପ୍ରାପ୍ତ ହେବେ ଏବଂ ସେମାନଙ୍କ ଉପରେ ନାନା ପ୍ରକାର ପ୍ରତିବନ୍ଧକ ଓ ବାଧାବିଘ୍ନ ଆସିବା ଦ୍ୱାରା ସେମାନେ ଅସ୍ତବ୍ୟସ୍ତ ହୋଇପଡ଼ିବେ । ସେମାନେ ବିବଶ ହୋଇ ଦୁଷ୍କର୍ମ ତ୍ୟାଗ କରିବେ । ଅତିମାନସ ଶକ୍ତିର ରୂପାନ୍ତର-କ୍ରିୟାର ପ୍ରଭାବ ବଢ଼ିଲେ ଅନ୍ଧକାର ଶକ୍ତିର ସେନା ତିଷ୍ଠିବା ସମ୍ଭବ ହେବ ନାହିଁ ।

ରୂପାନ୍ତର ଯୋଗରେ ସଂସ୍ଥାର ଅନ୍ତର୍ଗତ ଥିବା ସାଧକ-ସାଧିକା, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଏହିସବୁ ସଂସ୍ଥାର ବାହାରେ ଥିବା ସାଧକ-ସାଧିକାମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେବ ମନ-ପ୍ରାଣ-ଶରୀରର ରୂପାନ୍ତର-ଲକ୍ଷ୍ୟ ସମ୍ବନ୍ଧେ ସତତ ସଚେତ ରହିବା ଏବଂ 'ମା' ନାମ ନିରନ୍ତର ଜପ କରିବା । ଜପ ସହିତ 'ମୁଁ ତୁମର, ତୁମ ଚରଣରେ ସଂପୂର୍ଣ୍ଣ ସତ୍ତା ସହିତ ନିଜକୁ ସମର୍ପଣ କରୁଅଛି'— ଏହି ଧାରଣା ରଖିବା । ବାହ୍ୟ ପରିସ୍ଥିତିର ଆଶ୍ରୟରେ ନିଜ ମନ-ପ୍ରାଣ-ଶରୀରରୁ ଆସୁଥିବା ଅଧିକାର, ନାମଯଶଃ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷା, ବିରୋଧାଦିର ପ୍ରେରଣାକୁ କଦାପି କ୍ରିୟା କରିବାକୁ ନ ଦେବା । କୌଣସି ବ୍ୟକ୍ତି ଆମ ଉପରେ ରାଗିଲେ, ଆମକୁ ଅନ୍ୟାୟରେ କିଛି କହିଲେ, ଆମ ପ୍ରତି ଅନ୍ୟାୟ ବ୍ୟବହାର କଲେ କିଂବା ତାଙ୍କ କର୍ମ ବା ବ୍ୟବହାର ଦ୍ୱାରା ସଂସ୍ଥାର କ୍ଷତି ହେଉଥିଲେ ଆମେ ରାଗିବା ନାହିଁ, ହିଂସା କରିବା ନାହିଁ, କଳି କରିବା ନାହିଁ; ଶାନ୍ତ, ସ୍ଥିର, ନିଶ୍ଚଳ ଅବସ୍ଥାରେ ପରସ୍ପର କଥାବାର୍ତ୍ତା କରି ସମାଧାନ କରିବା ସକାଶେ ଆନ୍ତରିକଭାବେ ମା'ଙ୍କ ଉପରେ ନିର୍ଭରତା ରଖି ଚେଷ୍ଟା କରିବା । ଯଦି ସମସ୍ୟା ଜଟିଳ ହୋଇଥାଏ, ସମସ୍ୟା ସମାଧାନର ଉପାୟ ମିଳୁ ନ ଥାଏ, ତେବେ ଯଥାର୍ଥ ଉପାୟ ଜାଣିବା ସକାଶେ ନିଜ ଅନ୍ତରରୁ ପ୍ରେରଣା ପାଇବାକୁ ଅପେକ୍ଷା କରିବା । ଆନ୍ତରିକଭାବେ ଅପେକ୍ଷା କଲେ ଆନ୍ତର ପ୍ରେରଣା ନିଶ୍ଚୟ ପାଇବା । ଚାହିଁବାରେ ମନ-ପ୍ରାଣର ଧାରଣା ବା ଅଭିରୁଚି ମିଶ୍ରିତ ଥିଲେ ଭୁଲ୍ ପ୍ରେରଣା ଆସିପାରେ । କିନ୍ତୁ ଆନ୍ତରିକତା ସହିତ ଯଥାର୍ଥ ପ୍ରେରଣା ଚାହିଁଲେ ନିଶ୍ଚୟ ଅଭ୍ରାନ୍ତ ପ୍ରେରଣା ପାଇବା ଯାହାଦ୍ୱାରା ସମସ୍ୟାଟିର ଯଥାର୍ଥ ସମାଧାନ ହୋଇପାରିବ । ମା'ଙ୍କ ଉପରେ ଭରସା ରଖି ପ୍ରତିକୂଳ ରିପୁଙ୍କୁ କଦାପି କ୍ରିୟା କରିବାକୁ ଦେବା ନାହିଁ କିଂବା ସଂସ୍ଥାରେ କଳି, ମନୋମାଳିନ୍ୟକୁ କଦାପି ପ୍ରଶ୍ରୟ ଦେବା ନାହିଁ । ଏହାହିଁ ହେଉଛି ଅତିମାନସ ଜଗତରେ ପ୍ରବେଶ କରିବାର ମାର୍ଗ ।

❖

ଆଦର୍ଶ କର୍ମ-ଜୀବନ

(ଆଶ୍ରମ କାର୍ଯ୍ୟାଳୟର ବିବରଣୀ)

ଆଶ୍ରମର ଉଦ୍ଦେଶ୍ୟ

ଆଗନ୍ତୁକମାନେ ଆଶ୍ରମ ପରିଦର୍ଶନ କରିବାକୁ ଆସି ଆଶ୍ରମର ଯୋଗଯୁକ୍ତ କର୍ମ-ଜୀବନ ଦେଖି ପ୍ରଶ୍ନ କରନ୍ତି : ଆଧ୍ୟାତ୍ମିକ ଆଶ୍ରମରେ କର୍ମର ସମାବେଶ କାହିଁକି ? ସାଧକମାନେ କର୍ମରେ ଲିପ୍ତ ରହୁଛନ୍ତି, ଖେଳୁଛନ୍ତି, ବ୍ୟାୟାମ କରୁଛନ୍ତି, ଗୃହୀ ବ୍ୟକ୍ତିପରି ବସ୍ତ୍ର ବି ଧାରଣ କରୁଛନ୍ତି । ଗୃହସ୍ଥ-ଧର୍ମୀମାନେ ତ' ଏହିସବୁ କର୍ମ କରନ୍ତି; ତେବେ ଗୃହସ୍ଥ ଓ ସାଧକ ମଧ୍ୟରେ ପ୍ରଭେଦ କ'ଣ ? କେଉଁ ବିଶେଷତ୍ୱ ଯୋଗୁଁ ସେମାନଙ୍କୁ ସାଧକ କୁହା ହେଉଛି ? ଆଶ୍ରମ ପରିଦର୍ଶକମାନେ ଏହିପରି ବହୁ ପ୍ରଶ୍ନ କରନ୍ତି । ସେହି କାରଣରୁ ଆଶ୍ରମରେ ଆଦର୍ଶ କର୍ମ-ଜୀବନର ଉଦ୍ଦେଶ୍ୟ ଏବଂ ବିଭିନ୍ନ କର୍ମକ୍ଷେତ୍ରରେ ବିବରଣୀ ପାଠକମାନଙ୍କ ସମ୍ମୁଖରେ ସଂକ୍ଷେପରେ ଉପସ୍ଥାପନ କରିବାକୁ ପ୍ରୟାସ କରିବା ।

ଶ୍ରୀଅରବିନ୍ଦ ଆଶ୍ରମର ଉଦ୍ଦେଶ୍ୟ ହେଲା ଏପରି ଏକ ପୂର୍ଣ୍ଣ ରୂପାନ୍ତରିତ ଯୋଗଯୁକ୍ତ କର୍ମ-ଜୀବନର ଆଦର୍ଶ ମନୁଷ୍ୟ ସମ୍ମୁଖରେ ଉପସ୍ଥାପନ କରିବା ଯାହାକୁ ପ୍ରତ୍ୟେକ ବ୍ୟକ୍ତି ଦେଖିପାରିବେ, ବୁଝିପାରିବେ ଓ ନିଜେ ଆଚରଣ କରିପାରିବେ ଏବଂ ଯେଉଁ ଯୋଗଜୀବନରେ ସଂସାର ଓ କର୍ମକୁ ତ୍ୟାଗ କରିବାକୁ ହେବ ନାହିଁ କିନ୍ତୁ ସଂସାରକୁ ସ୍ୱର୍ଗରେ, କର୍ମକୁ ଦିବ୍ୟ ଭାଗବତ କର୍ମରେ ରୂପାନ୍ତରିତ କରିବାକୁ ହେବ । ଏହାହିଁ ହେବ ସୁଖମୟ ଆନନ୍ଦମୟ ଜୀବନ ।

ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ହେବା ପୂର୍ବରୁ ମନୁଷ୍ୟ ଏହି ଲକ୍ଷ୍ୟ ରଖି, ଏହି ଲକ୍ଷ୍ୟ ଦିଗରେ ଅଗ୍ରସର ହେବାକୁ ଦୃଢ଼ ସଂକଳ୍ପ କରି ଏହି ମାର୍ଗରେ ପ୍ରବେଶ କଲେ, ତାହାର ସୁଖମୟ ଜୀବନ ଆରମ୍ଭ ହୁଏ । ଲକ୍ଷ୍ୟ-ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଜୀବନ କ୍ରମଶଃ ଅଧିକରୁ ଅଧିକ ଆନନ୍ଦରେ ପରିପୂର୍ଣ୍ଣ ହୋଇଥାଏ । ପୂର୍ଣ୍ଣ ରୂପାନ୍ତର ସିଦ୍ଧି ସଙ୍ଗେ ସଙ୍ଗେ ଜୀବନ ଅଖଣ୍ଡ, ଶାଶ୍ୱତ, ପରମାନନ୍ଦଙ୍କ ସ୍ୱରୂପ ହୋଇଯାଏ । ମନୁଷ୍ୟର ଜୀବନ ସୁଖମୟ କିଂବା ଦୁଃଖମୟ ହେବା ତା'ର ଜୀବନର ଆଦର୍ଶ ଉପରେ ଅଧିକଭାବେ ନିର୍ଭର କରେ । ଦେଶସେବା, ମନୁଷ୍ୟଜାତିର ସେବାଦି ଆଦର୍ଶ ଅତି ଉଚ୍ଚ । ଏହି ଆଦର୍ଶ ଗ୍ରହଣ କଲେ ବ୍ୟକ୍ତିର ସ୍ୱାର୍ଥ ଆଉ ଅହଂ ଛୋଟ ଛୋଟ ବସ୍ତୁରୁ ଆସକ୍ତି ତ୍ୟାଗ କରି ସେହି ଉଚ୍ଚ ଆଦର୍ଶରେ କେନ୍ଦ୍ରିତ ହୁଏ । ସେହି ଉଚ୍ଚ ଆଦର୍ଶ ପ୍ରାପ୍ତ ହେବା ପରେ ତା'ର ଅହଂ ଓ ସ୍ୱାର୍ଥ କିନ୍ତୁ ସୁଖ-ସୁବିଧା, ଅୟସ, ଆରାମ, ପଦମର୍ଯ୍ୟାଦା, ସମ୍ପଦ, ପ୍ରଭୁତ୍ୱ ପ୍ରାପ୍ତ କରିବାରେ ପ୍ରବୃତ୍ତ ହୁଏ । ସେତେବେଳେ ତା'କୁ ସଂସାର ଦ୍ୱନ୍ଦ୍ୱମୟ ଓ ଜୀବନ ଦୁଃଖମୟ ବୋଲି ପ୍ରତୀତ ହୁଏ । ଏହାର ଉଦାହରଣ ଆମ୍ଭେମାନେ ଦେଶସେବକମାନଙ୍କଠାରୁ ପାଇବା । କିନ୍ତୁ ସେହି ଉଚ୍ଚ ଆଦର୍ଶ ଯଦି ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଗ୍ରହଣ କରାହୋଇ ଥାଏ, ତେବେ ଆଦର୍ଶ ସିଦ୍ଧି ସଙ୍ଗେ ସଙ୍ଗେ ଅହଂ ଓ ସ୍ୱାର୍ଥ ପୂର୍ଣ୍ଣରୂପେ ରୂପାନ୍ତରିତ ହୁଏ । ସଂସାର ଉନ୍ନତ ଓ ସମୃଦ୍ଧିଶାଳୀ ହୁଏ, ମନୁଷ୍ୟ ସୁଖଶାନ୍ତି, ଆନନ୍ଦମୟ ଜୀବନ ପ୍ରାପ୍ତ କରିପାରେ, ଯେବେ ସେ ଅଧ୍ୟାତ୍ମ-ସାଧନା ଦ୍ୱାରା ନିଜ ମଧ୍ୟରେ ଶାନ୍ତି, ସନ୍ତୋଷ, ଦୟା, କ୍ଷମା ଇତ୍ୟାଦି ସଦ୍‌ଗୁଣ ପ୍ରାପ୍ତକରି ସମସ୍ତ ସାଂସାରିକ କର୍ମ ଆଚରଣ କରେ । ଏହି ଆଦର୍ଶ ପ୍ରତ୍ୟେକ ପ୍ରାଣୀ ସକାଶେ ଆବଶ୍ୟକ । ସାଂସାରିକ ଜୀବନରେ ଯେତେ ପ୍ରକାର କର୍ମର ଆବଶ୍ୟକ ପ୍ରାୟ ସେହି ସମସ୍ତ କର୍ମକୁ ଶ୍ରୀଅରବିନ୍ଦ ଆଶ୍ରମ ଯୋଗ ସହିତ ଯୁକ୍ତ କରି, ତାହାର ଆଚରଣରେ କିପରି ଆନନ୍ଦମୟ ଜୀବନ ପ୍ରାପ୍ତ କରାଯାଇପାରେ ସେହି ଆଦର୍ଶ ଆଜି ସଂସାର ସମ୍ମୁଖରେ ରଖିଛି । ଲକ୍ଷ୍ୟରେ ପହୁଞ୍ଚିବାର ଏହା କେବଳ ଆରମ୍ଭ ମାତ୍ର । ଏଥିରୁ ପୂର୍ଣ୍ଣ ଲକ୍ଷ୍ୟ ପ୍ରାପ୍ତି ଅନୁମାନ କରିବାର ସଙ୍କେତ ମିଳେ ।

ଆଶ୍ରମରେ ଯେଉଁ ସମସ୍ତ କର୍ମକ୍ଷେତ୍ର ରହିଛି ସେସବୁର ବିବରଣୀ କ୍ରମଶଃ ପାଠକମାନଙ୍କ ସମ୍ମୁଖରେ ରଖାହେବ ।

ମନୁଷ୍ୟର ସମସ୍ତ ଆବଶ୍ୟକ କର୍ମ ମଧ୍ୟରେ ଭୋଜନ ହେଲା ଏକ ପ୍ରଧାନ କର୍ମ । ତେଣୁ ଭୋଜନାଳୟର କାର୍ଯ୍ୟ ପ୍ରଥମରେ ପାଠକମାନଙ୍କ ସମ୍ମୁଖରେ ରଖିବାକୁ ଚେଷ୍ଟା କରିବା ।

ଆଶ୍ରମର ଭୋଜନାଳୟ

ଆଶ୍ରମଠାରୁ ଅଳ୍ପ ଦୂରରେ ଗୋଟିଏ ପ୍ରଶସ୍ତ ପରିସର ମଧ୍ୟରେ ଭୋଜନାଳୟ ଏବଂ ତା ପାଖରେ ରନ୍ଧନଶାଳା ଅବସ୍ଥିତ । ପ୍ରତିଦିନ ପ୍ରାୟ ୧୫୦୦ ବ୍ୟକ୍ତିଙ୍କ ପାଇଁ ଖାଦ୍ୟ ରନ୍ଧନ କରାଯାଏ । ସାଧକ ଓ ସାଧିକାମାନେ ମିଳିମିଶି ଭୋଜନ-ସାମଗ୍ରୀ ପ୍ରସ୍ତୁତ କରନ୍ତି । ପ୍ରତିଦିନ ଠିକ୍ ନିର୍ଦ୍ଦିଷ୍ଟ ସମୟରେ ଭୋଜନ ସାମଗ୍ରୀର ପ୍ରସ୍ତୁତି ସମାପ୍ତ ହୁଏ । ଆଶୀର୍ବାଦ ପ୍ରଦାନ ଦିବସ ଏବଂ ଦର୍ଶନ ଦିବସ ମାନଙ୍କରେ ବହୁ ଅଧିକ ବ୍ୟକ୍ତିଙ୍କ ସକାଶେ ଭୋଜନ ସାମଗ୍ରୀ ପ୍ରସ୍ତୁତ ହେବା ସତ୍ତ୍ୱେ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ କୌଣସି ବ୍ୟତିକ୍ରମ ଘଟେ ନାହିଁ ।

ପ୍ରାତଃକାଳରେ ଘ୬.୩୦ ରୁ ଘ୭.୪୫ ମଧ୍ୟରେ ସାଧକମାନଙ୍କ ଦ୍ୱାରା ଆଶ୍ରମର ରୋଟିଶାଳା (Bakery)ରେ ତୟାର ହୋଇଥିବା ଗୋଟିଏ ଗୋଲ ପାଉଁରୋଟି, ଏକ କପ୍ ଦୁଧ ଅଥବା ଦୁଧମିଶ୍ରିତ କୋକୋ କିଂବା ଦହି, ଗୋଟିଏ କଦଳୀ ଓ ଚିନି ପ୍ରାତଃଭୋଜନ ନିମିତ୍ତ ପରିବେଷଣ କରାଯାଏ । ନିଜର ରୁଚି ଅନୁସାରେ ବ୍ୟକ୍ତି କମ୍ କିଂବା ବେଶୀ ରୋଟି ନେଇପାରେ । ମଧ୍ୟାହ୍ନ ଭୋଜନ ଆରମ୍ଭ ହୁଏ ଘ୧୧.୧୫ରେ ଏବଂ ଶେଷ ହୁଏ ଘ୧୨.୩୦ରେ । ସେଥିରେ ଭାତ କିଂବା ରୋଟି, ଆଶ୍ରମର ବଗିଚାରୁ ମିଳୁଥିବା ତାଜା ପରିବାର ଗୋଟିଏ ତରକାରି କିଂବା ଡାଲି, ଯହିଁରେ ଆଦୌ ଲଙ୍କା ପଡ଼େ ନାହିଁ ଏବଂ ଖୁବ୍ କମ୍ ମସଲା ପଡ଼େ; ତାହା ସଙ୍ଗେ ଦୁଧ ଅଥବା ଦହି, ଦୁଇଟି ପାଚିଲା କଦଳୀ ଓ ଚିନି ଦିଆହୁଏ । ବ୍ୟକ୍ତି ନିଜର ରୁଚି ଅନୁସାରେ ଏହି ମଧ୍ୟାହ୍ନ ଭୋଜନରେ ଆବଶ୍ୟକମତେ ଭାତ, ରୋଟି କିଂବା କେବଳ ରୋଟି ବା କେବଳ ଭାତ ଏବଂ ଦୁଧ ଅଥବା ଦହି ନେଇପାରେ । ସନ୍ଧ୍ୟା ସମୟରେ ଘ୫.୪୫ରୁ ଘ୬ଣ୍ଟା ମଧ୍ୟରେ କେବଳ ୧୫ ମିନିଟ ନିମିତ୍ତ ଭୋଜନ ପରିବେଷଣର ବ୍ୟବସ୍ଥା ଥାଏ । ରାତ୍ରି ଗାଡ଼ିରେ ଆଶ୍ରମରୁ ଚାଲିଯାଉଥିବା ଆଗନ୍ତୁକମାନେ କିଂବା ଯେଉଁ ସାଧକମାନେ ଶୀଘ୍ର ଭୋଜନ କରିବାକୁ ଚାହାନ୍ତି, କେବଳ ସେମାନଙ୍କୁ ଏହି ସମୟରେ ଭୋଜନ ଦିଆଯାଏ । ଏହା ପରେ, ଖେଳ ପଡ଼ିଆର କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ପ୍ରାୟ ରାତ୍ରି ଘ୮ଣ୍ଟା ସମୟରୁ ଘ୮.୩୦ ପର୍ଯ୍ୟନ୍ତ ଅଧଘଣ୍ଟା ସମୟ ମଧ୍ୟରେ ଅବଶିଷ୍ଟ ଆଶ୍ରମବାସୀ ସାଧକ ଓ ଆଗନ୍ତୁକମାନଙ୍କୁ ରାତ୍ରିଭୋଜନ ପରିବେଷଣ କରାହୁଏ । ସେହି ସମୟରେ ଆଶ୍ରମର ସାଧକମାନଙ୍କ ଦ୍ୱାରା ତିଆରି ହୋଇଥିବା ପାଉଁରୋଟି, ଦୁଧ ଅଥବା ଦହି, ତାଜା ପରିବାର ତରକାରି ଓ ଚିନି ପରିବେଷିତ ହୋଇଥାଏ ।

ଭୋଜନାଳୟର ଗୋଟିଏ ପ୍ରଶସ୍ତ କୋଠରି ମଧ୍ୟରେ କେତୋଟି ଲମ୍ବା ଟେବୁଲ୍ ଉପରେ ଥାଳି, ଭାତ-ପାତ୍ର, ତରକାରି ପାତ୍ର, ଦୁଧ ଏବଂ ଦହିର ପାତ୍ର, ରୋଟିର ପାତ୍ର, ଫଳପାତ୍ର, ଏବଂ ଶେଷରେ ଚାମଚ ରଖାଯାଇଥାଏ । ଟେବୁଲ ପାଖରେ ନିର୍ଦ୍ଦିଷ୍ଟ ବସ୍ତୁ ଦେବାକୁ କେତେଜଣ ସାଧକ ସାଧିକା ଛିଡ଼ା ହୋଇଥା'ନ୍ତି । ସାଧକ ଓ ଆଗନ୍ତୁକମାନେ ଏକତ୍ର ଏକ ଶୃଙ୍ଖଳିତ ଧାଡ଼ିରେ କ୍ରମଶଃ ଏକ ପରେ ଏକ ଆସି ଛିଡ଼ା ହୁଅନ୍ତି । ନିର୍ଦ୍ଦିଷ୍ଟ ସମୟରେ ଘଣ୍ଟି ବାଜିବା ସଙ୍ଗେ ସଙ୍ଗେ ସେମାନେ ପରିବେଷଣ-ଗୃହରେ ପ୍ରବେଶ କରି ଗୋଟିଏ ଲେଖାଏଁ ଥାଳି ହାତରେ ନେଇ ଅଗ୍ରସର ହୁଅନ୍ତି ଓ ପରିବେଷଣ କରୁଥିବା ବ୍ୟକ୍ତିମାନଙ୍କ ସମ୍ମୁଖକୁ ଥାଳିଟି ଆସିବା ମାତ୍ରେ ସେମାନେ ଖାଦ୍ୟ-ସାମଗ୍ରୀ ପରିବେଷଣ କରିଦିଅନ୍ତି । ଶେଷରେ ଭୋଜନାର୍ଥୀମାନେ ଗୋଟିଏ ଗୋଟିଏ ଚାମଚ ନେଇ ଭୋଜନ କରିବା ଗୃହକୁ ଯା'ନ୍ତି । ସେହି ମାର୍ଗରେ ଜଣେ ସାଧକ ସେମାନଙ୍କୁ ଚିନି ଦେଇଦିଅନ୍ତି । ଭୋଜନ କରିବା ଗୃହ ପରିଷ୍କାର ପରିଚ୍ଛନ୍ନ, ସେଥିରେ ପୂର୍ବରୁ ବସିବାର ଆସନ ଏବଂ ଥାଳି ରଖିବା ପାଇଁ ଛୋଟ ଛୋଟ ଡେସ୍କ୍ ଓ ତା' ଉପରେ କ୍ଷୁଦ୍ର କ୍ଷୁଦ୍ର ଧଳା ଟେବୁଲ୍ କ୍ଲଥ୍ ବିଛାଇ ଦିଆହୋଇଥାଏ । ଭୋଜନାର୍ଥୀ ଥାଳି ରଖି, ସେହି କକ୍ଷର ନିର୍ଦ୍ଦିଷ୍ଟ ସ୍ଥାନରେ ରଖା ଯାଇଥିବା ଗ୍ଲାସ୍‌ରେ ଜଳ ଆଣି ତା'ପରେ ଭୋଜନ କରିଥା'ନ୍ତି । ସମସ୍ତେ ଏକ ମା'ଙ୍କର ସନ୍ତାନ-ସନ୍ତତି, ସେଥିପାଇଁ ଭୋଜନାଳୟରେ ସାଧକ, ଆଗନ୍ତୁକ, ସ୍ତ୍ରୀ, ପୁରୁଷ ମଧ୍ୟରେ ବର୍ଣ୍ଣଭେଦ ବା ଛୁଆଁ ଅଛୁଆଁ ବିଚାର ଓ ଭାବନା ନ ଥାଏ ।

ବ୍ୟକ୍ତି ଭୋଜନ ଶେଷ କରିବା ପରେ ନିଜର ଉଚ୍ଛିଷ୍ଟ ବାସନକୁ ନେଇ ଧୁଆ ହେଉଥିବା ସ୍ଥାନରେ ଦେଇ ଦିଅନ୍ତି । ସେହି ଉଚ୍ଛିଷ୍ଟ ବାସନକୁ ଆଶ୍ରମର ସାଧକ ସାଧିକାମାନେ ଧୁଅନ୍ତି । ବାସନ ପରିଷ୍କାର କରିବାର ପ୍ରଣାଳୀ ଖୁବ୍ ସୁବ୍ୟବସ୍ଥିତ । ପ୍ରଥମରେ ଗୋଟିଏ ସ୍ଥାନରେ ଗ୍ଲାସ୍, ପରେ ଚାମଚ, ତା' ପରେ ତରକାରି ଓ ଦହି ଗିନା ଓ ଶେଷରେ ଥାଳିଗୁଡ଼ିକ ଜଳପୂର୍ଣ୍ଣ ସିମେଣ୍ଟ କୁଣ୍ଡମାନଙ୍କରେ ଆସ୍ତେ ରଖିଦେବାକୁ ହୁଏ । ଅନ୍ୟଥା ଦୂରରୁ ଫୋପାଡ଼ି ଦେଲେ ବାସନ ଧୋଉଥିବା ସାଧକମାନଙ୍କ ଶରୀରରେ ଜଳ ପଡ଼େ । ପ୍ରତ୍ୟେକ ସ୍ଥାନରେ କର୍ମୀମାନେ ବସି କାର୍ଯ୍ୟ କରୁଥା'ନ୍ତି । ବାସନ ପାଇବା ମାତ୍ରେ ସେମାନେ ଜଳରେ ପ୍ରଥମେ ଧୋଇ ଦ୍ୱିତୀୟ ଜଳକୁଣ୍ଡରେ ରଖି ଦିଅନ୍ତି । ତା' ପରେ ଅନ୍ୟ ଜଣେ ସାଧକ ବାସନଗୁଡ଼ିକ ସେଠାରୁ ନେଇ ସାବୁନ ଜଳରେ ଧୋଇ ଶୁଦ୍ଧ ଜଳକୁଣ୍ଡରେ ରଖିଦିଅନ୍ତି । ସେଠିକାର ସାଧକ ବାସନ ଜଳ କୁଣ୍ଡରୁ ନେଇ ଏକ ତାରଜାଲି ପାତ୍ରରେ ରଖିଦିଅନ୍ତି । ଆଉ ଜଣେ ସାଧକ ବାସନଗୁଡ଼ିକ ନେଇ ଗରମ ଜଳରେ ଧୁଆ ହେଉଥିବା ସ୍ଥାନରେ ରଖିଦିଅନ୍ତି । ଗରମ ଜଳରେ ଧୁଆହେବା ପରେ ବାସନଗୁଡ଼ିକ ସଫା କପଡ଼ାରେ ପୋଛାଯାଏ । ପରେ ଅନ୍ୟ ବ୍ୟକ୍ତି ସେଗୁଡ଼ିକୁ ବୋହିନେଇ ଭିତରେ ଆଲମାରିରେ ସୁନ୍ଦରଭାବେ ସଜାଇ ରଖିଦିଅନ୍ତି । ଭୋଜନ ପରିବେଷଣ ସମାପ୍ତ ହେବାର ଘଣ୍ଟିବାଜିବା ଅଧଘଣ୍ଟାକ ପରେ ବାସନ ଧୋଇବା, ପୋଛିବା, ରଖିବା କାର୍ଯ୍ୟ ଶେଷ ହୁଏ । ବାସନ ଧୁଆ ହେଉଥିବା ସ୍ଥାନମାନ ଜଳରେ ଉତ୍ତମଭାବେ ପରିଷ୍କୃତ କରା ହୁଏ । ଭିତରେ ଥିବା ଭୋଜନ କକ୍ଷଗୁଡ଼ିକ ଝାଡୁ ଦ୍ୱାରା ପରିଷ୍କୃତ ହେଲାପରେ ଫିନାଇଲ୍ ଜଳରେ ପୋଛା ହୁଏ ଏବଂ ସାନ୍ଧ୍ୟ-ଭୋଜନ ନିମନ୍ତେ ଛୋଟ ଡେସ୍କ୍ ସଜାଇ ଦିଆହୁଏ । ଭୋଜନାଳୟର ପ୍ରତ୍ୟେକ ବ୍ୟବହାର୍ଯ୍ୟ ବସ୍ତୁ ପ୍ରତିଦିନ ପରିଷ୍କାର କରାହୁଏ । କବାଟ, ଝରକା ଇତ୍ୟାଦିରୁ ମଧ୍ୟ ନିୟମିତରୂପେ ଧୂଳି ପରିଷ୍କାର କରାହୁଏ । ଭୋଜନାଳୟରେ ପ୍ରାୟ ସତୁରିରୁ ଊର୍ଦ୍ଧ୍ୱ ସାଧକ ସାଧିକା କାର୍ଯ୍ୟ କରନ୍ତି । ପ୍ରତ୍ୟେକଙ୍କର ସମୟ ଓ କାର୍ଯ୍ୟ ନିର୍ଦ୍ଧାରିତ ହୋଇଥାଏ । ସେମାନେ ଠିକ୍ ସମୟରେ ଆସି ଭଗବତ୍ ସେବାରୂପେ କାର୍ଯ୍ୟ କରି ଚାଲିଯାଆନ୍ତି । ଏତେ ବ୍ୟକ୍ତିଙ୍କ ଭୋଜନ ତିଆରି ହୁଏ, ଏତେ ବ୍ୟକ୍ତି ଭୋଜନ କରନ୍ତି, ଏତେ କାର୍ଯ୍ୟ ହୁଏ, କିନ୍ତୁ ସେଥିରେ ପାଟି ହୁଏ ନାହିଁ, ସ୍ଥାନ ଅପରିଷ୍କାର ହୁଏ ନାହିଁ, କାର୍ଯ୍ୟରେ ବିନ୍ଦୁମାତ୍ର ତ୍ରୁଟି ହୁଏ ନାହିଁ ।

କିନ୍ତୁ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କୁ ବାଦ୍ ଦେଲେ ସାଧାରଣତଃ ପ୍ରତ୍ୟେକଙ୍କର ଘରେ, ପ୍ରତ୍ୟେକ ଗ୍ରାମରେ, ପ୍ରତ୍ୟେକ ସ୍ଥାନରେ ଦେଖାଯାଏ, ଭୋଜନ ଠିକ୍ ସମୟରେ ତିଆରି ହୁଏ ନାହିଁ, କାର୍ଯ୍ୟରେ ବିବାଦ ହୁଏ । ଗୃହକାର୍ଯ୍ୟରେ, ବିଶେଷତଃ ଭୋଜନ କାର୍ଯ୍ୟରେ, ଏପରି ଝଗଡ଼ା ସୃଷ୍ଟି ହୁଏ ଯେ, ଗୃହବ୍ୟକ୍ତି ଅଶାନ୍ତିରେ ଜୀବନ ଯାପନ କରନ୍ତି ଏବଂ ଶେଷରେ ପୃଥକ୍ ହୋଇଯିବାକୁ ମଧ୍ୟ ବାଧ୍ୟ ହୁଅନ୍ତି ।

ଆଶ୍ରମର ଭୋଜନାଳୟର କାର୍ଯ୍ୟ, ଆଉ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଭୋଜନାଦି କାର୍ଯ୍ୟରେ କୌଣସି ଅନ୍ତର ନାହିଁ । ଅନ୍ତର ଅଛି କେବଳ କାର୍ଯ୍ୟ କରିବାର ମନୋଭାବ ତଥା ଲକ୍ଷ୍ୟରେ । ଆଶ୍ରମରେ କାର୍ଯ୍ୟ କରୁଥିବା ସାଧକ-ସାଧିକାମାନେ ଭଗବତ୍‌ପ୍ରାପ୍ତି କରିବା ଲକ୍ଷ୍ୟ ରଖି ଭଗବାନଙ୍କ ସେବାରୂପେ କାର୍ଯ୍ୟ କରି ଭଗବାନଙ୍କୁ ତାହା ସମର୍ପଣ କରୁଅଛନ୍ତି । ସେମାନଙ୍କର ଅହଂ ଆଉ ସ୍ୱାର୍ଥ କେନ୍ଦ୍ରୀଭୂତ ହୋଇଛି । ତାଙ୍କର ଲକ୍ଷ୍ୟ ଭଗବାନଙ୍କ ପାଖରେ । ଅହଂ ଓ ସ୍ୱାର୍ଥ ସମସ୍ତ ଅନର୍ଥର କାରଣ । ସେଥିରୁ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ ଉତ୍ପନ୍ନ ହୁଏ । ଅହଂ ଓ ସ୍ୱାର୍ଥ ଭଗବାନଙ୍କ ପାଖରେ ରହିବାରୁ କାର୍ଯ୍ୟରେ ହିଂସା, ଦ୍ୱେଷ, ଈର୍ଷ୍ୟା ବିରୋଧ ଉତ୍ପନ୍ନ ହେବାର ଆଶଙ୍କା ନ ଥାଏ । ସାଧନାର ପ୍ରାରମ୍ଭିକ ଅବସ୍ଥାରେ କେବେ କେବେ ଯଦ୍ୟପି ସେସବୁର ଆବିର୍ଭାବ ଦେଖାଯାଏ, ତଥାପି କର୍ମ ସମର୍ପଣ ସଙ୍ଗେ ସଙ୍ଗେ ତାହା ସମର୍ପିତ ହୋଇ ଶୁଦ୍ଧ ହୋଇଯାଏ ।

ସାଂସାରିକ ଜୀବନରେ ଭଗବତ୍‌ପ୍ରାପ୍ତି ମନୁଷ୍ୟର ଲକ୍ଷ୍ୟ ନ ଥାଏ, ଭଗବାନଙ୍କ ସେବା ଅଥବା ସମର୍ପଣଭାବେ କାର୍ଯ୍ୟ କରାହୁଏ ନାହିଁ । ସେଥିପାଇଁ ସେମାନଙ୍କ ଅହଂ ଓ ସ୍ୱାର୍ଥ, ଜୀବନ ଆଉ କର୍ମ ସଙ୍ଗେ ରହି ତାକୁ ପରିଚାଳିତ କରେ । କର୍ମ ମଧ୍ୟଦେଇ ଦୁର୍ଗୁଣ, ହିଂସା ଆଦି ପ୍ରକାଶ ହେବାର ସୁଯୋଗ ପାଏ ଏବଂ ମନୁଷ୍ୟ ଜୀବନର ସୁଖ ଶାନ୍ତି ନଷ୍ଟ କରି ତାକୁ ଜନ୍ମମୃତ୍ୟୁ ରୂପକ ଘୋର ଯନ୍ତ୍ରଣାରେ ନିକ୍ଷେପ କରେ ।

ଯେଉଁ କର୍ମ ସମସ୍ତ ଅନର୍ଥର କାରଣ ତାହା ଯଦି ଭଗବାନଙ୍କ ନିକଟରେ ସମର୍ପଣ ଭାବରେ କରାହୁଏ ତେବେ

ତାହା ମନୁଷ୍ୟ ଜୀବନକୁ ଆନନ୍ଦମୟ କରେ, ଭଗବାନଙ୍କୁ ପ୍ରାପ୍ତ କରାଏ, ମନୁଷ୍ୟକୁ ଦେବତା ଓ ସଂସାରକୁ ସ୍ୱର୍ଗରେ ପରିଣତ କରାଏ । ଏହାର ଆଦର୍ଶ ଆଶ୍ରମ । ଆଶ୍ରମ ଲକ୍ଷ୍ୟସିଦ୍ଧି ମନୁଷ୍ୟକୁ ଦେବତ୍ୱରେ, ସଂସାରକୁ ସ୍ୱର୍ଗରେ ପରିଣତ କରିବ । କିନ୍ତୁ ଆଶ୍ରମ ତାହା ବର୍ତ୍ତମାନ ପ୍ରାପ୍ତ କରି ନାହିଁ; ସେହି ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଅଛି । ତଥାପି ଏହି ପ୍ରାରମ୍ଭିକ ଆଦର୍ଶ ପ୍ରତ୍ୟେକ ବ୍ୟକ୍ତି ସକାଶେ ଏକାନ୍ତ ଆବଶ୍ୟକ ଏବଂ ଏହା ସଂସାର ଆଉ ଜୀବନ ଉନ୍ନତିର ଯଥାର୍ଥ ଉପାୟ ।

ଗୋଟିଏ ଉଦାହରଣ :

ଏହି ଆଦର୍ଶ ପ୍ରତ୍ୟେକ ବ୍ୟକ୍ତି ଗ୍ରହଣ କଲେ କିପରି ସୁଖମୟ ସଂସାର-ଜୀବନ ପ୍ରାପ୍ତ କରିପାରେ ତାହାର ଗୋଟିଏ ଉଦାହରଣ ନିମ୍ନରେ ଦିଆଗଲା : ଗୋଟିଏ ସମୃଦ୍ଧିଶାଳୀ ପରିବାରରେ ପିତାମାତା ଓ ଛଅଟି ପୁତ୍ର ଥିଲେ । ପିତା ସମସ୍ତ ପୁତ୍ରମାନଙ୍କୁ ସୁଶିକ୍ଷିତ କରାଇ କ୍ରମଶଃ ପାଞ୍ଚପୁତ୍ରଙ୍କୁ ବିବାହ କରାଇ ପରଧାମ ଗମନ କଲେ । କୌଣସି କୌଣସି ପୁତ୍ରମାନଙ୍କର ଗୋଟିଏ ଦୁଇଟି ସନ୍ତାନ ଉତ୍ପନ୍ନ ହେଲେ । ଘରେ ଧନ-ଧାନ୍ୟ ପୂର୍ଣ୍ଣ ଥିଲା । ବୋହୂମାନେ ବଡ଼ ଘର ଝିଅ ଥିଲେ । ସେମାନଙ୍କ ପତିମାନେ ମଧ୍ୟ ବଡ଼ ବଡ଼ ଚାକିରି ଆଉ ବ୍ୟବସାୟ କରୁଥିଲେ । ଏପରି ସ୍ଥଳେ ଘରର କାର୍ଯ୍ୟ କରିବା ସେମାନଙ୍କ ସକାଶେ ଲଜ୍ଜାର ବିଷୟ ହୋଇ ପଡ଼ିଲା । ଘରର ସମସ୍ତ କାର୍ଯ୍ୟ ସକାଶେ ଚାକର ରଖା ହେଲେ, କିନ୍ତୁ ଭୋଜନ ରନ୍ଧନ କାର୍ଯ୍ୟଟି କେବଳ ବୋହୂମାନଙ୍କ ଉପରେ ରହିଲା । ସେମାନେ ଚାହୁଁଥିଲେ ଯେତେ କମ୍ କାମ କରିବାକୁ ହେବ ତେତେ ଭଲ । ସେଥିଯୋଗୁଁ ପିଲା କାନ୍ଦୁଛି, ମୁଣ୍ଡ ବଥାଉଛି, ଶରୀରରେ ବ୍ୟଥା ହେଉଛି – ଏହିପରି ବାହାନା କରି କାର୍ଯ୍ୟରୁ ନିବୃତ୍ତ ହେଉଥିଲେ । ଆଳସ୍ୟରେ ଶୋଇ ରହିବା ଏବଂ ମନର ଅଶାନ୍ତି ଯୋଗୁଁ ସେମାନେ ବେମାର ହେଉଥିଲେ, ପ୍ରାୟ ପ୍ରତିଦିନ ଡାକ୍ତରକୁ ଆସିବାକୁ ପଡୁଥିଲା । ପ୍ରତ୍ୟେକର କାର୍ଯ୍ୟ ନ କରିବା ମନୋଭାବରୁ ଉତ୍ପନ୍ନ ହେଉଥିଲା କଳି, ହିଂସା, ଦ୍ୱେଷ, ଈର୍ଷ୍ୟା ଓ ବିରୋଧ । ସେହି କାରଣରୁ ରୋଷାଇରେ ବିଳମ୍ବ ହେଉଥିଲା । ପରସ୍ପର ମଧ୍ୟରେ ଅସଦ୍‌ଭାବ ବଢୁଥିଲା । ସମସ୍ତେ ମୁହଁ ଫୁଲାଇ ବସି ଥାଆନ୍ତି, କେହି କାହା ସଙ୍ଗେ ଭଲଭାବେ କଥାବାର୍ତ୍ତା କରନ୍ତି ନାହିଁ । କେବେ କେବେ ସବୁ ବୋହୂ କଳି କରି ରୋଷାଇ ବନ୍ଦ କରି ଦିଅନ୍ତି, ଶେଷରେ ବୁଢ଼ୀ ଶାଶୂ ବିଚାରି ରୋଷାଇ କରି ସମସ୍ତଙ୍କୁ ପରଷେ । ଏହିପରି ଅଶାନ୍ତି କ୍ରମଶଃ ବଢ଼ିଲା । ଭାଇମାନେ ନିଜ ନିଜ କାର୍ଯ୍ୟରୁ ଭୋଜନ କରିବାକୁ ଘରକୁ ଆସି ବୋହୂମାନଙ୍କ ବ୍ୟବହାରରେ ଅତ୍ୟନ୍ତ ଅଶାନ୍ତି ଅନୁଭବ କଲେ । ପିତା ପ୍ରପିତାଙ୍କ ଶିକ୍ଷା ଆଉ ବଂଶ ପରମ୍ପରାଗତ ସଂସ୍କାର ଯୋଗୁଁ ଯଦିଓ ପୁତ୍ରମାନେ ପୃଥକ୍ ହେବା ପସନ୍ଦ କରୁ ନ ଥିଲେ, ତଥାପି ପରିସ୍ଥିତି ଏପରି ହୋଇପଡ଼ିଲା ଯେ ପୃଥକ୍ ହେବା ଛଡ଼ା ବୋହୂମାନଙ୍କ କଳି ନିବୃତ୍ତିର କୌଣସି ଉପାୟ ସେମାନଙ୍କ ସମ୍ମୁଖରେ ନ ଥିଲା । କିନ୍ତୁ ଛୋଟ ଭାଇର ବିବାହ ହୋଇ ନ ଥିବାରୁ ପୃଥକ୍ ହେବା ବିଷୟ ସ୍ଥଗିତ ରଖାଯାଇ ଛୋଟ ଭାଇର ବିବାହ କରି ଦିଆ ହେଲା ।

ଛୋଟ ଭାଇର ସ୍ତ୍ରୀ ଆସି କିଛିଦିନ ପରେ ପରିବାରର ପରସ୍ପରଙ୍କ ବ୍ୟବହାର ଓ କଳିକଜିଆକୁ ଭଲ ଭାବେ ଅଧ୍ୟୟନ କଲା ଏବଂ ତାହାର ମୂଳ କାରଣ ଯେ 'କାମ ନ କରିବା ମନୋଭାବ' ଏହା ମଧ୍ୟ ବୁଝିପାରିଲା । ଦିନେ ସେ ରାତ୍ରିରୁ ଉଠି ନିତ୍ୟ-ନୈମିତ୍ତିକ କାର୍ଯ୍ୟରୁ ନିବୃତ୍ତ ହୋଇ ରୋଷାଇ କରିବାକୁ ଆରମ୍ଭ କଲା । ଅନ୍ୟ ବୋହୂମାନେ ଖରାପଡ଼ିବା ପରେ ଉଠି ଛୋଟ ବୋହୂର କୃତ୍ୟ ଦେଖି ନିଜ ନିଜ ସ୍ୱଭାବ, ବିଚାର ଅନୁସାରେ କେତେ ପ୍ରକାର କଥା ଭାବିଲେ । ବୁଢ଼ୀ ଶାଶୂ ଛୋଟ ବୋହୂ ପାଖରେ ପହୁଞ୍ଚି କହିଲେ, ''ତୁ ଚାରି ଦିନର ବୋହୂ ତୋତେ କିଏ ରୋଷାଇ କରିବାକୁ କହିଲା ? ଅନ୍ତତଃ ମାସେ ଦୁଇ ମାସ ବସ । ସେମାନେ ସବୁ ପୁରୁଣା ବୋହୂ, ପିଲାପିଲିଙ୍କ ମା, ସେମାନେ କରୁ ନାହାନ୍ତି, ବସିଛନ୍ତି, ତୁ କାହିଁକି କରିବୁ !''

ଛୋଟ ବୋହୂ ନିଷ୍କପଟ, ବିନୀତଭାବେ ଶାଶୂକୁ କହିଲା, ''ମା, ଏ ଶରୀର ମିଳିଛି ଭଗବାନଙ୍କ ସେବାଭାବରେ କର୍ମ କରି ଏବଂ ଉକ୍ତ କର୍ମ ଭଗବାନଙ୍କୁ ଅର୍ପଣ କରି ଏହି ଜୀବନରେ ତାଙ୍କୁ ମନ, ପ୍ରାଣ, ଶରୀରରେ ପ୍ରଘଟରୂପେ ପ୍ରାପ୍ତ

କରିବା ସକାଶେ । ସମୟ ଅମୂଲ୍ୟ । ଯେଉଁ ସମୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନକରା ନ ହୋଇ ବ୍ୟତୀତ ହୋଇ ଯାଇଛି କେତେ ମୂଲ୍ୟ ଦେଲେ ମଧ୍ୟ ସେ ସମୟ ଫେରି ଆସିବ ନାହିଁ । ମନୁଷ୍ୟ ଶରୀର ପ୍ରାପ୍ତ ହୋଇଛି କେବଳ ଏହି ସକାଶେ । ସିପାହି ତାହାର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ତ୍ରୁଟି କଲେ ଅଥବା ସେନାନାୟକର ଆଜ୍ଞା ପାଳନ ନ କଲେ ଯେପରି ତାହାକୁ କଠୋର ଦଣ୍ଡ ମିଳେ ସେହିପରି ମନୁଷ୍ୟ ଭଗବତ୍-ପ୍ରାପ୍ତି କରିବା ଉଦ୍ଦେଶ୍ୟରେ କର୍ମ ନ କଲେ ତାକୁ ସେହିପରି ମଧ୍ୟ କଠୋର ଦଣ୍ଡ ମିଳେ ।''

ଏକଥା ଶୁଣି ବୁଢ଼ୀ ଗମ୍ଭୀରଭାବେ ବିଚାର କରି କହିଲା, ''ତେବେ ମୁଁ ବଡ଼ ଭୁଲ୍ କରିଛି, ଏ ପର୍ଯ୍ୟନ୍ତ ଭଗବତ୍-ପ୍ରାପ୍ତି ସକାଶେ କୌଣସି କର୍ମ କରି ନାହିଁ, ସମୟ ମଧ୍ୟ ବ୍ୟତୀତ ହୋଇଯାଇଛି । ଆଚ୍ଛା ଏବେ କହ, ଭଗବତ୍-ପ୍ରାପ୍ତି ସକାଶେ କ'ଣ କରିବାକୁ ହେବ ।''

ବୋହୂ ଉତ୍ତର ଦେଲେ ''ଆସନ, ପ୍ରାଣାୟାମ, ମନ୍ଦିରରେ ଯାଇ ପୂଜା କରିବାକୁ ହେବ ନାହିଁ । ସବୁ ତ' ତାଙ୍କରି ମନ୍ଦିର । ଏହି ଘର, ସମ୍ପତ୍ତି, ପରିବାର, ପିତା, ପୁତ୍ର, ପତି, ଆଉ ଏହି ଶରୀର, ମନ, ପ୍ରାଣ ସବୁ ତ' ତାଙ୍କରି । ଆମେ ଅଜ୍ଞାନବଶତଃ ଭଗବାନଙ୍କ ବସ୍ତୁକୁ ନିଜର କହୁ । ଭଗବାନଙ୍କ ନିମିତ୍ତ କର୍ମକୁ ନିଜର ମନେକରୁ; ପୁତ୍ର, ପତି, ପିତାଙ୍କୁ ଆସକ୍ତିବଶରେ ନିଜର ବୋଲି ମାନି ନେଉ । ସେହି କାରଣରୁ ଲୋଭ, ମୋହ, ମଦ, ମାତ୍ସର୍ଯ୍ୟାଦି ଅନ୍ଧକାର ଶକ୍ତିର କବଳରେ ପଡୁ, ନାନାପ୍ରକାର ଦୁଃଖଦ୍ୱନ୍ଦ୍ୱର ସମ୍ମୁଖୀନ ହେଉ, ଜନ୍ମ-ମରଣ ଚକ୍ରରେ ଭ୍ରମୁ ।'' ଯେପରି ବର୍ତ୍ତମାନ ଏହି ଘରକୁ ଆମେ କହୁଛୁ ଆମର, ହଜାର ବର୍ଷ ପୂର୍ବେ କେହି କହିଥିବ, ଶହେ ବର୍ଷ ପୂର୍ବେ ଆଉ କେହି କହିଥିବ ଆମର, ଶହେ ବର୍ଷ ପରେ ଅନ୍ୟ ଲୋକ କହିବ ଆମର । ଯଥାର୍ଥରେ ଏହି ଘର ପୂର୍ବେ କହିବା ବ୍ୟକ୍ତିର ନ ଥିଲା, ବର୍ତ୍ତମାନ କହିବା ବ୍ୟକ୍ତିଙ୍କର ନୁହେଁ, ପରେ କହିବା ବ୍ୟକ୍ତିଙ୍କର ବି ରହିବ ନାହିଁ । ସବୁ ସମୟରେ ଭଗବାନଙ୍କର । ପୂର୍ବେ ଥିଲା ତାଙ୍କରି, ପରେ ମଧ୍ୟ ରହିବ ତାଙ୍କରି । ଯେପରି ଗୋଟିଏ ଗଛ ଛାୟାରେ ବହୁତ ଲୋକ ଆସି ବସି ନିଜ ଶ୍ରମ ଶାନ୍ତ କରି ଚାଲି ଯାଉଛନ୍ତି, ଗଛ ସେହି ସ୍ଥାନରେ ରହିଛି । ସେହିପରି ଘର ସଂସାର ଭଗବାନଙ୍କର ବରାବର ରହିଛି; କିନ୍ତୁ ବହୁତ ଆସୁଛନ୍ତି, ଅଜ୍ଞାନବଶତଃ ଆମର କହି ଚାଲି ଯାଉଛନ୍ତି । ବର୍ତ୍ତମାନ ଏ ଘରେ ସଞ୍ଚିତ ଧନକୁ ଆମେ ଆମର କହୁଛୁ । ମୃତ୍ୟୁପରେ ଅନ୍ୟ ସ୍ଥାନରେ ଜନ୍ମଗ୍ରହଣ କରିବା ପରେ ଏହି ଧନ ମଧ୍ୟରୁ ମୁଠିଏ ଅନ୍ନ ପାଇପାରିବୁ ନାହିଁ । ପତିପୁତ୍ରାଦି ଯେକି ପ୍ରାଣର ପ୍ରିୟ, ନିଜ ହୃଦୟର କଲିଜା ତୁଲ୍ୟ ସେ ବି ଆମର ନୁହନ୍ତି । ପୂର୍ବେ ନ ଥିଲେ, ପରେ ବି ରହିବେ ନାହିଁ, କେବଳ କିଛି ଦିନ ପାଇଁ ସାଥୀ । ଯେପରି କିଛି ସମୟ ପାଇଁ ଯାତ୍ରୀଗାଡ଼ିରେ ଯାତ୍ରୀମାନେ ବସନ୍ତି, ନିଜ ନିଜ ଯାତ୍ରା ସମାପ୍ତ ହେଲେ ନିର୍ଦ୍ଦିଷ୍ଟ ଷ୍ଟେସନରେ ଓହ୍ଲାଇ ନିଜ ନିଜ ରାସ୍ତାରେ ଯାଆନ୍ତି, ଆମ୍ଭେମାନେ ଠିକ୍ ସେହିପରି । ଅନ୍ତର କେବଳ ଏତିକି, ଗାଡ଼ିରେ କିଛି ସମୟ ସକାଶେ ଏକତ୍ର ହୋଇଥାଉ, ଏଠାରେ କେତେକ ବର୍ଷ ସକାଶେ ଏକତ୍ର ହୋଇଅଛୁ । ଯଥାର୍ଥରେ ଜୀବର ଭଗବାନଙ୍କ ସଙ୍ଗେ ନିତ୍ୟ ସମ୍ବନ୍ଧ, ସେ ନିତ୍ୟ ସାଥୀ । ସେ ଲକ୍ଷ୍ମୀପତି, ସମସ୍ତ ଧନ ତାଙ୍କର । ସଂସାର ସେହିଁ ସୃଷ୍ଟି କରିଛନ୍ତି । ସେହେତୁ ଆମେ, ଆମ ଘର, ପରିବାର, ସଂସାର ତାଙ୍କରି ।''

ଶାଶୂ କହିଲା, ''ମୋ ମା, ତୁ ବୋହୂ ନୋହୁଁ, ଜ୍ଞାନଦୃଷ୍ଟିରେ ତୁ ତ' ମୋ ମା । ତୋ କଥା ଏକେବାରେ ଯୁକ୍ତିଯୁକ୍ତ ଆଉ ଯଥାର୍ଥ । କିନ୍ତୁ ଏ ଭାବରେ ପାରିବାରିକ ସମ୍ବନ୍ଧ ରହିବ ନାହିଁ, କର୍ମରୁ ରୁଚି ନିବୃତ୍ତ ହୋଇଯିବ । ଏହାଦ୍ୱାରା ସଂସାରର ଉନ୍ନତିରେ ବାଧା ପଡ଼ିବ ।''

ବୋହୂ କହିଲା, ''ପାରିବାରିକ ସମ୍ବନ୍ଧ, କର୍ମରେ ରୁଚି କମ୍ ହେବ ନାହିଁ, ପୂର୍ବ ଅପେକ୍ଷା ବହୁଗୁଣରେ ତାହା ବୃଦ୍ଧି ପ୍ରାପ୍ତ ହେବ । ଅଜ୍ଞାନ ଭାବେ କର୍ମ ସମ୍ପାଦନାରେ ଯେଉଁ ଦୁଃଖ ଦ୍ୱନ୍ଦ୍ୱ ଉତ୍ପନ୍ନ ହେଉଥିଲା ତାହା ଆନନ୍ଦ ଉତ୍ସାହରେ ପରିଣତ ହେବ । ସଂସାର ମାୟା ନୁହେଁ, ଭଗବାନଙ୍କର । ଯେଉଁ ପାରିବାରିକ ସମ୍ବନ୍ଧରୁ ଦୁଃଖମିଶ୍ରିତ ପ୍ରେମ, ଯେଉଁ ସ୍ୱାର୍ଥ-ସିଦ୍ଧିର କର୍ମରୁ ଦ୍ୱନ୍ଦ୍ୱମିଶ୍ରିତ ଆନନ୍ଦ ପ୍ରାପ୍ତ ହେଉଥିଲା ସେଥିରୁ ଯଦି ଦୁଃଖ ବିନା ପରମ ପ୍ରେମ, ଦ୍ୱନ୍ଦ୍ୱ ବିନା ପରମ ଆନନ୍ଦ ମିଳେ ତେବେ ପାରିବାରିକ ସମ୍ବନ୍ଧ ଶୁଦ୍ଧ, ପବିତ୍ର ଏବଂ ଘନିଷ୍ଠ ହେବ, କର୍ମ ଶୁଦ୍ଧ ହେବ, ସଂସାର ମହାନ୍, ଉନ୍ନତ ଏବଂ ସୁଖମୟ ହେବ । ସମସ୍ତ କିଛି ସେହି ଏକହି ଭଗବାନଙ୍କର । ତାଙ୍କରି ଆଦେଶରେ ତାଙ୍କରି କାର୍ଯ୍ୟ କରିବା ସକାଶେ

ଆମ୍ଭେମାନେ ଏହି ସଂସାରକୁ ଆସିଅଛୁ । ଆମ୍ଭେମାନେ ମଧ୍ୟ ତାଙ୍କଠାରୁ ଭିନ୍ନ ନୋହୁଁ, ତାଙ୍କରି ଅଂଶ । ସେହି ଏକହି ଭଗବାନ୍ ଜଗତ୍‌କର୍ତ୍ତା ଏବଂ ଚାଳକ ।

''ଆମ୍ଭେମାନେ ଘରର କାର୍ଯ୍ୟ କରି ଭାବୁଛୁ, ଏ କାର୍ଯ୍ୟ ଆମ ସକାଶେ, ଆମ ପୁତ୍ର, କନ୍ୟା ଓ ସ୍ୱାମୀଙ୍କ ସକାଶେ । ଘର ତାଙ୍କରି, ସବୁକିଛି ତାଙ୍କରି, ପୁତ୍ର, କନ୍ୟା, ସ୍ୱାମୀ ତାଙ୍କରି ଅଂଶ । ଯଦି ସବୁ ତାଙ୍କରି, ପୁଣି ଆମର ଆସିଲା କେଉଁଠୁ ! ଘର ଝାଡୁ କରିବା, ଲିପାପୋଛା କରିବା, ପରିଷ୍କାର କରିବା, ତାଙ୍କରି ସେବା । କାରଣ ଘର ତାଙ୍କରି ମନ୍ଦିର । ପତି, ପୁତ୍ର, ପରିବାର ସକାଶେ ରୋଷାଇ କରିବା, ସେମାନଙ୍କର ସେବା କରିବା ଇତ୍ୟାଦି ସେହି ଭଗବାନଙ୍କ ସେବା, ଯେହେତୁ ଏମାନେ ସମସ୍ତେ ତାଙ୍କରି ସ୍ୱରୂପ । ଏପରିକି ନିଜର ସ୍ନାନ, ବ୍ୟାୟାମ ଆଦି ସମସ୍ତ ଶାରୀରିକ କର୍ମ ତାଙ୍କରି ସେବା । ଏହି ଶରୀର, ମନ, ପ୍ରାଣ, ତାଙ୍କରି, ତାଙ୍କରି ଠାରୁ ଆସିଛି, ସେହି ଦିବ୍ୟତତ୍ତ୍ୱର ବିକୃତ ରୂପ । ଏହି ଶରୀର ଦ୍ୱାରା ତାଙ୍କ ସେବା ସମ୍ପୂର୍ଣ୍ଣ ହେଉଛି । ଏହି ଶରୀରକୁ ଭଗବାନଙ୍କର ଜାଣି ତା'ର ଯତ୍ନ କରିବାର ଅର୍ଥହିଁ ହେଲା ଭଗବାନଙ୍କୁ ସେବା କରିବା । ଏହି ଶରୀରରେ ଏହି ଭାବରେ ଆଚରିତ ସମସ୍ତ କର୍ମ ସମର୍ପିତ ହୁଏ, ଭଗବାନଙ୍କ ସେବା ହୁଏ । ଏହିଭାବରେ କର୍ମ କରିବା ଦ୍ୱାରା ମନୁଷ୍ୟ ଭଗବାନଙ୍କୁ ପ୍ରାପ୍ତ କରେ, ଜନ୍ମ-ମରଣ ଦୁଃଖ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ସ୍ୱୟଂ ଭଗବତ୍ ଯନ୍ତ୍ର ହୋଇ ଦିବ୍ୟ ଜୀବନ ଲାଭ କରେ । ଏହିପରି କର୍ମ ଦ୍ୱାରା ସଂସାର ଓ ସମାଜର ଯଥାର୍ଥ ସେବା ହୁଏ ।''

ଶାଶୂ ଏହି ଜ୍ଞାନ ପ୍ରାପ୍ତ କରି ତା'ର ସମଗ୍ର ଶେଷ ଜୀବନ ଭଗବତ୍ ସେବାରୂପେ କର୍ମ କରିବାକୁ ସଂକଳ୍ପ କଲା ଏବଂ ଛୋଟ ବୋହୂ ସଙ୍ଗେ ଶ୍ରଦ୍ଧା ଓ ଉତ୍ସାହରେ ଭଗବତ୍ କର୍ମ ରୂପେ ସମସ୍ତ କାର୍ଯ୍ୟ କରିବାକୁ ଆରମ୍ଭ କଲା । ଅନ୍ୟ ପାଞ୍ଚ ବୋହୂଙ୍କ ମଧ୍ୟରୁ ଯେଉଁମାନଙ୍କର ସ୍ୱଭାବ ଥିଲା ଭଲ ଏବଂ ଗ୍ରହଣକ୍ଷମ ସେମାନେ ଏମାନଙ୍କ କାର୍ଯ୍ୟ ଦେଖି ବସି ରହି ପାରିଲେ ନାହିଁ । ସେମାନେ ମଧ୍ୟ କାର୍ଯ୍ୟରେ ଯୋଗ ଦେଲେ । ସେମାନେ ଛୋଟ ବୋହୂର ଭଗବତ୍ ସେବାରୂପ କର୍ମର ଜ୍ଞାନ ଶାଶୂଠାରୁ ପ୍ରାପ୍ତ କରି ଦିନ ଚଉଗୁଣା ରାତି ଆଠଗୁଣା ଉତ୍ସାହରେ କାର୍ଯ୍ୟ କଲେ । ଏବେ ତ କାର୍ଯ୍ୟର ଅଭାବ ହେଲା । ସମସ୍ତେ ଚେଷ୍ଟା କଲେ ପ୍ରଥମରୁ ଯାଇ କାର୍ଯ୍ୟ କରିବେ ଅନ୍ୟଥା ଅନ୍ୟ ବୋହୂ ଆସି କରିନେବ । ଗୋଟିଏ କାର୍ଯ୍ୟ କରିବାକୁ କେତେଜଣ ପହୁଞ୍ଚି ଯାଆନ୍ତି । ଯେଉଁମାନେ ପୂର୍ବେ କୌଣସି ବାହାନାରେ କାର୍ଯ୍ୟ ନ କରିବାରେହିଁ ନିଜକୁ ବୁଦ୍ଧିମତୀ ମନେକରୁଥିଲେ ସେମାନେ ଆଜି ଭଗବତ୍ ସେବାରୂପେ ଅଧିକ କର୍ମ କରିବାହିଁ ବୁଦ୍ଧିମତ୍ତା ଏବଂ ଜୀବନର ସାର୍ଥକତା ମନେ କରିବାକୁ ଲାଗିଲେ । ବିବାଦର ସ୍ଥାନ ନାହିଁ । ଅନ୍ୟ ସକାଶେ ନିଜେ ପ୍ରାଣ ଦେଇ ତା'ର ସେବା କରିବାକୁ ତତ୍ପର । ଗୋଟିଏ ଦିଗରେ ଏପରି ଆନନ୍ଦମୟ କର୍ମ ଜୀବନ ଅନ୍ୟ ଦିଗରେ ବଡ଼ ବୋହୂର ଈର୍ଷ୍ୟା । ମନୁଷ୍ୟ ପ୍ରକୃତି ବହୁତ ଜଟିଳ । କାହାର କାହାର ସ୍ୱାଭାବିକ ବିଦ୍ରୋହୀ ସ୍ୱଭାବ, ଭଲରେ ମନ୍ଦ ଦେଖେ, ଆଉ କୌଣସି ନୂତନ ସତ୍ୟକୁ ଗ୍ରହଣ କରିବା ବିରୋଧରେ ଶକ୍ତି ପ୍ରୟୋଗ କରେ । ଏବେ ସବୁ ବୋହୂଙ୍କର କର୍ମରେ ପ୍ରବୃତ୍ତି, ପରସ୍ପର ମିତ୍ରତା, ସୁଖ, ଆନନ୍ଦମୟ ଜୀବନ ଦେଖି ବଡ଼ ବୋହୂର ଈର୍ଷ୍ୟା ବୃଦ୍ଧି ହେଲା ଏବଂ ସେ ସେହି ଅଗ୍ନିରେ ଜଳିବାକୁ ଲାଗିଲା । ନିଜେ ଶୋଇ ରହେ ଅଥବା ବସି ରହେ, ଆଉ ଭିତରୁ ଈର୍ଷ୍ୟାଗ୍ନିରେ ଉତ୍ତାପ ନିଜ ପିଲାମାନଙ୍କୁ ଗାଳିଦେବା ଓ ପିଟିବା ଦ୍ୱାରା ପ୍ରୟୋଗ କରେ । ଅନ୍ୟ ବୋହୂମାନେ ଆନନ୍ଦରେ ମସ୍ତ, ବଡ଼ ବୋହୂ ଝଗଡ଼ା କରି ନିଜ ଈର୍ଷ୍ୟାଗ୍ନିକୁ ଶାନ୍ତ କରିବାର ଉପାୟ ନାହିଁ । କେବଳ ନିଜ ମଧ୍ୟରେ ଜଳିବା । ଅନ୍ୟମାନଙ୍କ ସଦ୍‌ଭାବ ଏବଂ ବାତାବରଣର ପ୍ରଭାବରେ ମନୁଷ୍ୟର ହୃଦୟ ମଧ୍ୟ ଶୁଦ୍ଧ ହୁଏ । ଏହିପରି କେତେ ମାସ ପରେ ବଡ଼ ବୋହୂର ମଧ୍ୟ ହୃଦୟ ପରିବର୍ତ୍ତନ ହେବାକୁ ଲାଗିଲା । ତାହାର ଇଚ୍ଛା ନ ଥିବା ସତ୍ତ୍ୱେ ଅନ୍ୟ ବୋହୂମାନଙ୍କ ପ୍ରଭାବରୁ ସେ ବି କର୍ମ କରିବାକୁ ଆରମ୍ଭ କଲା । କିଛିଦିନ ପରେ ତା'ର ହୃଦୟ ଶୁଦ୍ଧ ହୋଇଗଲା । ସେ ଭଗବତ୍ ସେବାରୂପେ କର୍ମର ମହତ୍ତ୍ୱ ବୁଝିପାରି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ସହିତ ଭଗବତ୍ ସମର୍ପଣପୂର୍ବକ କର୍ମ କଲା ।

ପ୍ରତ୍ୟେକେ ଅଧିକରୁ ଅଧିକ କର୍ମ କରିବାକୁ ତତ୍ପର ହେବାରୁ ସମସ୍ତଙ୍କୁ ସନ୍ତୋଷଜନକ ପରିମାଣରେ କାର୍ଯ୍ୟ କରିବାକୁ ମିଳିଲା ନାହିଁ । ଏକର କାର୍ଯ୍ୟ ଅନ୍ୟ କରିବାକୁ ପ୍ରବୃତ୍ତ ହେଲେ । ଏହି କାରଣରୁ ସମସ୍ତେ ବସି କାର୍ଯ୍ୟର ଶୃଙ୍ଖଳିତ ବ୍ୟବସ୍ଥା କରିନେଲେ ।

ରୋଷାଇ କାର୍ଯ୍ୟ ଶୃଙ୍ଖଳିତ ହୋଇଯିବାରୁ ଛୋଟ ବୋହୂ ବାସନ ମାଜିବା, ଝାଡୁ କରିବା, ଜଳ ଆଣିବା କାର୍ଯ୍ୟ ଆରମ୍ଭ କଲା । ଲୁଗା ମଇଳା ହୋଇଯିବା ଭୟରେ ମହିଳାମାନେ ବାସନ ମାଜିବା କାମକୁ ପସନ୍ଦ କରନ୍ତି ନାହିଁ । କିନ୍ତୁ ସାନ ବୋହୂ ଗୋଟିଏ ମୋଟା ଲୁଗା ବେକରୁ ପାଦ ପର୍ଯ୍ୟନ୍ତ ଲମ୍ବା ସିଲାଇକରି ପିନ୍ଧା ଲୁଗା ଉପରେ ତାକୁ ବାନ୍ଧି ବାସନ ମଜା କାମ କଲା ଏବଂ ଲୁଗା ମଇଳା ହେବାରୁ ରକ୍ଷା ପାଇଲା । ସାନ ବୋହୂର ଏହି ଆଦର୍ଶକୁ ଅନ୍ୟ ବୋହୂମାନେ ଅନୁକରଣ କଲେ । ଚାକରମାନଙ୍କର କାର୍ଯ୍ୟ ଆଉ କିଛି ରହିଲା ନାହିଁ । ଘରର ଏପରି ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖି ସମସ୍ତ ଭାଇମାନେ ସାନ ବୋହୂର ଭୂରି ଭୂରି ପ୍ରଶଂସା କଲେ । ଚାକରମାନେ ବସି ରହିବାରୁ ସେମାନଙ୍କୁ ବିଦାୟ ଦେବା ସକାଶେ ସାନ ବୋହୂକୁ ପଚାରିଲେ । ସାନ ବୋହୂ ଉତ୍ତର ଦେଲା, ''ଏମାନଙ୍କୁ ବିଦାୟ ଦିଅନ୍ତୁ ନାହିଁ । ମୋତେ ଗୋଟିଏ ଲୁଗାବୁଣା ତନ୍ତ ଆଉ ସିଲେଇ କଳ ଆଣି ଦିଅନ୍ତୁ । ମୁଁ ନିଜେ ସେଥିରେ କାମ କରିବି ଏବଂ ଏମାନଙ୍କୁ ମଧ୍ୟ କାମରେ ଲଗାଇ ଦେବି ।'' ଭାଇମାନଙ୍କର ପୂର୍ବରୁ ସାନ ବୋହୂ ପ୍ରତି ବିଶେଷ ଶ୍ରଦ୍ଧା ଥିଲା । ଫେର୍ ତା'ର ଏପରି ପରାମର୍ଶକୁ ଅବହେଳା କିପରି କରନ୍ତେ ? ସଙ୍ଗେ ସଙ୍ଗେ ଏହାର ବନ୍ଦୋବସ୍ତ ହୋଇଗଲା । ଏଥିରେ ଘରର ଉନ୍ନତି ସଙ୍ଗେ ସଙ୍ଗେ ଗ୍ରାମ ଲୋକଙ୍କର ମଧ୍ୟ ଉନ୍ନତି ହେଲା । ଯେଉଁମାନେ ବସି ରହୁଥିଲେ ସେମାନେ ଆସି କାମ କରି ଜୀବିକା ନିର୍ବାହ କଲେ । ପ୍ରତ୍ୟେକ ବ୍ୟକ୍ତି ଶାରୀରିକ ପରିଶ୍ରମ କରିବାରୁ ବେମାର ପଡ଼ିଲେ ନାହିଁ । ସେଥିରୁ ବହୁତ ପଇସା ବଞ୍ଚିଗଲା କିନ୍ତୁ ଲୋକସାନ ହେଲା ଡାକ୍ତରଙ୍କର । ଶାରୀରିକ ପରିଶ୍ରମ ହେବାରୁ ଶୋଇବା ମାତ୍ରେ ନିଦ୍ରାଦେବୀଙ୍କର ଶୀଘ୍ର ଦୟା ହେଲା; ବିଛଣାରେ ଏ କଡ଼ ସେ କଡ଼ ହୋଇ ନିରର୍ଥକ ଚିନ୍ତା ଯୋଗୁଁ ମସ୍ତିଷ୍କକୁ ଦୁର୍ବଳ ହେବାକୁ ପଡ଼ିଲା ନାହିଁ ।

ଆଶ୍ରମ

ପାଠକମାନେ 'ନବଜ୍ୟୋତି' ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରି ବୁଝିପାରିଛନ୍ତି ଯେ ଶ୍ରୀଅରବିନ୍ଦ ଆଶ୍ରମର ଲକ୍ଷ୍ୟ କର୍ମ; ଜୀବନ, ସଂସାର ତ୍ୟାଗ, ମୃତ୍ୟୁପରେ ନିର୍ବାଣ, ମୁକ୍ତି, କେବଳ ଭଗବତ୍ ପ୍ରାପ୍ତି ନୁହେଁ । ସଂସାର ସ୍ୱର୍ଗରେ, ଜୀବନ ଦିବ୍ୟ ମାନବତ୍ୱରେ, କ୍ରିୟା କର୍ମ ଭାଗବତ କର୍ମରେ ପରିଣତ କରିବା ହେଲା ଶ୍ରୀଅରବିନ୍ଦ ଆଶ୍ରମର ଆଦର୍ଶ । ଏହି ଆଦର୍ଶ ଲେଖିବା ବା ଶବ୍ଦରେ ବ୍ୟକ୍ତ କରିବା ସୀମାରେ ଆବଦ୍ଧ ନୁହେଁ, ଆଶ୍ରମ କର୍ମରେ ପରିଣତ କରି ଆଦର୍ଶରୂପେ ମନୁଷ୍ୟ ସମ୍ମୁଖରେ ରଖିବା ହେଲା ଆଶ୍ରମର ଉଦ୍ଦେଶ୍ୟ । ଆଶ୍ରମର ସମସ୍ତ କର୍ମ ଏବଂ କର୍ମ ପଦ୍ଧତିରୁ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ପ୍ରଧାନ ଦୁଇଟି ଭାବଧାରା ଗ୍ରହଣ କରିପାରେ । ପ୍ରଥମଟି, କର୍ମ ଯୋଗର ଗୋଟିଏ ଅଙ୍ଗ । ଅନ୍ୟଟି, ମନୁଷ୍ୟ ମଧ୍ୟଦେଇ ଭାଗବତୀ ଶକ୍ତି ଦ୍ୱାରା ସମ୍ପାଦିତ କର୍ମ ବ୍ୟବସ୍ଥିତ ହୁଏ । ମନୁଷ୍ୟ ହୁଏ କେବଳ ଯନ୍ତ୍ର, ଭାଗବତୀ ଶକ୍ତି ହୁଅନ୍ତି ସଞ୍ଚାଳିକା ।

ଆଶ୍ରମର ସମସ୍ତ ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗମାନଙ୍କର ବ୍ୟବସ୍ଥା କୌଣସି ବ୍ୟକ୍ତି ଦ୍ୱାରା ପୂର୍ବରୁ ନିର୍ଦ୍ଧାରିତ (Plan) କରାହୋଇ ତିଆରି ହୋଇ ନାହିଁ, ହୋଇଛି ଭାଗବତ ସଂକଳ୍ପ ଓ ଭାଗବତୀ ଶକ୍ତି ଦ୍ୱାରା ମନୁଷ୍ୟ ମାଧ୍ୟମରେ । ଏପରିକି ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ଆଉ ଆଶ୍ରମ ସ୍ଥାପନରେ ବି ସେହି ଦିବ୍ୟଶକ୍ତିଙ୍କ ପ୍ରତ୍ୟକ୍ଷ ପ୍ରେରଣା ଦୃଷ୍ଟିଗୋଚର ହୁଏ ।

କର୍ମ ଯୋଗର ଅଙ୍ଗ

କର୍ମ ନିର୍ଭର କରେ କିପରି ଭାବେ, କେଉଁ ଉଦ୍ଦେଶ୍ୟରେ ସମ୍ପାଦିତ ହୁଏ ତାହା ଉପରେ । ମନୁଷ୍ୟ କର୍ମ ଛଡ଼ା ଏକ କ୍ଷଣ ରହିପାରେ ନାହିଁ । ନିଃଶ୍ୱାସ ପ୍ରବାହିତ ହେବା, ନାନାପ୍ରକାର ବିଚାର ଆସିବା ମଧ୍ୟ କର୍ମ । କର୍ମ ଜନ୍ମ-ମୃତ୍ୟୁରୂପ ବନ୍ଧନର କାରଣ, କିନ୍ତୁ ସେହି କର୍ମ ଭଗବାନଙ୍କ ସକାଶେ, ଭଗବତ୍ ଉଦ୍ଦେଶ୍ୟରେ, ଭଗବତୀ ଶକ୍ତିଙ୍କ ପ୍ରେରଣାରେ

କରାଗଲେ ତାହା ମନୁଷ୍ୟକୁ କର୍ମ ବନ୍ଧନରୁ ମୁକ୍ତ କରି ଭଗବତ୍ ପ୍ରାପ୍ତି କରାଏ । ସେହି ସକାଶେ ଭଗବତ୍ ପ୍ରାପ୍ତିର ବହୁତ ମାର୍ଗ । ପ୍ରତ୍ୟେକ ବ୍ୟକ୍ତି ସକାଶେ କର୍ମ ସହଜ ଏବଂ ସ୍ୱାଭାବିକ । କାରଣ କର୍ମ ମନୁଷ୍ୟ ଜୀବନ ସଙ୍ଗେ ଓତପ୍ରୋତ । ସେହି କର୍ମ ଭାଗବତ ଉଦ୍ଦେଶ୍ୟରେ କିପରି ଭାବେ ସମ୍ପାଦିତ ହୁଏ ତାହାର ଆଦର୍ଶ ଆଶ୍ରମ କର୍ମରୁ ଆମ୍ଭେମାନେ ଦେଖି ପାରିବା ।

ଆଶ୍ରମ ଗୋଟିଏ ବହୁତ ଛୋଟ ଆକାରରେ ସଂସାରର ପ୍ରତୀକ । ସାଧାରଣ ଗୃହିବ୍ୟକ୍ତିର ଯାହା ଆବଶ୍ୟକ କର୍ମ ତାହା ସବୁ ଆଶ୍ରମରେ ସମ୍ପାଦନ କରାଯାଏ । ଯଥା : ରୋଷାଇ, ପରିବେଷଣ, ବାସନ ଧୋଇବା, ଝାଡୁ ଲଗାଇବା, ରୋଟି ତୟାରି କରିବା, ଅନ୍ନ ଭଣ୍ଡାର ରଖିବା, ଅନ୍ନବାଛି ସଫା କରିବା, ଗହମ କଳ ଦ୍ୱାରା ପେଷିବା, ଲୁଗା ଧୋଇବା, ଧାନ ଚାଷ କରିବା, ପରିବା ଉତ୍ପନ୍ନ କରିବା, ଫୁଲ ବଗିଚା, ନଡ଼ିଆ ବଗିଚା, ଲୁଗା ବୁଣିବା, ସିଲାଇ କରିବା, ବାଳ କାଟିବା, ଜୋତା ତିଆରି କରିବା, କାଠର ଚୌକି, ଟେବୁଲ, ଖଟ, କବାଟ, ଝରକା, ଆଲମାରି ତିଆରି କରିବା, ବେତର ଡାଲା, ଚୌକି, ଟେବୁଲ ଆଉ କେତେ ପ୍ରକାର ଆବଶ୍ୟକ ବସ୍ତୁ ତୟାର କରିବା; କାରଖାନା (Workshop)ରେ ଘର ତିଆରିର ବହୁତ ପ୍ରକାର ଲୁହାର ବସ୍ତୁ ପ୍ରସ୍ତୁତ କରିବା, ଗୋଶାଳାରେ ଗୋରୁ, ମହିଷ ପାଳନ କରିବା, କୁଟୀର ଶିଳ୍ପରେ ମୋଜା, ଗେଞ୍ଜି, ବିଛଣାଚାଦର ବହୁତ ପ୍ରକାର ଖେଳଣା, କଣ୍ଢେଇ, ଧୂପକାଠି, କାଠ ଓ ବେତର ବହୁତ ପ୍ରକାର ବସ୍ତୁ ନିର୍ମାଣ କରିବା, ମାଟିର ନାନା ପାତ୍ର ତିଆରି କରିବା । ଗୃହ ନିର୍ମାଣ ପାଇଁ ସିମେଣ୍ଟର ଇଟା, ମାଟିର ଇଟା, ସିମେଣ୍ଟ ତିଆରି ଟେବୁଲ, ଆଲମିରା ଇତ୍ୟାଦି ବହୁ ପ୍ରକାର ବସ୍ତୁ ତିଆରି କରିବା କାର୍ଯ୍ୟ ଆଶ୍ରମରେ ହୁଏ । ନୃତ୍ୟ, ସଙ୍ଗୀତ, ବାଦ୍ୟ, ଚିତ୍ରାଙ୍କନ ପିଲାମାନଙ୍କୁ ଶିକ୍ଷା ଦିଆଯାଏ । ଆଶ୍ରମର ଗୋଟିଏ ବଡ଼ ଛାପାଖାନା ଅଛି, ଏଥିରେ ବିଭିନ୍ନ ଭାଷାରେ ବହିପତ୍ର ଛାପା ହୁଏ । ଫଟୋଗ୍ରାଫି ଏବଂ ମୋଟର ସର୍ଭିସ୍ ମଧ୍ୟ ଅଛି ।

ସ୍କୁଲ, ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ପଢ଼ନ୍ତି । ବହୁତ ପ୍ରକାର ଖେଳ, କସରତ, ବ୍ୟାୟାମ ଆଦି ହୁଏ । ମନୁଷ୍ୟ ମନ, ପ୍ରାଣ, ଶରୀରର ବିକାଶ ସକାଶେ ଯାହା ଆବଶ୍ୟକ କର୍ମ ତାହା ଆଶ୍ରମରେ ହୁଏ । ଆଉ ଗୃହ ପରିଚାଳନା ସକାଶେ ଯେଉଁସବୁ ବିଶେଷ ଆବଶ୍ୟକ ବସ୍ତୁ ତାହା ସବୁ ଆଶ୍ରମରେ ତିଆରି ହୁଏ । ଏହି ସବୁ କର୍ମ ବାହାରେ ମଧ୍ୟ ହୁଏ । ବାହାରେ ଏବଂ ଆଶ୍ରମରେ ଯେଉଁ କର୍ମ ହୁଏ ତାହା ବାହ୍ୟତଃ ଏକ; କିନ୍ତୁ ଭାବ, ଉଦ୍ଦେଶ୍ୟ ଭିନ୍ନ । ଗୃହରେ ମନୁଷ୍ୟ କାର୍ଯ୍ୟ କରେ ନିଜ ସକାଶେ, ପରିବାର, ଗ୍ରାମ, ଦେଶ, ମନୁଷ୍ୟ ଜାତି ସକାଶେ । ପରୋପକାର, ଦେଶସେବା, ମନୁଷ୍ୟଜାତିର ସେବା ଇତ୍ୟାଦି ଯେତେ ଉତ୍କୃଷ୍ଟ କାର୍ଯ୍ୟ ହେଲେ ସୁଦ୍ଧା କାର୍ଯ୍ୟର ପ୍ରେରଣାରେ ଥାଏ ଅହଂ; ଅର୍ଥାତ୍ 'ମୁଁ' ଅନ୍ୟର ସୁବିଧା ସକାଶେ କର୍ମ କରୁଛି – ଏପରି ଭାବ । ଏହି ଭାବ ବନ୍ଧନର କାରଣ । ଏହି ସବୁ କର୍ମ, ସେହି ଅହଂ ପ୍ରେରଣାରେ ଯଦି ବ୍ୟକ୍ତି ଭାଗବତ ଉଦ୍ଦେଶ୍ୟରେ, ଭାଗବତ ସେବା ଭାବରେ କରେ ତେବେ ସେ ଜନ୍ମମୃତ୍ୟୁ ବନ୍ଧନରୁ ମୁକ୍ତ ହୋଇ ଭଗବତ୍ ପ୍ରାପ୍ତ ହୁଏ । କାରଣ ବ୍ୟକ୍ତି ଏବଂ ଅହଂବ୍ୟକ୍ତିତ୍ୱ ଭାଗବତ ତତ୍ତ୍ୱର ବିକୃତ ରୂପ । ବ୍ୟକ୍ତି ଯେବେ ପରୋପକାର ଭାବନାରେ କର୍ମ କରେ ତେବେ ଭଗବାନ୍ ଆଉ ବ୍ୟକ୍ତି ମଧ୍ୟରେ ଅଜ୍ଞାନ ଆବରଣ ରହିଯାଏ । ସେହି ସକାଶେ ତା'ର ସମସ୍ତ କର୍ମ ହୁଏ ସକାମ, ଜନ୍ମ-ମୃତ୍ୟୁ ରୂପ ବନ୍ଧନର କାରଣ । ସେହି କର୍ମ ପରୋପକାର କର୍ମ ଏବଂ ସାଧାରଣ ବ୍ୟାବହାରିକ କର୍ମରେ ଭାଗବତ ଭାବ ରଖିଲେ, ସେହି ସମସ୍ତ କର୍ମ ସିଧା ଭଗବାନଙ୍କୁ ସମର୍ପଣ ହୁଏ, ଦ୍ୱନ୍ଦ୍ୱରୁ ମୁକ୍ତ କରି ଭଗବତ୍ ପ୍ରାପ୍ତି କରାଏ ।*

ଆଶ୍ରମରେ ଛୋଟରୁ ବଡ଼ ଯେତେ କର୍ମ ହୁଏ ସିଧା ଭଗବାନଙ୍କ ନିମିତ୍ତ । କାରଣ ଏଠାରେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ମନ, ପ୍ରାଣ, ଶରୀରରେ ସଂସାରର କର୍ମରେ ଭଗବାନଙ୍କୁ ପ୍ରକଟ କରିବା । ଏହି ଲକ୍ଷ୍ୟ ସ୍ୱାଭାବିକ ରୂପେ ଆଶ୍ରମର ବାତାବରଣରେ ନିର୍ମାଣ କରାହୋଇଅଛି । ଆଶ୍ରମ ବାତାବରଣରେ ରହି ଏହି ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ବ୍ୟତୀତ ଅନ୍ୟ କୌଣସି ଲକ୍ଷ୍ୟ ବ୍ୟକ୍ତି ଗ୍ରହଣ କରିପାରେ ନାହିଁ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ । ଏହି ଉଚ୍ଚ ଲକ୍ଷ୍ୟ ଗ୍ରହଣ କରିବା ମାତ୍ରେ ବ୍ୟକ୍ତି ଛୋଟ ଛୋଟ ସ୍ୱାର୍ଥର ବ୍ୟାହତ ଯୋଗୁଁ ଈର୍ଷ୍ୟା, ବିରୋଧ, ହିଂସା ଆଦି ଦୁର୍ଗୁଣରୁ ବହୁତ ପରିମାଣରେ ମୁକ୍ତ ହୁଏ । ତିକ୍ତ ଜୀବନ ମଧୁମୟ ହୁଏ । ସଂସାରରେ ସମସ୍ତ ବ୍ୟକ୍ତିଙ୍କୁ ଏହି ଲକ୍ଷ୍ୟ ଗ୍ରହଣ କରିବା ସହଜ, କାରଣ

* 'ନିଷ୍କାମ-କର୍ମ' ଶୀର୍ଷକ ଲେଖାରେ (ନବଜ୍ୟୋତି, ୩/୩) କର୍ମର ଭେଦ ପରିଷ୍କାର ଭାବରେ ବର୍ଣ୍ଣନା କରାହୋଇଅଛି ।

ମନୁଷ୍ୟର କର୍ମରେ କିଛି ପରିବର୍ତ୍ତନ ହୁଏ ନାହିଁ । ପରିବର୍ତ୍ତନ ହୁଏ କେବଳ ଭାବ । ନିଜ ନିଜର ପରିବାର ଅଥବା ଅନ୍ୟ ସକାଶେ କର୍ମ କରିବା, ଏହି ଭାବ ପରିବର୍ତ୍ତନ କରି ଭଗବାନଙ୍କ ସକାଶେ କରିବା ଭାବକୁ ଗ୍ରହଣ କରିବାକୁ ହୁଏ । କାରଣ ଘର, ପରିବାର, ସମାଜ, ଦେଶ, ସମସ୍ତ ସଂସାର ଭଗବାନଙ୍କର । ଏହି ସଂସାରକୁ ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ନିର୍ଦ୍ଦେଶ ଅନୁସାରେ ଭିନ୍ନ ଭିନ୍ନ କର୍ମ କରିବାକୁ ଆସିଛନ୍ତି । ସମସ୍ତେହିଁ ଭଗବାନଙ୍କର ବିକୃତ ରୂପ । ମନୁଷ୍ୟ ସଂସାରରେ ଯେକୌଣସି କାର୍ଯ୍ୟ କରେ ତାହା ସବୁ ବାସ୍ତବରେ ଭଗବାନଙ୍କ ସକାଶେ ହୁଏ । ଭଗବାନଙ୍କ ବ୍ୟତୀତ ସଂସାରରେ କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । କେବଳ ଭଗବତ୍ ଉଦ୍ଦେଶ୍ୟ ଭାବନା ରଖି କର୍ମ ନ କରିବାରୁ ମନୁଷ୍ୟ ବନ୍ଧନରେ ପଡ଼େ । ପ୍ରତ୍ୟେକ ଗୃହସ୍ଥ ବ୍ୟକ୍ତି ଆଶ୍ରମର ଏହି ନିଷ୍କାମ କର୍ମର ଆଦର୍ଶ ଅନୁସାରେ ଗୃହର ସମସ୍ତ କର୍ମକୁ ଭଗବତ୍ ଉଦ୍ଦେଶ୍ୟରେ କରି ଭଗବାନଙ୍କୁ ସମର୍ପଣ କରିପାରିବେ । ଆଶ୍ରମ ଏହିପରି ନିଷ୍କାମ କର୍ମ ଆଚରଣ କରୁଅଛି । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଗୋଟିଏ ଅଙ୍ଗ ।

ଭାଗବତ କର୍ମ

ଭାଗବତ କର୍ମ ଅହଂ ପ୍ରେରଣାରେ ହୁଏ ନାହିଁ । ଅହଂ ସ୍ଥାନକୁ ଅଧିକାର କରନ୍ତି ଭାଗବତୀ ଶକ୍ତି । ମନୁଷ୍ୟ ନିଷ୍କାମ କର୍ମ କରି ସମସ୍ତ କର୍ମ ଏବଂ ନିଜର ସମସ୍ତ ଭାର କ୍ରମଶଃ ଭଗବାନଙ୍କୁ ସମର୍ପଣ କଲେ ସାଧକ ମଧ୍ୟରେ ଭାଗବତୀ ଶକ୍ତି ସମର୍ପିତ ଭାଗରେ ଅବତରଣ କରି ସାଧନାର ଭାର ଗ୍ରହଣ କରନ୍ତି ଏବଂ ସାଧକକୁ ପରିଚାଳିତ କରନ୍ତି । ଯେତେବେଳେ ସାଧକର ମନ, ପ୍ରାଣ, ଶରୀର ସମଗ୍ରରୂପେ ସମର୍ପଣ କରାହୁଏ, ସେତେବେଳେ ଭାଗବତୀ ଶକ୍ତି ପୂର୍ଣ୍ଣରୂପେ ସାଧକକୁ ପରିଚାଳନା କରନ୍ତି, ସେତେବେଳେ ସେ ଭାଗବତୀ ଶକ୍ତିଙ୍କ ଯନ୍ତ୍ରରୂପେ ବ୍ୟବହୃତ ହୁଏ । ତାହାର ସମଗ୍ର ସତ୍ତା ଭଗବାନଙ୍କ ସହିତ ଏକ ହୋଇଯାଏ । ଭଗବାନଙ୍କ ସଂକଳ୍ପ ତା' ମଧ୍ୟରେ କ୍ରିୟାଶୀଳ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗସାଧନା, ଆଶ୍ରମ ନିର୍ମାଣ, ଆଶ୍ରମର କାର୍ଯ୍ୟକଳାପ ବିଚାର କଲେ ସ୍ପଷ୍ଟରୂପେ ଦେଖାଯିବ ଯେ ଏହିସବୁ ନିଃସନ୍ଦେହରେ ଭଗବାନଙ୍କ ଦ୍ୱାରା ପରିଚାଳିତ ହେଉଅଛି ।

ଶ୍ରୀଅରବିନ୍ଦ ତାଙ୍କ ଛାତ୍ର ଅବସ୍ଥାରେ ଅନୁଭବ କରିଥିଲେ ଯେ ସଂସାରର ବୈପ୍ଳବିକ ପରିବର୍ତ୍ତନରେ ତାଙ୍କୁ ବିଶେଷ ଭାଗ ଗ୍ରହଣ କରିବାକୁ ପଡ଼ିବ । ରାଜନୀତିରେ ପ୍ରବେଶ କରିବାର ଅଳ୍ପଦିନ ପରେ ସେ ପ୍ରତ୍ୟକ୍ଷ ଭାବରେ ନିଜ ମଧ୍ୟରୁ ଭାଗବତ ନିର୍ଦ୍ଦେଶ ପାଇ ସେହି ଅନୁସାରେ ଚାଳିତ ହେଉଥିଲେ । ଲେଖିବା, ଭାଷଣ ଦେବା, ବିଚାର କରିବା ତାଙ୍କର ମନ ବୁଦ୍ଧି ଦ୍ୱାରା ହେଉ ନ ଥିଲା, ହେଉଥିଲା ଭଗବାନଙ୍କ ପ୍ରେରଣାରେ । ଶ୍ରୀଅରବିନ୍ଦ ଲେଖିବା ସମୟରେ ମନରେ ବିଚାର ନ କରି ଯନ୍ତ୍ରବତ୍ ଲେଖି ଯାଉଥିଲେ, ପ୍ରେସ୍‌ରୁ ପ୍ରୁଫ୍ ଆସିବା ପରେ ପଢ଼ି ଲେଖିବା ବିଷୟ ବୁଝୁଥିଲେ । ଭାଷଣ ଦେବାରେ ମଧ୍ୟ ସେହିପରି ହେଉଥିଲା । ସେ ସ୍ୱୟଂ 'ଉତ୍ତରପଡ଼ା ଅଭିଭାଷଣ'ରେ ଏହି କଥା କହିଛନ୍ତି । ଆଲିପୁର ଜେଲରେ ତାଙ୍କୁ ଅତିମାନସର ଅନୁଭୂତି ହେଲା, ସେ ତାହାକୁ ପୃଥିବୀରେ ଉତାରି ଆଣିବା ସକାଶେ ସାଧନା କରିବାକୁ ଭାଗବତ ନିର୍ଦ୍ଦେଶ ପାଇଲେ । ୧୯୧୦ ସାଲରେ ଭାଗବତ ନିର୍ଦ୍ଦେଶରେ କଲିକତାରୁ ଚନ୍ଦନନଗର ଓ ଚନ୍ଦନନଗରରୁ ପଣ୍ଡିଚେରୀ ଆସି ଗୋଟିଏ ଭଡ଼ା ଘର ନେଇ ସାଧନାରେ ରତ ହେଲେ । ୧୯୧୪ ସାଲ ମାର୍ଚ୍ଚ ମାସରେ ମା ପ୍ରଥମ ଥର ପାଇଁ ଭାରତବର୍ଷକୁ ଆସି ଶ୍ରୀଅରବିନ୍ଦଙ୍କ ସଙ୍ଗେ ମିଳିତ ହେଲେ । ପ୍ରଥମ ମହାଯୁଦ୍ଧ ଆରମ୍ଭ ହୋଇଥିବାରୁ ପୁଣି ପର ବର୍ଷ ଫେବ୍ରୁଆରି ମାସରେ ଫ୍ରାନ୍ସ ଫେରିଗଲେ । ପୁନର୍ବାର ୧୯୨୦ ସାଲରେ ଆସି ସ୍ଥାୟୀଭାବରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ରହିଲେ । ମା'ଙ୍କ ରହିବା ପରେ ସାଧକମାନେ ଆସିବାରୁ ସେମାନଙ୍କ ରହିବା ସକାଶେ କ୍ରମଶଃ ଘର ଖରିଦ କରାଗଲା ଏବଂ ଭଡ଼ାଘର ନିଆଗଲା । ଆଶ୍ରମ ସହରଠାରୁ ପୃଥକ୍ କୌଣସି ନିର୍ଜନ ସ୍ଥାନରେ ନୁହେଁ । ଏହାର କାରଣ ହେଲା ପୂର୍ବରୁ ଯୋଜନା କରାହୋଇ ଆଶ୍ରମ ନିର୍ମାଣ କରାହୋଇ ନାହିଁ, ଆଶ୍ରମର କାର୍ଯ୍ୟାଳୟ ମଧ୍ୟ ସ୍ଥାପନା ହୋଇ ନାହିଁ, ହେଉଛି ଆବଶ୍ୟକ ଅନୁସାରେ, ଭାଗବତ ସଂକଳ୍ପରେ ଓ ଭାଗବତ ପ୍ରେରଣାରେ ।

ପ୍ରଧାନ ଆଶ୍ରମ ସମୁଦ୍ରକୂଳରୁ ଅଳ୍ପଦୂରରେ ପଣ୍ଡିଚେରୀ ସହରର ଗୋଟିଏ ଦୋମହଲା ପକ୍କା ଘର । ଉପର ମହଲାର ଗୋଟିଏ ଭାଗରେ ବାସ କରନ୍ତି ମା', ଅନ୍ୟ ଭାଗରେ ବାସ କରୁଥିଲେ ଶ୍ରୀଅରବିନ୍ଦ । ଅବଶିଷ୍ଟ ଭାଗ ଏବଂ ତଳ ମହଲାରେ ପୃଥକ୍ ପୃଥକ୍ କୋଠରିରେ ବାସ କରୁଥିଲେ ସାଧକମାନେ । ଆଶ୍ରମ ମଧ୍ୟରେ ପୁସ୍ତକାଳୟ, ଛୋଟ ପାଠାଗାର, ସମାଧି, ଧ୍ୟାନ ସକାଶେ ଖୋଲା ବାରଣ୍ଡା (Meditation Hall) ଅଛି । ଏଠାରେ ମା ପ୍ରତ୍ୟେକ ଦିନ ପୂର୍ବେ ସାଧକମାନଙ୍କୁ ଆଶୀର୍ବାଦ (Blessing) ଦେଉଥିଲେ ଏବଂ ଧ୍ୟାନ କରାଉଥିଲେ । ଆଜିକାଲି ମଧ୍ୟ ବିଶେଷ ଦିବସରେ ମା ସେହିଠାରେ ଆଶୀର୍ବାଦ (Blessing) ଦିଅନ୍ତି । ଆଶ୍ରମ ମଧ୍ୟରେ ମାଶ୍ରୀଅରବିନ୍ଦଙ୍କ ଓ ଅନ୍ୟାନ୍ୟ ପୁସ୍ତକ ବିକ୍ରି କରାହୁଏ, ଆଶ୍ରମର ପ୍ରଧାନ ଫାଟକ ସାମନାରେ ଅଭ୍ୟର୍ଥନା କକ୍ଷ (Reception Room)ର ଏକ ପାଖରେ ଶ୍ରୀଅରବିନ୍ଦଙ୍କ ଫଟୋ ଏବଂ ରୁମ୍‌ର ମଧ୍ୟଭାଗରେ ଆଗନ୍ତୁକମାନଙ୍କ ବ୍ୟବହାର ନିମିତ୍ତ ସୋଫା ରଖା ହୋଇଅଛି । ଆଶ୍ରମରେ କୌଣସି ବ୍ୟକ୍ତି ସଙ୍ଗେ କଥାବାର୍ତ୍ତା କରିବାକୁ ହେଲେ ଆଗନ୍ତୁକମାନେ ସେହିଠାରେ ବସି କଥାବାର୍ତ୍ତା କରନ୍ତି, ଆଶ୍ରମର ବହୁତ ନିକଟରେ ଗୋଟିଏ ଅଫିସ ଅଛି, ଆଗନ୍ତୁକମାନଙ୍କର ଆଶ୍ରମ ସମ୍ବନ୍ଧେ କିଛି ଜାଣିବାକୁ ହେଲେ ସେଠାରେ ଗେଟ୍-କିପର୍ (ସାଧକ) ଆଶ୍ରମ ସମ୍ବନ୍ଧରେ ତାଙ୍କୁ ଜଣାଇ ଦିଅନ୍ତି । ଆଶ୍ରମର ପ୍ରଧାନ ଦ୍ୱାର ବନ୍ଦ ହୁଏ ରାତ୍ରି ଏଗାରଟାରେ ଓ ଖୋଲେ ଭୋର ଚାରିଟାରେ ।

ଆଶ୍ରମର ପ୍ରଧାନ ଫାଟକ ଦୁଇଦିଗରେ ଛୋଟ ଛୋଟ ଫୁଲ ବଗିଚା ରହିଛି ଏବଂ ଭିନ୍ନ ଭିନ୍ନ ସ୍ଥାନରେ ନାନା ରଙ୍ଗର ପ୍ରସ୍ଫୁଟିତ ପୁଷ୍ପର କୁଣ୍ଡ ସଜ୍ଜିତ କରି ରଖା ହୋଇଥାଏ । ବିଭିନ୍ନ ସମୟରେ ତାହା ସବୁ ପରିବର୍ତ୍ତନ କରାହୁଏ । ଆଶ୍ରମର ଶାନ୍ତୋଜ୍ଜ୍ୱଳ, ସ୍ନିଗ୍ଧ ବାତାବରଣ ଏବଂ ପ୍ରସ୍ଫୁଟିତ ପୁଷ୍ପର ସୁନ୍ଦର ଦୃଶ୍ୟ ଦର୍ଶନାର୍ଥୀମାନଙ୍କ ଚିତ୍ତ ହରଣ କରିଥାଏ । ଶ୍ରୀଅରବିନ୍ଦଙ୍କ ସମାଧି ନିକଟରେ ଦର୍ଶନାର୍ଥୀମାନଙ୍କ ମନ ସ୍ୱଭାବତଃ ଶାନ୍ତ ଓ ଏକାଗ୍ର ହୁଏ । ବାଲ୍‌କନିରେ ମା'ଙ୍କ ଦର୍ଶନ ହେବା ପୂର୍ବରୁ ଆଉ ଦର୍ଶନ ପରେ, ସନ୍ଧ୍ୟା ସମୟରେ ବହୁତ ବ୍ୟକ୍ତି ସମାଧି ପାଖରେ ବସି ଧ୍ୟାନ କରନ୍ତି ।

ବାଲ୍‌କନିରେ ମା'ଙ୍କର ଦର୍ଶନ ହୁଏ ପ୍ରତିଦିନ ଭୋର ଘ.୬/୧୫ ମିନିଟ୍‌ରେ । ଏହା ପୂର୍ବରୁ ଆଶ୍ରମର ସାଧକ, ସାଧିକା, ଛାତ୍ର ଛାତ୍ରୀ, ଆଗନ୍ତୁକ ଏବଂ ସହରର ଲୋକେ ମା'ଙ୍କ ଦର୍ଶନ ସକାଶେ ସଡ଼କରେ ଛିଡ଼ା ହୋଇଥାଆନ୍ତି । ମା ଘ.୬/୧୫ ମିନିଟରେ ଆସି ପ୍ରଥମେ ସମବେତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଖନ୍ତି ଏବଂ ତପ୍‌ରେ ପ୍ରାୟ ୧୦ ମିନିଟ ଧ୍ୟାନ କରନ୍ତି । ଏହି ବାଲ୍‌କନି ଧ୍ୟାନରେ ବହୁତ ବ୍ୟକ୍ତିଙ୍କୁ ନିଜ ନିଜ ଆଧାର ତୟାରି ଶ୍ରଦ୍ଧା ଭକ୍ତି ଅନୁସାରେ ଭିନ୍ନ ଭିନ୍ନ ରୂପେ ଅଧ୍ୟାତ୍ମ ଅନୁଭୂତି ହୁଏ । ଏହି ସମୟ ଛଡ଼ା ଦିନ ମଧ୍ୟରେ ମା'ଙ୍କର ଦର୍ଶନ ଅନ୍ୟ କୌଣସି ସମୟରେ ହୁଏ ନାହିଁ । ବର୍ଷରେ ୪ଟି ପ୍ରଧାନ ଦର୍ଶନ ଦିବସରେ – (୨୧ ଫେବ୍ରୁଆରି ମା'ଙ୍କ ଜନ୍ମ ଦିବସ, ୨୪ ଅପ୍ରେଲ ଶେଷଥର ମା'ଙ୍କର ପଣ୍ଡିଚେରୀ ଆଗମନ ଦିବସ, ୧୫ ଅଗଷ୍ଟ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ ଓ ୨୪ ନଭେମ୍ବର ମାଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ) ମା ଆଶୀର୍ବାଦ ଦିଅନ୍ତି । ଏହି ଚାରି ଦର୍ଶନ-ଦିବସ ପୂର୍ବର କୌଣସି ରବିବାରରେ ମା ଆଶ୍ରମର ସାଧିକାମାନଙ୍କୁ ଶାଢ଼ି, ଝିଅପିଲାମାନଙ୍କୁ ପୋଷାକ, ସାଧକ ଓ ଛାତ୍ରମାନଙ୍କୁ ରୁମାଲ ବିତରଣ କରନ୍ତି । ଏହି ଦିନରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ମା'ଙ୍କ ଆଶୀର୍ବାଦ ପାଇ ପାରନ୍ତି । ଆଉ ମଧ୍ୟ ପ୍ରତ୍ୟେକ ମାସର ପହିଲା ତାରିଖରେ, ମହାଷ୍ଟମୀ, ଦଶହରା, ଲକ୍ଷ୍ମୀପୂଜା, କାଳୀପୂଜା ଇତ୍ୟାଦି ବିଶିଷ୍ଟ ଦିବସମାନଙ୍କରେ ମା ଆଶୀର୍ବାଦ ଦିଅନ୍ତି । ଆଶ୍ରମର ସଦସ୍ୟ ପ୍ରାୟ ୧୫୦୦ ହେବେ । ସେମାନେ ସହରରେ, ଆଶ୍ରମ ନିକଟରେ ଏବଂ ଦୂରରେ ଆଶ୍ରମର ନିଜର ଘର ବା ଭଡ଼ାଘରମାନଙ୍କରେ ବାସ କରନ୍ତି ।

ଯେଉଁମାନେ ଆଶ୍ରମବାସୀ ହୋଇ ପୂର୍ଣ୍ଣରୂପେ ଅଧ୍ୟାତ୍ମ ସାଧନା କରିବାକୁ ଚାହାନ୍ତି ସେମାନେ ଯଦି ପତ୍ର ଦ୍ୱାରା ମା'ଙ୍କ ଆଜ୍ଞା ପ୍ରାପ୍ତ କରିବାକୁ ଚାହାନ୍ତି ତେବେ ସେମାନଙ୍କୁ ପତ୍ର ଦ୍ୱାରା ଅନୁମତି ମିଳେ ନାହିଁ । ସେମାନେ ପ୍ରଥମେ ଦର୍ଶନ ସକାଶେ ଆସିବାକୁ ମା'ଙ୍କ ଅନୁମତି ପତ୍ର ଦ୍ୱାରା ପ୍ରାପ୍ତ କରନ୍ତି । ଏଠାକୁ ଆସି, ରହିବା ଉଦ୍ଦେଶ୍ୟ ଲେଖି ମା'ଙ୍କ ପାଖକୁ ପଠାନ୍ତି ଅଥବା ସେକ୍ରେଟାରୀଙ୍କ ମାର୍ଫତ୍ ନିଜ ଅଭିପ୍ରାୟ ନିବେଦନ କରନ୍ତି । ସେମାନଙ୍କୁ ମା ଦେଖିବା ପରେ ସ୍ୱୀକାର ବା ଅସ୍ୱୀକାର କରିପାରନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମ ସାଧନାର ଗୋଟିଏ ଅଙ୍ଗ, ଶରୀର ରୂପାନ୍ତର

ସକାଶେ ଅପରିହାର୍ଯ୍ୟ ସାଧନ । ପ୍ରତ୍ୟେକ ବ୍ୟକ୍ତିକୁ ଏଠାରେ ନିଜର ସାଧନାର ଆବଶ୍ୟକ ଅନୁସାରେ ଅଧିକ ଅଥବା କମ୍ ସମୟ କର୍ମ କରିବାକୁ ହୁଏ । ପୂର୍ବେ କୁହା ହୋଇଛି ଏଠାରେ ବାସନ ଧୋଇବା, ଲୁଗା କାଚିବା ଇତ୍ୟାଦି ସମସ୍ତ କାର୍ଯ୍ୟ ସାଧକକୁ ଭାଗବତ ସେବା ଭାବରେ କରିବାକୁ ହୁଏ । ସମସ୍ତ କର୍ମ ଭାଗବତ ସେବା ଆଉ ଲକ୍ଷ୍ୟ ପ୍ରାପ୍ତିର ସାଧନ ହେବାରୁ କର୍ମରେ ଉଚ୍ଚ ନୀଚ ଭାବନାକୁ ଏକେବାରେ ପ୍ରଶ୍ରୟ ଦିଆ ହୁଏ ନାହିଁ । ଯେଉଁ ସେବା ମିଳେ ତାହା ପ୍ରସନ୍ନତା ସହ ଗ୍ରହଣ କରିବାକୁ ହୁଏ ।

ପାଠକମାନେ ବୁଝିଛନ୍ତି ଯେ ଆଶ୍ରମରେ ନିଷ୍କାମ କର୍ମ, ଯୋଗର ଅଙ୍ଗ ହିସାବରେ ଆଚରିତ ହୁଏ, ଯାହାକୁ ପ୍ରତ୍ୟେକବ୍ୟକ୍ତି ଗୃହସ୍ଥାଶ୍ରମରେ ରହି ଆଚରଣ କରିପାରନ୍ତି । ଭାଗବତ ଉଦ୍ଦେଶ୍ୟରେ ସମ୍ପାଦିତ କର୍ମ ନିଷ୍କାମ ହୁଏ, ଭାଗବତ ପ୍ରେରଣାରେ ଆଚରିତ କର୍ମ ଭାଗବତ କର୍ମ ହୁଏ । ଆଶ୍ରମରେ ଯେତେ କାର୍ଯ୍ୟାଳୟ ସ୍ଥାପନ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା, ଏହାସବୁ ଭାଗବତ ପ୍ରେରଣାରେ ହୋଇଅଛି; ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗ ଭଗବାନଙ୍କର, ଆଶ୍ରମରେ କାର୍ଯ୍ୟାଳୟ ସ୍ଥାପନ କାର୍ଯ୍ୟ ଭାଗବତ କର୍ମ । ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏହିପରି ନିଷ୍କାମ କର୍ମ ଓ ଭାଗବତ କର୍ମ ଗ୍ରହଣ ଯୋଗ୍ୟ ।

❖

ଭଗବତ୍ ଯନ୍ତ୍ର ହେବାର ଉପାୟ : କର୍ମ

ଭଗବାନଙ୍କ ଯନ୍ତ୍ର ହେବାର ସରଳ ଉପାୟ ହେଲା ମା ଶ୍ରୀଅରବିନ୍ଦ ଯେଉଁ ଲକ୍ଷ୍ୟ ଆମ୍ଭମାନଙ୍କ ସମ୍ମୁଖରେ ରଖିଅଛନ୍ତି ତାହାରି ପ୍ରାପ୍ତିର ସାଧନ ରୂପକ କର୍ମକୁ ନିଜର ଅହଂ ଓ ସ୍ୱାର୍ଥ ଅପେକ୍ଷା ସର୍ବୋଚ୍ଚ ସ୍ଥାନ ଦେବା । ସେହି କର୍ମ ଦୁଇ ପ୍ରକାର । ଗୋଟିଏ ହେଲା ବ୍ୟକ୍ତି ଯେଉଁ କର୍ମ ନିଜ ସକାଶେ, ପରିବାର ଓ ଦେଶ ସକାଶେ କରୁଅଛି ସେହି କର୍ମକୁ ଭଗବାନଙ୍କ ସେବାମନୋଭାବରେ କରି ସମର୍ପଣ କରିବା । ଅନ୍ୟଟି ହେଲା ସଂସାରରେ ଅତିମାନସ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା ଯେଉଁ କର୍ମ କରୁଛନ୍ତି ସେଥିରେ ଅଂଶ ଗ୍ରହଣ କରିବା । ଏହି ଦୁଇ ପ୍ରକାର କର୍ମ ମଧ୍ୟରୁ ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ଗୋଟିଏ ପ୍ରକାର କର୍ମ କରିପାରେ ଅଥବା ଉଭୟ ପ୍ରକାର କର୍ମ କରିପାରେ ।

ବର୍ତ୍ତମାନ ଆମ୍ଭମାନଙ୍କ ସକାଶେ ଗୋଟିଏ ମହାନ୍ ସୁଯୋଗ ଉପସ୍ଥିତ । ମା ଏହି ପୃଥିବୀରେ ଅତିମାନସ ସତ୍ୟ ଉତାରି ଆଣି ଆମ୍ଭମାନଙ୍କୁ ଲକ୍ଷ୍ୟରେ ପହଞ୍ଚାଇ ଦେବା ସକାଶେ ସ୍ୱୟଂ ସାଧନା କରୁଅଛନ୍ତି । ଛୋଟ ଶିଶୁକୁ ଅଙ୍ଗୁଳିଧରି ଚଲାଇବା ସଦୃଶ ମା ଆମ୍ଭମାନଙ୍କୁ ସାହାଯ୍ୟ କରି ସାଧନା ମାର୍ଗରେ ଲକ୍ଷ୍ୟ ଦିଗରେ ଅଗ୍ରସର କରାଉଅଛନ୍ତି । ଆମ୍ଭେମାନେ ତାଙ୍କରି ଉପରେ ବିଶ୍ୱାସ ରଖି, ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ତଥା ତାଙ୍କରି ଆଦର୍ଶରେ କର୍ମ କଲେ ସହଜରେ ଲକ୍ଷ୍ୟପ୍ରାପ୍ତି କରିପାରିବା ।

ଯେବେ ଯେବେ ସଂସାରରେ ନୂତନ ଚେତନା ପ୍ରତିଷ୍ଠିତ ହେବାର ସମୟ ହୁଏ, ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତାର ନେଇ ତାହା ସକାଶେ କର୍ମ ଆଚରଣ କରନ୍ତି । ସେହି ଆଚରଣ ହୁଏ ମନୁଷ୍ୟର ଆଦର୍ଶ । ତାହାକୁ ଗ୍ରହଣ କରିବା ବ୍ୟକ୍ତି ହୁଅନ୍ତି ଭଗବାନଙ୍କ ଯନ୍ତ୍ର । ସେହିମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ହୁଏ ନୂତନ ଚେତନା ଓ ସେହିମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୁଏ ଭଗବାନଙ୍କ ସଂକଳ୍ପ । ସେହିମାନେ ହୁଅନ୍ତି ନୂତନ ସତ୍ୟର ଅଗ୍ରଦୂତ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ମନର ବିକାଶ ଶେଷ ହୋଇଛି, ମନ ପରେ ଅତିମାନସ ବିଜ୍ଞାନ, ଆନନ୍ଦ ଚେତନା ଏହି ପୃଥିବୀରେ ପ୍ରତିଷ୍ଠିତ ହେବାର ସମୟ ଆସିଛି । ମା ଅତିମାନସ ସତ୍ୟକୁ ଏହି ପୃଥିବୀରେ ଉତାରି ଆଣି ପୃଥିବୀର ପ୍ରତିନିଧିରୂପେ ସ୍ୱୟଂ ସାଧନା କରୁଅଛନ୍ତି । ଏହି ଆଦର୍ଶ ପୃଥିବୀରେ ସ୍ଥାପନା କରିବା ସକାଶେ ମା ଆଶ୍ରମ ନିର୍ମାଣ କରି ସାଧକମାନଙ୍କର ସମସ୍ତ ଭାର ବହନ କରିଅଛନ୍ତି ଏବଂ ଆଶ୍ରମର ବାହାରେ ଥାଇ ଏହି ଆଦର୍ଶକୁ ଗ୍ରହଣ କରିଥିବା ସାଧକ, ଭକ୍ତ ତଥା ସାହାଯ୍ୟପ୍ରାର୍ଥୀ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଅଛନ୍ତି । ଯେଉଁମାନେ ଏହି ଆଦର୍ଶକୁ ଗ୍ରହଣ କରିବେ, ସେମାନଙ୍କ ମନ-ପ୍ରାଣ-ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେମାନେ ମୃତ୍ୟୁ, ରୋଗ, ଜରା, ଦୁଃଖକଷ୍ଟ, ଅଜ୍ଞାନଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣତଃ ମୁକ୍ତ ହେବେ । ସେମାନଙ୍କ ରୂପାନ୍ତରିତ ମନ-ପ୍ରାଣ-ଶରୀର ଏକତ୍ୱ ଲାଭ କରିବ ଭଗବାନଙ୍କ ସହିତ । ଭଗବାନଙ୍କ ସଂକଳ୍ପ କାର୍ଯ୍ୟ କରିବ ସେହିମାନଙ୍କ ମଧ୍ୟରେ । ସେହିମାନେ ପରିଚାଳିତ ହେବେ ଭାଗବତୀ ଶକ୍ତି ଦ୍ୱାରା । ଏହାଫଳରେ ସଂସାରରୁ ସମସ୍ତ ପ୍ରକାର ଦୁଃଖକଷ୍ଟ, ଦ୍ୱନ୍ଦ୍ୱ, ହିଂସା, ଅସତ୍ୟ, ଅନ୍ୟାୟ, ମିଥ୍ୟାଚାରର ନିବୃତ୍ତି ହେବ । ପୃଥିବୀ ପରିଣତ ହେବ ସ୍ୱର୍ଗରେ । ଏହି ଯୋଗରେ ଯଦ୍ୟପି ବ୍ୟକ୍ତିର ସମସ୍ତ ସତ୍ତା ରୂପାନ୍ତରିତ ହେବ, ସେ ନିବାସ କରିବ ପରମାନନ୍ଦ ପରମ ଶାନ୍ତିରେ, ତଥାପି ତାହା କେବଳ ନିଜ ସକାଶେ ହେବ ନାହିଁ, ହେବ ଭଗବାନଙ୍କ ସଂକଳ୍ପ ଅନୁସାରେ ସମସ୍ତ ପୃଥିବୀ ସକାଶେ ।

ଭଗବାନଙ୍କ ଯନ୍ତ୍ର ହେବାର କର୍ମସାଧନାର ପ୍ରଣାଳୀ ଆଲୋଚନା କରିବା ପୂର୍ବରୁ ବ୍ୟକ୍ତିର ବ୍ୟକ୍ତିଗତ ସିଦ୍ଧିରେ ସଂସାରରେ କିପରି ସତ୍ୟ ପ୍ରତିଷ୍ଠା ହେବ ? ଏହି ସିଦ୍ଧିରେ କର୍ମ ଅପରିହାର୍ଯ୍ୟ ଏବଂ ସହଜ କାହିଁକି ? ଆଶ୍ରମର କର୍ମ-ପ୍ରଣାଳୀ କିପରି ? ଏହି ବିଷୟ ପ୍ରଥମେ ଆଲୋଚନା କରିବା ।

ଆଶ୍ରମର କର୍ମ

ମା'ଙ୍କର କର୍ମ-କେନ୍ଦ୍ର ହେଉଛି ଆଶ୍ରମ । ତାଙ୍କ କର୍ମପ୍ରଣାଳୀ ତାଙ୍କ ଯୋଗ- ଦର୍ଶନଶାସ୍ତ୍ର ସାହାଯ୍ୟରେ ଠିକ୍ ଠିକ୍ ବୁଝିପାରିଲେ ସେହି ଆଦର୍ଶକୁ ଆଚରଣ କରିବାରେ ଆମ୍ଭମାନଙ୍କୁ ସହଜ ହେବ ।

ଆଶ୍ରମ ଗୋଟିଏ ଟ୍ରଷ୍ଟ ସଂସ୍ଥା । ସେଥିରେ ଆଶ୍ରମର କେତେଜଣ ସାଧକ ମେମ୍ବର ଏବଂ ମା ତା'ର ପ୍ରେସିଡେଣ୍ଟ୍ । ଏହା ହେଲା ସଂସାର ବ୍ୟବସ୍ଥାନୁସାରେ କାଗଜପତ୍ରର କଥା । ଯଥାର୍ଥରେ ଆଶ୍ରମ ପରିଚାଳିତ ହୁଏ ପୂର୍ଣ୍ଣରୂପେ ଆଧ୍ୟାତ୍ମିକ ଅତିମାନସ ଶକ୍ତି ପ୍ରଭାବରେ ମା'ଙ୍କ ଦ୍ୱାରା । ଅଧ୍ୟାତ୍ମ ସଂସ୍ଥା ସର୍ବଥା ବାହ୍ୟ ଜାଗତିକ ବିଧାନଠାରୁ ସ୍ୱତନ୍ତ୍ର । ବିଶେଷତଃ ଏହି ଆଶ୍ରମ ଏକେବାରେ ନୂତନ ଧରଣର । ବାହ୍ୟ ଜଗତର ସମସ୍ତ ସଂସ୍ଥା ବା କର୍ମ ବାହ୍ୟ ନିୟନ୍ତ୍ରଣ, ବାହ୍ୟ ବିଧାନ ଦ୍ୱାରା ପରିଚାଳିତ ହୁଏ । ବ୍ୟକ୍ତିର ଅନ୍ତରରେ ଚୋରି କରିବା ପ୍ରବୃତ୍ତି ଥାଇ ଦଣ୍ଡ ଏବଂ ଭୟ ଯୋଗୁଁ ବାହ୍ୟ ଆଚରଣରେ ତଥା କାଗଜପତ୍ରରେ ସାଧୁ ସାଜିଥାଏ । କିନ୍ତୁ ଅଧ୍ୟାତ୍ମ ସଂସ୍ଥାରେ ତାହା ଚଳେ ନାହିଁ । ସର୍ବଜ୍ଞ ଭଗବାନ୍ ବାହ୍ୟ ଚକ୍ ଚକ୍ ଅନ୍ତର କପଟତାରେ ଭୁଲିଯାଆନ୍ତି ନାହିଁ; ସେ ବ୍ୟକ୍ତିର ଆନ୍ତର ଭାବ ଅନୁସାରେ ବ୍ୟବହାର କରନ୍ତି । ସେହି ସକାଶେ ସେ ସଂସ୍ଥାର ସମସ୍ତ ନିୟମ-ଶୃଙ୍ଖଳା ଆନ୍ତରିକ ନିଷ୍କପଟଭାବେ ପାଳନ କରାହୁଏ । ଅର୍ଥାତ୍ ବାହ୍ୟ କର୍ମ କେବଳ ଆନ୍ତର ସତ୍ୟ ଭାବରେ ଅଭିବ୍ୟକ୍ତ ହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗର କର୍ମ-କେନ୍ଦ୍ର ଆଶ୍ରମ ବା ଆଶ୍ରମ ଟ୍ରଷ୍ଟ ହେଲା ପ୍ରଧାନ ସଂସ୍ଥା । ଏହି ଆଶ୍ରମର ଶାଖାପ୍ରଶାଖା ବା ଅଙ୍ଗରୂପେ ଅଛି ବିଶ୍ୱବିଦ୍ୟାଳୟ, ପ୍ରେସ୍, ୱାର୍କ୍‌ସପ୍, ଚାଷ, ସାହିତ୍ୟ ବିଭାଗ, ଇଂରାଜୀ, ଫ୍ରେଞ୍ଚ୍, ବଙ୍ଗଳା, ହିନ୍ଦୀ, ଗୁଜୁରାତି, ମରାଠୀ, ତେଲୁଗୁ, ତାମିଲ୍, କନ୍ନାଡ଼ି, ନବଜ୍ୟୋତି କାର୍ଯ୍ୟାଳୟ (ଓଡ଼ିଆ ବିଭାଗ) ଇତ୍ୟାଦି ବହୁତ ସଂସ୍ଥା । ଏହିସବୁ ଆଶ୍ରମର ଗୋଟିଏ ଗୋଟିଏ ବିଭାଗ । ଆଶ୍ରମରେ ଯଦ୍ୟପି ସେକ୍ରେଟାରୀ ଓ ମ୍ୟାନେଜର୍ ଅଛନ୍ତି, ତଥାପି ସମସ୍ତ ବିଭାଗର ବ୍ୟବସ୍ଥାପକ ପୂର୍ଣ୍ଣ ସ୍ୱତନ୍ତ୍ରତାରେ କାର୍ଯ୍ୟ କରନ୍ତି ଏବଂ ତାଙ୍କର ସିଧା ସମ୍ବନ୍ଧ ଥାଏ ମା'ଙ୍କ ସହିତ । ଏହି ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣତଃ ଜାଗତିକ ପ୍ରଣାଳୀ ଏବଂ କର୍ମସମ୍ପାଦନର ମନୋଭାବରୁ ଭିନ୍ନ । ଜାଗତିକ ସଂସ୍ଥା ଅନୁସାରେ ଆଶ୍ରମରେ ଜଣେ ପ୍ରଧାନ ସେକ୍ରେଟାରୀଙ୍କ ଦାୟିତ୍ୱରେ ସମସ୍ତ ପରିଚାଳନା ଭାର ଦିଆ ହୋଇ ନାହିଁ ।... ମାତ୍ର ସମସ୍ତ ବ୍ୟକ୍ତି ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବରେ କର୍ମ କରୁଥିବାରୁ ସେମାନେ ପୂର୍ଣ୍ଣତଃ ସ୍ୱତନ୍ତ୍ରତା ପାଇ ମଧ୍ୟ କର୍ମରେ ବିଶୃଙ୍ଖଳା ଘଟେ ନାହିଁ, ଜାଗତିକ କର୍ମସଂସ୍ଥା ଅପେକ୍ଷା ଉତ୍ତମରୂପେ ପରିଚାଳିତ ହୁଏ ।

କର୍ମ ଦ୍ୱାରା ଲକ୍ଷ୍ୟପ୍ରାପ୍ତି ସହଜ କାହିଁକି ?

ଜଡ଼ରୁ ବିକାଶ କର୍ମ ମାଧ୍ୟମରେ ଚାଲିଆସୁଅଛି । ବୃକ୍ଷଲତା ମଧ୍ୟରେ କର୍ମର ସ୍ପଷ୍ଟ ବିକାଶ ହୋଇ ନାହିଁ, ହୋଇଛି ଜୀବନ୍ତ ପ୍ରାଣୀ, ପଶୁପକ୍ଷୀ, ସରୀସୃପ ମଧ୍ୟରେ । କିନ୍ତୁ କର୍ମର ଯଥାର୍ଥ ରୂପ ପ୍ରକାଶିତ ହୋଇଛି ମନୁଷ୍ୟ ମଧ୍ୟରେ । ପ୍ରାଣୀ ବିକାଶ ଆରମ୍ଭରୁ କର୍ମ କରିଆସୁଥିବାରୁ ବ୍ୟକ୍ତିର ଚେତନା କେନ୍ଦ୍ରିତ ହୋଇଛି କର୍ମରେ ତଥା ଜଡ଼ରୁ ମନୁଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ଯେତେ କର୍ମ ଏବଂ ମନୁଷ୍ୟ-ଶରୀରରେ ଯେଉଁସବୁ କର୍ମ କରାହେଉଛି, ସେସମସ୍ତ ବୀଜରୂପେ ନିହିତ ଅଛି ମନୁଷ୍ୟର ଅବଚେତନାରେ । ଏହି କାରଣରୁ ମନୁଷ୍ୟ କର୍ମକୁ ବାଦ୍ ଦେଇ କେବଳ ଧ୍ୟାନ ଦ୍ୱାରା ଚେତନାକୁ କେନ୍ଦ୍ରିତ କରିବାକୁ ଗଲେ ଧ୍ୟାନ ସମୟରେ ଅବଚେତନାରେ ବୀଜରୂପେ ନିହିତ ଥିବା କର୍ମସଂସ୍କାରର ସମସ୍ତ ଚିନ୍ତା ଆସି ବ୍ୟକ୍ତିର ଚେତନାକୁ ଅଭିଭୂତ କରିପକାନ୍ତି । ଏହି ଅସୁବିଧା ଯୋଗୁଁ ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀର ସମ୍ବନ୍ଧ ତ୍ୟାଗ କରିବାରୁ କର୍ମର ସଂସ୍କାରରୁ ମୁକ୍ତ ହେଲେ ଏବଂ ଧ୍ୟାନ ଦ୍ୱାରା ମୁକ୍ତି, ନିର୍ବାଣ, ଭଗବତ୍‌ପ୍ରାପ୍ତି କରିପାରିଲେ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ମନ-ପ୍ରାଣ-ଶରୀର ତ୍ୟାଗ ନ କରି ରୂପାନ୍ତର ଏବଂ ସେଥିରେ ଭଗବତ୍ ଉପଲବ୍ଧି କରିବାକୁ ହୁଏ; ସେହି କାରଣରୁ ମନ-ପ୍ରାଣ ଶରୀର ଦ୍ୱାରା ହେଉଥିବା କର୍ମକୁ ତ୍ୟାଗ କରିବାର ଉପାୟ ନ ଥାଏ । କିନ୍ତୁ ନିଜ ଅହଂ-ସ୍ୱାର୍ଥ

ଯୋଗୁଁ ନିଜର ଏବଂ ନିଜ ପରିବାର, ଦେଶ, ଜାତି ପ୍ରତି ହେଉଥିବା କର୍ମର ଗତିକୁ ଅଳ୍ପ ପ୍ରୟାସରେ ଭଗବତ୍ ଅଭିମୁଖୀ କରାଯାଇପାରେ । ଏଥିରେ କର୍ମର ସ୍ୱରୂପ ବା କର୍ମର ଉପଯୋଗିତାରେ କିଛି ଅନ୍ତର ହୁଏ ନାହିଁ । କେବଳ କର୍ମସମ୍ପାଦନ ସମୟରେ ସଚେତ ହୋଇ ମା'ଙ୍କ ଉଦ୍ଦେଶ୍ୟରେ କର୍ମ କରି ସମର୍ପଣ କରିବାକୁ ହୁଏ । କର୍ମରେ ଏହିପରି ସଂକଳ୍ପ ତଥା ସ୍ମରଣ ଦ୍ୱାରା ଆସେ ଏକାଗ୍ରତା । ଯୋଗରେ ଏକାଗ୍ରତାହିଁ ଆବଶ୍ୟକ । ଏହି ଏକାଗ୍ରତା ଏବଂ ସମର୍ପଣଭାବ ମାଧ୍ୟମରେ ଭାଗବତୀ ଅତିମାନସ ଶକ୍ତି ମନୁଷ୍ୟର ମନ-ପ୍ରାଣ-ଶରୀରରେ ରୂପାନ୍ତର ସାଧନ କରି ଲକ୍ଷ୍ୟରେ ପହଞ୍ଚାଇ ଦିଏ । ସାଧାରଣ ଜୀବନରେ ଏବଂ ସାଧନାର ଏକେବାରେ ଆରମ୍ଭରେ କର୍ମସମ୍ପାଦନ ହୁଏ ଅହଂ ଏବଂ ସ୍ୱାର୍ଥର ପ୍ରେରଣାରେ । ସେହି କର୍ମ ମା'ଙ୍କୁ ସମର୍ପଣ କରିବାରେ ସ୍ୱାର୍ଥ ଓ ଅହଂ ସହିତ ସଂଘର୍ଷ ହୁଏ ତଥା ସମର୍ପଣ ଅନୁପାତରେ ଭାଗବତୀ ଶକ୍ତିର ଅଧିକାର ବା ରୂପାନ୍ତର କ୍ରିୟା ଦ୍ୱାରା ବ୍ୟକ୍ତି ଆଧାରରେ ଏକାଗ୍ରତା ତଥା ସମତା ପ୍ରତିଷ୍ଠା ହୁଏ । ସମତାର ପ୍ରତିଷ୍ଠା ଏବଂ ପରୀକ୍ଷା ହୁଏ କର୍ମ ଦ୍ୱାରା । କର୍ମର ଆଧାର ମନ-ପ୍ରାଣ-ଶରୀର । ସେଗୁଡ଼ିକର ରୂପାନ୍ତର ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଥିବାରୁ କର୍ମସମର୍ପଣ ଅନିବାର୍ଯ୍ୟ । କିନ୍ତୁ ଗୀତାରେ ଯେଉଁ ନିଷ୍କାମ କର୍ମ କୁହାହୋଇଛି ତାହାଠାରୁ ଏହି କର୍ମସମର୍ପଣ ସମ୍ପୂର୍ଣ୍ଣ ଭିନ୍ନ । ଗୀତା ଅନୁସାରେ କେବଳ କର୍ମଫଳ ନ ଚାହିଁ କର୍ମ କରିବାକୁ ହୁଏ । କର୍ମସମ୍ପାଦନ କରୁଥିବା ମନ-ପ୍ରାଣ-ଶରୀରକୁ ସମର୍ପଣ କରିବାକୁ ହୁଏ ନାହିଁ କିଂବା ସେଗୁଡ଼ିକର ରୂପାନ୍ତରର ଧାରଣା ନ ଥାଏ । ମନ-ପ୍ରାଣ-ଶରୀରକୁ ତ୍ୟାଗ କରି ମୃତ୍ୟୁ ପରେ ମୋକ୍ଷ, ନିର୍ବାଣ ବା ଭଗବତ୍‌ପ୍ରାପ୍ତି କରାହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମ ସମର୍ପଣ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀରରେ ଭାଗବତୀ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରେ, ତା'ଫଳରେ ଶରୀର-ଚେତନା ଜାଗ୍ରତ ହୋଇ ମନ-ପ୍ରାଣର ସାହାଯ୍ୟ ବିନା ସ୍ୱୟଂ ରୂପାନ୍ତର ସକାଶେ ଅଭୀପ୍ସା କରେ । ତାହାରି ଭିତରେ ଅତିମାନସ ଭାଗବତୀ ଶକ୍ତି ଶରୀର-ପ୍ରାଣ-ମନକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରେ; ସେଥିରେ ନିରାବରଣରୂପେ ପ୍ରକାଶ ହୁଅନ୍ତି ଭଗବାନ୍ । ବ୍ୟକ୍ତି ପୂର୍ଣ୍ଣରୂପେ ମୁକ୍ତ ହୁଏ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ; ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ କରେ ଭଗବାନଙ୍କ ସହିତ, ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା । ଆଶ୍ରମରେ ଯେଉଁ କର୍ମର ପ୍ରସାର ତାହା ସାଂସାରିକ କର୍ମ ସଦୃଶ କେବଳ କର୍ମ ନୁହେଁ, ତାହା ବ୍ୟକ୍ତି ମଧ୍ୟରେ ତଥା ସଂସାରରେ ଭଗବତ୍ ଅଭିବ୍ୟକ୍ତିର ସାଧନା । ଆଶ୍ରମର ସମସ୍ତ କର୍ମ ଯଦ୍ୟପି ସଂସାରର କର୍ମ ସଦୃଶ ତଥାପି କର୍ମର ପ୍ରଣାଳୀ, ଉଦ୍ଦେଶ୍ୟ ଏବଂ କର୍ମସମ୍ପାଦନ କରିବା ମନୋଭାବ ପୂର୍ଣ୍ଣତଃ ଭିନ୍ନ । ଅଧ୍ୟାତ୍ମସାଧନା, ଧ୍ୟାନଧାରଣା, ସଂଯମ ଯେପରି ବ୍ୟକ୍ତି ଆନ୍ତରିକ ଉତ୍ସାହରେ ଲକ୍ଷ୍ୟପ୍ରାପ୍ତି ସକାଶେ ସ୍ୱତଃସ୍ଫୂର୍ତ୍ତ ଭାବେ କରେ, ଠିକ୍ ସେହିପରି କର୍ମ-ସମର୍ପଣ-ସାଧନା ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକକୁ କରିବାକୁ ହୁଏ । ଆମ୍ଭେମାନେ ଏହି ରହସ୍ୟ ଠିକ୍ ଠିକ୍ ହୃଦୟଙ୍ଗମ ନ କରି ସ୍ୱାଭାବିକ ସଂସ୍କାରବଶତଃ ଏହି ସାଧନା-କର୍ମକୁ ଜାଗତିକ କର୍ମ ସଦୃଶ ବିଧିବଦ୍ଧ ପ୍ରଣାଳୀରେ ଆଶାକରୁ ଏବଂ ସେଥିରୁ ସ୍ୱାର୍ଥ ଅହଂକୁ ତୁଷ୍ଟ କରିବାକୁ ଚାହୁଁ ତା' ଫଳରେ ଜାତ ହୁଏ ଦ୍ୱନ୍ଦ୍ୱ ଏବଂ ଅଶାନ୍ତି । ଏହାହିଁ ଲକ୍ଷ୍ୟପ୍ରାପ୍ତିର ଶତ୍ରୁ ।

ବ୍ୟକ୍ତିଗତ ସିଦ୍ଧିରେ ସଂସାର ସହିତ ସମ୍ବନ୍ଧ କ'ଣ ?

ଶ୍ରୀଅରବିନ୍ଦଙ୍କ ଯୋଗର ମୂଳ ନୀତି ହେଲା ବ୍ୟକ୍ତିଗତ ରୂପାନ୍ତର ସହିତ ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା । କାରଣ ବ୍ୟକ୍ତିର ମନ-ପ୍ରାଣ-ଶରୀର ତତ୍ତ୍ୱ ବିଶ୍ୱ ମନ-ପ୍ରାଣ-ଶରୀର ତତ୍ତ୍ୱ ସହିତ ଏକ । ବିଶ୍ୱର ମନ-ପ୍ରାଣ-ଶରୀର ତତ୍ତ୍ୱ ରୂପାନ୍ତରିତ ନ ହେଲେ ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବା ଏକେବାରେ ସମ୍ଭବ ନୁହେଁ । ସେହି କାରଣରୁ ମା' ମନୁଷ୍ୟଜାତିର ପ୍ରତିନିଧି ରୂପେ ନିଜ ଶରୀର ରୂପାନ୍ତର ସହିତ ବିଶ୍ୱ ତତ୍ତ୍ୱର ରୂପାନ୍ତର ସାଧନ କରୁଅଛନ୍ତି । ଏହିସବୁ ତତ୍ତ୍ୱ ଯେତେ ମାତ୍ରାରେ ରୂପାନ୍ତରିତ ହେବ ସେହି ଅନୁସାରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ଅନ୍ୟାୟ, ଅସତ୍ୟ ଦୂର ହେବ; କେତେକ ସାଧକଙ୍କ ସହିତ ମା'ଙ୍କ ଶରୀର ପୂର୍ଣ୍ଣ ରୂପାନ୍ତରିତ ହେଲେ ସଂସାରରୁ ପୂର୍ଣ୍ଣରୂପେ ଅସତ୍ୟ ଅନ୍ୟାୟ ଦୂର ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସାଧକର ସାଧନା ବ୍ୟକ୍ତିଗତ

ନୁହେଁ; ସମସ୍ତ ସଂସାର ସକାଶେ ଏବଂ ଆଶ୍ରମ କେତେକ ସାଧକଙ୍କୁ ନେଇ ଗୋଟିଏ ବ୍ୟକ୍ତିଗତ ସାଧନକେନ୍ଦ୍ର ନୁହେଁ; ଏହା ସମସ୍ତ ସଂସାର ନିମିତ୍ତ ଏକ ଆଦର୍ଶ । ସମସ୍ତ ସଂସାରରେ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରମ ଅନୁରୂପ କେନ୍ଦ୍ର ପ୍ରତିଷ୍ଠା ହେବ ଏବଂ ଆଶ୍ରମର ସାଧକ ସଦୃଶ ଭିନ୍ନ ଭିନ୍ନ କେନ୍ଦ୍ରରେ ସାଧକମାନେ ସାଧନା କରିବେ । ଏହାର ଆରମ୍ଭିକ ରୂପ ହେଉଛି ଶ୍ରୀଅରବିନ୍ଦ ପାଠଚକ୍ର, ଛାତ୍ର-ସଙ୍ଘ ଏବଂ ଯୁବ-ସଙ୍ଘ । ଏଠାରେ ପ୍ରଶ୍ନ ହେବ ଯଦି ବ୍ୟକ୍ତିର ମନ-ପ୍ରାଣ-ଶରୀର ବିଶ୍ୱର ମନ-ପ୍ରାଣ ସହିତ ଏକ, ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ହେବାରେ ବିଶ୍ୱର ମନ-ପ୍ରାଣ-ଶରୀର ତତ୍ତ୍ୱ ରୂପାନ୍ତରିତ ହେବ, ତେବେ ସଂସାରରେ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରମ ଅନୁରୂପ ଭିନ୍ନ ଭିନ୍ନ ଆଶ୍ରମ ବା ପାଠଚକ୍ର ସ୍ଥାପନା ହେବ କାହିଁକି ? ଅନ୍ୟ ବ୍ୟକ୍ତିଙ୍କର ସାଧନାର ଆବଶ୍ୟକ କ'ଣ ? ଏକା ମା'ଙ୍କ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ ସମସ୍ତ ସଂସାରୀ ବ୍ୟକ୍ତିଙ୍କ ରୂପାନ୍ତର ହେବା ଉଚିତ ।

ଏହି ପ୍ରଶ୍ନଟି ସ୍ଥୂଳ ଶରୀରାଶ୍ରିତ ଆଳସ୍ୟପରାୟଣ ମନର । ସେ କିଛି ନ କରି ତମସ୍‌ରେ ଡୁବି ରହି ମାଗଣାରେ ସବୁ ପାଇବାକୁ ଚାହେଁ । ଜଣେ ବ୍ୟକ୍ତିର ମନ-ପ୍ରାଣ ଓ ସ୍ଥୂଳ ଶରୀର ରୂପାନ୍ତରିତ ହେଲେ ବିଶ୍ୱ ତତ୍ତ୍ୱର ରୂପାନ୍ତର ହୁଏ, କିନ୍ତୁ ସଂସାରୀ ବ୍ୟକ୍ତିମାନଙ୍କର ସ୍ଥୂଳ ଶରୀର ଅର୍ଥାତ୍ ଯେଉଁ ଶରୀର ବ୍ୟକ୍ତି ଧାରଣ କରିଛନ୍ତି ଅଥବା ଯେଉଁ ସ୍ଥୂଳ ଶରୀର ଧାରଣ କରିବେ, ତାହା ରୂପାନ୍ତରିତ ହେବ ନାହିଁ; କିଂବା ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହେବ ନାହିଁ । କେବଳ ଯେଉଁ ଅଜ୍ଞାନ-ଅନ୍ଧକାର ଶକ୍ତିର ପ୍ରେରଣାରେ ବ୍ୟକ୍ତି ଅନ୍ୟାୟ ଅସତ୍ୟ ଆଚରଣ କରେ, ସେହି ଶକ୍ତିର ରୂପାନ୍ତର ହେବ । ତାହା ଫଳରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେବ । କିନ୍ତୁ ବ୍ୟକ୍ତିର ସ୍ଥୂଳ ଶରୀର ରୂପାନ୍ତର ସକାଶେ ବ୍ୟକ୍ତିଗତ ସାଧନା ଆବଶ୍ୟକ ।

ଅନ୍ୟ ପ୍ରଶ୍ନ ହେବ : ''ଯେଉଁମାନେ ସ୍ଥୂଳ ଶରୀରର ରୂପାନ୍ତର ଚାହାନ୍ତି ସେମାନେ ସାଧନା କରିପାରନ୍ତି, ଯେଉଁମାନେ ଦୁଃଖକଷ୍ଟ-ଦ୍ୱନ୍ଦ୍ୱରୁ ମୁକ୍ତ ହେବା ଇଚ୍ଛା ରଖନ୍ତି ସେମାନଙ୍କ ସକାଶେ ସାଧନା ଏବଂ ପାଠଚକ୍ରର ଆବଶ୍ୟକ ନାହିଁ, ଅନ୍ୟ ଲୋକଙ୍କ ସାଧନା ଦ୍ୱାରା ସେମାନେ ବିନା ପରିଶ୍ରମରେ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବେ ।''

ବ୍ୟକ୍ତି ସ୍ୱୟଂ ପରିଶ୍ରମ ନ କରି ପ୍ରମାଦବଶ ହୋଇ ଅନ୍ୟର ସାଧନା ଉପରେ ନିଜ ସୁଖ-ଶାନ୍ତି ନିମିତ୍ତ ନିର୍ଭର କଲେ ବର୍ତ୍ତମାନର ଦୁଃଖକଷ୍ଟରୁ ମୁକ୍ତ ହୋଇ ପାରିବ ନାହିଁ ବରଂ ଦୁଃଖକଷ୍ଟ ବଢ଼ିବ । କାରଣ ବର୍ତ୍ତମାନ ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅନ୍ଧକାର ଶକ୍ତିସମୂହ ତାହା ବ୍ୟର୍ଥ କରିବା ସକାଶେ ସାମନାକୁ ଆସିଅଛନ୍ତି । ଯେଉଁମାନେ ଏହି ରୂପାନ୍ତରକାରୀ ସତ୍ୟର ଆଶ୍ରୟ ନ ନେଇ ଅନ୍ଧକାର ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଅଛନ୍ତି ସେହିମାନଙ୍କୁ ତାହା ଯନ୍ତ୍ର କରି ପୃଥିବୀରେ ମହାନ୍ ବିଶୃଙ୍ଖଳା ଏବଂ ଦୁଃଖକଷ୍ଟ ସୃଷ୍ଟି କରୁଅଛି । ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରିବା ଉଦ୍ଦେଶ୍ୟରେ ସାଧନା କରିବେ, କିଂବା ଏହି ରୂପାନ୍ତର କାର୍ଯ୍ୟରେ ସହଯୋଗ କରିବେ, ଅଥବା ସମର୍ଥନ କରିବେ, ସେମାନେ କ୍ରମଶଃ ସେହି ମାତ୍ରାରେ ସତ୍ୟରେ ନିବାସ କରିବେ, ସେମାନଙ୍କ ବ୍ୟକ୍ତିଗତ ଦୁଃଖକଷ୍ଟର କ୍ରମଶଃ ନିବୃତ୍ତି ସହିତ ରୂପାନ୍ତର ଅଗ୍ରସର ହେଉଥିବ ଏବଂ ଏହି ରୂପାନ୍ତର ଅଗ୍ରସର ହେବା ଅନୁପାତରେ ସଂସାରରୁ ଦୁଃଖକଷ୍ଟ, ବିଶୃଙ୍ଖଳା କ୍ରମଶଃ କମ୍ ହେବାକୁ ଲାଗିବ ତଥା ସଂସାରରେ ସୁଖଶାନ୍ତି, ଶୃଙ୍ଖଳା ସେହି ଅନୁପାତରେ ପ୍ରତିଷ୍ଠା ହେଉଥିବ । ସାଧକମାନଙ୍କର ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ହେଲେ ସଂସାରରୁ ପୂର୍ଣ୍ଣତଃ ଦୁଃଖକଷ୍ଟ, ଦ୍ୱନ୍ଦ୍ୱ, ଯୁଦ୍ଧ, ହିଂସା ଦୂର ହେବ ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ ।

ଯେବେ ଯେବେ ଭଗବାନ୍ ନୂତନ ସତ୍ୟ ପ୍ରତିଷ୍ଠା କରିବାକୁ ସଂସାରକୁ ଆସନ୍ତି, ସେତେବେଳେ ମନୁଷ୍ୟଜାତିକୁ ଗୋଟିଏ ମହାନ୍ ସୁଯୋଗ ଦିଅନ୍ତି । ବର୍ତ୍ତମାନ ସେହି ମହାନ୍ ସୁଯୋଗ ଆସିଛି । ସ୍ୱୟଂ ମା ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରିଆଣି ଆମ୍ଭମାନଙ୍କ ସଙ୍ଗେ ରହି ଆମ୍ଭମାନଙ୍କ ସାଧାନାରେ ପୂର୍ଣ୍ଣରୂପେ ସାହାଯ୍ୟ କରୁଅଛନ୍ତି ଅଥବା ଆମ୍ଭମାନଙ୍କ ମଧ୍ୟରେ ସାଧନା କରୁଅଛନ୍ତି । ଆମ୍ଭେମାନେ କେବଳ ନିଷ୍କପଟଭାବେ ତାଙ୍କରି ଆଶ୍ରୟ ଗ୍ରହଣ କଲେ ଖୁବ୍ ସହଜରେ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମସୁଖ, ପରମଶାନ୍ତି ପ୍ରାପ୍ତ ହୋଇପାରିବା । ଏହାର ଉତ୍ତମ ପ୍ରଭାବ ପଡ଼ିବ ସନ୍ତାନ, ପରିବାର, ଗ୍ରାମ ତଥା ଦେଶରେ । ଏହାହିଁ ହେବ ଭଗବାନଙ୍କର ତଥା ଦେଶର ଯଥାର୍ଥ ଏବଂ ଉତ୍ତମ ସେବା ।

ଏଥିରେ ହେବ ନିଜ ସହିତ ଜଗତର କଲ୍ୟାଣ । ଏହାହିଁ ମନୁଷ୍ୟଜନ୍ମର ସାର୍ଥକତା । ଏହି ବ୍ୟକ୍ତିଗତ ପ୍ରଯତ୍ନରେ ଅଧିକ ସାହାଯ୍ୟକରେ ପାଠଚକ୍ର, ଛାତ୍ର-ସଂଘ, ଯୁବ-ସଂଘ । ଏହି ବିଷୟ ଠିକ୍ ଠିକ୍ ବୁଝି ନ ପାରି ଯଦି ଏହି କାର୍ଯ୍ୟରେ ଅଂଶ ଗ୍ରହଣ ନ କରୁ ଏବଂ ସୁଖ-ଶାନ୍ତି ସକାଶେ ପୃଥିବୀରେ ଅତିମାନବଜାତି ପ୍ରତିଷ୍ଠାକୁ ଅପେକ୍ଷା କରୁ, ତେବେ ଆମ୍ଭେମାନେ ମହାନ୍ ସୁଯୋଗକୁ ହରାଇବା ଏବଂ ଭଗବତ୍ ସେବା ବା ତାଙ୍କ ଯନ୍ତ୍ର ହେବାରୁ ବଞ୍ଚିତ ରହିବା । ଯେଉଁ ଉଦ୍ଦେଶ୍ୟରେ ଆମ୍ଭେମାନେ ଏହି ପୃଥିବୀକୁ ଆସିଛୁ, ତାହା ସିଦ୍ଧ କରି ପାରିବା ନାହିଁ । ଏହିସବୁ ବିଷୟ ଗଭୀରଭାବେ ବିଚାର କଲେ ସ୍ପଷ୍ଟଭାବେ ବୁଝି ପାରିବା ।

ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟକ୍ତିଗତ ଏବଂ ବିଶ୍ୱଗତ । ଏହା ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକ । କାରଣ ବ୍ୟକ୍ତି ସ୍ୱୟଂ ସାଧନା ନ କଲେ ତା'ର ମନ, ପ୍ରାଣ, ଶରୀର ରୂପାନ୍ତରିତ ହୋଇପାରେ ନାହିଁ କିମ୍ବା ସଂସାରରେ ନୂତନ ଯୁଗର ପ୍ରତିଷ୍ଠା ଆରମ୍ଭ ହେବା ପୂର୍ବରୁ ସେ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ ନାହିଁ । ଏହି ଆବଶ୍ୟକତା ପ୍ରତ୍ୟେକ ବ୍ୟକ୍ତି ବୁଝି ନ ପାରିଥିବାରୁ ଏହାକୁ କେତେକ ବ୍ୟକ୍ତି ବାଦ୍ ଦେଇପାରନ୍ତି କିନ୍ତୁ ବର୍ତ୍ତମାନ ଅବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିର ଯେଉଁ ଦୁଃଖ-କଷ୍ଟ ଓ ଦ୍ୱନ୍ଦ୍ୱ ଅଛି, ସେଥିରୁ ମୁକ୍ତ ନ ହେବାକୁ କୌଣସି ଗୋଟିଏ ବ୍ୟକ୍ତି ବି ଚାହାନ୍ତି ନାହିଁ । ଦୁଃଖ-କଷ୍ଟ ଓ ଦ୍ୱନ୍ଦ୍ୱରୁ ମୁକ୍ତ ହେବା ନିମିତ୍ତ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗ ଗ୍ରହଣ ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ରୂପାନ୍ତର ସକାଶେ କର୍ମ ଅପରିହାର୍ଯ୍ୟ ଏବଂ ସହଜ । ବ୍ୟକ୍ତିଗତ ସିଦ୍ଧିରେ ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ତଥା ପ୍ରତ୍ୟେକ ବ୍ୟକ୍ତିର ତାହାର ଆବଶ୍ୟକ – ଏହି ବିଷୟ ଏ ଲେଖାରେ ଆଲୋଚିତ ହେଲା । କିନ୍ତୁ କେଉଁ ପ୍ରଣାଳୀ ଓ ମନୋଭାବରେ କର୍ମ କରିବାକୁ ହେବ ଏବଂ ସେଥିରେ ନିଜର ଅହଂ ତଥା ସ୍ୱାର୍ଥ କିପରି ବାଧା ଦିଅନ୍ତି, ତାହା ପରବର୍ତ୍ତୀ ଲେଖାରେ ଆଲୋଚନା କରିବା ।

❖

କର୍ମ ଓ ସାଧନା

ପ୍ରଶ୍ନ : ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ଆଦର୍ଶରେ ବାହାରେ ଯେଉଁଠି ଆଶ୍ରମ ପ୍ରତିଷ୍ଠା ହେବ ସେମାନଙ୍କ ମଧ୍ୟରେ ସହଯୋଗ, ସାମଞ୍ଜସ୍ୟ ରହିବ କିପରି ? ପଣ୍ଡିଚେରୀ ଆଶ୍ରମରେ ମାଶ୍ରୀଅରବିନ୍ଦ ସ୍ୱୟଂ ଥିଲେ, ସେ ଆଶ୍ରମ ପ୍ରତିଷ୍ଠା କରିଥିଲେ । ତାଙ୍କର ନିର୍ଦ୍ଦେଶରେ ଆଶ୍ରମ ପରିଚାଳିତ ହେଉଥିଲା । ଆଶ୍ରମର ସାଧକ ବହୁତ ଦିନ ମାଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ରହିକରି ପରିଚାଳନା ବିଷୟରେ ଅଭିଜ୍ଞତା ଲାଭ କରିଥିଲେ । ସେ ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ସ୍ୱ-ଦେହ ଛାଡ଼ିବା ପରେ ଆଶ୍ରମ ପରିଚାଳିତ ହେବାରେ ଅସୁବିଧା ହେଲା ନାହିଁ ।

କିନ୍ତୁ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀର ଆଦର୍ଶ ଅନୁସାରେ ବାହାରେ ଯେଉଁଠି ଆଶ୍ରମ ପ୍ରତିଷ୍ଠା ହେବ ସେଠାକୁ ସବୁ ନୂତନ ସାଧକ ଆସିବେ । ପ୍ରଥମ କରି ଗୃହତ୍ୟାଗ କରି ଆସିଥିବେ । ସେମାନଙ୍କର ଆଶ୍ରମ ପରିଚାଳନା ସମ୍ବନ୍ଧେ କୌଣସି ଧାରଣା ନ ଥିବ, ଅଭିଜ୍ଞତା ବି ନ ଥିବ । ଏପରି ସ୍ଥଳେ ଶୃଙ୍ଖଳା ସହିତ ଆଶ୍ରମ ପରିଚାଳିତ ହେବ କିପରି ?

ଉତ୍ତର : ବାହାରେ ନୂତନ ରୂପେ ପ୍ରତିଷ୍ଠିତ ହେଉଥିବା ଆଶ୍ରମ ଶୃଙ୍ଖଳା ଏବଂ ସାମଞ୍ଜସ୍ୟର ସହ ପରିଚାଳିତ ହେବ ଜୀବନର ଲକ୍ଷ୍ୟ ଦୃଢ଼ ଭାବରେ ଗ୍ରହଣ କରି ସାଧନା ସମ୍ବନ୍ଧେ ସଚେତନ ହେବା ଦ୍ୱାରା । ଶ୍ରୀଅରବିନ୍ଦ କହିଥିଲେ ଯେପର୍ଯ୍ୟନ୍ତ ଅତିମାନସ ଶକ୍ତି ଅବତରଣ ନ କରିଛି ସେପର୍ଯ୍ୟନ୍ତ ମା ପରିଚାଳନା କରିବେ । ଅତିମାନସ ଶକ୍ତି ଅବତରଣ କଲା ପରେ ସମସ୍ତ କାର୍ଯ୍ୟ ଅତିମାନସ ଶକ୍ତିହିଁ ପରିଚାଳନା କରିବ । ୧୯୫୦ରେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ନିଜ ଶରୀରରେ ଅବତରଣ କରାଇ ଶରୀର ତ୍ୟାଗ କଲେ । ସେହି ଅତିମାନସ ଶକ୍ତି ପୃଥିବୀରେ କ୍ରିୟାତ୍ମିକା ଶକ୍ତି ରୂପେ ପ୍ରତିଷ୍ଠା ହେଲା ୧୯୫୬ ଫେବ୍ରୁଆରି ୨୯ ତାରିଖରେ । ବର୍ତ୍ତମାନ ସେହି ଅତିମାନସ ଶକ୍ତି କାର୍ଯ୍ୟ କରୁଛି । ଯେଉଁଠାରେ ସାଧନାଳୟ, ଶ୍ରୀଅରବିନ୍ଦଙ୍କ ଦେହାଂଶ ସ୍ଥାପନ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାଠଚକ୍ର, ସେମିନାର ପ୍ରଭୃତି କାର୍ଯ୍ୟ ହେଉଛି ସେଠାରେ ଅତିମାନସ ଶକ୍ତି କ୍ରିୟାଶୀଳ ହେଉଛି । ବିଶେଷ ରୂପେ କ୍ରିୟାଶୀଳ ହେଉଛି ସାଧନାଳୟ ଓ ରିଲିକ୍ସ୍ ମନ୍ଦିରମାନଙ୍କରେ ।

ଆଶ୍ରମ ସାଧକମାନେ କିପରି ମନୋଭାବ ରଖି କର୍ମ କରିବେ, ପରସ୍ପର ମଧ୍ୟରେ କିପରି ସାମଞ୍ଜସ୍ୟ ରହିବ, କର୍ମ କିପରି ପ୍ରଣାଳୀରେ କରିବାକୁ ହେବ ଏହି ବିଷୟରେ ଶ୍ରୀମା ଇଂରେଜୀ ମାତୃରଚନାବଳି ୧୪ଶ ଖଣ୍ଡର ୩୩୧ ପୃଷ୍ଠାଠାରୁ ୩୪୮ ପୃଷ୍ଠା ପର୍ଯ୍ୟନ୍ତ ବହୁତ ପ୍ରାଞ୍ଜଳ ଭାଷାରେ ଟିକିନିଖି କରି ଆଲୋଚନା କରିଅଛନ୍ତି । ଏହାକୁ ସମସ୍ତ ସାଧକ ପାଠ କରିବା ଆବଶ୍ୟକ ।

କର୍ମରେ ଅସାମଞ୍ଜସ୍ୟର ପ୍ରଧାନ କାରଣ ହେଲା ଅହଂ ଆଉ ସ୍ୱାର୍ଥ । ଏହି ଅହଂ ସ୍ୱାର୍ଥ ଯୋଗୁଁ ପରିବାରରେ, ସମାଜ, ଦେଶ, ଜାତି, ଶାସନରେ ନାନା ପ୍ରକାର ଅସାମଞ୍ଜସ୍ୟ ମତଭେଦ, କଳହ ସୃଷ୍ଟି ହୁଏ । ସାଧାରଣ ବ୍ୟକ୍ତି ଏପରିକି ବହୁତ ବିଦ୍ୱାନ୍, ବୁଦ୍ଧିମାନ ବ୍ୟକ୍ତିମାନେ ବି ଏ ସମ୍ବନ୍ଧେ ସଚେତ ନୁହନ୍ତି । କିନ୍ତୁ ଏହି ଅହଂ ସ୍ୱାର୍ଥ ସାଧନାର ମହାନ୍ ଶତ୍ରୁ ଆଉ ଜୀବନର ସମସ୍ତ ପ୍ରକାର ଅଶାନ୍ତି, ଦୁଃଖର ମୂଳ କାରଣ । ଏ ବିଷୟରେ ସାଧକମାନେ ସଚେତ ହେବା, ଏହାକୁ କ୍ରିୟାରେ ପରିଣତ କରିବାକୁ ନ ଦେବା, ଏହାକୁ ପ୍ରତ୍ୟାଖ୍ୟାନ କରିବା ଏକାନ୍ତ ଆବଶ୍ୟକ ଏବଂ ଅପରିହାର୍ଯ୍ୟ । ଯେପର୍ଯ୍ୟନ୍ତ ସାଧକ ଏ ଅହଂ ସ୍ୱାର୍ଥକୁ ଭଲଭାବେ ନ ଚିହ୍ନିଛି, ସେପର୍ଯ୍ୟନ୍ତ ସେ ତାକୁ ମିତ୍ର ରୂପେ ପ୍ରଶ୍ରୟ ଦେଉଥାଏ । କିନ୍ତୁ ସେ ମିତ୍ର ସର୍ବନାଶ କରିବା ଶକୁନି ମନ୍ତ୍ରୀ ସଦୃଶ । ସାଧକ ସଚେତ ନ ହେବା ଯୋଗୁଁ ତାକୁ ନିଜର ମିତ୍ର ବୋଲି ମନେ କରେ । ସେହିସବୁ ଦ୍ୱାରା ସବୁପ୍ରକାର ଦୁଃଖ କଷ୍ଟ ଅଶାନ୍ତି ଭୋଗକରେ । ଦୈନନ୍ଦିନ ଜୀବନରେ ଅଶାନ୍ତିରେ ଦିନ କାଟେ । ସାଧନାରେ ଅଗ୍ରଗତି କରିପାରେ ନାହିଁ । ନାନା ପ୍ରକାର ଅବସାଦ, ଦ୍ୱନ୍ଦ୍ୱ, ସନ୍ଦେହ, ହିଂସା, ଦ୍ୱେଷ ଆଦି ଶତ୍ରୁମାନଙ୍କ ଦ୍ୱାରା ପୀଡ଼ିତ ହେଉଥାଏ ।

ଅହଂ ସ୍ୱାର୍ଥ ମହାନ୍ କୌଶଳୀ । ମନୁଷ୍ୟର ମନ, ପ୍ରାଣ, ଶରୀରର ପ୍ରତିକୂଳ ଗତିବୃତ୍ତି ହିଂସା, ଦ୍ୱେଷ, ଈର୍ଷା, ଲୋଭ, ମୋହ, କାମ, କ୍ରୋଧ ଇତ୍ୟାଦିଙ୍କୁ ଚିହ୍ନିପାରେ । କିନ୍ତୁ ଅହଂସ୍ୱାର୍ଥ ଏପରି କୌଶଳୀ ଯେ ସେମାନଙ୍କୁ ଚିହ୍ନିବା

ଏତେ ସହଜ ନୁହେଁ । ସେମାନେ ବହୁତ କୌଶଳରେ ପ୍ରେରଣା ଦିଅନ୍ତି । ସେମାନେ କୁହନ୍ତି, 'ଯେଉଁଟା ସତ୍ୟ ଯଥାର୍ଥ ତାକୁ କହିବା ଉଚିତ । ସତ୍ୟ, ଯଥାର୍ଥ ନ କହିବା ହେଲା ଅପରାଧ ।' ଯଥାର୍ଥରେ ସତ୍ୟ ଏବଂ ଯଥାର୍ଥ କ'ଣ ବୁଦ୍ଧିରେ ତ ମଣିଷ ବୁଝିପାରିବନି ? ଯେଉଁଠି ଯଥାର୍ଥ ସତ୍ୟ ସୁପ୍ରିମ କୋର୍ଟର ଜଜ୍ ବିଚାର କରି ନ ପାରନ୍ତି ସେଠାରେ ତାକୁ ସାଧାରଣ ବୁଦ୍ଧିରେ ବିଚାର କରିବା ସମ୍ଭବ ହେବ କିପରି ? ବୁଦ୍ଧି ବିଚାର ବ୍ୟକ୍ତି ଯାହାକୁ ସତ୍ୟ ଏବଂ ଯଥାର୍ଥ କହେ ତାହା ଦ୍ୱାରା ଯଦି ବିବାଦ, କଳହ, ଦ୍ୱନ୍ଦ୍ୱ ଆଦି ହୁଏ ତେବେ ତାହା କହିବାରେ ଲାଭ କ'ଣ ହେଲା ? ସତ୍ୟ ଓ ଯଥାର୍ଥ କଥା ନ କହି ନୀରବ ହେବା ଦ୍ୱାରା ଯାହା କ୍ଷତି ହୁଅନ୍ତା, ବିବାଦ କଳହ ମତଭେଦ ଦ୍ୱାରା ତା' ଅପେକ୍ଷା ବହୁଗୁଣରେ ଅଧିକ କ୍ଷତି ହେବ । ଆଶ୍ରମ ବା ଅନୁଷ୍ଠାନର ଅବନତି ହେବ । ସେ ସକାଶେ ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି;

''କହିବ ସତ୍ୟ ପ୍ରିୟ ବଚନ ବିଚାରି ।''

ଏହାର ଅର୍ଥ ସତ୍ୟ ହୋଇଥିବ, କିନ୍ତୁ ସେ ସତ କହିବା ଦ୍ୱାରା ଯଦି କିଛି ସୁଧାର ହୁଏ ତେବେ ତ କହିବା ଉଚିତ । କିନ୍ତୁ ଯଦି ତାହା ଅପ୍ରିୟ ହୋଇଥିବ ତେବେ ତାକୁ କହିବା ଉଚିତ ନୁହେଁ ।

ଯେପରି କୌଣସି ବିଶିଷ୍ଟ ବ୍ୟକ୍ତି ଚୋରି କରିଥିବ, ତାକୁ କହିବ ତୁ ଗୋଟେ ଚୋର । ପରନ୍ତୁ ଏ ସତ୍ୟ କିନ୍ତୁ ଅପ୍ରିୟ । ଏଭଳି ସତ୍ୟ କଦାପି କହିବା ଉଚିତ ନୁହେଁ ।

ବ୍ୟକ୍ତି ଯଦି ଅହଂ ଆଉ ସ୍ୱାର୍ଥକୁ ଚିହ୍ନି ସେସବୁକୁ କାର୍ଯ୍ୟରେ ପରିଣତ ନ କରିବ ଆଉ ସାବଧାନ ରହିବ ତେବେ ଆଶ୍ରମ ଅନୁଷ୍ଠାନ ଓ ପରିବାରର ସୁଧାର ନିଶ୍ଚୟ ହେବ । ପରିବାରରେ ମତଭେଦ ହେବ ନାହିଁ । ପରିବାର ସୁଖ ଶାନ୍ତିରେ ରହିବ । ପରିବାରର ଉନ୍ନତି ହେବ । ଏହାର ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିବ । ଗ୍ରାମବାସୀଙ୍କ ଉପରେ ପଡ଼ିବ । ସମାଜ ଉପରେ ବି ପଡ଼ିବ । ଏହି ଅହଂ ଆଉ ସ୍ୱାର୍ଥ ବ୍ୟକ୍ତି ପାଇଁ ଯେପରି ଘାତକ, ପରିବାର ସମାଜ, ଦେଶ ପାଇଁ ମଧ୍ୟ ସେପରି ଘାତକ । କିନ୍ତୁ ଏହି ପରମ ଶତ୍ରୁକୁ ଆମେ ପରମ ମିତ୍ର ରୂପେ ସ୍ୱାଗତ କରୁ । ଯାହାଫଳରେ ଜୀବନର ଅଧୋଗତି ହୁଏ ।

ଏ ସମ୍ପର୍କରେ ମା ସ୍ୱୟଂ କହିଛନ୍ତି ଯେ ''ଯଦି କର୍ମରେ କୌଣସି ବାଧାର ସମ୍ମୁଖୀନ ହେଉ ତେବେ ତୁ ନିଜେ ନିଜକୁ ଦେଖିଲେ ଜାଣିବୁ ଯେ ତା'ର ମୂଳ ତୋ ନିଜ ଭିତରେହିଁ ଅଛି ।''

ପ୍ରଶ୍ନ : ବାଧାର କାରଣ ନିଜ ଭିତରେ କିପରି ରହିଛି ?

ଉତ୍ତର : ନିଜ ଭିତରେ ବାଧା ରହିବାର ଲକ୍ଷଣ ହେଲା ଆମ ଭିତରେ କିଛି ଅହଂ, ସ୍ୱାର୍ଥ ଏହାର କିଛି ତ୍ରୁଟି ଥାଏ, ସେହି ଯୋଗୁଁ ବାଧା ଆସେ । ଆମ ଭିତର ବାଧା ଯଦି ଚାଲିଯିବ ତେବେ ବାହାର ବାଧାର ପ୍ରଭାବ ଆମ ଉପରେ ପଡ଼ିବ ନାହିଁ । ଏ କେବଳ ଆଧ୍ୟାତ୍ମିକ ମାର୍ଗରେ ନୁହେଁ, ଗାର୍ହସ୍ଥ୍ୟାଶ୍ରମରେ ମଧ୍ୟ ସେହି କଥା । ଗାର୍ହସ୍ଥ୍ୟାଶ୍ରମରେ ଯଦି କିଏ ଭାବେ ଯେ ମୋତେ କେହି ଭଲପାଉ ନାହାନ୍ତି, ମୋ କଥା କେହି ମାନୁ ନାହାନ୍ତି, ମୋର କଥା ପସନ୍ଦ କରୁ ନାହାନ୍ତି, ଏହାର ଅର୍ଥ ନିଜ ଭିତରେ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ ଆଦି ପୂର୍ଣ୍ଣମାତ୍ରାରେ ଥାଏ । ସେଇ ସକାଶେ ତା'ର ପ୍ରତିକ୍ରିୟା ଅନ୍ୟ ଦ୍ୱାରା ଧରାଦିଏ । ଏହି ପ୍ରତିକୂଳ ଗୁଣଧର୍ମ ଥିବାରୁ ବ୍ୟବହାରରେ ତ୍ରୁଟି ଦେଖାଦିଏ । ବ୍ୟବହାରରେ ତ୍ରୁଟି ଦେଖାଦେବାର ଅର୍ଥ ପ୍ରତ୍ୟେକ ବ୍ୟକ୍ତିର ବୁଦ୍ଧି ଅନୁସାରେ ଗୋଟିଏ ବସ୍ତୁକୁ ପ୍ରତ୍ୟେକେ ଭିନ୍ନ ଭିନ୍ନ ରୂପେ ବିଚାର କରନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କର ଧାରଣା ହୁଏ ଯେ ତାଙ୍କରି ବିଚାରଟାହିଁ ଠିକ୍ । ଅନ୍ୟର ବିଚାର ଯଥାର୍ଥ ନୁହେଁ । ଏହା ବୁଦ୍ଧିର ଧର୍ମ । ବୁଦ୍ଧି ସର୍ବଦା ଅର୍ଦ୍ଧ-ଜ୍ଞାନଯୁକ୍ତ । ପୂର୍ଣ୍ଣ ଜ୍ଞାନ ବୁଦ୍ଧିର ନ ଥାଏ । ସେ ସକାଶେ ଗୋଟିଏ ବସ୍ତୁକୁ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଧାରଣା କରନ୍ତି । ଏହାର ପ୍ରତ୍ୟକ୍ଷ ପ୍ରମାଣ ହେଉଛି ସୁପ୍ରିମକୋର୍ଟର ଜଜ୍ ଓ ନିର୍ବାଚନରେ ଭୋଟ ଦେବା ।

ପରିବାରରେ ସୁଖ ଶାନ୍ତିରେ ରହିବାକୁ ହେଲେ ଆଧ୍ୟାତ୍ମିକ ମାର୍ଗରେ ଶାନ୍ତିରେ ରହି, ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବାକୁ ହେବ । ସାଧାରଣ ବୁଦ୍ଧିକୁ ପ୍ରାଧାନ୍ୟ ନ ଦେଇ ଭଗବାନଙ୍କୁ ଭକ୍ତି କରିବା ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଭକ୍ତି କରିବାକୁ ହେବ । ତାଙ୍କରି ଚରଣରେ ନିଜକୁ ପୂର୍ଣ୍ଣତଃ ସମର୍ପଣ କରିବା ସକାଶେ ଅଭୀପ୍ସା କରି ନିୟମିତ ରୂପେ କିଛି ସମୟ ହୃଦୟରେ ଧ୍ୟାନ କରିବା ଦ୍ୱାରା ଆମ ମଧ୍ୟରେ ଭାଗବତୀ ଶକ୍ତି ଅବତରଣ କରିବ ଏବଂ ରୂପାନ୍ତର କ୍ରିୟା କରିବ । ତେବେ ଆମେ ମନର ଊର୍ଦ୍ଧ୍ୱ ଚେତନା ପ୍ରାପ୍ତ କରିପାରିବା । ଏହା ପୂର୍ବରୁ ସୁଖ ଶାନ୍ତିରେ ରହିବାକୁ ହେଲେ ନିଜ ବୁଦ୍ଧି

ବିଚାରରେ ଯାହା ଠିକ୍ କରିବେ ତାହାକୁ ପ୍ରାଧାନ୍ୟ ନ ଦେଇ ଅନ୍ୟ ସାଙ୍ଗରେ ସାମଞ୍ଜସ୍ୟ ରଖି କାର୍ଯ୍ୟ କରିବାକୁ ଚେଷ୍ଟା କରିବେ । ଏହିପରି କଲେ ବ୍ୟକ୍ତି ପ୍ରତ୍ୟେକ ସଂସ୍ଥାରେ, ଆଶ୍ରମରେ, ଗୃହସ୍ଥାଶ୍ରମରେ ସୁଖ ଶାନ୍ତିରେ ରହିପାରିବେ । ଭଗବାନଙ୍କୁ ଭକ୍ତି ଛଡ଼ା ସୁଖ ଶାନ୍ତିରେ ରହିବାର ଆଉ ଅନ୍ୟ କୌଣସି ଉପାୟ ନାହିଁ ।

ପ୍ରଶ୍ନ : କର୍ମରେ ବିଶ୍ୱସ୍ତ ହେବାର ଅର୍ଥ କ'ଣ ?

ଉତ୍ତର : କର୍ମରେ ବିଶ୍ୱସ୍ତ ହେବାର ଅର୍ଥ ହେଲା ଯେଉଁ କର୍ମ ଦିଆଯାଇଛି ତାକୁ ଆନ୍ତରିକତା ସହ ଏବଂ ଉତ୍ତମ ରୂପେ କରିବା । ଏପରି ପୂର୍ଣ୍ଣ ରୂପେ କରିବାକୁ ହେବ ଯେପରି ସେଥିରେ କୌଣସି ପ୍ରକାର ଦୋଷ, ତ୍ରୁଟି, ଅହଂ, ସ୍ୱାର୍ଥ ଇତ୍ୟାଦିର ସ୍ଥାନ ନ ଥିବ । ଏହିପରି କର୍ମ ଯଥାର୍ଥରେ ମା'ଙ୍କର ସେବା ଓ ଲକ୍ଷ୍ୟ ପ୍ରାପ୍ତିର ସାଧନା । ମାନ ଅପମାନକୁ ପରୁଆ ନ କରି କର୍ମରେ ତ୍ରୁଟି କରିବାକୁ ଦେବ ନାହିଁ ଏବଂ କର୍ମ କରିବା ସମୟରେ ମା'ଙ୍କ ପ୍ରତି ସମର୍ପଣ ଭାବ ରଖିବା ଏକାନ୍ତ ଆବଶ୍ୟକ । ଏହା ସହଜ ହୁଏ ନିରନ୍ତର 'ମା', ଏହି ନାମ ଜପ କରିବା ଦ୍ୱାରା ।

ପ୍ରଶ୍ନ : ଜଣେ ଯଦି ଭାବିବ ଯେ ଅନ୍ୟ ବ୍ୟକ୍ତି କମ୍ କାମ କରୁଛି ବା ମୋଟେ ନ କରି ଫାଙ୍କି ମାରୁଛି । ମୁଁ କାହିଁକି ବେଶୀ କାମ କରିବି ? ଏହା କ'ଣ ଠିକ୍ ?

ଉତ୍ତର : କେହି କ'ଣ କେବେ ଭାବେ ଯେ ଅନ୍ୟ ଲୋକ ଭଲ ଘରେ ରହିପାରୁ ନାହିଁ, ଭଲ ବିଛଣାରେ ଶୋଇପାରୁ ନାହିଁ, ତେବେ ମୁଁ କାହିଁକି ଭଲ ଘରେ ରହିବି, ଭଲ ବିଛଣାରେ ଶୋଇବି ? ଏ ପ୍ରଶ୍ନ ଉଠୁଛି କର୍ମର ମହତ୍ତ୍ୱ ନ ଜାଣିବା ଯୋଗୁଁ । କର୍ମ ଯେ ସାଧାରଣ ଜୀବନକୁ ଉନ୍ନତ ଓ ସମୃଦ୍ଧ କରେ, ଆଧ୍ୟାତ୍ମିକ ମାର୍ଗରେ ଲକ୍ଷ୍ୟ ପ୍ରାପ୍ତି କରାଏ — ଏ ରହସ୍ୟ ନ ଜାଣିବା ଯୋଗୁଁ ମନରେ ଏହି ଭାବ ଆସେ । ଅନ୍ୟ ଲୋକ କମ୍ କାମ କରୁଛି, ମୁଁ କାହିଁକି ବେଶୀ କାମ କରିବି, ଏହା ସଂପୂର୍ଣ୍ଣତଃ ସାଧନାର ବିରୋଧୀ ଓ ମା'ଙ୍କ ସେବାରେ ପ୍ରତିକୂଳ । ଏ ଭାବନା ଅହଂ ଏବଂ ସ୍ୱାର୍ଥର । ଏହା ଯଥାର୍ଥରେ ଆମର ପୂରା ଶତ୍ରୁ ।

ଏ ସମସ୍ତ କାର୍ଯ୍ୟ ମା'ଙ୍କ ସେବା । ଅନ୍ୟ କିଏ କ'ଣ କରୁଛି ନ କରୁଛି ତାକୁ ନ ଦେଖି ଆନ୍ତରିକତା ସହିତ ସେବା ମନୋଭାବରେ ଯେତେ ଅଧିକ କାମ ଆମେ କରିପାରିବା ସେତେ ଅଧିକ କାମ କରିବା ଉଚିତ । ଏହା କେବଳ ଆଧ୍ୟାତ୍ମିକ ଆଶ୍ରମ ସାଧକମାନଙ୍କ ସକାଶେ ନୁହେଁ, ପରିବାରର ସମସ୍ତ ବ୍ୟକ୍ତିଙ୍କ ଲାଗି ମଧ୍ୟ ଏହା ପ୍ରଯୁଜ୍ୟ । ଚାକିରି, ବ୍ୟବସାୟ, ବାଣିଜ୍ୟ, କୃଷି କର୍ମ, ରାଜନୀତି ସବୁ କ୍ଷେତ୍ରରେ ମଧ୍ୟ ଏହି ନିୟମ ଅନୁସାରେ କାର୍ଯ୍ୟ କରିବା ଆବଶ୍ୟକ ।

ପ୍ରଶ୍ନ : ସାମୂହିକ କର୍ମ କିପରି ମନୋଭାବରେ କଲେ ଶାନ୍ତି, ଶୃଙ୍ଖଳା ରହିବ ଏବଂ ସଂସ୍ଥାର ଉନ୍ନତି ହେବ ?

ଉତ୍ତର : ଶାନ୍ତି ଶୃଙ୍ଖଳା ରକ୍ଷାକରି ସଂସ୍ଥାର ଉନ୍ନତି କରିବାର ଏକମାତ୍ର ଅବ୍ୟର୍ଥ ପ୍ରଣାଳୀ ହେଲା ଜୀବନର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି ଏହା ଭଲଭାବେ ଜାଣିବା ଏବଂ ମା'ଙ୍କ ସେବାଭାବରେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରିବା । ପରନ୍ତୁ ଏହାର ପ୍ରଧାନ ଶତ୍ରୁ ଏବଂ ଆମ ଜୀବନରେ ସମସ୍ତ ପ୍ରକାର ଉନ୍ନତିରେ ସର୍ବନାଶକ ବାଧା ହେଲା ଆମର ଅହଂ ଆଉ ସ୍ୱାର୍ଥ । ଅହଂ ଓ ସ୍ୱାର୍ଥ — ପ୍ରତ୍ୟେକ କାର୍ଯ୍ୟରେ ସେମାନେ ଚାହାନ୍ତି ସେମାନଙ୍କର ଅଧିକାର; କଥାରେ ଟିକିଏ ପ୍ରତିକୂଳ ହେଲେ ବିବାଦ କରିବା, ରାଗିବା, ଅନ୍ୟପ୍ରତି ହିଂସା କରିବା । ସେ ମନେକରେ ଯେ ସେ ଯାହା ବିଚାର କରିଛି ସେଇଟା ଠିକ୍, ଅନ୍ୟର ବିଚାର ଭୁଲ୍ । ପ୍ରତ୍ୟେକ ବ୍ୟକ୍ତି ଏହିପରି ଧାରଣା କରନ୍ତି । ଏଇଥି ଯୋଗୁଁ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରହେନା, ବିବାଦ ହୁଏ । ଆଉ କାର୍ଯ୍ୟରେ ବିଶୃଙ୍ଖଳା ହୁଏ । ସଂସ୍ଥାର ଉନ୍ନତି ହୁଏ ନାହିଁ, ବ୍ୟକ୍ତି ଅହଂ ବଶ ହୋଇ ଯେଉଁ ଅଧିକାର ବା ନାମ ଯଶଃ ଚାହୁଁଥାଏ, ତାହା ତ ମିଳେ ନାହିଁ, ତା' ବଦଳରେ ମିଳେ ନିନ୍ଦା ଆଉ ଅପମାନ ।

ବ୍ୟକ୍ତି ଯଦି ଅହଂ ସ୍ୱାର୍ଥକୁ ଚିହ୍ନି ଅଧିକାର ଲାଳସା ନ ରଖି ନିଜେ ଯାହା ଭାବୁଛି, ଯାହା କରୁଛି ଏକମାତ୍ର ତାହାହିଁ ଠିକ୍, ଅନ୍ୟ ଲୋକର ବିଚାର ସଂପୂର୍ଣ୍ଣ ଭୁଲ୍ — ଏ ଧାରଣାକୁ ତ୍ୟାଗ କରି କୌଣସି ଅବସ୍ଥାରେ କୌଣସି ବ୍ୟକ୍ତି ପ୍ରତି ହିଂସା, ଈର୍ଷା, ବିଦ୍ୱେଷ ମନୋଭାବ ନ ରଖି ଆନ୍ତରିକତା ସହିତ କାର୍ଯ୍ୟ କରେ ତେବେ ମା'ଙ୍କ କାର୍ଯ୍ୟକୁ ଉତ୍ତମରୂପେ କରିପାରିବ । ସଂସ୍ଥାର ଉନ୍ନତି ହେବ । ସେ ଆଶା ନ ରଖିବା ସତ୍ତ୍ୱେ ଅଧିକାର ସ୍ୱାଭାବିକ ଭାବେ ଆସିବ । ନାମ ଯଶ ସ୍ୱାଭାବିକ ରୂପେ ବୃଦ୍ଧି ହେବ । ଅଧିକାର ଓ ନାମଯଶଃକୁ ଚାହିଁଲେ ତାହା ଧରାଦେବ ନାହିଁ । ନ ଚାହିଁଲେ ପଛେ ପଛେ ଗୋଡ଼ାଉଥିବ । ❖

ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧନା

ଯେଉଁ ପ୍ରକୃତିର ରୂପାନ୍ତର ଅତ୍ୟନ୍ତ ଅସମ୍ଭବ ଜାଣି ବୈଦିକ ଯୁଗର ଋଷିମୁନିଙ୍କଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ପୁରାତନ ଯୋଗର ସାଧକମାନେ ତାହାକୁ ବାଦ୍‌ଦେଇ ଆସିଛନ୍ତି, ସେହି ପ୍ରକୃତିର ପୂର୍ଣ୍ଣ ରୂପାନ୍ତର ଏବଂ ମୃତ୍ୟୁ, ଜରା, ରୋଗରୁ ପୂର୍ଣ୍ଣ ମୁକ୍ତି ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ପ୍ରକୃତିର ରୂପାନ୍ତର – ଏହି ଦୁରୂହ କାର୍ଯ୍ୟ ପୁରାତନ ଯୋଗର କୌଣସି ମହାନ୍ ସାଧନା ଦ୍ୱାରା ସାଧିତ ହୁଏ ନାହିଁ; ହୁଏ ଅତିମାନସ ଶକ୍ତି ଦ୍ୱାରା । ଅତିମାନସ ଶକ୍ତି କାର୍ଯ୍ୟ କରିପାରେ ଅଭୀପ୍ସା ତଥା ପ୍ରତିକୂଳ ବସ୍ତୁ, ଗତିବୃତ୍ତି ଓ ମନୋଭାବର ତ୍ୟାଗ ଏବଂ ମା'ଙ୍କ ଚରଣରେ ସଂପୂର୍ଣ୍ଣରୂପେ ସମର୍ପଣ କରିବାରେ । ଏହି ସମର୍ପଣ, ଅଭୀପ୍ସା ଓ ପ୍ରତ୍ୟାଖ୍ୟାନର ଜୀବନ୍ତ, ଜାଗ୍ରତ୍ ଓ ପ୍ରତ୍ୟକ୍ଷ ପ୍ରାଣ ହେଉଛି ବିଶ୍ୱାସ ଓ ନିର୍ଭରତା । ବିଶ୍ୱାସ ବିନା ସମର୍ପଣ ହୁଏ ନାହିଁ । ବିଶ୍ୱାସ ଅଭାବରୁ ଅଭୀପ୍ସାର ଅଗ୍ନି ପ୍ରଜ୍ୱଳିତ ନ ହୋଇ ଲିଭି ଯାଏ । ପ୍ରତିକୂଳ ବସ୍ତୁ ତ୍ୟାଗ କରିବାର ଉତ୍ସାହ ତଥା ସାମର୍ଥ୍ୟ ନ ଥାଏ । ଏହି ସକାଶେ ଶ୍ରୀଅରବିନ୍ଦ କହିଛନ୍ତି :

ଶ୍ରଦ୍ଧା, ଭଗବାନଙ୍କ ଉପରେ ନିର୍ଭରତା, ଦିବ୍ୟ ଶକ୍ତିଙ୍କ ପାଖରେ ସମର୍ପଣ ଓ ଆତ୍ମଦାନ – ଏହି ସମସ୍ତହିଁ ଆବଶ୍ୟକ ଏବଂ ଅପରିହାର୍ଯ୍ୟ । କିନ୍ତୁ ସାବଧାନ, ଏହି ନିର୍ଭରତା ଯେପରି ତୋର ଆଳସ୍ୟ, ଦୁର୍ବଳତା ବା ନିମ୍ନ ପ୍ରକୃତିର ପ୍ରେରଣା ପାଖରେ ସମର୍ପଣର ଛଳନା ନ ହୁଏ; ଏହି ନିର୍ଭରତା ସଙ୍ଗେ ରହିବା ଏକାନ୍ତ ଆବଶ୍ୟକ ଅବିଶ୍ରାନ୍ତ ଆତ୍ମସ୍ପୃହା ଏବଂ ଯାହାକିଛି ଦିବ୍ୟ-ସତ୍ୟର ଅନ୍ତରାୟ ହୁଏ ତାହାର ନିରନ୍ତର ପ୍ରତ୍ୟାଖ୍ୟାନ । ସାବଧାନ, ଯେପରି ଭଗବାନଙ୍କ ପାଖରେ ଆତ୍ମଦାନକୁ ନିଜର କାମନା ବାସନାର ବା ନିଜର ଅଧସ୍ତନ ଗତି ବୃତ୍ତିର ବା ନିଜର ଅହମିକାର କିଂବା ଅଜ୍ଞାନ ଅନ୍ଧକାରର କୌଣସି ଦିବ୍ୟ-ଛଦ୍ମ ବେଶଧାରୀ ଶକ୍ତି ପାଖରେ ସମର୍ପଣର ଗୋଟାଏ ସୂତ୍ର, ଆବରଣ ବା ସୁଯୋଗରେ ପରିଣତ କରା ନ ଯାଏ ।

''ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ'' ପୁସ୍ତକରେ ଦେଖିବାକୁ ମିଳେ ଯେ ବହୁ ବ୍ୟକ୍ତି ମା'ଙ୍କ ସମ୍ବନ୍ଧେ ବହୁବିଧ ପ୍ରଶ୍ନ କରିଛନ୍ତି ଏବଂ ଶ୍ରୀଅରବିନ୍ଦ ତାହାର ସରଳ, ସୁନ୍ଦର ଏବଂ ବୋଧଗମ୍ୟ ଉତ୍ତର ଦେଇଛନ୍ତି । ସେହି ପ୍ରଶ୍ନରୁ କେତୋଟିର ତାତ୍ପର୍ଯ୍ୟ ହେଲା :

''ଆପଣ 'The Mother' (ମା') ବହିରେ ଯେଉଁ ମାତୃଶକ୍ତିଙ୍କ ସମ୍ବନ୍ଧେ ଆଲୋଚନା କରିଛନ୍ତି, ଯେଉଁ ମାତୃ ଶକ୍ତିଙ୍କୁ ସମର୍ପଣ କରିବାକୁ କହିଛନ୍ତି, ଯେଉଁ ମାତୃଶକ୍ତିଙ୍କର ଚତୁର୍ବିଧ କ୍ରିୟାଶୀଳ ରୂପ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହେଶ୍ୱରୀ, ସେହି ମା' କ'ଣ ଏହି ଆମ୍ଭ ଆଶ୍ରମର ମା' ?''

ଶ୍ରୀଅରବିନ୍ଦ ଉତ୍ତର ଦେଇଥିଲେ : ''Yes''(ହଁ) ।

ଯଥାର୍ଥରେ ଏହି ଯୋଗର ପରିଚାଳିକା ତଥା ସାଧନା ଏବଂ ସିଦ୍ଧି ହେଉଛନ୍ତି ମା' । ସେହି କାରଣରୁ ମା'ଙ୍କୁ ସମର୍ପଣ କରିବା, ତାଙ୍କ ଉପରେ ନିର୍ଭରତା ଓ ବିଶ୍ୱାସ ରଖିବା ଆବଶ୍ୟକ ଏବଂ ନିରାପଦ ପଥ ।

ବିଶ୍ୱାସହିଁ ଭଗବତ୍ କୃପା

ସକଳ ବ୍ୟକ୍ତିଙ୍କ ପାଇଁ ଏହାର ନିର୍ଦ୍ଧାରିତ ନିୟମବଦ୍ଧ ପ୍ରଣାଳୀ ନାହିଁ । କେତେକ ବ୍ୟକ୍ତିଙ୍କର ସ୍ୱତଃସ୍ଫୂର୍ତ୍ତ ଭାବେ ନିଜର ଜ୍ଞାତ ବା ଅଜ୍ଞାତରେ ଆସେ, କେତେକଙ୍କର ବ୍ୟକ୍ତିଗତ ପ୍ରୟାସ ଦ୍ୱାରା ଆସେ । ଏହା ଯେଉଁ ଉପାୟରେ ଆସୁ ନା କାହିଁକି ଏହାର ପଶ୍ଚାତ୍‌ରେ ଥାଏ ଭଗବତ୍ କୃପା । ଏହି ବିଷୟ ମା, ବୁଲେଟିନ୍, ୧୯୫୯ର ଅପ୍ରେଲ ସଂଖ୍ୟା, ପୃ. ୭୫ରେ କହିଛନ୍ତି । ଏଠାରେ ତାହା ଉଦ୍ଧାର କରାଗଲା ।

ଅର୍ଥାତ୍ ''ବିଶ୍ୱାସ ନିଶ୍ଚିତରୂପେ ଭଗବାନଙ୍କ କୃପାର ଆମ୍ଭ ପ୍ରତି ଏକ ଦାନ । ଏହା ଯେପରି ଚିରନ୍ତନ ସତ୍ୟ ପ୍ରତି

ଏକ ପଥ ଆକସ୍ମିକ ଭାବେ ଉନ୍ମୋଚନ କରି ଦିଏ, ଯେଉଁ ପଥ ଦେଇ ଆମ୍ଭେମାନେ ସେହି ସତ୍ୟକୁ ଦେଖିପାରୁ, ପ୍ରାୟ ତାକୁ ସ୍ପର୍ଶ କରି ପାରୁ ।

''ଅନ୍ୟ ସକଳ ବସ୍ତୁ ପରି, ବିଶେଷତଃ ପ୍ରାରମ୍ଭିକ ଅବସ୍ଥାରେ ବ୍ୟକ୍ତିଗତ ପ୍ରୟାସ ଆବଶ୍ୟକ । ଏହା ହୋଇପାରେ ଯେ କଦବା କୌଣସି ସ୍ଥଳରେ, ଯୁକ୍ତିତର୍କରୁ ପୂର୍ଣ୍ଣରୂପେ ମୁକ୍ତ ବିଶ୍ୱାସ ଆସି ଯାଏ, ପୂରାପୂରି ଆଶାତୀତ ଭାବରେ, ପ୍ରାୟ ଆମ୍ଭମାନଙ୍କ ବିନା ଆହ୍ୱାନରେ କିନ୍ତୁ ସର୍ବଦା ପ୍ରାୟ ଏହା ଏକ କାମନା, ଏକ ଆବଶ୍ୟକତା, ଏକ ଅଭୀପ୍ସା ତଥା ଆମ ସତ୍ତା ମଧ୍ୟସ୍ଥ ଏପରି କିଛି ଯାହା ଏହାକୁ ଅନ୍ୱେଷଣ କରେ, ଚାହେ, ଯଦିଓ ତା' ସେତେ ସଚେତ ବା ସେତେ ଶୃଙ୍ଖଳିତ ନୁହେଁ, ସେହି ସବୁର ଉତ୍ତର ସ୍ୱରୂପ ଆସି ଥାଏ ।

''ଯେପରି ଭାବରେ ହେଉନା କାହିଁକି, ଯେତେବେଳେ ବ୍ୟକ୍ତି ଏହି ଆକସ୍ମିକ ଅନ୍ତର୍ଜ୍ୟୋତିଃ ଲାଭ କରିଛି, ସେତେବେଳେ ଏହାକୁ ନିରନ୍ତର କ୍ରିୟାଶୀଳ ଚେତନାରେ ଧରି ରଖିବା ପାଇଁ ବ୍ୟକ୍ତିଗତ ପ୍ରୟାସ ଏକେବାରେ ଅପରିହାର୍ଯ୍ୟ । ବ୍ୟକ୍ତି ତାହାର ବିଶ୍ୱାସକୁ ଧରି ରଖିବା ଉଚିତ, ସେହି ବିଶ୍ୱାସକୁ ଚାହିବା ଉଚିତ, ସେଥିପାଇଁ ଅନ୍ୱେଷଣ କରିବା ଉଚିତ, ଏବଂ ତାକୁ କର୍ଷଣ ତଥା ସୁରକ୍ଷିତ ରଖିବା ଉଚିତ ।''

*

''ବିଶ୍ୱାସକୁ ରଖିବା ସକାଶେ ବ୍ୟକ୍ତିର ବ୍ୟକ୍ତିଗତ ପ୍ରୟାସ ରହିବା ଉଚିତ ଏବଂ ଏହି ବିଶ୍ୱାସ ତା' ନିଜ ମଧ୍ୟରେ ବୃଦ୍ଧି ପାଇବା ନିମିତ୍ତ ମଧ୍ୟ ପ୍ରୟାସ ରହିବ । ପରେ, ବହୁ ପରେ, ତୁମେ ଦିନେ ପଛକୁ ଚାହିଁ ଦେଖିବ ଯେ ଯାହା କିଛି ଘଟିଛି, ଏପରିକି ଯାହା ସବୁଠୁ ଖରାପ ବୋଲି ପ୍ରତୀତ ହୋଇଥିଲା ତାହାହିଁ ଥିଲା ଆମକୁ ପଥରେ ଆଗେଇ ନେବାକୁ ଭଗବତ୍ କୃପା; ତା'ପରେ ତୁମେ ଅନୁଭବ କରିବ ଯେ ତୁମର ବ୍ୟକ୍ତିଗତ ଚେଷ୍ଟା ମଧ୍ୟ ଭଗବତ୍ କୃପା; କିନ୍ତୁ ତୁମେ ସେହିଠାରେ ପହଞ୍ଚିବା ପୂର୍ବରୁ ତୁମକୁ ଅନେକ ପଥ ଚାଲିବାକୁ ହେବ, ବହୁତ ସଂଘର୍ଷ କରିବାକୁ ହେବ, ସାମୟିକ ଭାବରେ ଖୁବ୍ କ୍ଷତିଗ୍ରସ୍ତ ମଧ୍ୟ ହେବାକୁ ପଡ଼ିବ ।

''ଚୁପ୍ ହୋଇ ବସି ଯାଇ କହିବ, 'ମୋର ଯଦି ବିଶ୍ୱାସ ପାଇବାର ଥାଏ, ତେବେ ମୁଁ ଏହା ପାଇବି, ଭଗବାନ୍ ମୋତେ ଏହା ଦେଇଦେବେ,' ଏହା ହେଉଛି ଅଜ୍ଞାନତା-ଜନିତ ତାମସିକ ଭାବ ଏବଂ ପ୍ରାୟ ଅସତ୍ ଇଚ୍ଛା ।

''ଅନ୍ତରାଗ୍ନିକୁ ପ୍ରଜ୍ୱଳିତ କରିବାକୁ ହେଲେ ବ୍ୟକ୍ତି ଏହାକୁ ଚାହିବ, ଏହା ପ୍ରତି ଦୃଷ୍ଟି ରଖିବ ଏବଂ ଏହା ମଧ୍ୟରେ ଆହୁତି ଦେବ ସମସ୍ତ ପ୍ରକାର ଭୁଲ୍‌ଭ୍ରାନ୍ତି ଯାହାକୁ ବହିଷ୍କାର କରିବାକୁ ସେ ଚାହେ ଓ ଆଉସବୁ ବସ୍ତୁ ଯାହା ଅଗ୍ରଗତିରେ ବିଳମ୍ବ ଘଟାଏ, ଯାହାସବୁ ପଥକୁ ଅନ୍ଧକାରିତ କରେ ସେହିସବୁକୁ କାଷ୍ଠ ରୂପରେ । ତୁମେ ଯଦି ଏହି ଅଗ୍ନିକୁ ନ ଚାହିବ, ତେବେ ଏହା ତୁମର ଅଜ୍ଞାନତା ଓ ଜଡ଼ତାର ଭସ୍ମରେ ଲୀନ ହୋଇଯିବ; ଏବଂ ପରେ ତୁମେ ତୁମର ଲକ୍ଷ୍ୟରେ ଉପନୀତ ହେବାକୁ ବର୍ଷ ବର୍ଷ, ଶତାବ୍ଦୀ ଶତାବ୍ଦୀ, ଜନ୍ମଜନ୍ମାନ୍ତର ମଧ୍ୟ ବିତିଯିବ ।''

''ପ୍ରାଥମିକ ଅବସ୍ଥାର ଅଜ୍ଞାନତା ଓ ଅନ୍ଧକାର ମଧ୍ୟରେ ବିଶ୍ୱାସହିଁ ହେଲା ଦିବ୍ୟଶକ୍ତିର ସବୁଠାରୁ ପ୍ରତ୍ୟକ୍ଷ ପ୍ରକାଶ ଯାହା ଆସେ ସଂଘର୍ଷ କରି ବିଜୟ ଲାଭ କରିବାକୁ ।''

ଭଗବାନଙ୍କ ପ୍ରତି ବିଶ୍ୱାସ-ନିର୍ଭରତା ଉତ୍ପନ୍ନ ହେବାର ଉପାୟ

ଏହାର କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ଉପାୟ ବା ପ୍ରଣାଳୀ ନାହିଁ; ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ବହୁବିଧ ମାର୍ଗରେ ବ୍ୟକ୍ତି ମଧ୍ୟରେ ପ୍ରକାଶ ହୁଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାପ୍ତି ମାର୍ଗ ଭିନ୍ନ ହୋଇଥାଏ । ଏହିପରି ଦୁଇଜଣ ବ୍ୟକ୍ତିଙ୍କ ଭଗବତ୍ ବିଶ୍ୱାସ ପ୍ରାପ୍ତି ମାର୍ଗ ସମାନ ନ ଥାଏ । ପ୍ରାପ୍ତିର ପ୍ରତ୍ୟେକ ବ୍ୟକ୍ତିର ଭିନ୍ନତା ଥିବା ସତ୍ତ୍ୱେ ତାକୁ ଧାରଣ କରି ରଖିବା ଏବଂ ବୃଦ୍ଧି କରିବାକୁ ହୁଏ ବ୍ୟକ୍ତିଗତ ପ୍ରୟାସରେ । ଏହା ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ ଏବଂ ପ୍ରଣାଳୀ ଏକ । କେବଳ ଯେଉଁମାନଙ୍କର ପ୍ରହ୍ଲାଦ ସଦୃଶ ପୂର୍ବ ଜନ୍ମର ଅସାଧାରଣ ସଂସ୍କାର ଥାଏ, ସେମାନଙ୍କୁ ଭଗବତ୍ ବିଶ୍ୱାସ ଓ

ନିର୍ଭରତା ରକ୍ଷା କରିବାକୁ ପ୍ରୟାସ କରିବାକୁ ହୁଏ ନାହିଁ, ତାହା ସ୍ୱତଃସ୍ଫୂର୍ତ୍ତ ଭାବେ ବ୍ୟକ୍ତିର ସାଧାରଣ ଚେତନା ସଦୃଶ ପ୍ରତିଭାତ ହୁଏ ।

କିନ୍ତୁ ସାଧାରଣ ଅବସ୍ଥାରେ ବ୍ୟକ୍ତିଗତ ପ୍ରୟାସ ଅନିବାର୍ଯ୍ୟ ହୋଇପଡ଼େ । ବ୍ୟକ୍ତି ଆଧାରରେ ଭଗବତ ବିଶ୍ୱାସ ଏବଂ ନିର୍ଭରତା ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରତିଷ୍ଠା ହେଉ ବା ବ୍ୟକ୍ତିଗତ ପ୍ରୟାସ କରିବାକୁ ପଡୁ ଏହି ଉଭୟ ଅବସ୍ଥାରେ ଥାଏ ଭଗବାନଙ୍କ କୃପା । ଭଗବତ୍ କୃପାଛଡ଼ା ବ୍ୟକ୍ତିଗତ ପ୍ରୟାସ ହୋଇପାରେ ନାହିଁ । ଏହାକୁ କେବେ ମଧ୍ୟ ଭୁଲିବା ଉଚିତ ନୁହେଁ । ପ୍ରଥମରେ ଭଗବତ୍ ବିଶ୍ୱାସ ଓ ନିର୍ଭରତା କେଉଁ ପ୍ରଣାଳୀରେ ବ୍ୟକ୍ତିକୁ ପ୍ରାପ୍ତ ହୁଏ, ଦ୍ୱିତୀୟରେ ବ୍ୟକ୍ତିଗତ ପ୍ରୟାସରେ କିପରିଭାବେ ରକ୍ଷା ହୁଏ — ଏହି ବିଷୟ ଆଲୋଚନା କରିବା ।

ଭଗବତ୍ ବିଶ୍ୱାସ ଓ ନିର୍ଭରତା ପ୍ରାପ୍ତ ହେବାର ପ୍ରଣାଳୀ ଅସଂଖ୍ୟ । କୌଣସି ବ୍ୟକ୍ତି ଭଗବାନଙ୍କ ସମ୍ବନ୍ଧେ କିଛି ଜାଣି ନ ଥାଏ, ହଠାତ୍ ତା ହୃଦୟରେ ଭଗବତ୍ ବିଶ୍ୱାସ ଜାଗ୍ରତ୍ ହୁଏ ଏବଂ ତା' ଜୀବନ ଧାରାକୁ ପରିବର୍ତ୍ତନ କରିଦିଏ । କୌଣସି ବ୍ୟକ୍ତି କାହାଠାରୁ ଭଗବତ୍ ବିଷୟ ଶୁଣି କେହି ଭଗବତ୍ ବିଶ୍ୱାସରେ ଉପକୃତ ହେବା ଦେଖି କେହି ଶାସ୍ତ୍ରପୁରାଣ ବା ଭଗବାନଙ୍କ ଭକ୍ତମାନଙ୍କ ଚରିତ ପଢ଼ି ଭଗବାନଙ୍କୁ ବିଶ୍ୱାସ କରନ୍ତି ।

କାହାର ବାଲ୍ୟାବସ୍ଥାରେ ଏହି ବିଶ୍ୱାସ ଉତ୍ପନ୍ନ ହୁଏ, କାହାର ଯୌବନାବସ୍ଥାରେ କାହାର ବା ବୃଦ୍ଧାବସ୍ଥାରେ, କାହାର କୁଟୁମ୍ବ ନାଶରେ, ସମ୍ପତ୍ତି ନଷ୍ଟରେ, ପରିବାରସହ ଝଗଡ଼ା ହେବାରେ, ଦାମ୍ପତ୍ୟ ଜୀବନରେ ତିକ୍ତତା ଯୋଗୁଁ, ପୁତ୍ର-କନ୍ୟା ଅବଜ୍ଞାକରି, ମିତ୍ରର ବିଶ୍ୱାସ ଘାତକତା, ବ୍ୟବସାୟରେ କ୍ଷତିଗ୍ରସ୍ତ, ମୋକଦ୍ଦମାରେ ପରାସ୍ତ ବା ସ୍ତ୍ରୀ-ପୁତ୍ର ବିୟୋଗ ଯୋଗୁଁ ।

ଅଥବା କାମନା-ବାସନାରେ ସଫଳତା — ମୋକଦ୍ଦମାରେ ଡିଗ୍ରୀ, ବ୍ୟବସାୟରେ ସଫଳତା, ରୋଗରୁ ମୁକ୍ତି, ଶତ୍ରୁ ଆକ୍ରମଣ ବ୍ୟର୍ଥତା ଇତ୍ୟାଦି ସାଂସାରିକ କାର୍ଯ୍ୟସିଦ୍ଧି ଯୋଗୁଁ ବ୍ୟକ୍ତିର ଭଗବାନଙ୍କ ଉପରେ ବିଶ୍ୱାସ, ନିର୍ଭରତା ଉତ୍ପନ୍ନ ହୁଏ । ଭଗବତ୍ ବିଶ୍ୱାସ ସବୁ ସମୟରେ ବିଦ୍ୟମାନ ଥାଏ, କିନ୍ତୁ ଅଧିକ ବ୍ୟକ୍ତି ଉପକୃତ ହୁଅନ୍ତି, ଯେତେବେଳେ ଭଗବାନ୍ ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀରେ ଅବତାର ନିଅନ୍ତି । ସେତେବେଳେ ସଂସାର ବାତାବରଣରେ ଭଗବତ୍ ପ୍ରଭାବ ପ୍ରସାରିତ ହୋଇଯାଏ । ବ୍ୟକ୍ତି ଆଧାରରେ ଅଳ୍ପ ପରିମାଣରେ ଉନ୍ମୁକ୍ତ ପଥ ଥିଲେ ସେ ଭଗବତ୍ ପ୍ରଭାବ ଗ୍ରହଣ କରିପାରେ, ବିଶ୍ୱାସକୁ ଜାଗ୍ରତ୍ କରିପାରେ । ସେହି ସମୟରେ ଅଧିକ ସଂଖ୍ୟାରେ ବ୍ୟକ୍ତି ଭଗବତ୍ ପରାୟଣ ହୋଇ ଦୁଃଖ ଦ୍ୱନ୍ଦ୍ୱରୁ ନିବୃତ୍ତ ହୁଅନ୍ତି । ଏହାରି ନାମ ଦେବ ମୂହୁର୍ତ୍ତ । ମା' ବର୍ତ୍ତମାନ ଏହି ପୃଥିବୀରେ ମନୁଷ୍ୟ ଶରୀରରେ ବିଦ୍ୟମାନ ଅଛନ୍ତି, ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର ସାଧନ କରାଉ ଅଛନ୍ତି । ବ୍ୟକ୍ତି ସଚେତ ହେଲେ ଭଗବତ୍ କୃପା ସହଜରେ ଗ୍ରହଣ କରିପାରେ ।

ଯେକୌଣସି ଘଟଣା ଆଶ୍ରୟରେ ଭଗବତ୍ କୃପା ଦ୍ୱାରା ଭଗବତ୍ ବିଶ୍ୱାସନିର୍ଭରତା ବ୍ୟକ୍ତି ଆଧାରରେ ପ୍ରକାଶ ହୁଏ, କିନ୍ତୁ ତାହା ପ୍ରଥମରେ ପ୍ରତିଷ୍ଠା ହୋଇ ନ ଥାଏ । ଭଗବତ୍ ବିଶ୍ୱାସର ବିରୋଧୀ ଆସୁମାନଙ୍କର ମନ-ପ୍ରାଣ ଏବଂ ଶରୀର । ଏସବୁ ପ୍ରକାର ସନ୍ଦେହ, ଅବିଶ୍ୱାସ, ହତାଶା, ନିରାଶା ହିମାଳୟ ଆଣି ଭଗବତ୍ ବିଶ୍ୱାସନିର୍ଭରତାର ରାସ୍ତାରୋଧ କରି ଦିଅନ୍ତି । କାମ, କ୍ରୋଧ, ଈର୍ଷ୍ୟା, ବିରୋଧ, ଲୋଭ, ମୋହ, ମାନ-ପ୍ରତିଷ୍ଠାର ମେଘାଚ୍ଛନ୍ନ ଶିଖା ବିଶ୍ୱାସ ଓ ନିର୍ଭରତାର ସୂର୍ଯ୍ୟକୁ ଆବୃତ କରିଦିଏ । ବ୍ୟକ୍ତି ସମ୍ମୁଖରେ ଚାରି ଦିଗରୁ ଅନ୍ଧକାର ଘୋଟି ଆସେ । ବ୍ୟକ୍ତି ସଜାଗ ହୋଇ ମା'ଙ୍କ କୃପାକୁ ଧରି ରଖି ନ ପାରିଲେ ଏହି ଅନ୍ଧକାର ଅବସ୍ଥା ବ୍ୟକ୍ତିକୁ ବହୁ ଦୂରକୁ ନେଇ ଯାଇପାରେ । ଭଗବତ୍ ବିଶ୍ୱାସ-ନିର୍ଭରତାକୁ ଆବରଣ କରିଥିବା ଅନ୍ଧକାର ଶକ୍ତିକୁ ଦୂର କରିବା ଏବଂ ବିଶ୍ୱାସ, ନିର୍ଭରତା, ସମର୍ପଣ ବୃଦ୍ଧି କରିବା ହେଲା ସାଧନା । କୌଣସି କୌଣସି ବ୍ୟକ୍ତିର ଭଗବତ୍ ବିଶ୍ୱାସ ଉତ୍ପନ୍ନ ନ ହେଲେ ସେ ଭଗବତ୍ ଅଭିମୁଖୀ ହୋଇପାରେ ନାହିଁ । କିନ୍ତୁ ଭଗବତ୍ ଅଭିମୁଖୀ ହେବା ପରେ ସେହି ବିଶ୍ୱାସ ଏବଂ ନିର୍ଭରତାକୁ ଚେତନାରେ ପ୍ରତିଷ୍ଠା କରିବା ବା ଉପଲବ୍ଧି କରିବା ପର୍ଯ୍ୟନ୍ତ ବ୍ୟକ୍ତିକୁ ତୀବ୍ର ସାଧନା କରିବାକୁ ହୁଏ । ଭଗବତ୍ ବିଶ୍ୱାସ ସହଜ ବା କଠିନତାରେ ପ୍ରାପ୍ତ ହୋଇପାରେ, କିନ୍ତୁ ସାଧନା ବ୍ୟତିରେକେ ତାହା ପ୍ରାପ୍ତ ହୋଇପାରେ ନାହିଁ । ଦୁଇ ପ୍ରକାରେ ସମର୍ପଣ, ନିର୍ଭରତା, ଭକ୍ତିମାର୍ଗରେ କିଂବା ତପସ୍ୟା ଦ୍ୱାରା — ସାଧନା କରାଯାଇପାରେ । ❖

ବର୍ତ୍ତମାନ ଯୁଗରେ ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିର ସୁଲଭ ଉପାୟ

ମନୁଷ୍ୟ ସୃଷ୍ଟି ହେବା ଦିନଠାରୁ ପୁରାତନ ଯୁଗରେ ଯାହାକିଛି ପରିବର୍ତ୍ତନ ଘଟିଛି, ତାହା ମନୁଷ୍ୟର ସେହି ଏକହିଁ ଅଜ୍ଞାନତାର ସ୍ତରରେହିଁ ଘଟିଛି । ଏକେବାରେ ପୂର୍ଣ୍ଣରୂପେ ସ୍ତର ପରିବର୍ତ୍ତନ ହୋଇ ନାହିଁ; ଅର୍ଥାତ୍ ମନୁଷ୍ୟ ପରେ ଅନ୍ୟ କୌଣସି କିଛି ହୋଇ ନାହିଁ । ବର୍ତ୍ତମାନର ପରିବର୍ତ୍ତନ, ପୁରାତନ ଯୁଗର ଗୋଟିଏ ସ୍ତର ମଧ୍ୟରେ କୌଣସି ଉନ୍ନତତର ଅବସ୍ଥା ନୁହେଁ; ଏହା ଏକେବାରେ ମାନବ-ଚେତନାର ପୂର୍ଣ୍ଣ ରୂପାନ୍ତର – ମାନବରୁ ଦିବ୍ୟମାନବ, ମୃତ୍ୟୁପୁରୀ ସଂସାରର ଅମରପୁରୀ ସ୍ୱର୍ଗରେ ପରିଣତି । ଏହି ପରିବର୍ତ୍ତନ ଅତୀତ ଇତିହାସର ଏକ ନୂତନ ପର୍ଯ୍ୟାୟ । ମନୁଷ୍ୟର ସୀମିତ ମନ ପକ୍ଷରେ ଏହା ଅସମ୍ଭବ ପ୍ରତୀତ ହେଲେ ମଧ୍ୟ ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ସୃଷ୍ଟିର ପ୍ରାରମ୍ଭରୁ ସେ ଅଜ୍ଞାତଭାବେ ଏହି ଲକ୍ଷ୍ୟ ଦିଗରେ ଧାବିତ ହେଉଛି । ଏହି ଲକ୍ଷ୍ୟ ପ୍ରାପ୍ତି ଦିଗରେ ମନୁଷ୍ୟକୁ ସାହାଯ୍ୟ କରିବା ସକାଶେ ସମୟ ସମୟରେ ଭଗବାନ୍ ଅବତାର ନିଅନ୍ତି । ଆଚାର୍ଯ୍ୟମାନେ ମଧ୍ୟ ପୃଥିବୀ ପୃଷ୍ଠକୁ ଆସନ୍ତି । ବର୍ତ୍ତମାନ ମାନବକୁ ଅତିମାନବରେ, ମାନସ ଚେତନାକୁ ଅତିମାନସ ଚେତନାରେ ଉନ୍ନୀତ କରାଇନେବାକୁ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହୋଇ ଅତିମାନସ ଶକ୍ତିକୁ ଉତାରି ଆଣିଛନ୍ତି । ଏହି ଶକ୍ତିର କ୍ରିୟା ଦ୍ୱାରା ବ୍ୟକ୍ତି ସେହି ମହାନ୍ ଲକ୍ଷ୍ୟରେ ପହୁଞ୍ଚିପାରିବ । ଏହି ଲକ୍ଷ୍ୟ ମହାନ୍ ଓ ବିଶାଳ ହେଲେ ମଧ୍ୟ ଏହାର ସାଧନ ବହୁତ ସହଜ ।

ଏହାର ସାଧନ – ଅଭୀପ୍ସା, ସମର୍ପଣ, ତ୍ୟାଗ ଓ ଏକାଗ୍ରତା ସକାଶେ ଧ୍ୟାନ । ଅଭୀପ୍ସାର ଅର୍ଥ ତୀବ୍ର ଇଚ୍ଛା; ଅର୍ଥାତ୍ ଲକ୍ଷ୍ୟ ପ୍ରାପ୍ତ ହେବା ପୂର୍ବରୁ ମନ, ପ୍ରାଣ, ଶରୀରରେ ସମତା, ଶାନ୍ତି, ଆନନ୍ଦ, ଜ୍ଞାନାଦି ଦିବ୍ୟଗୁଣକୁ ପ୍ରତିଷ୍ଠା କରିବା ସକାଶେ ପ୍ରବଳ ଇଚ୍ଛା । ନିଜେ ଓ ନିଜର ଯାହାକିଛି ସେସବୁକୁ ଏବଂ ଶରୀର ଦ୍ୱାରା ସାଧିତ ହେଉଥିବା ସ୍ଥୂଳ ତଥା ସୂକ୍ଷ୍ମ ସକଳ କର୍ମକୁ ଭାଗବତୀ ଆଦ୍ୟାଜନନୀଙ୍କ ଚରଣରେ ନିବେଦନ,– ଏହାହିଁ ହେଲା ସମର୍ପଣ । ଲକ୍ଷ୍ୟ ପ୍ରାପ୍ତିର ବିରୋଧୀ – କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ହିଂସା, ଆଳସ୍ୟ, ତାମସିକତାର ତ୍ୟାଗ; ଏଥିରେ ସାହାଯ୍ୟ ପାଇଁ ହୃଦୟର ଗଭୀରରେ କିଂବା ମସ୍ତିଷ୍କରେ ଧ୍ୟାନ – ଏହା ସାଧନାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ସାଧନା ପଥରେ ଅଗ୍ରସର ହେବାକୁ ହେଲେ ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ଏକାନ୍ତ ଅପରିହାର୍ଯ୍ୟ । ଅନ୍ୟଥା ସାଧକ ଏ ଦିଗରେ ଏକ ପାଦ ବି ଅଗ୍ରସର ହେବା ସମ୍ଭବ ନୁହେଁ । ମା' ଅତିମାନସ ଶକ୍ତିକୁ ଧାରଣ କରିଅଛନ୍ତି, ଛୋଟ ଶିଶୁ ସଦୃଶ ନିଜକୁ ମା'ଙ୍କ ହାତରେ ଦେଇଦେଲେ ମା' ସମସ୍ତ ବାଧା ବିଘ୍ନରୁ ରକ୍ଷା କରି ଲକ୍ଷ୍ୟ ପଥରେ ନେଇଚାଲନ୍ତି । ଯଥାର୍ଥରେ ଏହି ପୂର୍ଣ୍ଣଯୋଗର ସାଧିକା ହେଉଛନ୍ତି ଭାଗବତୀ ଶକ୍ତି । ପୁରାତନ ଯୋଗର ଆସନ, ପ୍ରାଣାୟାମ, ଉତ୍କୃଷ୍ଟ ଧ୍ୟାନଧାରଣା, ଜପ-ନିୟମାଦି ଶକ୍ତିଶାଳୀ ସାଧନ ପ୍ରଣାଳୀ ଏହି ଲକ୍ଷ୍ୟରେ ପହୁଞ୍ଚାଇ ଦେବାରେ ଅସମର୍ଥ । ଏହା କେବଳ ସାଧିତ ହୁଏ ଭାଗବତୀ ଶକ୍ତିଙ୍କ କ୍ରିୟା ଦ୍ୱାରା । ଭାଗବତୀ ଅତିମାନସ ଶକ୍ତିର କ୍ରିୟାରେ ଏହିସବୁ ପ୍ରକ୍ରିୟା ଆନୁଷଙ୍ଗିକ ରୂପେ ସ୍ୱତଃ ଆଚରିତ ହୁଏ, ତଥାପି ଏସବୁର ପ୍ରାଧାନ୍ୟ ନ ଥାଏ ।

ସାଧନାରେ ପ୍ରବୃତ୍ତ ହେବା ପାଇଁ ଉତ୍ସାହ ଏବଂ ମା'ଙ୍କ ପ୍ରତି ବିଶ୍ୱାସ, ଭରସା ଦୃଢ଼ ହୁଏ ସତ୍‌ସଙ୍ଗ ଦ୍ୱାରା । ସତ୍‌ସଙ୍ଗ ତ୍ରିବିଧ । ସତ୍‌ସଙ୍ଗର ଅର୍ଥ : ମନୁଷ୍ୟ ଅନ୍ତରସ୍ଥ ସତ୍‌ସ୍ୱରୂପ ଚୈତ୍ୟପୁରୁଷଙ୍କ ସହିତ ମନୁଷ୍ୟର ମନପ୍ରାଣ ଏକ ହେବା । ଅର୍ଥାତ୍ ଚୈତ୍ୟ ଧର୍ମରେ ମନ, ପ୍ରାଣ ପରିବର୍ତ୍ତିତ ହେବା, ତାହାରି ଦ୍ୱାରା ପରିଚାଳିତ ହେବା; ଅଥବା ଭଗବାନଙ୍କ ସହ ଏକ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା । କୌଣସି ମହାପୁରୁଷଙ୍କ ଦର୍ଶନରେ ଅଥବା ଉପଦେଶରେ ବ୍ୟକ୍ତିର ଅନ୍ତରାତ୍ମା ବା ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ ଏବଂ ବ୍ୟକ୍ତି ଭଗବଦଭିମୁଖୀ ହୁଏ । ଏହା ଦ୍ୱିତୀୟ ସତ୍‌ସଙ୍ଗ । ମନୁଷ୍ୟର ଅନ୍ତରାତ୍ମା ସବୁ ସମୟରେ ଜାଗ୍ରତ୍ ରହେ ନାହିଁ କିଂବା ମନୁଷ୍ୟର ପ୍ରବୃତ୍ତି ସବୁ ସମୟରେ ଭଗବଦଭିମୁଖୀ ହୁଏ ନାହିଁ । ବାହ୍ୟ ପାର୍ଥିବ ଘାତ ପ୍ରତିଘାତ ଦ୍ୱାରା ପୁନଃ ପୁନଃ ଅନ୍ତରାତ୍ମା ଆବୃତ ହୋଇ ଯାଉଥାଏ । ଏହାକୁ ସଜାଗ, ସକ୍ରିୟ ରଖିବା ସକାଶେ ତୃତୀୟ ସତ୍‌ସଙ୍ଗର ଆବଶ୍ୟକ ହୁଏ । କେତେକ ବ୍ୟକ୍ତି ଗୋଟିଏ ସଂଘ ବା ଗୋଷ୍ଠୀରୂପେ

ଏକତ୍ରିତ ହୋଇ ଭଗବତ୍ ବିଷୟ ଆଲୋଚନା ଏବଂ ଧ୍ୟାନ ଆଦି ଭଗବତ୍ ଆରାଧନା କରନ୍ତି । ଶ୍ରୀଅରବିନ୍ଦ-ଯୋଗର ସାଧକମାନେ ଏହିପରି ସଂସ୍ଥାକୁ ପାଠଚକ୍ର ନାମ ଦିଅନ୍ତି । ଏହାହିଁ ତୃତୀୟ ସତ୍‌ସଙ୍ଗର ସ୍ୱରୂପ । ଏହା ସହଜ, କିନ୍ତୁ ଶକ୍ତିଶାଳୀ ଏବଂ ସାଧନାରେ ବିଶେଷ ସହାୟକ ।

ପାଠଚକ୍ରର ଉପଯୋଗିତା

ପାଠଚକ୍ର ଦ୍ୱାରା ବ୍ୟକ୍ତି ନିଜ ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ସମ୍ବନ୍ଧରେ ସଚେତ ହୁଏ ଏବଂ କାର୍ଯ୍ୟରେ ତତ୍ପର ହୁଏ । ଏହାଦ୍ୱାରା ବ୍ୟକ୍ତିର ସାଧନା କରିବାର ଦାୟିତ୍ୱବୋଧ ଆସେ ।

ପ୍ରତ୍ୟେକ କାର୍ଯ୍ୟ ସର୍ବାଙ୍ଗୀନ ଅନୁଷ୍ଠାନରେ ପରିଣତ ହେଲେ ଅବିଳମ୍ବେ ଓ ନିଖୁଣଭାବେ ସମ୍ପନ୍ନ ହୋଇପାରେ । ଗୋଟିଏ ଅଂଶ ବାଦ୍‌ଦେଲେ ଅଙ୍ଗହୀନ, ଅଶୁଦ୍ଧ ପୂଜାତୁଲ୍ୟ ତାହା ଅପୂର୍ଣ୍ଣ ହୁଏ । ଉଦାହରଣ ସ୍ୱରୂପ ବିଦ୍ୟାର୍ଥୀ ଯଦି ବିଦ୍ୟାର୍ଥୀମାନଙ୍କ ସଙ୍ଗରେ ରହେ ତେବେ ସେ ଉତ୍ତମରୂପେ ଅଧ୍ୟୟନ କରିପାରେ । ଅନ୍ୟଥା ଖେଳପ୍ରିୟ, କୁପ୍ରକୃତି ପିଲାଙ୍କ ସଙ୍ଗରେ ଗୋଟିଏ ଭଲ ବିଦ୍ୟାର୍ଥୀ ରହିଲେ ସେ ଖରାପ ହୋଇପାରେ । ସେହିପରି ଅଧ୍ୟାତ୍ମ ସାଧନା ପଥରେ ଅଧ୍ୟାତ୍ମମାର୍ଗ ସାଥୀ ଆବଶ୍ୟକ ହୁଏ; ଅଧ୍ୟାତ୍ମ ଆଲୋଚନା ମଧ୍ୟ ବିଶେଷ ପ୍ରୟୋଜନ ହୁଏ । ପାଠଚକ୍ର ଏହି ଅଭାବ ପୂରଣ କରେ ।

ଏହାଛଡ଼ା ସାମୂହିକଭାବେ ପାଠଚକ୍ର ଅନୁଷ୍ଠାନ ଫଳରେ ଗୋଟିଏ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୁଏ, ସେହି ବାତାବରଣର ପ୍ରଭାବରେ ବ୍ୟକ୍ତି ନିଜ ଲକ୍ଷ୍ୟ ଏବଂ ସାଧନା ସମ୍ବନ୍ଧରେ ସଚେତ ହୁଏ ।

ମନୁଷ୍ୟର ମନ, ପ୍ରାଣ ସ୍ୱାର୍ଥପୂର୍ଣ୍ଣ; ସାଂସାରିକ କର୍ମ ତଥା ବିଷୟରେ ଆସକ୍ତ । ଶରୀର ତାମସିକତା ଓ ଆଳସ୍ୟର ଦାସ । ସ୍ୱାଭାବିକରୂପେ ତାମସିକ ଓ ରାଜସିକ କର୍ମରେ ମନୁଷ୍ୟର ପ୍ରବୃତ୍ତି ଥାଏ । ମନର ଚଞ୍ଚଳତା, ପ୍ରାଣର ବିଷୟବାସନା ସାତ୍ତ୍ୱିକତା, ବିଶେଷତଃ ଅଧ୍ୟାତ୍ମ ସାଧନାର ଘୋର ବିରୋଧୀ । ମନୁଷ୍ୟର ନିଜ ମଧ୍ୟରେ ଯେଉଁ ବିରୋଧୀ ତତ୍ତ୍ୱ ଅଛି ସେହି ବିରୋଧୀ ତତ୍ତ୍ୱ ମଧ୍ୟ ବାହାରେ ଅଛି । ସେ ପ୍ରତିମୁହୂର୍ତ୍ତରେ ପ୍ରତି ନିଃଶ୍ୱାସ ପ୍ରଶ୍ୱାସରେ ବିରୋଧୀ ତତ୍ତ୍ୱକୁ ଗ୍ରହଣ କରୁଛି । ଭଗବାନଙ୍କ କୃପାରୁ କୌଣସି ଅଧ୍ୟାତ୍ମ ସାଧକ, ମହାପୁରୁଷ କିଂବା ଅଧ୍ୟାତ୍ମ ଗ୍ରନ୍ଥ ସଂସ୍ପର୍ଶରେ ଆସି ଅନ୍ତରାତ୍ମା ଜାଗ୍ରତ୍ ହେଲେ ମନୁଷ୍ୟ ଅଧ୍ୟାତ୍ମ ମାର୍ଗର ପଥିକ ହୁଏ । କିନ୍ତୁ ଅବିଳମ୍ବେ ସେ ମନ, ପ୍ରାଣ, ଶରୀରର ନିମ୍ନ ପ୍ରକୃତି ଦ୍ୱାରା ପୁନରାୟ ଆବୃତ ହୋଇଯାଏ । ମନୁଷ୍ୟ ଯଦି ବାରଂବାର ସଜାଗ, ସତର୍କ ହୋଇ ନିଜ ଅନ୍ତରାତ୍ମାର ପ୍ରଭାବରେ ରହିବାକୁ ଚେଷ୍ଟାକରେ ଅର୍ଥାତ୍ ଭଗବତ୍ ସ୍ମରଣ, ଭଗବାନଙ୍କୁ ସମର୍ପଣ ଏବଂ ଅଭୀପ୍ସା କରେ, ତେବେ ଏହି ଭାବେ ତାହାର ଅଭ୍ୟାସରେ ପରିଣତ ହେବାକୁ ଲାଗେ । ଏହା ହୁଏ ସତ୍‌ସଙ୍ଗର ପ୍ରଭାବରୁ । ଯେ ପର୍ଯ୍ୟନ୍ତ ବ୍ୟକ୍ତିର ମନ, ପ୍ରାଣ, ଶରୀର ସ୍ୱାଭାବିକରୂପେ ଉତ୍ସାହ ଓ ଆନନ୍ଦର ସହିତ ଅଧ୍ୟାତ୍ମ ପଥରେ ଅଗ୍ରସର ନ ହୋଇଛି ସେ ପର୍ଯ୍ୟନ୍ତ ବାହ୍ୟ ନିମ୍ନ ମନ, ନିମ୍ନପ୍ରାଣର ପ୍ରତିକୂଳ ତରଙ୍ଗାବଳୀ ବାରଂବାର ଆସି ବ୍ୟକ୍ତିର ଆନ୍ତର ପ୍ରେରଣାକୁ ଆବୃତ କରି ତାହାକୁ ଅଧ୍ୟାତ୍ମପଥଚ୍ୟୁତ କରିବାକୁ ଚେଷ୍ଟା କରୁଥାଏ । ''ଅଞ୍ଜନ ରଞ୍ଜୁଥିଲେ ନିତ୍ୟେ । ମଳି ନ ରହେ ଯେହ୍ନେ ନେତ୍ରେ ।'' (ଭାଗବତ) ସେହିପରି ଏସବୁରୁ ମୁକ୍ତହେବା ପାଇଁ ଅନୁକୂଳ ଆବେଷ୍ଟନୀ ମଧ୍ୟରେ ରହିବା ପାଇଁ ବାରଂବାର ଅଭ୍ୟାସ କରିବା ଆବଶ୍ୟକ ।

ଅନୁକୂଳ ବାତାବରଣ ସୃଷ୍ଟି ହୁଏ ଅଧ୍ୟାତ୍ମମାର୍ଗର କେତେକ ବ୍ୟକ୍ତି ଏକତ୍ର ହୋଇ ଏକହିଁ ଲକ୍ଷ୍ୟ ରଖି, ସାଧନା ଅଭ୍ୟାସ ଏବଂ ସାଧନା ବିଷୟ ଆଲୋଚନା କରିବା ଦ୍ୱାରା । ଏହି କାରଣରୁ ବଡ଼ ବଡ଼ ବୈରାଗ୍ୟବାନ୍ ବ୍ୟକ୍ତି ଘର ଛାଡ଼ି ଅଧ୍ୟାତ୍ମ ସମାଜରେ ଯୋଗ ଦେଇ ସାଧନା କରନ୍ତି । ଅନାଦିକାଳରୁ ଅଧ୍ୟାତ୍ମସାଧନା ସକାଶେ ସମସ୍ତ ପୁରାତନ ଯୋଗ ଏହି ଏକହିଁ ନିୟମକୁ ସ୍ୱୀକାର କରି ଆସିଛନ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ସକାଶେ ଏହା ଅତ୍ୟନ୍ତ ଆବଶ୍ୟକ । ଏହି ଯୋଗ ବ୍ୟକ୍ତିଗତ ନୁହେଁ ବିଶ୍ୱଗତ । ଏହି କାରଣରୁ ଏହା କେବଳ ଗୋଟିଏ କେନ୍ଦ୍ରରେ ସୀମାବଦ୍ଧ ନ ହୋଇ ପ୍ରତି ଘରେ, ପ୍ରତି ଗ୍ରାମରେ, ପ୍ରତି ସହରରେ ଅନୁଷ୍ଠିତ ହେବା ଦରକାର । ସବୁଠାରୁ ଉତ୍ତମ ଓ ସହଜ ଉପଯୋଗୀ ପନ୍ଥା

ହେଲା, ବ୍ୟକ୍ତି ଯେଉଁ ଗ୍ରାମରେ, ଯେଉଁ ସହରରେ ଅବସ୍ଥାନ କରେ ସେହିଠାରେ ପାଠଚକ୍ର ସ୍ଥାପନ କରିବା । ଏହାର ପ୍ରଭାବ ପରିବାର, ଗ୍ରାମ ଏବଂ ସଂପର୍କୀୟ ବ୍ୟକ୍ତିଙ୍କ ଉପରେ ପଡ଼େ । ଏହିପରି ଅନୁକୂଳ ବାତାବରଣ ନିଜ ସାଧନାରେ ସାହାଯ୍ୟ କରେ । ଏଥିରେ ନିଜର ତଥା ଅନ୍ୟର କଲ୍ୟାଣ ହୁଏ । ଏହି ସତ୍‌ସଙ୍ଗ ଦ୍ୱାରା ବ୍ୟକ୍ତି ଅନାୟାସରେ ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ସହିତ ଏକ ହୋଇ ତାଙ୍କର ଯନ୍ତ୍ର ହୁଏ ଏବଂ ତାଙ୍କରି ଶକ୍ତି ଦ୍ୱାରା ପୂର୍ଣ୍ଣରୂପେ ପରିଚାଳିତ ହୁଏ । ଏଥିରେ ନିଜ ମନ, ପ୍ରାଣ, ଶରୀର ଭଗବତ୍ ତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି ଏବଂ ଭଗବାନ୍ ନିରାବରଣ ରୂପେ ବ୍ୟକ୍ତିଠାରେ ପ୍ରଘଟ ହୁଅନ୍ତି । ତତ୍ ସଙ୍ଗେ ସଙ୍ଗେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ ଦୂର ହୁଏ । ବହୁ ଶାସ୍ତ୍ରାଧ୍ୟୟନ, ପାଣ୍ଡିତ୍ୟପୂର୍ଣ୍ଣ ବାହ୍ୟ ମାନସିକ ଜ୍ଞାନପ୍ରାପ୍ତି ଅପେକ୍ଷା ନିୟମିତ ରୂପେ ନିଷ୍ଠା ସହିତ ଅଳ୍ପ ଅଧ୍ୟାତ୍ମସାଧନା ଅତି ଉତ୍ତମ । ପ୍ରାରମ୍ଭିକ ଅଳ୍ପ ସାଧନା ଅଙ୍କୁରିତ ବଟବୃକ୍ଷ ସଦୃଶ ବୃଦ୍ଧି ହୋଇ ମହାସିଦ୍ଧି ପ୍ରାପ୍ତ ହୁଏ ।

ପାଠଚକ୍ର ନିୟମାବଳୀ, ଧ୍ୟାନର ବିଧି, ସମର୍ପଣର ପ୍ରଣାଳୀ ଲୋକ ସାହିତ୍ୟରେ ଆଲୋଚିତ ହୋଇଅଛି । ପାଠଚକ୍ରରେ କେଉଁ କେଉଁ ପୁସ୍ତକ ପଠିତ ଓ ଆଲୋଚିତ ହେବ ତା'ର ଏକ ତାଲିକା ଦିଆଗଲା । ପାଠଚକ୍ରରେ ମା'ଙ୍କ ଉପସ୍ଥିତି ବରାବର ଥାଏ । ବିଶ୍ୱାସ, ସଦ୍‌ଭାବ ରଖିଲେ ତାହା ଅନୁଭବ କରି ପାରନ୍ତି । ପାଠଚକ୍ରରେ ମା'ଙ୍କର ଉପସ୍ଥିତିକୁ ଧାରଣା କରି ନିୟମିତରୂପେ ନିର୍ଦ୍ଦିଷ୍ଟ ସମୟରେ ସେଠାରେ ପାଠଚକ୍ରର ସଦସ୍ୟ ତଥା ଯେଉଁମାନେ ଅଧ୍ୟାତ୍ମଚର୍ଚ୍ଚା ପ୍ରତି ଆଗ୍ରହୀ ସେମାନେ ଏକତ୍ରିତ ହେବେ । ପ୍ରଥମେ ନିମ୍ନଲିଖିତ ସୂଚୀ ଅନୁସାରେ ଅଧଘଣ୍ଟାଏ ବା ପଚାଶ ମିନିଟ ଜଣେ ପୁସ୍ତକ ପାଠ କରିବେ । ଅନ୍ୟାନ୍ୟ ସଦସ୍ୟମାନେ ନୀରବ ଏକାଗ୍ରତା ସହ ତାହା ଶୁଣିବେ । ଶୁଣିଥିବା ବିଷୟରେ ଯଦି କାହାର କିଛି ପ୍ରଶ୍ନ କରିବାର ହୁଏ ସେ ପ୍ରଶ୍ନ କରିପାରନ୍ତି । ବକ୍ତା ସେ ପ୍ରଶ୍ନର ସମାଧାନ କରିବେ, ନଚେତ୍ ଆବଶ୍ୟକ ହେଲେ ପାଠଚକ୍ର ବିବରଣୀ ପ୍ରତିମାସ ଶେଷରେ ଆଶ୍ରମକୁ ପଠାଇବା ସମୟରେ ଉକ୍ତ ପ୍ରଶ୍ନଟି ମଧ୍ୟ ଲେଖିପାରିବେ ଅଥବା ପତ୍ର ଦ୍ୱାରା ଜଣାଇ ପାରିବେ । ବହି ପଢ଼ା ପରେ ନୀରବ ଧ୍ୟାନ ୧୫/୨୦ ମିନିଟ ହେବା ଆବଶ୍ୟକ । ପାଠଚକ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେଠାରେ କୌଣସି କଥାବାର୍ତ୍ତା, ଗପ ପୂର୍ଣ୍ଣତଃ ନିଷେଧ ।

ପାଠଚକ୍ରରେ ପାଠ୍ୟ ପୁସ୍ତକ ସୂଚୀ :

୧. ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟମାନଙ୍କ ପ୍ରତି
୨. ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ
୩. ଲୋକ ସାହିତ୍ୟର ପ୍ରତିସଂଖ୍ୟା
୪. ଯୋଗ ଓ ତାହାର ଉଦ୍ଦେଶ୍ୟ
୫. ମାତୃବାଣୀ
୬. ଯୋଗ-ପ୍ରଦୀପ
୭. ଯୋଗାଧାର
୮. ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ର
୯. ମା'
୧୦. ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା (ପ୍ରଥମ ଓ ଦ୍ୱିତୀୟ ଭାଗ)
୧୧. Letters of Sri Aurobindo (Tome One & Two)
୧୨. The Synthesis of Yoga.

ପ୍ରତ୍ୟେକ ପାଠଚକ୍ରର ମେମ୍ବରମାନେ କ୍ରମାନ୍ୱୟରେ ଏହିସବୁ ବହି ଭଲଭାବେ ଏକାଗ୍ରତା ସହିତ କିଛି ସମୟ ଧ୍ୟାନ ପରେ ଅଥବା ଅନ୍ୟସମୟରେ ନିୟମିତ ରୂପେ ପଢ଼ିବେ । କିନ୍ତୁ ସ୍ୱାଧ୍ୟାୟ ରୂପେ ନିମ୍ନଲିଖିତ ପୁସ୍ତକମାନ ମଧ୍ୟ ପଢ଼ିବା ଆବଶ୍ୟକ :

୧. The Mother
୨. Prayers & Meditations
୩. White Roses
୪. The Synthesis of Yoga
୫. Savitri

ଯେଉଁମାନେ ଇଂରାଜୀ ନ ଜାଣନ୍ତି ସେମାନେ 'ମା', ମାତୃବାଣୀ ସ୍ୱାଧ୍ୟାୟ ରୂପେ ପଢ଼ିବେ । ଯେଉଁମାନେ କମ୍ ପଢ଼ିଥିବେ ସେମାନେ ବଡ଼ ବଡ଼ ବହି ନ ପଢ଼ି ପାରୁଛନ୍ତି ବୋଲି ଚିନ୍ତିତ ହେବେ ନାହିଁ । ଗ୍ରନ୍ଥ ସାଧନାର ସହାୟକ ହୁଏ । କିନ୍ତୁ ଯଥାର୍ଥ ଜ୍ଞାନ ଓ ଯଥାର୍ଥ ପ୍ରେରଣା ମିଳେ ନିଜ ଅନ୍ତରରୁ । କମ୍ ପଢ଼ିଥିବା ବ୍ୟକ୍ତିର ସମର୍ପଣ, ଅଭୀପ୍ସା ଓ ଏକାଗ୍ରତା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ୍ ହୁଏ, ଯଥାର୍ଥ ଜ୍ଞାନ ପ୍ରଦାନ କରେ ଏବଂ ଠିକ୍‌ମାର୍ଗରେ ଲକ୍ଷ୍ୟ ଆଡ଼କୁ ନେଇ ଚାଲେ ।

ମହାନ୍ ପଣ୍ଡିତ ଭଲଭାବରେ ଗ୍ରନ୍ଥ ଅଧ୍ୟୟନ କରି ତାହା କଣ୍ଠସ୍ଥ କରି ପାରନ୍ତି, କିନ୍ତୁ ସେ ସାଧନା ନ କଲେ ଯଥାର୍ଥ ଶାନ୍ତି ଆନନ୍ଦ ଓ ଯଥାର୍ଥ ଜ୍ଞାନ ଉପଲବ୍ଧି କରିପାରନ୍ତି ନାହିଁ । ଏପରିକି ବହୁତ ସମୟରେ ଗ୍ରନ୍ଥର ରହସ୍ୟ ବୁଝି ନ ପାରି ବିପରୀତ ଅର୍ଥ କରନ୍ତି । ଅଧ୍ୟାତ୍ମ ଗ୍ରନ୍ଥର ରଚୟିତା ମହାପୁରୁଷ ଉଚ୍ଚତର ଚେତନାରେ ରହି ମନର ଊର୍ଦ୍ଧ୍ୱ ବିଷୟ ରଚନା କରିଥା'ନ୍ତି । ତେଣୁ ସେ ବିଷୟ ଠିକ୍ ଠିକ୍ ବୁଝିବାକୁ ହେଲେ ମନର ଊର୍ଦ୍ଧ୍ୱଚେତନାରେ ପ୍ରବେଶ କରିବାକୁ ହୁଏ । ସୁତରାଂ ବ୍ୟକ୍ତି କେବଳ ଗ୍ରନ୍ଥ ଅଧ୍ୟୟନ କରି ସେତିକିରେ ସନ୍ତୁଷ୍ଟ ନ ରହି ସାଧନା କରିବା ଆବଶ୍ୟକ । ଅନ୍ୟଥା ସାଧନା ନ କରି କେବଳ ଗ୍ରନ୍ଥ ବ୍ୟାଖ୍ୟା ଯେତେବର୍ଷ କଲେ ମଧ୍ୟ ଅଧ୍ୟାତ୍ମ ସିଦ୍ଧି ପ୍ରାପ୍ତ ହୁଏ ନାହିଁ ।

ଶ୍ରୀମା କହିଛନ୍ତି :

''A drop of practice is better than an ocean of theories; advices and good resolutions.''

ଅର୍ଥାତ୍, ''ସମୁଦ୍ର ସଦୃଶ ଯୁକ୍ତି ବା ସିଦ୍ଧାନ୍ତ, ପରାମର୍ଶ ଏବଂ ସୁନ୍ଦର ବିଶ୍ଳେଷଣ ଅପେକ୍ଷା ଏକ ବିନ୍ଦୁ ସାଧନା ଉତ୍ତମ ।''

ପାଠଚକ୍ର ଉତ୍ତମ ସତ୍‌ସଙ୍ଗ ବା ସାଧନା । ବ୍ୟକ୍ତି ଆନ୍ତରିକତା ସହିତ ପାଠଚକ୍ର ଅନୁଷ୍ଠାନରେ ଯୋଗ ଦେଲେ ସାଧନାରେ ବହୁତ ସାହାଯ୍ୟ ପାଇପାରେ ।

❖

ଶ୍ରୀଅରବିନ୍ଦଙ୍କ ଯୋଗ ଓ ପୁରାତନ ଯୋଗରେ ସଂଯମ

ଶ୍ରୀଅରବିନ୍ଦ, 'ମା' (The Mother) ବହିରେ ସାଧନାର ପ୍ରତିକୂଳ ଇନ୍ଦ୍ରିୟର ବିଷୟ ତ୍ୟାଗ କରିବାକୁ ବିଶେଷଭାବେ ନିର୍ଦ୍ଦେଶ ଦେଇ ଅଛନ୍ତି । ସୁତରାଂ ପୁରାତନ ଯୋଗ ସଦୃଶ ତାଙ୍କ ଆଶ୍ରମରେ ଇନ୍ଦ୍ରିୟର ବିଷୟବସ୍ତୁ, ନାରୀ, ଧନ ଏବଂ କର୍ମସମୂହ ତ୍ୟାଗ କରାହୋଇ ନାହିଁ । ପୁରାତନ ଯୋଗ ହେଉ ବା, ଶ୍ରୀଅରବିନ୍ଦ ଯୋଗ ହେଉ, ସାଧନାର ପ୍ରତିକୂଳ ଇନ୍ଦ୍ରିୟର ସଂଯମ ଅପରିହାର୍ଯ୍ୟ । ବିଷୟବସ୍ତୁ ତ୍ୟାଗ କରିବା ପରେ ପୁରାତନ ଯୋଗରେ ନାନା ପ୍ରକାର ଯୌଗିକ କ୍ରିୟା ଦ୍ୱାରା ମହାନ୍ ପ୍ରୟାସରେ ଇନ୍ଦ୍ରିୟ ସଂଯମ କରାହୁଏ । କିନ୍ତୁ ଶ୍ରୀଅରବିନ୍ଦ ଆଶ୍ରମରେ ଏହାସବୁ ବିଦ୍ୟମାନ ଥିବା ସତ୍ତ୍ୱେ କେଉଁ ପ୍ରଣାଳୀରେ ଇନ୍ଦ୍ରିୟ ସଂଯମ ସମ୍ଭବପର ହୋଇଅଛି ଏବଂ କେଉଁ କାରଣରୁ ଶ୍ରୀଅରବିନ୍ଦ (The Mother)ରେ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଇନ୍ଦ୍ରିୟ ସଂଯମର ପ୍ରକ୍ରିୟା ଉଲ୍ଲେଖ କରି ନାହାନ୍ତି, ଏହି ବିଷୟ ବିଚାର କରିବା ।

ଶ୍ରୀଅରବିନ୍ଦ ଏବଂ ମା', ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ତାହାରି ଦ୍ୱାରା କାମ, କ୍ରୋଧ, ଲୋଭ, ମୋହାଦି ରିପୁମାନଙ୍କ ଉଦ୍‌ଗମ ଆଧାରୀଭୂତ ଅବଚେତନା ଉପରେ ଅଧିକାର ତଥା ତାକୁ ରୂପାନ୍ତର କରୁଅଛନ୍ତି । ସେହି କାରଣରୁ ତାଙ୍କ ଆଶ୍ରମରେ ଇନ୍ଦ୍ରିୟର ବିଷୟ ବସ୍ତୁ ବିଦ୍ୟମାନ ଥିବା ସତ୍ତ୍ୱେ ସାଧକସାଧିକାମାନେ ସଂଯମରେ ରହି ଅଛନ୍ତି ।

ଶ୍ରୀଅରବିନ୍ଦ ଯୋଗରେ ଭିନ୍ନ ଭିନ୍ନ ଶ୍ରେଣୀର ସାଧକ ଅଛନ୍ତି । ସାଧକର ଚେତନାର ବିକାଶ ଅନୁସାରେ ସେ ବିଷୟବସ୍ତୁରୁ ପୃଥକ୍ ରହି ଇନ୍ଦ୍ରିୟ ସଂଯମ କରିପାରେ ଅଥବା ଇନ୍ଦ୍ରିୟ ବିଷୟବସ୍ତୁ ସହିତ ରହି ସଂଯମ କରିପାରେ, ଏହା ନିର୍ଭର କରେ ସାଧକର ଚେତନାର ବିକାଶ ଉପରେ । ସୁତରାଂ ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ ତଥା ସାଧନା ପ୍ରଣାଳୀ ଅନୁସାରେ ଇନ୍ଦ୍ରିୟ ବିଷୟର ବସ୍ତୁଙ୍କୁ ତ୍ୟାଗ ନୁହେଁ ବସ୍ତୁ ଥିବା ସତ୍ତ୍ୱେ ଇନ୍ଦ୍ରିୟ ସଂଯମ । କିନ୍ତୁ ସାଧକର ଅବସ୍ଥା ବିଶେଷରେ ଉଭୟ ପ୍ରକାର ପ୍ରଣାଳୀ ଉପଯୋଗ କରାହୁଏ । ସେଥିନେଇ ଶ୍ରୀଅରବିନ୍ଦ The Motherରେ ତ୍ୟାଗର ନିର୍ଦ୍ଦିଷ୍ଟ ପ୍ରଣାଳୀର ନିର୍ଦ୍ଦେଶ କରି ନାହାନ୍ତି । ଏହା ସ୍ପଷ୍ଟ ହୁଏ ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ ବୁଝିବାରେ । ଏବେ କ୍ରମଶଃ ବିଚାର କରିବା ପୁରାତନ ଯୋଗରେ ବିଷୟବସ୍ତୁ ତ୍ୟାଗର ପ୍ରଣାଳୀ, ଶ୍ରୀଅରବିନ୍ଦ ଯୋଗରେ ରୂପାନ୍ତର ଏବଂ ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ ଏବଂ ସାଧନା ବିଷୟରେ ।

ପୁରାତନ ଯୋଗୀମାନେ କାମରୁ ନିବୃତ୍ତ ହେବା ପାଇଁ ତା'ର ଆଧାର ନାରୀମାନଙ୍କ ସଂପର୍କ ତ୍ୟାଗ କରି ଏକାନ୍ତରେ ବାସ କରନ୍ତି । ଶ୍ରୀଅରବିନ୍ଦ ଆଶ୍ରମରେ ସାଧକସାଧିକାମାନେ ପୃଥକ୍ ଗୃହରେ ଯଦ୍ୟପି ବାସ କରନ୍ତି ତଥାପି ଭୋଜନ, କାର୍ଯ୍ୟ, ଖେଳକସରତ, ବିଦ୍ୟାଧ୍ୟୟନ ଏକସଙ୍ଗେ କରନ୍ତି, ପରସ୍ପର ଅବାଧରେ କଥାବାର୍ତ୍ତା କରନ୍ତି । ଏହା ପୁରାତନ ଯୋଗ ତଥା ସମାଜ ନୀତିର ବିପରୀତ ।

ବହୁ ବ୍ୟକ୍ତି ଏକ ସଙ୍ଗେ କାର୍ଯ୍ୟ କଲେ, ଏକ ସଙ୍ଗେ ବାସ କଲେ, କର୍ମରେ ସଂପର୍କ ରଖିଲେ ପରସ୍ପର ମଧ୍ୟରେ ବିବାଦ, ମତଭେଦ ହେବା ସ୍ୱାଭାବିକ । ସେହି କାରଣରୁ ପୁରାତନ ଯୋଗୀମାନେ ଏହିସବୁକୁ ତ୍ୟାଗ କରି ଏକାନ୍ତରେ ବାସ କରନ୍ତି କିଂବା ପରିବ୍ରାଜକ ରୂପେ ଗୋଟିଏ ରାତ୍ରିରେ ଗୋଟିଏ ବୃକ୍ଷ ମୂଳରେ ବିଶ୍ରାମ କରନ୍ତି । ଶ୍ରୀଅରବିନ୍ଦ ଆଶ୍ରମରେ ତାହାର ବିପରୀତ; ଗୋଟିଏ ଆଶ୍ରମରେ ବହୁ ସଂଖ୍ୟକ ସାଧକସାଧିକା ବାସ କରି ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ କାର୍ଯ୍ୟ କରୁଅଛନ୍ତି । ଲୋଭରୁ ନିବୃତ୍ତି ସକାଶେ ପୁରାତନ ଯୋଗୀମାନେ ଟଙ୍କାପଇସା ସମ୍ବନ୍ଧୀୟ ବସ୍ତୁ ତ୍ୟାଗ କରି ଅଛନ୍ତି । ଶ୍ରୀଅରବିନ୍ଦ ଆଶ୍ରମରେ ପ୍ରେସ୍, କାଗଜ-କାରଖାନା, ଅତିଥିଶାଳା, ହସ୍ତଶିଳ୍ପ କାରଖାନା, ପୁସ୍ତକାଳୟ ପ୍ରଭୃତି ଟଙ୍କା ପଇସାର ବ୍ୟବହାର ପାଇଁ ବିଭିନ୍ନ ପ୍ରକାର ସଂସ୍ଥା ରହିଛି । ପୁରାତନ ଯୋଗୀ ଭୋଗବିଳାସ, ଅଏସଆରାମ, ଲୋକସଂପର୍କ ତ୍ୟାଗ କରିବା ସକାଶେ ସମାଜ ତ୍ୟାଗକରି ଏକାନ୍ତ ଜଙ୍ଗଲରେ ବୃକ୍ଷମୂଳରେ ଅଥବା ପର୍ଣ୍ଣ କୁଟୀରରେ ରହୁ ଅଛନ୍ତି । ଶ୍ରୀଅରବିନ୍ଦ ଆଶ୍ରମରେ ସାଧକସାଧିକାମାନେ ସହର ତଥା ଜନବହୁଳ ସ୍ଥାନରେ ସୁନ୍ଦର ପକ୍କା ଘରେ ନିବାସ କରୁଅଛନ୍ତି;

ସୁନ୍ଦର ବସ୍ତ୍ର ପରିଧାନ କରୁଛନ୍ତି । ବିଭିନ୍ନ ପ୍ରକାର ସୁନ୍ଦର ତଥା ରୁଚିପୂର୍ଣ୍ଣ ଦ୍ରବ୍ୟ ବ୍ୟବହାର କରୁଅଛନ୍ତି; ବିଭିନ୍ନ ଭାଷାରେ ପତ୍ର-ପତ୍ରିକା, ବହି ପ୍ରକାଶନ କରି ବହୁଲୋକ ସହିତ ସଂପର୍କ ସ୍ଥାପନ କରି ପାଠଚକ୍ର ପ୍ରତିଷ୍ଠା ତଥା ପୁସ୍ତକ ବିକ୍ରୟର ବ୍ୟବସ୍ଥା କରୁଅଛନ୍ତି । ଏହିସବୁ ବିପରୀତ ପରିସ୍ଥିତି ଦ୍ୱାରା ସାଧକମାନଙ୍କର କାମ, କ୍ରୋଧ, ଲୋଭ, ମୋହର ସଂଯମ, ଅଏସ ଆରାମରୁ ବିରତ କିପରି ହେଉଛି ସେହି ବିଷୟ ଆଲୋଚନା କରିବା । ଏହି ବିଷୟ ବୁଝିବାକୁ ସୁଗମ ହୁଏ ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ ମନ-ପ୍ରାଣ-ଶରୀରର ରୂପାନ୍ତର ବିଷୟ ବୁଝିପାରିଲେ ।

ପୁରାତନ ଯୋଗ ଓ ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ

ପୁରାତନ ଯୋଗର ଲକ୍ଷ୍ୟ ଥିଲା ଶରୀର ତ୍ୟାଗ କରି ନିର୍ବାଣ, କୈବଲ୍ୟ ମୁକ୍ତି ଅଥବା ଭଗବତ୍ ପ୍ରାପ୍ତି । ଏହି ମୁକ୍ତି ପ୍ରାପ୍ତ ହୁଏ ସାଧନା କରୁଥିବା ବ୍ୟକ୍ତିଙ୍କୁ । ଏହାଦ୍ୱାରା ସଂସାରର କୌଣସି ବିଶେଷ ହିତ ହୁଏ ନାହିଁ, ସଂସାରୀ ବ୍ୟକ୍ତି ଦୁଃଖ-କଷ୍ଟ-ଦ୍ୱନ୍ଦ୍ୱ ମଧ୍ୟରେ ଗତିକରୁଥାଆନ୍ତି ।

ଶ୍ରୀଅରବିନ୍ଦ ଯୋଗରେ ସାଧକର ମନ-ପ୍ରାଣ-ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହୁଏ । ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୁଏ । ତା'ର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ । ତା' ମଧ୍ୟରେ ଭଗବତ୍ ସଂକଳ୍ପ କ୍ରିୟା କରେ । ସେ ନିଜ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭାଗବତୀ ଆଦ୍ୟା ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ତା'ର ଜ୍ଞାନ ହୁଏ ବିଶାଳ । ସେ ପରମାନନ୍ଦରେ ବାସ କରେ । ତା'ର ସମସ୍ତ କର୍ମ ପରମ ଶାନ୍ତି ଉପରେ ପ୍ରତିଷ୍ଠିତ ହୁଏ । ସେ ହୁଏ ଭଗବାନଙ୍କର ଯନ୍ତ୍ର । ଏହିପରି ବ୍ୟକ୍ତି ହୁଅନ୍ତି ଅତିମାନବ । ସାଧକମାନେ ନିଜ ନିଜ ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ଅନୁପାତରେ ସଂସାରରୁ କ୍ରମଶଃ ଅଜ୍ଞାନ ଶକ୍ତିର କ୍ରିୟା – ହିଂସା, ଦ୍ୱେଷ, ଯୁଦ୍ଧ, ଦୁଃଖକଷ୍ଟ ଦୂର ହେଉଥାଏ । ଅତିମାନବ ଜାତି ପୃଥିବୀରେ ସ୍ଥାପନା ହେଲେ ଅର୍ଥାତ୍ କେତେକ ସାଧକଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ସଂସାର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସ୍ୱର୍ଗରେ ପରିଣତ ହୁଏ । ଶ୍ରୀଅରବିନ୍ଦଙ୍କ ଏହି ରୂପାନ୍ତର ସିଦ୍ଧିରେ ଲୋଭ, ମୋହ, କ୍ରୋଧାଦି ରିପୁ ପୂର୍ଣ୍ଣତଃ ରୂପାନ୍ତରିତ ହୁଅନ୍ତି । ସେହି କାରଣରୁ ଏହିସବୁର ଆଶ୍ରୟ ଜନସମୂହ, କର୍ମ କୋଳାହଳ, ସ୍ତ୍ରୀ, ଧନ ଇତ୍ୟାଦି ସ୍ଥୂଳରୂପେ ତ୍ୟାଗ କରିବାକୁ ହୁଏ ନାହିଁ । ଏହିସବୁ ବସ୍ତୁରେ କୌଣସି ଦୋଷ ନାହିଁ, ଦୋଷ କେବଳ ମନୁଷ୍ୟ ମଧ୍ୟସ୍ଥ କାମ-କ୍ରୋଧ, ଲୋଭ ମୋହ ରିପୁରେ । ଏହିସବୁ ରିପୁର ରୂପାନ୍ତର ହେଲେ ସ୍ତ୍ରୀ, ଧନ, କର୍ମସମୂହକୁ ତ୍ୟାଗ କରିବାକୁ ହୁଏ ନାହିଁ, ଏହିସବୁ ମଧ୍ୟରେ ଭଗବାନ୍ ପ୍ରକାଶ ହୁଅନ୍ତି । ଏହି କାରଣରୁ ଶ୍ରୀଅରବିନ୍ଦ ଯୋଗରେ ସ୍ୱରୂପତଃ ଇନ୍ଦ୍ରିୟ ବିଷୟବସ୍ତୁକୁ ତ୍ୟାଗ କରାହୁଏ ନାହିଁ ।

ପୁରାତନ ଯୋଗରେ ବ୍ୟକ୍ତିଗତ ମୁକ୍ତି ସକାଶେ ସେମାନେ ସମାଜ ସହିତ ସମ୍ବନ୍ଧ ରଖୁ ନ ଥିଲେ । ଶ୍ରୀଅରବିନ୍ଦ ଯୋଗରେ ସାଧକର ମନ-ପ୍ରାଣ-ଶରୀରର ରୂପାନ୍ତର ସଙ୍ଗେ ସଙ୍ଗେ ଦୁଃଖଦ୍ୱନ୍ଦ୍ୱମୟ ସଂସାର ସ୍ୱର୍ଗରେ ପରିଣତ କରାହୁଏ; ଏହି କାରଣରୁ ସଂସାର ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ ସ୍ଥାପନ ଆବଶ୍ୟକ । ଏହି ସମ୍ବନ୍ଧ ଦ୍ୱାରା ସେମାନେ ଅତିମାନସ ଶକ୍ତିର ପ୍ରଭାବ ଗ୍ରହଣ କରିପାରିବେ ଏବଂ ନିଜ ନିଜ ଆଧାରର ପ୍ରସ୍ତୁତି ଅନୁପାତରେ ଲାଭବାନ୍ ହୋଇପାରିବେ । ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ, ପୁରାତନ ସମସ୍ତ ଯୋଗର ଲକ୍ଷ୍ୟଠାରୁ ଭିନ୍ନ ହୋଇଥିବାରୁ ତା'ର ତ୍ୟାଗ ତଥା ସଂଯମ ପ୍ରଣାଳୀ ପୁରାତନ ଯୋଗ ପ୍ରଣାଳୀଠାରୁ ବିପରୀତ ହେବା ସ୍ୱାଭାବିକ । ପୁରାତନ ଯୋଗର ସାଧକ ନିଜ ଜ୍ଞାନବଳରେ ଅଥବା ଭଗବତ୍ ଆଶ୍ରୟରେ ନିଜେ ସାଧନା କରନ୍ତି । ଶ୍ରୀଅରବିନ୍ଦ ଯୋଗରେ ସାଧକ ସାଧନା କରେ ନାହିଁ, ସାଧକ ମଧ୍ୟରେ ସାଧନା କରନ୍ତି ଭାଗବତୀ, ଆଦ୍ୟା ଅତିମାନସ ଶକ୍ତି । ସାଧକକୁ କରିବାକୁ ହୁଏ କେବଳ ମନ-ପ୍ରାଣ-ଶରୀରରେ ପ୍ରସ୍ତୁତି । ଏହାହୁଏ ଭାଗବତୀ ଶକ୍ତି ସାହାଯ୍ୟରେ ଅଭୀପ୍ସା, ସମର୍ପଣ, ପ୍ରତିକୂଳ ନିମ୍ନ ପ୍ରକୃତିର ଗତିବୃତ୍ତିକୁ ତ୍ୟାଗ କରିବାରେ । ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧନାର ସଂପୂର୍ଣ୍ଣ ଭାର ଆଦ୍ୟା ଅତିମାନସ ଶକ୍ତି ଗ୍ରହଣ କରୁଥିବାରୁ ଅସମ୍ଭବ ଲକ୍ଷ୍ୟ ସିଦ୍ଧି ହୁଏ ଏବଂ ଇନ୍ଦ୍ରିୟର ବିଷୟବସ୍ତୁ ସମ୍ମୁଖରେ ଥିବା ସତ୍ତ୍ୱେ ସଂଯମ ହୋଇପାରେ ।

ସାଧନାର କ୍ରମ

ଶ୍ରୀଅରବିନ୍ଦ ଆଶ୍ରମରେ ବହୁ ପରିମାଣରେ ପୁରାତନ ଯୋଗ ସଦୃଶ ଇନ୍ଦ୍ରିୟର ବିଷୟ ବସ୍ତୁକୁ ତ୍ୟାଗ ପ୍ରାଣାଳୀରେ ସାଧନା ଆରମ୍ଭ ହୋଇଥିଲା । ଶ୍ରୀଅରବିନ୍ଦ ଓ ମା' ତାଙ୍କ ଯୋଗଶକ୍ତି ଦ୍ୱାରା ନିମ୍ନପ୍ରକୃତି ଉପରେ ଯେତେ ପରିମାଣରେ ଅଧିକାର ପ୍ରାପ୍ତ କରୁଥିଲେ ଏବଂ ସାଧକମାନଙ୍କ ମନ, ପ୍ରାଣ, ଉନ୍ନୁକ୍ତ ଅନୁପାତରେ ଯେତେପରିମାଣରେ ସେମାନଙ୍କ ପ୍ରକୃତିକୁ ନିୟନ୍ତ୍ରଣ କରୁଥିଲେ ସେହି ଅନୁପାତରେ ଇନ୍ଦ୍ରିୟର ବିଷୟବସ୍ତୁର ସ୍ଥୂଳ ନିୟନ୍ତ୍ରଣ ଶିଥିଳ କରି ଦେଉଥିଲେ ।

୧୯୧୦ରେ ଶ୍ରୀଅରବିନ୍ଦ ଏଠାକୁ ଆସିବା ପରେ ତାଙ୍କ ସଙ୍ଗେ କେବଳ ପାଞ୍ଚ-ଛଅ ଜଣ ବ୍ୟକ୍ତି ଥିଲେ, କର୍ମର କୌଣସି ପ୍ରସାର ନ ଥିଲା । ୧୯୧୪ରେ ମା' ପ୍ରଥମ ଥର ଆସିବା ପରେ କର୍ମ ପ୍ରସାର କାର୍ଯ୍ୟ ସହ ଅଳ୍ପ ପରିମାଣରେ ସାଧକ ଏବଂ ସାଧ୍‌କାମାନଙ୍କର ସଂଖ୍ୟାବୃଦ୍ଧି ହେଲା । ଦ୍ୱିତୀୟ ମହାଯୁଦ୍ଧ ଯୋଗୁଁ ମା' ଫ୍ରାନ୍‌ସ ଚାଲିଗଲେ । ୧୯୨୦ରେ ଫେରି ଆଶ୍ରମରେ ସ୍ଥାୟୀ ରୂପେ ରହିବାରୁ କ୍ରମଶଃ ସାଧକ ଏବଂ ସାଧ୍‌କାମାନଙ୍କର ସଂଖ୍ୟା ବୃଦ୍ଧି ହେଲା ତଥା ସେମାନେ ନିୟନ୍ତ୍ରିତ ରୂପେ ସାଧନା କଲେ । ସେସମୟରେ ଉଚ୍ଚକୋଟୀର ବୈରାଗ୍ୟବାନ୍ ସାଧକସାଧ୍‌କାମାନଙ୍କୁ ଆଶ୍ରମରେ ଗ୍ରହଣ କରା ହେଉଥିଲା । କିନ୍ତୁ ସଂଖ୍ୟାରେ ଥିଲେ ସାଧକ ଅଧିକ, ସାଧ୍‌କା ବହୁତ କମ୍ । ତଥାପି ବାହ୍ୟ ସଂଯମ, ଦୃଢ଼ ଓ ତୀବ୍ର ନିୟମରେ ପାଳନ କରାହେଉଥିଲା । ୧୯୨୬ ମସିହା ୨୪ ନଭେମ୍ବର ଶ୍ରୀମା' ଶ୍ରୀଅରବିନ୍ଦଙ୍କୁ ଅଧିମାନସ ସିଦ୍ଧି ପ୍ରାପ୍ତ ହେଲା । (ଅର୍ଥାତ୍ ଶ୍ରୀକୃଷ୍ଣ ଅବତାର ନେଇ ଯେଉଁ ଅଧିମାନସ ଚେତନାରେ ସମସ୍ତ କର୍ମ କରିଥିଲେ ସେହି ଚେତନା ମା' ଶ୍ରୀଅରବିନ୍ଦଙ୍କ ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କଲା) । ସେଥିରୁ ସେ ଅତିମାନସ ଶକ୍ତିକୁ ଉତାରି ଆଣି ତାହାଦ୍ୱାରା ରୂପାନ୍ତର ସାଧନାର ରହସ୍ୟ ସ୍ପଷ୍ଟତଃ ଅନୁଭବ କଲେ । ଆଶ୍ରମର ଭାର ନେଲେ ମା' । ଶ୍ରୀଅରବିନ୍ଦ ଏକାନ୍ତ କକ୍ଷରେ ଅତିମାନସ ଶକ୍ତିକୁ ଉତାରି ଆଣିବା ସକାଶେ ତୀବ୍ର ସାଧନାରେ ରତ ହେଲେ । ସେହି ସମୟର ସାଧନାରେ ସାଧକମାନଙ୍କୁ ଅଧିକ ପରିମାଣରେ ସ୍ଥାନ ଦିଆଗଲା । ତଥାପି ସାଧକମାନଙ୍କଠାରୁ ସାଧ୍‌କାମାନେ ସର୍ବଦା ପୃଥକ୍ ରହିବା ନିୟମ ଶିଥିଳ କରାହୋଇ ନ ଥିଲା; କିନ୍ତୁ ସେମାନଙ୍କୁ ଏକ ସଙ୍ଗେ କାର୍ଯ୍ୟକରିବାକୁ ଦିଆଯାଉ ଥିଲା । ଅବଶ୍ୟ ପୂର୍ବାପେକ୍ଷା ନିୟମ ତୀବ୍ର ନ ଥିଲା । ମା', ଶ୍ରୀଅରବିନ୍ଦ ଉତ୍ତରୋତ୍ତର ଅତିମାନସ ଶକ୍ତିର ଯେତେ ନିକଟ ହେବାକୁ ଲାଗିଲେ ଏବଂ ଆନ୍ତରିକ ନିୟନ୍ତ୍ରଣ କରିବାରେ ବ୍ୟବସ୍ଥା କଲେ, ସେହି ଅନୁସାରେ ଆଶ୍ରମରେ କର୍ମ ବିସ୍ତାର ହେଲା ଏବଂ ସାଧକ ସାଧ୍‌କାମାନଙ୍କ ମଧ୍ୟରେ ଥିବା ପୃଥକ୍‌ଭାବର କଠୋର ନିୟମ ଶିଥିଳ କରିଦିଆଗଲା । ୧୯୩୮ ପୂର୍ବରୁ ଅଳ୍ପ ଶିଶୁଙ୍କୁ ଆଶ୍ରମରେ ରହିବାକୁ ଅନୁମତି ଦିଆହୋଇଥିଲା । ୧୯୩୮ରୁ କ୍ରମଶଃ ଶିଶୁମାନଙ୍କୁ ଆଶ୍ରମରେ ନିଆଗଲା । ୧୯୪୨ରେ ସେମାନଙ୍କୁ ବିଦ୍ୟାଶିକ୍ଷା ସକାଶେ ଗୋଟିଏ ସ୍କୁଲ ମଧ୍ୟ ନିର୍ମାଣ ହେଲା ଏବଂ ଅଳ୍ପମାତ୍ରାରେ ଛାତ୍ରଛାତ୍ରୀମାନଙ୍କୁ ବ୍ୟାୟାମ ଶିକ୍ଷା ଦିଆଗଲା । କିନ୍ତୁ ସେତେବେଳେ ଶାରୀରିକ ବ୍ୟାୟାମ କେବଳ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଶେଷ ରୂପେ ସୀମିତ ଥିଲା । ସାଧକ ସାଧ୍‌କାମାନଙ୍କର ଭୋଜନାଳୟ ପୃଥକ୍ ଥିଲା । ଭୋଜନ ପରିବେଷଣ ସ୍ଥାନରୁ ଭୋଜନ ଆଣିବା ପାଇଁ ସାଧକ ତଥା ସାଧ୍‌କାମାନେ ପୃଥକ୍ ପୃଥକ୍ ଶ୍ରେଣୀବଦ୍ଧ ଭାବେ ଯାଉଥିଲେ । ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେଲା । ୧୯୪୭ରେ ଭାରତ ସ୍ୱାଧୀନ ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନ୍ ପରାସ୍ତ ହେବା, ଭାରତ ସ୍ୱାଧୀନ ହେବା ଶ୍ରୀଅରବିନ୍ଦଙ୍କ ଯୋଗସାଧନାରେ ଗୋଟାଏ ମହାନ୍ ବିଷୟ ଥିଲା । ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ବାଣୀରେ ଶ୍ରୀଅରବିନ୍ଦ ସ୍ୱୟଂ କହିଅଛନ୍ତି ଏବଂ ପୂର୍ବରୁ ବହୁ ପତ୍ରରେ ଲେଖିଅଛନ୍ତି, ତାଙ୍କ ଯୋଗ ସିଦ୍ଧିର ଗୋଟାଏ ଅଙ୍ଗ ହେଉଛି ଭାରତର ସ୍ୱାଧୀନତା । ୧୯୪୭ରେ ଶ୍ରୀଅରବିନ୍ଦ ସାଧନା ଦ୍ୱାରା ଚେତନାର ଯେଉଁ ସ୍ତରରେ ଉପନୀତ ହେଲେ ସେଥିରେ ସାଧକସାଧ୍‌କାମାନଙ୍କ ମଧ୍ୟରେ ବିଶେଷ ପୃଥକ୍ ଭାବ ରହିବା ଆବଶ୍ୟକ ହେଲା ନାହିଁ । କାରଣ ତାଙ୍କ ଯୋଗର ଲକ୍ଷ୍ୟ ପୂର୍ଣ୍ଣ ରୂପାନ୍ତର । ଅନ୍ତରରେ ଯେତେ ପରିମାଣରେ ନିୟନ୍ତ୍ରଣ ହୁଏ ବାହ୍ୟ ନିୟନ୍ତ୍ରଣ ତେତେ ପରିମାଣରେ ମୁକ୍ତ ହେବା ସ୍ୱାଭାବିକ । ପୂର୍ବରୁ ମା' ତାଙ୍କ ନିବାସ କକ୍ଷରୁ ତଳକୁ ଆସୁ ନ ଥିଲେ । ଭାରତ ସ୍ୱାଧୀନ ହେବା ପରେ ମା' ତଳକୁ ଆସିଲେ ଏବଂ ଆଶ୍ରମର ବିଭିନ୍ନ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କଲେ । ସେହି ସମୟରେ

ଅନୁମାନ କରା ଯାଉଥିଲା ୧୯୪୯ରେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରିବାର ସମ୍ଭାବନା ଅଛି । ମା' ଭୋଜନାଳୟ ପରିଦର୍ଶନ କରିବାକୁ ଆସିଲେ ଏବଂ କେଉଁ କକ୍ଷରେ କେଉଁ କାର୍ଯ୍ୟ ହୁଏ ବୋଲି ପଚାରିଲେ । ଭୋଜନାଳୟର ବ୍ୟବସ୍ଥାପକ ନିର୍ଦ୍ଦେଶକରି ସାଧକ ଓ ସାଧିକାମାନଙ୍କର ଭିନ୍ନଭିନ୍ନ ଭୋଜନାଳୟ ଦେଖାଇ ଦେଲେ । ଏହି ବ୍ୟବସ୍ଥା ମା' ସ୍ୱୟଂ କରିଥିଲେ । କିନ୍ତୁ କିଛି ନ ଜାଣିଲାପରି କହିଲେ, ''ଏସବୁ ନିରର୍ଥକ । ସାଧକସାଧିକାମାନେ ଏକ କକ୍ଷରେ ଭୋଜନ କରିବେ, ଶ୍ରେଣୀବଦ୍ଧ ଭାବେ ଏକ ସଙ୍ଗେ ମଧ୍ୟ ଯିବେ ।'' ତାହାହିଁ ହେଲା ।

ଶାରୀରିକ ବ୍ୟାୟାମ

ବିଶ୍ୱ-ଜଡ଼-ତତ୍ତ୍ୱରେ ଅତିମାନସ ଶକ୍ତିର ଅବତରଣର ସମୟ ଆସିବାରୁ ଶରୀରର ପ୍ରସ୍ତୁତି ଆବଶ୍ୟକ ହେଲା । ଶ୍ରୀଅରବିନ୍ଦ ଯୋଗରେ ମନ-ପ୍ରାଣ ଅପେକ୍ଷା ଶରୀରର ରୂପାନ୍ତର ବିଶେଷ ମହତ୍ତ୍ୱପୂର୍ଣ୍ଣ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ମନ-ପ୍ରାଣର ରୂପାନ୍ତର ହୁଏ, କିନ୍ତୁ ଅରୂପାନ୍ତରିତ ଶରୀର ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହୁଏ ନାହିଁ । ଶରୀର ରୂପାନ୍ତର ହେଲେ ମନ-ପ୍ରାଣ ରୂପାନ୍ତର ନ ହୋଇ ରହିପାରନ୍ତି ନାହିଁ । ତା'ଛଡ଼ା ମନ, ପ୍ରାଣର ରୂପାନ୍ତର ଅପେକ୍ଷାକୃତ ସହଜ । କିନ୍ତୁ ଜଡ଼ ଶରୀରର ରୂପାନ୍ତର ମହାନ୍ ଅସାଧ । ମନ, ପ୍ରାଣର ରୂପାନ୍ତର ଜପ, ସଂଯମ, ନିୟମ, ଧ୍ୟାନ-ଧାରଣା, ଆସନ, ପ୍ରାଣାୟାମ ଦ୍ୱାରା ହୋଇପାରେ । କିନ୍ତୁ ଶରୀରର ରୂପାନ୍ତର କେବଳ ଅତିମାନସ ଶକ୍ତିର କ୍ରିୟା ଛଡ଼ା ଅନ୍ୟ କୌଣସି ଉପାୟରେ ହୋଇପାରେ ନାହିଁ । ସେହି କାରଣରୁ ଆଜି ପର୍ଯ୍ୟନ୍ତ କୌଣସି ପୁରାତନ ଯୋଗରେ ଶରୀର ରୂପାନ୍ତର ହୋଇ ନାହିଁ । ଅତିମାନସ କ୍ରିୟା ସକାଶେ ସଂଯମ, ନିୟମ ସହିତ ବ୍ରହ୍ମଚର୍ଯ୍ୟ ପାଳନ ଏବଂ ଶାରୀରିକ ବ୍ୟାୟାମ ଆବଶ୍ୟକ । ଏହାରି ଦ୍ୱାରା ଶରୀର ନମନୀୟ ଏବଂ ଗ୍ରହଣଶୀଳ ହୁଏ । ସେହି ସକାଶେ ୧୯୪୯ ସାଲରେ ବୁଲେଟିନ୍ ପ୍ରକାଶ ହେଲା । ସେଥିରେ ଶ୍ରୀଅରବିନ୍ଦ ଶାରୀରିକ ରୂପାନ୍ତର ସକାଶେ ବ୍ୟାୟାମର ଉପଯୋଗିତା ବିଷୟରେ ଆଲୋଚନା କଲେ ତଥା ମା' ସେହି ସିଦ୍ଧାନ୍ତକୁ କ୍ରିୟାତ୍ମକ ରୂପ ଦେଲେ । ଆଶ୍ରମରେ ଶାରୀରିକ ଶିକ୍ଷା ବିଶେଷ ରୂପେ ପ୍ରକାଶ ହେଲା । ଆଶ୍ରମର ବାଳକ, ବାଳିକା, ବୃଦ୍ଧ, ଯୁବକ, ସାଧକ, ସାଧିକା ସେଥିରେ ଅଂଶ ଗ୍ରହଣ କଲେ । ମା' ସ୍ୱୟଂ ଟେନିସ୍ ଖେଳୁଥିଲେ ଏବଂ ଖେଳ ପଡ଼ିଆରେ ଚାଲୁଥିଲେ । ତେଣୁ ତାଙ୍କ ଆଦର୍ଶରେ ଆଶ୍ରମବାସୀମାନେ ଅନୁପ୍ରାଣିତ ହେବା ସ୍ୱାଭାବିକ ଥିଲା । ସେହି ଶାରୀରିକ ଶିକ୍ଷାର ନାନାପ୍ରକାର ଖେଳକସରତ ଆଶ୍ରମ ଯୋଗସାଧନାର ପ୍ରଧାନ ଅଙ୍ଗ ରୂପେ ମାନ୍ୟ ହେଲା । ଏହି ଶାରୀରିକ ଶିକ୍ଷା ମାଧ୍ୟମରେ ଆଶ୍ରମ ସାଧକସାଧିକାମାନଙ୍କ ମଧ୍ୟରେ ଯେଉଁ ପୁରାତନ ସଂସ୍କାରର ପୃଥକତ୍ୱ ଥିଲା ତାହା ମା' ଦୂର କଲେ । ସମସ୍ତ ସାଧକ ସାଧିକା, ବାଳକ ବାଳିକା ଏକ ସଙ୍ଗେ ଖେଳକସରତ କରିବାକୁ ଆରମ୍ଭ କଲେ ।

ପାଠକମାନେ ଭୁଲିଯାଆନ୍ତୁ ନାହିଁ ଯେ ମା' ଶ୍ରୀଅରବିନ୍ଦ ତାଙ୍କ ଯୋଗ ଶକ୍ତି ଦ୍ୱାରା ଯେତେ ପରିମାଣରେ କାମ, କ୍ରୋଧାଦି ଉପରେ ନିୟନ୍ତ୍ରଣ କରିଛନ୍ତି ତଥା ସାଧକସାଧିକାମାନଙ୍କ ଆଧାର ଉନ୍ମୁକ୍ତତା ଅନୁସାରେ ସେମାନଙ୍କ ଆନ୍ତର ନିୟନ୍ତ୍ରଣ କରିଛନ୍ତି ସେହି ଅନୁସାରେ ବାହ୍ୟ ନିୟନ୍ତ୍ରଣ ଶିଥିଳ କରିଛନ୍ତି । ୧୯୫୦ରେ ଅତିମାନସ ଶକ୍ତିର ଅବତରଣ କରାଇ ଶ୍ରୀଅରବିନ୍ଦ ତାଙ୍କ ସ୍ଥୂଳ ଶରୀର ତ୍ୟାଗ କଲେ । ମା' ସେହି ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି ।

ବର୍ତ୍ତମାନ ଅତିମାନସ କ୍ରିୟା ହେଉଅଛି ସ୍ଥୂଳ ଶରୀରରେ ସୂକ୍ଷ୍ମ ରୂପେ । ଯେତେବେଳେ ସ୍ଥୂଳ ଶରୀରର ବାହ୍ୟରୂପ ରୂପାନ୍ତର ହେବ ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖିପାରିବେ । ସ୍ଥୂଳ ଶରୀରରେ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସାଧକସାଧିକାମାନେ କ୍ରମଶଃ ରୋଗରୁ ମୁକ୍ତ ହେବେ । ବୃଦ୍ଧତ୍ୱର ନିର୍ଦ୍ଦିଷ୍ଟ ସମୟ ଅତିକ୍ରମ କରିବ, ଆଉ ମୃତ୍ୟୁ ଅନିବାର୍ଯ୍ୟ ହୋଇ ରହିବ ନାହିଁ । ସେତେବେଳେ ସାଧକର କାମ-କ୍ରୋଧାଦି ରିପୁ ପୂର୍ଣ୍ଣତଃ ଦୂର ହୋଇଯିବ । ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ସାମୂହିକ ସାଧନା ଯେଉଁ ସ୍ତରରେ ପହଞ୍ଚିଛି ସେ ସ୍ତରରେ ମା'ଙ୍କ ଅତିମାନସ ଶକ୍ତିର ନିୟନ୍ତ୍ରଣ ଦ୍ୱାରା

ସାଧକ ସାଧ୍‌କାମାନେ ଏକସଙ୍ଗେ କର୍ମ ତଥା ବ୍ୟାୟାମ କରିବା ସତ୍ତ୍ୱେ ପବିତ୍ରତାରେ ରହିପାରୁଅଛନ୍ତି । ଏହାହିଁ ଶ୍ରୀଅରବିନ୍ଦ ଯୋଗର ସାମୂହିକ ସାଧନାର ଅବସ୍ଥା । ବ୍ୟକ୍ତିଗତ ସାଧନାର ସ୍ଥିତି ଏହି ପ୍ରଣାଳୀରୁ ସାମୟିକ ରୂପେ ଭିନ୍ନ ହୋଇପାରେ ।

ପୂର୍ବେ କୌଣସି କୌଣସି ଅଧ୍ୟାତ୍ମ ସାଧନା ସଂସ୍ଥାରେ ସ୍ତ୍ରୀ ପୁରୁଷ ଏକ ସଙ୍ଗେ ରହି ସାଧନା କରିବା ସମ୍ଭବ ହୋଇ ନାହିଁ । ଏହା ସମ୍ଭବ ହୋଇଛି ଅତିମାନସ ଶକ୍ତି ଏହି ପୃଥିବୀକୁ ଆସିବାରୁ । ସାଧକସାଧ୍‌କାମାନେ ନିଜକୁ ମାତୃ ଶକ୍ତି ପ୍ରତି ଉନ୍ମୁକ୍ତ କରି ରଖିଲେ ଅତିମାନସ ମାତୃଶକ୍ତି ସାଧକ ସତ୍ତାକୁ ନିୟନ୍ତ୍ରଣ କରି ସମସ୍ତ ବାଧାବିପତ୍ତିରୁ ଅତିକ୍ରମ କରାଇ ଦେବ । ସାଧକସାଧ୍‌କାମାନେ ଯଦି ସାଧନାର ପ୍ରଥମାବସ୍ଥାରେ ଆବଶ୍ୟକ ଅନୁସାରେ ମା'ଙ୍କ ଉପରେ ନିର୍ଭର କରି ନ ପାରନ୍ତି ଏବଂ ଉନ୍ମୁକ୍ତ ହୋଇ ନ ପାରନ୍ତି, ତଥାପି ସେମାନଙ୍କର ଯଦି ଲକ୍ଷ୍ୟରେ ପହୁଞ୍ଚିବାର ଦୃଢ଼ସଙ୍କଳ୍ପ ତଥା ନିଷ୍କପଟ ସରଳତା ଥାଏ, ତେବେ ସେମାନେ ନିଜ ଶକ୍ତି ଅନୁସାରେ ମା'ଙ୍କ ଉପରେ ନିର୍ଭର ତଥା ବାହ୍ୟ ସଂଯମନିୟମ ପାଳନ କଲେ ଉଚିତ ସମୟରେ ନିଜକୁ ଉନ୍ମୁକ୍ତ କରିପାରନ୍ତି । ସାଧକସାଧ୍‌କାମାନଙ୍କ ସାଧନା ମାର୍ଗରେ ମା'ଙ୍କର ଅତିମାନସ ଶକ୍ତି ଦ୍ୱାରା ଯେଉଁ ସାହାଯ୍ୟ ମିଳେ, ତାହା ଇତିହାସ ଦୃଷ୍ଟିରୁ ଗୋଟିଏ ନୂତନ ଅଧ୍ୟାୟ କୁହାଯାଇ ପାରେ । ସେଇଥିପାଇଁ ସାଧକସାଧ୍‌କାମାନେ ଏକ ସଙ୍ଗେ ରହି ପବିତ୍ରଭାବରେ ସାଧନା କରିବା ସମ୍ଭବ ହୋଇଅଛି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ବହୁ ଶ୍ରେଣୀର ସାଧକ

ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରତ୍ୟେକ ସାଧକ, ସାଧନାର ଉଚ୍ଚତର ଚେତନାରେ ସମାନ ରୂପେ ପହଞ୍ଚିନ୍ତି, ଏପରି ନୁହେଁ । ଏହା କୌଣସି ପୁରାତନ ଯୋଗରେ ମଧ୍ୟ ସମ୍ଭବ ହୋଇ ନ ଥିଲା, ଆଜି ବି ସମ୍ଭବ ନୁହେଁ । ସବୁ ସମୟରେ ସବୁ ଶ୍ରେଣୀର ସାଧକ ଥାଆନ୍ତି । ଶ୍ରୀଅରବିନ୍ଦ ଯୋଗରେ ସବୁଶ୍ରେଣୀର ସାଧକମାନଙ୍କର ଆବଶ୍ୟକ । କାରଣ ଅତିମାନସ ଶକ୍ତି ଦ୍ୱାରା ମା'ଙ୍କୁ ବିଶ୍ୱ ଶକ୍ତି ପରିବର୍ତ୍ତନ କରିବାକୁ ହେବ । ଯେଉଁ ସାଧକର ଯେଉଁ ପ୍ରକାର ସ୍ୱଭାବ, ତାହା ବିଶ୍ୱ ସ୍ୱଭାବର ଗୋଟିଏ ଅଂଶ । ସେହି ସାଧକର ପ୍ରକୃତି ମଧ୍ୟ ଦେଇ ମା' ବିଶ୍ୱ ପ୍ରକୃତି ଉପରେ କ୍ରିୟା କରନ୍ତି ଏବଂ ରୂପାନ୍ତର କରନ୍ତି । ସାଧକ ସ୍ୱଭାବର ପରିବର୍ତ୍ତନ ସଙ୍ଗେ ସଙ୍ଗେ ବିଶ୍ୱ ସ୍ୱଭାବ ମଧ୍ୟ ପରିବର୍ତ୍ତିତ ହୁଏ । କେତେ ଲୋକଙ୍କର ମନ-ପ୍ରାଣ-ଶରୀରକୁ ମା ରୂପାନ୍ତର କଲେ ସେହି ରୂପାନ୍ତର ପୃଥିବୀରେ ପ୍ରତିଷ୍ଠା ହେବ, ଅର୍ଥାତ୍ ସେହି ରୂପାନ୍ତର ମଧ୍ୟ ଦେଇ ମା' ବିଶ୍ୱ ମନ-ପ୍ରାଣ-ଶରୀର ତତ୍ତ୍ୱକୁ ରୂପାନ୍ତର କରି ପାରିବେ । ବ୍ୟକ୍ତିର ଦୁର୍ଗୁଣ ଯେତେ ମାତ୍ରାରେ ଥାଉ ତା'ର ଆତ୍ମା ଯଦି ଜାଗ୍ରତ୍ ହୋଇଥାଏ, ଭଗବଦଭିମୁଖୀ ହୋଇଥାଏ, ତେବେ ମା' ତାକୁ ସାଧକରୂପେ ଗ୍ରହଣ କରି ତା' ମଧ୍ୟରେ ରୂପାନ୍ତର କ୍ରିୟା କରନ୍ତି । ତା'ର ଆତ୍ମା ଜାଗ୍ରତ୍ ହୋଇଥିବାରୁ ତା ମଧ୍ୟ ଦେଇ ସେହି ପ୍ରକାର ବିଶ୍ୱ ପ୍ରକୃତି ଉପରେ କ୍ରିୟା କରିବାକୁ ମା'ଙ୍କୁ ସୁବିଧା ହୁଏ, ସୁତରାଂ ତା'ରି ଆଧାର ଦେଇ ରୂପାନ୍ତର କରିବା ସକାଶେ ତାଙ୍କୁ ମାର୍ଗ ମିଳିଯାଏ । ସେହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧାରଣ ଅବସ୍ଥାରୁ ବହୁତ ଉଚ୍ଚତର ଅବସ୍ଥାର ସାଧକ ସାଧ୍‌କା ଅଛନ୍ତି ଏବଂ ସେହି ସବୁର ଆବଶ୍ୟକ ମଧ୍ୟ ଅଛି । ଯଦି ଉତ୍ତମ ସ୍ୱଭାବ, ସାତ୍ତ୍ୱିକ ପ୍ରକୃତିର ସାଧକ ନେଇ ମା' ସାଧନା କରନ୍ତେ, ତେବେ ମନ୍ଦ ସ୍ୱଭାବ ପୃଥିବୀରୁ ରୂପାନ୍ତର ହୋଇ ପାରନ୍ତା ନାହିଁ କିଂବା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ, ପୂର୍ଣ୍ଣ ରୂପାନ୍ତର ହୋଇ ପାରନ୍ତା ନାହିଁ ।

ଜଣେ ସାଧକ ଶ୍ରୀଅରବିନ୍ଦଙ୍କ ନିକଟକୁ ପତ୍ର ଲେଖିଥିଲେ, ''ଆପଣଙ୍କର ରୂପାନ୍ତର ଏତେ ମହାନ୍ କାର୍ଯ୍ୟ, ସେଥିରେ ଆମ୍ଭମାନଙ୍କ ପରି ଅଯୋଗ୍ୟ ସାଧକଙ୍କୁ ନେଇ କିପରି ରୂପାନ୍ତର କାର୍ଯ୍ୟ ସଂପୂର୍ଣ୍ଣ କରିବେ ?''

ଆଶ୍ରମର ଶିଶୁ

ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ସାମୂହିକ ସାଧନା ଅନୁସାରେ ଆଶ୍ରମର ଅଧ୍ୟାତ୍ମ ବାତାବରଣ ଯେପରି ନିର୍ମାଣ ହୋଇଅଛି ଏବଂ ବ୍ୟକ୍ତିର ଜ୍ଞାତ ବା ଅଜ୍ଞାତରେ ଅତିମାନସ ଶକ୍ତି ତା ମନ-ପ୍ରାଣ-ଶରୀର ଚେତନାରେ ଯେପରି କାର୍ଯ୍ୟ କରୁଅଛି, ସେଥିରେ ଶିଶୁମାନଙ୍କ ନିର୍ବିକାର ମନ-ପ୍ରାଣରେ ଉତ୍ତମ ପ୍ରଭାବ ପଡୁଅଛି । ଯେଉଁ ବାଳକ ବାଳିକାମାନେ ୫ବର୍ଷ ବୟସରୁ ୧୦ ବର୍ଷ ମଧ୍ୟରେ ଆସି ଏଠାରେ ରହୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁଙ୍କ ପବିତ୍ର ମନ-ପ୍ରାଣରେ କଳୁଷର ଦାଗ ଲାଗି ପାରୁ ନାହିଁ । ସେମାନେ ଯଦିଓ ସାଧନା ବିଷୟ ଜାଣନ୍ତି ନାହିଁ ତଥାପି ସେମାନଙ୍କ ମଧ୍ୟରେ କାମ-କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ବିରୋଧାଦି ବିରୋଧୀ ଭାବ ନ ଥିବାରୁ ସେମାନଙ୍କ ଆଧାରରେ ଅବାଧରେ ଅତିମାନସ ଶକ୍ତିର ପ୍ରଭାବ ପଡ଼ି ସେମାନଙ୍କର ପବିତ୍ର ସଂସ୍କାର ପ୍ରସ୍ତୁତ କରୁଅଛି । ସେମାନଙ୍କ ଅନ୍ତର ସ୍ୱତଃସ୍ଫୂର୍ତ୍ତ ଭାବେ ସଂଯତ ହେଉଅଛି । ସେହି ଶିଶୁମାନେ ବଡ଼ ହେଲେ ପ୍ରୌଢ଼ ସାଧକ ସାଧିକାମାନଙ୍କ ସଦୃଶ ସଂଯମ, ବାଳକ ବାଳିକା ମଧ୍ୟରେ ପରସ୍ପର ସାଙ୍ଗ ସାଥୀ ତ୍ୟାଗ ବା ବାକ୍ୟାଳାପ ଅଥବା ଖେଳ କସରତ ସମୟରେ ବାହ୍ୟ ନିୟମର କୌଣସି ଆବଶ୍ୟକତା ରହେ ନାହିଁ । ସାଧାରଣ ମନୁଷ୍ୟର ଏହିସବୁ ବାହ୍ୟ ଇନ୍ଦ୍ରିୟ ସଂଯମ କରା ନ ହେଲେ ଏହାଦ୍ୱାରା ସେମାନଙ୍କ ମନରେ ବିକାର ଜାତ ହୁଏ ଏବଂ ସେହି ବିକାର ପତନ ଆଡ଼କୁ ନେଇଯାଏ । କିନ୍ତୁ ଏମାନଙ୍କ ମନ, ପ୍ରାଣ ବାଲ୍ୟାବସ୍ଥାରୁ ଅଧ୍ୟାତ୍ମ ଶକ୍ତିର ପ୍ରଭାବରୁ ପବିତ୍ର ରହିଥାଏ । ସେହି ସମୟରୁ ସେମାନେ ଭାଇ ଭଉଣୀ ସଦୃଶ ପବିତ୍ର ଭାବରେ ଖେଳ, ନୃତ୍ୟ, ଗାନ ଏକ ସଙ୍ଗେ କରି ଆସିଥାଆନ୍ତି । ନୈତିକ ଦୃଷ୍ଟିରେ ସଂସାର ଦୂଷିତ ବାତାବରଣରେ ବଡ଼ ହୋଇଥିବା ବ୍ୟକ୍ତିମାନଙ୍କ ବିଚାରରେ ଏହା ଆଶ୍ଚର୍ଯ୍ୟଜନକ ପ୍ରତୀତ ହେଲେ ମଧ୍ୟ ଆଶ୍ରମ ବାଳକ ବାଳିକାମାନଙ୍କ ପବିତ୍ର, ଅକଳୁଷିତ ଚରିତ୍ରରେ କୌଣସି ଦୋଷ ହୁଏ ନାହିଁ । ଏହାର ପ୍ରତ୍ୟକ୍ଷ ପ୍ରମାଣ ଦିଏ ସେମାନଙ୍କ ନିର୍ଭୀକତା, ପ୍ରଫୁଲ୍ଲ ଚେହେରା, ନିର୍ଦୋଷ ଦୃଷ୍ଟି ।

ବ୍ୟକ୍ତି ମଧ୍ୟରେ ଯେତେ ଦୋଷତ୍ରୁଟି, ବାସନା, କାମନା, ଭୋଗଲିପ୍ସା, କାମ-କ୍ରୋଧ, ଲୋଭମୋହ, ହିଂସାଦ୍ୱେଷ, ବୈରବିରୋଧାଦି ରିପୁ ଥାଆନ୍ତି ତା'ର ସ୍ୱଭାବ ଯେତେ ଅନମନୀୟ ହେଉ, କିନ୍ତୁ ତା' ଆତ୍ମା ଯଦି ଭଗବାନଙ୍କୁ ଚାହିଁଥାଏ, ଭଗବାନ୍ ଯଦି ତା'କୁ ସ୍ୱୀକାର କରିଥା'ନ୍ତି ଏବଂ ଏହିସବୁ ଦୋଷ-ତ୍ରୁଟିକୁ ଅତିକ୍ରମ କରି ଭଗବତ୍ କୃପାରୁ ଲକ୍ଷ୍ୟରେ ପହଞ୍ଚିବାର ତା'ର ଯଦି ଦୃଢ଼ ସଂକଳ୍ପ ଥାଏ ଏବଂ ନିଜକୁ ସେ ମା'ଙ୍କ ହାତରେ ସମର୍ପଣ କରିଦେଇଥାଏ ତେବେ ତା'କୁ ମା' ସମସ୍ତ ପ୍ରକାର ବାଧାବିପତ୍ତିରୁ ରକ୍ଷା କରି ସମସ୍ତ ଦୋଷ-ତ୍ରୁଟିକୁ ଶୁଦ୍ଧକରି ସ୍ୱଚ୍ଛ ଦର୍ପଣ ସଦୃଶ ତା ହୃଦୟକୁ ପବିତ୍ର କରି ତା' ମଧ୍ୟରେ ଜ୍ଞାନ, ବିବେକ, ଭକ୍ତି, ଶାନ୍ତି, ସମତା, ଆନନ୍ଦାଦି ଦିବ୍ୟଗୁଣ ସ୍ଥାପନା କରନ୍ତି; ତା'କୁ ଭଗବତ୍ ଯନ୍ତ୍ର କରି ଲକ୍ଷ୍ୟରେ ପହୁଞ୍ଚାଇ ଦିଅନ୍ତି । ବ୍ୟକ୍ତିର ଦୋଷତ୍ରୁଟିର ମୂଲ୍ୟ ନାହିଁ, ମୂଲ୍ୟ କେବଳ ମା'ଙ୍କ ଉପରେ ନିର୍ଭରତା ଏବଂ ସଂକଳ୍ପରେ ଦୃଢ଼ ନିଷ୍କପଟ ନିଷ୍ଠା ତଥା ବ୍ୟକ୍ତିଗତ ପ୍ରଯତ୍ନରେ ।

ବ୍ୟକ୍ତି ମଧ୍ୟରେ ଦୋଷତ୍ରୁଟି, କାମନା, ବାସନା କମ୍ ପରିମାଣରେ ଥାଇ ସେ ଯଦି ମା'ଙ୍କ ଉପରେ ନିର୍ଭରତା ରଖେ ନାହିଁ, ତା'ର ଯଦି ଲକ୍ଷ୍ୟରେ ପହୁଞ୍ଚିବାର ସଂକଳ୍ପରେ ଦୃଢ଼ ନିଷ୍ଠା ନ ଥାଏ ଅର୍ଥାତ୍ ସନ୍ଦେହଥାଏ ତେବେ ତା'ର ସାଧନାର ମୂଳଦୁଆ ଦୁର୍ବଳ ବୋଲି ଜାଣିବା ଉଚିତ । ଏହିପରି ବ୍ୟକ୍ତି ଦୃଢ଼ତା ସହିତ ପ୍ରଯତ୍ନ ନ କଲେ ପ୍ରାପ୍ତ ବିଷୟରୁ ନିଜକୁ ସଂଯତ କରିପାରନ୍ତି ନାହିଁ, ସାଧାରଣ ଜୀବନକୁ ଫେରିଯିବାକୁ ବାଧ ହୁଅନ୍ତି । ଏପରି ହୁଏ ବହୁତ କମ୍ ବ୍ୟକ୍ତିଙ୍କର । ସାଧନାର ଏହି ବିଷୟରେ ସାଧକସାଧିକାମାନେ ବିଶେଷ ରୂପେ ସଜାଗ ରହିବା ଉଚିତ । ଶ୍ରୀଅରବିନ୍ଦଙ୍କ ମହାନ୍ ଦୁରୂହ ଯୋଗର ମୂଳମନ୍ତ୍ର ଏବଂ ସାଧନାର ଚାବି ହେଉଛି ମା'ଙ୍କୁ ସମର୍ପଣ ଏବଂ ତାଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ତଥା ଲକ୍ଷ୍ୟପ୍ରାପ୍ତି ସଂକଳ୍ପରେ ଦୃଢ଼ ନିଷ୍ଠାବାନ୍ ହେବା । ଏହା ଏକାନ୍ତ ଅନିବାର୍ଯ୍ୟ, ଅପରିହାର୍ଯ୍ୟ ରୂପେ ଆବଶ୍ୟକ । ଏହାଛଡ଼ା ସିଦ୍ଧି ଦୁରୂହ ନୁହଁ, ଅସମ୍ଭବ ।

ଲକ୍ଷ୍ୟ ପ୍ରାପ୍ତିର ଦୃଢ଼ ନିଷ୍ଠାହୁଏ ଆତ୍ମାର ଆହ୍ୱାନରେ । ଆତ୍ମାର ଆହ୍ୱାନ ତଥା ଦୃଢ଼ ନିଷ୍ଠାର ସ୍ୱରୂପ କ'ଣ ଆସ୍ତେମାନେ ବିଲ୍ୱମଙ୍ଗଳ ଚରିତ୍ରରୁ ଦେଖିପାରିବା ।

ବିଲ୍ୱମଙ୍ଗଳ

ବିଲ୍ୱମଙ୍ଗଳର ଜନ୍ମ ହୋଇଥିଲା ଦକ୍ଷିଣ ପ୍ରାନ୍ତ କୃଷ୍ଣା ନଦୀ କୂଳରେ ଗୋଟିଏ ବ୍ରାହ୍ମଣ ପରିବାରରେ । ତା'ର ପତ୍ନୀ ଥିଲା ପତିବ୍ରତା ତଥା ସଦ୍‌ଗୁଣବତୀ ସୁନ୍ଦରୀ । ଦୁର୍ଭାଗ୍ୟବଶତଃ ତା'ର ଆସକ୍ତି ଚିନ୍ତାମଣି ବେଶ୍ୟା ପ୍ରତି ହେଲା । ମନୁଷ୍ୟ ଯଦି ଅସତ୍ ମାର୍ଗରେ ଯାଏ, ତେବେ ତାକୁ ନିମ୍ନପ୍ରକୃତିର ଅଶୁଦ୍ଧ ଶକ୍ତି ଅଧିକାର କରି ନିଅନ୍ତି । ତା'ର ସତ୍ କାର୍ଯ୍ୟରେ ପ୍ରବୃତ୍ତି ହୁଏ ନାହିଁ କିଂବା ସତ୍ ଚରିତ୍ର, ସଦାଚାରୀ, ସଚ୍ଚମହାତ୍ମା ଭଗବାନଙ୍କପ୍ରତି ଅନୁରକ୍ତି ଜନ୍ମେ ନାହିଁ । ବିଲ୍ୱମଙ୍ଗଳକୁ ବିରୋଧୀ ଶକ୍ତି ଅଧିକାର କରିବାରୁ ନିଜ ପତିବ୍ରତା ସଦ୍‌ଗୁଣବତୀ, ସଦାଚାରିଣୀ, ସୁଲକ୍ଷଣା ପତ୍ନୀକୁ ତ୍ୟାଗ କରି ଅସତ୍ ଚରିତ୍ରା, ବେଶ୍ୟା ଚିନ୍ତାମଣିକୁ ନିଜ ମନ-ପ୍ରାଣ-ଶରୀର, ଲୋକ ପରଲୋକ, ମାନ, ଯଶଃ, କୁଳମର୍ଯ୍ୟାଦା ଅର୍ପଣକରି ତା'ର ଦୀପ ଶିଖା ସଦୃଶ ସୁନ୍ଦର ରୂପରେ ନିଜେ ପତଙ୍ଗ ସଦୃଶ ଝାସଦେଇ ଧର୍ମକର୍ମ ସବୁକିଛି ସ୍ୱାହା କରିଦେଲା ।

ମନୁଷ୍ୟର ଥରେ ପତନ ହେଲେ ତା'ର ଜ୍ଞାନ-ବିବେକ ନଷ୍ଟ ହୋଇଯାଏ । ଫେର୍ ସେ ସେଥିରୁ ଉଦ୍ଧାର ହୋଇପାରେ ନାହିଁ, ଅସୁର ରକ୍ତବୀର୍ଯ୍ୟ ସଦୃଶ ପାପପ୍ରବୃତ୍ତି ବୃଦ୍ଧିହେଉଥାଏ; ସେ ନୂତନ ନୂତନ ପତନ ମାର୍ଗରେ ଗତିକରେ । ବିଲ୍ୱମଙ୍ଗଳର ଠିକ୍ ସେହି ଅବସ୍ଥା । ସେ ଚିନ୍ତାମଣିକୁ ପ୍ରସନ୍ନ କରିବାରେ କୌଣସି ଅସତ୍ କର୍ମ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ । ଦିନେ ତା'ର ପିତୃଶ୍ରାଦ୍ଧ ଥିଲା । ଘରେ ଇଷ୍ଟ ମିତ୍ର କୁଟୁମ୍ବ ନିମନ୍ତ୍ରଣରେ ଆସିଥିଲେ । ସେମାନଙ୍କ ପରିଚର୍ଯ୍ୟା କରିବାରେ ବିଳମ୍ବ ହୋଇଗଲା । ସମସ୍ତ କାର୍ଯ୍ୟ ଶେଷହେବା ପୂର୍ବରୁ ରାତ୍ରି ଆଗମନ କଲା । ଦୈବଯୋଗକୁ ସେଦିନ ମୂଷଳଧାରାରେ ହେଲା ବର୍ଷା । ଘଡ଼ଘଡ଼ିର ଭୟଙ୍କର ଶବ୍ଦରେ ପୃଥିବୀ କମ୍ପିଉଠୁଥାଏ । ବିଲ୍ୱମଙ୍ଗଳ ମନ ଥାଏ ଚିନ୍ତାମଣି ପାଖରେ, ସେ କାର୍ଯ୍ୟ କରୁଥାଏ କେବଳ ଶରୀରରେ । ଅନ୍ୟମନସ୍କରେ କୌଣସିମତେ ସମସ୍ତ କାର୍ଯ୍ୟ ସମାପ୍ତ କଲା । କିନ୍ତୁ ତା'ର ଧ୍ୟେୟଥିଲା କୌଣସିମତେ ଚିନ୍ତାମଣି ପାଖରେ ପହୁଞ୍ଚିବା । ମନୁଷ୍ୟକୁ କୌଣସି ବିରୋଧୀ ଶକ୍ତି ଅଧିକାର କଲେ ତା'ର ଜ୍ଞାନବିବେକ, ଧର୍ମ, କର୍ମ, କିପରି ନଷ୍ଟହୁଏ ତା'ର ପ୍ରତୀକ ବିଲ୍ୱମଙ୍ଗଳ ।

ଘୋର ଅନ୍ଧକାର ରାତ୍ରି, ନିଜ ହାତ ଦେଖାଯାଉ ନ ଥାଏ । ବର୍ଷା ଯୋଗୁଁ ସମସ୍ତ ମାର୍ଗରେ ଜଳପୂର୍ଣ୍ଣ । ଜୀବନ ବ୍ୟାକୁଳରେ ବିଷଧର ସର୍ପ ଅସ୍ତବ୍ୟସ୍ତ ହୋଇ ବୁଲୁଥା'ନ୍ତି । ଏପରି ଘୋର ସଂକଟପୂର୍ଣ୍ଣ ରାତ୍ରିରେ ପିତୃଶ୍ରାଦ୍ଧ ଶୁଭ ଦିନରେ ପବିତ୍ର ରହିବା ଉଚିତ ଥିଲା, ତାହା ନ କରି ମାୟାମୋହ କୁହୁକ ସଦୃଶ ଚିନ୍ତାମଣିର ରୂପ ଆକର୍ଷଣରେ ବିଲ୍ୱମଙ୍ଗଳ ଆକର୍ଷିତ ହୋଇ ତା'ପାଖକୁ ଯିବାକୁ ବାହାରିଲା । କୃଷ୍ଣାନଦୀ ଅନ୍ୟ କୂଳରେ ଚିନ୍ତାମଣିର ଘର । ଘୋର ବର୍ଷା, ଜଳରେ ନଦୀପୂର୍ଣ୍ଣ । ଏପରି ରାତ୍ରିରେ ନାବିକମାନେ ନିଜ ଘରେ ସୁଖ ନିଦ୍ରା ଛାଡ଼ି ନଦୀକୂଳରେ ରହନ୍ତେ କାହିଁକି ? ଚିନ୍ତାମଣିର ମୋହରେ ବିଲ୍ୱମଙ୍ଗଳ ଅଜ୍ଞାନ । ତା'ର ମୃତ୍ୟୁକୁ ଚିନ୍ତା ନାହିଁ କି ଶରୀର ଯନ୍ତ୍ରଣାକୁ ଭୟ ନାହିଁ । ସେ ସମସ୍ତ କିଛି ଭୁଲିଯାଇଛି । ଚେତନାରେ ଅଛି କେବଳ ଚିନ୍ତାମଣିର ରୂପ । ବିଲ୍ୱମଙ୍ଗଳ ନୌକା ତଥା ନାବିକକୁ ନ ଦେଖି ନଦୀ ପାରହେବା ଉଦ୍ଦେଶ୍ୟରେ ନଦୀରେ ଡେଇଁ ପଡ଼ିଲେ । ଅନ୍ଧକାର ଯୋଗୁଁ ଅନ୍ୟକୂଳ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଜ୍ଞାନ ନାହିଁ, ପ୍ରଖର ସ୍ରୋତ କେଉଁଠିକୁ ନେଇଯିବ ତା'ର ଚିନ୍ତା ନାହିଁ । ବିବେକ ପୂର୍ବରୁ ନଷ୍ଟ ହୋଇଛି, ଏହାଚିନ୍ତା କରିବ କିଏ ? ପ୍ରଖର ସ୍ରୋତରେ ପହଁରି ପହଁରି ବିଲ୍ୱମଙ୍ଗଳର ହାତଗୋଡ଼ ଅବଶ ହୋଇପଡ଼ିଲା । ମୃତ୍ୟୁ ଛଡ଼ା ଅନ୍ୟ ଉପାୟ ନ ଥିଲା । ସେହି ସମୟରେ ଗୋଟିଏ ଦୁର୍ଗନ୍ଧ ମୃତ-ଶରୀର ତା'ହାତରେ ସ୍ପର୍ଶ ହେଲା । ସେହି ମୃତ-ଶରୀର ଆଶ୍ରୟରେ ନଦୀ ପାର ହୋଇ ପଡ଼ିଉଠି ଚିନ୍ତାମଣିର ଘରକୁ ଦୌଡ଼ିଲା । ଘୋର ବର୍ଷା, ଅନ୍ଧକାର ରାତ୍ରି, ପୁଣି ବିଲ୍ୱମଙ୍ଗଳର ପିତୃଶ୍ରାଦ୍ଧ ଦିବସ, ତେଣୁ ସେ ଆସିବା ଅସମ୍ଭବ ବୋଲି ଚିନ୍ତାମଣିର ଧାରଣା ଥିଲା । ସେଥିନେଇ ସେ ଦ୍ୱାର ବନ୍ଦକରି ନିଶ୍ଚିନ୍ତରେ ନିଦ୍ରିତାବସ୍ଥାରେ ସ୍ୱପ୍ନରାଜ୍ୟରେ ବିଚରଣ କରୁଥିଲା । ବିଲ୍ୱମଙ୍ଗଳ ବହୁତ ଡାକିଲା, ବର୍ଷା ଓ ବତାସ ଯୋଗୁଁ ଚିନ୍ତାମଣି ତା' ଡାକ ଶୁଣିପାରିଲା ନାହିଁ । ବିଲ୍ୱମଙ୍ଗଳ କୌଣସିମତେ ଚିନ୍ତାମଣିକୁ ସାକ୍ଷାତ୍ କରିବ, ଏହି ଜ୍ଞାନ ଛଡ଼ା ଅନ୍ୟ ସମସ୍ତ ଜ୍ଞାନ ତା'ର ଲୋପ ହୋଇଯାଇଥିଲା । ଗୋଟିଏ ବିଷଧର ସର୍ପର ଶରୀର ଅର୍ଦ୍ଧେକ ପ୍ରାଚୀର କାନ୍ଥ ଗର୍ଭରେ ଓ ଅର୍ଦ୍ଧେକ ବାହାରେ ଲଟକି ଥିଲା । ବିଲ୍ୱମଙ୍ଗଳ ଦଉଡ଼ି ବୋଲି ଭାବି ସେହି ସର୍ପ ଲାଞ୍ଜ ଧରି ପ୍ରାଚୀର ଡେଇଁ ପଡ଼ିବା ସମୟରେ

ଶବ୍ଦ ହେଲା । ବିଲ୍ୱମଙ୍ଗଳ ଦୁର୍ଗମ ମାର୍ଗ ପାର କରିବାରେ ବହୁତ ସମୟ ଲାଗିଥିଲା । ପ୍ରାୟ ଶେଷ ରାତ୍ରି; ଚିନ୍ତାମଣିର ନିଦ୍ରା ଭଙ୍ଗ ହୋଇଆସୁଥିଲା । ସେହି ସମୟରେ ବାହାରେ ଶବ୍ଦ ଶୁଣି ତା'ର ନିଦ୍ରାଭଙ୍ଗ ହୋଇଗଲା । ସେ ଉଠି ସେଠାକୁ ଯାଇ ବିଲ୍ୱମଙ୍ଗଳକୁ ପଡ଼ିଥିବା ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲା । ମୃତ ବ୍ୟକ୍ତିର ମାଂସରେ ତା'ର ଶରୀର ଦୁର୍ଗନ୍ଧ, ସର୍ପ ସାହାଯ୍ୟରେ ପାଚେରି ଉଲଙ୍ଘନ, ଘୋର ବର୍ଷା ବିପଦ ସଂକୁଳ ଭୟାବହ ରାତ୍ରିରେ ବିଲ୍ୱମଙ୍ଗଳର ଆସିବା ସେ ଆଉ ବରଦାସ୍ତ କରିପାରିଲା ନାହିଁ । କହିଲା, ''ଏହି ରକ୍ତମାଂସ, ବିଷ୍ଠାଯୁକ୍ତ ଶରୀରରେ ଯେଉଁ ମମତା କରିଛ, ସେହି ମମତା ଯଦି ଭଗବାନଙ୍କଠାରେ କରିଥା'ନ୍ତ, ତେବେ ତ ତୁମେ ଭଗବାନଙ୍କୁ ପ୍ରାପ୍ତ କରି ଧନ୍ୟ ହୋଇଥା'ନ୍ତ'' । ଏହି ଶବ୍ଦରେ ବିଲ୍ୱମଙ୍ଗଳର ହୋସ୍ ଆସିଲା । ତା'ର ପ୍ରଗାଢ଼ ମୋହ-ନିଦ୍ରା ଭଙ୍ଗ ହେଲା । ସେ ମନେ ମନେ କ'ଣ ଭାବିବାକୁ ଲାଗିଲା । ସେହି ସମୟରେ ଚିନ୍ତାମଣି ତା'କୁ ସ୍ନାନ କରାଇ ବସ୍ତ୍ର ପିନ୍ଧାଇ ଦେଲା । ତା'ର ସ୍ନାନ ସମାପ୍ତ ହେଉ ହେଉ ଉଷାଦେବୀ ପ୍ରାଚୀଦିଶାକୁ ନିଜ ମନ୍ଦହାସ୍ୟରେ ସୁଶୋଭିତ କରିବାକୁ ଲାଗିଲେ ।

ବିଲ୍ୱମଙ୍ଗଳ ଚିନ୍ତାମଣିକୁ ଗୁରୁମାନି ତା' ଚରଣରେ ପ୍ରଣାମ କରି ତା'ରି ଉପଦେଶାନୁସାରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ବୃନ୍ଦାବନ ଯାତ୍ରାରମ୍ଭ କଲେ । ଶ୍ରୀକୃଷ୍ଣଙ୍କ ପ୍ରାପ୍ତି ଚିନ୍ତାରେ ବିଲ୍ୱମଙ୍ଗଳ କେତେଦିନ ଯାତ୍ରା କରିବାପରେ ଶ୍ରାନ୍ତହୋଇ ଗୋଟିଏ ଗ୍ରାମ ନିକଟ ପୁଷ୍କରଣୀ କୂଳରେ ବୃକ୍ଷଛାୟାରେ ବିଶ୍ରାମ କଲେ । ଗ୍ରାମର ସ୍ତ୍ରୀଲୋକମାନେ ସ୍ନାନ କରିବା ସମୟରେ ଗୋଟିଏ ସୁନ୍ଦରୀ ଯୁବତୀ ସ୍ତ୍ରୀ ପ୍ରତି ସେ ଆସକ୍ତହୋଇ ତା' ପଶ୍ଚାତରେ ତା' ସଙ୍ଗେ ସଙ୍ଗେ ତା' ଘରକୁ ଗଲେ । ପତିବ୍ରତା ସ୍ତ୍ରୀ ବିଲ୍ୱମଙ୍ଗଳର ମଳିନ ମନୋଭାବ ଜାଣିପାରି ନିଜ ପତିକୁ କହିଦେଲେ । ପତି ଥିଲେ ଭକ୍ତ; ସାଧୁ ବେଶଧାରୀ ବିଲ୍ୱମଙ୍ଗଳଙ୍କୁ ଆଦର ସତ୍କାରରେ ଘରେ ରଖିଲେ । ଶ୍ରଦ୍ଧା ପୂର୍ବକ ଭୋଜନ କରାଇଦେଲେ ଏବଂ ବିଲ୍ୱମଙ୍ଗଳଙ୍କ ବାସନା ପୂର୍ଣ୍ଣ କରିବା ସକାଶେ ନିଜ ସ୍ତ୍ରୀକୁ ତାଙ୍କ ପାଖକୁ ପଠାଇଦେଲେ । ପତିବ୍ରତା ସ୍ତ୍ରୀ ନିଜ ପତି ଆଦେଶ ବିଲ୍ୱମଙ୍ଗଳଙ୍କୁ କହିବାମାତ୍ରେ ତାଙ୍କର ଜ୍ଞାନ ତଥା ବିବେକ ଜାଗ୍ରତ୍ ହେଲା ଏବଂ ନିଜେ କରିଥିବା କର୍ମଯୋଗୁଁ ପଶ୍ଚାତ୍ତାପ କଲେ । ସେ ମନେ ମନେ ଭାବିଲେ, ''ନେତ୍ରର ସମସ୍ତ ଅପରାଧ । ସୁନ୍ଦର ରୂପରେ ପ୍ରଥମେ ଆକର୍ଷିତ ହୁଏ ସେ । ନେତ୍ରରେ କାମଦେବର ନିବାସ । ଶାସ୍ତ୍ରରେ ଆଠପ୍ରକାର ରତି ମଧ୍ୟରୁ ପ୍ରଥମ ହେଉଛି ନେତ୍ରର ମିଳନ । ନେତ୍ର ନ ରହିଲେ ରୂପ ପ୍ରତି କେହି ଆକର୍ଷିତ ହେବ ନାହିଁ କିଂବା କାମାବେଗ ଉତ୍ପନ୍ନ ହେବ ନାହିଁ । ନେତ୍ରନଷ୍ଟ କରିବା ନିଶ୍ଚୟ କରି ସାଧ୍ୱୀ ନାରୀ ଚରଣରେ ନିଜ ମସ୍ତକ ରଖିଦେଲେ; କହିଲେ, ''ମା, ମୋତେ ନିଜ ସନ୍ତାନ ମନେକରି ଦୟାକରି ଗୋଟିଏ ସୂଚି ଦିଅ ।'' ଏହି ଘଟଣାରେ ପତିବ୍ରତା ଆଶ୍ଚର୍ଯ୍ୟ ହୋଇ ଗୋଟିଏ ସୂଚି ବିଲ୍ୱମଙ୍ଗଳକୁ ଦେଇଦେଲେ । ସେ ସୂଚି ପାଇ ତାଙ୍କରି ସମ୍ମୁଖରେ ନିଜର ଦୁଇ ଆଖି ଫୋଡ଼ିଦେଲେ । ଆଖିରୁ ରକ୍ତ ବହୁଥାଏ, ସେ ଆନନ୍ଦରେ ଶ୍ରୀକୃଷ୍ଣ ନାମ ଉଚ୍ଚାରଣ କରି ବୃନ୍ଦାବନ ଯାତ୍ରା କଲେ । ଏହିଠାରୁ ବିଲ୍ୱମଙ୍ଗଳଙ୍କର ଜୀବନ ପରିବର୍ତ୍ତନ ହେଲା ।

ନେତ୍ର ତ ନାହିଁ, ରାସ୍ତା ଦେଖିପାରୁ ନାହାନ୍ତି, କ୍ଷୁଧା, ପିପାସା, ସ୍ନାନ, ଶୌଚର ସ୍ମରଣ ନାହିଁ, କେବଳ ଏକମାତ୍ର ଲାଳସା ଶ୍ରୀକୃଷ୍ଣଙ୍କ ସହ ମିଳନ । ମୁଖରେ ଶ୍ରୀକୃଷ୍ଣଙ୍କ ନାମ, ଶ୍ରୀକୃଷ୍ଣଙ୍କ ପ୍ରେମରେ ନେତ୍ରରୁ ଅଶ୍ରୁବର୍ଷା, ଶ୍ରୀକୃଷ୍ଣଙ୍କ ସ୍ନିଗ୍ଧ ନୀଳ ଜ୍ୟୋତିଃ ଯୁକ୍ତ ମୁନି ମନୋହାରୀ ରୂପ । ଶ୍ରୀକୃଷ୍ଣ ପ୍ରେମରେ ଉନ୍ମତ୍ତ ହୋଇ ବିଲ୍ୱମଙ୍ଗଳ ସୁରଦାସ ଯାଉଅଛନ୍ତି । ମନ-ପ୍ରାଣର ଆଧାର ଶରୀର । ତା'ର ଆଶ୍ରୟ ଅନ୍ନ, ଜଳ । ତା' ଅଭାବରେ ଶରୀର କେତେଦିନ ଗତିକରିବ ? ଶେଷରେ ଶରୀର ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଲା । ସେ ରାସ୍ତା ଚାଲିବାରେ ଅସମର୍ଥ ହୋଇ ଗୋଟିଏ ସ୍ଥାନରେ ବସି ପଡ଼ିଲେ ।

ଭକ୍ତ ପ୍ରେମ-ପାଶରେ ଭଗବାନ୍ ବନ୍ଧା । ଭଗବାନଙ୍କ ଚରଣରେ ଯେ ନିଜକୁ ସମର୍ପଣ କରେ ଭଗବାନ୍ ମଧ୍ୟ ତା'ର ଅଧୀନ ହୋଇ ଯାଆନ୍ତି । ଭକ୍ତ ଭଗବାନ୍ ଅଭିନ୍ନ, ଏକ । କାହାଠାରୁ କେହି ପୃଥକ୍ ହୋଇ ରହିପାରନ୍ତି ନାହିଁ । କିନ୍ତୁ ଭକ୍ତର ପ୍ରେମ ବୃଦ୍ଧି କରିବା ପାଇଁ ବହୁତ ସମୟରେ କଳାମେଘରେ ବିଜୁଳି ସଦୃଶ ନିଜ ରୂପର ଝଲକ ଦେଇ ଲୁଚି ଯାଆନ୍ତି । ଭଗବାନଙ୍କ ବିୟୋଗରେ ଭକ୍ତର ହୃଦୟ ବିଦୀର୍ଣ୍ଣ ହୋଇଯାଏ, ନେତ୍ରରୁ ଅବିରାମ ଅଶ୍ରୁଝରେ । କିନ୍ତୁ ଭଗବାନ୍ ଦୂରରେ ରହି ଦେଖୁଥା'ନ୍ତି । ଏଥିରେ ତାଙ୍କୁ ବହୁତ ଖୁସି ଲାଗେ । ଏହି ବେଦନାରେହିଁ ଭକ୍ତର ହୃଦୟ ମନ୍ଦିର ମଣି-ତୁଲ୍ୟ

ନିଷ୍ଫଳଙ୍କ ହୋଇଯାଏ, ତେବେ ଭଗବାନ୍ ସେଥିରେ ପ୍ରତିଷ୍ଠିତ ହୁଅନ୍ତି । ସୁତରାଂ ଭଗବତ୍ ବିୟୋଗ ବେଦନା ସଂସାରୀ ଦୁଃଖ, କଷ୍ଟ ବେଦନା ସଦୃଶ ନୁହେଁ । ସେଥିରୁ ତ ଆନନ୍ଦାମୃତ ବୃଷ୍ଟି ହେଉଥାଏ । ଭକ୍ତ ସେହି ବିୟୋଗ ବେଦନାର ମହାନ୍ ଆନନ୍ଦ ଅନୁଭବ କରେ ।

ନାଟୁଆ ନଟଖଟ ଶ୍ରୀକୃଷ୍ଣ ଆଉ ସୁରଦାସ ବିଲ୍ୱମଙ୍ଗଳଙ୍କଠାରୁ ଦୂରରେ ରହି ପାରିଲେ ନାହିଁ । ସୁରଦାସଙ୍କ ପାଖରେ ପହଞ୍ଚି କୋମଳ ମଧୁର ଚିତ୍ତାକର୍ଷଣକାରୀ ପ୍ରିୟ ଶବ୍ଦରେ କହିଲେ, ''ସୁରଦାସ, ମନେହେଉଛି ତୋତେ ବହୁତ କ୍ଷୁଧା ଲାଗିଛି; ମୁଁ ତୋ ସକାଶେ ଏହି ଭୋଜନ ତଥା ଜଳ ନେଇ ଆସିଛି, ତୁ ଭୋଜନ କର ।'' ଭୋଜନ ଆଣିଥିବା ଶିଶୁ କଥାରେ ଅମୃତ ବର୍ଷା ହେଉଥାଏ । ଶିଶୁର ସେହି କୋମଳ ଭାଷାରେ ସୁରଦାସଙ୍କ ତନୁ, ମନ, ପ୍ରାଣ ମୁଗ୍ଧ ହୋଇଗଲା । ସେ ଶିଶୁର ମଧୁର କଥାରେ ମୋହିତହୋଇ କହିଲେ, ''ବାପା, ତୁ କେଉଁଠି ରହୁ ?'' ''ମୁଁ ରହେ ଏହି ନିକଟରେ ।'' ''ତୋ ନାମ କ'ଣ ?'' ''ମୋର ବହୁତ ନାମ, ଯେ ମୋତେ ଯେଉଁ ନାମରେ ଡାକେ, ମୁଁ ତା'ପାଖକୁ ସେହି ରୂପରେ ଆସେ ।'' ସୁରଦାସଙ୍କର କ୍ଷୁଧା, ପିପାସା, ଦୁର୍ବଳତା ଶିଶୁର ପ୍ରଥମ ଉତ୍ତରରେ ଉଡ଼ିଗଲା । ତାଙ୍କ ଶରୀରରେ ନୂତନ ବଳ, ନୂତନ ତେଜଃ, ନୂତନ ଉତ୍ସାହ ଜାଗ୍ରତ୍ ହେଲା । ତାଙ୍କ ମନ ହେଉଥାଏ ସେ ଶିଶୁ ବରାବର ତାଙ୍କ ପାଖରେ ବସି କଥାବାର୍ତ୍ତା କରୁଥାଉ, ସେ ତାକୁ ହୃଦୟରେ ରଖିଦିଅନ୍ତୁ । ସେତ ସାଧାରଣ ଶିଶୁ ନୁହନ୍ତି, ସେ ଛଳିଆ ଶିରୋମଣି; ସୁରଦାସଙ୍କ ମନଜାଣି କହିଲେ ''ଆଚ୍ଛା, ତୁ ଏହିଠାରେ ରହି ଭୋଜନ କର, ମୁଁ ପ୍ରତିଦିନ ତୋ ସକାଶେ ଭୋଜନ ନେଇ ଆସିବି ।'' ଏଥିରେ ସୁରଦାସ ବହୁତ ଖୁସିହେଲେ । ଯୁଗଯୁଗ ଧରି ମୁନିଋଷି ତପସ୍ୟା କରି ଯାହାଙ୍କ ଚରଣରେଣୁ ପାଇ ପାରନ୍ତି ନାହିଁ, ବ୍ରହ୍ମାଶିବ ଯାହାଙ୍କ ଦର୍ଶନ ପାଇବାକୁ ଇଚ୍ଛାକରନ୍ତି, ସେହି ଭାବଗ୍ରାହୀ ଭକ୍ତବତ୍ସଳ ଭଗବାନଙ୍କ ସ୍ୱହସ୍ତରୁ ପ୍ରସାଦ ପାଇ ସେ ନିଜକୁ ସାର୍ଥକ ମନେକରିବା ସ୍ୱାଭାବିକ । ତେଣୁ ସେ ଅନିର୍ବଚନୀୟ ଆନନ୍ଦାନୁଭବ କରିଥିବେ, ତା' କହିବା ବାହୁଲ୍ୟମାତ୍ର । ସେଇ ପ୍ରସାଦ-ପାଇ ତାଙ୍କର ଜନ୍ମଜନ୍ମାନ୍ତରର କଳୁଷ ଦୂର ହେଲା ଏବଂ ସେ ପବିତ୍ର ହୋଇଉଠିଲେ ।

ସୁରଦାସ ଶ୍ରୀକୃଷ୍ଣଙ୍କ ନାମଗୁଣ ଗାଉଥା'ନ୍ତି, ନେତ୍ରରୁ ଅଶ୍ରୁ ବର୍ଷା ହେଉଥାଏ, କିନ୍ତୁ ହୃଦୟକୁ ପୂର୍ଣ୍ଣତଃ ଅଧିକାର କରିଥାଏ ସେହି ମନୋମୋହନ ଶିଶୁ । ସୁରଦାସ ସ୍ୱପ୍ନରେ ତଥା ଜାଗ୍ରତରେ ଶିଶୁର ପ୍ରତୀକ୍ଷାରେ ରହିଥା'ନ୍ତି । ଶିଶୁ ବରାବର ଭୋଜନ ଦେଇ ଯାଆନ୍ତି, ମିଠା ମିଠା ଦୁଇଟି କଥା କହି ସୁରଦାସଙ୍କ ହୃଦୟ, ମନ ସଙ୍ଗରେ ନେଇ ଚାଲିଯାଆନ୍ତି । ସୁରଦାସଙ୍କର ସମସ୍ତ ଆସକ୍ତି ଶିଶୁଠାରେ କେନ୍ଦ୍ରୀଭୂତ ହୋଇଗଲା । ସୁରଦାସଙ୍କ ସକାଶେ ଏହା ଗୋଟାଏ ନୂତନ ଆପଦ ଆସିଲା । ସେ ଭାବିଲେ, ଯେଉଁ ଆପଦ ସକାଶେ ଘର, ପରିବାର, ଚିନ୍ତାମଣିକୁ ଛାଡ଼ିଲି, ଆଖି ଫୁଟେଇ ବସିଲି, ଏଠାରେ ସେହି ବିପଦ ଶିଶୁ ରୂପରେ ପହଞ୍ଚିଲା । ଏହି ପ୍ରବଳ ମୋହ ଶ୍ରୀକୃଷ୍ଣ ପ୍ରାପ୍ତିରେ ବାଧା । ନା, ଆଉ ଏଠାରେ ରହିବି ନାହିଁ; ବୃନ୍ଦାବନ ରାସ୍ତା ଧରିବି । ଅନ୍ୟ ସକଳ ବାଧାବିପତ୍ତିରୁ ମନୁଷ୍ୟ ଉଦ୍ଧାର ହୋଇ ପାରେ, କିନ୍ତୁ ଥରେ ସେହି ଚିତ୍ତଚୋର ହାବୁଡ଼ରେ ପଡ଼ିଲେ ଆଉ ଉଦ୍ଧାର ହେବାର ଉପାୟ ନ ଥାଏ । ସେହି ସମୟରେ ମନୋମୋହନ ଉପସ୍ଥିତ ହୋଇ କହିଲେ, ''ବାବା କ'ଣ ଭାବୁଛୁ ? ବୃନ୍ଦାବନ ଯିବୁ ?'' ଏତିକି ଶୁଣିବା ମାତ୍ରେ ସୁରଦାସଙ୍କ ବୈରାଗ୍ୟ କର୍ପୂର ପରି ଉଡ଼ିଗଲା । ସେ ଚାହୁଁଥିଲେ ସେହି ଶିଶୁକୁ ହୃଦୟରେ ରଖି ବନ୍ଦକରିଦେବେ, ଆଉ କେବେ ଛାଡ଼ିବେ ନାହିଁ । ସୁରଦାସ ଉତ୍ତର ଦେଲେ, ''ବୃନ୍ଦାବନ ଯିବାକୁ ଭାବୁଛି, କିନ୍ତୁ ଆଖିତ ନାହିଁ ଯିବି କିପରି ?'' ''ଆଚ୍ଛା, ନେ, ଏଇ ଲାଠିଧରି ମୋ ସାଙ୍ଗରେ ଆ, ମୁଁ ତୋତେ ବୃନ୍ଦାବନରେ ପହୁଞ୍ଚାଇ ଦେବି ।'' ତୁମରି ଚରଣରେ ସେ ସବୁ ସ୍ୱାହା କରିଦେଇଛନ୍ତି, ତୁମ୍ଭେ ତ ତାଙ୍କର ସମସ୍ତ ସିଦ୍ଧିଦାତା, ବାଞ୍ଛାକଳ୍ପତରୁ, ତୁମେ ତାଙ୍କ ଲାଠି ଧରି ରାସ୍ତା ନ ଦେଖାଇଲେ ଆଉ ଦେଖାଇବ କିଏ ? ତୁମ୍ଭେ ତ ଦୟାର ସମୁଦ୍ର, କରୁଣାମୟ, ତୁମ୍ଭର ଏଇ ଉଦାର ଗୁଣ ଯୋଗୁଁ ସମସ୍ତ ଅସହାୟ ବ୍ୟକ୍ତି ତୁମର ଶରଣ ନିଅନ୍ତି, ତୁମ୍ଭ ଦ୍ୱାର ଶରଣାର୍ଥୀଙ୍କ ସକାଶେ ଉନ୍ମୁକ୍ତ ଥାଏ । ଯଥାର୍ଥରେ ସେହିଁ ସୁଖୀ, ସଂସାରରେ ଜନ୍ମ ନେବାର ତା'ର ଜୀବନ ସାର୍ଥକ, ଯେ ତୁମ୍ଭରି ଚରଣରେ ସର୍ବସ୍ୱ ଅର୍ପଣ କରି ତୁମ୍ଭରି ଅଭୟ ବାହୁତଳେ ଆଶ୍ରୟ ନେଇଥାଏ । ସୁରଦାସ ଆଜି ଧନ୍ୟ । ତାଙ୍କ ପିତାମାତା ଏକୋଇଶ ପୁରୁଷ ପର୍ଯ୍ୟନ୍ତ କୃତାର୍ଥ ହୋଇଗଲେ । ସେହି

ଚିତ୍ତଚୋର ବାଳଗୋପାଳ, ସୁରଦାସଙ୍କ ଲାଠି ଧରି ବାଟ କଢ଼େଇ ନେଇଯାଉଅଛନ୍ତି । ଧନ୍ୟ ଭକ୍ତବତ୍ସଳ ଭାବଗ୍ରାହୀ ଭଗବାନ୍ । ଭକ୍ତକୁ ମାତା, ପିତା, ବନ୍ଧୁ, ସଖାଠାରୁ ଅନନ୍ତଗୁଣରେ ତୁମ୍ଭେ ଯଦି ରକ୍ଷା ନ କରନ୍ତ ତେବେ ଭକ୍ତର ଅସ୍ତିତ୍ୱ ରହନ୍ତା ନାହିଁ । ଭକ୍ତ ତୁମ୍ଭର ପ୍ରିୟ, ତୁମ୍ଭେ ତାଙ୍କର ପ୍ରାଣର ପ୍ରାଣ ଏପରିକି ଦୟାମୟ ପ୍ରଭୁଙ୍କୁ ଛାଡ଼ି ଯେଉଁ ବ୍ୟକ୍ତି ବିଷୟ ଜଞ୍ଜାଳରେ ପଡ଼ି ଦୁଃଖ ଭୋଗକରେ, ତା'ର ବଡ଼ ଦୁର୍ଭାଗ୍ୟ ।'' ଶ୍ୟାମସୁନ୍ଦର ସୁରଦାସଙ୍କ ଲାଠି ଧରି କିଛି ସମୟ ପରେ କହିଲେ ''ସୁରଦାସ, ତୁ ବୃନ୍ଦାବନରେ ପହଞ୍ଚି ଯାଇଛୁ, ଏଇ ହେଲା ବୃନ୍ଦାବନ । ତୁ ଏହିଠାରେ ରହ, ମୁଁ ଯାଉଛି ।'' ଏହା ଶୁଣିବା ମାତ୍ରେ ସୁରଦାସ ଲାଠି ଛାଡ଼ି ଶ୍ରୀକୃଷ୍ଣଙ୍କ ହାତକୁ ଧରି ପକେଇଲେ । ଶ୍ରୀକୃଷ୍ଣଙ୍କ ହାତ ସ୍ପର୍ଶ ହେବାମାତ୍ରେ ତାଙ୍କ ଶରୀରରେ ଶାନ୍ତି, ଆନନ୍ଦ, ପ୍ରଫୁଲ୍ଲତା ବିଜୁଳି ସଦୃଶ ପ୍ରବେଶ କଲା । ସେ ଆନନ୍ଦ ସାଗରରେ ଡୁବିଗଲେ । ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେବାକୁ ଲାଗିଲା । ତାଙ୍କୁ ଦିବ୍ୟ-ଦୃଷ୍ଟି ପ୍ରାପ୍ତ ହେଲା । ସେ ନିଜ ଇଷ୍ଟଦେବ, ପ୍ରାଣର ପ୍ରିୟ, ହୃଦୟର ଈଶ୍ୱରଙ୍କ ସ୍ନିଗ୍ଧ ଲାବଣ୍ୟ ମୂର୍ତ୍ତିକୁ ଦେଖି ଆନନ୍ଦ ବିଭୋର ହୋଇଗଲେ । ଶ୍ରୀକୃଷ୍ଣଙ୍କ ହାତକୁ ଏପରି ଭାବେ ଧରିନେଲେ ଯେପରି ସେ କେବେ ବି ଛାଡ଼ିବେ ନାହିଁ । ସୁରଦାସ ଶୋକପୂର୍ଣ୍ଣ ଗଦ୍ ଗଦ୍ ସ୍ୱରରେ କହିଲେ, ''ପ୍ରଭୁ, ବହୁତ ଦିନ ପରେ ତୁମ୍ଭଙ୍କୁ ପାଇଛି, ଆଉ ଛାଡ଼ିବି ନାହିଁ ।'' ନନ୍ଦ ନନ୍ଦନ କହିଲେ, ''ଆରେ ବାବା ମୋ ହାତ ଛାଡ଼ିବୁକି ନାହିଁ ?'' ବିଲ୍ୱମଙ୍ଗଳ ଉତ୍ତର ଦେଲେ, ''ନା, କେବେ ବି ନୁହେଁ, ମୁଁ କଦାପି ଛାଡ଼ିବି ନାହିଁ ।''

ଭଗବାନ୍ ହାତ ଛଡ଼ାଇ ନେଲେ । ଯାହାଙ୍କ ନିର୍ଦ୍ଦେଶରେ ଅଘଟଣ ପଟୀୟସୀ ମାୟା ଆଖି ପିଛୁଡ଼ାକେ ସୃଷ୍ଟି ସର୍ଜନା ସଂହାର କରିପାରେ, ତାଙ୍କୁ ବିଚରା ଅନ୍ଧ କିପରି ଧରି ରଖିପାରିବ ? କିନ୍ତୁ ବିଲ୍ୱମଙ୍ଗଳଙ୍କର ହୃଦୟମନ୍ଦିରରେ ଏପରି ଜବରଦସ୍ତ ପ୍ରେମ-ରଜ୍ଜୁରେ ସେ ବନ୍ଧା ହୋଇଥିଲେ ସେଥିରୁ ମୁକ୍ତ ହେବାର ଉପାୟ ତାଙ୍କ ପାଖରେ ନ ଥିଲା । ବିଲ୍ୱମଙ୍ଗଳ କହିଲେ, ''ହାତ ଛଡ଼େଇ ନେଲ, କିନ୍ତୁ ସ୍ମରଣ ରଖ –

''ହସ୍ତମୁତ୍କ୍ଷିପ୍ୟ ଯାତୋଽସି ବଳାତ୍ କୃଷ୍ଣ କିମଦ୍ଭୁତମ୍ ।
ହୃଦୟାଦପି ନିର୍ଯ୍ୟାସି ପୌରୁଷଂ ଗଣୟାମି ତେ ॥
ହତ ଛୁଡ଼ାଏ ଜାତହେଁ, ନିବଳ ଜାନିକେଁ ମୋହିଁ ।
ହୃଦୟ ତତଂ ଜବ ଜାହୁଗେ ସବଳ ବଦୌ ଗୋ ତୋହି ॥

''ମୋତେ ନିର୍ବଳ ଜାଣି ହାତ ଛଡ଼ାଇ ଚାଲିଯାଉଛ । କିନ୍ତୁ ହୃଦୟରୁ ଯଦି ଯାଇପାର, ତେବେ ତୁମକୁ ସବଳ ବୋଲି ମୁଁ କହିବି ।''

ଭକ୍ତ ପ୍ରେମ-ବନ୍ଧନରୁ ଭଗବାନ୍ ଯିବେ କୁଆଡ଼େ ? ଭଗବାନ୍ ଦୟାରେ ବଶ ହୋଇ ବିଲ୍ୱମଙ୍ଗଳଙ୍କ ନେତ୍ରରେ ନିଜ ହାତ ସ୍ପର୍ଶ କରିଦେଲେ, ତାଙ୍କର ନେତ୍ର ଖୋଲିଗଲା । ସେ ସ୍ଥୂଳ ଚକ୍ଷୁରେ ଭଗବାନଙ୍କ ଦିବ୍ୟ-ଦର୍ଶନ ପାଇ ନିଜକୁ ସମ୍ଭାଳି ପାରିଲେ ନାହିଁ । ଭଗବାନଙ୍କ ଚରଣରେ ପଡ଼ି ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲେ । ତାଙ୍କ ପ୍ରେମାଶ୍ରୁରେ ଭଗବାନଙ୍କ ପାବନ ଚରଣ ଧୌତ ହୋଇଗଲା । ଭଗବାନ୍ ତାଙ୍କୁ ଉଠାଇ ହୃଦୟରେ ଲଗେଇନେଲେ । ଭକ୍ତ ତଥା ଭଗବାନଙ୍କ ମଧୁର ମିଳନରେ ସମଗ୍ର ଜଗତରେ ମାଧୁର୍ଯ୍ୟ ବ୍ୟାପ୍ତ ହୋଇଗଲା ।

❖

ସଂକଳ୍ପ ଓ ସାଧନା

ଜୀବନର ଲକ୍ଷ୍ୟସିଦ୍ଧିର ଆଧାର ବା ଭିତ୍ତି କେନ୍ଦ୍ରୀୟ ସଂକଳ୍ପ । କେନ୍ଦ୍ରୀୟ ସଂକଳ୍ପ ସମସ୍ତ ପ୍ରକାର ପ୍ରତିକୂଳ ଅବସ୍ଥା, ପ୍ରତିକୂଳ ଗତିବୃତ୍ତି ସକାଶେ ରକ୍ଷାକବଚ । କେନ୍ଦ୍ରୀୟ ସଂକଳ୍ପ ଦୃଢ଼ ହେଲେ ଲକ୍ଷ୍ୟପ୍ରାପ୍ତିର ସାହାଯ୍ୟକାରୀ ଦୁର୍ବଳ ଭାଗସକଳ ସବଳ ହୁଅନ୍ତି । ନିରୁତ୍ସାହ ସ୍ଥାନରେ ଆସେ ଅଦମ୍ୟ ଶକ୍ତି । ତାମସିକତା ପରିଣତ ହୁଏ କର୍ମ ତତ୍ପରତାରେ । ଅନ୍ତରରେ ସୁପ୍ତ ଥିବା ଶ୍ରଦ୍ଧା, ବିଶ୍ୱାସ, ଦୃଢ଼ତା, ଭଗବାନଙ୍କ ପ୍ରତି ସମର୍ପଣ ଭାବ, ଭଗବାନଙ୍କ ଉପରେ ନିର୍ଭରତା, ଭକ୍ତି, ଜ୍ଞାନ, ବିବେକ ହୁଏ ଜାଗ୍ରତ୍ । ତ୍ରୟତାପତପ୍ତ, ମ୍ରିୟମାଣ ଜୀବନ ବୃକ୍ଷରେ ହୁଏ ଭଗବତ୍ କୃପାରୂପ ଶୀତଳ ଜଳର ବୃଷ୍ଟି; ଶାନ୍ତି, ସନ୍ତୋଷ, ଆନନ୍ଦରୂପକ ନୂତନ ଶାଖାପ୍ରଶାଖା ଓ ଫଳପୁଷ୍ପରେ ତାହା ହୁଏ ମଣ୍ଡିତ । ସଂସାରପରିଶ୍ରାନ୍ତ, ଆନ୍ତର ଏବଂ ବାହ୍ୟ ଦୁଃଖଦ୍ୱନ୍ଦ୍ୱ-ରୌଦ୍ରତାପତପ୍ତ ପ୍ରାଣିସକଳଙ୍କୁ ଦିଏ ଜୀବନଲକ୍ଷ୍ୟର ସୁଶୀତଳ ଛାୟା, ଭଗବତ୍ ଆଶ୍ରୟରୂପ ସୁସ୍ୱାଦୁ ରସାଳ ଫଳ । ଜୀବନ ହୁଏ ସରସ, ଆନନ୍ଦମୟ । ଦୃଢ଼ ସଂକଳ୍ପରେ ବ୍ୟକ୍ତିର ଜୀବନ ହୁଏ ମହାନ୍, ବିଶାଳ । ଦୃଢ଼ ସଂକଳ୍ପ ବ୍ୟତୀତ ବ୍ୟକ୍ତି ହୁଏ ଭୀରୁ, ଅସମର୍ଥ, ଅଯୋଗ୍ୟ; ପ୍ରତ୍ୟେକ କାର୍ଯ୍ୟରେ ହୁଏ ଅସଫଳ । ତାହା ଦ୍ୱାରା ସାଂସାରିକ କାର୍ଯ୍ୟ ସାଧିତ ହୁଏ ନାହିଁ କି ଅଧ୍ୟାତ୍ମ ଲକ୍ଷ୍ୟ ପ୍ରାପ୍ତ ହୁଏ ନାହିଁ । ସଂକଳ୍ପବିହୀନ ବ୍ୟକ୍ତି ସାଂସାରିକ ତଥା ପରମାର୍ଥିକ ଉଭୟ କର୍ମ ସକାଶେ ଅଯୋଗ୍ୟ । ତା' ଜୀବନ ନିରର୍ଥକ ।

ଦୃଢ଼ ବିଶ୍ୱାସରେ କର୍ମସିଦ୍ଧି

ମନୁଷ୍ୟ ଜୀବନ ସମ୍ଭାବନାରେ ପୂର୍ଣ୍ଣ । ତା' ମଧ୍ୟରେ ସମସ୍ତ ଅଲୌକିକ ଶକ୍ତି ସୁପ୍ତ ରୂପେ ନିହିତ । ସେ ଭଗବତ୍ ପ୍ରତିଭୂ ବା ଅଂଶ । ସେ ଜୀବନରେ ସମସ୍ତ ଶକ୍ତିକୁ ଜାଗ୍ରତ୍ କରିପାରେ, ଇନ୍ଦ୍ରାଦି ଦେବତାକୁ ଅତିକ୍ରମ କରି ଭଗବାନଙ୍କ ପୂର୍ଣ୍ଣ ଯନ୍ତ୍ର ହୋଇପାରେ ଅଥବା ଜାଗତିକ ଯେକୌଣସି କାର୍ଯ୍ୟସିଦ୍ଧି କରି ଜଗତ୍ ପୂଜ୍ୟ ହୋଇପାରେ । ଏହା ହୁଏ ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ଗ୍ରହଣ କରିବାରେ । ଏହା ଛଡ଼ା ବ୍ୟକ୍ତି ଦ୍ୱିପଦବିଶିଷ୍ଟ ପଶୁ ସଦୃଶ ଉଦର ପୂର୍ଣ୍ଣ କରିବା ଛଡ଼ା ଆଉ କିଛି କରିପାରେ ନାହିଁ । ଏପରି ବ୍ୟକ୍ତି ଦେବଦୁର୍ଲଭ ମନୁଷ୍ୟ ଶରୀର ପାଇ ବ୍ୟର୍ଥରେ ନଷ୍ଟ କରେ ।

ସଂକଳ୍ପର ଅର୍ଥ କାର୍ଯ୍ୟସିଦ୍ଧି ସକାଶେ ଦୃଢ଼ ନିଶ୍ଚୟତା । ଏହାର ସହାୟକ ବିଶ୍ୱାସ, ଧୈର୍ଯ୍ୟ, ଅଧ୍ୟବସାୟ ଏବଂ ଯଥାର୍ଥ ବିଚାର । ଏହିସବୁର ଅଭାବରେ ଲକ୍ଷ୍ୟସିଦ୍ଧି ହୁଏ ନାହିଁ ତଥା ସଂକଳ୍ପ ଦୃଢ଼ ବୋଲି କୁହାଯାଇପାରେ ନାହିଁ । ଯେପରି କୌଣସି ବ୍ୟକ୍ତି ପଢ଼ିବା ଲକ୍ଷ୍ୟ ଗ୍ରହଣ କରିଥାଏ । ସେଥିରେ ଦୃଢ଼ ସଂକଳ୍ପ ନ ଥିଲେ ଅଧ୍ୟବସାୟ କରିପାରେ ନାହିଁ । ଅର୍ଥାତ୍ ନିୟମିତ ରୂପେ ଆଗ୍ରହ ସହିତ ପଢ଼ିପାରେ ନାହିଁ, ପରୀକ୍ଷାରେ ଫେଲ୍ ହୁଏ, ଧୈର୍ଯ୍ୟ ନ ଥିବାରୁ ପଢ଼ା ମଧ୍ୟ ଛାଡ଼ିଦିଏ । ଅଥବା ଅର୍ଥର ଅଭାବ, ପାରିପାର୍ଶ୍ୱିକ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇ ନ ପାରି ପଢ଼ା ବନ୍ଦ କରେ କିଂବା ଶିକ୍ଷକଙ୍କ ସଙ୍ଗେ ଅଥବା ଅଭିଭାବକଙ୍କ ସଙ୍ଗେ କଳି କରି ପଢ଼ା ଛାଡ଼ି ବାବାଜି ହେବାକୁ ଯାଏ । ସଂସାର ଅନାସକ୍ତି, କାମନା-ବାସନାରେ ବୈରାଗ୍ୟ ନ ଥାଏ, ଭଗବତ୍ ପ୍ରାପ୍ତିରେ ତୀବ୍ରତା ବା ଦୃଢ଼ତା ନ ଥାଏ, ବୈରାଗୀ ଜୀବନରେ ସେ ସାଂସାରିକ ବସ୍ତୁ ଚାହେ । ଏହି ପ୍ରତିକୂଳ ଅବସ୍ଥା ବେଶୀ ଦିନ ଚାଲେ ନାହିଁ । ହତାଶ ହୋଇ ଦୁଇଚାରି ବର୍ଷ ଦାତବ୍ୟ ଅନ୍ନରେ ଉଦରପୋଷଣ କରି 'ପୁନର୍ମୂଷିକୋଭବ' ନ୍ୟାୟରେ ପୁନରାୟ ଘରକୁ ଫେରେ । ଯଦି କିଂକର୍ତ୍ତବ୍ୟବିମୂଢ଼ ହୋଇ ସନ୍ନ୍ୟାସୀ ସମାଜରେ ରହେ, ତେବେ ସଂସାର କର୍ତ୍ତବ୍ୟ ଛାଡ଼େ; ପରମାର୍ଥ ଲାଭ କରିପାରେ ନାହିଁ, ବ୍ୟର୍ଥରେ ଜୀବନ ନଷ୍ଟ କରେ । ଧୋବା କୁକୁର ସଦୃଶ ଘରକୁ ବା ଘାଟକୁ ହୁଏ ନାହିଁ ।

ଦୃଢ଼ ନିଶ୍ଚୟତା, ଧୈର୍ଯ୍ୟ, ଅଧ୍ୟବସାୟ ବିନା ବ୍ୟକ୍ତି ସେହିପରି ସଂଗୀତ, ନୃତ୍ୟାଦି ବିଭିନ୍ନ କଳାରେ ମଧ୍ୟ ସଫଳ ହୋଇପାରେ ନାହିଁ । ସେହିପରି ବ୍ୟବସାୟ-ବାଣିଜ୍ୟ । ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ଅଧ୍ୟବସାୟ ସହିତ ବ୍ୟବସାୟ ଆରମ୍ଭ

କଲେ ପ୍ରଥମରୁ ଅଳ୍ପମାତ୍ରାରେ ଆରମ୍ଭ କରିବା ଉଚିତ । ସେଥିରେ ଅନୁଭୂତି ପ୍ରାପ୍ତ ହୁଏ, ବ୍ୟବସାୟ ଜ୍ଞାନ ଉତ୍ପନ୍ନ ହୁଏ, ତେବେ ବ୍ୟକ୍ତି କ୍ରମଶଃ ତାହା ବୃଦ୍ଧି କରିପାରେ । ଏହି ପ୍ରଣାଳୀରେ ସେ ଲକ୍ଷ୍ୟସିଦ୍ଧି କରିପାରେ । କୌଣସି ବ୍ୟକ୍ତି ଅଳ୍ପରୁ ଆରମ୍ଭ ନ କରି, ଯଦି ଅଧିକ ମାତ୍ରାରେ ବ୍ୟବସାୟ କରିବାକୁ ଚାହେ, ତେବେ ବ୍ୟବସାୟର ଜ୍ଞାନ ପ୍ରାପ୍ତ ହେବା ସକାଶେ କୌଣସି ବ୍ୟବସାୟ ସଂସ୍ଥାରେ କାର୍ଯ୍ୟ ଗ୍ରହଣ କରି, ସେଠାରେ ରହି, ବ୍ୟବସାୟର ସମସ୍ତ ଦିଗରୁ ଶିକ୍ଷା ଏବଂ ଜ୍ଞାନ ପ୍ରାପ୍ତ ହେବା ପରେ ବଡ଼ ଧରଣର ବ୍ୟବସାୟ ସେ ନିଜେ ଆରମ୍ଭ କରିପାରେ । ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ଅଧ୍ୟବସାୟ, ଅନୁଭୂତି ବିନା ବ୍ୟକ୍ତି ବ୍ୟବସାୟ ଆରମ୍ଭ କଲେ, ଶେଷରେ ମୂଳଧନ ହରାଇ ଦରିଦ୍ର ହୋଇ ଜୀବନ ନଷ୍ଟ କରେ । ଚାକିରି କ୍ଷେତ୍ରରେ ମଧ୍ୟ ସେହିପରି । ଏହିସବୁ ଗୁଣ ଅଭାବରୁ କୌଣସି ଉପରିସ୍ଥ ଅଫିସରଙ୍କ ଅନ୍ୟାୟ ବା ଦୁର୍ବ୍ୟବହାର ଯୋଗୁଁ ବ୍ୟକ୍ତି ଉତ୍ତେଜନାରେ ଆସି ଆଗପଛ କିଛି ବିଚାର ନ କରି ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ଚାକିରିରୁ ଇସ୍ତଫା ଦେଇ ବେକାର ହୋଇ ଘରେ ବସେ । ନାନାପ୍ରକାର ଅଭାବ ଅନଟନର ସମ୍ମୁଖୀନ ହୋଇ ଶେଷରେ ପରିବାର ଏବଂ ସମାଜରେ ବିଶେଷଭାବେ ଅପମାନିତ ହୁଏ । ଏଠାରେ ଗୋଟିଏ ଘଟଣା ଉଲ୍ଲେଖ କରିବା –

ଜଣେ ପ୍ରଫେସର୍ ଗଭର୍ଣ୍ଣମେଣ୍ଟ୍ କଲେଜରେ ସାତ, ଆଠ ଶହ ଟଙ୍କା ବେତନ ପାଇ କାର୍ଯ୍ୟ କରୁଥିଲେ । ପ୍ରିନ୍‌ସିପାଲ୍‌ଙ୍କ ସଙ୍ଗେ ଝଗଡ଼ା କରି କିଛି ବିଚାର ନ କରି ଇସ୍ତଫା ଦେଇ ସସ୍ତ୍ରୀକ ଶ୍ୱଶୁରଘରେ ଯାଇ ରହିଲେ । ପାଖରେ ଥିବା ପଇସା ଶେଷ ହେଲା । ଏତେ ବଡ଼ ପ୍ରଫେସର୍ ଛୋଟ ଚାକିରି କରିବାରେ ଅପମାନ ମନେ କଲେ । ଖାଲି ବସି ରହି ଖାଇବାରୁ ଶ୍ୱଶୁର ଏବଂ ଶାଳକମାନଙ୍କ ସହିତ ଝଗଡ଼ା ହେଲା । ଶେଷରେ ଶ୍ୱଶୁର ଝିଅଟିକୁ ରଖି ତାଙ୍କୁ ବାହାର କରିଦେଲେ । ସେତେବେଳେ ପାଖରେ ଗୋଟିଏ ପଇସା ନ ଥିଲା । ପେଟ ଏସବୁ ଦେଖେ ନାହିଁ; କ୍ଷମା କରିବା ତା' ଜାତକରେ ନାହିଁ, ସର୍ବଦା ନିଜ ଦାବି ଜାହିର କରେ । ଶେଷରେ ଗୋଟିଏ ପ୍ରେସ୍‌ମାଲିକଙ୍କୁ ସବୁ ଘଟଣା କହିଲେ । ତାଙ୍କ ପ୍ରେସ୍‌ରେ ବ୍ୟକ୍ତିର ଆବଶ୍ୟକତା ନ ଥିବା ସତ୍ତ୍ୱେ ପ୍ରଫେସରଙ୍କ ଦୈନ୍ୟତା ପ୍ରତି ଦୟାକରି ଶହେ ଟଙ୍କାରେ ନିଜ ପ୍ରେସ୍‌ରେ ତାଙ୍କୁ ନିଯୁକ୍ତ କରିଦେଲେ । କିଛି ଦିନ ରହିବା ପରେ ଅନ୍ୟ ସ୍ଥାନରେ ଦେଢ଼ ଶହ, ଦୁଇ ଶହ ଟଙ୍କାରେ ଚାକିରି କଲେ । ପ୍ରଫେସରଙ୍କ ଅବିଚାରିତା ଦେଖି ତାଙ୍କ ସ୍ତ୍ରୀ ପିତାଙ୍କ ଘରେ ପଢ଼ାପଢ଼ି କରି ପାସ୍ କରି ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କଲେ । ପତି ସହିତ କୌଣସି ସମ୍ପର୍କ ରଖିଲେ ନାହିଁ । ଏହି ମନସ୍ତାପରେ ପ୍ରଫେସରଙ୍କ ଜୀବନ ବହୁତ ଅଶାନ୍ତ ଏବଂ ଦ୍ୱନ୍ଦ୍ୱମୟ ହେଲା । ତାଙ୍କ ଅବସ୍ଥା ମୁଁ ନିଜେ ଦେଖିଛି । ଅଳ୍ପ ବେତନ ଯୋଗୁଁ ଭଲ ଘରେ ରହି ପାରନ୍ତି ନାହିଁ, ଚାକର ରଖିପାରନ୍ତି ନାହିଁ, ନିଜ ହାତରେ ରୋଷେଇ କରନ୍ତି । ଦୁଃଖରେ ରହି ପୂର୍ବ ସୁଖସୁବିଧାକୁ ସ୍ମରଣ କରି ମନସ୍ତାପ କରୁଥାଆନ୍ତି । ତାଙ୍କ ଜୀବନରେ କୌଣସି ଲକ୍ଷ୍ୟପ୍ରାପ୍ତିର ଦୃଢ଼ ସଂକଳ୍ପ ନ ଥିବାରୁ ଏପରି ଘଟିଲା ।

ସେହିପରି ରାଜନୀତି କ୍ଷେତ୍ରରେ ବହୁ ବ୍ୟକ୍ତିଙ୍କ ଜୀବନରେ ଏହିପରି ଘଟିଥାଏ । ଦେଶୋନ୍ନତିର ଦୃଢ଼ ସଂକଳ୍ପ ବିନା ପଢ଼ିବା ଛାଡ଼ି ବ୍ୟକ୍ତି ରାଜନୀତିରେ ପ୍ରବେଶ କରନ୍ତି, କେବଳ ଥାଏ ସ୍ୱାର୍ଥସିଦ୍ଧି । ସ୍ୱାର୍ଥ ଯୋଗୁଁ ମନୁଷ୍ୟ ଅନ୍ଧ ଏବଂ ଅଜ୍ଞାନ ହୋଇ କୁମାର୍ଗଗାମୀ ହୁଏ । ବ୍ୟକ୍ତି ସ୍ୱାର୍ଥସିଦ୍ଧି ଆଶାରେ ଗୋଟିଏ ପାର୍ଟି ଛାଡ଼ି ଅନ୍ୟ ପାର୍ଟିରେ ଯୋଗ ଦିଅନ୍ତି । ନିଜର ସ୍ୱାର୍ଥ ଲାଭ ଯୋଗୁଁ ପାର୍ଟିରେ ନିଷ୍ଠା ନ ଥାଏ । ଯିଏ ଅଧିକ ଟଙ୍କା ଦିଏ ସେହି ନେତାଙ୍କୁ ଭୋଟ ଦିଅନ୍ତି । ଦେଶର ଉନ୍ନତିର ଯଥାର୍ଥ ନିଷ୍ଠା ଅଭାବରୁ ତାଙ୍କୁ ବ୍ୟକ୍ତି ବିଶ୍ୱାସ କରନ୍ତି ନାହିଁ । ଯଦିବା ସେ କଳକୌଶଳରେ, ଫନ୍ଦିଫିକରରେ, ଅନ୍ୟାୟ, ଅସତ୍ୟ ଓ ପଇସାର ଜୋର୍‌ରେ ନେତା ହୋଇଯାଆନ୍ତି, ଇଲେକ୍‌ସନରେ ଜିତି ମନ୍ତ୍ରୀ ହୁଅନ୍ତି, ତେବେ ତାଙ୍କୁ ବ୍ୟକ୍ତି ଶ୍ରଦ୍ଧା ବା ବିଶ୍ୱାସ କରନ୍ତି ନାହିଁ । କେବଳ ପଇସା ପାଇବା ଆଶାରେ ତାଙ୍କୁ ନେତା ମାନନ୍ତି । ଲୋକଙ୍କର ହାର୍ଦିକ ଶ୍ରଦ୍ଧା, ବିଶ୍ୱାସ ତାଙ୍କ ପ୍ରତି ନ ଥିବାରୁ ନିଜ ଅଧିକାର ରକ୍ଷାର ଚିନ୍ତା ତାଙ୍କର ବରାବର ଥାଏ; ଜୀବନରେ ସୁଖଶାନ୍ତି ମିଳେ ନାହିଁ, ଦେଶର ଉନ୍ନତି କରି ପାରନ୍ତି ନାହିଁ, ଠେଲାଠେଲି କରି କିଛି ଦିନ କାମ ଚଳାନ୍ତି । ଶେଷରେ ନାନାପ୍ରକାର ଲାଞ୍ଛନା ଆସେ, ଦୁଃଖବିଷାଦ ଓ ବିଫଳ ମନୋରଥରେ ଅବସର ଗ୍ରହଣ କରନ୍ତି ।

ସାଂସାରିକ କର୍ମସିଦ୍ଧି ଲକ୍ଷ୍ୟରେ ଯେଉଁମାନଙ୍କର ଦୃଢ଼ ସଂକଳ୍ପ ଥାଏ, ଧୈର୍ଯ୍ୟ, ଉତ୍ସାହ, ଶ୍ରଦ୍ଧା, ବିଶ୍ୱାସ, କଳକୌଶଳରେ ତତ୍ପରତା ସହିତ ପ୍ରାଣପଣେ କର୍ମ କରନ୍ତି, ସେମାନେ ବିଦ୍ୟା, କୃଷିବାଣିଜ୍ୟ, ଚାକିରି, ରାଜନୀତିରେ

ସଫଳ ହୁଅନ୍ତି । କିନ୍ତୁ ହୃଦୟ ବା ଆନ୍ତରିକ ଭାବ ସମ୍ବନ୍ଧେ ସେମାନେ ସଚେତନ ନ ଥା'ନ୍ତି; ହୃଦୟରେ ଭଲ, ମନ୍ଦ ବୃତ୍ତି ଦ୍ୱାରା ବାହ୍ୟ କର୍ମ ନିୟନ୍ତ୍ରିତ ହୁଏ ବୋଲି ସେମାନେ ଜାଣି ପାରନ୍ତି ନାହିଁ । ହୃଦୟର ଉତ୍ତମ ଭାବ ବିବେକ, ସତ୍ୟ, ନ୍ୟାୟ, ଶାନ୍ତି, ଆନନ୍ଦ ଏବଂ ସୁପ୍ତ ଅନ୍ତଶ୍ଚେତନାକୁ ଜାଗ୍ରତ୍ ବା ବିକାଶ କରିବାକୁ ଚେଷ୍ଟା କରନ୍ତି ନାହିଁ । କେବଳ ବାହ୍ୟ କର୍ମ ଦ୍ୱାରା ନିଜ ଜୀବନର ଏବଂ ସଂସାରର ଉନ୍ନତି ଚାହାନ୍ତି; କର୍ମରେ ନିଷ୍ଠା ଏବଂ ତତ୍ପରତା ଯୋଗୁଁ ବାହ୍ୟ କର୍ମରେ ଯଦ୍ୟପି ସଫଳତା ମିଳେ ତାହା ସ୍ଥାୟୀ ହୁଏ ନାହିଁ କିଂବା ତଦ୍ଦ୍ୱାରା ଜୀବନରେ ଏବଂ ଜଗତରେ ସୁଖଶାନ୍ତି ପ୍ରାପ୍ତ ହୁଏ ନାହିଁ । ଏହା ଏକେବାରେ ପ୍ରତ୍ୟକ୍ଷ । ମନୁଷ୍ୟର ବୁଦ୍ଧି ପ୍ରଚୁର ପରିମାଣରେ ବିକଶିତ ହୋଇପାରେ, ସେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ବ୍ୟକ୍ତିଙ୍କୁ ଚକିତ କରିପାରେ, କିନ୍ତୁ ଭଗବାନଙ୍କ ସଂସ୍ପର୍ଶ ବ୍ୟତୀତ ବିବେକ ଉତ୍ପନ୍ନ ହୁଏ ନାହିଁ, ବିବେକ ବିନା ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ଏବଂ ଜଗତରେ ସୁଖଶାନ୍ତି ସ୍ଥାପନ ହେବାର ନିର୍ଭୁଲ୍ ଉପାୟ ବୁଝିପାରେ ନାହିଁ ।

ଯଥାର୍ଥରେ ବାହ୍ୟ କର୍ମ ଉପରେ ଜୀବନର ଲକ୍ଷ୍ୟସିଦ୍ଧି ନିର୍ଭର କରେ ନାହିଁ, ନିର୍ଭର କରେ ହୃଦୟର ଉତ୍ତମ ଭାବ ଦ୍ୱାରା ବାହ୍ୟକର୍ମ ସମ୍ପାଦିତ ହେବା ଉପରେ । ବ୍ୟକ୍ତିର ହାର୍ଦିକ ଭାବ ଯଦି ଅସତ୍ୟ, ଅନ୍ୟାୟ, ସ୍ୱାର୍ଥ, ଈର୍ଷା ତ୍ୟାଗ କରି ଅନ୍ୟର ହିତ କରିବା ଉଦ୍ଦେଶ୍ୟ ଥାଏ, ତେବେ କର୍ମରେ ଏହାହିଁ ପ୍ରତିଫଳିତ ହୁଏ । ହୃଦୟରେ ସଦ୍‌ଭାବନା ନ ଥିଲେ କେବଳ ବାହ୍ୟ ବିଚାରରେ ବ୍ୟକ୍ତି ଯେଉଁ ଉତ୍ତମ ଧାରଣା କରିଥାଏ, ହୃଦୟର ଅସତ୍ ବୃତ୍ତି ଦ୍ୱାରା ତାହା ନଷ୍ଟ ହୋଇଯାଏ । ଅସଦ୍‌ଭାବ ଦୂର ହୁଏ, ସଦ୍‌ଭାବ ଉତ୍ପନ୍ନ ହୁଏ ଭଗବାନଙ୍କୁ ହୃଦୟ-ମନ୍ଦିରରେ ପ୍ରତିଷ୍ଠା କଲେ । କାରଣ ସତ୍ୟ, ନ୍ୟାୟ, ଜ୍ଞାନ, ବିବେକ, ଆନନ୍ଦ, ପରମ ଶାନ୍ତିର ଆଧାର ବା ସ୍ୱରୂପ ଭଗବାନ୍ । ସୂର୍ଯ୍ୟ ବିନା ନାନାପ୍ରକାର ଆଲୋକ ଜାଳିଲେ ଯେପରି ରାତ୍ରି ଦୂର ହୁଏ ନାହିଁ, ସେହିପରି ଭଗବାନଙ୍କ ବିନା ବ୍ୟକ୍ତି ବହୁ ଚେଷ୍ଟା କଲେ ସୁଦ୍ଧା ତା' ହୃଦୟରେ ସଦ୍‌ଗୁଣ ପ୍ରତିଷ୍ଠିତ ହୋଇପାରେ ନାହିଁ । ଏହି ସଦ୍‌ଗୁଣ ଛଡ଼ା ବ୍ୟକ୍ତି କୌଣସି ଉତ୍ତମ କାର୍ଯ୍ୟ ନିଜ ଜୀବନରେ ବା ସଂସାରରେ ସମ୍ପନ୍ନ କରିପାରେ ନାହିଁ । ଆଜି ପର୍ଯ୍ୟନ୍ତ ଭଗବାନଙ୍କୁ ବାଦ୍‌ଦେଇ କେବଳ ସାଂସାରିକ କର୍ମ କରାହେଉଛି । ସେଥିସକାଶେ ସଂସାରରେ ସୁଖଶାନ୍ତି ସ୍ଥାପିତ ହୋଇ ନାହିଁ । ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇପାରେ, ମାତ୍ର ଭଗବାନଙ୍କ ଆଶ୍ରୟରେ ଦୃଢ଼ ସଂକଳ୍ପ ସହ କର୍ମ କରିବା ଛଡ଼ା ଜୀବନରେ ତଥା ସଂସାରରେ ସୁଖଶାନ୍ତି ପ୍ରତିଷ୍ଠିତ ହୋଇପାରେ ନାହିଁ ।

ଅଧାମ୍ ଜୀବନରେ ଲକ୍ଷ୍ୟପ୍ରାପ୍ତିର ଦୃଢ଼ନିଷ୍ଠା

ଦୃଢ଼ ସଂକଳ୍ପ ଛଡ଼ା ଜାଗତିକ କର୍ମ ସଫଳ ନ ହେଲେ ବି କିଛି ଅଂଶରେ କରାଯାଇପାରେ । କିନ୍ତୁ ଅଧାମ୍ ମାର୍ଗରେ ଭଗବାନଙ୍କ ଆଶ୍ରୟରେ ଦୃଢ଼ ସଂକଳ୍ପ ଛଡ଼ା ପାଦ ରଖିବା ସମ୍ଭବ ହୁଏ ନାହିଁ । ସାଧାରଣ ଜୀବନରେ ବ୍ୟକ୍ତି ନିଜର ଦୋଷତ୍ରୁଟି, ପ୍ରତିକୂଳ ଅବସ୍ଥା ସମ୍ବନ୍ଧେ ଅଚେତ ଥାଏ । ଅଧାମ୍ ଜୀବନରେ ପ୍ରବେଶ କରିବାମାତ୍ରେ ଜୀବନର ଲକ୍ଷ୍ୟ ସମ୍ମୁଖରେ ରହେ । ସେହି କାରଣରୁ ପ୍ରତିକୂଳ ଅବସ୍ଥା ସମ୍ବନ୍ଧେ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ସଚେତ ହୁଏ । ସାଧକ ପ୍ରତିପଦରେ ବାଧାବିପତ୍ତିର ସମ୍ମୁଖୀନ ହୁଏ । ଯେଉଁମାନଙ୍କର ଲକ୍ଷ୍ୟପ୍ରାପ୍ତିର ଦୃଢ଼ ସଂକଳ୍ପ ନ ଥାଏ, ସେମାନେ ବାଧାବିପତ୍ତିର ସମ୍ମୁଖୀନ ହୋଇପାରନ୍ତି ନାହିଁ । ବାଧ ହୋଇ ସାଧାରଣ ଜୀବନକୁ ଫେରିଯାଆନ୍ତି । କୌଣସି କାରଣବଶତଃ ଘରକୁ ନ ଫେରି ଯଦି ଅଧାମ୍ ସଂଘରେ ରହିବାକୁ ହୁଏ, ତେବେ ସମସ୍ତ ଜୀବନ ଅଶାନ୍ତ, ଅତୃପ୍ତିକର, ଦୁଃଖମୟ ହୁଏ । ଅଧାମ୍ ସିଦ୍ଧି ବା ଅଧାମ୍ ଅନୁଭୂତିଠାରୁ ସେମାନଙ୍କୁ ଦୂରରେ ରହିବାକୁ ପଡ଼େ ।

ଶ୍ରୀଅରବିନ୍ଦ କହିଛନ୍ତି :

''ସାଧନା-ପଥରେ ଗୋଟିଏ ଗୁରୁତର ଅନ୍ତରାୟ ହେଲା ଏକ କେନ୍ଦ୍ରୀୟ ସଂକଳ୍ପ ଶକ୍ତିର ଅଭାବ, ଯାହା ସର୍ବଦା 'ପ୍ରକୃତି'ର ଶକ୍ତି-ଲହରୀର ଊର୍ଦ୍ଧ୍ୱକୁ ଉଠିଯାଏ ବା ତାଙ୍କ ସଙ୍ଗେ ସଂଯୋଗ ସ୍ଥାପନ କରେ ଏବଂ ତାହାର ମୂଳ ଲକ୍ଷ୍ୟ ଓ ଅଭୀପ୍ସାକୁ ପ୍ରକୃତି ଉପରେ ଆରୋପ କରେ । ଏହିପରି ଘଟିବାର ଅର୍ଥ ଏହି ଯେ ତୁମେ ନିଜର ମୂଳ ସତ୍ତାରେ ବାସ କରିବାକୁ ଏପର୍ଯ୍ୟନ୍ତ ଶିକ୍ଷା କରି ନାହଁ; ତୁମର ଅଭ୍ୟାସ ଏହି ପ୍ରକାର ହୋଇଅଛି ଯେ ତୁମ ଉପରେ ଯେଉଁ ଶକ୍ତି-ତରଙ୍ଗ

ସବେଗରେ ଆସିପଡ଼େ, ସେଥିରେ ତୁମେ ନିଜକୁ ଭସାଇ ଦିଅ ଓ ସେହି ସମୟରେ ତାହା ସଙ୍ଗେ ତୁମେ ମିଳିତ ହୋଇଯାଅ । ତୁମର ଯେଉଁ ପୂର୍ବଲବ୍ଧ ଶିକ୍ଷା ସବୁକୁ ଭୁଲିଯିବାକୁ ହେବ, ତାହା ମଧ୍ୟରୁ ଏହାହିଁ ଗୋଟିଏ ଶିକ୍ଷା । ତୁମର ଯେଉଁ ମୂଳସତ୍ତା, ଯାହାର ଭିତ୍ତି ହେଲା ଚୈତ୍ୟପୁରୁଷ, ତାଙ୍କୁ ଖୋଜି ବାହାର କରି ତାଙ୍କ ମଧ୍ୟରେ ତୁମକୁ ବାସ କରିବାକୁ ହେବ ।''

ସତ୍ୟ ଓ ଅସତ୍ୟ ସଂସାର, ପରା ଓ ଅପରା ପ୍ରକୃତି

ସଂସାରରେ ଦୁଇଟି ସ୍ୱରୂପ । ଗୋଟିଏ ସତ୍ୟ, ଅନ୍ୟଟି ମିଥ୍ୟା । ସତ୍ୟ-ସଂସାର ଥାଏ ମିଥ୍ୟା-ସଂସାରର ପଶ୍ଚାତରେ । ମିଥ୍ୟା-ସଂସାରକୁ ଅତିକ୍ରମ କଲେ ବ୍ୟକ୍ତି ସତ୍ୟ-ସଂସାରରେ ବାସ କରିପାରେ । ମିଥ୍ୟା-ସଂସାର ଦୁଃଖକଷ୍ଟ, ମୋହମାୟାରେ ପୂର୍ଣ୍ଣ; ମୃଗତୃଷ୍ଣା ସଦୃଶ ସର୍ବଥା ଭ୍ରମ । ଏହାର ସର୍ଜ୍ଜନାକାରିଣୀ ଶକ୍ତି ଅପରା ବା ଅବିଦ୍ୟା ମାୟା । ଠିକ୍ ଏହାର ବିପରୀତ ସତ୍ୟ-ସଂସାର । ତାହା ସତ୍ୟ, ନ୍ୟାୟ, ଆନନ୍ଦ, ଶାନ୍ତି, ସମତାରେ ପୂର୍ଣ୍ଣ । ଏହାର କର୍ତ୍ତ୍ରୀ ପରାପ୍ରକୃତି ବା ବିଦ୍ୟାମାୟା, କିନ୍ତୁ ଏହି ସତ୍ୟ-ସଂସାର ମିଥ୍ୟା ସଂସାର ଦ୍ୱାରା ଆବୃତ । ସାଧାରଣ ବ୍ୟକ୍ତି ନିବାସ କରନ୍ତି ମିଥ୍ୟା-ସଂସାରରେ । ଏହାର ମିଥ୍ୟାତ୍ୱ, ଭ୍ରମତ୍ୱ ଦେଖିବା ସତ୍ତ୍ୱେ ବ୍ୟକ୍ତି ଅଜ୍ଞାନ ବଶତଃ ଏଥିରେହିଁ ଆସକ୍ତ ଥାଏ । ଭଗବତ୍ କୃପାରୁ ବ୍ୟକ୍ତି ସତ୍ୟ-ସଂସାରର ସନ୍ଧାନ ପାଇ ମିଥ୍ୟା-ସଂସାରକୁ ଅତିକ୍ରମ କରିବାକୁ ଇଚ୍ଛା କରିବା ମାତ୍ରେ ମିଥ୍ୟା-ସଂସାର କଳେବଳେ କୌଶଳେ ବ୍ୟକ୍ତିକୁ ଛଳନା କରେ । ନିଜ ଶକ୍ତି ଥିବା ପର୍ଯ୍ୟନ୍ତ ବ୍ୟକ୍ତିକୁ ଟାଣି ଧରିଥାଏ । ବ୍ୟକ୍ତିର ଦୃଢ଼ ସଂକଳ୍ପ, ଭଗବାନଙ୍କ ଉପରେ ବିଶ୍ୱାସ, ଭରସା ଅଟଳ ରହିଲେ ସେ ଅଦିବ୍ୟ ମାୟା ବା ମିଥ୍ୟା-ସଂସାରକୁ ଅତିକ୍ରମ କରି ପରା ବା ବିଦ୍ୟା ମାୟାର ଆନନ୍ଦ-ଜ୍ଞାନମୟ, ଶାଶ୍ୱତ, ସତ୍ୟ ସଂସାରରେ ନିବାସ କରିପାରେ । ମିଥ୍ୟା ଏବଂ ସତ୍ୟ-ସଂସାର ଏହି ଶରୀର ଏବଂ ଚେତନାରେ ବିଦ୍ୟମାନ । ଅହଂବ୍ୟକ୍ତିତ୍ୱ ଅର୍ଥାତ୍ ଶରୀରକୁ ସର୍ବସ୍ୱ ମାନିବା ମିଥ୍ୟା-ସଂସାର । ଏଥିରେ ବାସ କରିବା ବ୍ୟକ୍ତି ଅବିଦ୍ୟା ମାୟାର ଯନ୍ତ୍ର । ଆତ୍ମ ଉପଲବ୍ଧି ଏବଂ ମନ-ପ୍ରାଣ-ଶରୀରର ଶାଶ୍ୱତ ତତ୍ତ୍ୱରେ ରୂପାନ୍ତର, ଏହାହିଁ ହେଲା ସତ୍ୟ-ସଂସାର । ଏଥିରେ ବାସ କରୁଥିବା ବ୍ୟକ୍ତି ପରାପ୍ରକୃତି ଭାଗବତୀ ଶକ୍ତିର ଯନ୍ତ୍ର ଏବଂ ଭଗବାନଙ୍କ ଦ୍ୱାରା ପରିଚାଳିତ ।

ଦୁଃଖ, ଶୋକ, ହର୍ଷ, ବିଷାଦ, ଈର୍ଷା, ବିରୋଧ, କାମ, କ୍ରୋଧ, ଲୋଭ, ମୋହର କାରଣ ହେଉଛି ନିଜକୁ ଜଣେ ପୃଥକ୍ ବ୍ୟକ୍ତି ମାନିବା । ଏହା ଏକେବାରେ ମିଥ୍ୟା ଏବଂ ଭ୍ରମ । ଏହି ମିଥ୍ୟାତ୍ୱ ଏତେ ପ୍ରବଳ, ଏତେ ଶକ୍ତିଶାଳୀ ଯେ ବଡ଼ ବଡ଼ ବୁଦ୍ଧିମାନ ବ୍ୟକ୍ତି, ତ୍ରିଲୋକ ବିଜୟୀ ମହାପ୍ରତାପୀ ବଳଶାଳୀ ଯୋଦ୍ଧା, ସମସ୍ତ ଜାଗତିକ ବିଷୟଜ୍ଞାତ ପଣ୍ଡିତ ଏଥିରୁ ମୁକ୍ତି ପାଇପାରନ୍ତି ନାହିଁ । ଏହି ଭ୍ରମ ଏବଂ ମିଥ୍ୟାତ୍ୱ ଭଗବାନଙ୍କ ମାୟା । ଏହି ମାୟାରୁ ଉଦ୍ଧାର ହେବାର ଅନ୍ୟ କୌଣସି ଉପାୟ ନାହିଁ : ଏକମାତ୍ର ଦୃଢ଼ ସଂକଳ୍ପ ସହ ଭଗବାନଙ୍କ ଆଶ୍ରୟ ବ୍ୟତୀତ । ଗୀତାରେ ମଧ୍ୟ ଶ୍ରୀକୃଷ୍ଣ ଏହି କଥା କହିଛନ୍ତି :—

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ୟେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥୧୪॥

(ଗୀତା, ଅ : ୭)

''କାରଣ ଏହି ଅତି ଅଦ୍ଭୁତ ତ୍ରିଗୁଣମୟୀ ମୋ ମାୟା ଅତ୍ୟନ୍ତ ଦୁସ୍ତର । ଯେ କେହି ମୋର ଶରଣାପନ୍ନ ହୁଅନ୍ତି ସେହିମାନେ ମାୟାକୁ ଅତିକ୍ରମ କରି ସଂସାରରୁ ତରିଯାଆନ୍ତି ।''

ମନୁଷ୍ୟ ନିଜ ଶରୀରକୁ ସର୍ବସ୍ୱ ମାନିନିଏ, ଭାବେ ମୁଁ ଜଣେ ବ୍ୟକ୍ତି, ମୋର ଘର-ପରିବାର, ମୋର ଧନ-ସମ୍ପତ୍ତି, ମୋର ଦେଶ, ଜାତି । ବ୍ୟକ୍ତି ଯେଉଁ ଘର-ପରିବାର, ଧନସମ୍ପତ୍ତି, ଦେଶ-ଜାତିକୁ 'ମୋର' ମନେ କରେ, ତାହା ପୂର୍ବେ ନ ଥିଲା, ମୃତ୍ୟୁପରେ ରହିବ ନାହିଁ । ସେ ଯେଉଁ ବସ୍ତୁକୁ 'ମୋର' କହୁଥାଏ, ଯାହାକୁ ରକ୍ଷା କରିବା ସକାଶେ,

ବୃଦ୍ଧି କରିବା ସକାଶେ ପ୍ରାଣପଣେ ଚେଷ୍ଟା କରେ, ଦୁଃଖଯାତନା ସହ୍ୟ କରେ, ନିଜେ ନ ଖାଇ ଯେଉଁ ସନ୍ତାନମାନଙ୍କୁ ପାଳନପୋଷଣ କରିଥାଏ, ମୃତ୍ୟୁ ପରେ ଅନ୍ୟ ଶତ୍ରୁଦେଶରେ ଜନ୍ମଗ୍ରହଣ କଲେ ପୂର୍ବେ ନିଜର ମାନିଥିବା ଦେଶ, ଜାତି, ପରିବାର ଘର ଉପରେ ଆକ୍ରମଣ କରି ଧ୍ୱଂସ କରିବାକୁ ଚେଷ୍ଟା କରେ । ପୂର୍ବେ ଯେଉଁ ବସ୍ତୁକୁ ପ୍ରାଣ ଦେଇ ରକ୍ଷା କରିବାକୁ ଚାହୁଁଥିଲା ତାହାକୁ ବର୍ତ୍ତମାନ ଧ୍ୱଂସ କରିବାକୁ ଚାହେ । ଏପରିକି ଯେଉଁ ଧନ ଉପାର୍ଜନ କରି ନିଜେ ରଖିଥାଏ, ସେହି ଧନରୁ ଗୋଟିଏ ପଇସାର ଅଧିକାରୀ ସେ ହୁଏ ନାହିଁ । ଯେଉଁ ସ୍ତ୍ରୀ, ପୁତ୍ରଙ୍କ ସକାଶେ ପ୍ରାଣ ଦେଇଥାଏ, ଯେଉଁମାନେ ତା'ର ବିୟୋଗରେ ମୁଣ୍ଡ ପିଟି କାନ୍ଦିଥା'ନ୍ତି, ସେହିମାନେ ଘରେ ପାଦ ରଖିବାକୁ ଦିଅନ୍ତି ନାହିଁ । ଏହି ମିଥ୍ୟା ମାୟାରେ ବ୍ୟକ୍ତି ଏପରିଭାବରେ ଜଡ଼ିତ ଥାଏ ଯେ ଏହାର ମିଥ୍ୟାତ୍ୱ ଜାଣିବା ସତ୍ତ୍ୱେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଦୁଃଖକଷ୍ଟ ଭୋଗ କରି ସେଥିରେହିଁ ପଡ଼ି ରହିଥାଏ । ଭଗବାନଙ୍କ କୃପାରୁ ଯଦି କୌଣସି ବ୍ୟକ୍ତିର ହୃଦୟରେ ଜ୍ଞାନୋଦୟ ହୁଏ – ''ଯାହାକୁ ହେଉ ତୁ ସଦୟ, ଜ୍ଞାନ ତା' ହୃଦୟେ ଉଦୟ ।'' – ତେବେ ସେ ଭଗବାନଙ୍କ ଆଶ୍ରୟ ନେଇ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଗ୍ରହଣ କରି ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୁଏ । ଏହି ମାର୍ଗରେ ବାଧା ଦେବାକୁ ଅବିଦ୍ୟାମାୟାର ଅନୁଚର ପ୍ରବଳ ଦସ୍ୟୁ – ଆସକ୍ତି, କାମ, କ୍ରୋଧ, ଲୋଭ, ମୋହ, ଈର୍ଷ୍ୟା, ଦ୍ୱେଷ, ସ୍ୱାର୍ଥ ଏବଂ ଅହଂ ହିମାଳୟ ପର୍ବତ ସଦୃଶ ଆସି ଛିଡ଼ା ହୁଅନ୍ତି । ବ୍ୟକ୍ତିକୁ କୌଣସିମତେ ଅଗ୍ରସର ହେବାକୁ ଦିଅନ୍ତି ନାହିଁ । ଏହିସବୁ ବିରୋଧୀ ଶକ୍ତି ଏତେ ପ୍ରବଳ ଯେ, ଯେକୌଣସି ମୁହୂର୍ତ୍ତରେ ବ୍ୟକ୍ତିକୁ ଧରାଶାୟୀ କରିପାରନ୍ତି । ଏମାନଙ୍କ ମଧ୍ୟରେ ମହାନ୍ ଅଜେୟ ହେଲେ କାମ, କ୍ରୋଧ ଏବଂ ମହଦାକାଙ୍କ୍ଷା । ମନୁଷ୍ୟ କ୍ରୋଧବଶ ହୋଇ ପିତା, ପୁତ୍ର, ସ୍ତ୍ରୀ ତଥା ନିଜକୁ ହତ୍ୟା କରିପାରେ । ମନୁଷ୍ୟ କାମବଶ ହୋଇ ନରକର ବିପଦ ଦେଖୁଥିବା ସତ୍ତ୍ୱେ ସେଥିରେ ଡେଇଁପଡ଼େ । ମହଦାକାଙ୍କ୍ଷୀ ବ୍ୟକ୍ତି ନିଜ ପରିବାର, ନିଜ ଦେଶ ବା ଅନ୍ୟ ଦେଶକୁ ଜାଳିପୋଡ଼ି ଛାରଖାର କରି ଦିଏ । ଏହିସବୁ ଦୁର୍ଦ୍ଧର୍ଷ, ଅଜେୟ ଶତ୍ରୁ କବଳରେ ପଡ଼ିଥା'ନ୍ତି ସର୍ବଲୋକମାନ୍ୟ, ବୁଦ୍ଧିମାନ୍, ସଂସାରବିଜେତା, ବଳଶାଳୀ, କଳାପୂର୍ଣ୍ଣ ସମସ୍ତ ବିଦ୍ୟାନିପୁଣ ପଣ୍ଡିତ; ଉଦ୍ଧାର ହୁଅନ୍ତି କେବଳ ଭଗବତ୍ ଆଶ୍ରିତ, ଭଗବତ୍ ଭକ୍ତ ।

ବିଦ୍ୟା ଓ ଅବିଦ୍ୟା ମାୟା ତଥା ପରା ଓ ଅପରା ପ୍ରକୃତିଙ୍କ ଉତ୍ପତ୍ତି

ଭଗବାନ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ହେଲେ ଦୁଇରୂପ – ଈଶ୍ୱର ଏବଂ ଶକ୍ତି । ଶକ୍ତିକୁ ଦୁଇ ଭାଗରେ ବିଭକ୍ତ କଲେ – ପରା ଓ ଅପରା । ପରାପ୍ରକୃତି ନିଜ ସତ୍ୟ ସ୍ୱରୂପରେ ସତ୍ୟ, ନ୍ୟାୟ, ଆନନ୍ଦ, ଜ୍ଞାନ, ଅହିଂସା, ଶାନ୍ତି, ସମତାକୁ ଧାରଣ କରି ଭଗବାନଙ୍କ ସହିତ ରହିଲେ ଅଭିନ୍ନ, ଏକ ରୂପେ । ଅପରାପ୍ରକୃତି ବା ଅବିଦ୍ୟାମାୟା ଭଗବାନଙ୍କଠାରୁ ପୃଥକ୍ ହୋଇ ଅଜ୍ଞାନ, ମୋହ, ଆସକ୍ତି, କାମ, କ୍ରୋଧ, ଲୋଭ, ଈର୍ଷ୍ୟା- ଦ୍ୱେଷାଦି ଦୁର୍ଗୁଣକୁ ଗ୍ରହଣ କଲା । ଭଗବାନଙ୍କ ଏହି ମାୟାଦ୍ୱୟଙ୍କର ଗୁଣଧର୍ମ ଓ ସ୍ୱଭାବ ଏକଠାରୁ ଅନ୍ୟର ହେଲା ଏକେବାରେ ବିପରୀତ । ଦୁଇଜଣଙ୍କ ମଧ୍ୟରେ ହେଲା ଦ୍ୱନ୍ଦ୍ୱ । ଭଗବାନ୍ ଏହି ଦ୍ୱନ୍ଦ୍ୱର ମୀମାଂସା କରିବା ସକାଶେ ଦୁହିଙ୍କ ସମ୍ମୁଖରେ ରଖିଲେ ଗୋଟିଏ ବ୍ୟବସ୍ଥା । ସଂସାରକୁ କଲେ ଦୁଇ ଭାଗରେ ବିଭକ୍ତ – ଗୋଟିଏ ସତ୍ୟ, ଅନ୍ୟଟି ଅସତ୍ୟ । ଅସତ୍ୟ ସଂସାରରେ ଅଭିବ୍ୟକ୍ତ ହେଲା ଅଜ୍ଞାନ ଏବଂ ମାୟା; ତା'ର ଘର, ସମ୍ପତ୍ତି, ଧନ, ବିଦ୍ୟା, ବୁଦ୍ଧି, ସାଂସାରିକ ଐଶ୍ୱର୍ଯ୍ୟ, ପ୍ରଭୁତ୍ୱ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଭୋଗ-ବିଳାସ । ଏହିସବୁ ଅଜ୍ଞାନ ଏବଂ ମୋହ କିନ୍ତୁ ମହାନ୍ ଆକର୍ଷକ । ଏହାଦ୍ୱାରା ବଡ଼ ବଡ଼ ଧନୀ, ମାନୀ, ପଣ୍ଡିତ, ରାଜା ଏବଂ ସମସ୍ତ ସଂସାରର ବ୍ୟକ୍ତି ହୋଇଥା'ନ୍ତି ମୋହିତ ।

ଅନ୍ୟ ପକ୍ଷରେ ସତ୍ୟ-ସଂସାରରେ ଭଗବାନ୍ ବିଦ୍ୟମାନ ଥାଆନ୍ତି । ତାଙ୍କର ଦିବ୍ୟଗୁଣ – ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ଅହିଂସା, ଦୟା, କରୁଣା । ଏହି ସତ୍ୟ ସଂସାର ଥାଏ ଅସତ୍ୟ-ସଂସାରର ପଶ୍ଚାତରେ । ଏଥିରେ ବାସ କରିବା ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ ।

ଅସତ୍ୟ ସଂସାରର ପ୍ରତୀକ ଅହଂଭାବ, ନାମ ରୂପବିଶିଷ୍ଟ ସ୍ଥୂଳ ଶରୀର ଏବଂ ଜାଗତିକ ଐଶ୍ୱର୍ଯ୍ୟ । ସତ୍ୟ

ସଂସାରର ପ୍ରତୀକ ସ୍ଥୂଳ ଶରୀରର ଅଭ୍ୟନ୍ତରରେ ଥିବା ଆତ୍ମା, ଜ୍ଞାନ, ଆନନ୍ଦାଦି ଦିବ୍ୟଗୁଣର ବିଗ୍ରହ ଏବଂ ଅବିକୃତ; ନିଜ ସତ୍ୟସ୍ୱରୂପରେ ସ୍ଥିତ, ଭଗବାନଙ୍କ ସଙ୍ଗେ ଏକ । କିନ୍ତୁ ସେହି ଆତ୍ମା ସ୍ଥୂଳ ଆବରଣ ପଶ୍ଚାତରେ ହୃଦୟର ଗଭୀରରେ ସ୍ଥିତ ।

ଭଗବାନ୍ ନିଜ ଶକ୍ତି ପରା ଅପରା ଦୁଇମାୟାଙ୍କ ସମ୍ମୁଖରେ ଏହି ଦୁଇ ସତ୍ୟ ଓ ଅସତ୍ୟ ସଂସାର ରଖି ଆଦେଶ ଦେଲେ ଦୁଇ ସଂସାର ମଧ୍ୟରୁ ନିଜ ନିଜ ଇଚ୍ଛାନୁସାରେ ତୁମେ ବାଛିନିଅ । ଭଗବାନଙ୍କ ଶ୍ରୀମୁଖ ବାକ୍ୟ ଶୁଣି ଅପରା ବା ଅବିଦ୍ୟାମାୟା ଅତ୍ୟନ୍ତ ବ୍ୟଗ୍ର ଅସ୍ଥିର ହୋଇ ପଡ଼ିଲେ । ସେ ଭାବିଲେ ବିଳମ୍ବ କଲେ ମୋ ସପତ୍ନୀ ବିଦ୍ୟାମାୟା ଉତ୍ତମ ବସ୍ତୁ ମାଗି ନେଇପାରେ । ସେ ଉଦ୍‌ବେଗ ସହିତ ବିଚାର କଲେ – ''ସମସ୍ତ ସଂସାରଟାହିଁ ଅସତ୍ୟ । ସତ୍ୟ-ସଂସାର ଅସ୍ତିତ୍ୱହୀନ ସଦୃଶ । ସେଥିରେ ପୁଣି ଦ୍ୱନ୍ଦ୍ୱ, ଛଳ କପଟ, କଳହ ନାହିଁ । ଲଢ଼ାଇ, ଝଗଡ଼ା ବିନା ଆନନ୍ଦ ଆସିବ କେଉଁଠୁ ? ସତ୍ୟ ସଂସାରକୁ ଦୂରରୁ ନମସ୍କାର । ମୋର ଅସତ୍ୟ ସଂସାର ଦରକାର ।'' ଏହା ଭାବି ହାତଯୋଡ଼ି କହିଲେ, ''ପ୍ରଭୁ ମୁଁ ଅସତ୍ୟ ସଂସାରରେହିଁ ସନ୍ତୁଷ୍ଟ ।'' ଅବିଦ୍ୟାମାୟାର କଥା ଶୁଣି ଭଗବାନ୍ ପ୍ରସନ୍ନତାପୂର୍ବକ ସମସ୍ତ ସଂସାର ପରିଚାଳନାର ଭାର ତାଙ୍କୁ ଦେଇଦେଲେ ।

ପରେ ବିଦ୍ୟାମୟା ନିଜ ସ୍ୱରୂପା ପରାପ୍ରକୃତିଙ୍କ ଆଡ଼କୁ ଅନାଇ ଭଗବାନ୍ କହିଲେ, ''ପ୍ରିୟେ ତୁମେ ନିଜ ରୁଚି ଅନୁସାରେ ମାଗି ନିଅ ।'' ପରାପ୍ରକୃତି ବିଦ୍ୟାମାୟାର ସ୍ଥିର, ଅଚଞ୍ଚଳ, ଶାନ୍ତ କଣ୍ଠରେ ହସ୍ତଯୋଡ଼ି ପ୍ରାର୍ଥନା କଲେ ''ପ୍ରଭୁ ମୁଁ ତୁମ ସହିତ ସର୍ବଦା ଯୁକ୍ତ ରହିବାକୁ ଚାହେ । ତୁମ ବିୟୋଗ ଏକ ମୁହୂର୍ତ୍ତ ମୁଁ ସହିପାରେ ନାହିଁ । ପ୍ରଭୁ ମୋର ସ୍ଥାନ କେବଳ ତୁମରି ଚରଣରେ ।''

ଭଗବାନ୍ ଅତ୍ୟନ୍ତ ପ୍ରୀତ ହୋଇ ପରାପ୍ରକୃତି ବିଦ୍ୟାମାୟାଙ୍କୁ ନିଜ ହୃଦୟରେ ଲଗାଇ ନେଲେ ଏବଂ କହିଲେ, ''ପ୍ରିୟେ ତୁମେ ମୋଠାରୁ କେବେ ବି ପୃଥକ୍ ନୁହଁ । ତୁମେ ଓ ମୁଁ ଏକ ସ୍ୱରୂପ ଏବଂ ଏକ ତତ୍ତ୍ୱ । କେବଳ ସଂସାର ସକାଶେ ତୁମେ ମୋ ସଙ୍ଗେ ସର୍ବଦା ଏକ ଥିବା ସତ୍ତ୍ୱେ ସେହିସଙ୍ଗେ ପୃଥକରୂପେ ସଂସାର ପରିଚାଳନା କରିବ । କାରଣ ଅବିଦ୍ୟାମାୟା ମୋଠାରୁ ପୃଥକ୍ ହୋଇଯାଇଅଛି । ତା'ର ଜ୍ଞାନ ଏବଂ ଜ୍ୟୋତିଃର ଅଭାବ । ଜ୍ଞାନ ଏବଂ ଜ୍ୟୋତିଃ ବିନା ସଂସାର ତିଷ୍ଠିବା ସମ୍ଭବ ନୁହେଁ । ତୁମେ ସେହି ଅବିଦ୍ୟାର ପଶ୍ଚାତରେ ରହି ତାକୁ ଧାରଣ ନ କଲେ ସଂସାର ହୋଇପାରିବ ନାହିଁ କିଂବା ସଂସାର ଚଳିବ ନାହିଁ । ସଂସାର ଅନ୍ଧକାର ଏବଂ ଅଜ୍ଞାନରେ ନଷ୍ଟ ହୋଇଯିବ । ବ୍ୟକ୍ତି ଅଜ୍ଞାନ ଅବସ୍ଥାରେ ବାସ କରିବ ଅସତ୍ୟ-ସଂସାରରେ । ତା'ର ଜ୍ଞାନ ହେଲେ ସେ ଅବିଦ୍ୟାମାୟାର ଅସତ୍ୟ-ସଂସାରକୁ ଅତିକ୍ରମ କରି ତୁମ ସତ୍ୟ-ସଂସାରରେ ବାସ କରିବ । ତୁମ ସଂସାରରେ ବାସ କରିବା ବ୍ୟକ୍ତିକୁ ଅବିଦ୍ୟାମାୟା ସ୍ପର୍ଶ କରିପାରିବ ନାହିଁ । ଅବିଦ୍ୟାମାୟା ମହାଶକ୍ତିଶାଳିନୀ ହେଲେ ମଧ୍ୟ ତୁମ ଜ୍ୟୋତିଃ ନିକଟକୁ ତା'ର ଆସିବାର ସାମର୍ଥ୍ୟ ନାହିଁ । କାରଣ ତୁମେ ମୋଠାରୁ ଅଭିନ୍ନ ଏବଂ ପରମ ପ୍ରିୟ ତଥା ପରମ ଜ୍ୟୋତିଃ । ଅଦିବ୍ୟ, ଅନ୍ଧକାର ଶକ୍ତି ଆଲୋକ ପାଖରେ କଦାପି ରହିପାରେ ନାହିଁ । ବିଦ୍ୟାମାୟା ପଚାରିଲେ, ''ଏହା ଏକେବାରେ ସତ୍ୟ । ଜୀବ ତୁମକୁ ପ୍ରାପ୍ତ ହେଲେ ଅବିଦ୍ୟାମାୟା ତାକୁ ସ୍ପର୍ଶ କରିପାରିବ ନାହିଁ । କିନ୍ତୁ ଅବିଦ୍ୟାମାୟା ଅଜ୍ଞେୟ, ତା' ମାୟା ମହାନ୍ ପ୍ରବଳ, ବ୍ୟକ୍ତି ସର୍ବଥା ଦୁର୍ବଳ ଏବଂ ଅସହାୟ । ତା' କବଳରୁ ଉଦ୍ଧାର ହେବ କିପରି ?''

ଭଗବାନ୍ ଉତ୍ତର ଦେଲେ, ''ତା' କବଳରୁ ଉଦ୍ଧାର ହେବାର ଏକମାତ୍ର ଉପାୟ ତୁମ ଚରଣରେ ବ୍ୟକ୍ତିର ପୂର୍ଣ୍ଣ ଆତ୍ମ-ନିବେଦନ ବା ସମର୍ପଣ । ମୋହମାୟାଗ୍ରସ୍ତ ବ୍ୟକ୍ତି ଉପରେ ତୁମର କୃପା ହେଲେ ତା' ହୃଦୟରେ କେବେକେବେ ଜ୍ଞାନ-ପ୍ରଦୀପ ପ୍ରଜ୍ୱଳିତ ହୋଇଉଠେ ଏବଂ ସେ ତୁମକୁ ସ୍ମରଣ କରିବାମାତ୍ରେ ତା'ର ଅନ୍ଧକାରାବୃତ ସତ୍ତାରେ ଗୋଟିଏ ଜ୍ୟୋତିଃର ପ୍ରକାଶ ହୁଏ । ସେ ଯଦି ସେହି ସମୟରେ ତା'ର ଯଥାର୍ଥ, ସତ୍ୟ ସ୍ୱରୂପ ଆତ୍ମା ସମ୍ବନ୍ଧେ ସଚେତ ହୁଏ, ଆତ୍ମ ସ୍ୱରୂପ ମୋତେ ଜାଣି ମୋତେ ପ୍ରାପ୍ତ ହେବାକୁ ଲକ୍ଷ୍ୟ ଗ୍ରହଣ କରେ, ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍ସା କରେ ଏବଂ ଦୃଢ଼ ସଂକଳ୍ପବଦ୍ଧ ହୁଏ, ତେବେ ତୁମରି ସହାୟତାରେ, ତୁମରି ପରିଚାଳନାରେ ସେ ଅବିଦ୍ୟାମାୟାକୁ ଅତିକ୍ରମ କରି ମୋତେ ପ୍ରାପ୍ତ ହୁଏ ତଥା ତୁମରି ରାଜ୍ୟରେ ଆନନ୍ଦରେ ନିବାସ କରେ । କିନ୍ତୁ ବ୍ୟକ୍ତି ତୁମ କୃପାଦୃଷ୍ଟିରୁ ଅବିଦ୍ୟାମାୟାର ସ୍ୱରୂପ

ମୋହମାୟା, ମିଥ୍ୟା ସଂସାରରେ ଦୁଃଖକଷ୍ଟ ତଥା ତା'ର ନିଜ ସତ୍ୟ ସ୍ୱରୂପ ସମ୍ବନ୍ଧେ, ସଚେତନ ହେଲେ ସେଥିରୁ ମୁକ୍ତ ହୋଇ ତୁମ ସଂସାରରେ ପ୍ରବେଶ କରିବାକୁ ଚେଷ୍ଟା କରେ । ସେହି ସମୟରେ ଅବିଦ୍ୟାମାୟା ତା'ର ଦଳବଳ – କାମ, କ୍ରୋଧ, ଲୋଭ, ମୋହ, ଆସକ୍ତି ସଙ୍ଗରେ ନେଇ ବ୍ୟକ୍ତି ଉପରେ ଆକ୍ରମଣ କରେ । ଗୋଟିକ ପରେ ଗୋଟିଏ ମାୟାଜାଲରେ ବ୍ୟକ୍ତିକୁ ବାନ୍ଧି ପକାଏ । ସେହି ସମୟରେ ବ୍ୟକ୍ତି ସଚେତ ହୋଇ ତୁମ ଆଶ୍ରୟ ଦୃଢ଼ଭାବେ ଗ୍ରହଣ କଲେ ତୁମ ଜ୍ୟୋତିଃ, ଜ୍ଞାନ, ତୁମ ସାହାଯ୍ୟ ବରାବର ସେ ପାଉଥାଏ; ବ୍ୟକ୍ତି ଅବିଦ୍ୟାମାୟାର ବନ୍ଧନରେ ବନ୍ଦୀ ହୋଇ ବି ତା' ମଧ୍ୟରେ ତୁମ ଦିବ୍ୟଗୁଣ ଅଧିକାଧିକ କ୍ରମଶଃ ପ୍ରତିଷ୍ଠିତ ହୁଏ । ଏହାରି ସଙ୍ଗେ ସଙ୍ଗେ ଅବିଦ୍ୟାମାୟାର ଅସଦ୍‌ଗୁଣ କ୍ରମଶଃ ହ୍ରାସ ପାଏ । ବ୍ୟକ୍ତି ଯେତେ ଅଧିକ ତୁମ ଆଶ୍ରୟ ଗ୍ରହଣ କରେ, ତୁମ ପ୍ରତି ବିଶ୍ୱାସ, ଭରସା, ନିଷ୍ଠା ରଖିପାରେ ତେତେ ଅଧିକ ତା' ହୃଦୟରେ ମୋର ପ୍ରକାଶ ହୁଏ । ବ୍ୟକ୍ତିର ଯେଉଁ ଭାଗରେ ମୋର ପ୍ରକାଶ ହୁଏ, ତା'ର ମନ-ପ୍ରାଣ-ଶରୀରର ସେହି ଭାଗରେ ଅବିଦ୍ୟାମାୟାର ଜାଲର ବନ୍ଧନ ଢିଲା ହୁଏ । ବ୍ୟକ୍ତି ଲକ୍ଷ୍ୟପ୍ରାପ୍ତି ସକାଶେ ଯେତେ ତୀବ୍ର ଅଭୀପ୍ସା କରେ, ଦୃଢ଼ ସଂକଳ୍ପ କରେ, ଯେତେ ଅଧିକ ସଚେତ ହୋଇ ଅବିଦ୍ୟାମାୟାର କ୍ରିୟା ଏବଂ ପ୍ରେରଣାକୁ ପ୍ରତ୍ୟାଖ୍ୟାନ କରେ, ତାକୁ ପ୍ରଶ୍ରୟ ନ ଦିଏ, ତେତେ ଶୀଘ୍ର ସେ ଅବିଦ୍ୟାମାୟା କବଳରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହୁଏ । ମୋତେ ପ୍ରାପ୍ତ ହେବାର ଏକମାତ୍ର ଉପାୟ ଦୃଢ଼ ସଂକଳ୍ପ ସହ ମୋର ଶରଣ ନେବା ।''

❖

ସଙ୍ଗହିଁ ବ୍ୟକ୍ତିର ଉନ୍ନତି ବା ଅବନତିର କାରଣ

ମନୁଷ୍ୟ ସଂସାରର ଗୋଟିଏ ଛୋଟ ଆକାରର ଅନ୍ୟ ରୂପ । ବିରାଟ ଭଗବାନଙ୍କ ମଧ୍ୟରେ ସମସ୍ତ ସଂସାର ବିଦ୍ୟମାନ ଥାଏ । ମନୁଷ୍ୟ ଭଗବାନଙ୍କ ଅଂଶ । ସଂସାରରେ ଭଲମନ୍ଦ ଯାହା ଥାଏ, ମନୁଷ୍ୟ ମଧ୍ୟରେ ମଧ୍ୟ ବୀଜାକାରରେ ତାହାହିଁ ଥାଏ; ଯାହା କୁହାଯାଏ ''ଯାହା ବ୍ରହ୍ମାଣ୍ଡେ, ତାହା ପିଣ୍ଡେ'' । ଏହାର ପ୍ରମାଣ ସ୍ୱରୂପ ଶ୍ରୀକୃଷ୍ଣ ଯଶୋଦାଙ୍କୁ ନିଜ ମଧ୍ୟରେ ସମସ୍ତ ବ୍ରହ୍ମାଣ୍ଡ ଦେଖେଇ ଦେଇଥିଲେ । ଯଥାର୍ଥରେ ମନୁଷ୍ୟ ମଧ୍ୟରେ ଥିବା ସୁପ୍ତ ଶକ୍ତିରାଜି ଜାହାଜର ଜଳମଗ୍ନଭାଗ ସଦୃଶ ବହୁତ ବେଶି । ମନୁଷ୍ୟର ଅନ୍ତର୍ନିହିତ ଶକ୍ତି ତୁଳନାରେ ବାହ୍ୟ ମନର ବିକାଶ ଜାହାଜର ଉପରିଭାଗ ସଦୃଶ ବହୁତ କମ୍ । ଅଧ୍ୟାତ୍ମ ସାଧନା ଦ୍ୱାରା ମନୁଷ୍ୟର ସମସ୍ତ ସୁପ୍ତ ଶକ୍ତି ଜାଗ୍ରତ୍ ହୋଇପାରେ । ଅଧ୍ୟାତ୍ମ ସାଧକମାନେ ସାଧନା କରନ୍ତି ବ୍ୟକ୍ତିଗତ ଭାବେ ନିଜେ । ନିଜକୁ ଯେତେଦୂର ସେମାନେ ବୁଝିପାରନ୍ତି ସେହି ଅନୁପାତରେ ସଂସାରକୁ ମଧ୍ୟ ବୁଝିପାରନ୍ତି; କାରଣ ବ୍ୟକ୍ତି, ଯଥାର୍ଥରେ ବିଶ୍ୱର ଏକ ଅଂଶବିଶେଷ । ମନୁଷ୍ୟ ଶରୀର ନିର୍ମିତ ହୋଇଛି ମନ-ପ୍ରାଣ-ଶରୀର ଏବଂ ଆତ୍ମାର ସଂଯୋଗରେ । ଏହାସବୁ ବିଶ୍ୱ-ମନ, ବିଶ୍ୱ-ପ୍ରାଣ, ବିଶ୍ୱ-ସ୍ଥୂଳତତ୍ତ୍ୱ ଏବଂ ବିଶ୍ୱାତ୍ମାର ବ୍ୟଷ୍ଟିରୂପ । ଏହି ସକାଶେ ମନୁଷ୍ୟ ସଂସାର ସହିତ ଅଚ୍ଛେଦ୍ୟ, ଅଭେଦ୍ୟ ଏକ । ପୁରାତନ ଯୋଗୀମାନେ ସଂସାରର ସମ୍ବନ୍ଧ କାଟିଦେବାରୁ ତାଙ୍କର ମୁକ୍ତି ହୁଏ ବ୍ୟକ୍ତିଗତ । ପୂର୍ଣ୍ଣଯୋଗୀ ସଂସାରର ସମ୍ବନ୍ଧ ନ କାଟିବାରୁ ଏକ ବ୍ୟକ୍ତି ମଧ୍ୟରେ ଯେଉଁ ରୂପାନ୍ତର ହୁଏ ତାହା ସମସ୍ତ ବ୍ରହ୍ମାଣ୍ଡରେ ଘଟେ । ଏଠାରେ ଶରୀର, ସଂସାର ଏକ ଏବଂ ପୂର୍ଣ୍ଣଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରରେ ସଂସାରର ରୂପାନ୍ତର; ଏହା ଆମ୍ଭର ଏଠାରେ ଆଲୋଚ୍ୟ ବିଷୟ ନ ହୋଇଥିବାରୁ ଏହାକୁ ଏହିଠାରେ ଛାଡ଼ିବା ।

ଆମ୍ଭର ଆଲୋଚ୍ୟ ବିଷୟ ହେଲା : ସଂସାର ଯେପରି ଭାଗବତୀ ଶକ୍ତି ଏବଂ ଆସୁରୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ, ମନୁଷ୍ୟ ମଧ୍ୟ ସେହିପରି ଏହି ଦୁଇ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ସଂସାର ତଥା ବ୍ୟକ୍ତି ଭଗବାନଙ୍କ ସ୍ୱରୂପ । ଭଗବାନଙ୍କ ମଧ୍ୟରେ ଯେଉଁସବୁ ଶକ୍ତି ଥାଏ, ତାହା ସମସ୍ତ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । କିନ୍ତୁ ସେହି ଭଗବତ୍ ଶକ୍ତି ସଂସାରରେ ଆସି ବିକୃତ ହୋଇଯାଏ । ସେହି କାରଣରୁ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ଭଲମନ୍ଦ ଦୁଇଟି ଶକ୍ତି କାର୍ଯ୍ୟ କରେ । ଭଗବାନଙ୍କ ସ୍ୱରୂପରେ ସମସ୍ତ ଶକ୍ତି ଶୁଦ୍ଧ ରୂପେ ଥାଏ । ଅର୍ଥାତ୍ କେବଳ ଭାଗବତୀ ଶକ୍ତି ଥାଏ, ଆସୁରୀ ଶକ୍ତି ନ ଥାଏ । ଭଗବାନଙ୍କ ମଧ୍ୟରେ ଜ୍ଞାନ, ଆନନ୍ଦାଦି ସମସ୍ତ ଶକ୍ତି ବିକଶିତ ଥାଏ । ସଂସାରରେ ତାହା ଥାଏ ସୁପ୍ତ । ଏହି ହେଉଛି ଭଗବାନ୍ ଏବଂ ସଂସାର ମଧ୍ୟରେ ପ୍ରଭେଦ ।

ସଂସାରରେ ଦୁର୍ନୀତି, ମନୁଷ୍ୟ ମଧ୍ୟରେ ଯେଉଁ ଦୁର୍ଗୁଣ ଦେଖାଯାଏ, ତାହା ଯଥାର୍ଥରେ ସଂସାର ତଥା ମନୁଷ୍ୟର ଶୁଦ୍ଧ ସ୍ୱରୂପ ନୁହେଁ । ତାହା ସଙ୍ଗ ପ୍ରଭାବରୁ ଦୂଷିତ ଏବଂ ବିକୃତ ହୋଇ ପ୍ରକାଶିତ ହୋଇଥାଏ । ସଂସାରରେ ଯେତେବେଳେ ଆସୁରୀ ଦୁର୍ଗୁଣ ବିଶିଷ୍ଟ ବ୍ୟକ୍ତିର ସଂଖ୍ୟା ଅଧିକ ହୁଏ ସେତେବେଳେ ସଂସାରରେ ଅଧିକ ଅତ୍ୟାଚାର ବୃଦ୍ଧି ପାଏ; ଯେତେବେଳେ ଭଗବାନଙ୍କ ଅବତାର କିଂବା ଶଙ୍କର, ରାମାନୁଜ ପ୍ରଭୃତି ମହାପୁରୁଷଙ୍କର ଆବିର୍ଭାବ ହୁଏ, ସେତେବେଳେ ସଂସାର ସ୍ୱର୍ଗତୁଲ୍ୟ ସୁଖ-ଶାନ୍ତିରେ ପ୍ରଫୁଲ୍ଲିତ ହୁଏ । ଠିକ୍ ସେହିପରି ମନୁଷ୍ୟ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ, ଏପରିକି ସମାଜ ଯାହାକୁ ସବୁଠାରୁ ନିକୃଷ୍ଟ ବ୍ୟକ୍ତି ବୋଲି କୁହେ, ତାହା ମଧ୍ୟରେ ବି ସମସ୍ତ ଶକ୍ତି ସୁପ୍ତ ଥାଏ । ତାହା କେବଳ ବିକଶିତ ହୁଏ ସତ୍‌ସଙ୍ଗ ଦ୍ୱାରା । ମନୁଷ୍ୟ ଜୀବନର ବିକାଶ ଓ ପତନ ନିର୍ଭର କରେ ଏକମାତ୍ର ସଙ୍ଗ ଉପରେ । ଅଜାମିଳ ପରି, ମନୁଷ୍ୟ କୁସଂସର୍ଗରେ ମହାପାପୀ ହୋଇପାରେ, ସେହି ଅଜାମିଳ ପରି ମନୁଷ୍ୟ ସତ୍‌ସଙ୍ଗରେ ମହାନ୍ ପୁଣ୍ୟାତ୍ମା ହୋଇପାରେ ।

''ଗ୍ରହ ଭେଷଜ ଜଲ ପବନ ପଟ ପାଇ କୁଯୋଗ ସୁଯୋଗ
ହୋହି କୁବସ୍ତୁ ସୁବସ୍ତୁ ଜଗ ଲଖଇ ସୁଲକ୍ଷଣ ଲୋକ'' ।

(ରାମ-ଚରିତ ମାନସ)

''ଗ୍ରହ, ଔଷଧ, ଜଳ, ପବନ, ବସ୍ତ୍ର କୁଯୋଗ ସୁଯୋଗ ପାଇ କୁବସ୍ତୁ ସୁବସ୍ତୁ ହୁଅନ୍ତି – ଏ ବିଷୟ ବିଚାରଶୀଳ ପୁରୁଷ ଜାଣନ୍ତି ।''

ଅର୍ଥାତ୍ ନବଗ୍ରହ ମଧ୍ୟରୁ କୌଣସି ଗ୍ରହ କୌଣସି ସ୍ଥାନରେ ଉତ୍ତମ ଫଳ ଦିଅନ୍ତି । କିନ୍ତୁ ସେହି ଗ୍ରହ ଅନ୍ୟ ସ୍ଥାନରେ କିଂବା ଅନ୍ୟ ଗ୍ରହ ସଙ୍ଗରେ ରହିଲେ ଖରାପ ଫଳ ଦିଅନ୍ତି । ଔଷଧ ରୋଗର ଅନୁକୂଳ ଏବଂ ତା'ର ଅନୁପାନ ଠିକ୍ ହେଲେ ରୋଗୀ ରୋଗମୁକ୍ତ ହୁଏ, ମାତ୍ର ଅନୁପାନ ବିପରୀତ ହେଲେ ଏବଂ ଔଷଧ ରୋଗର ପ୍ରତିକୂଳ ହେଲେ ସେହି ଔଷଧ ଦ୍ୱାରା ବ୍ୟକ୍ତିର ମୃତ୍ୟୁ ହୁଏ । ଜଳ ତୃଷାର୍ତ୍ତ ବ୍ୟକ୍ତିର ପ୍ରାଣ ରକ୍ଷା କରେ, ସେହି ଜଳ ବିଷର ସଂସର୍ଗରେ ମନୁଷ୍ୟର ପ୍ରାଣ ନାଶ କରେ । ଜଳ ଔଷଧ ସହ ମିଶ୍ରିତ ହେଲେ ମୃତ୍ୟୁମୁଖୀ ରୋଗୀକୁ ଆରୋଗ୍ୟ କରେ, ଭଗବାନଙ୍କ ସଂସ୍ପର୍ଶରେ ଚରଣାମୃତ ହୁଏ, ବ୍ୟକ୍ତି ପବିତ୍ର ହେବା ଉଦ୍ଦେଶ୍ୟରେ ତାହା ସେବନ କରନ୍ତି । ସେହି ଜଳ କ୍ଷତ ସ୍ଥାନ-ସ୍ପର୍ଶ ଅଥବା ଅପବିତ୍ର ବସ୍ତୁ ସଙ୍ଗ ହେଲେ ଲୋକେ ତାକୁ ଘୃଣା କରନ୍ତି । ପ୍ରସ୍ଫୁଟିତ ସୁଗନ୍ଧଯୁକ୍ତ ପୁଷ୍ପ ଅଥବା ସୁବାସଯୁକ୍ତ ଦ୍ରବ୍ୟ ସଂସର୍ଗରେ ବାୟୁ ଆସିଲେ ବ୍ୟକ୍ତି ହର୍ଷ ସହିତ ସେବନ କରେ । ଦୁର୍ଗନ୍ଧ ବସ୍ତୁ ସଂସ୍ପର୍ଶରେ ବାୟୁ ଆସିବା ମାତ୍ରେ ବ୍ୟକ୍ତି ନାକ ବନ୍ଦ କରି ପଳାୟନ କରେ । ଦେବତା ତଥା ଶ୍ରେଷ୍ଠ ମହାପୁରୁଷଙ୍କ ବସ୍ତ୍ରକୁ ବ୍ୟକ୍ତି ପ୍ରସାଦରୂପେ ଗ୍ରହଣ କରନ୍ତି । ସେହି ବସ୍ତ୍ର ଶବ ଦେହ ସଂସ୍ପର୍ଶରେ ଏପରି ଅପବିତ୍ର ହୁଏ ଯେ ବ୍ୟକ୍ତି ତାକୁ ସ୍ପର୍ଶ ମଧ୍ୟ କରନ୍ତି ନାହିଁ । ଏହି ସବୁ ବସ୍ତୁ ଭଲ ସଙ୍ଗରେ ଯେପରି ମହାନ୍ ହୁଅନ୍ତି ମନ୍ଦ ସଙ୍ଗରେ ସେହିପରି ଅତ୍ୟନ୍ତ ନିକୃଷ୍ଟ ଓ ତ୍ୟାଜ୍ୟ ହୁଅନ୍ତି । ଏହା କେବଳ ସଙ୍ଗର ପ୍ରଭାବ ।

ମନୁଷ୍ୟ ସଙ୍ଗ ପ୍ରଭାବରେ ଦେବତା ହୋଇପାରେ; ଅସୁର ବି ହୋଇପାରେ । ଏହା ପ୍ରତ୍ୟକ୍ଷରୂପେ ଆଜି ମଧ୍ୟ ଆମ୍ଭମାନଙ୍କ ସମ୍ମୁଖରେ ଘଟୁଅଛି । ମନୁଷ୍ୟ ମଧ୍ୟରେ ଯେଉଁସବୁ ଅସାଧାରଣ ଶକ୍ତି ଥାଏ, ତାହା କେବଳ ସତ୍‌ସଙ୍ଗ ଦ୍ୱାରା ବିକାଶ ଲାଭକରେ । ସଂସାରରେ ସବୁଠାରୁ ଯେ ଯଥାର୍ଥରେ ଶ୍ରେଷ୍ଠ ବ୍ୟକ୍ତି, ତାହା ମଧ୍ୟରେ ଯେଉଁ ଶକ୍ତି ବିକଶିତ ହୋଇଛି, ଜଣେ ନିକମା, ଅପଦାର୍ଥ ବ୍ୟକ୍ତି ମଧ୍ୟରେ ବି ସେହି ଶକ୍ତି ନିହିତ ଅଛି । କିନ୍ତୁ ତା'ର ସତ୍‌ସଙ୍ଗର ଅଭାବ, ପ୍ରଯତ୍ନବିମୁଖତା କାରଣରୁ ତା' ମଧ୍ୟସ୍ଥ ସୁପ୍ତ ଶକ୍ତି ବିକାଶ ଲାଭ କରିପାରି ନାହିଁ ।

ସତ୍‌ସଙ୍ଗର ସ୍ୱରୂପ

ସତ୍‌ସଙ୍ଗ ତିନିପ୍ରକାର । ପ୍ରଥମ ସତ୍‌ସଙ୍ଗ : ସତ୍ୟସ୍ୱରୂପ ଭଗବତ୍‌ପ୍ରାପ୍ତି । ଏହା ହେଲା ଦ୍ୱିତୀୟ ଓ ତୃତୀୟ ସତ୍‌ସଙ୍ଗର ଫଳ । ଦ୍ୱିତୀୟ ସତ୍‌ସଙ୍ଗର ଅର୍ଥ : ଯେଉଁମାନେ ଭଗବତ୍‌ପ୍ରାପ୍ତି କରି ଥାଆନ୍ତି, ଭଗବତ୍‌ଚେତନା ସଙ୍ଗେ ଏକ ହୋଇଥାଆନ୍ତି, ସେମାନଙ୍କ ସଙ୍ଗଲାଭ । ତଦ୍ଦ୍ୱାରା ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହୁଏ ଏବଂ ସେ ଭଗବତ୍‌ପ୍ରାପ୍ତିର ଉପାୟ ସାଧନା କରିବାରେ ତତ୍ପର ହୁଏ । ତୃତୀୟ ସତ୍‌ସଙ୍ଗ – ଗୋଟିଏ ଗୋଷ୍ଠୀରେ କେତେ ଜଣ ଏକତ୍ର ହୋଇ ଭଗବତ୍ ଚରିତ, ନାମ, ଯଶ ବର୍ଣ୍ଣନ କରନ୍ତି ଅଥବା ସାମୂହିକ ରୂପେ ସାଧନା କରନ୍ତି କିଂବା କୌଣସି ବ୍ୟକ୍ତି ଦ୍ୱାରା ଭଗବତ୍ ଗୁଣଚରିତ, ଭଗବତ୍ ପ୍ରାପ୍ତିର ସାଧନା ବିଷୟ ଶୁଣନ୍ତି ।

ପ୍ରଥମ ସତ୍‌ସଙ୍ଗ ହେଲା ଦ୍ୱିତୀୟ ଓ ତୃତୀୟ ସତ୍‌ସଙ୍ଗର ଫଳ ଅଥବା ସିଦ୍ଧି । ଦ୍ୱିତୀୟ ସତ୍‌ସଙ୍ଗ – ଉତ୍ତମସଙ୍ଗ ପ୍ରାପ୍ତି – ସୁଲଭ ନୁହେଁ । ଭଗବତ୍ କୃପାରୁ କେବେ କେବେ ଅକସ୍ମାତ୍ ପ୍ରାପ୍ତ ହୁଏ ଅଥବା ପ୍ରୟାସ କରି ଅନ୍ୟ ସ୍ଥାନକୁ ଗଲେ ମିଳେ । କିନ୍ତୁ ସବୁଠାରୁ ସହଜ ହେଉଛି ତୃତୀୟ ସତ୍‌ସଙ୍ଗ । ମନୁଷ୍ୟ ଯେଉଁଠାରେ ବାସ କରିଥାଏ, ସେହିଠାରେ ସେ ଗୋଟିଏ ସତ୍‌ସଙ୍ଗ ଗୋଷ୍ଠୀ, ମଣ୍ଡଳୀ ଅଥବା କେନ୍ଦ୍ର ସ୍ଥାପନ କରିପାରେ । ଏହା ଦ୍ୱାରା ପାରିପାର୍ଶ୍ୱିକ ବାତାବରଣ ଶୁଦ୍ଧ ପୂତ ହୁଏ; ନିକଟବର୍ତ୍ତୀ ସମ୍ପର୍କିତ ବ୍ୟକ୍ତିଙ୍କ ଉପରେ ବହୁତ ପ୍ରଭାବ ପଡ଼େ । ଏହା ଦ୍ୱାରା ବହୁସଂଖ୍ୟକ ବ୍ୟକ୍ତିଙ୍କର କଲ୍ୟାଣ ହୁଏ । ଏହିପ୍ରକାର ସତ୍‌ସଙ୍ଗ ସବୁ ସମୟରେ କରାଯାଇପାରେ । କିନ୍ତୁ ସବୁ ସମୟରେ ସଫଳ ହୁଏ ନାହିଁ,– ନିର୍ଜୀବ, ଶକ୍ତିହୀନ ତଥା ନିଷ୍କ୍ରିୟ ହୋଇ ପଡ଼ିଥାଏ । କୌଣସି ସତ୍ୟ ଏହି ପୃଥିବୀରେ ସ୍ଥାପନ କରିବା ସକାଶେ ସ୍ୱୟଂ

ଭଗବାନ୍ ଅଥବା ଭଗବାନଙ୍କ ନିର୍ଦ୍ଦେଶରେ କୌଣସି ମହାପୁରୁଷ ମନୁଷ୍ୟ ଶରୀର ଧାରଣ କରି ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହେଲେ ସତ୍‌ସଙ୍ଗ ଗୋଟିଏ ନୂତନ ରୂପନିଏ ଏବଂ ନିର୍ଜୀବ ହୋଇ ପଡ଼ିଥିବା ସତ୍‌ସଙ୍ଗରେ ଶକ୍ତି ସଂଚାର ହୁଏ । ଯେତେବେଳେ ପୃଥିବୀରେ ଏକ ମହାନ୍ ପରିବର୍ତ୍ତନ ଆସେ, ଅର୍ଥାତ୍ ସଂସାରର ଚେତନା ପୂର୍ଣ୍ଣ ରୂପେ ରୂପାନ୍ତରିତ ହୁଏ, ସେତେବେଳେ ସତ୍‌ସଙ୍ଗ ମଧ୍ୟ ଦେଇ ଏକ ମହାନ୍ ଶକ୍ତି କ୍ରିୟା କରେ । ସଂସାର-ଚେତନାର ପୂର୍ଣ୍ଣ ରୂପାନ୍ତର ସମୟହିଁ ଦେବ-ମୁହୂର୍ତ୍ତ । ସେହି ଦେବ-ମୁହୂର୍ତ୍ତରେ ମନୁଷ୍ୟ ଜାଗ୍ରତ ନ ହେଲେ ମହାନ୍ ସୁଯୋଗ ହରାଏ ।

ବର୍ତ୍ତମାନ ସଂସାରରେ ଚେତନାର ପୂର୍ଣ୍ଣ ରୂପାନ୍ତରର ସମୟ । ସଂସାରରୁ ପୂର୍ଣ୍ଣରୂପେ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ଅନୀତି, ଅତ୍ୟାଚାର ଦୂର ହେବାକୁ ଆରମ୍ଭ କରିବ । ସଂସାର ହେବ ସ୍ୱର୍ଗ, ମନୁଷ୍ୟ ହେବ ଅତିମାନବ । କେତେକ ବ୍ୟକ୍ତି ଦେବମାନବତ୍ୱ ବା ଅତିମାନବତ୍ୱ ଆଡ଼କୁ ଗତି କରିବା ଅନୁପାତରେ ସଂସାରରୁ ଦ୍ୱନ୍ଦ୍ୱ କ୍ରମଶଃ ନିବୃତ୍ତ ହେବାକୁ ଆରମ୍ଭ ହେବ । ଏହାହିଁ ହେବ ଦେବ-ମୁହୂର୍ତ୍ତର ଉଷାକାଳ । ଜାଗ୍ରତ ହେବାର ଅର୍ଥ — ଏହି ଯେଉଁ ଦେବ-ମୁହୂର୍ତ୍ତରେ ସତ୍ୟ ଆଗମନ କରିଛି ତାହାକୁ ଗ୍ରହଣ କରିବାକୁ ପ୍ରଯତ୍ନ କରିବା । ଦେବ-ମୁହୂର୍ତ୍ତର ସତ୍ୟ ହେଉଛି 'ଅତିମାନସ' ଯାହାକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣିଅଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରାହିଁ ରୂପାନ୍ତର ସାଧନ ହେବ ।

ଯେଉଁ ସମୟରେ ଯେଉଁ ଅବତାର ବା ମହାପୁରୁଷ ଏହି ସଂସାରକୁ ଆସି କୌଣସି ସତ୍ୟ ସ୍ଥାପନ କରନ୍ତି, ସେହି ଅନୁସାରେ ସତ୍‌ସଙ୍ଗ ରୂପନିଏ । ପୁରାତନ ସତ୍‌ସଙ୍ଗ ଦ୍ୱାରା ସେ ସମୟରେ ସାମୂହିକ ରୂପେ ବ୍ୟକ୍ତିଙ୍କୁ ଲାଭ ହୁଏ ନାହିଁ । କାରଣ ସତ୍‌ସଙ୍ଗ ହୁଏ ସମୟାନୁରୂପ । ଶହେ ବର୍ଷ ପୂର୍ବେ, ପାଞ୍ଚ ଶହ ବର୍ଷ ପୂର୍ବେ, ହଜାରେ ବର୍ଷ ପୂର୍ବେ ମନୁଷ୍ୟର ଯେଉଁ ମନୋଭାବ, ପରିସ୍ଥିତି, ପାରିପାର୍ଶ୍ୱିକ ଅବସ୍ଥା, ଦେଶ ଦେଶପ୍ରତି ସମ୍ବନ୍ଧ ଥିଲା, ତାହା ଆଜି ନାହିଁ । ବହୁତ ପରିବର୍ତ୍ତିତ ହୋଇସାରିଛି । ସେତେବେଳେ ଯେଉଁ ବ୍ୟବସ୍ଥା ଥିଲା ତାହା ଥିଲା ସେହି ସମୟରେ ଅନୁକୂଳ । ସେହି ସମୟର ପରିବର୍ତ୍ତନ ହୋଇ ସାରିଥିବାରୁ ସେ ସମୟର ପ୍ରଣାଳୀ ବର୍ତ୍ତମାନ ସମୟରେ ଅନୁପଯୋଗୀ ହେବା ସ୍ୱାଭାବିକ । ସେହି ସକାଶେ ମହାପୁରୁଷମାନେ ସମୟୋପଯୋଗୀ ସତ୍ୟ ପ୍ରତିଷ୍ଠାର ବ୍ୟବସ୍ଥା କରନ୍ତି ।

ସମୟୋପଯୋଗୀ ସତ୍‌ସଙ୍ଗର ରୂପ

ପ୍ରତ୍ୟେକ ଯୁଗରେ ଧର୍ମାଚରଣର ପଦ୍ଧତି ପରିବର୍ତ୍ତିତ ହୁଏ । ଏପରିକି ପ୍ରତ୍ୟେକ ଯୁଗ ଅନ୍ତର୍ଗତ କେତେ ଶହ ବର୍ଷ ପରେ ଧର୍ମର ପ୍ରଣାଳୀ ପରିବର୍ତ୍ତିତ ହେଉଥାଏ । କାରଣ ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ମନ ବିକଶିତ ହେଉଥାଏ ତଥା ପାରିପାର୍ଶ୍ୱିକ ଅବସ୍ଥାର ମଧ୍ୟ ପରିବର୍ତ୍ତନ ହେଉଥାଏ । ସେହି ସକାଶେ ଯେଉଁ ସମୟରେ ଯେପରି ଧର୍ମାଚରଣର ଆବଶ୍ୟକ, ମହାପୁରୁଷମାନେ ଅବତୀର୍ଣ୍ଣ ହୋଇ ସେହି ଅନୁସାରେ ଆଦର୍ଶ ସ୍ଥାପନ କରନ୍ତି । କିନ୍ତୁ ବ୍ୟକ୍ତି ଭ୍ରମବଶତଃ ଏହି ରହସ୍ୟକୁ ହୃଦୟଙ୍ଗମ ନ କରି ଭିନ୍ନ ଭିନ୍ନ ପ୍ରଣାଳୀରେ ପ୍ରତିବାଦ ବା ବିରୋଧ ସୃଷ୍ଟି କରନ୍ତି । ଯଥାର୍ଥରେ ଏଥିରେ ବିରୋଧର ପ୍ରଶ୍ନ ନାହିଁ; ଏହା କେବଳ ମନୁଷ୍ୟର ସୀମିତତାର ଅଦୂରଦର୍ଶିତା ମାତ୍ର । ସୁଦୂର ଅତୀତରୁ ଛାଡ଼ି ନିକଟ ଅତୀତକୁ ଦୃଷ୍ଟିପାତ କଲେ ଏହାର ଗୋଟିଏ ସ୍ପଷ୍ଟ ଧାରଣା ମିଳିପାରେ ।

ବୁଦ୍ଧଦେବ ଯେତେବେଳେ ଆସିଥିଲେ, ସେତେବେଳେ ଧର୍ମ-ସଂଘର ଆବଶ୍ୟକତା ଥିଲା । ସେ ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କର ଆଦର୍ଶ ପ୍ରଚାର ସକାଶେ ସଂଘ ସ୍ଥାପନ କଲେ । ସେତେବେଳେ ବୁଦ୍ଧଦେବଙ୍କ ପ୍ରଭାବରେ ବା ବୌଦ୍ଧଧର୍ମର ପ୍ରଭାବ ଯୋଗୁଁ ସଂସାରରେ ଗୋଟାଏ ପରିବର୍ତ୍ତନ ଆସିଲା । ତାଙ୍କ ପରେ ତାଙ୍କ ପ୍ରଚାରିତ ସତ୍ୟ କାଳ ପ୍ରଭାବରୁ ନିଜକୁ ସଙ୍କୁଚିତ କରିନେଲା । ସତ୍ୟ ହ୍ରାସ ହେବାରୁ ତାଙ୍କ ସଂଘରୁ ପଶ୍ଚାତ୍-ପ୍ରଭାବ ଲୋପ ହୋଇ ଯାଇଥିଲା ।

ସେହି ଧର୍ମକୁ ନୂତନ କରି ଭିନ୍ନ ପ୍ରଣାଳୀରେ ସଂସାରରେ ପ୍ରତିଷ୍ଠା କରିବାକୁ ଆସିଲେ ଆଚାର୍ଯ୍ୟ ଶଙ୍କର । ବୁଦ୍ଧଦେବଙ୍କ ସମୟ ଅତୀତ ହୋଇ ଯାଇଥିଲା, ମନୁଷ୍ୟ ତାକୁ ପଛରେ ଛାଡ଼ି ବହୁତ ଦୂରକୁ ଆଗେଇ ଆସିଥିଲା । ସେଥିପାଇଁ ଶଙ୍କର ବୁଦ୍ଧଦେବଙ୍କ ପ୍ରଚାରିତ ଆଦର୍ଶର ପୃଷ୍ଠାପୋଷକତା ନ କରି ନୂତନ ରୀତିରେ ଧର୍ମ ସ୍ଥାପନ କଲେ ।

ସେହି ଆଦର୍ଶ ସ୍ଥାପନ ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କଲେ । ସନ୍ନ୍ୟାସୀଙ୍କର ଥିଲା ଗେରୁଆ ବସ୍ତ୍ର । ସେମାନେ ଦଣ୍ଡ ଓ କମଣ୍ଡଳୁରେ ସୁଶୋଭିତ ହୋଇଥିଲେ । ଶଙ୍କରଙ୍କ ଆଦର୍ଶର ପ୍ରଭାବ ଏତେ ପଡ଼ିଲା ଯେ ଭାରତବର୍ଷରୁ ବୌଦ୍ଧଧର୍ମ ପ୍ରାୟ ଲୋପ ହୋଇଗଲା । କାଳ ଗତିଶୀଳ । ସେ ଅହରହ ଚାଲିଥାଏ । ଯାହା ପଛରେ ଛାଡ଼େ ଫେରିଯାଇ ଧରି ରଖେ ନାହିଁ । ବିକାଶଶୀଳ ଅବସ୍ଥା ବରାବର ଚାହେ ନୂତନ ବସ୍ତୁ । ମନୁଷ୍ୟର ଚେତନାର ବିକାଶ ସଙ୍ଗେ ସଙ୍ଗେ ସେ ପୁରାତନ ଆଦର୍ଶରେ ସନ୍ତୁଷ୍ଟ ରହିପାରେ ନାହିଁ । ବିକାଶଶୀଳ ପ୍ରକୃତିର ଧର୍ମ ଅନୁସାରେ ସେ ସମୟରେ ଧର୍ମଶକ୍ତି କ୍ଷୀଣ ହେବାକୁ ଲାଗେ । ମଠ ତଥା ସିଦ୍ଧାନ୍ତର ରୂପରେଖ ପୂର୍ବବତ୍ ଥାଏ, କିନ୍ତୁ ଧର୍ମଶକ୍ତି ଅତି କମ୍ ସଂଖ୍ୟକ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କ ବ୍ୟତୀତ ସଂସାରରୁ ଲୋପପ୍ରାୟ ହୋଇଯାଏ । ଅସତ୍ୟ, ଅତ୍ୟାଚାର ଓ ଅନ୍ୟାୟ ବୃଦ୍ଧି ପାଏ । ଏହି ସମୟରେ ମହାପୁରୁଷମାନଙ୍କର ଆଗମନ ହୁଏ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଥିବା ସତ୍ତ୍ୱେ ମନୁଷ୍ୟର ବିକାଶ ଉପଯୋଗୀ ନୂତନ ଶିକ୍ଷାର ଆବଶ୍ୟକ ହେଲା । ଭଗବାନଙ୍କ ବିଧାନ ଅନୁସାରେ ପୃଥିବୀକୁ ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ, ରାମାନନ୍ଦ ପ୍ରଭୃତି ମହାପୁରୁଷ ଆସିଲେ । ଏମାନେ ମଧ୍ୟ ଶଙ୍କରଙ୍କ ପରି ମଠ ସ୍ଥାପନ କଲେ । କିନ୍ତୁ 'ସୋଽହଂ', 'ସୋଽହଂ' ଛାଡ଼ି ମଠରେ ଭଗବାନଙ୍କ ପ୍ରତିମା ସ୍ଥାପନ କଲେ, ପିନ୍ଧିଲେ ବ୍ରହ୍ମଗ୍ରନ୍ଥୀ ସହ ଶୁଦ୍ଧ ବସ୍ତ୍ର, ଧାରଣ କଲେ ତୁଳସୀମାଳ ଓ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ । ଏମାନଙ୍କର ଇଷ୍ଟ ଦେବ, ଶଙ୍କରଙ୍କର ଲକ୍ଷ୍ୟ ସଦୃଶ ନିରାକାର, ନିରଞ୍ଜନ, ନିର୍ବିଶେଷ ସତ୍ତା ହେଲେ ନାହିଁ । ଏମାନଙ୍କର ଇଷ୍ଟଦେବ ହେଲେ ସୌନ୍ଦର୍ଯ୍ୟ-ଲାବଣ୍ୟାଦି ଷଡ଼ୈଶ୍ୱର୍ଯ୍ୟ ଓ ଦିବ୍ୟଗୁଣସମ୍ପନ୍ନ ସଗୁଣ ରୂପଧାରୀ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ ଇତ୍ୟାଦି । ଏହି ଆଚାର୍ଯ୍ୟମାନଙ୍କ ଆଦର୍ଶ ପ୍ରଚାରର ଯୁଗକୁ ବୈଷ୍ଣବ ଯୁଗ ବୋଲି କୁହାଯାଏ । ଏହି ସମୟରେ ବୈଷ୍ଣବ ଧର୍ମ ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସ୍ଥାନେ ସ୍ଥାନେ ମଠ-ମନ୍ଦିର ତଥା ଗ୍ରାମମାନଙ୍କରେ ଭଗବତ୍ କଥା, କୀର୍ତ୍ତନ ଭାଗବତ ଗାଦି ସ୍ଥାପନ ହୋଇଥିଲା । ପୁରାତନ ଯୁଗର ଅନ୍ୟାନ୍ୟ ଆଦର୍ଶ ସଦୃଶ ଏହାର ମଧ୍ୟ ପ୍ରଭାବ ସ୍ଥାୟୀ ହୋଇ ପାରିଲା ନାହିଁ । ମଠ-ମନ୍ଦିର ରହିଲା, କିନ୍ତୁ ତା' ମଧ୍ୟରୁ ସତ୍ୟ କ୍ରମଶଃ ହ୍ରାସ ହେଲା । ଏଥିରେ କାହରି ଦୋଷ ନାହିଁ । ନଦୀ-ସ୍ରୋତ ପୁରାତନ ସ୍ଥାନକୁ ଛାଡ଼ି ତା'ର ଗନ୍ତବ୍ୟ ସ୍ଥାନ ସମୁଦ୍ର ଆଡ଼କୁ ଯେପରି ଅବିଶ୍ରାନ୍ତ ଅହରହ ଗତି କରୁଥାଏ, ସେହିପରି କ୍ରମ-ବିବର୍ତ୍ତନର ଗତିଧାରା ସେ ପୁରାତନ ଆଦର୍ଶକୁ ଅତିକ୍ରମ କରି ବରାବର ଲକ୍ଷ୍ୟ ଦିଗରେ ଧାବିତ ହେଉଥାଏ ।

ଶ୍ରୀଅରବିନ୍ଦ

କ୍ରମ-ବିବର୍ତ୍ତନ ପଦ୍ଧତି ଅନୁସାରେ ପୁରାତନ ଧର୍ମସବୁ ଭାଙ୍ଗି ଚୁରମାର ହୋଇଗଲା । ହେଲା ଅନ୍ୟାୟ, ଅସତ୍ୟର ରାଜ୍ୟ, ଚାରିଦିଗର ଦୁର୍ନୀତି, ବିଦେଶୀ ଶାସନର ଲୌହ ଶୃଙ୍ଖଳା ଦ୍ୱାରା ଦେଶହେଲା ପୀଡ଼ିତ । ଅନ୍ୟାୟର ଆଧିକ୍ୟରେ ପରିବର୍ତ୍ତନ ସୁନିଶ୍ଚିତ । ସେତିକିବେଳେ ଭାରତ ତଥା ଅନ୍ୟ ଦେଶରେ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କର ଆବିର୍ଭାବ ହେଲା । ଯଥାର୍ଥରେ ୧୯୦୦ ଶତାବ୍ଦୀରୁ ଗୋଟିଏ ମହାନ ପରିବର୍ତ୍ତନର ଯୁଗ ଆରମ୍ଭ ହେଲା । ଏହି ପରିବର୍ତ୍ତନ ଇତିହାସରେ ନୂତନ, ଏକବାରେ ନୂତନ ଅଧ୍ୟାୟ । ଏଥିରେ ଅଂଶ ଗ୍ରହଣ କରିବାକୁ ଏହି ପୃଥିବୀକୁ ଆସିଲେ ଶ୍ରୀଅରବିନ୍ଦ ଏବଂ ତାଙ୍କର କର୍ମ-ସଂପାଦିକା ଶକ୍ତିରୂପେ ମା' । ଭାରତର ସ୍ୱାଧୀନତା ଏହି ମହାନ ପରିବର୍ତ୍ତନର ଏକ ଅଂଶ ଥିଲା । କିନ୍ତୁ ସେତେବେଳେ ଭାରତବାସୀ ଜଡ଼ତା, ତାମସିକତାରେ ଥିଲେ ଏକବାରେ ସୁପ୍ତ, ସ୍ୱତନ୍ତ୍ରତା ସମ୍ବନ୍ଧେ ଉଦାସୀନ । ସେହି ସମୟରେ ଶ୍ରୀଅରବିନ୍ଦ ଭାରତବାସୀଙ୍କୁ ସ୍ୱତନ୍ତ୍ରତାର ଆଦର୍ଶ ଶିକ୍ଷା ଦେବା ସକାଶେ ସ୍ୱୟଂ କର୍ମ କରିଥିଲେ, ଆଉ ବହୁ ଦୁଃଖ-ବିପଦର ସମ୍ମୁଖୀନ ହୋଇଥିଲେ । ତା' ଫଳରେ ଭାରତରେ ଆସିଥିଲା ସ୍ୱାତନ୍ତ୍ର୍ୟର ଏକ ଅଭିନବ ଜାଗରଣ ।

କିନ୍ତୁ ତାଙ୍କର କାର୍ଯ୍ୟ କେବଳ ଭାରତର ସ୍ୱତନ୍ତ୍ରତା ମାତ୍ର ନ ଥିଲା; ସେ ଯେଉଁ ମହାନ୍ କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଥିଲେ ତାହାର ଗୋଟିଏ ଅଙ୍ଗ ହେଲା ଭାରତର ସ୍ୱତନ୍ତ୍ରତା । ଭାରତବାସୀ ନିଜ ସ୍ୱାତନ୍ତ୍ର୍ୟ ସମ୍ବନ୍ଧେ ସଚେତ

ହେବାରୁ ଶ୍ରୀଅରବିନ୍ଦ ସ୍ଥୂଳ ରୂପେ ଭାରତ-ସ୍ୱତନ୍ତ୍ରତାର କର୍ମକ୍ଷେତ୍ରରୁ ବିଦାୟ ନେଇ ନିଜର ପ୍ରଧାନ କାର୍ଯ୍ୟରେ ଲିପ୍ତ ରହିଲେ । ଭାରତ ସ୍ୱାଧୀନତା ପାଇଁ କ୍ରିୟାତ୍ମକ ରୂପେ ସ୍ଥୂଳ ରୂପେ କାର୍ଯ୍ୟ କଲେ ଅନ୍ୟ ନେତୃବୃନ୍ଦ, ସେହି କାର୍ଯ୍ୟରେ ଶ୍ରୀଅରବିନ୍ଦ ସାହାଯ୍ୟ କଲେ ତାଙ୍କ ଅଧ୍ୟାତ୍ମ ଶକ୍ତି ଦ୍ୱାରା ସୂକ୍ଷ୍ମରୂପେ । ସଂସାରରେ ଯେଉଁ ମହାନ୍ କାର୍ଯ୍ୟ ସ୍ଥୂଳ ରୂପେ ହୁଏ ତାହାର ପଶ୍ଚାତ୍‌ରେ ସାହାଯ୍ୟ କରେ ଗୋଟିଏ ସୂକ୍ଷ୍ମ ଶକ୍ତି । ସ୍ଥୂଳ ତଥା ସୂକ୍ଷ୍ମ ଶକ୍ତିର କ୍ରିୟା ଦ୍ୱାରା କାର୍ଯ୍ୟ ସମ୍ପାଦିତ ହୁଏ । ଶ୍ରୀଅରବିନ୍ଦ ତାଙ୍କ ମହାନ୍ କର୍ମର ସିଦ୍ଧି ଦିଗରେ ଅଗ୍ରସର ହେବା କାଳରେ ଭାରତ ସ୍ୱାଧୀନ ହେଲା । ବୈଜ୍ଞାନିକ, ରାଜନୈତିକ, ସାମାଜିକ କ୍ଷେତ୍ରରେ ଯେଉଁ ମହାନ୍ ପରିବର୍ତ୍ତନ ଆମ୍ଭେମାନେ ଦେଖୁଥାଇଁ, ଭବିଷ୍ୟତର ମହାପରିବର୍ତ୍ତନର ଏହାହିଁ ସୂଚନାମାତ୍ର । ଆଜି ଆମ୍ଭେମାନେ ଯଦି ୬୦ ବର୍ଷ ପୂର୍ବର ଅବସ୍ଥାକୁ ଦୃଷ୍ଟିପାତ କରୁ, ତେବେ ବୁଝି ପାରିବୁ ଯେ ପରିବର୍ତ୍ତନ କେତେ ଦୃତ ଗତିରେ ଚାଲୁଅଛି । ଏହି ପରିବର୍ତ୍ତନ କ୍ରମଶଃ ଦ୍ରୁତରୁ ଦ୍ରୁତତର ଗତିରେ ଚାଲିବ ଏବଂ ନିକଟ ଭବିଷ୍ୟତରେ ଏହି ପରିବର୍ତ୍ତନ ଗୋଟାଏ ଏପରି ଅବସ୍ଥାରେ ପହୁଞ୍ଚିବ ଯାହାକୁ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖି ପାରିବ । ସେ ପରିବର୍ତ୍ତନ ହେବ ଜଡ଼ତତ୍ତ୍ୱର । ଜଡ଼ ଶରୀରରେ ପରିବର୍ତ୍ତନ ଦେଖାଦେଲେ ମନୁଷ୍ୟ ରୋଗ-ଜରା-ମୃତ୍ୟୁରୁ ମୁକ୍ତ ହୋଇପାରିବ ଏବଂ ଦିବ୍ୟମାନବତ୍ୱ ଲାଭ କରିବ । ସଂସାରରୁ କ୍ରମଶଃ ଦୁଃଖ, ଦ୍ୱନ୍ଦ୍ୱ, ଅନ୍ୟାୟ, ଅତ୍ୟାଚାର ଦୂର ହେବ; ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ମହାନ୍ କାର୍ଯ୍ୟ ସକାଶେ ମା' ଶ୍ରୀଅରବିନ୍ଦ ଏହି ସଂସାରକୁ ଆସି କର୍ମ କରୁଛନ୍ତି । ଏହି କାର୍ଯ୍ୟର ପ୍ରଧାନ କେନ୍ଦ୍ର ହେଲା ଶ୍ରୀଅରବିନ୍ଦ ଆଶ୍ରମ ଏବଂ ଏହାର ଶାଖା-ପ୍ରଶାଖା ରୂପେ ଶ୍ରୀଅରବିନ୍ଦ ପାଠଚକ୍ର ସମଗ୍ର ସଂସାରରେ ତୀବ୍ର ବେଗରେ ପ୍ରସାର ଲାଭ କରୁଅଛି । ଏହି କେନ୍ଦ୍ର ଓ ଶାଖା କେନ୍ଦ୍ରମାନଙ୍କର ସାଧକମାନେ ଯେତେ ପରିମାଣରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ ସେହି ଅନୁପାତରେ ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂର ହେଉଥିବ ଏବଂ ସଂସାର ତା'ର ଲକ୍ଷ୍ୟ ସ୍ୱର୍ଗରାଜ୍ୟ ସ୍ଥାପନା ଦିଗରେ ଅଗ୍ରସର ହେଉଥିବ । ଏହା ଆନୁଷଙ୍ଗିକରୂପେ ଏଠାରେ ଆଲୋଚିତ ହେଲା । ଆମ୍ଭର ପ୍ରଧାନ ଆଲୋଚ୍ୟ ବିଷୟ ହେଉଛି ସତ୍‌ସଙ୍ଗ ଦ୍ୱାରା ଜୀବନର ଉନ୍ନତି କିପରି ହୁଏ । ପୁରାତନକାଳର ସତ୍‌ସଙ୍ଗ ପ୍ରାପ୍ତିର ବ୍ୟବସ୍ଥା କିପରି ଥିଲା ଓ ବର୍ତ୍ତମାନ ଅବସ୍ଥାରେ ସତ୍‌ସଙ୍ଗର ସ୍ୱରୂପ କ'ଣ ।

❖

ପୂର୍ଣ୍ଣଯୋଗରେହିଁ ଜୀବନ ପୂର୍ଣ୍ଣ

ଯୋଗର ଅର୍ଥ ଓ ଉଦ୍ଦେଶ୍ୟ

ପୂର୍ଣ୍ଣଯୋଗର ଅର୍ଥ ହେଲା ବ୍ୟକ୍ତିର ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ ତଥା ଉଦ୍ଦେଶ୍ୟ ହେଲା ମନ-ପ୍ରାଣ-ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ଏବଂ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ଉପଲବ୍ଧି । ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତରୂପେ ଏହି ଲକ୍ଷ୍ୟ ଆଡ଼କୁ ପ୍ରକୃତି ଦ୍ୱାରା ବହୁତ ମନ୍ଥର ଗତିରେ କ୍ରମ-ବିବର୍ତ୍ତନ ଧାରାରେ ମହାନ୍ ଦୁଃଖ କଷ୍ଟ, ଉତ୍‌ଥାନ ପତନ ମଧ୍ୟଦେଇ ଅଗ୍ରସର ହେଉଅଛନ୍ତି । ପ୍ରକୃତିର ଏହି ମନ୍ଥରଗତିକୁ ତୀବ୍ର କରିବା ଏବଂ ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ଏହାକୁ ପ୍ରାପ୍ତହେବା ନିମିତ୍ତ ଯଥାର୍ଥ ପ୍ରଣାଳୀରେ ପ୍ରଯତ୍ନ କରିବା ଅର୍ଥହିଁ ଯୋଗ । ଯୋଗରେହିଁ ବ୍ୟକ୍ତି ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଜନ୍ମ, ମରଣରୁ ମୁକ୍ତ ହୁଏ ଏବଂ ପ୍ରକୃତିର ଦାସ ନ ହୋଇ ଭାଗବତୀଶକ୍ତିର ଯନ୍ତ୍ର ହୁଏ । ବ୍ୟକ୍ତିର ଏହାହିଁ ଯଥାର୍ଥ ଏବଂ ଶୁଦ୍ଧ ସ୍ୱରୂପ । ପ୍ରତ୍ୟେକ ବ୍ୟକ୍ତି ଜ୍ଞାତ ବା ଅଜ୍ଞାତରେ ଏହାକୁହିଁ ଚାହେଁ । ଅତଏବ ପ୍ରତ୍ୟେକ ବ୍ୟକ୍ତି ସକାଶେ ଏହି ପୂର୍ଣ୍ଣଯୋଗ ଆବଶ୍ୟକ । ଏଥିରେହିଁ ହୁଏ ଜୀବନ-ସମସ୍ୟାର ସମାଧାନ ।

ଯୋଗ ବିନା ଜୀବନ ଅପୂର୍ଣ୍ଣ, ଦୁଃଖ, ଦ୍ୱନ୍ଦ୍ୱ, ଯାତନାମୟ । ଏହି ପୂର୍ଣ୍ଣତାବିହୀନ, ଦୁଃଖଶୋକପୂର୍ଣ୍ଣ ଜୀବନ ମନୁଷ୍ୟର କ୍ରମ-ବିବର୍ତ୍ତନ ଧାରାରେ ମଧ୍ୟବର୍ତ୍ତୀ ସ୍ତର, ଲକ୍ଷ୍ୟ ନୁହେଁ । ତା'ର ଲକ୍ଷ୍ୟ ଦିବ୍ୟଜୀବନ । ସେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଜଡ଼ରୁ ମନୋମୟ ସ୍ତରରେ ଉପନୀତ ହୋଇଅଛି । ଏହି ସ୍ତରକୁ ଅତିକ୍ରମ କରି ଅତିମାନସ ସ୍ତରରେ ଉନ୍ନୀତହେବା ମନୁଷ୍ୟପକ୍ଷେ ଅବଶ୍ୟମ୍ଭାବୀ । ବିକାଶ କେବେ ବି ସ୍ଥଗିତ ହେବ ନାହିଁ । ବର୍ତ୍ତମାନ ବ୍ୟକ୍ତି ଅନ୍ଧକାର-ଅଜ୍ଞାନ, ଦୁଃଖ-କଷ୍ଟରୁ ଜ୍ଞାନ-ଆଲୋକ, ସୁଖ-ଶାନ୍ତି ଦିଗରେ ଅଗ୍ରସର ହେଉଅଛି । ଏହି ବିକାଶ ଦୁଃଖ-କଷ୍ଟରେ ପୂର୍ଣ୍ଣ । ଏହି ପୃଥିବୀରେ ଅତିମାନବଜାତି ପ୍ରତିଷ୍ଠିତ ହେବା ପରେ ବ୍ୟକ୍ତି ଜ୍ଞାନ, ଆନନ୍ଦ, ଶାନ୍ତିରୁ ଅନନ୍ତ ଜ୍ଞାନ, ଅକଳ୍ପନୀୟ ଆନନ୍ଦ, ଅସୀମ ଶାନ୍ତି ଆଡ଼କୁ ଚିରଦିନ ଅବିରାମ ଗତିରେ, ଅଗ୍ରସର ହେଉଥିବ । ଏହାର ସୀମା ନାହିଁ । ଭଗବାନ୍ ଯେପରି ଅନନ୍ତ, ଜ୍ଞାନ, ଆନନ୍ଦ, ଶାନ୍ତି ମଧ୍ୟ ସେହିପରି ଅନନ୍ତ । ଏହି ବିକାଶ ଆନନ୍ଦମୟ । ମା'ଙ୍କୁ ପ୍ରଶ୍ନ କରାହୋଇଥିଲା :

Will you say something to us about Yoga ? (ଯୋଗ ସମ୍ବନ୍ଧରେ କିଛି କହିବେ କି ?) । ମା' ତାହାର ଉତ୍ତରରେ କହିଥିଲେ :

What do you want the Yoga for? To get power? To attain to peace and calm? To serve humanity?

None of these motives is sufficient to show that you are meant for the Path.

The question you are to answer is this: Do you want the Yoga for the sake of the Divine? Is the Divine the supreme fact of your life, so much so that it is simply impossible for you to do without it? Do you feel that your very *raison d'ˆetre* is the Divine and without it there is no meaning in your existence? If so, then only can it be said that you have a call for the Path. (Words of the Mother)

(ତୋର ଯୋଗ କରିବାର ଉଦ୍ଦେଶ୍ୟ କ'ଣ ? ଶକ୍ତି ପାଇବାକୁ ? ଶାନ୍ତି ଓ ସ୍ଥିରତା ପାଇବାକୁ ? ମାନବଜାତିର କଲ୍ୟାଣ କରିବାକୁ ? ଏଥିରୁ କୌଣସି ଉଦ୍ଦେଶ୍ୟ ବୁଝାଉ ନାହିଁ ଯେ ତୁ ଏହି ଯୋଗମାର୍ଗର ଅଧିକାରୀ ।

ତୁ କ'ଣ ଭଗବାନଙ୍କ ନିମିତ୍ତ ଯୋଗ କରିବାକୁ ଚାହୁଁ ? ତୋ ଜୀବନର ଯଥାର୍ଥ କାରଣ କ'ଣ ଭଗବାନ୍ ଏବଂ ତାଙ୍କ ବ୍ୟତୀତ ତୋର ବଞ୍ଚିରହିବାର କୌଣସି ଅର୍ଥ ନାହିଁ ? ଯଦି ଏହାହିଁ ହୁଏ, ତେବେ କୁହାଯାଇପାରେ ଯେ ତୁ ଯୋଗ-ସାଧନା ସକାଶେ ଆହ୍ୱାନ ପାଇଅଛୁ ।)

ଶାନ୍ତି, ଶକ୍ତି ପାଇବା, ମନୁଷ୍ୟଜାତିର ସେବାକରିବା ଇତ୍ୟାଦି ଉତ୍ତମ କର୍ମ; ଏହି ସବୁର ଜୀବନର ଆବଶ୍ୟକତା ଅଛି; ଏହି ସବୁକୁ ଚାହୁଁଥିବା ବ୍ୟକ୍ତିକୁ ଯୋଗର ଅନଧିକାରୀ କହିବାର କାରଣ କ'ଣ ? ଏହି ସବୁ ଉତ୍ତମ କର୍ମ, କିନ୍ତୁ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ କରାଯାଉ ନ ଥିବାରୁ ଏହା ଦ୍ୱାରା ଜୀବନ-ସମସ୍ୟାର ସମାଧାନ ହୁଏ ନାହିଁ କିଂବା ବ୍ୟକ୍ତି ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣ ରୂପ ମହାଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ । ବରଂ ଏଥିରୁ ସୂକ୍ଷ୍ମ ଅହଂ ଉତ୍ପନ୍ନ ହୁଏ । ଏଥିରେ ବ୍ୟକ୍ତିକୁ ଭ୍ରାମାତ୍ମକ ସନ୍ତୋଷ ମିଳେ; ତା' ଜୀବନର ଯଥାର୍ଥ ଲକ୍ଷ୍ୟରୁ ସେ ଦୂରକୁ ଚାଲିଯାଏ । ଏହି ବାଧାରୁ ନିବୃତ୍ତ ହେବା ସକାଶେ ଯୋଗର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାନି ଭଗବାନଙ୍କ ନିମିତ୍ତ ଭଗବତ୍ ସମର୍ପଣ ଭାବରେ ସମସ୍ତ କର୍ମ କରାହୁଏ, ଯଦ୍ଦ୍ୱାରା କର୍ମକର୍ତ୍ତାର ଅହଂ ଉତ୍ପନ୍ନ ହୁଏ ନାହିଁ ।

ଭଗବାନ୍ ହେଉଛନ୍ତି ସମସ୍ତ ଦିବ୍ୟଗୁଣର ବିଗ୍ରହ । ଯୋଗ ଦ୍ୱାରା ଭଗବାନଙ୍କ ସହିତ ପୂର୍ଣ୍ଣତଃ ଏକତ୍ୱ ପ୍ରାପ୍ତି ହେଲେ ବ୍ୟକ୍ତି ମଧ୍ୟରେ ଦିବ୍ୟଗୁଣ ପ୍ରତିଷ୍ଠିତ ହୁଏ । ସୂର୍ଯ୍ୟ ପାଖକୁ ଅନ୍ଧକାର ନ ଆସିବା ସଦୃଶ ଜ୍ଞାନ-ଆନନ୍ଦାଦି ଦିବ୍ୟଗୁଣ ପାଖକୁ ଅଜ୍ଞାନ, ମୋହାଦି ଅଦିବ୍ୟ ଦୁର୍ଗୁଣ ଆସିପାରନ୍ତି ନାହିଁ । ବ୍ୟକ୍ତି ପରମ ଆନନ୍ଦ ମଧ୍ୟରେ ନିବାସ କରେ । ଏଥିରେହିଁ ମନୁଷ୍ୟ ଜୀବନସମସ୍ୟାର ସମାଧାନ ହୁଏ । ଅର୍ଥାତ୍ ବ୍ୟକ୍ତି ଜନ୍ମ-ମରଣ ତଥା ସଂସାରର ସମସ୍ତ ପ୍ରକାର ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ।

ଯୋଗର ଆବଶ୍ୟକତା

ସକଳ ପ୍ରକାର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସ୍ଥାୟୀ ପରମାନନ୍ଦ, ପରମ ଶାନ୍ତିରେ ବାସକରିବା ସକାଶେ ଯୋଗହିଁ ଅପରିହାର୍ଯ୍ୟ । କୌଣସି ବ୍ୟକ୍ତି ଭଗବତ୍‌ପ୍ରାପ୍ତି ନ କରି , ଭଗବତ୍‌ଶକ୍ତିର ଯନ୍ତ୍ର ନ ହୋଇ, ମନ-ପ୍ରାଣ ଦ୍ୱାରା ପରିଚାଳିତ ହୋଇ ମାନସିକ ବିଚାରରେ ଯଦି ଶାନ୍ତି, ଦେଶସେବାଦି ଦିବ୍ୟଗୁଣ ଲାଭ କରିଥାଏ, ତାହା ଥାଏ କେବଳ ଉପରେ, ଚେତନାରେ ପ୍ରତିଷ୍ଠିତ ହୋଇ ନ ଥାଏ କିଂବା ହୃଦୟ, ମନ ରୂପାନ୍ତରିତ ହୋଇ ନ ଥାଏ । ମୂଥାମୂଳ ସଦୃଶ ତା' ଆଧାରରେ ଅହଂ, ସ୍ୱାର୍ଥ, ଅଭିମାନ, ଈର୍ଷା, ଦ୍ୱେଷାଦି ଦୁର୍ଗୁଣ ବିଦ୍ୟମାନ ଥାଏ । ହାତୀ ଉପରେ ଶ୍ୱେତରଙ୍ଗ ଲେପ ଦେଇ କୃତ୍ରିମ ଶ୍ୱେତହସ୍ତୀ ଦେଖାଇବା ପରି ବ୍ୟକ୍ତି ମାନସ-ବିଚାର ଦ୍ୱାରା ଶାନ୍ତି, ଶକ୍ତି ପ୍ରାପ୍ତ ହୋଇ ଦେଶସେବା ଏବଂ ମନୁଷ୍ୟର ଉପକାର ଆଦି ଉତ୍ତମ ବ୍ରତ ଅବଲମ୍ବନ କରେ । ସୁତରାଂ ନିଜ ମଧ୍ୟରେ ଲୁକ୍‌କାୟିତଭାବେ ଥିବା ଅହଂ-ସ୍ୱାର୍ଥାଦି ଦୁର୍ଗୁଣ ସୁଯୋଗ ପାଇ ଶୁଭକର୍ମ ମଧ୍ୟରେ ମିଶ୍ରିତ ହୋଇ ସେସବୁକୁ ନିଜ ପ୍ରଭାବରେ ବିକୃତ କରିଦିଏ । ଯେପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ସତ୍ତାରେ ଭଗବତ୍ ଜ୍ଞାନ, ଆନନ୍ଦ, ଭକ୍ତିରୂପ ସୂର୍ଯ୍ୟ ପ୍ରକାଶ ନ ହୁଏ, ସେପର୍ଯ୍ୟନ୍ତ ଅଜ୍ଞାନ-ଅନ୍ଧକାର ରୂପ ଦୁର୍ଗୁଣ ଦୂର ହୁଏ ନାହିଁ ! ଅଜ୍ଞାନାବସ୍ଥାରେ ମନୁଷ୍ୟ ସଦ୍‌ଗୁଣ ପ୍ରାପ୍ତି କରିପାରେ ନାହିଁ କିଂବା ଯଥାର୍ଥରେ ଦେଶସେବା, ପରୋପକାର ଆଦି କର୍ମ କରିପାରେ ନାହିଁ । ଭଗବାନଙ୍କ ସୃଷ୍ଟି ବ୍ୟବସ୍ଥିତ ହେଉଛି ଭଗବତ୍ ଶକ୍ତି ଦ୍ୱାରା । ମନୁଷ୍ୟ ଯେଉଁ ଉତ୍ତମ ତଥା ମନ୍ଦ କର୍ମ କରେ, ତାହା ଭଗବତ୍ ଶକ୍ତି ତଥା ଅନ୍ଧକାର ଶକ୍ତି ଦ୍ୱାରା ପ୍ରେରିତ ହୋଇ କରେ । ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତି କରି ନ ଥିବାରୁ ତାକୁ ଜ୍ଞାନପ୍ରାପ୍ତ ହୋଇ ନ ଥାଏ, ସେ ଅଜ୍ଞାନତାବଶତଃ ଏହା ଦେଖିପାରେ ନାହିଁ, ସେ କର୍ମ କରୁଛି ବୋଲି ନିଜକୁ କର୍ତ୍ତା ମାନେ, ଦୁଃଖ-କଷ୍ଟ ଭୋଗେ । ନିଜକୁ କର୍ତ୍ତା ମନେକରିବାହିଁ ଅଜ୍ଞାନତା । କିନ୍ତୁ ବ୍ୟକ୍ତି ଯୋଗ-ଜୀବନ ଗ୍ରହଣ କରି ଭଗବତ୍ ପ୍ରାପ୍ତି ଲକ୍ଷ୍ୟରଖି, ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେବା ଅନୁପାତରେ କ୍ରମଶଃ ତା' ଆଧାରରେ ଜ୍ଞାନ, ବିବେକ ଆଦି ଉଦୟ ହେଉଥାଏ । ସେ ଦେଖିପାରେ ଯେ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । ସେହି ସକାଶେ ସେ ସମସ୍ତ କର୍ମ କରେ ଭଗବାନଙ୍କର ଯନ୍ତ୍ର

ହୋଇ, ଭଗବାନଙ୍କର ସେବା ଉଦ୍ଦେଶ୍ୟରେ । ଏହା ହୁଏ ଯୋଗ-ସାଧନା ଦ୍ୱାରା । ଏହି ବିଷୟ ଶ୍ରୀଅରବିନ୍ଦ ''ଯୋଗ ଓ ତାହାର ଉଦ୍ଦେଶ୍ୟ'' ଗ୍ରନ୍ଥର ପ୍ରାରମ୍ଭରେ କହିଅଛନ୍ତି, ''ଏହି ଯୋଗ ଆତ୍ମ ସକାଶେ ନୁହେଁ, ଭଗବାନଙ୍କ ସକାଶେ ।''

ପ୍ରତ୍ୟେକ ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ – ରୋଗ-ଜରା-ମୃତ୍ୟୁରୁ ମୁକ୍ତି, ଆନନ୍ଦମୟ, ଜ୍ଞାନମୟ, ପ୍ରଶାନ୍ତ, ଶକ୍ତି-ସାମର୍ଥ୍ୟଯୁକ୍ତ ଦିବ୍ୟଜୀବନ । ଏହାକୁହିଁ ପ୍ରତ୍ୟେକ ବ୍ୟକ୍ତି ଜ୍ଞାତ ବା ଅଜ୍ଞାତ ଭାବରେ ବରାବର ଚାହିଁ ଆସୁଅଛନ୍ତି । ରୋଗ-ଜରା-ମୃତ୍ୟୁ, ଦୁଃଖ-କଷ୍ଟ, ଅଜ୍ଞାନତା, ଦୁର୍ବଳତା ସଂସାରରେ ବିଦ୍ୟମାନ ଅଛି, ପ୍ରତ୍ୟେକ ବ୍ୟକ୍ତି ଦେଖୁଅଛନ୍ତି କିନ୍ତୁ କୌଣସି ବ୍ୟକ୍ତି ସ୍ୱେଚ୍ଛାରେ, ସଦ୍‌ବୁଦ୍ଧିରେ ଏହିସବୁ ପ୍ରତିକୂଳ ବସ୍ତୁକୁ ଚାହୁନାହାନ୍ତି । ସ୍ୱତଃ ପ୍ରତ୍ୟେକେ ଏହିସବୁ ଦୁର୍ଗୁଣକୁ ମୁକ୍ତ ହେବାକୁ ଚାହୁଥିବାରୁ ଦିନେହିଁ ଏଥିରୁ ପୂର୍ଣ୍ଣରୂପେ ମୁକ୍ତ ହେବେ ଏବଂ ଏହାର ବିପରୀତ ଆନନ୍ଦମୟ ଦିବ୍ୟଜୀବନ ଅବଶ୍ୟ ଲାଭକରିବେ । କାରଣ ମନୁଷ୍ୟର ମୂଳ ସ୍ୱରୂପ ହେଉଛି ଏହି ଦିବ୍ୟଜୀବନ । ଏହି ଦିବ୍ୟଶରୀର ପ୍ରାପ୍ତି ହେବାନିମିତ୍ତ ସେ ଭଗବାନଙ୍କ ବିଧାନରେ ଏହି ପୃଥିବୀକୁ ଆସିଅଛି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହାହିଁ ଭଗବାନଙ୍କ ସୃଷ୍ଟିର ରହସ୍ୟ । ଏହି ଉଦ୍ଦେଶ୍ୟରେ ଭଗବାନ୍ ସୃଷ୍ଟି କରିଛନ୍ତି । ଏହା ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ସୁତରାଂ ଶ୍ରୀଅରବିନ୍ଦ ତାଙ୍କ ଯୋଗର ଲକ୍ଷ୍ୟ ସମ୍ବନ୍ଧରେ ସ୍ୱୟଂ ତାଙ୍କର ଗ୍ରନ୍ଥାବଳୀରେ ବିଶଦଭାବରେ ବେଦୋପନିଷଦ୍, ଶାସ୍ତ୍ର-ପୁରାଣ ତଥା କ୍ରମ ବିକାଶ ପଦ୍ଧତି ଅନୁସାରେ ଆଲୋଚନା କରିଅଛନ୍ତି । ଏଠାରେ ତାଙ୍କ ଦ୍ୱାରା ଲିଖିତ ''ଯୋଗ-ପ୍ରଦୀପ'' (Lights on Yoga) ପୁସ୍ତକରୁ ଗୋଟିଏ ପତ୍ର ଉଦ୍ଧାର କରାହେଲା :

''The way of Yoga followed here has a different purpose from others – for its aim is not only to rise out of the ordinary ignorant world-consciousness into the divine consciousness, but to bring the supramental power of that divine consciousness down into the ignorance of mind, life and body, to transform them, to manifest the Divine here and create a divine life in Matter. This is an exceedingly difficult aim and difficult Yoga; to many or most it will seem impossible. All the established forces of the ordinary ignorant world-consciousness are opposed to it and deny it and try to prevent it, and the sadhak will find his own mind, life and body full of the most obstinate impediments to its realisation. If you can accept the ideal whole-heartedly, face all the difficulties, leave the past and its ties behind you and are ready to give up everything and risk everything for this divine possibility, then only can you hope to discover by experience the truth behind it.''

ଅର୍ଥାତ୍ – ''ଏଠାରେ ଯେଉଁ ଯୋଗ-ମାର୍ଗର ଅନୁସରଣ କରାହୁଏ, ତାହାର ଉଦ୍ଦେଶ୍ୟ ଅନ୍ୟାନ୍ୟ ଯୋଗ-ମାର୍ଗର ଉଦ୍ଦେଶ୍ୟଠାରୁ ଭିନ୍ନ; କାରଣ ଏହାର ଲକ୍ଷ୍ୟ କେବଳ ସାଧାରଣ ଦୈହିକ ଚେତନାରୁ ଭାଗବତ୍ ଚେତନାରେ ଉତ୍‌ଥାନ ନୁହେଁ, କିନ୍ତୁ ଏହାର ଲକ୍ଷ୍ୟ ମନ-ପ୍ରାଣ-ଦେହର ଅଜ୍ଞାନତା ମଧ୍ୟରେ ସେହି ଭଗବତ୍ ଚେତନାର, ଅତିମାନସ ଶକ୍ତିର ଅବତରଣ ଏବଂ ସେହି ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଦେହର ରୂପାନ୍ତର-ସାଧନ, ଏହି ମୃତ୍ୟୁଲୋକରେ ଭଗବାନଙ୍କର ଅଭିବ୍ୟକ୍ତି ଏବଂ ଜଡ଼ବସ୍ତୁ ମଧ୍ୟରେ ଦିବ୍ୟଜୀବନ-ସୃଜନ । ଏହି ଲକ୍ଷ୍ୟ ଅତ୍ୟନ୍ତ କଠିନ ଏବଂ ଏହି ଯୋଗ-ମାର୍ଗ ଅତ୍ୟନ୍ତ ଦୁରୂହ; ବହୁତଙ୍କୁ ବା ଅଧିକାଂଶ ବ୍ୟକ୍ତିଙ୍କୁ ଏହା ଅସମ୍ଭବ ବୋଲି ମନେହେବ । କାରଣ ସାଧାରଣ ଅଜ୍ଞାନ, ପାର୍ଥିବ ଚେତନାରେ ପ୍ରତିଷ୍ଠିତ ଶକ୍ତିରାଜି ଏହି ଲକ୍ଷ୍ୟର ବିରୋଧୀ; ସେଗୁଡ଼ିକ ଏହି ଲକ୍ଷ୍ୟକୁ ସ୍ୱୀକାର କରନ୍ତି ନାହିଁ, ପ୍ରତିରୋଧ କରିବାକୁ ଚେଷ୍ଟା କରନ୍ତି । ସାଧକ ସ୍ୱୟଂ ଦେଖିପାରିବ ଯେ ତା'ର ମନ-ପ୍ରାଣ-ଦେହ ଏହି ଲକ୍ଷ୍ୟପ୍ରାପ୍ତିରେ ଦୁର୍ଦାନ୍ତରୂପେ ଘୋର ବାଧା ସୃଷ୍ଟି କରନ୍ତି । ଯଦି ତୁ ଏହି ଆଦର୍ଶକୁ ସର୍ବାନ୍ତଃକରଣରେ ଗ୍ରହଣ କରିପାରୁ, ସକଳ ବାଧାବିଘ୍ନର ସମ୍ମୁଖୀନ ହୋଇପାରୁ, ଅତୀତର ସବୁକିଛିକୁ ଛାଡ଼ିପାରୁ, ଅତୀତର ସକଳ ବନ୍ଧନରୁ ମକ୍ତ ହୋଇପାରୁ ଏବଂ ସେହି ଦିବ୍ୟ

ସମ୍ଭାବନା ସକାଶେ ସର୍ବସ୍ୱ ତ୍ୟାଗ କରିବାକୁ ତଥା ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହୁ, ତେବେହିଁ ତା'ର ଅନ୍ତରାଳରେ ଅବସ୍ଥିତ ପରମ ସତ୍ୟକୁ ଅନୁଭୂତ ଦ୍ୱାରା ଆବିଷ୍କାର କରିବାର ଆଶା କରିପାରିବୁ ।''

ଶ୍ରୀଅରବିନ୍ଦ ଏଠାରେ ଯୋଗର ଲକ୍ଷ୍ୟ, ତାଙ୍କ ଯୋଗ ଯେ ପୁରାତନ ଯୋଗଠାରୁ ଭିନ୍ନ, ଯୋଗରେ ଭୟଙ୍କର ବାଧା, ଯୋଗ-ସାଧନାର ଅବସ୍ଥା ଏହିସବୁ ବିଷୟ ସଂକ୍ଷେପରେ ଆଲୋଚନା କରିଛନ୍ତି । ଏହି ପ୍ରବନ୍ଧରେ ସେହିସବୁ ବିଷୟ କ୍ରମଶଃ ସରଳ ଭାବରେ ବିଚାର କରିବା ।

ପୁନଶ୍ଚ ଶ୍ରୀଅରବିନ୍ଦ ତାଙ୍କ ଯୋଗର ଲକ୍ଷ୍ୟ ସମ୍ବନ୍ଧେ କହିଛନ୍ତି :

''ରୂପାନ୍ତର କହିଲେ ମୁଁ ବୁଝେ ନାହିଁ ପ୍ରକୃତିର ଆଂଶିକ ପରିବର୍ତ୍ତନ, ଏଥିରୁ ମୁଁ ବୁଝେ ନାହିଁ ସାଧୁ-ସନ୍ଥ ଜୀବନ ବା ନୈତିକ ଉତ୍କର୍ଷସାଧନ ଅଥବା ଯୌଗିକ ସିଦ୍ଧି (ତାନ୍ତ୍ରିକମାନଙ୍କ ପରି) ଅଥବା ଊର୍ଦ୍ଧ୍ୱତନ ଚିନ୍ମୟ ଦେହପ୍ରାପ୍ତି । ଏହି ଶବ୍ଦଟି ମୁଁ ବ୍ୟବହାର କରେ ଗୋଟିଏ ବିଶେଷ ଅର୍ଥରେ – ଚେତନାର ଆମୂଳ ଓ ସର୍ବାଙ୍ଗୀନ ପରିବର୍ତ୍ତନ – ଏପରି ଗୋଟିଏ ବିଶିଷ୍ଟ ପରିବର୍ତ୍ତନ, ଯାହାଫଳରେ ସତ୍ତା ଆଧ୍ୟାତ୍ମିକ କ୍ରମବିକାଶ ପଥରେ ସୁଦୃଢ଼ ଓ ସମର୍ଥଭାବରେ ଏକ ପାଦ ଅଗ୍ରସର ହେବ, ପୁରାତନକାଳର ଜଡ଼-ପ୍ରାଣମୟ ଜୀବ-ଜଗତରେ ମନୋମୟ ସତ୍ତାର ପ୍ରଥମ ଆବିର୍ଭାବ ଅପେକ୍ଷା ଏହି ଅଗ୍ରଗତି ହେବ ଏକ ବୃହତ୍ତର, ମହତ୍ତର, ପୂର୍ଣ୍ଣତର ପରିବର୍ତ୍ତନ । ଯଦି ଏହା ଅପେକ୍ଷା କିଛି କମ୍ ଘଟେ ବା ଅନ୍ତତଃ ଯଦି ଏହି ଭିତ୍ତିରେ ଯାତ୍ରାରମ୍ଭ ନ ହୁଏ, ତାହାହେଲେ ଆମ୍ଭର ଉଦ୍ଦେଶ୍ୟ ସିଦ୍ଧ ହେଲା ନାହିଁ । ମୁଁ ଜୀବନ ଓ ଯୋଗ ପାଖରେ ଯେଉଁ ଦାବି କରୁଛି, ତାହା ଗୋଟିଏ ଆଂଶିକ, ମିଶ୍ରିତ ଅଥବା ଅନିର୍ଦ୍ଦିଷ୍ଟ ସିଦ୍ଧି ଦ୍ୱାରା ପୂର୍ଣ୍ଣ ହୋଇ ପାରିବ ନାହିଁ ।''

❖

ଜୀବନ ସମସ୍ୟାର ସମାଧାନ

ଭଗବତ୍ ବିଶ୍ୱାସ

ସଂସାରରେ ମନୁଷ୍ୟ ଶରୀର ଧାରଣ କରିଥିବା ପ୍ରତ୍ୟେକ ବ୍ୟକ୍ତିର ଦୁଃଖ, କଷ୍ଟ, ଶୋକ, ହତାଶା, ନିରାଶା, ହିଂସା, ଦ୍ୱେଷ, ବାସନା, କାମନା, ଅହଂ, ସ୍ୱାର୍ଥ, ରୋଗ, ଜରା, ମୃତ୍ୟୁ ଆଦି ଦ୍ୱନ୍ଦ୍ୱହିଁ ଜୀବନର ସମସ୍ୟା । ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ ପ୍ରାପ୍ତିହିଁ ଜୀବନ-ସମସ୍ୟାର ସମାଧାନ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ନୂତନ ଯୁଗର ଅତିମାନସ ସତ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇ ସାରିଛି । ତାହାରି ପ୍ରଭାବ ପଡୁଛି ସମସ୍ତ ପ୍ରାଣୀଙ୍କ ଉପରେ । ଯେଉଁ ଅଳ୍ପ କେତେକ ବ୍ୟକ୍ତି ଏହି ସତ୍ୟ ପ୍ରତି ଉନ୍ମୁକ୍ତ ହୋଇଛନ୍ତି, ସେହିମାନେହିଁ ଏହାକୁ ଗ୍ରହଣ ସକାଶେ ପ୍ରଯତ୍ନ କରୁଛନ୍ତି । ଅବଶିଷ୍ଟ ସଂସାରର ସମସ୍ତ ବ୍ୟକ୍ତି ଅଜ୍ଞାନ, ଅଚେତ, ଅସ୍ପଷ୍ଟ ରୂପେ ସେହି ଶକ୍ତି-ପ୍ରଭାବର ସ୍ପର୍ଶ ପାଉଛନ୍ତି । ସେହି ସ୍ପର୍ଶ ଯୋଗୁଁ ସେମାନେ ବର୍ତ୍ତମାନ ପରିସ୍ଥିତିରେ ସନ୍ତୋଷ ନ ହୋଇ ନୂତନ କିଛି ଚାହୁଁଛନ୍ତି, ଏବଂ ପୁରାତନ ମାନସିକ ନିର୍ଦ୍ଧାରିତ ନୈତିକତା, ବିଧିବିଧାନ, ନିୟମ-ଶୃଙ୍ଖଳାକୁ ଭାଙ୍ଗି ଦେଉଛନ୍ତି । ଏହି ସକାଶେ ସଂସାରରେ ହୋଇଛି ମହାନ୍ ବିଶୃଙ୍ଖଳା । ଏହି ବିଶୃଙ୍ଖଳା ଦୂର ହେବ, ଜୀବନ ସମସ୍ୟାର ସମାଧାନ ହେବ ଏହି ନୂତନ ସତ୍ୟକୁ ଗ୍ରହଣ କରିବାରେ ।

ଏହାହିଁ ପ୍ରତ୍ୟେକ ମନୁଷ୍ୟର ଜୀବନର ଲକ୍ଷ୍ୟ, ଭଗବାନଙ୍କ ସଂଙ୍କଳ୍ପ ତଥା-ଭଗବତ୍ ସୃଷ୍ଟିର ଉଦ୍ଦେଶ୍ୟ । ଏହା ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର-ଯୋଗ ଗ୍ରହଣ କରିବାରେ । ଏହି ରୂପାନ୍ତରର ପ୍ରାଣ ଭଗବତ୍ ବିଶ୍ୱାସ ।

ଆତ୍ମମାନଙ୍କ ମନ-ବୁଦ୍ଧିରେ ଏହି ଲକ୍ଷ୍ୟ ସ୍ପଷ୍ଟ ନ ଥିବାରୁ ଏହା ପ୍ରାପ୍ତ ହେବାର ଯଥାର୍ଥ ଉପାୟ ଭଗବତ୍-ବିଶ୍ୱାସକୁ ବାଦ୍ ଦେଇ ବହୁ ପ୍ରକାର ପ୍ରଯତ୍ନ କରୁଅଛୁ ଏବଂ ପରିଣାମରେ ଚାହିଁବା ବିପରୀତ ଦୁଃଖ କଷ୍ଟ ଭୋଗୁଅଛୁ । ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ସର୍ବସମର୍ଥ ଦୟା, କରୁଣା, ଉଦାରତା ଇତ୍ୟାଦି ସମସ୍ତ ଦିବ୍ୟଗୁଣସମ୍ପନ୍ନ ଦିବ୍ୟକଳ୍ପ ବୃକ୍ଷ ଏବଂ ଦିବ୍ୟ କାମଧେନୁ । ଦେବତାଙ୍କ କାମଧେନୁ ଏବଂ କଳ୍ପବୃକ୍ଷ ସାଂସାରିକ ବସ୍ତୁ ଦିଏ । ମୁକ୍ତି, କୈବଲ୍ୟ, ଭଗବତାନନ୍ଦ ପରମ ଜ୍ଞାନ, ପରମ ଶାନ୍ତି ଦେବାରେ ଅସମର୍ଥ ଥାଏ । ଭଗବତ୍ ବିଶ୍ୱାସ ତଥା ନିର୍ଭରତା ପାଖରେ ଅଦେୟ କିଛି ନ ଥାଏ । ଭଗବତ୍ ବିଶ୍ୱାସରେ ମନୁଷ୍ୟ ଜାଗତିକ ଏବଂ ପାରମାର୍ଥିକ ବସ୍ତୁ ଯାହା ଚାହେଁ ତାହା ଅବଶ୍ୟ ନିଶ୍ଚିତ ରୂପେ ପାଏ । ଏଥିରେ ଲେଶ ମାତ୍ର ସନ୍ଦେହ ନ ଥାଏ । ଭଗବତ୍ ବିଶ୍ୱାସ ଏବଂ ନିର୍ଭରତାରେ ବ୍ୟକ୍ତି ଅସାଧାରଣ ରୋଗ, ସର୍ବନାଶକାରୀ ବିପଦ, ଦାରୁଣ ଦୁଃଖ-କଷ୍ଟରୁ ମୁକ୍ତ ହୋଇପାରେ କିଂବା ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ଅତିମାନବତ୍ୱକୁ ପ୍ରାପ୍ତ ହୋଇପାରେ ।

ଭଗବତ୍‌ପ୍ରାପ୍ତି ମାର୍ଗରେ ଯେତେ ପ୍ରକାର ଆଧ୍ୟାତ୍ମ ସାଧନା ସବୁର ପ୍ରାଣ ବିଶ୍ୱାସ ଏବଂ ନିର୍ଭରତା । ପ୍ରାଣ ବିନା ଶରୀର ଯେପରି ମୃତ, ସେହିପରି ବିଶ୍ୱାସ, ନିର୍ଭରତା ବିନା ସାଧନା ନିରର୍ଥକ । ବିଶ୍ୱାସ ଅବିନାଶୀ, ଅମୃତତତ୍ତ୍ୱ, ସମସ୍ତ ସାଧନାର ସିଦ୍ଧିଦାତା । ସାଧକର ଭଗବତ୍ ବିଶ୍ୱାସ ଅମୂଲ୍ୟ ଅଲୌକିକ ସମ୍ପଦ, ସର୍ବଶକ୍ତିମାନ୍, ସର୍ବସମର୍ଥ ସର୍ବୈଶ୍ୱର୍ଯ୍ୟଯୁକ୍ତ କ୍ଷମା, ଦୟା, କରୁଣା, ଭକ୍ତବତ୍ସଳାଦି ଦିବ୍ୟଗୁଣବିଭୂଷିତ ଭଗବାନଙ୍କ ପ୍ରାପ୍ତିର ଅମୋଘ ଅବ୍ୟର୍ଥ ମନ୍ତ୍ର । ମନୁଷ୍ୟ ସର୍ବଶକ୍ତିମାନ୍ ସର୍ବଜ୍ଞାନସମ୍ପନ୍ନ ଦିବ୍ୟାନନ୍ଦର ମୂର୍ତ୍ତିମାନ୍ ବିଗ୍ରହ ଭଗବାନଙ୍କ ଅଂଶ, ପ୍ରତିଭୂ ବା ସ୍ୱରୂପ । ସେ ମୂଳତତ୍ତ୍ୱରେ ଭଗବାନଙ୍କ ସହିତ ଅଭେଦ୍ୟ ଏକ । ବର୍ତ୍ତମାନର ଦୃଶ୍ୟ ରୂପ ମାୟା, ମୋହ, ଅଜ୍ଞାନ ଆବରଣରେ ହୋଇଛି ଆବୃତ । ତାହା ମଧ୍ୟରେ ରହିଛି ଭଗବାନଙ୍କ ସମସ୍ତ ଗୁଣ ସୁପ୍ତ । ତା'ର ଏହି ସମସ୍ତ ଦିବ୍ୟ ଗୁଣ ଜାଗ୍ରତ୍ ହୁଏ କେବଳ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହେବାରେ ।

ବ୍ୟକ୍ତି ନିଜକୁ ଜାଣିପାରେ ନାହିଁ, ନିଜ ମଧ୍ୟରେ ସୁପ୍ତ ଭଗବତ୍ ଦିବ୍ୟ ଗୁଣର ସନ୍ଧାନ ପାଇ ପାରେ ନାହିଁ । ଭଗବତ୍ ଦିବ୍ୟତତ୍ତ୍ୱର ବିକୃତ ରୂପ ସଂସାର ବୋଲି ସେ ଅନୁଭବ କରିପାରେ ନାହିଁ । ମାୟା ମରୀଚିକା କ୍ଷଣିକ ସୁଖ-

ଭୋଗରେ ଧାବିତ ହୋଇ ନିରାଶ ହେଉଥାଏ ଏବଂ ପରିଣାମରେ ଦୁଃଖ-କଷ୍ଟ ଭୋଗୁଥାଏ । ବାରଂବାର ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରୁଥାଏ । ଦରିଦ୍ର ଭିକାରି ସଦୃଶ ସମସ୍ତ ଦେବାଦେବୀଙ୍କ ପାଖରେ ଧନ, ପୁତ୍ର, ସଂସାର ବସ୍ତୁ ଚାହୁଁଥାଏ । ବ୍ୟକ୍ତି କେବଳ ଭଗବତ୍ ବିଶ୍ୱାସ ନିଜ ଅନ୍ତରରୁ ଜାଗ୍ରତ୍ କରିପାରିଲେ ଗାର୍ହସ୍ଥ୍ୟ ଜୀବନରେ ସୁଖ-ଶାନ୍ତି ପ୍ରାପ୍ତ କରି ଆନନ୍ଦରେ ରହିପାରେ । ଅସାଧାରଣ ରୋଗ, ସର୍ବନାଶକାରୀ ବିପଦ, ଦାରୁଣ ଦୁଃଖ-କଷ୍ଟରୁ ମୁକ୍ତ ହୋଇପାରେ । ଆଦର୍ଶ ପରମ ସୁଖମୟ ଜୀବନଯାପନ କରିପାରେ ଅଥବା ଇନ୍ଦ୍ରଚନ୍ଦ୍ରାଦି ଦେବ ଦୁର୍ଲଭ-ନିର୍ବାଣ, ମୁକ୍ତି, ଭଗବତ୍-ପ୍ରାପ୍ତି କରି ଜନ୍ମ, ମରଣ, ଦୁଃଖ, ଯନ୍ତ୍ରଣାରୁ ମୁକ୍ତ ହୋଇପାରେ । କିଂବା ଶ୍ରୀଅରବିନ୍ଦଙ୍କ ମହାନ୍ ଦୁରୂହ ରୂପାନ୍ତର-ଯୋଗ ଗ୍ରହଣ କରି ମା'ଙ୍କ ଉପରେ ବିଶ୍ୱାସ ଭରସା ରଖିବା ଦ୍ୱାରା ବ୍ୟକ୍ତି ମନ-ପ୍ରାଣ, ତଥା ଅନମନୀୟ ଶରୀରରେ ଚୈତନ୍ୟ ତଥା ଅଭୀପ୍ସା ଉତ୍ପନ୍ନ କରିପାରେ ଏବଂ ମା'ଙ୍କ ଚରଣରେ ନିଜେ ତଥା ନିଜର ଯାହାକିଛି ଅଛି, ସମସ୍ତ ସମର୍ପଣ କରି ଅତିମାନସ ଶକ୍ତି ଦ୍ୱାରା, ମନ, ପ୍ରାଣ, ଶରୀରକୁ ତାହାର ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ । ପୂର୍ଣ୍ଣରୂପେ ମୃତ୍ୟୁ, ଜରା, ରୋଗ, ମାୟା, ଅଜ୍ଞାନରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ସମ୍ପୂର୍ଣ୍ଣ ରୂପେ ଏକତ୍ୱ ପ୍ରାପ୍ତ ହୁଏ । ତାଙ୍କରି ଯନ୍ତ୍ରରୂପେ ତାଙ୍କର ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୁଏ ।

ମନୁଷ୍ୟ-ଶରୀର ସମ୍ଭାବନାରେ ପୂର୍ଣ୍ଣ । ତା' ମଧ୍ୟରେ ବିଶ୍ୱ ଏବଂ ବିଶ୍ୱାତୀତ, ଅଦିବ୍ୟ ତଥା ଦିବ୍ୟ ସମ୍ପଦ ବୀଜାକାରରେ ରହିଅଛି । ଏହି ଅନନ୍ତ ସମ୍ପଦ ମଧ୍ୟରୁ ଭଗବତ୍ ବିଶ୍ୱାସ ଗୋଟିଏ ମହାନ୍, ଶ୍ରେଷ୍ଠ, ଅତୁଳନୀୟ ଅଲୌକିକ ସମ୍ପଦ । ବ୍ୟକ୍ତି ଏହି ଭଗବତ୍ ବିଶ୍ୱାସ ଜାଗ୍ରତ୍ କରିପାରିଲେ, ଭୌତିକ ଈପ୍ସିତ ବସ୍ତୁ ପ୍ରାପ୍ତ କରିପାରେ ଏବଂ ସମସ୍ତ ବିପଦ-ଆପଦ, ରୋଗ-ଶୋକରୁ ମୁକ୍ତ ହୋଇପାରେ । ମହାନ୍ ଆୟାସସାଧ୍ୟ ଅସମ୍ଭବ କାର୍ଯ୍ୟ ଅନାୟାସରେ ସାଧ୍ୟ କରିପାରେ ଅଥବା ତପଃ, ତୀର୍ଥ, ବ୍ରତ, ଉପବାସ, ଯମ, ନିୟମ, ଆସନ, ପ୍ରାଣାୟାମ, ଧ୍ୟାନ-ଧାରଣା ଆଦି କଠୋର ମହାନ୍, ପ୍ରୟାସ ସାଧ୍ୟସାଧନା ନ କରି କେବଳ ଭଗବତ୍ ବିଶ୍ୱାସରେ ଭଗବତ୍ ପ୍ରାପ୍ତି କରିପାରେ । ସାଧନା ମାର୍ଗରେ ବାଧାରୂପେ ହିମାଳୟ ସଦୃଶ ଛିଡ଼ା ହୋଇଥିବା କାମ, କ୍ରୋଧ, ଲୋଭ, ମୋହ , ମଦ, ମାତ୍ସର୍ଯ୍ୟ, ସ୍ୱାର୍ଥ, ହିଂସା, ମାନ, ଯଶଃ, ଦ୍ୱନ୍ଦ୍ୱ ଇତ୍ୟାଦି ଶତ୍ରୁମାନଙ୍କୁ ଭଗବତ୍ ବିଶ୍ୱାସରେ ଭଗବାନଙ୍କ କୃପାରେ ସହଜରେ ଅତିକ୍ରମ କରିପାରେ ଏବଂ ସେସବୁକୁ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ କରିପାରେ ।

ମହାନ୍ ପାପୀ, ମହାନ୍ ଦୁରାଚାରୀ, ମହାନ୍ ପତିତ, ମହାନ୍ ଘୃଣ୍ୟ, ମହାନ୍ ନୀଚ, ଏପରିକି ଛାୟାସ୍ପର୍ଶ ପାଇଁ ଯେଉଁ ବ୍ୟକ୍ତି ଅଯୋଗ୍ୟ, ଉକ୍ତ ପତିତ ବ୍ୟକ୍ତିର ଯଦି ଭଗବତ୍ ବିଶ୍ୱାସ ଉତ୍ପନ୍ନ ହୁଏ ତେବେ ଭଗବାନ୍ ତାକୁ ସ୍ୱୀକାର କରନ୍ତି । ଭଗବତ୍ ବିଶ୍ୱାସ ପ୍ରଭାବରେ ତା'ର ସମସ୍ତ ପାପ, ଦୋଷ ଦୂର ହୁଏ । ସେ ମହାନ୍ ସଦାଚାରୀ ଶାସ୍ତ୍ରୀୟ ବିଦ୍ୱାନ୍ ବ୍ରାହ୍ମଣଙ୍କଠାରୁ ଅତ୍ୟନ୍ତ ପବିତ୍ର ହୁଏ । ତା'ର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ । ତା' ମଧ୍ୟରେ ଭଗବତ୍ ଦିବ୍ୟଗୁଣ ଦିବ୍ୟାନନ୍ଦ ପରମ ଶାନ୍ତି ପରମ ଜ୍ଞାନ ପ୍ରକାଶ ହୁଏ । ସେ ଏହି ମୃତ୍ୟୁପୁରୀରେ ନିବାସ କରି ଭଗବତ୍ ଦିବ୍ୟଧାମର ଅଧିକାରୀ ହୁଏ । ତା' ସକାଶେ ଏହି ମୃତ୍ୟୁପୁରୀ ଏବଂ ଦିବ୍ୟ ଭଗବତ୍ ଧାମର ବ୍ୟବଧାନ ରହେ ନାହିଁ । ସେ ଅବାଧରେ ସମସ୍ତ ଦିବ୍ୟଧାମରେ ବିଚରଣ କରିପାରେ । ମହାନ୍ ପତିତ ବ୍ୟକ୍ତି ଭଗବତ୍ ବିଶ୍ୱାସ ଦ୍ୱାରା ଉଚ୍ଚକୋଟିର ସନ୍ଥ ହୋଇପାରେ । ଏହା ପ୍ରତ୍ୟକ୍ଷ ରୂପେ ସବୁ ଯୁଗରେ, ସବୁ କାଳରେ ଘଟୁଅଛି । ଆମ୍ଭେମାନେ ଅତୀତକାଳର ଭକ୍ତମାନଙ୍କ ଚରିତ୍ର ପଢୁଅଛୁ, ନିକଟ ଭୂତ କାଳର ଭକ୍ତ ତଥା ଭଗବତ୍ ଆଶ୍ରିତ ବ୍ୟକ୍ତିଙ୍କ ଜୀବନରେ ଭଗବତ୍ ବିଶ୍ୱାସର ପ୍ରତ୍ୟକ୍ଷ ଫଳ ଶୁଣୁଅଛୁ ଏବଂ ଉପସ୍ଥିତ ସମୟରେ ହଜାର ହଜାର ସାଧକ ଭକ୍ତମାନଙ୍କ ଜୀବନରେ ଘଟୁଥିବା ଘଟଣା ସ୍ୱଚକ୍ଷୁରେ ଦେଖୁଅଛୁ । ପାଠକମାନଙ୍କ ସୁପ୍ତ ଭଗବତ୍ ବିଶ୍ୱାସ ଜାଗ୍ରତ୍ ହେବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି କଳିଯୁଗର ଅଳ୍ପ ବର୍ଷ ପୂର୍ବରୁ ବିଲ୍ୱମଙ୍ଗଳ ଚରିତ୍ର ଏଠାରେ ସଂକ୍ଷେପରେ ଉଲ୍ଲେଖ କରିବା ।

ସଂସାରରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯଦି ପଚରାଯାଏ ସମସ୍ତ ବ୍ୟକ୍ତିଙ୍କର କିଛି ନା କିଛି ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅଭାବ ଥିବା ଉତ୍ତର ପାଇବେ । କାହାର ମାନସିକ ଅଶାନ୍ତି, ମାନସିକ ଚିନ୍ତା, କାହାର ବ୍ୟକ୍ତିଗତ ରୋଗ, ଦୁଃଖ, କାହାର ପତିପତ୍ନୀ ମଧ୍ୟରେ ମନୋମାଳିନ୍ୟ, କାହାର ପୁତ୍ରକନ୍ୟା ଇତ୍ୟାଦିଙ୍କ ଚିନ୍ତା, କାହାର ପଡ଼ୋଶୀ ବା ଗ୍ରାମବାସୀଙ୍କ

ସହିତ ବିରୋଧ, ଚାକିରି କ୍ଷେତ୍ରରେ ନିଜ ଉପରିସ୍ଥ ହାକିମ, ନିମ୍ନସ୍ଥ କର୍ମଚାରୀଙ୍କ ସହିତ ଦ୍ୱନ୍ଦ୍ୱ । ଅଧିକାଂଶ ରାଜନୈତିକ ନେତା ଏବଂ କର୍ମୀମାନଙ୍କର ନିଜ ଦଳ ଏବଂ ନିଜ ନେତୃତ୍ୱ କାଏମ୍ ରଖିବା ଚିନ୍ତା ଅଥବା ନୂତନ ଦଳ ସଂଗଠନ କରି ଅନ୍ୟର ନେତୃତ୍ୱ ହ୍ରାସକରିବା ଉଦ୍ଦେଶ୍ୟରେ ବ୍ୟସ୍ତ ଥା'ନ୍ତି । ଆଉ କେତେକ ବ୍ୟକ୍ତି ବ୍ୟବସାୟ ଦ୍ୱାରା କଳକୌଶଳ କରି ଅନ୍ୟାୟ ଅସତ୍ୟରେ ଧନ ଉପାର୍ଜନ କରିବାରେ ଲାଗିପଡ଼ିଥା'ନ୍ତି । ଏହି ଅନ୍ୟାୟ ଅସତ୍ୟ ଆଚରଣ ଯୋଗୁଁ ସେମାନଙ୍କୁ ଦୁଶ୍ଚିନ୍ତା ଗ୍ରାସ କରିଥାଏ । ଏହିପରି ସଂସାରର ସମସ୍ତ ବ୍ୟକ୍ତି ଦୁଃଖ, କଷ୍ଟ, ହତାଶା, ନିରାଶା, ଚିନ୍ତା, ଦ୍ୱନ୍ଦ୍ୱ, ଈର୍ଷା, ବିରୋଧ, ହିଂସା, ସ୍ୱାର୍ଥାଦି ଅଗ୍ନିରେ ଦଗ୍ଧ ହେଉଥା'ନ୍ତି । ଗରିବଠାରୁ ଆରମ୍ଭକରି ଅମିର ପର୍ଯ୍ୟନ୍ତ କୌଣସି ଗୋଟିଏ ବ୍ୟକ୍ତି ସୁଖଶାନ୍ତିରେ ନ ଥା'ନ୍ତି, ଏହା ଏକେବାରେ ପ୍ରତ୍ୟକ୍ଷ ସତ୍ୟ । ଭଗବତ୍ ବିଶ୍ୱାସ ବିନା କୌଣସି ଗୋଟିଏ ବ୍ୟକ୍ତି ସୁଖଶାନ୍ତିରେ ଥିବା କୌଣସି ବିବେକୀ ବ୍ୟକ୍ତି କହିପାରିବେ ନାହିଁ । ଦୁଃଖ-ଦ୍ୱନ୍ଦ୍ୱ ଅଶାନ୍ତିର କାରଣ ହେଉଛି ସ୍ୱାର୍ଥ, ଅହଂ ଏବଂ ପ୍ରାଣର କାମନା, ବାସନା । ଏହା ପରୋପକାର, ଦେଶସେବା ଏବଂ ନୈତିକ ସଦାଚାର ଦ୍ୱାରା ସଂଶୋଧିତ ହୁଏ ନାହିଁ । ଏହି ଉତ୍ତମ କାର୍ଯ୍ୟରେ ବ୍ୟକ୍ତିର ପ୍ରାଣଗତ କାମନା-ବାସନା ତଥା ସ୍ୱାର୍ଥ, ଅହଂ ଗୁପ୍ତରୂପେ ରହି ନିଜ କାର୍ଯ୍ୟ ସିଦ୍ଧ କରିବାରେ ତତ୍ପର ଥାଆନ୍ତି । ଏହିସବୁ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବାର ସବୁଠାରୁ ସହଜ ଓ ସବୁଠାରୁ ଶକ୍ତିଶାଳୀ ଉପାୟ ହେଲା ଭଗବତ୍ ବିଶ୍ୱାସ । ବ୍ୟକ୍ତିର ଭଗବତ୍ ବିଶ୍ୱାସ ଥିଲେ ସେ ଚିନ୍ତିତ ହୁଏ ନାହିଁ, ହତାଶା, ନିରାଶାର ଗହ୍ୱରରେ ପଡ଼େ ନାହିଁ । ସେ ନିର୍ଭର ରଖେ ଭଗବାନଙ୍କ ଉପରେ । ତା' ଅନ୍ତରରେ ଥାଏ ପ୍ରଶାନ୍ତି ଏବଂ ଭଗବତ୍ ନିର୍ଭରତାର ଆନନ୍ଦ । ଭଗବତ୍ ବିଶ୍ୱାସ, ଜ୍ୟୋତିଃ ତା' ହୃଦୟରେ ପ୍ରକାଶ ଥିବା ଯୋଗୁଁ ସ୍ୱାର୍ଥ ଏବଂ ଅହଂ, କାମନା, ବାସନା ଛଦ୍ମବେଶ ଧରି ତାକୁ ଠକି ପାରନ୍ତି ନାହିଁ । ଶୁଦ୍ଧ ବୁଦ୍ଧିରେ ବିବେକ ଉତ୍ପନ୍ନ ହେବାରୁ ସେ ଅନୁଚିତ କାର୍ଯ୍ୟ କରେ ନାହିଁ । ଭଗବାନଙ୍କ ଭାଗବତୀ ଶକ୍ତି ତାକୁ ଯଥାର୍ଥ ମାର୍ଗରେ ପରିଚାଳିତ କରନ୍ତି । ଭଗବତ୍ ପ୍ରେରଣାରେ ସେ ପରିସ୍ଥିତି ଅନୁସାରେ ସମାଧାନର ଯଥାର୍ଥ ଉପାୟ କରିପାରେ । ଯେଉଁ ଦ୍ୱନ୍ଦ୍ୱରେ ସାଧାରଣ ଲୋକ ସର୍ବନାଶ ହୁଅନ୍ତି ସେହି ଦ୍ୱନ୍ଦ୍ୱରେ ଭଗବତ୍ ବିଶ୍ୱାସୀ ବ୍ୟକ୍ତି ଭଗବତ୍ କୃପା ପ୍ରତ୍ୟକ୍ଷଭାବେ ଅନୁଭବ କରି ମହାନ୍ ଆନନ୍ଦ ପ୍ରାପ୍ତହୁଏ ତଥା ତା'ର ଭଗବତ୍ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହୁଏ । ଭଗବତ୍ ବିଶ୍ୱାସରେ ବ୍ୟକ୍ତି ସାଂସାରିକ ଜୀବନ ପରମ ଆନନ୍ଦରେ ଅତିବାହିତ କରେ ଏବଂ ଭଗବତ୍‌ପ୍ରାପ୍ତି କରି ଜନ୍ମମରଣରୁ ମୁକ୍ତ ହୁଏ ।

ପ୍ରଶ୍ନ : ଯେଉଁମାନେ ଉଚ୍ଚକୋଟୀର ଭକ୍ତ, ସେମାନେ ବିଲ୍ୱମଙ୍ଗଳ ସଦୃଶ ତୀବ୍ର ବୈରାଗ୍ୟରେ ଘର-ସଂସାର ଛାଡ଼ି ଭଗବତ୍ ବିଶ୍ୱାସ ଓ ଭକ୍ତି ରଖି ଭଗବତ୍ ପ୍ରାପ୍ତି କଲେ ଏବଂ ଆନନ୍ଦରେ ନିବାସ କଲେ । ଆମ୍ଭେମାନେ ସାଧାରଣ ବ୍ୟକ୍ତି, ଭଗବତ୍ ବିଶ୍ୱାସରେ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସୁଖ, ଶାନ୍ତିରେ ରହିବା କ'ଣ ଆମ୍ଭମାନଙ୍କ ପକ୍ଷେ ସମ୍ଭବ ?

ଉତ୍ତର : ନିଶ୍ଚିତରୂପେ ସମ୍ଭବ । ଭଗବତ୍ ବିଶ୍ୱାସ ସ୍ୱତନ୍ତ୍ର । ତା' ସକାଶେ କୌଣସି ସାଧନା ଆବଶ୍ୟକ ହୁଏ ନାହିଁ । ଭଗବତ୍ ବିଶ୍ୱାସର ଦୁଇଟି ପ୍ରଣାଳୀ । ପ୍ରଥମଟି ହେଉଛି ଚାହିଁବା, ଇଚ୍ଛାକରିବା, ଅଭୀପ୍ସା କରିବା ଅନ୍ୟଟି ହେଲା ଯେତେବେଳେ କୌଣସି ସାଂସାରିକ ବିପଦ ଆସେ ସେତେବେଳେ ବ୍ୟତିବ୍ୟସ୍ତ ନ ହୋଇ ଭଗବାନଙ୍କୁ ଡାକିବା । ଡାକିବା ମାତ୍ରେ ଭଗବାନ୍ ପ୍ରତ୍ୟକ୍ଷରୂପେ ସାହାଯ୍ୟ କରିବେ, ଏହା ଏକେବାରେ ସ୍ୱତଃସିଦ୍ଧ, ନିଃସନ୍ଦେହ । ଏହା ସଂସାରରେ ବହୁତ ବ୍ୟକ୍ତିଙ୍କ ଜୀବନରେ ଘଟିଥାଏ । ମୋର ସ୍ୱଚକ୍ଷୁରେ ଦେଖିଥିବା ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରୁଛି ।

ପ୍ରତ୍ୟକ୍ଷ ଘଟଣା

ଗୋଟିଏ ଦଶମାସ ଶିଶୁର ଗୋଡ଼ ପାଦଗଣ୍ଠିରେ ଗୋଟିଏ ବଡ଼ ବଥ ଉଠି ପାଚିଗଲା । ସେ ସମୟରେ ଆଜିପରି ହସ୍‌ପିଟାଲ୍ ନ ଥିଲା ବା ଡାକ୍ତର ନ ଥିଲେ । ବୈଦ୍ୟମାନଙ୍କ ଦ୍ୱାରା ଚିକିତ୍ସା ହେଉଥିଲା । ଜଣେ ବୈଦ୍ୟ ଆସି ଶିଶୁର ପାଚିଲା ବଥକୁ ଫୋଡ଼ିଦେଲେ । ପୂଯ ବହୁଦିନ ପର୍ଯ୍ୟନ୍ତ ବାହାରୁ ଥାଏ । ପୂଯ ବନ୍ଦ ନ ହେବା ଯୋଗୁଁ ଘା' ଶୁଖୁ ନ ଥାଏ । ଗୋଡ଼ ହଲେଇ ଦେଲେ କିଂବା ଶିଶୁ ସ୍ୱଭାବବଶତଃ ଗୋଡ଼ ବାଢ଼େଇଦେଲେ ପ୍ରାଣାନ୍ତକ ବ୍ୟଥା ହେଉଥାଏ ।

ଏହି କାରଣରୁ ଦୁଇ, ତିନି ଜଣ ବ୍ୟକ୍ତି ଦିନ, ରାତି ଶିଶୁ ପାଖରେ ବସି ତା' ଗୋଡ଼କୁ ସାବଧାନରେ ଧରିଥାଆନ୍ତି । ଏହିପରି କୋଡ଼ିଏ ଦିନ ବ୍ୟତୀତ ହୋଇଗଲା । ପୂଯ ବୋହିବା ବନ୍ଦ ହୋଇଗଲା । କିନ୍ତୁ ଘା' ଶୁଖି ନ ଥାଏ ।

ଠିକ୍ ସେହିପରି ଶିଶୁର ଅନ୍ୟ ଗଣ୍ଡିରେ ରକ୍ତ ପଡ଼ିବା ଦେଖାଗଲା । ଶିଶୁ କାନ୍ଦି ବ୍ୟସ୍ତ ହେଉଥାଏ । ସେ ସ୍ଥାନଟି ପାଚିବାର ଲକ୍ଷଣ ଦେଖା ଯାଉଥାଏ । ଗୋଟିଏ ଘା' ଯୋଗୁଁ ଶିଶୁର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥାଏ । ଆଉ ଗୋଟିଏ ଘା' ହେଲେ ଯେ ଅବସ୍ଥା କ'ଣ ହେବ ଏହି ଚିନ୍ତାରେ ଘରର ବ୍ୟକ୍ତିମାନେ ଚିନ୍ତିତ ହୋଇ ପଡ଼ିଥାଆନ୍ତି । ସବୁଠାରୁ ଅଧିକ ଅଧୈର୍ଯ୍ୟ ହୋଇ ପଡ଼ିଲେ ଶିଶୁର ଆଇମା' । ସେ ଅତ୍ୟନ୍ତ ବ୍ୟାକୁଳ ହୋଇ ଗୋଟିଏ ସ୍ଥାନରେ ବସି ''ହାଏ ଭଗବାନ୍, ହାଏ ଭଗବାନ୍ ରକ୍ଷାକର'' କହୁଥା'ନ୍ତି । କେବେ କେବେ କହନ୍ତି ''କାଲି ସକାଳସୁଦ୍ଧା ଶିଶୁର ଗୋଡ଼ ଭଲ ନ ହେଲେ ମୁଁ ବଞ୍ଚି ପାରିବି ନାହିଁ ।'' ଏହିପରି ଅଖିଆ, ଅପିଆ, ଅନିଦ୍ରା ବସି ରାତ୍ରି ପାହିଗଲା, ସକାଳେ ଦେଖାଗଲା ଶିଶୁ ଗୋଡ଼ରେ ଫୁଲିଥିବା, ପାଚିଥିବା ରକ୍ତ ପଡ଼ିଥିବାର ଚିହ୍ନବର୍ତ୍ତ ନାହିଁ । ଏକେବାରେ ପୂର୍ତ୍ତ ଆରୋଗ୍ୟ । ଶିଶୁର ଆଇମା' ଏ ଖବର ଶୁଣି ଭଗବାନଙ୍କୁ ଡାକିବା ବନ୍ଦକରି ଶିଶୁ ଗୋଡ଼ ନିଜେ ଦେଖି ଭଗବାନଙ୍କ ପ୍ରତି ତାଙ୍କର କୃତଜ୍ଞତାର ସୀମା ରହିଲା ନାହିଁ, ଆନନ୍ଦରେ ବିଭୋର ହୋଇପଡ଼ିଲେ । ଶିଶୁର ଏହି ଆଇମା'ଙ୍କର ନିଜ ସନ୍ତାନମାନଙ୍କ ପ୍ରତି ବିଶେଷ ଆସକ୍ତି ଥିଲା । ଉଚ୍ଚକୋଟୀର ଭକ୍ତବୋଲି କହି ହେବ ନାହିଁ, କିନ୍ତୁ କୌଣସି ପାରିବାରିକ ବିପଦ କିଂବା ରୋଗ ହେଲେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଥିଲେ ଏବଂ ପ୍ରତ୍ୟକ୍ଷ ଫଳ ପାଉଥିଲେ । ଏହା ପ୍ରତ୍ୟକ୍ଷ ସତ୍ୟ ଘଟଣା । ଏହିପରି ଘଟଣା ବହୁ ସଂଖ୍ୟାରେ ଘଟେ । ଭଗବାନଙ୍କ ବିଶ୍ୱାସର ପ୍ରତ୍ୟକ୍ଷ ଫଳ ସମ୍ବନ୍ଧେ ବିଶେଷ ରୂପେ ପରିଚିତ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଭକ୍ତ, ଆଶ୍ରିତ ତଥା ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ । ଶ୍ରୀମାଙ୍କ ପ୍ରତି ବିଶ୍ୱାସ ରଖି ବ୍ୟକ୍ତି ସାଂସାରିକ ବିପଦ ତଥା ସାଧନାର ମହାନ୍ ବାଧାବିପତ୍ତିରୁ କିପରି ରକ୍ଷା ପାଆନ୍ତି, ଏହାର ପ୍ରତ୍ୟକ୍ଷ ପ୍ରମାଣ ସେମାନଙ୍କର ଚିଠି ଏବଂ ଟେଲିଗ୍ରାମ୍ ତଥା ଭକ୍ତମାନଙ୍କ ପ୍ରତ୍ୟକ୍ଷ ଅନୁଭୂତି । ଗାର୍ହସ୍ଥ୍ୟାଶ୍ରମରେ ବ୍ୟକ୍ତି କିଛି ଅଂଶରେ ଭଗବତ୍ ବିଶ୍ୱାସ ପ୍ରାପ୍ତହେଲେ ଖୁବ୍ ସହଜରେ ସାଂସାରିକ ବାଧା, ବିଘ୍ନ, ଦୁଃଖ-କଷ୍ଟରୁ ରକ୍ଷା ପାଇପାରେ ଏବଂ ଜୀବନରେ ମହାନ୍ ଉନ୍ନତି କରିପାରେ । ଆମ୍ଭେମାନେ ବହୁତ ଭକ୍ତଙ୍କ ଜୀବନରେ ଏହା ଘଟୁଥିବା ଦେଖୁଥାଇଁ ଏବଂ ଖବର ପାଉଥାଇଁ । ଏହି ବିଷୟରେ ଆଉ ବିଶେଷ ଆଲୋଚନା କରିବା ଅପେକ୍ଷା କୌଣସି ବ୍ୟକ୍ତି ଭଗବତ୍ ବିଶ୍ୱାସର ପ୍ରତ୍ୟକ୍ଷଫଳ ସ୍ୱୟଂ ନିଜ ଜୀବନରେ ଦେଖିବାକୁ ଚାହିଁଲେ ଦେଖିପାରନ୍ତି । କେତେକ ବ୍ୟକ୍ତି କହନ୍ତି ଗାର୍ହସ୍ଥ୍ୟାଶ୍ରମରେ ବ୍ୟକ୍ତି ସାଧାରଣ ରୋଗ ସାଧାରଣ ଦୁଃଖକଷ୍ଟରୁ ଭଗବତ୍ ବିଶ୍ୱାସରେ ରକ୍ଷା ପାଇପାରନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଘଟଣା ଘଟିବା ସମ୍ଭବ ନୁହେଁ । ତାହାସବୁ ଅସାଧାରଣ ଭକ୍ତ ସାଧୁ-ସନ୍ଥଙ୍କ ଜୀବନରେ ଘଟିପାରେ । ଏହି ଭକ୍ତି ଯଥାର୍ଥରେ ସତ୍ୟ ନୁହେଁ । ଭଗବତ୍ କୃପା ସାଧୁସନ୍ଥ, ଆଶ୍ରମ-ଧର୍ମ ଉପରେ ନିର୍ଭର କରେ ନାହିଁ, କରେ ଆନ୍ତରିକ ବ୍ୟାକୁଳତା ଉପରେ । ସାଧାରଣ ଗୃହସ୍ଥ ଯଦି ମହାନ୍ ବିପଦରୁ ରକ୍ଷା ପାଇବା ସକାଶେ ବ୍ୟାକୁଳ ହୋଇ ଅନ୍ତରରୁ ପ୍ରାର୍ଥନା କରନ୍ତି ତେବେ ସେ ଭଗବତ୍ କୃପା ଅବଶ୍ୟ ପାଆନ୍ତି ଏବଂ ବିପଦରୁ ଉଦ୍ଧାର ହୁଅନ୍ତି । ଏହିପରି ହଜାର ହଜାର ଘଟଣା ଗୃହସ୍ଥ ବ୍ୟକ୍ତିଙ୍କର ଜୀବନରେ ଘଟୁଥିବା ଦେଖା ଯାଉଅଛି । ଏଠାରେ ''ଭକ୍ତ ଗୁମାସ୍ତା''ଙ୍କ ଜୀବନର ଗୋଟିଏ ଘଟଣା ଆଲୋଚନା କରିବା ।

ବିଶ୍ୱାସର ପ୍ରଣାଳୀ

ବ୍ୟକ୍ତି ଭଗବତ୍ କୃପା ପ୍ରାପ୍ତି ବିନା ଭଗବତ୍ ଅଭିମୁଖୀ ହୁଏ ନାହିଁ । କିନ୍ତୁ ସେହି କୃପାକୁ ଯେଉଁ ବ୍ୟକ୍ତି ନ ଭୁଲେ ସେ ସେହି ବିଶ୍ୱାସକୁ ଧରି ମହାନ୍ ସଂକଟକୁ ଅଳ୍ପ ପ୍ରୟାସରେ ଅତିକ୍ରମ କରିଯାଏ ଏବଂ ତା' ସାଧନା ଅପେକ୍ଷାକୃତ ବହୁତ ସହଜ ହୁଏ; ସାଧନାରେ ଆସୁଥିବା ଭୟଙ୍କର ବାଧା-ବିପତ୍ତିରେ ସେ କମ୍ ଦୁଃଖ-କଷ୍ଟ ଭୋଗେ । ସାଧନା ସହଜ ଓ ଦୁଃଖ-କଷ୍ଟ କମ୍ ହେବାର କାରଣ ହେଲା, ସେ ଅସହାୟ ନ ଥାଏ, ବିପଦର ବୋଝ, ବିପଦରେ ସର୍ବନାଶ ହେବାର ଆଶଙ୍କା ତା'ର ନ ଥାଏ । ଏହି ଭାର ଥାଏ ମା'ଙ୍କ ଉପରେ । ସାଧନାର ତଥା ବାଧା-ବିପତ୍ତିରୁ ରକ୍ଷା ହେବାର ଭାର

ତା' ନିଜ ଉପରେ ନ ଥିବାରୁ ସେ ବ୍ୟତିବ୍ୟସ୍ତ ହୁଏ ନାହିଁ । ସାଧନାକୁ ପ୍ରଧାନ ମାନିବା ବ୍ୟକ୍ତିର ଏହି ଭାର ନିଜ ଉପରେ ଥାଏ ଏବଂ ସେଥିପାଇଁ ସେ ଅଧିକ ଦୁଃଖ ଦ୍ୱନ୍ଦ୍ୱ ଭୋଗେ । ମନୁଷ୍ୟ ଯେତେ ପାପୀ ଦୁରାଚାରୀ ହୋଇଥାଉ, ତା' ମଧ୍ୟରେ କାମ, କ୍ରୋଧ, ହିଂସାଦି ଦୁର୍ଗୁଣ ପୂର୍ଣ୍ଣ ହୋଇଥାଉ, ତା'ର ସତ୍ତାର କୌଣସି ଭାଗରେ ଟିକିଏ ଯଦି ଭଗବତ୍ ବିଶ୍ୱାସ ଉତ୍ପନ୍ନ ହୁଏ ଏବଂ ସେ ସେହି ବିଶ୍ୱାସକୁ ଧରି ରଖିଥାଏ, ତେବେ ସେ କ୍ରମଶଃ ସମସ୍ତ ଦୋଷଦୁର୍ଗୁଣରୁ ମୁକ୍ତ ହୋଇ ଲକ୍ଷ୍ୟରେ ପହଞ୍ଚିପାରେ । ଭଗବତ୍ ବିଶ୍ୱାସ ସାକ୍ଷାତ୍ ଭଗବାନଙ୍କର ଅଲୌକିକ ଶକ୍ତି । ତା' ମଧ୍ୟରେ ସମସ୍ତ କାର୍ଯ୍ୟ ସିଦ୍ଧ କରିବାରେ ମହାନ୍ ସାମର୍ଥ୍ୟ ବିଦ୍ୟମାନ । ଭଗବାନ୍ ଯେଉଁ କାର୍ଯ୍ୟ ନ କରନ୍ତି, ଭଗବତ୍ ବିଶ୍ୱାସ ତାହା କରିପାରେ । ଭଗବାନ୍ ଶ୍ରୀରାମ ସମୁଦ୍ର ପାରିହେବା ସକାଶେ ସେତୁବନ୍ଧ ନିର୍ମାଣ କରିଥିଲେ । ହନୁମାନ୍ ଶ୍ରୀରାମଙ୍କ ଉପରେ ବିଶ୍ୱାସ ରଖି ସମୁଦ୍ରକୁ ଡେଇଁଯାଇ ଥିଲେ । ବ୍ୟକ୍ତି ଭଗବାନଙ୍କ ଉପରେ ବିଶ୍ୱାସ ରଖି ପାରିଲେ ମହାନ୍ କାର୍ଯ୍ୟ ଅନାୟାସରେ କରିପାରେ । ବ୍ୟକ୍ତି ବିପଦରୁ ରକ୍ଷାପାଇବା ନିମିତ୍ତ ଯେଉଁ ସମୟରେ କୌଣସି ଉପାୟ ନ ଥାଏ, ଇନ୍ଦ୍ର, ଚନ୍ଦ୍ର, ବରୁଣ, କୁବେର, ବ୍ରହ୍ମା, ବିଷ୍ଣୁ ଯେଉଁ ବିପଦରୁ ରକ୍ଷା କରିବାକୁ ସମର୍ଥ ନୁହନ୍ତି, ସେହି ବିପଦରୁ ଭଗବତ୍ ବିଶ୍ୱାସ କବଚସଦୃଶ ବ୍ୟକ୍ତିକୁ ରକ୍ଷାକରେ । ଭଗବତ୍ ବିଶ୍ୱାସର ଅତୁଳନୀୟ ଶକ୍ତି, ଅକଳ୍ପନୀୟ ଜ୍ଞାନ ଅଛି । ସେ ଭକ୍ତର ବାଞ୍ଛାକଳ୍ପତରୁ, ଭକ୍ତକୁ ଅଦେୟ କିଛି ତା'ର ନ ଥାଏ । ଭକ୍ତ ଯାହା ଚାହେଁ ଏବଂ ତା'ର ଯେଉଁଥିରେ କଲ୍ୟାଣ ହୁଏ, ଭଗବତ୍ ବିଶ୍ୱାସ ତାହା କରେ । ଭଗବତ୍ ବିଶ୍ୱାସ ସହିତ କୋଟିଏ ପାର୍ଥିବ ସନ୍ତାନବତ୍ସଳା ମା'ର ତୁଳନା କରାଯାଇପାରେ ନାହିଁ ।

ପ୍ରଶ୍ନ : ତୁମ କହିବା ଅତିରଞ୍ଜିତ ମନେ ହେଉଛି । ଭଗବାନ୍ ସର୍ବଶକ୍ତିମାନ୍, ସେ ସବୁକିଛି କରିବାରେ ସମର୍ଥ । କିନ୍ତୁ ଭଗବାନ୍ ଯାହା ନ କରନ୍ତି ଭଗବତ୍ ବିଶ୍ୱାସର ଶକ୍ତି ତାହା କରିପାରେ, ଏହା କିପରି ସମ୍ଭବ ?

ଉତ୍ତର : ଏହା ସମ୍ଭବହୁଏ ଭଗବତ୍ କୃପାରେ । ଭଗବାନଙ୍କର ଭକ୍ତ ଅତ୍ୟନ୍ତ ପ୍ରିୟ । ଭକ୍ତର ପ୍ରତିଜ୍ଞା ଏବଂ ଭକ୍ତର ଇଚ୍ଛା ଭଗବାନ୍ ସର୍ବଥା ପୂର୍ଣ୍ଣ କରନ୍ତି । କାରଣ ଭକ୍ତ ନିଜକୁ ତାଙ୍କରି ଚରଣରେ ନିବେଦନ କରିଦେଇଥାଏ । ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ଅସ୍ତ୍ର ନ ଧରିବାକୁ ପ୍ରତିଜ୍ଞା କରିଥିଲେ । ବିଶ୍ୱାସୀ ଭକ୍ତ ଭୀଷ୍ମ ପିତାମହ ଶ୍ରୀକୃଷ୍ଣଙ୍କୁ ଅସ୍ତ୍ର ଧରେଇ ଦେବାକୁ ପ୍ରତିଜ୍ଞା କଲେ । ଶ୍ରୀକୃଷ୍ଣ ନିଜ ପ୍ରତିଜ୍ଞା ଛାଡ଼ି ଭୀଷ୍ମପିତାମହଙ୍କ ପ୍ରତିଜ୍ଞା ରଖିବା ସକାଶେ ଅସ୍ତ୍ର ଧାରଣ କରିଥିଲେ ।

ଲଙ୍କାରେ ରାବଣ ସହିତ ଯୁଦ୍ଧ କରିବା ସକାଶେ ଶ୍ରୀରାମ ସମୁଦ୍ରରେ ବନ୍ଧ ବନ୍ଧେଇ ସୁଗ୍ରୀବ, ଜାମ୍ବବ, ଅଙ୍ଗଦାଦି ବୀର ଓ ଅସଂଖ୍ୟ କପିସେନଙ୍କୁ ନେଇ ଲଙ୍କାରେ ରାବଣ ସହିତ ବହୁଦିନ ଯୁଦ୍ଧ କରିଥିଲେ । କେତେବାର ମେଘନାଦର ମାୟା ଯୁଦ୍ଧରେ, ଶ୍ରୀରାମ ଲକ୍ଷ୍ମଣ ଏବଂ କପିସେନା ପରାସ୍ତ ହୋଇଥିଲେ । ଶ୍ରୀରାମ, ଲକ୍ଷ୍ମଣ ନାଗପାଶ ବନ୍ଧନକୁ ମଧ୍ୟ ସ୍ୱୀକାର କରିଥିଲେ । ଏହା ଥିଲା ତାଙ୍କର ଅବତାରର ମର୍ଯ୍ୟାଦା ବା ଲୋକଶିକ୍ଷାର ଆଦର୍ଶ । କିନ୍ତୁ ଶ୍ରୀରାମଚନ୍ଦ୍ରଙ୍କ ସେବକ ହନୁମାନଙ୍କ ସକାଶେ ଏହି ନିୟମ ନ ଥିଲା । ସେ ଶ୍ରୀରାମଙ୍କ ଉପରେ ବିଶ୍ୱାସ ରଖି ଏକା ସମୁଦ୍ର ଡେଇଁ ଲଙ୍କାରେ ପହଞ୍ଚିଥିଲେ । ଅଶୋକ ବନ ଭାଙ୍ଗି ରାବଣପୁତ୍ର ସମେତ ବହୁତ ସେନା ନାଶକଲେ । ରାବଣର ମେଘନାଦ ଏବଂ ମହାନ୍ ଅଜେୟ ବଳଶାଳୀ ସେନା ବିଦ୍ୟମାନ ଥିବା ସମୟରେ ଲଙ୍କା ଦହନ କରି ଅରକ୍ଷିତ ସଦୃଶ ଅସଂଖ୍ୟ ରାକ୍ଷସଙ୍କୁ ବଦ୍ଧ କରିଥିଲେ । ରାବଣର ବହୁ ଅସ୍ତ୍ରଶସ୍ତ୍ର କାରଖାନା ନଷ୍ଟ କରିଥିଲେ । ଗଡ଼ଖାଇ ତଥା ଶତ୍ରୁ ବିନାଶକାରୀ ସୁସଜ୍ଜିତ ଅସ୍ତ୍ରଶସ୍ତ୍ରକୁ ଧୂଳିସାତ୍ କରିଥିଲେ । ଅସ୍ତ୍ରାଗାରକୁ ବି ଧ୍ୱଂସ କରିଥିଲେ ଏବଂ ରାବଣର ପ୍ରାଣପ୍ରିୟ ରାଜଧାନୀ ସ୍ୱର୍ଣ୍ଣମୟୀ ଲଙ୍କାକୁ ଜଳାଇ ଛାରଖାର କରିଥିଲେ । ହନୁମାନର ଅସହ୍ୟ ଅତ୍ୟାଚାର ରାବଣ ସ୍ୱଚକ୍ଷୁରେ ଦେଖି ତାଙ୍କର କିଛି ମାତ୍ର ଅନିଷ୍ଟ କରିପାରି ନ ଥିଲେ । ଏହା ଥିଲା ହନୁମାନଙ୍କର ଶ୍ରୀରାମଙ୍କ ପ୍ରତି ଦୃଢ଼, ଅଟଳ ବିଶ୍ୱାସର ପ୍ରଭାବ । ଭଗବତ୍ ବିଶ୍ୱାସ ପାଖରେ ଅସାଧ୍ୟ କିଛି ନ ଥାଏ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଦୁରୂହ ମନ-ପ୍ରାଣ-ଶରୀରର ରୂପାନ୍ତର ସକାଶେ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିବାକୁ ହୁଏ ।

ପ୍ରଶ୍ନ : କେତେକ ବ୍ୟକ୍ତି ପ୍ରଶ୍ନ କରନ୍ତି, ଶ୍ରୀଅରବିନ୍ଦ ବହୁତ ସ୍ଥାନରେ ଭଗବାନ୍ ତଥା ଭାଗବତୀ ଶକ୍ତିକୁ ସମର୍ପଣ କରିବା କଥା ଲେଖିଛନ୍ତି । ଆଶ୍ରମର ଏବଂ ବାହାରେ ଥିବା ସମସ୍ତ ସାଧକ ଓ ଭକ୍ତ ଆଶ୍ରମର ଏହି ମା'ଙ୍କୁ ସମର୍ପଣ କରନ୍ତି । ସୁତରାଂ ଶ୍ରୀଅରବିନ୍ଦଙ୍କ କହିବା ଭଗବାନ୍ ଏବଂ ଭାଗବତୀ ଶକ୍ତି ତଥା ଆଶ୍ରମର ମା' କ'ଣ ଏକ ତତ୍ତ୍ୱ ?

ଉତ୍ତର : ନିଶ୍ଚୟ ।

ଶ୍ରୀଅରବିନ୍ଦ ବହୁତ ସ୍ଥାନରେ ଏହା କହିଛନ୍ତି । ବିଶେଷତଃ ସାଧକମାନଙ୍କ ପତ୍ର ଉତ୍ତରରେ "On yoga" ରେ ବାରଂବାର ଲେଖିଛନ୍ତି ।

Letters of Sri Aurobindo on the Mother ବହିରେ ମଧ୍ୟ ସ୍ପଷ୍ଟରୂପେ ପ୍ରଶ୍ନର ଉତ୍ତର ଅଛି । ଏଠାରେ ସେଥିରୁ କିଛି ଅଂଶ ଉଦ୍ଧୃତ କରିବା ।

Do you not refer to the Mother (Our Mother) in your book. "The Mother ?"

''ମା' ବହିରେ କ'ଣ ଆପଣ ଆମ୍ଭର ଏହି ମା'ଙ୍କୁ ଭାଗବତୀ ଜନନୀ ବୋଲି ସମ୍ବୋଧନ କରିଅଛନ୍ତି ?

Ans. Yes.

ଉତ୍ତର : ହଁ ।

Q. Is not the "Individual" Divine Mother who has embodied "The power of these two vaster ways of existence" Transcendent and universal ?

Ans. Yes

ପ୍ରଶ୍ନ : ବ୍ୟକ୍ତି ରୂପରେ ସେ କ'ଣ ସେହି ଦିବ୍ୟ-ଜନନୀ ନୁହନ୍ତି ଯେ କି ବିଶ୍ୱଗତ ଓ ବିଶ୍ୱାତୀତ ସତ୍ତା – ଏହି ଦୁଇ ବୃହତ୍ତର ଧାରା ଓ ଶକ୍ତିକୁ ମୂର୍ତ୍ତ କରିଛନ୍ତି ?

ଉତ୍ତର : ହଁ ।

Q. Has she not descended here (amongst us) into Darkness and falsehood and Error and Death in her deep and great love for us ?

Ans. Yes

ପ୍ରଶ୍ନ : ସେ କ'ଣ ଏଠାରେ ଆମ୍ଭମାନଙ୍କ ମଝିରେ, ଏହି ଅନ୍ଧକାର, ମିଥ୍ୟା, ଭ୍ରାନ୍ତି ଓ ମୃତ୍ୟୁଲୋକରେ ଆମ୍ଭମାନଙ୍କ ପ୍ରତି ଗଭୀର ଓ ମହାନ୍ ପ୍ରେମବଶରେ ଅବତରି ଆସି ନାହାନ୍ତି ?

ଉତ୍ତର : ହଁ ।

ଯଥାର୍ଥରେ ଏହି ଯୋଗର ପରିଚାଳିକା ତଥା ସାଧନା ଏବଂ ସିଦ୍ଧି ହେଉଛନ୍ତି ମା' । ଏହି କାର୍ଯ୍ୟ କରିବା ସକାଶେ ସେ ପୃଥିବୀକୁ ମନୁଷ୍ୟ-ଶରୀର ଧାରଣ କରି ଆସିଛନ୍ତି ଏବଂ ଆମ୍ଭମାନଙ୍କୁ ଲକ୍ଷ୍ୟରେ ପହଞ୍ଚାଇ ଦେବା ସକାଶେ ସ୍ୱୟଂ ସାଧନା କରୁଛନ୍ତି । ଗୁରୁ ବା ପଥ ପ୍ରଦର୍ଶିକା ରୂପେ ଯୋଗମାର୍ଗର ସମସ୍ତ ବାଧା ବିପତ୍ତିକୁ ଦୂର କରି ଆମ୍ଭମାନଙ୍କୁ ଲକ୍ଷ୍ୟ ଦିଗରେ ନେଇ ଯାଉଛନ୍ତି । ମା' ଶ୍ରୀଅରବିନ୍ଦ ହେଉଛନ୍ତି ଯୁଗାବତାର । ତାଙ୍କୁ ସମର୍ପଣ କଲେ ଆମ୍ଭେମାନେ ଏହି ଦୁରୂହ ମାର୍ଗ ସହଜରେ ଅତିକ୍ରମ କରି ଲକ୍ଷ୍ୟରେ ପହଞ୍ଚିପାରିବା ।

ବିଶ୍ୱାସୀ ଭକ୍ତ ସୁଧନ୍ୱା

ମହାଭାରତ ଯୁଦ୍ଧ ପରେ ଯୁଧିଷ୍ଠିର ଅଶ୍ୱମେଧ ଯଜ୍ଞ କରିବା ଉଦ୍ଦେଶ୍ୟରେ ଯଜ୍ଞ ଅଶ୍ୱ ଛାଡ଼ି ଦେଲେ; ତା' ରକ୍ଷାରେ ରହିଲେ ବଳଶାଳୀ ସେନା ସହିତ ଅର୍ଜୁନ । ସେ ସମୟର ପ୍ରଥା ଅନୁସାରେ ଅଶ୍ୱମେଧ ଯଜ୍ଞ ଚକ୍ରବର୍ତ୍ତୀ ରାଜାଙ୍କ ଛଡ଼ା ଅନ୍ୟ ରାଜା କରି ପାରୁ ନ ଥିଲେ । ଯଜ୍ଞର ଘୋଷଣା କରି ଯଜ୍ଞ ଅଶ୍ୱ ଛାଡ଼ି ଦିଆହେଉଥିଲା, ତା' ରକ୍ଷାରେ ସେନା, ସେନାପତି ରହୁଥିଲେ । ଅଶ୍ୱ ରାଜାମାନଙ୍କ ରାଜ୍ୟରେ ବିଚରଣ କରି ଫେରି ଆସିଲେ ରାଜା ଚକ୍ରବର୍ତ୍ତୀ ମାନ୍ୟ ହେଉଥିଲେ ଏବଂ ଅଶ୍ୱମେଧ ଯଜ୍ଞ କରିପାରୁଥିଲେ । ଯେଉଁ ରାଜା ଅଶ୍ୱକୁ ବନ୍ଦି କରୁଥିଲେ ତାଙ୍କ ସହିତ ଯୁଦ୍ଧ କରି ତାଙ୍କୁ ଜିଣି ଅଶ୍ୱମୁକ୍ତ କରୁଥିଲେ । ଯୁଧିଷ୍ଠିରଙ୍କ ଅଶ୍ୱମେଧ ଯଜ୍ଞ ଘୋଷଣା ଶୁଣି ରାଜା ହଂସଧ୍ୱଜ ରାଜ୍ୟ ସୀମାରେ ଦୂତ ନିଯୁକ୍ତ କଲେ ଏବଂ

ଯୁଧିଷ୍ଠିରଙ୍କ ଯଜ୍ଞଅଶ୍ୱ ବନ୍ଦି କରିବାକୁ ଆଦେଶ ଦେଲେ ତଥା ଯୁଦ୍ଧ ସକାଶେ ପୂର୍ଣ୍ଣରୂପେ ପ୍ରସ୍ତୁତ ହେଲେ । ତାଙ୍କ ରାଜ୍ୟରେ ଅଶ୍ୱ ପ୍ରବେଶ କରିବା ମାତ୍ରେ ବନ୍ଦିକରି ନିଆହେଲା । ଅଶ୍ୱ ରକ୍ଷାରେ ଥିଲେ ସେନା ସହିତ ମହାଭାରତ ଯୁଦ୍ଧରେ ପୃଥିବୀର ବିଖ୍ୟାତ ମହାବୀର ଅର୍ଜୁନ । ତାଙ୍କ ସହିତ କୌଣସି ଯୋଦ୍ଧା ଯୁଦ୍ଧ କରିବାକୁ ସାହସ କରିପାରେ ଏହି କଳ୍ପନା ତାଙ୍କର ନ ଥିଲା । ଉଭୟ ରାଜଦୂତଙ୍କ କଥାବାର୍ତ୍ତା ହେବାପରେ ଯୁଦ୍ଧ ଆରମ୍ଭ ହେଲା । ରାଜା ହଂସଧ୍ୱଜଙ୍କ ସେନା ମଧ୍ୟରୁ ତାଙ୍କ ସମ୍ମୁଖ ଯୁଦ୍ଧ କରିବା ସକାଶେ ଆସିଲେ ହଂସଧ୍ୱଜଙ୍କ ଛୋଟ ପୁତ୍ର ଅଳ୍ପ ବୟସର ଯୁବକ ସୁଧନ୍ୱା । ଭୀଷ୍ମ ,ଦ୍ରୋଣଙ୍କ ବିଜେତା ମହାବୀର ଅର୍ଜୁନଙ୍କ ସାମନାରେ ସୁଧନ୍ୱା ଏକେବାରେ ନଗଣ୍ୟ । ଅତ୍ୟନ୍ତ ହେୟ ଦୃଷ୍ଟିରେ ଅର୍ଜୁନ ପ୍ରଶ୍ନ କଲେ, ''ସୁଧନ୍ୱା, ମୋତେ ଜାଣ ? ମୁଁ ମହାଭାରତ ଯୁଦ୍ଧର ବିଜେତା ବୀର ଅର୍ଜୁନ ।'' ସୁଧନ୍ୱା ଉତ୍ତର ଦେଲେ, ''ମୁଁ ତୁମକୁ ଜାଣେ, ତୁମେ ମହାଭାରତ ଯୁଦ୍ଧର ମହାନ୍ ବିଜୟୀ ବୀର । କିନ୍ତୁ ଆଜି ଯଦି ଯୁଦ୍ଧରେ ପରାସ୍ତ ହେବାକୁ ନ ଚାହଁ ତେବେ ଫେରିଯାଅ ।'' ପୃଥିବୀ ବିଜୟୀ ବୀର ଅର୍ଜୁନ ଜଣେ ଯୁଦ୍ଧବିଦ୍ୟାରେ ବାଳକ ସଦୃଶ ସୁଧନ୍ୱାର ଏହିପରି ତିରସ୍କାର ଉତ୍ତରରେ ବିଶେଷ ଉତ୍ତେଜିତ ହୋଇ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଗାଣ୍ଡିବଧନୁକୁ ହାତରେ ଧରି ସୁଧନ୍ୱାକୁ ସାବଧାନ କରାଇଦେଲେ । ଦୁଇ ଦଳ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ଅର୍ଜୁନଙ୍କ ସମସ୍ତ ବାଣକୁ ସୁଧନ୍ୱା କାଟିଦେଲେ ଏବଂ ଅର୍ଜୁନଙ୍କ ସେନାଙ୍କୁ ବାଣରେ ଜର୍ଜରିତ କରିଦେଲେ । ସୁଧନ୍ୱାଙ୍କ ବିଚକ୍ଷଣ ବୀରତ୍ୱ ଦେଖି ତାଙ୍କ ପ୍ରତି ଅର୍ଜୁନଙ୍କର ଯେଉଁ ହେୟ ଧାରଣା ଥିଲା ତାହା ପରିବର୍ତ୍ତନ ହେଲା । ସୁଧନ୍ୱା ଥିଲେ ଶ୍ରୀକୃଷ୍ଣଙ୍କର ଅନନ୍ୟ ବିଶ୍ୱାସୀ ଭକ୍ତ । ସେ ନିଜ ମନରେ ଭାବିଲେ, ''ଜୀବନର ଉଦ୍ଦେଶ୍ୟ ତଥା ଅର୍ଥହିଁ ଭଗବତ୍ ପ୍ରାପ୍ତି । ମନୁଷ୍ୟ ପୃଥିବୀରେ ଜନ୍ମ ଗ୍ରହଣ କରି ସବୁକିଛି ପ୍ରାପ୍ତ କରେ, କିନ୍ତୁ ଭଗବତ୍ ପ୍ରାପ୍ତି ନ କଲେ ତା' ଜୀବନ ବ୍ୟର୍ଥ ହୁଏ । ବର୍ତ୍ତମାନ ମୋ ସକାଶେ ପରମ ସୁଯୋଗ । କ୍ଷତ୍ରଧର୍ମାନୁସାରେ ମହାବୀର ପରମଭକ୍ତ ଅର୍ଜୁନଙ୍କ ସହିତ ଯୁଦ୍ଧକରି ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ତାଙ୍କୁ ଦେଖୁ ଦେଖୁ ଯଦି ଶରୀର ତ୍ୟାଗ କରେ ତେବେ ସହଜରେ ଭଗବତ୍ ପ୍ରାପ୍ତି କରି ଜୀବନ ସାର୍ଥକ କରିପାରିବି । ଏପରି ସୁଯୋଗ ଆଉ ଜୀବନରେ କେବେ ଘଟିବ ନାହିଁ ।'' ସେ ଅର୍ଜୁନଙ୍କୁ କହିଲେ, ''ମହାବୀର ଅର୍ଜୁନ, ତୁମେ ମହାଭାରତ ଯୁଦ୍ଧରେ ବିଜୟ ପ୍ରାପ୍ତ କରିଥିଲ ତୁମ ସାରଥିଙ୍କ ଯୋଗୁଁ । ଆଜି ତୁମ ସାରଥି ତୁମ ରଥରେ ନାହାନ୍ତି । ତାଙ୍କୁ ଡାକ, ସେ ତୁମ ରଥରେ ବସିଲେ ତୁମର ବିଜୟ ସୁନିଶ୍ଚିତ ।'' ଅର୍ଜୁନ ସ୍ୱୟଂ ଭାବି ସାରିଥିଲେ । ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବାମାତ୍ରେ ଅର୍ଜୁନଙ୍କ ରଥରେ ଶ୍ରୀକୃଷ୍ଣ ବିରାଜମାନ ହେଲେ । ସୁଧନ୍ୱା ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାମାତ୍ରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଭଗବାନଙ୍କ ରୂପ ସମୁଦ୍ରରେ ଡୁବିଗଲେ । କିଛି ସମୟପରେ ସାବଧାନ ହୋଇ ଶ୍ରୀକୃଷ୍ଣଙ୍କୁ ମନେ ମନେ ସ୍ତୁତିକରି କହିଲେ, ''ଅର୍ଜୁନ, ତୁମେ ଧନ୍ୟ, ତୁମେ ଭଗବାନଙ୍କୁ ବଶ କରି ରଖିଛ ।'' ପୁନରାୟ ଯୁଦ୍ଧ ଆରମ୍ଭ ହେଲା, ଉଭୟେ ଉଭୟଙ୍କୁ ପରାଜିତ କରିବା ସକାଶେ ପ୍ରାଣପଣେ ଚେଷ୍ଟା କରୁଥା'ନ୍ତି । ଦୁଇବୀର ଏତେ କ୍ଷିପ୍ରଗତିରେ ବାଣ ପ୍ରୟୋଗ କରୁଥା'ନ୍ତି ଯେ ତୂଣୀରରୁ ବାଣଆଣି ଧନୁଶରରେ ରଖି ଛାଡ଼ିବା ଦେଖାଯାଉ ନ ଥାଏ । କେବଳ ବର୍ଷା ସଦୃଶ ବାଣ ବୃଷ୍ଟି ହେଉଥାଏ । ଅର୍ଜୁନଙ୍କ ବାଣକୁ ସୁଧନ୍ୱା, ସୁଧନ୍ୱାଙ୍କ ବାଣକୁ ଅର୍ଜୁନ କାଟିଦେଉଥା'ନ୍ତି । ସୁଧନ୍ୱା ପରାସ୍ତ ନ ହେବାରୁ ଅର୍ଜୁନ କିଛି ଚିନ୍ତିତ ହୋଇ ପଡ଼ିଥିଲେ । କିନ୍ତୁ ସୁଧନ୍ୱା ଥିଲେ ପ୍ରସନ୍ନ । ତାଙ୍କର ଉଦ୍ଦେଶ୍ୟ ବା ଆଶା ଅର୍ଜୁନଙ୍କୁ ପରାସ୍ତ ବା ବଧ କରିବା ନ ଥିଲା, ତାଙ୍କର ଦୃଢ଼ ବିଶ୍ୱାସ ଥିଲା ବୀରତ୍ୱ ସହିତ ଅର୍ଜୁନଙ୍କ ସହ ଯୁଦ୍ଧ କରି ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଅର୍ଜୁନଙ୍କ ବାଣରେ ଶରୀର ତ୍ୟାଗ କରି ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ କରିବେ ।

ସୁଧନ୍ୱା ଅତ୍ୟନ୍ତ ପ୍ରସନ୍ନତା ସହିତ କହିଲେ, ''ବିଜୟୀ ଯୋଦ୍ଧା ଅର୍ଜୁନ, ତୁମ ରଥର ପରିଚାଳକ ସ୍ୱୟଂ ଶ୍ରୀକୃଷ୍ଣ । ତୁମେ ଯଦି ମୋତେ ବଧ କରିବାକୁ ପ୍ରତିଜ୍ଞା କର ତେବେ ତୁମ ପ୍ରତିଜ୍ଞାକୁ ଶ୍ରୀକୃଷ୍ଣ ଅବଶ୍ୟ ରକ୍ଷା କରିବେ ।''

ସୁଧନ୍ୱାଙ୍କର ଏହି ନିର୍ଭୀକ ବାକ୍ୟ ଶୁଣି ଅର୍ଜୁନ ବିସ୍ମିତ ହୋଇପଡ଼ିଲେ । କହିଲେ ସୁଧନ୍ୱା, ''ତୁମେ ଯୁଦ୍ଧରେ ଏପର୍ଯ୍ୟନ୍ତ ବଞ୍ଚି ରହିଥିବାରୁ ନିଜକୁ ମହାବୀର ମନେ କରିଅଛ । ମୁଁ ପ୍ରତିଜ୍ଞା କରୁଛି ତୁମର ଏହି ଗର୍ବକୁ ଚୂର୍ଣ୍ଣକରି ତିନିବାଣରେ ତୁମ ଶିରଚ୍ଛେଦ କରିବି ।'' ସୁଧନ୍ୱା ସହାସ୍ୟରେ କହିଲେ, ''ମହାବୀର ଅର୍ଜୁନ ତୁମେ ଯେଉଁ ଶ୍ରୀକୃଷ୍ଣଙ୍କ ଭରସାରେ ପ୍ରତିଜ୍ଞା କଲ, ମୁଁ ସେହି ଶ୍ରୀକୃଷ୍ଣଙ୍କ ଭରସାରେ ପ୍ରତିଜ୍ଞା କରୁଛି, ତୁମର ତିନିବାଣ ମୁଁ କାଟିବି ।''

ଦୁଇବୀରଙ୍କର ଏହି ପ୍ରତିଜ୍ଞା ଶୁଣି ଦୁଇପକ୍ଷର ସେନା ଏବଂ ସେନାପତିମାନେ ଯୁଦ୍ଧ ସ୍ଥଗିତ କରି ଅର୍ଜୁନ ସୁଧନ୍ୱାଙ୍କ ଯୁଦ୍ଧକୁ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଲେ । ଯୁଦ୍ଧସ୍ଥଳ, ନିସ୍ତବ୍ଧ, ନୀରବ । ଅର୍ଜୁନ ପ୍ରଥମ ବାଣ ଧନୁରେ ଚଢ଼ାଇ ପ୍ରତ୍ୟଞ୍ଚା ଟାଣି ଛାଡ଼ି ଦେଲେ । ଧନୁସ୍ ଟାଣିବା ଶବ୍ଦରେ ଆକାଶ କମ୍ପିଗଲା । କିନ୍ତୁ ସୁଧନ୍ୱା ଅର୍ଜୁନଙ୍କ ବାଣକୁ କାଟିଦେଲେ । ଦ୍ୱିତୀୟ ବାଣକୁ ମଧ୍ୟ ସୁଧନ୍ୱା କାଟିଦେଲେ । ଶେଷ ବାଣ ହେଉଛି ତୃତୀୟ । ଏହି ବାଣକୁ ଆତଙ୍କିତ ଦୃଷ୍ଟିରେ ଦୁଇପକ୍ଷର ସେନା ଦେଖୁଥା'ନ୍ତି । କାଳସଦୃଶ ବାଣ ତୂଣୀରରୁ ଆଣି ଧନୁରେ ରଖିବା ସମୟରେ ଶର ତେଜରେ ଆଖି ଝଲସି ଯାଉଥିଲା । କିନ୍ତୁ ଅର୍ଜୁନ ମନ୍ତ୍ର ପଢ଼ି ବାଣ ଛାଡ଼ିଦେବା ସମୟରେ ବାଣ ତେଜରେ ଆକାଶ ଆଲୋକିତ ହୋଇଗଲା । କାଳାଗ୍ନି ସଦୃଶ ଅବ୍ୟର୍ଥ ବାଣକୁ ସୁଧନ୍ୱା କାଟିଦେଲେ । ଭଗବାନଙ୍କର ଏହି ଅସୀମ କୃପାଦେଖି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ତାଙ୍କ ହୃଦୟ ଆନନ୍ଦରେ ନାଚିଉଠିଲା । ମନେ ମନେ କହିଲେ, ''ପ୍ରଭୁ, ତୁମେ ମୋ ପ୍ରତିଜ୍ଞା ରଖିଲ ଏବଂ ଅର୍ଜୁନଙ୍କ ପ୍ରତିଜ୍ଞା ରକ୍ଷା କରିବ । ମୁଁ ତୁମକୁ ସମ୍ମୁଖରେ ଦେଖୁ ଦେଖୁ ଶରୀର ତ୍ୟାଗକରି ତୁମକୁ ପ୍ରାପ୍ତ କରିବି, ତୁମ କୃପାର ଜୟ ହେଉ ଭଗବାନ୍ ।'' ସୁଧନ୍ୱାଙ୍କ ସମସ୍ତ ସତ୍ତାରେ ଭଗବତ୍ ଆନନ୍ଦ ଏବଂ କୃପା ପୂର୍ଣ୍ଣ ହୋଇଗଲା, ସେ ଭଗବତ୍ ଦିବ୍ୟ ଆନନ୍ଦରେ ଡୁବିଗଲେ । ଅର୍ଜୁନଙ୍କ ବାଣ ସୁଧନ୍ୱାଙ୍କ ଦ୍ୱାରା କଟା ହୋଇଥିବା ଶେଷ ଭାଗ ତଳେ ପଡ଼ିଗଲା, କିନ୍ତୁ ପ୍ରଥମ ଭାଗ ତଳେ ନ ପଡ଼ି ସୁଧନ୍ୱାଙ୍କ ମସ୍ତକ ଛେଦନ କଲା । ସେହି ବାଣରେ ଥିଲେ ବିଷ୍ଣୁଶକ୍ତି, ମୃତ୍ୟୁ ଏବଂ ବିଶ୍ୱକର୍ମାର ଶକ୍ତି । ଶ୍ରୀକୃଷ୍ଣ ଦୁଇଭକ୍ତଙ୍କ ପ୍ରତିଜ୍ଞା ରକ୍ଷାକରିବା ଦେଖି ଦୁଇପକ୍ଷ ସେନାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଏକସ୍ୱରରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜୟଜୟକାର କଲେ । ଜୟ ଶବ୍ଦରେ ଆକାଶ ମୁଖର ହୋଇଉଠିଲା । ସମସ୍ତ ବ୍ୟକ୍ତି ଭଗବାନଙ୍କ ଭକ୍ତବତ୍ସଳତା ଗୁଣ ପ୍ରତ୍ୟକ୍ଷ ଦେଖି ତାଙ୍କ ପ୍ରତି କୃତଜ୍ଞତାରେ ହୃଦୟ ପୂର୍ଣ୍ଣ ହୋଇଗଲା । ସୁଧନ୍ୱାଙ୍କ ଆତ୍ମା ଶରୀର ତ୍ୟାଗ କରି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହେଲା । ଏହା ଭଗବାନଙ୍କ ପ୍ରତି ବିଶ୍ୱାସର ପ୍ରତ୍ୟକ୍ଷ ଫଳ । ଭଗବାନ୍ ସବୁସମୟରେ ବ୍ୟକ୍ତିକୁ ସାହାଯ୍ୟ କରିବାକୁ ଚାହାନ୍ତି । କିନ୍ତୁ ତା'ର ନିଜର ଅହଂ, ସ୍ୱାର୍ଥ ଦ୍ୱାରା ମନ, ପ୍ରାଣ, ଶରୀର ଆଧାର ଦୃଢ଼ରୂପେ ବନ୍ଦଥାଏ । ଭଗବତ୍ ଶକ୍ତି ତା ମଧ୍ୟରେ ପ୍ରବେଶ କରିପାରେ ନାହିଁ । ସେ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବାକୁ ସଂକଳ୍ପ କଲେ ତା' ମଧ୍ୟରେ ଗୋଟିଏ ମାର୍ଗ ଉନ୍ମୁକ୍ତ ହୋଇଯାଏ । ସେହି ମାର୍ଗଦେଇ ଭଗବତ୍ ଶକ୍ତି ତା' ମଧ୍ୟରେ ପ୍ରବେଶ କରି ସମର୍ପଣ କରିବାକୁ ତିଆରି କରେ । ବ୍ୟକ୍ତି ଭଗବାନଙ୍କ ଉପରେ ଯେତେ ନିର୍ଭରଶୀଳ ହୁଏ, ଯେତେ ପରିମାଣରେ ନିଜ ସତ୍ତା ସମର୍ପଣ କରେ, ଭଗବାନ୍ ତା'ର ତେତେ ଦାୟିତ୍ୱ ଗ୍ରହଣ କରନ୍ତି । ବ୍ୟକ୍ତି ସଂପୂର୍ଣ୍ଣରୂପେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କଲେ, ଭଗବାନ୍ ପୂର୍ଣ୍ଣ ରୂପେ ତା' ମଧ୍ୟରେ ପ୍ରକାଶ ହୁଅନ୍ତି ଏବଂ ତାକୁ ପରିଚାଳିତ କରନ୍ତି । ସେହି ସମୟରେ ବ୍ୟକ୍ତି ପୂର୍ଣ୍ଣରୂପେ ନିର୍ଦ୍ୱନ୍ଦ୍ୱ ହୋଇଯାଏ । କେବଳ ଭଗବତ୍ ବିଶ୍ୱାସ, ଆତ୍ମ ସମର୍ପଣରେହିଁ ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ, ଜରା, ମୃତ୍ୟୁ ଇତ୍ୟାଦିରୁ ପୂର୍ଣ୍ଣରୂପେ ମୁକ୍ତ ହୁଏ । ସଂପୂର୍ଣ୍ଣରୂପେ ଏକତ୍ୱ ପ୍ରାପ୍ତ କରେ ଭଗବାନଙ୍କ ସହିତ । ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା । ଏହାହିଁ ଜୀବନ ସମସ୍ୟାର ସମାଧାନ । ଏଥିରେହିଁ ଜୀବନର ହୁଏ ସର୍ବାଙ୍ଗୀନ ବିକାଶ ଏବଂ ପୂର୍ଣ୍ଣତା । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ସିଦ୍ଧି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ସମର୍ପଣ

ଶ୍ରୀଅରବିନ୍ଦ ଭଗବାନଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା, ଭଗବତ୍ ଶକ୍ତି ନିକଟରେ ଆତ୍ମ-ସମର୍ପଣ ଉପରେ ଅଧିକ ଜୋର୍ ଦେଇଛନ୍ତି ।

ଏହାର କାରଣ ହେଲା, ମନୁଷ୍ୟର ବୁଦ୍ଧି ସୀମିତ, ପ୍ରାଣ ଅଶୁଦ୍ଧ ଏବଂ କଳୁଷିତ ତଥା ବିଷୟ ବାସନାରେ ଲିପ୍ତ । ଅଜ୍ଞାନ ଅନ୍ଧକାର ଶକ୍ତି ମନୁଷ୍ୟ ଶକ୍ତିଠାରୁ ମହାନ୍ ବଳଶାଳୀ, ଛଳ, କପଟ, ମାୟାଜାଲ ରଚନା କରିବାରେ ପ୍ରବୀଣ । ମନୁଷ୍ୟର ଏହି ଅଶୁଦ୍ଧ ମନ, ପ୍ରାଣକୁ ନାନାପ୍ରକାର ଛଳ, କପଟ, କଳ-କୌଶଳରେ ବିଷୟ-ପ୍ରଲୋଭନ

ଦେଇ ସହଜରେ ଅଧିକାର କରେ ଏବଂ ବ୍ୟକ୍ତିକୁ ଅଧାମ୍ ମାର୍ଗରୁ ଅବିଳମ୍ବେ ଟାଣି ନେଇପାରେ । ଏହି ଆସୁରୀ ଶକ୍ତିର ପ୍ରଲୋଭନରୁ ରକ୍ଷା ପାଇବାକୁ ହେଲେ ଏହାଠାରୁ ଅଧିକ ଶକ୍ତିସମ୍ପନ୍ନ ଭଗବାନଙ୍କ ଆଶ୍ରୟ ଗ୍ରହଣ କରି ତାଙ୍କ ଚରଣରେ ନିଜକୁ ସମର୍ପଣ କରିବାକୁ ହେବ । ସମର୍ପଣର ଭିତ୍ତି ବା ପ୍ରାଣ ହେଉଛି, ଶ୍ରଦ୍ଧା, ବିଶ୍ୱାସ ଏବଂ ନିର୍ଭରତା । ଏହା ଛଡ଼ା ସମର୍ପଣ ଅସମ୍ଭବ । ସେହି ସକାଶେ ଶ୍ରୀଅରବିନ୍ଦ ଏହାରି ଉପରେ ଅଧିକ ଜୋର୍ ଦେଇଛନ୍ତି ।

ବ୍ୟକ୍ତି ସମର୍ପଣର ରହସ୍ୟ ନ ଜାଣି କହିଦିଏ ''ମୋର ଆଉ କିଛି କରିବାର ନାହିଁ, ମୁଁ ଭଗବାନଙ୍କ ହାତରେ ନିଜକୁ ଛାଡ଼ି ଦେଇଛି । ଛୋଟ ଶିଶୁ ନିଜ ସକାଶେ କିଛି କରେ ନାହିଁ, ନିଜ ସକାଶେ ଚିନ୍ତା ବି କରେ ନାହିଁ, ତା' ସକାଶେ ସବୁ କରେ ମା', ସେହିପରି ମୁଁ ନିଜକୁ ଶିଶୁ ସଦୃଶ ଭଗବାନଙ୍କ ଚରଣରେ ନିବେଦନ କରି ଦେଇଛି, ଭଗବାନ୍ ମାତା ସଦୃଶ ମୋ ସକାଶେ ସବୁକିଛି କରିଦେବେ । ଏହି ଉଦାହରଣ ଆମ୍ଭପୂର୍ବଜ ଋଷି-ମୁନିମାନେ ଦେଇ ସମର୍ପଣର ଅର୍ଥ ବୁଝାଇ ଦେଇଅଛନ୍ତି ।'' ଛୋଟ ଶିଶୁ ମା' ଉପରେ ନିଜକୁ ଛାଡ଼ି ଦେବାର ଅର୍ଥ ସେ ମା' ଛଡ଼ା ଅନ୍ୟ କାହା ଉପରେ ନିର୍ଭରଶୀଳ ନ ଥାଏ ବା ନିଜ ରକ୍ଷା ସକାଶେ ଅନ୍ୟଠାରୁ ଆଶା ରଖେ ନାହିଁ । ତା' ଉପରେ ବାଘ, ସାପ ଆକ୍ରମଣ କଲେ ସେ ମା' କୋଳରୁ ଦୌଡ଼ିବା ଛଡ଼ା ଅନ୍ୟ କିଛି ଜାଣେ ନାହିଁ ।

ଆମ୍ଭମାନଙ୍କ ସମସ୍ତ ଇନ୍ଦ୍ରିୟ ନିଜ ନିଜ ଭୋଗ-ବାସନା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଯେପର୍ଯ୍ୟନ୍ତ ଧାବିତ ହେଉଛନ୍ତି ଏବଂ ପ୍ରଯତ୍ନ କରୁଛନ୍ତି, ଆମ୍ଭେମାନେ ସଙ୍କଟରୁ ରକ୍ଷା ହେବା ସକାଶେ ଯେପର୍ଯ୍ୟନ୍ତ ନିଜ ଉପରେ ନିର୍ଭରଶୀଳ ହୋଇ ପ୍ରଯତ୍ନ କରୁଅଛୁ ଏବଂ ଭଗବାନଙ୍କ ଛଡ଼ା ଅନ୍ୟ ଉପରେ ନିର୍ଭର କରୁଅଛୁ, ସେପର୍ଯ୍ୟନ୍ତ ଆମ୍ଭେମାନେ ଛୋଟ ଶିଶୁ ତୁଲ୍ୟ ନିଜକୁ କହିବାର ଅଧିକାର ନୋହୁଁ । ଯେତେବେଳେ ଆମ୍ଭମାନଙ୍କର ମନ-ପ୍ରାଣାଦି ସମସ୍ତ ସତ୍ତା, ସମସ୍ତ ଇନ୍ଦ୍ରିୟ କେବଳ ମା'ଙ୍କ ଉପରେ ନିର୍ଭରଶୀଳ ହେବେ, ସେତେବେଳେ ଆମ୍ଭେମାନେ ଛୋଟ ଶିଶୁ ସଙ୍ଗେ ନିଜକୁ ତୁଳନା କରିପାରିବା । ଏହି ଅବସ୍ଥା ଆସେ, ଆମ୍ଭର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବାରେ । ତା' ପୂର୍ବରୁ ପ୍ରତିକୂଳ ଅବସ୍ଥା ବା ଆକ୍ରମଣରୁ ରକ୍ଷା ହେବା ସକାଶେ ଦୃଢ଼ ସଙ୍କଳ୍ପ ସହ ସାହାଯ୍ୟ ସକାଶେ ମା'ଙ୍କୁ ଡାକିବାକୁ ହେବ ।

ସମର୍ପଣର ଅର୍ଥ ନିଜର ସମସ୍ତ ସତ୍ତା ଭଗବାନଙ୍କୁ ଦେଇଦେବା । ମନ, ପ୍ରାଣ, ଶରୀର ଭଗବାନଙ୍କର ହୋଇଗଲେ ସେଥିରେ ନିମ୍ନ ପ୍ରକୃତିର କ୍ରିୟା, କାମ, କ୍ରୋଧ, ହିଂସା, ଦ୍ୱେଷାଦି ଦୁର୍ଗୁଣ ରହିବ ନାହିଁ । ସେଥିରେ ହେବ ଭାଗବତୀ ଶକ୍ତିର କ୍ରିୟା । ଯେପର୍ଯ୍ୟନ୍ତ ଏହି ସତ୍ତାସବୁ ଭଗବତୋନ୍ମୁଖ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ସେସବୁ ପ୍ରତିକୂଳ ଶକ୍ତିର ଅଧୀନରେ ଥାଆନ୍ତି । ସମର୍ପଣର ଅର୍ଥ ପ୍ରତିକୂଳ ଶକ୍ତିର ଅଧୀନରୁ ମୁକ୍ତ କରି ଭଗବାନଙ୍କ ଚରଣରେ ନିବେଦନ କରିବା । ଆରମ୍ଭରୁ ଯଦି ଏହି ମନୋଭାବ ରଖି ବ୍ୟକ୍ତି ସଜାଗ ନ ହୋଇ ପ୍ରତିକୂଳ ଗତିବୃତ୍ତି, ବିଚାର ଏବଂ କ୍ରିୟାକୁ ତ୍ୟାଗ ନ କରେ ତେବେ ନିଜ ପତନର ମାର୍ଗ ନିଜେ ନିର୍ମାଣ କରେ । ଯେପର୍ଯ୍ୟନ୍ତ ସମସ୍ତ ସତ୍ତାରେ ଭାଗବତୀ ଶକ୍ତିର ଅଧିକାର ହୋଇ ନ ଥାଏ ସେପର୍ଯ୍ୟନ୍ତ ବ୍ୟକ୍ତିକୁ ପ୍ରତି ମୁହୂର୍ତ୍ତରେ ସଜାଗ ହୋଇ ସମର୍ପଣ କରିବା ଏବଂ ପ୍ରତିକୂଳ ଅବସ୍ଥା ତ୍ୟାଗ କରିବା ଉଚିତ । ଭଗବତ୍ ଶକ୍ତି ଜବରଦସ୍ତି ସମର୍ପଣ କରାଇ ଦିଅନ୍ତି ନାହିଁ । ସେ ଚାହାନ୍ତି ସମର୍ପଣ ବ୍ୟକ୍ତିଠାରୁ । କିନ୍ତୁ ବ୍ୟକ୍ତି ଭଗବତ୍ ସାହାଯ୍ୟ ଚାହିଁବା ମାତ୍ରେ ଭଗବାନ୍ ସାହାଯ୍ୟ କରନ୍ତି । ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତିଗତ ପ୍ରଯତ୍ନ ଦ୍ୱାରା ସକ୍ରିୟ ସମର୍ପଣ ଆବଶ୍ୟକ । କିନ୍ତୁ ଏହି ସମର୍ପଣରେ ବ୍ୟକ୍ତିଗତ ପ୍ରୟାସ ଯଦ୍ୟପି ରହିବା ଅନିବାର୍ଯ୍ୟ ତଥାପି ପୂର୍ଣ୍ଣରୂପେ ନିର୍ଭରତା ରଖିବାକୁ ହେବ ଭଗବାନଙ୍କ ଉପରେ । ଭଗବାନଙ୍କ ସାହାଯ୍ୟ ବିନା ସମର୍ପଣ ଅସମ୍ଭବ ।

ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ, ଅଥବା କିଛିଦୂର ଅଗ୍ରସର ହେବାପରେ ଆସୁରୀ ଶକ୍ତି ଏବଂ ନିଜର ଅହଂ, ସ୍ୱାର୍ଥ, ନିମ୍ନ ପ୍ରକୃତିର କାମନା-ବାସନା, ଭଗବତ୍ ବେଶ ଧାରଣ କରି ସାଧକକୁ ଠକିବାକୁ ଆସନ୍ତି, ବ୍ୟକ୍ତିର ମା'ଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ଥିଲେ ମା' ସାଧକର ଅନ୍ତରରେ କିଂବା ଅନ୍ୟ ଉପାୟରେ ସେସବୁ ଚିହ୍ନାଇ ଦିଅନ୍ତି ଏବଂ ସେସବୁକୁ ତ୍ୟାଗ କରିବା ସକାଶେ ସାଧକ ଚାହିଁଲେ ତାକୁ ଶକ୍ତି, ଜ୍ଞାନ ପ୍ରଦାନ କରନ୍ତି । ବ୍ୟକ୍ତି ମା'ଙ୍କ ଉପରେ ବିଶ୍ୱାସ ରଖିପାରିଲେ ସହଜରେ ଏହିସବୁକୁ ଅତିକ୍ରମ କରିଯାଏ । ଏହି କାରଣରୁ ମା'ଙ୍କ ପ୍ରତି ବିଶ୍ୱାସ ଅପରିହାର୍ଯ୍ୟ ।

ବିଶ୍ୱାସ ତଥା ପ୍ରୟାସ

ସାଧକର ଦୁଇଟି ଅବସ୍ଥା । ଗୋଟିକରେ ଭଗବତ୍ ବିଶ୍ୱାସ, ନିର୍ଭରତା ପ୍ରଧାନ – ବ୍ୟକ୍ତିଗତ ପ୍ରୟାସ ବା ସାଧନା ଗୌଣ । ଅନ୍ୟଟିରେ ବ୍ୟକ୍ତିଗତ ପ୍ରୟାସ ବା ସାଧନା ପ୍ରଧାନ – ଭଗବତ୍ ବିଶ୍ୱାସ ଗୌଣ । ଏହି ଦୁଇଟିଯାକ ଅବସ୍ଥା ବାହ୍ୟକର୍ମ ଏବଂ ଅଭୀପ୍ସା, ସମର୍ପଣ ଓ ପ୍ରତିକୂଳ ଅବସ୍ଥା, ଗତିବୃତ୍ତି ତଥା କର୍ମର ତ୍ୟାଗ ସଂପୂର୍ଣ୍ଣ ରୂପେ ଏକହିଁ ପ୍ରକାର, କେବଳ ଆନ୍ତରିକ ଭାବରେ ପୃଥକ୍ ।

ଭଗବତ୍ ବିଶ୍ୱାସକୁ ପ୍ରାଧାନ୍ୟ ଦେବା ବ୍ୟକ୍ତି ବ୍ୟକ୍ତିଗତ ପ୍ରୟାସ ବା ସାଧନାକୁହିଁ ଭଗବତ୍ କୃପା ଅଥବା ପ୍ରେରଣା ବୋଲି ମନେ କରନ୍ତି କିଂବା ଅନୁଭବ କରନ୍ତି । ଭଗବତ୍ କୃପାରେହିଁ ଲକ୍ଷ୍ୟସିଦ୍ଧି, ସେ ଧାରଣା କରିଥା'ନ୍ତି । ଅନ୍ୟଟିରେ ବ୍ୟକ୍ତିଗତ ପ୍ରୟାସ ବା ସାଧନା ପ୍ରଧାନ, ଭଗବତ୍ ବିଶ୍ୱାସ ଗୌଣ ଥାଏ । ବ୍ୟକ୍ତି ପ୍ରଯତ୍ନ ବା ସାଧନା କରନ୍ତି, ଏଥିରେ ସାହାଯ୍ୟ ସକାଶେ ଭଗବାନଙ୍କୁ ଡାକନ୍ତି, ଅଥବା ବିଶ୍ୱାସ କରନ୍ତି । କିନ୍ତୁ ବ୍ୟକ୍ତିଗତ ସାଧନାରେ ଅଧିକ ଜୋର୍ ଦେଇଥା'ନ୍ତି ।

ଏହି ଉଭୟ ଅବସ୍ଥାର ଭେଦ ବାହ୍ୟ ଦୃଷ୍ଟିରେ କୌଣସି ମତେ ନିର୍ଣ୍ଣୟ କରାଯାଇପାରେ ନାହିଁ । ସାଧକ କିଛି ଆନ୍ତର ଆଲୋକ ପାଇଲେ ସ୍ୱୟଂ ବୁଝିପାରନ୍ତି । ସାଧକର ବ୍ୟକ୍ତିଗତ ସାଧନା ପ୍ରଧାନ କିଂବା ଭଗବତ୍ ବିଶ୍ୱାସ ପ୍ରଧାନ-ଜୀବନରେ ବିପଦ ତଥା ଆବଶ୍ୟକ ବସ୍ତୁ ପ୍ରାପ୍ତିରେ କିଂବା ସାଧନାରେ ସଫଳ ଅଥବା ଅସଫଳ ହେଲେ, ସେ ଏହା ନିର୍ଣ୍ଣୟ କରିବାର ସୁଯୋଗ ପାଆନ୍ତି । ସାଧନାକୁ ପ୍ରାଧାନ୍ୟ ଦେବା ବ୍ୟକ୍ତିକୁ ଆବଶ୍ୟକ ବସ୍ତୁ ପ୍ରାପ୍ତ ହେଲେ କିଂବା ସାଧନାରେ ଉନ୍ନତି ହେଲେ ଭଗବତ୍ କୃପା ବୋଲି ଶବ୍ଦରେ କୁହନ୍ତି କିନ୍ତୁ ନିଜ ପ୍ରୟାସରେ ପ୍ରାପ୍ତ ହୋଇ ଥିବା ଧାରଣା କରନ୍ତି ଏବଂ ବିପଦ ଆସିଲେ ସେ ବିପଦରୁ ରକ୍ଷା ପାଇବା ସକାଶେ ପ୍ରଥମରେ ଉପାୟ ଖୋଜନ୍ତି ବା ଚିନ୍ତା କରନ୍ତି, ଅଥବା ଅନ୍ୟ ବ୍ୟକ୍ତିର ସାହାଯ୍ୟ ଚାହାନ୍ତି । ଚିନ୍ତିତ ଥା'ନ୍ତି, ନାନା ପ୍ରକାର ଆଶଙ୍କାର ଧାରଣା କରନ୍ତି । ବ୍ୟକ୍ତିଗତ ପ୍ରୟାସରେ କିଛି ସମୟ ଅଥବା କିଛିଦିନ ବ୍ୟସ୍ତ ହେବାପରେ ସଫଳତା ନ ହେଲେ ଶେଷରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଅନ୍ତରରୁ ଡାକନ୍ତି; ଡାକିବା ସଙ୍ଗେ ସଙ୍ଗେ ତତ୍କ୍ଷଣାତ୍ ଭଗବାନ୍ ସାକ୍ଷାତ୍ ରୂପେ ରକ୍ଷା କରନ୍ତି । ଏହି ଶ୍ରେଣୀର ସାଧକ ବିପଦ ଏବଂ ସମ୍ପଦ ସମୟରେ ଯଦ୍ୟପି ଭଗବାନଙ୍କ ଉପରେ ବିଶ୍ୱାସ ରଖି ନ ପାରନ୍ତି ତଥାପି ଭଗବାନଙ୍କଠାରୁ ଦୂର ହୁଅନ୍ତି ନାହିଁ । ତାଙ୍କ ଅଜ୍ଞତା ଅବସ୍ଥାରେ ଭଗବାନ୍ ତାଙ୍କୁ ରକ୍ଷା କରିଥା'ନ୍ତି; ତଥା ତାଙ୍କ ସଚେତନ ଅବସ୍ଥାକୁ ଅପେକ୍ଷା କରିଥାଆନ୍ତି । ତାଙ୍କୁ ପତିତ ହେବାକୁ ଦିଅନ୍ତି ନାହିଁ । ଯେତେବେଳେ ସେ ସଚେତନ ହୋଇ ଭଗବାନଙ୍କ ଉପରେ ନିର୍ଭର ରଖି ଡାକନ୍ତି, ଭଗବାନ୍ ସେହି କ୍ଷଣି ରକ୍ଷା କରନ୍ତି ।

ଯେଉଁମାନଙ୍କର ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ପ୍ରଧାନ, ବ୍ୟକ୍ତିଗତ ପ୍ରଯତ୍ନ ବା ସାଧନା ଗୌଣ, ସେମାନଙ୍କୁ ଭୌତିକ ସମ୍ପଦ ପ୍ରାପ୍ତ ହେଲେ କିଂବା ସାଧନାରେ ଉନ୍ନତି ହେଲେ ସେମାନେ ଭଗବତ୍ କୃପା ବୋଲି ଆନ୍ତରିକତା ସହ ଅନୁଭବ କରନ୍ତି, ବାହ୍ୟ ଅଶୁଦ୍ଧ ପ୍ରାଣର ଆବେଗପୂର୍ଣ୍ଣ ପ୍ରସନ୍ନତାକୁ ମଧ୍ୟ ବୁଝିପାରନ୍ତି ଏବଂ ତାକୁ ବର୍ଜନ କରିବାକୁ ଭଗବାନଙ୍କୁ ଡାକନ୍ତି । ବିପଦ ବା ସାଧନାର ସାମୟିକ ଅସଫଳତାରେ ଭଗବାନଙ୍କୁ ଭୁଲି, ହତାଶ, ନିରାଶ, ବ୍ୟସ୍ତ ହୁଅନ୍ତି ନାହିଁ; ପରିଣାମରେ ସର୍ବନାଶ ହେବ ଏପରି ଆଶଙ୍କା ବି ନ ଥାଏ । ସାମୟିକ ପ୍ରତିକୂଳ ଅବସ୍ଥା ଭଗବାନଙ୍କ କୃପାରେ ନିଶ୍ଚୟ ଦୂର ହେବ, ଏହି ବିଶ୍ୱାସ ସେ ଦୃଢ଼ ଭାବେ ରଖି ଭଗବାନଙ୍କୁ ଡାକନ୍ତି । ସେହି ସଙ୍ଗେ ସଙ୍ଗେ ବିପଦ ଦୂର ହୁଏ ଅଥବା ବିପଦ ଦୂର ହେବା ଉପାୟର ପ୍ରେରଣା ନିଜ ଅନ୍ତରରୁ ବା ଅନ୍ୟଠାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ମିଳେ । ପ୍ରେରଣା ପାଇଲା ପରେ ବ୍ୟକ୍ତି ଯେଉଁ ଉପାୟ ବା ସାଧନା କରେ, ତାହା ଭଗବାନଙ୍କ ସାକ୍ଷାତ୍ କୃପା ବୋଲି ସେ ନିଃସନ୍ଦେହରେ ଅନୁଭବ କରେ । ଏହିପରି ପ୍ରତିକୂଳ ଘଟଣାରେ ଉଭୟ ଅବସ୍ଥାର ସାଧକମାନଙ୍କର ସାଧନାରେ ଉନ୍ନତି ହୁଏ, ଆଧାର ଶୁଦ୍ଧ ଓ ଦୃଢ଼ ହୁଏ ତଥା ଭଗବତ୍ ବିଶ୍ୱାସ ବଢ଼େ । ଭଗବତ୍ ବିଶ୍ୱାସପ୍ରଧାନ ବ୍ୟକ୍ତିଙ୍କର ଆରମ୍ଭରୁ ପ୍ରତିକୂଳ ଅବସ୍ଥା କମ୍ ସମୟ ରହେ ଏବଂ ଦୁଃଖଦ୍ୱନ୍ଦ୍ୱ କମ୍ ହୁଏ । କିନ୍ତୁ ବ୍ୟକ୍ତିଗତ ପ୍ରଯତ୍ନ ବା ସାଧନାକୁ ପ୍ରଧାନ ସ୍ଥାନ ଦେବା ବ୍ୟକ୍ତିଙ୍କର ପ୍ରତିକୂଳ ଅବସ୍ଥା ଅଧିକ ସମୟ ରହେ ଏବଂ ଦୁଃଖ-କଷ୍ଟ-ଦ୍ୱନ୍ଦ୍ୱ ଅଧିକ ହୁଏ । ଏହି ଉଭୟ ସାଧକ ମଧ୍ୟରେ

କେବଳ ଦୁଃଖ ଦ୍ୱନ୍ଦ୍ୱ କମ୍ ବେଶି ଏବଂ ପ୍ରତିକୂଳ ସମୟ କମ୍ ବେଶି ଛଡ଼ା ପରିଣାମ ଏବଂ ଉନ୍ନତିରେ ତାରତମ୍ୟ ନ ଥାଏ କିଂବା ବାହ୍ୟ କର୍ମରେ କୌଣସି ପ୍ରକାର ପାର୍ଥକ୍ୟ ନ ଥାଏ ।

ପୁରାତନ ଯୋଗରେ ଭଗବତ୍ ବିଶ୍ୱାସ ଗୌଣ ଥିବା ବ୍ୟକ୍ତିଗତ ପ୍ରୟାସ ବା ସାଧନା ପ୍ରଧାନ ଥିବା ସାଧକମାନଙ୍କର ସାଧନା ସିଦ୍ଧିପ୍ରାପ୍ତ ପର୍ଯ୍ୟନ୍ତ ଚାଲିପାରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ଏହା ସମ୍ଭବ ହୁଏ ନାହିଁ । ଶରୀରର ରୂପାନ୍ତର, ବୃଦ୍ଧତ୍ୱ, ରୋଗ, ମୃତ୍ୟୁରୁ ପୂର୍ଣ୍ଣରୂପେ ମୁକ୍ତ, ଏହି ମହାନ୍ ଦୁରୂହ କାର୍ଯ୍ୟ କୌଣସି ମହାନ୍ ସାଧନା ଦ୍ୱାରା ହୁଏ ନାହିଁ, ହୁଏ କେବଳ ଭାଗବତୀ ଶକ୍ତି ଦ୍ୱାରା, ସାଧକର ସତ୍ତା ରୂପାନ୍ତରିତ ହେବାରେ, ବ୍ୟକ୍ତିର ଅଭୀପ୍ସା, ସମର୍ପଣ, ପ୍ରତିକୂଳ ଅବସ୍ଥା ଓ ଗତିବୃତ୍ତିର ତ୍ୟାଗ ଦ୍ୱାରା ବ୍ୟକ୍ତି ସତ୍ତା ରୂପାନ୍ତର ହୁଏ ନାହିଁ; କେବଳ ଭାଗବତୀ ଶକ୍ତିର ରୂପାନ୍ତର-କ୍ରିୟା ସକାଶେ ଆଧାରକୁ ପ୍ରସ୍ତୁତ କରାହୁଏ । ବ୍ୟକ୍ତିର ସାଧନାରେ ବାରଂବାର ବାଧା ବିପତ୍ତି ଆସିବା ଦ୍ୱାରା ସେ ମା'ଙ୍କ କୃପା ଏବଂ ସାହାଯ୍ୟ ସ୍ପଷ୍ଟ ବୁଝିପାରେ ଏବଂ ତେବେହିଁ ତା' ଚେତନାରେ ମା'ଙ୍କ ପ୍ରତି ଦୃଢ଼ ବିଶ୍ୱାସ ନିର୍ଭରତା ପ୍ରଧାନ ସ୍ଥାନ ଅଧିକାର କରେ । ମା'ଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରତା ବିନା ଏହି ଯୋଗ ସିଦ୍ଧ ହୁଏ ନାହିଁ ।

ପ୍ରଶ୍ନ : ଭଗବାନଙ୍କ ପ୍ରତି ବିଶ୍ୱାସ ନିର୍ଭରତା ଉତ୍ପନ୍ନ ହେବାର ଉପାୟ କ'ଣ ?

ଉତ୍ତର : ଏହାର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଉପାୟ ବା ପ୍ରଣାଳୀ ନିର୍ଦ୍ଧାରିତ ହୋଇ ନାହିଁ । ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ବହୁବିଧ ମାର୍ଗରେ ବ୍ୟକ୍ତି ମଧ୍ୟରେ ପ୍ରକାଶ ହୁଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାପ୍ତି-ମାର୍ଗ ଭିନ୍ନ ହୋଇଥାଏ । ଏପରିକି ଦୁଇଜଣ ବ୍ୟକ୍ତିଙ୍କର ଭଗବତ୍ ବିଶ୍ୱାସର ପ୍ରାପ୍ତି ମାର୍ଗ ସମାନ ନ ଥାଏ । ଏହି ପ୍ରାପ୍ତିରେ ପ୍ରତ୍ୟେକ ବ୍ୟକ୍ତିର ଭିନ୍ନତା ଥିବା ସତ୍ତ୍ୱେ ତାକୁ ଧାରଣା କରି ରଖିବାକୁ ଓ ବୃଦ୍ଧି କରିବାକୁ ହୁଏ ବ୍ୟକ୍ତିଗତ ପ୍ରୟାସରେ । ଏହା ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ ଏବଂ ଏହାର ପ୍ରଣାଳୀ ଏକ । କେବଳ ଯେଉଁମାନଙ୍କର ପ୍ରହ୍ଲାଦ ସଦୃଶ ପୂର୍ବଜନ୍ମର ଅସାଧାରଣ ସଂସ୍କାର ଥାଏ, ସେମାନଙ୍କୁ ଭଗବତ୍ ବିଶ୍ୱାସ ଓ ନିର୍ଭରତା ରକ୍ଷା କରିବା ସକାଶେ ପ୍ରୟାସ କରିବାକୁ ହୁଏ ନାହିଁ; ତାହା ସ୍ୱତଃସ୍ଫୂର୍ତ୍ତ ଭାବେ ବ୍ୟକ୍ତିର ସାଧାରଣ ଚେତନା ସଦୃଶ ପ୍ରତିଭାତ ହୁଏ । କିନ୍ତୁ ସାଧାରଣ ଅବସ୍ଥାରେ ବ୍ୟକ୍ତିଗତ ପ୍ରୟାସ ଅନିବାର୍ଯ୍ୟ ହୋଇପଡ଼େ । ବ୍ୟକ୍ତି ଆଧାରରେ ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରତିଷ୍ଠା ହେଉ ବା ବ୍ୟକ୍ତିଗତ ପ୍ରୟାସ କରିବାକୁ ପଡୁ, ଏହି ଉଭୟ ଅବସ୍ଥାରେ ଥାଏ ଭଗବାନଙ୍କ କୃପା । ଭଗବତ୍ କୃପା ଛଡ଼ା ବ୍ୟକ୍ତିଗତ ପ୍ରୟାସ ହୋଇ ପାରେ ନାହିଁ, ଏହାକୁ କେବେ ବି ଭୁଲିବା ଉଚିତ ନୁହେଁ । ପ୍ରଥମରେ ଭଗବତ୍ ବିଶ୍ୱାସ ଓ ନିର୍ଭରତା କେଉଁ ପ୍ରଣାଳୀରେ ବ୍ୟକ୍ତିକୁ ପ୍ରାପ୍ତ ହୁଏ, ଦ୍ୱିତୀୟରେ ବ୍ୟକ୍ତିଗତ ପ୍ରୟାସରେ କିପରିଭାବେ ରକ୍ଷା କରିବାକୁ ହୁଏ — ଏହି ବିଷୟ ଆଲୋଚନା କରିବା ।

ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ପ୍ରାପ୍ତ ହେବାର ପ୍ରଣାଳୀ ଅସଂଖ୍ୟ । କୌଣସି ବ୍ୟକ୍ତି ଭଗବାନଙ୍କ ସମ୍ବନ୍ଧେ କିଛି ଜାଣି ନ ଥାଏ, ହଠାତ୍ ତା' ହୃଦୟରେ ଭଗବତ୍ ବିଶ୍ୱାସ ଜାଗ୍ରତ୍ ହୁଏ ଏବଂ ତା' ଜୀବନଧାରାକୁ ପରିବର୍ତ୍ତନ କରିଦିଏ । କୌଣସି ବ୍ୟକ୍ତି କାହାଠାରୁ ଭଗବତ୍ ବିଷୟ ଶୁଣି କେହି ଭଗବତ୍ ବିଶ୍ୱାସରେ ଉପକୃତ ହେବା ଦେଖି, କେହି ଶାସ୍ତ୍ର ପୁରାଣ ବା ଭଗବାନଙ୍କ ଭକ୍ତମାନଙ୍କ ଚରିତ୍ର ପଢ଼ି ଭଗବାନଙ୍କୁ ବିଶ୍ୱାସ କରନ୍ତି । କାହାର ବାଲ୍ୟ ଅବସ୍ଥାରେ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହୁଏ, କାହାର ଯୌବନ ଅବସ୍ଥାରେ, କାହାର ବୃଦ୍ଧ ଅବସ୍ଥାରେ, କାହାର କୁଟୁମ୍ବ ନାଶ, ସମ୍ପତ୍ତି ନଷ୍ଟ, ପରିବାର ସହିତ ଝଗଡ଼ା, ଦାମ୍ପତ୍ୟ ଜୀବନରେ ତିକ୍ତତା, ପୁତ୍ର କନ୍ୟାଙ୍କ ଅବଜ୍ଞା, ମିତ୍ରର ବିଶ୍ୱାସଘାତକତା, ବ୍ୟବସାୟରେ ନିର୍ଦ୍ଧନତା, ମୋକଦ୍ଦମାରେ ହାରିବା, ସ୍ତ୍ରୀ, ପୁତ୍ରର ମୃତ୍ୟୁ ହେବା ଯୋଗୁଁ ବ୍ୟକ୍ତିର ସଂସାର ପ୍ରତି ବିତୃଷ୍ଣା ଆସେ, ମନ ଦୁଃଖ, ଚିନ୍ତା ଓ ଗ୍ଲାନିରେ ଅଭିଭୂତ ହୋଇପଡ଼େ । ଏହିପରି ବ୍ୟକ୍ତିଙ୍କ ମଧ୍ୟରୁ ଭଗବାନଙ୍କ କୃପା ଯାହା ଉପରେ ହୁଏ, ତା' ଅନ୍ତରାତ୍ମା ଜାଗ୍ରତ୍ ହୋଇ, ତା' ଅନ୍ତରରେ ଭଗବତ୍ ବିଶ୍ୱାସ ଉତ୍ପନ୍ନ କରିଦିଏ ଅଥବା କାମନା, ବାସନା-ସିଦ୍ଧି, ମକଦ୍ଦମାରେ ଡିଗ୍ରି, ବ୍ୟବସାୟରେ ସଫଳତା, ରୋଗରୁ ମୁକ୍ତି, ଶତ୍ରୁ-ଆକ୍ରମଣର ବ୍ୟର୍ଥତା ଇତ୍ୟାଦି ସାଂସାରିକ କାର୍ଯ୍ୟ-ସିଦ୍ଧି ସକାଶେ ଯେଉଁମାନେ ଭଗବାନଙ୍କ ଆଶ୍ରୟ ନେଇ ସଫଳତା ପ୍ରାପ୍ତ କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ନିର୍ଭରତା ଉତ୍ପନ୍ନ ହୁଏ । ଭଗବତ୍ ବିଶ୍ୱାସ ସବୁ ସମୟରେ ବିଦ୍ୟମାନ

ଥାଏ, କିନ୍ତୁ ଅଧିକ ବ୍ୟକ୍ତି ଉପକୃତ ହୁଅନ୍ତି । ଭଗବାନ୍ ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀରେ ଅବତାର ନେଲେ, ସଂସାର ବାତାବରଣରେ ଭଗବତ୍ ପ୍ରଭାବ ପ୍ରସାରିତ ହୋଇଯାଏ । ବ୍ୟକ୍ତିର ଆଧାର ଅଳ୍ପ ପରିମାଣରେ ଉନ୍ମୁକ୍ତ ଥିଲେ ସେ ଭଗବତ୍ ପ୍ରଭାବ ଗ୍ରହଣ କରିପାରେ ଏବଂ ବିଶ୍ୱାସ କରିପାରେ । ସେହି ସମୟରେ ଅଧିକ ସଂଖ୍ୟାରେ ବ୍ୟକ୍ତି ଭଗବତ୍ ପରାୟଣ ହୋଇ ଦୁଃଖ, ଦ୍ୱନ୍ଦ୍ୱରୁ ନିବୃତ୍ତ ହୁଅନ୍ତି । ଏହାର ନାମ – ଦେବମୁହୂର୍ତ୍ତ । ମା' ବର୍ତ୍ତମାନ ଏହି ପୃଥିବୀରେ ମନୁଷ୍ୟ-ଶରୀରରେ ବିଦ୍ୟମାନ ଅଛନ୍ତି, ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର-ସାଧନା କରାଉଛନ୍ତି । ବ୍ୟକ୍ତି ସଚେତ ହେଲେ ଭଗବତ୍ କୃପା ସହଜରେ ଗ୍ରହଣ କରିପାରେ ।

ଯେ କୌଣସି ଘଟଣା ଆଶ୍ରୟରେ ଭଗବତ୍ କୃପା ଦ୍ୱାରା ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ବ୍ୟକ୍ତି ଆଧାରରେ ପ୍ରକାଶ ହୁଏ । କିନ୍ତୁ ତାହା ପ୍ରଥମରେ ପ୍ରତିଷ୍ଠା ହୋଇ ନ ଥାଏ । ଭଗବତ୍ ବିଶ୍ୱାସର ବିରୋଧୀ ଆତ୍ମମାନଙ୍କ ମନ, ପ୍ରାଣ ଏବଂ ଶରୀର । ଏସବୁପ୍ରକାର ସନ୍ଦେହ, ଅବିଶ୍ୱାସ, ହତାଶା ଓ ନିରାଶାର ହିମାଳୟସଦୃଶ ବାଧା ଆଣି ଭଗବତ୍ ବିଶ୍ୱାସ ଓ ନିର୍ଭରତାର ରାସ୍ତାରୋଧ କରି ଦିଅନ୍ତି । କାମ, କ୍ରୋଧ, ଈର୍ଷା, ବିରୋଧ, ଲୋଭ, ମୋହ, ବାସନା-କାମନାର ମେଘ ବିଶ୍ୱାସ ଓ ନିର୍ଭରତାର ସୂର୍ଯ୍ୟକୁ ଆବୃତ କରିଦିଅନ୍ତି । ବ୍ୟକ୍ତି ସମ୍ମୁଖରେ ଚାରିଦିଗରୁ ଅନ୍ଧକାର ଘୋଟି ଆସେ । ବ୍ୟକ୍ତି ସଜାଗ ସତର୍କ ହୋଇ ମା'ଙ୍କ କୃପାକୁ ଧରି ନ ରଖି ପାରିଲେ ଏହି ଅନ୍ଧକାର ଅବସ୍ଥା ବ୍ୟକ୍ତିକୁ ବହୁଦୂରକୁ ନେଇ ଯାଇପାରେ । ଭଗବତ୍ ବିଶ୍ୱାସ ଓ ନିର୍ଭରତାକୁ ଆବରଣ କରିଥିବା ଅନ୍ଧକାର ଶକ୍ତିକୁ ଦୂର କରିବା ବିଶ୍ୱାସ ଏବଂ ନିର୍ଭରତା ସମର୍ପଣକୁ ବୃଦ୍ଧି କରିବା ହେଲା ସାଧନା । କୌଣସି ବ୍ୟକ୍ତିର ଭଗବତ୍ ବିଶ୍ୱାସ ଉତ୍ପନ୍ନ ନ ହେଲେ ସେ ଭଗବଦଭିମୁଖୀ ହୋଇପାରେ ନାହିଁ । କିନ୍ତୁ ଭଗବଦଭିମୁଖୀ ହେବାପରେ ଭଗବତ୍ ଆଶ୍ରୟରେ ତାହା ରକ୍ଷା କରିବା ଏବଂ ତାକୁ ବୃଦ୍ଧି କରିବା ସକାଶେ ବ୍ୟକ୍ତିର ବ୍ୟକ୍ତିଗତ ପ୍ରୟାସ ବା ସାଧନା ଆବଶ୍ୟକ ହୁଏ । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଭଗବତ୍ କୃପା ବିଦ୍ୟମାନ ଥାଏ । ଯେତେବେଳେ ଭଗବାନ୍ ଚାହାନ୍ତି ଅଥବା ତା'ର କୃପା ପ୍ରାପ୍ତିର ସମୟ ଆସିଥାଏ, ସେତେବେଳେ କୌଣସି କାରଣରୁ ବ୍ୟକ୍ତି ଭଗବତ୍ କୃପା ସମ୍ବନ୍ଧେ ସଚେତ ହୁଏ ।

ଗୋଟିଏ ଧୋବାର ଝିଅ ତା' ପିତାଙ୍କୁ ସେହି ଦିନର ଲୁଗା ଦେଇ ଆସିବା କାର୍ଯ୍ୟରେ ବିଳମ୍ବ ହୋଇଥିବା କଥା କହିବା ସମୟରେ ଭକ୍ତ ଲାଲବାବୁ ଶୁଣିବା ମାତ୍ରେ କିପରି ତାଙ୍କର ଭଗବତ୍ ଭକ୍ତି ଓ ବିଶ୍ୱାସ ଉତ୍ପନ୍ନ ହୋଇଥିଲା, ସେହି ଘଟଣା ଏଠାରେ ଆଲୋଚନା କରିବା ।

ଲାଲାବାବୁ

ଶ୍ରୀକୃଷ୍ଣଙ୍କ ପ୍ରେମଭୂମି ବୃନ୍ଦାବନରେ ଲାଲାବାବୁ ବହୁତ ପ୍ରସିଦ୍ଧ ଭକ୍ତ ଥିଲେ । ବୃନ୍ଦାବନରେ ପ୍ରଧାନ ଭଗବତ୍ ମନ୍ଦିର ମଧ୍ୟରେ ଲାଲାବାବୁଙ୍କ ମନ୍ଦିର ଗୋଟିଏ ।

ଲାଲାବାବୁ ଗୋଟିଏ ବଙ୍ଗାଳୀ ପରିବାରରେ ପଶ୍ଚିମବଙ୍ଗରେ ଜନ୍ମ ଗ୍ରହଣ କରିଥିଲେ । ଆଗ୍ରାରେ ତାଙ୍କର ବ୍ୟବସାୟ ଥିଲା । ସେ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ । ବଂଶ ପରମ୍ପରା ଅନୁସାରେ ତାଙ୍କର ଧାର୍ମିକ ପ୍ରବୃତ୍ତି ଥିଲା । ଦିନେ ସେ କୌଣସି କାର୍ଯ୍ୟରେ ଗୋଟିଏ ଧୋବାଘର ଦାଣ୍ଡ ଦେଇ ଯାଉଥିଲେ । ଘରର ମାଲିକ ଧୋବା ଶୋଇଥିଲା । ଧୋବା ବ୍ୟକ୍ତିଙ୍କ ଘରେ ଲୁଗା ପହଞ୍ଚାଇ ଦେବାର କାମ ବାକିଥିଲା । ସେ ସକାଶେ ତା'ର ଝିଅ ତାକୁ କହୁଥିଲା, ''ବାବା ଉଠ, ବେଳ ଗଡ଼ିଗଲା ।'' ଏହି ଶବ୍ଦଟି ପଡ଼ିଲା ଲାଲାବାବୁଙ୍କ କାନରେ । ଏହିପରି ବହୁତ ଶବ୍ଦ ଲୋକେ କୁହନ୍ତି ଏବଂ ଶୁଣନ୍ତି, ଏପରିକି କେତେ ଅଧ୍ୟାତ୍ମ ଶାସ୍ତ୍ର ଅଧ୍ୟୟନ କରନ୍ତି; ଏ କାନରେ ପୂରେଇ ସେ କାନରେ ବାହାର କରିଦିଅନ୍ତି । କିନ୍ତୁ ଭଗବାନଙ୍କ କୃପାରୁ କୌଣସି ବ୍ୟକ୍ତିର ଆତ୍ମା ଜାଗ୍ରତ୍ ଥିଲେ ଗୋଟିଏ ଶବ୍ଦରେ ତା'ର ଜୀବନଧାରା ପରିବର୍ତ୍ତନ ହୋଇଯାଏ । ଧୋବାଝିଅ କହିବା ଶବ୍ଦଟି ଲାଲାବାବୁଙ୍କ ଏ କାନରେ ପଶି ସେ କାନରେ ବାହାରି ଗଲା ନାହିଁ । ସେହି ଶବ୍ଦ ଭଗବତ୍ କୃପାରେ ଶକ୍ତିଶାଳୀ ହୋଇ ଲାଲାବାବୁଙ୍କ ଅନ୍ତଃକରଣକୁ ସ୍ପର୍ଶ କଲା ଏବଂ ଆତ୍ମାକୁ ଜାଗ୍ରତ୍ କଲା ତଥା ମୋହନିଦ୍ରାରେ

ମୋହିତ ଥିବା ମନ-ପ୍ରାଣକୁ ସଚେତ କଲା । ତାଙ୍କର ଗୋଡ଼ ଚଳିଲା ନାହିଁ, ସେ ଅକ୍‌କା ହୋଇ ସ୍ଥିର ହୋଇ ଗଲେ । ଭାବିଲେ, ''ମୋର ବେଳ ଗଡ଼ିଗଲା'', ମୁଁ ଏହି ସଂସାରକୁ କାହିଁକି ଆସିଥିଲି ? ଏହି କଥା କେବେ ବି ଭାବିଲି ନାହିଁ, ପଶୁସଦୃଶ ଖାଇ, ଶୋଇ ଇନ୍ଦ୍ରିୟ ଭୋଗରେ ସମସ୍ତ ସମୟ ନଷ୍ଟ କଲି । ତାଙ୍କ ହୃଦୟଗଭୀରରୁ ତାଙ୍କ ଆତ୍ମା କହିଲା, ''ବର୍ତ୍ତମାନ ସମୟ ଅଛି, ତୁ ଜାଗ୍ରତ୍ ହୋଇଛୁ, ଏହି ସଂସାରକୁ ଆସିବା ଉଦ୍ଦେଶ୍ୟ ଭଗବତ୍ ପ୍ରାପ୍ତିର ଉପାୟ ତୁ କରିପାରୁ ।''

ଲାଲାବାବୁ ସେହିଠାରୁ ଘରକୁ ଫେରିଲେ । ଭଗବତ୍ ପ୍ରାପ୍ତି ସକାଶେ ତାଙ୍କ ହୃଦୟ ବ୍ୟାକୁଳ ହୋଇ ପଡ଼ିଲା । ଉପାର୍ଜନ ଧନକୁ ଭଗବତ୍ ସେବାରେ ବିନିଯୋଗ କରିବା ନିଶ୍ଚୟ କଲେ । ଘରେ ପିଲାମାନଙ୍କୁ ପିତୃଅର୍ଜିତ ସମ୍ପତ୍ତି ଦେଇଦେଲେ । ନିଜ ଅର୍ଜିତ ସମସ୍ତ ଧନ ନେଇ ବୃନ୍ଦାବନରେ ଗୋଟିଏ ବିଶାଳ ମନ୍ଦିର ନିର୍ମାଣ କଲେ । ଅଧିକ କାର୍ଯ୍ୟ କରାଇଲେ ଶଙ୍ଖମର୍ମର ପଥରରେ । ମନ୍ଦିରରେ ଶ୍ରୀରାଧା-ଶ୍ରୀକୃଷ୍ଣଙ୍କ ଅତ୍ୟନ୍ତ ସୁନ୍ଦର ବିଗ୍ରହ ପ୍ରତିଷ୍ଠା କଲେ ଏବଂ ଭୋଗରାଗର ସ୍ଥାୟିରୂପେ ଉତ୍ତମ ବ୍ୟବସ୍ଥା କରିଦେଲେ । ମନ୍ଦିରରେ ଭଗବାନଙ୍କ ପାଖରେ ଯେଉଁ ଉତ୍ତମ ଭୋଗ ଲାଗେ, ତାହାସବୁ ସାଧୁ ଅଭ୍ୟାଗତଙ୍କ ସେବା ହୁଏ । ଲାଲାବାବୁଙ୍କ ପରିବାରକୁ ସେଥିରୁ କିଛି ମିଳେ ନାହିଁ । ବୃନ୍ଦାବନରେ ଦର୍ଶନୀୟ ଯେତେ ପ୍ରଧାନ ମନ୍ଦିର ତା' ମଧ୍ୟରେ ଲାଲାବାବୁଙ୍କ ମନ୍ଦିର ଅନ୍ୟତମ । ମନ୍ଦିର ଯେପରି ବିଶାଳ ସେହିପରି ସୁନ୍ଦର । ରାଧାକୃଷ୍ଣ ବିଗ୍ରହ ଅତ୍ୟନ୍ତ ମନୋହର । ଭୋଗରାଗ ନୀତି-ନିୟମ, ଅଭ୍ୟାଗତସେବା ବିଶେଷ ପ୍ରଶଂସନୀୟ । ମନ୍ଦିର ତିଆରି ପୂର୍ବରୁ ଲାଲାବାବୁ ବୈଷ୍ଣବଦୀକ୍ଷା ଗ୍ରହଣ କରି ଭଗବତ୍ ନାମ ସ୍ମରଣ କରୁଥିଲେ ଏବଂ ମନ୍ଦିର ତିଆରି କାର୍ଯ୍ୟ କରୁଥିଲେ । ସେ ତିଳକ କଣ୍ଠି ଧାରଣ କରିଥିଲେ କିନ୍ତୁ ସାଧୁବେଶ ଗ୍ରହଣ କରି ନ ଥିଲେ । ମନ୍ଦିରର ସମସ୍ତ କାର୍ଯ୍ୟ ସମାପ୍ତ ପରେ ମନ୍ଦିର ପରିଚାଳନା ସକାଶେ ଗୋଟିଏ ଟ୍ରଷ୍ଟବୋର୍ଡ଼ କରି ପୂର୍ଣ୍ଣ ରୂପେ ଅଲଗା ହୋଇଗଲେ । ସେ ଟ୍ରଷ୍ଟ୍‌ରେ ନିଜେ ରହିଲେ ନାହିଁ କିଂବା ତାଙ୍କ ପରିବାରର କୌଣସି ବ୍ୟକ୍ତିଙ୍କୁ ରଖିଲେ ନାହିଁ । ସେ ନିଜକୁ ବହୁତ ଦୀନହୀନ ମନେ କରୁଥିଲେ । ପଡ଼ିଥିବା ଛିଣ୍ଡାଲୁଗା ଏବଂ କୌଣସି ସଜ୍ଜ ନିଜ ଚିରାଲୁଗା ଦେଲେ ସେ ତାହାହିଁ ପିନ୍ଧନ୍ତି । ମନ୍ଦିରରେ ବହୁପ୍ରକାର ମିଷ୍ଟାନ୍ନ ଭୋଗ ଲାଗେ । ସେଥିରୁ ସେ ଆଦୌ ସ୍ପର୍ଶ କରନ୍ତି ନାହିଁ । ବ୍ରଜବାସୀଙ୍କ ଘରୁ ମଧୁକରି ମାଗି ଉଦର ପୂର୍ଣ୍ଣ କରି ନିଅନ୍ତି । ବୃନ୍ଦାବନରେ କୌଣସି ଗଛ ତଳେ ଶୋଇ ପଡ଼ନ୍ତି । ମନ୍ଦିର ଭିତରକୁ ଯାଆନ୍ତି ନାହିଁ । ମନ୍ଦିର ବାହାରେ ଛିଡ଼ାହୋଇ ଘଣ୍ଟା ଘଣ୍ଟା ଧରି ଭଗବାନଙ୍କୁ ଦର୍ଶନ କରନ୍ତି । ତାଙ୍କର ନିରନ୍ତର ନାମଜପ ଚାଲିଥାଏ । ଦିନରାତି ଭଗବାନଙ୍କ ମାନସ ପୂଜାରେ ନିମଗ୍ନ ରହନ୍ତି, ମାନସ ପୂଜା ସମୟରେ ଏବଂ ଦର୍ଶନ ସମୟରେ ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଉଥାଏ । ସେ ଭଗବତ୍ ପ୍ରେମରେ ବରାବର ମଗ୍ନ ରହନ୍ତି । ତାଙ୍କୁ ଦେଖିଲେ ଅତ୍ୟନ୍ତ ଦରିଦ୍ର ଏବଂ କାଙ୍ଗାଳ ସଦୃଶ ମନେହୁଏ । ସେ ଆଗ୍ରାରେ ବ୍ୟବସାୟ କରିବା ସମୟରେ ଅନ୍ୟ ବ୍ୟବସାୟୀ ସହିତ ତାଙ୍କର ଅଦାଲତରେ କେଇବର୍ଷ କେସ୍ ହୋଇଥିଲା । ସେହି ବ୍ୟବସାୟୀ ବୃନ୍ଦାବନରେ ଗୋଟିଏ ମନ୍ଦିର ତୟାର କରି ନିବାସ କରୁଥିଲେ । ଲାଲାବାବୁଙ୍କ ତ୍ୟାଗ, ବୈରାଗ୍ୟ ଏବଂ ଭଗବତ୍ ପ୍ରେମ ଦେଖି ତାଙ୍କର ଲାଲାବାବୁଙ୍କ ପ୍ରତି ଅତ୍ୟନ୍ତ ଭକ୍ତି ଉତ୍ପନ୍ନ ହୋଇଥିଲା । କିନ୍ତୁ ଲାଲାବାବୁ ଅତ୍ୟନ୍ତ ବୈରାଗ୍ୟବାନ୍, ନିଃସଙ୍ଗ ତଥା ଭଗବତ୍ ଭକ୍ତିରେ ମଗ୍ନ ରହିବା ଯୋଗୁଁ ତାଙ୍କୁ କିଛି କହୁ ନ ଥିଲେ । ପ୍ରତିଦିନ ମଧୁକରି ସକାଶେ ଲାଲାବାବୁ ତାଙ୍କ ମନ୍ଦିର ଦ୍ୱାର ଦେଇ ଯିବା ସମୟରେ ସେ ତାଙ୍କୁ ଦର୍ଶନ କରି ନେଉଥିଲେ ଏବଂ ତାଙ୍କ ମନ୍ଦିରରୁ ମଧୁକରି ଦେବାକୁ ଚାହୁଁ ଥିଲେ । କିନ୍ତୁ ତାଙ୍କ ମନ୍ଦିରରୁ ଲାଲାବାବୁ କେବେ ବି ମଧୁକରି ନେଉ ନ ଥିଲେ । ବହୁତ ଦିନ ବିତିଗଲା । ତାଙ୍କ ଇଚ୍ଛା ପୂରା ହେଲା ନାହିଁ । ଲାଲାବାବୁଙ୍କ ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ତା'ଙ୍କ ଭଗବତ୍ ଭକ୍ତି ଉତ୍ତରୋତ୍ତର ବୃଦ୍ଧି ହେଉଥିଲା । ଏପରି ଅବସ୍ଥା ପ୍ରାପ୍ତ ହେବା ସତ୍ତ୍ୱେ ସେ ନିଜ ମଧ୍ୟରେ କିଛି କର୍ମ, କିଛି ଅଭାବ ବୋଧ କରୁଥିଲେ । ସେ ତ୍ରୁଟି, ସେ ଅଭାବ କ'ଣ, ସେ ନିଜ ମଧ୍ୟରେ ଖୋଜିବାକୁ ଲାଗିଲେ । ମନୁଷ୍ୟର ଚେତନା ଅବିକଶିତ ଥିଲେ ସେ ହଜାର ଦୋଷ କରେ, କେବେ ବି ଭାବେ ନାହିଁ, କିଂବା ନିଜ ଦୋଷତ୍ରୁଟିକୁ ଜାଣିପାରେ ନାହିଁ କିଂବା ଦେଖିପାରେ ନାହିଁ । ଚେତନା ବିକାଶ ହେଲେ, ତା' ମଧ୍ୟରେ ଟିକିଏ ଦୋଷଥିଲେ, ଆଖିରେ ବାଲି ପଡ଼ିଲା ପରି ରଗଡ଼ି ହେଉଥାଏ, ସଂଶୋଧନ ନ ହେବା ପର୍ଯ୍ୟନ୍ତ ଶାନ୍ତି ନ ଥାଏ । ସେ ଧ୍ୟାନରେ ବସିବା ସମୟରେ ନିଜ ତ୍ରୁଟିକୁ ଖୋଜିଲେ । ଚେତନା ଏକାଗ୍ରତା ସମୟରେ ଖୋଜିବା ବସ୍ତୁର ସନ୍ଧାନ ମିଳେ । ତାଙ୍କ ଚେତନାର

ଗୋଟିଏ କୋଣରେ ଲୁଚି ରହିଥିବା ଅହଂକାର ଏବଂ ଅଭିମାନକୁ ସେ ଦେଖିପାରିଲେ । ସେହି ଅହଂକାର ଯୋଗୁଁ ସେ ସମସ୍ତ ଘରୁ ରୋଟି ଭିକ୍ଷା କରୁଥିଲେ, କିନ୍ତୁ ତାଙ୍କ ବ୍ୟବସାୟ ସମୟର ପ୍ରତିଦ୍ୱନ୍ଦ୍ୱୀଙ୍କ ମନ୍ଦିରରୁ ଭିକ୍ଷା ନେଉ ନ ଥିଲେ । ଏହି ଦୋଷ ବୁଝିପାରିବା ମାତ୍ରେ ସେ ଅତ୍ୟନ୍ତ ଆନନ୍ଦିତ ହୋଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶେଠ୍‌ଙ୍କ ମନ୍ଦିରରେ ଭିକ୍ଷା ପାତ୍ର ନେଇ ଉପସ୍ଥିତ ହେଲେ । ତାଙ୍କୁ ଦେଖି ଭକ୍ତ ଶେଠ୍‌ଙ୍କ ପରିବାରର ଆନନ୍ଦର ସୀମା ରହିଲା ନାହିଁ । ସେ ବହୁତ ଦେବାକୁ ଚାହୁଁଥିଲେ କିନ୍ତୁ ଲାଲାବାବୁଙ୍କ ନିୟମ ଅନୁସାରେ କେବଳ ରୋଟିର ଗୋଟିଏ ଛୋଟ ଟୁକୁରା ନେଲେ ।

ସେ ମୃତ୍ୟୁ ପୂର୍ବରୁ ଲେଖି ଦେଇଥିଲେ, ''ତାଙ୍କ ମୃତଶବକୁ କାନ୍ଧରେ ବହନ କରି ସଂସ୍କାର କରିବାକୁ ନିଆହେବ ନାହିଁ, ତାଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ବୃନ୍ଦାବନ ଗଳିରେ ଘୋଷାଡ଼ି କରି ନିଆହେବ ଏବଂ ଯମୁନା ଜଳରେ ଭସାଇ ଦିଆହେବ । ଶେଷରେ ଯେପରି ତାଙ୍କର ମୃତଶବ ବ୍ରଜରଜରେ ଅଭିଷିକ୍ତ ହୋଇପାରିବ । ତାହାହିଁ କରାହେଲା । ଯେଉଁ ପବିତ୍ର ବ୍ରଜରଜରେ ଶ୍ରୀକୃଷ୍ଣ ବିଚରଣ କରିଥିଲେ, ଯେଉଁ ରଜ ଭାଗ୍ୟବାନ୍ ବ୍ରଜବାସୀଙ୍କ ଚରଣ ସ୍ପର୍ଶ କରିଛି, ସେଇ ପବିତ୍ର ରଜ ତାଙ୍କ ମୃତ ଶରୀରର ସମସ୍ତ ଅଙ୍ଗରେ ଲାଗିଲେ ପବିତ୍ର ହେବ । ସେ ଜୀବିତ ଅବସ୍ଥାରେ ବ୍ରଜରଜରେ ଲୋଟନ୍ତି ଏବଂ ଶରୀରରେ ଲଗାନ୍ତି । ମନ୍ଦିର ତିଆରି ପରଠାରୁ ଶେଷ ଜୀବନ ପର୍ଯ୍ୟନ୍ତ ସେ ମୌନ ବ୍ରତଧାରଣ କରିଥିଲେ, ନିରନ୍ତର ଭଜନ ଏବଂ ସ୍ମରଣରେ ନିମଗ୍ନ ରହୁଥିଲେ ।

ଭକ୍ତ ଲାଲାବାବୁଙ୍କ ଚରିତ୍ରରୁ ଶିକ୍ଷା

ଭକ୍ତ ଲାଲାବାବୁଙ୍କ ଚରିତ୍ରରୁ ଆମ୍ଭମାନଙ୍କୁ ଦୁଇଟି ବିଷୟ ଶିକ୍ଷା କରିବାକୁ ହେବ –

ପ୍ରଥମଟି ହେଲା;– ଭଗବତ୍ କୃପା ପାଇବା ମାତ୍ରେ ତାହା ଗ୍ରହଣ କରିବାକୁ ହେବ ଏବଂ କାଳ ବିଳମ୍ବ ନ କରି ତାକୁ ଧାରଣ କରିବା ସକାଶେ ପ୍ରଯତ୍ନ କରିବାକୁ ହେବ ।

ଦ୍ୱିତୀୟଟି ହେଲା,– ଲୁଚି ରହିଥିବା ବିରୋଧୀଭାବ, ଅହଂ ସ୍ୱାର୍ଥକୁ ଖୋଜି ବାହାର କରିବାକୁ ହେବ ଏବଂ ଏହି ମହାନ୍ କୌଶଳୀ ଛଦ୍ମବେଶଧାରୀ ଅହଂ ସ୍ୱାର୍ଥକୁ ନିଜ ମଧ୍ୟରେ ପ୍ରବେଶ ହେବାକୁ ନ ଦେବା ସକାଶେ ଲାଲାବାବୁଙ୍କ ସଦୃଶ ସର୍ବଦା ଜାଗ୍ରତ୍ ରହିବାକୁ ହେବ । ଅନ୍ୟଥା ଆମ୍ଭେମାନେ ବହୁତ ସମୟରେ ମା'ଙ୍କ କୃପା ପ୍ରାପ୍ତକରୁ କିନ୍ତୁ ଲାଲାବାବୁଙ୍କ ସଦୃଶ ଧାରଣ କରି ରଖିପାରୁ ନାହିଁ । ଆମ୍ଭେମାନେ ପୂର୍ବ ବାସନା କାମନା ବଶହୋଇ ଅଜ୍ଞାନତା ପୂର୍ବକ କର୍ମ କରୁ । ମା'ଙ୍କ କୃପା ବାରବାର ଆସେ ଓ ଫେରିଯାଏ ।

ଲାଲାବାବୁ ସର୍ବଦା ସଚେତ ଥିଲେ । ମନ୍ଦିର ମୁଁ କରିଛି ''ଏହା ମୋର'' ଏହି ଅହଂକାରକୁ ଦୂରକରିବା ସକାଶେ ସେ ମନ୍ଦିରରୁ ପୂର୍ଣ୍ଣ ରୂପେ ପୃଥକ୍ ହୋଇଥିଲେ । ସେଥିରେ ତାଙ୍କର ସ୍ୱାର୍ଥ ପ୍ରବେଶ କରିବା ଆଶଙ୍କା ଯୋଗୁଁ ମନ୍ଦିରରେ ରହୁ ନ ଥିଲେ କିଂବା ମନ୍ଦିରର ପ୍ରସାଦ ସେବନ କରୁ ନ ଥିଲେ ।

କିନ୍ତୁ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧକକୁ ଭକ୍ତ ଲାଲାବାବୁଙ୍କ ସଦୃଶ ମନ୍ଦିର ତ୍ୟାଗ କଲେ ଚଳିବ ନାହିଁ । କର୍ମ କରିବାକୁ ହେବ ମା'ଙ୍କ ସେବା ରୂପେ । କିନ୍ତୁ ସେଥିରେ ଥିବା ସ୍ୱାର୍ଥ ଏବଂ ଅହଂକୁ ରୂପାନ୍ତର କରିବାକୁ ହେବ । ସେହି ସମୟରେ ସେହି ଯୋଗ ସକାଶେ ସେହିପରି ତ୍ୟାଗର ଆବଶ୍ୟକତା ଥିଲା । କାରଣ ସେମାନେ ସଂସାର ତଥା ଶରୀରକୁ ତ୍ୟାଗ କରି ମୃତ୍ୟୁ ପରେ ମୁକ୍ତି, ନିର୍ବାଣ ବା ଭଗବତ୍ ପ୍ରାପ୍ତି କରୁଥିଲେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଠିକ୍ ଏହାର ବିପରୀତ, କର୍ମ ତ୍ୟାଗ ନ କରି ଏହି ମନ-ପ୍ରାଣ-ଶରୀରକୁ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରିବାକୁ ହେବ । ରୋଗ, ଜରା, ମୃତ୍ୟୁ ଏବଂ ଅଜ୍ଞାନ ଶକ୍ତି କବଳରୁ ପୂର୍ଣ୍ଣରୂପେ ମୁକ୍ତିଲାଭ କରିବାକୁ ହେବ । ଏହି ସକାଶେ ପୂର୍ବ ସାଧକମାନଙ୍କ ସଦୃଶ କର୍ମତ୍ୟାଗ କଲେ ଚଳିବ ନାହିଁ, କର୍ମକୁ ରୂପାନ୍ତର କରିବାକୁ ହେବ । ଏହି ରୂପାନ୍ତର ପୁରାତନ ଯୋଗର ତ୍ୟାଗ ଅପେକ୍ଷା ଯଦ୍ୟପି ମହାନ୍, ଦୁରୂହ, ତଥାପି ମା'ଙ୍କ ଆଶ୍ରୟରେ ଏହା ସହଜ ହେବ । ଏଥିରେହିଁ ଯଥାର୍ଥରେ ଜୀବନ ଏବଂ ଜଗତ୍ ସମସ୍ୟାର ସମାଧାନ ହେବ । ❖

ଜୀବନର ଲକ୍ଷ୍ୟ

ଆବାଳବୃଦ୍ଧବନିତା ଈଶ୍ୱରବାଦୀ ବା ଅନୀଶ୍ୱରବାଦୀ ସଂସାରର ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତ ରୂପେ ଚାହାନ୍ତି : କର୍ମରେ ପରିପୂର୍ଣ୍ଣତା, ଦୁଃଖବିହୀନ ଐଶ୍ୱର୍ଯ୍ୟଯୁକ୍ତ ପରମାନନ୍ଦମୟ ସର୍ବାଙ୍ଗପୂର୍ଣ୍ଣ ଜୀବନ । ସଂସାର ତଥା ସମାଜର ଉନ୍ନତି, ଶାନ୍ତି-ଶୃଙ୍ଖଳା ପ୍ରତିଷ୍ଠା;— ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ପ୍ରାପ୍ତହୁଏ ମନ, ପ୍ରାଣ ଓ ଆତ୍ମାର ବିକାଶ ଏବଂ ଆତ୍ମଧର୍ମରେ ମନ-ପ୍ରାଣ-ଶରୀର ତଥା ଅହଂ, ସ୍ୱାର୍ଥ ଓ ହିଂସାଦି ପୂର୍ଣ୍ଣଭାବେ ରୂପାନ୍ତରିତ ହେବାରେ । ଏହାର ପ୍ରାଣ ହେଉଛି ଭଗବତ୍ ବିଶ୍ୱାସ । ଏହି ରୂପାନ୍ତର ବ୍ୟତୀତ ବ୍ୟକ୍ତି ତା'ର ଲକ୍ଷ୍ୟପ୍ରାପ୍ତି କରିପାରେ ନାହିଁ । କିଂବା ସଂସାରରେ ସୁଖ-ଶାନ୍ତି ଓ ଶୃଙ୍ଖଳାମୟ ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନ ପ୍ରତିଷ୍ଠା କରିପାରେ ନାହିଁ ।

ସୁସ୍ଥ-ସବଳ ଶରୀରରେ କର୍ମ ସଂପାଦିତ ହୁଏ । ପ୍ରାଣ କର୍ମ କରିବାକୁ ଶକ୍ତି ଯୋଗାଏ ମନ ଓ ବୁଦ୍ଧି କର୍ମ-ସଂପାଦନର କୌଶଳ ବତାନ୍ତି । କିନ୍ତୁ ଆତ୍ମା ବିକଶିତ ବା ଜାଗ୍ରତ୍ ହେଲେ ବ୍ୟକ୍ତି ଅନ୍ତରରୁ ଅହଂ, ସ୍ୱାର୍ଥ ଓ ହିଂସାଦି ଦୁର୍ଗୁଣ ଦୂରକରି ସୁଖ-ଶାନ୍ତି ଓ ଆନନ୍ଦ ପ୍ରତିଷ୍ଠା କରେ ଏବଂ ମନ, ବୁଦ୍ଧି ଓ ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଯେପର୍ଯ୍ୟନ୍ତ ଆମ୍ଭେମାନେ ମନ, ପ୍ରାଣ, ଶରୀର ଓ ଆତ୍ମା — ଏହି ଚାରିସତ୍ତାର ବିକାଶ ନ କରିବା ସେ ପର୍ଯ୍ୟନ୍ତ ଅନ୍ୟ କୌଣସି ଉପାୟରେ ଜୀବନକୁ ସମୃଦ୍ଧିଶାଳୀ ଓ ସୁଖ-ଶାନ୍ତିମୟ କରିପାରିବା ନାହିଁ କିଂବା ସଂସାରରୁ ଅସତ୍ୟ, ଅନ୍ୟାୟ, ଦୁଃଖ, ଦ୍ୱନ୍ଦ୍ୱ, ବିଶୃଙ୍ଖଳା ତଥା ଦରିଦ୍ରତା ଦୂରକରି ପାରିବା ନାହିଁ ।

ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ଯଦିଓ ଜୀବନର ପୂର୍ଣ୍ଣ ବିକାଶ ଓ ଦୁଃଖବିହୀନ ପରମ ସୁଖ ଚାହୁଁ, ତଥାପି ଏହି ଚାହିଁବା ଆମ୍ଭମାନଙ୍କ ଚେତନାରେ ବା ବୁଦ୍ଧିରେ ସ୍ପଷ୍ଟ ହୋଇ ନ ଥିବାରୁ, ଏହାର ପ୍ରାପ୍ତି ସକାଶେ ଯଥାର୍ଥ ଉପାୟ କରିପାରୁ ନାହିଁ । ଚାହିଁବାର ବିପରୀତ — ଦୁଃଖ, କଷ୍ଟ, ଅଶାନ୍ତି ଓ ଦରିଦ୍ରତା ଭୋଗ କରୁଥାଉ ।

ସୃଷ୍ଟି ଆରମ୍ଭରୁ ଜ୍ଞାନ, ଆନନ୍ଦ ଓ ଶକ୍ତିର ସ୍ୱରୂପ ଆତ୍ମାର ସନ୍ଧାନ ନ ପାଇ, ଆତ୍ମାର ବିକାଶ ନ କରି ବହୁ ବ୍ୟକ୍ତି ମନ, ପ୍ରାଣ ଓ ବୁଦ୍ଧିର ବିକାଶ ଦ୍ୱାରା ନୈତିକ ଓ ସାମାଜିକ ନିୟମପ୍ରଣାଳୀ ତଥା ଭିନ୍ନ ଭିନ୍ନ ଶାସନ-ପଦ୍ଧତି ଆବିଷ୍କାର କରି ଦେଶ, ସମାଜ ଓ ନିଜ ଜୀବନକୁ ଐଶ୍ୱର୍ଯ୍ୟଶାଳୀ ଏବଂ ଆନନ୍ଦମୟ କରିବାକୁ ଚାହୁଁଛନ୍ତି । ହଜାର ହଜାର ବ୍ୟକ୍ତିଙ୍କ ବଳିଦାନ ତଥା ବହୁ ପ୍ରୟାସରେ ନୂତନ ଶାସନପଦ୍ଧତି ପ୍ରତିଷ୍ଠା କରୁଛନ୍ତି । ତାହାରି ଦ୍ୱାରା ସିଧାସଳଖ ସ୍ୱର୍ଗର ଐଶ୍ୱର୍ଯ୍ୟ ଓ ସୁଖ-ଶାନ୍ତି ସଂସାରରେ ପ୍ରତିଷ୍ଠା ହେବ ବୋଲି ଆଶା କରୁଛନ୍ତି । ଏହି ନୂତନ ଶାସନ ପଦ୍ଧତିକୁ କିଛି ବର୍ଷ ପର୍ଯ୍ୟନ୍ତ ବେଦର ବାକ୍ୟ ବୋଲି ସଂସାରର ବହୁବ୍ୟକ୍ତି ମାନିନେଉଛନ୍ତି । କିନ୍ତୁ ପରିଣାମରେ ବଳଦ ଘଣାରେ ବୁଲି ଯେଉଁଠାରେ ଥିଲା ସେହିଠାରେ ଥିବା ସଦୃଶ ସଂସାରର ସମସ୍ତ ବ୍ୟକ୍ତି ଦୁଃଖ, କଷ୍ଟ ଓ ଦ୍ୱନ୍ଦ୍ୱ ଭୋଗୁଛନ୍ତି । ସୃଷ୍ଟି ଆରମ୍ଭରୁ ଏହିସବୁ ପ୍ରଯତ୍ନ ବିଫଳ ହେଉଥିବାର ସମସ୍ତ ବ୍ୟକ୍ତି ଦେଖି ଆସୁଥିବା ସତ୍ତ୍ୱେ ଏହାର କାରଣ ଖୋଜୁନାହାନ୍ତି କିଂବା ପାଇ ପାରୁ ନାହାନ୍ତି ।

ଶାସନ-ପ୍ରଣାଳୀକୁ ସାହାଯ୍ୟ କଲା ଜଡ଼ ବିଜ୍ଞାନ । ବ୍ୟକ୍ତି ତଥା ଜଗତକୁ ଭୋଗ-ବିଳାସ ଓ ସୁଖ-ଶାନ୍ତିରେ ରଖିବା ସକାଶେ ବୁଦ୍ଧି ସାହାଯ୍ୟରେ ଆବିଷ୍କାର କଲା ରେଡ଼ିଓ, ମୋଟର ଓ ବାୟୁଯାନ ଇତ୍ୟାଦି ବହୁ ଆଶ୍ଚର୍ଯ୍ୟଜନକ ବସ୍ତୁ ଏବଂ ସଂସାର ଧ୍ୱଂସକାରୀ ଅସ୍ତ୍ର । ବିଜ୍ଞାନ ସାହାଯ୍ୟରେ ବ୍ୟକ୍ତି ପହଞ୍ଚିଗଲା ଚନ୍ଦ୍ରଲୋକରେ । କିନ୍ତୁ ଏଥିରେ ବ୍ୟକ୍ତିର ଲକ୍ଷ ବା ଚାହିଁଦା ସୁଖ-ଶାନ୍ତି ଓ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲା ନାହିଁ କିଂବା ଦୁଃଖ-କଷ୍ଟ ଓ ଦରିଦ୍ରତା ଦୂରହେଲା ନାହିଁ । ବରଂ ଯେତେ ନୂତନ ଶାସନ-ପଦ୍ଧତି ଏବଂ ବିଜ୍ଞାନ ଦ୍ୱାରା ନୂତନ ବସ୍ତୁ ଆବିଷ୍କାର କଲା, ବ୍ୟକ୍ତିର ଆତଙ୍କ, ଚିନ୍ତା, ଅବିଶ୍ୱାସ, ଅସତ୍ୟ, ମିଥ୍ୟା ଓ ଘୃଣା ସେତେ ବୃଦ୍ଧି ହେଲା । ଅନ୍ନବସ୍ତ୍ରର ଅଭାବଥିବା ଦରିଦ୍ର ଦେଶ ଏବଂ ଅନ୍ନ-ବସ୍ତ୍ର, ଧନସମ୍ପଦ ଓ ଐଶ୍ୱର୍ଯ୍ୟପୂର୍ଣ୍ଣ ସମୃଦ୍ଧିଶାଳୀ ଦେଶ ମଧ୍ୟରୁ କେହି ବି ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସୁଖ-ଶାନ୍ତିରେ ରହିପାରିଲେ ନାହିଁ ବରଂ ଦରିଦ୍ର ଦେଶ ଅପେକ୍ଷା ସମୃଦ୍ଧିଶାଳୀ ଦେଶ, ଜୀବନ ତଥା ଅଧିକାର ରକ୍ଷା କରିବାଲାଗି ଭୟରେ ଆତଙ୍କିତ ହୋଇପଡ଼ିଲା ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ଏହି କାରଣରୁ ପୁରାତନ ନୈତିକତା, ସାମାଜିକ ନିୟମ ଏବଂ ଶୃଙ୍ଖଳା ପୂର୍ଣ୍ଣରୂପେ ଭାଙ୍ଗିଯାଉଛି । ନୂତନ ସତ୍ୟର ପ୍ରତିଷ୍ଠା ହୋଇ ନାହିଁ । ସେହି ସକାଶେ ସଂସାରର ସମସ୍ତ କ୍ଷେତ୍ରରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର ଓ ବର୍ବରତା ମୁକ୍ତରୂପେ ପ୍ରକାଶ୍ୟରେ କ୍ରିୟାଶୀଳ ହେଉଛି । ମନ-ବୁଦ୍ଧି-ନିର୍ଦ୍ଧାରିତ ଭିନ୍ନ ଭିନ୍ନ ରାଜନୈତିକ ଶାସନପଦ୍ଧତି ଦ୍ୱାରା ପରିସ୍ଥିତିକୁ ସୁଧାର କରିବାର ପ୍ରଯତ୍ନ ଅଗ୍ନିରେ ଆହୁତି ଦେବା ସଦୃଶ ପ୍ରଜ୍ୱଳିତ ହେଉଛି ଏବଂ ଭୁଶୁଡ଼ି ପଡ଼ିଥିବା ଘରରେ ପେଲାଦେଇ ଥାପଡ଼ା-ଥାପଡ଼ି କରି ରଖିବା ସଦୃଶ ପ୍ରଯତ୍ନ ବ୍ୟର୍ଥ ହେଉଛି । ଏହି ପରିସ୍ଥିତିକୁ ପରିବର୍ତ୍ତନ କରିବାର ଏକମାତ୍ର ଉପାୟ ହେଲା ବ୍ୟକ୍ତି ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରିବା । ଏହି ସନ୍ଧାନ ଶ୍ରୀଅରବିନ୍ଦ ଦେଇଛନ୍ତି । ଏଥିରେହିଁ ହେବ ବ୍ୟକ୍ତିର ଲକ୍ଷ୍ୟ-ସିଦ୍ଧି ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା । ଏହି ସତ୍ୟ ପ୍ରତିଷ୍ଠା ହେବ ପ୍ରଥମେ ଏହି ପୁଣ୍ୟ ଦେଶ ଭାରତରେ । ଏହି ଭାରତ ସମସ୍ତ ସଂସାରକୁ ନୂତନ ସତ୍ୟର ସନ୍ଧାନ ଦେବ । ଏହି ସକାଶେ ଭାରତକୁ ବିଧର୍ମୀମାନଙ୍କ ବାରଂବାର ଆକ୍ରମଣରୁ ତଥା ମହାନ୍ ସଂକଟରୁ ଭଗବାନ୍ ରକ୍ଷାକରି ଆସୁଛନ୍ତି । ଏହି ଭାରତରେହିଁ ଅନ୍ୟାନ୍ୟ ଦେଶ ଅପେକ୍ଷା ଭଗବାନଙ୍କର ଅଧିକ ଅବତାର ଆବିର୍ଭୂତ ହୋଇଛନ୍ତି ଏବଂ ବହୁ ସଂଖ୍ୟାରେ ଋଷି, ମହାପୁରୁଷ, ଆଚାର୍ଯ୍ୟ, ସାଧୁସନ୍ଥ ଇତ୍ୟାଦିଙ୍କର ଆବିର୍ଭାବ ହୋଇଛି । ଭାରତର ଶିରା-ପ୍ରଶିରାରେ ଭାଗବତ ସତ୍ୟ ପ୍ରବାହିତ ହେଉଛି । ତା'ର ସମୟ ଆସିଛି, ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସର ଶକ୍ତିକୁ ଏହି ପୃଥିବୀରେ ଅବତୀର୍ଣ୍ଣ କରାଇଛନ୍ତି । ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କଲେ ଏହି ଅତିମାନସର ସତ୍ୟ ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଆଧ୍ୟାତ୍ମିକ ଧର୍ମରେ ରୂପାନ୍ତରିତ ହେବ । ସେ ଅଜ୍ଞାନ, ଅସତ୍ୟ, ଦୁଃଖ, କଷ୍ଟ, ମୋହ, ମାୟା, ରୋଗ, ଜରା ଓ ମୃତ୍ୟୁରୁ ପୂର୍ଣ୍ଣରୂପେ ମୁକ୍ତହେବ । ଏହା ଫଳରେ ସଂସାରରୁ ସମସ୍ତ ଦୁଃଖ, କଷ୍ଟ ଓ ଦ୍ୱନ୍ଦ୍ୱ ଦୂର ହେବ । ପୃଥିବୀ ହେବ ସ୍ୱର୍ଗ, ଏହି ରୂପାନ୍ତରିତ ମାନବ ହେବ ଅତିମାନବ ।

ଦେଶର ଭବିଷ୍ୟତ୍ : ଛାତ୍ର

ଦେଶର ଭବିଷ୍ୟତ୍ ନିର୍ଭର କରେ ଛାତ୍ର ଏବଂ ଯୁବକମାନଙ୍କ ଉପରେ । ସେମାନେ ଯଦି ନିଜ ଦାୟିତ୍ୱ ହୃଦୟଙ୍ଗମ କରିପାରିବେ, ତେବେ ସଦ୍‌ଗୁଣ ପ୍ରାପ୍ତ ହେବା ପୂର୍ବରୁ ନେତା ହେବାର ସ୍ୱାର୍ଥ ତ୍ୟାଗ କରିବେ ଏବଂ ବର୍ତ୍ତମାନର ରାଜନୈତିକ ଆଦର୍ଶ ପ୍ରଭାବରୁ ମୁକ୍ତ ହୋଇ ନିଜ ଆନ୍ତର ଚେତନା ଅଥବା ସ୍ୱତନ୍ତ୍ର ବୁଦ୍ଧିରେ ନିରପେକ୍ଷଭାବେ ବର୍ତ୍ତମାନ ଜଗତର ପରିସ୍ଥିତିକୁ ବିଚାର କରିପାରିବେ ଏବଂ ଯଥାର୍ଥ ମାର୍ଗ ମଧ୍ୟ ପ୍ରାପ୍ତ ହୋଇପାରିବେ । ସେଥିରେ ହେବ ନିଜ ଜୀବନର, ପରିବାରର ଓ ଦେଶର ତଥା ଜଗତର ଉନ୍ନତି ଏବଂ ପ୍ରାପ୍ତ ହେବ ସୁଖ-ଶାନ୍ତି ।

ବର୍ତ୍ତମାନ ସମୟରେ ଯେଉଁସବୁ ଶାସନପଦ୍ଧତି ବା ରାଜନୈତିକ ସିଦ୍ଧାନ୍ତ ପ୍ରଚଳିତ ଅଛି ତାହାଦ୍ୱାରା କୌଣସି ଗୋଟିଏ ଦେଶ ସୁଖ-ଶାନ୍ତିରେ ନାହିଁ । ଏହାଦ୍ୱାରା ଯେକୌଣସି ଦେଶ ସୁଖ-ଶାନ୍ତି ଓ ଶୃଙ୍ଖଳାରେ ରହିବ ବୋଲି ଆଶା କରିବା ମୃଗତୃଷ୍ଣାରେ ତୃଷା ନିବାରଣ କରିବା ସଦୃଶ ଆଶାକୁ ନିରାଶାରେ ପରିଣତ କରିବା ।

ମନୁଷ୍ୟ ବାହ୍ୟ କର୍ମ କରେ ମନ, ବୁଦ୍ଧି ଓ ପ୍ରାଣର ନେତୃତ୍ୱରେ ଶରୀର ଦ୍ୱାରା । ମନ, ବୁଦ୍ଧି, ଦୁର୍ବଳ ଓ ପ୍ରାଣ ମହାନ୍ ଶକ୍ତିଶାଳୀ ହେଲେ ବ୍ୟକ୍ତି ବୁଦ୍ଧି, କୌଶଳ, କୂଟ, କପଟ ତଥା ପ୍ରାଣଶକ୍ତି ପ୍ରଭାବରେ ଦେଶରେ ନେତୃତ୍ୱ ଲାଭ କରିପାରେ; ପ୍ରାଣଶକ୍ତି ପ୍ରଭାବରେ ନିଜ ସିଦ୍ଧାନ୍ତ ଅନ୍ୟ ଉପରେ ଚାପିଦେଇପାରେ; ଶକ୍ତି ତଥା ଅସ୍ତ୍ର ପ୍ରଭାବରେ ବହୁ ଦେଶ, ବହୁ ବ୍ୟକ୍ତିଙ୍କୁ ନିଜ ବଶରେ ରଖିପାରେ; କିନ୍ତୁ ତାହା ବହୁ ଦିନ ସ୍ଥାୟୀ ହୋଇ ରହେ ନାହିଁ । କିନ୍ତୁ ମନ-ବୁଦ୍ଧି ସବଳ ଓ ପ୍ରାଣ ଦୁର୍ବଳ ହେଲେ ବ୍ୟକ୍ତି ଉତ୍ତମ ପରାମର୍ଶ ଦେଇପାରେ ମାତ୍ର ନେତା ହୋଇପାରେ ନାହିଁ ।

ଦେଶସେବା କରିବାକୁ ହେଲେ, ଦେଶରେ ସୁଖ-ଶାନ୍ତି ଓ ଐଶ୍ୱର୍ଯ୍ୟ ପ୍ରତିଷ୍ଠା କରିବାକୁ ହେଲେ; ପ୍ରଥମରେ ସ୍ୱାର୍ଥ, ଛନ୍ଦ, କପଟ, ଅସତ୍ୟ, ଅନ୍ୟାୟ ଆଦି ଦୂରକରି ସଦ୍‌ଗୁଣ ଗ୍ରହଣ କରିବାକୁ ହେବ । ଯେପର୍ଯ୍ୟନ୍ତ ଆମେ ନିଜେ ଉତ୍ତମ ଗୁଣ ଗ୍ରହଣ ନ କରିବା ସେପର୍ଯ୍ୟନ୍ତ ଜଗତରେ ଆଦର୍ଶବାଦୀ ହୋଇପାରିବା ନାହିଁ; ନିଜ ମଧ୍ୟରେ ସ୍ୱାର୍ଥ, ହିଂସା

ବିଦ୍ୟମାନ ଥିବ; ଅନ୍ୟାୟ ଓ ମିଥ୍ୟା ଆଚରଣ କରୁଥିବା; ନିଜ ଅଧିକାର, ନିଜ ନେତୃତ୍ୱ ରକ୍ଷା କରିବା ଓ ନିଜ ସ୍ୱାର୍ଥକୁ ବଜାୟ ରଖିବା ସକାଶେ ସବୁପ୍ରକାର ଛଳ, ପ୍ରପଞ୍ଚ, ମିଥ୍ୟା, ଅସତ୍ୟ, କୂଟ ଓ କପଟ ଦ୍ୱାରା ଅନ୍ୟର ସ୍ୱାର୍ଥରେ ବାଧା ଦେଉଥିବା; ଅନ୍ୟର ଅନିଷ୍ଟ କରୁଥିବା; ଆମରି ଆଦର୍ଶରେ ଆମରି ଦ୍ୱାରା ଦେଶ ସୁଖ ଶାନ୍ତିରେ ରହିବ ବୋଲି ଆଶା କରିବା ଏକେବାରେ ଭ୍ରମ, ଦୁରାଶା ଛଡ଼ା ଆଉ କିଛି ନୁହେଁ ।

ବର୍ତ୍ତମାନ ମନ-ନିର୍ଦ୍ଧାରିତ ନୈତିକ ଯୁଗ ଶେଷ ହୋଇଛି । ଜଗତରେ ନୂତନ ସତ୍ୟଯୁଗର ସତ୍ୟ, ନ୍ୟାୟ, ଶୃଙ୍ଖଳା ଓ ଐଶ୍ୱର୍ଯ୍ୟ ପ୍ରତିଷ୍ଠା ହେବାର ସମୟ ଆସିଛି । ଛାତ୍ର ଏବଂ ଯୁବକମାନେ ଏହି ସତ୍ୟକୁ ଗ୍ରହଣ କଲେ ସେମାନେ ଉତ୍ତମରୂପେ ପଢ଼ିପାରିବେ, କର୍ମ କରିପାରିବେ । ଜୀବନକୁ ନିୟମିତ, ସଂଯତ ଭାବେ ଗଢ଼ିପାରିବେ ଏବଂ ନିଜ ମଧ୍ୟରେ ପରମ ସୁଖ, ପରମ ଶାନ୍ତି, ପରମ ସତ୍ୟ, ନ୍ୟାୟ ଓ ସାମ୍ୟ ପ୍ରତିଷ୍ଠା କରିପାରିବେ । ଏହି ସଦ୍‌ଗୁଣବିଶିଷ୍ଟ ବ୍ୟକ୍ତି ହେବେ ନୂତନ ଯୁଗର ଅଗ୍ରଦୂତ ତଥା ସମାଜର ଆଦର୍ଶ ।

ପ୍ରଶ୍ନ : ଆପଣ ଯେଉଁସବୁ ବିଷୟ କହିଲେ ତା'ର ତାତ୍ପର୍ଯ୍ୟ ହେଲା : — ''ସଂସାରର ସମସ୍ତ ବ୍ୟକ୍ତିଙ୍କର ଜୀବନର ଲକ୍ଷ୍ୟ ପରମାନନ୍ଦମୟ ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନ । ଏହା ପ୍ରାପ୍ତ ହୁଏ ମନ-ପ୍ରାଣ-ଶରୀର ଏବଂ ଆତ୍ମାର ବିକାଶ ତଥା ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାରେ । ଏହି ଲକ୍ଷ୍ୟ ସିଦ୍ଧି ଛଡ଼ା ବ୍ୟକ୍ତି ସ୍ୱୟଂ ସୁଖ-ଶାନ୍ତିରେ ରହିପାରେ ନାହିଁ, କିଂବା ସଂସାରରେ ସୁଖ-ଶାନ୍ତି, ଐଶ୍ୱର୍ଯ୍ୟ, ସାମ୍ୟ, ମୈତ୍ରୀ ପ୍ରତିଷ୍ଠା ହୋଇପାରେ ନାହିଁ ।

ଆମ୍ଭର ପ୍ରଥମ ପ୍ରଶ୍ନ ହେଲା : ଆପଣଙ୍କ କହିବା ଅନୁସାରେ ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଲକ୍ଷ୍ୟ ନୁହେଁ, ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭିନ୍ନ । ଆମେ ଦେଖୁଛୁ କାହାର ଲକ୍ଷ୍ୟ ପଢ଼ିବା, କାହାର ଦେଶନେତା ହେବା, କାହାର ବିଜ୍ଞାନ ସାହାଯ୍ୟରେ ନୂତନ ବସ୍ତୁ ଆବିଷ୍କାର କରିବା ଇତ୍ୟାଦି ବହୁ ଲକ୍ଷ୍ୟ । ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଲକ୍ଷ୍ୟ କିପରି ?

ଦ୍ୱିତୀୟ ପ୍ରଶ୍ନ ହେଲା : ଯଦି ମାନି ନେବାକୁ ହୁଏ ଯେ ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଲକ୍ଷ୍ୟ, ତେବେ ଆଜିପର୍ଯ୍ୟନ୍ତ ଯେଉଁ ଲକ୍ଷ୍ୟ-ସିଦ୍ଧି ହୋଇ ନାହିଁ ଆଜି ତାହା ସିଦ୍ଧ ହେବ କିପରି ?

ତୃତୀୟ ପ୍ରଶ୍ନ ହେଲା : ମନ-ପ୍ରାଣ-ଶରୀର ତଥା ଆତ୍ମାର ଗୁଣ-ଧର୍ମ କ'ଣ ?

ଉତ୍ତର : ତୁମ ପ୍ରଶ୍ନ ଅନୁସାରେ ଉତ୍ତର ମଧ୍ୟ କ୍ରମାନ୍ୱୟ ଭାବରେ ଦିଆଯିବ ।

ତୁମ ପ୍ରଥମ ପ୍ରଶ୍ନର ଉତ୍ତର ହେଲା ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଚାହିଁବା ବସ୍ତୁରେହିଁ ଦୁଃଖବିହୀନ ସୁଖ, ଐଶ୍ୱର୍ଯ୍ୟ ଚାହାନ୍ତି । ଅତଏବ ପ୍ରତ୍ୟେକ ବ୍ୟକ୍ତିର ଏହାହିଁ ଲକ୍ଷ୍ୟ ।

ସଂସାରର ପ୍ରତ୍ୟେକ ବ୍ୟକ୍ତି ଉପସ୍ଥିତ କର୍ମକୁ ଭ୍ରମବଶତଃ ଲକ୍ଷ୍ୟ ମାନି ନେଇଛନ୍ତି । କିନ୍ତୁ ସେହି କର୍ମରେ ଅଜ୍ଞାତରୂପେ ଦୁଃଖବିହୀନ ପରମ ସୁଖ ତଥା ପରମ ଐଶ୍ୱର୍ଯ୍ୟ ଚାହୁଁଛନ୍ତି । କିନ୍ତୁ ତାହା ବ୍ୟକ୍ତିର ଚେତନାରେ ସ୍ପଷ୍ଟ ହୋଇ ନାହିଁ ।

ବ୍ୟକ୍ତି ପଢ଼େ, ବ୍ୟବସାୟ କରେ, ଦେଶସେବା କରେ, ବିଜ୍ଞାନ ଦ୍ୱାରା ନୂତନ ବସ୍ତୁ ଆବିଷ୍କାର କରେ, ଚୋରି କରେ, ଅନ୍ୟକୁ ଠକେ, ଅନ୍ୟ ଦେଶ ଅଧିକାର କରେ କେବଳ ସୁଖ-ଐଶ୍ୱର୍ଯ୍ୟ ଆଶାରେ । ସମସ୍ତ ବ୍ୟକ୍ତିଙ୍କର ଆନ୍ତରିକ ଭାବ ଥାଏ ଯେ, ସେମାନେ ସମସ୍ତକିଛି ଜାଣିବେ, ମାନ-ଯଶଃ-ପ୍ରତିଷ୍ଠା, ସମ୍ମାନ ପ୍ରାପ୍ତହେବେ ଏବଂ ସୁଖ-ଶାନ୍ତିରେ ବାସ କରିବେ । ଏହି କାରଣରୁ କୌଣସି ଗୋଟିଏ ବ୍ୟକ୍ତି ସ୍ୱଇଚ୍ଛା ବା ପ୍ରସନ୍ନତାରେ ଦରିଦ୍ର ହେବା, ଅନ୍ୟର ଅଧୀନ ହେବା, ଅନ୍ୟଠାରୁ ଛୋଟ ହେବା, ଅନ୍ୟଠାରୁ କମ୍ ଜାଣିବା ବା କମ୍ ଜ୍ଞାନ ପ୍ରାପ୍ତହେବା, ଅନ୍ୟଠାରୁ କମ୍ ଶକ୍ତିଶାଳୀ ହେବା, ଅନ୍ୟଠାରୁ କମ୍ କର୍ମରେ ଦକ୍ଷତା ଲାଭ କରିବା, ରୋଗୀ ହେବା, ବୃଦ୍ଧ ହେବା, ମୃତ୍ୟୁ ବରଣ କରିବା, ଅଶାନ୍ତି, ଦୁଃଖ, କଷ୍ଟ ଭୋଗିବାକୁ ଚାହାନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କର ଏସବୁକୁ ନ ଚାହିଁବାର ସ୍ପଷ୍ଟ ପ୍ରମାଣ ହେଉଛି ଏହାର ବିପରୀତ ପରମ ଜ୍ଞାନ, ଶକ୍ତି, ଐଶ୍ୱର୍ଯ୍ୟ, ପରମାନନ୍ଦ ପ୍ରାପ୍ତିହିଁ ଏକମାତ୍ର ଲକ୍ଷ୍ୟ ।

ବ୍ୟକ୍ତି ଯେଉଁ ସକାଶେ କର୍ମ କରେ ତାହା ଗଭୀରଭାବେ ବିଚାର କରେ ନାହିଁ । ସେଥିପାଇଁ ନିଜର ଯଥାର୍ଥ ଲକ୍ଷ୍ୟର ଜ୍ଞାନ ପ୍ରାପ୍ତିକରି ପାରେ ନାହିଁ । ଲକ୍ଷ୍ୟ ନ ଜାଣି, ତାହା ପ୍ରାପ୍ତିର ପ୍ରଯତ୍ନ କରିବା ଯୋଗୁଁ ବ୍ୟକ୍ତି ତାହାର ଯଥାର୍ଥ ସୁଖ ଓ ଆନନ୍ଦରୁ ବଞ୍ଚିତ ହୋଇଥାଏ ତଥା ଲକ୍ଷ୍ୟର ବିପରୀତ ଦୁଃଖ-କଷ୍ଟ ବରାବର ଭୋଗୁଥାଏ ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ କର୍ମ ହେବା ସତ୍ତ୍ୱେ ସମସ୍ତ ବ୍ୟକ୍ତି ସେହି କର୍ମରେ ଅସ୍ପଷ୍ଟ ଅଜ୍ଞାନ ଭାବେ ଦୁଃଖ-କଷ୍ଟ ଦାରିଦ୍ର୍ୟବିହୀନ ପରମାନନ୍ଦ, ପରମ ଐଶ୍ୱର୍ଯ୍ୟ ଚାହାନ୍ତି । ଏହି ଅସ୍ପଷ୍ଟ ଚାହିବାହିଁ ପ୍ରକୃତରେ ସମସ୍ତ ବ୍ୟକ୍ତିଙ୍କର ଜୀବନର ଲକ୍ଷ୍ୟ । ଏହା ବୁଝିପାରିଲି । କିନ୍ତୁ ଯେଉଁ ଲକ୍ଷ୍ୟ ଆଜି ପ୍ରାପ୍ତ ହୋଇ ନାହିଁ, ତାହା ଯେ ଆଜି ପ୍ରାପ୍ତ ହେବ – ଏହାର ପ୍ରମାଣ କ'ଣ ? (ଏହାହିଁ ଥିଲା ଆମର ଦ୍ୱିତୀୟ ପ୍ରଶ୍ନ)

ଉତ୍ତର : ଆଜି ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଜୀବନର ଏହି ଲକ୍ଷ୍ୟକୁ ଚାହିଁ ନାହାନ୍ତି; ସେହି ସକାଶେ ତାହା ପ୍ରାପ୍ତ ହୋଇ ନାହାନ୍ତି । ଆଜି ଚାହିଁଲେ ତାହା ପ୍ରାପ୍ତ ହେବେ । ବ୍ୟକ୍ତି ଚାହିଁବାହିଁ ଲକ୍ଷ୍ୟ ପ୍ରାପ୍ତିର ପ୍ରମାଣ ।

ଆଜି ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଜୀବନର ଏହି ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ହୋଇ ନାହାନ୍ତି । ଲକ୍ଷ୍ୟ ସ୍ପଷ୍ଟ ନ ଥିବାରୁ ତାହାର ପ୍ରାପ୍ତି ନିମିତ୍ତ ଅନ୍ୟାନ୍ୟ ସମସ୍ତ ଚାହିଁବାକୁ ବିଲୀନ କରି ନାହାନ୍ତି । ଶ୍ରୀମା' ଶ୍ରୀଅରବିନ୍ଦ ବ୍ୟକ୍ତିର ଜୀବନରେ ଏହି ପରିପୂର୍ଣ୍ଣ ଲକ୍ଷ୍ୟର ସନ୍ଧାନ ଦେଇଛନ୍ତି । ଲକ୍ଷ୍ୟ-ପ୍ରାପ୍ତିର ସମସ୍ତ ଚାହିଁବାକୁ ଏକତ୍ରିକ କରିବା ସକାଶେ ଅତିମାନସ ଶକ୍ତି ଦ୍ୱାରା ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀରର ରୂପାନ୍ତର କରିବାର ଉପାୟ ମଧ୍ୟ ବତାଇ ଦେଇଛନ୍ତି । ଆମ୍ଭେମାନେ ସେହି ଉପାୟରେ ଭିନ୍ନ ଭିନ୍ନ ବସ୍ତୁର ଚାହିଁବାକୁ ସେହି ଲକ୍ଷ୍ୟ-ପ୍ରାପ୍ତିର ଚାହିଁବାରେ ଏକ କରି ପାରିଲେ ଲକ୍ଷ୍ୟ-ସିଦ୍ଧି କରିପାରିବା ।

ବ୍ୟକ୍ତିର ଚାହିଁବା ବହୁମୁଖୀ ଥାଏ । ସେ ପ୍ରତି ମୁହୂର୍ତ୍ତରେ ଭିନ୍ନ ଭିନ୍ନ ବସ୍ତୁ ଚାହୁଁଥାଏ । ସେଥିପାଇଁ ତା'ର ଚାହିଁବା ସିଦ୍ଧ ହୁଏ ନାହିଁ ।

ଚାହିଁବା-ବସ୍ତୁରେ ବ୍ୟକ୍ତି ଯେତେ ପରିମାଣରେ ଏକାଗ୍ରତା କରିପାରେ ତାହା ସେତେ ପରିମାଣରେ ପୂର୍ଣ୍ଣ ହୁଏ । ଗୋଟିଏ ଚାହିଁବାରେ ସେ ଯଦି ସମସ୍ତ ସତ୍ତାକୁ ଏକାଗ୍ର କରେ ତେବେ ତାହା ପୂର୍ଣ୍ଣରୂପେ ପ୍ରାପ୍ତ ହୁଏ । ଭୌତିକ ବିଜ୍ଞାନବାଦୀମାନେ ନାନା ବସ୍ତୁର ବିଶ୍ଳେଷଣରେ ନିଜ ଚେତନାକୁ ଏକାଗ୍ରକରି ଅସାଧାରଣ ନୂତନ ବସ୍ତୁ ଆବିଷ୍କାର କରନ୍ତି । ଅଧ୍ୟାତ୍ମବାଦୀ ସାଧକ ବା ଯୋଗୀମାନେ ଅଧ୍ୟାତ୍ମ ସାଧନା ଦ୍ୱାରା ଲକ୍ଷ୍ୟରେ ଏକାଗ୍ର ହୋଇ ଭାଗବତ ସ୍ୱରୂପ ପରମାନନ୍ଦ ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଅନ୍ତି ।

ପ୍ରଶ୍ନ : ଦେଶନେତାମାନେ ନିଜ ସିଦ୍ଧାନ୍ତକୁ ଦେଶରେ ପ୍ରତିଷ୍ଠା କରିବାକୁ ଚାହାନ୍ତି । କେହି କେହି ଶତ୍ରୁ ଉପରେ ବିଜୟ ପ୍ରାପ୍ତି କରିବାକୁ ଚାହାନ୍ତି । ଲୋଭୀ ଧନ-ପ୍ରାପ୍ତି କରିବାକୁ ଚାହାନ୍ତି । ସମସ୍ତ ବ୍ୟକ୍ତି ରୋଗ, ବୃଦ୍ଧତ୍ୱ, ମୃତ୍ୟୁରୁ ମୁକ୍ତ ସୁଖ-ଶାନ୍ତି ଐଶ୍ୱର୍ଯ୍ୟ ଚାହାନ୍ତି; କିନ୍ତୁ ରୋଗ, ବୃଦ୍ଧତ୍ୱ, ମୃତ୍ୟୁର ଯନ୍ତ୍ରଣା, ଦୁଃଖ-କଷ୍ଟ, ଅଭାବ-ଅନାଟନ, ଦାରିଦ୍ର୍ୟ ଭୋଗୁଥା'ନ୍ତି । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଆପଣ କହିବା ଅନୁସାରେ ବ୍ୟକ୍ତିର ଚାହିଁବା ସଫଳ ହୁଏ ଏହା ବିଶ୍ୱାସ କରିବୁ କିପରି ?

ଉତ୍ତର : ଆପଣ ବିଷୟଟିକୁ ବୁଝି ନ ପାରିବା ଯୋଗୁଁ ବିଶ୍ୱାସ କରିବାରେ ଅସମର୍ଥ ହୋଇଛନ୍ତି । ପ୍ରଥମରୁ କୁହାଯାଇଛି ବ୍ୟକ୍ତିର ଲକ୍ଷ୍ୟ ବା ଚାହିଁବାରେ ସମସ୍ତ ବିପରୀତମୁଖୀ ଚାହିଁବା ଲୀନ ହୋଇଗଲେ ତାହା ସିଦ୍ଧ ହୁଏ ।

ଦେଶନେତାମାନେ ନିଜର ସିଦ୍ଧାନ୍ତ ଦେଶରେ ପ୍ରତିଷ୍ଠା କରିବାକୁ ଚାହାନ୍ତି । କିନ୍ତୁ ସେଥିରେ ସେମାନଙ୍କର ସନ୍ଦେହ ଥାଏ ଏବଂ ଚାହିଁବା ଏକମୁଖୀ ହୋଇ ନ ଥାଏ, ସେଥିପାଇଁ ସେମାନଙ୍କ ଚାହିଁବା ସିଦ୍ଧ ହୁଏ ନାହିଁ । ତାହାଛଡ଼ା ଜଣେ ନେତା ଯେଉଁ ମତବାଦ ପ୍ରତିଷ୍ଠା କରିବାକୁ ଚାହାନ୍ତି, ସେହିପରି ଅନ୍ୟ ନେତାମାନେ ତା'ର ବିପରୀତ ବା ବିରୋଧୀ ସିଦ୍ଧାନ୍ତ ପ୍ରତିଷ୍ଠା କରିବାକୁ ସଂକଳ୍ପ ଓ କ୍ରିୟା କରନ୍ତି । ଏହି ଦୁଇଟି ସଂକଳ୍ପର ବାତାବରଣରେ ସଂଘର୍ଷ ହେଉଥାଏ । ଯେଉଁ ସଂକଳ୍ପ ଦୃଢ଼ ହୋଇଥାଏ, ଯେଉଁ ଚାହିଁବାରେ ଅଧିକ ସତ୍ତା ଏକାଗ୍ର ହୁଏ ସେହି ସିଦ୍ଧାନ୍ତ ଦେଶରେ ପ୍ରତିଷ୍ଠିତ ହୁଏ, କିନ୍ତୁ ଏହିସବୁ ସିଦ୍ଧାନ୍ତ ଲକ୍ଷ୍ୟ-ପ୍ରାପ୍ତିର ମାର୍ଗରୂପେ ଆସିଥିବାରୁ ସ୍ଥାୟୀ ହୋଇ ରହିପାରେ ନାହିଁ । ସାମୟିକରୂପେ ଆବଶ୍ୟକ ଅନୁସାରେ ଆସେ ଏବଂ ଯାଏ । ଏହା ସ୍ଥାୟୀ ହେବ ଆତ୍ମଧର୍ମରେ ବ୍ୟକ୍ତିର ରୂପାନ୍ତରିତ ମନ-ପ୍ରାଣ-ଶରୀର ଦ୍ୱାରା ପୃଥିବୀରେ ଦିବ୍ୟକର୍ମ ପ୍ରତିଷ୍ଠିତ ହେବାରେ । ଅନ୍ୟ ପକ୍ଷରେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ସୁଖ-ଶାନ୍ତି-ଐଶ୍ୱର୍ଯ୍ୟକୁ ବ୍ୟକ୍ତି ନିଜ ସତ୍ତାର ଗୋଟିଏ ଭାଗରେ ଚାହେଁ; ଅନ୍ୟାନ୍ୟ ବହୁଭାଗରେ ସନ୍ଦେହ, ଅବିଶ୍ୱାସ କରେ ଏବଂ ଚାହିଁବା ବସ୍ତୁରେ ସମସ୍ତ ସତ୍ତା ଏକାଗ୍ର କରିବା ପରିବର୍ତ୍ତେ ପ୍ରତି ମୁହୂର୍ତ୍ତରେ ଭିନ୍ନ ଭିନ୍ନ ବସ୍ତୁ ଚାହେଁ । ତା'ର ଏହି ବହୁମୁଖୀ ଚାହିଁବା ଏପରି

ଜଟିଳ ଏବଂ ଏପରି ଦୁର୍ବଳ ହୋଇପଡ଼େ ଯେ ତାକୁ ପ୍ରଶ୍ନ କରାହେଲେ ସେ କ'ଣ ଚାହେଁ ବୁଝିପାରେ ନାହିଁ କି ଉତ୍ତର ଦେଇପାରେ ନାହିଁ । ଚାହିଁବା ବସ୍ତୁରେ ସମଗ୍ର ସତ୍ତା ଏକାଗ୍ର ନ ହେବାରୁ ତାକୁ ତାହା ପ୍ରାପ୍ତ ହୁଏ ନାହିଁ ।

ବ୍ୟକ୍ତିର ବହୁତ ଚାହିଁବା ମଧ୍ୟରେ ଯେଉଁ ଚାହିଁବାରେ ଚେତନାର ବା ମନର ଅଧିକ ଏକାଗ୍ରତା ଥାଏ ସେହି ବସ୍ତୁ ଅପୂର୍ଣ୍ଣରୂପେ ପ୍ରାପ୍ତ ହୁଏ ।

ପ୍ରଶ୍ନ : ଚାହିଁବା ବସ୍ତୁରେ କୌଣସି ବ୍ୟକ୍ତି ନିଜ ଚାହିଁବା ସିଦ୍ଧ କରିଛନ୍ତି କି ?

ଉତ୍ତର : ନିଜ ଚାହିଁବାରେ ଯେଉଁ ଭୌତିକ ବୈଜ୍ଞାନିକମାନେ ଚେତନାକୁ ଏକାଗ୍ର କରିଛନ୍ତି ସେମାନେ ନୂତନ ବସ୍ତୁ ଆବିଷ୍କାର କରିଛନ୍ତି । ଅଧ୍ୟାତ୍ମବାଦୀମାନେ ଅଧ୍ୟାତ୍ମ-ସାଧନା ଦ୍ୱାରା ନିର୍ବାଣ, ମୁକ୍ତି, ଭଗବତ୍ ପ୍ରାପ୍ତି, ପରମାନନ୍ଦ, ପରମ ସୁଖ, ପରମ ଜ୍ଞାନରେ ନିଜର ସମସ୍ତ ସତ୍ତା ଏକାଗ୍ର କରି ଲକ୍ଷ୍ୟ ସିଦ୍ଧ କରିଛନ୍ତି । ଏହାଛଡ଼ା ସାଧାରଣ ସାଂସାରିକ କର୍ମ – ବିଦ୍ୟାର୍ଜ୍ଜନ, ବ୍ୟବସାୟ, ଚାକିରି, ଦେଶସେବା ଇତ୍ୟାଦିରେ ଯେଉଁ ବ୍ୟକ୍ତି ନିଜ ଚେତନାକୁ ଯେତେ ଏକାଗ୍ର କରିପାରିଛନ୍ତି ସେମାନେ ସେହି ଏକାଗ୍ରତା ଅନୁପାତରେ ବସ୍ତୁ ମଧ୍ୟ ପ୍ରାପ୍ତି କରିଛନ୍ତି ।

ପ୍ରଶ୍ନ : ବିଦ୍ୟାର୍ଜ୍ଜନ, ବ୍ୟବସାୟ, ଦେଶସେବା ଇତ୍ୟାଦି କୌଣସି ସାଂସାରିକ କାର୍ଯ୍ୟରେ ତଥା ଅଧ୍ୟାତ୍ମ ଲକ୍ଷ୍ୟସିଦ୍ଧିରେ ବହୁମୁଖୀ ଚେତନା ବା ଭିନ୍ନ ଭିନ୍ନ ଚାହିଁବାକୁ ଏକାଗ୍ର କରି, ସେହି ଚାହିଁବାବସ୍ତୁ ପ୍ରାପ୍ତ କରିବା ସକାଶେ ଯଥାର୍ଥ ପ୍ରଯତ୍ନ କରିବାରେ ତାହା ପ୍ରାପ୍ତ ହୁଏ, ଏହା ବୁଝି ପାରିଲୁ । କିନ୍ତୁ ବ୍ୟକ୍ତିର ଲକ୍ଷ୍ୟ ଯେଉଁ ପରମାନନ୍ଦ ପରମ ଐଶ୍ୱର୍ଯ୍ୟ, ତାହା ସିଦ୍ଧ ହୁଏ ଆତ୍ମବିକାଶ ତଥା ଆତ୍ମଧର୍ମରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାରେ । କିନ୍ତୁ ଆତ୍ମାକୁ ଆମ୍ଭେ ଦେଖୁ ନାହୁଁ । ଡାକ୍ତରମାନେ ବ୍ୟକ୍ତିର ସମସ୍ତ ଅଙ୍ଗ ଅପରେସନ୍ କରି ଆତ୍ମାର ସନ୍ଧାନ ପାଇ ନାହାନ୍ତି । ନ ଦେଖିଥିବା, ସନ୍ଧାନ ନ ପାଇଥିବା ଆତ୍ମାକୁ ଆମ୍ଭେମାନେ ବିଶ୍ୱାସ କରିବୁ କିପରି ?

ଉତ୍ତର : ଡାକ୍ତରମାନେ ବ୍ୟକ୍ତିର ସମସ୍ତ ଶରୀର ଅପରେସନ୍ କରି ମନ-ପ୍ରାଣକୁ ଦେଖି ନାହାନ୍ତି । ସେମାନେ ଦେଖି ନ ଥିବା ମନ-ପ୍ରାଣକୁ ତୁମେ ବିଶ୍ୱାସ କରୁଛ କିପରି ?

ପ୍ରଶ୍ନ : କର୍ତ୍ତା ମନ-ପ୍ରାଣକୁ ନ ଦେଖି ତା'ର ଗୁଣଧର୍ମରୁ ସେସବୁକୁ ସ୍ୱୀକାର କରୁଛୁ ଏବଂ ତା'ର ବିକାଶ ସକାଶେ ପ୍ରଯତ୍ନ କରୁଛୁ ।

ଉତ୍ତର : ଯେପରି ମନ-ପ୍ରାଣକୁ ନ ଦେଖି ସେସବୁର ଗୁଣଧର୍ମରୁ ସେସବୁକୁ ବିଶ୍ୱାସ କରୁଛନ୍ତି ସେହିପରି ଆତ୍ମାକୁ ନ ଦେଖି ତା'ର ଗୁଣଧର୍ମରୁ ବିଶ୍ୱାସ କରି ତା'ର ବିକାଶ ସକାଶେ ପ୍ରଯତ୍ନ କରିବାରେ କ୍ଷତି କ'ଣ ?

ପ୍ରଶ୍ନ : ମନ-ପ୍ରାଣ-ଶରୀରର ତଥା ଆତ୍ମାର ଗୁଣଧର୍ମ କ'ଣ ? ଏହା ବୁଝାଇ ଦିଅନ୍ତୁ । ଏହାହିଁ ଥିଲା ଆମ୍ଭର ପୂର୍ବ ପ୍ରଶ୍ନ ।

ଉତ୍ତର : ଶରୀର ଦ୍ୱାରା କର୍ମ ହୁଏ । କିନ୍ତୁ ଶରୀର ଜଡ଼ । ମନ-ପ୍ରାଣର ପ୍ରେରଣା ଛଡ଼ା ସେ ସ୍ୱୟଂ କିଛି କରିବାରେ ସମର୍ଥ ନୁହେଁ । କର୍ମଶକ୍ତି ପ୍ରାଣର । ସେ ଅତ୍ୟନ୍ତ ଉଦ୍ଧଣ୍ଡ । କାମ, କ୍ରୋଧ, ମୋହ, ସ୍ୱାର୍ଥ, ହିଂସା, କାମନାବାସନା, ମାନ-ଯଶଃ, ଅନ୍ୟ ଉପରେ ଅଧିକାର-ଲାଳସା ଇତ୍ୟାଦିରେ ସେ ପୂର୍ଣ୍ଣ । କିନ୍ତୁ ତା'ର କର୍ମ-କୌଶଳର ଅଭାବ । ମନ-ବୁଦ୍ଧି ଛନ୍ଦ, କୂଟ, କପଟ, ଯୁକ୍ତିତର୍କରେ ନିପୁଣ । ତାହା ଯୁକ୍ତିରେ ଦିନକୁ ରାତ୍ରି ପ୍ରମାଣ କରିପାରେ, କିନ୍ତୁ କର୍ମ କରିବା ଶକ୍ତିର ଅଭାବ । ବୁଦ୍ଧି, ପ୍ରେରଣା ବା କୌଶଳରେ ପ୍ରାଣଶକ୍ତି ଦ୍ୱାରା ଶରୀରରେ ହୁଏ କର୍ମ ସମ୍ପାଦନ । କିନ୍ତୁ ଆତ୍ମା ଏହି ସବୁର ଧାରକ । ଆତ୍ମା ଅବିକୃତ, ନିତ୍ୟ, ଶାଶ୍ୱତ ତଥା ଭଗବାନଙ୍କ ସହିତ ଥାଏ ସର୍ବଦା ଯୁକ୍ତ । ତା'ର ଗୁଣ-ଧର୍ମ ପରମ ସତ୍ୟ, ପରମଆନନ୍ଦ, ପରମ ଶାନ୍ତି, ଅଖଣ୍ଡ ସମତା, ପରମ ଜ୍ଞାନ ।

ବ୍ୟକ୍ତିର ମନ-ବୁଦ୍ଧି ଛଡ଼ା କେବଳ ପ୍ରାଣର ବିକାଶ ହେଲେ ସେ ପଶୁ ସଦୃଶ ନିଜ ଶରୀର, ପରିବାରର ପାଳନ ପୋଷଣ ଓ ଇନ୍ଦ୍ରିୟର ଭୋଗବିଳାସରେ ଜୀବନ ବ୍ୟତୀତ କରେ । ଆତ୍ମା ବିନା ବ୍ୟକ୍ତିର ମନ-ପ୍ରାଣ ବିକଶିତ ହେଲେ ବ୍ୟକ୍ତି ଚୋରି, ଡକାୟତି ଇତ୍ୟାଦି ଯାବତୀୟ ନିଷିଦ୍ଧ କାର୍ଯ୍ୟ କରେ । ବ୍ୟକ୍ତିର ପ୍ରାଣ ଯଦି ଅତ୍ୟନ୍ତ ଶକ୍ତିଶାଳୀ, ବୁଦ୍ଧି ଅତ୍ୟନ୍ତ ତୀବ୍ର ହୁଏ ତେବେ ସେ ଅସୁର ହୁଏ ଏବଂ ନିଜର ଅହଂ, ସ୍ୱାର୍ଥ, କାମନା-ବାସନା ପୂର୍ଣ୍ଣ କରିବା ସକାଶେ

ବହୁବ୍ୟକ୍ତିଙ୍କୁ ପୀଡ଼ା ଦିଏ, ବହୁ ବ୍ୟକ୍ତିଙ୍କୁ ହତ୍ୟା କରେ, ବହୁ ଦେଶକୁ ଅଧିକାର କରେ, ନିଜ ସିଦ୍ଧାନ୍ତ ନିଜ ଦେଶରେ ବା ବହୁ ଦେଶରେ ପ୍ରତିଷ୍ଠା କରିପାରେ ।

ଏହିପରି ମନ-ପ୍ରାଣ ବିକଶିତ ବ୍ୟକ୍ତିର ଅଜ୍ଞାତରେ ଯଦି ଆତ୍ମାର ପ୍ରଭାବ ମନ-ପ୍ରାଣ ଉପରେ ପଡ଼େ ତେବେ ସେ ବ୍ୟକ୍ତି ପ୍ରକାଶ୍ୟରେ ଆତ୍ମାକୁ ସ୍ୱୀକାର କରୁ ବା ନ କରୁ ତା'ର ବିବେକ ଉତ୍ପନ୍ନ ହୁଏ । ସେ ନିଜ ଦେଶ ତଥା ଅନ୍ୟ ଦେଶର ହିତ ସାଧନ କରିବା ସକାଶେ ଚେଷ୍ଟାକରେ ଏବଂ କେତେକାଂଶରେ ସିଦ୍ଧ କରେ । କିନ୍ତୁ ଅହଂ ଏବଂ ସ୍ୱାର୍ଥ ଦୂର ହୁଏ ନାହିଁ । ଏହି ଅହଂ, ସ୍ୱାର୍ଥ ଥିବା ଯୋଗୁଁ ତଥା ଦୃଢ଼ ଏକାଗ୍ରତାର ଅଭାବ ଯୋଗୁଁ ସେ ଚାହୁଁଥିବା ଲକ୍ଷ୍ୟସିଦ୍ଧି କରିପାରେ ନାହିଁ କିଂବା ଅନ୍ୟର ଏବଂ ଅନ୍ୟ ଦେଶର ଯଥାର୍ଥ ତଥା ସ୍ଥାୟୀ ହିତ କରିପାରେ ନାହିଁ ।

ଯେଉଁମାନଙ୍କର ଆତ୍ମା ପୂର୍ଣ୍ଣରୂପେ ବିକଶିତ ହୁଏ ଏବଂ ଅତିମାନସ ଶକ୍ତି ଦ୍ୱାରା ସେମାନଙ୍କ ମନ-ପ୍ରାଣ-ଶରୀର ଆତ୍ମ-ଧର୍ମରେ ରୂପାନ୍ତରିତ ହୁଏ, ସେହିମାନଙ୍କ ଜୀବନ ପୂର୍ଣ୍ଣତାପ୍ରାପ୍ତ ହୁଏ । ସେହିମାନେ ହୁଅନ୍ତି ସଂପୂର୍ଣ୍ଣରୂପେ ଅହଂ, ସ୍ୱାର୍ଥ, ଅଜ୍ଞାନ, ମିଥ୍ୟା, ଜରା, ମୃତ୍ୟୁ, ରୋଗରୁ ମୁକ୍ତ; ନିବାସ କରନ୍ତି ପରମାନନ୍ଦ ପରମଶାନ୍ତିରେ । ପୃଥିବୀରୁ ଦୂର ହୁଏ ଅନ୍ୟାୟ, ଅସତ୍ୟ; ପ୍ରତିଷ୍ଠିତ ହୁଏ ସତ୍ୟ, ନ୍ୟାୟ, ସମତା । ଏହାହିଁ ଯଥାର୍ଥରେ ସ୍ୱତନ୍ତ୍ରତା ଏବଂ ସାମ୍ୟତା । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟସିଦ୍ଧି ସକାଶେ ଭଗବାନଙ୍କ ସୃଷ୍ଟି ଓ ସଂକଳ୍ପ ।

ପ୍ରତ୍ୟେକ ବ୍ୟକ୍ତିର ଏହି ଜୀବନ-ଲକ୍ଷ୍ୟ ଜ୍ଞାତ ହୁଏ ଆତ୍ମାର ଜାଗରଣ ବା ବିକାଶରେ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମା ଜାଗ୍ରତ୍ ବା ବିକଶିତ ନ ହୁଏ ସେପର୍ଯ୍ୟନ୍ତ ବ୍ୟକ୍ତିର ବୁଦ୍ଧି ଯେତେ ତୀବ୍ର, ପ୍ରାଣ ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ସେ ସଂସାରରେ ଯେତେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରୁ ନା କାହିଁକି, ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସେ ସଚେତନ ହୁଏ ନାହିଁ କିଂବା ଲକ୍ଷ୍ୟସିଦ୍ଧି କରିପାରେ ନାହିଁ । ଯେପରି ଆତ୍ମାକୁ ବାଦ୍ ଦେଇ ମନ-ପ୍ରାଣ-ଶରୀରର ବିକାଶରେ ବ୍ୟକ୍ତିକୁ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତ ହୁଏ ନାହିଁ, ସେହିପରି ମନ-ପ୍ରାଣ-ଶରୀରର ବିକାଶକୁ ବାଦ୍ ଦେଇ କେବଳ ଆତ୍ମବିକାଶ ଦ୍ୱାରା ବ୍ୟକ୍ତି ସାଂସାରିକ କାର୍ଯ୍ୟ ସିଦ୍ଧ କରିପାରେ ନାହିଁ । ସେ ଗୃହ, ସଂସାର, କର୍ମ ପରିତ୍ୟାଗ କରି ସନ୍ନ୍ୟାସ ମାର୍ଗରେ ନିର୍ବାଣ, ମୁକ୍ତି ବା ଭଗବତ୍‌ପ୍ରାପ୍ତି କରେ । ସଂସାର ଯେଉଁ ଦୁଃଖକଷ୍ଟରେ ଥାଏ, ତାକୁ ସେହିପରି ଛାଡ଼ିଦିଏ । ଏହି ଚାରିସତ୍ତାର ବିକାଶ ତଥା ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀର ନିଜ ମୂଳତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି ଏବଂ ଯଥାର୍ଥ ଲକ୍ଷ୍ୟପ୍ରାପ୍ତ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଯୋଗରେ ।

ସ୍ପଷ୍ଟଭାବେ ବିଚାର କଲେ ଦେଖିବା ଯେ ମନ-ପ୍ରାଣ-ଶରୀର ଏବଂ ଆତ୍ମବିକାଶର ବହୁତ ସ୍ତର ଅଛି । ସେହି ସ୍ତର ମୋଟାମୋଟି ଦୁଇ ଭାଗରେ ବିଭକ୍ତ । ଗୋଟିଏ ନିମ୍ନ ସ୍ତର, ଅନ୍ୟଟି ଉଚ୍ଚ ସ୍ତର । ଏହି ଦୁଇ ସ୍ତର ମଧ୍ୟରେ ବହୁ ଭିନ୍ନ ଭିନ୍ନ ସ୍ତର ରହିଛି । ଯଥା : ପ୍ରାଣ — ସାଧାରଣ ବ୍ୟକ୍ତି ମୁଠିଏ ଖାଇ ରହିବା ସକାଶେ ଗୋଟିଏ କୁଡ଼ିଆ ହେଲେ ସେ ସେଥିରେ ଗୁଜୁରାଣ ମେଣ୍ଟାଇ ନିଏ । ଯେ ଯେତେ ଧନ ସଂଗ୍ରହ କରେ ତା'ର ଲୋଭ ତେତେ ବଢୁଥାଏ; ଯାହାର ଭୋଗବାସନା ଯେତେ ଭୋଗ ପ୍ରାପ୍ତ ହୁଏ, ତା'ର ବାସନା ଆହୁତିପ୍ରାପ୍ତ ଅଗ୍ନି ସଦୃଶ ତତୋଽଧିକ ବଢୁଥାଏ । ଅଧିକାର ମଧ୍ୟ ସେହିପରି । ପ୍ରାଣର ଏହି ସମସ୍ତ କ୍ରିୟା ଭିନ୍ନ ଭିନ୍ନ ସ୍ତରର ହେବା ସତ୍ତ୍ୱେ ଏସବୁ ନିମ୍ନପ୍ରାଣର ।

ଉଚ୍ଚତର ପ୍ରାଣର କ୍ରିୟା ହେଲା — ନିଜେ ନେତୃତ୍ୱ ନେବା ଆଶାରେ ଅନ୍ୟର ହିତ କରିବା, ଦେଶର ଉନ୍ନତି, ଦେଶର ଶୃଙ୍ଖଳା, ଦେଶର ବ୍ୟବସ୍ଥା ଉତ୍ତମରୂପେ କରିବା ।

ସେହିପରି ମନ ଦୁଇ ଭାଗରେ ବିଭକ୍ତ । ଗୋଟିଏ ନିମ୍ନ ମନ, ଅନ୍ୟଟି ଉଚ୍ଚତର ମନ । ପ୍ରାଣ ସଦୃଶ ମନର ଏହି ଦୁଇ ସ୍ତର ମଧ୍ୟରେ ଭିକ୍ଷା ମାଗୁଥିବା ବ୍ୟକ୍ତିଠାରୁ ବଡ଼ ବଡ଼ ବୈଜ୍ଞାନିକ, ଆଇନଜ୍ଞ, ଇଞ୍ଜିନିୟର, ଡାକ୍ତର, ଦେଶନେତାଙ୍କ ପର୍ଯ୍ୟନ୍ତ ବହୁତ ସ୍ତର ଅଛି ।

ପ୍ରାଣର ଆଜ୍ଞାରେ ଚୋରି, ଡକାୟତି, ଭୋଗବିଳାସ, କଳାବଜାରରେ ଧନପ୍ରାପ୍ତି, ନିଜ ସଂଘର ବୃଦ୍ଧି ତଥା ଦୃଢ଼ତା ସକାଶେ ଅନ୍ୟ ସଂଘର ସର୍ବନାଶ, ଅନ୍ୟ ବ୍ୟକ୍ତି, ଅନ୍ୟ ସଂଘ, ଅନ୍ୟ ଦେଶ ଉପରେ ଅଧିକାର ବିସ୍ତାରର କଳକୌଶଳ ନିମ୍ନ ମନର ।

ଅନ୍ୟର ଅନିଷ୍ଟ, ଅନ୍ୟ ଉପରେ ଅନ୍ୟାୟରେ ଅଧିକାର, ଅନ୍ୟ ପ୍ରତି ଅତ୍ୟାଚାର, ଭୋଗ-ବିଳାସ, ଲୋଭ, କଳାବଜାର ଓ ଅନ୍ୟାନ୍ୟ ପ୍ରାଣଗତ କର୍ମରେ ବାଧାଦେବା, ପ୍ରାଣର ନିର୍ଦ୍ଦେଶ ଅସ୍ୱୀକାର କରିବା ଏବଂ ପ୍ରାଣକୁ ଅନ୍ୟର ହିତ, ଦେଶର ହିତ, ଅନ୍ୟ ଦେଶ ସହିତ ବନ୍ଧୁତ୍ୱ ତଥା ହିତସାଧନ ପ୍ରାଣ ଦ୍ୱାରା କରାଇବା ହେଲା ଉଚ୍ଚରତ ମନର ।

ମନ-ପ୍ରାଣ ସଦୃଶ ଶରୀର-ବିକାଶର ମଧ୍ୟ ବହୁତ ସ୍ତର ଅଛି । କାମଧନ୍ଦା ନ କରି ଉପବାସରେ ବସି ରହିଥିବା ବ୍ୟକ୍ତିଠାରୁ ରୋଗ-ମୃତ୍ୟୁ-ବୃଦ୍ଧତ୍ୱରୁ ମୁକ୍ତ ଅତିମାନବ ପର୍ଯ୍ୟନ୍ତ ।

ଆତ୍ମା ଦିବ୍ୟତତ୍ତ୍ୱ, ତଥାପି ତା'ର ବିକାଶର ମଧ୍ୟ ବହୁତ ସ୍ତର ଅଛି ।

ପ୍ରଶ୍ନ : ସଂସାରରେ ପ୍ରଚଳିତ ଥିବା ଜଣେ ରାଜାଙ୍କ ଦ୍ୱାରା ତଥା ଗଣତନ୍ତ୍ର ଅର୍ଥାତ୍ ଦେଶବାସୀଙ୍କ ନିର୍ବାଚିତ ବ୍ୟକ୍ତିଙ୍କ ଦ୍ୱାରା ଏବଂ ସାମ୍ୟବାଦ ଇତ୍ୟାଦି ଶାସନ ପଦ୍ଧତିରେ କ'ଣ ତ୍ରୁଟି ରହୁଛି, ଯେଉଁଥିପାଇଁ କି କେହି ସେଥିରେ ସନ୍ତୁଷ୍ଟ ହୋଇପାରୁ ନାହାନ୍ତି ଏବଂ ଶାସନ ସ୍ଥାୟୀ ହୋଇପାରୁ ନାହିଁ ?

ମନ-ପ୍ରାଣ-ଶରୀର-ଆତ୍ମାର ବିକାଶ ତଥା ଅତିମାନସ ଶକ୍ତି ଦ୍ୱାରା ଆତ୍ମଧର୍ମରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାରେ ପୃଥିବୀରେ କିପରି ସୁଖ, ଶାନ୍ତି ପ୍ରତିଷ୍ଠିତ ହେବ ଏବଂ ସମସ୍ତ ଶାସନ-ପ୍ରଣାଳୀର ସମନ୍ୱୟ ହେବ ? ଏହି ଦୁଇଟି ପ୍ରଶ୍ନର ଉତ୍ତର ସରଳ ଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ବ୍ୟକ୍ତି ମଧ୍ୟରେ ଅହଂ, ସ୍ୱାର୍ଥ ବିଦ୍ୟମାନ ଥିବାରୁ ଆଜି ପର୍ଯ୍ୟନ୍ତ ଯେଉଁସବୁ ଶାସନ-ପ୍ରଣାଳୀରେ ସୁଖ-ଶାନ୍ତିର ଆଦର୍ଶ ନିର୍ଦ୍ଧାରିତ କରାହେଉଛି ଏବଂ ଘୋଷରା କରାହେଉଛି ତାହା କର୍ମରେ ପରିଣତ ହୋଇପାରୁ ନାହିଁ । ଆଦର୍ଶ କର୍ମରେ ପରିଣତ ହେବାରେହିଁ ତ୍ରୁଟି ରହୁଛି । ସେଥିପାଇଁ ସେଥିରେ ଜନତା ସନ୍ତୁଷ୍ଟ ହୋଇପାରୁ ନାହାନ୍ତି ଏବଂ ତାହା ବାରଂବାର ପରିବର୍ତ୍ତିତ ହେଉଛି ।

ଅତିମାନସ ଶକ୍ତି ଦ୍ୱାରା ଆତ୍ମଧର୍ମରେ ମନ-ପ୍ରାଣ-ଶରୀର ତଥା ଅହଂ, ସ୍ୱାର୍ଥ ରୂପାନ୍ତରିତ ହେଲେ ଶାସନ-ପ୍ରଣାଳୀରେ ଯେଉଁସବୁ ସୁଖ, ଶାନ୍ତି, ଶୃଙ୍ଖଳାର ଆଦର୍ଶ ନିର୍ଦ୍ଧାରିତ କରାହେବ ଏବଂ ଘୋଷଣା କରାହେବ ତାହା କର୍ମରେ ପରିଣତ ହେବ । କର୍ମ ତଥା ଆଦର୍ଶରେ ଭିନ୍ନତା ନ ରହିଲେ ଜନତା ଅସନ୍ତୁଷ୍ଟ ହେବେ ନାହିଁ । ସେମାନଙ୍କୁ ବ୍ୟକ୍ତିଗତ ସ୍ୱତନ୍ତ୍ରତା ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭାବ-ଅସୁବିଧା ଦୂର ହେବ । ଏହାହିଁ ଥିଲା ଭିନ୍ନ ଭିନ୍ନ ଶାସନ-ପ୍ରଣାଳୀର ଆଦର୍ଶ । ଏହା ଏଥିରେ ପ୍ରାପ୍ତ ହେବାରୁ ଏଥିରେହିଁ ସମସ୍ତ ଶାସନ-ପ୍ରଣାଳୀର ସମନ୍ୱୟ ହେବ ।

ଅହଂ, ସ୍ୱାର୍ଥ ଥାଏ ମନ ଏବଂ ପ୍ରାଣରେ । ଏହା ଆତ୍ମାର ଗୁଣ-ଧର୍ମ ନୁହେଁ । ଆତ୍ମାର ଗୁଣ-ଧର୍ମ ଦୁଃଖବିହୀନ ପରମାନନ୍ଦ, ଶାନ୍ତି, ସମତା ।

ରାଜତନ୍ତ୍ର ଶାସନଠାରୁ ଆଜିପର୍ଯ୍ୟନ୍ତ ନିର୍ବାଚିତ ବ୍ୟକ୍ତିଙ୍କ ଦ୍ୱାରା ଗଣତନ୍ତ୍ର, ପ୍ରଜାସମାଜବାଦ, ସାମ୍ୟବାଦ ଇତ୍ୟାଦି ଯେତେ ପ୍ରକାର ଶାସନ-ପଦ୍ଧତି ପ୍ରଚଳିତ ହୋଇଛି ସେମାନେ ବ୍ୟକ୍ତିର ଅନ୍ତରରେ ଥିବା ଅହଂ, ସ୍ୱାର୍ଥକୁ ସଂଶୋଧନ କରିବାକୁ ପ୍ରଯତ୍ନ କରି ନାହାନ୍ତି । ଅହଂ, ସ୍ୱାର୍ଥ ଯୋଗୁଁ ଅନ୍ୟକୁ ଠକିବା, ଅନ୍ୟର କ୍ଷତି କରିବା, ଅନ୍ୟର ସ୍ୱାର୍ଥରେ ବାଧାଦେବା ଇତ୍ୟାଦି ଏହି ବାହ୍ୟ କ୍ରିୟାକୁ ମାନସିକ ନୀତି-ନିୟମ ବା ଆଇନଗତ ଶାସନ ଚାପରେ ଦବାଇ ଦେବାକୁ ଚାହୁଁଛନ୍ତି । ମୁଥାଘାସର ମୂଳ ନ ଉପାଡ଼ି ତା'ର ପତ୍ରକୁ ଉପରୁ ଚାଞ୍ଛିଦେବା ସଦୃଶ କିଛିଦିନ ଶାସନ-ପ୍ରଣାଳୀ ସଫଳ ହେଉଛି । ପରେ ମୁଥାମୂଳରୁ ପତ୍ର ବାହାରିବା ସଦୃଶ ବ୍ୟକ୍ତିର ଅହଂ, ସ୍ୱାର୍ଥ ଉପରକୁ ଆସି ବ୍ୟକ୍ତିକୁ ବାହ୍ୟ ନିୟନ୍ତ୍ରଣର ବିପରୀତ ଆଚରଣ କରାଇ ନେଉଛି । ଏହିପରି ବହୁ ନୂଆ ନୂଆ ଶାସନ-ପ୍ରଣାଳୀ ପ୍ରୟୋଗ କରାଯାଉଛି । କିନ୍ତୁ ତାହା ସଫଳ ହେଉ ନାହିଁ । କାରଣ କୌଣସି ଶାସନରେ ଜନତାର ସ୍ୱତନ୍ତ୍ରତା ଥିଲେ ଶାନ୍ତି, ଶୃଙ୍ଖଳାର ଅଭାବ ଅଥବା ଭୋଜନ-ବସ୍ତ୍ରର ଅଭାବ ହେଉଛି । ଅନ୍ୟ ଶାସନରେ ଭୋଜନ-ବସ୍ତ୍ରର ଅଭାବ ପୂରଣ କରି ବ୍ୟକ୍ତି ସ୍ୱତନ୍ତ୍ରତା ଅପହରଣ କରାହେଉଛି । ଏହା ହେଉଛି ବ୍ୟକ୍ତିର ଅନ୍ତରସ୍ଥ ଅହଂ, ସ୍ୱାର୍ଥ ରୂପାନ୍ତରିତ ନ ହେବାରୁ । ଏହି ତ୍ରୁଟି ରହିଥିବାରୁ ଆଜି ପର୍ଯ୍ୟନ୍ତ ସମସ୍ତ ଶାସନ ବିଫଳ ହୋଇଛି । ଏହାହିଁ ହେଲା ପ୍ରଥମ ପ୍ରଶ୍ନର ଉତ୍ତର ।

ପୃଥିବୀରେ ଯେତେପ୍ରକାର ଭିନ୍ନ ଭିନ୍ନ ଶାସନ-ପ୍ରଣାଳୀ ବା ମତବାଦ ପ୍ରଚଳିତ ଅଛି ସେସବୁର କର୍ମ ଏବଂ

ସିଦ୍ଧାନ୍ତରେ ଭିନ୍ନତା ଥିବା ସତ୍ତ୍ୱେ ଦେଶ ତଥା ପୃଥିବୀରେ ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ, ସ୍ୱତନ୍ତ୍ରତା ତଥା ସାମଞ୍ଜସ୍ୟ ପ୍ରତିଷ୍ଠା କରିବା ପାଇଁ ସେସବୁ ଉଦ୍ଦିଷ୍ଟ । ଏହି ଲକ୍ଷ୍ୟର ଭିତ୍ତି ବା ଆଧାର ହେଉଛି ଆତ୍ମାର ଗୁଣ-ଧର୍ମ, ସତ୍ୟ, ଆନନ୍ଦ, ଶାନ୍ତି ଓ ସମତା । ଅତିମାନସ ଶକ୍ତି ଦ୍ୱାରା ଆତ୍ମ-ଧର୍ମରେ ବ୍ୟକ୍ତିର ଅହଂ, ସ୍ୱାର୍ଥ ରୂପାନ୍ତରିତ ହେଲେ ସେମାନେ ଅଧିକାର, ନେତୃତ୍ୱ ସକାଶେ, ଅସ୍ଥାୟୀ ସୁଖ-ସୁବିଧା ସକାଶେ ଅନ୍ୟର ଅନିଷ୍ଟ ଓ ଅନ୍ୟକୁ ହିଂସା କରିବେ ନାହିଁ । ପ୍ରତିଷ୍ଠିତ ହେବ ଯଥାର୍ଥ ଶାନ୍ତି, ସମତା, ଅହିଂସା ତଥା ସ୍ୱତନ୍ତ୍ରତା ଏବଂ ଦୂରହେବ ଅନ୍ନ-ବସ୍ତ୍ରର ଅଭାବ । ଏଥିରେହିଁ ହେବ ଭିନ୍ନ ଭିନ୍ନ ରାଜନୈତିକ ସିଦ୍ଧାନ୍ତର ସମନ୍ୱୟ । ଏହାହେଲା ଦ୍ୱିତୀୟ ପ୍ରଶ୍ନର ଉତ୍ତର ।

ମନୁଷ୍ୟ ମଧ୍ୟରେ ଅହଂ, ସ୍ୱାର୍ଥ, ହିଂସାଦି ଦୁର୍ଗୁଣ ଏବଂ ସତ୍ୟ, ଆନନ୍ଦ, ଶାନ୍ତି, ସମତାଦି ଦିବ୍ୟଗୁଣ ବିଦ୍ୟମାନ ଅଛି । ବର୍ତ୍ତମାନ ସମୟରେ ବ୍ୟକ୍ତି ମଧ୍ୟରେ ଦୁର୍ଗୁଣ ପ୍ରକାଶିତ ହେବାରୁ ସଂସାରରେ ଦୁଃଖ, ଦ୍ୱନ୍ଦ୍ୱ, ବିଶୃଙ୍ଖଳା ସୃଷ୍ଟି ହୋଇଛି । ଏହି ପ୍ରତିକୂଳ ଅବସ୍ଥାର ସମାଧାନ କୌଣସି ବାହ୍ୟ ଉପାୟ ଏବଂ ଶାସନ ବଳରେ ହେବ ନାହିଁ, ହେବ ବ୍ୟକ୍ତି ମଧ୍ୟରେ ଥିବା ଆତ୍ମାର ସଦ୍‌ଗୁଣ, ସତ୍ୟ, ଆନନ୍ଦ, ଶାନ୍ତି, ସମତା ପ୍ରକାଶିତ ହେବାରେ । ଦୁର୍ଗୁଣ ଅପେକ୍ଷା ଏହି ସଦ୍‌ଗୁଣ ମହାନ୍ ଶକ୍ତିଶାଳୀ । ଏହି ସଦ୍‌ଗୁଣ ପ୍ରକାଶିତ ହେଲେ ଅଗ୍ନି ନିଜ ଧର୍ମରେ କାଠକୁ ପରିଣତ କରିବା ସଦୃଶ ସଦ୍‌ଗୁଣ ଦୁର୍ଗୁଣକୁ ନିଜ ଧର୍ମରେ ରୂପାନ୍ତରିତ କରିନେବ । ଏହି ସଦ୍‌ଗୁଣର ବିକାଶ ଛଡ଼ା ଅନ୍ୟ କୌଣସି ଉପାୟରେ ବ୍ୟକ୍ତି ମଧ୍ୟରେ ତଥା ସଂସାରରେ ସୁଖ, ଶାନ୍ତି ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ମନୁଷ୍ୟ ଯେପରି ବିକାଶ-ମାର୍ଗରେ ଗୋଟିଏ ଗୋଟିଏ ଧାପ ଅତିକ୍ରମ କରି ଆସୁଛି, ସଂସାର ମଧ୍ୟ ସେହିପରି ଧାପେ ଧାପେ ଅଗ୍ରସର ହେଉଛି । ବିକାଶ-ମାର୍ଗରେ ବ୍ୟକ୍ତିର ଯେପରି ଭିନ୍ନ ଭିନ୍ନ ଅବସ୍ଥା ବା ସ୍ତର ଆବଶ୍ୟକ ଥିଲା, ସଂସାରର ମଧ୍ୟ ସେହିପରି ଭିନ୍ନ ଭିନ୍ନ ଶାସନ-ପଦ୍ଧତିର ଆବଶ୍ୟକ ଥିଲା । କିନ୍ତୁ ବ୍ୟକ୍ତିର ଏବଂ ସଂସାରର ଏହିସବୁ ଅସ୍ଥାୟୀ ଓ ସାମୟିକ ଅବସ୍ଥା ଲକ୍ଷ୍ୟରେ ପହଞ୍ଚିବାର ମାର୍ଗ ଥିଲା, ଚରମ ଲକ୍ଷ୍ୟ ନ ଥିଲା । ସଂସାରର ଚରମ ଲକ୍ଷ୍ୟ ହେଉଛି ପୂର୍ଣ୍ଣତା, ଯେଉଁ ପୂର୍ଣ୍ଣତାରେ ପୂର୍ବର ସମସ୍ତ ଶାସନ-ପଦ୍ଧତିର ସମନ୍ୱୟ ବା ସମାବେଶ ହୋଇ ପାରିବ । ଯେପରି ପୂର୍ବେ ଜଣେ ରାଜ୍ୟର ଏକଚ୍ଛତ୍ର ଶାସନ ଥିଲା ସେହିପରି ପୃଥିବୀରେ ଏବଂ ଦେଶରେ ଶାସନ-ଗାଦିରେ ପ୍ରତିଷ୍ଠିତ ହେବେ ଭଗବାନ୍ ଅଥବା ତାଙ୍କରି ଅନ୍ୟ ନାମ ପରମସତ୍ୟ, ପରମାନନ୍ଦ, ପରମଐଶ୍ୱର୍ଯ୍ୟ । ସଂସାରର କେତେକ ବ୍ୟକ୍ତି ଏହି ସତ୍ୟର ପ୍ରେରଣାରେ ସେବାରୂପେ ଶାସନ-ଭାର ଗ୍ରହଣ କରିବେ । ଗଣତନ୍ତ୍ର ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ହେବେ ସ୍ୱତନ୍ତ୍ର, କମ୍ୟୁନିଷ୍ଟ ସିଦ୍ଧାନ୍ତ ଅନୁସାରେ ସମସ୍ତ ବ୍ୟକ୍ତିଙ୍କୁ ପ୍ରାପ୍ତ ହେବ ସମାନ ଅଧିକାର ଏବଂ ଅନ୍ନ-ବସ୍ତ୍ର । ସ୍ୱତନ୍ତ୍ରତା ଯୋଗୁଁ ବ୍ୟକ୍ତି ନିଜ ସ୍ୱାର୍ଥ ସକାଶେ ଚୋରି କରିବେ ନାହିଁ କିଂବା ଅନ୍ୟକୁ ଠକିବେ ନାହିଁ । ସମାନ ଅଧିକାର, ଅନ୍ନ-ବସ୍ତ୍ର ଦେଇ ବ୍ୟକ୍ତିର ସ୍ୱତନ୍ତ୍ରତାକୁ ଗୁଳି କରିବାର ଭୟ ଦେଖାଇ ଅପହରଣ କରାହେବ ନାହିଁ । ଅଧିକାଂଶ ବ୍ୟକ୍ତି ନିୟନ୍ତ୍ରିତ ହେବେ ନିଜ ଅନ୍ତରର ସତ୍ୟ ଦ୍ୱାରା । ରାଜତନ୍ତ୍ର-ଶାସନ, ଗଣତନ୍ତ୍ର, କମ୍ୟୁନିଷ୍ଟମାନଙ୍କର ଅଜ୍ଞାତ ଅସ୍ପଷ୍ଟ ରୂପେ ଯେଉଁ ଲକ୍ଷ୍ୟ ଥିଲା ଏଥିରେ ତାହାହିଁ ସିଦ୍ଧ ଏବଂ ସମନ୍ୱିତ ହେବ ।

ପ୍ରଶ୍ନ : ଆପଣ ଯେଉଁ ପରମାନନ୍ଦ, ପରମଜ୍ଞାନ, ପରମଶକ୍ତି, ପରମଶାନ୍ତି, ପରମ ବିବେକ ଇତ୍ୟାଦି ଆତ୍ମାର ଗୁଣଧର୍ମ କହିଲେ, ଆମ୍ଭ ବିଚାରରେ ଏହିସବୁ ଗୁଣଧର୍ମ ଆତ୍ମାର ନୁହେଁ ମନ-ବୁଦ୍ଧିର ।

ଉତ୍ତର : ଯେଉଁମାନେ ପରମାନନ୍ଦ, ପରମଜ୍ଞାନ, ପରମଶକ୍ତି, ପରମଶାନ୍ତି ପ୍ରାପ୍ତ କରିଛନ୍ତି ସେମାନେ ଏହିସବୁ ଗୁଣଧର୍ମକୁ କହନ୍ତି ଆତ୍ମାର । ଯେଉଁମାନେ ଆତ୍ମା ସମ୍ବନ୍ଧେ କିଛି ଜାଣି ନାହାନ୍ତି, ଆତ୍ମାକୁ ଅନୁଭୂତିରେ ପ୍ରାପ୍ତ ହୋଇ ନାହାନ୍ତି, ଆତ୍ମାକୁ ଯଥାର୍ଥ ମାର୍ଗରେ ଖୋଜି ନାହାନ୍ତି ସେହିମାନେ ଏହିସବୁ ଗୁଣ-ଧର୍ମକୁ କହନ୍ତି ମନର । ତେବେ ପ୍ରାପ୍ତି କରିଥିବା ବ୍ୟକ୍ତିର ବାକ୍ୟ ପ୍ରମାଣ ନା ପ୍ରାପ୍ତ ନ କରି କେବଳ ସୀମିତ ବୁଦ୍ଧିରେ ଅନୁମାନ କରିବା ବ୍ୟକ୍ତିର ବାକ୍ୟ ପ୍ରମାଣ ?

ଏହି ଯେଉଁ ପରମାନନ୍ଦ, ପରମଜ୍ଞାନ, ପରମଶାନ୍ତି, ପରମଶକ୍ତି ବା ଐଶ୍ୱର୍ଯ୍ୟାଦି ଦିବ୍ୟଗୁଣ, ଏହା ଆତ୍ମାର ହେଉ ଅଥବା ମନର ହେଉ ସେଥିରେ କିଛି ଯାଏ ଆସେ ନାହିଁ । ଏହା ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକ ଏବଂ ଲକ୍ଷ୍ୟ । ଏଥିରେ କାହାରି କୌଣସି ଆପତ୍ତି ନାହିଁ । ଏହା ଛଡ଼ା ଅନ୍ୟ କୌଣସି ଉପାୟରେ ସଂସାରର ସମସ୍ୟାଦି ସମାଧାନ

ହେବ ନାହିଁ । ଅତଏବ ଏହାକୁ ପ୍ରଥମେ ପ୍ରାପ୍ତ ହେବା ଉଚିତ୍ । ଏହି ପ୍ରାପ୍ତିହିଁ ବୁଝାଇ ଦେବ, ଏହି ଗୁଣ-ଧର୍ମ ଆତ୍ମାର ଅଥବା ମନର ।

ଆତ୍ମାର ଅସ୍ତିତ୍ୱ ଅଛି କି ନାହିଁ ସେ ସମ୍ବନ୍ଧରେ ମୁଣ୍ଡ ଖେଳାଇବାକୁ ପଡ଼ିବ ନାହିଁ । ଅଗ୍ନି ଏବଂ ଦାହିକା ଶକ୍ତି ଯେପରି ଅଭିନ୍ନ, ଏକ, ସେହିପରି ଗୁଣ ଏବଂ ଗୁଣର ଆଧାର ଅଭିନ୍ନ, ଏକ । ଯେପର୍ଯ୍ୟନ୍ତ ଏହି ଗୁଣ ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମା ଏବଂ ଭଗବାନଙ୍କୁ ଅବିଶ୍ୱାସ କରାଯାଇପାରେ । ଏହା ପ୍ରାପ୍ତ ହେବାପରେ ଏହି ପ୍ରଶ୍ନ ଉଠେ ନାହିଁ । ଏହି ସଦ୍‌ଗୁଣ-ପ୍ରାପ୍ତି ବିନା ବ୍ୟକ୍ତି ସ୍ୱୟଂ ସୁଖ, ଶାନ୍ତିରେ ରହି ପାରିବ ନାହିଁ କିଂବା ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ ଦୂର ହେବ ନାହିଁ ।

ପ୍ରଶ୍ନ : ଏହି ଯେଉଁ ପରମ ଆନନ୍ଦ, ପରମ ଜ୍ଞାନ, ପରମ ଐଶ୍ୱର୍ଯ୍ୟାଦି ଦିବ୍ୟଗୁଣ କଥା କହିଲେ ଯାହାକି ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ, ଆଜିପର୍ଯ୍ୟନ୍ତ ସଂସାରର କୌଣସି ବ୍ୟକ୍ତି କ'ଣ ତାହା ପ୍ରାପ୍ତ କରିଛନ୍ତି ?

ଉତ୍ତର : ପ୍ରାପ୍ତ କରିଛନ୍ତି ଯିଶୁଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ, ମହାତ୍ମା ସୁରଦାସ, ତୁଳସୀଦାସ, ସମର୍ଥ ରାମଦାସ, ପରମହଂସ ରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ, ଅଚ୍ୟୁତାନନ୍ଦ ଦାସ, ଚୈତନ୍ୟ ମହାପ୍ରଭୁ ଆଦି ବହୁତ ମହାପୁରୁଷ ଏବଂ ମହାତ୍ମା । କିନ୍ତୁ ଏମାନେ ଏହି ଦିବ୍ୟଗୁଣକୁ କର୍ମରେ ପ୍ରୟୋଗ କରି ନାହାନ୍ତି; ଅର୍ଥାତ୍ ଆତ୍ମଧର୍ମରେ ମନ-ପ୍ରାଣ-ଶରୀରର ରୂପାନ୍ତର କରି ସେହି ଗୁଣଧର୍ମକୁ ମନ-ପ୍ରାଣ-ଶରୀରରେ ପ୍ରତିଷ୍ଠିତ କରାଇ ପାରି ନାହାନ୍ତି । ଏହା ପ୍ରତିଷ୍ଠିତ ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ଆତ୍ମଧର୍ମରେ ରୂପାନ୍ତରିତ ହେବାରେ । ମନ-ବୁଦ୍ଧିର ବିକାଶ ଶେଷ ହୋଇ ନ ଥିବାରୁ ଅତିମାନସ ଶକ୍ତି ପ୍ରକାଶିତ ହେବାର ସମୟ ଆସି ନ ଥିଲା । ବର୍ତ୍ତମାନ ମନ-ବୁଦ୍ଧିର ବିକାଶ ସମାପ୍ତ ହୋଇସାରିଛି । ମା' ଶ୍ରୀଅରବିନ୍ଦ ଏହି କାର୍ଯ୍ୟ କରିବା ସକାଶେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି ଏବଂ ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କଲେ ଜୀବନ ତଥା ଜଗତର ଲକ୍ଷ୍ୟସିଦ୍ଧି ଏବଂ ସମସ୍ୟାର ସମାଧାନ ହେବ ।

ପ୍ରଶ୍ନ : ଜୀବନର ଲକ୍ଷ ପରମାନନ୍ଦ, ପରମ ଶାନ୍ତି, ପରମ ଐଶ୍ୱର୍ଯ୍ୟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତି । ଏହା ଠିକ୍ । ଏହାକୁହିଁ ବ୍ୟକ୍ତି ଅଜ୍ଞାତରୂପେ ଚାହିଁ ଆସୁଛି । ଏହାର ସ୍ପଷ୍ଟ ପ୍ରମାଣ ହେଉଛି କୌଣସି ବ୍ୟକ୍ତି ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଦୁଃଖ-କଷ୍ଟ, ଦରିଦ୍ରତା, ଅଧୀନତା ଚାହେଁ ନାହିଁ । କିନ୍ତୁ ଆଜି ପର୍ଯ୍ୟନ୍ତ ବ୍ୟକ୍ତିର ଏହି ଲକ୍ଷ୍ୟ ଅସ୍ପଷ୍ଟ ରହିବାର କାରଣ କ'ଣ ?

ଉତ୍ତର : ଏହାର କାରଣ ବହୁତ ଥର କୁହାଯାଇଛି ଯେ ମାନସ ଚେତନାର ବିକାଶ ଶେଷ ହୋଇ ନ ଥିଲା । ସେଥିପାଇଁ ତା'ର ସମୟ ଆସି ନ ଥିଲା । ତା'ର ସମୟ ବର୍ତ୍ତମାନ ଆସିଛି । ଏହି ସତ୍ୟ ଉପଲବ୍ଧି ବିନା ପ୍ରଚଳିତ କୌଣସି ଉପାୟ ବା ରାଜନୀତିକ କୌଣସି ପଦ୍ଧତିରେ ବ୍ୟକ୍ତି ଏବଂ ଦେଶରେ ଯେଉଁ ବିଶୃଙ୍ଖଳା, ଦୁଃଖକଷ୍ଟ, ଦରିଦ୍ରତା ପ୍ରଭୃତି ସମସ୍ୟା ଅଛି, ତାହାର ସମାଧାନ ହେବ ନାହିଁ ।

ପ୍ରଶ୍ନ : ଜଡ଼ ମଧ୍ୟରେ ମନ, ପ୍ରାଣ, ଆତ୍ମା, ଅହଂ, ସ୍ୱାର୍ଥ, ସତ୍ୟ, ଆନନ୍ଦ, ଶାନ୍ତି, ସମତାଦି ଦିବ୍ୟ ଏବଂ ଅଦିବ୍ୟ ସମସ୍ତ ଗୁଣ ବିଦ୍ୟମାନ ଅଛି । ପଶୁ ଓ ମନୁଷ୍ୟ ମଧ୍ୟର ପ୍ରାଣ, ମନ, ଅହଂ, ସ୍ୱାର୍ଥ ଏବଂ ମନର ଉଚ୍ଚତମ ଧର୍ମ ନୈତିକତା ଯେପରି ସ୍ୱାଭାବିକ ରୂପେ ପ୍ରକୃତି ଦ୍ୱାରା ପ୍ରକାଶିତ ହୋଇଛି ସେହିପରି ଆତ୍ମାର ଦିବ୍ୟଗୁଣ ସତ୍ୟ, ଆନନ୍ଦ, ଶାନ୍ତି, ସମତା ମନୁଷ୍ୟ ମଧ୍ୟରେ ପ୍ରକାଶିତ ହେବ । ସେଥିପାଇଁ ପ୍ରଯତ୍ନ କରିବାର ଆବଶ୍ୟକତା କ'ଣ ?

ଉତ୍ତର : ମନୁଷ୍ୟକୁ ମନ-ବୁଦ୍ଧି ପ୍ରାପ୍ତ ଥିବାରୁ ପ୍ରଯତ୍ନ ଆବଶ୍ୟକ ହୋଇଛି । କାରଣ ସେ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ବୁଝିପାରୁଛି ଏବଂ ଅଧିକ ସମୟ ପର୍ଯ୍ୟନ୍ତ ସହ୍ୟ କରିବାର ଧୈର୍ଯ୍ୟ ରଖି ପାରୁ ନାହିଁ । ଏହି ଅଧିକ ଲମ୍ବା ସଙ୍କଟକାଳ କମ୍ କରିବା ସକାଶେ ପ୍ରଯତ୍ନ କରିବାକୁ ପଡୁଛି । ଯେପରି ପ୍ରକୃତି ଦ୍ୱାରା କ୍ରମ-ବିବର୍ତ୍ତନ ପ୍ରଣାଳୀରେ ମନ-ପ୍ରାଣ ଏବଂ ତା'ର ଗୁଣଧର୍ମର ବିକାଶ ହେବାରେ ବହୁତ ସମୟ ଲାଗିଛି, ସେହିପରି ପ୍ରକୃତି ଦ୍ୱାରା କ୍ରମବିବର୍ତ୍ତନ ପ୍ରଣାଳୀରେ ଆତ୍ମା ଏବଂ ତା'ର ଗୁଣଧର୍ମର ବିକାଶ ହେବାକୁ ଅପେକ୍ଷା କଲେ ବହୁତ ସମୟ ଲାଗିବ ଏବଂ ବହୁତ ଦୁଃଖ-କଷ୍ଟ, ବାଧା-ବିପତ୍ତି ସହ୍ୟ କରିବାକୁ ପଡ଼ିବ । ପୂର୍ବେ ମନବିଶିଷ୍ଟ ମନୁଷ୍ୟ ନ ଥିଲା, ପଶୁମାନଙ୍କର ଦୁଃଖକଷ୍ଟରୁ ମୁକ୍ତ ହେବା ତଥା

ସମୟର ଦୀର୍ଘତାର ଧାରଣା ନ ଥିଲା । ସେଥିପାଇଁ ସେମାନେ ନୀରବରେ ନିୟତିକୁ ମାନି ନେଇଥିଲେ । ବର୍ତ୍ତମାନ ମନୁଷ୍ୟର ମନ-ବୁଦ୍ଧି ବିକଶିତ ହୋଇସାରିଛି । ନିୟତିର ନିର୍ଦ୍ଧାରଣକୁ ସେ ଆଉ ବରଦାସ୍ତ କରିବାକୁ ଚାହୁଁ ନାହିଁ । ତାକୁ ଭାଙ୍ଗି ଗଢ଼ିବାରେ ଲାଗିପଡ଼ିଛି । ଦୀର୍ଘକାଳ ପର୍ଯ୍ୟନ୍ତ ଦୁଃଖକଷ୍ଟ, ବିଶୃଙ୍ଖଳା ସହ୍ୟକରିବା ତା' ପକ୍ଷରେ ସମ୍ଭବ ହେଉ ନାହିଁ । ଏତିକିରେ ସେ ଅଣନିଃଶ୍ୱାସୀ ହୋଇ ସାରିଲାଣି । ସମୟକୁ କମ୍ କରିବା ତଥା ଦୁଃଖକଷ୍ଟକୁ ଲାଘବ କରିବା ସକାଶେ ଶ୍ରୀମା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ଆମ୍ଭେମାନେ ସେଥିରେ ସହଯୋଗ କଲେ ଦୁଃଖକଷ୍ଟ, ବିଶୃଙ୍ଖଳା ଶୀଘ୍ର ଦୂରହେବ ଏବଂ ସୁଖ-ଶାନ୍ତିର ପ୍ରତିଷ୍ଠା ହେବ ।

ପ୍ରଶ୍ନ : ବୁଝିପାରିଲୁ ଯେ ଅନ୍ତରର ସତ୍ୟ, ପରମାନନ୍ଦ, ପରମ ଶାନ୍ତି, ସମତା ପ୍ରତିଷ୍ଠିତ ନ ହେଲେ ଆଜିକାଲି ପ୍ରଚଳିତ ବାହ୍ୟ ରାଜନୈତିକ ଉପାୟ ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ । କୌଣସି ବ୍ୟକ୍ତି, କୌଣସି ରାଜନୈତିକ ସମ୍ପ୍ରଦାୟ ବା ସଂଘ ଏହି ସତ୍ୟକୁ ଗ୍ରହଣ କଲେ ସଂସାରର ସମସ୍ୟାର ସମାଧାନ ତଥା ଭିନ୍ନ ଭିନ୍ନ ରାଜନୈତିକ ମତବାଦର ସମନ୍ୱୟ ହୋଇ ପାରିବ । କିନ୍ତୁ ଆମ୍ଭମାନଙ୍କ ମଧ୍ୟରେ ମହଦାକାଙ୍କ୍ଷା ଥିବା ଯୋଗୁଁ ବିନା ପ୍ରୟାସରେ ନେତା ହେବା କିଂବା ସାମାନ୍ୟ ସୁଖ, ସୁବିଧା ହାସଲ କରିବା ସକାଶେ ରାଜନୀତିର ପ୍ରଲୋଭନରେ ପଡ଼ିଯାଉଛୁ । ଏହି ପ୍ରଲୋଭନରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : ଏହି ପ୍ରଲୋଭନରୁ ମୁକ୍ତ ହେବାର ଉପାୟ ହେଲା ବିବେକ ବିଚାର । ବ୍ୟକ୍ତି ଉଚ୍ଚ ଲକ୍ଷ୍ୟ ଗ୍ରହଣ କରି ତତ୍କ୍ଷଣାତ୍ ସାମୟିକ ଛୋଟ ଛୋଟ ସ୍ୱାର୍ଥ ଯେତେ ତ୍ୟାଗ କରିପାରେ ସେତେ ମହାନ୍ ହୁଏ ।

ପୂର୍ବେ ଗ୍ରାମରେ ସାଧାରଣ ପିଲାମାନେ ମାସକୁ ଆଠ ଅଣା, ବାର ଅଣା ପଇସା ରୋଜଗାର କରିବା ଉଦ୍ଦେଶ୍ୟରେ ଗାଈ ଚରାଉଥିଲେ ଏବଂ ପାଠପଢ଼ା ବନ୍ଦ କରି ଦେଉଥିଲେ । ପରିଣାମରେ ସମଗ୍ର ଜୀବନ ପର୍ଯ୍ୟନ୍ତ ଦିନକୁ ଦୁଇ ଅଣା ପାଇବା କିଂବା ଗୌଣୀ ମାପରେ ଛଅ ସେର ଧାନ କମାଉଥିଲେ ।

ଅନ୍ୟ ପିଲାମାନେ ଗାଈ ଚରାଇ ବା ବିଲରେ କାମ କରି ତତ୍କାଳୀନ ଲାଭ ସାମାନ୍ୟ କିଛି ପଇସାର ସ୍ୱାର୍ଥ ତ୍ୟାଗ କରି ଘରୁ କିଛି ପଇସା ଖର୍ଚ୍ଚ କରି କେତେ ବର୍ଷ ପଢ଼ି ବି. ଏ କିଂବା ଏମ୍.ଏ. ପାସ୍ କରୁଥିଲେ ସେମାନେ ବଡ଼ ବଡ଼ ଚାକିରି କରି ମାସକୁ ପାଞ୍ଚ ଶହ, ହଜାରେ ଟଙ୍କା ବେତନ ପାଉଥିଲେ ।

ଅନ୍ୟ ଯେଉଁମାନେ ଏହି ଟଙ୍କା ରୋଜଗାର କରିବାର ସ୍ୱାର୍ଥ ତ୍ୟାଗ କରି ଦେଶସେବା କରୁଥିଲେ, ସେମାନେ ରାଜ୍ୟର ମନ୍ତ୍ରୀ ହୋଇ ପାରୁଥିଲେ । ମନ୍ତ୍ରୀମାନଙ୍କ ମଧ୍ୟରୁ ଯେଉଁମାନେ ଦେଶସେବା ବ୍ରତ ନେଇ ଅଧିକ ଅହଂ, ସ୍ୱାର୍ଥକୁ ତ୍ୟାଗ କରି ପାରୁଥିଲେ, ସେମାନେ ଯୋଗ୍ୟତା ଅର୍ଜନ କରି ଦେଶର ହିତାକାଙ୍କ୍ଷୀ ମନ୍ତ୍ରୀ ହୋଇ ପାରୁଥିଲେ । ବ୍ୟକ୍ତି ଯେତେ ଅଧିକ ସ୍ୱାର୍ଥ, ଅହଂ ତ୍ୟାଗ କରିପାରେ ତା' ମଧ୍ୟରେ ସେତେ ଦିବ୍ୟଗୁଣ ପ୍ରକାଶିତ ହୁଏ ଓ ସେ ସେତେ ମହାନ୍ ହୁଏ — ଏହା ଏକେବାରେ ସତ୍ୟ ଏବଂ ପ୍ରତ୍ୟକ୍ଷ ପ୍ରମାଣ । ବ୍ୟକ୍ତି ନିଜର କ୍ଷୁଦ୍ର ଶକ୍ତି, ସାମର୍ଥ୍ୟ ଦ୍ୱାରା ଯାହା ହୋଇପାରନ୍ତା ସ୍ୱାର୍ଥତ୍ୟାଗ ଦ୍ୱାରା ତାହାଠାରୁ ବହୁଗୁଣରେ ମହାନ୍ ହୋଇପାରେ, ଏହା ସତ୍ୟ ଏବଂ ଯୁକ୍ତିଯୁକ୍ତ ।

ପ୍ରତ୍ୟେକ ବ୍ୟକ୍ତି ନିଜର ସାମୟିକ ସ୍ୱାର୍ଥ ତ୍ୟାଗକରି ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣକଲେ ଭଲ ପଢ଼ି ପାରିବେ, କରୁଥିବା କର୍ମ ପୂର୍ବାପେକ୍ଷା ଉତ୍ତମରୂପେ ସମ୍ପାଦନ କରିପାରିବେ । ଅନ୍ତରରେ କ୍ରମଶଃ ପ୍ରତିଷ୍ଠିତ ହେବ ଶାନ୍ତି, ସମତା, ଉତ୍ପନ୍ନ ହେବ ଜ୍ଞାନ, ବିବେକାଦି ସଦ୍‌ଗୁଣ । ଦୂର ହେବ ହିଂସା, ଦ୍ୱେଷ, ଈର୍ଷାଦି ଦୁର୍ଗୁଣ । ଏହା ପ୍ରତ୍ୟେକ ବ୍ୟକ୍ତି ସକାଶେ ବିଶେଷତଃ ଛାତ୍ରମାନଙ୍କ ସକାଶେ ମହାନ୍ ସୁଯୋଗ ।

ବାଳକ-ବାଳିକା, ଛାତ୍ର-ଛାତ୍ରୀମାନଙ୍କ ଜୀବନହିଁ କୋମଳ ଲତା ସଦୃଶ ନମନୀୟ ତଥା ଶୁଭ୍ର ବସ୍ତ୍ର ସଦୃଶ ସ୍ୱଚ୍ଛ । ବାଲ୍ୟାବସ୍ଥାହିଁ ସଦ୍‌ଗୁଣ ଗଠନର ଆଧାର । ଛାତ୍ରଛାତ୍ରୀମାନେ ଏହି ନୂତନ ଯୁଗର ସତ୍ୟକୁ ଗ୍ରହଣ କଲେ ସେହିମାନେ ହେବେ ମହାନ୍ ଆତ୍ମା ଏବଂ ନୂତନ ଯୁଗର ଅଗ୍ରଦୂତ । ସେହିମାନଙ୍କ ଦ୍ୱାରା ହେବ ନିଜର, ପରିବାରର ତଥା ଦେଶର ମହାନ୍ ଉନ୍ନତି । ସେମାନେ ଏହା ହୃଦୟଙ୍ଗମ କରିପାରିଲେ ଜୀବନର ଲକ୍ଷ୍ୟପ୍ରାପ୍ତିର ଆବଶ୍ୟକ କେତୋଟି ନିୟମ ସହର୍ଷେ ପାଳନ କରିବାକୁ ଦୃଢ଼ସଂକଳ୍ପ ହେବେ ।

ଆବଶ୍ୟକୀୟ ନିୟମ

୧ – ମନ-ପ୍ରାଣ ତଥା ଆତ୍ମାର ଆଧାର ଶରୀର । ଶରୀର-ଯନ୍ତ୍ର ସୁସ୍ଥ ସବଳ ରହିଲେ ମନ-ପ୍ରାଣ-ଆତ୍ମାର ପ୍ରେରଣାରେ ବ୍ୟକ୍ତି ଜାଗତିକ ସମସ୍ତ କର୍ମ ଉତ୍ତମରୂପେ କରିପାରେ ତଥା ଅଧ୍ୟାତ୍ମ ସାଧନା ଦ୍ୱାରା ଜନ୍ମ-ମରଣ, ଦୁଃଖ-କଷ୍ଟ ଦ୍ୱନ୍ଦ୍ୱରୁ ମୁକ୍ତହୋଇ ଭଗବତ୍ ପ୍ରାପ୍ତି କରିପାରେ । ବ୍ୟକ୍ତିର ସମସ୍ତ ଉତ୍ତମ ଗୁଣ, ଅସାଧାରଣ କ୍ଷମତା ଥାଇ ଶରୀର ରୋଗଗ୍ରସ୍ତ ହେଲେ ତାହା କୌଣସି କର୍ମରେ ପ୍ରୟୋଗ ନ ହୋଇ ବ୍ୟର୍ଥ ହୁଏ । ଶରୀର ସୁସ୍ଥ-ସବଳ ରଖିବା ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ । ଏହା ହୁଏ ବାଲ୍ୟାବସ୍ଥାରୁ ଆସନ ତଥା ବ୍ୟାୟାମ କରିବା ଏବଂ ସ୍ୱାସ୍ଥ୍ୟ ରକ୍ଷାର ଆବଶ୍ୟକ ନିୟମ ପାଳନ କରିବା ଦ୍ୱାରା ।

ପ୍ରତ୍ୟେକ ବ୍ୟକ୍ତି ପ୍ରାତଃକାଳରେ ଆସନ ଏବଂ ସାୟଂକାଳରେ ବ୍ୟାୟାମ କରିବେ ଅଥବା ନିଜ ନିଜ ଅଭିରୁଚି, ସୁବିଧା ଅନୁସାରେ କେବଳ ଆସନ ବା କେବଳ ବ୍ୟାୟାମ କରିବେ । ଯେଉଁ ବୃଦ୍ଧ ବ୍ୟକ୍ତିଙ୍କର ବୟସ ୬୦ ବର୍ଷରୁ ଅଧିକ ହୋଇଥିବ, ସେମାନେ ଯଦି ଆସନ, ବ୍ୟାୟାମ କରିବାକୁ ସମର୍ଥ ନ ଥିବେ ତେବେ ସନ୍ଧ୍ୟା ତଥା ସକାଳେ ଖୋଲା ସ୍ଥାନରେ ଏକ, ଦୁଇ ମାଇଲ ରାସ୍ତା ଚାଲିବେ । ନିୟମିତ ତଥା ଉତ୍ସାହ ସହିତ ଏହି ଚାଲିବା ବ୍ୟାୟାମ କଲେ ସେମାନଙ୍କ ଶରୀର ସୁସ୍ଥ-ସବଳ ରହିବ । ଆସନ, ବ୍ୟାୟାମର ବିଧିବିଧାନ ତଥା ଶରୀର ସୁସ୍ଥ ରଖିବାର କେତେଗୁଡ଼ିଏ ଆବଶ୍ୟକ ନିୟମ ଲୋକ-ସାହିତ୍ୟ ନଂ ୫୬ 'ପୂର୍ଣ୍ଣାଙ୍ଗ-ଜୀବନରେ ଶରୀର ଚର୍ଚ୍ଚା', 'ଛାତ୍ର-ଜୀବନରେ ଉନ୍ନତିର ମାର୍ଗ', 'ଦିବ୍ୟ-ଯୁଗ ସ୍ଥାପନାରେ ନାରୀ' ପୁସ୍ତକରେ ଆଲୋଚନା କରା ହୋଇଛି । ଏହିସବୁ ଆସନ, ବ୍ୟାୟାମ ଏବଂ ଦୈନନ୍ଦିନ ନିୟମ ପାଳନ ଦ୍ୱାରା ଶରୀର ବିକଶିତ, ନମନୀୟ, ସୁସ୍ଥ, ସବଳ ହୋଇପାରେ । ସୁସ୍ଥ ଶରୀରରେ ବ୍ୟକ୍ତି ଭଲ ପଢ଼ିପାରେ, ଜଟିଳ ସମସ୍ୟା ଉତ୍ତମରୂପେ ବିଚାର କରି ସମାଧାନ କରିପାରେ, ଯେକୌଣସି କର୍ମ ଉତ୍ତମରୂପେ ସଂପାଦନ କରିପାରେ । ଅସ୍ଥିର ଚଞ୍ଚଳ ମନକୁ ଧ୍ୟାନର ଅଭ୍ୟାସ ଦ୍ୱାରା ସ୍ଥିର, ଅଚଞ୍ଚଳ କରାଯାଇପାରେ ।

ଶରୀରକୁ ସୁସ୍ଥ, ସବଳ ରଖେ, ଶରୀରର ସମସ୍ତ ଅବୟବକୁ ଶକ୍ତି ଯୋଗାଏ ଉଦର ବା ପାକସ୍ଥଳୀ । ପାକସ୍ଥଳୀର କ୍ରିୟା ଉତ୍ତମରୂପେ ନ ହୋଇ ମଳାଶୟରେ ମଳ ଏକତ୍ରିତ ହେଲେ ଶରୀରରେ ନାନା ପ୍ରକାର ରୋଗ ଉତ୍ପନ୍ନ ହୁଏ ଏବଂ ଆଳସ୍ୟ, ନିଦ୍ରା ବୃଦ୍ଧି ହୁଏ; କାମ, କ୍ରୋଧାଦି ରିପୁମାନଙ୍କର ଆକ୍ରମଣ ସାଧାରଣ ଅବସ୍ଥା ଅପେକ୍ଷା ଅଧିକ ହୁଏ ତଥା ବ୍ରହ୍ମଚର୍ଯ୍ୟ କ୍ଷୟ ହୁଏ । ପାକସ୍ଥଳୀ ଯନ୍ତ୍ରକୁ ସବଳ ରଖିବା ତଥା ମଳାଶୟରେ ମଳବଦ୍ଧ ହେବାକୁ ନ ଦେବା ସକାଶେ କେତେଗୁଡ଼ିଏ ନିୟମ ପାଳନ କରିବା ଆବଶ୍ୟକ ।

୨ – ରାତ୍ରିରେ ୧୦ ଘଣ୍ଟା ପୂର୍ବରୁ (ଯେତେ ଶୀଘ୍ର ହୁଏ ସେତେ ଉତ୍ତମ) ନିର୍ଦ୍ଦିଷ୍ଟ ସମୟରେ ଭୋଜନ ଏବଂ ନିର୍ଦ୍ଦିଷ୍ଟ ସମୟରେ ବିଶ୍ରାମ କରିବେ । ଭୋର ଚାରି ଘଣ୍ଟାରୁ ଛଅ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ସମୟରେ ଉଠିବେ ।

୩ – ଭୋଜନ ସମୟରେ ଦକ୍ଷିଣ ନାସାରେ ଓ ଜଳ ପିଇବା ସମୟରେ ବାମ ନାସାରେ ଶ୍ୱାସ ପ୍ରବାହିତ ହେବା ଆବଶ୍ୟକ । କୌଣସି ସମୟରେ ବାମ ନାସା ଶ୍ୱାସ ଦକ୍ଷିଣ ନାସାରେ ପ୍ରବାହିତ କରାଇବାର ପ୍ରଣାଳୀ ଲୋକସାହିତ୍ୟ ନଂ ୫୬ରେ ଆଲୋଚନା କରାହୋଇଛି । ଯେଉଁ ନାସାରେ ଶ୍ୱାସ ପ୍ରବାହିତ ହେଉଥିବ ସେହି ହାତକୁ ସିଧା ତଳକୁ ଝୁଲେଇ ଦେଲେ କହୁଣି ଯେଉଁ ସ୍ଥାନରେ ରହିବ ସେହି ସ୍ଥାନରେ କହୁଣି ଲଗେଇ ଶରୀର ଭାର କହୁଣି ଉପରେ ରଖିଲେ ଶ୍ୱାସ ଅନ୍ୟ ନାସାରେ ପ୍ରବାହିତ ହେବ । ଭୋଜନ କରିବା ସମୟରେ ବାମ ହାତ କହୁଣି ଉପରେ ଶରୀର ଭାର ରଖିଲେ ଶ୍ୱାସ ଦକ୍ଷିଣ ନାସାରେ ପ୍ରବାହିତ ହେଉଥିବ ।

୪ – ଭୋଜନ ଗ୍ରାସକୁ ଅନ୍ତତଃ ୪୦ ଥରରୁ ଅଧିକ ଚୋବାଇବା ଆବଶ୍ୟକ । ଏଥିରେ ଖାଦ୍ୟର ସ୍ୱାଦ ଅନୁଭୂତ ହୁଏ ଏବଂ ମୁଖରୁ ଲାଳ ଖାଦ୍ୟ ସହିତ ମିଶ୍ରିତ ହେଲେ ଖାଦ୍ୟ-ଦ୍ରବ୍ୟ ଶୀଘ୍ର ହଜମ ହୁଏ ଏବଂ ଶରୀରର ବଳ ବୃଦ୍ଧି ହୁଏ ।

୫ – ଭୋଜନର ଏକ ଘଣ୍ଟା ପରେ ଜଳ ପିଇବା ଉଚିତ । ଭୋଜନ ସଙ୍ଗେ ସଙ୍ଗେ ଜଳ ପିଇବା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ।

୬ – ଭୋଜନ ପରେ ଦୁଇ, ଚାରି ମିନିଟ୍ ଚାଲିବା ଆବଶ୍ୟକ ।

୭ – ସୁରା (ମଦ), ଅଫିମ, ଗଞ୍ଜାଇ, ଭାଙ୍ଗ ଆଦି ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଏବଂ ସିଗାରେଟ୍, ବିଡ଼ି, ପିକା ଆଦି ଧୂମପାନ ତଥା ଧୂଆଁପତ୍ର, ଗୁଣ୍ଡି ଆଦି ସ୍ୱାସ୍ଥ୍ୟ ତଥା ବ୍ରହ୍ମଚର୍ଯ୍ୟ ପାଳନ ଏବଂ ଅଧ୍ୟାତ୍ମ ଲକ୍ଷ୍ୟର ସାଧନା ପକ୍ଷେ ବିଶେଷ କ୍ଷତିକାରକ । ଏହା ସର୍ବଦା ତ୍ୟାଗ କରିବା ଏକାନ୍ତ ବାଞ୍ଛନୀୟ ।

୮ – ଜିହ୍ୱା-ଲାଳସାରେ ସୁସ୍ୱାଦୁ ଭୋଜନ ଆବଶ୍ୟକରୁ ଅଧିକ ସର୍ବଦା ତ୍ୟାଜ୍ୟ । ଅଧିକାଂଶ ବ୍ୟକ୍ତି ସୁସ୍ୱାଦୁ ଭୋଜନ ପାଇଲେ ଉଦରର ଆବଶ୍ୟକତାଠୁଁ ଅଧିକ ଖୁନ୍ଦି-ଖାନ୍ଦି ଗଳା ପର୍ଯ୍ୟନ୍ତ ଭର୍ତ୍ତି କରନ୍ତି । ଏହାର ପରିଣାମରେ ନାନା ପ୍ରକାର ଯନ୍ତ୍ରଣା ଭୋଗ କରନ୍ତି । ପ୍ରତ୍ୟହ ଆବଶ୍ୟକରୁ ଅଧିକ ଭୋଜନ, ଅଧିକ ମିଠା, ଅଧିକ ମସଲା, ଅଧିକ ଲଙ୍କା ଖାଇବାରୁ ବ୍ୟକ୍ତି ବହୁ ରୋଗର କବଳରେ ପଡ଼ନ୍ତି, ସ୍ୱାସ୍ଥ୍ୟ ନଷ୍ଟ ହୁଏ, ମନରେ ଅଶାନ୍ତି ଉତ୍ପନ୍ନ ହୁଏ ।

୯ – ଝାଡ଼ାଫେରି ଯିବାର ପନ୍ଦର କୋଡ଼ିଏ ମିନିଟ୍ ପୂର୍ବରୁ ଅନ୍ତତଃ ଏକ ସେର କିଂବା ଏକ ସେରରୁ କିଛି ଅଧିକ ଜଳ ପିଇବ । ପରେ ମିନିଟିଏ ଦୁଇ ମିନିଟ ଚାଲିବ । ମୟୂରାସନ ତଥା ଗର୍ଭାସନ କରିବ । ଏହି ଆସନ କରିବାରେ ଜଳର ଚାପ ମଳାଶୟରେ ପଡ଼େ । ତା'ଫଳରେ ମଳତ୍ୟାଗର ପ୍ରବେଗ ବୃଦ୍ଧିପାଏ ଏବଂ ଝାଡ଼ା ପରିଷ୍କାର ହୁଏ ।

(କ) ଦୁଇ ହାତ ମାଟିରେ ରଖ, ଦୁଇ କହୁଣି ଉପରେ ପେଟ ରଖ । ମୁଣ୍ଡ ଏବଂ ଗୋଡ଼ ମାଟିରେ ନ ଲଗାଇ ଦୁଇ କହୁଣି ଉପରେ ସମସ୍ତ ଶରୀର ରହିବ । ଏହାର ନାମ ମୟୂରାସନ । ଏହି ଅବସ୍ଥାରେ ଏକ ମିନିଟ୍ ରୁହ ।

(ଖ) ବସି ଯାଅ । ଦୁଇ ଆଣ୍ଠୁ ସିଧା ରହିବ । ଦୁଇ ଆଣ୍ଠୁ ତଳେ ଜଙ୍ଘ ଏବଂ ଗୋଡ଼ ଭଣ୍ଡା ମଧ୍ୟ ଦେଇ ଦୁଇ ହାତକୁ ଦୁଇ କାନ ପର୍ଯ୍ୟନ୍ତ ନେଇ ଆସ । ମୁହଁ ରହିବ ଦୁଇ ଆଣ୍ଠୁ ମଧ୍ୟରେ । ଏହାର ନାମ ଗର୍ଭାସନ । ଏକ ମିନିଟ୍ ପର୍ଯ୍ୟନ୍ତ ଏହି ଅବସ୍ଥାରେ ରୁହ । ଏହି ଦୁଇ ଆସନ କରିବା ଦ୍ୱାରା ଜଳର ଚାପରେ ସମସ୍ତ ମଳ ଗୋଟିଏ ଜାଗାରେ ଏକତ୍ର ହୁଏ ଏବଂ ଝାଡ଼ାର ଆବେଗ ବୃଦ୍ଧି ହୁଏ ।

ଯାହାର ଅତ୍ୟଧିକ କୋଷ୍ଠବଦ୍ଧ ହୋଇଥାଏ, ଝାଡ଼ା ସଫା ହୁଏ ନାହିଁ, ସେ ଜଳକୁ ଅଳ୍ପ ଗରମ କରି ସେଥିରେ ଏକ ମସା ଲୁଣ, କାଗିଜିଲେମ୍ବୁ ଚିପୁଡ଼ି ପିଇ ପାରନ୍ତି । ଏହାର ଅଭ୍ୟାସ ଧୈର୍ଯ୍ୟ ସହିତ ବରାବର କରିବା ଉଚିତ । କାହାର ଏକାଦିନକରେ ଉତ୍ତମ ଫଳ ମିଳେ, କାହାର ବହୁଦିନ ଅଭ୍ୟାସ ପରେ ଲାଭ ହୁଏ ।

୧୦ – ଜୀବନର ସମସ୍ତ ପ୍ରକାର ବିକାଶର ଆଧାର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ପାଳନ ତଥା ବ୍ୟାୟାମ ଦ୍ୱାରା ଶରୀର ସୁନ୍ଦର, ସୁଗଠିତ ହୋଇପାରେ । ସ୍ନାୟବିକ ଦୁର୍ବଳତା ଦୂର ହୁଏ, ଶରୀର ବଳବାନ୍ ହୁଏ, ବୁଦ୍ଧି ତୀବ୍ର ଏବଂ ତୀକ୍ଷ୍ଣ ହୁଏ, ଏକାଗ୍ରତା ବୃଦ୍ଧି ହୁଏ । ଏହି ଏକାଗ୍ର ଅବସ୍ଥାରେ ବ୍ୟକ୍ତି ଅନ୍ତର ତଥା ଊର୍ଦ୍ଧ୍ୱର ନିର୍ଦ୍ଦେଶ ପାଇପାରେ, ବ୍ୟକ୍ତି ଧୈର୍ଯ୍ୟବାନ୍, ସାହସୀ, ବୀର, ଯୋଦ୍ଧା, ତେଜସ୍ୱୀ, ନୀତିଜ୍ଞ, ସଦାଚାରୀ, ସତ୍ୟବାଦୀ, ସହିଷ୍ଣୁ, ଶାନ୍ତ, ଧୀର ଓ ମେଧାବୀ ହୋଇପାରେ । ତା'ର ସ୍ମରଣ ଶକ୍ତି ବିକଶିତ ହୁଏ, ସେ ସମସ୍ତ କାର୍ଯ୍ୟ ଦକ୍ଷତା ସହ ସମ୍ପାଦନ କରିପାରେ । ନିଜ ମଧ୍ୟରେ ନିହିତ ଥିବା ଆତ୍ମା ଏବଂ ତା'ର ଦିବ୍ୟଗୁଣ ପରମ ସତ୍ୟ, ପରମାନନ୍ଦ, ଶାନ୍ତି, ସମତା ଉପଲବ୍ଧି କରିପାରେ କିଂବା ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ତା'ର ଦିବ୍ୟ ଏକତ୍ୱ ପ୍ରାପ୍ତ କରେ ଏବଂ ମାନସ ସ୍ତର ଅତିକ୍ରମ କରି ଅତିମାନସ ଚେତନାରେ ପ୍ରତିଷ୍ଠିତ ହୁଏ । ଭାଗବତୀ ଶକ୍ତିର ଯନ୍ତ୍ର ହୋଇ ପୃଥିବୀରେ ଦିବ୍ୟ କର୍ମ ପ୍ରତିଷ୍ଠା କରିପାରେ । ଏହି ଅବସ୍ଥାରେ ବ୍ୟକ୍ତିର ସମସ୍ତ ପ୍ରକାର କର୍ମ ଦିବ୍ୟ ଏବଂ ପରିପୂର୍ଣ୍ଣ ହୁଏ ତଥା କର୍ମ ଏବଂ ପରମ ସତ୍ୟ ମଧ୍ୟରେ ଥିବା ବ୍ୟବଧାନ ଦୂର ହୁଏ ।

ସଂସାର ଜୀବନରେ ସମୃଦ୍ଧ, ତଥା ଅଧ୍ୟାତ୍ମ ଦିବ୍ୟ-ଜୀବନ ପ୍ରାପ୍ତିର ଆଧାର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ବିନା ବ୍ୟକ୍ତି ସଂସାରରେ ମହାନ୍ କାର୍ଯ୍ୟ କରିପାରେ ନାହିଁ କିଂବା ଅଧ୍ୟାତ୍ମ ସାଧନାରେ ପରମ ସତ୍ୟ ଉପଲବ୍ଧି କରିପାରେ ନାହିଁ । ଯେଉଁମାନେ ଜୀବନର ମହତ୍ତ୍ୱ ଜାଣିଛନ୍ତି ସେହି ଶ୍ରେଷ୍ଠ ମହାପୁରୁଷ, ଋଷିମୁନିମାନେ ବ୍ରହ୍ମଚର୍ଯ୍ୟ ପାଳନକୁ ଜୀବନଠାରୁ ଅଧିକ ମୂଲ୍ୟ ଦେଇଛନ୍ତି ।

ପ୍ରତ୍ୟେକ ବାଳକ-ବାଳିକା ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ବିବାହ ପରେ ଦୁଇଟି ସନ୍ତାନ ହେବା ପର୍ଯ୍ୟନ୍ତ ସଂଯମ ସହ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚେଷ୍ଟା କରିବେ । ଯେଉଁମାନେ ଅବିବାହିତ ରହି ଅଧ୍ୟାତ୍ମ-ସତ୍ୟ ଉପଲବ୍ଧି ଲକ୍ଷ୍ୟ ରଖି ସଂସାରରେ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବେ ସେହିମାନଙ୍କ ଦ୍ୱାରା ହେବ ସଂସାରର ଯଥାର୍ଥ ଉନ୍ନତି ।

୧୧ – ରାତ୍ରିରେ ଶୋଇବା ସମୟରେ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କର । ନିଦ୍ରା ନ ଆସିବା ପର୍ଯ୍ୟନ୍ତ ମା' ଏହି ନାମ ସ୍ମରଣ କରୁଥାଅ । ଉଠିବା ସଙ୍ଗେ ସଙ୍ଗେ ମା' ନାମ ସ୍ମରଣ କରି ଉଠି ବସ ଏବଂ କିଛି ସମୟ ମା'ଙ୍କ ଫଟୋକୁ ଧ୍ୟାନ କର । ଚାଲିବା, ବୁଲିବା, ଖାଇବା, ପିଇବା ସମୟରେ ମା' ଏହି ନାମ ସ୍ମରଣ କରୁଥାଅ ।

ସକାଳେ ସ୍ନାନ ପରେ ଯଦି ଆସନ କିଂବା ବ୍ୟାୟାମ କର, ତେବେ ଶବାସନ କରିବା ପରେ ମା'ଙ୍କ ଫଟୋକୁ ହୃଦୟ ଗଭୀରରେ ଧ୍ୟାନ କର । ଅର୍ଥାତ୍ ଆଖି ଖୋଲି ମା'ଙ୍କ ଫଟୋ ଦେଖ । ଆଖି ବନ୍ଦ କରି ସେହି ଫଟୋ ଦେଖ । ଏହି ଅଭ୍ୟାସ ହୋଇଯିବା ପରେ ସେହି ଫଟୋକୁ ହୃଦୟ ଭିତରେ ଦେଖିବାକୁ ସଂକଳ୍ପ କର ଏବଂ ଚେଷ୍ଟା କର । କଳ୍ପନା କରିବ ହୃଦୟ ଭିତରେ ମା'ଙ୍କ ଫଟୋଟି ରହିଛି, ଫଟୋର ମୁଖ ରହିଛି ତୁମ ପିଠି ଆଡ଼କୁ । ତୁମେ ଫଟୋ ସମ୍ମୁଖରେ ରହି ଫଟୋକୁ ଦେଖୁଛ । ପ୍ରଥମେ ଫଟୋରେ ତିନି ମିନିଟ୍ ଏକାଗ୍ରତା କରିବା ସକାଶେ ଅଭ୍ୟାସ କରିବ । ପରେ ପାଞ୍ଚ ମିନିଟ୍ । ଏକାଗ୍ରତା ବଢ଼ିଲେ କ୍ରମଶଃ ସମୟ ବଢ଼ାଇବ ।

୧୨ – ଶୋଇବା ତଥା ଉଠିବା ପରେ ପଢ଼ିବା, ବ୍ୟାୟାମ କରିବା କିଂବା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମା'ଙ୍କୁ ଧ୍ୟାନ କରିବ ଏବଂ ପ୍ରାର୍ଥନା କରିବ – ''ମୋର ସମସ୍ତ ସତ୍ତା ସହିତ ମୋର ଯାହାକିଛି ସବୁ ତୁମ ଚରଣରେ ନିବେଦନ କରୁଛି । ତୁମେ ଶକ୍ତି ଦିଅ, ସତ୍ୟ-ମାର୍ଗରେ ପରିଚାଳିତ କର, ସତ୍ୟ ଲାଭ ନିମିତ୍ତ ଅଭୀପ୍ସା ଉତ୍ପନ୍ନ ହେଉ; ସତ୍ୟର ପ୍ରତିକୂଳ କର୍ମ ଏବଂ ବସ୍ତୁକୁ ଯେପରି ମୁଁ ଜାଣିପାରେ ଏବଂ ତୁମରି ଶକ୍ତିର ଆଶ୍ରୟରେ ସେହି ସବୁକୁ ତ୍ୟାଗ କରିପାରେ ।'' ପଢ଼ିବା ଅଥବା କୌଣସି କାର୍ଯ୍ୟ ଶେଷରେ ତଥା ଶୋଇବା ସମୟରେ ସମସ୍ତ କର୍ମ ବାକ୍ୟରେ ଏବଂ ହାର୍ଦିକ ଭାବରେ ସମର୍ପଣ କରିବ ।

୧୩ – ମା'ସବୁ ସମୟରେ ତୁମ ସହିତ ରହିଛନ୍ତି ଏବଂ ତୁମର ଭଲ-ମନ୍ଦ ସମସ୍ତ କର୍ମ ଦେଖୁଛନ୍ତି, ଦୃଢ଼ଭାବରେ ଏହି ଧାରଣା କରିବ । କାମ, କ୍ରୋଧ, ଲୋଭ, ମୋହ, ଆସକ୍ତିର ବଶ ହୋଇ କୌଣସି କାର୍ଯ୍ୟ କରିବା ସମୟରେ ଅଟକିଯାଅ । ଏକାଗ୍ର ହୋଇ ମା'ଙ୍କୁ ସ୍ମରଣ କର । ତେବେ ଯାଇ ସ୍ପଷ୍ଟଭାବରେ ଉଚିତ ଅନୁଚିତ କାର୍ଯ୍ୟ ବୁଝିପାରିବ ଏବଂ ମା'ଙ୍କୁ ଡାକିଲେ ମା' ସାହାଯ୍ୟ କରିବେ, ମା'ଙ୍କ ଶକ୍ତି ଆଶ୍ରୟରେ ସେହି ପ୍ରତିକୂଳ କର୍ମ ଏବଂ ଗତିବୃତ୍ତିକୁ ତ୍ୟାଗ କରିପାରିବ ।

୧୪ – ଅଧ୍ୟୟନ ତଥା ସାଂସାରିକ ସମସ୍ତ କର୍ମ ମା'ଙ୍କ ସେବା ଭାବରେ କର । ପଢ଼ାରେ ଫାଙ୍କିଦେଇ କେବଳ ପରୀକ୍ଷାରେ ପାସ୍ କରିବା ବିଷୟ ପଢ଼ ନାହିଁ କିଂବା ପରୀକ୍ଷା ଖାତାରେ କପି କର ନାହିଁ । ଜ୍ଞାନାର୍ଜନ ଦୃଷ୍ଟିରୁ ଉତ୍ତମ ରୂପେ ପଢ଼ । କାହାରିକୁ ଠକ ନାହିଁ, ନିଜ ସ୍ୱାର୍ଥ ସକାଶେ ଅନ୍ୟର ଅନିଷ୍ଟ କର ନାହିଁ । ମିଥ୍ୟା କୁହ ନାହିଁ । ଏହିସବୁ ସଦ୍‌ଗୁଣ ପ୍ରାପ୍ତ ହେବ ଜୀବନର ଲକ୍ଷ୍ୟ ଗ୍ରହଣ କରିବାରେ । ତା'ହେଲେ ତୁମେ ନିଜର ପରିବାର ତଥା ଦେଶର ଯଥାର୍ଥ ସେବା କରିପାରିବ ।

୧୫ – ଛାତ୍ରମାନେ ଶ୍ରୀଅରବିନ୍ଦ ଛାତ୍ର-ସମାଜ ଗଠନ କରନ୍ତୁ ଏବଂ ପାଠଚକ୍ର ସଦୃଶ ସମ୍ମିଳନୀ କରନ୍ତୁ । 'ପିଲାଙ୍କ ସାଧନା', 'ଛାତ୍ର-ଜୀବନରେ ଉନ୍ନତିର ମାର୍ଗ' 'ଦିବ୍ୟ-ଯୁଗ ସ୍ଥାପନାରେ ନାରୀ', 'ଜୀବନର ଲକ୍ଷ୍ୟ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଗାର୍ହସ୍ଥ୍ୟ ଧର୍ମ', 'ପୂର୍ଣ୍ଣାଙ୍ଗ ଜୀବନରେ ଶରୀର ଚର୍ଚ୍ଚା', 'ମା'ଙ୍କ ଆଶୀର୍ବାଦ', 'ଯୋଗ ଓ ଜୀବନ', (ଲୋକ-ସାହିତ୍ୟ ନଂ ୫୨ ଓ ୫୩) ତଥା 'ଶିକ୍ଷା', 'ଗଳ୍ପଶ୍ରୀ' ପ୍ରଭୃତି ପୁସ୍ତକ ପଢ଼ନ୍ତୁ ଏବଂ ଏସବୁର ପ୍ରସାର କରନ୍ତୁ ।

ଗ୍ରାମବାସୀମାନେ ପ୍ରତ୍ୟେକ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାପନ କରନ୍ତୁ ଏବଂ ପାଠଚକ୍ର ସମ୍ମିଳନୀ କରନ୍ତୁ । ଶ୍ରୀଅରବିନ୍ଦଙ୍କ ଆଦର୍ଶ ସମ୍ବନ୍ଧୀୟ ପୁସ୍ତକସବୁର ପ୍ରସାର କରନ୍ତୁ ।

୧୬ – ଯେଉଁମାନେ ଆତ୍ମା ବା ଭଗବାନ୍ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉପରେ ବିଶ୍ୱାସ କରିପାରି ନାହାନ୍ତି ସେମାନେ ପରମ ସତ୍ୟ, ପରମାନନ୍ଦ, ପରମ ଶାନ୍ତିର ପ୍ରକାଶ ବା ପ୍ରାପ୍ତି ସକାଶେ ଅଭୀପ୍ସା କରିପାରନ୍ତି ଏବଂ କର୍ମରେ ପ୍ରୟୋଗ କରିବା ସକାଶେ ପ୍ରଯତ୍ନଶୀଳ ହୋଇପାରନ୍ତି ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଆଦିରୁ ମୁକ୍ତି । ଏହାର ପ୍ରମାଣ କ'ଣ ସ୍ପଷ୍ଟ ଭାବେ କୁହନ୍ତୁ ।

ଉତ୍ତର : ସଂସାରର ସମସ୍ତ ବ୍ୟକ୍ତି ଏହାକୁହିଁ ଜ୍ଞାତ ତଥା ଅଜ୍ଞାତ ରୂପେ ଚାହୁଁଅଛନ୍ତି । ପ୍ରତ୍ୟେକ ବ୍ୟକ୍ତି ଚାହିଁବାହିଁ ହେଲା ଜୀବନର ଲକ୍ଷ୍ୟ ହେବାର ପ୍ରମାଣ । କୌଣସି ଗୋଟିଏ ବ୍ୟକ୍ତି, ରୋଗ, ବୃଦ୍ଧତ୍ୱ, ମୃତ୍ୟୁ, ଦୁଃଖ, କଷ୍ଟ ଚାହେଁ ନାହିଁ । ସମସ୍ତ ବ୍ୟକ୍ତି ଏହାର ବିପରୀତ ନୀରୋଗତ୍ୱ, ଅମରତ୍ୱ, ଚିରଯୌବନ, ଦୁଃଖବିହୀନ ପରମସୁଖ, ପରମଶାନ୍ତି ଚାହିଁ ଆସୁଅଛନ୍ତି । ଏହାରି ପ୍ରାପ୍ତି ଇଚ୍ଛାରେ ସଂସାରର ଯାବତୀୟ କର୍ମ କରୁଅଛନ୍ତି । ଆବାଳ ବୃଦ୍ଧ-ବନିତା ସଂସାରର ସମସ୍ତ ବ୍ୟକ୍ତି ଏହାକୁ ଚାହୁଁଥିବାରୁ ଏହାହିଁ ନିଃସନ୍ଦେହ ରୂପେ ଜୀବନର ଲକ୍ଷ୍ୟ । ତା'ର ସମୟ ଆସି ନ ଥିବାରୁ ବ୍ୟକ୍ତି ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ନାହିଁ କିଂବା ଯଥାର୍ଥ ମାର୍ଗରେ ପ୍ରଯତ୍ନ ବି କରି ନାହିଁ । ବର୍ତ୍ତମାନ ସମୟ ଆସିଛି । ମାନସଚେତନାର ବିକାଶ ସମାପ୍ତ ହୋଇସାରିଛି । ଅତିମାନସ ଚେତନା ଏହି ପୃଥିବୀରେ ପ୍ରତିଷ୍ଠା ହୋଇଅଛି । ବ୍ୟକ୍ତି ବର୍ତ୍ତମାନ ଯେପରି ମାନସ ଚେତନାରେ ରହି ସୁଖ ଆଶାକରି କାଳ୍ପନିକ ସୁଖଛାୟାରେ ଅର୍ଦ୍ଧଅଜ୍ଞାନ, ଅର୍ଦ୍ଧଜ୍ଞାନ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ହତାଶା, ନିରାଶାରେ ଜୀବନ ଅତିବାହିତ କରୁଅଛି, ଅତିମାନସ ଚେତନାରେ ଏପରି ହେବ ନାହିଁ । ବ୍ୟକ୍ତି ବାସ କରିବ ପରମାନନ୍ଦ, ପରମଜ୍ଞାନ, ପରମ ଶାନ୍ତିରେ । ସେ ପୂର୍ଣ୍ଣରୂପେ ମୁକ୍ତହେବ, ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ଦୁଃଖ, କଷ୍ଟ, ଅନ୍ୟାୟ, ଅସତ୍ୟ, ହିଂସା, ଦ୍ୱନ୍ଦ୍ୱ, ସ୍ୱାର୍ଥ ଅଧୀନରୁ । ତା'ର ସମସ୍ତ ସତ୍ତା ଏକତ୍ୱ ପ୍ରାପ୍ତ ହେବ ଭଗବାନଙ୍କ ସହିତ । ସେ ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା । ଏହା ଫଳରେ ସଂସାରରେ ପ୍ରତିଷ୍ଠିତ ହେବ ଶାନ୍ତି, ସମତା, ସଂସାର ପରିଣତ ହେବ ସ୍ୱର୍ଗରେ । ଏହା ହେବ ଶ୍ରୀମା'ଙ୍କ ଉପରେ ଦୃଢ଼ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ସମଗ୍ର ସତ୍ତା ସମର୍ପଣ କରିବାରେ ।

ଯେଉଁ ଅଜେୟ ପ୍ରକୃତି ଶକ୍ତି ସୃଷ୍ଟି ଆରମ୍ଭରୁ ପୃଥିବୀକୁ ଶାସନ କରିଆସୁଅଛି, ଯାହାର ଶାସନକୁ ପୃଥିବୀର ସମସ୍ତ ପ୍ରାଣୀ, ଋଷି, ମୁନି, ସାଧୁ, ମହାତ୍ମା, ମହାପୁରୁଷ ଏପରିକି ସ୍ୱୟଂ ଭଗବାନଙ୍କ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ ମାନିନେଇ ଅଛନ୍ତି, ଯେଉଁ ପ୍ରକୃତି ଶକ୍ତିର ରୋଗ, ଜରା, ମୃତ୍ୟୁ, ଦୁଃଖ, କଷ୍ଟ, ଈର୍ଷା, ବିରୋଧ, ଯୁଦ୍ଧ ଏବଂ ହିଂସାର ବିଧାନ ଏହି ସଂସାରରେ ଅକାଟ୍ୟ, ପୃଥିବୀରେ ସେହି ଶକ୍ତିର ଏକଚ୍ଛତ୍ର ରାଜା, ମହାନ୍ ଶକ୍ତିଶାଳୀ, ମହାନ୍ ବିଦ୍ୱାନ୍, ମହାନ୍ ବୁଦ୍ଧିମାନ୍ ବ୍ୟକ୍ତି ବି ନତମସ୍ତକ ହୁଅନ୍ତି ଏହି ବିଧାନ ପାଖରେ । ପୁରାତନ ଯୋଗୀମାନେ ଏହି ଅକାଟ୍ୟ ବିଧାନର ବିରୋଧରେ କୌଣସି ପ୍ରଶ୍ନ ନ କରି ଏହିସବୁ ପ୍ରତିକୂଳ ଶକ୍ତିକୁ ସ୍ପର୍ଶ ନ କରି ଏହାରି ଶାସନ ଅଧୀନରୁ ମୁକ୍ତି ପାଇବାର ରାସ୍ତା ଗ୍ରହଣ କରିଥିଲେ । ଅର୍ଥାତ୍ – ଶରୀର ତ୍ୟାଗକରି ମୁକ୍ତି ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରି ପୁନରାୟ ପୃଥିବୀରେ ଜନ୍ମଗ୍ରହଣ କରି ନ ଥିଲେ; ସେହି ଅଜେୟ ଦୁର୍ଦାନ୍ତ ମହାନ୍ ଶକ୍ତି ରୋଗ, ଜରା, ମୃତ୍ୟୁ, ଦୁଃଖକଷ୍ଟ, ହିଂସା ଯୁଦ୍ଧ ଉପରେ ପୂର୍ଣ୍ଣ ବିଜୟ; ଏବଂ ଏସବୁକୁ ରୂପାନ୍ତର କରିବା ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗଛଡ଼ା ଏହି ମହାନ୍ ଦୁରୂହକାର୍ଯ୍ୟ ଅନ୍ୟ କୌଣସି ଉପାୟରେ ହେବା ସମ୍ଭବ ନୁହେଁ । ଶ୍ରୀଅରବିନ୍ଦ ସ୍ୱୟଂ କହିଅଛନ୍ତି –

Faith, reliance upon God, Surrender and self-giving to the Divine Power necessary and indispensable. But reliance upon God must not be made an excuse for indolence, weakness and surrender to the impulses of the lower nature; it must go along with untiring aspiration and a persistent rejection of all that comes in the way of the Divine Truth. The Surrender to the Divine must not be turned into an excuse, a cloak or an occasion for surrender to one's own desires and lower movements or to

one's ego or to some force of the ignorance and darkness that puts on a false appearance of the Divine.

ଭଗବାନଙ୍କ ଉପରେ ବିଶ୍ୱାସ, ନିର୍ଭରତା ଏବଂ ଭଗବତ୍ ଶକ୍ତି ପାଖରେ ଆତ୍ମସମର୍ପଣ – ଏସବୁ ଆବଶ୍ୟକ ଓ ଅପରିହାର୍ଯ୍ୟ । କିନ୍ତୁ ସାବଧାନ, ଆଳସ୍ୟ ତଥା ଦୁର୍ବଳତାଯୋଗୁଁ ଭଗବାନଙ୍କ ଉପରେ ନିର୍ଭରତା ବାହାନାରେ ନିମ୍ନ ପ୍ରକୃତିର ଆବେଗକୁ ଆତ୍ମ ସମର୍ପଣ କରିବା ଆଦୌ ଉଚିତ ନୁହେଁ । ଏହି ନିର୍ଭରତା ସହିତ ଅକ୍ଲାନ୍ତ ଅଭୀପ୍ସା ରହିବା ଆବଶ୍ୟକ ଏବଂ ଭଗବତ୍ ମାର୍ଗରେ ଯାହାସବୁ ବାଧା-ବିଘ୍ନ ଆସେ ସେସବୁକୁ ତ୍ୟାଗ ନିରନ୍ତର ଆବଶ୍ୟକ । ଭଗବାନଙ୍କ ପ୍ରତି ଆତ୍ମସମର୍ପଣକୁ ନିଜ କାମନା, ବାସନା ତଥା ନିଜର ଅଧସ୍ତନ ଗତିବୃତ୍ତି, ଅଥବା ନିଜର ଅହଂକାର, କିଂବା ଅଜ୍ଞାନ ଅନ୍ଧକାରର କୌଣସି ଛଦ୍ମ ଦିବ୍ୟବେଶଧାରୀ ଶକ୍ତି ପ୍ରତି ଗୋଟିଏ ଆବରଣ ବା ସୁଯୋଗରେ ଯେପରି ପରିଣତ କରା ନ ହୁଏ ।

❖

ଜୀବନହିଁ ଯୋଗ

ଆବାଳବୃଦ୍ଧବନିତା, ଈଶ୍ୱରବାଦୀ, ଅନୀଶ୍ୱରବାଦୀ, ସଂସାରର ସମସ୍ତ ବ୍ୟକ୍ତିଙ୍କ ଜୀବନହିଁ ଯୋଗ । ଶରୀରରେ ରକ୍ତ ଯେପରି ଓତପ୍ରୋତ ସେହିପରି ଜୀବନ ସହିତ ଯୋଗ ଓତପ୍ରୋତ । ଜୀବନରୁ ଯୋଗ ବାଦ୍ ଦେବା ସମ୍ଭବ ନୁହେଁ । କାରଣ ସଂସାରର ସମସ୍ତ ବ୍ୟକ୍ତି ସମସ୍ତ କର୍ମରେହିଁ ଅଜ୍ଞାନ ଅସ୍ପଷ୍ଟଭାବେ ଦୁଃଖବିହୀନ ପରମ ସୁଖ ଚାହାନ୍ତି । ଚାହିଁବା ଅସ୍ପଷ୍ଟ ଯୋଗୁଁ ପ୍ରାପ୍ତିର ଉପାୟ ଭୁଲ୍ ହେଉଅଛି । ସେହି ସକାଶେ ସେ ଚାହିଁବା ଲକ୍ଷ୍ୟ ସିଦ୍ଧ କରିପାରୁ ନାହାନ୍ତି । ଲକ୍ଷ୍ୟ ସିଦ୍ଧି କରିବାର ସମୟ ଆସିଅଛି । ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟଜାତିର ପ୍ରତିନିଧିରୂପେ ମନୁଷ୍ୟଶରୀର ଧାରଣ କରି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ରୂପାନ୍ତରକାର୍ଯ୍ୟ କରାଉଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କଲେ ତା' ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତରକ୍ରିୟା କରି ତା'ର ବାସନା, କାମନା ଅଜ୍ଞାନାଶ୍ରିତ ମନ-ପ୍ରାଣ-ଶରୀରକୁ ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବ । ସେ ଦୁଃଖ, କଷ୍ଟ, ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣରୂପେ ମୁକ୍ତ ହେବ । ତେବେ ସେ ସୃଷ୍ଟି ଆରମ୍ଭରୁ ଚାହିଁ ଆସୁଥିବା ଦୁଃଖବିହୀନ ପରମ ସୁଖ ପ୍ରାପ୍ତ କରିପାରିବ । ଏହି କାରଣରୁ ଶ୍ରୀଅରବିନ୍ଦ କହିଛନ୍ତି ଜୀବନହିଁ ଯୋଗ ।

ଯୋଗର ଅର୍ଥ ଦୁଇଟି ବସ୍ତୁର ମିଳନ । ମିଳନ ପରେ କୁହାହୁଏ ଯୋଗସିଦ୍ଧି । ପ୍ରାପ୍ତିର ଉପାୟକୁ କୁହାହୁଏ ଯୋଗ ବା ଯୋଗସାଧନା । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଯୋଗସାଧନା ଚାଲୁଅଛି । ଅର୍ଥାତ୍ ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତି ଦୁଃଖବିହୀନ ପରମ ସୁଖ ଚାହୁଁ ଅଛନ୍ତି । ସେହି ପରମ ସୁଖ ସକାଶେ ଜୀବନ ଏବଂ ଭଗବାନଙ୍କର ସୃଷ୍ଟି । ସମସ୍ତ ବ୍ୟକ୍ତି ଚାହୁଁଥିବା ଦୁଃଖବିହୀନ ପରମ ସୁଖ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ମନୁଷ୍ୟ ଜନ୍ମ-ମରଣ, ଦୁଃଖ-କଷ୍ଟ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ ନାହିଁ । କିନ୍ତୁ ବ୍ୟକ୍ତି ଚାହିଁବା ଅଥବା ଜୀବନର ଏହି ଲକ୍ଷ୍ୟ ସମ୍ବନ୍ଧେ ସେ ସଚେତ ହୋଇ ନାହିଁ । ଲକ୍ଷ୍ୟ ଅଜ୍ଞାତ ଥିବାରୁ ପ୍ରାପ୍ତିର ଉପାୟ କର୍ମକୁ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ ନ କରି, ସେଥିରେହିଁ ଅଜ୍ଞାତରୂପେ ଚାହିଁଥିବା ପରମ ସୁଖକୁ ଖୋଜୁଅଛି ।

ବ୍ୟକ୍ତି ପଢ଼େ, ବ୍ୟବସାୟ କରେ, କୃଷି, ବାଣିଜ୍ୟ, ଚାକିରି, ଦେଶସେବା କରେ ଓ ପରିବାର ତଥା ସମ୍ପତ୍ତି ଅଧିକାରରେହିଁ ସେହି ପରମ ସୁଖକୁ ଚାହୁଁଥାଏ । ତାହାରି ସକାଶେ ବ୍ୟକ୍ତି ଚୋରି, ଡକାୟତି, ବହୁପ୍ରକାର ଅନ୍ୟାୟ, ଅସତ୍ୟ କର୍ମ କରେ । ମୃଗତୃଷ୍ଣାରେ ସର୍ବଥା ଜଳର ଅଭାବ ସଦୃଶ ବ୍ୟକ୍ତି କେବେ ବି ଚାହିଁବା ପରମ ସୁଖ ପ୍ରାପ୍ତ କରିପାରେ ନାହିଁ । ଅଜ୍ଞାନ ମୋହରେ ମୋହିତ ହୋଇଥିବା ଯୋଗୁଁ ସେ କ'ଣ ଚାହେଁ ସେ ବିଷୟରେ କେବେ ବି ବିଚାର କରେ ନାହିଁ, କିଂବା ଚାହିଁବା ସର୍ବଥା ବ୍ୟର୍ଥ ହୋଇ ଆସୁଥିବା ସତ୍ତ୍ୱେ ତା'ର ଯଥାର୍ଥ ମାର୍ଗ ଖୋଜେ ନାହିଁ ।

ବ୍ୟକ୍ତି ସଂସାର-କର୍ମରେ ଅଜ୍ଞାନ ଅସ୍ପଷ୍ଟରୂପେ ଯେଉଁ ଦୁଃଖ-ବିହୀନ ପରମ ସୁଖ ଚାହେଁ, ସେହି କର୍ମ ସମ୍ପାଦନ ହୁଏ ମନ, ପ୍ରାଣ, ଶରୀର ଦ୍ୱାରା । ଏହି ମନ, ପ୍ରାଣ, ଶରୀରହିଁ କାମନାବାସନା, ଲୋଭ, ମୋହ, ହିଂସା, ଦ୍ୱେଷ, କାମ, କ୍ରୋଧ, ଅହଂ, ସ୍ୱାର୍ଥ, ଦୁଃଖଦ୍ୱନ୍ଦ୍ୱରେ ପୂର୍ଣ୍ଣ – ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ କବଳରେ କବଳିତ । ଯେପର୍ଯ୍ୟନ୍ତ ବ୍ୟକ୍ତିର ମନ-ପ୍ରାଣ-ଶରୀର ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ନ ହେବ ସେ ପର୍ଯ୍ୟନ୍ତ ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ ହେବ ନାହିଁ କିଂବା ଚାହୁଁଥିବା ପରମାନନ୍ଦ ପ୍ରାପ୍ତ କରିପାରିବ ନାହିଁ ।

ଦୁଃଖବିହୀନ ପରମାନନ୍ଦ, ପରମ ଜ୍ଞାନ, ପରମ ଶକ୍ତିସ୍ୱରୂପ ହେଉଛନ୍ତି ଭଗବାନ୍ । ତାଙ୍କ ପାଖକୁ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଆସିପାରନ୍ତି ନାହିଁ । ମନୁଷ୍ୟ ମଧ୍ୟରେ ଭଗବାନ୍ ନିଜକୁ ପ୍ରକାଶ କରିବା ସକାଶେହିଁ ତାଙ୍କର ସୃଷ୍ଟି । ସେହି କାରଣରୁ ତାଙ୍କ ସ୍ୱରୂପ ଭୂତ-ଆତ୍ମା ପ୍ରତ୍ୟେକ ବ୍ୟକ୍ତି ହୃଦୟରେ ବିଦ୍ୟମାନ ଥାଏ । ସେହି ଅନ୍ତରାତ୍ମାହିଁ ଯଥାର୍ଥରେ ବ୍ୟକ୍ତିସତ୍ତା, ଭଗବାନଙ୍କ ସ୍ୱରୂପ ବା ଭଗବାନଙ୍କ ପ୍ରତିଭୂ । କିନ୍ତୁ ସେହି ଅନ୍ତରାତ୍ମା ଥାଏ କ୍ରିୟାଶୀଳ ମନ-

ପ୍ରାଣର ପଶ୍ଚାତରେ । ଶରୀର ପରିଚାଳିତ ହୁଏ ମନ, ପ୍ରାଣ ଦ୍ୱାରା । ମନ, ପ୍ରାଣ ଅଜ୍ଞାନର ଯନ୍ତ୍ର ଏବଂ କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥରେ ପୂର୍ଣ୍ଣ । ଏହି ମୋହର ଶକ୍ତି ଥିବା ଯୋଗୁଁ ଯଥାର୍ଥ ବ୍ୟକ୍ତିସତ୍ତା ଆତ୍ମାର ସନ୍ଧାନ ମନ, ପ୍ରାଣ ପାଆନ୍ତି ନାହିଁ । ନିଜ ସହିତ ନାଶବାନ୍ ଶରୀରକୁହିଁ ବ୍ୟକ୍ତି ବୋଲି ମନେ କରନ୍ତି । ସୁତରାଂ ଆତ୍ମାର ସନ୍ଧାନ ନ ପାଇବା ସତ୍ତ୍ୱେ ବି ଆତ୍ମାର ଉପସ୍ଥିତି ନିଜ ମଧ୍ୟରେ ଥିବା ଯୋଗୁଁ ତା'ର ଦିବ୍ୟ ଗୁଣ ପରମାନନ୍ଦ, ପରମଶାନ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତି ଅସ୍ପଷ୍ଟ ଅଜ୍ଞାତରେ ଚାହୁଁ ଥାଆନ୍ତି ।

ରୋଗ ହୁଏ, କିନ୍ତୁ କୌଣସି ଗୋଟିଏ ବ୍ୟକ୍ତି ରୋଗ ଚାହେଁ ନାହିଁ, ଚାହେଁ ନୀରୋଗତ୍ୱ । ପ୍ରକୃତିର ନିୟମ ଅନୁସାରେ ବାର୍ଦ୍ଧକ୍ୟ ଆସେ; କିନ୍ତୁ ତାକୁ କେହି ପସନ୍ଦ କରନ୍ତି ନାହିଁ । ମୃତ୍ୟୁ ଅନିବାର୍ଯ୍ୟ ରୂପେ ଘଟେ, ପ୍ରତ୍ୟେକ ବ୍ୟକ୍ତି ନିଜ ଚକ୍ଷୁରେ ଦେଖୁଥାଏ, କିନ୍ତୁ ମୃତ୍ୟୁକୁ କେବେ ବି ସ୍ୱାଗତ କରେ ନାହିଁ । ମନୁଷ୍ୟ ସ୍ୱଭାବତଃ ସ୍ୱତନ୍ତ୍ରତା ଇଚ୍ଛାକରେ । ଜଣେ ବ୍ୟକ୍ତି କାହାର ଅଧୀନତ୍ୱ ସ୍ୱୀକାର କରେ ନାହିଁ, କିନ୍ତୁ ନିରୁପାୟ ହୋଇ ପ୍ରକୃତି ଏବଂ ଅଜ୍ଞାନ ଲୋଭ, ମୋହ, ହିଂସା, ଦ୍ୱେଷ, କାମ, କ୍ରୋଧ, ଅହଂ, ସ୍ୱାର୍ଥର କ୍ରୀତଦାସ ହୋଇଥାଏ । ସାଂସାରିକ ଦୃଷ୍ଟିରେ ସମ୍ମାନିତ ହେଉଥିବା ମହାନ୍ ପଣ୍ଡିତ, ମହାନ୍ ଶକ୍ତିଶାଳୀ, ମହାନ୍ ବୁଦ୍ଧିବାଦୀ, ମହାନ୍ ଅଧିକାରପ୍ରାପ୍ତ ବ୍ୟକ୍ତି ବି ଏଥିରୁ ବାଦ୍‌ଯାଏ ନାହିଁ । ଏହାହିଁ ମୋହ ଏବଂ ଅଜ୍ଞାନ । ବ୍ୟକ୍ତି ଏହି ମୋହ ଅଜ୍ଞାନରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହୁଏ ଯେବେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ଉପଲବ୍ଧି କରେ ।

ସୃଷ୍ଟିର ରହସ୍ୟହିଁ ବିକାଶ

ସର୍ବପ୍ରଥମେ ସୃଷ୍ଟି ନ ଥିଲା, ଭଗବାନ୍ ଏକା ଥିଲେ । ସେ ସୃଷ୍ଟି କରିବା ସଙ୍କଳ୍ପ କରି ନିଜେ ଜଡ଼ ଅନ୍ଧକାରରେ ଡୁବିଗଲେ । ବିକାଶ ଉଦ୍ଦେଶ୍ୟରେ ସେହିଁ ଅନ୍ଧକାର ପଶ୍ଚାତ୍‌ରେ ଶୁଦ୍ଧ ସ୍ୱରୂପରେ ସ୍ୱୟଂ ବିଦ୍ୟମାନ ରହିଲେ । ଭଗବାନଙ୍କ ସଙ୍କଳ୍ପ ଅନୁସାରେ କ୍ରମବିକାଶ ପ୍ରଣାଳୀରେ ପ୍ରକୃତି ଦ୍ୱାରା ଜଗତରେ ପ୍ରାଣସଞ୍ଚାର ହେବାରୁ ଲତା, ଗୁଳ୍ମ, ବୃକ୍ଷ ଉତ୍ପନ୍ନ ହେଲା । କିନ୍ତୁ ପ୍ରାଣର ପୂର୍ଣ୍ଣବିକାଶ ହେଲା ପଶୁ ମଧ୍ୟରେ । ତା'ପରେ ଆସିଲେ ମନବିଶିଷ୍ଟ ମାନବ । ବର୍ତ୍ତମାନ ମନର ବିକାଶ ଶେଷ ହୋଇଛି । ମନନିର୍ମିତ ନୈତିକତା, ସାମାଜିକ ବିଧିବିଧାନ ସମ୍ପୂର୍ଣ୍ଣରୂପେ ଭାଙ୍ଗିଯାଇଛି । ଏହି କାରଣରୁ ସଂସାର, ସମାଜ ତଥା ବ୍ୟକ୍ତି ମଧ୍ୟରେ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଅଧିକ ମାତ୍ରାରେ କ୍ରିୟାଶୀଳ ହୋଇଅଛି । ଏହା ଅନ୍ୟ କୌଣସି ଉପାୟରେ ଦୂର ହେବ ନାହିଁ । ଦୂର ହେବ କ୍ରମବିକାଶ ଅନୁସାରେ ମନୁଷ୍ୟର ମନ-ପ୍ରାଣ-ଶରୀରର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତ୍ୱରେ ରୂପାନ୍ତର ହେବାରେ । ମନୁଷ୍ୟ ହେବ ଅତିମାନବ । ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ । ପୃଥିବୀ ପରିଣତ ହେବ ସ୍ୱର୍ଗରେ ।

ସୃଷ୍ଟିର ନିୟମ ହେଉଛି ବିକାଶ । ବିକାଶ ବନ୍ଦ ହୋଇଗଲେ ସୃଷ୍ଟି ପ୍ରଳୟ ବା ନାଶ ହୁଏ । ଜଡ଼ରୁ ମନସ୍ତର ପର୍ଯ୍ୟନ୍ତ ଉପନିଷଦ୍ ଭାଷାରେ ଅପରାର୍ଦ୍ଧ । ଏହି ସ୍ତର ଅଜ୍ଞାନ, ମୃତ୍ୟୁ, ରୋଗ, ଦୁଃଖ, କଷ୍ଟରେ ପୂର୍ଣ୍ଣ ଏବଂ ସୀମିତ । ଏହି ଅପରାର୍ଦ୍ଧରେ ବିକାଶ ସକାଶେ ଏସବୁ ଆବଶ୍ୟକ । ଦୁଃଖ, କଷ୍ଟ, ମୃତ୍ୟୁ ନ ଥିଲେ ବିକାଶ ହୁଅନ୍ତା ନାହିଁ । ଦେବତାମାନଙ୍କୁ ବିକାଶ କରିବାକୁ ହେଲେ ଏହି ମୃତ୍ୟୁପୁରୀରେ ମନୁଷ୍ୟଶରୀର ଧାରଣ କରିବାକୁ ହୁଏ । ଏହି ଅପରାର୍ଦ୍ଧ ପରେ ଆସେ ପରାର୍ଦ୍ଧ – ପୌରାଣିକ ଭାଷାରେ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ତଥା ସଚ୍ଚିଦାନନ୍ଦଙ୍କ ଦିବ୍ୟଧାମ । ଏହି ମୃତ୍ୟୁପୁରୀ ସଦୃଶ ସେଠାରେ ରୋଗ, ମୃତ୍ୟୁ, ଦୁଃଖ, କଷ୍ଟ, ଅଜ୍ଞାନ ନ ଥାଏ । ସେଠାରେ ପରମାନନ୍ଦ, ପରମଜ୍ଞାନ, ସମସ୍ତ ଐଶ୍ୱର୍ଯ୍ୟ ଏବଂ ପରମ ଶକ୍ତିସମ୍ପନ୍ନ ଭଗବାନଙ୍କ ପ୍ରକାଶ ଥାଏ ।

ଅପରାର୍ଦ୍ଧ ଏବଂ ପରାର୍ଦ୍ଧ – ଏହି ଉଭୟ ସ୍ତର ମଧ୍ୟରେ ରହିଛି ଅକଳ୍ପନୀୟ ବ୍ୟବଧାନ । ଅପରାର୍ଦ୍ଧ ପ୍ରକୃତି ଦ୍ୱାରା ପରିଚାଳିତ ହୁଏ । ତା' ପଶ୍ଚାତ୍‌ରେ ଭଗବାନଙ୍କ ସମସ୍ତ ଐଶ୍ୱର୍ଯ୍ୟଶକ୍ତି ପ୍ରଚ୍ଛନ୍ନ ରୂପେ ଥାଏ । କିନ୍ତୁ ପରାର୍ଦ୍ଧ ପରମାନନ୍ଦ, ପରମଜ୍ଞାନ, ପରମ ଶକ୍ତି, ଅନନ୍ତ ଐଶ୍ୱର୍ଯ୍ୟଯୁକ୍ତ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଏ । ସେଠାରେ ଅପରାର୍ଦ୍ଧର ପ୍ରକୃତି,

ଦୁଃଖ, କଷ୍ଟ, ଅଜ୍ଞାନ, ରୋଗ, ମୃତ୍ୟୁର ପ୍ରବେଶ ନ ଥାଏ । ସୂର୍ଯ୍ୟ ସମ୍ମୁଖରେ ଅନ୍ଧକାର ବିଲୀନ ହେବା ସଦୃଶ ସେଠାରେ ଅପରାର୍ଦ୍ଧର ଅସ୍ତିତ୍ୱ ରହେ ନାହିଁ । ସୃଷ୍ଟିରେ ଯେପରି ପରାର୍ଦ୍ଧ, ଅପରାର୍ଦ୍ଧ ଲୋକ ବା ରାଜ୍ୟ ଥାଏ, ସେହିପରି ଚେତନାର ଏହି ଉଭୟ ସ୍ତର ମନୁଷ୍ୟ ମଧ୍ୟରେ ବିଦ୍ୟମାନ ଥାଏ । ଏପର୍ଯ୍ୟନ୍ତ ପରାର୍ଦ୍ଧ ଚେତନା ବିଜ୍ଞାନ ଆନନ୍ଦ ମନୁଷ୍ୟ ମଧ୍ୟରେ ପ୍ରକାଶ ହୋଇ ନାହିଁ । ଅପରାର୍ଦ୍ଧର ମନ, ପ୍ରାଣ ଓ ଶରୀର ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ ଅଧୀନ ଏବଂ ପରାର୍ଦ୍ଧର ବିକୃତି ତଥା ବିଜାତି । ପରାର୍ଦ୍ଧ ଏବଂ ଅପରାର୍ଦ୍ଧ ମଧ୍ୟରେ ସାମଞ୍ଜସ୍ୟ ନ ଥିବା ଯୋଗୁଁ ଅପରାର୍ଦ୍ଧର ମନ-ପ୍ରାଣ-ଶରୀର ପରାର୍ଦ୍ଧର ପରମାନନ୍ଦ, ପରମ ଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ମୁକ୍ତି — ଏହି ଦିବ୍ୟ ସମ୍ପଦ ପ୍ରାପ୍ତ କରିପାରେ ନାହିଁ । ଏହି ଅସାମଞ୍ଜସ୍ୟ ଚିରଦିନ ରହିଲେ ସୃଷ୍ଟି ଆରମ୍ଭରୁ ମନୁଷ୍ୟ ଚାହିଁ ଆସୁଥିବା ପରମାନନ୍ଦ କେବେ ବି ପ୍ରାପ୍ତ କରିବ ନାହିଁ, କିଂବା ଏହି ମୃତ୍ୟୁପୁରୀରେ ନିଜକୁ ପ୍ରକାଶ କରିବା ଭଗବାନଙ୍କ ସଙ୍କଳ୍ପ ସିଦ୍ଧ ହେବ ନାହିଁ । ଏହା କଦାପି ହେବ ନାହିଁ । ସମୟ ଆସିଛି, ଭଗବାନଙ୍କ ସଙ୍କଳ୍ପ ଅବଶ୍ୟ ପୂର୍ଣ୍ଣ ହେବ ଏବଂ ପରାର୍ଦ୍ଧ ତଥା ଅପରାର୍ଦ୍ଧରେ ଥିବା ବ୍ୟବଧାନରେ ସେତୁ ନିର୍ମାଣ ହେବ । ଏହାକୁ ସମର୍ଥନ କରୁଛି କ୍ରମବିକାଶ ତଥା ଉପନିଷଦ୍ । ଉପନିଷଦ୍ ଅନୁସାରେ ମନୁଷ୍ୟ ମଧ୍ୟରେ ଅପ୍ରକାଶ୍ୟରେ ରହିଥିବା ପଞ୍ଚକୋଶ ମଧ୍ୟରୁ କ୍ରମବିକାଶ ବିଧାନ ଅନୁସାରେ ଅନ୍ନମୟ କୋଷ — ଶରୀର, ପ୍ରାଣମୟ କୋଷ — ପ୍ରାଣ, ମନୋମୟ କୋଷ — ମନ ମନୁଷ୍ୟ ମଧ୍ୟରେ ପ୍ରକାଶ ହୋଇ ସାରିଅଛି । ଅପ୍ରକାଶ୍ୟ ଥିବା ବିଜ୍ଞାନ ଏବଂ ଆନନ୍ଦମୟ କୋଷର ପ୍ରକାଶରେ ମନୁଷ୍ୟକୁ ପୂର୍ଣ୍ଣତା ପ୍ରାପ୍ତ ହେବ । ସେ ପୂର୍ଣ୍ଣମୁକ୍ତ ହେବ । ପ୍ରଥମ ତିନି କୋଷର ପ୍ରକାଶହିଁ ବାକି ଦୁଇ କୋଷ ପ୍ରକାଶ ହେବାର ଅକାଟ୍ୟ ସୂଚନା ଏବଂ ଭଗବାନଙ୍କ ବିଧାନ । ଏହା ହେବ ପରାର୍ଦ୍ଧର ଅତିମାନସ ଶକ୍ତି ଏହି ପୃଥିବୀକୁ ଅବତରଣ କରି ମନୁଷ୍ୟର ବିକୃତ ଅଜ୍ଞାନ-ଗ୍ରସ୍ତ ମନ-ପ୍ରାଣ-ଶରୀରକୁ ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବାରେ ।

ତା'ର ସମୟ ଆସି ନ ଥିଲା । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗଛଡ଼ା ଅନ୍ୟାନ୍ୟ ସମସ୍ତ ଯୋଗ ସମ୍ମୁଖରେ ଏହି ରହସ୍ୟ ପ୍ରକଟ ହୋଇ ନ ଥିଲା । ବେଦ, ଉପନିଷଦ୍, ଗୀତାଦି ଶାସ୍ତ୍ରରେ ଏହି ରହସ୍ୟ ଯଦ୍ୟପି ଗୂଢ଼ ତତ୍ତ୍ୱରୂପେ ଆଲୋଚନା ହୋଇଥିଲା, ତଥାପି କ୍ରିୟାରେ ପରିଣତ କରିବାର ରହସ୍ୟ ଏବଂ ସମସ୍ତ ବ୍ୟକ୍ତିଙ୍କ ଚାହିଁବା — ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନରୁ ପୂର୍ଣ୍ଣ ମୁକ୍ତି, ଜୀବନର ପୂର୍ଣ୍ଣତା ପ୍ରାପ୍ତି — ବିଷୟ ସମ୍ପୂର୍ଣ୍ଣରୂପେ ଅଜ୍ଞାତ ରହିଥିଲା । ସେହି ସକାଶେ ପୁରାତନ ଯୋଗସକଳ ଦୃଷ୍ଟିରେ ଅଜ୍ଞାନ-ମୋହ-ଦୁଃଖକଷ୍ଟକବଳିତ ମନ-ପ୍ରାଣ-ଶରୀରକୁ ପରାର୍ଦ୍ଧ ଦିବ୍ୟଧାମର ପରମାନନ୍ଦ, ପରମ ଜ୍ଞାନ ଦିବ୍ୟ ସମ୍ପଦ ପ୍ରାପ୍ତ ହେବାର ସମ୍ଭାବନା ନ ଥିଲା । ସେହି କାରଣରୁ ପୁରାତନ ଯୋଗୀ ମନ-ପ୍ରାଣ-ଶରୀରକୁ ବାଦ୍ ଦେଲେ । ସେ ଯେଉଁ କର୍ମରେ ଅଜ୍ଞାତରୂପେ ଦୁଃଖବିହୀନ ପରମ ସୁଖ ଚାହୁଁଥିଲେ, ସେ କର୍ମକୁ ବି ତ୍ୟାଗ କଲେ । ଅପରାର୍ଦ୍ଧ ଏହି ମୃତ୍ୟୁପୁରୀରେ ଯେଉଁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଥିଲା ତାକୁ ସେହିପରି ଛାଡ଼ିଲେ । କେବଳ ନିତ୍ୟମୁକ୍ତ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ ଅଥବା ସାକେତ, ଗୋଲୋକ, ବୈକୁଣ୍ଠ, ପରାର୍ଦ୍ଧ ଭଗବାନଙ୍କ ଦିବ୍ୟଧାମରେ ଭଗବତ୍ ପ୍ରାପ୍ତି କରାଇଲେ ।

ମନୁଷ୍ୟଜୀବନର ପୂର୍ଣ୍ଣତା, କ୍ରମବିକାଶରେ ଅପରାର୍ଦ୍ଧକୁ ଅତିକ୍ରମ କରି ପରାର୍ଦ୍ଧ ଦିବ୍ୟ ଚେତନା ସ୍ତରରେ ପ୍ରବେଶ ଓ ଅପରାର୍ଦ୍ଧ ତଥା ପରାର୍ଦ୍ଧ ମଧ୍ୟରେ ସେତୁ ନିର୍ମାଣ ହେବାର ସମୟ ଆସିଛି । ମନୁଷ୍ୟ ମନର ବିକାଶ ସମାପ୍ତ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ପରମା ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ନିଜ ଜୀବନର ଲକ୍ଷ୍ୟଜ୍ଞାନ ପ୍ରାପ୍ତ କରି ସମସ୍ତ କର୍ମକୁ ମା'ଙ୍କ ଚରଣରେ ସମର୍ପଣ କଲେ ଅତିମାନସ ଶକ୍ତି ତା'ର ମନ-ପ୍ରାଣ-ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିବ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସାକାର ନିରାକାର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ପରଂବ୍ରହ୍ମଙ୍କୁ ସେ ଉପଲବ୍ଧି କରିବ । ସେ ପୂର୍ଣ୍ଣରୂପେ ମୁକ୍ତ ହେବ ମୋହ, ଅଜ୍ଞାନ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ । ସେ ସମ୍ପୂର୍ଣ୍ଣରୂପେ ନିବାସ କରିବ ଭଗବତ୍ ଚେତନାରେ; ଏକତ୍ୱ ପ୍ରାପ୍ତ କରିବ ଭଗବାନଙ୍କ ସହିତ । ସେ ପରିପୂର୍ଣ୍ଣରୂପେ ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା । ଏହା ଫଳରେ ସଂସାରରୁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ହିଂସା, ସ୍ୱାର୍ଥ ଦୂର ହେବ; ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କର

ରୂପାନ୍ତରଯୋଗ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ । କୁହାହୋଇଛି, ଯେପରି ରକ୍ତକୁ ଶରୀରରୁ ବାଦ୍ ଦିଆଯାଏ ନାହିଁ, ସେହିପରି ଶ୍ରୀଅରବିନ୍ଦଙ୍କ ଯୋଗକୁ ଜୀବନରୁ ବାଦ୍ ଦେବା ସମ୍ଭବ ନୁହେଁ ।

ଏହି କାର୍ଯ୍ୟ ସିଦ୍ଧ କରିବା ସକାଶେ ପୃଥିବୀରେ ରୂପାନ୍ତର କେନ୍ଦ୍ରରୂପେ ପଣ୍ଡିଚେରୀରେ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ପ୍ରତିଷ୍ଠା କରିଅଛନ୍ତି ଏବଂ ସ୍ୱୟଂ ରୂପାନ୍ତରସାଧନା କରୁଅଛନ୍ତି ତଥା ଆଶ୍ରମର ପ୍ରାୟ ଦୁଇହଜାର ସାଧକସାଧିକାଙ୍କ ଦ୍ୱାରା ସାଧନା କରାଉଅଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ, ପରିବାର ସହିତ ରହି, କୃଷି, ବାଣିଜ୍ୟ, ଦେଶସେବା, ଶିକ୍ଷା, କୌଣସି କାର୍ଯ୍ୟ ବାଦ୍ ନ ଦେଇ, ସମସ୍ତ କାର୍ଯ୍ୟ ବ୍ୟକ୍ତିର ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନାରୂପେ କିପରି ଆଚରଣ କରାଯାଇ ପାରିବ ତା'ର ଆଦର୍ଶ ହେଉଛି ଏହି ଆଶ୍ରମ ।

କର୍ମ-ସାଧନା

ପୂର୍ବେ ଆଲୋଚନା ହୋଇଛି ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । ଏହା ସିଦ୍ଧ ହୁଏ ବ୍ୟକ୍ତିର ମନ-ପ୍ରାଣ-ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ । ବ୍ୟକ୍ତିସତ୍ତା ମନ-ପ୍ରାଣ-ଶରୀର ମା'ଙ୍କ ପ୍ରତି ସମର୍ପିତ ହେଲେ ଅତିମାନସ ଶକ୍ତି ରୂପାନ୍ତରକ୍ରିୟା କରିପାରେ । ସମର୍ପଣର ସହାୟକ ଅଭୀପ୍ସା ଏବଂ ପ୍ରତିକୂଳ ଗତିବୃତ୍ତି, ବିଚାର, ଧାରଣା ତଥା କର୍ମର ତ୍ୟାଗ । ସମର୍ପଣ କରିବାକୁ ହୁଏ ନିଜକୁ, ନିଜର ମାନି ନେଇଥିବା ପରିବାର, ସମ୍ପତ୍ତି ତଥା ଅଧିକାରକୁ । ଯଥାର୍ଥରେ ଏହାସବୁ ଭଗବାନଙ୍କର ! ଭଗବାନ୍ ସ୍ୱୟଂ ସୃଷ୍ଟି ଉଦ୍ଦେଶ୍ୟରେ ନିଜେ ନିଜକୁ ବିକୃତ କରି ବହୁ ରୂପରେ ପ୍ରକଟ ହୋଇଅଛନ୍ତି ଏବଂ ବହୁରୂପ ଦୃଶ୍ୟମାନ ବସ୍ତୁ ପଶ୍ଚାତ୍‌ରେ ରହି, ତାହାସବୁକୁ ଧାରଣ କରି ରହିଅଛନ୍ତି । ଯଥାର୍ଥରେ ଭଗବାନଙ୍କ ଛଡ଼ା ଅନ୍ୟକିଛି ନାହିଁ । ଭଗବାନଙ୍କୁ ଭୁଲି ଦୃଶ୍ୟମାନ ମନୁଷ୍ୟ, ପଶୁ, କୀଟପତଙ୍ଗ ଇତ୍ୟାଦିଙ୍କୁ ତଥା ନିଜକୁ ପୃଥକ୍ ମନେକରିବା ହେଲା ଅଜ୍ଞାନତା । ବ୍ୟକ୍ତି ଯେଉଁ ବସ୍ତୁକୁ ନିଜର ମନେକରେ ତାହା ପୂର୍ବେ ନ ଥିଲା, ମୃତ୍ୟୁପରେ ଅନ୍ୟ ଘରେ ଜନ୍ମନେବା ପରେ ବି ସେଥିରେ କୌଣସି ସମ୍ବନ୍ଧ ରହିବ ନାହିଁ । ବ୍ୟକ୍ତି ବର୍ତ୍ତମାନ ଉପସ୍ଥିତ ଶରୀରକୁ ମୋହବଶ ହୋଇ ନିଜେ ଏବଂ ନିଜର ମନେ କରୁଅଛି । ଏହି କାରଣରୁ ଜନ୍ମ, ମରଣ ଦାରୁଣ ଦୁଃଖ କଷ୍ଟ ଭୋଗୁଅଛି । ଭଗବାନଙ୍କ ବସ୍ତୁକୁ ନିଜର ମନେକରିବାହିଁ ଅଜ୍ଞାନତା । ଏହା ଦୂରହୁଏ ପରମାନନ୍ଦସ୍ୱରୂପ ସଚ୍ଚିଦାନନ୍ଦ ପରବ୍ରହ୍ମଙ୍କୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରି ଘର, ପରିବାର, ସମ୍ପତ୍ତି ତଥା ନିଜକୁ ମା'ଙ୍କ ଚରଣରେ ନିବେଦନ କରିବାରେ । ଯେଉଁ କର୍ମ, ଯେଉଁ ବସ୍ତୁକୁ ନିଜର ମନେ କରୁଥିଲେ ତାହାସବୁ ମା'ଙ୍କର ମନେକରିବା । ନିବେଦନର ଅର୍ଥ ତ୍ୟାଗ ନୁହେଁ ।

ଘରେ ଯେପରି କାର୍ଯ୍ୟ କରୁଥିଲେ ସେହିପରି କରିବେ । ପରିବାରଙ୍କ ପ୍ରତି ଯେଉଁ କର୍ତ୍ତବ୍ୟ ଥିଲା ତାହା ମଧ୍ୟ ପାଳନ କରିବେ । ସମ୍ପତ୍ତିକୁ ଯେପରି ବ୍ୟବହାର କରୁଥିଲେ ସେହିପରି କରିବେ, ବରଂ ପୂର୍ବାପେକ୍ଷା ଉତ୍ତମରୂପେ କରିବେ । ଶରୀର ତଥା ସଂସାର ସୁଚାରୁରୂପେ ପରିଚାଳନାରେ କୌଣସି କାର୍ଯ୍ୟ ବାଦ୍ ଦେବାକୁ ହେବ ନାହିଁ । କେବଳ କର୍ମର ଲକ୍ଷ୍ୟ ତଥା ଭାବ ପରିବର୍ତ୍ତନ କରିବାକୁ ହେବ ।

ପୂର୍ବେ ନିଜର ମନ-ପ୍ରାଣ-ବିଶିଷ୍ଟ ଶରୀରକୁ ମୁଁ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ଧାରଣା କରିଥିଲି । ବର୍ତ୍ତମାନ ଧାରଣ କରିବେ ଏବଂ ଉପଲବ୍ଧି ସକାଶେ ମଧ୍ୟ ପ୍ରଯତ୍ନ କରିବେ ଯେ ମନ-ପ୍ରାଣ-ବିଶିଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ କବଳରେ କବଳିତ ଅହଂ ବ୍ୟକ୍ତିତ୍ୱ ମୁଁ ନୁହେଁ । ଏହି ଅହଂ ବ୍ୟକ୍ତିତ୍ୱକୁ ଧାରଣ କରିଥିବା ଅଜ୍ଞାନ ମୋହରୁ ମୁକ୍ତ ଭଗବତ୍ ସ୍ୱରୂପ ଆତ୍ମାହିଁ ଯଥାର୍ଥ ବ୍ୟକ୍ତିତ୍ୱ ବା 'ମୁଁ' । ଏହାହିଁ ଯଥାର୍ଥ ବ୍ୟକ୍ତିସତ୍ତା ଏବଂ ଭଗବାନଙ୍କ ସେବକ । ମୁଁ ଭଗବାନଙ୍କର । ମୋ ଦ୍ୱାରା ଯେଉଁ କର୍ମ ହେବ ତାହା ଯଥାର୍ଥରେ ଭଗବାନଙ୍କର । ଯେଉଁ ମନ-ପ୍ରାଣ-ଶରୀର ଦ୍ୱାରା କର୍ମ ସମ୍ପାଦନ ହେଉଛି ତାହାସବୁ ଭଗବାନଙ୍କ ଦିବ୍ୟ ତତ୍ତ୍ୱ । ଭଗବାନଙ୍କ ସଂକଳ୍ପରେ ବିକୃତ ହୋଇ ଅଜ୍ଞାନ, ମୋହ କବଳରେ କବଳିତ ହୋଇଥିବାରୁ ନିଜ ଦ୍ୱାରା ସଂପାଦିତ କର୍ମର ଫଳ ଭୋଗ କରିବା ସକାଶେ ଜନ୍ମମରଣ, ଦୁଃଖକଷ୍ଟ ଭୋଗ

କରୁଅଛନ୍ତି । ବ୍ୟକ୍ତିର ମନ-ପ୍ରାଣ-ଶରୀର ଆସିଥିବା ଦିବ୍ୟ ତତ୍ତ୍ୱରେ ରୂପାନ୍ତର ତଥା ଅଜ୍ଞାନ, ଜନ୍ମ, ମରଣ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତି, ଜୀବନର ସର୍ବାଙ୍ଗୀନ ବିକାଶ ଏବଂ ପରିପୂର୍ଣ୍ଣତା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ପ୍ରତିଷ୍ଠା କରି ଅବତରଣ କରାଇଥିବା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରସାଧନା କରାଉଅଛନ୍ତି । ପୃଥିବୀରେ ଅତିମାନବ ଜାତି ତଥା ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ସାଧନାକେନ୍ଦ୍ର ଶ୍ରୀଅରବିନ୍ଦଙ୍କ ଆଶ୍ରମ । ଏହି କେନ୍ଦ୍ର ଆଦର୍ଶରେ ବିଭିନ୍ନ ଦେଶ, ପ୍ରଦେଶ ତଥା ଗ୍ରାମମାନଙ୍କରେ ଏହି ଆଦର୍ଶରେ ଛୋଟ ଛୋଟ କେନ୍ଦ୍ର ପ୍ରତିଷ୍ଠା ହେବ ଏବଂ ସେହିସବୁ ଛୋଟ ଛୋଟ କେନ୍ଦ୍ର ବା ଅନ୍ୟ ନାମ ପାଠଚକ୍ର, ଛାତ୍ରସମାଜ, ମହିଳା ପାଠଚକ୍ର ଯାହାକି ବହୁ ସ୍ଥାନରେ ପ୍ରତିଷ୍ଠିତ ହୋଇସାରିଛି ତାହାସବୁ ଆହୁରି ବ୍ୟାପକ ତଥା ସକ୍ରିୟଭାବେ ପ୍ରତିଷ୍ଠା ହେବ । ଆଶ୍ରମରେ ଯେପରି ସାଧନା, ବହୁମୁଖୀ କର୍ମ, ନୂତନ ପ୍ରଣାଳୀର ଶିକ୍ଷା, ଶାରୀରିକ ବିକାଶ ସକାଶେ ଖେଳ, କସରତ, ବ୍ୟାୟାମ, ଆସନ ଅନୁଷ୍ଠିତ ହେଉଅଛି ସେହିପରି ଆଶ୍ରମ ବାହାର କେନ୍ଦ୍ର ପାଠଚକ୍ର, ଛାତ୍ରସମାଜ, ମହିଳା ପାଠଚକ୍ରମାନଙ୍କରେ ଅନୁଷ୍ଠିତ ହେବ । ସେହିସବୁ କେନ୍ଦ୍ର ହେବ ଆଶ୍ରମ ଅନୁରୂପ ଆଶ୍ରମର ଶାଖା ।

ଜୀବନ-ଜିଜ୍ଞାସା

ପ୍ରଶ୍ନ : ମା'ଙ୍କ ସ୍ୱରୂପ କ'ଣ ? ତାଙ୍କ ଫଟୋକୁ ଆମେ କାହିଁକି ପୂଜା କରିବା ?

ଉତ୍ତର : ମା'ଙ୍କ ଫଟୋକୁ ତୁମେ ପୂଜା ନ କର । କିଏ ତୁମକୁ କହୁଛି ପୂଜା କରିବାକୁ ? ସେହିମାନେ ମା'ଙ୍କ ଫଟୋକୁ ପୂଜା କରନ୍ତି ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ଜୀବନରୁ ବାଦ୍ ଦେଇ ପାରନ୍ତି ନାହିଁ ଏବଂ ତା'ର ସିଦ୍ଧି ସକାଶେ ସାଧନା କରନ୍ତି । ସେହିମାନେ ବୁଝିଥାଆନ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ । ଯେପରି ଶରୀରରୁ ରକ୍ତମାଂସକୁ ପୃଥକ୍ କରିବାର ଉପାୟ ନାହିଁ ସେହିପରି ଶ୍ରୀଅରବିନ୍ଦଙ୍କ ଯୋଗକୁ ଜୀବନରୁ ବାଦ୍ ଦେବା ସମ୍ଭବ ନୁହେଁ । ଅଜ୍ଞାତରୂପେ ସଂସାରର ସମସ୍ତ ମନୁଷ୍ୟ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟକୁ ପ୍ରାପ୍ତ କରିବାକୁ ଚାହୁଁଅଛନ୍ତି ଏବଂ ଏହାରି ପ୍ରାପ୍ତି ସକାଶେ ଅଚେତ ଭାବେ ଉଚ୍ଚ, ନୀଚ କର୍ମ ମଧ୍ୟ କରୁଅଛନ୍ତି ।

ଜଣକୁ ବାଦ୍ ନ ଦେଇ ସଂସାରର ସମସ୍ତ ବ୍ୟକ୍ତି ଦୁଃଖ ଚାହାନ୍ତି ନାହିଁ, ଚାହାନ୍ତି ଦୁଃଖବିହୀନ ପରମ ସୁଖ, ମୃତ୍ୟୁରୁ ମୁକ୍ତି, ରୋଗ ପରିବର୍ତ୍ତେ ନୀରୋଗତା, ଜରା ପରିବର୍ତ୍ତେ ଚିର ଯୌବନ । ସେହି ସକାଶେ ଅଜ୍ଞାତ ଅସ୍ପଷ୍ଟରୂପେ ସମସ୍ତ କର୍ମ କରୁଥାଆନ୍ତି । ଲକ୍ଷ୍ୟଜ୍ଞାନ ଅଭାବରୁ ପ୍ରାପ୍ତିର ଉପାୟ ଭୁଲ୍ ହେଉଥାଏ । ସେହି ସକାଶେ ଲକ୍ଷ୍ୟପ୍ରାପ୍ତିର ବିପରୀତ ଦୁଃଖ, କଷ୍ଟ ଭୋଗନ୍ତି, ରୋଗରେ ପୀଡ଼ିତ ହେଉଥାଆନ୍ତି, ଜରାଗ୍ରସ୍ତ ହୋଇ ମୃତ୍ୟୁ କବଳରେ ପଡ଼ନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟକ୍ତିକୁ ସଚେତ କରାଏ । ତା'ର ଅଜ୍ଞାତ ଲକ୍ଷ୍ୟକୁ ଜ୍ଞାତ କରାଇଦିଏ । ଭ୍ରମପୂର୍ଣ୍ଣ ଭ୍ରାନ୍ତ ସାଧନାକୁ ସଂଶୋଧନ କରାଇ ଦିଏ । ମା' ଏହି କାର୍ଯ୍ୟ କରିବାକୁ ପୃଥିବୀକୁ ଆସି ରୂପାନ୍ତର ସାଧନା କରାଉ ଅଛନ୍ତି । ଏହି କାରଣରୁ ମା'ଙ୍କୁ ଉପାସନା ବା ପୂଜା କରାହୁଏ ।

ପ୍ରଶ୍ନ : ''ମା'ଙ୍କ ସ୍ୱରୂପ କ'ଣ'' ସେ ବିଷୟରେ ତ କିଛି କହିଲେ ନାହିଁ ।

ଉତ୍ତର : ମା' ସୃଷ୍ଟିସର୍ଜନାକାରିଣୀ ଆଦ୍ୟାଶକ୍ତି । ତାଙ୍କ ଛଡ଼ା ପୃଥିବୀରେ ଅତିମାନସ ସତ୍ୟ, ଅତିମାନସ ଜାତି ଏବଂ ମୃତ୍ୟୁପୁରୀରେ ଦିବ୍ୟ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା, ଏହି କାର୍ଯ୍ୟ କୌଣସି ଋଷି, ମୁନି, ମହାପୁରୁଷଙ୍କ ଦ୍ୱାରା ହେବା ସମ୍ଭବ ନୁହେଁ । କେବଳ ହେବ ଭଗବାନଙ୍କ ଅବତାର ତଥା ଆଦ୍ୟାଶକ୍ତିଙ୍କ ଅବତାର ଦ୍ୱାରା । ଏହିସବୁ ବିଷୟ ଲୋକସାହିତ୍ୟରେ ବହୁ ବିସ୍ତାରିତ ଭାବେ ଆଲୋଚନା କରାହୋଇଛି । ମା'ଙ୍କ ସ୍ୱରୂପ ଜ୍ଞାତ ହୁଏ ସାଧନାରେ ଅଗ୍ରସର ହେଲେ ।

ପ୍ରଶ୍ନ : କାଳୀ ଏବଂ ମା'ଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ମା'ଙ୍କର ଅଂଶଭୂତା କେତେକ ଶକ୍ତି ମଧ୍ୟରୁ ମହାକାଳୀ ଗୋଟିଏ ଶକ୍ତି । ଶ୍ରୀଅରବିନ୍ଦ The Mother ବହିରେ ବହୁତ ସ୍ପଷ୍ଟଭାବେ ଏ ସମ୍ବନ୍ଧେ ଲେଖିଛନ୍ତି । ଏହି ମହାକାଳୀଙ୍କର ବହୁତ ଶକ୍ତି ମଧ୍ୟରୁ କାଳୀ ବି ଗୋଟିଏ ଶକ୍ତି ହୋଇପାରନ୍ତି ।

ପ୍ରଶ୍ନ : ମୁଁ କାଳୀ ପୂଜା କରେ । ସେ ତ' ମହାକାଳୀଙ୍କର ଅଂଶୀଭୂତା ଶକ୍ତି ବୋଲି କହିଲେ । ତାଙ୍କୁ ପୂଜା ଉପାସନା କଲେ ଶ୍ରୀଅରବିନ୍ଦଙ୍କ ଯୋଗ ଅନୁସାରେ ଲକ୍ଷ୍ୟ ସିଦ୍ଧି ହେବ କି ନାହିଁ ?

ଉତ୍ତର : ହେବ ନାହିଁ । କାରଣ ମା' ରୂପାନ୍ତର କାର୍ଯ୍ୟ କରାଉଅଛନ୍ତି ଅତିମାନସ ଶକ୍ତି ଦ୍ୱାରା । ସେହି ରୂପାନ୍ତର କାର୍ଯ୍ୟରେ ସାହାଯ୍ୟ କରନ୍ତି ମା'ଙ୍କ ଅଂଶୀଭୂତା ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ମହାକାଳୀଙ୍କର ବହୁତ ଅଂଶୀଭୂତା ଶକ୍ତି ମଧ୍ୟରୁ କାଳୀ ଗୋଟିଏ ଶକ୍ତି । ଏହି କାରଣରୁ କେବଳ ଆଦ୍ୟାଶକ୍ତି ମା'ଙ୍କୁ ସମର୍ପଣ କରିବା ଦ୍ୱାରା ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର ସାଧିତ ହୁଏ । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗରେ କେବଳ ମା' ଏହି ନାମ ସ୍ମରଣ ଓ ମା'ଙ୍କୁ ସମର୍ପଣ କରିବା ଉଚିତ ।

ପ୍ରଶ୍ନ : ବହୁତ ଦେବାଦେବୀ ଅଲୌକିକ କାର୍ଯ୍ୟ କରିବା ପୁରାଣରେ ଲେଖା ଅଛି । ବହୁତ ସନ୍ଥ ମହାପୁରୁଷ ଅଲୌକିକ କାର୍ଯ୍ୟ ଦେଖାଉ ଅଛନ୍ତି । ମା' ଯଦି ଆଦ୍ୟାଶକ୍ତି ସେ କ'ଣ ଅଲୌକିକ କାର୍ଯ୍ୟ ଦେଖାନ୍ତି ?

ଉତ୍ତର : ମା'ଙ୍କ କାର୍ଯ୍ୟହିଁ ଯଥାର୍ଥରେ ଅଲୌକିକ । ରୋଗ ଭଲ କରିଦେବା, ସୁନା, ଟଙ୍କା ଓ ଅନ୍ୟାନ୍ୟ ବସ୍ତୁ ଶୂନ୍ୟରୁ ଆଣି ଦେଇଦେବା – ଏହା ଅଲୌକିକ ନୁହେଁ, ଆଶ୍ଚର୍ଯ୍ୟଜନକ ବା ଅସ୍ୱାଭାବିକ ବୋଲି କହିପାର । ଏହି ଲୋକରେ ଏହିସବୁ କାର୍ଯ୍ୟ ହୁଏ । ଡାକ୍ତର ଔଷଧ ଦେଇ ରୋଗ ଭଲ କରିପାରନ୍ତି; ସୁନା, ଟଙ୍କା, ଫଳ ଆଦି ଏହି ସଂସାରରେ ଥାଏ । କେବଳ ଶୂନ୍ୟରୁ ଆଣିଦେବାରୁ ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଏ ।

ମା' ଯାହା କରିବାକୁ ଆସିଛନ୍ତି ତାହା ଯଥାର୍ଥରେ ଅଲୌକିକ । ମା'ଙ୍କ କାର୍ଯ୍ୟ ଏହି ପୃଥିବୀରେ ଆଜି ପର୍ଯ୍ୟନ୍ତ କେହି କରି ନାହାନ୍ତି । ଏହି ପୃଥିବୀରେ, ଏହି ଲୋକରେ କେହି ମୃତ୍ୟୁରୁ ସଂପୂର୍ଣ୍ଣ ମୁକ୍ତ ହୋଇ ନାହାନ୍ତି, ରୋଗ, ବୃଦ୍ଧତ୍ୱ ଉପରେ ସ୍ଥାୟିଭାବେ କେହି ବିଜୟ ପ୍ରାପ୍ତ କରି ନାହାନ୍ତି । କାହାରି ଶରୀର ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହୋଇ ନାହିଁ । ହଠଯୋଗ ବା ଅନ୍ୟାନ୍ୟ କୌଣସି ଯୋଗପ୍ରଣାଳୀରେ ଯଦି କେହି କେହି ଯୋଗୀ ବ୍ୟକ୍ତିଗତ ଭାବେ ପରମାୟୁ ବୃଦ୍ଧି କରିଥାଆନ୍ତି, ଜରା ସମୟକୁ ଅସ୍ଥାୟିଭାବେ ଅତିକ୍ରମ କରିଥାଆନ୍ତି, ମୃତ୍ୟୁର ନିର୍ଦିଷ୍ଟ ସମୟକୁ ସ୍ଥଗିତ ରଖିପାରିଥା'ନ୍ତି ତେବେ ଏହା ବ୍ୟକ୍ତିଗତ ଏବଂ ଅସ୍ଥାୟୀ; ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ଉପରେ ବିଜୟ ନୁହେଁ । ଏପରି ବ୍ୟକ୍ତି ସମାଜରେ ଆମ୍ଭମାନଙ୍କ ସଙ୍ଗେ ବାସ କରନ୍ତି ନାହିଁ, ହିମାଳୟ ଗୁମ୍ଫା ମଧ୍ୟରେ ସମାଧି ଅବସ୍ଥାରେ ଥାଇପାରନ୍ତି ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିର ମନ, ପ୍ରାଣ, ଶରୀରର ଦିବ୍ୟତତ୍ତ୍ୱରେ ରୂପାନ୍ତର ଅସ୍ଥାୟୀ ନୁହେଁ, ବ୍ୟକ୍ତିଗତ ବି ନୁହେଁ; ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ଉପରେ ପୂର୍ଣ୍ଣ ବିଜୟ ଏବଂ ମନୁଷ୍ୟ ଜାତି ସଦୃଶ ଏହି ପୃଥିବୀରେ ଅତିମାନସ ଜାତି ସ୍ଥାପନ, ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ଆଜି ପର୍ଯ୍ୟନ୍ତ ଏହି ପୃଥିବୀରେ (ଏହି ଲୋକରେ) ଘଟି ନ ଥିବାରୁ ଏହା ଯଥାର୍ଥରେ ଅଲୌକିକ ।

ପ୍ରଶ୍ନ : ମୋର ଲକ୍ଷ୍ୟ ହେଉଛି ପୂର୍ଣ୍ଣଯୋଗର ସାଧନା । କିନ୍ତୁ ମୋର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ମୋତେ ଚାକିରି ଲାଗି ଏକ ଇଣ୍ଟରଭ୍ୟୁ ପାଇଁ ପ୍ରସ୍ତୁତ ହେବାକୁ ପଡୁଛି । ତେଣୁ ଭଗବାନ୍ ଲକ୍ଷ୍ୟ ଛଡ଼ା ଅନ୍ୟ କିଛି ଲକ୍ଷ୍ୟ ରହିବା ଉଚିତ କି ?

ଉତ୍ତର : ବ୍ୟକ୍ତିଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି, ଅର୍ଥାତ୍ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି । ଜୀବନଧାରଣ, ଜୀବନର ବିକାଶ ସକାଶେ ସଂସାରରେ ଯେଉଁ ସବୁ ଆବଶ୍ୟକ କର୍ମ ତାହା ଲକ୍ଷ୍ୟ ନୁହେଁ, ତାହା ଭଗବତ୍ ପ୍ରାପ୍ତି ଲକ୍ଷ୍ୟର ସାଧନା ।

ଆପଣ ମା' ଏହି ନାମ ସ୍ମରଣ କରନ୍ତୁ, ତାଙ୍କରି ଉପରେ ଦୃଢ଼ ବିଶ୍ୱାସ ଭରସା ରଖି ଭଗବତ୍ ପ୍ରାପ୍ତିର ସାଧନାରୂପେ ପଢ଼ାପଢ଼ି କରି ଉତ୍ତମ ଚାକିରି ସକାଶେ ଇଣ୍ଟରଭ୍ୟୁ ଦିଅନ୍ତୁ । ଭଗବତ୍ ପ୍ରାପ୍ତିରେ ଏହା ବାଧକ ହେବ ନାହିଁ, ସହାୟକ ହେବ ।

ପ୍ରଶ୍ନ : ମୁଁ କୌଣସି ଏକ ବହିରେ ପଢ଼ିଥିଲି ସନ୍ତାନର ପ୍ରତ୍ୟେକ କର୍ମରେ ମା' ସାହାଯ୍ୟ କରନ୍ତି ଓ ତାଙ୍କର ପ୍ରେରଣା ଥାଏ । କିନ୍ତୁ ମୁଁ ଯେଉଁସବୁ କାମ କରୁଛି ସେଗୁଡ଼ିକରେ ମା'ଙ୍କର ଅନୁମତି ଅଛି କି ନାହିଁ କିପରି ଜାଣିବି ?

ଉତ୍ତର : ସାଧକ ମନ, ପ୍ରାଣ, ଶରୀର ପୂର୍ଣ୍ଣରୂପେ ସମର୍ପଣ କଲେ ମା'ଙ୍କ ଶକ୍ତି ତା' ମଧ୍ୟରେ କ୍ରିୟା କରେ। ସେ ସମୟରେ ସାଧକର ମନ-ପ୍ରାଣ କ୍ରିୟା କରନ୍ତି ନାହିଁ, ମା'ଙ୍କ ଶକ୍ତି ପରିଚାଳିତ କରେ। ସେତେବେଳେ ସମସ୍ତ କର୍ମ ଭଗବତ କର୍ମ ହୁଏ।

ତା' ପୂର୍ବରୁ କୌଣସି କର୍ମରେ ମା'ଙ୍କର ପ୍ରେରଣା ଅଛି କି ନାହିଁ ଜାଣିବା ସକାଶେ ଅନ୍ତରରୁ ମା'ଙ୍କ ପ୍ରେରଣା ପାଇବା ନିମନ୍ତେ ସାଧକକୁ ଅଭୀପ୍ସା କରିବାକୁ ହୁଏ, ଅପେକ୍ଷା କରିବାକୁ ହୁଏ। ତେବେ ଅନ୍ତରରୁ ସ୍ପଷ୍ଟ ପ୍ରେରଣା ଆସିପାରେ। ପ୍ରଥମରେ ଭୁଲ୍ ପ୍ରେରଣା ଆସିପାରେ, କିନ୍ତୁ ସାଧକର ତୀବ୍ର ଅଭୀପ୍ସା ରହିଲେ ପରେ ଠିକ୍ ଠିକ୍ ପ୍ରେରଣା ଆସେ।

ପ୍ରଶ୍ନ : କେଉଁମାନଙ୍କୁ ମା' ଶ୍ରୀଅରବିନ୍ଦ ଶିଷ୍ୟରୂପେ ଗ୍ରହଣ କରିଥା'ନ୍ତି ?

ଉତ୍ତର : ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିବାକୁ ଚାହାନ୍ତି, ସେହିମାନଙ୍କୁ ମା' ଶିଷ୍ୟରୂପେ ଗ୍ରହଣ କରନ୍ତି।

ପ୍ରଶ୍ନ : ଧ୍ୟାନ କରିବାରେ ଲାଭ କ'ଣ ହୁଏ ?

ଉତ୍ତର : ଧ୍ୟାନ ଦ୍ୱାରା ବିକ୍ଷିପ୍ତ, ଚଞ୍ଚଳ, ଅସ୍ଥିର, ଦ୍ୱନ୍ଦ୍ୱପୂର୍ଣ୍ଣ, ବିରକ୍ତିକର ମନ ଏକାଗ୍ର ହୁଏ। ଏକାଗ୍ର ମନରେ ଉତ୍ତମ ଚିନ୍ତା ଆସେ, ଜଟିଳ ସମସ୍ୟାର ସମାଧାନ ଅନ୍ତରରୁ ଆସିବାକୁ ସୁଯୋଗ ପାଏ, ବିବେକ ଉତ୍ପନ୍ନ ହୁଏ, ଯାହାଦ୍ୱାରା କେଉଁ କାର୍ଯ୍ୟ କରଣୀୟ ଓ କେଉଁ କାର୍ଯ୍ୟ ଅକରଣୀୟ ଏହାର ନିର୍ଣ୍ଣୟ ସହଜରେ ହୁଏ। ଏକାଗ୍ର ସ୍ଥିର ଅବସ୍ଥାରେହିଁ ଭାଗବତ ଶକ୍ତି ସାଧକ ଆଧାରରେ ଅବତରଣ କରି ରୂପାନ୍ତର କ୍ରିୟା ଆରମ୍ଭ କରେ।

ପ୍ରଶ୍ନ : ପାଠରେ କିପରି ମନ ଲାଗିବ ?

ଉତ୍ତର : ମା'ଙ୍କୁ ଡାକ, ତାଙ୍କରି ଉପରେ ଦୃଢ଼ ବିଶ୍ୱାସ ରଖ, ପଢ଼ିବା ସକାଶେ ଦୃଢ଼ ସଂକଳ୍ପ କର। ପଢ଼ିବାରେ ଆଗ୍ରହ ଓ ଆନନ୍ଦ ନ ଥିବା ପିଲାମାନଙ୍କ ସଙ୍ଗ ତ୍ୟାଗ କର। ''ଆଲୋକୋନ୍ମୁଖ ତରୁଣମାନଙ୍କ ପ୍ରତି'' ବହି ପଢ଼ ଏବଂ ସେହି ଅନୁସାରେ ପ୍ରଯତ୍ନ କର।

ପ୍ରଶ୍ନ : ଆମ୍ଭେମାନେ ସାଧାରଣ କଥାରେ ରାଗି ଯାଉଛୁ କାହିଁକି ?

ଉତ୍ତର : ରାଗକୁ ସଂଯତ କରିବା ସକାଶେ ସଚେତ ନ ଥିବା ଯୋଗୁଁ। ଆମ୍ଭମାନଙ୍କର ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଆମ୍ଭେମାନେ ସଚେତ ନ ଥାଉ। ବ୍ୟବହାରିକ ଜୀବନରେ ତଥା ଭଗବତ୍ ପ୍ରାପ୍ତି ଅଧ୍ୟାତ୍ମ ସାଧନାରେ ପ୍ରାଣ ମନର ଗୁଣଧର୍ମ – ଲୋଭ, ମୋହ, ଅହଂ, ସ୍ୱାର୍ଥ, କାମ, କ୍ରୋଧ ଇତ୍ୟାଦିକୁ ଘୋର ଶତ୍ରୁ ବୋଲି ଆମ୍ଭେମାନେ ହୃଦୟଙ୍ଗମ କରି ନ ଥାଉ। ତେଣୁ ସେ ସବୁକୁ କ୍ରିୟାରେ ପରିଣତ କରିବାକୁ ନ ଦେବା ସକାଶେ ପ୍ରଯତ୍ନ କରୁ ନାହିଁ କିଂବା ଦୃଢ଼ ସଂକଳ୍ପ କରୁ ନାହିଁ। ସେହି କାରଣରୁ ଏହିସବୁ ପ୍ରତିକୂଳ ଦସ୍ୟୁ ଆସିବା ମାତ୍ରେ ଆମେ ଦ୍ୱାର ଉନ୍ମୁକ୍ତ କରିଦେଉ। ସେହି ସକାଶେ ଆମ୍ଭେମାନେ କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ ଆଦି ଆକ୍ରମଣ କରିବା ସଙ୍ଗେ ସଙ୍ଗେ ସେ ସବୁର ଦାସ ହୋଇଯାଉ।

ଆମ୍ଭମାନଙ୍କୁ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖି ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତିକୁ ସର୍ବଦା ସମ୍ମୁଖରେ ରଖିବାକୁ ହେବ। ପ୍ରତିକୂଳ ଗତିବୃତ୍ତିର ଆକ୍ରମଣକୁ ଦୃଢ଼ ସଂକଳ୍ପ ସହ ପ୍ରତିରୋଧ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ। ଏସବୁ କଲେ ସେମାନେ ଦୁର୍ବଳ ହେବେ ଓ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ହେବେ।

ପ୍ରଶ୍ନ : ଅମୃତପୂର୍ଣ୍ଣ ବିଶାଳ ପାତ୍ରରେ ଅଳ୍ପ ବିଷ ମିଶାଇଦେଲେ ତାହା ବିଷ ହୋଇଯାଏ। ତେବେ କ'ଣ ଅମୃତଠାରୁ ବିଷ ଅଧିକ ଶକ୍ତିଶାଳୀ ?

ଉତ୍ତର : ଏହା ସତ୍ୟ ନୁହେଁ। ଅମୃତ ପାନ କରିବା ବ୍ୟକ୍ତି ଅମର ହୁଏ। ସେ ଯଦି ବିଷପାନ କରି ମୃତ ହୁଏ ତେବେ ଅମର ହେବ କିପରି ? ରାହୁ ଅମୃତ ପାନ କରିବା ପରେ ବିଷ୍ଣୁ ସୁଦର୍ଶନ ଚକ୍ରରେ ତା' ମସ୍ତକ ଛେଦନ କଲେ। ରାହୁର ମୃତ୍ୟୁ ହେଲା ନାହିଁ। ମସ୍ତକ ଏବଂ ଶରୀର ରାହୁ, କେତୁ ନାମରେ ଆଜି ପର୍ଯ୍ୟନ୍ତ ଜୀବିତ ରହିଅଛନ୍ତି।

ବିଷ ଅଜ୍ଞାନ ଅପରାର୍ଦ୍ଧ ସ୍ତରର ବସ୍ତୁ । ଅମୃତ ପରାର୍ଦ୍ଧ ଜ୍ଞାନ ସ୍ତରର ଦିବ୍ୟବସ୍ତୁ । ଦିବ୍ୟବସ୍ତୁର ଗୁଣଧର୍ମ କେବେ ବି ଅଦିବ୍ୟ ବସ୍ତୁର ଗୁଣଧର୍ମରେ ପରିବର୍ତ୍ତିତ ହୁଏ ନାହିଁ । ଦିବ୍ୟବସ୍ତୁ ଦ୍ୱାରା ଅଦିବ୍ୟ ବସ୍ତୁର ପରିବର୍ତ୍ତନ ହୁଏ । ଅତଏବ ଅମୃତଠାରୁ ବିଷ କଦାପି ଶକ୍ତିଶାଳୀ ହୋଇପାରେ ନାହିଁ । ଏହି ପାର୍ଥିବ ଶରୀର ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ହେଲେ ବିଷପାନ ଦ୍ୱାରା ତା'ର କୌଣସି କ୍ଷତି ହେବ ନାହିଁ ।

ପ୍ରଶ୍ନ : ଅତିମାନସ ଶକ୍ତି କ'ଣ ?

ଉତ୍ତର : ଅତିମାନସ ଶକ୍ତି ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ ତଥା ପୂର୍ଣ୍ଣ ଶକ୍ତିର ସ୍ୱରୂପ । ତା'ରି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ରୂପାନ୍ତରିତ ବ୍ୟକ୍ତି ପୂର୍ଣ୍ଣରୂପେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ ହେବ । ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଭାଗବତ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବ । ଅତିମାନସ ସତ୍ୟପ୍ରାପ୍ତ ବ୍ୟକ୍ତି ସକାଶେ ଏହି ଅପରାର୍ଦ୍ଧ ମୃତ୍ୟୁପୁରୀ ସହିତ ପରାର୍ଦ୍ଧ ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦ ଧାମର କୌଣସି ବ୍ୟବଧାନ ରହିବ ନାହିଁ ।

ପ୍ରଶ୍ନ : ପ୍ରାଣୀମାନଙ୍କୁ ମା' ଦୁଃଖ ଦିଅନ୍ତି କାହିଁକି ?

ଉତ୍ତର : ମା' ଦୁଃଖ ଦିଅନ୍ତି ନାହିଁ । କୌଣସି ବ୍ୟକ୍ତି ଦୁଃଖରୁ ମୁକ୍ତ ହେବାକୁ ମା'ଙ୍କୁ ଡାକିଲେ ମା' ତା'ର ଦୁଃଖ ଦୂର କରି ଦିଅନ୍ତି ।

ବ୍ୟକ୍ତି ନିଜର କର୍ମଫଳସ୍ୱରୂପ ଦୁଃଖ ଏବଂ ସୁଖ ଭୋଗ କରେ ।

ପ୍ରଶ୍ନ : ଅହଂର କବଳରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : ଅହଂର କବଳରୁ ମୁକ୍ତ ହେବାର ଦୁଇଟି ଉପାୟ ଅଛି । ଗୋଟିଏ ପୁରାତନ ଯୋଗ ଦ୍ୱାରା ମନ, ପ୍ରାଣ, ଶରୀରକୁ ଆତ୍ମାଠାରୁ ପୃଥକ୍ କରି ନିର୍ବିଶେଷ ସତ୍ତାରେ ମିଶିଯିବା ଅଥବା ଭଗବତ୍ ଭକ୍ତିମାର୍ଗରେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେବା । ଭକ୍ତିମାର୍ଗରେ ବି ବ୍ୟକ୍ତି ମନ, ପ୍ରାଣ, ଶରୀରରୁ ପୃଥକ୍ ହୋଇ ଆତ୍ମାକୁ ଭଗବତ୍ ଚରଣରେ ସମର୍ପଣ କରେ । ଅହଂ ପ୍ରାଣର ଗୁଣଧର୍ମ । ପ୍ରାଣକୁ ପୃଥକ୍ କରିଦେଲେ ଅହଂର କ୍ରିୟା ହୁଏ ନାହିଁ ।

ଅନ୍ୟଟି ହେଲା ମନ, ପ୍ରାଣ, ଶରୀରର ଦିବ୍ୟ ତତ୍ତ୍ୱରେ ରୂପାନ୍ତର । ବ୍ୟକ୍ତିର ମନ, ପ୍ରାଣ, ଶରୀର ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ହେଲେ ଅହଂର ଅସ୍ତିତ୍ୱ ରହେ ନାହିଁ । କାରଣ ଅହଂ ପ୍ରାଣର ଗୁଣ । ପ୍ରାଣ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବା ସଙ୍ଗେ ସଙ୍ଗେ ଅହଂ ମଧ୍ୟ ରୂପାନ୍ତରିତ ହୁଏ ।

ରୂପାନ୍ତର ପୂର୍ବରୁ ବ୍ୟକ୍ତି ଅହଂ ସ୍ୱରୂପକୁ ଚିହ୍ନି ଯଦି ତାକୁ ମା'ଙ୍କ ଚରଣରେ ସମର୍ପଣ କରିବାକୁ ସଚେତ ରହେ ତେବେ ଅହଂ କ୍ରିୟାଶୀଳ ହୋଇପାରେ ନାହିଁ । କ୍ରମଶଃ ସମର୍ପିତ ହେଉଥାଏ ।

❖

ଜୀବନରେ ଅଧ୍ୟାତ୍ମ ସାଧନାର ଉପଯୋଗିତା

[୧୯୬୨ ସାଲ ମାର୍ଚ୍ଚ ମାସରେ କାଦୁଆପଡ଼ା ହାଇସ୍କୁଲ (କଟକ ଜିଲ୍ଲା, ଜଗତ୍‌ସିଂହପୁର)ର ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ପ୍ରତିଷ୍ଠିତ ସଭାରେ ଲେଖକ ଯୋଗଦାନ କରି ନିମ୍ନଲିଖିତ ବିଷୟ ଆଲୋଚନା କରିଥିଲେ । ଏହି ପାଠଚକ୍ରରେ ସାଧାରଣତଃ ବେଶୀ ଭାଗ ଛାତ୍ରଛାତ୍ରୀ ଏବଂ ସେହିମାନେହିଁ ଏହି ଆଲୋଚନାରେ ଭାଗ ନେଇଥିଲେ ।]

ପ୍ରଶ୍ନ : ଧର୍ମର ଅର୍ଥ କ'ଣ ? ଜୀବନରେ ତାହାର ଉପଯୋଗିତା କ'ଣ ?

ଉତ୍ତର : ଆଜିକାଲି ଆଧୁନିକ ଲୋକଙ୍କ ଭାଷାରେ ଧର୍ମର ଅର୍ଥ ବ୍ୟକ୍ତିକୁ ଠକିବାର ଗୋଟିଏ ଉପାୟ, ଆଡ଼ମ୍ବର, ମିଥ୍ୟାଚାର । ଯଥାର୍ଥରେ କିନ୍ତୁ ଏପରି ନୁହେଁ । ନ୍ୟାୟ, ସତ୍ୟ, ଅହିଂସା, ଜ୍ଞାନ, ଭକ୍ତି ହେଲା ଧର୍ମ । ଏହା ଆତ୍ମାର ସ୍ୱଭାବ । ଏହି ସ୍ୱତଃ-ପ୍ରବୃତ୍ତ ଅବସ୍ଥାର ନାମ ଅଧ୍ୟାତ୍ମ-ଧର୍ମ, ମନୁଷ୍ୟ ମଧ୍ୟରେ ଏହା ସ୍ୱତଃ ପ୍ରତିଷ୍ଠିତ ହୁଏ, ସ୍ୱତଃ ଆଚରିତ ହୁଏ, ଯେବେ ବ୍ୟକ୍ତି ଆତ୍ମୋପଲବ୍ଧି କରେ । ଅର୍ଥାତ୍ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମା ଦ୍ୱାରା ପରିଚାଳିତ ହୁଏ । ଏହି ଆତ୍ମୋପଲବ୍ଧି ସମାଜର ସମସ୍ତ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । ସେହି କାରଣରୁ ଦେଶ, କାଳ, ପାତ୍ର ଅନୁସାରେ କୌଣସି ବ୍ୟକ୍ତି ଦ୍ୱାରା ବ୍ୟବସ୍ଥିତ ସମାଜର ଆଇନ ତୁଲ୍ୟ ଏହି ଧର୍ମର ଶାସ୍ତ୍ର ନିର୍ମାଣ ଆରମ୍ଭ ହୁଏ । ଏହାର ନାମ ସାଧାରଣ ଧର୍ମ । ବ୍ୟକ୍ତି ଜୀବନ ଶୃଙ୍ଖଳିତ ଓ ସମାଜ ସୁବ୍ୟବସ୍ଥିତ ହେବା ସକାଶେ ସମାଜ ଏହି ଧର୍ମକୁ ଜୀବନର ମାନଦଣ୍ଡ ରୂପେ ଗ୍ରହଣ କରେ । ସୁତରାଂ ଏହା ସ୍ୱତଃସିଦ୍ଧ, ଅନ୍ତରପ୍ରତିଷ୍ଠ ନ ହୋଇ କେବଳ ବାହ୍ୟ ବୁଦ୍ଧିରେ ବ୍ୟକ୍ତି ଗ୍ରହଣ କରେ । ତା' ଭିତରେ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, ସ୍ୱାର୍ଥ, କାମ, କ୍ରୋଧାଦି ଦୁର୍ଗୁଣ ବିଦ୍ୟମାନ ଥାଏ । ସେହି ଦୁର୍ଗୁଣ ପ୍ରେରଣାରେ ବ୍ୟକ୍ତି ଧର୍ମ ନାମରେ ଧର୍ମ ଓ ପଶ୍ଚାତରେ ଅସତ୍ କର୍ମ କରେ । ନିଜର ସ୍ୱାର୍ଥର ସକାଶେ ଅନ୍ୟର ଗଳା କାଟି, ରିସ୍‌ପତ୍ ନେଇ ସୁଖ ସୁବିଧା ହାସଲ କରେ । ଯଦ୍ୟପି ବ୍ୟକ୍ତି ଧର୍ମାଚାରଣ କରିବାକୁ ଚାହେଁ ତଥାପି ଭିତରେ ଅଧର୍ମ ଓ ଦୁର୍ଗୁଣର ଆଧିପତ୍ୟ ଥିବାରୁ ତାହା କାର୍ଯ୍ୟରେ ପରିଣତ ହୋଇପାରେ ନାହିଁ । ବ୍ୟକ୍ତି ସତ୍ୟ ପଛରେ ମିଥ୍ୟାଚରଣ କରିବାରୁ ଆଧୁନିକ ସମାଜ ଧର୍ମର ଅର୍ଥ ଠକ, ଦୁରାଚାରର କାରଣ ମାନି ତାକୁ ଘୃଣା କରେ । ଏହା ହୁଏ ଧର୍ମର ଠିକ୍ ଅର୍ଥ ନ ଜାଣିବା ହେତୁ, ଉଚିତ ଭାବରେ ପାଳନ ନ କରିବା ଯୋଗୁଁ । ଏହି କାରଣରୁ ଲୋକେ ଧର୍ମ ପ୍ରତି ଭ୍ରମ ଧାରଣା ପୋଷଣ କରନ୍ତି ।

ପ୍ରଶ୍ନ : ଜୀବନରେ ଅଧ୍ୟାତ୍ମ-ଧର୍ମର ଉପଯୋଗିତା କ'ଣ ? ଧର୍ମ ଆଶ୍ରୟ ଛଡ଼ା ଲୋକେ ନିଜ ପୁରୁଷାର୍ଥ, ବୁଦ୍ଧି କୌଶଳରେ, ଅନ୍ୟାୟ ଆଚରଣ କରି ସମାଜରେ ମାନ-ସମ୍ମାନ, ପ୍ରଭୁତ୍ୱ ପ୍ରାପ୍ତ କରୁଅଛନ୍ତି, ଦେଶର ବଡ଼ ବଡ଼ ନେତା ହୋଇ ଦେଶ ଶାସନ କରୁଅଛନ୍ତି; ଶିକ୍ଷା ପ୍ରାପ୍ତ କରି ବଡ଼ ବଡ଼ ଅଫିସର ହୋଇ ସମାଜରେ ପ୍ରତିଷ୍ଠା ଲାଭ କରୁଅଛନ୍ତି; ବାଣିଜ୍ୟରେ ଧନ ଉପାର୍ଜନ କରି ଲୋକଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି । ଏମାନେ ସମାଜରେ ପ୍ରତିପତ୍ତି ବିସ୍ତାର କରି ସୁଖ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରୁଅଛନ୍ତି । ବର୍ତ୍ତମାନ ସମାଜର ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ଶ୍ରେଣୀର । ଏହାହିଁ ସଂସାରର ବାତାବରଣ । ସମାଜରେ ମନୁଷ୍ୟ ପକ୍ଷରେ ଏହି ମାର୍ଗହିଁ ଅନୁକୂଳ ପ୍ରତୀତ ହେଉଅଛି । ଧର୍ମ ଜୀବନ ବିପଦ ସଂକୁଳ, ବର୍ତ୍ତମାନ ଅବସ୍ଥାର ବିପରୀତ, ପଦେ ପଦେ ବାଧା ପ୍ରାପ୍ତ । ସମାଜର ପ୍ରତିକୂଳ ଆଚରଣ ସର୍ବଥା ବିପଜ୍ଜନକ । ସିଦ୍ଧାନ୍ତ କଥା ଛାଡ଼, ବ୍ୟବହାରରେ କିପରି ଅସୁବିଧା ହୁଏ ତାହାର ଆଲୋଚନା କରିବା ।

ସର୍ଭିସରେ ଉପର ଅଫିସର୍, ତଳ ଅଫିସର୍, ଅଥବା ଡିପାର୍ଟ୍‌ମେଣ୍ଟର ଅଧିକ ବ୍ୟକ୍ତି ରିସ୍‌ପତ୍ ନେବେ, ସୁଖ-ସ୍ୱାଚ୍ଛନ୍ଦ୍ୟରେ ରହିବେ, ନିଜ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେଇ ସମାଜରେ ସମ୍ମାନିତ ହେବେ । ଟଙ୍କା ପଇସା ଖର୍ଚ୍ଚ କରି ଆଡ଼ଡା-ଚୌଡ଼ାରେ ରହି ବଡ଼ ବଡ଼ ଲୋକଙ୍କ ସଙ୍ଗେ ବନ୍ଧୁତ୍ୱ ସ୍ଥାପନ କରି ନିଜର ସୁବିଧା ଆଦାୟ କରିବେ । ଏମାନଙ୍କ ମଧ୍ୟରୁ ଜଣେ କେହି ଯଦି ଧର୍ମର ଆଶ୍ରୟ ନିଏ ତେବେ ତାକୁ ସତ୍ୟ କହିବାକୁ ହେବ, ଘୁଷ୍ ବର୍ଜନ କରିବାକୁ ହେବ । ଯେତିକି ବେତନ ପାଇବ ସେଥିରେ ଭଲ ଘରେ ରହିପାରିବ ନାହିଁ, ସ୍ତ୍ରୀର ଚାହିଦା ଅନୁସାରେ ବିଳାସ ସାମଗ୍ରୀ ଯୋଗାଇ

ପାରିବ ନାହିଁ, ସ୍କୁଲ୍ ଯିବାକୁ ପିଲାମାନଙ୍କ ସକାଶେ ଯାନବାହନ ରଖି ପାରିବ ନାହିଁ । ଅନ୍ୟ ସ୍ତ୍ରୀ ଲୋକମାନଙ୍କର ଜାକଜମକ ଦେଖି ଧାର୍ମିକ ବ୍ୟକ୍ତିର ସ୍ତ୍ରୀ ଅସନ୍ତୁଷ୍ଟ ହେବ । ଅନ୍ୟ ପିଲାଙ୍କଠାରୁ ଦେଖି ନିଜ ପିଲାମାନେ ନାନାଦି ବସ୍ତୁ ପାଇବାକୁ ଦାବି କରିବେ, ନ ପାଇଲେ କ୍ଷୁଣ୍ଣ ହେବେ । ଅର୍ଥାଭାବରୁ ଉପରିସ୍ଥ ଅଫିସରମାନଙ୍କୁ, ସମାଜର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରି ଖୁସି କରିପାରିବେ ନାହିଁ । ଅନ୍ୟାୟରେ ନ୍ୟାୟର ସୁବିଧା ନ କରିଦେଲେ, ସେ ରାଗି ପ୍ରତିଶୋଧ ନେବାକୁ ଅପେକ୍ଷା କରିବେ । ଡିପାର୍ଟମେଣ୍ଟର ସମସ୍ତ ବ୍ୟକ୍ତିଙ୍କ ଆଚରଣରୁ ଧାର୍ମିକ ବ୍ୟକ୍ତିର ଆଚରଣ ଭିନ୍ନ ହେବାରୁ ସେ ହେବ ସେମାନଙ୍କର ଶତ୍ରୁ । ଏହା କେବଳ ସର୍ଭିସରେ ନୁହେଁ; ବ୍ୟବସାୟ, ରାଜନୀତି, ଦେଶସେବା ଇତ୍ୟାଦି ସବୁ ସ୍ଥାନରେ । ଧର୍ମ ଆଶ୍ରୟ ଛଡ଼ା ବ୍ୟକ୍ତି ସମାଜରେ ଏବଂ ନିଜ ପରିବାରରେ ସମ୍ମାନିତ ହେବ, ସୁଖ-ସ୍ୱାଚ୍ଛନ୍ଦ୍ୟରେ ରହିବ, ଆଉ ଧର୍ମ ଆଶ୍ରୟ ଗ୍ରହଣ କରିବା ବ୍ୟକ୍ତିର ସ୍ଥାନ ସମାଜରେ ରହିବ ନାହିଁ । ଧନ ଅଭାବରୁ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେଇପାରିବ ନାହିଁ, ସ୍ତ୍ରୀର ଦାବି ପୂରା ନ କରିବାରୁ ତା'ର ଆଦର ଓ ସମ୍ମାନର ପାତ୍ର ହେବ ନାହିଁ । ଧାର୍ମିକ ବ୍ୟକ୍ତିର ସମ୍ମାନ ସମାଜରେ କିଂବା ପରିବାରରେ ରହିବ ନାହିଁ । ଏପରି ସ୍ଥଳେ ସୁଖ, ସୁବିଧାର ସିଧା ସଳଖ ମାର୍ଗ ଛାଡ଼ି ବିପଦ ସଂକୁଳ ଧର୍ମ ମାର୍ଗରେ ଆଶ୍ରୟ ନେବାର ଲାଭ କ'ଣ ?

ଉତ୍ତର : ପ୍ରଶ୍ନରେ ମାଟି-ଗୋବରରେ ନିର୍ମିତ ଗୋଟିଏ ପ୍ରତିମା ଉପରେ ନାନା ପ୍ରକାର ରଙ୍ଗରେ ଚିତ୍ରିତ, ସୁନ୍ଦର ବସ୍ତ୍ର ଭୂଷଣରେ ସଜ୍ଜିତ କଲାପରି ଭୌତିକ ଜୀବନରେ ସାଂସାରିକ ସୁଖର ଚିତ୍ରଣ କରିଛନ୍ତି । ଗୋବର ମାଟି ନିର୍ମିତ ପ୍ରତିମା ଉପର ରୂପଟା କେବଳ ସୁନ୍ଦର ପ୍ରତୀତ ହୁଏ, ଯଥାର୍ଥରେ ଭିତରେ କୌଣସି ସାର ତତ୍ତ୍ୱ ନ ଥାଏ, ଠିକ୍ ସେହିପରି ଭୌତିକ ସୁଖମୟ ଜୀବନ । ଯଥାର୍ଥରେ ଅଧାମ୍-ବିହୀନ ଭୌତିକ ଜୀବନ ସୁଖମୟ ନୁହେଁ; କେବଳ ବାହ୍ୟ ଦୃଷ୍ଟିରେ ସୁଖ ପ୍ରତୀତ ହୁଏ । ଯେପର୍ଯ୍ୟନ୍ତ ମନୁଷ୍ୟ ଭିତରେ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ ବିଦ୍ୟମାନ ସେପର୍ଯ୍ୟନ୍ତ ସେ ସଂସାରରେ କେତେ ବଡ଼ ଐଶ୍ୱର୍ଯ୍ୟଶାଳୀ ହେଉ, କେତେ ବଡ଼ ସମ୍ମାନର ପାତ୍ର ହେଉ, କେତେ ବଡ଼ ନେତା ହେଉ ସେ କଦାପି ସୁଖ ପ୍ରାପ୍ତ କରିପାରେ ନାହିଁ; ତାହାର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରିପାରେ ନାହିଁ । ଏହା ହୁଏ ଜ୍ଞାନ, ଭକ୍ତି, ସମତା, ଶାନ୍ତି, ଅହିଂସାଦି ଦିବ୍ୟଗୁଣ ପ୍ରାପ୍ତି ଦ୍ୱାରା ।

ଧାର୍ମିକ ଜୀବନକୁ ଅତିରଞ୍ଜିତ ଭାବରେ ଯେପରି ନିକୃଷ୍ଟ କୁହା ହେଉଛି, ଯଥାର୍ଥରେ ସେପରି ନୁହେଁ । ଯେଉଁମାନେ ଧର୍ମ ନାମରେ ଠକନ୍ତି ସେମାନଙ୍କର କଥା କୁହାହୋଇ ନାହିଁ । ଯେଉଁମାନେ ପ୍ରକୃତ ଅଧାମ୍-ଧର୍ମ-ପ୍ରାଣ ବ୍ୟକ୍ତି ସେମାନଙ୍କର ଆରମ୍ଭରେ ଅସୁବିଧା ହୋଇପାରେ କିନ୍ତୁ କିଛିଦିନ ପରେ ତା'ର ସତ୍ୟତାର ପ୍ରକାଶ ହେବାରେ ସେ ଠିକ୍ ଠିକ୍ ଆଦର, ସମ୍ମାନ ଓ ବିଶ୍ୱାସର ଅଧିକାରୀ ହୁଏ ।

ଯେତେବେଳେ ଭାରତର ସ୍ୱାଧୀନତା ଆନ୍ଦୋଳନ ହେଲା ସେତେବେଳେ ଯେଉଁମାନେ ଚାକିରି କରି ବ୍ରିଟିଶ୍ ସରକାରଙ୍କୁ ଖୁସାମଦ୍ କରୁଥିଲେ ସେମାନେ ଭୌତିକ ସୁଖ ସୁବିଧାରେ ଥିଲେ କିନ୍ତୁ ସମାଜରେ ଘୃଣାର ପାତ୍ର ହୋଇଥିଲେ । ଏହାର ବିପରୀତ ଦେଶହିତକାରୀ ନେତା, କର୍ମୀମାନଙ୍କୁ ସମାଜ ପ୍ରାଣପ୍ରିୟ, ସତ୍ୟବାଦୀ, ବିଶ୍ୱାସର ପାତ୍ର ମାନିନେଇ ସମ୍ମାନ କରୁଥିଲା ଆଉ ସାହାଯ୍ୟ କରୁଥିଲା, ତାଙ୍କ କହିବାରେ ବିଶ୍ୱାସ କରୁଥିଲା । ନ୍ୟାୟବାନ୍ ଧାର୍ମିକ ବ୍ୟକ୍ତିର ସମାଜରେ ସର୍ବଥା ଆଦର ଆଉ ସମ୍ମାନ । ଅଧାର୍ମିକ, ଅସତ୍ୟବାଦୀ, କପଟୀ ବ୍ୟକ୍ତିର ପ୍ରଥମରେ ସୁବିଧା ହୋଇପାରେ, ପରିଣାମରେ ଦୁଃଖ । ଧାର୍ମିକ ବ୍ୟକ୍ତିର ପ୍ରଥମରେ ଅସୁବିଧା ହୋଇପାରେ, କିନ୍ତୁ ପରିଣାମରେ ସୁଖ । ଧର୍ମ, ଅଧର୍ମ ଏହି ଦୁଇଟି ଯଦି କୌଣସି ବୁଦ୍ଧିମାନ୍ ବ୍ୟକ୍ତି ସମ୍ମୁଖରେ ରଖା ହୁଏ ସେ ଗ୍ରହଣ କରିବ ଧର୍ମକୁ । ଯେପରି ପିଲା ସମୟରେ ଧୂଳିଘର ଖେଳିବାକୁ ଭଲ ଲାଗେ, ପଢ଼ିବା ଭଲ ଲାଗେ ନାହିଁ; କିନ୍ତୁ ପରିଣାମରେ ହିତ ଜାଣି ସାମୟିକ ପ୍ରିୟ ଖେଳକୁ ତ୍ୟାଗ କରି, ଅପ୍ରିୟ, ବନ୍ଧନ, ସ୍ୱତନ୍ତ୍ରତା ବିହୀନ ପଢ଼ିବାକୁ ପିଲା ଗ୍ରହଣ କରେ । ଧର୍ମ, ନ୍ୟାୟ, ସଦାଚାରର ଆଦର ସବୁ ସମୟରେ, ସବୁ ପରିସ୍ଥିତିରେ । ଅଧର୍ମର ଅସମ୍ମାନ ଓ ବର୍ଜନ ସବୁ ଅବସ୍ଥାରେ ।

ଅଧର୍ମ ଓ ଅନ୍ୟାୟର ପ୍ରଚୁର ଧନ, ମାନ, ଯଶଃ ପ୍ରାପ୍ତ କରି ଆଡ଼ୁଡ଼ା-ଚୌଡ଼ାରେ ରହିବା ବ୍ୟକ୍ତି ଏବଂ ଧାର୍ମିକ, ନ୍ୟାୟପରାୟଣ, ସ୍ୱଳ୍ପ ଉପାର୍ଜନରେ ସାଧାରଣ ଭାବରେ ରହୁଥିବା ବ୍ୟକ୍ତି; ଏହି ଉଭୟଙ୍କ ମଧ୍ୟରେ ଯଥାର୍ଥରେ

ସୁଖକର ଜୀବନ କାହାର, ତୁଳନାତ୍ମକରୂପେ ବିଚାର କରିବା – ପ୍ରଥମରେ ଦେଖିବା ଅନ୍ୟାୟ, ଅସତ୍ୟରେ ଉପାର୍ଜନ କରୁଥିବା ବ୍ୟକ୍ତିକୁ ତୁମେ କେତେ ଦୂର ପସନ୍ଦ କର, ସମାଜ କେତେଦୂର ଯଥାର୍ଥରେ ସମ୍ମାନ କରେ ? ତୁମେ ଯେଉଁ ଆଚରଣକୁ ପସନ୍ଦ ନ କର, ସେହି ଆଚରଣକୁ ତୁମେ କଲେ ତୁମକୁ ପସନ୍ଦ କରିବ କିଏ ? ମନେ କରନ୍ତୁ ଜଣେ ଭୌତିକ ସ୍ୱାର୍ଥ-ବୁଦ୍ଧି-ପ୍ରଧାନ ବ୍ୟକ୍ତି ଉପର ଅଫିସରମାନଙ୍କୁ ଖୋସାମତ୍ କରି, ବଶ କରି ନିୟମିତ କଞ୍ଚାମାଲକୁ ଛାଡ଼ କରାଇ ଦେଲେ । ସେ ପାଆନ୍ତି ମାସିକ ଟଙ୍କା ୧୦୦୦ ବେତନ । ଛାଡ଼ କରାଇ ଦେବାରୁ ତାକୁ ରିସ୍‌ପତ୍ ମିଳିଲା ଟଙ୍କା ୧୦,୦୦୦ । ଏଥିରେ ତାଙ୍କର ଭୌତିକ ସୁବିଧା ହେବା ସ୍ୱାଭାବିକ । ଯେଉଁ ବ୍ୟକ୍ତି ଦଶ ହଜାର ରିଷ୍‌ପତ୍ ଦେଲା ସେ ଲାଭ କଲା ପଚାଶ ହଜାର । ସେ ପଚାଶ ହଜାର ଆସିଲା ପଚାଶ ଲକ୍ଷ ଗରିବ ବ୍ୟକ୍ତିଙ୍କଠାରୁ, ଯେଉଁମାନେ ସମସ୍ତ ଦିନ ପରିଶ୍ରମ କରି ମୁଣ୍ଡଝାଳ ତୁଣ୍ଡରେ ମାରୁଛନ୍ତି । ଗହମ ଅଟାରେ ମାଣ୍ଡିଆ ଅଟା ମିଶାଇ, ଚାଉଳରେ ଗୋଡ଼ି ମିଶାଇ, ଟଙ୍କାକ ମାଲକୁ ଦେଢ଼ ଟଙ୍କାରେ ଦେଇ ଏମାନଙ୍କ ରକ୍ତ ଶୋଷଣ କରାହେଉଛି । ଧର୍ମ ଭଗବାନଙ୍କ କଥା ମୁଁ କହୁ ନାହିଁ; ଏହି ଯେଉଁ ପଚାଶ ଲକ୍ଷ ଗରିବ ଲୋକଙ୍କ ରକ୍ତ ଶୋଷଣ କରି, ଦଶ ହଜାର ଟଙ୍କା ନେଇ ଜଣେ ବ୍ୟକ୍ତି ସିନେମା ଦେଖିଲା, ସ୍ତ୍ରୀଙ୍କୁ ସୁନ୍ଦର ବସ୍ତ୍ର ଓ ଅଳଙ୍କାରରେ ସୁସଜ୍ଜିତ କଲା, ପିଲାକୁ ମୋଟରରେ ସ୍କୁଲ୍‌କୁ ପଠାଇଲା, ଘରେ ସୁନ୍ଦର ସୁନ୍ଦର ଫର୍ନିଚର୍ ସଜେଇ ଆରାମ-କୁର୍ଚ୍ଚି ଉପରେ ବିଶ୍ରାମ କଲା, – ଏଥିରେ କ'ଣ ଯଥାର୍ଥ ସୁଖୀ ସେ ହୋଇପାରିବ ? ଏହି ପଚାଶ ଲକ୍ଷ ଲୋକଙ୍କର ଯେଉଁ ଅଶାନ୍ତି, ଦୁଃଖ ତାହା ତାକୁ କ'ଣ ଆରାମରେ ରହିବାକୁ ଦେବ ? ବାହାରର ଜାକଜମକ ଭିତର ଅଶାନ୍ତିକୁ କଦାପି ଶାନ୍ତିରେ ପରିଣତ କରିପାରେ ନାହିଁ । ଜଣେ ବ୍ୟକ୍ତିର ଅନ୍ୟାୟ ଆଚରଣ ଦ୍ୱାରା ଅନ୍ୟକୁ ଯେଉଁ ଦୁଃଖ ମିଳେ, ସେହି ଦୁଃଖର ପ୍ରତିକ୍ରିୟା ପ୍ରଥମ ବ୍ୟକ୍ତି ମଧ୍ୟରେ ପ୍ରବେଶ କରି ଦୁଃଖ, ଯନ୍ତ୍ରଣା ସୃଷ୍ଟି କରେ । କୌଣସି ବ୍ୟକ୍ତିକୁ ତୁମେ କିଛି ନ କୁହ, ତା' ପ୍ରତି ଯଦି ତୁମେ ଅତ୍ୟନ୍ତ ଖରାପ ଧାରଣା ରଖ ତେବେ ସେ ତୁମ ପ୍ରତି ବରାବର ଖରାପ ଧାରଣା ପୋଷଣ କରେ । କାରଣ ପ୍ରତ୍ୟେକ ମନୁଷ୍ୟର ମନ ଓ ପ୍ରାଣ ବିଶ୍ୱ-ମନ ଓ ବିଶ୍ୱ-ପ୍ରାଣ ସହିତ ଏକ । ନିଜ ମଧ୍ୟରେ ଯେଉଁ ଧାରଣା ହୁଏ ତାହା ବିଶ୍ୱରେ ପ୍ରବାହିତ ହୋଇ ଅନ୍ୟ ବ୍ୟକ୍ତିର ମନ-ପ୍ରାଣରେ ସ୍ପନ୍ଦିତ ହୁଏ । ସେହିପରି ଯେଉଁ ଗରିବ ବ୍ୟକ୍ତିକୁ ଠକି ତା'ର ରକ୍ତ ଶୋଷା ହୁଏ, ତାହାଦ୍ୱାରା ତା'ର ମନ-ପ୍ରାଣରେ ଦୁଃଖ ଅଣାଯାଏ, ସେହି ଦୁଃଖ ଆକାଶରେ ସ୍ପନ୍ଦିତ ହୋଇ ସେହି ଶୋଷଣକାରୀ ବ୍ୟକ୍ତି ମଧ୍ୟରେ ପ୍ରବେଶ କରି ଦୁଃଖ, ଦ୍ୱନ୍ଦ୍ୱ ଓ ଅଶାନ୍ତି ସୃଷ୍ଟି କରେ । ଏପରି ଅନ୍ୟାୟ ପ୍ରିୟ ବ୍ୟକ୍ତି ବାହାରେ ସୁଖୀ ପ୍ରତୀତ ହେଉଥିଲେ ସୁଦ୍ଧା ସେମାନଙ୍କ ମନ-ପ୍ରାଣ ନାନା ପ୍ରକାର ଦୁଃଖ ଅଶାନ୍ତିରେ ଜଳୁ ଥାଏ ।

ପ୍ରଶ୍ନ : ବାହାରରେ କୌଣସି ଦୁଃଖ ଦେଖାଯାଉ ନାହିଁ, ଏପରି ଲୋକ ବେଶ୍ ଆରାମରେ ଥିଲା ପରି ବୋଧ ହେଉଅଛି, ସେମାନଙ୍କର ଦୁଃଖ କେଉଁଠି ?

ଉତ୍ତର : ଦୁଃଖ, ଦ୍ୱନ୍ଦ୍ୱ, ଅପମାନ କ'ଣ ନିଜେ କେହି ଖବର କାଗଜରେ ଛପାଏ ଯେ ସମସ୍ତେ ଜାଣିବେ ! ସେ'ତ ଚୋରିନାରୀ ସଦୃଶ ହୃଦୟରେ ଜଳେ, ବାହାରେ ଟୋପାଏ ଲୁହ ବୁହାଏ ନାହିଁ । ଖବର କାଗଜରେ ଛପାହୁଏ ସ୍କୁଲ୍ ବା ହାସପାତାଳକୁ ଟଙ୍କା ଦେଲେ, ହୃଦୟ ବେଦନା ଛପା ହୁଏ ନାହିଁ । ଏତେ ଗୁଡ଼ିଏ ଲୋକଙ୍କର ଯେଉଁ ହୃଦୟ ଅଶାନ୍ତି, ତାହା ଘୁଷ୍ ନେଇଥିବା ବ୍ୟକ୍ତିର ଚତୁଃପାର୍ଶ୍ୱ ବାତାବରଣ ଏବଂ ତା' ମଧ୍ୟରେ ପ୍ରବେଶ କରି କ୍ରିୟା ଆରମ୍ଭ କରନ୍ତି । ତା'ର ଦୁର୍ବଳତା ଯେଉଁଠି ଥାଏ ସେଥିରେ ଏବଂ ତା'ର ସମ୍ପର୍କୀୟ ବ୍ୟକ୍ତି, ଯେଉଁମାନେ ସେହି ଅନ୍ୟାୟ ଉପାର୍ଜନର ଭୋକ୍ତା ସେମାନଙ୍କ ମଧ୍ୟରେ ପ୍ରବେଶ କରି ପ୍ରେରଣା ଦିଏ । ତା'ର ଯଦି ସ୍ତ୍ରୀ ପ୍ରତି ଅତ୍ୟନ୍ତ ଆସକ୍ତି ଥାଏ ତେବେ ସ୍ତ୍ରୀର ଅନ୍ୟ ପ୍ରତି ପ୍ରେମ ବୋଲି ତା'ର ସନ୍ଦେହ ହୁଏ ଅଥବା ଯେଉଁ ପୁତ୍ର ଉପରେ ଅତ୍ୟଧିକ ଆଶା, ଭରସା ପୋଷଣ କରିଥାଏ, ସେ ଅବଜ୍ଞାକାରୀ, ଅସତ୍ ଆଚରଣ କରେ, କିଂବା ନିଜ ପରିବାର ସମ୍ବନ୍ଧରେ ସମାଜରେ ନିନ୍ଦିତ ହୁଏ; କୁଳରେ କଳଙ୍କ ଲାଗେ, ସମ୍ମାନ ହେବା ସ୍ଥାନରେ ଅନାଦର ଆସେ । ଗୋଟିଏ ମାତ୍ର ପୁତ୍ରର ମୃତ୍ୟୁ ହୁଏ । ଏହିପରି ବହୁ ପ୍ରକାର ପ୍ରତିକୂଳ ପରିସ୍ଥିତି ଆସି ତା' ଜୀବନକୁ ଦୁଃଖ, ଯାତନାମୟ କରିଦିଏ । ବାହାରେ ସବୁପ୍ରକାର ଐଶ୍ୱର୍ଯ୍ୟ ଥିବା ସତ୍ତ୍ୱେ ଭିତରେ ଦୁଃଖାଗ୍ନିରେ ସେ ଜଳୁ ଥାଏ । ଅନ୍ୟକୁ ଦୁଃଖ ଦେଇ, ଅନ୍ୟର ରକ୍ତ ଶୋଷଣ କରି, ବ୍ୟକ୍ତି କେବେ

ବି ସୁଖୀ ହୋଇପାରେ ନାହିଁ । ଯଥାର୍ଥରେ ସଂସାର ଜୀବନ ଯାପନକାରୀ କୌଣସି ବ୍ୟକ୍ତି ସୁଖୀ ନୁହେଁ । ଉଦାହରଣରୂପେ ଗୋଟାଏ ଘଟଣା ଏଠାରେ ଉଲ୍ଲେଖ କରୁଛି – ଜଣେ ବ୍ୟକ୍ତି ପ୍ରତି ମୋର ଧାରଣା ଥିଲା ଯେ ସେ ସୁଖରେ ଥିବ । ସେ ବ୍ୟକ୍ତିର ବହୁତ ବଡ଼ ଷ୍ଟେଟ୍, ହଜାର ହଜାର ଚାକର । ମାସକୁ ପକେଟ୍ ଖର୍ଚ୍ଚ ତାଙ୍କର ୪୩,୦୦୦ ଟଙ୍କା, ପତ୍ନୀଙ୍କର ପକେଟ୍ ଖର୍ଚ୍ଚ ୪୦,୦୦୦ ଟଙ୍କା, ପୁତ୍ର ପୌତ୍ରାଦି ଧନଧାନ୍ୟରେ ପୂର୍ଣ୍ଣ । କିଛି ଦିନ ପରେ ସେମାନଙ୍କ ଘଟଣା ସେମାନଙ୍କଠାରୁ ତଥ୍ୟରୂପେ ଜାଣି ଏକେବାରେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଲା । ମୋର ମନେ ହେଲା ସେମାନଙ୍କ ଅପେକ୍ଷା ଦିନ ମଜୁରିଆ ବହୁତ ସୁଖୀ । ଘଟଣାଟି ହେଉଛି – ତାଙ୍କର ପାଞ୍ଚ ପୁଅ, ପାଞ୍ଚ ଝିଅ, ପରିବାରଟି ବେଶ୍ ଗହଳିଆ । ଧନ, ମାନ, ପ୍ରଭୁତ୍ୱ ହେଲେ ଅବିବେକୀ ଲୋକର ପତନ ଅନିବାର୍ଯ୍ୟ । ସେ ବ୍ୟକ୍ତି ମଦ୍ୟପାନ ଓ ନାନାଦି ଦୁଷ୍କର୍ମରେ ପ୍ରବୃତ୍ତ । ଏଥିପାଇଁ ପତ୍ନୀର ମହା ଦୁଃଖ ଓ ପରିତାପ । ପିତା, ଧନ ସମ୍ପତ୍ତି ଅପବ୍ୟୟ କରିବାରୁ ପୁତ୍ରମାନେ ତାଙ୍କ ଅଂଶ ସବୁ ଅଲଗା କରି ନେବାକୁ ମୋକଦ୍ଦମା କରିଛନ୍ତି । ପୁତ୍ରମାନଙ୍କର ଏପରି ବ୍ୟବହାର ବ୍ୟକ୍ତିର ହୃଦୟକୁ ଅଶାନ୍ତି ଅନଳରେ ଦଗ୍ଧ କରୁଛି । ଏହିପରି କେତେ ପ୍ରକାର ଦୁଃଖ ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହେବ । ଏହି ବ୍ୟକ୍ତିର ଘର, ମୋଟର, ଷ୍ଟେଟ୍, ଚାକରବାକର ଦେଖି କିଏ କହିବ ସେ ଏତେ ଦୁଃଖରେ ଅଛନ୍ତି ବୋଲି । କିନ୍ତୁ ବାହାରର ସମସ୍ତ ଐଶ୍ୱର୍ଯ୍ୟ ଥିବା ସତ୍ତ୍ୱେ ଭିତରେ ଅଶାନ୍ତିର ସୀମା ନ ଥିଲା । ଏହିସବୁ ଅଶାନ୍ତି, ଦୁଃଖ ସହିତ ମୋଟର, ଧନ, ଚାକର, ମାନସମ୍ମାନରେ ବିଭୂଷିତ ଜୀବନ ତୁମେ ପସନ୍ଦ କରିବ ନା ନ୍ୟାୟରେ ଉପାର୍ଜନ କରି ସାଧାରଣ ଭାବରେ ରହି ଅନ୍ତରରେ ଶାନ୍ତିପୂର୍ଣ୍ଣ, ସୁଖମୟ ଜୀବନ ଯାପନ ପସନ୍ଦ କରିବ ? ପ୍ରତ୍ୟେକ ବୁଦ୍ଧିମାନ୍ ବ୍ୟକ୍ତି ନିଶ୍ଚୟ ଦ୍ୱିତୀୟ ପ୍ରକାର ଜୀବନଯାପନ କରିବାକୁ ପସନ୍ଦ କରିବ । ଏହିପରି ଅଧର୍ମ ପରାୟଣ ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ଦୁଃଖମୟ ଜୀବନ ପ୍ରତ୍ୟକ୍ଷ କରିବାକୁ ହୁଏ ।

ପ୍ରଶ୍ନ : ଅନ୍ୟାୟରେ ଉପାର୍ଜନ କରିବା ଖରାପ, ସେଥିରେ ମନୁଷ୍ୟ ସୁଖୀ ହୋଇପାରେ ନାହିଁ ସତ ଆମେ ମାନୁଛୁ; ଫେର୍ ନ୍ୟାୟରେ ଉପାର୍ଜନ କରି ବ୍ୟକ୍ତି ସୁଖ ଶାନ୍ତିରେ ରହିପାରିବ, ଏକଥା ବି ମାନୁଛୁ; କିନ୍ତୁ ଧର୍ମ ଆଉ ଭଗବାନଙ୍କ ଆବଶ୍ୟକତା କାହିଁକି ?

ଉତ୍ତର : ତୁମେ ନ୍ୟାୟରେ ଉପାର୍ଜନ କରିବାକୁ ପସନ୍ଦ କରୁଛ । ମିଥ୍ୟା, ସ୍ୱାର୍ଥ, ହିଂସା, ପରର ଅନିଷ୍ଟ କରିବା ଇତ୍ୟାଦି ଦୁର୍ଗୁଣ ତ୍ୟାଗ କରି ସତ୍ୟ, ଅହିଂସା, ନ୍ୟାୟ, ନିଃସ୍ୱାର୍ଥାଦି ସଦ୍‌ଗୁଣ ଗ୍ରହଣ ନ କରି କ'ଣ କେହି ଉପାର୍ଜନ କରିପାରେ ? ଏହିସବୁ ଦୁର୍ଗୁଣ ତ୍ୟାଗ ଓ ସଦ୍‌ଗୁଣ ଆଚରଣର ଅର୍ଥ ଧର୍ମ । ଏହି ଧର୍ମ ଯଥାର୍ଥରେ ପାଳିତ ହୁଏ ମନୁଷ୍ୟ ଅନ୍ତରରେ ସତ୍ୟ, ନ୍ୟାୟ ପ୍ରତିଷ୍ଠା ହେଲେ । ଏହା ପ୍ରତିଷ୍ଠା ହୁଏ ଭଗବାନ୍ ସଙ୍ଗରେ ଏକତ୍ୱ ସ୍ଥାପନ କରିବାରେ । କାରଣ ଭଗବାନଙ୍କ ସତ୍ୟ, ନ୍ୟାୟ, ଜ୍ଞାନ, ଆନନ୍ଦ, ଜ୍ୟୋତିଃର ମୂର୍ତ୍ତିମାନ୍ ବିଗ୍ରହ । ଭଗବାନଙ୍କ ସଙ୍ଗରେ ଏକତ୍ୱ ପ୍ରାପ୍ତ କରି ଆତ୍ମା ଦ୍ୱାରା ପରିଚାଳିତ ହେବାର ଅର୍ଥ ଅଧ୍ୟାତ୍ମ-ଧର୍ମ । ଏହାହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହା ପ୍ରାପ୍ତ ନ କରିଛି, ସେପର୍ଯ୍ୟନ୍ତ ତାକୁ ଜନ୍ମ-ମୃତ୍ୟୁ ମାର୍ଗରେ ଭ୍ରମଣ କରିବାକୁ ହେଉଥିବ । କେବେ ବି ନ୍ୟାୟରେ ଉପାର୍ଜନ କରିପାରିବ ନାହିଁ କିଂବା ଠିକ୍ ଭାବରେ ଧର୍ମ ପାଳନ କରିପାରିବ ନାହିଁ । ଏହି ଅଧ୍ୟାତ୍ମ ଧର୍ମ ଛଡ଼ା ସମାଜ ବିଧିବିଧାନ ଅନୁସାରେ ନୈତିକ ନିୟମ ଅନୁସାରେ ନିର୍ଦ୍ଧାରିତ ନ୍ୟାୟ, ସତ୍ୟ, ଅହିଂସାକୁ ମନ ବୁଦ୍ଧିରେ ମାନି ନେବାର ନାମ ସାଧାରଣ ଧର୍ମ । ଏହା ମନୁଷ୍ୟର ଅନ୍ତରରେ ପ୍ରତିଷ୍ଠିତ ନ ହୋଇ କେବଳ ବୁଦ୍ଧି ବିଚାରରେ ଥାଏ । ମନୁଷ୍ୟ ନ୍ୟାୟରେ ଉପାର୍ଜନ କରିବାକୁ ଯାଇ ଅନ୍ତରରେ ସ୍ଥିତ ଦୁର୍ଗୁଣ ପ୍ରେରଣାରେ ଅନ୍ୟାୟ କରେ । ଉଚ୍ଚରୁ ଉଚ୍ଚତର ଦେଶସେବା, ଦାନ, ଯଜ୍ଞ ଇତ୍ୟାଦି ସମସ୍ତ ଶୁଭ କର୍ମରେ ସ୍ୱାର୍ଥ, ଅହଂ ପ୍ରବେଶ କରି ନାମ, ଯଶଃ, ମାନ, ସମ୍ମାନ ଦିଗରେ ମନୁଷ୍ୟକୁ ପ୍ରେରିତ କରେ ଓ ତା'ର ପତନ ଘଟାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ଅନ୍ତରରେ ସ୍ୱାର୍ଥ, ଅହଂ ବିଦ୍ୟମାନ ଥାଏ ସେପର୍ଯ୍ୟନ୍ତ ସେ କୌଣସିମତେ ସୁଖ, ଶାନ୍ତି ପ୍ରାପ୍ତ କରିପାରେ ନାହିଁ । ମନୁଷ୍ୟ କେବଳ ଯଥାର୍ଥ ସୁଖ ଶାନ୍ତି ପ୍ରାପ୍ତି କରେ ଭଗବାନଙ୍କୁ ଉପଲବ୍ଧି କରିବାରେ । ଆଜି ପର୍ଯ୍ୟନ୍ତ ସାମୂହିକ ଭାବରେ ସାଂସାରିକ ଜୀବନରେ ଏହା ପ୍ରାପ୍ତ ହୋଇ ନାହିଁ ।

ପ୍ରଶ୍ନ : ଆଜି ପର୍ଯ୍ୟନ୍ତ ସାମୂହିକ ଭାବରେ ଯଦି ଅଧ୍ୟାତ୍ମ ଜୀବନ ସମାଜରେ ପ୍ରତିଷ୍ଠା ହୋଇ ନାହିଁ, ଆଜି ହେବ କିପରି ?

ଉତ୍ତର : ଯୁଗ ପରିବର୍ତ୍ତନ ସମୟ ଏପର୍ଯ୍ୟନ୍ତ ଆସି ନ ଥିଲା, ବର୍ତ୍ତମାନ ତାହା ଆସିଛି । ସଂସାର ବିବର୍ତ୍ତନଶୀଳ, ଏହି ବିବର୍ତ୍ତନ ଜଡ଼ ସ୍ତରରୁ ଆରମ୍ଭ କରି ବୁଦ୍ଧି ପ୍ରଧାନ ମନୁଷ୍ୟ ସ୍ତରରେ ଆସି ଆଜି ପହୁଞ୍ଚିଅଛି । ବିକାଶ ନିୟମ ଅନୁସାରେ ଏହି ସ୍ତରକୁ ଅତିକ୍ରମ କରି ମନର ଊର୍ଦ୍ଧ୍ୱସ୍ତରକୁ ମନୁଷ୍ୟ ଅବଶ୍ୟ ଆସିବ । କର୍ମ ବିକାଶ ଗତିଧାରା ଅନୁସାରେ ପ୍ରକୃତି ଦ୍ୱାରା ମନୁଷ୍ୟ ପରିଚାଳିତ ହୋଇ ଯାତ୍ରା କରିବାରେ ବହୁତ ଯୁଗ ଲାଗିବ ଏବଂ ଅପରିସୀମ ଦୁଃଖ, କଷ୍ଟ ମଧ୍ୟଦେଇ ଗତି କରିବାକୁ ହେବ । ଏହି ଦୁଃଖ, କଷ୍ଟ ଦୂର କରି ସମୟକୁ କମ୍ କରିବା ସକାଶେ ମା' ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ଅଛନ୍ତି । ସେହି ଶକ୍ତି ସମସ୍ତ ସଂସାରରେ କାର୍ଯ୍ୟ କରୁଅଛି । ବର୍ତ୍ତମାନ ମନୁଷ୍ୟ କିଛି ପ୍ରଯତ୍ନ କରିବା ଦ୍ୱାରା ଏହା ପ୍ରାପ୍ତ କରି ପାରିବ । ଏହି ଶକ୍ତି ଆଶ୍ରୟରେ, ଏହାକୁ ସମର୍ପଣ କରିବା ଦ୍ୱାରା ଏହି ଶକ୍ତି ମନୁଷ୍ୟ ମଧ୍ୟରେ କ୍ରିୟା କରି ଦୁର୍ଗୁଣକୁ ରୂପାନ୍ତର କରି ଶାନ୍ତି, ସନ୍ତୋଷ, ଦୟା, ଜ୍ଞାନ, ଭକ୍ତି ଇତ୍ୟାଦି ସଦ୍‌ଗୁଣ ସ୍ଥାପନ କରିବ । ଏହିପରି କିଛି ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବା ଦ୍ୱାରା କ୍ରମଶଃ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ଅନ୍ୟାୟ ଦୂର ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ଅଧ୍ୟାତ୍ମ-ଧର୍ମ ମନୁଷ୍ୟର ଏକମାତ୍ର କାମ୍ୟ, ଏହାହିଁ ଲକ୍ଷ୍ୟ; ଏହି ଅବସ୍ଥା ଯେପର୍ଯ୍ୟନ୍ତ ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ମନୁଷ୍ୟ ବରାବର ଜନ୍ମଗ୍ରହଣ କରି ଦୁଃଖ, ଦ୍ୱନ୍ଦ୍ୱ ସହୁଥିବ ।

ପ୍ରଶ୍ନ : ବର୍ତ୍ତମାନ ସଂସାରରେ ଅଜ୍ଞାନ, ଅନ୍ୟାୟ, ଅସତ୍ୟ, ଘୁଷ୍‌ଖୋରୀ, କଳାବଜାରର ତାଣ୍ଡବ ନୃତ୍ୟ । ମନୁଷ୍ୟ ଏହା ଚାହୁଁଛି, ଏଥିରେହିଁ ସୁଖ ଅନୁଭବ କରୁଛି, ଏପରି ସମାଜରେ ରହି ଧାର୍ମିକ ଜୀବନ ଯାପନ କରିବ କିପରି ? ସିଦ୍ଧାନ୍ତ ଭାବରେ ଯାହା ବି କୁହାହେଉ, ବ୍ୟବହାରରେ ଓ ପାଳନ କରିବାରେ ଦୁଃଖ ଭୋଗିବାହିଁ ଧର୍ମ ହେବ ?

ଉତ୍ତର : ଅନ୍ୟାୟରେ ଉପାର୍ଜନ କରୁଥିବା ବ୍ୟକ୍ତି ସୁଖରେ ରହିଛି, ଧାର୍ମିକ ବ୍ୟକ୍ତିକୁ ଦୁଃଖ ଭୋଗ କରିବାକୁ ହେଉଛି, ଏହି ଅନୁମାନ ଭ୍ରାନ୍ତିପୂର୍ଣ୍ଣ । ଯଥାର୍ଥରେ କିନ୍ତୁ ଏହା ଠିକ୍ ବିପରୀତ । ଅନ୍ୟାୟରେ ଉପାର୍ଜନ କରୁଥିବା ବ୍ୟକ୍ତିକୁ ଦୁଃଖ ତ ହୁଏ, ସୁତରାଂ ପ୍ରାପ୍ତ ବସ୍ତୁରେ ସନ୍ତୋଷ ବି ନ ଥାଏ । ସେ ଅଭାବ ଅନୁଭବ କରେ, ଆଉ ଅନ୍ୟାୟରେ ଅଧିକ ପ୍ରାପ୍ତ କରିବାକୁ ଚାହେଁ । ଯେତେ ଅଧିକ ପ୍ରାପ୍ତ ହୁଏ ତେତେ ଅଧିକ ଲୋଭ ଓ ବାସନା ବଢ଼େ । ଯଦି କେହି ଜଣେ କୋଟିପତି ହୁଏ, ତେବେ ତାହାଠାରୁ ଅଧିକ କୋଟିପତି ପ୍ରତି ଈର୍ଷ୍ୟା ହୁଏ । ଲୋଭର ସମାପ୍ତି ନାହିଁ, ଏଣୁ ସୁଖ ପାଏ ନାହିଁ ନିଜ ଅବସ୍ଥାରେ ସୁଖ ସମୃଦ୍ଧି ମଧ୍ୟରେ । ଧାର୍ମିକ ବ୍ୟକ୍ତିର ପ୍ରତ୍ୟେକ ଅବସ୍ଥାରେ ଥାଏ ସନ୍ତୋଷ, ସେଥିପାଇଁ ସେ ହୁଏ ସୁଖୀ ।

ପୂର୍ବେ ଯେପରି କୁହାଯାଇଛି ହଜାରେ ଟଙ୍କା ପାଉଥିବା ଅଫିସର୍, ଦଶହଜାର ଟଙ୍କା ଘୁଷ୍ ନେଇ, ପଚାଶ ଲକ୍ଷ ଲୋକଙ୍କୁ ପୀଡ଼ା ଦେବାରେ ତା'ର ପ୍ରତିକ୍ରିୟା ସ୍ୱରୂପ ଭୋଗ କରେ ଦୁଃଖ । ତା'ଛଡ଼ା ଯେଉଁ ବାହ୍ୟ ବସ୍ତୁରେ ସେ ସୁଖ ଚାହେଁ, ସେଥିରେ ବି ତାକୁ ସୁଖ ପରିବର୍ତ୍ତେ ଦୁଃଖ ମିଳେ ।

ଅନ୍ୟାୟ ଉପାର୍ଜନକାରୀ ବ୍ୟକ୍ତି ନିଜ ଘରେ ସଜ୍ଜିତ ଥିବା ଫର୍ନିଚର୍ (ଚୌକି ଟେବୁଲ ଇତ୍ୟାଦି) ଅପେକ୍ଷା ପଡ଼ୋଶୀର ଭଲ ଫର୍ନିଚର୍ ଦେଖି ଈର୍ଷ୍ୟା କରେ, ତା' ସଙ୍ଗେ ପ୍ରତିଯୋଗିତା କରିବାକୁ ଆହୁରି ଅନ୍ୟାୟରେ ଧନ ଉପାର୍ଜନ କରିବାକୁ ମନ ବଳାଏ । ସ୍ତ୍ରୀର ଲକ୍ଷ୍ୟ ଥାଏ ଦାମିକା ବସ୍ତ୍ର ଓ ମୂଲ୍ୟବାନ୍ ଅଳଙ୍କାରାଦି ଉପରେ, ଯେପରି ଅନ୍ୟ ସ୍ତ୍ରୀଲୋକମାନଙ୍କ ମଧ୍ୟରେ ସେ ଉଚ୍ଚରେ ରହେ, ପୁତ୍ର ଦେଖେ ତା'ଠାରୁ ତା'ର ସାଥୀପିଲା ଯେପରି ଜାକଜମକରେ ଟପି ନ ଯାଆନ୍ତି । ଭୌତିକ ଐଶ୍ୱର୍ଯ୍ୟ ପ୍ରାପ୍ତିରେ କେବେ ବି ସନ୍ତୋଷ ଆସେ ନାହିଁ, ଯେବେ ବ୍ୟକ୍ତି ମଧ୍ୟରେ ରାକ୍ଷସୀ ଶକ୍ତି କ୍ରିୟା କରୁଥାଏ । ଯେପର୍ଯ୍ୟନ୍ତ ଅସନ୍ତୋଷ, ଲୋଭ, କାମନାଦି ଏହି ଦୁର୍ଗୁଣଗୁଡ଼ିକ ମନୁଷ୍ୟ ଭିତରୁ ଦୂର ନ ହୁଏ ସେପର୍ଯ୍ୟନ୍ତ ବାହାର ସୁଖ, ସୁବିଧା ମନୁଷ୍ୟକୁ ଯଥାର୍ଥ ସୁଖଦେଇ ପାରେ ନାହିଁ ।

ଧାର୍ମିକ ବ୍ୟକ୍ତିର ଲକ୍ଷ୍ୟ ଥାଏ ପରମାନନ୍ଦ ପ୍ରାପ୍ତି । ସଂସାରର ସମସ୍ତ କର୍ମ ସେହି ଲକ୍ଷ୍ୟ ପ୍ରାପ୍ତିର ଉପାୟ ମାତ୍ର । ଭୋଜନ ବସ୍ତ୍ରାଦି ଜୀବନ ଯାତ୍ରାରେ ସହାୟକ; ସେ ଯାହା ନ୍ୟାୟରେ ଉପାର୍ଜନ କରନ୍ତି ସେଥିରେ ତାଙ୍କର ସନ୍ତୋଷ ଥାଏ । ସେହି ଅନୁସାରେ ହୁଏ ତାଙ୍କ ଜୀବନ ନିର୍ବାହର ବ୍ୟବସ୍ଥା; କାରଣ ତାଙ୍କ ଦୃଷ୍ଟିରେ କେବଳ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ପରମାନନ୍ଦ ପ୍ରାପ୍ତି । ସାଂସାରିକ ସୁଖ, ସୁବିଧାର ମୂଲ୍ୟ ତାଙ୍କ ପାଖରେ ନ ଥାଏ, ତେଣୁ ଅନ୍ୟ ଲୋକର ସୁଖ,

ସୁବିଧାରେ ଈର୍ଷ୍ୟା ବା ପ୍ରତିଯୋଗିତାର ପ୍ରଶ୍ନ ଉଠେ ନାହିଁ । ତାଙ୍କର ପରମାନନ୍ଦ ପ୍ରାପ୍ତି ଥିବାରୁ ତାଙ୍କ ମଧ୍ୟରେ ସନ୍ତୋଷ, ଶାନ୍ତି, ଆନନ୍ଦ, ଜ୍ଞାନ, ଭକ୍ତି, କ୍ରମଶଃ ବୃଦ୍ଧି ହୋଇ ଅସନ୍ତୋଷ, ଈର୍ଷ୍ୟା, ହିଂସା, ଅନ୍ୟାୟ, ମିଥ୍ୟାଚାର ଇତ୍ୟାଦି ଦୁର୍ଗୁଣ କ୍ରମଶଃ ହ୍ରାସ ପାଏ । ଧାର୍ମିକ ବ୍ୟକ୍ତିର ଧର୍ମ-ଜୀବନ ପ୍ରାରମ୍ଭରୁ ଦୁଃଖ, ଦ୍ୱନ୍ଦ୍ୱ କମୁଥାଏ ଓ ସୁଖ, ଶାନ୍ତି ବଢୁଥାଏ । ଅନ୍ୟାୟରେ ଉପାର୍ଜନ କରୁଥିବା ବ୍ୟକ୍ତିର ଜୀବନ ଆରମ୍ଭରୁ କ୍ରମଶଃ ସୁଖ, ଶାନ୍ତି ହ୍ରାସ ହେଉଥାଏ ଓ ଦୁଃଖ, ଦ୍ୱନ୍ଦ୍ୱ ବଢୁଥାଏ ।

ଅଧାର୍ମିକ ବ୍ୟକ୍ତିର ଯାନ-ବାହନ ଓ ଚାକର ଥାଆନ୍ତି, ତାଙ୍କୁ ଶାରୀରିକ ପରିଶ୍ରମ କରିବାକୁ ହୁଏ ନାହିଁ, ସେ'ନେଇ ଠିକ୍ ଠିକ୍ କ୍ଷୁଧା ଲାଗେ ନାହିଁ । ବହୁତ ପ୍ରକାର ତରକାରି, ମୂଲ୍ୟବାନ୍ ଭୋଜନ କରିବା ସତ୍ତ୍ୱେ ତୃପ୍ତି ଆସେ ନାହିଁ, ରୋଗରେ କଷ୍ଟ ଭୋଗିବାକୁ ହୁଏ । ଧାର୍ମିକ ବ୍ୟକ୍ତି ଚାଲି କରି ଅଫିସ ଯିବା ଆସିବା କରିବାରେ ଶରୀର ସୁସ୍ଥ ଥାଏ, କ୍ଷୁଧା ଭଲଭାବେ ଲାଗେ । ଗୋଟିଏ ଡାଲି, ଗୋଟିଏ ତରକାରିରେ ଅମୃତ ଭୋଜନର ତୃପ୍ତି ଆସେ । ଅନ୍ୟ ବ୍ୟକ୍ତିର ହାତେ ବହଳ ଶେଯ, ଇଲେକ୍ଟ୍ରି ପଙ୍କା ଥିବା ସତ୍ତ୍ୱେ ନାନା ପ୍ରକାର ବିଚାର ଆସି ମସ୍ତିଷ୍କକୁ ବ୍ୟସ୍ତ କରି ଦିଅନ୍ତି, ଏ ପାଖ ସେ ପାଖ ହୋଇ ବହୁ କଷ୍ଟରେ ନିଦ୍ରା ଆସେ, ନିଦ୍ରିତାବସ୍ଥାରେ ବୀଭତ୍ସ ସ୍ୱପ୍ନ ଦେଖେ । ଧାର୍ମିକ ବ୍ୟକ୍ତି ସାଧାରଣ ଶେଯରେ ଶୁଏ, ତା'ର ପଙ୍କା ନ ଥାଏ, କିନ୍ତୁ ଭଗବାନଙ୍କୁ ସ୍ମରଣ କରି ମନ ଏକାଗ୍ର କରେ, ଶାନ୍ତି, ଆନନ୍ଦରେ ମଗ୍ନ ହୋଇଯାଏ, ସେହି ଆନନ୍ଦରେ ଶୀଘ୍ର ନିଦ୍ରା ଆସେ, ସ୍ୱପ୍ନରେ ମଧ୍ୟ ଆନନ୍ଦ ଅନୁଭବ କରେ । ଏହିପରି ପ୍ରତ୍ୟେକ କାର୍ଯ୍ୟରେ ଧାର୍ମିକ ବ୍ୟକ୍ତି କମ୍ ଖର୍ଚ୍ଚ କରେ ଆନନ୍ଦ ଓ ଶାନ୍ତିରେ ରହେ । ଅଧାର୍ମିକ ବ୍ୟକ୍ତି ବହୁତ ଅଧିକ ଖର୍ଚ୍ଚ କରେ ଅଧିକ ଅଶାନ୍ତି ଦୁଃଖରେ ରହେ । ଧାର୍ମିକ ବ୍ୟକ୍ତିର ଆଡ଼ୁଡା-ଚୌଡ଼ା, ଜାକଜମକ ନ ଥିଲେହେଁ ତା' ମଧ୍ୟରେ ଥିବା ଶାନ୍ତି, ସନ୍ତୋଷ ଆନନ୍ଦର ପ୍ରଭାବ ପଡ଼େ ସ୍ତ୍ରୀ, ପୁତ୍ରାଦି ପରିବାରବର୍ଗଙ୍କ ଉପରେ । ସେମାନଙ୍କ ହୃଦୟ କ୍ରମଶଃତ ଶୁଦ୍ଧ ହୁଏ; ସେମାନେ କ୍ରମେ ସେହି ମାର୍ଗକୁ ଅନୁସରଣ କରନ୍ତି ଓ ଦେବତା ତୁଲ୍ୟ ମାନନ୍ତି । ପରସ୍ପର ଭିତରେ ଶତ୍ରୁତା ନ ଥାଏ, ଈର୍ଷା ବିରୋଧ ନ ଥାଏ । ସେମାନଙ୍କ ଘର ହୁଏ ସ୍ୱର୍ଗ ତୁଲ୍ୟ । ଧନୀ ବ୍ୟକ୍ତିର ଭୌତିକ ଭୋଗ ବିଳାସ ବସ୍ତୁ ପୂର୍ଣ୍ଣଥିବା ସତ୍ତ୍ୱେ ସେମାନଙ୍କର କୌଣସି ଉଚ୍ଚ ଲକ୍ଷ୍ୟ ନ ଥାଏ, ସେମାନେ ଭୌତିକ ସୁଖ, ସୁବିଧାକୁ ସର୍ବସ୍ୱ ମାନି ଥାଆନ୍ତି, ସେହି କାରଣରୁ ସେମାନଙ୍କ ମଧ୍ୟରେ ଥାଏ ଭୋଗ ବାସନା, ତା'ର ଫଳ ସ୍ୱରୂପ ହୁଏ ପରସ୍ପର ମଧ୍ୟରେ ଶତ୍ରୁତା । ଅଧ୍ୟାତ୍ମ ଧର୍ମ ଆଚରଣ କରୁଥିବା ବ୍ୟକ୍ତିର କ୍ରମଶଃ ଦୁର୍ଗୁଣ ହ୍ରାସ ହୁଏ, ସଦ୍‌ଗୁଣ ବୃଦ୍ଧି ହୁଏ । ଏଥିପାଇଁ ତା' ଜୀବନରେ ଗୃହ, ପାରିବାରିକ ଜୀବନ, ଚାକିରି, ବ୍ୟବସାୟ, ସାମାଜିକ ଜୀବନ ଅର୍ଥାତ୍ ଜାଗତିକ ବ୍ୟବହାରରେ ସୁଖ, ଶାନ୍ତି ମିଳେ ଏବଂ ଏହି କର୍ମ ମାଧ୍ୟମରେ ସେ ଜୀବନର ପରମ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତ କରେ । ପ୍ରତ୍ୟେକ ଦିଗରୁ ଦେଖିଲେ ଅଧ୍ୟାତ୍ମ-ଧର୍ମର ଆଶ୍ରୟ ନେବା ମନୁଷ୍ୟର ଏକମାତ୍ର କର୍ତ୍ତବ୍ୟ ।

ପ୍ରଶ୍ନ : ଧାର୍ମିକ ଆଉ ଅଧାର୍ମିକ ବ୍ୟକ୍ତିଙ୍କ ବିଷୟରେ ଯେପରି ଆଲୋଚନା କଲେ, ତାହା କ'ଣ ଅତିରଞ୍ଜିତ ନୁହେଁ ?

ଉତ୍ତର : ନାହିଁ, ଅତିରଞ୍ଜିତ ନୁହେଁ, ଏହା ଉଭୟ ବ୍ୟକ୍ତିର ପୂର୍ଣ୍ଣ ଅବସ୍ଥାର ବର୍ଣ୍ଣନା । ଅବସ୍ଥା ଆଉ ପରିସ୍ଥିତି ଅନୁସାରେ ଦୁଃଖ ଏବଂ ସୁଖ କମ୍ ବେଶୀ ହୋଇପାରେ । ମୋଟ ଉପରେ ଅଧ୍ୟାତ୍ମ-ଧର୍ମୀ ବ୍ୟକ୍ତି ପ୍ରତ୍ୟେକ ଅବସ୍ଥାରେ ଅଧାର୍ମିକ ବ୍ୟକ୍ତିଠାରୁ ସୁଖକର ଜୀବନ ଯାପନ କରେ, ଏହା ନିର୍ବିବାଦ ଓ ସତ୍ୟ ।

ପ୍ରଶ୍ନ : ଏହା ଠିକ୍, କିନ୍ତୁ ବର୍ତ୍ତମାନ ସମାଜରେ ପ୍ରତ୍ୟେକ କ୍ଷେତ୍ର – ସର୍ଭିସ, ବେପାର, ରାଜନୀତି ହେଉଛି ଅନ୍ୟାୟର ସାମ୍ରାଜ୍ୟ, ବ୍ୟବହାରରେ ଜଣେ ଧାର୍ମିକ ବ୍ୟକ୍ତି ସକାଶେ ବହୁତ ଅସୁବିଧା । ତା'ର ସତ୍ୟ, ନ୍ୟାୟ ପାଳିତ ହେବାର ବହୁତ ପ୍ରତିବନ୍ଧକ । ଉଦାହରଣରୂପେ ଯେପରି ଓଭରସିୟର୍ ଏବଂ ଉପରିସ୍ଥ ଇଞ୍ଜିନିୟର୍ ଠିକାଦାରଙ୍କ ବିଲ୍ ଯଥାର୍ଥ ଖର୍ଚ୍ଚଠାରୁ ଅଧିକ ପାସ୍ କରିଦେଲେ । ଏମାନଙ୍କ ମଧ୍ୟସ୍ଥ ଆସିଷ୍ଟାଣ୍ଟ୍ ଇଞ୍ଜିନିୟର୍ ଯଦି ସତ୍ୟ ଓ ନ୍ୟାୟରେ କାର୍ଯ୍ୟ କରିବାକୁ ଚାହାନ୍ତି ତେବେ ସେ କ'ଣ କରିବେ ? ଏହିପରି ପୁଲିସ ବିଭାଗ ଓ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ପ୍ରାୟ ସର୍ବତ୍ର । ଏପରି ସ୍ଥଳରେ ସତ୍ୟ, ନ୍ୟାୟପରାୟଣ ଅଧ୍ୟାତ୍ମ-ଧର୍ମୀ ବ୍ୟକ୍ତି କିପରି କାମ କରିପାରିବେ ?

ଉତ୍ତର : ପ୍ରତ୍ୟେକ ପରିସ୍ଥିତିରେ ମନୁଷ୍ୟର ସତ୍ୟ ପାଳନ କରିବାର ଭିନ୍ନ ଭିନ୍ନ ମାର୍ଗ ଥାଏ, ଏଣୁ ତାହା ପୂର୍ବରୁ ନିର୍ଦ୍ଧାରିତ କରାଯାଇପାରେ ନାହିଁ । ପରିସ୍ଥିତି ସ୍ୱୟଂ ମାର୍ଗ ଦର୍ଶାଇ ଦିଏ । ପ୍ରଶ୍ନଟି ଠିକ୍ ଏହିପରି ଯେପରି କୌଣସି ବ୍ୟକ୍ତି ଭଗବାନଙ୍କୁ ପ୍ରାପ୍ତ କରିବା ସକାଶେ ଘର ପରିବାର, ସମାଜ ପରିତ୍ୟାଗ କରି ଯିବା ପୂର୍ବରୁ ଭାବେ – ଭୋଜନ ଓ ବସ୍ତ୍ର କିଏ ଦେବ ? ପରିବାର ତ ନ ଥିବେ, ବେମାର ହେଲେ କିଏ ସେବା କରିବ ? ଉପାର୍ଜନ ତ କରିବି ନାହିଁ, ଘର ବା କୁଡ଼ିଆ ତିଆରି କରି ପାରିବି କିପରି ? ବର୍ଷା, ଖରାରେ ରହିବି କିପରି ? ଏପରି ବ୍ୟକ୍ତି କେବେ ବି ଘର ଛାଡ଼ି ପାରିବ ନାହିଁ କିଂବା ଭଗବତ୍ ପ୍ରାପ୍ତି କରିପାରିବ ନାହିଁ । ଏପରି ଲୋକ ସକାଶେ ପୂର୍ବରୁ ଭୋଜନ, ବସ୍ତ୍ର, ରହିବା ଘର ପ୍ରଭୃତି ଠିକ୍ କରାଗଲେ ସେ ଘର ଛାଡ଼ିପାରେ । ଏପରି ଦୁର୍ବଳ, ସ୍ୱାର୍ଥପର ବ୍ୟକ୍ତିଙ୍କ ଦ୍ୱାରା କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସିଦ୍ଧ ହୁଏ ନାହିଁ । ଏପରି ବ୍ୟକ୍ତି କେବେ ବି ଉତ୍କୃଷ୍ଟ ଜୀବନ ପ୍ରାପ୍ତ କରିପାରନ୍ତି ନାହିଁ । ଶ୍ରେଷ୍ଠ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସାହସୀ ବୀରଙ୍କ ସକାଶେ, ଭୀରୁଙ୍କ ସକାଶେ ନୁହେଁ । ତୁମେ ଯଦି ଦୃଢ଼ସଂକଳ୍ପ କରି ନିଷ୍ଠାର ସହିତ କୌଣସି ଶ୍ରେଷ୍ଠ କାର୍ଯ୍ୟ ସାଧିତ କରିବାକୁ ଚାହଁ ତେବେ ତୁମ କାର୍ଯ୍ୟରେ ବାଧା ଆସିବ, ସେହି ବାଧାକୁ ଜୟ କରି ବିଜୟାନନ୍ଦ ପ୍ରାପ୍ତ କରିବାକୁ ହେବ । ସେହି କାର୍ଯ୍ୟରେ ପରିସ୍ଥିତି ଅନୁସାରେ ସମାଧାନ ମଧ୍ୟ ଆସିବ । ଯେଉଁ ସତ୍ୟ ତୁମେ ପାଳନ କରୁଛ, ସେହି ସତ୍ୟ ତୁମକୁ ଯଥାର୍ଥ ମାର୍ଗ କହିଦେବ । ସତ୍ୟ ନିଷ୍ଠ ଭାବରେ କାର୍ଯ୍ୟ କରି ମନୁଷ୍ୟ ବିପଦରୁ କିପରି ରକ୍ଷା ପାଏ ତାହାର ଗୋଟିଏ ଉଦାହରଣ ନିମ୍ନରେ ଦିଆଗଲା –

ଜଣେ ଅଧ୍ୟାପକ ୧୯୫୫ ମସିହାରୁ ଆଶ୍ରମକୁ ସାମୟିକ ଭାବରେ ଆସୁଛନ୍ତି । ସେ ଜଣେ ଅଧ୍ୟାତ୍ମ ସାଧକ । ପ୍ରତ୍ୟେକ କାର୍ଯ୍ୟ ଭଗବାନଙ୍କ ସେବା ମନେ କରି କରନ୍ତି । ସେ ନ୍ୟାୟ ପରାୟଣ ଏବଂ ସତ୍ୟବାଦୀ । ସେହି ପ୍ରାନ୍ତରେ ଜଣେ ଦେଶ ନେତା ଗୋଟିଏ କଲେଜ ନିର୍ମାଣ କରି ତାଙ୍କୁ ପ୍ରିନ୍‌ସିପାଲ ସ୍ଥାନ ଦେଲେ । ଏହି ପ୍ରିନ୍‌ସିପାଲଙ୍କ କଠୋର ପରିଶ୍ରମ, ସତ୍ୟ ଆଚରଣରେ ବର୍ଷେ ଦୁଇବର୍ଷ ମଧ୍ୟରେ ଛାତ୍ର ସଂଖ୍ୟା କଲେଜରେ ଦେଢ଼ ହଜାରରୁ ଅଧିକ ହୋଇଗଲା । ଘର ତିଆରି କରିବାକୁ, ଯନ୍ତ୍ରପାତି ଖରିଦ କରିବାକୁ କେନ୍ଦ୍ର ସରକାରଙ୍କଠାରୁ ପ୍ରଚୁର ଟଙ୍କା ମିଳିଲା । ଛାତ୍ର ଅଧିକ ହେବାରୁ ସେମାନଙ୍କର ବେତନ ମାଧ୍ୟମରେ କଲେଜର ଆୟ ବଢ଼ିଲା । ଟଙ୍କାର ଆଉ ଅଭାବ ରହିଲା ନାହିଁ । ନେତାମାନଙ୍କର ନିଜ ପାର୍ଟି ସକାଶେ ଟଙ୍କାର ଆବଶ୍ୟକତା ବରାବର ରହିଥାଏ । ସେ କଲେଜଟି ସେହି ନେତାଙ୍କ ପରିଶ୍ରମରେ ନିର୍ମିତ । କଲେଜର ଘର ତିଆରି ହେବା, କଲେଜ ଭଲଭାବରେ ଚଳିବାପରେ ଯଦି କିଛି ଟଙ୍କା ଆତ୍ମସାତ୍ କରାହୁଏ, ତେବେ ତାଙ୍କ ମତରେ ସେଇଟା ଅନ୍ୟାୟ ନୁହେଁ । ଏଥିରେ ପ୍ରିନ୍‌ସିପାଲ୍ ସାହେବ ବି ରାଜି ହୋଇ ଥାଆନ୍ତେ । କିନ୍ତୁ ସେ ଥିଲେ ସାଧକ, ନ୍ୟାୟ ଅନ୍ୟାୟ ନିର୍ଣ୍ଣୟ କରୁଥିଲା ତାଙ୍କ ଆତ୍ମା । ପ୍ରିନ୍‌ସିପାଲ୍ ମିଥ୍ୟା ନ ଲେଖିଲେ ସେକ୍ରେଟେରୀ ବା ଟଙ୍କା ପାଉଛନ୍ତି କିପରି । ପ୍ରିନ୍‌ସିପାଲ୍‌ଙ୍କ ସମ୍ମୁଖରେ ଦୁଇଟି ସମସ୍ୟା ଉପସ୍ଥିତ ହେଲା । କଲେଜଟି ଘରୋଇ (Private), ଏଣୁ ପରିଚାଳନା କମିଟିରେ ଭୋଟାଧିକ୍ୟରେ ପ୍ରିନ୍‌ସିପାଲ୍‌ଙ୍କୁ ବିତାଡ଼ିତ କରି ପାରିବାର ସମ୍ଭାବନା ରହିଛି, କାରଣ ମେମ୍ବରମାନେ ସେକ୍ରେଟେରୀଙ୍କ ନିଜର ଲୋକ । ଏପରି ପରିସ୍ଥିତିରେ ପ୍ରିନ୍‌ସିପାଲ୍‌ଙ୍କୁ ଚାକିରି ଛାଡ଼ି ଯିବାକୁ ହେବ ନଚେତ୍ ମିଥ୍ୟା ଲେଖି ସେକ୍ରେଟେରୀଙ୍କ ସହିତ ଟଙ୍କା ଆତ୍ମାସାତ୍ କରି ସାଥି ମାଲାମାଲ ହେବାକୁ ହେବ । ସେ ମିଥ୍ୟା ନ ଲେଖିବା ପାଇଁ ସ୍ଥିର କଲେ । ସେକ୍ରେଟେରୀଙ୍କ ସ୍ୱାର୍ଥ ଓ ସମ୍ମାନ ବ୍ୟାହତ ହେବାରୁ ସେ ନାନା ପ୍ରକାର ଉପାୟରେ ପ୍ରିନ୍‌ସିପାଲ୍‌ଙ୍କୁ ବାହାର କରିବାକୁ ଚେଷ୍ଟା କଲେ । ସ୍ମରଣ ରଖ, ମନୁଷ୍ୟ ଯଦି ସତ୍ୟରେ ଦୃଢ଼ ରହେ ତେବେ ବିଜୟ ଅବଶ୍ୟମ୍ଭାବୀ । ଛାତ୍ର ବଢ଼ିବା ସଙ୍ଗେ ସଙ୍ଗେ ସେକ୍ରେଟେରୀଙ୍କ ଦ୍ୱାରା କଲେଜରେ ଅଧିକ ସଂଖ୍ୟାରେ ଅଧ୍ୟାପକମାନେ ନିଯୁକ୍ତି ପାଇଲେ ଏବଂ ପ୍ରିନ୍‌ସିପାଲଙ୍କ ଆଦେଶ ଅମାନ୍ୟ କରିବାକୁ ସେକ୍ରେଟେରୀ ସେମାନଙ୍କୁ ଗୋପନ ନିର୍ଦ୍ଦେଶ ଦେଲେ, ଯାହାଫଳରେ କି କଲେଜରେ ବିଶୃଙ୍ଖଳା ସୃଷ୍ଟି ହୁଅନ୍ତା, ପ୍ରିନ୍‌ସିପାଲ୍ ଅଯୋଗ୍ୟ ବୋଲି ପ୍ରମାଣିତ ହୁଅନ୍ତେ ଏବଂ ତାଙ୍କୁ ଅନାୟାସରେ ବାହାର କରି ଦିଆଯାଇ ପାରନ୍ତା । ପ୍ରିନ୍‌ସିପାଲ୍ ଲାବୋରେଟରୀରେ ଭଲ ଭଲ ଯନ୍ତ୍ରପାତି ମଗାଉ ଥିଲେ, ବିଜ୍ଞାନ ଛାତ୍ରମାନଙ୍କ ପଢ଼ିବା, ଗବେଷଣା କରିବାକୁ ସୁବିଧା ହେଉଥିଲା । ସ୍ୱୟଂ କଠିନ ପରିଶ୍ରମ କରି କ୍ଲାସରେ ପଢ଼ାଇବା ସଙ୍ଗେ ସଙ୍ଗେ କଲେଜର ସୁବ୍ୟବସ୍ଥା କରୁଥିଲେ । ପ୍ରିନ୍‌ସିପାଲ୍‌ଙ୍କ ସତ୍ୟନିଷ୍ଠା, ନ୍ୟାୟପରାୟଣତା

ଏବଂ ସେକ୍ରେଟେରୀଙ୍କ ସ୍ୱାର୍ଥପରତା ଭାବ ଛାତ୍ର ତଥା ଛାତ୍ର ଅଭିଭାବକମାନେ କ୍ରମେ ଜାଣିଲେ । ଏହା କ୍ରମଶଃ ବିଶ୍ୱ-ବିଦ୍ୟାଳୟ ରେଜିଷ୍ଟ୍ରାର ଓ କୁଳପତିଙ୍କ ଶ୍ରୁତିଗୋଚର ହେବା ସଙ୍ଗେ ସଙ୍ଗେ ଶିକ୍ଷା ବିଭାଗ ମନ୍ତ୍ରୀଙ୍କ କାନକୁ ମଧ୍ୟ ଗଲା । ଶେଷରେ ପ୍ରିନ୍‌ସିପାଲଙ୍କ ସତ୍ୟ ଓ ନ୍ୟାୟ ପରାୟଣତା ଓ ସେକ୍ରେଟେରୀଙ୍କ ସ୍ୱାର୍ଥପରତା ବାହାରେ ପ୍ରକାଶିତ ହୋଇଗଲା । ସେକ୍ରେଟେରୀଙ୍କ ପ୍ରିନ୍‌ସିପାଲ୍‌ଙ୍କୁ ବାହାର କରିଦେବାର ପୂର୍ଣ୍ଣ ଅଧିକାର ଥିବା ସତ୍ତ୍ୱେ, ତାଙ୍କର ନାନା ପ୍ରକାର ଷଡ଼ଯନ୍ତ୍ର ବ୍ୟର୍ଥ ହେଲା । ବର୍ତ୍ତମାନ କଲେଜ ସୁଚାରୁରୂପେ ଚାଲୁଛି । ସେ ପ୍ରାନ୍ତରେ ବର୍ତ୍ତମାନ ସରକାର ଆଇନ ପାସ୍ କରି ଦେଇଛନ୍ତି ଯେ ପ୍ରାଇଭେଟ୍ କଲେଜମାନଙ୍କରେ ପରିଚାଳନା କମିଟିଙ୍କର ପୂର୍ଣ୍ଣ ଅଧିକାର ରହିବ ନାହିଁ ।

ଆଜି ଘଟୁଛି, ଐତିହାସିକ ଯୁଗରେ ମଧ୍ୟ ଘଟି ଯାଇଛି, ନ୍ୟାୟର ସର୍ବଥା ବିଜୟ ଓ ଅନ୍ୟାୟର ସର୍ବଥା ପରାଜୟ । ଆରମ୍ଭରେ ନ୍ୟାୟ ପରାୟଣ ବ୍ୟକ୍ତିର ଅସୁବିଧା ହୋଇପାରେ, କିନ୍ତୁ ପରେ ବିଜୟ ଧ୍ରୁବ । ନିଜ ମଧ୍ୟରେ ଆତ୍ମୋପଲବ୍ଧି ଏବଂ ଭଗବାନଙ୍କୁ ସମସ୍ତ କିଛି ସମର୍ପଣ କରି, ତାଙ୍କରି ଦ୍ୱାରା ପରିଚାଳିତ ହେବା ଦ୍ୱାରା ଯଥାର୍ଥ ନ୍ୟାୟ ଓ ସତ୍ୟ ପାଳନ କରାଯାଏ । ଏହାହିଁ ଅଧ୍ୟାତ୍ମ-ଧର୍ମ, ଏହାହିଁ ଜୀବନର ଲକ୍ଷ୍ୟ । ପ୍ରତ୍ୟେକ ବ୍ୟକ୍ତି ଜ୍ଞାତ ଅଥବା ଅଜ୍ଞାତ ଭାବରେ ସେହି ଏକ ପରମ ସତ୍ୟ ଭଗବାନଙ୍କୁ ଉପଲବ୍ଧି କରିବା ଦିଗରେ ଅଗ୍ରସର ହେଉ ଅଛନ୍ତି ।

ପ୍ରଶ୍ନ : ଯଦି ଚୋର, ଡକାଏତ, ଖୁଣୀ, ଅନ୍ୟାୟୀ, ଅତ୍ୟାଚାରୀ ବ୍ୟକ୍ତି ଭଗବତ୍ ପ୍ରାପ୍ତି ଦିଗରେ ଗତି କରୁଥାଆନ୍ତି ତେବେ ଆମ୍ଭେମାନେ ଅଧ୍ୟାତ୍ମ-ଧର୍ମ ଗ୍ରହଣ କରିବାର ଆବଶ୍ୟକତା କ'ଣ ?

ଉତ୍ତର : ଖୁଣୀ, ଚୋର, ଡକାଏତ୍ ଈଶ୍ୱରଙ୍କ ଦିଗରେ ଗତି କରୁଅଛନ୍ତି ସତ, କିନ୍ତୁ ଅଯଥାର୍ଥ, ଭ୍ରମପୂର୍ଣ୍ଣ, ଅନ୍ଧକାରମୟ, ଭୟସଂକୁଳ ଜଙ୍ଗଲରେ । ମାର୍ଗରେ ଅଭାବ, କଣ୍ଟକ ପୂର୍ଣ୍ଣ ବିପଦ ସଂକୁଳ ଅନିଶ୍ଚିତ ଲକ୍ଷ୍ୟ ଦିଗରେ ସେମାନେ ଭ୍ରମି ଭ୍ରମି, ଜଙ୍ଗଲ ମଧ୍ୟରେ ଅକଳ୍ପନୀୟ ଦୁଃଖ, କଷ୍ଟ ଭୋଗିବାରେ ବହୁ ଜନ୍ମ, ଅସଂଖ୍ୟ ବର୍ଷ ବ୍ୟତୀତ କରିବାପରେ, ଦୁଃଖ କଷ୍ଟ ଦ୍ୱାରା ଅଳ୍ପ ଅଳ୍ପ ସଚେତ ହୋଇ ଦିନେ ଉପଲବ୍ଧି କରିବେ ଭଗବତ୍ ପ୍ରାପ୍ତିର ଏକାମାତ୍ର ଉପାୟ ଅଧ୍ୟାତ୍ମ-ଧର୍ମ । ସେତେବେଳେ ସେମାନେ ସଚେତ ହୋଇ ଅଧ୍ୟାତ୍ମ-ମାର୍ଗକୁ ଅବଲମ୍ବନ କରି ଭଗବତ୍ ପ୍ରାପ୍ତି କରିବେ ଏବଂ ଜନ୍ମ-ମୃତ୍ୟୁ ଦ୍ୱନ୍ଦ୍ୱରୁ ମୁକ୍ତ ହେବେ । ଯେପର୍ଯ୍ୟନ୍ତ ମନୁଷ୍ୟ ଅଧ୍ୟାତ୍ମ-ଧର୍ମ ଅବଲମ୍ବନ ନ କରିଛି ସେପର୍ଯ୍ୟନ୍ତ ସେ କଦାପି ସୁଖ ପ୍ରାପ୍ତି କରିପାରିବ ନାହିଁ, ନିଜ ଲକ୍ଷ୍ୟରେ ପହୁଞ୍ଚି ପାରିବ ନାହିଁ । ମନୁଷ୍ୟ ଏହି ଭ୍ରମ ଦୂର କରିବା ପାଇଁ ସମୟ ସମୟରେ ଭଗବାନ୍ ଅଥବା ତାଙ୍କ ବିଭୂତି ଓ ମହାପୁରୁଷମାନେ ପୃଥିବୀକୁ ଆସି ନିଜ ନିଜ ଉପଦେଶ ଆଉ ଆଚରଣ ଦ୍ୱାରା ଲୋକଙ୍କୁ ସତ୍ୟ, ନ୍ୟାୟ ଓ ଯଥାର୍ଥ ମାର୍ଗରେ ନିର୍ଦ୍ଦେଶ ଦିଅନ୍ତି । ବର୍ତ୍ତମାନ ସେହି ସୁଯୋଗ । ମହାପୁରୁଷଙ୍କ ଆସିବା ସମୟରେ ବ୍ୟକ୍ତି ଅଳ୍ପ ପରିଶ୍ରମରେ ମହାନ୍ ସତ୍ୟବସ୍ତୁ ଉପଲବ୍ଧି କରେ । ସେହି ସକାଶେ ମହାପୁରୁଷଙ୍କ ଆସିବା ସମୟ ଗୋଟିଏ ସୁବର୍ଣ୍ଣ ସୁଯୋଗ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । କଳିଯୁଗର ଶେଷ, ସତ୍ୟଯୁଗର ଆଗମନ । ଏହି ସମୟରେ ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ସତ୍ୟନିଷ୍ଠ ଭାବରେ ନୂତନ ସତ୍ୟକୁ ଗ୍ରହଣ କରିବେ, ତେତେଶୀଘ୍ର ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ଅନ୍ୟାୟ, ଅତ୍ୟାଚାର ଦୂର ହେବ ଏବଂ ଆତ୍ମୋପଲବ୍ଧି ଆସିବ । ଏହି ସତ୍ୟ ଗ୍ରହଣ ଦ୍ୱାରା ନିଜର, ପରିବାର, ସମାଜ ଏବଂ ସର୍ବୋପରି ମନୁଷ୍ୟ ଜାତିର କଲ୍ୟାଣ ସାଧିତ ହେବ । ଏହାହିଁ ଦେଶ, ମନୁଷ୍ୟ ଜାତି, ଭଗବାନଙ୍କର ଶ୍ରେଷ୍ଠସେବା ।

ପ୍ରଶ୍ନ : ସାଂସାରିକ କୌଣସି ପ୍ରକାର ଐଶ୍ୱର୍ଯ୍ୟରେ, ଦାନ, ଯଜ୍ଞ ଇତ୍ୟାଦି ଶୁଭ କର୍ମରେ, ମନୁଷ୍ୟ ପରମ ସୁଖ ପ୍ରାପ୍ତ କରିପାରେ ନାହିଁ, ଏହା ସତ୍ୟ ଜାଣି ତଥାପି ସୁଦ୍ଧା ମନୁଷ୍ୟ ଅଧ୍ୟାତ୍ମ-ଧର୍ମ ଆଚରଣ କରେ ନାହିଁ କାହିଁକି ?

ଉତ୍ତର : ସାଂସାରିକ ଜୀବନ ମଧ୍ୟରେ କର୍ମ କୋଳାହଳ ଅଧ୍ୟାତ୍ମ-ଧର୍ମ ଆଚରଣ କରିବାର କୌଣସି ଉପାୟ ନ ଥିଲା, କାରଣ ଅତିମାନସ ଶକ୍ତି ଏହି ପୃଥିବୀକୁ ଅବତରଣ କରି ଆସି ନ ଥିଲା । ଅତିମାନସ ଶକ୍ତି ଦ୍ୱାରା ଅନ୍ଧକାର ଶକ୍ତିର ରୂପାନ୍ତର ବିନା ସାଂସାରିକ ଜୀବନରେ ସାମୂହିକ ଭାବରେ ଅଧ୍ୟାତ୍ମ ଭିତ୍ତିରେ କର୍ମ ସମ୍ପାଦନ କରିବା ସମ୍ଭବ ନ ଥିଲା । ପୁରାତନ ସମସ୍ତ ଯୋଗ ସିଦ୍ଧାନ୍ତ ଅନୁସାରେ ଅଧ୍ୟାତ୍ମ-ଧର୍ମ ଗ୍ରହଣ କରିବାକୁ ହେଲେ ଗୃହ, ପରିବାର ତ୍ୟାଗ କରିବାର ଆବଶ୍ୟକତା ଥିଲା । ଏହା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସମ୍ଭବ ନ ଥିଲା । ସେଥିପାଇଁ ବ୍ୟକ୍ତି କିଂକର୍ତ୍ତବ୍ୟ-ବିମୂଢ଼

ହୋଇ ସେହି ଦୁଃଖ, କଷ୍ଟ ସଂସାରରେ ଜୀବନ ଯାପନ କରିବାକୁ ବାଧ ହେଉଥିଲା । ତାହାଠାରୁ ଶ୍ରେଷ୍ଠ ଜୀବନ ସେମାନଙ୍କୁ ପ୍ରାପ୍ତ ହୋଇପାରିବ ବୋଲି ସେ କେବେ କଳ୍ପନା କରିପାରୁ ନ ଥିଲେ । ବର୍ତ୍ତମାନ ତା'ର ସମୟ ଆସିଛି । ଅତିମାନସ ଶକ୍ତି ଏହି ପୃଥିବୀକୁ ଅବତରଣ କରିବାରୁ ମନୁଷ୍ୟ ଚେତନାର ବିକାଶ ହୋଇଛି । ଯେଉଁମାନଙ୍କ ଚେତନା କିଛି ମାତ୍ର ବିକଶିତ ହୋଇଛି ସେମାନେ ଆଉ ପୁରାତନ ପରିସ୍ଥିତି ଓ ସଂସାର ଜୀବନରେ ସନ୍ତୁଷ୍ଟ ରହିପାରୁ ନାହାନ୍ତି, ନୂତନ କିଛି ଖୋଜୁଛନ୍ତି । ପୂର୍ବେ ଅଧିକାଂଶ ଲୋକ ନ ପଢ଼ି, ଦେଶ ସମ୍ବନ୍ଧରେ, ରାଜନୀତି ସମ୍ବନ୍ଧରେ କିଛି ନ ଜାଣି କେବଳ ଉଦର ପୂର୍ତ୍ତିର ଉପାୟ କରି ସନ୍ତୁଷ୍ଟ ରହୁଥିଲେ । ଆଜି ଚେତନା ବିକଶିତ ହେବାରୁ, ସେମାନେ ଯେପରି ପୂର୍ବ ସ୍ଥିତିରେ ରହିବା ପସନ୍ଦ କରୁ ନାହାନ୍ତି ସେହିପରି ସଂସାର ଜୀବନରେ ଅଭିଜ୍ଞତା ପ୍ରାପ୍ତ ହୋଇ ମଧ୍ୟ ସେହି ଅବସ୍ଥାକୁ ପସନ୍ଦ ନ କରି ନୂତନ କିଛି ଖୋଜୁଛନ୍ତି । ଅତିମାନସ ଶକ୍ତିର ପ୍ରଭାବ ବଢୁଛି ଚେତନାର ସମସ୍ତ ସ୍ତରରେ । ଯେ ଯେଉଁ ସ୍ତରରେ ଅଛି ସେ ସେଠାରେ ଉପର ସ୍ତରକୁ ଯିବାକୁ ଚାହୁଁଛି ।

ପ୍ରଶ୍ନ : ଏହି ଅଧ୍ୟାତ୍ମ-ଧର୍ମ ଆଚରଣ କରିବାର ଉପାୟ କ'ଣ ?

ଉତ୍ତର : ଏହାର ଉପାୟ ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଏବଂ ଚେତନା ଏକାଗ୍ରତା ସକାଶେ ଧ୍ୟାନ । ଏହି ସମ୍ବନ୍ଧରେ ''ଶ୍ରୀଅରବିନ୍ଦ ଯୋଗ ଓ ସାଧନା'' ବହି ପ୍ରଥମ ଓ ଦ୍ୱିତୀୟ ଭାଗରେ ଆଲୋଚନା ହୋଇଅଛି । ପରେ କ୍ରମଶଃ ଶ୍ରୀଅରବିନ୍ଦ ଲୋକ-ସାହିତ୍ୟରେ ଆଲୋଚନା କରାହେବ । ଏଥିରେ କେବଳ ଯଥାର୍ଥ ସୁଖ ଓ ଜୀବନର ଲକ୍ଷ୍ୟ ପ୍ରାପ୍ତିର ଉପାୟ ଅଧ୍ୟାତ୍ମ-ଧର୍ମ ବିଷୟ ଆଲୋଚନା କରାହେଲା । ଯେଉଁମାନେ ଜୀବନର ପରମ ଉଦ୍ଦେଶ୍ୟ ଜାଣି ତାହା ପ୍ରାପ୍ତି ନିମିତ୍ତ ସାଧନା କରିବାକୁ ଚାହାନ୍ତି ସେମାନେ ନିଜ ପାଖରେ ଗୋଟିଏ ଫାଇଲ୍ ରଖନ୍ତୁ । ପ୍ରତି ମାସରେ ପ୍ରକାଶ ପାଉଥିବା ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ ମଗାଇ ନେଇ ଫାଇଲରେ ଏକତ୍ର କରନ୍ତୁ । ସେଥିରୁ ଧ୍ୟାନ, ଅଭୀପ୍ସା, ସମର୍ପଣ, ଜୀବନର ଲକ୍ଷ୍ୟ, ସାଧନାର ପ୍ରଣାଳୀ, ଅତିମାନସର ଅବତରଣ ଇତ୍ୟାଦି ବହୁତ ବିଷୟରେ ପ୍ରତିମାସରେ ପ୍ରକାଶିତ ହେବ । ତାହାଦ୍ୱାରା ଜୀବନର ଯଥାର୍ଥ ମାର୍ଗରେ ଯାତ୍ରା କରିବାରେ ସାହାଯ୍ୟ ପାଇବେ । ବୁଝିପାରିବେ ବ୍ୟକ୍ତି, ସଂସାର, ପରିବାର ତ୍ୟାଗ ନ କରି ଅଧ୍ୟାତ୍ମ-ଧର୍ମ ସାହାଯ୍ୟରେ ସାଂସାରିକ କର୍ମ, ପଢ଼ିବା ସତ୍ତ୍ୱେ, ସର୍ଭିସ କରିବା ବ୍ୟବସାୟ କରିବା ଇତ୍ୟାଦି କିପରି ଭାବରେ ପୂର୍ଣ୍ଣରୂପେ ସତ୍ୟ ଓ ନ୍ୟାୟରେ ସମ୍ପାଦନ କରିପାରେ ।

ମନୁଷ୍ୟ ଭଗବାନଙ୍କ ଅଂଶ, ସତ୍ୟ-ସ୍ୱରୂପ; ସେ ଦିନେ ତା'ର ସ୍ୱରୂପକୁ ଅବଶ୍ୟ ପ୍ରାପ୍ତ କରିବ ।

❖

ଅବତାରଙ୍କ ଉଦ୍ଦେଶ୍ୟ

ୟଦା ୟଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ୟୁଗେ ୟୁଗେ ॥

(ଗୀତା)

ଠିକ୍ ଏହାରି ଅନୁବାଦ ସ୍ୱରୂପ ତୁଳସୀଦାସଜି 'ରାମଚରିତମାନସ'ରେ କହିଅଛନ୍ତି :

ଯବ ଯବ ହେଇ ଧରକେ ହାନି ।
ବାଢ଼ଇ ଅସୁର ଅଧମ ଅଭିମାନି ॥
ତବ ତବ ଧରି ହରି ମନୁଜ ଶରୀରା ।
ହରହି କୃପାନିଧି ସଜ୍ଜନ ଗିରା ॥

ଯେବେ ଯେବେ ଧର୍ମର ହାନି ହୁଏ, ଅସୁର, ଅଧମ, ଅଭିମାନୀ ବୃଦ୍ଧି ହୁଅନ୍ତି ତେବେତେବେ କୃପାର ନିଧି ଭଗବାନ୍ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହୋଇ ଦୁଷ୍କୃତ ନାଶ କରି ସଜ୍ଜନ, ସାଧୁ, ସଚ୍ଚରିତ୍ର ବ୍ୟକ୍ତିଙ୍କୁ ଉଦ୍ଧାର କରି ଧର୍ମ ସ୍ଥାପନା କରନ୍ତି । ଗୀତା, ରାମାୟଣ ଏବଂ ଅନ୍ୟାନ୍ୟ ଶାସ୍ତ୍ରପୁରାଣରେ ଭଗବାନଙ୍କ ଅବତାର ହେବାର ବହୁତ ଉଦ୍ଦେଶ୍ୟ ବର୍ଣ୍ଣନା କରା ହୋଇଅଛି । ସେଥିରେ ଦୁଇଟି ଉଦ୍ଦେଶ୍ୟ ପ୍ରଧାନ । ପ୍ରଥମ ହେଉଛି 'ପରିତ୍ରାଣାୟ ସାଧୂନାଂ', ଦ୍ୱିତୀୟ ହେଉଛି 'ବିନାଶାୟ ଚ ଦୁଷ୍କୃତାମ୍' ଏବଂ 'ଧର୍ମସଂସ୍ଥାପନ' ।

ଭଗବାନ୍ ସର୍ବସମର୍ଥ । ତାଙ୍କ ସଂକଳ୍ପ ମାତ୍ରେ ସଜ୍ଜନ ଉଦ୍ଧାର ହୋଇ ପାରନ୍ତେ ଓ ଦୁଷ୍କୃତ ବିନାଶ ହୋଇ ପାରନ୍ତେ । କିନ୍ତୁ ଭଗବାନଙ୍କର ଯେଉଁ କୃପାର ସମୁଦ୍ର ଗୁଣ ତାହା ଚରିତାର୍ଥ ହୋଇ ପାରନ୍ତା ନାହିଁ । କାରଣ ସେ ଭକ୍ତଙ୍କ ସହିତ ଜାଗତିକ ସମ୍ବନ୍ଧ ସ୍ଥାପନ କରି ପାରନ୍ତେ ନାହିଁ । ସେ ଭକ୍ତଙ୍କ ସହିତ ଅଭିନ୍ନ, ଏକ । ଭକ୍ତର ହୃଦୟ ଛଡ଼ା ସେ ବୈକୁଣ୍ଠରେ ମଧ୍ୟ ରହିବାକୁ ପସନ୍ଦ କରନ୍ତି ନାହିଁ । ସଜ୍ଜନ ଭକ୍ତ ଦୁଃଖରେ ପ୍ରପୀଡ଼ିତ ହେଲେ ସେ ସହି ପାରନ୍ତି ନାହିଁ । ଭକ୍ତର ଦୁଃଖ ଦୂର କରିବାକୁ ଭକ୍ତ ଯେଉଁ ଶରୀର ଧାରଣ କରିଥାଏ, ଯେଉଁ ଚେତନାରେ ବାସ କରେ ଭଗବାନ୍ ସେହି ଶରୀର ଧାରଣ କରନ୍ତି, ସେହି ଚେତନା ଗ୍ରହଣ କରନ୍ତି । ଭକ୍ତ ପାଖରେ ଗୁରୁ, ପିତା, ମାତା, ଭ୍ରାତା, ସଖା, ପୁତ୍ର ରୂପେ ପ୍ରାପ୍ତ ହୁଅନ୍ତି । ସେମାନଙ୍କ ସଙ୍ଗେ ରହି, ସେମାନଙ୍କ ପରି ଆଚରଣ କରି, ସେମାନଙ୍କ ଦୁଃଖ ଦୂର କରି ସେମାନଙ୍କୁ ପରମାନନ୍ଦ ପ୍ରଦାନ କରନ୍ତି । ଏହି ସମ୍ବନ୍ଧ ଐଶ୍ୱରିକ ଶକ୍ତିରେ ହୁଏ ନାହିଁ, ହୁଏ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଲେ । ମା'ର ସନ୍ତାନ ଜଳରେ ବୁଡ଼ିଗଲେ, ଅଗ୍ନିରେ ପୋଡ଼ିଗଲେ, ସାପକୁ ଧରିବାକୁ ଗଲେ ମା ଅନ୍ୟ ବ୍ୟକ୍ତିକୁ ଆଦେଶ ଦେବାକୁ ଅପେକ୍ଷା କରେ ନାହିଁ, ଶିଶୁକୁ ଉଦ୍ଧାର କରିବା ସକାଶେ ସ୍ୱୟଂ ଜଳରେ ଡେଇଁପଡ଼େ, ଅଗ୍ନିରେ ପ୍ରବେଶ କରେ, ସର୍ପମୁଖରୁ ଶିଶୁକୁ ରକ୍ଷା କରେ । ସେହିପରି ଭଗବାନ୍ ନିଜ ଭକ୍ତକୁ ଉଦ୍ଧାର କରିବା ଭାର ଅନ୍ୟକୁ ନ ଦେଇ ସ୍ୱୟଂ ସେମାନଙ୍କ ମଧ୍ୟରେ ମନୁଷ୍ୟ ଶରୀରରେ ଆସନ୍ତି । ଐଶ୍ୱର୍ଯ୍ୟ ଛାଡ଼ି ମାଧୁର୍ଯ୍ୟରେ ନିଜକୁ ଏପରି ଢାଳି ଦିଅନ୍ତି, ଏପରି ବ୍ୟବହାର କରନ୍ତି ଯେ ପିତାମହ ବ୍ରହ୍ମା, ଦେବରାଜ ଇନ୍ଦ୍ର ବି ମୋହିତ ହୁଅନ୍ତି । ଗୋପରେ ଗୋରୁ ଚରାଇ ଗୋପବାଳକମାନଙ୍କ ସଙ୍ଗେ ବଣଭୋଜି ଏବଂ ଖେଳକୌତୁକ କରିବା ସମୟରେ ବ୍ରହ୍ମା ଚକିତ ହୋଇଗଲେ ।

ଗୋପବାଳକମାନଙ୍କ ସଙ୍ଗେ ଖେଳନ୍ତି, କୁସ୍ତି ଲଢ଼ନ୍ତି, ହାରଜିତରେ କେଉଁ ବାଳକକୁ ନିଜ କାନ୍ଧରେ ବସାଇ ଚାଲନ୍ତି, କେଉଁ ବାଳକର କାନ୍ଧରେ ବସି ଆନନ୍ଦ ପାଆନ୍ତି, କେଉଁ ବାଳକର ଭୋଜନ ପତ୍ରରୁ ଉଚ୍ଛିଷ୍ଟ ଛଡ଼ାଇ ଖାଆନ୍ତି, କେଉଁ ବାଳକ ତାଙ୍କ ହାତ ଧରି ତାଙ୍କ ଖାଇବା ବନ୍ଦ କରି ତାଙ୍କ ପତ୍ରର ଉଚ୍ଛିଷ୍ଟ ନିଜ ଉଚ୍ଛିଷ୍ଟ ହାତରେ ଗପାଗପ ନିଜ ମୁଖରେ ଭର୍ତ୍ତି କରିବାକୁ ଲାଗନ୍ତି । ଏହିସବୁ ଦେଖି ବ୍ରହ୍ମା ହେଲେ ବିସ୍ମିତ । ଭାବିଲେ, ''ଯେଉଁ ବ୍ରହ୍ମର ଆଦି ଅନ୍ତ ମଧ୍ୟ ନାହିଁ, ବେଦ ଯାହାକୁ ପ୍ରତିପାଦନ କରିବାରେ ଅସମର୍ଥ, ଋଷିମୁନି ଯାହାର ପାର ପାଆନ୍ତି ନାହିଁ, ସୃଷ୍ଟି ସର୍ଜନା କରିବା ବ୍ୟକ୍ତି ମୁଁ ବ୍ରହ୍ମା ଯାହାଙ୍କୁ ଜାଣିପାରେ ନାହିଁ, ସେହି ବ୍ରହ୍ମ ଅଜ୍ଞାନ ଶିଶୁ ସଦୃଶ ଖେଳ କୌତୁକରେ ରତ ।'' ଭଗବାନଙ୍କ ଅବତାର ଲୀଳାରେ ବ୍ରହ୍ମାଙ୍କୁ ହେଲା ମୋହ । ସେ ଭଗବାନଙ୍କୁ ଚିହ୍ନି ପାରିଲେ ନାହିଁ । ଶେଷରେ ପରୀକ୍ଷା କରିବାକୁ ଠିକ୍ କଲେ । ଗୋପବାଳକ ଏବଂ ଗୋରୁଙ୍କୁ ନିଜ ମାୟାରେ ହରଣ କରି ନେଇଗଲେ । ରଖିଲେ ବହୁତ ଗୁପ୍ତ ସ୍ଥାନରେ । ବର୍ଷକ ପରେ ଆସି ଦେଖିଲେ ସେହି ଲୀଳା । ଯୋଗବଳରେ ଦେଖିଲେ ହରିଥିବା ଗୋପବାଳକ ଗୋରୁ ସେହିଠାରେ ସୁରକ୍ଷିତ ଅଛନ୍ତି । ଏସବୁ ସେହି ଆକାରରେ ଆସିଲେ କେଉଁଠୁ ? ସ୍ୱୟଂ ଶ୍ରୀକୃଷ୍ଣ ଗୋପବାଳକ ଏବଂ ଗୋରୁ ରୂପରେ ପ୍ରକଟ ହୋଇଥିଲେ । ଏହି ରହସ୍ୟ ବ୍ରହ୍ମା ବୁଝି ନ ପାରି ଭଗବାନଙ୍କୁ ସ୍ତୁତି କଲେ । ଭଗବାନଙ୍କ କୃପାରୁ ମାୟାରୁ ମୁକ୍ତ ହେଲେ ଏବଂ ସମସ୍ତ ଗୋରୁ, ବାଛୁରୀ, ଗୋପବାଳକଙ୍କୁ ଆଣି ଶ୍ରୀଚରଣରେ ସମର୍ପଣ କଲେ । ସମସ୍ତ ଐଶ୍ୱର୍ଯ୍ୟର ସ୍ୱରୂପ ପ୍ରଭୁ କେବଳ କୃପା ପରବଶ ହୋଇ ସଜ୍ଜନଙ୍କୁ ଉଦ୍ଧାର କରିବା ସକାଶେ ଏହି ସଂସାରରେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି ।

ଅନ୍ୟ କାରଣ ହେଉଛି 'ବିନାଶାୟ ଚ ଦୁଷ୍କୃତାମ୍' । ଦୁଷ୍କୃତ ବିନାଶ ହେଲେ ଧର୍ମ ସ୍ଥାପନ ହୁଏ । ବ୍ୟକ୍ତି ନିଜ ପରିସ୍ଥିତି, ଦେଶ, ଜାତି, କାଳ ଅନୁସାରେ ଧର୍ମ ଶବ୍ଦର ଭିନ୍ନ ଭିନ୍ନ ଅର୍ଥ କରେ । ଏପରିକି କୁଳ ପରମ୍ପରା ପଦ୍ଧତି ତଥା ନୈତିକତାକୁ ବି ଧର୍ମ ନାମ ଦେଇଥାଏ । ଉତ୍ତର ଭାରତରେ ପ୍ରତ୍ୟେକ ବ୍ୟକ୍ତି ତଥା ମାନ୍ଦ୍ରାଜ ପ୍ରାନ୍ତରେ ବ୍ରାହ୍ମଣଙ୍କର ଶିଖା ରଖିବା ପରମ୍ପରାଗତ ପ୍ରଥା । ଶିଖାବିହୀନ ବ୍ୟକ୍ତି ପତିତ ମାନ୍ୟ ହୁଏ । କିନ୍ତୁ ବଙ୍ଗଳା ଓ ଓଡ଼ିଶାରେ ଶିଖାର ପ୍ରଚଳନ ନାହିଁ । ଶିଖା ବିନା ବ୍ୟକ୍ତି ଯଦି ପତିତ ହୁଅନ୍ତେ ତେବେ ଓଡ଼ିଶା ଓ ବଙ୍ଗଳାର ସମସ୍ତ ବ୍ୟକ୍ତି କ'ଣ ପତିତ ?

ଏହିସବୁ ନୀତିନିୟମ ଦେଶ-କାଳ-ପାତ୍ର ଅନୁସାରେ ସମାଜ ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ହେବା ସକାଶେ ଶ୍ରେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ପନ୍ଥାକୁ ମାନିନିଆ ହୋଇଥାଏ । ଭ୍ରମବଶତଃ ବ୍ୟକ୍ତି ଏହି ନୈତିକତାକୁ ଧର୍ମ ଆଖ୍ୟା ଦେଇଥାଏ । କିନ୍ତୁ ଅଧ୍ୟାତ୍ମ ଧର୍ମ ସମସ୍ତ ଦେଶ, ସମସ୍ତ କାଳ, ସମସ୍ତ ବ୍ୟକ୍ତି ସକାଶେ ସତ୍ୟ, ଅପରିବର୍ତ୍ତନୀୟ, ଏକ । ତାହା ହେଉଛି ଆତ୍ମାର ଧର୍ମ । ଏହି ଆତ୍ମଧର୍ମକୁ ଗୀତାରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କହିଅଛନ୍ତି – ''ସ୍ୱଧର୍ମେ ନିଧନଂ ଶ୍ରେୟଃ'' । ଧର୍ମ ଅର୍ଥ କୁଳାଚାର ପନ୍ଥା ନୁହେଁ । ସମସ୍ତ ସନ୍ନ୍ୟାସୀ ଋଷି ମୁନି କୁଳପନ୍ଥାକୁ ଛାଡ଼ି ଅଧ୍ୟାତ୍ମ ଧର୍ମ ଅବଲମ୍ବନ କରନ୍ତି । ସେହିମାନେ ହୁଅନ୍ତି ସମାଜରେ ପୂଜିତ । ଯଦି ପୁରୋହିତ ପୁତ୍ରର ଶ୍ରାଦ୍ଧ କରିବା, ବାରିକ ପୁତ୍ରର କ୍ଷୌର କରିବା, ଚଷାପୁତ୍ରର ଚାଷ କରିବା କର୍ମକୁ ଯଥାକ୍ରମେ ସେମାନଙ୍କର ଧର୍ମ ବୋଲି ମାନିନିଆ ହୁଏ, ତେବେ ବ୍ୟକ୍ତିର ଉନ୍ନତି ହୁଅନ୍ତା ନାହିଁ କିଂବା କେହି ଅଧ୍ୟାତ୍ମମାର୍ଗରେ ଯାଇ ପାରନ୍ତେ ନାହିଁ । ସମସ୍ତେ ସେହି ଧର୍ମରେ ପଡ଼ି ଶଢୁଥାଆନ୍ତେ । କିନ୍ତୁ ଏହି ନୈତିକତା ହେୟ ନୁହେଁ । ଧର୍ମର ସତ୍ୟ ଆତ୍ମାର ସହାୟକ ଏବଂ ଆତ୍ମଜ୍ଞାନ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଧର୍ମ ଅବଶ୍ୟ ପାଳନୀୟ । ଆତ୍ମାର ଧର୍ମ ହେଉଛି ପରମ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ ସ୍ୱରୂପ ଭଗବତ୍ ପ୍ରାପ୍ତି । ଭଗବାନଙ୍କ ଯନ୍ତ୍ରରୂପେ ଭଗବାନଙ୍କ କାର୍ଯ୍ୟରେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେବା, ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ ହେବା, ଅଜ୍ଞାନ ଶକ୍ତି ରୋଗ, ଜରା, ମୃତ୍ୟୁ କବଳରୁ ପୂର୍ଣ୍ଣ ମୁକ୍ତି ଲାଭ କରିବା, ବ୍ୟକ୍ତି ଏହି ଲକ୍ଷ୍ୟ ଆଡ଼କୁ ଅଜ୍ଞାତ ରୂପେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଅଗ୍ରସର ହେଉଅଛି । ସେ ନିଜ ଧର୍ମରେ ସଚେତନ ନ ହୋଇ ମଧ୍ୟ ଅଜ୍ଞାତରେ ମୃତ୍ୟୁ, ରୋଗ, ଜରା, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଚାହୁଁ ନାହିଁ; ଚାହୁଁଛି ଦୁଃଖ ଅମିଶ୍ରିତ ଆନନ୍ଦ, ମୃତ୍ୟୁ, ରୋଗ, ଜରାରୁ ମୁକ୍ତ ଭଗବାନଙ୍କ ସହିତ ଯୁକ୍ତ ଜୀବନ । ମନୁଷ୍ୟର ଏହି ବିକାଶ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବିଶେଷ ମନ୍ଥର ଗତିରେ ଚାଲେ ଏବଂ ଅସୁର ଶକ୍ତି ଦ୍ୱାରା ବହୁତ ସମୟରେ ଅନ୍ୟାୟ ଅତ୍ୟାଚାର ବୃଦ୍ଧିରେ ବ୍ୟାହତ ହୁଏ, କେବେ

କେବେ ପ୍ରଳୟରେ ନଷ୍ଟ ବି ହୁଏ । ପ୍ରଳୟ ଏବଂ ମନୁଷ୍ୟର ଅଗ୍ରଗତି ବ୍ୟାହତ ହେବା ସମୟରେ ଭଗବାନ୍ ଅବତାର ନେଇ ଅସୁର ଶକ୍ତିର ଅନ୍ୟାୟ, ଅତ୍ୟାଚାର ନଷ୍ଟ କରି ମନୁଷ୍ୟ ଜାତିକୁ ଗୋଟିଏ ନୂତନ ଚେତନା ସ୍ତରରେ ଉପନୀତ କରାଇ ଦିଅନ୍ତି । ଏହି କାର୍ଯ୍ୟ କରିବା ସକାଶେ ଭଗବାନ୍ ଯୁଗେ ଯୁଗେ ଅବତାର ନିଅନ୍ତି ।

ଦଶ ଅବତାର

ପ୍ରଥମେ ସଂସାର ଥିଲା ଜଳମଗ୍ନ, ଅନ୍ଧକାରାଚ୍ଛନ୍ନ । ତାହାରି ମଧ୍ୟରେ ଭଗବାନ ଥିଲେ ଲୁକ୍‌କାୟିତ । ଜଳ ମଧ୍ୟରେ ଜୀବ ସୃଷ୍ଟି କରିବା ସକାଶେ ଭଗବାନ ମତ୍ସ୍ୟ ଅବତାର ନେଲେ ଏବଂ ଶଙ୍ଖାସୁରକୁ ବଧ କରି ବେଦ ଉଦ୍ଧାର କଲେ । ସଂସାରରେ ହେଲା ଜଳଜନ୍ତୁଙ୍କର ସୃଷ୍ଟି ।

ଭଗବାନ୍ କଚ୍ଛପ ଅବତାର ନେଇ ଜୀବକୁ ଆଉ ଗୋଟିଏ ଚେତନାକୁ ଅଗ୍ରଗାମୀ କରାଇଲେ । ମତ୍ସ୍ୟ ସଦୃଶ କଚ୍ଛପ କେବଳ ଜଳଜନ୍ତୁ ନୁହେଁ, ସେ ଜଳ ତଥା ସ୍ଥଳରେ ରହିପାରେ ।

ଦୈତ୍ୟ ହିରଣ୍ୟାକ୍ଷ ପୃଥିବୀକୁ ରସାତଳକୁ ନେଇଯିବା ସମୟରେ ଭଗବାନ୍ ବରାହ ଅବତାର ନେଇ ହିରଣ୍ୟାକ୍ଷକୁ ବଧ କରି ପୃଥିବୀକୁ ରକ୍ଷା କଲେ । ପୃଥିବୀରେ ସ୍ଥାପିତ ହେଲା ପଶୁ ଚେତନା ।

ଭକ୍ତ ପ୍ରହ୍ଲାଦ ପିତା ହିରଣ୍ୟକଶିପୁ ଦ୍ୱାରା ପ୍ରପୀଡ଼ିତ ହେବାରୁ ଭଗବାନ୍ ନରସିଂହ ରୂପେ ଅବତାର ନେଇ ହରିଣ୍ୟକଶିପୁକୁ ବଧ କଲେ ଏବଂ ଭକ୍ତ ପ୍ରହ୍ଲାଦକୁ ଉଦ୍ଧାର କଲେ । ନରସିଂହ ଶରୀରରେ ଥିଲା ଗୋଡ଼ରୁ ଛାତି ପର୍ଯ୍ୟନ୍ତ ମନୁଷ୍ୟରୂପ ଏବଂ ବେକରୁ ମସ୍ତକ ପର୍ଯ୍ୟନ୍ତ ସିଂହରୂପ । ନରସିଂହ ଅବତାରରେ ପ୍ରାଣୀ ଯଦ୍ୟପି ଶରୀର ପ୍ରାପ୍ତ କରିଥିଲା ମନୁଷ୍ୟର, କିନ୍ତୁ ତା'ର ଚେତନା ଥିଲା ପଶୁର । ସେ ସେହି ପଶୁ-ଚେତନାରେ ମନୁଷ୍ୟ-ଚେତନା ପ୍ରତିଷ୍ଠା କଲେ ।

କଶ୍ୟପ ଋଷିଙ୍କ ଧର୍ମପତ୍ନୀ ଦିତି ଗର୍ଭରୁ ଦୈତ୍ୟ, ଅଦିତି ଗର୍ଭରୁ ଦେବତା ଉତ୍ପନ୍ନ ହୋଇଥିଲେ । ଅସୁରମାନେ ବଳବାନ୍ ହୋଇ ସ୍ୱର୍ଗରାଜ୍ୟ ଅଧିକାର କରି ଦେବତାମାନଙ୍କୁ ତଡ଼ି ଦେଲେ । ସେମାନଙ୍କୁ ରକ୍ଷା କରିବା ସକାଶେ ଭଗବାନ୍ ବାମନ ଅବତାର ନେଇ ଅସୁରରାଜା ବଳିଠାରୁ ତ୍ରିପାଦ ଭୂମି ଦାନ ନେଲେ । ଗୋଟିଏ ପାଦରେ ସ୍ୱର୍ଗ, ଅନ୍ୟ ଗୋଟିଏ ପାଦରେ ମର୍ତ୍ତ୍ୟକୁ ନେଲେ । ତୃତୀୟ ପାଦ ଭୂମି ସକାଶେ ବଳି ନିଜ ଶରୀରକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେଲେ । ଭଗବାନ୍ ତାଙ୍କ ସମର୍ପଣ ଏବଂ ଭକ୍ତିରେ ବଶୀଭୂତ ହୋଇ ତାଙ୍କୁ ପାତାଳସ୍ଥାନ ଦେଲେ ଏବଂ ତାଙ୍କ ପ୍ରାର୍ଥନାରେ ତାଙ୍କୁ ପ୍ରତିଦିନ ଦର୍ଶନ ଦେବା ସକାଶେ ବରଦାନ ଦେଲେ । ତାଙ୍କ ରକ୍ଷା ସକାଶେ ସୁଦର୍ଶନ ଚକ୍ରକୁ ମଧ୍ୟ ନିଯୁକ୍ତ କରିଦେଲେ । ଏହି ଅବତାରରେ ଭଗବାନ୍ ସ୍ଥାପନ କଲେ ଅପୂର୍ଣ୍ଣ ମନୁଷ୍ୟ ଚେତନା ।

ଏହାପରେ ଭଗବାନ୍ ହେଲେ ପର୍ଶୁରାମ ଅବତାର । ସେ ସମୟରେ ମନୁଷ୍ୟ-ଚେତନା ବିକଶିତ ହୋଇଥିଲା, କିନ୍ତୁ ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହେଉ ଥିଲା । ସେହି କାରଣରୁ ସଂସାରରେ ଥିଲା ଦୁଷ୍ଟରାଜାଙ୍କର ରାଜତ୍ୱ, କର୍ମ ଥିଲା ବର୍ବରତା, ପର୍ଶୁରାମ ଅବତାରରେ ପୃଥିବୀକୁ ଏକୋଇଶ ବାର ଯୋଦ୍ଧାଶୂନ୍ୟ କରିଥିଲେ । ମନୁଷ୍ୟ-ଚେତନାରେ ଯେଉଁ ପ୍ରାଣର ବର୍ବରତା ଥିଲା ତାହା ନଷ୍ଟ କରିଥିଲେ ।

ମନବିଶିଷ୍ଟ ମନୁଷ୍ୟଜାତିର ଯଥାର୍ଥ ମାନବଚେତନା ପ୍ରସ୍ଥାପିତ କରିବା ସକାଶେ ଭଗବାନ୍ ଅବତାର ନେଲେ ମର୍ଯ୍ୟାଦାପନ୍ନ ପୁରୁଷୋତ୍ତମ ଶ୍ରୀରାମ ରୂପେ । ଶ୍ରୀରାମ ଥିଲେ ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ପତି, ଆଦର୍ଶ ପିତା, ଆଦର୍ଶ ରାଜା, ଅତୁଳନୀୟ, ଅଦ୍ୱିତୀୟ ବୀରଶିରୋମଣି ଧାର୍ମିକ ଯୋଦ୍ଧା । ଧର୍ମ, ନ୍ୟାୟ, ଦୟା, କରୁଣା ଇତ୍ୟାଦି ଦିବ୍ୟଗୁଣର ସମୁଦ୍ର । ଶ୍ରୀରାମଚନ୍ଦ୍ର ଥିଲେ ଆଦର୍ଶ ଗୃହସ୍ଥ । ପୃଥିବୀରେ ସେ ପୂର୍ଣ୍ଣ ମାନସ ଚେତନା ସ୍ଥାପନ କରିଥିଲେ ।

ଲୀଳାମୟ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଅବତାର ନେଇ ପୃଥିବୀରେ ଅଧିମାନସ ଚେତନା ସ୍ଥାପନ କଲେ । ଯୋଗଯୁକ୍ତ ହୋଇ ଭଗବତ୍ କର୍ମ ସ୍ୱୟଂ ଆଚରଣ କଲେ ଏବଂ ଶିଷ୍ୟ ଅର୍ଜୁନଙ୍କ ଦ୍ୱାରା ଆଚରଣ କରାଇଲେ । ଯୋଗଯୁକ୍ତ କର୍ମର ଆଦର୍ଶ ହେଲା ଶ୍ରୀକୃଷ୍ଣଙ୍କ ଶିକ୍ଷା ।

ମନୁଷ୍ୟର ଲକ୍ଷ୍ୟପ୍ରାପ୍ତିରେ ତିନୋଟି ଆଧ୍ୟାତ୍ମିକ ସ୍ତର ବା ତିନୋଟି ସିଦ୍ଧି ପ୍ରାପ୍ତ ହୁଏ । ଆତ୍ମିକ ସିଦ୍ଧି, ଆଧ୍ୟାତ୍ମିକ ସିଦ୍ଧି ଓ ଅତିମାନସିକ ସିଦ୍ଧି । ବୁଦ୍ଧଦେବ ଅବତାର ହୋଇ ଯେଉଁ ନିର୍ବାଣ ଶିକ୍ଷା ଦେଲେ ତାହା ଆଧ୍ୟାତ୍ମିକ ସିଦ୍ଧିର ଅନ୍ତର୍ଭୁକ୍ତ । ମନୁଷ୍ୟର ଲକ୍ଷ୍ୟପ୍ରାପ୍ତିରେ ଏହା ଏକ ଅନିବାର୍ଯ୍ୟ ସିଦ୍ଧି ।

ଶେଷ ଅବତାରଙ୍କର କାର୍ଯ୍ୟ ମନୁଷ୍ୟକୁ ମାନସ ଚେତନାରୁ ଅତିମାନସ ଚେତନା ସ୍ତରକୁ ନେଇଯିବା । ବର୍ତ୍ତମାନ ପୃଥିବୀରେ ଅତିମାନସ ସ୍ଥାପିତ ହେବାର ସମୟ । ଆଉ ଅତିମାନସର ସ୍ୱାଭାବିକ ଧର୍ମ ମନୁଷ୍ୟ ଅଜ୍ଞାନ ଅନ୍ଧକାର ଶକ୍ତି ଜରା, ରୋଗ, ମୃତ୍ୟୁ, ଅଧୀନରୁ ପୂର୍ଣ୍ଣ ରୂପେ ମୁକ୍ତ ହୋଇ ଦିବ୍ୟ ମାନବତ୍ୱକୁ ପ୍ରାପ୍ତ ହେବ । ତାହାଫଳରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷାଦି ପ୍ରତିକୂଳ ପ୍ରକୃତି ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ପୁରାଣ ଏବଂ କ୍ରମବିକାଶରେ ସାମଞ୍ଜସ୍ୟ

ବିଚାର କରିବାକୁ ହେବ ଅବତାର ସକାଶେ ଗୀତା ଆଉ କ'ଣ କହୁଛି । ''ଦୁଷ୍କୃତ ବିନାଶ କରିବା, ଦୁଷ୍ଟ ନାଶ କରିବା, ସାଧୁପୁରୁଷଙ୍କୁ ଉଦ୍ଧାର କରିବା ଏବଂ ଧର୍ମସ୍ଥାପନା କରିବା ସକାଶେ ଭଗବାନ୍ ଯୁଗେ ଯୁଗେ ଅବତାର ନିଅନ୍ତି ।'' ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ଅନୁସାରେ ''ମନୁଷ୍ୟ ଜାତିକୁ ଗୋଟିଏ ନୂତନ ସ୍ତରକୁ ନେଇଯିବା ସକାଶେ ଭଗବାନ୍ ଅବତାର ନିଅନ୍ତି ।'' ଭଗବାନଙ୍କ ଅବତାରର ଏହି ଦୁଇଟି ଘଟଣା ମଧ୍ୟରେ ସାମଞ୍ଜସ୍ୟ କେଉଁଠି ? ଧର୍ମସଂସ୍ଥାପନାର ଅର୍ଥ ପୃଥିବୀର ଚେତନାକୁ ଆଉ ଗୋଟିଏ ଉଚ୍ଚତର ସ୍ତରକୁ ନେଇଯିବା । ''ଧର୍ମସଂସ୍ଥାପନା'' ପୃଥିବୀର ଚେତନାର ବିକାଶ ନ ହୋଇ ଯଦି ହୁଅନ୍ତା, ଯେତେବେଳେ ଅଧର୍ମ ବୃଦ୍ଧି ହୁଏ ଭଗବାନ୍ ଅବତାର ନେଇ ସେହି ଅଧର୍ମ ନଷ୍ଟ କରି ଦିଅନ୍ତି, ପୂର୍ବ ଧର୍ମ ଫେରି ଆସେ – ତେବେ ପ୍ରାଣୀ ଯେଉଁ ସ୍ତରରେ ଥିଲା ସେହି ସ୍ତରରେ ରହିଥା'ନ୍ତା । ତା'ର ବିକାଶ ହୁଅନ୍ତା ନାହିଁ । ପୃଥିବୀ ପ୍ରଥମେ ଥିଲା ଜଡ଼ ଅନ୍ଧକାର – ତାହା ସେହିପରି ଥା'ନ୍ତା । ଅଥବା ବୃକ୍ଷଲତା ପଶୁପକ୍ଷୀ ହେବା ପରେ ଆଉ ବିକାଶ ହୋଇ ନ ଥା'ନ୍ତା । ଏହା ହୋଇ ନାହିଁ । ବିକାଶ ବରାବର ଚାଲିଛି । ଏପରିକି ଆଦିମ ମାନବର ଅକଳ୍ପନୀୟ ବିକାଶ ହୋଇଛି । ଆଦିମ ମାନବ ଗୁହାରେ ରହୁଥିଲା । ଆଜି ବିଜ୍ଞାନ କେଉଁଠି ପହଞ୍ଚିଛି ? ଏହି ବିକାଶକୁ ଗୀତା 'ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ୟୁଗେ ୟୁଗେ' କହୁଛି । ଏହାକୁ ସମର୍ଥନ କରୁଛି ଭଗବାନଙ୍କ ଅବତାର । ପ୍ରଥମରେ ଜଳଜୀବ 'ମତ୍ସ୍ୟ', ଦ୍ୱିତୀୟରେ ଜଳ ଏବଂ ସ୍ଥଳ ଜୀବ 'କଚ୍ଛପ', ତୃତୀୟରେ ପଶୁ, ସ୍ଥଳଚର 'ବରାହ', ଚତୁର୍ଥରେ ପଶୁ ମନୁଷ୍ୟ ଉଭୟ ଶରୀର 'ନରସିଂହ', ପଞ୍ଚମରେ ଛୋଟ ଶରୀରଧାରୀ ମନୁଷ୍ୟ 'ବାମନ', ଷଷ୍ଠରେ ଦୁର୍ଦାନ୍ତ ମାନବ ଯୋଦ୍ଧା 'ପର୍ଶୁରାମ', ସପ୍ତମରେ ଶାନ୍ତ, ସୁଶୀଳ, ଧାର୍ମିକ, ନ୍ୟାୟବାନ୍, ସଦାଚାରୀ, ପିତାମାତାଙ୍କ ଆଜ୍ଞାପାଳନକାରୀ, ସତ୍ୟନିଷ୍ଠ, ଅତୁଳନୀୟ ବୀର, କ୍ଷମାର ମୂର୍ତ୍ତିମାନ ବିଗ୍ରହ 'ଶ୍ରୀରାମ', ଅଷ୍ଟମରେ ଲାବଣ୍ୟଯୁକ୍ତ ନଟନାଗର ଯୋଗେଶ୍ୱର 'ଶ୍ରୀକୃଷ୍ଣ', ନବମରେ ଶାନ୍ତମୂର୍ତ୍ତି ନିର୍ବାଣଦାତା 'ବୁଦ୍ଧ-ଦେବ', ଦଶମରେ ପୃଥିବୀରେ ଅତିମାନବ ସ୍ଥାପନକାରୀ, ଅତିମାନସ ପ୍ରତିଷ୍ଠାତା ସର୍ବଶେଷ ଅବତାର । ଏହି ଦଶ ଅବତାର ଠିକ୍ କ୍ରମବିକାଶ ଧାରଣ କରି ଚାଲିଥିବାର ସୂଚନା ଦେଉଅଛି ।

ଏହିଠାରେ ପ୍ରଶ୍ନ ହେବ – ଭଗବାନ୍ ଯଦି କ୍ରମବିକାଶକୁ ଧାରଣ କରି ଚାଲିଥା'ନ୍ତେ, ତେବେ କ୍ରମବିକାଶର ଚେତନା ସ୍ତରର ପ୍ରଥମ ପ୍ରାଣୀ ହୋଇଥା'ନ୍ତେ ଭଗବାନଙ୍କ ଅବତାର । ଏପରି ତ ଦେଖାଯାଉ ନାହିଁ । ଏପରିକି ପୁରାଣରେ ଯେଉଁ ଦଶ ଅବତାରଙ୍କର ଚରିତ୍ର ବର୍ଣ୍ଣନ କରା ହୋଇଛି କେତେ ଅବତାରଙ୍କ ପୂର୍ବରେ ସେହି ସ୍ତରର ପ୍ରାଣୀ ବିଦ୍ୟମାନ ଥିଲେ । କେବଳ ଚେତନା ସ୍ତରର ପ୍ରଥମ ପ୍ରାଣୀ ରୂପେ ଭଗବାନ୍ ପ୍ରତ୍ୟେକ ଥର ଅବତାର ନିଅନ୍ତି ଏପରି ନୁହେଁ । ସୃଷ୍ଟିର ପୂର୍ଣ୍ଣ ପ୍ରଳୟରେ ସେ ସୃଷ୍ଟିର ପ୍ରଥମ ପ୍ରାଣୀରୂପେ ଅବତାର ନିଅନ୍ତି; ସୃଷ୍ଟି ଧ୍ୱଂସରେ ଏବଂ ଧର୍ମହ୍ରାସ ସମୟରେ ସେହି ସ୍ତରର ପ୍ରାଣୀ ଥିବା ସତ୍ତ୍ୱେ ସେ ସେହି ସ୍ତରର ପ୍ରାଣୀ ରୂପେ ଅବତାର ନେଇ ସେମାନଙ୍କୁ ଗୋଟିଏ ଉଚ୍ଚତର ଚେତନା ସ୍ତରକୁ ନେଇଯାଆନ୍ତି ।

ଏହି ସିଦ୍ଧାନ୍ତକୁହିଁ ଗୀତା ଏବଂ ପୁରାଣ ଯଦ୍ୟପି ଅସ୍ପଷ୍ଟରୂପେ ସମର୍ଥନ କରୁଅଛନ୍ତି ତଥାପି କେଉଁ ଅବତାର

ଚେତନା ସ୍ତରର ପ୍ରଥମ ପ୍ରାଣୀ ରୂପେ, କେଉଁ ଅବତାର ଚେତନାର ବିକାଶ କାର୍ଯ୍ୟ କରିବା ସକାଶେ ପୃଥିବୀକୁ ଆସିଥିଲେ ତାହା ସ୍ପଷ୍ଟ କରି ନାହାନ୍ତି । କାରଣ ଭଗବାନଙ୍କ ଅବତାରର ଅନ୍ତ ନାହିଁ । ଗୀତା ସ୍ପଷ୍ଟରୂପେ କହିଛି 'ସମ୍ଭବାମି ୟୁଗେ ୟୁଗେ' । ଯୁଗର ଅନ୍ତ ନାହିଁ, ଯୁଗ ପରେ ଯୁଗ ଚାଲିଥାଏ । ପ୍ରତି ଯୁଗରେ ଭଗବାନ୍ ଅବତାର ନିଅନ୍ତି । କେବଳ ପ୍ରତି ଯୁଗରେ ନୁହେଁ, ଗୋଟିଏ ଯୁଗରେ ଯେବେ ଯେବେ ଧର୍ମର ହ୍ରାସ ହୁଏ ସେ ଅବତାର ନିଅନ୍ତି, ଯେପରି ତ୍ରେତାରେ ପର୍ଶୁରାମ ଏବଂ ଶ୍ରୀରାମ, କଳିରେ ବୁଦ୍ଧଦେବ, ଚୈତନ୍ୟ ମହାପ୍ରଭୁ, ଯୀଶୁ ଖ୍ରୀଷ୍ଟ, ମହମ୍ମଦ ଏବଂ ଶେଷ ଅବତାର ଅତିମାନସ ଚେତନଯୁକ୍ତ ଅତିମାନବ ପ୍ରତିଷ୍ଠାତା । ଏହାଛଡ଼ା ବହୁତ ଅବତାର ହୁଅନ୍ତି ସଂସାରରେ, କାର୍ଯ୍ୟ କରି ଚାଲିଯା'ନ୍ତି, ଲୋକେ ସେମାନଙ୍କୁ ଜାଣି ବି ପାରନ୍ତି ନାହିଁ । ବର୍ତ୍ତମାନ ମନୁଷ୍ୟ ଯେଉଁ ମାନସ ଚେତନାରେ ଉପନୀତ ହୋଇଛି, ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସେ ଏହି ଚେତନା ସ୍ତରକୁ ଅତିକ୍ରମ କରିପାରି ନାହିଁ । ଏହା ପୂର୍ବରୁ ସୃଷ୍ଟି ବରାବର ଧ୍ୱଂସ ହେଉଛି । ଏହି ସ୍ତର ପର୍ଯ୍ୟନ୍ତ ଅଜ୍ଞାନ । ଅଜ୍ଞାନ ସ୍ତରରେ ବିକାଶ ସକାଶେ ଧ୍ୱଂସ ଆବଶ୍ୟକ । ଏହି ସ୍ତର ପରେ ଅତିମାନସ ଜ୍ଞାନର ସ୍ତରରେ ବିକାଶ ସକାଶେ ଧ୍ୱଂସର ଆବଶ୍ୟକତା ନ ଥାଏ । ବର୍ତ୍ତମାନର ଅବସ୍ଥାକୁ ଉଦାହରଣ ରୂପେ ବିଚାର କରାଯାଇପାରେ । ଉପସ୍ଥିତ ମନୁଷ୍ୟର ବିକାଶ ବୁଦ୍ଧିସ୍ତରର ଶେଷ ସୀମାରେ । କୌଣସି ଚେତନା ସ୍ତର ବିକାଶର ଶେଷରେ ପହଞ୍ଚିଲେ ସେଠାରେ ସେ ସ୍ଥାୟୀ ରହିପାରେ ନାହିଁ, କାରଣ ଚେତନା ବିକାଶଶୀଳ । ସେ ସେହି ସ୍ତରକୁ ଅତିକ୍ରମ କରି ଅନ୍ୟ ସ୍ତରକୁ ଯାଏ ଅଥବା ଧ୍ୱଂସପ୍ରାପ୍ତ ହୋଇ ବହୁ ପଛକୁ ଫେରିଯାଏ । ଏହି ଦୁଇଟି ସମ୍ଭାବନା ସାଥେ ସାଥେ ଚାଲିଥାଏ । ଭଗବାନଙ୍କର ବିଧାନ ଅନୁସାରେ ମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟ ଚେତନାକୁ ଅତିମାନସ ସ୍ତରକୁ ନେଇଯିବାକୁ ଯେପରି ପ୍ରଯତ୍ନ କରୁଛନ୍ତି, ସେହିପରି ଆସୁରିକ ଶକ୍ତି ଧ୍ୱଂସ କରିଚାଲିଛି ଆଣବିକ ଅସ୍ତ୍ର ଦ୍ୱାରା । ଧ୍ୱଂସ ବହୁ ସହଜରେ ହୋଇପାରେ । କିନ୍ତୁ ଭାଗବତ ଅତିମାନସ ଶକ୍ତି ଏହି ଧ୍ୱଂସକୁ ରୋକି ରହିଅଛି ଏବଂ ଏହାକୁ ଅତିକ୍ରମ କରି ପୃଥିବୀରେ ଅତିମାନବ ଜାତି ସ୍ଥାପନ କରିବ । ମନୁଷ୍ୟ ମାନସ ସ୍ତରକୁ ଅତିକ୍ରମ କରି ଅତିମାନସ ସ୍ତରରେ ଉପନୀତ ହେଲେ ଅଜ୍ଞାନ ସମାପ୍ତ ହୋଇଯିବ, ବ୍ୟକ୍ତି ଜ୍ଞାନ ଏବଂ ସତ୍ୟ ଚେତନାରେ ନିବାସ କରିବ । ସେତେବେଳେ ଧ୍ୱଂସ ହେବ ନାହିଁ । ବ୍ୟକ୍ତିର ବିକାଶ ଜ୍ଞାନରୁ ଅନନ୍ତ ଜ୍ଞାନକୁ, ଆନନ୍ଦରୁ ଅକଳ୍ପନୀୟ ଆନନ୍ଦ ଆଡ଼କୁ ଗତି କରି ଚାଲିଥିବ । ଯଦି ଆଣବିକ ବୋମା ଦ୍ୱାରା ପୃଥିବୀ ଧ୍ୱଂସପ୍ରାପ୍ତ ହୋଇଥା'ନ୍ତା, ସେଥିରୁ କେତେକ ବ୍ୟକ୍ତି ଯଦି ଜୀବିତ ରହିଥା'ନ୍ତେ, ତେବେ ସେମାନେ ମନକୁ ଅତିକ୍ରମ କରି ଅତିମାନସ ଚେତନା ଆଡ଼କୁ ଗତି କରିପାରି ନ ଥା'ନ୍ତେ । ବିକଶିତ ଚେତନା ବହୁତ ନିମ୍ନ ସ୍ତରକୁ ଫେରି ଯାଇଥା'ନ୍ତା । ଅର୍ଥାତ୍, ବିକଶିତ ସଂସ୍କୃତି, ଶିଳ୍ପ, କଳା, ବିଜ୍ଞାନ ଇତ୍ୟାଦି ବସ୍ତୁ ସବୁ ନଷ୍ଟ ହୋଇ ଯାଇଥା'ନ୍ତା । ପୁନରାୟ ବିକାଶ ଆରମ୍ଭ ହୋଇଥା'ନ୍ତା ବହୁତ ନିମ୍ନ ସ୍ତରରୁ । ସେସମୟରେ ବର୍ତ୍ତମାନର ମନୁଷ୍ୟ ବା ସେମାନଙ୍କ ସନ୍ତାନ ଯଦି ରହିଥା'ନ୍ତେ ତଥାପି ସେହି ନିମ୍ନ ସ୍ତରର ଚେତନାକୁ ଅଗ୍ରଗାମୀ କରାଇବା ସକାଶେ ସେହି ସ୍ତରର ପ୍ରାଣୀ ରୂପେ ଭଗବାନ୍ ଆବିର୍ଭୂତ ହୋଇ ଚେତନାକୁ ଊର୍ଦ୍ଧ୍ୱ ସ୍ତରକୁ ନେଇଥା'ନ୍ତେ । ପୃଥିବୀର ଏହିପରି ବିକାଶ ହୋଇ ବାରଂବାର ଧ୍ୱଂସ ହୁଏ ଏବଂ ବାରଂବାର ସୃଷ୍ଟି ହେବା ସମୟରେ ସେହି ସ୍ତରର ପ୍ରାଣୀ ରୂପେ ଭଗବାନ୍ ଅବତାର ନିଅନ୍ତି । ପୁରାଣରେ ଭଗବାନଙ୍କର ଅବତାରର ଯେଉଁ ଦଶ ସଂଖ୍ୟା ଦିଆ ହୋଇଅଛି, ଭଗବାନଙ୍କର ଅବତାର ତା'ଠାରୁ ବହୁତ ବେଶୀ । କେବଳ ସେହି ଦଶ ଅବତାର ଥରେ ଥରେ ଆବିର୍ଭୂତ ହୋଇଛନ୍ତି ଏପରି ନୁହେଁ । ଏହି ଅବତାରମାନେ ବରାବର ଆବିର୍ଭୂତ ହୁଅନ୍ତି । ଏମାନଙ୍କ ଆବିର୍ଭାବର ଅନ୍ତ ନାହିଁ । କେବେ ପ୍ରଳୟ ପରେ ଭଗବାନ୍ ପ୍ରଥମ ପ୍ରାଣୀ ରୂପେ ଅବତାର ନିଅନ୍ତି, କେବେ ପୃଥିବୀର ଧ୍ୱଂସାବଶେଷ ଥିବା ସତ୍ତ୍ୱେ ସେ ସେହି ସ୍ତରର ପ୍ରାଣୀ ରୂପେ ଅବତାର ନେଇ ସେମାନଙ୍କ ଚେତନାର ବିକାଶ କରନ୍ତି । କେବେ ପୃଥିବୀର ଧ୍ୱଂସ ହୋଇ ନ ଥାଏ, କେବଳ ଅସୁରଙ୍କ ଦ୍ୱାରା ଅନ୍ୟାୟ, ଅତ୍ୟାଚାର, ଅଧର୍ମର ବୃଦ୍ଧି ହୋଇଥାଏ । ସେ ସମୟରେ ଭଗବାନ୍ ଅବତାର ନେଇ ଅସୁରମାନଙ୍କୁ ନାଶ କରି ପୃଥିବୀର ପ୍ରାଣୀମାନଙ୍କ ଚେତନାକୁ ଊର୍ଦ୍ଧ୍ୱତର ଚେତନାକୁ ନେଇଯା'ନ୍ତି । ପୁରାଣ ଭଗବାନଙ୍କର ଦଶ ବା ଚବିଶ ଅବତାର ବର୍ଣ୍ଣନା କରିଛି । ଏହା ଯଦି ସମସ୍ତ ଅବତାରଙ୍କର ଚରିତ୍ର ବର୍ଣ୍ଣନା କରିଥା'ନ୍ତା, ତେବେ ସ୍ପଷ୍ଟ ବୁଝାଯା'ନ୍ତା କେଉଁ ଅବତାର କେଉଁ କାର୍ଯ୍ୟ କରିବା ସକାଶେ ପୃଥିବୀକୁ ଆସିଥିଲେ । ପୁରାଣ

ପକ୍ଷେ ଏହା ସମ୍ଭବ ବି ନ ଥିଲା । ଏହି ବିଷୟରେ ଲକ୍ଷ୍ୟ ରଖି ପୁରାଣରେ ବୋଧହୁଏ ଲେଖା ହୋଇ ନାହିଁ । ଅନନ୍ତ ବିଷୟ ଥାଏ, କିନ୍ତୁ ସେସମୟ ସକାଶେ ଯାହା ଆବଶ୍ୟକ ଥାଏ ସତ୍ୟଦ୍ରଷ୍ଟା କବିଙ୍କ ଚେତନାରେ ସେହି ବିଷୟ ଆସେ । ତାହାହିଁ କବିତା ବା ଗଦ୍ୟ ରୂପେ ପ୍ରକାଶିତ ହୁଏ । ସେସମୟରେ ଏ ବିଷୟ ଆଲୋଚନା କରିବା ଆବଶ୍ୟକ ନ ଥିଲା । କାରଣ ମନୁଷ୍ୟଜାତିର ଲକ୍ଷ୍ୟ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର, ପୃଥିବୀରେ ସ୍ୱର୍ଗରାଜ୍ୟ ସ୍ଥାପନ – ଏହି ବିଷୟ ସର୍ବସାଧାରଣଙ୍କର ଜାଣିବାର ସମୟ ଆସି ନ ଥିଲା । ଏହି ବିଷୟ ନୂତନ ନୁହେଁ । ବେଦ ଉପନିଷଦରେ ସୂତ୍ର ରୂପେ ଏହା ଯଦ୍ୟପି ନିହିତ ଥିଲା ତଥାପି ପ୍ରକାଶିତ ହୋଇ ନ ଥିଲା । ଶ୍ରୀଅରବିନ୍ଦ ଏହି ସତ୍ୟକୁ ଅଭିବ୍ୟକ୍ତ କରିବା ପରେ ବେଦ ଉପନିଷଦର ସମର୍ଥନ ପାଇଥିଲେ । ତା'ର ସମୟ ଆସିଥିବାରୁ ସେ ପ୍ରକାଶ କଲେ । ସେହି କାରଣରୁ ତାଙ୍କୁ ସୃଷ୍ଟିର ବିକାଶ ସମ୍ବନ୍ଧରେ ସନ୍ଧାନ କରିବାକୁ ହେଲା ।

ପୁରାଣ ଏବିଷୟରେ ଆଲୋଚନା ନ କରିବାର ଅନ୍ୟ କାରଣ ହେଲା ସଂସାର ବହୁବାର ବିକାଶପ୍ରାପ୍ତ ହୋଇ ନଷ୍ଟ ହୋଇଛି ଏବଂ ପ୍ରତ୍ୟେକ ଅବତାର ବହୁବାର ଅବତାର ନେଇ ସୃଷ୍ଟି କରିଛନ୍ତି । ଏହି ସମସ୍ତ ବିଷୟ ପୃଥକ୍ ପୃଥକ୍ ବର୍ଣ୍ଣନା କରିବା ପୁରାଣ ପକ୍ଷେ ସମ୍ଭବ ବି ନ ଥିଲା । ଏହାକୁ ତୁଳସୀ ଦାସ 'ରାମଚରିତମାନସ'ରେ ସମର୍ଥନ କରିଛନ୍ତି । ''ରାମାୟଣ ସତ କୋଟି ଅପରା''– ଅର୍ଥାତ୍ ରାମାୟଣ ଶହେ କୋଟି ହୋଇପାରେ । ଅପରା ଶବ୍ଦ ଦେଇ ସୂଚିତ କରିଛନ୍ତି ଅସୁମାରି । ଗୋଟିଏ ବିଶେଷ ଧାରଣା ଦେବା ସକାଶେ ଶହେ କୋଟି କୁହାହେଲା, କିନ୍ତୁ ତା'ର ଯଥାର୍ଥ ସଂଖ୍ୟା ଶହେ କୋଟିରୁ ବହୁତ ବେଶୀ । ଅନ୍ୟ ସ୍ଥାନରେ କହିଛନ୍ତି, ''ରାମ ଅନନ୍ତ ଅନନ୍ତ ଗୁଣ ଅମିତ କଥା ବିସ୍ତାର, ସୁନି ଆଚରନ ନ ମାନିହହିଁ ଜିହ୍ୱକେ ବିମଳ ବିଚାର ।'' ଅର୍ଥାତ୍, ଶ୍ରୀରାମ ଅନନ୍ତ, ଅନନ୍ତ ଗୁଣ, ତାଙ୍କ ଚରିତ୍ରର ଶେଷ ନାହିଁ, ଯେଉଁମାନଙ୍କର ବିମଳ ବିବେକ ଥିବ ସେମାନେ ଆଶ୍ଚର୍ଯ୍ୟ ହେବେ ନାହିଁ । ଅନ୍ୟାନ୍ୟ ପୁରାଣ ବରାବର ମୁକ୍ତ କଣ୍ଠରେ ଘୋଷଣା କରିଆସୁଛି, ଭଗବାନଙ୍କ ଅବତାର ଏବଂ ଚରିତ୍ରର ଅନ୍ତ ନାହିଁ, ଅନନ୍ତ; ବେଦ ମଧ୍ୟ ନେତି ନେତି କହି ସୂଚିତ କରିଛି ଭଗବାନଙ୍କ ଚରିତ୍ର ସମାପ୍ତ ନୁହେଁ । ସୃଷ୍ଟିର ଏତେବାର ଧ୍ୱଂସ ହୋଇଛି, ଏତେବାର ସର୍ଜନା ହୋଇଛି, ଏତେବାର ଭଗବାନ୍ ଅବତାର ନେଇଛନ୍ତି, ତା'ର କୌଣସି କଳ୍ପନା କେହି କରି ପାରିବେ ନାହିଁ । ସେଥିସକାଶେ ଭଗବାନଙ୍କୁ ତଥା ଭଗବାନଙ୍କ ଚରିତ୍ରକୁ ଅନନ୍ତ କହି ଛାଡ଼ି ଦିଆହୋଇଛି ।

ଅନ୍ୟ କାରଣ ହେଉଛି ବେଦରେ ସତ୍ୟ ବହୁତ ଗୂଢ଼ ରୂପେ ବର୍ଣ୍ଣିତ ହୋଇଛି । ତାହାର ସରଳ ଅର୍ଥ ହେଉଛି ଉପନିଷଦ । ସେହି ଗୂଢ଼ ସତ୍ୟକୁ ପୁରାଣ ବିଶେଷ ଘଟଣା, ଭଗବାନଙ୍କ ଅବତାର ତଥା ମହାପୁରୁଷମାନଙ୍କ ଚରିତ୍ର ମଧ୍ୟଦେଇ ବର୍ଣ୍ଣନା କରିଛି । ବେଦ ଆଧାରରେ ପୁରାଣ ନିର୍ମିତ ହୋଇଥିବାରୁ ସେ ସତ୍ୟକୁ ଯେତେ ସରଳରେ ପ୍ରକାଶ କରିଥିଲେ ମଧ୍ୟ ସେଥିରେ ଗୂଢ଼ତା ବିଦ୍ୟମାନ ଅଛି ।

ପୁରାଣ ବର୍ଣ୍ଣନା କରିଛି ଆଧ୍ୟାତ୍ମ ସତ୍ୟ ତଥା ନୈତିକ ସଦାଚାର । ନୈତିକ ସଦାଚାରର ଭାଷା ସାଧାରଣ ବ୍ୟକ୍ତି ସହଜରେ ବୁଝି ପାରନ୍ତି । କିନ୍ତୁ ଅଧ୍ୟାତ୍ମସତ୍ୟ ପୁରାଣରୁ ବୁଝିବା ସାଧାରଣ ବ୍ୟକ୍ତିଙ୍କ ପକ୍ଷେ ସମ୍ଭବ ନୁହେଁ । ତାହା ବୁଝାଯାଏ ମନୁଷ୍ୟର ଆତ୍ମା ଜାଗ୍ରତ୍ ହୋଇ ବିବେକ ଉତ୍ପନ୍ନ ହେଲେ । ଅଧ୍ୟାତ୍ମ ରହସ୍ୟ ଯଦି ସରଳ ଭାଷାରେ ବର୍ଣ୍ଣିତ ହୋଇଥା'ନ୍ତା, ତେବେ ସାଧାରଣ ଲୋକେ ସଦାଚାର ଏବଂ ଅଧ୍ୟାତ୍ମ ସତ୍ୟ ମଧ୍ୟରେ ପାର୍ଥକ୍ୟ ବୁଝିପାରି ନ ଥା'ନ୍ତେ । ଫଳରେ ସଦାଚାର ପାଳନରେ ନିଷ୍ଠା ହୋଇ ନ ଥା'ନ୍ତା । ସାଧାରଣ ବ୍ୟକ୍ତି ଅଧ୍ୟାତ୍ମ-ସତ୍ୟକୁ ପ୍ରାପ୍ତ ନ କରି ସଦାଚାର-ସତ୍ୟ ତ୍ୟାଗ କରନ୍ତେ । ଏଥିରେ ହୁଅନ୍ତା ଗୋଟାଏ ବିଶୃଙ୍ଖଳା । ମନୁଷ୍ୟର ବୁଦ୍ଧି ଯେତେ ତୀବ୍ର ହେଉ, ସେ ଯେତେ ଶାସ୍ତ୍ର ଅଧ୍ୟୟନ କରିଥାଉ, ଯେପର୍ଯ୍ୟନ୍ତ ବିବେକ ଓ ଜ୍ଞାନ ଉତ୍ପନ୍ନ ନ ହୋଇଛି, ସେପର୍ଯ୍ୟନ୍ତ ସେ ସତ୍ୟର ଯଥାର୍ଥ ସ୍ୱରୂପ ବୁଝିପାରେ ନାହିଁ । ସେହି ସକାଶେ ବେଦ, ଉପନିଷଦ୍, ପୁରାଣାଦିର ଯଥାର୍ଥ ଅର୍ଥ ବୁଝାଯାଏ ଅଧ୍ୟାତ୍ମ ସତ୍ୟ ଉପଲବ୍ଧିରେ । ଏହି କାରଣରୁ ଅବତାରବାଦ ଏବଂ ଅଧ୍ୟାତ୍ମ-ସତ୍ୟ ଶାସ୍ତ୍ରରେ ରହସ୍ୟ ରୂପେ ବର୍ଣ୍ଣନ କରାହୋଇଛି ।

ବର୍ତ୍ତମାନ ମାନସ ଚେତନା ବିକାଶର ଶେଷ ସୀମାରେ । ଅଜ୍ଞାନ ଆବରଣ ମାନସ ଚେତନା ସ୍ତର ପର୍ଯ୍ୟନ୍ତ । ଅଜ୍ଞାନ ସ୍ତରରେ ଦୁଃଖଦ୍ୱନ୍ଦ୍ୱ ଥାଏ । ଅଜ୍ଞାନ ସ୍ତରରେ ବିନାଶ ସକାଶେ ଧ୍ୱଂସ ଆବଶ୍ୟକ । ମାନସ ଚେତନା ସ୍ତର ଅତିକ୍ରମ

କରିଗଲେ ଅତିମାନସ ଚେତନାରେ ଅଜ୍ଞାନ ପୂର୍ଣ୍ଣତଃ ନଷ୍ଟ ହେବ । ବିକାଶ ସକାଶେ ଧ୍ୱଂସର ଏକେବାରେ ଆବଶ୍ୟକତା ରହିବ ନାହିଁ । ବିକାଶ ଜ୍ଞାନରୁ ଅନନ୍ତ ଜ୍ଞାନ, ଆନନ୍ଦରୁ ଅସୀମ ଆନନ୍ଦ ଆଡ଼କୁ ଚାଲିଥିବ । ଏହାର କେବେ ବି ସମାପ୍ତି ହେବ ନାହିଁ । ଏହି କାର୍ଯ୍ୟ ମା ଓ ଶ୍ରୀଅରବିନ୍ଦ ଅତିମାନସ ଶକ୍ତି ଦ୍ୱାରା କରାଉଛନ୍ତି । ପୃଥିବୀରେ ଅତିମାନବ ସ୍ଥାପିତ ହେଲେ ଭଗବାନଙ୍କୁ ଆଉ ଅବତାର ନେବାକୁ ହେବ ନାହିଁ, କାରଣ ଅତିମାନବ ଓ ଭଗବାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ । ସେମାନେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବେ, ପୂର୍ଣ୍ଣରୂପେ ଭଗବାନଙ୍କ ଶକ୍ତି ଦ୍ୱାରା ପରିଚାଳିତ ହେବେ । ଭଗବାନଙ୍କ ସଂକଳ୍ପ ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେବ । ଏହାଫଳରେ ସଂସାର ହେବ ସ୍ୱର୍ଗ ।

❖

ହିନ୍ଦୁ ଧର୍ମର ମହାନତା

ମାଧବ ଓ ହରି ଉଭୟଙ୍କ ମଧ୍ୟରେ ବେଶ୍ ମିତ୍ରତା । ଏ ଦୁଇଜଣ ପଢ଼ା ସାଙ୍ଗ । କଲେଜ ପଢ଼ା ଶେଷ କରି ମାଧବ ସେହି କଲେଜରେ ଅଧ୍ୟାପକ ରୂପେ ନିଯୁକ୍ତ ହେଲେ । ହରି ସେହି ସହରରେ ଗୋଟିଏ ବ୍ୟାଙ୍କ୍‌ରେ କୌଣସି କାମ କରିବାକୁ ଲାଗିଲେ । ଯଦ୍ୟପି ସେମାନେ ଗୋଟିଏ ସ୍ଥାନରେ ବାସ କରନ୍ତି, ତଥାପି ସେମାନଙ୍କର ରହିବା ଘର ଓ ଭୋଜନ ଥାଏ ପୃଥକ୍ ।

ମାଧବ ପ୍ରତିଦିନ ଭୋର ଚାରିଟା ବାଜୁ ବାଜୁ ଉଠି ସ୍ନାନାଦି ନିତ୍ୟକର୍ମ ଶେଷ କରି ନିଜ କୋଠରିର ଗୋଟିଏ କୋଣରେ କମ୍ବଳ ଆସନ ଉପରେ ବସି ଧ୍ୟାନ କରନ୍ତି, ପରେ କେତେକ ବହି ଗୁଣୁ ଗୁଣୁ ହୋଇ ପଢ଼ନ୍ତି । ପ୍ରାୟ ସାଢ଼େ ଛ'ଟା ସମୟରେ ନଦୀକୂଳରେ ବ୍ୟାୟାମ କରି ଫେରି ଆସି କିଛି ଜଳଖିଆ ଖାଇ କ୍ଲାସ୍‌ରେ ପଢ଼ାଇବା ବିଭିନ୍ନ ପାଠ୍ୟ ପୁସ୍ତକ ପଢ଼ାପଢ଼ି କରନ୍ତି । ପ୍ରାୟ ୧୦ଟା ସମୟରେ କିଛି ଭୋଜନ କରି କଲେଜକୁ ଚାଲି ଯାଆନ୍ତି । ସାଢ଼େ ଚାରିଟାରେ କଲେଜରୁ ଫେରି ସ୍ନାନାଦି ନିତ୍ୟକର୍ମରୁ ନିବୃତ୍ତ ହୋଇ କିଛି ସମୟ ଧ୍ୟାନ କରିବା ପରେ ଅଳ୍ପ ଜଳଖିଆ କରି ଏକାକୀ କୌଣସି ବଗିଚା କିଂବା ନଦୀକୂଳକୁ ବୁଲିବାକୁ ଚାଲିଯାଆନ୍ତି ।

ହରିର କୌଣସି କାର୍ଯ୍ୟ ଠିକ୍ ସମୟରେ ହୁଏ ନାହିଁ । କେବେ ସାତଟାରେ ଉଠେ ତ କେବେ ଆଠଟା ବାଜିଯାଏ । କେବେ ମିତ୍ରମାନଙ୍କ ସଙ୍ଗେ ସିନେମା ଦେଖିଗଲେ, ଫେରିଆସି ଶୋଉ ଶୋଉ ବାଜିଯାଏ ବାରଟା । ଏହିପରି ପ୍ରତ୍ୟେକ କାର୍ଯ୍ୟ ତା'ର ଅନିୟମିତ । କିନ୍ତୁ ବ୍ୟାଙ୍କ୍ ଯିବା ସମୟଟା ବରାବର ଠିକ୍ ଥାଏ ଏବଂ ଅଫିସ୍ କାର୍ଯ୍ୟ ଖୁବ୍ ଭଲଭାବେ କରେ ।

ମାଧବଙ୍କ ପ୍ରତ୍ୟେକ କାର୍ଯ୍ୟ ନିୟମିତ, ହରିର ପ୍ରତ୍ୟେକ କାର୍ଯ୍ୟ ଅନିୟମିତ । ମାଧବ ଏକାନ୍ତ ପ୍ରିୟ, ଗମ୍ଭୀର, ସରଳ, ମିତଭାଷୀ ଓ ସ୍ୱଭାବରେ ଶାନ୍ତ । ହରିର କେତେକ ମିତ୍ରଙ୍କ ସଙ୍ଗେ ଗଳ୍ପ ନ କଲେ ସମୟ କଟେ ନାହିଁ । ତା'ର ଗମ୍ଭୀରତା ନାହିଁ, କିନ୍ତୁ ନକଲ କରିବାକୁ ଗଲେ ବିସ୍ଫୋରଣ ପରି ହସ ବାହାରି ପଡ଼େ, କଥା କହିଲେ ମୁଖ ବନ୍ଦ ହୁଏ ନାହିଁ, ସ୍ୱଭାବ ବଡ଼ ଚଞ୍ଚଳ; କିନ୍ତୁ ସରଳ ଓ ଦୟାଳୁ, ଥଟ୍ଟା ଛଡ଼ା କେବେ ମିଥ୍ୟା କହେ ନାହିଁ ।

ଏହି ଦୁଇଜଣଙ୍କର ସ୍ୱଭାବ – ଏକ ଅନ୍ୟର ଏକେବାରେ ବିପରୀତ ହେବା ସତ୍ତ୍ୱେ ଦୁହେଁ ଦୁହିଙ୍କୁ ହୃଦୟରେ ଭଲ ପା'ନ୍ତି । କିନ୍ତୁ ମାଧବର ସ୍ୱଭାବ ଗଳ୍ପ କରିବା ବିରୋଧ ଥିବାରୁ ପରସ୍ପର ମଧ୍ୟରେ ଅଧିକ କଥାବାର୍ତ୍ତା ହୁଏ ନାହିଁ । କେବଳ ହରି ଯେତେବେଳେ ମାଧବର ଐକାନ୍ତିକ ଜୀବନ ସମ୍ବନ୍ଧରେ କିଛି ଆଲୋଚନା କରେ, ସେତେବେଳେ ଉତ୍ତରରେ ମାଧବ କେବଳ ହସି ଦେବା ଛଡ଼ା ଆଉ କିଛି କହେ ନାହିଁ । କିନ୍ତୁ ହରି ମନେ ମନେ ମାଧବର ଐକାନ୍ତିକତା, ମିତଭାଷଣ ଓ ଶାନ୍ତ ସ୍ୱଭାବ, ପ୍ରସନ୍ନ-ଚିତ୍ତ ଏବଂ ନିୟମ-ନିଷ୍ଠ ତଥା ବିଶେଷ ଭାବରେ ସାଧକ ଜୀବନକୁ କେବଳ ସମ୍ମାନ କରେ ନାହିଁ, ବରଂ ଭକ୍ତି କରେ । ଯଦ୍ୟପି ସେ କେବେ କେବେ ନିଜ ମତପୋଷଣ କରିବାକୁ ତର୍କ କରେ, ତଥାପି ତାଙ୍କ ବାକ୍ୟକୁ ପର୍ଯ୍ୟାପ୍ତ ମୂଲ୍ୟ ଦିଏ । ମାଧବ ଭକ୍ତ, 'ଭଗବାନଙ୍କ ଉପରେ ବିଶ୍ୱାସ କରନ୍ତି ବୋଲି ହରିର ଅନିୟମିତ ଜୀବନ ପ୍ରତି ଦୃଷ୍ଟି ନ ଦେଇ ତା ସରଳତାକୁ ଦେଖି ଭାବନ୍ତି, ଭଗବାନ୍ ଦୟାମୟ, ଏହି ସରଳତା ଗୁଣ ମଧ୍ୟଦେଇ ହରିକୁ ଦିନେ ନା ଦିନେ ପରିବର୍ତ୍ତନ କରିଦେଇ ପାରିବେ ।' ସେ'ନେଇ ସେ ହରିକୁ ଭଲ ପା'ନ୍ତି ।

ଦିନେ ନିତ୍ୟ ନିୟମ ଅନୁସାରେ ମାଧବ ସନ୍ଧ୍ୟାବେଳେ ବୁଲି ବାହାରିବା ସମୟରେ ହରି ମଧ୍ୟ ତାଙ୍କ ସଙ୍ଗେ ଗଲା । ଦୁଇ ବନ୍ଧୁ ନଦୀକୂଳ ସଡ଼କରେ କିଛି ଦୂର ଯାଇ ପ୍ରୟାଗ ସଙ୍ଗମରେ ଗଛମୂଳେ ବସିଲେ । ସେମାନେ ତ୍ରିବେଣୀର ଗଙ୍ଗା ଯମୁନାର ତୀବ୍ର ସ୍ରୋତ ମିଳନରୁ ଉତ୍ପନ୍ନ ଶ୍ୱେତ-ନୀଳ ଜଳ-ହିଲ୍ଲୋଳକୁ ନିରୀକ୍ଷଣ କଲେ । କିଛି ସମୟ ପରେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟର ପଶ୍ଚାତରେ ଥିବା ଦିବ୍ୟ ସୌନ୍ଦର୍ଯ୍ୟରେ ମାଧବଙ୍କ ଚେତନା ବିଲୀନ ହୋଇଗଲା । ଆଜି ଜାଗର ଅମାବାସ୍ୟା । ସକାଳଠାରୁ ବହୁ ନରନାରୀ, ଆବାଳବୃଦ୍ଧ-ବନିତା ତ୍ରିବେଣୀରେ ସ୍ନାନ କରି ଶୁଦ୍ଧ ବସ୍ତ୍ର ପରିଧାନ କରି

ପାତ୍ରରେ ଜଳ ଓ ଥାଳିଆରେ ପୁଷ୍ପ, ବେଲପତ୍ର, ଅରୁଆ ଚାଉଳ ଆଦି ନେଇ ଅତି ଉତ୍ସାହରେ ମହାଦେବଙ୍କୁ ପୂଜା କରିବା ସକାଶେ ଯାଉଛନ୍ତି । ସନ୍ଧ୍ୟାର ଅନ୍ଧକାର ମାଡ଼ି ଆସିଲାଣି, କିନ୍ତୁ ଯାତ୍ରୀମାନଙ୍କର ଆସିବା ବନ୍ଦ ହୋଇ ନାହିଁ । ହରି ସେମାନଙ୍କୁ ଦେଖି ଏକ ଗଭୀର ବିଚାରରେ ମଗ୍ନ ହୋଇଗଲା । ତା'ର ଆଲୋଚନା କରିବାର ସ୍ୱଭାବ, ପୁଣି ଆଜି ସେ ଗୋଟାଏ ସୁଯୋଗ ପାଇଛି । ଯାତ୍ରୀମାନଙ୍କର ଏହି ମୂର୍ଖତାପୂର୍ଣ୍ଣ କାର୍ଯ୍ୟ ଦେଖି ସେ ମାଧବକୁ ସମ୍ବୋଧନ କରି କିଛି କହିବାକୁ ଗଲା ।

ହରି – ମାଧବ, ଦେଖ ଏ ଯାତ୍ରୀମାନଙ୍କୁ ! ଏମାନଙ୍କ ମଧ୍ୟରେ କେତେକ ବ୍ୟକ୍ତି ବହୁତ ବିଦ୍ୱାନ୍ ପରି ଜଣା ପଡୁଛନ୍ତି, କିନ୍ତୁ କେତେବଡ଼ ବିସ୍ମୟଜନକ ବ୍ୟାପାର ! ଯଦି ବିଦ୍ୱାନ୍ ବ୍ୟକ୍ତିଗଣ ପରମ୍ପରାକୁ ମାନି ନିଅନ୍ତି ତେବେ ସାଧାରଣ ବ୍ୟକ୍ତିଙ୍କର ହାଲ୍ କ'ଣ ହେବ ? ଯଦି ପଥର ପୂଜାରେ ଲାଭ ହୁଏ, ତେବେ ବଡ଼ ବଡ଼ ପର୍ବତ ପୂଜିବା ଉଚିତ । ମୁଁ ମନେ କରେ ଏମାନେ ବିଦ୍ୱାନ୍ ସତ, କିନ୍ତୁ ଏମାନଙ୍କର ସ୍ୱତନ୍ତ୍ର ବିଚାରର ଅଭାବ । ତୁମ୍ଭମାନଙ୍କ ପରି ଧାର୍ମିକ ଭକ୍ତ ବ୍ୟକ୍ତିମାନଙ୍କର ଅନୁକରଣ କରି ଏମାନେ ଭ୍ରମରେ ପଡୁଛନ୍ତି । ଅତଏବ ଏହି ଭ୍ରମପୂର୍ଣ୍ଣ ବିଚାରର ମୂଳ କାରଣ ହେଲା ଧର୍ମ ଓ ଧର୍ମାଶ୍ରିତ ଧାର୍ମିକ ବ୍ୟକ୍ତି ଓ ଭକ୍ତ । ଏ ଶୀତରେ ଏତେ କଷ୍ଟ କରି, ନିଜ ନିଜର କାର୍ଯ୍ୟ ଛାଡ଼ି, ସମୟ ନଷ୍ଟ କରି ପୁଣି ପଇସା ଖର୍ଚ୍ଚ କରି ଆସିବାରେ କେତେ କ୍ଷତି ହେଉ ନାହିଁ ?

ମାଧବ – ତୁମେ ଧର୍ମ ଏବଂ ଧାର୍ମିକ, ଭକ୍ତ ଓ ଜ୍ଞାନୀ ଲୋକଙ୍କୁ ଯେପରି ବୁଝିଛ ପ୍ରକୃତରେ ତାହା ସେପରି ନୁହେଁ । ଏହିମାନେ ମନୁଷ୍ୟକୁ ପ୍ରକାଶ ଦିଅନ୍ତି ଏବଂ ତାହାର ବୁଦ୍ଧି, ଜ୍ଞାନ ଓ ଭକ୍ତିର ବିକାଶରେ ସାହାଯ୍ୟ କରନ୍ତି । ଏପରି ଆଦର୍ଶ ସମ୍ମୁଖରେ ରଖନ୍ତି, ଯାହାକୁ ଅନୁକରଣ କରି ମନୁଷ୍ୟ ଯଥାର୍ଥ ମାର୍ଗରେ ଅଗ୍ରସର ହୋଇପାରେ ଏବଂ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଲାଭ କରି ପରମ ଲକ୍ଷ୍ୟରେ ପହୁଞ୍ଚିପାରେ । ଧର୍ମ ସ୍ୱୟଂ ଅଭ୍ରାନ୍ତ ମାର୍ଗ, ତାହାକୁ ଅନୁସରଣ କରିବା ବ୍ୟକ୍ତି ହେଲେ ପଥପ୍ରଦର୍ଶକ । ବିଶେଷତଃ, ହିନ୍ଦୁଧର୍ମ ଯେପରି ବିରାଟ ଓ ବିଶାଳ ସେହିପରି ମଧ୍ୟ ଉଦାର । ଏହା ମୂର୍ଖ ଓ ଶାସ୍ତ୍ରଜ୍ଞାନୀ ପଣ୍ଡିତ ଉଭୟଙ୍କୁ ସାହାଯ୍ୟ କରେ, ପ୍ରପୀଡ଼ିତ ମନୁଷ୍ୟକୁ ଦୁଃଖ ଶୋକରୁ ମୁକ୍ତ କରେ, ଭକ୍ତମାନଙ୍କୁ ଦିବ୍ୟ ଆନନ୍ଦ ଓ ଅମରତ୍ୱ ପ୍ରଦାନ କରେ, ମୃତ୍ୟୁପୁରୀକୁ ଦିବ୍ୟଧାମରେ ପରିଣତ କରିଦିଏ । ହିନ୍ଦୁ ଧର୍ମ ମନୁଷ୍ୟର ବାଲ୍ୟକାଳଠାରୁ ଯେ ଯେଉଁ ସ୍ତରରେ ଅଛି, ଯାହାର ବୁଦ୍ଧିର ଯେତେ ବିକାଶ ହୋଇଛି, ତାହା ପାଇଁ ସେହି ଅନୁପାତରେ ତାହାର ସମ୍ମୁଖରେ ଗ୍ରହଣଯୋଗ୍ୟ କର୍ତ୍ତବ୍ୟ ରଖିଦିଏ । ଏହା ପାଞ୍ଚସେର ଉଠାଇ ପାରିବା ପିଲାର ସମ୍ମୁଖରେ ଦୁଇ ମହଣ ଓଜନର ଜିନିଷ ରଖିଦେଇ ତାକୁ କେବେ ବି ହତୋତ୍ସାହ କରେ ନାହିଁ । ନିଦ୍ରା ନ ହେଉଥିବା ରୋଗୀକୁ ଅଧିକ ନିଦ୍ରାର ଔଷଧ ଦେଇ ଚିରକାଳ ସକାଶେ ମହାନିଦ୍ରାକୁ ପଠାଇ ଦିଏ ନାହିଁ । ପରନ୍ତୁ ମଣିଷକୁ ପାହାଚ ପାହାଚ ନେଇ ପରିଶେଷରେ ଦିବ୍ୟ ମାନବତ୍ୱରେ ପହୁଞ୍ଚାଇ ଦିଏ । କିନ୍ତୁ ତୁମ୍ଭେମାନେ ମନୁଷ୍ୟର ଚେତନାର ବିକାଶ ଓ ପାରିପାର୍ଶ୍ୱିକ ଅବସ୍ଥାରେ ସେମାନଙ୍କର ଭିନ୍ନ ଭିନ୍ନ କର୍ମ ଦେଖି ତାହାର ଯଥାର୍ଥ ରହସ୍ୟ ବୁଝି ନ ପାରି ଭ୍ରମରେ ପଡୁଛ ଏବଂ ଧର୍ମ ଉପରେ ଦୋଷାରୋପ କରୁଛ ।

ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ହେଲା ଶାଶ୍ୱତ ସୁଖ ପ୍ରାପ୍ତ କରିବା । କେବଳ ମନୁଷ୍ୟ କାହିଁକି ପଶୁ ପକ୍ଷୀ ପର୍ଯ୍ୟନ୍ତ ବି ଦୁଃଖ କଷ୍ଟ ଚାହାନ୍ତି ନାହିଁ । ସୁଖ-ସ୍ୱରୂପ ଏବଂ ତାହାର ଉଦ୍‌ଗମସ୍ଥଳ ହେଲେ ଏକମାତ୍ର ଭଗବାନ୍ । ଯେପର୍ଯ୍ୟନ୍ତ ମନୁଷ୍ୟ ଭଗବାନଙ୍କୁ ପ୍ରାପ୍ତ ନ ହୋଇଛି, ଭଗବାନଙ୍କ ଚେତନାରେ ବାସ ନ କରିଛି, ସେପର୍ଯ୍ୟନ୍ତ ଯେତେ ଉପାୟ କଲେ ସୁଦ୍ଧା ସ୍ଥାୟୀ ଓ ପରମ ସୁଖ ମିଳିବ ନାହିଁ । କେବେ କେବେ ଅନ୍ୟାନ୍ୟ ବିକୃତ ଉପାୟ ଦ୍ୱାରା କିଛି ସୁଖର ଛାୟା ମାତ୍ର ପଡ଼େ; କିନ୍ତୁ ପରକ୍ଷଣରେ ତାହା ଦୁଃଖକଷ୍ଟ ରୂପକ ଅନ୍ଧକାରରେ ବିଲୀନ ହୋଇଯାଏ । ସୁତରାଂ ଏକମାତ୍ର ଧର୍ମହିଁ ବ୍ୟକ୍ତିକୁ ତାହାର ଅବସ୍ଥାରେ ତାକୁ ପ୍ରକାଶ ଦେଇ ସେହି ଶାଶ୍ୱତ ଆନନ୍ଦ ଆଡ଼କୁ ନେଇ ଚାଲିଥାଏ ।

ହରି – ଧର୍ମକୁ ପରିଚୟ କରାଏ ଶାସ୍ତ୍ର । ଶାସ୍ତ୍ର ଯେତେବେଳେ ଯେଉଁ ଦେବତା ଓ ଯେଉଁ ତୀର୍ଥର ମହତ୍ତ୍ୱ ବର୍ଣ୍ଣନ କରୁଛି, ସେତେବେଳେ ସେହି ଦେବତା ଓ ସେହି ତୀର୍ଥକୁ ସର୍ବଶ୍ରେଷ୍ଠ ବୋଲି କହୁଛି । କେଉଁଠି ଗଣେଶଙ୍କୁ ବ୍ରହ୍ମ, କେଉଁଠି ଶଙ୍କର ଦୁର୍ଗା ତ' ଅନ୍ୟ କେଉଁଠି ଶ୍ରୀକୃଷ୍ଣ, ବିଷ୍ଣୁ ବା ସଚ୍ଚିଦାନନ୍ଦଙ୍କୁ ବ୍ରହ୍ମ ବୋଲି କହୁଛି । ଗୋଟିଏ ସ୍ଥାନରେ କେଉଁ ତୀର୍ଥ

ବା କେଉଁ ବ୍ରତକୁ ସର୍ବଶ୍ରେଷ୍ଠ କହୁଛି ତ' ଅନ୍ୟ ସ୍ଥାନରେ ଅନ୍ୟ ତୀର୍ଥ ଓ ଅନ୍ୟ ବ୍ରତକୁ ସର୍ବଶ୍ରେଷ୍ଠ କହୁଛି । ଏହିସବୁ ବର୍ଣ୍ଣନାରେ ଏକ ଅନ୍ୟର ସମ୍ପୂର୍ଣ୍ଣ ବିରୋଧୀ । ସୁତରାଂ ଶାସ୍ତ୍ରରେ ବିଶ୍ୱାସ କରିବା ଯେପରି କଠିନ ସେହିପରି କୌଣସି ଦେବତାଙ୍କୁ ନିଷ୍ଠାସହ ଉପାସନା କରିବା ମଧ୍ୟ କଠିନ । କାରଣ ବହୁ ଦେବତାବାଦ ମନୁଷ୍ୟ ମନରେ ଭ୍ରମ ଉତ୍ପନ୍ନ କରାଏ ।

ମାଧବ – ଭଗବାନ୍ ଏକ, ସେ ସ୍ୱୟଂ ବହୁ ଦେବତା, ବହୁତୀର୍ଥ ରୂପେ ପ୍ରକଟ ହୋଇଅଛନ୍ତି ଓ ବହୁ ବ୍ରତ, ବହୁପ୍ରକାର ସାଧନା ଓ ସଂଯମର ବ୍ୟବସ୍ଥା କରିଛନ୍ତି । ଏଣୁ ମନୁଷ୍ୟର ସ୍ୱଭାବ, ରୁଚି ଓ ଆବଶ୍ୟକତା ଅନୁସାରେ ସେ ତାହା ଗ୍ରହଣ କରିପାରିବ । କାରଣ ଭଗବାନଙ୍କ ଉଦ୍ଦେଶ୍ୟ – ମନୁଷ୍ୟକୁ ଶାଶ୍ୱତ ଆନନ୍ଦ, ପରମ-ମୁକ୍ତି ଓ ଅଖଣ୍ଡ ଦେବତ୍ୱକୁ ପ୍ରାପ୍ତ କରାଇବା । ଯେପରି ଗୋଟିଏ ରୋଗୀ ପିଲାକୁ ମିଠେଇ ଲୋଭ ଦେଖାଇ ଆରୋଗ୍ୟ ପାଇଁ ତାକୁ ପିତାମାତା ଔଷଧ ଦିଅନ୍ତି, ଠିକ୍ ସେହିପରି ଭଗବାନ୍ କୁଟୁମ୍ବ, ପରିବାର, ଧନ-ମାନ-ଯଶଃରେ ଆସକ୍ତ ପ୍ରାଣୀମାନଙ୍କ ପାଖରେ ନାନା ପ୍ରକାର ଦେବତା ଓ ତୀର୍ଥ ରୂପେ ତାହାର ବାଞ୍ଛିତ କାମନାବାସନା ପୂର୍ଣ୍ଣ କରିବା ଲୋଭ ଦେଖାଇ ଓ ତାକୁ ପୂର୍ଣ୍ଣକରି ନିଜ ଆଡ଼କୁ ନେଇ ଯାଉଛନ୍ତି । ଗୀତାର ଦଶମ ଅଧ୍ୟାୟରେ ଶ୍ରୀକୃଷ୍ଣ ନିଜ ବିଭୂତି ବର୍ଣ୍ଣନା କରି ଶେଷରେ କହିଅଛନ୍ତି, 'ସଂସାରରେ ଯାହାକିଛି ସବୁ ମୁଁ, ମୁଁ ସମସ୍ତଙ୍କୁ ଧାରଣ କରିଛି, ମୋ ଛଡ଼ା ଅନ୍ୟ କିଛି ନାହିଁ ।' ଭଗବାନ୍ ଗୀତାର ସପ୍ତମ ଅଧ୍ୟାୟରେ କହିଅଛନ୍ତି –

ଯୋ ଯୋ ୟାଂ ୟାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥
ସ ତୟା ଶ୍ରଦ୍ଧୟା ୟୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ ହିନ୍ ॥

ଅର୍ଥାତ୍, 'ସେହି ବ୍ୟକ୍ତି ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ ଯେଉଁ ଦେବତାକୁ ପୂଜା କରିବାକୁ ଚେଷ୍ଟା କରେ, ମୋ ଦ୍ୱାରା ବିଧାନ ହୋଇଥିବା ସେହି ଦେବତା ଦ୍ୱାରା ଇଚ୍ଛିତ ଭୋଗକୁ ପ୍ରାପ୍ତ ହୁଏ । ସକାମୀ ପୁରୁଷମାନେ ଯେଉଁ ଦେବତାମାନଙ୍କୁ ପୂଜିବାକୁ ଚାହାନ୍ତି, ସେହି ଭକ୍ତମାନଙ୍କ ଶ୍ରଦ୍ଧା ସେହି ଦେବତାଙ୍କ ପ୍ରତି ମୁଁ ସ୍ଥିର କରେ ।' ଉଦାହରଣ ସ୍ୱରୂପ : ଗୋଟିଏ ଛୋଟ ଝିଅକୁ ଯଦି ହିନ୍ଦୁ ଧର୍ମ କହନ୍ତା, ତୁ ଏକାଗ୍ର ମନରେ ପୂର୍ଣ୍ଣରୂପେ ସମସ୍ତ ସତ୍ତା ମନ, ପ୍ରାଣ, ଶରୀରକୁ ଭଗବାନଙ୍କୁ ସମର୍ପଣ କର, ସେ ତୋ ମଧ୍ୟରେ କାର୍ଯ୍ୟ କରି, ତୋତେ ରୂପାନ୍ତର କରି, ଅତିମାନବତ୍ୱରେ ପହୁଞ୍ଚାଇ ଦେବେ, ତେବେ ଏହା କ'ଣ ତା' ପକ୍ଷେ ସମ୍ଭବ ହୁଅନ୍ତା ? ରୋଗୀର ସାମର୍ଥ୍ୟ ଅନୁସାରେ ଔଷଧ ଦେଇ ରୋଗ ଆରୋଗ୍ୟ କରାହୁଏ । କିନ୍ତୁ ଶୀଘ୍ର ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ବୁଦ୍ଧିମାନ୍ ବୈଦ୍ୟ ଅପରିମିତ ମାତ୍ରାରେ ଔଷଧ ଦେଇ ରୋଗୀକୁ ମୃତ୍ୟୁ ମୁଖରେ ପକାଏ ନାହିଁ । ଠିକ୍ ସେହିପରି ହିନ୍ଦୁ ଧର୍ମ । ଯେପର୍ଯ୍ୟନ୍ତ ସଂସାର-ଆସକ୍ତିରୁ ମନୁଷ୍ୟର ବୈରାଗ୍ୟ ଉତ୍ପନ୍ନ ନ ହୋଇଛି, ଅନ୍ତରରେ ଆତ୍ମା ଜାଗ୍ରତ୍ ହୋଇ ଲକ୍ଷ୍ୟସ୍ଥଳରେ ପହୁଞ୍ଚିବାକୁ ବ୍ୟାକୁଳ ନ ହୋଇଛି, ସେପର୍ଯ୍ୟନ୍ତ ଯେଉଁ ବ୍ୟକ୍ତି ଯେଉଁ ଉପଯୋଗୀ କର୍ମ କରୁଛି, ସେହି କର୍ମରେ ହିନ୍ଦୁ ଧର୍ମ ତାକୁ ତାହାର ନିଷ୍ଠା ଉତ୍ପନ୍ନ କରାଏ ଏବଂ ଆବଶ୍ୟକ ଜ୍ଞାନ ଦେଇ ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଏ । ଗୋଟିଏ ବାଳିକାକୁ ଉପଯୁକ୍ତ ସ୍ୱାମୀ ପାଇବା ପାଇଁ ସଂସାରରେ ସୁଖରେ ରହିବାର ବାସନା ପୂର୍ଣ୍ଣ କରାଇବାକୁ ଖୁଦୁରୁକୁଣୀ, କୁମାର ପୂର୍ଣ୍ଣିମା ଏବଂ ସୁଦଶାବ୍ରତରୁ ଆରମ୍ଭ କରି ପରମ ପବିତ୍ର ପତିବ୍ରତା ଧର୍ମ ପର୍ଯ୍ୟନ୍ତ ଶିକ୍ଷା ଦିଏ । ଏହାଦ୍ୱାରା ତାହାର ହୃଦୟ କ୍ରମଶଃ ଶୁଦ୍ଧ ହୁଏ ଓ ଜ୍ଞାନ ଭକ୍ତି ଆଡ଼କୁ ଚେତନାର ବିକାଶ ହୁଏ । ସେହିପରି ବାଳକ ବାଳିକାମାନେ ପିଲାଦିନୁ ପିତାମାତା ଓ ଗୁରୁଜନଙ୍କ ଆଜ୍ଞା ପାଳନ କରିବା, ସଦ୍‌ଗୃହସ୍ଥ ହୋଇ ସଦାଚାର ବ୍ରତ ପାଳନ କରିବା, ଗୃହସ୍ଥ ଧର୍ମ ଅନୁସାରେ ଅତିଥି ଅଭ୍ୟାଗତ ଓ ଗୋ-ବ୍ରାହ୍ମଣଙ୍କୁ ସତ୍କାର କରିବା ଦ୍ୱାରା ସେମାନଙ୍କର ହୃଦୟ ଶୁଦ୍ଧ ହୁଏ ଏବଂ ଭଗବାନଙ୍କୁ ଜାଣିବା ପାଇଁ ଆଗ୍ରହ ଜାତ ହୁଏ ।

ବ୍ରତ, ତୀର୍ଥ ଆଉ ଦେବତା ପ୍ରତ୍ୟେକଙ୍କୁ ପୁରାଣ ସର୍ବଶ୍ରେଷ୍ଠ କହିଛି; ତାହାର କାରଣ ଏହି ଯେ ଶ୍ରେଷ୍ଠ ବସ୍ତୁ ପ୍ରତି ନିଷ୍ଠା, ଶ୍ରଦ୍ଧା ଓ ବିଶ୍ୱାସ ସହଜରେ ଜନ୍ମେ । ପୁଣି ଭଗବାନ୍ ସର୍ବଶ୍ରେଷ୍ଠ, ସେ ଯେବେ ବହୁରୂପେ ପ୍ରଘଟ ହୋଇଛନ୍ତି ଏବଂ ଯଦି ପ୍ରତ୍ୟେକ ପୂଜା ତାଙ୍କୁ ମିଳେ ତେବେ ପ୍ରତ୍ୟେକଙ୍କୁ ସର୍ବଶ୍ରେଷ୍ଠ କହିଲେ ସେଥିରେ ବିରୋଧର କାରଣ କେଉଁଠି ? ଏହା କେବଳ ହିନ୍ଦୁ ଧର୍ମର ଉଦାରତା । ଯଦି କେହି ନିଜର ସୁବିଧା ଓ ରୁଚି ଅନୁସାରେ କାଶୀ, ଅଯୋଧ୍ୟା, ବୃନ୍ଦାବନ, ପ୍ରୟାଗ ବା ପୁରୀରେ ବାସ କରେ ଓ ତାହାକୁ ଏକମାତ୍ର ଶ୍ରେଷ୍ଠ ଧାମ ବୋଲି ଧାରଣା କରେ, ତେବେ ତାହାର ସେହି ନିଷ୍ଠାରେ ଚିତ୍ତ ଶୁଦ୍ଧ ହୋଇ ଜ୍ଞାନ ଭକ୍ତି କ୍ରମଶଃ ବିକଶିତ ହେବ ଏବଂ ତାହା ପୂର୍ଣ୍ଣ ହେଲେ ସେ ଦେଖିପାରିବ ଯେ ସେହି ଏକହି ବ୍ରହ୍ମ ଭିନ୍ନ ଭିନ୍ନ ରୂପରେ ପ୍ରଘଟ ହୋଇଛନ୍ତି । ବହୁ ଦେବତାବାଦ, ବହୁ ତୀର୍ଥ ଏବଂ ବହୁ ବ୍ରତ ଭ୍ରମ ବା ପରସ୍ପର ବିରୋଧୀ ନୁହେଁ । ଏହା ମଧ୍ୟରୁ ଯେ କୌଣସିଟି ବ୍ୟକ୍ତିକୁ ତାହାର ଗନ୍ତବ୍ୟ ସ୍ଥାନକୁ ନେଇଯିବାରେ ସାହାଯ୍ୟ କରେ । କୌଣସି ତୀର୍ଥ, ବ୍ରତ, ବା ଗଣେଶ, ଶିବ, ଦୁର୍ଗା ଓ ବିଷ୍ଣୁଙ୍କୁ ଉପାସନା କରି ତାଙ୍କୁ ସର୍ବଶ୍ରେଷ୍ଠ ମାନିବା, ବାକୀ ସମସ୍ତଙ୍କୁ ଏହାଠାରୁ କମ୍ ବା ଭ୍ରମ ବୋଲି ମନେ କରିବା, ଏପରି ନିଷ୍ଠା ସଂକୁଚିତ, ସୀମିତ ଭାବ; କିନ୍ତୁ ଭ୍ରମ ନୁହେଁ । ଏହି ନିଷ୍ଠା ଅକପଟ ଓ ସରଳ ହେଲେ, ଏହା ନିଶ୍ଚୟହିଁ ଅସୀମ, ଅନନ୍ତ ଜ୍ଞାନ ଓ ପରାଭକ୍ତି ଆଡ଼କୁ ନେଇଯାଏ ।

ଏହିପରି ଜଣେ ନିଷ୍ଠାବାନ୍ ଭକ୍ତଙ୍କର ନାମ ନରହରି । ସେ ଜାତିରେ ସୁନାରି ବଣିଆ ଥିଲେ । ଯଦ୍ୟପି ସେ ପଣ୍ଢରପୁରରେ ବାସ କରୁଥିଲେ ତଥାପି ଥିଲେ ଶିବ ଭକ୍ତ । ସେ କେବେ ବି ଥରେ ପଣ୍ଢରୀନାଥଙ୍କୁ ଦର୍ଶନ କରୁ ନ ଥିଲେ ବା ଭୁଲ୍‌ରେ ସେହି ମନ୍ଦିର ରାସ୍ତାରେ ଯାଉ ନ ଥିଲେ । ତାଙ୍କର ବ୍ୟବସାୟ ଥିଲା ସ୍ୱର୍ଣ୍ଣ ଅଳଙ୍କାର ତିଆରି କରିବା । ଜଣେ ଭକ୍ତ ପାଣ୍ଡୁରଙ୍ଗଙ୍କ ପ୍ରତିମାର ମାପ ନେଇ ତାଙ୍କର ଗୋଟିଏ କଟିବନ୍ଧନ ତିୟାରି କରିବାକୁ ଦେଲେ । କଟିବନ୍ଧନ ତୟାର ହେବା ପରେ ପଣ୍ଢରୀନାଥଙ୍କୁ ପିନ୍ଧାଇବା ସମୟରେ ତାହା ଛୋଟ ହୋଇଗଲା । ପୁନରାୟ ବଡ଼ କରି ତୟାର କରିବାରେ ଚାରି ଆଙ୍ଗୁଳ ବଡ଼ ହୋଇଗଲା । ଏହିପରି ଚାରିଥର ହେଲା । ଛୋଟ କଲେ ଚାରି ଆଙ୍ଗୁଳ ଛୋଟ ହୁଏ, ବଡ଼ କଲେ ଚାରି ଆଙ୍ଗୁଳ ବଡ଼ ହୋଇଯାଏ । ନରହରି ସାଧାରଣ ବଣିଆ ନ ଥିଲେ । ସେ ଥିଲେ ପ୍ରସିଦ୍ଧ କାରିଗର । ସେ ଭାବିଲେ ମାପ ଆଣିବା ଲୋକ ବରାବର ଭୁଲ୍ କରୁଛନ୍ତି । ସେହି ତ୍ରୁଟିରୁ ତାଙ୍କ କାରିଗରି ତାର ମୂଲ୍ୟ ହ୍ରାସ ପାଉଛି । ଏହି ତ୍ରୁଟିରୁ ମୁକ୍ତ ହେବା ସକାଶେ ସେ ସ୍ୱୟଂ ମାପ ଆଣିବା ପାଇଁ କଟିବନ୍ଧନ ତୟାର କରାଉଥିବା ଭକ୍ତଙ୍କ ସଙ୍ଗେ ମନ୍ଦିରକୁ ଗଲେ । କିନ୍ତୁ ସେ ଶିବଭକ୍ତ, ପଣ୍ଢରୀନାଥ ବିଷ୍ଣୁପ୍ରତିମାକୁ ଦର୍ଶନ କରିବେ କିପରି ! ଶେଷରେ ଆଖିରେ ପଟି ବାନ୍ଧି ମାପନେବା ନିଶ୍ଚୟ କଲେ । ମୂର୍ତ୍ତିଙ୍କୁ ହାତରେ ଦରାଣ୍ଡିବାରେ ସେ ଅନୁଭବ କଲେ ପାଞ୍ଚ ମୁଖ, ସର୍ପାଳଙ୍କାର ଜଟାଜୂଟ, ବ୍ୟାଘ୍ରଚର୍ମାବୃତ ପ୍ରତିମା । ସେ ଭାବିଲେ ଶଙ୍କରଙ୍କୁ ବୋଧହୁଏ ଲୋକେ ବିଠଲ ବୋଲି କହୁଛନ୍ତି । ଆଖି ଖୋଲିବାରେ ଦେଖିଲେ ବିଠଲ ବିଷ୍ଣୁମୂର୍ତ୍ତି । ହଠାତ୍ ଆଖି ବନ୍ଦ କରି ପୁନରାୟ ସ୍ୱର୍ଶ କରିବା ଦ୍ୱାରା ଅନୁଭବ କଲେ ଶଙ୍କର । ଏହିପରି ତିନିବାର ହେଲା ପରେ ସେ ଆଖି ଖୋଲି ଦର୍ଶନ କଲେ ଏବଂ ସେ ନିଶ୍ଚିତ ରୂପେ ଉପଲବ୍ଧି କଲେ ଯେ ଶଙ୍କର ସେ ପଣ୍ଢରୀନାଥ । ସେହି ଦିନଠାରୁ ତାଙ୍କ ମନରୁ ଭେଦଭାବ ଦୂର ହୋଇଗଲା ଏବଂ ତାଙ୍କର ଯେଉଁ ଏକଦେଶୀୟ ସୀମିତ ଜ୍ଞାନ ଥିଲା, ତାହା ହୋଇଗଲା ବ୍ୟାପକ ଓ ପୂର୍ଣ୍ଣ । ସେ ମହାରାଷ୍ଟ୍ର ବାରକଡ଼ି ଭକ୍ତମଣ୍ଡଳୀରେ ସମ୍ମିଳିତ ହୋଇ କୀର୍ତ୍ତନ କଲେ । ଭକ୍ତ ନରହରିଙ୍କର ବହୁତ କବିତା ମରହଟ୍ଟୀ ଭାଷାରେ ଆଜି ମଧ୍ୟ କୀର୍ତ୍ତନ ହେଉଛି ।

ହରି – ଭଗବାନ୍ ତ' ସବୁ ସ୍ଥାନରେ ବ୍ୟାପକ ଓ ସବୁ ସ୍ଥାନରେ ପରିପୂର୍ଣ୍ଣ, ତେବେ ଗୋଟିଏ ପଥରରେ ତାଙ୍କୁ ସୀମିତ କରିଦେବା କ'ଣ ଅଜ୍ଞାନତା ନୁହେଁ ?

ମାଧବ – ଭଗବାନ୍ ସର୍ବବ୍ୟାପୀ; ପ୍ରତିମାରେ, ପର୍ବତରେ ଓ ସବୁସ୍ଥାନରେ । ସେ ସମସ୍ତଙ୍କ ପିତା, ସମସ୍ତଙ୍କୁ ସ୍ନେହ କରନ୍ତି, ସମସ୍ତଙ୍କୁ ଉଚ୍ଚତର ଚେତନାରେ ଉଠାଇ ନେବାକୁ ବ୍ୟବସ୍ଥା କରନ୍ତି । ଜଣେ ବହୁ ଶାସ୍ତ୍ରବିତ୍ ପଣ୍ଡିତ ତାଙ୍କ ଛୋଟ ଶିଶୁ ସଙ୍ଗେ କଥାବାର୍ତ୍ତା କରିବା ସମୟରେ ସେ ଯେଉଁ ଭାଷା ବୁଝିପାରିବ ସେହି ଭାଷା ପ୍ରୟୋଗ କରନ୍ତି ଏବଂ ସେହିପରି ବ୍ୟବହାର କରନ୍ତି ଯଦ୍ଦ୍ୱାରା ଶିଶୁଟି ଯେପରି ନିଃସଙ୍କୋଚରେ ତାଙ୍କ କୋଳରେ ବସି, ଆଖିରେ କାନରେ ଅଙ୍ଗୁଳି ପୂରାଇବାରେ ଭୟ ନ କରେ । ସେ ତା' ପାଖରେ ବଡ଼ ବଡ଼ ବିଜ୍ଞାନ ଆଉ ବେଦାନ୍ତ ଚର୍ଚ୍ଚା କରନ୍ତି ନାହିଁ । ଯେଉଁମାନେ

ସ୍ଥୂଳ ଇନ୍ଦ୍ରିୟ ଦ୍ୱାରା ବସ୍ତୁ ଦେଖିବା ଛଡ଼ା, ସ୍ପର୍ଶ କରିବା ଛଡ଼ା କିଛି ଜାଣନ୍ତି ନାହିଁ, ସେମାନେ ଇନ୍ଦ୍ରାୟାତୀତ ମନ ବୁଦ୍ଧିର ଉର୍ଦ୍ଧ୍ୱସ୍ଥ ସର୍ବବ୍ୟାପକ ବ୍ରହ୍ମଙ୍କୁ ଅନୁଭବ କରିବେ କିପରି ? ସେମାନଙ୍କ ଇନ୍ଦ୍ରିୟଗ୍ରାହ୍ୟ ସକାଶେ ଭଗବାନ୍ ସ୍ୱୟଂ ଅବତାର ନେଇ ଅଥବା ତାଙ୍କ ଭକ୍ତକୁ ଏ ପୃଥିବୀକୁ ପଠାଇ ପ୍ରତ୍ୟେକ ବିଧାନ ସ୍ଥାପନା କରନ୍ତି, ଯାହାକୁ ଆଦର୍ଶ ରୂପେ ମାନି ଲୋକମାନେ ସତ୍-ମାର୍ଗରେ ଚାଲି ପାରିବେ ।

କୌଣସି ଭକ୍ତ ଯେକୌଣସି ପ୍ରକାରେ ଭଗବାନଙ୍କ ମୂର୍ତ୍ତି ତୟାର କରାଇ ନିଜ ସଂକଳ୍ପ-ଶକ୍ତିକୁ ସେହି ପ୍ରତିମାରେ ଏପରି ଦୃଢ଼ଭାବେ କେନ୍ଦ୍ରିତ କରନ୍ତି ଯେ ସେହି ପ୍ରତିମାରେ ସର୍ବବ୍ୟାପକ ଭଗବାନ୍ ପ୍ରକଟ ହୁଅନ୍ତି, ଏବଂ ତଦ୍ଦ୍ୱାରା ଅନ୍ୟ ଭକ୍ତ ସକାଶେ ମଧ୍ୟ ତାହା ସୁଲଭ କରି ଦିଅନ୍ତି । ଏହା କେବଳ କଳ୍ପନା ନୁହେଁ, ଯୁକ୍ତିଯୁକ୍ତ ଓ ପ୍ରାମାଣିକ । ଶ୍ରୀରାମକୃଷ୍ଣଙ୍କୁ ପ୍ରସ୍ତରମୂର୍ତ୍ତିରୁ କାଳୀଙ୍କର ଦର୍ଶନ ହୋଇଥିଲା । ଜଗନ୍ନାଥ, ପଣ୍ଢରୀନାଥ, ଅଯୋଧ୍ୟାର ରାମଚନ୍ଦ୍ର ମୂର୍ତ୍ତି, ବୃନ୍ଦାବନ ଓ ଦ୍ୱାରକାର ଶ୍ରୀକୃଷ୍ଣ ମୂର୍ତ୍ତି ଓ ଅନ୍ୟାନ୍ୟ ଅସଂଖ୍ୟ ମୂର୍ତ୍ତିରୁ ଭଗବାନ୍ ପ୍ରକଟ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ସାକ୍ଷାତ୍ କଥାବାର୍ତ୍ତା କରିଛନ୍ତି । ହିନ୍ଦୁଧର୍ମରେ ବହୁ ଦେବତାବାଦ, ବହୁ ବ୍ରତ ଓ ବହୁ ତୀର୍ଥ ଭ୍ରମ ନୁହେଁ, କଳ୍ପନା ନୁହେଁ । ଏହା ପ୍ରତ୍ୟେକ ମନୁଷ୍ୟକୁ ତା'ର ରୁଚି, ସ୍ୱଭାବ ଏବଂ ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ତାକୁ ତାହାର ଗନ୍ତବ୍ୟ ସ୍ଥାନ ଓ ଲକ୍ଷ୍ୟ ଆଡ଼କୁ ନେଇଯିବାର ଗୋଟିଏ ଗୋଟିଏ ପାବଚ୍ଛ ଓ ଭିନ୍ନ ଭିନ୍ନ ମାର୍ଗ । ଏହା ପ୍ରତ୍ୟେକ ବ୍ୟକ୍ତିକୁ ତାହାର ପରିସ୍ଥିତି ଅନୁସାରେ ସାହାଯ୍ୟ କରେ ଏବଂ ଏହାହିଁ ହିନ୍ଦୁଧର୍ମର ଉଦାରତା ଓ ମହାନତା ।

❖

ଉତ୍କଳ ଗୌରବ ଶ୍ରୀଜଗନ୍ନାଥ

ଉତ୍କଳରେ ଅତୀତରେ ଯେତେଗୁଡ଼ିଏ ଗୌରବାନ୍ୱିତ କୀର୍ତ୍ତି ହୋଇଯାଇଅଛି ତା' ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛନ୍ତି ଶ୍ରୀଜଗନ୍ନାଥ । ସେ ସଗୁଣ, ନିର୍ଗୁଣ, ସାକାର ଓ ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ-ତତ୍ତ୍ୱ । ସେହି ପୁରୁଷୋତ୍ତମ-ତତ୍ତ୍ୱ କଳିଯୁଗରେ ଜୀବଙ୍କୁ ନିସ୍ତାର କରିବା ନିମିତ୍ତ ପୁରୁଷୋତ୍ତମ-କ୍ଷେତ୍ରରେ ଦାରୁବ୍ରହ୍ମ ରୂପେ ବିରାଜିତ ହୋଇଅଛନ୍ତି ।

ବର୍ତ୍ତମାନ ଉତ୍କଳର ହ୍ରାସ ଅବସ୍ଥା ଦେଖି ତାହାର ଅତୀତର ଗୌରବ ଓ କୀର୍ତ୍ତି ସକଳ ସ୍ୱପ୍ନ ପରି ମନେ ହେଉଛି । ଆଜି ଉତ୍କଳ ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ବହୁ ପଛରେ ପଡ଼ିଛି । କଳା, ଶିଳ୍ପ, ସାହିତ୍ୟ, ବିଜ୍ଞାନ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ସେ ନିଜକୁ ଅସହାୟ ମନେ କରୁଛି । ଭାରତର ଅନ୍ୟାନ୍ୟ ପ୍ରଦେଶ ଯେ ହ୍ରାସ ଅବସ୍ଥା ପ୍ରାପ୍ତ ହୋଇ ନାହିଁ ତାହା ନୁହେଁ, କିନ୍ତୁ ସେସବୁ ଅପେକ୍ଷା ଉତ୍କଳର ହ୍ରାସ ଅବସ୍ଥା ଅଧିକ ହୋଇ ପଡ଼ିଛି । ମନୁଷ୍ୟର ଯେପରି ଆତ୍ମା ଅଛି ଦେଶର ବି ସେହିପରି ଆତ୍ମା ଅଛି । ମନୁଷ୍ୟ ଜୀବନରେ ଯେପରି ଉତ୍‌ଥାନ ପତନ ଦେଖାଯାଏ, ସେହିପରି ଦେଶର ଉତ୍‌ଥାନ ପତନ ଘଟେ, ଏହି ଉନ୍ନତି ଅବନତି ଚକ୍ରାକାରରେ ଘୂରୁଥାଏ । ଅବନତି ଶେଷ ପାବଚ୍ଛରେ ପହଞ୍ଚିଲେ ପୁଣି ଉନ୍ନତି ଆରମ୍ଭ ହୁଏ ।

ଏବେ ଅବନତିର ସମୟ ଶେଷ ହୋଇଛି । ସେଥିପାଇଁ ମନୁଷ୍ୟ ବର୍ତ୍ତମାନ ଅବସ୍ଥାରେ ସନ୍ତୁଷ୍ଟ ନ ରହି ନୂତନ କିଛି ଚାହୁଁଛି । ଆଜି ନବଯୁଗର ଉଷା ନୂତନ ସନ୍ଦେଶ ବହନ କରି ପ୍ରାଚୀ ଗଗନରେ ଲାଲିମା ବିଚ୍ଛୁରିତ କରୁଅଛି । ବର୍ତ୍ତମାନ ମନୁଷ୍ୟର କର୍ତ୍ତବ୍ୟ ହେଲା ତାମସିକତାକୁ ତ୍ୟାଗ କରି ଆଗତ ନୂତନ ଯୁଗର ସତ୍ୟକୁ ଗ୍ରହଣ କରିବା ନିମିତ୍ତ ବଦ୍ଧପରିକର ହେବା ଏବଂ ସେହି ସତ୍ୟକୁ ନିଜ ଜୀବନରେ ଉତାରି ନେଇ ଜୀବନ ଓ ଜଗତର ଉନ୍ନତି ସାଧନ କରିବା ।

ପ୍ରାଚୀନ ଉତ୍କଳ କଳା, ଶିଳ୍ପ, ସାହିତ୍ୟରେ ଯେପରି ଉନ୍ନତ ଥିଲା ସେହିପରି ବୀର ବିଦ୍ୱାନ୍ ସନ୍ତାନମାନଙ୍କୁ ମଧ୍ୟ ଜନ୍ମ ଦେଇଥିଲା । ତାହା ଧନଧାନ୍ୟରେ ପରିପୂର୍ଣ୍ଣ ଏକ ସମୃଦ୍ଧିଶାଳୀ ରାଜ୍ୟ ଥିଲା । ଏସବୁର ପ୍ରତ୍ୟକ୍ଷ ପ୍ରମାଣ ସ୍ୱରୂପ ଉତ୍କଳର ପ୍ରାଚୀନ ସାହିତ୍ୟ ଓ କୋଣାର୍କ, ଭୁବନେଶ୍ୱର ଆଦି ମନ୍ଦିର । ଏହିସବୁ ମଧ୍ୟରେ ଶ୍ରେଷ୍ଠତମ ହେଉଛି ପୁରୁଷୋତ୍ତମ-କ୍ଷେତ୍ର, ଶ୍ରୀଜଗନ୍ନାଥ । ପୁରୁଷୋତ୍ତମ-କ୍ଷେତ୍ରର ମହିମା ସ୍ମରଣ କଲେ ଭାରତର ଅନ୍ୟାନ୍ୟ ପ୍ରାନ୍ତଠାରୁ ଉତ୍କଳର ମସ୍ତକ ନଇଁଛି ବୋଲି ମନେ ହେବ ନାହିଁ ।

ପ୍ରାଚୀନ ଉତ୍କଳୀୟ କବି, ସନ୍ଥ ଓ ମହାତ୍ମାମାନେ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ବା ବୌଦ୍ଧ, ଶୂନ୍ୟ, ନିରାକାର, କୃଷ୍ଣ, ବିଷ୍ଣୁ, ନାରାୟଣ ନାମରେ ସ୍ତୁତି କରିଅଛନ୍ତି । ପ୍ରକୃତରେ ତାଙ୍କ ସ୍ୱରୂପ କ'ଣ ଏଠାରେ ତାହା ବିଚାର କରିବା ।

ବ୍ରହ୍ମ ଏକ ସତ୍, ଚିତ୍, ଆନନ୍ଦ, ପୁରୁଷୋତ୍ତମ-ତତ୍ତ୍ୱ । ତାଙ୍କର ସକ୍ରିୟ ଓ ନିଷ୍କ୍ରିୟ ଦୁଇଟି ଦିଗ ଅଛି । ଏହି ଉଭୟଙ୍କୁ ଯେ ଧାରଣା କରିଅଛନ୍ତି ତାଙ୍କୁ ବେଦ, ଉପନିଷଦ୍, ଗୀତା ଇତ୍ୟାଦି ଶାସ୍ତ୍ର ପୁରୁଷୋତ୍ତମ-ତତ୍ତ୍ୱ ବୋଲି ପ୍ରତିପାଦିତ କରିଅଛି । ଆଉ ଏହି ପୁରୁଷୋତ୍ତମ-ତତ୍ତ୍ୱ ହେଉଛନ୍ତି ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ । କ୍ରମୋନ୍ନତିର ମାର୍ଗରେ ମନୁଷ୍ୟ ଜାତିକୁ ଏକ ପାବଚ୍ଛ ଆଗେଇ ଦେବା ସକାଶେ ଏହି ପୁରୁଷୋତ୍ତମ-ତତ୍ତ୍ୱ ଆବଶ୍ୟକ ଅନୁସାରେ ଭିନ୍ନ ଭିନ୍ନ ସ୍ୱରୂପରେ ଅବତାର ଗ୍ରହଣ କରନ୍ତି ଏବଂ ସ୍ୱୀୟ କର୍ମ ଦ୍ୱାରା ଜଗତରେ ନିଜ ଆଦର୍ଶ ସ୍ଥାପନ କରନ୍ତି । ଗୀତା ବର୍ଣ୍ଣନା କରିଅଛି : —

''ୟଦା ୟଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ୟୁଗେ ୟୁଗେ ॥'' ୪/୭/୮ ॥

ଗୀତାର ଏହି ସାରାଂଶକୁ ତୁଳସୀଦାସଜି ତାଙ୍କ ରାମାୟଣରେ ବର୍ଣ୍ଣନା କରିଅଛନ୍ତି :

ଜବ ଜବ ହୋଇ ଧରମକେ ହାନି
ବଢ଼ଇ ଅସୁର ଅଧମ ଅଭିମାନୀ ॥
ତବ ତବ ଧରି ହରି ମନୁଜ ଶରୀରା ।
ନାଶଇ କୃପାନିଧି ସଜ୍ଜନ ପୀରା ॥

''ଧର୍ମର ହ୍ରାସ, ଅସୁର, ଅଧମ ଓ ଅହଂକାରୀ ଲୋକଙ୍କ ବୃଦ୍ଧି ହେଲେ ଶ୍ରୀହରି ମନୁଷ୍ୟ ଶରୀର ଧାରଣ କରି ଅସୁରଙ୍କୁ ଅର୍ଥାତ୍ ଦୂଷିତ କର୍ମ କରିବା ଲୋକଙ୍କୁ ବିନାଶ କରି ଧର୍ମ ସ୍ଥାପନ କରନ୍ତି, ଯଦ୍ଦ୍ୱାରା ସଜ୍ଜନଙ୍କ ଦୁଃଖ ଦୂର ହୁଏ ।''

ଏହି ପୁରୁଷୋତ୍ତମ-ତତ୍ତ୍ୱ ସଚ୍ଚିଦାନନ୍ଦ ବ୍ରହ୍ମ ପୁରୀରେ ଜଗନ୍ନାଥ ନାମରେ ଦାରୁବ୍ରହ୍ମ ରୂପେ ପ୍ରଘଟ ହୋଇଅଛନ୍ତି ।

ପ୍ରଶ୍ନ ଉଠୁଛି ଯେ ପୁରୁଷୋତ୍ତମ-ତତ୍ତ୍ୱ ଶ୍ରୀଜଗନ୍ନାଥ ଏହାର ପ୍ରମାଣ କ'ଣ ?

ଏହା ନିର୍ବିବାଦ ଯେ ଜଗନ୍ନାଥ ସ୍ୱୟଂ ଭଗବାନ୍ । ଜଗନ୍ନାଥ ଶବ୍ଦର ଅର୍ଥ ଜଗତର କାରଣ ଅର୍ଥାତ୍ ଜଗତକୁ ଯେ ସର୍ଜନା କରିଅଛନ୍ତି । ''ଏକୋଽହଂ ବହୁ ସ୍ୟାମ୍ ।'' ଫେରେ ତାଙ୍କ ଧାମର ନାମ ''ପୁରୁଷୋତ୍ତମ-କ୍ଷେତ୍ର'' । ସେ ସ୍ୱୟଂ ପୁରୁଷୋତ୍ତମ ହେବାରୁ ତାଙ୍କ ଧାମର ନାମ ହୋଇଛି ପୁରୁଷୋତ୍ତମ-କ୍ଷେତ୍ର ।

ସଚ୍ଚିଦାନନ୍ଦ ପୁରୁଷୋତ୍ତମ-ତତ୍ତ୍ୱ, ମତ୍ସ୍ୟ, କୂର୍ମ, ବରାହ, ବାମନ, ନରହରି, ପରଶୁରାମ, ରାମ, କୃଷ୍ଣ, ବୁଦ୍ଧ ରୂପେ ପୃଥିବୀରେ ଅବତାର ନେଇଅଛନ୍ତି ଓ ସେହି ହେଉଛନ୍ତି ସାକାର, ନିରାକାର, ବିଷ୍ଣୁ, ନାରାୟଣ । ଶ୍ରୀଜଗନ୍ନାଥ ସେହି ପୁରୁଷୋତ୍ତମ-ତତ୍ତ୍ୱର ବିଗ୍ରହ ହେବାରୁ ସବୁ ସମ୍ପ୍ରଦାୟର ବ୍ୟକ୍ତି ଭେଦଭାବ ଛାଡ଼ି ନିଜ ନିଜ ଇଷ୍ଟଦେବ ନାରାୟଣ, ରାମ, କୃଷ୍ଣ, ବୁଦ୍ଧ ରୂପେ ତାଙ୍କୁ ପୂଜା କରୁଛନ୍ତି । ଏପରି କି ଶ୍ରୀଭାଷ୍ୟକାର ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତର ପ୍ରବର୍ତ୍ତକ ଶ୍ରୀସମ୍ପ୍ରଦାୟର ଆଚାର୍ଯ୍ୟ ଶ୍ରୀରାମାନୁଜ ସ୍ୱାମୀ କିଛିଦିନ ପୁରୀରେ ରହି ଶ୍ରୀଜଗନ୍ନାଥଙ୍କୁ ତାଙ୍କ ମନ୍ଦିରରେ ପୂଜା କରିବା କଥା ନାଭାଜିଙ୍କ ପ୍ରସିଦ୍ଧ ଗ୍ରନ୍ଥ 'ଭକ୍ତମାଳା'ରେ ଓ 'ଦାର୍ଢ୍ୟତା ଭକ୍ତି'ର ଦ୍ୱିତୀୟ ଖଣ୍ଡରେ ବର୍ଣ୍ଣିତ ହୋଇଅଛି । ପୁଣି ମଧ୍ୱ ଭକ୍ତ-ମାନ୍ୟ ଅବତାର ଶ୍ରୀଚୈତନ୍ୟ ମହାପ୍ରଭୁ ତାଙ୍କ ଲୀଳାର ଶେଷ ଚବିଶ ବର୍ଷ ଶ୍ରୀପୁରୁଷୋତ୍ତମ-କ୍ଷେତ୍ରରେ ବ୍ୟତୀତ କରିଥିଲେ ଏବଂ ମନ୍ଦିରରେ ବହୁତ ସମୟ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ ।

ବ୍ରହ୍ମ ଏକ, କିନ୍ତୁ ଲକ୍ଷ୍ୟ ଆଉ ସାଧନା ପ୍ରଣାଳୀ ଭିନ୍ନ ଭିନ୍ନ ହେବାରୁ ବେଦ ପ୍ରତିପାଦ୍ୟ ସେହି ଏକହି ଚତୁଷ୍ପାଦ ବିଭୂତିଯୁକ୍ତ ସଚ୍ଚିଦାନନ୍ଦ ପୁରୁଷୋତ୍ତମ-ତତ୍ତ୍ୱଙ୍କୁ ଭକ୍ତ ଓ ଯୋଗୀମାନେ ଶୂନ୍ୟ, ନିରାକାର, ନିର୍ଗୁଣ ଶବ୍ଦ-ବ୍ରହ୍ମ, ନାରାୟଣ, ବିଷ୍ଣୁ, ରାମ, କୃଷ୍ଣ, ବୁଦ୍ଧ ରୂପେ ଅନୁଭୂତିରେ ପାଇ ଅଛନ୍ତି, ଏବଂ ସେହି ରୂପ ଓ ସେହି ନାମରେ ତାଙ୍କୁ ଇଷ୍ଟଦେବ ମାନି ପୂଜା ମଧ୍ୱ କରୁଅଛନ୍ତି । ଏହି କାରଣରୁ ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧ, ଶୂନ୍ୟ, ବୁଦ୍ଧ, ନିରାକାର, ନାରାୟଣ, ରାମ, କୃଷ୍ଣ ନାମରେ ଭକ୍ତମାନେ ସ୍ତୁତି କରିଅଛନ୍ତି । ସେ ଅବତାରୀ, ସେଥିପାଇଁ ନିର୍ଦିଷ୍ଟ ଦିନମାନଙ୍କରେ ତାଙ୍କୁ ଶ୍ରୀରାମ, ଶ୍ରୀକୃଷ୍ଣ ଆଦି ଅବତାରମାନଙ୍କ ଶିଙ୍ଗାର (ବେଶ) କରାହୁଏ ।

ତା'ଛଡ଼ା ତାଙ୍କ ବିଗ୍ରହ ପ୍ରତୀକରୂପେ ଏହି ସୂଚନା କରୁଅଛି ଯେ ସେ ପରାତ୍ପର ବ୍ରହ୍ମ । ଯଦି ନାରାୟଣ ରାମ, କୃଷ୍ଣ, ବୁଦ୍ଧଙ୍କ ବିଗ୍ରହ ହୋଇଥା'ନ୍ତେ, ତେବେ ତାଙ୍କ ବିଗ୍ରହ ମଧ୍ୱ ସେମାନଙ୍କ ଆକାରରେ ହୋଇଥା'ନ୍ତେ । କିନ୍ତୁ ଏପରି ହୋଇ ନାହିଁ । ତାଙ୍କ ବିଗ୍ରହର କିଛି ଆକାର ଥିବା ସତ୍ତ୍ୱେ କୌଣସି ନିର୍ଦିଷ୍ଟ ଆକାର ନାହିଁ । ସେଥିପାଇଁ ସେ କୌଣସି ଅବତାରଙ୍କ ବିଗ୍ରହ ନୁହନ୍ତି ଆଉ ବିଗ୍ରହର ସ୍ଥୂଳ ଆକାର ଥିବାରୁ ନିରାକାର ବି ନୁହନ୍ତି । ଅତଏବ ତାଙ୍କ ବିଗ୍ରହ ସ୍ପଷ୍ଟ ରୂପେ ବୁଝେଇ ଦେଉଅଛି ଯେ ସେ ସାକାର ଓ ନିରାକାରଙ୍କ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ-ତତ୍ତ୍ୱ । ଏହି କାରଣରୁ ତାଙ୍କ ନାମ ହେଉଛି ଦାରୁ-ବ୍ରହ୍ମ ।

ବିଭିନ୍ନ ରୁଚି, ସ୍ୱଭାବ ଓ ବିଚାର ହେତୁ ଏଠାରେ ତିନୋଟି ପ୍ରଶ୍ନ ଉଠିପାରେ : —

ପ୍ରଥମ : ଭଗବାନ୍ ସର୍ବତ୍ର ବିଦ୍ୟମାନ, ଏକ ବ୍ୟାପକ ଭଗବାନଙ୍କୁ ଏକ ମନ୍ଦିର ସୀମାରେ ଆବଦ୍ଧ କରିବା କ'ଣ ଅଜ୍ଞାନତା ନୁହେଁ ?

ଦ୍ୱିତୀୟ: ଭାରତ ବର୍ଷରେ ବହୁ ବିଗ୍ରହ ଅଛନ୍ତି, କିନ୍ତୁ ଶ୍ରୀଜଗନ୍ନାଥଙ୍କୁ କାହିଁକି ସାକ୍ଷାତ୍ ବ୍ରହ୍ମ କୁହାଯାଏ, ସେଥିରେ ବିଶେଷତା କ'ଣ ?

ତୃତୀୟ : ଯେ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ, ସେ ବିଗ୍ରହରୂପ ସ୍ୱୀକାର କଲେ କାହିଁକି ?

ଭଗବାନ୍ ବ୍ୟାପକ, ନିର୍ଗୁଣ, ସଗୁଣର ଊର୍ଦ୍ଧ୍ୱରେ ଥିବା ସତ୍ତ୍ୱେ ଓ ନିଜ ଅହେତୁକୀ କୃପା, ଭକ୍ତ-ବତ୍ସଳତା ଗୁଣରେ ବଶୀଭୂତ ହୋଇ ଅବତାର ନେଇ ଶରୀର ଧାରଣ କରନ୍ତି ଓ ବିଗ୍ରହରେ ନିଜକୁ ପ୍ରକାଶ କରନ୍ତି ଯାହା ଦ୍ୱାରା ଭକ୍ତ ସୁଲଭରେ ତାଙ୍କୁ ପ୍ରାପ୍ତ ହେବେ ଓ ଭବସାଗରରୁ ଉଦ୍ଧାର ହେବେ । ଭଗବାନ୍ ସର୍ବତ୍ର – ଯେପରି ସବୁଠାରେ, ସେହିପରି ପ୍ରତିମାରେ ବି ଅଛନ୍ତି । କିନ୍ତୁ ସାଧାରଣ ମନୁଷ୍ୟ ପଶୁ, ପକ୍ଷୀ, ବୃକ୍ଷ, ଲତା ଇତ୍ୟାଦିରେ ଭଗବାନଙ୍କୁ କେବେ ବି ମନରେ ଭାବେ ନାହିଁ, ପରନ୍ତୁ ମନ୍ଦିରରେ ପ୍ରତିମା ଦେଖିବା ମାତ୍ରକେ ଭଗବାନ୍ ଭାବରେ ମୁଣ୍ଡିଆ ମାରେ ଆଉ ସେତେବେଳେ କିଛି ସମୟ ସକାଶେ ତାହାର ସାତ୍ତ୍ୱିକ ଭାବ ବି ଜାଗ୍ରତ୍ ହୁଏ । ବ୍ୟାପକ ବ୍ରହ୍ମ ମନ ଆଦି ଇନ୍ଦ୍ରିୟର ଅତୀତ । ସେହି ବ୍ରହ୍ମଙ୍କୁ ଅନୁଭୂତିରେ ପ୍ରାପ୍ତ କରିବାକୁ ହେଲେ ବହୁ କଠିନ ସାଧନା ଦ୍ୱାରା ଇନ୍ଦ୍ରିୟକୁ ଅତିକ୍ରମ କରି ମନର ଊର୍ଦ୍ଧ୍ୱକୁ ଯିବାକୁ ହେବ, ତେବେହି ସେହି ଅନୁଭୂତି ମିଳିବ । ଏହା ସାଧାରଣ ମନୁଷ୍ୟ ସକାଶେ ସମ୍ଭବ ନୁହେଁ ।

ସାଧାରଣ ମନୁଷ୍ୟର ସମ୍ପଦ ମନ ଆଦି ସ୍ଥୂଳ ଇନ୍ଦ୍ରିୟ ଏବଂ ଇନ୍ଦ୍ରିୟର ଗ୍ରାହ୍ୟ ସ୍ଥୂଳ ବସ୍ତୁ । ସେ ସ୍ଥୂଳ ବସ୍ତୁକୁହିଁ ଗ୍ରହଣ କରିପାରେ ଏବଂ ସେଥିରେ ଚେତନାକୁ କେନ୍ଦ୍ରିତ କରିପାରେ । ସାଧାରଣ ମନୁଷ୍ୟ ସକାଶେ ବ୍ୟାପକ ବ୍ରହ୍ମ ଭାବନା କରିବା ଏକେବାରେ ଅସମ୍ଭବ କିନ୍ତୁ ପ୍ରତିମାରେ ଭଗବତ୍‌ଭାବ ରଖିବା ଏକେବାରେ ସମ୍ଭବ । ଏହି ସ୍ଥୂଳ-ପ୍ରତିମାକୁ ଭଗବତ୍ ଭାବରେ ସେବା, ଦର୍ଶନ, କୀର୍ତ୍ତନ, ପ୍ରେମ-ଭକ୍ତି କରିବା ଦ୍ୱାରା ଚିତ୍ତଶୁଦ୍ଧି ହୁଏ, ଚେତନାର ବିକାଶ ହୁଏ ଏବଂ ସାଧକ ଯଦି ପ୍ରତିମାରେ ଏକହି ସ୍ଥାନରେ ଭଗବାନଙ୍କୁ ଉପଲବ୍ଧି କରିପାରେ ତେବେ ତାଙ୍କୁ ସର୍ବତ୍ର ଉପଲବ୍ଧି କରିବାରେ ସହଜ ହୁଏ । ଏପରି କି ସାଧକ ଯଦି ପୁରୁଷୋତ୍ତମ-ତତ୍ତ୍ୱକୁ ନିଜର ସମସ୍ତ ସତ୍ତାରେ ଉପଲବ୍ଧି କରିବାର ଲକ୍ଷ୍ୟ ରୂପେ ଗ୍ରହଣ କରିପାରେ ଏବଂ ମନ-ପ୍ରାଣ-ଶରୀରକୁ ତାହାର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବାକୁ ଅଭୀପ୍ସା ଜାଗ୍ରତ୍ କରେ ତେବେ ସେ ସାଧନାର ଯଥାର୍ଥ ମାର୍ଗରେ ଅଗ୍ରସର ହୋଇପାରେ । ଏପରି ସ୍ଥଳେ ଯଦି ଅଜ୍ଞାନ ଦ୍ୱାରା ପରମ ଜ୍ଞାନରେ, ସୀମା ଦ୍ୱାରା ଅସୀମର ସନ୍ଧାନ ମିଳେ, ସେହି ଅଜ୍ଞାନକୁ ଗ୍ରହଣ କଲେ କିଛି କ୍ଷତି ହେବ ନାହିଁ । ଫେରେ ଯେଉଁ ପ୍ରତିମା ପୂଜା ଜ୍ଞାନରେ ପହୁଞ୍ଚିବାକୁ ସାହାଯ୍ୟ କରେ ତାହା ଅଜ୍ଞାନ ହେବ କିପରି ?

ସବୁ ବିଗ୍ରହରେ ଦେବତାମାନେ ସମାନ ଭାବେ ପ୍ରକାଶିତ ହୁଅନ୍ତି ନାହିଁ । ପ୍ରକାଶିତ ହୁଅନ୍ତି ସ୍ଥାପନ କରିବା ବ୍ୟକ୍ତିର ଭାବ ଓ ଭକ୍ତି ଅନୁସାରେ । ସେହିପରି ସମସ୍ତ ସାଧକମାନଙ୍କୁ ଭଗବାନ୍ ସମାନ ଭାବେ ପ୍ରାପ୍ତ ହୁଅନ୍ତି ନାହିଁ, ପ୍ରାପ୍ତ ହୁଅନ୍ତି ତାଙ୍କର ସମର୍ପଣ, ଅଭୀପ୍ସା ଓ ଆଧାର ତିୟାରି ଅନୁସାରେ । ଶ୍ରୀଜଗନ୍ନାଥଙ୍କୁ ଯେଉଁ ଭକ୍ତ ରାଜା ସ୍ଥାପନ କରିଅଛନ୍ତି ସେ ଚାହିଁଥିଲେ ସ୍ୱୟଂ ବ୍ରହ୍ମ କଳିରେ ପ୍ରଘଟ ରୂପେ ମୂର୍ତ୍ତିରେ ବିରାଜମାନ ହେବାକୁ ! ସେଥିପାଇଁ ସେ ବହୁ ବର୍ଷ ଅପେକ୍ଷା କଲେ ଏବଂ ବିଦ୍ୟାପତିଙ୍କୁ ଦୂତରୂପେ ପଠାଇ ଦଇତାପତିଙ୍କ ଇଷ୍ଟଦେବଙ୍କ ସନ୍ଧାନ ପାଇ ତାଙ୍କୁ ଆଣିବାକୁ ଗଲେ କିନ୍ତୁ ବିଗ୍ରହ ନ ଦେଖି ଅତ୍ୟନ୍ତ ବ୍ୟାକୁଳ ହୋଇ ପଡ଼ିବାରୁ ତାଙ୍କୁ ଆକାଶବାଣୀ ହେଲା, ''ଅମୁକ ଦିନ ସମୁଦ୍ରରେ ଯେଉଁ କାଷ୍ଠ ପାଇବୁ ତାହାକୁହିଁ ମୂର୍ତ୍ତି ତିୟାର କରି ମନ୍ଦିରରେ ପ୍ରତିଷ୍ଠା କରିବୁ । ମୁଁ ସ୍ୱୟଂ ସେହି ମୂର୍ତ୍ତିରେ ବିରାଜିତ ହେବି ।'' ଏକଥା ଦେଉଳତୋଳା ଗ୍ରନ୍ଥରୁ ଅଧିକ ବ୍ୟକ୍ତି ପଢ଼ିଥିବେ ଓ ଶୁଣିଥିବେ । ତା'ପରେ ବହୁଦିନ ପରେ ସ୍ୱୟଂ ଭଗବାନ୍ ବୃଦ୍ଧ ବଢ଼େଇ ରୂପେ ପ୍ରତିମା ଗଢ଼ିବା ଆରମ୍ଭ କଲେ । ଭଗବାନଙ୍କ ଇଚ୍ଛାରେହିଁ ବୃଦ୍ଧ ବଢ଼େଇଙ୍କ ନିର୍ଦ୍ଧାରିତ ଏକୋଇଶ ଦିନ ପୂର୍ବରୁ କୋଡ଼ିଏ ଦିନରେ ମନ୍ଦିର ଦ୍ୱାର ଖୋଲାହେଲା । ପ୍ରତିମା ସେତେବେଳକୁ ପୂର୍ଣ୍ଣରୂପେ ତିୟାରି ହୋଇ ନ ଥିଲା । ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ସ୍ୱୟଂ ଭଗବାନ୍ ତିୟାରି କରିଥିବାରୁ ଏଥିରେ ରହିଲା ବିଶେଷତା । ଫେରେ ସେ କଳି ଅବତାର ବୋଲି ସମୟ ସମୟରେ ତାଙ୍କ ବିଗ୍ରହ ନୂଆ କଳେବର ଧାରଣ କରେ ।

ଭକ୍ତ ରାଜାଙ୍କ ଦୃଢ଼ ସଂକଳ୍ପ ଓ ଦୃଢ଼ ଭକ୍ତି କାରଣରୁ ସ୍ୱୟଂ ଭଗବାନ୍ ପରମବ୍ରହ୍ମ ପୂର୍ଣ୍ଣ ଐଶ୍ୱର୍ଯ୍ୟ ସହ ପ୍ରତିମାରେ ଦାରୁବ୍ରହ୍ମ ରୂପେ କଳିର ଜୀବଙ୍କୁ ଉଦ୍ଧାର କରିବା ସକାଶେ ପ୍ରଘଟ ହେଲେ । ସେଥିପାଇଁ କୁହାହୁଏ କଳିଅବତାର ଦାରୁବ୍ରହ୍ମ । ଏହି କାରଣରୁ ପୁରୀ ପରିଣତ ହେଲା କଳିଯୁଗର ଧାମରେ । ବଦ୍ରି-ନାରାୟଣ ସତ୍ୟଯୁଗ, ରାମେଶ୍ୱର ତ୍ରେତା, ଦ୍ୱାରକା ଦ୍ୱାପର ଓ ପୁରୀ କଳିଯୁଗର ଧାମ । ଏହାକୁ ସର୍ବ ସମ୍ପ୍ରଦାୟ ଓ ଆଚାର୍ଯ୍ୟଗଣ ମାନନ୍ତି ।

ଭଗବାନ୍ ଭକ୍ତ-ବତ୍ସଳ, ଭକ୍ତର ଅଧୀନ । ଭକ୍ତ ପାଇଁ ସମସ୍ତ ଐଶ୍ୱର୍ଯ୍ୟ ଭୁଲି ଭକ୍ତିର ବାଳକ ହୋଇ ତାଙ୍କ କୋଳରେ ଖେଳନ୍ତି । ଏହା କେବଳ ଭାବୁକତା ନୁହେଁ, ଏହାର ସାକ୍ଷୀ ଭକ୍ତମାନେ ଓ ଇତିହାସ । ସେ ଦଶରଥ-କୌଶଲ୍ୟା, ନନ୍ଦ-ଯଶୋଦାର ପୁତ୍ର ଥିଲେ । ଯେତେବେଳେ ଯଶୋଦା ଛାଟ ନେଇ ତାଙ୍କୁ ପିଟିବାକୁ ଲାଗିଲେ ସେତେବେଳେ ସେ ଭୟରେ ଅସ୍ଥିର ହୋଇ କାନ୍ଦି ଆଖିରୁ କୋଳି ପରି ଟପ୍ ଟପ୍ କରି ଲୁହ ବୁହାଇଲେ । ଯେ ବ୍ରହ୍ମାଣ୍ଡ ନାୟକ, ଯାହାଙ୍କ ଚକ୍ଷୁର ଇଙ୍ଗିତରେ ତାଙ୍କ ଶକ୍ତି କୋଟି-କୋଟି ବ୍ରହ୍ମାଣ୍ଡ ଏକ କ୍ଷଣରେ ସୃଷ୍ଟି କରିପାରେ ଆଉ ଯାହାଙ୍କୁ ପାଇବା ସକାଶେ, କେତେ ଯୋଗୀ-ମୁନି ତପସ୍ୟା କରି ଅନୁଭୂତିରେ ପାଆନ୍ତି ନାହିଁ ସେହି ବ୍ରହ୍ମ ଭକ୍ତ ଭାବରେ ବନ୍ଦି ହୋଇ କାନ୍ଦୁ ଅଛନ୍ତି ! ଧନ୍ୟ ପ୍ରଭୁ ତୋର ଭକ୍ତ-ବତ୍ସଳତା । ଏପରି ଯେ ଦୟାମୟ ପ୍ରଭୁ, ନିଜର ଅହେତୁକୀ କୃପାରୁ ଭକ୍ତ ରାଜାର ଭକ୍ତି ପାଶରେ ବନ୍ଦି ହୋଇ ପ୍ରତିମାରେ ସାକ୍ଷାତ୍ ପୁରୁଷୋତ୍ତମ-ତତ୍ତ୍ୱ ରୂପେ ପ୍ରକଟ ହେବା ଆଶ୍ଚର୍ଯ୍ୟ କ'ଣ ? ଭକ୍ତ ସକାଶେ ଭଗବାନଙ୍କର ଅଦେୟ କିଛି ନାହିଁ । କେବଳ ବିଶ୍ୱାସ ହେବା ଉଚିତ । ବିଶ୍ୱାସ ହେଲେ ଭଗବାନ୍ ପ୍ରାପ୍ତ ହୁଅନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ବିଶ୍ୱାସ, ନିର୍ଭରତା, ପ୍ରେମ କୌଣସି ସାଧନାର ଆଶ୍ରୟ ଚାହେଁ ନାହିଁ । ଭଗବାନଙ୍କୁ ପ୍ରାପ୍ତ କରିବା ସକାଶେ ଏହାହିଁ ପର୍ଯ୍ୟାପ୍ତ । ଉତ୍କଳବାସୀ ପ୍ରାୟ ସମସ୍ତେ ଜାଣନ୍ତି କରମାବାଇ ଘରେ ଜଗନ୍ନାଥ ଖେଚୁଡ଼ି ଖାଇଥିଲେ । ସେ'ତ ଯୋଗୀ-ମୁନି ନ ଥିଲେ, ତାଙ୍କର ବିଶ୍ୱାସ, ଭକ୍ତି ଓ ସରଳ ପ୍ରେମ ଥିଲା ।

❖

ଉତ୍କଳୀୟ ପୁରୁଷୋତ୍ତମ ଧର୍ମରେ ସର୍ବ ଧର୍ମର ସମନ୍ୱୟ

ଉତ୍କଳ ବା ଓଡ଼ିଶାର ସ୍ୱଧର୍ମ ହେଉଛି ପୁରୁଷୋତ୍ତମ ଜଗନ୍ନାଥତତ୍ତ୍ୱ । ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଗଭୀର ଅନ୍ତଃସ୍ଥଳରେ ଏହାରି ପ୍ରଭାବ ନିହିତ ରହିଛି । ଏହି ବିଶାଳ ଅଧ୍ୟାତ୍ମ ଧର୍ମରେ ସର୍ବ ଧର୍ମ ସମନ୍ୱୟ । ଏହି ପୁରୁଷୋତ୍ତମତତ୍ତ୍ୱ ପ୍ରାପ୍ତିହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଏବଂ ଭଗବାନଙ୍କର ସଂକଳ୍ପ । ପୃଥିବୀରେ ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଭଗବାନଙ୍କର ସୃଷ୍ଟିର ଲୀଳା । ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଜଗନ୍ନାଥ । ପୁରୁଷୋତ୍ତମ ଧାମର ପ୍ରତୀକ ପୁରୀ । ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦ ଯୋଗ ଗ୍ରହଣ ଦ୍ୱାରା । ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବାରେ ବ୍ୟକ୍ତି ହୁଏ ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ପ୍ରାପ୍ତ ହୁଏ ପୁରୁଷୋତ୍ତମ ତତ୍ତ୍ୱ ସହିତ ପୂର୍ଣ୍ଣ ଏକତ୍ୱ । ଅତିମାନସ ଶକ୍ତି ଦ୍ୱାରା ହୁଏ ପରିଚାଳିତ ।

ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ସତ୍ୟ ଏବଂ ପରମବ୍ରହ୍ମ । ତାଙ୍କରି ସ୍ୱରୂପ ହେଉଛି ସଚ୍ଚିଦାନନ୍ଦଧାମ ତଥା ବୈକୁଣ୍ଠ, ଗୋଲୋକ, ସାକେତ ଇତ୍ୟାଦି ଦିବ୍ୟଲୋକ । ଏହିସବୁ ଦିବ୍ୟଧାମ ପରାର୍ଦ୍ଧ । ଏହାର ବିକୃତରୂପ ହେଲା ଅପରାର୍ଦ୍ଧ ଉଚ୍ଚତର ପ୍ରାଣ ଲୋକ ବା ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ । ପରାର୍ଦ୍ଧରେ ଯେଉଁ ଦିବ୍ୟତତ୍ତ୍ୱ ପ୍ରକଟ, ସେହି ଦିବ୍ୟତତ୍ତ୍ୱ ଅପରାର୍ଦ୍ଧରେ ଗୁପ୍ତ ବା ଅପ୍ରଚ୍ଛନ୍ନ ରୂପେ ବିଦ୍ୟମାନ । ସଚ୍ଚିଦାନନ୍ଦ ଦିବ୍ୟତତ୍ତ୍ୱ ମଧ୍ୟ ମନୁଷ୍ୟ, ପଶୁ, ପକ୍ଷୀ, ଜଡ଼ ମଧ୍ୟରେ ନିହିତ । ଅର୍ଥାତ୍ ସଚ୍ଚିଦାନନ୍ଦ ତତ୍ତ୍ୱ ବା ଦିବ୍ୟଧାମ ଏହି ଜଡ଼ ପୃଥିବୀ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ''ଯାହାହିଁ ପିଣ୍ଡେ, ତାହାହିଁ ବ୍ରହ୍ମାଣ୍ଡେ ।''

ଜଗନ୍ନାଥ ମୂଳତତ୍ତ୍ୱ ସର୍ବ ଧର୍ମର ସମନ୍ୱୟ ସଂପାଦାନ

ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମଙ୍କର ରୂପ ମନରେ କଳ୍ପନା କରିହୁଏ ନାହିଁ, ସ୍ଥୂଳ ରୂପେ ଦେଖାଯାଏ ନାହିଁ । ସେ ହେଉଛନ୍ତି ସତ୍-ଚିତ୍ ଆନନ୍ଦସ୍ୱରୂପ । ତାଙ୍କରି ପ୍ରତୀକ ଶ୍ରୀଜଗନ୍ନାଥ ହୋଇଥିବାରୁ ତାଙ୍କର କୌଣସି ରୂପ ନାହିଁ । ଅର୍ଥାତ୍ ହସ୍ତ, ପଦ ନାହିଁ । ସେ ଅବତାର ନୁହନ୍ତି, ଅବତାରଙ୍କର ସୃଷ୍ଟି ତାଙ୍କରିଠାରୁ । ତାଙ୍କରିଠାରୁ ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବାମନ, ନୃସିଂହ ଆଦି ସଗୁଣ ରୂପେ ଅବତାର ନିଅନ୍ତି । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହୋଇଥିବାରୁ ସେ ଶ୍ରୀରାମ, ଶ୍ରୀକୃଷ୍ଣ ଆଦି – ଅବତାର ରୂପ ଧାରଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ କେବେ ବି ଅନ୍ୟାନ୍ୟ ଅବତାର କିଂବା ଜଗନ୍ନାଥଙ୍କ ରୂପ ଧାରଣ କରନ୍ତି ନାହିଁ । ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଇଷ୍ଟ ରୂପେ ଗ୍ରହଣ କରିଥିବା ସମସ୍ତ ସଂପ୍ରଦାୟର ସନ୍ଥ ତଥା ଭଗବାନଙ୍କୁ ନିରାକାର ରୂପେ ଗ୍ରହଣ କରିଥିବା ଅଦ୍ୱୈତ ସନ୍ଥମାନେ ଶ୍ରୀଜଗନ୍ନାଥଙ୍କୁ ଅଭେଦ ଭାବେ ଗ୍ରହଣ କରନ୍ତି । ବୈଷ୍ଣବସଂପ୍ରଦାୟରେ ବିଶେଷତଃ ନାରାୟଣଙ୍କୁ ଇଷ୍ଟ ମାନିଥିବା ରାମାନୁଜ ବୈଷ୍ଣବମାନେ ଅନ୍ୟ କୌଣସି ଇଷ୍ଟ ବା ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ବୈଷ୍ଣବ ସନ୍ଥଙ୍କ ଦ୍ୱାରା ନିବେଦିତ ପ୍ରସାଦ ଗ୍ରହଣ କରନ୍ତି ନାହିଁ । କିନ୍ତୁ ପୁରୀର ମହାପ୍ରସାଦ ଅବର୍ଣ୍ଣ ବ୍ୟକ୍ତି ହାତରେ ବି ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଉପାସକମାନେ ଯଦ୍ୟପି ବୈଷ୍ଣବସଂପ୍ରଦାୟର ଚାପରେ ନିଜ ନିଜ ଇଷ୍ଟ ବ୍ୟତୀତ ଭଗବାନଙ୍କ ଅନ୍ୟ ବିଗ୍ରହଙ୍କ ପ୍ରସାଦ ରାମାନୁଜୀ ବୈଷ୍ଣବଙ୍କ ସଦୃଶ ପ୍ରକାଶ୍ୟରେ ବର୍ଜନ କରନ୍ତି ନାହିଁ, ତଥାପି ଅନ୍ତରରେ ଭେଦଭାବ ପୋଷଣ କରିଥାଆନ୍ତି । କିନ୍ତୁ ପୁରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦରେ ଭେଦଭାବର ଚିହ୍ନବର୍ଣ୍ଣ ନ ଥାଏ କାରଣ ସଚ୍ଚିଦାନନ୍ଦ ସମସ୍ତ ଅବତାରଙ୍କ ମୂଳ ସତ୍ୟ । ସେଠାରେ ଜାତି, ବର୍ଣ୍ଣ, ଧର୍ମର କଳ୍ପନା ନ ଥାଏ । ଭାରତରେ ବର୍ଣ୍ଣଧର୍ମର କଠୋରତା ଥିବା ସମୟରେ ଅର୍ଥାତ୍ ଦକ୍ଷିଣରେ ବ୍ରାହ୍ମଣମାନେ ଅବର୍ଣ୍ଣଙ୍କ ଛାୟା ସ୍ପର୍ଶ ନ କରୁଥିବା ସମୟରେ ମଧ୍ୟ ପୁରୀ-କ୍ଷେତ୍ରରେ ଅବର୍ଣ୍ଣ ହାତରୁ ଶ୍ରୋତ୍ରୀୟ ବ୍ରାହ୍ମଣ ପ୍ରସାଦ ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣାଦି ଭଗବାନଙ୍କର କୌଣସି ବିଗ୍ରହଙ୍କ କ୍ଷେତ୍ରରେ ଏପରି ବର୍ଣ୍ଣ-

ଅଭେଦତା ନାହିଁ । ଅନ୍ୟ ପକ୍ଷରେ ଭାରତବର୍ଷରେ ଭଗବାନଙ୍କ ବଦ୍ରିନାରାୟଣ, ରାମେଶ୍ୱର, ଦ୍ୱାରକା ଆଦି ଧାମମାନଙ୍କରେ ଅନ୍ୟାନ୍ୟ ସଂପ୍ରଦାୟର ଆଚାର୍ଯ୍ୟମାନେ ମଠ ସ୍ଥାପନା କରି ନାହାନ୍ତି, କରିଛନ୍ତି ପୁରୀରେ । ଅଦ୍ୱୈତ ସଂପ୍ରଦାୟର ଆଚାର୍ଯ୍ୟ ଶଙ୍କର, ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ ଏଠାରେ ମଠ ସ୍ଥାପନା କରିଅଛନ୍ତି । ନିମ୍ବାର୍କ ଏବଂ ମାଧବାଚାର୍ଯ୍ୟଙ୍କ ମଠ ମଧ୍ୟ ଏଠାରେ ବିଦ୍ୟମାନ । ମାଧବାଚାର୍ଯ୍ୟଙ୍କ ସଂପ୍ରଦାୟର ପ୍ରଧାନ ସଂସ୍ଥାପକ ଶ୍ରୀଚୈତନ୍ୟ ମହାପ୍ରଭୁ ଜୀବନର ଅର୍ଦ୍ଧେକ, ସାଧନାରେ ସମସ୍ତ ସମୟ, ଶେଷଜୀବନ ପର୍ଯ୍ୟନ୍ତ, ୨୪ ବର୍ଷ ପୁରୀରେ ବ୍ୟତୀତ କରିଅଛନ୍ତି । ଏହାଛଡ଼ା ତନ୍ତ୍ର ଏବଂ ବୌଦ୍ଧ ତଥା ଅନ୍ୟାନ୍ୟ ପନ୍ଥାବଲମ୍ବୀ ସାଧୁସନ୍ଥ ପୁରୀକୁହିଁ ଇଷ୍ଟଧାମ ରୂପେ ମାନ୍ୟ କରନ୍ତି । ପୁରୀ ସଚ୍ଚିଦାନନ୍ଦ ଧାମର ପ୍ରତୀକ ଯୋଗୁଁ ସେଠାରେ ସର୍ବ ଅଧ୍ୟାତ୍ମଧର୍ମର ସମାବେଶ ଏବଂ ସମନ୍ୱୟ ହୋଇଅଛି ।

ଶ୍ରୀଜଗନ୍ନାଥ ସଚ୍ଚିଦାନ୍ଦତତ୍ତ୍ୱର ପ୍ରତୀକ ହେବାର ଅନ୍ୟ କାରଣ ହେଲା – ତାଙ୍କୁ ସମସ୍ତ ଅବତାର ତଥା ଶକ୍ତିଙ୍କ ମନ୍ତ୍ର ଦ୍ୱାରା ଭୋଗ ନିବେଦନ କରାଯାଏ । ମନ୍ଦିରରେ ମହାପ୍ରସାଦ ନିବେଦନ ହେବା ସମୟରେ ମନ୍ଦିରର ବେଢ଼ା ଅନ୍ତର୍ଗତ ଭିନ୍ନ ଭିନ୍ନ ମନ୍ଦିରସ୍ଥ ଦେବତା ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଲକ୍ଷ୍ମୀ, ଦୁର୍ଗା ଏବଂ ଅନ୍ୟାନ୍ୟ ଦେବାଦେବୀମାନଙ୍କୁ ପ୍ରସାଦ-ସେବନ ସକାଶେ ଜଣେ ସେବକ ଯାଇ ପ୍ରତ୍ୟେକ ମନ୍ଦିର ସମ୍ମୁଖରେ ଝାଂଜ ବଜେଇ ନିମନ୍ତ୍ରଣ କରନ୍ତି । ବହୁତ ଦେବତାଙ୍କ ମନ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ଭୋଗ ନିବେଦନ କରିବା, ଭୋଗ-ନିବେଦନ ସମୟରେ ଅନ୍ୟାନ୍ୟ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବାର ଅର୍ଥ ହୋଇପାରେ ଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱ, ସମସ୍ତ ରୂପରେ ପ୍ରକଟ ହୋଇଅଛନ୍ତି, ସମସ୍ତଙ୍କର ମୂଳ-କାରଣ ସେହିଁ । କୌଣସି ମନ୍ତ୍ରରେ ଆରାଧନା କଲେ ତତ୍ତ୍ୱତଃ ତାଙ୍କୁହିଁ ପ୍ରାପ୍ତ ହୁଏ । ଏହାଛଡ଼ା ଅନ୍ୟାନ୍ୟ ଅବତାରକୁ ଯେଉଁସବୁ ବିଶିଷ୍ଟ ଦିନମାନଙ୍କରେ ବିଶେଷ ପୂଜା କରାଯାଏ ଏବଂ ମନ୍ଦିରରେ ବିଶେଷ ଉତ୍ସବ କରା ହୁଏ ତାହାସବୁ ବିଧି-ବିଧାନ ପୂର୍ବକ ପାଳିତ ହୁଏ ପୁରୀ-କ୍ଷେତ୍ରରେ । ଏହିପରି ବହୁତ କର୍ମ, ପୂଜା-ପଦ୍ଧତିରୁ ସ୍ପଷ୍ଟ ବୁଝାଯାଏ ଯେ ଶ୍ରୀଜଗନ୍ନାଥ ହେଲେ ସତ୍-ଚିତ୍-ଆନନ୍ଦଙ୍କର ପ୍ରତୀକ । ଏହାକୁ ସମର୍ଥନ କରିଛି ଶାସ୍ତ୍ର, ପୁରାଣ, ଋଷି, ମୁନି, ମହାପୁରୁଷଙ୍କ ବାଣୀ । କିନ୍ତୁ ଏହାର ସମୟ ଆସି ନ ଥିବାରୁ ଆତ୍ମମାନଙ୍କ ଚେତନାରେ ଏହା ସ୍ପଷ୍ଟ ହୋଇ ନାହିଁ । କେବଳ ସ୍ପଷ୍ଟ ହୋଇଛି – ସତ୍ୟ ଯୁଗର ଧାମ ବଦ୍ରିକାଶ୍ରମ, ତ୍ରେତାର ଧାମ ରାମେଶ୍ୱର, ଦ୍ୱାପରର ଧାମ ଦ୍ୱାରକା, କଳିର ଧାମ ପୁରୀ-କ୍ଷେତ୍ର ।

ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱ ହେବାର ଅନ୍ୟ କାରଣ ହେଲା – କଳିପରେ ଆସେ ସତ୍ୟ ଯୁଗ । ଉଭୟ ଯୁଗରେ ଥାଏ ଘନିଷ୍ଠ ସମ୍ବନ୍ଧ । କଳି ପରେ ସତ୍ୟଯୁଗରେ ଯେଉଁ ଧର୍ମ ପ୍ରକାଶ ହୁଏ ବା କ୍ରିୟାଶୀଳ ହୁଏ, କଳିରେ ବ୍ୟକ୍ତିର ଅଜ୍ଞାତରେ, ତା'ର ମନ, ପ୍ରାଣର ଆବରଣ ପାଣ୍ଟାଇ୍‌ରେ, ତା'ର ଅନ୍ତଶ୍ଚେତନାରେ ଥାଏ ତାହାରି ପ୍ରଭାବ । ବ୍ୟକ୍ତି ଅଜ୍ଞାତରେ ଅଗ୍ରସର ହୁଏ ସେହି ସତ୍ୟ ଆଡ଼କୁ । ଏହି କାରଣରୁ ସ୍ପଷ୍ଟ ରୂପେ ଜଣାଯାଏ ଯେ ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କର ପ୍ରତୀକ, ପୁରୀ-କ୍ଷେତ୍ର ସଚ୍ଚିଦାନନ୍ଦ ଧାମର ପ୍ରତୀକ ।

ଉତ୍କଳବାସୀଙ୍କ ଚେତନାରେ ସଚ୍ଚିଦାନନ୍ଦ ଧର୍ମ ଅସ୍ପଷ୍ଟ ଭାବେ ନିହିତ

ଓଡ଼ିଶାବାସୀଙ୍କର ଧର୍ମ ହେଉଛି ବ୍ୟାପକ, ପୁରୁଷୋତ୍ତମ ଧର୍ମ । ରାଜା ଅନୁସାରେ ପ୍ରଜାର ଧର୍ମ ହୁଏ । ଯଥାର୍ଥରେ ଓଡ଼ିଶାର ରାଜା ହେଉଛନ୍ତି ଜଗନ୍ନାଥ । ପୁରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ ପ୍ରକଟ ହେବା ସମୟରୁ ପୁରୀ ରାଜା ସମସ୍ତ ରାଜ୍ୟ ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦନ କରିଥିଲେ । ସେ ରାଜ୍ୟ-ଶାସନ କରୁଥିଲେ ଶ୍ରୀଜଗନ୍ନାଥଙ୍କ ସେବକ ରୂପେ । ପୁରୀର ପୂର୍ବ ରାଜାମାନେ ଶ୍ରୀଜଗନ୍ନାଥଙ୍କ ସେବାକୁହିଁ ଜୀବନର ପ୍ରଧାନ କର୍ତ୍ତବ୍ୟ ରୂପେ ଗ୍ରହଣ କରିଥିଲେ । ରଥଯାତ୍ରା ସମୟରେ ରାଜା ସ୍ୱୟଂ ଛେରା-ପହଁରା କରନ୍ତି ଅର୍ଥାତ୍ ଝାଡୁ ଲଗାନ୍ତି । ଶ୍ରୀଜଗନ୍ନାଥଙ୍କ ଭୋଗର ସୀମା ନାହିଁ । ପ୍ରତିଦିନ ନୀତି, ନିୟମ ରୂପେ ଯେତେ ଭୋଗ ଲାଗେ ତାହା ଦଶହଜାର ବ୍ୟକ୍ତି ଭୋଜନ କରି ପାରନ୍ତି । ସେଥିରେ ଥାଏ ବିବିଧ ପ୍ରକାର ଭୋଗ । ଜଗନ୍ନାଥଙ୍କ ସେବକ ଅସଂଖ୍ୟ । ପ୍ରତ୍ୟେକ ସେବକଙ୍କର ନିର୍ଦିଷ୍ଟ ସେବା । ରଖା ଯାଇଥିବା କୌଣସି ଦ୍ରବ୍ୟ ଉଠାଇ ପୂଜାରୀଙ୍କ ହାତକୁ ଦେବା ବ୍ୟକ୍ତିର କାମ ଅନ୍ୟ କେହି କରି ପାରିବେ ନାହିଁ, ରଖା ଯାଇଥିବା ଚନ୍ଦନ କଟରା

ସେହି ନିର୍ଦ୍ଦିଷ୍ଟ ସେବକ ଉଠାଇ ପୂଜାରୀଙ୍କ ହାତକୁ ଦେବେ । ଏପରିକି ଗୋଟିଏ ସ୍ଥାନରେ ଥିବା ସେବା-ବସ୍ତୁ ନିର୍ଦ୍ଦିଷ୍ଟ ସେବକ ଛଡ଼ା ଅନ୍ୟ କେହି ଉଠାଇ ଅନ୍ୟ ସ୍ଥାନରେ ରଖି ପାରିବେ ନାହିଁ । ଏହା ଏକେବାରେ ନିର୍ଦ୍ଦିଷ୍ଟ, କଠୋର ନିୟମ ସମସ୍ତ ସେବକମାନଙ୍କ ପ୍ରତି । କିନ୍ତୁ ରାଜାଙ୍କ ପ୍ରତି ଏ ନିୟମ ନୁହେଁ । ରାଜା ଏକା ସମସ୍ତ ସେବକର ସେବା କରି ପାରନ୍ତି । ଆଜି ପର୍ଯ୍ୟନ୍ତ ରାଜାଙ୍କର ସେହିସବୁ ନିୟମ ପ୍ରଚଳିତ ଅଛି । ରାଜାଙ୍କୁ କୁହାଯାଏ ଠାକୁରରାଜା । ପୂର୍ବେ ସେ ଥିଲେ ଉତ୍କଳର ଚକ୍ରବର୍ତ୍ତୀ ରାଜା । ଉତ୍କଳର ସମସ୍ତ ରାଜ୍ୟ ଥିଲା ତାଙ୍କ ଅଧୀନରେ । ସୁତରାଂ ରାଜା ଜଗନ୍ନାଥଙ୍କ ଭକ୍ତ ଥିବାରୁ ତାଙ୍କର ଥିଲା ଜଗନ୍ନାଥ ଧର୍ମ । 'ରାଜାଙ୍କ ଧର୍ମ ଅନୁସାରେ ପ୍ରଜାଙ୍କ ଧର୍ମ ।' ଏହି ନ୍ୟାୟରେ ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଚେତନାରେ ବ୍ୟାପକ ଭାବେ ସଚ୍ଚିଦାନନ୍ଦ ଧର୍ମର ପ୍ରଭାବ ପ୍ରତିଷ୍ଠିତ ହୋଇଅଛି । ସେମାନଙ୍କ ବାହ୍ୟ ଚେତନାରେ ଯଦ୍ୟପି ଏହି ରହସ୍ୟ ପ୍ରକାଶ ବା ସ୍ପଷ୍ଟ ହୋଇ ନାହିଁ, ତଥାପି ଆରମ୍ଭରୁ ସେମାନେ ଏହି ବ୍ୟାପକ ଧର୍ମର ପ୍ରକାଶ-ମାର୍ଗରେ ଅଜ୍ଞାତ ରୂପେ ଅଗ୍ରସର ହେଉ ଅଛନ୍ତି ।

ଭାରତରେ ଯେବେଯେବେ ଅବତାର ଆସି ଅଧ୍ୟାତ୍ମ ଧର୍ମର ପ୍ରସାର କରିଛନ୍ତି, ତାହାସବୁ ଓଡ଼ିଶାବାସୀ ଅକ୍ଳେଶରେ ଗ୍ରହଣ କରିଛନ୍ତି । କିନ୍ତୁ ଅନ୍ୟାନ୍ୟ ପ୍ରଦେଶ ସଦୃଶ ସେହି ଅଧ୍ୟାତ୍ମ ଧର୍ମର ସୀମାରେ ବନ୍ଦି ହୋଇ ପଡ଼ି ରହି ନାହାନ୍ତି । ଏପର୍ଯ୍ୟନ୍ତ ଅବତାର ଏବଂ ଆଚାର୍ଯ୍ୟମାନେ ଆସି ଯେଉଁ ଅଧ୍ୟାତ୍ମ ଧର୍ମ ପ୍ରସାର କରିଛନ୍ତି, ତାହା ସତ୍ୟ ଉପଲବ୍ଧିର ଶେଷସୀମା ନୁହେଁ, ସତ୍-ଚିତ୍-ଆନନ୍ଦ ପୂର୍ଣ୍ଣସତ୍ୟକୁ ଉପଲବ୍ଧି କରିବାର ମଧ୍ୟବର୍ତ୍ତୀ ଅବସ୍ଥା ଅଥବା ପ୍ରସ୍ତୁତି ମାତ୍ର । ସମୟ ଆସି ନ ଥିବାରୁ ଏହି ରହସ୍ୟ ପ୍ରକଟ ହୋଇପାରି ନାହିଁ । ସେହି ସାମୟିକ ଅଧ୍ୟାତ୍ମ ଧର୍ମକୁ ଜୀବନର ଶେଷ ବା ଚରମ ଲକ୍ଷ୍ୟ ବୋଲି ମାନି ନିଆ ହୋଇଅଛି । ଓଡ଼ିଶାବାସୀଙ୍କ ବାହ୍ୟ ଚେତନାରେ ଏହା ଯଦ୍ୟପି ଅସ୍ପଷ୍ଟ ଅଛି, ତଥାପି ତାଙ୍କ ଆନ୍ତର ପ୍ରଦେଶରେ ପୁରୁଷୋତ୍ତମ ବ୍ୟାପକ ଧର୍ମ ପ୍ରତିଷ୍ଠିତ ଥିବାରୁ ସେମାନେ ସେଥିରେ ଆବଦ୍ଧ ହୋଇ ତାକୁ ଜାବୁଡ଼ି ଧରି ରହି ନାହାନ୍ତି ।

କଳି ପରେ ଆସେ ସତ୍ୟଯୁଗ । ପୂର୍ବେ କୁହା ହୋଇଛି ଯେ ପୃଥିବୀରେ ଧାମସବୁ ପରାର୍ଦ୍ଧ ଦିବ୍ୟଲୋକର ପ୍ରତୀକ । ଯେଉଁ ଦିବ୍ୟଲୋକ ପ୍ରତୀକ ରୂପେ ଏହି ପୃଥିବୀରେ ପ୍ରକାଶ ହୁଏ, ତାହା ଯେତେ ବିକୃତ ହେଲେ ମଧ୍ୟ ସେଥିରେ ମୂଳଗତ ତତ୍ତ୍ୱ ନିହିତ ଥାଏ । ଧାମ ଦୁଇ ଭାଗରେ ବିଭକ୍ତ :— ଯଥା ଧାମ ଓ କ୍ଷେତ୍ର । ଅବତାରମାନେ ଯେଉଁ ସ୍ଥାନରେ ଜନ୍ମ ଗ୍ରହଣ କରନ୍ତି ତାକୁ କୁହାଯାଏ କ୍ଷେତ୍ର । ଯେଉଁ ସ୍ଥାନରେ ଅଧିକ ଦିନ ନିବାସ କରନ୍ତି ତାର ନାମ ଧାମ । ବଦ୍ରିକାଶ୍ରମରେ ନାରାୟଣ ଜନ୍ମଗ୍ରହଣ କରି ନ ଥିଲେ, ସେଠାରେ ତପସ୍ୟା କରିଥିଲେ ଏବଂ ଆଜି ପର୍ଯ୍ୟନ୍ତ ବିରାଜମାନ ଅଛନ୍ତି । ସେ ଅନ୍ୟତ୍ର ଅନ୍ନ ଗ୍ରହଣ ନ କରି ଥିବାରୁ ବଦ୍ରିକାଶ୍ରମ ହେଲା ଧାମ ଏବଂ କ୍ଷେତ୍ର ଉଭୟ । ସେହିପରି ଜଗନ୍ନାଥ ପୁରୀରେ । ଶ୍ରୀଜଗନ୍ନାଥ ପୁରୀରେ ପ୍ରକଟ ହୋଇ ସେହିଠାରେ ପ୍ରତିଷ୍ଠିତ ହେବାରୁ ତାହାହିଁ ହେଲା ପୁରୁଷୋତ୍ତମ ଧାମ ଏବଂ ପୁରୁଷୋତ୍ତମ କ୍ଷେତ୍ର । କିନ୍ତୁ ଶ୍ରୀରାମ, ଶ୍ରୀକୃଷ୍ଣ ଗୋଟିଏ ସ୍ଥାନରେ ପ୍ରକଟ ହୋଇ ନାହାନ୍ତି । ଅବତାର ନେଇଛନ୍ତି । ଶ୍ରୀରାମ ଅବତାର ନେଲେ ଅଯୋଧ୍ୟାରେ, ଶେଷପର୍ଯ୍ୟନ୍ତ ନିବାସ କଲେ ଅଯୋଧ୍ୟାରେ । ଅଯୋଧ୍ୟା ଯଥାର୍ଥରେ ଧାମ ଏବଂ କ୍ଷେତ୍ର । କିନ୍ତୁ ସେ ଥିଲେ ଗାର୍ହସ୍ଥ୍ୟ ଧର୍ମର ପ୍ରବର୍ତ୍ତକ । ପାଳନ କରିଥିଲେ ଗାର୍ହସ୍ଥ୍ୟ ଧର୍ମକୁ ନିଖୁଣ ରୂପେ । ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ଭଗବତ୍ ଉପାସନା ଆବଶ୍ୟକ । ଗାର୍ହସ୍ଥ୍ୟ ବ୍ୟକ୍ତି ଭଗବାନଙ୍କ ସଗୁଣ ରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁଙ୍କୁ ଅଥବା ଶିବଙ୍କୁ ଉପାସନା କରନ୍ତି । ଶ୍ରୀରାମ ସ୍ୱୟଂ ଥିଲେ ସଚ୍ଚିଦାନନ୍ଦ ବିଷ୍ଣୁଙ୍କ ସ୍ୱରୂପ । ସେ ନିଜକୁ ଇଷ୍ଟ ରୂପେ ପୂଜା ନ କରି ଶିବଙ୍କୁ ପୂଜା କଲେ । ଅନ୍ୟ କାରଣ ହେଉଛି ବ୍ୟକ୍ତି ମୋହବଶତଃ ଶିବ, ବିଷ୍ଣୁ ଉପାସନାରେ ବିରୋଧ କରନ୍ତି; ତାହା ଦୂର କରିବା ସକାଶେ ସେ ରାମେଶ୍ୱରରେ ଶିବଲିଙ୍ଗ ସ୍ଥାପନା କରି ପୂଜା କରିଥିଲେ । ଯଦ୍ୟପି ସେ ନିବାସ କଲେ ଶେଷ ଲୀଳା ଅବଧି ଅଯୋଧ୍ୟାରେ, ତଥାପି ସେ ରମେଶ୍ୱରକୁ ସ୍ଥାପନା କରିଥିବାରୁ ରାମେଶ୍ୱରକୁହିଁ ତ୍ରେତାର ଧାମ ବୋଲି ମାନ୍ୟ କଲେ । ଶ୍ରୀରାମଙ୍କ ସ୍ୱୀକୃତି ଯୋଗୁଁ ତ୍ରେତାର ଧାମ ହେଲା ରାମେଶ୍ୱର । ଅଯୋଧ୍ୟା ହେଲା କ୍ଷେତ୍ର । ଯଥାର୍ଥରେ ଅଯୋଧ୍ୟା ଧାମ ଏବଂ କ୍ଷେତ୍ର । ସାକେତରେ ଶ୍ରୀରାମ ପ୍ରତିଷ୍ଠିତ । ଅଯୋଧ୍ୟା ସାକେତର ପ୍ରତୀକ ହୋଇ ଥିବାରୁ ସେଠାରେ କେବଳ ରାମ ଉପାସନା ।

ବୃନ୍ଦାବନ ଗୋଲୋକର ପ୍ରତୀକ । ବୃନ୍ଦାବନରେ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ବୃନ୍ଦାବନ ହେଉଛି କ୍ଷେତ୍ର । ସେ ନିବାସ କଲେ ଦ୍ୱାରକାରେ । ଦ୍ୱାରକା ହେଲା ଧାମ । ଧାମ ଏବଂ କ୍ଷେତ୍ର ଉଭୟହିଁ ଦିବ୍ୟ ମୂଳଭୂମିର ପ୍ରତୀକ ।

ଏହି ଉଭୟ ଧାମ ଏବଂ କ୍ଷେତ୍ରରେ ମୂଳ ଦିବ୍ୟଲୋକ ଗୋଲୋକର ଧର୍ମ ରହିଲା ଶ୍ରୀକୃଷ୍ଣଙ୍କ ଉପାସନା ।

କଳିରେ ସଚ୍ଚିଦାନନ୍ଦ-ଲୋକର ପ୍ରତୀକ ପୁରୀ । ପୁରୀରେ ସଚ୍ଚିଦାନନ୍ଦ ତତ୍ତ୍ୱ ଜଗନ୍ନାଥଙ୍କ ରୂପରେ ପ୍ରକଟ ହୋଇ ଥିବାରୁ ପ୍ରତୀକ ରୂପେ ସଚ୍ଚିଦାନନ୍ଦ ଧାମ ଏବଂ କ୍ଷେତ୍ର ହେଲା ପୁରୀ । ସେଠାରେ ରହିଲା ସଚ୍ଚିଦାନନ୍ଦଙ୍କ ବ୍ୟାପକ ଧର୍ମ । ସଚ୍ଚିଦାନନ୍ଦ ଧର୍ମରେହିଁ ସମସ୍ତ ଅଧ୍ୟାତ୍ମ ଧର୍ମର ସମନ୍ୱୟ ।

ସତ୍-ଚିତ୍-ଆନନ୍ଦ ଧାମ ହେଉଛି ସର୍ବୋପରେ । ଏହି ଧାମର ଅନ୍ତର୍ଗତ ବୈକୁଣ୍ଠ, ସାକେତ, ଗୋଲୋକ ଏବଂ କୈଳାସ । ଭଗବାନ୍ ପରଂବ୍ରହ୍ମ ସଚ୍ଚିଦାନନ୍ଦ ସୃଷ୍ଟି କରିବାକୁ ସଂକଳ୍ପ କରିବା ମାତ୍ରେ ସେହିଁ ପ୍ରକଟ ହେଲେ ବୈକୁଣ୍ଠରେ ନାରାୟଣ ରୂପେ, ସାକେତରେ ଶ୍ରୀରାମ ରୂପେ, ଗୋଲୋକରେ ଶ୍ରୀକୃଷ୍ଣ ରୂପେ, କୈଳାସରେ ଶିବ ରୂପେ । ଏହିସବୁ ସଚ୍ଚିଦାନନ୍ଦଙ୍କ ସାକାର ବିଗ୍ରହ, ସଚ୍ଚିଦାନନ୍ଦଙ୍କ ସହିତ ଅଭେଦ ଏକ । ବୈକୁଣ୍ଠ, ସାକେତ, ଗୋଲୋକ, କୈଳାସ ଧାମ ମଧ୍ୟ ଦିବ୍ୟ ଏବଂ ସଚ୍ଚିଦାନନ୍ଦ ଧାମ ସହିତ ତତ୍ତ୍ୱତଃ ଏକ । ପୃଥିବୀରେ କ୍ରମ ବିକାଶକୁ ଅଗ୍ରସର କରିବା ସକାଶେ ଆବଶ୍ୟକତା ଅନୁସାରେ ସାକେତବାସୀ ଶ୍ରୀରାମ କେବେ ରାମ ରୂପରେ ଅବତାର ନିଅନ୍ତି, ଗୋଲୋକବାସୀ ଶ୍ରୀକୃଷ୍ଣ କେବେ ବୃନ୍ଦାବନରେ ଅବତାର ନିଅନ୍ତି; କେବେ ବୈକୁଣ୍ଠବାସୀ ନାରାୟଣ, କେବେ ସ୍ୱୟଂ ସଚ୍ଚିଦାନନ୍ଦ ଶ୍ରୀରାମ, ଶ୍ରୀକୃଷ୍ଣ ରୂପେ ଅବତାର ନିଅନ୍ତି । ସତ୍ୟ, ତ୍ରେତା, ଦ୍ୱାପର କଳି ବାରଂବାର ହୁଏ, ଭଗବାନ୍ ପ୍ରତି ଯୁଗରେ ବାରଂବାର ଅବତାର ନିଅନ୍ତି, ଧର୍ମ ସ୍ଥାପନା କରନ୍ତି । ବିକାଶମାର୍ଗକୁ ଆଗେଇ ନେବାକୁ, ଏହି ପୃଥିବୀରେ ସଚ୍ଚିଦାନନ୍ଦଙ୍କୁ ପୂର୍ଣ୍ଣରୂପେ ପ୍ରକଟ କରିବା, ସଚ୍ଚିଦାନନ୍ଦ ଧାମକୁ ଏହି ପୃଥିବୀରେ ପ୍ରତିଷ୍ଠା କରିବା ମାର୍ଗ ନିର୍ମାଣ କରିବା ସକାଶେ ସମସ୍ତ ଅବତାର ଏହି ପୃଥିବୀକୁ ଆସନ୍ତି । କାରଣ ସଚ୍ଚିଦାନନ୍ଦଙ୍କର ସୃଷ୍ଟି କରିବାର ଉଦ୍ଦେଶ୍ୟ ବା ସଂକଳ୍ପ ହେଉଛି ଏହି ପୃଥିବୀରେ ନିଜକୁ ଏବଂ ନିଜ ଧାମକୁ ପ୍ରକଟ କରିବା । ବିକାଶ ଆରମ୍ଭ ହେଲା ସ୍ଥୂଳ ଜଡ଼ରୁ । ପ୍ରକୃତି ଦ୍ୱାରା ବିକାଶକୁ ଧାରଣ କଲେ ଭଗବାନ୍ । କିନ୍ତୁ ବିକାଶ ଦ୍ରୁତ କରିବା ସକାଶେ ତାଙ୍କୁ ଅବତାର ନେଇ ଏହି ପୃଥିବୀକୁ ଆସିବାକୁ ହେଲା । ଜଡ଼ରୁ ମନ ବିକାଶ ପର୍ଯ୍ୟନ୍ତ ଅଜ୍ଞାନ ସ୍ତର । ଏଥିରେ ପ୍ରାଧାନ୍ୟ ଅଜ୍ଞାନ ଅନ୍ଧକାର ଶକ୍ତିର । ଏହି ଅଜ୍ଞାନ ସ୍ତରରେ କ୍ରମ-ବିକାଶକୁ ଅଗ୍ରସର କରିବା ସକାଶେ ଯେଉଁ ସତ୍ୟ ପୃଥିବୀକୁ ଆସେ ତା'ର କାର୍ଯ୍ୟ ଶେଷ ହେବାର କିଛିଦିନ ପରେ ଅନ୍ଧକାର ଶକ୍ତି ତାକୁ ଆବୃତ କରିଦିଏ, ସେ ଆଉ କ୍ରିୟାଶୀଳ ହୋଇ ପାରେ ନାହିଁ, ଏହାରି ନାମ ଧର୍ମର ହ୍ରାସ । ପୁନଶ୍ଚ ଭଗବାନ୍ ଅବତାର ନେଇ ବିକାଶ ଅନୁସାରେ ନୂତନ ସ୍ତରର ଧର୍ମ ପ୍ରକାଶ କରନ୍ତି । କିନ୍ତୁ ଏହି ଅଜ୍ଞାନ ସ୍ତରରେ ବିକାଶ ଚାଲୁଥିବାରୁ ବ୍ୟକ୍ତିଙ୍କ ଚେତନାରେ ସୃଷ୍ଟିର ରହସ୍ୟ – ଏହି ଜଗତରେ ଦିବ୍ୟ ମାନବ ଜାତି-ସ୍ଥାପନା, ସଚ୍ଚିଦାନନ୍ଦ ପୂର୍ଣ୍ଣବ୍ରହ୍ମଙ୍କ ପୂର୍ଣ୍ଣପ୍ରକାଶ – ରହେ ଗୁପ୍ତ । ସେହି କାରଣରୁ ଏକ ଭଗବାନଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରେ ତଥା ଏକ ଭଗବତ୍ ତତ୍ତ୍ୱକୁ ପ୍ରକାଶ କରୁଥିବା ଭିନ୍ନ ଭିନ୍ନ ଧର୍ମରେ ହୁଏ ଅସାମଞ୍ଜସ୍ୟ ବା ବିରୋଧ ।

ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରକଟ ହୁଏ କଳି ଶେଷରେ । ତା'ର ସମୟ ଆସିଛି । ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ମା' ସେହି ଶକ୍ତି ଦ୍ୱାରା ଅଭୀପ୍ସୁ ବ୍ୟକ୍ତିଙ୍କ ମନ, ପ୍ରାଣ, ଶରୀରକୁ ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବା କାର୍ଯ୍ୟ କରାଉଛନ୍ତି । ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେଲେ ତା' ମଧ୍ୟରେ ପ୍ରକାଶ ହେବେ ସଚ୍ଚିଦାନନ୍ଦ ପରମ୍‌ବ୍ରହ୍ମ । ସେ ହେବ ଅଜ୍ଞାନ-ଅନ୍ଧକାର ଶକ୍ତି ତଥା ରୋଗ-ଜରା-ମୃତ୍ୟୁ କବଳରୁ ପୂର୍ଣ୍ଣମୁକ୍ତ । ଏକତ୍ୱ ସ୍ଥାପନ କରିବ ଭଗବାନଙ୍କ ସହିତ । ପରିଚାଳିତ ହେବ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା । ପୃଥିବୀ ହେବ ବୈକୁଣ୍ଠ । ଏହି ମର୍ତ୍ତ୍ୟ ଏବଂ ଦିବ୍ୟଲୋକରେ ଥିବା ବ୍ୟବଧାନରେ ହେବ ସେତୁ । ସମସ୍ତ ଦିବ୍ୟଲୋକ ଉତରି ଆସିବ ଏହି ମୃତ୍ୟୁପୁରୀକୁ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ଆଡ଼କୁ ପ୍ରତ୍ୟେକ ପ୍ରାଣୀ ଅଜ୍ଞାତ ରୂପେ ଭଗବାନଙ୍କ ସଂକଳ୍ପ ଅନୁସାରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଅଛନ୍ତି । କଳି ଶେଷ ଅବସ୍ଥାରେ ସଂସାରର ବ୍ୟକ୍ତି ଅଜ୍ଞାନମୋହରେ ଏହାର ରହସ୍ୟ ନ ଜାଣି ଏହି ସତ୍ୟକୁ ପ୍ରକାଶ୍ୟରେ ଗ୍ରହଣ କରିବା

ପରିବର୍ତ୍ତେ ବିରୋଧ ସୃଷ୍ଟି କରୁଅଛନ୍ତି । ବିରୋଧ କରନ୍ତି ଦୁଇ ଶ୍ରେଣୀର ବ୍ୟକ୍ତି । ଗୋଟିଏ ଶ୍ରେଣୀର ବ୍ୟକ୍ତି ଯେଉଁମାନେ ଭଗବାନଙ୍କ ଅସ୍ତିତ୍ୱକୁ ଏକେବାରେ ସ୍ୱୀକାର କରନ୍ତି ନାହିଁ, କେବଳ ଭୌତିକ ସ୍ଥୂଳ ବସ୍ତୁର ସତ୍ୟତା ସ୍ୱୀକାର କରନ୍ତି । ଅନ୍ୟ ଶ୍ରେଣୀର ବ୍ୟକ୍ତି ଭଗବତ୍ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି, କିନ୍ତୁ ପୂର୍ବ ଅଧ୍ୟାତ୍ମବାଦ ଅଭ୍ୟାସ, ସଂସ୍କାରଗତ ସାଂପ୍ରଦାୟିକ ସୀମାରେ ଏପରି କଠୋର ଭାବେ ବନ୍ଦି ହେଇଥାଆନ୍ତି ଯେ ସେଥିରୁ ମୁକ୍ତ ହୋଇ ପାରନ୍ତି ନାହିଁ । ସେହି ସୀମା ମଧ୍ୟରେ ସତ୍ୟର ପ୍ରକାଶ ଅଭାବରୁ ହାତଉଣ୍ଡାଳି ବୁଲୁଥାଆନ୍ତି । ଏହି ସ୍ଥିତି ବର୍ତ୍ତମାନ ଭାରତବର୍ଷ ତଥା ସମଗ୍ର ସଂସାରରେ । ରୂପାନ୍ତରକାରୀ ଅତିମାନସ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ମନୁଷ୍ୟ ମଧ୍ୟରେ ଜ୍ଞାନ ଆନନ୍ଦସ୍ୱରୂପ ଅତିମାନସ ଚେତନା ଅଭିବ୍ୟକ୍ତି ଲାଭ କରିବ । ସେ ଜ୍ଞାନ, ଆନନ୍ଦ, ପରମ ଶାନ୍ତିରେ ବିଭୂଷିତ ହେବ । ସେ ହେବ ଦିବ୍ୟମାନବ । ସଂସାର ହେବ ଦିବ୍ୟ, ଭଗବାନଙ୍କ ଆବାସ-ଭୂମି । ଏହାକୁହିଁ ପ୍ରତ୍ୟେକ ଅଧ୍ୟାତ୍ମ, ଧାର୍ମିକ ତଥା ଅନ୍ୟ ସମସ୍ତ ଶ୍ରେଣୀର ବ୍ୟକ୍ତି ଚାହୁଁ ଅଛନ୍ତି । ସେମାନଙ୍କର ଅନ୍ତରର ଅସ୍ପଷ୍ଟ ଚାହିଁବା, ସେମାନଙ୍କ ମନ-ପ୍ରାଣରେ ସ୍ପଷ୍ଟ ନ ହୋଇଥିବାରୁ ସେମାନେ ଏହି ନୂତନ ଅତିମାନସ ସତ୍ୟକୁ ଗ୍ରହଣ କରିପାରୁ ନାହାନ୍ତି । କିନ୍ତୁ ଏଥିରୁ ସାମାନ୍ୟ ପରିମାଣରେ ମୁକ୍ତ ଅଛି ଓଡ଼ିଶା । ଅଜ୍ଞାତରେ ତା' ଚେତନାରେ ପରମ୍ପରା ଅନୁସାରେ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରତିଷ୍ଠିତ ଥିବାରୁ ସେ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତି କିଛି ଅଂଶରେ ଆକୃଷ୍ଟ ହୋଇଅଛି । ଯେଉଁ ସଚ୍ଚିଦାନନ୍ଦ ଅତିମାନସ-ବିଜ୍ଞାନ-ଅଧ୍ୟାତ୍ମ ଧର୍ମ ପୃଥିବୀରେ ପ୍ରକାଶ କରିବା ସକାଶେ ସ୍ୱୟଂ ପରମବ୍ରହ୍ମ ପରମାତ୍ମା ସୃଷ୍ଟି କରିଅଛନ୍ତି, ସେହି ଲକ୍ଷ୍ୟ ସିଦ୍ଧି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । କ୍ରମବିକାଶ ଦୁଃଖ-କଷ୍ଟପୂର୍ଣ୍ଣ ଦୀର୍ଘ ସମୟକୁ ଲଘୁ କରିବା ସକାଶେହିଁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଅଛନ୍ତି । ଏହି କାରଣରୁ ପୂର୍ବ ଅଧ୍ୟାତ୍ମ ଯୋଗ ସଦୃଶ ଶ୍ରୀଅରବିନ୍ଦ ଯୋଗ ସାଂପ୍ରଦାୟିକ ନୁହେଁ । ଏହାକୁ ସମସ୍ତ ବ୍ୟକ୍ତି ସମସ୍ତ ଅଧ୍ୟାତ୍ମ ସଂପ୍ରଦାୟ, ସମସ୍ତ ଧର୍ମ ସଂପ୍ରଦାୟ ଗ୍ରହଣ କରି ପାରନ୍ତି । ପୃଥିବୀରେ ଦିବ୍ୟମାନବ, ପୃଥିବୀରେ ଦିବ୍ୟ-ଧାମ ପ୍ରତିଷ୍ଠା ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ।

ପ୍ରଶ୍ନ – ଆପଣ କହିଲେ, ''ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ ଏବଂ ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଅନ୍ତଃସ୍ଥଳ ଚେତନାରେ ବ୍ୟାପକ ସର୍ବସମନ୍ୱୟକାରୀ ସଚ୍ଚିଦାନନ୍ଦ ଅଧ୍ୟାତ୍ମିକତତ୍ତ୍ୱ ନିହିତ ଅଛି'', ତେବେ ସେମାନେ ଜଗନ୍ନାଥଙ୍କୁ ଉପାସନା କଲେ ସେମାନଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇପାରିବ, ସେମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ଉପଲବ୍ଧି କରି ପାରିବେ, ସେମାନଙ୍କର ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାର ଆବଶ୍ୟକତା କ'ଣ ?

ଉତ୍ତର – ଶ୍ରୀଜଗନ୍ନାଥ କେତେ ହଜାର ବର୍ଷରୁ ଉତ୍କଳରେ ପ୍ରକଟ ହୋଇ ଅଛନ୍ତି । କେତେକ ଉତ୍କଳବାସୀ ଶ୍ରୀଜଗନ୍ନାଥଙ୍କୁ ଉପାସନା କରି ଆସୁଛନ୍ତି; କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଉପାସନା କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇଛି ଏବଂ ସେମାନେ ସତ୍-ଚିତ୍-ଆନନ୍ଦଙ୍କୁ ଉପଲବ୍ଧି କରି ପାରିଛନ୍ତି ? ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ । ବର୍ତ୍ତମାନ ସଚ୍ଚିଦାନନ୍ଦ ପ୍ରକାଶ ହୋଇ ନାହାନ୍ତି । ସେ ପ୍ରକାଶ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଯୋଗରେ । ସେହି ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଆବଶ୍ୟକ ।

ସଚ୍ଚିଦାନନ୍ଦ ଉପଲବ୍ଧି ହୁଅନ୍ତି କେବଳ ଅତିମାନସ-ବିଜ୍ଞାନ-ଚେତନାରେ । ସେହି ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରକଟ ହୁଅନ୍ତି । ଅତିମାନସ ଶକ୍ତିର କ୍ରିୟା ବ୍ୟତୀତ ମନୁଷ୍ୟର ମନ-ପ୍ରାଣ-ଶରୀରର ରୂପାନ୍ତର ଏବଂ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ଏକେବାରେ ଅସମ୍ଭବ । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହେବାର ଅର୍ଥ ସଚ୍ଚିଦାନନ୍ଦଙ୍କ ମୂଳସତ୍ୟ ଏବଂ ଗୁଣ-ଧର୍ମ ସେଥିରେ ଥାଏ ଅପ୍ରକାଶ୍ୟ । ବ୍ୟକ୍ତି ପ୍ରତୀକରେ ଯଦ୍ୟପି ମୂଳସତ୍ୟ ଉପଲବ୍ଧି କରିପାରେ ନାହିଁ, ତଥାପି ଅଜ୍ଞାତରେ ସେଥିରେ ପ୍ରଭାବିତ ହୁଏ । ଏହାହିଁ ହୋଇଛି ଉତ୍କଳ-ବାସୀଙ୍କର । ସେମାନଙ୍କ ଚେତନାରେ କିଛି ଅଂଶରେ ଏହି ସତ୍ୟର ପ୍ରଭାବ ପଡ଼ିଅଛି । ସେହି ସକାଶେ ସେମାନଙ୍କ ଚେତନାରେ ସାମାନ୍ୟ କିଛି ବ୍ୟାପକତା ଆସିଅଛି । ସଚ୍ଚିଦାନନ୍ଦ ପ୍ରାପ୍ତିର ବିକାଶ-ମାର୍ଗରେ ଯେତେବେଳେ ବୌଦ୍ଧ, ତନ୍ତ୍ର, ଅଦ୍ୱୈତ, ବୈଷ୍ଣବ ଆଦି ଅଧ୍ୟାତ୍ମ ଧର୍ମର ପ୍ରଚାର ହୋଇଛି ସେତେବେଳେ ସେମାନେ ସହର୍ଷ ଗ୍ରହଣ କରିଅଛନ୍ତି । କିନ୍ତୁ ସେଥିରେ ଅନ୍ୟାନ୍ୟ ପ୍ରାନ୍ତର ବ୍ୟକ୍ତିଙ୍କ ସଦୃଶ ଆବଦ୍ଧ ହୋଇ ରହି ନାହାନ୍ତି । ଏହାର

ପ୍ରମାଣ ସ୍ୱରୂପ ଉତ୍କଳରେ ବିଶେଷ ରୂପେ ସମସ୍ତ ଅଧ୍ୟାତ୍ମ ଧର୍ମ ଯଥାଯଥ ସମୟରେ ପ୍ରସାର ଲାଭ କରି ପାରିଛି । ଏହାର ନିଦର୍ଶନସ୍ୱରୂପ ଖଣ୍ଡଗିରି, ଉଦୟଗିରି ତଥା ଅନ୍ୟାନ୍ୟ ସ୍ଥାନରେ ରହିଅଛି ଜୈନ ଏବଂ ବୌଦ୍ଧ ଗୁମ୍ଫାମାନ, ତନ୍ତ୍ରର ନିଦର୍ଶନ ସ୍ୱରୂପ ଉତ୍କଳର ମନ୍ଦିରମାନଙ୍କରେ ରହିଅଛି ଅଶ୍ଳୀଳ ଚିତ୍ର ଏବଂ ପ୍ରତିମା । ଅଦ୍ୱୈତବାଦୀ ଆଚାର୍ଯ୍ୟ ଶଙ୍କରଙ୍କ ସ୍ଥାପିତ ପ୍ରଧାନ ଚାରି ମଠ ମଧ୍ୟରୁ ପ୍ରଧାନ ମଠ ଅଛି ପୁରୀରେ । ସେହି ପୁରୀରେହିଁ ସବୁ ସଂପ୍ରଦାୟର ବୈଷ୍ଣବଙ୍କ ମଠ । ଉତ୍କଳବାସୀଙ୍କ ମଧ୍ୟରେ ପୁରୁଷୋତ୍ତମ ତତ୍ତ୍ୱର ବ୍ୟାପକତାର ପ୍ରଭାବ ଥିବାରୁ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ସ୍ୱୀକାର କରି ପାରୁଛନ୍ତି । ଏହାହିଁ ସେମାନଙ୍କର ତଥା ପ୍ରତ୍ୟେକ ମନୁଷ୍ୟର ନିଜସ୍ୱ । ଏହି ସତ୍ୟ ଉପଲବ୍ଧି ସକାଶେ ଭଗବାନଙ୍କର ସୃଷ୍ଟି । ବର୍ତ୍ତମାନ ବ୍ୟକ୍ତି ଏହି ରହସ୍ୟ ବୁଝି ନ ପାରି ପୂର୍ବ ଅଧ୍ୟାତ୍ମ-ସଂପ୍ରଦାୟର ଧର୍ମ ସଦୃଶ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟକାରୀ ରୂପାନ୍ତର-ଯୋଗକୁ ବି ମନେ କରୁଛନ୍ତି । ଏହାର ସମୟ ଆସିଛି । ସମସ୍ତ ସଂସାର ସମ୍ମୁଖରେ ଏହି ସତ୍ୟ ଉଦ୍‌ଘାଟିତ ହେବ ।

ପୁରୀ ହେଉଛି ପୁରୁଷୋତ୍ତମ କ୍ଷେତ୍ର । ସେହି ପୁରୁଷୋତ୍ତମ ଧାମକୁ ଆଜି ବି ପୁରୋତ୍ତମ ନାମରେ ଲୋକେ କହନ୍ତି ।

❖

ମେ ଚାରି ତାରିଖ ଦର୍ଶନ
(୪.୫.୬୭)

ମେ ୪ ତାରିଖରେ ମା କାହିଁକି ଦର୍ଶନ ଦେଉଛନ୍ତି ? ଏହାର ବିଶେଷତ୍ୱ କ'ଣ ? ଏହି ପ୍ରଶ୍ନ ପତ୍ର ଦ୍ୱାରା ବହୁତ ବ୍ୟକ୍ତି ପଚାରୁଛନ୍ତି ଏବଂ ଏଠାକୁ ଆସିବା ବ୍ୟକ୍ତି ପ୍ରଥମେ ଏହି ସମସ୍ୟା ଉପସ୍ଥାପନ କରୁଛନ୍ତି । ଏହି ବିଷୟଟି ଆଲୋଚନା କରିବା ପୂର୍ବରୁ ଏହା ସ୍ପଷ୍ଟରୂପେ କହିଦେବା ଉଚିତ ହେବ,— ମା ଯେକୌଣସି କାର୍ଯ୍ୟ କରନ୍ତି, ସେଥିରେ ଥାଏ ମହତ୍ତ୍ୱପୂର୍ଣ୍ଣ ରହସ୍ୟ ତଥା ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ହେବାର ଉପାୟ । ଏହି ଅତିମାନସ ଶକ୍ତିକୁ ଗ୍ରହଣ କରିବା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱରେ ରୂପାନ୍ତରିତ ହେବ, ସେ ଜରା-ରୋଗ-ମୃତ୍ୟୁ ଅଧୀନରୁ ମୁକ୍ତ ହେବ, ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏହାରି ପ୍ରଭାବରେ ସଂସାରରୁ ସମସ୍ତ ପ୍ରକାର ଅନ୍ୟାୟ ଦୂର ହେବ । ଏହି ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠିତ ହେବା । ଏହି କାର୍ଯ୍ୟ କରିବା ସକାଶେ ମା-ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି । ଏହାହିଁ ଭଗବାନଙ୍କ ସଂକଳ୍ପ । ଏହି ଉଦ୍ଦେଶ୍ୟରେ ଭଗବାନ୍ ସଂସାର ସର୍ଜନା କରିଛନ୍ତି । ଭଗବାନଙ୍କ ସେହି ସଂକଳ୍ପ ସିଦ୍ଧ ହେବାର ସମୟ ଆସିଛି । ସଂସାରସର୍ଜନା ହେବା ସମୟରୁ ଜ୍ଞାତ ବା ଅଜ୍ଞାତ ଭାବରେ ସମସ୍ତ ପ୍ରାଣୀ, ମୁନିଋଷି ଯେଉଁ ସମୟର ଶୁଭାଗମନକୁ ଅପେକ୍ଷା କରିଆସୁଛନ୍ତି, ସେହି ସମୟ ଏହି ବର୍ଷ ଆରମ୍ଭ ହୋଇଛି । ଏହି ବର୍ଷ ଯୁଗପରିବର୍ତ୍ତନର ପ୍ରାଥମିକ ଅବସ୍ଥା । ପୃଥିବୀରେ ସତ୍ୟ-ସ୍ଥାପନାର ପ୍ରଥମ ପଦକ୍ଷେପ । ବର୍ତ୍ତମାନ ରୂପାନ୍ତରକାରୀ ଅତିମାନସ ସତ୍ୟ ପୃଥିବୀପୃଷ୍ଠରେ ବିଦ୍ୟମାନ । ପୂର୍ବପରି ବ୍ୟକ୍ତି ଅନ୍ୟାୟ-ଅସତ୍ୟ ଆଚରଣରେ ବହୁତ ଦିନ ସଫଳତା ପାଇପାରିବ ନାହିଁ । ସେହି ସକାଶେ ମା ଏହି ନବବର୍ଷର ଆରମ୍ଭରେ ଘୋଷଣା କରିଛନ୍ତି : ''ମନୁଷ୍ୟ, ଦେଶ, ମହାଦେଶସକଳ ! ବାଛିନିଅ — ଅନ୍ୟ ପନ୍ଥା ନାହିଁ — ପୂର୍ଣ୍ଣସତ୍ୟ ଅଥବା ରସାତଳ !''

ଶ୍ରୀଅରବିନ୍ଦ ଶରୀର ଧାରଣ କରି ଏହି ପୃଥିବୀକୁ ଆସିବା ଦିନରୁ ଯେବେ ଯେବେ କ୍ରମାନ୍ୱୟରେ ଚାରିଟି ଅଙ୍କ ପଡ଼ିଛି ସେହି ବର୍ଷ ପୃଥିବୀରେ ଅତିମାନସ ସ୍ଥାପନ କାର୍ଯ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ବା ମହତ୍ତ୍ୱପୂର୍ଣ୍ଣ ଘଟଣା ଘଟିଅଛି ।

୧.୨.୩୪ — ଏହି କ୍ରମାନ୍ୱୟ ଅଙ୍କ ପଡ଼ିଥିଲା ୧୯୩୪ ସାଲରେ । ସେତେବେଳେ ଶ୍ରୀଅରବିନ୍ଦଙ୍କର ଥିଲା ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିବାର ପ୍ରୟାସ ବା ସାଧନା । ଭଗବାନଙ୍କ ସଂକଳ୍ପ ବା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସିଦ୍ଧି ପୂର୍ଣ୍ଣରୂପେ ନିର୍ଭର କରେ ଅତିମାନସ ଶକ୍ତି ଏହି ପୃଥିବୀକୁ ଉତରି ଆସିବା ଉପରେ । ସେହି ସମୟରେ ଶ୍ରୀଅରବିନ୍ଦଙ୍କ ସାଧନାରେ ହୋଇଥିଲା ବିଶେଷ ପ୍ରଗତି । ଅତିମାନସ ଶକ୍ତି ପୃଥିବୀକୁ ସ୍ପର୍ଶ କରିବା ଭଳି କେତେ ଥର ନିକଟକୁ ଆସିଥିଲା । ପୃଥିବୀ ଏବଂ ମନୁଷ୍ୟଜାତି ସେହି ଶକ୍ତିକୁ ଗ୍ରହଣ କରିବାକୁ ଏକେବାରେ ତୟାର ନ ଥିଲେ । ଅତିମାନସର ଅବତରଣର ସମୟ ଦେଖି ଅବଚେତନାରୁ ପଥରୋଧକାରୀ ଅଶୁଦ୍ଧ ପ୍ରତିକୂଳ ଶକ୍ତିସମୂହ ପୃଥିବୀକୁ ଉଠିଆସିବାକୁ ଚେଷ୍ଟା କଲେ । ଏହାଫଳରେ ପୃଥିବୀରେ ଅଧିକ ବିପର୍ଯ୍ୟୟ ଘଟିବା ସ୍ୱାଭାବିକ ଥିଲା । ଏହିସବୁ ଅସାଧାରଣ ବାଧା ଦୂର କରିବା ସକାଶେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିବା ପ୍ରଯତ୍ନ ସ୍ଥଗିତ ରଖି ଅବଚେତନାକୁ ପରିଶୋଧିତ କରିବା ସକାଶେ ସାଧନା କରିଥିଲେ ।

୨.୩.୪୫ — ଏହି କ୍ରମାନ୍ୱୟ ଅଙ୍କ ପଡ଼ିଥିଲା ୧୯୪୫ ସାଲରେ । ସେହି ବର୍ଷ ହୋଇଥିଲା ବିଶ୍ୱଯୁଦ୍ଧରେ ବିଜୟ । ସେହି ବିଶ୍ୱଯୁଦ୍ଧର ବିଜୟ ଉପରେ ଅଧିକ ପରିମାଣରେ ନିର୍ଭର କରିଥିଲା ଏହି ପୃଥିବୀରେ ଅତିମାନସ ଶକ୍ତିର ସ୍ଥାପନା । ଏହି କାର୍ଯ୍ୟର ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ଯୋଗର ଗୋଟିଏ ପ୍ରଧାନ ଅଙ୍ଗ ଥିଲା ବିଦେଶୀ ଶାସନରୁ ଭାରତର ମୁକ୍ତି । ଭାରତରେହିଁ ସତ୍ୟ ସ୍ଥାପନା ହେବ ଏବଂ ସେହି ଭାରତ ସମସ୍ତ ପୃଥିବୀକୁ ଶିକ୍ଷା ଦେବ । ହିଟ୍‌ଲର୍ ବିଜୟୀ

ହୋଇଥିଲେ ଭାରତର ସ୍ୱତନ୍ତ୍ରତା ସ୍ଖଗିତ ହୋଇଥା'ନ୍ତା ଏବଂ ଅନ୍ଧକାର ଶକ୍ତି ନିଜ ପ୍ରଭାବ ବିସ୍ତାର କରିଥା'ନ୍ତା ପୃଥିବୀରେ । ଏହାରି ଦ୍ୱାରା ପୂର୍ଣ୍ଣରୂପେ ହୋଇଥା'ନ୍ତା ଅତିମାନସ ଶକ୍ତିର ମାର୍ଗ ରୁଦ୍ଧ । ସେହି ସକାଶେ ମା ଏବଂ ଶ୍ରୀଅରବିନ୍ଦ ଅଧ୍ୟାତ୍ମ ଶକ୍ତି ପ୍ରୟୋଗ କରିଥିଲେ ବିଶ୍ୱଯୁଦ୍ଧର ବିଜୟରେ । ପ୍ରକାଶ୍ୟରେ ମଧ୍ୟ ଯୁଦ୍ଧକୁ ଦାନ କରିଥିଲେ ଅର୍ଥ । ୧୯୪୫ ସାଲରେ ବିଶ୍ୱଯୁଦ୍ଧରେ ବିଜୟ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟସିଦ୍ଧିର ମହାନ୍ ବାଧା ଦୂର ହୋଇଥିଲା ।

୩.୪.୫୬ – ଏହି କ୍ରମାନ୍ୱୟ ଚାରିଟି ଅଙ୍କ ପଢ଼ିଥିଲା ୧୯୫୬ ସାଲରେ । ସେହି ବର୍ଷ ଅତିମାନସ ଶକ୍ତିର ଅବତରଣ ଘଟିଥିଲା ପୃଥିବୀରେ । ମା ବାଣୀ ଦେଇଥିଲେ :

"Lord, Thou hast willed, and I execute.
A new light breaks upon the earth.
A new world is born.
The things that were promised are fulfilled."

''ହେ ପ୍ରଭୋ, ତୁମେ ସଂକଳ୍ପ କରିଛ ଏବଂ ମୁଁ ତାହା କାର୍ଯ୍ୟରେ ପରିଣତ କରିଛି । ଗୋଟିଏ ନୂତନ ଜ୍ୟୋତିଃ ପୃଥିବୀପୃଷ୍ଠରେ ଅବତରଣ କରିଛି । ଗୋଟିଏ ନୂତନ ଜଗତ୍ ଜନ୍ମଲାଭ କରିଛି । ଯାହାସବୁ ତୁମର ସଂକଳ୍ପ ଥିଲା, ସେସବୁ ସମ୍ପନ୍ନ ହୋଇଛି ।''

ପୁଣି ଅନ୍ୟ ବାଣୀ ଦେଇଥିଲେ ମା :

"The manifestation of the Supramental upon earth is no more a promise, but a living fact, a reality.

It is at work here, and one day will come when the most blind, the most unconscious even the most unwilling shall be obliged to recognise it."

24-4-56 – The Mother

''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ କେବଳ ଏକ ପ୍ରତିଶ୍ରୁତି ହୋଇ ରହି ନାହିଁ, ବର୍ତ୍ତମାନ ଏହା ଏକ ବାସ୍ତବ ସତ୍ୟ, ଏକ ଜୀବନ୍ତ ଘଟଣା ।

ବର୍ତ୍ତମାନ ଏଠାରେ ଏହା କାର୍ଯ୍ୟ କରୁଛି ଓ ଦିନ ଆସିବ ଯେତେବେଳେ କି ସବୁଠୁ ଅନ୍ଧ, ସବୁଠୁ ଅଚେତନ, ଏପରିକି ସବୁଠୁ ଅନିଚ୍ଛୁକ ବ୍ୟକ୍ତି ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ୍ୟ ହେବ ।''

୨୪-୪-୫୬ – ଶ୍ରୀମା

(During the common meditation on wednesday, the 29th Feb. 1956.)

"This evening the Divine Presence, concrete and material, was there present amongst you. I had a form of living gold, bigger than the universe, and I was facing a huge and massive golden door which separated the world from the Divine.

As I looked at the door, I knew and willed, in a single movement of consciousness, that *"the time has come"*, and lifting with both hands a mighty golden hammer I struck one blow, one blow, one single blow on the door and the door was shattered to pieces.

Then the supramental Light and Force and Consciousness rushed down upon earth in an uninterrupted flow."

– The Mother

(୧୯୫୬ ସାଲ ଫେବ୍ରୁଆରି ୨୯, ବୁଧବାରର ସମବେତ ଧ୍ୟାନରେ)

''ଆଜି ସନ୍ଧ୍ୟାରେ ଭଗବାନଙ୍କ ସାନ୍ନିଧ୍ୟ ତୁମ୍ଭମାନଙ୍କ ମଧ୍ୟରେ ସଶରୀର ଓ ବାସ୍ତବ ହୋଇ ଦେଖାଦେଇଥିଲେ । ମୋର ଶରୀର ହୋଇଥିଲା ଏକ ଜୀବନ୍ତ ସ୍ୱର୍ଣ୍ଣର ରୂପ – ବିଶ୍ୱଠାରୁ ବୃହତ୍ତର । ଦେଖିଲି ଏକ ବିଶାଳ, ବିପୁଳ ସ୍ୱର୍ଣ୍ଣ ଦ୍ୱାର ସମ୍ମୁଖରେ ମୁଁ ଛିଡ଼ା ହୋଇଛି, ଯାହା ଜଗତକୁ ଭଗବାନଙ୍କଠାରୁ ପୃଥକ୍ କରି ରଖିଥିଲା ।

''ସେହି ଦ୍ୱାର ଆଡ଼କୁ ମୁଁ ଦୃଷ୍ଟି ଦେଇ ଜାଣିପାରିଲି ଏବଂ ସଂକଳ୍ପ କଲି – ଯାହା ଏକହିଁ ଚେତନାରେ ଯୁଗପତ୍ କ୍ରିୟା – 'ଏଥର ସମୟ ଆସିଛି' – ଏବଂ ଗୋଟିଏ ସୁବୃହତ୍ ସ୍ୱର୍ଣ୍ଣ ହାତୁଡ଼ି ହାତରେ ଧରି ସେହି ଦ୍ୱାର ଉପରେ ଏକ ଆଘାତ କଲି – ଗୋଟିଏ ମାତ୍ର ଆଘାତ ଯେଉଁଥିରେ ଦ୍ୱାରଟି ସମ୍ପୂର୍ଣ୍ଣ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

''ସେହି ମୁହୂର୍ତ୍ତରୁ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା ।''

– ଶ୍ରୀମା

୧୯୫୬ ସାଲ ଫେବ୍ରୁଆରି ୨୯ ତାରିଖ ବୁଧବାର ସମବେତ ଧ୍ୟାନ ସମୟରେ ଅତିମାନସ ଶକ୍ତି ପୃଥିବୀରେ ଅଭିବ୍ୟକ୍ତ ହୋଇଥିଲା ଏବଂ ସ୍ଥାୟୀରୂପେ ପ୍ରତିଷ୍ଠା ହେବା ସକାଶେ ପୃଥିବୀ ବାତାବରଣରେ କ୍ରମଶଃ କ୍ରିୟା କରିବାକୁ ଆରମ୍ଭ କରିଥିଲା । ସ୍ଥାୟୀ ହୋଇପାରିଲା ୧୯୬୭ ସାଲରେ । ଏହି ବିଷୟ ମା ତାଙ୍କ 'ବାଣୀ'ରେ ପ୍ରକାଶ କରିଛନ୍ତି ।

ଶ୍ରୀଅରବିନ୍ଦ ୧୯୫୦ ସାଲରେ ଅତିମାନସ ଶକ୍ତିକୁ ପୃଥିବୀ-ବାତାବରଣରେ ଉତାରି ଆଣି ଶରୀର ତ୍ୟାଗ କରିଥିଲେ । ସେହି ଅତିମାନସ ଶକ୍ତି ପୃଥିବୀରେ ପ୍ରକାଶ ହୋଇଥିଲା ୨୯ ଫେବ୍ରୁଆରି ୧୯୫୬ ସାଲରେ । ଏହା ସ୍ପଷ୍ଟ ହୋଇଅଛି ମା'ଙ୍କ 'ବାଣୀ'ରେ । ଯେଉଁ ଅତିମାନସ ଶକ୍ତି ସମ୍ବନ୍ଧେ ମା 'ବାଣୀ' ଦେଇଛନ୍ତି ତାହା ଘଟିଛି ଆମ୍ଭମାନଙ୍କ ସ୍ଥୂଳ ଦୃଷ୍ଟିର ପଶ୍ଚାତରେ । କିନ୍ତୁ ଆମ୍ଭେମାନେ ଯଦି ଅର୍ଥହୀନତାର୍କିକ ବୁଦ୍ଧିର ପଶ୍ଚାତ୍କୁ ଯାଇ ନିରପେକ୍ଷ ବିଚାର କରିବା, ତେବେ ବାହ୍ୟ ଜାଗତିକ ଘଟଣାରେ ବି କୌଣସି ଅଦୃଶ୍ୟ ଶକ୍ତିର ହସ୍ତକ୍ଷେପ ବୁଝିପାରିବା ।

୧୯୫୦ରୁ ଅତିମାନସ ଶକ୍ତି ପୃଥିବୀ ବାତାବରଣରେ ଆସିବା ଦିନଠାରୁ ଦୁଇଟି ଶକ୍ତିର କ୍ରିୟା ସ୍ପଷ୍ଟଭାବେ ବୁଝାଯାଉଛି,– ପ୍ରଥମଟି ଅନ୍ଧକାର ଶକ୍ତିର ଓ ଅନ୍ୟଟି ଜ୍ୟୋତିର୍ମୟୀ ଅତିମାନସ ଶକ୍ତିର । ଅତିମାନସ ଶକ୍ତିର ପଥରୋଧ କରିବା ସକାଶେ ଅନ୍ଧକାର ଶକ୍ତି ପୂର୍ଣ୍ଣ ପରାକ୍ରମରେ ଦଳବଳସହ ପୃଥିବୀ ଧ୍ୱଂସ କରିବାକୁ ଚାହୁଁଅଛି ଏବଂ ଅସତ୍ୟର ବୃଦ୍ଧି କରୁଅଛି । ଅନ୍ୟ ପକ୍ଷରେ ଧ୍ୱଂସକାରୀ ଅସ୍ତ୍ର ଥିବା ସତ୍ତ୍ୱେ ଭାଗବତୀ ଶକ୍ତି ଧ୍ୱଂସରୁ ରକ୍ଷା କରୁଛି । ଏହା ସ୍ପଷ୍ଟଭାବେ ଦେଖାଯାଏ ସୁଏଜ୍ କେନାଲ୍, କ୍ୟୁବା, ଚୀନ୍-ଭାରତ, ପାକିସ୍ତାନ-ଭାରତ, ଭିଏତ୍ନାମ୍ ଯୁଦ୍ଧରେ । ଏହି ଘଟଣା ସଂସାରରେ ଯେପରି ଘଟୁଛି, ବ୍ୟକ୍ତି ମଧ୍ୟରେ ମଧ୍ୟ ସେହିପରି ଘଟୁଛି ।

ବହୁତ କମ୍ ବ୍ୟକ୍ତି, ସଂଖ୍ୟାରେ ଖୁବ୍ କମ୍ – ଯେଉଁମାନଙ୍କର ଆତ୍ମା ଜାଗ୍ରତ୍ ହୋଇଛି, ଭାଗବତୀ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଛି; ଏହି ସଂସାରରେ ଅସତ୍ୟ-ଅନ୍ୟାୟ ମହାନ୍ ପ୍ରବଳ ଥିବା ଅବସ୍ଥାରେ ବି ସେହିମାନଙ୍କ ଆଧାରରେ ଅତିମାନସ ଶକ୍ତି କ୍ରିୟା କରୁଅଛି । ସେହିମାନେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହେବା ମାର୍ଗରେ ଅଗ୍ରସର ହେଉଛନ୍ତି ।

ଯେଉଁ ବ୍ୟକ୍ତିର ସ୍ୱଭାବତଃ ଅନ୍ୟାୟ ପ୍ରବୃତ୍ତି, ତା'ର ସତ୍ତାକୁ ପୂର୍ଣ୍ଣରୂପେ ଅଧିକାର କରିବାକୁ ଚେଷ୍ଟା କରୁଛି ଅନ୍ଧକାର ଶକ୍ତି ଏବଂ ତାକୁ ଯନ୍ତ୍ର କରି ସତ୍ୟର ପ୍ରତିକୂଳ କାର୍ଯ୍ୟ କରାଉଛି । ତା'ର ଆଧାର ଆବୃତ ହୋଇଛି ଅନ୍ଧକାର ଶକ୍ତି ଦ୍ୱାରା । ତଥାପି ଅତିମାନସ ଶକ୍ତିର ପ୍ରଭାବ କ୍ରମଶଃ ଅଧିକାଧିକ ସଂସାର ବାତାବରଣରେ ପ୍ରତିଷ୍ଠା ହେବାରୁ ପ୍ରତ୍ୟେକ ବ୍ୟକ୍ତି ଶ୍ୱାସ ପ୍ରଶ୍ୱାସ ଦ୍ୱାରା ଗ୍ରହଣ କରୁଅଛନ୍ତି ଅତିମାନସ ଶକ୍ତିର ପ୍ରଭାବ । ତାହା ସ୍ୱର୍ଗ କରୁଛି ବ୍ୟକ୍ତିର ଆତ୍ମାକୁ । ଏହି ସ୍ୱର୍ଶ ଯୋଗୁଁ ବ୍ୟକ୍ତି ଅନ୍ୟାୟ-ଅସତ୍ୟ ଆଚରଣ କରି ପୂର୍ବ ପରି ସନ୍ତୋଷ ଲାଭ କରିପାରୁ ନାହିଁ । ସେମାନେ ଅଶାନ୍ତି, ଦ୍ୱନ୍ଦ୍ୱ, ବିଶୃଙ୍ଖଳା, ଅଭାବ ଅନୁଭବ କରୁଛନ୍ତି ଏବଂ ଅଜ୍ଞାତରେ ନୂତନ କିଛି ଚାହୁଁଛନ୍ତି ।

ଯେଉଁ ବ୍ୟକ୍ତିର ସତ୍ତା ଟିକିଏ ମାତ୍ର ଭଗବାନଙ୍କ ପ୍ରତି ଉନ୍ମୁକ୍ତହୋଇଛି ତା'ର ଅନ୍ୟାନ୍ୟ ଅଧିକ ସତ୍ତା ଅସତ୍ୟରେ

ପ୍ରବୃତ୍ତହୋଇ ଅନ୍ୟାୟ ଅସତ୍ୟ ପଥରେ ଅର୍ଥ ସଂଗ୍ରହ ଆଦି କୁକର୍ମ କରୁଥିବା ସତ୍ତ୍ୱେ ତାହାର ଭଗବତ୍ ପ୍ରାପ୍ତି ପ୍ରତି ଆଗ୍ରହ ଜନ୍ମିଛି । ଏହି କାରଣରୁ କେତେକ ବ୍ୟକ୍ତି ଜ୍ଞାତ ଭାବରେ ବା ଅଜ୍ଞାତ ଭାବରେ ଭିନ୍ନ ଭିନ୍ନ କାରଣବଶତଃ ଭଗବତ୍ ଅଭିମୁଖୀ ହେଉଛନ୍ତି । ଏହି ତିନି ପ୍ରକାର ବ୍ୟକ୍ତିଙ୍କୁ ଯନ୍ତ୍ର କରିବା ସକାଶେ ଉଭୟ ଶକ୍ତି ପ୍ରଯତ୍ନଶୀଳ ହୋଇଛନ୍ତି । ଘୋର ଅନ୍ଧକାର ମଧ୍ୟରେ କ୍ଷୀଣ ଜ୍ୟୋତିଶିଖା ସଦୃଶ ସଂସାର ଏବଂ ବ୍ୟକ୍ତିର ଅସତ୍ୟ-ଅନ୍ୟାୟଯୁକ୍ତ ଆଧାରରେ ଭଗବତ୍ ଶକ୍ତିର ପ୍ରଭାବ ପଡୁଛି । ସଂସାର ଅସତ୍ୟର ଚରମସୀମାରେ ପହଞ୍ଚିଥିବା ସତ୍ତ୍ୱେ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତି ସତ୍ୟର ଆଶ୍ରୟ ନେଇଛନ୍ତି ।

ଅନ୍ଧକାର ଶକ୍ତିର ଅଦିବ୍ୟ ବା ଅସତ୍ୟ ପ୍ରଭାବ ଏବଂ ଅତିମାନସ ଶକ୍ତିର ଦିବ୍ୟ ପ୍ରଭାବ ପ୍ରତି ଉନ୍ମୁକ୍ତତା — ଏହି ଉଭୟ କାର୍ଯ୍ୟ ବ୍ୟକ୍ତିର ସମର୍ଥନ ଅନୁସାରେ ୧୯୫୦ରୁ ଏହି ୧୯୬୭ ପର୍ଯ୍ୟନ୍ତ କ୍ରମଶଃ ଦ୍ରୁତ ଗତିରେ ବୃଦ୍ଧି ଲାଭ କରିଆସୁଛି । ଏପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ପ୍ରୟାସ ଥିଲା ଅତିମାନସ ଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା ହେବାକୁ ନ ଦେବା ଏବଂ ତା'ର ପଥରୋଧ କରି ସଂସାରରୁ ତାକୁ ବିତାଡ଼ିତ କରିଦେବା । ଏପର୍ଯ୍ୟନ୍ତ ପ୍ରବଳତା ବା ଆଧିପତ୍ୟ ଥିଲା ଅନ୍ଧକାର ଶକ୍ତିର । ବ୍ୟକ୍ତି ଅସତ୍ୟ-ଅନ୍ୟାୟ କରି ସହଜରେ ସଫଳତା ଲାଭ କରିପାରୁଥିଲା । ସତ୍ୟ ଆଚରଣ କରୁଥିବା ବ୍ୟକ୍ତିର ସଫଳତା ଲାଭ ହେଉଥିଲା ଯଦ୍ୟପି ଶେଷରେ, ତଥାପି ମାର୍ଗରେ ପଦେ ପଦେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଥିଲା ।

କିନ୍ତୁ ବର୍ତ୍ତମାନ ସେସମୟର ପରିବର୍ତ୍ତନ ହୋଇ ସାରିଛି । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ଲାଭ କରିଛି । ଅନ୍ଧକାର ଶକ୍ତିର ପ୍ରଭାବ ମ୍ଳାନ, ଅତିମାନସ ଶକ୍ତିର ପ୍ରଭାବ ବିସ୍ତାର କ୍ରମଶଃ ଖୁବ୍ କମ୍ ମାତ୍ରାରେ ଆରମ୍ଭ ହୋଇଛି । ଆଉ ଅନ୍ୟାୟ-ଅସତ୍ୟର ସଫଳତା ହୋଇପାରୁ ନାହିଁ । ଏହି ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଛି ଏହି ୧୯୬୭ରୁ । ବର୍ତ୍ତମାନ ଯଦିଓ ଅସତ୍ୟ-ଅନ୍ୟାୟ ପୂର୍ବର ଅନ୍ଧକାର ସଦୃଶ ଘନୀଭୂତ ପ୍ରତୀତ ହେଉଛି, ତଥାପି ଏହା ପଛରେ ରହିଛି ଅତିମାନସ-ସୂର୍ଯ୍ୟ । ଏହି ବର୍ଷକୁ ନୂତନ ଯୁଗର ଆଗମନ ବା ଉଷାକାଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସକାଶେ ଏହି ବର୍ଷ ବିଶେଷ ମହତ୍ତ୍ୱପୂର୍ଣ୍ଣ । ଏହି କାରଣରୁ ମା ମେ ୪ରେ ଦର୍ଶନ ଦେଉଛନ୍ତି ।

ସଂସାରର ବିଭିନ୍ନ ଘଟଣାରୁ ଏହା ଅନୁମେୟ ଯେ ଅଧିକାଂଶ ବା କେତେକ ସାଧାରଣ ଜନତାଙ୍କ ଉପରେ ସତ୍ୟର ଗୋଟିଏ ଅସ୍ପଷ୍ଟ ପ୍ରଭାବ ଦୂରରୁ ପଡ଼ିଅଛି । ସେମାନେ ଅର୍ଥଲୋଭ ବା ଅନ୍ୟାନ୍ୟ ସୁଖସୁବିଧା ଲାଳସାରେ ନ ପଡ଼ି ଅଜ୍ଞାତ ଭାବରେ ଅଦୃଶ୍ୟ ଶକ୍ତିର ପ୍ରେରଣାରେ ଅନ୍ୟାୟ, ମିଥ୍ୟାଚାରର ପ୍ରଲୋଭନକୁ ବର୍ଜ୍ଜନ କରିବାକୁ ଚେଷ୍ଟା କରୁଛନ୍ତି ।

ପୂର୍ବେ ଅନ୍ୟାୟ-ଅସତ୍ୟ ଆଚରଣରେ ବ୍ୟକ୍ତି ଯେପରି ରାଜନୀତି, ସମାଜନୀତି ତଥା ବିଚାର ବିଭାଗରେ ଆଧିପତ୍ୟ ବିସ୍ତାର କରି ପାରୁଥିଲା, ବାଣିଜ୍ୟ ବ୍ୟବସାୟ ତଥା ଅନ୍ୟାନ୍ୟ କାର୍ଯ୍ୟରେ ଅସତ୍ୟ ଆଚରଣରେ ଲାଭବାନ୍ ହୋଇ ପାରୁଥିଲା, ବର୍ତ୍ତମାନ ଆଉ ସେପରି ହେବ ନାହିଁ । ଯେପର୍ଯ୍ୟନ୍ତ ରାଜନୀତି, ସମାଜନୀତି, ବିଚାର ବିଭାଗ ତଥା ବ୍ୟବସାୟ ବାଣିଜ୍ୟ ସତ୍ୟ ଉପରେ ପ୍ରତିଷ୍ଠା ନ ହେବ, ସତ୍ୟର ଆଶ୍ରୟ ନ ନେବ ସେପର୍ଯ୍ୟନ୍ତ ବର୍ତ୍ତମାନ ସଦୃଶ ଚକଟାମଛା ଦ୍ୱନ୍ଦ୍ୱବିରୋଧ ଚାଲିଥିବ । କୌଣସି ସଂସ୍ଥା ସ୍ଥାୟୀ ହୋଇ ନିରାପଦରେ ତିଷ୍ଠି ପାରିବ ନାହିଁ । ବ୍ୟକ୍ତି ତଥା ସଂସ୍ଥା ଏବଂ ସମାଜ ବାଧ ହୋଇ ସତ୍ୟକୁ ଗ୍ରହଣ କରିବେ । ତେବେ ସୁଖଶାନ୍ତିରେ ରହିପାରିବେ । ଏହାଛଡ଼ା ଆଉ ଅନ୍ୟ ଉପାୟ ନାହିଁ । ଏହି ନୂତନ ବର୍ଷର ମା'ଙ୍କ 'ବାଣୀ'ରେ ଏହାହିଁ ସୁସ୍ପଷ୍ଟ :

"Men, countries, continents !
The choice is imperative :
Truth or the abyss."

''ମନୁଷ୍ୟ, ଦେଶ, ମହାଦେଶସକଳ ! ବାଛିନିଅ — ଅନ୍ୟ ପନ୍ଥା ନାହିଁ — ପୂର୍ଣ୍ଣସତ୍ୟ ଅଥବା ରସାତଳ !''

ପୂର୍ବେ କୁହାହୋଇଛି ଯେ ଯେଉଁ ବର୍ଷ କ୍ରମାନ୍ୱୟରେ ଚାରିଟି ଅଙ୍କ ପଡ଼ିଛି ସେହି ବର୍ଷ ବା ସେହି କାଳ ମଧ୍ୟରେ

ଶ୍ରୀଅରବିନ୍ଦଙ୍କ ଅତିମାନସ ପ୍ରତିଷ୍ଠାକାର୍ଯ୍ୟ ବିଶେଷରୂପେ ଅଗ୍ରଗତି ଲାଭ କରିଛି ଏବଂ ବିଶେଷ ଘଟଣା ଘଟିଛି । ସେହି କ୍ରମାନ୍ୱୟ ଅଙ୍କ ୪.୫.୬୭ ପଡ଼ିଛି, ଏହି ମେ ମାସ ଚାରି ତାରିଖରେ । ଏହି ଦିନଟି ସକାଶେ ଏହି ବର୍ଷଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ହୋଇଉଠିଛି । ଏହି ବର୍ଷର ମହତ୍ତ୍ୱ ସମ୍ବନ୍ଧେ ମା-ଶ୍ରୀଅରବିନ୍ଦ ଯାହା ଘୋଷଣା କରିଥିଲେ ତାହା ନିମ୍ନରେ ପ୍ରଦତ୍ତ ହେଲା ।

୧୯୬୩ ସାଲ ମାର୍ଚ ମାସରେ ମା'ଙ୍କ ସଙ୍ଗେ ଜଣେ ବ୍ୟକ୍ତିଙ୍କର ସାକ୍ଷାତ୍ ସମୟରେ ସେ ମା'ଙ୍କୁ ନିମ୍ନୋକ୍ତ ପ୍ରଶ୍ନ କରିଥିଲେ :

''ମା', ୧୯୪୫ ସାଲ ଅଗଷ୍ଟ ୩୦ ତାରିଖରେ ଆପଣ କହିଥିଲେ, ''ବର୍ତ୍ତମାନର ମାନବ-ସଭ୍ୟତାକୁ ରକ୍ଷାକରିବା ଯେ ଭଗବାନଙ୍କ ଇଚ୍ଛା, ମୁଁ ତୁମକୁ ଏ ପ୍ରତିଶ୍ରୁତି ଦେଇପାରିବି ନାହିଁ ।'' (I can not promise you that the Divine's will is to preserve the present human civilisation.) ବର୍ତ୍ତମାନ କ'ଣ ଆପଣ କହିବେ ଯେ ଭଗବାନ୍ ବର୍ତ୍ତମାନର ମାନବ-ସଭ୍ୟତାକୁ ରକ୍ଷାକରିବା ପାଇଁ ସ୍ଥିର କରିଛନ୍ତି ?''

ଏହି ପ୍ରଶ୍ନ ଶୁଣି ମା ଦୀର୍ଘ ସମୟ ଧରି ଚକ୍ଷୁ ବନ୍ଦ କରି ଏକାଗ୍ର ରହିଲେ ଏବଂ ତା'ପରେ ଚକ୍ଷୁ ଉନ୍ମୀଳିତ କରି ସ୍ପଷ୍ଟ କଣ୍ଠରେ କହିଲେ, ''ଏହା ୧୯୬୭ରେ **ସ୍ଥିର** ହେବ ।'' (It will be settled in 1967) । ମା ଏହି ସ୍ଥିର (settled) ଶବ୍ଦ ଉପରେ ବିଶେଷ ଜୋର୍ ଦେଲେ ଏବଂ ପୁଣି ଥରେ କହିଲେ, ''ମୋ ବାକ୍ୟରେ କୌଣସି ପରିବର୍ତ୍ତନ କରିବ ନାହିଁ, ଏହା ୧୯୬୭ରେହିଁ **ସ୍ଥିର** ହେବ ।'' (Do not change my words : it will be settled in 1967).

୧୯୫୮ ସାଲରେ ମା ଘୋଷଣା କରିଥିଲେ :

"This new realisation is following its course with a thundering rapidity, so to say, for, if we consider time in the ordinary way, only two years have passed, a little more than two years, between the time when the supremental substance penetrated the earthly atmosphere and the time when this change has been brought about in earth's atmosphere.

"If things continue to move at this speed, it is more than possible it is almost, evident what Sri Aurobindo wrote in a letter would be a prophetic announcement : 'The Supramental Consciousness will enter a phase of realising power in 1967'."

– The Mother

''କହିବାକୁ ଗଲେ, ଏହି ନୂତନ ସିଦ୍ଧି ବୈଦ୍ୟୁତିକ ପ୍ରଖର ଗତିରେ ତା'ର କାର୍ଯ୍ୟ କରିଚାଲିଛି । କାରଣ ଯଦି ଆମ୍ଭେମାନେ ସାଧାରଣ ଅର୍ଥରେ ସମୟକୁ ଧରୁ, ତେବେ ଏହି ପାର୍ଥିବ ପରିବେଶ ମଧ୍ୟରେ ଅତିମାନସ ଦିବ୍ୟ ତତ୍ତ୍ୱ ଯେବେ ପ୍ରବେଶ କରିଛି, ତାହା ଦୁଇ ବର୍ଷ, ଦୁଇ ବର୍ଷରୁ କିଛି ଅଧିକ ହେବ; ଏହା ଭିତରେ ପାର୍ଥିବ ବାତାବରଣରେ ଯେଉଁସବୁ ପରିବର୍ତ୍ତନ ଦେଖାଦେଇଛି, ଯଦି ଏହି ପରିବର୍ତ୍ତନ ଏହିପରି ଗତିରେ ଅଗ୍ରସର ହୁଏ, ତେବେ ଏହା ନିଶ୍ଚୟ ସମ୍ଭବ ଓ ଏହା ଏକେବାରେ ସୁସ୍ପଷ୍ଟ ଯେ ଯାହା ଶ୍ରୀଅରବିନ୍ଦ ଗୋଟିଏ ପତ୍ରରେ ଲେଖିଥିଲେ, ତାହା ହେବ ଏକ ଦିବ୍ୟ ଘୋଷଣା : ''ଅତିମାନସ ଚେତନା ୧୯୬୭ ସାଲରେ ନିଜକୁ ସଂସିଦ୍ଧ ବା ପ୍ରତିଷ୍ଠା କରିବାର ସାମର୍ଥ୍ୟର ପର୍ଯ୍ୟାୟରେ ଉପନୀତ ହେବ ।''

– ଶ୍ରୀମା

❖

ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ?

ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି କି ନାହିଁ ?— ଏହି ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଜଟିଳ, ଗହନ ଏବଂ ଅଥଳ ସମୁଦ୍ର । ସେଠାରେ ମନ-ବୁଦ୍ଧି ପହଞ୍ଚିବା ସମ୍ଭବ ନୁହେଁ, କିନ୍ତୁ ଜାଣିବା କିଂବା ବୁଝିବାର ଏହାହିଁ ଆମ୍ଭମାନଙ୍କର ଯନ୍ତ୍ର । ଏହାଛଡ଼ା ଆମ୍ଭମାନଙ୍କ ପାଖରେ ଅନ୍ୟ ଉପାୟ ବି ନାହିଁ । ଆମ୍ଭମାନଙ୍କର ଏହି ସୀମିତ ମନବୁଦ୍ଧିରୂପକ ଯନ୍ତ୍ରରେ ଅସୀମକୁ ଜାଣିବା କିଂବା ବୁଝିବା ସମୁଦ୍ରକୂଳରେ ଛିଡ଼ାହୋଇ ଆମ୍ଭର ଏହି ସ୍ଥୂଳ ନେତ୍ରରେ ତା'ର ବିସ୍ତୃତତା ଦେଖିବା ଏବଂ ତା'ର ଗଭୀରତାର ଥଳ ନେବା ସଦୃଶ ଅସମ୍ଭବ । ଅସମ୍ଭବ ବୋଲି ଯେ ଛାଡ଼ିଦେବା ତାହା ବି ଠିକ୍ ନୁହେଁ ।

ତେବେ ଏହି ମନ-ବୁଦ୍ଧିରେ ବୁଝିବାକୁ ହେଲେ ଗୋଟିଏ ମାତ୍ର ଉପାୟ ବିଶ୍ୱାସ । ଶ୍ରୀମାଶ୍ରୀଅରବିନ୍ଦଙ୍କ ବାକ୍ୟରେ ବିଶ୍ୱାସ କଲେ କିଂବା ପୂର୍ଣ୍ଣରୂପେ ନିଜକୁ ତାଙ୍କ ଚରଣରେ ସମର୍ପଣ କଲେ ତାଙ୍କରି କୃପାରୁ କିଛି ଅଂଶରେ ବୁଝିପାରିବା । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ ।

ଶ୍ରୀଅରବିନ୍ଦ ଯେଉଁ ଅତିମାନସ ଚେତନାରେ ବାସ କରୁଥିଲେ ଶ୍ରୀମା ମଧ୍ୟ ସେହି ଅତିମାନସ ଚେତନା ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଥିଲେ । ଉଭୟେ ଅତିମାନସ ଚେତନା ପ୍ରାପ୍ତ ହୋଇଥିବାରୁ ଉଭୟେ ଉଭୟଙ୍କୁ ବୁଝିବାରେ ସହଜ ହୋଇଥିଲା । ଯଦି ଶ୍ରୀମା'ଙ୍କୁ ବୁଝିବାକୁ ହୁଏ ତେବେ ଶ୍ରୀମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ସେହି ବାକ୍ୟରେ ଆମେ ବିଶ୍ୱାସ କରିବା । ଯଦି ଶ୍ରୀଅରବିନ୍ଦଙ୍କୁ ଜାଣିବାକୁ ହୁଏ ତେବେ ତାଙ୍କ ବିଷୟରେ ଶ୍ରୀମା ଯାହା କହିଛନ୍ତି ସେଥିରେ ଆମେ ବିଶ୍ୱାସ କରିବା । ଅଥବା ସେମାନେ ନିଜ ନିଜ ସମ୍ବନ୍ଧେ କିଂବା ସେମାନଙ୍କ ନିଜ ନିଜ କର୍ମ ସମ୍ବନ୍ଧେ ଯାହାସବୁ କହିଛନ୍ତି ସେସବୁଥିରେ ବିଶ୍ୱାସ ସ୍ଥାପନ କରିବା । ସେମାନଙ୍କ ବାକ୍ୟରେ ବିଶ୍ୱାସ ରଖି ସେମାନଙ୍କ ପ୍ରଦର୍ଶିତ ଯୋଗମାର୍ଗରେ ପ୍ରବେଶ କରି ଅଗ୍ରସର ହେଲେ ଆମର ବିଶ୍ୱାସ ଅଧିକରୁ ଅଧିକ ଦୃଢ଼ ହେବ । କିନ୍ତୁ ସାଧନା ଦ୍ୱାରା ମାନସ-ଚେତନାକୁ ଅତିକ୍ରମ କରିଗଲେ ଶ୍ରୀମାଶ୍ରୀଅରବିନ୍ଦଙ୍କ କହିଥିବା ସତ୍ୟ କ୍ରମଶଃ ଉପଲବ୍ଧ ହୋଇପାରିବ ।

ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିହିଁ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ବିଶ୍ୱାସ ବିନା ଅଧ୍ୟାତ୍ମ ସିଦ୍ଧି ଅସମ୍ଭବ । କିନ୍ତୁ ବିଶ୍ୱାସ ସ୍ୱୟଂ ସତ୍ୟ ଏବଂ ତାହା ଅନ୍ତରାତ୍ମାର ଗୁଣ । ଆତ୍ମାର କିଂବା ଅନ୍ତରର ବିଶ୍ୱାସରେ ଭ୍ରାନ୍ତି ହୁଏ ନାହିଁ କିଂବା ବ୍ୟକ୍ତି କଦାପି ବିପଦରେ ପଡ଼େ ନାହିଁ । ସେହି ବିଶ୍ୱାସହିଁ ବ୍ୟକ୍ତିକୁ ସତ୍ୟ ମାର୍ଗରେ ପରିଚାଳିତ କରେ । ସ୍ୱାର୍ଥସାଧନ କିଂବା ମନ-ପ୍ରାଣରେ ସାଂସାରିକ ବସ୍ତୁ ପ୍ରାପ୍ତ ହେବା ସକାଶେ ବିଶ୍ୱାସ ଦ୍ୱାରା ବ୍ୟକ୍ତି ଭୁଲ୍ ମାର୍ଗରେ ପଡ଼ିପାରେ । ଆତ୍ମା ବା ହୃଦୟରେ ବିଶ୍ୱାସରେ ବ୍ୟକ୍ତି କେବେ ବି ବିପଥଗାମୀ ହୁଏ ନାହିଁ । ଆତ୍ମାର ବିଶ୍ୱାସ ସ୍ୱୟଂପ୍ରକାଶ । ତା' ପାଖକୁ ଭ୍ରମ ଆସିପାରେ ନାହିଁ । ଆତ୍ମାର ନିବାସ ହୃଦୟର ଗଭୀରରେ । ସେ ଭଗବାନଙ୍କ ସ୍ୱରୂପ, ଭଗବାନଙ୍କ ପ୍ରତିଭୂ ଅଥବା ଭଗବାନଙ୍କ ଅଂଶ; ସେ ଭଗବାନଙ୍କ ସହିତ ଅଭେଦ, ଏକ ଏବଂ ସ୍ୱୟଂ ଭଗବତ୍ ତତ୍ତ୍ୱ । ତା' ମଧ୍ୟରେ ଭଗବତ୍ ଜ୍ଞାନ ଏବଂ ଭଗବତ୍ ଗୁଣଧର୍ମ ବିଦ୍ୟମାନ ଥାଏ । ସେ ସର୍ବଥା ଏହି ମନ-ପ୍ରାଣ-ଶରୀରରେହିଁ ଭଗବତ୍ ଉପଲବ୍ଧି ଚାହେଁ । କିନ୍ତୁ ତା'ର ଅଧିକ ବିକାଶ ନ ହେବା ପର୍ଯ୍ୟନ୍ତ ସେ ମନ ଓ ପ୍ରାଣର ପଶ୍ଚାତରେ ଥାଏ । ତା'ର ଚାହିଁବା ପ୍ରକାଶ ପାଏ ମନ ଓ ପ୍ରାଣ ମଧ୍ୟଦେଇ । ମନ ଓ ପ୍ରାଣରେ ଅଧିକ କାମନାବାସନା, ଅହଂ ଓ ସ୍ୱାର୍ଥ ଥିବା ଯୋଗୁଁ ଆତ୍ମାର ଚାହିଁବା ସେମାନଙ୍କ ମଧ୍ୟରେ ବିକୃତ ହୋଇଯାଏ । ଏହି ବିକୃତି ଯୋଗୁଁ ସେମାନେ ସର୍ବଥା ସାଂସାରିକ ଭୋଗବିଳାସ, ନାମଯଶଃ, ଅଧିକାର ଇତ୍ୟାଦି ଚାହାନ୍ତି । ଏପରିକି ଯେଉଁମାନଙ୍କ ସାଂସାରିକ ବିଷୟରେ ଅତ୍ୟଧିକ ବୁଦ୍ଧିର ବିକାଶ ହୋଇଥାଏ ସେମାନଙ୍କ ବୁଦ୍ଧି ସାଂସାରିକ କର୍ମଦକ୍ଷତାରେ ଲୋକଙ୍କୁ ଚକିତ କରିପାରେ, କିନ୍ତୁ ସେମାନେ ମଧ୍ୟ ଜୀବନର ଏକମାତ୍ର ଉଦ୍ଦେଶ୍ୟ ଯେ ଭଗବତ୍ ପ୍ରାପ୍ତି ତାହା ବୁଝିପାରନ୍ତି ନାହିଁ କିଂବା ଆତ୍ମା ତଥା ଭଗବାନଙ୍କୁ ବିଶ୍ୱାସ କରିପାରନ୍ତି ନାହିଁ । ଏହି କାରଣରୁ ଆତ୍ମାର ଚାହିଁବା କାର୍ଯ୍ୟ ସମ୍ପାଦନ କରିହୁଏ ନାହିଁ । ଭଗବାନଙ୍କ କୃପା କିଂବା କ୍ରମବିକାଶ ପ୍ରଣାଳୀରେ ଆତ୍ମାର ବିକାଶ

ହେଲେ ସେ ସମ୍ମୁଖକୁ ଆସେ । ତେବେ ଯାଇ ତା'ର ଗୁଣଧର୍ମର ଚାପ ମନ-ବୁଦ୍ଧି ଉପରେ ପଡ଼େ ଏବଂ ମନ-ବୁଦ୍ଧି ଅଧ୍ୟାତ୍ମ ସତ୍ୟ ପ୍ରତି ଆକୃଷ୍ଟ ହୁଅନ୍ତି ତଥା ବିଶ୍ୱାସ କରନ୍ତି ।

ଆତ୍ମାର ପ୍ରଭାବରେ ମନ ଓ ପ୍ରାଣ ଭଗବାନଙ୍କୁ ସ୍ୱୀକାର କରିବା ଏବଂ ପ୍ରାପ୍ତ ହେବା ସକାଶେ ଦୃଢ଼ ସଂକଳ୍ପକୁହିଁ କୁହାଯାଏ କେନ୍ଦ୍ରୀୟ ସଂକଳ୍ପ । ଥରେ ଏହି କେନ୍ଦ୍ରୀୟ ସଂକଳ୍ପ ହେଲେ ବ୍ୟକ୍ତିର ପ୍ରଯତ୍ନ ବୈରାଗ୍ୟରେ ତଥା ଭଗବାନଙ୍କ ଉପରେ ଭରସା ଅନୁପାତରେ ବିଳମ୍ବ ବା ଶୀଘ୍ର ହୋଇପାରେ କିନ୍ତୁ ଭଗବତ୍ ପ୍ରାପ୍ତିର ଲକ୍ଷ୍ୟସିଦ୍ଧି ନିର୍ଦ୍ଧାରିତ ହୋଇଯାଏ । ଏହି କେନ୍ଦ୍ରୀୟ ସଂକଳ୍ପ ହେବା ପରେ ବି ଆତ୍ମା ସର୍ବଦା ସମ୍ମୁଖରେ ରହେ ନାହିଁ । ଆତ୍ମା ବାରଂବାର ସମ୍ମୁଖକୁ ଆସେ ଏବଂ ମନପ୍ରାଣ ପଶ୍ଚାତକୁ ଯାଏ । ମନ-ପ୍ରାଣ ସମ୍ମୁଖରେ ରହିବା ସମୟରେ ବିରୋଧୀ ଶକ୍ତିସବୁ ଏସବୁକୁ ଯନ୍ତ୍ର କରି ବାରଂବାର ଅବିଶ୍ୱାସ, ହତାଶା, ନିରାଶା, ବିଷାଦ, ଲୋଭ, ମୋହର ପ୍ରେରଣା ଦିଅନ୍ତି, କିନ୍ତୁ ଅଧ୍ୟାତ୍ମ ମାର୍ଗରୁ ସର୍ବଦା ବ୍ୟକ୍ତିକୁ ଟାଣିନେଇ ପାରନ୍ତି ନାହିଁ । ନାନାପ୍ରକାର ବାଧା ସୃଷ୍ଟି କରନ୍ତି, ଏପରିକି ଯେବେ ଅନ୍ଧକାର ଓ ଅଜ୍ଞାନର ମେଘ ଘୋଟିଆସେ ସେତେବେଳେ ଭଗବାନ୍ କୃପା କରନ୍ତି, ଆତ୍ମା-ସୂର୍ଯ୍ୟକୁ ସମ୍ମୁଖକୁ ଆଣି ଅଜ୍ଞାନ ମୋହର ତିମିର ବିନାଶ କରିଦିଅନ୍ତି । ଆତ୍ମା ସ୍ଥାୟୀ ରୂପେ ସମ୍ମୁଖରେ ରହିବା ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଏହିପରି ସଂଘର୍ଷ ଚାଲିଥାଏ ।

ଆତ୍ମା ଜାଗ୍ରତ୍ ହେବା ପୂର୍ବରୁ ଯଦି ପ୍ରବଳ ଯୁକ୍ତି ଦ୍ୱାରା ବୁଦ୍ଧି ଭଗବତ୍ ତତ୍ତ୍ୱକୁ ସ୍ୱୀକାର କରିନିଏ, ତଥାପି ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରେ ନାହିଁ ବା ଗ୍ରହଣ କରିବାକୁ ପ୍ରୟାସ କରେ ନାହିଁ । କଦାଚିତ୍ ପାରିପାର୍ଶ୍ୱିକ ବାତାବରଣ ଓ ସାଙ୍ଗସାଥୀଙ୍କ ଚାପରେ ଯଦି ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରେ ତେବେ କିଛି ଦିନ ପରେ ତାକୁ ଫେରିଆସିବାକୁ ପଡ଼େ । ଯଦି ବୁଦ୍ଧିରେ ବିବେକ ଉତ୍ପନ୍ନ ହୋଇଥାଏ, ସେ ବିରୋଧୀ ଶକ୍ତିଙ୍କ ପ୍ରେରଣାରେ ଅଧ୍ୟାତ୍ମ ମାର୍ଗ ଓ ଅଧ୍ୟାତ୍ମ ମାର୍ଗର ସାଙ୍ଗସାଥୀଙ୍କ ସମ୍ପର୍କ ତ୍ୟାଗ ନ କରେ, ତେବେ ତା'ର ଅନ୍ତରାତ୍ମା ଜାଗ୍ରତ୍ ହୁଏ ତଥା ସେ ନିଷ୍ଠାର ସହିତ ଅଗ୍ରସର ହୋଇ ଲକ୍ଷ୍ୟସିଦ୍ଧି କରିପାରେ । ଯେଉଁମାନଙ୍କର ଅହଂ, ସ୍ୱାର୍ଥ, ନାମଯଶଃର ଦୃଢ଼ପାଶରେ ମନ-ବୁଦ୍ଧି ଆବଦ୍ଧ ଥା'ନ୍ତି ସେମାନଙ୍କ ସକାଶେ ଏହା ସମ୍ଭବ ହୁଏ ନାହିଁ ।

ମନ-ବୁଦ୍ଧି ସୀମିତ । ସେ କେବଳ ସାଂସାରିକ ସ୍ଥୂଳ ଦୃଶ୍ୟମାନ ବସ୍ତୁକୁହିଁ ବିଶ୍ୱାସ କରେ । ସୂକ୍ଷ୍ମ ବା ମନର ଊର୍ଦ୍ଧ୍ୱ ଚେତନା କିଂବା ଅଧ୍ୟାତ୍ମ ସତ୍ୟ ତା' ପକ୍ଷେ ଦୁରୂହ ପ୍ରତୀତ ହୁଏ । ତା'ର ଅର୍ଦ୍ଧଜ୍ଞାନ ଅଭ୍ରାନ୍ତ ନ ଥାଏ । ତା'ର ବିବେକର ଅଭାବ ଯୋଗୁଁ ଯଥାର୍ଥ-ଅଯଥାର୍ଥ ବୁଝିପାରେ ନାହିଁ । ଏହି କାରଣରୁ ମନ-ପ୍ରାଣର ବିଶ୍ୱାସ ବହୁତ ସମୟରେ ବିଫଳ ହୁଏ । ବୁଦ୍ଧିର ଯୁକ୍ତିରେ ସେ ଯେଉଁ ବସ୍ତୁକୁ ବିଶ୍ୱାସ କରିଥାଏ, ତା'ଠାରୁ ପ୍ରବଳ ଯୁକ୍ତି ହେଲେ ସେ ତା'କୁ ଅବିଶ୍ୱାସ କରିପାରେ । ଆଜି ଯେଉଁ ବସ୍ତୁକୁ ସତ୍ୟ ବୋଲି ଘୋଷଣା କରିଥାଏ, କିଛି ଦିନ ପରେ ତାହା ଅସତ୍ୟ ବୋଲି ପ୍ରମାଣିତ କରେ । ମନ-ପ୍ରାଣର ବିଶ୍ୱାସ ପଶ୍ଚାତରେ ସ୍ୱାର୍ଥ ଏବଂ ଅହଂ ଥାଏ । ସାଧାରଣତଃ ସେସବୁ ସାଂସାରିକ ବସ୍ତୁ ଚାହାନ୍ତି । ମନ-ପ୍ରାଣ କେବେ ବି ଅଧ୍ୟାତ୍ମ ସତ୍ୟ ବା ଭଗବାନଙ୍କୁ ଚାହାନ୍ତି ନାହିଁ । ଯଦି କଦାଚିତ୍ ଚାହାନ୍ତି ତେବେ ସେଥିରେ ସେସବୁର ସ୍ୱାର୍ଥ, ନାମଯଶଃ, ସାଂସାରିକ ସୁଖସୁବିଧାର ଆଶା ଥାଏ । ଅଧ୍ୟାତ୍ମ ସତ୍ୟ ବାହାନାରେ ସାଂସାରିକ ବସ୍ତୁ ସିଦ୍ଧ କରିବା ଚାହାନ୍ତି । କିଛିଦିନ ପରେ ଅଧ୍ୟାତ୍ମ ମାର୍ଗରୁ ଫେରିଯାନ୍ତି । ଆତ୍ମବିଶ୍ୱାସରେ ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରୁ ଫେରିଯିବା ପ୍ରଶ୍ନ ନ ଥାଏ । ତା'ର ଲକ୍ଷ୍ୟପ୍ରାପ୍ତିରେ ଯେତେ ବିଳମ୍ବ ହେଉ, ଯେତେ ବାଧାବିପତ୍ତି ଆସୁ, ବାରଂବାର ବିଫଳତା ସହିତ ସଂଘର୍ଷ କରିବାକୁ ହେଉ, କିନ୍ତୁ ସେ ପଶ୍ଚାଦ୍‌ପଦ ହୁଏ ନାହିଁ । ତା'ର ସେହି ବାଧାବିପତ୍ତି ଓ ପ୍ରତିକୂଳ ଘଟଣା ଦ୍ୱାରା ବିକାଶ ଅଧିକରୁ ଅଧିକ ବଳବତୀ ହେଉଥାଏ । ଶେଷରେ ବିଶ୍ୱାସ ଏବଂ ଲକ୍ଷ୍ୟ ଏକ ହୋଇ ଉପଲବ୍ଧ ହୁଏ ।

ବ୍ୟକ୍ତି ଆନ୍ତରିକ ଆତ୍ମବିଶ୍ୱାସ ତଥା ମନ-ପ୍ରାଣର ବିଶ୍ୱାସରେ ପ୍ରଭେଦ ବୁଝେ ନାହିଁ; ବହୁ ସମୟରେ ମନ-ପ୍ରାଣର ବିଶ୍ୱାସରେ ତ୍ରୁଟି ଦେଖି ଆତ୍ମବିଶ୍ୱାସକୁହିଁ ଅନ୍ଧବିଶ୍ୱାସର ସଂଜ୍ଞା ଦେଇଥାଏ । ଯଥାର୍ଥରେ ଆତ୍ମବିଶ୍ୱାସ କେବେ ବି ଅନ୍ଧ ନୁହେଁ । ତାହା ସ୍ୱୟଂପ୍ରକାଶ । ସୂର୍ଯ୍ୟ ପାଖକୁ ଅନ୍ଧକାର ଆସି ନଷ୍ଟ ହୋଇଯିବା ସଦୃଶ ତା' ପାଖରେ ଭ୍ରମ ନଷ୍ଟ ହୋଇଯାଏ । ଅତୀତରେ ବିଶ୍ୱାସ ଦ୍ୱାରା ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କରିଥିବା ଘଟଣା ଆମ୍ଭେମାନେ ପ୍ରତ୍ୟକ୍ଷ ରୂପେ

ଦେଖିବାକୁ ପାଉ । ସୃଷ୍ଟି ଆରମ୍ଭରୁ ଆଜିପର୍ଯ୍ୟନ୍ତ ଯେତେ ଅଧ୍ୟାତ୍ମ ସତ୍ୟର ଉପଲବ୍ଧି, ଯେତେ ମହାପୁରୁଷ ଏବଂ ଋଷିମୁନିଙ୍କ ସତ୍ୟମାର୍ଗ ପ୍ରଦର୍ଶନ, ସେସବୁ କେବଳ ବିଶ୍ୱାସ ଦ୍ୱାରା ଗ୍ରହଣ କରାହୋଇ ଆସୁଛି । ପରେ ତାହାର ସତ୍ୟ ଉପଲବ୍ଧ ହୋଇଛି ।

ଅଧ୍ୟାତ୍ମ ସତ୍ୟର ଉପଲବ୍ଧି କରିବାରେ ବିଶ୍ୱାସ ଛଡ଼ା ଅନ୍ୟ ପନ୍ଥା ନାହିଁ । ଭୌତିକ ବସ୍ତୁର ପ୍ରାପ୍ତିହିଁ ଅଧିକ ପରିମାଣରେ ବିଶ୍ୱାସ ଉପରେ ନିର୍ଭର କରେ । ଏପରିକି ଜଡ଼ବିଜ୍ଞାନ ନୂତନ ବସ୍ତୁର ଆବିଷ୍କାର କରିବା ପୂର୍ବରୁ ନାନା ପ୍ରଣାଳୀର ପରୀକ୍ଷା କରିବାରେ ପ୍ରଥମରେ ଥାଏ ବୁଦ୍ଧିର ବିଶ୍ୱାସ । ପ୍ରଥମରେ ବ୍ୟକ୍ତି ବିଶ୍ୱାସ କରେ, ତା'ପରେ କାର୍ଯ୍ୟରେ ପ୍ରବେଶ କରେ ଏବଂ ପରୀକ୍ଷା କରେ । ବିଶ୍ୱାସ ତା'ର ମୂଳ ସ୍ୱରୂପରେ ଶୁଦ୍ଧ ଏବଂ ଆତ୍ମାର ଗୁଣଧର୍ମ । ଅନ୍ୟାନ୍ୟ ବସ୍ତୁ, ଯଥା : ଶୁଦ୍ଧ ପ୍ରେମ, ଶୁଦ୍ଧ ବ୍ୟକ୍ତିତ୍ୱ ଇତ୍ୟାଦି ଯେପରି ମନ-ପ୍ରାଣର ସଂସ୍ପର୍ଶରେ ବିକୃତ ହୋଇଛନ୍ତି, ସେହିପରି ଆତ୍ମାର ବିଶ୍ୱାସ ମନ-ପ୍ରାଣର ସଂସ୍ପର୍ଶରେ ଆସିଲେ ତା'ର ପରିଣାମରେ ବିକୃତି ଆସେ । ଅତଏବ ବିଶ୍ୱାସର ମୂଳ ସ୍ୱରୂପରେ କେବେ ବି ଭ୍ରମ ନ ଥାଏ, ଭ୍ରମ ଉତ୍ପନ୍ନ ହୁଏ ମନ-ପ୍ରାଣ ଦ୍ୱାରା ବ୍ୟବହୃତ ହେଲେ । ଅତଏବ ଆତ୍ମବିଶ୍ୱାସରେ ଅଧ୍ୟାତ୍ମ ସତ୍ୟ କିଂବା ଭଗବତ୍ ଉପଲବ୍ଧି କରିବାରେ କେବେ ବି ଭ୍ରମ ଆସିପାରେ ନାହିଁ । ଯେଉଁମାନେ ସତ୍ୟ ଚାହାନ୍ତି, ଯେଉଁମାନଙ୍କର ଲକ୍ଷ୍ୟ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି, ସେହିମାନେ ମା'ଙ୍କୁ ଜାଣିବା ସକାଶେ ଶ୍ରୀଅରବିନ୍ଦଙ୍କ ବାକ୍ୟ ଓ ତାଙ୍କ ଲେଖାରେ ବିଶ୍ୱାସ କରିବେ ଏବଂ ସତ୍ୟର ଉପଲବ୍ଧି ମଧ୍ୟ କରିବେ । ଯେଉଁମାନେ ଆନ୍ତର ବିଶ୍ୱାସ ଛଡ଼ା ଅନ୍ୟ ଉପାୟରେ ବିଶ୍ୱାସ କରିବାକୁ ଚାହିଁବେ, ସେମାନଙ୍କୁ ବିଶ୍ୱାସ କରିଥିବା ବ୍ୟକ୍ତିଙ୍କ ଉପଲବ୍ଧି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ପ୍ରଥମରେ ଆମ୍ଭେମାନେ ବିଚାର କରିବା ଶ୍ରୀମା କିଏ ? ପରେ ଆଲୋଚନା କରିବା ଶ୍ରୀମାଙ୍କର କାର୍ଯ୍ୟ କ'ଣ ଏବଂ ତାଙ୍କର କାର୍ଯ୍ୟ ସେ ଶେଷ କରିଛନ୍ତି କି ନାହିଁ ? ଏହି ବିଷୟ ଜାଣିବା ସକାଶେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ଲେଖା ଆଲୋଚନା କରିବା ।

ସାଧକମାନଙ୍କର ଶ୍ରୀମା'ଙ୍କ ସମ୍ବନ୍ଧେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ଯେଉଁସବୁ ପତ୍ର ଲେଖିଥିଲେ ସେସବୁର ସଂକଳନ କରାଯାଇ 'Sri Aurobindo on Himself and on the Mother' ('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ') ପୁସ୍ତକରେ ପ୍ରକାଶିତ ହୋଇଛି । ସେଥିରେ ତୃତୀୟ ଭାଗରେ 'Who is the Mother ?' ('ଶ୍ରୀମା କିଏ') ଏ ବିଷୟରେ ଉଲ୍ଲେଖ କରାଯାଇଛି । ସେଥିରେ କେତେକ ପତ୍ରରେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କୁ ଆଦ୍ୟାଶକ୍ତିଙ୍କ ଅବତାର ବୋଲି ଉଲ୍ଲେଖ କରିଛନ୍ତି । ସେଥିରୁ କେତେକ ଚିଠି ଏଠାରେ ଉଦ୍ଧୃତ କରାହେଲା ।

Q : Do you not refer to the Mother (our Mother) in your book "The Mother" ?

A : Yes.

ପ୍ରଶ୍ନ : ଆପଣ ଆପଣଙ୍କ 'ମା' ପୁସ୍ତକରେ ଆମ୍ଭମାନଙ୍କ ମା'ଙ୍କ ବିଷୟରେ କହି ନାହାନ୍ତି କି ?

ଉତ୍ତର : ହଁ ।

ପ୍ରଶ୍ନ : ସେ କ'ଣ ଆମ୍ଭମାନଙ୍କ ମଝିରେ, ଏହି ଅନ୍ଧକାର, ମିଥ୍ୟା, ଭ୍ରାନ୍ତି ଓ ମୃତ୍ୟୁଲୋକରେ ଆମ୍ଭମାନଙ୍କ ପ୍ରତି ଗଭୀର ଓ ମହାନ୍ ପ୍ରେମବଶରେ ଅବତରି ଆସି ନାହାନ୍ତି କି ?

ଉତ୍ତର : ହଁ ।

ପ୍ରଶ୍ନ : ବହୁତ ଲୋକଙ୍କର ମତ ଯେ ମା' ପ୍ରଥମରେ ମାନବୀ ଥିଲେ, କିନ୍ତୁ ଏବେ ମୂର୍ତ୍ତିମାନ ରୂପେ ଦିବ୍ୟଜନନୀ ହୋଇଛନ୍ତି ଏବଂ ତାଙ୍କ ପ୍ରାର୍ଥନାବଳୀ ଏହି ମତକୁ ପ୍ରତିପାଦନ କରୁଛି ବୋଲି ସେମାନେ ଭାବନ୍ତି । କିନ୍ତୁ ମୋ ମନର ଧାରଣା ଓ ଚୈତ୍ୟ ଅନୁଭୂତି ଅନୁସାରେ ମା ହେଉଛନ୍ତି ସ୍ୱୟଂ ଭାଗବତୀ ଜନନୀ ଯେ ସ୍ୱ-ଇଚ୍ଛାରେ ଅନ୍ଧକାର, ଅଜ୍ଞାନ ଓ ବେଦନାର ବସନ ପିନ୍ଧିଛନ୍ତି ମନୁଷ୍ୟଙ୍କୁ ଜ୍ଞାନ ଓ ଆନନ୍ଦ ଏବଂ ଭଗବାନଙ୍କ ନିକଟକୁ ଘେନିଯିବେ ବୋଲି । ଏହା ମଧ୍ୟ ମୋର ଧାରଣା ଯେ ମା'ଙ୍କ ପ୍ରାର୍ଥନାବଳୀର ଉଦ୍ଦେଶ୍ୟ ହେଲା ଆମ୍ଭମାନଙ୍କୁ – ଆମର ଊର୍ଦ୍ଧ୍ୱମୁଖୀ ଚୈତ୍ୟସତ୍ତାକୁ – ଶିଖାଇବା କିପରି ପ୍ରାର୍ଥନା କରିବାକୁ ହୁଏ ।

ମୋର ଧାରଣା କ'ଣ ଠିକ୍ ?

ଉତ୍ତର : ହଁ, ଭଗବାନ୍ ମାନବରୂପ ଧରନ୍ତି, ମଣିଷର ବାହ୍ୟ ପ୍ରକୃତିକୁ ଗ୍ରହଣ କରନ୍ତି, ସ୍ୱୟଂ ପଥରେ ଚାଲନ୍ତି ସେହି ପଥ ମନୁଷ୍ୟଙ୍କୁ ଦେଖାଇବେ ବୋଲି । କିନ୍ତୁ ସେ ତାଙ୍କର ଦିବ୍ୟ ସ୍ୱରୂପକୁ କେବେ ବି ତ୍ୟାଗ କରି ନ ଥା'ନ୍ତି । ଯାହା ଘଟେ ତାହା ହେଉଛି ଏକ ଅଭିବ୍ୟକ୍ତି, ନିତ୍ୟବର୍ତ୍ତମାନ ଦିବ୍ୟ ଚେତନାରହିଁ ଏକ ଅଭିବ୍ୟକ୍ତି । ତାହାକୁ ମାନବଚେତନାର ଏକ ଦିବ୍ୟ ପରିଣତି ବୋଲି କୁହାଯାଇ ପାରିବ ନାହିଁ । ମା ତାଙ୍କର ଶୈଶବ ଅବସ୍ଥାରେ ବି ଅନ୍ତରରେ ମାନବତ୍ୱର ବହୁ ଊର୍ଦ୍ଧ୍ୱରେ ଥିଲେ । ଅତଏବ ତୁମର ସେହି 'ବହୁ ଲୋକ'ଙ୍କ ମତ ଭ୍ରାନ୍ତ ।

(୧୭.୮.୧୯୩୮)

ପ୍ରଶ୍ନ : ମା'ଙ୍କର ଅଭିବ୍ୟକ୍ତି ଏବଂ ଅତିମାନସର ଅବତରଣ ମଧ୍ୟରେ କୌଣସି ପାର୍ଥକ୍ୟ ଅଛି କି ?

ଉତ୍ତର : ମା ଆସିଛନ୍ତି ଅତିମାନସକୁ ଉତାରି ଆଣିବା ନିମିତ୍ତ । ଏହି ଅବତରଣହିଁ ତାଙ୍କ ପୂର୍ଣ୍ଣ ଅଭିବ୍ୟକ୍ତିକୁ ଏଠାରେ ସମ୍ଭବ କରିଛି ।

(୨୩.୯.୧୯୩୫)

ପ୍ରଶ୍ନ : ମା ତାଙ୍କ ନିଜ ଊର୍ଦ୍ଧ୍ୱ ଭୂମିରୁ ସାଧକ ଉପରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରନ୍ତି ନାହିଁ, ଯଦିଓ ସେ ଇଚ୍ଛା କଲେ ତାହା କରିପାରନ୍ତି – ଏପରିକି ସେ ଇଚ୍ଛା କଲେ ସମଗ୍ର ପୃଥିବୀକୁ ଗୋଟିଏ ଦିନରେ ଅତିମାନସରେ ରୂପାନ୍ତରିତ କରିପାରନ୍ତି । କିନ୍ତୁ ତଦ୍ଦ୍ୱାରା ଏଠାରେ ଯେଉଁ ଅତିମାନସ ସୃଷ୍ଟି ତାହା ହେବ ଊର୍ଦ୍ଧ୍ୱସ୍ଥ ଅତିମାନସ ସୃଷ୍ଟି ତୁଲ୍ୟ – ଅଜ୍ଞାନ ପୃଥିବୀ ଅତିମାନସରେ ରୂପାନ୍ତରିତ ଜଗତ୍ ଆଡ଼କୁ ବିବର୍ତ୍ତିତ ହେବ ନାହିଁ । ଏହା ଏପରି ଏକ ଅଭିବ୍ୟକ୍ତି ହେବ ଯାହା ଦୃଶ୍ୟତଃ ଅତିମାନସଠାରୁ ପୃଥକ୍ ହେବ । ଏହା କ'ଣ ସତ୍ୟ ?

ଉତ୍ତର : ଏହା ଗୋଟିଏ ଖୁବ୍ ମହତ୍ତ୍ୱପୂର୍ଣ୍ଣ ସତ୍ୟ ।

(୧୭.୬.୧୯୩୫)

Q : Am I right in thinking that She as an individual embodies all the Divine Powers and brings down the Grace more and more to the physical plane, and her embodiment is a chance for the entire physical consciousness to change and transform ?

A : Yes. Her embodiment is a chance for the earth-consciousness to receive the Supramental into it and undergo first the transformation necessary for that to be possible. Afterwards there will be a further transformation by the Supramental, but the whole earth-consciousness will not be supramentalised – there will be first a new race representing the Supermind, as man represents the mind.

(13.8.1933)

ପ୍ରଶ୍ନ : ମା' ବ୍ୟକ୍ତି ରୂପରେ ସମସ୍ତ ଦିବ୍ୟଶକ୍ତିକୁ ମୂର୍ତ୍ତ କରନ୍ତି ଏବଂ ଜଡ଼ଭୂମିରେ ନିତ୍ୟ ଅଧିକ ଉତାରି ଆଣନ୍ତି ଭଗବତ୍ କୃପାକୁ,– ଏକଥା କ'ଣ ଠିକ୍ ? ମା'ଙ୍କ ଶରୀରଧାରଣ ସମସ୍ତ ଭୌତିକ ଜଗତର ପରିବର୍ତ୍ତନ ଓ ରୂପାନ୍ତର ପାଇଁ ଏକ ସୁଯୋଗ ଦେଇଛି – ଏହି ଧାରଣା କ'ଣ ଯଥାର୍ଥ ?

ଉତ୍ତର : ହଁ । ତାଙ୍କର ମୂର୍ତ୍ତିପରିଗ୍ରହହିଁ ପାର୍ଥିବ ଚେତନାକୁ ସୁଯୋଗ ଦେଇଛି ନିଜ ମଧ୍ୟରେ ଅତିମାନସକୁ ଗ୍ରହଣ କରିବାକୁ ଏବଂ ସେଦିଗରେ ନିଜର ପ୍ରାରମ୍ଭିକ ରୂପାନ୍ତର ସାଧନ କରିବାକୁ । ପରେ ଅତିମାନସହିଁ ଆହୁରି ଏକ ରୂପାନ୍ତର ଘଟାଇବ କିନ୍ତୁ ତେବେ ବି ସମଗ୍ର ପାର୍ଥିବ ଚେତନା ଅତିମାନସରେ ରୂପାନ୍ତରିତ ହେବ ନାହିଁ । ଅତିମାନସର ପ୍ରତିନିଧି ରୂପେ ଗୋଟିଏ ନୂତନ ଜାତିର ଆବିର୍ଭାବ ହେବ – ଯେପରି ମାନବ ହେଲା ମନର ପ୍ରତିନିଧି ।

(୧୩.୮.୧୯୩୩)

''ମା କିଏ ?''– ଏହି ପ୍ରଶ୍ନର ଉତ୍ତରରେ ''ଶ୍ରୀମା ସ୍ୱୟଂ ଆଦ୍ୟାଶକ୍ତିଙ୍କ ଅବତାର'' ପ୍ରତିପାଦିତ ହୋଇଥିବା ଶ୍ରୀଅରବିନ୍ଦଙ୍କ କେତେକ ଚିଠି ଏଠାରେ ଉଦ୍ଧୃତ ହେଲା ।

ଦ୍ୱିତୀୟ ପ୍ରଶ୍ନ ଥିଲା ''ଶ୍ରୀମା'ଙ୍କର କାର୍ଯ୍ୟ କ'ଣ ? ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି କି ନାହିଁ ?'' ଏହି ପ୍ରଶ୍ନର ଉତ୍ତର ଏହି ଲେଖାରେ ଉଦ୍ଧୃତ ହୋଇଥିବା ଚିଠି (୧୩.୮.୧୯୩୩)ର ଆଲୋଚନା କଲେ ଏହା ସ୍ପଷ୍ଟ ବୁଝାପଡ଼ିବ ।

ଶ୍ରୀଅରବିନ୍ଦ ଉତ୍ତରରେ କହିଛନ୍ତି – "Yes, Her embodiment is a chance for the earth-consciousness to receive the Supramental into it and to undergo first the transformation necessary for that to be possible."

ଅର୍ଥାତ୍, ''ହଁ । ତାଙ୍କର ମୂର୍ତ୍ତିପରିଗ୍ରହହିଁ ପାର୍ଥିବ ଚେତନାକୁ ସୁଯୋଗ ଦେଇଛି ନିଜ ମଧ୍ୟରେ ଅତିମାନସକୁ ଗ୍ରହଣ କରିବାକୁ ଏବଂ ସେଦିଗରେ ନିଜର ପ୍ରାରମ୍ଭିକ ରୂପାନ୍ତର ସାଧନ କରିବାକୁ ।''

ଶ୍ରୀମା ତାଙ୍କର ଅବତାର ନେବାର କାର୍ଯ୍ୟ ପୂରା କରିଛନ୍ତି । ଶ୍ରୀଅରବିନ୍ଦ ୧୯୫୦ ମସିହାରେ ଯେଉଁ ଅତିମାନସ ଚେତନାକୁ ଉତାରି ଆଣିଥିଲେ ସେହି ଅତିମାନସ ଚେତନାକୁ ଶ୍ରୀମା ୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖରେ ପୃଥିବୀ-ଚେତନାରେ ପ୍ରତିଷ୍ଠିତ କରିଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରା ଶ୍ରୀମା ମନ-ପ୍ରାଣ-ଶରୀର-ଚେତନା ତଥା ବହୁ ଅଂଶରେ ଶରୀରର କୋଷାଣୁକୁ ବି ରୂପାନ୍ତରିତ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଭାଷା ଅନୁସାରେ ମନ-ପ୍ରାଣ-ଶରୀର-ଚେତନାର ରୂପାନ୍ତରହିଁ ହେଲା ପ୍ରଥମ ଓ ପ୍ରାରମ୍ଭିକ ରୂପାନ୍ତର । ସେହି ରୂପାନ୍ତର ପୃଥିବୀ-ଚେତନାରେ ପ୍ରତିଷ୍ଠିତ ହୋଇଛି । ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଯେଉଁ କାର୍ଯ୍ୟ କରିବା ସକାଶେ ମା ଆସିଥିଲେ ସେ କାର୍ଯ୍ୟ ସେ ସମାପ୍ତ କରିଛନ୍ତି । ଏତଦ୍ ବ୍ୟତୀତ ଅଧିକ କାର୍ଯ୍ୟ ବି କରିଛନ୍ତି – ବହୁପରିମାଣରେ ଶରୀରର କୋଷାଣୁର ରୂପାନ୍ତର ।

ପୁନଶ୍ଚ ଶ୍ରୀଅରବିନ୍ଦ କହିଛନ୍ତି, ଅର୍ଥାତ୍, ''Afterwards there will be a further transformation by the Supramental,...''

ଅର୍ଥାତ୍, ''ଏହାପରେ ଅତିମାନସହିଁ ଆହୁରି ଅଧିକ ରୂପାନ୍ତର ଘଟାଇବ,...''

ଏଠାରେ ପରେ ଯେଉଁ ରୂପାନ୍ତର କାର୍ଯ୍ୟ ଅତିମାନସ ଶକ୍ତି କରିବା କଥା ଶ୍ରୀଅରବିନ୍ଦ କହିଛନ୍ତି, ତା' ହେଉଛି ଶରୀରର ରୂପାନ୍ତର । ଶ୍ରୀଅରବିନ୍ଦଙ୍କ ବାକ୍ୟର ଶେଷ ଅଂଶରେ ଏହି ବିଷୟ ସ୍ପଷ୍ଟ ବୁଝାପଡୁଛି ।

''...but the whole earth-consciousness will not be supramentalised – there will be first a new race representing the Supermind, as man represents the mind.''

''...କିନ୍ତୁ ତେବେ ବି ସମଗ୍ର ପାର୍ଥିବ ଚେତନା ଅତିମାନସ ଚେତନାରେ ରୂପାନ୍ତରିତ ହେବ ନାହିଁ । ଅତିମାନସର ପ୍ରତିନିଧି ରୂପେ ଗୋଟିଏ ନୂତନ ଜାତିର ଆବିର୍ଭାବ ହେବ – ଯେପରି ମାନବ ହେଲା ମାନସର ପ୍ରତିନିଧି ।''

'ଅତିମାନସର ପ୍ରତିନିଧିରୂପେ ଗୋଟିଏ ନୂତନ ଜାତିର ଆବିର୍ଭାବ ହେବ'– ଏହି ଅର୍ଦ୍ଧ ବାକ୍ୟଟି ଶରୀରର ରୂପାନ୍ତର କଥା ସୂଚିତ କରୁଛି । ଏହାକୁ ଆହୁରି ସ୍ପଷ୍ଟ କରାହୋଇଛି ବାକ୍ୟର ଶେଷ ଅଂଶଟିର ଉଦାହରଣରେ 'ଯେପରି ମାନବ ହେଲା ମାନସର ପ୍ରତିନିଧି ।'

ଶ୍ରୀଅରବିନ୍ଦଙ୍କ ବାକ୍ୟ ଅନୁସାରେ ଶ୍ରୀମା ଯେଉଁ କାର୍ଯ୍ୟ କରିବାକୁ ଆସିଥିଲେ ତାହା ସେ ଶେଷ କରି ତା'ଠାରୁ ଅଧିକ ଶରୀରର ପୂର୍ଣ୍ଣ ରୂପାନ୍ତର କରିବାକୁ ଚାହିଁଥିଲେ ଏବଂ କେତେକ ଅଂଶରେ କରିଥିଲେ ମଧ୍ୟ । ତାଙ୍କର ଲେଖା 'ସାଧନା ପଥର ଟିପ୍‌ପଣୀ' ('Notes on the Way')ରେ ସେ ଶରୀରର କୋଷଗୁଡ଼ିକର ରୂପାନ୍ତର ବିଷୟ ଉଲ୍ଲେଖ କରିଛନ୍ତି । କିନ୍ତୁ ଏହି ଶରୀର ପୂର୍ଣ୍ଣରୂପେ ରୂପାନ୍ତରିତ ହେବା ସମ୍ଭବ ନ ଥିଲା । ତା'ଛଡ଼ା ମା'ଙ୍କ ରୂପାନ୍ତର କାର୍ଯ୍ୟରେ ଆବଶ୍ୟକ ଅନୁସାରେ ମନୁଷ୍ୟ ସହଯୋଗ ବି କରିପାରିଲା ନାହିଁ; ଏହା ମଧ୍ୟ ମନୁଷ୍ୟର ଶକ୍ତିର ବାହାରେ ଥିଲା ।

ଶ୍ରୀମା ଯେଉଁ କାର୍ଯ୍ୟ ସକାଶେ ଅବତାର ନେଇଥିଲେ ସେ ତାଙ୍କ କାର୍ଯ୍ୟ ପୂର୍ଣ୍ଣ କରିଛନ୍ତି । ସେ ତାଙ୍କ କାର୍ଯ୍ୟ ବାକି

ରଖିଯାଇ ନାହାନ୍ତି । ବରଂ ଶରୀର-ରୂପାନ୍ତର ତାଙ୍କର ଯେଉଁ ଅଧିକ କାର୍ଯ୍ୟ ଥିଲା ସେଥିରେ ବି ସେ ବହୁତ ଅଗ୍ରସର ହୋଇଛନ୍ତି । ବାକୀ ରୂପାନ୍ତର ଅତିମାନସ ଶକ୍ତି ଦ୍ୱାରା ହେବ ।

ଆରମ୍ଭରେ ପ୍ରଶ୍ନ କରାହୋଇଥିଲା, ''ମା' କିଏ ? ତାଙ୍କ କାର୍ଯ୍ୟ କ'ଣ ? ତାଙ୍କ କାର୍ଯ୍ୟ ସେ ଶେଷ କରିଛନ୍ତି କି ନାହିଁ ?'' ଶ୍ରୀଅରବିନ୍ଦଙ୍କ ବାକ୍ୟ ଅନୁସାରେ ଶ୍ରୀମା ଆଦ୍ୟାଶକ୍ତିଙ୍କ ଅବତାର, ତାଙ୍କ କାର୍ଯ୍ୟ ଥିଲା ଅତିମାନସ ଚେତନାକୁ ପୃଥିବୀରେ ପ୍ରତିଷ୍ଠା କରିବା ଏବଂ ପ୍ରାରମ୍ଭିକ ବା ପ୍ରାଥମିକ ରୂପାନ୍ତର ସାଧନ କରିବା । ସେ ପୃଥିବୀରେ ଅତିମାନସ ଚେତନାକୁ ପ୍ରତିଷ୍ଠିତ କରିଛନ୍ତି । ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି । ଶେଷ ଶରୀର-ରୂପାନ୍ତର କାର୍ଯ୍ୟ ଅତିମାନସ ଶକ୍ତି ଦ୍ୱାରା ହେବ । ଶ୍ରୀମା ତାଙ୍କ ରୂପାନ୍ତରିତ ସୂକ୍ଷ୍ମ ଶରୀରରେ ରହି ରୂପାନ୍ତର କାର୍ଯ୍ୟରେ ସାହାଯ୍ୟ କରିବେ ଏବଂ ଅଗ୍ରସର କରାଇବେ । ଏହା ନ ବୁଝି ଆମ୍ଭେମାନେ ଭ୍ରମବଶତଃ କହୁ — ଶ୍ରୀମା ତାଙ୍କ କାର୍ଯ୍ୟ ଶେଷ ନ କରି ଗଲେ କାହିଁକି ?

❖

ପୃଥିବୀକୁ ମା'ଙ୍କ ଅବଦାନ

ସଂସାରକୁ ମା'ଙ୍କର ଅବଦାନ ହେଲା ପୃଥିବୀକୁ ସ୍ୱର୍ଗରେ ପରିଣତ କରିବା ଓ ପୃଥିବୀରେ ଅତିମାନସ ବିଜ୍ଞାନ-ଚେତନା ଏବଂ ଅତିମାନବଜାତି ପ୍ରତିଷ୍ଠା କରିବା । ଏହାର କେନ୍ଦ୍ର ହେଉଛି ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଶ୍ରମ । ଏହି ଆଶ୍ରମର ପରିଚାଳିକା ମା' । ତାଙ୍କ ଶିଷ୍ୟ ଓ ଭକ୍ତମାନେ ତାଙ୍କୁ ଗୁରୁ ଏବଂ ଇଷ୍ଟ ରୂପେ ଗ୍ରହଣ କରିଛନ୍ତି । ରୋଗ, ଦୁଃଖ, କଷ୍ଟରୁ ଉଦ୍ଧାର ହେବା ପାଇଁ ବହୁସଂଖ୍ୟକ ନରନାରୀ ଆବାଳବୃଦ୍ଧବନିତା ତାଙ୍କର ଆଶ୍ରିତ । ଆମେମାନେ ନିଜ ଭୌତିକ ଦୃଷ୍ଟିରେ ଏହାହିଁ ଦେଖୁ । କିନ୍ତୁ ତାଙ୍କ ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ବିଚାର କରୁ ନାହିଁ କିଂବା ଆମର ତାହା ଜାଣିବାର ସାମର୍ଥ୍ୟ ନାହିଁ । ତାଙ୍କ ଯଥାର୍ଥ ସ୍ୱରୂପ ଜାଣି ପାରିବା ଯେବେ ମା' ଧାରଣ କରିଥିବା ଅତିମାନସ ଚେତନାରେ ପହୁଞ୍ଚି ପାରିବା । ତା' ପୂର୍ବରୁ ଯଦି ତାଙ୍କ ଉପରେ ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ନିଜକୁ ସମର୍ପଣ କରି ପାରିବା, ତେବେ ସ୍ଥୂଳ ଏବଂ ସୂକ୍ଷ୍ମ ଜଗତର ସମସ୍ତ ବାଧା ବିପତ୍ତିରୁ ତାଙ୍କରି ଶକ୍ତି ଦ୍ୱାରା ରକ୍ଷା ହୋଇ ଜୀବନର ଲକ୍ଷ୍ୟ ମନ, ପ୍ରାଣ, ଶରୀରର ରୂପାନ୍ତର, ରୋଗ ଜରା, ମୃତ୍ୟୁରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ କରିବା ଏବଂ ଭଗବାନଙ୍କ ସଂକଳ୍ପରେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ସିଦ୍ଧି ସକାଶେ ଭଗବାନଙ୍କ ସୃଷ୍ଟି । ଭଗବାନ୍ ଏକ ଅଦ୍ୱିତୀୟ ମନ ବାଣୀ ଅଗୋଚର ସଚ୍ଚିଦାନନ୍ଦ ଚିନ୍ମୟତତ୍ତ୍ୱ । ସେ ନିଜେ ବହୁରୂପେ ପ୍ରକଟ ହୋଇ ଖେଳା କରନ୍ତି । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସେ ସଂକଳ୍ପର ଊର୍ଦ୍ଧ୍ୱରେ । ତାଙ୍କ କର୍ମ ମନୁଷ୍ୟ ବୁଦ୍ଧିର ଅଗମ୍ୟ । ସେ ସୃଷ୍ଟିରେ ନିଜକୁ ପ୍ରକଟ କରିବା ସକାଶେ ଏକେବାରେ ଜଡ଼ରେ ପରିଣତ ହୋଇଗଲେ । ନିଜ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା ପଶୁପକ୍ଷୀ ମଧ୍ୟ ଦେଇ ମନବିଶିଷ୍ଟ ମନୁଷ୍ୟରେ ପରିଣତ ହେଲେ । ମନର ବିକାଶ ଶେଷ ସୀମାରେ ପହୁଞ୍ଚି ସାରିଛି । ଧର୍ମ ଓ ନୈତିକତାର ଯୁଗ ଶେଷ ହୋଇଯାଇଛି । ପରବର୍ତ୍ତୀ ବିକାଶର ସ୍ୱରୂପ ହେଉଛି ସର୍ବଜ୍ଞାନ ସଂପନ୍ନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ଅତିମାନସ ଜାତିର ପ୍ରତିଷ୍ଠା । ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି । ଶ୍ରୀଅରବିନ୍ଦ ପ୍ରାଚ୍ୟରେ ଓ ଶ୍ରୀମା ପାଶ୍ଚାତ୍ୟରେ ଜନ୍ମ ଗ୍ରହଣ କଲେ । ଶ୍ରୀଅରବିନ୍ଦଙ୍କ ସଙ୍ଗେ ମା'ଙ୍କର ସାକ୍ଷାତ୍ ହେବା ପୂର୍ବରୁ ପୃଥିବୀରେ ଭଗବାନଙ୍କ ସଂକଳ୍ପ ପ୍ରତିଷ୍ଠା ପାଇଁ ମା'ଙ୍କର ଯେଉଁ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଥିଲା ତଦନୁରୂପହିଁ ଥିଲା ଶ୍ରୀଅରବିନ୍ଦଙ୍କର । ଶ୍ରୀଅରବିନ୍ଦ ଥିଲେ ବିଭୂତି ଓ ମା ଥିଲେ ଶକ୍ତି । ଉଭୟଙ୍କର କର୍ମକ୍ଷେତ୍ର ଭାରତରେହିଁ ଆରମ୍ଭ ହେଲା ।

ଶ୍ରୀଅରବିନ୍ଦ ୧୯୧୦ରେ ସ୍ଥୂଳରୂପେ ରାଜନୈତିକ କାର୍ଯ୍ୟରୁ ଅବସର ନେଇ ଅଳ୍ପ ୪/୫ଜଣ ସାଥୀଙ୍କ ସହ ପଣ୍ଡିଚେରୀ ଆସି ଅଧ୍ୟାତ୍ମ ସାଧନାରେ ରତ ହେଲେ । ମା' ୧୯୧୪ରେ ଆସି ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ । ଏହିଠାରୁହିଁ ହେଲା ଭାରତର ଅଧ୍ୟାତ୍ମ ଶକ୍ତି ଏବଂ ଇଉରୋପର କର୍ମଶକ୍ତିର ମିଳନର ସୂତ୍ରପାତ । ଭବିଷ୍ୟତ୍ ପାଇଁ ଶ୍ରୀଅରବିନ୍ଦଙ୍କର କର୍ମଧାରା ଆରମ୍ଭ ହେଲା । ଆର୍ଯ୍ୟ ପତ୍ରିକା ପ୍ରକାଶିତ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁଁ ମା' ୧୯୧୪ରେ ଫ୍ରାନ୍ସ୍ ଫେରିଯାଇଥିଲେ । ପୁନରାୟ ୧୯୨୦ରେ ଆସି ଆଶ୍ରମରେ ସ୍ଥାୟିଭାବେ ରହିଲେ । ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ପାଇଁ ଶ୍ରୀଅରବିନ୍ଦଙ୍କର ଯେଉଁ ଭବିଷ୍ୟତ୍ କର୍ମକ୍ଷେତ୍ର, ତାହାର ଭିତ୍ତିସ୍ଥାପନ ହେଲା ୧୯୧୪ରେ ମା'ଙ୍କ ଦ୍ୱାରା । କିନ୍ତୁ ମା'ଙ୍କ ଅନୁପସ୍ଥିତି ଯୋଗୁଁ ସେ କାର୍ଯ୍ୟ ମା'ଙ୍କ ପୁନରାଗମନକୁ ଅପେକ୍ଷା କରିଥିଲା । ୧୯୨୦ରେ ମା'ଙ୍କ ଆଗମନ ସଙ୍ଗେ ସଙ୍ଗେ ପଣ୍ଡିଚେରୀରେ ଆଶ୍ରମ ନିର୍ମାଣ ହେଲା । ଏହିଠାରୁ ହେଲା ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ କର୍ମର କେନ୍ଦ୍ର, ଆଶ୍ରମର ପ୍ରତିଷ୍ଠା । ଭଗବତ୍ ପ୍ରାପ୍ତିକାମୀ ସାଧକମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ହେଲା । ୧୯୨୬ ନଭେମ୍ବର ୨୪ରେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସିଦ୍ଧି ପ୍ରାପ୍ତ ହେଲା, ଅଧ୍ୟମାନସ ଚେତନା ବା ଶ୍ରୀକୃଷ୍ଣଙ୍କ ଚେତନାର ପ୍ରତିଷ୍ଠା । ତାହା ଦ୍ୱାରାହିଁ ରୂପାନ୍ତରକାରୀ ଅତିମାନସ ଚେତନା ପ୍ରାପ୍ତି ପାଇଁ ମାର୍ଗ ଉନ୍ମୋଚନ ହେଲା । ଏହି ସିଦ୍ଧିଦିବସ ୧୯୨୬ ନଭେମ୍ବର ୨୪ଠାରୁ ଶ୍ରୀଅରବିନ୍ଦଙ୍କ ବ୍ୟବସ୍ଥାନୁସାରେ ମା' ଆଶ୍ରମର ଯାବତୀୟ ପରିଚାଳନା ସାଧକମାନଙ୍କର ବସବାସ

ଓ ଅଧ୍ୟାତ୍ମ ସାଧନାର ଭାର ଗ୍ରହଣ କଲେ । ଶ୍ରୀଅରବିନ୍ଦ ଏକାନ୍ତ କକ୍ଷରେ ସାଧନାରେ ରତ ହେଲେ । ସେତେବେଳେ କେତେକ ସାଧକଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବେ ଲେଖିଥିଲେ, ଯେ ''ଏ ବ୍ୟବସ୍ଥା ସାମୟିକ ନୁହେଁ, ସ୍ଥାୟୀ; ଯେଉଁମାନେ ମା'ଙ୍କୁ ଗ୍ରହଣ କରିବେ ନାହିଁ, ସେମାନେ ମୋତେ ବି ଗ୍ରହଣ କରିପାରିବେ ନାହିଁ ।'' ଯଥାର୍ଥରେ ଶ୍ରୀମା ଶ୍ରୀଅରବିନ୍ଦ ଏକ ତତ୍ତ୍ୱ; ଶ୍ରୀଅରବିନ୍ଦଙ୍କର କ୍ରିୟାତ୍ମିକା ଆଦ୍ୟାଶକ୍ତି ହେଲେ ଶ୍ରୀମା । ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ସକାଶେ ସେହି ଏକହିଁ ତତ୍ତ୍ୱ ଦୁଇ ରୂପରେ ପ୍ରକଟ ହୋଇଥିଲେ ।

ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ସକାଶେ କ'ଣ ସାଧନା କରିଥିଲେ ? ଏହି ବିଷୟରେ କୌଣସି ବ୍ୟକ୍ତି କହିବା ପାଇଁ ଯେପରି ଅସମର୍ଥ, ଅନ୍ୟ ବ୍ୟକ୍ତି ବୁଝିବା ଓ ବିଶ୍ୱାସ କରିବା ପାଇଁ ମଧ୍ୟ ତା ଅପେକ୍ଷା ଅଧିକ ଅସମର୍ଥ । ବ୍ୟକ୍ତି ସ୍ୱୀୟ ସାଧନା ଦ୍ୱାରା ସେହି ଚେତନାରେ ଉପନୀତ ନ ହେଲେ, ସଂସାରକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅବଦାନ କଳ୍ପନା କରିବା ଖୁବ୍ କଠିନ । ତଥାପି ମଶା ଆକାଶର ବିସ୍ତାର ମାପିବା ସଦୃଶ ଆମ୍ଭେମାନେ ମା ଓ ଶ୍ରୀଅରବିନ୍ଦଙ୍କ ସାଧନା ସମ୍ବନ୍ଧରେ ନିଜ ସୀମିତ ବୁଦ୍ଧିରେ କିଛି ଅନୁମାନ କରି ସନ୍ତୋଷଲାଭ କରିବାକୁ ଚେଷ୍ଟା କରିବା ।

ସାଧାରଣ ବାହ୍ୟ ଦୃଷ୍ଟିରେ ଶ୍ରୀଅରବିନ୍ଦ ନିଭୃତ କକ୍ଷରେ ବସି ଅଧ୍ୟାତ୍ମ ସାଧନାର ପରମାନନ୍ଦରେ ଡୁବି ରହୁଥିଲେ, ଶ୍ରୀମା ସେହି ଆନନ୍ଦରେ ନିବାସ କରି ଆଶ୍ରମର ସମସ୍ତ କାର୍ଯ୍ୟ ପରିଚାଳନା କରୁଥିଲେ । ଆମ୍ଭେମାନେ ଏହାହିଁ ଜାଣୁ । ଯଥାର୍ଥରେ ଏହା ଏପରି ନ ଥିଲା, ଥିଲା ଭଗବତ୍ ଦିବ୍ୟାନନ୍ଦରେ ବାସ କରିବା ସଙ୍ଗେ ସଙ୍ଗେ ଦିବାରାତ୍ର ମହାନ୍ ସଂଗ୍ରାମ । ବିଶ୍ୱର ଯେଉଁ ମୃତ୍ୟୁ, ରୋଗ, ଜରା, ଅଜ୍ଞାନ, ହିଂସା, ସ୍ୱାର୍ଥ ଆଦି ଭୟଙ୍କର ଆସୁରୀଶକ୍ତି, ଯେଉଁ ଶକ୍ତି ବିଧାନକୁ ଭଗବାନଙ୍କ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ ଏବଂ ଋଷି ମହାପୁରୁଷମାନଙ୍କୁ ମାନି ନେବାକୁ ପଡ଼ିଥିଲା । ଏହି ସବୁ ଶକ୍ତିର ଅଧିକାର ସୃଷ୍ଟି ଆରମ୍ଭରୁ ବିଶ୍ୱରେ ପ୍ରତିଷ୍ଠା ହୋଇଛି ଏବଂ ଏହି ଶକ୍ତିସବୁ ଏକଚ୍ଛତ୍ର ରାଜା ରୂପେ ବିଶ୍ୱଶାସନ କରୁଛନ୍ତି । ଏସବୁର ଅଧିକାର ଛିନ୍ନ କରି ଏମାନଙ୍କ ଉପରେ ଅଧିକାର ପ୍ରତିଷ୍ଠା କରି ଏମାନଙ୍କୁ ରୂପାନ୍ତର କରି ଭଗବତ୍ ଶକ୍ତି ଦ୍ୱାରା ପରିଚାଳନା କରିବା ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ । ଶାସନ କରୁଥିବା ଶକ୍ତି ପକ୍ଷେ ଶାସିତ ହେବା ଅତ୍ୟନ୍ତ ଅସହ୍ୟ । ସେହି ସକାଶେ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ବ୍ୟର୍ଥ କରିଦେବା ଉଦ୍ଦେଶ୍ୟରେ ଅନ୍ୟାୟ ଓ ଅସତ୍ୟର ପ୍ରେରଣା ଦେଇ ସଂସାର ଓ ସମାଜକୁ ଅଧିକାର କରିନେବାକୁ ଚାହିଲେ ଏବଂ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସତ୍ୟକୁ ମନୁଷ୍ୟ ମଧ୍ୟରେ ପ୍ରବେଶ କରିବାର ମାର୍ଗକୁ ଦୃଢ଼ ଭାବରେ ବନ୍ଦ କରି ଦେବାକୁ ଚାହିଲେ । ଏହା ସଙ୍ଗେ ସଙ୍ଗେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆନ୍ତର ସାଧନା-ମାର୍ଗରେ ମଧ୍ୟ ବାଧା-ବିଘ୍ନର ପାହାଡ଼ ଛିଡ଼ା କରିଦେଲେ ଏବଂ ବାହ୍ୟଭାବରେ ମଧ୍ୟ ଅନ୍ୟଲୋକଙ୍କୁ ଯନ୍ତ୍ର କରି ପଣ୍ଡିଚେରୀରୁ ଶ୍ରୀଅରବିନ୍ଦଙ୍କୁ ବିତାଡ଼ିତ କରି ତାଙ୍କ ଜୀବନ ସମାପ୍ତ କରି ଦେବାକୁ ଓ ଆଶ୍ରମ ନଷ୍ଟ କରି ଦେବାକୁ ଚାହିଲେ । ବିରୋଧୀ ଶକ୍ତିର ଏପରି ଉଦ୍ୟମ ବହୁବାର ହୋଇଛି ଏବଂ ବିରୋଧୀ ଶକ୍ତିମାନେ ବ୍ୟକ୍ତି ମଧ୍ୟରେ ହିଂସା, ସ୍ୱାର୍ଥର ପ୍ରେରଣା ଦେଇ ବାରଂବାର ଯୁଦ୍ଧ କରାଇ ବିଶ୍ୱକୁ ଧ୍ୱଂସ କରି ଦେବାକୁ ପ୍ରଯତ୍ନ କରିଛନ୍ତି ।

ବିରୋଧୀ ଶକ୍ତିର ଏହିସବୁ ଆକ୍ରମଣର ସମ୍ମୁଖୀନ ହେବା ସକାଶେ ଶ୍ରୀଅରବିନ୍ଦ ବାହ୍ୟ କର୍ମରୁ ନିବୃତ୍ତ ହୋଇ ଅଧ୍ୟାତ୍ମ ଶକ୍ତି ଦ୍ୱାରା ଆନ୍ତର୍ସୂକ୍ଷ୍ମ ଜଗତର ବାଧାବିଘ୍ନର ସମ୍ମୁଖୀନ ହୋଇ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେଲେ ଏବଂ ମା' ସଂସାର ତଥା ଶାସକମାନଙ୍କ ବାହ୍ୟକର୍ମକୁ ନିୟନ୍ତ୍ରଣ କରି ବିରୋଧୀ ଶକ୍ତିଙ୍କ ବାହ୍ୟ ଆକ୍ରମଣରୁ ଜଗତ୍ ତଥା ଆଶ୍ରମକୁ ରକ୍ଷା କଲେ । ଏହି ଦୁଇଜଣଙ୍କୁ ଦିବାରାତ୍ର ଅହରହ ବିରୋଧୀଶକ୍ତିଙ୍କ ସହ ଯୁଦ୍ଧ କରି ଅଗ୍ରସର ହେବାକୁ ପଡୁଥିଲା ।

ଶ୍ରୀଅରବିନ୍ଦ ବହୁ ବାଧାବିଘ୍ନ ଅତିକ୍ରମ କରି ଅତିମାନସ ଚେତନାରେ ଉପନୀତ ହେଲେ ଏବଂ ସେହି ଅତିମାନସ ଶକ୍ତି ଦ୍ୱାରା ଏହି ପୃଥିବୀରେ ଶାସନ କରୁଥିବା ଆସୁରୀଶକ୍ତି – କାମ, କ୍ରୋଧ, ମୋହ, ସ୍ୱାର୍ଥ, ହିଂସା, ଜରା, ରୋଗ, ମୃତ୍ୟୁକୁ ରୂପାନ୍ତର କରିବା ସକାଶେ ଅତିମାନସକୁ ଊର୍ଦ୍ଧ୍ୱସ୍ତରରୁ ଏହି ପୃଥିବୀରେ, ଏହି ଭୌତିକ ଜଡ଼ ଶରୀରରେ ଉତାରି ଆଣିବାକୁ ଚେଷ୍ଟା କଲେ । ମୃତ୍ୟୁ, ହିଂସା ଆଦି ଅଜେୟ ଆସୁରୀ ଶକ୍ତି ଅନ୍ୟ କୌଣସି ଶକ୍ତି ଦ୍ୱାରା ରୂପାନ୍ତର ହୁଅନ୍ତି ନାହିଁ, ହୁଅନ୍ତି କେବଳ ଅତିମାନସ ଶକ୍ତି ଦ୍ୱାରା । ଏହି ଆସୁରୀ ଶକ୍ତିଙ୍କ ରାଜତ୍ୱ ଏହି ପୃଥିବୀରେ । ପୃଥିବୀ ଆରମ୍ଭରୁ

ଏହିସବୁ ଶକ୍ତିଙ୍କ ଦ୍ୱାରା ପୃଥିବୀ ଶାସିତ ହେଉଛି । ମନୁଷ୍ୟର ସୁଖ, ଶାନ୍ତି, ପୃଥିବୀର ଶାନ୍ତି, ଆସୁରୀ ଶକ୍ତିର ସ୍ୱଭାବର ବିପରୀତ ଏବଂ ଅସହ୍ୟ । ନିଜ ଅଧିକାର ଏବଂ ପୃଥିବୀରେ ଦୁଃଖ, କଷ୍ଟ କାଏମ ରଖିବା ସକାଶେ ଅତିମାନସ ଶକ୍ତିର ଅବତରଣ-ପଥରୋଧ କରିବା ଉଦ୍ଦେଶ୍ୟରେ ଏହି ବିରୋଧୀ ଶକ୍ତିମାନେ ସବୁବେଳେ ଚେଷ୍ଟା କଲେ । ସାଧାରଣତଃ ସଂସାରୀ ବ୍ୟକ୍ତି ମଧ୍ୟରେ ସ୍ୱାର୍ଥ, ଅହଂ, ହିଂସା ବିଦ୍ୟମାନ । ବିରୋଧୀଶକ୍ତିଙ୍କ ପ୍ରବେଶର ଏହାହିଁ ମାର୍ଗ । ଏହି ମାର୍ଗରେ ବିରୋଧୀ ଶକ୍ତି ଅଧିକାଂଶ ସଂସାରୀ ବ୍ୟକ୍ତିଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କ ଅନ୍ତରରେ କମ୍ ସକ୍ରିୟ ଥିବା ଅସତ୍‌ଗୁଣ କାମ, କ୍ରୋଧ, ମୋହ, ଲୋଭ, ହିଂସା ଓ ସ୍ୱାର୍ଥକୁ ତୀବ୍ରଭାବେ କ୍ରିୟାଶୀଳ କରାଇ ଦେଲେ; ସଂସାରରେ ଅସତ୍ୟ ଓ ଅନ୍ୟାୟ ବ୍ୟାପିଗଲା । ବହୁ କମ୍ ବ୍ୟକ୍ତିଙ୍କୁ ବାଦ୍‌ଦେଲେ ସଂସାରର ଅଧିକାଂଶ ବ୍ୟକ୍ତିଙ୍କ ଭିତରେ ହିଂସା ଓ ସ୍ୱାର୍ଥପରାୟଣତା ରହିଛି ।

ଏହି ସବୁ ଦୁଷ୍ପ୍ରବୃତ୍ତି ମାଧ୍ୟମରେହିଁ ଲୋକମାନଙ୍କୁ ଯନ୍ତ୍ର କରି ଆସୁରୀ ଶକ୍ତି ନିଜର ପ୍ରତିଷ୍ଠା ବଜାୟ ରଖିବାକୁ ଓ ଅତିମାନସ ଶକ୍ତି ଅବତରଣର ପଥରୋଧ କରିବାକୁ ଚେଷ୍ଟା କଲା । ପୃଥିବୀ ବାରଂବାର ଯୁଦ୍ଧ ଓ ଧ୍ୱଂସର ସମ୍ମୁଖୀନ ହେଲା । ଏହି ଅବସ୍ଥାରେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରିଥିଲେ ଆସୁରୀ ଶକ୍ତିର ଯନ୍ତ୍ରମାନେ ବିଶ୍ୱଯୁଦ୍ଧ ଘଟାଇ ସଂସାରକୁ ଧ୍ୱଂସ କରିଥାଆନ୍ତେ । ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ପୃଥିବୀର ପ୍ରତିନିଧି ହୋଇ ବିରୋଧୀ ଶକ୍ତିର ସମସ୍ତ ଆକ୍ରମଣକୁ ନିଜ ଶରୀରରେ ନେଇ ଶରୀର ତ୍ୟାଗ କଲେ ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଦେଲେ । ତାଙ୍କ ଶରୀର ତ୍ୟାଗ ପରେ ଅତିମାନସ ଜ୍ୟୋତିଃର ସ୍ପର୍ଶ ଯୋଗୁଁ ତାଙ୍କ ଶରୀର ପାଞ୍ଚଦିନ ପର୍ଯ୍ୟନ୍ତ ଜ୍ୟୋତିର୍ମୟ ହୋଇ ବିଦ୍ୟମାନ ଥିଲା । ଏହି ବିଷୟ ଡକ୍‌ଟର ସାନ୍ୟାଲ ବିଷଦଭାବେ ଲେଖିଛନ୍ତି । ଜଗତକୁ ସ୍ୱର୍ଗରେ ପରିଣତ କରିବାକୁ, ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା କରିବାକୁ ଶ୍ରୀଅରବିନ୍ଦ ଜୀବନସାରା ଦୁଃଖ କଷ୍ଟ ବିପଦକୁ ବରଣ କରି ଶେଷରେ ନିଜ ଶରୀର ଉତ୍ସର୍ଗ କଲେ । ସେହି ଅତିମାନସ ଶକ୍ତିକୁ ଧାରଣ କଲେ ମା' ।

ପୂର୍ବେ ଆଲୋଚନା ହୋଇଛି ଶ୍ରୀଅରବିନ୍ଦ ଓ ମା ଏକତତ୍ତ୍ୱ — କେବଳ ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ସକାଶେ ଦୁଇ ରୂପରେ ପ୍ରକଟ ହୋଇଥିଲେ । ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ଶରୀରରେ ଏହି ପୃଥିବୀର ବାତାବରଣରେ ରହି ମା'ଙ୍କୁ ସାହାଯ୍ୟ କଲେ । ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ କଲେ । ଶ୍ରୀମା ଅତିମାନସ ଶକ୍ତିକୁ ଧାରଣ କରି ତାରି ପ୍ରଭାବରେ ବିରୋଧୀଶକ୍ତିଙ୍କ ଦ୍ୱାରା ପୃଥିବୀ-ଧ୍ୱଂସର ଉଦ୍ୟମକୁ ବ୍ୟର୍ଥ କରୁଥିଲେ । ଅତିମାନସ ଶକ୍ତି ଅନୁକୂଳ ଅବସ୍ଥାରେ ଏହି ପୃଥିବୀରେ କ୍ରିୟାଶୀଳ ହେବା ସକାଶେ ୧୯୫୬ ଫେବ୍ରୁଆରି ୨୯ ତାରିଖରେ ପ୍ରକାଶ ହେଲା ଏବଂ ସମସ୍ତ ପୃଥିବୀରେ ତଥା ମା'ଙ୍କ ଶରୀରରେ ରୂପାନ୍ତର କ୍ରିୟା କରିବାକୁ ଆରମ୍ଭ କଲା । ବିରୋଧୀ ଶକ୍ତିଙ୍କ ଆକ୍ରମଣରେ ଯେବେ ଯେବେ ପୃଥିବୀ ଯୁଦ୍ଧ ଓ ଧ୍ୱଂସର ସମ୍ମୁଖୀନ ହେଉଥିଲା, ସେହି ଅତିମାନସ ଶକ୍ତିହିଁ ତାକୁ ରକ୍ଷା କରୁଥିଲା ।

ମା' ହେଉଛନ୍ତି ପୃଥିବୀର ପ୍ରତିନିଧି । ମା'ଙ୍କର ମନ, ପ୍ରାଣ, ଶରୀର ସମସ୍ତ ସତ୍ତା ଭଗବାନ୍ ଏବଂ ଭଗବତ୍ ପ୍ରକଟ ରୂପ ଏହି ଜଗତ୍ ସହିତ ଏକାତ୍ମ । ମା'ଙ୍କ ଶରୀରରେ ଯେଉଁ ରୂପାନ୍ତର ହେବ ତାହା ହେବ ଜଗତ୍ ପ୍ରକୃତିର । ସେହି ସକାଶେ ମା' ଜଗତରେ ସମସ୍ତ ଦୁଃଖ, କଷ୍ଟ ତଥା ଆସୁରୀ ଶକ୍ତିର ବିରୋଧକୁ ନିଜ ଶରୀରରେ ନେଇ ସେ ସବୁକୁ ସହ୍ୟ କରୁଛନ୍ତି ଏବଂ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରୁଛନ୍ତି । ସମସ୍ତ ସଂସାରର ଦୁଃଖ, କଷ୍ଟ ବହନ କରି ଚାଲିଛନ୍ତି ମା' । ମା'ଙ୍କର ନିଜ ଶରୀର ସକାଶେ ବା ନିଜ ସକାଶେ ରୂପାନ୍ତରର ଆବଶ୍ୟକତା ନାହିଁ, ମା' କରୁଛନ୍ତି ଜଗତ୍ ସକାଶେ । ମା'ଙ୍କ ଶରୀରରେ ଯେଉଁ ସତ୍ତାର ରୂପାନ୍ତର ହେଉଛି, ତାହା ହେଉଛି ବିଶ୍ୱ ପ୍ରକୃତିରେ । ମା'ଙ୍କ ଶରୀରର ରୂପାନ୍ତର ଅନୁପାତରେ ସଂସାରରୁ ଅସତ୍ୟ, ଅନ୍ୟାୟ ଦୂର ହେଉଥିବ ଏବଂ ମା'ଙ୍କ ପ୍ରତି ଉନ୍ମୁକ୍ତ ହେଉଥିବ । ବ୍ୟକ୍ତି ନିଜ ଉନ୍ମୁକ୍ତତା ଅନୁପାତରେ ସାଧନା ମାର୍ଗରେ ଅଗ୍ରସର ହେଉଥିବେ । ମା'ଙ୍କ ଶରୀରରେ ରୂପାନ୍ତର ପୂର୍ଣ୍ଣ ହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ ପୂର୍ଣ୍ଣ ରୂପେ ଦୂର ହେବ, ସତ୍ୟ ଏବଂ ନ୍ୟାୟ ପ୍ରତିଷ୍ଠା ହେବ । ଏହି ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ । ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ-ବିଜ୍ଞାନ ଏବଂ ଅତିମାନବ-ଜାତି । ଏହାହିଁ ମା' ଶ୍ରୀଅରବିନ୍ଦଙ୍କର

ପୃଥିବୀକୁ ଅବଦାନ । ଯେଉଁ ସାଧକମାନେ କେବଳ ମା'ଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ରଖି ନିଜକୁ ତାଙ୍କ ଚରଣରେ ସମର୍ପଣ କରିପାରିବେ, ସେହିମାନେ ମା'ଙ୍କ ଅତିମାନସ ଛତ୍ରଛାୟାରେ ରହିବେ, ଅଳ୍ପ ପ୍ରୟାସରେ ମା'ଙ୍କ ଶକ୍ତି ସାହାଯ୍ୟରେ ସମସ୍ତ ପ୍ରକାର ବାଧାବିପତ୍ତିକୁ ଅତିକ୍ରମ କରି ମୃତ୍ୟୁ, ରୋଗ, ଜରା, ଅଜ୍ଞାନ ଓ ଦୁଃଖ କଷ୍ଟରୁ ପୂର୍ଣ୍ଣ ମୁକ୍ତ ହେବେ; ମନ, ପ୍ରାଣ, ଶରୀର ରୂପାନ୍ତର କରି ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବେ ଏବଂ ଲକ୍ଷ୍ୟ ସିଦ୍ଧ କରିପାରିବେ ।

❖

ଶ୍ରୀମା ଶରୀରତ୍ୟାଗ କଲେ କାହିଁକି ?

ପ୍ରଶ୍ନ : ଆମ୍ଭେମାନେ ଜାଣିଥିଲୁ ଶ୍ରୀମା ଏହି ଶରୀର ତ୍ୟାଗ ନ କରି ଏହାର ରୂପାନ୍ତର କରିବେ । ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା ହେବ । ଆପଣ ମଧ୍ୟ ବହୁତ ସ୍ପଷ୍ଟ ଶବ୍ଦରେ ଏହାହିଁ କହୁଥିଲେ । ଆପଣଙ୍କ କହିବା ସତ୍ୟ ହେଲା ନାହିଁ । ମା ତ' ଶରୀର ତ୍ୟାଗ କଲେ । ତେବେ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର; ରୂପାନ୍ତରିତ ଶରୀର ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତ; ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା; ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବାର ଲକ୍ଷ୍ୟ ପୂର୍ଣ୍ଣ ହେବ ନା ଏହିଠାରେ ସମାପ୍ତ ହେଲା ?

ଉତ୍ତର : ଏହିଠାରେ ସମାପ୍ତ ହେବ ନାହିଁ, ନିଶ୍ଚୟ ହେବ । ଏହି ରୂପାନ୍ତର ଲକ୍ଷ୍ୟର ମୂଳଭିତ୍ତି ବା ଆଧାର ହେଉଛି ଅତିମାନସ ଶକ୍ତି । ତାହାକୁ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀରେ ପ୍ରତିଷ୍ଠା କରିଦେଇଛନ୍ତି । ସେହି ଅତିମାନସ ଶକ୍ତି ସାଧକମାନଙ୍କ ଅନ୍ତରରେ ରୂପାନ୍ତର କ୍ରିୟା କରି ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଇବ । ମା ଶରୀରତ୍ୟାଗ କଲେ ତାଙ୍କ ରୂପାନ୍ତର କାର୍ଯ୍ୟ ଦ୍ରୁତ କରାଇବା ସକାଶେ । ଗୋଟିଏ ଶରୀରରେ ରୂପାନ୍ତର ଶେଷ କରିବା ଯଦ୍ୟପି ଅତିଶୟ କଠିନ କାର୍ଯ୍ୟ ଥିଲା ତଥାପି ମା ସେଥିନିମିତ୍ତ ପ୍ରୟାସ କରୁଥିଲେ । ସେହି କାରଣରୁ ଏଥିରେ ଆମ୍ଭମାନଙ୍କର ଆଶା ଓ ଦୃଢ଼ବିଶ୍ୱାସ ଥିଲା । ମା'ଙ୍କ ଶରୀର ମଧ୍ୟ ଆଶାତୀତଭାବେ ରୂପାନ୍ତର କାର୍ଯ୍ୟରେ ସହଯୋଗ କରୁଥିଲା । କିନ୍ତୁ ଶେଷ ରୂପାନ୍ତର ସକାଶେ ଏହା ଉଦ୍ଦିଷ୍ଟ ନ ଥିଲା । କାରଣ ତାଙ୍କ ଶରୀର ଥିଲା ବର୍ତ୍ତମାନ ଜଗତର ତଥା ମନୁଷ୍ୟଜାତିର ପ୍ରତିନିଧି । ଆମ୍ଭମାନଙ୍କ ଶରୀରର ଧର୍ମ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଇତ୍ୟାଦି ବହୁପ୍ରକାର ଅପୂର୍ଣ୍ଣତା । ଆମ୍ଭମାନଙ୍କ ଶରୀର ସହିତ ତାଙ୍କ ଶରୀରର ସମ୍ବନ୍ଧ ଥିଲା ପ୍ରଧାନ ନଦୀର ଶାଖା ନଦୀ ସହିତ ସମ୍ପର୍କ ସଦୃଶ । ତଥାପି ସେ ଚାହୁଁଥିଲେ ଏବଂ ପ୍ରୟାସ କରୁଥିଲେ ତାଙ୍କ ଶରୀରକୁ କେନ୍ଦ୍ର କରି ମନୁଷ୍ୟଜାତିର ଶରୀରତତ୍ତ୍ୱ ରୂପାନ୍ତର କରିବା ସକାଶେ । ମା'ଙ୍କ ଶରୀରର ରୂପାନ୍ତର ସଙ୍ଗେ ସଙ୍ଗେ ବିଶ୍ୱଶରୀରତତ୍ତ୍ୱ ରୂପାନ୍ତରିତ ହୋଇଥା'ନ୍ତା । ତେବେ ସାଧକମାନଙ୍କ ସକାଶେ ରୂପାନ୍ତରର ଦୃଢ଼ ମାର୍ଗ ତିଆରି ହୋଇଥା'ନ୍ତା । ବ୍ୟକ୍ତି ଶରୀର ରୂପାନ୍ତର କରିବା ଉଦ୍ଦେଶ୍ୟରେ ପ୍ରୟାସ କରିଥିଲେ ସହଜରେ ଲକ୍ଷ୍ୟସିଦ୍ଧି କରି ପାରିଥା'ନ୍ତେ । କିନ୍ତୁ ମା ଯେତେ ତ୍ୱରାରେ ରୂପାନ୍ତର କରିବାକୁ ପ୍ରୟାସ କରୁଥିଲେ ମନୁଷ୍ୟଜାତି ତାଙ୍କ ସହିତ ସହଯୋଗ କରିପାରିଲା ନାହିଁ । ସେ ସକାଶେ ମା ଶରୀର ରୂପାନ୍ତର କାର୍ଯ୍ୟ ସଙ୍ଗେ ସଙ୍ଗେ ମନୁଷ୍ୟର ସମସ୍ତପ୍ରକାର ସଂସ୍କାର, ବୀଜାକାରରେ ରହିଥିବା ବିଶ୍ୱର ଅର୍ଦ୍ଧଚେତନା ଏବଂ ଅବଚେତନା ସ୍ତରକୁ ରୂପାନ୍ତର କରିବାକୁ ପ୍ରଯତ୍ନ କଲେ । ମନୁଷ୍ୟଜାତିର ଉନ୍ମୀଳନ ନ ଥିବା ଯୋଗୁଁ ମା'ଙ୍କୁ ସେହି ସ୍ତରରେ କାର୍ଯ୍ୟ କରିବାରେ ବହୁତ ସମୟ ଲାଗିଲା । ମା'ଙ୍କ ଶରୀର ଆମ୍ଭମାନଙ୍କ ଶରୀରତତ୍ତ୍ୱ ସହିତ ସଂପର୍କ ଥିବା ଯୋଗୁଁ ଶରୀରଧର୍ମ ଅନୁସାରେ ବୃଦ୍ଧତ୍ୱ ଆଡ଼କୁ ଗତି କଲା ଏବଂ ଶେଷ ରୂପାନ୍ତର ସକାଶେ ସହଯୋଗ କରିପାରିଲା ନାହିଁ । ଏହି ପରିସ୍ଥିତିରୁ ମା ରୂପାନ୍ତର ସାଧନା ତୀବ୍ରତର କରିବା ଉଦ୍ଦେଶ୍ୟରେ ମେ ମାସ ୧୯ ତାରିଖଠାରୁ ତାଙ୍କ ନିଜ ସ୍ଥୂଳ ଶରୀରରେ ଖୁବ୍ ସାମାନ୍ୟ ସଂପର୍କ ରଖି ତାଙ୍କର ନୂତନ ଶରୀର ତିଆରି କରୁଥିଲେ । ମେ ମାସଠାରୁ ମା' ତାଙ୍କର ସ୍ଥୂଳ ଶରୀରରେ କୌଣସି କାର୍ଯ୍ୟ କରୁ ନ ଥିଲେ । ଏପରିକି ତାଙ୍କ ନିତ୍ୟ ଆହାର ଗ୍ରହଣ କରିବା ସକାଶେ ତାଙ୍କ ନିକଟରେ ଥିବା ସନ୍ତାନମାନଙ୍କୁ ବହୁ ପ୍ରଯତ୍ନ କରିବାକୁ ପଡୁଥିଲା । ବହୁକଷ୍ଟରେ ଖୁବ୍ କମ୍ ଲଘୁପାକ ଖାଦ୍ୟ ତଥା ଫଳରସ ନେଉଥିଲେ । ତାଙ୍କ ସୂକ୍ଷ୍ମ ନୂତନ ଶରୀର ତିଆରି ହୋଇଯିବାରୁ ସେ ଏହି ଶରୀର ତ୍ୟାଗ କରି ସେହି ନୂତନ ଶରୀରରେ ପ୍ରବେଶ କଲେ । ଏହି ଶରୀରର ହୃତ୍‌ପିଣ୍ଡ କ୍ରିୟା ବନ୍ଦ ହୋଇଗଲା । ମା ବର୍ତ୍ତମାନ ତାଙ୍କ ସୂକ୍ଷ୍ମ ନୂତନ ଶରୀରରେ ଏହି ଜଗତରେ ଆମ୍ଭମାନଙ୍କ ସହିତ ଅଦୃଶ୍ୟରେ ରହି ଆମ୍ଭମାନଙ୍କ ସାଧନାରେ ପୂର୍ବାପେକ୍ଷା ଅଧିକ ସାହାଯ୍ୟ କରିବେ ଏବଂ ସମୟ ଆସିଲେ ପୁନରାୟ ସ୍ଥୂଳ ଶରୀର ଧାରଣ କରି ଏହି ପୃଥିବୀରେ ପ୍ରଘଟ ହୋଇ ଶେଷ ରୂପାନ୍ତର କାର୍ଯ୍ୟ ସମାପ୍ତ କରିବେ ।

ପଶୁରୁ ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ହେବା ସକାଶେ କୋଟି କୋଟି ବର୍ଷ ଲାଗିଥିଲା । ବର୍ତ୍ତମାନ ମନୁଷ୍ୟରୁ

ଅତିମାନବ ଜାତି ପୃଥିବୀରେ ପ୍ରତିଷ୍ଠା ହେବା ସକାଶେ ମାନବ ଏବଂ ଅତିମାନବ ମଧ୍ୟସ୍ଥ ସନ୍ଧିକ୍ଷଣ କୋଟି କୋଟି ବର୍ଷ ଲାଗିଥା'ନ୍ତା । ସେହି ଦୀର୍ଘ ସମୟକୁ କମ୍, ଅତି କମ୍ କରିବା ସକାଶେ ଶ୍ରୀଅରବିନ୍ଦ ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ୧୯୫୦ରେ ଏହି ପୃଥିବୀରେ ଉତାରି ଆଣି ନିଜ ଶରୀର ତ୍ୟାଗ କଲେ । ପରାର୍ଦ୍ଧର ଅତିମାନସ ଦିବ୍ୟଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିବାର ମହାନ୍ ଅସାଧ୍ୟ କାର୍ଯ୍ୟ ଶ୍ରୀଅରବିନ୍ଦ କରି ସାରିଥିଲେ । ସେହି ଅତିମାନସ ଶକ୍ତିକୁ ମା' ୧୯୫୬ ଫେବ୍ରୁଆରି ୨୯ରେ ଏହି ପୃଥିବୀରେ ପ୍ରତିଷ୍ଠା କଲେ । ଅତିମାନସ ଶକ୍ତିକୁ ଆଣି ଏହି ପୃଥିବୀରେ ପ୍ରତିଷ୍ଠା କରିବା ଏକ ମହାନ୍ ଦୁରୂହ କାର୍ଯ୍ୟ ଥିଲା । ଶ୍ରୀମାଶ୍ରୀଅରବିନ୍ଦ ସେହି କାର୍ଯ୍ୟ ସମାପ୍ତ କରିଛନ୍ତି । ଅତିମାନସ ଶକ୍ତିର ପୃଥିବୀରେ ପ୍ରତିଷ୍ଠାହିଁ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ଭିତ୍ତି ବା ଆଧାର । ଏହାରି ଆଧାରରେ ରୂପାନ୍ତର କାର୍ଯ୍ୟ ଅଗ୍ରସର ହେବ । ଆମ୍ଭମାନଙ୍କ ଅଧୈର୍ଯ୍ୟ ପ୍ରାଣ କୋଟି କୋଟି ଜନ୍ମର କାର୍ଯ୍ୟ ଗୋଟିଏ ଜୀବନରେ, ଗୋଟିଏ ବର୍ଷରେ ଗୋଟିଏ ଦିନରେ ଅଥବା ଗୋଟିଏ ଘଡ଼ିରେ ଏହିକ୍ଷଣି ଚାହେଁ । ମାନୁଷୀ ଧାରଣାରୁ ବ୍ୟତିକ୍ରମ ହେଲେ ଆମ୍ଭେମାନେ ହତାଶା ନିରାଶା କବଳରେ ପଡ଼ିଯାଉ । ଭଗବାନଙ୍କ କାର୍ଯ୍ୟ ମନୁଷ୍ୟଧାରଣା ଉପରେ ନିର୍ଭର କରେ ନାହିଁ । ସେ ତା'ର ନିଜ ଧାରାରେ ଚାଲେ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବାର ଲକ୍ଷ୍ୟ ନିଶ୍ଚୟ ସିଦ୍ଧ ହେବ । ଏଥିରେହିଁ ହେବ ଜୀବନର ପୂର୍ଣ୍ଣତା । ଏହାକୁ ଶାସ୍ତ୍ର, ପୁରାଣ, ଯୁକ୍ତି ତଥା ପ୍ରତ୍ୟକ୍ଷ ଘଟଣା ସମର୍ଥନ କରୁଅଛନ୍ତି । ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ମନୁଷ୍ୟର ସୃଷ୍ଟି । ସ୍ୱଷ୍ଟ ଅସ୍ୱଷ୍ଟ, ଜ୍ଞାତ ଅଜ୍ଞାତରେ ସଂସାରରେ ଜଣକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତି ଏହାକୁହିଁ ଚାହୁଁଛନ୍ତି, ଏହାରି ପ୍ରାପ୍ତି ସକାଶେ ପ୍ରଯତ୍ନ ମଧ୍ୟ କରୁଛନ୍ତି । ଶରୀରରୁ ରକ୍ତକୁ ପୃଥକ୍ କରି ଯେପରି ଶରୀର ରଖିହୁଏ ନାହିଁ ସେହିପରି ଏହି ଲକ୍ଷ୍ୟକୁ ଜୀବନରୁ ବାଦ୍ ଦେବା ସମ୍ଭବ ନୁହେଁ । ସମସ୍ତ ବ୍ୟକ୍ତି ଦୁଃଖ ନ ଚାହିଁ ଦୁଃଖବିହୀନ ପରମସୁଖ ଚାହାନ୍ତି । ରୋଗରୁ ସଦା ମୁକ୍ତ, ମୃତ୍ୟୁ କବଳରୁ ରକ୍ଷା, ବୃଦ୍ଧତ୍ୱ ଅତ୍ୟାଚାରରୁ ଅବ୍ୟାହତ ଚିରଯୌବନ ସକଳ ବ୍ୟକ୍ତିଙ୍କର ଚାହିଁବା । କିନ୍ତୁ ମନର ବିକାଶ ସମାପ୍ତ ହୋଇ ନ ଥିବାରୁ ଏହି ଚାହିଁବା ବ୍ୟକ୍ତିଚେତନାରେ ସ୍ପଷ୍ଟ ହୋଇ ନ ଥିଲା । ତଥାପି ସମସ୍ତ ବ୍ୟକ୍ତି ଅଜ୍ଞାତରୂପେ ଏହାରି ପ୍ରାପ୍ତି ସକାଶେ ବିହିତ ଅବିହିତ କାର୍ଯ୍ୟ କରୁଥିଲେ । ମନର ବିକାଶ ଶେଷ ହେବାରୁ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଏହାରି ସନ୍ଧାନ ଦେଇଅଛନ୍ତି ଓ ଏହାରି ପ୍ରାପ୍ତି ସକାଶେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ତା'ର ସିଦ୍ଧି ସକାଶେ ସୂକ୍ଷ୍ମଭୌତିକ ଶରୀରରେ ରହି ସାଧକସାଧିକାମାନଙ୍କୁ ସାହାଯ୍ୟ କରୁଅଛନ୍ତି । ଏହାର ସିଦ୍ଧି ଅନିବାର୍ଯ୍ୟ । କ୍ରମବିକାଶ ତଥା ଶାସ୍ତ୍ର ଅକୁଣ୍ଠଭାବେ ଏହାକୁ ସମର୍ଥନ କରୁଅଛି ।

ପ୍ରଶ୍ନ : ଶ୍ରୀଅରବିନ୍ଦ ଶ୍ରୀମା'ଙ୍କୁ ଆଦ୍ୟାଶକ୍ତିଙ୍କ ଅବତାର ବୋଲି କହିଛନ୍ତି । ଶ୍ରୀମା ମଧ୍ୟ ଶ୍ରୀଅରବିନ୍ଦଙ୍କୁ ଅବତାର ବୋଲି କହିଛନ୍ତି । ଭଗବାନଙ୍କ ଅବତାର ଛଡ଼ା ଏହି ଦୁରୂହ ରୂପାନ୍ତର କାର୍ଯ୍ୟ ଅନ୍ୟ କାହା ପକ୍ଷେ ସମ୍ଭବ ବି ନୁହେଁ । ସେ ନିଜ ଐଶ୍ୱର୍ଯ୍ୟଶକ୍ତିରେ ରୂପାନ୍ତର କାର୍ଯ୍ୟ ସମାପ୍ତ କରି ପାରିଥା'ନ୍ତେ । ମନୁଷ୍ୟର ତଥା ନିଜ ଶରୀରର ସହଯୋଗର ଆବଶ୍ୟକତା କ'ଣ ଥିଲା ?

ଉତ୍ତର : ଅବତାର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ (miracle) କରନ୍ତି ନାହିଁ । ଅତୀତ ଅବତାରଙ୍କ କର୍ମରୁ ଦେଖାଯାଇଛି ଯେ ସେମାନେ ଯେଉଁ ମୁଖ୍ୟ କାର୍ଯ୍ୟ ସକାଶେ ମନୁଷ୍ୟ ଶରୀରରେ ଅବତାର ନେଇଥା'ନ୍ତି ସେ କାର୍ଯ୍ୟ ଏହି ପୃଥିବୀର ପ୍ରଣାଳୀ ଅନୁସାରେ ସମ୍ପାଦନ କରନ୍ତି । ସେ ଆସନ୍ତି ମନୁଷ୍ୟଜାତିର ଆଦର୍ଶ ହେବା ସକାଶେ ।

ଭଗବାନ୍ ତାଙ୍କ ସଙ୍କଳ୍ପ ପୃଥିବୀରେ ଯେତେବେଳେ ଯାହା ଚାହାନ୍ତେ ତାହା କରିପାରନ୍ତେ । ତାଙ୍କୁ ମନୁଷ୍ୟଶରୀରରେ ଅବତାର ନେବା ଆବଶ୍ୟକ ହୁଅନ୍ତା ନାହିଁ । କିନ୍ତୁ ସେ ସେପରି କରନ୍ତି ନାହିଁ । ଶ୍ରୀରାମ ଗୋଟିଏ ବାଣରେ ଲଙ୍କା ଧ୍ୱଂସ କରି ପାରିଥା'ନ୍ତେ । ରାବଣକୁ ବଧ କରିବା ସକାଶେ ବନବାସ ଯିବା, କପିସେନାଙ୍କୁ ଏକତ୍ର କରି ସମୁଦ୍ରରେ ସେତୁ ନିର୍ମାଣ କରି ଲଙ୍କାକୁ ଯିବା, ଗୋଟାଏ ମାସ ଧରି ଯୁଦ୍ଧ କରିବା ତଥା ମନୁଷ୍ୟ ସଦୃଶ ରୋଦନ କରିବାକୁ ହୋଇ ନ ଥା'ନ୍ତା । ଶ୍ରୀକୃଷ୍ଣଙ୍କୁ ମଧ୍ୟ ଜରାସନ୍ଧ ଯୁଦ୍ଧରେ କୋଡ଼ିଏ ବାର ପରାଜିତ ହେବାକୁ ହୋଇ ନ ଥା'ନ୍ତା କିମ୍ବା ଜରାସନ୍ଧ-ତ୍ରାସରେ ସମୁଦ୍ର ଟାପୁରେ ଦ୍ୱାରିକାପୁରୀ ନିର୍ମାଣ କରି ନ ଥା'ନ୍ତେ; ଶେଷରେ ଜରାସନ୍ଧକୁ ନିଜେ ବଧ ନ କରି ଭୀମ ଦ୍ୱାରା

ବଧ କରାଇ ନ ଥା'ନ୍ତେ । ପୂର୍ବ ଅବତାରମାନଙ୍କ ସଦୃଶ ମା ଆଶ୍ଚର୍ଯ୍ୟଜନକ ପ୍ରଣାଳୀରେ ରୂପାନ୍ତର କାର୍ଯ୍ୟ ନ କରି ଶରୀରତ୍ୟାଗ କରି ନୂତନ ସୂକ୍ଷ୍ମ ଶରୀରରେ ରହି ତାଙ୍କ ରୂପାନ୍ତର ସାଧନାକୁ ଅଗ୍ରସର କରାଇବା ନିର୍ଣ୍ଣୟ ନେଲେ ।

ପ୍ରଶ୍ନ : ଶ୍ରୀଅରବିନ୍ଦ କହିଥିଲେ, ''ଶରୀର-ଚେତନା ରୂପାନ୍ତର ହେବା ପରେ ଶରୀର ରୂପାନ୍ତର ହେବା ସକାଶେ ଅତିକମ୍‌ରେ ତିନିଶହ ବର୍ଷ ଲାଗିବ ।'' ଶ୍ରୀମା'ଙ୍କ ଶରୀର ତିନି ଶହ ବର୍ଷ ପର୍ଯ୍ୟନ୍ତ ରହିବା କଥା ଶ୍ରୀଅରବିନ୍ଦ କେଉଁଠି କହିଛନ୍ତି କି ?

ଉତ୍ତର : ମୁଁ କେଉଁଠି ପଢ଼ି ନାହିଁ କିଂବା କାହାଠାରୁ ଶୁଣି ନାହିଁ । ବରଂ 'ସାବିତ୍ରୀ' ମହାକାବ୍ୟରେ ଶ୍ରୀଅରବିନ୍ଦ ଲେଖିଛନ୍ତି, ''ମା'ଙ୍କ ହୃତ୍‌ପିଣ୍ଡ କ୍ରିୟା ଯଦି ବନ୍ଦ ହୋଇଯିବ ତଥାପି ସେ ମୃତ୍ୟୁ ସହିତ ଯୁଦ୍ଧ କରିବେ ।'' ଅର୍ଥାତ୍, ସ୍ଥୂଳ ଶରୀର ତ୍ୟାଗ କରି ରୂପାନ୍ତରିତ ସୂକ୍ଷ୍ମ ଶରୀରରେ ରହି ମୃତ୍ୟୁ ସହିତ ଯୁଦ୍ଧ କରିବେ ।

ପ୍ରଶ୍ନ : ଶ୍ରୀମା'ଙ୍କର ଏହି ଶରୀର ରୂପାନ୍ତର ହେବା କଥା ମା ଯଦ୍ୟପି କହି ନାହାନ୍ତି ତଥାପି କେଉଁଠାରେ ମନା କରିଛନ୍ତି କି ?

ଉତ୍ତର : କେଉଁଠାରେ ମନା ବି କରି ନାହାନ୍ତି । କାରଣ ମା ଦୃଢ଼ ସଂକଳ୍ପ ସହ ସମସ୍ତ କାର୍ଯ୍ୟ କରନ୍ତି । ଶରୀର ରୂପାନ୍ତର କାର୍ଯ୍ୟ ବି ଦୃଢ଼ ସଂକଳ୍ପ ସହ କରୁଥିଲେ । ସନ୍ଦେହ ଥିଲେ ମନା କରାହୁଏ । ଯେଉଁଥିରେ ସନ୍ଦେହ ଥାଏ ସେ କାର୍ଯ୍ୟ ଅଗ୍ରସର ହୁଏ ନାହିଁ କିଂବା ସିଦ୍ଧ ହୁଏ ନାହିଁ । ମା'ଙ୍କର ଥିଲା ଅଦମ୍ୟ ସଂକଳ୍ପ । ସେହି ଅଦମ୍ୟ ସଂକଳ୍ପ ଯୋଗୁଁ ସେ ରୂପାନ୍ତରକୁ ବହୁଦୂର ଅଗ୍ରସର କରାଇ ନେଇଥିଲେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଆଦର୍ଶ ହେବା ଉଚିତ ।

ତାଙ୍କର ଅଦମ୍ୟ ଦୃଢ଼ ସଂକଳ୍ପ ଯଦି ନ ଥା'ନ୍ତା, ସେ ଯଦି ପ୍ରଥମରୁ ଏହି ଶରୀର ରୂପାନ୍ତର ନ ହେବା ଧାରଣାକୁ ସ୍ଥାନ ଦେଇଥା'ନ୍ତେ ତେବେ ରୂପାନ୍ତର କାର୍ଯ୍ୟକୁ ଏତେ ଆଗେଇ ନେଇପାରି ନ ଥା'ନ୍ତେ । ତାଙ୍କ କାର୍ଯ୍ୟ ଆମ୍ଭେମାନେ ବର୍ତ୍ତମାନ ବୁଝିପାରିବା ନାହିଁ । ଆମ୍ଭେମାନେ ଚେତନାର ଉଚ୍ଚ ସ୍ତରରେ ପହଞ୍ଚିଲେ କିଛି ଅଂଶରେ ଅନୁମାନ କରିପାରିବା । ମା କେବେ ବି ନ ହେବା ପକ୍ଷକୁ ସମର୍ଥନ କରନ୍ତି ନାହିଁ । ସର୍ବଦା ସଫଳ ହେବା ପକ୍ଷକୁ ଦୃଢ଼ତାର ସହିତ ସମର୍ଥନ କରନ୍ତି । ସେହି ସକାଶେ ମା ତାଙ୍କ ଶରୀର ରୂପାନ୍ତର ହେବା ବିଷୟରେ ମନାକରି ନାହାନ୍ତି ।

ପ୍ରଶ୍ନ : ଶ୍ରୀଅରବିନ୍ଦ ଶରୀର ତ୍ୟାଗ କରିବା ପରେ ଶ୍ରୀମା ତାଙ୍କ ସ୍ଥାନରେ ରୂପାନ୍ତର କାର୍ଯ୍ୟ କରୁଥିଲେ ଏବଂ ଆଶ୍ରମ ପରିଚାଳନାର ଦାୟିତ୍ୱ ବହନ କରିଥିଲେ । ବର୍ତ୍ତମାନ ମା'ଙ୍କ ସ୍ଥାନରେ କିଏ କାର୍ଯ୍ୟ କରିବ ?

ଉତ୍ତର : ଶ୍ରୀମା'ଙ୍କ ସ୍ଥାନରେ ଅନ୍ୟ କେହି କାର୍ଯ୍ୟ କରିପାରିବେ ନାହିଁ । ରୂପାନ୍ତର କାର୍ଯ୍ୟ ମା ସ୍ଥୂଳ ଶରୀରରେ କରୁଥିଲେ ଏବଂ ସାଧକମାନଙ୍କୁ ସାହାଯ୍ୟ କରୁଥିଲେ । ବର୍ତ୍ତମାନ ରୂପାନ୍ତରିତ ସୂକ୍ଷ୍ମ ଶରୀରରେ ରହି ସାଧକମାନଙ୍କୁ ଲକ୍ଷ୍ୟରେ ଅଗ୍ରସର ହେବା ମାର୍ଗରେ ତଥା ଆଶ୍ରମ ପରିଚାଳନା କାର୍ଯ୍ୟରେ ସାହାଯ୍ୟ କରିବେ ଏବଂ ସମୟ ଆସିଲେ ପୁନରାୟ ସ୍ଥୂଳ ଶରୀର ଧାରଣ କରି ରୂପାନ୍ତର କାର୍ଯ୍ୟ ଶେଷ କରିବେ ।

ଶ୍ରୀମା ଆଶ୍ରମରେ ଟ୍ରଷ୍ଟ କରିଛନ୍ତି । ସେଥିରେ ମେମ୍ବର ଅଛନ୍ତି – ନଳିନୀକାନ୍ତ ଗୁପ୍ତ, କୁନୁମା, ଦ୍ୟୁମନ୍ ଓ ପ୍ରଦ୍ୟୋତ । ଏହିମାନଙ୍କ ଦ୍ୱାରା ଆଶ୍ରମ ପରିଚାଳିତ ହେବ । (୧୯୭୩ ମସିହାରେ ଲିଖିତ)

ପୂର୍ବରୁ ଶ୍ରୀମା ନଳିନୀକାନ୍ତ ଗୁପ୍ତଙ୍କୁ କହିଥିଲେ, ''ଯଦି ମୁଁ କେବେ ଶରୀର ତ୍ୟାଗ କରେ ତେବେ ମୋ ଚେତନା ତୁମମାନଙ୍କ ସଙ୍ଗେ ସର୍ବଦା ରହିବ ।'' ଯଥାର୍ଥରେ ଶ୍ରୀମା'ଙ୍କ ଆନ୍ତରିକ ପ୍ରେରଣାରେ ସମସ୍ତ କାର୍ଯ୍ୟ ହେବ ।

ପ୍ରଶ୍ନ : ବାହାରେ ଯେଉଁସବୁ ପାଠଚକ୍ର, ଛାତ୍ରସମାଜ, ସେମିନାର, ଛାତ୍ରଶିବିର, ପାଠଚକ୍ର ବାର୍ଷିକ ଉତ୍ସବ, ଆଶ୍ରମ ଅଦର୍ଶରେ ସ୍କୁଲ ଇତ୍ୟାଦି କାର୍ଯ୍ୟ ହେଉଥିଲା ସେସବୁ କିପରି ହେବ ?

ଉତ୍ତର : ଆଶ୍ରମ ତଥା ବାହାରେ ଯେଉଁସବୁ କାର୍ଯ୍ୟ ହେଉଥିଲା ସେସବୁ ପୂର୍ବାପେକ୍ଷା ଅଧିକ ଆନ୍ତରିକ ନିଷ୍ଠା ସହିତ କରିବାକୁ ହେବ । ସାଧନାରେ ଏବଂ ମା'ଙ୍କ କାର୍ଯ୍ୟରେ ଅଧିକ ମନୋଯୋଗ ଦେବାକୁ ହେବ ।

ପ୍ରଶ୍ନ : ଆମ୍ଭମାନଙ୍କର ଯେତେବେଳେ ଯେଉଁ ଅସୁବିଧା ହେଉଥିଲା, ତାର କିଂବା ଚିଠି ସିଧା ମା'ଙ୍କ ନାମରେ କିଂବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଶ୍ରୀମା'ଙ୍କ ଚରଣରେ ନିବେଦନ କରିବା ସକାଶେ ପଠାଉଥିଲୁ ଏବଂ ମା'ଙ୍କ ଆଶୀର୍ବାଦ ପାଉଥିଲୁ, ସେସବୁ ବର୍ତ୍ତମାନ କିପରି ହେବ ?

ଉତ୍ତର : ଯେଉଁ ପ୍ରଣାଳୀରେ ପଠାଉଥିଲେ ସେହି ପ୍ରଣାଳୀରେ ବର୍ତ୍ତମାନ ବି ପଠାଇ ପାରନ୍ତି । ବର୍ତ୍ତମାନ ଶ୍ରୀମା'ଙ୍କ ସ୍ୱହସ୍ତ ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍ ବହୁତ ଅଛି । ତାହା ସମାପ୍ତ ହେଲେ ଶ୍ରୀମା ବିଶ୍ରାମ କରୁଥିବା ବିଛଣାରେ ସ୍ପର୍ଶ କରାଇ ପଠାଇଦେବାର ବ୍ୟବସ୍ଥା ନଳିନୀଦା ତଥା ଚମ୍ପକଲାଲ କରିଛନ୍ତି । ଯିଏ ଯେଉଁଠି ମା'ଙ୍କୁ ଅନ୍ତରରୁ ଡାକିବେ ସେ ସେହିଠାରେ ମା'ଙ୍କର ସାହାଯ୍ୟ ପାଇବେ ଏବଂ ଚିଠି, ତାର ଏଠାକୁ ପଠାଇଲେ ପୂର୍ବସଦୃଶ ମା'ଙ୍କ ସାହାଯ୍ୟ ପାଇବେ । ଯଥାର୍ଥରେ ମା ସୂକ୍ଷ୍ମ ଶରୀରରେ ଆମ୍ଭମାନଙ୍କ ସଙ୍ଗେ ଅଛନ୍ତି ।

ପ୍ରଶ୍ନ : ଆମ୍ଭେମାନେ ସିଧା ମା'ଙ୍କ ନାମରେ କିଂବା ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ଶ୍ରୀମା'ଙ୍କ ଚରଣରେ ନିବେଦନ କରିବା ସକାଶେ ମନିଅର୍ଡ଼ର ଦ୍ୱାରା ପ୍ରଣାମି ପଠାଉଥିଲୁ କିଂବା ଜନ୍ମଦିନର ଆଶୀର୍ବାଦ ସକାଶେ ମନିଅର୍ଡ଼ର କରୁଥିଲୁ । ଏବେ କିପରି କରିବୁ ?

ଉତ୍ତର : ଏହା ବି ପୂର୍ବପରି କରିବେ । ଶ୍ରୀମା'ଙ୍କ ନାମ ସ୍ଥାନରେ ନଳିନୀକାନ୍ତ ଗୁପ୍ତଙ୍କ ନାମରେ ପଠାଇବେ । ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ଯେପରି ପଠାଉଥିଲେ ସେହିପରି ପଠାଇ ପାରିବେ ।

ଶ୍ରୀମା'ଙ୍କ ଚରଣରେ ନିବେଦନ କରିବା ସକାଶେ ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ଯେଉଁ ମନିଅର୍ଡ଼ର ଆସେ ତାହା ଠିକ୍ ପୂର୍ବପରି ଟଙ୍କା ଏବଂ ପ୍ରାର୍ଥନା ଚମ୍ପକଲାଲଙ୍କୁ ଦିଆହୁଏ । ସେ ନେଇ ମା ବିଶ୍ରାମ କରୁଥିବା ବିଛଣାରେ ସ୍ପର୍ଶ କରାଇ ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍ ଆଣିଦିଅନ୍ତି ଏବଂ ସେହି ପ୍ରଣାମୀ ଟଙ୍କା ଆଶ୍ରମ ତହବିଲରେ ଜମା କରାଇଦିଅନ୍ତି । ଆଶୀର୍ବାଦ ପୁଷ୍ପ ପ୍ରସାଦ ନବଜ୍ୟୋତି କାର୍ଯ୍ୟାଳୟରୁ ପଠାଇ ଦିଆହୁଏ ।

ପ୍ରଶ୍ନ : କୁହାହୋଇଥିଲା, ଶ୍ରୀମା'ଙ୍କ ଶରୀର ରୂପାନ୍ତର ନ ହେଲେ ଅନ୍ୟ ବ୍ୟକ୍ତିଙ୍କ ଶରୀର ରୂପାନ୍ତର ହୋଇପାରିବ ନାହିଁ । ଶ୍ରୀମା'ଙ୍କ ସ୍ଥୂଳ ଶରୀର ରୂପାନ୍ତର ହେବା ପୂର୍ବରୁ ସେ ଶରୀରତ୍ୟାଗ କଲେ । ବର୍ତ୍ତମାନ ରୂପାନ୍ତର ହେବ କିପରି ?

ଉତ୍ତର : ଶେଷ ରୂପାନ୍ତର ଅର୍ଥାତ୍ ଶରୀର ରୂପାନ୍ତର କାର୍ଯ୍ୟ ସମାପ୍ତ କରିବା ସକାଶେ ଶ୍ରୀମା'ଙ୍କୁ ସ୍ଥୂଳ ଶରୀର ଧାରଣ କରି ପୁନରାୟ ଆସିବାକୁ ହେବ । ଏହି ବିଷୟ ମଧ୍ୟ ପ୍ରଶ୍ନର ଉତ୍ତରରେ କୁହାହୋଇଛି ।

ପ୍ରଥମରେ ସାଧକମାନଙ୍କର ରୂପାନ୍ତର ହେବ ମନ, ପ୍ରାଣ ତଥା ଶରୀର ଚେତନା; ତା'ପରେ ସ୍ଥୂଳ ଶରୀର । ଶ୍ରୀମା'ଙ୍କର ମନ, ପ୍ରାଣ ଏବଂ ଶରୀର ଚେତନାର ରୂପାନ୍ତର ହୋଇସାରିଛି । ସ୍ଥୂଳ ଶରୀରର ବହୁ ଅଂଶ ରୂପାନ୍ତର ହୋଇସାରିଛି । ଶ୍ରୀମା'ଙ୍କର ଯେଉଁ ଭାଗ ରୂପାନ୍ତର ହୋଇସାରିଛି ସେପର୍ଯ୍ୟନ୍ତ ସାଧକମାନଙ୍କ ସକାଶେ ଦୃଢ଼ ମାର୍ଗ ତିଆରି ହୋଇଯାଇଛି । ସେପର୍ଯ୍ୟନ୍ତ ସାଧକମାନଙ୍କର ମନ, ପ୍ରାଣ ଏବଂ ଶରୀର ଚେତନା ରୂପାନ୍ତର ହେବା ସକାଶେ ଶ୍ରୀମା ରୂପାନ୍ତରିତ ସୂକ୍ଷ୍ମଭୌତିକ ଶରୀରରେ ରହି ଅଦୃଶ୍ୟଭାବେ ସାହାଯ୍ୟ କରିବେ ଏବଂ ସମୟ ଆସିଲେ ସେ ସ୍ଥୂଳ ଶରୀରରେ ଆସି ଶେଷ ନ ହୋଇଥିବା ଶରୀରରୂପାନ୍ତର କାର୍ଯ୍ୟ ସମାପ୍ତ କରିବେ ।

ପ୍ରଶ୍ନ : ମା ସ୍ଥୂଳ ଶରୀର ତ୍ୟାଗ କରିବା ପରେ ଯେଉଁସବୁ ବାଧାବିଘ୍ନ ଆସିବ ସେସବୁର ସମ୍ମୁଖୀନ ହେବାର ଉପାୟ କ'ଣ ?

ଉତ୍ତର : ସେସବୁର ସମ୍ମୁଖୀନ ହେବାର ଉତ୍ତମ ପ୍ରଣାଳୀ ହେଲା – ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଏବଂ ନିର୍ଭରତା । ଯଥାର୍ଥରେ ମା ଆମ ପାଖରେ, ଆମ ହୃଦୟରେ ବିରାଜମାନ ଅଛନ୍ତି । ଆମେ ଯେତେବେଳେ ଆନ୍ତରିକତା ସହ ଡାକିବା ତତ୍କ୍ଷଣାତ୍ ତାଙ୍କ ସାହାଯ୍ୟ ପାଇବା ଏବଂ ତାଙ୍କ ଉପସ୍ଥିତି ଅନୁଭବ କରିପାରିବା । ମା'ଙ୍କ ସାହାଯ୍ୟ ସର୍ବଦା ରହିବ । କେବଳ ଆମମାନଙ୍କର ଦୃଢ଼ ବିଶ୍ୱାସ ଆବଶ୍ୟକ ।

ପ୍ରଶ୍ନ : କେତେକ ବ୍ୟକ୍ତି ବିତଣ୍ଡା ଯୁକ୍ତି କରୁଛନ୍ତି । ସେମାନଙ୍କୁ କ'ଣ ଉତ୍ତର ଦେବୁ ?

ଉତ୍ତର : ବିତଣ୍ଡା ଯୁକ୍ତି କରିବା ବ୍ୟକ୍ତିଙ୍କୁ ଉତ୍ତର ଦେବା ଆବଶ୍ୟକ ନାହିଁ । ସେମାନେ ସନ୍ତୋଷଜନକ ଉତ୍ତର ପାଇଲେ ବି ସାଧନା କରିବେ ନାହିଁ । ସେମାନଙ୍କର ବୁଝିବା କିଂବା ସାଧନା କରିବା ଉଦ୍ଦେଶ୍ୟ ନ ଥାଏ, କେବଳ ଯୁକ୍ତିର ବ୍ୟାୟାମ ସେମାନଙ୍କର କାମ । ସେଥିରେହିଁ ସେମାନେ ସନ୍ତୋଷଲାଭ କରନ୍ତି । ଅତଏବ ସେମାନଙ୍କ ସହିତ ଯୁକ୍ତିତର୍କ କରି ସମୟ ନଷ୍ଟ କରିବା ଉଚିତ ନୁହେଁ । ❖

ନୂତନ ସତ୍ୟ – ନୂତନ ପ୍ରଣାଳୀ*

ଏ ଆଧୁନିକ ଯୋଗ ପୂର୍ବରୁ ପୁରାତନ ଯେତେ ଯୋଗ ଥିଲା, ଏପରି ସଭାସମିତି କୌଣସି ଯୋଗରେ ହେଉ ନ ଥିଲା । ଯେଉଁ ଆଚାର୍ଯ୍ୟମାନେ ଆସୁଥିଲେ ନୂତନ ସିଦ୍ଧାନ୍ତ ପ୍ରତିଷ୍ଠା କରୁଥିଲେ । ସେମାନେ ଶାସ୍ତ୍ର ଅର୍ଥ କରୁଥିଲେ, ଆଉ ଅନ୍ୟାନ୍ୟ ପଣ୍ଡିତମାନଙ୍କୁ ପରାସ୍ତ କରି ନିଜ ସିଦ୍ଧାନ୍ତ ପ୍ରତିପାଦନ କରୁଥିଲେ । ଏପରି ପାଠଚକ୍ର ହେଉ ନ ଥିଲା... କି ସ୍କୁଲ୍ ହେଉ ନ ଥିଲା... କି ଏପରି ସଭାସମିତି ହେଉ ନ ଥିଲା । ଏ ଯେ ନୂତନ କାର୍ଯ୍ୟ କାହିଁକି ହେଲା ? ଏ ନୂତନ କାର୍ଯ୍ୟ ହେବାର ଉଦ୍ଦେଶ୍ୟ କ'ଣ ? ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି... ''ଯସ କାଛ୍ୟ ତସ ନାଚ୍ୟ'' । ଯେତେବେଳେ ଯାତ୍ରାପାଟି ନାଚ କରନ୍ତି, ଯେଉଁ ପ୍ରକାରର କାର୍ଯ୍ୟ କରିବାକୁ ହୁଏ, ଯଥା ସୁଆଙ୍ଗ କରିବାକୁ ହେଲେ ସେହି ପ୍ରକାରେ ସେ ପୋଷାକ ପିନ୍ଧନ୍ତି, ସେହି ପ୍ରକାରେ ନୃତ୍ୟ ବି କରନ୍ତି ।

ଏ ଯେତେବେଳେ ଗୋଟିଏ ନୂତନ ଚେତନା ପୃଥିବୀରେ ପ୍ରତିଷ୍ଠା ହେବାକୁ ଯାଉଛି, ଏହାର କାର୍ଯ୍ୟକ୍ରମ ସବୁ ନୂତନ । ପୁରାତନରେ ଯାହା ହେଉଥିଲା, ସେ ପ୍ରଣାଳୀରେ ଏ ନୂତନ ସତ୍ୟ ପ୍ରତିଷ୍ଠା ହୋଇପାରିବ ନାହିଁ । ସେ ସକାଶେ ଏହାର ସମସ୍ତ କାର୍ଯ୍ୟକ୍ରମ ପୁରାତନ ସାଧନା ପ୍ରଣାଳୀ, ପୁରାତନ କାର୍ଯ୍ୟ ପ୍ରଣାଳୀ, ପୁରାତନ ଯୋଗଠାରୁ ସମ୍ପୂର୍ଣ୍ଣଭାବେ ଭିନ୍ନ । ତେବେ ଏ ସଭାସମିତି ସାମୂହିକ ରୂପେ ହେବାର ଉଦ୍ଦେଶ୍ୟ କ'ଣ ? ପୁରାତନ ଯୋଗ ବିଷୟରେ ଯଦି ଆମେ ବୁଝିବା ତେବେ ଏ କାର୍ଯ୍ୟ ବୁଝିବା ସକାଶେ ଆମକୁ ବହୁତ ସହଜ ହେବ । ପୁରାତନ ସମସ୍ତ ଯୋଗର ଉଦ୍ଦେଶ୍ୟ ଥିଲା, ସବୁ ସାଧନାର ଉଦ୍ଦେଶ୍ୟ ଥିଲା, ବ୍ୟକ୍ତିଗତଭାବେ ସାଧନା କରିବା, ମନ, ପ୍ରାଣ, ଶରୀରକୁ ପୃଥକ୍ କରିବା, ମନ, ପ୍ରାଣ, ଶରୀର ଯେଉଁ ଅବସ୍ଥାରେ ରହିଛି, ସେହି ଅବସ୍ଥାରେ ରହିବ । ସଂସାରରେ ଦୁଃଖ, କଷ୍ଟ, ଅନ୍ୟାୟ, ଅସତ୍ୟ ମିଥ୍ୟାଚାର ଯେପରି ରହିଛି, ସେହିପରି ରହିବ । ଯେଉଁମାନେ ସାଧନା କରିବେ, ସେମାନେ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରିବେ । କିନ୍ତୁ ସଂସାର ଯେଉଁ ଦୁଃଖ, କଷ୍ଟରେ ଥିଲା ସେହିପରି ଦୁଃଖ, କଷ୍ଟ ମଧ୍ୟରେ ରହିବ । ଅନ୍ୟ ବ୍ୟକ୍ତିର ଏଥିରେ ଲାଭ କ'ଣ ? ପରନ୍ତୁ ଏ ଯୋଗର ଉଦ୍ଦେଶ୍ୟ ପୃଥିବୀରେ ଯେପରି ପଶୁ ପରେ ମନୁଷ୍ୟ ଜାତି ପ୍ରତିଷ୍ଠା ହୋଇଛନ୍ତି ସେହିପରି ମନୁଷ୍ୟ ଜାତି ଥାଇ ଦିବ୍ୟମାନବ ଜାତି ପ୍ରତିଷ୍ଠା ହେବେ ଯେଉଁମାନଙ୍କର ଧର୍ମ ହେବ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ କଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତି । ଆମେ ଯେପରି ମନ ଚେତନା ଦ୍ୱାରା ପରିଚାଳିତ ହେଉଛେ ସେମାନେ ମନଚେତନା ଦ୍ୱାରା ପରିଚାଳିତ ନ ହୋଇ ଅତିମାନସ ବିଜ୍ଞାନ ଚେତନା ଦ୍ୱାରା ପରିଚାଳିତ ହେବେ । ସେମାନଙ୍କର ଦୁଃଖ, କଷ୍ଟ, ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ସମ୍ପୂର୍ଣ୍ଣ ରୂପେ ଦୂର ହେବ । ଏ ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଯେପରି ପଶୁ ଆଉ ମନୁଷ୍ୟ ଜାତି ପ୍ରତିଷ୍ଠା ହୋଇଛନ୍ତି, ସେହିପରି ମନୁଷ୍ୟ ଜାତି ଥାଇ ଦିବ୍ୟମାନବ ଜାତି ଏ ପୃଥିବୀରେ ପ୍ରତିଷ୍ଠା ହେବ । କିନ୍ତୁ ମନୁଷ୍ୟ ଜାତି ଯିଏ ରହିବେ ସେମାନଙ୍କ ମଧ୍ୟରେ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଆଦି ରହିବ ନାହିଁ, ସେମାନେ ବହୁତ ଉତ୍କୃଷ୍ଟ ଅବସ୍ଥାରେ ବାସ କରିବେ । ଏପରିକି ପଶୁ, ବୃକ୍ଷ, ଲତା ବି ପରିବର୍ତ୍ତନ ହେବେ । ସଂସାରରେ ଯଦି ଏପରି ନୂତନ ଚେତନା ପ୍ରତିଷ୍ଠା ହେବ ସମସ୍ତ କାର୍ଯ୍ୟକ୍ରମ ପୁରାତନ ଅପେକ୍ଷା ପୃଥକ୍ ହେବା ସ୍ୱାଭାବିକ । କିନ୍ତୁ ଏହାର ଉଦ୍ଦେଶ୍ୟ କ'ଣ ? ସାମୂହିକ ହେବାର ଉଦ୍ଦେଶ୍ୟ କ'ଣ ? କିନ୍ତୁ ଏଇଟା ମନେ ରଖିବାକୁ ହେବ ଯେ ପୁରାତନ ସମସ୍ତ ଯୋଗର ଉଦ୍ଦେଶ୍ୟ ଥିଲା ବ୍ୟକ୍ତିଗତ ସାଧନା, ବ୍ୟକ୍ତିଗତ ମୁକ୍ତି, ବ୍ୟକ୍ତିଗତ ଭଗବତ୍ ପ୍ରାପ୍ତି । ଏ ଯୋଗର ଉଦ୍ଦେଶ୍ୟ ହେଉଛି, ପୃଥିବୀରେ ନୂତନ ଚେତନା ପ୍ରତିଷ୍ଠା କରିବା । ନୂତନ ଚେତନା ପ୍ରତିଷ୍ଠା କରିବାର ଅର୍ଥ, ଜଣେ ବ୍ୟକ୍ତି ସେ ଚେତନାକୁ ଗ୍ରହଣ କରିବ ନାହିଁ, ଯଦି ଜାତି ପ୍ରତିଷ୍ଠା କରିବାକୁ ହେବ, ତେବେ ସାମୂହିକ ସାଧନା ହେବା ଆବଶ୍ୟକ । ତା'ଛଡ଼ା ଏ ମନୁଷ୍ୟର ମନ, ପ୍ରାଣ, ଶରୀରର ରୂପାନ୍ତର ହେବ । ମନ-ପ୍ରାଣ-

* ଉକ୍ତ ବିଷୟଟି ଶ୍ରୀଅରବିନ୍ଦ ଆଶ୍ରମ ସାଧକ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କର ଅପ୍ରେଲ ୪, ୧୯୮୩ରେ କଟକ ମାତୃଭବନଠାରେ ପ୍ରଦତ୍ତ ଏକ ଭାଷଣ ।

ଶରୀର ରୂପାନ୍ତର ଅର୍ଥ ବିଶ୍ୱତତ୍ତ୍ୱ ରୂପାନ୍ତର ହେବ, ବିଶ୍ୱତତ୍ତ୍ୱ ରୂପାନ୍ତର ହେଲେ ସାମୂହିକ ସାଧନା ଆବଶ୍ୟକ । ଯେତେ ଅଧିକ ବ୍ୟକ୍ତି ଏ ସତ୍ୟକୁ ଗ୍ରହଣ କରିବେ, ସେହି ଅନୁପାତରେ ବିଶ୍ୱଶକ୍ତି ରୂପାନ୍ତର ହେବ । କାହିଁକି ? ଏ ମନ, ପ୍ରାଣ, ଶରୀରର ତତ୍ତ୍ୱ ବିଶ୍ୱ ତତ୍ତ୍ୱ ସାଙ୍ଗରେ ସଂଯୁକ୍ତ, ଯେପରି ନଦୀ ଜଳ ପୁଷ୍କରିଣୀ ଜଳ ସହିତ ସଂଯୁକ୍ତ ହୋଇଥାଏ । ପୁଷ୍କରିଣୀ ଜଳ ଶୁଖିବାକୁ ହେଲେ ନଦୀ ଜଳ ଶୁଖିବା ଦରକାର । ସେହିପରି ଆମର ମନ, ପ୍ରାଣ, ଶରୀର ବିଶ୍ୱ ମନ, ପ୍ରାଣ, ଶରୀର ତତ୍ତ୍ୱ ସଙ୍ଗେ ଏକତ୍ର । ସେ ସକାଶେ ଏ ଯୋଗର ଉଦ୍ଦେଶ୍ୟ ହେଉଛି ସାମୂହିକ ସାଧନା । ତା'ଛଡ଼ା, ଯେତେ ଅଧିକ ବ୍ୟକ୍ତି ଏ ସତ୍ୟକୁ ଗ୍ରହଣ କରିବେ ସେହି ପରିମାଣରେ ଯେଉଁମାନେ ସାଧନାରେ ଅଗ୍ରସର ହେଉଛନ୍ତି ସେମାନଙ୍କୁ ସାହାଯ୍ୟ ମିଳିବ । ଯେଉଁମାନେ ସାଧନାରେ ଅଗ୍ରସର ହେଉଛନ୍ତି ସେମାନଙ୍କ ଦ୍ୱାରା ଯେଉଁମାନେ ସାଧନା ଆରମ୍ଭ କରୁଛନ୍ତି ଓ ଯେଉଁମାନେ ଆରମ୍ଭ ନ କରି ସାଧାରଣ ଅବସ୍ଥାରେ ଅଛନ୍ତି, ବାତାବରଣ ପରିବର୍ତ୍ତନ ହେଲେ ବାତାବରଣର ପ୍ରଭାବ ସମସ୍ତ ବ୍ୟକ୍ତି ଉପରେ ପଡ଼ିବ । ଏ ଯୋଗ ପରସ୍ପର ସାଧନାର ସହାୟକ ଓ ପରସ୍ପର ଉପରେ ନିର୍ଭରଶୀଳ ।

ସାଧାରଣ ଅବସ୍ଥାର ବ୍ୟକ୍ତି ସାଧନା କଲେ ଉଚ୍ଚକୋଟୀର ସାଧକକୁ ସାହାଯ୍ୟ ମିଳିବ ଓ ଉଚ୍ଚକୋଟୀର ସାଧକ ସାଧନା କଲେ ସାଧାରଣ ବ୍ୟକ୍ତିକୁ ସାହାଯ୍ୟ ମିଳିବ । ଏ ସକାଶେ ଏ ଯୋଗ ହେଉଛି ସାମୂହିକ, ସାମୂହିକ ହେବାରୁ ଯେତେ ଅଧିକ ବ୍ୟକ୍ତି ଏ ସତ୍ୟକୁ ଗ୍ରହଣ କରିବେ, ଯେଉଁ ଅତିମାନସ ଶକ୍ତି ମାଆ ଶ୍ରୀଅରବିନ୍ଦ ପୃଥିବୀ ଉପରକୁ ଉତାରି ଆଣିଛନ୍ତି ଯେଉଁ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେବ, ସେ ଅତିମାନସ ଶକ୍ତି ଏ ପୃଥିବୀରେ ପ୍ରତିଷ୍ଠା ହେବ । ଯେତେ ଅଧିକ ବ୍ୟକ୍ତି ସେହି ସତ୍ୟ ପ୍ରତି ଉନ୍ମୁକ୍ତ ରହିବେ ସେ ସତ୍ୟ ପ୍ରତ୍ୟେକ ବ୍ୟକ୍ତି ଉପରେ ତା'ର ରୂପାନ୍ତର କାର୍ଯ୍ୟ କରିବ । ଏ କାର୍ଯ୍ୟ ଯେତେ ଅଗ୍ରସର ହେଉଥିବ ସେ ଅନୁପାତରେ ସଂସାରରେ ଯେଉଁ ମିଥ୍ୟାଚାର ହିଂସା, ଦ୍ୱେଷ, ଈର୍ଷା, ବିରୋଧ ବର୍ତ୍ତମାନ ପ୍ରବଳ ଭାବରେ ବଢ଼ିଛି ତାହା କମ୍ ହେବାକୁ ଲାଗିବ । ଯଦ୍ୟପି ବର୍ତ୍ତମାନ ଅନ୍ୟାୟ, ଅସତ୍ୟ, ଅତ୍ୟାଚାର, ମିଥ୍ୟା କ୍ରମଶଃ ବଢ଼ିବାକୁ ଲାଗିଛି, ପାଞ୍ଚବର୍ଷ ପୂର୍ବେ ଯେତେ ଅନ୍ୟାୟ ଥିଲା ବର୍ତ୍ତମାନ ତା' ଅପେକ୍ଷା ଅଧିକ । ବହୁତ ଲୋକ ପ୍ରଶ୍ନ କରନ୍ତି ଯଦି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଅଜ୍ଞାନ ଦୁଃଖକଷ୍ଟରୁ ରୂପାନ୍ତର ହେବ ତେବେ ଅତିମାନସ ଶକ୍ତି ୧୯୫୬ରୁ ଅବତରଣ କଲାଣି । ଆଉ ୧୯୫୬ରୁ ଯଦି ବିଚାର କରି ଦେଖିବାକୁ ହେବ ଏ ଅନ୍ୟାୟ, ଅତ୍ୟାଚାର କ୍ରମଶଃ ବଢୁଛି, ତେବେ ଏ କିପରି ହେଲା ? ଅତିମାନସ ଶକ୍ତି ପଦାର୍ପଣ କରୁଛି ପୃଥିବୀ ବାତାବରଣରେ, କିନ୍ତୁ ତା'ର ଆଧାର ହେଲେ ମନୁଷ୍ୟ । ମନୁଷ୍ୟ ଜାତି ଯେତେ ଅଧିକ ପରିମାଣରେ ତାକୁ ଗ୍ରହଣ କରିବେ, ସେ ଅନୁସାରେ ତା'ର ରୂପାନ୍ତର କ୍ରିୟା ହେବ । ପୃଥିବୀରେ ତା'ର ପ୍ରତିଷ୍ଠା ହେବ । ବର୍ତ୍ତମାନ ଅତିମାନସ ଶକ୍ତି ଆସିଛି । ମନୁଷ୍ୟ ଜାତି ତାକୁ ଯେତେ ଗ୍ରହଣ କରିବାର କଥା କରି ପାରି ନି । ସେ ସକାଶେ ଅନ୍ଧକାର ଶକ୍ତି ତା'ର କାର୍ଯ୍ୟକୁ ବ୍ୟର୍ଥ କରିବା ସକାଶେ, ତାକୁ ଯୁଦ୍ଧ କରି ପରାସ୍ତ କରିବା ସକାଶେ ଚେଷ୍ଟା କରୁଛି । କାହିଁକି ନା ଆଜି ପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ଶାସନ ଚାଲି ଆସିଛି । ଅନ୍ଧକାର ଶକ୍ତିକୁ ପରିବର୍ତ୍ତନ କରି ରୂପାନ୍ତରିତ କରିବାକୁ ଅତିମାନସ ଶକ୍ତି ଆସିଛି । ତା'ର ଯେ ପର୍ଯ୍ୟନ୍ତ ଶକ୍ତି ଅଛି ସେ ଯୁଦ୍ଧ କରିବ । ବର୍ତ୍ତମାନ ଯୁଦ୍ଧ ଚାଲିଛି, ଅନ୍ଧକାର ଶକ୍ତିର ଅତିମାନସ ଶକ୍ତି ସହିତ । ତା'ର ଯନ୍ତ୍ର ହେଉଛନ୍ତି ମନୁଷ୍ୟ । ଦୁଇଟି ଶକ୍ତିର ଯନ୍ତ୍ର ହେଉଛନ୍ତି ମନୁଷ୍ୟ । ପ୍ରତ୍ୟେକ ବ୍ୟକ୍ତି ଭିତରେ ଏ ଦୁଇଟି ଶକ୍ତି କାର୍ଯ୍ୟ କରୁଛନ୍ତି । ଭାଗବତ ଶକ୍ତି ଆଉ ଅତିମାନସ ଶକ୍ତି । ସାଧନା କରିବାର ଅର୍ଥ, ଯେଉଁମାନେ ସଚେତ ହୋଇ ଏହି ଅତିମାନସ ଶକ୍ତିକୁ ଗ୍ରହଣ କରିବେ ଅନ୍ଧକାର ଶକ୍ତି, ଆମ ଭିତରେ ଯେ ଅଛି, ତା'ର ଯେଉଁ କ୍ରିୟା, ତାକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ତେବେ ଅତିମାନସ ଶକ୍ତି ଆମ ଭିତରେ ଅଧିକରୁ ଅଧିକ କାର୍ଯ୍ୟ କରିପାରିବ । ଏହି ସକାଶେ ଏ ଶକ୍ତି ପୃଥିବୀ ଉପରେ ଆସିଛି ଓ ତା'ର କ୍ରିୟା ହେଉଛି ଏହି ପ୍ରଣାଳୀରେ । ଏହି ସକାଶେ ସାମୂହିକ ସାଧନା ଆବଶ୍ୟକ । ବହୁତ ବ୍ୟକ୍ତି ଏ ବିଷୟରେ ସଚେତନ ହେବା ଆବଶ୍ୟକ । ସଚେତ ହେବା ସକାଶେ ତିନୋଟି ପ୍ରଣାଳୀ – ପାଠଚକ୍ର, ସାଧନାଳୟ ଆଉ ଶିକ୍ଷା । ଶିକ୍ଷା ଦ୍ୱାରା ଅଧିକ ବ୍ୟକ୍ତି ଏ ସତ୍ୟ ସମ୍ବନ୍ଧେ ସଚେତ ହେବେ । ତାକୁ ଜାଣିବେ, ତାହା ଗ୍ରହଣ କରିବେ । ଏ ସକାଶେ ସାମୂହିକ କାର୍ଯ୍ୟର ଆବଶ୍ୟକ । ବର୍ତ୍ତମାନ ଯେମିତି ସେମିନାର ହେଉଛି । ତା'ଛଡ଼ା ଯେତେ ଅଧିକ ବ୍ୟକ୍ତି ଏକତ୍ରିତ ହୋଇ ଏ ସତ୍ୟ ପ୍ରତି ଉନ୍ମୁକ୍ତ

ରହିବେ, ତାହାକୁ ବିଶେଷ ରୂପେ ଗ୍ରହଣ କରିବାକୁ ସୁବିଧା ହେବ । କାହିଁକି ନା, ଯେପରି ବରାବର ଆମେ ଦେଖୁଥାଇ ଗୋଟିଏ ବ୍ୟକ୍ତି ଯଦି କୌଣସି କାର୍ଯ୍ୟ କରୁଛି, ତାକୁ ବହୁତ ଲୋକ ସମ୍ମାନ କରନ୍ତିନି, ଆଉ ଗ୍ରହଣ କରନ୍ତିନି; କିନ୍ତୁ ଅଧିକ ବ୍ୟକ୍ତି ଯେଉଁ ସିଦ୍ଧାନ୍ତକୁ ଗ୍ରହଣ କରନ୍ତି ତା'ର ବେଶୀ ପ୍ରଭାବ ହୋଇଥାଏ, ସେହିପରି ଅତିମାନସ ଶକ୍ତିକୁ ଯେତେ ଅଧିକ ବ୍ୟକ୍ତି ଗ୍ରହଣ କରିବେ, ଅନ୍ଧକାର ଶକ୍ତି ସେତେ କମ୍ ହେବାକୁ ଲାଗିବ, ସେହି ଅନୁପାତରେ ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଦୂର ହେବ ।

❖

ସୂଚୀପତ୍ର

ବିଷୟ **ପୃଷ୍ଠା**

୧. ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ୧

ଲକ୍ଷ୍ୟ; ଭଗବାନଙ୍କ ଅସ୍ତିତ୍ୱ; ବିଫଳତାର କାରଣ; ସମାଧାନ; ଗୁରୁନିଷ୍ଠା; କର୍ମ ଓ ଶିକ୍ଷାର ଭିତ୍ତି : ଯୋଗ; ଯୁଗ-ଧର୍ମ ଓ ସ୍ୱଧର୍ମ; ଆତ୍ମା ଜାଗ୍ରତ ହେବାର ଲକ୍ଷଣ; ପ୍ରତ୍ୟେକ ବ୍ୟକ୍ତିର ଅବସ୍ଥା; ସଂସାରର ଉନ୍ନତିରେ ନାରୀମାନଙ୍କର କର୍ତ୍ତବ୍ୟ; ମଦାଳସା; ନାରୀମାନଙ୍କର ବର୍ତ୍ତମାନ ଅବସ୍ଥା; ଧ୍ୟାନ; ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା; ସରଳ ମାର୍ଗ; ଶ୍ରୀଅରବିନ୍ଦ କେନ୍ଦ୍ର; ସୁବର୍ଣ୍ଣ ସୁଯୋଗ; କେନ୍ଦ୍ର ସ୍ଥାପନା; କେନ୍ଦ୍ରର ସାଧାରଣ ନିୟମ ।

୨. ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା (ପ୍ରଥମ)... ... ... ୩୩

ଭଗବାନଙ୍କ ଅସ୍ତିତ୍ୱ; ଲକ୍ଷ୍ୟ; ସାଧନାର ପ୍ରଣାଳୀ; ତ୍ରିବିଧ ରୂପାନ୍ତର ।

୩. ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା (ଦ୍ୱିତୀୟ) ୮୧

ଅଯୋଧ୍ୟା ଯାତ୍ରା; ଆଧ୍ୟାତ୍ମିକତାର ଉପଯୋଗିତା; ନୈତିକତା ଓ ଆଧ୍ୟାତ୍ମିକତା; ଶ୍ରୀ ଅଯୋଧ୍ୟା ଧାମ (ଆଶ୍ରମ ଓ ବର୍ଣ୍ଣଧର୍ମ); ଶ୍ରୀଅରବିନ୍ଦଙ୍କ ଯୋଗ ଓ ବିଭିନ୍ନ ସମ୍ପ୍ରଦାୟ; ତ୍ରିବିଧ କର୍ମ ।

୪. ମା'ଙ୍କ ଆଶୀର୍ବାଦ ୧୨୩

ବିଶ୍ୱାସ; ପ୍ରାର୍ଥନା; ଧ୍ୟାନ; ଉନ୍ମୀଳନ; ବ୍ୟକ୍ତିଗତ ଦୋଷତ୍ରୁଟି ଓ ଭଗବତ୍ କୃପା; ଭାବ ।

୫. ସମର୍ପଣ ଓ ବାଧାବିଘ୍ନ ୧୪୫

ସମର୍ପଣ; ସମର୍ପଣ : ସହଜ ପ୍ରକ୍ରିୟା; ବାଧାବିଘ୍ନ; ଚୈତ୍ୟସତ୍ତା, ମନ, ପ୍ରାଣ ଓ ଶରୀରର କ୍ରିୟା; ଚାରିପ୍ରକାର ଭକ୍ତ; ସମର୍ପଣ ଆରମ୍ଭରୁ ଭଗବାନଙ୍କ ରକ୍ଷା; ବିରୋଧୀ ଶକ୍ତିର ଛଦ୍ମ ଆକ୍ରମଣ ଓ ଭଗବତ୍ କୃପା; ବିରୋଧୀ ଶକ୍ତିର କପଟ ପରାମର୍ଶ; ବିରୋଧୀ ଆକ୍ରମଣକୁ ବ୍ୟର୍ଥ କରିବାର ଉପାୟ; ବାଧାବିପତ୍ତି ଦ୍ୱାରା ସାଧନାରେ ଉନ୍ନତି; ନାରଦଙ୍କ ମୋହ; ଭକ୍ତାଧୀନ ଭଗବାନ ।

୬. ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର ୧୭୧

ଅତିମାନସ ଶକ୍ତିର କାର୍ଯ୍ୟ; ସତ୍ୟ-ପ୍ରଚାରର ଆବଶ୍ୟକତା; ଶ୍ରୀଅରବିନ୍ଦ କେନ୍ଦ୍ର ସ୍ଥାପନ ।

୭. ଶ୍ରୀଅରବିନ୍ଦ ପାଠଚକ୍ର : ଅତିମାନସ ଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ ... ୧୮୧

ଆଶ୍ରମର ଉଦ୍ଦେଶ୍ୟ; ଆଶ୍ରମରେ ସାଧିତ କର୍ମର ଦୁଇଟି ରୂପ; ଆଶ୍ରମର ଶିକ୍ଷା-ପଦ୍ଧତି; ବାଳକ-ବାଳିକାମାନଙ୍କର ଶିକ୍ଷା; ପାଠଚକ୍ର ତଥା ଶ୍ରୀଅରବିନ୍ଦଙ୍କ ଆଦର୍ଶାନୁଗାମୀ ବିଭିନ୍ନ କେନ୍ଦ୍ରର କର୍ମ; ପାଠଚକ୍ରର ନିୟମାବଳୀ ।

୮. ଦିବ୍ୟ-ଯୁଗ ସ୍ଥାପନାରେ ନାରୀ ୧୯୩

ପ୍ରଥମ ଭାଗ : ନାରୀମାନଙ୍କ ତପଃଶକ୍ତିରେ ସଂସାରର ଉନ୍ନତି; ଅତୀତର ନାରୀ; ନାରୀମାନଙ୍କ ତପଃଶକ୍ତିର କ୍ଷୀଣତା; ତପଃ ହ୍ରାସ ହେବାର କାରଣ; ନାରୀମାନେ କ'ଣ ପୂର୍ବାବସ୍ଥାକୁ ଫେରିବେ ? ପାତିବ୍ରତ୍ୟ ଧର୍ମର ଆଦର୍ଶ : ସୀତା; ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ; ଭାରତର ଧର୍ମ-ଭିତ୍ତି : ନାରୀ; ନାରୀମାନଙ୍କୁ କ'ଣ କରିବାକୁ ହେବ ?

ଦ୍ୱିତୀୟ ଭାଗ : ବାଳିକାମାନଙ୍କ ଜୀବନର ପୂର୍ଣ୍ଣତା ଲାଭର ଉପାୟ : ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ; ବାଳିକାମାନଙ୍କ ସ୍ୱଭାବ; ସମୟୋପଯୋଗୀ କର୍ତ୍ତବ୍ୟ; ବ୍ୟାୟାମର ଆବଶ୍ୟକତା; ବାଳିକା ମାନଙ୍କର ବ୍ୟାୟାମର ନିୟମାବଳୀ; ଭୌତିକ ତଥା ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା; ପ୍ରଶ୍ନୋତ୍ତର; ବାଳିକାମାନଙ୍କର ଦୈନିକ କର୍ମ; ଧ୍ୟାନ ଓ ସମର୍ପଣ; ଧ୍ୟାନର ବିଧି; ବ୍ରହ୍ମଚର୍ଯ୍ୟ; ଆବଶ୍ୟକ ନିୟମ ।

୯. ସିଦ୍ଧାନ୍ତ-ସମନ୍ୱୟ ୨୨୫

ମନୁଷ୍ୟ ଜୀବନର ବିକାଶରେ ସହାୟକ ଅଧ୍ୟାତ୍ମ-ଦର୍ଶନ; କ୍ରମ-ବିବର୍ତ୍ତନ; ମନୁଷ୍ୟର ବିକାଶରେ ସାହାଯ୍ୟ; ବୁଦ୍ଧଦେବ; ଆଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତ ମନୁଷ୍ୟର ଶେଷ ଲକ୍ଷ୍ୟ ନୁହେଁ; ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ; ଦୈତ ସିଦ୍ଧାନ୍ତର ସାଧନା ପଦ୍ଧତି; ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ସିଦ୍ଧାନ୍ତ; ପୁରାତନ ଯୋଗର ସନ୍ନ୍ୟାସ; ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର; ପରିଶିଷ୍ଟ : ତିନୋଟି ସିଦ୍ଧାନ୍ତ; ବୌଦ୍ଧ ଓ ଶଙ୍କରଙ୍କର ସିଦ୍ଧାନ୍ତ; ବେଦାନ୍ତ ଦର୍ଶନର ସିଦ୍ଧାନ୍ତ; ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ; ରୂପାନ୍ତର-ଯୋଗ; ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ ।

୧୦. ଗାର୍ହସ୍ଥ୍ୟ ଧର୍ମ ଓ ଶ୍ରୀଅରବିନ୍ଦଙ୍କ ଯୋଗ ୨୫୧

ପ୍ରଥମ ଭାଗ : ଗାର୍ହସ୍ଥ୍ୟ ଧର୍ମର ମହତ୍ତ୍ୱ; ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ଗାର୍ହସ୍ଥ୍ୟ ଧର୍ମ; କୃଷକ; ଦୁଃଖ ବା ସୁଖ ସାମୟିକ; ସମର୍ପଣର ସରଳ ଉପାୟ; ଏକତ୍ୱ ନଷ୍ଟ ହେବାର କାରଣ; ସଦ୍‌ଗୃହିଣୀ ।

ଦ୍ୱିତୀୟ ଭାଗ : ବ୍ୟବସାୟ; ଧନରୁ ପାପ; ଧନରେ ଧର୍ମ; ସରଳ ପ୍ରଣାଳୀ; ନେତା; ଅଫିସର୍ ଓ ସାଧାରଣ କର୍ମଚାରୀ; ଅଳ୍ପ ଖର୍ଚ୍ଚରେ ସୁଖଶାନ୍ତିରେ ରହିବାର ଉପାୟ; ଭକ୍ତ ରାମାଜି ।

ତୃତୀୟ ଭାଗ : ପାତିବ୍ରତ୍ୟ; ପତିବ୍ରତା ନାରୀ; ସତୀ ଅନସୂୟା; ପାତିବ୍ରତ୍ୟ ଧର୍ମ ପାଳନର ପ୍ରଣାଳୀ; ବାଳିକାମାନଙ୍କର ଦୈନିକ କାର୍ଯ୍ୟ; ପତିବ୍ରତା ଭଗବତ୍ ଭକ୍ତିପରାୟଣା ହରଦେବୀ; ଯୋଗରେହିଁ ଜୀବନର ପୂର୍ଣ୍ଣତା ।

୧୧. ପୂର୍ଣ୍ଣାଙ୍ଗ ଜୀବନର ପଥ ୨୮୧

ପରମାନନ୍ଦ ପ୍ରାପ୍ତିରେହିଁ ବ୍ୟଷ୍ଟି ତଥା ସମଷ୍ଟିର ହିତ; ଶରୀରର ଗୁଣଧର୍ମ; ପ୍ରାଣର ଗୁଣଧର୍ମ; ମନର ଗୁଣଧର୍ମ; ଆତ୍ମାର ଗୁଣଧର୍ମ; ଲକ୍ଷ୍ୟପ୍ରାପ୍ତି ବିନା ପ୍ରତ୍ୟେକ ବ୍ୟକ୍ତି ଅଶାନ୍ତ - ଦେଶ ଦୁଃଖଦ୍ୱନ୍ଦ୍ୱରେ ଭାରାକ୍ରାନ୍ତ; ବ୍ୟକ୍ତିଗତ ଜୀବନରେ ଉନ୍ନତି; ଜୀବନର

ଉନ୍ନତିରେ ତ୍ରିବିଧ କର୍ମ; ଉତ୍ତମ କର୍ମର ଭିତ୍ତି : ଲକ୍ଷ୍ୟ-ଜ୍ଞାନ; ଶାରୀରିକ କର୍ମ; ଉନ୍ନତ ଜୀବନର ଆଧାର : ବ୍ରହ୍ମଚର୍ଯ୍ୟ; ଅଶୁଦ୍ଧ ଏବଂ ଶୁଦ୍ଧ-ସଂଯତ ପ୍ରାଣର କର୍ମ; ସାଧାରଣ ଉନ୍ନତ ପ୍ରକାଶମାନ ମନ-ବୁଦ୍ଧିର କର୍ମ; ଆତ୍ମାର କର୍ମ; ତ୍ରିବିଧ କର୍ମ; ନୈତିକ କର୍ମ; ଭଗବତ୍ ସମର୍ପିତ ବା ନିଷ୍କାମ କର୍ମ; ଭାଗବତ କର୍ମ; ଆତ୍ମସ୍ଥ ନିର୍ଲିପ୍ତ କର୍ମ ।

୧୨. ଯୋଗ ଓ ଜୀବନ ୩୦୯

ପ୍ରଥମ ଭାଗ : ଯୋଗରେହିଁ ଜୀବନର ସାର୍ଥକତା; ମହାଭାରତ ଚରିତ୍ର; ରାମାୟଣ ଚରିତ୍ର; ଅଳ୍ପ ବର୍ଷ ପୂର୍ବର ଗୋଟିଏ ଘଟଣା; ଶ୍ରୀଅରବିନ୍ଦଙ୍କ ଯୋଗର ସହଜ ପ୍ରଣାଳୀ; ସମର୍ପଣର ସହଜ ଉପାୟ ।

ଦ୍ୱିତୀୟ ଭାଗ : ସତ୍‌ସଙ୍ଗ : ଜୀବନ-ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ; ବାଲ୍ମୀକି ଚରିତ; ନାରଦଙ୍କ ଉପାଖ୍ୟାନ; ନାରଦଙ୍କ ପୂର୍ବଜନ୍ମର ବୃତ୍ତାନ୍ତ; ଅଗସ୍ତ୍ୟ; ବ୍ୟକ୍ତିର ଉନ୍ନତି ଓ ଅବନତିର କାରଣ ସଙ୍ଗ; ସତ୍‌ସଙ୍ଗର ସ୍ୱରୂପ; ସମୟୋପଯୋଗୀ ସତ୍‌ସଙ୍ଗ; ଭାରତକୁ ଶ୍ରୀଅରବିନ୍ଦଙ୍କ ଦାନ; ବର୍ତ୍ତମାନ ଯୁଗରେ ଅଧ୍ୟାତ୍ମ-ସତ୍ୟ ପ୍ରାପ୍ତିର ସହଜ ଉପାୟ; ପାଠଚକ୍ରର ଉପଯୋଗିତା; ପାଠଚକ୍ରରେ ପଢ଼ାହେବା ପୁସ୍ତକସୂଚୀ ।

୧୩. ଯୋଗ ଓ ଜୀବନ (ପ୍ରଶ୍ନୋତ୍ତର – ପ୍ରଥମ ଭାଗ) ୩୪୫

ଜୀବନ-ସମସ୍ୟାର ସମାଧାନ; ଲକ୍ଷ୍ୟ; କାମନା-ବାସନାକୁ ଜୟ କରିବାର ଉପାୟ ।

୧୪. ଯୋଗ ଓ ଜୀବନ (ପ୍ରଶ୍ନୋତ୍ତର – ଦ୍ୱିତୀୟ ଭାଗ) ୩୮୩

କର୍ମ ଓ ସମର୍ପଣ : (୧) ସମର୍ପଣର ଆବଶ୍ୟକତା; (୨) ଗାର୍ହସ୍ଥ୍ୟାଶ୍ରମରେ ସମର୍ପଣର ପ୍ରଣାଳୀ; (୩) କ୍ରିୟାତ୍ମକ ସମର୍ପଣ; (୪) ନିଷ୍କାମ କର୍ମ; (୫) ଆତ୍ମହତ୍ୟା ଓ ଦୁଷ୍କର୍ମର ପରିଣାମ; (୬) ମା'ଙ୍କ ଆଶୀର୍ବାଦ; (୭) ଅତିମାନସ ଶକ୍ତିର ଅବତରଣ; (୮) ଯୋଗୀ ଓ ସଂସାରୀ ।

୧୫. ଯୋଗ ଓ ଜୀବନ (ପ୍ରଶ୍ନୋତ୍ତର – ତୃତୀୟ ଭାଗ) ୪୧୯

ଯୋଗର ବିଭିନ୍ନ ମାର୍ଗ : (୧) ଭକ୍ତି; (୨) ଗୁରୁନିଷ୍ଠା; (୩) ନାମଜପ; (୪) ଧ୍ୟାନ; ଧ୍ୟାନର ପ୍ରଣାଳୀ; ଅଧ୍ୟାତ୍ମ ବାତାବରଣ ସୃଷ୍ଟି; ଅନ୍ତରାତ୍ମାର ଆହ୍ୱାନର ଲକ୍ଷଣ; ପ୍ରତ୍ୟେକ ଧ୍ୟାନ-କେନ୍ଦ୍ରର ଭିନ୍ନ ଭିନ୍ନ ଫଳ; (୫) ବିବିଧ ପ୍ରଶ୍ନୋତ୍ତର : ଭ୍ରଷ୍ଟାଚାରୀ ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ; ଜନ୍ମ-ମୃତ୍ୟୁ ଆଦି ଅଶୁଦ୍ଧିରେ ମା'ଙ୍କ ଫଟୋପୂଜା ।

୧୬. ତ୍ରିବିଧ କର୍ମ ୪୫୭

କର୍ମରେ ଭ୍ରମ ଧାରଣା; କର୍ମର କୌଶଳ; ଜ୍ଞାନ-କର୍ମ; କର୍ମରେ ପ୍ରବଞ୍ଚନା; ଭଗବତ୍ ଅର୍ପଣରୂପେ ନିଷ୍କାମ କର୍ମ; ତ୍ରିବିଧ କର୍ମର ସ୍ୱରୂପ ।

୧୭. ଅତିମାନସ ଓ ଦିବ୍ୟକର୍ମ ୪୬୫

(୧) ଭଗବାନଙ୍କ ଯନ୍ତ୍ର ହେବାର ଉପାୟ; ନୂତନ ଯୁଗ କର୍ମ-ପ୍ରଣାଳୀର ଆଦର୍ଶ : ଆଶ୍ରମ; କର୍ମ ଦ୍ୱାରା ଲକ୍ଷ୍ୟପ୍ରାପ୍ତି ସହଜ କାହିଁକି ? (୨) ଭଗବାନଙ୍କ ଯନ୍ତ୍ର ହେବାର ଉପାୟ : କର୍ମ-କର୍ମର ପ୍ରଣାଳୀ; କର୍ମରେ ଅହଂ-ସ୍ୱାର୍ଥର ଲକ୍ଷଣ; ଦୁଇ ସପତ୍ନୀ (୩) ଅହଂ-ସ୍ୱାର୍ଥରୁ ମୁକ୍ତ କର୍ମ-ପ୍ରଣାଳୀ; ବିବାଦ ତ୍ୟାଗ; ଭାଗବତ ପ୍ରେମରେ

ସଂସ୍କାର ସଂଗଠନ; ପୁରାତନ ଯୋଗରୁ ଅତିମାନସ ଯୋଗ ଭିନ୍ନ; କର୍ମର ପ୍ରଣାଳୀ; ସାଧାରଣ ସକାମ କର୍ମ; ଭଗବତ୍ ସମର୍ପିତ ନିଷ୍କାମ କର୍ମ; ଭାଗବତ ଯାନ୍ତ୍ରିକ କର୍ମ (ନିଷ୍କାମକର୍ମ); ଶୁଦ୍ଧ ଭାଗବତ କର୍ମ; କର୍ମ ତିନି ଭାଗରେ ବିଭକ୍ତ; ଲକ୍ଷ୍ୟ; ମା'ଙ୍କ ଆଦର୍ଶ-ପ୍ରସାରର ଭିନ୍ନ ଭିନ୍ନ ବିଭାଗ ।

୧୮. ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ ୪୯୯

ପ୍ରଥମ ଭାଗ : ଉତ୍ତଳର ଧର୍ମ ପୁରୁଷୋତ୍ତମ ତତ୍ତ୍ୱ; ପୁରୁଷୋତ୍ତମ ତତ୍ତ୍ୱର ସ୍ୱରୂପ; ପୁରୁଷୋତ୍ତମ ଧର୍ମରେ ବ୍ୟାପକତା; ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ପରମବ୍ରହ୍ମଙ୍କ ବିଗ୍ରହ ।

ଦ୍ୱିତୀୟ ଭାଗ : ଶ୍ରୀଅରବିନ୍ଦଙ୍କ ଯୋଗ : ପ୍ରଶ୍ନୋତ୍ତର ।

ତୃତୀୟ ଭାଗ : ପୃଥିବୀକୁ ଶ୍ରୀମା'ଙ୍କ ଅବଦାନ ।

୧୯. ଦେବମୁହୂର୍ତ୍ତ ୫୨୫

ଲକ୍ଷ୍ୟ; ପାଠଚକ୍ର ଓ ମହିଳା ପାଠଚକ୍ର; ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ; ପାଠଚକ୍ର; ମହିଳା ପାଠଚକ୍ର ।

୨୦. ରୂପାନ୍ତର ଯୋଗରେ ନାମଜପ ୫୪୫

(୧) ନାମଜପର ଉପଯୋଗିତା; କର୍ମରେ ନାମଜପ; ନାମଜପ ସମ୍ବନ୍ଧେ ଶ୍ରୀମା'ଙ୍କ ବାଣୀ; ସାଧାରଣ ଜୀବନରେ ନାମଜପ; ଜପରେହିଁ ବାଧାବିପତ୍ତି ଦୂର ହୁଏ; ଏକ ମନ୍ତ୍ର; ନାମସାଧନା ସମ୍ପର୍କରେ ଶ୍ରୀଅରବିନ୍ଦ (୨) ବାଧାବିଘ୍ନ; କ୍ରୋଧ ବା ରାଗ; କାମ; ଅହଂ ଏବଂ ସ୍ୱାର୍ଥ (୩) ସାମୂହିକ କର୍ମରେ ସାମଞ୍ଜସ୍ୟ; ଅସାମଞ୍ଜସ୍ୟର କାରଣ; ଅନ୍ତରରୁ ମା'ଙ୍କ ପ୍ରେରଣା; ରୂପାନ୍ତର କ୍ରିୟାରେ ଆକ୍ରମଣ (୪) ନାମଜପର ପ୍ରଣାଳୀ; 'ମା'– ନାମଜପର ପ୍ରଭାବ; ଧ୍ୟାନ; ତାତ୍ପର୍ଯ୍ୟ ।

୨୧. ଆତ୍ମାର ଆହ୍ୱାନ ଏବଂ ଆତ୍ମାର ଜାଗୃତି ୫୮୧

ସାଧକର କର୍ତ୍ତବ୍ୟ; ଆତ୍ମଜାଗୃତି ବା ଆତ୍ମଆହ୍ୱାନର କାରଣ; ପ୍ରାଣ ଆବେଗରେ ବୈରାଗ୍ୟ; ଦୃଢ଼ ସଙ୍କଳ୍ପ ।

୨୨. ନିଜ ଶରୀରରେ ଏକ ଅନୁଭୂତି ୫୮୯

ଭାଗବତୀ ଶକ୍ତିର କ୍ରିୟା ଗୋଟିଏ ଘଟଣା; ବାଧା ବା ଆକ୍ରମଣ ।

ବିବିଧ ନିବନ୍ଧ :

୨୩. ଲକ୍ଷ୍ୟ ସିଦ୍ଧିରେ କେନ୍ଦ୍ରୀୟ ସଂକଳ୍ପ ୫୯୯

ଦୃଢ଼ ବିଶ୍ୱାସରେ କର୍ମ ସିଦ୍ଧି; ଅଧ୍ୟାତ୍ମ ଜୀବନରେ ଲକ୍ଷ୍ୟପ୍ରାପ୍ତିର ଦୃଢ଼ନିଷ୍ଠା; ସତ୍ୟ ଓ ଅସତ୍ୟ ସଂସାର; ପରା ଓ ଅପରା ପ୍ରକୃତି; ବିଦ୍ୟା ଓ ଅବିଦ୍ୟା ମାୟା ତଥା ପରା ଓ ଅପରା ପ୍ରକୃତିଙ୍କ ଉତ୍ପତ୍ତି ।

୨୪. ପୂର୍ଣ୍ଣଯୋଗରେହିଁ ପୂର୍ଣ୍ଣ ଆତ୍ମସମର୍ପଣ ୬୦୮

ଆତ୍ମ-ସମର୍ପଣରେ ପୂର୍ଣ୍ଣତା ।

୨୫. ଭଗବତ୍ ବିଶ୍ୱାସ ଓ ନିର୍ଭରତା ୬୧୧
ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧନା ।
୨୬. ଚୈତ୍ୟପୁରୁଷର ଜାଗରଣ ୬୧୫
ଚୈତ୍ୟପୁରୁଷ-ଜାଗରଣର ହେତୁ; ରାଜା ଭର୍ତ୍ତୃହରି; ରାଜା ସୁରଥ; ମଦାଳସାର ଛୋଟପୁତ୍ର; ଚୈତ୍ୟପୁରୁଷର ସ୍ୱରୂପ; ଶ୍ରୀଅରବିନ୍ଦଙ୍କ କେତୋଟି ପତ୍ର ।
୨୭. ଅଭୀପ୍ସା ୬୨୬
ଅଭୀପ୍ସା ବିକୃତ ହେବାର କାରଣ; ଶୁଦ୍ଧ ଅଭୀପ୍ସା; ଶୁଦ୍ଧ ଅଭୀପ୍ସାରେ ବ୍ୟକ୍ତିଗତ ପ୍ରୟାସ; ଶୁଦ୍ଧ ଅଭୀପ୍ସାକୁ ଜାଗ୍ରତ୍ ରଖିବାର ଉପାୟ ।
୨୮. ନାମଜପରେ ବିପଦରୁ ରକ୍ଷା ୬୩୩
ନାମବନ୍ଦନା; ଗଜରାଜ; ଦ୍ରୌପଦୀ ।
୨୯. ସାଧନାର ପ୍ରାଣ : ସତ୍‌ସଙ୍ଗ ୬୩୭
୩୦. ଶ୍ରୀଅରବିନ୍ଦଙ୍କ ଯୋଗ ୬୪୧
୩୧. ସିଦ୍ଧାନ୍ତ-ସମୀକ୍ଷା ୬୪୬
୩୨. ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରେମ ୬୫୧
୩୩. ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଜୀବନର ପୂର୍ଣ୍ଣତା ୬୫୩
୩୪. ନୂତନ ବର୍ଷରେ ମା'ଙ୍କ ବାଣୀ ୬୫୬
୩୫. ନୂତନ ଜଗତ୍ ୬୫୮
ଜୀବନର ଲକ୍ଷ୍ୟ; ଅତିମାନସ ଜଗତରେ ପ୍ରବେଶ କରିବାର ମାର୍ଗ; ଦୁଇ ଶ୍ରେଣୀର ସାଧକ ।
୩୬. ଆଦର୍ଶ କର୍ମ-ଜୀବନ ୬୬୬
ଆଶ୍ରମର ଉଦ୍ଦେଶ୍ୟ; ଆଶ୍ରମର ଭୋଜନାଳୟ; ଆଶ୍ରମ; କର୍ମ ଯୋଗର ଅଙ୍ଗ; ଭାଗବତ କର୍ମ ।
୩୭. ଭଗବତ୍ ଯନ୍ତ୍ର ହେବାର ଉପାୟ : କର୍ମ ୬୭୭
ଆଶ୍ରମର କର୍ମ; କର୍ମ ଦ୍ୱାରା ଲକ୍ଷ୍ୟପ୍ରାପ୍ତି ସହଜ କାହିଁକି ? ବ୍ୟକ୍ତିଗତ ସିଦ୍ଧିରେ ସଂସାର ସହିତ ସମ୍ବନ୍ଧ କ'ଣ ?
୩୮. କର୍ମ ଓ ସାଧନା ୬୮୨
୩୯. ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧନା ୬୮୫
ବିଶ୍ୱାସହିଁ ଭଗବତ୍ କୃପା; ଭଗବାନଙ୍କ ପ୍ରତି ବିଶ୍ୱାସ-ନିର୍ଭରତା ଉତ୍ପନ୍ନ ହେବାର ଉପାୟ ।
୪୦. ବର୍ତ୍ତମାନ ଯୁଗରେ ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିର ସୁଲଭ ଉପାୟ ୬୮୮
ପାଠଚକ୍ରର ଉପଯୋଗିତା ।
୪୧. ଶ୍ରୀଅରବିନ୍ଦ ଯୋଗ ଓ ପୁରାତନ ଯୋଗରେ ସଂଯମ ୬୯୨
ପୁରାତନ ଯୋଗ ଓ ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ; ସାଧନାର କ୍ରମ; ଶାରୀରିକ ବ୍ୟାୟାମ; ଶ୍ରୀଅରବିନ୍ଦଙ୍କ ଯୋଗରେ ବହୁ ଶ୍ରେଣୀର ସାଧକ; ଆଶ୍ରମର ଶିଶୁ; ବିଲ୍ୱମଙ୍ଗଳ ।

୪୨. ସଂକଳ୍ପ ଓ ସାଧନା ୭୦୨

ଦୃଢ଼ ବିଶ୍ୱାସରେ କର୍ମସିଦ୍ଧି; ଅଧ୍ୟାତ୍ମ ଜୀବନରେ ଲକ୍ଷ୍ୟପ୍ରାପ୍ତିର ଦୃଢ଼ନିଷ୍ଠା; ସତ୍ୟ ଓ ଅସତ୍ୟ ସଂସାର : ପରା ଓ ଅପରା ପ୍ରକୃତି; ବିଦ୍ୟା ଓ ଅବିଦ୍ୟା ମାୟା ତଥା ପରା ଓ ଅପରା ପ୍ରକୃତିଙ୍କ ଉତ୍ପତ୍ତି ।

୪୩. ସଙ୍ଗହିଁ ବ୍ୟକ୍ତିର ଉନ୍ନତି ବା ଅବନତିର କାରଣ ୭୦୯

ସତ୍‌ସଙ୍ଗର ସ୍ୱରୂପ; ସମୟୋପଯୋଗୀ ସତ୍‌ସଙ୍ଗର ରୂପ; ଶ୍ରୀଅରବିନ୍ଦ ।

୪୪. ପୂର୍ଣ୍ଣଯୋଗରେହିଁ ଜୀବନ ପୂର୍ଣ୍ଣ ୭୧୪

ଯୋଗର ଅର୍ଥ ଓ ଉଦ୍ଦେଶ୍ୟ; ଯୋଗର ଆବଶ୍ୟକତା ।

୪୫. ଜୀବନ ସମସ୍ୟାର ସମାଧାନ ୭୧୮

ଭଗବତ୍ ବିଶ୍ୱାସ; ପ୍ରତ୍ୟକ୍ଷ ଘଟଣା; ବିଶ୍ୱାସର ପ୍ରଣାଳୀ; ବିଶ୍ୱାସୀ ଭକ୍ତ ସୁଧନ୍ୱା; ସମର୍ପଣ; ବିଶ୍ୱାସ ତଥା ପ୍ରୟାସ; ଲାଲାବାବୁ; ଭକ୍ତ ଲାଲାବାବୁଙ୍କ ଚରିତ୍ରରୁ ଶିକ୍ଷା ।

୪୬. ଜୀବନର ଲକ୍ଷ୍ୟ ୭୩୨

ଦେଶର ଭବିଷ୍ୟତ୍ : ଛାତ୍ର; ଆବଶ୍ୟକୀୟ ନିୟମ ।

୪୭. ଜୀବନହିଁ ଯୋଗ ୭୪୭

ସୃଷ୍ଟିର ରହସ୍ୟହିଁ ବିକାଶ; କର୍ମ-ସାଧନା; ଜୀବନ-ଜିଜ୍ଞାସା; ଜୀବନରେ ଅଧ୍ୟାତ୍ମ ସାଧନାର ଉପଯୋଗିତା ।

୪୮. ଅବତାରଙ୍କ ଉଦ୍ଦେଶ୍ୟ ୭୬୪

ଦଶଅବତାର; ପୂରାଣ ଏବଂ କ୍ରମବିକାଶରେ ସାମଞ୍ଜସ୍ୟ ।

୪୯. ହିନ୍ଦୁ ଧର୍ମର ମହାନତା ୭୭୧

୫୦. ଉତ୍କଳ ଗୌରବ ଶ୍ରୀଜଗନ୍ନାଥ ୭୭୬

୫୧. ଉତ୍କଳୀୟ ପୁରୁଷୋତ୍ତମ ଧର୍ମରେ ସର୍ବ ଧର୍ମର ସମନ୍ୱୟ ୭୮୦

ଜଗନ୍ନାଥ ମୂଳତତ୍ତ୍ୱ ସର୍ବଧର୍ମର ସମନ୍ୱୟ ସମ୍ପାଦାନ; ଉତ୍କଳ ବାସୀଙ୍କ ଚେତନାରେ ସଚ୍ଚିଦାନନ୍ଦ ଧର୍ମ ଅସ୍ପଷ୍ଟଭାବେ ନିହିତ ।

୫୨. ମେ ଚାରି ତାରିଖ ଦର୍ଶନ ୭୮୬

୫୩. ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? ୭୯୧

୫୪. ପୃଥିବୀକୁ ମା'ଙ୍କ ଅବଦାନ ୭୯୭

୫୫. ଶ୍ରୀମା ଶରୀରତ୍ୟାଗ କଲେ କାହିଁକି ? ୮୦୦

୫୬. ନୂତନ ସତ୍ୟ – ନୂତନ ପ୍ରଣାଳୀ ୮୦୫

ଶ୍ରୀ ରାମକୃଷ୍ଣ ଦାସଙ୍କ
ରଚନା ସଂଗ୍ରହ

ଶ୍ରୀ ରାମକୃଷ୍ଣ ଦାସ

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ

ଲେଖକ : ଶ୍ରୀ ରାମକୃଷ୍ଣ ଦାସ

ପ୍ରଥମ ପ୍ରକାଶନ : ୨୦୦୮

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୦୮

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ ବିଭାଗ, ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ
ପଣ୍ଡିଚେରୀ - ୬୦୫ ୦୦୨

SRI RAMAKRUSHNA DASANKA RACHANA SANGRAHA (Oriya)
Sri Ramakrishna Das

1st Edition : 2008

Price Rs. 450/-

© Sri Aurobindo Ashram Trust, 2008

Published by Navajyoti Publication,
A unit of Sri Aurobindo Ashram Publication Department,
Pondicherry - 605 002

Printed at Graphic Art Offset Press, Orissa
PRINTED IN INDIA

ଭୂମିକା

ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରଭାବଶାଳୀ ବ୍ୟକ୍ତି ଯୁଗେ ଯୁଗେ ରହିଥା'ନ୍ତି । କିନ୍ତୁ ଯେଉଁମାନଙ୍କ ପ୍ରଭାବରେ ଅଗଣନ ନରନାରୀଙ୍କ ଜୀବନଧାରା ବଦଳିଯାଇ ମହତ୍ ମାର୍ଗରେ ପ୍ରବାହିତ ହୁଏ, ସେମାନଙ୍କ ସଂଖ୍ୟା ସ୍ୱଳ୍ପ ।

ବିଂଶ ଶତାବ୍ଦୀର ଓଡ଼ିଶାରେ ଏହି ପର୍ଯ୍ୟାୟର ପ୍ରଭାବଶାଳୀ ବ୍ୟକ୍ତିବର୍ଗଙ୍କ ମଧ୍ୟରେ ଅନ୍ୟତମ ଅଗ୍ରଗଣ୍ୟ ହେଲେ ଶ୍ରୀ ରାମକୃଷ୍ଣ ଦାସ । ''ବାବାଜି ମହାରାଜ'' ଭାବରେ ବିଦିତ ଏହି ମହାନ୍ ବ୍ୟକ୍ତି ଜଣଙ୍କ ଜୀବନ ଥିଲା ବହୁ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ଗତାନୁଗତିକ ଅର୍ଥରେ ସେ ଥିଲେ ଉଚ୍ଚ ଶିକ୍ଷାରୁ ବଞ୍ଚିତ; ଅଥଚ ତାଙ୍କ ବୋଧଶକ୍ତି ତଥା ଅଭିବ୍ୟକ୍ତି ଥିଲା ପ୍ରଜ୍ଞା-ଶାଣିତ । ଗୂଢ଼ ଅଧ୍ୟାତ୍ମ ତତ୍ତ୍ୱ ସେ ସାବଲୀଳ ଯୁକ୍ତି ସମର୍ଥନରେ ଉପସ୍ଥାପନ କରିପାରୁଥିଲେ; ଅଥଚ ତାଙ୍କ ସାନ୍ନିଧ୍ୟରେ ଆସି ବହୁ ବିଜ୍ଞ ତାର୍କିକ ଅଚିରେ ଯୁକ୍ତିତର୍କର ମାନସିକତାରୁ ଉତ୍ତୀର୍ଣ୍ଣ ହୋଇ ଯାଉଥିଲେ । ତାଙ୍କ ସ୍ନିଗ୍ଧ ବ୍ୟକ୍ତିତ୍ୱ-ନିଃସୃତ ଅଟଳ ବିଶ୍ୱାସର ସ୍ପନ୍ଦନ ସେହି ବିସ୍ମୟକର ପରିବର୍ତ୍ତନ ସମ୍ଭବପର କରୁଥିଲା ।

ତାଙ୍କ ତାତ୍ପର୍ଯ୍ୟ ଏତିକିରେ ସୀମିତ ନ ଥିଲା । ସେ ପାରମ୍ପରିକ ଯୋଗସାଧନାରେ ବ୍ରତୀ ହୋଇ ମୁଖ୍ୟତଃ ଅଯୋଧ୍ୟାରେ କାଳାତିପାତ କରୁଥିଲେ ଏବଂ ନିଜର ପ୍ରଚାର-ବିମୁଖତା ସତ୍ତ୍ୱେ ବହୁ ଜିଜ୍ଞାସୁଙ୍କୁ ସ୍ୱତଃ ଆକୃଷ୍ଟ କରୁଥିଲେ । ତାଙ୍କ ସଂସ୍ପର୍ଶରେ ଆସିଥିବା ଆମମାନଙ୍କର ଦୃଢ଼ ଧାରଣା, ପାରମ୍ପରିକ ଯୋଗସାଧନାରେ ସେ ବହୁସୋପାନ ଆରୋହଣ କରିଥିଲେ । କିନ୍ତୁ ଯେତେବେଳେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନର ବିଶେଷତ୍ୱ ତାଙ୍କ ଚେତନାରେ ଉଦ୍ଭାସିତ ହେଲା, ସେତେବେଳେ ସେହି ବୈପ୍ଳବିକ ସତ୍ୟକୁ ଗ୍ରହଣ କରି ନିଜ ଆଭିମୁଖ୍ୟ ନିରୂପଣ କରିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇ ନ ଥିଲା । ଦିବ୍ୟଜନନୀଙ୍କ ଆଶୀର୍ବାଦ ଏବଂ ତାଙ୍କ ଚେତନାର ଆଭ୍ୟନ୍ତରୀଣ ପ୍ରସ୍ତୁତି ବିନା ଏହା ସମ୍ଭବପର ହୋଇ ନ ଥା'ନ୍ତା ।

୧୯୦୮ରେ ଜନ୍ମଗ୍ରହଣ କରି ୨୧ ବର୍ଷ ବୟସରେ ସନ୍ନ୍ୟାସ ବ୍ରତ ଆଦରି ନେଇଥିବା ବାବାଜି ମହାରାଜ ୧୯୪୫ରେ ଶ୍ରୀଅରବିନ୍ଦ ଆଶ୍ରମ ଆସି ଏଠାକାର ଜୀବନଯାତ୍ରାରେ ସାମିଲ ହେଲେ ଏବଂ ଧ୍ୟାନ ଓ ସମର୍ପଣ ଭଳି ଅନ୍ତର୍ଜୀବନର ସାଧନା ସହିତ ସ୍ଥୂଳ କର୍ମରେ ନିରତ ରହିଲେ । ଅଧିକାଂଶ ସାଧକଙ୍କ ଭଳି ସେ ଏହି ଜୀବନଶୈଳୀ ଶେଷ ଅବଧି ବଜାୟ ରଖି ପାରିଥା'ନ୍ତେ । କିନ୍ତୁ ଯଥାସମୟରେ ତାଙ୍କ ଭିତରେ ଉଜ୍ଜୀବିତ ହେଲା ଏକ ନୂତନ ପ୍ରେରଣା । ନିୟତିର ଯେଉଁ ବିଧାନ ଅନୁସାରେ ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ, ସେହି ବିଧାନହିଁ ସମ୍ଭବତଃ ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ଭାବଧାରା ଓ ଦିଗ୍‌ଦର୍ଶନ ପ୍ରବର୍ତ୍ତନ କରିବା ନିମନ୍ତେ ତାଙ୍କୁ ଦେଲା ନିଶ୍ଚିତ ଅନୁପ୍ରେରଣା । ଏହି ସୂକ୍ଷ୍ମ-ଅନୁଭବର ସ୍ଥୂଳ ରୂପାୟନ ଦିଗରେ ନିୟତିହିଁ ଯେପରି ଏକ ଦକ୍ଷ ସହକାରୀ ମଧ୍ୟ ପ୍ରସ୍ତୁତ କରି ରଖିଥିଲା — ଅଧ୍ୟାପକ କାଙ୍ଗାଳି ଚରଣ ପତି ରୂପେ । ଆଶ୍ରମ ଜୀବନରେ ପ୍ରପତ୍ତି ଭାବେ ସୁପରିଚିତ ସେ ମହାଶୟ ବାବାଜି ମହାରାଜଙ୍କ ଉତ୍ସାହ ବିକିରଣ ଓ ରୂପାୟନ ଦିଗରେ ହେଲେ ପ୍ରଧାନ ମାଧ୍ୟମ । ସେତେବେଳେ ଓଡ଼ିଶାର କେତେଜଣ ଭାଗ୍ୟବାନ୍ ବୁଦ୍ଧିଜୀବୀ ଶ୍ରୀଅରବିନ୍ଦଙ୍କ ରଚନା ଅନୁଶୀଳନ କରୁଥା'ନ୍ତି । ପ୍ରବୁଦ୍ଧ ଶିକ୍ଷକ ଶ୍ରୀ ଲଳିତ ମୋହନ ଘୋଷଙ୍କ କଟକ ବାସଭବନରେ ଏକ ସାପ୍ତାହିକ ପାଠଚକ୍ର ଅନୁଷ୍ଠିତ ହେଉଥାଏ ।

ପରେ ପରେ ପ୍ରପତ୍ତିଙ୍କ ତତ୍ପରତାରେ ଜୟପୁରଠାରେ ସାହିତ୍ୟିକ ଶ୍ରୀ ରାମନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମଧ୍ୟ ପାଠଚକ୍ରଟିଏ ସ୍ଥାପିତ ହୋଇଥାଏ । କିନ୍ତୁ ମୁଷ୍ଟିମେୟ ଅଭୀପ୍ସୁଙ୍କୁ ଛାଡ଼ିଦେଲେ ଓଡ଼ିଶାର ଜନସାଧାରଣ ଶ୍ରୀଅରବିନ୍ଦଙ୍କ ଦର୍ଶନ ବା ମାତୃକୃପାର ବିଭୂତି ସଂପର୍କରେ ଅବହିତ ନ ଥା'ନ୍ତି ।

ବାବାଜି ମହାରାଜ ନେଲେ ଏକ ଦୁଃସାହସିକ ପଦକ୍ଷେପ, ଯାହା ଉଚ୍ଚଶିକ୍ଷିତ ଅନୁରାଗୀମାନେ ମଧ୍ୟ କରିବାକୁ ସାହସ କରୁ ନ ଥିଲେ । ସେ ଦୃଢ଼ସଂକଳ୍ପ ସହକାରେ ପ୍ରାଞ୍ଜଳ ଶୈଳୀରେ ଆଧ୍ୟାତ୍ମିକତାର ମୌଳିକ ଜ୍ଞାନ ସମେତ ସେହି ଧାରାର ମହାନ୍ ବିକାଶ ଯେଉଁ ପୂର୍ଣ୍ଣଯୋଗ, ତାହାର ମର୍ମ ଉପସ୍ଥାପନ କଲେ ଏକ ଏକ ସୁଲଭ ପୁସ୍ତିକା ମାଧ୍ୟମରେ । ସେସବୁର ବିଷୟବସ୍ତୁ ସର୍ବଦା ଯୋଗତତ୍ତ୍ୱ ନୁହେଁ, ଓଡ଼ିଶାର ବାସ୍ତବ ପରିସ୍ଥିତିରେ ସେ ତତ୍ତ୍ୱର ଅନୁଶୀଳନ କିପରି ଭାବରେ ହୋଇପାରିବ, ସେ ପ୍ରଶ୍ନ ଉପରେ; ପୁଣି ପାଠଚକ୍ର ଗଠନ, ନାରୀକୁଳ ସକାଶେ ବିଶେଷ ବ୍ୟବସ୍ଥା ଇତ୍ୟାଦି ମଧ୍ୟ ସେ ରଚନାବଳିର ଅନ୍ତର୍ଭୁକ୍ତ ।

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଦିବ୍ୟଦର୍ଶନ ଉପରେ ସବିଶେଷ ଅବହିତ ଆଜିର ବହୁ ଜିଜ୍ଞାସୁ ବାବାଜି ମହାରାଜଙ୍କ ପୁସ୍ତିକାମାଳା ଅଧ୍ୟୟନ ଯୋଗେହିଁ ସେ ଦିଗରେ ପ୍ରାଥମିକ ଜ୍ଞାନ ଅର୍ଜନ କରିଥିଲେ । ଓଡ଼ିଶା ବ୍ୟାପୀ ବହୁ ପାଠଚକ୍ର ପ୍ରତିଷ୍ଠା ସତ୍ତ୍ୱେ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ସମୂହର ଅନୁବାଦ ଯଥେଷ୍ଟ ପରିମାଣରେ ପ୍ରକାଶିତ ହେବା ସତ୍ତ୍ୱେ ବାବାଜି ମହାରାଜଙ୍କ ରଚନାବଳିର ଗୁରୁତ୍ୱ ଅବ୍ୟାହତ ରହିଛି । ଅଦୂର ଓ ସୁଦୂର ଭବିଷ୍ୟତ୍ ମଧ୍ୟ ଏହାର ଐତିହାସିକ ଭୂମିକା ସ୍ୱୀକାର କରିବ ।

ବାବାଜି ମହାରାଜ କୋଡ଼ିଏ ବର୍ଷ ବୟସରୁ ଓଡ଼ିଶାରୁ ଦୂରେଇ ଯାଇଥିଲେ । ଯେତିକି ଦିନ ସେ ଛୋଟିଆ ଚାକିରିଟିଏ କରି ପିତୃ-ପରିବାର ପ୍ରତି ନିଜ କର୍ତ୍ତବ୍ୟ କରୁଥିଲେ, ସେତିକ ସମୟ ଭିତରେ ଭାଷାସାହିତ୍ୟ ପ୍ରତି ଅନୁରାଗ ହେବାର ଅବକାଶ ତାଙ୍କୁ ମିଳି ନ ଥିଲା । ଅତଏବ ଯେଉଁ ଆତ୍ମବିଶ୍ୱାସ ସହକାରେ ସେ ଜଟିଳ ବିଷୟମାନ ପ୍ରକାଶ କରିବାରେ ବ୍ରତୀ ହେଲେ, ତାହା କେବଳ ମାତୃ-ଆଶୀର୍ବାଦ, ନିଷ୍ଠା ଓ ଓଡ଼ିଶାବାସୀଙ୍କ ମଙ୍ଗଳ ନିମନ୍ତେ ବିପୁଳ ଆନ୍ତରିକତା ଦ୍ୱାରାହିଁ ତାଙ୍କ ଭିତରେ ବିକଶିତ ହୋଇପାରିଥିଲା ବୋଲି କହିବାକୁ ହେବ ।

ଶ୍ରୀ ରାମକୃଷ୍ଣ ଦାସଙ୍କ ନିବନ୍ଧମାଳାର ସଙ୍କଳନ ଏବଂ ପ୍ରକାଶନ ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟରେ ଏକ ସ୍ମରଣୀୟ ସଂଯୋଜନ । ଯେଉଁ ସହୃଦୟ ଗୁଣଗ୍ରାହୀମାନେ ଏ ଦିଗରେ ଅକୁଣ୍ଠ ପରିଶ୍ରମ କରିଛନ୍ତି, ସେମାନେ ଏହି ଦିବ୍ୟମାର୍ଗର ଅନୁରାଗିବୃନ୍ଦ ତଥା ବୃହତ୍ତର ପାଠକସମାଜର ଧନ୍ୟବାଦାର୍ହ ହୋଇ ରହିବେ । ବାବାଜି ମହାରାଜଙ୍କ ପ୍ରତି ଆମ ସଭିଙ୍କ କୃତଜ୍ଞତାବୋଧକୁ ସେମାନେହିଁ ରୂପରେଖ ଦେଲେ ।

ଏହି ଯୋଜନାରେ ସଂଶ୍ଳିଷ୍ଟ ସମସ୍ତଙ୍କୁ ଅଭିବାଦନ । କିମଧିକମ୍ ।

ମନୋଜ ଦାସ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ
୨୦ ଜାନୁଆରି, ୨୦୦୮



ବାବାଜି ମହାରାଜ ନାମରେ ସୁପରିଚିତ ଶ୍ରୀ ରାମକୃଷ୍ଣ ଦାସଙ୍କ ଜୀବନ ତଥା ରଚନାବଳି ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ତରୁଣ ବୟସରୁ ସେ ଅଯୋଧ୍ୟାରେ ଯୋଗସାଧନାରେ ବ୍ରତୀ ରହି ବହୁ ସମ୍ଭ୍ରାନ୍ତ ଜିଜ୍ଞାସୁଙ୍କ ଠାରୁ ଗୁରୁତୁଲ୍ୟ ମାନ୍ୟତା ପ୍ରାପ୍ତ ହେଉଥିଲେ । କିନ୍ତୁ ଯେତେବେଳେ ସେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ଦ୍ୱାରା ଅନୁପ୍ରାଣିତ ହେଲେ ସେତେବେଳେ ନିର୍ଦ୍ୱନ୍ଦ୍ୱରେ ପାରମ୍ପରିକ ମାର୍ଗରୁ ଆସି ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗଦାନ କଲେ ।

ଓଡ଼ିଶାର ଜନସାଧାରଣଙ୍କ ପାଖରେ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା ପହଞ୍ଚାଇବାରେ ଅସଂଖ୍ୟ ସନ୍ଧାନୀଙ୍କୁ ବ୍ୟକ୍ତିଗତ ଭାବରେ ଦିଗ୍‌ଦର୍ଶନ ଦେବାରେ ଏବଂ ସୁଗମ ରଚନା ମାଧ୍ୟମରେ ଜଟିଳ ତତ୍ତ୍ୱମାନ ପରିବେଷଣ କରିବାରେ ତାଙ୍କ ମହତ୍ ଭୂମିକା ଅବିସ୍ମରଣୀୟ । ତାଙ୍କର ବିଭିନ୍ନ ପୁସ୍ତିକା ଏବଂ ଚିଠିପତ୍ର ସହର ନଗର ପୁରପଲ୍ଲିର ଅଗଣନ ନରନାରୀଙ୍କୁ ଆଲୋକ ଓ ପ୍ରେରଣା ଦେଇଛି । ସେହିସବୁ କୃତୀର ଏ ସଙ୍କଳନ ଆଜି ଓ ଆଗାମୀକାଲିର ସୁଧୀ ପାଠକବର୍ଗଙ୍କୁ ସେମାନଙ୍କର ବହୁବିଧ ଜିଜ୍ଞାସାର ଉତ୍ତର ପ୍ରଦାନ କରି ସହାୟତା ଦେବ, ସନ୍ଦେହ ନାହିଁ ।